ପୂର୍ଣ୍ଣଚନ୍ଦ୍ର

ଓଡ଼ିଆ ଭାଷାକୋଷ

ଯ

ଯ—ସଂ.—ବ୍ୟଞ୍ଜନ ବର୍ଣ୍ଣମାଳାର ଷଡ଼୍‌ବିଂଶ ଅକ୍ଷର ଓ ପ୍ରଥମ ଅବର୍ଗ୍ୟ ବର୍ଣ୍ଣ ।
J̄a [ଦ୍ର—ଏହାର ଅନ୍ୟ ନାମ ଅନ୍ତଃସ୍ଥ ବା ଅବର୍ଗୀୟ ଯ । ଅନ୍ତଃସ୍ଥ ଶବ୍ଦର ଅର୍ଥ ମଧ୍ୟସ୍ଥ ବା ମଝିରେ ଥିବା । 'କ' ଠାରୁ 'ମ' ପର୍ଯ୍ୟନ୍ତ ଅକ୍ଷରମାନଙ୍କୁ ବର୍ଗ୍ୟବର୍ଣ୍ଣ ବୋଲାଯାଏ, ଶ, ଷ, ସ ଓ ହ ଏହି ଚାରି ବର୍ଣ୍ଣକୁ ଊଷ୍ମବର୍ଣ୍ଣ ବୋଲାଯାଏ; ଏହି ଉଭୟ ବର୍ଣ୍ଣମାଳାର ମଧ୍ୟରେ ଥିବାରୁ ଯ, ର, ଲ ଓ ଵ ଏହି ଚାରି ବର୍ଣ୍ଣର ନାମ 'ଅନ୍ତଃସ୍ଥ' ବର୍ଣ୍ଣ । ଏହା 'ଇ' ଓ 'ଅ' ଯୋଗରେ ଉତ୍ପନ୍ନ । ଏହାର ଉଚ୍ଚାରଣ ସ୍ଥାନ ତାଳୁ ।] The 26th consonant of the Sanskrit and Oriya alphabet, corresponding to the sound of J, in English. [ଦ୍ର- ସଂସ୍କୃତରେ ଏହାର ଉଚ୍ଚାରଣ 'ୟ' ପରି, କିନ୍ତୁ ଓଡ଼ିଆ ଭାଷାରେ କଥାବାର୍ତ୍ତାରେ 'ଜ' ଓ 'ଯ' ମଧ୍ୟରେ ପ୍ରଭେଦ ରଖାଯାଏ ନାହିଁ । ସଂସ୍କୃତ ଭାଷାରେ 'ଯ' ଏବଂ 'ୟ' ଦୁଇଟି ସ୍ୱତନ୍ତ୍ର ଉଚ୍ଚାରିତ ଅକ୍ଷର । ସଂସ୍କୃତ ଓ ତତ୍ସମ ଶବ୍ଦର ଆଦ୍ୟରେ 'ୟ' ହୁଏ ନାହିଁ । ପୁରୁଣାକାଳିଆ ପଣ୍ଡିତମାନେ 'ଜ' କୁ 'ଜ' ଓ 'ଯ'କୁ 'ଯ୍ୟ' ଉଚ୍ଚାରଣ କରିବା ଦେଖାଯାଏ । କଥାବାର୍ତ୍ତାରେ 'ଜ' 'ଯ' ର ଉଚ୍ଚାରଣରେ ଅଳ୍ପକାଳ ପ୍ରଭେଦ ରକ୍ଷା କରାଯାଉ ନ ଥିବାରୁ ଗ୍ରାମ୍ୟ ଓ କଚଡ଼ିଆ ଲିପିରେ 'ଜ' ସ୍ଥାନରେ 'ଯ' ଓ 'ଯ' ସ୍ଥାନରେ 'ଜ' ଲେଖାଯିବା ଦେଖାଯାଏ । ଏଥିପାଇଁ 'ଜ' ଆଦ୍ୟାକ୍ଷର ବିଶିଷ୍ଟ ଦେଶଜ, ଗ୍ରାମ୍ୟ ଓ ଅନ୍ୟଭାଷାରୁ ଆଗତ ଶବ୍ଦମାନ ଏ ଗ୍ରନ୍ଥରେ 'ଜ' ତଳେ ନ ମିଳିଲେ 'ଯ' ତଳେ ଖୋଜିବାକୁ ହେବ । ଭାଷାରେ 'ଜ' ଓ 'ଯ' ମଧ୍ୟରେ ଉଚ୍ଚାରଣ-ଭେଦ ଲକ୍ଷିତ ହେଉ ନ ଥିବାରୁ 'ଜ' କୁ 'ବର୍ଗ୍ୟ ଜ' ଓ 'ଯ' କୁ 'ଅବର୍ଗ୍ୟ ଯ' ବୋଲି ପିଲାଙ୍କୁ ବର୍ଣ୍ଣଶିକ୍ଷା ଦିଆଯିବାବେଳେ ଶିକ୍ଷା ଦିଆଯାଏ । ଇଂରାଜୀ 'J' ଅକ୍ଷରର ଉଚ୍ଚାରଣ=ଯ, Y ଅକ୍ଷରର ଉଚ୍ଚାରଣ=ୟ, ଓ G ଅକ୍ଷରର ଏକ ଉଚ୍ଚାରଣ=ଜ । ପୂର୍ବେ ବୋଲାଯାଇ ଅଛି ଯେ ଶବ୍ଦ ଆଦ୍ୟରେ 'ଯ' 'ୟ' ହୁଏ ନାହିଁ । କିନ୍ତୁ ଆଧୁନିକ ପ୍ରୟୋଗରେ ଇଂରାଜୀ ଓ ପାରସୀ ଆଦି ଭାଷାରୁ ଆଗତ 'ୟ' ଅକ୍ଷରାଦ୍ୟ ଶବ୍ଦମାନଙ୍କ ଆଦ୍ୟରେ 'ୟ' ଦିଆଯାଉଅଛି, ଯଥା 'ୟୁରୋପ' 'ୟୁନାନୀ' । ଉଚ୍ଚାରଣରେ ଓ ପ୍ରାଚୀନ ଗ୍ରନ୍ଥରେ 'ଏ' ସ୍ଥାନରେ 'ୟେ', ଏ, ଏହି, ଏକ, ଏହିକ୍ଷଣି, ଏବେ ଇତ୍ୟାଦି ସ୍ଥଳରେ ଯଥାକ୍ରମେ ୟେ, ୟେହି, ୟେକ, ୟେହିକ୍ଷଣି, ୟେବେ ଆଦି ବ୍ୟବହୃତ ହେବା ଦେଖାଯାଏ । ପ୍ରାଚୀନ ଗ୍ରନ୍ଥରେ 'ଏ' ସ୍ଥାନରେ 'ୟେ' ଯଥା (ରାଏ=ରାୟେ) ଏବଂ ୟ ସ୍ଥାନରେ ଏ ଯଥା—(ତନୟ=ତନଏ) ବ୍ୟବହୃତ ହେବା ଦେଖାଯାଏ । ହିନ୍ଦୀଭାଷାରେ 'ଯ' ଓ 'ଜ' ଯୁକ୍ତ ସଂସ୍କୃତ ଶବ୍ଦମାନ ଯଥାକ୍ରମେ 'ୟ' ଓ 'ଜ' ରୂପେ ଉଚ୍ଚାରିତ ହୁଏ; କିନ୍ତୁ ସଂସ୍କୃତଶବ୍ଦମାନ ଅପଭ୍ରଂଶ ହେଲେ ହିନ୍ଦୀରେ 'ଯ' ସ୍ଥାନରେ 'ଜ' ହେବା ଦେଖାଯାଏ । ଯଥା—କାଜ (କାର୍ଯ୍ୟ); ଜନ୍ତର (ସଂ. ଯନ୍ତ୍ର) ।] [ବିଶେଷ ଦ୍ରଷ୍ଟବ୍ୟ—'ଯ' ଅକ୍ଷରାଦ୍ୟ କୌଣସି ଦେଶଜ, ଗ୍ରାମ୍ୟ ବା ବୈଦେଶିକ ଶବ୍ଦ ଯେବେ 'ଯ' ଅକ୍ଷର ତଳେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଏହି ଗ୍ରନ୍ଥର 'ଜ' ଅକ୍ଷର ତଳେ ଦେଖିବାକୁ ହେବ ।]

ଯ—ସଂ. ବି. (ଯା ଧାତୁ—ଯିବା + କର୍ତ୍ତୃ. ଅ)—୧ । ବାୟୁ; ପବନ—
J̄a 1. Wind; air. ୨ । ତେଜ; ଆଲୋକ; ଦୀପ୍ତି—2. Light; lustre; radiance. ୩ । ଯବ—3 Barley. ୪ । (+ଭାବ.ଅ) ପ୍ରାପ୍ତି—4. Getting; acquisition. ୫ । ତ୍ୟାଗକରଣ; ପରିହାର—5. Abandonment. ୬ । ଭୁଜିର ବା ପେଟର ଦକ୍ଷିଣ ଭାଗ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍'ଦେଖିବେ ।

—6. The right part of the belly. ୭ । ଯଶଃ —7. Renown; fame. ୮ । ଗତି — 8. Motion. ୯ । ଯାତ୍ରା — 9. Starting. ୧୦ । (ଯମ ଧାତୁ=ଦମନ କରିବା + କର୍ତ୍ତୃ. ଅ) ଯମଦେବ—10. The God of death. ୧୧ । (ଯମ୍ ଧାତୁ+ଭାବ. ଅ) ଦମନ; ଯମନ; ନିଯମନ; ସଂଯମନ—11. Controlling; restraining; checking. ୧୨ । ଯୋଗ - 12. Union; joining. ୧୩ । (+କରଣ.ଅ)ଯାନ—13. Vehicle; conveyance. ୧୪ । (ଯା ଧାତୁ+କର୍ତ୍ତୃ. ଅ) ଗମନକାରୀ ବ୍ୟକ୍ତି—14. Goer; mover (Apte). ୧୫ । (+କରଣ. ଅ) ଗାଡ଼ି—15. A carriage (Apte). ୧୬ । ଧ୍ୟାନ—16. Religious meditation (Apte). ୧୭ । ଜଗଣ (ଦେଖ)—17. Jagana (See). ସଂ. ବଣ. (ଯା ଧାତୁ ଯିବା+କର୍ତ୍ତୃ. ଅ)—ଗମନକାରୀ ଯାଉଥିବା—Going; moving. ଦେ. ବ (ସଂ. ଯବ) —ଯବଧାନ—Barley. ଗ୍ରା. କ୍ରି (ଯିବା ଧାତୁର ଅନୁଜ୍ଞା)—(ତୁମ୍ଭେ) ଯାଅ—(Imperative) Go.

ଯଅ—ଦେ. ବ (ସଂସ୍କୃତ ଯବ, ଯବକ, ପ୍ରା. ଯଅ)—
Ja-a ୧ । ଯବଧାନ୍ୟ—1. Barley; Hordeum
(ଯ—ଅନ୍ୟରୂପ) Vulgare (Haines). ୨ । ଯବ ପରି-
ଯବ ମିତ ଲମ୍ବ; ଏକ ଇଞ୍ଚର $\frac{1}{2}$—2. A standard of
जौ; यव length; $\frac{1}{2}$ of an inch. ଗ୍ରାଦେ (ପୁରୀଜିଲ୍ଲା) କ୍ରି (ଯିବା ଧାତୁର ଅନୁଜ୍ଞା) (ତୁମ୍ଭେ ବା ତୁମ୍ଭେମାନେ) —ଯାଅ—(Ye or you) Go (in imperative mood). [ବ୍ର—ଓଡ଼ିଆ ଯିବା ଧାତୁର ଅନୁଜ୍ଞା, ୨ୟ ପୁରୁଷ, ସମ୍ମାନାର୍ଥକ ଏକ ବଚନ ଓ ବହୁବଚନ (ତୁମ୍ଭେ ଓ ତୁମ୍ଭେମାନେ)-କର୍ତ୍ତା ସହିତ ବ୍ୟବହୃତ 'ଯାଅ'ର ସଂକ୍ଷିପ୍ତ ଆକାର ।]

ଯଅଃ - ଗ୍ରାଦେ (ପୁରୀଜିଲ୍ଲା) ଅ—(ଅସମ୍ମତି ବା ଅବଜ୍ଞାର୍ଥକ—ଅର୍ଥ,
Ja-ah ତୁମ୍ଭେମାନେ ଏ ସ୍ଥାନ ତ୍ୟାଗ କରି ଚାଲିଯାଅ)—
(ଯଃ, ଯଅ ଦେ—ଅନ୍ୟରୂପ) ୧ । ଦୂର; ଯାଃ; ଛିଃ—1. Fie;
যাওহে let you be gone. [ବ୍ର—ଯେଉଁ ବ୍ୟକ୍ତିକୁ 'ତୁମ୍ଭେ'
जाओजी; जाः ବୋଲି ସମ୍ବୋଧନ କରାଯାଏ, ତାଙ୍କ ପ୍ରତି ଯଃ ଓ ଯାହାକୁ 'ତୁ' ବୋଲି ସମ୍ବୋଧନ କରାଯାଏ, ତା ପ୍ରତି 'ଯାଃ' ବ୍ୟବହାର କରାଯାଏ ।] ୨ । ଏକଥା ଏପରି ନୁହେ—
2. This is not so.

ଯଅ ଧାନ—ଦେ. ବ (ସଂ. ଯବଧାନ୍ୟ; ପ୍ରା. ଯଅଧାନ)—ଯବଧାନ—
Ja-a dhana যবধান जवधान Barley.

ଯଅରାଡ଼ି(ଳି)—ଦେ. ବ—ଜଳଚର: ଜନ୍ତୁ; ସାନ ଜଳଜମାଛ—
Ja-arardi(li) A kind of small freshwater fish.

रूपोपातीमाछ [ବ୍ର—ଏହା ଏକପ୍ରକାର ଛୋଟ ମଧୁର ପାଣିର
चल्हा ମାଛ; ଏମାଛର ଅନ୍ୟ ନାମ ରୂପାପାତିଆ ବା ଖଡାର-ଗାଇ; ଏମାଛ ୨ ଅଙ୍ଗୁଳ ପର୍ଯ୍ୟନ୍ତ ବଢ଼େ; ଏମାନଙ୍କର ଦେହରେ ଅତି ଛୋଟ କାତି ଥାଏ ଓ ଏମାନଙ୍କର ଦେହ ପାତଳା ଓ ରୂପା ପାତିଆ ପରି ଶୁଭ୍ର; ପିଠି ଉପର ତେଲିଆ ।]

ଯଇ (ଇତ୍ୟାଦି)—ଗ୍ରା. ବ—ଜଇ ଇତ୍ୟାଦି (ଦେଖ)
Jai (etc) Jai etc (See)

ଯଇଁ—ଗ୍ରା (ଇତର ବ୍ୟବହୃତ) ବ (ସଂ. ଯାମାତା)—ଜୋଇଁ,
Jain জামাই जमाइ ଜାମାତା—Son-in-law.

ଯଇ(ଏ)ନ୍ କରିବା—ବୈଦେ—କ୍ରି (ଇଂ. ଯଏନ୍)—ଜଏନ୍
Jai(e)n kariba କରିବା; କାର୍ଯ୍ୟକ୍ଷେତ୍ରରେ କର୍ମ କରିବା
জয়েন করা ପାଇଁ ପ୍ରଥମେ ଉପସ୍ଥିତ ହେବା—To join
जैन करना one's post.

ଯଇଶୁ ଶୋ(ଷୋ)ଲ ମାଧିଆ—ଗ୍ରାଦେ (କଟକ) ବ—ଗୃହିହୀନ ଅକର୍ମା
Jai su(so)la madhia ଯଇ ଯେଉଁ ପରିବାରବର୍ଜିତ ବ୍ୟକ୍ତି କର୍ମହୀନ ଓ ଗୃହହୀନ ହୋଇ ଏଣେ ତେଣେ ବୁଲୁଥାଏ— A term applied to a homeless and wandering youth; a loafer. [ବ୍ର—ବୋଧ ହୁଏ କଟକ ଜିଲ୍ଲାର ଜଇଶୁଳ ନାମକ ଗ୍ରାମର ମାଧବ ବା ମାଧିଆ ନାମଧାରୀ ଜନୈକ ବ୍ୟକ୍ତିର ନାମରୁ ଏ ବ୍ୟବହାର ଚଳି ଅଛି ।]

ଯଉଁ—ଗ୍ରା. ସର୍ବନାମ (ସଂ. ଯତ୍)—୧ । ଯେଉଁ; ଯେ; ଯାହା—
Jaun 1. Which. [ବ୍ର—ଯଉଁ ଶବ୍ଦରୁ ଦେଲେ,
যে ସେ ତ ଅଶେଷ । ଭକ୍ତ. ପ୍ରେମସୁଧାନିଧି ।] ୨ । ଯଉଁ;
जो ଯେଉଁଠାରୁ—2. From which. ୩ । ଯେହେତୁ; ଯହୁଁ (ଦେଖ)—3. Because.

ଯଉଁଖି(ଷ,ଛୁ,ଛୁ)ଣି—ଗ୍ରା. ଅ—ଯେଉଁକ୍ଷଣି (ଦେଖ)
Jaunkhi (ksha,chhi,chhu)ni Jeunkshani (See)
যেক্ষণে, যখন जीस,स मय जब
[ଯଉଁକ୍ଷି (ଷ,ଛି,ଚ୍ଛୁ)ଣିବା, ଯଉଁଚ୍ଛୁଣ(ଣି)କା—ଅନ୍ୟରୂପ]

ଯଉଁଠା ଗ୍ରା ସର୍ବନାମ—ଯେଉଁଠା (ଦେଖ)
Jauntha Jeuntha (See)

ଯଉଁଠି(ଠିଁ)—ଗ୍ରା. ସର୍ବନାମ—ଯେଉଁଠି(ଠିଁ) (ଦେଖ)
Jaunthi(thin) Jeunthi(thin) (See)

ଯଉଁଠିକି(କୁ)—ଗ୍ରା ସର୍ବ.—ଯେଉଁଠିକି(କୁ) (ଦେଖ)
Jaunthiki(ku) Jeunthiki(ku) (See)

ଯଉଁଠୁ(ଠୁଁ)—ଗ୍ରା. ସ.—ଯେଉଁଠୁ (ଠୁଁ) (ଦେଖ)
Jaunthu (thun) Jeunthu(thun) (See)

ଯଉଣ(ଣି)ସି—ଗ୍ରା. ସ.—ଯେଉଣ(ଣି)ସି (ଦେଖ)
Jauna(ni)si Jeuna(ni)si (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଞ	ଇୟ	ଉଅ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ	ଇଅ	ଓ	ନ

ଯଉବନ—ଗ୍ରା. ବି—୧ । ସ୍ତ୍ରୀ ସ୍ତନ—1. Breast of females.
Jaubana [ଉ—ଗୋପିକା ସମ୍ଭାଳ ବସନ, ଲୁଣ୍ଠନ୍ତି କାନ୍ହୁ
जउबन ଯଉବନ । ଭୂପତି. ପ୍ରେମପଞ୍ଚାମୃତ ।] ୨ । ଯୌବନ;
जौबन ଯୁବାବସ୍ଥା—2. Youth. [ଉ—କାଳରେ ସେ
ନାରୀ ପାଅନ୍ତେ ଯଉବନ ।]

ଯଉବନୀ—ଗ୍ରା. ବିଣ. ସ୍ତ୍ରୀ—ଯୌବନପ୍ରାପ୍ତା; ଯୁବତୀ— Youthful
Jaubani (woman); one who has attained her youth. [ଉ—ନବ ଯଉବନୀ ସେ କାମିନୀ ସୁନ୍ଦରୀ । କୃଷ୍ଣସିଂହ. ମହାଭାରତ ଆଦି ।
[ଦ୍ର—ଏ ଶବ୍ଦ ମଧ୍ୟ ନବ, ତରୁଣ ଆଦି ଶବ୍ଦ ପରେ ବ୍ୟବହୃତ ହୁଏ; ଯଥା ନବଯଉବନୀ ।]

ଯଏଗ୍—ପ୍ରାଦେ. ବି.—(ସମ୍ବଲପୁର) (ସଂ. ଯଜ୍ଞ, ଯାଗ)—ଯଜ୍ଞ—
Jaeg Vedic sacrifice.

ଯଏ(ଇ)ଣ୍ଟ ମେଜେ(ଜି)ଷ୍ଟର୍—ବୈଦେ. ବି. (ଇଂ) ଇଂରେଜ-ଶାସିତ
Jae(int Meje(ji)shtar ଜିଲ୍ଲାର ଫଉଜଦାରୀ ବିଚାର ବିଭାଗର
जएन्ट माजिष्ट्रेट କର୍ତ୍ତାଙ୍କର ବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହକାରୀ ରାଜ-
जोआइंट माजिष्ट्रेट କର୍ମଚାରୀ—A Joint Magistrate of a British district of India.

ଯଏନିଙ୍ଗ୍ ରିପୋର୍ଟ(ର୍ଟ)—ବୈଦେ. ବି. [ଇଂ]—କର୍ମକ୍ଷେତ୍ରରେ କର୍ମା-
Jaening repot(rt) ରମ୍ଭ କରିବା ପାଇଁ ଉପସ୍ଥିତ କର୍ମଚାରୀ
जएनिंग रिपोर्ट କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଯେଉଁ ରିପୋର୍ଟ ଦିଅନ୍ତି-
जयेनिंग रिपोर्ट Joining report.

ଯକଟ(ଡ଼) ମକଟ(ଡ଼)—ଗ୍ରା. କ୍ରି. ବିଣ—(ପୁରୀ)—ଅତି ଦୃଢ଼ଭାବରେ;
Jakata(rda) makata(rda) ଜୋରରେ ଜାବୁଡ଼ି କରି—Very tightly.
जकड मकड [ଉ—ପଛଅଡ଼ୁ ଯକଟ ମକଟ କରି ଧରି ପକାଇଲା]
—ନୀଳକଣ୍ଠ ଦାସ, ପିଲାଙ୍କ ରାମାୟଣ ।]

ଯକାର—ସଂ. ବି.—'ଯ' ବର୍ଣ୍ଣ—
Jakāra The letter 'ଯ' (Ja)

ଯକାରାଦି(ଦ୍ୟ)—ସଂ. ବି.—'ଯ' ଆଦି ଅନ୍ତଃସ୍ଥବର୍ଣ୍ଣମାନ—The letter
Jakārādi(dya). 'ଯ' and other final letters.
ସଂ ବିଣ—[ବହୁବ୍ରୀହି] ଯେଉଁ ଶବ୍ଦର ଆଦ୍ୟରେ ଯ ଅକ୍ଷର ଥାଏ—(a word) Beginning with the letter Ja.

ଯକାରାନ୍ତ—ସଂ. ବିଣ—[ବହୁବ୍ରୀହି]—'ଯ' ଅକ୍ଷର ଯେଉଁ ଶବ୍ଦର ଶେଷରେ
Jakārānta ଥାଏ—(word) Ending with the letter ଯ (Ja). [ଦ୍ର—ଶବ୍ଦର ଶେଷରେ 'ଯ' ଥିଲେ ତାହା 'ଯ୍ୟ' ହୁଏ ।]

ଯକୃଜ୍ଜଟା—ସଂ. ବି.—[ଆଧୁନିକ]—ଯକୃତସ୍ଥ ସ୍ନାୟୁଜାଳ—
Jakrujjatā Hepatic plexus.
[ଯକୃତସ୍ଥ ଜଟା—ଅନ୍ୟରୂପ]

ଯକୃତ୍ ସଂ. ବି—(ଯ=ଉଦରର ଦକ୍ଷିଣାଂଶ+କୃ ଧାତୁ+କର୍ତ୍ତୃ. କ୍ୱିପ୍)—
Jakrut ୧ । ପେଟ ମଧ୍ୟରେ ଡାହାଣ ପାଖରେ ଥିବା ପିତ୍ତାଶୟ ମାଂସପିଣ୍ଡ; କଳା ବୁକ୍କ—1. Liver. [ଦ୍ର—ଏହା ରକ୍ତାଭ କୃଷ୍ଣବର୍ଣ୍ଣ । ଏହାର ଅନ୍ୟ ସଂ. ନାମ—କରଣ୍ଡା, କାଳକ, କାଳଖଣ୍ଡ, କାଳଖଣ୍ଡ, କାଲେୟ, ମହାସ୍ନାୟୁ ।] ୨ । ଯକୃତବୃଦ୍ଧିବିଶିଷ୍ଟ ରୋଗ—2 Enlargement of the liver (a disease). [ଦ୍ର—ମାଲେରିଆ, କଳାଜ୍ୱର, ଓ ଗ୍ରହଣୀ ରୋଗ ପରେ ରୋଗୀର ଯକୃତ୍ ବୃଦ୍ଧି ଲାଭ କରେ । ରୋଗୀ ଯକୃତ୍ ସ୍ଥାନରେ ତୀବ୍ର ଯନ୍ତ୍ରଣା ଅନୁଭବ କରେ ।]

ଯକୃତ—ଦେ. ବି—[ସଂ. ଯକୃତ୍]—ଯକୃତ୍ (ଦେଖ)
Jakruta Jakrut (See)
[ଦ୍ର—ଆଧୁନିକ ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନରେ ଯକୃତ୍-ସମ୍ବନ୍ଧୀୟ ବିଭିନ୍ନ ଅଂଶ ଓ ରୋଗମାନଙ୍କର ଇଂରାଜୀ ବା ଲାଟିନ୍ ନାମମାନଙ୍କର ଶାବ୍ଦିକ ଅନୁବାଦମାନ ବଙ୍ଗଭାଷାରେ ଚଳୁଅଛି ଓ ତଦନୁସାରେ ଏମାନ ଓଡ଼ିଆ ଭାଷାରେ ମଧ୍ୟ ଚଳିବାର ଆଶା କରାଯାଏ ।]

ଯକୃତ୍ କୋଷ—ସଂ. ବି—(ଆଧୁନିକ)—ଯକୃତର ଆଧାର—The gall
Jakrut-kosha bladder. [ଦ୍ର—ଏଥିରେ ପିତ୍ତ ଥାଏ].

ଯକୃତ୍ କ୍ଷତ—ସଂ. ବି.—(ଆଧୁନିକ) (୬ଷ୍ଠୀ ତତ୍)—ଯକୃତର ଘାଆ—
Jakrut-kshata Hepatelcosis.

ଯକୃତ ପଥରି—ଦେ. ବି.—(ଆଧୁନିକ) ଯକୃତ ମଧ୍ୟରେ ଜାତ ଅଶ୍ମରୀ
Jakrut-pāthari ରୋଗ—Hepatotitheasis.

ଯକୃତ୍ ପ୍ରଣାଳୀ—ସଂ. ବି.—(ଆଧୁନିକ—ପିତ୍ତବାହୀ ନାଡ଼ୀ—
Jakrut-pranāli Bile duct; Ductus Hepatilus.

ଯକୃତ୍ ସ୍ରାବ—ସଂ. ବି. (ଆଧୁନିକ) ଯକୃତରୁ ଅତ୍ୟଧିକ ପିତ୍ତନିଃସରଣ
Jakrut-srāba ରୋଗ—ଦ୍ର—(ଏ ରୋଗରେ ଝାଡ଼ା ସଙ୍ଗେ ଅଧିକ ପିତ୍ତ ପଡ଼େ)—Hepatorrhoea; a morbid flow of bile; a species of diarrhoea.

ଯକୃତା(ତା)ର୍ବୁଦ—ସଂ. ବି.—(ଆଧୁନିକ)—ଯକୃତରେ ବଥ ବା ଅର୍ବୁ-
Jakrutā(tā)rbuda ଦ ରୋଗ—Hepatocele.

ଯକୃତୌଷ—ଦେ. ବି.—(ଆଧୁନିକ)—ଯକୃତ୍ ଫୁଲି ପୋଡ଼ିବା ରୋଗ-
Jakrutaush Hepatites; inflammation of the
(ଯକୃତ ପ୍ରଦାହ—ଅନ୍ୟରୂପ) liver.

ଯକୃଦାତ୍ମିକା—ସଂ. ବି—(ଯକୃତ୍+ଆତ୍ମନ୍+ଇକ+ଆ; ଏହା ଯକୃତ୍
Jakrudātmikā ପରି ରକ୍ତାଭ, କୃଷ୍ଣବର୍ଣ୍ଣ ହୋଇଥିବାରୁ)—
ତୈଳପାୟିକ; ଅସରପା—Cockroach.

ଯକୃଦ୍‌ବେଦନା—ସଂ. ବି—(ଆଧୁନିକ)—ଯକୃତରେ ବିଶେଷ ରୂପେ ବ୍ୟଥା
Jakrud-bedanā Hepatalgia; Hepatitis.

ଯକୃଦ୍‌ବୈରୀ—ସଂ. ବି.—(୬ଷ୍ଠୀ ତତ୍; ଯକୃତ୍+ବୈରୀ; ଏହା ଯକୃ-
J̄akrud bairī ତ୍ରୋଗରେ ଉପକାରୀ)—ରୋହିତକ ବୃକ୍ଷ (ଏହା ଅନ୍ୟ ସଂ ନାମ—ରୋହୀ, ପ୍ଲୀହାଶତ୍ରୁ, ଶ୍ୱେତ ଓ ରକ୍ତ ଭେଦରେ ଦାଡ଼ିମ୍ବ ପୁଷ୍ପ, ରକ୍ତଦ୍ରୁ, ମାଂସଜଳକ, ଦୁଇ ପ୍ରକାର)—The ତଳହଦ, ରୋହିତକ, ରୋହିତୈସ୍ତ, Indian redwood (tree): ରକ୍ତପୁଷ୍ପ, ରୋହଣ, କୁଶାଳ୍ମଳି, Soymida Febrifuga; ସଦା ପ୍ରସୂନ, ବିରୋଚନ ଓ Andersonia Rohitaka. ଶାଳ୍ମଳିକ ।)

ଯକ୍ ଖ—ସଂ. ବି—ସିଂହଳର ବା ଲଙ୍କାର ଅଧମ ଅସଭ୍ୟ ଅଧିବାସୀ
J̄ak-kha [ଏହି ଜାତି ଠାରୁ ବେଦା ନାମକ ଜାତି ଜାତର ଉତ୍ପତ୍ତି]—The original aboriginal tribe of Ceylon (the ancestors of the Veddas,)
ଦେ. ବି. ଓ ବିଣ—(ସଂ. ଯକ୍ଷ)—ଯକ୍ଷ (ଦେଖ)
J̄aksha (See).

ଯକ୍ଷ୍ (ଧାତୁ)—ସଂ.—ଅର୍ଚ୍ଚନା କରିବା; ପୂଜା କରିବା—
J̄aksh (root) To worship; to adore.

ଯକ୍ଷ—ସଂ. ବି. ପୁ. (ଯକ୍ଷ୍ ଧାତୁ=ପୂଜା କରିବା+କର୍ମ. ଅ)—
J̄aksha ୧ । ଦେବଯୋନିବିଶେଷ; କୁବେରଙ୍କ ଧନର ଓ (ଯକ୍ଷୀ, ଯକ୍ଷିଣୀ—ସ୍ତ୍ରୀ) ଉଦ୍ୟାନର ରକ୍ଷକ; ଗୁହ୍ୟକ—1. A mythological class of demigods entrusted with the care of the garden and the treasure of the Hindu God of riches. [ଦ୍ର—ଏମାନଙ୍କର ସାଧନା କଲେ ସାଧକ ବହୁ ଧନଶାଳୀ ହୁଏ । କୁବେରଙ୍କଦ୍ୱାରା ନିର୍ବାସିତ ଗୋଟିଏ ଯକ୍ଷର ବିରହବେଦନା କାଳିଦାସ ମେଘଦୂତରେ ବର୍ଣ୍ଣନା କରିଅଛନ୍ତି]
यक्ष(क) ୨ । ଭୂତଯୋନି ବିଶେଷ—2. A class of ghosts
बाण्ठ or evil spirits. ଦେ. ବି—୧ । ଅତି କୃପଣ ବ୍ୟକ୍ତି—1. A miser. ୨ । ନିର୍ଦ୍ଦୟବ୍ୟକ୍ତି—2 A cruel person. ୩ । ଖୁବ୍ ଧନଲୋକ—3. A very rich man. ଦେ. ବିଣ—୧ । କୃପଣ—1. Miserly. ୨ । ନିର୍ଦ୍ଦୟ—2. Cruel. ୩ । ଧନୀ ଅଥଚ କୃପଣ—3. Rich yet miserly.

ଯକ୍ଷକର୍ଦ୍ଦମ—ସଂ. ବି.—ଅଗୁରୁ କୁଙ୍କୁମାଦି ମିଶ୍ରିତ ସୁବାସ ଲେପ—
J̄aksha karddama A fragrant ointment. [ଦ୍ର—କର୍ପୂର, ଅଗୁରୁ, କସ୍ତୁରୀ, କଙ୍କୋଳ, (ମତାନ୍ତରରେ ଚନ୍ଦନ ଓ ଜାଫ୍ରାନ)କୁ ଏକଶ ବାଟି ଏ ଲେପ ତିଆରି କରାଯାଏ—ଅପ୍ଟେ ।]

ଯକ୍ଷଗ୍ରହ—ସଂ. ବି. ଓ ବିଣ. ପୁଂ (ଯକ୍ଷ+ଗ୍ରହ ଧାତୁ+କର୍ମ. ଅ)—
J̄akshagraha ଯେଉଁ ବ୍ୟକ୍ତିକୁ ଯକ୍ଷ ବା ଭୂତ ଲାଗିଅଛି—(ଯକ୍ଷଗ୍ରସ୍ତ—ସ୍ତ୍ରୀ) A person possessed by J̄akshas or evil spirits (Apte).

ଯକ୍ଷ ତରୁ—ସଂ. ବି—(ମ. ପ. ଲୋ)—ଯକ୍ଷାବାସ (ଦେଖ)
J̄aksha taru J̄akshābāsa (See)

ଯକ୍ଷଧୂପ—ସଂ. ବି ୧ । ଝୁଣା—1. Resin; incense. ୨ ।
J̄aksha dhūpa ତାର୍ପିନ୍ ତେଲ—2. Oil of turpentine.

ଯକ୍ଷବିତ୍ତ—ସଂ. ବିଣ. ପୁଂ (ବହୁବ୍ରୀହି)—ଯେଉଁ ଲୋକ କୃପଣ ଓ ଧନୀ
J̄aksha bitta ଥିବାରୁ ଧନର ରକ୍ଷକ ମାତ୍ର ହୁଏ—(ଯକ୍ଷବିତ୍ତା—ସ୍ତ୍ରୀ) A person who is the guardian of wealth, but who never uses it (Apte).

ଯକ୍ଷରସ—ସଂ. ବି—ଏକପ୍ରକାର ମାଦକ ପାନୀୟ—
J̄aksha rasa A kind of intoxicating drink (Apte).

ଯକ୍ଷରାଜ୍—ସଂ ବି—୧ । କୁବେର—1. Kubera. ୨ । ମଲ୍ଲଯୁଦ୍ଧ
J̄aksharāj ପାଇଁ ପ୍ରସ୍ତୁତ ସ୍ଥାନ—2 A place prepared for wrestling and boxing (Apte).

ଯକ୍ଷରାଜ(ଟ୍)—ସଂ. (୬ଷ୍ଠୀ ତତ୍; ଯକ୍ଷ+ରାଜନ୍) ବି—କୁବେର—
J̄aksha rāja (ṭ) The God of riches.

ଯକ୍ଷରାଜ ପୁରୀ—ସଂ. ବି—କୈଳାସ ପର୍ବତୋପରିସ୍ଥ କୁବେରଙ୍କ ଅଳକା-
J̄aksharāja purī ପୁରୀ—The capital of Kubera.

ଯକ୍ଷରାତ୍ରି—ସଂ. ବି—କାର୍ତ୍ତିକ ପୂର୍ଣ୍ଣିମାର ରାତ୍ରି—The night
J̄aksha rātri of the fullmoon of the month of Kārttika. [ଦ୍ର—ଏହି ରାତ୍ରିରେ ଯକ୍ଷମାନେ ପୃଥିବୀର ଇତସ୍ତତଃ ବିଚରଣ କରିବା ଶାସ୍ତ୍ରରେ ଲେଖାଅଛି ।]

ଯକ୍ଷ ସାଧନ(ନା)—ସଂ. ବି (୬ଷ୍ଠୀ ତତ୍)—ଧନ ଓ ଅଭୀଷ୍ଟ ଲାଭାର୍ଥ
J̄aksha sādhana(nā) ଯକ୍ଷର ତନ୍ତ୍ରୋକ୍ତ ପୂଜା; ଯକ୍ଷୋପାସନା—The worship of a J̄aksha prescribed for persons desirous of riches.

ଯକ୍ଷାବାସ—ସଂ. ବି (୬ଷ୍ଠୀ ତତ୍; ଏଥିରେ ଯକ୍ଷମାନେ ବାସ କରୁଥିବାରୁ)
J̄akshābāsa —୧ । ଡିମ୍ବିରି ଗଛ—1. The fig tree. ୨ । ଅଶ୍ୱତ୍ଥ ଗଛ—2. The religious fig tree.

ଯକ୍ଷାମଳକ—ସଂ ବି—ପିଣ୍ଡ ଖର୍ଜ୍ଜୁର—
J̄akshāmaḷaka A sort of dates.

ଯକ୍ଷୀ(କ୍ଖୀ)—ଦେ. ବି (ପୁଂ ଓ ସ୍ତ୍ରୀ)—ଅତି କୃପଣ ବ୍ୟକ୍ତି—
J̄akshī(kkhī) A very miserly person.
ସଂ. ବି. ସ୍ତ୍ରୀ (ଯକ୍ଷ+ଈ)—ଯକ୍ଷରମଣୀ—
A female of the J̄aksha class.

ଯକ୍ଷିଣୀ—ସଂ. ବି. ସ୍ତ୍ରୀ (ଯକ୍ଷ+ଇନୀ)—୧ । କୁବେର ପତ୍ନୀ—
J̄akshiṇī 1. The wife of Kubera. ୨ । ଯକ୍ଷ ସ୍ତ୍ରୀ, ବିଦ୍ୟାଧରୀ—2. A J̄aksha woman. ୩ । ପିଶାଚୀ—3. A female fiend. ୪ । ଜୈନମାନଙ୍କ ପୂଜିତା ଦେବୀ-ବିଶେଷ—4. A female Deity worshipped by the Jainas. ୫ । ସାଧକ ପୁରୁଷ-

ମାନଙ୍କ ସହବାସକାରଣୀ ଦେବଯୋନ ବିଶେଷ— 5. A sylph or fairy holding intercourse with mortals (Apte). (ଦ୍ର—ଯେଉଁ ବ୍ୟକ୍ତି ଯକ୍ଷିଣୀ-ସାଧନା କରି ସିଦ୍ଧ ହୁଅନ୍ତି ସେ ଯକ୍ଷିଣୀକୁ ଆପଣା ସ୍ତ୍ରୀରୂପେ ଭୋଗ କରନ୍ତି ।) ଦେ. ବଣ. ସ୍ତ୍ରୀ— କୃପଣା—Miserly (woman).

ଯକ୍ଷେନ୍ଦ୍ର(ଶ)—ସ. ବ—(୬ଷ୍ଠୀ ତତ୍) କୁବେର— Jakshendra(śa) The God of riches. (ଯକ୍ଷାଧିପ, ଯକ୍ଷାଧିରାଜ, ଯକ୍ଷାଧୀଶ –ଅନ୍ୟରୂପ)

ଯକ୍ଷୋଡୁ(ଦୁ)ମ୍ବର—ସ. ବ.—ଅଶ୍ୱତ୍ଥ ଫଳ— Jakshodu(du)mbara The fruit of the Ficus Religiosa

ଯକ୍ଷ୍ମଗ୍ରସ୍ତ –ସ. ବଣ. ପୁଂ-(୩ୟା ତତ୍)—ଯକ୍ଷ୍ମା ରୋଗ ଦ୍ୱାରା ଆକ୍ରାନ୍ତ— Jakshma grasta Consumptive. (ଯକ୍ଷ୍ମଗ୍ରସ୍ତା—ସ୍ତ୍ରୀ)

ଯକ୍ଷ୍ମଗ୍ରହ—ସଂ. ବ—(ଯକ୍ଷ୍ମନ୍+ଗ୍ରହ ଧାତୁ+ଭାବ. ଅ)-ଯକ୍ଷ୍ମା ରୋଗର Jakshmagraha ଆକ୍ରମଣ—An attack of consumption.

ଯକ୍ଷ୍ମଘ୍ନୀ—ସ. ବ (ଯକ୍ଷ୍ମନ୍+ହନ୍ ଧାତୁ କର୍ତ୍ତୃ+ଅ+ଈ)—୧ । ଦ୍ରାକ୍ଷା; Jakshmaghni ଅଙ୍ଗୁର—1. Grapes. ୨ । କିସ୍‌ମିସ୍— 2. Raisin; died grape.

ଯକ୍ଷ୍ମା(କ୍ଷ୍ମ)—ସ. ବ (ଯକ୍ଷ ଧାତୁ=ପୂଜା କରିବା+ଅଧିକରଣ. ମନ୍)— Jakshmā(kshma) କ୍ଷୟକାଶ ରୋଗ—Tuberculosis; consumption; pulmonary disease; pthisis. [ଦ୍ର— ରାଜ ଯକ୍ଷ୍ମା—ସ. ବ. ମାରାତ୍ମକ କ୍ଷୟକାଶ ରୋଗ ।]

ଯକ୍ଷ୍ମୀ—ସ. ବ. ପୁଂ (ଯକ୍ଷ୍ମନ୍+ଅସ୍ତି ଅର୍ଥରେ ଇନ, ୧ମା. ୧ବ)— Jakshmi ଯକ୍ଷ୍ମରୋଗଗ୍ରସ୍ତ—Suffering from (ଯକ୍ଷ୍ମିଣୀ—ସ୍ତ୍ରୀ) consumption; consumptive (person)

ଯକ୍ଷ୍ୟମାଣ—ସ. ବଣ. ପୁଂ (ଯକ୍ଷ ଧାତୁ+କର୍ତ୍ତୃ. ଆନ)—୧ । ପୂଜା Jakshyamāṇa କରିବାକୁ ଇଚ୍ଛୁକ—1. Desiring to worship; bent on worshipping. ୨ । ପୂଜା (ଯକ୍ଷ୍ୟମାଣା—ସ୍ତ୍ରୀ)ରେ ନିଯୁକ୍ତ—2. Engaged in worshipping.

ଯଗଣ—ସ. ବ—କବିତା ରଚନା ସମ୍ପର୍କରେ ୮ଟି ଗଣ ମଧ୍ୟରୁ ପ୍ରଥମେ Jagaṇa ଗୋଟିଏ ହ୍ରସ୍ୱବର୍ଣ୍ଣ ଓ ପରେ ୨ଟି ଦୀର୍ଘବର୍ଣ୍ଣ ସମ୍ବଳିତ ଗଣବିଶେଷ—One of the eight syllabic feet (Gaṇa) consisting of one short syllable followed by two long ones (Apte).

ଯଗ୍ରାଫି—ବୈଦେ. ବ (ଇଂ. ଜିଓଗ୍ରାଫି)—ଭୂଗୋଳ ବିଦ୍ୟା— Jagrāphi ଜିଅଗ୍ରାଫୀ ଜୋଗ୍ରफी Geography.

ଯଙନ୍ତ—ସ. ବ (ବ୍ୟାକରଣ)—ପୌନଃପୁନ୍ୟ ବା ଅତିଶୟାର୍ଥକ Jaṅanta କ୍ରିୟାବିଶେଷ; ଅତିଶୟାର୍ଥରେ ଧାତୁର ଦ୍ୱିତ୍ୱ ଉଚ୍ଚାରଣ ହେବା ଅବସ୍ଥା (ଯଥା—ଗମ୍ ଧାତୁ ଅତିଶୟାର୍ଥେ ଜଙ୍ଗମ ଧାତୁ=ଅତିଶୟ ଗମନ କରିବା; ଦୀପ୍ ଧାତୁର ଯଙନ୍ତ—ଦେଦୀପ୍ ଧାତୁ=ଅତିଶୟ ଜଳିବା) —The frequentative deponent verb (Doubling of the root of a verb to indicate repetition).

ଯଙ୍‌ଲୁଗନ୍ତ—ସ. ବ (ବ୍ୟାକରଣ)—ଅତିଶୟ ବା ପୌନଃପୁନ୍ୟାର୍ଥ Jaṅ luganta ଧାତୁର ଦ୍ୱିତ୍ୱଭାବ ଧାରଣ କରିବା ଅବସ୍ଥା— The frequentative active verb in Sanskrit grammar.

ଯଚ୍‌ନିଆ(ୟା)—ଦେ. ବଣ (ସମ୍ବଲପୁର)—ମାଗଣା; ଅଯାଚିତଭାବରେ Jach-niā(yā) ପ୍ରାପ୍ତ—Got gratis; got quite unasked. (ଯଥା—ଯଚ୍‌ନିୟା ମାଲର ରଙ୍ଗ ନାହିଁ —ଢଗ=ଅଯାଚିତୋପସ୍ଥିତ ଦ୍ରବ୍ୟର ମୂଲ୍ୟ ନାହିଁ ।)

ଯଚା—ଦେ. ବ (ସ. ଯାଚଞ୍ଜା)—ଯାଚିବା (ଦେଖ) Jachā Jāchibā (See)

ଯଚା(ଚେ)ଇ—ଦେ. ବ (ସ. ଯାଚଞ୍ଜା)—୧ । ମାଗିବା; ଯାଚଞ୍ଜା; Jachā(che)i ଭିକ୍ଷା କରିବା—1. Begging for a याचाई thing. ୨ । ସୁନା ରୁପା ଆଦିର ମୂଲ୍ୟ ପରୀକ୍ଷା जाँच ପୂର୍ବକ ନିରୂପଣ—2. The testing of gold etc as to its quality and value.

ଯଚା(ଚେ)ଇ କରିବା—ଦେ. କ୍ରି—୧ । କୌଣସି ଦ୍ରବ୍ୟକୁ ବଜାରରେ Jachā(che)i karibā ଏକାଧିକ ସ୍ଥାନରେ ଦେଖାଇ ତହିଁର याचाईकरना, याचाना ମୂଲ୍ୟ ବା ସ୍ୱରୂପ ଜାଣିବା—1. To जाँचकरना, जाँचना have a thing tested in the market to ascertain its value and quality. ୨ । ସ୍ୱର୍ଣ୍ଣାଦିର ମୂଲ୍ୟ ଓ ପ୍ରକାର ନିରୂପଣ କରିବା—2. To test a pice of gold as to its value and quality.

ଯଚା(ଚେ)ଇବା—ଦେ. କ୍ରି—୧ । ଯଚାଇ କରିବା (ଦେଖ) Jachā(che)ibā 1. Jachāi karibā (See) ୨ । ଅନ୍ୟ याचान ବ୍ୟକ୍ତିଙ୍କ ଦ୍ୱାରା ଯାଚିବା କ୍ରିୟା କରାଇବା—2. To cause जंचवाना a thing to be offered by another.

ଯଚ୍ଛନ୍—ସ.ବ. ପୁଂ [ଦା ଧାତୁ=ଦାନ କରିବା+କର୍ତ୍ତୃ. ଅତ୍(ଶତୃ)]— Jachchhan ଦାନକାରୀ—Giving; bestowing. (ଯଚ୍ଛନ୍ତୀ—ସ୍ତ୍ରୀ)

ଯଛ(ଚ୍ଛ)—ଗ୍ରା. ବ. (ସ. ଯଶଃ)—୧ । ଯଶଃ; କୀର୍ତ୍ତି—1. Renown. Jachha(ckchha) ୨ । ସୁଖ୍ୟାତି; ସୁନାମ—2. Good यश जस reputation. ୩ । ବାହାବୁଲି; ପ୍ରଶଂସା— 3. Praise.

ଯଜ୍ (ଧାତୁ)—ସ—୧ । ଦେବତାଙ୍କୁ ପୂଜା କରିବା—1. To worJaj (root) ship a Diety. ୨ । ସଙ୍ଗ କରିବା—2. To associate with. ୩ । ଦାନ କରିବା—3. To present; to give. ୪ । ଯାଗ କରିବା—4 To offer; to sacrifice.

ଯଜ—ସ. ବ. (ଯଜ ଧାତୁ+ଅଧିକରଣ. ଅ)—୧ । ଅଗ୍ନି—1. Fire Jaja (Apte). ୨ । ଯଜ୍ଞ—2. Sacrifice (Apte).

ଯଜତ—ସ. ବ. ପୁଂ. (ଯଜ୍ ଧାତୁ+କର୍ତ୍ତୃ. ଅତ)—
Jajata ୧। ଋତ୍ୱିକ୍; ପୁରୋହିତ—1. An officiating priest;
୨। ଶିବ—2. Siba (Apte). ୩। ଚନ୍ଦ୍ର—3. The moon (Apte). ବଣ. ପୁଂ (କର୍ମ. ଅତ)—୧। ପବିତ୍ର—1. Holy (Apte). ୨। ପୂଜ୍ୟ—2. Adorable (Apte). ୩। ମହାନ୍—3. Dignified; sublime (Apte).

ଯଜତି—ସ. ବ. (ଯଜ ଧାତୁ+କରଣ. ଅତି) ଯଜ୍ଞାଦ କର୍ମ—
Jajati Sacrificial ceremonies (Apte).

ଯଜତି ଦେଶ—ସ. ବ—ଯଜ୍ଞ ବେଦୀର ଦକ୍ଷିଣରେ ଅବସ୍ଥିତ ସ୍ଥାନ—
Jajati desa A place south of the sacrificial
(ଯଯତି ସ୍ଥାନ—ଅନ୍ୟରୂପ) altar (Apte).

ଯଜତ୍ର—ସ. ବ - (ଯଜ୍ ଧାତୁ+କର୍ତ୍ତୃ ଅତ୍ର)—୧। ଅଗ୍ନିହୋତ୍ରୀ—
Jajatra 1. A Brāhmana who maintains the sacrificial fire at his house (Apte).
୨। (+କରଣ. ଅତ୍ର)—ଅଗ୍ନିହୋତ୍ର – 2. Maintenance of the sacred fire (Apte).

ଯଜନ୍—ସ. ବଣ. ପୁଂ—[ଯଜ୍ ଧାତୁ+କର୍ତ୍ତୃ (ଶତୃ) ଅତ୍; ୧ମା. ୧ବ]-
Jajan ଯଜ୍ଞକାରୀ—Performing sacrifice.
(ଯଜନ୍ତୀ—ସ୍ତ୍ରୀ)

ଯଜନ—ସ. ବ—(ଯଜ୍ ଧାତୁ+ଭାବ. ଅନ)—୧। ଅପଣା ପାଇଁ
Jajana ଯାଗ କରିବା—1. Offering sacrifice for oneself. [ଦ୍ର—ଯଜମାନ ପାଇଁ ଯାଗ କରିବାକୁ ଯାଜନ ବୋଲାଯାଏ।] ୨। ପୂଜନ; ପୂଜା କରିବା—2. Worshipping. ୩। (+କରଣ ଅନ)—ଯାଗ 3. Sacrifice (Apte). ୪। (+ଅଧିକରଣ ଅନ) ଯଜ୍ଞସ୍ଥାନ—4. A place of sacrifice (Apte).

ଯଜମାନ—ସ. ବଣ.—(ଯଜ ଧାତୁ+କର୍ତ୍ତୃ. ଅନ। ୧। ଯାଗକାରୀ-
Jajamāna 1. Offering sacrifice. ବ.—୧। ଯେଉଁ ବ୍ୟକ୍ତି ବ୍ରାହ୍ମଣଙ୍କୁ ଦକ୍ଷିଣା ଦେଇ ବ୍ରାହ୍ମଣଦ୍ୱାରା ଯାଗ କ୍ରିୟା କରାନ୍ତି—1. A person who has a vedic sacrifice performed by a priest on giving him presents. ୨। ସ୍ୱୟଂ ଯଜ୍ଞାନୁଷ୍ଠାନକାରୀ ବ୍ୟକ୍ତି—2. A person who himself performs a regular sacrifice (Apte). ୩। ପୁରୋହିତଙ୍କ ନିଯୋକ୍ତା ବ୍ୟକ୍ତି—3. A host; a patron (Apte). ୪। ପରିବାରର କର୍ତ୍ତା—4. The head of a family (Apte). ୫। ଜାତିର ମୁଖ୍ୟ ବ୍ୟକ୍ତି—5. The head of a tribe (Apte). ୬। ମହାଦେବଙ୍କର ଅଷ୍ଟମୂର୍ତ୍ତି ମଧ୍ୟରୁ ପ୍ରଧାନ ମୂର୍ତ୍ତି—6. One of the 8 incarnations of the Deity Siva, represented as offering sacrifice to the gods through oblation unto the fire.
ଦେ. ବ.—୧। ପୁରୋହିତ ଯେଉଁ ବ୍ୟକ୍ତିଠାରୁ ଦକ୍ଷିଣା ନେଇ ଉକ୍ତ ବ୍ୟକ୍ତିର ପାରିବାରିକ ଦେବପୂଜା, ବିବାହାଦି କ୍ରିୟାରେ ହୋମ ଆଦି କରନ୍ତି—1. A person who engages a priest to officiate at his family ceremonies. ୨। ଯେଉଁ ଯାତ୍ରୀ ତୀର୍ଥସ୍ଥ ଦେବତାମାନଙ୍କର ପୂଜା ପଣ୍ଡାଦ୍ୱାରା କରାଏ—2. A pilgrim who engages a Panda to do worship for him to the idol at any centre of pilgrimage.
[ଦ୍ର—ପ୍ରତ୍ୟେକ ପରିବାରର ନିତ୍ୟ ନୈମିତ୍ତିକ ପୂଜା ଆଦି କରିବା ପାଇଁ ନିର୍ଦ୍ଦିଷ୍ଟ ପୁରୋହିତ ପୁରୁଷାନୁକ୍ରମେ ଥାଆନ୍ତି। ଏହିପରି ମଧ ତୀର୍ଥକ୍ଷେତ୍ରକୁ ଆସୁଥିବା ଯାତ୍ରୀମାନଙ୍କର ନିର୍ଦ୍ଦିଷ୍ଟ ପଣ୍ଡା ପୁରୁଷାନୁକ୍ରମେ ଥାଆନ୍ତି। ଏ ଯଜମାନମାନେ ତତ୍ତତ୍ ପୁରୋହିତଙ୍କର ଓ ପଣ୍ଡାମାନଙ୍କର ପ୍ରଧାନ ଅବଲମ୍ବନ। ପଣ୍ଡା ଓ ପୁରୋହିତମାନଙ୍କ ମଧ୍ୟରେ ଭାଇଭାଗ ବଣ୍ଟନ ହେଲା ବେଳେ ମଧ୍ୟ ଯଜମାନ ସରମାନ ବଣ୍ଟା ହୁଏ, କିନ୍ତୁ କ୍ରମଶଃ ଏମାନ ଏଣିକି 'ମାଗି ବୃତ୍ତି'ରେ ପରିଣତ ହେଉଅଛି।]

ଯଜମାନି—ଦେ. ବଣ.—ଯଜମାନ ସମ୍ବନ୍ଧୀୟ—Relating to
Jajamāni
यजमानि जजमानी Jajamāna [ଯଥା—ମୋର ଯଜମାନି ବୃତ୍ତି ଅଛି।] (ଯଜମାନିଆ— ଅନ୍ୟ ବଣ ରୂପ)
ଦେ. ବ—୧। ଯଜମାନି ବୃତ୍ତି—1. Priesthood.
୨। ଯଜମାନି ହେବାର ଅବସ୍ଥା—2. The state of being a Jajamāna.

ଯଜମାନି ବୃତ୍ତି—ଦେ. ବ.— ଯଜମାନଠାରୁ ଦକ୍ଷିଣା ଆଦି ପାଇ ଜୀବିକା
Jajamāni brutti ନିର୍ବାହ; ପୌରୋହିତ୍ୟ— The profession of priesthood

ଯଜାକ—ସ. ବଣ. ପୁଂ.—(ଯଜ୍ ଧାତୁ+କର୍ତ୍ତୃ. ଅକ)—୧। ଦାତା—
Jajāka 1. Liberal (Apte). ୨। ପୂଜାକାରୀ—
2. Worshipping (Apte).

ଯଜି—ସ. ବ—(ଯଜ୍ ଧାତୁ+କର୍ତ୍ତୃ. ଇ)—୧। ଯଷ୍ଟା; ଯାଗକାରୀ
Jaji ବ୍ୟକ୍ତି—1. Performer of sacrifice; a sacrificer. ୨। (+ଭାବ. ଇ)—ଯଜ୍ଞ କର୍ମ—2. The act of sacrificing. ୩। (+କରଣ. ଇ)—ଯାଗ 3. A sacrifice.

ଯଜୀ—ସ. ବଣ. ପୁ.—(ଯଜ୍ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—
Jaji ୧। ଯଜ୍ଞକାରୀ—1. Sacrificing.
(ଯଜିନୀ—ସ୍ତ୍ରୀ) ୨। ପୂଜାକାରୀ—2. Worshipping; adoring.

ଯଜୁଃ—ସ. ବ—(ଯଜ୍ ଧାତୁ+କରଣ ଉସ୍)—୧। ଦ୍ୱିତୀୟ ବେଦ—
Jajuh 1. The Jajur Beda; the 2nd of the 4.
(ଯଜୁର୍ବେଦ—ଅନ୍ୟରୂପ) Bedas or Hindu scriptures
୨। ଯଜ୍ଞୀୟ ସ୍ତବ ବା ମନ୍ତ୍ର—2. A sacirficial prayer or formula (Apte) ୩। ଯଜ୍ଞ

ବେଦୋକ୍ତ ଗଦ୍ୟ ମନ୍ତ୍ର—3. A text or body sacred mantras in prose muttered at sacrifices (Apte).

ଯଜୁର୍ବେଦ—ସ. ବି—ଯଜୁଃ ୧ (ଦେଖ)
Jajurbeda Jajuḥ 1 (See)
[ଯଜୁର୍ବେଦ ଦୁଇ ଭାଗରେ ବିଭକ୍ତ । ୧ ଶୁକ୍ଳ ବା ବାଜସନେୟ । ୨ । କୃଷ୍ଣ ବା ତୈତ୍ତିରୀୟ; ଏଥିରେ ଧର୍ମସମ୍ବନ୍ଧୀୟ କ୍ରିୟାକଳାପ ଏବଂ ଉପାସନାଦି ଅଛି । ଧନୁର୍ବେଦ ଯଜୁର୍ବେଦର ଉପବେଦ ଅଟେ । ଯଜୁର୍ବେଦର ମନ୍ତ୍ରମାନ ଗଦ୍ୟରେ ରଚିତ । ଏହି ବେଦରେ ଦର୍ଶ, ପୂର୍ଣ୍ଣିମାସ, ଅଶ୍ୱମେଧ ଓ ନରମେଧ ଯଜ୍ଞ ବର୍ଣ୍ଣିତ ହୋଇଅଛି । ଯଜୁର୍ବେଦର ଦୁଇ ଶାଖା; ଏହାର ଅଧିପତି ଶୁକ୍ର; ବକ୍ତା କୃଷ୍ଣ ଦ୍ୱୈପାୟନ ଓ ଶ୍ରୋତା ବୈଶମ୍ପାୟନ । ଉତ୍କଳର ବ୍ରାହ୍ମଣମାନେ ଅଧିକାଂଶ ଯଜୁର୍ବେଦୀ । ଯଜୁର୍ବେଦର ଶୁକ୍ଳ ବା ବାଜସନେୟ ଅଂଶ ଯାଜ୍ଞବଲ୍କ୍ୟଙ୍କ ଦ୍ୱାରା କଥିତ; ଶୁକ୍ଳ ଯଜୁଃର ଅନ୍ୟ ନାମ ବାଜସନେୟ; (ବାଜସନ=ସୂର୍ଯ୍ୟ) ଅର୍ଥାତ୍ ସୂର୍ଯ୍ୟଙ୍କ ଠାରୁ ପ୍ରାପ୍ତ; ସୂର୍ଯ୍ୟ ଅଶ୍ୱରୂପ ଧାରଣ କରି ଯାଜ୍ଞବଲ୍କ୍ୟଙ୍କୁ ଏହା କହିଥିଲେ ଓ ଯାଜ୍ଞବଲ୍କ୍ୟ ଏହାକୁ ପୃଥିବୀରେ ଅବତାରଣା କଲେ) । କୃଷ୍ଣ ବା ତୈତ୍ତିରୀୟ ଅଂଶ ତିତ୍ତିର ମୁନିଙ୍କ ଦ୍ୱାରା କଥିତ ।]

ଯଜୁର୍ବେଦୀ—ସ. ବିଣ (ଯଜୁସ୍+ବେଦ+କର୍ତ୍ତ ଇନ୍)—୧ । **Jajurbedī** ଯଜୁର୍ବେଦ ସମ୍ବନ୍ଧୀୟ—1. Relating to Jajurbeda. ୨ । ଯଜୁର୍ବେଦାଧ୍ୟାୟୀ—2. Studying the Jajurbeda. ବି—୧ । ଯଜୁର୍ବେଦାଧ୍ୟାୟୀ ବ୍ରାହ୍ମଣ—1. A Brāhmaṇa learned in the Jajurbeda. ୨ । ଯଜୁର୍ବେଦୋକ୍ତ କ୍ରିୟାକାଣ୍ଡର ଅନୁଷ୍ଠାତା ବ୍ରାହ୍ମଣ—2. A Brāhmaṇa who follows the rituals of the Jajurbeda.

ଯଜୁର୍ବେଦୀୟ—ସ. ବିଣ (ଯଜୁର୍ବେଦ+ଈୟ)—ଯଜୁର୍ବେଦ ସମ୍ବନ୍ଧୀୟ
Jajurbediya —Relating to the Jajurbeda.

ଯଜ୍ଞ—ସ. ବି (ଯଜ୍ ଧାତୁ+ଭାବ. ନ)—୧ । ବେଦୋକ୍ତ ହୋମ ଓ
Jajña ପୂଜାବିଧି—1. The sacrificial and ceremonial rites enjoined by the Bedas. [ଦ୍ର—ଏଥିର ପ୍ରଧାନ ଅଙ୍ଗ ହୋମ ବା ଅଗ୍ନିରେ ଘୃତଆଦି ଆହୁତି ଦେବା । ଯଜ୍ଞଦ୍ୱାରା ଦେବତାମାନେ ତୁଷ୍ଟ ହୋଇ ପୃଥିବୀକୁ ଅନ୍ନଦାନ ଓ ପ୍ରଜାଦାନ କରନ୍ତି । ଯଜ୍ଞ ନାନାପ୍ରକାର; ଏଥିମଧ୍ୟରୁ ଅଗ୍ନିଷ୍ଟୋମ, ଜ୍ୟୋତିଷ୍ଟୋମ, ରାଜସୂୟ, ବାଜପେୟ, ଅଶ୍ୱମେଧ, ଗୋମେଧ, ପୁରୁଷମେଧ, ପୁତ୍ରେଷ୍ଟି, ବୃଷୋତ୍ସର୍ଗ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଅଗ୍ନିଷ୍ଟୋମ ଯଜ୍ଞର ପ୍ରଧାନ ଉପକରଣ ଅଗ୍ନି; ଏ ଅଗ୍ନି ତିନିଗୋଟି—ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ । ବ୍ରାହ୍ମଣ ଏହି ଅଗ୍ନିତ୍ରୟ ଯତ୍ନ ସହିତ ରକ୍ଷା କରିବେ । ବ୍ରାହ୍ମଣର ଦୈନିକ ସମସ୍ତ ଅନୁଷ୍ଠାନହିଁ ଯଜ୍ଞାଙ୍ଗ । ଯଜ୍ଞବର୍ଜ୍ଜିତ ବ୍ରାହ୍ମଣ ଚଣ୍ଡାଳ ଅଟେ । ଯଜ୍ଞର ଅନ୍ୟ ସଂସ୍କୃତ ନାମ—କ୍ରତୁ, ମଖ, ଅଧ୍ୱର, ଅଭିଷବ, ଆହବ, ମନ୍ୟୁ, ହୋମ, ଇଷ୍ଟି, ଇଷ୍ଟ, ମନ୍ୟୁ, ମହ, ବିତାନ, ସପ୍ତତନ୍ତୁ, ସବ, ସବନ, ହବ, ହବନ ।] ୨ । ହିନ୍ଦୁଶାସ୍ତ୍ର ଅନୁସାରେ ପ୍ରତ୍ୟେକ ଗୃହସ୍ଥର ଓ ବିଶେଷତଃ ବ୍ରାହ୍ମଣର ନିତ୍ୟ କର୍ତ୍ତବ୍ୟ ବଳିଦାନାଦି କର୍ମ (ଯଥା—ବ୍ରହ୍ମଯଜ୍ଞ=ବେଦ ପାଠ; ପିତୃଯଜ୍ଞ=ପିତୃତର୍ପଣ; ନୃଯଜ୍ଞ=ଅତିଥିସେବା; ଭୂତଯଜ୍ଞ=ଭୂତମାନଙ୍କୁ ବଳିଦାନ; ଦେବଯଜ୍ଞ=ହୋମ)—2. The five devotional acts and offerings which a householder and specially a Brāhmaṇa is enjoined by the Śāstras to do everyday (Apte). ୩ । ହୋମ; ଅଗ୍ନିରେ ଦେବତାଙ୍କ ଉଦ୍ଦେଶ୍ୟରେ ଆହୁତି ଦାନ—3. Oblations of ghee and other article of offering unto Dieties through fire. ୪ । ଯଜ୍ଞର ମୂର୍ତ୍ତିମାନ୍ ଦେବତା—4. The personification of sacrifice [ଦ୍ର—ପୁରାଣମତରେ ଏହି ଦେବତା ମୃଗରୂପୀ । ସତୀଙ୍କର ଯଜ୍ଞକୁଣ୍ଡରେ ଝାସ ପରେ, ମହାଦେବଙ୍କ ପ୍ରେରିତ ବୀରଭଦ୍ର ଦକ୍ଷପ୍ରଜାପତିଙ୍କ ଯଜ୍ଞକୁ ନାଶ କରିବା ସମୟରେ ବୀରଭଦ୍ର ଏହି ମୃଗରୂପଧାରୀ ପଳାୟମାନ ଯଜ୍ଞର ମସ୍ତକ ଛେଦନ କଲେ ଓ ଏହି ମସ୍ତକ ଆକାଶରେ ମୃଗଶିରା ନକ୍ଷତ୍ରରୂପେ ପ୍ରତିଷ୍ଠିତ ।] ୫ । ରୁଚି ପ୍ରଜାପତିଙ୍କ ଔରସରେ ମନୁତନୟା ଆକୂତିଗର୍ଭଜାତ ପୁତ୍ର ଏବଂ ସ୍ୱାୟମ୍ଭୁବ ମନୁଙ୍କ ଦୌହିତ୍ର—5. Name of the daughter's, son of Swāyambhuba Manu. [ଦ୍ର—ଏହି ରୁଚି ଏହାଙ୍କ ସହୋଦରା ଦକ୍ଷିଣାଙ୍କର ମଧ୍ୟ ପାଣିଗ୍ରହଣ କରିଥିଲେ ଓ ଏହାଙ୍କ ଔରସରେ ଯାମ ନାମକ ଦେବଗଣ ଜନ୍ମିଥିଲେ ।] ୬ । ବିଷ୍ଣୁ (ହି. ଣ)—6. Bishṇu.

ଯଜ୍ଞକର୍ମ—ସ. ବି—ହୋମ କାର୍ଯ୍ୟ—The ritual of offering
Jajñakarma oblations to Deities through fire.
(ଯଜ୍ଞକ୍ରିୟା—ଅନ୍ୟରୂପ)

ଯଜ୍ଞକଳ୍ପ—ସ. ବି—ବିଷ୍ଣୁ—A name of Bishṇu.
Jajña kalpa
[ଯଜ୍ଞକର୍ତ୍ତୁ, ଯଜ୍ଞଧାତା, ଯଜ୍ଞଭୋକ୍ତା, ଯଜ୍ଞହୃଦୟ, ଯଜ୍ଞପୁରୁଷ, ଯଜ୍ଞଫଳଦ, ଯଜ୍ଞମୟ, ଯଜ୍ଞସାର, ଯଜ୍ଞଧର, ଯଜ୍ଞବୀର୍ଯ୍ୟ, ଯଜ୍ଞଭାବନ, ଯଜ୍ଞବାହନ, ଯଜ୍ଞସାଧନ—ଅନ୍ୟରୂପ]

ଯଜ୍ଞକାଳ—ସ. ବି (ମ. ପ. ଲେ)—୧ । ଯଜ୍ଞାଦି ପାଇଁ ଶାସ୍ତ୍ରନିର୍ଦ୍ଦିଷ୍ଟ
Jajñakāla ସମୟ—1. Proper time fixed for perfomance of Jajñas. ୨ । ଅମାବାସ୍ୟା ଓ ପୌର୍ଣ୍ଣମାସୀ—2. The last lunar day of every fortnight; the new moon and the full-moon day (Apte)

ଯଜ୍ଞକୀଲକ—ସଂ. ବି (ମ. ପ. ଲୋ)—ଯେଉଁ ଖୁଣ୍ଟରେ ଯଜ୍ଞରେ
Jajña kiļaka ବଧ ହେବା ବଳି ବନ୍ଧା ହୁଏ—A post to which a sacrificial victim is fastened.
(ଯଜ୍ଞସ୍ଥାଣୁ, ଯଜ୍ଞଯୂପ, ଯଜ୍ଞସ୍ତମ୍ଭ—ଅନ୍ୟରୂପ)

ଯଜ୍ଞ କୁଣ୍ଡ—ସଂ. ବି—ଯେଉଁ କୁଣ୍ଡରେ ଯଜ୍ଞ ଅଗ୍ନି ରଖାଯାଏ—
Jajña kuņda The sacrificial pit.

ଯଜ୍ଞ କୃତ୍—ସଂ. ବିଣ. ପୁଂ ଓ ସ୍ତ୍ରୀ. (ଯଜ୍ଞ+କୃ ଧାତୁ+କର୍ତ୍ତୃ. କ୍ୱିପ୍)—
Jajña kŗut ଯଜ୍ଞ ଅନୁଷ୍ଠାନକାରୀ—Performing sacrifice. ସଂ. ବି—ବିଷ୍ଣୁ—A name of Bishņu.

ଯଜ୍ଞ ଘିଅ—ଦେ. ବି—ଯଜ୍ଞରେ ହୋମ କରିବା ନିମନ୍ତେ ଉଦ୍ଦିଷ୍ଟ ଘୃତ;
Jajña ghia ଅଜ୍ୟ—The ghee set apart for offering unto fire. [ଉ—ଯଜ୍ଞ ଘିଅ କୁକୁର ଖାଇବା ନ୍ୟାୟ—ପ୍ରବଚନ ।]
(ସଂ. ଯଜ୍ଞ ଘୃତ)

ଯଜ୍ଞଘ୍ନ—ସଂ. ବିଣ. ପୁଂ. (ଯଜ୍ଞ+ହନ ଧାତୁ+କର୍ତ୍ତୃ. ଅ)—ଯଜ୍ଞରେ
Jajñaghna ବାଧା ଦେବାବାଲା—Obstructing a sacrifice. ସଂ. ବି. ପୁଂ—ରାକ୍ଷସ—A demon.

ଯଜ୍ଞ ଡିମି(ମ୍ବି)ରି—ଦେ. ବି. (ସଂ. ଯଜ୍ଞୋଡୁମ୍ବର)—ଏକ ପ୍ରକାର ବଡ଼
Jajña dimi(mbi)ri ଡିମ୍ବିରି—A kind of fig. [ବି—ଏହାର ଔଷଧରେ ଲାଗେ ଓ ଏହାର କାଠ ସମିଧ ରୂପେ ହୋମରେ ଲାଗେ ।]
ଏହାର ଅନ୍ୟ ସଂ ନାମ—କ୍ଷୀରବୃକ୍ଷ, ହେମ ଦୁଗ୍ଧ, ସଦ୍ୟ ଫଳ, କାଳ ସ୍କନ୍ଧ, ଯଜ୍ଞ ଯୋଗ୍ୟ, ଯଜ୍ଞୀୟ, ସୁପ୍ରତିଷ୍ଠିତ, ଶୀତ ବଲ୍କ, ଯଜ୍ଞ ସାର, ପୁଷ୍ପଶୂନ୍ୟ; ସୌମ୍ୟ ଓ ଶୀତ ଫଳ ଯଜ୍ଞ ଡୁମୁର ଗୁଲର, କୁନିଆ, କଲା, ଘୁସ, ମ. ଉମ୍ବର ତେଲୁଗୁ ତେ. ମେଡ୍ଡି

ଯଜ୍ଞ ଦ୍ରୁହ—ସଂ. ବି. (ଯଜ୍ଞ+ଦ୍ରୁହ୍ ଧାତୁ=ନାଶ କରିବା+କର୍ତ୍ତୃ.ଅ)-
Jajña druha ରାକ୍ଷସ—A demon.
(ଯଜ୍ଞ ଶତ୍ରୁ—ଅନ୍ୟରୂପ)

ଯଜ୍ଞ ଧ୍ୱଂସ—ସଂ. ବି. (୬ଷ୍ଠୀ ତତ୍)—ଯଜ୍ଞ କର୍ମରେ ବାଧା ଦାନ—
Jajña dhwamsa The breaking up or frustration of the sacrificial rites.
(ଯଜ୍ଞ ନାଶ, ଯଜ୍ଞ ଭଙ୍ଗ—ଅନ୍ୟରୂପ)

ଯଜ୍ଞ ପତି—ସଂ. ବି (୬ଷ୍ଠୀ ତତ୍)—ବିଷ୍ଣୁ; ନାରାୟଣ—
Jajña pati Bishņu.
(ଯଜ୍ଞ ପୁରୁଷ, ଯଜ୍ଞ ସାଧନ—ଅନ୍ୟରୂପ)

ଯଜ୍ଞ ପଶୁ—ସଂ. ବି. (ମ. ପ. ଲୋ ବା ୪ର୍ଥୀ ତତ୍)—୧ । ଯଜ୍ଞରେ
Jajña pasu ବଳି ଦିଆଯିବା ପଶୁ—1. A victim of a sacrifice; a sacrificial victim. ୨ । ଘୋଡ଼ା—2. A horse. ୩ । ଛାଗ—3. A goat.

ଯଜ୍ଞ ପାତ୍ର—ସଂ. ବି—ଯଜ୍ଞରେ ପ୍ରୟୋଜନୀୟ ବିବିଧ ପାତ୍ର—Various
Jajña pātra vessels required for the performance of Jajña.
(ଯଜ୍ଞ ଭାଜନ, ଯଜ୍ଞ ଭାଣ୍ଡ—ଅନ୍ୟରୂପ)

ଯଜ୍ଞପାଳ—ସଂ. ବି.—(ଯଜ୍ଞ+ପାଳ ଧାତୁ+କର୍ତ୍ତୃ. ଅ)—ଯେ ଯଜ୍ଞକୁ
Jajñapāla ରାକ୍ଷସାଦିଙ୍କ ବାଧାରୁ ରକ୍ଷା କରେ—One who protects a Jajña from obstruction.
(ଯଜ୍ଞ ରକ୍ଷକ—ଅନ୍ୟରୂପ)

ଯଜ୍ଞପୁର—ଦେ. ବି—ଯାଜପୁର—A name of Jajpur.
Jajñapura
[ବି—ଅଶ୍ୱମେଧ ଯଜ୍ଞ ଏଠା କରିଥିଲେ, ତେଣୁ ଯଜ୍ଞପୁର ଆଖ୍ୟା ବୋଲାଏ ଏ ଲୋକେ । ଚନ୍ଦ୍ରାମଣି. ବନ୍ଦମାଦିତ୍ୟ ।]

ଯଜ୍ଞ ଫଳ—ସଂ. ବି—ଯଜ୍ଞ ଡମ୍ବିର (ଦେଖ)
Jajña phala Jajña dimiri (See)
(ଯଜ୍ଞ ଯୋଗ୍ୟ, ଯଜ୍ଞ ସାର—ଅନ୍ୟରୂପ)

ଯଜ୍ଞ ବରାହ—ସଂ. ବି. (ମ. ପ. ଲୋ)—ବିଷ୍ଣୁ—A name of
Jajña barāha Bishņu. [ବି—ପୁରାଣରେ କଥିତ ଅଛି ଯେ, ବିଷ୍ଣୁ ବରାହ ଅବତାର ପରେ ନିଜ ଶରୀରକୁ ତ୍ୟାଗ କଲା ବେଳେ ତାହାଙ୍କର ଭିନ୍ନ ଭିନ୍ନ ଅଙ୍ଗରୁ ଯଜ୍ଞର ସାମଗ୍ରୀମାନ ନିର୍ମିତ ହୋଇଥିଲା—ହି. ଶ]

ଯଜ୍ଞ ବଲ୍କ—ସଂ. ବି—ମୁନି ବିଶେଷ; ଯାଜ୍ଞ୍ୟବଲ୍କ୍ୟ ଋଷିଙ୍କ ପିତା—
Jajña balka Name of an ancient sage.

ଯଜ୍ଞ ବଲ୍ଲୀ(ଲ୍ଲି)—ସଂ. ବି. (ମ. ପ. ଲୋ)—ସୋମ ଲତା—The
Jajña balli(lli) moon plant; Asclepias Acida.
(ଯଜ୍ଞ ଶ୍ରେଷ୍ଠା—ଅନ୍ୟରୂପ)

ଯଜ୍ଞ ବାଟ—ସଂ. ବି—ଯଜ୍ଞ ନିମନ୍ତେ ନିର୍ବାଚିତ ଓ ଚତୁର୍ଦ୍ଦିଗରେ ବେଷ୍ଟିତ
Jajña bāţa ଭୂମି—The site selected and enclosed for the performance of a sacrifice (Apte)
(ଯଜ୍ଞ ଭୂମି, ଯଜ୍ଞସ୍ଥଳ, ଯଜ୍ଞସ୍ଥାନ, ଯଜ୍ଞ ସଂସ୍ଥାର, ଯଜ୍ଞ ମଣ୍ଡଳ—ଅନ୍ୟରୂପ)

ଯଜ୍ଞ ବାହ—ସଂ. ବି.—(ଯଜ୍ଞ+ବହ ଧାତୁ+କର୍ତ୍ତୃ. ଅ)—ଯଜ୍ଞକାରୀ
Jajñabāha ବ୍ୟକ୍ତି—A performer of sacrifice.
(ଯଜ୍ଞବ୍ରତ—ଅନ୍ୟରୂପ)

ଯଜ୍ଞ ବାହୁ—ସଂ.ବି.—(ବହୁବ୍ରୀହି; ଯଜ୍ଞ ଅଟେ ବାହୁ ଯାହାର)—ଅଗ୍ନି—
Jajña bāhu Fire.

ଯଜ୍ଞବୃକ୍ଷ—ସଂ. ବି.—୧ । ବଟବୃକ୍ଷ (ହି. ଶ.)—1. The banian
Jajña bŗuksha tree. ୨ । ବିକଙ୍କତ ଗୁଳ୍ମ—2. Flacourtia Ramontchi (plant).

ଯଜ୍ଞବେଦୀ—ସଂ. ବି—(ମ. ପ. ଲୋ)—ଯେଉଁ ବେଦୀ ଉପରେ ଯଜ୍ଞ
Jajña bedi କରାଯାଏ—The sacrificial altar.
(ଯଜ୍ଞ ବେଦିକା—ଅନ୍ୟରୂପ)

ଯଜ୍ଞଭାଗ—ସଂ. ବି—୧ । (୬ଷ୍ଠୀତତ୍)—ଯଜ୍ଞର ଅଂଶ, ଯାହା ଭିନ୍ନ ଭିନ୍ନ
Jajña bhāga ଦେବତାଙ୍କୁ ଦିଆଯାଏ—1. A share in the sacrificial offering. ୨ । (ବହୁବ୍ରୀହି)—ଯେଉଁ ଦେବତାଙ୍କୁ ଯଜ୍ଞର ଭାଗ ବା ଅଂଶ ଅର୍ପିତ ହୁଏ [ଯଥା—ଇନ୍ଦ୍ର]—2. A Deity to whom a share of the sacrificial oblations is offered.

ଯଜ୍ଞାରି—ସଂ. ବି—(୬ଷ୍ଠୀତତ୍)—୧ । ଶିବ—1. Śiba. ୨ । ରାକ୍ଷସ
Jajñāri 2. A demon.

ଯଜ୍ଞ ମଣ୍ଡପ—ସଂ. ବି.—(ମ. ପ. ଲୋ)—ଯେଉଁ ମଣ୍ଡପରେ ଯଜ୍ଞ କରାଯାଏ—
J̄ajn̄a maṇḍapa An open pavillion where a sacrifice is performed.

ଯଜ୍ଞରସ—ସଂ. ବି (ମ. ପ. ଲୋ.)—ସୋମ ରସ—
J̄ajn̄arasa The juice of the Soma plant.

ଯଜ୍ଞରାଜ—ସଂ. ବି—ଚନ୍ଦ୍ରମା (ବୃ. ସ)—
J̄ajn̄arāja The moon.

ଯଜ୍ଞଶାଳା—ଯେଉଁ ଗୃହରେ ଯାଗ ହୁଏ—
J̄ajn̄asālā A hall of sacrifice.
(ଯଜ୍ଞସଦନ, ଯଜ୍ଞମନ୍ଦିର, ଯଜ୍ଞାଗାର—ଅନ୍ୟରୂପ)

ଯଜ୍ଞଶୀଳ—ସଂ· ବିଣ ପୁଂ (ବହୁବ୍ରୀହି)—ଯେ ବାରମ୍ବାର ଯଜ୍ଞ କରେ—
J̄ajn̄asila Habituated to perform sacrifices.
ସଂ. ବି—ବ୍ରାହ୍ମଣ—A Brāhmaṇa.

ଯଜ୍ଞଶେଷ—ସଂ. ବି—ଯଜ୍ଞ ଅନୁଷ୍ଠିତ ହେବା ପରେ ଯଜ୍ଞଭୂମିରେ
J̄ajn̄asesha ରହିଥିବା ବସ୍ତୁଚୟ—The remains of a sacrifice (Apte).

ଯଜ୍ଞସଦଃ—ସଂ. ବି (ବହୁବଚନ)—ଯଜ୍ଞସ୍ଥଳରେ ସମବେତ ମନୁଷ୍ୟଗଣ
J̄ajn̄asadaḥ —A number of people assembled at a sacrifice (Apte).

ଯଜ୍ଞସମ୍ଭାର—ସଂ. ବି (୬ଷ୍ଠୀ ତତ୍)—ଯଜ୍ଞ କର୍ମରେ ଆବଶ୍ୟକୀୟ
J̄ajn̄asambhāra ବସ୍ତୁଗଣ—Materials necessary for a sacrifice.

ଯଜ୍ଞସାଧନ—ସଂ.ବି (ଯଜ୍ଞ+ସାଧ୍ ଧାତୁ+କର୍ତ୍ତୃ.ଅନ)—୧ । ଯଜ୍ଞରକ୍ଷକ—
J̄ajn̄asādhana 1. A protector of sacrifices. ୨ । ବିଷ୍ଣୁ—2. Bishṇu.

ଯଜ୍ଞସାର—ସଂ. ବି—ଡିମ୍ବିରି ଗଛ—
J̄ajn̄asāra Fig tree.

ଯଜ୍ଞସୂତ୍ର—ସଂ. ବି (ମ. ପ. ଲୋ)—ଯଜ୍ଞୋପବୀତ; ବ୍ରାହ୍ମଣ, କ୍ଷତ୍ରିୟ
J̄ajn̄a sūtra ଓ ବୈଶ୍ୟଙ୍କର ବଡ ହେବା ସମୟରୁ ସ୍କନ୍ଧରେ ଲମ୍ବାଯିବା ସୂତା—The sacred thread worn by the twice-born castes since their initiation.

ଯଜ୍ଞସେନ—ସଂ. ବି—୧ । ଦ୍ରୁପଦ ରାଜା; ଦ୍ରୌପଦୀଙ୍କ ପିତା—1. The
J̄ajn̄asena father of Draupadi. ୨ । ବିଷ୍ଣୁ (ବୃ. ଷ.)—2. Bishṇu. ୩ । ଦାନବବିଶେଷ—3. Name of a demon.

ଯଜ୍ଞାଙ୍ଗ—ସଂ. ବି (୬ଷ୍ଠୀ ତତ୍)—୧ । ଯଜ୍ଞର ଅବୟବ ବା ଆବଶ୍ୟକ
J̄ajn̄āṅga ଅଂଶ—1. The essential part of sacrificial ceremony. ୨ । ଯଜ୍ଞ ଡିମ୍ବିରି (ଗଛ) (ଦେଖ)—2. J̄ajn̄a ḍimiri (tree) (See) ୩ । ଖଦିର ବୃକ୍ଷ—3. The catechu tree. ୪ । ବ୍ରାହ୍ମଣଯଷ୍ଟିକା ଗଛ—4. Saponanthus Indica. ୫ । ସୋମଲତା—5. The Soma creeper. ୬ । ବିଷ୍ଣୁ—6. A name of Bishṇu.

ଯଜ୍ଞାତ୍ମା—ସଂ ବି—ବିଷ୍ଣୁ—Bishṇu.
J̄ajn̄ātmā (ଯଜ୍ଞାତ୍ମନ—ଅନ୍ୟରୂପ)

ଯଜ୍ଞିକ—ସଂ. ବି (ଯଜ୍ଞ+ଇକ)—୧ । ପଳାଶ ଗଛ—1. The
J̄ajnika Butea Frondosa tree. ୨ । ଦ୍ୱାପରଯୁଗ—2. The 3rd cycle or age of the Hindus. ୩ । ଯଜ୍ଞର ପ୍ରସାଦରୁ ପ୍ରାପ୍ତ ପୁତ୍ର (ବୃ. ଷ.)—3. A son begotten as the result of a sacrifice.

ଯଜ୍ଞିୟ—ସଂ. ବିଣ (ଯଜ୍ଞ+ହିତାର୍ଥେ ଇୟ)—୧ । ଯଜ୍ଞ ସମ୍ବନ୍ଧୀୟ—
J̄ajn̄iya 1. Sacrificial (Apte). ୨ । ପବିତ୍ର—2. Holy (Apte). ୩ । ପୂଜ୍ୟ—3. Adorablt (Apte). ୪ । ପୁଣ୍ୟାତ୍ମା—4. Pious; devoue (Apte). ସଂ. ବି—୧ । ଦେବତା—1. A god; Deity (Apte). ୨ । ଦ୍ୱାପରଯୁଗ—2. The 3rd or Dwāpara J̄uga.

ଯଜ୍ଞୀୟ—ସଂ. ବିଣ (ଯଜ୍ଞ+ସମ୍ବନ୍ଧାର୍ଥେ ଈୟ)—୧ । ଯଜ୍ଞ ସମ୍ବନ୍ଧୀୟ—
J̄ajn̄iya 1. Sacrificial. ୨ । ଯଜ୍ଞ ଡିମ୍ବିରି (ଦେଖ) 2. J̄ajn̄a ḍimiri (See) ସଂ. ବି—ଡିମ୍ବିରି ଗଛ (ବୃ. ଷ.)—Fig tree.

ଯଜ୍ଞେଶ—ସଂ. ବି—ବିଷ୍ଣୁ—Bishṇu.
J̄ajn̄esa (ଯଜ୍ଞେଶ୍ୱର—ଅନ୍ୟରୂପ)

ଯଜ୍ଞୋଡୁ(ଡୁ)ମ୍ବର—ସଂ. ବି—ଯଜ୍ଞ ଡିମ୍ବିରି (ଦେଖ)
J̄ajn̄oḍu(ḍu)mbara J̄ajn̄a ḍimiri (See)

ଯଜ୍ଞୋପବୀତ—ସଂ. ବି (ମ. ପ. ଲୋ; ଯଜ୍ଞଦ୍ୱାରା ସଂସ୍କୃତ ଉପବୀତ)—
J̄ajn̄opabita ଯଜ୍ଞସୂତ୍ର (ଦେଖ)—J̄ajn̄asūtra (See)

ଯଜ୍ଞୋପବୀତୀ—ସଂ. ବି. ପୁଂ (ଯଜ୍ଞୋପବୀତ+ଇନ୍ ୧ମା. ୧ବ)—
J̄ajn̄opabiti ପଇତାଧାରୀ ବ୍ରାହ୍ମଣ—A Brāhmaṇa wearing the sacred thread.

ଯଜ୍ୟ—ସଂ. ବିଣ (ଯଜ୍ ଧାତୁ+କର୍ମ. ଯ)—ପୂଜନୀୟ—
J̄ajwa Adorable (Apte).
ସଂ. ବି (+ଭାବ. ଯ)—୧ । ପୂଜାକର୍ମ—1. Worshipping (Apte). ୨ । ଯଜ୍ଞ—2. A sacrifice (Apte).

ଯଜ୍ୱନାଂ ପତି—ସଂ ବି—ନିଶାନାଥ; ଚନ୍ଦ୍ର; ସୋମ—
J̄ajjwanaṁ pati The moon.

ଯଜ୍ୱା—ସଂ. ବି. ପୁଂ (ଯଜ ଧାତୁ+କର୍ତ୍ତୃ. ବନ୍; ୧ମା. ୧ବ]—
J̄ajwā ୧ । ଯାଜ୍ଞିକ, ବେଦବିଧାନାନୁସାରେ ଯାଗକର୍ତ୍ତା—
[ଯଜ୍ୱରୀ—ସ୍ତ୍ରୀ] 1. A performer of J̄ajn̄a according to the vedic rules. ୨ । [ଭାବ+ବନ୍] ପୂଜା—2. Worshipping (Apte). ୩ । [+ ଅଧିକରଣେ ବନ୍] ଯଜ୍ଞ—3. A sacrifice (Apte). ୪ । (+କର୍ତ୍ତୃ.ବନ୍)—ବିଷ୍ଣୁ—4. Bishṇu (Apte). ସଂ. ବିଣ. ପୁଂ—୧ । ଯଜ୍ଞକାରୀ—1. Sacrificing. ୨ । ପୂଜାକାରୀ—2. Worshipping.

ଯଜ୍ୟ—ସଂ. ବିଣ (ଯଜ ଧାତୁ + କର୍ମ. ଯ)— ଯଜନ କରିବା ଯୋଗ୍ୟ
Jajya —Fit to be sacrificed. ୨ । ପୂଜନୀୟ—2. Adorable

ଯଜ୍ୟୁ—ସଂ. ବିଣ (ଯଜ ଧାତୁ + କର୍ତ୍ତୃ. ଯୁ)—୧ । ଧାର୍ମିକ; ଦେଶ୍ୟାତ୍ମା
Jajyu —1. Pious; devout (Apte). ୨ । ପୂଜାକାଙ୍କ୍ଷୀ—2. Worshipping (Apte).
ବି—୧ । ଯଜୁର୍ବେଦୀ ବ୍ରାହ୍ମଣ (ହି. ଶ)—1. A Brāhmaṇa studying the Jajurbeda ୨ । ଯଜୁର୍ବେଦଜ୍ଞ ପୁରୋହିତ—2. A priest familiar with the Jajurbeda (Apte). ୩ । ଯଜମାନ (ହି. ଶ)—3. A perfomer of sacrifices.

ଯଞ୍ଜ(ଞ୍ଜି)ର(ରା, ରି) (ଇତ୍ୟାଦି)—ଦେ. ବି—ଜଞ୍ଜିର ଇତ୍ୟାଦି (ଦେଖ)
Janja(nji)ra(rā, ri) (etc) Janjira etc (See)

ଯତ୍—ସଂ. ସର୍ବନାମ (ସଂ ଯଦ୍‌ଶବ୍ଦ ୧ମା. ୧ବ. ନପୁଂ)—ଯେ; ଯେଉଁ; ଯାହା—Which; what. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ, ଯଥା—ଯତ୍‌କିଞ୍ଚିତ୍, ଯତ୍‌କାଳ । ଏହାର ସହଯୋଗୀ ଶବ୍ଦ ତତ୍=ତାହା, ସେ ।]
Jat

ଯତ୍—ଦେ. ବି (ସଂ. ଯତି)— ସଙ୍ଗୀତର ତାଳ ବିଶେଷ—
Jat A sort of beating time in music.

ଯତୁ (ଧାତୁ)—ସଂ—୧ । ଚେଷ୍ଟା କରିବା; ଯତ୍ନ କରିବା—1. To
Jat (root) try; to endeavour; to strive after. ୨ । ମନସ୍ଥ କରିବା—2. To resolve. ୩ । ଯାତନା ଦେବା, ଉତ୍ପୀଡ଼ନ କରିବା—3. To afflict. ୪ । ପ୍ରହାର କରିବା—4. To beat; to assault. ୫ । ଆଦେଶ କରିବା—5. To order. ୬ । ସଂଗ୍ରହ କରିବା—6. To collect. ୭ । ନିର୍ମାଣ କରିବା—7. To make. ୮ । ନିବାରଣ କରିବା— 8. To prevent. ୯ । ଅପନୋଦନ କରିବା— 9. To remove ୧୦ । ଫେରାଇ ଦେବା—10 To return. ୧୧ । ବଦଳ କରିବା—11. To barter or exchange. ୧୨ । ଶୋଧନ କରିବ —12. To purify. ୧୩ । ପରିଶ୍ରମ କରିବା— 13. To labour ୧୪ । ଆକାଂକ୍ଷା କରିବା— 14. To long for. ୧୫ । ଉତ୍କଣ୍ଠିତ ହେବା— 15. To be anxious for. ୧୬ । ସାବଧାନ ହେବା—16. To be watchful; to be cautious.

ଯତ୍‌କତ୍—ପ୍ରାଦେ (ସମ୍ବଲପୁର) ବି. ବିଣ (ସଂ. ଯତ୍ର ଓ ତତ୍ର)—ଏଣେ
Jat-kat ତେଣେ, ଯହିଁ ତହିଁ—Here and there; anywhere. [ଯଥା—ସେ ଯତ୍‌କତ୍ ବୁଲୁଛେ ।]

ଯତ୍‌କାଳ—ସଂ. ବି—ଯେଉଁ ସମୟ—
Jat-kāla Which time.

ଯତ୍‌କିଞ୍ଚିତ—ସଂ. ସର୍ବନାମ—୧ । ଅତି ସାମାନ୍ୟ ପରିମିତ—
Jat-kinchit 1. Very little in quantity. ୨ । ଅତି ତୁଚ୍ଛ—2. Very negligible.

ଯତ୍‌କ୍ଷଣ—ସଂ. ବି—ଯେଉଁକ୍ଷଣ—
Jat-kshana Which moment.

ଯତ୍‌ପରୋନାସ୍ତି—ସଂ. ବିଣ (ଯତ୍=ଯାହାଠାରୁ + ପରଃ=ଶ୍ରେଷ୍ଠ + ନାସ୍ତି=ନାହିଁ)—ଯାହାଠାରୁ ବଳ
Jat-paronāsti ଅଧିକ ନାହିଁ; ଅତ୍ୟଧିକ—Very much (literally, beyond which not). [ଯଥା—ମୁଁ ଯତ୍‌ପରୋନାସ୍ତି ପରିଶ୍ରମ କରୁଅଛି ।]

ଯତ୍‌ସମୟ—ସଂ. ବି—ଯେଉଁ ସମୟ—
Jat-samaya Which time.

ଯତ୍‌ସକାଶାତ୍—ସଂ ଅ—ଯାହାଠାରୁ—From whom. ଦେ.ଅ—
Jat-sakāsāt ଯେଉଁ କାରଣରୁ—From which cause;
यत्कारणसे जीसकारणसे on account of which.

ଯତ୍ ସାମାନ୍ୟ—ସଂ. ବିଣ—୧ । ଅତି ସାମାନ୍ୟ—1. Very slight.
Jat-sāmānya ୨ । ଅତି କ୍ଷୁଦ୍ର—2. Very little. ୩ । ନଗଣ୍ୟ—3. Insignificant.

ଯତ୍ ସାୟଂଗୃହ—ସଂ. ବିଣ. ପୁଂ—ଯାହିଁ ଯାଉଁ ବାଟରେ ଯେଉଁଠାରେ
Jat-sāyamgruha ସନ୍ଧ୍ୟା ହୁଏ ଯାଏ, ସେଠାରେ ସେ ରହେ —One who stops at a place on the road where evening overtakes him.
(ଯତ୍ ସାୟଂଗୃହା—ସ୍ତ୍ରୀ)

ଯତ—ଗ୍ରା. ବି. (ସଂ. ଯତ୍ନ)—ଯତ୍ନ (ଦେଖ)—Care (see). ବିଣ—
Jata **ବଙ୍ଗ ଜତନ** ସୁନ୍ଦର—Graceful.
सुन्दर (ଯଥା—ସେ ଯତ୍ନ କରି ମୁଣ୍ଡରେ ଖୋସାଟିଏ ପାରିଛି ।)
खुबसुरत ସଂ. ବିଣ. (ଯମ୍ ଧାତୁ + କର୍ମ. ତ)—୧ । ସଂଯତ, ବଦ୍ଧ—1. Tied; bound. ୨ । ନିୟମିତ; ନିୟନ୍ତ୍ରିତ-2. Restrained; controlled; regulated. ୩ । ପରିମିତ—3. Limited; moderate (Apte) ୪ । ଶାସିତ; ବଶରୁ ଅଧୀନ—4. Governed; controlled. ସଂ. ବି. (ଯମ୍ ଧାତୁ + ଭାବ. ତ)—ସଂଯମ—Restraint; control. [ଦ୍ର—ଯତ ଯତ ଦୟା ଶାନ୍ତି ମନ୍ଦ ସନ୍ମାନ, ଛାୟା ଯେ ଅବାଡ଼ କୋଏ ସମାଧି ସାଧନ । ପ୍ରାଚୀ—ଶ୍ରୀକୃଷ୍ଣଭକ୍ତି. ଗୀତା ।] ସଂ. ବି—ପଦ ଦ୍ୱାରା ଗଜ ତାଡ଼ନ—Goading an elephant by the rider's feet

ଯତଃ—ସଂ. ଅ (ଯଦ୍ + ତସ୍)—୧ । ଯେହେତୁ—1. Whereas.
Jatah because; as. ୨ । ସୁତରାଂ—2. Hence ୩ । ଯେତେବେଳେ—3. When. ୪ । ଯେପରି—4. How. ୫ । ଯେଉଁଠାରୁ; ଯେଉଁ ସ୍ଥାନରୁ—5. From which place. ୬ । ଯାହାଠାରୁ; ଯେଉଁ ବ୍ୟକ୍ତିଠାରୁ—6. From which person. ୭ । ଯେଉଁ କାରଣରୁ—7. From which cause; where-

fore; in consequence of which. ୮ । ଯେଉଁ ସମୟରୁ—8. From which time forward, ever since.

ଯତ ଚିତ୍ତ—ସ. ବିଣ. ପୁଂ (ବହୁବ୍ରୀହି; ଯତ+ଚିତ୍ତ)—ଯେ ଆପଣାର Jata chitta ଚିତ୍ତକୁ ସଂଯତ ବା ବଶୀଭୂତ କରିଅଛି—One who has controlled his mind or feelings; subdued in mind.
(ଯତ ମାନସ—ଅନ୍ୟରୂପ)
(ଯତ ଚିତ୍ତା, ଯତ ମାନସା—ସ୍ତ୍ରୀ)

ଯତ ଚେତାଃ—ସ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ଯତ+ଚେତସ୍, ୧ମା. Jata chetāḥ ୧ବ)—ଯତ ଚିତ୍ତ (ଦେଖ)—Jata chitta (See)
(ଯତମନାଃ—ଅନ୍ୟରୂପ)

ଯତନ—ସ. ବି. (ଯତ ଧାତୁ+ଭାବ. ଅନ)—୧ । ପ୍ରଚେଷ୍ଟା; Jatana ଉଦ୍ୟୋଗ; ଉଦ୍ୟମ—1. Endeavour; effort. ୨ । ପରିଶ୍ରମ—2. Exertion; labour. ୩ । ଯତ୍ନ; ପ୍ରଯତ୍ନ—3. Care. (ଉ—ଅଣିଥିଲୁ ଭାବ କେତେ କଥା ଘନପ୍ରଗ୍ରା ସୁନ ଗନ୍ତା ଅତି ଯତନେ ସତାଭ୍ରତରେ । କବିସୂର୍ଯ୍ୟ, ସଙ୍ଗୀତ ।) ୪ । ସାବଧାନତା; ହୁସିଆରି—4. Caution. ଦେ. ବି—ଉପାୟ; ଫିକର—Means. (ଉ—ନୂତନବୟସୀ ଜିଣିବା ଯତନ ଭୁ ନ ଜାଣୁ ପଢ଼ିଲେ । କବିସୂର୍ଯ୍ୟ, ସଙ୍ଗୀତ ।) ଦେ. ବିଣ—୧ । ସୁନ୍ଦର 1. Beautiful; graceful. (ଉ—ଦଶିବ ଧରାଧର ଶୋଭା ଯତନ—ରାଧାନାଥ. ମେଘଦୂତ ।) ୨ । ସୁଠାମ—2. Symmetrical. (ଉ—ଅଣିଛନ୍ତି ବନ୍ଧେ, ହୋଇଛି ସେ ଯତନ । ବୃନ୍ଦାବିତ. ମହାଭାରତ. ସଭା ।)
ଯତନ — उपाय — सुन्दर — खुबसुरत

ଯତନା(କେ)ଇବା—ଦେ. କ୍ରି—ଯତ୍ନ ପୂର୍ବକ ରଖିବା; ସାଇତିବା— Jatanā(ne)ibā To preserve with care.

ଯତନୀୟ—ସ. ବିଣ. (ଯତ୍ ଧାତୁ+କର୍ମ. ଅନୀୟ)—ଚେଷ୍ଟିତବ୍ୟ— Jataniya To be endeavoured; worth trying; triable.

ଯତବାକ୍—ସ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—୧ । ବାକ୍ୟରେ ସଂଯମ Jatabāk ଅବଲମ୍ବନକାରୀ—1. Restraining one's speech. ୨ । ମୌନାବଲମ୍ବୀ—2. Reticent; observing silence;

ଯତ ବ୍ରତ—ସ. ବିଣ. ପୁଂ. (ବହୁବ୍ରୀହି)—୧ । ଦୃଢ଼ବ୍ରତ—1. Per. Jata brata severing; observing vows. ୨ । ଯଥାକ୍ରମ ନିତ୍ୟ ନୈମିତ୍ତିକ କ୍ରିୟାକର୍ମରେ ରତ—2. Firm in the observance of daily rites.
(ଯତବ୍ରତା—ସ୍ତ୍ରୀ)

ଯତମ—ସ. ବିଣ. ପୁଂ. (ଯଦ୍+ବହୁ ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥ Jatama ତମ)—ଏମାନଙ୍କ ମଧ୍ୟରୁ ଯେଉଁଟି—Who or which one of all these.
(ଯତମା—ସ୍ତ୍ରୀ)

ଯତମାନ—ସ. ବିଣ. ପୁଂ (ଯତ୍ ଧାତୁ+କର୍ତ୍ତୃ. ଆନ)—୧ । ଚେଷ୍ଟା Jatamāna କରୁଥିବା—Trying; endeavouring.
(ଯତମାନା—ସ୍ତ୍ରୀ)

ଯତ ମୈଥୁନ—ସ. ବିଣ. ପୁଂ (ଯତ+ମୈଥୁନ, ବହୁବ୍ରୀହି)— Jata maithuna ୧ । ସହବାସବିମୁଖ—1. Averse or disinclined to sexual intercourse. ୨ । ସହବାସ ସମ୍ବନ୍ଧେ ସଂଯତ—2. Abstemious in sexual intercourse.
(ଯତ ମୈଥୁନା—ସ୍ତ୍ରୀ)

ଯତର—ସ ବିଣ. ପୁଂ (ଯଦ୍+ଦୁଇ ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥେ ତର) Jatara ଏ ଦୁହିଙ୍କ ମଧ୍ୟରୁ ଯେଉଁଟି—Who or which of the two.
(ଯତରା—ସ୍ତ୍ରୀ)

ଯତର କତର—ଦେ. ଅ—ଯତ୍ର କତ୍ର (ଦେଖ) Jatara katara Jatra katra (See) ପ୍ରାଦେ. (ସମ୍ବଲପୁର) ବି—ଦ୍ୱିଧାଭାବ—Hesitation.

ଯତର କତର କରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଦ୍ୱିଧା କରିବା— Jatara katara karibā To hesitate.

ଯତର ତତର—ପ୍ରାଦେ. (ସମ୍ବଲପୁର)ଅ—ଯତ୍ର ତତ୍ର (ଦେଖ) Jatara tatara Jatra tatra (See) ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—ଦ୍ୱିଧା କରଣ— Hesitancy.

ଯତସ୍ତତଃ—ସ. ଅ. (ଯତଃ+ତତଃ)—୧ । ଯେ କୌଣସି ସ୍ଥାନରୁ— Jatastatah 1. From which place soever. from any quarter whatever. ୨ । ଯେ କୌଣସି ବ୍ୟକ୍ତିଠାରୁ—2. From any person whatever. ୩ । ଯେ କୌଣସି ସ୍ଥାନରେ—3. Anywheresoever. ୪ । ସବୁ ଦିଗରେ; ଚାରିଆଡ଼େ—4 On all sides. ୫ । ଯେ କୌଣସି ଦିଗରେ—5. In any direction.

ଯତାତ୍ମା—ସ. ବିଣ. ପୁଂ (ଯତ+ଆତ୍ମନ୍ ଯାହାର; ବହୁବ୍ରୀହି; Jatātmā ୧ମା. ୧ବ)—ଯତଚିତ୍ତ (ଦେଖ)—Jata chitta (See)

ଯତାହାର—ସ. ବିଣ. ପୁଂ (ଯତ+ଆହାର, ବହୁବ୍ରୀହି)—ପରିମିତ- Jatāhāra ଭୋଜୀ; ଖାଇବା ବିଷୟରେ ସଂଯତ—Abstemious; temperate or moderate in eating.
(ଯତଭୋଜନ—ଅନ୍ୟରୂପ)
(ଯତାହାରା, ଯତଭୋଜନା—ସ୍ତ୍ରୀ)

ଯତି—ସ. ବି. [ଯତ୍ ଧାତୁ=(ମୋକ୍ଷ ପାଇ) ଯତ୍ନ କରିବା+କର୍ତ୍ତୃ. ଇ] Jati —୧ । ଯମୀ; ଜିତେନ୍ଦ୍ରିୟ ବ୍ୟକ୍ତି; ତପସ୍ୱୀ; ମୁନି—1. A sage; an ascetic; one who has controlled his passions. ୨ । ସଂସାରତ୍ୟାଗୀ ସନ୍ନ୍ୟାସୀ; ତ୍ୟାଗୀ-ଯୋଗୀ—2. An anchorite who has renounced the world; a recluse. [ଦ୍ର—ମନୁସଂହିତାର ଷଷ୍ଠ ଅଧ୍ୟାୟରେ ଯତି ଧର୍ମ ବର୍ଣ୍ଣିତ ହୋଇଅଛି । ଯଥା—ଅହିଂସା, ସତ୍ୟ, ଅସ୍ତେୟ (ଚୌର୍ଯ୍ୟାଭାବ), ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ (ଭିକ୍ଷାପରି) ଏହି ୫ ଗୋଟି 'ଯମ' ଯାହାର ଅଛି ସେ ଯମୀ ବା ଯତି ।] ୩ । ବ୍ରହ୍ମଚାରୀ—3. A person observing continence

୪ । ଭିକ୍ଷୁ; ପରିବ୍ରାଜକ—4. An itinerant mendicant. ୫ । (ଯମ ଧାତୁ+ଭାବ. ତି) ନିବୃତ୍ତି—5. Cessation. ୬ । ଦମନ—6. Restraining; controlling; checking. ୭ । (ଯମ ଧାତୁ+ଅଧିକରଣ. ତି) ଛନ୍ଦର ବା ଶ୍ଲୋକର ମଧ୍ୟରେ ଜିହ୍ୱାର ବିଶ୍ରାମ ସ୍ଥାନ; ପାଠ ବିଚ୍ଛେଦ—7. A stop or rest; a pause in poetry or metre; the caesura; a harmonious pause which takes place during the recitation of a verse.

[ଦ୍ର—ଉଦାହରଣ ସ୍ୱରୂପ—ନଅ ଅକ୍ଷରଅ ଓଡ଼ିଆ ଭାଗବତର ଛାନ୍ଦରେ ୩ ଅକ୍ଷର ପରେ ଯତିପାତ, ପରେ ୬ ଅକ୍ଷର ପରେ ଯତିପାତ ହୁଏ ।

ଶୁଣ ହେ—ରାଜା—ପରୀକ୍ଷିତ
କହିବି—ମୁହିଁ—ଭାଗବତ ।

କିନ୍ତୁ ଏହି ୯ ଅକ୍ଷରକୁ ଯଦି ଏହି ରୂପେ ରଚନା କରାଯିବ :—

ପରୀକ୍ଷିତ ରାଜା ହେ ଶୁଣ
ଭାଗବତ କହିବି ଜାଣ,

ତେବେ ନିର୍ଦ୍ଦିଷ୍ଟ ସ୍ଥଳରେ ଯତି ନ ପଡ଼ି

ପରୀକ୍ଷି—ତରା—ଜାହେ ଶୁଣ
ଭାଗବ—ତକ—ହିବ ଜାଣ, ହେବ ।

ଏଥିରେ ଯତିଭଙ୍ଗ ଦୋଷ ଘଟି ଏହା କାନକୁ ଭାରି କର୍କଶ ଲାଗିବ ।

ସଂସ୍କୃତ ପଦ୍ୟରେ ହ୍ରସ୍ୱ ଦୀର୍ଘ ସ୍ୱର ଅନୁସାରେ ଯତିପାତର ନିୟମ ଥିବାରୁ ସଂସ୍କୃତ ପଦ୍ୟ ରଚନା କରିବା କଷ୍ଟକର । ଓଡ଼ିଆରେ ପଦ୍ୟରେ ହ୍ରସ୍ୱ ଦୀର୍ଘର ବାରଣ ରହୁ ନ ଥିବାରୁ "ସଜନୀ ଗଛ ମୂଳେ ଲୁଚିଲେଇଲ ପାଉଁଶ" ଭଳି ପଦ୍ୟ ରଚନା କରିବା ବଡ଼ ସହଜ ହୋଇ ପଡ଼ିଅଛି ।]

୮ । ବିଧବା—8. A widow. ୯ । ଅକ୍ଷର—9. Syllable. ୧୦। ଅନୁଭୂତି—10. Experience conception. ୧୧ । ଘନ ନାମକ ତାଳ; କିମ୍ପା ତାଳର ପ୍ରକାରାନ୍ତର—11. Name of a musical measure. [ଦ୍ର—ଏହାର ମାତ୍ରା ସଂଖ୍ୟା ୧୪ ଓ ତାହା ୪ ପଦରେ ବିଭକ୍ତ । ପ୍ରଥମ ପଦରେ ୩ ମାତ୍ରା, ଦ୍ୱିତୀୟ ପଦରେ ୪, ତୃତୀୟ ପଦରେ ୩, ଓ ଚତୁର୍ଥ ପଦରେ ୪; ଦୁଇଟି ଦ୍ରୁତ ତାଳ ପରେ ୨ଟି ଲଘୁ ବା ୨ଟି ଲଘୁ ପରେ ୨ଟି ଦ୍ରୁତ ତାଳ ହୋଇଥାଏ ।] ୧୨ । ବ୍ରହ୍ମାଙ୍କର ଏକ ପୁତ୍ର (ଭାଗବତ) (ହି. ଶ.)—12. Name of a son of Brahmā. ୧୩ । ନହୁଷଙ୍କ ଏକ ପୁତ୍ର (ମହାଭାରତ) [ହି. ଶ]—13. Name of a prince, son of King Nahūsha.

ଯତିତବ୍ୟ—ସଂ. ବିଣ—(ଯତ୍ ଧାତୁ+କର୍ମ. ତବ୍ୟ)—ଚେଷ୍ଟନୀୟ—
J̄atitabya Triable; fit to be endeavoured for.

ଯତି ଚିହ୍ନ—ଦେ. ବି.—ପାଠ କରିବା ସମୟରେ ଉଚ୍ଚାରଣର ବିଚ୍ଛେଦ-
J̄ati chihna ସୂଚକ ଲେଖାର ବିରାମାର୍ଥ ବ୍ୟବହୃତ ଚିହ୍ନ (ଯଥା ଅଧୁନା ବ୍ୟବହୃତ କମା(,) ସେମିକୋଲନ (;) କୋଲନ୍ (:) ଓ ପୂର୍ଣ୍ଣଚ୍ଛେଦ (.) ବା (।); ପ୍ରଶ୍ନସୂଚକ ଚିହ୍ନ (?); ସମ୍ବୋଧନାଦ (!); ଉଦ୍ଧାର ଚିହ୍ନ (" "); ଡାସ୍ ଚିହ୍ନ (—); ବନ୍ଧନୀ ଚିହ୍ନ ( ) { } [ ] ବର୍ଣ୍ଣଲୋପ ଚିହ୍ନ ('); ଉଦାହରଣ ଚିହ୍ନ (;—) ବା (:—)—Signs of stops used in writing, as comma, fullstop, semicolon etc

ଯତିତ—ସଂ. ବିଣ.—(ଯତ ଧାତୁ+କର୍ମ. ତ)—ଯାହା ଚେଷ୍ଟା କରାଯାଇଅଛି—
J̄atita Attempted; striven after.

ଯତିତ୍ୱ—ସଂ. ବି.—(ଯତି+ଭାବରେ ତ୍ୱ)—୧ । ଯତିର ଧର୍ମ, ଭାବ ବା
J̄atitwa କର୍ମ—1. The conduct, state or act of a J̄ati. ୨ । ବ୍ରହ୍ମଚର୍ଯ୍ୟ—2. Continence.

ଯତିଧର୍ମ—ସଂ. ବି—ଯତିର କର୍ତ୍ତବ୍ୟ ନିୟମମାନ—The rules to be
J̄ati dharma observed by an ascetic.

[ଦ୍ର—ଏହି ନିୟମଗୁଡ଼ିକ ଯଥା—ପ୍ରାଣଧାରଣ ପାଇଁ ଭିକ୍ଷା ବୃତ୍ତି, ନିର୍ଜନ ପ୍ରଦେଶରେ ଅବସ୍ଥାନ, ଇନ୍ଦ୍ରିୟ ନିରୋଧ ବା ବ୍ରହ୍ମଚର୍ଯ୍ୟ, ପୂରକ, କୁମ୍ଭକ, ରେଚକ ବିଧି ଅନୁସାରେ ପ୍ରାଣାୟାମ, ପରଂବ୍ରହ୍ମଙ୍କ ଧ୍ୟାନ, ଅହିଂସା, ନିର୍ଲୋଭ, ନିସ୍ପୃହା, ଅନାସକ୍ତି, ମାନାପମାନ, ସୁଖ ଦୁଃଖ ଓ ଶୀତୋଷ୍ଣାଦିରେ ସମାନ ଦୃଷ୍ଟି । (ମନୁସଂହିତା ୬ଷ୍ଠ ଅଧ୍ୟାୟ ।)]

ଯତିନୀ—ସଂ. ବି. ସ୍ତ୍ରୀ—(ଯତ୍ ଧାତୁ+ଇନ୍+ସ୍ତ୍ରୀ· ଈ)—୧ । ବିଧବା—
J̄atinī 1. A widow (Apte) ୨ । ସନ୍ନ୍ୟାସିନୀ—2. A female recluse.

ଯତି ପଡ଼ିବା—ଦେ. କ୍ରି.—୧। ପଦ୍ୟର ସ୍ଥାନବିଶେଷରେ ଉଚ୍ଚାରଣର
J̄ati padibā ବିଶ୍ରାମ ଘଟିବା—1. The happening of pauses in a poem. ୨ । (ଲକ୍ଷଣାର୍ଥ) ଦୁଇ ଜଣଙ୍କ ମନର ମେଳ ବା ଐକ୍ୟ—Agreement between two persons.

ଯତି ପାତ—ସଂ. ବି.—(୬ଷ୍ଠୀ ତତ୍) ପଦ୍ୟାବୃତ୍ତି କରିବା ସମୟରେ
J̄ati pāta ଯେଉଁ ଯେଉଁ ଠାରେ ଟିକିଏ ଟିକିଏ ବିଶ୍ରାମ କରିବାକୁ ହୁଏ—The pauses made at intervals while singing or reciting a poem.

ଯତିପାତ ଦୋଷ—ସଂ. ବି—ଛନ୍ଦୋଦୋଷ ବିଶେଷ; ଛନ୍ଦୋବଦ୍ଧ
J̄atipāta dosha ରଚନାରେ ଅଧିକାକ୍ଷର ବା ନ୍ୟୂନାକ୍ଷର ଯୋଗୁ (ଯତି ଭଙ୍ଗ ଦୋଷ, ଯତିଦୋଷ—ଅନ୍ୟରୂପ) କିମ୍ବା ଦୀର୍ଘସ୍ୱର ସ୍ଥଳରେ ହ୍ରସ୍ୱ ଓ ହ୍ରସ୍ୱ ସ୍ଥଳରେ ଦୀର୍ଘ ସ୍ୱର ପ୍ରୟୋଗ ଯୋଗୁଁ ନିର୍ଦ୍ଦିଷ୍ଟ ସ୍ଥାନରେ ଯତିପାତ ନ ହେବା ରୂପ ରଚନାଦୋଷ—A defect in the composition of a poem which consists in the pauses not being properly punctuated.

ଯତି ଯମକ—ସଂ. ବି—ଯମକ ବିଶେଷ—
Jati jamaka ; A kind of alliteration.
[ଉ—ଭୁବଳୟ ଯୋଷାଭୂଷା ଭୁବଳୟ ନେତ୍ରୀ, ଶୁବଳୟ-ଶୋଭୀ ସୁବଳୟ କେଳ ପାଣୀ । ଭଞ୍ଜ—ପ୍ରେମମଞ୍ଜରୀ ।]

ଯତୀ—ସଂ. ବି. ପୁଂ (ଯତ୍ ଧାତୁ+କର୍ତ୍ତୃ ଇନ୍)—
Jatī १ । ଜିତେନ୍ଦ୍ରିୟ ମୁନି—1. A sage of subdued passions. ୨ । ସନ୍ନ୍ୟାସୀ—2. An ascetic.

ଯତୀନ୍ଦ୍ର—ସଂ. ବି. (୭ମୀ ତତ୍, ଯତି+ଇନ୍ଦ୍ର)—ପ୍ରଧାନ—ଯତି
Jatīndra Chief amongst anchorites.
(ଯତୀଶ, ଯତିଶ୍ରେଷ୍ଠ—ଅନ୍ୟରୂପ)

ଯତୁକା—ସଂ. ବି—ଚକମର୍ଦ୍ଦ ଗଛ (ବୃ. ଶ.)—
Jatuka Cassia Tora (tree).

ଯତେନ୍ଦ୍ରିୟ—ସଂ. ବିଣ. ପୁଂ (ବହୁବ୍ରୀହି; ଯତ+ଇନ୍ଦ୍ରିୟ)—ଯେ ଇନ୍ଦ୍ରିୟ-
Jatendriya ମାନଙ୍କୁ ସଂଯତ କରିଅଛି—One who has
(ଯତେନ୍ଦ୍ରିୟା—ସ୍ତ୍ରୀ) subdued his passions.

ଯତ୍କାରଣ—ସଂ. ବି—ଯେଉଁ କାରଣ—Which cause.
Jatkāraṇa

ଯତ୍କାରଣରୁ—ଦେ. ଅ. (ସଂ. ଯତ୍କାରଣାତ୍)—୧ । ଯେଉଁ କାରଣରୁ
Jatkāraṇaru 1. Wherefore. ୨ । ଯେହେତୁ—2 Because.

ଯତୋଧର୍ମ୍ମସ୍ତତୋଜୟଃ—ସଂ ପ୍ରବଚନ—ଧର୍ମ୍ମବାନ୍ ପ୍ରାଣୀ ସର୍ବଦା ଜୟ-
Jatodharmmastatojayaḥ ଲାଭ କରେ—Victory follows righteousness.

ଯତ୍ତ—ସଂ. ବିଣ. ପୁଂ (ଯତ୍ ଧାତୁ+କର୍ତ୍ତୃ. କ୍ତ)—୧ । ଚେଷ୍ଟା କରୁଥିବା;
Jatta ପ୍ରଯତ୍ନ ବିଶିଷ୍ଟ—1. Exerting (Apte). ୨ । ଯତ୍ନ-
(ଯତ୍ତା—ସ୍ତ୍ରୀ) ନେଉଥିବା—2. Taking care (Apte). ୩ । ପ୍ରସ୍ତୁତ; ଉଦ୍ୟତ—3. Prepared; ready (Apte). ୪ । ଯେ ସଂକଳ୍ପ କରିଅଛି—4. Resolved (Apte). ୫ । (+କର୍ମ.ବା) ଯାହା ପ୍ରତି ଯତ୍ନ କରା ଯାଇଅଛି—5. Cared for; attended to (Apte).

ଯତ୍ନ—ସଂ. ବି (ଯତ୍ ଧାତୁ+ଭାବ. ନ)—୧ । ଚେଷ୍ଟା; ଉଦ୍ୟୋଗ;
Jatna ପ୍ରଯତ୍ନ—1. Endeavour; effort; care. ୨ । ଉଦ୍ୟମ; ପରିଶ୍ରମ—2. Exertion. ୩ । ଅଧ୍ୟବସାୟ—3. Perseverance; diligence. ୪ । ଆଦର; ମନୋଯୋଗ—4. Careful attention; fondness. ୫ । ସତର୍କତା; ସାବଧାନତା—5. Watchfulness; vigilance. ୬ । ଆଗ୍ରହ—6. Zeal. ୭ । କଷ୍ଟ ସ୍ୱୀକାର—7. Taking pains or trouble.
ଦେ. ବି.—୧ । ରୋଗୀର ସେବା ଶୁଶ୍ରୂଷା—
यत्न, যত্ন 1. Taking care of a sick person. ୨ । ଚିକିତ୍ସା—2. Medical treatment. ୩ । ତତ୍ତ୍ୱାବଧାନ—3. Looking after a thing. ୪ । ଉପାୟ—4. Means.

ଯତ୍ନ କରିବା—ଦେ. କ୍ରି—ଉଦ୍ୟମ କରିବା; ଚେଷ୍ଟା କରିବା—
Jatna karibā To try; to endeavour. [ଯଥା—
यत्नकरा, যত্নকরনা ଯତ୍ନ କଲେ ରତ୍ନ ମିଳେ—ଲୋକ ।]

ଯତ୍ନତଃ—ସଂ. କ୍ରି ବିଣ (ଯତ୍ନ+ତସ୍)—୧ । ବିଶେଷ ଯତ୍ନ କରି—
Jatnataḥ 1. Carefully. ୨ । ବହୁ ଚେଷ୍ଟା କରି—
(ଯତ୍ନ ପୂର୍ବକ, ଯତ୍ନ ସହିତ, ଯତ୍ନ ସହକାରେ—ଅନ୍ୟରୂପ) 2. With much effort. ୩ । ଆଦର ପୂର୍ବକ—With fondness.

ଯତ୍ନ ନେବା—ଦେ. କ୍ରି—୧ । ତତ୍ତ୍ୱ ନେବା; ହେପାଜତ କରିବା—
Jatna nebā 1. To take care of. ୨ । ଦୃଷ୍ଟି ରଖିବା—
यत्नलओया, যত্নলেনা 2 To attend to. ୩ । ସମାଦର କରିବା—3. To have a fond eye on

ଯତ୍ନପାଳିତ—ସଂ. ବିଣ. (୩ୟା ତତ୍)—ଯତ୍ନ ସହିତ ପାଳିତ ହୋଇ
Jatna pālita ଥିବା—Brought up with care.
(ଯତ୍ନବର୍ଦ୍ଧିତ—ଅନ୍ୟରୂପ)

ଯତ୍ନଲଭ୍ୟ—ସଂ. ବି (୩ୟା ତତ୍)—ପରିଶ୍ରମ ବା ଚେଷ୍ଟାଦ୍ୱାରା ପ୍ରାପ୍ୟ—
Jatna labhya Attainable with great effort.

ଯତ୍ନବାନ୍—ସଂ. ବିଣ ପୁଂ (ଯତ୍ନ+ମତ୍)—୧ । ଚେଷ୍ଟାଯୁକ୍ତ—
Jatnabān 1. Endeavouring; diligent. ୨ ।
(ଯତ୍ନଶୀଳ—ଅନ୍ୟରୂପ) ଆଗ୍ରହ ଯୁକ୍ତ—2. Eager. ୩ ।
(ଯତ୍ନବତୀ, ଯତ୍ନଶୀଳା—ସ୍ତ୍ରୀ) ଅଧ୍ୟବସାୟୀ—3. Persevering.

ଯତ୍ନ ହୋଇ—ଦେ. କ୍ରି. ବିଣ—ଉତ୍ତମରୂପେ—Well. [ଉ—
Jatna hoi ଯତ୍ନ ହୋଇ ଯେତେବେଳେ ସିଂହଳ ଖଣ୍ଡରେ ।
भालहये अच्छीरीतसे, अच्छासे ଗ୍ରାମ୍ୟ. କଳଚଉତ ।]

ଯତ୍ନାକ୍ଷେପ—ସଂ. ବି (କାବ୍ୟାଳଙ୍କାର)—ଆପତ୍ତି ବନ୍ଦ କରିବା ପାଇଁ
Jatnākshepa ଚେଷ୍ଟା କରାଯାଇଥିବା ସତ୍ତ୍ୱେ କରାଯିବା ଆପତ୍ତି—(in rhetoric) An objection raised even though there is an attempt to stop it (Apte).

ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ—ସଂସ୍କୃତ ପ୍ରବଚନ,
Jatne krute jadi na sidhyati kotra doshaḥ
ଶ୍ଳୋକାଂଶ—କୌଣସି କାର୍ଯ୍ୟ ପାଇଁ ଚେଷ୍ଟା କରି ଲୋକ କାର୍ଯ୍ୟ ନ ହେଲେ ଆପଣାକୁ ଦୋଷ ଲାଗେ ନାହିଁ—One is not to blame for failure if one has striven one's utmost for it.

ଯତ୍ର—ସଂ. ଅ—(ଯଦ୍+ସ୍ଥାନାଧିକରଣ ତ୍ର)—୧ । ଯେଉଁଠାରେ; ଯହିଁ
Jatra —1. Where; whither. ୨ । ଯେଉଁ ବିଷୟରେ—2. In which matter, in which subject. [ଉ—ଏହାର ସଂଯୋଗୀ ଶବ୍ଦ ତତ୍ର ।]

ଯତ୍ର ଆୟ ତତ୍ର ବ୍ୟୟ—ଦେ. ପ୍ରବଚନ (=ଯେଉଁଠାରେ ଆୟ ସେହି-
Jatra āya tatra byaya ଠାରେହିଁ ବ୍ୟୟ)—ଯେତିକି
जहाँ आमद(आय) ଆୟ ସେତିକି ବ୍ୟୟ ହେବା ସ୍ଥଳରେ ଏ ପ୍ରବଚନ
तहाँ खर्च(व्यय) ପ୍ରଯୁକ୍ତ ହୁଏ—Anyhow making both ends meet; whatever one gets, one
যত আয তত ব্যয় spends.

ଯତ୍ର କତ୍ର—ଦେ. ଅ (ସ. ଯତ୍ର+କୁତ୍ର)—୧ । ଯଥା କଥଞ୍ଚିତ୍; ଯେନ Jatra katra ତେନ ପ୍ରକାରେଣ; ଅତି କଷ୍ଟରେ—Anyhow; যেমন তেমন somehow or other; with great जहाँ तहाँ difficulty. ୨ । ଯେଉଁଠାରେ ଇଚ୍ଛା ସେଠାରେ—2. At any place whatsoever.

ଯତ୍ରକୁତ୍ର—ସ. ଅ—୧ । ଯେ କୌଣସି ସମୟରେ—1. Wheresoever; in whatever place. ୨ । Jatra kutra ଯେ କୌଣସି ସମୟରେ—2. Whensoever (Apte). ୩ । ଏଠାରେ ଓ ସେଠାରେ—3. Hither and thither (Apte).

ଯତ୍ରତତ୍ର—ସଂ. କି. ଣ—ଯେ କୌଣସିଠାରେ; ଯେଉଁଠାରେ ଇଚ୍ଛା Jatra tatra ସେଠାରେ; ଯଥା ତଥା; ସବୁଠାରେ—At any place whatever; anywhere and everywhere.

ଯତ୍ରତ୍ୟ—ସଂ. ଣ (ଯତ୍ର+ତ୍ୟ)—୧ । ଯେଉଁ ସ୍ଥାନର—1. Of Jatratya which place. ୨ । ଯେଉଁ ସ୍ଥାନର ଅଧିବାସୀ —2. Dwelling in which place.

ଯତ୍ର ଯତ୍ର—ସ. ଅ (ଯତ୍ର+ଯତ୍ର)—ଯେଉଁ ଯେଉଁ ସ୍ଥାନରେ— Jatra jatra Wherever; at whichever place..

ଯତ୍ର ସାୟଂ ପ୍ରତିଶ୍ରୟଃ—ସ. ପ୍ରବଚନ—ଯାତ୍ରରେ ଯାହିଁ ସାଞ୍ଜ ଯେଉଁ Jatra sāyam pratiśrayaḥ ଠାରେ ସନ୍ଧ୍ୟା ହୁଏ ସେଠାରେ ବିଶ୍ରାମ କରିବା ଶୈଳୀ—(a proverb) The practice of halt ing in the journey wherever evening overtakes a person.

ଯତ୍ରୁ—ସ. ବି—ଛାତି ଉପରେ ଓ ଗଳାର ତଳେ ଥିବା ମଣ୍ଡଳାକାର Jatru ଅସ୍ଥି (ବୈ. ଶ.)—The circular bone above the breast and below the throat.

ଯତ୍ସକାଶାତ୍—ସ. ଅ (ସ. ଯତ୍+ସକାଶାତ୍)—ଯାହାଙ୍କଠାରୁ— Jatsakāśāt From whom.

ଯତ୍ସତ୍ୟ—ସଂ କି. ଣ (ଅବ୍ୟୟୀଭାବ; ଯତ-ସତ୍ୟ)—ଯଥାର୍ଥରେ— Jatsatya Truly; foresooth (Apte).

ଯଥଂ କଥଂ—ଦେ. କି. ଣ (ସଂ. ଯଥା କଥଞ୍ଚିତ୍)— Jatham katham ଯଥା କଥଞ୍ଚିତ୍ (ଦେଖ) जैसेतैसे যেমন তেমন Jathā kathanchit (See)

ଯଥା—ସଂ. ଅ (ଯଦ୍+ପ୍ରକାରାର୍ଥେ ଥା)—୧ । ଯେଉଁ ପ୍ରକାରେ; Jathā ଯେଉଁ ପରି; ସାଦୃଶ—1. As; like; in which manner. [ଉ—ଏଥିର ଅପେକ୍ଷିକ ସମ୍ବନ୍ଧର ଶବ୍ଦ ତଥା ।] ୨ । ଉପର୍ଯ୍ୟୁକ୍ତରୂପେ—2. In the above manner. ୩ । ଉଦାହରଣ ସ୍ୱରୂପ—3. Namely; as for example; e. g; viz. ୪ । (ଅନ୍ୟ ଶବ୍ଦ ପୂର୍ବେ ଅବ୍ୟୟୀଭାବ ସମାସରେ ଯୁକ୍ତ)—ଅନୁସାରେ— 4. According to. (ଯଥା—ଯଥେଚ୍ଛା; ଯଥେଷ୍ଟ) ୫ । ଅତିକ୍ରମ ନ କରି—5. Not exceeding. (ଯଥା —ଯଥାଶକ୍ତି, ଯଥାସାଧ୍ୟ ।) ଦେ. ବି—ଜଥା (ଦେଖ) Jathā (See)

ଯଥା ଋତୁ—ସଂ. କି. ଣ—ଉଚିତ ଋତୁ ଅନୁସାରେ— Jathā ṛutu According to the right season.

ଯଥା କଥଞ୍ଚିତ୍—ସ. କି. ଣ— (ଯଥା+କଥଂ+ଚିତ୍)—୧ । ଯେ— Jathā kathanchit କୌଣସି ପ୍ରକାରେ—1. Anyhow, (ଯଥା କଥଂ—ଅନ୍ୟରୂପ) somehow or other. ୨ । କଷ୍ଟେ ସୃଷ୍ଟେ; ଅତି କଷ୍ଟରେ—2. With great difficulty.

ଯଥା କଥା—ଦେ. କି. ଣ—(ସ. ଯଥା କଥଂ)—୧ । ଯଥା କଥଞ୍ଚିତ୍ Jathā kathā (ଦେଖ)—Jathā kathanchit (See) যেমন তেমন, যথা কথা। जैसे तैसे (ଯଥକେତା, ଯଥା କେଥା—ଗ୍ରାମ୍ୟରୂପ) ୨ । (ସ. ଯଥା କଥିତ) କହିବା ଅନୁସାରେ; କଥା ମୁତାବକ 2. According to what was told. [ଉ— ଯଥା କଥା କରି ତାକୁ ଜଣାଣ, ଲେଖିବା ଭୁଲକ କାଗଜ ଅଣ । ଉଛ. ଲାବଣ୍ୟବତୀ ।] ସଂ ବ.—ଯେତେ- ତୁର ସମ୍ଭବ ତେତେ—As much as (Apte).

ଯଥା କଥିତ—ସଂ. କି.ଣ—୧। କହିବା ଅନୁସାରେ—1. As it is Jathā kathita or was spoken or stated. ୨ । ଯାହା ବୋଲି ଯାଉଅଛି—2. What is told; as alleged.

ଯଥା କର୍ତ୍ତବ୍ୟ—ସଂ ଅ. —ଯେପରି କରିବା ଉଚିତ— Jathā karttabya As ought to be done. ବି.—କର୍ତ୍ତବ୍ୟ କର୍ମ—An act which ought to be done: proper action; what is right to be done.

ଯଥା କର୍ମ—ସଂ. କି. ଣ—୧ । ନିଜର କର୍ତ୍ତବ୍ୟ କର୍ମ ଅନୁସାରେ— Jathā karma 1. According to one's duties (Apte). ୨ । ଦେଶ, କାଳ, ପାତ୍ର ବା ଅବସ୍ଥା ଅନୁସାରେ—2. According to the circumstances (Apte)

ଯଥା କ୍ରମେ—ଗ୍ରା. କି. ଣ.—(ସଂ. ଯଥାକ୍ରମ)—ଯଥା କ୍ରମେ (ଦେଖ) Jathā karme Jathākrame (See)

ଯଥା କଳ୍ପ—ସ. କି. ଣ—(ଯଥା+କଳ୍ପ)—୧ । କଳ୍ପିତ ହେବା Jathā kalpa ପ୍ରକାରେ—1. As designed. ୨। ନିୟମ (ଯଥା କଳ୍ପନ—ଅନ୍ୟରୂପ) ଅନୁସାରେ—2. According to rules.

ଯଥା କାମ—ଦେ. କି. ଣ—୧ । ନିଜର ଇଚ୍ଛା ଅନୁସାରେ; ଅଯଥା— Jathā kāma 1. Arbitrarily; according to one's pleasure.

ଯଥାକାମୀ(ନ୍)—ସଂ. ଣ. ପୁଂ.—(ଯଥା+କାମ+ଇନ୍; କୁ ଧାତୁ Jathā kāmi(ri) +ଇନ୍)—ଯଥେଚ୍ଛାଗ୍ରସ୍ତ; ସ୍ୱେଚ୍ଛାଗ୍ରସ୍ତ— ଯଥା କାମିନୀ, ଯଥାକାରିଣୀ } —ସ୍ତ୍ରୀ Arbitrary; wilful; following one's free will.

ଯଥାକାଳ—ସଂ. କ୍ରି. ବଣ.—(ଯଥା+କାଳ, ଅବ୍ୟୟୀଭାବ) ଯଥା—
Jatha kāḷa ସମୟରେ; ଉପଯୁକ୍ତ ସମୟରେ; ଉପସ୍ଥିତ ସମୟରେ—In due course of time; at the proper time. ସଂ. ବ—ଉପଯୁକ୍ତ ସମୟ—Proper time.

ଯଥା କାଳେ—ଦେ. କ୍ରି. ବଣ—ଯଥା କାଳ (ଦେଖ)
Jathā kāḷe Jathā kāḷa (See)
(ଯଥା କାଳରେ—ଅନ୍ୟରୂପ)

ଯଥାକୁଳେ ଜନ୍ମ ତଥା ଗରିଷ୍ଠଃ—ସଂ. ପ୍ରବଚନ, ଶ୍ଳୋକାଂଶ)—ଯେ ଯେଉଁ
Jathā kuḷe janma tathā garishṭhah ଘର (ଜାତ) କୁଳରେ ଜନ୍ମ ହୁଏ, ସେ ସେହିପରି ଗରିଷ୍ଠ ବା ମହାନ୍ ହୁଏ—A man is as noble as the family in which he is born.

ଯଥା କୃତ—ସ. କ୍ରି. ବଣ—ସ୍ୱୀକୃତ ହୋଇଥିବା ଅନୁସାରେ—
Jathā kṛuta As agreed upon (Apte)
ସ. ବଣ—ରୀତି ଅନୁସାରେ କରା ଯାଇଥିବା—Done according to rule or custom; customary (Apte).

ଯଥା କ୍ରମ—ସ.କ୍ରି.ବଣ. (ଅବ୍ୟୟୀଭାବ ସମାସ, କ୍ରମକୁ ଅତିକ୍ରମ ନ କରି)-
Jathā krama କ୍ରମ ଅନୁସାରେ; କ୍ରମାନୁସାରେ; କ୍ରମାନୁରୂପେ—In proper seqence; respectively; successively; in regular order.

ଯଥା କ୍ରମେ—ଦେ. କ୍ରି. ବଣ. (ସ. ଯଥାକ୍ରମ)—ଯଥାକ୍ରମ (ଦେଖ)
Jathā krame Jathā krama (See)
यथाक्रमे क्रमानुसारे

ଯଥା କ୍ଷମ—ସଂ. କ୍ରି. ବଣ (ଅବ୍ୟୟୀଭାବ)—୧ । ଶକ୍ତି ଅନୁସାରେ—
Jathā kshama 1. According to one's power or capacity. ୨ । ଯେତେ ଦୂର ସମ୍ଭବ—2. As far as possible.

ଯଥା ଗତ—ସଂ. କ୍ରି. ବଣ. (ଅବ୍ୟୟୀଭାବ ସମାସ; ଯଥା+ଅଗତ)—
Jathā gata ୧ । ଯେଉଁ ରୂପେ ଉପସ୍ଥିତ ବା ଅଗତ—1. As it came, ୨ । (ଯଥା+ଗତ) ଯେଉଁ ରୂପେ ଗତ ବା ପ୍ରସ୍ଥିତ—2. As it went. ୩ । ଯେଉଁ ରୂପେ ଅଗତ—3. As it passed. ୪ । (ଯଥା+ଅଗତ) ଯେଉଁ ବାଟେ ଅସିଥିଲା ସେହି ବାଟେ—4. In the same way as one had come. ସ. ବଣ—ନିର୍ବୋଧ; ମୂର୍ଖ—Foolish; stupid (Apte).

ଯଥାଗମ—ସଂ. କ୍ରି. ବଣ. (ଅବ୍ୟୟୀ ଭାବ, ଯଥା+ଅଗମ)—ଅଗମ ବା
Jathāgama ପାରମ୍ପରିକ ଶାସ୍ତ୍ର ବା କୁଳମର୍ଯ୍ୟାଦା ଅନୁସାରେ—According to tradition; as handed down from generation to generation (Apte).

ଯଥାଚାର—ସଂ. କ୍ରି. ବଣ (ଅବ୍ୟୟୀଭାବ; ଯଥା+ଅଚାର)—ଅଚାର
Jathāchāra ବା ବିଧି ଅନୁସାରେ—As customary; as usual (Apte).

ଯଥା ଜାତ—ସଂ. ବଣ. (ଯଥା=ଯେପରି+ଜାତ=ଉତ୍ପନ୍ନ)—
Jathā jāta ୧ । ଅସଭ୍ୟ; ବର୍ବର—1. Barbarian; uncivilised. ୨ । ବନ୍ୟ—2. Wild. ୩ । ହୀନ; ନିକୃଷ୍ଟ; ନୀଚ—3. Inferior, low; mean. ୪ ମୂର୍ଖ—4. Ignorant. ୫ । ନିର୍ବୋଧ—5. Foolish; stupid.

ଯଥା ଜାତି—ସଂ.କ୍ରି. ବଣ—ଜାତି ବା ବର୍ଣ୍ଣ ଅନୁସାରେ—According to the caste or sect.
Jathā jāti

ଯଥା ଜ୍ଞାନ—ସଂ. କ୍ରି. ବଣ. (ଅବ୍ୟୟୀଭାବ)—ଜ୍ଞାନମତେ; ବୋଧା-
Jathā jnāna ନୁସାରେ—To the extent of one's knowledge; to the best of one's judgment or knowledge

ଯଥା ଜ୍ୟେଷ୍ଠ—ସଂ. କ୍ରି. ବଣ. (ଅବ୍ୟୟୀଭାବ)—୧ । ଜ୍ୟେଷ୍ଠତା ବ-
Jathā jyeshṭha ୟସର ଅଧିକ୍ୟ ଅନୁସାରେ—1. According to seniority (Apte). ୨ । ପଦବୀ ବା ମର୍ଯ୍ୟାଦା ଅନୁସାରେ—2. According to rank (Apte).

ଯଥା ତଥ—ସ. ବ—୧ । ପୁରାବୃତ୍ତ; ପ୍ରାଚୀନ ଇତିହାସ—1. An-
Jathā tatha cient history. ୨ । କୌଣସି ବିଷୟର ସମଗ୍ର ପ୍ରକୃତ ବିବରଣ—2. A narrative or particulars or details of any thing; a detailed or minute account. ବଣ—ଯଥାର୍ଥ; ପ୍ରକୃତ—Actual; true, exact, accurate. କ୍ରି. ବଣ—ଯେଉଁପରି ଘଟିଥିଲା; ସେହିପରି—1. As it happened; exactly, precisely. ୨ । ଉଚିତ ରୂପେ—2. Properly; fitly. ଦେ. କ୍ରି. ବଣ. (ସଂ. ଯଥା ତଥା)—ଯେନତେନ ପ୍ରକାରେ—Anyhow.

ଯଥାତଥା—ସଂ. କ୍ରି. ବଣ.—୧ । ଯେଉଁଠାରେ ଇଚ୍ଛା ସେଠାରେ
Jathā tathā 1. Wheresoever, anywhere. ୨ । ସ୍ଥାନାସ୍ଥାନ ବିଚାର ନ କରି—2. Without the least consideration of the proper place or situation, irrespective of the place. ୩ । (ଅପେକ୍ଷିତ ଶବ୍ଦ ଦ୍ୱୟରୂପେ ବାକ୍ୟରେ ପ୍ରଯୁକ୍ତ,—ମ୍ ଯଥା ଶୁଣିଲ ତଥା ଲେଖିଲ) ଯେଉଁପରି—ସେହିପରି—3. As × × so. ଦେ. କ୍ରି. ବଣ—ଯେ କୌଣସି ପ୍ରକାରେ—Any how, (ଯଥା—ବଡବଡାଙ୍କ ଯଥାତଥା ହୋଇଗଲା ।)

ଯଥା ତୃପ୍ତି—ସ. କ୍ରି. ବଣ (ଅବ୍ୟୟୀଭାବ)—ମନବୋଧ ହେବା ଅନୁ-
Jathā trupti ସାରେ; ଅନ୍ତର ସନ୍ତୋଷ ଜନ୍ମିବା ପ୍ରକାରେ—To the heart's content (Apte).

ଯଥା ଦର୍ଶନ—ସଂ. କ୍ରି. ବଣ (ଅବ୍ୟୟୀଭାବ)—ଦେଖିବା ପ୍ରକାରେ—
Jathā darśana According to observation; as one had observed or seen a thing.

ଯଥା ଦିକ୍(ଶ)—ସଂ. କ୍ରି. ବଣ. (ଅବ୍ୟୟୀଭାବ)—ସବୁ ଦିଗରେ; ସବୁ
Jathā dik(śa) ଅଡ଼େ—In all directions (Apte).

ଯଥାଦିଷ୍ଟ—ସଂ. ବ ଓ କ୍ରି. ବଣ (ଯଥା+ଆଦିଷ୍ଟ)—ଯେଉଁ ପରି
Jathādishṭa ଆଦେଶ ପ୍ରାପ୍ତ ହୋଇଥିଲା ସେହି ପ୍ରକାରେ; ଆଦେଶ ଅନୁସାରେ—As ordered; as directed; conforming to the orders received.

ଯଥା ଦୃଷ୍ଟ—ସଂ. କ୍ରି. ବଣ- ଦେଖିଥିବା ଅନୁସାରେ—
Jathā dṛushṭa According to what one saw.

ଯଥା ଦୃଷ୍ଟଂ ତଥା କଥିତମ୍—ସଂ. ବାକ୍ୟାଂଶ—ଯାହା ଦେଖିଥିଲି ତାହା
Jathā dṛushṭam tathā kathitam କହିଲି—
I have said what I saw.

ଯଥା ଦୃଷ୍ଟଂ ତଥା ଲିଖିତଂ—ସଂ. ବାକ୍ୟାଂଶ—ଯାହା ଦେଖିଥିଲି ତାହା
Jathā dṛushṭam tathā likhitam ଲେଖିଲି—
I write what I saw.

ଯଥା ଦେହେ ତଥା ଦେବେ—ସଂ. ବାକ୍ୟାଂଶ—ମନୁଷ୍ୟର ଦେହରେ
Jathā dehe tathā debe ଯେପରି; ଦେବତାଙ୍କଠାରେ ମଧ୍ୟ ସେହିପରି; ମନୁଷ୍ୟ ଈଶ୍ୱରଙ୍କ ବା ଦେବତାଙ୍କଠାରେ ଆପଣାର ଦେହ ଓ ଅନୁଭୂତି ଅନୁସାରେ ଗୁଣ ଆଦି କଳ୍ପନା କରିବାର ପ୍ରଣାଳୀ—Anthropomorphism; anthropometry; ascribing human form and attributes to the Deity.

ଯଥା ନିୟମ—ସଂ. ବଣ ଓ କ୍ରି. ବଣ—ଯଥା ବିଧି (ଦେଖ)
Jathā niyama Jathā bidhi (See)

ଯଥା ନିର୍ଦ୍ଦିଷ୍ଟ—ସଂ. କ୍ରି. ବଣ (ଅବ୍ୟୟୀଭାବ)—ପୂର୍ବରୁ ନିର୍ଦ୍ଦିଷ୍ଟ ବା
Jathā nirddishṭa ନିର୍ଦ୍ଧାରିତ ହେବା ପ୍ରକାରେ—1. As prescribed or laid down. ୨ । ପୂର୍ବୋକ୍ତ ପ୍ରକାରେ—2. As mentioned or specified before. ସଂ. ବଣ—ପୂର୍ବ ନିର୍ଦ୍ଦିଷ୍ଟ—Prescribed before; preordained

ଯଥାନୁପୂର୍ବ(ର୍ବ୍ୟ)—ସଂ. କ୍ରି. ବଣ (ଯଥା+ଅନୁପୂର୍ବ; +ଯ)—ଯଥା-
Jathānupūrba(rbya) କ୍ରମରେ—Successively; in regular order or succession (Apte).

ଯଥାନୁଭୂତ—ସଂ. କ୍ରି. ବଣ—୧ । ଅନୁଭବ ଅନୁସାରେ—1. Accor-
Jathānubhūta ding to experience. ୨ । ପୂର୍ବର ଅନୁଭୂତି ଦ୍ୱାରା—2. By previous experience.

ଯଥାନୁରୂପ—ସଂ. କ୍ରି. ବଣ—ସମ୍ପୂର୍ଣ୍ଣ ମେଳ ହେବା ପ୍ରକାରେ—In ex-
Jathānurūpa act conformity; exactly (Apte).

ଯଥା ନ୍ୟାୟ—ସଂ. ବଣ. (ଅବ୍ୟୟୀଭାବ)—୧ । ଯଥାର୍ଥ—1. True,
Jathā nyāya right. ୨ । ନ୍ୟାୟସଙ୍ଗତ—2. Just; proper. କ୍ରି. ବଣ—ନ୍ୟାୟମାର୍ଗାନୁସାରେ—According to justice; justly; properly.

ଯଥାପୁର—ସଂ କ୍ରି. ବଣ—ପୂର୍ବପରି—
Jathāpura As before (Apte).

ଯଥା ପୂର୍ବ—ସଂ. କ୍ରି. ବଣ—୧ । ପୂର୍ବପରି; ପୂର୍ବବତ୍—1. As of
Jathā pūrba old. ୨ । ଆଗ ପରି—2. As before. ୩ । ପୂର୍ବେ ଯେପରି ଘଟିଥିଲା ସେହିପରି—3. As it took place in the past. ୪ । ଯଥା କ୍ରମେ—4. In due order or succession (Apte).
ସଂ. ବଣ—ପୂର୍ବେ ବା ଆଗେ ଥିବା; ପୂର୍ବବର୍ତ୍ତୀ—Former (Apte).

ଯଥା ପ୍ରାର୍ଥିତ—ସଂ. କ୍ରି. ବଣ—ପ୍ରାର୍ଥନା ଅନୁସାରେ—As reques-
Jathā prārthita ted; as prayed for.

ଯଥାବକାଶ—ସଂ. କ୍ରି.ବଣ—୧ । ସମ୍ଭାଇବାକୁ ସ୍ଥାନ ଥିବା ଅନୁସାରେ-
Jathābakāśa 1. According to room or space (ଯଥାବସର—ଅନ୍ୟରୂପ) available (Apte). ୨ । ଦେଶକାଳ ପାତ୍ରର ସୁଯୋଗ ଅନୁସାରେ—2. According to occasion; as occasion may occur (Apte). ୩ । ଆପଣାର ଅବକାଶ ବା ଫୁରୁସତ୍ ଅନୁସାରେ—3. According to leisure (Apte). ୪ । ଉପଯୁକ୍ତ ସ୍ଥାନରେ—4. In proper place (Apte).

ଯଥାବତ୍—ସଂ.କ୍ରି. ବଣ ଓ ବଣ (ଯଥା+ବତ୍)—୧ । ଯଥାର୍ଥରୂପେ—
Jathābat 1. Rightly; truly. ୨ । ଅବିକଳ—2. Correctly; accurately, exactly. ୩ । ଧାରାବାହିକରୂପେ; ଯେଉଁପରି ଘଟିଥିଲା ସେହି ଅନୁସାରେ—3. In due order or succession, exactly as events happened. ୪ । ସମୁଚିତରୂପେ—4. Properly; duly. ୫ । ନିୟମାନୁସାରେ—5. As enjoined by rules (Apte).

ଯଥାବନ୍ତ—ଦେ. ବଣ. ଓ କ୍ରି. ବଣ (ସଂ.ଯଥାବତ୍)—ଯଥାବତ୍ (ଦେଖ)
Jathābanta Jathābat (See). (ଉ—ଏବେ ଯଥାବନ୍ତ ଯଥାବৎ, ঠিক্, यथावत् କରି ସେ ତରତ । ଶୁଣିବାକୁ ଅମୃତ ହେଉଅଛି ଚରିତ—କୃଷ୍ଣସିଂହ ମହାଭାରତ ଆଦି ।

ଯଥାବଳ—ସଂ. କ୍ରି. ବଣ. (ଅବ୍ୟୟୀଭାବ)—୧ । ନିଜର ବଳକୁ ଚାହିଁ—
Jathābala 1. To the best of one's strength or capacity. ୨ । ନିଜର କ୍ଷମତା ଅନୁସାରେ—2. To the best of one's power.

ଯଥାବସ୍ତୁ—ସଂ. କ୍ରି. ବଣ (ଅବ୍ୟୟୀଭାବ)—୧ । ଯଥାର୍ଥରୂପେ—
Jathābastu 1. Exactly; accurately. ୨ । ଘଟଣା ଅନୁସାରେ—2. As the fact stands (Apte).

ଯଥାବସ୍ଥ—ସଂ. କ୍ରି. ବଣ—(ଅବ୍ୟୟୀଭାବ;ଯଥା+ଅବସ୍ଥା)—ଅବସ୍ଥାର
Jathābastha ଅନୁରୂପେ—According to condition or circumstances.

ଯଥାବସ୍ଥିତ—ସଂ.ବଣ ଓ କ୍ରି.ବିଣ—୧ । ଯେଉଁପରି ଥିଲା ସେହିପରି—
Jathābasthita 1. Exactly as it had been. ୨ । ସ୍ଥିର; ଅଚଳ (ହି. ଶ)—2. Stable, immuteable. ୩ । ସତ୍ୟ; ଠିକ୍ (ହି. ଶ)—3. Right, exact

ଯଥାବାସ—ସଂ. କ୍ରି. ବିଣ (ଅବ୍ୟୟୀଭାବ, ଯଥା + ଅବାସ)—ଯେଜା ଘରକୁ ଯେ—Each to his own dwelling (Apte).
Jathābāsa

ଯଥାବିଧ—ସଂ. ବିଣ—ଯେଉଁ ପ୍ରକାରର—Of which kind or sort (Apte).
Jathābidha (ଯଥାବିଧା—ସ୍ତ୍ରୀ)

ଯଥାବିଧି—ସଂ. କ୍ରି. ବଣ (ଅବ୍ୟୟୀଭାବ, ବିଧିକୁ ଅତିକ୍ରମ ନ କରି)—୧। ନିୟମାନୁଯାୟୀ; ବିଧିପୂର୍ବକ—1. According to rules; duly; conformably to the precepts. ୨। ଆଇନ ଅନୁସାରେ—2. Legally.
Jathābidhi

ଯଥାବିଭବ—ସଂ. କ୍ରି. ବଣ—ଜଣର ଆୟ ବା ଧନସାମର୍ଥ୍ୟ ଅନୁସାରେ—According to one's income or means (Apte).
Jathābibhaba

ଯଥାବିହିତ—ସଂ. କ୍ରି. ବଣ—ଯଥୋଚିତ ଭାବରେ—As is proper; with due propriety. ବଣ—ଯଥୋଚିତ—Proper.
Jathābihita

ଯଥାବୃତ୍ତ—ସଂ. କ୍ରି. ବିଣ—ଯେପରି ଘଟିଥିଲା ସେହିପରି—Conformably to what actually took place; as it happened or as it was done. ସ. ବି—୧। ପ୍ରକୃତରେ ଘଟିଥିବା ବିଷୟମାନ—1. The actual facts; the circumstances or details of an event (Apte). ୨। ପୂର୍ବେ ଘଟିଥିବା ଘଟଣା—2. A former event (Apte).
Jathābrutta

ଯଥା ଭାଗ—ସ. ବଣ. ଓ କ୍ରି. ବଣ—୧। ଯଥୋଚିତ—1. Proper; properly. ୨। ଭାଗ ବା ହିସା ଅନୁସାରେ—2. Proportionate; according to the shares.
Jathā bhāga

ଯଥା ଭବ—ସ. ବି—ଭାଗ୍ୟ; କପାଳ—Destiny (Apte).
Jathā bhāba

ଯଥାଭିମତ—ସ. କ୍ରି. ବଣ—ଆପଣା ଇଚ୍ଛାନୁସାରେ—Agreeably to one's wish or desire.
Jathābhimata

ଯଥାଭିପ୍ରେତ,
ଯଥାଭିଳଷିତ } —ଅନ୍ୟରୂପ — ସ. ବଣ—ଅଭିଳାଷ ଅନୁସାରେ ଘଟିବା — Happening as intended or desired (Apte).
ଯଥାଭୀଷ୍ଟ

ଯଥାଭିରୁଚି—ସ. କ୍ରି. ବଣ—ଆପଣାର ଅଭିରୁଚି ଅନୁସାରେ—According to one's taste or liking.
Jathābhiruchi

ଯଥାଭିରୁଚିତ—ସ. ବଣ—(ଅବ୍ୟୟୀଭାବ; ଯଥା+ଅଭିରୁଚିତ)—ମନୋଜ୍ଞ—Pleasant; agreeable (Apte).
Jathābhiruchita

ଯଥା ମତ—ଦେ. ଅ.—ଯେଉଁପରି ଘଟିଥିଲା ସେହି ପ୍ରକାରେ—Exactly as it happened.
Jathāmata
[ଉ—ପୂର୍ବ ଜନ୍ମର ଯଥାମତ, ମୋ ଆଗେ କହିବ ସମସ୍ତ । ପ୍ରାଚୀ. ଯଶୋବନ୍ତ—ପ୍ରେମଭକ୍ତି ଗୀତା]

ଯଥା ମତି—ସ. କ୍ରି. ବଣ.—(ଅବ୍ୟୟୀଭାବ ସମାସ)—ଆପଣାର ଜ୍ଞାନ ବା ବୁଦ୍ଧି ଅନୁସାରେ—According to one's wisdom, knowledge or senses.
Jatha mati
[ଉ—ସ୍ତୁତି ହୋଇଲେ ଯଥାମତି, ଅଳ୍ପେ କୃଷ୍ଣଙ୍କୁ ଶୋକନ୍ତି ଭୂପତି ପ୍ରେମପୀୟୂଷ ।]

ଯଥାମୁଖୀନ—ସ. ବଣ. ପୁଂ—(ଅମୁକର) ମୁହଁକୁ ସିଧାରେ ଗୃହିଁଥିବା—Looking straight at (Apte).
Jathāmukhina
(ଯଥାମୁଖୀନା—ସ୍ତ୍ରୀ)

ଯଥାଯଥ—ସଂ. ବଣ—(ଯଥା+ଯଥା, ଅବ୍ୟୟୀଭାବ)—୧। ଯଥାଯୋଗ୍ୟ—1. As is fit, suitable. କ୍ରି. ବଣ—୧। ପୂର୍ବାନୁଯାୟୀ—1. As of old. ୨। ଯେପରି ଘଟିଥିଲା ସେହିପରି—2. As it happened. ୩। ପ୍ରକୃତରେ ଯେଉଁପରି ଅଛି ସେହିପରି—3. As it is; in the actual order or form. ୪। ସମୁଚିତ ରୂପେ—4. Fitly; properly (Apte). ୫। ଯଥାକ୍ରମେ—5. Respectively; in regular order (Apte).
JathāJatha

ଯଥା ଯଥା—ସ. କ୍ରି. ବଣ.-(ଯଥା+ଯଥା) -୧। ଯେଉଁ ଯେଉଁ ଠାରେ-1. At whatever places. ୨। ଭିନ୍ନ ଭିନ୍ନ ସ୍ଥାନରେ—2. At different places. ୩। ଯେଉଁ ଯେଉଁ ପ୍ରକାରେ—3. In various ways or manners.
Jatha Jatha

ଯଥାଯୋଗ୍ୟ—ସଂ. ବଣ.—ଯଥୋପଯୁକ୍ତ; ଯାହାକୁ ଯାହା ଉପଯୁକ୍ତ—Proper; suitable to each.
JathāJogya
(ଯଥାଯୁକ୍ତ; ଯଥାଯୋଗ - ଅନ୍ୟରୂପ)
କ୍ରି. ବଣ—ଯାହା ଯାହାକୁ ଉପଯୁକ୍ତ ସେହି ଭାବରେ—As is fit or suitable to each.

ଯଥାରଥ—ଗ୍ରା. ବଣ. ଓ କ୍ରି. ବଣ.—(ସଂ. ଯଥାର୍ଥ)—ଯଥାର୍ଥ (ଦେଖ) Jathāratha (See)
Jatharatha यथारथ

ଯଥାରୀତି—ସଂ. ବଣ. ଓ କ୍ରି. ବଣ—(ଅବ୍ୟୟୀଭାବ ସମାସ)—ରୀତି ଅନୁସାରେ—In the customary manner.
Jathā riti

ଯଥା ରୁଚି—ସଂ. ବଣ ଓ କ୍ରି. ବଣ—(ଅବ୍ୟୟୀଭାବ)—ପସନ୍ଦମତେ; ଆପଣାର ରୁଚି ଅନୁସାରେ—According to one's taste or liking.
Jathā ruchi

ଯଥା ରୂପ—ସଂ. କ୍ରି. ବଣ.—(ଅବ୍ୟୟୀଭାବ)—୧। ରୂପ ବା ଆକାର ଅନୁସାରେ—1. According to form or appearance or shape (Apte). ୨। ଉଚିତ ରୂପେ—2. Duly; properly; fitly (Apte).
Jathā rūpa

ଯଥାର୍ଥ—ସଂ. ବଣ.—(ଯଥାଭୂତ ଅର୍ଥ=ଯଥାର୍ଥ; ଯଥା=ଯଥାଭୂତ+ଅର୍ଥ=ସତ୍ୟ ଯହିଁରେ; ବହୁବ୍ରୀହି) ୧। ବାସ୍ତବିକ; ପ୍ରକୃତ; ସତ୍ୟ—1. True; actual; real. ୨। ନିଶ୍ଚିତ—2. Certain. ୩। (ସ୍ୱରୂପକୁ ଅତିକ୍ରମ ନ କରି; ଅବ୍ୟୟୀଭାବ) ଉପଯୁକ୍ତ—3. Proper; appropriate. ୪। ଯୋଗ୍ୟ—
Jathārtha

4. Fit. ୫ । ପ୍ରକୃତ ଅର୍ଥ ଅନୁସାରେ—5. Conformable to the true meaning or sense. କ୍ରି. ବଣ.—୧ । ପ୍ରକୃତରେ—1. Truly; actually. ୨ । ସତ୍ୟ ସତ୍ୟ—2. Rightly; veritably. ୩ । ଉପଯୁକ୍ତରୂପେ—3. Fitly; suitably. ୪ । ଉଚିତରୂପେ—4. Properly.

ଯଥାର୍ଥତା—ସଂ.ବ.—(ଯଥାର୍ଥ+ଭାବ. ତା)—ଯାଥାର୍ଥ୍ୟ; ବାସ୍ତବତା
Jatharthata Actuality; reality.

ଯଥାର୍ଥତଃ—ସଂ. କ୍ରି. ବଣ.—୧ । ପ୍ରକୃତରେ—1. Actually
Jatharthatah (Apte). ୨ । ବସ୍ତୁତଃ—2. Virtually. (ଯଥାର୍ଥରେ—ଦେଶଜରୂପ) ୩ । ନ୍ୟାଯ୍ୟତଃ—3. Justly.

ଯଥାର୍ଥ ନାମା—ସଂ. ବଣ. ପୁଂ ଓ ସ୍ତ୍ରୀ—(ବହୁବ୍ରୀହି; ଯଥାର୍ଥ+ନାମନ୍,
Jathartha nama ୧ମା. ୧ବ.)—ଯେଉଁ ବ୍ୟକ୍ତିର ନାମର ଅର୍ଥ ସଙ୍ଗେ କର୍ମର ମେଳ ଅଛି—One whose name in true to its meaning, one whose deeds are according to his name (Apte).

ଯଥାର୍ଥ ବକ୍ତା—ସଂ. ବଣ. ପୁଂ—ସତ୍ୟବାଦୀ (ବ୍ୟକ୍ତି)—Truthful
Jathartha bakta (person); speaking truth; (ଯଥାର୍ଥବାଦୀ—ଅନ୍ୟରୂପ) speaking plain truth; (ଯଥାର୍ଥ ବକ୍ତ୍ରୀ, ଯଥାର୍ଥବାଦିନୀ—ସ୍ତ୍ରୀ) plainspoken.

ଯଥାର୍ଥ ବକ୍ତୃତ୍ୱ, ଯଥାର୍ଥବାଦିତା }
ଯଥାର୍ଥ ବକ୍ତୃତା, ଯଥାର୍ଥବାଦ } —ବିଶେଷ୍ୟ ସଂ. ବ. ପୁଂ—ସତ୍ୟବାଦୀ ବ୍ୟକ୍ତି—A truthful person.

ଯଥାର୍ଥ(ହ୍ର) ବର୍ଣ୍ଣ—ସଂ ବ. ପୁଂ—ଗୁପ୍ତଚର—
Jathartha(rha) barnna A spy (Apte).

ଯଥାର୍ଥ ବିଦ୍ୟା—ସଂ. ବ.—ଦର୍ଶନ ଶାସ୍ତ୍ର; ଅଧ୍ୟାତ୍ମବିଦ୍ୟା—
Jathartha bidya Philosophy; theology.

ଯଥାର୍ଥ ବ୍ୟୟୀ—ସଂ. ବଣ. ପୁଂ.—[ଯଥାର୍ଥ+ବ୍ୟୟୀ (ବ୍ୟୟ+ଇନ୍)]
Jathartha byayi ମିତବ୍ୟୟୀ—Frugal; economical. (ଯଥାର୍ଥବ୍ୟୟିନୀ—ସ୍ତ୍ରୀ)

ଯଥା ଲାଭ—ଦେ. ବ.—ଯତ୍କିଞ୍ଚିତ୍ ବା ଯତ୍ ସାମାନ୍ୟ ଲାଭ—
Jatha labha A small amount of profit.
ଯଥାଲାଭ ସଂ. କ୍ରି. ବଣ.—ଲାଭ ଅନୁସାରେ—According to the profit.

ଯଥାଶକ୍ତି—ସଂ. କ୍ରି. ବଣ.(ଓ ବଣ.—(ଶକ୍ତିକୁ ଅତିକ୍ରମ ନ କରି;
Jathasakti ଅବ୍ୟୟୀଭାବ)—ସାମର୍ଥ୍ୟାନୁସାରେ—According to one's ability; to the best of one's ability.

ଯଥାଶାସ୍ତ୍ର—ସଂ. ବଣ—(ଅବ୍ୟୟୀଭାବ) ୧ । ଶାସ୍ତ୍ରସମ୍ମତ—
Jatha sastra 1. Conformable to the scripture. ୨ । ଆଇନସଙ୍ଗତ—2. Legal. କ୍ରି. ବଣ.—୧ । ଶାସ୍ତ୍ରାନୁସାରେ—1. Conformably to the Scriptures. ୨। ଆଇନ୍ ଅନୁସାରେ—2. As the law ordains; legally.

ଯଥା ଶୀଘ୍ର—ସଂ. କ୍ରି. ବଣ—(ଅବ୍ୟୟୀଭାବ)—ଯେତେ ଶୀଘ୍ର
Jatha sighra ହେବା ସମ୍ଭବ ସେତେ ଶୀଘ୍ର—As quickly as possible (Apte).

ଯଥା ଶୀଳ—ସଂ. କ୍ରି. ବଣ—୧ । ଶୀଳ ବା ସ୍ୱଭାବ ଅନୁସାରେ—1. Ac-
Jathasila cording to one's nature. ୨। ମିଜାଜ ଅନୁସାରେ 2. According to one's temper (Apte).

ଯଥାଶ୍ରୁତ—ସଂ. କ୍ରି. ବଣ—ଶୁଣା କଥା ଅନୁସାରେ (କହିବା ବ
Jatha sruta ଲେଖିବା); ଯେଉଁପରି ଶୁଣିଥିଲି ସେହିପରି—। According to what one has heard; according to the report.

ଯଥାଶ୍ରୁତଂ ତଥା କଥିତଂ—(ସଂ. ବାକ୍ୟାଂଶ)—ଯାହା ଶୁଣିଥିଲି ତାହା
Jathasrutam tatha kathitam କହିଲି—I have said what I heard.

ଯଥାଶ୍ରୁତଂ ତଥା ଲିଖିତଂ—(ସଂ. ବାକ୍ୟାଂଶ)—ଯାହା ଶୁଣିଥିଲି ତାହା
Jatha srutam tatha likitam ଲେଖିଲି—I have written what I heard.

ଯଥାଶ୍ରେଷ୍ଠ—ସଂ. କ୍ରି. ବଣ—ଶ୍ରେଷ୍ଠତା ଅନୁସାରେ—In order of
Jathasreshtha precedence or merit (Apte).

ଯଥାସଂଖ୍ୟ—ସଂ. ବ (ଅବ୍ୟୟୀଭାବ; ଯଥା+ସଂଖ୍ୟା)—ଡାକ୍ୟାଳଙ୍କାର
Jathasamkhya ବିଶେଷ—A figure of speech(Apte).

ଯଥା ସମୟ—ସଂ.କ୍ରି.ବଣ (ଅବ୍ୟୟୀଭାବ)—୧। ଉପଯୁକ୍ତ ସମୟରେ—
Jatha samaya 1. At the proper time. ୨ । ସ୍ଥିରକୃତ

ଯଥା ସମୟେ }
ଯଥା ସମୟରେ } —ଦେ. ରୂପ ବା ସ୍ୱୀକୃତ ଅନୁସାରେ—2. According to agreement or established usage (Apte).

ଯଥା ସମ୍ଭବ—ସଂ. କ୍ରି. ବଣ (ଅବ୍ୟୟୀଭାବ, ଯଥା+ସମ୍ଭବ)—ଯେତେ
Jatha sambhaba ଦୂର ସମ୍ଭବପର—As far as it is conceivably possible; as far as circumstances will permit. ସଂ. ବଣ—ସମ୍ଭବପର—Possible.

ଯଥା ସମ୍ଭାବିତ—ସଂ. ବଣ (ଅବ୍ୟୟୀଭାବ; ଯଥା+ସମ୍ଭାବିତ)—ସଙ୍ଗତ;
Jatha sambhabita ଉପଯୁକ୍ତ—Suitable; appropriate (Apte).

ଯଥାସର୍ବସ୍ୱ—ସଂ. ବ—ସମୁଦାୟ ଧନ ସମ୍ପତ୍ତି; ଯାହା କିଛି ଅଛି ସବୁ—
Jatha sarbaswa Everything or property whatever.

ଯଥାସାଧ୍ୟ—ସଂ. ବଣ ଓ କ୍ରି. ବଣ—ଯଥାଶକ୍ତି (ଦେଖ)
Jatha sadhya Jathasakti (See).

ଯଥାସୁଖ—ସଂ. କ୍ରି. ବଣ (ଅବ୍ୟୟୀଭାବ)—୧ । ସୁଖପୂର୍ବକ; ଖୁସିରେ—
Jatha sukha 1. Happily; pleasantly. ୨ । ମନ ଖୁସିରେ; ଆପଣା ଇଚ୍ଛା ଅନୁସାରେ—2. At will; at pleasure (Apte). ୩ । ଆପଣାର ସ୍ୱାଚ୍ଛନ୍ଦ୍ୟ ଅନୁସାରେ—3. Comfortably.

ଯଥାସ୍ଥାନ—ସଂ. ବ. (ଅବ୍ୟୟୀଭାବ)—ଯାହାର ଯେଉଁ ସ୍ଥାନ ଉପଯୁକ୍ତ, Jatha sthana ତାହାର ସେହି ସ୍ଥାନ; ଉପଯୁକ୍ତ ସ୍ଥାନ—Proper place. ସଂ. କ୍ରି. ବଣ—୧ । ଉପଯୁକ୍ତ ସ୍ଥାନରେ—1. In the proper place. ୨ । ତତ୍କ୍ଷଣାତ୍—2. Instantly (Apte). ୩ । ପଦ ମର୍ଯ୍ୟାଦା ଅନୁସାରେ—3. According to rank (Apte). (ଯଥା ସ୍ଥାନରେ—ଦେ. ରୂପ)

ଯଥାସ୍ଥାନାବସ୍ଥିତ—ସଂ. ବଣ. (ଯଥାସ୍ଥାନ+ଅବସ୍ଥିତ)—ନିଜ ନିଜର Jathasthanabasthita ଉପଯୁକ୍ତ ସ୍ଥାନରେ ଅବସ୍ଥାନ କରୁଥିବା—Situated at the respective proper places.

ଯଥାସ୍ଥିତ—ସଂ. କ୍ରି. ବଣ (ଯଥା+ସ୍ଥିତ)—୧ । ଯେଉଁଠାରେ ଥିଲ Jatha sthita ସେହିଠାରେ; ପୂର୍ବ ସ୍ଥାନରେ—1. In status quo ante; as it had stood before. ୨ । ଯଥାର୍ଥରେ—2. Truly. ୩ । ଘଟଣାନୁସାରେ—3. According to circumstances. ବଣ. ୧ । ପ୍ରକୃତ; ସତ୍ୟ—1. True; right. ୨ । ଉପଯୁକ୍ତ—2. Proper; fit (Apte).

ଯଥାସ୍ୱ—ସଂ. କ୍ରି. ବଣ—ଯେଝାକୁ ଯେ—Each his own; res-Jathaswa pectively.

ଯଥେକ୍ଷିତ—ସଂ. କ୍ରି. ବଣ (ଅବ୍ୟୟୀଭାବ; ଯଥା+ଈକ୍ଷିତ)—ନିଜେ Jathekshita ଦେଖିଥିବା ପ୍ରକାରରେ—As personally; seen.

ଯଥେଚ୍ଛ—ସଂ. କ୍ରି. ବଣ (ଯଥା+ଇଚ୍ଛା, ଅବ୍ୟୟୀଭାବ)—୧ । ସ୍ୱେଚ୍ଛା-Jathechchha କ୍ରମେ; ଇଚ୍ଛାନୁସାରେ—1. Arbitrarily; despotically, according to one's free will. ୨ । ମନବୋଧ ହେବା ପ୍ରକାରରେ—2. To the heart's content. ସଂ. ବଣ—ସ୍ୱେଚ୍ଛାକ୍ରମେ ଅନୁଷ୍ଠିତ—Arbitrary; despotic. (ଯଥେଚ୍ଛା—ଦେଶଜରୂପ)

ଯଥେଚ୍ଛାଚାର—ସଂ. ବ. (ଯଥା+ଇଚ୍ଛା+ଆଚାର)—୧ । ସ୍ୱେଚ୍ଛାଚାର—Jathechchhachara 1 Arbitrary conduct ୨ । ଉଚ୍ଛୃଙ୍ଖଳତା—2. Despotism.

ଯଥେଚ୍ଛାଚାରରାଜତ୍ୱ—ସଂ. ବ (ଅଧୁନିକ)—ରାଜାଙ୍କର ଇଚ୍ଛାମତେ ପ୍ରଜା Jathechchhachara rajatwa ଶାସନ—Despotic rule. (ଯଥେଚ୍ଛାଚାର ଶାସନ—ଅନ୍ୟରୂପ)

ଯଥେଚ୍ଛାଚାର ଶାସନ ପ୍ରଣାଳୀ—ସଂ. ବ. (ଅଧୁନିକ)—ରାଜାଙ୍କ ଇଚ୍ଛା Jathechchhachara sasanapranali ମତେ ପ୍ରଜାଙ୍କୁ ଶାସନ କରିବା ରୀତି—Despotism; absolute monarchy.

ଯଥେଚ୍ଛାଚାରୀ—ସଂ. ବଣ. ପୁଂ (ଯଥେଚ୍ଛାଚାର+ଇନ୍)—ନିଜର Jathechchhachari ଇଚ୍ଛାମତେ କାର୍ଯ୍ୟକାରୀ—Acting without restraint; acting arbitrarily or despotically. [ଯଥେଚ୍ଛାଚାରିତା (ସ୍ତ୍ରୀ)—ବିଶେଷ୍ୟ]

ଯଥେଚ୍ଛାଚାରୀ ରାଜା—ସଂ. ବ. ପୁଂ.—ଉଚ୍ଛୃଙ୍ଖଳ ରାଜା—A despot. Jathechchhachari raja

ଯଥେପ୍ସିତ—ସଂ. ବଣ.—(ଯଥା+ଈପ୍ସିତ=ଅଭିଲଷିତ)—ବାଞ୍ଛାନୁ-Jathepsita ରୂପ; ବାଞ୍ଛାନୁସାରେ ଯଥବା; ବାଞ୍ଛାକଳିତ—Wished for; cherished; desired. ସଂ. କ୍ରି. ବଣ.—ଯଥେଚ୍ଛ (ଦେଖ)—Jathechchha (See)

ଯଥେଷ୍ଟ—ସଂ. ବଣ.—(ଯଥା+ଇଷ୍ଟ=ଅଭିଲଷିତ)—୧ । ବାଞ୍ଛାନୁରୂପ-Jatheshta 1. Wished for; desired. ୨ । ପ୍ରଚୁର; ଅନେକ—2. Enough, ample; sufficient. ସଂ. କ୍ରି. ବଣ—ଯଥେଚ୍ଛା (ଦେଖ) Jathechchha (See)

ଯଥେଷ୍ଟାଚରଣ—ସଂ. ବ.—ଯଥେଚ୍ଛାଚାର (ଦେଖ) Jeteshtacharana Jathechchhachara (See) (ଯଥେଷ୍ଟାଚାର—ଅନ୍ୟରୂପ)

ଯଥେଷ୍ଟାଚାରୀ—ସଂ. ବ—ପକ୍ଷୀ—Bird. Jatheshtachari ସଂ.ବଣ.ପୁଂ—ଯଥେଚ୍ଛାଚାରୀ—Despotic

ଯଥୋକ୍ତ—ସଂ. ବଣ.—(ଯଥା+ଉକ୍ତ)—ଯେପରି କୋହ ଯାଉଅଛି; Jathokta ପୂର୍ବୋକ୍ତ; ଉପର୍ଯ୍ୟୁକ୍ତ—As has been said a foresaid. (ଯଥୋଦିତ—ଅନ୍ୟରୂପ)

ଯଥୋଚିତ—ସଂ ବଣ.—(ଯଥା+ଉଚିତ)—ଯଥା ଯୋଗ୍ୟ; ଯଥା—Jathochita ବିହିତ—Proper; suitable. ସଂ. କ୍ରି. ବଣ—ଉଚିତରୂପେ—Duly; properly; suitably.

ଯଥୋତ୍ତର—ସଂ କ୍ରି. ବଣ.—(ଅବ୍ୟୟୀଭାବ; ଯଥା+ଉତ୍ତର)—Jathottara ଏକାଦିକ୍ରମେ—In regular order of succession; one after another (Apte).

ଯଥୋଦ୍ଦିଷ୍ଟ—ସଂ. ବଣ.—ପୂର୍ବ ବର୍ଣ୍ଣିତ; ପୂର୍ବ ସୂଚିତ—Jathoddishta Described before, indicated before. ସଂ. କ୍ରି. ବଣ.—ଯଥୋଦ୍ଦେଶ (ଦେଖ) Jathoddesa (See)

ଯଥୋଦ୍ଦେଶ—ସଂ. କ୍ରି. ବଣ.—(ଅବ୍ୟୟୀଭାବ, ଯଥା+ଉଦ୍ଦେଶ)—Jathoddesa ଯେଉଁପରି ବର୍ଣ୍ଣିତ ବା ସୂଚିତ ହୋଇଅଛି—As indicated or described.

ଯଥୋପଦେଶ—ସଂ. କ୍ରି. ବଣ.—(ଅବ୍ୟୟୀଭାବ, ଯଥା+ଉପଦେଶ) Jathopadesa ଯେଉଁପରି ଉପଦେଶ ଦିଅ ଯାଉଅଛି—As advised or instructed. (ଯଥୋପଦିଷ୍ଟ—ବଣ)

ଯଥୋପଯୁକ୍ତ—ସଂ. ବଣ [ଯଥା+ଉପଯୁକ୍ତ]—ଯଥାଯୋଗ୍ୟ (ଦେଖ) Jathopajukta Jathajogya (See)

ଯଥୋପଯୋଗ—ସଂ. କ୍ରି. ବଣ (ଅବ୍ୟୟୀଭାବ; ଯଥା+ଉପଯୋଗ)—Jathopajoga ଆବଶ୍ୟକତା ଅନୁସାରେ—According to use or requirement (Apte).

ଯଥୌଚିତ୍ୟ—ସଂ. ବ—ଔଚିତ୍ୟ; ଉପଯୋଗିତା—Propriety, Jathauchitya suitableness, fitness (Apte)

ଯଦ୍—ସଂ. ସର୍ବନାମ ଶବ୍ଦ (ଯଜ୍ ଧାତୁ=ପୂଜା କରିବା+କର୍ମ ଅଦ୍)—
Jad (ଅପେକ୍ଷିକଶବ୍ଦ—ତଦ୍) ଯାହା; ଯେ—Who; which.
[ଦ୍ର—ସଂ. ଯଦ୍ ଶବ୍ଦ ପୁଂଲିଙ୍ଗ ଏକ ବଚନରେ ଯଃ, ସ୍ତ୍ରୀଲିଙ୍ଗ ଏକବଚନରେ ଯା, କ୍ଲୀବଲିଙ୍ଗ ଏକବଚନରେ ଯତ୍ ହୁଏ ଓ ଅନ୍ୟ ଶବ୍ଦ ସଙ୍ଗେ ସନ୍ଧି ବା ସମାସ ହେଲେ 'ଯଦ୍' ଆକାର ଧାରଣ କରେ ।] ସଂ. ଅ.—ଯେହେତୁ—Whereas.

ଯଦପି—ସଂ. ସର୍ବ (ଯଦ୍+ଅପି)—ଯେ କୌଣସି ବସ୍ତୁ ବା ବ୍ୟକ୍ତି—
Jadapi Whatever; any whatever (Apte).
ସଂ.ଅ—ଯଦ୍ୟପି--Though; although (Apte).

ଯଦବଧି—ସଂ. ଅ (ଯତ୍+ଅବଧି)—୧ । ଯେଉଁ ସମୟଠାରୁ—
Jadabadhi 1. Since which time. ୨ । ଯେଉଁ ସମୟ ପର୍ଯ୍ୟନ୍ତ—2. Till which time.

ଯଦର୍ଥ(ର୍ଥେ)—ସଂ କ୍ରି. ବିଣ—୧ । ଯେଉଁ କାରଣରୁ—1. For
Jadartha(rthe) which; why. ୨ । ଯେଉଁ ଉଦ୍ଦେଶ୍ୟରେ—2. For which aim. ୩ । ଯାହାଙ୍କ ନିମନ୍ତେ—3. For whom.

ଯଦା—ସଂ. ଅ (ଯଦ୍+କାଳାଧିକରଣ ଆ.)—୧ । ଯେବେ, ଯେଉଁ
Jadā କାଳରେ—1. When. ୨। ଯେହେତୁ—2. Whereas;
(ଦ୍ର. ଜବ୍, ଜଦ୍) since (Apte).

ଯଦାତଦା—ସଂ.କ୍ରି.ବିଣ (ଦେଶଜବ୍ୟବହାର)—ଯେବେ ଇଚ୍ଛା ତେବେ;
Jadā tadā ଯେ କୌଣସି ସମୟରେ—Whenever at any time whatsoever.

ଯଦାପ୍ରଭୃତି—ସଂ. କ୍ରି. ବିଣ.—ଯେଉଁ ସମୟରୁ—From which
Jadāprabhṛuti time forward.

ଯଦି—ସଂ. ଅଂ. (ଯତ୍ଧାତୁ=ଚେଷ୍ଟା କରିବା+ଭାବ. ଇ)—
Jadi ୧ । ଯେବେ—1. If; though; although. [ଦ୍ର—ଏହା ନିମ୍ନଲିଖିତ ସ୍ଥଳରେ ପ୍ରଯୁକ୍ତ ହୁଏ—୧ । ସମ୍ଭାବନାର୍ଥକ 1. Supposition; ଯଥା—"ଆଃଅଳ୍ପ ଯଦି ମୋର ବହିଙ୍ଗ ପକ୍ଷ । ଲଙ୍ଘି ଲବଣ ଗିରି ସମୁଦ୍ର କକ୍ଷ । ଦେଖନ୍ତି ପ୍ରିୟଜନ ମୁଖକମଳ" (ମଧୁସୂଦନ) ୨ । ସନ୍ଦେହାର୍ଥକ—2. Doubt. ଯଥା :—ମୁଁ ଯୁଦ୍ଧ କରିବାକୁ ବାହାରିଛି; ଯଦି ହାରିଯାଏଁ ତେବେ ମୋ ଅବସ୍ଥା କଅଣ ହେବ ? ୩ । ପକ୍ଷାନ୍ତରରେ—3. On the other hand; in the alternative.—"ଥାଇ କରୁ ଯଦି ଖାଇ ମନ କଲ୍ପ ତା ମୁଁ କହୁଥା ପୋଡ଼ୁ" (ଭଗ)—୪ । ଅବଧାରଣ—4. Certainty. ଯଥା—"ଯଦି ବରିଷଇ ମାଘର ଶେଷ, ଧନ୍ୟ ସେ ରଜା ଧନ୍ୟ ସେ ଦେଶ" ଭୃଷିବଚନ । ୫ । ହୁଏତ— 5. Whether (Apte) ୬ । ସମ୍ଭବତଃ 6. If per chance; perhaps (Apte) ୭। ପ୍ରବଶ ଥାଉକ—7. Provided that (Apte) ୮ ।ଯେବେ- 8. When (Apte).

ଯଦିଓ—ଦେ. ଅ—(ବଙ୍ଗଳାରୁ ଅନୁକୃତ)—ଯଦ୍ୟପି (ଦେଖ)
Jadio ଯଦିଓ ଅର୍ଥାତ୍ Jadyapi (See)

ଯଦିଚ (ବା)—ସଂ. ଅ.—ପକ୍ଷାନ୍ତରେ; ଯେବେ ଅବା—
Jadicha(bā) If on the other hand.

ଯଦି ସ୍ୟାତ୍—ସଂ. ଅ.—(ସଂ. ଯଦି+କ୍ରିୟା ସ୍ୟାତ୍=ହୁଏ)—୧ ।
Jadi syāt କେଜାଣି ଯେବେ; କେଜାଣି ଅବା—1. Who (ଯଦ୍ୟପି ସ୍ୟାତ୍—ଅନ୍ୟରୂପ) knows if. ୨ । ସମ୍ଭବତଃ—2. Perhaps. ୩ । ଯେବେ ହେବା—3. Even if.

ଯଦୀୟ—ସଂ. ବିଣ. (ଯଦ୍+ଈୟ; ତୁଳ. ମଦୀୟ, ତ୍ୱଦୀୟ, ତଦୀୟ)—
Jadīya ୧ । ଯାହା ସମ୍ବନ୍ଧୀୟ—1. Relating to which or whom. ୨ । ଯାହାର—2. Whose; of whom or what.

ଯଦୁ—ସଂ. ବି—୧ । ଦେବଯାନୀଙ୍କ ଗର୍ଭରେ ଚନ୍ଦ୍ରବଂଶୀୟ ପଞ୍ଚମ ରାଜା
Jadu ଯଯାତିଙ୍କ ଔରସ ଜାତ ଜ୍ୟେଷ୍ଠ ପୁତ୍ର—1. Name of the eldest son of king Jajāti.
[ଦ୍ର—ଏ ଯଯାତିଙ୍କ ବଡ଼ ପୁଅ ଥିଲେ । ମହାଭାରତରେ ଲେଖା ଅଛି କି, ଯଯାତି ଏହାଙ୍କ ଯୌବନ ସଙ୍ଗେ ଆପଣାର ବାର୍ଦ୍ଧକ୍ୟକୁ ବଦଳାଇବାକୁ କହିବାରୁ ଏ ନାହିଁ କଲେ । ଏଥିପାଇଁ ଯଯାତିଙ୍କ ଶାପରେ ଏ ରାଜ୍ୟଭ୍ରଷ୍ଟ ହେଲେ । ପରେ ଇନ୍ଦ୍ରଙ୍କ ଦୟାରୁ ଏହାଙ୍କୁ ରାଜ୍ୟ ମିଳିଲା । ଏ ଯଦୁ ବଂଶର ଆଦିପୁରୁଷ; ଶ୍ରୀକୃଷ୍ଣ ଯଦୁବଂଶରେ ଜନ୍ମଗ୍ରହଣ କରିଥିଲେ—ହି. ଶ]
୨ । ଯଦୁଙ୍କ ନାମ ଅନୁସାରେ ଅଭିହିତ ରାଜବଂଶ; ଯାଦବବଂଶ—2. The dynasty of kings named after king Jadu. ୩ । ମଥୁରା ନିକଟସ୍ଥ ପ୍ରାଚୀନ ଦଶାର୍ହ ଦେଶ—3. Name of an ancient country near Mathurā.

ଯଦୁ ନାଥ—ସଂ. ବି—(ଯଦୁମାନଙ୍କର ନାଥ, ଷଷ୍ଠୀ ତତ୍)—ଶ୍ରୀକୃଷ୍ଣ—
Jadu nātha Srikṛushṇa.
[ଯଦୁନନ୍ଦନ, ଯଦୁପତି, ଯଦୁମଣି, ଯଦୁଶ୍ରେଷ୍ଠ—ଅନ୍ୟରୂପ]

ଯଦୁ ବଂଶ—ସଂ.ବି—(ଷଷ୍ଠୀ ତତ୍)—ଯାଦବ ବଂଶ; ଚନ୍ଦ୍ରବଂଶୀୟ ଯଦୁରାଜାଙ୍କ
Jadu baṁśa ବଂଶ—The dynasty deriving its name from king Jadu.

ଯଦୁବଂଶୀ—ସଂ. ବିଣ.—(ଯଦୁବଂଶ+ଜାତାର୍ଥେ. ଇନ୍; ୧ମା. ୧ବ.)—
Jadu baṁśī ଯଦୁବଂଶରୁ ଜାତ—Born of the dynasty (ଯଦୁବଂଶୀୟ—ଅନ୍ୟରୂପ) of the Jadus. ଦେ. ବି—ଗୋପାଳମାନଙ୍କ ଶାଖାବିଶେଷ ବା ମଥୁରାମ୍ବଶୀଙ୍କ ଉପାଧି (ଏମାନଙ୍କୁ ଯାଦବ ବୋଲାଯାଏ)—Title of a sect of cowherds.

ଯଦୁବ(ବୀ)ର—ସଂ. ବି—(୭ମୀ ତତ୍)—ଶ୍ରୀକୃଷ୍ଣ—
Jaduba(bī)ra A name of Śrikṛushṇa.
[ଯଦୁଶ୍ରେଷ୍ଠ, ଯଦୁତ୍ତମ, ଯଦୁରାଜ(ଜ)—ଅନ୍ୟରୂପ]

ଯଦୁମଣି ମହାପାତ୍ର—ଦେ. ବି. (ନାମ)—ଜଣେ ଉତ୍କଳୀୟ କୌତୁକ-
Jadumani mahāpātra ପ୍ରିୟ ଅଲୁକବି । An Oriya poet. [ଏ କବି ଜାଇଗରେ ବଢ଼େଇ ଥିଲେ । ନୃସିଂହ ଗଡ଼ଜାତର ରାଜାଙ୍କ ସଭାରେ ଏହାଙ୍କର ପ୍ରତିଷ୍ଠା ଥିଲା । ଏହାଙ୍କ ହାସ୍ୟୋକ୍ତି ଜମନ୍ତେ ଏ ଉତ୍କଳର ସର୍ବତ୍ର ପରିଚିତ । 'ଯଦୁମଣି ରହସ୍ୟ' ନାମକ ପୁସ୍ତକ ଖଣ୍ଡେ ଉତ୍କଳର ଘରଘରିରେ ସମାଦୃତ । 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଏ କବିଙ୍କ ଲିଖିତ ପ୍ରଧାନ କାବ୍ୟ । ପ୍ରମାଣ—ଉତ୍କଳସାହିତ୍ୟ ଇତିହାସ ।]

ଯଦୁମଣି ଭଞ୍ଜ—ଦେ. ବି. (ନାମ)—ବ ୧୮୦୦ ଖ୍ରୀ ରେ ଜଣେ
Jadumani bhanja କବି—Name of a classical Oriya poet. (ଦ୍ର—ରୁକ୍ମିଣୀବିଳାସ ଏହାଙ୍କ ଦ୍ୱାରା ରଚିତ—ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।)

ଯଦୃଚ୍ଛୟା—ସଂ. କ୍ରି. ବିଣ—(ଯଦୃଚ୍ଛା ଶବ୍ଦର ୩ୟା ବିଭକ୍ତି ୧ବ.)—୧ ।
Jadṛuchchhayā ନିଜର ସ୍ୱାଧୀନ ଇଚ୍ଛା ଅନୁସାରେ—1. According to one's free will. ୨ । ଦୈବକ୍ରମେ—2. By chance. ୩ । ଅକସ୍ମାତ୍—3. Suddenly.

ଯଦୃଚ୍ଛୟାଭିଜ୍ଞ—ସଂ. ବି. ପୁଂ—ଯଦୃଚ୍ଛାଭିଜ୍ଞ (ଦେଖ)
Jadṛuchchhayābhijña Jadṛuchchhābhijña (See)

ଯଦୃଚ୍ଛା—ସଂ. ବି—(ସଂ. ଯଦ୍=ଯାହା+ଋଚ୍ଛ ଧାତୁ=ଯିବା+ଅ୍ଚ.
Jadṛuchchhā ଅ+ଆ; ଅଥବା ଯା+ଇଚ୍ଛା, କର୍ମଧାରୟ ଚନ୍ଦ)—
୧ । ସ୍ୱୈରବୃତ୍ତି; ସ୍ୱେଚ୍ଛାଚାରିତା—1. Wilfulness; arbitrary conduct. ୨ । ସ୍ୱାଧୀନତା; ସ୍ୱାତନ୍ତ୍ର୍ୟ—2. Independence; freedom. ୩ । ଅନାୟାସ; ଅକ୍ଳେଶ—3. Easiness; facility; ease. ୪ । ଦୈବ ଘଟଣା—4. Accident; chance. ୫ । (ବ୍ୟାକରଣରେ ନାମବାଚକ ବିଶେଷ୍ୟ ପଦ—5. (In grammar) Proper nouns. ୬ । ନିଜର ସ୍ୱାଧୀନ ଇଚ୍ଛା—6. Self-will. ଦେ. କ୍ରି. ବିଣ—(ସଂ. ଯଦୃଚ୍ଛୟା) ଦୈବକ୍ରମେ—By chance; accidentally.

ଯଦୃଚ୍ଛାକ୍ରମେ—ଦେ. କ୍ରି. ବିଣ (ସଂ ଯଦୃଚ୍ଛାକ୍ରମେଣ)
Jadṛuchchhākrame—୧ । ସ୍ୱେଚ୍ଛାମତେ; ମନଇଚ୍ଛାରେ—
ଯଦୃଚ୍ଛାକ୍ରମେ 1. According to one's free will or pleasure. ୨ । ସ୍ୱାଧୀନଭାବେ ମତେ—2. Freely.

ଯଦୃଚ୍ଛାଗତି—ସଂ. ବି—ନିଜ ଇଚ୍ଛା ଅନୁସାରେ ଗତି; ଯେଉଁ ଆଡ଼କୁ
Jadṛuchchhāgati ଯିବାକୁ ଇଚ୍ଛା କରିବ, ସେଆଡ଼େ ଗମନ କରିବା—Free movement; unfettered motion.

ଯଦୃଚ୍ଛାଚରଣ—ସଂ. ବି—ସ୍ୱେଚ୍ଛାଚାର; ଯଥେଚ୍ଛାଚରଣ—
Jadṛuchchhācharaṇa Arbitrary action or
(ଯଦୃଚ୍ଛାଚାର—ଅନ୍ୟରୂପ) conduct.

ଯଦୃଚ୍ଛାଚାରୀ—ସଂ. ବିଣ. ପୁଂ—ଯଥେଚ୍ଛାଚାରୀ (ଦେଖ)—
Jadṛuchchhāchārī Jathechchhāchārī (See)
(ଯଦୃଚ୍ଛାଚାରିଣୀ—ସ୍ତ୍ରୀ) [ଦ୍ର—ଏହିପରି ଯଦୃଚ୍ଛାବିହାର, ଯଦୃଚ୍ଛା-ବିଚରଣ, ଯଦୃଚ୍ଛାବିହାରୀ ଆଦି ଶବ୍ଦ ହୁଏ ।]

ଯଦୃଚ୍ଛାପ୍ରବୃତ୍ତ—ସଂ. ବିଣ (ଯଦୃଚ୍ଛା+ପ୍ରବୃତ୍ତ)—ସ୍ୱେଚ୍ଛାନୁସାରେ ନିଯୁକ୍ତ
Jadṛuchchhā prabṛutta—Engaged of one's own free will.

ଯଦୃଚ୍ଛାଭିଜ୍ଞ—ସଂ. ବି. ପୁଂ (ହିନ୍ଦୁ ସ୍ମୃତି)—୧ । ଯେ ସ୍ୱେଚ୍ଛାବଶେ
Jadṛuchchhābhijña ଉପସ୍ଥିତ ହୋଇ ସାକ୍ଷ୍ୟ ଦିଏ—
(ଯଦୃଚ୍ଛାଭିଜ୍ଞା—ସ୍ତ୍ରୀ) 1. (Hundu law) A voluntary or self-offered witness (.Apte). ୨ । ଯେଉଁ ସାକ୍ଷୀ ଘଟଣା ସ୍ଥଳରେ ଦୈବାତ୍ ଉପସ୍ଥିତ ଥାଏ (ସୃ.ଶ.)—2. A chance witness.

ଯଦୃଚ୍ଛାଲବ୍ଧ—ସଂ ବିଣ (ଯଦୃଚ୍ଛା+ଲବ୍ଧ)—ଅନାୟାସଲବ୍ଧ—
Jadṛuchchhā labdha Got easily.

ଯଦୃଚ୍ଛାଶବ୍ଦ—ସଂ. ବି (ବ୍ୟାକରଣ)—ପ୍ରାଣିବିଶେଷର ବା ସ୍ଥାନ ବିଶେଷର
Jadṛuchchhā śabda ନାମ—(grammar) Proper name (Apte).

ଯଦୃଚ୍ଛାସମ୍ବାଦ—ସଂ. ବି—୧ । ଦୈବାତ୍ କୌଣସି ଲୋକ ସଙ୍ଗେ କଥା
Jadṛuchchha sambāda ଭାଷା—1. Accidental conversation (Apte). ୨ । ଦୈବାତ୍ କୌଣସି ଲୋକସଙ୍ଗେ ଭେଟ—2. Accidental meeting (Apte).

ଯଦୃଚ୍ଛିକ—ସଂ. ବି. ପୁଂ (ଯଦୃଚ୍ଛା+ଇକ)—ଯେ ନିଜକୁ ଅନ୍ୟ ବ୍ୟକ୍ତିର
Jadṛuchchhika ପୋଷ୍ୟପୁତ୍ର ରୂପରେ ହେବାପାଇଁ ପ୍ରସ୍ତାବ କରେ—A son who offers himself for adoption.

ଯଦ୍ବତ୍—ସଂ. ଅ—ଯେଉଁପରି—Likewise. [ଦ୍ର—ଏହାର
Jadbat ଅପେକ୍ଷିତ ଶବ୍ଦ ତଦ୍ବତ୍ ।]

ଯଦ୍ବା—ସଂ. ଅ (ସଂ. ଯଦ୍+ବା)—୧ । କିମ୍ବା—1. Or; else.
Jadbā ୨ । ପକ୍ଷାନ୍ତରେ—2. On the other hand.

ଯଦ୍ବା ତଦ୍ବା—ସଂ. ଅ (ଯଦ୍ବା+ତଦ୍ବା)—କେବେ କେବେ (ସୃ. ଶ.)
Jadba tadbā Occasionally

ଯଦ୍ଭୃତ—ସଂ. ବି (ଯଦ୍+ଭୂତ)—ଦୈବାତ୍ ଯେଉଁ ଘଟଣା ଘଟେ—
Jadbhṛutta An adventure (Apte).

ଯଦ୍ଭବିଷ୍ୟ—ସଂ. ବିଣ (ଯଦ୍+ଭବିଷ୍ୟ)—୧ । ଭାଗ୍ୟସେବୀ; ଯାହା-
Jadbhabishya ଭାଗ୍ୟରେ ଥିବ ତାହା ଘଟିବ, ଏହାହି ଯେ କହୁ-ଥାଏ; ଅଦୃଷ୍ଟବାଦୀ; ଯେ ଅଦୃଷ୍ଟ ଉପରେ ନିର୍ଭର କରେ—1. Fatalist. ୨। ଯେଉଁ କଥା ଘଟିବା ଭାଗ୍ୟ ଉପରେ ନିର୍ଭର କରେ—2. Depending upon fate, fatalistic. ବି—ଯାହା ଘଟିବାର ଅଦୃଷ୍ଟରେ ଥିବ, ତାହା—Any thing which is pre-ordained by fate to happen.

ଯଦ୍ଭବିଷ୍ୟବାଦୀ—ସଂ.ବିଣ ଓ ବି. ପୁଂ (ଯଦ୍ଭବିଷ୍ୟ+ବାଦିନ୍)—ଅଦୃଷ୍ଟବାଦୀ
Jadbhabishyabādī A fatalist.
(ଯଦ୍ଭବିଷ୍ୟବାଦିନୀ ସ୍ତ୍ରୀ) (ଯଦ୍ଭବିଷ୍ୟବାଦ—ବି)

ଯଦ୍ୟପି—ସଂ. ଅ (ଯଦି+ଅପି)—ଯେବେ ସୁଦ୍ଧା; ଯେବେ ମଧ୍ୟ—
Jadyapi Even if; although.

ଯନ୍ତ—ଦେ. ବି (ସଂ. ଯନ୍ତ୍ର)—ଜନ୍ତ (ଦେଖ)
Janta Janta (See)

ଯନ୍ତର୍ (ଇତ୍ୟାଦି)—ଗ୍ରାଦେ (ସମ୍ବଲପୁର)—ଜନ୍ତର୍ ଇତ୍ୟାଦି (ଦେଖ)
Jantar (etc) Jantar etc (See)

ଯନ୍ତର (ଇତ୍ୟାଦି)—ଗ୍ରା. ବି.—(ସଂ. ଯନ୍ତ୍ର)—ଯନ୍ତ୍ର ଇତ୍ୟାଦି—
Jantara (etc) जन्तर, यंतर Jantra etc (See)
[ଭି—ଯନ୍ତର ବ ଜାଣୁ ନଥିବେ, ଯେମନ୍ତ ହୋଇଲେ ଯିବେ। କବିସୂର୍ଯ୍ୟ. ରତ୍ନାକରଜନ୍ମ. ଯ. ଗୀତ।]

ଯନ୍ତା—ଦେ. ବି. - ଜନ୍ତା (ଦେଖ)
Jantā যাঁতা यंतर Jantā (See)
[ଭି—ବ୍ୟାଘ୍ର ଯଉନ ଯନ୍ତାକୁ ଶୃଙ୍ଖଳ ମତ।
ଉଞ୍ଜ. ବୈଦେହୀଶବିଳାସ।]

ଯନ୍ତା—ସଂ. ବିଣ. ପୁଂ—(ଯମ ଧାତୁ=ନିବୃତ୍ତ କରିବା+କର୍ତ୍ତୃ. ତୃ, ୧ମା. ୧ବ.)—୧। ଦମନକାରକ—1. Restraining.
Jantā (ଯନ୍ତ୍ରୀ—ସ୍ତ୍ରୀ) ୨। ଶାସକ; ନିୟାମକ—2. Regulating. ୩। ନିବୃତ୍ତିକର—3. Preventing. ବି.—୧। ସାରଥି; ରଥଚାଳକ; କୋଚ୍‌ଅନ୍—1. A charioteer; a coachman; driver of a carriage. [ଭି—ଯାଳହୋଇ ରହି ଯେ ଅଶ୍ୱଶାସ୍ତ୍ରକର୍ତ୍ତା, ସେ ବା ହେଲେ ଅଛି ବାହୁକ ରୂପେ ଯନ୍ତା। କୃଷ୍ଣସିଂହ. ମହାଭାରତ ବନ]
୨। କର୍ମ ନିୟନ୍ତ୍ରଣ କରିବା କର୍ମଶୂନ୍ୟ; ତଦାରଖିବା ବ୍ୟକ୍ତି—2. A director; a governor. ୩। ହାତୀର ଚାଳକ; ମାହୁନ୍ତ—3. The driver of an elephant. ଦେ. ବି—ଜନ୍ତା ଇତ୍ୟାଦି (ଦେଖ)—Jantā etc (See). ଗ୍ରାଦେ. (ସମ୍ବଲପୁର) ବି—ଚକି—Grinding mill; mill-stone.

ଯନ୍ତା ଯନ୍ତ(ନ୍ତି)—ଦେ. ବି. ଓ ବିଣ—ଜନ୍ତାଜନ୍ତ(ନ୍ତି) (ଦେଖ)
Jantā janta(nti) Jantā janta(nti) (See)
[ଭି—ବାଗ ଝଟକୁ ଗଳ ଚଉଟକୁ ଶ୍ରୀନ ହୋଇ ଯନ୍ତା ଯନ୍ତ। ଭଞ୍ଜ. ବୈଦେହୀଶବିଳାସ।]

ଯନ୍ତିବା—ଦେ. କି.—ଜନ୍ତିବା (ଦେଖ)—Jantibā (See)
Jantibā (ଯନ୍ତ୍ର ହେବା—କର୍ମବାଚ୍ୟ ରୂପ)

ଯନ୍ତ୍ର (ଧାତୁ)—ସ.—୧। ସଙ୍କୁଚିତ କରିବା—
Jantra (root) 1. To contract.
୨। ଦମନ କରିବା—2. To restrain; to check; to curb. ୩। ବନ୍ଧନ କରିବା—3. To bind. ୪। ପୀଡ଼ା ଦେବା—4. To oppress; to afflict. ୫। ପେଷିବା—5. To press; to grind. ୬। ବାଧ୍ୟ କରିବା—6. To force; to oblige.

ଯନ୍ତ୍ର—ସ. ବି.—(ଯନ୍ତ୍ର ଧାତୁ+କରଣ. ଅ)—୧। ଯେଉଁ ପଦାର୍ଥର
Jantra ସାହାଯ୍ୟରେ ଅଳ୍ପ ବଳରେ ପ୍ରୟୋଗଦ୍ୱାରା ବହୁ ବଳସାଧ୍ୟ କାର୍ଯ୍ୟ ସମ୍ପନ୍ନ ହୁଏ; ଇଞ୍ଜିନ୍—1. Apparatus; machine; engine. [ଦ୍ର—ଏହାର ଅପଭ୍ରଂଶ ଯନ୍ତ୍ର, ଯନ୍ତା, ଯନ୍ତର।] ୨। ଅସ୍ତ୍ର ଶସ୍ତ୍ର; ହତିଆର; ଯୁଦ୍ଧଯନ୍ତ୍ର; ଆତ୍ମରକ୍ଷା ଓ ଶତ୍ରୁକୁ ଆକ୍ରମଣ କରିବା ପାଇଁ ବ୍ୟବହୃତ ଅସ୍ତ୍ରାଦି—2. Weapon of offence and defence. [ଦ୍ର—ଯୁଦ୍ଧ ଯନ୍ତ୍ରମାନ ୨ ଶ୍ରେଣୀରେ ବିଭକ୍ତ, ଯଥା—୧। ଅସ୍ତ୍ର=ଯାହା ଶତ୍ରୁ ଆଡ଼କୁ ନିକ୍ଷେପ କରାଯାଏ। ଯଥା—ବାଣ, ବନ୍ଧୁକ, ୨। ଶସ୍ତ୍ର=ଯାହାକୁ ହାତରେ ଧରି ପ୍ରହାର କରାଯାଏ। ଯଥା—ଗଦା, ଖଡ୍ଗ।] ୩। ଅଳ୍ପପରିଶ୍ରମରେ ଓ ସମୟରେ ବହୁପରିଶ୍ରମସାଧ୍ୟ ଓ ବହୁକାଳସାଧ୍ୟ କର୍ମ କରିବା ଉପାୟ—3. Any labour-saving or time-saving appliance. ୪। କାରିଗରମାନଙ୍କ ହତିଆର; ଶିଳ୍ପୀର ବା କଳାବିତ୍‌ର କର୍ମସାଧନୀ—4. Workman's tools; implements; instruments or implements used by craftsmen or artisans. [ଦ୍ର—ଭିନ୍ନ ଭିନ୍ନ କାର୍ଯ୍ୟର ନାମ ଦୃଷ୍ଟିରେ ଯନ୍ତ୍ରର ଭିନ୍ନ ଭିନ୍ନ ନାମ ଦିଆଯାଏ ଯଥା—ସୀବନ ଯନ୍ତ୍ର, ବେଧନ ଯନ୍ତ୍ର, ଛେଦନ ଯନ୍ତ୍ର।] ୫। ଯନ୍ତା; ଚକି; ପେଷିବା କଳ; ପେଷଣ ଯନ୍ତ୍ର—5. A mill. ୬। ଅନାୟାସରେ ପଦାର୍ଥର ପରିମାଣ, ସ୍ୱରୂପ, ବେଗ ଆଦି ନିରୂପଣ କରିବାର କୌଶଳ; କଳ—6. A meter, an instrument for ascertaining easily the quantity, nature and velocity of things. ୭। ଅଗ୍ନିଯନ୍ତ୍ର; ନାଳିକାସ୍ତ୍ର; ବନ୍ଧୁକ—7. Gun; firearm. ୮। ଏକ ସ୍ଥାନରେ ପ୍ରଯୁକ୍ତ ବା ଉଦ୍ଭୂତ ଶକ୍ତିକୁ ସ୍ଥାନାନ୍ତରକୁ ନେଇ ତାହା କାର୍ଯ୍ୟରେ ନିଯୁକ୍ତ କରାଇବା ପାଇଁ ଉଦ୍ଭାବିତ କୌଶଳ—8. A contrivance for the transmission of force or energy from one place to another. ୯ ଘଣା—9. An oilmill. ୧୦। ଦେବପୂଜାର୍ଥ ଭୂମି ଆଦିରେ ଅଙ୍କିତ ତନ୍ତ୍ରୋକ୍ତ ଭିନ୍ନ ଭିନ୍ନ ଚକ୍ର ବା ଚିହ୍ନ; ଦେବତାମାନଙ୍କର ଅଧିଷ୍ଠାନଚକ୍ର—10. Mystic diagrams or figures drawn on the ground etc. in connection with the worship of Deities according to Tantra. [ଦ୍ର—ଭିନ୍ନ ଭିନ୍ନ ଦେବତାଙ୍କ ପାଇଁ ତନ୍ତ୍ରରେ ଭିନ୍ନ ଭିନ୍ନ ପ୍ରକାର ଯନ୍ତ୍ରର ବିଧାନ ଅଛି। ଯନ୍ତ୍ର ବିନା ଯନ୍ତ୍ର ସମ୍ପନ୍ନ କାର୍ଯ୍ୟକାରୀ ହୁଏ ନାହିଁ। ଭିନ୍ନ ଭିନ୍ନ ଯନ୍ତ୍ର ପାଇଁ ଭିନ୍ନ ଭିନ୍ନ ଲକ୍ଷଣ ଉପାଦାନ ଓ ସ୍ଥାନମାନ ମଧ୍ୟ କଳ୍ପିତ ହୋଇଅଛି।] ୧୧। ବାଦ୍ୟ ଯନ୍ତ୍ର—11. Musical instrument. [ଦ୍ର—ଭିନ୍ନ ଭିନ୍ନ ବାଦ୍ୟ ଯନ୍ତ୍ରର ଭିନ୍ନ ଭିନ୍ନ ନାମ ଅଛି। ଯଥା—ତତ ଯନ୍ତ୍ର, ଆନଦ୍ଧ ଯନ୍ତ୍ର, ଘଣା ଯନ୍ତ୍ର।] ୧୨। ଜ୍ୟୋତିଷୋକ୍ତ ଚକ୍ର; ଜନ୍ମପତ୍ରିକାଲିଖିତଚକ୍ର ପତାକା—12. Astrological diagrams. ୧୩। ବୈଦ୍ୟଶାସ୍ତ୍ରୋକ୍ତ ଅସ୍ତ୍ର ଶସ୍ତ୍ର; ଡାକ୍ତରଙ୍କ ଅସ୍ତ୍ର—13. Surgical instruments. [ଦ୍ର—ଚିକିତ୍ସକମାନେ ଅସ୍ତ୍ର ବ୍ୟବହାର କରନ୍ତି ନାହିଁ, ଶସ୍ତ୍ର ବ୍ୟବହାର କରନ୍ତି। କିନ୍ତୁ ସାଧାରଣତଃ ଚିକିତ୍ସକଙ୍କ ଶସ୍ତ୍ରକୁ ଅସ୍ତ୍ର ବୋଲାଯାଇ ଥାଏ। ପୂର୍ବେ ଆର୍ଯ୍ୟମାନେ ଅସ୍ତ୍ରଚିକିତ୍ସାରେ

ନିପୁଣ ଥିଲେ । ଅସ୍ତ୍ର ପ୍ରୟୋଗ କଳ୍ପରେ, ସୁଶ୍ରୁତରେ ୧୦୧ ପ୍ରକାର ଅସ୍ତ୍ରର ଉଲ୍ଲେଖ ଅଛି । ସେସବୁର ୨ ଭାଗରେ ବିଭକ୍ତ :—ଯନ୍ତ୍ର ଓ ଶସ୍ତ୍ର । ଯନ୍ତ୍ରର ଧାର ନ ଥାଏ, ଶସ୍ତ୍ରର ଧାର ଥାଏ (Apte). ଯନ୍ତ୍ର ସର୍ବସମେତ ୧୦୧ଟି । ହିନ୍ଦୁ ଚିକିତ୍ସାଗ୍ରନ୍ଥମାନଙ୍କରେ ନିର୍ଦ୍ଦିଷ୍ଟ ଯନ୍ତ୍ରଶସ୍ତ୍ର ମଧ୍ୟରୁ କେତେଗୁଡ଼ିଏ, ଯଥା :—ସ୍ୱସ୍ତିକଯନ୍ତ୍ର—ହାଡ଼ରେ ବଦ୍ଧ ହୋଇଥିବା ବାଣ ବା ଶଲ୍ୟ ବାହାର କରିବାପାଇଁ ବ୍ୟବହୃତ । ସନ୍ଦଂଶ—ଚର୍ମ, ମାଂସ, ଶିରା ଓ ସ୍ନାୟୁରୁ କ୍ଷୁଦ୍ର ଶଲ୍ୟ ବା କଣ୍ଟା ବାହାର କରିବା ପାଇଁ । ତାଳ ଯନ୍ତ୍ର—କର୍ଣ୍ଣ ନାସିକାଦିରୁ ମଳ ବାହାର କରିବା ପାଇଁ ବ୍ୟବହୃତ ଯନ୍ତ୍ର । ଏହିପରି ଶଙ୍କୁ, ଯୋନ୍ୟାବେକ୍ଷଣ, ଭୃଙ୍ଗମୁଖ, ସିଂହ ମୁଖ, ନାଡ଼ୀ, ଶଳାକା ଆଦି ନାନା ଯନ୍ତ୍ର ଥିଲା । ଆଧୁନିକ ପାଶ୍ଚାତ୍ୟ ବିଜ୍ଞାନ ନାନା ଅଭିନବ ଯନ୍ତ୍ର (ସହସ୍ରାଧିକ) ଆବିଷ୍କାର କରିଅଛି ।] ୧୪ । ଔଷଧାଦି ପାକାର୍ଥ ବ୍ୟବହୃତ କୌଶଳ ବା ଉପାୟ—14. Appliances used in the preparation of medicines. [ଦ୍ର—ଔଷଧ ପାକାର୍ଥ ଯନ୍ତ୍ରାଦି ମଧ୍ୟରୁ କେତେକ,—ବାଲୁକା ଯନ୍ତ୍ର—ହାଣ୍ଡି ମଧ୍ୟରେ ବାଲି ଭର୍ତ୍ତି କରି ତାହା ନିଆଁ ଉପରେ ବସାଇ ବାଲି ମଧ୍ୟରେ ବୋତଲରେ ବା ପାତ୍ରରେ ଔଷଧପାକକରଣ । ଦୋଲାଯନ୍ତ୍ର-ନିଆଁ ଉପରେ ବସିଥିବା ହାଣ୍ଡିର ପାଣିରେ ଝୁଲାଇ ରଖି ପଦାର୍ଥକୁ ପାକ କରିବା ଉପାୟ । ସ୍ୱେଦନ ଯନ୍ତ୍ର—ଚୂଲିରେ ବସିଥିବା ପାଣି ହାଣ୍ଡି ମୁହଁରେ ଅଣାରକନା ବାନ୍ଧି ସେହି କନା ଉପରେ ପଦାର୍ଥ ରଖି ହାଣ୍ଡିରୁ ବାହାରୁଥିବା ବାଷ୍ପ ଦ୍ୱାରା ପାକକରଣ । ଏହିପରି ବିଦ୍ୟାଧର ଯନ୍ତ୍ର, ଭୂଧର ଯନ୍ତ୍ର, ଡମରୁ ଯନ୍ତ୍ରାଦି ନାନା ଯନ୍ତ୍ର ଅଛି ।] ୧୫ । ତନ୍ତ୍ରୋକ୍ତ ମାରଣ, ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ, ବିଦ୍ୱେଷଣାଦି କ୍ରିୟା ନିମନ୍ତେ ବ୍ୟବହୃତ ମନ୍ତ୍ର, କୌଶଳ ବା ପ୍ରୟୋଗ—15. Mystic appliances or charms employed in Tantric rites, which are performed to affect other people. e. g. killing, charming, maddening ୧୬ । କୁଯନ୍ତ୍ର; ପରର ଅନିଷ୍ଟାର୍ଥ ପ୍ରଯୁକ୍ତ ଗୁଣୀ ଗାରେଡ଼ି—16. Black magic (employed to injure others). ୧୭ । ଜୀବ ଦେହର ଭିନ୍ନ ଭିନ୍ନ କ୍ରିୟା କରୁଥିବା ଶରୀରାଭ୍ୟନ୍ତରସ୍ଥ ନାଡ଼ି ଆଦି—17. Internal organs of the animal system which perform different functions. ୧୮ । କବାଟର କିଳଣୀ ବା କୋଲପ—18. Bolt or lock of a door (Apte). ୧୯ । କୌଣସି ଦ୍ରବ୍ୟକୁ (ଘର କାନ୍ଥରେ) ଡେରି ରଖିବାର ଠେସ; ଠେସ; ଛିଟ—19. A prop; a support; a stay. ୨୦ । ବସ୍ତୁକୁ ବାନ୍ଧିବାର ଉପକରଣ (ଯଥା ଶିକୁଳି; ପଘା)—20. Fetter; band; tie (Apte). ୨୧ । ଅଭିମନ୍ତ୍ରିତ ତେଲିଭରିଆ ବା ପଦକାଦି—21. Amulet. ୨୨ । କୌଣସି କଳର ଅଙ୍ଗ ବା ନିର୍ମାଣକୌଶଳ—22. Mechanism of a machinery. ୨୩ । (+ଭାବ ଅ)—ନିୟନ୍ତ୍ରଣ—23. Restraint. (ଦ୍ର—ଯେ କୌଣସି ଅଭୀଷ୍ଟସାଧନାର୍ଥ ବ୍ୟବହୃତ ସହଜସାଧ୍ୟ କୌଶଳକୁ ଯନ୍ତ୍ର କୁହାଯାଏ; ଯଥା, ମୁଦ୍ରାଯନ୍ତ୍ର, କୂପଯନ୍ତ୍ର, ଜଳଯନ୍ତ୍ର, ଗୃହଯନ୍ତ୍ର, ବାଲୁକାଯନ୍ତ୍ର, ବାୟୁନିଷ୍କାସନ ଯନ୍ତ୍ର, ଉତ୍ତାପମାନଯନ୍ତ୍ର, ଦୂରବୀକ୍ଷଣଯନ୍ତ୍ର, ଅଣୁବୀକ୍ଷଣ ଯନ୍ତ୍ର)—ଦେ. ବି. ୧ । ଭାଥି—1. Bellows. { ଉ—ବନ୍ଧୁଙ୍କ ଯନ୍ତ୍ର ଉଦ୍ଧୃତ ଚାମର । ଲୋହ ଘର ପଡ଼ା ବୋଲି ଯେ ଲୁ. ବୈଦେହୀଶବିଳାସ ।—୨ । କୁହୁକ; ବାଜିଗରୀ—2. Magic.

ଯନ୍ତ୍ରକ—ସଂ. ବି. (ଯନ୍ତ୍ର+ସ୍ୱାର୍ଥେ କ)—ଯନ୍ତା (ଦେଖ)—Jantā (See) Jantraka ୧ । ଯନ୍ତ୍ରକାଷ୍ଠ; କୁନ୍ଦ—1. A lathe; turner's wheel. ୨ । ପେଷଣ ଯନ୍ତ୍ର; ଚକି—2. A hand-mill. ୩ । ଘାଆ ଆଦିରେ ବନ୍ଧା ଯିବା ପଟି—3. Ligature; bandage. ୪ । (ଯନ୍ତ୍ରଧାତୁ+ଭାବ. ଅକ)—ବେଦନା; ବ୍ୟଥା; କଷ୍ଟ—4. Pain; anguish. ୫ । ବାନ୍ଧିବା—5. Binding. ୬ । ଅଟକାଇ ରଖିବା—6. Restraining; confining. ୭ । ନିବାରଣ—7. Checking. ୮ । ଶାସନ—8. Controlling. ୯ । ପୁଂ (ଯନ୍ତ୍ର ଧାତୁ+କର୍ତ୍ତୃ ଅକ)—ଯନ୍ତ୍ର ପରିଚାଳକ—9. A mechanist; engineer (ଯନ୍ତ୍ରିକା—ସ୍ତ୍ରୀ) (Apte). ୧୦ । ଶାସକ; ନିୟାମକ—10. Controller; restrainer; regulator (Apte). ସଂ. ବିଣ. ପୁଂ—୧ । ଯନ୍ତ୍ର ପରିଚାଳନକାରୀ—1. Managing or driving a machine. ୨ । ନିୟନ୍ତ୍ରଣକାରୀ—2. Controlling.

ଯନ୍ତ୍ର କରଣ୍ଡିକା—ସଂ. ବି—(ମ. ପ. ଲୋ)—କୁହୁକିଆର ପେଡ଼ି—Jantra-karaṇḍikā A magician's basket.

ଯନ୍ତ୍ର କରିବା—ଦେ. କ୍ରି.—୧ । ଯନ୍ତ୍ର ନିର୍ମାଣ କରିବା—1 To prepare a machine or contrivance. Jantra karibā यन्त्रकरा जन्तरकरना ୨ । କୌଶଳ ପ୍ରୟୋଗ କରିବା—2. To employ a contrivance. ୩ । କୌଣସି ବ୍ୟକ୍ତି ବିରୁଦ୍ଧରେ ତାନ୍ତ୍ରିକ ଅଭିଚାର ପ୍ରୟୋଗ କରିବା—3. To employ the black art or charm against a person.

ଯନ୍ତ୍ରକଳା—ସଂ. ବି—ଯନ୍ତ୍ରବିଦ୍ୟା; ଯେଉଁ ବିଦ୍ୟାଦ୍ୱାରା ଯନ୍ତ୍ର ସାହାଯ୍ୟରେ Jantra kalā ସୂକ୍ଷ୍ମ କାର୍ଯ୍ୟମାନ କରାଯାଏ—Mechanical art; mechanical engineering.

ଯନ୍ତ୍ରକା(ଣୀ)—ସଂ. ବି. ସ୍ତ୍ରୀ (ଯନ୍ତ୍ରକ+ଅ)—କନିଷ୍ଠା ଶାଳିକା; ଅପଣା Jantrakā(ṇī) ସ୍ତ୍ରୀର କନିଷ୍ଠା ଭଗିନୀ; କେଳକୁଞ୍ଚିକା; ଶାଳୀ—One's wife's younger sister; younger sister-in-law

ଯନ୍ତ୍ରକାଷ୍ଠ—ସଂ. ବି—କୁନ୍ଦ; ଯେଉଁ ଯନ୍ତ୍ରରେ କାଠକୁ ଲଗାଇ କୁନ୍ଦିବାକୁ Jantra kāshṭha ହୁଏ—A turning lathe

ଯନ୍ତ୍ର କୁଶଳ—ସଂ. ବଣ. ପୁଂ (ଯନ୍ତ୍ରରେ କୁଶଳ; ୭ମୀ ତତ୍)— **Jantra kuśaḷa** ଯନ୍ତ୍ର ନିର୍ମାଣ ବା ପରିଚାଳନ ବିଷୟରେ ଦକ୍ଷ— (ଯନ୍ତ୍ରକୁଶଳା—ସ୍ତ୍ରୀ) Expert in making or handling (ଯନ୍ତ୍ରକୁଶଳତା—ବିଶେଷ୍ୟ) a machine.

ଯନ୍ତ୍ର କୌଶଳ—ସଂ. ବି (୭ମୀ ତତ୍)—ଯନ୍ତ୍ର ନିର୍ମାଣରେ ଉପଯୋଗୀ **Jantra kauśaḷa** କୌଶଳ—Ingenuity in making a machine.

ଯନ୍ତ୍ର କୌଶଳୀ—ସଂ. ବଣ. ପୁଂ—ଯନ୍ତ୍ର ଶିଳ୍ପୀ; ଯନ୍ତ୍ର ଜାଣିବାର୍— **Jantra kauśaḷī** Mechanic; fully conversant (ଯନ୍ତ୍ର କୌଶଳିନୀ—ସ୍ତ୍ରୀ) with the mechanism of machines.

ଯନ୍ତ୍ରଗୃହ—ସଂ. ବି—୧ । ଯେଉଁ ଘରେ ଯନ୍ତ୍ରଦ୍ୱାରା କାମ ଚଳେ— **Jantra gṛuha** 1. A machine-house; a work- (ଯନ୍ତ୍ରଭବନ—ଅନ୍ୟରୂପ) shop; engine room; a mill-house. ୨ । ତେଲିଙ୍କ ଘଣା ଶାଳ—2. An oil-mill (Apte); oilman's workshop.

ଯନ୍ତ୍ରଣ—ସଂ. ବି (ଯନ୍ତ୍ର ଧାତୁ+ଭାବ. ଅନ)—୧ । ଦମନ; ଶାସନ; **Jantraṇa** ନିୟନ୍ତ୍ରଣ—1. Restraining; controlling; checking. ୨ । ପୀଡ଼ନ—2. Pressing. ୩ । ପୀଡ଼ା - 3. Pang. ୪ । ବନ୍ଧନ - 4. Binding; confining; fastening. ୫ । ସଙ୍କୋଚନ — 5. Contracting. ୬ । ରକ୍ଷା କରିବା; ଜଗିବା— 6. Guarding; protecting. ୭ । (+କରଣ ଅନ)—ବନ୍ଧନୀ; ପଟି—7. Bandage (Apte).

ଯନ୍ତ୍ରଣା—ସଂ. ବି (ଯନ୍ତ୍ରଧାତୁ ଭାବ. ଅନ+ଆ)—୧ । ପୀଡ଼ା— **Jantraṇā** 1. Oppression. ୨ । ବେଦନା; ଯାତନା; ଦୁଃଖ; ବ୍ୟଥା—2. Pang; pain; anguish. ୩ । ଦେହରେ ଚନ୍ଦନ, କସ୍ତୁରୀ ଆଦିଦ୍ୱାରା ଚିତ୍ର ରଚନା— 3. Smearing the body with sandal paste etc. by drawing various figures

ଯନ୍ତ୍ରଣାକର—ସଂ ବଣ. (ଯନ୍ତ୍ରଣା + କୃ ଧାତୁ + କର୍ତ୍ତୃ. ଅ)—ଦୁଃଖ- **Jantraṇākara** ପ୍ରଦ—Giving pang, painful (ଯନ୍ତ୍ରଣାଦାୟକ, ଯନ୍ତ୍ରଣାପ୍ରଦ—ଅନ୍ୟରୂପ)

ଯନ୍ତ୍ରଣାଗ୍ନି—ସଂ. ବି (ରୂପକ)—ଅଗ୍ନି ପରି ଜ୍ୱଳାମୟ ଯାତନା— **Jantraṇāgni** Fiery pangs; pang compared to (ଯନ୍ତ୍ରଣାନଳ—ଅନ୍ୟରୂପ) fire.

ଯନ୍ତ୍ରଣାଦାତା—ପୁଂ. ସଂ. ବଣ. ପୁଂ (ଉପପଦ, ଯନ୍ତ୍ରଣା+ଦାତା)— **Jantraṇā dātā** ଉତ୍ପୀଡ଼କ—Oppressive; oppres- (ଯନ୍ତ୍ରଣାଦାୟକ, ଯନ୍ତ୍ରଣାପ୍ରଦ—ଅନ୍ୟରୂପ) sing, (ଯନ୍ତ୍ରଣାଦାତ୍ରୀ, ଯନ୍ତ୍ରଣାଦାୟିକା, ଯନ୍ତ୍ରଣାପ୍ରଦା—ସ୍ତ୍ରୀ)

ଯନ୍ତ୍ରଣାଭୋଗ—ସଂ. ବି (୭ମୀ ତତ୍)—କଷ୍ଟଭୋଗ; ଯାତନା ଭୋଗ **Jantraṇā bhoga** —The undergoing or suffering of pangs.

ଯନ୍ତ୍ର ତନ୍ତ୍ର—ସଂ. ବି (ସଦ୍ୱନ୍ଦ୍ୱ)—୧ । ଶିଳ୍ପୀର ଉପକରଣ ଓ କୌଶଳ— **Jantra tantra** 1. The materials and contrivances of an artisan or mechanic. ୨ । ଯନ୍ତ୍ର ମନ୍ତ୍ର (ଦେଖ)—2. Jantra mantra (See)

ଯନ୍ତ୍ର ତୋରଣ—ସଂ. ବି (ମ. ପ. ଲୋ)—କଳଦ୍ୱାରା ପରିଚାଳିତ **Jantra toraṇa** ଖିଲାଣ—A mechanical arch; an arch fitted with contrivance to move it (Apte).

ଯନ୍ତ୍ରଦୃଢ଼—ସଂ. ବି (୩ୟା ତତ୍)—କିଳଣୀ ଦ୍ୱାରା ଖିଲିତ (ଦ୍ୱାର)— **Jantradṛuḍha** (a door) Secured by bolt (Apte).

ଯନ୍ତ୍ରନାଳ—ସଂ. ବି (ମ. ପ. ଲୋ)—ଯେଉଁ ନଳଦ୍ୱାରା କୂଅଆଦିରୁ **Jantranāḷa** ପାଣି ଉଠାଯାଏ—A mechanical tube; a tube for lifting water by machinary.

ଯନ୍ତ୍ରନିର୍ମାଣ—ସଂ ବି (ଯନ୍ତ୍ର+ନିର୍ମାଣ ୬ଷ୍ଠୀ ତତ୍)—୧ । ଯନ୍ତ୍ର ଗଢ଼ିବା **Jantra nirmāṇa** —1. Manufacture of a machine or instrument. ୨ । ଯନ୍ତ୍ର ମାତୃକା (ଦେଖ)—2. Jantra matṛukā (See)

ଯନ୍ତ୍ର ନିର୍ମାତା—ସଂ. ବି. ପୁଂ—ଯେ ଯନ୍ତ୍ର ତିଆରି କରିଥାଏ; ଯାନ୍ତ୍ରିକ— **Jantra nirmātā** The manufacturer of an (ଯନ୍ତ୍ର ନିର୍ମାତ୍ରୀ—ସ୍ତ୍ରୀ) engine; instrument maker.

ଯନ୍ତ୍ର ପତର—ଦେ. ବି (ଅନର୍ଥକ ୨ୟ ସଦ୍ୱନ୍ଦ୍ୱ)—ଯନ୍ତ୍ରାଦି; ଯନ୍ତ୍ର ତନ୍ତ୍ର **Jantra patara** —Instruments and materials. (ଯନ୍ତ୍ରପତ୍ର, ଯନ୍ତ୍ର ପାତି—ଅନ୍ୟରୂପ) যন্ত্রপাতি

ଯନ୍ତ୍ର ପିତୁଳା(ଳି)—ଦେ. ବି (ସଂ ଯନ୍ତ୍ର+ପୁତ୍ତଳିକା)—ଯନ୍ତ୍ରଚାଳିତ **Jantra pituḷā(ḷi)** ପିତୁଳା—Mechanical doll. [ଉ—ବନ୍ଧୁ ଯନ୍ତ୍ରପିତୁଳା ପରିପ୍ରାୟେ ନାଚି—ଉପେ. ବୈଦେହୀଶବିଳାସ ।]

ଯନ୍ତ୍ର ପୁତ୍ରକ ପୁତ୍ରିକା—ସଂ. ବି (ମ. ପ. ଲୋ)—ଯନ୍ତ୍ରଦ୍ୱାରା ପରି- **Jantra putraka(putrikā)** ଚାଳିତ କଣ୍ଢେଇ; କଳ କଣ୍ଢେଇ ଯନ୍ତ୍ର ପୁତ୍ତଳ, ଯନ୍ତ୍ର ପୁତ୍ତଳିକା } ଅନ୍ୟରୂପ —Mechanical doll; a puppet furnished with contrivances to move it.

ଯନ୍ତ୍ର ପେଷଣୀ—ସଂ ବି—୧ । ଚକି—1. Grinding mill; **Jantra peshaṇī** handmill (Apte). ୨ । କଳ ଚକି—2. A mill driven by machine.

ଯନ୍ତ୍ର ପ୍ରବାହ—ସଂ. ବି (ମ. ପ. ଲୋ) ଯନ୍ତ୍ର ପରିଚାଳିତ ବା କୃତ୍ରିମ **Jantra prabāha** ଜଳସ୍ରୋତ—An artificial stream of water.

ଯନ୍ତ୍ର ବିଜ୍ଞାନ—ସଂ. ବି (ଆଧୁନିକ)—ଯନ୍ତ୍ର ନିର୍ମାଣ ଓ ପରିଚାଳନାଦିର **Jantra bijñāna** ଜ୍ଞାନ ସମ୍ବନ୍ଧୀୟ ଶାସ୍ତ୍ର—The science of (ଯନ୍ତ୍ର ବିଦ୍ୟା—ଅନ୍ୟରୂପ) mechanics; mechanics.

ଯନ୍ତ୍ର ଭୃତ୍ୟ—ସଂ. ବି (ଆଧୁନିକ)—ମିଲ୍‌ରେ ବା କଳରେ କାମ କରୁଥିବା **Jantra bhṛutya** ଭୃତ୍ୟ—Millhand; workman in a factory.

ଯନ୍ତ୍ର ମନ୍ତ୍ର—ସଂ. ବି.—(ଦ୍ୱନ୍ଦ୍ୱ)—୧ । ଯନ୍ତ୍ର ଓ ମନ୍ତ୍ର—1. Mystic Jantra mantra figures and formulas. ୨ । ଯନ୍ତ୍ର ମନ୍ତ୍ର ଗୁଣି ଗାରେଡ଼ି—2. Black art.

ଯନ୍ତ୍ରମାତୃକା—ସଂ. ବି.—ଚଉଷଠି କଳା ମଧ୍ୟରୁ ଏକ; ଯନ୍ତ୍ରନିର୍ମାଣ ବିଦ୍ୟା; Jantra mātṛukā ଯେଉଁ କଳାଦ୍ୱାରା ନାନା ଯନ୍ତ୍ର ତିଆରି କରାଯାଏ—One of the 64 fine arts, namely, the feat of making many mechanical domestic devices. (କଳା* ତଳେ ଟୀକା ଦେଖ)

ଯନ୍ତ୍ର ମାର୍ଗ—ସଂ.ବି. (ମ. ପ. ଲୋ)—କୃତ୍ରିମ ନାଳ; କେନାଲ—Jantra mārga A canal; aqueduct (Apte).

ଯନ୍ତ୍ରରାଜ—ସଂ. ବି. (୬ଷ୍ଠୀ ତତ୍)—୧ । ନକ୍ଷତ୍ର ଓ ଗ୍ରହମାନଙ୍କ ସଞ୍ଚ- Jantrarāja ଳସୂଚକ ଜ୍ୟୋତିଷିକ ଯନ୍ତ୍ର ବା ଚକ୍ର ବିଶେଷ (ହି. ଶ)—1. A kind of astronomical diagram. ୨ । ଶ୍ରେଷ୍ଠ ଯନ୍ତ୍ର —2. An excellent machine or diagram.

ଯନ୍ତ୍ର ଶର—ସଂ. ବି. (ମ ପ. ଲୋ)—ଯନ୍ତ୍ର ଦ୍ୱାରା ଫିଙ୍ଗାଯିବା ବାଣ—Jantra śara An arrow or missile shot off by means of machinary.

ଯନ୍ତ୍ର ଶାଳା—ସଂ. ବି. (ମ. ପ. ଲୋ)—୧ । ବେଧଶାଳା (ହି. ଶ)—Jantra śālā 1. Observatory. ୨ । ଅନେକ ପ୍ରକାର ଯନ୍ତ୍ର ଥିବା ଗୃହ; କାରଖାନା—1 Factory; workshop; machine-house.

ଯନ୍ତ୍ର ଶିଳ୍ପ—ସଂ. ବି. (ଅଧିକରଣ)—ଯନ୍ତ୍ରଦ୍ୱାରା କୃତ ଶିଳ୍ପ—Things of Jantra śilpa art made by means of machinary.

ଯନ୍ତ୍ର ଶିଳ୍ପୀ—ସଂ. ବି. (ଅଧିକରଣ)—ଯନ୍ତ୍ର ପରିଚାଳନରେ ଦକ୍ଷ ବ୍ୟକ୍ତି—Jantra śilpi A mechanic.

ଯନ୍ତ୍ର ସୂତ୍ର—ସଂ. ବି. (ମ. ପ. ଲୋ)—ଯେଉଁ ସୂତା ଦ୍ୱାରା କଣ୍ଢେଇକୁ Jantra sūtra ନଚାଯାଏ (ହି. ଶ)—A string for making puppets dance.

ଯନ୍ତ୍ରାଳୟ—ସଂ. ବି. (ମ. ପ. ଲୋ)—୧ । କଳ ବା କାରଖାନା ଘର- Jantrālaya 1. Machinary house; workshop; factory. ୨ । ମୁଦ୍ରାଯନ୍ତ୍ରାଳୟ—2. Printing house; press (Apte).

ଯନ୍ତ୍ରୀ—ଦେ. ବି. (ସଂ. ଯନ୍ତ୍ର)—୧ । ଯନ୍ତ୍ରମନ୍ତ୍ର ବା ଗୁଣିଗାରେଡ଼ିରେ Jantri ପ୍ରୟୋଗ କରାଯିବା ଛୋଟ କାଠି—1. Small twigs यन्त्री used in the employment of black magic. यन्त्री [ଉ—ଅଠ ଖଣ୍ଡି କାଠିକି ୧୬ ଖଣ୍ଡି ଯନ୍ତ୍ରି, ଅରୁନ୍ଧତୀମଣ୍ଡା ରଖାକୁ ପାଳବଶ୍ୟା ମନ୍ତ୍ରୀ । ଚଗ] ୨ । କାଲେଣ୍ଡର; ପଞ୍ଜି ପତ୍ରିକା—2. Sheet calender. ଗ୍ରାଦେ. (ସମ୍ବଲପୁର)—ଚକି;ପେଷଣା ଚକି—Grinding mill; hand mill.

ଯନ୍ତ୍ରିକା—ସଂ. ବି. (ଯନ୍ତ୍ର+କ୍ଷୁଦ୍ରାର୍ଥେ. କ+ଆ)—୧ । ଗୁଆକାତି—Jantrikā 1. Nut-cracking contrivance; nut-cracker. ୨ । ହାତ ଚକି—2. A hand-mill. ୩ । ଛୋଟ କଳ—3. A small machine. ୪ । ଯନ୍ତ୍ରିକା; ଶାଳୀ—4. Wife's younger sister. ୫ । ଛୋଟ କୋଲପ (ହି ଶ)—5 A small padlock

ଯନ୍ତ୍ରିଣୀ—ସଂ. ବଣ. ସ୍ତ୍ରୀ (ଯନ୍ତ୍ରୀନ୍+ଈ)—ଯନ୍ତ୍ରୀର ସ୍ତ୍ରୀଲିଙ୍ଗ—Jantrini Feminine of Jantri. ସଂ. ବି. ସ୍ତ୍ରୀ—୧ । ଯନ୍ତ୍ରୀର ସ୍ତ୍ରୀଲିଙ୍ଗ—1. Feminine of Jantri. ୨ । ଶାଳୀ—2. One's wife's younger sister (Apte).

ଯନ୍ତ୍ରିତ —ସଂ. ବଣ. (ଯନ୍ତ୍ର ଧାତୁ+କର୍ମ. ତ)—୧ । ବଦ୍ଧ—1. Tied; Jantrita bound; fastened. ୨ । ଶୃଙ୍ଖଳିତ—2. Fettered; enchained. ୩ । ଦମିତ—3. Restrained; checked; controlled. ୪ । କୋଲପ ପଡ଼ିଥିବା ବା ଖିଳା ଯାଇଥିବା (ହି. ଶ)—4. Locked or bolted (door).

ଯନ୍ତ୍ରିତକଥ—ସଂ. ବଣ. ପୁଂ. (ବହୁବ୍ରୀହି; ଯନ୍ତ୍ରିତ ହୋଇଅଛି କଥା Jantritakatha ଯାହାର)—ଯାହାକୁ ବାଧ କରି କଥା କହିବା (ଯନ୍ତ୍ରିତବାକ୍—ଅନ୍ୟରୂପ, ପୁଂ ଓ ସ୍ତ୍ରୀ) ବିଷୟରୁ ବନ୍ଦ କରାଯାଇ (ଯନ୍ତ୍ରିତ କଥା—ସ୍ତ୍ରୀଲିଙ୍ଗ) ଅଛି—Tongue-tied; forced to be silent.

ଯନ୍ତ୍ରିବା—ଦେ.(ତଦ୍ଭବ) କ୍ରି.(ସଂ.ଯନ୍ତ୍ର ଧାତୁ)—୧ । ସଂଯୋଜିତ କରିବା—Jantribā 1. To apply; to join; to attach. लगाना, जोड़ना (ଉ—ନିଜ ଧନୁର୍ଗୁଣରେ କେଉଁଣ ଯନ୍ତ୍ରିଲେ । यन्त्रा କୃଷ୍ଣସିଂହ. ମହାଭାରତ. ବନ ।) ୨ । ଯନ୍ତ୍ରଣା ପାଇବା; यन्त्रा କଷ୍ଟ ପାଇବା—2. To suffer pain or anguish. [ଉ—ସଂସାର ଅନୁଭାବେ ଯନ୍ତ୍ରି
ସୁହୃଦ ଭକ୍ତି ମାର୍ଗେ ଚନ୍ତ୍ରି
ହୃଦରେ ଥାପି ତୋର ରୂପ
କେବେ ଗଡ଼ନ୍ତି ଭବ ତାପ । ଜଗନ୍ନାଥ. ଭାଗବତ ।]

ଯନ୍ତ୍ରୀ—ସଂ. ବଣ. ପୁଂ. (ଯନ୍ତ୍ର+ଅସ୍ତି ଅର୍ଥରେ ଇନ୍, ୧ମା. ୧ବ)—୧ । Jantri ଯନ୍ତ୍ରଯୁକ୍ତ—1. Having instrument. ୨ । ଚକ୍ରାନ୍ତ- (ଯନ୍ତ୍ରିଣୀ—ସ୍ତ୍ରୀ) କାରୀ—2. Conspiring; designing; plotting. ୩ । ଯନ୍ତ୍ର ସମ୍ବନ୍ଧୀୟ—3. Mechanical; instrumental. ୪ । ଧୂର୍ତ୍ତ—4. Ingenuous; crafty. ୫ । ଉଦ୍ଭାବନଶୀଳ—5. Inventive; projecting. ୬ । ଜିନ୍ ଓ ଲଗାମ ଆଦିରେ ସଜ୍ଜିତ (ଘୋଡ଼ା)—6. Harnessed; furnished with trappings (Apte). ୭ । ତେଉଁରିଆ ଦ୍ୱାରା ସୁରକ୍ଷିତ (ବ୍ୟକ୍ତି)—7. (a person) Protected by charms or amulet. ୮ । ଉତ୍ପୀଡ଼ନକାରୀ—8. Tormenting. ୯ । ନିୟନ୍ତ୍ରଣକାରୀ—9. Restraining; controlling. ବି.ପୁଂ—୧। ଶିଳ୍ପକାର;ଶିଳ୍ପୀ—1. A mechanic; an artisan. ୨ । ଯନ୍ତ୍ରସ୍ୱାମୀ—

2. The master of a machine. ୩ । ଯନ୍ତ୍ରକୁଶଳ ବ୍ୟକ୍ତି—3. An engineer. ୪ । କୌଣସି ଅନୁଷ୍ଠାନର ସୁବନ୍ଧର ବ୍ୟକ୍ତି—4. The superintendent or head of an institution. ୫ । ବାଦ୍ୟଯନ୍ତ୍ର ବାଦକ—5. A musician. ୬ । କଳ କାରଖାନା ଘରର ମାଲିକ; ମେନେଜର; ଯନ୍ତ୍ର ଶୃଙ୍ଖଳା ସମ୍ବନ୍ଧେ ତତ୍ତ୍ୱାବଧାରକ; ପ୍ରଧାନ ଶ୍ରମିକ—6. Manager of a workshop or factory. ୭ । ଗୁଣୀ ଜନ—7. A wise man. ୮ । ଚକ୍ରାନ୍ତକାରୀ; ମେଳିଆ—8. A conspirator, a plotter. ୯ । ପଞ୍ଜିକା—9. An almanac. ୧୦ । ସଣ୍ଡୁଆସି; ଚିମୁଟା—10. A pair of tongs. ୧୧ । ଗୁଣିଆ; ତନ୍ତ୍ର ମନ୍ତ୍ରରେ ପ୍ରବୀଣ ବ୍ୟକ୍ତି (ହି. ଶ)—11. A person skilled in the art of magic or in applying charms. ୧୨ । ନିୟାମକ ବ୍ୟକ୍ତି—12. A controller; regulator. ଦେ. ବି—୧ । ଯନ୍ତ୍ରବିଦ୍ୟାରେ ବ୍ୟବହୃତ ମନ୍ତ୍ର କାଠି କରିବା ଶ୍ଳୋକ ତହିଁ ସଙ୍ଗେ ପ୍ରୟୋଗ କରାଯିବା ଉପାୟ—1. Charms accompanying magical incantations. ୨ । ଯେଉଁ ଫଳକରେ ବା ପତ୍ରରେ ବର୍ଷର ବା ମାସର ସମସ୍ତ ଦିବସର ପାଞ୍ଜି ଲେଖାଥାଏ—2. Calendar; wallcalendar. ପ୍ରାଦେ (ସମ୍ବଲପୁର) ବି—ଚକି—Grinding stone; handmill.

यन्त्री
यन्त्री
रोजा
जादुगरयुगी

ଯବତକ୍—ବୈଦେ. କ୍ରି. ବିଣ (ଉର୍ଦ୍ଦୁ)—ଯେତେବେଳ; ଯେତେବେଳ Jab-tak ପର୍ଯ୍ୟନ୍ତ; ଯେତେବେଳ ଯାଏ—Till which time. (ଯବ୍‌ତଲକ୍—ଅନ୍ୟରୂପ) यतक्षन् जब तक्

ଯବ—ସ. ବି (ଯୁ. ଧାତୁ ମିଶ୍ରିତ କରିବା + କର୍ତ୍ତୃ. ଅ)—୧ । କୃଷିଜାତ Jaba ଶୂକଧାନ୍ୟ; ଯଅଧାନ—1. Barley; Hordeum Vulgare; Hordeum Haxasticum. [ବ୍ରୁ—ଏହା ଧାନ୍ୟାଦିବର୍ଗର ପ୍ରସିଦ୍ଧ କୃଷିଜାତ ଶସ୍ୟ । ଏହାର ଅନ୍ୟ ସଂ ନାମ—ଅକ୍ଷତ, କଞ୍ଚୁକୀ, ତୀକ୍ଷ୍ଣଶୂକ, ତୁରଗପ୍ରିୟ, ଧାନ୍ୟରାଜ, ଦିବ୍ୟ, ପବିତ୍ରଧାନ୍ୟ, ମେଧ୍ୟ, ଶକ୍ତୁ, ଶୀତଶୂକ, ସିତଶୂକ । ଶୀତଦେଶରେ ଏହା ଅଧିକ ଶସ୍ୟ ଫଳେ । ଏହାକୁ ଚୂର୍ଣ୍ଣ ପିଠା ଓ ଛାତୁ ଆଦି କରି ଖିଆଯାଏ । ଯେଉଁ ଯବ ଧାନର ଶୂକ (ଶିଙ୍ଘ) ଥାଏ ତାହାର ନାମ ଯବ; ଶୂକଶୂନ୍ୟ ଯବକୁ ଅତିଯବ, ହରିଦ୍‌ବର୍ଣ୍ଣ ଯବକୁ ତୋକ୍ୟ ଓ ଶ୍ରେଷ୍ଠ ଯବକୁ ସୂକ୍ଷ୍ମଯବ ବୋଲାଯାଏ । ବୈଦ୍ୟଶାସ୍ତ୍ରମତରେ ଏହା କଷାୟମଧୁର, ଶୀତଳ, ଲେଖନ ଗୁଣଯୁକ୍ତ, ମୃଦୁବୀର୍ଯ୍ୟ, ବ୍ରଣରୋଗରେ

यव, य
जौ, जई
ତେ. ଯବଲନେନ୍ତି ଧାନ୍ୟମୁ
ଦ୍ରା. ବାର୍ଲି ଅରସୀ
ମ. ଜବ, ଜୌ
ଗୁ. ଜବ
ଫା. ଜବ
ଆ. ଶଇର୍

ତିଳପର ହିତକର, ରୁକ୍ଷ, ଅଗ୍ନିବର୍ଦ୍ଧକ, କଟୁବିପାକ; ଅନଭିଷ୍ୟନ୍ଦୀ, ସ୍ୱରପ୍ରସାଦକ, ବଳକାରକ, ଗୁରୁ ଓ ବାୟୁର ଏବଂ ମଳର ଅତିଶୟ ବର୍ଦ୍ଧକ, ବର୍ଣ୍ଣପ୍ରସାଦକ, ଶରୀରର ସ୍ଥିରତାସମ୍ପାଦକ ଓ ପିଚ୍ଛିଳ । ଏହା କଣ୍ଠରୋଗ, ଚର୍ମରୋଗ, ପିତ୍ତ, ମେଦଃ, ପୀନସ, ଶ୍ୱାସ, କାଶ, ଊରୁସ୍ତମ୍ଭ, ରକ୍ତଦୋଷ ଓ ତୃଷ୍ଣାନାଶକ । ନୂତନ ଯବ ହିତକର । ଦୁଇ ବର୍ଷର ପୁରୁଣା ଯବ ବିରସ, ରୁକ୍ଷ ଓ ଗୁଣହୀନ ହୁଏ । ପୁରୁଣା ଯବ ଶ୍ରେଣୀର ପଥ୍ୟ—ଦ୍ରବ୍ୟଗୁଣ ।] ୨ । ପରିମାଣ ବା ଓଜନ ବିଶେଷ, (ଏହା ୪ ଧାନ ବା ୬ ସୋରିଷର ଓଜନ ସଙ୍ଗେ ସମାନ)—2. A unit of weight representing the weight of a barley corn or 4 paddy seeds or 6 mustard seeds. ୩ । ହାତ ଅଙ୍ଗୁଠିର ପର୍ବସନ୍ଧିମାନଙ୍କରେ ଥିବା ଯବାକାର ରେଖା—3. Natural lines on the joints of the fingers of the human hand, resembling barley corn and indicative of the possessor's prosperity, according to palmistry. [ବ୍ରୁ—ସାମୁଦ୍ରିକ ଶାସ୍ତ୍ର ଅନୁସାରେ ଏହି ସବୁ ରେଖାରୁ ଧନ, ସନ୍ତାନ, ସୌଭାଗ୍ୟାଦି ସୂଚିତ ହୁଏ ।] ୪ । ଦୈର୍ଘ୍ୟ ପରିମାଣ ବିଶେଷ; ଯବଧାନକୁ ଚଉଡ଼ା ବାଗରେ ରଖିଲେ ତାହା ଯେତେ ସ୍ଥାନ ଅଧିକାର କରେ ସେତିକ ପରିମାଣ; ଯବୋଦର ପରିମିତ ଦୈର୍ଘ୍ୟ—4. A unit of length $= \frac{1}{8}$ of an inch. ୫ । ବେଗ—5. Velocity; speed. ୬ । ଦ୍ୱିପୃଷ୍ଠ ପୃଷ୍ଠ କାଚ—6. A double convex lens. ୭ । ଯବ ଦ୍ୱୀପ—7. The island of Jāvā. ୮ । ଦୁଇ ମୁଣ୍ଡ ସରୁଆ ଓ ମଝି ମୋଟା ହୋଇଥିବା ବସ୍ତୁ (ହି. ଶ)—8. Anything tapering to a narrow point at each end and swollen in the middle. ପ୍ରାଦେ (ବାମଣ୍ଡା) ବିଣ—ବହୁତ—Great; much; many.

ଯବକ—ସ. ବି (ଯବ + ସ୍ୱାର୍ଥେ. କ)—ଯବଧାନ—
Jabaka Barley.

ଯବକ୍ୟ (କ୍ୟା)—ସ. ବିଣ (ଯବକ + ଯ; + ଅ)—ଯବ ଶସ୍ୟ ଜନ୍ମିବାର Jabakya(kyā) ଉପଯୁକ୍ତ (କ୍ଷେତ୍ର)—(a field) Fit for producing barley

ଯବକ୍ରୀତ—ସ. ବି—ମୁନି ବିଶେଷ; ଭରଦ୍ୱାଜ ମୁନିଙ୍କ ପୁତ୍ର—Name of Jabakrita a sage; son of sage Bharadwāja. (ଭ୍ରୁ—ଭରଦ୍ୱାଜଙ୍କର ପୁଅଟି ଯବକ୍ରୀତ । କୃଷ୍ଣସିଂହ. ମହାଭାରତ. ବନ ।)

ଯବକ୍ଷାର—ସ. ବି (ଯବ + କ୍ଷାର—ଷାଠିଁ ଶ)—[ବ୍ରୁ—ଏହା ଦଗ୍ଧ ଯବରୁ Jaba kshāra ଉତ୍ପନ୍ନ ହୁଏ ବୋଲି କିମ୍ବା ମତାନ୍ତରରେ ଏହାର ଦାନା (crystal) ସବୁ ଯବ ପରି ଲମ୍ବା ଥିବାରୁ ଏହାକୁ ଯବକ୍ଷାର କୁହାଯାଏ ।]—୧ । ଯବ ଭସ୍ମଜାତ (ବିଶେଷତଃ ଯବଶୂକ ଭସ୍ମଜାତ) କ୍ଷାର—1. Carbonate of potash; Potassium car-

(ଯବଖାର—ଦେଶଜରୂପ)
यवखार;
साजी, सोरा, जवाखार
ଅ. ନୂହରୁନ୍
ତେ. ଯବକ୍ଷାରମୁ
ମ—ଜବଖାର

ସ୍ମ—ଜବଖାର୍ [ଅନ୍ୟ ସ. ନାମ— କ୍ଷାର, ଭସ୍ମ, ଶାଣ୍ଟଣରସ, ପାକ୍ୟ, ରେଚକ, ସାରକ, ଯାବଶୂକ.]

ଯବନାଳଜ (ଜ), ଯବଶୂକଜ, ଯବାଗ୍ରଜ, ଯବାପତ୍ୟ, ଯବାଉଜ, ଯବାହ୍ୱ — ଅନ୍ୟରୂପ

bonate. ୨ । ସୋରା—2. Potassium nitrate; nitre. [ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ଲଘୁ, ସ୍ନିଗ୍ଧ ଓ ଅଗ୍ନିଦୀପକ; ଏବଂ ଶୂଳ, ବାୟୁ, ଆମଦୋଷ, କଫ, ଶ୍ୱାସ, ଗଳରୋଗ, ପାଣ୍ଡୁ, ଅର୍ଶଃ, ଗ୍ରହଣୀ, ଗୁଳ୍ମ, ଅନାହ, ପ୍ଳୀହା ଓ ହୃଦ୍ରୋଗ ବିନାଶକ ।]—[ଦ୍ର—ଯବଧାନର ଶିଂଘ ପୋଡ଼ିକରି ପ୍ରସ୍ତୁତ କ୍ଷାର ପ୍ରକୃତରେ Potassium carbonate; କିନ୍ତୁ ହିନ୍ଦୀରେ, ଓଡ଼ିଆରେ ଓ ବଙ୍ଗଳାରେ ଯବକ୍ଷାରର ନାମାନ୍ତର ସୋରା ବା Potassium Nitrate ହୋଇଅଛି । ଗୁହାଳ ଘରର କାନ୍ଥ ଓ ମୂତନଳା ପାଖର କାନ୍ଥ ଯାହାକୁ ଲୋକେ ଲୁଣି ମାରି ଯାଇଥିବା କହନ୍ତି ଓ ଯାହାର ମାଟି ଧଳା ପଡ଼ିଯାଇ ଝୁରୁ ଝୁରୁ (ଚୂନା) ହୋଇ ଖସି ପଡ଼ୁଥାଏ ତାକୁ ଗୁଣ୍ଡିକରି ପାଣିରେ ବତୁରାଇ ସିଝାଇଲେ ହାଣ୍ଡି ତଳେ ଦାନା (ଓଡ଼ିଆ ପଗଡ଼—ସ. ପ୍ରଗ୍ରହ) ବସିଯାଏ, ତାକୁ ଯବକ୍ଷାର କହନ୍ତି । ଯବକ୍ଷାରକୁ ଅଙ୍ଗାର ଓ ଗନ୍ଧକ ଚୂନା ସଙ୍ଗେ ମିଶାଇଲେ ବାରୁଦ ହୁଏ । ଯବକ୍ଷାର ମଧ୍ୟ ଔଷଧରେ ଲାଗେ । ପ୍ରସ୍ରାବ ନ ହେଉଥିଲେ ଅଳ୍ପମାତ୍ରାରେ ଯବକ୍ଷାର ବୋଳିଲେ ବା ଯବକ୍ଷାର ପାଣି ପିଇଲେ ପ୍ରସ୍ରାବ ହୁଏ ।)

ଯବକ୍ଷାରଜ—ସ. ବ (ଆଧୁନିକ)—ଯବକ୍ଷାରରୁ ଉତ୍ପନ୍ନ—Nitrous; Jabakshāraja nitric

ଯବକ୍ଷାରଜ(ଜା)ନ—ସ.ବ(ଆଧୁନିକ)—ବାୟୁର ଗୋଟିଏ ପ୍ରଧାନ ମୌଳିକ Jabakshāraja(jā)na ବାଷ୍ପ-ଉପାଦାନ—Nitrogen. [ଦ୍ର— ବାୟୁର ଅନ୍ୟ ଉପାଦାନ ଅମ୍ଳଜାନ ବା ଅକ୍ସିଜେନ୍ ବାଷ୍ପ ।)

ଯବକ୍ଷାର ଦ୍ରାବକ—ସ.ବ (ଆଧୁନିକ)—ଯବକ୍ଷାରରୁ ରାସାୟନିକ ପ୍ରକ୍ରିୟା Jabakshāra drābaka ଦ୍ୱାରା ପ୍ରସ୍ତୁତ ଖଟା ଦ୍ରବ୍ୟ— (ଯବକ୍ଷାରଜାମ୍ଳ;ଯବକ୍ଷାରାମ୍ଳ—ଅନ୍ୟରୂପ) Nitric acid; acqua fortis.

ଯବକ୍ଷୋଦ—ସ. ବ (୬ଷ୍ଠୀ ତତ୍)—ଯବର ଚୂନା; ବାର୍ଲି—Barley-Jaba kshoda (ଯବଚୂର୍ଣ୍ଣ, ଯବପିଷ୍ଟ—ଅନ୍ୟରୂପ) meal.

ଯବଖାର—ଦେ. ବ (ସ. ଯବକ୍ଷାର)—ଯବକ୍ଷାର (ଦେଖ) Jabakhāra Jabakshāra (See)

ଯବଗଣ୍ଡ—ସ. ବ. (ଯବ =ଯବାକାର + ଗଣ୍ଡ =ଗଣ୍ଡ ସ୍ଥଳଜ)— Jaba ganda ଯୁବଗଣ୍ଡ; କାଠ ବରୁଣ—Pimples on the face of young people.

ଯବ ଚତୁର୍ଥୀ—ସ. ବ—ବୈଶାଖ ଶୁକ୍ଳ ଚତୁର୍ଥୀ—The 4th day of Jaba chaturthi the bright lunar fortnight of Baisākha.

ଯବଜ—ସ. ବ (ଯବ + ଜନ୍ ଧାତୁ+କର୍ତ୍ତୃ ଅ)—୧ । ଯବକ୍ଷାର— Jabāja 1. Nitre. ୨ । ଯୁଆଣି—2. Ajwān. ୩ । ତବକ୍ଷୀର; ପାଲୁଅ; ଅରାରୁଟ (ଦ୍ରବ୍ୟଗୁଣ)—3. Arrow-root. (ଦ୍ର—ଏହାର ଅନ୍ୟ ସ. ନାମ ଓ ତବକ୍ଷୀର, ପୟଃକ୍ଷୀର, ଗବଯୋଦ୍ଭବ, ଗୋଧୂମଜ, ପିଷ୍ଟିକାତଣ୍ଡୁଲୋଦ୍ଭବ, ତାଲ ସମ୍ଭୂତ, ତାଲକ୍ଷୀର ।)

ତବକ୍ଷୀର, ତବାଖୀର, ମ. ତବଖୀଲ, ଗୁ. ତବଖୀର, ଫା. ତବାସୀର

ବୈଦ୍ୟଶାସ୍ତ୍ରମତରେ ଏହା ମଧୁର-ରସ, ଶୀତବୀର୍ଯ୍ୟ; ଏବଂ ଦାହ, ପିତ୍ତ-ଦୁଷ୍ଟି, କ୍ଷୟ, କାସ, କଫ, ଶ୍ୱାସ ଓ ରକ୍ତଦୁଷ୍ଟି ନାଶକ—ଦ୍ରବ୍ୟଗୁଣ)

ଯବତିକ୍ତା—ସ.ବି.—ଭୂଇଁ ନିମ୍ବ;ବାସକାଦି ବର୍ଗର ବର୍ଷାୟୁଃ ଶାକ ବିଶେଷ— Jabatiktā (ଭୂନିମ୍ବ ଦେଖ)—Andro graphis Paniculata (plant).

ଯବଦୋଷ—ସଂ.ବ—ରତ୍ନର ଦୋଷବିଶେଷ; କେତେକ ରତ୍ନର ଦେହରେ Jabadosha ପଡ଼ିବା ଯବାକାର ରେଖା—A line like a barley-grain appearing on some gems and considered as a blemish.

ଯବଦ୍ୱୀପ—ସ. ବ.-(ମ. ପ. ଲୋ; ଯବାକୃତିଦ୍ୱୀପ)—ଭାରତ ମହାସାଗରସ୍ଥ Jaba dwipa ସୁମାତ୍ରା ଓ ଅଷ୍ଟ୍ରେଲିଆର ଅନ୍ତର୍ବର୍ତ୍ତୀ ଜାଭାଦ୍ୱୀପ— The Java island in the Indian archipelago. [ଦ୍ର—ଏହା ଯବାକାର ଥିବାରୁ ଏହି ଦ୍ୱୀପକୁ ଯବଦ୍ୱୀପ କୁହାଯାଏ; ଯବଦ୍ୱୀପ ବିଷୟ ବାଲ୍ମୀକି ରାମାୟଣରେ ଅଛି । ପୂର୍ବକାଳରେ ଯବଦ୍ୱୀପ ସଙ୍ଗେ ଭାରତବର୍ଷର ବାଣିଜ୍ୟ ବିନିମୟ ଥିବାର ଐତିହାସିକ ପ୍ରମାଣ ମିଳୁଅଛି । ଭାରତର କଳିଙ୍ଗବାସୀମାନେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଯବଦ୍ୱୀପରେ ଉପନିବେଶ ସ୍ଥାପନ କରିଥିଲେ । ଯବଦ୍ୱୀପରେ ଅଦ୍ୟାବଧି ହିନ୍ଦୁ ଦେବାଳୟମାନଙ୍କର ଭଗ୍ନାବଶେଷ ରହିଅଛି । ଓଡ଼ିଆମାନେ ପୂର୍ବେ ବୋଇତରେ ଯବଦ୍ୱୀପ ପର୍ଯ୍ୟନ୍ତ ଯାଇ ବାଣିଜ୍ୟ କରୁଥିବାର ମଧ୍ୟ ପ୍ରମାଣ ମିଳୁଅଛି । ବର୍ତ୍ତମାନ ଯାଭାବାସୀମାନେ ମୁସଲମାନ ଧର୍ମାବଲମ୍ବୀ, କିନ୍ତୁ ଅଦ୍ୟାପି ଯାଭାଦ୍ୱୀପର ଅଧିବାସୀମାନେ ପ୍ରାଚୀନକାଳରେ କ୍ଲିଙ୍ଗ୍ ବା କଳିଙ୍ଗଦେଶରୁ ଯାଇ ଥିବାର ପରିଚୟ ଦିଅନ୍ତି ଓ ସେଠାରେ ସଂସ୍କୃତ ଭାଷାର ଖୋଦିତ ଲିପିମାନ ମିଳୁଅଛି । ଯାଭା ନିକଟବର୍ତ୍ତୀ ବାଲିଦ୍ୱୀପରେ ବର୍ତ୍ତମାନ ହିନ୍ଦୁ ଅଛନ୍ତି ଓ ହିନ୍ଦୁ ସମାଜସ୍ଥ ଚାରି ଜାତିର ଭେଦ ସେଠାରେ ଅଛି । ଯାଭାଦ୍ୱୀପରେ ସଂସ୍କୃତ ଧର୍ମ ପୁସ୍ତକ ଓ କବିତାମାନ ମିଳିଅଛି ।]

ଯବନ—ସ. ବ (ଯୁ ଧାତୁ=ମିଶ୍ରିତ କରିବା + କର୍ମ. ଅନ)—୧ । -Jabana ଗୋଧୂମ; ଗହମ—1. Wheat. ୨ । ଗାଜର; ଶାକ-(ଯବନୀ—ସ୍ତ୍ରୀ) ବିଶେଷ; ଗାଜର—2. Carrot. ୩ । ଯୁନାନ୍ ଦେଶ; ଦେଶବିଶେଷ; ଆରବ, ପାରସ୍ୟ, ତୁରସ୍କ ଓ ଗ୍ରୀସ୍‌ଦେଶ—3. Arabia, Persia, Turkey and Ionia (Greece). ୪ । (+ ଅଧିକରଣ ଅନ)— ମ୍ଳେଚ୍ଛଜାତି; ଅହିନ୍ଦୁ; ବିଦେଶୀୟ ଜାତି—4. Non-Hindu foreigners. [ଦ୍ର—ଯୁଧାତୁ=ମିଶ୍ରିତ କରିବା+ଅଧିକରଣ ଅନ, ଯବନମାନେ ଚତୁର୍ବର୍ଣ୍ୟ-

ବ୍ୟବସ୍ଥା ରହିତ ହୋଇ ସମସ୍ତେ ଏକତ୍ର ମିଶି ନିର୍ବିଶେଷରେ ଆହାରାଦି କରନ୍ତି ବୋଲି, ଅଥବା ଯୋନି + ଜାତାର୍ଥେ ଅନ =ଯବନ; ପୁରାଣାଦି ମତରେ ବଶିଷ୍ଠଙ୍କ ଧେନୁର ଯୋନିରୁ ଜାତ ହୋଇ ଏ ଜାତି ପ୍ରଥମେ ସୃଷ୍ଟ ହୋଇ ଥିବାରୁ; ଅଥବା ୟୋନ=ୟୋନିଆ=ଆଇଓନିୟାନ୍‌ଦ୍ୱୀପ=ଗ୍ରୀସ୍ ଦେଶର ଅଧିବାସୀ ଥିବାରୁ ଏହି ନାମ ହୋଇଅଛି । ଯବନମାନଙ୍କ ସମ୍ବନ୍ଧେ ପୁରାଣରେ ବର୍ଣ୍ଣିତ ଅଛି ଯେ, ବିଶ୍ୱାମିତ୍ର ରାଜର୍ଷି ହେବାର ବହୁକାଳ ପୂର୍ବେ ଥରେ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ସେଠାରେ ବଶିଷ୍ଠଙ୍କ କାମଧେନୁ (ସୁରଭି ଦୁହିତା)ର କାମଧେନୁର ଶକ୍ତି ଦେଖି ଲୁବ୍‌ଧ ହୋଇ ବଶିଷ୍ଠଙ୍କୁ ସେହି ଗାଈଟି ମାଗିଲେ । ବଶିଷ୍ଠ ନାହିଁ କରିବାରୁ ବିଶ୍ୱାମିତ୍ର ଯୁଦ୍ଧ କରିବାକୁ ପ୍ରସ୍ତୁତ ହୁଅନ୍ତେ, ବଶିଷ୍ଠ ଏହି ଆସନ୍ନ ବିପଦ ବିଷୟ କାମଧେନୁଙ୍କୁ ଜଣାଇଲେ । କାମଧେନୁ ବିଶ୍ୱାମିତ୍ରଙ୍କ ସୈନ୍ୟଙ୍କୁ ପରାଭୂତ କରିବାପାଇଁ ସ୍ୱୀୟ ଯୋନିରୁ ଶୂଦ୍ରଏ ଯୋଦ୍ଧା ଜାତ କଲେ ଏବଂ ସେହି ଯୋଦ୍ଧାମାନେ ଯବନ ନାମରେ ଅଭିହିତ ହେଲେ । ପଶ୍ଚାନ୍ତରରେ ବିଷ୍ଣୁପୁରାଣରେ ଲେଖା ଅଛି ଯେ, ଗୁରୁତର ଅପରାଧ ହେତୁରୁ ଶକ, କାମ୍ବୋଜ, ପାରଦ, ଦରଦ, ବହ୍ଲିକ, ପହ୍ଲବ, କେରଳଆଦି ଜାତୀୟ କେତେକ ପାଷଣ୍ଡଙ୍କର ମସ୍ତକ ମୁଣ୍ଡନ କରି ସଗର ରାଜା ସେମାନଙ୍କୁ ନିର୍ବାସନାଜ୍ଞା ଦେଇଥିଲେ; ସେହିମାନେ ଭାରତରୁ ବହିଷ୍କୃତ ହୋଇ ଯବନ ଆଖ୍ୟା ଧାରଣ କରିଥିଲେ । ସମ୍ଭବତଃ ଉକ୍ତ ଅପରାଧୀମାନଙ୍କ ଯୌନ ସମ୍ବନ୍ଧରେ ଓ ଆହାରାଦିରେ ମିଶ୍ରଣ ଦୋଷ ସ୍ପର୍ଶ କରିଥିବାରୁ ସେମାନେ ଏ ରାଜଦଣ୍ଡ ପାଇଥିଲେ । ଫଳତଃ ହିନ୍ଦୁମାନେ କାବୁଲଠାରୁ ଗ୍ରୀସ୍‌ଦେଶର ପଶ୍ଚିମ ଭାଗରେ ଅବସ୍ଥିତ ଆୟୋନିଆ (ୟୋନିଆ) ଦ୍ୱୀପ ପର୍ଯ୍ୟନ୍ତ ଅଞ୍ଚଳର ଅଧିବାସୀ ଗ୍ରୀକ୍‌ମାନଙ୍କୁ 'ଯବନ' ଆଖ୍ୟା ପ୍ରଦାନ କରି ଥିବାର ପ୍ରମାଣ ମିଳେ ଓ ପରେ ୟିହୁଦୀ (Jews), ତୁର୍କ (Turks), ପାର୍ଶୀ (Persian) ଓ ମୁସଲମାନ୍, ଖ୍ରୀଷ୍ଟାନ୍ ଆଦି ବିଧର୍ମୀମାନଙ୍କୁ ଏହି ଆଖ୍ୟା ପ୍ରଦାନ କରିଥିଲେ । ତୁଳନାକର—ହିବ୍ରୁ--ଯବନ୍, ଗ୍ରୀକ୍--ଆୟୋନିଅନ୍, ସଂସ୍କୃତ—ଯବନ, ପ୍ରାକୃତ—ୟୋନ୍ ବା ଯୋନ୍, ଆରବୀ ୟୁନାନ୍ । ପୁରୀ ଦେଉଳରେ ରକ୍ଷିତ ମାଦଳାପାଞ୍ଜିରୁ ଦେଖାଯାଏ ଯେ ଖ୍ରୀଷ୍ଟଜନ୍ମର ତୃତୀୟ, ଚତୁର୍ଥ ଶତାବ୍ଦୀ ମଧ୍ୟରେ ଓଡ଼ିଶାକୁ ଯବନମାନେ ଆକ୍ରମଣ କରିଥିଲେ ଓ ପ୍ରାୟ ୫୦ ବର୍ଷକାଳ ଉତ୍କଳରେ ରାଜତ୍ୱ କରିଥିଲେ; ରକ୍ତବାହୁ ନାମକ ଜଣେ ଯବନରାଜ ଅର୍ଣ୍ଣବପୋତରେ ଚଢ଼ି ଓଡ଼ିଶାକୁ ଆକ୍ରମଣ କରିଥିଲେ ଓ ପଞ୍ଚମ ଶତାବ୍ଦୀରେ ଯଯାତିକେଶରୀ ଯବନମାନଙ୍କୁ ତଡ଼ି ଦେଇ ଉତ୍କଳର ସ୍ୱାଧୀନ ହିନ୍ଦୁ ରାଜା ହୋଇଥିଲେ ।] ୫ । ୟୁନାନ୍ ଦେଶବାସୀ ବ୍ୟକ୍ତି—5. A non-Hindu; an Ionian; a Greek. ୬ । (ନାମ) କାଳଯବନ—6. Name of a non-Hindu king of ancient India. [ଦ୍ର—ଏ ମହାଦେବଙ୍କ ବର ପ୍ରଭାବରୁ ମହାପରାକ୍ରମଶାଳୀ ଯବନ ରାଜା ଥିଲେ । ଶ୍ରୀକୃଷ୍ଣଙ୍କ କୌଶଳରେ ରାଜା ମୁଚୁକୁନ୍ଦଙ୍କ କୋପରେ ଏ ଭସ୍ମୀଭୂତ ହୋଇଥିଲେ ।] ୭ । ମୁନିବିଶେଷ—7. Name of a sage. ୮ । (ଜୁ ଧାତୁ —ବେଗରେ ଗତି କରିବା+ଭାବ. ଅନ)—ବେଗ—8. Speed; velocity. ୯ । (+କର୍ତ୍ତୃ. ଅନ) —ବେଗବାନ୍ ଅଶ୍ୱ—9. A fleet horse; steed. ସଂ. ବି—ବେଗବାନ୍—Speedy; swift-footed.

ଯବନ ଦ୍ୱିଷ୍ଟ—ସଂ. ବି—ଗୁଗ୍‌ଗୁଳ—
Jabana dwishta Bdellium.

ଯବନ ପୁର—ଦେ. ବି—ଅଲେକ୍‌ଜାଣ୍ଡ୍ରିଆର ପ୍ରାଚୀନ ଭାରତୀୟ ନାମ—
Jabana pura The ancient Indian name of Alexandria.

ଯବନପ୍ରିୟ—ସଂ. ବି—ମରିଚ—Black pepper.
Jabana priya

ଯବନାଚାର୍ଯ୍ୟ—ସଂ. ବି.—ଜ୍ୟୋତିଃଶାସ୍ତ୍ର ଗ୍ରନ୍ଥ ପ୍ରଣେତା ଜନୈକ
Jabanāchārjya ପଣ୍ଡିତ;—(ଦ୍ର—ବରାହ ମିହିର ତାଙ୍କ ଗ୍ରନ୍ଥରେ ଯବନାଚାର୍ଯ୍ୟଙ୍କ ମତର ସୂଚନା ଦେଇ ଅଛନ୍ତି; ସମ୍ଭବତଃ ଏତଦ୍ଦ୍ୱାରା ଟଲେମୀ (Ptolemy) ଆଦି ଗ୍ରୀକ୍ ଜ୍ୟୋତିଷିକ ପଣ୍ଡିତମାନଙ୍କୁ ଲକ୍ଷ୍ୟ କରାଯାଇ ଅଛି ।)—An author on astronomy quoted by Barāhamihira and other Hindu astronomers.

ଯବନାନୀ—ସଂ. ବି (ଯବନ+ଆନୀ)—୧ । ଆରବୀ, ପାର୍ଶୀ, ଗ୍ରୀକ୍ ଆଦି
Jabanāni ଯାବନିକ ଲିପି —1. The alphabet of the Jabanas, (Arabic, Persian, Greek)—(ଦ୍ର—ପାଣିନିରେ ଯବନାନୀ ଲିପିର ଉଲ୍ଲେଖ ଅଛି—(ହି. ଶ)—୨ । ୟୁନାନୀ ଭାଷା—2 The language of the Jabanas. ସଂ. ବିଣ—ଯବନଦେଶୀୟ; ୟୁନାନୀ—Relating to the Jabana country.

ଯବନାରି—ସଂ. ବି (ଯବନ=କାଳଯବନ+ଅରି; ୬ଷ୍ଠୀ ତତ୍)—
Jabanāri ଶ୍ରୀକୃଷ୍ଣଙ୍କ ନାମାନ୍ତର—A name of Śrikṛushṇa

ଯବନାଳ—ସଂ. ବି. (ଯବ+ନାଳ; ଯବ ପରି ନାଡ଼ି ଯାହାର)—
Jabanāḷa ୧ । ଧାନ୍ୟ ବିଶେଷ; ଦେଧାନ; ବାଜରା; ଜୁଅରି; (ଅନ୍ୟସଂଯମ; ଦେବଧାନ୍ୟ (ଅଖୁଗଛ ପରି ଗଛ । ଏହାର ଡ଼ାଙ୍ଗ ଯାବନାଳ; ଜୋନ୍ନାଳା; ମିଠା ଥିବାରୁ ଗୋରୁଙ୍କ ଖାଦ୍ୟ ହୁଏ ।) ଯୋନାଳ; ଜର୍ଣ୍ଣାହ୍ୱୟ) 1 Broom Corn; Sorghum ଜুଆର ଜুଆর Saccharim. ୨ । ଯବତୃଣର ନଡ଼ା—2. Barley-straw.

ଯବନାଳଜ—ସଂ ବି.—ଯବକ୍ଷାର—Carbonate of potash;
Jabanāḷaja nitre

ଯବନାଶ୍ୱ—ସଂ. ବି (ନାମ)—ମିଥିଳା ଦେଶର ଏକ ପ୍ରାଚୀନ ରାଜା;
Jabanāśwa ବନ୍ଧୁକାଶ୍ୱଙ୍କ ପିତା—Name of an ancient king of Mithiḷā.

ଯବନିକା-ସଂ. ବି. ସ୍ତ୍ରୀ (ଜୁ ଧାତୁ—ବେଗେ ଚଳିବା + କରଣ.ଅନ+କ+ଆ
Jabanikā ଅଥବା ଯବନ+କ+ଆ)—୧ । ଭିତ୍ତିରଣୀ; ପରଦା—
1. A screen. ୨ । କନାତ ବାଡ଼—2. A screen of cloth; curtain. ୩ । ତମ୍ବୁର ଚାରିପାଖେ ଘେରା କନାର ବାଡ଼—3. A screen round a tent. ୪ । ରଙ୍ଗାଳୟର ଦୃଶ୍ୟ ପରଦା ବା ପଟ—4. A dropscene. ୫ । ଯବନସ୍ତ୍ରୀ; ପଠାଣୀ—5. A muslim lady; a Jabana lady. ୬ । ଯୁଆଣି—6. Carraway; ajwan.

ଯବନିକା ପତନ—ସଂ. ବି (୬ଷ୍ଠୀ ତତ୍)—ପଟକ୍ଷେପଣ; ଅଙ୍କବିଶେଷର ବା
Jabanikā patana ଦୃଶ୍ୟବିଶେଷର ଅଭିନୟ ଶେଷରେ ନାଟ୍ୟ-(ଯବନିକାପାତ—ଅନ୍ୟରୂପ) ଶାଳାର ସମ୍ମୁଖସ୍ଥ ପରଦା ପଡ଼ିବା—The falling of the dropscene.

ଯବନୀ—ସଂ. ବି. ସ୍ତ୍ରୀ (ଯବନ+ଈ)—୧ । ଯବନସ୍ତ୍ରୀ; ପଠାଣୀ—
Jabanī 1. A Jabana lady; a muslim women. ୨ । ଯୁଆଣି—2. Carraway seed; ajwan.

ଯବନେଷ୍ଟ—ସଂ. ବି (ଯବନ+ଇଷ୍ଟ=କାଙ୍କ୍ଷିତ)—୧ । ସୀସା—
Jabaneshṭa 1. Lead. ୨ । ମରିଚ—2. Black-pepper. ୩ । ଶ୍ୱେତ ପିଆଜ—3. Onion. ୪ । ରସୁଣ—4. Garlic. ୫ । ନିମ୍ବ ବୃକ୍ଷ—5. The Neem tree. ୬ । ଗାଜର—6. Carrot. ୭ । ଶାଲ୍‌ଗମ୍—7. Turnip.

ଯବନେଷ୍ଟା—ସଂ. ବି (ଯବନ+ଇଷ୍ଟ+ଆ)—ଖର୍ଜୁର—
Jabaneshṭā Date palm.

ଯବ ଫଳ—ସଂ. ବି (ବହୁବ୍ରୀହି; ଯବ ପରି ଫଳ ଯାହାର)-୧ । ବାଉଁଶ—
Jabā phala 1. Bamboo ୨ । ଜଟାମାଂସୀ—2. Indian spikenard. ୩ । କୁଟଜ—3. A medicinal plant; Wrightea Antidysenterica. ୪ । ଇନ୍ଦ୍ରଯବ (ଦେଖ)—4. Indrajaba (See) ୫ । ପିଆଜ (ବୈ. ଶ.)—5. Onion. ୬ । ବାଉଁଶ (ବୈ. ଶ.)—5. Bamboo. ୭ । ପ୍ଲକ୍ଷ ବୃକ୍ଷ (ବୈ. ଶ.) (ଦେଖ)—7. Plaksha (See)

ଯବ ବିନ୍ଦୁ—ସଂ. ବି (ବହୁବ୍ରୀହି)—ସବିନ୍ଦୁ ଯବରେଖାବିଶିଷ୍ଟ ହୀରକ—
Jaba bindu A diamond with a barley mark on it. [ବି—ଏ ହୀରା ବ୍ୟବହାର କରିବା ବ୍ୟକ୍ତି ସ୍ୱଦେଶତ୍ୟାଗୀ ହୁଅନ୍ତି—ବୈ. ଶ]

ଯବ ମଣ୍ଡ—ସଂ. ବି (ବୈଦ୍ୟକ; ୬ଷ୍ଠୀ ତତ୍)—ଯବକୁ ସିଦ୍ଧ କରି ଲୁଗାରେ ଛାଣି ବାହାର କରାଯିବା ମଣ୍ଡ—
Jaba manḍa Gumlike jelly prepared by sifting boiled barley through cloth. [ବି—ଏହା ଜ୍ୱରରୋଗୀର ପଥ୍ୟ; ବୈଦ୍ୟଶାସ୍ତ୍ର ମତରେ ଏହା ଲଘୁ ଓ ଗ୍ରାହକ ଏବଂ ଶୂଳ ଓ ତ୍ରିଦୋଷନାଶକ—ବୈ. ଶ.]

ଯବ ମଦ୍ୟ—ସଂ. ବି. (ମ. ଡ. ଲେ.)—ଯବଖାଦ ସିଝା ଯାଇ
Jaba madya ପ୍ରସ୍ତୁତ ମଦ୍ୟ—Wine distilled from barley.

ଯବ ମଧ୍ୟ—ସଂ. ବି (ବହୁବ୍ରୀହି)—୧ । ଚାନ୍ଦ୍ରାୟଣବିଶେଷ; କୃଷ୍ଣ ପ୍ରତିପଦ
Jaba madhya ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଖାଦ୍ୟର ପରିମାଣ କ୍ରମଶଃ କମାଇ ଶୁକ୍ଳ ପ୍ରତିପଦ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୁଣି ଖାଦ୍ୟ ବଢ଼ାଇବାରୂପ ବ୍ରତବିଶେଷ—1. A kind of penance by which the quantity of one's usual food is lessened day by day during the dark fortnight and is again increased day by day during the bright fortnight till it reaches the normal quantity
୨ । ପାଞ୍ଚ ଦିନରେ ସମାପ୍ତ ଯଜ୍ଞବିଶେଷ (ବୈ. ଶ.)—2. A kind of sacrifice which takes 5 days.
ସଂ. ବିଣ—ଯାହାର ଦୁଇ ମୁଣ୍ଡ ଅପେକ୍ଷା ମଧ୍ୟସ୍ଥଳ ସ୍ଥୂଳ—Having the middle thicker or wider than the ends.

ଯବମଧ୍ୟା—ସଂ. ବି. (ବହୁବ୍ରୀହି)—ଛନ୍ଦୋବିଶେଷ; ୩ ଚରଣଯୁକ୍ତ
Jabamadhyā ଛନ୍ଦୋବିଶେଷ, ଯହିଁର ମଝି ଧାଡ଼ିରେ ଉପର ଓ ତଳ ଧାଡ଼ି ଅପେକ୍ଷା ଗୋଟିଏ ଅକ୍ଷର ବେଶୀ ଥାଏ—Name of a Sanskrit metre of 3 lines, the middle line having one syllable more than the remaining two.

ଯବ ମନ୍ଥ—ସଂ. ବି—ଯବ ଧାନର ଛତୁଆ—
Jaba mantha Flour of powdered barley.

ଯବ ରୋଟିକା—ସଂ. ବି (ମ. ଶ. ଲେ; ଯବ+ରୋଟିକା)—ଯଅ ରୁଟି—
Jaba roṭikā Roll or bread made from barley-meal.

ଯବଲକ—ସଂ. ବି—ପକ୍ଷିବିଶେଷ—A kind of bird. [ବି—
Jabaḷaka ବୈଦ୍ୟକମତରେ ଏହାର ମାଂସ ମଧୁର, ଲଘୁ, ଶୀତଳ ଓ କଷାୟ—ବୈ. ଶ.]

ଯବଲାସ—ସଂ. ବି—ଯବକ୍ଷାର—
Jabaḷāsa Nitre.

ଯବ ଶକ୍ତୁ—ସଂ. ବି (ଯବ+ଶକ୍ତୁ)—ଯଅ ଛତୁଆ; ଯବ ଧାନକୁ ଭାଜି
Jaba śaktu ଚୂର ଚୂର ଥିବା ଚୂନା—Powdered fried barley.

ଯବ ଶର୍କରା—ସଂ. ବି—ସିଦ୍ଧ ଯବରୁ ପ୍ରସ୍ତୁତ ଚିନି—Sugar made
Jaba śarkarā from boiled barley.

ଯବ ଶାକ—ସଂ. ବି—ଏକପ୍ରକାର ଶାଗ—A kind of potherb.
Jaba śāka [ବି—ବୈଦ୍ୟକମତରେ ଏହା ମଧୁର, ରୁକ୍ଷ, ଶୀତବୀର୍ଯ୍ୟ ଓ ମଳଭେଦକ—ବୈ. ଶ.]

ଯବଶୂକ—ସଂ. ବି (୬ଷ୍ଠୀ ତତ୍)—୧ । ଯବ ଧାନର ଅଗରେ ଥିବା
Jaba śūka ଶିଙ୍ଗ—1. The horns or awn of a grain of barley. ୨ । ଯବକ୍ଷାର—2. Nitre.

ଯବ ଶ୍ରାଦ୍ଧ—ସଂ. ବି (ମ. ପ. ଲୋ)—ବୈଶାଖ ଶୁକ୍ଳପକ୍ଷରେ, ବୃଷ
Jaba śrāddha ସଂକ୍ରାନ୍ତି ବା ଅକ୍ଷୟତୃତୀୟା ଦିନ ଯବଚୂର୍ଣ୍ଣର ପିଣ୍ଡରେ କରାଯିବା ଶ୍ରାଦ୍ଧ—An offering of balls of barley flour made to the deceased ancestors.

ଯବସ—ସଂ. ବି (ଯୁ ଧାତୁ=ମିଶ୍ରିତ କରିବା+କର୍ମ. ଅସ)—
Jabasa ୧ । ତୃଣ; ଘାସ—1. Grass; meadow-grass. ୨ । ଗୋରୁଙ୍କ ଭକ୍ଷ—2. Fodder (Apte). ସଂ. ବିଣ.
(ଯବସା—ସ୍ତ୍ରୀ) ପୁଂ(+କର୍ତ୍ତୃ.ଅସ)—ଦକ୍ଷ—Able

ଯବ ସୁରା—ସଂ. ବି (ମ. ପ. ଲୋ)—ଯବରୁ ପ୍ରସ୍ତୁତ ମଦ୍ୟ—Wine
Jaba surā distilled from boiled barley.

ଯବାଗୂ—ସଂ. ବି (ଯୁ. ଧାତୁ=ମିଶ୍ରିତ କରିବା+କର୍ମ. ଅଗୂ)—
Jabāgū ୧ । (ଯାହାକୁ ମିଶ୍ରିତ କରାଯାଏ) ଯାଉ; ଷଡ଼ଗୁଣ ଜଳରେ ପକ୍ୱ ଚାଉଳ ବା ଯବଚୂର୍ଣ୍ଣ—1. Gruel made of barley. ୨। ଯବର ବା ଚାଉଳର ବାସୀ ତୋରାଣି-2. Fermented barley water or rice-water. [ଦ୍ର—ବୈଦ୍ୟକମତରେ ଏହା ରୋଗୀର ପଥ୍ୟ, ଗ୍ରାହକ, ବଳକାରକ ଓ ବାତନାଶକ—ହି. ଷ.]

ଯବାଗ୍ର—ସଂ. ବି (୬ଷ୍ଠୀ ତତ୍)—ଯବର ତୁଷ (ହି. ଷ)—
Jabāgra The chaff of barley.

ଯବାଗ୍ରଜ—ସଂ. ବି (ଯବ+ଅଗ୍ରଜ)—୧ । ଯବକ୍ଷାର (ଦେଖ)—
Jabāgraja 1. Jabakshāra (See). ୨ । ଯୁଆଣି—2. Ajwan; carraway seed.

ଯବାନ (ଇତ୍ୟାଦି)—ବୈଦେ. ବି. ଓ ବିଣ—ଜବାନ୍ ଇତ୍ୟାଦି (ଦେଖ)
Jabān (etc) Jabān etc (See).

ଯବାନ—ସଂ. ବିଣ. ପୁଂ.(ଯବ=ବେଗ+ଆ+ନୀ ଧାତୁ+କର୍ତ୍ତୃ.ଅ)—
Jabāna ବେଗବାନ୍; ଦ୍ରୁତଗାମୀ—Swift; fleet.

ଯବାନୀ—ସଂ. ବି (ଯବ+ଆ+ନୀ. ଧାତୁ+କର୍ତ୍ତୃ ଅ+ସ୍ତ୍ରୀଈ)—
Jabānī ଯୁଆଣୀ—Ajwan; carraway.
(ଯବାନିକା—ଅନ୍ୟରୂପ) জোয়ান अजवाइन
(ଅନ୍ୟ ସଂ ନାମ—ଉଗ୍ରଗନ୍ଧା, ଉଗ୍ରା, ଗନ୍ଧଗନ୍ଧା, ଦୀପକା, ଦୀପକାସ୍ତୁ, ଦୀପ୍ୟ, ଦୀପ୍ୟକ, ଭୂକଦମ୍ବ, ଯବକ, ଯବସାହ୍ୱ, ଯବାଗ୍ରଜ, ବାତାରି; ଶୂଳହନ୍ତ୍ରୀ ।)

ଯବାନ୍ନ—ସଂ. ବି (ଯବ+ଅନ୍ନ; ୬ଷ୍ଠୀ ତତ୍;)—ଜଳପକ୍ୱ ଯବ—
Jabānna Boiled barley.

ଯବାପତ୍ୟ—ସଂ. ବି (୬ଷ୍ଠୀ ତତ; ଯବ+ଅପତ୍ୟ)—ଯବକ୍ଷାର—
Jabāpatya Saltpetre; nitre.

ଯବାମ୍ଳ—ସଂ. ବି (ଯବ+ଅମ୍ଳ)—୧ । ବାସୀ ଯାଉ—1. Sour
Jabāmla gruel. ୨ । ଯବର କାଞ୍ଜି—2. Stale barley water. ୩ । ଯବାଗୂ—3. Barley-gruel.

ଯବାସ—ସଂ.ବି (ଯୁଧାତୁ=ମିଶ୍ରିତ ହେବା+କର୍ତ୍ତୃ.ଅସ)—୧। କଣ୍ଟକି ଗୁଳ୍ମ
Jabāsa ବିଶେଷ; ଦୁରାଳଭା; ଜବାସା—1. A prickly plant; Hedyseram Alhagi [ଅନ୍ୟ ସଂ. ନାମ—ଅନନ୍ତା, ଅନନ୍ତକ, କଚ୍ଛୁରା, କଣ୍ଟକାଳୁକା, କ୍ଷୁଦ୍ରେଙ୍ଗୁଦ, ଅଧୋକଣ୍ଟା, ଦିକଣ୍ଟିକା, ଫଳପତ୍ର, ବିଶଦ, ଯାସ, ରୋଦନିକା, ବହୁକଣ୍ଟକ, ଯବସ, ଦୁରାଲଭା, ଦୁର୍ଲଭା, ଦୁରଭିଗ୍ରହା, ସମୁଦ୍ରାନ୍ତା, ଅଗ୍ରମୂଲ୍ୟ, ବକଣ୍ଟକ, ସମୁଦ୍ରାନ୍ତ, ପ୍ରବୋଧନୀ, ଧନ୍ୱୟାସ, ଧନ୍ୱୀ, ଧନ୍ୱ, ଯବାସକ, ଦୁସ୍ପର୍ଶ, ଭୂଜାଶକ, ସ୍ୱେଦନୀ, ଛଦଂବାଯ୍ୟ, ସୂକ୍ଷ୍ମଦଳା, ଦୃସ୍ତଧର୍ଷା ।] ୨। ଖଦିର ଭେଦ—2. As sort of catechu.

ଯବାସ ଶର୍କରା—ସଂ. ବି—ଦୁରାଲଭାରୁ ପ୍ରସ୍ତୁତ ଏକ ପ୍ରକାର ଚିନି (ଏହା
Jabāsaśarkarā ଔଷଧରେ ଲାଗେ)—Sugar made from Jabāsa plant.

ଯବିଷ୍ଠ—ସଂ. ବିଣ. ପୁଂ (ଯୁବନ୍+ଅତିଶୟାର୍ଥେ ଇଷ୍ଠ)—୧ । ଅତ୍ୟନ୍ତ
Jabishtha ଯୁବା—1. Very young; too young.
(ଯବିଷ୍ଠା—ସ୍ତ୍ରୀ) ୨ । କନିଷ୍ଠ—2. Youngest. ବି. ୧ । ସବୁ ସାନ ଭାଇ; ସର୍ବକନିଷ୍ଠ ଭ୍ରାତା—1. The youngest brother. ୨ । ଅଗ୍ନି (ହି. ଶ)—2. Fire. ୩ । ଋଗ୍ୱେଦର ଏକ ମନ୍ତ୍ରଦ୍ରଷ୍ଟା ଋଷି; ଅଗ୍ନି ଯବିଷ୍ଠ ମ ନ୍ତ—3. Name of a Vedic sage.

ଯବୀୟାନ୍—ସଂ. ବିଣ. ପୁଂ. (ଯୁବନ୍+ଈୟସ୍, ୧ମା. ୧ବ)—୧ । ଅତି
Jabīyān ଯୁବା—1. Very young. ୨ । କନୀୟାନ୍;
(ଯବୀୟସୀ, ଯବୀୟୀ—ସ୍ତ୍ରୀ) ଦୁଇଜଣଙ୍କ ମଧ୍ୟରେ ସାନ—2. Younger; younger of the two. ବି. ପୁଂ. ଆପଣାଠାରୁ ସାନଭାଇ—One's younger brother.

ଯବୋଦ୍ଭବ—ସଂ. ବି. (ବହୁବ୍ରୀହି; ଯବରୁ ଉଦ୍ଭବ ଯାହାର)—ଯବକ୍ଷାର—
Jabodbhaba Saltpetre.

ଯଭ୍(ଧାତୁ)—ସଂ.—ମୈଥୁନ କରିବା; ସଙ୍ଗମ କରିବା—To cohabit, to copulate.
Jabh(root)

ଯଭନ—ସଂ.ବି (ଯଭ୍ଧାତୁ+ଭାବ. ଅନ)—ମୈଥୁନ—Copulation
Jabhana sexual intercourse.

ଯମ୍(ଧାତୁ)—ସଂ.୧ । ବିରତ ହେବା—1. To cease; to refrain,
Jam(root) ୨ । ପରିବେଷଣ କରିବା; ପରଷିବା—2. To serve or distribute food in dishes. ୩ । ବେଷ୍ଟନ କରିବା; ବେଢ଼ିବା—3. To encompass. ୪ । ଦମନ କରିବା—4. To restrain; to curb; to check. ୫ । ଦେବା—5. To offer; to give, to bestow. ୬ । ଯିବା—6. To go. ୭ । ବର୍ଦ୍ଧିତ କରିବା—7. To extend; to increase. ୮ । ଦେଖାଇବା—8. To exhibit; to show. ୯ । ପାଳନ କରିବା—9. To bring up; to rear. ୧୦ । ବନ୍ଦ କରିବା—10. To stop; to suppress.

ଯମ୍-ବା—ପ୍ରାଦେ. (ସମ୍ବଲପୁର) କ୍ରିୟା, — ଜମିବା; ଏକଜ ହେବା;
Jam-bā ଠୁଳ ହେବା—To gather; to assemble; to accumulate.

ଯମ—ସଂ. ବଣ. (ଯମ୍ ଧାତୁ+କର୍ତ୍ତୃ.ଅ) - ୧ । ଯୁଗ୍ମଜାତ; ଯମଜ—
Jama 1. Twin; born together. ୨। ଯୁଗ୍ମ ହୋଇଥିବା—
2. Coupled (Apte). ସଂ. ବି—୧ । ଯମଜ ସନ୍ତାନଙ୍କ ଭିତରୁ ଜଣେ—1 One of the twin-born; a twin ୨ । (+ ଭାବ ଅ) ଷମ୍ବରସାଧନାପେକ୍ଷ ନିତ୍ୟ-କର୍ତ୍ତବ୍ୟ ନୈତିକ ବା ଧାର୍ମିକ କର୍ତ୍ତବ୍ୟକର୍ମ ବା ବ୍ରତ—2 Any moral or religious duty or observance. [ଦ୍ର—କେହି କେହି ଯମ ସଂଖ୍ୟାରେ ୧୦ଟି ବୋଲି କହିଅଛନ୍ତି—ଅନୃଶଂସ୍ୟ, କ୍ଷମା, ସତ୍ୟ, ଅହିଂସା, ଦମ, ଅସ୍ପୃହା, ଧ୍ୟାନ, ପ୍ରସାଦ, ମାଧୁର୍ଯ୍ୟ ଓ ଆର୍ଜବ; କେହି କେହି ଯମ ୫ଟି ବୋଲି କହିଅଛନ୍ତି—ଅହିଂସା, ସତ୍ୟବଚନ, ବ୍ରହ୍ମଚର୍ଯ୍ୟ, ଅକଳ୍କତା (ଅପରିଗ୍ରହ), ଅସ୍ତେୟ (ଅଚୌର୍ଯ୍ୟ) । ଯମ ଓ ନିୟମ ନିତ୍ୟକର୍ତ୍ତବ୍ୟ (ମନୁସଂହିତା ୪ର୍ଥ ଅଧ୍ୟାୟ) । ବୁଦ୍ଧିମାନ୍ ଯମ ଓ ନିୟମ (ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ) ପାଳନ କରିବେ । ନିୟମାଚରଣ ନିତ୍ୟ ନ ହେଲେ ଚଳେ, ମାତ୍ର ଯମାଚରଣ ପରିତ୍ୟାଗ କରି କେବଳ ନିୟମାଚରଣ କଲେ ପୁଣ୍ୟ ମନୁଷ୍ୟ ପତିତ ହୁଏ (ମନୁସଂହିତା ୪ର୍ଥ ଅଧ୍ୟାୟ)—୩ । ସଂଯମ; ଇନ୍ଦ୍ରିୟ ନିଗ୍ରହ—3. Self-control; self-restraint. ୪ । (+କର୍ତ୍ତୃ.ଅ) ସଂହିତାକାର ଋଷିବିଶେଷ—4. Name of a sage who composed a Hindu law-book ୫ । କାକ; କୁଆ—5. Crow. ୬। ଶନିଗ୍ରହ—6. The planet Saturn ୭ । ଧର୍ମରାଜ; ଦକ୍ଷିଣ ଦିକ୍ପାଳ—7 The Hindu God of death and king of the Hell (corresponding to the Greek god Pluto presiding over the Hedes).

[ଦ୍ର—ସୂର୍ଯ୍ୟଙ୍କ ଔରସରେ ବିଶ୍ୱକର୍ମାଙ୍କ ତନୟା ସଂଜ୍ଞାଙ୍କ ଗର୍ଭରୁ ଧର୍ମରାଜ ଜାତ । ଏ ମନୁଷ୍ୟମାନଙ୍କ ପାପପୁଣ୍ୟର ବିଚାରକର୍ତ୍ତା ଅଟନ୍ତି; ନରକ ଏହାଙ୍କ ରାଜ୍ୟ ଓ ନରକସ୍ଥ ସଂଯମନୀପୁରୀ ଏହାଙ୍କର ରାଜଧାନୀ । ଏ ପାପୀମାନଙ୍କୁ ନରକରେ ଦଣ୍ଡ ଦିଅନ୍ତି ଓ ପୁଣ୍ୟବାନ୍‌ମାନଙ୍କୁ ସ୍ୱର୍ଗକୁ ପଠାନ୍ତି । ଏହାଙ୍କର ପାଦର ଭଗିନୀ ଯମୁନା; ବାହନ ମହିଷ; ଅସ୍ତ୍ର ଦଣ୍ଡ; ଏହାଙ୍କ ମନ୍ତ୍ରୀ ଚିତ୍ରଗୁପ୍ତ ପ୍ରତ୍ୟେକ ମନୁଷ୍ୟର ପାପ ପୁଣ୍ୟକୁ ଖାତାରେ ଲେଖି ରଖି ଥାଆନ୍ତି ଓ ମନୁଷ୍ୟର ମୃତ୍ୟୁ ପରେ ତାହା ସବୁ ଯମରାଜାଙ୍କ ଆଗରେ ପେଶ୍ କରନ୍ତି । ଯମଙ୍କର ଅନ୍ୟ ନାମ—ଅନ୍ତକ, ଔଦୁମ୍ବର, କଙ୍କ, କର୍ମକର, କାଳ, କୀନାଶ, କୃତାନ୍ତ, ଜୀବତେଶ, ଦଣ୍ଡଧର, ଦଣ୍ଡଧାର, ଦଧ୍ନ, ଧର୍ମ, ଧର୍ମରାଜ, ଧର୍ମରାଟ୍, ପରେତପତି, ପରେତରାଟ୍, ପିତୃପତି, ପ୍ରେତରାଟ୍, ଶମନ, ମହିଷଧ୍ୱଜ, ମହିଷବାହନ, ଯମରାଟ୍, ଯମୁନାଭ୍ରାତା, ବୈବସ୍ୱତ, ଶୀର୍ଣ୍ଣପାଦ, ଶମନ, ଶ୍ରାଦ୍ଧଦେବ, ହରି, ମୃତ୍ୟୁ, ସର୍ବଭୂତକ୍ଷୟ, ନୀଳ, ପରମେଷ୍ଠୀ, ବୃକୋଦର, ଚଣ୍ଡ, ଚିତ୍ରଗୁପ୍ତ ।] ୮ । (+ଭାବ. ଅ) ସଂଯମ; ଅନ୍ତଃକରଣର ବହିର୍ବୃତ୍ତି ନିରୋଧ ପୂର୍ବକ ଈଶ୍ୱରଙ୍କଠାରେ ନିଯୋଗ; ଯୋଗର ଆଠଗୋଟି ଅଙ୍ଗ ମଧ୍ୟରେ ପ୍ରଥମ—8. Religious abstraction from the world and concentration on the Ego; the first step in the exercise of Joga. [ଦ୍ର—ଯୋଗ ସାଧନର ଆଠଗୋଟି ଅଙ୍ଗ ଯଥା—ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ।] ୯ । ଧର୍ମ ସମ୍ବନ୍ଧୀୟ ବାରଣ ବା ଶାସନ—9. Religious restraint. ୧୦ । ବିରତି; ନିବୃତ୍ତି—10. Cessation; stoppage. ୧୧ । ଉପସଂହାର; ଶେଷ; ଅନ୍ତ, ଉପଶମ—11. Conclusion; the end. ୧୨ । ପ୍ରାୟଶ୍ଚିତ୍ତ—12. Religious penance; purificatory ceremony; expiation ୧୩ । ମୃତ୍ୟୁ—13. Death. ୧୪ । ସହିଷ୍ଣୁତା—14. Forbearance. ୧୫ । ଉତ୍ସବ ବିଶେଷ—15. Name of a festival. ୧୬ । ଯୁଗ୍ମ; ମିଥୁନ—16. Couple; a brace; a pair. ୧୭ । ଯମ ନାମକ ପିତୃଗଣ—17. Name of a group of deceased progenitors of mankind. (ଦ୍ର—ଏହାଙ୍କୁ ତତ୍ୟବୀଳାଜଳାଦ, ପିତୃଗଣଙ୍କ ସହ ତର୍ପଣ କରାଯାଏ । ତର୍ପଣରେ ୧୪ ଯମଙ୍କୁ ୩ ଅଞ୍ଜଳି ଲେଖାଏଁ ଜଳ ଦିଆଯାଏ—ଯମ, ଧର୍ମରାଜ, ମୃତ୍ୟୁ, ଅନ୍ତକ, ବୈବସ୍ୱତ, କାଳ, ସର୍ବଭୂତକ୍ଷୟ, ଔଦୁମ୍ବର, ଦଧ୍ନ, ନୀଳ, ପରମେଷ୍ଠୀ, ବୃକୋଦର, ଚଣ୍ଡ ଓ ଚିତ୍ରଗୁପ୍ତ ।] ୧୮ । ଯୁଗ୍ମ ବା ଯୋଡ଼ା ମଧ୍ୟରୁ ଏକତର—18. One of a pair or couple; a fellow (Apte). ୧୯ । ଦୁଇ ସଂଖ୍ୟା—19. The number two (Apte). ୨୦ । (ବ୍ୟାକରଣ) ଦୁଇଥର ଏକଙ୍କ ହିତାରିତ ବର୍ଣ୍ଣଜନ ବର୍ଣ୍ଣ (ଯଥା—ତ, ଟ୍ଟ, ଜ, କ୍ଷ ।)—20. (grammar) The twin letter of a consonant (Apte). ୨୧ । (ସଙ୍ଗୀତ) ସ୍ୱରର ଉଚ୍ଚତା—21. (music) Pitch of the voice (Apte). ୨୨ । ବାୟୁ (ହି. ଶ)—22. The air.

ଯମଆଳ—ଗ୍ରା. ବି (ସଂ. ଯମ ଆଳୟ)—ଯମପୁରୀ—The abode
Jama Ala of Jama. (ଭୁ—ମତେ ଅବ ପ୍ରାଣିତ
ଯମାଳୟ ଯିବେ ଯମଅଳେ—କୃଷ୍ଣସିଂ. ମହାଭାରତ ବନ ।)
ଯମପୁରୀ

ଯମକ—ସଂ. ବି (ଯମ+ସ୍ୱାର୍ଥେ କ)—୧ । ଯମଜ ସନ୍ତାନ ଦ୍ୱୟରୁ
Jamaka ଏକତର—1. One of the twins. ୨ । ସଂଯମ—2. Self-control. ୩ । ଶବ୍ଦାଲଙ୍କାରବିଶେଷ; ଏକ ବାକ୍ୟରେ ଭିନ୍ନାର୍ଥବାଚକ ସମୋଚ୍ଚାର୍ଯ୍ୟ ଶବ୍ଦ ମାନଙ୍କର ପୁନରାବୃତ୍ତି (ଏହା ଆଦ୍ୟ, ମଧ୍ୟ ଓ ଅନ୍ତ୍ୟ ଯମକ ଭେଦରେ ପ୍ରଧାନତଃ ୩ ପ୍ରକାର)—3. A figure of

speech; analogue; a species of alliteration; repetition of similar words or letters or sentences in various parts of the same stanza. ୪ । ନିୟନ୍ତ୍ରଣ—4. Restraint, check (Apte). ୫ । ଯୋଡ଼ାର ମଧ୍ୟରୁ ଏକ—5. One of a pair (Apte). ୬ । ଡବଲ୍ ପଟ୍ଟି—6. A double bandage (Apte). ସଂ. ବିଣ—୧ । ଜାଆଁଳା—1. Twin; born-twin (Apte). ୨ । ଦୋହରୁଣ୍ଡିଆ; ଡବଲ୍—2. Two fold, double (Apte). (ଦ୍ର—ଶବ୍ଦାଳଙ୍କାର ତଳେ ଉଦାହରଣ ଦେଖ ।) ଦେ. ବି—ସମାରୋହ; ଆଡ଼ମ୍ବର—Pomp; splendour; grandeur. ଦେ. ବିଣ—୧ । ଆଡ଼ମ୍ବରମୟ—1. Splendid; pompous. ୨ । ଶ୍ରୁତିସୁଖକର—2. Pleasing to the ear. (ଦ୍ର—ରଙ୍ଗ ସଙ୍ଗ୍ରାମ ଠମକ, କେତେ ଯମକ—ଉଦ୍ଧ. ପ୍ରେମସୁଧାନିଧି ।)

यमक
जमाव

ଯମ କତିରେ ବସିବା—ଦେ. କ୍ରି—ମୃତ ହେବା; ମରିବା—To die; Jama katire basibā to breathe one's last. যমের কাছে বাসা [ଦ୍ର—ତାଙ୍କ ଭୁଲରେ ଅଙ୍ଗ ମଣ୍ଡପର ଛିଡ଼ି ଯମକେପାশবৈঠনা ଅଙ୍ଗେ କରି ବସିଲେ ଯମକର । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।]

ଯମ କରଗତ—ସଂ. ବିଣ. ପୁଂ (୭ମୀ ତତ୍) —ମୃତ—Dead. Jama karagata (ଦ୍ର—ହୋଇ ହେବେ କବଟେ ଯମ (ଯମକରଗତା—ସ୍ତ୍ରୀ) କରଗତ—କୃଷ୍ଣସିଂହ. ମହାଭାରତ ବନ)

ଯମକରେ—ଦେ. କ୍ରି. ବିଣ—ସମାରୋହରେ; ଆଡ଼ମ୍ବରରେ—Jamakare With pomp and splendour. जमकर; जमायसे (ଦ୍ର—ଅତି ଯମକରେ ଶ୍ରେଷ୍ଠନି କରି ସେ আড়ম্বরে ମିଳଲେ ବନିଆଁ ଘର—ଉଦାସୀ ସାଅନ୍ତୁଅ ବାହା ।)

ଯମ କିଙ୍କର—ସଂ. ବି (୬ଷ୍ଠୀ ତତ୍)—ଯମଦୂତ—Jama kimkara Messenger of death.

ଯମ କୀଟ—ସଂ. ବି—୧ । ଗୁଣ୍ଡୁରିଆ ପୋକ; ବାଲିମେଣ୍ଟି ପୋକ—Jama kīta 1. Sand-borer insect ୨ । ଜିଆ; କେଞ୍ଚୁଆ—2. Earthworm (Apte) ୩ । କାଠ-କଠା ପୋକ—3. Wood louse (Apte).

ଯମକୀଲ—ସଂ. ବି—ବିଷ୍ଣୁ—Jamakīla Bishnu (See)

ଯମକୁ ଭେଟିବା—ଦେ. କ୍ରି—ମରିବା—Death. (ଦ୍ର—ଯୋଡ଼ଶାରି Jamaku bhetibā ଯମଙ୍କୁ ଭେଟିଲେ ସମସ୍ତେ—କୃଷ୍ଣସିଂହ. যমকে দেখা यमसे मीलना ମହାଭାରତ. ବନ ।)

ଯମଗୀତା—ସଂ. ବି—ଅଗ୍ନିପୁରାଣାନ୍ତର୍ଗତ ଯମମାହାତ୍ମ୍ୟ ବର୍ଣ୍ଣନାତ୍ମକଗ୍ରନ୍ଥ—Jama gitā Name of treatise in the Agni Purāna, relating to the God Jama.

ଯମ ଗ୍ରାମ—ସଂ. ବି—ଯମପୁର—The abode of Yama. Jama grāma (ଦ୍ର—କ କରୁଁ ପାଣ୍ଡବେ ପେଶିବ ଯମଗ୍ରାମ—କୃଷ୍ଣସିଂହ. ମହାଭାରତ. ଆଦି)

ଯମଘଣ୍ଟ—ସଂ. ବି—୧ । ଜ୍ୟୋତିଷୋକ୍ତ ଯାତ୍ରା ନିଷିଦ୍ଧ ବାର ଓ Jama ghanta ନକ୍ଷତ୍ରର ଅଶୁଭ ଯୋଗବିଶେଷ—(Astrology) An inauspicious conjunction of some weekdays with certain asterisms. [ଦ୍ର—ଏହି ଅଶୁଭ ଯୋଗଗୁଡ଼ିକ ଯଥା—

ରବିବାରରେ—ମଘା ବା ପୂର୍ବଫାଲ୍ଗୁନୀ ନକ୍ଷତ୍ର ।
ସୋମବାରରେ—ପୁଷ୍ୟା ବା ଅଶ୍ଳେଷା ।
ମଙ୍ଗଳବାରରେ—ଜ୍ୟେଷ୍ଠା ବା ଅନୁରାଧା, ଅଶ୍ୱିନୀ ବା ଭରଣୀ ।
ବୁଧବାରରେ—ହସ୍ତା ବା ଆର୍ଦ୍ରା ।
ଗୁରୁବାରରେ—ମୂଳା, ପୂର୍ବାଷାଢ଼ା, ରେବତୀ ବା ଉତ୍ତରଭାଦ୍ରପଦ ।
ଶୁକ୍ରବାରରେ—ସ୍ୱାତୀ ବା ରୋହିଣୀ ।
ଶନିବାରରେ—ଶ୍ରବଣା ବା ଶତଭିଷା ନକ୍ଷତ୍ରମାନ ପଡ଼ିଲେ ଏହି ଯୋଗ ଘଟେ । ଏହି ଯୋଗରେ ଯାତ୍ରା, ବିବାହାଦି ସର୍ବବିଧ କାର୍ଯ୍ୟ ନିଷିଦ୍ଧ ।] ୨ । କାର୍ତ୍ତିକ ଶୁକ୍ଳ ପ୍ରତିପଦା (ଭୂ. ଶ.)—2. The first day of the bright lunar fortnight of Kārttika. ୩ । ରାକ୍ଷସ-ବିଶେଷ; ରାବଣର ପୁତ୍ର—3. The name of a son of demon Rābana. (ଦ୍ର—ବାଙ୍କ କାଳସର୍ପ ଯମଘଣ୍ଟ ପଣ୍ଡି ଯମ ଉପସମ ଭାବ—ଉଦ୍ଧ. ବୈଦେହୀଶବିଳାସ ।)

ଯମଘର—ଦେ. ବି—ଯମପୁର—Jamaghara The abode of Yama. যমের বাড়ি यमघर

ଯମଜ—ସଂ. ବିଣ (ଯମ+ଜନ୍ ଧାତୁ+କର୍ତ୍ତୃ. ଅ)—୧ । ଯାଆଁଳା; Jamaja ସହଜାତ—1. Twin; born together. ୨ । ତୁଲ୍ୟ; ସଦୃଶ—2. Closely resembling each other.

ଯମଜୟୀ—ସଂ. ବିଣ (ଯମ+ଜି ଧାତୁ+କର୍ତ୍ତୃ. ଇନ୍) -ମୃତ୍ୟୁଞ୍ଜୟ; ଅମର-Jamajayi Immortal. (ଯମଜିତ୍—ଅନ୍ୟରୂପ)

ଯମଝାଳ—ଦେ. ବି—ଜମଝାଳ (ଦେଖ) Jama jhāla Jamajhāla (See). কালঘাম बघजर (जगना)

ଯମ ତର୍ପଣ—ସଂ. ବି (ଯମ+ତର୍ପଣ)—ଯମ ନାମକ ପିତୃଗଣଙ୍କୁ ତର୍ପଣ Jama tarpana କରିବା—An oblation of water to the Jama class of the Manes.

ଯମତା—ସଂ. ବି (ଯମ+ଭାବ. ତା)—ମୃତ୍ୟୁ—Jamatā Death.

ଯମଦଗ୍ନି—ସ. ବି—ପରଶୁରାମଙ୍କର ପିତା; ଋଷି ବିଶେଷ—
Jamadagni Name of a sage; the father of Parsurāma.

ଯମଦଂଷ୍ଟ୍ରା—ସ. ବି (୬ଷ୍ଠୀ ତତ୍) —୧ । ମୃତ୍ୟୁର ଆକ୍ରମଣ—1. The
Jamadamshtrā jaws of death. ୨। ଆଶ୍ୱିନ ଓ କାର୍ତ୍ତିକ ମାସର ଶେଷିଷ୍ଟ ସମୟ, ଯହିଁରେ ସଂସାରରେ ରୋଗର ଓ ମୃତ୍ୟୁର ବିଶେଷ ଭୟ ଥାଏ—2. Particular periods during the months of Āswina and Kārttika, regarded as a period of general sickness and mortality. [ଦ୍ର—କାହା କାହା ମତରେ ଆଶ୍ୱିନ ମାସର ଶେଷ ଆଠ ଦିନ ଓ ପୂର୍ଣ୍ଣ କାର୍ତ୍ତିକ ମାସ ଯମଦଂଷ୍ଟ୍ରା ଅଟେ । କାହାର କାହାର ମତରେ କାର୍ତ୍ତିକର ଶେଷ ଆଠ ଦିନ ଓ ମାର୍ଗଶିରର ପ୍ରାରମ୍ଭିକ ଆଠ ଦିନ ଯମଦଂଷ୍ଟ୍ରା ଅଟେ । ଏ ସମୟରେ ଅଳ୍ପ ଭୋଜନ ଓ ସଂଯମ କରିବା ପାଇଁ ବୈଦ୍ୟ ଶାସ୍ତ୍ରରେ ଉପଦେଶ ଅଛି—ହ. ଶ.]

ଯମଦଣ୍ଡ—ସ.ବି(ମ.ତ.ଲୋ)—୧। ମୃତ୍ୟୁଦଣ୍ଡ—1. Death penalty.
Jamadanda ୨ । ମୃତ୍ୟୁ—2. Death. (ଉ—ଯମଦଣ୍ଡରୁ ମୋ ରକ୍ଷା କେମନ୍ତେ ହେବଟି—କବିସୂର୍ଯ୍ୟ. ଢଶୋସ୍ୱରଖ୍ରୁ—ଯ. ଗୀତ) ୩ । (ସାମୁଦ୍ରିକ) ମନୁଷ୍ୟର ଲଲାଟରେ ଥିବା ଭର୍ଦ୍ଧ୍ୱରେଖାରୁ ଏକତର—3. (cheiromancy) One of the lines on the brow of a man. [ଦ୍ର—ଅନ୍ୟ ରେଖାର ନାମ ରାଜଦଣ୍ଡ ।] ୪ । (୬ଷ୍ଠୀତତ୍) ଯମରାଜାଙ୍କ ଧୃତ କଳ୍ପିତ ଦଣ୍ଡ ବା ଯଷ୍ଟି—4. The sceptre said to be held by Jama.

ଯମଦାଢ଼—ଦେ. ବି. (ସ. ଯମଧାର) ୧ । ଉଭୟ ପାର୍ଶ୍ୱରେ ତୀକ୍ଷ୍ଣଧାର-
Jamadārdha ବିଶିଷ୍ଟ ଖଡ୍ଗ; କଟାର—1. Name of a
यमधर sword, sharp on both sides; double edged
यमकात, यमकातर sword. (ଯମଦାଢ—ଅନ୍ୟରୂପ)
[ଉ—"ବାହାର କର ଯମଦାଢ଼ଁ ବାସ—ବାନ୍ଧିଲେ ଶାଢ଼ୀ ହେଲୁ ଲଙ୍କେଶ" ଉ. ବୈଦେହୀଶବିଳାସ ।]
୨ । (ସ. ଯମଦଂଷ୍ଟ୍ରା) ମୃତ୍ୟୁର ଆକ୍ରମଣ; ମୃତ୍ୟୁମୁଖ—
2. Attack of death; jaws of death.

ଯମ ଦୁତିଆ—ଗ୍ରା. ବି. (ସ. ଯମଦ୍ୱିତୀୟା)—ଯମଦ୍ୱିତୀୟା (ଦେଖ)—
Jama dutiā Jama dwitiyā (see)
यमदितीआ यमदुतिया

ଯମ ଦୂତ—ସ. ବି. (ଯମଙ୍କର ଦୂତ; ୬ଷ୍ଠୀ ତତ୍)—୧ । ଯମରାଜାଙ୍କର
Jama dūta ଯେଉଁ ଭୃତ୍ୟମାନେ ମୃତବ୍ୟକ୍ତିର ଆତ୍ମାକୁ ପୃଥିବୀରୁ ଯମପୁରକୁ ନେବାପାଇଁ ଆସନ୍ତି-1. Messengers sent by the God of death to take the departing souls to hell. ୨। ଯମଦୂତଙ୍କ ପରି ବିକଟାକାର ଭୟଙ୍କର ମୂର୍ତ୍ତି—2. Persons having fearful appearance like the messengers of the God of death.

ଯମଦୂତକ—ସ. ବି (ଯମଦୂତ+କ)—୧ । ଯମଦୂତ (ଦେଖ)—1.
Jamadūtaka Jamaduta (see). ୨। ଡାମରା କାଉ—
2. Rook; Carrion crow.

ଯମଦୂତିକା—ସ. ବି—ତେନ୍ତୁଳି—
Jamadūtikā Tamarind.

ଯମ ଦେବତା—ସ . ବି (ବହୁବ୍ରୀହି; ଯାହାର ଦେବତା ଯମ)— ଭରଣୀ ବା
Jama debatā ଦ୍ୱିତୀ ନକ୍ଷତ୍ର—The second asterism.
(ଯମନକ୍ଷତ୍ର, ଯମେଶ, ଯମେଶ୍ୱର—ଅନ୍ୟରୂପ)

ଯମ ଦେଶ—ଦେ. ବି—ଯମପୁର—The abode of ama
Jama desa (ଉ—ଏ ଶକ୍ତି ବାଜିଲେଟି ଯିବେ ଯମ ଦେଶ ।
କୃଷ୍ଣସିଂହ. ମହାଭାରତ. ଅନ୍ତ ।)

ଯମ ଦ୍ୱାର—ସ. ବି—୧। ମୃତ୍ୟୁର ଦ୍ୱାର—1. The death's door.
Jama dwāra ୨ । ଯମପୁରର ପ୍ରବେଶ ପଥ—2. The door
(ଯମ ଦୁଆର—ଦେଶଜ ରୂପ) leading to hell

ଯମ ଦ୍ୱାରରୁ ଫେରି (ଲେଉଟି, ବାହୁଡ଼ି) ଆସିବା—ଦେ. କି—ଅସାଧ୍ୟ
Jama dwāraru pheri (leuti, bāhurdi) āsibā) ମୃତ୍ୟୁର
যমের দ্বারথেকে ফিরেআসা କବଳରୁ ରକ୍ଷାପାଇ ବଞ୍ଚିବା—To
जमद्वारसे लौटना escape from the jaws of death.

ଯମ ଦ୍ୱିତୀୟା—ସ.ବି—ଭ୍ରାତୃଦ୍ୱିତୀୟା; କାର୍ତ୍ତିକ ଶୁକ୍ଳଦ୍ୱିତୀୟା [ଏହି ଦିନ
Jama dwitiyā ଭଉଣୀମାନେ ଭାଇଙ୍କୁ ମିଷ୍ଟାନ୍ନ ଆଦି ଅର୍ପଣ ଓ
যমদ্বিতীয়া, ভাইদ্বিতীয়া ସତ୍କାର କରନ୍ତି]—The 2nd day of
जम दुतीया, भाईदूज the bright fortnight of Kārttika.

ଯମ ଦ୍ରୁମ—ସ. ବି—ଶିମିଳୀ ଗଛ (ହ. ଶ)
Jama druma Silk-cotton tree.

ଯମଧାର—ସ. ବି—ଯମଦାଢ଼ ୧ (ଦେଖ)
Jama dhāra Jamadārdha 1 (See)

ଯମନ—ସ. ବି (ଯମ୍. ଧାତୁ + ଭାବ. ଅନ)—୧ । ବନ୍ଧନ; ବାନ୍ଧିବା—
Jamana 1. Binding. ୨ । ନିରୋଧନ; ସଂଯମନ—
2. Controlling; restraining; checking.
୩ । ଉପରମ; ନିବୃତ୍ତି; ବିରାମ—3. Cessation; stoppage. ୪ । ଛେଦନ—4. Cutting. ୫ ବିନାଶ—5. Destruction. ୬ । ଶାସନ; ପରିଚାଳନ—6. Governing; managing (Apte)-
୭ । (+କର୍ତ୍ତୃ. ଅନ) ଯମରାଜ—6 . The God o. deathf

ଯମନିକ—ଦେ· ବି—ତୀର୍ଥ ବିଶେଷ (ଏହି ତୀର୍ଥରେ ଯମେଶ୍ୱର ଦେବତା
Jamanika ଅଛନ୍ତି)—(ଉ—'ଯମନିକ ନାମେ ତୀର୍ଥ ଅଟଇ'—
ପ୍ରାଚୀ. ରହସ୍ୟମଞ୍ଜରୀ ।)

ଯମନିକା—ସ. ବି (ଯମ୍ .ଧାତୁ—ନିବୃତ୍ତ କରିବା+କରଣ. ଅନ+
Jamanikā କ+ଆ)—୧ । ଯମନିକ (ଦେଖ)—1. Jamanika (See). ୨ । ଯବନିକା—2. Screen (Apte).

ଯମ ନିୟମ—ସ. ବି (ସହଚର)—ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ
Jama niyama ଓ ଅପରିଗ୍ରହ ଏହି ୫ଟି ଯମ ଓ ସ୍ୱାଧ୍ୟାୟ, ଶୌଚ, ସନ୍ତୋଷ ଓ ତପସ୍ୟାଦି ନିୟମ—Acts of self-

restraint and habitual practice o saintliness enjoined by the Śāstras. [ଦ୍ର—ଯମ ୨ ତଳେ ଟୀକା ଦେଖ ।]

ଯମ ପତ୍ନୀ—ସଂ. ବି. (୬ଷ୍ଠୀ ତତ୍)—ଯମରାଜଙ୍କ ସ୍ତ୍ରୀ; ଧୂମୋର୍ଣ୍ଣା; ବିଜୟା—
Jama patnī The queen of God Jama.

ଯମ ପଞ୍ଜି—ଦେ. ବି (ସଂ. ଯମ+ପଞ୍ଜୀ)—ଚିତ୍ରଗୁପ୍ତଙ୍କ ପାଞ୍ଜି, ଯହିଁରେ
Jama pānji ପ୍ରତ୍ୟେକ ବ୍ୟକ୍ତିର ପାପ ପୁଣ୍ୟର ହିସାବ ଲେଖାଯାଏ—
যমের পাঁজী, চিত্রগুপ্তের পাংজী The almanac or the
यमपांजी daily ledger of a person's sins and good deeds kept in the court of Jama.

ଯମ ପାଞ୍ଜି ପୋଛିବା—ଦେ. କ୍ରି—ମୃତ୍ୟୁ ଆସନ୍ନ ହେବା—The
Jama pānji pochhibā approach of death;
যমের তলব হওয়া impending death. [ଉ—ଜାଣିଲି ଯମ
यम अतकमिटाना ତୋର ପୋଛିଲାଣି ପାଞ୍ଜି । କୃଷ୍ଣସିଂହ. ମହାଭାରତ. ବନ ।]
(ଯମ ପାଞ୍ଜିରୁ ପୋଛିବା—ଅନ୍ୟରୂପ

ଯମପୁର(ରୀ)—ସଂ. ବି (୬ଷ୍ଠୀ ତତ୍; ଯମ+ପୁର, ପୁରୀ)—୧ । ନରକ—
Jamapura(rī) 1. The hell. ୨ । ଯମରାଜାଙ୍କ ରାଜଧାନୀ;
ସଂଯମନୀ ପୁରୀ—2. The capital of God Jama.
(ଯମ ଭବନ, ଯମ ସଦନ—ଅନ୍ୟରୂପ)

ଯମପୁରକୁ ପେଷିବା—ଦେ. କ୍ରି—ହତ୍ୟା କରିବା—To murder;
Jamapuraku peshibā to kill. [ଉ—ପେଷିବି ଯୁଦ୍ଧରେ
যমপুরে পাঠান ମୁଁ ଯମପୁରେ ସବେ । କୃଷ୍ଣସିଂହ. ମହାଭାରତ.
यमपुर पहुँचाना ବିରାଟ ।]
(ଯମପୁରକୁ ପଠା[ଠେ]ଇବା—ଅନ୍ୟରୂପ]

ଯମ ପ୍ରିୟ—ସଂ. ବି—୧ । ବଟବୃକ୍ଷ (ହ. ଚ)—1. The banian
Jama priya tree. ୨। ଡମ୍ବିର ଗଛ—2. The fig tree.

ଯମବାନ୍—ସଂ. ବିଣ. ପୁଂ (ଯମବତ୍; ଯମ=ସଂଯମ+ଅସ୍ତି ଅର୍ଥେ. ବତ୍)—
Jamabān ଜିତେନ୍ଦ୍ରିୟ; ସଂଯମୀ—One who has subdued
(ଯମବତୀ— ସ୍ତ୍ରୀ) his passions.

ଯମବାସୀ—ଦେ. ବିଣ (ସଂ. ଯମପୁରବାସୀ)—ଯମପୁରସ୍ଥ, ଅର୍ଥାତ୍ ମୃତ
Jamabāsī ବା ହତ—Dead; killed. [ଉ—ମୋ ମୁଖେ
ପଡ଼ିଲେ କରିବି ଯମବାସୀ । କୃଷ୍ଣସିଂହ. ମହାଭାରତ. ବନ ।]

ଯମ ବାହନ—ସଂ. ବି (୬ଷ୍ଠୀ ତତ୍, ଯମ+ବାହନ)—ମଇଁଷି—
Jama bāhana Buffalo.
(ଯମ ରଥ—ଅନ୍ୟରୂପ) (ଯମ ବାହାନ— ଗ୍ରାମରୂପ)

ଯମ ବ୍ରତ—ସଂ. ବି (ଯମ+ବ୍ରତ)—ରାଜଧର୍ମ ବିଶେଷ; ପକ୍ଷପାତ ରହିତ
Jama brata ହୋଇ ଅପରାଧୀଗଣଙ୍କୁ ଶାସନ କରିବା—
Impartial government of the offenders by the king.

ଯମ ଭଗିନୀ—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ଯମ+ଭଗିନୀ)—ଯମୁନା —
Jama bhagini River Jamunā personified.

ଯମ ଭୟ—ସଂ. ବି. (୫ମୀ ତତ୍; ଯମ+ଭୟ)—ମୃତ୍ୟୁ ଭୟ—
Jama bhaya The fear of death.

ଯମ ମାସ—ସଂ. ବି. (ମ. ପ. ଲୋ; ଯମ+ମାସ)—କାର୍ତ୍ତିକ ମାସ—
Jama māsa The month of Kārttika.

ଯମ ଯନ୍ତ୍ରଣା—ସଂ. ବି. (ମ. ପ. ଲୋ; ଯମ+ଯନ୍ତ୍ରଣା)—୧ । ମୃତ୍ୟୁର
Jama jantraṇā ଆନୁଷଙ୍ଗିକ ଯନ୍ତ୍ରଣା—1. The pangs
(ଯମ ଯାତନା—ଅନ୍ୟରୂପ) of death. ୨। ନରକ ଯନ୍ତ୍ରଣା—
2. The punishment of sinners in hell. ୩ । (ଲକ୍ଷଣାର୍ଥ) ଅତି ଭୟଙ୍କର ଦୁଃଖଭୋଗ—3. (figurative) Horrible torture; extreme pain.

ଯମ ର(ରା)ଜା—ଦେ. ବି. (ସଂ. ଯମରାଜ)—ମୃତ୍ୟୁର ଅଧିପତି ଯମ—
Jama ra(rā)jā The God of death.
যমরাজ यमराजा

ଯମର ଭେଟ—ଦେ. ବି—ମୃତ୍ୟୁ—Death.
Jamara bheṭā (ଉ—ଖାଇ ଶୋଇଲେ ବଢ଼ଇ ପେଟ, ଖାଇ
যমের সঙ্গে দেখা ଖାଇଲେ ଯମର ଭେଟ—ଢଗ ।)
यमसे मुलाकात

ଯମରାଟ(ଜ)—ସଂ. ବି. (ଯମରାଜ୍; ଯମ+ରାଜ୍ ଧାତୁ=ଦୀପ୍ତି ପାଇବା+
Jamarāṭ(ja) କର୍ତ୍ତୃ. କ୍ୱିପ୍)—ଶମନ; କୃତାନ୍ତ; ମୃତ୍ୟୁରାଜ—
The Hindus' God of death.

ଯମଳ—ସଂ. ବି. (ଯମ୍ ଧାତୁ+କର୍ମ. ଅଳ)—୧ । ଯୁଗ୍ମ; ଯୋଡ଼ା—
Jamaḷa 1. A pair; a couple; a brace. ୨ । ଦୁଇ
ସଂଖ୍ୟା—2. The number two (Apte). ୩ ।
ବୃନ୍ଦାବନସ୍ଥ ବୃକ୍ଷବିଶେଷ; ଯମଳାର୍ଜୁନ (ଦେଖ)—
3. Twin trees of Bṛundābana; Jamaḷārjuna (See). ୪ । ଯୋଡ଼ାରୁ ଏକ—4. One of a couple (Apte).

ଯମଳଚ୍ଛଦ—ସଂ. ବି. (ବହୁବ୍ରୀହି; ଯମଳ+ଛଦ)—କାଞ୍ଚନ ଗଛ (ଦେଖ)
Jamaḷachchhada Kanchana tree (See)

ଯମଳ ପତ୍ରକ—ସଂ. ବି. (ବହୁବ୍ରୀହି)—କରବୀ (ଦେଖ)
Jamaḷa patraka Karabī (See)

ଯମଳସୂ—ସଂ. ବି ଓ ବିଣ. ସ୍ତ୍ରୀ. (ଯମଳ+ସୂ ଧାତୁ+କର୍ତ୍ତୃ. କ୍ୱିପ୍)—
Jamaḷasu ଯାଆଁଳା ଶିଶୁ ପ୍ରସବକାରିଣୀ (ସ୍ତ୍ରୀ ଓ ଗାଈ)—
(a woman or cow) Giving birth to twins.

ଯମଳାର୍ଜୁନ—ସଂ. ବି. (ଯମଳ+ଅର୍ଜୁନ)—ବୃନ୍ଦାବନସ୍ଥ ବୃକ୍ଷଦ୍ୱୟ—
Jamaḷārjuna Name of twin trees of Bṛundābana which were snapped asunder by Śrīkṛushṇa when he was a mere child. [ଦ୍ର—କୁବେରପୁତ୍ର ନଳକୁବର ଓ ମଣିଗ୍ରୀବ ଦୁହେଁ ମଦ ପିଇ ଉଲଗ୍ନାବସ୍ଥାରେ ନଗ୍ନ ହୋଇ ସ୍ତ୍ରୀମାନଙ୍କ ସଙ୍ଗେ ନଦୀରେ କ୍ରୀଡ଼ା କରୁଥିବା ଯୋଗୁଁ ନାରଦ ମୁନିଙ୍କ ଅଭିଶାପରୁ ଯାଆଁଳା ଅର୍ଜୁନ ଗଛ ରୂପେ ଜନ୍ମି ଥିଲେ ଓ ଶ୍ରୀକୃଷ୍ଣ ବାଲ୍ୟକ୍ରୀଡ଼ାଚ୍ଛଳରେ ଏ ବୃକ୍ଷଦ୍ୱୟକୁ ଭାଙ୍ଗି ପକାଇ ଏ ଦୁହିଙ୍କୁ ଶାପମୁକ୍ତ କରିଥିଲେ ।]

ଯମଳୀ—ସଂ. ବି. ସ୍ତ୍ରୀ. (ଯମଳ+ଈ)—ଦୁଇଖଣ୍ଡବିଶିଷ୍ଟ ପୋଷାକ
Jamaḷī (ଯଥା—ଲୁଗା-ଚଦର, ସାଢ଼ୀ-ସେମିଜ୍, ପାଇଜାମା-କାମିଜ)—A dress consisting of 2 pieces.

ଯମ ଲୋକ—ସଂ. ବି. (ଯମ+ଲୋକ)—ଯମ ନାମକ ପିତୃଗଣଙ୍କ ଓ
Jama loka ଯମରାଜଙ୍କ ବାସସ୍ଥାନ—The abode of the manes called 'Jama' and of God Jama.
(ଯମ ଭୁବନ, ଯମ ରାଜ୍ୟ, ସମପୁରୀ—ଅନ୍ୟରୂପ)

ଯମଲୋକ ଦେଖା(ଖେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ହତ୍ୟା
Jamaloka dekhā(khe)ibā କରିବା—To kill some-
যম লোক দেখান **यम लोक दिखाना** one.

ଯମ ଲୋକ ଦେଖିବା—ଦେ. କ୍ରି—ମରିବା; ପ୍ରାଣତ୍ୟାଗ କରିବା—
Jama loka dekhiba To die (ଦ୍ର—ଅଳସକାଳରେ
যম লোক দেখা ଦେଖିଲେ ଯମ ଲୋକ । କୃଷ୍ଣସିଂ. ମହାଭାରତ
यम लोक देखना ବନ ।)

ଯମ ସଭା—ସଂ. ବି. (୬ଷ୍ଠୀ ତତ୍; ଯମ+ସଭା)—ଯମରାଜଙ୍କ ସଭା—
Jama sabhā The court of the God of death.

ଯମ ସହିବା—ଦେ. କ୍ରି—ଯମଦଣ୍ଡ ବା ମୃତ୍ୟୁ ଭୋଗ ନ କରି ବଞ୍ଚିବାକୁ
Jama sahibā ବଞ୍ଚ ରହିବା—Being permitted or suf-
विधाता मानना fered by the God of death to live.
(ଯଥା—ଏ ପିଲାଟିକୁ ଯମ ସହିଲେ ସିନା ହେବ ।)

ଯମ ସାତ୍—ସଂ.ବିଣ.ପୁଂ. ଓ ସ୍ତ୍ରୀ(ଯମ+ବେଦ୍ୟ ଅର୍ଥରେ, ସାତ୍)—ମୃତ—
Jama sāt Death.
(ଯମ ସାତ୍କୃତ—ଅନ୍ୟ ପୁଂ.ରୂପ)

ଯମ ସାଧନ—ସଂ. ବି—ସଂଯମ ସାଧନ—Abstinence; self-restraint; self-control.
Jama sādhana
[ଦ୍ର—ଯମ ୨ ତଳେ ଟୀକା ଦେଖ ।]

ଯମସୂ—ସଂ. ବି. (ପୁଂ) (ଯମ+ସୂ ଧାତୁ+କର୍ତ୍ତୃ. କ୍ୱିପ୍)—ସୂର୍ଯ୍ୟ—
Jamasū The sun. ବି. (ସ୍ତ୍ରୀ)—ଯେଉଁ ସ୍ତ୍ରୀ ଯାଆଁଳା ପିଲା ପ୍ରସବ କରେ—A mother of twins.

ଯମ ସୂର୍ଯ୍ୟ—ସଂ. ବି. (ବହୁବ୍ରୀହି)—ଯେଉଁ ଘରର ଗୋଟିଏ କୋଠରୀର
Jama sūrjya ମୁହଁ ଉତ୍ତରକୁ ଓ ଅନ୍ୟ କୋଠରୀର ମୁହଁ ପଶ୍ଚିମକୁ ହୋଇଥାଏ—A building with two halls or rooms, one facing the south and one facing the west (Apte).

ଯମ ସ୍ୱସା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଯମ+ସ୍ୱସୃ=ଭଗିନୀ)—
Jama swasā ୧ । ଯମୁନା ନଦୀ—1. The river Jamunā. ୨ । ଦୁର୍ଗା—2. Goddess Durgā; the wife of Mahādeba (Apte).

ଯମସ୍ୟ କରୁଣା ନାସ୍ତି—ସଂ. ଶ୍ଳୋକାଂଶ—ମୃତ୍ୟୁର କାହା ପ୍ରତି ଦୟା
Jamasya karuṇā nāsti ନାହିଁ—(a saying) Death is relentless. [ଦ୍ର—କଷ୍ଟର ବ୍ୟକ୍ତି ପ୍ରତି ଏ ବଚନ ପ୍ରଯୁକ୍ତ ହୁଏ ।]

ଯମା (ଇତ୍ୟାଦି)—ବୈଦେ. ବି ଓ ବିଣ ଓ କ୍ରି. ବିଣ—ଜମା ଇତ୍ୟାଦି
Jamā (etc) (ଦେଖ) Jamā etc (See)

ଯମା(ମେ)ଇବା—ଦେ. କ୍ରି—୧ । ଜମାଇବା (ଦେଖ)
Jamā(me)ibā 1. Jamāiba (See)
୨ । ଅଡ଼ମ୍ବର ସହକାରେ ଶୋଭାଯାତ୍ରା କରିବା—2. To start very pompously with a procession.

ଯମାଉ(ଏ)ତ୍ (ଇତ୍ୟାଦି)—ବୈଦେ. ବି—ଜମାଉତ ଇତ୍ୟାଦି (ଦେଖ)
Jamāu(e)t (etc) Jamāut etc. (See)

ଯମାଦି ଅ(ଉ)ଲ୍ ଅଉଲ୍—ବୈଦେ (ଫା)ବି—ମୁସଲମାନଙ୍କ ମାସ ବିଶେଷ—
Jamādi a(u)l'awal The name of a Mahomedan
জমাদিঅলঅওল; **यमादिउलअव्वल** month. (ମାସତଳେ ଟୀକ ଦେଖ ।)

ଯମାଦି ଅସ୍‌ସାନି—ବୈଦେ (ଫା) ବି—ମୁସଲମାନଙ୍କ ମାସ ବିଶେଷ—
Jamādi as-sāni The name of a month of the
জমাদিঅসসানি; **यमादिअससानी** Mahomedan calendar
(ମାସତଳେ ଟୀକା ଦେଖ)

ଯମାନା—ପ୍ରାଦେ (ସମ୍ବଲପୁର) ବୈଦେ. ବି (ଫା) (ଭୁଲ. ହି.ଜମାନା)—
Jamānā ସମୟ; ଯୁଗ; କାଳ; ଅମଳ—Time; epoch.
[ଯଥା—ମୋ ଯମାନାରେ ଏ କାର୍ଯ୍ୟ ହୋଇ ନାହିଁ ।)

ଯମାନୀ—ସଂ. ବି. ସ୍ତ୍ରୀ—ଯୁଆଣୀ; ଯବାନୀ—The carraway
Jamānī ajwan;Carum Carui; Carum Capticum.
(ଯମାନିକା—ଅନ୍ୟରୂପ) (ଦ୍ର—ଯମାନୀ ୪ପ୍ରକାର—;ଯଥା—
ସଂ.—କନ୍ଦବର୍ଦ୍ଧୀ,ଶେଳଯମାନୀ, ଯମାନୀ,ବନଯମାନୀ, ପାରସିକଯମାନୀ, ଯବାନୀ,ଦୀପ୍ୟକା,ଦୀପ୍ୟକ,ଯବସାହ୍ୱ ଓ ଖୋରାସାନୀ ଯମାନୀ ।)
ଓ—ଯୁଆଣୀ; যোয়ান **अजवाइन**
ମ—ଓବା; ତେ—ଓମମ୍; ଗୁ—ଅମଳା

ଯମାନୁଚର—ସଂ. ବି (୬ଷ୍ଠୀ ତତ୍)—ଯମଦୂତ—A servant or
Jamānuchara attendant of Jama.
(ଯମାନୁଗ—ଅନ୍ୟରୂପ)

ଯମାନୁଜା—ସଂ.ବି.ସ୍ତ୍ରୀ—(୬ଷ୍ଠୀ ତତ୍)—ଯମୁନା ନଦୀ—The river
Jamānujā Jamunā.

ଯମାନ୍ତକ— ସଂ. ବି. ପୁଂ—(ଯମ ଯମଦଣ୍ଡର+ଅନ୍ତକ=ନାଶକାରୀ)—
Jamāntaka ଶିବ; ମହାଦେବ—Mahādeba.

ଯମାରି—ସଂ. ବି. ପୁଂ (୬ଷ୍ଠୀ ତତ୍)—ବିଷ୍ଣୁ—Bishṇu.
Jamāri (ଯମରିପୁ, ଯମଶତ୍ରୁ—ଅନ୍ୟରୂପ)

ଯମାଳୟ—ସଂ. ବି—(୬ଷ୍ଠୀ ତତ୍; ଯମ+ଆଳୟ)—ଯମପୁରୀ—The
Jamālaya abode of the God of death.

ଯମି (ଇତ୍ୟାଦି)—ବୈଦେ. ବି—ଜମି ଇତ୍ୟାଦି (ଦେଖ)
Jami (etc) Jami etc (See)

ଯମିଦାର(ରୀ)(ଇତ୍ୟାଦି)—ବୈଦେ.ବି—ଜମିଦାର(ରି)ଇତ୍ୟାଦି (ଦେଖ)
Jamidāra(ri)(etc) Jamidara(ri) etc (See).

ଯମିବା—ଦେ. କ୍ରି—୧ । ଜମିବା (ଦେଖ)—1. Jamibā (See)
Jamibā ୨ । (ଯାତ୍ରା, ନାଟ ଆଦି) ଦର୍ଶକରେ ପୂର୍ଣ୍ଣହେବା; ବହୁ
জমা **जमना** ଦର୍ଶକ ଆକର୍ଷଣ କରିବା—2. To attract a crowd of spectators. ୩ । (ଘୋଡ଼ା)—ଅଗ୍ରସର ନ ହୋଇ ଏକସ୍ଥାନରେ ଠିଆ ହୋଇ ରହିବା ବା

ଗୋଡ଼ ଉଠାଇ ନାଚିବା—3. (a horse) To stand still or to dance at the same place without proceeding further. ୪ । (ଶୋଭାଯାତ୍ରା, ଉତ୍ସବାଦି) ଆଡ଼ମ୍ବରମୟ ହେବା—4. (A procession) To be pompous.

ଯମୀ—ସଂ. ବି. ସ୍ତ୍ରୀ—(ଯମ+ସ୍ତ୍ରୀ.ଈ)—ଯମଙ୍କ ଭଉଣୀ ଯମୁନାନଦୀ—
Jami The river Jamunā. ସଂ. ବିଣ. ପୁଂ. (ଯମିନ୍; ଯମ+ଅସ୍ତ୍ୟର୍ଥେ ଇନ୍)—ଜିତେନ୍ଦ୍ରିୟ; ସଂଯମବିଶିଷ୍ଟ—Self-controlled. (ସୁ. ଉଦାହରଣ—ଅହିଂସା ସତ୍ୟମସ୍ତେୟଂ ବ୍ରହ୍ମଚର୍ଯ୍ୟମକଳ୍କଂ । ଇତି ପଞ୍ଚ ଯମା ଯେଷାଂ ସନ୍ତୀହ ଯମିନଃ ସ୍ମୃତାଃ ।)

ଯମୁନା—ସଂ. ବି. ସ୍ତ୍ରୀ—(ଯମ୍ ଧାତୁ—ବିରତ ହେବା+କର୍ତ୍ତୃ. ଉନ+ସ୍ତ୍ରୀ
Jamunā ଆ)—୧ । ଦୁର୍ଗା; ଭବାନୀ; ଭଗବତୀ—1. The Goddess Durgā. ୨ । ଉତ୍ତରଭାରତର ନଦୀ-
(ସଂ ନାମ—କଳିନ୍ଦଜା, କଳିନ୍ଦ- ବିଶେଷ—2. The river
ନନ୍ଦିନୀ, କାଳିନ୍ଦୀ, କଳିନ୍ଦାତ୍ମଜା Jamuna which rises from
ତପନ ତନୟା, ତପନ ସୁତା, the south of the Hima-
ତାପୀ, ଯମନା, ଯମସ୍ୱସା, layas and falls into the
ଯମୀ, ଶମନ ସ୍ୱସା, ଶ୍ୟାମା, Ganges at Allahabad after
ସୂର୍ଯ୍ୟ ତନୟା, ସୂର୍ଯ୍ୟସୁତା) a course of 378 miles.
[ଦ୍ର—ଏହା ହିମାଳୟର ଦକ୍ଷିଣାଂଶର ଯମୁନୋତ୍ତରୀ ନାମକ ସ୍ଥାନରୁ ବାହାରି ପ୍ରୟାଗଠାରେ ଗଙ୍ଗାରେ ମିଶି ଅଛି । ପୁରାଣମତେ ଏ ସୂର୍ଯ୍ୟଙ୍କ କନ୍ୟା ଓ ଯମଙ୍କ ଭଉଣୀ । ଯମୁନା ଗଙ୍ଗା ନଦୀରେ ମିଶିଥିବା ସ୍ଥାନରେ ଅନ୍ୟ ଗୋଟିଏ ନଦୀ ସରସ୍ୱତୀ ମଧ୍ୟ ମିଶିଥିଲା । ମାତ୍ର ସରସ୍ୱତୀ ବର୍ତ୍ତମାନ ଅଦୃଶ୍ୟ ହୋଇଅଛି । ଏହି ସଙ୍ଗମସ୍ଥାନର ନାମ ପ୍ରୟାଗ ବା ତ୍ରିବେଣୀ । ଏଠାରେ ବ୍ରହ୍ମା ଯାଗ କରିଥିବାରୁ ଏହାର ନାମ ପ୍ରୟାଗ । ଏହା ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥ ଓ ଏଠାରେ ୧୨ ବର୍ଷରେ ଥରେ ଲେଖାଏଁ କୁମ୍ଭମେଳା ହୁଏ । ଯମୁନା ନଦୀକୂଳରେ ଦିଲ୍ଲୀ, ଆଗ୍ରା, ମଥୁରା ଓ ବୃନ୍ଦାବନ ଅବସ୍ଥିତ । ଯମୁନା ନଦୀ କ୍ରମଶଃ ବୃନ୍ଦାବନଠାରୁ ଦୂରକୁ ଘୁଞ୍ଚି ଯାଉଥିବା ଦେଖାଯାଏ । ଏହି ଯମୁନା ଜଳରେ ଶ୍ରୀକୃଷ୍ଣ କାଳୀୟ ନାଗକୁ ଦଳନ କରିଥିଲେ । ଏହା କୂଳରେ ଗୋପୀମାନଙ୍କ ସଙ୍ଗେ ଶ୍ରୀକୃଷ୍ଣ ବାଲ୍ୟକାଳରେ ନାନାବିଧ ଲୀଳା କରିଥିଲେ ।] ଦେ.ବି.ସ୍ତ୍ରୀ—ସ୍ତ୍ରୀଲୋକଙ୍କ ଡାକିବା ନାମ—A name given to women.

ଯମୁନା କୂଳିଆ—ଦେ. ବିଣ—(ଯମୁନାକୂଳସ୍ଥ କେଳି କଦମ୍ବ, ବଂଶୀବଟ,
Jamunā kūliā କେଳି ବିପିନରେ ଓ କୁଞ୍ଜମାନଙ୍କରେ ଥାଇ ମୁରଲୀ-
यमुना कूलवासी ନାଦଦ୍ୱାରା ଗୋପୀଙ୍କୁ ମୋହିତ କରି ବିବିଧ ଲୀଳା
जमुना कुलिया ରଚିଥିବାରୁ ଏହି ନାମ; ଯମୁନା କୂଳବିହାରୀ)—
ଶ୍ରୀକୃଷ୍ଣଙ୍କର ବିଶେଷଣ—A epitbet of Srikrushna

ଯମୁନା ଗାଧୁଆ—ଦେ. ବି — (ଯମୁନା+ଗାଧୋଇବା)—୧ । ହିନ୍ଦୁମାନଙ୍କ
Jamunā gādhuā ଉତ୍ସବରେ ପବିତ୍ର ଯମୁନା ନଦୀରେ ସ୍ନାନ—
यमुना स्नान 1. A bath in the sacred river
यमुनास्नान, यमुना नहान Jamunā. ୨ । ଦୋଳପୂର୍ଣ୍ଣିମା ପରଦିନ ବା ଚୈତ୍ର କୃଷ୍ଣ ତ୍ରୟୋଦଶୀ ତିଥିରେ ପଡ଼ିବା ବାରୁଣୀ ଦିନ ଶ୍ରୀକୃଷ୍ଣପ୍ରତିମାଙ୍କୁ ନଦୀ ପୁଷ୍କରିଣୀ ଆଦିରେ ସ୍ନାନ କରାଇବା ଉତ୍ସବ—2. The ceremony of giving a bath to the image of Srikrushna on the morrow of Dolapūrnimā or in Chaitra.

ଯମୁନା ଜନକ—ସଂ. ବି.—(ଯମୁନା+ଜନକ)—ସୂର୍ଯ୍ୟ ଦେବ—
Jamunā janaka The Sun-god.

ଯମୁନାଭିଦ୍—ସଂ. ବି.—(ଯମୁନା+ଭିଦ୍ ଧାତୁ+କର୍ତ୍ତୃ. କ୍ୱିପ୍
Jamunābhid —ଖଣ୍ଡକାରୀ)—ବଳରାମ—Balarāma.
[ଦ୍ର—ବଳରାମ ଲଙ୍ଗଳଦ୍ୱାରା ଯମୁନା ନଦୀକୁ ଦ୍ୱିଖଣ୍ଡ କରିଥିବାର କଥା ପୁରାଣରେ ଅଛି ।]

ଯମୁନା ଭ୍ରାତା—ସଂ. ବି.—(୬ଷ୍ଠୀ ତତ୍; ଯମୁନା+ଭ୍ରାତୃ)—ଯମ
Jamunā bhrātā ଦେବତା—The God of death.

ଯମୁନୀ—ଗ୍ରା. ବି. ସ୍ତ୍ରୀ—ଯମୁନା ନାମ୍ନୀ ସ୍ତ୍ରୀର ଡାକ ନାମ—
Jamuni Name for calling women named
यमुना **यमुना** Jamunā
ଦେ. ବି—ହିମାଳୟରୁ ବାହାରି ନେପାଳ ଓ
यमुनी **यमुनी** ଦ୍ୱାରଭଙ୍ଗା ଦେଇ ଗଙ୍ଗାର ଉପନଦୀ ବାଘମତୀ ନଦୀରେ ମିଳିଥିବା କ୍ଷୁଦ୍ର ନଦୀ—Name of a small river passing through Nepal and Darbhanga and falling the Baghmati (which is a tributory of the Ganges).

ଯମୁନୋତ୍ତରୀ—ସଂ. ବି—ହିମାଳୟର ଗଡ଼ୱାଲ୍ ପ୍ରଦେଶସ୍ଥ ଏକ ପର୍ବତ,
Jamunottari ଯହିଁରୁ ଯମୁନାନଦୀ ନିର୍ଗତ ହୋଇଅଛି—
Name of the mountain from which the Jamuna river issues.

ଯମେରୁକା—ସଂ. ବି—୧ । ଜୟଢକ୍କା—1. A drum used on
Jamerukā occassions of victory. ୨ । ଏକପ୍ରକାର ବଡ଼ ଝାଞ୍ଜ, ଯାହା ପ୍ରାଚୀନକାଳରେ ପ୍ରତି ଘଡ଼ି ସମୟ ପୂରିବା ବେଳେ ବଜା ଯାଉଥିଲା (ହି. ଶ.)—
2. A pair of big cymbals which were sounded in ancient times for indicating every ghardi.

ଯମେଶ୍ୱର—ସଂ. ବି (ମ. ପ. ଲୋ; ଯମପୂଜିତ ଈଶ୍ୱର)—୧ । ଶିବ
Jameswar (ହି. ଶ.)—1. Siba. ଦେ. ବି —୧ । ଶିବଲିଙ୍ଗ ବିଶେଷ—1. Name of an image of Siba. [ଦ୍ର—ଯମଙ୍କର ନାମେ ଶ୍ରୀକ୍ଷେତ୍ର ଆଦ୍ୟ, ତହିଁ ଯମେଶ୍ୱର ଦେବତା ପ୍ରସିଦ୍ଧ । ପ୍ରାଚୀ. ରହସ୍ୟମଞ୍ଜରୀ ।]
୨ । ପୁରୁଷଙ୍କୁ ଡାକିବା ନାମ—2. A name given to males.

ଯମ୍ବେଶ୍ୱର—ଗ୍ରା. ବି. ପୁଂ—ଯମେଶ୍ୱରର ଡାକ ନାମ—Name for
Jambeswara calling Jameswara.

ଯଯାତି—ସଂ. ବି—(ଯଯ=ବାୟୁ ପଥ+ଯା ଧାତୁ=ଗମନ କରିବା+କର୍ତ୍ତୃ. ଡି)—ଚନ୍ଦ୍ରବଂଶୀୟ ନହୁଷ ରାଜାଙ୍କ ପୁତ୍ର; ଚନ୍ଦ୍ରବଂଶର ପଞ୍ଚମ ରାଜା—A monarch of the ancient lunar dynasty of India. [ଦ୍ର—ପୁରାଣରେ ଅଛି—ଯଯାତି ଏକଦା ମୃଗୟାକୁ ଯାଇ ତୃଷାର୍ତ୍ତ ହୋଇ ଗୋଟିଏ କୂପ ନିକଟରେ ପହଞ୍ଚିଲେ। କୂପ ମଧ୍ୟରେ ଗୋଟିଏ ଯୁବତୀ ପଡ଼ିଥିବା ଦେଖି, ତାହାଙ୍କୁ କୂପରୁ କାଢ଼ି ତାଙ୍କର ପ୍ରାଣ ରକ୍ଷା କଲେ। ଉକ୍ତ ଯୁବତୀ ଶୁକ୍ରାଚାର୍ଯ୍ୟଙ୍କ ଦୁହିତା ଦେବଯାନୀ। କିଛି କାଳ ପରେ ଶୁକ୍ରାଚାର୍ଯ୍ୟଙ୍କ ଅନୁମତିକ୍ରମେ ଯଯାତି ଦେବଯାନୀଙ୍କୁ ବିବାହ କଲେ। ଦେବଯାନୀ ଓ ଯଯାତି ପାଇ ରାଜଧାନୀରେ ବାସ କଲେ। ଦେବଯାନୀଙ୍କ ଗର୍ଭରୁ ଯଦୁ ଓ ତୁର୍ବସୁ ନାମକ ଦୁଇ ପୁତ୍ର ଜନ୍ମ ହେଲେ। ଏଣେ ଯଯାତି ଦେବଯାନୀଙ୍କ ପରିଚାରିକା ଦୈତ୍ୟରାଜକନ୍ୟା ଶର୍ମିଷ୍ଠାଙ୍କ ରୂପରେ ମୋହିତ ହୋଇ ତାଙ୍କୁ ଗୋପନରେ ଗାନ୍ଧର୍ବ-ବିବାହ କଲେ। ଶର୍ମିଷ୍ଠାଙ୍କ ଗର୍ଭରୁ ଦ୍ରୁହ୍ୟୁ, ଅନୁ ଓ ପୁରୁ ନାମକ ତିନି ପୁତ୍ର ଜନ୍ମ ହେଲେ। ଦେବଯାନୀ ରାଜାଙ୍କର ଏ ଗୁପ୍ତ ବିବାହରେ କ୍ରୁଦ୍ଧ ହୋଇ ରାଜଧାନୀ ତ୍ୟାଗ କରି, ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମକୁ ଯାଇ ପିତାଙ୍କୁ ଏହା କହିବାରୁ ପିତା କ୍ରୁଦ୍ଧ ହୋଇ ଯଯାତିଙ୍କୁ ଅକାଳରେ ଜରାଗ୍ରସ୍ତ ହେବାକୁ ଅଭିଶାପ ଦେଲେ। ପରେ ଯଯାତିଙ୍କ ସ୍ତବରେ ତୁଷ୍ଟ ହୋଇ ତାଙ୍କର ଜରାବସ୍ଥାକୁ ପାତ୍ରାନ୍ତରରେ ସଂକ୍ରାମିତ କରି ତହିଁ ବଦଳରେ ସ୍ୱୟଂ ଯୌବନ ଲାଭ କରିବା କ୍ଷମତା ଯଯାତିଙ୍କୁ ଦେଲେ। ଶାପପ୍ରଭାବରେ ଯଯାତିଙ୍କୁ ଜରା ଆକ୍ରମଣ କରିବାରୁ ଯଯାତି ତାଙ୍କ ଜରାକୁ ପୁତ୍ରମାନଙ୍କୁ ଯାଚିଲେ। କେବଳ ସାନ ପୁଅ ଏଥିରେ ଅସ୍ୱୀକାର କଲେ। କନିଷ୍ଠ ପୁତ୍ର ପୁରୁ ପିତାଙ୍କ ଜରାକୁ ଗ୍ରହଣ କଲେ। ଯଯାତି ପୁରୁଙ୍କଠାରେ ପ୍ରସନ୍ନ ହୋଇ ଅନ୍ୟ ପୁତ୍ରମାନଙ୍କୁ ରାଜ୍ୟ ନ ଦେଇ ପୁରୁଙ୍କୁ ଉତ୍ତରାଧିକାରୀ ମନୋନୀତ କଲେ। ଯଯାତି ପୁରୁଙ୍କଠାରୁ ନବଯୌବନ ଗ୍ରହଣ କରି ଏକ ସହସ୍ର ବର୍ଷ ବିଷୟଭୋଗଦ୍ୱାରା ଅନ୍ତରରେ ଶାନ୍ତି ନ ପାଇବାରୁ, ପୁରୁଙ୍କୁ ପୁଣି ଯୌବନ ଫେରାଇ ଦେଇ, ଆପେ ଆପଣାର ଜରାକୁ ଗ୍ରହଣ କରି, ପୁରୁଙ୍କୁ ସିଂହାସନରେ ବସାଇ, ତପସ୍ୟାର୍ଥେ ବାନପ୍ରସ୍ଥ ଅବଲମ୍ବନ କଲେ ଓ ଦେହାନ୍ତ ହେବାରୁ ସ୍ୱର୍ଗକୁ ଗଲେ। ସ୍ୱର୍ଗରେ ଥିବା ବେଳେ ସେ ନିଜର ତପସ୍ୟା ବିଷୟରେ ବଡ଼ାଇ କରିବାରୁ ଇନ୍ଦ୍ରଙ୍କ ଶାପରେ ସ୍ୱର୍ଗଚ୍ୟୁତ ହେଲେ। ସ୍ୱର୍ଗରୁ ଚ୍ୟୁତ ହେବାମାର୍ଗରେ ଅଷ୍ଟକ ନାମକ ଋଷି ଏହାଙ୍କୁ ଅଟକାଇ କରି ପୁଣି ସ୍ୱର୍ଗକୁ ଫେରାଇ ପଠାଇଲେ। ହି. ଶ.]

Jajāti

ଯଯାତି କେଶରୀ—ଦେ. ବି—ସ୍ୱାଧୀନ ଉତ୍କଳର ଜଣେ ରାଜା—Name of a king of independent Orissa. [ଦ୍ର—କେଶରୀବଂଶର ପ୍ରଥମ ରାଜା ଜନମେଜୟଙ୍କ ପୁତ୍ର ଯଯାତିକେଶରୀ ଖ୍ରୀଷ୍ଟାବ୍ଦ ୫୬୬ ରେ ଉତ୍କଳ ସିଂହାସନ ଆରୋହଣ କଲେ (ମାଦଳାପାଞ୍ଜି ଇତିହାସ)। ଏ ଉତ୍କଳରେ ବୌଦ୍ଧଧର୍ମର ପ୍ରଭାବ ଦମନ କରିଥିଲେ। ଏ ଶୈବ ଥିଲେ। ଯଯାତି ପ୍ରଥମେ ପୁରୀ ନଗରରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରି ତାଙ୍କ ସେବାପାଇଁ ଜମି ଆଦି ବନ୍ଦୋବସ୍ତ କରିଥିଲେ। ବର୍ତ୍ତମାନ ସେହି ମନ୍ଦିର ଦେଖାଯାଏ ତାହା ଯଯାତିଙ୍କ ମନ୍ଦିର ନୁହେ। ଏ ଚଉଦ୍ୱାରରୁ ରାଜଧାନୀ ହଟାଇ ଯାଜପୁରଠାରେ ରାଜଧାନୀ ସ୍ଥାପନ କରିଥିଲେ। ଉତ୍କଳରେ ବୌଦ୍ଧ ପ୍ରାଦୁର୍ଭାବ ଦମନ କରିବା ପାଇଁ ଏ ଭୁବନେଶ୍ୱରଠାରେ ଶିବମନ୍ଦିରର ମୂଳପତ୍ତନ କରିଥିଲେ। ଏ କାନ୍ୟକୁବ୍ଜରୁ ଦଶହଜାର ବେଦଜ୍ଞ ବ୍ରାହ୍ମଣ ଆଣାଇ, ଯାଜପୁରଠାରେ ଗୋଟିଏ ମହାଯଜ୍ଞ କରାଇଥିଲେ, ଯାଜପୁରରେ ଓ ପୁରୀଜିଲ୍ଲାରେ ବ୍ରାହ୍ମଣମାନଙ୍କୁ ବହୁ ଭୂମିଦାନ କରି ଶାସନମାନ ବସାଇଥିଲେ। ଏହାଙ୍କ ଅମଳରୁ ପୁରୀମନ୍ଦିରରେ ମାଦଳାପାଞ୍ଜି ରକ୍ଷା ହୋଇ ଆସୁଅଛି। କବିବର ରାଧାନାଥ 'ଯଯାତିକେଶରୀ' ନାମରେ ଗୋଟିଏ କାବ୍ୟ ରଚନା କରିଅଛନ୍ତି।]

Jajāti kesari

ଯଯାତିକେଶରୀ

ଯଯାତିକେଶରୀ

ଯଯାତିପତନ—ସଂ. ବି—ମହାଭାରତୋକ୍ତ ହିନ୍ଦୁମାନଙ୍କ ତୀର୍ଥ ବିଶେଷ—A sacred place of pilgrimage for the Hindus. (ଉ—ଯଯାତିପତନକୁ ଯାଏ ସେହିଁ ନର, ଅଶ୍ୱମେଧ ଫଳଟି ହୁଅଇ ତାହାର। କୃଷ୍ଣସିଂହ. ମହାଭାରତ ବନ।)

Jajāti patana

ଯଯାବର—ସଂ ବିଣ. ପୁଂ—ଯାଯାବର (ଦେଖ)

Jajābara Jājābara (See)

(ଯଯାବରୀ—ସ୍ତ୍ରୀ)

ଯଯୀ(ଯି)—ସଂ. ବି. ପୁଂ (ଯା ଧାତୁ=ଗମନ କରିବା+ସଂଜ୍ଞାର୍ଥେ. ଈ, ଇ; ଦ୍ୱିତ୍ୱ, ନିପାତନ)—୧। ଶିବ; ମହାଦେବ—1. Siba. ୨। (+ଅଧିକରଣ ଈ) ପଥ; ରାସ୍ତା—2. Road. ୩। (+କରଣ ଈ) ଘୋଡ଼ା (ହି. ଶ.) 3. Horse.

Jaji(ji)

ଯଯୁ—ସଂ. ବି. ପୁଂ (ଯା ଧାତୁ=ଗମନ କରିବା+କର୍ତ୍ତୃ. ଉ; ଦ୍ୱିତ୍ୱ, ନିପାତନ)—୧। ଅଶ୍ୱମେଧୀୟ ଅଶ୍ୱ—1. A horse let loose before an Aśwamedha sacrifice. ୨। ଅଶ୍ୱ—2 Horse.

Jaju

ଯଶ—ଦେ. ବି (ସଂ. ଯଶଃ)—୧। ଯଶଃ (ଦେଖ)—1. Jaśah (See). (ଉ—ଯାହାର ଯଶ ପୁଣ୍ୟଶ୍ଳୋକେ, ମୁକ୍ତେ ଭଣନ୍ତି ସର୍ବ ଲୋକେ—ଜଗନ୍ନାଥ. ଭାଗବତ।) [ଦ୍ର—ମଳୟର୍ ଭିଲୟମ୍ସ ତାଙ୍କ ଶବ୍ଦକୋଷରେ 'ଯଶ' ଶବ୍ଦକୁ ଯଶସ୍ ଶବ୍ଦର ଗୋଟିଏ ରୂପ ବୋଲି ନିର୍ଦ୍ଦେଶ କରିଅଛନ୍ତି।] ୨। ବାହାଦୁରି; ପ୍ରଶଂସା; ପୁରୁଷାର୍ଥ—2. Praise; credit.

Jasa

ଯଶ ଯଶ୍

ଯଶ ଅପଯଶ—ଦେ. ବି—(ସଂ. ଯଶଃ+ଅପଯଶଃ, ଦ୍ୱିପଦାତ୍ମକ ସନ୍ଧିତର)—ଖ୍ୟାତି ଓ ଅଖ୍ୟାତି—Good name and bad name

Jasa apajasa

ଯଶଅପଯଶ **ଯଶଅପଯଶ୍**

ଯଶଆକାଂକ୍ଷା—ସଂ. ବି (ଯଶଃ+ଆକାଂକ୍ଷା, ସନ୍ଧି ନିୟମ ଅନୁସାରେ ବିସର୍ଗର ଲୋପ)—ଯଶୋଲିପ୍ସା।—Desire for fame.

Jasa-ākānkshā

ଯଶଅକାଙ୍କ୍ଷୀ—ସଂ. ବଣ. ପୁଂ (ଯଶଃ+ଅକାଙ୍କ୍ଷୀ)—ଯଶୋଲିପ୍ସୁ-
Jasaakankshi Desirous of fame.
(ଯଶଅକାଙ୍କ୍ଷିଣୀ—ସ୍ତ୍ରୀ)

ଯଶଃ—ସଂ. ବି (ଯଶସ୍; ଅଶ୍ ଧାତୁ=ବ୍ୟାପ୍ତ ହେବା+କର୍ତ୍ତୃ. ଅସ୍; 'ଯ' ଆଗମ; ଯାହା ସଂସାରରେ ବ୍ୟାପ୍ତ ହୁଏ)—
Jasah
୧ । ଖ୍ୟାତି; ସୁଖ୍ୟାତି; କୀର୍ତ୍ତି; ଦାନାଦିପ୍ରଭବା କୀର୍ତ୍ତି; ଭଲ କାମ କରିବା ଯୋଗୁଁ ଜନସମାଜରେ ଖ୍ୟାତ ସୁନାମ—1. Glory; fame; renown; reputation.
[ଦ୍ର—ପ୍ରାଚୀନ ଗ୍ରନ୍ଥମାନଙ୍କରେ ଯଶଃ ଓ କୀର୍ତ୍ତିର ପ୍ରଭେଦ ଲକ୍ଷିତ ହୁଏ । "ଦାନାଦିପ୍ରଭବା କୀର୍ତ୍ତି ଶୌର୍ଯ୍ୟାଦି ପ୍ରଭବ ଯଶଃ"; ଜୀବିତ ବ୍ୟକ୍ତିର 'ଖ୍ୟାତି ଓ ଯଶଃ'; ମୃତ ବ୍ୟକ୍ତିର କୀର୍ତ୍ତି—ଏହିପରି ବ୍ୟବହାର ଦେଖାଯାଏ ।]
୨ । ଯଶସ୍ୱୀ ବ୍ୟକ୍ତି—2. A person of distinction (Apte). ୩ । (ବୈଦିକ; ଭୁଜ+ଅସ୍) ବ୍ୟାପକତା—3. Diffuseness; diffusion. ୪ । (ବୈଦିକ)—ସୌନ୍ଦର୍ଯ୍ୟ—4. Beauty; splendour (Apte) ୫ । ଅନୁଗ୍ରହ; ପକ୍ଷପାତ—5. Favour; partiality (Apte). ୬ । ଧନ—6. Wealth (Apte). ୭ । ଖାଦ୍ୟଦ୍ରବ୍ୟ—7. Food (Apte). ୮ । ଜଳ—8. Water. ସଂ. ବଣ—୧ । ସୁନ୍ଦର; ମନୋହର—1. Lovely; agreeable (Apte). ୨ । ଯୋଗ୍ୟ—2. Worthy (Apte). ୩ । ସମ୍ମାନିତ-3. Honoured (Apte).

ଯଶଃକୀର୍ତ୍ତନ—ସଂ. ବି (୬ଷ୍ଠୀ ତତ୍; ଯଶଃ+କୀର୍ତ୍ତନ)—କୀର୍ତ୍ତି
Jasahkirttana ଘୋଷଣା କରିବା; ଯଶୋଗାନ—
Reciting of a person's glory or fame.
ଯଶଃଖ୍ୟାପନ, ଯଶଃପ୍ରକଟନ, ଯଶଃପ୍ରଚାର } ଅନ୍ୟରୂପ

ଯଶଃକ୍ଷୟ—ସଂ. ବି (୬ଷ୍ଠୀ ତତ୍; ଯଶଃ+କ୍ଷୟ)—ଯଶୋହାନି; ସୁନାମର
Jasahkshaya ହାନି—Loss of one's fame.

ଯଶଃକ୍ଷେତ୍ର—ସଂ. ବି (୬ଷ୍ଠୀ ତତ୍; ଯଶଃ+କ୍ଷେତ୍ର)—ମନୁଷ୍ୟ
Jasahkshetra ଯେଉଁଠାରେ କୀର୍ତ୍ତି ଲାଭ କରେ—
The field of one's renown; a place where a person earns fame.

ଯଶଃ ନାଶ—ସଂ. ବି (ଯଶଃ+ନାଶ; ୬ଷ୍ଠୀ ତତ୍)—ଯଶୋହାନି—
Jasah nasa Loss of fame or reputation.
(ଯଶୋଲୋପ—ଅନ୍ୟରୂପ)

ଯଶଃପଟହ—ସଂ. ବି. ପୁଂ (ଯଶଃ+ପଟହ)—ଜୟଢକ୍କା; ଢୋଲ—
Jasahpataha A double drum (Apte).

ଯଶଃ ପ୍ରଭବ—ସଂ. ବଣ. (ବହୁବ୍ରୀହି)—ଯଶରୁ ଉଦ୍ଭୂତ—
Jasah prabhaba Resulting from one's renown.
(ଯଶଃ ପ୍ରସୂତ—ଅନ୍ୟରୂପ)
(ଯଥା—ଯଶଃ ପ୍ରଭବ ଧନଲାଭ ।)

ଯଶଃପ୍ରଭା—ସଂ. ବି (୬ଷ୍ଠୀ ତତ୍; ଯଶଃ+ପ୍ରଭା) କୌଣସି ବ୍ୟକ୍ତିର
Jasah prabha କୀର୍ତ୍ତିରୂପ ଆଲୋକ)—The brightness or halo of one's renown.

ଯଶଃପ୍ରଭାବ—ସଂ. ବି (୬ଷ୍ଠୀ ତତ୍)—କୀର୍ତ୍ତିର ମହତ୍ତ୍ୱ—
Jasahprabhaba The greatness of one's renown

ଯଶଃଶେଷ—ସଂ. ବି (ବହୁବ୍ରୀହି; ଯଶଃ+ଶେଷ)—Death.
Jasahsesha ସଂ. ବଣ. ପୁଂ (ବହୁବ୍ରୀହି) ମୃତ—Dead.
(ଯଶଃଶେଷା—ସ୍ତ୍ରୀ)

ଯଶଃଶୈଳ—ସଂ. ବି—(ରୂପକ କର୍ମଧା, ଯଶଃ+ଶୈଳ)—ପର୍ବତ ସଙ୍ଗେ
Jasahsaila ତୁଳନୀୟ ଯଶୋରାଶି—Fame compared to a mountain owing to its immensity.

ଯଶଃଶ୍ରୀ—ସଂ. ବି.—୧ । (ଦ୍ୱନ୍ଦ୍ୱ) କୀର୍ତ୍ତି ଓ ସମ୍ପଦ—1. Fame and
Jasahsri wealth. ୨ । (୬ଷ୍ଠୀ ତତ୍ ବା ମ.ପ.ଲୋ)—କୀର୍ତ୍ତିଜନିତ ଶ୍ରୀ ବା ସମ୍ପଦ—2. Glory due to fame. ୩ । (ରୂପକ) କୀର୍ତ୍ତିରୂପ ସମ୍ପଦ—3. Fame compared to wealth

ଯଶଃଶ୍ରୀବାଞ୍ଛିତ ଶୁଭାଶୀର୍ବାଦ—ସଂ. ବି.—(ବରିଷ୍ଠ ଓ ଅଶୀର୍ବ୍ବାଦ
Jasahsri banchhita subhasirbada ବ୍ୟକ୍ତିଙ୍କଠାରୁ ସେବକ ପକ୍ଷରେ ବ୍ୟବହୃତ)—କୌଣସି ବ୍ୟକ୍ତିଙ୍କ ପାଇଁ କୀର୍ତ୍ତି ଓ ସମ୍ପଦ ପ୍ରାପ୍ତି ବାଞ୍ଛାଯୁକ୍ତ ଆଶୀର୍ବାଦ-Blessing or benediction wishing fame and prosperity to a person.

ଯଶଃ ସମୂହ—ସଂ. ବି—(ଯଶଃ+ସମୂହ)—ଯଶୋରାଶି (ଦେଖ)
Jasah samuha Jasorasi (See)

ଯଶଃ ସାଧନ—ସଂ. ବଣ.—(ଯଶଃ+ସାଧନ)—ଯଶସ୍କର—
Jasah sadhana Causing one's fame or reputation

ଯଶଃ ସୌଭାଗ୍ୟ—ସଂ. ବି.—ଯଶୋଭାଗ୍ୟ (ଦେଖ)
Jasah saubhagya Jasobhagya (See)

ଯଶଃ ସୌରଭ—ସଂ. ବି.—(ରୂପକ କର୍ମଧା, ଯଶଃ+ସୌରଭ)—
Jasah saurabha ସୁବାସ ପରି ସବୁଆଡ଼େ ବ୍ୟାପିବା ଯଶଃ—Good name spreading like the odour of a sweet scent.

ଯଶଃ ସ୍ତମ୍ଭ—ସଂ.ବି.—(ମ.ପ.ଲୋ, ଯଶଃ+ସ୍ତମ୍ଭ)—କୀର୍ତ୍ତି ସ୍ତମ୍ଭ; ରାଜା
Jasah stambha ଆଦିଙ୍କ କୀର୍ତ୍ତିଜ୍ଞାପକ ସ୍ତମ୍ଭ—A pillar on which are depicted the glorious acts of a great personage.

ଯଶ କରିବା—ଦେ. କ୍ରି.—୧ । କୀର୍ତ୍ତିଗାନ କରିବା—
Jasa kariba 1. To sing one's fame.
(ଯଶ ଦେବା—ଅନ୍ୟରୂପ) ୨ । ପ୍ରଶଂସା କରିବା—
यश करा यश करना 2. To praise; to extol.

ଯଶକାରୀ—ଦେ. ବଣ.—(ସଂ. ଯଶସ୍କର)—ଯଶସ୍ୱୀ—
Jasakari ଯଶସ୍ୱୀ Famous; highly reputed.
यशकारि [ଦ୍ର—ଯେତେ ରାଜନ ଯଶକାରୀ; ତୋତେ ଦେଖିବେ କରିବେ—ଜଗନ୍ନାଥ. ଭାଗବତ ।]

ଯଶଦ—ସଂ. ବି. କ୍ଲୀ.—ଦସ୍ତା ଧାତୁ—
Jaśada Zinc.
ଯଶ ନେବା—ଦେ. କ୍ରି.—୧ । ଯଶ ପାଇବା (ଦେଖ)
Jaśa nebā যশ লওয়া 1. Jaśa pāibā (See)
यश लेना ୨ । ଜୟ ଲାଭ କରିବା—2. To attain victory.
ଯଶ ପାଇବା—ଦେ. କ୍ରି.—୧ । ଯଶୋଲାଭ କରିବା—1. To at-
Jaśa pāebā tain fame. ୨ । ପ୍ରଶଂସା ଲାଭ କରିବା;
(ଯଶ ଲଭିବା—ଅନ୍ୟରୂପ) ପ୍ରଶଂସିତ ହେବା—2. To
যশপাওয়া यशपाना acquire praise; to be praised.
ଯଶ ମିଳିବା—ଦେ. ବି.—ଯଶୋଲାଭ—Earning of fame.
Jaśa milibā যশ মিলা यश मिलना
ଯଶସ୍—ସଂ. ବି.—(ଶବ୍ଦ)—ଯଶଃ (ଦେଖ)
Jaśas Jaśah (See)
ଯଶସ୍କର—ସଂ. ବିଣ.—(ଯଶସ୍ + କୃ ଧାତୁ=କରିବା + କର୍ତ୍ତୃ. ଅ)—
Jaśaskara କୀର୍ତ୍ତିଜନକ; ଯେଉଁ କାର୍ଯ୍ୟଦ୍ୱାରା ଯଶୋଲାଭ ହୁଏ-
(ଯଶସ୍କରୀ—ସ୍ତ୍ରୀ) Causing good name.
ଯଶସ୍କାମ—ସଂ. ବିଣ. ପୁଂ.—(ଯଶସ୍+କମ୍ ଧାତୁ=ଇଚ୍ଛା କରିବା+
Jaśaskāma କର୍ତ୍ତୃ. ଅ)—ଯଶୋଲିପ୍ସୁ (ଦେଖ)
Jaśolip-su (See)
ଯଶସ୍କାମୀ—ସଂ. ବିଣ. ପୁଂ—(ଯଶସ୍+କମ୍ ଧାତୁ=ଇଚ୍ଛା କରିବା+
Jaśaskāmi କର୍ତ୍ତୃ. ଇନ୍; ୧ମା. ୧ବ)—ଯଶୋଲିପ୍ସୁ (ଦେଖ)
(ଯଶସ୍କାମିନୀ—ସ୍ତ୍ରୀ) Jaśolipsu (See)
ଯଶସ୍କାମ୍ୟନ୍—ସଂ. ବିଣ. ପୁଂ—[ଯଶସ୍+କମ୍ ଧାତୁ+ଅନ୍ (ଶତୃ),
Jaśaskāmyan ୧ମା. ୧ବ] ଯଶୋଲିପ୍ସୁ (ଦେଖ)—Jaśolipsu (See)
(ଯଶସ୍କାମ୍ୟନ୍ତୀ—ସ୍ତ୍ରୀ)
ଯଶସ୍ୱାନ୍—ସଂ. ବିଣ. ପୁଂ.—(ଯଶସ୍+ବତ୍, ୧ମା. ୧ବ)—
Jaśaswān ଯଶସ୍ୱୀ (ଦେଖ)—Jaśaswi (See)
(ଯଶସ୍ୱତୀ—ସ୍ତ୍ରୀ)
ଯଶସ୍ୱିନୀ—ସଂ. ବିଣ. ସ୍ତ୍ରୀ (ଯଶସ୍+ଅସ୍ତ୍ୟର୍ଥେ. ବିନ୍+ସ୍ତ୍ରୀ ଈ)—ଯଶସ୍ୱୀର
Jaśaswini ସ୍ତ୍ରୀଲିଙ୍ଗ—Feminine of Jaśaswi.
ସଂ. ବି—୧ । କଙ୍ଗୁ; ମହାଜ୍ୟୋତିଷ୍ମତୀ ଗୁଳ୍ମ—1. A phosphorescent plant diffusing light in the night; Cardiospermum Helicacabum ୨ । ଯବତିକ୍ତା; ଦୁରାଲଭା (ଦେଖ)—2 Jabatiktā; Durālabha (See) ୩ । ବନକପା; ବନକାର୍ପାସୀ; ବଣକପା; ବୋଡ଼କପା—3. A kind of cotton growing wild; Gossypum Arboreum. ୪ । ଗଙ୍ଗାନଦୀ (ବୈ.ଶ)-4. The river Ganges. ଦେ. ବି—ଶରୀରସ୍ଥ ପ୍ରଧାନ ଦଶନାଡ଼ୀ ମଧ୍ୟରୁ ଏକତମ । (ଦଶ ନାଡ଼ୀ ଚଳେ ଚୋଟ୍ ଦେଖ)—One of the chief arteries of the body;
ଯଶସ୍ୱୀ—ସଂ. ବି. ପୁଂ (ଯଶସ୍+ଅସ୍ତ୍ୟର୍ଥେ. ବିନ୍; ୧ମା. ୧ବ)—
Jaśaswi ଖ୍ୟାତ; କୀର୍ତ୍ତିଶାଳୀ—Renowned; famous.
(ଯଶସ୍ୱିନୀ—ସ୍ତ୍ରୀ)

ଯଶସ୍ୟ—ସଂ. ବିଣ (ଯଶସ୍+ଯ)—୧ । ଯଶସ୍କର (ଦେଖ)—1. Jaśa-
Jaśasya skara (See). ୨ । ଯଶୋଦାତା (ଦେଖ)—
(ଯଶସ୍ୟା—ସ୍ତ୍ରୀ) 2 Jaśodātā (See).
ଯଶସ୍ୟା—ସଂ. ବି—ଜୀବନ୍ତୀ ବା ଋଦ୍ଧି ନାମକ ମହୌଷଧ—Name
Jaśasyā of a rare medicinal plant ସଂ.ବିଣ.ସ୍ତ୍ରୀ—
(ଯଶସ୍ୟ+ଆ) ଯଶସ୍ୟର ସ୍ତ୍ରୀଲିଙ୍ଗ—Feminine of Jaśasya.
ଯଶସ୍ ସୌଭାଗ୍ୟ—ସଂ. ବି—ଯଶଃସୌଭାଗ୍ୟ (ଦେଖ)
Jaśas saubhāgya Jaśah saubhāgya (See)
ଯଶହାନି—ଦେ. ବିଣ (ସଂ. ଯଶୋହାନି)—ଯଶୋହାନି (ଦେଖ)—
Jaśahāni Jaśohāni (See). (ଉ—ଭରଥି ମୁଁ ଯେ ସାର
যশের হানি ପଦଦେ ପଦଳର ଉଙ୍ଗେ ଭରଣେ ଯଶହାନି । ଉଞ୍ଜ.
यशहानी ବୈଦେହୀଶବିଳାସ ।)
ଯଶାକାଙ୍କ୍ଷା—ସଂ. ବି (ଯଶସ୍+ଆକାଙ୍କ୍ଷା; ନିପାତନ)—ଯଶୋଲିପ୍ସା
Jaśākānkshā (ଦେଖ)—Jaśolipsā (See). [ଦ୍ର—
ମନେଅର୍ ୱିଲିଅମସ୍ ତାଙ୍କ ଶବ୍ଦକୋଷରେ 'ଯଶ' ଶବ୍ଦକୁ
'ଯଶହ୍'ର ଅନ୍ୟରୂପ ବୋଲି ନିର୍ଦ୍ଦେଶ କରିଅଛନ୍ତି ।]
ଯଶାକାଙ୍କ୍ଷୀ—ସଂ. ବିଣ. ପୁଂ (ଯଶଃ+ଆକାଙ୍କ୍ଷା+ଇନ୍; ନିପାତନ)—
Jaśākānkshi ଯଶୋଲିପ୍ସୁ (ଦେଖ)—Jaśolipsu (See)
(ଯଶାକାଂକ୍ଷିଣୀ—ସ୍ତ୍ରୀ)
ଯଶୋକୀର୍ତ୍ତନ—ସଂ. ବି (୬ଷ୍ଠୀ ତତ୍; ଯଶଃ+କୀର୍ତ୍ତନ)—ଯଶଃକୀର୍ତ୍ତନ
Jaśokirttana (ଦେଖ)—Jaśah kirttana (See).
ଯଶୋଗାଥା—ସଂ. ବି (୬ଷ୍ଠୀ ତତ୍,ଯଶଃ+ଗାଥା)—କୌଣସି ବ୍ୟକ୍ତିଙ୍କର
Jaśogāthā କୀର୍ତ୍ତିସୂଚକ ପଦାବଳୀ—Epistolary verses in praise of some high personage.
ଯଶୋଗାନ—ସଂ. ବି (ଯଶଃ+ଗାନ)—୧ । କୌଣସି ବ୍ୟକ୍ତିଙ୍କର
Jaśogāna ଖ୍ୟାତି କୀର୍ତ୍ତନ—1. Singing of a person's fame. ୨ । ଯଶୋଗୀତ (ଦେଖ)—2. Jaśogita (See)
ଯଶୋଗାୟନ—ସଂ. ବି (ଯଶଃ+ଗାୟନ)—କୌଣସି ବ୍ୟକ୍ତିର କୀର୍ତ୍ତି
Jaśogāyana ଗାଇବା—Singing of a person's fame.
ଯଶୋଗୀତ(ତି)—ସଂ. ବି (ମ. ପ. ଲୋ; ଯଶଃ+ଗୀତ[ତି])—କୌଣସି
Jaśogita(ti) ବ୍ୟକ୍ତିଙ୍କର ଯଶଃ ବର୍ଣ୍ଣନା କରି ବୋଲି ଯାଉଥିବା
(ଯଶୋଗୀତିକା—ଅନ୍ୟରୂପ) ଗୀତ; ପେଟେକାର—Song sung in praise of some person by reciting his good acts.
ଯଶୋଘ୍ନ—ସଂ. ବିଣ. ପୁଂ (ଯଶଃ+ହନ୍ ଧାତୁ=ନାଶ କରିବା+କର୍ତ୍ତୃ
Jaśoghna ଅ)-ଯାହା ଯଶଃ ନାଶ କରେ; ଯଶୋହାନିକାରକ—
(ଯଶୋଘ୍ନୀ—ସ୍ତ୍ରୀ) Destroying one's fame; destructive of one's good name.
ଯଶୋଦ—ସଂ. ବିଣ. ପୁଂ (ଯଶଃ+ଦା. ଧାତୁ=ଦାନ କରିବା+କର୍ତ୍ତୃ
Jaśoda ଅ)—ଯଶୋଦାତା (ଦେଖ)—Jaśodātā (See)
(ଯଶୋଦା—ସ୍ତ୍ରୀ) ସଂ. ବି—ପାରଦ—Mercury

ଯଶୋଦା—ସଂ. ବି. ସ୍ତ୍ରୀ (ଯଶଃ+ଦା. ଧାତୁ=ଦାନ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ଗୋପରାଜ ନନ୍ଦଙ୍କ ପତ୍ନୀ; ଶ୍ରୀକୃଷ୍ଣଙ୍କ ପାଳୟିତ୍ରୀ ମାତା—1. Wife of king Nanda; Srikrushna's foster-mother. [ବି—ବସୁଦେବ-ପତ୍ନୀ ଦେବକୀ କାରାଗାରରେ ଓ ନନ୍ଦପତ୍ନୀ ଯଶୋଦା ଗୋପପୁରରେ ଏକ ସମୟରେ ଦୁଇଟି ସନ୍ତାନ ପ୍ରସବ କଲେ । ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଓ ଯଶୋଦାଙ୍କ ଗର୍ଭରୁ କନ୍ୟାରୂପରେ ମହାମାୟା ଜାତ ହେଲେ । ଘାତକ କଂସଠାରୁ ପୁତ୍ରକୁ ରକ୍ଷା କରିବା ପାଇଁ ବସୁଦେବ ଶ୍ରୀକୃଷ୍ଣଙ୍କୁ ମଥୁରାରୁ ନେଇ ଯଶୋଦା ଅଚେତନ ଥିବା ଅବସ୍ଥାରେ ଯଶୋଦାଙ୍କ ଅଙ୍କୁଡ଼ଶାଳରେ ରଖି ଦେଇ, ସେଠାରୁ କନ୍ୟାଟିକୁ ଆଣି ଦେବକୀଙ୍କ ଅଙ୍କୁଡ଼ଶାଳରେ ରଖିଦେଲେ । ଏବିଷୟ ଯଶୋଦାଙ୍କୁ ଜଣା ନ ଥିଲା । ଯଶୋଦା ଚେତନା ଲାଭ କରି ଶ୍ରୀକୃଷ୍ଣଙ୍କୁ ଦେଖି ଆପଣାର ପୁତ୍ର ବୋଲି ଜାଣି ତାଙ୍କୁ ପୁତ୍ରବତ୍ ପାଳନ କଲେ । କଂସ ସଂବାଦ ପାଇ ଉଠି ଦେବକୀଙ୍କ ହାତରୁ ସେ କନ୍ୟାଟି ଆଣି (ତାଙ୍କୁ ଦେବକୀଗର୍ଭଜାତ ସନ୍ତାନ ମନେ କରି) ତାଙ୍କୁ ଧରି ଭୂଇଁରେ କଚାଡ଼ି ଦେବା ବେଳେ ସେ କନ୍ୟାଟି ଶୂନ୍ୟରେ ଉଡ଼ିଗଲେ । ଯଶୋଦାଙ୍କର କୃଷ୍ଣଙ୍କ ପ୍ରତି ପୁତ୍ରବାତ୍ସଲ୍ୟ ଜଗତରେ ଅତୁଳ । ଯଶୋଦା ଶ୍ରୀକୃଷ୍ଣଙ୍କ ପ୍ରତି ଦେଖାଇଥିବା ସ୍ନେହ ଜଗତରେ ସନ୍ତାନବାତ୍ସଲ୍ୟର ମାଧୁରୀ ଦେଖାଇଅଛି । କେହି କେହି ବୈଷ୍ଣବ ଶ୍ରୀକୃଷ୍ଣରୂପୀ ଭଗବାନଙ୍କୁ ସେହି ମଧୁର ବାତ୍ସଲ୍ୟ ଦ୍ୱାରା ଭଜନା କରନ୍ତି ।] ୨ । ରାଜା ଦିଲୀପଙ୍କ ମାତାଙ୍କ ନାମ (ହ. ଶ)—2. Name of the mother of King Dilipa. ଦେ. ବି—ସ୍ତ୍ରୀଙ୍କ ନାମ —Name given to females.

ଯଶୋଦାତା—ସଂ. ବିଣ. ପୁଂ. (ଯଶଃ+ଦାତା)—ଯେ କୌଣସି ବ୍ୟକ୍ତିକୁ ଯଶସ୍କର କରଏ—Conferring fame or renown on a person. (ଯଶୋଦାୟକ, ଯଶୋଦାୟୀ—ଅନ୍ୟରୂପ) (ଯଶୋଦାତ୍ରୀ, ଯଶୋଦାୟିକା, ଯଶୋଦାୟିନୀ—ସ୍ତ୍ରୀ)

Jasodata

ଯଶୋଦା ଦୁଲାଳ—ଦେ. ବି. (୬ଷ୍ଠୀ ତତ୍; ସଂ. ଯଶୋଦା+ଦୁଲାଳ)—(ଯଶୋଦାଙ୍କ ଦ୍ୱାରା ଯେ ଅତି ଆଦରେ ପାଳିତ ହୋଇଥିଲେ) ଶ୍ରୀକୃଷ୍ଣ—Name of Srikrushna who was brought up with extreme tenderness by Jasoda.

Jasoda dulala
यशोदा दुलाल
यशोदा दुलार

ଯଶୋଦା ନନ୍ଦନ—ସଂ. ବି. (୬ଷ୍ଠୀ ତତ୍; ଯଶୋଦା+ନନ୍ଦନ)—ଶ୍ରୀକୃଷ୍ଣ—Srikrushna. [ବି—ପ୍ରକୃତରେ ଏ ଦେବକୀ ଗର୍ଭଜାତ ଥିଲେ, କିନ୍ତୁ ଯଶୋଦା ତାଙ୍କୁ ପୁତ୍ରବତ୍ ପାଳିଥିଲେ । ଯଶୋଦା ଶ୍ରୀକୃଷ୍ଣଙ୍କୁ ଆପଣା ଗର୍ଭଜାତ ସନ୍ତାନ ବୋଲି ବିଶ୍ୱାସ କରୁଥିଲେ ।]

Jasoda nandana

ଯଶୋଦି—ଗ୍ରା. ବି ସ୍ତ୍ରୀ—ଯଶୋଦାର ଡାକ ନାମ—Name for calling Jasoda.

Jasodi
यशोदा
यशोदा

ଯଶୋଧନ—ସଂ. ବିଣ. ପୁଂ. (ବହୁବ୍ରୀହି; ଯଶଃ+ଧନ; ଯେ ଉଚ୍ଚରୁ ଧନଠାରୁ ଯତ୍ନତଃ ରକ୍ଷା କରନ୍ତି)—ଯଶସ୍ୱୀ—Famous. (ଯଶୋଧନା—ସ୍ତ୍ରୀ)

Jasodhana

ଯଶୋଧର—ସଂ. ବିଣ. ପୁଂ—କୀର୍ତ୍ତି ରକ୍ଷାକାରୀ—Keeping up or preserving one's glory (Apte). (ଯଶୋଧରା—ସ୍ତ୍ରୀ) ସଂ. ବି (ନାମ)—ରୁକ୍ମିଣୀଙ୍କ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ଏକ ପୁତ୍ର (ହ. ଶ)—Name of a son of Srikrushna.

Jasodhara

ଯଶୋଧାରା—ସଂ. ବି (ରୂପକ କର୍ମଧା; ଯଶ+ଧାରା)—କୀର୍ତ୍ତିଧାରାରୂପ ଅଜସ୍ର ଯଶ—A stream of fame. (ଯଶୋଧରା—ଅନ୍ୟରୂପ) ସଂ. ବି. ସ୍ତ୍ରୀ—ବୁଦ୍ଧଦେବଙ୍କ ଭାର୍ଯ୍ୟା—Wife of Buddhadeba.

Jasodhara

ଯଶୋବନ୍ତ ଦାସ—ଦେ. ବି (ନାମ)—ଚୈତନ୍ୟଙ୍କ ପଞ୍ଚସଖା ମଧ୍ୟରୁ ଏକତମ—A contemporary and one of the five disciples of Chaitanya Deba. [ବି—ଏହାଙ୍କ ଜନ୍ମ କଟକ ଜିଲ୍ଲାର ଅଡ଼ଙ୍ଗ ଥାନାସ୍ଥ ନାଇଲୋ ଗ୍ରାମ । ଏ ଜ୍ଞାନମିଶ୍ରା ଭକ୍ତିର ଉପାସୀ ଥିଲେ ।

Jasobanta dasa
यशोवन्त दास
यशोवंत दास

ଯଶୋବନ୍ତୀ—ଦେ. ବି (ସଂ ଯଶୋମତୀ)—ଯଶୋଦା; ଶ୍ରୀକୃଷ୍ଣଙ୍କ ପାଳୟିତ୍ରୀ ମାତା—Srikrushna's foster-mother. (ଉ—ନନ୍ଦର ଦୁଲ ଭାଳ ପୁତ୍ର, ଯଶୋବନ୍ତୀର ନନ୍ଦ ନେତ୍ର—ରୂପଶ୍ରୀ ପ୍ରେମ-ପଞ୍ଚାମୃତ ।)

Jasobanti
यशोवती
यशोवती

ଯଶୋବିସ୍ତାର—ସଂ. ବି. (ଯଶଃ+ବିସ୍ତାର)—ଯଶଃର ଚାରିଆଡ଼େ ବ୍ୟାପିବା—The spreading of a person's fame.

Jasobistara

ଯଶୋଭାଗ୍ୟ—ସଂ. ବି (ଯଶଃ+ଭାଗ୍ୟ)—ଯଶସ୍ୱୀ ହେବାର ସୁଯୋଗ; ଯଶୋଲାଭରୂପ ସୌଭାଗ୍ୟ—The good fortune of attaining renown.

Jasobhagya

ଯଶୋମଣ୍ଡିତ—ସଂ. ବିଣ. ପୁଂ (୩ୟା ତତ୍; ଯଶଃ+ମଣ୍ଡିତ)—ଯଶସ୍ୱୀ; ପ୍ରାପ୍ତଯଶାଃ; ଗୌରବାନ୍ୱିତ—Adorned with fame. (ଯଶୋମଣ୍ଡିତା—ସ୍ତ୍ରୀ)

Jasomandita

ଯଶୋମତୀ—ସଂ. ବି. ସ୍ତ୍ରୀ (ଯଶସ୍+ମତ୍+ସ୍ତ୍ରୀ. ଈ)—ଯଶୋଦା ରାଣୀ; ଶ୍ରୀକୃଷ୍ଣଙ୍କ ପାଳୟିତ୍ରୀ ମାତା—The foster-mother of Srikrushna.

Jasomati

ଯଶୋମନ୍ଦିର—ସଂ. ବି (ରୂପକ କର୍ମଧା; ଯଶଃ+ମନ୍ଦିର)—୧ । କୀର୍ତ୍ତିରୂପ ମନ୍ଦିର ବା ଗୃହ—1. Fame compared to a temple. ୨ । ବ୍ୟକ୍ତିବିଶେଷଙ୍କ କୀର୍ତ୍ତି ଚିହ୍ନରୂପେ ନିର୍ମିତ ମନ୍ଦିର—2. A temple erected as a mark of one's glory or fame.

Jasomandira

ଯଶୋମୟ—ସଂ. ବିଣ. ପୁଂ (ଯଶସ୍+ମୟ)—୧ । ଯଶୋମଣ୍ଡିତ; ଯଶସ୍ୱୀ—1. Famous. ୨ । କୌଣସି ବ୍ୟକ୍ତିଙ୍କର କୀର୍ତ୍ତିଖ୍ୟାତି ପରିପୂରିତ (ସ୍ଥାନ)—2. (a place) Resounding with the fame of a person. (ଯଶୋମୟୀ—ସ୍ତ୍ରୀ)

Jasomaya

ଯଶୋରଶ୍ମି—ସଂ. ବି (ରୂପକ କର୍ମଧା; ଯଶଃ+ରଶ୍ମି)—୧ । ଯଶୋରୂପ ଅଲୋକ—1. Fame compared to rays of light. ୨ । (ଷଷ୍ଠୀ ତତ୍; ଯଶଃ+ରଶ୍ମି) ଯଶର ପ୍ରଭାବ ବା ଘୃତି—2. The influence or glamour of a person's fame.
Jaśorasmi

ଯଶୋରାଶି—ସଂ. ବି (ଷଷ୍ଠୀ ତତ୍, ଯଶଃ+ରାଶି)—ବହୁଖ୍ୟାତି; କୀର୍ତ୍ତି ସମୂହ—Volumes of fame.
Jaśorāśi

ଯଶୋଲାଭ—ସଂ. ବି (ଷଷ୍ଠୀ ତତ୍; ଯଶଃ+ଲାଭ)—କୀର୍ତ୍ତିଜନକ କାର୍ଯ୍ୟ ଦ୍ୱାରା ଯଶଃପ୍ରାପ୍ତି—Acquisition of fame by doing famous acts.
Jaśolābha

ଯଶୋଲିପ୍ସା—ସଂ. ବି (ଯଶଃ+ଲିପ୍ସା)—ଯଶୋଲାଭ କରିବାର ଅକାଙ୍କ୍ଷା—(ଯଶୋଲିପ୍ସୁ—ବିଣ) Desire for fame.
Jaśolipsā

ଯଶୋହାନି—ସଂ. ବି (ଷଷ୍ଠୀ ତତ୍; ଯଶଃ+ହାନି)—କୀର୍ତ୍ତିର ନାଶ; ଖ୍ୟାତିର ନାଶ—Loss of one's renown or good name.
Jaśohāni

ଯଶୋହାନିକର—ସଂ. ବିଣ. (ଯଶୋହାନି+କର)—ଯାହାଦ୍ୱାରା କୌଣସି ବ୍ୟକ୍ତିର ଯଶଃ ନଷ୍ଟ ହୁଏ—Bringing about loss of one's fame.
Jaśohānikara

ଯଷ୍ଟବ୍ୟ—ସଂ. ବିଣ (ଯଜ୍. ଧାତୁ=ଦେବପୂଜା କରିବା+କର୍ମ. ତବ୍ୟ)—ଯଜ୍ଞାର୍ହ; ଯାଗ କରିବାର ଉପଯୁକ୍ତ—Fit for the performance of a sacrifice.
Jashṭabya

ଯଷ୍ଟା—ସଂ. ବି. ପୁଂ (ଯଜ୍. ଧାତୁ=ପୂଜା କରିବା+କର୍ତ୍ତୃ. ତୃ; ୧ମା. ୧ ବ)—୧ । ଯଜମାନ; ଯେ ପୁରୋହିତଙ୍କ ଦ୍ୱାରା ଯାଗ କରାଏ—1. Perfomer of sacrifice through priests. ୨ । ଯାଗକର୍ତ୍ତା—2. A performer of sacrifice. ୩ । ପୂଜକ—3. A worshipper. ୪ । ଯଜ୍ଞ କରିବା ପୁରୋହିତ—4. A priest who officiates at a sacrifice.
Jashṭā
(ଯଷ୍ଟ୍ରୀ—ସ୍ତ୍ରୀ)

ଯଷ୍ଟି(ଷ୍ଟୀ)—ସଂ. ବି (ଯଜ୍. ଧାତୁ=ପୂଜା କରିବା+କର୍ମ. ତି, ଗ)—୧ । ଲଠି; ଠେଙ୍ଗା; ଦଣ୍ଡ; ବାଡ଼ି; ଛଡ଼ି—1. A stick; a staff; a wand. [ଦ୍ର—ଏହା ଲମ୍ବା ଓ ସରୁ; ଲଗୁଡ଼ ଲମ୍ବା ଓ ମୋଟ ।] ୨ । ଅଶାବାଡ଼ି—2. A crutch. ୩ । ଧ୍ୱଜଦଣ୍ଡ; ପତାକାର ଦଣ୍ଡ—3. Flagstaff. ୪ । ଭୁଜଦଣ୍ଡ; କାନ୍ଧଠାରୁ ଅଙ୍ଗୁଠି ଶେଷ ପର୍ଯ୍ୟନ୍ତ କର—4. The arm (consisting of the hand and the forearm. ୫ । ତନ୍ତୁ; ସୂତ୍ର; ସୂତା ଅଥବା ସର ବା ସରୁ—5. Thread; string of fibre. ୬ । ହାରଲତା; ସିଧା ହୋଇ ଲମ୍ବିଥିବା ମାଳା—6. A long string of necklace. ୭ । ବୃକ୍ଷର ସରୁ ଶାଖା—7. A slender branch; a twing. ୮ । ବୃକ୍ଷ ଗଛର କାଣ୍ଡ—8. The stem of plants. ୯ । ବ୍ରାହ୍ମଣଯଷ୍ଟି ନାମକ ଗୁଳ୍ମ; ଗୁଳ୍ମ; ଭାର୍ଗୀ—9. Name of a shrub. ୧୦ । ଲତା—10. Creeper. ୧୧ । ଯଷ୍ଟିମଧୁ; ଯାଠିମଧୁ—11. Liquorice. ୧୨ । ଲଗୁଡ଼; ଠେଙ୍ଗେଣି—12. Cudgel; club (Apte). ୧୩ । ଅଖ—13. Sugarcane (Apte). ୧୪ । ଫଳ ଫୁଲର ଡେଙ୍ଫ—14. Stem; stalk (Apte). ୧୫ । ସ୍ତମ୍ଭ; ଖୁଣ୍ଟି—15. Column; pillar; pole (Apte). ୧୬ । ପୋଷାପକ୍ଷୀଙ୍କ ବସିବା ପାଇଁ ବ୍ୟବହୃତ ସ୍ତମ୍ଭତମ୍ଭସଦୃଶ କାଠି—16. A perch (Apte). ୧୭ । ସରୁ ଓ ଲମ୍ବ ବସ୍ତୁ (ଯଥା—ଅଙ୍ଗଯଷ୍ଟି)—17 Anything thin, slim or slender (Apte). ୧୮ । କାଣ୍ଡଶର—18. A kind of reed (Apte).
Jashṭi(shṭi)

ଯଷ୍ଟିକ—ସଂ. ବି. (ଯଷ୍ଟି+କ)—୧ । ଜଳ କୁକ୍କୁଟ; ଜଳ କାକ; ପାଣି କୁଆ ପକ୍ଷୀ—1. The black cormorant; the little cormorant. ୨ । ତିତିର ପକ୍ଷୀ (ହି. ଶ)—2. Quail (bird). ୩ । ମଞ୍ଜିଷ୍ଠା (ହି. ଶ)—3. The Indian madder plant. ୪ । ଦଣ୍ଡ; ବାଡ଼ି—4. A stick.
Jashṭika

ଯଷ୍ଟିକା—ସଂ. ବି. (ଯଷ୍ଟିକ+ଆ)—୧ । ଏକସରିଆ ହାର; ଗୋଟ—1. A necklace of one string. ୨ । ବାପୀ; ବାମ୍ପୀ—2. A big well. ୩ । ବାପିକା; ଲମ୍ବ ଚତୁଷ୍କୋଣ ସରୋବର—3. A square or oblong pond or tank. ୪ । ଯଷ୍ଟିମଧୁ—4. Liquorice. ୫ । ଲଗୁଡ଼; ଲଠି; ଦଣ୍ଡ; ଠେଙ୍ଗୁଣି—5. A staff; a stick; a bludgeon.
Jashṭikā

ଯଷ୍ଟି ଗ୍ରହ—ସଂ. ବିଣ. ପୁଂ. (ଯଷ୍ଟି=ଲଠି+ଗ୍ରହ ଧାତୁ+କର୍ତ୍ତୃ. ଅ)—ଯଷ୍ଟିଧାରୀ—Carrying a staff. ବି—୧ । ଲଠିଆଳ—1. Clubman. ୨ । ସିପାହି ଦଣ୍ଡଧାରକ—2. Club bearer; staff bearer.
Jashṭi graha
(ଯଷ୍ଟି ଗ୍ରହା—ସ୍ତ୍ରୀ)

ଯଷ୍ଟି ନିବାସ—ସଂ. ବି(ପରଳକଥାତ)—ମୟୂର ଆଦି ପକ୍ଷୀଙ୍କ ବସିବା କାଠ—1. A stick or rod serving as a perch for peacocks. ୨ । ଲମ୍ବ ଖୁଣ୍ଟ ଉପରେ ପାରାମାନେ ବସିବା ପାଇଁ ପ୍ରସ୍ତୁତ ଗୃହ ବା ଛତରୀ—2. A pigeon-house resting on long upright poles.
Jashṭi nibāsa

ଯଷ୍ଟି ପ୍ରହରଣ—ସଂ. ବିଣ. ପୁଂ (ବହୁବ୍ରୀହି)—ଠେଙ୍ଗା ଯାହାର ଅସ୍ତ୍ର ଅଟେ—Having a stick or cudgel as one's weapon; armed with a lathi.
Jashṭi praharaṇa
(ଯଷ୍ଟି ପ୍ରହରଣା—ସ୍ତ୍ରୀ)

ଯଷ୍ଟି ପ୍ରହାର—ସଂ. ବି. (୩ୟା ତତ୍; ଯଷ୍ଟି+ପ୍ରହାର)—ଯଷ୍ଟି ଦ୍ୱାରା ଆଘାତ—A blow with a stick.
Jashṭi prahāra
(ଯଷ୍ଟି ପ୍ରହୃତ—ବିଣ ରୂପ)

ଯଷ୍ଟି(ଷ୍ଟୀ) ମଧୁ—ସଂ. ବି. (ଯଷ୍ଟି+ମଧୁ)—ଯାଠି ମହୁ; ଏକ ପ୍ରକାର ବୃକ୍ଷର ଶିକଡ଼ ଯାହା ମିଠା ମୂଳ—A plant with sweet root; Glycyrrhiza Glabra; liquorice root. [ଦ୍ର—ଏହା ବୃକ୍ଷବିଶେଷର ଶୁଷ୍କୀଭୂ
Jashṭi(shṭi) madhu
ଅନ୍ୟ ସ. ନାମ—ଯଷ୍ଟି(ଷ୍ଟୀ), ମଧୁକ, କ୍ଲୀତକ, ମଧୁବଲ୍ଲୀ, ମଦଣ୍ଡବା, ମଧୁସ୍ରବା
यष्टिमधु

मुलहटी, मिठी लकड़ी, मुलेठी, जेठीमधुज ଜନ୍ମ । ଏହା ଶିମ୍ବାଦି ବର୍ଗର ବୃକ୍ଷ; ଭାରତର ଉତ୍ତରପଶ୍ଚିମ ପ୍ରାନ୍ତ ଦେଶରେ ଓ ବିଦେଶରେ ଜନ୍ମେ । (ଯୋଗେଶଚନ୍ଦ୍ର)
ମ. ଜ୍ୟେଷ୍ଟିମଧ, ମୁଲେଠୀ
ଗୁ. ଜେଠୀମଧନାମୂଳ
ତେ. ଯଷ୍ଟିମଧୁକମୁ ଇଳଳ ଯଷ୍ଟିମଧୁର ନାମ କ୍ଲୀତକକ
ଫା. ବେଖମେହେକ୍ମଜ୍ଞ ଓ ଧୂଲକା । ଏହା ଶୀତଳ, ସ୍ବାଦୁ,
ଆ. ଅସଲୁସ୍ ସୁସମ୍ କସ୍ ମଧୁର ରସ, ଚକ୍ଷୁର ହିତକର, ବଳ-
ସରରଖାସୁସ୍ କାରକ, ବର୍ଣ୍ଣ ପ୍ରସାଦକ, ସୁସ୍ନିଗ୍ଧ, ଶୁକ୍ରକାରକ, କେଶ୍ୟ ଓ ସ୍ୱର ବର୍ଦ୍ଧକ । ଏହା ପିତ୍ତ, ବାୟୁ, ରକ୍ତଦୁଷ୍ଟି, ବ୍ରଣ, ଶୋଥ, ବିଷଦୋଷ, ଛର୍ଦ୍ଦି, ତୃଷ୍ଣା, ଗ୍ଲାନି ଓ କ୍ଷୟ ପ୍ରଶମକ—ଦ୍ରବ୍ୟଗୁଣ ।]

ଯଷ୍ଟି ଯନ୍ତ୍ର—ସ. ବି—ଯଷ୍ଟିର ଛାୟା ଦ୍ୱାରା ସମୟ ଜଣାଯିବା ପାଇଁ Jashṭi jantra କେନ୍ଦ୍ରରେ ଗୋଟିଏ ଯଷ୍ଟି ପୋତା ହୋଇଥିବା ସୂର୍ଯ୍ୟ ଯନ୍ତ୍ର (ହି. ଘ)—A sun-dial in which a stick is set at the centre to indicate the time of the day by the shadow of the stick.

ଯଷ୍ଟିସ୍(ସି)—ବୈଦେ. (ଇଂ. ଜଷ୍ଟିସ୍ =ମୂଳ ଅର୍ଥ ନ୍ୟାୟବିଚାର)—Jashṭis(si) ୧ । ହାଇକୋର୍ଟର ଜଜ୍‌ମାନଙ୍କ ନାମ ପୂର୍ବରେ ଜଷ୍ଟିସ **जष्टिस** ଲାଗିବା ଉପାଧି—1. A title prefixed to the name of a High-court Judge; Justice ୨ । (ଅଧୁନାକ) ମାନ୍ଦ୍ରାଜ ପ୍ରଦେଶର ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କ ମଧ୍ୟରେ ଅଳ୍ପ ଦିନ ହେଲା ଗଢ଼ା ଯାଇଥିବା ଗୋଟିଏ ରାଜନୀତିକ ଦଳ—A political party formed in the Legislative Council of the Madras Presidency; the Justice party.

ଯଷ୍ଟିସ୍ ଅଫ୍ ଡ ପୀସ—ବୈଦେ. (ଇଂ. ଜଷ୍ଟିସ୍ ଅଫ୍ ଦ ପୀସ୍) ବି—Jashṭis aph di pis ଇଂରାଜ ଶାସିତ ରାଜ୍ୟରେ କେତେକ ବିଶିଷ୍ଟ ଯଷ୍ଟିସ ଅଫ୍ ଦି ପୀସ କ୍ଷମତା ପ୍ରାପ୍ତ ମାଜିଷ୍ଟ୍ରେଟ—A Justice of **जष्टिस् अफ् दि पीस** the peace. [ଦ୍ର—ଏମାନେ ଭାରତରେ ଇଉରୋପୀୟ ବା ଗୋରା ଅପରାଧୀମାନଙ୍କ ଅପରାଧର ବିଚାର କରିବା ଓ ଅନ୍ୟ କେତେ ଅଧିକାର ପାଇଁ ସରକାରଙ୍କଠାରୁ ବିଶିଷ୍ଟ କ୍ଷମତା ପାଇଥାଆନ୍ତି]

ଯଷ୍ଟ୍ୟାଘାତ—ସ. ବି. (୬ଷ୍ଠୀ ତତ୍; ଯଷ୍ଟି+ଆଘାତ)—ଠେଙ୍ଗା ବା ବାଡ଼ି Jashṭyāghāta ଦ୍ୱାରା ମାଡ଼—A blow with a stick.

ଯଷ୍ଟ୍ୟାହତ—ସ. ବିଣ. ପୁଂ. (୩ୟା ତତ୍)—ଯାହାକୁ ବାଡ଼ି ଦ୍ୱାରା Jashṭyāhata ପ୍ରହାର କରାଯାଇ ଅଛି—Struck with a (ଯଷ୍ଟ୍ୟାହତା—ସ୍ତ୍ରୀ) (ଯଷ୍ଟି ପ୍ରହୃତ—ଅନ୍ୟରୂପ) stick.

ଯଷ୍ଟ୍ୟାହ୍ୱ—ସ.ବି. (ଯଷ୍ଟି+ଆ+ହ୍ୱେ ଧାତୁ+କର୍ମ.ଅ)—ଯଷ୍ଟି ମଧୁ (ଦେଖ) Jashṭyāhwa Jashṭi madhu (See)

ଯସ୍ (ଧାତୁ)—ସ—୧ । ଚେଷ୍ଟା କରିବା; ଯତ୍ନ କରିବା—1. To try, Jas (root) to endeavour. ୨ । ପରିଶ୍ରମ କରିବା—2. To labour; to exert.

ଯସବ(ମ)—ବୈଦେ. ବି. (ଆ)—ଏକ ପ୍ରକାର ଶ୍ୟାମଳ ପଥର—Jasab (m) A kind of greenish stone. [ଦ୍ର—ଏହା ଚୀନ୍‌ରେ ଓ ଲଙ୍କାରେ ମିଳେ । ଏହାକୁ ଲୋକେ ଚାବିଜ କରି ଯଶମ **यशब(म)** ଗଳାରେ ପିନ୍ଧନ୍ତି । ଏ ପଥର ପିନ୍ଧିବା ଲୋକ ରୋଗମୁକ୍ତ ହୁଏ ଓ ତାଠାରେ ବଜ୍ର ପଡ଼େ ନାହିଁ—ହି.ଶ]

ଯସ୍କ—ସ. ବି. (ଯସ୍ ଧାତୁ=ଚେଷ୍ଟା କରିବା+କର୍ତ୍ତୃ. କ)—ଗୋତ୍ର-Jaska ପ୍ରବର୍ତ୍ତକ ମୁନି ବିଶେଷ—Name of a sage.

ଯସ୍ୟ—ସଂବିଣ. (ଯସ୍ ଧାତୁ=ଚେଷ୍ଟା କରିବା+କର୍ମ.ଯ)—୧ । ଅଧ୍ୟବସାୟ Jasya ଦ୍ୱାରା କରଣୀୟ—1. Performable with perseverance. ୨ । (ଜସ୍ ଧାତୁ=ବଧ କରିବା+ଯ, ଜକାର ସ୍ଥାନେ ଯ)ହନନୀୟ—2. Deserving to be killed.

ଯସ୍ୟତ୍ୱ—ସ. ବି. (ଯସ୍ୟ+ଭାବାର୍ଥେ. ତ୍ୱ)—୧ । ଯତ୍ନ; ଉଦ୍ୟମ—Jasyatwa 1. Effort; endeavour. ୨ । ହତ୍ୟା—2. Murder. ୩ । ମୃତ୍ୟୁ—3. Death.

ଯହଁ—ପ୍ରାଦେ.(ଲରିଆ)ସର୍ବ.—ଯହିଁ (ଦେଖ)
Jahan Jahin (See)

ଯହଁ ତହଁ—ପ୍ରାଦେ. (ଲରିଆ) ସର୍ବ.—ଯହିଁ ତହିଁ (ଦେଖ)
Jahan tahan Jahin tahin (See)

ଯହାଁ—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ.—(ଭୁଲ. ହି. ଜହାଁ) ଯହିଁ;
Jahān ଯେଉଁଠାରେ—Where.

ଯହାଁ ତହାଁ—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—(ଭୁଲ ହି. ଜହାଁ ତହାଁ) Jahān tahān ଯହିଁ ତହିଁ, ଯେଉଁଠାରେ ଇଚ୍ଛା ସେଠାରେ—Anywher

ଯହିଁ—ଦେ. ସର୍ବ.—(ସ. ଯସ୍ମିନ୍; ପ୍ରା. ଯହିଁ)—(ଏହାର ଅପେକ୍ଷିକ ଶବ୍ଦ Jahin ତହିଁ)—୧। ଯେଉଁଠାରେ; ଯାହାଁ; ଯାହିଁ—1. Where. (ଆପେକ୍ଷିକ ଶବ୍ଦ—ତହିଁ) ୨ । ଯାହା ଉପରେ—ଯେଖାନେ . **जहाँ** 2. On which; on whom. [ଦ୍ରୁ—ଗଛର ଗୁଡ଼, ମଣିଷ ହାଡ଼, ଯହିଁ ପଡ଼େ ତହିଁ ମିଳେଇ ଯାଇ । ତଗ ।] ୩ । ଯେଉଁ ବିଷୟରେ—3. In which matter. [ଦ୍ର—ଯଦ୍ ଶବ୍ଦର ଓଡ଼ିଆ ପ୍ରଥମା ବିଭକ୍ତି ଏକ ବଚନରେ ଯେ (ବ୍ୟକ୍ତି) ଓ ଯାହା (ବସ୍ତୁ, ବିଷୟ) ହୁଏ ଓ ସପ୍ତମୀ ବିଭକ୍ତି ୧ ବଚନରେ ଯହିଁ, ଯହିଁରେ ହୁଏ । 'ଯହିଁ' ଆକାର ପ୍ରଥମା ବିଭକ୍ତି ୧ବଚନରେ ବ୍ୟବହୃତ ହୁଏ ନାହିଁ କିନ୍ତୁ ଯହିଁ ଶବ୍ଦ ସଙ୍ଗେ ୨ୟା ବିଭକ୍ତିର 'କି, କୁ', ୩ୟା ବିଭକ୍ତିରେ 'ଦ୍ୱାରା', ୫ମୀ ବିଭକ୍ତିରେ 'ରୁ' ୬ଷ୍ଠୀରେ 'ର' ଓ ୭ମୀରେ 'ରେ' ଯୁକ୍ତ ହୁଏ । 'ଯହିଁ' ଶବ୍ଦ ସଙ୍ଗେ 'ପାଇଁ', ନିମନ୍ତେ, ଯୋଗୁଁ ଅବ୍ୟୟ ମଧ୍ୟ ଯୁକ୍ତ ହୁଏ ।]

ଯହିଁକି(କୁ)—ଦେ. ସର୍ବ.—୧ । ଯାହିଁକି; ଯେଉଁ ସ୍ଥାନକୁ; ଯେଉଁଠାକୁ Jahinki(ku) 1. To which place; whereto [ଅପେକ୍ଷିକ ଶବ୍ଦ—ତହିଁକି(କୁ)] ୨ । ଯେଉଁ ବିଷୟ ପ୍ରତି; ଯେଉଁ ଯେଖାନ୍‌କେ **जहाँकी, जीससे** କଥାକୁ—2. To which matter; in respect of which matter. [ଯଥା—ମୁଁ ଯହିଁକି ଡରୁଥିଲି, ସେହି କଥା ସତ୍ୟ ହେଲା ।] ୩ । ଯାହା ପାଇଁ—3. For which. (ଦ୍ରୁ—ଯହିଁକି ଦେଖ, ବରିବ ଗୁଳୁକ ଇତ୍ୟାଦି ଦେ । ରଙ୍ଗ ।)

ଯହିଁକି(କୁ) ଯେ—ଦେ. ବାକ୍ୟାଂଶ—୧ । ଯେଉଁ ବିଷୟ ବା ବସ୍ତୁ ପ୍ରତି
Jahiñki(ku) je ଯେଉଁ ବିଷୟ ବା ବସ୍ତୁ ଉପଯୋଗୀ, ତାହା—
যাকে যা **जिसकी जो** 1. That (thing or matter) which suits a thing or matter.
[ଉ—ଯହିଁକି ଯେ; ହରହ ଗୁଣ୍ଡୁଚ ତନ୍ତ୍ରେଇ ଦେ—ଗୀ]
୨ । ଯେଉଁ କାର୍ଯ୍ୟ ପ୍ରତି ଯେଉଁ ବ୍ୟକ୍ତି ଉପଯୁକ୍ତ, ସେ—
2. That person who is fit for a particular work.

ଯହିଁତକ୍—ଦେ. ଅ.—୧ । ଯାହାଁତକ୍; ଯେ ପର୍ଯ୍ୟନ୍ତ; ଯେଉଁ ସମୟ
Jahiñtak ପର୍ଯ୍ୟନ୍ତ—Till which time
যে পর্যন্ত **यहाँतक** ୨ । ଯେଉଁ ସ୍ଥାନ ପର୍ଯ୍ୟନ୍ତ—2. Upto which place. ୩ । ଯେଉଁ ଦୂରତ୍ୱ ପର୍ଯ୍ୟନ୍ତ—
3. Upto which length or distance.

ଯହିଁ ତହିଁ—ଦେ. ସଙ୍.—୧ । ଯାହିଁ ତାହିଁ; ଯେଉଁ ଇଚ୍ଛା ସେହି ସ୍ଥାନରେ;
Jahiñ tahiñ ସ୍ଥାନ ନିର୍ବିଶେଷରେ; ଯାହିଁ ତାହିଁ—Wheresoever; in any place
যেখানে সেখানে **जहाँ तहाँ** whatsoever. [ଉ—ଯାଅ ମନ ଭ୍ରମୁ ହୋଇଛି ଯହିଁ ତହିଁ । କୃଷ୍ଣସିଂହ. ମହାଭାରତ. ବନ ।]
୨ । ସ୍ଥାନାସ୍ଥାନ ବିଚାର ନ କରି—2. Without consideration of the fitness or otherwise of a place. [ଯଥା—ସେ ଯହିଁ ତହିଁ ଶୋଇ ପଡ଼ୁଛି ।]

ଯହିଁ ତହିଁରେ—ଦେ. ସଙ୍.—ଯେ କୌଣସି ବିଷୟରେ; ସମସ୍ତ
Jahiñ tahiñre ବିଷୟରେ—In all matters; in every
যে কোন বিষয়ে **जौनकौनसी** case.
(ଯହିଁରେ ତହିଁରେ—ଅନ୍ୟରୂପ) [ଉ—ସକଳ ଭୂତେ ଦୟା କରି, ଯହିଁ ତହିଁରେ ତୋଷ ଧର । ଜଗନ୍ନାଥ. ଭାଗବତ ।]

ଯହିଁ ଦ୍ୱାରା—ଦେ. ଅ.—(ସଂ. ଯଦ୍ଦ୍ୱାରା)—ଯେଉଁ ବିଷୟ ବା ବସ୍ତୁଦ୍ୱାରା—
Jahiñ dwārā যাদ্বারা By or with which matter or thing.

ଯହିଁ ପାଇଁ—ଦେ. ଅ.—ଯେଉଁ ବିଷୟ ବା ବସ୍ତୁ ନିମନ୍ତେ—
Jahiñ paiñ Wherefor; for which matter or thing.
যার জন্যে **जीसवास्ते** [ଯ(ଯା)ହିଁ ପେଇଁ—ଗ୍ରାମ୍ୟରୂପ]
(ଯହିଁ ଲାଗି—ଅନ୍ୟରୂପ) (ଆପେକ୍ଷିକ ଶବ୍ଦ—ତହିଁ ପାଇଁ)
(ଉ—ତାଳ ଗଛ ମୂଳେ ଚାମଣା, ଭୁ ଯହିଁ ପାଇଁ ନସରପସର ତହେ କଏ ଦେବ ମାଗଣା ?—ଗୀ ।)

ଯହିଁର—ଦେ. ସଙ୍—ଯେଉଁ ସ୍ଥାନର ବା ପଦାର୍ଥର—Of which
Jahiñra place or matter.
(ଆପେକ୍ଷିକ ଶବ୍ଦ—ତହିଁର)
যার **जीसका**

ଯହିଁରୁ—ଦେ. ସଙ୍—୧ । ଯେଉଁଠାରୁ; ଯେଉଁ ସ୍ଥାନରୁ—
Jahiñru 1. From which place; whence;
(ଆପେକ୍ଷିକ ଶବ୍ଦ—ତହିଁରୁ) wherefrom. ୨ । ଯେଉଁ
যাথেকে **जीससे** ବସ୍ତୁରୁ ବା ବିଷୟରୁ—2. From which matter or thing. ୩ । ଯହୁଁ; ଯେଉଁହେତୁରୁ; ଯେଉଁ କାରଣରୁ—3. For which reason, on account of which.

ଯହିଁରେ—ଦେ. ସଙ୍—୧ । ଯେଉଁ ସ୍ଥାନରେ—1. In which
Jahiñre place. ୨ । ଯେଉଁ ବିଷୟରେ—2. In which matter; wherein. ୩ । ଯେଉଁ ବସ୍ତୁରେ—3. In which thing. ୪ । ଯହିଁ ଦ୍ୱାରା—4. By or with which.

ଯହିଁରେ କରି—ଦେ. ଅ—ଯେଉଁ ବସ୍ତୁ ବା ବିଷୟ ଦ୍ୱାରା; ଯଦ୍ଦ୍ୱାରା—
Jahiñre kari By which thing or matter.

ଯହୁ—ସଂ. ବି (ଯା ଧାତୁ = ଗମନକରିବା + କର୍ତ୍ତୃ. ଉ)—୧ । ଶିଶୁ—
Jahu 1. A child (Apte). ୨ । ପୁତ୍ର; ସନ୍ତାନ—2. Offspring (Apte).

ଯହୁଁ—ଦେ. ସର୍ବ (ସଂ. ଯସ୍ମାତ୍)—୧ । ଯହିଁରୁ (ଦେଖ)—
Jahuñ 1. Jahiñru (See). ୨ । ଯେଉଁକାଳରୁ—
(ଆପେକ୍ଷିକ ଶବ୍ଦ—ତହୁଁ) 2. Form which time. ୩ ।
যাথেকে **जहाँसे** ଯେଉଁ ସ୍ଥାନରୁ—3. From which place. ୪ । ଯେଉଁ ବିଷୟରୁ—4. From which matter. ଅ—୧ । ଯେଉଁ ବିଷୟ ଘଟିବା ପରେ—1. After which event. ୨ । ଯେଉଁହେତୁରୁ; ଯେଉଁ କାରଣରୁ—2. Owing to which reason; wherefor. ୩ । ଯେହେତୁ—3. Whereas; wherefore. (ଉ—ତାହାର ଭୂଳରେ ଯହୁଁ ଚୋଦ୍ୟଲକ ପୁତ୍ର, ତହୁଁ ତହୁଁ ଦୁଃଖାନଳ ହେଲା ପ୍ରଜ୍ୱଳିତ- ବିଶ୍ୱନାଥ. ବିଚିତ୍ରରାମାୟଣ ।)

ଯହୁଁ ଯହୁଁ—ଦେ. ଅ—୧ । କ୍ରମଶଃ; ଯେଉଁପରି; ଅନୁକ୍ରମେ—
Jahuñ Jahuñ 1. By and by; gradually as.
(ଆପେକ୍ଷିକ ଶବ୍ଦ—ତହୁଁ ତହୁଁ) (ଯଥା—ଯହୁଁ ଯହୁଁ ବେଳ
যত যত **जब जब, जेसे जेसे** ଉଣୁଚି ହେଲା, ତହୁଁ ତହୁଁ ମଚେ ବେଶି ଲୋକ ଜମା ।) ୨ । ଯଥାକ୍ରମେ—
2. Respectively. ୩ । ଅନୁପାତକ୍ରମେ—
3. Proportionately. (ଉ—ଯହୁଁ ଯହୁଁ ବଡ଼ଲୋକ ତହୁଁ ତହୁଁ ଉଚ୍ଚ—ଗୀ ।) ୩ । ଯେଉଁ ଯେଉଁ ସ୍ଥାନରୁ; ଯେଉଁ ସ୍ଥାନମାନଙ୍କରୁ)—3. From which places. (ଯଥା—ମୁଁ ଯହୁଁ ଯହୁଁ ଧନ ସଂଗ୍ରହକଲି, ସେ ତହୁଁ ତହୁଁ ବହୁ ସଂଗ୍ରହ କଲା ।

ଯହ୍ୱ—ସଂ. ବି (ଯା ଧାତୁ = ଗମନ କରିବା + କର୍ତ୍ତୃ. ବ, ନିପାତନ, ହ)
Jahwa ଆଗମ)—ଯଜମାନ; ଯାଜ୍ଞିକ—A performer of sacrifices.

ଯା (ଧାତୁ)—ସଂ.—୧ । ଯିବା; ଗତି କରିବା—1. To go, to
Jā (root) move. ୨ । (ପ୍ରତ୍ୟାଦ) ଆକ୍ରମଣ କରିବା; ବିରୁଦ୍ଧରେ ଅଭିଯାନ କରିବା—2. To invade, to march against (Apte). ୩ । କୌଣସି ଉଦ୍ଦେଶ୍ୟରେ ଯାତ୍ରା କରିବା—3. To start for; to march (Apte). ୪ । ସ୍ଥାନ ତ୍ୟାଗ କରି ଯିବା—4. To depart; to withdraw; to pass away (Apte) ୫ । ଉଭେଇ ଯିବା; ଅନ୍ତର୍ହିତ ହେବା—5. To vanish; to disappear (Apte). ୬ । (ସମୟ) ଅତିକ୍ରାନ୍ତ ହେବା; ଗଡ଼ିଯିବା—6. To pass away; to elapse.

(Apte). ୭ । ରହିବା; ବହୁକାଳ ସ୍ଥାୟୀ ହେବା—7. To last (Apte). ୮ । ଘଟିବା—8. To happen; to come to pass (Apte). ୯ । ଫଳରେ ପରିଣତ ହେବା—9. To become; to be reduced to any state; to turn into (Apte). ୧୦ । କୌଣସି କାର୍ଯ୍ୟରେ ହାତ ଦେବା—10. To undertake (Apte). ୧୧ । ସଙ୍ଗମ ବା ମୈଥୁନ କରିବା—11. To have carnal intercourse with (Apte). ୧୨ । ଅନୁରୋଧ କରିବା; ପ୍ରାର୍ଥନା କରିବା—12. To implore; to request (Apte). ୧୩ । ପାଇବା; ଆବିଷ୍କାର କରିବା—13. To find out; to discover (Apte). ୧୪ । ଆଚରଣ କରିବା; କାର୍ଯ୍ୟ କରିବା; କରିବା—14. To behave; to act (Apte). ୧୫ । ପରିବର୍ତ୍ତିତ ହେବା—15. To undergo a change.

ଯା—ସଂ. ବି.—(ଯା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ଲକ୍ଷ୍ମୀ—
Jā 1. The Goddess of wealth (Apte). ୨ । (କର୍ମ.ଅ+ଆ)—ଯୋନି; ଭଗ—2. Pudendum Muliebre (Apte). ୩ । (+ଭାବ ଅ+ଆ)—ପ୍ରାପ୍ତି—3. Obtaining (Apte). ଦେ. କ୍ରି.—[ଯା ଧାତୁ; (ଯାଅ—ଅନ୍ୟରୂପ) ଅନୁଜ୍ଞା ମଧ୍ୟ ପୁରୁଷ ଏକ ବଚନ, ଅନା- (ଅ, ଅସ—ବିପରୀତ) ଦରାର୍ଥକ (କର୍ତ୍ତୃ. ତୁ)]—ତୁ ଗମନ କର—
(ତୁଇ) ଯାଅ **जाओ** (Imperative mood of the verb
ଯାଓ୍ୟା **जाना** 'to go' 2nd person, singular)—(you) Go; proceed. [ଦୃ—ଅ ପଡ଼ନ୍ତୁ ଯା ପଡ଼ନ୍ତୁ, ହାବୁଡ଼ି ଗଲ ମୁଁ ତାଳ ଗଛନ୍ତୁ—କେଳା ଗୀତ ।] [ଦ୍ର—'ତୁମ୍ଭେ' କର୍ତ୍ତା ହେଲେ ଏହାର ରୂପ 'ଯାଅ' ହୁଏ । 'ଆପଣ' କର୍ତ୍ତା ହେଲେ ଯାଅ, ଯାଆନ୍ତୁ, ଯିବା ହୁଅନ୍ତୁ, ଯିବା ହେଉନ୍ତୁ ହୁଏ ।] ଦେ. ବି.—(ସଂ. ଯା ଧାତୁ)—୧ । ଗମନ; ଯିବା—1. Going. [ଦ୍ର—'ଯା ଆସ' ଓ 'ଆସ ଯା' ଶବ୍ଦରେ ଏହି ଅର୍ଥରେ ବ୍ୟବହାର ଦେଖା ଯାଏ ।] ୨ । (ସଂ. ଯାତୃ)—ସ୍ୱାମୀଙ୍କ ଭାଇଙ୍କ ସ୍ତ୍ରୀ; ସ୍ୱାମୀଙ୍କ
ଜା **जेठनी देवरानी** ଭ୍ରାତୃଜାୟା—2. The wife of one's husband's brother. (ଯଥା—ବଡ଼ ଯା, ସାନ ଯା, ମଝିଆଁ ଯା ।)

ଯେ ଦେ. ସର୍ବ (ସଂ. ଯଦ୍ ଶବ୍ଦ ୧ମା. ୧ବ. କ୍ଲୀବଲିଙ୍ଗ; ଯତ୍;
ଜୋ ପୁଂଲିଙ୍ଗ-ଯଃ; ସ୍ତ୍ରୀଲିଙ୍ଗ-ଯା)—୧ । ଯାହା; ଯେଉଁ ବିଷୟ (ଏହାର ଅପେକ୍ଷିକ ଶବ୍ଦ—ତା) ଯେଉଁ ପଦାର୍ଥ—1. Which;
ଯା (neuter); which (thing or matter). ୨ ।
ଜୋ (ସଂ.ଯଦ୍ ୬ଷ୍ଠୀ. ୧ବ. ଯସ୍ୟ)—ଯେଉଁ ବ୍ୟକ୍ତିର ବା ବସ୍ତୁର;
ଯାର ଯାହାର—2. Whose; of whom; of which
ଜୀସକା person or thing. (ଦୃ—ଯା ଶ୍ରବଣେ ମାତ ଅସେ
ଯା ଦାରୁଣହିଁ ବ୍ୟଥା । ବଶୀଧର. ହଂସଦୂତ) [ଦ୍ର—
ଜୀ କେତେକ ଅଧୁନିକ ଲେଖକ ଅକ୍ଷରର ମୁଣ୍ଡ ପାଖେ (')

ଯାଃ, ଯାଗା, ଯାଗାଃ, ଯାମ, ଯାମଁ, ଯାଆମ(ମଁ)} ଅନ୍ୟରୂପ apostrophe ଚିହ୍ନ ଦେଇ ଚିହ୍ନ ପରେ ଲୁପ୍ତ ରହିବା ଅକ୍ଷରର ସୂଚନା କରନ୍ତି; ଯଥା—ଯା'=ଯାହା, ତା'=ତାହା, କା'=କାହା, ତାଠାରୁ=ତାହାଠାରୁ କିନ୍ତୁ ଓଡ଼ିଆ ଲେଖାରେ ଏ ଚିହ୍ନ ନୂଆ ପଦ୍ଧତି ଅଟେ ।] ଦେ. ଅ—(ସଂ. ଯତ୍)—୧ । ଯାହା—1. (ଦୃ—ବଡ଼ ବିଷମ ଏ, ଯା ନ କରୁ—କବିସୂର୍ଯ୍ୟ. ସଙ୍ଗୀତ) ୨ । (ଅପେକ୍ଷିକ ଶବ୍ଦରୂପେ ୨ଟି ବାକ୍ୟର ଭାବ ସଂଯୋଜକ ଅବ୍ୟୟରୂପେ ବ୍ୟବହୃତ) ଯାହା—2. That. (ଦୃ—ଚକ୍ଷୁ ବାନ୍ଧିଥାଇ ବୃକ୍ଷେ, ଲଜ୍ଜାର ତୁଳମୂଳେ, କରୁଣା ଅଛି ବୋଲି ଯା, କେହି କେ ତା ବର୍ତ୍ତିଲେ—ଜଗୋଶିମ୍ଭ ଉ. ଗୀତ ।) ୩ । (ସଂ. ଯାହି; ଘୃଣା ବା ବିରକ୍ତି-
ଯା ସୂଚକ ଅବ୍ୟୟ) ଦୂର; ଦୂର ହୋ—3. Go away;
जाओजी get off. [ଦ୍ର—ତୁ ଯା, ତୁ ଏଠାରୁ ଚାଲିଯା, ତୁ ଏ ସ୍ଥାନ ତ୍ୟାଗ କର—ଏଥିର ଏହି ଅର୍ଥ]

ଯାଅ(ଅଁ)ଳା(ଳ)—ଦେ. ବି. (ସଂ. ଯାମଳ, ଯାମଳା)—ଯମଜ ସନ୍ତାନ;
Jā-a(añ)ḷā(ḷa) ଏକ ସମୟରେ ମାତୃଗର୍ଭରୁ ଭୂମିଷ୍ଠ ସନ୍ତାନ-ଦ୍ୱୟ—Twins; a pair born together. ଦେ. ବିଣ—ଯୁଗ ହୋଇ ଜନ୍ମିଥିବା—Born twins. (ଯଥା—ଯାଅଁଳା ପୁଅ ଝିଅ ।)

ଯାଅଳା, ଯାଅଁଳା(ଳ), ଯାଉଳା, ଯାଉଁଳା(ଳ), ଯାଏଁଳା — ଅନ୍ୟରୂପ

ଯମଜ **जोरला, जोड़िया, जौआँ**

ଯାଅ ଆସ—ଦେ. ବି—ଯାଆସ (ଦେଖ)
Jā-a āsa [Jā āsa (See)

ଯାଆଁ ବାଳ—ଦେ.ବି. (ସଂ.ଜନ୍ମ+ବାଳ)—ଶିଶୁର ମୁଣ୍ଡର ପ୍ରଥମ କେଶ
Jā-āñ bāḷa (ହିଁ ଚୂଡ଼ାକର୍ମ ସମୟରେ ବା ଗର୍ଭରେ ଯହିର
ଜନମ ଚୁଲ ମୁଣ୍ଡନ କରାଯାଏ)—The first crop of hairs
जनम बाल growing on an infant's head.

ଯାଆଁଳ—ଦେ. ବି. (ସଂ. ଯମଳ; ଯାଅଁଳା ପିଲାଙ୍କ ପରି ମାଛ ଗର୍ଭରୁ
Jā-āñḷa ଏକ ସମୟରେ ଜନ୍ମ ହେବାରୁ)—୧ । ବଡ଼ ମାଛଙ୍କର
ପୋନା, ପନା ପିଲା; ଶିଶୁ ମତ୍ସ୍ୟ—1. The fry or young of
जीरा fishes; young fish. ୨ । ମତ୍ସ୍ୟଶିଶୁଙ୍କ ଦଳ; ଛୁଆମାଛଙ୍କ ମଦା—2. A shoal of little fishes or fry. ପ୍ରାଦେ. (କଣେଇ,ଗଡ଼ଜାତ) ବି—ମାଛ ମାରିବା ଯନ୍ତ୍ର ବିଶେଷ—A contrivance to catch fish.

ଯାଆଁଳ ଖେଳା(ଳେ)ଇବା—ଦେ. କ୍ରି—୧ । ମାଛର ଯାଆଁଳ ପାଣି
Jā-āñḷa kheḷā(ḷe)ibā— ଉପରେ ଖେଳୁଥିବା ବେଳେ
ପନା ଖେଲାନ (ତାଙ୍କର ମାଆ) ଗଛର ପାଣି ମଧ୍ୟରେ ବୁଡ଼ି ରହି
जीराखेलाना ଛୁଆ ପିଲାଙ୍କୁ ଜଗିବା—1. (said of the mother-fish) To watch the shoals or fry playing on the surface of the water. ୨ । (ଲକ୍ଷଣାର୍ଥ) ବହୁତ ଗୁଡ଼ିଏ ସନ୍ତାନର ମାତା ହେବା—2. (figurative) To be the mother of a bevy of children.

ଯାଅଁଲ ଛାଡ଼ିବା—ଦେ. କ୍ରି—୧ । ମାଛମାନେ ବଢ଼ିବା ପାଇଁ ଜଳ ଅବରୁ **J̄a-āṉ̄la chhārdibā** ମାଛର ଯାଅଁଲ ଅଣି ପୋଖରୀରେ ଛାଡ଼ିବା-- ପନାଛଡ଼ା **जीराछोड़ना** 1. To rear up fishes in a pond. ୨ । ବହୁ ସନ୍ତାନର ମାତା ବା ପିତା ହେବା—2. (figurative) To bring forth a swarm of children; to become parents of a good number of children. ● । (ଲକ୍ଷଣାର୍ଥ) ଅନେକସ୍ତ୍ରୀଙ୍କ ଗର୍ଭରେ ସନ୍ତାନର ପିତା ହେବା—3. (figurative) To become the father of children on the wives of other people.

ଯାଅ ତାଅ—ଦେ. ସର୍ବନାମ (ସ ଯଦ୍ ତଦ୍)—ଯାଇତାଇ (ଦେଖ) **J̄ā-ā tā-ā** J̄āitāi (See). ଯাতা **जीसतीस** (ଯାଅତା—ଅନ୍ୟରୂପ)

ଯାଅ ନଣନ୍ଦ(ନ)—ଦେ. ବ (ସହରର ଶବ୍ଦ; ସ. ଯାତୃ, ନନାନ୍ଦୃ ବା **J̄ā-ā nanada(nda)** ନନନ୍ଦୃ)—ସ୍ୱାମୀଙ୍କର ଭାତୃଜାୟା ଓ ଭଗିନୀ-(ଯା ନଣନ୍ଦ—ଅନ୍ୟରୂପ) One's husband's brother's ଜା ননদ **जेठानी(देवरानी)ननद** wife and husband's sister.

ଯାଅନ୍ତେ—ଦେ.ଅ (ସମସ୍ତ) ଗତ ହେବାରୁ—After the lapse of. **J̄ā-ānte** [ଭୁ—ଏରୂପେ କେତେକାଳ ଯାଅନ୍ତେ ସେ ନାଗ । ଗতহলে **जानेसे** ସରଲୁ ଯାଇଥିଲେ ଦେବେ ସ୍ନାନ କର— କୃଷ୍ଣସିଂହ, ମହାଭାରତ. ବନ ।]

ଯାଅ ଯେଉଳା—ଗ୍ରା.ବ. ସ୍ତ୍ରୀ (ସହରର ଶବ୍ଦ; ଯେଉଳା କରଥିକ ଶବ୍ଦ)—**J̄ā-ā J̄eulā** କୌଣସି ସ୍ତ୍ରୀଙ୍କର ନିଜ ପରିବାରସ୍ଥ ପତିଙ୍କ ଭାତୃଜାୟା (ଯା ଯେଉଳା—ଅନ୍ୟରୂପ) ଓ ଅନ୍ୟାନ୍ୟ ସ୍ତ୍ରୀଗଣ— মেয়ে ছেলে **जाल पोल** The females of a woman's own family (including one's husband's brother's wife) (ଭୁ—ଯାଅ ଯେଉଳାରେ ଘର, ବ ଥାଇଁ କରବେ ଶାଶୁ ଶଶୁର ସ୍ନେହ ବାହୁ ମୋହର ବର—ଉଷ ।)

ଯାଅଲ(ଳା)—ଦେ. ବ—ଜାଲ(ଳା) (ଦେଖ) **J̄ā-ālā(ḻā)** J̄ālā(ḻā) (See)

ଯାଅଁଲ (ଇତ୍ୟାଦି)—ଦେ. ବ (ସ. ଯାମଲ)—ଯାଅଁଳା ଇତ୍ୟାଦି **J̄ā āṉ̄la (etc)** (ଦେଖ)—J̄ā-āṉ̄ḻa etc (See)

ଯାଅଁଳା (ଇତ୍ୟାଦି)—ଦେ. ବ. ଓ ବଣ—ଯାଅଳା (ଦେଖ) **J̄ā-āṉ̄ḻa (etc)** J̄ā-āḻā (See)

ଯା ଆସ—ଦେ. ବ (ସ. ଯା॰ ଧାତୁ + ଓ. ଆସିବା)—୧ । ଆସ ଯା; ଯିବା **J̄ā āsa** ଓ ଆସିବା—1. Coming and going. (ଭୁ—(ଯାଅସ ଅସ—ଅନ୍ୟରୂପ) ଦୁଇ ବର୍ଷ ହେଲା ବର୍ଷକ ଭିତରେ ଦୁଇ ଥର ଅଥର ଜଗ ଯା ଆସ କରୁଛ । ଫକୀରମୋହନ— আসাযাওয়া, যাওয়াআসা, আনাগোনা ଚଳ୍ପଛ ।) ୨ । ଚଳା-**आनाजाना, जानाआना** ଚଳ—2. Intercourse. ୩ । ସନ ସନ କୌଣସି ସ୍ଥାନକୁ ଯାତାୟାତ କରିବା—3. Frequenting a place. (ଭୁ—ଲାଗି ରହିଥାଉ ଯାଅସ ଅସ, ନ ଥାଉ ମୁଁ ଏଠି ଘରେ ଅସ । ଉଷ ।)

ଯାଅ ସଉତୁଣୀ—ଦେ. ବ. ସ୍ତ୍ରୀ (ସହରର ଶବ୍ଦ, ସ. ଯାତୃ ଓ ସପତ୍ନୀ)—**J̄ā-ā sautuṇi** ଯାଅ ଓ ସଉତୁଣୀ—One's husband's (ଯା ସଉତୁଣୀ -ଅନ୍ୟରୂପ) brother's wife and one's জা সতীন **देवरानीसौतीन** co-wife.

ଯାଇ (ଇତ୍ୟାଦି)—ଦେ. ବ—ଜାଇ ଇତ୍ୟାଦି (ଦେଖ)—J̄āi etc **J̄āi (etc)** (See). (ଭୁ—ଭୁଲୀ ଚଳଣ ମୁଁ ଶୋଯାଇ, ଦେବାର କୋମଳ ଯାଇ, ଯାହା ଅଙ୍ଗ ବସେ ଗୁହ । କବିସୂର୍ଯ୍ୟ. ଯାଇ ସଙ୍ଗୀତ ।) ଦେ. ସଙ୍ଗ (ସ. ଯଦ୍ ଓ ଭୁ—ଯଦି; କମ୍ଫ ଜো ଯଡଃ)—୧ । ଯାହା—1. Which. ୨ । ଯତ୍‌ସାମାନ୍ୟ—2. Very slight or little.

ଯାଇ କ(କି)ରି—ଦେ.—୧ । କ୍ରିୟା (ଯିବା କ୍ରିୟାର ଅସମାପିକାରୂପ)—**J̄āi ka(ki)ri** ଗମନ କ୍ରିୟା କରି—1. (Participle of the গিয়ে verb to go) Going. ଦେ. ଅ. ୧—ଅବଶେଷରେ **जाकर** 1. At last. (ଯଥା—ଅଳ୍ପ ପରୀକ୍ଷା ସରିଲା, ବହୁ ଫଳ [ଯାଇକ(କି)ରିକ(କି)ରି—ଅନ୍ୟରୂପ] ଯାଇ କରି ତିନି ମାସ ପରେ গিয়ে বাহারিব) ୨ । (ବ୍ୟକ୍ତିଗତ ମୁଦ୍ରାଦୋଷ ବା ଅନର୍ଥକ **जाकर** ବାକ୍ୟପ୍ରୟୋଗ) ପରେ; ତତ୍ପରେ; ଅନନ୍ତର—2. After; afterwards; then. ● । ଏବଂ—3. And; also.

ଯା ଇଚ୍ଛା ତା—ଦେ. ସଙ୍ଗ (ମନ୍ଦାର୍ଥ; ସ. ଯଥେଚ୍ଛା ଓ ତଦ୍)—୧ । ଅତି **J̄ā ichchhā tā** ମନ୍ଦ; ଅବର୍ଣ୍ଣନୀୟରୂପେ ମନ୍ଦ—1 Indescribably bad or miserable. (ଯଥା—ଜନକଙ୍କ ମରିବା ପରେ ଅମ ଗାଆଁର ଅବସ୍ଥା ଯାହାତା ହୋଇଗଲା ।) ୨ । ସ୍ୱେଚ୍ଛା-ଶୁଣା; ଯଥେଚ୍ଛାଶ୍ରିତ—2. Despotic; self-willed. (ଯଥା—ଘରେ କେହି ମୁରବି ନ ଥିବାରୁ ପିଲାମାନେ ଯା ଇଚ୍ଛା ତା ହୋଇଗଲେଣି)

ଯା ଇଚ୍ଛା ତାଇ, ଯାହାତା, ଯାହାତାଇ, ଯେଉଁଛା ତା, ଯେଚ୍ଛା ତା, ଯେ ଇଚ୍ଛା ତାଇ, ଯେଚ୍ଛାତାଇ—ଅନ୍ୟରୂପ

যাচ্ছাতাই, যাইচ্ছাতাই **आपईक्षा** যাচ্ছা তাই, যাই খুসি তাই, যাইচ্ছাতাই

ଯାଇ ତା—ପ୍ରାଦେ. (କାଶୀପୁର) କ୍ରି—ଯାଅନ୍ତା— **J̄āi tā** (he) Would go.

ଯାଇ ତାଇ—ଦେ. ବଣ (ସ. ଯଦି ତଦି, ଯଦ୍‌ତଦ୍)—୧ । ଯେନ ତେନ **J̄āi tāi** ପ୍ରକାରରେ ସମ୍ପାଦିତ—1. Done or finished যাইতাহি, যাহিতাহ, যা-তা somehow or other. ୨ । କାମ **जैसे, जैसातैसा** ଚଳିଲା ଭଳି—2. Tolerable. କ୍ରି. ବଣ—୧ । କଷ୍ଟେ ମଷ୍ଟେ—1. Anyhow. (ଯଥା-ଅର୍ଥାଭାବରୁ ମୁଁ ଯାଇ ତାଇ ଏ ବରଷରଷ ସମାଧା କରିଦେଲି) । ୨ । ସାମାନ୍ୟ ପ୍ରକାରରେ—2. In a simple fashion or style. ୩ । କାମ ଚଳିଲା ଭଳି; ଗୁଜୁରାନ୍ ମେଣ୍ଟିବା ପ୍ରକାରରେ; ଚଳନୀୟରୂପେ—3. Tolerably.

ଯାଇଥିବା—ଦେ. ବିଣ—୧ । ନଷ୍ଟ—1. Lost. (ଉ—ଯାଇଥିବା ଧନ Jāithibā ଆସଇ ତାହାଙ୍କର, ଯେଣୁ ଏ ପ୍ରବଚନ ଜଗତରେ नष्ट हुआ ଯାଉ । କୃଷ୍ଣସିଂହ, ମହାଭାରତ· ବନ ।) ୨ । ଗତ—गयाहुआ 2. Gone. ୩ । ଅତୀତ—3. Past.

ଯାଇ(ହି) ବା—ଦେ.ସର୍ବ.(ସଂ.ଯଦ୍ ବା)—୧। ଯାହା କିଛି; ଯାହା ସାମାନ୍ୟ Jāi(hi) bā 1. Whatever little. (ଯଥା—ମୋଠାରେ ଯାବା, ଯାଈବା ଯାଇ ବା ଧନ ଥିଲା, ସେତକ ଏଥି ଥରକେ ସବୁ जोभी ଗଲା ।) ୨ । ଯାହା ସମସ୍ତ—2. All whatever.

ଯାଇ(ହି) ହ(ହେ)ଉ—ଦେ.ଅ.—(ସଂ. ଯଦ୍ ଭବତୁ)-୧। ଯାହା ଘଟନା Jāi(hi) ha(he)u ଘଟୁ ପଛକେ—1. Come what may. (ଯା ହଉ, ଯେ ହେଉ—ଅନ୍ୟରୂପ) ୨ । ପୂର୍ବ କଥିତ ବିଷୟକୁ যাহউক, যাই হোক, যা হোক ଛାଡ଼ ଦେଲେ ମଧ—2. In- जोहो spite of what has been told. ୩ । ପଶ୍ଚାନ୍ତରେ-3. However, on the other hand. (ଯଥା—ଏ ବୁଢ଼ା ଦିନେ ପୁଅମାନେ ବାପ ମାଆଙ୍କୁ ପୋଷିଲେ ନାହିଁ, ଯାଇ ହେଉ ପୁଅମାନେ ତାଙ୍କ ନିଜନିଜର ସଂସାରତ ଚଳାଉଛନ୍ତି ।)

ଯାଉ (ଇତ୍ୟାଦି)—ଦେ. ବି.—(ସଂ. ଯବାଗୁ)—ଜାଉ ଇତ୍ୟାଦି (ଦେଖ) Jāu (etc) Jāu etc. (See) ଦେ. ଅ.—ଯାଉ ସେ କଥା (ଦେଖ)—Jāu se kathā (See) ଦେ. କ୍ରି.—(ଯିବା କ୍ରିୟାର ଅନୁଜ୍ଞା, ତୃତୀୟ ପୁରୁଷ ଏକ ବଚନ)—ସେ ଗମନ କରୁ—Let (him) go.

ଯାଉଆ—ଦେ. ବିଣ.—ଜାଉଆ (ଦେଖ) Jāuā Jāuā (See)

ଯାଉଁ(ଉ)ଳି—ଦେ.ବି.—(ସଂ. ଯୁଗଳ)· ୧। କାନ୍ଧର ଆଗରେ ଓ ପଛରେ Jāuñ(u)li ପକାଇବାର ସୁବିଧା ନିମନ୍ତେ ଖଣ୍ଡେ ଲୁଗାର ଦୁଇ କାନରେ पुटलि गठरी ବନ୍ଧା ହେବା ଦୁଇଟି ବୁଜୁଲା; ଯୋଡ଼ ବୁଜୁଲା—জোড়া जोडा 1. A double-bagged knapsack put across the shoulder; 2 packs made at each end of a cloth turned into a bag for facility of carrying it suspended over the shoulder (one bag in the front and one in the back side). [ଦ୍ର—ଉତ୍କଳୀୟ ବ୍ରାହ୍ମଣମାନେ ଉପାର୍ଜିତ ଗୁଡ଼ଳକୁ ଓ ପୁରୋହିତମାନେ ଯଜମାନଙ୍କଠାରୁ ପ୍ରାପ୍ତ ତଣ୍ଡୁଳାଦିକୁ ଯାଉଁଳି କରି କାନ୍ଧରେ ବୁହାଇ ଘରକୁ ଆଣନ୍ତି । ବ୍ରତ-ବେଦୀରୁ ବ୍ରହ୍ମଚାରୀ ବାଳକ ଭୋକିଆଣି କରି ଗଲାବେଳେ କାନ୍ଧରେ ଯାଉଁଳି ପକାଇ କରି ଯାଏ ।] ୨ । ସମଶ୍ରେଣୀର ଦୁଇଗୋଟି ବା ଯୋଡ଼ା—2. A pair; a couple. (ଯଥା—ଯାଉଁଳି ଜନ, ଯାଉଁଳି ବେତ ଇତ୍ୟାଦି ।) ୩ । ଯୁଗ୍ମ ମଧ୍ୟରୁ ଏକତର—3. One of a pair; counterpart. ବିଣ.—୧ । ସମଶ୍ରେଣୀୟ ଏକାବସ୍ଥିତ ଦୁଇଟି ବସ୍ତୁ)—1. Arranged in a pair; consisting of a pair. (ଯଥା—ଯାଉଁଳି ଘୋଡ଼ା, ଯାଉଁଳି କବାଟ ।) ୨ । ଏକ ସମୟରେ ଘଟିବା ଦୁଇ ସମ୍ବନ୍ଧକ; ଯୁଗ୍ମ; ଦୁଇ—2. Consisting of two things happening at one and the same time, simultaneously taking place (two things). (ଯଥା—ଯାଉଁଳି ପାଳି ।)

ଯାଉଁ(ଉ)ଳିଆ—ଦେ. ବିଣ.—ଯେଉଁ ବ୍ୟକ୍ତି ଯାଉଁଳିଦ୍ୱାରା କୌଣସି Jāuñ(āu)liā ପଦାର୍ଥ ବହେ—Carrying things by means of double packs suspended from the shoulder. ବି.—ପୂର୍ବେ ଗଞ୍ଜାମ যারা ঘাড়েকরে পুঁটলী বহে ଅଞ୍ଚଳରୁ ଆସି କଟକରେ ଗୁଆ ମସଲା गठिरिया ଆଦି ବେପାର କରୁଥିବା ବ୍ରାହ୍ମଣ ମହାଜନ—Brahmin traders from Ganjam formerly carrying on trade in spices etc at Cuttack. [ଦ୍ର—ଏମାନେ ପୂର୍ବେ, ଅର୍ଥାତ୍ ରେଲ ଜାହାଜ ଆଦି ଚଳ ନ ଥିବା ସମୟରେ, ଦକ୍ଷିଣାଞ୍ଚଳରୁ ଯାଉଁଳି ଦ୍ୱାରା ପଣ୍ୟଦ୍ରବ୍ୟ ଓ ମସଲାମାନ ବୋହି ଆଣି ଏ ଦେଶରେ ବେପାର କରୁଥିଲେ ଓ ସେମାନଙ୍କ ବଂଶଧରମାନେ ଯାଉଁଳିଆ ନାମରେ ପରିଚିତ । କଟକ ଚଉଧୁରୀବଜାରର ଗୋଟିଏ ଗଳିର ନାମ ଯାଉଁଳିଆପଟି ।]

ଯାଉଁଳି କବା(ବ)ଟ—ଦେ. ବି. (ସଂ. ଯୁଗଳ ଓ କପାଟ)—ଦୁଆର Jāuñli kabā(ba)ṭa ମୁହଁରେ ଲାଗିଥିବା ଯୋଡ଼ କବାଟ—জোড়া কপাট, ঝাহল কপাট Double-sheeted door. जोडा किवार

ଯାଉଁ(ଉ)ଳି ଗୁଣା—ଦେ. ବି—ସ୍ତ୍ରୀମାନଙ୍କ ନାକପୁଡ଼ାରେ ପିନ୍ଧାଯିବା ଏକ Jāuñ(u)li guṇā ପ୍ରକାର ସୁନାର ଗୁଣା (ଏଥିରେ ଉପର୍ଯ୍ୟୁପରି জোড়া বেসর ଦୁଇଟି ସମ ପରିଧିବିଶିଷ୍ଟ ବେଢ଼ ଥାଏ)—जोडा छक A kind of double-rimmed golden flower worn on the side of the nostrils by females. (ଉ—ଯାଉଁଳି ନାକରେ ଯାଉଁଳି ଗୁଣା ମାରିତ ପଡେଇଲା—ଢ଼ଗ ।)

ଯାଉଁଳି ଜନ—ଦେ. ବି—୧ । ସ୍ତ୍ରୀ ପୁରୁଷ ଯୁଗଳ; ମିଥୁନ—1. A Jāuñli jana couple. ୨ । ଯାଉଁଳି ଜହ୍ନ (ଦେଖ) জোড়া जोडा 2. Jāuñli jahna (See)

ଯାଉଁଳି ଜହ୍ନ—ଦେ. ବି—୧ । ଆକାଶରେ ଏକ ସମୟରେ ଉଇଁବା Jāuñli jahna ରୂପେ କଳ୍ପିତ ଦୁଇ ଗୋଟି ଚନ୍ଦ୍ର—1. Two জোড়া চাঁদ moons imagined to rise simulta- जोडा चाँद neously in the sky. ୨ । ସୁନ୍ଦରୀ ବାଳିକାଙ୍କୁ ଦିଆଯିବା ନାମ—2. A name given to lovely girls. [ଦ୍ର—ଲୋକେ ସୌନ୍ଦର୍ଯ୍ୟର ଉଦାହରଣରୂପେ ଜହ୍ନକୁ ଉଲ୍ଲେଖ କରନ୍ତି । ବାଳିକାକୁ ଏ ନାମ ଦିଆଯିବାର ଅର୍ଥ;—ବାଳିକାଟି ଜହ୍ନ ଅପେକ୍ଷା ଦୁଇଗୁଣ ସୁନ୍ଦର ।]

ଯାଉଁଳି ତାଡ଼—ଦେ. ବି—୧ । ବାହୁର ଅଳଙ୍କାର ବିଶେଷ—1. An Jāuñli tāṛa ornament worn on the arm.

জোড়া তাড় (ଉ—ଯାଉଁଳ ତାଡ଼ ସଜାଡ଼ ଭଲଅର ଶଙ୍ଖଚୂଡ଼
जोड़ा अनंत ଯୁଗ୍ମିରେ, ଯେଉଁବାକୁ ଧାଉ ଅଥବା । ଭଞ୍ଜ. ଲାବଣ୍ୟବତୀ ।) [ବ୍ର—ସାଧାରଣ ତାଡ଼ରେ ଗୋଟିଏ ବଳୟ ଥାଏ, ଯାଉଁଳ ତାଡ଼ରେ ଦୁଇଟି ବଳୟ ଏକସଙ୍ଗେ ଝୁଲା ହୋଇଥାଏ ।) ୨ । ଦୁଇ ବାହୁରେ ପିନ୍ଧାଯିବା ତାଡ଼ଦ୍ୱୟ—2. A pair of Tārḍas put on the two arms. [ବ୍ର—ସାଧାରଣତଃ ସ୍ତ୍ରୀଲୋକମାନେ ଏକ ବାହୁରେ ପଟେ ତାଡ଼ ଓ ଅନ୍ୟ ବାହୁରେ ମାଳେ ବଳ ପିନ୍ଧନ୍ତି । କିନ୍ତୁ ବେଳେ ବେଳେ କୌଣସି କୌଣସି ସ୍ତ୍ରୀ ଦୁଇ ବାହୁରେ ଦୁଇଟି ତାଡ଼ (ଯାଉଁଳ ତାଡ଼) ପିନ୍ଧନ୍ତି ।]

ଯାଉଁଳ ନୋଳି—ଦେ. ବି. (ସଂ. ଯୁଗଳ ଓ ନୋଳକ)—ଦୁଇଟି ନୋଳି ବା ଚଉଡ଼ା ଏକତ୍ର ଯୋଡ଼ା ହୋଇ ତିଆର କରାଯାଇଥିବା କାନର ନୋଳି—
Jāuṅli noḷi
জোড়া কানফুল (মাকড়ী)
जोड़ा कुंडल Double ear-ring for the lobe made by soldering two rings together.

ଯାଉଁଳ ପାଲା—ଦେ. ବି—ବାଦୀ ପାଲା; ଦୁଇ ଦଳ ଠିଆପାଲା ବାଲା ପ୍ରତିଯୋଗିତା ପୂର୍ବକ ଯେଉଁ ପାଲା କରନ୍ତି—
Jāuṅli pālā
জোড়া পালা
जोड़ा कीर्तन A 'Pālā' performed by two parties alternately vying with each other.

ଯାଉଁଳ ଫାଶିଆ—ଦେ. ବି—କାନର ଉପର ଅଂଶରେ ପିନ୍ଧାଯିବା ଯୋଡ଼ ଫାଶିଆ—Doubled up ear-rings for the upper part of the ear.
Jāuṅli phāsiā
উপর কানের জোড়া মাকড়ী
जोड़ा कनौसी

ଯାଉଁଳ ବନ୍ଧା—ଦେ. ବିଣ—ଯେଉଁ ଲୋକ ଯାଉଁଳ ବାଙ୍କ କାନ୍ଧରେ ବହୁଏ—Carrying a Jāuṅli on his shoulder. ଦେ. ବି—ଯାଉଁଳରେ ଜିନିଷ ବାନ୍ଧିବା କର୍ମ—The act of tying articles in a Jāuṅli.
Jāuṅli bandhā
পুটুলী বাঁধা
गठरी बांधने वाला
गठरी बांधना

ଯାଉଁଳ ବେତ—ସଂ. ବି—ଅପରାଧୀକୁ ବା ଛୁଆଙ୍କୁ ପ୍ରହାର କରିବା ନିମନ୍ତେ ଏକତ୍ର ବନ୍ଧା ଯାଇଥିବା ଯୋଡ଼ିଏ ବେତ—A pair of ratan cane tied together to cane a criminal or a wicked boy.
Jāuṅli beta
জোড়া বেত
जोड़ा बेंत

ଯାଉଁଳ ମୁଦି—ଦେ. ବି—ଗୋଟିଏ ଅଙ୍ଗୁଠିରେ ଏକତ୍ର ପିନ୍ଧାଯିବା ଦୁଇଟି ମୁଦି—Two rings worn together on the finger. (ଉ—ପିତା ଘାଗ ମୁଦି-ମୁଦି, ପିତେଇ ଗୋଡ଼ରେ ଯାଉଁଳ ମୁଦି, ଖୁଲୁଥାଏ ଲୁଦ ଲୁଦ—ଗୀତ ।)
Jāuṅli mudi
জোড়া আংটী
जोड़ा अंगुठी

ଯାଉଁଳ ଶଙ୍ଖ—ଦେ. ବି—ଯୋଡ଼ ଶଙ୍ଖ; ଏକ ବ୍ୟକ୍ତିର ଏକ ସମୟରେ ମୁହଁରେ ଫୁଙ୍କିବା ଦୁଇଟି ଶଙ୍ଖ—A pair of conch shells simultaneously blown by a person.
Jāuṅli saṅkha
জোড়া শাংখ
जोड़ा शंख

ଯାଉ ସେ କଥା—ଦେ. ଅ—୧ । ସେ କଥା ଛାଡ଼; ସେ କଥା ଆଉ ଆଲୋଚନା କରିବା ଦରକାର ନାହିଁ—1. Let go! Drop the matter! ୨ । ଗଲା କଥା ଗଲାଣି—2. Let bygones be bygones.
Jāu se kathā
যাক, যাকগে
जाने दो

ଯାଏ(ୟ)—ବୈଦେ. ବି. (ଫାରସୀ) (ଫା. ଜାୟ୍=ବିବରଣ)—୧ । ତାଲିକା; ବିବରଣ—1. Schedule; statement. ୨ । ହିସାବ ମିଳାଇବା ସମୟରେ ମିଳାଇଲା ହୋଇଯିବା ଅଙ୍କଗୁଡ଼ିକ ନିକଟରେ ଦେବା ∠ ଚିହ୍ନ—2. A mark such as '∠' or '⁄' put, while examining accounts, against each item indicating that it has been considered or compared or dealt with. ୩ । (ଫା· ଜାୟଦାଦ୍) ସମ୍ପତ୍ତି; ଧନ—3. Property. ୪ । (ଫା. ଜା=ନ୍ୟାୟ) ନ୍ୟାୟସଙ୍ଗତ କାର୍ଯ୍ୟ—4. Right or proper act. ବୈଦେ. ବିଣ—୧ । ନ୍ୟାୟସଙ୍ଗତ—1. Legal. ୨ । ଶୁଦ୍ଧ—2. Coreect; right. ୩ । ଉଚିତ—3. Proper.
Jāe(y)
জায় **जाय**
জায়দাদ **जायदाद्**
(ବିଗସ୍ଥିତ—ବେଜାଏ)
জাএ **जा**

যাবত, পর্য্যন্ত
तक
ଯାଏ—ଦେ. ଅ. (ସଂ. ଯାବତ୍) (ସମୟ ବା ସ୍ଥାନ ବା ବ୍ୟକ୍ତି) ଯାଏଁ; ପର୍ଯ୍ୟନ୍ତ—Till; upto (a place or time or person). (ଉ—ମୂଳଅଚ୍ଛ ଭୋଗ ପ୍ରଥମୁଁ ତଳୁରୁପାଖ ଯାଏ ସୁଧା ଝରରେ । ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।) [ବ୍ର—ଯାଏ ଶବ୍ଦ ପୂର୍ବରେ ସେ, ଏ, ତାହା, ଏହା, ଏଥି, ମୋ ଇତ୍ୟାଦି ସର୍ବନାମ ପଦ ମଧ୍ୟ ଲାଗେ । ଯଥା—
ସେ ଯାଏ—ସେ ସମୟ ବା ସ୍ଥାନ ପର୍ଯ୍ୟନ୍ତ ।
ଏ ଯାଏ—ଏ ସମୟ ବା ସ୍ଥାନ ପର୍ଯ୍ୟନ୍ତ ।
ଯେଉଁ ଯାଏ—ଯେଉଁ ସ୍ଥାନ ବା ସମୟ ପର୍ଯ୍ୟନ୍ତ ।
ମୋ ଯାଏ—ମୋ ପର୍ଯ୍ୟନ୍ତ; ମୋ ନିକଟ ।]
[ଉ—ବାପୀ ଶୋଭା ଦେବ ସେ ଯାଏ, ଯେ ଯାଏ କଳସୁଁ ଉଦକ ନାର—ରାଧାନାଥ. ପାର୍ବତୀ ।] ଦେ. କି ଯ୍ରା. (ଯିବା କ୍ରିୟାର ଉତ୍ତମ ପୁରୁଷ ବର୍ତ୍ତମାନ କାଳ, ଭାବ୍ୟ ପୁରୁଷ, ଅନାଦରାର୍ଥକ, ଏକବଚନ ରୂପ)—(ସେ) ଗମନ କରେ—(he) Goes.
যায় **जाता**

ଯାଏଁ—ଦେ. ଅ. (ସଂ. ଯାବତ୍)—ଯାବତ୍; ପର୍ଯ୍ୟନ୍ତ—Upto; till ଦେ. କି. (ଯିବା କ୍ରିୟାର କର୍ତ୍ତୃପ୍ରବୃତ୍ତି ବର୍ତ୍ତମାନକାଳ, ୧ମ ପୁରୁଷ ଅନାଦରାର୍ଥ, ଏକ ବଚନରେ ରୂପ)—(I) Do go; (I) go.
Jāeṅ
যাবত **तक**
যাই (**मैं**)**जाताहूँ**

ଯାଏକ—ଦେ. ଅ—ପର୍ଯ୍ୟନ୍ତ—Upto. (ଉ—କୋଟେଶ ଯାଏକ ବାସୁ ଥାଏ ଏ ବାଟେ ପୂର । କୃଷ୍ଣସିଂହ. ମହାଭାରତ. ବନ ।)
Jāeka
পর্য্যন্ত **तक**

ଯାଏ କେତେ ଆସେ କେତେ—ଦେ. ବାକ୍ୟାଂଶ—ଏ ବିଷୟରେ (ଅମୁକର) ବ୍ୟକ୍ତିଗତ ଲାଭ ନାହିଁ ବା ଯତ ନାହିଁ; ଏ ବିଷୟ (ଅମୁକଙ୍କୁ) ଗୁରୁତର ଭାବରେ ସ୍ପର୍ଶ କରିବ ନାହିଁ—It matters little to (someone) (ଯଥା—ଦେଶରେ ଦୁର୍ଭିକ୍ଷ ପଡ଼ିଲେ ମୋଟାଦରମାଲା ସରକାରୀ କର୍ମଚାରୀଙ୍କର ଯାଏ କେତେ ଆସେ କେତେ ।)
Jāe kete āse kete
যাএ কত আসে কত
जाता क्या आता क्या
(ଯାଏ ଆସେ କେତେ—ଅନ୍ୟରୂପ)

ଯାଏ ଦେବା—ଦେ. କ୍ରି. (କଟକଅ)—ହିସାବ ମୁକାବଲା କରିବା
Jãe debā ସମୟରେ ମୁକାବଲା ସରିଥିବା ଅଙ୍କ ବା
জায় দেওয়া ବିଷୟରେ '✓'ଚିହ୍ନ ଦେବା—To put a tick
जाय देना mark against a figure.

ଯାଏ ବାଲ୍ଲ—ବୈଦେ. ବିଣ. ପୁଂ. (ଫା. ଜାୟ୍ + ବାଲ୍ଲ)—ସମ୍ପତ୍ତିବାନ୍
Jãe bālā Having property; (a person) of
বিষয়বান जायदाद् वाला substance.
(ଯାଏବାଲୀ, ଯାଏ ଵୁଆଲ୍ଲୀ—ସ୍ତ୍ରୀ) (ଯାଏ ଵୁଆଲ୍ଲ—ଅନ୍ୟରୂପ)

ଯାଏ(ୟୁ) ବେଜାଏ(ୟୁ)—ବୈଦେ.ବି ଓ ବିଣ (କଟକଅ) (ବିପରୀତାର୍ଥ
Jãe(y) bejāe(y) ଶବ୍ଦର ଫା.ଜା + ବେଜା)—ନ୍ୟାୟ ଓ ଅନ୍ୟାୟ
জায় বেজায় जा बेजा —Right and wrong.

ଯାଏ ବେଜାଏ ବୁଝିବା—ଦେ. କ୍ରି—ନ୍ୟାୟାନ୍ୟାୟ ବିଚାର କରିବା—
Jãe bejãe bujhibā To judge if any act is just
জায় বেজায় বোঝা जा बेजा बुझना or unjust.

ଯାଏଁ—ଦେ. ଅ. (ସଂ. ଯାବତ)—ପର୍ଯ୍ୟନ୍ତ—Till; upto. [ଉ—
Jāñen ସୃଷ୍ଟିକି ଯାଏଁ କଳି ଯୁଗେ, ଏତେ ଲୁପ୍ତ ହେବେ
পর্য্যন্ত तक ଭୋଗେ । ଜଗନ୍ନାଥ. ଭାଗବତ ।]
ଦେ କ୍ରି—(ମୁଁ) ଗମନ କରେଁ—(I)go.

ଯାଁଚ୍—ଦେ. ବି (କଟକଅ) ସଂ. ଯାଚନ; ହିନ୍ଦିରୁ ଅନୁକୃତ; ସେଟଲମେଣ୍ଟ
Jāñch ଅଫିସ୍ ଭାଷା, ପଶ୍ଚିମା କର୍ମଚାରୀମାନଙ୍କ ଦ୍ୱାରା ବ୍ୟବହୃତ)—
জাঁচ ୧ । ଭୂମିକର ବନ୍ଦୋବସ୍ତ ବା ସେଟଲମେଣ୍ଟର ଅମିନମାନଙ୍କ
जाँच ଦ୍ୱାରା ମାପ ହୋଇଥିବା କ୍ଷେତ୍ରମାନଙ୍କ ବିବରଣ ଠିକ୍‌ରୂପେ କାଗଜରେ ଚଢ଼ି ଅଛି କି ନାହିଁ, ଏହା ପରୀକ୍ଷିବା—1. Checking of the maps and records of a surveyor by a higher authority. ୨ । ତଦାରଖ—2. Inspection. ୩ । ସମୀକ୍ଷଣ; ତନଖି; ହିସାବ ଅଡିଟ୍ ପରୀକ୍ଷା—3. Audit; examination of accounts. ୪ । ମୁକାବଲା; ତୁଳନା - 4. Comparison. [ଦ୍ର—ଓଡ଼ିଶାର ଭୂମିକର ସେଟଲମେଣ୍ଟ (Provincial Settlement) ବିଭାଗରେ କର୍ମ କରୁଥିବା ହିନ୍ଦୁସ୍ଥାନୀ କର୍ମଚାରୀମାନଙ୍କ ବ୍ୟବହୃତ ଯାଁଚ୍ ଶବ୍ଦ ସମ୍ପର୍କରେ ଯାଁଚ୍ ଅଫିସର୍, ଯାଁଚ୍ ଅମିନ, ଯାଁଚ ହାକମ ଆଦି କେତେଗୁଡ଼ିଏ ଶବ୍ଦ ଭାଷାରେ ପଶିଅଛି । ସେଟ୍‌ଲମେଣ୍ଟ ଅଫିସ୍‌ମାନଙ୍କରେ ମଧ୍ୟ ଇଂରାଜୀ ଲେଖାରେ ଏ ଶବ୍ଦ 'Janch' ବ୍ୟବହୃତ ହୋଇଅଛି ।]

ଯାଁଚ ଅଫିସର—ଦେ. ବି (କଟକଅ)—ଅଧସ୍ତନ କର୍ମଚାରୀଙ୍କ ଓ
Jāñch aphisar ଅମିନମାନଙ୍କ କର୍ମକୁ ତନଖିବା ପାଇଁ ନିଯୁକ୍ତ
(ଯାଁଚ ହାକମ—ଅନ୍ୟରୂପ) ଉର୍ଦ୍ଧ୍ୱତନ କର୍ମଚାରୀ—Auditing
যাঁচআপিসির্ जाँचअफसर or checking authority.।

ଯାଚ କରିବା—ଦେ. କ୍ରି (କଟକଅ)—୧ । କୌଣସି ବିଷୟ ବା ଲେଖା
Jāñch karibā ଠିକ୍ ଅଛି କି ନାଁ, ଏହା ମୁକାବଲା କରିବା—
জাঞ্চকরা 1. To check the correctness of a
जाँचना matter. ୨ । ତୁଳନା କରିବା—2. To compare. ୩ । ପରୀକ୍ଷା କରିବା—3. To test; to examine. ୪ । ହିସାବ ତନଖିବା—4. To audit.

ଯାଁଚ ପଡ଼(ଡ଼)ତାଲ—ଦେ. ବି—(କଟକଅ; ଭୂମିକର ବନ୍ଦୋବସ୍ତ
Jāñch parda(ra) tāla କର୍ମଚାରୀଙ୍କଦ୍ୱାରା ବ୍ୟବହୃତ,
যাঁচ পরতাল जाँच पडताल ଏକାର୍ଥକ ଶବ୍ଦରେ)—ହିସାବ ଅଡିଟ୍
(ଯାଁଚ୍ ପ୍ରତାଲ—ଅନ୍ୟରୂପ) ପରୀକ୍ଷା checking.

ଯାଁଚ୍ ମୋହ(ହୋ)ର(ରି)ର୍—ଦେ. ବି.—(କଟକଅ, ସେଟଲମେଣ୍ଟ
Jāñch moha(ho)ra(ri)r ବିଭାଗ ବ୍ୟବହୃତ) (ସଂ. ଯାଚନ+
যাচ মহুরী जाँच मुहरिर ଫା. ମୁହରିର୍)—ଯେଉଁ ମୋହରିର ଅନ୍ୟର ଲେଖା ଆଦିକୁ ପରୀକ୍ଷା ବା ମୁକାବଲା କରେ- Comparing or checking or auditing clerk. [ଦ୍ର—ଏହିପରି ଯାଁଚ୍ ଅମିନ, ଯାଁଚ୍ ଅଫିସର୍ ଆଦି ଶବ୍ଦମାନ ହୁଏ ।]

ଯାଁଚ ରିପୋର୍ଟ—ଦେ. ବି.—(କଟକଅ)--ଯାଚ୍ କରିବା ବ୍ୟକ୍ତି କର୍ତ୍ତୃ-
Jañch report ପକ୍ଷଙ୍କ ଯେଉଁ ରିପୋର୍ଟ ଦିଅନ୍ତି—Audit(t)
যাঁচ রিপোর্ট जाँच रिपोट report.
[ଦ୍ର—ଏହିପରି ଯାଚ ତାଲିକା ଆଦି ଶବ୍ଦମାନ ହୁଏ ।]

ଯାଁଲା(ଳା)—ଦେ. ବି ଓ ବିଣ—ଯାଅଳା (ଳା) (ଦେଖ)
Jānla(la) Jāala(la) (See)

ଯାକ—ଦେ. ଅ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ସଂ. ଯାବତ)—
Jāka ୧ । ସମସ୍ତ; ସମୁଦାୟ—1. All. (ଉ—ସକଳ ଲୋକଯାକ
समस्त ଅଲରେ୍ୟ ଜାଣିବେ । କୃଷ୍ଣସିଂହ. ମହାଭାରତ. ବନ ।)
भर ୨ । ଏକାକ; ସମୁଦାୟ ଅଂଶ—2. The whole. (ଉ—ଚିଭ ବିଅନ୍ତି କ ଗୋଷ୍ଠଯାକ ସେ ଯଶୋଦାଙ୍କ ରେ । ଭକ୍ତ ସୁଦାମ. ଯଶୋଦାଗଣ୍ଡ. ଚ ଗୀତ ।) ୩ । ମାନେ; ଗୁଡ଼ାକ—3. Indicating the plural number. (ଯଥା—ଇଂରାଜପଢ଼ୁଅ ଟୋକାଯାକ ମୂର୍ଖଙ୍କୁ ମାନୁ ନାହାନ୍ତି)
তামাম ୪ । (କାଳ, ସ୍ଥାନ,ଦେହ, ଆଦିବାଚକ) ତମାମ; (କାଳ)-
भर ବ୍ୟାପୀ 4. Throughout (a time, place, the body). (ଯଥା—ମୁଁ ଜୀବନଯାକ ଏହି କାମରେ ଲାଗିଛି)
[ଦ୍ର—ଏହି ଯାକ ଶବ୍ଦ ସ୍ୱତନ୍ତ୍ର ସର୍ବନାମ ପଦରୂପେ କଳ୍ପିତ ହୋଇ ଏଥିର ୨ୟାରେ ଯାକୁ, ୫ମୀରେ ଯାକରୁ, ୬ଷ୍ଠୀରେ ଯାକର, ୭ମୀରେ ଯାକେ, ଯାକରେ ଆଦି ଶବ୍ଦ ଉତ୍ପନ୍ନ ହୁଏ, ଯଥା - ତୋ କଥା ଜଗତଯାକରେ ବିଖ୍ୟାତ ହେବ ।]
ଦେ. ବିଣ—ଯାକସାର (ଦେଖ)—Jākasāra (See)

ଯାକସାର—ଦେ. ବିଣ—୧ । ଯାହା ଦେହରେ କଷି ହୋଇ
Jākasāra ଲାଗିଯାଏ—1. Fitting exactly, tight.
চুস্ত,চোস্ত ୨ । ଯାକୁଆ (ଦେଖ)—2. Jākuā (See)
चुस्त, सिकस्त ୩ । ସଂକୀର୍ଣ୍ଣ—3. Narrow.
(ଯାକସାରଆ—ଅନ୍ୟରୂପ)

ଯାକି(କେ)ଟ୍—ବୈଦେ. ବି—(ଇଂ. ଯାକେଟ୍)—ଯାକେଟ୍ (ଦେଖ)
Jāki(ke)t (ଯାକଟ୍—ଅନ୍ୟରୂପ) Jaket (See).
(ଯଥା—ଯାକଟରେ ପାକଟ ଲଗେଇ ଦେ—ଭଗ ।)

ଯାକିବା (ଇତ୍ୟାଦି)—ଦେ, କ୍ରି.—ଜାକିବା ଇତ୍ୟାଦି (ଦେଖ)
Jākibā (etc) Jākibā etc (See)
[ଯକା (ବେ) | ଇବା—ଣିଜନ୍ତ ରୂପ]

ଯାକି ଯୁକି ହୋଇ ବସିବା—ଦେ. କ୍ରି - ୧ । ହସ୍ତପଦାଦିକୁ ସଙ୍କୁଚିତ
Jāki juki hoi basibā କରି ଉପବେଶନ କରିବା—
যেকে যুকে বসা **घुसुर मुसुर हो कर बईठना** 1. To sit by contracting on'es limbs. ୨ । (ଏକାଧିକ ବ୍ୟକ୍ତି) ଲଗା ଲଗି ହୋଇ ବସିବା—2 To sit close to one another. [ଦ୍ର—ଅଳପ ଖାଇ ଲୋକେ ବହୁତ ବାଢ଼ିଲେ, ବସୁଛନ୍ତି ଅଣ୍ଟୁକୁ ହୋଇ ଯାକିଯୁକି । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।]

ଯାକୁ—ଦେ. ସଂ.—(ସ. ଯଦ୍ ଶବ୍ଦର ୨ୟା ବିଭକ୍ତି ୧ବ)—ଯାହାକୁ—
Jāku যাকে **जीसको** Whom.
(ଦ୍ର—ଯାକୁ ମିଳିବ ଦ୍ରବ୍ୟ ଖାଇ ଅଛି, ତାର ବଳଡ଼ା
(ଯାଙ୍କୁ—ବହୁବଚନେ ଆଦରାର୍ଥେ) ଖଟେ କାହିଁ ମନ ।)

ଯାକୁଆ—ଦେ. ବଣ—ଜାକୁଆ (ଦେଖ)
Jākuā [ଯାକେ (ବୋ) ଉ—ସ୍ତ୍ରୀ] Jākuā (See)

ଯାକୁଇ(ଟି, ହି, ହିଁ)—ଦେ. ସର୍ବନାମ—(ସ. ଯଂ ହି, ଯାଂହି, ଯଦି)—
Jakui(ṭi,hi,hiñ) Whom or which certainly.
(ଯାହାକୁହି, [ହିଁ, ଟି]—ଅନ୍ୟରୂପ)

ଯାକୁଟି—ଦେ. ଅ.—୧ । ସମୁଦାୟ—1. All. ୨ । (ଅନ୍ୟ ଶବ୍ଦ
Jākuṭi সারা **तमाम** ପରେ ଯୁକ୍ତ)—ତମାମ—
(ଯାକଟ—ଅନ୍ୟରୂପ] 2. Throughout. (ଦ୍ର—ହୋଇବତ ବଶ୍ୟାତ ଜଗତ ଯାକୁଟ । କୃଷ୍ଣସିଂହ. ମହାଭାରତ. ବନ ।)

ଯାକୁସି—ଦେ. ବି—ଜଙ୍ଘସନ୍ଧି, କାଖ ଓ ବେକସନ୍ଧିରେ ହେବା ଏକ
Jākusi ପ୍ରକାର ଚର୍ମରୋଗ, ବଗଛିଡ଼ା—A skin disease commonly seen in the groins, axilla and cn the neck.

ଯାକେ—ଦେ. ଅ.—(ସ. ଯାବତ୍)—୧ । (ବ୍ୟକ୍ତି, ସମୟ ବା ସ୍ଥାନ)
Jāke **तक** ପର୍ଯ୍ୟନ୍ତ; ଯାଏ—1. Till; upto (time or
পর্য্যন্ত place or person.) (ଦ୍ର—ଶ୍ରମର ଅନ୍ତଯାକେ ହେଲା ସଫଳ—କବିସୂର୍ଯ୍ୟ, କଶୋଶ୍ୱ ଚମ୍ପୂ. ଷ: ଗୀତ ।)
୨ । ତମାମ୍—2. Throughout. (ଯଥା—ଦିନ ଯାକେ ଜ୍ୱର ଲାଗିଲା ।)

ଯାଗ (ଇତ୍ୟାଦି)—ସ. ବି—(ଯଜ ଧାତୁ=ପୂଜା କରିବା+କରଣ ଅ)
Jāga (etc) ୧ । ଯଜ୍ଞ ଇତ୍ୟାଦି (ଦେଖ)—1. Jajña etc (See) ୨ । ହୋମ—2. Oblation to fire. [ଦ୍ର—ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଯାଗମାନଙ୍କ ନାମ ମିଳେ । ଯଥା—ଶ୍ରୌତାଗ୍ନି କୃତ୍ୟ ହବିର୍ଯଜ୍ଞ ୭ଟି—(୧) ଅଗ୍ନ୍ୟାଧାନ, ଅଗ୍ନିହୋତ୍ର, (୨) ଦର୍ଶପୌର୍ଣ୍ଣମାସ, (୩) ପିଣ୍ଡପିତୃଯଜ୍ଞ, (୪) ଆଗ୍ରାୟଣ, (୫) ଚାତୁର୍ମାସ୍ୟ, (୬) ନିରୂଢ଼ପଶୁବନ୍ଧ, (୭) ସୌତ୍ରାମଣି ।
ସ୍ମାର୍ତ୍ତାଗ୍ନି କୃତ୍ୟ ପାକଯଜ୍ଞ—(୧) ଉପାସନ, (୨) ବୈଶ୍ୱଦେବ, (୩) ସ୍ଥାଲୀପାକ, (୪) ଆଗ୍ରାୟଣ, (୫) ସର୍ପବଳି, (୬) ଈଶାନବଳି, (୭) ଅଷ୍ଟକାନ୍ୱଷ୍ଟକା ।
ଶ୍ରୌତାଗ୍ନି ସପ୍ତସଂସ୍ଥା, ସୋମଯାଗ—୧ । ଅଗ୍ନିଷ୍ଟୋମ, ୨ । ଅତ୍ୟଗ୍ନିଷ୍ଟୋମ, ୩ । ଉକ୍ଥ୍ୟ, ୪ । ଷୋଡ଼ଶୀ, ୫ । ବାଜପେୟ, (କ) ସଂସ୍ଥା, (ଖ) କ୍ରତୁ, ୬ । ଅତିରାତ୍ର, ୭ । ଅପ୍ତୋର୍ଯ୍ୟାମ ।
ଉଦ୍ଭିଦ କ୍ରତୁ—୧ । ମହାବ୍ରତ, ୨ । ସର୍ବତୋମୁଖ, ୩ । ରାଜସୂୟ, ୪ । ପୌଣ୍ଡରୀକ, ୫ । ଅଭିଜିତ୍, ୬ । ବିଶ୍ୱଜିତ୍, ୭ । ଅଶ୍ୱମେଧ, ୮ । ବୃହସ୍ପତି, ୯ । ଅଙ୍ଗିରସ, ୧୦—୨୭ ଇତ୍ୟାଦି ।
ଯଜ୍ଞଶବ୍ଦତଳେ କୋଠି ଦେଖ । ଯଜ୍ଞ ଶବ୍ଦ ସଙ୍ଗେ ଯେଉଁ ଶବ୍ଦମାନ ଯୁକ୍ତ ହୋଇ ଅଛି, ଯାଗ ଶବ୍ଦ ସଙ୍ଗେ ମଧ୍ୟ ସେହି ଶବ୍ଦମାନ ଯୁକ୍ତ ହୁଏ; ଯଥା—ଯାଗକୁଣ୍ଡ, ଯାଗାଗ୍ନି, ଯାଗଶାଳା ।]

ଯାଗନିକ—ଗ୍ରା. ବଣ ଓ ବି (ସ. ଯାଜ୍ଞିକ)—ଯଜ୍ଞକର୍ତ୍ତା; ଯାଜ୍ଞିକ (ଦେଖ)
Jāganika Performer of sacrifices; Jājñika
(ଯାଗ୍ନିକ—ଅନ୍ୟରୂପ) যাজ্ঞিক **जागनिक** (See)

ଯାଗ ଘିଅ କୁକୁର ଖାଇବା—ଦେ. ପ୍ରବଚନ (ନ୍ୟାୟ)—ଦେବତାଙ୍କ
Jāga ghia kukura khāibā ପାଇଁ ଉତ୍ସୃଷ୍ଟ ବା ଅଭିପ୍ରେତ
(ଯାଗ ଘିଅ କୁକୁରକୁ ଦେବା ନ୍ୟାୟ—ଅନ୍ୟରୂପ) ବସ୍ତୁକୁ କୁକୁର
যাগের ঘি কুকুর খাওয়া ପରି ନୀଚ ପ୍ରାଣୀ ଭୋଗ କରିବା;
यागका घी कुत्तेको देना ଦେବଭୋଗ୍ୟ ଓ ପବିତ୍ର ବସ୍ତୁକୁ ଅପାତ୍ରରେ ସମର୍ପଣ କରିବା; ଉତ୍ତମ ପଦାର୍ଥର ଅପବ୍ୟବହାର କରିବା—To turn a good thing into a bad use.

ଯାଗ ଯଜ୍ଞ—ସଂ. ବି (ଏକାର୍ଥକ ସହଚର ଶବ୍ଦ)—ଯାଗ—
Jāga jajña Sacrifice.

ଯାଗିର(ରି) (ଇତ୍ୟାଦି)—ବୈଦେ. ବି—ଜାଗିର୍ ଇତ୍ୟାଦି (ଦେଖ)
Jāgir(ri) (etc) Jāgir etc (See)

ଯାଗିର୍(ରି) ମାହାଲ—ବୈଦେ. ବି (ଫା. ଜାଗୀର୍+ମହଲ୍)—
Jāgir(ri) māhāla ଜାଗିରଦାରଙ୍କୁ ଇଂରାଜଙ୍କ ପ୍ରଦତ୍ତ ନିଷ୍କର ଭୂମି—The Jaghir Mahals. [ଦ୍ର—ଓଡ଼ିଶାର ପ୍ରସିଦ୍ଧ 'ଯାଗିର ମାହାଲ' ପୁରୀ ଜିଲ୍ଲାର ସଦର ସବ୍‌ଡିଭିଜନରେ କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଥାନାରେ ଅବସ୍ଥିତ । ଏହା ନିମ୍ନ ପାଞ୍ଚଗୋଟି ପ୍ରଗଣାରେ ଗଠିତ । ୧। ବଜ୍ରକୋଟ, ୨ । ମାଳୁଦ, ୩। ପାରିକୁଦ, ୪ । ମାଣିକପାଟଣା, ଓ ୫। ଅଦାର । ଖ୍ରୀ: ୧୮୦୩ ରେ ଇଂରାଜମାନେ ଏହି ବାଟ ଦେଇ ପୁରୀକୁ ଆସି ଓଡ଼ିଶା ଅଧିକାର କରିଥିଲେ । ସେ ସମୟରେ ମରହଟ୍ଟାଙ୍କ ସ୍ଥାନୀୟ ଜମାଦାର ଫତେ ମହମ୍ମଦ୍ ଇଂରାଜମାନଙ୍କୁ ସାହାଯ୍ୟ କରିଥିବାରୁ ଏହି ମାହାଲ ତାଙ୍କୁ ନିଷ୍କର ଦିଆଯାଇ ଥିଲା । (ରାଧାଚରଣ—ପାରିକୁଦ ଇତିହାସ) ଜାଗିରଦାର୍ ତଳେ ଟୀକା ଦେଖ ।]

ଯା ଘେନି—ଦେ. ଅ—୧ । ଯାହାର ହେତୁରୁ; ଯହିଁ ପୋଇଁ—1. Jā gheni For which or whom. [ଉ—ଉଥାପି ସେହୁ ଦୁର୍ମେଧା ଯାଉନା ବନ୍ଧି, ଅହରହ ଦ୍ରୀପିଛ ଛୁଏ ଯା ଘେନି—ବଂଶୀଧର. ହଂସଦୂତ ।]
ଯା ଲାଗି / ଯା ପୋଇଁ(ଗୁଁ) / ଯା ପାଇଁ } ଅନ୍ୟରୂପ]
यारजन्ये
२ । ଯେଉଁ କାରଣରୁ—2. For which cause. ୩ । ଯାହା ପାଇବା ଉଦ୍ଦେଶ୍ୟରେ—3. For getting which.
जीतवास्ते
୪ । ଯାହାର ସାହାଯ୍ୟରେ—4. With whose (ଯାହା ଘେନି—ଅନ୍ୟରୂପ) help; with the help of which.

ଯାଙ୍କ—ଦେ. ସର୍ବ (ପଦ୍ୟରେ ବ୍ୟବହୃତ)—୧। (ସମ୍ମାନାର୍ଥକ); ଏକବଚନ Jānka ଯେଉଁ ବ୍ୟକ୍ତିଙ୍କର—1. Whose (singular); यार of whom ୨ । (ବହୁବଚନ) ଯେଉଁମାନଙ୍କର—2. जीनका Of whom; whose (plural). [ଉ—ବଢ଼ଇ ଜନନେ, ଧନବୃଦ୍ଧି ସଙ୍ଗେ ଯାଙ୍କ ଧନର ଲାଳସା । ରାଧାନାଥ ମହାଯାତ୍ରା ।]

ଯାଚ୍ (ଧାତୁ)—ସ—୧ । ଯାଚଞ୍ଚା କରିବା; ମାଗିବା; ଭିକ୍ଷା କରିବା— Jāch (root) 1. To ask for; to beg for. ୨ । ଅନୁରୋଧ କରିବା—2. To request. ୩ । ଆବେଦନ କରିବା—3. To petition. ୪ । ପ୍ରାର୍ଥନା କରିବା—4. To pray for. ୫ । ସମର୍ପଣ କରିବା—5. To surrender. ୬ । ବିବାହ ପାଇଁ (କନ୍ୟା ପାଇବାକୁ) ପ୍ରାର୍ଥନା କରିବା—6. To demand (bride) in marriage (Apte).

ଯାଚ୍ଞା—ସଂ ବି (ଯାଚ ଧାତୁ=ଯାଚଞ୍ଚା କରିବା+ଭାବ. ନ+ସ୍ତ୍ରୀ ଅ, Jāch-nā ନିପାତନ)—୧ । ମାଗିବା; ଭିକ୍ଷା କରିବା—1. Begging for alms, mendicancy. [ଉ—ଗୋବିନ୍ଦାନ୍ତି ସଙ୍ଗତେ ଯାଚଞ୍ଚା ପନ୍ଥ ବନ୍ଦୁଦଲେ । ରାଧାନାଥ. ମହାଯାତ୍ରା ।] ୨ । ବିନୀତ ଅନୁରୋଧ; ପ୍ରାର୍ଥନା—2. Request; entreaty. ୩ । କନ୍ୟାକୁ ବିବାହ କରିବା ପ୍ରସ୍ତାବ—3. Making an offer of marriage (with a girl) (Apte).

ଯାଚ—ଦେ. ବି (ମାଗ ଶବ୍ଦର ଏକାର୍ଥକ ସହଚରରୂପେ ବ୍ୟବହୃତ; Jācha ଯଥା—ମାଗଯାଚ; କିନ୍ତୁ ଓଡ଼ିଆ ଭାଷାରେ ଯାଚିବାର ଅର୍ଥ याचञा ସଂସ୍କୃତ ଯାଚ୍‌ଧାତୁଠାରୁ ପୃଥକ୍)—କୌଣସି ଦ୍ରବ୍ୟ ପ୍ରାପ୍ତି याच ନିମନ୍ତେ ପ୍ରାର୍ଥନା—Asking for getting a thing.

ଯାଚକ—ସ. ବିଣ. ପୁଂ (ଯାଚ ଧାତୁ=ଯାଚଞ୍ଚା କରିବା+କର୍ତ୍ତୃ. ଅକ) Jāchaka —୧ । ଭିକ୍ଷାକାରୀ—1. Asking. ୨ । (ଯାଚକୀ—ସ୍ତ୍ରୀ-ବି) ପ୍ରାର୍ଥନାକାରୀ—2. Requesting; supplicating. ବି—୧ । ଭିକ୍ଷୁକ—1. Beggar; mendicant. ୨ । ଦରଖାସ୍ତକାରୀ ବ୍ୟକ୍ତି—2. Petitioner. ୩। କୌଣସି କନ୍ୟାର ପାଣିଗ୍ରହଣାର୍ଥ ପ୍ରାର୍ଥୟିତା ବ୍ୟକ୍ତି—3. A suitor for the hands of a girl. ଦେ. ବି— ମହାରାଷ୍ଟ୍ର ବ୍ରାହ୍ମଣଙ୍କ ବଂଶୋପାଧିବିଶେଷ—A family-title of Marhatta Brāhmanas. ପ୍ରାଦେ (ସମ୍ବଲପୁର) ବି—ଗଉଡ଼ମାନଙ୍କର ଶ୍ରେଣୀଭେଦ—A sub-caste of the gaurdas in Sambalpur.

ଯାଚ(ଚି,ଚେ)ଞ୍ଚା—ଗ୍ରା. ବି (ସଂ ଯାଚଞ୍ଚା)—ଯାଚଞ୍ଚା; ପ୍ରାର୍ଥନା; ଭିକ୍ଷା— Jācha(chi, che)jnā Begging; entreating. याचञा याचनीया

ଯାଚନ(ନା)—ସ. ବି (ଯାଚ ଧାତୁ=ଯାଚଞ୍ଚା କରିବା+ଭାବ. ଅନ+ Jāchan(nā) ସ୍ତ୍ରୀ. ଆ)—୧ । ପ୍ରାର୍ଥନା—1. Entreaty; petitioning. [ଉ—ଦାରୁଦୁହିଙ୍କର ସମ୍ମତିକର ଅଟେ, ତେଣୁ ଏ ଯାଚନ ହେ । ରାଧାନାଥ. ମେଘଦୂତ ।] ୨ । ଭିକ୍ଷା—2. Begging. ୩ । (+କରଣ ଅନ; +ଆ)—ଦରଖାସ୍ତ—3. A petition (Apte).

ଯାଚନକ—ସ. ବି. ପୁଂ (ଯାଚ ଧାତୁ+କର୍ତ୍ତୃ. ଅନ+କଣ୍)—୧ । Jāchanaka ଯାଚକ; ଭିକ୍ଷୁକ—1. Beggar. ୨ । (ଯାଚନକା—ସ୍ତ୍ରୀ) ଦରଖାସ୍ତକାରୀ ବ୍ୟକ୍ତି—2. A petitioner. ୩ । କ୍ଲୀ (ଯାଚ୍ ଧାତୁ+ଭାବ. ଅନ+କଣ୍)—ପ୍ରାର୍ଥନା —3. Entreaty.

ଯାଚନୀୟ—ସ. ବିଣ. (ଯାଚ ଧାତୁ+କର୍ମ. ଅନୀୟ)—ପ୍ରାର୍ଥନୀୟ— Jāchaniya Fit to be prayed for.

ଯାଚମାନ—ସ. ବିଣ. ପୁଂ (ଯାଚ ଧାତୁ+କର୍ତ୍ତୃ. ଅନ)—ଭିକ୍ଷା Jāchamāna କରୁଥିବା—Begging. [ଉ—ସୁଯଷ୍ଟିର (ଯାଚମାନା—ସ୍ତ୍ରୀ) ବୋଇଲେ ଏକ ଯାଚମାନ, ବାହ୍ମଣେ ତାକଅର୍ଥୀ ନାହିଁ ଏ ବଚନ । କୃଷ୍ଣସିଂହ. ମହାଭାରତ. ବନ ।]

ଯାଚିତ—ସ. ବିଣ (ଯାଚ ଧାତୁ+କର୍ମ. ତ)—୧ । ପ୍ରାର୍ଥିତ— Jāchita 1. Begged for; prayed for. ୨ । ମୃତ —2. Dead; deceased. ୩ । ଆବଶ୍ୟକ— 3. Requisite, necessary (Apte). ସ. ବି (ଯାଚ ଧାତୁ+ଭାବ. ତ)—୧ । ପ୍ରାର୍ଥନା—1. Entreaty. ୨ । ଭିକ୍ଷୁକ ବୃତ୍ତି—2. The profession of a beggar (Apte).

ଯାଚିତକ—ସ. ବି (ଯାଚିତ+ନିର୍ବୃତ୍ତାର୍ଥେ. କ)—୧ । ପ୍ରାର୍ଥିତ ବସ୍ତୁ Jāchitaka —1. Prayed for thing. ୨ । ଭିକ୍ଷାଲବ୍ଧ ବସ୍ତୁ—2. A thing got by begging (Apte). ୩ । ବ୍ୟବହାର ପାଇଁ ଉଧାର କରି ଆଣିଥିବା ବସ୍ତୁ—3. Any thing borrowed for use (Apte).

ଯାଚିତା—ସ. ବିଣ. ପୁଂ—(ଯାଚ୍ ଧାତୁ=ଯାଚଞ୍ଚା କରିବା+କର୍ତ୍ତୃ. ତୃ; Jāchitā ଯାଚିତୃ ଶବ୍ଦ ୧ମା. ୧ବ.)—ଯାଚଞ୍ଚାକାରୀ— (ଯାଚିତ୍ରୀ—ସ୍ତ୍ରୀ) Begging. ସ. ବି. ପୁଂ—୧ । ଭିକ୍ଷୁକ— 1. A beggar. ୨ । କନ୍ୟାର ପାଣି ଗ୍ରହଣାର୍ଥ ପ୍ରାର୍ଥୟିତା ବ୍ୟକ୍ତି—2. A suitor for a girl (Apte). ୩ । ଦରଖାସ୍ତକାରୀ ବ୍ୟକ୍ତି—3. A petitioner.

ଯାଚି ଦେବା—ଦେ. କ୍ରି.—(ସଂ. ଯାଚ୍ ଧାତୁ)—ପ୍ରାର୍ଥନା କରୁ ନ
Jāchi debā ଥିବା ବ୍ୟକ୍ତିଙ୍କୁ କୌଣସି ପଦାର୍ଥ ଦେବା—
যেচে দেওয়া To give a thing without the asking.
जांचकर देना (ଉ—ପଦ ପଦକରେ ଯାଚି ଦେଉ ଥାଏ, ଷଟ୍‌ପଦ
ମଣିରଥ ଝଙ୍କ । ଭକ୍ତସର୍ବସ୍ୱ. ସଙ୍ଗୀତ ।)

ଯାଚିବା—ଦେ. କ୍ରି (ସଂ. ଯାଚ୍. ଧାତୁର ଓଡ଼ିଆରେ ଉଲ୍ଟାର୍ଥଦ୍ୟୋତକ
Jāchibā ଅର୍ଥ)—୧ । କୌଣସି ବ୍ୟକ୍ତିଙ୍କୁ କୌଣସି ପଦାର୍ଥ
যাচা ଦେବାକୁ ସ୍ୱେଚ୍ଛାରେ କହିବା—1. To offer
जांचकर देना a thing voluntarily to a person.
୨ । କୌଣସି ବ୍ୟକ୍ତି ମାଗୁ ନ ଥିବା ସ୍ଥଳେ ତାକୁ କୌଣସି
ବସ୍ତୁ ଦେବାକୁ ଉଦ୍ୟତ ହେବା—2. To offer a
thing unasked. (ଯଥା—ମାଗି ଓଲଗି, ଯାଚି
କଲ୍ୟାଣ ।—ଢଗ) ୩ । ମନୋବାଞ୍ଛା ସିଦ୍ଧ ହେଲେ
ଦେବତାଙ୍କୁ କୌଣସି ପଦାର୍ଥ ବା ବଳି ଦେବାକୁ ମାନସିକ
মানত করা କରିବା; ମାନତ୍ କରିବା—3. To vow to give a
मन्नत करना thing or sacrifice to a Deity on the
fulfilment of one's wish. (ଉ—ଅଡଙ୍ଗ କାଳେ
ଯାଚନ୍ତି କୁକୁଡ଼ା, କାମ ସରିଲେ କହନ୍ତି ଲେଙ୍ଗଡ଼ା—ଢଗ)
দেবেবলা ୪ । ପରେ ଦେବାକୁ ଅଙ୍ଗୀକାର କରିବା—4. To
देनेको बोलना promise to give. ୫ । ଦେବାକୁ ହାତ
দিতে হাতবাঢান ବଢ଼ାଇବା—5. To extend one's hand
जांचना to give away a thing. (ଉ—ମାଗି ଖାଉଥାଏ
ବାସି ତୋରାଣି, ଯାଚିଲେ ନ ଖାଏ ସର ଲବଣୀ—
ଢଗ) [ଦ୍ର—ଓଡ଼ିଆରେ ଯାଚିବା କ୍ରିୟାର ଏ ସବୁ ଅର୍ଥ
ସଂସ୍କୃତ ଯାଚ୍ ଧାତୁର ଅର୍ଥଠାରୁ ପୃଥକ୍ ।] ୬ । କୌଣସି
যাচ্ঞা করা ପଦାର୍ଥ ପାଇବାକୁ ପ୍ରାର୍ଥନା କରିବା—6. To pray
जांचना for a thing. (ଉ—[ଶୃଣ୍ୱନ୍ତେ] ଅମ୍ବୁକଣା ଯାଚନ୍ତି
ଅବିରତ ସ୍ୱରେ । ରାଧାନାଥ. ମେଘଦୂତ ।) ୭ । ପ୍ରାର୍ଥନା
କରିବା; ଅନୁରୋଧ କରିବା—7. To pray for; to
যাচা request. (ଉ—ଯେ ଯାଚିବ ଯେବେ ଯେଉଁ ଉପକାର,
याचना ମୋ ଦମୀପେ, ହେଉ ପଛେ ସାଧାରଣ ତାହା । ଚିନ୍ତାମଣି.
ଜଗମୋହନ ।)

ଯାଚିଲା ପଦାର୍ଥ (ଦରବ) ଛାଡ଼ିବ ନାହିଁ—ଦେ. ପ୍ରବଚନ (ଉପଦେଶ)—
Jāchilā padārtha (daraba) chhāṛdiba nāhiñ
যাচা জিনিস ছাড়বেনা କୌଣସିଲୋକ ସ୍ୱତଃପ୍ରଣୋଦିତ ହୋଇ
देना चीज छोडनानहीं କୌଣସି ପଦାର୍ଥକୁ ଦେବାକୁ ଇଚ୍ଛା କଲେ
ତାକୁ ଦାନ ଗ୍ରହଣ କରିବାକୁ ଅସ୍ୱୀକାର କରିବ ନାହିଁ—Do not
refuse to take a gift which a person
offers you voluntarily.

ଯାଚିଷ୍ଣୁ—ସଂ. ବିଣ (ଯାଚ୍. ଧାତୁ+ଅଭ୍ୟସ୍ତ ଅର୍ଥରେ. ଇଷ୍ଣୁ) ମାଗିବାରେ
Jāchishṇu ଅଭ୍ୟସ୍ତ ବା ଅଭିଳାଷୀ—Habitually begg-
ing; disposed to beg (Apte).

ଯାଚ୍ୟ—ସଂ. ବିଣ. (ଯାଚ୍. ଧାତୁ=ଯାଚଞ୍ଚା କରିବା+କର୍ମ. ଯ)—
Jāchya ପ୍ରାର୍ଥନୀୟ—Fit to be begged for. ସଂ. ବି—
(ଯାଚ୍. ଧାତୁ+ଭାବ. ଯ)—ଅନୁରୋଧ କରିବା—
Making a request (Apte).

ଯାଚ୍ୟମାନ—ସଂ. ବିଣ [ଯାଚ୍. ଧାତୁ+କର୍ମ. ଅନ (ଶାନଚ୍)]—
Jāchyamāna ପ୍ରାର୍ଥନାର ବିଷୟୀଭୂତ—Forming the
subject of a prayer.

ଯାଚ୍ଛା ତା—ଦେ. କ୍ରି. ବିଣ (ସଂ. ଯଦ୍+ଇଚ୍ଛା+ତଦ୍)—ଯା ଇଚ୍ଛା ତା
Jāchchhā tā (ଦେଖ)—Jā ichchhā tā (See).
(ଯାଚ୍ଛା ତାଇ—ଅନ୍ୟରୂପ) যাচ্ছেতাই **योईसो**

ଯାଜ—ସଂ. ବି (ଯଜ୍. ଧାତୁ=ପୂଜା କରିବା+ଭାବ. ଅ)—୧ । ଅନ୍ନ;
Jāja ଭକ୍ତ; ଭାତ—1. Boiled rice. ୨ । ଖାଦ୍ୟ ଦ୍ରବ୍ୟ—
2. Food. ୩ । (+କର୍ତ୍ତୃ. ଅ) ଯଜ୍ଞାନୁଷ୍ଠାତା ବ୍ୟକ୍ତି—
3. A sacrificer (Apte).

ଯାଜକ—ସଂ. ବି (ଯଜ୍. ଧାତୁ=ଯଜ୍ଞ କରିବା; ପୂଜା କରିବା+କର୍ତ୍ତୃ.
Jājaka ଅକ)—୧ । ହୋତା; ଯାଜ୍ଞିକ—1. Performer
of sacrifices. ୨ । ଋତ୍ୱିକ୍; ପୁରୋହିତ—2. A
priest; a person who officiates for a
principal at a sacrifice. ୩ । ରାଜହସ୍ତୀ—
3. A king's elephant. ୪ । ମତ୍ତହସ୍ତୀ—4. An
elephant in rut. ଦେ. ବି—ଧର୍ମପ୍ରଚାରକ—
A missionary. [ଦ୍ର—ଋତ୍ୱିକ୍ ଶବ୍ଦର ଅର୍ଥ
ପୁରୋହିତ । ଯଜ୍ଞର ମୋଟ ପୁରୋହିତ ଚାରିଜଣ, ହୋତା,
ଅଧ୍ୱର୍ଯ୍ୟୁ, ବ୍ରହ୍ମା, ଉଦ୍‌ଗାତା । ଏହାଙ୍କର ପ୍ରତ୍ୟେକଙ୍କର ଅଧୀନ
ତିନିଜଣ ଋତ୍ୱିକ୍ ଥାଆନ୍ତି । ଏମାନଙ୍କ ମଧ୍ୟରୁ କେତେକ
ଋଗ୍‌ବେଦୀ, କେତେକ ଯଜୁର୍ବେଦୀ, କେତେକ ସାମବେଦୀ ଓ
କେତେକ ଅଥର୍ବବେଦୀ । ଏତଦ୍ଭିନ୍ନ ଅଥର୍ବବେଦରେ
ଅନ୍ୟ ୭ଜଣ ଯାଜକଙ୍କ ନାମ ମିଳେ । ସାଧାରଣତଃ
ବେଦରେ 'ସପ୍ତହୋତା'ଙ୍କର ନାମ ଦେଖାଯାଏ, ଯଥା—
୧ । ଯଜମାନ—ଯେ ଯଜ୍ଞର ଅନୁଷ୍ଠାନ କରନ୍ତି, ୨ ।
ହୋତା—ଯେ ମନ୍ତ୍ର ପାଠ କରନ୍ତି, ୩ । ଉଦ୍‌ଗାତା—ଯେ
ମନ୍ତ୍ର ଗାନ କରନ୍ତି, ୪ । ପୋତା—ଯେ ହବ୍ୟ ପ୍ରସ୍ତୁତ
କରନ୍ତି, ୫ । ନେଷ୍ଟା—ଯେ ହବ୍ୟକୁ ଅଗ୍ନିରେ ନିକ୍ଷେପ
କରନ୍ତି, ୬ । ବ୍ରହ୍ମା—ଯେ ସମୁଦାୟ ବିଷୟର ତତ୍ତ୍ୱାବଧାନ
କରନ୍ତି, ୭ । ରକ୍ଷ—ଯେ ଦ୍ୱାର ରକ୍ଷା କରନ୍ତି ।]

ଯାଜକତା(ତ୍ୱ)—ସଂ. ବି [ଯାଜକ+ଭାବାର୍ଥେ. ତା (ତ୍ୱ)]—
Jājakatā (twa) ପୌରୋହିତ୍ୟ—Priesthood.

ଯାଜତ୍ୟ—ପ୍ରାଦେ (ଯାଜପୁର) ବି—ଯାଜପୁରବାସୀ କୁଳୀନ ବ୍ରାହ୍ମଣଙ୍କ
Jājatya ଶାଖାବିଶେଷ—A sect of Brāhmaṇas in-
habiting Jajpur.

ଯାଜନ—ସଂ. ବି—(ଯଜ୍ ଧାତୁ ଣିଚ୍=ଯାଜିଧାତୁ=ଯଜ୍ଞ କରାଇବା+
Jājana ଭାବ ଅନ) ୧ । ଅନ୍ୟ ଦ୍ୱାରା ଯଜ୍ଞକ୍ରିୟାର ସମ୍ପାଦନ—
1. Causing t he performance of a sacri-

fice by another. ୨ । ଯଜ୍ଞର ପୌରୋହିତ୍ୟ—2. Officiating as a priest at a sacrifice; performing or conducting a sacrifice.

ଯାଜପୁର—ବି. ବ (ସଂ. ଯାଜପୁର=ଯାଜୀ ବା ଯାଜ୍ଞିକମାନଙ୍କ
Jājapura ନଗର)—କଟକ ଜିଲ୍ଲାର ଉତ୍ତରଭାଗସ୍ଥ ଗୋଟିଏ
যাজপুর ସବ୍‌ଡିଭିଜନ୍ ଓ ନଗର—The subdivision and
याजपुर town of Jājpur in the north part of the district of Cuttack. [ଦ୍ର—ଏହି ସବ୍‌ଡିଭିଜନରେ ଥିବା ଲଳିତଗିରି, ରତ୍ନଗିରି ଓ ଉଦୟଗିରିରେ ବୌଦ୍ଧ-ମହାଯାନ ସଂପ୍ରଦାୟର ଅନେକ ପ୍ରାଚୀନ କୀର୍ତ୍ତି ଅଛି । ଚୀନ-ପରିବ୍ରାଜକ ହୁଏନ୍‌ସାଙ୍କ ବର୍ଣ୍ଣିତ ପୁଷ୍ପଗିରି ଏଠାରେ ଥିଲା । ଏହାକୁ "ଉତ୍କଳର ନାଳନ୍ଦ" କୁହାଯାଏ । ପୂର୍ବେ ଭାରତର ବିଭିନ୍ନ ଅଞ୍ଚଳରେ ଥିବା ମହାଯାନ ବୌଦ୍ଧମାନେ ଏଠାକୁ ଆସି ନାନା ଜ୍ଞାନଲାଭ କରୁଥିଲେ । ଯାଜପୁରର ପୌରାଣିକ ଇତିହାସ; —ଯାଜପୁର ଉତ୍କଳର କଟକଜିଲ୍ଲାଅନ୍ତର୍ଗତ ଭାରତବିଦିତ ଗୋଟିଏ ପୁରାଣପ୍ରସିଦ୍ଧ ପ୍ରାଚୀନ ତୀର୍ଥ । ଏହା ଯାଜୀ ଅର୍ଥାତ୍ ଯାଗକାରୀ ବ୍ରାହ୍ମଣମାନଙ୍କର ପୁର । ଏଠାରେ ବେଦବେଦାଙ୍ଗପାରଗ ପୁରାଣ ଇତିହାସ ଦର୍ଶନାଦି ନାନା ଶାସ୍ତ୍ରବିଶାରଦ ଷଟ୍‌କର୍ମନିରତ ଦଶ ସହସ୍ର ଯାଜ୍ଞିକ ବ୍ରାହ୍ମଣ ବାସ କରୁଥିଲେ । ସୋମଯାଜୀ, ବାଜପେୟୀ ପ୍ରମୁଖ ଯଜ୍ଞନିରତ ବ୍ରାହ୍ମଣମଣ୍ଡଳୀର ସାୟଂ ପ୍ରାତଃ ହୋମଧୂମରେ ଏହି ପବିତ୍ର-କ୍ଷେତ୍ରର ନଭୋମଣ୍ଡଳ ପ୍ରତ୍ୟହ ଧୂମମୟ ହେଉଥିଲା । ଏ ସ୍ଥାନରେ ବହୁ ଆୟାସ ଓ ଅର୍ଥସାଧ୍ୟ ଦଶଗୋଟି ଅଶ୍ୱମେଧ ଯାଗ ଅନୁଷ୍ଠିତ ହୋଇଥିଲା । ଯାଜପୁରର ପୂର୍ବ ଗୌରବର ମୂକ ସାକ୍ଷୀସ୍ୱରୂପ ଦଶାଶ୍ୱମେଧ ଘାଟ ଅଦ୍ୟାପି ବିଦ୍ୟମାନ । ଏହାର ନାମାନ୍ତର ବିରଜାକ୍ଷେତ୍ର । ବିରଜାକ୍ଷେତ୍ର-ମାହାତ୍ମ୍ୟ ନାମରେ ଏହି କ୍ଷେତ୍ର ସମ୍ବନ୍ଧରେ ଊନବିଂଶଅଧ୍ୟାୟାତ୍ମକ ଖଣ୍ଡିଏ ପ୍ରାଚୀନ ଗ୍ରନ୍ଥ ମିଳେ । ଏହି କ୍ଷେତ୍ରମାହାତ୍ମ୍ୟରୁ ଜଣାଯାଏ ଯେ ଲୋକପିତାମହ ବ୍ରହ୍ମା ଏଠାରେ ପୁଣ୍ୟତୋୟା ବୈତରଣୀ ତଟରେ ଗୋଟିଏ ବିଶାଳ ଯାଗର ଅନୁଷ୍ଠାନ କରିଥିଲେ । ଏହି ବ୍ରହ୍ମଯଜ୍ଞକୁ ହରିହର ଇନ୍ଦ୍ରାଦି ଦେବ-ବୃନ୍ଦ, ବ୍ରହ୍ମର୍ଷି, ଦେବର୍ଷି, ମହର୍ଷି, ସିଦ୍ଧ ଗନ୍ଧର୍ବାଦି ଆହୂତ ହୋଇଥିଲେ । ସେହି ଯାଗର ଗାର୍ହପତ୍ୟ ନାମକ ଅଗ୍ନିକୁଣ୍ଡରୁ ଜ୍ୟୋତିଃପୁଞ୍ଜସ୍ୱରୂପା ଶ୍ରୀ ବିରଜା ଦେବୀ ଦଶଦିଗ ଉଦ୍ଭାସିତ କରି ଆବିର୍ଭୂତା ହେଲେ ଏବଂ ପିତାମହଙ୍କର ଭକ୍ତି, ଶ୍ରଦ୍ଧା ଓ ସ୍ତୁତିରେ ପ୍ରସନ୍ନା ହୋଇ ଏହି ତୀର୍ଥର ଅଧିଷ୍ଠାତ୍ରୀ ଦେବତା-ସ୍ୱରୂପ ସର୍ବଦା ତାହାଙ୍କର ଏଠାରେ ସାନ୍ନିଧ୍ୟ ରହିବ ବୋଲି ବ୍ରହ୍ମାଙ୍କୁ ବର ପ୍ରଦାନ କଲେ । ଯଜ୍ଞ ଶେଷରେ ଅବଭୃଥ ସ୍ନାନ ନିକାଶେ ବ୍ରହ୍ମା ବିୟଦ୍‌ଗଙ୍ଗା ମନ୍ଦାକିନୀଙ୍କୁ ତପଃପ୍ରଭାବରେ ଏହି କ୍ଷେତ୍ରକୁ ଆଣାଇଥିଲେ । ଦେବତା ଓ ଋଷିବୃନ୍ଦ ଯେଉଁ ଯେଉଁ ସ୍ଥାନରେ ଅବଭୃଥ ସ୍ନାନ କରିଥିଲେ ସେହି ସେହି ସ୍ଥାନ ବର୍ତ୍ତମାନ 'ସପ୍ତରେଖା' ତୀର୍ଥ ନାମରେ ପ୍ରସିଦ୍ଧ । ସପ୍ତରେଖା ଯଥା—ମନ୍ଦାକିନୀରେଖା, ଜମ୍ବୁରେଖା, ହଂସରେଖା, ବାସବୀରେଖା, ଚନ୍ଦ୍ରରେଖା, ପଦ୍ମରେଖା ଓ ଶଶିରେଖା । ପିତାମହଙ୍କର ଭକ୍ତିରେ ଓ ଅର୍ଚ୍ଚନାରେ ପରିତୁଷ୍ଟ ହୋଇ ଭୂତଭାବନ ସଦାଶିବ ଓ ତ୍ରୈଲୋକ୍ୟନାଥ ଶ୍ରୀହରି ଏହି କ୍ଷେତ୍ରରେ ସର୍ବଦା ବାସ କରିବାକୁ ବ୍ରହ୍ମାଙ୍କୁ ବର ପ୍ରଦାନ କଲେ ।

ବିରଜାଦେବୀ ଯେତେବେଳେ ଜ୍ୟୋତିର୍ମୟୀ ମୂର୍ତ୍ତି ପରିଗ୍ରହ କରି ଯଜ୍ଞକୁଣ୍ଡରୁ ଆବିର୍ଭୂତା ହେଲେ, ତାହାଙ୍କ ମାନସରୁ ନବ ଦୁର୍ଗା, ଅଷ୍ଟ ଚଣ୍ଡୀ ଓ ଚତୁଃଷଷ୍ଟି ଯୋଗିନୀ ପ୍ରାଦୁର୍ଭୂତା ହୋଇ ଏହି କ୍ଷେତ୍ରର ସ୍ଥାନେ ସ୍ଥାନେ ବିରାଜିତା ହୋଇ ଅଛନ୍ତି । ଶ୍ରୀ ସଦାଶିବଙ୍କର ଶରୀରରୁ ମଧ୍ୟ ଭୈରବ ଚତୁଷ୍ଟୟ ଜାତ ହୋଇ ଏଠାରେ କ୍ଷେତ୍ରପାଳ-ସ୍ୱରୂପ ବିଦ୍ୟମାନ ଅଛନ୍ତି । ଭଗବାନ୍ ବିଷ୍ଣୁଙ୍କ ଶରୀରରୁ ଦ୍ୱାଦଶ ମାଧବ ଉଦ୍ଭୂତ ହୋଇ ଭିନ୍ନ ଭିନ୍ନ ଆଖ୍ୟାରେ ଏହି କ୍ଷେତ୍ରରାଜକୁ ପୂତ କରି ସ୍ଥାନେ ସ୍ଥାନେ ବିରାଜମାନ ଅଛନ୍ତି । ଗୋନାସିକାସମ୍ଭୂତା ବୈତରଣୀ ନଦୀ ବିରଜାକ୍ଷେତ୍ରର ପ୍ରଧାନ ତୀର୍ଥ । ଏଠାରେ ସ୍ନାନ, ତର୍ପଣ, ଗୋଦାନାଦି କଲେ ଅଶେଷ ପୁଣ୍ୟ ହୁଏ । "ପ୍ରୟାଗାତ୍ ପୁଷ୍କରାତ୍ କାଶ୍ୟାଃ ସାଗରାତ୍ ସିନ୍ଧୁସଙ୍ଗମାତ୍ । ଦୁର୍ଲଭଂ ବୈତାରଣ୍ୟେ ତୁଲ୍ୟଂ ସ୍ନାନଂ ବୈତରଣୀ ମତା ।" ଏତଦ୍‌ବ୍ୟତୀତ ବିରଜାକ୍ଷେତ୍ରରେ ଆଉ ୭୮ ଗୋଟି ପ୍ରସିଦ୍ଧ ତୀର୍ଥ ଅଛନ୍ତି । ବିରଜା ଦେବୀଙ୍କର ମନ୍ଦିରର ପ୍ରାକାର ମଧ୍ୟରେ 'ଗୟାନାଭି' ତୀର୍ଥ ଅବସ୍ଥିତ । ଏହି ତୀର୍ଥରେ ପ୍ରତି ବର୍ଷ ନାନାଦିଗ୍‌ଦେଶାଗତ ସହସ୍ର ସହସ୍ର ଯାତ୍ରୀ ପିତୃ-ଲୋକଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରି କୃତକୃତ୍ୟ ହେଉ ଅଛନ୍ତି । ଅକ୍ଷୟ ତୃତୀୟା କିମ୍ବା ଶ୍ରାବଣ ଦ୍ୱାଦଶୀ ଦିବସରେ ଏହି ତୀର୍ଥରେ ପିଣ୍ଡଦାନ କଲେ ଶତବାର ଗୟାରେ ପିଣ୍ଡଦାନ କରିବାର ସମ ଫଳ ଲାଭ ହୁଏ ବୋଲି କ୍ଷେତ୍ରମାହାତ୍ମ୍ୟରେ ଉକ୍ତ ଅଛି । ବୈତରଣୀ ତଟ ପ୍ରଦେଶରେ ପ୍ରସିଦ୍ଧ ଯଜ୍ଞ ବରାହଙ୍କର ମନ୍ଦିର ଅବସ୍ଥିତ । "ବରାହ ବିରଜା ଦେବୀ ବିପ୍ରାଃ ବୈତରଣୀ ନଦୀ । ଯେତେ ବୈବସତାଂ ସ୍ତନ ବିକାଶୁ ପଞ୍ଚ ଦୁର୍ଲଭାଃ ।"

ଏହି କ୍ଷେତ୍ରମାହାତ୍ମ୍ୟ ସମ୍ବନ୍ଧରେ ଭିନ୍ନ ଭିନ୍ନ ପୁରାଣମାନଙ୍କରେ ଏହିପରି ଉକ୍ତି ଅଛି ।

(୧) ବ୍ରହ୍ମ ପୁରାଣରେ ଏହିରୂପ ଉଲ୍ଲେଖ ଅଛି ଯଥା—

ବିରଜେ ବିରଜାମାତା ବ୍ରହ୍ମଣା ସମ୍ପ୍ରତିଷ୍ଠିତା ।
ଯସ୍ୟାଃ ସଂଦର୍ଶନାତ୍ ମର୍ତ୍ତ୍ୟଃ ପୁନାତ୍ୟାସପ୍ତମଂ କୁଳଂ । ୧ ।
ସକୃଦ୍ଦୃଷ୍ଟ୍ୱା ତୁ ତାଂ ଦେବୀଂ ଭକ୍ତ୍ୟା ପୂଜ୍ୟ ପ୍ରଣମ୍ୟ ଚ ।
ନରଃ ସ୍ୱବଂଶମୁଦ୍ଧୃତ୍ୟ ମମଲୋକଂ ସ ଗଚ୍ଛତି । ୨ ।
ଅନ୍ୟାଶ୍ଚ ତତ୍ର ତିଷ୍ଠନ୍ତି ବିରଜେ ଲୋକମାତରଃ ।
ସର୍ବପାପହରା ଦେବ୍ୟୋ ବରଦା ଭକ୍ତବତ୍ସଳାଃ । ୩ ।

ଅସ୍ତେ ବୈତରଣୀ ତତ୍ର ସର୍ବପାପହରା ନଦୀ ।
ଯସ୍ୟାଂ ସ୍ନାତ୍ୱା ନରଶ୍ରେଷ୍ଠଃ ସର୍ବପାପୈଃ ପ୍ରମୁଚ୍ୟତେ । ୪ ।
ଅସ୍ତେ ସ୍ୱୟମ୍ଭୁ ସ୍ତତ୍ରୈବ କ୍ରୋଡ଼ରୂପୀ ହରିଃ ସ୍ୱୟଂ ।
ଦୃଷ୍ଟ୍ୱା ପ୍ରଣମ୍ୟ ତଂ ଭକ୍ତ୍ୟା ପରଂ ବିଷ୍ଣୁଂ ବ୍ରଜନ୍ତି ତେ । ୫ ।
କାପିଳେ ଗୋଗ୍ରହେ ସୋମେ ତୀର୍ଥେ ଶୁଲ୍କବ୍ରସଂଜ୍ଞିତେ ।
ମୃତ୍ୟୁଞ୍ଜୟେ କ୍ରୋଡ଼ତୀର୍ଥେ ବାସୁକେ ସିଦ୍ଧକେଶ୍ୱରେ । ୬ ।
ତୀର୍ଥେଷ୍ୱେତେଷୁ ମତିମାନ୍ ବିରଜେ ସଂଯତେନ୍ଦ୍ରିୟଃ ।
ସ୍ନାତ୍ୱା ଚ ତୀର୍ଥଂ ବିଧିବତ୍ ସ୍ନାତ୍ୱା ଦେବାନ୍ ପ୍ରଣମ୍ୟ ଚ । ୭ ।
ସର୍ବପାପବିନିର୍ମୁକ୍ତୋ ବିମାନବରମାସ୍ଥିତଃ ।
ଉପଗୀୟମାନୋ ଗନ୍ଧର୍ବୈ ର୍ମମଲୋକେ ମହୀୟତେ । ୮ ।
ବିରଜେ ଯୋ ମମକ୍ଷେତ୍ରେ ପିଣ୍ଡଦାନଂ କରିଷ୍ୟତି ।
ସ କରୋତ୍ୟକ୍ଷୟାଂ ତୃପ୍ତିଂ ପିତୃଣାଂ ନାତ୍ର ସଂଶୟଃ । ୯ ।
ମମକ୍ଷେତ୍ରେ ମୁନିଶ୍ରେଷ୍ଠା ବିରଜେ ଯେ କଳେବରଂ ।
ପରିତ୍ୟଜନ୍ତି ପୁରୁଷାସ୍ତେ ମୋକ୍ଷଂ ପ୍ରାପ୍ନୁବନ୍ତିବୈ । ୧୦ ।

(୨) ମହାଭାରତ ବନ ପର୍ବର ୮୫ ଓ ୧୧୪ ଅଧ୍ୟାୟରେ ମଧ୍ୟ ବୈତରଣୀ କ୍ଷେତ୍ରର ଉଲ୍ଲେଖ ଦେଖାଯାଏ । ଯଥା—
"ତତୋ ବୈତରଣୀଂ ଗଚ୍ଛେତ୍ ସର୍ବପାପପ୍ରମୋଚନୀଂ ।
ବିରଜଂ ତୀର୍ଥମାସାଦ୍ୟ ବିରାଜତି ଯଥା ଶଶୀ ।୧।
ପ୍ରଭବେଚ୍ଚ କୁଲଂ ପୁଣ୍ୟଂ ସର୍ବପାପଂ ବ୍ୟପୋହତି ।
ଗୋସହସ୍ର ଫଳଂ ଲବ୍ଧ୍ୱା ପୁନାତି ସ୍ୱକୁଲଂ ନରଃ ।୨।
× × × ×
ଏତେ କଳିଙ୍ଗାଃ କୌନ୍ତେୟ ଯତ୍ର ବୈତରଣୀ ନଦୀ ।
ଯତ୍ରାଯଜତ ଧର୍ମୋଽପି ଦେବାନ୍ ଶରଣମେତ୍ୟ ବୈ ।
ତତୋ ବୈତରଣୀଂ ସର୍ବେ ପାଣ୍ଡବା ଦ୍ରୌପଦୀ ତଥା ।
ଅବତୀର୍ଯ୍ୟ ମହାଭାଗାସ୍ତର୍ପୟାଞ୍ଚକ୍ରିରେ ପିତୃନ୍ ।

(୩ କପିଳ ସଂହିତାରେ ବର୍ଣ୍ଣିତ ଅଛି ଯେ ଦଶ ସହସ୍ର ବର୍ଷ ବାରାଣସୀରେ ନିରନ୍ତର ହରପୂଜନରେ ଯେଉଁ ଫଳ, ଥରେ ମାତ୍ର ବିରଜା ଦେବୀଙ୍କର ଦର୍ଶନରେ ସେହି ଫଳ ।

କ୍ଷେତ୍ରମଧ୍ୟସ୍ଥ ପ୍ରସିଦ୍ଧଦେବ ଦେବୀ ଓ ତୀର୍ଥମାନଙ୍କର ନାମ—

ନବଦୁର୍ଗା—ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ, ଚନ୍ଦ୍ରଘଣ୍ଟା ।

ଅଷ୍ଟଚଣ୍ଡୀ—ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଅତିଚଣ୍ଡା,ଚାମୁଣ୍ଡା, ଚଣ୍ଡା, ଚଣ୍ଡବତୀ ।

ସପ୍ତମାତୃକା—ବାରାହୀ, ଐନ୍ଦ୍ରୀ, ବୈଷ୍ଣବୀ, ବ୍ରାହ୍ମୀ, କୌମାରୀ, ମାହେଶ୍ୱରୀ, ନାରସିଂହୀ ।

ମହାଦେବୀତ୍ରୟୀ— ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ।

ଅଷ୍ଟଭୈରବୀ—ସିଦ୍ଧେଶ୍ୱରୀ, ନୀଳାକ୍ଷୀ, ଉତ୍ତରେଶ୍ୱରୀ, ଭଗବତୀ, କୋଟିଶ୍ୱରୀ, ଶ୍ୟାମାବତୀ, କୋଡ଼ବାସିନୀ, ସନ୍ତେଶ୍ୱରୀ ।

ଅଷ୍ଟ ଭୈରବ—ମହାଭୈରବ, ସଂହାର ଭୈରବ, ଅସିତାଙ୍ଗ ଭୈରବ, ରୁରୁ ଭୈରବ, କାଳଭୈରବ, କ୍ରୋଧ ଭୈରବ, ତାମ୍ରଚୂଡ଼ ଭୈରବ, ଚନ୍ଦ୍ରଚୂଡ଼ ଭୈରବ ।

ଦ୍ୱାଦଶ ମାଧବ—ଆଦ୍ୟ ମାଧବ, ବରାହ ମାଧବ, ଅନନ୍ତ ମାଧବ, ଯୋଗ ମାଧବ, ଚମ୍ପକ ମାଧବ, ହରିହର ମାଧବ, ସିଦ୍ଧ ମାଧବ, ଗଦାଧର ମାଧବ, ପୁରୁଷୋତ୍ତମ ମାଧବ, ନରକାନ୍ତକ ମାଧବ, ଭୋଗ ମାଧବ, ବାସୁଦେବ ମାଧବ ।

ବରାହ ମୂର୍ତ୍ତିତ୍ରୟୀ—ଯଜ୍ଞ ବରାହ, ଲକ୍ଷ୍ମୀ ବରାହ, ଶ୍ୱେତ ବରାହ ।

ନୃସିଂହ ମୂର୍ତ୍ତି—ଅଭୟ ନୃସିଂହ, ଲକ୍ଷ୍ମୀ ନୃସିଂହ, ଉଗ୍ର ନୃସିଂହ, ଭୀମ ନୃସିଂହ, ବୀର ନୃସିଂହ ।

ଗଣେଶ ପ୍ରତିମା—ଏକଦନ୍ତ, ମହାକାୟ, କପିଳ, ଗଜକର୍ଣ୍ଣ, ଲମ୍ବୋଦର, ବିକଟ, ବିଘ୍ନନାଶ,ବିନାୟକ, ଧୂମ୍ରକେତୁ, ଗଣାଧ୍ୟକ୍ଷ, ଭାଲଚନ୍ଦ୍ର, ଗଜାନନ ।

ରାମ ମୂର୍ତ୍ତି—ସୀତାପତି ରାମ, ଧନୁର୍ବାଣ ରାମ ।

୬୮ ତୀର୍ଥ—୧ ଅଶ୍ୱମେଧ ତୀର୍ଥ, ୨ ଅସ୍ଥିକ୍ଷେପ ତୀର୍ଥ, ୩ ଅନ୍ତର୍ବେଦୀ, ୪ ଅଗ୍ନି ତୀର୍ଥ, ୫ ଅଗସ୍ତି ତୀର୍ଥ, ୬ ଅନନ୍ତ ତୀର୍ଥ, ୭ ଅଲାମ୍ବୁ ତୀର୍ଥ, ୮ ଅଲାବୁ ତୀର୍ଥ, ୯ ଉଲୂକ ତୀର୍ଥ, ୧୦ ଉର୍ବଶୀ ତୀର୍ଥ, ୧୧ କଶ୍ୟପ ତୀର୍ଥ, ୧୨ କବିର ତୀର୍ଥ, ୧୩ କାଲାଲ ତୀର୍ଥ, ୧୪ କପିଳ ତୀର୍ଥ, ୧୫ କୋଡ଼ ତୀର୍ଥ, ୧୬ ଗଦା ତୀର୍ଥ, ୧୭ ଗଙ୍ଗା ତୀର୍ଥ, ୧୮ ଗାରୁଡ଼ ତୀର୍ଥ, ୧୯ ଗୋକର୍ଣ୍ଣ ତୀର୍ଥ, ୨୦ ଚନ୍ଦ୍ର ତୀର୍ଥ, ୨୧ ଚକ୍ର ତୀର୍ଥ, ୨୨ ଜଟା ତୀର୍ଥ, ୨୩ ଜମ୍ବୁ ତୀର୍ଥ, ୨୪ ଦୁର୍ବାସା ତୀର୍ଥ, ୨୫ ଦଣ୍ଡୀ ତୀର୍ଥ, ୨୬ ନାରାୟଣ ତୀର୍ଥ, ୨୭ ନିଷାଦ ତୀର୍ଥ, ୨୮ ପ୍ରଭାସ ତୀର୍ଥ, ୨୯ ପ୍ରାଜାପତ୍ୟ ତୀର୍ଥ, ୩୦ ପାବକ ତୀର୍ଥ, ୩୧ ପଦ୍ମ ତୀର୍ଥ, ୩୨ ପୌରବ ତୀର୍ଥ, ୩୩ ବରାହ କୁଣ୍ଡ ତୀର୍ଥ, ୩୪ ବ୍ରହ୍ମ ତୀର୍ଥ, ୩୫ ବରୁଣ ତୀର୍ଥ, ୩୬ ବାରୁଣୀ ତୀର୍ଥ, ୩୭ ବାସୁକୀ ତୀର୍ଥ, ୩୮ ବାୟୁ ତୀର୍ଥ, ୩୯ ବିଶ୍ୱରୂପ ତୀର୍ଥ, ୪୦ ବିନାୟକ ତୀର୍ଥ, ୪୧ ବେଣୀ ତୀର୍ଥ, ୪୨ ବୈତରଣୀ ତୀର୍ଥ, ୪୩ ବିମୁକ୍ତ ତୀର୍ଥ, ୪୪ ମତ୍ସ୍ୟ ତୀର୍ଥ, ୪୫ ମଣିକର୍ଣ୍ଣିକା, ୪୬ ମହର୍ଷି ତୀର୍ଥ, ୪୭ ମାତୃକା ତୀର୍ଥ, ୪୮ ମୃତ୍ୟୁଞ୍ଜୟ ତୀର୍ଥ, ୪୯ ଯଜାତି ତୀର୍ଥ, ୫୦ ଯମ ତୀର୍ଥ, ୫୧ ରସକୂପ, ୫୨ ରମା ତୀର୍ଥ, ୫୩ ରେବା ତୀର୍ଥ, ୫୪ ରେଖା ତୀର୍ଥ, ୫୫ ରୌଦ୍ର ତୀର୍ଥ, ୫୬ ଲିଙ୍ଗ ତୀର୍ଥ, ୫୭ ସମ୍ଭର୍ତ୍ତ ତୀର୍ଥ, ୫୮ ସୀତାକୁଣ୍ଡ, ୫୯ ସେତାମ୍ନ ତୀର୍ଥ, ୬୦ ସୋମ ତୀର୍ଥ, ୬୧ ଶଚୀ ତୀର୍ଥ, ୬୨ ଶଶୀ ତୀର୍ଥ, ୬୩ ଶୁକ୍ଳନୀ ତୀର୍ଥ, ୬୪ ଶାତାତପ ତୀର୍ଥ, ୬୫ ଶ୍ୱେତ ଗଙ୍ଗା, ୬୬ ସିଦ୍ଧ ତୀର୍ଥ, ୬୭ ହଂସ ତୀର୍ଥ, ୬୮ କ୍ଷେତ୍ର ଦ୍ୱାର ।

ପ୍ରସିଦ୍ଧ ଶିବଲିଙ୍ଗମାନଙ୍କର ନାମ ।

୧ ଅଟ୍ଟହାସେଶ୍ୱର, ୨ ଅପ୍ସରେଶ୍ୱର, ୩ ଅଗସ୍ତ୍ୟେଶ୍ୱର, ୪ ଅର୍କେଶ୍ୱର, ୫ ଅଗ୍ନୀଶ୍ୱର, ୬ ଅର୍ଦ୍ଧାଶ୍ୱେଶ୍ୱର, ୭ ଆଖଣ୍ଡଳେଶ୍ୱର, ୮ ଈଶାନେଶ୍ୱର, ୯ ଉତ୍ତରେଶ୍ୱର, ୧୦

କପିଳେଶ୍ୱର, ୧୧ କଣ୍ୟପେଶ୍ୱର, ୧୨ କାଳେଶ୍ୱର, ୧୩ କାମେଶ୍ୱର, ୧୪ କଲ୍ମାଷେଶ୍ୱର, ୧୫ କୀର୍ତ୍ତେଶ୍ୱର, ୧୬ କୁମାରେଶ୍ୱର, ୧୭ କୁବେରେଶ୍ୱର, ୧୮ କୁସ୍ମେଶ୍ୱର, ୧୯ କେଦାରେଶ୍ୱର, ୨୦ କୋଦଣ୍ଡେଶ୍ୱର, ୨୧ ଖଣ୍ଡେଶ୍ୱର, ୨୨ ଖଗେଶ୍ୱର, ୨୩ ଗଙ୍ଗେଶ୍ୱର, ୨୪ ଗଣେଶ୍ୱର, ୨୫ ଗଉତମେଶ୍ୱର, ୨୬ ଗାରୁଡ଼େଶ୍ୱର, ୨୭ ଗୋକର୍ଣ୍ଣେଶ୍ୱର, ୨୮ ଗୋଧକେଶ୍ୱର, ୨୯ ଗୋପାଳେଶ୍ୱର, ୩୦ ଘଟେଶ୍ୱର, ୩୧ ଚମ୍ପକେଶ୍ୱର, ୩୨ ଚଣ୍ଡେଶ୍ୱର, ୩୩ ଚନ୍ଦ୍ରପ୍ରେଶ୍ୱର, ୩୪ ଜମ୍ବେଶ୍ୱର, ୩୫ ଝାଡ଼େଶ୍ୱର, ୩୬ ଜଟେଶ୍ୱର, ୩୭ ଜାତ୍ୟେଶ୍ୱର, ୩୮ ଜାମଦଗ୍ନ୍ୟେଶ୍ୱର, ୩୯ ତାରକେଶ୍ୱର, ୪୦ ତିଲକେଶ୍ୱର, ୪୧ ତ୍ରିଲୋଚନେଶ୍ୱର, ୪୨ ସ୍ଥାନେଶ୍ୱର, ୪୩ ତ୍ରୈଲୋକ୍ୟନାଥ, ୪୪ ଦକ୍ଷେଶ୍ୱର, ୪୫ ଦଣ୍ଡୀଶ୍ୱର, ୪୬ ଦାରୁକେଶ୍ୱର, ୪୭ ଧବଳେଶ୍ୱର, ୪୮ ଧର୍ମେଶ୍ୱର, ୪୯ ନନ୍ଦକେଶ୍ୱର, ୫୦ ନାରଦେଶ୍ୱର, ୫୧ ନୈଦେଶ୍ୱର, ୫୨ ନାରାୟଣେଶ୍ୱର, ୫୩ ପରଦାରେଶ୍ୱର, ୫୪ ପାଣ୍ଡବେଶ୍ୱର, ୫୫ ପଦ୍ମେଶ୍ୱର, ୫୬ ପର୍ଣ୍ଣନାଥ, ୫୭ ପାପମୋଚନେଶ୍ୱର, ୫୮ ପାତାଳେଶ୍ୱର, ୫୯ ପ୍ରଭାକରେଶ୍ୱର, ୬୦ ପ୍ରାଣାୟାମେଶ୍ୱର, ୬୧ ଫାଳେଶ୍ୱର, ୬୨ । ବରୁଣେଶ୍ୱର, ୬୩ ବାସୁ ପୂଜଟେଶ୍ୱର, ୬୪ ବଟେଶ୍ୱର, ୬୫ ବାସୁକେଶ୍ୱର ୬୬ ବ୍ରହ୍ମେଶ୍ୱର, ୬୭ ବଶେଶ୍ୱର, ୬୮ ବିଶ୍ୱରୂପେଶ୍ୱର, ୬୯ ବିଲ୍ୱେଶ୍ୱର, ୭୦ ବିମୁକ୍ତେଶ୍ୱର, ୭୧ ବୈଦ୍ୟନାଥ, ୭୨ ବାଣେଶ୍ୱର, ୭୩ ବାରୁଣେଶ୍ୱର, ୭୪ ଭଣ୍ଡେଶ୍ୱର, ୭୫ ଭାରଭୂତେଶ୍ୱର, ୭୬ ଭାର୍ଗବେଶ୍ୱର, ୭୭ ଭୀମେଶ୍ୱର, ୭୮ ଭୁବନେଶ୍ୱର, ୭୯ ଭୃଙ୍ଗରାଟେଶ୍ୱର, ୮୦ ମାର୍କଣ୍ଡେୟେଶ୍ୱର, ୮୧ ମଲ୍ଲିକେଶ୍ୱର, ୮୨ ମହାକାଳେଶ୍ୱର, ୮୩ ମାନେଶ୍ୱର, ୮୪ ମାନସେଶ୍ୱର, ୮୫ ମୁକ୍ତେଶ୍ୱର, ୮୬ ମୃତ୍ୟୁଞ୍ଜୟେଶ୍ୱର, ୮୭ ଯଜାତେଶ୍ୱର, ୮୮ ଯମେଶ୍ୱର, ୮୯ ଯୁଗେଶ୍ୱର, ୯୦ ରୁଦ୍ରେଶ୍ୱର, ୯୧ ରତ୍ନେଶ୍ୱର, ୯୨ ରାମେଶ୍ୱର, ୯୩ ଲଳିତେଶ୍ୱର, ୯୪ ରାଜରାଜେଶ୍ୱର, ୯୫ ଲିଙ୍ଗରାଜ, ୯୬ ଲୋମହର୍ଷଣେଶ୍ୱର, ୯୭ ଶ୍ରୀସକଳେଶ୍ୱର, ୯୮ ସନ୍ତେଶ୍ୱର, ୯୯ ସ୍ୱପ୍ନେଶ୍ୱର, ୧୦୦ ନୈବେଦ୍ୟେଶ୍ୱର, ୧୦୧ ସିଦ୍ଧେଶ୍ୱର, ୧୦୨ ଶୀତଳେଶ୍ୱର, ୧୦୩ ସୁକୁମାରେଶ୍ୱର, ୧୦୪ ଶୃଙ୍ଗେଶ୍ୱର, ୧୦୫ ସୋମେଶ୍ୱର, ୧୦୬ ହରକେଶ୍ୱର; ୧୦୭ ହରଣେଶ୍ୱର, ୧୦୮ ହାଟକେଶ୍ୱର ।

ନାରାୟଣ ପ୍ରତିମା — ୧ ଅନନ୍ତଶାୟୀ ନାରାୟଣ । ୨ ଲକ୍ଷ୍ମୀନାରାୟଣ ।

ଗରୁଡ଼ — ମାଧପୁର ଗ୍ରାମରେ ପ୍ରସିଦ୍ଧ ମୂର୍ତ୍ତି ।

ଶୁଭ ସ୍ତମ୍ଭ — ଜନପ୍ରସିଦ୍ଧ ଓ ଇତିହାସ ପ୍ରସିଦ୍ଧ ସ୍ତମ୍ଭ ।

ବିରଜା — ତ୍ରିଲୋକରଣ ରକ୍ଷିତ୍ରୀ କ୍ଷେତ୍ରାଧୀଶ୍ୱରୀ ଶ୍ରୀ ଶ୍ରୀ ବିରଜା ଦେବୀ ।

———

ସନ୍ଦର୍ଭ ଲେଖକ
(ସ୍ୱର୍ଗତ) ଶ୍ରୀ ନୀଳମଣି ମିଶ୍ର, ଯାଜପୁର

ଦ୍ର — ଇତିହାସପ୍ରସିଦ୍ଧ ଯାଜପୁର ନଗର ବୈତରଣୀ ତଟରେ ଅବସ୍ଥିତ । ଏହି ସ୍ଥାନ ଗଦା କ୍ଷେତ୍ର, ଯଜ୍ଞ କ୍ଷେତ୍ର ବା ଯାଜପୁର, ବିରଜା କ୍ଷେତ୍ର, ନାଭି କ୍ଷେତ୍ର ପ୍ରଭୃତି ଭିନ୍ନ ଭିନ୍ନ ନାମରେ ପ୍ରସିଦ୍ଧ । ଏହିପରି ପ୍ରବାଦ ଅଛି ଯେ ଗୟା କ୍ଷେତ୍ରରେ ଗୟାସୁରର ମସ୍ତକ ଅବସ୍ଥିତ ଓ ଯାଜପୁରରେ ତାହାର ନାଭି ସଂସ୍ଥାପିତ । ଏଥି ସକାଶେ ଯାଜପୁର ନାଭିକ୍ଷେତ୍ର ନାମରେ ମଧ୍ୟ ଅଭିହିତ ।

ଯଯାତି କେଶରୀ ନାମକ କେଶରୀବଂଶୀୟ ନୃପତି ୫୬୪ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଜୟ କରିବା ପରେ ଯାଜପୁରରେ ପ୍ରଥମତଃ ରାଜଧାନୀ ସ୍ଥାପନ କରିଥିଲେ ଓ କାନ୍ୟକୁବ୍ଜରୁ ଦଶହଜାର ବ୍ରାହ୍ମଣ ଆଣି ଏଠାରେ ଯଜ୍ଞ କରିଥିଲେ । ଏଥିପାଇଁ ଏହାର ନାମ ଯଜ୍ଞପୁର ବା ଯାଜ୍ଞପୁର ହେଲା ଓ ଚଳନ୍ତି କଥାରେ ଯାଜପୁର ହେଲା । ୧୫୫୮ ଖ୍ରୀଷ୍ଟାବ୍ଦରେ ହିନ୍ଦୁଧର୍ମବିଦ୍ୱେଷୀ ସୁପ୍ରସିଦ୍ଧ କଳାପାହାଡ଼ ସହିତ ଓଡ଼ିଶାବାସୀମାନଙ୍କର ଯାଜପୁର ସନ୍ନିକଟବର୍ତ୍ତୀ ଗୋହିରାଠାରେ ଭୟାନକ ଯୁଦ୍ଧ ଘଟିଥିଲା । ସେହି ଯୁଦ୍ଧରେ ଓଡ଼ିଶାର ତାତ୍‌କାଳୀନ ରାଜା ମୁକୁନ୍ଦଦେବ ନିହତ ହୋଇଥିଲେ ଓ ଓଡ଼ିଶାବାସିମାନେ ପରାଜିତ ହୋଇ ମୁସଲମାନ୍‌ମାନଙ୍କ ଅଧୀନତା ସ୍ୱୀକାର କଲେ । ଯାଜପୁରରେ ଯେ ସବୁ ହିନ୍ଦୁ ମନ୍ଦିର ଥିଲା କଳାପାହାଡ଼ର ଅତ୍ୟାଚାରରେ ସେଗୁଡ଼ିକ ଚୂର୍ଣ୍ଣୀଭୂତ ଓ ଭଗ୍ନଧ୍ୱସ୍ତ ଦେବମୂର୍ତ୍ତି ବିଖଣ୍ଡିତ ହୋଇ ବୈତରଣୀ ଗର୍ଭରେ ନିକ୍ଷିପ୍ତ ହୋଇଥିଲା । ସେହି ଦିନଠାରୁ ଯାଜପୁର ଶ୍ରୀଭ୍ରଷ୍ଟ ।

କଳାପାହାଡ଼ର ପଠାଣ ସେନାପତି ସୈୟଦ୍ ଅଲି ବୁଖାରିଙ୍କ ସମାଧି ସ୍ଥାନ ଯାଜପୁରରେ ଅବସ୍ଥିତ । ଗୋଟିଏ ହିନ୍ଦୁ ଦେବମନ୍ଦିର ଧ୍ୱଂସ କରି ସେଠାରେ ଏହି ମୁସଲମାନ୍ ସେନାପତିଙ୍କ କବର ନିର୍ମିତ ହୋଇଥିଲା ।

ଯାଜପୁରରେ ବିସ୍ତର ଦେବପୂଜକ ବ୍ରାହ୍ମଣଙ୍କ ବାସ । କଥିତ ଅଛି ଯେ ବଙ୍ଗର ଆଦିଶୂରଙ୍କ ପରି ରାଜା ଯଯାତିକେଶରୀ ଯଜ୍ଞାର୍ଥେ ବହୁ ବେଦଜ୍ଞ ସୁବ୍ରାହ୍ମଣ କନୌଜଠାରୁ ଆନୟନ କରି ଯଥାଯୋଗ୍ୟ ବୃତ୍ତି ପ୍ରଦାନପୂର୍ବକ ଏହି ସ୍ଥାନରେ ରଖାଇ ଥିଲେ ।

ପ୍ରାଚୀନ କୀର୍ତ୍ତି ମଧ୍ୟରେ ବୈତରଣୀ ତୀରରେ ବରାହନାଥଙ୍କ ମନ୍ଦିର, ଦଶାଶ୍ୱମେଧ ଘାଟ, ସପ୍ତମାତୃକା ମଣ୍ଡପ ଏବଂ ବିରଜାଦେବୀଙ୍କ ମନ୍ଦିର ସବିଶେଷ ଉଲ୍ଲେଖଯୋଗ୍ୟ ।

ରାଜା ପୁରୁଷୋତ୍ତମ ଦେବଙ୍କ ପୁତ୍ର ପ୍ରତାପରୁଦ୍ରଙ୍କ ଦ୍ୱାରା ଖ୍ରୀଷ୍ଟ ଷୋଡ଼ଶ ଶତାବ୍ଦୀରେ ବରାହନାଥଙ୍କ ମନ୍ଦିର ନିର୍ମିତ ହୋଇଥିଲା । ଏହି ମନ୍ଦିରରେ ଗୋଦାନ କଲେ ମରଣାନ୍ତେ ଗୋପୁଚ୍ଛ ଧାରଣ କରି ତପ୍ତବୈତରଣୀ ପାର ହେବାର ଅଧିକାର ଲାଭ ହୁଏ । ଗୋପରିବର୍ତ୍ତେ ମୂଲ୍ୟ ସ୍ୱରୂପ ୫ଟଙ୍କା ଦାନ କଲେ ମଧ୍ୟ ସେହି ଫଳ ଲାଭ ହୁଏ ବୋଲି ପଣ୍ଡାମାନେ କହନ୍ତି ।

ବିରାହନାଥଙ୍କ ମନ୍ଦିର ସମ୍ମୁଖରେ ବୈତରଣୀକୂଳରେ ଯେଉଁ ଘାଟ ଅବସ୍ଥିତ, ତାହାର ନାମ ଦଶାଶ୍ୱମେଧ ଘାଟ ।

ପ୍ରବାଦ ଅଛି ଯେ, ବ୍ରହ୍ମା ଏହି ସ୍ଥାନରେ ଦଶଟି ଅଶ୍ୱମେଧ ଯଜ୍ଞ ସମ୍ପାଦନ କରି ଭଗବାନ୍ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରାଇ ବେଦକୁ ଉଦ୍ଧାର କରିଥିଲେ । କେହି କେହି କହନ୍ତି ରାଜା ଯଯାତି କେଶରୀଙ୍କ ଦ୍ୱାରା ସେହି ଯଜ୍ଞ ଅନୁଷ୍ଠିତ ହୋଇଥିଲା ଏବଂ ସେଥି ସକାଶେ ସେ କନୌଜରୁ ବେଦଜ୍ଞ ବ୍ରାହ୍ମଣ ଆନୟନ କରିଥିଲେ ।

ବରାହନାଥଙ୍କ ମନ୍ଦିର ପଛରେ ଜଗନ୍ନାଥ ଦେବଙ୍କର ଗୋଟିଏ ମନ୍ଦିର ଅଛି । ଏହି ସ୍ଥାନର ପ୍ରାୟ ଏକ କୋଶ ଦୂରରେ ବିରଜା ଦେବୀଙ୍କ ମନ୍ଦିର । ଏ ଗୋଟିଏ ପୀଠ ସ୍ଥାନ । ମନ୍ଦିର ମଧ୍ୟରେ କ୍ଷୁଦ୍ରକାୟ ପାଷାଣମୟୀ ଦେବୀମୂର୍ତ୍ତି ପ୍ରତିଷ୍ଠିତା ହୋଇଅଛନ୍ତି । ମନ୍ଦିର ପ୍ରାଙ୍ଗଣରେ ଗୋଟିଏ କ୍ଷୁଦ୍ର ପୁଷ୍କରିଣୀ ଅଛି । ତାହାକୁ ବ୍ରହ୍ମକୁଣ୍ଡ ବା ବିରଜାକୁଣ୍ଡ କହନ୍ତି । ଏ ସ୍ଥାନରେ ଆଉ ଗୋଟିଏ କୂପ ମଧ୍ୟ ଅଛି । ତାହା ନାଭିଗୟା ନାମରେ ପ୍ରସିଦ୍ଧ ।

ବୈତରଣୀର ତୀରଦେଶରେ ସପ୍ତମାତୃକା ମଣ୍ଡପ । ସାତ ଗୋଟି ପାଷାଣମୟୀ ଦେବୀମୂର୍ତ୍ତି ସେଠାରେ ଅଛନ୍ତି । ଐରାବତାଧିରୂଢ଼ା, ସୁବେଶା, ସାଲଙ୍କାରା, ବଜ୍ରହସ୍ତା ଇନ୍ଦ୍ରାଣୀ; ଗରୁଡ଼ାସନା ଶାନ୍ତମୂର୍ତ୍ତି ବୈଷ୍ଣବୀ; ବୃଷାରୂଢ଼ା ତ୍ରିଶୂଳବରଧାରିଣୀ ଚନ୍ଦ୍ରରେଖାବିଭୂଷଣା ମାହେଶ୍ୱରୀ; ଶିଖିବାହାନା କାନ୍ତବପୁଃ କୌମାରୀ; ହଂସପୃଷ୍ଠସମାରୂଢ଼ା ସର୍ବାଭରଣଭୂଷିତା ବ୍ରହ୍ମାଣୀ; ମହିଷାସନା ବରାହବଦନା ବାରାହୀ; ନରମୁଣ୍ଡଦେହା ସର୍ପଭୂଷିତକବରୀ ମୁଣ୍ଡମାଳିନୀ ଭୀଷଣା ଚାମୁଣ୍ଡା; ପୁରାଣୋକ୍ତ ଏହି ସପ୍ତ ମାତୃକା ମୂର୍ତ୍ତି ମଣ୍ଡପ ମଧ୍ୟରେ ପ୍ରତିଷ୍ଠିତ ହୋଇଅଛନ୍ତି । ମୂର୍ତ୍ତିଗୁଡ଼ିକ ସାଧାରଣ ମନୁଷ୍ୟାକୃତି ଅପେକ୍ଷା ବୃହତ, କୃଷ୍ଣନୀଳ ପ୍ରସ୍ତରନିର୍ମିତ ଏବଂ ଚତୁର୍ଭୁଜ । ଏମାନଙ୍କର ନିର୍ମାଣରେ ସବିଶେଷ ନୈପୁଣ୍ୟ ପ୍ରଦର୍ଶିତ ହୋଇଅଛି ।

ଯାଜପୁରର ଅନତିଦୂରରେ 'ଶୁଭସ୍ତମ୍ଭ' ନାମକ ୩୨ ଫୁଟ ଉଚ୍ଚ ଅଖଣ୍ଡ ପ୍ରସ୍ତରରେ ନିର୍ମିତ ଗୋଟିଏ ସ୍ତମ୍ଭ ଅବସ୍ଥିତ ଅଛି । ଏହା ଉପରେ ପୂର୍ବେ ଗୋଟିଏ ଗରୁଡ଼ ମୂର୍ତ୍ତି ଥିଲା, କଳାପାହାଡ଼ ତାହା ନଷ୍ଟ କରି ଦେଇଛି । ମୁସଲମାନ୍‌ମାନେ ଏହି ସ୍ତମ୍ଭ ଧ୍ୱଂସ କରିବା ସକାଶେ ବିଶେଷ ଚେଷ୍ଟା କରିଥିଲେ କିନ୍ତୁ କୌଣସି ପ୍ରକାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ । ଏହା କେଶରୀବଂଶୀୟ ରାଜାମାନଙ୍କର ଜୟସ୍ତମ୍ଭରୂପେ ନିର୍ଦ୍ଦେଶିତ ହୋଇଥାଏ ।

ପୂର୍ବେ ଏହି ସ୍ଥାନରେ ଶାନ୍ତମାଧବ ନାମରେ ଗୋଟିଏ ବୃହତ୍ ପ୍ରସ୍ତରମୟ ମୂର୍ତ୍ତି ଅବସ୍ଥିତ ଥିଲା । ମୂର୍ତ୍ତିର ନାଭିଦେଶ ପର୍ଯ୍ୟନ୍ତ ଭୂମି ଉପରେ ଅବସ୍ଥିତ ଏବଂ ଅଧୋଭାଗ ଭୂଗର୍ଭରେ ପ୍ରୋଥିତ ଥିଲା । ବର୍ତ୍ତମାନ ସେ ମୂର୍ତ୍ତି ଆଉ ନାହିଁ ।

ପୁରୀର ଅଠରନଳା ପରି ଯାଜପୁରର ଅନତିଦୂରରେ 'ଏଗାର ନଳା' ନାମକ ଗୋଟିଏ ଜଳପଥ ଓ ତଦୁପରି ଗୋଟିଏ ସେତୁ ଅଛି । ଯାଜପୁରଠାରୁ କିଛି ଦୂରରେ ଗୋଟିଏ ଶିବଲିଙ୍ଗ ପ୍ରତିଷ୍ଠିତ ଅଛନ୍ତି, ତାହାଙ୍କ ନାମ ଅଗ୍ନୀଶ୍ୱର । ସ୍ଥାନୀୟ ଲୋକଙ୍କର ବିଶ୍ୱାସ ଯେ, ପ୍ରତିଦିନ ତାଙ୍କର ବର୍ଣ୍ଣର ପରିବର୍ତ୍ତନ ହୋଇଥାଏ । [ନବୀନ ପତ୍ରିକା—୨୦-୮-୩୫]

ଯାଜମାନ—ସଂ. ବି (ଯଜମାନ+ଅ)—ଯଜମାନଙ୍କ ଦ୍ୱାରା ସମ୍ପାଦନୀୟ ଯଜ୍ଞର
Jājamāna ଅଂଶ—That part of a sacrifice which is performed by the Jajamāna himself (Apte).

ଯାଜୟିତା—ସଂ. ବି. ପୁଂ—(ଯଜ୍‌ଧାତୁ ଣିଚ୍+ତୃ; ୧ମା. ୧ବ) ଯଜ୍ଞର
Jājayitā ପୁରୋଧା—The officiating priest at a sacrifice (Apte).

ଯାଜି(ଜୀ)—ସଂ. ବି—(ଯଜ୍‌ଧାତୁ=ଯାଗ କରିବା+କର୍ତ୍ତୃ. ଇ; ଇନ୍,
Jāji(jī) ୧ମା. ୧ବ.)—ଯାଜକ—(ଦେଖ)—
Jajaka (See).

ଯାଜପୁର—ସଂ. ବି (୬ଷ୍ଠୀ ତତ୍; ଯାଜିନ୍+ପୁର)—ଯାଜପୁର (ଦେଖ)
Jājipura Jājapura (See)

ଯାଜପୁରାତ୍ରେୟ—ପ୍ରାଦେ (ଯାଜପୁର) ବି—ଯାଜତ୍ୟ—(ଦେଖ)
Jajipurātreya Jājatya (See) [ଦ୍ର—ଯାଜପୁରବାସୀ
(ଯାଜପୁରନୟୀ—ଅନ୍ୟରୂପ) କୁଳୀନ ବ୍ରାହ୍ମଣଙ୍କର ଅନ୍ୟ ଶାଖା
ଦକ୍ଷିଣାତ୍ରେୟ ବା ଦକ୍ଷିଣନୟୀ]

ଯାଜୁଷ—ସଂ. ବିଣ—(ଯଜୁଷ୍+ସମ୍ବନ୍ଧୀୟାର୍ଥେ.ଅ)—ଯଜୁର୍ବେଦ ସମ୍ବନ୍ଧୀୟ—
Jājusha Relating to the Jajurbeda.
(ଯାଜୁଷୀ—ସ୍ତ୍ରୀ) ସଂ. ବି—ଯଜୁର୍ବେଦାଧ୍ୟାୟୀ ବ୍ରାହ୍ମଣ—
A student of the Jajurbeda (Apte).

ଯାଜୁଷୀ ଗାୟତ୍ରୀ—ସଂ.ବି—ଛଅବର୍ଣ୍ଣବିଶିଷ୍ଟ ଯଜୁର୍ବେଦର ଛନ୍ଦୋବିଶେଷ—
Jājushi gāyatri A vedic metre of 6 syllables.
[ଦ୍ର—ବଳକା ସଂଖ୍ୟକ ବର୍ଣ୍ଣବିଶିଷ୍ଟ ଯଜୁର୍ବେଦର ଛନ୍ଦମାନଙ୍କରେ ଭିନ୍ନ ଭିନ୍ନ ନାମ ଅଛି ଯଥା—
୭ ବର୍ଣ୍ଣ ବିଶିଷ୍ଟ—ଯାଜୁଷୀ ଉଷ୍ଣିକ୍
୮ ବର୍ଣ୍ଣ ବିଶିଷ୍ଟ ଯାଜୁଷୀ ଅନୁଷ୍ଟୁପ
୯ ବର୍ଣ୍ଣ ବିଶିଷ୍ଟ—ଯାଜୁଷୀ ବୃହତୀ
୧୦ ବର୍ଣ୍ଣ ବିଶିଷ୍ଟ ଯାଜୁଷୀ ପଂକ୍ତି
୧୧ ବର୍ଣ୍ଣ ବିଶିଷ୍ଟ—ଯାଜୁଷୀ ତ୍ରିଷ୍ଟୁପ୍
୧୨ ବର୍ଣ୍ଣ ବିଶିଷ୍ଟ—ଯାଜୁଷୀ ଜଗତୀ—ହି. ଶ]

ଯାଜ୍ଞ—ସଂ. ବିଣ (ଯଜ୍ଞ+ଅ)—ଯଜ୍ଞ ସମ୍ବନ୍ଧୀୟ; ଯଜ୍ଞୀୟ—
Jājna Sacrificial, relating to a vedic sacrifice.

ଯାଜ୍ଞଦତ୍ତି—ସଂ. ବି—(ଯଜ୍ଞ ଦତ୍ତ=ମୁନିବିଶେଷ+ଅପତ୍ୟାର୍ଥେ.ଇ)—
Jājnadatti କୁବେର—The God of riches.

ଯାଜ୍ଞବଲ୍କ୍ୟ(ଲ୍କ)—ସଂ.ବି. ପୁଂ—(ଯଜ୍ଞବଲ୍କ=ମୁନି+ଅପତ୍ୟାର୍ଥେ.ଯ; ଅ)
Jājnabalkya ୧ । ଶୁକ୍ଳ ଯଜୁର୍ବେଦ ବା ବାଜସନେୟୀ ସଂହିତାର ଆଦ୍ୟ ଋଷି—1. Name of a vedic sage.
[ଦ୍ର—ଏ ପ୍ରଥମେ ବୈଶମ୍ପାୟନଙ୍କ ଶିଷ୍ୟ ଥିଲେ । ଏକଦା କୌଣସି କାରଣରୁ ବୈଶମ୍ପାୟନ ଏହାଙ୍କଠାରେ ଅପ୍ରସନ୍ନ ହୋଇ ଏହାଙ୍କୁ କହିଲେ 'ତୁମ୍ଭେ ଆମ୍ଭଠାରୁ ଯାହା ଶିକ୍ଷା ଲାଭ କରିଛ ତାହା ଫେରାଇ ଦିଅ ।' ଏହା ଶୁଣି ଯାଜ୍ଞବଲ୍କ୍ୟ

ଗୁରୁଙ୍କଠାରୁ ପଢ଼ିଥିବା ପାଠମାନ ବାନ୍ତି କରପକାଇଲେ ଓ ବାନ୍ତି ଦ୍ରବ୍ୟମାନଙ୍କୁ ବୈଶମ୍ପାୟନଙ୍କ ଅନ୍ୟ ଶିଷ୍ୟମାନେ ତିତ୍ତିରି ପକ୍ଷୀରୂପ ଧାରଣ କରି ଖାଇ ନେଲେ। ଏହି ଶିଷ୍ୟମାନଙ୍କ ପ୍ରବର୍ତ୍ତିତ ଶାଖା ଓ ସଂହିତା 'ତୈତ୍ତିରୀୟ' ନାମରେ ଖ୍ୟାତ ହେଲା। ତତ୍ପରେ ଯାଜ୍ଞବଲ୍କ୍ୟ ସୂର୍ଯ୍ୟଙ୍କୁ ଉପାସନାଦ୍ୱାରା ସନ୍ତୁଷ୍ଟ କରିବାରୁ ସୂର୍ଯ୍ୟ ଅଶ୍ୱରୂପ ଧାରଣ କରି ଏହାଙ୍କୁ ଶୁକ୍ଳ ଯଜୁର୍ବେଦ କହିଥିଲେ ଓ ଏ ଶୁକ୍ଳଯଜୁର୍ବେଦକୁ ପୃଥିବୀରେ ଅବତାରଣା କଲେ। 'ଯଜୁଃ' ଶବ୍ଦ ଦେଖ।] ୨। ରାଜା ଜନକଙ୍କ ସଭାସ୍ଥ ଜଣେ ଋଷି—2. Name of a sage of the court of king Janaka. (ଦ୍ର—ମୈତ୍ରେୟୀ ଓ ଗାର୍ଗୀ ଏହାଙ୍କ ପତ୍ନୀ ଥିଲେ ହ. ଶ.) ୩। ଧର୍ମସଂହିତାକାର ଋଷିବିଶେଷ—3. Name of a Hindu lawgiver. (ଦ୍ର—ଏହାଙ୍କ ରଚିତ ଦାୟଭାଗ ଗୋଟିଏ ପ୍ରସିଦ୍ଧ ହିନ୍ଦୁସ୍ମୃତି ଅଟେ—ହ. ଶ.)

ଯାଜ୍ଞସେନୀ—ସଂ. ବି. ସ୍ତ୍ରୀ. (ଯଜ୍ଞସେନ=ଦ୍ରୁପଦ ରାଜା+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)—ପାଣ୍ଡବ ମହିଷୀ ଦ୍ରୌପଦୀ—
Jājnaseni
Draupadi; the Pāndaba queen.

ଯାଜ୍ଞିକ—ସଂ. ବିଣ. (ଯଜ୍ଞ+ସମ୍ବନ୍ଧ ଅର୍ଥରେ. ଇକ)—ଯଜ୍ଞ ସମ୍ବନ୍ଧୀୟ Sacrificial ବି—୧। ଯଜ୍ଞ କର୍ତ୍ତା—1. The performer of a sacrifice. ୨। ଯଜ୍ଞ କାର୍ଯ୍ୟରେ ପୁରୋହିତ—2. The priest officiating at a sacrifice. ୩। ଯଜ୍ଞର କର୍ମକାଣ୍ଡରେ ଅଭିଜ୍ଞ ବ୍ୟକ୍ତି—3. A ritualist (Apte). ୪। ଦର୍ଭ; କୁଶ-4. A grass used in sacrifice. ୫। ଖଦିର ବୃକ୍ଷ—5. The catechu tree; Serra Japonica. ୬। ପଳାଶ ବୃକ୍ଷ—6. Butea Frondosa. ୭। ଅଶ୍ୱତ୍ଥ ବୃକ୍ଷ—7. The holy fig tree; Ficus Religiosa. ୮। ଯଜ୍ଞସାଧନ ଦ୍ରବ୍ୟାଦି—8. The materials required for a sacrifice.
Jājnika
(ଯାଜ୍ଞିକୀ—ସ୍ତ୍ରୀ)

ଯାଜ୍ଞିକାନ୍ନ—ସଂ. ବି. କ୍ଲୀ(କର୍ମଧା)—ଯଜ୍ଞରେ ବ୍ୟବହୃତ ଚରୁ—The boiled sweet rice used as offering in sacrifice.
Jājnikānna

ଯାଜ୍ଞିକାଶ୍ରୟ—ସଂ. ବି. (୬ଷ୍ଠୀ ତତ୍)—ବିଷ୍ଣୁ—Bishnu (Apte).
Jājnikāsraya

ଯାଜ୍ଞିୟ—ସଂ. ବିଣ. (ଯଜ୍ଞ+ଇୟ)—୧। ଯଜ୍ଞ ସମ୍ବନ୍ଧୀୟ—1. Sacrificial. ୨। ଯଜ୍ଞର ଉପଯୋଗୀ—2. Fit for a sacrifice (Apte) ୩। ଯଜ୍ଞ କର୍ମରେ ପ୍ରବୀଣ—3. Skilled in sacrificial rites.
Jājniya

ଯାଜ୍ୱନ—ସଂ. ବି. (ଯଜ୍ୱନ୍+ଅପତ୍ୟାର୍ଥେ. ଅ)—ଯାଜ୍ଞିକ ବ୍ୟକ୍ତିର ପୁତ୍ର—The son of a sacrificer (Apte).
Jājwana

ଯାଜ୍ୟ—ସଂ. ବିଣ. (ଯଜ୍ ଧାତୁ=ପୂଜା କରିବା+କର୍ମ. ଯ)—୧। ଯଜ୍ଞରେ ବଳି ରୂପେ ଦିଆଯିବା ଯୋଗ୍ୟ—1. Fit to be offered as sacrifice. ୨। ଯଜ୍ଞୀୟ—2. Sacrificial. ୩। ବଳ ରୂପରେ ଅଭିପ୍ରେତ—3. Intended for a sacrifice. ବି—୧। ଯାହାଙ୍କ ପାଇଁ ଯଜ୍ଞ କରାଯାଏ; ଯଜମାନ—1. The principal for whom a sacrifice is performed. ୨। ଯଜ୍ଞର ପୁରୋଧା—2. The performer of a sacrifice for another (Apte). ୩। ଯାଗଲବ୍ଧ ଦକ୍ଷିଣା—3. A fee presented to Brāhmanas at a sacrifice.
Jājya

ଯାଜ୍ୟା—ସଂ. ବି. ସ୍ତ୍ରୀ. (ଯଜ୍ ଧାତୁ+ଅଧିକରଣ. ଯ+ସ୍ତ୍ରୀ. ଆ)—୧। ଯଜ୍ଞ ଭୂମି—1. The site for the performance of a sacrifice. ୨। (+କର୍ମ. ଯ+ଆ) ଦେବ ପ୍ରତିମା—2. Image of a Deity. ୩। ଯଜ୍ଞରେ ହୋତାଙ୍କ ପଠିତ ଋକ୍ ବା ସ୍ତୋତ୍ର—3. The hymn recited by the 'Hota' or reciting priest at a sacrifice.
Jājya

ଯାଠି—ଦେ. ବି.—(ସଂ. ଯଷ୍ଟି)—୧। ପୁରାଣ ବର୍ଣ୍ଣିତ ଯୁଦ୍ଧାସ୍ତ୍ର ବିଶେଷ—1. A weapon of offence mentioned in the Oriya Puranas. ୨। ଲୌହ ଯଷ୍ଟି—2. An iron rod used as weapon of offence. ପ୍ରାଦେ. (ଜୟପୁର) ବି—ଗାଣ୍ଡିକା (ଦେଖ) Gāndikā (See)
Jāthi
ଜାଠି ज़ाठी

ଯାଠି(ଷ୍ଟି, ଠ)ମଧୁ(ଧୁ)—ଦେ. ବି. (ସଂ. ଯଷ୍ଟିମଧୁ)—ଯଷ୍ଟିମଧୁ (ଦେଖ) Jashti madhu (See)
Jāthi(shti, tha)madhu(hu)
ଜେଠି ମଧୁ जेठी मधु, मुलेठी

ଯାଢ଼—ପ୍ରାଦେ. (ସିଂହଭୂମ) ବି—ହାଣ୍ଡିଆ ମଦ ତିଆରି କରିବା ପାଇଁ ଭାତକୁ ସଢ଼ାଇବାରେ ବ୍ୟବହୃତ ଔଷଧ ଦ୍ରବ୍ୟବିଶେଷ—A medicinal drug mixed with the boiled rice to be fermented for preparing 'hāndiā' wine.
Jārdha

ଯାତ—ସଂ. ବିଣ. (ଯା ଧାତୁ=ଯିବା+କର୍ତ୍ତୃ. ତ)—୧। ଗତ—1. Gone; departed. ୨। ଅତୀତ—2. Past; elapsed. ୩। (+କର୍ମ. ତ) ଲବ୍ଧ; ପ୍ରାପ୍ତ—3. Got; received; attained. ୪। ଜ୍ଞାତ; ବିଦିତ—4. Known. ବି. (+ଭାବ. ତ)—୧। ଗମନ; ଗତି—1. Going; motion. ୨। ପ୍ରାପଣ—2. Getting; obtaining. ୩। ଜ୍ଞାନ—3. Knowledge. ୪। ଅଙ୍କୁଶାଘାତ ଦ୍ୱାରା ହସ୍ତୀକୁ ତାଡ଼ନ—4. Driving an elephant with a goad. ୫। ଅତୀତ କାଳ—5. The past time (Apte.) ଦେ. ବି. (ସ ଯାତ୍ରା)—୧। ଧର୍ମ ସମ୍ବନ୍ଧୀୟ ଉତ୍ସବ; ଦେବତାଙ୍କ ଉତ୍ସବ—1. Religious festival. [ଉଦା—××× ସମସ୍ତେ ବଳଦେବ ଯାତ ଦେଖିବାକୁ ଧାଉଁଛନ୍ତି। ଫକୀର ମୋହନ. ଛ ମାଣ ଆଠ ଗୁଣ] ୨। ନୃତ୍ୟଗୀତାଦି ଉତ୍ସବ—2. Festivity; dance. ୩। ମେଳା; ଜନ ସମାଗମ
Jāta
मेला
यात्रा

ବା ଗହଳ—3. Gathering of many people; fair. [ଉ—ଶରଲୁଗା ଗିଲ୍ଲ ଯାତକୁ ଯାଏ; ଲୋକେ ଫଗୁଉଲେ ମୁଣ୍ଡ ଟୁଙ୍ଗାରୁ ଥାଏ । ଉଗ ।] ୪ । କୁତର—4. A queer act. ୫ । ଗୋଳମାଳ—5. Ado. ୬ । (ଲକ୍ଷଣାର୍ଥ) କଳ କଳଅ; ମାରପିଟ ଅଦ—6. (figurative) An affray. [ଉ--କୌଣସି ଲୋକର ଘରେ କଳକଳଅ ବା ମାଡ଼ ମରାମର ଲାଗିଲେ ଲୋକେ କହନ୍ତି "ଅଜ ତା ଘରେ ଭାର ଯାତ ଲାଗିଛି ।"]

ଯାତ (ତ୍ରା)ଉ (ଓ) ପାସ-ଦେ.ବ.(ସଂ ଯାତ୍ରା+ଉପବାସ)--ଜଗନ୍ନାଥ ମହା-
Jāta(trā)u (o)pāsa ପ୍ରଭୁଙ୍କ ବା ଲିଙ୍ଗରାଜଙ୍କ ନର୍ଦ୍ଦିଷ୍ଟ ଯାତ୍ରା ଦବସ-
যাত উপবাস ମାନଙ୍କରେ ମାନସିକ କର ଶ୍ରୀଜୀଉଙ୍କୁ ଦର୍ଶନ କରିବା ଓ
यात्राकाउपास ଉପବାସ କରିବା—Fasts and visits performed by certain devotees during the fixed festivals of Lord Jagannātha of Puri and Lord Liṅgarāja of Bhubaneswar. (ଦ୍ର—ଯାତ୍ରା ଶବ୍ଦେ ଟୀକା ଦେଖ ।)

ଯାତ ତିଥ—ଦେ. ବ. (ସହରର ଶବ୍ଦ; ସ. ଯାତ୍ରା ଓ ତିଥି)—ଯାତ୍ରା
Jāta titha ଅଦ—Religious festivals.
তীর্থ ব্রত **यात्रा तीरथ**

ଯାତନ(ନା)—ସ ବ (ଯତ ଧାତୁ—ଯନ୍ତ୍ରଣା ଦେବା ଣିଚ୍+ଭାବ.
Jātana(nā) ଅନ୍;+ଅ)—୧ । ଯନ୍ତ୍ରଣା; ତୀବ୍ରବେଦନା; ବେଦନା—1. Acute and extreme pain or suffering, anguish; pang; torment. ୨ । ବୈର ପ୍ରତଶୋଧ—2. Requital; retaliation (Apte). ୩ । ଯମ ଯାତନା; ପାପୀମାନଙ୍କ ଉପରେ ଯମଙ୍କ ଉତ୍ପୀଡ଼ନ; ନରକଯନ୍ତ୍ରଣା—3. The torments inflicted by Jama on sinners; the tormets of hell. [ଦ୍ର—ଯେଉଁ ଶବ୍ଦମାନଙ୍କ ସଙ୍ଗେ ଯନ୍ତ୍ରଣା ଶବ୍ଦ ଯୁକ୍ତ ହୁଏ ସେମାନଙ୍କ ସଙ୍ଗେ ଯାତନା ଶବ୍ଦ ମଧ୍ୟ ଯୁକ୍ତ ହୋଇପାରେ । ଯଥା —ଯମଯାତନା, ଗର୍ଭଯାତନା ଇତ୍ୟାଦ ।]

ଯାତ ନାଟ -ଦେ. ବ (ସହରର ଶବ୍ଦ; ସ. ଯାତ୍ରା ଓ ନୃତ୍ୟ)—ନୃତ୍ୟ-
Jāta nāṭa ଗୀତାଦ ଉତ୍ସବ—Festivities and
যাত্রানাচ, নাচগাওনা **यात्रानाच** dancing, amusements.

ଯାତନା ଦେବା—ଦେ. କି—ଦୁଃଖ ଦେବା; କଷ୍ଟ ଦେବା—
Jātanā debā To give pain.
যাতনা দেওয়া **यातना देना**

ଯାତନା ଭୋଗ—ସ. ବ (ଷଷ୍ଠୀ ତତ୍)—ଯନ୍ତ୍ରଣା ଭୋଗ—
Jātanā bhoga Undergoing suffering.

ଯାତବ୍ୟ—ସ. ଣ (ଯା. ଧାତୁ+କର୍ମ. ତବ୍ୟ)—୧ । ଅଭଗନ୍ତବ୍ୟ;
Jātabya ଅଭଗମ୍ୟ—1. Fit to be approached. ୨ । ଅକ୍ରମଣୀୟ—2. Fit to be invaded or attacked.

ଯାତଯାମ—ସ. ଣ (ଯାତ=ଗତ ହୋଇଅଛୁ+ଯାମ=ପ୍ରହର କାଳ
Jātajāma ଯାହାର)—୧ । ପର୍ଯ୍ୟୁଷିତ; ବାସି (ଖାଦ୍ୟ ଅଦ)—1. Stale; tainted; soiled; impaired. ୨ । ଜୀର୍ଣ୍ଣ ଶୀର୍ଣ୍ଣ—2. Worn out; rickety. ୩ । ଶୀର୍ଣ୍ଣ—3. Lean; emaciated. ୪ । ପୁନଃ ପୁନଃ ବ୍ୟବହୃତ ପରଭୁକ୍ତ—4. Enjoyed; used repeatedly. ୫ । ତ୍ୟକ୍ତ; ପରତ୍ୟକ୍ତ—5. Abandoned; rejected. ୬ । ଉଚ୍ଛିଷ୍ଟ (ଖାଦ୍ୟାଦ); ଅଇଁଠା—6. Spitted out; left as orts. ୭ । ହ୍ରାସପ୍ରାପ୍ତ—7. Faded. ୮ । ଅପକ୍ୱ; ଅର୍ଦ୍ଧସିଦ୍ଧ—8. Raw; half-dressed. ୯ । କ୍ଳାନ୍ତ—9. Exhausted; worn out (Apte)

ଯାତରା—ଗ୍ରା. (ପଦ୍ୟ) ବ. (ସ. ଯାତ୍ରା)—ଯାତ; ଯାତ୍ରା—
Jātarā **जातरा** Religious festival or fair.
(ଉ—ବାଇଧନ । ବାଇଧନ । ବାଇଧନକୁ ମୁଁ ଶଦ୍ଧ ଅଇଲ, ଢାଗର ଯାତରା ବନ । କେଲା. ଗୀତ)

ଯାତ ଲଗା(ଗେ)ଇବା—ଦେ. କି—କୌଣସି ସ୍ଥାନରେ କଳହ ଓ
Jāta lagā(ge)ibā ଗୋଳମାଳ ପ୍ରଭୃତ ଉପୁଜାଇବା—
जातरा लगाना গোল লাগান To cause a bustle or noise.

ଯାତା—ସ. ବ. ପୁଂ (ଯା ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—୧ ।
Jātā ଗମନକାରୀ—1. Goer. ୨ । ବାଟୋଇ; ପଥିକ—
(ଯାତ୍ରୀ—ସ୍ତ୍ରୀ) 2. Traveller; wayfarer. ୩ । ରଥଚାଳକ; ସାରଥି—3. Charioteer, driver; coachman. ୪ । ଇନ୍ଦ୍ରଙ୍କ ରଥଚାଳକ; ମାତଳ—4. Indras charioteer Mātali. ୫ । ଘାତକ (ବୈ. ଶ.)—5. Murderer. ୬ । (ସ୍ତ୍ରୀ. ଯାତୃ ଶବ୍ଦ ୧ମା. ୧ବ). ଯାଆ; ସ୍ୱାମୀଙ୍କର ଭ୍ରାତୃଜାୟା—6. The wife of the brother of one's husband.

ଯାତାୟାତ—ସ. ବ (ଯାତ=ଗମନ+ଅୟାତ=ଅଗମନ)—୧ ।
Jātāyāta ଗମନାଗମନ; ଚଳପ୍ରଚଳ; ଯା ଅସ—1. Intercourse; going and coming. ୨ । କୌଣସି ସ୍ଥାନକୁ ସତତ ଯିବା ଆସିବା—2. Constant visit to a place.

ଯାତାୟାତ କରିବା—ଦେ. କି—ଯା ଅସ କରିବା—To have
Jātāyāta karibā constant intercourse
যাতায়াত করা **यातायात करना**

ଯାତକ—ସ. ଣ. ପୁଂ (ଯା ଧାତୁ+କର୍ତ୍ତୃ. ତକ)—ପଥିକ—
Jātika (ଯାତକା—ସ୍ତ୍ରୀ) Traveller.

ଯାତୁ—ସ. ଣ (ଯା ଧାତୁ+କର୍ତ୍ତୃ. ତୁ)—ଗମନକାରୀ—Going.
Jātu moving, walking. ବ—୧ । ରାକ୍ଷସ—1. Demon. ୨ । ଉପଦେବତା; ଭୂତ ପ୍ରେତ—2. A ghost; an evil spirit. ୩ । ସମୟ—3. Time.

୪ । ପଥିକ—4. Traveller; wayfarer. ୫ । ବାୟୁ—5. Wind. ୬ । ଅସ୍ତ୍ର ଶସ୍ତ୍ର—6. Weapon (Apte).

ଯାତୁଘ୍ନ—ସଂ. ବି (ଯାତୁ=ଭୂତ+ହନ୍ ଧାତୁ+କର୍ତ୍ତୃ. ଅ)—ଗୁଗ୍‌ଗୁଳ
Jātughna —Bdellium.

ଯାତୁଧାନ—ସଂ. ବି (ଯାତୁ=ରାକ୍ଷସ+ଧା ଧାତୁ=ଧାରଣ କରିବା+ କର୍ତ୍ତୃ ଅନ)—୧ । ନିଶାଚର; ରାକ୍ଷସ—1. A demon. ୨ । ଭୂତ; ପ୍ରେତ—2. Goblin; an evil spirit.
Jātudhāna

ଯାତୃକ—ସଂ. ବି (ଯାତୃ+ସ୍ୱାର୍ଥେ. କ)—ପଥିକ—Traveller.
Jātruka

ଯାତ୍ୟ—ସଂ. ବିଣ (ଯତ୍ ଧାତୁ ଣିଚ୍ +କର୍ମ.ଯ)—ଯତ୍ନ କରିବା ଯୋଗ୍ୟ; ଯତ୍ନତବ୍ୟ—Triable.
Jātya

ଯାତ୍ରା—ସଂ. ବି (ଯା ଧାତୁ+ଭାବ. ତ୍ର+ଆ)—୧ । ଭ୍ରମଣ; ଗମନ—
Jātrā 1. Going; travelling; moving; journey. ୨ । କୌଣସି ଉଦ୍ଦେଶ୍ୟରେ କୌଣସି ସ୍ଥାନରୁ ବାହାରିବା —2. Setting out; proceeding; beginning a journey for a particular purpose. [ଦ୍ର—ହିନ୍ଦୁ ଜ୍ୟୋତିଷଶାସ୍ତ୍ର ଅନୁସାରେ ଶୁଭକର୍ମ ଓ ଯାତ୍ରା କରିବା ପାଇଁ ଶୁଭ ଓ ଅଶୁଭ ମୁହୂର୍ତ୍ତ ବା ଯୋଗମାନ ନିର୍ଦ୍ଦିଷ୍ଟ ଅଛି । ଯାତ୍ରା କରିବା ମୁହୂର୍ତ୍ତର ଶୁଭାଶୁଭତା ଉପରେ ଉଦ୍ଦେଶ୍ୟସାଧନର ଫଳ ମଧ୍ୟ ନିର୍ଭର କରେ । ବାରବେଳା, କାଳବେଳା, ଯାତ୍ରାବର୍ଜ୍ଜିତ ତିଥି, ତ୍ର୍ୟହସ୍ପର୍ଶ ତିଥି, ବାରଶୂଳ, ଦିକ୍‌ଶୂଳ, ଅଶୁଦ୍ଧକାଳ, ଯାତ୍ରାଶୂଳ, ନିଷିଦ୍ଧ ନକ୍ଷତ୍ର, ଘାତଚନ୍ଦ୍ର, ଦକ୍ଷିଣ ଓ ସମ୍ମୁଖ ଯୋଗିନୀଆଦି ଯୋଗ ଯାତ୍ରାପାଇଁ ଅଶୁଭ । କେତେକ ଯୋଗରେ ଯାତ୍ରା ଏକାବେଳକେ ନିଷିଦ୍ଧ । କେତେକ ଯୋଗରେ ନିର୍ଦ୍ଦିଷ୍ଟ ଦିଗକୁ ଯାତ୍ରା ନିଷିଦ୍ଧ । ଜ୍ୟୋତିଷମତରେ ଶୁଭଯୋଗ ନ ମିଳିଲେ ଶିବାଗୌରୀ ମତରେ ଯାତ୍ରା କରିବା ପାଇଁ ଓ ଉଷାଗୋଧୂଳି ଯାତ୍ରା କରିବା ପାଇଁ ନିୟମ ଅଛି ।] ୩ । କୌଣସି କାର୍ଯ୍ୟର ନିର୍ବାହର ଉପାୟ ବା ଅବଲମ୍ବନ—3. Expedient; means of accomplishment of a certain work or aim. ୪ । ନିର୍ବାହ—4. Performance. ୫ । ଅଭିଯାନ; ଯୁଦ୍ଧାର୍ଥ ଗମନ 5. Expedition or march of an army; invasion. ୬ । ତୀର୍ଥକୁ ଯିବା—6. Starting on a pilgrimage. ୭ । ଯାତ; ଦେବତାଙ୍କ ଉତ୍ସବ—7. A festival of a Deity; a holy ceremony.
[ଦ୍ର—ପୁରୀର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବର୍ଷକ ମଧ୍ୟରେ ଅନୁଷ୍ଠିତ ଦ୍ୱାଦଶ ଯାତ୍ରା, ଯଥା—

୧ ଅକ୍ଷୟତୃତୀୟା ବା ଚନ୍ଦନଯାତ୍ରା—ବୈଶାଖ ଶୁକ୍ଳ ତୃତୀୟା । ୨ ଦେବସ୍ନାନ ପୂର୍ଣ୍ଣିମା—ଜ୍ୟୈଷ୍ଠ ପୂର୍ଣ୍ଣିମା । ୩ ଶ୍ରୀଗୁଣ୍ଡିଚା ବା ରଥଯାତ୍ରା—ଆଷାଢ଼ ଶୁକ୍ଳ ଦ୍ୱିତୀୟା । ୪ ହରିଶୟନ—ଆଷାଢ଼ ଶୁକ୍ଳ ଦ୍ୱାଦଶୀ । ୫ କର୍କଟ (ଚିତାଲାଗି) ସଂକ୍ରାନ୍ତି—ଶ୍ରାବଣ ସଂକ୍ରାନ୍ତି । ୬ ପାର୍ଶ୍ୱପରିବର୍ତ୍ତନ—ଭାଦ୍ର ଶୁକ୍ଳ ଏକାଦଶୀ । ୭ ଦେବୋତ୍ଥାନ—କାର୍ତ୍ତିକ ଶୁକ୍ଳ ଏକାଦଶୀ । ୮ ପ୍ରାବରଣ ଷଷ୍ଠୀ—ମାର୍ଗଶିର ଶୁକ୍ଳ ଷଷ୍ଠୀ । ୯ ପୁଷ୍ୟାଭିଷେକ—ପୌଷ ପୂର୍ଣ୍ଣିମା । ୧୦ ମକର ସଂକ୍ରାନ୍ତି-ମାଘ ସଂକ୍ରାନ୍ତି । ୧୧ ଦୋଳଯାତ୍ରା—ଫାଲ୍‌ଗୁନ ପୂର୍ଣ୍ଣିମା । ୧୨ ଦମନକ ଚତୁର୍ଦ୍ଦଶୀ (ଦଅଣାଚୋରି)—ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ । ସ୍କନ୍ଦପୁରାଣାଦିରେ ବର୍ଣ୍ଣିତ ବର୍ଷକର ୧୨ ମାସର ଦ୍ୱାଦଶ ଯାତ୍ରା ସହିତ ପୁରୀରେ ଅନୁଷ୍ଠିତ ଅଧୁନାତନ ଯାତ୍ରାମାନଙ୍କର କିଞ୍ଚିତ ପ୍ରଭେଦ ଲକ୍ଷିତ ହୁଏ । ଯଥା—

୧ ଚନ୍ଦନଯାତ୍ରା—ବୈଶାଖ ଶୁକ୍ଳ ତୃତୀୟା । ୨ ସ୍ନାନଯାତ୍ରା—ଜ୍ୟୈଷ୍ଠ ପୂର୍ଣ୍ଣିମା । ୩ ରଥଯାତ୍ରା—ଆଷାଢ଼ ଶୁକ୍ଳ ଦ୍ୱିତୀୟା । ୪ ଶୟନଯାତ୍ରା—ଶ୍ରାବଣ ଶୁକ୍ଳ ଦ୍ୱାଦଶୀ । ୫ ଦକ୍ଷିଣପାର୍ଶ୍ୱପରିବର୍ତ୍ତନ—ଭାଦ୍ର ଶୁକ୍ଳ ଏକାଦଶୀ । ୬ ବାମପାର୍ଶ୍ୱପରିବର୍ତ୍ତନ—ଆଶ୍ୱିନ ଶୁକ୍ଳ ଏକାଦଶୀ । ୭ ଉତ୍ଥାନଯାତ୍ରା—କାର୍ତ୍ତିକ ଶୁକ୍ଳ ଏକାଦଶୀ । ୮ ପ୍ରାବରଣଯାତ୍ରା—ମାର୍ଗଶିର ଶୁକ୍ଳ ଷଷ୍ଠୀ । ୯ ପୁଷ୍ୟାଭିଷେକ—ପୌଷ ପୂର୍ଣ୍ଣିମା । ୧୦ ଶାଲ୍ୟୋଦନ (ନୂଆଖିଆ)—ମକର ସଂକ୍ରାନ୍ତି ବା ମାଘ ସଂକ୍ରାନ୍ତି । ୧୧ ଦୋଳଯାତ୍ରା—ଫାଲ୍‌ଗୁନ ପୂର୍ଣ୍ଣିମା । ୧୨ ମଦନଭଞ୍ଜିକା ବା ଦମନକ ଭଞ୍ଜିକା—ଚୈତ୍ର ଶୁକ୍ଳ ତ୍ରୟୋଦଶୀ ।

ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ବର୍ଷକ ମଧ୍ୟରେ ଅନୁଷ୍ଠିତ ଚତୁର୍ଦ୍ଦଶ ଯାତ୍ରା, ଯଥା -

୧ ଅକ୍ଷୟତୃତୀୟା—ବୈଶାଖ ଶୁକ୍ଳ ତୃତୀୟା । ୨ ପରଶୁରାମାଷ୍ଟମୀ—ଆଷାଢ଼ ଶୁକ୍ଳାଷ୍ଟମୀ । ୩ ଶୟନ ଚତୁର୍ଦ୍ଦଶୀ-ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ । ୪ ପବିତ୍ରାରୋପଣ—ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀ । ୫ ଯମ ଦ୍ୱିତୀୟା—କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା । ୬ ଶିବୋତ୍ଥାପନ—କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ । ୭ ପ୍ରଥମାଷ୍ଟମୀ-ମାର୍ଗଶିର କୃଷ୍ଣାଷ୍ଟମୀ । ୮ ପ୍ରାବରଣ ଷଷ୍ଠୀ—ମାର୍ଗଶିର ଶୁକ୍ଳ ଷଷ୍ଠୀ । ୯ ପୁଷ୍ୟାଭିଷେକ—ପୌଷ ପୂର୍ଣ୍ଣିମା । ୧୦ ମକର ଯାତ୍ରା—ମାଘ କୃଷ୍ଣ ଚତୁର୍ଦ୍ଦଶୀ । ୧୧ ମାଘ ସପ୍ତମୀ—ମାଘ ଶୁକ୍ଳ ସପ୍ତମୀ । ୧୨ ଶିବରାତ୍ରି—ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ । ୧୩ । ଅଶୋକାଷ୍ଟମୀ—ଚୈତ୍ର ଶୁକ୍ଳ ଅଷ୍ଟମୀ । (ଲିଙ୍ଗରାଜଙ୍କ ରଥଯାତ୍ରା) ୧୪ ଦମନକ ଚତୁର୍ଦ୍ଦଶୀ-ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ।]

୮ । ଧର୍ମସମ୍ବନ୍ଧୀୟମେଳା—8. A religious fair. ୯ । ବ୍ୟବହାର; ଆଚାର; ପ୍ରଥା—9. Practice; custom. ୧୦ । ନୃତ୍ୟବାଦ୍ୟାଦି ସହିତ ସାଡ଼ମ୍ବର ଯାତ୍ରା; ଶୋଭାଯାତ୍ରା—10. A procession; festive train. ୧୧ । ନୌକାଦ୍ୱାରା ଯିବା—11. Voyage. ୧୨ । ସମୟ ଯାପନ; ଅତିବାହନ ବା କ୍ଷେପଣ—12. The passing away of time. ୧୩(+କର୍ତ୍ତୃ. ତ୍ର+ଆ)ତୀର୍ଥଯାତ୍ରୀ ଦଳ—13. A company of pilgrims (Apte). ୧୪ ।

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଣ,ଷ	ଞ୍ଜ	ଇୟୁ	ଉଅ	ଢ଼
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗଁ୍ୟ	ଇଅ	●	ନୃ

(+ଅଧିକରଣ. ଯା+ଅ)—ପଥ—14. Road (Apte). ୧୫। ଜୀବନଯାତ୍ରା; ପେଷା; ବୃତ୍ତି; ଜୀବିକା; ଭରଣପୋଷଣ—15. Support of life, livelihood; maintenance (Apte) ୧୬ । ଏକପ୍ରକାର ନାଟ୍ୟାଭିନୟ—16. A kind of dramatic performance (Apte). ୧୭ । ସହବାସ—17 Intercourse (Apte). ୧୮ । (+କରଣ. ଯା+ଅ)—ଉପାୟ—18. Means; expedient (Apte). ୧୯ । ଯାନ—19. A vehicle in general (Apte). ଦେ. ବି— ୧ । ପାଲା; ପଟ୍ଟୀଗ୍ରାମ୍ୟ ନାଟ୍ୟାଭିନୟ; ନୃତ୍ୟଗୀତାଦି ଅଭିନୟ; ଯେଉଁ ନୃତ୍ୟଗୀତାଦିରେ ଓ ଅଭିନୟରେ ରଙ୍ଗମଞ୍ଚ ପ୍ରସ୍ତୁତ କରିବାକୁ ହୁଏ ନାହିଁ ଓ ଅଭିନେତୃଗଣଙ୍କ ସାଜସଜ୍ଜା ପ୍ରଭୃତି ନାଟକାଭିନୟ ଭଳି ଦୃଷ୍ଟି ଦିଆଯାଏ ନାହିଁ — 1. A musical or theatrical performance and dancing without a stage; pantomime [ଦ୍ର—ଆନନ୍ଦ ଉପଭୋଗ କରିବାର ବାସନା ପ୍ରତ୍ୟେକ ପ୍ରାଣୀଙ୍କର ଅଛି । ମାନବ ଏ ସଂସାର ଯାତ୍ରା ନିର୍ବାହ କରୁଛି କାହିଁକି ? କେବଳ ସୁଖଭୋଗ ପାଇଁ ସିନା । ମାନବ ଗୋଟିଏ ଜ୍ଞାନହୀନ ସମ୍ଭୂତ ଜଡ଼ବସ୍ତୁ ନୁହେଁ । ମାନବ ସର୍ବଦା ସୁଖାଭିଳାଷୀ । ସୁଖାନ୍ୱେଷଣ ମାନବର ପ୍ରକୃତି । କୌଣସି ଲୋକ ଦୁଃଖ ଲୋଡ଼େ ନାହିଁ । ମାନବ ଯେଉଁ ସୁଖାନ୍ୱେଷଣ କରେ ସେ ସୁଖର ଆକାର ପ୍ରକାର ଅସୀମ । ସୁଖ ଦୁଃଖ ଦୁଇଟି ପ୍ରକୃତ ବାହ୍ୟ ବସ୍ତୁ ନୁହେ । ସୁଖ ଦୁଃଖ, ଏ ଦୁଇଟି ମାନବ ମନର ଦୁଇଟି ବିକୃତ ଅବସ୍ଥା ମାତ୍ର । ଜଣେ ଯାହାକୁ ସୁଖ ବୋଲି ମନେକରେ ଅନ୍ୟ ଜଣେ ତାକୁଇ ଦୁଃଖ ବୋଲି ମନେକରେ । ମାନବ ସଂସାରର କ୍ଷଣିକ ସୁଖରେ ଜଡ଼ିତ ହୋଇଯାଏ । କାହାର କେଉଁ ବିଷୟରୁ ସୁଖଲାଭ ହୁଏ ତାହାର ଇୟତ୍ତା କରି ହେବ ନାହିଁ । ସୁଖଦାୟକ ବସ୍ତୁ ମଧ୍ୟରେ ନୃତ୍ୟ-ଗୀତ-ବାଦ୍ୟ ଗୋଟିଏ । ଏଥିରେ ଅଧିକାଂଶ ଲୋକ ସୁଖାନୁଭବ କରନ୍ତି ଏବଂ ତଦ୍ଦ୍ୱାରା ଆକୃଷ୍ଟ ହୁଅନ୍ତି । ଶ୍ରମାପନୋଦନ ପାଇଁ ଏହା ପ୍ରକୃଷ୍ଟ ଉପାୟ । ଅବସରବେଳେ ସଙ୍ଗୀତ ଆସି ମନରେ ସ୍ୱତଃ ଉଦିତ ହୁଏ । ମନୁଷ୍ୟ ଆଉ କିଛି ନ ପାଇଲେ ନିଜେ ଗୀତ ଗାଏ ଏବଂ ତାକୁ ଅନ୍ୟ କିଛି ଯନ୍ତ୍ର ନ ମିଳିଲେ ହାତରେ ତାଳ ପକାଏ । ଆମର ଗୋଟିଏ ଛୁଆ ଅଛି, ମନ ଫୁଲାଣିଆ ଗୀତ ଗାଏ । ପୃଥିବୀର ସକଳ ଜାତି ଓ ସକଳ ଶ୍ରେଣୀର ଲୋକଙ୍କର ଉଣାଅଧିକେ ଉନ୍ନତ ଅବନତ ଅବସ୍ଥା ରହି ଆସିଛି ଓ ଥିବ । କିନ୍ତୁ ମାନବସମାଜର ଏ ସଙ୍ଗୀତପ୍ରିୟତା କେବେ ଲୋପ ପାଇବ ନାହିଁ । ସଭ୍ୟ ଜଗତ୍ ହେଉ ବା ଅସଭ୍ୟ ଜଗତ୍ ହେଉ, ସଙ୍ଗୀତ ସର୍ବତ୍ର ଆଦୃତ । କାର୍ଯ୍ୟ କରୁଥିବାବେଳେ ବା କାର୍ଯ୍ୟରୁ ଅବସର ନେଲାବେଳେ ମନୁଷ୍ୟର ମୁହଁରୁ ସଙ୍ଗୀତ ସ୍ରୋତ ସ୍ୱତଃ ଫିଟିଯାଏ । ଆମ ଉତ୍କଳ ପ୍ରଦେଶରେ ସକଳ ଶ୍ରେଣୀର ଲୋକେ ସଙ୍ଗୀତପ୍ରିୟାସୀ । ହଳିଆ ହଳ କରୁଛି ଅଥଚ ଗୀତ ଗାଉଛି । ପାଣିବୁହାଳମାନେ ପାଣି ବୁହାଉ ଅଛନ୍ତି ଅଥଚ ଗୀତ ଗାଉଛନ୍ତି; ଶଗଡ଼ିଆ ଶଗଡ଼ ବୁହାଉଛି ଓ ଗୀତ ଗାଉଛି । ଏହାଦ୍ୱାରା ଶଗଡ଼ିଆ, ହଳିଆ ଓ ପାଣିବୁହାଳଙ୍କ ମନ ପ୍ରଫୁଲ୍ଲ ହେଉଛି । ଏ ଗୁଡ଼ିକ ଗ୍ରାମ୍ୟ ସାହିତ୍ୟ-ସଙ୍ଗୀତ । ଓଡ଼ିଆ ସାହିତ୍ୟର ଏ ଗୁଡ଼ିକ ମୂଳଦୁଆ । ଏ ସବୁ କୌଣସିଠାରେ ପୁସ୍ତକରେ ଲିଖିତ ହୋଇ ନାହିଁ । ଲୋକଙ୍କ ମୁହେଁ ମୁହେଁ ଅଛି । ଏହାର ଉଚ୍ଚତର ସ୍ତର ହେଉଛି ଭାଗବତ ଘରର ଭଜନ, କୀର୍ତ୍ତନ, ପୁରାଣ ପାଠ ଇତ୍ୟାଦି । ଲୋକ କେବଳ ଏତିକରେ ସନ୍ତୁଷ୍ଟ ରହେ ନାହିଁ, ଟିକିଏ ରଙ୍ଗରହସ୍ୟ ମଧ୍ୟ ଲୋଡ଼େ । ଏହି ରଙ୍ଗ ରହସ୍ୟରୁ ଯାତ୍ରାର ଉତ୍ପତ୍ତି । ଯାତ୍ରାରେ କେବଳ ରଙ୍ଗ ରହସ୍ୟ ନ ଥାଏ, ନାନା ପୌରାଣିକ ଆଖ୍ୟାନ ସଙ୍ଗେ ସଙ୍ଗେ ରଙ୍ଗରହସ୍ୟମିଶ୍ରିତ ଥାଏ । ପାଲା, ଶବରଶବରୁଣୀଙ୍କ ଯାତ୍ରା, ମଧୁମଙ୍ଗଳ, ଚଇତି-ଘୋଡ଼ା, ରାମଲୀଳା, ଭାରତଲୀଳା, ପାଟୁଆଯାତ୍ରା, ଝାମୁଯାତ୍ରା ପ୍ରଭୃତି ଆମଦେଶର ମୌଳିକ ଓ ଲୌକିକ ଯାତ୍ରା । ଏ ସବୁ ଯାତ୍ରାରେ ଓଡ଼ିଆ ସଙ୍ଗୀତର ବା ପଦ୍ୟର ମୌଳିକତା ଦେଖାଯାଏ । ବ୍ୟୋମକାଶ ଜଗତର ନିୟମ । ପଦ୍ୟକୁ ଗୀତରେ ଗାଇ ହେବ; ଗଦ୍ୟକୁ ଗୀତରେ ଗାଇ ହେବ ନାହିଁ । ଗୀତ ଜନସାଧାରଣଙ୍କ ମନକୁ ଯେଉଁପରି ଆକୃଷ୍ଟ କରେ ଗଦ୍ୟ ସାହିତ୍ୟ ସେପରି ଆକର୍ଷଣ କରି ପାରେ ନାହିଁ । ପଦ୍ୟ ରଚନା ସହଜ ନୁହେ । କବିମାନେ ଗୀତ ବାନ୍ଧନ୍ତି । ସମାଜରେ ସମସ୍ତେ କବି ନୁହନ୍ତି । ଲୋକ-ସାଧାରଣ ମଧ୍ୟରେ କି ପ୍ରକାର କବିତା ପ୍ରଚଳିତ ଥିଲା ତହିଁର ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେଲେ ପାଠକମାନେ ବୁଝି-ପାରିବେ । "ଗୁଡ଼ୁଳ ଭାଙ୍ଗିଲି ଝାଉଁ (ଡା ପୋଖରୀରେ ରଙ୍ଗ କଇଁ) ଡାକି ଡାକି ମୋର ତଣ୍ଟି ଶୁଖିଗଲା, ସାଆନ୍ତ ଶୁଣିଲେ ନାହିଁ ।" ଏଥିରୁ ଦେଖାଯାଏ, ପ୍ରକୃତ କଥା ପ୍ରକାଶ କରିବାକୁ ଯାଇ ଗାୟକ ଏଥିରେ ଅନାବଶ୍ୟକ ପ୍ରଥମ ପାଦ ଯୋଡ଼ିଅଛି । ଯେତେବେଳେ ଲୋକେ ପାଠ ପଢ଼ି ପଣ୍ଡିତ ହୋଇ ନ ଥିଲେ, ଯେତେ-ବେଳେ ଲୋକସାଧାରଣ ମଧ୍ୟରେ ଉଚ୍ଚ ଶିକ୍ଷା ପ୍ରବେଶ କରି ନ ଥିଲା, ଲୋକଙ୍କର ରଚନାଶକ୍ତି ଯେତେବେଳେ ପରିପକ୍ୱ ହୋଇ ନ ଥିଲା, ସେତେବେଳେ ଉପର୍ଯ୍ୟୁକ୍ତ ପ୍ରକାରର ରଚନାମାନ ପ୍ରଚଳିତ ଥିଲା । ଏଗୁଡ଼ିକ ସଂଗୃହୀତ ହୋଇ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ **ଅକ୍ଷର ଓ ମାତ୍ରା ମଧ୍ୟରେ** ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ ଗାଈ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ'ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; ଆଗ୍ୟାଁ ନ ପାଇଲେ 'ଆଜ୍ଞା' ଦେଖିବେ;'ଅଲବତ' ନ ପାଇଲେ 'ଅଲ୍‌ବତ୍‌'ଦେଖିବେ ।

ସାଇତା ହେବା ଆବଶ୍ୟକ । ବିଲାତରେ ଭଗବାନ୍ ପ୍ରଭୃତିଙ୍କ ଲେଖାର ଯେଉଁ ସ୍ଥାନ, ଆମ ଦେଶର ଏ ଗୀତମାନଙ୍କର ସେହି ସ୍ଥାନ । ଲୋକେ ଏ ସବୁ ଗୀତ ତାତ୍କାଳିକ ରଚନା କରି ଗାଇ ଯାଆନ୍ତି । ଏଥିରୁ ଲୋକସାଧାରଣଙ୍କ କବିତା-ଶକ୍ତିର ପରିଚୟ ମିଳେ । ବୈଶ୍ୟ ହରି, ସଦାଶିବ ପ୍ରଭୃତି କବିମାନେ ଯାତ୍ରା ପାଇଁ ଗୀତ ରଚନା କରୁଥିଲେ । ଯାତ୍ରା-ମାନଙ୍କରେ ଏହି ସବୁ ଗୀତ ବୋଲା ଯାଉଥିଲା । ଯାତ୍ରା-ଗୁଡ଼ିକ ବ୍ୟୟସାପେକ୍ଷ ନ ଥିଲା । ଯାତ୍ରାପାଇଁ ରଙ୍ଗମଞ୍ଚର ଆବଶ୍ୟକତା ନ ଥିଲା, ସାଜସଜ୍ଜାର ବିଶେଷ ଆବଶ୍ୟକତା ନ ଥିଲା,ଉଚ୍ଚ ମୂଲ୍ୟର ବାଦ୍ୟ ଯନ୍ତ୍ରର ଆବଶ୍ୟକତା ନ ଥିଲା, ଲମ୍ବା ବତି ଡେଲାଇଟ୍ ଆଲୋକର ଆବଶ୍ୟକତା ନ ଥିଲା । ଯାତ୍ରାର ଆଲୁଅ ମଶାଲ; ବାଦ୍ୟ ପଖାଉଜ, କରତାଳ, ଗିନି, ମୃଦଙ୍ଗ, ଢୁମକି, ଖଞ୍ଜଣୀ, ଝାଞ୍ଜ; ସାଜସଜ୍ଜା ମଧ୍ୟରେ ଶାଢ଼ି, ପାଟ, ଖଣ୍ଡୁଆ, ଚନ୍ଦ୍ର, ପାଟୁଡ଼ି, ନୋଥ, ଗୁଣା ଅଳଙ୍କାର, ଯାହା ସମସ୍ତଙ୍କ ଘରୁ ମିଳିବ, ଓ ଯାହା ଧାର କରିଆଣି ଯାତ୍ରା ପରେ ଫେରାଇ ଦିଆଯିବ; ସାବୁନ୍ ବା ପାଉଡର୍ ନ ଥିଲା । ବର୍ଣ୍ଣକ ମଧ୍ୟରେ ହଳଦୀ, କଳା, ସିନ୍ଦୁର, ଯାହା ମଫସଲର ପଲ୍ଲୀରେ ସହଜରେ ସୁବିଧାରେ ମିଳିବ । ଏସବୁ ଥିଲା ଯାତ୍ରାର ପ୍ରଧାନ ସାମଗ୍ରୀ । ରଙ୍ଗମଞ୍ଚ ପରିବର୍ତ୍ତରେ ନଡ଼ିଆ,ବରଡ଼ା ବୃକ୍ଷ, ଜଳୁବା ବେଦିସ । ଦେବା ନେବା ବିଷୟରେ ଲୁଗା ପଇସା, ଯାହାର ଯାହା ଇଚ୍ଛା ସେ ତାହା ଦେଉଥିଲା; ବିଷୟ ଥିଲା ରାମାୟଣ, ମହାଭାରତ, ମଥୁରାମଙ୍ଗଳ । ଏହିସବୁ ଶାସ୍ତ୍ରକୁ ଅବଲମ୍ବନ କରି ଯାତ୍ରା ଉପ-ଯୋଗୀ ଲେଖା ପ୍ରକାଶିତ ହେଉଥିଲା । ଲୋକସାଧାରଣ ଏତ-ଦ୍ଵାରା ସେମାନଙ୍କ କୌତୂହଳ ଚରିତାର୍ଥ କରୁଥିଲେ । ରାମ ଓ କୃଷ୍ଣଙ୍କ ଚରିତ ନେଇ ନାନାପ୍ରକାର ଯାତ୍ରାମାନ ହେଉଥିଲା । ଏହାଛଡ଼ା ସତ୍ୟନାରାୟଣ ବା ସତ୍ୟପୀରଙ୍କ ପୂଜା ପୋଥିଦ୍ୱାରା ଓ ନୃତ୍ୟ ଗୀତାଦିଦ୍ୱାରା ବୋଲାଯାଉଥିଲା । ଏହା ଯଥା-କ୍ରମେ ପୋଥିପାଲା ଓ ଠିଆପାଲା ନାମରେ ଅଭିହିତ । ପାଲାର ଗାୟକମାନେ ଅଗାଧ ପାଣ୍ଡିତ୍ୟ ଲାଭ କରୁଥିଲେ । ଏତଦ୍ଦ୍ୱାରା ଲୋକସମାଜରେ ବିଦ୍ୟାଚର୍ଚ୍ଚା, ଧର୍ମଚର୍ଚ୍ଚା, ନୀତି-ଚର୍ଚ୍ଚା ଓ ସଙ୍ଗେ ସଙ୍ଗେ ସଙ୍ଗୀତଚର୍ଚ୍ଚା ହେଉଥିଲା । ଲୋକେ ନିରକ୍ଷର ଥାଇ ମଧ୍ୟ ବହୁତ କଥା ଶୁଣୁ ଥିଲେ, ଜାଣୁଥିଲେ, ମନେ ରଖୁଥିଲେ, ଏବଂ ତଦ୍ଦ୍ୱାରା ଲୋକଙ୍କ ମଧ୍ୟରେ ଧର୍ମଭାବ ସତତ ଜାଗ୍ରତ ରହୁଥିଲା । ପାଲାବାଲାମାନେ ବହୁତ ଶାସ୍ତ୍ର ମୁଖସ୍ଥ କରିଥିଲେ । ପରଦା ଭିତରୁ ଅଭିନେତା ବା ଗାୟକଙ୍କୁ ମନେ ପକାଇ ଦେବା (Prompt କରିବା) ପ୍ରଥା ନ ଥିଲା । ସ୍କୁଲ କଲେଜ ଶିକ୍ଷା ନ ପାଇ, ଅକ୍ଷରଜ୍ଞାନ ନ ଥାଇ ମଧ୍ୟ ଯାତ୍ରାଦଳଙ୍କ ମୁଖରୁ ରାମାୟଣ, ମହାଭାରତ, ଭାଗବତ, ଅଷ୍ଟାଦଶ ପୁରାଣ ଆଦିର କଥା ଶୁଣି ଲୋକେ

ବହୁତ ଜ୍ଞାନ ଲାଭ କରୁଥିଲେ । ଏହାଦ୍ୱାରା ଧର୍ମକଥା, ନୀତି-କଥା ସେମାନଙ୍କ କାନରେ ପଡ଼ୁଥିଲା; ଆମୋଦ ପ୍ରମୋଦ ସଙ୍ଗେ ସଙ୍ଗେ ଧର୍ମଶିକ୍ଷା, ନୀତିଶିକ୍ଷା ହେଉଥିଲା । ପଲ୍ଲୀବାସୀ ନିରକ୍ଷର ବ୍ୟକ୍ତି ଶୁଣି ଶୁଣି ବହୁତ କଥା ଜାଣେ ଏବଂ ବହୁତ ଅଭିଜ୍ଞତା ଲାଭ କରେ, ବହୁତ କଥା ମନେ ରଖେ, କଥା ପଡ଼ିଲେ ବହୁତ କଥା ଆବୃତ୍ତି କରେ । ଯାତ୍ରାରେ ହାସ୍ୟ ରସ ପ୍ରଧାନ ଅଭିନେତା ଥିଲା ହାସ୍ୟ । ହାସ୍ୟମୁଖରେ ସକଳ ପ୍ରକାର ରଙ୍ଗରହସ୍ୟ, ଥଟ୍ଟା ତାମସା ପ୍ରକାଶ କରା-ଯାଏ ଓ ତଦ୍ଦ୍ୱାରା ଶ୍ରୋତୃସମାଜରେ ହାସ୍ୟରସର ଉଦ୍ରେକ ହୁଏ । ହାସ୍ୟରସ ଗୋଟିଏ ପ୍ରଧାନ ରସ । ଶୃଙ୍ଗାର, କରୁଣ, ବୀଭତ୍ସ, ବୀର, ହାସ୍ୟ, ଭୟାନକ ପ୍ରଭୃତି ଯେତେ ରସ ଅଛି ତହିଁ ମଧ୍ୟରୁ ହାସ୍ୟରସ ଶୁଣି ଲୋକେ ବିଶେଷ ମୁଗ୍ଧ ହୁଅନ୍ତି । ଅନ୍ୟାନ୍ୟ ରସ ଶୁଣି ଶୁଣି ଯେବେ ମନରେ ବିରକ୍ତି ବା ଅବସାଦ ଆସେ ସେତେବେଳେ ହାସ୍ୟରସ ପୁନର୍ବାର ମନକୁ ଆନନ୍ଦ ଉତ୍ଫୁଲ୍ଲ କରିଦିଏ; ଏଥି ସକାଶେ ଯାତ୍ରା ପ୍ରଭୃତିରେ ହାସ୍ୟରସର ବିଶେଷ ଆବଶ୍ୟକତା । ହାସ୍ୟରସ ବଡ଼ ଉପାଦେୟ ରସ । ତହିଁର ମାତ୍ରା ଅତିରିକ୍ତ ହୋଇଗଲେ ଲୋକେ ତାକୁ ଅଶ୍ଳୀଳ ବୋଲି କହନ୍ତି । ଯାତ୍ରା-ମାନଙ୍କରେ ହାସ୍ୟ ହିଁ ରସିକତାର ମାତ୍ରା ବଳାଇ ପକାଏ ଓ କଥାଗୁଡ଼ାକ ଖୋଲା ଓ ଅସଂଯତ ଭାଷାରେ କହି ପକାଏ; ଅଙ୍ଗ-ଭଙ୍ଗୀ ହିଁ ଅତିରିକ୍ତ ମାତ୍ରାରେ କରେ; କଥା କହିଲାବେଳେ ପାତ୍ରାପାତ୍ରର ବିବେଚନା ରଖେନାହିଁ । ତାର କେବଳ ଲକ୍ଷ୍ୟ, କଥା ଶୁଣିଲେ ଲୋକେ ହୋ ହୋ ହୋଇ ହସିବେ । ଏହି ସବୁ କାରଣରୁ ଆମ ପ୍ରାଚୀନ ଯାତ୍ରାଗୁଡ଼ିକ ଆଧୁନିକ ନବ୍ୟସଭ୍ୟମାନଙ୍କ ରୁଚିସମ୍ମତ ହେଉ ନାହିଁ । ଯେଉଁମାନେ ରଙ୍ଗମଞ୍ଚରେ ନାଟକାଭିନୟ ପ୍ରଭୃତି ଦେଖିଛନ୍ତି ସେମାନେ ଦେଶୀୟ ଯାତ୍ରାକୁ ପସନ୍ଦ କରି ନାହାନ୍ତି, ଘୃଣାଚକ୍ଷୁରେ ଦେଖୁଛନ୍ତି ଏବଂ ସେଗୁଡ଼ିକର ଲୋପ ବାଞ୍ଛା କରୁଅଛନ୍ତି । ଏପରି ଅବସ୍ଥାରେ ଆମ୍ଭମାନଙ୍କ କର୍ତ୍ତବ୍ୟ କଅଣ ? ଦେଶର ଏହିପରି ପରିସ୍ଥିତି ଥିଲାବେଳେ ଏଦେଶକୁ ରେଳ ଆସିଲା । ଲୋକେ କଲିକତା ଯାଇ ସେଠାରେ ରଙ୍ଗମଞ୍ଚ ପ୍ରଭୃତି ଦେଖିଲେ; ରଙ୍ଗମଞ୍ଚରେ ନାଟକାଭିନୟ ଦେଖି ଦେଖି କ୍ରମେ ତହିଁ ପ୍ରତି ଆକୃଷ୍ଟ ହେଲେ । କ୍ରମେ ଏ ଦେଶର ଯାତ୍ରାଦଳ ଭିତରେ ହିଁ ସଂସ୍କାର ପ୍ରବେଶ କଲା । ପ୍ରଥମ ସଂସ୍କାରପ୍ରବର୍ତ୍ତକ ବୈଷ୍ଣବ ପାଣି ଅଟନ୍ତି । ସେ ଅନେକଗୁଡ଼ିଏ ଗୀତାଭିନୟ ଲେଖି ପ୍ରଚାର କଲେ ଏବଂ ପୋଷାକପତ୍ର, ଯନ୍ତ୍ର ପ୍ରଭୃତି ଓ ବର୍ଣ୍ଣନାକାରେ ହିଁ ଆଧୁନିକ ଧରଣ ପ୍ରବେଶ କରାଇଲେ । ଆଉ କେତେକଣ ତାଙ୍କ ସମସାମୟିକ(ଗୋପାଳ ଦାସ ଆଦି) ଏଦିଗରେ ବ୍ରତୀ ହେଲେ । ଏମାନେ ଉଚ୍ଚଶିକ୍ଷିତ ହୋଇ ନ ଥିବାରୁ ମଧ୍ୟ ଯୁଗୋଚିତ

ପୂର୍ଣ୍ଣ ସଂସ୍କାର ଆଣି ପାରିଲେ ନାହିଁ । ଏମାନେ ନାଟକୀୟ ଛଟାର ଅନେକ ଅନୁକରଣ କରିବାକୁ ଆରମ୍ଭ କଲେ । ଏମାନେ ପ୍ରଥମେ କେବଳ ଗୀତରେ ଅଭିନୟ ଦେଖାଇଲା ପରେ କିଛି କିଛି ଗଦ୍ୟ ଭାଷା ବ୍ୟବହାର କଲେ । ଏମାନଙ୍କ ପରେ କବି ବାଳକୃଷ୍ଣ ମହାନ୍ତି କେତେଗୁଡ଼ିଏ ଗୀତାଭିନୟ ଲେଖିଲେ । ଏ ମହାଶୟ ଗୀତାଭିନୟକୁ ନାଟକ ଛାଞ୍ଚରେ ଢାଳିବାକୁ ଚେଷ୍ଟା କଲେ । ଏହାଙ୍କ ଲେଖାରେ ଗଦ୍ୟାଂଶର ବହୁଳତା ଦେଖାଗଲା ଏବଂ ନାଟକୀୟ ଛଟା, ପୋଷାକ ଓ ଯନ୍ତ୍ର ପ୍ରଭୃତିର ବହୁଳ ଆବଶ୍ୟକତା ଦେଖାଗଲା, ତଥାପି ଏ ସମସ୍ତ ପରିବର୍ତ୍ତନ ଆଧୁନିକ ରୁଚିର ପୂର୍ଣ୍ଣ ଅନୁମୋଦିତ ହେଲା ନାହିଁ ଓ ଶିକ୍ଷିତ ସମାଜର ପୂର୍ଣ୍ଣ ଦୃଷ୍ଟି ଆକର୍ଷଣ କରି ପାରିଲା ନାହିଁ । କ୍ରମେ ଦେଶରେ ସ୍ଥାନେ ସ୍ଥାନେ ନାଟକାଭିନୟର ସୂତ୍ରପାତ ହେଲା । ପ୍ରଥମେ ସ୍ୱର୍ଗୀୟ ଡାକ୍ତର ଗଗନ ବାବୁ ପୁରୀ ସହରରେ ନାଟକାଭିନୟ ଆରମ୍ଭ କଲେ । ଏହି ଅନୁଷ୍ଠାନ ଆଜି ଜଗନ୍ନାଥ କ୍ଳବ୍ ନାମରେ ପରିଚିତ । ଗଗନ ବାବୁଙ୍କ ପରେ ସ୍ୱର୍ଗୀୟ ବନମାଳୀ ପତି ମହାଶୟ ବଲଙ୍ଗାଠାରେ ଗୋଟିଏ ନାଟକାଭିନେତୃ-ଦଳର ସୃଷ୍ଟି କଲେ । ସେ ମହାଶୟ ଏହି ନାଟକ ଦଳକୁ ଓଡ଼ିଶାର ନାନା ସ୍ଥାନକୁ ପଠାଇ ନାଟକାଭିନୟ ଦେଖାଇଲେ, କିନ୍ତୁ ସେ ଏଥିରେ ଲାଭବାନ୍ ହୋଇ ପାରିଲେ ନାହିଁ । ବହୁତ ଋଣଗ୍ରସ୍ତ ହୋଇ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେ ଏ ଦଳକୁ ବଞ୍ଚାଇ ରଖିଥିଲେ । ପରେ ତାଙ୍କ ଉତ୍ତରାଧିକାରୀମାନେ ଏ ରଙ୍ଗମଞ୍ଚ ଓ ସାଜସଜ୍ଜାକୁ ବିକି ଦେଇ ଦେଲେ । କଟକରେ ଏହି ଦଳ ଯାଇ ଆର୍ଟ ଥିଏଟର ନାମରେ ପରିଚିତ ହେଲେ ଓ କେତେକ ବର୍ଷ ପରେ ମ୍ରିୟମାଣ ଅବସ୍ଥାକୁ ଆସିଲେ । ପୁରୀର ଶ୍ରୀ ମୋହନଗୋସ୍ୱାମୀ, ଶ୍ରୀ ଗୋବିନ୍ଦଚନ୍ଦ୍ର ସୁରଦେଓ, ଭିକାରଚନ୍ଦ୍ର, କାଳୀଚରଣ ପଟ୍ଟନାୟକ, ଅଶ୍ୱିନୀ ବାବୁ ଗୋଟିଏ ଗୋଟିଏ ନାଟକଦଳ ସୃଷ୍ଟି କରିଅଛନ୍ତି, କିନ୍ତୁ ଶିକ୍ଷିତ ଓ ଧନୀକମାନଙ୍କଠାରୁ ସମୁଚିତ ସମାଦର ନ ପାଇବାରୁ ସେ ଦଳମାନ ମୃତ ବା ମ୍ରିୟମାଣ । ଫଳତଃ ଓଡ଼ିଶାର କୌଣସି ଅଞ୍ଚଳରେ ଏ ପର୍ଯ୍ୟନ୍ତ ଗୋଟିଏ ସ୍ଥାୟୀ ନାଟକ ଦଳ ସ୍ଥାୟୀ ହୋଇ ପାରିଲା ନାହିଁ । ଇତିମଧ୍ୟରେ କେତେକ ଲେଖକ ନାଟକ ଲେଖିବା ପାଇଁ ମନ ବଳାଇଲେ । କଟକର ଅଶ୍ୱିନୀ ବାବୁ କେତେଗୁଡ଼ିଏ ନାଟକ ଲେଖିଅଛନ୍ତି ଓ ସେମାନ କଟକର ଅର୍ଟ ଥିଏଟରରେ ଅଭିନୀତ କରାଇଅଛନ୍ତି । ଅଶ୍ୱିନୀ ବାବୁଙ୍କ ଲେଖାଗୁଡ଼ିକ ମୋଟ ଉପରେ ଭଲ ହୋଇ ପାରେ, ମାତ୍ର ଅନେକ ସ୍ଥଳରେ ଓଡ଼ିଆ ଭାଷାର ରୀତିଗତ ବ୍ୟବହାର (idiomatic use) ସର୍ବଜନସମ୍ମତ ନୁହେ । ଉତ୍କଳର ଅନେକ ସ୍ଥାନରେ ସୌଖୀନ ନାଟକ ଦଳର ସୃଷ୍ଟି ହେଲା । ସ୍କୁଲ କଲେଜର ଛାତ୍ରମାନେ ଇତିମଧ୍ୟରେ ସୌଖୀନ୍ ନାଟକାଭିନୟ କରୁଅଛନ୍ତି । ଯାତ୍ରାଦଳମାନେ ଏହି ସବୁ ପାରିପାର୍ଶ୍ୱିକ ଅବସ୍ଥା ଦେଖି ଆପେ ଆପେ ସଂସ୍କୃତ ହେବାକୁ ଚେଷ୍ଟା କରୁଅଛନ୍ତି, ମାତ୍ର ସେମାନେ ସେପରି ଶିକ୍ଷା ଦୀକ୍ଷା ପାଇ ପାରୁ ନାହାନ୍ତି, କିମ୍ବା ଅର୍ଥ ସାହାଯ୍ୟ ପାଇ ପାରୁ ନାହାନ୍ତି । ଏସବୁ ଅନୁଷ୍ଠାନ ପୂର୍ଣ୍ଣରୂପେ ଆଧୁନିକ ରୁଚିସମ୍ମତ କରି ଗଢ଼ିବାକୁ ହେଲେ ପ୍ରଭୂତ ଧନବଳ ଓ ଜନବଳ ଆବଶ୍ୟକ । ଓଡ଼ିଶାରେ ରଙ୍ଗମଞ୍ଚ ସ୍ଥାୟୀ ହେବା ସହଜ ନୁହେଁ । ରଙ୍ଗମଞ୍ଚ ବହୁ ବ୍ୟୟସାଧ୍ୟ । ବହୁତ ପଇସା ଦେଇ ପ୍ରତିଦିନ ନାଟ୍ୟ ଥିଏଟରରେ ଅଭିନୟ ଦେଖିବା ଲୋକ ଓଡ଼ିଶାରେ ବେଶି ନାହାନ୍ତି । ସୁତରାଂ ରଙ୍ଗମଞ୍ଚ ସ୍ଥାୟୀଭାବରେ ଓଡ଼ିଶାରେ ତିଷ୍ଠିବ ନାହିଁ । ଅଥଚ ଦେଶରେ ଲୋକମାନେ ଆମୋଦ ପ୍ରମୋଦ, ରଙ୍ଗ ରହସ୍ୟ ଛାଡ଼ି ପାରିବେ ନାହିଁ; ଏଥିପାଇଁ ଅଳ୍ପ ପଇସା ଖରଚ କରି ବାୟୋସ୍କୋପ, ସିନେମା, ଠାକୁ ଆଡ଼କୁ ଆକୃଷ୍ଟ ହେଉ ଅଛନ୍ତି । କେହି କେହି କହନ୍ତି ଏ ଯାତ୍ରା ପ୍ରଭୃତି ଦେଶରୁ ସମୂଳ ଲୁପ୍ତ ହେବା ଉଚିତ, ଏତଦ୍ୱାରା ଲୋକଙ୍କର ବହୁତ ପଇସା ବ୍ୟୟ ହୋଇ ଯାଉଛି । ଏ କଥାର ଯୁକ୍ତିଯୁକ୍ତତା ଆମ୍ଭେ କିଛି ବୁଝି-ପାରୁ ନାହୁଁ । ଲୋକ ସାଧାରଣ ଏ କଥା ଶୁଣିବେ କାହିଁକି ?

ଧନୀ ଓ ଶିକ୍ଷିତମାନେ ବେଶି ପଇସା ଖରଚ କରି ରଙ୍ଗମଞ୍ଚରେ ନାଟକାଭିନୟ ଦେଖିବେ । ସବାକ୍ ଚଳଚ୍ଚିତ୍ର ଦେଖିବେ, ନିର୍ବାକ୍ ଚଳଚ୍ଚିତ୍ର ଦେଖିବେ, ଗ୍ରାମୋଫୋନ୍ ରଖି ଗୀତ ଶୁଣିବେ, ଓ ସଙ୍ଗୀତ ଆଖଡ଼ାରେ ସଙ୍ଗୀତ ଶୁଣିବେ । ଏ ସବୁ ସୁବିଧା ସହରମାନଙ୍କରେ ଅଛି, ମାତ୍ରପଲ୍ଲୀ ପାଇଁ କଅଣ ଅଛି ? ପଲ୍ଲୀରେ ରଙ୍ଗମଞ୍ଚ ନାହିଁ, ନ ପଲ୍ଲୀବାସୀ ରଙ୍ଗମଞ୍ଚ କରି ପାରିବ ନାହିଁ; ଅନ୍ୟ କେହି କଲେ ତାର ପଇସା ନାହିଁ ଯେ ଟିକଟ କିଣି ସେ ସବୁ ଦେଖି ପାରିବ । ଅନ୍ୟାନ୍ୟ ଆମୋଦ ପ୍ରମୋଦ ସାମଗ୍ରୀ ପାଇଁ ମଧ୍ୟ ତାର ଅର୍ଥ ନାହିଁ । ଅର୍ଥାଭାବରୁ ଏ ସବୁ ଅନୁଷ୍ଠାନ ସହରମାନଙ୍କରେ ତିଷ୍ଠି ପାରୁ ନାହିଁ, ପଲ୍ଲୀରେ ବା ତିଷ୍ଠିବ କିପରି ? ପଲ୍ଲୀରେ ଦୋଳ, ଚନ୍ଦନ ରାସ ପ୍ରଭୃତି ସମୟରେ ଠାକୁରଙ୍କ ଉଦ୍ଦେଶ୍ୟରେ ଯାତ୍ରାମାନ ହୋଇଥାଏ । ଆଉ ଅନ୍ୟ ସମୟରେ ପାଲା କରିବା ଦେଖାଯାଏ । ଠାକୁରମାନଙ୍କ ଯାନଯାତ୍ରାରେ ପଲ୍ଲୀବାସୀଙ୍କ ଆନନ୍ଦ ଉତ୍ସବ ହୁଏ । ଠାକୁରଙ୍କ ଯାନ ଯାତ୍ରାକୁ ଉପଲକ୍ଷ କରି ପଲ୍ଲୀରେ ଭେଟା ପଞ୍ଚା ଆଦାୟ ହୋଇ ଯାତ୍ରା ହୁଏ । ଏସବୁ ବନ୍ଦ କରିଦେଲେ ପଲ୍ଲୀବାସୀ ନିରାନନ୍ଦ ହୋଇ କାଳ କାଟିବେ । ଏପରି ପ୍ରସ୍ତାବ ଏକ ପ୍ରକାର ନୃଶଂସତା ହେବ ନାହିଁ କି ?

ଯାତ୍ରାଦଳର ସଂସ୍କାର ନିତାନ୍ତ ଆବଶ୍ୟକ । ଆଧୁନିକ ରୁଚି ଅନୁମୋଦିତ ଭାଷା ଓ ଭାବ ନେଇ ଗୀତାଭିନୟ ଗ୍ରନ୍ଥମାନ ଲେଖାଯାଉ । ଶିକ୍ଷିତ ସମାଜ କଲମ ନ ଧରିଲେ କେବଳ ସମାଲୋଚନାରେ କାର୍ଯ୍ୟ ହେବ ନାହିଁ । ଯାତ୍ରାକୁ ସଂସ୍କାର କରି ପାରିଲେ ବହୁତ କାର୍ଯ୍ୟ ହେବ । ଯାତ୍ରା ପ୍ରଭୃତି ପଲ୍ଲୀଶିକ୍ଷାର ଏକମାତ୍ର ଉପାୟ । ଲୋକମାନଙ୍କୁ ଯେଉଁପରି ଶିକ୍ଷା ଦେବାର ଆବଶ୍ୟକ ତାହା ଯାତ୍ରା ପାଲା ପ୍ରଭୃତିଦ୍ୱାରା ସହଜରେ ଦିଆଯାଇ ପାରେ । ସଭା ସମିତିରେ ବକ୍ତୃତା ବା ଖବର

କାଗଜରେ ଲେଖା ଅପେକ୍ଷା ଏହା ବେଶୀ କାର୍ଯ୍ୟକାରୀ ହେବ। ପଲ୍ଲୀରେ ଖବରକାଗଜ କେତେ ଜଣ ପଢ଼ନ୍ତି ? ସଭାସମିତିର ବକ୍ତୃତାଦ୍ୱାରା କେତେ ଜଣ ଶିକ୍ଷିତ ହୁଅନ୍ତି ? ଯାହା ଶୁଣନ୍ତି ତାହା ଏକାନରେ ପଶି ସେ କାନରେ ବାହାରିଯାଏ । ମାତ୍ର ଯାତ୍ରାରେ ଯେଉଁ ଚରିତ ଶୁଣନ୍ତି ତାହା ସେମାନଙ୍କ ହୃଦୟ ପଟରେ ଅଙ୍କିତ ହୋଇ ରହେ । ଯାତ୍ରାରେ ଯେଉଁ ରାମାୟଣ ମହାଭାରତ ଚରିତ ଶୁଣନ୍ତି ସେ ସବୁ ଚରିତ ସେମାନେ ସବୁ ମନେ ରଖନ୍ତି ଏବଂ ଆବଶ୍ୟକ ବେଳେ ସବୁ କହନ୍ତି । ଏଥିରୁ ଦେଖାଯାଏ ଯେ ଯାତ୍ରାର ଚରିତ ଶ୍ରବଣ କରି ସେମାନଙ୍କ ଜ୍ଞାନ ପ୍ରସାରିତ ହୁଏ । ଆମ୍ଭେମାନେ ଇଚ୍ଛା କଲେ ସବୁ ଶିକ୍ଷଣୀୟ ବିଷୟ ଯାତ୍ରାଦ୍ୱାରା ଲୋକଙ୍କ ମନରେ ବିଶେଷ ଭାବରେ ଅଙ୍କିତ କରି ଦେଇ ପାରିବା । ସାମାଜିକ ବିଷୟ ହେଉ, ରାଜନୀତିକ ବିଷୟ ହେଉ, ପୌରାଣିକ ବିଷୟ ହେଉ, ଗୀତାଭିନୟଦ୍ୱାରା ଲୋକସାଧାରଣଙ୍କୁ ଯେତେ ସହଜରେ ଶିକ୍ଷିତ କରାଯାଇ ପାରିବ, ସଭା ସମିତି, ଖବର କାଗଜ ଦ୍ୱାରା ତେତେ ହୋଇ ପାରିବ ନାହିଁ । ପୁସ୍ତକ ପାଠ କଥା ଛାଡ଼; ଦେଶରେ କେତେ ଜଣ ସାକ୍ଷର ଅଛନ୍ତି ଯେ, ସେମାନେ ପୁସ୍ତକ ପଢ଼ି ଶିକ୍ଷିତ ହେବେ ?

ଯେ କୌଣସି ବିଷୟ ନେଇ ଗୀତାଭିନୟଗୁଡ଼ିକ ସୁନ୍ଦର ସରଳ ଭାବଗର୍ଭକ ଭାଷାରେ ଲେଖାଗଲେ ସେଗୁଡ଼ିକ ଦ୍ୱାରା ଶିକ୍ଷିତ, ଅଶିକ୍ଷିତ, ଉଭୟ ସମ୍ପ୍ରଦାୟ ଶିକ୍ଷା ଲାଭ କରିବେ । ଏହି ଅଭାବ ଅନୁଭବ କରି ଏ ସନ୍ଦର୍ଭର ଲେଖକ କେତେ ଖଣ୍ଡି ଗୀତାଭିନୟ ଲେଖିଥିଲେ ଏବଂ ଅଭିନୟ କରାଇ ଥିଲେ । ଦେଖାଗଲା ଯେ, ଶିକ୍ଷିତ ଅଶିକ୍ଷିତ ଉଭୟ ସମ୍ପ୍ରଦାୟ ତଦ୍ଦ୍ୱାରା ଆକୃଷ୍ଟ ହୋଇ ମୁଗ୍ଧ ହୋଇଥିଲେ ଏବଂ ଅନେକ ଶିକ୍ଷିତ ଲୋକ ରାତିପାହିବା ପର୍ଯ୍ୟନ୍ତ ବସି ଅନିଦ୍ରା ହୋଇ ଯାତ୍ରା ଦେଖିଥିଲେ । ଲେଖକଙ୍କର ନାଟକାଦି ଲେଖିବାରେ ଅଭିଜ୍ଞତା ନାହିଁ । ଯେଉଁମାନଙ୍କର ଏ ଦିଗରେ ବିଶେଷ ଅଭିଜ୍ଞତା ଅଛି, ସେମାନେ ଲେଖିଲେ ଅତୁର ଅଧିକ କୃତକାର୍ଯ୍ୟ ହୁଅନ୍ତେ । ଗୀତାଭିନୟକୁ ବର୍ତ୍ତମାନ ଯାତ୍ରା ଓ ନାଟକର ମଧ୍ୟବର୍ତ୍ତୀ କରିବାକୁ ହେବ । ଏପରି ଗୀତାଭିନୟ ଲେଖାଯିବା ଉଚିତ, ଯାହା ନୁହେଁ ପୁରୁଣାକାଳିଆ ସୁଆଙ୍ଗ, ନାଁ ନୁହେଁ ନାଟକ । ଏତଦ୍ଦ୍ୱାରା ରଙ୍ଗମଞ୍ଚର ଆବଶ୍ୟକତା ମଧ୍ୟ ଦୂର ହେବ, ବହୁ ବ୍ୟୟସାଧ୍ୟ ରଙ୍ଗମଞ୍ଚ ଆବଶ୍ୟକ ହେବ ନାହିଁ । ଏହା ମଫସଲର ଗ୍ରାମେ ଗ୍ରାମେ ଅଳ୍ପ ବ୍ୟୟରେ ହୋଇ ପାରିବ । ବଙ୍ଗ ପ୍ରଦେଶରେ ଗୀତାଭିନୟ ଏହିପରି ବହୁଉନ୍ନତି ଲାଭ କରିଅଛି । ପ୍ରହସନଗୁଡ଼ିକୁ ମଧ୍ୟ ସଂସ୍କାର କରାଯିବ । ଆମ ଦେଶରେ ଗୋଟିଏ ହାଡ଼ି ପ୍ରହସନ ଅଭିନୀତ ହୁଏ । ତହିଁରେ ହାଡ଼ି ହାତରେ ମଦ ବୋତଲ, ମଦ ଖାଇ ହାଡ଼ିଟୋକା ମାତାଲ, ଏହି ସବୁ ଦୃଶ୍ୟ ଦେଖାଯାଏ । ଏ ସବୁ ହଟାଇ ଦେଇ ତାକୁ ବିଶୁଦ୍ଧ ପ୍ରକାରରେ କରିବାକୁ ହେବ । ପାଟୁଆ ପ୍ରଭୃତି ଯାତ୍ରାରେ ବୁଢ଼ା ଦରବୁଢ଼ା ମାନେ ସ୍ତ୍ରୀ ବେଶ ହୋଇ ନାଚ କରନ୍ତି । ଏମାନ ବିଷଦୃଶ ଦେଖାଯାଏ । ବୁଢ଼ାଙ୍କ ପରିବର୍ତ୍ତେ ଟୋକାମାନେ ବେଶ ପିନ୍ଧିଲେ ସେମାନେ ଅତୁର ସୁନ୍ଦର କରି ନୃତ୍ୟାଦି କରିବେ ଏବଂ ସେମାନଙ୍କ ଗୀତ ଶ୍ରୁତିମଧୁର ହେବ । ପାଲା ମଧ୍ୟ କ୍ରମେ ଲୋପ ହୋଇ ଆସୁଛି । ପାଲା ମଧ୍ୟ ବୁଢ଼ା ଦର ବୁଢ଼ାମାନେ କରନ୍ତି । ପାଲାରେ ଅନେକ ଶାସ୍ତ୍ରାଲୋଚନା ହୋଇଥାଏ । ଜଣେ ଜଣେ ପାଲାଗାୟକ ଅଠରବର୍ଗ ଅଭିଧାନ ମୁଖସ୍ଥ କରିଥାଆନ୍ତି; ଅଷ୍ଟାଦଶ ପୁରାଣ ମଧ୍ୟ ସେମାନଙ୍କର ଆୟତ୍ତ; ଗୋଟାଏ ଗୋଟାଏ ଗୀତ ଛାନ୍ଦ ଚଉପଦୀର ତିନି ଚାରି ପ୍ରକାର ଅର୍ଥ କରି ଜାଣନ୍ତି । ଗୋଟାଏ ଚଉପଦୀ, ମୂଳଆଡ଼ୁ ବୋଲି ଗଲେ ଗୋଟାଏ ଅର୍ଥ ହୁଏ, ଅଗଆଡ଼ୁ ବୋଲି ଆସିଲେ ଆଉ ପ୍ରକାରେ ଅର୍ଥ ହୁଏ । ପାଲା ଆମ ଦେଶରେ ଦୁଇ ପ୍ରକାର,—ଠିଆ ପାଲା ଓ ପୋଥିପାଲା । ଠିଆ ପାଲାରେ ପାଳିଆମାନେ ଗାୟକ ସଙ୍ଗେ ପାଳି ଧରନ୍ତି । ମଝିରେ ମଝିରେ ଅଶ୍ଳୀଳ ତାମସା କଥା ବି ଚାଲୁଥାଏ । ଓଡ଼ିଆ ଗୀତ ଓ ସଙ୍ଗୀତରେ ବଡ଼ ବଡ଼ ରାଗରାଗିଣୀମାନ ପାଲାବାଲାମାନେ ଗାଇ ପାରୁଥିଲେ । ପାଲା ବାଲାଙ୍କର ବାଦ୍ୟଯନ୍ତ୍ର ଓ ପୋଷାକର ପରିବର୍ତ୍ତନ ଆବଶ୍ୟକ । ଷୋଳପାଲା, ରାସ, କୀର୍ତ୍ତନ, ଏଗୁଡ଼ିକର ଭାଷା ମଧ୍ୟ ଅତି କଦର୍ଯ୍ୟ; ଅଧେ ବଙ୍ଗଳା ଓ ଅଧେ ଓଡ଼ିଆ । ଓଡ଼ିଆ ଭାଷା ପକ୍ଷରେ ଏଗୁଡ଼ିକ କଳଙ୍କ । ଅଳ୍ପ ଅଭ୍ୟାସ ଓ ଅଳ୍ପ ପରିଶ୍ରମରେ ଏଗୁଡ଼ିକର ଭାଷା ବିଶୁଦ୍ଧ କରାଯାଇ ପାରିବ । ଲେଖକ ଏ ଦିଗରେ ଚେଷ୍ଟା କରି କୀର୍ତ୍ତନ ରସାମୃତ ଲେଖିଥିଲେ । ସେ ଇନ୍ଦୁମତୀ, ପ୍ରଭାତ, ହରିଶ୍ଚନ୍ଦ୍ର, କର୍ଣ୍ଣାର୍ଜୁନ, ନନ୍ଦିତା, ଚନ୍ଦ୍ରହାସ, ପାଣ୍ଡବଗୌରବ, ମେଘନାଦବଧ ପ୍ରଭୃତି କେତେ ଖଣ୍ଡ ଗୀତାଭିନୟ ଲେଖିଥିଲେ । ସେଥିମଧ୍ୟରୁ ୪ ବା ୫ ଖଣ୍ଡ ଅଭିନୀତ ମଧ୍ୟ ହୋଇଅଛି । ମାତ୍ର ସେମାନ ମୁଦ୍ରିତ ହୋଇ ନାହିଁ । (ସନ୍ଦର୍ଭ ଲେଖକ—ଶ୍ରୀ ଜଗବନ୍ଧୁ ସିଂହ ।)
୨ । ଏକ ସ୍ଥାନରେ ବହୁଲୋକଙ୍କ ସମାଗମ; ଲୋକଗହଳି; ମେଳା—2. A fair; gathering of a crowd of people at a place.

ଯାତ୍ରା ଅନ(ନୁ)କୂଳ—ଦେ. ବି. (ସଂ. ଯାତ୍ରା ଓ ଅନୁକୂଳ)—କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ବା ନିର୍ଦ୍ଦିଷ୍ଟ ସ୍ଥାନକୁ ବାହାରିବା—The starting for a specified place or for a specified purpose.
Jātrā ana(nu)kūla
যাত্রা করে বেরুন
यात्रा अनुकूल

ଯାତ୍ରା କରିବା—ଦେ. କ୍ରି—୧ । କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଅନୁକୂଳ କରିବା—1. To make a star for a journey for a particular purpose. ୨ । ସାଧାରଣଙ୍କ ପରିଦର୍ଶନାର୍ଥ ନୃତ୍ୟ ଗୀତାଦିର ଅଭିନୟ କରିବା—2. To make a musical performance without a stage, for public show.
Jātrā karibā
যাত্রা করা
यात्रा करना

ଯାତ୍ରା କାଳ—ସଂ. ବି—୧ । ଯାତ୍ରା କରିବାର ମୁହୂର୍ତ୍ତ—1. The moment of making a start for a journey. ୨ । ଉତ୍ସବର ସମୟ—2. The time of a festival.
Jātrā kāla
(ଯାତ୍ରା ଘଡ଼ି—ଦେଶଜରୂପ)

ଯାତ୍ରା କାଳି—ଦେ. ବି. (ଯାତ୍ରା + କାଳ = ସମୟ; କାଳୀନ = ସମୟର)—ଯାତ୍ରା ଦେଖିବାକୁ ଆସିଥିବା ବ୍ୟକ୍ତି—Spectators who attend a festival. ଦେ. ବିଣ—୧ । ଯାତ୍ରା ଦେଖିବାକୁ ସମାଗତ—1. Come or assembled at a place for a festival. ୨ । ଯାତ୍ରା ଉତ୍ସବ କାଳୀନ—2. Relating to the time of a festival.
Jātrā kāli
(ଯାତ୍ରା କାଳିଆ—ଅନ୍ୟରୂପ)
যারা মেলা দেখতে এসেছে
यात्रा देखने वाला

ଯାତ୍ରା କାଳି ଭଗାରି—ଦେ. ବି—ଅକସ୍ମାତ୍ ଉପସ୍ଥିତ ପ୍ରତିଦ୍ୱନ୍ଦ୍ୱୀ ବା ଶତ୍ରୁ ବା ସମ୍ପତ୍ତିରେ ଭାଗ ବସାଇବା ବ୍ୟକ୍ତି—An enemy or rival or claimant who appears unexpectedly. (ଉ—ଭଗାରି ନ ଥିଲେ ଯାତ୍ରାକାଳି ଭଗାରି ବାହାରନ୍ତି—ଭଗ ।)
Jātrā kāli bhagāri
(ଯାତ୍ରା କାଳିଆ ଭଗାରି—ଅନ୍ୟରୂପ)
হঠাৎ উপস্থিত ভাগিদার
अजनबी दुषमन

ଯାତ୍ରା ଖରଚ—ଦେ. ବି—ଚାକରଙ୍କୁ ଓ ଘରର ପିଲାଙ୍କୁ ଉତ୍ସବ ଉପଲକ୍ଷେ ଦିଆଯିବା ଧନ—Tips given to servants and children on occasions of festivals.
Jātrā kharacha
যাত্রা খরচ
तेव्हारी

ଯାତ୍ରା ଗହଳ(ଳି)—ଦେ. ବି—ଉତ୍ସବାଦି ଉପଲକ୍ଷରେ ରୁଣ୍ଡ ହୋଇଥିବା ଜନତା ବା ଗୋଳମାଳ—Crowd congregating at a place on the occasion of a festival or fair.
Jātrā gahala(li)
যাত্রা গোল
यात्राकी भीड
(ଯାତ୍ରା ଭିଡ଼, ଯାତ୍ରା ଗୋଳ—ଅନ୍ୟରୂପ)

ଯାତ୍ରା ଗୁରୁ—ଦେ. ବି—ଯାତ୍ରା ଦଳର ଶିକ୍ଷକ ବା ଓସ୍ତାଦ୍; ନାଟର ଗୁରୁ—The teacher or trainer of a party of dancers.
Jātrā guru
যাত্রার গুরু **यात्रा गुरु**

ଯାତ୍ରା ଜ(ଜୁ)ମକ—ଦେ. ବି—ଯାତ୍ରାରେ ସୁଆଙ୍ଗ ଅଭିନୟ ବାହାରିବା ଓ ଚତୁପଦୀ ଆଦି ବୋଲାଯିବା ଯୋଗୁ ବହୁତ ଲୋକ ଆକୃଷ୍ଟ ହୋଇ ଗଦା ହେବା ଅବସ୍ଥା—The heat of a pantomime; the condition or moment when the crowd of spectators to a pantomime is immense, owing to mimes and popular songs.
Jātrā ja(ju)maka
[ଯାତ୍ରା ଜ(ଜୁ)ମିବା—ଅନ୍ୟରୂପ]
আসর জমা
यात्रा जमना

ଯାତ୍ରା ଜ(ଜୁ)ମା(ମେ)ଇବା—ଦେ. କ୍ରି—୧ । ଗୋଟିଏ ସ୍ଥାନରେ ବହୁ ଲୋକଙ୍କୁ ଆକର୍ଷଣ କରି ରୁଣ୍ଡ କରାଇବାର ଉପାୟ କରିବା—1. To cause a big crowd to assemble at a place by exhibiting or doing something to attract a big crowd to the place of entertainment. ୨ । ଗୋଳମାଳ ଲଗାଇବା—2. To create a row ୩ । ବହୁ ଲୋକଙ୍କ ମନ ଆକର୍ଷଣ କରି ରୁଣ୍ଡ କରାଇବା ପାଇଁ ଯାତ୍ରାଅଭିନୟରେ ଚିତ୍ତମୋହକର ସୁଆଙ୍ଗ ଆଦି ବାହାର କରିବା—3. To exhibit mimes in a pantomime so as to attract a large crowd of spectators.
Jātra ja(ju)mā(me)ibā
যাত্রা জমান, যাত্রা জমকান, আসর জমাকান
यात्रा जमाना

ଯାତ୍ରା ତିଥ—ଗ୍ରା. ବି. (ସଂ. ଯାତ୍ରା ଓ ତୀର୍ଥ; ସହଚର ଶବ୍ଦ)—ଯାତ୍ରା ଉତ୍ସବାଦି—Festivals etc.
Jātrā titha
(ଯାତ୍ରା ପରବ, ଯାତ୍ରା ପର୍ବ, ଯାତ୍ରା ବ୍ରତ—ଅନ୍ୟରୂପ).
যাত্রা উৎসব **जातरा तीरथ**

ଯାତ୍ରା ତିଥି—ସଂ. ବି—୧ । ବିଶିଷ୍ଟ ଉତ୍ସବର ନିର୍ଦ୍ଦିଷ୍ଟ ଦିନ—1. Holiday; a day of a particular festival.
Jātrā tithi
ଯାତ୍ରା ଦିନ }
ଯାତ୍ରା ଦିବସ }—ଅନ୍ୟରୂପ
[ଦ୍ର—ଯେଉଁ ତିଥିରେ ବା ଦିବସରେ ଯେଉଁ ଯାତ୍ରା ହେବାର ନିର୍ଦ୍ଦିଷ୍ଟ ଅଛି ତହିଁରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା । ଯଥା—
୧. ଜ୍ୟୈଷ୍ଠ ପୂର୍ଣ୍ଣିମା—ସ୍ନାନ ଯାତ୍ରା ।
୨. ଆଷାଢ଼ ଶୁକ୍ଳ ଦ୍ୱିତୀୟା—ଗୁଣ୍ଡିଚା ଯାତ୍ରା ।
୩. ଫାଲ୍ଗୁନ ପୂର୍ଣ୍ଣିମା—ଦୋଳ ଯାତ୍ରା ।
୪. ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀ—ଜାଗର ଯାତ୍ରା ।
୫. ଚୈତ୍ର ଶୁକ୍ଳ ଅଷ୍ଟମୀ—ଅଶୋକାଷ୍ଟମୀ ଯାତ୍ରା ଇତ୍ୟାଦି ।]
୨ । ବିଦେଶ ଯିବାର ଅନୁକୂଳ ଦିନ—2. A day propitious for starting on a journey.

ଯାତ୍ରା ଦଳ—ଦେ. ବି—ଯାତ୍ରା ବା ନାଟ ଅଭିନୟ କରିବା ପାଇଁ ଗଠିତ ଦଳ ବା ସଙ୍ଘ—A party of performers of a pantomime.
Jātrā dala
যাত্রার দল **यात्राका दल**
(ଯାତ୍ରା ସଙ୍ଘ—ଅନ୍ୟରୂପ)

ଯାତ୍ରା ନାଟ—ଦେ. ବି. (ସହଚର ଶବ୍ଦ)—ଜନ ମୋହକର ଅଭିନୟାଦି—Pantomime.
Jātrā nāta
নাচ গান **यात्रा नाच**

ଯାତ୍ରା ପ୍ରସଙ୍ଗ—ସଂ. ବି—୧ । ତୀର୍ଥ ଦର୍ଶନାର୍ଥ ଯାତ୍ରା କରିବା କ୍ରିୟା—1. The performing or undertaking of a pilgrimage. ୨ । ବିଦେଶ ଯିବାର ସମ୍ପର୍କ—2. The connection of a journey.
Jātrā prasaṅga

ଯାତ୍ରା ଫେରା(ରେ)ଇବା—ଦେ. କ୍ରି—କୌଣସି ଉଦ୍ଦେଶ୍ୟପାଇଁ ଯାତ୍ରାକରିବା ପରେ ବା ସମୟରେ ଅଶୁଭ ଲକ୍ଷଣମାନ ଦେଖା ଗଲେ, ସେ ଥରକ ଫେରି ଆସି ଆଉ ଥରେ ଶୁଭ ଯୋଗ ଓ ଲକ୍ଷଣ ଦେଖି ଦ୍ୱିତୀୟବାର ଯାତ୍ରା କରିବା—To cancel a starting (which is found afterwards to be ominous) and make a new start under better auspicious indications.
Jātrā pherā(re)ibā
ଯାତ୍ରା ନେ(ଲେ)ଉଠା(ଠେ)ଇବା }
ଯାତ୍ରା ବଦଳା(ଳେ)ଇବା }—ଅନ୍ୟରୂପ
যাত্রা বদলান
यात्रा बदलाना

ଯାତ୍ରାବାଲା—ଦେ. ବି.—୧ । ଯେ ଅଭିନୟ କରେ—1. Performer; actor or dancer in a performance. ୨ । ଯାତ୍ରାର ଅଭିନେତୃ ଦଳ—2. A party of performers of pantomime.
Jātrābālā
ଯାତ୍ରାର ଦଲ ଯାତ୍ରାବାଲା
(ଯାତ୍ରାବାଲୀ—ସ୍ତ୍ରୀ)
(ଯାତ୍ରା ଦଳଆ—ଗ୍ରାମ୍ୟରୂପ)

ଯାତ୍ରା ବିଧି—ସଂ. ବି—ସ୍ଥାନାନ୍ତର ଗମନ କରିବା ସମୟରେ ପାଳନୀୟ ନିୟମ—Rules for observance by a person undertaking a journey.
Jātrā bidhi

ଯାତ୍ରା ଭାଙ୍ଗିବା—ଦେ. କ୍ରି.—୧ । ଯାତ୍ରା ଓ ନାଚ ଆଦିରେ ରୁଣ୍ଡ ହୋଇଥିବା ଲୋକଙ୍କର ଗହଳ କ୍ରମଶଃ କମିବା—1. The melting of the crowd in a festival or pantomime. ୨ । ଥରେ ଅନୁକୂଳରେ କରି ଯାଇଥିବା ଯାତ୍ରା ସେହି ସମୟରେ ବା ପରେ ଦୃଷ୍ଟ ଅଶୁଭ ଘଟଣା ବା ଦୃଶ୍ୟ ଦ୍ୱାରା ବଳିଯିବା—2. The frustration of an auspicious starting by some inauspicious omen or sight. [ଦ୍ର—ଯାତ୍ରା ବାହାରିବା ସମୟରେ ତେଲ ବୋହି ଯେଉଁ ଆସୁଥିବା ତେଲି, କଳ କରୁଥିବା ବିରାଡ଼ି, ସାପ, ଖାଲି ମାଠିଆ, ରଜସ୍ୱଳା ସ୍ତ୍ରୀ, ଏକାକୀ ବ୍ରାହ୍ମଣ ଦେଖିଲେ ଯାତ୍ରା ଅଶୁଭ ହୁଏ; ଏବଂ ଡେଉଁଳ, ବାଆଁ ପାଖରେ ବିଲୁଆ, ଜଳପୂର୍ଣ୍ଣ କୁମ୍ଭ, ଦହି, ମାଛ, ଶଙ୍ଖ-ଚିଲ, ଉଦଭିଦଳଆ ଡଢ଼େଇ ଆଦି ଦେଖିଲେ ଯାତ୍ରା ଶୁଭକର ହୁଏ ବୋଲି ଲୋକବିଶ୍ୱାସ ଅଛି । ଏ ସମ୍ବନ୍ଧେ ବହୁତ ଲୌକିକ ଓ ଶାସ୍ତ୍ର ବଚନ ମଧ୍ୟ ଦେଖାଯାଏ । ଏପରି ଅଶୁଭ ଘଟଣା ଦେଖିଲେ ସେ ଯାତ୍ରାରୁ ଫେରିଯିବ, ଅର୍ଥାତ ସେହିଠାରୁ ଫେରି ଆସି ଆଉ ଥରେ ଶୁଭ ଲକ୍ଷଣ ଓ ଯୋଗ ଦେଖି ଯାତ୍ରା କରିବ ।
ଏ ସମ୍ବନ୍ଧେ କେତେକ ବଚନ—
ବାମେ ଶବ ଶିବା କୁମ୍ଭାଃ, ଦକ୍ଷିଣେ ଗୋ ମୃଗ ଦ୍ୱିଜାଃ,
ଜମ୍ବୁକଃ ସର୍ବକାର୍ଯ୍ୟାର୍ଥୀ, ଅଗ୍ରଃ ସର୍ବତ୍ର ବାଧତେ ।
ବାଡ଼ ଠୁକୁ ଠୁକୁ କାଳ ଲୁଡ଼ିକା, ବାଟେ ଦ୍ୱିଜବର ଦେଖିବ ଏକା, ପାଥକେ ଗୁଡ଼ଥ କୋଶକେ ତେଲି, ବାପଘର ହେଲେ ନ ଯିବ ଫେଲି ।]

ଯାତ୍ରା ଲଗା(ଗେ)ଇବା—ଦେ.କ୍ରି.—(ଲକ୍ଷଣାର୍ଥ)—୧ । କୌଣସି ସ୍ଥାନରେ କଳହ ବା ଗୋଳମାଳ ବା ଅନ୍ୟ କାର୍ଯ୍ୟ କରିବା ଦ୍ୱାରା ବହୁଲୋକ ରୁଣ୍ଡ ହେବାର କାରଣ ହେବା—1. To attract a crowd to a place. ୨ । କୌଣସି ସ୍ଥାନରେ ଗୋଳମାଳ କରିବା—2. To create a row at a place
Jātrā lagā(ge)ibā
যাত্রা লাগান
यात्रा लगना

ଯାତ୍ରା ସୁଆଙ୍ଗ—ଦେ. ବି.—ଯାତ୍ରାରେ କୌତୁକଜନକ ବା ହାସ୍ୟୋଦ୍ଦୀପକ ଅଭିନୟ—The mime exhibited in a pantomime.
Jātrā suānga
যাত্রা সঙ্, যাত্রা সং
यात्रासाँग

ଯାତ୍ରିକ—ସଂ. ବଣ.—(ଯାତ୍ରା+ସମ୍ବନ୍ଧାର୍ଥେ. ଇକ)—୧ । ଯାତ୍ରା ସମ୍ବନ୍ଧୀୟ—1. Relating to a journey. ୨ । ପ୍ରଥାନୁଯାୟୀ—2. Customary; usual. ୩ । ଯାତ୍ରାର ଉପଯୋଗୀ; ଯାତ୍ରା ପାଇଁ ଶୁଭସୂଚକ—3. Fit for a journey; auspicious for a journey. ୪ । ଯେଉଁଠାକୁ ଯାତ୍ରା କରାଯାଇ ପାରେ—4. (A place) Where one can march to. ୫ । ଯେଉଁ ଯାନାଦିଦ୍ୱାରା ଯାତ୍ରା କରି ଯାଇପାରେ—5. (conveyance or means) By which a person can perform a journey. ବି—୧ । ତୀର୍ଥଯାତ୍ରୀ—1. Pilgrim. ୨ । ପଥିକ; ପାନ୍ଥ—2. Traveller. ୩ । ଉତ୍ସବ; ଯାତ୍ରା—3. A festival. ୪ । ଉପାୟ—4. Expedient.
Jātrika

ଯାତ୍ରୀ—ସଂ. ବଣ. ପୁଂ—(ଯାତ୍ରା+ଅସ୍ତି ଅର୍ଥରେ ଇନ୍, ୧ମା. ୧ବ.)—୧ । ଯାତ୍ରାକାରୀ—1. Marching; journeying. ୨ । ଭ୍ରମଣକାରୀ—2, Travelling. ୩ । ତୀର୍ଥ ଯାତ୍ରାକାରୀ—3. Starting on pilgrimage. [ଯଥା—ଗଙ୍ଗାଯାତ୍ରୀ, ତୀର୍ଥଯାତ୍ରୀ ଇତ୍ୟାଦି]—ବି—ତୀର୍ଥକୁ ଯିବା ବ୍ୟକ୍ତି—A pilgrim.
Jātrī
(ଯାତ୍ରିଣୀ—ସ୍ତ୍ରୀ)

ଯାତ୍ରୀ ଆଣିବା—ଦେ. କ୍ରି.—(ପଣ୍ଡା ବା ପଣ୍ଡାଙ୍କର ଗୁମାସ୍ତାମାନେ)—ଭାରତର ନାନା ଅଞ୍ଚଳକୁ ଯାଇ ସେଠାରୁ ଯାତ୍ରୀମାନଙ୍କୁ ମନାଇ (ପୁରୀ ଆଦି ତୀର୍ଥସ୍ଥାନକୁ) ଆଣିବା—To bring pilgrims to a centre of pilgrimage by recruiting them from their houses (said of Pandas and their agents.
Jātrī ānibā
যাত্রী আনা
यात्री लाना

ଯାତ୍ରୀ ଖାତା—ଦେ.ବି.—ପ୍ରତ୍ୟେକ ପଣ୍ଡାଙ୍କ ନିକଟରେ ନିଜ ନିଜର ଯାତ୍ରୀମାନଙ୍କ ନାମ ଧାମ ଓ ଦସ୍ତଖତ ଥିବା ପୁସ୍ତକ—Books containing the names addresses and signatures of the pilgrims of every 'Paṇḍā'.
Jātrī khātā
যাত্রীর বহি
यात्रीबही

ଯାତ୍ରୀ ଗାଡ଼ି—ଦେ. ବି.—୧ । ଯେଉଁ ଗାଡ଼ିରେ ତୀର୍ଥଯାତ୍ରୀମାନଙ୍କୁ ନିଆ-ଅଣା କରାଯାଏ—1. Vehicles used for conveying pilgrims. ୨ । ପାସେଞ୍ଜର୍ ରେଳଗାଡ଼ି; ଯେଉଁ ରେଳଗାଡ଼ିରେ ଯାତ୍ରୀମାନଙ୍କୁ ନିଆଅଣା କରାଯାଏ—2. Passenger train. ୩ । ଦେବଦର୍ଶନାର୍ଥ ତୀର୍ଥକୁ ଆସିଥିବା ଯାତ୍ରୀ ବିସୂଚିକା ଆଦି ମାରାତ୍ମକ ରୋଗଗ୍ରସ୍ତ ହେଲେ, ସେମାନଙ୍କୁ ଯେଉଁ ଗାଡ଼ିରେ ଡାକ୍ତରଖାନାକୁ ବୁହାଇ ନିଆଯାଏ—3. Ambulance carts used for conveying cholera-stricken pilgrims to a hospital.
Jātrī gārḍi
যাত্রী গাড়ী
यात्री गाड़ी
(ଯାତ୍ରୀ ବୁହା ଗାଡ଼ି—ଅନ୍ୟରୂପ)

ଯାତ୍ରୀ ଗୁମାସ୍ତା—ଦେ.ବି.—(ସଂ.ଯାତ୍ରୀ+ଫା. ଗୁମାଶ୍ତାହ୍)—ତୀର୍ଥସ୍ଥାନକୁ ଯାତ୍ରୀ ଆଣିବା ପାଇଁ ପଣ୍ଡାଙ୍କ ପକ୍ଷରୁ ପ୍ରେରିତ ପ୍ରତିନିଧି—Itinerant agents of Paṇḍās who visit the Paṇḍās' pilgrims at their homes and bring them to,
Jātrī gumāstā
যাত্রী গোমাস্তা
यात्री गुमाश्ता

them to the pilgrim-centre; pilgrim-recruiter; pilgrim-hunter. [ଦ୍ର—ସାଧାରଣତଃ ପଣ୍ଡାଶ୍ରେଣୀସ୍ଥ ଲୋକମାନେ ଏ କାର୍ଯ୍ୟ କରନ୍ତି ନାହିଁ; ବ୍ରାହ୍ମଣ, କରଣ ଓ ଶୂଦ୍ର ଜାତୀୟ ଲୋକଙ୍କୁ ପଣ୍ଡାମାନେ ଏ କାର୍ଯ୍ୟରେ ନିଯୁକ୍ତ କରନ୍ତି । ଏମାନେ ପଣ୍ଡାଙ୍କଠାରୁ ଦରମା, ଯାତାୟତ ଖରଚ ଓ କମିଶନ ପାଆନ୍ତି । ଗୁମାସ୍ତାମାନେ ଭାରତର ବିଭିନ୍ନ ଅଞ୍ଚଳମାନ ବୁଲି ନିଜନିଜର ପଣ୍ଡାଙ୍କ ଯାତ୍ରୀମାନଙ୍କ ସଙ୍ଗେ ସେମାନଙ୍କ ବାସସ୍ଥାନରେ ଦେଖା କରି ସେମାନଙ୍କୁ ମହାପ୍ରସାଦ ଉପଢୌକନ ଦେଇ ସେମାନଙ୍କୁ ତୀର୍ଥକୁ ଆଣନ୍ତି; ଓ ଯାତ୍ରୀମାନେ ତୀର୍ଥକୁ ଆସି ଆପଣା ପଣ୍ଡାଠାରୁ ଧାର ନେବା ଧନ ପରେ ଯାତ୍ରୀଙ୍କଠାରୁ ତାଙ୍କ ଦେଶରୁ ଆଦାୟ କରି ଆଣନ୍ତି । ଏମାନେ ଅନ୍ୟ ପଣ୍ଡାର ଯାତ୍ରୀମାନଙ୍କୁ ମଧ୍ୟ ଫୁସୁଲାଇ କରି ଆପଣା ପଣ୍ଡାଙ୍କ ନିକଟକୁ ଆଣନ୍ତି । ଏହି ପଦ୍ଧତିକୁ ଧିଲଖ ବା ଭୁଙ୍ଗୁଣିଆ ମାରିବା ବୋଲାଯାଏ । ଏକ ପଣ୍ଡାର ଗୁମାସ୍ତା ବାଟରେ ଅନ୍ୟ ପଣ୍ଡାର ଆସୁଥିବା ଯାତ୍ରୀଙ୍କ ସଙ୍ଗ ଧରି ତାଙ୍କୁ ଫୁସୁଲାଇ ଭଗାଇ ନେବାର ଭୟ ଦେଖାଇ ଉକ୍ତ ଯାତ୍ରୀଙ୍କ ପଣ୍ଡା ଠାରୁ କମିଶନ ଆଦାୟ କରନ୍ତି । ଏପରି କରିବା ଲୋକଙ୍କୁ ଭଗାଳି ବା ଭୁଗାଳି ବୋଲାଯାଏ ।]

ଯାତ୍ରୀ ଘର—ଦେ. ବି—୧। ଯାତ୍ରା ଆଦି ସମୟରେ ତୀର୍ଥକୁ ସମାଗତ ଯାତ୍ରୀମାନଙ୍କ ସାମୟିକ ବାସ ନିମନ୍ତେ ପ୍ରସ୍ତୁତ ଗୃହ—
Jātrī ghara
यात्रीघर **यात्रीघर** 1. Huts or rest-sheds built for accomodating pilgrims during festivals ୨। ଯାତ୍ରୀମାନଙ୍କ ରହିବାପାଇଁ କର୍ତ୍ତୃପକ୍ଷଙ୍କ ମଞ୍ଜୁରରେ ନିର୍ମିତ ଗୃହ—2. Lodging houses built for accomodating pilgrims.

ଯାତ୍ରୀ ଟି(ଟା, ଟେ)କସ୍—ଦେ. ବି (ସଂ. ଯାତ୍ରୀ+ଇଂ. ଟାକ୍ସ)—ତୀର୍ଥକୁ ଆସୁଥିବା ପ୍ରତ୍ୟେକ ଯାତ୍ରୀଙ୍କଠାରୁ ସରକାରଙ୍କଦ୍ୱାରା ପୂର୍ବେ ଆଦାୟ ହେଉଥିବା ଶୁଳ୍କ—
Jātrī ṭi(ṭa,ṭe)kas
यात्रीटाकस **यात्रीटैक्स** Pilgrim tax; a tax formerly levied from every pilgrim visiting a holy place, by the Government. [ଦ୍ର—୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାର ଯେତେବେଳେ ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନର ଭାର ନେଲେ, ସେହି ସମୟରେ ପୁରୀକୁ ଦେବଦର୍ଶନାର୍ଥ ଆସୁଥିବା ଯାତ୍ରୀମାନଙ୍କଠାରୁ ଶୁଳ୍କ ଆଦାୟ କରି ସେହି ଧନରୁ ଜଗନ୍ନାଥଙ୍କ ସେବା ପୂଜାର ବ୍ୟୟ ଚଳାଉଥିଲେ; କିନ୍ତୁ କେତେ କାଳ ପରେ ବିଲାତ ପାର୍ଲିଆମେଣ୍ଟରେ ଆନ୍ଦୋଳନ ଉଠିଲା ଯେ, ଖ୍ରୀଷ୍ଟାନ୍‌ଧର୍ମାବଲମ୍ବୀ ସରକାର ହିନ୍ଦୁଧର୍ମାବଲମ୍ବୀ ଯାତ୍ରୀମାନଙ୍କଠାରୁ ଶୁଳ୍କ ଆଦାୟ କରିବା ଧର୍ମବିରୁଦ୍ଧ ଅଟେ । ତା ପରେ ଉକ୍ତ ଟିକସ ବନ୍ଦ କରାଗଲା ।]

ଯାତ୍ରି ତଣ୍ଟିଚିପା—ଦେ. ବିଣ(ବ୍ୟଙ୍ଗ୍ୟ)—ଯେଉଁ ପଣ୍ଡା ବା ଗୁମାସ୍ତାମାନେ ତୀର୍ଥକୁ ସମାଗତ ଯାତ୍ରୀମାନଙ୍କଠାରୁ ନାନା ଉପାୟରେ ଜୁଲୁମପୂର୍ବକ ଅର୍ଥ ନିଅନ୍ତି—
Jātrī tanṭichipā
(ଯାତ୍ରୀଚିପା—ଅନ୍ୟରୂପ)
यात्रीगलाटेपा **यात्रीओंको कंठदबानेवाला** (Pandas or pilgrim-recruiters) Who exact or extort money from pilgrims. [ଦ୍ର—ରେଲ ଷ୍ଟେସନରେ ଭିନ୍ନ ଭିନ୍ନ ପଣ୍ଡାଙ୍କ ଯାତ୍ରୀ ଗୁମାସ୍ତାମାନେ ନିଜ ଯାତ୍ରି ନିଜର ପଣ୍ଡାଙ୍କଠାକୁ ନେବାପାଇଁ ଅନେକ ଟଣା ଓଟରା କରନ୍ତି । ସେଥିରେ 'ଅଟକା କରିବା' ପ୍ରଭୃତି ପାଇଁ କହି ଅଯଥା ଖର୍ଚ୍ଚାନ୍ତ ମଧ୍ୟ କରନ୍ତି । ଏଥିପାଇଁ ଏହି ପଣ୍ଡାଙ୍କୁ ଯାତ୍ରୀ ଗୁମାସ୍ତାଙ୍କୁ ବ୍ୟଙ୍ଗୋକ୍ତିରେ 'ଯାତ୍ରୀ ତଣ୍ଟିଚିପା' କହନ୍ତି ।] (ଦ୍ର—ଯାତ୍ରି ତଣ୍ଟିଚିପା ପଣ୍ଡା ଯିବ ବିଲାତକୁ—ଫକୀରମୋହନ ଉତ୍କଳଭ୍ରମଣ ।)

ଯାତ୍ରୀ ଦର୍ଶନ—ଦେ. ବି—ଯାତ୍ରୀମାନଙ୍କର ଦେବଦର୍ଶନ—
Jātrī darśana
यात्रीदर्शन **देवदर्शन** The visit of a pilgrim paid to the Deity in a centre of pilgrimage.

ଯାତ୍ରୀ ଦର୍ଶନ କରା(ରେ)ଇବା—ଦେ. କ୍ରି—ନିଜନିଜର ଯାତ୍ରୀଙ୍କ ସଙ୍ଗେ ଦେବମନ୍ଦିରକୁ ଯାଇ ସେମାନେ ଦେବତା-ଦର୍ଶନ କରିବାର ସୁବିଧା କରିବା—
Jātrī darśana karā(re)ibā
ଯାତ୍ରୀକୁ ଦର୍ଶନ କରା(ରେ)ଇବା
ଯାତ୍ରି ଦେଖା(ଖେ)ଇବା —ଅନ୍ୟରୂପ
ଯାତ୍ରୀକୁ ଦେଖା(ଖେ)ଇବା
यात्रीकेदर्शन करान **यात्रकी दर्शन कराना** To accompany pilgrims to the Deity and show them the idol.

ଯାତ୍ରୀଦାଣ୍ଡ—ଦେ. ବି—ବର୍ଷ ସଂଖ୍ୟାରେ ଯାତ୍ରୀମାନଙ୍କର ତୀର୍ଥକୁ ଆସିବା ଅବସ୍ଥା (ଯହିଁ ଉପରେ ପଣ୍ଡାମାନଙ୍କର ଆୟ ନିର୍ଭର କରେ)—
Jātridāṇḍa
(ଯାତ୍ରୀବାଟ—ଅନ୍ୟରୂପ)
यात्रीर बाजार **यात्री रास्ता** The state of things regarding the influx of pilgrims to a holy place. [ଦ୍ର—କେଉଁ ବର୍ଷ ଯାତ୍ରୀଦାଣ୍ଡ ମାନ୍ଦା ହୋଇଯାଏ, ଅର୍ଥାତ୍ ତୀର୍ଥକୁ ଆସିବା ଯାତ୍ରୀଙ୍କ ସଂଖ୍ୟା କମିଯାଏ । କେଉଁ ବର୍ଷ ଯାତ୍ରୀଦାଣ୍ଡ ତେଜ ହୁଏ, ଅର୍ଥାତ୍ ବେଶି ଯାତ୍ରୀ ଦର୍ଶନକୁ ଆସନ୍ତି ।]

ଯାତ୍ରୀ ପତର—ଦେ. ବି (ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ)—୧ । ଯାତ୍ରୀ ଆଦି—1. Pilgrims etc. ୨। ଯାତ୍ରିଦଳ—2, Anumber of pilgrims.
Jātrī patara
(ଯାତ୍ରୀପତ୍ର—ଅନ୍ୟରୂପ)
यात्रीपत्र
(ତୁଳନାକର—ଜିନିସପତର, କାଗଜପତର)

ଯାତ୍ରୀ ବୃତ୍ତି(ତ୍ତ)—ଦେ. ବି (ସଂ. ଯାତ୍ରୀ ଓ ବୃତ୍ତି)—୧ । ଯାତ୍ରୀମାନଙ୍କଠାରୁ ପାଇବା ଧନଦ୍ୱାରା ଜୀବିକାନିର୍ବାହ; ପଣ୍ଡାଗିରି—1. The profession of subsisting on the earnings from pilgrims, as a 'Paṇḍā' ୨ । ଯାତ୍ରୀଗୁମାସ୍ତାଗିରି; ଯାତ୍ରୀସଂଗ୍ରହାର୍ଥ ପଣ୍ଡାମାନଙ୍କର ପ୍ରତିନିଧି ସ୍ୱରୂପ ଦେଶବିଦେଶ ବୁଲି ଜୀବିକା ନିର୍ବାହ କରିବା- 2. The profession of a pilgrim-
Jātrī bṛutti(tta)
ଯାତ୍ରୀପେଶା
ଯାତ୍ରୀବ୍ୟବସାୟ } ଅନ୍ୟରୂପ
ଯାତ୍ରୀବୃରୁତ
ଯାତ୍ରୀବୃତ
ଯାତ୍ରୀବେଉସା } ଗ୍ରା.ରୂପ
यात्री व्यवसाय
यात्रीपेषा

hunter or pilgrim-recruiter. [ଦ୍ର—ଏହି ଯାତ୍ରୀବୃତ୍ତି ବା ଯାତ୍ରୀଗୁମାସ୍ତାଗିରି କରି ଓଡ଼ିଶାର ଭଲ ଭଲ ଜାତିର ବହୁ ଶତ ବ୍ୟକ୍ତି ଜୀବିକା ନିର୍ବାହ କରୁଅଛନ୍ତି । ପୂର୍ବେ ରେଲ ଆଦି ନ ଥିବା ସମୟରେ ମଧ୍ୟ ଯାତ୍ରୀଗୁମାସ୍ତାମାନେ ଭାରତର ଶେଷ ସୀମା (କାଶ୍ମୀର, ନେପାଳ, ବ୍ରହ୍ମଦେଶ, ରାମେଶ୍ୱର ଆଦି) ପର୍ଯ୍ୟନ୍ତ ଯାଇ ଯାତ୍ରୀ ଆଣୁଥିଲେ ଓ ବର୍ତ୍ତମାନ ରେଲ ହେବାଦ୍ୱାରା ସହସ୍ରାଧିକ ଗୁମାସ୍ତା ଏହି ବୃତ୍ତି ଅବଲମ୍ବନ କରିଅଛନ୍ତି । ଯାତ୍ରୀ ଗୁମାସ୍ତାମାନେ କେବଳ ଯେ ଯାତ୍ରୀମାନଙ୍କ ଦେଶକୁ ଯାଆନ୍ତି ତାହା ନୁହେଁ, ଏମାନେ ବଡ଼ ବଡ଼ ମେଳାକୁ (ଯଥା—ହରିଦ୍ୱାରକୁ କୁମ୍ଭମେଳା ସମୟରେ, ହରିହର ଛତ୍ରକୁ, ଗୟାଠାକୁ ଶ୍ରାଦ୍ଧ ସମୟରେ) ଯାଇ ଠାବ ବସିଥାଆନ୍ତି ଓ ସେଠାରେ ସେମାନେ ଯାତ୍ରୀମାନଙ୍କୁ ପ୍ରବର୍ତ୍ତାଇ ନିଜନିଜର ପଣ୍ଡା ପାଇଁ ଯାତ୍ରୀ ସଂଗ୍ରହ କରନ୍ତି । ଗୁମାସ୍ତାମାନେ ପଣ୍ଡାମାନଙ୍କ ପକ୍ଷରୁ ଯାତ୍ରୀ ସଂଗ୍ରହ କରିବା ପାଇଁ ଦେଶ ଭ୍ରମଣ କରିବାକୁ 'ବାଟକୁ ଯିବା' ବୋଲାଯାଏ ଏବଂ ପୂର୍ବରୁ ରେଲ ଲାଗି ନ ଥିବା ସମୟରେ ଅଧିକାଂଶ ଗୁମାସ୍ତା ବଙ୍ଗଦେଶକୁ ଯାଉଥିବାରୁ ଯାତ୍ରୀ ଗୁମାସ୍ତାଙ୍କର ପରିଭ୍ରମଣାର୍ଥ ବିଦେଶବାସକୁ 'ବଙ୍ଗଳାବାଟ କରିବା, ବୋଲାଯାଏ । ଢଗରେ ଅଛି—
ଏହି ପେଟ ! ଏହି ପେଟ ଲାଗି ନଟପଟ, ଏହି ପେଟଲାଗି ଧାନକୁଟ, ଏହି ପେଟ ଲାଗି 'ବଙ୍ଗଳା ବାଟ' । ଏହି ଗୁମାସ୍ତାମାନେ ବିଦେଶରେ 'ପଣ୍ଡା' ନାମରେ ଅଭିହିତ ହୁଅନ୍ତି । ପୁରୀର ପଣ୍ଡାମାନଙ୍କ ଗୁମାସ୍ତାମାନେ ଯାତ୍ରୀସଂଗ୍ରହାର୍ଥ ମେଳା ଓ ତୀର୍ଥ ସ୍ଥାନମାନଙ୍କରେ (ଯଥା—କାଳୀଘାଟ, ଗୟା, ପ୍ରୟାଗ, କାଶୀ, ବୃନ୍ଦାବନ, ମଥୁରା, କୁରୁକ୍ଷେତ୍ର, ଦ୍ୱାରକା, ହରିଦ୍ୱାର, ବାବା ବୈଦ୍ୟନାଥ, ରାମେଶ୍ୱର ଆଦି ତୀର୍ଥରେ) ମାସେ ମାସେ, ଦୁଇ ଦୁଇ ମାସ ଅପେକ୍ଷାକରି ଜଗି ବସନ୍ତି ଓ ସେମାନଙ୍କୁ ନିଜ ନିଜର ପଣ୍ଡାମାନେ ଖୋରାକ ଓ ଦରମା ଯୋଗାଇ ଥାଆନ୍ତି । ପୁରୀଜିଲ୍ଲାର ବ୍ରହ୍ମାଙ୍ଗ ଶାସନର ଅନେକ ବ୍ରାହ୍ମଣ ଓ ପୁରୀର, କଟକର ଅନେକ ବ୍ରାହ୍ମଣ ଓ କରଣ ଏହି ଗୁମାସ୍ତାଗିରି କରି ଅଚ୍ଛା ପଇସା କାହାଣେ ଆୟ କରି ଚଳିବା ଭଳି ସମ୍ପତ୍ତି କରିବାକୁ ସମର୍ଥ ହୋଇ ଅଛନ୍ତି । ଆଉ ଏକ ଶ୍ରେଣୀର ଯାତ୍ରୀ ଗୁମାସ୍ତା ଅଛନ୍ତି, ଯେ ସେମାନେ ପୁରୀ, କଟକ, ବାଲେଶ୍ୱର, ଜଟଣୀ-ଆଦି ରେଲ ଷ୍ଟେସନ୍‌ମାନ ବୁଲି ଅପଣା ଅପଣା ପଣ୍ଡାଙ୍କ ପାଇଁ ଯାତ୍ରୀ ସଂଗ୍ରହର ଉଦ୍ୟମରେ ଥାଆନ୍ତି ଓ ସେଥିରେ ଅକୃତକାର୍ଯ୍ୟ ହେଲେ 'ଧୂଳିଆ ମାରନ୍ତି' ବା 'ଭଙ୍ଗାଇ ହୁଅନ୍ତି' । ପଣ୍ଡାମାନଙ୍କର ଯେଉଁ 'ଯାତ୍ରୀଖାତା' ମାନ ଥାଏ ସେଥିରେ ଯେଉଁ ଜଜମାନ ରାଜ୍ୟର ସୀମା ମଧ୍ୟସ୍ଥ ରାଜା ମହାରାଜଠାରୁ କୃଷକ ପର୍ଯ୍ୟନ୍ତ ସମସ୍ତଙ୍କର ନାମଧାମ ଲେଖାଥାଏ ଓ କୌଣସି ଯାତ୍ରୀକୁ ଦେଖିବା ମାତ୍ରେ ଗୁମାସ୍ତାମାନେ ଉକ୍ତ ଯାତ୍ରୀ ତାଙ୍କ ପଣ୍ଡାଙ୍କ ଲୋକ କି ନୁହେଁ, ତାହା ଉକ୍ତ ଖାତାର ସାହାଯ୍ୟରେ ଠିକଣା କରି ପାରନ୍ତି ।]

ଯାତ୍ରୀ ଭିଡ଼—ଦେ. ବି—ଯାତ୍ରୀ ବହୁଳତା; ବହୁସଂଖ୍ୟକ ଯାତ୍ରୀ ଏକତ୍ର
Jātrī bhirda　ହେବାରୁ ଜନତା—Crowd due to a
যাত্রীর ভীড়　large concourse of pilgrims; rush
यात्रीयोंकी भीड़　of pilgrims to a place.

ଯାଥା କଥାଚ—ସଂ. ଅ—୧ । ଯାହା କିଛିସୁ ଘଟିବ—1. Happen-
Jāthā kathācha　ing under any circumstance (Apte). ୨ । କେବେ କେବେ ଘଟିବା—2. Happening occasionally (Apte).

ଯାଥା କାମୀ(ମ୍ୟ)—ସଂ. ବିଣ. ପୁଂ (ଯଥା କାମ+ଇନ୍; ଯ)—ସ୍ୱେଚ୍ଛାନୁସାରୀ
Jāthā kāmī (mya)　—Acting according to
(ଯାଥା କାମିନୀ, ଯାଥା କାମ୍ୟା—ସ୍ତ୍ରୀ)　one's will (Apte).

ଯାଥା ତଥ୍ୟ—ସଂ. ବି (ଯଥା ତଥା+ଭାବ. ଯ)—୧ । ଯଥାର୍ଥତା—
Jāthā tathya　1. Reality. ୨ । ଔଚିତ୍ୟ—2. Propriety (Apte). ୩ । ଠିକ୍ ପଣ—3. Rectitude (Apte

ଯାଥାର୍ଥିକ—ସଂ. ବି (ଯଥାର୍ଥ+ଇକ)—୧ । ବାସ୍ତବିକ—1. Real.
Jāthārthika　୨ । ପ୍ରକୃତ—2. Actual; genuine. ୩ । ସତ୍ୟ—3. True.

ଯାଥାର୍ଥ୍ୟ—ସଂ. ବି (ଯଥାର୍ଥ+ ଭାବ. ଯ)—୧ । ଯଥାର୍ଥତା; ପ୍ରକୃତତ
Jāthārthya　—1. Reality; actuality. ୨ ସତ୍ୟତା—2. Truth. ୩ । ବିନିଯୋଗ; ପ୍ରୟୋଗ—3. Application. ୪ । ଉପଯୋଗିତା—4. Suitableness (Apte). ୫ । ସମାପ୍ତି; ସିଦ୍ଧି—5. Accomplishment. ୬ । ଉଦ୍ଦେଶ୍ୟସିଦ୍ଧି—6. Attainment of an object. ୭ । ନ୍ୟାଯ୍ୟତ—7. Justness (Apte).

ଯାଦଈଶ—ସଂ. ବି. (୬ଷ୍ଠୀ ତତ୍; ଯାଦଃ+ଈଶ; ସନ୍ଧିଯୋଗୁଁ ଃ ଲୋପ)
Jādaīsa　ସମୁଦ୍ର—The sea.

ଯାଦଃ—ସଂ. ବି. [ଯା ଧାତୁ=(ଶୀଘ୍ର) ଯିବା+କର୍ତ୍ତୃ ଅସ୍=ଯାଦସ୍ ଶବ୍ଦ
Jādaḥ　୧ ମା ୧ବ]—୧ । ଜଳଚର ଜୀବ; ଜଳଜନ୍ତୁ—1. An aquatic animal. ୨ । ବୃହତ୍‌କାୟ ଜଳଜନ୍ତୁ—2. Any large aquatic animal; a sea-monster (Apte). ୩ । ଜଳ—3. Water (Apte). ୪ । ନଦୀ—4. A river (Apte). ୫ । ଶୁକ୍ର; ବୀର୍ଯ୍ୟ—5. Semen (Apte). ୬ । ଇଚ୍ଛା—6. Desire (Apte).

ଯାଦଃ ପତି—ସଂ. ବି (୬ଷ୍ଠୀ ତତ୍; ଯାଦସ୍+ପତି)—୧ । ସମୁଦ୍ର—
Jādaḥ pati　1. The ocean. ୨ । ବରୁଣ—2. The Sea-god.

ଯାଦବ—ସଂ. ବିଣ. ପୁଂ (ଯଦୁ+ଅପତ୍ୟାର୍ଥେ. ଅ)—୧ । ଯଦୁବଂଶୀୟ
Jādaba　1. Belonging to or descended from
(ଯାଦବୀ—ସ୍ତ୍ରୀ)　the Jādu dynasty. ୨ । ଯଦୁବଂଶ

ସମ୍ବନ୍ଧୀୟ—2. Relating to the Jadus. ବି—୧। ଯଦୁନନ୍ଦନ; ଶ୍ରୀକୃଷ୍ଣ —1. Srikrushna. ୨ । ଗୋସମ୍ପତ୍ତିରୂପ ଧନ; ଗୋଧନ—2. Stock of cattle (counted as riches). ୩ । ଦ୍ୱାଦଶ ଗୋପାଳ ମଧ୍ୟରୁ ଏକତମ—3. One of the twelve cowherd classes. [ଦ୍ର-ବାରସୁତ ତଳେ ନୋଟ ଦେଖ।] ଦେ. ବି—ଗଉଡ଼ମାନଙ୍କ ଶାଖାବିଶେଷ—A sect of cowherds. [ଦ୍ର—ଆଜିକାଲି ଭାରତବର୍ଷରେ ଯାଦବ ଆନ୍ଦୋଳନ ପ୍ରଖରଭାବରେ ଗତିକରୁଅଛି। ଯାଦବମାନେ କ୍ଷତ୍ରିୟ ବୋଲି ଏହି ଭୂମିକା ଆନ୍ଦୋଳନ ଚାଲିଛି। ଉତ୍କଳରେ ମଧ୍ୟ ଏ ଆନ୍ଦୋଳନ କ୍ରମେ ବିସ୍ତାର ଲାଭ କରୁଛି। ଯେଉଁମାନେ ଓଡ଼ିଶାର ବା ଭାରତର ନାନା ଅଂଶରେ ଗଉଡ଼, ଗୋପାଳ, ବେହେରା, ଗୋୟାଲା, ଆହୀର ପ୍ରଭୃତି ନାମରେ ପରିଚିତ ସେମାନେ ଯାଦବ କ୍ଷତ୍ରିୟ ବୋଲି ଦାବି କରୁଛନ୍ତି; କେତେ ସେମାନେ ଉପବୀତ ଧାରଣ କରୁଅଛନ୍ତି। ଗୋପାଳମାନଙ୍କର ଏ ଆନ୍ଦୋଳନ ଦେଖି ଅନ୍ୟାନ୍ୟ ଜାତି ନାସିକା କୁଞ୍ଚନ କରୁଛନ୍ତି ଏବଂ କେତେ ସ୍ଥଳରେ କ୍ଷତ୍ରିୟ ଓ ଗୋପାଳଙ୍କ ମଧ୍ୟରେ ନାନା ଗଣ୍ଡଗୋଳ ଘଟିବା ଖବରକାଗଜରେ ପ୍ରକାଶିତ ହେଉଅଛି। ଏସବୁ ଗୋପାଳମାନଙ୍କର ପ୍ରାଚୀନ ଇତିହାସ ପ୍ରକାଶିତ ହେଲେ କାହାର ମନରେ କିଛି ସନ୍ଦେହ ରହିବ ନାହିଁ। ପ୍ରାଚୀନ ଭାରତରେ ଯଦୁବଂଶ ବଡ଼ ପ୍ରତାପଶାଳୀ ଥିଲା, ଓ ଯଦୁବଂଶରେ ଶ୍ରୀକୃଷ୍ଣ ଅବତୀର୍ଣ୍ଣ ହୋଇଥିଲେ। ଶ୍ରୀକୃଷ୍ଣଙ୍କ ସମୟରେ ଯଦୁବଂଶ ବଡ଼ ଶକ୍ତିଶାଳୀ ଥିଲା ଏବଂ ଧନ ଜନ ଗୋପ ଲକ୍ଷ୍ମୀରେ ପୂର୍ଣ୍ଣ ଥିଲା। ଯାଦବମାନେ ଶ୍ରୀକୃଷ୍ଣଙ୍କ ନାରାୟଣୀ ସେନାଭୁକ୍ତ ହୋଇ ଅଠର ଅକ୍ଷୌହିଣୀ ସୈନ୍ୟ ହୋଇଥିଲେ। ମହାଭାରତରେ ଓ ହରିବଂଶରେ ଓ ଭାଗବତର ଏହି ଯଦୁବଂଶର ବର୍ଣ୍ଣନା ଅଛି। ଯଦୁବଂଶ ଚନ୍ଦ୍ରବଂଶର ଅନ୍ତର୍ଗତ। ପ୍ରାଚୀନ ଭାରତରେ ସୂର୍ଯ୍ୟବଂଶ ଓ ଚନ୍ଦ୍ରବଂଶ ନାମରେ ଦୁଇଟି ପ୍ରଧାନ କ୍ଷତ୍ରିୟବଂଶ ଥିଲେ। ସୂର୍ଯ୍ୟବଂଶରୁ ଚନ୍ଦ୍ରବଂଶର ଉତ୍ପତ୍ତି ! ସୂର୍ଯ୍ୟବଂଶର ଇଳା କନ୍ୟା ଚନ୍ଦ୍ରଙ୍କୁ ବିବାହ କରି ଚନ୍ଦ୍ରବଂଶର ଉତ୍ପତ୍ତି କରିଥିଲେ। ପ୍ରକୃତ ପକ୍ଷରେ ଏକ ସୂର୍ଯ୍ୟବଂଶରୁ ନାନା କ୍ଷତ୍ରିୟବଂଶର ଉତ୍ପତ୍ତି ହେଲା। ସେହି ଚନ୍ଦ୍ରବଂଶରେ ଯଯାତି ଜନ୍ମଗ୍ରହଣ କରିଥିଲେ। ଯଯାତିଙ୍କ ପୁତ୍ର ଯଦୁ।

ଯଯାତି
|
ଯଦୁ
|
କ୍ରୋଷ୍ଟୁ — ହୈହୟ
|
ଦେବମୀଢ଼ୁଷ

ଦେବମୀଢ଼ୁଷଙ୍କର ଦୁଇ ପତ୍ନୀ ଥିଲେ। ଜଣେ କ୍ଷତ୍ରିୟା ପତ୍ନୀ ଓ ଅନ୍ୟଟି ବୈଶ୍ୟା ପତ୍ନୀ। ସେ କାଳରେ ଅନୁଲୋମ ବିବାହ ପ୍ରଚଳିତ ଥିଲା। କ୍ଷତ୍ରିୟ ପତ୍ନୀଙ୍କଠାରୁ ଜନ୍ମ ହେଲେ ଶୂର; ତାଙ୍କ ପୁତ୍ର ବସୁଦେବ; ବସୁଦେବଙ୍କ ପୁତ୍ର ଶ୍ରୀକୃଷ୍ଣ। ବୈଶ୍ୟାପତ୍ନୀଙ୍କଠାରୁ ଜନ୍ମ ହେଲେ ପର୍ଜନ୍ୟ; ପର୍ଜନ୍ୟଙ୍କର ପାଞ୍ଚ ପୁତ୍ର, ୧—ଉପାନନ୍ଦ, ୨—ଅଭିନନ୍ଦ, ୩—ନନ୍ଦ, ୪—ସନନ୍ଦ, ୫—ନନ୍ଦନ। ଏହି ନନ୍ଦଙ୍କ ଦ୍ୱାରା ଶ୍ରୀକୃଷ୍ଣ କଂସଭୟରେ ପାଳିତ ହୋଇଥିଲେ। ସୂର୍ଯ୍ୟବଂଶ ଅତ୍ରି ମୁନିଙ୍କଠାରୁ ସମ୍ଭୂତ। ଚନ୍ଦ୍ରବଂଶର ୬ଷ୍ଠ ପୁରୁଷ ଯଦୁ ଏବଂ ୪୭ଶ ପୁରୁଷ ଦେବମୀଢ଼ୁଷ।

ପ୍ରାଚୀନ କାଳରେ ବୃତ୍ତିଭେଦରେ ବର୍ଣ୍ଣ ଭେଦ ଥିଲା। ଜାତି ଜନ୍ମଗତ ନ ଥିଲା ଏବଂ ପିତାଠାରୁ ପୁତ୍ର ଭିନ୍ନ ବର୍ଣ୍ଣରେ ପରିଚିତ ଥିବାର ପ୍ରମାଣ ମିଳୁଛି। ଏକବଂଶଜ ବସୁଦେବ କ୍ଷତ୍ରିୟବୃତ୍ତି କରୁଥିଲେ ଏବଂ ନନ୍ଦ ବୈଶ୍ୟବୃତ୍ତି କରୁଥିଲେ। ଗୋଚାରଣ, ଗୋପାଳନ ଓ ଗୋରକ୍ଷା ନନ୍ଦଙ୍କର ପ୍ରଧାନ ବୃତ୍ତି ଥିଲା; ଏହା ବୈଶ୍ୟର ବୃତ୍ତି। ବସୁଦେବ ମଥୁରାରେ ବାସ କରୁଥିଲେ ଏବଂ ନନ୍ଦ ଗୋପପୁରରେ ବାସ କରୁଥିଲେ। ନନ୍ଦବଂଶୀୟ ଗୋପାଳକମାନେ ଗୋପପୁରିଆ ଗୋପାଳ ନାମରେ ପରିଚିତ ଏବଂ ବସୁଦେବବଂଶୀୟ ଗୋପାଳମାନେ ମଥୁରାପୁରିଆ ଗୋପାଳ ନାମରେ ପରିଚିତ। ଓଡ଼ିଶାରେ ଏ ଦୁଇ ଶାଖାରେ ଗୋପାଳମାନେ ପରିଚିତ। ଏମାନଙ୍କ ଗୋଠବନ୍ଦାଣରେ ପ୍ରଭେଦ ଅଛି। ମଥୁରାପୁରିଆମାନଙ୍କର ସଜବନ୍ଦାଣ ଏବଂ ଗୋପପୁରିଆଙ୍କର ବାସୀବନ୍ଦାଣ। ସଜବନ୍ଦାଣ ଦୋଳପୂର୍ଣ୍ଣିମା ଦିନ ହୁଏ। ବାସୀବନ୍ଦାଣ ପୂର୍ଣ୍ଣିମାବାସିଦିନ ହୁଏ। ପ୍ରାଚୀନ ସୂର୍ଯ୍ୟ ଚନ୍ଦ୍ରବଂଶର ବଂଶବୃକ୍ଷ ନିମ୍ନରେ ଦିଆଗଲା—

ବୈବସ୍ୱତ ମନୁ
|
ଇକ୍ଷ୍ୱାକୁଙ୍କ ଠାରୁ — ଇଳାଙ୍କଠାରୁ (ଚନ୍ଦ୍ରଙ୍କୁ ବିବାହ କରିବା ଦ୍ୱାରା)
ଇକ୍ଷ୍ୱାକୁଙ୍କ ଠାରୁ | ସୂର୍ଯ୍ୟବଂଶ
ଇଳାଙ୍କଠାରୁ | ଚନ୍ଦ୍ରବଂଶ
|
ପୁରୁରବା
|
ଆୟୁ
|
ନହୁଷ
|
ଯଯାତି
|
ଯଦୁ

ମଥୁରାପୁରିଆମାନେ ଯାଦବ ନାମରେ ପରିଚିତ। ଉତ୍ତର ଭାରତର ମଥୁରା ପ୍ରଭୃତି ଅଞ୍ଚଳରେ ଗୋପାଳମାନେ ଯାଦବ

ନାମରେ ପରିଚିତ । ସେମାନଙ୍କର ସର୍ବଯୋଚିତ ବ୍ୟବହାର ଅଛି । ସେମାନେ ପଇତା ଧାରଣ କରନ୍ତି ଏବଂ ଉପନୟନଦ୍ୱାରା ସଂସ୍କାର ହୁଅନ୍ତି । ସେମାନଙ୍କ ଉପାଧି ମଧ୍ୟ ସିଂହ ପ୍ରଭୃତି ଅଛି । ଯଥା—ବଳଦ୍ୱାର ସିଂହ ଯାଦବ । ଗୋପପୁରିଆମାନେ ବୈଶ୍ୟ ବୃତ୍ତିକରନ୍ତି । ଯାଦବ କୁଳ ମହାକୁଳ ନାମରେ ପରିଚିତ । ଆଜିକାଲି ଓଡ଼ିଆ ଗୋପାଳଙ୍କ ମଧ୍ୟରେ ମହାଖୁଡ଼ ଉପାଧି ଦେଖାଯାଏ । ମହାଖୁଡ଼ ମହାକୁଳଶବ୍ଦର ଅପଭ୍ରଂଶ । ବ୍ରହ୍ମା ଗୋପ କନ୍ୟା ଗାୟତ୍ରୀଙ୍କୁ ବିବାହ କରିଥିଲେ (ପଦ୍ମପୁରାଣ) । ମହାଦେବ ନନ୍ଦତନୟା ଦୁର୍ଗାଙ୍କୁ ବିବାହ କରିଥିଲେ । ଗୋପେନ୍ଦ୍ରସ୍ୟାନୁଜେଜ୍ୟେଷ୍ଠେ ନନ୍ଦଗୋପ କୁଳୋଦ୍ଭବ (ମହାଭାରତ) । ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଚଣ୍ଡୀରେ ଅଛି "ନନ୍ଦଗୋପଗୃହେ ଜାତା ଯଶୋଦାଗର୍ଭସମ୍ଭବା" । ବିଷ୍ଣୁ ଗୋପକନ୍ୟା ସୁଶୀଳା ସ୍ୱଧାଙ୍କୁ ବିବାହ କରିଥିଲେ (ବ୍ରହ୍ମ ବୈବର୍ତ୍ତ) । ବ୍ରହ୍ମାଙ୍କ କନ୍ୟା କଳାବତୀ । କଳାବତୀଙ୍କ କନ୍ୟା କୀର୍ତ୍ତିଦାଙ୍କୁ ବୃଷଭାନୁ ଗୋପ ବିବାହ କରିଥିଲେ; ତାଙ୍କ ଗର୍ଭରୁ ଜନ୍ମ ହେଲେ ଶ୍ରୀମତୀ ରାଧା । ଏହି ରାଧାକୃଷ୍ଣ ଆଜି ଦେବ ଦେବୀ ହୋଇ ହିନ୍ଦୁ ଜଗତରେ ପୂଜା ପାଉଛନ୍ତି । ଶ୍ରୀକୃଷ୍ଣ ଗୋପାଳମାନଙ୍କ ସମ୍ବନ୍ଧେ କଅଣ କହିଛନ୍ତି ଦେଖନ୍ତୁ । ମତ୍ ସଂହନନ ତୁଲ୍ୟାନାଂ ଗୋପାନାଂ ଅର୍ବୁଦଂ ମହତ୍ । ନାରାୟଣୀ ଇତି ଖ୍ୟାତାଃ ସର୍ବେ ସଂଗ୍ରାମ ଯୋଧିନଃ (ମହାଭାରତ) । କାଳକ୍ରମେ ଏ ଗୋପାଳମାନଙ୍କର ଅବନତି ହୋଇଛି । ଏମାନେ ନିର୍ଦ୍ଧନ ହୋଇ ପଡ଼ିଛନ୍ତି । ଅର୍ଥାଭାବରୁ କିଏ ପାଣି ମିଶାଇ ଦୁଗ୍ଧ ବିକ୍ରୟ କରି ପେଟ ପୋଷୁଛି, କିଏ ବା ପାଲିଙ୍କି କାନ୍ଧେଇ ପଇସା ରୋଜଗାର କରୁଛି । ଗୋପାଳମାନେ ଭାରତର ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ରହିଛନ୍ତି; ବିଭିନ୍ନ ଅଞ୍ଚଳରେ ବିଭିନ୍ନ ନାମ ହୋଇ ଯାଇଛି । ଦିଲ୍ଲୀ, ପଞ୍ଜାବ, ଆଗ୍ରା, ଅଯୋଧ୍ୟା, ରାଜପୁତ, ମହାରାଷ୍ଟ୍ର ଅଞ୍ଚଳରେ ଏମାନେ ଯାଦବ ବୋଲି ପରିଚିତ । କାନ୍ୟକୁବ୍ଜରେ ଆହିର ବା ଆହୀର । ବଙ୍ଗଦେଶରେ ଗୋୟାଲା ବା ଗୋପ । ଗୋପ ପୁଣି ଦୁଇ ଶ୍ରେଣୀରେ ବିଭକ୍ତ ଯଥା—ସଦ୍‌ଗୋପ, ପଲ୍ଲବ । ଓଡ଼ିଶାରେ ଏମାନେ ଗୋପାଳ ଓ ଗୌଡ଼ ନାମରେ ପରିଚିତ । ବଣେଇ, ଗାଙ୍ଗପୁର, ରାଏଗଡ଼, ଯାସପୁରରେ ଏମାନେ ମହାକୁଳ ଗୋପ; ତେଲିଙ୍ଗ, ତାମିଲ, ମାନ୍ଦ୍ରାଜରେ ଗୋଲ୍ଲା ନାମରେ ପରିଚିତ । ବାମଣ୍ଡା ପ୍ରଭୃତି ଅଞ୍ଚଳରେ ଏମାନେ ମହାକୁଳ ଓ ପାଣ୍ଡବ ନାମରେ ପରିଚିତ । ପାଣ୍ଡବମାନେ ଶବୋଚିତ କାର୍ଯ୍ୟ କରନ୍ତି ଏବଂ ମହାକୁଳମାନେ ଗୋପାଳନ କରନ୍ତି । ଖ୍ରୀ ୧୯୨୧ର ଜନସୁମାରିରୁ ଜଣାଯାଏ ସମଗ୍ର ଭାରତରେ ଗୋପାଳ ସଂଖ୍ୟା ୧୯ କୋଟି । ଖାଲିମାତ୍ର ଓଡ଼ିଶାରେ ୭ ଲକ୍ଷ ୪୭ ହଜାର ୨୮୫ ଗୋପାଳ ଅଛନ୍ତି; ଗଞ୍ଜାମରେ ୨ ଲକ୍ଷ, ସିଂହଭୂମି ପ୍ରଭୃତିରେ ୯୫୦୦୦୦

ଗୋପାଳମାନେ ଗୋଟିଏ ପୁରାଣପ୍ରସିଦ୍ଧ ଜାତି । ଓଡ଼ିଶାର ଗୋପାଳମାନେ ଦରିଦ୍ର । ଏମାନେ ଅପଣାର ଜାତିକୁଳର ଅସଦ୍‌ବ୍ୟବହାର, ସ୍ୱଭାବ ଓ ସଂସ୍କାର ଛାଡ଼ି ଦେଇ ଅତି ସାଦାସିଧାଭାବରେ ଚଳୁଛନ୍ତି । ଗୋପାଳଙ୍କ ଜାତିରେ ମାଛ ଖାଇବା ନିଷିଦ୍ଧ । ଏମାନଙ୍କ ସାମାଜିକ ଖାଣପିଅଣ ବେଳେ ସଭାରେ ଆମିଷ ପ୍ରବେଶ କରେ ନାହିଁ । ଏମାନେ ୨୧ ଦିନ ମୃତାହ ଅଶୌଚ ପାଳନ କରନ୍ତି । ଦୋଳପୂର୍ଣ୍ଣିମା ଦିନ ଏମାନେ ହଳଦିଆ ଲୁଗା ପିନ୍ଧନ୍ତି, ନଉଡ଼ି ଖେଳନ୍ତି, ଓଗାଳ ଗୀତ ବୋଲନ୍ତି; ଡାକସଜ ନେଇ ଗୋଠରେ ଗୋରୁବନ୍ଦାଣ କରନ୍ତି । ଏମାନଙ୍କ ଜାତୀୟ କାଇଦା କଟକଣା ବେଶ୍ ଦୃଢ଼ । ଏମାନଙ୍କ ଜାତିରେ ବେହେରା ଅଛନ୍ତି । ଓଡ଼ିଶାରେ ଗୋପାଳମାନଙ୍କର ଜଣେ ମହନ୍ତ ଅଛନ୍ତି । କଟକଜିଲ୍ଲାର ନେମାଳ ମଠରେ ତାଙ୍କ ଗାଦି । ମହାପୁରୁଷ ଅଚ୍ୟୁତାନନ୍ଦ ଏହିଠାରେ ଥିଲେ । ଅଚ୍ୟୁତାନନ୍ଦ ଶ୍ରୀଚୈତନ୍ୟଙ୍କର ସମସାମୟିକ ଏବଂ ପଞ୍ଚସଖା ମଧ୍ୟରୁ ଜଣେ । ସେ ଜଣେ ଭାରି ଜ୍ଞାନୀ ପୁରୁଷ ଥିଲେ । ସେ ସ୍କୁଲ କଲେଜରେ ପାଠ ପଢ଼ି ନ ଥିଲେ, ତଥାପି ଓଡ଼ିଆରେ ୩୬ ସଂହିତା ୬୨ ଗୀତା ଲେଖି ଯାଇଛନ୍ତି । ନେମାଳ ମଠ ଏହି ଅଚ୍ୟୁତାନନ୍ଦଙ୍କ ହେତୁ ପ୍ରସିଦ୍ଧି ଲାଭ କରିଛି । ଗୋପାଳମାନେ ଏ ଗାଦିକୁ ଏବଂ ମହନ୍ତଙ୍କୁ ଭାରି ମାନନ୍ତି । ପ୍ରତ୍ୟେକ ଗୋପାଳପରିବାର ଏ ଗାଦିର ମହନ୍ତଙ୍କୁ ବାର୍ଷିକ ଦେଉଥିଲେ । ସେହି ଗାଦିର ବଂଶଧରମାନେ ଏବେ ଆପଣାକୁ କରଣ ବୋଲି ପରିଚୟ ଦେଉଛନ୍ତି ଏବଂ କରଣ ସମ୍ପ୍ରଦାୟରେ ବୈବାହିକ ସଂବନ୍ଧ କରୁଛନ୍ତି । ଆଧୁନିକ ଗୋପାଳମାନେ ଏଥିର ପ୍ରତିବାଦ କରୁଛନ୍ତି ଏବଂ କେତେକ ଅଞ୍ଚଳର ଗୋପାଳମାନେ ବାର୍ଷିକ ଦେଉ ନାହାନ୍ତି । ବର୍ତ୍ତମାନ ଭାରତର ସବୁ ଜାତି ମଧ୍ୟରେ ଗୋଟାଏ ଚେତନା ଆସିଛି । ପ୍ରତ୍ୟେକ ଜାତି ଆପଣା ଆପଣା ଜାତୀୟ ସମ୍ମାନ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି । ଗୋପାଳମାନଙ୍କ ମଧ୍ୟରୁ ଅନେକ କଲିକତା ପ୍ରଭୃତିକୁ ଯାଇ ଦେଶର ଏହି ଜାଗରଣ ବେଳେ ଆପଣା ଜାତିକି ଜାଗ୍ରତ କରିବା ଚେଷ୍ଟାରେ ଅଛନ୍ତି । ନାନା ସ୍ଥାନରେ ଯାଦବ ସମ୍ମିଳନୀ ସଭା ପ୍ରଭୃତି ହୋଇ ଏହି ଜାତୀୟ ଜାଗରଣକୁ ଉଦ୍‌ବୁଦ୍ଧ କରୁଛି । ଏଥିରେ ଦୋଷାବହ କଥା କିଛି ନାହିଁ । ଅନ୍ୟ ଜାତି ଏଥିଲାଗି ସେମାନଙ୍କୁ ଆକ୍ରମଣ ବା ଆକ୍ଷେପ କରିବାର କିଛି କାରଣ ନାହିଁ । ଏପରି କଲେ ଆପଣାର ନୀଚତା ପ୍ରକାଶ ପାଇବ । ସବୁ ଜାତି ଉନ୍ନତ ଜାଗ୍ରତ ହୃଷ୍ଟପୁଷ୍ଟ ବଳିଷ୍ଠ ହେଲେ ଭାରତର ମଙ୍ଗଳ । ଗୋପ ଜାତିର ପ୍ରାଚୀନ ଇତିହାସ ଅଛି, ଗୌରବ ଅଛି, ପ୍ରସିଦ୍ଧି ଅଛି । ବେଦରେ ଗୋପ ଜାତିର କଥା ଉଲ୍ଲେଖ ଅଛି (ଋକ୍ ୧।୮ ମଣ୍ଡଳ, ସୂ ୪୧।୫୨; ୧୦ମ, ସୂ ୨୧, ୮୮) ରାମାୟଣରେ ଶ୍ରୀଧର ଗୋପାଳ କଥା ଅନେକେ ଜାଣିଥିବେ । ରାମଚନ୍ଦ୍ର ତାଠାରୁ ଦୁଗ୍ଧ ଖାଇଥିଲେ । "ଶ୍ରୀରାମ ବୋଇଲେ ଆମ୍ଭେ ହେବୁ ତୋର ସୁତ । ଏବେ ତୁହି ଦିବ୍ୟ ଲୋକ ହୋଇବୁ ପ୍ରାପତ । ଦ୍ୱାପରେ ଗୋପବଂଶରେ ତୁ ହେବୁ ରାଜନ । ଆମ୍ଭେ ଦୁଇ ଭାଇ ହେବୁ ତୋହର ନନ୍ଦନ ।"

(ରାମାୟଣ ଅରଣ୍ୟକାଣ୍ଡ) ।

ଗୋପାଳମାନଙ୍କ ପଇତା ପକାଇବାର ଦେଖି ଅନ୍ୟ ଜାତିର ଲୋକେ ଈର୍ଷାନ୍ୱିତ ହେଉଛନ୍ତି, ଥଟ୍ଟା ତାମସା କରୁଛନ୍ତି । ମାତ୍ର ଏପରି କରିବାର କିଛି କାରଣ ନାହିଁ । ଗୋପାଳମାନେ କ୍ଷତ୍ରିୟ ହୁଅନ୍ତୁ ବା ବୈଶ୍ୟ ହୁଅନ୍ତୁ ସେମାନଙ୍କର ଉପନୟନ ଶାସ୍ତ୍ରସମ୍ମତ ଏବଂ ସେମାନେ ପଇତା ଧାରଣ କରିବା ଶାସ୍ତ୍ରସମ୍ମତ । ଭାଗବତରେ ଶ୍ରୀକୃଷ୍ଣ କହିଅଛନ୍ତି—"ସ୍କନ୍ଧରେ ପଇତା ଧାରଣ, ବେଦାଧ୍ୟୟନ ପ୍ରତିଦିନ, ନ ରହି ପରର ଦାସତ୍ୱେ, ନିରାମିଷ ଆହାର କର୍ତ୍ତବ୍ୟ" । ଅଚ୍ୟୁତାନନ୍ଦ ଶୂନ୍ୟସଂହିତାରେ କହିଅଛନ୍ତି—"ପଇତା ଗୋଟିଏ ଥିବ ଦକ୍ଷିଣ ଯେ କର୍ଣ୍ଣେ, ବ୍ରାହ୍ମଣ ଗୋପାଳ ବେଶ ଧରିବ ଯେ ତୁମ୍ଭେ । ବ୍ରାହ୍ମ ସାରସ୍ୱତ ସଂହିତାରେ ଅଛି—"ଦକ୍ଷିଣେ ପଇତା ପାଦେ କଠାଉ" ଇତ୍ୟାଦି । ଅଚ୍ୟୁତାନନ୍ଦଙ୍କୁ କେହି କେହି ଖଣ୍ଡାଇତ ବୋଲି କହୁଛନ୍ତି । ଓଗାଳ ଗୀତରେ ଅଚ୍ୟୁତାନନ୍ଦ ନିଜେ କହୁଛନ୍ତି—"ଗୋପାଳକୁଳର ଘେନ ଅଚ୍ୟୁତ କହି" । ପରସ୍ପର ବାଦ ଓଗାଳ ପରସ୍ପରର ହେବା କଥାକୁ ଓଗାଳ ଗୀତ କହନ୍ତି । ଓଗାଳ ଗୀତରେ ଅନେକ ତତ୍ତ୍ୱ ପ୍ରଶ୍ନ ଉତ୍ତର କରାଯାଏ । ଗୋପାଳ କେଉଁଠୁଁ ଜନ୍ମ ହେଲେ ? ବଂଶୀ କେଉଁଠୁଁ ଜାତ ହେଲା ? ଇତ୍ୟାଦି ନାନା ତତ୍ତ୍ୱ ଏଥିରେ ପ୍ରଶ୍ନ ଉତ୍ତର କରାଯାଏ । ସାଧାରଣତଃ ଗୋପାଳମାନେ ଗୋଚାରଣ ଗୋପାଳନ ବୃତ୍ତି ଅବଲମ୍ବନ କରି ଆସୁଛନ୍ତି । ଏହା ବୈଶ୍ୟ ବୃତ୍ତି । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି—କୃଷି ଗୋରକ୍ଷ୍ୟ ବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜଂ । ଗୋପାଳ ଦୁଇ ଅର୍ଥ ବୁଝାଏ,—ଗୋ ଅର୍ଥ ପୃଥିବୀ ଏବଂ ଗୋ ଅର୍ଥ ଗୋରୁ । ଗୋପାଳ ଅର୍ଥ ରାଜା ଏବଂ ଗୋପାଳ ଅର୍ଥ ଗୋରୁପାଳକ । ଗୋଚାରଣ ବ୍ୟବସାୟ ଯେଉଁମାନେ କରନ୍ତି ସେମାନେ ସର୍ବଦା ବନ ଜଙ୍ଗଲରେ ରହନ୍ତି । ଶ୍ରୀକୃଷ୍ଣ ଭାଗବତରେ କହିଛନ୍ତି—"କର୍ମହିଁ ସୁଖ ଦୁଃଖ ଦାତା, ବିଶ୍ୱ ସଂସାରେ ବଳବନ୍ତା । ନିର୍ଝର ଜଳ ପାନ କରି, ଆମ୍ଭ ଦେବତା ବନ ଗିରି" । ଗୋସେବାଠାରୁ ବଳି ଧର୍ମକାର୍ଯ୍ୟ ନାହିଁ । ଶ୍ରୀକୃଷ୍ଣ ନିଜେ ଗୋଚାରଣ ବୃତ୍ତି କରୁଥିଲେ । ଆଧୁନିକ ଶିକ୍ଷିତମାନେ ହାତରେ ଗୋବର ଲାଗିଯିବା ଭୟରେ ଗୋ-ସେବାକୁ ଘୃଣାଜନକ କାର୍ଯ୍ୟ ବୋଲି ମନେ କରନ୍ତି । ଆଧୁନିକ ବାବୁଆଣୀମାନେ ମଧ୍ୟ ଗୋସେବାକୁ ଘୃଣା କରନ୍ତି । ମାତ୍ର ଏହା ଅତି ପବିତ୍ର ଧର୍ମକାର୍ଯ୍ୟ ଓ ସ୍ୱାସ୍ଥ୍ୟକର ଅଟେ । ପଞ୍ଚଗବ୍ୟ ପାନ କଲେ ଆତ୍ମଶୁଦ୍ଧି ଓ ଦେହଶୁଦ୍ଧି ହୁଏ । ଗୋରୁଠାରୁ ଦୁଧ, ଦହି, ଛେନା, ଲହୁଣି, ଘିଅ ପ୍ରଭୃତି ଅମୃତ ଆମେ ପାଉଁ । ଗୋରୁ ରକ୍ଷା କରିବାରୁ ଆମ ଡାହାଣ ହାତ ଚଳେ । ଏ ପ୍ରକାର ଉପକାରୀ ଜନ୍ତୁର ସେବା ଘୃଣ୍ୟ ହୋଇ ନ ପାରେ । ଗୋପାଳମାନେ ଅତି ସରଳ ଭାବରେ ଜୀବନ ଯାପନ କରନ୍ତି । ଗୋରୁ ସେମାନଙ୍କ ଶିକ୍ଷା, ଦୀକ୍ଷା, ଜୀବିକା । ଗୋରୁଙ୍କ ପଛରେ ବନ ଜଙ୍ଗଲରେ ବୁଲି ବୁଲି ସେମାନେ କାଳ କଟାନ୍ତି । ନାଗରିକ ଆଧୁନିକ ସଭ୍ୟତା ସେମାନଙ୍କୁ ସ୍ପର୍ଶ କରେ ନାହିଁ । ତେଣୁ ସେମାନଙ୍କୁ ଲୋକେ ମୂର୍ଖ ଅଧମ ଜାତି ବୋଲି କହିଥାଆନ୍ତି । "ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି, ଘୋଡ଼ ବଛାଧେନୁ ବାଳକ ବନେ ବୁଲନ୍ତି ନିତି" ଗୋପୀଭାଷା ଲେଖକ ଲେଖିଯାଇଛନ୍ତି । ଗୋପାଳ-ମାନେ ସେମାନଙ୍କ କୌଳିକ ସାତ୍ତ୍ୱିକତା ଛାଡ଼ିବାରୁ ଅବନତ ହୋଇଛନ୍ତି । ଶାସ୍ତ୍ରରୁ ଦେଖାଯାଏ ଗୋପୀମାନେ ଅଷ୍ଟରତ୍ନର ଅଳଙ୍କାର ପିନ୍ଧୁଥିଲେ; ବର୍ତ୍ତମାନ ଗୋପାଳ-ସ୍ତ୍ରୀମାନେ ପିତ୍ତଳ ଖଡ଼ୁ ବାହି ପିନ୍ଧି ବୁଲନ୍ତି । ଏମାନଙ୍କର ଧାରଣା ଯେ, ପିତ୍ତଳ ଖଡ଼ୁର ପରିବର୍ତ୍ତରେ କାଚ ପ୍ରଭୃତି ପିନ୍ଧିଲେ ଜାତି ଯିବ ଏବଂ କୌଣସି ଆଧିଦୈବିକ ଅନିଷ୍ଟ ହେବ । ଏମାନେ ଆପଣା ଆଚାର ବ୍ୟବହାର ହେତୁ ଅନେକ ସ୍ଥଳରେ ଘୃଣ୍ୟ ହୋଇଛନ୍ତି । ମାତ୍ର ପ୍ରାଚୀନ ପୁରାଣ ପ୍ରଭୃତି ଦେଖିଲେ ଏମାନଙ୍କ ମାହାତ୍ମ୍ୟ ଜଣା ପଡ଼େ ।

ଯଦୋର୍ବଂଶଂ ନରଃ ଶ୍ରୁତ୍ୱା ସର୍ବଲୋକେ ମହୀୟତେ
ଯଦୋର୍ବଂଶଂ ନରଃ ଶ୍ରୁତ୍ୱା ସର୍ବ ପାପାତ୍ ପ୍ରମୁଚ୍ୟତେ ।
ଯୂୟଂ ସର୍ବେପି ଗୋପାଳାଃ ଗୋଲୋକାଦାଗତା ଭୁବି
ତଥା ଗୋପୀଗଣା ଗୋପାଃ ଗୋଲୋକେ ସ୍ୱେଚ୍ଛୟା,
ଯାଦବାନାଂ ହିତାର୍ଥାୟ ଧୃତୋ ଗିରିବରୋ ମୟା,
(ସ୍କନ୍ଦ ପୁରାଣ)

ଯାଦବେଷ୍ୱପି ସର୍ବେଷୁ ଭବନ୍ତୁ ମମ ବାନ୍ଧବା,
(ହରିବଂଶ ବିଷ୍ଣୁ ପର୍ବ)

ଯାଦବୌ ତୌ ରଣେ ଗୋପୌ ବାସୁଦେବ ସୁତାବୁଭୌ ।
ଗୋପାନାଂ ବଚନଂ ଶ୍ରୁତ୍ୱା କୃଷ୍ଣଃ ପଦ୍ମଦଲେକ୍ଷଣଃ
ପ୍ରତ୍ୟୁବାଚ ସ୍ମିତଂ କୃତ୍ୱା ଜ୍ଞାତିନ୍ ସର୍ବାନ୍ ସମାଗତାନ୍,
ମନ୍ୟଧ୍ୱମ୍ ମାନ୍ ଯଥା ସର୍ବେ ଭବନ୍ତୁ ଭ୍ରାତରୋ ମମ ।
ତଥାହି ନାବମନ୍ତବ୍ୟ ସ୍ୱଜାତୟୋ ସବାନ୍ଧବଃ,
ଯଜ୍ଞେ ବୃଷ୍ଣି କୁରୁଷୁ, ମହାତ୍ମାନୋ ମହୌଜସଃ,
ନନ୍ଦାଦ୍ୟା ଗୋପବେଶାଢ୍ୟା ଶ୍ରୀଦାମାଦ୍ୟାଶ୍ଚ ବାଳକାଃ
(ବ୍ରହ୍ମାଣ୍ଡ ପୁରାଣ ଉତ୍ତର)

ନନ୍ଦୋପନନ୍ଦ ଭଦ୍ରାଦ୍ୟାଃ ରାମକୃଷ୍ଣାନୁବର୍ତ୍ତିନଃ ।
ଅକ୍ଷୌହିଣୀଭିର୍ଦ୍ୱାଦଶଭିଃ ସମେତୋ ସର୍ବତୋଦିଶମ୍,
ରුରୁଧୁର୍ବାନଗନ୍ତାତ ସମନ୍ତାତ୍ ସାତ୍ୱତର୍ଷଭାଃ ।
(ଭାଗବତ ୧୦ । ୬୩)

ପଶୁପାଲାସ୍ତ୍ରିଧା ବୈଶ୍ୟା ଆଭୀର ଗୁର୍ଜରାଃ ସ୍ମୃତାଃ
ଗୋପବଲ୍ଲଭ ପର୍ଯ୍ୟାୟା ଯଦୁବଂଶ ସମୁଦ୍ଭବାଃ ।
(ଶ୍ରୀକୃଷ୍ଣ ଗଣେଶ ଦୀପିକା)

ଗୋପାନାମଷ୍ଟଙ୍କ ମହତ୍ (ଗର୍ଗସଂହିତା)
ନିତ୍ୟ ଶତ ସଦାଭକ୍ତ ନିତ୍ୟ ଗୋଗୃହ ମାର୍ଜନେ ।
ସର୍ବାର୍ତ୍ତେ ଉତ୍ତମା ଗୋଧୀଃ ପଞ୍ଚଗବ୍ୟାନ୍ତୁ ବର୍ଜୟେତ୍
(ବ୍ରହ୍ମବୈବର୍ତ୍ତ)

ଆମ୍ଭମାନଙ୍କର ସକଳ ଶୁଭ କାର୍ଯ୍ୟ ବେଳେ ମଙ୍ଗଳାଷ୍ଟକ ପାଠ କରା ଯାଇଥାଏ । ସେଥିରେ ଅଛି—

ଗଙ୍ଗା ଗୋମତି ଗୋପତି ର୍ଗଣପତି ର୍ଗୋବିନ୍ଦ
ଗୋବର୍ଦ୍ଧନୋ
ଗୀତା ଗୋ ଗୋରଚନା ଗିରି ଗିରିସୁତା, ଗଙ୍ଗାଧରୋ
ଗୌତମ ।
ଗାୟତ୍ରୀ ଗରୁଡ଼ୋ ଗଦା ଗିରିଗୁହା ଗମ୍ଭୀର ଗୋଦାବରୀ
ଗନ୍ଧର୍ବ ଗ୍ରହ ଗୋପ ଗୋକୁଳ ଜନାଃ କୁର୍ବନ୍ତୁତେ ମଙ୍ଗଳଂ ।

ଏ ସମସ୍ତ ବିଷୟ ଆଲୋଚନା କଲେ ଜଣାଯାଏ ଯେ, ଯାଦବ ବଂଶ କ୍ଷତ୍ରିୟ ଥିଲେ ଓ ପରେ ସେଥିରୁ ବୈଶ୍ୟ ବୃତ୍ତି କରୁଥିଲେ । କେହି କହି ପାରେ ଯେ, ଏକଥା କିପରି ସମ୍ଭବ ହୋଇ ପାରେ ? ପ୍ରାଚୀନ ଜାତିବିଭାଗ ବିଷୟ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କଲେ ଜଣାଯାଏ, ଏକ ବ୍ରାହ୍ମଣ ଜାତିରୁ ସବୁ ଜାତିର ଜନ୍ମ । ବୃତ୍ତି ଭେଦରେ ନାନା ପ୍ରକାର ଜାତିର ସୃଷ୍ଟି ହୋଇଅଛି । ଯାଦବମାନେ ଆପଣା ସମାଜର ଯେବେ ସଂସ୍କାର କରି ପାରନ୍ତି, ତେବେ ଅତି ଉତ୍ତମ କଥା । ଆଧୁନିକ ଯୁଗରେ ଶିକ୍ଷା ଓ ଅର୍ଥ ଉନ୍ନତିର ମୂଳଦୁଆ । ଯେତେ ଜାତି ଅଛନ୍ତି ସର୍ବାପେକ୍ଷା ଗୋପାଳ ଜାତି ଅତି ଅନୁନ୍ନତ ଅବସ୍ଥାରେ ଅଛି । ପ୍ରଥମେ ଶିକ୍ଷା ପ୍ରଚାର କରି ଆର୍ଥିକ ଉନ୍ନତି ଦିଗରେ ଚେଷ୍ଟା କରିବା ଉଚିତ । ପଇତା ପକାଇବା ପାଇଁ ଇଚ୍ଛା କଲେ ଉପନୟନ କରିବା ଉଚିତ । କେବଳ ସଭା ସମିତିରେ ପଇତା ପକାଇ ଦେଲେ ହେବ ନାହିଁ । ଶାସ୍ତ୍ରବିଧି ଅନୁସାରେ ଉପନୀତ ହୋଇ ପଇତା ପକାଇବା ଉଚିତ ହେବ । ଲୋକ ହେଉ ବା ଜାତି ହେଉ, ସେ ଆପଣା ଦୋଷରୁ ପତିତ ହୁଏ । କଥା ଅଛି, ଆଲୋ ସଖୀ ! ଆପଣା ମହତ ଆପେ ରଖି । ଆମେ ପଦ ଜାତିକୁ ଯାଦବ କ୍ଷତ୍ରିୟ ବା ବୈଶ୍ୟ ବୋଲି ପରିଚିତ ନ କରାଇବା ଏବଂ ଅନୁଚିତ କର୍ମ ନ କରିବା ତେବେ ଅନ୍ୟକୁ କେହି ବୈଶ୍ୟ ବା କ୍ଷତ୍ରିୟ କରି ଦେବ ନାହିଁ । ଏଥିପାଇଁ ଅନ୍ୟ ଉପରେ ଆକ୍ରୋଶ ନ ରଖି, ଅନ୍ୟ ଜାତି ପ୍ରତି ଦ୍ୱେଷ ହିଂସା ନ ରଖି ଆପଣା କର୍ମ ଆପେ କରିବା ଉଚିତ ।

(ସନ୍ଦର୍ଭ ଲେଖକ— ଶ୍ରୀ ଜଗବନ୍ଧୁ ସିଂହ)

ପୁରାଣପ୍ରସିଦ୍ଧ ଯଦୁବଂଶରେ ଯେଉଁମାନଙ୍କର ଜନ୍ମ ସେମାନଙ୍କୁ ଯାଦବ କହନ୍ତି । ଏହି ଜାତି ପୌରାଣିକ ଯୁଗଠାରୁ ଆରମ୍ଭ କରି ଆଜି ସୁଦ୍ଧା ଆମ ଦେଶରେ ଘରେ ଘରେ ପରିଚିତ; ତାହାର କାରଣ ଭଗବାନ୍ ଶ୍ରୀକୃଷ୍ଣ ଏହି ବଂଶରେ ଜନ୍ମଗ୍ରହଣ କରିଥିଲେ ।

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଙ୍କ ପିତା ଅତ୍ରି ଋଷିଙ୍କ ୭ମ ପୁରୁଷରେ ଯଦୁ ନାମରେ ଏକ ପ୍ରବଳପରାକ୍ରମୀ ଭୁବନବିଖ୍ୟାତ ରାଜା ଜନ୍ମ ଗ୍ରହଣ କରିଥିଲେ । ଏହି ଯଦୁଙ୍କ ବଂଶରେ ଏକ ମହା ରାଜାଙ୍କର ଦୁଇ ପୁତ୍ର ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ରାଜ୍ୟଭାର ଗ୍ରହଣ କରି ଏହି ବଂଶର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରିଥିଲେ । ଅନ୍ୟ ଜଣେ ଗୋଧନ ରକ୍ଷଣାବେକ୍ଷଣର ଭାର ଗ୍ରହଣ କରିଥିଲେ । ଶାସକଙ୍କ ବଂଶ ଯଦୁବଂଶ ଓ ଗୋଧନ ରକ୍ଷକଙ୍କ ବଂଶ ମଥୁରାପୁରୀସ୍ଥ ଗୋପାଳ ବଂଶ । କିନ୍ତୁ ବାସ୍ତବରେ ସେମାନଙ୍କୁ ଅତି ଏକ ବଂଶ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । (ନବୀନ ପତ୍ରିକା)]

ଯାଦବୀ—ସଂ. ବି. ସ୍ତ୍ରୀ. (ଯଦୁ+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)—
Jādabī ୧ । ବାସନ୍ତୀ ଦେବୀ; ଦୁର୍ଗା—1. Durgā. ୨ । ଗୋଧନ—2. Stock of cattle. ୩ । ମଦିରା—3. Wine. ୪ । କୁଟୁଣୀ; କୁଟ୍ଟିନୀ—4. A bawd; procuress.

ଯାଦସାଂ ନାଥ—ସଂ. ବି. ପୁଂ (ଯାଦସାଂ=ଜଳଜନ୍ତୁମାନଙ୍କ+ନାଥ)—
Jādasām nātha ୧ । ବରୁଣ—1. The Sea-god. (ଯାଦସାଂ ପତି—ଅନ୍ୟରୂପ) ୨ । ସମୁଦ୍ର—2. The sea; ocean (Apte).

ଯା(ଜ୍ୟା)ଦା—ବୈଦେ. ବି. (ଫା. ଯ୍ୟାଦା; ଜିୟାଦା; ଜ୍ୟାଦା)—
Jā(jyā)dā ୧ । ଯିଆଦା; ଅତ୍ୟଧିକ—1. Very much. ज़्यादा ୨ । ଅତିଶୟ—2. Excessive. ୩ । ଅପେକ୍ଷାକୃତ ଭଲ—3. Better. କ୍ରିୟା ବିଣ—୧। ଅପେକ୍ଷାକୃତ ରୂପେ—1. Comparatively. ୨ । ଅତ୍ୟଧିକ ରୂପେ —2. Excessively.

ଯାଦୁ—ସଂ. ବି—୧ । ଜଳ (ହି. ଶ)—1. Water (Apte). ୨ ।
Jādu ତରଳ ପଦାର୍ଥ (ହି. ଶ)—2. A liquid; a fluid (Apte).

ଯାଦୁ (ଇତ୍ୟାଦି)— ଦେ ଓ ବୈଦେ. ବି—ଜାଦୁ ଇତ୍ୟାଦି (ଦେଖ)
Jādu (etc) Jādu etc. (See)

ଯାଦୁମଣି(ନି)—ଦେ. ବି. (ସଂ. ଯଦୁମଣି=ଶ୍ରୀକୃଷ୍ଣଙ୍କ ସମ୍ବୋଧନ)—
Jādumaṇi(ni) ଅତି ସ୍ନେହର ପାତ୍ର—A dear person; darling. जादुमनि प्यारे

ଯାଦୃଚ୍ଛିକ—ସଂ. ବିଣ. ପୁଂ. (ଯଦୃଚ୍ଛା+ଇକ)—୧ । ସ୍ୱେଚ୍ଛାଚାରୀ—
Jādṛuchchhika 1; Arbitrary; wilful; despotic (ଯାଦୃଚ୍ଛିକୀ—ସ୍ତ୍ରୀ) ୨ । ସ୍ୱାଧୀନ—2. Independent. ୩ । ସ୍ୱେଚ୍ଛାକୃତ—3. Voluntary; spontaneous (Apte). ୪ । ଆକସ୍ମିକ—4. Accidental ; unexpected (Apte). ବି. ପୁଂ—ସ୍ୱେଚ୍ଛାଚାରୀ ଯାଜକ—A officiating priest who acts or performs a sacrifice as he pleases (not according to the rules).

ଯାଦୃଶ(ଶ, କ୍ଷ)—ସଂ. ବି. ପୁଂ. (ଯଦ୍+ଦୃଶ୍ ଧାତୁ+କ୍ୱିପ୍; କର୍ମ. ଅ+ସ)—ଯେଉଁ ପ୍ରକାରର—Of
Jādṛuś(śa, ksha) (ଯାଦୃଶୀ, ଯାଦୃକ୍ଷୀ—ସ୍ତ୍ରୀ) which sort; like which; whatlike.

ଯାଦୋଗଣ—ସଂ. ବି (ଯଦଃ+ଗଣ; ସନ୍ଧି ସୋର୍ଗ ଃ ସ୍ଥାନରେ 'ଓ')—
Jādogaṇa ଜଳଜନ୍ତୁସମୂହ—The aquatic animals.

ଯାଦୋଗଣେଶ୍ୱର—ସ. ବ (୬ଷ୍ଠୀ ତତ୍; ଯାଦୋଗଣ+ଈଶ୍ୱର;
Jādogaṇeśwara ଯାଦସ୍=ଜଳଚରଗଣ+ନାଥ)—୧
ସମୁଦ୍ର—1. The ocean. ୨ । ବରୁଣ—2. The
(ଯାଦୋନାଥ, ଯାଦୋଗଣନାଥ—ଅନ୍ୟରୂପ) Sea-god.

ଯାଦୋନିବାସ—ସ. ବ.- (୬ଷ୍ଠୀ ତତ୍; ଯାଦଃ+ନିବାସ, ଜଳଜନ୍ତୁମାନଙ୍କ
Jādonibāsa ବାସସ୍ଥାନ)—୧ । ସମୁଦ୍ର—1. The ocean.
୨ । ଜଳ—2. Water.

ଯାଦ୍ୱ—ସ. ବଣ. ପୁ°—(ଯଦୁ+ଅ)—୧ । ଯଦୁବଂଶୀୟ (ହି. ଶ)—
Jādwa 1. Belonging to the Jadu dynasty.
(ଯାଦ୍ୱୀ—ସ୍ତ୍ରୀ) ୨ । ଯଦୁ ସମ୍ବନ୍ଧୀୟ (ହିନ୍ଦି ଶବ୍ଦସାଗର)—
2. Relating Jadu.

ଯାନ୍ (ଇତ୍ୟାଦ)—ବୈଦେ. ବ.—ଜାନ୍ ଇତ୍ୟାଦ (ଦେଖ)
Jān (etc) Jān etc. (See)

ଯାନ—ସ. ବ.—(ଯା ଧାତୁ+କରଣ. ଅନ; ଯହିଁରେ ଲୋକେ ଏକ
Jāna ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ପାରନ୍ତି)—୧ । ବାହନ (ହସ୍ତ୍ୟଶ୍ୱ-
ଶକଟାଦ)—1. Conveyance. [ଦ୍ର—ଯାନ ଓ
ବାହନ ଏକାର୍ଥକ, କିନ୍ତୁ ସାଧାରଣତଃ ହସ୍ତ୍ୟଶ୍ୱାଦ ଜୀବଙ୍କୁ
ବାହନ ଓ ନିର୍ଜୀବ ବସ୍ତୁ (ଶକଟ, ରଥ ଆଦ)କୁ ଯାନ
ବୋଲାଯାଏ ।] ୨ । (+ଭାବ. ଅନ) ଗମନ;
ଭ୍ରମଣ; ଗତ; ଯାତ୍ରା—2. Going; moving; advancing; proceeding. ୩ । ଦେଶାଟନ—
3. Travel. ୪ । ଶତ୍ରୁର ପ୍ରତିକୂଳରେ ଯାତ୍ରା—4.
Expedition against an enemy; marching against. ୫ । ଆକ୍ରମଣ—5. Attacking;
invasion. ୬ । (+ଅଧିକରଣ ଅନ)—ଦଳବଦ୍ଧ
ହୋଇ କରାଯିବା ଯାତ୍ରା; ଶୋଭାଯାତ୍ରା—6. Procession; train (Apte). ୭ । (+କରଣ. ଅନ)—
ନୌକା; ଜାହାଜ—7. Ship; boat. (ଯଥା—
ଯାନ ଭଙ୍ଗ ।) ଦେ. ବ.—(ସ. ଉପଯାନ)—ଆଗମନ;
ନିକଟକୁ ଗମନ—Arrival; coming near. [ଉ-
ପତ୍ରିଛି ପତ୍ର ଚଳନ୍ତେ, ପତ୍ର ବଚନତ ହୋନ୍ତେ, ଶଙ୍କିତ
କରଇ ଯାନ, ମନେ ବଗୁର । ପ୍ରାଚୀ. ରସବାରଧି ।]

ଯାନକ—ସ. ବ.—(ଯାନ+ସ୍ୱାର୍ଥେ. କ)—ଗାଡ଼ି ଆଦ—
Jānaka Vehicle; conveyance (Apte).

ଯାନକର—ସ ବ.—(ଯାନ+କୃ ଧାତୁ+କର୍ତ୍ତୃ. ଅ)—ବଢ଼େଇ—
Jānakara A carpenter (Apte).

ଯାନକୀ—ସ. ବଣ — (ଯାନକ+ଅଛି ଅର୍ଥରେ ଇନ୍, ଲକ୍ଷୀୟ ପ୍ରୟୋଗ)
Jānakī ଯାନାରୂଢ଼; ଯାନ ଚଢ଼ିଥିବା—Seated on a
conveyance. [ଉ—ବଳ୍ପାନ ଲକ୍ଷଣେ ଯେହ୍ନ ସହ୍ୱତ
ଲକ୍ଷଣେ ସେହ୍ନ ଯାନକୀ କୋହ୍ନ ଜାନକୀ ଅଶା । ଉଞ୍ଜ.
ବୈଦେହୀଶ ବଳାସ ।]

ଯାନ ପାତ୍ର—ସ. ବ—ଅର୍ଣ୍ଣବ ପୋତ; ବୋଇତ—A sea-going
Jāna pātra vessel.
(ଯାନ ପାତ୍ରକ—ଅନ୍ୟରୂପ)

ଯାନ ବାହ—ସ. ବଣ.- (ଯାନ+ବହ ଧାତୁ+କର୍ତ୍ତୃ. ଅ)—ଯେ
Jāna bāha ଯାନକୁ ବହନ କରେ ବା ଟାଣେ—Drawing
ଯାନବାହକ } —ଅନ୍ୟରୂପ or carrying a convey-
ଯାନବାହୀ } ance.
ବ.—୧ । ଯାନବହନକାରୀ ଜୀବ—1. An animal
drawing a vessel or vehicle. ୨ ।
ସବାରି ଆଦ ବୋହିବା ଲୋକ—2. People bearing
or drawing a conveyance.

ଯାନ ବାହନ—ସ. ବ—(ଏକାର୍ଥକ ସହଚର ଶବ୍ଦ)—ଗମନାଗମନାର୍ଥ
Jāna bāhana ବ୍ୟବହୃତ ନାନା ପ୍ରକାରର ବାହନ (ଜୀବନ୍ତ ଓ
[ଯାନ ବାହାନ—ଗ୍ରାମ୍ୟରୂପ] ନିର୍ଜୀବ)—Conveyances and
animals drawing conveyances [ଦ୍ର—
ସାଧାରଣତ ଯେଉଁ ପାତ୍ରାକୃତ ବସ୍ତୁରେ ଚଢ଼ି ଲୋକେ
ଯିବା ଆସିବା କରନ୍ତି ତାକୁ ଯାନ ବୋଲାଯାଏ, ଯଥା—
ଗାଡ଼ି, ସବାରି, ନୌକା, ରେଳଗାଡ଼ି, ଉଡ଼ାଜାହାଜ, ରଥ ।
ଯେଉଁ ଜୀବମାନେ ଲୋକଙ୍କୁ ପିଠିରେ ବହନ କରନ୍ତି ବା
ଗାଡ଼ି ଆଦକୁ ଟାଣନ୍ତି ତାଙ୍କୁ ବାହନ ବୋଲାଯାଏ ଯଥା—
ମନୁଷ୍ୟ, ଘୋଡ଼ା, ବଳଦ, ହାତୀ ।]

ଯାନ ଭଙ୍ଗ—ସ. ବ—(୬ଷ୍ଠୀ ତତ୍; ଯାନ+ଭଙ୍ଗ)—ଜାହାଜ ମାଡ଼-
Jāna bhaṅga ଖାଇଯିବା—Shipwreck.

ଯାନ ମୁଖ—ସ. ବ—ଶକଟାଦର ଅଗ୍ରଭାଗ; ଯୁଆଳି—The fore part
Jāna mukha of a carriage; the part where
the yoke is fixed.

ଯାନଯାନ—ସ. ବଣ. ପୁ° (ଯାନ+ଯା ଧାତୁ+କର୍ତ୍ତୃ. ଅନ)—
Jānajāna ଗାଡ଼ିରେ ବସି ଯାଉଥିବା; ଯାନାରୋହୀ—
(ଯାନଯାନୀ—ସ୍ତ୍ରୀ) Driving or riding in a carriage.

ଯାନଶାଳା—ସ. ବ—ଯେଉଁ ଘରେ ଗାଡ଼ିଆଦ ରଖାଯାଏ—
Jānaśālā Coach-house; garage (Apte).

ଯାନାବରୋହଣ—ସ. ବ (୫ମୀ ତତ୍)—ଯାନରୁ ଓହ୍ଲାଇବା—
Jānābarohaṇa Alighting from a conveyance.
(ଯାନାବରୂଢ଼[ଢ଼ା]—ବଣ)

ଯାନାରୋହଣ—ସ. ବ (୭ମୀ ତତ୍)—ଯାନରେ ଚଢ଼ିବା—
Jānārohaṇa Riding on or using a conveyance.
(ଯାନାରୂଢ଼, ଯାନାରୋହୀ—ପୁ°, ଯାନାରୂଢ଼ା, ଯାନାରୋହିଣୀ—ସ୍ତ୍ରୀ—
ବଣ)

ଯାନାସ(ସ୍ଥା, ସ୍ଥା)ନ୍—ବୈଦେ. ବ (ଫା. ଜାନ୍=ଜୀବନ୍ ଓ ଅସ୍ଥାନ୍
Jānāsa(stā, sthā)n =ବାସସ୍ଥଳ; ତୁଳ. ସ. ଯାନ ଓ
ସର୍ବସ୍ୱ ଆସନ)—୧ । ଚଳନ୍ତି ଅଚଳନ୍ତି ସମସ୍ତ ସମ୍ପତ୍ତି; ସର୍ବସ୍ୱ—
ସବଚିଜ, ଚିଜବସ୍ତ 1. All property (moveable and
immoveable). (ଯଥା—ଚୋରମାନେ ମୋର
ଯାନାସ୍ତାନ୍ ନେଇ ଗଲେ । ଦେବଣା ଯୋଗୁଁ ତାର
ଯାନାସନ୍ ନିଲାମ ହୋଇଗଲା ।) ୨ । ଜୀବନ ଓ ସମ୍ପତ୍ତି
—2. Life and property.

ଯାନି—ପ୍ରାଦେ. (ଗଡ଼ଜାତ) ବି. ପୁଂ—୧ । ମଙ୍ଗଳା ଠାକୁରାଣୀଙ୍କର **Jāni** ପୁରୁଷ ସେବକ ବା କାଳସୀ—1. The male (ଯାନିଅଣୀ—ସ୍ତ୍ରୀ) servant of the Deity Mangalā. ୨ । କନ୍ଧମାନଙ୍କର ବଂଶୋପାଧି ବିଶେଷ—2. A family-title amongst the Kandhas.

ଯାନି ଯାତରା—ଗ୍ରା. ବି (ସଂ. ଯାନ + ଯାତ୍ରା; ଏକାର୍ଥକ ସବ୍ଦଦ୍ୱୟ)—**Jāni jātarā** ୧ । ଭିନ୍ନ ଉତ୍ସବ; ପୁଣ୍ୟପର୍ବ; ଦେବତାଙ୍କର (ଯାନିଯାତ୍ରା—ଅନ୍ୟରୂପ) ଉତ୍ସବାଦି—1. Festivals observed in respect of a Deity; उत्सव पार्व्वण religious ceremonies and festivals **जानिजातरा** of a Deity. ୨ । ଦେବତାଙ୍କ ଉତ୍ସବ ଓ ଶୋଭାଯାତ୍ରା—2. Religious festivals and processions

ଯାନି ଯୌତୁକ—ଦେ. ବି (ସବ୍ଦଦ୍ୱୟ, ସଂ. ଯାନ + ଯୌତୁକ)—**Jāni jautuka** ୧ । ବହୁବିଧ ଉପଢୌକନ—1. Various **बरविदाइ** presents. ୨ । ବିବାହ ପରେ ବରକୁ କନ୍ୟାର ପିତୃଗୃହରୁ ମିଳିବା ଯାନବାହନ ଓ ଦ୍ରବ୍ୟସମ୍ଭାର—2. Conveyances and presents given to a bridegroom by the bride's family

ଯାନ୍ତି—ପ୍ରାଦେ (ବିଜୁଳିଗିରି ଓ ଉତ୍ତର ବାଲେଶ୍ୱର; ତୁଳ. ବං. ଯାଁତି) ବି **Jānti** (ସଂ. ଯନ୍ତ୍ର)—ଗୁଆକାତି—Nut cracker. (ଯାଁତି—ଅନ୍ୟରୂପ) ଦେ. କ୍ରିୟା (ଯିବା କ୍ରିୟାର ବର୍ତ୍ତମାନକାଳର ବହୁ-**यात्र** ମାନ, ଉତ୍ତମ ପୁରୁଷ ଏକ ଓ ବହୁବଚନରେ ବ୍ୟବହୃତରୂପ)—**जातेहैं** (He or they) Do go.

ଯାନି(ନ୍ୟ)—ସଂ. ବିଣ. ପୁଂ (ଯାନ + ଇନ୍ ୧ ମା. ୧୨; + ଯ)—**Jāni(nya)** ଯାନ ବାହ (ଦେଖ)—Jāna bāha (See . (ଯାନିନୀ, ଯାନ୍ୟା—ସ୍ତ୍ରୀ)

ଯାନ୍ତ୍ରିକ—ସଂ. ବିଣ (ଯନ୍ତ୍ର + ଇକ)—୧ । ଯନ୍ତ୍ର ସମ୍ବନ୍ଧୀୟ—**Jāntrika** 1. Mechanical; belonging to (ଯାନ୍ତ୍ରିକୀ—ସ୍ତ୍ରୀ) machines. ୨ । କୃତ୍ରିମଭାବରେ ଶୋଧିତ—2. Artificially refined (Apte).

ଯାପକ—ସଂ. ବିଣ. ପୁଂ (ଯା ଧାତୁ ଣିଚ, ଯାପି ଧାତୁ + କର୍ତ୍ତୃ. ଅକ)—**Jāpaka** ୧ । ଯେ ଗତ କରାଏ—1. Causing to go (ଯାପିକା—ସ୍ତ୍ରୀ) (Apte). ୨ । ଦାତା—2. Giving away; bestowing.

ଯାପଟା—ଦେ. ବି (ସଂ. ଗୁପ)—ଦୃଢ଼ଭାବରେ ବାହୁରେ ଧରିବା; **Jāpaṭā** ଚପି ଧରିବା—Holding tightly with जापटान **चिपटा** the arms.

ଯାପଟିବା (ଇତ୍ୟାଦି)—ଦେ. କ୍ରି (ସଂ. ଗୁପ)—ଜାପଟିବା ଇତ୍ୟାଦି **Jāpaṭibā (etc)** (ଦେଖ)—Jāpaṭibā etc (See)

ଯାପନ—ସଂ. ବି (ଯା ଧାତୁ + ଣିଚ = ଯାପି ଧାତୁ = କାଳକ୍ଷେପଣ କରିବା **Jāpana** + ଭାବ. ଅନ)—୧ । ଅନ୍ୟକୁ ଗତ କରାଇବା, ଚଳାଇବା—1. Causing to go or move. ୨ । କାଳକ୍ଷେପଣ; ସମୟ କଟାଇବା—2. Spending or passing away of time. ୩ । ଦୂରକରଣ; ତାଡ଼ନ କରଣ; ବହିଷ୍କରଣ—3. Expulsion; ejection; driving out; causing to go away. ୪ । ଉପଶାନ୍ତ କରଣ;—4. Allaying; alleviating; mitigating. ୫ । ରୋଗର ଦୂରୀକରଣ—5. Curing of a disease. ୬ । ବିଳମ୍ବ; ବୃଥା କାଳକ୍ଷେପଣ—6. Delay, procrastination (Apte). ୭ । ଭରଣ; ପୋଷଣ—7. Support; maintenance (Apte). ୮ । ଅଭ୍ୟାସ—8. Practice, exercise (Apte). ୯ । କୌଣସି ସ୍ଥାନରେ କିଛିକାଳ ଥାଇବା; ନାକେଇବା—2. Loitering (Apte).

ଯାପନ କରିବା—ଦେ. କ୍ରି—କଟାଇବା; (ସମୟ) ଅତିବାହନ କରିବା—**Jāpana karibā** To spend (time). यापन करना **यापन करना**

ଯାପନା—ସଂ. ବି (ଯା ଧାତୁ ଣିଚ, ଯାପି ଧାତୁ + ଭାବ. ଅନ + ଆ)—**Jāpanā** ୧ । ଯାପନ (ଦେଖ)—1. Jāpana (See) ୨ । (କରଣ ଅନ + ଆ)—ଜୀବନଯାତ୍ରା ନିର୍ବାହ ସକାଶେ କୌଣସି ବ୍ୟକ୍ତିକୁ ଦିଆଯିବା ଧନ (ହି. ଶ.)—2. Money-grant made to a person for maintenance. ୩ । ବ୍ୟବହାର (ହି. ଶ.)—3. Use,

ଯାପନୀୟ—ସଂ. ବିଣ (ଯା ଧାତୁ + ଣିଚ୍ ଯାପି ଧାତୁ + କର୍ମ. ଅନୀୟ)—**Jāpanīya** କ୍ଷେପଣୀୟ—To be passed or spent.

ଯାପି (ଧାତୁ)—ସଂ. (ଯା ଧାତୁ + ଣିଚ)—୧ । (କାଳ) କ୍ଷେପଣ କରିବା **Jāpi (root)** —To pass; to spend (time). ୨ । ଚଳାଇବା; ଗତ କରାଇବା—2. To cause to move; to ply. ୩ । ତଡ଼ିବା—3. To expel; to eject.

ଯାପିତ—ସଂ. ବିଣ (ଯାପି ଧାତୁ + କର୍ମ. ତ)—୧ । ଅତିବାହିତ (ସମୟ)-**Jāpita** 1. Spent (time). ୨ । ଅପସାରିତ; ଦୂରୀକୃତ—2. Expelled, removed.

ଯାପିବା—ଦେ. କ୍ରି (ସଂ. ଯାପି ଧାତୁ)—୧ । (କାଳ) ଯାପନ କରିବା—**Jāpibā** 1. To pass or spend (time). [ଉ—यापना ଚନ୍ଦ୍ରାନନ ଚନ୍ଦ୍ରେ ଉଦିତେ ରଜନୀ ଯାପିଲି କାହିଁ—**यापनकरना, जापना** ରାଧାନାଥ. ଉଷା ।] ୨ । (ସଂ. ଗୁପ) ଗୁପିବା—2. To press; to squeeze.

ଯାପ୍ତା—ସଂ. ବି (ଯାପି ଧାତୁ + କର୍ମ. ତ + ସ୍ତ୍ରୀ. ଆ)—ଜଟା—Plaited **Jāptā** or matted hair; twisted hair (Apte).

ଯାପ୍ୟ—ସଂ. ବିଣ (ଯାପି ଧାତୁ + କର୍ମ ଯ)—୧ । ଅଧମ; ନିନ୍ଦନୀୟ; **Jāpya** ହେୟ; ଘୃଣ୍ୟ—1. Contemptible; blame-worthy. ୨ । ଯାପନୀୟ—2. Requiring to be spent or passed. ୩ । ଅତିବାହନୀୟ;

ଯେଉଁ ରୋଗକୁ ନିଃଶେଷରୂପେ ଆରୋଗ୍ୟ କରି ପାରି ନ ପାରେ, କିନ୍ତୁ ଦବାଇ ରଖା ଯାଇ ପାରେ—3. Passable; not capable of being radically cured, but capable of being alleviated to continue in a tolerably mild form. [ବ୍ୟା—ରୋଗ ତିନି ବିଧ ଯଥା—ସାଧ୍ୟ, ଯାହା ଔଷଧାଦି ପ୍ରୟୋଗଦ୍ୱାରା ଭଲ ହୁଏ; ଅସାଧ୍ୟ—ଯାହା ଆଦୌ ଭଲ ହୁଏ ନାହିଁ; ଯାପ୍ୟ—ଯାହା ମୂଳରୁ ନଷ୍ଟ ହୁଏ ନାହିଁ, କିନ୍ତୁ ଔଷଧାଦି ପ୍ରୟୋଗଦ୍ୱାରା ଦେହରେ ସ୍ଥିତି ରକ୍ଷି ହୁଏ ଓ ଔଷଧ ପ୍ରୟୋଗ ନ କଲେ ବା ସାବଧାନ ନ ରହିଲେ ଯାହା ପୁଣି ମାଡ଼ି ଉଠେ ।] ୪ । ଗୋପନୀୟ—4. Secret. ୫ । ଆବରଣୀୟ—5. To be covered. ୬ । ତାଡ଼ନୀୟ; ଦୂରୀକରଣୀୟ—6. To be expelled or ejected. ୭ । ନଗଣ୍ୟ—7. Trifling; unimportant. ୮ । ରକ୍ଷଣୀୟ—(ହି. ଶ.)—୫୦ To be protected.

ଯାପ୍ୟଯାନ—ସଂ. ବି (ଯାପ୍ୟ=କ୍ଷେପଣୀୟ+ଯାନ=ବାହନ)—ଶିବିକା; **Jāpyajāna** ପାଲିଙ୍କି; ଡୋଲି; ଖଟୁଲି—A litter; a palanquin (Apte).

ଯାବ—ସଂ. ବିଣ (ଯବ+ସମ୍ବନ୍ଧାର୍ଥେ ଅ)—ଯବସମ୍ବନ୍ଧୀୟ—**Jāba** Relating to barley. ବି (ଯୁ ଧାତୁ=ମିଶ୍ରିତ କରିବା+କର୍ମ ଅ)—୧ । ଅଲକ୍ତକ; ଅଳତା—1. A reddye; lac-dye. ୨ । ଯବାଗୁ; ଯାଉ—2. Gruel. ୩ । ଗବାଦିଙ୍କ ଖାଦ୍ୟ; ଚିକ୍କଣମିଶା କୁଟା—3. Crushed straw for cattle. ୪ । ଯବଧାନର ଛତୁଆ (ହି. ଶ.)—4. Powdered fried barley. ୫ । ଲାକ୍ଷ (ହି. ଶ.)—5. Shell lac.

ଯାବକ—ସଂ. ବି (ଯାବ+ସ୍ୱାର୍ଥେ କ)—୧ । ଅଲକ୍ତକ; ଅଳତା—**Jābaka** 1. A dye made of lac (used in painting the border of the soles of females). ୨ । ଅପକ୍ୱ ଯବ—2. Half-ripe barley. ୩ । ଶୂକଶୂନ୍ୟ ଯବ—3. Chaffless or awnless barley. ୪ । ମୁଦ୍ଗବିଶେଷ; ମାଷ; କୁଳଥ (ହି. ଶ.)—4. A kind of phaseolus pulse. ୫ । କୁଳତ୍ଥ; କୋଳଥ—5. Kulthi grain; Dalochus Biflorus. ୬ । ବାଳୁଅ ଧାନ; ଗ୍ରୈଷ୍ମିକ ଧାନ; କୁଲ୍ମଷ—6. Summer paddy. ୭ । ଭାତ ପରି ସିଦ୍ଧ ଯବ; ଯବାନ୍ନ—7. Barley boiled like rice. (ବ୍ୟ—ଯାବକ ଭକ୍ଷେ ଗୋରୁ ମୂତ୍ରେ, ବଳ୍କଳ ପିନ୍ଧି କଷ୍ଟସୂତ୍ରେ—ଜଗନ୍ନାଥ. ଭାଗବତ ।) ୮ । ଯବରେ ପ୍ରସ୍ତୁତ ଖାଦ୍ୟ—8. Food prepared from barley (Apte). ୯ । ଯବଧାନର ଛତୁଆ (ହି. ଶ.)—9. Powdered fried barley. ୧୦ । ଲାକ୍ଷ (ହି. ଶ.)—10. Shell lac.

ଯାବକ୍ଷାର—ସଂ. ବିଣ (ଯବକ୍ଷାର+ଅ)—ଯବକ୍ଷାର ସମ୍ବନ୍ଧୀୟ—**Jābakshāra** Nitric; nitrous. (ଯାବକ୍ଷାରିକ—ଅନ୍ୟରୂପ)

ଯାବକ୍ଷାରାମ୍ଳ—ସଂ. ବି (ଆଧୁନିକ, ରସାୟନଶାସ୍ତ୍ରଭାଷା)—ଯବକ୍ଷାରଜାତ—**Jābakshārāmla** Nitric acid.

ଯାବଚ୍ଚନ୍ଦ୍ରଦିବାକର—ସଂ. କ୍ରି. ବିଣ (ଅବ୍ୟୟୀଭାବ; ଯାବତ୍+ଚନ୍ଦ୍ର ଦିବାକରଂ)—ଚନ୍ଦ୍ର **Jābachchandradibākara** (ଯାବଚ୍ଚନ୍ଦ୍ରାର୍କ—ଅନ୍ୟରୂପ) ଓ ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ; ପୃଥିବୀର ଶେଷ ପର୍ଯ୍ୟନ୍ତ; ଚିରକାଳ ପାଇଁ—Till the end of time; for ever.

ଯାବଚ୍ଚନ୍ଦ୍ରାର୍କେ—ଦେ. କ୍ରି. ବିଣ—(କଥିତ)—(ସଂ. ଯାବଚ୍ଚନ୍ଦ୍ରାର୍କ)—**Jābachchandrārke** ଚିରକାଳ ପାଇଁ—For ever; eternally.

ଯାବଚ୍ଛ(ଚ୍ଛ)—ଦେ. କ୍ରି. ବିଣ—(ସଂ. ଯାବତ୍ ଓ ଇଚ୍ଛା; ଯାବଚ୍ଛକ୍ୟ)—**Jābachha(chchha)** ୧ । ଯାଇଚ୍ଛା ତା (ଦେଖ)—যারপর নাই যাবচ্ছক্য 1. Jāichchhā tā (See) ୨ । ଅତ୍ୟନ୍ତ; ବେଢ଼ାଏ—2. Excessive. (ଯଥା—ମୁଁ ତାକୁ ଯାବଚ୍ଛ ଗୋଇଲି ।)

ଯାବଚ୍ଛକ୍ତି(କ୍ୟ)—ସଂ. କ୍ରି. ବିଣ—(ଯାବତ୍+ଶକ୍ତି; ଶକ୍ୟ; ସନ୍ଧି ଯୋଗୁ **Jābachchhakti(kya)** ତ୍+ଶ=ଚ୍ଛ)—ଯେତେଦୂର ପର୍ଯ୍ୟନ୍ତ [ଯାବତ୍‌ସତ୍ତ୍ୱ, ଯାବତ୍‌ସାମର୍ଥ୍ୟ—ଅନ୍ୟରୂପ] ଶକ୍ତି ବା ବଳ ଅଛି ସେ ପର୍ଯ୍ୟନ୍ତ—As far as possible; to the best of one's power.

ଯାବଜ୍ଜୀବ—ସଂ. ଅ.—(ଅବ୍ୟୟୀ ଭାବ; ଯାବତ୍+ଜୀବ;)—୧ । **Jābajjība** ଆମରଣ; ଆଜୀବନ—1. Till death. ୨ । (ଯାବଜ୍ଜୀବନ, ଯାବଜ୍ଜନ୍ମ—ଅନ୍ୟରୂପ) ଜୀବିତ ଥିବା କାଳ ପର୍ଯ୍ୟନ୍ତ; ବଞ୍ଚିଥିବା କାଳ ତମାମ—2 For life; throughout life.

ଯାବଜ୍ଜୀବ କାରାଦଣ୍ଡ—ସଂ. ବି.—(ଆଧୁନିକ)—ବଞ୍ଚିଥିବା ପର୍ଯ୍ୟନ୍ତ **Jābajjība kārādanda** ଜେଲ୍‌ଖାନାରେ ରହିବା ଦଣ୍ଡ—(ଯାବଜ୍ଜୀବନ କାରାଦଣ୍ଡ—ଅନ୍ୟରୂପ) Imprisonment for life.

ଯାବଜ୍ଜୀବ ଦ୍ୱୀପାନ୍ତର—ସଂ. ବି.—(ଆଧୁନିକ ପ୍ରୟୋଗ)—ବଞ୍ଚିଥିବାଯାଏ **Jābajjība dwipāntara** କଳାପାଣି ବା ଅଣ୍ଡାମାନ୍ ଦ୍ୱୀପରେ ନିର୍ବାସନ (ଦଣ୍ଡ)—Transportation for life (as punishment).

ଯାବଜ୍ଜୀବ ନିର୍ବାସନ, ଯାବଜ୍ଜୀବନ ଦ୍ୱୀପାନ୍ତର, ଯାବଜ୍ଜୀବନ ନିର୍ବାସନ, ଯାବଜ୍ଜୀବନ ଦେଶାନ୍ତର—ଅନ୍ୟରୂପ

ଯାବଡ଼ (ଇତ୍ୟାଦି)—ଜାବଡ଼ ଇତ୍ୟାଦି (ଦେଖ) **Jābarda (etc)** Jābarda etc (See)

ଯାବଡ଼ରେ—ଦେ. କ୍ରି. ବିଣ.—(ସଂ. ଲୁପ୍ତ)—୧ । ଶୀଘ୍ର ଗତିରେ; ଦ୍ରୁତ **Jābardare** ବେଗରେ—1. Swiftly. ୨ । ଘନରୂପେ; ଜାପଟେ ଘନ ଭାବରେ—2. Thickly; densely. ୩ । जलदी, घन, ज़ोरसे ଦୃଢ଼ରୂପେ—3. Tightly.

ଯାବତ୍—ସଂ. ଅ.—(ଯଦ୍=ଯେ+ପରିମାଣାର୍ଥେ ବତ୍) (ଏହା
Jābat ନାନା ଅର୍ଥରେ ବ୍ୟବହୃତ ହୁଏ ଓ ଏଥି ସଙ୍ଗେ ଅପେକ୍ଷିକ [ତାବତ୍—ଅପେକ୍ଷିକ ଶବ୍ଦ] ରୂପେ ତାବତ୍ ବ୍ୟବହୃତ ହୁଏ)—୧। ଯେତେ ଦିନ ଯାଏ; ସେତେକ୍ଷଣ ପର୍ଯ୍ୟନ୍ତ—1. Till; until; as long (as); till which (limit of time). ୨। ଯେତେ ସଂଖ୍ୟା ପର୍ଯ୍ୟନ୍ତ—2. As many as. ୩। ଯେତେକ ପରିମାଣ ପର୍ଯ୍ୟନ୍ତ 3. As much as. ୪। ଯେତେ ଆକାର ବା ଦୈର୍ଘ୍ୟ ପର୍ଯ୍ୟନ୍ତ; ଯେତେ ବଡ଼—4. As great as. ୫। ଯେତେକ; ସମୁଦାୟ—5. All whatever. ୬। ଯାହାଁତକ; ଯେତେଦୂର ପର୍ଯ୍ୟନ୍ତ—6. As far as; upto. ୭। ଯେଉଁ କ୍ଷଣିକା—7. As soon as; no sooner than; just us. ୮। ଯଦା; ଯେବେ—8. If; when; while; as. [ଦ୍ର—ଏ ଶବ୍ଦ ତାବତ୍ ଶବ୍ଦର ବିନା ସାହାଯ୍ୟରେ ଅବ୍ୟୟରୂପେ ନିମ୍ନଲିଖିତ ଅର୍ଥମାନଙ୍କରେ ବ୍ୟବହୃତ ହୁଏ—Used in the following instances independently of Jābat. (ଯଥା- ୧। ଅବଧାରଣ-1. Ascertainment ୨ । ପ୍ରଶଂସା—2. Praise. ୩ । ସାକଲ୍ୟ—3. Wholeness; entirety; totality. ୪। ପରିଚ୍ଛେଦ—4. Section; chapter. ୫। ସମୟର ବା ସ୍ଥାନର ବା ସଂଖ୍ୟାର ସୀମା, ପର୍ଯ୍ୟନ୍ତ—5. Limit; boundary (of time, place or number), upto; till. ୬ । ମାପ—6. Measure. ୭। ପରିମାଣ—7. Quantity. ୮। ସମ୍ଭ୍ରମ—8. Rank; dignity. ୯। ପକ୍ଷାନ୍ତର—9. On the other hand. ୧୦ । ଅଧିକାର—10. Possession.] ସର୍ବନାମ—ସମସ୍ତ—All; whole ବିଣ.—୧ । ଯେତେ; ଯେଉଁ ପରିମାଣରେ—1. (Denoting quantity or measure) As much as). ୨। ଯେତେ ବେଶି—2. As many (as). ୩ । ଯେତେ ବଡ଼—3. As great (as). ୪ । ଯେତେଦୂର—4. As far (as). ୫। ସମୁଦାୟ—5. Whole of; all. (ଯଥା-ସଂସାର ଯାକର ଯାବତ୍ ଲକ୍ଷ୍ମୀ ଆସି ମୋ ଘରେ ରୁଣ୍ଡ ହୋଇଅଛନ୍ତି ।] ଦେ. ବି.—ସୀମା —Limit. (ଯଥା—ମୋ କଷ୍ଟର ଯାବତ୍ ନାହିଁ ।)

ଯାବତ୍କାଳ—ସଂ. ଅ—ଯେତେ ଦିନ ପର୍ଯ୍ୟନ୍ତ; ଯାହାଁତକ୍—
Jābat-kāla As long (as); so long (as). (ଯାବତ୍କାଳ, ଯାବତ୍କାଳ ପର୍ଯ୍ୟନ୍ତ—ଅନ୍ୟରୂପ)

ଯାବତ୍ ପରିମାଣ—ସଂ. ଅ—ଯେତେ ପରିମାଣ—
Jābat-parimāṇa As much (as).

ଯାବତ୍ ପରିମିତ—ସଂ. ବିଣ—ଯେତେ ପରିମାଣ ବିଶିଷ୍ଟ—
Jābat-parimita As much (as).

ଯାବତ୍ ପ୍ରମାଣ—ସଂ. ବିଣ—ଅଧିକ ପରି ବଡ଼—
Jābat-pramāṇa As great; as big.

ଯାବତ—ଦେ. ଅ (ସଂ. ଯାବତ୍)—୧ । ଯାବତ୍ (ଦେଖ)—
Jābata 1. Jābat (See) [ଦ୍ର—ଯାବତ ନ ପୂରେ
যাবত ଛନ୍ଦର, ତାବତ କ୍ଷୀଣ କାହିଁ ମୋର ? ଜଗନ୍ନାଥ.
যাবত ଭାଗବତ ।] ୨ । ଯାକେ; ଯାଏ; ପର୍ଯ୍ୟନ୍ତ—2. Till; upto. [ଦ୍ର—ଯାବତ କର୍ମଫଳ ପୂରେ, ରହିଲେ ସେବକ ବେଭାରେ । ଭୂପତି. ପ୍ରେମପଞ୍ଚାମୃତ ।] ବିଣ—ସମୁଦାୟ—Whole of; all. [ଦ୍ର—ସଂସାରେ ଯାବତ କଳଙ୍କ ତାର ଅଙ୍କୁ କରିତା । ସୁଧାକାଥ. ଚନ୍ଦ୍ରଭାଗା ।]

ଯାବତା (ଇତ୍ୟାଦି)—ବୈଦେ ଓ ଦେ. ବ ଓ ବିଣ—ଜାବତା ଇତ୍ୟାଦି
Jābatā (etc) (ଦେଖ)—Jābatā etc (See)

ଯାବତିଥ—ସଂ. ବିଣ (ଯାବତ୍+ଇଥ)—ଯାବତ୍ ପରିମିତ—
Jābatitha As much (as).

ଯାବତୀୟ—ସଂ. ବିଣ (ଯାବତ୍+ଈୟ)—୧ । ସମୁଦାୟ—1. All;
Jābatiya whole; entire. ୨ । ପ୍ରତ୍ୟେକ ପ୍ରକାରର —2. Every kind of.

ଯାବତ୍ତାବତ୍—ସଂ. ଅ (ଯାବତ୍+ତାବତ୍)—୧ । ଯେତେ ପରିମାଣ
Jābattābat ସେତେ—1. So much as; quantum tantum. ୨ । (ବୀଜଗଣିତ) ଅଜ୍ଞାତ ରାଶିର ସହିତ ତାହାର ଗୁଣଗୀୟକର ସମ୍ବନ୍ଧ—2. (Algebra) The relation of an unknown number with its coefficient. ଦେ. କ୍ରି. ବିଣ—ଯାବତ୍ତାବତ୍ କରି (ଦେଖ)—Jābattābat kari (See).

ଯାବତ୍ତାବତ୍ କରି—ଦେ. କ୍ରି. ବିଣ—୧ । ଯେ କୌଣସି ପ୍ରକାରେ—
Jābattābat kari 1. Anyhow. ୨ । ଅତି କଷ୍ଟରେ
যেমনতেমন করে —2. With great difficulty.
যাবত্তাবত করকে

ଯାବଦନ୍ତ—ସଂ. ଅ (ଯାବତ୍+ଅନ୍ତ; ସନ୍ଧି ଯୋଗୁ, ତ୍+ଅ=ଦ)—
Jābadanta ଶେଷ ପର୍ଯ୍ୟନ୍ତ—Upto the end; to the last (Apte).

ଯାବଦର୍ଥ—ସଂ. ଅ (ଯାବତ୍+ଅର୍ଥ; ସନ୍ଧିଯୋଗୁ ତ୍+ଅ=ଦ)—୧ ।
Jābadartha ଯେତିକି ଲୋଡ଼ା ସେତିକି—1. As much as is necessary. ୨ । ସବୁ ଅର୍ଥରେ—2; In all senses (Apte).

ଯାବଦିତ୍ଥ—ସଂ. ଅ (ଯାବତ୍+ଇତ୍ଥ; ସନ୍ଧିଦ୍ୱାରା ତ୍+ଇ=ଦି)—
Jābaditths ଯେତିକି ଲୋଡ଼ା ସେତିକି—As much as is necessary.

ଯାବଦୀପ୍ସିତ—ସଂ. ଅ (ଯାବତ୍+ଈପ୍ସିତ; ସନ୍ଧିଯୋଗୁ ତ୍+ଈ=ଦୀ)
Jābadīpsita —ଯେତିକି ଇଚ୍ଛା ସେତିକି—As much as (ଯାବଦଭୀଷ୍ଟ—ଅନ୍ୟରୂପ) is desired (Apte).

ଯାବଦୁକ୍ତ—ସ. ଅ (ଯାବତ୍+ଉକ୍ତ; ସନ୍ଧିଦ୍ୱାରା ତ୍+ଉ=ଦୁ)—
Jābadukta ଯେତିକି କୁହାଯାଇ ଅଛି । ସେତିକି—As
(ଯାବଦ୍ଭାଷିତ—ଅନ୍ୟରୂପ) much as said (Apte).

ଯାବଦ୍ଦେଶ—ସ. କ୍ରି. ଣ (ଯାବତ୍+ଦେଶ)—ସର୍ବତ୍ର—
Jābaddeśa Everywhere; throughout.

ଯାବନ—ସ. ଣ (ଯବନ+ସମ୍ବନ୍ଧାର୍ଥେ. ଅ)—୧ । ଯବନ (ଦେଶ ଓ ଜାତି) ସମ୍ବନ୍ଧୀୟ—1. Relating to the
Jābana
(ଯାବନୀ—ସ୍ତ୍ରୀ) Jabana (country and nation).
୨ । ଗ୍ରୀକ୍; ଅୟୋନୀୟ—2. Greek; Ionian. ବି —୧ । ଗନ୍ଧଦ୍ରବ୍ୟବିଶେଷ; ଲୋବାନ୍—1. Name of an incense, olibanum. ୨ । (ଯୁ ଧାତୁ ଣିଚ୍; ଯାବ ଧାତୁ+ଭାବ. ଅନ)—ମିଶ୍ରଣ; ମିଶାଇବା—Mixing; mingling (Apte).

ଯାବନକ—ସ. ବି—ରକ୍ତ ଏରଣ୍ଡ (ଉ. ଶ.)—The red variety
Jābanaka of castor seed plant.

ଯାବନ କଳ୍କ—ସ. ବି—ଶିଳାରସ (ଉ. ଶ.)—
Jābana kalka Liquid amber

ଯାବନାଳ—ସ. ବି. (ଯବନାଳ+ଅ)—୧ । ଜହ୍ନରା (ଦେଖ)
Jābanāla 1. Indian millet. ୨ । ଏକ ପ୍ରକାର ଶର
ଓ. ଜୁଆର ତୃଣ—A kind of reed.
ଜନାର, জুআরা ਮੁਣ੍ਹਾ, ਮਕਕਾ ତେ. ମକ୍କା, ଜୋନ୍ନଲୁ
ତା. ମକ୍କଚୋଲମ ଜੋਲੁਗੁਲਿ

ଯାବନାଳ ଶର୍କରା—ସ. ବି—ଯବନାଳରୁ ପ୍ରସ୍ତୁତ ଚିନି—Sugar
Jābnāla śarkarā made from Indian millet.
(ଯାବନାଳୀ—ଅନ୍ୟରୂପ)

ଯାବନୀ—ସ. ଣ. ସ୍ତ୍ରୀ. (ଯାବନ+ଈ)—ଯାବନର ସ୍ତ୍ରୀଲିଙ୍ଗ—
Jābani Feminine of Jābana.
(ଯଥା—ଯାବନୀ ସେନା, ଯାବନୀ ଭାଷା ।)
ସ. ବି—ଖୁରାସାନୀ ଜୁଆଣି—Henbane; Hyocyamus Niger.

ଯାବନ୍ତ—ଦେ. ଅ. (ସ. ଯାବତ୍)—୧ । ଯାବତ୍ (ଦେଖ)
Jābanta 1. Jābat (See)
ਯਾਵੰਤ, ਯਾਵਤ ୨ । ଯେତେକାଳ ପର୍ଯ୍ୟନ୍ତ—2. Till. ସର୍ବ—
ଯାବৎ ସମୁଦାୟ—All; whole of. (ଉ—ଯୋଗ ଥିଲା ଏହି ଭାଲେ, ଯାବନ୍ତ ତେଜିବା ତହିଁ କର ଚାଲି । କବିସୂର୍ଯ୍ୟ. ଜୀହାକରଣମ୍ଭୁ ଯ ଗୀତ ।)

ଯାବଶୂକ—ସ. ବି (ଯବଶୂକ+ସ୍ୱାର୍ଥେ. ଅ)—ଯବକ୍ଷାର; ସୋରା—
Jābaśūka Nitre; salt petre.

ଯାବସ—ସ. ବି. (ଯବସ=ଘାସ+ପ୍ରାଚୁର୍ଯ୍ୟାର୍ଥେ. ଅ)—୧ । ଘାସ
Jābasa ଗଦା—1. A heap of grass (Apte).
୨ । ଘୋଡ଼ାମେଷାଦିଙ୍କ ଖାଦ୍ୟ ନଡ଼ା କୁଟା—2. Fodder (Apte). ୩ । ରନ୍ଧା ହୋଇ ନ ଥିବା ଖାଦ୍ୟସାମଗ୍ରୀ—3. Provisions (Apte).

ଯାବା(ଭା)—ଦେ. ବି. (ନାମ) (ସ. ଯବ)—ଯବଦ୍ୱୀପ; ଭାରତୀୟ
Jāba(bhā) ଦ୍ୱୀପପୁଞ୍ଜର ଏକତମ—Jābhā; an island of
যাভা ਜਾਵਾ the East Indian archipelago.
[ଦ୍ର—ଯବ ପର ଅନୁକୃତିବିଶିଷ୍ଟ (୨ ମୁଣ୍ଡ ସରୁ, ମଝି ଓସାରିଆ) ଥିବାରୁ ଏହି ନାମ । ଏହା ସୁମାତ୍ରା ଓ ବୋର୍ଣ୍ଣିଓ ଦ୍ୱୀପର ଦକ୍ଷିଣରେ ପୂର୍ବ-ପଶ୍ଚିମକୁ ବିସ୍ତୃତ ହୋଇ ଅବସ୍ଥିତ । ପୂର୍ବେ ଉତ୍କଳୀୟମାନେ ଜାହାଜ ଦ୍ୱାରା ଏ ଦ୍ୱୀପକୁ ବାଣିଜ୍ୟ କରିବାକୁ ଯାଉଥିଲେ । ବର୍ତ୍ତମାନ ଏହା ଡଚ୍‌ମାନଙ୍କ ଅଧିକୃତ । ଏହା ଦ୍ରାଘିମା ୧୧୦ ଓ ଅକ୍ଷାଂଶ ୮ରେ ଅବସ୍ଥିତ । ବଟେଭିୟା ଏହାର ପ୍ରଧାନ ନଗର । ଏ ଦ୍ୱୀପରେ ଅନେକ ପ୍ରାଚୀନ ଉତ୍କଳୀୟ ମନ୍ଦିରର ଭଗ୍ନାବଶେଷ ଦେଖାଯାଏ ।]

ଯାବା(ଭା) ଉପସାଗର—ଦେ. ବି. (ନାମ)—ବୋର୍ଣ୍ଣିଓ ଓ ଯାବା ଦ୍ୱୀପ
Jābā(bhā) upasāgara ମଧ୍ୟସ୍ଥ ଉପସାଗର—The Sea
যাভা উপসাগর ਜਾਵਾਕੀ ਖਾੜੀ of Jāvā.
[ଯାବା(ଭା)ସାଗର—ଅନ୍ୟରୂପ]

ଯାବିକ—ସ. ବି—ମକା (ଉ. ଶ)—
Jābika Indian corn; maize.

ଯାବି(ବେ)ତା (ଇତ୍ୟାଦ)—ଦେ ଓ ପ୍ରାଦେ. (ଗଞ୍ଜାମ) ବି- ଜାବିତ
Jābi(be)tā (etc) ଇତ୍ୟାଦ (ଦେଖ)—Jābitā etc. (See)

ଯାଷ୍ଟି—ସ. ବି—୧ । ଯବତିକ୍ତା; ଭଦ୍ରତିକ୍ତା (ଦେଖ)—1. Bhadra
Jābi tiktā (See) ୨ । ଶଙ୍ଖିନୀ (ଉ. ଶ) (ଦେଖ)
2. Śankhini (See)

ଯା ବେ(ବେଃ)—ଦେ. ଅ. (ଅତି ଘୃଣାର୍ଥକ)—ଦୂର୍; ଦୂର୍‌ବେ;
Jā be(beh) ଦୂର୍‌ହୋ—Fie ! Be off ! Be gone !
(ଯାରେ ଯା, ଯାବେ ଯାଃ—ଅନ୍ୟରୂପ) দূরহও ਜਾਵੇ, ਅਬੇ ਜਾ

ଯାବୁ—ପ୍ରାଦେ (ଗଞ୍ଜାମ) ବି. (ତେ. ଯାବୁ)—ରୋଗ—
Jābbu Disease; illness.

ଯାବ୍ୟ—ସ. ବି. (ଯୁ ଧାତୁ=ମିଶାଇବା+କର୍ମ. ଯ)—୧ । ମିଶ୍ରଣୀୟ—
Jābya 1. To be mixed together.
୨ । ଯୋଜନୀୟ—2. Fit to be joined to.

ଯାଭ—ସ. ବି. (ଯଭ୍ ଧାତୁ=ସ୍ତ୍ରୀସଙ୍ଗମ କରିବା+ଭାବ. ଅ;)—
Jābha ଜମ୍ଭକ; ମୈଥୁନ—Cohabition; copulation; coition.

ଯାମ—ସ. ବି (ଯା ଧାତୁ=ଯିବା+କର୍ତ୍ତୃ. ମ; ଯାହା ଦିନର ମଧ୍ୟ ଦେଇ
Jāma ଯାଏ; କିମ୍ବା ଯମ୍ ଧାତୁ=ଦମନ କରିବା+କର୍ତ୍ତୃ. ଅ, ଯାହା କାଳକୁ ନିୟମିତ କରେ)—୧ । ଅହୋରାତ୍ରର ଏକଅଷ୍ଟମାଂଶ; ପ୍ରହର; ୩ ଘଣ୍ଟା କାଳ—1. A period of 3 hours; a watch of 3 hours.
୨ । (ଯମ. ଧାତୁ+ଭାବ. ଅ) ସଂଯମ; ଜିତେନ୍ଦ୍ରିୟତା—2. Self control. ୩ । ନିବୃତ୍ତି—3. Cessation.
୪ । (ଯା. ଧାତୁ+କର୍ତ୍ତୃ. ମ) ସମୟ—4. Time. ୫ । (ଯମ. ଧାତୁ+କର୍ମ. ଅ) ସମୟର ସୀମା; ମିଆଦ—

5. Limit of time; term. ୬ । (ଯା. ଧାତୁ + କର୍ତ୍ତୃ. ମ) ଦେବଗଣ ବିଶେଷ—6. A group of 12 Deities. [ଦ୍ର—ଏମାନେ ସଂଖ୍ୟାରେ ୧୨ ଗୋଟି । ଏମାନେ ସ୍ୱାୟମ୍ଭୁବମନୁଙ୍କ ଅମଳରେ ଯଜ୍ଞଙ୍କ ଔରସରେ ଦକ୍ଷିଣାଙ୍କ ଗର୍ଭରେ ଜନ୍ମଗ୍ରହଣ କରିଥିଲେ—ହି. ଶ. ।] ୭ । (ଯା. ଧାତୁ+ଭାବ. ମ) ଗତି—7. Motion. ୮ । ଗମନ—8. Going; proceeding (Apte). ୯ । (+କରଣ. ମ) ଯାନ—9. Conveyance; carriage (Apte). ବିଣ—(ଯମ+ଅ) ଯମ ସମ୍ବନ୍ଧୀୟ—Relating to Jama. ଦେ. ବି—(ସଂ. ଯାମ୍ୟ)—ଡାହାଣ—Right side. [ଉ—ବାମେ ରାଧିକା ଯାମେ ତୁଳସୀ, ମଧ୍ୟେଣ ଶ୍ରୀକୃଷ୍ଣ ଘୋଡେ ବେଢ଼ି ଗୋପିକା—ପ୍ରାଚୀ. ରହସ୍ୟମଞ୍ଜରୀ ।]

ଯାମକ—ସଂ. ବି—ପୁନର୍ବସୁ ନକ୍ଷତ୍ର (ହି. ଶ)
Jāmaka The 7th lunar mansion.

ଯାମକିନୀ—ସଂ. ବି. ସ୍ତ୍ରୀ (ଯାମ+କ+ଇନ୍+ସ୍ତ୍ରୀ. ଈ)—୧ । କୁଳବଧୂ
Jāmakini (ହି. ଶ)—1. Daughte-rin-law. ୩ । ଭଗିନୀ (ହି. ଶ)—3. Sister.

ଯାମ(ମୁ)କୁଣ୍ଡା(ଣ୍ଡ)—ଦେ.ବି-ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ତୀରରେ ଅବସ୍ଥିତ
Jāma(mu)kundā(nda) ବାଲେଶ୍ୱର ଜିଲ୍ଲାର ଗୋଟିଏ ପ୍ରାଚୀନ ଜମିଦାରୀ—A Zemindari of this name situate along the southern bank of the Subarnnarekhā in the district of Balasore. [ଦ୍ର—ଏଥିର ପ୍ରାଚୀନ ଜମିଦାର ବଂଶଙ୍କର ଉପାଧି ଭୂୟାଁ ।]

ଯାମ ଘୋଷ—ସଂ. ବି (ବହୁବ୍ରୀହି; ଯାମ=ପ୍ରହର+ଘୋଷ=ଶବ୍ଦ; ରବ;
Jāma ghosha ଯେଉଁମାନେ ପ୍ରତି ପ୍ରହରରେ ଶବ୍ଦ କରନ୍ତି)—୧ । କୁକ୍କୁଟ—1. Cock. ୨ । ଶୃଗାଳ—2. Jackal. ୩ । ଯାମଜ୍ଞାପକ ଘଣ୍ଟା ବା ପଟହବିଶେଷ—3. A kind of drum or gong formerly struck to indicate the time. [ଦ୍ର—ଏହା ଆଗେ ପ୍ରହରକୁ ପ୍ରହର ପ୍ରହରୀମାନଙ୍କଦ୍ୱାରା ଶବ୍ଦାୟିତ ହୋଇ ସାଧାରଣଙ୍କୁ ସମୟ ଜ୍ଞାପନ କରାଯାଉଥିଲା ।] ୪ । ଘଣ୍ଟା; ଘଡ଼ି—4. Clock. ୫ । ପିଟା ଘଣ୍ଟା—5. A gong.

ଯାମଘୋଷା—ସଂ. ବି—୧। ଘଟିକା ଯନ୍ତ୍ର; ବାଜିବା ଘଣ୍ଟା—1. Clock;
Jāmaghoshā striking clock. ୨ । ପିଟା ଘଣ୍ଟା—2. A gong. ୩ । ପଟହ ବିଶେଷ—3. A kind of drum. [ଦ୍ର—ପୂର୍ବେ ପ୍ରହରକୁ ପ୍ରହର ସର୍ବସାଧାରଣଙ୍କୁ 'ପ୍ରହର'ମାନ ଜଣାଇବା ପାଇଁ ପ୍ରହରୀମାନେ ପିଟାଘଣ୍ଟ, ଢୋଲ ବା ତୁରୀ ବଜାଉଥିଲେ ।]
ଯାମନାଲୀ, ଯାମତୁନ୍ଦୁଭି, ଯାମ ତୂର୍ଯ୍ୟ } ଅନ୍ୟରୂପ

ଯାମନେମୀ—ସଂ. ବି—(ବହୁବ୍ରୀହି) - ଇନ୍ଦ୍ର—
Jāmanemi Indra.

ଯାମବତୀ—ସଂ.ବି. ସ୍ତ୍ରୀ (ଯାମ=ପ୍ରହର+ଅସ୍ତି ଅର୍ଥରେ ବତ୍+ସ୍ତ୍ରୀ.ଈ)—
Jāmabati ଯାମିନୀ; ତ୍ରିଯାମା; ରାତ୍ରି—The night.

ଯାମଳ—ସଂ.ବି. (ଯମଳ+ସ୍ୱାର୍ଥେ. ଅ)—୧ । ଯୋଡ଼ା—1. A pair;
Jāmaḷa couple; a brace. ୨ । ଯମଜ ସନ୍ତାନ ଦ୍ୱୟ—(ଯାମଳା—ସ୍ତ୍ରୀ) 2. Twins. ୩ । ତନ୍ତ୍ରଶାସ୍ତ୍ରବିଶେଷ—3. Name of a group of Hindu Tantras (or mystic lore). [ଦ୍ର—ସୃଷ୍ଟି, ଜ୍ୟୋତିଷଶାଖ୍ୟାନ, ନିତ୍ୟକୃତ୍ୟ, ପ୍ରସାପରକ୍ରମସୂତ୍ର, ବର୍ଣ୍ଣଭେଦ, ଜାତିଭେଦ, ଯୁଗଧର୍ମ ଓ ସଂଖ୍ୟା ଏହି ଅଷ୍ଟବିଧ ଲକ୍ଷଣାବାନ୍ତ ତନ୍ତ୍ରଶାସ୍ତ୍ରବିଶେଷ । ଏହା ଷଡ଼ୁବିଧ—ଆଦିଯାମଳ, ବ୍ରହ୍ମଯାମଳ, ବିଷ୍ଣୁଯାମଳ, ରୁଦ୍ରଯାମଳ, ଗଣେଶଯାମଳ ଓ ଆଦିତ୍ୟ ଯାମଳ—(ହି. ଶ)—

ଆଦିଯାମଳରେ ୩୫ହଜାର୯୦୦
ବ୍ରହ୍ମଯାମଳରେ ୨୪ହଜାର୨୦୦
ବିଷ୍ଣୁ ଯାମଳରେ ୨୪ହଜାର୨୨୦
ରୁଦ୍ରଯାମଳରେ ୪ହଜାର୪୩୫
ଗଣେଶଯାମଳରେ ୧୦ହଜାର୩୨
ଓ ଆଦିତ୍ୟଯାମଳରେ ୧୨ହଜାର ଶ୍ଳୋକ ଅଛି ।]

ଯାମଳା—ଦେ. ବି—୧ । ଯାମଳ (ଦେଖ)—1. Jāmaḷa (See).
Jāmaḷā ୨ । ଯମଳାର୍ଜୁନ (ଦେଖ)—2. Jāmaḷārjuna (See). ଦେ. ବିଣ—୧ । ଯୋଡ଼ି ହୋଇ ଜନ୍ମିଥିବା—1. Born as twins. ୨ । ଯୋଡ଼ିଆ—2. In a pair; a pair of. [ଉ—ଯାମଳା ଯାମଳା ପୁର୍ବ ଧାମୁଁ ତଟିନ୍ତି—ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।)

ଯାମଳା ଅର୍ଜୁନ—ଗ୍ରା. ବି—ଯମଳାର୍ଜୁନ (ଦେଖ)—Jamaḷārjuna
Jāmaḷā arjuna (See) (ଉ—ହେ କଳା ଭୁଜଙ୍ଗ ଯାମଳାର୍ଜୁନ ଯାମଲାଜ୍ଞରଜୁନ ଗଞ୍ଜନ, ଯାମଳା ଅର୍ଜୁନ ଭଞ୍ଜନ-ଭୁଜଙ୍ଗ. ପ୍ରେମପଞ୍ଚାମୃତ ।)

ଯାମଳାର୍ଜୁନ—ସଂ. ବି—ଯମଳାର୍ଜୁନ (ଦେଖ)
Jāmaḷārjuna Jamaḷārjuna (See).

ଯାମାତା—ସଂ. ବି. ପୁଂ—ଜାମାତା ୧ (ଦେଖ)—Jāmātā 1 (See).
Jāmātā [ଦ୍ର—ଜାମାତା ଓ ଯାମାତା ଉଭୟ ଉଚ୍ଚାରଣ ଅସ୍ପଷ୍ଟ ରୂପରେ ଶୁଦ୍ଧ ।]

ଯାମାୟନ—ସଂ. ବି. ଓ ବିଣ (ଯମ+ଅୟନ)—ଯମଙ୍କ ଗୋତ୍ରଜ
Jāmāyana (ବ୍ୟକ୍ତି) (ହି. ଶ.)—(a person) Bcrn in the family of Jama

ଯାମାର୍ଦ୍ଧ—ସଂ. ବି (୬ଷ୍ଠୀ ତତ୍, ଯାମ+ଅର୍ଦ୍ଧ)—ଅର୍ଦ୍ଧ ପ୍ରହର ବା
Jāmārddha ଦେଢ଼ ଘଣ୍ଟା ସମୟ—A period of cne and half hours.

ଯାମି—ସ. ବ. ସ୍ତ୍ରୀ (ଯା ଧାତୁ=ଯିବା+କର୍ତ୍ତୃ. ମି; କିମ୍ବା ଜୈ ଧାତୁ
Jāmi =କ୍ଷୟକରିବା+କର୍ତ୍ତୃ. ମି; କିମ୍ବା ଜମ ଧାତୁ=ଭକ୍ଷଣ କରିବା+କର୍ତ୍ତୃ. ଇ; କିମ୍ବା ଯମଧାତୁ+କର୍ମ୍ମ ଅ+ଇ)+ ୧ । ଭଗିନୀ; ଭଉଣୀ—1. Sister. ୨ । ଝିଅ;

ଦୁହିତା; କନ୍ୟା—2. Daughter. ୩ । କୁଳସ୍ତ୍ରୀ; କୁଳବଧୂ—3. A young housewife. ୪ । ବଧୂ; ବୋହୂ—4. A daughter-in-law. ୫ । ନବବଧୂ-5. A newly married daughter-in-law. ୬ । ଧର୍ମପରାୟଣା ସ୍ତ୍ରୀ—6. A virtuous lady; a noble woman. ୭ । ଧର୍ମଙ୍କର ଏକ ପତ୍ନୀ; ଦକ୍ଷଙ୍କର ଦୁହିତା ଓ ନାଗବୀଥିଙ୍କର ମାତା (ଅଗ୍ନିପୁରାଣ)—7. Name of a wife of God Dharma. ୮ । (ଯାମ+ଇ) ରାତ୍ରି; ନିଶା; ଯାମିନୀ—8 The night. ୯ । (ଯମ+ଇ; ଯମଙ୍କ ଶାସିତ ଦିକ୍)—ଦକ୍ଷିଣ ଦଗ—9. The south. ୧୦ । ବୈଦିକ ଯାଚ୍ଞା—10 Begging as prescribed in the Bedas.

ଗ୍ରାଦେ (ସମ୍ବଲପୁର) କ୍ରି—[ମୁଁ] ଯିବି—(I) Will go.

ଯାମିକ—ସ. ବି. (ଯାମ+ଇକ)—୧ । ଯାମ ବା ପ୍ରହର ସମ୍ବନ୍ଧୀୟ—
Jāmika 1. Relating to or connected with the Jāmas or watches of the day and night. ୨ । ପ୍ରହରକ ପାଇଁ ନିଯୁକ୍ତ—2. Engaged for one prahara or three hours. ସ. ବି. ପୁଂ—୧ । ପ୍ରହରୀ; ପହରାବାଲା—1. A watchman on duty. ୨। ରାତ୍ରି ଜଗୁଆଳ—2. One on night-duty or guard; sentry. (Apte).

ଯାମିକ ଭଟ—ସ. ବି.—ପ୍ରହରୀ; ଦୌବାରିକ—
Jāmika bhaṭa A watchman.
[ଭି—ଦୁର୍ଗୁଁ ଛାଡୁଥାନ୍ତି ଯାମିକଭଟ, ଅସି ପରି ଭୁଜମେ ଛା ସେବା ଶଠ । ଜନସୂର୍ଯ୍ୟ. କବିତା ।]

ଯାମିକା—ସ. ବି—(ଯାମ+କ+ଆ)—୧ ଯାମିନୀ; ରାତ୍ର—
Jāmikā 1. The night. ୨ । ହଳଦୀ—2. Turmeric (Apte).

ଯାମିକା ପତି—ସ. ବି (୬ଷ୍ଠୀ ତତ୍)—୧ । ଚନ୍ଦ୍ର—1. The moon
Jāmikā pati (Apte). ୨ । କର୍ପୂର—2. Camphor (Apte).

ଯାମିତ୍ର (ଇତ୍ୟାଦି)—ସ. ବି (ଯାମି=ସ୍ତ୍ରୀ+ତ୍ରୈ. ଧାତୁ=ତ୍ରାଣ କରିବା+ଅ)—ଜାମିତ୍ର ଇତ୍ୟାଦି (ଦେଖ)
Jāmitra (etc) Jāmitra etc (See)

ଯାମିତ୍ରବେଧ ପ୍ରତିପ୍ରସବ—ସ. ବି (ଫଳିତ ଜ୍ୟୋତିଷ)—ଯାମିତ୍ର-
Jāmitrabedha pratiprasaba ବେଧ ଘଟିଲେ ଓ ଚନ୍ଦ୍ର (ଯାମିତ୍ରବେଧ ଦୋଷନାଶ—ଅନ୍ୟରୂପ) ବୃଷରାଶିରେ କିମ୍ବା ପୂର୍ଣ୍ଣ ଅଥବା ମିତ୍ର ଗ୍ରହର ବା ଶୁଭଗ୍ରହର ଗୃହରେ ଥିଲେ କିମ୍ବା ମିତ୍ରଗ୍ରହ ବା ଶୁଭଗ୍ରହଙ୍କର୍ତ୍ତୃକ ଦୃଷ୍ଟ ହେଉଥିଲେ ଯାମିତ୍ରବେଧ ଦୋଷ ବିନାଶ କରି ଚନ୍ଦ୍ରଙ୍କର ସୁଖଦ ହେବା ଅବସ୍ଥା—(astrology) An auspicious conjunction of the planet moon which nullifies the evil effects of a 'Jāmitrabedha',

ଯାମିତ୍ରଯୁକ୍ତବେଧ—ସଂ. ବି (ଫଳିତ ଜ୍ୟୋତିଷ)—ଚନ୍ଦ୍ର ପାପ ଗ୍ରହର
Jāmitrajutabedha ୭ମ ସ୍ଥାନରେ ରହି ଯାମିତ୍ରବେଧ ଘଟିବା (ଅର୍ଥାତ୍ ଚନ୍ଦ୍ର ପାପଗ୍ରହଯୁକ୍ତ ହେବା) ଅବସ୍ଥା—(astrology) A most inauspicious position of the planet moon. [ଦ୍ର—ଏପରି ଘଟିଲେ ଶୁଭକର୍ମ ପରିହାର୍ଯ୍ୟ । ଏ ଯୋଗରେ ଯାତ୍ରା କଲେ, ବିପଦ, ଗୃହାରମ୍ଭ ବା ଗୃହ ପ୍ରବେଶ କଲେ ପୁତ୍ରହାନି, ସୌର କର୍ମ କଲେ ରୋଗ, ବିବାହ କଲେ ବୈଧବ୍ୟ, ଉପନୟନ କଲେ ମରଣ ଓ ପୁଂସବନ କଲେ ଶୂଳରୋଗ ହୁଏ ।]

ଯାମିତ୍ର ସଂସ୍ଥ—ସଂ. ବିଣ (ଜ୍ୟୋତିଷ)—ରାଶିଚକ୍ରରେ ଲଗ୍ନଠାରୁ ୭ମ
Jāmitra saṁstha ସ୍ଥାନରେ ସ୍ଥିତ (ଗ୍ରହ)—(astrology) (a planet) Situated on the 7th position from 'Lagna'.

ଯାମିନୀ—ସଂ. ବି. ସ୍ତ୍ରୀ (ଯାମ+ ଅସ୍ତି ଅର୍ଥରେ. ଇନ୍+ସ୍ତ୍ରୀ. ଈ)—
Jāminī ୧ । ରାତ୍ରି; ନିଶା—1. The night.
୨ । ହରିଦ୍ରା; ହଳଦୀ—2. Turmeric.

ଯାମିନୀ କାନ୍ତ—ସଂ. ବି (୬ଷ୍ଠୀ ତତ୍; ଯାମିନୀ+କାନ୍ତ)—୧ । ନିଶାନାଥ;
Jāminī kānta ଚନ୍ଦ୍ର—1. The moon. ୨। କର୍ପୂର—2. Camphor (Apte)

ଯାମିନୀ ନାଥ, ଯାମିନୀ ପତି, ଯାମିନୀ ବଲ୍ଲଭ —ଅନ୍ୟରୂପ] ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ଯାମିନୀଚର—ସଂ. ବିଣ. ପୁଂ (ଯାମିନୀ+ଚର. ଧାତୁ+ କର୍ତ୍ତୃ. ଅ)—
Jāminīchara ରାତ୍ରିରେ ବିଚରଣକାରୀ; ରାତ୍ରିଚର; ନିଶାଚର—Roaming in the night. ସଂ. ବି—୧।ନିଶାଚର; ରାକ୍ଷସ—1. Demon. ୨ । ପେଚା—2. Owl. ୩ । ଗୁଗ୍ଗୁଳ(ବୃ.ଶ)—3. Bdellium.

ଯାମିନୀ ଯୋଗେ—ଦେ. କ୍ରି. ବିଣ—୧ । ନିଶାଯୋଗେ; ରାତ୍ରିରେ;
Jāminī joge ରାତ୍ରିକାଳରେ—1. In the night. ୨ । ରାତ୍ର
ଯାମିনযোগে ହୋଇଥିବାର ସୁବିଧା ପାଇବାରୁ—2. Under
यामिनी योगे cover of night; taking advantage of night time; in the course of the night. (ଯଥା—ସେ ଯାମିନୀଯୋଗେ ଶତ୍ରୁମଧ୍ୟରୁ ପଳାୟନ କଲେ ।)

ଯାମୀ—ସଂ. ବି. ସ୍ତ୍ରୀ (ଯମ+ଅ+ସ୍ତ୍ରୀ. ଈ)—୧ । ଯାମି (ଦେଖ)—
Jāmī 1. Jāmi (See). ୨ । ଯମ ସମ୍ବନ୍ଧୀୟ ଦିଗ; ଦକ୍ଷିଣ ଦଗ—2. The south quarter. ୩ । ଯମ ସମ୍ବନ୍ଧୀୟ ଯାତନା; ନରକ ଯନ୍ତ୍ରଣା—3. Hellish torture. ୪ । ଦ୍ୱିତୀୟା ବା ଭରଣୀ ନକ୍ଷତ୍ର—4. The second asterism (consisting of 3 stars); Musca. ୫ । କୁଳସ୍ତ୍ରୀ— 5. A housewife.

ଯାମୀର—ସଂ.ବି (ଯାମୀ=ରାତ୍ରି+ରା. ଧାତୁ=ରହିବା+ ଅ)—ଚନ୍ଦ୍ର—
Jāmīra The moon.

ଯାମୀରା—ସଂ. ବି (ଯାମୀର+ଅ) —ରାତ୍ରି—
Jāmirā　The night.

ଯାମୁନ—ସଂ. ବିଣ (ଯମୁନା+ସମ୍ବନ୍ଧାର୍ଥେ. ଅ)—ଯମୁନା ସମ୍ବନ୍ଧୀୟ—
Jāmuna　Relating to the Jamnā river. ବି—
(ଯାମୁନା—ସ୍ତ୍ରୀ)　୧ । ରସାଞ୍ଜନ; ସ୍ରୋତୋଞ୍ଜନ—1. Antimony; sulphate of antimony. ୨ । ଅକ୍ଷିର ଅଞ୍ଜନ—2. Collyrium for the eye. ୩ । ସୀସକ; ସୀସା-3. Lead. ୪ । ଯମୁନାକୂଳବାସୀ ବ୍ୟକ୍ତି—4. A person residing on the bank of the Jamunā river. ଦେ ବି-(ନାମ) ରାମାନୁଜାଚାର୍ଯ୍ୟଙ୍କ ଗୁରୁ; ଜଣେକ ଦାକ୍ଷିଣାତ୍ୟବାସୀ ବୈଷ୍ଣବ ଅଗ୍ରଣୀ—Name of a learned Baishnaba reformer. [ଦ୍ର—ଏ ସଂସ୍କୃତରେ ମହାପଣ୍ଡିତ ଥିଲେ । ଏ ଭଗବଦ୍ ଗୀତାର ଟୀକା, ଆଲବନ୍ଦାର ସ୍ତୋତ୍ର, ଆଗମ ପ୍ରାମାଣ୍ୟ ସିଦ୍ଧିତ୍ରୟ, ଭଗବଦ୍‌ଗୀତା ସଂଗ୍ରହ ଆଦି ସଂକଳନ କରିଥିଲେ— ହି. ଶ.]

ଯାମୁନଗିରି—ସଂ. ବି—୧ । ପର୍ବତ ବିଶେଷ—1. Name of a
Jāmuna giri　mountain. (ଉ—ସେଠାରୁ ଯାମୁନ ଗିରିକି ବାହାରିଲେ, ଯାଅ ନେହ ବୋଲି ସଙ୍ଗୋତ୍ରକୁ କୋଇଲେ । କୃଷ୍ଣସିଂହ. ମହାଭାରତ. ବନ ।) ୨ । କଳନ୍ଦଗିରି; ଯମୁନା ନଦୀର ଉତ୍ପତ୍ତି—ପର୍ବତ (ଜ୍ଞାନେନ୍ଦ୍ର)—2. The name of the mountain from which the river Jamunā issues.

ଯାମୁନେଷ୍ଟକ—ସଂ. ବି. (ଯାମୁନ +ଇଷ୍ଟକ)—ସୀସା; ସୀସକ—
Jāmuneshṭaka　Lead.

ଯାମେୟ—ସଂ. ବି. ପୁଂ (ଯାମି=ଭଗ୍ନୀ+ଅପତ୍ୟାର୍ଥେ. ଏୟ) —
Jāmeya　ଭଣଜା; ଭାଗିନେୟ - Sister's son.
(ଯାମେୟା, ଯାମେୟୀ—ସ୍ତ୍ରୀ)

ଯାମୁଛତୁ—ଗ୍ରାଦେ. (କନ୍ଧମୁଳ) ବି—ଏକପ୍ରକାର ଛତୁ—
Jāmuchhatu　A kind of mushroom.

ଯାମ୍ୟ—ସଂ. ବି. (ଯମ+ସମ୍ବନ୍ଧାର୍ଥେ. ଯ)—୧ । ଯମରାଜାଧିକୃତ ଦିଗ; ଦକ୍ଷିଣ ଦିଗ - 1. The south. ୨ । ଯମ ଦୂତ—
Jāmya　2. The messengers of the God of death. ୩ । ଅଗସ୍ତ୍ୟ ମୁନି—3. Sage Agastya. ୪ । (ଯା ଧାତୁ+କର୍ତ୍ତୃ. ମ୍ୟ) ଅନୁଚର—4. Attendant. ୫ । (ଯାମି=ସ୍ତ୍ରୀ+ଅପତ୍ୟାର୍ଥେ. ଯ) ତନୟ; ପୁତ୍ର—5. Son. ୬ । ଚନ୍ଦନ (ହି. ଶ)—6. Sandal wood. ୭ । ଶିବ—7. Siba. ୮ । ବିଷ୍ଣୁ—8. Bishnu. ୯ । ଦ୍ୱିତୀ ନକ୍ଷତ୍ର—9. The 2nd asterism. ସଂ. ବିଣ—୧ । ଦକ୍ଷିଣଦିଗ୍ ସମ୍ବନ୍ଧୀୟ—1. Southern. ୨। ଯମ ସମ୍ବନ୍ଧୀୟ—2. Relating to Jama. ୩ । ଯମ ତୁଲ୍ୟ—3. Resembling Jama.

ଯାମ୍ୟ ଦ୍ରୁମ—ସଂ. ବି—ଶାଳ୍ମଳି ବୃକ୍ଷ (ହି. ଶ)—
Jāmya druma　The silk-cotton tree.

ଯାମ୍ୟ ଧ୍ରୁବ—ସଂ ବି—ଦକ୍ଷିଣ ମେରୁ ଉପରେ ଥିବା ଧ୍ରୁବ ତାରା—
Jāmya dhruba　The pole star on the south pole.
(ଯାମ୍ୟ ଧ୍ରୁବ ତାରା—ଅନ୍ୟରୂପ)　[ଦ୍ର—ଏ ତାରାକୁ ଆମ୍ଭେମାନେ ଦେଖି ପାରୁ ନାହିଁ ବୋଲି ଦକ୍ଷିଣ ଧ୍ରୁବ ବିନ୍ଦୁର ଉପରକୁ ଥିବା କିଛି ମଣ୍ଡଳର ଦକ୍ଷିଣତମ ଉଜ୍ଜ୍ୱଳ ତାରାକୁ ଦକ୍ଷିଣ ଧ୍ରୁବ ତାରା ବୋଲି ଧରାଯାଏ ।]

ଯାମ୍ୟ ବୃତ୍ତ—ସଂ. ବି—୧ । କୁମେରୁ; ଦକ୍ଷିଣ ମେରୁ—1. The
Jāmya brutta　south pole. ୨ । କୁମେରୁ ବୃତ୍ତ—2. The south polar circle.

ଯାମ୍ୟା—ସଂ. ବି. (ଯାମ୍ୟ+ଆ)—୧ । ଦକ୍ଷିଣ ଦିଗ—1. The
Jāmyā　south. ୨ । ଭରଣୀ ନକ୍ଷତ୍ର—2. The 2nd asterism. ୩ । ଯାମିନୀ; ରାତ୍ରି—3. The night.

ଯାମ୍ୟାୟନ—ସଂ. ବି. (ଯାମ୍ୟ+ଅୟନ)—ଦକ୍ଷିଣାୟନ; ସୂର୍ଯ୍ୟଙ୍କର
Jāmyāyana　ବିଷୁବ ରେଖାର ଦକ୍ଷିଣକୁ ଗତି—The sun's course south of the equator; the winter solstice.

ଯାମ୍ୟୋତ୍ତର—ସଂ. ବିଣ. (ବହୁବ୍ରୀହି; ଯାମ୍ୟ+ଉତ୍ତର)—ଦକ୍ଷିଣରୁ
Jāmyottara　ଉତ୍ତରକୁ ଯାଇଥିବା—Going from south to north (Apte).

ଯାମ୍ୟୋତ୍ତର ବୃତ୍ତ—ସଂ. ବି. (ଅଧୁନିକ)—(ଭୂଗୋଳ) ଯେଉଁ କାଳ୍ପନିକ
Jāmyottara brutta　ବୃତ୍ତ ଦର୍ଶକର ମସ୍ତକୋପର ଯାଇ (ଯାମ୍ୟୋତ୍ତର ରେଖା—ଅନ୍ୟରୂପ)　ଉଭୟ ମେରୁକୁ ସ୍ପର୍ଶ କରିଅଛି; ଦ୍ରାଘିମା—The meridian line. [ଦ୍ର—ଦ୍ରାଘିମା ତଳେ ଟୀକା ଦେଖ ।]

ଯାଯଜୂ(ଜୁ)—ସଂ.ବି.(ଯାଜ୍ ଧାତୁ,ଯଙ୍ ଲୁଗନ୍ତ, ପୌନଃପୁନ୍ୟାର୍ଥେ. ଯାଯଜ୍
Jājajū(jū)　ଧାତୁ+କର୍ତ୍ତୃ. ଉ)—ଇଜ୍ୟାଶୀଳ; ଯେ ପୁନଃ ପୁନଃ ଯାଗ କରେ—The frequent performer of sacrifices.

ଯାଯଜୂକ—ସଂ. ବିଣ. ପୁଂ. (ଯଜ୍ ଧାତୁ, ଯଙ୍ ଲୁଗନ୍ତ, ଅର୍ଥାତ୍ ପୌନଃ
Jājajūka　ପୁନ୍ୟାର୍ଥେ ଯାଯଜ୍ ଧାତୁ+ଶୀଳାର୍ଥେ. ଊକ)—ପୁନଃ ପୁନଃ ଯାଗଶୀଳ—Habituated to offering sacrifices often.

ଯା ଯା(ଯାଃ)—ଦେ. ଅ—ଦୂର୍ ହୋ—
Jā jā(jāḥ)　জা জা　যাস্, দূরহও Be off.

ଯାଯାବର—ସଂ. ବିଣ. ପୁଂ [ଯା ଧାତୁ ପୌନଃ ପୁନ୍ୟାର୍ଥେ (ଯଙ୍ ଲୁଗନ୍ତ)
Jājābara　ଦ୍ୱିତ୍ୱ+କର୍ତ୍ତୃ. ବର)—୧ । ସଦା ଭ୍ରମଣକାରୀ—
(ଯାଯାବରୀ—ସ୍ତ୍ରୀ)　1. Itinerant; vagrant; nomadic. ୨ । ବାସସ୍ଥାନ ଓ ଭ୍ରମଣକାରୀ—2. Wandering and homeless. ବି—୧ । ଅଶ୍ୱମେଧ ପାଇଁ ଉତ୍ସୃଷ୍ଟ ଘୋଡ଼ା—1. A horse let loose before being offered at a sacrifice. ୨ । ଜରତ୍କାରୁ ମୁନି; ନାଗରାଜ ବାସୁକିଙ୍କ ଭଗିନୀ ମନସାଦେବୀଙ୍କ ପତି ଓ ଆସ୍ତିକ ମୁନିଙ୍କ ପିତା—2. Name of a sage. ୩ । କ୍ରମାଗତ ଭ୍ରମଣକାରୀ ବାସସ୍ଥାନଶୂନ୍ୟ ତାପସ—3. A class of

itinerant ascetics who have no hermitage; a vagrant mendicant. ୪ । ସନ୍ନ୍ୟାସୀ—4. A mendicant. ୫ । ଅଗ୍ନିହୋତ୍ରୀ ବ୍ରାହ୍ମଣ-ବିଶେଷ; ସାଗ୍ନିକ ବ୍ରାହ୍ମଣ—5. A Brāhmaṇa who performs 'Agnihotra' sacrifice. [ଦ୍ର—ଏହାଙ୍କ ଗୃହରେ ସର୍ବଦା ଗାର୍ହପତ୍ୟ ଅଗ୍ନି ରକ୍ଷିତ ହୋଇଥାଏ ।] ୬ । ପରିବ୍ରାଜକ; ପର୍ଯ୍ୟଟକ—6. A wanderer; a traveller. ୭ । ମୁନିମାନଙ୍କ ଗଣ ବା ଗୋତ୍ର ବିଶେଷ—7. Name of a family or sept of sages. ୮ । ଯାଚ୍ଞା (ଦ୍ର. ଗ)—8. Begging. ୯ । (+ଭାବ. ଵର) ଭ୍ରମଣ ଭ୍ରମଣକାରୀ ସାଧୁଙ୍କ ଜୀବନ—9. The life of a vagrant mendicant (Apte).

ଯାୟୀ—ସଂ. ବିଣ. ପୁଂ. (ଯା ଧାତୁ+କର୍ତ୍ତୃ ଣିନ୍; ଯାୟିନ୍ ୧ମା. ୧ବ; ଏ **Jāyi** ଶବ୍ଦ ପ୍ରାୟଶଃ ଅନ୍ୟ ଶବ୍ଦ ପରେ ପ୍ରଯୁକ୍ତ ହୁଏ, ଯଥା—(ଯାୟିନୀ—ସ୍ତ୍ରୀ) ଅନୁଯାୟୀ)—୧ । ଗମନକାରୀ—1. Going. ୨ । ଗତିଶୀଳ—2. Moving. ୩ । ଯାନ ଚଢ଼ି ଗମନ କରୁଥିବା—3. Driving in; riding or going in (Apte). ୪ । ଅମୁକ ସ୍ଥାନକୁ ପହଞ୍ଚିଥିବା (ରାସ୍ତା)—4. (way) Leading to (Apte).

ଯାର—ଦେ ସର୍ବ. (ସଂ. ଯତ ଶବ୍ଦର ୬ଷ୍ଠୀ ୧ବ)—ଯାହାର— **Jāra** যার जीसका Whose.

ଯାଷ୍ଟୀକ—ସଂ. ବି. ପୁଂ. (ଯଷ୍ଟି+ପ୍ରହରଣାର୍ଥେ. ଇକ)—୧ । ଲଠିଆଳ—**Jāshṭika** 1. A person armed with a club. (ଯାଷ୍ଟୀକା—ସ୍ତ୍ରୀ) ୨ । ଯଷ୍ଟିଧାରୀ ଯୋଦ୍ଧା—2. A warrior armed with a club. ସଂ. ବିଣ. ପୁଂ—ଯଷ୍ଟିଧାରୀ—Armed with a club.

ଯାଷ୍ଟି ମଧୁ(ଧୁ)—ଦେ. ବି. (ସଂ. ଯଷ୍ଟି ମଧୁ)—ଯଷ୍ଟି ମଧୁ—**Jāshṭi madhu(hu)** Liquorice.

ଯାସ—ସଂ. ବି. (ଯସ୍ ଧାତୁ=ଚେଷ୍ଟା କରିବା+କରଣେ. ଅ)—**Jāsa** ୧ । ରକ୍ତବର୍ଣ୍ଣ ଦୁରାଲଭା—1. The red variety of Hedysarum Alhagi (plant). ୨। (+ଭାବ ଅ) ଚେଷ୍ଟା; ଉଦ୍ୟମ—2. Endeavour; effort (Apte).

ଯାସା—ସଂ. ବି—୧ । ଶାଳିକ; ବଣି ଚଢ଼େଇ; ମଦନ ଶାରିକା—**Jāsā** 1. The myna bird. ୨ । କୋଇଲି; କୋକିଳ (ଦ୍ର. ଗ)—2. The Indian cuckoo.

ଯାସ୍କ—ସଂ. ବି.—ନିରୁକ୍ତପ୍ରଣେତା ଋଷି—1. Name of a sage **Jāska** who was the author of the vedic vocabulary. ସଂ. ବିଣ.—ଯସ୍କ ଋଷିଙ୍କ ଗୋତ୍ରରେ ଉତ୍ପନ୍ନ-Born of the family of sage Jaska.

ଯାସ୍କାୟନ—ସଂ. ବି. ପୁଂ—(ଯସ୍କ+ଅପତ୍ୟାର୍ଥେ. ଅୟନ)—ଯସ୍କ ଋଷିଙ୍କ **Jāskāyana** ଗୋତ୍ରୋତ୍ପନ୍ନ ପୁରୁଷ—A person born of (ଯାସ୍କାୟନୀ—ସ୍ତ୍ରୀ) the family of Jaska.

ଯାସ୍ୟନ୍—ସଂ. ବିଣ. ପୁଂ—(ଯା ଧାତୁ+ଭବିଷ୍ୟତ୍ ଶତୃ ୧ମା. ୧ବ)—**Jāsyan** ଯେ ଯିବ; ଯାହାର ଯିବାକୁ ଅଛି—Having to go; (ଯାସ୍ୟନ୍ତୀ, ଯାସ୍ୟନ୍ତୀ—ସ୍ତ୍ରୀ) who will go, which will be moving.

ଯା ହ(ହେ)ଉ—ଦେ. ଅ.—ଯାହା ହଉ (ଦେଖ) **Jā ha(he)u** যাহোক্ जोहो Jāhā hau (See)

ଯାହା—ଦେ. ସର୍ବ.—(ସଂ. ଯତ୍ ଶବ୍ଦ, କ୍ଲୀବଲିଙ୍ଗ. ୧ବ.)—୧ । **Jāhā** ଯେଉଁ ବିଷୟ ବା ବସ୍ତୁ—1. Which (thing or যা जो matter). ୨ । ଯାହାର; ଯେଉଁ ବ୍ୟକ୍ତିର—2. Whose. ୩ । ଯେଉଁ ବିଷୟର ବା ବସ୍ତୁର—3. Of which [ଦ୍ର—'ଯାହା' ଶବ୍ଦର ବହୁବଚନ ଯେଉଁମାନ । 'ଯାହା' ୧ମା. ବିଭକ୍ତିରେ କେବଳ ବସ୍ତୁକୁ ବା ବିଷୟକୁ ବୁଝାଏ; ଅନ୍ୟ ବିଭକ୍ତିମାନଙ୍କରେ (ଯଥା—ଯାହାକୁ ଯାହାଙ୍କ, ଯାହାଠାରୁ, ଯାହାଠାରେ) ବ୍ୟକ୍ତିକୁ ମଧ ବୁଝାଏ ।] ଅ—(ବାକ୍ୟର ପୂରଣାର୍ଥକ) ଯେ—(Conjunction) That.

ଯାହାଇ—ଦେ. ସ.—ଯାହି (ଦେଖ) **Jahaie** Jāhi (See)

ଯାହିଁ—ଦେ. ସର୍ବନାମ—(ହିନ୍ଦୀରୁ ଗୃହୀତ)—ଯହିଁ; ଯେଉଁଠାରେ—**Jāhān** Where, in which place. যেখানে जहाँ [ଦ୍ର—ହେନ ଅବହେଳ ଯାହିଁ ସହନ କରେ । ଶିଶୁଶଙ୍କର—ଭୁଷାଅଭିଳାଷ ।]

ଯାହିଁ (ଇତ୍ୟାଦ—ଜାହିଁ ଇତ୍ୟାଦି (ଦେଖ) **Jāhān** (etc) Jāhān etc (See)

ଯାହିଁ ତକ୍—ବୈଦେ.ଅ.—(ଫା. ଓ ହିନ୍ଦୀ—ଜହାଁତକ୍)—୧ । ଯେତେ **Jāhān tak** ପର୍ଯ୍ୟନ୍ତ—1. As much as. ୨ । ଯେତେବେଳ (ଯାହିଁ ତଲକ୍—ଅନ୍ୟରୂପ) ପର୍ଯ୍ୟନ୍ତ—2. Till. যে পর্যন্ত जहाँतक

ଯାହାକୁ ଇଚ୍ଛା ତାହାକୁ(ତାକୁ)—ଦେ. ବାକ୍ୟାଂଶ—(ସହଚର ଶବ୍ଦ)—୧ **Jāhāku ichchhā tāhāku(tāku)** ଯାଇଚ୍ଛା ତା (ଦେଖ) যাকে ইচ্ছা তাকে 1. Jāichchha tā (See) जीसको इच्छा उसको ୨ । ଯେଉଁ ବ୍ୟକ୍ତିକୁ ଇଚ୍ଛା ସେ ବ୍ୟକ୍ତିକୁ—2. To whichever person.

ତାହାକୁ ପାରି ତାକୁ
ଯାହା କୁ ପାରି ତାହାକୁ } —ଅନ୍ୟରୂପ
ଯାକୁ ପାରି (ଇଚ୍ଛା) ତାକୁ

ଯାହାକୁ ବୋଲି—ଦେ. ବିଣ.—ଅସାଧାରଣ; ଅନନ୍ୟସାଧାରଣ; ବହୁ **Jāhāku boli** ମଧ୍ୟରେ ବିଶିଷ୍ଟ; ଉତ୍କୃଷ୍ଟ—Extraordinary; যাকে বলে जीसको बोलते है excellent. (ଯଥା—ଗୋପବନ୍ଧୁ ଦାସ ଯାହାକୁ ବୋଲି ମଣିଷଟିଏ ଥିଲେ ।)

ଯାହାକୁ ଯେ—ଦେ. ଅ.—ଯେଉଁ ବ୍ୟକ୍ତି ବା ବସ୍ତୁ ତୁଲ୍ୟ ଯେ ବା ଯାହା **Jāhāku je** ଉପଯୁକ୍ତ—Whatever is appropriate যাকে যেমন to a thing or person. [ଦ୍ର—ଯାହାକୁ ଯେ ! ବରଷ ଗୁହଳ ବନ୍ଦୈଇ ଦେ—ଭଗ]

ଯାହାକୁ ଯେତେ—ଦେ. ସଂ.—୧ । ଯେତେ ଲୋଡ଼ା ତେତେ; Jāhāku jete ଯଥେଷ୍ଟ; ବହୁତ; ପ୍ରଚୁର—1. Quite sufficient; as much as required.
ଯାকে যত जो जीतनाचाहताहै वह इतना ୨ । ଅପର୍ଯ୍ୟାପ୍ତ—
2. Unlimited; more than sufficient.

ଯାହା(ହିଁ) ତାହା(ହିଁ) କରି—ଦେ. କ୍ରି. ବିଣ.—ଯେ କୌଣସି Jāhā(hiñ) tāhā(hiñ) kari ପ୍ରକାରେ—Anyhow.
যা তা করে जैसेतैसे करके [ଉ—ଯାହା ତାହା କରିଣ କଲି ଯାହା ଗୀତ, ଏ ଦୋଷ କ୍ଷମା କର ସକଳ ପଣ୍ଡିତ । କୃଷ୍ଣସିଂହ. ମହାଭାରତ. ବନ ।]

ଯାହା(ହି) ହଉ(ହେଉ)—ଦେ. ଅ.—୧ । ଯେ ହେଉ—
Jāhā(hi) ha(he)u 1. However. ୨ । ପକ୍ଷାନ୍ତରରେ—
যাই হউক जोहो 2. On the other hand.
୩ । ଯେନ ତେନ ପ୍ରକାରେ—3. Anyhow.
୪ । ଯତ୍ସାମାନ୍ୟ—4. Slightly.

ଯାହି—ଦେ. ସଂ.—(ସଂ. ଯତ୍+ହି)—୧ । ଯାହିଁ ହିଁ—
Jāhi যাই जोभी 1. Whatever.
୨ । ଯାହା ମାତ୍ର—2. Which only.

ଯାହିଁ (ଇତ୍ୟାଦି)—ଯହିଁ ଇତ୍ୟାଦି (ଦେଖ)
Jāhiñ (etc) Jahiñ etc (See)
[ତାହିଁ—ଅପେକ୍ଷିକ ଶବ୍ଦ]

ଯାହିଚ୍ଛା ତା—ଦେ. ସବ.—ଯାଇଚ୍ଛା ତା (ଦେଖ)
Jāhichchhā tā Jāichchhā tā (See)
[ଯାଇଚ୍ଛା ତାହି(ଇ), ଯାହି ତାଇ (ହି)—ଅନ୍ୟରୂପ]

ଯାହୁଁ (ଇତ୍ୟାଦି)—ଯହୁଁ (ଇତ୍ୟାଦି) (ଦେଖ)
Jāhuñ (etc) Jahuñ (etc) (See)

ଯିଅ—ଦେ. ଅ (ସଂ. ଜୀବ)—ପିଲାମାନେ ଛୁଇଁଲେ ବଡ଼ମାନେ ଉଚ୍ଚାରଣ Jia କରିବା ଆଶୀର୍ବାଦ) ତୁ ଚିରଞ୍ଜୀବୀ ହୋ—(Do you) Live
জীয় जीय long.

ଯିଅ(ହ)ଲ (ଇତ୍ୟାଦି)—ବୈଦେ.ଗ୍ରା. ବି (ଇଂରାଜୀ)—ଜେଲ୍ (ଇତ୍ୟାଦି)
Jia(ha)la(etc) (ଦେଖ)—Jel (etc) (See)
(ଯେହଲ—ଅନ୍ୟରୂପ)

ଯିଅତି—ଗ୍ରା. ଅ (ସଂ. ଯତ୍+ଜାତୀୟ, ଯଜ୍ଜାତୀୟ)—ଯେଉଁପରି—
Jiāti As; like. (ଉ—କଅଣ ! ତଇଣ ମାସରେ କୁଅ
(ସିଅତି—ଆପେକ୍ଷିକ ଶବ୍ଦ) ଗୁଡ଼ ଖାଇ କଣ୍ଠ ଲୁଚ୍ଛେଇଲେ
যেমন जैसा ଯିଅତି—ଛଗ ।)

ଯିଅତିକା—ଗ୍ରା. ବିଣ (ସଂ. ଯତ+ଜାତୀୟ)—ଯେଉଁ-
Jiātikā ପ୍ରକାରର; ଯେଉଁପରିକା; ଯେଉଁଜାତୀୟ—
(ଯିଅତିକଥ—ଅନ୍ୟରୂପ) Of which kind or species.
ସିଅତିକା }
ସିଅତିକଥ }—ଅପେକ୍ଷିକ ଶବ୍ଦ
জেমন जैसा

ଯିଉ—ଦେ. ବି—ଯିହୁଦୀ (ଦେଖ)
Jiu Jihudī (See)
(ଯିହୁଦୀ—ଅନ୍ୟରୂପ)

ଯିଏ—ଗ୍ରା. ସଂ (ସଂ.ଯତ୍ ଶବ୍ଦ, କର୍ତ୍ତୃକାରକ ୧ମା. ୧ବ)—ଯେ (ଦେଖ)
Jie Je (See) (ଉ—ଯିଏ ଯାହାଠାରୁ ଜନମ ଲଭଇ,
যে जो ତାକୁ ତାହାର ଅମ୍ବା ବୋଲିକରି କହି—କୃଷ୍ଣସିଂହ. ମହାଭାରତ. ଶାନ୍ତି ।)

ଯିଙ୍ଗିତ—ଦେ. ବି—ଜଗର (ଦେଖ)—Jigara (See) (ଉ—
Jiṅgita ଯିଙ୍ଗିତ କାହିଁ ନାହିଁ ରାଜା, ଯିବ ତେମଣା ବାରୁ
জিগির जिगर ପାଇ ଲଜ୍ଜା—ବ୍ରଜନାଥ ସମରତରଙ୍ଗ ।)

ଯିଧା(ଦା)—ପ୍ରାଦେ (ସମ୍ବଲପୁର) ବିଣ—ଏକଜିଦିଆ ଲୋକ—
Jidhā(dā) Obstinate.

ଯିବ—ଦେ. କ୍ରି—୧ । (ସେ ବା ତୁମ୍ଭେ) ଗମନ କରିବ—
Jiba 1 (you or he) Will go. ୨ । (ତାହା) ଲୁପ୍ତ
যাবে जायेगा ହେବ—2 (that) Will be extinct; will disappear. (ଉ—ଏକ ବାକ୍ୟ ହେଲେ ଯିବ ଏ ଦୁଃଖଯାକ—କୃଷ୍ଣସିଂହ. ମହାଭାରତ. ବନ ।)

ଯିବା—ଦେ. କ୍ରି (ସଂ. ଯା ଧାତୁ)—୧ । ଗମନ କରିବା—
Jibā 1. To walk; to go; to move. ୨ । ସ୍ଥାନାନ୍ତରକୁ
(ଅସିବା—ବିପରୀତ) ଗମନ କରିବା—2. To go away.
যাওয়া जाना ୩ । ସ୍ଥାନତ୍ୟାଗ କରିବା—3. To leave a place. ୪ । ନଷ୍ଟହେବା—4. To be damaged. ୫ । (ରୋଗାଦି) ପ୍ରଶମିତ ହେବା—5. To be assuaged (said of a disease) ୬ । ଆରୋଗ୍ୟ ହେବା—6. To be cured. (ଉ—ଗୋଡ଼ ଭାଙ୍ଗି ଶେଯ ହେବାର ଦରଦ ଯିବାର ଉପାୟ କହ—କବିସୂର୍ଯ୍ୟ ବଳଦେବ ଚମ୍ପୂ ଗୀତ ।) ୭ । ମୃତ ହେବା—7. To be dead; to die. ୮ । ଅତୀତ ହେବା; ବିତିବା—8. To pass; to be past. (ଉ—ରଜା ଅଙ୍କ କରୁ ଯିବ ବାଟରେ, ମନ୍ତ୍ରୀ ଦଉ ଦଉ ଯିବ ପୁରୁଷେ—ଛଗ) ୯ । ସହବାସ କରିବା—9 To cohabit. (ଉ—ପୁଣି ମନରେ କଲେ ଏ ଋଷି ଭରସା, ସ୍ତ୍ରୀଙ୍କଠାକୁ ଯିବ କରୁଁପେ ଛାଡ଼ି ଲଜ୍ଜା—କୃଷ୍ଣସିଂହ. ମହାଭାରତ. ବନ ।) ୧୦ । ପରିଣତ ହେବା—10. To result in. ୧୧। (କୌଣସି ବ୍ୟକ୍ତିର) କ୍ଷତି ବୃଦ୍ଧି ହେବା—11. To matter (to a person); to affect. (ଉ—ବାପ୍ପାର ତ ଯାଏ, ବାଆ କଲେ ବସା ବୋହୋଇଲୁଥାଏ—ଶିଶୁଗୀତ ।) ୧୨ । ପ୍ରବେଶ କରିବା—12. To enter. (ଉ—କୋଠାକୁ ଯିବୁ ? ଆମ୍ବ ଖାଇବୁ ? ଡରିବୁ ତ ନାହିଁ ?—ଶିଶୁରଞ୍ଜନ ପଦ) । ୧୩ । ଦୃଷ୍ଟିଭୂତ ହେବା; ଅଦୃଶ୍ୟ ହେବା; ଅନ୍ତର୍ହିତ ହେବା—13. To disappear; to vanish. (ଯଥା—ଦିନ ଯିବ, ରାତ୍ରି ଆସିବ, ପୁରୁଣା ଯିବେ, ନୂଆ ଆସିବେ ।) ୧୪ । ସହମତ ହେବା—14. To agree (with a person.)

(ଯଥା—ମୋ ଦେହରେ ଘଅ ଯାଏ ନାହିଁ ।) ୧୫ । ତ୍ୟାଗ କରିବା; ଛାଡ଼ିବା—15. To give up; to leave. (ଉ—ସଙ୍ଗ ସଖୀ ଏହା କରିବ, ସେବେ ମୋ ଜୀବ ଯିବ—ସଙ୍ଗୀତ ।) ୧୬ । ପ୍ରେରିତ ହେବା—16. To be sent. (ଯଥା—ଏଠାରୁ ପ୍ରତିଦିନ ସନ୍ଧ୍ୟାବେଳେ ଡାକ ଯାଏ । ୧୭ । ଚ୍ୟୁତ ହେବା; ହାନି ହେବା, ଲୁପ୍ତ ହେବା—17. To be lost. (ଯଥା—ପ୍ରତିଦିନ କସ୍ତୁରିରୂପେ ହାନିର ନ ହେଲେ ମୋ ଗୃହଧଣ୍ଡି ଯିବ । ଉ—ସବୁ ଯାଉ, ମହତ ଥାଉ, ମହତ ଗଲେ ନ ମିଳଇ ଆଉ—ଢଗ ।) ୧୮ । ଯାତ୍ରା କରିବା; କୌଣସି ସ୍ଥାନକୁ ଯିବାକୁ ଅନୁକୂଳ କରିବା -18. To start for a place. (ଉ—ଯିବୁ ପଗ୍ ପଗ୍ଣସଙ୍ଗେନ । ଉଠ ଆ ରେ—ସଙ୍ଗୀତ ।) ୧୯ । ଉଦ୍ୟତ ହେବା—19. To be ready. (ଯଥା—ସେ ପିଲାକୁ ମାରିବାକୁ ମୋ ହାତ ଯାଉ ନାହିଁ ।) ୨୦ । ରାଜି ହେବା—20. To agree. (ଯଥା—ତାକୁ ଯେତେ ପ୍ରବର୍ତ୍ତାଇଲି, ସେ ଅର୍ଦ୍ଧେ ମୋ କଥାରେ ଯାଉନାହିଁ) ୨୧ । ରହିବା; ସ୍ଥାୟୀ ହେବା—21. To last for. (ଯଥା—ଏ ଲୁଗାଖଣ୍ଡି ଦୁଇ ବର୍ଷ ଯିବ ।) ୨୨ । ଭଜିବା; ଅବସ୍ଥାରେ ରହିବା—22. To take to, to be in a state. (ଉ—କେତେ କନ୍ଦା ଯାଉଛ ବେନୁପାଣି—ପ୍ରଭାତୀ ଭଜନ ।) (ସେ କରୁଣା ନ ଯାଏ କେବେ ବଫଳେ—ରାଧାନାଥ, ମେଘଦୂତ ।) [ବ୍ର—ଅନ୍ୟ କ୍ରିୟାର ଅସମାପିକାରୂପ ସଙ୍ଗେ ଯିବା କ୍ରିୟା ଯୋଗ ହୋଇ ପ୍ରଥମ କ୍ରିୟାର ସମାପ୍ତି ବୁଝାଏ (ଯଥା—ଗୋରୁ ଫସଲପାକ ଖାଇଯିବେ); ପୌନଃପୁନ୍ୟ (ଯଥା—ସେ ତ ଗପିଯାଉଛୁ, ମୁଁ ତା ମୁହଁକୁ ଚାହିଁଛି); ବାକ୍ୟ ଉପରେ ଜୋର (emphasis). (ଯଥା—ବସି ଖାଇଲେ ନଈବାଲି ସରିଯିବ) ବୁଝାଏ । କ୍ରିୟାର ବିଶେଷଣରୂପରେ ଯୁକ୍ତ ହୋଇ (ଯଥା—କାଟିବା କ୍ରିୟାର କଟା, ଖାଇବା କ୍ରିୟାର ଖିଆ, ଶୁଣିବା କ୍ରିୟାର ଶୁଣା, ଦେଖିବା କ୍ରିୟାର ଦେଖା) ସେହି କ୍ରିୟାର କର୍ମବାଚ୍ୟ ବୁଝାଏ । (ଯଥା—କଟାଯିବା; ଖିଆଯିବା; ଶୁଣାଯିବା, ଦେଖାଯିବା) ବି—୧ । ଯିବା ଢଙ୍ଗ; ଚାଲି—1. Gait. ୨ । ଗମନ—2. Going.

ଯିବା ଆସିବା—ଦେ. କ୍ରି.—ଗମନ କରିବା ଓ ଆଗମନ କରିବା—Jibā āsibā To go and come to and fro. যাওয়া আসা ବି.—ଯା ଆସ; ଗମନାଗମନ—জানা আনা Going in and coming out.

ଯିବାର—ଦେ. ବି—୧ । ନଷ୍ଟି; ଚ୍ୟୁତି—1. Loss, deposition. Jibāra [ଉ—ନଳ ରାଜାଙ୍କର ରାଜ୍ୟ ଯିବାର ଶୁଣି । କୃଷ୍ଣସିଂହ, ମହାଭାରତ. ବନ ।] যাওয়া জানা ୨ । ଯିବା ବିଷୟ—2. The fact of going. [ଉ—ଦୂରୁ ମୁଁ ଯିବାର ଜାଣି ହର । କବିସୂର୍ଯ୍ୟ. ବଳଦେବରଥ, ଦ. ଗୀତ ।]

ଯାଉଛ.—(ଗଞ୍ଜାମ) କ୍ରି—(ଆପଣ, ସେ, ମୁଁ, ତୁମେ)—

୧ । ଯାଉଛନ୍ତି, ଯାଉଛି, ଯାଉଛ—Am or is or are going. ୨ । ଯିବ—2. Will go. ୩ । ଯାଆନ୍ତି—Am, is or are in the habit of going. [ବ୍ର—ଗଞ୍ଜାମବାସୀମାନେ କ୍ରିୟା ସଙ୍ଗେ 'ଉ' ଯୋଗ କରି ନାନା କାଳର କ୍ରିୟା ଓ କ୍ରିୟାବାଚକ ବିଶେଷ୍ୟ ବ୍ୟକ୍ତ କରନ୍ତି ।]

ଯିମିତି—ଗ୍ରା.ଅ.(ସଂ.ଯଦ୍‌ବତ୍)—୧। ଯେଉଁପରି; ଯେଉଁ ପ୍ରକାରେ; ଯେମନ୍ତେ; Jimiti ଯେଉଁରୂପେ—1. By which means; in which [ଯିମିତିକା—ଅନ୍ୟରୂପ] manner. ୨ । ଯେଉଁକ୍ଷଣି—[ସିମିତି—ଆପେକ୍ଷିକ ଶବ୍ଦ] 2. As soon as; no sooner than যেমন जैसा ସଂ.=ଯେମନ୍ତ; ଯେଉଁ ପ୍ରକାରର—Of which kind. [ଉ—ଯିମିତି ଦର୍ଶକୁ ସିମିତି ପୂଜା, ବାଲ୍ୟ ଗରଡ଼ାକୁ ଗୁଡ଼ିଆ ଭଜା—ଢଗ ।]

ଯିମିତିକିଆ—ଗ୍ରା॰ ସର୍ବ ଓ ଅ—ଯିମିତି (ଦେଖ) Jimitikiā যেমন जैसा Jimiti (See) [ଯିମିତିକା—ଅନ୍ୟରୂପ]

ଯିମିତି ସିମିତି—ଗ୍ରା. କ୍ରି. ବିଣ.—ଯଥା କଥା (ଦେଖ) Jimiti simiti Jathā kathā (See) [ଯିମିତିକା ସିମିତିକା - ଅନ୍ୟରୂପ] ବିଣ.—ସାଧାରଣ—যেমন তেমন जैस तैसा Common. [ଉ—ବିଷ୍ଣୁମିତ୍ର କହନ୍ତି ଯିମିତି ସିମିତି ବୃଷ୍ଟି ନୁହନ୍ତି । ନୀଳକଣ୍ଠ. ପିଲାଙ୍କ ରାମାୟଣ ।]

ଯିମିତି ହ(ହୋ)ଉ—ଗ୍ରା. ଅ.—୧ । ଯେ କୌଣସି ପ୍ରକାରେ—Jimiti ha(ho)u যেমন হউক जैसा हो 1. Anyhow.
ଯିମିତି ହେଲେ / ଯିମିତି ଉତ୍ତା ସିମିତି / ଯିମିତି ଥାଉ ସିମିତି } —ଅନ୍ୟରୂପ ୨ । ଅବଶ୍ୟ—2. Must. ୩ । ନିଶ୍ଚେ 3. Certainly.

ଯିଯକ୍ଷମାଣ—ସଂ. ବିଣ. ପୁଂ—(ଯଜ୍ ଧାତୁ=ଯଜ୍ଞ କରିବା, ଇଚ୍ଛାର୍ଥେ Jijakshamāṇa ବା ସନ୍+କର୍ତ୍ତୃ. ଆନ)—ଯିଯକ୍ଷୁ (ଦେଖ) (ଯିଯକ୍ଷମାଣା—ସ୍ତ୍ରୀ) Jijakshu (See)

ଯିଯକ୍ଷା—ସଂ. ବି.—(ଯଜ୍ ଧାତୁ, ଇଚ୍ଛାର୍ଥେ ବା ସନ୍+ଭାବ. ଅ+ଆ)—Jijakshā ଯଜ୍ଞକରଣେଚ୍ଛା—Desire to perform a sacrifice or worship

ଯିଯକ୍ଷୁ—ସଂ. ବିଣ.—(ଯଜ୍ ଧାତୁ+ସ୍ୱାର୍ଥେ ସନ୍+କର୍ତ୍ତୃ. ଉ)—ଯଜ୍ଞ-Jijakshu କରଣେଚ୍ଛୁ—Desirous of performing sacrifice or worship.

ଯିଯବିଷା—ସଂ. ବି.—(ଯୁ ଧାତୁ=ମିଶ୍ରିତ କରିବା+ଇଚ୍ଛାର୍ଥେ ସନ୍+Jijabishā ଭାବ. ଅ+ଆ —ଏକତ୍ର ମିଶ୍ରଣ କରିବାର ଇଚ୍ଛା—[ଯିଯବିଷୁ—ବିଣ] Desire to mix together or blend.

ଯିଯାସା - ସଂ. ବି—(ଯା ଧାତୁ ଇଚ୍ଛାର୍ଥେ. ସନ୍+ଭାବ. ଅ+ଆ)—Jijāsā ଗମନ କରିବାର ଇଚ୍ଛା—Desire to go.

ଯିଯାସୁ—ସଂ. ବିଣ.—(ଯା ଧାତୁ, ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ)—Jijāsu ଗମନେଚ୍ଛୁ—Desirous of going.

ଯିସ୍—ଦେ. ସର୍ବ.—(ସଂ. ଯଦ୍ ଶବ୍ଦ; ଫା. ଓ ହିନ୍ଦୀ—ଆକାର; ୧ମା.୧ବ. Jis যা जो ୧ । ଯାହା—1. Which; what. [ଉ—ଏଥି ଅନନ୍ତରେ ଯିସ, କହିବା ଗୋବିନ୍ଦ ରସ, ଜୟଦେବ

ଯେଉଁ ଭାଷା ପ୍ରକାଶ ଶୁଣ । ପ୍ରାଚୀ. ରସବାରିଧି ।]
୨ । ଯେଉଁ—2. Which. [ଯିଉ—ତୁମର ସକଳ କଥା କହିଲ ଯିଉ ବେବସ୍ଥା । ପ୍ରାଚୀ. ପ୍ରତାପ. ଶଶିଶେଣା ।] [ଦ୍ର—ଏ ଶବ୍ଦର ପ୍ରୟୋଗ ପୁରାତନ ଓଡ଼ିଆ (ଯଥା—ନୃସିଂହପୁରାଣ (୧) ଲେଖାରେ ଦେଖାଯାଏ, କିନ୍ତୁ ବର୍ତ୍ତମାନ ଏହାକୁ ଏହି ଅର୍ଥରେ କେହି ବ୍ୟବହାର କରିବା ଦେଖାଯାଏ ନାହିଁ ।]

ଯୀଉ—ବୈଦେ. ବି—୧ । ଯୀହୁଦୀ (ଦେଖ)
Jīu 1. Jihudī (See)
୨ । ଜୀଉ (ଦେଖ)—2. Jīu (See).

ଯୀଶୁ—ବୈଦେ. ବି (ଇଂ. ନାମ) [ଇଂ. ସମ୍ବୋଧନରେ 'Jesu' (ଯେଶୁ) ଇଂ. Jesus (ଯେସସ୍), Jesus Christ (ଯେସସ୍ କ୍ରାଇଷ୍ଟ), ଲା. Jesus (ଯେସସ୍), ହେବ୍ରୁ Jeshua (ଯେସୁଆ)]—ଖ୍ରୀଷ୍ଟାନ ଧର୍ମର ପ୍ରବର୍ତ୍ତକ—Jesus Christ; the Founder of Christianity.
Jīsu
(ଯୀଶୁ ଖ୍ରୀଷ୍ଟ—ଅନ୍ୟରୂପ)
ଯୀଓ
ଈଶା

[ଦ୍ର—ହେବ୍ରୁ ଶବ୍ଦ ଯ୍ୟା=ଈଶ୍ୱର ଓ ହୋଶିଆ=ସାହାଯ୍ୟ କରିବା; ଯେ ଧର୍ମ ପ୍ରଚାରପୂର୍ବକ ଲୋକଙ୍କୁ ପାପ-ମୁକ୍ତ କରିବା ଦ୍ୱାରା ଈଶ୍ୱରଙ୍କୁ ସାହାଯ୍ୟ କରୁଅଛନ୍ତି । ଯୀଶୁଙ୍କର ବ୍ୟକ୍ତିଗତ ନାମ ଯୀଶୁ ଓ ଉପାଧିଗତ ନାମ ଖ୍ରାଇଷ୍ଟ ବା ଖ୍ରୀଷ୍ଟ ।

ଆଜକୁ ପ୍ରାୟ ୨ହଜାର ବର୍ଷ ପୂର୍ବରେ ଆସିଆ ମାଇନର ଦେଶ ଅନ୍ତର୍ଗତ ଜୁଡ଼ିଆ (Judia) ପ୍ରଦେଶରେ 'ନାଜାରେଥ୍' (Nazareth) ନଗରରେ କୁମାରୀ ମେରୀ (Virgin Mary) ଙ୍କ ଗର୍ଭରୁ ଏ ଜାତ ହୋଇଥିଲେ । ଖ୍ରୀଷ୍ଟୀୟ ଧର୍ମଶାସ୍ତ୍ର ବାଇବଲ୍‌ରେ ଲେଖାଅଛି ଯେ, ଈଶ୍ୱରଙ୍କ କୌଣସି ଦୂତ (angel) ଅବିବାହିତା ମେରୀଙ୍କୁ ସ୍ୱପ୍ନରେ ଦେଖାଯିବା ପରେ ମେରୀ ଗର୍ଭବତୀ ହୋଇ ଏହାଙ୍କୁ ଜନ୍ମ କଲେ । ଏ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ରୀଷ୍ଟିୟାନ୍‌ମାନେ ବିଶ୍ୱାସ କରନ୍ତି ଓ ଏ ପୃଥିବୀର ସମସ୍ତ ମନୁଷ୍ୟଙ୍କ ପାପ ନିମନ୍ତେ ଆପଣାର ରକ୍ତ ବା ଜୀବନ ଦାନ କରି ରାଜଦଣ୍ଡବିହିତ କ୍ରୁଶ (ଯୁକ୍ତ ଚିହ୍ନ † ପରି cross) ରେ ବିଦ୍ଧ ହୋଇ ରାଜକର୍ମଚାରୀମାନଙ୍କ ଦ୍ୱାରା ହତ ହୋଇଥିଲେ । ସେ କ୍ରୁଶରେ ନିଜର ରକ୍ତପାତ କରି ସମସ୍ତ ଲୋକଙ୍କର ମୌଳିକ ପାପ ପାଇଁ ସୃଷ୍ଟିର ପ୍ରଥମ ମନୁଷ୍ୟ ଆଦମ (Adam) ଓ ସ୍ତ୍ରୀ ଇଭ୍ (Eve) ପ୍ରଥମେ ଈଶ୍ୱରାଦେଶ ଲଙ୍ଘନ କରିଥିବାରୁ ତଜ୍ଜନିତ ପାପ ତାଙ୍କର ବଂଶଧରମାନଙ୍କୁ ଅର୍ଥାତ୍ ସେହିଦିନଠାରୁ ଆଜ ପର୍ଯ୍ୟନ୍ତ ଓ ଭବିଷ୍ୟତରେ ଜନ୍ମ ହେବା ମନୁଷ୍ୟମାନଙ୍କୁ ଛୋଟିଅଛି ଓ ଲୋକ ମାନେ ମାତୃ ଗର୍ଭରୁ ପାପୀ ହୋଇ ଜନ୍ମ ହୁଅନ୍ତି । ଈଶ୍ୱର ଯୀଶୁଙ୍କର ଏହି ରକ୍ତ ଦାନରୂପ ପ୍ରାୟଶ୍ଚିତ୍ତକୁ ସମସ୍ତ ଜନମଣ୍ଡଳୀର ପାପର ପ୍ରାୟଶ୍ଚିତ୍ତରୂପେ ଗ୍ରହଣ କରିଅଛନ୍ତି ଓ ଏହି ଆଦେଶ କରିଅଛନ୍ତି ଯେ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଯୀଶୁଙ୍କ ନାମରେ ଭଜନା କରିବ ସେ ସମସ୍ତ ପାପରୁ ମୁକ୍ତ ହୋଇ ସ୍ୱର୍ଗପ୍ରାପ୍ତ ହେବ ଓ ଯେ ତାହା ନ କରିବ ସେ ମୃତ୍ୟୁ ପରେ ଚିର-ନରକ-ଯନ୍ତ୍ରଣା ଭୋଗ କରିବ । ହିନ୍ଦୁମାନଙ୍କ ସୀତା ଯେପରି ଅଯୋନିସଂଭବା, ଖ୍ରୀଷ୍ଟାନମାନଙ୍କ ଯୀଶୁ ମଧ୍ୟ ସେହିପରି ଅଗ୍ନିସଂଭବ ଥିଲେ । ତାଙ୍କ ଜନ୍ମସମୟରେ ତତ୍କାଳୀନ ଦୁର୍ବୃତ୍ତ ରାଜା ହେରଡ (Herod) ରାଜ୍ୟର ସମସ୍ତ ପୋଢ଼ୁଆଁ (first born) ଶିଶୁଙ୍କୁ ହତ୍ୟା କରିବା ପାଇଁ ଆଦେଶ ଦେଇ ଥିବାରୁ ଯୀଶୁଙ୍କୁ ମିଶର (Egypt) ଦେଶରେ (ଶ୍ରୀକୃଷ୍ଣଙ୍କୁ କଂସର ଦାଉରୁ ଗୋପପୁରେ ଲୁଚାଇଲା ପରି) ଲୁଚାଇ କରି ରଖାଯାଇ ଥିଲା । ଯୀଶୁ ବାଲ୍ୟକାଳରୁ ଧର୍ମପରାୟଣ ଥିଲେ ଓ ମେଣ୍ଢା ଜଗୁ ଥିଲେ । ୧୪ ବର୍ଷ ବୟଃକ୍ରମରେ ଏ ଯୀହୁଦୀ (Jews) ମାନଙ୍କ ଧର୍ମଶାସ୍ତ୍ର ପଢ଼ି ଜନ୍ (John) ନାମକ ଗୁରୁଙ୍କଠାରୁ ଦୀକ୍ଷାଗ୍ରହଣ କଲେ । ଏ ୩୦ ବର୍ଷ ବୟସ ପର୍ଯ୍ୟନ୍ତ କଠୋର ସାଧନା ଓ ଈଶ୍ୱରଦ୍ରୋହୀ ସଇତାନ୍ (Satan)ର ପ୍ରଲୋଭନରୁ ଜୟଲାଭ କରିବାରେ ପ୍ରବୃତ୍ତ ହେଲେ । ତତ୍-ପରେ ସେ ଏକ ନୂତନ ଧର୍ମ ପ୍ରଚାର କଲେ । "ଏକ ଅଦ୍ୱିତୀୟ ପରମେଶ୍ୱରଙ୍କ ଠାରେ ବିଶ୍ୱାସ ଓ ସର୍ବ ପାପ କ୍ଷୟପାଇଁ ଯୀଶୁଙ୍କ ନାମରେ ପରମେଶ୍ୱରଙ୍କୁ ଆରାଧନା ଓ ଜାତିଧର୍ମ-ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଠାରେ ଓ ପଡ଼ୋଶିଠାରେ ବିଶ୍ୱଜନୀନ ଭ୍ରାତୃଭାବ, ଅକ୍ରୋଧ, କ୍ଷମା, ପରଦ୍ରବ୍ୟ ଓ ପର ସ୍ତ୍ରୀ ପ୍ରତି ଅନାସକ୍ତି, ଦୟା, ପବିତ୍ର ଭାବରେ ଜୀବନ-ଯାପନ, ଜନସେବା ଓ ବିଶେଷତଃ ଦରିଦ୍ରସେବା, ଦୀକ୍ଷାଗ୍ରହଣ ବା ବୁଡ଼ନ (Baptism) ଆଦି ତାଙ୍କର ପ୍ରଚାରିତ ଧର୍ମର ସାରାଂଶ ବା ପ୍ରଧାନ ଅଙ୍ଗ ଅଟେ । "ଜଣେ ଯେବେ ରାଗରେ ତୁମ ବାଆଁ ଗାଲରେ ଚାପୁଡ଼ାଏ ବଜାଇ ଦେବ ତେବେ ତୁମେ ରାଗ ନ କରି ତାଠାରୁ ଆଉ ଗୋଟିଏ ଚାପୁଡ଼ା ପାଇବା ପାଇଁ ତୁମ ଡାହାଣ ଗାଲଟି ଉକ୍ତ ବ୍ୟକ୍ତିକୁ ଦେଖାଇ ଦେବ ବୋଲି ତାଙ୍କର ଗୋଟିଏ ପ୍ରଧାନ ଉପଦେଶ । ଆଧୁନିକ ଅଧିକାଂଶ ପାଶ୍ଚାତ୍ୟ ସଭ୍ୟ ଜାତି ଖ୍ରୀଷ୍ଟଧର୍ମାବଲମ୍ବୀ ଅଟନ୍ତି ଓ ସମଗ୍ର ପୃଥିବୀର ଅଖ୍ରୀଷ୍ଟୀୟମାନେ କପର ପ୍ରତିମା ପୂଜା ତ୍ୟାଗ କରି ଖ୍ରୀଷ୍ଟଧର୍ମ ଗ୍ରହଣ କରିବେ, ଏହାହିଁ ପ୍ରଚାର କରିବା ନିମନ୍ତେ ଦେଶା-ନ୍ତରକୁ ଧର୍ମପ୍ରଚାରକ (Preacher ବା missionary) ମାନଙ୍କୁ ପଠାଇ ପୌତ୍ତଳିକମାନଙ୍କୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରିବାରେ ଲାଗି ଅଛନ୍ତି । କିନ୍ତୁ ଯୀଶୁଙ୍କର ଶେଷୋକ୍ତ ଉପଦେଶ (ଯାହାକି ଯୀଶୁ ଗୋଟିଏ ପାହାଡ଼ ଉପରେ ଠିଆ ହୋଇ ପ୍ରଚାର କରିଥିଲେ ଓ ସେଥିପାଇଁ ଯାହାକୁ Sermon on the mount ବୋଲିଯାଏ ତାହା) କୁ ପାଶ୍ଚାତ୍ୟ ସୁସଭ୍ୟ ଖ୍ରୀଷ୍ଟାନ୍ ଜାତିମାନେ କାର୍ଯ୍ୟତଃ ପାଳନ କରିବାର ଆଉ ଦେଖା ନାହିଁ ଓ ଅନ୍ୟ ଧର୍ମମାନଙ୍କରେ ଲକ୍ଷିତ ଦୃଷ୍ଟାନ୍ତ ପରି ଏହି ଧର୍ମର ଦ୍ୱାହିରେ ଏହି ଧର୍ମର ପ୍ରସାର ବୃଦ୍ଧି ହେବା ସ୍ଥଳରେ ଅନେକ ବିଭତ୍ସ ଓ ଧର୍ମବିରୁଦ୍ଧ କାଣ୍ଡମାନ ସଭ୍ୟ ଜଗତରେ ଘଟୁଅଛି ।)

ଯୀଶୁ * ବର୍ଷ ଏହି ଧର୍ମ ପ୍ରଚାର କଲେ ଓ ଜାଲୁଆ (କେଉଟ) ଆଦି ଇତର ଶ୍ରେଣୀର ୧୨ ଜଣ ବ୍ୟକ୍ତି ଏହାଙ୍କର ପ୍ରଧାନ ଶିଷ୍ୟ ହୋଇ ଏହି ଧର୍ମ ପ୍ରଚାର କରିବାରେ ଲାଗିଲେ । ଏହି ନୂତନ ଉପଧର୍ମ (କାରଣ ଯୀହୁଦ ଧର୍ମର ଏହା ଗୋଟିଏ ସଂସ୍କୃତ ଓ ପରିବର୍ତ୍ତିତ ଶାଖା ଅଟେ) ଦେଶରେ ପ୍ରଚାର ହେବା ଯୋଗୁଁ ପୁରୁଣାକାଳ ଅଯୀହୁଦ (Jews)ମାନେ ଏହାଙ୍କ ପ୍ରତି ଖଡ୍ଗହସ୍ତ ହୋଇ ଉଠିଲେ ଓ ରାଜଦ୍ୱାରରେ ଯୀଶୁଙ୍କ ନାମରେ ଅଭିଯୋଗ ଉପସ୍ଥାପିତ କଲେ । ଯୀଶୁଙ୍କର ପ୍ରିୟ ଶିଷ୍ୟ ମଧ୍ୟରୁ ଜଣେ (Judas Iscariot) ବିଶ୍ୱାସଘାତକତାପୂର୍ବକ ଏହାଙ୍କୁ ରାଜକର୍ମଚାରୀଙ୍କ ହାତରେ ଧରି ପକାଇ ଦେଲେ । ତାତ୍କାଳୀନ ପୌତ୍ତଳିକ ଧର୍ମାବଲମ୍ବୀ ରୋମ୍ ସାମ୍ରାଜ୍ୟର ବିଚାରାଳୟରେ ପଣ୍ଟିଅସ (Pontus Pilate)ନାମକ ବିଚାରପତି ଏହାଙ୍କ ପ୍ରତି ପ୍ରାଣଦଣ୍ଡର ଆଦେଶ କଲେ ଓ ଯୀହୁଦମାନେ (Jews) ଯୁକ୍ତଚିହ୍ନ † ପରି ଗୋଟିଏ କାଠର ହରିକାଠ ବା କ୍ରୁଶ (Cross)କୁ ଭୂଇଁରେ ପୋତି ସେଥିରେ ତାଙ୍କୁ ଠିଆ ଭାବରେ ରଖି ଲୁହା ଦିରିକ୍ କଣ୍ଟା (ମୁଣ୍ଡରେ ୧, ଗୋଡ଼ରେ ୧ ଓ ଦୁଇ ବାହୁକୁ ଲମ୍ବାଇ କରି ଦୁଇ ହାତର ପାପୁଲିରେ ୨, ଏପରି ୪ଟି କଣ୍ଟା) ବାଡ଼େଇ ମାରି ପକାଇଲେ । କିନ୍ତୁ କ୍ରୁଶବିଦ୍ଧ ଓ ଯନ୍ତ୍ରଣା ଜର୍ଜରିତ ଅବସ୍ଥାରେ ଯୀଶୁ ପ୍ରଶାନ୍ତ ମୂର୍ତ୍ତିରେ ଓ ଦରହସିତ ବଦନରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁ ଥାଆନ୍ତି :—"ହେ ଈଶ୍ୱର ! ମତେ ଯେଉଁମାନେ ଦଣ୍ଡ ଦେଉ ଅଛନ୍ତି ସେମାନଙ୍କୁ କ୍ଷମା ଦିଅ; କାରଣ ସେମାନେ ଯାହା କରୁଅଛନ୍ତି ତହିଁର ଗୁରୁତ୍ୱ ବୁଝି ପାରୁ ନାହାନ୍ତି ।" (ଏହାହିଁ ଖ୍ରୀଷ୍ଟ ଧର୍ମର ଆଦର୍ଶ ରୂପରେ ଜଗତରେ ସ୍ଥାପିତ ଓ କଥିତ) । ସଭ୍ୟ ଜଗତରେ ଆଧୁନିକ ଖ୍ରୀଷ୍ଟୀୟାନ୍ ସଭ୍ୟତାଭିମାନୀ ଜାତିମାନଙ୍କର ଯୁଦ୍ଧବ୍ୟାପାର, ସାମ୍ରାଜ୍ୟବିସ୍ତାର ବ୍ୟାପାର, ଅନ୍ୟ ଜାତିଙ୍କୁ କବଳିତ କରିବା ବ୍ୟାପାର, ଖ୍ରୀଷ୍ଟାନେତର ଓ ଶ୍ୱେତକାୟେତର ଜାତିମାନଙ୍କ ପ୍ରତି ଭେଦବ୍ୟବହାର ଆଦି ଯୀଶୁଙ୍କ ପ୍ରଚାରିତ ଉପଦେଶ ଭଙ୍ଗର ଜ୍ୱଳନ୍ତ ସାକ୍ଷୀରୂପେ ଆଧୁନିକ ସଭ୍ୟ ସମାଜର ଅନ୍ତଃସାରଶୂନ୍ୟତାକୁ ପଦେ ପଦେ ଘୋଷଣା କରୁଅଛି । ଏ କଥା ଖ୍ରୀଷ୍ଟୀୟାନ୍ ଭାବୁକ ଓ ଧର୍ମପ୍ରାଣ ମହାପୁରୁଷମାନେ ଅନୁଭବ କରି ନିଜର ମର୍ମବେଦନା ସଭ୍ୟ ଜଗତକୁ ଜଣାଇ ଅଛନ୍ତି । ଯୀଶୁ ଏପ୍ରିଲ୍ ମାସର ଶୁକ୍ରବାରରେ ଶେଷ ନିଶ୍ୱାସ ନିକ୍ଷେପ କରିଥିଲେ, ତହିଁର ସ୍ମୃତି (Good Friday) ଗୁଡ୍ ଫ୍ରାଇଡେ ନାମକ ପର୍ବଦିବସ ପାଳିତ ହୁଏ । ଯୀଶୁଙ୍କ ଜନ୍ମଦିନ ଡିସେମ୍ବର୍ ମାସ ୨୫ ତାରିଖରେ ପଡ଼ିଥିବାରୁ ତହିଁର ସ୍ମୃତି (Christmas) ଖ୍ରୀଷ୍ଟମସ୍ ବା ବଡ଼ଦିନ ନାମକ ପର୍ବଦିବସ ପାଳିତ ହୁଏ । ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ପରେ ଆଧୁନିକ ପାଶ୍ଚାତ୍ୟ ଜାତିମାନଙ୍କର ଅବ୍ଦ ବା ବର୍ଷ ଗଣନା ହୁଏ ଓ ଖ୍ରୀଷ୍ଟାବ୍ଦକୁ A. D. ଏବଂ ଖ୍ରୀଷ୍ଟପୂର୍ବାବ୍ଦକୁ B. C. କୁହାଯାଏ । ଯୀଶୁଖ୍ରୀଷ୍ଟ ଦେହତ୍ୟାଗର ତୃତୀୟ ଦିବସରେ କବରରୁ ଉଠି ତାଙ୍କ ଭକ୍ତମାନଙ୍କୁ ସ୍ୱଦେହରେ ଦେଖା ଦେଇଥିଲେ । ଏହି ଘଟଣାକୁ ପୁନରୁତ୍ଥାନ (Resurrection) କୁହାଯାଏ । ଏଥିପାଇଁ ଖ୍ରୀଷ୍ଟାନ୍‌ମାନେ ଇଷ୍ଟର୍ ପର୍ବ ପାଳନ୍ତି । ଖ୍ରୀଷ୍ଟ ଧର୍ମଶାସ୍ତ୍ରରେ ଲେଖାଅଛି ଯେ ଯୀଶୁ ପୁନର୍ବାର ପୃଥିବୀରେ ଅବତାର ଗ୍ରହଣ କରି ପୃଥିବୀରେ ସତ୍ୟର ରାଜ୍ୟ ଓ ଧର୍ମର ରାଜ୍ୟ ଚିରକାଳ ପାଇଁ ସୁପ୍ରତିଷ୍ଠିତ କରିବେ । ଖ୍ରୀଷ୍ଟିୟାନ୍‌ମାନେ ବର୍ତ୍ତମାନ୍ ସ୍ଥୂଳତଃ ଚାରି ସମ୍ପ୍ରଦାୟରେ ବିଭକ୍ତ—ପ୍ରୋଟେଷ୍ଟାଣ୍ଟ୍, ରୋମାନ୍ କାଥଲିକ୍, ଗ୍ରୀକ୍ ଚର୍ଚ୍ଚ, ସେଭେନ୍ଥଡେ; କିନ୍ତୁ ଅଧୁନା ସେ ସବୁ ଶାଖାରୁ ଅନେକ ଉପଶାଖା ଦେଖାଗଲାଣି ।]

ଯୀହୁଦା—ବୈଦେ. ବି (ହେବ୍ର-ଯୁଡ଼ିଆ)—ଯୀହୁଦୀମାନଙ୍କର ଆଦିମ ନିବାସ
Jihudā ସ୍ଥଳ; ଯୁଡ଼ିଆ—Judea.
(ଯୀହୁଦା ଯହୁଦା)

ଯୀହୁଦୀ—ବୈଦେ. ବି.—(ଇଂ. ଜିଉ; ହେବ୍ରୁ ଯୁଦାହିୟସ୍—ଯିହୁଦିୟା-
Jihudi ନିବାସୀ)—ଯୀଉ ବା 'ୟିହୁଦୀ' ଧର୍ମ; ଖ୍ରୀଷ୍ଟ ଧର୍ମର ପୂର୍ବାକାର ଓ ସେହି ଧର୍ମ ସମ୍ପ୍ରଦାୟ ଓ ବ୍ୟକ୍ତି— The Jews, a sect following the sayings and religions of the old Testament. [ଦ୍ର—ଖ୍ରୀଷ୍ଟ ଧର୍ମଶାସ୍ତ୍ର ଦୁଇ ଭାଗରେ ବିଭକ୍ତ । ପୁରାତନ ଗ୍ରନ୍ଥ (Old Testament) ଓ ନୂତନ ଗ୍ରନ୍ଥ (New Testament) । ପୁରାତନ ଗ୍ରନ୍ଥରେ ଖ୍ରୀଷ୍ଟଙ୍କ ଜନ୍ମ ପୂର୍ବର ଘଟଣାମାନ ଓ ନୂତନ ଗ୍ରନ୍ଥରେ ଖ୍ରୀଷ୍ଟଙ୍କର ଜନ୍ମ ଓ ତତ୍‌ପରର ଘଟଣାମାନ ବର୍ଣ୍ଣିତ ହୋଇଅଛି । ପୁରାତନ ଗ୍ରନ୍ଥରେ ଲେଖାଅଛି ଯେ ଈଶ୍ୱର ପୃଥିବୀରେ ଅବତାରରୂପେ ଆବିର୍ଭୂତ ହେବେ । ଖ୍ରୀଷ୍ଟୀଆନ୍‌ମାନେ କହନ୍ତି ଯେ 'ନାଯାରେଥ୍'ରେ ଜାତ କୁମାରୀ ମେରୀଙ୍କ ପୁତ୍ର ପୁରାତନ ଗ୍ରନ୍ଥବର୍ଣ୍ଣିତ ଈଶ୍ୱରାବତାର ଅଟନ୍ତି । କିନ୍ତୁ ଯୀହୁଦମାନେ ଯୀଶୁଙ୍କୁ ଈଶ୍ୱରଙ୍କର ଉକ୍ତ ଅବତାର ବୋଲି ସ୍ୱୀକାର କରନ୍ତି ନାହିଁ ଓ କହନ୍ତି ଯେ ପୁରାତନ ଗ୍ରନ୍ଥ ବର୍ଣ୍ଣିତ ଅବତାର ଏ ପର୍ଯ୍ୟନ୍ତ ଅବତୀର୍ଣ୍ଣ ହୋଇ ନାହାନ୍ତି ଓ ଭବିଷ୍ୟତରେ ଧରାରେ ଅବତୀର୍ଣ୍ଣ ହେବେ । ଏଥିପାଇଁ ଯୀହୁଦୀମାନେ ନୂତନ ଗ୍ରନ୍ଥ (New Testament)ର ଧର୍ମକୁ ଓ ଯୀଶୁଙ୍କୁ ଈଶ୍ୱର-ପ୍ରେରିତ ତ୍ରାଣକର୍ତ୍ତା ବୋଲି ମାନନ୍ତି ନାହିଁ ।

ଆସିୟିକ୍ ତୁରସ୍କସ୍ଥ ପ୍ରାଚୀନ ଜେରୁଜାଲମ୍ (Jerujalem) ର ଯାକୁବ (Jacob) ନାମକ ରାଜାଙ୍କ ପୁତ୍ର ଯୁଦା (Juda) ଙ୍କ ନାମ ଅନୁସାରେ ତାଙ୍କ ରାଜ୍ୟ ଯୁଦିୟା (Judea) ବା ଜେରୁଶାଲମ୍ (Jerusalem) ନାମରେ ଅଭିହିତ । ଏହି ରାଜ୍ୟବାସୀଙ୍କୁ 'ଯୀଉ' ନାମ ଦିଆ ଯାଇଥିଲା, ଏମାନେ ଏକେଶ୍ୱରବାଦୀ ଥିଲେ ଓ ଈଶ୍ୱରଙ୍କୁ ବଳି ଆଦି ଦେଇ ପୂଜା କରୁଥିଲେ । ଯୀଶୁଖ୍ରୀଷ୍ଟ ବଳି ଆଦି ପ୍ରଥା ବନ୍ଦ କଲେ ଓ ପୁରାତନ ଗ୍ରନ୍ଥବର୍ଣ୍ଣିତ ଈଶ୍ୱର ପ୍ରେରିତ ପୁତ୍ର ବୋଲି ଆପଣାକୁ ଘୋଷଣା କରିବାରୁ ଯୀହୁଦମାନେ ବିରକ୍ତ ହୋଇ ଯୀଶୁଙ୍କୁ ରାଜଦ୍ୱାରରେ ଅଭିଯୁକ୍ତ କରାଇ 'କ୍ରୁଶ' ଦ୍ୱାରା

ତାଙ୍କର ପ୍ରାଣଦଣ୍ଡ କରାଇଲେ । ଏଥିପାଇଁ ଖ୍ରୀଷ୍ଟିୟାନ୍‌ମାନେ ଯୀହୁଦୀମାନଙ୍କୁ ଘୃଣା କରନ୍ତି । ପୂର୍ବେ ଖ୍ରୀଷ୍ଟିୟାନ୍‌ମାନେ ଯୀହୁଦୀମାନଙ୍କୁ ଦେଖିଲେ ତାଙ୍କ ଉପରେ ଘୃଣାରେ ଛେପ ପକାଉଥିଲେ । ଯୀହୁଦୀମାନଙ୍କ ଅଦମକାସ ଜେରୁଜାଲମରେ ଥିଲେ ମଧ୍ୟ ସେମାନେ ଈଶ୍ୱରଙ୍କ ଅଭିଶାପ ଫଳରେ ସ୍ୱଦେଶରୁ ବିତାଡ଼ିତ ହୋଇ କାଶ୍ରୟ ଓ ଦେଶହୀନ ହୋଇ ପୃଥିବୀରେ ବିଚରଣ କରୁଅଛନ୍ତି । ଏମନ୍ତ କି ଖ୍ରୀଷ୍ଟୀୟାନ୍ ରାଜ୍ୟରେ ଏମାନେ ସମସ୍ତ ରାଜନୀତିକ ସମ୍ମାନ ଓ ଅଧିକାରରୁ ବଞ୍ଚିତ ହୋଇଥିଲେ । ଏମାନେ ପାଶ୍ଚାତ୍ୟ ଜଗତରେ ଋଣ ଦାନ ଓ ବ୍ୟବସାୟ ଦ୍ୱାରା ଧନୀ ହୋଇଥିଲେ ଓ ଅଧୁନାକ ସଭ୍ୟ ଜଗତରେ ଅନେକ ଧନୀ ଏହି ସମ୍ପ୍ରଦାୟଭୁକ୍ତ ଅଛନ୍ତି । କ୍ରମଶଃ ଖ୍ରୀଷ୍ଟୀୟାନ୍ ଜାତିର ଘୃଣାଦୃଷ୍ଟି ଏମାନଙ୍କଠାରୁ କମି ଅଛି ଓ ବର୍ତ୍ତମାନ ଏମାନେ ସର୍ବୋଚ୍ଚ ରାଜପଦ ଓ ସମ୍ମାନ-ଲାଭ କରିଅଛନ୍ତି । ଭାରତର ପୂର୍ବତନ ସାମ୍ରାଜ୍ୟ ମନ୍ତ୍ରୀ ସେକ୍ରେଟେରୀ ଅଫ୍ ଷ୍ଟେଟ୍ (Secretary of State) ମଣ୍ଟେଗୁ ଓ ଭାରତର ବଡ଼ ଲାଟ ରୂପରେ ଆସିଥିବା ଲର୍ଡ଼ ରେଡ଼ିଙ୍ଗ୍ ଯୀହୁଦୀ ଜାତୀୟ ଥିଲେ ।

ଏମାନେ ପଯ୍ଗମ୍ବର ମୂଷା (ମୋଶେସ)ଙ୍କ ଶିଷ୍ୟ । ଏମାନଙ୍କ ଧର୍ମଶାସ୍ତ୍ର ତୌରେତ୍ । ଏଥିରେ ମହାପ୍ରଳୟ ଜାତ ହେବାର ଭବିଷ୍ୟଦ୍‌ବାଣୀ ଅଛି ଓ ଲୋକମାନଙ୍କୁ ପାପରୁ ତ୍ରାଣ କରିବା ପାଇଁ ଈଶ୍ୱର ପୁତ୍ର ଜନ୍ମିବାର ଉଲ୍ଲେଖ ଅଛି । ଖ୍ରୀଷ୍ଟାନ୍‌ମାନେ କହନ୍ତି - ସେହି ଈଶ୍ୱର ପୁତ୍ର ଯୀଶୁ । ଯୀହୁଦୀ-ମାନେ କହନ୍ତି—ସେ ଏ ପର୍ଯ୍ୟନ୍ତ ପୃଥିବୀରେ ଜନ୍ମଗ୍ରହଣ କରି ନାହାନ୍ତି ।]

ଯୁ (ଧାତୁ)—ସଂ—୧ । ଯୋଗ କରିବା—1 To join together; Ju (root) to unite. ୨ । ମିଶାଇବା—2. To mix; to combine. ୩ । ବାନ୍ଧିବା—3. To bind; to fasten (Apte). ୪ । ପୃଥକ୍ କରିବା—4. To detach, to separate (Apte).

ଯୁ—ଗ୍ରା. ସର୍ବ (ସଂ. ଯତ)—ଯେଉଁ—Which. ଗ୍ରା. ଅ. (ସଂ. ଯୁଗ)- Ju ଯୁଆଳରେ କାନ୍ଧ ଲଗାଇବା ପାଇଁ ବଳଦଙ୍କୁ ଡାକିବା—(ଯୁଉ—ଅନ୍ୟରୂପ) An exclamation used by cart- ষে men and ploughmen exhorting the bul- जो locks to put their shoulders to the yoke. ବୈଦେ. ବ—ଜୁ (ଦେଖ)—Ju (See)

ଯୁଆଡ଼—ଗ୍ରା. ସର୍ବ—୧ । ଯେଉଁ ଆଡ଼, ଯେଉଁ ଦିଗ; ଯେଉଁ ପକ୍ଷ— Juārḍa 1. Which side, which direction. (ସିଆଡ଼. ଅପେକ୍ଷିକ ଶବ୍ଦ) [ଉ—ତୁ ଯୁଆଡ଼େ ଯିବୁ, ମୁଁ ଯିବି । ଯি দিগ କାଳକଣ୍ଠ. ପିଲାଙ୍କ ରାମାୟଣ ।] ୨ । ଯେଉଁ ଦେଶ; जीधर ଯେଉଁ ଅଞ୍ଚଳ—2. Which locality or country. ୩ । ଯେଉଁ ଡଗର—3. Of which side. [ରୂ—ଏଥିରୁ ୨ୟାରେ—ଯୁଆଡ଼କୁ, ଯୁଆଡ଼େ ୫ମୀରେ—ଯୁଆଡ଼ୁ, ଯୁଆଡ଼ରୁ ୬ଷ୍ଠୀରେ—ଯୁଆଡ଼ର, ଯୁଆଡ଼ର ୭ମୀରେ—ଯୁଆଡ଼େ, ଯୁଆଡ଼ରେ ହୁଏ ।]

ଯୁଆଡ଼ି—ପ୍ରାଦେ. (ସମ୍ବଲପୁର) ବ—ଲଙ୍ଗଳ ଫୋଳ— Juārḍi A plough-share.

ଯୁଆଡ଼(ଡ଼ି)କା—ଗ୍ରା. ଅ—୧ । ଯେଉଁ ଡଗର, ଯେଉଁ ପକ୍ଷର— Juārḍi(rḍa)kā 1. Of which side. ୨ । ଯେଉଁ ଦେଶର; (ଯୁଆଡ଼କାର—ଅନ୍ୟରୂପ) ଯେଉଁ ଅଞ୍ଚଳର—2. Of which যে দিগের जीधरका side.

ଯୁଆଡ଼ିକି—ଗ୍ରା. ଅ—ଯେଉଁ ଆଡ଼କୁ; ଯେଉଁ ଦିଗକୁ— Juārḍiki To which side or direction. যে দিগে जीधरको (ସିଆଡ଼ିକି—ଅପେକ୍ଷିକ ଶବ୍ଦ)

ଯୁଆନ୍ (ଇତ୍ୟାଦି)—ବ ଓ ବଣ—ଜୁଆନ୍ ଇତ୍ୟାଦି (ଦେଖ) Juān (etc) Juān etc. (See)

ଯୁଆଳି (ଇତ୍ୟାଦି)—ଦେ. ବ - ଜୁଆଳ ଇତ୍ୟାଦି (ଦେଖ) Juāḷi (etc) Juāḷi etc. (See)

ଯୁଇ (ଇତ୍ୟାଦି)—ଦେ. ବ. (ସଂ. ଯୂଥୀ, ଯୂଥିକା)—ଜୁଇ ଇତ୍ୟାଦି Jui (etc) (ଦେଖ)—Jūi etc. (See)

ଯୁଉଁ—ଗ୍ରା. ବ—ଯେଉଁ—Which. Ju-uṅ যে, যা जो

ଯୁଉଠିଁ—ଗ୍ରା. ସର୍ବ—ଯେଉଁଠାରେ—Where. Juuṭhiṅ (ଯୁଉଁ ଠେଇଁ—ଅନ୍ୟରୂପ) যেখানে जहाँ

ଯୁଉଠି(ଠିଁ)କି(କୁ)—ଗ୍ରା. ଅ—ଯେଉଁ ସ୍ଥାନକୁ— Ju-uṭhi(ṭhiṅ)ki(ku) To which place. (ଯୁଠାକୁ—ଅନ୍ୟରୂପ) যেখানে जहाँ

ଯୁଉଁଠୁ—ଗ୍ରା. ଅ—୧ । ଯେଉଁଠାରୁ; ଯେଉଁ ସ୍ଥାନରୁ—1. Whence; Juuṭhuṅ from which place. ୨ । ଯେଉଁ ବ୍ୟକ୍ତିଠାରୁ যেখানথেকে বা নিকটরু—2. From which person. ୩ । जहाँसे ଯେଉଁ କାରଣରୁ - 3. From which cause.

ଯୁଁ—ଗ୍ରା. ସର୍ବନାମ (ସଂ. ଯତ୍)—ଯେଉଁ ଯାହା— Juṅ যে जो Which.

ଯୁକ (ଇତ୍ୟାଦି)—ସଂ.—୧ । ମିଶ୍ରିତ କରିବା—1. To mix up. Juk (root) ୨ । ପୃଥକ୍ କରିବା—2. To separate. ୩ । ନିନ୍ଦା କରିବା—3. To blame. ୪ । ତାଚ୍ଛଲ୍ୟ କରିବା—4. To censure. ୫ । ବନ୍ଧନ କରିବା— 5. To bind.

ଯୁକ୍—ସଂ. ବଣ (ଯୁକ୍ ଧାତୁ=ନିନ୍ଦା କରିବା+କର୍ମ. କ୍ୱିପ୍)— Juk ୧ । ମନ୍ଦ—1. Bad. ୨ । ନିନ୍ଦିତ—3. Blame-worthy. ୩ । ଘୃଣିତ—2. Hateful. ୪ । ସମାଧି-ରତ—4. Contemplative; engaged in meditation. ବ—(ଯୁଜ୍. ଧାତୁ=ଯୋଗ କରିବା+ କର୍ମ. କ୍ୱିପ୍)—୧ । ଯୁଗଳ; ଯୁଗ୍ମ—1. A pair, a couple. ୨ । ଦୈର୍ଘ୍ୟପରିମାଣବିଶେଷ; ଏକ ମାଇଲରୁ

ବହୁ ଅଳ୍ପ ଦୂରତା—୨. A unit of measure (i. e. 300 poles). ୩ । ଯୁଗ୍ (ଦେଖ)—3. Jug (See)

ଯୁକ(କୁ)ତ—ଗ୍ରା. (ପଦ୍ୟ) ବଣ. (ସଂ. ଯୁକ୍ତ)—ଯୁକ୍ତ (ଦେଖ)
Juka(ku)ta ষুকত युकत Jukta (See)

ଯୁକ(କୁ)ତି (ଇତ୍ୟାଦ)—ଗ୍ରା. ବ—ଯୁକ୍ତି (ଇତ୍ୟାଦ) (ଦେଖ)
Jaka(ku)ti (etc) Jukti (etc) (See)
যুকতি युकति

ଯୁକତେ—ଗ୍ରା. (ପଦ୍ୟ) ଅ—ଫଳତଃ; ପ୍ରକୃତରେ—In reality; Jukate as a matter of fact. [ଭ—ପଣ୍ଡୁ ସେ ଥିଲ ଯୁକତେ ମୋହଗତେ, ଶାଳ୍ୱର ମନ୍ତ୍ରୀ ସେ ଯୁକତେ । ଜଗନ୍ନାଥ. ଭାଗବତ ।] युकतै

ଯୁକ୍ତ—ସଂ. ବଣ (ଯୁଜ୍ ଧାତୁ=ଯୋଗ କରିବା+କର୍ମ. ତ)—Jukta ୧ । ମିଳିତ; ସଲଗ୍ନ; ଜୋଡ଼ା ହୋଇଥିବା—(ବିଯୁକ୍ତ—ବିପରୀତ) 1. Joined; combined; united; attached. ୨ । ଏକ ରାଶି ସଙ୍ଗେ ଯୋଗ କରାଯିବା ବା; ମିଶାଯିବା—2. Added with. ୩ । ନ୍ୟାଯ୍ୟ; ନ୍ୟାଯ୍ୟାନୁଗତ—3. Reasonable; just. ୪ । ପ୍ରମାଣୀକୃତ—4. Proved by evidence. ୫ । ଯୋଗ୍ୟ—5. Fit; right; proper. ୬ । (ଗୁଣାଦ ଦ୍ୱାରା) ଭୂଷିତ; ଶୋଭିତ—6. Possessed of or endowed with good qualities. ୭। ବ୍ୟାପୃତ—7. Engaged; employed in a business. ୮ । ପରମିତ; ସାମାନ୍ୟ—8. Moderate; common; ordinary; limited. ୯ । ଅବଶିଷ୍ଟ—9. Remaining. ୧୦ । ଆସକ୍ତ—10. Attached to; bent on; addicted to; intent on (a pursuit); absorbed in; devoted to. ୧୧ । ଯୋଗାରୂଢ଼ (ବ୍ୟକ୍ତି); ଯୋଗୀ; ଜିତେନ୍ଦ୍ରିୟ (ବ୍ୟକ୍ତି); ଯୋଗନିରତ—11. (a person) Engaged or absorbed in Joga. [ଭ—ଯେଉଁ ବ୍ୟକ୍ତି ଜ୍ଞାନବିଜ୍ଞାନ ତୃପ୍ତାତ୍ମା, କୂଟସ୍ଥ, ଜିତେନ୍ଦ୍ରିୟ ଓ ସମଲୋଷ୍ଟାଶ୍ମକାଞ୍ଚନ, ସେହି ବ୍ୟକ୍ତି ଯୁକ୍ତ ପଦବାଚ୍ୟ । ଭଗବଦ୍‌ଗୀତା, ୬ଷ୍ଠ ଅଧ୍ୟାୟ ।] (ଯୁକ୍ତ ଅନ୍ୟ ଶବ୍ଦ ସଙ୍ଗେ ଯୋଗ କରାଯାଇ ସମାସରେ ବିଶେଷଣ ପଦ ସୃଷ୍ଟି କରେ । ଯଥା—ପ୍ରେମଯୁକ୍ତ, ଭକ୍ତିଯୁକ୍ତ, ଖେଦଯୁକ୍ତ, ଚେଷ୍ଟାଯୁକ୍ତ, ଦୋଷଯୁକ୍ତ) ୧୨ । ଅଧିକୃତ—12. Possessed of. ୧୩ । ମିଶ୍ରିତ—13. Mixed with. (ଯଥା—ଘୀଅଯୁକ୍ତ ତଣ୍ଡୁଳ) ୧୪ । ଯୁଆଳିରେ ଯୋଚ୍ଚ ଯାଇଥିବା—14. Yoked; harnessed (Apte) ୧୫ । ବ୍ୟବସ୍ଥିତ—15. Arranged; fitted out. ୧୬ । ସମଭିବ୍ୟାହାରରେ ଗତ—16. Accompanied. ୧୭ । ନିଯୋଜିତ—17. Engaged; employed; appointed. ୧୮ । ପ୍ରମାଣିତ—18. Proved; inferred. ୧୯ । କର୍ମଠ—19. Active. ୨୦ । ଉପଯୁକ୍ତ—20 Fit; proper; suitable. ୨୧ । କୁଶଳ—21. Skilful. ୨୨ । (ବ୍ୟାକରଣ) ମୌଳିକ (ଶବ୍ଦ)—22. (grammar) Primitive; not derived from another word. ୨୩ । ସଂଯୁକ୍ତ—23. Connected with. ସଂ ବ ପୁଂ—୧ । ଯେଉଁ ଯୋଗୀ ଭଗବତ୍ ସାକ୍ଷାତକାର ଲାଭ କରିଅଛନ୍ତି—1. A saint who has become one with the Supreme Being. ୨ । ଯୁଗକାଷ୍ଠ; ଯୁଆଳି—2. Yoke (Apte). ୩ । ଯୁଆଳିରେ ଯୋଚ୍ଚ ହୋଇଥିବା ଜୀବଜନ୍ତୁ—3. Team (Apte). ୪ । ନ୍ୟାଯ୍ୟମାର୍ଗୋପାର୍ଜିତ ଧନ—4. Money lawfully obtained. ୫ । ଚାରି ହାତର ଏକ ମାପ (ବ୍ରୁ. ସ)—5. A measure of 4 cubits (Apte). ସଂ. କ୍ରି. ବିଣ—୧। ନ୍ୟାଯ୍ୟତଃ—1. Justly (Apte). ୨ । ଉଚିତରୂପେ—2. Properly (Apte). ଭ—ଯେଉଁ ବ୍ୟକ୍ତି ଯୋଗସାଧନରେ ସିଦ୍ଧିଲାଭ କରିଅଛନ୍ତି; ଅଭ୍ୟସ୍ତଯୋଗ ବ୍ୟକ୍ତି—A person who has succeeded in controlling his soul and passions.

ଯୁକ୍ତକର—ସଂ. ବ (କର୍ମଧା; ଯୁକ୍ତ+କର)—ଯୋଡ଼ ହାତ; ହାତ Jukta kara ଯୋଡ଼ିବା—Folded hands; hands folded together (as in supplication) ବଣ. (ଯୁକ୍ତକରା—ସ୍ତ୍ରୀ) ପୁଂ (ବହୁବ୍ରୀହି)—କୃତାଞ୍ଜଳି—With folded hands.

ଯୁକ୍ତକର୍ମା—ସଂ. ବଣ (ବହୁବ୍ରୀହି; ଯୁକ୍ତ+କର୍ମନ୍; ୧ମା· ୧ବ)—Juktakarmā କୌଣସି କର୍ମରେ ନିଯୁକ୍ତ—Entrusted with or employed in some work.

ଯୁକ୍ତ ଚିହ୍ନ—ଦେ. ବ (ଗଣିତ)—ଦୁଇଟି ରାଶି ଯୋଗ କରି ଯାଇଥିବା Jukta chihna ବିଷୟସୂଚକ ଚିହ୍ନ; +ଚିହ୍ନ—(mathematics) The sign of addition (viz+); the plus sign.

ଯୁକ୍ତ ଦଣ୍ଡ—ସଂ. ବଣ. ପୁଂ ବହୁବ୍ରୀହି)—ଯେ ନ୍ୟାଯ୍ୟତଃ ଦଣ୍ଡ ଦିଏ—Jukta danda Punishing rightly (Apte) (ଯୁକ୍ତଦଣ୍ଡା—ସ୍ତ୍ରୀ)

ଯୁକ୍ତ ନିଦ୍ରାବବୋଧ—ସଂ. ବଣ. ପୁଂ (ବହୁବ୍ରୀହି; ଯୁକ୍ତ+ନିଦ୍ରା+Jukta nidrābabodha ଅବବୋଧ)—ଯେ ନିର୍ଦ୍ଦିଷ୍ଟ ସମୟରେ (ଯୁକ୍ତ ସ୍ୱପ୍ନାବବୋଧ—ଅନ୍ୟରୂପ) ନିଦ୍ରିତ ହୁଏ ଓ ନିଦ୍ରା ତ୍ୟାଗ କରେ—One who is given to sleeping and rising in regular hours.
ଯୁକ୍ତ ନିଦ୍ରାବବୋଧା } ସ୍ତ୍ରୀ
ଯୁକ୍ତ ସ୍ୱପ୍ନାବବୋଧା }

ଯୁକ୍ତ ପ୍ରାନ୍ତ—ଦେ. ବ—ଅଯୋଧ୍ୟା ଓ ଅଗ୍ରା ଅଞ୍ଚଳକୁ ମିଳିତ ବୃଟିଶ Jukta prānta ଭାରତୀୟ ପ୍ରଦେଶ ବିଶେଷ—The United (ଯୁକ୍ତ ପ୍ରଦେଶ—ଅନ୍ୟରୂପ) Provinces of Oudh and Agra (in India).
যুক্ত প্রদেশ युक्त प्रांत

ଯୁକ୍ତ ବର୍ଣ୍ଣ - ସ. ବ—ଯୁକ୍ତାକ୍ଷର (ଦେଖ)
Jukta barṇa Juktākshara (See)

ଯୁକ୍ତ ବେଣୀ—ସ. ବ. (କର୍ମଧା)—୧ । ବନ୍ଧବେଣୀ; ବନ୍ଧା ବେଣୀ—
Jukta beṇi 1. Plait tied into a knot; plaited hair. ୨ । ଦୁଇ ବା ତତୋଽଧିକ ନଦୀର ପ୍ରବାହର ସମ୍ମେଳନ—2. The confluence of two or more streams. [ଦ୍ର—ଅଲ୍ଲାହାବାଦ୍(ପ୍ରୟାଗ)ଠାରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀତ୍ରୟ ମିଳିତ ହୋଇଥିବାରୁ ଏହାର ନାମ ଯୁକ୍ତବେଣୀ ।]

ଯୁକ୍ତମନାଃ—ସ. ବଣ. (ବହୁବ୍ରୀହି; ଯୁକ୍ତ+ମନସ୍; ୧ମା. ୧ବ)—
Juktamanāḥ ମନୋଯୋଗୀ—Attentive (Apte).

ଯୁକ୍ତ ରସା—ସ. ବ—ରାସନା; ରାସ୍ନା (ଔଷଧରେ ବ୍ୟବହୃତ ଗୁଳ୍ମ)—
Jukta rasā A plant; Mimosa Octandra.
(ଯୁକ୍ତା—ଅନ୍ୟରୂପ)

ଯୁକ୍ତ ରାଜ୍ୟ—ସ.ବ (ଆଧୁନିକ)—୧। ଆମେରିକାର ସମ୍ମିଳିତ ରାଜ୍ୟମାନ—
Jukta rājya 1. The United States of America.
युक्त राज्य ୨ । ଇଂଲଣ୍ଡ, ସ୍କଟଲଣ୍ଡ ଓ ଆୟରଲଣ୍ଡ—
युक्त राज्य 2. The United Kingdom of England, Scotland and Ireland.

ଯୁକ୍ତ ରୂପ—ସ. ବ. (ବହୁବ୍ରୀହି; ଯୁକ୍ତ+ରୂପ)—୧ । ସମୁଚିତ—
Jukta rūpa 1. Fit; proper; suitable (Apte).
୨ । ଯୋଗ୍ୟ - 2. Worthy (Apte).

ଯୁକ୍ତ ହେବା—ଦେ. କ୍ରି—୧ । ମିଶିବା—1. To be mixed; to
Jukta hebā be added. ୨ । ଭୂଷିତ ହେବା—2. To
যুক্ত হওয়া be adorned. [ଉ—ରୂପ ଗୁଣ ଦୁଇ କଥାରେ
युक्त होना ଯୁକ୍ତ ହେଲେ । କୃଷ୍ଣସିଂ. ମହାଭାରତ. ଅଦ ।]

ଯୁକ୍ତାକ୍ଷର—ସ. ବ. (ବ୍ୟାକରଣ)—ସଂଯୁକ୍ତ ବର୍ଣ୍ଣ; ଦୁଇ ବା ତତୋଽଧିକ
Juktākshara ବ୍ୟଞ୍ଜନ ବର୍ଣ୍ଣର ମିଳନରେ ଉତ୍ପନ୍ନ ବର୍ଣ୍ଣ—A compound letter; dipthong or tripthong. [ଦ୍ର—ସଂସ୍କୃତ ବର୍ଣ୍ଣମାଳାରେ 'କ୍ଷ' ଗୋଟିଏ ଯୁକ୍ତାକ୍ଷର (କ୍+ଷ) ।
ଏହାଛଡ଼ା ବ୍ୟଞ୍ଜନ ବର୍ଣ୍ଣରେ 'ଫଳା' ବଅଗଲେ ତାହା ଯୁକ୍ତାକ୍ଷର ହୁଏ । ଯଥା—କ+ଯ=କ୍ୟ; ର୍+କ=ର୍କ; କ୍+ର=କ୍ର; ଏହିପରି କ୍ଷ, କ୍ମ, କ୍ନ, କ୍ଳ, କ୍ତ, କ୍ଲ, କ୍ୱ, କ୍ଷ=କ୍ଷ ।]

ଯୁକ୍ତାହାର—ସ. ବଣ. ପୁଂ (ବହୁବ୍ରୀହି, ଯୁକ୍ତ+ଆହାର)—
Juktāhāra ୧ । ଆହାରରେ ଆସକ୍ତ—1. Addicted to
[ଯୁକ୍ତାହାରୀ—ସ୍ତ୍ରୀ] food. ୨ । ପରିମିତାହାରୀ—2. Frugal; temperate. ବ. (କର୍ମଧାରୟ)—ପରିମିତ ଆହାର—Moderate eating; frugal fare; temperance

ଯୁକ୍ତାହାରବିହାର—ସ. ବଣ. ପୁଂ (ବହୁବ୍ରୀହି; ଯୁକ୍ତ+ଆହାର+
Juktāhārabihāra ବିହାର)—ଯାହାର ଆହାର ଓ ବିହାର
(ଯୁକ୍ତାହାରବିହାରୀ—ସ୍ତ୍ରୀ) ପରିମିତ—Of temperate habits.

ଯୁକ୍ତି—ସ. ବି. (ଯୁଜ୍ ଧାତୁ=ମିଳିତ ହେବା; ଯୋଗ କରିବା; ବାନ୍ଧିବା +ଭାବ. ତି)—୧ । ବାଦାନୁବାଦ; ନ୍ୟାୟ; ତର୍କ—
Jukti 1. Reasoning, logic, argument. [ଦ୍ର—ଏକ ବା ଏକାଧିକ ଅନୁଭୂତ ବିଷୟର ସାହାଯ୍ୟରେ କୌଣସି ଅନନୁଭୂତ ବିଷୟର ଜ୍ଞାନ ଜନ୍ମିଲେ, ଉକ୍ତ ଜ୍ଞାନକୁ ଯୁକ୍ତି ବୋଲାଯାଏ । ଯୁକ୍ତି ତର୍କବିଜ୍ଞାନର ଗୋଟିଏ ପାରିଭାଷିକ ଶବ୍ଦ । ଇଂରେଜୀରେ ଏହାକୁ ଇନ୍‌ଫରେନ୍ସ (Inference) କହନ୍ତି । ଯୁକ୍ତି ଦ୍ୱ୍ୟର୍ଥସୂଚକ । ଯେଉଁ ଜ୍ଞାନ ହସ୍ତଗତ ହୁଏ ତାହା ପ୍ରତି ଓ ଯେଉଁ ପ୍ରଣାଳୀ ଦ୍ୱାରା ଉକ୍ତ ଜ୍ଞାନ ଅର୍ଜିତ ହୁଏ ତାହା ପ୍ରତି ମଧ୍ୟ ଏହି ଶବ୍ଦ ପ୍ରଯୁଜ୍ୟ । ଯୁକ୍ତି ପ୍ରତ୍ୟକ୍ଷ ଅଥବା ଅପ୍ରତ୍ୟକ୍ଷ, ଯୁକ୍ତିଲବ୍ଧ ଜ୍ଞାନ ଅପ୍ରତ୍ୟକ୍ଷ । ଯୁକ୍ତି ବଳରେ ଭୂତ, ଭବିଷ୍ୟତ ଓ ପରୋକ୍ଷ ବିଷୟ ଜାଣିବାରେ ଆମ୍ଭେମାନେ ସମର୍ଥ ହେଉଁ । ଯୁକ୍ତି ଦୁଇ ପ୍ରକାର, (କ) ଆରୋହୀ ଯୁକ୍ତି (Induction) ଏବଂ (ଖ) ଅବରୋହୀ ଯୁକ୍ତି(=Deduction).
ପାଶ୍ଚାତ୍ୟ ଦର୍ଶନରେ ଏହି ଦୁଇ ପ୍ରଣାଳୀ ପରସ୍ପର ଠାରୁ ପୃଥକ୍ । ଏତଦ୍‌ବ୍ୟତୀତ ନିରପେକ୍ଷ (Immediate inference) ଓ ସାପେକ୍ଷ ଯୁକ୍ତି (Mediate inference), ଏହି ପ୍ରକାର ପ୍ରଭେଦ ପାଶ୍ଚାତ୍ୟ ଜଗତରେ ସ୍ୱୀକୃତ ହୋଇଥାଏ । 'ନ୍ୟାୟ' ଓ 'ଅନୁମାନ' ଉଭୟେ ସାପେକ୍ଷ ଯୁକ୍ତି; ଅର୍ଥାତ ଉଭୟରେ ଲିଙ୍ଗ-ଲିଙ୍ଗୀ ସମ୍ପର୍କ ବିଦ୍ୟମାନ । ହିନ୍ଦୁ ଦର୍ଶନରେ ନିରପେକ୍ଷ ଯୁକ୍ତିର ଅବତାରଣା ନାହିଁ । କେତେକ ପାଶ୍ଚାତ୍ୟ ତର୍କଜ୍ଞାନୀ ମଧ୍ୟ ନିରପେକ୍ଷ ଯୁକ୍ତିକୁ ଯୁକ୍ତି ରୂପେ ଗ୍ରହଣ କରିବାକୁ କୁଣ୍ଠିତ । ନ୍ୟାୟ ଗୋଟିଏ ଯୁକ୍ତି ଏବଂ ଗୌତମଙ୍କ ନ୍ୟାୟରେ ଆରୋହୀ ଓ ଅବରୋହୀ ଉଭୟ ପ୍ରଣାଳୀ ଏକତ୍ର ବ୍ୟବହୃତ ହୁଏ ।
ସନ୍ଦର୍ଭ ଲେଖକ
ଅଧ୍ୟାପକ ଶ୍ରୀ ବିପିନବିହାରୀ ଗୁପ୍ତ, ଏମ୍. ଏ.]

୨ । ମିଳନ; ସଂଯୋଗ—2. Union; connection; joining; conjunction. ୩ । ଉପଯୋଗିତା; ଯୋଗ୍ୟତା—3 Fitness; propriety. ୪ । ରୀତି; ପ୍ରଥା—4. Usage; custom. ୫ । ଲୋକ-ବ୍ୟବହାର—5. Traditional law; unwritten law. ୬ । ଅନୁମାନ—6. Inference; deduction ୭ । କାରଣ; ହେତୁ—7. Reason; cause; ground. ୮ । ମୀମାଂସା—8. Conclusion. ୯ । ମନ୍ତ୍ରଣା; ପରାମର୍ଶ—9. Consultation; advice; counsel. ୧୦ । ସାକ୍ଷୀର ପ୍ରଦତ୍ତ ବିବରଣର ଉଲ୍ଲେଖ—10. Note or written memorandum of the evidence given by a witness. ୧୧ । ପରିତ୍ୟକ୍ତ ବାକ୍ୟ ମଧ୍ୟସ୍ଥିତ ଉହ୍ୟ ବାକ୍ୟର ବା ପଦର ସଂଯୋଜନ—11. Filling up of an ellipsis in a sentence. ୧୨ । ବାକ୍ୟାଳଙ୍କାର ବିଶେଷ;

ଯଦ୍ଦ୍ୱାରା ଭାବବ୍ୟଞ୍ଜକ ଶବ୍ଦପ୍ରୟୋଗରେ ମୁଖ୍ୟ ଅଭିପ୍ରାୟ ବା ଉଦ୍ଦେଶ୍ୟ ଗୁପ୍ତ ରଖାଯାଏ—12. A figure in rhetoric; emblematical or mystical or covert expression of purpose. ୧୩। ନାଟ୍ୟାଙ୍ଗ ବିଶେଷ; ନାଟ୍ୟୋଲ୍ଲିଖିତ ଘଟଣାର ଐକ୍ୟ ବା ମିଳନ ବା ଧାରାବାହିକତା—13. Dramatic sequence of plots; interdependence of the plots in a drama; the regular chain of events in a drama. ୧୪। ଯୋଚିବା—14. Yoking; harnessing. ୧୫। ନିଯୁକ୍ତି—15. Appointment; engagement; employment. ୧୬। ଉପାୟ—16. Means; expedient. ୧୭। ଫିକର—17. Plan; contrivance. ୧୮। ରଚନା; ବ୍ୟବସ୍ଥାନ—18. Arrangement. ୧୯। କାଳ, ସ୍ଥାନାଦିର ବର୍ଣ୍ଣନା ବା ଉଲ୍ଲେଖ—19. Specification or enumeration of circumstances (e.g. time, place) (Apte). ୨୦। ଧାତୁରେ ଖାଦ ମିଶାଇବା—20. Alloying of metals (Apte). ୨୧। ମନ୍ତ୍ରତନ୍ତ୍ର; ଗୁଣି—21. Charm; spell (Apte). ୨୨। ପ୍ରୟୋଗ; ବ୍ୟବହାର—22. Application; use (Apte). ୨୩। ଅଦାଲତରେ ସାକ୍ଷୀମାନଙ୍କ ପ୍ରଦତ୍ତ ବିବରଣର ସତ୍ୟାସତ୍ୟ ବିଚାର—23. Adjudication about the truth or falsity of the evidence of a witness. ୨୪। ମକଦ୍ଦମାରେ ପ୍ରମାଣ ଗୃହୀତ ହେବା ପରେ ଉଭୟ ପକ୍ଷଙ୍କ ବାଦାନୁବାଦ—24. Argument in a case.

ଯୁକ୍ତିକର—ସ. ବଣ—୧। ଉପଯୋଗୀ—1. Fit; suitable; Juktikara proper (Apte). ୨। ପ୍ରମାଣିତ—2. Proved (Apte).

ଯୁକ୍ତି କରିବା—ଦେ. କ୍ରି—ବାଦାନୁବାଦ କରିବା; ତର୍କ କରିବା—Jukti kariba To argue.
युक्ति करना युक्ति करना

ଯୁକ୍ତି ଖଟା(ଟେ)ଇବା—ଦେ. କ୍ରି—କୌଣସି ବିଷୟର ମୀମାଂସାର୍ଥ ତର୍କ Jukti khaṭā(ṭe)ibā ପ୍ରୟୋଗ କରିବା—To employ reasoning or logic in deciding a matter.
युक्ति खाटान
युक्ति लड़ाना
(ଯୁକ୍ତି ଖଟିବା—ବିଶେଷ୍ୟ ରୂପ)

ଯୁକ୍ତିତଃ—ସ. କ୍ରି. ବଣ. (ଯୁକ୍ତି+ତସ୍)—୧। କୌଶଳକ୍ରମେ—Juktitah 1. Cleverly. ୨। ସମୁଚିତରୂପେ—2. Duly; properly. ୩। ଯୁକ୍ତି ଦ୍ୱାରା—3. By argument; logically.

ଯୁକ୍ତି ତର୍କ—ସ. ବି. (ଦ୍ୱନ୍ଦ୍ୱ ସମାସ)—୧। ଯୁକ୍ତି ଓ ତର୍କ—Jukti tarka 1. Reason and logic; logic and argument. ୨। ବାଦାନୁବାଦ—2. Argument.

ଯୁକ୍ତିଦାତା—ଦେ. ବଣ. ପୁଂ—ପରାମର୍ଶଦାତା; ମନ୍ତ୍ରଣାଦାତା—Juktidātā Counsellor; advisor.
(ଯୁକ୍ତିଦାତ୍ରୀ—ସ୍ତ୍ରୀ) युक्तिदाता विचारदेनेवाला

ଯୁକ୍ତି ଦେବା—ଦେ. କ୍ରି—କୌଣସି ପ୍ରଶ୍ନର ମୀମାଂସା ପାଇଁ ଯୁକ୍ତିଯୁକ୍ତ Jukti debā ଉତ୍ତର ଦେବା—To give a reasonable
विचारदेना solution or argument to a question.

ଯୁକ୍ତି ବିହୀନ—ସ. ବଣ (ଷଷ୍ଠୀ ତତ୍)—ଯୁକ୍ତିଶୂନ୍ୟ (ଦେଖ) Jukti bihina Juktiśūnya (See)

ଯୁକ୍ତିମାନ୍—ସ. ବଣ. ପୁଂ (ଯୁକ୍ତି+ମତ୍)—୧। ଚତୁର—1. Juktimān Clever. ୨। ଉପାୟ ଉଦ୍ଭାବନରେ ଦକ୍ଷ—
(ଯୁକ୍ତିମତୀ—ସ୍ତ୍ରୀ) 2. Fertile in finding out expedients;
(ଯୁକ୍ତିମତ୍ତା—ବି) inventive. ୩। ଯୁକ୍ତି ଉପରେ ପ୍ରତିଷ୍ଠିତ—3. Logical; based on arguments. ୪। ସଂଯୁକ୍ତ—4. United; joined (Apte)

ଯୁକ୍ତି ମାର୍ଗ—ସ. ବି (ରୂପକ; ଯୁକ୍ତି+ମାର୍ଗ)—୧। ଯୁକ୍ତିରୂପ ପନ୍ଥା Jukti mārga—1. Logical argument or reasoning compared to a road. ୨। ନ୍ୟାଯ୍ୟମାର୍ଗ—2. Righteousness; the path of righteousness.

ଯୁକ୍ତି ମାର୍ଗାନୁସାରୀ—ସ. ବଣ. ପୁଂ (ରୂପକ ଓ ଉପପଦ ସମାସ)—Jukti mārgānusāri ୧। ଯୌକ୍ତିକ; ନ୍ୟାଯ୍ୟାନୁଗତ—
(ଯୁକ୍ତି ମାର୍ଗାନୁସାରିଣୀ—ସ୍ତ୍ରୀ) 1. Logical; reasonable; just. ୨। ନ୍ୟାଯ୍ୟମାର୍ଗାବଲମ୍ବୀ—2. Righteous; pursuing a just or reasonable course.

ଯୁକ୍ତି ଯୁକ୍ତ—ସ. ବଣ (ଷଷ୍ଠୀ ତତ୍; ଯୁକ୍ତି+ଯୁକ୍ତ)—୧। ଯୌକ୍ତିକ; Jukti jukta ନ୍ୟାଯ୍ୟ; ନ୍ୟାୟାନୁମୋଦିତ—1. Reasonable; logical. ୨। କୌଶଳୀ—2. Skilful; expert (Apte).
ଯୁକ୍ତିସଂଗତ } ଅନ୍ୟରୂପ
ଯୁକ୍ତିସମ୍ମତ }
୩। ପ୍ରମାଣିତ—3. Proved, established (Apte); ୪। ଯୁକ୍ତିରେ ପ୍ରବଣ—4. Argumentative (Apte).

ଯୁକ୍ତିଶୂନ୍ୟ—ସ. ବଣ (ଷଷ୍ଠୀ ତତ୍)—ଯୁକ୍ତିହୀନ (ଦେଖ)—Jukti śūnya Juktihina (See)
(ଯୁକ୍ତିରହିତ, ଯୁକ୍ତିବର୍ଜିତ—ଅନ୍ୟରୂପ)

ଯୁକ୍ତିସିଦ୍ଧ—ସ. ବଣ (ଷଷ୍ଠୀ ତତ୍)—୧। ଯୁକ୍ତିଦ୍ୱାରା ନିର୍ଣ୍ଣୀତ—1. Jukti siddha Deduced by reasoning. ୨। ମନ୍ତ୍ରଣାଦ୍ୱାରା ନିର୍ଣ୍ଣୀତ—2. Arrived at after due consultation. ୩। ଯୁକ୍ତି ଉପରେ ପ୍ରତିଷ୍ଠିତ—3. Based on reason reasonable.

ଯୁକ୍ତିହୀନ—ସ. ବଣ (ଷଷ୍ଠୀ ତତ୍)—୧। ଅଯୌକ୍ତିକ; ଯାହା ଯୁକ୍ତିJukti hina ସିଦ୍ଧ ନୁହେଁ—1. Unreasonable; not supported by reason. ୨। ଅନ୍ୟାଯ୍ୟ—2. Illogical; unjust. ୩। ନାଯ୍ୟହେତୁବିହୀନ—3.

Without reasonable cause. ୪ । ସଂଯୋଗ ବା ସମ୍ପର୍କବିହୀନ- 4. Unconnected.

ଯୁକ୍ତିହୀନ ବିଚାର—ସଂ. ବି—ଅଯୌକ୍ତିକ ବିବେଚନା; ଅନ୍ୟାଯ୍ୟ ମୀମାଂସା
Juktihina bichāra —Unreasonable conclusion; conclusion not supported by logic; illogical decision.

ଯୁଜ୍ (ଧାତୁ)—ସଂ—ବର୍ଜନ କରିବା—
Jug (root) To abandon.

ଯୁଗ—ସଂ. ବି (ଯୁ ଧାତୁ=ମିଳନ କରିବା + କର୍ତ୍ତୃ. ଗ)—୧ ।
Juga ଯୁଆଳି; ଧୂର୍ଯ୍ୟସ୍କନ୍ଧଗତ ଯାନାଙ୍ଗ; ହଳର ବା ଶଗଡ଼ର ଯେଉଁ ଅଂଶ ପଶୁଙ୍କ କାନ୍ଧ ଉପରେ ରହେ—1. Yoke. ୨ । (ଏହା ବିଶେଷ୍ୟ ପରେ ବ୍ୟବହୃତ ଯଥା—ଅଶ୍ୱଯୁଗ) ଯୁଗ୍ମ; ଯୋଡ଼ା; ଯୁଗଳ—2. Pair; couple; two. [ଉ—ଉଭ ଉଭ ବାଉ ଜାଃସରିବ ଗୃହ ପଦ୍ମରେ ନୟନ-ଯୁଗ । କବିସୂର୍ଯ୍ୟ. ଉଷୋତ୍ସର୍ମୂ ଭ. ଗୀତ ।] ୩ । ଦ୍ୱାଦଶ ବର୍ଷକାଳ—3. A period of 12 years. ୪ । ପଞ୍ଚବର୍ଷ ପରିମିତ କାଳ—4. A period of 5 years. ୫ । ଋଦ୍ଧି ନାମକ ଔଷଧ—5. Name of a rare drug. ୬। ଏକ ଧନୁ ପରିମାଣ; ଚାରିହାତ ଲମ୍ବ ପରିମାଣ—6. A length of 4 cubits. ୭ । ବହୁବର୍ଷ—7. A long period of years (Apte). ୮ । ଜନ୍ମ; ଜୀବନକାଳ—8. Generation; life (Apte). ୯ । ଚାରି ସଂଖ୍ୟା—9. The number four (Apte). ୧୦ । ଦ୍ୱାଦଶ ସଂଖ୍ୟା—10. The number twelve (Apte). ୧୧ । (ହିନ୍ଦୁଶାସ୍ତ୍ର) ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚାରିକାଳ—11. The four ages of Hindu mythology.

[ଦ୍ର—ହିନ୍ଦୁଶାସ୍ତ୍ରକାରମାନେ କାଳକୁ ଚାରି ଯୁଗରେ ବିଭକ୍ତ କରିଅଛନ୍ତି ।—୧ । ସତ୍ୟଯୁଗ ବା କୃତଯୁଗର ପରିମାଣ ଦେବତାଙ୍କର ୪୮୦୦ ବର୍ଷ=ମନୁଷ୍ୟର ୪୮୦୦ × ୩୬୦ =୧୭,୨୮୦୦୦ ବର୍ଷ—୨। ତ୍ରେତାଯୁଗ—ଦେବତାଙ୍କର ୩୬୦୦ ବର୍ଷ=ମନୁଷ୍ୟର ୩୬୦୦ × ୩୬୦= ୧୨,୯୬୦୦୦ ବର୍ଷ—୩ । ଦ୍ୱାପରଯୁଗ—ଦେବତାଙ୍କର ୨୪୦୦ବର୍ଷ=ମନୁଷ୍ୟର ୨୪୦୦ × ୩୬୦=୮,୬୪୦୦୦ ବର୍ଷ—୪ । କଳିଯୁଗ—ଦେବତାଙ୍କର ୧୨୦୦ ବର୍ଷ= ମନୁଷ୍ୟର ୧୨୦୦×୩୬୦=୪,୩୨୦୦୦ ବର୍ଷ । ଚତୁର୍ଯୁଗର ମୋଟ ପରିମାଣ=୪୩,୨୦୦୦୦ ବର୍ଷ ଅର୍ଥାତ୍ ୪୩ ଲକ୍ଷ ୨୦ ହଜାର ବର୍ଷ । ଏହାକୁ ମହାଯୁଗ ବୋଲାଯାଏ । ଏଥିରୁ ଦେଖା ଯାଉଅଛି ଯେ ସତ୍ୟ, ତ୍ରେତା, ଦ୍ୱାପର ଓ କଳିଯୁଗର ଅନୁପାତ ଯଥାକ୍ରମେ ୪-୩-୨-୧ । ପ୍ରଥମେ ସତ୍ୟଯୁଗରେ ବ୍ରହ୍ମା ଭୂତସମସ୍ତର ସୃଷ୍ଟି କରନ୍ତି ଓ ଶେଷରେ ରୁଦ୍ର କଳିଯୁଗରେ ସମସ୍ତ ସୃଷ୍ଟିର ବିଲୟ ସାଧନ କରନ୍ତି । ପ୍ରତ୍ୟେକ ଯୁଗର ପରିମାଣର $\frac{10}{12}$=ଯୁଗ କାଳ, $\frac{1}{12}$ ଯୁଗ ସନ୍ଧ୍ୟା ଓ $\frac{1}{12}$ ଯୁଗସନ୍ଧ୍ୟାଂଶ । ଯଥା କଳିଯୁଗର ଯୁଗକାଳ—ଦେବତାଙ୍କର ୧୦୦୦ ବର୍ଷ. ଯୁଗସନ୍ଧ୍ୟା ୧୦୦ ବର୍ଷ. ଯୁଗସନ୍ଧ୍ୟାଂଶ ୧୦୦ ବର୍ଷ=୧୨୦୦ ଦେବ ବତ୍ସର=୪୩୨୦୦୦ ମନୁଷ୍ୟ ବତ୍ସର । ଚାରିଯୁଗ ଶେଷରେ ଖଣ୍ଡ ପ୍ରଳୟ ଘଟେ । ଚାରିଯୁଗ କାଳକୁ ମହାଯୁଗ ବୋଲାଯାଏ । ୭୧ଟି ମହାଯୁଗ ହେଲେ ଗୋଟିଏ ମନ୍ୱନ୍ତର ହୁଏ । ମନ୍ୱନ୍ତରର ଶେଷରେ ଗୋଟିଏ ମହାପ୍ରଳୟ ହୁଏ । ୧୦୦୦ଟି ମହାଯୁଗ ହେଲେ ଗୋଟିଏ କଳ୍ପ ହୁଏ, ଅର୍ଥାତ୍ ଆମ୍ଭମାନଙ୍କର ୪୩୨୦୦୦୦୦୦୦ ବା ୪୩୨ କୋଟି ବର୍ଷରେ ।

ଗୋଟିଏ କଳ୍ପ ହେଲେ ବ୍ରହ୍ମାଙ୍କର ୧ ଦିନ ହୁଏ ଓ ଗୋଟିଏ କଳ୍ପ ହେଲେ ଏକ ରାତ୍ରି ହୁଏ । ଅର୍ଥାତ୍ ୧୦୦୦ ମହାଯୁଗ ବା ୪୩୨ କୋଟି ବର୍ଷ ବ୍ରହ୍ମାଙ୍କର ୧ ରାତ୍ରି । କଳ୍ପ ଶେଷରେ ବ୍ରହ୍ମା ସୃଷ୍ଟି ସଂହାର କରି ନିଦ୍ରା ଯାଆନ୍ତି ଓ ସେ ସମୟରେ ସମସ୍ତ ଅନ୍ଧକାରମୟ ଥାଏ । ରାତ୍ରି ଶେଷ ହେଲେ ବ୍ରହ୍ମାଙ୍କର ନିଦ୍ରା ଭଙ୍ଗ ହୁଏ ଓ ସେ ପୁଣି ସୃଷ୍ଟି ଆରମ୍ଭ କରନ୍ତି । ଏହିପରି କଳ୍ପକଳ୍ପବ୍ୟାପୀ ସୃଷ୍ଟିସ୍ଥିତିପ୍ରଳୟ କ୍ରିୟା ଲାଗିଅଛି ।

ହିନ୍ଦୁଶାସ୍ତ୍ର ମତରେ—

୧ । ସତ୍ୟଯୁଗର ଉତ୍ପତ୍ତି, ଧର୍ମ ଓ ବିବରଣ ଃ—ଉତ୍ପତ୍ତି, ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା, ରବିବାର । ପରିମାଣ—୧୭ ଲକ୍ଷ ୨୮ ହଜାର ବର୍ଷ । ସତ୍ୟଯୁଗରେ ବିଷ୍ଣୁଙ୍କର ଅବତାର—ମତ୍ସ୍ୟ, କୂର୍ମ, ବରାହ, ନୃସିଂହ (ମତାନ୍ତରରେ ବାମନ ସତ୍ୟଯୁଗର ଅବତାର) । ଏ ସମୟରେ ୬ ଜଣ ଚକ୍ରବର୍ତ୍ତୀ ରାଜତ୍ୱ କରିଥିଲେ, ଯଥା—ବଳି, ବେଣୁ, ମାନ୍ଧାତା, ପୁରୁରବା, ଧୁନ୍ଧୁମାର (ମାଦଳା ପାଞ୍ଜିରେ ଜାନୁଦଣ୍ଡ) ଓ କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ । ଏ ଯୁଗରେ ପୁଣ୍ୟ ଚତୁଷ୍ପାଦ, ପାପ ନାସ୍ତି; ମନୁଷ୍ୟଙ୍କ ପରମାୟୁ ୧ ଲକ୍ଷ ବର୍ଷ; ମାନବ ଦେହର ଉଚ୍ଚତା ୨୧ ହାତ; ମଜ୍ଜାଗତ ପ୍ରାଣ ଓ ଇଚ୍ଛା ମୃତ୍ୟୁ; ବ୍ୟବହାରପାତ୍ର ସୁବର୍ଣ୍ଣ, ସାମବେଦର ଅଧିକାର; ତୀର୍ଥ ପୁଷ୍କର; ମନୁଷ୍ୟର କର୍ତ୍ତବ୍ୟ ଭକ୍ତି । ତାରକ ବ୍ରହ୍ମନାମ-

ନାରାୟଣପରା ବେଦାଃ, ନାରାୟଣପରାକ୍ଷରାଃ

ନାରାୟଣପରା ମୁକ୍ତି ନାରାୟଣପରା ଗତିଃ ।

ଶାସ୍ତ୍ରୋକ୍ତ ସତ୍ୟଯୁଗର ଲକ୍ଷଣ—

କୃତ୍ୟଧର୍ମରତ, ତୀର୍ଥାଶ୍ରୟ ଓ ସତ୍ୟପରାୟଣତା ହେତୁ ମନୁଷ୍ୟମାନେ ଦେବତାମାନଙ୍କୁ ପୂଜା ନିନ୍ଦା କରନ୍ତି ।

୨ । ତ୍ରେତାଯୁଗ—ଉତ୍ପତ୍ତି, କାର୍ତ୍ତିକ ଶୁକ୍ଳପକ୍ଷ ନବମୀ—ଅଁଳା ନବମୀ, ସୋମବାର ।

ପରିମାଣ—୧୨ ଲକ୍ଷ ୯୬ ହଜାର ବର୍ଷ ।

ଅବତାର—ବାମନ, ପରଶୁରାମ, ଶ୍ରୀରାମ (ମତାନ୍ତରରେ ବାମନ ତ୍ରେତାଯୁଗର ଅବତାର ନୁହନ୍ତି) ।

ଚକ୍ରବର୍ତ୍ତୀ—ସୂର୍ଯ୍ୟବଂଶୀୟ ରାଜଗଣ ।

ପୁଣ୍ୟ ତିନି ପାଦ, ପାପ ଏକ ପାଦ, ମନୁଷ୍ୟଙ୍କ ପରମାୟୁ ଦଶ ହଜାର ବର୍ଷ, ମାନବଦେହର ଉଚ୍ଚତା ୧୪ ହାତ, ପ୍ରାଣ—ଅସ୍ଥିଗତ; ପାତ୍ର—ରୌପ୍ୟ; ବେଦ—ଋଗ୍ବେଦ; ତୀର୍ଥ—ନୈମିଷାରଣ୍ୟ; ମନୁଷ୍ୟର କର୍ତ୍ତବ୍ୟ ଜ୍ଞାନ ।

ତାରକ ବ୍ରହ୍ମନାମ—

ରାମ ନାରାୟଣାନନ୍ତ ମୁକୁନ୍ଦ ମଧୁସୂଦନ ।
କୃଷ୍ଣ କେଶବ କଂସାରେ ହରେ ବୈକୁଣ୍ଠ ବାମନ ।

ତ୍ରେତାଯୁଗର ଶାସ୍ତ୍ରୋକ୍ତ ଲକ୍ଷଣ—

ଲୋକମାନେ ଦାନ, ଧର୍ମ, ତପସ୍ୟା ଓ ତୀର୍ଥଦର୍ଶନରତ ଏବଂ ରାଜାମାନେ ଯଜ୍ଞଶୀଳ ।

୩ । ଦ୍ୱାପର ଯୁଗ—ଉତ୍ପତ୍ତି—ଭାଦ୍ର, କୃଷ୍ଣ ତ୍ରୟୋଦଶୀ ଗୁରୁବାର । ପରିମାଣ—୮ ଲକ୍ଷ ୬୪ ହଜାର ବର୍ଷ ।

ଅବତାର—ଶ୍ରୀକୃଷ୍ଣ, ବୁଦ୍ଧ (ମତାନ୍ତରରେ ବୁଦ୍ଧ ଦ୍ୱାପର ଯୁଗର ଅବତାର ନୁହନ୍ତି) ।

ପୁଣ୍ୟ ଦୁଇ ପାଦ, ପାପ ଦୁଇ ପାଦ;
ଚକ୍ରବର୍ତ୍ତୀ—ଶାଲ୍ୱ,ବିରାଟାଦିଙ୍କଠାରୁ,କଂସପର୍ଯ୍ୟନ୍ତ୧୬ଜଣ;
ମନୁଷ୍ୟର ପରମାୟୁ—ଏକ ହଜାର ବର୍ଷ;
ମାନବଦେହର ଉଚ୍ଚତା - ୭ ହାତ;
ପ୍ରାଣ—ରୁଧିରଗତ, ପାତ୍ର—ତାମ୍ର;
ବେଦ—ଯଜୁର୍ବେଦ, ତୀର୍ଥ—କୁରୁକ୍ଷେତ୍ର;
କର୍ତ୍ତବ୍ୟ—ଯଜ୍ଞ ।

ତାରକ ବ୍ରହ୍ମ ନାମ—

ହରେ ମୁରାରେ ମଧୁକୈଟଭାରେ, ଗୋବିନ୍ଦ ଗୋପାଳ
ମୁକୁନ୍ଦ ଶୌରେ ।
ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ; ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ ।

ଦ୍ୱାପର ଯୁଗର ଶାସ୍ତ୍ରୋକ୍ତ ଲକ୍ଷଣ—

ଲୋକମାନେ ଧର୍ମାଧର୍ମରତ, ପ୍ରଳାପୀ ଓ ଚପଳ ।
ରାଜା—ଜ୍ଞାନନଷ୍ଟ ଓ କପଟବାକ୍ ।

୪ । କଳିଯୁଗ—ଉତ୍ପତ୍ତି—ମାଘ ପୂର୍ଣ୍ଣିମା ଶୁକ୍ରବାର । ପରିମାଣ ୪ ଲକ୍ଷ ୩୨ ହଜାର ବର୍ଷ । ପୁଣ୍ୟ—୧ ପାଦ, ପାପ—ତିନି ପାଦ; ଅବତାର—କଳିଯୁଗର ଶେଷ, ଅର୍ଥାତ୍ ପୁଣି ସତ୍ୟଯୁଗର ଆରମ୍ଭ ହେବା ସମୟରେ କଳ୍କି ଅବତାର ଆବିର୍ଭୂତ ହେବେ । (ମତାନ୍ତରରେ ବୁଦ୍ଧ କଳିଯୁଗର ଅବତାର)

ଚକ୍ରବର୍ତ୍ତୀ—ପ୍ରଥମେ ଯୁଧିଷ୍ଠିରାଦି ୧୨୦ ଜଣ ହିନ୍ଦୁ ରାଜା ୩୬୯୫ ବର୍ଷ ଓ ତପରେ ସାହା, ସୁଲତାନାଦି ୬୧ ଜଣ ଯବନ ରାଜା ୧୬୪୪ ବର୍ଷ ରାଜତ୍ୱ କଲେ । ତପରେ ଆଜି ପର୍ଯ୍ୟନ୍ତ ଇଂଲଣ୍ଡ ଦେଶୀୟ ରାଜାମାନେ ରାଜତ୍ୱ କରୁଅଛନ୍ତି ।

ମନୁଷ୍ୟର ପରମାୟୁ—୧୨୦ ବର୍ଷ, ଉଚ୍ଚତା ୩୪ ହାତ । ପ୍ରାଣ—ଅନ୍ନଗତ; ମନୁଷ୍ୟମାନେ ପାପାନୁରତ ଓ କ୍ଷୀଣ । ପାତ୍ରର ନିର୍ଣ୍ଣୟ ନାହିଁ; ତୀର୍ଥ—ଗଙ୍ଗା; କର୍ତ୍ତବ୍ୟ—ଦାନ ।

ତାରକବ୍ରହ୍ମନାମ—

ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣକୃଷ୍ଣ ହରେ ହରେ ।
ହରେରାମ ହରେରାମ, ରାମରାମ ହରେ ହରେ ।

କଳିଯୁଗର ଶାସ୍ତ୍ରବର୍ଣ୍ଣିତ ଲକ୍ଷଣ—

ସଂସାର ଧର୍ମହୀନ, ତପୋବ୍ରତହତ, ସତ୍ୟହୀନ; ଲୋକେ ପାପରତ; ବ୍ରାହ୍ମଣମାନେ ଲୋଭୀ ଓ ମୂର୍ଖ; ନୃପତି ଲୋଭୀ ଓ କପଟୀ; ମନୁଷ୍ୟମାନେ ସ୍ତ୍ରୀବଶ ଓ ପାପାନୁରକ୍ତ । ସ୍ତ୍ରୀମାନେ ଚପଳା, ପୃଥିବୀ ନିର୍ବୀର୍ଯ୍ୟ । ଓ ନଦୀମାନେ ଅଳ୍ପଜଳା ଓ ଗାଭୀମାନେ ଅଳ୍ପଦୁଗ୍ଧା ଓ ବୃକ୍ଷମାନେ ଅଳ୍ପଫଳା । ଦୁର୍ଜନଙ୍କର ପ୍ରଭାବବୃଦ୍ଧି ଓ ସଜ୍ଜନଙ୍କର ଦୁରବସ୍ଥା । (ଅରୁଣୋଦୟ ପ୍ରେସ୍ ପ୍ରକାଶିତ ଖଡ଼ିରତ୍ନ ପଞ୍ଜିକା)

ଆଧୁନିକ ଗଣନାନୁସାରେ କଳି ଯୁଗର ଆରମ୍ଭକାଳ ଖ୍ରୀଷ୍ଟପୂର୍ବ ୩୧୦୧ ସାଲ । ଅତଏବ ୧୯୩୬ ସାଲ ପର୍ଯ୍ୟନ୍ତ କଳିଯୁଗର ୫୦୩୭ ବର୍ଷ ଭୋଗ ହୋଇଅଛି ଓ ୪ ଲକ୍ଷ ୨୬ ହଜାର ୯୬୩ ବର୍ଷ ବାକି ଅଛି ।

ଘୋର କଳି ଉପସ୍ଥିତ ହେଲେ, ଅର୍ଥାତ୍ ଜଗତକୁ ପାପ ଗ୍ରାସିଲେ ଭଗବାନ୍ କଳ୍କି ଅବତାର ଗ୍ରହଣ କରି ପାପିଙ୍କୁ ସଂହାର କରି ଜଗତରେ ସତ୍ୟର ପ୍ରତିଷ୍ଠା କରିବେ ବୋଲି ଶାସ୍ତ୍ରରେ ଲେଖାଅଛି । ଶାସ୍ତ୍ରରେ କଳିଯୁଗର ବିକଟ ଅବସ୍ଥା ଘଟିବାର ଯାହା ବର୍ଣ୍ଣିତ ହୋଇଅଛି ତାହା କ୍ରମେକ୍ରମେ ଘନୀଭୂତ ହେଉଥିବା ଦେଖା ଯାଉଅଛି ।

ଦେ. ବି—୧ । (ସଂ. ଯୁଗ୍ମ) ପଶାକାଠିରେ ପଡ଼ିବା ଦାନବିଶେଷ; ଯେଉଁ ଦାନରେ ପଶାର ୩ଗୋଟି କାଠିମଧ୍ୟରୁ ୨ଟି (ଯୁଗ୍ମ) କାଠି ଉପରେ ଦେଖାଯିବା ଚିହ୍ନ ସଂଖ୍ୟା ସମାନ ହୋଇଥାଏ—1. A throw of the dice resulting in 2 of the dice turning up with the same number of points. [ଦ୍ର—

ଯୁଗ
ଯୁଗ୍

ପଶାଖେଳରେ କେତେଗୁଡ଼ିଏ ଦାନ ଅଛି ଯାହା କି 'ଯୁଗ' ହୋଇପାରେ ନତେତ୍ 'ଯୁଗ' ନ ହୋଇ ମଧ୍ୟ ସେହି ସଂଖ୍ୟାର ସମଷ୍ଟି ହୋଇପାରେ । ଯଥା—

ଯୁଗ ୯ ବା ପଞ୍ଚାଣ୍ଟର=(୧ କାଠିରେ) ୨+(୧ କାଠିରେ) ୨+(୧ କାଠିରେ) ୫;

ଯୁଗ ନ ହୋଇ ୯ ବା ଛଅ ଛକ=(୧ କାଠିରେ) ୨+(୧ କାଠିରେ) ୧+(୧ କାଠିରେ) ୬

ଯୁଗ ୧୨ ବା ଦଶଦୁଇ=୫+୫+୨

ଯୁଗ ନ ହୋଇ ୧୨ ବା କଚେ ବାଆର=୬+୫+୧;

ପଶାରେ '୧୦' ଦାନ କେବଳ ଯୁଗରେ ପଡ଼େ (୬+୨+୨); ଯୁଗ ନ ହୋଇ '୧୦' ଦାନ ଘଟି ନ ପାରେ ।

ପଶାର ଗୋଟି କେତେ 'ଯୁଗ' ଦାନର ଡାକ ନାମ ।
ଅଠର—୩ଟି କାଠିରେ ୬ ଲେଖାଏଁ ପଡ଼ିବା;
ସତର—୨ଟି କାଠିରେ ୬ ଲେଖାଏଁ ଓ ଗୋଟିକରେ ୫;
ଷୋହଳ—୨ଟି କାଠିରେ ୫ ଲେଖାଏଁ ଓ ଗୋଟିକରେ ୬;
ପନ୍ଦର—୩ଟି କାଠରେ ୫ ଲେଖାଏଁ;
ଚଉଦ—୨ଟି କାଠିରେ ୬ ଲେଖାଏଁ ଓ ଗୋଟିକରେ ୨;

(ଯୁଗ) ତେଏର—୨ ଝରେ ୬ ଲେଖାଏ ଓ ଗୋଟିକରେ ୧; (ଗୋଟିକରେ ୬, ଗୋଟିକରେ ୫ ଓ ଗୋଟିକରେ ୨ ପଡ଼ି ୧୩ ହେଲେ ବାହ ଯୁଗ ହେଲା ନାହିଁ।)
(ଯୁଗ) ବାଅର—ଦୁଇଟିରେ ୫ ଲେଖାଏଁ ଓ ଗୋଟିକରେ ୨ (ଗୋଟିକରେ ୬, ଗୋଟିକରେ ୫ ଓ ଗୋଟିକରେ ୧ ପଡ଼ି ୧୨ ହେଲେ ଯୁଗ ହେଲା ନାହିଁ।)
ଏଗାର—ଦୁଇଟିରେ ୫ ଲେଖାଏଁ ଓ ଗୋଟିକରେ ୧;
ଦଶ—ଦୁଇଟିରେ ୪ ଲେଖାଏଁ ଓ ଗୋଟିକରେ ୨;
ନଅ—ଦୁଇଟିରେ ୨ ଲେଖାଏଁ ଓ ଗୋଟିକରେ ୫; ବା ଗୋଟିକରେ ୨, ଗୋଟିକରେ ୧, ଗୋଟିକରେ ୬;
ଆଠ—ଦୁଇଟିରେ ୧ ଲେଖାଏଁ ଓ ଗୋଟିକରେ ୬;
ବା ଗୋଟିକରେ ୨, ଗୋଟିକରେ ୧ ଓ ଗୋଟିକରେ ୫;
ସାତ—ଦୁଇଟିରେ ୧ ଲେଖାଏଁ ଗୋଟିକରେ ୫
ଛଅ—(ଛ କଡ଼ା) ବା ୩ଟିରେ ୨ ଲେଖାଏଁ;
ପାଞ୍ଚ—ଦୁଇଟିରେ ୨ ଲେଖାଏଁ ଗୋଟିକରେ ୧ (ପଞ୍ଚତି)
ଶ୍ରୁର—ଦୁଇଟିରେ ୧ ଲେଖାଏଁ ଗୋଟିକରେ ୨ (ଶ୍ରୁର ଦାନା)
ତିନ—୩ଟିରେ ୧ ଲେଖାଏଁ (ତିନ ଦାନା)]
୨। (ସଂ. ଯୋଗ) ମିଳନ—2. Mixing. [ଉ—ବାସରେ ଯୁଗ କରଇ ବଗୁର, ବାସରେ ଯୁଗ ନୋହୁ ପଞ୍ଚଶର; ବନାଗିଲେ ପୁନ, ବନା ଗନ୍ଧରେ ତ ଗନ୍ଧ ଜୀବନ। ଭଞ୍ଜ. ବୈଦେହୀଶବିଳାସ।] ବଣ (ସଂ. ଯୁଗ୍ମ) ଦୁଇ—Two. [ଉ—ଉଲ୍ଲୋଳ ଯୁଗ ଉତ୍ତୁଙ୍ଗ ଆକାର, ବାମ ଦକ୍ଷିଣ ପାର୍ଶ୍ୱ ମନୋହର। ପ୍ରାଚୀ. ରସବାରିଧି।]
ପ୍ରାଦେ (ମେଦିନୀପୁର) ବି (ସଂ. ଯୁଗରଜ୍ଜୁ)—ଯୋତ ଦଉଡ଼ି-Ropes for tying beasts to the yoke.

ଯୁଗ ଆସି ଲତାରେ ପଶିଲାଣି—ଦେ. ବାକ୍ୟ—ସଂସାରକୁ ଅତି ଅଧର୍ମ ଓ
Jūga āsi laṭāre pasilāṇi ଘୋର ପାପ ଗ୍ରାସ କଲାଣି—
(ଯୁଗ ଲତାରେ ପଶିଲାଣି—ଅନ୍ୟରୂପ) Sin and impiety have dominated the earth; the times are out of joint.

ଯୁଗ କାଷ୍ଠ—ସଂ. ବି (ମ.ପ.ଲୋ)—ଯୁଆଳି—
Jūga kāshṭha Yoke.

ଯୁଗ କୀଲକ—ସଂ. ବି—ବଳଦଙ୍କ କାନ୍ଧକୁ ଯୁଆଳିରେ ଅଟକାଇ ରଖିବା
Jūga kīlaka ପାଇଁ ଯୁଆଳି ଅଗରେ ବ୍ୟବହୃତ ଖିଲ ବା କାଳା—The pins attached to the ends of the yoke. [ଦ୍ର—ଶଗଡ଼ର ଯୁଆଳିରେ ଲାଗିଥିବା କାଳାକୁ ବାଲୁଳ ଓ ଲଙ୍ଗଳର ଯୁଆଳିରେ ଲାଗିଥିବା କାଳାକୁ ଶୋଉଲ ବା ଶଉଲ କହନ୍ତି। ଶଗଡ଼ର ବାଲୁଳ ଉପରଆଡ଼ୁ ଦିଆଯାଏ ଓ ଫୁଗୁଲା ଥାଏ। ଲଙ୍ଗଳର ଶୋଉଲ ତଳଆଡ଼ୁ ଦୃଢ଼ରୂପେ ଯୁଆଳି ଅଗରେ ସଂଲଗ୍ନ କରାଯାଇ ଥାଏ।]

ଯୁଗକୁ ଯୁଗ—ଦେ. କ୍ରି—ବହୁଯୁଗ ପାଇଁ; ଯୁଗେ ଯୁଗେ; ପ୍ରତିଯୁଗରେ
Jūgaku juga —For ages. [ଉ—ଯୁଗକୁ ଯୁଗ
युगकेयुग ଏହି ମତେ, ପରମାନନ୍ଦ ଏ ଜଗତେ। ଜଗନ୍ନାଥ.
युगसेयुग ଭାଗବତ।]

ଯୁଗ କ୍ଷୟ—ସଂ. ବି (୬ଷ୍ଠୀ ତତ୍)—ଯୁଗାନ୍ତ (ଦେଖ)
Jūga kshaya Jugānta (See)

ଯୁଗତ—ଗ୍ରା. ବଣ (ସଂ. ଯୁକ୍ତ)—୧। ଯୁକ୍ତ (ଦେଖ)—1. Jukta
Jūgata (See). ୨। ଦୈବକ୍ରମେ ଘଟିଥିବା—2.
युकत Happening by chance. [ଉ—ଉତ୍ଥାନ
युकत ଏକାଦଶୀ ବ୍ରତ, ସେଦିନ ହୋଇଛି ଯୁଗତ। ଭୂପତି. ପ୍ରେମପଞ୍ଚାମୃତ।] ଦେ. କ୍ରି. ବଣ—୧। ଯୁଗତେ; ଘଟନାକ୍ରମେ; ଦୈବକ୍ରମେ—1. By chance. ୨। ନିଶ୍ଚୟ—୨. Certainly. [ଉ—ଅମ୍ଭେ ବୋଇଲୁ ଶୁଣ ମାତ, ଧର୍ମ ସେ ଲଙ୍ଘିଲେ ଯୁଗତ। ଯଶୋବନ୍ତ. ପ୍ରେମଭକ୍ତି ଗୀତା।]

ଯୁଗ(ଗୁ)ତି—ଗ୍ରା. ବି (ସଂ. ଯୁକ୍ତି)—୧। ଯୁକ୍ତି (ଦେଖ)—
Jūga(gu)ti 1. Jukti (See) (ଉ—ଉରମ ବନ,
युकति ନଷ୍ଟ ହେଉଛି ପ୍ରାପତ, କରଇ ନୃପବର ଏଥିକି ଯୁଗତି।
युकति କୃଷ୍ଣସିଂହ. ମହାଭାରତ. ବନ।) ୨। ନ୍ୟାୟ—2. Justice.

ଯୁଗତେ—ଗ୍ରା. କ୍ରି.ବଣ (ସଂ. ଯୁକ୍ତିତଃ)—୧। ନ୍ୟାୟତଃ—1. Justly;
Jūgate legally. ୨। ଯୁକ୍ତିକ୍ରମେ—2. Reasonably;
युकते in reason. ୩। ଘଟଣାଚକ୍ରରେ; କାର୍ଯ୍ୟକ୍ରମେ—
युगते 3. In due course; in due order of things; in the course of events. ୪। ଦୈବକ୍ରମେ—4. By chance. ୫। ଉପଯୁକ୍ତରୂପେ—5. Fittingly; adequately. (ଉ—ଜଗତେ ଯୁଗତେ ପ୍ରାକୃତ ଆଗତେ ପ୍ରକଟ ହୁଅଇ ସେ ଖେଳ। ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ।) ୬। ବିଧିରେ; ରୀତି ଅନୁସାରେ—6. Reasonably; duly. (ଉ—ଯୁଗତେ ଏ ନାରୀ ଭାରିଯା ଆମ୍ଭର ବନ୍ଦୀ ହୋଇଅଛୁ ଅମ୍ଭେ। ଧର୍ମପୁରାଣ।) ୭। ପ୍ରକୃତରେ—7. Really. (ଉ—ନିର୍ଲେପ ଯୋଗୀ ସେ ଯୁଗତେ, ସଂଶୟ ଲାଗେ ମୋର ଚିତ୍ତେ। ଜଗନ୍ନାଥ. ଭାଗବତ।]

ଯୁଗ ଧର୍ମ—ସ. ବି (ମ. ପ. ଲୋ; ଯୁଗୋଚିତ ଧର୍ମ)—୧। ଯୁଗ ଲକ୍ଷଣ
Jūga dharma (ଦେଖ)—Jūga lakshaṇa (See). ୨। ଯୁଗୋଚିତ ଧର୍ମ; ଉକ୍ତ ଯୁଗରେ କରଣୀୟ ଧର୍ମ—2. The spirit of the age; the special conditions or duties or pursuits prescribed for each 'Jūga'; duties peculiar to a particular age of the world. ଦେ. ବି—ସ୍ୱର୍ଗୀୟ ରାମଶଙ୍କର ରାୟଙ୍କ କୃତ ଓଡ଼ିଆ ନାଟକର ନାମ—The name of an Oriya drama by the late Rāmaśaṅkara Rāya

ଯୁଗନ୍ଧର—ସଂ. ବି (ଉପପଦ ତତ୍ପୁରୁଷ; ଯୁଗ°=ଯୁଗକୁ+ଧୃ ଧାତୁ=
Jūgandhara ଧାରଣ କରିବା+କର୍ତ୍ତୃ. ଅ; ଯୁଗ ବା ଯୁଆଳିକୁ ଯେ ଧାରଣ କରେ)—୧। ଯୁଆଳିରେ ସଂଲଗ୍ନ ଥିବା ଶକଟର ବା ଲଙ୍ଗଳାଦିର ଦଣ୍ଡ; ଝୁଙ୍ଗମୁଣ୍ଡି; କୁବର; ଲଙ୍ଗଳର

ଈଷ—1. The front end of the beam of a cart or plough which is attached to the middle of the yoke. ୨ । ପର୍ବତ ବିଶେଷ—2. Name of a mountain. ୩ । ଗାଡ଼ିର ଦମ୍—3. The beam of a carriage; the pole of a carriage. ୪ । (ନାମ) ସାତ୍ୟକଙ୍କ ପୌତ୍ର (ହ୍ରୁ. ଶ)—4. Grandson of Sātyaki

ଯୁଗନ୍ଧରା—ସଂ. ବି. ସ୍ତ୍ରୀ (ଯୁଗନ୍ଧର+ସ୍ତ୍ରୀ. ଆ)—
Jugandharā Goddess Pārbati

ଯୁଗନ୍ଧରାମ୍ଳ—ସଂ. ବି (ବୈଦ୍ୟକ)—ସାବନାଳ ବା ଯୁଆସରୁ ପ୍ରସ୍ତୁତ
Jugandharāmla ଏକପ୍ରକାର କାଞ୍ଜି—Fermented juice of boiled maize-water.

ଯୁଗପ—ସଂ. ବି (ଯୁଗ+ପା. ଧାତୁ+କର୍ତ୍ତୃ. ଅ)—ଗନ୍ଧର୍ବ (ହ୍ରୁ. ଶ)—
Jugapa Gandharba.

ଯୁଗପତ୍—ସଂ. ଅ (ଯୁଗ=ଯୋଡ଼ା+ପଦ୍. ଧାତୁ=ଗମନ କରିବା+
Jugapat କର୍ତ୍ତୃ. କ୍ୱିପ୍)—ଏକକାଳୀନ; ଏକକାଳରେ; ଏକ ସମୟରେ ଘଟିବା (ଏକାଧିକ ଘଟଣା)—Simultaneously; at one and the same time (more than one thing taking place).

ଯୁଗପତ୍ର—ସଂ.ବିଣ (ବହୁବ୍ରୀହି)—ଯୁଗପର୍ଣ୍ଣବିଶିଷ୍ଟ—Bipinnated. ବି—
Jugapatra ୧ । ଯୁଗ୍ମପର୍ଣ୍ଣ ବୃକ୍ଷ; ଯେଉଁ ଗଛର ପତ୍ରମାନ (ଯୁଗପତ୍ରକ—ଅନ୍ୟରୂପ) ଯୋଡ଼ା ଯୋଡ଼ା ହୋଇ ଅବସ୍ଥିତ—1. Any tree the foliage of wh ch is doubly attached to the stem; a tree with Folium Binatum; bipinnated tree. ୨ । କୋବିଦାର; ରକ୍ତକାଞ୍ଚନ; ନାଲ କାଞ୍ଚନ ବୃକ୍ଷ—2. The mountain ebony tree; Bauhinia Variegata.

ଯୁଗପତ୍ରିକା—ସଂ. ବି—ଶିଶୁ ଗଛ—
Jugapatrikā The Sisso tree; Dalbergia Sisu

ଯୁଗ ପାର୍ଶ୍ୱଗ—ସଂ. ବି. ପୁଂ (ଯୁଗ+ପାର୍ଶ୍ୱ+ଗମ୍. ଧାତୁ+କର୍ତ୍ତୃ. ଅ;
Juga pārśwaga ଅନ୍ୟ ସଂ. ନାମ. ପୃଷ୍ଠବାହ୍)—ଯୁଆଳି ପାଖରେ ବନ୍ଧା ହୋଇ ମଣ କରାଯିବା ଦାମ୍ଡ଼ି ବଳଦ; କର୍ଷଣାଦିର ଅଭ୍ୟାସାର୍ଥ ଯୁଆଳିର ପାର୍ଶ୍ୱରେ ଆବଦ୍ଧ ଗବାଦି ଜନ୍ତୁ; ଅଭ୍ୟାସାର୍ଥ ଯୁଆଳିର କଡ଼ରେ ବନ୍ଧା ହୋଇଥିବା ତୃତୀୟ ବଳଦ—The third young ox tied to the end of a yoke by a rope in order to be habituated to the drawing of a cart or a plough.

ଯୁଗ ପୁରୁଷ—ସଂ. ବି (ଆଧୁନିକ ପ୍ରୟୋଗ; ମ. ପ. ଲୋ)—ଯୁଗୋଚିତ
Juga purusha ଭାବକୁ ବା ସଂସ୍କାରକୁ ଯେ ଜନସମାଜରେ ଚଳାଇବା ଲୋକମାନଙ୍କ ମଧ୍ୟରେ ଅଗ୍ରଣୀ—Representative of the age. (ଯଥା—ରାଜା ରାମମୋହନ ରାୟ, ମହାତ୍ମାଗାନ୍ଧି, ବାଳଗଙ୍ଗାଧର ତିଳକ ଏମାନେ ଯୁଗପୁରୁଷ ବା ଯୁଗପ୍ରବର୍ତ୍ତକ ବୋଲି କଥିତ) ।

ଯୁଗ ପ୍ରବର୍ତ୍ତକ—ସଂ. ବି ଓ ବିଣ—(ଆଧୁନିକ ପ୍ରୟୋଗ)—ସମାଜରେ ବା
Juga prabartaka ରାଜ୍ୟରେ ବା ରାଜନୀତିରେ ନୂତନ ଗତି ଓ ସଂସ୍କାର ଚଳାଇବା (ବ୍ୟକ୍ତି)—A person who introduces timely reforms in society or politics

ଯୁଗ ବାହୁ—ସଂ. ବିଣ (ବହୁବ୍ରୀହି)—ଯାହାର ବାହୁ ଲମ୍ବ; ଦୀର୍ଘବାହୁ
Juga bāhu (ହ୍ରୁ. ଶ)—Long-armed (Apte)

ଯୁଗ(ଗୁ) ବୁଡ଼୍(ଡ଼ୁ)—ଦେ. ବି—୧। ଅତ୍ୟନ୍ତ ବିପନ୍ନ ବା ଅକାଳ ଅବସ୍ଥା;
Juga(gu)burd(rd)u) ଅସମ୍ଭାଳ ଅବସ୍ଥା—1. An un-
ପ୍ରାଣାନ୍ତ ଯুগবুড bearable condition; a condition of very trying circumstances. [ଉ—ରଜାଙ୍କ ଯାଏ ଯାଏ, ରାଣୀଙ୍କୁ ଯୁଗ ବୁଡ଼୍—ଭଗ ।] ୨ । ଯୁଗାନ୍ତ ଖଣ୍ଡ ପ୍ରଳୟ—2. Partial deluge or dissolution overtaking the creation at the end of a cycle of ages.

ଯୁଗ ବୁଡ଼ା—ଦେ. ବିଣ. (ଗାଳି)—୧ । ଅତ୍ୟନ୍ତ ଦୁଷ୍ଟ (ବ୍ୟକ୍ତି); ଯେ
Juga burdā ଅନ୍ୟର ସର୍ବନାଶ ଘଟାଏ—1. Ruinous. (ଯୁଗ ବୁଡ଼େଇ—ସ୍ତ୍ରୀ) ୨ । ଅତି ଅନ୍ୟାୟ ବା ପାପଜନକ (କର୍ମ)—
সর্বনেশে 2. Sinful or unrighteous (act). ବି—
যুগবুডা ଯୁଗ ବୁଡ଼ିବା (ଦେଖ)—Juga burdibā (See)

ଯୁଗ ବୁଡ଼ିବା—ଦେ. ବି—୧ । ଯୁଗାନ୍ତ ଖଣ୍ଡ ପ୍ରଳୟ—1. Partial
Juga burdibā dissolution taking place at the
সর্বনাশ হওয়া end of a cycle of 4 ages. ୨ । ଯୁଗାନ୍ତ-
যুগ বুডনা 2. The end or evening of a Juga or age. ୩। ସର୍ବନାଶ ଘଟିବା—3. Ruination;

ଯୁଗମ—ଗ୍ରା. (ପଦ୍ୟ) ବି ଓ ବିଣ. (ସଂ. ଯୁଗ୍ମ)—ଯୁଗ୍ମ (ଦେଖ)
Jugama Jugma (See)
যুগম युगम

ଯୁଗ ଯୁଗ—ଦେ.କ୍ରି.ବିଣ—୧। ଯୋଡ଼ି ଯୋଡ଼ି—1. In pairs. [ଉ—
Juga juga ବ୍ରହ୍ମା ଅଗ୍ରେ ଯେ ବେଦକେ ଯୁଗ ଯୁଗ କେଲେ । ଜଗ.
যুগযুগ ବୈଦେହୀଶବିଳାସ ।] ୨ । ଯୁଗକାଳ ଯାଏଁ—
युगयुग 2. For ages.

ଯୁଗ ଯୁଗକୁ—ଦେ. କ୍ରି. ବିଣ—୧ । ବହୁଯୁଗ ପର୍ଯ୍ୟନ୍ତ—1. For a
Juga Jugaku great many years; for ages. [ଯୁଗ(ଗେ) ଯୁଗେ—ଅନ୍ୟରୂପ] ୨ । କାଳ କାଳକୁ; ବହୁକାଳକୁ
যুগযুগ ଦୂର ଭବିଷ୍ୟତ କାଳ ଯାଏଁ—2. To a long time;
युग युग upto a distant future.
[ଉ—ଯାଉଛୁ ମା ! ମୋତେ ଯୁଗେ ଯୁଗେ ମିଳୁ ତୋ ପଦ ଭଜନା ଭବେ । ରାଧାନାଥ. ପାର୍ବତୀ ।]

ଯୁଗ ଯୁଗାନ୍ତର—ସଂ. ବି. (ଦ୍ୱନ୍ଦ୍ୱ; ଯୁଗ ଓ ଯୁଗାନ୍ତର)—ଏ ଯୁଗ ଓ ଅନ୍ୟ
Juga jugāntara ଯୁଗ; ବହୁଯୁଗ—This and the following ages; many an age.

ଯୁଗର ଗ(ରୀ)ତି—ଦେ. ବ—ଯୁଗର ଭଙ୍ଗ; ଯୁଗର ଲକ୍ଷଣ—The Jugara ga(ri)ti sign of the times; the spirit যুগের গতি युगकी रिति of the age.
ଯୁଗର ଗଢ଼ଗାଢ଼ / ଯୁଗର ଗାଢ଼ଗଢ଼ } ଅନ୍ୟରୂପ (ଦୃ—ଯୋଉଁ ଯାଉ ଏ ଯୁଗର ଗାଢ଼, ଅଜା ଥାଇଁ ଥାଉଁ ମରଇ ନାତି—ଭଗ ।)

ଯୁଗ ରାଇଜ—ଦେ. ବ. (ସ. ଯୁଗ+ରାଜ୍ୟ)—ବହୁକାଳବ୍ୟାପୀ ରାଜ୍ୟ Juga rāija ଭୋଗ— Enjoyment of a kingdom চিরকাল রাজ্য ভোগ युगराज for a long time. (ଯୁଗ ରାଜ୍ୟ—ଅନ୍ୟରୂପ)

ଯୁଗ ରାଇଜ କରିବା—ଦେ. କ୍ରି. (ଆଶୀର୍ବାଦ)—୧ । ବହୁକାଳ ରାଜ୍ୟ Juga rāija karibā ଭୋଗ କରିବା—1. To reign for (ଯୁଗ ରାଜ୍ୟ କରିବା—ଅନ୍ୟରୂପ) a long period. ୨ । চিরকাল রাজত্ব করা ବହୁକାଳ ସୁଖରେ ସଂସାର ଭୋଗ କରିବା—युगराज करना 2. To enjoy worldly blessings for a long time. ୩ । ସୁଖୀ ହୋଇ ଚିରଞ୍ଜୀବୀ ହେବା—3. To live a long and happy life. (ଯଥା -ତୁମେ ପୁଅ, ଝିଅ, ନାତି, ନାତୁଣୀ ଘେନି ଯୁଗ ରାଇଜ କର । ଆଶୀର୍ବାଦ ବଚନ ।)

ଯୁଗଳ—ସ. ବଣ. (ଯୁଗ+ଅସ୍ତି ଅର୍ଥରେ. ଲ)—ଯୁଗ୍ମ; ଯୋଡ଼ାଏ—Jugaḷa A pair of. ବ—ଯୁଗ୍ମ; ଯୋଡ଼ା; ଦ୍ୱୟ; ଦ୍ୱନ୍ଦ୍ୱ; (ଯୁଗଳୀ—ସ୍ତ୍ରୀ) ମିଥୁନ—Team; couple; pair; brace [ଦ୍ର—ଏହା ପରଶବ୍ଦସାପେକ୍ଷୀ ଦ୍ୱିସଂଖ୍ୟାବାଚକ ଶବ୍ଦ ପରେ ଯୁକ୍ତ ହୁଏ । ଯଥା—
ବସ୍ତ୍ର ଯୁଗଳ—ଯୋଡ଼େ ଲୁଗା—A pair of cloths.
ଅଶ୍ୱ ଯୁଗଳ—ଯୋଡ଼ି ଘୋଡ଼ା—A team of horses.
ପକ୍ଷି ଯୁଗଳ—ଯୋଡ଼ାଏ ଚଢ଼େଇ—A brace of birds.
ପ୍ରାଣି ଯୁଗଳ—ସ୍ତ୍ରୀ ଓ ପୁରୁଷ ଜୀବଦ୍ୱୟ—A couple of animals
ଗୋ ଯୁଗଳ—ହଳେ ବଳଦ—A team or yoke of oxen.
ଦମ୍ପତି ଯୁଗଳ—ସ୍ତ୍ରୀ ସ୍ୱାମୀ ଦୁହେଁ—A couple (husband and wife).
ଚରଣଯୁଗଳ;—ଦୁଇ ଗୋଡ଼; ଜଣଙ୍କର ବାମ ଓ ଡାହାଣ) ଗୋଡ଼ one's pair of legs. ଦେ.ବ. ପୁଂ—ଯୁଗଳ-କିଶୋରର ଡାକନାମ—A name for calling Jugaḷakiśora.[ଦୃ—ଯୋଗୀ ଯୁଗଳ, ଚକ୍ରଧର, ମୂଳକ ଖଣ୍ଡିକ ବଳି କର —ଭଗ]

ଯୁଗଳକ—ସ. ବ.— (ଯୁଗଳ+ସ୍ୱାର୍ଥେ. କ)—୧ । ଯୁଗଳ (ଦେଖ) Jugaḷaka 1. Jugala (See) ୨ । ଯୁଗ୍ମକ; ଏକ-ବାକ୍ୟବିଶିଷ୍ଟ ଦୁଇଟି ଶ୍ଳୋକ--2. A couple of verses forming one sentence.

ଯୁଗଳ କିଶୋର—ସ. ବ.—୧ । ଏକତ୍ରାବସ୍ଥିତ ଯୁବକ ଯୁବତୀ ଦ୍ୱୟ—Jugaḷa kiśora 1. A couple consisting of a young man and woman. ୨ । ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି—2. The form of Rādhā and Krushṇa standing together. ୩ । ରାଧାଙ୍କୁ ଅଲିଙ୍ଗନ କରିଥିବା ଶ୍ରୀକୃଷ୍ଣଙ୍କ ରୂପ—3. The figure of Śrikrushṇa embracing Rādhā. ଦେ ବ. ପୁଂ—ଲୋକଙ୍କ ନାମ—A name given to males.

ଯୁଗଳ ମନ୍ତ୍ର—ସ. ବ.—ଏକତ୍ରୋଚ୍ଚାରିତ ଦେବତାଯୁଗଳଙ୍କର ମନ୍ତ୍ର—Jugaḷa mantra A mystic formula in which the names of 2 Deities are joined together. [ଦ୍ର—ଏହି ମନ୍ତ୍ର ଲକ୍ଷ୍ମୀନାରାୟଣ, ରାଧାକୃଷ୍ଣ, ହରଗୌରୀ, ହରିହର, ଲକ୍ଷ୍ମୀନୃସିଂହ, ପ୍ରଭୃତି ଯୁଗଳ-ମୂର୍ତ୍ତିଙ୍କର ମନ୍ତ୍ର । ଏହିପରି ଯୁଗଳ ଧ୍ୟାନ, ଯୁଗଳୋପାସନା ହୁଏ ।)

ଯୁଗଳମୂର୍ତ୍ତି—ସ. ବ (କର୍ମଧା; ଯୁଗଳ+ମୂର୍ତ୍ତି)—୧ । ଲକ୍ଷ୍ମୀନାରାୟଣ, Jugaḷa mūrti ଶିବ ପାର୍ବତୀ, ରାଧାକୃଷ୍ଣ, ବା ହରିହରଙ୍କ ମୂର୍ତ୍ତି—(ଯୁଗଳରୂପ—ଅନ୍ୟରୂପ) 1. An image consisting of 2 Deities or one God and one Goddess seated or standing together. ୨।ରାଧାକୃଷ୍ଣଙ୍କର ଏକତ୍ର ଅବସ୍ଥିତ ମୂର୍ତ୍ତି—2. The figure assumed by Śrikrushṇa while embracing Rādhā ୩ । ଏକତ୍ରାବସ୍ଥିତ ସ୍ୱାମୀ ଓ ସ୍ତ୍ରୀ—3. The figure of a couple placed side by side.

ଯୁଗଳୀ—ସ. ବଣ. ସ୍ତ୍ରୀ (ଯୁଗଳ+ଈ)—ଯୋଡ଼ି—Jugaḷi Double; a pair of.

ଯୁଗ ସନ୍ଧି—ସ. ବ (୬ଷ୍ଠୀ ତତ୍)—ଏକ ଯୁଗର ଶେଷ ଓ ଅନ୍ୟ ଯୁଗର Jugā sandhi ଆରମ୍ଭ କାଳ—The junction of two ages; the time about the end of one and the beginning of another age.
ଯୁଗ ସନ୍ଧ୍ୟା / ଯୁଗ ସନ୍ଧ୍ୟାଂଶ } ଅନ୍ୟରୂପ

ଯୁଗାଂଶକ—ସ. ବ (ଯୁଗାଂଶ+କ)—କାଳ ବା ଯୁଗର ଅଂଶ, Jugāṁśaka ବତ୍ସର—The year; the component part of an age.

ଯୁଗାଗମ—ସ. ବ (୬ଷ୍ଠୀ ତତ୍; ଯୁଗ+ଆଗମ)—ଯୁଗାଦି (ଦେଖ) Jugāgama Jugādi (See)

ଯୁଗାଡ଼—ପ୍ରାଦେ (ଉତ୍ତର ବାଲେଶ୍ୱର) ବ—ପରିବା— Jugārḍa Kitchen-vegetable.

ଯୁଗାଡ଼ିବା—ପ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି—ପରିବା କଟାଇବା—Jugārḍibā To chop kitchen-vegetables for cooking.

ଯୁଗାଦି(ଦ୍ୟ)—ସ. ବ [୬ଷ୍ଠୀ ତତ୍; ଯୁଗ+ଆଦି (ଦ୍ୟ)]—୧ । Jugādi(dya) ନୂତନ ଯୁଗର ପ୍ରଥମ ଉପସ୍ଥିତି—1. The (ଯୁଗାଦ୍ୟ—ବିପରୀତ) advent of an age. ୨ । ଗୋଟିଏ ମହାଯୁଗର ଆରମ୍ଭ—2. The beginning or dawning of a cycle of 4 ages. ୩ । ତିଥି—3. Lunar day.

ଯୁଗାଦ୍ୟା—ସଂ. ବି (ଯୁଗାଦ୍ୟ + ଆ)—ଯୁଗ ଆରମ୍ଭ ହେବାର ତିଥି—
Jugādyā The lunar day of the year on which one of the 4 ages first dawned. (ଯଥା —ସତ୍ୟ ଯୁଗାଦ୍ୟା, ବୈଶାଖ ଶୁକ୍ଳ ତୃତୀୟା; ଯୁଗ ଶବ୍ଦ ତଳେ ଟୀକା ଦେଖ ।)

ଯୁଗାନ୍ତ—ସଂ. ବି (୬ଷ୍ଠୀ ତତ୍; ଯୁଗ + ଅନ୍ତ)—୧ । ଯୁଗକ୍ଷୟ; ଯୁଗର
Jugānta ଅନ୍ତ ବା ଶେଷ ସମୟ—1. The end of an (ଯୁଗାବସାନ—ଅନ୍ୟରୂପ) age. ୨ । ମହାଯୁଗର ଅନ୍ତ; ପ୍ରଳୟ କାଳ—2. The end of a cycle of 4 ages; the time of dissolution.

ଯୁଗାନ୍ତକ—ସଂ. ବି—ବିଷ୍ଣୁଙ୍କର ନାମାନ୍ତର—A name of Bishnu.
Jugāntaka ବିଣ—ଯୁଗାନ୍ତ ପ୍ରଳୟକାରୀ—Bringing about the dissolution of the creation at the end of a cycle.
ଯୁଗାନ୍ତକର }
ଯୁଗାନ୍ତକୃତ୍ } —ଅନ୍ୟରୂପ

ଯୁଗାନ୍ତଜୀବୀ—ସଂ. ବିଣ. ପୁଂ (ଯୁଗାନ୍ତ + ଜୀବ୍ ଧାତୁ + କର୍ତ୍ତୃ ଣିନ୍;
Jugāntajibi ୧ମା. ୧ବ)—ଯେ ଯୁଗାନ୍ତ ପର୍ଯ୍ୟନ୍ତ ବଞ୍ଚି ରହେ —Living till the end of a cycle of ages. [ଦ୍ର—ପୁରାଣମତେ ମାର୍କଣ୍ଡେୟ ମୁନି ଯୁଗାନ୍ତଜୀବୀ ଅଟନ୍ତି ।]

ଯୁଗାନ୍ତ ପ୍ରଳୟ—ସଂ. ବି—ମହାଯୁଗ ଶେଷରେ ଘଟିବା ଖଣ୍ଡପ୍ରଳୟ—
Jugānta pralaya The partial dissolution of the creation at the end of every cycle of 4 ages.

ଯୁଗାନ୍ତ ବ୍ୟାପୀ—ସଂ. ବିଣ—ଏକ ଯୁଗାନ୍ତ ସମୟ ପର୍ଯ୍ୟନ୍ତ ରହିବା ବା
Jugānta byāpi ଘୋଟିବା (ପ୍ରଳୟ)—Existing for the period of one 'Jugānta'.

ଯୁଗାନ୍ତର—ସଂ. ବି (ନିତ୍ୟ ସମାସ; ଅନ୍ୟ + ଯୁଗ)—ଅନ୍ୟ ଯୁଗ—
Jugāntara Another age.

ଯୁଗାନ୍ତ ସ୍ଥାୟୀ—ସଂ. ବିଣ—୧ । ଯୁଗାନ୍ତ ପର୍ଯ୍ୟନ୍ତ ରହିଥିବା—1.
Jugānta sthāyi Existing till the end of a cycle. ୨ । ଚିରସ୍ଥାୟୀ—2. Permanent.

ଯୁଗାବଧି—ସଂ. ବି (୬ଷ୍ଠୀ ତତ୍; ଯୁଗ + ଅବଧି)—ଯୁଗକ୍ଷୟ (ଦେଖ)
Jugābadhi Jugakshaya (See). ବି. କ୍ରି. ବିଣ —ବହୁକାଳ ହେଲା—For an age.

ଯୁଗାବ୍ଦ(ବ୍ଦା)—ସଂ. ବି (୬ଷ୍ଠୀ ତତ୍; ଯୁଗ + ଅବ୍ଦ)—କୌଣସି ଯୁଗରେ
Jugābda(bdā) ଭୋଗ ହୋଇଥିବା ବରଷମାନ—The number of years traversed by a Juga.

ଯୁଗାରମ୍ଭ—ସଂ ବି—ଯୁଗାଦି (ଦେଖ)
Jugārambha Jugādi (See)

ଯୁଗୀ—ପ୍ରାଦେ. (ସିଂହଭୂମ, ବାଲେଶ୍ୱର ଓ ମେଦିନୀପୁର) ବି—ହିନ୍ଦୁ
Jugi ଭିକ୍ଷୁକ ଜାତି ବିଶେଷ, ଯୋଗୀ—A caste of beggars amongst the Hindus.

ଯୁଗୁ—ଦେ. ଅ—୧ । ହେତୁ; ପାଇଁ; ଯୋଗେ—1. For. [ଦ୍ର
Jugun —କୃଷ୍ଣଯୋଗୁ ବିଚ୍ଛେଦ ଯୁଗୁ ଲାଗି ଉଦାଉତ ଲାଗୁ ଲାଗୁ । କବିସୂର୍ଯ୍ୟ. ସଙ୍ଗୀତ ।] ୨ । ଦୁଇଙ୍କ ମଧ୍ୟରୁ—2. From the pair of. [ଦ୍ର—ବେଶମାନ ହୋଇଲା ଏଯୁଗର, ଲୋଚନଯୁଗୁ ବହେ ନୀର । ଜଗନ୍ନାଥ. ଭାଗବତ ।)

ଯୁଗେ—ପ୍ରାଦେ (ଦକ୍ଷିଣ ଭାଷା) ବିଶେଷ ବିଣ—ଅତ୍ୟନ୍ତ—
Juge Very much.
(ଯଥା—ଯୁଗେ ଜକୋ=ଅତି ସୁନ୍ଦର ।)

ଯୁଗେ ଯୁଗେ—ସଂ. ଅ—ପ୍ରତି ଯୁଗରେ—
Juge juge In every age; for ages.

ଯୁଗେଶ—ସଂ. ବି (ଜ୍ୟୋତିଷ)—ରାଶିଚକ୍ରରେ ବୃହସ୍ପତିଙ୍କ ୬୦ ବର୍ଷର
Jugesa ଗତି ଅନୁସାରେ ପ୍ରତି ପାଞ୍ଚବର୍ଷ ବିଶିଷ୍ଟ ଯୁଗର ଅଧିପତି ଦେବ—(Astronomy) The presiding Deity over each cycle of 5 of the years of Jupiter. [ଦ୍ର—ବୃହସ୍ପତି ମାଘମାସରେ ଧନିଷ୍ଠା ନକ୍ଷତ୍ରର ପ୍ରଥମାଂଶରେ ଉଦୟ ହେବା ବେଳେ ଏ ଗଣନାର ଆରମ୍ଭ ହୁଏ । ବୃହସ୍ପତିଙ୍କ ୬୦ ବର୍ଷରେ ୫ ବର୍ଷରେ ଗୋଟିଏ ଲେଖାଏଁ ଯୁଗ ହୁଏ । ଏପରି ୧୨ଟି ଯୁଗର ଅଧିପତି ଯଥାକ୍ରମେ ବିଷ୍ଣୁ, ସୁରେଜ୍ୟ, ବଳଭିତ୍, ଅଗ୍ନି, ତ୍ୱଷ୍ଟା, ଅହିର୍ବୁଧ୍ନ, ପ୍ରୋଷ୍ଠପଦ, ପିତୃଗଣ, ବିଶ୍ୱ, ସୋମ, ଶକ୍ରାନଳ, ଅଶ୍ୱି ଓ ଭଗ ଅଟନ୍ତି । ପ୍ରତିଯୁଗର ୫ ବର୍ଷର ଯଥାକ୍ରମେ ନାମ, ସଂବତ୍ସର, ପରିବତ୍ସର, ଇଦାବତ୍ସର, ଅନୁବତ୍ସର ଓ ଇଦ୍‌ବତ୍ସର—ବୃ. ସ.]

ଯୁଗ୍ମ—ସଂ. ବି—(ଯୁଜ୍ ଧାତୁ=ଯୋଗ କରିବା + କର୍ମ. ମ)—୧ ।
Jugma ଯୁଗଳ; ଯୋଡ଼ା—1. Pair; couple. ୨ । (ଯୁଗଳ—ଗ୍ରାମ୍ୟ ରୂପ) (ଜ୍ୟୋତିଷ) ମିଥୁନ ରାଶି—2. (Astrology) The 3rd sign of the zodiac; the Gemini; or the twins. ୩ । ଯାଆଁଳା ପିଲା—3. Twins. ୪ । ଏକତ୍ର ସମ୍ବନ୍ଧ ଦୁଇଟି ଶ୍ଳୋକ— 4. A couple of stanzas connected with each other by construction, i. e. forming one grammatical sentence. ୫ । (ଗଣିତ) ଯୋଡ଼ରାଶି; ଯେଉଁରାଶି ଦୁଇରେ ହରାଗଲେ ଛିଣ୍ଡି ଯାଏ—5. (Arithmetic) An even number; a multiple of 2. ୬ । (+ ଯୁଜ୍. ମ)—ସଂଯୋଗ; ମିଳନ—6. Union. ୭ । ଦୁଇଜଣଙ୍କ ଭେଟାଭେଟି—7. A meeting together of two persons. ୮ । (+ ଅଧିକରଣ)—ଦୁଇନଦୀର ମିଳନସ୍ଥାନ—8. The confluence of two rivers. ବିଣ—୧ । ଯୋଡ଼ାଏ; ଯୋଡ଼ିଏ— 1. A couple of; a pair of. ୨ । ଦୁଇରେ ହରିଲେ ଭାଗଶେଷ ନ ରହିବା (ସଂଖ୍ୟା)—2. Even (number).

ଯୁଗ୍ମକ—ସଂ. ବି (ଯୁଗ୍ମ + ସ୍ୱାର୍ଥେ କ)—ଏକତ୍ର ଅନ୍ୱିତ ଦୁଇଟି ଶ୍ଳୋକ
Jugmaka —Two stanzas connected with each other by grammatical construction.

ଯୁଗ୍ମ କଳା—ସ. ବି—୧ । ଭଦ୍ରଦନ୍ତିକା—1. A medicinal
Jugma kalā shrub. ୨ । ବୃଶ୍ଚିକାଳୀ; ବିଛୁଆତି—
2. The stinging nettle; Targia Involucruta.

ଯୁଗ୍ମଜ—ସଂ. ବିଣ. ପୁଂ (ଯୁଗ୍ମ+ଜନ୍ ଧାତୁ+କର୍ତ୍ତୃ. ଅ)—ଜାଆଁଳା
Jugmaja (ପିଲା)—Twin-born; twin.
(ଯୁଗ୍ମଜା—ସ୍ତ୍ରୀ)

ଯୁଗ୍ମ ତିଥି—ସଂ. ବି—ଏକାଦିନରେ ପଡ଼ିବା ଦୁଇଟି ତିଥି—Two
Jugma tithi lunar days falling on one solar day.

ଯୁଗ୍ମ ପର୍ଣ୍ଣ(ତ୍ର)—ସଂ. ବି—୧ । ଯୁଗ ପତ୍ର (ଦେଖ)—
Jugma parnna(tra) 1. Juga patra (See)
୨ । ସପ୍ତପର୍ଣ୍ଣି ବା ଛତିଆନା ଗଛ—2. A tree; Alotonia Scholaris.

ଯୁଗ୍ମ ବର୍ଣ୍ଣ—ସଂ. ବି—ଏକ ଅକ୍ଷର ଦୁଇଥର ଯୁକ୍ତ ହୋଇ ଉଚ୍ଚାରିତ ବର୍ଣ୍ଣ
Jugma barnna —A letter made by doubling the same letter; a double letter (e. g. double b; double t). (ଯଥା—କ୍କ, ଗ୍ଗ, ଟ୍ଟ, ଲ୍ଲ, ବ, ମ୍ମ ।)

ଯୁଗ୍ମ ଯମକ—ସ. ବି—ଯମକ ବିଶେଷ—A kind of allitera-
Jugma jamaka tion. [ଦ୍ର—ନିମ୍ନଲିଖିତ ପଦଟି ଯୁଗ୍ମ ଯମକ ଅଟେ । ଯଥା—କରକରଦନ ! କର କର ଅନୁକମ୍ପା, ଫୁଲ ଶର ଶର ସହ ! ସହିବ ମୁଁ କମ୍ପା । ଗୋଲୋକ ଇନ୍ଦୁରେଖା ।]

ଯୁଗ୍ମ ଯୁଗ—ଦେ. ବି—ଜୈନ ତୀର୍ଥଙ୍କରମାନଙ୍କ ସମୟରେ ଭୂମିଷ୍ଠ ହୋଇଥିବା
Jugma juga ପ୍ରସିଦ୍ଧ ସ୍ତ୍ରୀ-ପୁରୁଷ—A pair of great persons (a male and a female) who were born at the same time during the time of the Jaina Tirthankaras (Nahar, Epitome of Jainism).

ଯୁଗ୍ମ ସ୍ୱର—ସ. ବି (ଯୋଗଶାସ୍ତ୍ର)—ଚନ୍ଦ୍ରସ୍ୱର ସହିତ ରବିସ୍ୱର ଓ
Jugma swara ରବିସ୍ୱର ସହିତ ଚନ୍ଦ୍ରସ୍ୱର ଏକତ୍ର ଥିବା ସ୍ୱର ଓ ଯୋଗ—(Joga) The conjunction of the lunar swara with the solar swara. [ଦ୍ର—ଚନ୍ଦ୍ର ମଧ୍ୟେ ରବିସ୍ଥିତ ଭବ ଚନ୍ଦ୍ରେ ପୂର୍ଣ୍ଣୀ, ଏମନ୍ତ ବେଳେ ପୁଚ୍ଛିଲେ ଜାଣିବ ଭୂମାଗ୍ୟ, ଯୁଗ୍ମସ୍ୱର ଏ ବୋଲାଇ ଚତ୍ରେ ହେତୁ କର । ପ୍ରାଚୀ. ଶିବସ୍ୱରୋଦୟ ।]

ଯୁଗ୍ମାନ୍ତାନୁପ୍ରାସ—ସ. ବି (ଅଳଙ୍କାର)—ଅନୁପ୍ରାସ ବିଶେଷ—
Jugmāntānuprāsa A kind of alliteration in rhetoric. [ଦ୍ର—ନିମ୍ନଲିଖିତ ପଦ୍ୟରେ ଯୁଗ୍ମାନ୍ତାନୁପ୍ରାସ ଦେଖାଯାଏ । ଯଥା - ଶରବାର ମାରର ହେଲା ଘଟୁଣିର ସମସ୍ତୁ ବଳାୟ ଘାତକର । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।]

ଯୁଗ୍ୟ—ସ. ବିଣ.—(ଯୁଗ+ବହିବା ଅର୍ଥରେ ଯ)—୧ । ଯୁଗବାହୀ (ପଶୁ)
Jugya 1. Bearing burden by a yoke. ୨ । ଯୁଆଳରେ ଯୋଗ୍ୟ ହେବା ଉପଯୁକ୍ତ—2. Fit to be yoked. ୩ । ଯୁଆଳରେ ଯୋଗ୍ୟ ହୋଇଥିବା (ପଶୁ)—3. Yoked; harnessed (Apte) ୪ । (ଅନ୍ୟ ବାହନ ବାଚକ ଶବ୍ଦ ସଙ୍ଗେ ଲାଗେ; ଯଥା ଅଶ୍ୱ ଯୁଗ୍ୟ-ରଥ) ଯୋଗ୍ୟ ହୋଇଥିବା ଜୀବଦ୍ୱାରା ଅଙ୍କର୍ଷିତ— 4. Drawn by (an animal) (Apte.)
ସ. ବି.—୧ । ଯାନ—1. Conveyance; vehicle. ୨ । ବାହନ; ଯାନବାହୀ ଜୀବ—2. Draught-animal (Apte.) ୩ । ଗାଡ଼ି ଟାଣିବା ଘୋଡ଼ା—3. Charit-horse. (Apte) ୪ । ଗାଡ଼ି ଆଦି ଟାଣିବା ପାଇଁ ମଣ୍ଡ ହୋଇଥିବା ଜୀବ—4. An animal trained for the yoke.

ଯୁଗ୍ୟବାହ—ସ. ବି. ପୁଂ—(ଯୁଗ୍ୟ+ବହ ଧାତୁ+କର୍ତ୍ତୃ. ଅ)—ସାରଥି;
Jugyabāha ରଥଚାଳକ; କଚୁଆନ୍—A charioteer; coachman; chauffeur.
(ଯୁଗ୍ୟବାହା—ସ୍ତ୍ରୀ)

ଯୁଚ୍ଛ୍ (ଧାତୁ)—ସ. ବି—୧ । ଅମନୋଯୋଗୀ ହେବା—
Juchchh (root) 1. To be inattentive.
୨ । ପ୍ରମାଦ ବା ଭୁଲ କରିବା—2. To err; to commit mistake.

ଯୁଜ୍ (ଧାତୁ)—ସ.—୧ । ଯୋଗ କରିବା; ଏକତ୍ର କରିବା—1. To
Juj (root) add up; to join. ୨ । ମିଳାଇବା; ମିଶାଇବା 2. To unite; to mix up. ୩ । ନିନ୍ଦା କରିବା— 3. To blame. ୪ । ବାନ୍ଧିବା—4. To bind; to tie ୫ । ସଂଯମ କରିବା—5. To control; to regulate. ୬ । ଧ୍ୟାନରେ ବା ସମାଧିରେ ମନକୁ ନିବିଷ୍ଟ କରିବା; ଧ୍ୟାନ କରିବା—6. To concentrate one's mind in abstract meditation; to meditate upon. ୭ । ଚିନ୍ତାକୁ କେନ୍ଦ୍ରୀଭୂତ କରିବା; ମନୋଯୋଗ ଦେବା—7. To concentrate one's thoughts or attention. ୮ । ସଂଯୁକ୍ତ କରିବା; ଯୋଖିବା; ଯୋଡ଼ିବା—8. To connect; to attach. ୯ । ଯୋତିବା—9. To yoke; to harness. ୧୦ । ପ୍ରୟୋଗ କରିବା—10. To employ; to apply. ୧୧ । ଲାଗିବା; ଲାଖିବା—11. To adhere; to cleave to (Apte). ୧୨ । ଆଦେଶ କରିବା—12. To enjoin; to charge (Apte) [ଦ୍ର—ଯୁଜ୍ ଧାତୁର ପୂର୍ବରେ ଭିନ୍ନ ଭିନ୍ନ ଉପସର୍ଗ ଲାଗି ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ; ଯଥା— ଅନୁ+ଯୁଜ୍ ଧାତୁ=୧ । ପଚାରିବା—1. To ask.
୨ । ଭର୍ତ୍ସନା କରିବା—2. To reprove.
ଅଭି+ଯୁଜ୍ ଧାତୁ=୧। ଉଚ୍ଚାରଣ କରିବା-1.To utter.
୨। ଦୋଷାରୋପ କରିବା—2.To accuse or charge a person with an offence.

୩। ଧରିବା; ଧାରଣକରିବା—3 To seize. ୪। ଅଧିକାର କରିବା—4. To lay hold of.

ଉପ+ଯୁଜ୍ ଧାତୁ=୧। ଆକ୍ରମଣ କରିବା--1.To attack. ୨। ଗ୍ରହଣ କରିବା—2. To take. ୩। ଖାଇବା—3. To partake of (food).

ଉତ୍ + ଯୁଜ୍ ଧାତୁ=ଚେଷ୍ଟା କରିବା—To try; to make effort.

ନି+ଯୁଜ୍ ଧାତୁ=୧। ଆଦେଶକରିବ—1. To order. ୨। ନିୟୋଗ କରିବା—2. To order beforehand. ୩। କାର୍ଯ୍ୟରେ ମୁକରର କରିବା—3. To appoint.

ବି+ନି+ଯୁଜ୍ ଧାତୁ=୧। ଯୋଗ କରିବା—1. To join. ୨। ବ୍ୟୟ କରିବା-2. To spend. ୩। ପଠାଇବା 3. To send ୪। ବିଜଡ଼ିତ କରିବା—4. To involve in.

ପ୍ର+ଯୁଜ୍ ଧାତୁ=୧। ପ୍ରୟୋଗ କରିବା--1.To apply. ୨। ଅର୍ଥାଦିକୁ ଲାଭରେ ଖଟାଇବା-2.To invest money; ୩। ଚେଷ୍ଟା କରିବା—3. To make effort. ୪। ମିଳାଇବା—4. To connect; to combine; ୫। ବ୍ୟୟ କରିବା--5. To spend. ୬। ନିଯୁକ୍ତ କରିବା—6. To appoint. ୭। ପୃଥକ୍ କରିବା—7. To divide.

ବି+ଯୁଜ୍ ଧାତୁ=୧। ଫେଡ଼ିବା -1. To subtract. ୨। ପୃଥକ୍ କରିବା—2. To separate. ୩। ପଠାଇବା—2. To send.

ସମ୍+ଯୁଜ୍ ଧାତୁ=ଏକତ୍ର କରିବା—Toc ombine; to unite.]

ଯୁଜାନ—ଗ୍ରା. ବିଣ ଓ ବି—ଯୁଞ୍ଜାନ (ଦେଖ)
Jujāna Junjāna (See)

ଯୁଜିର—ସଂ. ବି (ଯୁଜ୍ ଧାତୁ+କର୍ମ. ଇର)—୧ । ଯୁଗ୍ମ; ଯୁଗଳ—
Jujira 1. Pair couple. ୨ । (+କର୍ତ୍ତୃ. ଇର)—ଯୋଗୀ—2. A sage; an anchorite.

ଯୁଜ(ଜେ, ଝି, ଝେ)ଷ୍ଟି(ଷ୍ଠି)—ଗ୍ରା. ବି (ସଂ.ଯୁଧିଷ୍ଠିର)—ଯୁଧିଷ୍ଠିର (ଦେଖ)
Ju(je, jhi, jhe)shṭi(shṭhi) Judhishṭhira (See)
युधिष्ठिर युजष्ठीर
[ଉ—ତୋ ଅଗେ କହୁଛୁ ଯୁଜେଷ୍ଟି ଭାଇ । ପ୍ରୀତା. ଆଦିଚେଣୀତା ।]

ଯୁଜୁତ୍ସୁ—ବୈଦେ. ବି (ଜାପାନୀଭାଷା)—ଜାପାନ ଦେଶୀୟ କସରତ୍
Jujutsu —A kind of athletic feat or westling practised in Jāpan; Jujutsu.
युयुत्सु जुजुतसु
[ଦ୍ର—ଏ କସରତରେ ଖେଳୁଅଳି ଖୁବ୍ ନିପୁଣତା ସହକାରେ ବିପକ୍ଷର ଉକ୍ତ ଉକ୍ତ ମର୍ମସ୍ଥାନରେ ଅଘାତ କରେ; ଛୋଟିଏ ଛୋଟିଏ ସ୍ଥାନରେ ସାମାନ୍ୟମାତ୍ର ଅଘାତ କଲେ ବିପକ୍ଷ ବଳଶୂନ୍ୟ ଓ ଅସହାୟ ହୁଏ, ଏପରିକି, ଭୂମିରେ ପଡ଼ିଯାଏ ଓ ବେଳେ ବେଳେ ପକ୍ଷାଘାତଗ୍ରସ୍ତ ହୁଏ । ଯୁଜୁତ୍ସୁ ଖେଳରେ ବଳଠାରୁ କଳ ବେଶି ଲାଗିଯାଏ ।]

ଯୁଜ୍ୟ—ସଂ. ବିଣ (ଯୁଜ୍. ଧାତୁ+କର୍ମ. ଯ; ବୈଦିକ)—୧ । ସଂଯୁକ୍ତ—
Jujya 1. United; connected (Apte). ୨ । ଭଲ ସମ୍ପର୍କ ବା ବିବାହାଦି ସମ୍ପର୍କଯୁକ୍ତ—2. Related to (Apte). ୩ । ଯୋଗ୍ୟ; ଉପଯୁକ୍ତ—3. Fit; proper (Apte). ୪ । ସମଶ୍ରେଣୀୟ—4. Of the same class or kind (Apte). ସଂ. ବି—୧ । କୁଟୁମ୍ବ; ସଗୋତ୍ର ବ୍ୟକ୍ତି—1. A kinsman (Apte). ୨ । (+ଭାବ. ଯ) ସଂଯୋଗ; ସମ୍ମେଳନ—2. Union; connection (Apte). ୩ । ରକ୍ତ ସମ୍ପର୍କ—3. Blood relationship (Apte).

ଯୁଜ୍ୟମାନ—ସଂ. ବିଣ—(ଯୁଜ୍. ଧାତୁ+କର୍ତ୍ତୃ. ଅନ)—ମିଳିତ ହେଉଥିବା—Under the process of
Jujyamāna being joined or united.
(ଯୁଜ୍ୟମାନା—ସ୍ତ୍ରୀ)

ଯୁଜ୍ଝ (ଇତ୍ୟାଦି)—ଗ୍ରା. ବି—ଯୁଝ (ଇତ୍ୟାଦି) (ଦେଖ)
Jujjha (etc) Jujha (etc) (See)

ଯୁଝ—ଗ୍ରା. ବି (ସଂ. ଯୁଦ୍ଧ)—ଯୁଦ୍ଧ—Fight. [ଉ—ସେ ପରାକ୍ରମୀ
Jujha ହେବ ସେ ଯିବ ଯୁଝକୁ । କୃଷ୍ଣସିଂହ. ମହାଭାରତ—ସଭା ।]
युध जुझ

ଯୁଝ ଭୂଇଁ—ଗ୍ରା.ବି—ଯୁଦ୍ଧକ୍ଷେତ୍ର—Battle-field. [ଉ—ଯୁଝଭୂଇଁ କି
Jujha bhuiñ ଜୋଇଁ ଯାଉ, ଲୁଟ ବେଳକୁ ପୁଅ ଯାଉ । ଢଗ]
युद्धभूमि जुझभूइँ

ଯୁଝା(ଝେ)ଇବା—ଗ୍ରା. କ୍ରି—ଜୁଝାଇବା (ଦେଖ)—
Jujhā(jhe)ibā Jujjhāibā (See)
युद्धकरान जुझवाना

ଯୁଝାଯୁଝି—ଗ୍ରା. ବି—ଅନ୍ୟୋନ୍ୟରେ ଯୁଦ୍ଧ କରିବା—
Jujhājujhi Mutual fighting.
लड़ालड़ि जुझाजुझी

ଯୁଝି ଇଚ୍ଛିବା—ଗ୍ରା. କ୍ରି (ସଂ. ଯୁଦ୍ଧ+ଇଚ୍ଛା)—ଯୁଦ୍ଧ କରିବାକୁ ଇଚ୍ଛା
Jujhi ichchhibā କରିବା—To desire to fight.
जुझ चाहना युद्ध चाओया
(ଉ—ବାମ ବସନ୍ତ ମିଶି ଭୁଜୁଙ୍ଗଲେ, ଯୁଝି ଇଚ୍ଛନ୍ତି ବସନ୍ତ କୋକିଳେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।)

ଯୁଝିବା—ଦେ. କ୍ରି (ସଂ. ଯୁଧ୍. ଧାତୁ. ପ୍ରା. ଜୁଜ୍ଝ. ଧାତୁ)—
Jujhibā ୧ । ଯୁଦ୍ଧ କରିବା—1. To fight. (ଉ—ସଂଗରେ
युद्धकरा जुझना
ଦେଖି ବନ୍ଧୁଜନ, ଦୟାରେ ନ ଯୁଝେ ଅର୍ଜୁନ । ଜଗନ୍ନାଥ. ଭାଗବତ) ୨ । ବାଗ୍‌ଯୁଦ୍ଧ କରିବା; କଳି କରିବା—2. To wrangle; to quarrel. ୩। ପ୍ରାଣପଣେ ଚେଷ୍ଟା କରିବା—3. To struggle hard.

ଯୁଝ୍ୟ(ଧ୍ୟ)—ଗ୍ରା. ବି (ସଂ. ଯୁଦ୍ଧ)—୧ । ଯୁଦ୍ଧ—1. Battle.
Jujhya(dhya) ୨ । ବାଗ୍‌ଯୁଦ୍ଧ—2. Wrangling.
जुध युद्ध

ଯୁଞ୍ଜାତକ—ଦେ. ବି—ଏକପ୍ରକାର ଔଷଧ ବୃକ୍ଷ—Name of a tree
Junjātaka used in medicine. [ଦ୍ର—ଏହାର ଅଗ୍ରଭାଗରେ ଔଷଧାଦିରେ ଡାକ୍ତରଙ୍କ ବହୁଳ ପ୍ରୟୋଗ କରିଯାଏ ।]

ଯୁଞ୍ଜାନ—ସଂ. ବଣ. ପୁଂ—(ଯୁଜ୍. ଧାତୁ+କର୍ତ୍ତୃ. ଆନ)—୧ । ଯୋଗାଭ୍ୟାସକାରୀ—1. Practising penance. ୨।ଯେ
Junjāna (ଯୁଞ୍ଜାନା—ସ୍ତ୍ରୀ) ଯୋଗ କରେ—2. Joining; uniting. ୩ । ଯେ ଯୋତେ—3. Yoking. ୪ । ଉପଯୋଗୀ—4. Proper; fit (Apte). ୫। ସମ୍ପଦଯୁକ୍ତ—5. Prosperous (Apte). ୬ । କୃତକାର୍ଯ୍ୟ—6. Successful (Apte). ବ—୧ । ସାରଥି—1. A Charioteer. ୨ । ବ୍ରାହ୍ମଣ—2. A Brāhmana. ୩ । ସର୍ବଜ୍ଞ ବ୍ୟକ୍ତି—2. An omniscient person. ୪ । ଯେଉଁ ଯୋଗସାଧକ ଯୋଗାଭ୍ୟାସ କରୁଥାଆନ୍ତି, କିନ୍ତୁ ମୁକ୍ତ ହୋଇ ନାହାନ୍ତି—4. A person who is engaged in practising Joga but has not yet attained salvation. [ଦ୍ର—ଏ ଶ୍ରେଣୀର ଯୋଗୀ ସମାଧିଦ୍ୱାରା ସର୍ବଜ୍ଞ ହୁଅନ୍ତି—ହ. ଶ]

ଯୁଟ୍ (ଧାତୁ)—ସଂ.—ମିଳିତ ହେବା—
Jut (root) To be united.
(ଯୋଟ ଧାତୁ—ଭିନ୍ନ ରୂପ)

ଯୁଟା—ଦେ. ବ—୧ । (ପାନବରଜର ଭାଷା)—ପାନଗଛର ଯୋଡ଼ା—
Juṭā 1. A pair of betel creepers. ୨ । ଜୁଟା ଇତ୍ୟାଦି (ଦେଖ)—2. Juṭā etc (See)
ଦେ. ବଣ—ଜୁଟା (ଦେଖ)—juṭā (See)
(ଯଉଟା—ଅନ୍ୟ ସର୍ବନାମ ରୂପ) ଗ୍ରା. ସର୍ବ (ଅନାଦରାର୍ଥକ)—
ଯେଟା ଜୋଠା ଯେଉଁ ଗୋଟାକ—Which one.
(ଯୁଟ, ଯଉଟ—ଅବଜ୍ଞାର୍ଥକ ସର୍ବନାମ ରୂପ)

ଯୁଟା(ଟେ)ଇବା—ଦେ. କ୍ରି—ଜୁଟାଇବା (ଦେଖ)
Juṭā(ṭe)ibā Juṭaibā (See)

ଯୁଟିବା—ଦେ. କ୍ରି—ଜୁଟିବା (ଦେଖ)
Juṭibā Juṭibā (See)

ଯୁଡ଼ି—ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) ବ—୧ । ପାଣିର ଜୋଡ଼ି; ଲମ୍ବ
Juṛḍi ଅଗଭୀର ଅପରିସର ଜଳଧାର—1. A long strip of shallow water ୨ । ଜୁଡ଼ି (ଦେଖ)—2. Juṛḍi (See)

ଯୁଡ଼ିବା—ପ୍ରାଦେ (ବାଲେଶ୍ୱର ଓ ସମ୍ବଲପୁର) କ୍ରି—ଯୋଡ଼ିବା (ଦେଖ)
Juṛḍibā joṛḍibā (See)

ଯୁଡ଼େ—ପ୍ରାଦେ (ବୌଦ୍ଧ) ବଣ ଓ ବ—ଯୋଡ଼େ; ଦୁଇଟ; ଏକହଳ—
Juṛḍe Two; a pair.

ଯୁଣ (ଇତ୍ୟାଦି)—ଦେ. ବ—ଜୁଣ ଇତ୍ୟାଦି (ଦେଖ)
Juṇa (etc) Juṇa etc (See)

ଯୁତ୍—ସଂ. ବ (ଯୁଧ୍ ଧାତୁ=ଯୁଦ୍ଧ କରିବା+ଭାବ କ୍ୱିପ୍=ଯୁଧ୍ ଶବ୍ଦ ୧ମା ୧ବ)—୧ । ଯୁଦ୍ଧ—1. Battle; fight.
Jut ୨ । ନିନ୍ଦା—2. Censure; blame. ୩ । (+କର୍ତ୍ତୃ. କ୍ୱିପ୍)—ଯୋଦ୍ଧା; ସୈନିକ—3. A hero; a soldier (Apte).
ଦେ. ବ. ଓ ବଣ.—ଜୁତ୍ (ଦେଖ)—Jut (See)

ଯୁତ୍ (ଧାତୁ)—ସଂ—ଉଜ୍ଜ୍ୱଳ ହେବା; ଦୀପ୍ତି କରିବା; ଝକ୍ ଝକ୍ ହେବା—
Jut (root) To shine.

ଯୁତ—ସଂ. ବଣ—(ଯୁ ଧାତୁ=ମିଶ୍ରିତ କରିବା, ଯୋଗ କରିବା+କର୍ମ.ତ; ଏହା ଅନ୍ୟ ଶବ୍ଦ ସହିତ ଯୁକ୍ତ ହୁଏ । ଯଥା—ଶ୍ରୀଯୁତ)—
Juta (ଯୁତା—ସ୍ତ୍ରୀ) ୧ । ମିଶ୍ରିତ; ମିଳିତ; ଯୁକ୍ତ—1. Joined to; connected with; united with; combined with. ୨ । ସଂଯୁକ୍ତ—2. Attached to; being in contact with ୩ । ପୃଥକ୍‌କୃତ—3. Separated (Apte). ୪ । (ଗୁଣାଦି ଦ୍ୱାରା) ଶୋଭିତ; ଭୂଷିତ—4. Endowed with; possessed of. ୫। ଅପୃଥଗ୍‌ଭୂତ—5. Unseparated from; identical with. ୬ । ପୂର୍ଣ୍ଣ; ପୂରିତ—6. Filled with. ୭ । ଆବୃତ—7. Coversed with (Apte). ୮ । ବନ୍ଧା ଯାଇଥିବା—8. Fastened to (Apte). ୯ । (ଅନ୍ୟ କାର) ସଙ୍ଗେ ଥିବା; ଅନୁଗତ-ପରିବୃତ—9. Accompanied or attended by (a person)- ୧୦ । ବେଷ୍ଟିତ—10 Surrounded by. ୧୧। ଯୋଚ୍ ହୋଇଥିବା—11. Yoked too ବ—୧ । ବରକନ୍ୟା-1. A newly married couple; bridegroom and bride. ୨ । ଦୈର୍ଘ୍ୟର ପରିମାଣ ବିଶେଷ; ଚାରିହାତ—2. A length of 4 cubits. ୩ । (+ଭାବ.ତ) ଯୋଗ; ମିଳନ; ବିବାହ—3. Meeting; union; marriage (Apte); ୪ (+କରଣ ତ) ଯୋଚ;ଗାଡ଼ି ଆଦିରେ ପଶୁ ଯୋଚିବାର ଦଉଡ଼ି—4. Rope for yoking beasts to carts etc.

ଯୁତକ—ସଂ. ବ (ଯୁତ+ସ୍ୱାର୍ଥେ କ)—୧ । ସନ୍ଦେହ—1. Doubt;
Jutaka uncertainty (Apte) ୨ । (ଯୁଜ ଧାତୁ + କର୍ମ ତ + କ) ଯୋଡ଼ା; ଦ୍ୱନ୍ଦ୍ୱ—2. A pair; a couple; a brace. ୩ । (ଯୁତ+କ)—ମୈଥୁନ; ଯୌନ ସଂଯୋଗ—3. Relationship through sex; marital or sexual connection. ୪ । ବିବାହର ଉପହାର; ଯୌତୁକ—4. Nuptial presents; dowry. ୫ । ଶାଢ଼ୀର କାନି ବା ଅଞ୍ଚଳ ବା ଗୁଡ଼ି—5. The end of a lady's cloth. ୬ । ଲୁଗାର ଶେଷଭାଗ ବା କାନି—6. The end of a cloth. ୭ । ଶାଢ଼ୀ ଓ ଓଢ଼ଣା-7. The cloth worn by a woman and the upper veil. ୮ । କୁଲାର ପାର୍ଶ୍ୱ; କୁଲାର ପାଖ ବା ଧାର—8. The edge or sides of a winnowing fan (Apte). ୯ । ଆଶ୍ରୟ—9. Assylum;

refuge. ୧୦ । କ୍ଷମା—10. Forgiveness; pardon. ୧୧ । ସହନ—11. Forbearance. ୧୨ । ସହାୟ-12. Help; support. ୧୩ । ସଖ୍ୟ; ବନ୍ଧୁତା-13. Alliance; friendship. ୧୪ । ଆଳାପ; ପରିଚୟ—14. Acquaintance. ୧୫ । ବନ୍ଧୁତା-ବନ୍ଧନ—15. Forming an alliance or friendship. ୧୬ । ଲୁଗାର ଯୋଡ଼ି; ପିନ୍ଧାଲୁଗା ଓ ଉତ୍ତରୀ; ଧୋତି ଓ ପାଛୁଡ଼ା—16. A pair of cloth consisting of the loincloth and the upper sheet. ୧୭ । ପାଦର ଅଗ୍ରଭାଗ—17. The foremost part of the foot (Apte). ୧୮ । ଶାଢ଼ୀର ଧଡ଼ି—18 The edge of a woman's garment; hem; border of a woman's Sārhi (Apte). ୧୯ । ସମ୍ମେଳନ; ସଂଯୋଗ—19. Union (Apte).

ଯୁତା (ଇତ୍ୟାଦି)—ଦେ. ବ—ଜୋତା ଇତ୍ୟାଦି (ଦେଖ)
Jutā (etc) Jotā etc (See)

ଯୁତା(ତେ)ଇବା—ଦେ. କି—୧ । ଯୁତିବା କ୍ରିୟାର ଣିଜନ୍ତରୂପ—
Jutā(te)ibā 1. The causative form of Jutibā.
ଜୋତାନ ୨ । ଜୋତାରେ ମାଡ଼ ମାରିବା—
जुतवाना 2. To beat with the shoes

ଯୁତି—ସଂ. ବ (ଯୁ. ଧାତୁ+ଭାବ. କ୍ତି)—୧ । ଯୋଖିବା; ଯୋଜନ—
Juti 1. Uniting; connecting. ୨ । ଶକଟାଦିରେ ପଶୁ ଯୋଚିବା—2. Tying or yoking of beasts to a cart or plough. ୩ । (ଗଣିତ) ସଙ୍କଳନ; ଯୋଗ କରଣ—3. (Arithmetic) Addition. ୪ । (ଜ୍ୟୋତିଷ) ସଂକ୍ରମଣ—4. (astronomy) Conjunction (Apte). ୫ । କତି ସଂଖ୍ୟାର ଯୋଗଫଳ—5. Sum total; the total number (Apte). ୬ । ସଂଯୋଗ—6. Union; junction (Apte). ସ୍ତ୍ରୀ. ବ (ଇତର) (ସଂ. ଦ୍ୟୁତି)—ଔଜ୍ଜ୍ୱଲ୍ୟ; ଦ୍ୟୁତି—
Radiance; brightness.

ଯୁତିବା—ଦେ. କି (ସଂ. ଯୁ. ଧାତୁ, ଯୁଜ୍‌ଧାତୁ)—ଗୋରୁ ଆଦି ପଶୁଙ୍କୁ
Jutibā ଶଗଡ଼ରେ ବା ଗାଡ଼ିରେ ବା ହଳରେ ଲଗାଇବା—
जोता To yoke beasts to a cart or plough.
जोतना ପ୍ରଦେ. (ସମ୍ବଲପୁର) କି—କର୍ଷଣ କରିବା—
To plough.

ଯୁତେ—ଦେ. (ପଦ୍ୟ) କି. ବଣ (ଅନ୍ୟ ଶବ୍ଦ ପରେ ଲାଗେ)—ଅମୁକ
Jute ସଙ୍ଗେ ଯୁକ୍ତ ହୋଇ—Being joined with or
ଯୁତେ attached to. (ଉ—ସ୍ୱଭାବେ ତପ କ୍ଲେଶ ଯୁତେ,
जुते କରନ୍ତେ ଅତି ଗୁରୁତରେ । ଜଗନ୍ନାଥ. ଭାଗବତ ।)

ଯୁଦ୍—ସଂ. ବ (ଯୁଧ୍. ଧାତୁ+ଭାବ. କ୍ୱିପ୍)—ସଂଗ୍ରାମ; ଯୁଦ୍ଧ—
Jud Fight; battle.

ଯୁଦ୍ଧ—ସଂ. କ୍ଳୀ.—(ସଂ. ଯୁଧ୍ ଧାତୁ+ଭାବ. କ୍ତ)—୧ । ସମର; ଲଢ଼ାଇ—
Juddh 1. War; fight; battle.
[ବି—ପ୍ରାଚୀନ କାଳରେ ରଥ, ହାତୀ, ଘୋଡ଼ା ଓ ପଦାତି, ଯୁଦ୍ଧର ୪ଟି ପ୍ରଧାନ ଅଙ୍ଗ ଥିଲେ; ଏଥି ପାଇଁ ସେନାକୁ ଚତୁରଙ୍ଗିଣୀ ବୋଲି ଯାଉଥିଲା । ଏହି ଚାରି ଅଙ୍ଗର ସଂଖ୍ୟା-ଭେଦରେ ସୈନ୍ୟ ଦଳର ଭିନ୍ନ ଭିନ୍ନ ନାମ (ଯଥା ପତ୍ତି, ଗୁଲ୍ମ, ଗଣ) ଥିଲା । ସେନା ସନ୍ନିବେଶ (ବ୍ୟୂହ) ମଧ୍ୟ ନାନା ପ୍ରକାରର ଥିଲା (ଯଥା, ସୂଚୀବ୍ୟୂହ, ଶ୍ୟେନ, ମକର, ଶକଟ) । ସୈନିକମାନଙ୍କୁ ସଙ୍କେତ ଧ୍ୱନି ଦ୍ୱାରା ସମ୍ମିଳନ, ପ୍ରସରଣ, ପ୍ରଭ୍ରମଣ, ଆକୁଞ୍ଚନ, ଯାନ, ପ୍ରୟାଣ, ଅପଯାନ ଆଦି ଅନେକ ପ୍ରକାରରେ ଶିକ୍ଷିତ କରି ଯାଉଥିଲା । ଯୁଦ୍ଧ ୨ ପ୍ରକାର ଥିଲା, ଯଥା—ଦ୍ୱନ୍ଦ୍ୱ ଯୁଦ୍ଧ ଓ ନିର୍ଦ୍ୱନ୍ଦ୍ୱ ଯୁଦ୍ଧ । କୃତ୍ରିମ ଓ ଅକୃତ୍ରିମ ଦୁର୍ଗରେ ରହି ଶତ୍ରୁ ସଙ୍ଗେ କରାଯିବା ଯୁଦ୍ଧର ନାମ ଦ୍ୱନ୍ଦ୍ୱ ଯୁଦ୍ଧ; ଦୁର୍ଗରୁ ବାହାର ଖୋଲା ଜାଗାରେ ଶତ୍ରୁର ସମ୍ମୁଖୀନ ହୋଇ କରାଯିବା ଯୁଦ୍ଧ ନିର୍ଦ୍ୱନ୍ଦ୍ୱ ଯୁଦ୍ଧ । ନିର୍ଦ୍ୱନ୍ଦ୍ୱ ଯୁଦ୍ଧରେ ସମଭୂମିରେ ରଥ ଯୁଦ୍ଧ, ବିଷମ ଭୂମିରେ ହସ୍ତି ଯୁଦ୍ଧ, ମରୁଭୂମିରେ ଅଶ୍ୱ ଯୁଦ୍ଧ, ପାର୍ବତ୍ୟ ସ୍ଥାନରେ ପଦାତି ଯୁଦ୍ଧ ଓ ଜଳରେ ନୌକା ଯୁଦ୍ଧ କରି ଯାଉଥିଲା । ଯୁଦ୍ଧରେ ପ୍ରବୃତ୍ତ ବ୍ୟକ୍ତିମାନଙ୍କ ପାଇଁ ଗୁଡ଼ିଏ ଅବଶ୍ୟ ପାଳନୀୟ ନିୟମ ଥିଲା । ଯଥା—(୧) ରାଜା ଓ ଯୁଦ୍ଧବିଶାରଦ ପଣ୍ଡିତ ଓ ପରାମର୍ଶଦାତା ଓ ମନ୍ତ୍ରୀମାନେ ଯୁଦ୍ଧକ୍ଷେତ୍ରକୁ ଯିବେ ନାହିଁ । (୨) ରଥସ୍ଥିତ ରଥୀ, ଗଜସ୍ଥିତ ଗଜାରୋହୀ ସେନା, ଅଶ୍ୱସ୍ଥିତ ଅଶ୍ୱାରୋହୀ ସେନା ଓ ଭୂମିସ୍ଥିତ ପଦାତିଙ୍କୁ ଆକ୍ରମଣ କରିବା ନିଷିଦ୍ଧ । (୩) ବାଳ, ବୃଦ୍ଧ, ନପୁଂସକ, ଅନ୍ୟାହତ ଓ ଶାନ୍ତିପତାକା ଉଡ଼ାଇବା ବ୍ୟକ୍ତିଙ୍କ ପ୍ରତି ଶସ୍ତ୍ରାସ୍ତ୍ର ପ୍ରୟୋଗ ନିଷିଦ୍ଧ । (୪) ଭଗ୍ନହସ୍ତ, ଶରଣାଗତ, ଯୁଦ୍ଧବିମୁଖ ବ୍ୟକ୍ତିକୁ ଆଘାତ କରିବା ନିଷିଦ୍ଧ । ଯୁଦ୍ଧ-କ୍ଷେତ୍ରରେ ମରିବା ବ୍ୟକ୍ତିର ସ୍ୱର୍ଗଲାଭ ଓ ଯୁଦ୍ଧରୁ ପଳାଇବା ବ୍ୟକ୍ତିର ପାତକ ବିବେଚିତ ହେଉଥିଲା । ଯୁଦ୍ଧଭୂମିରୁ ପଳାଇ ଯିବା ପାତକୀ ବ୍ୟକ୍ତି ପୁଣି ଥରେ ଯୁଦ୍ଧରେ ଯୋଗ ଦେଇ ଯୁଦ୍ଧରେ ଶୂରତା ନ ଦେଖାଇବା ପର୍ଯ୍ୟନ୍ତ ତାର ପାତକ ଦୂର ହେଉ ନ ଥିଲା (ହି. ଶ.) ଯୁଦ୍ଧରେ ନାଳୀକାସ୍ତ୍ର (ବନ୍ଧୁକ), ଶତଘ୍ନୀ, (ତୋପ), ଅଗ୍ନେୟାସ୍ତ୍ର, ମୋହାସ୍ତ୍ର, ଧନୁଶର, ଗଦା, ଖଡ୍ଗ, ପାଶ ଆଦି, ଅସ୍ତ୍ର ଶସ୍ତ୍ର ବ୍ୟବହୃତ ହେଉଥିଲା । ସ୍ତ୍ରୀ, ବାଳକ, ମୂକ, ବୃଦ୍ଧଙ୍କୁ ବଧ କରିବା ନିଷିଦ୍ଧ ଥିଲା । ବିପକ୍ଷର ଦୂତ ମଧ୍ୟ ଅବଧ୍ୟ ଥିଲା । ଯୁଦ୍ଧରେ ନାନା ଅଲୌକିକ ଓ ମାନ୍ତ୍ରିକ ପ୍ରୟୋଗ ମଧ୍ୟ କରି ଯାଉଥିଲା । ଆକାଶ ବିମାନ ମଧ୍ୟ ଯୁଦ୍ଧରେ ବ୍ୟବହୃତ ହେଉଥିଲା । ଶତ୍ରୁ ସଙ୍ଗେ ମାୟା ଯୁଦ୍ଧ ବା ଯୁଦ୍ଧରେ ମାୟା, ଛଳ ଆଦିର ପ୍ରୟୋଗ ନିଷିଦ୍ଧ ଥିଲା ।

ଯୁଦ୍ଧ କ୍ଷେତ୍ରର ନାମ ଅନୁସାରେ ବା ଯୁଦ୍ଧ କରୁଥିବା ପକ୍ଷଙ୍କ ନାମ ଅନୁସାରେ ଓ ଯୁଦ୍ଧ ହେଉଥିବା ଦେଶର ନାମ ଅନୁସାରେ ମଧ୍ୟ ଯୁଦ୍ଧର ନାମ ହୁଏ । ଯଥା—

ମରହଟ୍ଟା ଯୁଦ୍ଧ—The Marhatta war.
ପାଣିପଥ ଯୁଦ୍ଧ—The war at the field of Panipath in N. India.
ବ୍ରହ୍ମ ଯୁଦ୍ଧ—The Burmese war.
କାବୁଲ ଯୁଦ୍ଧ—The war with Kabul.
ବୁଅର ଯୁଦ୍ଧ; ଅଫ୍ରିକାର ଉପନିବେଶୀଙ୍କ ସଙ୍ଗେ ଇଂରାଜଙ୍କ ଯୁଦ୍ଧ—The Boor war.
ପିଣ୍ଡାରୀ ଯୁଦ୍ଧ—The battle with the Pindaries.
ଜର୍ମାନ୍ ଯୁଦ୍ଧ—The battle with the Germans.
ମହୀଶୂର ଯୁଦ୍ଧ—The battle of Mysore (in S. India).
ଚିନ୍ ଯୁଦ୍ଧ—The Chinese war.
ରୁସିଅ ଯୁଦ୍ଧ—The Russian war.
ପଲାସୀ ଯୁଦ୍ଧ; ପଲାସୀ ନାମକ ସ୍ଥାନରେ ଯୁଦ୍ଧ—The battle of Plassey.
ପଶୁ ଓ ପକ୍ଷୀମାନଙ୍କ ମଧ୍ୟରେ ମଧ୍ୟ ଯୁଦ୍ଧ ହୁଏ । ଯଥା—ବୃଷ ଯୁଦ୍ଧ, ମେଷ ଯୁଦ୍ଧ, କୁକ୍କୁଟ ଯୁଦ୍ଧ ଇତ୍ୟାଦି ।]
୨ । ବିବାଦ—2. Contest; conflict. ୩ । ଦୁଇ ପକ୍ଷଙ୍କର ଶତ୍ରୁତା ପୂର୍ବକ କଳକଳାକର୍ଷି—3. A struggle between two antagonistic parties. ୪ । (ଜ୍ୟୋତିଷ) ଗ୍ରହମାନଙ୍କର ପରସ୍ପର ବିରୁଦ୍ଧ ଅବସ୍ଥିତି—4. (astrology) The opposition or conflict of planets (Apte).

ଯୁଦ୍ଧ ଆଇନ୍—ଦେ. ବି—ଯୁଦ୍ଧ ସମୟରେ ଲୋକଶାସନାର୍ଥ ପ୍ରଚଳିତ କଠୋର ବିଧାନ; ସାମରିକ ବିଧି—Martial law.
Juddha āin
ଯୁଦ୍ଧ ଆଇନ ଯୁଦ୍ଧକୀ କାନୁନ

ଯୁଦ୍ଧଂ ଦେହି—ସଂ. ବାକ୍ୟ (ତୁମେ ଯୁଦ୍ଧକୁ ଆସି ମୋ ସଙ୍ଗେ ଲଢ଼ାଇ କର)—ବିପକ୍ଷକୁ ସମ୍ମୁଖ ସମର କରିବା ପାଇଁ ଆହ୍ୱାନ—A call to an antagonist to come out to give battle; a challenge.
Juddham dehi

ଯୁଦ୍ଧ କଣ୍ଡୁ—ସଂ. ବି. (ମ. ପ. ଲୋ)—ଯୁଦ୍ଧ କରିବା ପାଇଁ ପ୍ରବଳ ବାସନା—Martial eagerness eagerness to fight.
Juddha kandu
(ଯୁଦ୍ଧ କାଣ୍ଡୁ—ଦେଶଜ ରୂପ)

ଯୁଦ୍ଧ କରିବା—ଦେ. କ୍ରି—ଶତ୍ରୁ ସଙ୍ଗେ ଲଢ଼ାଇ କରିବା—To fight; to engage in a battle.
Juddha karibā
ଯୁଦ୍ଧ କରା ଯୁଦ୍ଧ କରନା

ଯୁଦ୍ଧ କର୍ତ୍ତା—ସଂ. ବି. ପୁଂ—ଯୋଦ୍ଧା; ବୀର; ସୈନିକ—A warrior.
Juddha karttā
ବିଣ—ଯୁଦ୍ଧକାରକ (ଦେଖ) Juddha kāraka (See)

ଯୁଦ୍ଧ କାରକ—ସଂ. ବିଣ. ପୁଂ—ଯେ ଯୁଦ୍ଧରେ ପ୍ରବୃତ୍ତ ଥାଏ—Fighting; making war; contending.
Juddha kāraka
(ଯୁଦ୍ଧକାରୀ—ଅନ୍ୟରୂପ)
(ଯୁଦ୍ଧ କାରିକା, ଯୁଦ୍ଧ କାରିଣୀ—ସ୍ତ୍ରୀ)

ଯୁଦ୍ଧ କୁଶଳ—ସଂ. ବିଣ. ପୁଂ. (୭ମୀ ତତ୍)—ଯୁଦ୍ଧ କରିବାରେ ପଟୁ ବା ପାରଦର୍ଶୀ—Skilful in war.
Juddha kuśala
(ଯୁଦ୍ଧକୁଶଳା—ସ୍ତ୍ରୀ) [ଯୁଦ୍ଧଦକ୍ଷ, ଯୁଦ୍ଧପଟୁ, ଯୁଦ୍ଧ ନିପୁଣ—ଅନ୍ୟରୂପ ।]

ଯୁଦ୍ଧ କୌଶଳ—ସଂ. ବି. (୬ଷ୍ଠୀ ତତ୍)—ଯୁଦ୍ଧ କରିବା ବିଷୟରେ ନୈପୁଣ୍ୟ—Manœuvre; skill in war
Juddha kauśala

ଯୁଦ୍ଧ କ୍ଷମ—ସଂ. ବିଣ. ପୁଂ (୪ର୍ଥୀ ତତ୍ ବା ୭ମୀ ତତ୍)—ଯୁଦ୍ଧ କରିବା ପାଇଁ ସମର୍ଥ ବା ବଳଶାଳୀ—Able to fight; able-bodied for fighting.
Juddha kshama
(ଯୁଦ୍ଧ କ୍ଷମା—ସ୍ତ୍ରୀ)

ଯୁଦ୍ଧ କ୍ଷୟ—ସଂ. ବି. —୧ । (୬ଷ୍ଠୀ ତତ୍)ଯୁଦ୍ଧର ଅବସାନ—1. Cessation of battle. ୨ । (ମ. ପ. ଲୋ) ଯୁଦ୍ଧଜନିତ ଲୋକ ଓ ବଳ ଆଦିର କ୍ଷୟ—2. Loss of men and strength due to war.
Juddha kshaya

ଯୁଦ୍ଧ କ୍ଷାନ୍ତି—ସଂ. ବି (୫ମୀ ତତ୍)—ଯୁଦ୍ଧ ନିବୃତ୍ତି (ଦେଖ) Juddha nibrutti (See)
Juddha kshānti

ଯୁଦ୍ଧ କ୍ଷେତ୍ର—ସଂ. ବି—ଯେଉଁ ସ୍ଥାନରେ ଯୁଦ୍ଧ ଲାଗେ—Battlefield; the scene of battle.
Juddha kshetra

ଯୁଦ୍ଧ ଜୟ—ସଂ. ବି (୭ମୀ ତତ୍)—ଯୁଦ୍ଧରେ ଜୟଲାଭ—Victory in battle.
Juddha jaya

ଯୁଦ୍ଧ ଜାହାଜ—ଦେ. ବି—ଯୁଦ୍ଧ ପୋତ (ଦେଖ) Juddha pota (See)
Juddha jāhāja
ଯୁଦ୍ଧଜାହାଜ ଯୁଦ୍ଧ ଜହାଜ

ଯୁଦ୍ଧଜ୍ଞ—ସଂ. ବିଣ. ପୁଂ—୧ । ଯୁଦ୍ଧ ବିଦ୍ୟାରେ ପଣ୍ଡିତ—1. Versed in the military art. ୨ । ଯୁଦ୍ଧ କୁଶଳ (ଦେଖ)—2. Juddha kuśala (See)
Juddhajña
ଯୁଦ୍ଧ ଜ୍ଞାତା } ଅନ୍ୟରୂପ
ଯୁଦ୍ଧ ପଣ୍ଡିତ
(ଯୁଦ୍ଧଜ୍ଞା—ସ୍ତ୍ରୀ)

ଯୁଦ୍ଧ ଢକ୍କା—ସଂ. ବି (ମ. ପ. ଲୋ)—ରଣ ଢକ୍କା; ଯୁଦ୍ଧରେ ବ୍ୟବହୃତ ଢୋଲ—Battle drum. [ଦ୍ର—ଏହିପରି ଯୁଦ୍ଧ ବାଦ୍ୟ, ଯୁଦ୍ଧ ଭେରୀ, ଯୁଦ୍ଧ ଶୃଙ୍ଗ ଆଦି ହୁଏ]
Juddha dhakkā

ଯୁଦ୍ଧ ତରୀ—ସଂ. ବି—ଯୁଦ୍ଧ ପୋତ (ଦେଖ)—Juddha pota (See)
Juddha tari

ଯୁଦ୍ଧ ତଳ—ସଂ. ବି—ଯୁଦ୍ଧଭୂମି—Battlefield. [ଦ୍ର—କେତେ ହାତୀଙ୍କର ଯାଆନ୍ତେ ମୁଣ୍ଡ ଫାଟି । ଯୁଦ୍ଧତଳେ ଦେଖି ମୁକୁତା ଧାରା ବୃଷ୍ଟି । କୃଷ୍ଣସିଂ. ମହାଭାରତ.କର୍ଣ୍ଣ ।]
Juddha tala

ଯୁଦ୍ଧ ଦକ୍ଷ—ସଂ. ବିଣ. ପୁଂ—ଯୁଦ୍ଧ କୁଶଳ (ଦେଖ)—Juddha kuśala (See).
Juddha daksha (ଯୁଦ୍ଧ ଦକ୍ଷା—ସ୍ତ୍ରୀ)
(ଯୁଦ୍ଧନିପୁଣ—ଅନ୍ୟରୂପ)

ଯୁଦ୍ଧ ଦାତା—ସଂ. ବିଣ - ଯେ ଯୁଦ୍ଧ କରିବାକୁ ବାହାରେ—One who comes out to fight; one who gives battle.
Juddha dātā

ଯୁଦ୍ଧ ଦାଣ୍ଡ—ଦେ. ବି—ଯୁଦ୍ଧସ୍ଥଳ—Battlefield. [ଦୃ—ମୋତେ
Juddha dānda ଦେଖା ଦେଲ ଅସି ସେ ଯୁଦ୍ଧଦାଣ୍ଡେ।
ଯୁଦ୍ଧଭୂମି युद्धभूमि କୃଷ୍ଣସିଂ. ମହାଭାରତ. ବନ।]

ଯୁଦ୍ଧ ଦେବା—ଦେ. କ୍ରି—(ଭୁଲ. ସ. ଯୁଦ୍ଧଂ ଦେହି)—(କୌଣସି
Juddha debā ବ୍ୟକ୍ତି ସଙ୍ଗେ) ଯୁଦ୍ଧରେ ପ୍ରବୃତ୍ତ ହେବା—
ଯୁଦ୍ଧଦେଓଆ युद्धदेना To be engaged in fight (with); to give battle)

ଯୁଦ୍ଧ ଦ୍ୟୂତ—ସ. ବି. (ରୂପକ)—ଜୁଆଖେଳ ସଙ୍ଗେ ତୁଳନୀୟ ଯୁଦ୍ଧ—
Juddha dyuta Chance of war (Apte).

ଯୁଦ୍ଧ ନିବୃତ୍ତି—ସ. ବି—(୬ଷ୍ଠୀ ତତ୍; ଯୁଦ୍ଧ + ନିବୃତ୍ତି)—୧। ଯୁଦ୍ଧ
Juddha nibrutti ବନ୍ଦ ହେବା—1. Cessation of hostilities; armistice. ୨। ସନ୍ଧି—2. Truce.

ଯୁଦ୍ଧ ନୀତି—ସ. ବି—୧। ଯୁଦ୍ଧ କରିବା ସମ୍ବନ୍ଧେ ନିୟମାଦି—1. The
Juddha niti laws or rules for conducting a war. ୨। ଯୁଦ୍ଧ ବିଦ୍ୟା (ଦେଖ)—2. Juddha bidyā (See).

ଯୁଦ୍ଧ ପରାଙ୍ମୁଖ—ସ ବିଣ. ପୁଂ (୭ମୀ ତତ୍)—୧। ଯୁଦ୍ଧ କରିବାକୁ
Juddha parāṅmukha ଭୀତ—1. Unwilling to
(ଯୁଦ୍ଧପରାଙ୍ମୁଖୀ—ସ୍ତ୍ରୀ) fight; averse to war. ୨। ଯେ ଯୁଦ୍ଧ ଭୂମିରୁ ପଳାଇ ଯାଇଥାଏ—2 Fleeing from the battlefield; fugitive.

ଯୁଦ୍ଧ ପୋତ—ସ.ବି—(ମ.ପ.ଲୋ)—ରଣତରୀ; ଯେଉଁ ଜାହାଜରେ ଚଢ଼ି
Juddha pota ଯୋଦ୍ଧାମାନେ ଅପର ପକ୍ଷ ସଙ୍ଗେ ଯୁଦ୍ଧ କରନ୍ତି—
(ଯୁଦ୍ଧ ତରୀ—ଅନ୍ୟରୂପ) Warship; man-o-war.
(ଦୃ—ଆଜିକାଲି ନାନା ପ୍ରକାର କଳ, କୌଶଳ ଓ ଆଗ୍ନେୟାସ୍ତ୍ରଯୁକ୍ତ ଜାହାଜମାନ ପାଶ୍ଚାତ୍ୟ ରଣକୁଶଳ ଜାତିମାନେ ଆବିଷ୍କାର ଓ ବ୍ୟବହାର କରୁଅଛନ୍ତି। ଯଥା:—
ତୋପ ଜାହାଜ—Gun ship. ବୁଡ଼ା ଜାହାଜ—Torpedo. ବୁଲା ଜାହାଜ—Cruiser. ଉଡ଼ା ଜାହାଜ—Sea plane।)

ଯୁଦ୍ଧ ପୋଷାକ—ଦେ. ବି—ଯୁଦ୍ଧ ସଜ (ଦେଖ)—Juddha saja
Juddha posbāka (See).

ଯୁଦ୍ଧ ପ୍ରତ୍ୟାଗତ—ସ. ବିଣ ପୁଂ (୫ମୀ ତତ୍)—ଯୁଦ୍ଧ କର ଯୁଦ୍ଧ-
Juddha pratyāgata କ୍ଷେତ୍ରରୁ ଫେର ଆସିଥିବା (ଯୋଦ୍ଧା)—
(ଯୁଦ୍ଧପ୍ରତ୍ୟାଗତା—ସ୍ତ୍ରୀ) (a warrior) Returned from the field of battle.

ଯୁଦ୍ଧ ପ୍ରାଙ୍ଗଣ—ସ. ବି—ଯୁଦ୍ଧକ୍ଷେତ୍ର (ଦେଖ)—Juddha kshetra
Juddha prāṅgana (See)

ଯୁଦ୍ଧ ପ୍ରାପ୍ତ—ସ. ବିଣ (୩ୟା ତତ୍)—୧। ଯୁଦ୍ଧରେ ବନ୍ଦୀକୃତ ବ୍ୟକ୍ତି
Juddha prāpta (ସ୍ମୃ. ଶା.)—1. Taken as a prisoner of war. [ଦୃ—ସ୍ମୃତିଶାସ୍ତ୍ର ମତରେ ବାର ପ୍ରକାର ଦାସଙ୍କ ମଧ୍ୟରୁ ଯୁଦ୍ଧପ୍ରାପ୍ତ ଦାସ ଏକତମ।]
୨। ଯୁଦ୍ଧରେ ମିଳିଥିବା (ଧନାଦି)—2. Taken as booty in war.

ଯୁଦ୍ଧପ୍ରିୟ—ସ. ବିଣ. ପୁଂ (ବହୁବ୍ରୀହି)—ଯେ ଯୁଦ୍ଧ କରିବାକୁ ସୁଖ ପାଏ
Juddhapriya —Fond of war; warlike.
(ଯୁଦ୍ଧପ୍ରିୟା—ସ୍ତ୍ରୀ) (ଯୁଦ୍ଧପ୍ରିୟତା—ବି)

ଯୁଦ୍ଧ ବନ୍ଦୀ—ସ ବି—ଯୁଦ୍ଧରେ ପରାଜିତ ହୋଇ ରଖାଯାଇ ଥିବା କଏଦୀ
Juddha bandi —Prisoner of war.

ଯୁଦ୍ଧ ବିକ୍ରମ—ସ. ବି (୭ମୀ ତତ୍)—ଯୁଦ୍ଧରେ ପ୍ରଦର୍ଶିତ ସାହସ—
Juddha bikrama Martial courage; valour in
(ଯୁଦ୍ଧବିକ୍ରମୀ—ବିଣ. ପୁଂ) fight.

ଯୁଦ୍ଧ ବିଗ୍ରହ—ସ. ବି (ସହଚର ପଦ)—ସଂଗ୍ରାମାଦି—
Juddha bigraha Battle; conflict etc.

ଯୁଦ୍ଧ ବିଜ୍ଞାନ—ସ. ବି—ଯୁଦ୍ଧ ସମ୍ବନ୍ଧୀୟ ବିଧି ନିୟମ ଓ କୌଶଳାଦି
Juddha bijñāna ଯେଉଁ ବିଦ୍ୟାରୁ ଶିକ୍ଷା କରାଯାଏ—
ଯୁଦ୍ଧ ବିଦ୍ୟା } ଅନ୍ୟରୂପ The art of war; the
ଯୁଦ୍ଧ ଶାସ୍ତ୍ର } military science or art.

ଯୁଦ୍ଧ ବିଦ୍ୟାଳୟ—ସ. ବି—ଯେଉଁ ବିଦ୍ୟାଳୟରେ ଯୁଦ୍ଧବିଦ୍ୟା ଶିକ୍ଷା
Juddha bidyālaya ଦିଆଯାଏ—A school or college for military training.

ଯୁଦ୍ଧ ବିଭାଗ—ସ. ବି—ସରକାରଙ୍କ ପଲଟଣ ବିଭାଗ; ସୈନ୍ୟ ବିଭାଗ—
Juddha bibhāga The military department.
[ଦୃ—ଆଧୁନିକ ଯୁଦ୍ଧ ବିଭାଗର ଅନେକଗୁଡ଼ିଏ ଉପବିଭାଗ ଅଛି। ଯଥା—ସ୍ଥଳ ସୈନ୍ୟ ବିଭାଗ—The Army department.
ନୌ ବିଭାଗ—The Navy department; Admirality.
ବ୍ୟୋମଯାନ ବିଭାଗ—The Air department.
ସ୍ୱେଚ୍ଛା ସୈନ୍ୟ ବିଭାଗ—The Volunteer department.
ରସଦ ଯୋଗାଇବା ବିଭାଗ—The Supply or Commissariat department.
ସୈନ୍ୟ ସଂଗ୍ରହକାରୀ ବିଭାଗ—The recruiting department.
ପୂର୍ତ୍ତ ବିଭାଗ—The Engineering department.
ଅସ୍ତ୍ର ଓ ବାରୁଦରଖା ବିଭାଗ—The Ammunition department.
ଏହିପରି ନାନା ଉପବିଭାଗର ସୃଷ୍ଟି ଓ ନାମକରଣ ହୋଇଅଛି।]

ଯୁଦ୍ଧ ବିମୁଖ—ସଂ. ବିଣ. ପୁଂ (୭ମୀ ତତ୍; ଯୁଦ୍ଧ + ବିମୁଖ)—
Juddha bimukha ଯୁଦ୍ଧ ପରାଙ୍ମୁଖ (ଦେଖ)
(ଯୁଦ୍ଧବିମୁଖୀ—ସ୍ତ୍ରୀ) Juddha parāṅmukha (See)
(ଯୁଦ୍ଧବିମୁଖତା—ବି)

ଯୁଦ୍ଧ ବିରତି—ସଂ. ବି (୫ମୀ ତତ୍)—ଯୁଦ୍ଧ ନିବୃତ୍ତି (ଦେଖ)
Juddha birati Judda nibrutti (See)
(ଯୁଦ୍ଧ ବିରାମ—ଅନ୍ୟରୂପ) (ଯୁଦ୍ଧବିରତ—ବିଣ. ପୁଂ)

ଯୁଦ୍ଧ ବିଶାରଦ—ସଂ. ବିଣ. ପୁଂ (୭ମୀ ତତ୍)—୧ । ଯୁଦ୍ଧଜ୍ଞ (ଦେଖ)
Juddha biśārada 1. Juddhajña (See)
(ଯୁଦ୍ଧ ବିଶାରଦା—ସ୍ତ୍ରୀ) ୨ । ଯୁଦ୍ଧ କୁଶଳ (ଦେଖ)
2. Juddha kuśaḷa (See)

ଯୁଦ୍ଧ ବ୍ରୀଡ଼ା—ସଂ. ବି.—(ମ. ପ. ଲୋ.)—ପରାଜୟଜନିତ ଲଜ୍ଜା—
Juddha brīḍā The shame due to defeat in a battle. [ଉ—ଏରୂପେ ସେ ଦେବଙ୍କ ସମ୍ପାଦନ ପୀଡ଼ା, ଛଡ଼ାଇଲା ଦୈତ୍ୟମାନଙ୍କ ଯୁଦ୍ଧବ୍ରୀଡ଼ା ।]

ଯୁଦ୍ଧ ଭଙ୍ଗ—ସଂ. ବି.—୧ । (୭ଷ୍ଠୀ ତତ୍) ଯୁଦ୍ଧନିବୃତ୍ତି (ଦେଖ)
Juddha bhaṅga 1. Juddha nibṛutti (See)
୨ । (୫ମୀ ତତ୍) ରଣ ଭଙ୍ଗ; ଯୁଦ୍ଧରୁ ଛନ୍ନଛତ୍ର ହୋଇ ପଳାଇ ଯିବା—2. A rout. ୩ । (୭ମୀ ତତ୍) ଶତ୍ରୁ ସୈନ୍ୟର ଶ୍ରେଣୀଭଙ୍ଗ—3. The breaking of the enemy's lines or ranks.

ଯୁଦ୍ଧ ଭୂମି—ସ.ବି.—(୭ଷ୍ଠୀ ତତ୍)—ଯୁଦ୍ଧ କ୍ଷେତ୍ର; ରଣ ଭୂଇଁ—
Juddha bhūmi Battle-field; seat of war.
(ଯୁଦ୍ଧ ଭୂଇଁ—ଦେ· ରୂପ) [ଯୁଦ୍ଧଭୁ—ଅନ୍ୟରୂପ]

ଯୁଦ୍ଧ ମତ୍ତ—ସଂ. ବିଣ. ପୁଂ—(୩ୟା ତତ୍; ବମ୍ବା ୭ମୀ ତତ୍)—ରଣ-
Juddha matta ମଦରେ ମାତ୍ତ ଥିବା—Intoxicated
[ଯୁଦ୍ଧ ମତ୍ତା—ସ୍ତ୍ରୀ] with a rage for fighting; in the rage of battle.

ଯୁଦ୍ଧମଦ—ସଂ. ବି.—(ମ. ପ. ଲୋ.; ଯୁଦ୍ଧ ଜନ୍ୟ ମଦ)—ରଣମଦ;
Juddha mada ଯୁଦ୍ଧ କରିବା ପାଇଁ ଯୋଦ୍ଧାମାନଙ୍କ ମନରେ ଜନ୍ମିବା ନିଶା—Martial fury; intoxication of battle.

ଯୁଦ୍ଧ ମାଗିବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ ଯୁଦ୍ଧ କରିବାକୁ
Juddha māgibā ଆହ୍ୱାନ କରିବା—To challenge a person to fight; to challenge a person to come forward to fight with the challenger.

ଯୁଦ୍ଧ ମାର୍ଗ—ସଂ. ବି.—୧ । (୭ଷ୍ଠୀ ତତ୍) ଯୁଦ୍ଧ କୌଶଳ—
Juddha mārga 1. Military stratagems or tactics; manoeuvres (Apte). ୨। (ରୂପକ) ଯୁଦ୍ଧରୂପ ମାର୍ଗ—2, Battle compared to a path. ୩ । ଅଭୀଷ୍ଟଲାଭାର୍ଥ ଅବଲମ୍ବିତ ଯୁଦ୍ଧ ରୂପ ଉପାୟ—3. Recourse to war for gaining one's aims.

ଯୁଦ୍ଧ ବିଶ୍ରାମ—ସଂ· ବିଣ (୫ମୀ ତତ୍)—ଯୁଦ୍ଧାଭ୍ୟନ୍ତର ବିଶ୍ରାମ (ଦେଖ)
Juddha biśrāma Juddhābhyantara biśrāma (See)

ଯୁଦ୍ଧବୀର—ସଂ, ବି (୭ମୀ ତତ୍)—୧ । ରଣ ବିଷୟରେ; ବୀର, ପ୍ରଧାନ
Juddha bīra ଯୋଦ୍ଧା—1. A valiant hero or champion. ୨ । (ଅଳଙ୍କାର) ଯୁଦ୍ଧ ବିକ୍ରମ ଜନିତ ବୀର ରସ—2. (in Rhetoric) The sentiment of heroism arising out of military prowess the sentiment of chivalrous heroism. (Apte)

ଯୁଦ୍ଧ ମୁଖ—ସଂ.ବି—(୭ଷ୍ଠୀ ତତ୍)—ଉଭୟ ସେନା ମିଳିତ ହେବା ସ୍ଥାନ;
Juddha mukha ଯୁଦ୍ଧର ସମ୍ମୁଖୀନ ସେନା ଶ୍ରେଣୀ—The
(ଯୁଦ୍ଧ ମୂର୍ଦ୍ଧ - ଦେ. ରୂପ) front of battle; the front-line of battle; the brunt of fight.

ଯୁଦ୍ଧଯନ୍ତ୍ର—ସଂ. ବି (ମ. ପ. ଲୋ)—ଯୁଦ୍ଧାର୍ଥ ବ୍ୟବହୃତ ଯନ୍ତ୍ର ବା କଳ—
Juddha jantra Machines of war; warlike machines.

ଯୁଦ୍ଧ ଯାତ୍ରା—ସ. ବି.—(୪ର୍ଥୀ. ଯୁଦ୍ଧାର୍ଥ ଯାତ୍ରା)—ଅଭିଯାନ; ଯୁଦ୍ଧ
Juddha jātrā କରିବା ପାଇଁ ବାହାରିବା—A military expedition; a marching out to fight; a battle-march.

ଯୁଦ୍ଧ ଯାତ୍ରୀ—ସ. ବିଣ.—(ମ. ପ. ଲୋ;)—ଯୁଦ୍ଧ ନିମନ୍ତେ ଯାତ୍ରା କରୁ-
Juddha jātrī ଥିବା—Marching in battle array; expeditionary.

ଯୁଦ୍ଧ ଯାନ—ସ. ବି.—(ମ. ପ. ଲୋ)—ଯୁଦ୍ଧରେ ବ୍ୟବହୃତ ଯାନ—
Juddha jāna Vehicles used in war.

ଯୁଦ୍ଧ ରଙ୍ଗ—ସ. ବି.—୧ । (ରୂପକ) ଯୁଦ୍ଧରୂପ ନାଟକର ଅଭିନୟ—
Juddha raṅga 1. Actual fight; the revelry of battle. ୨ । (ବହୁବ୍ରୀହି) ଦେବସେନାପତି; କାର୍ତ୍ତିକେୟ; ଷଡ଼ାନନ—2. The God Kārttikeya, the leader of the divine hosts. ୩ । (୭ଷ୍ଠୀ ତତ୍) ଯୁଦ୍ଧଭୂମି (ଦ୍ୱ. ଶ.)—
3. Battlefield (Apte).

ଯୁଦ୍ଧ ରଥ—ସ. ବି.—(ମ. ପ. ଲୋ.)—ଯୁଦ୍ଧରେ ବ୍ୟବହୃତ ରଥ—
Juddha ratha War chariots; vehicles used by warriors while fighting.

ଯୁଦ୍ଧ ରୀତି—(୭ଷ୍ଠୀ ତତ୍)—ଯୁଦ୍ଧ କରିବାର ପଦ୍ଧତି ବା ପ୍ରଣାଳୀ—
Juddha rīti The mode or manner of fighting.

ଯୁଦ୍ଧଶାଳୀ—ସ. ବିଣ. ପୁଂ—୧ । (ଯୁଦ୍ଧ + ଅସ୍ତି ଅର୍ଥରେ ଶାଳିନ୍, ୧ମା
Juddha śāḷī ୧ବ.)—୧ । ଯୁଦ୍ଧ କର୍ମରେ ବ୍ୟାପୃତ—
1. Engaged in fighting. [ଉ - ସାତ୍ୟକି ବ୍ୟାଘ୍ର ମୁହଁ ଉରୁର ସୈନ୍ୟ ଛେଳ, ଯେ ଗଲେ ସେ ଅଭ ନୋହିଲେ ଯୁଦ୍ଧଶାଳୀ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ]
୨ । ଯୁଦ୍ଧରେ ବିକ୍ରମୀ; ଯୁଦ୍ଧ ପ୍ରିୟ—
2. Valiant; heroic; warlike (Apte).

ଯୁଦ୍ଧ ଶିକ୍ଷା—ସ. ବି.—(୭ଷ୍ଠୀ ତତ୍)—ଯୁଦ୍ଧ ବିଦ୍ୟା ଶିଖିବା—
Juddha śikshā Training for war; military training.

ଯୁଦ୍ଧ ଶୁକ୍ରବାର—ଗ୍ରା. ବି.—ବହୁ ଲୋକକ୍ଷୟକାରୀ ଯୁଦ୍ଧ—A des-
Juddha śukrabāra tructive war.
লোক ক্ষয়কারী যুদ্ধ

ଲୋକକ୍ଷୟକାରୀ ଯୁଦ୍ଧ [ଉ—ମୋ ଦେହକେ ଏରୂପେ ଯୁଦ୍ଧ ଶୁଣିବାର, କର ନାହିଁ ଅଛେ ଅବିକଳ ଯାଇ । କୃଷ୍ଣସିଂହ. ମହାଭାରତ. ବିରାଟ ।]

ଯୁଦ୍ଧ ସଂବା(ମ୍ବା)ଦ—ସଂ. ବି.—(୬ଷ୍ଠୀ ତତ୍)—ଯୁଦ୍ଧବିଷୟକ ବିବରଣ—
Juddha sambā(mbā)da News of war; war news.

ଯୁଦ୍ଧ ସଚିବ—ସଂ. ବି. ରାଜାଙ୍କୁ ଯୁଦ୍ଧ ସମ୍ବନ୍ଧେ ପରାମର୍ଶ ଦେବା ମନ୍ତ୍ରୀ—
Juddha sachiba War-minister; the minister for war.

ଯୁଦ୍ଧ ସଜ୍ଜା—ସଂ. ବି.—(ମ. ପ. ଲୋ;)—୧ । ରଣସଜ୍ଜା; ସଂଗ୍ରାମାର୍ଥ
Juddha sajjā ବେଶଭୂଷା—1. The accoutrements or equipments for battle; a warrior's dress. ୨ । ବର୍ମ; ସାଞ୍ଜୁ—2. Armour. ୩ । ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ରହିବା; ଯୁଦ୍ଧ ପାଇଁ ସଜ ହେବା—3. Preparations for a battle. ୪ ଯୁଦ୍ଧ କରିବାକୁ ଶ୍ରେଣୀବଦ୍ଧ ହେବା; ବ୍ୟୂହରଚନା—4. Battle-array.

ଯୁଦ୍ଧ ସ(ସା)ଜ—ଦେ. ବି—(ସଂ ଯୁଦ୍ଧ ସଜ୍ଜା)—ଯୁଦ୍ଧ ସଜ୍ଜା (ଦେଖ)
Juddha sa(sā)ja Juddha sajjā (See)
যুদ্ধের সাজ **যুদ্ধ সাজ**

ଯୁଦ୍ଧ ସାଧନ—ସଂ. ବି.—(୬ଷ୍ଠୀ ତତ୍)—ଯୁଦ୍ଧ କରିବାର ଉପକରଣ-
Juddha sādhana ମାନ—The sinews of war; [ଯୁଦ୍ଧ ସାମଗ୍ରୀ—ଅନ୍ୟରୂପ) war materials; military stores; arms and ammunition.

ଯୁଦ୍ଧସାର—ସଂ. ବି (ଯୁଦ୍ଧ+ସୃ. ଧାତୁ=ଗମନ କରିବା+କର୍ତ୍ତୃ. ଅ)—
Juddhasāra ଘୋଟକ; ଅଶ୍ୱ—Horse.

ଯୁଦ୍ଧ ସୃଷ୍ଟି—ଦେ. ବି—ଯୁଦ୍ଧଭୂମି; ଯୁଦ୍ଧକ୍ଷେତ୍ର--Battle-field. (ଉ—
Juddha srushti ଏ ସବାଣୁଁ ଭୁଅପଥର ଘର ବୃଷ୍ଟି, ବୁଅନ୍ତେ ଘରେ ପୂରଗଲା ଯୁଦ୍ଧସୃଷ୍ଟି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।)

ଯୁଦ୍ଧ ସ୍ଥଳ—ସଂ. ବି (୬ଷ୍ଠୀ ତତ୍)—ଯୁଦ୍ଧକ୍ଷେତ୍ର—
Juddha sthaḷa Battlefield; the scene of battle.

ଯୁଦ୍ଧ ହସ୍ତୀ—ସଂ. ବି (ମ. ପ. ଲୋ)—ଯୁଦ୍ଧ କାର୍ଯ୍ୟରେ ସାହାଯ୍ୟ କରିବା
Juddha hasti ପାଇଁ ନିୟୋଜିତ ହସ୍ତୀ—War elephants; elephants employed or utilized for purposes of war.

ଯୁଦ୍ଧା(ଦ୍ଧି)—ଗ୍ରା. ବି ଓ ବିଣ (ସଂ. ଯୋଦ୍ଧା)—ଯୋଦ୍ଧା (ଦେଖ)
Juddhā(ddhi) Joddhā (See)

ଯୁଦ୍ଧାକାଙ୍କ୍ଷା—ସଂ. ବି (୬ଷ୍ଠୀ ତତ୍)—ଯୁଦ୍ଧ କରିବାକୁ ଇଚ୍ଛା—
Juddhākānkshā A desire for war.

ଯୁଦ୍ଧାକାଙ୍କ୍ଷୀ—ସଂ. ବିଣ. ପୁଂ (୭ମୀ ତତ୍)--ଯୁଦ୍ଧ କରିବା ପାଇଁ ଇଚ୍ଛୁକ—
Juddhākānkshi Desirous of war.
(ଯୁଦ୍ଧାକାଙ୍କ୍ଷିଣୀ—ସ୍ତ୍ରୀ)

ଯୁଦ୍ଧାଚାର୍ଯ୍ୟ—ସଂ. ବି (ମ. ପ. ଲୋ)—ଯୁଦ୍ଧବିଦ୍ୟା ଶିଖାଉଥିବା ଗୁରୁ—
Juddhācharjya A military preceptor (Apte).

ଯୁଦ୍ଧାଜୀବ—ସଂ. ବି (ବହୁବ୍ରୀହି; ଯୁଦ୍ଧ ଅଟେ ଆଜୀବ=ଜୀବିକା
Juddhājība ଯାହାର)—୧ । ଯୋଦ୍ଧା—1. Warrior. ୨ । ସୈନ୍ୟରୂପେ ଜୀବିକା ନିର୍ବାହ କରିବା ବ୍ୟକ୍ତି—2. A soldier by profession; a mercenary soldier.

ଯୁଦ୍ଧାନୁସନ୍ଧାନ—ସଂ. ବି (୬ଷ୍ଠୀ ତତ୍)—ଯୁଦ୍ଧ କରିବା ପାଇଁ ସୁବିଧା
Juddhānusandhāna ଖୋଜି ବୁଲିବା—The seeking (ଯୁଦ୍ଧାନ୍ୱେଷଣ—ଅନ୍ୟରୂପ) of occasions for making war.

ଯୁଦ୍ଧାନୁସନ୍ଧାନୀ—ସଂ. ବିଣ. ପୁଂ—ଯେ ଯୁଦ୍ଧ କରିବା ପାଇଁ ସୁବିଧା
Juddhānusandhāni ଖୋଜୁଥାଏ—Seeking occa- (ଯୁଦ୍ଧାନ୍ୱେଷକ, ଯୁଦ୍ଧାନ୍ୱେଷୀ—ଅନ୍ୟରୂପ) sions for war.

ଯୁଦ୍ଧାବସର—ସଂ. ବି—୧ । (୭ମୀ ତତ୍) ଯୁଦ୍ଧ ମଧ୍ୟରେ ମିଳିବା ବିଶ୍ରାମ;
Juddhābasara 1. Truce; a temporary cessation of hostilities. ୨ । (ମ. ପ. ଲୋ) ଯୁଦ୍ଧ ହେବା ପାଇଁ ସୁଯୋଗ—2. An occasion for war.

ଯୁଦ୍ଧାବସାନ—ସଂ. ବି (୬ଷ୍ଠୀ ତତ୍)—୧ । ଯୁଦ୍ଧନିବୃତ୍ତି—1. The
Juddhābasāna cessation of hostilities ୨ । ଯୁଦ୍ଧର ଶେଷ—2. The end of fighting.

ଯୁଦ୍ଧାଭିଲାଷ—ସଂ. ବି—ଯୁଦ୍ଧାକାଙ୍କ୍ଷା (ଦେଖ)
Juddhābhilāsha Juddhākānkshā (See)

ଯୁଦ୍ଧାଭିଲାଷୀ—ସଂ. ବିଣ. ପୁଂ—ଯୁଦ୍ଧାକାଙ୍କ୍ଷୀ (ଦେଖ)—
Juddhābhilāshi Juddhākānkshi. (See)
(ଯୁଦ୍ଧାଭିଲାଷିଣୀ—ସ୍ତ୍ରୀ)

ଯୁଦ୍ଧାଭ୍ୟନ୍ତର ବିଶ୍ରା(ସ୍ରା)ମ—ସଂ. ବି—ଯୁଦ୍ଧରୁ କିଛି ସମୟ କିଛିକାଳ ପାଇଁ
Juddhābhyantara bisrā(rā)ma ନେବା ବିଶ୍ରାମ—A truce; a temporary cessation of hostilities.

ଯୁଦ୍ଧାଭ୍ୟାସ—ସଂ. ବି—୧ । ଯୁଦ୍ଧବିଦ୍ୟା ଶିକ୍ଷା—1. The training
Juddhābhyāsa for war. ୨ । କ୍ରୀଡ଼ାଯୁଦ୍ଧଦ୍ୱାରା ଯୁଦ୍ଧବିଦ୍ୟା ଶିକ୍ଷା—2. Training given by means of mock fighting; manoeuvres.

ଯୁଦ୍ଧାୟୋଜନ—ସଂ. ବି (ମ. ପ. ଲୋ)—ଯୁଦ୍ଧ ପାଇଁ ଉଦ୍ୟମ ଓ
Juddhāyojana ଉପକରଣାଦି ସଂଗ୍ରହ—Warlike preparations; preparations for war.

ଯୁଦ୍ଧାରମ୍ଭ—ସଂ. ବି (୬ଷ୍ଠୀ ତତ୍)—ଯୁଦ୍ଧର ପ୍ରଥମ ଚେଷ୍ଟା ବା ଅବସ୍ଥା—
Juddhārambha The beginning of battle; the commencement of hostilities.

ଯୁଦ୍ଧାର୍ଥ(ର୍ଥେ)—ଦେ. ଅ (ସଂ. ଯୁଦ୍ଧାର୍ଥଂ)—ଯୁଦ୍ଧ କରିବା ପାଇଁ—
Juddhārtha(rthe) For the purpose of war.
युद्धार्थ **युद्धार्थ**

ଯୁଦ୍ଧାର୍ଥୀ—ସଂ. ବିଣ. ପୁଂ (ଉପପଦ ତତ୍ପୁରୁଷ)—ଯୁଦ୍ଧାକାଙ୍କ୍ଷୀ (ଦେଖ)
Juddhārthi Juddhākānkshi. (See)
(ଯୁଦ୍ଧାର୍ଥିନୀ—ସ୍ତ୍ରୀ)

ଯୁଦ୍ଧାଶ୍ୱ—ସଂ. ବ. –(ମ. ପ. ଲୋ)—ଯୁଦ୍ଧରେ ନିଯୋଜିତ ଘୋଡ଼ା—
J̄uddhāswa War-horse; steed.

ଯୁଦ୍ଧାସ୍ତ୍ର—ସ. ବ. (ମ. ପ. ଲୋ)—ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରାଦି—
J̄uddhāstra Weapons of war.

ଯୁଦ୍ଧିବା—ଗ୍ରା. କ୍ରି. (ସ. ଯୁଧ୍ ଧାତୁ)—ଯୁଝିବା; ଯୁଦ୍ଧ କରିବା—
J̄uddhibā To fight.

ଯୁଦ୍ଧେଚ୍ଛା—ସ. ବ—ଯୁଦ୍ଧାକାଙ୍କ୍ଷା (ଦେଖ)
J̄uddhechchhā J̄uddhākānkshā (See)
(ଯୁଦ୍ଧେଚ୍ଛୁ, ଯୁଦ୍ଧେଚ୍ଛୁକ—ବିଣ)

ଯୁଦ୍ଧୋଦ୍ୟତ—ସ. ବିଣ. ପୁଂ (୭ମୀ ତତ୍)—ଯୁଦ୍ଧ କରିବାକୁ ପ୍ରସ୍ତୁତ—
J̄uddhodyata Ready to fight.
(ଯୁଦ୍ଧୋଦ୍ୟତା—ସ୍ତ୍ରୀ)

ଯୁଦ୍ଧୋଦ୍ୟମ—ସ. ବ. (ମ. ପ. ଲୋ)—ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା—
J̄uddhodyama Preparation or readiness for a battle.
[ଯୁଦ୍ଧୋଦ୍ୟୋ(ଦ୍ୟୋ)ଗ—ଅନ୍ୟରୂପ]

ଯୁଦ୍ଧୋନ୍ମତ୍ତ—ସ. ବିଣ. ପୁଂ—ରଣମଦରେ ପାଗଳ—
J̄uddhonmatta Frantic with battle-rage.
(ଯୁଦ୍ଧୋନ୍ମତ୍ତା—ସ୍ତ୍ରୀ) ସ. ବ—ରାବଣର ଭାଇ ମହୋଦରର ପୁଅର ନାମ—Name of a brother of Rābaṇa.
[ଦ୍ର—ଏ ନାଲ ନାମକ ବାନରର ଦ୍ୱାରା ହତ ହୋଇଥିଲା—ହି. ଶବ୍ଦସାଗର ।]
(ଯୁଦ୍ଧୋନ୍ମତ୍ତତା—ବିଶେଷ୍ୟ)

ଯୁଦ୍ଧୋନ୍ମାଦ—ସ. ବ. (ମ. ପ. ଲୋ)—ଯୁଦ୍ଧର ନିଶା; ଯୁଦ୍ଧରେ ଜାତ
J̄uddhonmāda ହେବା ମତ୍ତତା; ଯୁଦ୍ଧ ମଦ—Rage of battle; the state of being frantic or mad to fight; intoxication of battle.

ଯୁଦ୍ଧୋପକରଣ—ସଂ. ବ. (୬ଷ୍ଠୀ ତତ୍)—ଯୁଦ୍ଧ ପାଇଁ ପ୍ରୟୋଜନୀୟ
J̄uddhopakaraṇa ଅସ୍ତ୍ରଶସ୍ତ୍ରାଦି ଦ୍ରବ୍ୟମାନ—Sinews of war; war implements & materials.

ଯୁଧ୍—ସଂ. ବ. (ଯୁଧ୍ ଧାତୁ+ଭାବ. କ୍ୱିପ୍)—୧ । ସଂଗ୍ରାମ; ଯୁଦ୍ଧ—
J̄udh 1. Fight; battle. ୨ । (+କର୍ତ୍ତୃ. କ୍ୱିପ୍) ଯୋଦ୍ଧା—2. Warrior; soldier. ୩ । ବୀର—3. Hero.

ଯୁଧ୍ (ଧାତୁ)—ସଂ—୧ । ଲଢ଼ାଇ କରିବା—1. To fight. ୨ । J̄uddh (root) ଶତ୍ରୁ ପ୍ରଭୃତି ପରସ୍ପରକୁ ପରାସ୍ତ କରିବାକୁ ଚେଷ୍ଟା କରିବା—2. To contend in battle. ୩ । ହତ୍ୟା କରିବା; ସଂହାର କରିବା—3. To slay.

ଯୁଧା—ସଂ. ବ. (ଯୁଦ୍ ଧାତୁ+କ୍ୱିପ୍+ଅ)—ଯୁଦ୍ଧ—
J̄uddhā Fight; battle.

ଯୁଧାଜିତ୍—ସଂ. ବ. (ଯୁଧା=ଯୁଦ୍ଧ+ଜି ଧାତୁ=ଜୟ କରିବା+କର୍ତ୍ତୃ. J̄udhājit କ୍ୱିପ୍)—୧ । କେକୟ ରାଜପୁତ୍ର; ଭରତଙ୍କ ମାମୁଁ ଓ କୈକେୟୀଙ୍କ ଭାଇ—1. The maternal uncle of Prince Bharata. ୨ । ଯଦୁ ବଂଶୀୟ ବୃଷ୍ଣିଙ୍କ ପୁତ୍ର—2. Name of a prince of the J̄adu dynasty. ୩ । କୃଷ୍ଣଙ୍କର ଜନୈକ ପୁତ୍ର (ହ. ଶ)—3. Name of a son of Krushṇa

ଯୁଧାନ—ସଂ. ବ. (ଯୁଧ୍ ଧାତୁ+କର୍ତ୍ତୃ. ଅନ)—୧ । ଯୋଦ୍ଧା—
J̄udhāna 1. Warrior. ୨ । ସୈନିକ—2. Soldier. ୩ । କ୍ଷତ୍ରିୟ—3. A person of the military caste amongst the Hindus. ୪ । ଶତ୍ରୁ—4. Enemy; adversary.

ଯୁଧାମନ୍ୟୁ—ସଂ. ବ—ପାଞ୍ଚାଳରାଜ ଯଜ୍ଞସେନଙ୍କ ପୁତ୍ର ଓ ଦ୍ରୌପଦୀଙ୍କ ଭାଇ-
J̄udhāmanyu Name of the brother of Draupadī.

ଯୁଧି(ଦ୍ଧି)—ଗ୍ରା. ବ. (ସଂ. ଯୁଧିକ)—ବୀର; ଯୋଦ୍ଧା—
J̄udhi(ddhi) Hero; warrior.

ଯୁଧିକ—ସଂ. ବ. ପୁଂ. (ଯୁଧ ଧାତୁ+କର୍ତ୍ତୃ. ଇକ)—ଯୋଦ୍ଧା—
J̄udhika Warrior.
ବିଣ—ଯୁଦ୍ଧକାରୀ—Fighting.

ଯୁଧି(ଧେ)ଷ୍ଟି(ଷ୍ଠି)—ଗ୍ରା. ବ (ସଂ. ଯୁଧିଷ୍ଠିର)—ଯୁଧିଷ୍ଠିର (ଦେଖ)
J̄udhi(dhe)shṭi(shṭhi) J̄udhishṭhira (See)
युधिष्ठिर [ଦ୍ର—ଯୁଧିଷ୍ଟି ବୋଇଲେ ଶୋ ବାରୁ ପାଣ୍ଡୁ ରଜା ।
युधिष्ठीर କୃଷ୍ଣସିଂହ. ମହାଭାରତ. ବନ ।]

ଯୁଧିଷ୍ଠିର—ସଂ. ବ (ନାମ) (ଅଲୁକ୍; ଯୁଧି=ଯୁଦ୍ଧରେ+ସ୍ଥିର=
J̄udhishṭhira ଅଟଳ)—ଜ୍ୟେଷ୍ଠ ପାଣ୍ଡବ—The eldest of the Pāṇḍaba brothers. [ଦ୍ର . ପାଣ୍ଡୁଙ୍କ ପ୍ରଥମା ପତ୍ନୀ କୁନ୍ତୀଙ୍କ ଗର୍ଭରେ ଧର୍ମ (ଯମ) ଦେବତାଙ୍କ ଔରସରେ ଯୁଧିଷ୍ଠିରଙ୍କର ଜନ୍ମ । ଏ ବାଲ୍ୟକାଳରୁ ବିଶେଷ ଧର୍ମପରାୟଣ ଥିଲେ । ପାଣ୍ଡୁଙ୍କ ମୃତ୍ୟୁପରେ ମାତା ଓ ସହୋଦରଭାଇଙ୍କ ସହିତ ଏ ଧୃତରାଷ୍ଟ୍ରଙ୍କ ଆଶ୍ରୟରେ ପ୍ରତିପାଳିତ ହୋଇ, ଦୁର୍ଯ୍ୟୋଧନାଦି କୌରବଙ୍କ ସଙ୍ଗେ କୃପ ଓ ଦ୍ରୋଣଙ୍କଠାରୁ ଅସ୍ତ୍ରବିଦ୍ୟା ଶିକ୍ଷା କଲେ ଓ ପ୍ରାପ୍ତବୟସ୍କ ହେବାରୁ ଯୌବରାଜ୍ୟାଭିଷିକ୍ତ ହୋଇ ଅପତ୍ୟନିର୍ବିଶେଷରେ ପ୍ରଜାପାଳନ କଲେ । ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନ ପରଶ୍ରୀକାତର ହୋଇ ପଞ୍ଚପାଣ୍ଡବଙ୍କର ବିନାଶ ସାଧନ କରିବାକୁ ନାନା ଉପାୟ ଓ କୂଟ କୌଶଳ କରି ଅକୃତକାର୍ଯ୍ୟ ହେଲେ । ଦୁର୍ଯ୍ୟୋଧନ ପରିଶେଷରେ ବାରଣାବତ ନଗରରେ ଗୋଟିଏ ଜତୁଗୃହ ନିର୍ମାଣ କରାଇ ପାଣ୍ଡବ ପାଞ୍ଚ ଭାଇଙ୍କୁ ରହିବାକୁ କହିଲେ । ସେ ଗୃହ ମଧ୍ୟରେ ଏମାନେ ଥିବା ସମୟରେ ସେ ଘରେ ନିଆଁ ଲଗାଇ ଏମାନଙ୍କୁ ପୋଡ଼ି ଦେବାକୁ ଦୁର୍ଯ୍ୟୋଧନ କୌଶଳ କରିଥିଲେ । କିନ୍ତୁ ଏମାନେ ତାହା ଆଗରୁ ଜାଣିପାରି ସେଠାରୁ ପଳାଇ ଯାଇ ପ୍ରାଣରକ୍ଷା କଲେ ଓ ଅଜ୍ଞାତ ଭାବରେ ମାତାଙ୍କ ସହିତ ବୁଲିଲେ ।

ଏହି ସମୟରେ ପଞ୍ଚାଳ ରାଜକନ୍ୟା ଦ୍ରୌପଦୀଙ୍କର ସ୍ୱୟମ୍ବର ହେବା ବିଷୟ ଅବଗତ ହୋଇ ଏମାନେ ଉକ୍ତ ରାଜଧାନୀକୁ ବ୍ରାହ୍ମଣ ବେଶରେ ଯାଇ ଦୁର୍ଯ୍ୟୋଧନାଦି ବହୁଶତ ରାଜା ଭେଦ କରିବାକୁ ଅକ୍ଷମ ହୋଇଥିବା ଲକ୍ଷ୍ୟକୁ ଅର୍ଜୁନ ଭେଦ କଲେ ଓ ଦ୍ରୌପଦୀଙ୍କୁ ପ୍ରାପ୍ତ ହେଲେ । କୁଟୀରକୁ ଆସି

ମାତାଙ୍କର ଆଦେଶକ୍ରମେ ପାଞ୍ଚ ଭାଇ ଯାକ ଦ୍ରୌପଦୀଙ୍କୁ ବିବାହ କଲେ । ତତ୍ପରେ ଧୃତରାଷ୍ଟ୍ର ବିଦୁରଙ୍କୁ ପଠାଇ ଏମାନଙ୍କୁ ଡକାଇ ଆଣିଲେ ଓ ଦୁର୍ଯ୍ୟୋଧନଙ୍କୁ ହସ୍ତିନାପୁର ଓ ଯୁଧିଷ୍ଠିରଙ୍କୁ ଇନ୍ଦ୍ରପ୍ରସ୍ଥ ରାଜ୍ୟ ଦେଲେ । ଯୁଧିଷ୍ଠିରାଦି ପଞ୍ଚଭ୍ରାତା ସେହିଠାରେ ସୁଖରେ ରାଜ୍ୟ କଲେ । ଯୁଧିଷ୍ଠିରଙ୍କ ଔରସରେ ଦ୍ରୌପଦୀଙ୍କ ଗର୍ଭରୁ ପ୍ରତିବିନ୍ଧ୍ୟ ନାମକ କୁମାର ଜନ୍ମ ହେଲେ ।

ଅର୍ଜୁନଙ୍କ ସଖା ଶ୍ରୀକୃଷ୍ଣଙ୍କ ପରାମର୍ଶରେ କିଛିଦିନ ପରେ ଯୁଧିଷ୍ଠିର ରାଜସୂୟ ଯଜ୍ଞ ଆରମ୍ଭ କଲେ ଓ ଜରାସନ୍ଧ ନାମକ ପ୍ରବଳ ପରାକ୍ରାନ୍ତ ଓ ଅତ୍ୟାଚାରୀ ଅସୁରରାଜାଙ୍କୁ ଭୀମାର୍ଜୁନଙ୍କ ଦ୍ୱାରା ନିହତ କରାଇ ମହାଡ଼ମ୍ବର ସହିତ ଉକ୍ତ ଯଜ୍ଞ ଶେଷ କଲେ । ସେହି ସମୟରେ ଦୁର୍ଯ୍ୟୋଧନ ଇନ୍ଦ୍ରପ୍ରସ୍ଥକୁ ନିମନ୍ତ୍ରିତ ହୋଇ ଆସି ସେଠାରେ ଅପମାନ ପାଇ ଫେରିଯାଇ ଯୁଧିଷ୍ଠିରଙ୍କୁ ପଶା ଖେଳିବାପାଇଁ ଆହ୍ୱାନ କଲେ । ଦୁର୍ଯ୍ୟୋଧନଙ୍କ ମାମୁଁ ଶକୁନି କପଟ-ପଶା ଖେଳରେ ଯୁଧିଷ୍ଠିରଙ୍କୁ ପରାସ୍ତ କଲେ ଓ ଯୁଧିଷ୍ଠିର ସେହି ପଶା ଖେଳରେ ରାଜ୍ୟକୁ, ଭାଇମାନଙ୍କୁ ଓ ଆପଣାକୁ ହରାଇ ପରଶେଷରେ ଦ୍ରୌପଦୀଙ୍କୁ ପଣ ରଖି ହାରିଗଲେ । ପଣରୂପରେ ଦ୍ରୌପଦୀଙ୍କୁ ପାଇ ଦୁର୍ଯ୍ୟୋଧନ ସ୍ୱୟମ୍ବରକାଳୀନ ଅପମାନକୁ ମନେ ରଖି ତହିଁର ପ୍ରତିଶୋଧାର୍ଥ ଦୁଃଶାସନଦ୍ୱାରା ରଜସ୍ୱଳା ଦ୍ରୌପଦୀଙ୍କୁ ଅନ୍ତଃପୁରରୁ କେଶ ଧରି ଟାଣି ଆଣି ପଞ୍ଚପାଣ୍ଡବଙ୍କ ସମ୍ମୁଖରେ ରାଜସଭା ମଧ୍ୟରେ ବିବସ୍ତ୍ରା କଲେ । ତଥାପି ଯୁଧିଷ୍ଠିର ଧର୍ମନାଶ ଭୟରେ ଦ୍ରୌପଦୀଙ୍କର ଏବମ୍ଭୂତ ନିର୍ଯାତନକୁ ନତମସ୍ତକରେ ସହ୍ୟ କଲେ ଓ ଶ୍ରୀକୃଷ୍ଣଙ୍କର ଅପାର କରୁଣାରୁ ଦ୍ରୌପଦୀଙ୍କର ଶରୀର ଏପରି ବସ୍ତ୍ରମୟ ହେଲା ଯେ ଦୁଃଶାସନ ତାଙ୍କୁ ବିବସ୍ତ୍ରା କରି ପାରିଲେ ନାହିଁ । ଶେଷକୁ ଧୃତରାଷ୍ଟ୍ର ମଧ୍ୟସ୍ଥ ହୋଇ ଯୁଧିଷ୍ଠିରଙ୍କୁ ଉକ୍ତ ଦ୍ୟୂତର ଯାବତୀୟ ପଣରୁ ମୁକ୍ତିଦାନ କଲେ ଓ ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ଇନ୍ଦ୍ରପ୍ରସ୍ଥକୁ ଫେରିବା ପରେ ଦୁର୍ଯ୍ୟୋଧନ ପୁଣି ପରଶ୍ରୀକାତରତାଦ୍ୱାରା ଚାଳିତ ହୋଇ ପୁନର୍ବାର ଅକ୍ଷକ୍ରୀଡ଼ା କରିବା ନିମନ୍ତେ ଯୁଧିଷ୍ଠିରଙ୍କୁ ଡାକିଲେ । କ୍ଷତ୍ରିୟୋଚିତ ବିଧାନ ଅନୁସାରେ ଯୁଧିଷ୍ଠିର ଉକ୍ତ ନିମନ୍ତ୍ରଣକୁ ବାଧ୍ୟ ହୋଇ ଗ୍ରହଣ କଲେ ଓ ଏଥରକ ପ୍ରଥମେ ସମସ୍ତ ରାଜ୍ୟ ହାରିଲେ । ପରେ ଏହି ପଣ ରହିଲା ଯେ ଯୁଧିଷ୍ଠିର ହାରିଗଲେ ପଞ୍ଚପାଣ୍ଡବ ଓ ଦ୍ରୌପଦୀ ୧୨ ବର୍ଷ ବନବାସ ଓ ପରେ ଅନ୍ତର ୧ ବର୍ଷ ଅଜ୍ଞାତବାସ କରିବେ । ଦୈବଗତ୍ୟା ଯୁଧିଷ୍ଠିର ହାରିଗଲେ । ଆପଣାର ମାତାଙ୍କୁ ବିଦୁରଙ୍କ ଆଶ୍ରୟରେ ରଖି ପାଞ୍ଚଭାଇ ଓ ଦ୍ରୌପଦୀ ବନବାସକୁ ଗଲେ । ବନବାସ ସମୟରେ ଦୁର୍ଯ୍ୟୋଧନଙ୍କୁ ଯୁଦ୍ଧରେ ପରାସ୍ତ କରି ଚିତ୍ରସେନ ନାମକ ଜଣେ ଗନ୍ଧର୍ବ ବାନ୍ଧି ନେଇ ଗଲା । ଏହା ଶୁଣି ଯୁଧିଷ୍ଠିର ଭୀମ ଓ ଅର୍ଜୁନଙ୍କୁ ପଠାଇ ଦୁର୍ଯ୍ୟୋଧନଙ୍କୁ ମୁକୁଳାଇ ଆଣିଲେ । ଦୁର୍ଯ୍ୟୋଧନଙ୍କ ଭଗିନୀପତି ଜୟଦ୍ରଥ ଦ୍ରୌପଦୀଙ୍କୁ ହରଣ କରିବାକୁ ଚେଷ୍ଟା କରି ଭୀମଙ୍କ ଦ୍ୱାରା ଲାଞ୍ଛିତ ହେଲା, କିନ୍ତୁ ଯୁଧିଷ୍ଠିର ତାଙ୍କୁ କ୍ଷମା କରି ମୁକ୍ତି ଦେଲେ । ଏହିପରି ୧୨ବର୍ଷ ଅତୀତ ହେବାରୁ ପଞ୍ଚପାଣ୍ଡବ ଓ ଦ୍ରୌପଦୀ ଏକବର୍ଷ କାଳ ଅଜ୍ଞାତବାସାର୍ଥ ବିରାଟ ରାଜସଭାରେ ଉପସ୍ଥିତ ହେଲେ । ସେଠାରେ ଯୁଧିଷ୍ଠିର କଙ୍କନାମ ଧାରଣ କରି ଓ ଅନ୍ୟ ଭାଇମାନେ ଅନ୍ୟ ଛଦ୍ମନାମ ଓ ବେଶ ଧାରଣ କରି ଓ ଦ୍ରୌପଦୀ ରାଣୀଙ୍କର ଦାସୀ (ସୈରନ୍ଧ୍ରୀ) ବେଶ ଧାରଣ କରି ବିରାଟ ଭବନରେ ଅବସ୍ଥାନ କଲେ । ଯୁଧିଷ୍ଠିର ବିରାଟଙ୍କ ସଙ୍ଗେ ପଶା ଖେଳିବା କାର୍ଯ୍ୟରେ ନିଯୁକ୍ତ ହେଲେ । ବିରାଟ-ରାଜାଙ୍କ ଶାଳା ଓ ସେନାପତି କୀଚକ ଦ୍ରୌପଦୀଙ୍କ ସତୀତ୍ୱ ନାଶ କରିବାକୁ ଉଦ୍ୟତ ହେବାରୁ ସେ ଭୀମଙ୍କ ହସ୍ତରେ ନିହତ ହେଲା । ଏହି ସମୟରେ କୌରବମାନଙ୍କ ପକ୍ଷୀୟ ସୁଶର୍ମା ନାମକ ଜଣେ ରାଜା ବିରାଟଙ୍କ ରାଜ୍ୟକୁ ଆକ୍ରମଣ କରିବାରୁ ଯୁଧିଷ୍ଠିର ଛଦ୍ମବେଶଧାରୀ ଭୀମଙ୍କୁ ପଠାଇ ଆକ୍ରମଣକାରୀ ସୈନ୍ୟଙ୍କୁ ପରାସ୍ତ କଲେ । ପୁଣି କୌରବ-ମାନେ ସସୈନ୍ୟ ବିରାଟରାଜ୍ୟ ଆକ୍ରମଣ କରିବାରୁ ବିରାଟ-ତନୟ ଉତ୍ତରଙ୍କ ରଥରେ ବୃହନ୍ନଳା ନାମଧାରୀ ଅର୍ଜୁନ ସାରଥି ରୂପରେ ଗଲେ ଓ ଅର୍ଜୁନଙ୍କ ବୀରତ୍ୱ ଯୋଗୁଁ ମହାରଥୀରୁ ଉତ୍ତର ମଧ୍ୟ ଜୟଲାଭ କରି ଫେରି ଆସିଲେ । ଏହି ସମୟରେ ବିରାଟରାଜାଙ୍କ ଆଗରେ ଯୁଧିଷ୍ଠିର ଉତ୍ତରର ପ୍ରଶଂସା ନ କରି ବାରମ୍ବାର 'ବୃହନ୍ନଳା'ର ପ୍ରଶଂସା କରିବାରୁ ବିରାଟ କ୍ରୁଦ୍ଧ ହୋଇ ପଶାକାଠି ଦ୍ୱାରା କଙ୍କ ନାମଧାରୀ ଯୁଧିଷ୍ଠିରଙ୍କୁ ଏପରି ଆଘାତ କଲେ ଯେ ତାଙ୍କ ମୁଣ୍ଡରୁ ରକ୍ତ ବୋହିଲା । ତଥାପି ଯୁଧିଷ୍ଠିର ଧର୍ମକୁ ଜଗି ଆଶ୍ରୟଦାତାଙ୍କ ପ୍ରତି କ୍ରୋଧ ପ୍ରକାଶ କଲେ ନାହିଁ ।

ଏହିପରି ଅଜ୍ଞାତ ଭାବରେ ଏକବର୍ଷ ଗତ ହେବାରୁ ବିରାଟ ନଗରରେ ପାଣ୍ଡବମାନଙ୍କର ଆତ୍ମପ୍ରକାଶ ହେଲା । ବିରାଟ ରାଜା ଏହା ଜାଣିପାରି ସ୍ୱୀୟ ଅପରାଧ ପାଇଁ କ୍ଷମା ପ୍ରାର୍ଥନା କଲେ ଓ ଆପଣାର କନ୍ୟା ଉତ୍ତରାଙ୍କୁ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ସହିତ ବିବାହ କରାଇଲେ । ପଞ୍ଚପାଣ୍ଡବ ବର୍ତ୍ତମାନ ସ୍ୱରାଜ୍ୟ ପ୍ରତ୍ୟର୍ପଣ କରିବା ପାଇଁ ଦୁର୍ଯ୍ୟୋଧନଙ୍କ ନିକଟକୁ ଶ୍ରୀକୃଷ୍ଣଙ୍କୁ ଦୂତ ସ୍ୱରୂପ ପଠାଇଲେ; କିନ୍ତୁ ଦୁର୍ଯ୍ୟୋଧନଙ୍କର ରାଜ୍ୟ ଫେରାଇବା କଥା ଦୂରରେ ଥାଉ, ଏ ପାଞ୍ଚ ଭାଇଙ୍କୁ ପାଞ୍ଚଖଣ୍ଡି ଗ୍ରାମ ମଧ୍ୟ ଦେବାକୁ ଅସମ୍ମତ ହୋଇ କହିଲେ ଯେ, ବିନା ଯୁଦ୍ଧରେ ପାଣ୍ଡବମାନଙ୍କୁ ସୂଚ୍ୟଗ୍ରପରିମିତ ଭୂମି ସୁଦ୍ଧା ଦେବେ ନାହିଁ । ସୁତରାଂ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ଶ୍ରୀକୃଷ୍ଣ ନିଜ ଅର୍ଜୁନଙ୍କ ରଥରେ ସାରଥି ହେଲେ, କିନ୍ତୁ ତାଙ୍କର ଅସଂଖ୍ୟ ନାରାୟଣୀ ସେନା କୌରବପକ୍ଷଙ୍କୁ ଦେଲେ । ଭାରତବର୍ଷର ତଦାନୀନ୍ତନ ଯାବତୀୟ ରାଜା ଏ ଯୁଦ୍ଧରେ, କେହି କୌରବଙ୍କ ଓ କେହି ପାଣ୍ଡବଙ୍କ ପକ୍ଷରେ, ଯୋଗ ଦେଲେ । କୁରୁକ୍ଷେତ୍ର ନାମକ ସମର-ପ୍ରାଙ୍ଗଣରେ ୧୮ ଦିନ ବ୍ୟାପୀ ମହାଯୁଦ୍ଧ ହେଲା । ଯୁଦ୍ଧର

ପ୍ରାକ୍‌କାଳରେ ଅର୍ଜୁନ ରାଜ୍ୟଲୋଭରେ ସ୍ୱଜନମାନଙ୍କୁ ହତ୍ୟା କରିବାକୁ ଯୁଦ୍ଧ କରିବା ପାଇଁ ଅନିଚ୍ଛୁକ ହେବାରୁ ଶ୍ରୀକୃଷ୍ଣ ୧୮ ଅଧ୍ୟାୟ ଶ୍ରୀମଦ୍‌ଭଗବଦ୍‌ଗୀତାକୁ ଉପଦେଶ ଛଳରେ ଅର୍ଜୁନଙ୍କୁ କହିଲେ ଓ ବୁଝାଇଲେ ଯେ ଫଳାଫଳ ପ୍ରତି ଅପେକ୍ଷା ନ ରଖି ନିର୍ମମ ହୋଇ କର୍ତ୍ତବ୍ୟାନୁରୋଧରେ ଧର୍ମ ରକ୍ଷା ପାଇଁ ଯୁଦ୍ଧ କଲେ ପାପ ହୁଏ ନାହିଁ । ଯୁଧିଷ୍ଠିର ଆଜନ୍ମ ମିଥ୍ୟା କହି ନ ଥିଲେ, କିନ୍ତୁ କୌରବ ସେନାର ପରିଚାଳକ ଦ୍ରୋଣଙ୍କର ମୃତ୍ୟୁ ନ ଘଟିଲେ ପାଣ୍ଡବମାନଙ୍କ ଜୟଲାଭ ଅସାଧ୍ୟ ଜାଣି ଶ୍ରୀକୃଷ୍ଣ କୌଶଳ ଅବଲମ୍ବନପୂର୍ବକ ଯୁଧିଷ୍ଠିରଙ୍କ ଦ୍ୱାରା ଉଚ୍ଚୈଃସ୍ୱରରେ 'ଅଶ୍ୱତ୍ଥାମା ହତଃ' ଓ କ୍ଷୀଣ ସ୍ୱରରେ 'ଇତି ଗଜଃ' ଦ୍ରୋଣଙ୍କ ଆଗରେ କୁହାଇଲେ । ଫଳତଃ ଦ୍ରୋଣଙ୍କର ପ୍ରିୟପୁତ୍ର 'ଅଶ୍ୱତ୍ଥାମା' ଅମର ଥିଲା ଓ 'ଅଶ୍ୱତ୍ଥାମା' ନାମରେ ଗୋଟିଏ ହାତୀ ଥିଲା । ଦ୍ରୋଣଙ୍କୁ ଭୁଲାଇବା ପାଇଁ ସେହି ହାତୀଟି ମରି ଯିବାର ସମ୍ବାଦ ଯୁଧିଷ୍ଠିରଙ୍କ ଦ୍ୱାରା ଶ୍ରୀକୃଷ୍ଣ କୁହାଇଲେ, ଅର୍ଥାତ୍ ଯୁଧିଷ୍ଠିର ଦ୍ରୋଣଙ୍କୁ ଶୁଣାଇକରି କହିଲେ 'ଅଶ୍ୱତ୍ଥାମା ହତ ହେଲା' ଓ ତହିଁ ସଙ୍ଗେ ସଙ୍ଗେ ଦ୍ରୋଣ ନ ଶୁଣି ପାରିବା ପରି କହିଲେ 'ଇତି ଗଜଃ' ଅର୍ଥାତ୍, 'ଗଜ ଅଶ୍ୱତ୍ଥାମା ମଲା' । ଦ୍ରୋଣ ଯୁଧିଷ୍ଠିରଙ୍କୁ ସତ୍ୟବାଦୀ ବୋଲି ଜାଣିଥିଲେ ଓ ତାଙ୍କ ମୁହଁରୁ 'ଅଶ୍ୱତ୍ଥାମା ହତ ହେଲା' ବାକ୍ୟ ଶୁଣି ଓ 'ଇତିଗଜଃ' ଏହା ଶୁଣି ନ ପାରିବାରୁ ବିଶ୍ୱାସ କଲେ ଯେ ତାଙ୍କ ପୁତ୍ର ଅଶ୍ୱତ୍ଥାମା (ଯେ କି ଅମରବର ପାଇଥିବାର ଦ୍ରୋଣ ଜାଣିଥିଲେ) ମରିଗଲା । ପୁତ୍ରର ମୃତ୍ୟୁବାର୍ତ୍ତା ଶୁଣି ଦ୍ରୋଣ ପ୍ରାଣତ୍ୟାଗ କଲେ, ଓ ଏଥିର ଫଳରେ କୌରବ ସେନା ଦ୍ରୋଣାଚାର୍ଯ୍ୟଙ୍କ ନେତୃତ୍ୱ ହରାଇ ପରାସ୍ତ ହେଲେ । ଯୁଧିଷ୍ଠିର ଏହି ଗୋଟିକ ମିଥ୍ୟାକଥନ ଦ୍ୱାରା ପାପ କରିଥିବା ଯୋଗୁଁ ଦଣ୍ଡ ସ୍ୱରୂପ ତାଙ୍କୁ ଦେହତ୍ୟାଗ ପରେ କିଛିକ୍ଷଣ ନରକ ଦର୍ଶନ କରିବାକୁ ପଡ଼ିଥିଲା । ମହାଭାରତ ଯୁଦ୍ଧରେ କୌରବ ଓ ପାଣ୍ଡବପକ୍ଷୀୟ ସମସ୍ତ ବୀର ଓ ସୈନ୍ୟମାନେ ହତ ହେଲେ । କେବଳ ଅଭିମନ୍ୟୁଙ୍କ ପୁତ୍ର ପରୀକ୍ଷିତ ମହାରାଜ ଓ ପଞ୍ଚପାଣ୍ଡବ ଓ ଆଉ ଅଳ୍ପ କେତେଜଣ ବଞ୍ଚିଥିଲେ । ଯୁଧିଷ୍ଠିର ଯୁଦ୍ଧରେ ଜୟଲାଭ କରି ନିଷ୍କଣ୍ଟକ ରାଜ୍ୟ ଭୋଗ କଲେ । ଏହି ଜ୍ଞାତିବଧ ପାପ ପାଇଁ ଶ୍ରୀକୃଷ୍ଣଙ୍କ ଓ ବ୍ୟାସଦେବଙ୍କ ଉପଦେଶକ୍ରମେ ସେ ଅଶ୍ୱମେଧ ଯଜ୍ଞ କଲେ ଓ କିଛିକାଳ ରାଜତ୍ୱ କରିବା ପରେ ଶ୍ରୀକୃଷ୍ଣଙ୍କର ଦେହତ୍ୟାଗ ସମ୍ବାଦ ପାଇ ସେ ଦ୍ରୌପଦୀଙ୍କୁ ଓ ଭାଇମାନଙ୍କୁ ସଙ୍ଗରେ ନେଇ ସଂସାର ତ୍ୟାଗ କରି, ରାଜ୍ୟଭାର ପରୀକ୍ଷିତଙ୍କଠାରେ ଅର୍ପଣ ପୂର୍ବକ ହିମାଦ୍ରି ଅଭିମୁଖରେ ମହାପ୍ରସ୍ଥାନ କଲେ । ଏହାର କିଛିଦିନ ପୂର୍ବରୁ ଦ୍ୱାପର ଯୁଗର ଅବସାନରେ କଳିଯୁଗ ଆସି ପୃଥିବୀରେ ପହଞ୍ଚି ଥିଲା । ଦ୍ରୌପଦୀ, ପାଞ୍ଚଭାଇ ଓ ଗୋଟିଏ କୁକୁର (ଯୁଧିଷ୍ଠିରଙ୍କ ଧର୍ମପାଳନର ଶେଷପରୀକ୍ଷା କରିବା ପାଇଁ କୁକୁର ବେଶଧାରୀ ଧର୍ମରାଜ)ଯାଉଁ ଯାଉଁ ହିମାଳୟ ଅତିକ୍ରମ କରି ସୁମେରୁରେ ପହଞ୍ଚିଲା ବେଳକୁ ବାଟରେ ଯଥାକ୍ରମେ ଦ୍ରୌପଦୀ, ସହଦେବ, ନକୁଳ, ଅର୍ଜୁନ ଓ ଭୀମ ମୃତ୍ୟୁମୁଖରେ ପତିତ ହେଲେ । କେବଳ ଯୁଧିଷ୍ଠିର ଓ କୁକୁର ବାକି ରହିଲେ । ଯୁଧିଷ୍ଠିର ସ୍ୱର୍ଗର ଦ୍ୱାରଦେଶରେ ପହଞ୍ଚିବାରୁ ସେ ଏକାକୀ ସ୍ୱର୍ଗଦ୍ୱାର ମଧ୍ୟକୁ ପ୍ରବେଶ କରିବାକୁ ଆଦିଷ୍ଟ ହେଲେ, କିନ୍ତୁ ଦ୍ୱାରରକ୍ଷକ ଉକ୍ତ କୁକୁରଟିକୁ ସ୍ୱର୍ଗ ମଧ୍ୟକୁ ବାଟ ଛାଡ଼ିଦେବାକୁ ଅନିଚ୍ଛା ପ୍ରକାଶ କଲା । ଏଥିରେ ଯୁଧିଷ୍ଠିର ଆଶ୍ରିତ କୁକୁରଟିକୁ ଛାଡ଼ି ଦେଇ ସ୍ୱର୍ଗରେ ପ୍ରବେଶ କରିବାକୁ ରାଜି ହେଲେ ନାହିଁ । କୁକୁରରୂପୀ ଧର୍ମଦେବ ଏହା ଦେଖି ନିଜ ମୂର୍ତ୍ତି ଧାରଣ କରି ଯୁଧିଷ୍ଠିରଙ୍କୁ ଆଶୀର୍ବାଦ କଲେ । ଯୁଧିଷ୍ଠିର କହିଲେ ଯେ ତାଙ୍କ ଚାରି ଭାଇଙ୍କୁ ଓ ଦ୍ରୌପଦୀଙ୍କୁ ସଙ୍ଗରେ ନ ନେଇ ସେ ସ୍ୱର୍ଗକୁ ଯିବେ ନାହିଁ । ଏହା କହିବାରୁ ଧର୍ମରାଜ 'ତଥାସ୍ତୁ' ବର ଦେଲେ ଓ ନରକରେ ପଡ଼ିଥିବା ଚାରି ଭାଇ ଓ ଦ୍ରୌପଦୀଙ୍କୁ ଆଣିବା ସକାଶେ ଯୁଧିଷ୍ଠିର ନରକକୁ ଗଲେ ଓ ନରକ ଯନ୍ତ୍ରଣାର ଘଟନାମାନ କିଛିକ୍ଷଣ ପର୍ଯ୍ୟନ୍ତ ସ୍ୱଚକ୍ଷୁରେ ଦେଖିଲେ । ଏହାହିଁ ଯୁଧିଷ୍ଠିରଙ୍କର ମିଥ୍ୟା କଥନ ପାପର ପ୍ରାୟଶ୍ଚିତ୍ତ ହେଲା । ତତ୍ପରେ ନରକରୁ ଫେରି ଯୁଧିଷ୍ଠିର ଗଙ୍ଗାସ୍ନାନପୂର୍ବକ ମାନବ ଦେହ ତ୍ୟାଗ କରି ଦିବ୍ୟଶରୀର ଧାରଣ ପୂର୍ବକ ସ୍ୱର୍ଗକୁ ଗଲେ ।]

ଦେ· ବି. ପୁ.—୧ । ଲୋକଙ୍କୁ ଦିଆଯିବା ନାମ— 1. A name given to males. ୨ । ଧର୍ମପ୍ରାଣ ବ୍ୟକ୍ତି—2. A very righteous person.

ଯୁଧ୍ମ–ସଂ. ବି—(ଯୁଧ୍ ଧାତୁ+ଭାବ. ମ)—୧ । ଯୁଦ୍ଧ; ସଂଗ୍ରାମ— **Judhma** 1. Battle; war; fight. ୨ । (+କରଣ ମ) ଧନୁ; ଧନୁକ—2. Bow. ୩ । ତୀର; ଶର; ବାଣ—3. Arrow. ୪ । (+କର୍ତ୍ତୃ.ମ) ଯୋଦ୍ଧା—4. Warrior; combatant. ୫ । ଶେଷ ଯୁଦ୍ଧ—5. Final battle; last fighting. ୬ । ଶୁଭ୍ରରୋମଯୁକ୍ତ ଶରଭ; ଅଷ୍ଟପଦୀ ମୃଗବିଶେଷ—6. A fabled deer having 8 legs. [ଦ୍ର—ଏମାନେ ତୁଷାରାବୃତ ପ୍ରଦେଶରେ ବାସ କରୁଥିବା କଥିତ ।]

ଯୁଧ୍ୟ–ଗ୍ରା. ବି—(ସଂ. ଯୁଦ୍ଧ)—ଯୁଦ୍ଧ—Battle; fighting.

Judhya ସଂ. ବିଣ. ପୁଂ—(ଯୁଧ ଧାତୁ+କର୍ମ ଯ)—ଯାହା ସଙ୍ଗେ (ଯୁଧ୍ୟା—ସ୍ତ୍ରୀ) ଯୁଦ୍ଧ କରା ଯାଇ ପାରେ (ହି.ଶ)— With whom one can fight.

ଯୁଧ୍ୟମାନ—ସଂ. ବିଣ. ପୁଂ—(ଯୁଧ୍ ଧାତୁ+କର୍ତ୍ତୃ ଅନ)—ଯୁଦ୍ଧରେ **Judhyamāna** ନିଯୁକ୍ତ ଥିବା ବ୍ୟକ୍ତି—Fighting; warring; engaged in fight. (ଯୁଧ୍ୟମାନା—ସ୍ତ୍ରୀ)

ଯୁଧ୍ୟମୁଷ୍ଟି—ସଂ. ବି—(ନାମ)—ଭୋଜବଂଶୀୟ ରାଜା ଉଗ୍ରସେନଙ୍କ ପୁତ୍ର— **Judhya mushṭi** Name of a king of Bhoja dynasty.

ଯୁଣାଁ—ପ୍ରାଦେ(ବାମଣ୍ଡା) ବିଣ—(ସଂ. ଜୀର୍ଣ୍ଣ)—ପୁରୁଣା—Old. **Junāñ**

ଯୁପ୍(ଧାତୁ)—ସଂ. ୧ । ଲିଭାଇ ଦେବା; ପୋଛି ଦେବା—1. To **Jup(root)** efface; to blot out (Apte) ୨ । କଷ୍ଟ

ଦେବା—2. To trouble (Apte). ୩ । ସମତଳ
କରିବା—3. To make level (Apte). ୪ । ଚିକ୍କଣ
କରିବା—4. To make smooth (Apte).

ଯୁ(ଯୁଁ)ପରି—ଗ୍ରା. ଅ—ଯେଉଁପରି; ଯେଉଁ ପ୍ରକାରେ—
(Juñ)pari In which manner.

ଯୁ(ଯୁଁ)ପିରି
ଯୁ(ଯୁଁ)ପ(ପି)ରିକା } —ଗ୍ରାମ୍ୟରୂପ
ଯୁ(ଯୁଉଁ)ପ(ପି)ରି

ଯୁବକ—ସଂ. ବିଣ. ପୁଂ.—(ଯୁବନ୍‌ଶବ୍ଦ+ସ୍ୱାର୍ଥେ+କ)—ତରୁଣ; Jubaka ଯୁବା; ୧୬ଠାରୁ ୩୦ ବର୍ଷ ବୟସ ମଧ୍ୟରେ (ଶ୍ଳୋକ)— Young (male); adult.
ବି—ଯୁବା ପୁରୁଷ; ତରୁଣ ବ୍ୟକ୍ତି— Young man; an adult.

ଯୁବକ ଯୁବତୀ—ସଂ. ବି. (ସହଚର ଶବ୍ଦ)—ତରୁଣ ଓ ତରୁଣୀ; ଯୁବା Jubaka jubatī ପୁରୁଷ ଓ ଯୁବତୀ ସ୍ତ୍ରୀ—A young man and a young woman.

ଯୁବ ଖଲତି—ସଂ. ବିଣ. ପୁଂ ଓ ସ୍ତ୍ରୀ—ଯୌବନରେ ଇନ୍ଦ୍ରଲୁପ୍ତ ନାମକ Juba khalati ରୋଗଗ୍ରସ୍ତ (ଶ୍ଳୋକ); ଯୁବାକାଳରେ ଯାହାର (ଯୁବ ଖଲତୀ—ସ୍ତ୍ରୀ) ମୁଣ୍ଡ ଟାଙ୍ଗରା ହୋଇ ଯାଇଥାଏ, ବା ଶିଖଳ ଖାଇ ଥାଏ—Bald while youth.

ଯୁବ ଗଣ୍ଡ—ସଂ. ବି. (ଯୁବନ୍+ଗଣ୍ଡ=ବ୍ରଣ)—ଡାଠ ବରୁଣ; ଯୁବାଜନଙ୍କ Juba gaṇḍa ମୁହଁରେ ବାହାରିବା କ୍ଷୁଦ୍ର ବ୍ରଣ—Small pimples which appear on the face of young people.

ଯୁବ(ବା)ଜରନ୍—ସଂ. ବିଣ. ପୁଂ (ଯୁବନ୍+ଜୃ ଧାତୁ+କର୍ତ୍ତ୍ରି. ଅତୃ; ୧ମା. Juba(bā)jaran ୧ବ. ଯୁବଜରତ୍ ଶବ୍ଦ)—ଅକାଳବୃଦ୍ଧ; ଯୌବ- (ଯୁବ ଜରତୀ,ଯୁବତୀ ଜରତୀ—ସ୍ତ୍ରୀ) ନରେ ବାର୍ଦ୍ଧକ୍ୟ ପ୍ରାପ୍ତ—Grown prematurely old.

ଯୁବଜାନି—ସଂ. ବି. ପୁଂ (ଯୁବତୀ+ଜାୟା ଯାହାର; ବହୁବ୍ରୀହି ସମାସରେ Jubajāni 'ଜାୟା'ଠାରେ ଜାନି ଆଦେଶ ହୁଏ)— ଯୁବତୀର ପତି; ଯାହାର ସ୍ତ୍ରୀ ଯୁବତୀ ଅଟେ— A man having a young wife.
[ତୁଳନା କର—ସୀତାଜାନି, ପାର୍ବତୀଜାନି, ପ୍ରିୟାଜାନି, ରାକାନିଶାଜାନି—ଇତ୍ୟାଦି ।]

ଯୁବତି(ତୀ)—ସଂ. ବିଣ. ପୁଂ (ଯୁବନ୍+ତି; ଯୁବତି+ଈ)—ପ୍ରାପ୍ତ— Jubati(tī) ଯୌବନା—Youthful (girl); young.
ବି—୧ । ପ୍ରାପ୍ତଯୌବନା ସ୍ତ୍ରୀ; ତରୁଣୀ; ୧୬ ବର୍ଷଠାରୁ ୩୦ ବର୍ଷ ବୟସ୍କା ସ୍ତ୍ରୀ—1. A youthful woman; a young woman (between the ages of 16 and 30). ୨ । ନବଯୌବନା ବାଳିକା—2. A girl who has recently attained puberty.
[ଦ୍ର—୧୬ ବର୍ଷ ବୟସରେ ବାଳା, ୩୦ ବର୍ଷ ବୟସ ପର୍ଯ୍ୟନ୍ତ ତରୁଣୀ, ୫୫ ବର୍ଷ ପର୍ଯ୍ୟନ୍ତ ପ୍ରୌଢ଼ା, ତଦୂର୍ଦ୍ଧ୍ୱ ବୟସ୍କା ବା ବୃଦ୍ଧା । କାମଶାସ୍ତ୍ର ମତରେ ବାଳା ପ୍ରାଣଦା, ତରୁଣୀ ସ୍ୱାସ୍ଥ୍ୟଦାୟିନୀ, ପ୍ରୌଢ଼ା ବାର୍ଦ୍ଧକ୍ୟ ଉତ୍ପାଦନକାରିଣୀ ଓ ବୃଦ୍ଧା ପ୍ରାଣହାରିଣୀ ଅଟନ୍ତି ।
ନିଦାଘ ଓ ଶରତ୍‌କାଳରେ ବୃଦ୍ଧା, ବର୍ଷା ଓ ବସନ୍ତରେ ପ୍ରୌଢ଼ା, ହେମନ୍ତ ଓ ଶିଶିରରେ ଯୁବତୀ ସୁଖପ୍ରଦା ହୁଅନ୍ତି ।]
୩ । ହଳଦୀ; ହଳଦୀ—3. Turmeric. ୪ (ଜ୍ୟୋତିଷ) କନ୍ୟା ରାଶି—4. The Virgo sign of the zodiac.

ଯୁବତୀଷ୍ଟା—ସଂ.ବି (ଯୁବତୀ+ଇଷ୍ଟ+ଆ)ସ୍ୱର୍ଣ୍ଣ ଯୂଥିକା; ହଳଦିଆ) ଯୂଇ ଫୁଲ- Jubatishṭā A sort of yellow tiny Jasmine.

ଯୁବନ୍—ସଂ. ବିଣ. ପୁଂ. (ଯୁ ଧାତୁ=ମିଶ୍ରିତ ହେବା; ଯୋଗ ହେବା+ Juban ଅନ୍; ଏହାର ୧ମା. ୧ବ; ପୁଂଲିଙ୍ଗରେ ଯୁବା ଓ ସ୍ତ୍ରୀ ଲିଙ୍ଗରେ ଯୁବତୀ ହୁଏ)—ଯୁବା (ଦେଖ)—Jubā (See).
[ଦ୍ର—ଯୁବନ୍ ଶବ୍ଦ ସଙ୍ଗେ ଅତିଶୟାର୍ଥରେ ଇୟସ୍ ଓ ଇଷ୍ଠ ପ୍ରତ୍ୟୟ ହୋଇ ଯବୀୟସ୍ ଓ ଯବିଷ୍ଠ ପଦ ହୁଏ ।]

ଯୁବନାଶ୍ୱ—ସଂ.ବି—୧ । ସୂର୍ଯ୍ୟବଂଶୀୟ ଜନୈକ ରାଜା; ମାନ୍ଧାତାଙ୍କ ପିତା- Jubanāśwa 1. Name of a king of the Solar dynasty of ancient India.
[ଦ୍ର—ଏହାଙ୍କ ପିତା ପ୍ରସେନଜିତ୍ ଓ ମାତା ଗୌରୀ । ଏ ସତ୍ୟଯୁଗରେ, ମତାନ୍ତରରେ ତ୍ରେତା ଯୁଗରେ, ରାଜତ୍ୱ କରୁଥିଲେ; କାରଣ, ଏହାଙ୍କର ପୁତ୍ର ମାନ୍ଧାତା ସତ୍ୟ ଯୁଗର ଷଟ୍‌ଚକ୍ରବର୍ତ୍ତୀ ମଧ୍ୟରୁ ଜଣେ ବୋଲି ଶାସ୍ତ୍ରରେ ଲେଖା ଅଛି ଓ ତ୍ରେତା ଯୁଗରେ ରାଜା ହରିଦାସ ଓ ରାଜା ମୁଚୁକୁନ୍ଦଙ୍କ ରାଜତ୍ୱର ମଧ୍ୟରେ ଏ ରାଜତ୍ୱ କରିଥିବାର ଉଲ୍ଲେଖ ଅଛି । ସମ୍ଭବତଃ ଦୁଇଜଣ ଏକ ନାମଧାରୀ ହୋଇଥିବେ ।] ୨ । (ରାମାୟଣ) ରାଜା ଧୁନ୍ଧୁମାରଙ୍କ ଏକ ପୁତ୍ର (ହି. ଶ)—2. Name of a son of King Dhundumāra.

ଯୁବନାଶ୍ୱଜ—ସଂ. ବି—ଯୁବନାଶ୍ୱଙ୍କ ପୁତ୍ର ସୂର୍ଯ୍ୟବଂଶୀୟ ମାନ୍ଧାତା— Jubanāśwaja King Māndhātā, son of Jubanāśwa.

ଯୁବନ୍ୟୁ—ସଂ. ବିଣ. (ଯୁବନ୍+ସ୍ୱାର୍ଥେ ଯୁ)—ଯୁବକ (ହି. ଶ)— Jubanyu Young.

ଯୁବ(ବା)ପଳିତ—ସଂ. ବିଣ. ପୁଂ—ଯୌବନରେ ପକ୍ୱକେଶବିଶିଷ୍ଟ— Juba(bā)palita Grey-haired in youth.
(ଯୁବତୀ ପଳିତା—ସ୍ତ୍ରୀ) [ଯୁବ(ବା)ପାଳିତ୍ୟ—ବି]

ଯୁବରାଜ(ଜ)—ସଂ.ବି ପୁଂ. (ଯୁବନ୍+ରାଜନ; କର୍ମଧା)—୧ । ରାଜା ଥାଉଁ Jubarāj(ja) ଥାଉଁ ରାଜ୍ୟର ଭାବୀ ଉତ୍ତରାଧିକାରୀ ରୂପେ ରାଜାଙ୍କ (ଯୁବରାଜ୍ଞୀ—ସ୍ତ୍ରୀ) ନିକଟରେ ଶାସନ କର୍ମରେ ସାହାଯ୍ୟକାରୀ ରାଜକୁମାର; ଗାଦିର ଉତ୍ତରାଧିକାରୀ—1. The heir-apparent to the throne. [ଦ୍ର—ପୂର୍ବେ ହିନ୍ଦୁ ରାଜାମାନେ ବୟଃପ୍ରାପ୍ତ ଓ ଗୁଣ ସମ୍ପନ୍ନ ପୁତ୍ରଙ୍କୁ 'ଯୁବରାଜ' ପଦରେ ଅଭିଷିକ୍ତ କରୁଥିଲେ ଓ ଯୁବରାଜ ଅଧିକାଂଶ ରାଜକାର୍ଯ୍ୟ ଚଳାଉଥିଲେ ଏବଂ ରାଜା ନିଶ୍ଚିନ୍ତ ମନରେ ପାରମାର୍ଥିକ ଚିନ୍ତାରେ ରତ ହେଉଥିଲେ । ଯୁବରାଜ ରାଜସିଂହାସନାରୂଢ଼ ହୋଇ ରାଜକାର୍ଯ୍ୟ ପରିଚାଳନରେ ଦକ୍ଷ ହେଲେ ରାଜା ତାଙ୍କ ଉପରେ ପୂର୍ଣ୍ଣ ରାଜ୍ୟଭାର ଅର୍ପଣ କରି ବାନପ୍ରସ୍ଥ ଅବଲମ୍ବନ କରୁଥିଲେ ।]

୨ । ରାଜକୁମାର—2. A prince. ୩ । ଭାବୀ ବୁଦ୍ଧବିଶେଷ—3. Name of a Buddhist saint who is to come.

ଯୁବରାଜ୍ୟ—ସଂ ବି. (ଯୁବରାଜ+ଯ)—ଯୌବରାଜ୍ୟ (ଦେଖ)
Jubarājya — Jaubarājya (See)
(ଯୁବରାଜତ୍ୱ—ଅନ୍ୟରୂପ)

ଯୁବରାଣୀ—ଦେ. ବି. ସ୍ତ୍ରୀ, (ସ. ଯୁବରାଜ୍ଞୀ)—ଯୁବରାଜଙ୍କର ସ୍ତ୍ରୀ—The
Jubarāṇi princess, wife of the 1st son of a king.
যুবরাণী युबराणी

ଯୁବା—ସ. ବିଣ. ପୁଂ (ଯୁବନ୍ ଶବ୍ଦ; ୧ମା. ୧ବ)—୧ । ତରୁଣ—
Jubā 1. Young; youthful. ୨ । ଶ୍ରେଷ୍ଠ; ଅତ୍ୟୁତ୍ତମ—
ଯତୀ } ସ୍ତ୍ରୀ 2. Best; excellent. ୩ । ବଳିଷ୍ଠ; ନିସର୍ଗ-
ଯୁବତି[ତୀ] } ବଳଶାଳୀ—3. Endowed with natural strength. ୪ । ସୁନ୍ଦର—4. Graceful; well-built. ବି-୧୬ ଠାରୁ ୩୦ ବର୍ଷ ବୟସ୍କ ପୁରୁଷ—A youth between the ages of 16 and 30 years. [ବି—୧୬ ବର୍ଷ ବୟସ ପର୍ଯ୍ୟନ୍ତ ବାଳ, ୩୦ ବର୍ଷ ପର୍ଯ୍ୟନ୍ତ ଯୁବା, ୭୦ ବର୍ଷ ପର୍ଯ୍ୟନ୍ତ ପ୍ରୌଢ଼, ୯୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧ ଓ ୯୦ ରୁ ଊର୍ଦ୍ଧ୍ୱ ବର୍ଷୀୟାନ୍] ଦେ. ବିଣ—ଯୁବତୀ—Youthful (woman).

ଯୁବା କନ୍ୟା - ଦେ. ବି—ରଜସ୍ୱଳା କନ୍ୟା; ଯୁବତୀ କନ୍ୟା; ବଢ଼ିଲା
Jubā kanyā ଝିଅ—A grown up daughter; a
(ଯୁବା ଝିଅ—ଅନ୍ୟରୂପ) daughter who has attained
[ଯୁବାଝିଅ—ଗ୍ରାମ୍ୟରୂପ] puberty. [ବି—ଯାହା ଘରେ ରହେ
युबतीकन्या ଯବା ଝିଅ, ବନା କଅଁରେ ଯୋଡ଼େ ତା ବଦ—
যুবতী মেয়ে ଭଗ ।]

ଯୁବା କାଳ—ସ. ବି(ଯୁବନ୍+କାଳ)—ଯୌବନ—
Jubā kāla Youth.
(ଯୁବା ବୟସ—ଦେଶଜରୂପ) [ଯୁବା ବଅ(ଏ)ସ—ଗ୍ରାମ୍ୟରୂପ]

ଯୁବାକାଳିଆ—ଦେ. ବିଣ—୧ । ଯୁବକ ପିତାଠାରୁ ଜାତ—1. Born
Jubākāḷiā of a father in his youth. ୨ । ଯୁବକ
যুবাকালের ପିତା ଓ ଯୁବତୀ ମାତାଙ୍କଠାରୁ ଜାତ—2. Born of
युबाउमरका young parents. [ବି—ଏମାନେ ସରଗରର ବଳିଷ୍ଠ ହୁଅନ୍ତି ।] ୩ । ଯୁବା କାଳ ସମ୍ବନ୍ଧୀୟ—3. Relating to the youth.

ଯୁବାନ୍—ଦେ.ବିଣ ଓ ବି(ସ. ଯୁବନ୍)—୧। ଯୁଅନ; ଯୁବା; ତେଣ୍ଡା—
Jubān 1. Youthful. ୨ । ଯୁବା ଏବଂ ବଳିଷ୍ଠ—
জোয়ান जबान 2. Youthful and strong; young
(ଯୁବାନୀ—ସ୍ତ୍ରୀ) and well-built.

ଯୁବାବୟସିଆ—ଦେ. ବିଣ—୧ । ଯୁବାବସ୍ଥାପ୍ରାପ୍ତ—1. Youthful;
Jubābayasiā young. ୨ । ଯୁବାକାଳିଆ (ଦେଖ)—
[ଯୁବାବୟସୀ—ସ୍ତ୍ରୀ] युबाबयसी 2. Jubākāḷiā (See)
যুবাবয়সী
(ଯୁବା ବଅ[ଏ]ସିଆ—ପୁଂ, } ଗ୍ରାମ୍ୟରୂପ
ଯୁବା ବାଅ(ଏ)ସୀ—ସ୍ତ୍ରୀ }

ଯୁବାବୟସ୍କ—ଦେ.ବିଣ.ପୁ(ଯୁବନ୍+ବୟସ୍+କ)—ଯୁବା; ୧୬ଠାରୁ
Jubābayaska ୩୦ବର୍ଷ ବୟସ୍କ—Young; youthful,
(ଯୁବାବୟସ୍କା—ସ୍ତ୍ରୀ) adult.

ଯୁବାବସ୍ଥା—ସ. ବି—ଯୌବନ—
Jubābasthā Youth.

ଯୁବା ହେବା—ଦେ. କ୍ରି (ବାଳିକା ପ୍ରତି ପ୍ରଯୋଜ୍ୟ)—ରଜସ୍ୱଳା ହେବା;
Jubā hebā ଋତୁ ପାଇବା; ବଢ଼ିବା—To attain puberty (said of a girl).

ଯୁମ୍—ଦେ. ବି—ଜୁମ୍ (ଦେଖ)
Jum Jum (See)

ଯୁମକ୍ (ଇତ୍ୟାଦି)—ଦେ. ବି—ଜୁମକ୍ ଇତ୍ୟାଦି (ଦେଖ)
Jumak (etc) Jumak etc (See)

ଯୁଯୁ—ସ. ବି—ଅଶ୍ୱ; ଘୋଟକ—
Juju The horse.

ଯୁଯୁକ୍ ଖୁର—ସଂ. ବି (ବହୁବ୍ରୀହି; ଯୁଯୁକ୍=ଯୁ କ୍ତ +ଖୁର)—ହେଟା
Jujuk-khura ବାଘ—Wolf; hyena.

ଯୁଯୁକ୍ଷମାଣ—ସ. ବିଣ. ପୁଂ (ଯୁଜ୍. ଧାତୁ=ସମାଧିସ୍ଥ ହେବା+
Jujukshamāṇa ଇଚ୍ଛାର୍ଥେ. ଦ୍ୱିତ୍ୱ ବା ସନ୍=ଯୁଯୁକ୍ଷ. ଧାତୁ+
(ଯୁଯୁକ୍ଷମାଣା—ସ୍ତ୍ରୀ) କର୍ତ୍ତୃ. ଅନ)—୧ । ଯୋଗସାଧନ କରିବାକୁ ଅଭିଳାଷୀ—1. Wishing to perform spiritual communion with the Divinity. ୨ । ମୁକ୍ତି ପାଇଁ ଅଭିଳାଷୀ-2. Desiring salvation. ୩। ଧାର୍ମିକ—3. Devout; pious. ୪ । ମିଳନେଚ୍ଛୁ—4. Wishing to join or unite.

ଯୁଯୁକ୍ଷା—ସଂ. ବି (ଯୁଜ୍. ଧାତୁ=ଯୁକ୍ତହେବା ବା ମିଳିତ ହେବା+
Jujukshā ସନ୍+ଭାବ. ଅ+ଆ)—ମିଳନେଚ୍ଛା—
A desire to unite,

ଯୁଯୁକ୍ଷୁ—ସଂ. ବିଣ (ଯୁଜ୍. ଧାତୁ+ସନ୍+କର୍ତ୍ତୃ. ଉ)—୧ । ଯୋଗା-
Jujukshu ଭିଳାଷୀ—1. Wishing communion with God. ୨ । ମିଳନେଚ୍ଛୁ—2. Desirous of union.

ଯୁଯୁତ୍ସା—ସଂ. ବି (ଯୁଧ୍. ଧାତୁ=ଯୁଦ୍ଧ କରିବା+ଇଚ୍ଛାର୍ଥେ. ସନ୍+
Jujutsā ଅ)—ଯୁଦ୍ଧ କରିବାର ଇଚ୍ଛା—Desire to fight,

ଯୁଯୁତ୍ସୁ—ସ. ବିଣ (ଯୁଧ୍ ଧାତୁ+ସନ=ଯୁଯୁତ୍ସ ଧାତୁ+ଭାବ. ଅ+
Jujutsu ଉ)—୧ । ରଣକରଣେଚ୍ଛୁ—1. Wishing to fight; pugnacious. ୨ । ଶତ୍ରୁତା କରିବାକୁ ଇଚ୍ଛୁକ—2. Of hostile intentions. ୩ । ଦୁରାକାଙ୍କ୍ଷ—3. Ambitious. ବି—୧ । ଯୋଦ୍ଧା—1. Warrior; combatant. ୨। ଧୃତରାଷ୍ଟ୍ରଙ୍କ ଔରସରେ ବୈଶ୍ୟାଗର୍ଭଜାତ ପୁତ୍ର ବିଶେଷ—2. Name of an illegitimate son of Dhrutarāshtra. [ବି—ଧୃତରାଷ୍ଟ୍ରଙ୍କର ଦୁର୍ଯ୍ୟୋଧନାଦି ପୁତ୍ରମାନଙ୍କ ପରି ଏ ଅଧର୍ମୀଶୀଳ ନ ଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ ଏ କୁରୁ ସୈନ୍ୟଙ୍କ ସହିତ ଯୁଦ୍ଧଭୂମିରେ ଉପସ୍ଥିତ ଥିଲେ । କୌରବ-ପକ୍ଷୀୟ କୌଣସି ବୀର ପାଣ୍ଡବ ପକ୍ଷ ଅବଲମ୍ବନ କଲେ ତାଙ୍କୁ

ପାଣ୍ଡବ ପକ୍ଷ ମହାସମାଦରରେ ଗ୍ରହଣ କରିବେ ବୋଲି ଯୁଧିଷ୍ଠିର ଘୋଷଣା କରିବାରୁ ଯୁଯୁତ୍ସୁ ପାଣ୍ଡବମାନଙ୍କର ଆଶ୍ରୟ ଗ୍ରହଣ କଲେ । ଯୁଦ୍ଧାନ୍ତେ ଧୃତରାଷ୍ଟ୍ରଙ୍କର ପୁତ୍ର ମଧ୍ୟରୁ ଏ ଏକମାତ୍ର ଜୀବିତ ରହିଥିଲେ । ଯୁଧିଷ୍ଠିର ସଂସାର ପରିତ୍ୟାଗ କରି ତପସ୍ୟା କରିବା ପାଇଁ ଭାଇମାନଙ୍କ ନେଇ ହିମାଳୟକୁ ଯିବା ସମୟରେ ଅଭିମନ୍ୟୁଙ୍କ ପୁତ୍ର ନାବାଳକ ପରୀକ୍ଷିତଙ୍କୁ ରାଜ୍ୟଭାର ଦେଇ ଯୁଯୁତ୍ସୁଙ୍କୁ ପ୍ରତିନିଧି ପଦରେ ନିଯୁକ୍ତ କରି ଯାଇଥିଲେ ।]

ଯୁଯୁଧାନ—ସଂ. ବିଣ. ପୁଂ (ଯୁଧ୍ ଧାତୁ+ପୁନଃ ପୁନଃ ଅର୍ଥରେ ଯୁଯୁଧ୍ ଧାତୁ+କର୍ତ୍ତୃ. ଅନ)—ଯୁଦ୍ଧରେ ବ୍ୟାପୃତ—Fighting; engaged in war.
Jujudhāna
(ଯୁଯୁଧାନା—ସ୍ତ୍ରୀ)
ବି—୧ । ଯୋଦ୍ଧା—1. Warrior. ୨ । କ୍ଷତ୍ରିୟ—2. A person of the warrior caste. ୩ । ଇନ୍ଦ୍ର—3. Indra. ୪ । ପାଣ୍ଡବସଖା ସାତ୍ୟକି—4. Sātyaki; an ally of Pāṇḍaba brothers.

ଯୁଷ୍ମଦ୍—ସଂ. ସର୍ବ (ଯୁଷ୍ ଧାତୁ=ସେବା କରିବା+କର୍ତ୍ତୃ ମଦ୍; ମଧ୍ୟମ ପୁରୁଷ ବାଚକ)—ତୁମ୍ଭେ—You. [ଦ୍ର—
Jushmad
ଏହାର ସ୍ୱତନ୍ତ୍ର ବ୍ୟବହାର ଓଡ଼ିଆରେ ନାହିଁ, କିନ୍ତୁ ସଂସ୍କୃତଜ୍ଞତାଭିମାନୀ ମାନେ ଓଡ଼ିଆଭାଷାରେ ଏଥି ସଙ୍ଗେ ଅନ୍ୟ ପଦକୁ ସମାସଯୁକ୍ତ କରି ଏହା ଲଗାଇ ବ୍ୟବହାର କରନ୍ତି । ଯଥା—
ଯୁଷ୍ମତ୍ସକାଶାତ୍=ଆପଣଙ୍କ ନିକଟରୁ
ଯୁଷ୍ମତ୍ପିତା=ତୁମ୍ଭ ପିତା
ଯୁଷ୍ମଦାଦି=ତୁମ୍ଭେ ଓ ଅନ୍ୟମାନେ
ଯୁଷ୍ମଦ୍‌ଗୃହ=ତୁମ୍ଭ ଘର
ଯୁଷ୍ମତ୍ପ୍ରେରିତ=ତୁମ୍ଭ ପ୍ରେରିତ
ଯୁଷ୍ମତ୍ପ୍ରେମ=ତୁମ୍ଭ ପ୍ରେମ ।]

ଯୁଷ୍ମଦୀୟ—ସଂ. ବିଣ (ଯୁଷ୍ମଦ୍+ସମ୍ବନ୍ଧାର୍ଥେ ଈୟ)—୧ । ତୁମ୍ଭର; ତୁମ୍ଭମାନଙ୍କର—1. Your; of you; yours; thy; thine. ୨ । ତୁମ୍ଭ ବା ତୁମ୍ଭମାନଙ୍କ ସମ୍ବନ୍ଧୀୟ—2. Relating to you. [ଦ୍ର—ଏକ ବଚନରେ ଯୁଷ୍ମଦ୍ ଶବ୍ଦରେ ଯେ 'ଈୟ' ପ୍ରତ୍ୟୟ କଲେ 'ଯୁଷ୍ମଦ୍' ସ୍ଥାନରେ ତ୍ୱତ୍ ଓ ଅସ୍ମଦ୍ ସ୍ଥାନରେ ମତ୍ ଆଦେଶ ହୋଇ ଯଥାକ୍ରମେ ତ୍ୱଦୀୟ ଓ ମଦୀୟ ଶବ୍ଦ ନିଷ୍ପନ୍ନ ହୁଏ । ବହୁବଚନରେ ଯୁଷ୍ମଦୀୟ ଓ ଅସ୍ମଦୀୟର ବ୍ୟବହାର ଦେଖାଯାଏ ।]
Jushmadiya
(ଯୁଷ୍ମଦୀୟା—ସ୍ତ୍ରୀ)

ଯୁଷ୍ମାଦୃକ୍(ଶ)—ସଂ. ବିଣ. ପୁଂ (ଯୁଷ୍ମଦ୍+ଦୃଶ୍ ଧାତୁ+କର୍ତ୍ତୃ. କ୍ୱିପ୍=ଯୁଷ୍ମାଦୃଶ, ୧ମା. ୧ବ)—ତୁମ୍ଭପରି—Like you; similar to you.
Jushmādṛuk(śa)
(ଯୁଷ୍ମାଦୃଶୀ—ସ୍ତ୍ରୀ)

ଯୂ (ଯୂଷ)—ସଂ. ବି (ଯୁ ଧାତୁ=ମିଶ୍ରିତ କରିବା+କର୍ମ କ୍ୱିପ୍)—ଯୂଷ; କ୍ୱାଥ—Broth. [ଦ୍ର—ଯେଉଁସବୁ ଦେଶଜ ଶବ୍ଦ 'ଯୂ' ଆଦ୍ୟ ହୋଇ ବ୍ୟବହୃତ ହୁଏ ସେମାନେ 'ଯୂ' ଆଦ୍ୟ ଲେଖାଯାଇ ମଧ୍ୟ ବ୍ୟବହୃତ ହୁଅନ୍ତି ।]
Jū(jūh)

ଯୂଇ—ଦେ. ବି (ସଂ. ଯୂଥୀ, ଯୂଥିକା)—ମଧୁରସୁବାସଯୁକ୍ତ ଫୁଲ ବିଶେଷ—Jasminum Auriculatum.
Jūi
ଜୁଈ ଜୁହୀ
ସଂ. ନାମ—ଯୂଥିକା, ଯୂଥୀ, ମାଗଧୀକୁସୁମ, ପ୍ରହସନ୍ତୀ, ଭୃଙ୍ଗାନନ୍ଦା, ବହୁଗନ୍ଧା, ଗଣିକା, ଅମ୍ବଷ୍ଠା, ବାଳପୁଷ୍ପିକା, ବାସନ୍ତୀ, ଶିଖଣ୍ଡିନୀ
ମ. ପାଣ୍ଡରୀଜାଈଜୁଈ
ଗୁ. ଜୁଈଙ୍ଗରୀ
ତେ. ଜୁଈପୁଷ୍ପାଲୁ
ହି. ଜଲବଥୀ ଯୁଇଫୁଲର
ସଂ. ନାମ—ସୁବର୍ଣ୍ଣଯୂଥୀ, ହେମପୁଷ୍ପିକା
[ଦ୍ର—ଏହା ମଲ୍ଲିକାଦି ବର୍ଗର ପୁଷ୍ପବୃକ୍ଷ ବିଶେଷ; ଏହା ଲତାଜାତି; ଫୁଲ ଧଳା; ଡେମ୍ଫ ଲମ୍ବ ଓ ସରୁ; ଫୁଲର ଗନ୍ଧ ଅତି ମୃଦୁ ଓ ମଧୁର; ଗ୍ରୀଷ୍ମକାଳରେ ଫୁଟେ । ଫୁଲର ପାଖୁଡ଼ାମାନ ଏକସ୍ତରିଆ ଓ ସରୁ; ଏକ ବୃନ୍ତରେ ବହୁ ଫୁଲ ଧରେ; ଯୂଥଯୂଥ ହୋଇ ଫୁଲ ଫୁଟିବାରୁ ଏଥିର ନାମ ଯୂଥିକା । ଏହି ଜାତୀୟ ହଳଦିଆ ବର୍ଣ୍ଣର ଗନ୍ଧହୀନ ଫୁଲକୁ ସ୍ୱର୍ଣ୍ଣ ଯୂଇ (Jasminum Heterophylum) କହନ୍ତି । ବୈଦ୍ୟଶାସ୍ତ୍ର ମତରେ ଏହା ହୃଦୟଗ୍ରାହୀ, ଶୀତବୀର୍ଯ୍ୟ, କଟୁବିପାକ, ଲଘୁ, ପିତ୍ତନାଶକ, କଫ ଓ ବାୟୁକାରକ । ଏହା ବ୍ରଣ, ରକ୍ତଦୋଷ, ମୁଖରୋଗ, ଦନ୍ତରୋଗ, ନେତ୍ରରୋଗ, ଶିରୋରୋଗ ଓ ବିଷନାଶକ—ଦ୍ରବ୍ୟଗୁଣ ।]

ଯୂକ—ସଂ. ବି. ପୁଂ (ଯୁ ଧାତୁ=ମିଶିବା+କର୍ତ୍ତୃ. କ୍ୱିପ୍, କ ଯୋଗ, ଉ ସ୍ଥାନରେ ଊ; ଯାହା କେଶ ସଙ୍ଗେ ମିଶିଯାଏ)—ଉକୁଣି; ଉକୁଣୀ—Louse.
Jūka
(ଯୂକା—ସ୍ତ୍ରୀ)

ଯୂତ—ସଂ. ବିଣ (ଯୁ ଧାତୁ+କର୍ମ. ତ)—ମିଶ୍ରିତ—Mixed; joined. ଦେ. ବି (ସଂ. ଦ୍ୟୂତ)—ଯୂଆ ଖେଳ—Gambling. [ଉ—ଯୂତ ଖେଳାଇଲେ ସ୍ୱର୍ଣ୍ଣବର୍ତ୍ତିକା ଦେଇ ଯେ । ଉପେ. ଲାବଣ୍ୟବତୀ ।]
Jūta

ଯୂତି—ସଂ. ବି (ଯୁ ଧାତୁ=ମିଶ୍ରିତ କରିବା+ଭାବ. ତି; ଉ=ଊ, ନିପାତନ)—୧ । ଏକତ୍ରୀକରଣ; ମିଶ୍ରଣ—1. Mixing; mixture. ୨ । ସଂଯୋଗ—2. Union. ୩ । (ଗଣିତ) ସଙ୍କଳନ; ଯୋଗ—3. (Arithmetic) Addition.
Jūti

ଯୂଥ—ସଂ. ବି (ଯୁ ଧାତୁ=ମିଶିବା+କର୍ତ୍ତୃ. ଥ; ଉ ସ୍ଥାନରେ ଊ)—ସ୍ୱଜାତୀୟ ପଶୁ ପକ୍ଷୀଆଦିଙ୍କ ଦଳ; ପଲ—A herd or flock (of birds or beasts) [ଦ୍ର—ସଂସ୍କୃତରେ ଯୂଥର ଅର୍ଥ ପଶୁପକ୍ଷୀଙ୍କ ଗୋଷ୍ଠୀ, ମନୁଷ୍ୟ-ଗୋଷ୍ଠୀକୁ ଯୂଥ ବୋଲାଯାଏ ନାହିଁ; କିନ୍ତୁ ଯୂଥ ଶବ୍ଦରୁ ଅଧୁନାପ୍ରଚଳିତ 'ଯୌଥ' ମନୁଷ୍ୟର ଦଳସମ୍ବନ୍ଧୀୟ ଭାବବାଚକ ଅର୍ଥକୁ ବୁଝାଉଅଛି]
Jūtha

ଯୂଥଚ୍ୟୁତ—ସଂ. ବିଣ (୫ମୀ ତତ୍)—ଯୂଥଭ୍ରଷ୍ଟ (ଦେଖ)
Jūthachyuta Jūthabhrashta (See)

ଯୂଥନାଥ—ସଂ. ବିଣ. ପୁଂ—(୬ଷ୍ଠୀ ତତ୍)—୧ । ଅରଣ୍ୟବାସୀ ଜୀବଦଳର ନେତା ବା ଦଳପତି—1. The leader of a herd of wild animals.
Jūthā nātha
ଯୂଥପ
ଯୂଥପତି } —ଅନ୍ୟରୂପ
ଯୂଥମୁଖ୍ୟ
[ଦ—ମାର୍କଣ୍ଡଙ୍କର ରେଧ ଓ ହାତୀଙ୍କର ଦଳ୍ପା ଯୂଥପତି ଅଟେ ।]

୨ । ଅରଣ୍ୟ ହସ୍ତୀମାନଙ୍କର ନେତା—2. The leader of a wild herd of elephants. ଦେ. ବି.—ସେନାପତି—A leader of an army. [ଉ—ବଳବାନ । ବୃନ୍ଦ ବୃନ୍ଦ ଯୂଥପେ ପୂର୍ଣ୍ଣ । ଉପେ. ବୈଦେହୀଶବିଳାସ ।]

ଯୂଥ ବଣା—ଦେ. ବଣ.—ଯୂଥ ଭ୍ରଷ୍ଟ (ଦେଖ)
Jūtha banā Jūtha bhrashta (See)
[ଦ୍ର—କେବଳ ବୋଲୁଛନ୍ତି ଭୁଲେ ରାମବାଣୀ, ଗୃହୁ ଛନ୍ତି ଯେସନେ ଯୂଥବଣା ଏଣୀ । କୃଷ୍ଣସିଂହ. ମହାଭାରତ ବନ ।]

ଯୂଥ ଭ୍ରଷ୍ଟ—ସ.ବଣ.ପୁଂ—(୫ମୀ ତତ୍; ଯୂଥ+ଭ୍ରଷ୍ଟ)—ଗୋଠଣିଆ;
Jūtha bhrashta ଯେଉଁ ପଶୁ ବା ଜୀବ ନିଜର ଦଳରୁ ଅଲଗା (ଯୂଥ ଭ୍ରଷ୍ଟା—ସ୍ତ୍ରୀ) ହୋଇ ଥାଏ; (ଯଥା—ଏଭୁଛଥ ବାଛୁରୀ)—(an animal) Straying or straggling from the herd; stray (animal); straggler.

ଯୂଥଶଃ—ସ. ଅ.—(ଯୂଥ+ଶସ୍)—ଦଳ ଦଳ ହୋଇ—
Jūthasah In herds; in flocks; gregrariously.

ଯୂଥି(ଥୀ)—ସ. ବି.—୧ । ମାଗଧୀ କୁସୁମ; ଯୂଇ (ଦେଖ)
Jūthi(thī) 1. A sort of jasmine; Jasminum (ଯୂଥି[ଥୀ]କା—ଅନ୍ୟରୂପ) Auriculatum. ୨ । ଅକାଳବନ୍ଧ ବା ପାଠାଲତା—2. Name of a medicinal plant; Stephania Hernandifolia. ୩ । ଅମ୍ଳାନକ ପୁଷ୍ପ—3. The globe amaranth flower.

ଯୂଥୀନ—ସ. ବଣ. ପୁଂ—(୬ଷ୍ଠୀ ତତ୍; ଯୂଥ+ଇନ=ପ୍ରଭୁ)—
Jūthīna ଯୂଥନାଥ (ଦେଖ)—Jūthanātha (See)

ଯୂନୀ—ସ. ବି. ସ୍ତ୍ରୀ.—(ଯୁବନ୍+ସ୍ତ୍ରୀ ଈ; ନିପାତନ)—ଯୁବତୀ;ତରୁଣୀ—
Jūnī A young woman.

ଯୂପ—ସ. ବି.—(ଯୁ ଧାତୁ=ବନ୍ଧନ କରିବା+ଅଧିକରଣ. ପ; ଏଥିରେ
Jūpa ବଳି ବନ୍ଧା ଯିବାରୁ)—୧ । ଯଜ୍ଞରେ ପଶୁବନ୍ଧନାର୍ଥ ଭୂମିରେ ପୋତା ଯିବା ସଂସ୍କୃତ ସ୍ତମ୍ଭ—1. A sacrificial post to which the victim is tied at the time of its immolation. [ଦ୍ର—ଯଜ୍ଞୋଡୁମ୍ବର ବୃକ୍ଷର ଚତୁର୍ହସ୍ତ ପରିମିତ କାଷ୍ଠକୁ ଗୋଲାକାର ଓ ସ୍ଥୂଳ ଓ ସୁଶୋଭନ କରି ଯୂପ ତିଆରି କରାଯାଏ ଓ ଏହା ମନ୍ତ୍ରଦ୍ୱାରା ସଂସ୍କୃତ ହୁଏ ।

ଅନ୍ୟ ମତରେ ଖଦିର, ବିଲ୍ୱ ବା ବଉଳ କାଷ୍ଠରେ ଏହା ମଧ୍ୟ ତିଆରି ହୁଏ ।] ୨ । ଜୟଚିହ୍ନ ସ୍ୱରୂପ ଅଙ୍କିତ ପଦାର୍ଥ—2. A trophy. ୩ । ଜୟସ୍ତମ୍ଭ—3. A column erected in honour of a victory. ୪ । ଯଜ୍ଞସ୍ତମ୍ଭ—4. A sacrificial post.

ଯୂପ କଟକ—ସଂ.ବି.—୧। ଯୂପର ଅଗ୍ରଭାଗରେ ଖୋଦିତ ଡମ୍ବିରୁ ଫଳପରି
Jūpa kataka ବା ବଳୟାକାର ଗୋଲକ—1. A wooden ball carved on the top of a sacrificial post. ୨ । ଯୂପ ମୂଳରେ ବା ଅଗରେ ବନ୍ଧାହୋଇଥିବା ଲୌହ ବା କାଷ୍ଠବଳୟ—2. An iron or wooden ring attached to the foot or top of a sacrificial post.

ଯୂପ କର୍ଣ୍ଣ—ସଂ. ବି.—ଯୂପର ଯେଉଁ ଅଂଶରେ ଘିଅ ଛିଞ୍ଚା ଯାଏ—
Jūpa karnna That part of the sacrificial post which is sprinkled with ghee (Apte).

ଯୂପ କାଷ୍ଠ—ସଂ. ବି.—ଯୂପ ୧ (ଦେଖ)
Jūpa kāshtha Jūpa 1 (See)
(ଯୂପ ସ୍ତମ୍ଭ—ଅନ୍ୟରୂପ) [ଯୂପଖଣ୍ଡ(ଣ୍ଡି)—ଦେ. ରୂପ]

ଯୂପଦ୍ରୁ—ସଂ. ବି.—(ମ. ପ. ଲୋ)—୧ । ଖଦିର ବୃକ୍ଷ—
Jūpadru The catechu tree; Mimosa Catechu.
(ଯୂପଦ୍ରୁମ—ଅନ୍ୟରୂପ)

ଯୂପ ଧ୍ୱଜ—ସଂ. ବି.—(ବହୁବ୍ରୀହି)—ଦେବରୂପେ କଳ୍ପିତ ଯଜ୍ଞ—
Jūpa dhwaja Sacrifice (personified) (Apte).

ଯୂପବ୍ରସ୍କ—ସ. ବି.—ଯେଉଁ ଲୋକ (ଧୋବା ବା ବଢ଼େଇ) ଯୂପ ପାଇଁ
Jūpa braska ଗଛ ବା ଡାଳ କାଟେ—The cutter of a sacrificial post (Apte).

ଯୂପାକ୍ଷ—ସ.ବି.—(ନାମ)—ହନୁମାନ୍ ପ୍ରମଦାବନ ଉଜାଡ଼ିବା ସମୟରେ
Jūpāksha ତାଙ୍କଦ୍ୱାରା ହତ ରାବଣର ଜଣେକ ସେନାପତି—Name of a general of Rābana killed by Hanumān.

ଯୂପାହୁତି—ସଂ. ବି.—(ମ. ପ. ଲୋ)—ଯୂପ ଖୁଣ୍ଟ ପୋତାଯିବା
Jūpāhuti ସମୟରେ ଯେଉଁ ଆହୁତି ଦିଆ ଯାଏ—An oblation at the erection of a sacrificial. (Apte)

ଯୂଷ୍ (ଧାତୁ)—ସଂ.—୧ । ବଧ କରିବା—1. To kill.
Jūsh (root) ୨ । ଆହତ କରିବା—2. To wound.
୩ । ହିଂସା କରିବା—3. To injure; to hurt.

ଯୂଷ—ସଂ. ବି.—(ଯୂଷ୍ ଧାତୁ+କର୍ତ୍ତୃ. ଅ)—୧ । ଝୋଳ; କ୍ୱାଥ—
Jūsha 1. Broth; soup. ୨ । ମୁଗ ଅଢ଼ର ସିଝା ପାଣି; ୧୮ ଗୁଣ, ମତାନ୍ତରରେ ୪ ଗୁଣ, ଜଳରେ ଡାଲି ସିଝା ହୋଇ ଥିବା ପାଣି—2. Pease soup; porridge. ୩ । ତୁତବାରୁ; ତୁତ୍ଥ ବୃକ୍ଷ—3. The Indian mulberry tree; Morus Indica.

ଯେ—ଦେ· ସର୍ବ.—(ସ. ଯଦ୍; ଭୁଲ ପ୍ରା. ଜୋ)—୧ । ଯେଉଁ ବ୍ୟକ୍ତି—
Je ଯେ जो (ସେ—ଅପେକ୍ଷିକ ଶବ୍ଦ) 1. Who.
[ଉ—ଅଷ୍ଟ ଦୁର୍ଗର ଯେ, କହି ସେ ଟମା ପାଦେ ଭଜେ । କବିସୂର୍ଯ୍ୟ. ବଳୋଶ୍ୱରଚମ୍ପୂ, ଛ. ଗୀତ ।] ୨ । ଯାହା; ଯେଉଁ ସ୍ଥାନ, ସମୟ, ବିଷୟ ବା ବସ୍ତୁ—2. Which.

[ଭୂ—ଚମ୍ପା ନାଗେଶ୍ୱର ବଉଳ କେଶର, ସେ ଫୁଲ ଫୁଟଇ କାହିଁ ? ସେ ଫୁଲ ଫୁଟଇ ଯେଉଁ ଦେଶରେ, ସେ ଦେଶେ ରସିକ ନାହିଁ । ଉଗ ।] ୩ । (ବହୁବଚନ; ସଂ. ଯଦ୍ ଶବ୍ଦର ପୁଂଲିଙ୍ଗ ବହୁବଚନ)—ଯେଉଁମାନେ—Those. ଅ.—୧ । ପାଦପୂରଣାର୍ଥକ ଅବ୍ୟୟ—1. That; for that. [ଭୂ—କଣ୍ଠାଭରଣ; କଣ୍ଠାଗତ ମୂଳେ ପାଇଲ ଭେଟ ନାଗର ! ତୁମେ ସେ ଏଡ଼େକ ଶଠ ! ଉଗ] ୨ । ନିଶ୍ଚୟାର୍ଥକ ଅବ୍ୟୟ—2. Too. [ଭୂ—କାହାଗେ କହିବ ଶୁଣିବ କେ ? ସାଥିକୁ ଅରୁନ୍ଧା ମାଉର ସେ । ଉଗ ।] ୩ । ଯେବେ (ହେତ୍ୱର୍ଥକ ବା ଅପେକ୍ଷାର୍ଥକ ଅବ୍ୟୟ)—3. (Causative); If. [ଭୂ—କଳସି ହୃଗ୍ଭେଗ ଖିଳକ, କେତେ ଅନାଇବୁ କାରଖି, ଫଳ ହୋଇଛ ସେ ଖାଇବୁ ? ଫୁଲ ହୋଇଛ ସେ କାଇବୁ ? ଭୁ ଯାହିଁପାଇଁ ଉଦ୍‌ଗଲବଳଳ, ସାଢ ଜନମରେ ପାଇବୁ ?—ଉଗ ।] ୪ । ପଦ୍ୟରେ ଅକ୍ଷର-ପୂରଣାର୍ଥ ନିରର୍ଥକ ଅବ୍ୟୟ—4. An indeclinable used to fill up the shortage of syllables in a poetical line. [ଭୂ—କାଳ ଯେ ପୁରୁଷ ତାର କରଣ ଅଟଇ । ପ୍ରାଚୀ—ଶ୍ରୀ ଗୁରୁଭକ୍ତି ଗୀତା ।] [ଦ୍ର—୧ମା ବିଭକ୍ତି ୧ ବଚନ 'ଯେ'—ବହୁବଚନ 'ଯେମାନେ, ଯେଉଁମାନେ, ଯେଉଁ ସବୁ, ଯେଉଁ ଯେଉଁ' । ଅନ୍ୟ ବିଭକ୍ତିର ୧ ବଚନରେ ଏହାର ଆକାର 'ଯା' ଓ 'ଯାହା' ହୁଏ । ଯଥା—ଯାକୁ, ଯାହାକୁ; ଯାଦ୍ୱାରା, ଯାହାଦ୍ୱାରା; ଯା ଠାରୁ, ଯାହାଠାରୁ; ଯାର, ଯାହାର; ଯା ଠାରେ, ଯାହାଠାରେ ।]

ଯେ ଅବଧି—ଦେ. ଅ—୧ । ଯେଉଁ ସ୍ଥାନରୁ—1. From which place; whence. ୨ । ଯେଉଁକାଳରୁ—2. From which time. ୩ । ଯେଉଁ ସ୍ଥାନ ବା କାଳ ଯାଏ—3. Till which time or place.
Je abadhi
ଯଖନ ଥେକେ
जबसे

ଯେଇ (ଇତ୍ୟାଦି)—ଗ୍ରା. ବି. (ସଂ. ଯଦ୍+ହି)—ଯେଉଁ ଇତ୍ୟାଦି (ଦେଖ)—Jeuñ etc. (See)
Jei (etc)
যেই
जोहि

ଯେ ଇଚ୍ଛା ସେ—ଦେ. ସର୍ବନାମ—୧ । ଯେ କୌଣସି ବ୍ୟକ୍ତି—1. Any person whatever. ୨ । ଯେ କୌଣସି ବ୍ୟକ୍ତି ଇଚ୍ଛା କଲେ—2. Any person who wishes.
Je ichchhā se
যে কোন
जो कोइ

ଯେଉଁ—ଦେ. ସର୍ବନାମ (ସଂ. ଯଦ୍ ଶବ୍ଦ)—୧ । ଯେ (ବ୍ୟକ୍ତି, ବସ୍ତୁ, ସ୍ଥାନ, ସମୟ, ବିଷୟ)—1. Which—
Jeuñ
যে
जो; जौन
୨ । ଅମୁକ ନିର୍ଦ୍ଦିଷ୍ଟ ବ୍ୟକ୍ତି, ବସ୍ତୁ, ସମୟ ବା ସ୍ଥାନ—2. That (particularising a person, thing, time or place.)

[ଦ୍ର—ଏ ଶବ୍ଦର ରୂପମାନ

	ଏକବଚନ	ବହୁବଚନ
୧ମା ବିଭକ୍ତି—	ଯେଉଁ	ଯେଉଁମାନେ, ଯେଉଁ ସବୁ, ଯେଉଁ ଯେଉଁ
୨ୟା—	ଯାହାକୁ	ଯେଉଁମାନଙ୍କୁ
୩ୟା—	ଯାହାଦ୍ୱାରା	ଯେଉଁମାନଙ୍କଦ୍ୱାରା
୫ମୀ—	ଯାହାଠାରୁ, ଯେଉଁଠାରୁ	ଯେଉଁମାନଙ୍କଠାରୁ
୬ଷ୍ଠୀ—	ଯାହାର	ଯେଉଁମାନଙ୍କର
୭ମୀ—	ଯହିଁରେ, ଯାହିଁରେ / ଯେଉଁଠାରେ	ଯେଉଁମାନଙ୍କଠାରେ ।]

ଯେଉ(ଉଁ) କ୍ଷଣି—ଦେ. ଅ (ସଂ. ଯତ୍କ୍ଷଣ°)—୧ । ଯେଉଁ ମୁହୂର୍ତ୍ତରେ; ଯେତେବେଳେ; ଯେଉଁବେଳେ—1. At which time; at which moment.
Jeu(uñ)kshaṇi
ଯେଉ(ଉଁ)କ୍ଷି(କ୍ଷି,ଛି,ଛୁ)ଣି } ଗ୍ରାମ୍ୟରୂପ
ଯେଉ(ଉଁ)କ୍ଷି(ଛ,ଛୁ)ଣିକା }
যখনি
जबहि
(ଭୂ—ଯେଉଁକ୍ଷଣି ଏହା କହିଲେ ଯୁଧିଷ୍ଠିର—[ଯେଇ(ହି)କ୍ଷ(କ୍ଷି,ଛ,ଛୁ,ଛି)ଣି—ଅପେକ୍ଷିକ ଶବ୍ଦ] କୃଷ୍ଣସିଂହ. ମହାଭାରତ ସଭା) ୨ । ମାତ୍ରକେ—2. No sooner than.

ଯେଉ(ଉଁ)ଠା—ଗ୍ରା. ସର୍ବନାମ—୧ । ଯେଉଁ ସ୍ଥାନ—1. Which place. [ଦ୍ର—ଏ ଶବ୍ଦର ୨ୟା ବିଭକ୍ତିରେ ଯେଉଁଠାକୁ, ୫ମୀ ବିଭକ୍ତିରେ ଯେଉଁଠାରୁ, ଯେଉଁଠୁ; [ଯେଇ(ହି)ଠା—ଅପେକ୍ଷିକ ଶବ୍ଦ] ୬ଷ୍ଠୀରେ ଯେଉଁଠାର; ୭ମୀରେ ଯେଉଁଠାରେ, ଯେଉଠା(ଠେ)ଇଁ, ଯେଉଁଠି ହୁଏ] ୨ । ଯେଉଁ ସ୍ଥାନର—2. Of which place.
Jeu(uñ)thā
যেখান
जहाँ

ଯେଉ(ଉଁ)ଠି(ଠିଁ)—ଗ୍ରା. ସର୍ବ (ଯେଉଁଠା ଶବ୍ଦର ୭ମୀ ବିଭକ୍ତି ୧ ବଚନ —୧ । ଯେଉଁ ସ୍ଥାନରେ—1. At which place; where.
Jeu(uñ)thi(thiñ)
যেখানে
जहाँ जहीं
ଯେଉ(ଉଁ)ଠା(ଠେ)ଇଁ }
ଯେଉ(ଉଁ)ଠାରେ } ଅନ୍ୟ ୭ମୀ ବିଭକ୍ତି ରୂପ]
ଯେଉଁଠେ }
୨ । ଯେଉଁ ବିଷୟରେ—2. In which matter. ସର୍ବନାମ—ଯେଉଁ ସ୍ଥାନ—Which place. [ଦ୍ର—ଯେଉଁଠି ଶବ୍ଦର ୨ୟା ବିଭକ୍ତିରେ—ଯେଉଁଠିକି(କୁ), ୫ମୀ ବିଭକ୍ତିରେ ଯେଉଁଠିରୁ ଯେଉଁଠୁ, ୬ଷ୍ଠୀ ରେ ଯେଉଁଠିର, ଯେଉଁଠିକା, ଯେଉଁଠିକାର, ୭ମୀ ବିଭକ୍ତିରେ ଯେଉଁଠି, ଯେଉଁଠେଇଁ ହୁଏ ।]

ଯେଉ(ଉଁ)ଠିକା—ଗ୍ରା. ସର୍ବନାମ ଯେଉଁଠା ଶବ୍ଦର ୬ଷ୍ଠୀ ୧ବ ,—ଯେଉଁ ସ୍ଥାନର—Of which place.
Jeu(uñ)thikā
ଯେଉ(ଉଁ)ଠିକାର— ଅନ୍ୟରୂପ]
যেখানকার
जहाँका
[ଯେଇ(ହି)ଠିକା—ଅପେକ୍ଷିକ ଶବ୍ଦ]

ଯେଉ(ଉଁ)ଠିକି(କୁ)—ଦେ. ସର୍ବନାମ (ଯେଉଁଠି ଶବ୍ଦର ୨ୟା ବିଭକ୍ତି, ୧ବ)—ଯେଉଁ ସ୍ଥାନକୁ—To which place; whereto.
Jeu(uñ)thiki(ku)
[ଯେଇ(ହି)ଠିକି(କୁ)—ଅପେକ୍ଷିକ ଶବ୍ଦ]
ଯେଉଁଠାକୁ }
ଯେଉଁ(ଠେ, ଠ)ଇଁକି(କୁ) } —ଅନ୍ୟରୂପ
যেখানকে
ज

ଯେଉ(ଇଁ)ଠୁ(ଠୁଁ)—ଗ୍ରା. ସର୍ବନାମ (ଯେଉଁଠା ବା ଯେଉଁଠି ଶବ୍ଦର ୫ମୀ
Jeu(uñ)ṭhu(ṭhuñ) ବିଭକ୍ତି, ୧ବ)—୧ । ଯେଉଁ ସ୍ଥାନରୁ—
[ଯେଇ(ହ)ଠଉଁ—ଅପେକ୍ଷିକ ଶବ୍ଦ] 1. From which
(ଯେଉଠଉଁ—ଅନ୍ୟରୂପ) place; whence. ୨ । ଯେଉଁ
যেখানথেকে जहाँसे ସମୟଠୁ—2. From which
time. ୩ । ଯେଉଁ ବ୍ୟକ୍ତିଠାରୁ—3. From
which person.
যখন जब ଗ୍ରା. ଅ—୧ । ଯେହେତୁ—Whereas;
(ଯଥା—ମୁଁ ଯେଉଁଠଉଁ ତାଙ୍କୁ ପାଣ୍ଡ ନ ଦିଥାଇଲି, ସେ
ମୋ ପାଖରୁ ଉଠି ଚାଲିଗଲେ) । ୨ । ଯେବେ—
2. When. ୩ । ଯେଣୁ; କାରଣ—
3. Because; as.
(ଯଥା—ଯେଉଁଠଉଁ ମେଘ ଉଠାଇଲା ଅମେ ସମସ୍ତେ
ଘରକୁ ପଳାଇଗଲୁଁ) ।

ଯେଉ(ଉଁ)ଣ(ଣି)ସି—ଗ୍ରା. ସର୍ବ (ସଂ. ଯଦ୍+ଅମ୍)—ଯେ କୌଣସି
Jeu(uñ)ṇa(ṇi)si (ବସ୍ତୁ, ବ୍ୟକ୍ତି ବା ବିଷୟ); କୌଣସି
যেকোন जो कोइ ଅନିର୍ଦ୍ଦିଷ୍ଟ—Any of which;
which ever, any indefinite (matter);
any thing, person or matter).

ଯେଚ୍ଛା ତା—ଗ୍ରା. ଅ. (ବିଷୟ, ବସ୍ତୁ; ଯଦ୍+ଇଚ୍ଛା+ତତ୍)—
Jechchhā tā ଯା ଇଚ୍ଛା ତା (ଦେଖ)
যাচ্ছা তাই Jā ichchhā tā (See)
(ଯେଚ୍ଛା ତାଇ—ଅନ୍ୟରୂପ)

ଯେଚ୍ଛା ସେ—ଗ୍ରା. ସର୍ବ. (ବ୍ୟକ୍ତି)—୧ । ଯେ କୌଣସି ବ୍ୟକ୍ତି—
Jechchhā se 1. Any one. ୨ । ଯେ ଇଚ୍ଛା କରିବ ସେ—
যে ইচ্ছা সে जोइच्छासो 2. Any one who will wish.

ଯେଜେ(ଯେ) (ଇତ୍ୟାଦ)—ଦେ. ବି ଓ ବିଣ—ଜେଜେ ଇତ୍ୟାଦ(ଦେଖ)
Jeje(je) (etc) Jeje etc (See)
যেযে, যাষা ଦେ. ସର୍ବନାମ (ବହୁବଚନାର୍ଥରେ ଦ୍ୱିତ୍ୱ)—
जोजो, जेजे (ବହୁବଚନ) ଯେଉଁ ଯେଉଁ; ଯାହା ଯାହା (ନିର୍ଦ୍ଦିଷ୍ଟ
ବ୍ୟକ୍ତିଗଣ, ବସ୍ତୁଗଣ, ସ୍ଥାନମାନ, ବିଷୟମାନ)—Those.

ଯେଝା—ଦେ. ସର୍ବ (ସ. ଯୋଯସ୍ୟ)—୧ । ଯେ ଯାହାର, ଯେଉଁ
Jejhā ବ୍ୟକ୍ତି ଯାହାର (ପ୍ରତ୍ୟେକ ବ୍ୟକ୍ତି ଆପଣାର)—
যে যার 1. The person whose; each person his.
जो जीस (ଉ—ପିଲାମାନେ ପାଠ ପଢ଼ି ସାରି ଯେଝା ଘରକୁ
[ଯେ ଯାହା—ଅନ୍ୟରୂପ] ଯାଆନ୍ତି ।) ୨ । ପ୍ରତ୍ୟେକ ବ୍ୟକ୍ତିଙ୍କର—
2. Every body's. (ଉ—ଯେଝା ହାତରେ ଯେ
ଚରିବ ପାଆ—ଚଗ ।) [ବ୍ର—ଯେଝା ଶବ୍ଦର ଆପେକ୍ଷିକ
ଶବ୍ଦ ରୂପେ 'ଯେ' ବା 'ସେ' ବ୍ୟବହୃତ ହୁଏ, ଯଥା—ଯେଝା
ଘରକୁ ଯେ (ସେ) ଯାଉ ।]

ଯେଟି—ଦେ. ସଂ. ବି. ଅ. (ସ. ଯଦ୍ଧି)—୧ । (ଆଦରାର୍ଥକ) ଯେଉ;
Jeṭi ଯେଉଁଟି—1. Which. ୨ । ଯେ ଅଟେ—2. Which
যে is. (ଉ—ଛନ୍ଦରେ ଯେଟି ଦୁଇ ସନ୍ଧ ଯୋଜନ ।
जोठो କୃଷ୍ଣସିଂହ. ମହାଭାରତ. ବନ ।) (ଯେଉଁଟି—ଅନ୍ୟରୂପ;
ଯେଉଁଠା—ଅନାଦରାର୍ଥକରୂପ)

ଯେଠା—ଗ୍ରା. ସର୍ବ (ସଂ. ଯତ୍ ସ୍ଥାନ.)—୧ । ଯେଣ; ଯେଉଁ ସ୍ଥାନ—
Jeṭhā 1. Which place. ୨ । ଯେଠାର (ଦେଖ)
যে খান जीस जगह 2. Jeṭhāra (See)

ଯେଠା(ଠେ)ଇଁ—ଗ୍ରା. ସର୍ବ (ସଂ. ଯତ୍ ସ୍ଥାନେ)—୧ । ଯେଣିକି; ଯେଉଁ
Jeṭhā(ṭhe)iñ ସ୍ଥାନକୁ—1. To which place.
যেখানে ୨ । ଯେଉଁଠି (ଦେଖ)
जीसजगह पर 2. Jeuñṭhi (See)

ଯେଠା(ଠା)ଉଁ—ଗ୍ରା. ସର୍ବ (ସ. ଯତ୍ସ୍ଥାନାତ୍)—ଯେଠାରୁ; ଯେଉଁ
Jeṭhā(ṭhā)uñ ସ୍ଥାନରୁ—Whence; from which
যেখানথেকে जीसजगहसे place. ଅ—ଯେଉଁଠୁ (ଦେଖ)
(ଯେଠୁଁ ଅନ୍ୟରୂପ) Jeuñṭhu (See)

ଯେଠାଏଁ—ଗ୍ରା. ସର୍ବ (ସ. ଯତ୍ସ୍ଥାନେ)—ଯେଉଁ ସ୍ଥାନରେ
Jeṭhāeñ
যেখানে Where [ଉ—ଶୃଙ୍ଗାର ଶୁଣନ୍ତି ଯେଠାଏଁ
जीसजगहमे ପଦ୍ମଚରଣ ଥାଉ ନୋହେ । ଭୂପତି. ପ୍ରେମପଞ୍ଚାମୃତ ।]

ଯେଠାର—ଗ୍ରା. ସର୍ବ (ସ. ଯତ୍ସ୍ଥାନସ୍ୟ)—ଯେଉଁ ସ୍ଥାନର—
Jeṭhāra Of which place.
যেখানকার जीसजगहका (ଯେଠିକା, ଯେଠିକାର—ଅନ୍ୟରୂପ)

ଯେଠାରେ—ଗ୍ରା. ସର୍ବ—(ସ. ଯତ୍ସ୍ଥାନେ)—ଯେଉଁଠି (ଦେଖ)
Jeṭhāre Jeuñṭhi (See)
যেখানে जीसजगहमे (ଯେଠେଇଁ—ଅନ୍ୟରୂପ)

ଯେଠି—ଗ୍ରା. ସର୍ବ (ସ. ଯତ୍ସ୍ଥାନେ)—୧ । ଯେଠା (ଦେଖ)
Jeṭhiñ 1. Jeṭhā (See) ୨ । ଯେଠାଇଁ (ଦେଖ)
যেখানে जहाँ 2. Jeṭhāiñ (See)

ଯେଠିକି(କୁ)—ଗ୍ରା. ସର୍ବ—ଯେଠାଇଁ (ଦେଖ) Jeṭhāiñ (See)
Jeṭhiki(ku) (ଯେଠିକି—ଅପେକ୍ଷିକ ଶବ୍ଦ)

ଯେଡ଼ିକ—ଗ୍ରା. ବିଣ—ଯେଉଁ ଆକୃତିବିଶିଷ୍ଟ—
Jerḍiki Of which dimension.
যতবড় जीतावडा [ଉ—ଯେଡ଼ିକ ବାଉଁଶ ତେଡ଼ିକ ପୋଲ ।
(ତେଡ଼ିକ, ସେଡ଼ିକ—ଅପେକ୍ଷିକ ଶବ୍ଦ) ଚଗ ।]

ଯେଡ଼େ ଇଚ୍ଛା ତେ(ସେ)ଡ଼େ—ଗ୍ରା. ବିଣ—୧ । ଅତି ବଡ଼—
Jerḍe ichchhā te(se)rḍe 1. Very big; very great.
যতইচ্ছা তৎ ୨ । ଯଥାସମ୍ଭବ ବଡ଼—
जीतनी इच्छाउतनी 2. As big or large as possible.

ଯେଣିକି—ଦେ. ଅ—ଯେଉଁ ଆଡ଼କୁ; ଯେଉଁ ଦଗକୁ—
Jeniki To which side or direction.
যেদিকে जीसतरफ (ତେଣିକି, ସେଣିକି—ଅପେକ୍ଷିକ ଶବ୍ଦ)

ଯେଣୁ(ଣୁଁ)—ଦେ. ଅ—୧ । ଯେଉଁ ଆଡ଼ୁ; ଯେଉଁ ଦଗରୁ—
Jaṇu(ṇuñ) 1. From which side or direction.
যেদিগথেকে ୨ । ଯେହେତୁ—2. Because, whereas.
जीसतरफसे; जोसलिये (ଉ—ସବୁ ରାଜସୁତ-ଦର୍ପ ଏଥି ଯେଣ
[ତେଣୁ(ଣୁଁ)—ଅପେକ୍ଷିକ ଶବ୍ଦ] ଦେଖିଛି ତୁଳା, ଦର୍ପି-ଦର୍ପହର-ସ୍ଥଳା
ବୋଲି ଅଛି କଥା ପୁରୁଣା । ରାଧାନାଥ—ଉଷା)

ଯେଣୁ କରି—ଦେ. ଅ—ଯେହେତୁ—Because; whereas.
Jeṇu kari
যেহেতু (ଉ—ଯେଣୁକରି ମୀନକେତନ,
जीसहेतु କମଳା କୋମଳ କରକମଳରେ
(ଯେଣୁକରି—ଗ୍ରା.ରୂପ) କରନ୍ତି ସନ୍ତତେ ଯତନ ।
(ତେଣୁକରି—ଅପେକ୍ଷିକ ଶବ୍ଦ) ଯଦୁକୃଷ୍ଣ-ଜଗମୋହନ)

ଯେଣେ—ଦେ. ଅ—୧ । ଯେଉଁ ଅଡ଼େ—
Jeṇe 1. Where. ୨ । ଯେଉଁ ପ୍ରକାରେ;ଯେଉଁପରି—
যেদিগে 2. By which means; how.
जहाँ (ଉ—ଏତେ ହୋ ଶୁଣ ନୃପମଣି
(ତେଣେ, ସେଣେ—ଅପେକ୍ଷିକ ଶବ୍ଦ) ଯେଣେ ସଂସାରୁ ତରେ ପ୍ରାଣୀ
যেমন ଜଗନ୍ନାଥ ଭାଗବତ ।)
जैसा ୩ । ଯଦ୍ଦ୍ୱାରେ; ଯାହାଦ୍ୱାରା—3. By which.
যাতে (ଉ—କହ ଏହାର ହେତୁ କର୍ମ
जीसने ଯେଣେ ଖଣ୍ଡଇ ଭବ ଭ୍ରମ ଭୂପତି- ପ୍ରେମପଞ୍ଚାମୃତ)
୪ । ଯେହେତୁ; ଯଦ୍ଦ୍ୱିର ଫଳରେ—
যেমন 4. In consequence whereof.
जैसा [ଉ—କ ଅବା ଅଛୁ ତପ କରି
ଯେଣେ ଦେଖିବ ନରହରି । ଜଗନ୍ନାଥ. ଭାଗବତ ।]

ଯେଣେ ଇଚ୍ଛା ତେ(ସେ)ଣେ—ଦେ· ଅ—ଯେ କୌଣସି ସ୍ଥାନକୁ ବା
Jeṇe ichchhā te(se)ṇe ଦିଗକୁ—To whichever
[ଯେଣେଚ୍ଛା ତେଣେ—ଗ୍ରାମ୍ୟରୂପ] place. (ଉ—ଯେଣେ ଇଚ୍ଛା
যেথানে ইচ্ছা সেখানে ତେଣେ ଯା, କର୍ମ ଗିଳି ବୁଲୁ ଥା । ଚଗ ।)
जहाँ इच्छा तहाँ

ଯେତ[ତେ]କ—ଦେ. ସର୍ବ (ସଂ. ଯତ୍ତ୍; ପ୍ରା. ଜେତ୍ତିକ)—(ବସ୍ତୁ ବା
Jeta(te)ka ବ୍ୟକ୍ତି) ଯାବତୀୟ; ସମୁଦାୟ—All whatever;
যত all whoever. (things or persons) [ଉ—ଲଙ୍କା-
जीत ना ଗଡ଼ୁଁ ଯେତେକ କାଢ, ସମସ୍ତେ ଅସୁରଙ୍କ ସୁତ । ଚଗ ।]

ଯେତିକି—ଦେ. ସର୍ବ. ଓ ବଣ (ଭୂଲ. ପ୍ରା. ଜେତ୍ତିକ)—୧ । ଯେତେ
Jetiki ପରିମାଣ ବା ପରିମିତ—1. As much. [ଉ—ଅବନୀରେ
(ତେତିକ, ସେତିକ—ଅପେକ୍ଷିକ ଶବ୍ଦ) ପଶୁ ଯେ ଅଛନ୍ତି ଯେତିକ ।
যত **जीतनी** କୃଷ୍ଣସିଂହ. ମହାଭାରତ. ଆଦି ।]

ଯେତେ—ଦେ. ସର୍ବ (ସଂ. ଯତ୍ତ୍; ପ୍ରା. ଜତ୍ତ)—ଯାବତ୍ ପରିମିତ—
Jete As much as. [ଉ—ମତେ ଯେତେ ମାଠିରୁ ମାଠ୍, ମୁଁ
(ଯେତେକ—ଅନ୍ୟରୂପ) ସେହି ଦରପୋଡ଼ା କାଠ୍ । ଚଗ ।]
[ଯେତେକଇଁ—ଗ୍ରାମ୍ୟରୂପ] যত **जितना**
(ତେତେ, ସେତେ—ଅପେକ୍ଷିକ ଶବ୍ଦ)

ଯେତେ ଇଚ୍ଛା—ଦେ. ଅ (ସଂ. ଯଥେଚ୍ଛା; ଯତ୍+ଇଚ୍ଛା; ଯଦୃଚ୍ଛା)—
Jete ichchhā ୧ । ଇଚ୍ଛାନୁରୂପ—1. According to
(ଯେତେଚ୍ଛା—ଗ୍ରାମ୍ୟରୂପ) one's wish. ୨ । ଯଥେଷ୍ଟ—
যত ইচ্ছা **जीतनी इच्छा** 2. Enough; sufficient.

ଯେତେ ଇଚ୍ଛା ତେ(ସେ)ତେ—ଦେ. ଅ—୧ । ଇଚ୍ଛାନୁରୂପ
Jete ichchhā te(se)te ପରିମାଣରେ—1, As much as
যত ইচ্ছা তত you like. ୨ । ଯଥେଷ୍ଟ ପରିମାଣରେ—
जीतनी इच्छा उतनी 2. Enough

ଯେତେ(ତୁ,ତୋ)ଟା[ଟି]—ଦେ. ସର୍ବ—ଯେତେ ସଂଖ୍ୟକ—
Jete(tu,to)ṭā(ṭi) As many. [ଉ—ଯେତେଟା—ଅନା-
যতটা, যতটি **जितना, जीताठो** ଦରାର୍ଥକ; ଯେତେଟି—
ତେତେ(ତୁ,ତୋ)ଟା, } —ଅପେକ୍ଷିକ ଶବ୍ଦ ଆଦରାର୍ଥକ]
ସେତେ(ତୁ,ତୋ)ଟା }

ଯେତେଠାଉଁ—ଗ୍ରା. ଅ—୧ । ଯେତେ ସ୍ଥାନରୁ—1. From as
Jeteṭhaun̐ many places. ୨ । ଯେତେ ବ୍ୟକ୍ତିଙ୍କଠାରୁ—
(ଯେତେଠୁଁ—ଅନ୍ୟରୂପ) 2. From as many persons.
যত জায়গা থেকে **जीतनीजगहसे** (ସେତେଠାଉଁ—ଅପେକ୍ଷିକ ଶବ୍ଦ)

ଯେତେଠା(ଠି)—ଗ୍ରା. ସର୍ବ—ଯେତେ ସ୍ଥାନ—As many places.
Jeteṭhā(ṭhi) [ଦ୍ର—ଯେତେଠା(ଠି) ଶବ୍ଦର—
যত জায়গা ୨ୟା ବିଭକ୍ତି—ଯେତେଠାକୁ, ଯେତେଠିକୁ(କି);
जितनी जगह ୫ମୀ ବିଭକ୍ତି—ଯେତେଠାରୁ, ଯେତେଠାଉଁ. ଯେତେଠୁଁ;
(ଯେତେଠାଥ—ଅନ୍ୟରୂପ) ୬ଷ୍ଠୀ ବିଭକ୍ତି—ଯେତେଠାର;
୭ମୀ—ଯେତେଠାରେ, ଯେତେଠି, ଯେତେଠା(ଠେ)ଇଁ ।]

ଯେତେଠା(ଠେ)ଇଁ—ଗ୍ରା. ଅ—୧ । ଯେତେ ସ୍ଥାନରେ—1. In as
Jeteṭhā(ṭhe)in̐ many places. ୨ । ଯେତେ ବ୍ୟକ୍ତିଙ୍କ
(ଯେତେଠାରେ, ଯେତେଠି—ଅନ୍ୟରୂପ) ନିକଟରେ—2. Near
যত জায়গায় **जितनी जगहमे** as many persons.
(ସେତେଠାଇଁ—ଅପେକ୍ଷିକ ଶବ୍ଦ)

ଯେତେଠାକୁ—ଗ୍ରା. ଅ—୧ । ଯେତେ ସ୍ଥାନକୁ—1. To as many
Jeteṭhāku places. ୨ । ଯେତେ ଲୋକଙ୍କ ନିକଟକୁ—To
যত জায়গায় **जीतनीजगहको** as many people.
(ଯେତେଠାଅକୁ, ଯେତେଠା(ଠେ)ଇଁକି, ଯେତେଠିକି, ଅନ୍ୟରୂପ)—
[ସେତେଠାକୁ, ସେତେଠିକି, ସେତେଠେଇଁକି—ଅପେକ୍ଷିକ ଶବ୍ଦ]

ଯେତେ ବେଳ—ଦେ. ସର୍ବ—୧ । ଯେଉଁ ସମୟ—1. Which time.
Jete beḷa ୨ । ଯେତେ ପରିମିତ ସମୟ—2 As much
যতবেলা time. ୩ । ଯେତେ କାଳବିଳମ୍ବ—3. As
जितनाबखत much delay. [ଦ୍ର—ଏ ଶବ୍ଦର ୨ୟା
ବିଭକ୍ତି—ଯେତେବେଳକୁ ;
୫ମୀ—ଯେତେବେଳଉଁ (ରୁଁ), ଯେତେବେଳୁ(ଳୁଁ);
୬ଷ୍ଠୀ—ଯେତେବେଳର
୭ମୀ—ଯେତେବେଳେ ।]
[ସେ(ତେ)ତେ ବେଳ—ଅପେକ୍ଷିକ ଶବ୍ଦ]

ଯେତେବେଳେ—ଦେ. ଅ (ସ. ଯଦ୍+ବେଳାୟାଂ)—୧ । ଯଦା;
Jetebeḷe ଯେଉଁ ସମୟରେ—1. When; at what
যখন time; at which time. ୨ । ଯଦି—2 If.
जब, जिसबख्त ୩ । ଯେହେତୁ—3. Whereas;
[ସେ(ତେ)ତେ ବେଳେ—ଅପେକ୍ଷିକ ଶବ୍ଦ] because.

ଯେତେ ମତେ—ଦେ. ଅ—ଯେତେ ପ୍ରକାରେ—In as many
Jete mate ways. [ଉ—ବହୁତ ଥିବାଠାରେ ତାହା
যতপ্রকার **जीतना** କଦାଚତେ, ନ କହିବୁଁ ଟି ପଶୁରଲେ ଯେତେମତେ ।
[ସେ(ତେ)ତେ ମତେ—ଅପେକ୍ଷିକ ଶବ୍ଦ] କୃଷ୍ଣସିଂହ. ମହାଭାରତ.
ଆଦି ।]

ଯେନ୍—ପ୍ରାଦେ (ସମ୍ବଲପୁର) ଵଣ—ଯେଉଁ—
Jen Which.

ଯେନ୍ ତେନ୍ତା—ପ୍ରାଦେ (ସମ୍ବଲପୁର) ସର୍ବ—ଯେ କୌଣସି; ଯା
Jen ten-ṭā ଇଚ୍ଛା ତା—Anything whatever.

ଯେନ କେ(ତେ)ନ—ଦେ. ବି. ଵଣ (ସ. ଯେନକେନ[ତେନ] Jena ke(te)na ପ୍ରକାରେଣ)—୧ । ଯେ କୌଣସି ଉପାୟରେ;
ଯେନ କେ(ତେ)ନ ପ୍ରକାରେ
ଯେନ କେ(ତେ)ନ ପ୍ରକାରେଣ } ଅନ୍ୟରୂପ
ଯେନ କେ(ତେ)ନ କରି
ଯେ କୌଣସି ପ୍ରକାରେ —1. Anyhow; by means fair or foul; by any means.
যেনকেন(তেন); যেমনতেমন
जीसतीसतरहसे, जसेतैसे, जेनकेनप्रकारेण ୨ । ଅତି କଷ୍ଟରେ —2. With great difficulty.

ଯେନ୍ତା—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ଅ—୧ । ଯେପରି—
Jentā 1. As. ୨ । ଯେଉଁକ୍ଷଣି—2. As soon as; no sooner than.
(ତେନ୍ତା—ଆପେକ୍ଷିକ ଶବ୍ଦ)

ଯେନ୍ତା କେନ୍ତା—ପ୍ରାଦେ. (ସମ୍ବଲପୁର)—ଅ.—ଯେ କୌଣସି ପ୍ରକାରେ
Jentā kentā Anyhow.

ଯେନ୍‌ହେ—ଦେ. ଅ.—ଯେହ୍ନେ (ଦେଖ)
Jen-he Jehne (See)
[ଉ—ଦର୍ପଣେ ରୂପ ଲୋପ କଲେ, ଦର୍ପଣ ଯେନ୍‌ହେ ଲେଉଟିଲେ । ଭୂପତି. ପ୍ରେମପଞ୍ଚାମୃତ ।]

ଯେପରି—ଦେ. ଅ (ସ. ଯତ୍ପ୍ରକାରେଣ)—୧ । ଯେଉଁପ୍ରକାରେ—
Jepari 1. In which manner. ୨ । ଯେଉଁକ୍ଷଣରେ
যেমন जैसा 2. No sooner than; as soon as.
(ଯେପରିକି—ଅନ୍ୟରୂପ) ୩ । (ବାକ୍ୟରେ ଜୋର୍ ଦେବାପାଇଁ)
[ଯେପ(ପି)ରିକା—ଗ୍ରା. ରୂପ] ଫଳତଃ—3. So that; be careful that. [ଯଥା—ସାବଧାନ ରହିବ, କଥାଟା ଯେପରି ପ୍ରକାଶ ନ ହୁଏ ।] ୪ । ଯେଉଁପ୍ରକାରର—4 Of which kind. (ଯଥା – ଯେପରି ଦେଵଙ୍କୁ ସେପରି ପୂଜା, ବାଲ ଗରଡ଼ାକୁ ଗୁହଳ ଭଜା—ଢଗ] ୫ । ଯଥା; ଉଦାହରଣସ୍ୱରୂପ—5. As for instance. (ଯଥା— ମରହଟ୍ଟି ଅ ଲୋକେ ଛଳ କପଟ ଜାଣନ୍ତି ନାହିଁ, ଯେପରି ରାମ ଜଳେ, ଶାମ ମିଶ୍ରେ ।)

ଯେପାରି(ରୁ)ସେ—ଦେ. ସର୍ବନାମ—୧ । ଯେ କୌଣସି ସମର୍ଥ ବ୍ୟକ୍ତି—
Je pāri(ru) se 1. Any able person. ୨ । ଯେ
যেপারেসে जोहजोसो କୌଣସି ବ୍ୟକ୍ତି—2. Any person whatever; whoever.

ଯେବ—ଗ୍ରା. ସର୍ବ—ଯେଉଁ ସମୟ—
Jeba Which time.
যেসময় जब

ଯେବକା—ଗ୍ରା. ଅ—ଯେଉଁ ସମୟର—
Jebakā যেসময়ের जबका Of which time.
(ଯବକାର—ଅନ୍ୟରୂପ)

ଯେବକୁ—ଗ୍ରା. ଅ—୧ । ଯେଉଁ ସମୟକୁ—1. To which time.
Jebaku ୨ । ଯେଉଁ ସମୟରେ; ଯେବେ—2. At which time.
যে সময় जब

ଯେବଠାଉଁ—ଗ୍ରା. ଅ – ଯେଉଁ ସମୟରୁ —
Jebaṭhaun যে সময় থেকে जबसे From which time.
(ଯେବଠୁ, ଯେବଣ୍ଟୁ—ଅନ୍ୟରୂପ)

ଯେବଣ—ଦେ. (ପଦ୍ୟ) ସର୍ବ—(ଏକ ବଚନ) ଯେଉଁ (ବ୍ୟକ୍ତି)—
Jebaṇa Which one; who. [ଉ—ଅତି ସମରଥ ଯେବଣ ଯେ ଲୋକ, ବୋଇଷ ଭାର ବୋହି ଲୋଡ଼ି ତା ବେକ । ଢଗ ।]
जौन ୨ । ଯେଉଁ ; ଯେ—2. Which. [ଉ—ଯେବଣ ପ୍ରକାରେ କାର୍ଯ୍ୟ ହୋଇବଟି ସିଦ୍ଧି । ବିଶ୍ୱନାଥ. ବିଚିତ୍ରରାମାୟଣ ।]

ଯେବେ—ଦେ. ଅ (ସଂ ଯଦା; ଯଦାବା)—୧ । ଯେଉଁ ସମୟରେ—
Jebe 1. When; at which time. [ଉ—ଵିଷୟୀରତ ଚିତ୍ତ যখন ଯେବେ, ଜୀବର ବନ୍ଧଭାବ ତେବେ । ଜଗନ୍ନାଥ. ଭାଗବତ]
जब ୨ । ଯଦି—2. If. [ଉ—କଳ ଯେବେ କରି ବସିବୁ, (ତେବେ—ଅପେକ୍ଷିକ ଶବ୍ଦ) ସାଙ୍ଗରେ ଥିବ ଭାଇ । ଢଗ ।]

ଯେବେକେ(କି)—ଗ୍ରା. ଅ—ଯଦି—If. [ଉ—ପାପୀ ଯେବେକେ ଦଣ୍ଡ
Jebeke(ki) ସହସ୍ର ବ୍ରାହ୍ମଣ, ଭୁଞ୍ଜାଏ ଘରେ ପାପୁଁ ମୁକ୍ତ ହୋଏ
যদি जब ଜାଣ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।]

ଯେବେ କେବେ—ଦେ. ଅ—୧ । ଯଦିତ କୌଣସି ସମୟରେ—
Jebe kebe 1. If when; if at any time. ୨ । ଯଦି
যদি কখন ଅକସ୍ମାତ୍—2. If unexpectedly; if ever.
जब कब

ଯେବେତି(ବି,ଭି)—ଦେ. ଅ (ସ. ଯଦ୍ୟପି)—୧ । ଯେଉଁ ସମୟରେ
Jebeti(bi,bhi) ମଧ୍ୟ; ଯେ କୌଣସି ସମୟରେ—2. Whenever. ୨ । ଯଦି; ଯଦ୍ୟପି—2. Even if. ୩ । ଯଦି
যদিও
जबभी ଯେବେ ବା (ଅନ୍ୟରୂପ) ନିଶ୍ଚେ—3. If certainly.

ଯେବେ ଯେବେ—ଦେ. ଅ—୧ । ଯେ କୌଣସି ସମୟମାନଙ୍କରେ;
Jebe jebe ଯେଉଁ ଯେଉଁ ସମୟରେ—1 At times; on
যখন যখন those occasions. (ଯଥା—ଯେବେ ଯେବେ ସେ
जब जब ରାଜଦ୍ୱାରକୁ ଅସୁଥିବେ ତେବେ ତେବେ ତାଙ୍କୁ ଟଙ୍କାଟିଏ
(ତେବେ, ତେବେତେବେ—ଅପେକ୍ଷିକ ଶବ୍ଦ) ଲେଖାଏଁ ରାଜଭଣ୍ଡାରରୁ ଦିଆଯାଉଥିବ ।)

ଯେବେ ହେଲେ—ଦେ. ଅ—୧ । ଯେ କୌଣସି ସମୟରେ—
Jebe hele 1. Whenever; at any time whatever.
जबभी ୨ । ଯଦି ଅକସ୍ମାତ୍—2. If ever.
(ଯେବେହେଁ, ଯେବେଇ, ଯେବେହିଁ—ଅନ୍ୟରୂପ)

ଯେମନ୍ତ(ନ୍ତି,ନ୍ତେ,ନ୍ତ,ନ୍ତି,ନ୍ତେ)—ଦେ. ଅ (ସ. ଯନ୍ମତଂ; ଗ୍ରା ଜେମ)—
Jemata(ti,te,nta,nti,nte) ୧ । ଯେଉଁପରି; ଯେପରି; ଯେଉଁ
[ତେ(ସେ)ମନ୍ତ(ନ୍ତି,ନ୍ତେ,ନ୍ତ,ନ୍ତି,ନ୍ତେ) —ଅପେକ୍ଷିକ ଶବ୍ଦ] ପ୍ରକାରେ—
যেমন 1. Like which; in which way. [ଉ—
जीसतरह, जसे ସୌଵୀରକେ ପ୍ରଜା ପୂର୍ଣ୍ଣ ସୃଷ୍ଟି ଯେମନ୍ତ । ରଘୁନାଥ.
(ଯେମିତି—ଗ୍ରାମ୍ୟରୂପ) ତୁଳସୀ ସ୍ତବକ ।] ୨ । ଯଥା—2. As.

ଯେରୂପେ—ଦେ. ଅ (ସଂ. ଯଦ୍ରୂପ)—ଯେଉଁ ପ୍ରକାରେ—
Jerupe ଯେରୂପେ **जैसे** In which manner; which-
(ଯେଇପେ, ଯେର୍ପେ, ଯେରେପେ—ଗ୍ରାମ୍ୟରୂପ) wise.

ଯେଲ୍ (ଇତ୍ୟାଦି)—ବୈଦେ. ବ—ଜେଲ୍ ଇତ୍ୟାଦି (ଦେଖ)
Jel (etc) Jel etc. (See)

ଯେସନ(ନେ)—ଦେ. (ପଦ୍ୟ) ଅ—୧ । ଯେଉଁ ପରି—1. In which
Jesana(ne) manner. ୨ । ଯଥା—2. As; like. [ଦ୍ର—
[ଯେସନ(ନେ)କ—ପଦ୍ୟରେ ବ୍ୟବହୃତ ଅକାର] ବରୁଧାଦ୍ରେ
ଯେମନ ଯେସନେକ ହୋଇ, ବାରଣେନ୍ଦ୍ର ଦଶନ ଭେଦ ରହି । ଭଞ୍ଜ.
जैसा ବୈଦେହୀଶବିଳାସ । ସ୍ଥାବର ଜଙ୍ଗମଙ୍କଠାରେ, ପବନ
ଯେସନେ ସଞ୍ଚରେ । ଜଗନ୍ନାଥ. ଭାଗବତ । ସମସ୍ତ ପୁଷ୍ପରୁ
ଯେସନ, ଭୃଙ୍ଗ ଘେନଇ ସାରମାନ । ଜଗନ୍ନାଥ.
ଭାଗବତ ।]

ଯେସାକୁ ତେସା—ଦେ. ବାକ୍ୟ (ହି. ଜୈସାକୋ ତୈସା; ଜୌଣସି
Jesāku tesā ବ୍ୟକ୍ତିଙ୍କୁ ଉପଯୁକ୍ତ ବ୍ୟବହାର ବା ପ୍ରତିଶୋଧ
ଯାକେ ଯେମନ ତାକେ ତେମନ ଦିଆଗଲେ ଏହି ବଚନ ବୋଲାଯାଏ)—
जैसाको तैसा ଯେ ଯେଉଁପରି ଲୋକ ତାକୁ ସେହିପରି ବ୍ୟବହାର—
Deserving treatment to a person.
ବ—ଯଥୋପଯୁକ୍ତ ବ୍ୟବହାର—Tit for tat.
ଅ—ଯଥୋପଯୁକ୍ତରୂପେ—In return.

ଯେ(ଯୈ)ସୁଆର(ଲ୍)—ଦେ. ବ. (ହିନ୍ଦୀ. ଜୈସବାର୍)—ପଶ୍ଚିମା ବୈଶ୍ୟ
Je(jai)suār(l) ଜାତି ବିଶେଷ—A class of Baiśyas
जैस्वाल **जैसवार** of N. W. India; Jayswal.

ଯେ ସେ ଲୋକ—ଗ୍ରା. ବ—୧ । ଯେ କୌଣସି ଲୋକ—1. Anyone.
Je se loka ୨। ଅନ୍ୟ କୌଣସି ବ୍ୟକ୍ତି—2. Any other
ଯେ ସେ ଲୋକ person. ୩ । ସାଧାରଣ ବ୍ୟକ୍ତି—3. An
ऐसा वैसा ordinary person. (ଦ୍ର—ପରମାଣିକ ପୁଅ,
ପରମାଣିକ ହେବ, କମ୍ପା ତାହା ବଶରୁ କେହି ଜଣେ ହେବ,
ଯେସେ ଲୋକ ହୋଇ ପାରବ ନାହିଁ । ଫକୀରମୋହନ.
ଛମାଣ ଅଠଗୁଣ୍ଠ ।)

ଯେ ହୁ(ହେ)ଉ—ଗ୍ରା. ଅ—୧ । ଯାହା ଘଟୁ ପଛକେ; ଯାହା ହେଉ—
Je ha(he)u 1. However. ୨ । ଯେ କୌଣସି ପ୍ରକାରେ—
ଯାଇ ହଉକ, ଯେ ହଉକ 2. Anyhow. ୩ । ଯାହା ହେବାର
जो हो ହେଉ ପଛକେ—3. Come what may.

ଯେହି(ହୁ)—ଗ୍ରା. ସର୍ବ (ସଂ. ଯଦ୍+ହି)—୧ । ଯେ; ଯେଉଁ ବ୍ୟକ୍ତି;
Jehi(hu) ଯେଉଁ ଲୋକ—1. Which person; who.
ଯେ **जोहि** (ଦ୍ର—ସ୍ୱତନ୍ତ୍ର ହୁଏ ଉଠେ ଯେହି । ଜଗନ୍ନାଥ.
ଭାଗବତ ।) ୨ । ଯେଉଁ ପ୍ରାଣୀ—2. Which animal;
whichever animal.
୩ । ଯେ କୌଣସି ବ୍ୟକ୍ତି ବା ପ୍ରାଣୀ—3. Whoever.

ଯେହ୍ନେ—ଦେ. (ପଦ୍ୟ) ଅ (ପ୍ରା.ଯେହ୍ନେ) —୧ । ଯେଉଁପରି; ଯେପରି—
Jehne ଯେମନ **जैसा** 1. As; like.
(ଯେହ୍ନେକ—ପଦ୍ୟବ୍ୟବହୃତ ରୂପ) (ଦ୍ର—ଗଜଦୈତ୍ୟ ଯୁଦ୍ଧରେ ଅଛନ୍ତି
ମନୁଆଁ, ବାଳ କାଣ୍ଡ ହୋଇ ଜଳଲେ ଯେହ୍ନେ ନିଆଁ ।
କୃଷ୍ଣସିଂହ. ମହାଭାରତ. ବନ ।)
୨ । ସତେ ପରି; ସତେ ଅବା—2. As if.

ଯେହ୍ନେକାର—ଦେ. ଅ. (ପ୍ରାଚୀନ)—ଯେହ୍ନେ (ଦେଖ)
Jehnekāra Jehne (See)
(ଦ୍ର—କାଳସର୍ପ ଗରଳ ଲହରୀ ଯେହ୍ନେକାର । ପ୍ରାଚୀ.
ରସବାରିଧି ।)

ଯୋ—ଗ୍ରା. ସର୍ବ—(ସଂ. ଯଦ୍)—ଯେ; ଯେଉଁ; ଯାହା—
Jo ଯେ **जो** What; which.
[ଯୋଇ(ହିଁ)—ଅନ୍ୟରୂପ] ବୈଦେ—ଜୋ (ଦେଖ)—Jo (See)

ଯୋଆନ୍ (ଇତ୍ୟାଦି)—ଗ୍ରା. ବ ଓ ବଣ. (ସଂ. ଯୁବା) - ଜୁଆନ୍ ଇତ୍ୟାଦି
Joān (etc) (ଦେଖ)—Juān etc (See)

ଯୋକ(କା) (ଇତ୍ୟାଦି)—ଦେ. ବ—ଜୋକ(କା) ଇତ୍ୟାଦି (ଦେଖ)
Joka(kā) (etc) Joka(kā) etc (See)

ଯୋକିଆ—ଦେ. ବ. (ସଂ. ଯୋଗ)—୧ । ଦୁଇ ମୁଣ୍ଡରେ ବଙ୍କାକାର
Jokiā ଯେଉଁ ଲୌହ କଣ୍ଟା ଦ୍ୱାରା ଲଙ୍ଗଳମୁଣ୍ଡାରେ
ଫାଳକୁ ବା ଲଙ୍ଗଳଲୁହାକୁ ଦୃଢ଼ ରୂପରେ ସଂଯୁକ୍ତ
କରାଯାଏ—1. An iron nail bent on both
ends and put over the groove of a
plough-blade to keep the ploughshare
in position. ୨ । ଜୋକିଆ (ଦେଖ)—2. Jokiā
(See)

ଯୋକ୍ତବ୍ୟ—ସଂ. ବଣ. (ଯୁଜ୍ ଧାତୁ+କର୍ମ. ତବ୍ୟ)—୧ । ଯୁକ୍ତ ହେବା
Joktabya ଯୋଗ୍ୟ—1. Fit to be joined or united.
୨ । ସମ୍ପାଦ୍ୟ—2. Performable. ୩ । ଯୋଗ-
ସାଧନ ଦ୍ୱାରା ଯୁକ୍ତ ହେବା ଯୋଗ୍ୟ—3. To be united
spirituality. ୪ । ଯୋଚି ଯିବା ଯୋଗ୍ୟ—4. Fit
to be yoked.

ଯୋକ୍ତା—ସଂ. ବଣ. ପୁଂ. (ଯୁଜ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Joktā ଯେ ଯୋଗ କରେ; ଯୋଗକାରୀ—Uniting;
(ଯୋକ୍ତ୍ରୀ—ସ୍ତ୍ରୀ) that which unites.
ବ—୧ । ରଥ ଅଶ୍ୱର ଚାଳକ—1. Driver or con-
ductor of a car. ୨ । ଯେ ପଶୁକୁ ରଥ ଅଶ୍ୱରେ
ଯୋଚେ—2. One who yokes beasts to a
plough or cart.

ଯୋକ୍ତ୍ର—ସଂ. ବ. (ଯୁଜ୍ ଧାତୁ+କରଣ. ତ୍ର)—୧ । ଯୋତି; ଲଙ୍ଗଳ-
Joktra ଦଣ୍ଡ; ଯେଉଁ ଦଉଡ଼ି ଦ୍ୱାରା ଈଷକୁ ଯୁଆଳି
ସଙ୍ଗେ ବନ୍ଧାଯାଏ—1. The rope that ties the
beam with the yoke. [ଦ୍ର—ଏହାର ଅପଭ୍ରଂଶ
ଶବ୍ଦ ଯୋତି ।] ୨ । (+ଅଧିକରଣ. ତ୍ର)—ଯୁଆଳି—
2. Yoke.

ଯୋଖ (ଇତ୍ୟାଦି)—ଦେ. ବ—ଜୋଖ ଇତ୍ୟାଦି (ଦେଖ)
Jokha (etc) Jokha etc (See)

ଯୋଖା (ଇତ୍ୟାଦି)—ଦେ. ବି. ଓ ବିଣ—ଜୋଖା ଇତ୍ୟାଦି (ଦେଖ)
Jokhā (etc) Jokhā etc (See)

ଯୋଖା(ଖେ)ଇବା—ଦେ. କ୍ରି—ଜୋଖାଇବା (ଦେଖ)
Jokhā(khe,ibā Jokhāibā (See)

ଯୋଖିବା—ଦେ. କ୍ରି—ଜୋଖିବା (ଦେଖ)
Jokhibā Jokhibā (See)

ଯୋଗ—ସଂ. ବି. (ଯୁଜ୍ ଧାତୁ=ଯୋଗ କରିବା; ଯୁକ୍ତ ହେବା+କର୍ତ୍ତୃ. ଅ)—୧ । ଧ୍ୟାନ ଓ ସାଧନାଦି ଦ୍ୱାରା (ମନୁଷ୍ୟ ଶରୀରସ୍ଥ) ଜୀବାତ୍ମା ଓ ପରମାତ୍ମାଙ୍କର ଭଗବାନଙ୍କ ସଙ୍ଗେ ମିଳନ—1. Spiritual communion of man with God; the union of a man's soul with the Divine Spirit; 'when man-in-God is one with God-in-man' (Tennyson).
Joga

[ଦ୍ର—ଭିନ୍ନ ଭିନ୍ନ ପ୍ରଣାଳୀରେ ଯୋଗ ସାଧନ କରିବା ବିଷୟ ଭଗବଦ୍ଗୀତାରେ ବର୍ଣ୍ଣିତ ହୋଇଅଛି । ପ୍ରତ୍ୟେକ ଅଧ୍ୟାୟ ଶେଷରେ ଅମୁକ ଯୋଗ ନାମ ଅମୁକ ଅଧ୍ୟାୟ ବୋଲି ଲେଖାଅଛି ।] ୨ । ତପସ୍ୟା; ଜୀବାତ୍ମା ଓ ପରମାତ୍ମାର ମିଳନ ଘଟାଇବା ପାଇଁ ଅବଲମ୍ବିତ ୮ଟି ପନ୍ଥା—2. The eight steps leading to the accomplishment of spiritual communion.

[ଦ୍ର—ଏହାର ଅନ୍ୟ ନାମ ଅଷ୍ଟାଙ୍ଗ ଯୋଗ । ଯୋଗର ଅଷ୍ଟାଙ୍ଗ ବା ଅଠ ଗୋଟି ଅଙ୍ଗ, ଯଥା—ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି ।

ଯମ ୫ଟି—ଅହିଂସା, ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଓ ସର୍ବବିଧ ଭୋଗ ପରିତ୍ୟାଗ ।

ନିୟମ ୫ଟି—ବାହ୍ୟ ଓ ଅଭ୍ୟନ୍ତର ଶୌଚ, ସନ୍ତୋଷ, ଇନ୍ଦ୍ରିୟ ନିଗ୍ରହରୂପ ତପଃ, ବେଦାଧ୍ୟୟନ, ପ୍ରଣିଧାନ ।

ଆସନ—ପଦ୍ମାସନ, ବୀରାସନ ଆଦି ବସିବାର ଢଙ୍ଗ ।

ପ୍ରାଣାୟାମ—ରେଚକ (ନାକର ଡାହାଣ ପୁଡ଼ାରେ ନିଶ୍ୱାସ ଦ୍ୱାରା ଦେହ ମଧ୍ୟରୁ ବାୟୁକୁ ଛାଡ଼ିବା), ପୂରକ (ନାକର ବାମ ପୁଡ଼ାରେ ନିଶ୍ୱାସ ଦ୍ୱାରା ଦେହ ମଧ୍ୟକୁ ବାୟୁ ପୂରାଇବା) ଓ କୁମ୍ଭକ (ଦେହରେ ପୂରାଇଥିବା ବାୟୁକୁ କିଛି କାଳ ଯକାଶେ ଦେହ ମଧ୍ୟରେ ସମ୍ଭାଳିବା) କ୍ରିୟାଦ୍ୱାରା ପ୍ରାଣବାୟୁର ସାର୍ବଭୌମ ସମ୍ପାଦନ ଓ ସ୍ଥିରୀକରଣ ।

ପ୍ରତ୍ୟାହାର—ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧାଦି ବାହ୍ୟ ବିଷୟରୁ ମନକୁ ପ୍ରତିନିବୃତ୍ତ କରାଇବା ।

ଧ୍ୟାନ—ବ୍ରହ୍ମଚିନ୍ତା ଓ ଆତ୍ମଚିନ୍ତା । ହୃଦୟରେ ବ୍ରହ୍ମଙ୍କର କଳ୍ପିତ ରୂପଗୁଣାଦି ଚିନ୍ତନ ।

ଧାରଣା—ବ୍ରହ୍ମବସ୍ତୁରେ ମନର ସ୍ଥିତି ବା କେନ୍ଦ୍ରୀଭାବ ।

ସମାଧି—ବ୍ରହ୍ମବସ୍ତୁରେ ଲୟ; 'ଅହଂ ବ୍ରହ୍ମାସ୍ମି'—ଅର୍ଥାତ୍ 'ମୁଁ ବ୍ରହ୍ମ' ଏହିରୂପ ଜ୍ଞାନରେ ଅବସ୍ଥିତି । ପରମାତ୍ମା ସହିତ ଜୀବାତ୍ମାର ମିଳନ ।

ଫଳତଃ—ଅଷ୍ଟାଙ୍ଗ ମଧ୍ୟରୁ ଶେଷ ଅଙ୍ଗ ବା ସମାଧିହିଁ ଯୋଗ ଅଟେ ଏବଂ ଏହି ସମାଧି ଅବସ୍ଥାକୁ ଲାଭ କରିବା ପାଇଁ ପୂର୍ବୋକ୍ତ ଅନ୍ୟ ୭ ଗୋଟି ସୋପାନ ଲେଉଟା ଓ ଉକ୍ତ ସୋପାନ ବାଟେ ନ ଆସିଲେ ସମାଧିରେ ପହଞ୍ଚି ପାରିବା ଅସମ୍ଭବ । ପ୍ରାଚୀନ ହିନ୍ଦୁ ମୁନି ଋଷିମାନେ ଏହି ସମାଧିଯୁକ୍ତ ଅବସ୍ଥାରେ ପହଞ୍ଚି ପରମାନନ୍ଦ ଓ ମୁକ୍ତି ଲାଭ କରୁଥିଲେ । ଏହି ଅଷ୍ଟାଙ୍ଗ ସାଧନହିଁ ଯୋଗସାଧନ । ବୌଦ୍ଧମାନେ ଏହାକୁହିଁ 'ନିର୍ବାଣ' ନାମ ଦେଇଥିଲେ ଓ ଖ୍ରୀଷ୍ଟିୟାନ୍‌ମାନେ ଆଧ୍ୟାତ୍ମିକ ସମ୍ମେଳନ 'Spiritual communion' ନାମ ଦେଇଥିଲେ । ମନକୁ ସଂସାରର ସୁଖଦୁଃଖରୁ ନିବୃତ୍ତ କରି ଚିତ୍ତର ଏକାଗ୍ରତା ଲାଭ କରିବା ଓ ମନକୁ ସଂସାରଚିନ୍ତାରୁ କାଢ଼ିନେଇ ଆତ୍ମପ୍ରସାଦରୂପ ଅନାବିଳ ଆନନ୍ଦ ଓ ଶାନ୍ତି ଭୋଗ କରିବାହିଁ ଯୋଗ । ଭାରତ ପ୍ରାଚୀନକାଳରେ ନାନାପ୍ରକାର ବିଦ୍ୟାରେ ପାରଦର୍ଶିତା ଲାଭ କରିଥିଲା । ବେଦ, ସଂହିତା, ଦର୍ଶନ, ସ୍ମୃତି, ଶ୍ରୁତି, ଜ୍ୟୋତିଷ, ଚିକିତ୍ସା, ଯୋଗ ପ୍ରଭୃତି ନାନାଶାସ୍ତ୍ର ବିଶାରଦ ହୋଇ ଭାରତ ସମଗ୍ର ଜଗତର ଗୁରୁ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତ ଜଡ଼ବିଜ୍ଞାନ ଓ ମନୋବିଜ୍ଞାନ ଉଭୟ ବିଦ୍ୟାରେ ଚୂଡ଼ାନ୍ତ ଉନ୍ନତିଲାଭ କରିଥିଲା । କାଳକ୍ରମେ ଭାରତର ଅନେକ ପୋଥି ପତ୍ର କାଳର କରାଳ ଗର୍ଭରେ ନିକ୍ଷିପ୍ତ ହୋଇଅଛି । ଯାହା କିଛି ମିଳୁଛି ତହିଁରୁ ଜ୍ଞାନର ଅନେକ ଶାଖା ପ୍ରକାଶିତ ହେଉଅଛି । ଯୋଗ ଶାସ୍ତ୍ର ହିନ୍ଦୁଶାସ୍ତ୍ରମାନଙ୍କ ମଧ୍ୟରେ ପ୍ରଧାନ ଶାସ୍ତ୍ର । ଯୋଗବିଦ୍ୟାର ଅଦ୍ଭୁତ ଶକ୍ତି ! ଯୋଗର ପ୍ରଧାନ ଉଦ୍ଦେଶ୍ୟ କ'ଣ ? ଏହା ଦ୍ୱାରା ମାନବ ପାର୍ଥିବ ସୁଖସମ୍ଭୋଗରେ ଅନାସକ୍ତ, ସାଂସାରିକ ମୋହମାୟା ପାଶରୁ ମୁକ୍ତ, ଆଧ୍ୟାତ୍ମିକ ଉତ୍କର୍ଷର ଅଧିକାରୀ, ସର୍ବଭୂତରେ ସମଦର୍ଶୀ, ସୁଖଦୁଃଖରେ ସମଜ୍ଞାନୀ, ଜିତେନ୍ଦ୍ରିୟ, ସର୍ବସିଦ୍ଧ, ନିତ୍ୟକୃପାପୂର୍ଣ୍ଣଚିତ୍ତ, ଜୀବନ୍ମୁକ୍ତ ହୁଏ, ପରମବ୍ରହ୍ମପଦପ୍ରାପ୍ତ ବା ପରବ୍ରହ୍ମରେ ଲୀନ ହୁଏ ! ଯୋଗସିଦ୍ଧି ଦ୍ୱାରା ଲୋକ ତ୍ରିକାଳଦର୍ଶୀ ଓ ସର୍ବକ୍ଷମତା ସମ୍ପନ୍ନ ହୁଏ । ଯୋଗୀ ଅସାଧ୍ୟ ସାଧନ କରେ । ଯୋଗୀ ନ କରି ପାରିବ, ଏପରି କିଛି କର୍ମ ନାହିଁ । ଯୋଗରେ ସିଦ୍ଧିଲାଭ କଲେ ଲୋକ ମେଘ, ବାୟୁ ପ୍ରଭୃତିକୁ ସ୍ତମ୍ଭନ କରି ଶୂନ୍ୟ ମାର୍ଗରେ ବିଚରଣ କରେ, ଜଳ ଉପରେ ସଞ୍ଚରଣ, ଜଳକୁ ଓ ମୃତ୍ତିକାକୁ ସ୍ତମ୍ଭନ କରି ତା ମଧ୍ୟରେ ଅବସ୍ଥିତି କରେ ଓ ଜଳ ଏବଂ ମୃତ୍ତିକା ଭିତରେ ପ୍ରବେଶ କରେ, ପର୍ବତ ଓ ଅରଣ୍ୟ ଭେଦ କରେ, ସମୁଦ୍ର ଆଦି ପାରି ହୋଇପାରେ; ମୁହୂର୍ତ୍ତକେ ନାନାସ୍ଥାନକୁ ଯାଇ ଫେରି ଆସେ , ଅଗ୍ନି ତାପ ଓ ହିମ ପ୍ରଭୃତି ସ୍ତମ୍ଭନ କରେ ଏବଂ ତା ମଧ୍ୟରେ ସ୍ଥିତି ଓ ଯାତାୟାତ କରେ, ଅନ୍ତର୍ହିତ ହୁଏ, ବିବିଧ ସୁନ୍ଦର ଓ ଭୀଷଣ ମୂର୍ତ୍ତି ଧାରଣ କରେ, ସର୍ବରୋଗ ବିମୁକ୍ତ, ତ୍ରିକାଳଦର୍ଶୀ ଓ ତ୍ରିକାଳଜ୍ଞାନୀ ହୁଏ । ଯୋଗବଳରେ ବାକ୍‌ସିଦ୍ଧି, କ୍ଷୁଧା ତୃଷ୍ଣା ସୁଖ ଦୁଃଖ ଆଦିର ବୋଧ-ରାହିତ୍ୟ, ଦୀର୍ଘଜୀବନ, ଇଚ୍ଛାମୃତ୍ୟୁ, ଇତ୍ୟାଦି ନାନା ବିଧଶକ୍ତି ଲାଭ ହୁଏ । ପ୍ରାଚୀନ ଯୋଗୀ ଋଷିମାନେ

ଯୋଗ ବିଦ୍ୟାରେ ବିଶେଷ ପାରଦର୍ଶୀ ଥିଲେ ଏବଂ ସିଦ୍ଧ ହୋଇ ଥିଲେ । ପୂର୍ବେ ଏପରି ସିଦ୍ଧ ଯୋଗୀ ଅନେକ ଥିଲେ, ମାତ୍ର ଆଜି କାଲି ସେପରି ଯୋଗୀ ସାଧାରଣ କ୍ଷେତ୍ରରେ ଦେଖାଯାଆନ୍ତି ନାହିଁ । ଆଧୁନିକ ଶିକ୍ଷିତ ସମାଜରେ ଯୋଗ ଶାସ୍ତ୍ରରେ ବିଶ୍ୱାସ ନାହିଁ ସୁତରାଂ ସାଧନା କଥା ଆଉ କଅଣ କହିବା । ଫଳରେ ଯୋଗଶାସ୍ତ୍ରର ଅବନତି ଅବଶ୍ୟଂଭାବୀ ହୋଇଅଛି ।

ପୂର୍ବେ ଅନେକ ଯୋଗୀ ଥିଲେ, ଯେଉଁମାନେ ଯୋଗ ବଳରେ ଅସାଧ୍ୟ ସାଧନ କରି ପାରୁଥିଲେ । ଯୋଗଶାସ୍ତ୍ର ସମ୍ବନ୍ଧେ ବର୍ତ୍ତମାନ ଯୁଗରେ ଇଭାନ୍ସ ସାହେବ ଖଣ୍ଡେ ପୁସ୍ତକ ଇଂରେଜି ଭାଷାରେ ପ୍ରଣୟନ କରିଛନ୍ତି । ସେ ଲେଖିଛନ୍ତି, ଭାରତର ଯୋଗଶାସ୍ତ୍ର ପ୍ରକୃତ ସତ୍ୟ ଶାସ୍ତ୍ର; ଏପରି ଶାସ୍ତ୍ର ଇଉରୋପ୍‌ରେ ନାହିଁ । ସେ ଯୋଗ ଶାସ୍ତ୍ରରେ ଆକୃଷ୍ଟ ହୋଇ ଯୋଗ ସାଧନା କରୁଅଛନ୍ତି । ତାଙ୍କ ଗ୍ରନ୍ଥରେ ଯୋଗଶାସ୍ତ୍ରର ମାହାତ୍ମ୍ୟ ଓ ଯୋଗୀର ଅଦ୍ଭୁତ କ୍ଷମତା ଅନେକ ବ୍ୟାଖ୍ୟାତ ହୋଇଅଛି । ଅତି ଅଳ୍ପ କାଳ ପୂର୍ବେ ଯୋଗୀ ତୈଲିଙ୍ଗ ସ୍ୱାମୀ ଯୋଗବଳରେ ଅଦ୍ଭୁତ ବ୍ୟାପାର ମାନ ଦେଖାଇ ଯାଇଛନ୍ତି ।

ଯୋଗ ପ୍ରଧାନତଃ ୨ ପ୍ରକାର—ହଠ ଓ ସାଂଖ୍ୟ ବା ଜ୍ଞାନ । ହଠ ଯୋଗ ଦ୍ୱାରା ଅନେକସ୍ଥଳେ ପ୍ରକ୍ରିୟା ସାଧନ କରିବାକୁ ହୁଏ, ଯଥା :—ଶୋଧନ, ଧୌତି, ବସ୍ତି, ନେତି, ଆସନ, ମୁଦ୍ରା, ବନ୍ଧ, ପ୍ରତ୍ୟାହାର, ପ୍ରାଣାୟାମ, ଯୋଗ-ଧ୍ୟାନ, ଧାରଣା, ସମାଧି । ଏସବୁ ଯୋଗର ବାହ୍ୟ ଅଙ୍ଗ ଉପାଙ୍ଗ । ଏ ସମସ୍ତ ସିଦ୍ଧିରେ ହେଲେ ଅବଶେଷରେ ଆଧ୍ୟାତ୍ମିକ ଯୋଗ ଦ୍ୱାରା ବ୍ରହ୍ମ ନିରୂପଣ, ବ୍ରହ୍ମଜ୍ଞାନ ଲାଭ, ଲୟସିଦ୍ଧି ଆଦି ଉପାୟ ଅବଲମ୍ବନ କରି ଅନାଦି ଅନନ୍ତ ଅଚିନ୍ତ୍ୟ ଅବ୍ୟକ୍ତ ପରମାତ୍ମାଙ୍କଠାରେ ଲୀନ ହେବାକୁ ହୁଏ ।

ଯୋଗ ସମ୍ବନ୍ଧେ ଅନେକ ଶାସ୍ତ୍ର ଅଛି—ଯୋଗସଂହିତା, ଶିବ ଗୀତା, ହଠପ୍ରଦୀପିକା, ଘେରଣ୍ଡ ସଂହିତା, ଗୋରକ୍ଷ ସଂହିତା, ଦତ୍ତାତ୍ରେୟ ଯୋଗ,ଷଟ୍‌ଚକ୍ର ଯୋଗାର୍ଣ୍ଣବ, ଜ୍ଞାନ ସାର, ସମ୍ମୋହନ, ତାରା ରହସ୍ୟ, ନିର୍ବାଣତନ୍ତ୍ର, ଯାମଳ । ଏସବୁ କର୍ମଯୋଗର ପ୍ରଧାନ ଶାସ୍ତ୍ର । ପାତଞ୍ଜଳ ଦର୍ଶନ, ସାଂଖ୍ୟଦର୍ଶନ, ଅଷ୍ଟାବକ୍ର ସଂହିତା, ଯୋଗ ପ୍ରଦୀପିକା, ଭଗବଦ୍‌ଗୀତା, ଜ୍ଞାନ ସଙ୍କଳନ ପ୍ରଭୃତି ଅଧ୍ୟାତ୍ମଯୋଗର ପ୍ରଧାନ ଶାସ୍ତ୍ର । ଯୋଗଶାସ୍ତ୍ର ଶିବୋକ୍ତ ବୋଲି କଥିତ । ଏହା ଛଡ଼ା ଘେରଣ୍ଡ, ବ୍ୟାସ, ଚଣ୍ଡକପାଳିକ, ଗୋରକ୍ଷନାଥ, ଆଦିନାଥ, ଅଷ୍ଟାବକ୍ର, ଦତ୍ତାତ୍ରେୟ, ପତଞ୍ଜଳି, ପୂର୍ଣ୍ଣାନନ୍ଦ, ବ୍ରହ୍ମାନନ୍ଦ ପ୍ରଭୃତି ମହର୍ଷି-ମାନେ ଅନେକ ଗ୍ରନ୍ଥ କରିଯାଇଛନ୍ତି । ଶିବ, ଦତ୍ତାତ୍ରେୟ, ପତଞ୍ଜଳି, କପିଳ ପ୍ରଭୃତି ପ୍ରାଚୀନ କାଳର । ଘେରଣ୍ଡ, ଗୋରକ୍ଷନାଥ ପ୍ରଭୃତି ମଧ୍ୟଯୁଗର । ପୂର୍ଣ୍ଣାନନ୍ଦ, ବ୍ରହ୍ମାନନ୍ଦ ପ୍ରଭୃତି ଆଧୁନିକ ଯୁଗର ।

ସ୍ୱରୋଦୟ ଶାସ୍ତ୍ର ମଧ୍ୟ ଯୋଗ ସମ୍ବନ୍ଧୀୟ । ଏହା ଦ୍ୱାରା ନାଡ଼ୀନିରୂପଣ, ପ୍ରାଣାଦିବାୟୁର ସଂସ୍ଥାନ, ସ୍ୱର ସାଧନ ପ୍ରଭୃତି ଦ୍ୱାରା ଭୂତ, ଭବିଷ୍ୟତ, ବର୍ତ୍ତମାନ, ତ୍ରିକାଳଜ୍ଞତା ଲାଭ ହୁଏ । ଏହାକୁ ପବନବିଜୟ ସ୍ୱରୋଦୟ କହନ୍ତି । ଏ ଶାସ୍ତ୍ର ମଧ୍ୟ ଶିବ-କଥିତ । ଏହା ବ୍ୟତୀତ ଅନ୍ୟାନ୍ୟ ସ୍ୱରୋଦୟ ଶାସ୍ତ୍ର ଅଛି :— ଗରୁଡ଼ ପୁରାଣୋକ୍ତ ସ୍ୱରୋଦୟ, ନରପତିଜୟଚର୍ଯ୍ୟା, ଯୋଗ, ବର୍ଣ୍ଣ ଆଦି ନାନା ପ୍ରକାର ସ୍ୱରୋଦୟ ଗ୍ରନ୍ଥଅଛି । ଏ ସମସ୍ତ ଶାସ୍ତ୍ର ଅମୂଲ୍ୟ । ଏସବୁ ଶାସ୍ତ୍ର ଚର୍ଚ୍ଚା କରିବା ପାଇଁ ଆମଦେଶର ଲୋକେ ବୀତଶ୍ରଦ୍ଧ, ମାତ୍ର ଆମେରିକା ପ୍ରଭୃତି ସମୁଦ୍ର ପରଂପାରସ୍ଥ ଦେଶର ପଣ୍ଡିତମାନେ ଏସବୁ ଶାସ୍ତ୍ର ଆଲୋଚନା କରି ତହିଁରୁ ସାର ସଂଗ୍ରହ କରୁଅଛନ୍ତି । ମୁସଲମାନମାନଙ୍କ ରାଜତ୍ୱ ସମୟରେ ଏହିପରି ଅସଂଖ୍ୟ ଯୋଗଶାସ୍ତ୍ର ଲୋପ ହୋଇଛି ଏବଂ ବର୍ତ୍ତମାନ ଯାହା କିଛି ଅବଶିଷ୍ଟ ଅଛି ତାହା ମଧ୍ୟ ଆମ୍ଭମାନଙ୍କ ଅବହେଳା ଓ ଅନାସ୍ଥା ହେତୁ ଧ୍ୱଂସ ହେଉଅଛି, ଯାହା ବା ପୁସ୍ତକ ଯେଉଁଠି ଅଛି ତାକୁ ମଧ୍ୟ ଲୋକେ କୁସଂସ୍କାରବଶବର୍ତ୍ତୀ ହୋଇ ପଦାକୁ ବାହାର କରୁନାହାନ୍ତି । ଯାହା କିଛି ଅବା ପଦାକୁ ବାହାରୁଛି ତାହା ପ୍ରତି ଲୋକଙ୍କର ଶ୍ରଦ୍ଧା ନାହିଁ ।

ଯୋଗ ଶାସ୍ତ୍ର ପାଠ କଲେ ଅନେକ ବିଷୟ ଜଣାଯାଏ, ଯଥା,—ତତ୍ତ୍ୱଜ୍ଞାନ, ଅବିଦ୍ୟା ଓ ମାୟା, ଅଭିବ୍ୟକ୍ତିବାଦ, ପ୍ରଜ୍ଞାବାଦ, ବିଜ୍ଞାନରେ ଈଶ୍ୱର, ବ୍ରହ୍ମ କଅଣ, ଜୀବ ଓ ଈଶ୍ୱର ଭେଦ, ବ୍ରହ୍ମସ୍ୱରୂପ, ଜୀବର ସ୍ୱାଧୀନତା, ଈଶ୍ୱର ଉପାସନାର ପ୍ରୟୋଜନ କଅଣ ? ଧର୍ମ କଅଣ ? ଧର୍ମ ଶକ୍ତି, ଯୋଗତତ୍ତ୍ୱ, କର୍ମ-ଯୋଗ, ସତ୍ ଓ ଅସତ୍ କର୍ମର ଶକ୍ତି, କର୍ମର ଆବଶ୍ୟକତା, ସକାମ ଓ ନିଷ୍କାମ କର୍ମ, ନିତ୍ୟକର୍ମ, ମଧ୍ୟାହ୍ନ କ୍ରିୟା, ଆହାର, ଅଧିକାରଭେଦରେ କାର୍ଯ୍ୟଭେଦ, ଅର୍ଥୋପାର୍ଜ୍ଜନ, ପରାର୍ଥ କୃତ୍ୟ, ଦାରପରିଗ୍ରହ ଓ ତତ୍‌ଶକ୍ତି, କର୍ମଯୋଗୀର ସିଦ୍ଧ ଅବସ୍ଥା, ଜ୍ଞାନ ଯୋଗ, ଜ୍ଞାନର ଉତ୍କର୍ଷ, ଜ୍ଞାନଯୋଗର ସିଦ୍ଧାବସ୍ଥା, ଭକ୍ତି ଯୋଗ, ଜ୍ଞାନ, ଭକ୍ତି ଓ ବିଶ୍ୱାସ, ବିଶ୍ୱାସ ମୂଳରେ ଈଶ୍ୱର, ଭକ୍ତିଲଭ୍ୟ ଭଗବାନ, ଭକ୍ତି ଓ ଭାବ, ପ୍ରେମ, ପ୍ରେମର ଅବଲମ୍ବନ, ପ୍ରେମର ସାଧନା, ଭକ୍ତିଯୋଗରେ ସିଦ୍ଧାବସ୍ଥା; ଯୋଗାନୁଶାସନ, ଯମ, ନିୟମ, ଆସନ ପ୍ରାଣାୟାମ, ପ୍ରାଣାୟାମ ଶିକ୍ଷାର୍ଥୀ ଉଚିତ ଜ୍ଞାତବ୍ୟ, କୁଣ୍ଡଳିନୀ, କୁଣ୍ଡଳିନୀର ବିବରଣ, କୁଣ୍ଡଳିନୀ ଶକ୍ତିର ଜାଗରଣ, ଷଟ୍‌ଚକ୍ର-ଭେଦ, ପ୍ରାଣାୟାମ ଶିକ୍ଷା କରିବାର ସହଜ ଉପାୟ, ପ୍ରତ୍ୟାହାର, ସାଧନ, ଧାରଣା, ଧ୍ୟାନ, ସମାଧି, ତ୍ରାଟକ ଯୋଗ, ଅଷ୍ଟୈ-ଶ୍ୱର୍ଯ୍ୟ, ବିଭୂତି ଲାଭ, କୈବଲ୍ୟ, ମୃତ୍ୟୁଜ୍ଞାନ, ବିନା ଔଷଧରେ ରୋଗମୁକ୍ତି ।

ଯୋଗ ଏକ ପ୍ରକାଣ୍ଡ ବିଷୟ । ସେ ସମସ୍ତର ପୁଂଖାନୁପୁଂଖ ଆଲୋଚନା ଏ ସନ୍ଦର୍ଭରେ କରିବା ଅସମ୍ଭବ । ସେ ସମସ୍ତ ବିଷୟର ସମ୍ୟକ୍ ପ୍ରକାରେ ଆଲୋଚନା ପାଇଁ ସ୍ୱତନ୍ତ୍ର ଏକ ପ୍ରକାଣ୍ଡ ପୁସ୍ତକ ହେବ । ଯୋଗର ସାଧାରଣ ଅର୍ଥ ଏକ ପଦାର୍ଥକୁ ଅନ୍ୟ ପଦାର୍ଥ ସହିତ ମିଶାଇବା । ଏକ ସଂଖ୍ୟା ସଙ୍ଗେ ଏକ ସଂଖ୍ୟା ମିଶାଇଲେ ଦୁଇ ହେବ; ଏହାକୁ ଅଙ୍କ ଶାସ୍ତ୍ରରେ ଯୋଗ କହନ୍ତି । ଯୋଗ ଶାସ୍ତ୍ରରେ ଯୋଗର ଅର୍ଥ ଜୀବକୁ ବ୍ରହ୍ମ ସଙ୍ଗେ ଯୋଗ କରିବା । ବ୍ରହ୍ମ

ଖାଣ୍ଟି ସୁନା, ଖାଦ ମିଶା ସୁନା । ଖାଦ କାଢ଼ି ନେଲେ ଜୀବ ବ୍ରହ୍ମ ଏକ । ଯୋଗ ଦ୍ୱାରା, ବହିର୍ଜଗତ୍, ଅନ୍ତର୍ଜଗତ୍, ବୌଦ୍ଧଜଗତ ଓ ଅଧ୍ୟାତ୍ମ ଜଗତ୍ ବଶୀଭୂତ ହୋଇ ବ୍ରହ୍ମଙ୍କ ସାକ୍ଷାତ୍ ହୁଏ । ଯୋଗ ତିନି ପ୍ରକାର, ୧ – କର୍ମ ଯୋଗ, ୨-ଜ୍ଞାନଯୋଗ, ୩— ଭକ୍ତିଯୋଗ । ଏଥିରୁ ଗୋଟିକ ଦ୍ୱାରା ବା ୨ଟି ଦ୍ୱାରା ବା ୩ଟି ସାଧନା କଲେ ବାଞ୍ଛିତ ଫଳ ବା ମୁକ୍ତି ଲାଭ ହେବ । ଯୋଗ ଶାସ୍ତ୍ର ଅନୁସାରେ ଅନେକ ପ୍ରକାର ଯୋଗ ଅଛି— ରାଜ ଯୋଗ, ରାଜାଧିରାଜ ଯୋଗ, ପଞ୍ଚାଙ୍ଗ ଯୋଗ, ଜପ ନିୟମ, ଅଷ୍ଟାଙ୍ଗ ଯୋଗ, ଷଡ଼ଙ୍ଗ ଯୋଗ, ହଠ ଯୋଗ, ନେତି ଯୋଗ, ଧୌତି ଯୋଗ, ନେଉଳୀ ଯୋଗ, ଗଜ-କରଣୀ ଯୋଗ, ବସ୍ତି ଯୋଗ, ନୌଳିକୀ ଯୋଗ, କପାଳ-ଭାତି ଯୋଗ, ପଞ୍ଚପରିହ ଯୋଗ ଇତ୍ୟାଦି । ଏ ସମସ୍ତ ପ୍ରକାର ଯୋଗ ଉପରୋକ୍ତ ତିନି ପ୍ରକାର ଯୋଗ ମଧ୍ୟରୁ କୌଣସି ନାଁ କୌଣସି ଗୋଟିକର ଅନ୍ତର୍ଗତ ।

ଯୋଗ ସାଧନା ବଳରେ ଯୋଗୀ ବ୍ୟକ୍ତି ବହିର୍ଜଗତ ଓ ଅନ୍ତର୍ଜଗତର ସମସ୍ତ ତତ୍ତ୍ୱ ଜାଣିପାରେ, ସବୁ ରସ ଆସ୍ୱାଦନ କରିପାରେ, ଅସାଧାରଣ କର୍ତ୍ତୃତ୍ୱ କରିବାର ଅଲୌକିକ କ୍ଷମତା ଲାଭ କରିପାରେ । ସେହି କ୍ଷମତାବଳରେ ଯୋଗୀର ବହୁ ପ୍ରକାର ଅଦ୍ଭୁତ ଓ ଅଭାବନୀୟ ଶକ୍ତି ହୁଏ, ବାକ୍‌ସିଦ୍ଧି, ଇଚ୍ଛାନୁସାରେ ଗମନାଗମନ, ଦୂରଦୃଷ୍ଟି, ଦୂର ଶ୍ରବଣ, ଅତି ସୂକ୍ଷ୍ମଦର୍ଶନ, ପରକାୟ ପ୍ରବେଶ, ଅନ୍ତର୍ଦ୍ଧାନ, ଅନ୍ତର୍ଯାମିତ୍ୱ, ଶୂନ୍ୟ ପଥରେ ଅନାୟାସରେ ଓ ଅବରୋଧରେ ବିଚରଣ, କାୟବ୍ୟୂହ ଦେହଧାରଣ, ଅଣିମା ଲଘିମାଦି ଅଷ୍ଟସିଦ୍ଧି ଲାଭ, ଦେବତ୍ୱ ଲାଭ ଓ ମୃତ୍ୟୁକାଳଜ୍ଞାନ ଲାଭ ହୁଏ । ଯୋଗ ସାଧନ-ଦ୍ୱାରା ଯୋଗୀ ବ୍ୟକ୍ତି ହୃଦୟସ୍ଥିତ ଦୀପକଳିକାର ଜୀବାତ୍ମାକୁ ମୂଳାଧାରସ୍ଥିତ କୁଣ୍ଡଳିନୀ ଶକ୍ତି ସହିତ ସୁଷୁମ୍ନା ବାଟରେ ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ ଏବଂ ଆଜ୍ଞା ନାମକ ଚକ୍ରମାନ ଭେଦ କରି ଶିରସ୍ଥିତ ଅଧୋମୁଖୀ ସହସ୍ରଦଳ ପଦ୍ମର କର୍ଣ୍ଣିକାର ମଧ୍ୟଗତ ପରମାତ୍ମା ସଙ୍ଗେ ଯୋଗ କରେ ଏବଂ ସେଠାରୁ କ୍ଷରିତ ସୁଧା ପାନ କରେ ଏବଂ ପରମାନନ୍ଦ ଓ ପରମ ଜ୍ଞାନ ଲାଭ କରେ । ଏପରି ଦର୍ଶନ ହେଲେ ଆଉ ଭଗବାନଙ୍କ ଠାରେ ଅବିଶ୍ୱାସ ରହେ ନାହିଁ । ମୁଁ କିଏ ? ଭଗବାନ କିଏ ? ଏ ଭ୍ରମ ମଧ୍ୟ ଦୂର ହୁଏ । ଉପରେ ଯେଉଁ ଚକ୍ରମାନ କୁହାଗଲା ସେଗୁଡ଼ିକ ଯଥାକ୍ରମେ ୪, ୬, ୧୦, ୧୨ ଓ ୧୬ ଦଳ ବିଶିଷ୍ଟ ।

ଯୋଗୀ ଲୋକ ଯୋଗ ସାଧନଦ୍ୱାରା ଈଶ୍ୱରଙ୍କ ସ୍ୱରୂପ ଦେଖି ପାରେ ଏବଂ ତାହାର ଦୃଢ଼ଭକ୍ତି ଓ ଅହେତୁକ ପ୍ରେମ ଜନ୍ମେ । ତେତେବେଳେ ସାଯୁଜ୍ୟ, ସାରୂପ୍ୟ, ଯେ କୌଣସି ମୁକ୍ତିଲାଭ ହୁଏ । ସେକାଳରେ ଯୋଗୀ ବ୍ୟକ୍ତି ଯେଉଁ ଶ୍ୟାମସୁନ୍ଦର ଉଜ୍ଜ୍ୱଳ ରୂପ ଦେଖେ, ସେ ଆଉ କେବେ ତାହା ଭୁଲି ପାରେ ନାହିଁ । ତେତେବେଳେ ମନେ ହୁଏ, ପୁତ୍ର, କଳତ୍ର, ଧନ, ଐଶ୍ୱର୍ଯ୍ୟ, ଦେହ, ଚନ୍ଦ୍ର, ସୂର୍ଯ୍ୟ ଇତ୍ୟାଦି କିଛି ନୁହେଁ । ତେତେବେଳେ ଯୋଗୀ ବିଶ୍ୱରୂପ ଦର୍ଶନ କରେ । ଏଥିରେ ଅବିଶ୍ୱାସ କରିବାର କଥା କିଛି ନାହିଁ । ଆମେରିକା ପ୍ରଭୃତି ଦେଶରେ ମନଃଶକ୍ତି ଦ୍ୱାରା ଆରୋଗ୍ୟ, ବିଶ୍ୱାସଦ୍ୱାରା ଆରୋଗ୍ୟ, ପ୍ରେତତତ୍ତ୍ୱ, ଯୋଗନିଦ୍ରା ପ୍ରଭୃତି ଯେଉଁ ସବୁ ଅଦ୍ଭୁତ ବିଦ୍ୟାର ପ୍ରଚଳନ ଅଛି ଏବଂ ପ୍ରତିଦିନ ଆଲୋଚନା ହେଉଛି ଏବଂ ତାଦ୍ୱାରା ବିଦେଶବାସୀମାନେ ଜଗତକୁ ମୁଗ୍ଧ କରି ପକାଉଛନ୍ତି ସେ ସବୁ ଯୋଗ ବିଦ୍ୟାର ଅନ୍ତର୍ଗତ ।

ଅଲୌକିକ ଶକ୍ତିଲାଭ ଯୋଗସାଧନର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ । କାରଣ, ତଦ୍ୱାରା ଯୋଗୀ ମାନବ ସମାଜରେ, ଦେଶ ବିଦେଶ ମଧ୍ୟରେ ବାହାଦୁରି ଲାଭ କରି ପାରେ, ମାତ୍ର ଯୋଗୀ ଯେଉଁ ମାନବ, ସେହି ମାନବ ରହିବ, ତାହାର ବ୍ରହ୍ମ ସାକ୍ଷାତ ହେବ ନାହିଁ । ସୁତରାଂ ବ୍ରହ୍ମର ସାକ୍ଷାତ ଉଦ୍ଦେଶ୍ୟରେ ଯୋଗ ସାଧନ କରିବା ଆବଶ୍ୟକ । ବିଭୂତି ଆପଣା ମନକୁ ପ୍ରକଟିତ ହେବ । ଆସକ୍ତି ଶୂନ୍ୟ ହେବାକୁ ଯାଇ ଯେପରି ଆସକ୍ତିଅଗ୍ନିରେ ଦଗ୍ଧ ନ ହେବ, ତତ୍ ପ୍ରତି ଲକ୍ଷ୍ୟ ରଖିବ ।

ଯୋଗ ସାଧନ କରିବା ପାଇଁ ଗୁରୁଙ୍କ ସାହାଯ୍ୟ ଆବଶ୍ୟକ । ଗୁରୁଙ୍କର ପ୍ରତ୍ୟକ୍ଷ ସାହାଯ୍ୟ ବ୍ୟତୀତ ସିଦ୍ଧି ଲାଭ ଦୁର୍ଘଟ ବ୍ୟାପାର । ଯୋଗ ପଥରେ ଅନେକ ବିଘ୍ନ ଅଛି । ଭଗବାନ୍ ନିଜେ କହିଛନ୍ତି "ଗୁରୁ ନ ଥାଇ ଅରଜୁନ । କାହୁଁ ହୋଇବ ସଦଜ୍ଞାନ ?"

ଯୋଗବିଦ୍ୟା ସାଧନ ଗୁରୂପଦେଶ ସାପେକ୍ଷ । ଯୋଗର ଅଙ୍ଗ ୮ —ଯଥା; ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି । ଏହି ଅଷ୍ଟାଙ୍ଗ ଯୋଗର ସାଧନା ବା ଅଭ୍ୟାସ କଲେ ମନୁଷ୍ୟ ପୂର୍ଣ୍ଣ ମନୁଷ୍ୟ ହୋଇ ସ୍ୱରୂପଜ୍ଞାନ ଲାଭ କରି ପାରିବ ।

ଯମର ଅର୍ଥ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଏବଂ ଅପରିଗ୍ରହ । ଅଭ୍ୟାସ କରି ଏଗୁଡ଼ିକ ସାଧନ କରିବାକୁ ହେବ । କାହାର ପ୍ରତି କାୟମନୋବାକ୍ୟରେ ହିଂସା କରିବ ନାହିଁ । ସର୍ବଦା ସତ୍ୟ କହିବ, ପର ଦ୍ରବ୍ୟ ଅପହରଣ କରିବ ନାହିଁ । ବ୍ରହ୍ମଚର୍ଯ୍ୟ ଧାରଣ କରିବ । ଦୁରାକାଂକ୍ଷା ପରିତ୍ୟାଗ କରିବ । ବିଳାସ ସାଧନ ଦ୍ରବ୍ୟର ଆକାଂକ୍ଷା ଏବଂ ଯାଚ୍ଞା ପରିତ୍ୟାଗ କରିବ । ବ୍ରହ୍ମଚର୍ଯ୍ୟ ବା ବୀର୍ଯ୍ୟ ଧାରଣ ସର୍ବାପେକ୍ଷା ଉତ୍କୃଷ୍ଟ ତପସ୍ୟା । ଶରୀରସ୍ଥ ଶୁକ୍ର ଧାତୁକୁ ଅବିଚଳିତ ଓ ଅବିକୃତ ରଖିବା ଉପାୟକୁ ବ୍ରହ୍ମଚର୍ଯ୍ୟ କୁହାଯାଏ । ଶୁକ୍ର ଶରୀର ରକ୍ଷାର ସର୍ବସ୍ୱ । ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦ, ମେଦରୁ ଅସ୍ଥି, ଅସ୍ଥିରୁ ମଜ୍ଜା, ମଜ୍ଜାରୁ ଶୁକ୍ରର ଉତ୍ପତ୍ତି ହୁଏ । ଶୁକ୍ର ସୌମ୍ୟ, ଶୁକ୍ଳବର୍ଣ୍ଣ, ସ୍ନିଗ୍ଧ ଏବଂ ବଳକର ଓ ପୁଷ୍ଟିକାରକ । ଏହା ସୃଷ୍ଟିର ବୀଜ ସ୍ୱରୂପ, ଶରୀରର ସାର, ଜୀବର ବା ଜୀବନର ଆଶ୍ରୟ । ରସାଦି ଶୁକ୍ର ପର୍ଯ୍ୟନ୍ତ ସପ୍ତ ଧାତୁର ତେଜକୁ ଓଜଃ କୁହାଯାଏ । ହୃଦୟ ଏହାର ପ୍ରଧାନ ଆଧାର ହେଲେ ମଧ୍ୟ ଏହା ସର୍ବଶରୀରବ୍ୟାପୀ ଏବଂ ଶରୀର

ରକ୍ଷାର ପ୍ରଧାନ ସାଧନ । ଓଜଃ ପଦାର୍ଥକୁ ବ୍ରହ୍ମତେଜଃ ବୋଲି କୁହା ଯାଏ । ପାଶ୍ଚାତ୍ୟ ପଣ୍ଡିତମାନେ ଏହାକୁ ମାନବର "magnetism" ବା ଚୁମ୍ବକଶକ୍ତି ବୋଲି କହନ୍ତି । ଓଜଃ ନଷ୍ଟ ହେଲେ ମନୁଷ୍ୟର ସୌନ୍ଦର୍ଯ୍ୟ, ଦୈହିକ ବଳ, ଇନ୍ଦ୍ରିୟମାନଙ୍କର ସ୍ଫୂର୍ତ୍ତି, ବୁଦ୍ଧି, ସ୍ମରଣଶକ୍ତି, ଧାରଣାଶକ୍ତି ପ୍ରଭୃତି ସମସ୍ତ ନଷ୍ଟ ହୋଇଯାଏ ଏବଂ ସେହି ଦେହ ଯକ୍ଷ୍ମା, ପ୍ରମେହ ପ୍ରଭୃତିରୋଗର ଆଶ୍ରୟସ୍ଥାନ ହୁଏ, ସକଳ କାର୍ଯ୍ୟରେ ଉଦାସୀନତା ଏବଂ ଜଡ଼ତା ମନୁଷ୍ୟକୁ ଆକ୍ରମଣ କରେ ଏବଂ ସେ ଅକାଳବପ୍ରୋଗରେ ପଡ଼େ । ସୁତରାଂ ଦେହରକ୍ଷା ପ୍ରଧାନ ଧର୍ମ । "ଶରୀରମାଦ୍ୟଂ ଖଳୁ ଧର୍ମସାଧନଂ" ଏ ପ୍ରବାଦ ପ୍ରାଚୀନ ଯୁଗରୁ ଅଛି । ଆଗେ ଶରୀର ରକ୍ଷା, ପରେ ଅନ୍ୟ ସବୁ କଥା । ଶରୀର ସୁସ୍ଥ ସବଳ ନ ଥିଲେ ଲୋକ ଧର୍ମ ସାଧନ କରି ପାରିବ ନାହିଁ; ସୁତରାଂ ଶରୀରରକ୍ଷା ପ୍ରଥମ କର୍ତ୍ତବ୍ୟ । ସାଧନା ଅର୍ଥ ଅଭ୍ୟାସ । କୌଣସି କାର୍ଯ୍ୟ ବାରମ୍ବାର କରିବାକୁ ଅଭ୍ୟାସ କୁହା ଯାଏ । ଥରେକେ ହେଲା ନାହିଁ, ଦିଥରକେ ହେଲା ନାହିଁ, ତିନି ଥରକେ ହେଲା ନାହିଁ ବୋଲି ନିରାଶ ହେବ ନାହିଁ । ତପସ୍ୟାର ସିଦ୍ଧି ପର୍ଯ୍ୟନ୍ତ ବରାବର ତାହା କରୁଥିବ । ବିଶ୍ୱାସ କରିବାକୁ ହେଉଥିବ ଯେ, ଦିନେ ଅବଶ୍ୟ ସିଦ୍ଧି ଲାଭ ହେବ ।

ନିୟମ କଅଣ ? ନିୟମ ବୋଇଲେ ଶୌଚ ସନ୍ତୋଷ, ସ୍ୱାଧ୍ୟାୟ ଏବଂ ଈଶ୍ୱରପ୍ରଣିଧାନ । ଶୌଚ ଅର୍ଥ ଶୁଦ୍ଧଭାବରେ ରହିବା । ଏହା ଦୁଇପ୍ରକାର; ବାହ୍ୟ ଶୌଚ ଓ ଆଭ୍ୟନ୍ତର ଶୌଚ । ଜଳ ଓ ଗୋମୟଦ୍ୱାରା ବାହ୍ୟ ଶୌଚ, ସତ୍ତ୍ୱ ଗୁଣର ବୃଦ୍ଧିକାରକ । ଆହାରଦ୍ୱାରା ଚିତ୍ତର ପରମାର୍ଜନକୁ ଅଭ୍ୟନ୍ତର ଶୌଚ କୁହା ଯାଏ । ମନରେ ସର୍ବଦା ଏହି ସଙ୍କଳ୍ପ ଥିବା ଆବଶ୍ୟକ, ମୁଁ ଈଶ୍ୱର ଉପାସନା କରିବି, ଜ୍ଞାନଲାଭ କରିବି, ପାପବନ୍ଧନରୁ ମୁକ୍ତ ହେବି । ସନ୍ତୋଷର ଅର୍ଥ ପ୍ରାଣଧାରଣର ଅନୁକୂଳ ଦ୍ରବ୍ୟର ଅତିରିକ୍ତ ତୃଷ୍ଣାତ୍ୟାଗ ; ତୃଷ୍ଣାର ତ ଅନ୍ତ ନାହିଁ, ଯେତେ ପାଇବ ସେତେ ଲାଳସା ବଢ଼ିବ; ଏହିପରି ଅତିରିକ୍ତ ଲାଳସା-ତ୍ୟାଗର ନାମ ସନ୍ତୋଷ । ଯେତିକି ହେଲେ ଜୀବନଧାରଣ ପକ୍ଷରେ ସୁଲଭ ହେବ ସେତିକି ମିଳିଲେ ହେଲା । ମାଟି ଘରେ ବାସ କରି ଜୀବନଧାରଣ କରିବାରେ କିଛି ବାଧା ନାହିଁ; କୋଠା, ପୁଣି ଦୁଇ ତିନି ମହଲା କୋଠା ପାଇଁ ବ୍ୟାକୁଳ ହେବାର ଅର୍ଥ ଅତି ତୃଷ୍ଣା; ସେପରି ଅତିତୃଷ୍ଣା ତ୍ୟାଜ୍ୟ । ପ୍ରଣବ ଏବଂ ସୂକ୍ତ ମନ୍ତ୍ରାଦି ଜପ ଏବଂ ବେଦ ଓ ଭକ୍ତିଶାସ୍ତ୍ର ପାଠ କରିବାକୁ ସ୍ୱାଧ୍ୟାୟ କୁହା ଯାଏ । ଈଶ୍ୱରପ୍ରଣିଧାନର ଅର୍ଥ ଭକ୍ତିପୂର୍ବକ ଈଶ୍ୱର ଉପାସନା । ଏହି ଉପାସନାଦ୍ୱାରା ସମାଧି ଲାଭ ହୁଏ । କାୟିକ, ବାଚକ, ମାନସିକ ସକଳ ବ୍ୟାପାରରେ ଆପଣାକୁ ଈଶ୍ୱରାଧୀନ ଜ୍ଞାନ କରି ତାଙ୍କଠାରେ ଆତ୍ମସମର୍ପଣ କରିବ ଏବଂ ଫଳର ଆଶା ନ ରଖି ଧ୍ୟାନ କରିବ । ସ୍ମରଣ, ମନନ, କୀର୍ତ୍ତନ ପ୍ରଭୃତି ଈଶ୍ୱରପ୍ରଣିଧାନ । ଈଶ୍ୱର କିଏ ? ଯାହାଙ୍କୁ କ୍ଲେଶ, କର୍ମ, ବିପାକ ଓ ଆଶୟ ସ୍ପର୍ଶ କରେ ନାହିଁ, ସମ୍ପ୍ରଦାୟ ସଂସାରୀ ଆତ୍ମା ଓ ସମ୍ପ୍ରଦାୟ ମୁକ୍ତାତ୍ମାଠାରୁ ଯେ ପୃଥକ୍ ବା ସ୍ୱତନ୍ତ୍ର ସେ ଈଶ୍ୱର ।-

ଆସନ କଅଣ ? ଯୋଗଶାସ୍ତ୍ରରେ ନାନାପ୍ରକାର ଆସନର କଥା ଉଲ୍ଲେଖ ଅଛି । ୮୪ ପ୍ରକାର ଆସନ ମଧ୍ୟରେ ସିଦ୍ଧାସନ ପଦ୍ମାସନ, ଉଗ୍ରାସନ, ସ୍ୱସ୍ତିକାସନ, ବୀରାସନ, ମଣ୍ଡୂକାସନ, କୁକ୍କୁଟାସନ, ଯୋଗାସନ, ଗୁପ୍ତାସନ, ଶବାସନ, ସିଂହାସନ, ପ୍ରଧାନ । ଏ ସବୁ ବସିବାର ଗୋଟିଏ ଗୋଟିଏ ପ୍ରକାର । ସିଦ୍ଧାସନରେ ବସିଲେ ସ୍ନାୟୁବିକାଶ ଏବଂ ସମସ୍ତ ଶରୀରରେ ତଡ଼ିତ୍ ଶକ୍ତି ଚଳାଚଳର ସୁବିଧା ହୁଏ । ପଦ୍ମାସନରେ ବସିଲେ ଯଥାବିଧାନ ପ୍ରାଣ ଓ ଅପାନ, ବାୟୁର ପୂରକ, ରେଚକ, କୁମ୍ଭକ କରିବାପାଇଁ କ୍ଷମତା ଜନ୍ମେ । ଏତଦ୍ୱାରା ଶୁଭ ଅଶୁଭ ସର୍ବପ୍ରକାର ବନ୍ଧନରୁ ମୁକ୍ତି ହୁଏ । ଉଗ୍ରାସନରେ ବସିଲେ ସକଳ ଯୋଗ-ସିଦ୍ଧିର ସମ୍ଭାବନା ହୁଏ । ସ୍ୱସ୍ତିକାସନରେ ବସିଲେ ଅଳ୍ପ ସମୟ ମଧ୍ୟରେ ବାୟୁସିଦ୍ଧି ଲାଭ ହୁଏ ଏବଂ ବାୟୁସାଧନଜନିତ କୌଣସି ବ୍ୟତିକ୍ରମ ହେଲେ ମଧ୍ୟ କୌଣସି ପ୍ରକାର ବ୍ୟାଧି ଆକ୍ରମଣ କରି ପାରେ ନାହିଁ ।

ପ୍ରଥମେ ଆସନ ସିଦ୍ଧ କରି ତା ପରେ ପ୍ରାଣାୟାମ କଲେ ତାହା ଅତି ସହଜରେ ହୁଏ । ଷୋଡ଼ଶ ପ୍ରାଣାୟାମ କଲେ ସାଧକ ପୂର୍ବଜନ୍ମ ଓ ଇହଜନ୍ମକୃତ ଜ୍ଞାନାଜ୍ଞାନକୃତ ବିବିଧପ୍ରକାର ପାପ ଓ ପୁଣ୍ୟ ବିନଷ୍ଟ କରିପାରେ । ପାପପୁଣ୍ୟର ଉଭୟ ବନ୍ଧନର ହେତୁ । ପ୍ରଭେଦ ସୁବର୍ଣ୍ଣ ଶିକୁଳି ଓ ଲୁହା ଶିକୁଳି ପରି । ପ୍ରାଣାୟାମସାଧନଦ୍ୱାରା କର୍ମବୀଜ ନଷ୍ଟ ହୁଏ । ପ୍ରାଣାୟାମ ଦ୍ୱାରା ଅଣିମାଦି ଅଷ୍ଟୈଶ୍ୱର୍ଯ୍ୟ ଲାଭ ହୁଏ । ୩ ଘଣ୍ଟାକାଳ ବାୟୁ-ଧାରଣ (କୁମ୍ଭକ) କରିବାର ଅଭ୍ୟାସ କରି ପାରିଲେ ସମସ୍ତ ଅଭିଳଷିତ ପଦାର୍ଥ ଲାଭ ହୁଏ ।

ପ୍ରାଣାୟାମର ଅର୍ଥ ପ୍ରାଣର ଆୟାମ ବା ସଂଯମ । ପ୍ରାଣାୟାମ । କ୍ରିୟା ଶ୍ୱାସପ୍ରଶ୍ୱାସର ସ୍ୱାଭାବିକ ଗତିଭଙ୍ଗ କରି ଶ୍ୱାସକୁ ଶାସ୍ତ୍ରୋକ୍ତ ନିୟମାଧୀନ କରିବା । ପଞ୍ଚତତ୍ତ୍ୱମୟ ଶରୀରରେ ୫ ତତ୍ତ୍ୱ ସୂକ୍ଷ୍ମଭାବରେ ବିଦ୍ୟମାନ ଅଛି । ତତ୍ତ୍ୱଜ୍ଞାନୀମାନେ ଏ କଥା ଜାଣନ୍ତି । ଶରୀରସ୍ଥ ସ୍ୱରୋଦୟ-ହଂସ ଜୀବଶରୀରରେ ସର୍ବଦା ଶ୍ୱାସ ବହନ କରୁଅଛି । ତଦ୍ୱାରା ଭୂତ ଭବିଷ୍ୟତ ବର୍ତ୍ତମାନ ତ୍ରିକାଳଜ୍ଞାନ ଲାଭ ହୁଏ । ପ୍ରତ୍ୟେକଥର ଶ୍ୱାସ ପ୍ରଶ୍ୱାସରେ 'ହଂସଃ' ଉଚ୍ଚାରିତ ହୁଏ । ଶ୍ୱାସ ନେଲାବେଳେ ହଂ ଏବଂ ଛାଡ଼ିଲାବେଳେ ସଃ ଉଚ୍ଚାରିତ ହୁଏ । ହଂ ଶିବ, ସଃ ଶକ୍ତି । ଶ୍ୱାସ ଟାଣି ଛାଡ଼ି ନ ପାରିଲେ ମୃତ୍ୟୁ ଘଟେ, ଅର୍ଥାତ୍ ହଂ ଶିବସ୍ୱରୂପ ବା ମୃତ୍ୟୁ । ସକାର ପ୍ରଶ୍ୱାସ ବା ଶ୍ୱାସର ତ୍ୟାଗ; ଏହା ଶକ୍ତି । ଶ୍ୱାସ ଛାଡ଼ୁଥିବା ପର୍ଯ୍ୟନ୍ତ ମୃତ୍ୟୁ ହୁଏ ନାହିଁ । ଶ୍ୱାସରୋଧ ହେଲେ ମୃତ୍ୟୁ । ଏହି ଶ୍ୱାସ ପ୍ରଶ୍ୱାସରେ ଜୀବର ଜୀବତ୍ୱ । ଦିବା ରାତ୍ରି ମଧ୍ୟରେ ୨୧ ହଜାର ୬୦୦ ଥର ଶ୍ୱାସ ପ୍ରବାହିତ ହୁଏ । ହଂସ ଜୀବାତ୍ମା, ପ୍ରାଣ ବା ଜୀବନଶକ୍ତି । ଜଗତ୍‌ସଂରକ୍ଷଣଶକ୍ତି ଶ୍ୱାସ; ତାର ସ୍ଥୂଳସ୍ୱରୂପ ଅର୍ଥାତ୍ ଶ୍ୱାସପ୍ରଶ୍ୱାସଦ୍ୱାରା ଜୀବଦେହର ସର୍ବାଙ୍ଗ ଶକ୍ତି ସଞ୍ଚାରିତ ହୁଏ । ଶ୍ୱାସପ୍ରଶ୍ୱାସ ଶକ୍ତିର ଗମନାଗମନ ପଥ । ଏହି ସ୍ଥୂଳ,

ପଥରେ ସୂକ୍ଷ୍ମଶକ୍ତିର କ୍ରିୟାକୁ ଅନୁଭବ କରିବାର ନାମ ପ୍ରାଣାୟାମ । ପ୍ରାଣଶକ୍ତିକୁ ସଂଯମ କରିବାକୁ ହେଲେ ଶ୍ୱାସକ୍ରିୟାର ସ୍ଥୂଳ ସାହାଯ୍ୟ ଆବଶ୍ୟକ । ପ୍ରାଣାୟାମ ସାଧନ କଷ୍ଟକର ଏହାକୁ ଅଳ୍ପେ ଅଳ୍ପେ ଅଭ୍ୟାସ କରିବ । ପ୍ରାଣ ବାୟୁ ବା ଅପାନ ବାୟୁକୁ ବେଗରେ ଛାଡ଼ିବ ନାହିଁ, ଖୁବ୍ ଅଳ୍ପେ ଅଳ୍ପେ ଗ୍ରହିବ । ଏହାକୁ ଶିକ୍ଷାଗୁରୁଙ୍କ ଉପଦେଶ ନେଇ ଅଭ୍ୟାସ କରିବ । ପ୍ରାଣବାୟୁ ନାକବାଟେ ବାହାର ୧୨ ଅଙ୍ଗୁଳ ପର୍ଯ୍ୟନ୍ତ ଗତି କରିବା ସ୍ୱାଭାବିକ । ବୁଢ଼ା ଅଙ୍ଗୁଠିଦ୍ୱାରା ଦକ୍ଷିଣ ନାସାପୁଟ ଅଳ୍ପ ଚାପି ଧରି ବାମ ନାସିକାଦ୍ୱାରା ଯଥାଶକ୍ତି ବାୟୁ ଟାଣିନେବ ଏବଂ କିଛି ମାତ୍ର ସମୟ ବିଶ୍ରାମ ନ କରି ବାମ ନାସିକାକୁ ଅନାମିକା ଓ କନିଷ୍ଠା ଦ୍ୱାରା ବନ୍ଦକରି ଦକ୍ଷିଣ ନାସିକାଦ୍ୱାରା ବାୟୁକୁ ରେଚନ କରିବ ଅର୍ଥାତ୍ ଛାଡ଼ିଦେବ । ପୁନଶ୍ଚ ଦକ୍ଷିଣ ନାସାଦ୍ୱାରା ବାୟୁ ଗ୍ରହଣ କରି ବାମ ନାସିକା ଦ୍ୱାରା ଛାଡ଼ିଦେବ । ଦିନରାତି ମଧ୍ୟରେ ୪ ଥର ଏପରି କରିବ । କେତେଦିନ ପର୍ଯ୍ୟନ୍ତ ଏପରି କଲେ ନାଡ଼ି ଶୋଧନ ହେବ । ଏଥିରେ ସିଦ୍ଧ ହେବାକୁ ମାସେ ଦେଢ଼ ମାସ ସମୟ ଲାଗି ପାରେ । ଏହାହେଲେ ଦେହ ହାଲୁକା ହେବ, ନିଦ୍ରା, ଆଳସ୍ୟ, ଜଡ଼ତା ଦୂର ହେବ; ତେବେ ଜଣାଯିବ ଯେ ନାଡ଼ି ଶୋଧିତ ହେଲା । ତତ୍ପରେ କିଛି କିଛି ଅଲୌକିକ ବ୍ୟାପାର ଦେଖାଯିବ । ଏହାପରେ ପ୍ରାଣାୟାମର ଅନ୍ୟାନ୍ୟ ପ୍ରକ୍ରିୟା ଅଭ୍ୟାସ କରିବ। ପୂରକ, ରେଚକ, କୁମ୍ଭକ । ଏ ସବୁ ସାଧନା କେବଳ ଶାସ୍ତ୍ର ପଢ଼ି ହୋଇ ପାରିବ ନାହିଁ, ଉପଯୁକ୍ତ ଗୁରୁଙ୍କଠାରୁ ଉପଦେଶ ନେଇ ଏହା ଅଭ୍ୟାସ କରିବ ।

ପୂର୍ବେ କୁହାଯାଇଅଛି, ନିଶ୍ୱାସର ସ୍ୱାଭାବିକ ଗତି ନାକପାଖରୁ ୧୨ ଅଙ୍ଗୁଳ । ସେଥିରୁ ବେଶି ହେଲେ ଜାଣିବ ଯେ, ପ୍ରାଣର କ୍ଷୟ ହେଉଛି ବା ଜୀବନୀଶକ୍ତିର କ୍ଷୟ ହେଉଛି । ଯେତେବେଳେ କୌଣସି କାର୍ଯ୍ୟ କରିବ, ସେତେବେଳେ ନିଶ୍ୱାସର ଗତି ୧୨ ଅଙ୍ଗୁଳରୁ ବେଶି ହେଲେ ଜାଣିବ, ଜୀବନୀଶକ୍ତିର କ୍ଷୟ ହେଉଛି । ପ୍ରାଣାୟାମଦ୍ୱାରା ଏହି ଅସ୍ୱାଭାବିକ କ୍ଷୟକୁ ସଂଯତ କରିବାକୁ ହେବ । ମୈଥୁନଦ୍ୱାରା ଯେ ଜୀବନୀଶକ୍ତି କ୍ଷୟ ହୁଏ ତାର ମଧ୍ୟ ଏହି କାରଣ । ମୈଥୁନ ବେଳେ ନିଶ୍ୱାସର ଦୀର୍ଘତା ହୁଏ । ଯେଉଁମାନଙ୍କର ଦୌର୍ବଲ୍ୟ ରୋଗ ଜନ୍ମିଛି ସେମାନଙ୍କ ନିଶ୍ୱାସ ପ୍ରଶ୍ୱାସ ଅତି ଘନ ଘନ ହୁଏ ଏବଂ ୮୦ ଅଙ୍ଗୁଳ ପର୍ଯ୍ୟନ୍ତ ଯାଏ; ସୁତରାଂ ସେମାନଙ୍କ ମୃତ୍ୟୁ ଅତି ନିକଟ । ପ୍ରାଣାୟାମଦ୍ୱାରା ଏହି ନିଶ୍ୱାସକୁ ସବୁ ସମୟରେ ବାର ଅଙ୍ଗୁଳମଧ୍ୟରେ ରଖିବାକୁ ହେବ । ପ୍ରାଣାୟାମର ଉଚ୍ଚାବସ୍ଥାରେ ଯୋଗୀ ଏକାବେଳକେ ବାୟୁକୁ ନିରୋଧ କରି କିଛିଦିନ କଟାଇ ପାରେ । ପ୍ରାଣାୟମ ପୂର୍ବରୁ ନାଡ଼ିଶୋଧନ ନିତାନ୍ତ ଆବଶ୍ୟକ । ହଠଯୋଗଦ୍ୱାରା ଯେଉଁ ନାଡ଼ୀଶୋଧନର ବ୍ୟବସ୍ଥା ଅଛି, ଅର୍ଥାତ୍ ନେତି ଧୌତି ପ୍ରଭୃତି ବହିଃକ୍ରିୟା, ତାହା ସବୁ ଗୃହୀ ପକ୍ଷରେ ବଡ଼ କଷ୍ଟସାଧ୍ୟ । ଅନ୍ତର ପ୍ରୟୋଗଦ୍ୱାରା ଯେପରି ନାଡ଼ୀ ଶୋଧନ ହୁଏ, ତାହା ପୂର୍ବେ କୁହା ଯାଇଛି । ତାହା ସମସ୍ତଙ୍କ ପକ୍ଷରେ ସୁଲଭ । ପରମଯୋଗୀ ଶଙ୍କରାଚାର୍ଯ୍ୟଙ୍କ ମତରେ ତାହାହିଁ ପ୍ରଶସ୍ତ ଓ ସହଜ ।

ଜୀବର ଜୀବନୀଶକ୍ତିକୁ ବା ଶକ୍ତିକେନ୍ଦ୍ରକୁ କୁଣ୍ଡଳନୀ କୁହାଯାଏ । କୁଣ୍ଡଳନୀର ସ୍ଥାନ କେଉଁଠି ? ମେରୁଦଣ୍ଡ ମଧ୍ୟରେ ଇଡ଼ା ଓ ପିଙ୍ଗଳା ନାମରେ ୨ଟି ସ୍ନାୟବୀୟ ଶକ୍ତି-ପ୍ରବାହ ଅଛି ଏବଂ ମେରୁଦଣ୍ଡସ୍ଥ ମଜ୍ଜା ମଧ୍ୟରେ ସୁଷୁମ୍ନା ନାମରେ ଗୋଟିଏ ଶୂନ୍ୟ ନାଳୀ ଅଛି; ଏହି ଶୂନ୍ୟନାଳୀର ନିମ୍ନରେ କୁଣ୍ଡଳନୀର ଆଧାରଭୂତ ପଦ୍ମ ଅବସ୍ଥିତ । ଏ ପଦ୍ମ ତ୍ରିକୋଣାକାର ଏବଂ ଚତୁର୍ଦ୍ଦଳ ବିଶିଷ୍ଟ । ତାହାର ଆକୃତି ସର୍ପପରି ।

ପଶ୍ଚିମାଭିମୁଖୀ ଯୋନିଃ ଗୁଦମେଢ୍ରାନ୍ତରାଳଗା
ତତ୍ର କନ୍ଦଂ ସମାଖ୍ୟାତଂ ତତ୍ରାସ୍ତି କୁଣ୍ଡଳୀ ସଦା ।
ସଂବେଷ୍ଟ୍ୟ ସକଲା ନାଡ଼ୀଃ ସାର୍ଦ୍ଧତ୍ରିକୁଟିଳାକୃତିଃ
ମୁଖେ ନିବେଶ୍ୟ ସା ପୁଚ୍ଛଂ ସୁଷୁମ୍ନା ବିବରେ ସ୍ଥିତା ।

ପ୍ରାଣାୟାମଦ୍ୱାରା ଏହି କୁଣ୍ଡଳନୀ ଜାଗ୍ରତା ହୁଏ । ଏ ସବୁର ବିଶଦ ବିବରଣ ଜାଣିବା ପାଇଁ ଯୋଗଶାସ୍ତ୍ର ପାଠ କରିବାକୁ ହେବ । ଏ କ୍ଷୁଦ୍ର ସନ୍ଦର୍ଭରେ ତାହାର ସବିଶେଷ ଆଲୋଚନା ଅସମ୍ଭବ । ପାଠକମାନଙ୍କ ଚିତ୍ତାକର୍ଷଣ ଲାଗି ଠିକେ ଟିକେ କେତେ କଥା କହିଲୁଁ । ପାଠକଙ୍କର ଯୋଗବିଦ୍ୟା ପ୍ରତି ଶ୍ରଦ୍ଧା ଜନ୍ମିଲେ ସେମାନେ ଗୁରୁଙ୍କ ସାହାଯ୍ୟରେ ଯୋଗଶାସ୍ତ୍ର ପାଠ ଓ ସାଧନ କରିବେ ।

ପବନବିଜୟ ସ୍ୱରୋଦୟ ଗ୍ରନ୍ଥରେ ଇଡ଼ା, ପିଙ୍ଗଳା; ସୁଷୁମ୍ନାକୁ ଯଥାକ୍ରମେ ଗଙ୍ଗା,ଯମୁନା, ସରସ୍ୱତୀ ବୋଲି କୁହାଯାଏ । ବାମ ନାସା ଇଡ଼ା, ଦକ୍ଷିଣନାସା ପିଙ୍ଗଳା,ଇଡ଼ାକୁ ଚନ୍ଦ୍ରନାଡ଼ୀ ଏବଂ ପିଙ୍ଗଳାକୁ ସୂର୍ଯ୍ୟନାଡ଼ୀ କୁହାଯାଏ । ପ୍ରତି ନାସାରେ ୧୯ ଘଣ୍ଟା ବା ୨ ଘଡ଼ି ନିଶ୍ୱାସ ବହେ । ବାମ ନାସାରେ ନିଶ୍ୱାସ ଯାଉଥିଲାବେଳେ ଭୋଜନ କଲେ ରୋଗ ହେବ । ଦକ୍ଷିଣ ନାସାରେ ନିଶ୍ୱାସ ଯାଉଥିଲାବେଳେ ସ୍ନାନଭୋଜନ କରିବ । ଏପରି କଲେ ଅନ୍ନ ସହଜରେ ଜୀର୍ଣ୍ଣ ହେବ, ରୋଗ ହେବ ନାହିଁ । ବାମ ଅଙ୍ଗ ମାଡ଼ି ଶୋଇବ, ଅଙ୍ଗ ଲେଉଟାଇବ ନାହିଁ । ଅଳ୍ପ ଶୋଇବ । ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତମଧ୍ୟରେ ପରିମିତ ଆହାର କରିବ । ରବି, ଶନି, ଗୁରୁ ଓ ମଙ୍ଗଳବାର ରବିସ୍ଥଳ । ଏ ବାରମାନଙ୍କରେ ଶାଧୋଇବ । ଏ ବାର ମାନଙ୍କରେ ମଧ ଯାତ୍ରା ଶୁଭ । ଏ ବାର ମାନଙ୍କରେ ରତିକ୍ରିୟା ନିଷିଦ୍ଧ । ସୋମ,ବୁଧ,ଶୁକ୍ରବାର ଚନ୍ଦ୍ରସ୍ଥଳ । ଏ ବାର-ମାନଙ୍କରେ ସ୍ନାନ କରିବ ନାହିଁ ଓ ଏଥିରେ ଯାତ୍ରା ଅଶୁଭ । ଏ ବାରମାନଙ୍କରେ ରତିକ୍ରିୟା କରାଯାଇ ପାରେ ।

ଶରୀରବିଜ୍ଞାନ ସମ୍ବନ୍ଧରେ ଓଡ଼ିଆରେ ଅନେକ ପୁସ୍ତକ ଅନେକ ସାଧକ ଲେଖିଯାଇଛନ୍ତି । ଅଚ୍ୟୁତାନନ୍ଦ ଦାସ ଓ ଜଗନ୍ନାଥ ଦାସ ପ୍ରଭୃତି ମହାପୁରୁଷମାନେ ଏ ବିଷୟରେ ଅନେକ ପୁସ୍ତକ ଲେଖି ଯାଇଛନ୍ତି । ଅଚ୍ୟୁତାନନ୍ଦଙ୍କ ଦ୍ୱାଦଶ ପଟଳ, ଚଉଦଶ ପଟଳ,ଜଗନ୍ନାଥ ଦାସଙ୍କ ତୁଳାଭିଣା,

ବଳରାମ ଦାସଙ୍କ ବ୍ରହ୍ମାଣ୍ଡ ଭୂଗୋଳ, ଗୁପ୍ତଗୀତା, ଚନ୍ଦ୍ରମଣି ଦାସଙ୍କ ସୁଧାସାର ଗୀତା ଦ୍ରଷ୍ଟବ୍ୟ । ଗୁପ୍ତ ଭାଗବତ, ବିରାଟଗୀତା, ଅମରକୋଷ ଗୀତା, ଅଗତ ଭବିଷ୍ୟ, ଅଷ୍ଟ-ଗୁହ୍ୟରୀ, ଗରୁଡ଼ଗୀତା, ଅମରଯୁମର, ଚୈତନ୍ୟ ଗୀତା, ମହାମଣ୍ଡଳଗୀତା, ଅଷ୍ଟକ ବିହାରୀ ଗୀତା, ସଂସାରସାର ଗୀତା, ଜ୍ଞାନ ପରତେ ଚୂଡ଼ାମଣି, ଏ ସବୁ ପୁସ୍ତକରେ ଶରୀରବିଜ୍ଞାନ ବିଷୟରେ ଅନେକ କଥା ଲେଖାଅଛି, ଶରୀର ମଧ୍ୟସ୍ଥ ନାଡ଼ୀ ସଂଖ୍ୟା, ଇଡ଼ା ପିଙ୍ଗଳା ପ୍ରଭୃତି ବିଷୟ ବିଶଦ ଭାବେ ଲେଖା ଅଛି । ଶରୀରକୁ ବ୍ରହ୍ମାଣ୍ଡ ସଙ୍ଗେ ତୁଳନା କରା-ଯାଇଛି, ଶରୀର ମଧ୍ୟରେ ୩୫୦୦୦୦ ନାଡ଼ି ଅଛି ତହିଁ ମଧ୍ୟରୁ ୧୪ ନାଡ଼ି ପ୍ରଧାନ—ସୁଷୁମ୍ନା, ଇଡ଼ା, ପିଙ୍ଗଳା, ଗାନ୍ଧାରୀ, ହସ୍ତିଜିହ୍ୱା, କୁହୁ, ସରସ୍ୱତୀ, ପୁଷା, ସଙ୍ଖିନୀ ପୟସ୍ୱିନୀ, ବାରୁଣୀ, ଅଲମ୍ବୁଷା, ବିଶ୍ୱୋଦରୀ, ଯଶସ୍ୱିନୀ, ଏଥି ମଧ୍ୟରେ ଇଡ଼ା ପିଙ୍ଗଳା ସୁଷୁମ୍ନା ସର୍ବପ୍ରଧାନ । ଏହା ଶରୀରର ପ୍ରଧାନ ଅଂଶ ଏଥିରେ ଜୀବନୀ ଶକ୍ତି ଅଛି । ଏ ସବୁ ବିଷୟରେ ଓଡ଼ିଆ ଭାଷାରେ ବହୁତ ପୁସ୍ତକ ଅଛି । ଶରୀର, ମନ, ପଞ୍ଚେନ୍ଦ୍ରିୟ, ପଞ୍ଚ ପ୍ରକୃତିକି ନାନା ଆକାର ଓ ଉପମାଦେଇ ଗ୍ରନ୍ଥକାରମାନେ ବୁଝାଇ ଦେଇଛନ୍ତି ।

ଆମ ସାଧାରଣ କଥାରେ କହନ୍ତି, ପାଞ୍ଚମନ ପଚିଶ ପ୍ରକୃତି । ପାଞ୍ଚମନ କଅଣ ? ସତ୍ୟମନ, ଆନନ୍ଦମନ, ଚଞ୍ଚଳମନ, ଉଚିତ ମନ, ଧୀରମନ । ପ୍ରତ୍ୟେକ ମନର ୫ଟି ଲେଖାଏଁ ପ୍ରକୃତି । ରାଗ, ତମ, ହିଂସା, ଅହଂକାର, କାମ, ମାୟା, ମୋହ, ଅବିଶ୍ୱାସ, କ୍ରୋଧ, କୁଟିଳତା; ଲମ୍ପଟ, କପଟ, ଛନ୍ଦ, ଲୋଭ, ମାନ; ମଦନ, ଖଳ, ଦୁର୍ଜନ, ଅଳସ, ବଇରି; ଦାମ୍ଭିକ, ନାସ୍ତିକ, ମାନ, ମଦନ, ମତ୍ସର;=୨୫ । ଗଡ଼ନାୟକ= ମନ, ୫ ଦଳେଇ=୫ ମନ, ଦୟାଳୁ ସୁସାଧୁ ବିବେକ= ମନ୍ତ୍ରୀ, କୃପାସିନ୍ଧୁ=କଟୁଆଳ, ମାର୍ଜାର=କାଳ, ମୂଷା= ମନ, ନ୍ୟାୟ ମୀମାଂସା ଆଦି=ବେବର୍ତ୍ତା, ତ୍ରିକୂଟଗଡ଼ର ୪ଦ୍ୱାର; ଯଥା—ସତ୍ୟ, ଶାନ୍ତି, ଦୟା, କ୍ଷମା, ୪ ବେଦ= ୪ କବାଟ, ୬ ତତ୍ତ୍ୱ=ଗୁରୁଜ, ୧୬ ଡମ୍ବରୁ କାହାଳୀ ବାଘମୁହାଁ କଳଶିଲୁକ, ୬ ରଥୀ=କହନ୍ତା, ବହନ୍ତା, ଶୁଣନ୍ତା, ଦେଖନ୍ତା, ଚେତା, ଚଇତନ । ମେଢ଼ ଅଟାଳ= ଦାନ ମହତ୍ତ୍ୱ କ୍ଷମା ଆଦି । ଖଣ୍ଡା ଖଣ୍ଡୁଆର=ଧ୍ୟାନ ଧାରଣା ସମାଧି ଯୋଗ । ସୁଶୀଳ ପଣ୍ଡିତ=ବିବେକ ମହତ ଧୀର ଗମ୍ଭୀର ଆଦି । ଶୂର ଦରେଜାରେ ଦ୍ୱାର ଜଗିଥିବେ ବରତନ ଖାଇ ନିତ୍ୟେ । ପୂର୍ବପୁଣ୍ୟ=ଖଣ୍ଡା ତରବାର ଢାଲ ଚକ୍ର କାଣ୍ଡ । ଓଡ଼ିଆ ସାଧକମାନେ ଏସବୁର ରୂପକ ବର୍ଣ୍ଣନା କରିଛନ୍ତି, ଦୃଷ୍ଟାନ୍ତ ଦେଖନ୍ତୁ—

ସୁବର୍ଣ୍ଣ କାହାଳୀ ବାଘମୁହାଁ ଫେର ବଜ୍ରର କବାଟ ପାଢ଼ି,
ଆର ବାଦ୍ୟମାନ ବଜାଇ ଆନନ୍ଦେ ଦେଉଥିବେ ସିଂହ
ରଡ଼ି ।
ସୁପୁଣ୍ୟ କର୍ମକୁ ଦଉଡ଼ି କରିଣ ନ୍ୟାୟ ପଥରକୁ ଉଡ଼ି,
ଭକ୍ତି ସେବାକାରୀ ଯେତେକ ଅଟନ୍ତି ବସିଥିବେ ଦ୍ୱାର ମାଡ଼ି ।
ପ୍ରେମୋଦ୍ଗମ ପ୍ରେମ ପୁଲକିତ ଆଦି ଅଶ୍ରୁପାତ ଭକ୍ତି ସ୍ତୁତା,
ମୁକ୍ତିମାନଙ୍କର ସ୍ଥାନ ସେ ଅଟନ୍ତି ଅସ୍ୱଜ୍ଞାନ ସୁଖଦାତା ।
ମାର ମାର ଧ୍ୱନି ଡାକ ପଡ଼ୁଥିବ ନିର୍ବଳ ନୋହିବ ବଳ,
ସଂଗ୍ରାମକାଳେ ଉଚ୍ଚ ଉଚ୍ଚ ନୋହିବୁ ଶୁଣ ତୁ ନୃପତି ଇନ୍ଦ୍ର ।
ସଂସାରିକ ଜନେ ଇନ୍ଦ୍ରିୟ ବୁଝିରେ ହେଉଥାନ୍ତି ଅତଙ୍କିତ,
ଏ ଗାଉଁ ଯାଇଣ ସେ ଗାଡ଼େ ପଶନ୍ତି ବେପାରି ଜନଙ୍କ
ମତ ।

ଜୀବ ପରମ ଏକଇ ଅକ୍ଷର, ନାମ ଏକା ଦୁଇ ଅକ୍ଷର । ହଂସ, ହକାରୁ ଜାତ ସକାର ଅସ୍ତ୍ର, ହଂସ ନିଜ ନାମ ଜପୁଛି, ସୋହୋର ନାମ ମୁହିଁ ଭଜୁଥାଇଁ, ଏହା ନ ଜାଣନ୍ତି ସଂସାରରେ କେହି ।

ବାହାରେ ବାର ସେ ଭିତରେ ବାର
ବାର ଭିତରୁ ସେ ବାର ବାହାର ।
ବାର ଭିତରେ ସେ ଅଟଇ ଭିନ
ବାର ପ୍ରକାରରେ ସେ ତାହାକୁ ଚିହ୍ନି ।
ବାରକୁ ବାର ପାଲଟାଇ ଆସି
ଏହା ବାରଘର ବାହାରେ ବସି ।
ବଇରେ ଜ୍ୟୋତିରେ ପୁରୁଷ ଏହି
ବାରତନାକୁ ବିରତି ଅଟଇ ।

ଶରୀରକୁ ଫୁଙ୍କାବନ୍ଧ ବୋଲି ବର୍ଣ୍ଣନା କରା ଯାଇଛି । "ପବନ ପକ୍ଷୀ ସେ ରହିଛି ମୋଟେ, ରହିଛି ବନ୍ଧ ସେ ତାହାର ଅଣ୍ଟେ" । ଗାୟତ୍ରୀକି ଗାଈ ବୋଲି ବର୍ଣ୍ଣନା କରା ଯାଇଛି, ପ୍ରାତଃକାଳରେ ତାର ବର୍ଣ୍ଣ ଆରକ୍ତ, ମଧ୍ୟାହ୍ନରେ ସ୍ଫଟିକ, ସନ୍ଧ୍ୟାରେ ନୀଳବର୍ଣ୍ଣ, ସକଳ ସମୟରେ ଧବଳବର୍ଣ୍ଣ । ତାର ୨ ବଦନ, ୬ପାଦ, ୧୬ତେର, ୧୬ ବସ୍ତ୍ର, ୮କଳାରେ ବନ୍ଧା ୮ ପାଶ । ତ୍ରିବେଣୀ ମଧ୍ୟରେ ଗୁହାଳ ୯ ଦ୍ୱାର, ଚେରୁଆ ଗଉଡ଼ । "ସମୁଦ୍ର ମଧ୍ୟରେ ଉବଜ ଲୋଭ ମଧୁର ବହୁତ ତୃଣ ଚରଇ, ବାଛୁରି ଘେନି ଉନପୁର ଖେପଇ ଗଉଡ଼କୁ ମାନଇ ନାହିଁ" । ପୁନଶ୍ଚ କହିଛନ୍ତି "ସବୁ ଧର୍ମକୁ ମନହିଁ କରତା, ମନ ପୂଜାହାର ମନ ଦେବତା" । ମନ ଯେଉଁ ଦେଉଳ ମଧ୍ୟରେ ଅଛି ତାର ପ୍ରମାଣ ୧୪ ତାଳ । ୧ ତାଳ=୬ ଅଙ୍ଗୁଳି । ଦେଉଳରେ ୯ ଦ୍ୱାର । ଏହିପରି ନାନାପ୍ରକାରର ସୂଚନାତ୍ମକ ଓ ଲକ୍ଷଣାର୍ଥକ ବର୍ଣ୍ଣନା ଦେଖା-ଯାଏ । ଜୀବକୁ ହରିଣୀ ବୋଲି ବର୍ଣ୍ଣନା କରାଯାଇଛି । ଏହାକୁ ସାଧାରଣରେ ଶରୀରଭେଦ ବୋଲାଯାଏ ।

ଯୋଗ ଶାସ୍ତ୍ରର ଏହି ସଂକ୍ଷିପ୍ତ ପରିଚୟ ଦିଆଗଲା । ଯେଉଁ-ମାନେ ଏ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ଗୁରୁଙ୍କ ଠାରୁ ଉପଦେଶ ନେଇ ଶାସ୍ତ୍ର ଅଧ୍ୟୟନ ପୂର୍ବକ ସାଧନା କରିବେ । ଏ ଶାସ୍ତ୍ରକୁ ଖାଲି ପଢ଼ିଲେ କିଛି ଲାଭ ନାହିଁ । ଯୋଗବିଦ୍ୟା ସାଧନମୂଳକ ବିଦ୍ୟା । ଯୋଗଶାସ୍ତ୍ରର ସତ୍ୟତା ସାଧନ ଦ୍ୱାରା ପରୀକ୍ଷିତ ହୋଇ ପାରିବ । ଏ ବିଦ୍ୟା ଅସାଧ୍ୟ ନୁହେଁ, ମାତ୍ର ସାଧନ ଲାଗି ଧୈର୍ଯ୍ୟ ଅବଶ୍ୟକ । ଆଜିକାଲି ସମ୍ମୋହନ ବିଦ୍ୟା ପରୀକ୍ଷିତ

ହୋଇଛି । ଇଂରେଜରେ ହିପ୍‌ନଟିଜ୍‌ମ୍ ବା ମେସ୍‌ମେରିଜ୍‌ମ୍ ଯାହା, ସମ୍ମୋହନ ବିଦ୍ୟା ତାହା । ସମ୍ମୋହନ ବିଦ୍ୟା ଦ୍ୱାରା ଅତ୍ୟାଶ୍ଚର୍ଯ୍ୟଜନକ ବ୍ୟାପାର ଦେଖା ଯାଉଛି । ଏହା ହାଠକ ଯୋଗ । ହାଠକ ଯୋଗଦ୍ୱାରା ଅଶିର ସ୍ଥୈର୍ଯ୍ୟ ଆସେ । ଅଶିର ଏହି ଶକ୍ତି ଆସିଲେ ଯାହାକୁ ଚାହିଁବ ସେ ଆୟତ୍ତ ହେବ, ଯାହାକୁ ଆୟତ୍ତ କରାଯିବ, ତାକୁ ଯାହା କହିବ ସେ ତାହା କରିବ । ଏହା ପ୍ରତ୍ୟକ୍ଷରେ ଦେଖା ଯାଉଛି । ଏଥିରେ ପାଶ୍ଚାତ୍ୟ ଦେଶରେ ସାଧନା ଲାଗିଛି । ସେମାନେ ଯାହା ସୂଚନା ପାଇଲେ ତାକୁ କାର୍ଯ୍ୟରେ ପରିଣତ କରିବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି । ସୁତରାଂ ସେମାନେ ଉନ୍ନତ । ଆମ୍ଭେମାନେ ଶାସ୍ତ୍ରକୁ ବିଶ୍ୱାସ କରୁ ନ ଥାଉଁ, କିମ୍ବା ସାଧନା ପାଇଁ ଆମ୍ଭମାନଙ୍କର ଧୈର୍ଯ୍ୟ ନାହିଁ, ସୁତରାଂ ଆମ୍ଭେମାନେ ଅନୁନ୍ନତ । ଆମ ଘରେ ପୋଥି ଅଛି ସତ୍ୟ, ମାତ୍ର ତାହା ପୋଥିବାଇଗଣ । ଆମ୍ଭେମାନେ ତାକୁ ବାଛି ବାଇଗଣ କରି ପାରୁ ନ ଥାଉଁ, ସୁତରାଂ ଆମ ଦେଶରେ ପାଠକମାନଙ୍କୁ ଅନୁରୋଧ, ସେମାନେ କୌଣସି ଶାସ୍ତ୍ରକୁ ଅବିଶ୍ୱାସ ନ କରି ତହିଁର ସତ୍ୟତା ଉପଲବ୍ଧି କରିବା ପାଇଁ ବ୍ରତୀ ହୁଅନ୍ତୁ ।

ଏ ବିଷୟରେ ଅନେକ ଭଜନମାନ ଅଛି । ମହାପୁରୁଷ ଅର୍ତ୍ତ ଦାସ, ହାଡ଼ି ଦାସ ପ୍ରଭୃତିଙ୍କର ରଚିତ ଭଜନ ଅଛି । ସେମାନେ ମଧ୍ୟ ସେହିପରି ପ୍ରଚ୍ଛନ୍ନ ଭାଷାରେ ବା ଠାରଠୁରରେ ଲେଖିଛନ୍ତି । "ଓଲଟ ବୃକ୍ଷେ ଫଳୁଛି ଲୋଟଣି ପାରି । ଅଠା କାଠି ପଞ୍ଜୁରିରେ ନ ପଡ଼େ ଧରି । ଅମୁହାଁ ଦେଉଳେ ଦିଅଁ ଅଛନ୍ତି । ଅମାବାସ୍ୟା ନିଶିରେ ଚନ୍ଦ୍ର ଉଦୟ" ଇତ୍ୟାଦି ପ୍ରକାରେ ଲେଖାଅଛି । ଶୂନ୍ୟ ଭଜନ, ଅଜପା ଜପିବା, ଅମପା ମାପିବା, ଅବନା ବନିବା ପ୍ରଭୃତି ନାନା କଥା ସେ ପୁସ୍ତକରେ ଦେଖିବାକୁ ମିଳେ । ଏ ସମସ୍ତ 'ଶରୀରଭେଦ' କଥା । ଶରୀର ଭିତରର ସକଳ ବିଷୟ ଏଥିରେ ବର୍ଣ୍ଣିତ ଅଛି । ଏପରି ପ୍ରଚ୍ଛନ୍ନ ଲେଖା ପୁସ୍ତକ ଓଡ଼ିଆରେ ବହୁତ ଅଛି ।

[ସନ୍ଦର୍ଭ ଲେଖକ—
ଶ୍ରୀ ଜଗବନ୍ଧୁ ସିଂହ ।]

୩ । ମିଳନ; ଐକ୍ୟ; ସଙ୍ଗତି—3. Union; conjunction; meeting together; joining. ୪ । ଧ୍ୟାନ—Religious meditation; profound religious abstraction; concentration of mental powers. ୫ । ଦୃଢ଼ ସମ୍ପର୍କ—5. Firm connection; contact. ୬ । କାର୍ଯ୍ୟକାରଣ. ସମାବେଶ ବା ସମ୍ପର୍କ—6. Co-relation; the relation of one thing with another as cause and effect. ୭ । ଅପୂର୍ବ ଅର୍ଥାଦି ପ୍ରାପ୍ତି ବା ସୌଭାଗ୍ୟ ପ୍ରାପ୍ତି—7. Acquisition of wealth or good fortune which was not possessed before. ୮ । ଏକାଧିକ ବସ୍ତୁର ବା ବ୍ୟକ୍ତିର ସଂଯୋଗ; ସମ୍ବନ୍ଧ; ସଂସର୍ଗ—8. Cohesion; combination; association; conflux. ୯ । ସଦ୍ଭାବ; ମନର ମେଳ—9. Mental agreement; concord. ୧୦ । ଯୋଗ୍ୟତା—10 Fitness; propriety. ୧୧ । (ବ୍ୟାକରଣ) ପ୍ରୟୋଗ; ଶବ୍ଦ ବା ବାକ୍ୟ ପ୍ରତି ବିଶେଷ ଅର୍ଥାଦିର ଯୋଜନା—11. (Grammar) Special application assigned to any unusual construction of words and compounds not warranted by rules but sanctioned by the authority of the users ୧୨ । ସୂତ୍ର; ନିୟମ—12. Aphorism; precept ୧୩ । ଦେହ ସ୍ଥୈର୍ଯ୍ୟ; ଦେହକୁ ନିର୍ଦ୍ଦିଷ୍ଟ ଅବସ୍ଥିତିରେ ସ୍ଥିର ଭାବରେ ରଖିବା—13. Keeping the body in a fixed position. [ଦ୍ର—ଗୀତାରେ ବର୍ଣ୍ଣିତ ଅଛି ଯେ ଯୋଗସାଧକ ବ୍ୟକ୍ତି ଏକାସନରେ ବସି ଦେହ, ମୁଣ୍ଡ ଓ ଗ୍ରୀବାକୁ ଅଚଳ ଓ ସ୍ଥିର ଭାବରେ ସମାନ କରି ରଖିବ । ଦୃଷ୍ଟିକୁ ନାସିକାଗ୍ରରେ କେନ୍ଦ୍ରୀଭୂତ କରିବ ଓ ଅନ୍ୟ ଦିଗକୁ ଚାହିଁବ ନାହିଁ । ଦେହକୁ ଏପରି ସ୍ଥିର କରି ସାର ଯୋଗ ସାଧନ କରିବ ।] ୧୪ । ଚିତ୍ତବୃତ୍ତି ନିରୋଧ; ମନକୁ ବିଷୟାନ୍ତରରୁ ନିବୃତ୍ତ କରାଇବା—14. Concentration of mind to one object and withdrawing it from all other objects or thoughts. ୧୫ । ଧନ ସମ୍ପତ୍ତିର ଉପାର୍ଜନ, ବର୍ଦ୍ଧନ ଓ ରକ୍ଷଣ—15. Acquisition and increment and accumulation or preservation of wealth. ୧୬ । ବର୍ମାଦି ଧାରଣ; ବର୍ମ ବନ୍ଧନ—16. Putting on of armour; accoutring. ୧୭ । ଶତ୍ରୁକୁ ଜିଣିବା ପାଇଁ ଦାନାଦି ଚତୁର୍ବିଧ ଉପାୟ; ସାମ, ଦାନ, ଦଣ୍ଡ, ଭେଦ—(ଯଥା—୧. (ସାମ) ଶତ୍ରୁକୁ କୋମଳ ବ୍ୟବହାର ଦ୍ୱାରା ବଶ କରିବା, ୨. (ଦାନ) ଧନାଦି ଦାନ କରିବା, ୩. (ଦଣ୍ଡ) ଦଣ୍ଡ ଦେବା, ୪. (ଭେଦ) ଶତ୍ରୁଦଳରେ ବିବାଦ ଜନ୍ମାଇବା ।) 17. Fourfold means of success used in overcoming an enemy (viz. (1) Conciliation, (2) Gift, (3) Chastissement, (4) Sowing dissension. ୧୮ । ଲାଭ—18. Gain; profit; acqusition. ୧୯ । ଭେଷଜ; ଔଷଧ; ବହୁ ଦ୍ରବ୍ୟର ସମଷ୍ଟିରେ ପ୍ରସ୍ତୁତ ଔଷଧ—19. A medicine or mixture made of various ingredients. ୨୦ । ଇନ୍ଦ୍ରଜାଲ; ଭୌତିକବିଦ୍ୟା; ତାନ୍ତ୍ରିକ ଯନ୍ତ୍ରମନ୍ତ୍ରାଦି ବଶୀକରଣାଦିର ଉପାୟ—20. Magic; acquisition of supernatural powers (e. g. of bringing a person under control) by mystic rites or employment of charms. ୨୧ । ଫଳ; ପରିଣାମ—21. Result; conseqen-

ence. ୨୨ । କୌଣସି କାର୍ଯ୍ୟର ମୁଖ୍ୟ ଉଦ୍ଦେଶ୍ୟ—22. The main end or object in view. ୨୩ । ଯୁକ୍ତି—23. Argument. ୨୪ । ଦ୍ରବ୍ୟ; ବିଷୟ—24. Thing; matter; substance. ୨୫ । ଧନ; ସମ୍ପତ୍ତି—25. Wealth. ୨୬ । ଠକାମି; ପ୍ରତାରଣା; ଛଳ—26. Trick; fraud; tact; deception. ୨୭ । ନୈୟାୟିକ—27. Logician. ୨୮ । ଚର; ପ୍ରଣିଧି—28. A spy; informer. ୨୯ । ଯାନ; ବାହନ—29. Conveyance. ୩୦ । ଶୁଭକାଳ ବା ସମୟ—30. Time of prosperity; a fortunate time; a happy conjunction. ୩୧ । ଶୁଭଯୋଗ; ଅନୁକୂଳ ଅବସର; ସୁଯୋଗ—31. A favourable opportunity. ୩୨ । (ଅଙ୍କ)—ସମଷ୍ଟିକରଣ; ଏକାଧିକ ରାଶିର ସଙ୍କଳନ; ମିଶାଣ—32. (Arithmetic) Addition of more than one number. ୩୩ । (ଜ୍ୟୋତିଷ) ଯୋଗତାରା; ପ୍ରଧାନ ନକ୍ଷତ୍ର; ନକ୍ଷତ୍ରପୁଞ୍ଜ ମଧ୍ୟସ୍ଥ ପ୍ରଧାନ ତାରା—33. (astrology) The principal star of a lunar mansion or a group of stars. ୩୪ । (ଗଣିତ ଜ୍ୟୋତିଷ) ବୃହତ୍ତର ଅଣ୍ଡାକାର ବୃତ୍ତର ସତେଇଶ ଭାଗର ଏକଭାଗ—34. (astronomy) $\frac{1}{27}$th part of a great circle measured on the plane of the ecliptic and used in calculating the latitude and longitude of the sun and the moon. ୩୫ । (ଫଳିତ ଜ୍ୟୋତିଷ)—ନିତ୍ୟଯୋଗ; ବିଷ୍କୁମ୍ଭାଦି ୨୭ଟି ଯୋଗ ବା ଗ୍ରହନକ୍ଷତ୍ରାଦିର ଅବସ୍ଥିତିଯୁକ୍ତ କାଳ—35. (astrology) The periods of 27 particular conjunctions of the planets with the stars and signs of the zodiac. [ଦ୍ର—(୩୩, ୩୪ ଓ ୩୫ ଅର୍ଥ)—ଜ୍ୟୋତିଷ ମତରେ ସୂର୍ଯ୍ୟଙ୍କର ଗତିଜ୍ଞାପକ ଅଣ୍ଡାକାର ବୃତ୍ତ (Ecliptic)କୁ ୩୬୦ ଡିଗ୍ରୀରେ ଭାଗ କରି ସେଥିର ୨୭ ଭାଗରୁ ୧ ଭାଗ ରୂପେ ଗ୍ରହଣ କରି ଯୋଗ ଗଣନା କରାଯାଏ । ପ୍ରତ୍ୟେକ ଯୋଗର ଅବସ୍ଥାନକାଳ ୨୩ଘଣ୍ଟା ୪୭ ମିନିଟ୍ ଓ ୪୪ ସେକେଣ୍ଡ, ଅର୍ଥାତ୍ ସୌର ଦିବସରୁ ପ୍ରାୟ ୧୨ ମିନିଟ୍ କମ୍ । ଏ ଯୋଗମାନ ଯାତ୍ରା ଆଦି ବିଷୟରେ ଶୁଭ ଓ ଅଶୁଭ ବୋଲି ବିବେଚିତ ହୁଏ । ଜ୍ୟୋତିଷରେ ୨୭ଟି ଯୋଗ ନିର୍ଦ୍ଧାରିତ ଅଛି । ଏମାନଙ୍କୁ ନିତ୍ୟ ଯୋଗ ବୋଲାଯାଏ । କାରଣ, ପ୍ରତି ଦିନ ଧାରାବାହିକ ମତେ ଗୋଟିଏ ଯୋଗ ପଡ଼େ ।

ଯଥା—୧ ବିଷ୍କୁମ୍ଭ (ଏଥିର ୫ ଦଣ୍ଡ ଶୁଭକର୍ମରେ ବର୍ଜନୀୟ), ୨ ପ୍ରୀତି, ୩ ଆୟୁଷ୍ମାନ୍, ୪ ସୌଭାଗ୍ୟ, ୫ ଶୋଭନ, ୬ ଅତିଗଣ୍ଡ, ୭ ସୁକର୍ମା, ୮ ଧୃତି, ୯ ଶୂଳ (ଏଥିର ୭ ଦଣ୍ଡ ବର୍ଜନୀୟ), ୧୦ ଗଣ୍ଡ (ଏଥିର ୬ଦଣ୍ଡ ବର୍ଜନୀୟ), ୧୧ ବୃଦ୍ଧି, ୧୨ ଧ୍ରୁବ, ୧୩ ବ୍ୟାଘାତ (ଏଥିର ୬ ଦଣ୍ଡ ବର୍ଜନୀୟ), ୧୪ ହର୍ଷଣ (ଏଥିର ୯ ଦଣ୍ଡ ବର୍ଜନୀୟ), ୧୫ ବଜ୍ର (ଏଥିର ୯ ଦଣ୍ଡ ବର୍ଜନୀୟ), ୧୬ ଅସୃକ୍, ୧୭ ବ୍ୟତୀପାତ (ଏଥିର ସମସ୍ତ ଅଂଶ ବର୍ଜନୀୟ), ୧୮ ବରୀୟାନ୍, ୧୯ ପରିଘ (ଏଥିର ଅର୍ଦ୍ଧେକ ବର୍ଜନୀୟ), ୨୦ ଶିବ, ୨୧ ସିଦ୍ଧି, ୨୨ ସାଧ୍ୟ, ୨୩ ଶୁଭ, ୨୪ ଶୁକ୍ଳ ବା ଶୁକ୍ର, ୨୫ ବ୍ରହ୍ମ, ୨୬ ଇନ୍ଦ୍ର, ୨୭ ବୈଧୃତି (ଏଥିର ସମସ୍ତ ଅଂଶ ବର୍ଜନୀୟ) ।

ଉପରୋକ୍ତ ୨୭ ଗୋଟି ଯୋଗ ମଧ୍ୟରୁ ବ୍ୟତୀପାତ ଓ ବୈଧୃତି ଯୋଗ ଅତି ଅମଙ୍ଗଳଜନକ ଓ ଏଥିରେ କୌଣସି ଶୁଭକର୍ମ କରିବା ନିଷିଦ୍ଧ । ଅନ୍ୟାନ୍ୟ ଯୋଗ ମଧ୍ୟରୁ ବିଷ୍କୁମ୍ଭ, ଶୂଳ, ଗଣ୍ଡ, ବ୍ୟାଘାତ, ହର୍ଷଣ, ବଜ୍ର ଓ ପରିଘ ଯୋଗମାନଙ୍କରେ କେତେକ ଦଣ୍ଡ ଶୁଭକର୍ମରେ ବର୍ଜନୀୟ । ଉକ୍ତ ୭ଟି ଯୋଗର ଅବଶିଷ୍ଟ ଦଣ୍ଡମାନ ଓ ଅନ୍ୟାନ୍ୟ ଯୋଗମାନ ଶୁଭ କର୍ମ ପାଇଁ ପ୍ରଶସ୍ତ ।] ୩୬ । ପତଞ୍ଜଳି ପ୍ରଣୀତ ଦର୍ଶନଶାସ୍ତ୍ର ବିଶେଷ; ପାତଞ୍ଜଳ ଦର୍ଶନ ବା ଯୋଗ ସୂତ୍ର—36. Name of a Sanscrit work on philosophy by sage Patañjali. [ଦ୍ର--ପତଞ୍ଜଳି ଋଷିଙ୍କ ପ୍ରଣୀତ ଯୋଗ ଶାସ୍ତ୍ରର ସୂତ୍ର ଗ୍ରନ୍ଥକୁ 'ପାତଞ୍ଜଳ ଦର୍ଶନ' ବୋଲାଯାଏ । ଯୋଗ ଦର୍ଶନକାର ପତଞ୍ଜଳି ଆତ୍ମା ଓ ଜଗତ ସମ୍ବନ୍ଧେ କପିଳଙ୍କ ସାଂଖ୍ୟ ଦର୍ଶନର ସିଦ୍ଧାନ୍ତକୁ ପ୍ରତିପାଦନ ଓ ସମର୍ଥନ କରି ଅଛନ୍ତି । ଏ ମଧ୍ୟ ୨୫ ତତ୍ତ୍ୱ ସ୍ୱୀକାର କରି ଅଛନ୍ତି । କିନ୍ତୁ ଏ କପିଳଙ୍କ ଅପେକ୍ଷା ଅଧିକା ଷଡ଼୍‌ବିଂଶ ତତ୍ତ୍ୱ 'ପୁରୁଷ ବିଶେଷ' ବା 'ଈଶ୍ୱର' ମାନି ଅଛନ୍ତି । (ଦ୍ବି. ଶ)

ଏ ଗ୍ରନ୍ଥର ଯୋଗ କାଣ୍ଡ ନିରୂପକ ୪ଟି ପାଦ ଅଛି—୧ ଯୋଗପାଦ ବା ଯୋଗର ଲକ୍ଷଣାଦି, ୨ ସାଧନ ପାଦ ବା କ୍ରିୟା ଯୋଗାଦି ସାଧନ ପ୍ରକରଣ, ୩ ବିଭୂତି ପାଦ ବା ଧ୍ୟାନ ଧାରଣାଦି ବିଭୂତି ବିବରଣ, ୪ କୈବଲ୍ୟ ପାଦ ବା ସିଦ୍ଧି ପଞ୍ଚକାଦି କୈବଲ୍ୟ ବା ସମାଧି ଲାଭର ବିବରଣ ।

ସଂକ୍ଷେପରେ ଯୋଗ ଦର୍ଶନର ମତ:—ମନୁଷ୍ୟର ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ, ଏହି ୫ ପ୍ରକାର କ୍ଳେଶ ଅଟେ ଓ ମନୁଷ୍ୟ ନିଜର କର୍ମଫଳ ଅନୁସାରେ ଜୀବନ କଟାଏ । ଏ ସବୁରୁ ବର୍ତ୍ତିବା ଉପାୟ ଯୋଗ ଅଟେ । ଯୋଗର ଅଙ୍ଗମାନ ସାଧନ କରି ମନୁଷ୍ୟ ସିଦ୍ଧ ହୁଏ ଓ ମୋକ୍ଷ ଲାଭ କରେ । ଯୋଗଦର୍ଶନବାଦୀମାନେ ସଂସାରକୁ ଦୁଃଖମୟ ଓ ହେୟ ବୋଲି ବିଚାର କରନ୍ତି । ଚିତ୍ତବୃତ୍ତି ବା ଚିତ୍ତଭୂମି ୫ ପ୍ରକାରର, ଯଥା—କ୍ଷିପ୍ତ, ମୂଢ଼, ବିକ୍ଷିପ୍ତ, ନିରୁଦ୍ଧ ଓ ଏକାଗ୍ର । ପ୍ରଥମ ୩ ବୃତ୍ତି ଯୋଗସାଧନର ବିରୋଧୀ; ଶେଷୋକ୍ତ ଦୁଇ ବୃତ୍ତିରେ ଯୋଗ ସାଧିତ ହୋଇ ପାରେ । ଅଭ୍ୟାସ, ବୈରାଗ୍ୟ, ଈଶ୍ୱର ପ୍ରଣିଧାନ, ପ୍ରାଣାୟାମ ଓ ସମାଧି ଦ୍ୱାରା ଯୋଗ ସାଧନ କରାଯାଏ । ଏଥିପାଇଁ ଯୋଗର ଆଠ ଅଙ୍ଗ (ଯମନିୟମାଦି) ସାଧିବାକୁ ହୁଏ । ପତଞ୍ଜଳିଙ୍କ ଯୋଗ ସୂତ୍ର ସଙ୍ଗେ ତନ୍ତ୍ରଶାସ୍ତ୍ର ମିଳିତ ହୋଇ 'କାୟବ୍ୟୂହ' ବା ଶରୀର ଭେଦ ନାମକ ଏକ ସାଧନର

ଉତ୍ପନ୍ନ ହେଲା ।) ଏହି କାପ୍ରବନ୍ଧ ମତରେ ଶରୀର ମଧ୍ୟରେ ଷଟ୍‌ଚକ୍ର କଳ୍ପିତ ହେଲା ଓ ଯୋଗର 'ହଠଯୋଗ' ନାମକ ଏକ ଶାଖା ହେଲା । ଏଥିରେ ନେତି, ଧୌତି, ବସ୍ତି ଆଦି ଷଟ୍‌କର୍ମ ଓ ନାଡ଼ୀଶୋଧନାଦି କ୍ରିୟା କରିବାକୁ ଯୋଗ ସାଧକଙ୍କୁ ଉପଦେଶ ଦିଆଗଲା । ହଠଯୋଗର ପ୍ରଧାନ ଆଚାର୍ଯ୍ୟ ମତ୍ସ୍ୟେନ୍ଦ୍ରନାଥ ଓ ତାଙ୍କ ଶିଷ୍ୟ ଗୋରଖନାଥ— ହି. ଶ] ୩୭ । (ଫଳିତ ଜ୍ୟୋତିଷ) ଶିବାଗୌରୀ ମତରେ ଯାତ୍ରା କରିବା ପାଇଁ ଚାତୁର୍ଯ୍ୟ ୪ ଗୋଟି ଯୋଗ—37. (astrology) Name of 4 special periods or spaces of time according to a special rule. for starting on a mission, [ଦ୍ର—ଜ୍ୟୋତିଷ ମତରେ ଶୁଭଯୋଗ ନ ମିଳିଲେ ଶିବାଗୌରୀ ମତରେ ଯୋଗ ନିର୍ଣ୍ଣୟ କରି ଯାତ୍ରାକାଳ ସ୍ଥିର କରିବାକୁ ହୁଏ । ଶିବାଗୌରୀ ମତରେ ଅହୋରାତ୍ରରେ ପଡ଼ୁଥିବା ଯୋଗ ୪ ଗୋଟି, ଯଥା— ୧ ମାହେନ୍ଦ୍ର—କାର୍ଯ୍ୟୋଦୟ, ୨ ଚକ୍ର—କାର୍ଯ୍ୟନାଶ, ୩ ଅମୃତ—କାର୍ଯ୍ୟସିଦ୍ଧି, ୪ ଶୂନ୍ୟ— ମୃତ୍ୟୁ ବା ଅପମାନ । ମାଘ, ଫାଲ୍ଗୁନ, ଚୈତ୍ର, ବୈଶାଖ, ଶ୍ରାବଣ ଓ ଭାଦ୍ର, ଏହି ୬ ମାସରେ ଭିନ୍ନ ଭିନ୍ନ ବାରରେ ଭିନ୍ନ ଭିନ୍ନ ଦିବାଦଣ୍ଡରେ ଓ ଭିନ୍ନ ଭିନ୍ନ ରାତ୍ରିଦଣ୍ଡରେ ଏହି ଚାରି ଯୋଗ ଭିନ୍ନ ଭିନ୍ନ ଭାବରେ ପଡ଼େ ।

ଏହି ଯୋଗମାନ ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର ଓ ପୌଷ, ଏ ୪ ମାସରେ ପୂର୍ବୋକ୍ତ ୬ ମାସ ଅପେକ୍ଷା ପୃଥକ୍ ଭାବରେ ପଡ଼େ ।

ପୁଣି ଜ୍ୟେଷ୍ଠ ଓ ଆଷାଢ଼ ଏହି ଦୁଇ ମାସରେ ଯୋଗମାନ ଉକ୍ତ ୧୦ ମାସ ଅପେକ୍ଷା ପୃଥକ୍ ଭାବରେ ପଡ଼େ ।

ଏ ଯୋଗମାନ ଦିବା ୩୦ ଦଣ୍ଡ ଓ ରାତ୍ରି ୩୦ ଦଣ୍ଡ ମଧ୍ୟରେ କେବେ କେବେ ୨ ଦଣ୍ଡ, କେବେ ୪, କେବେ ୬, କେବେ ୮, କେବେ ୧୦, କେବେ ୧୪, କେବେ ୧୬, ଏହିପରି ଯୁଗ୍ମ ସଂଖ୍ୟାଯୁକ୍ତ ଦଣ୍ଡ ଲେଖାଏଁ ପଡ଼ିଯାଏ ।

ଜ୍ୟୋତିଷ ଗ୍ରନ୍ଥର ବିନା ସାହାଯ୍ୟରେ ଏହି ଚାରିଦଣ୍ଡର କାଳ ନିର୍ଣ୍ଣୟ କରିବା ଦୁଃସାଧ୍ୟ ଅଟେ ।] ୩୮ । ବ୍ୟକ୍ତି-ବିଶେଷଙ୍କ ଜାତକରେ ଥିବା ରାଶିନକ୍ଷତ୍ରାଦିର ଗଣନାଦ୍ୱାରା ଦେଖାଯିବା ଶୁଭ ବା ଅଶୁଭ—38. Special conjunction of stars and planets and signs in a person's horoscope leading to certain results to be achieved by that persou. [ଦ୍ର—ବ୍ୟକ୍ତିବିଶେଷଙ୍କ ଜାତକରେ ଥିବା ଗ୍ରହ, ରାଶି, ନକ୍ଷତ୍ରାଦିଙ୍କର ବିଶିଷ୍ଟ ମିଳନ ଘଟିଲେ ଉକ୍ତ ମନୁଷ୍ୟର ଜୀବନରେ ବିଶିଷ୍ଟ ଘଟଣାମାନ ଘଟିବା ଫଳିତ ଜ୍ୟୋତିଷରେ ଲେଖାଅଛି । ଏହି ବିଶିଷ୍ଟ ମିଳନମାନଙ୍କୁ ଯୋଗ ବୋଲାଯାଏ । ଏଥିର ଉଦାହରଣରୂପେ ତଳରେ କେତେଗୋଟି ଦିଆଗଲା । ଯଥା—

ତୀର୍ଥମୃତ୍ୟୁଯୋଗ — ଯେଉଁ ଲୋକର ଜାତକରେ ନବମାଧିପତି ଗ୍ରହ ନବମକୁ ଦେଖୁ ଥାଆନ୍ତି, ଲଗ୍ନାଧିପତି ଲଗ୍ନକୁ ଦେଖି ଥାଆନ୍ତି, ଅଷ୍ଟମାଧିପତି ଅଷ୍ଟମକୁ ଦେଖୁଥାଆନ୍ତି, ଜନ୍ମ ଲଗ୍ନର ଅଷ୍ଟମ ସ୍ଥାନରେ ବୃହସ୍ପତି ଥାଆନ୍ତି, ତାହାର ତୀର୍ଥମୃତ୍ୟୁ ଯୋଗ ହୁଏ । ଅର୍ଥାତ୍ ଉକ୍ତ ବ୍ୟକ୍ତି କୌଣସି ତୀର୍ଥରେ ମୃତ୍ୟୁ ଲଭି ସ୍ୱର୍ଗଗାମୀ ହୁଏ ।

ରାଜଯୋଗ — ଯେଉଁ ପୁରୁଷର ଜାତକର ରାଶିଚକ୍ରର ଗୋଟିଏ ଗୃହରେ ୫ ଗୋଟି ଶୁଭଗ୍ରହ ଏକତ୍ର ଥାଆନ୍ତି, ସେ ରାଜସିଂହାସନ ଅଧିକାର କରେ ଓ ସ୍ତ୍ରୀ ହେଲେ ବେଶ୍ୟା ହୁଏ ।

ମକରମଙ୍ଗଳ ଯୋଗ—(ମକରମଙ୍ଗୁଳୀ ଦେଶଜ ନାମ)—ଜାତକରେ ମକର ରାଶିର ଗୃହରେ ମଙ୍ଗଳଗ୍ରହ ଥିଲେ ଉକ୍ତ ବ୍ୟକ୍ତି ଭାଗ୍ୟବାନ୍ ହୁଏ ।

ଏହିପରି ଉଚ୍ଚମେଷ ଯୋଗ, ମୀନଶୁକ୍ର ଯୋଗ, କୁମ୍ଭ-ଶନି ବା ଶନିକୁମ୍ଭା ଯୋଗ, କକଡ଼ାବୃହସ୍ପତି ଯୋଗବିଶିଷ୍ଟ ବ୍ୟକ୍ତିମାନେ ସୁଖୀ ଓ ସୌଭାଗ୍ୟଶାଳୀ ହୁଅନ୍ତି ।

କକଡ଼ାମଙ୍ଗଳ (ବା କୁଜ କରକଟ) ଯୋଗ, ମୀନରାହୁ (ବା ମାଛ ରାହୁତା) ଯୋଗ, ବିଷ ବୃହସ୍ପତି ଯୋଗ, ମୀନମଙ୍ଗଳ ଯୋଗ, ତୁଳମଙ୍ଗଳ ଯୋଗମାନ ଯାହା ଜାତକରେ ଥାଏ ସେ ରାଜପୁତ୍ର ହେଲେ ମଧ୍ୟ ଦୁଃଖ-ଭୋଗ କରେ । ଏହାକୁ ଦାରିଦ୍ର୍ୟ ଯୋଗ ବୋଲାଯାଏ । ଏ ସମ୍ବନ୍ଧରେ ଡାକରୁଷି ବଚନମାନ ମଧ୍ୟ ଅଛି ।

ରବିବୁଧା ଯୋଗ— ଜାତକରେ ରବି ଓ ବୁଧ ଗ୍ରହମାନେ ଏକ ଘରେ ଥିଲେ ଉକ୍ତ ବ୍ୟକ୍ତି ସୁଖୀ ହୁଏ ।

ବିନିମୟ ଯୋଗ—ଜାତକରେ କୌଣସି ଗ୍ରହଙ୍କର ଉପଯୁକ୍ତ ଗୃହରେ ଅନ୍ୟ ଗୋଟିଏ ଗ୍ରହ ଥିବାର ଓ ୨ୟ ଗ୍ରହର ଘରେ ୧ମ ଗ୍ରହ ଥିବାର ଶୁଭଜନକ ଅବସ୍ଥା; ଯଥା—ଜାତକରେ ଚନ୍ଦ୍ରଗ୍ରହଙ୍କ ଘରେ (କକଡ଼ା ରାଶି ଘରେ) ବୁଧଗ୍ରହ ଥିବା ଓ ବୁଧଗ୍ରହଙ୍କ ଘରେ (ମିଥୁନ ରାଶିର ଘରେ) ଚନ୍ଦ୍ର ଥିବା ଅବସ୍ଥା । ଏହା ଭାଗ୍ୟକାରକ ଯୋଗ ।] ୩୯ । ଜାତକରୁ ମନୁଷ୍ୟର ଦଶା ଗଣନା କରାଯିବା ବେଳେ ଦେଖାଯିବା ଫଳିତ ଜ୍ୟୋତିଷୋକ୍ତ ଶୁଭାଶୁଭକର ଗ୍ରହଦଶା, ଅନ୍ତର୍ଦ୍ଦଶା ଓ ପ୍ରତ୍ୟନ୍ତର ଦଶା । (ଯଥା—ମାରକ ଯୋଗ, ବନ୍ଧନ ଯୋଗ)—39. Particular conjunctions of one's natal planets leading to certain results. [ଦ୍ର—ଜାତକର ଗ୍ରହସ୍ଥିତିଆଦି ଚକ୍ର ଗଣନାରୁ ମନୁଷ୍ୟର 'ଦଶା' ଗଣନା କରାଯାଏ । ପ୍ରତ୍ୟେକ ଗ୍ରହଙ୍କ ମହାଦଶାର ଭୋଗକାଳ ନିର୍ଦ୍ଦିଷ୍ଟ ଅଛି । ଯଥା—ରବି ବା ସୂର୍ଯ୍ୟଙ୍କ ମହାଦଶା—୬ ବର୍ଷ; ଚନ୍ଦ୍ର ମହାଦଶା—୧୦ ବର୍ଷ; ମଙ୍ଗଳ ମହାଦଶା—୭ ବର୍ଷ; ରାହୁ ମହାଦଶା—୧୮ ବର୍ଷ ବୃହସ୍ପତି ମହାଦଶା—୧୬ ବର୍ଷ; ଶନି ମହାଦଶା—୧୯ ବର୍ଷ; ବୁଧ ମହାଦଶା—୧୭ ବର୍ଷ; କେତୁ ମହାଦଶା—୭ ବର୍ଷ; ଶୁକ୍ର ମହାଦଶା—୨୦ ବର୍ଷ=ମୋଟ ୧୨୦ ବର୍ଷ ।

ମନୁଷ୍ୟର ପରମାୟୁ ୧୨୦ ବର୍ଷରେ ଏହି ୯ ଟି ଗ୍ରହଙ୍କ ଦଶାର କାଳ ପଡ଼େ । ଶିଶୁର ଜନ୍ମ ସମୟରେ ଗ୍ରହନକ୍ଷତ୍ର-ମାନଙ୍କର ରାଶିଚକ୍ରରେ ସ୍ଥିତି ଅନୁସାରେ ଯେଉଁ ଗ୍ରହଙ୍କ ମହାଦଶା ମଧ୍ୟରୁ ଯେତିକି ସମୟ ଭୋଗ ଯାଇଥାଏ, ଶିଶୁ ଜନ୍ମହେବା ପରେ ଉକ୍ତ ଗ୍ରହଙ୍କ ଦଶାର ଅବଶିଷ୍ଟକାଳ ଭୋଗ ହୁଏ ଓ ତତ୍ପରେ ଯଥାକ୍ରମେ ତତ୍ପରବର୍ତ୍ତୀ ଗ୍ରହମାନଙ୍କ ମହଦଶାମାନ ପଡ଼େ । ପ୍ରତ୍ୟେକ ଗ୍ରହଙ୍କ ମହାଦଶାରେ ପୁଣି ନବଗ୍ରହଙ୍କର ଅନ୍ତର୍ଦ୍ଦଶା ଯଥାକ୍ରମେ ପଡ଼େ ଓ ପ୍ରତ୍ୟେକ ଅନ୍ତର୍ଦ୍ଦଶାରେ ପୁଣି ନବଗ୍ରହଙ୍କର ପ୍ରତ୍ୟନ୍ତର ଦଶା ପଡ଼େ । ଏହି ସବୁ ମହାଦଶା ଓ ଅନ୍ତର୍ଦ୍ଦଶା ଓ ପ୍ରତ୍ୟନ୍ତରଦଶା ଭୋଗ ହେବା ସମୟରେ ମନୁଷ୍ୟ-ଜୀବନରେ ଫଳିତ ଜ୍ୟୋତିଷ ବଚନ ଅନୁସାରେ ଶୁଭ ବା ଅଶୁଭ ବା ମିଶ୍ର ଫଳମାନ ଘଟେ ।

ମାରକ ଯୋଗ—ଜାତକସ୍ଥ ଗ୍ରହମାନଙ୍କର ବିଶିଷ୍ଟ ଅବସ୍ଥିତି ଯୋଗୁଁ ଯେଉଁ 'ଯୋଗ'ରେ ମନୁଷ୍ୟର ମୃତ୍ୟୁ ଘଟେ ।

ବନ୍ଧନ ଯୋଗ—ଯେଉଁ ଯୋଗରେ ମନୁଷ୍ୟଙ୍କୁ କାରାବାସ ଆଦି ବନ୍ଧନ ଘଟେ ।

ଅନ୍ୟୋନ୍ୟ ଷଷ୍ଠାଷ୍ଟମ ଯୋଗ—ଦୁଇଟି ରାଶି ବା ଗ୍ରହ ପରସ୍ପରର ଯଥାକ୍ରମେ ୬ଷ୍ଠ ଓ ୮ମ ଘରେ ଥିବା ଅବସ୍ଥାରେ ମନୁଷ୍ୟଙ୍କୁ ନାନା ଆପଦ ଘଟେ ।

ଏହି ସବୁ ଗ୍ରହଦଶାଜନିତ ମନ୍ଦଯୋଗ ପଡ଼ିଲେ ଗ୍ରହ-ଯଜ୍ଞାଦି କରି ଏହି ଅଶୁଭ ଯୋଗମାନଙ୍କର ଅଶୁଭତା ନିବାରଣ କରାଯାଏ ।] ୪୦ । ଜ୍ୟୋତିଃଶାସ୍ତ୍ର ମତରେ ସମୟସମୟରେ ଗ୍ରହ, ନକ୍ଷତ୍ର, ତିଥି, ବାର, ରାଶିଆଦିର ବିଶିଷ୍ଟ ମିଳନ, ଯାହାକି ତୀର୍ଥଦର୍ଶନ, ତୀର୍ଥସ୍ନାନଆଦି ଧର୍ମ-କାର୍ଯ୍ୟ ପକ୍ଷରେ ପ୍ରଶସ୍ତ (ଯଥା—ସାଗର ସ୍ନାନ ବା ବାରୁଣୀଯୋଗ)—40. Particular conjuction of more than one astronomical units (planet, asterism, day of the week, zodiac sign etc) which is considered as very auspicious for certain religious performances and baths.

[ଦ୍ର—ସମୟସମୟରେ ଜ୍ୟୋତିଃଶାସ୍ତ୍ରୋକ୍ତ ଗଣନା ଅନୁସାରେ ଏ ଶ୍ରେଣୀର ଗୋଟିଏ ଗୋଟିଏ ଯୋଗ ଘଟେ । ଯଥା—

ରବ୍ୟାର୍ଦ୍ରା ଯୋଗ—ମିଥୁନ ମାସରେ ରବି ଆର୍ଦ୍ରା ନକ୍ଷତ୍ର ଯୁକ୍ତ ହେଲେ ସୌର ମିଥୁନ ବା ଆଷାଢ଼ ମାସର ଅଷ୍ଟମ ଦିନରେ ପଡ଼ିବା ଯୋଗବିଶେଷ । ଏହି ଯୋଗ ପଡ଼ିବାର ମୁହୂର୍ତ୍ତ ଅନୁସାରେ ଏହା ପୃଥିବୀପ୍ରତି ଶୁଭକର ବା ଅଶୁଭକର ହୁଏ ।

ବାରୁଣୀଯୋଗ – ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ପଡ଼ିବା ତୀର୍ଥସ୍ନାନଯୋଗ । ଏଥିରେ ଗଙ୍ଗା ଆଦି ତୀର୍ଥରେ ସ୍ନାନ କଲେ ମହାଫଳ ଲାଭ ହୁଏ । ଏହି ବାରୁଣୀଯୋଗର 'ମହାବାରୁଣୀ' ଓ 'ମହା ମହା ବାରୁଣୀ' ପ୍ରକାର ମଧ୍ୟ ଅଛି ।

ରୋହିଣୀଚନ୍ଦ୍ରପଦ୍ ସ୍ନାନଯୋଗ—ପୂର୍ଣ୍ଣିମାର ଓ ବିଶେଷତଃ କାର୍ତ୍ତିକପୂର୍ଣ୍ଣିମାର ପରବର୍ତ୍ତୀ ତିଥିରେ ଯେବେ ଚନ୍ଦ୍ର, ରୋହିଣୀନକ୍ଷତ୍ର ଯୁକ୍ତ ହୁଅନ୍ତି ତେବେ ଏହି ଯୋଗ ହୁଏ ଓ ଏଥିରେ ତୀର୍ଥସ୍ନାନ ପ୍ରଶସ୍ତ ।

ଗୋବିନ୍ଦଦ୍ୱାଦଶୀଯୋଗ—ଫାଲ୍ଗୁନ ଶୁକ୍ଳ ଦ୍ୱାଦଶୀ ଦିନ ପୁରୁଷୋତ୍ତମକ୍ଷେତ୍ରରେ ପଡ଼ିବା ଯୋଗ । (ଏହା 'ସମ୍ପୂର୍ଣ୍ଣ' ଓ 'ସାମାନ୍ୟ' ଏପରି ୨ ପ୍ରକାରର ହୋଇଥାଏ; ସମ୍ପୂର୍ଣ୍ଣ ଗୋବିନ୍ଦଦ୍ୱାଦଶୀଯୋଗ ୨୦।୨୫।୩୦ ବର୍ଷରେ ଥରେ ପଡ଼େ ।]

ପାପନାଶିନୀ ଯୋଗ—ଫାଲ୍ଗୁନ ଶୁକ୍ଳ ଏକାଦଶୀ ଦିନ ପଡ଼ିବା ଯୋଗ (ଏହା ସାମାନ୍ୟ ଓ ସମ୍ପୂର୍ଣ୍ଣ ୨ ପ୍ରକାରର ।)

ଏହିପରି 'ମହୋଦଧିସାବାସ୍ୟା' 'ବ୍ୟତୀପାତ ସ୍ନାନ-ଯୋଗ', 'ସ୍ନାର୍ତ୍ତବ୍ୟତୀପାତସ୍ନାନଯୋଗ', 'ତ୍ରିବେଣୀସ୍ନାନ-ଯୋଗ',

ଏହିପରି ନାନା ଯୋଗ ସମୟସମୟରେ ପଡ଼େ । କେତେକ ଯୋଗ ପ୍ରତିବର୍ଷ ପଡ଼େ ନାହିଁ ।

ପଞ୍ଚଗ୍ରହକୂଟ, ଷଡ଼ଗ୍ରହକୂଟ, ସପ୍ତଗ୍ରହକୂଟ—ଏକ ସମୟରେ ୫, ୬ ବା ୭ଟି ଗ୍ରହ ଏକ ରାଶିରେ ଉପସ୍ଥିତ ହେବାର ଅତି ଅଶୁଭ ଯୋଗ (ଏଥିରେ ପୃଥିବୀରେ ରାଷ୍ଟ୍ରଭଙ୍ଗାଦି ନାନାପ୍ରକାର ଅଶୁଭ ଘଟେ ଓ ସେହି ରାଶିରେ ଜାତ ବ୍ୟକ୍ତିମାନଙ୍କର ଅମଙ୍ଗଳ ହୁଏ) ।

ବିବାହାଦି ଶୁଭକର୍ମରେ ମଧ୍ୟ କେତେଗୁଡ଼ିଏ ଯୋଗ ଅଛି । ଯଥା—

ସୁତହିବୁକଯୋଗ—ବିବାହ ସମୟରେ ବରର ଲଗ୍ନର ୪ର୍ଥ, ୫ମ, ୯ମ ଓ ୧୦ମ ଘରେ ବୃହସ୍ପତି ବା ଶୁକ୍ର ଥିଲେ ଏହି ଯୋଗ ଘଟେ । ଏଥିରେ ଲଗ୍ନର ସମସ୍ତ ଦୋଷ ନଷ୍ଟ ହୋଇ ଦମ୍ପତିଙ୍କର ସୁଖବୃଦ୍ଧି ହୁଏ ।

ରାଜଯୋଟକଯୋଗ—(ରାଜଯୋଗ)—ବରକନ୍ୟାଙ୍କ ରାଶି ଏକ, ସମସପ୍ତକ, ଚତୁର୍ଥ ଦଶମ ବା ତୃତୀୟ ଏକାଦଶ ଥିଲେ ଏ ଯୋଗ ହୁଏ । ଏଥିରେ ବିବାହ କଲେ ଶୁଭ ।

ଅଷ୍ଟାଙ୍ଗଯୋଗ, ଅମୃତଯୋଗ, ମାହେନ୍ଦ୍ରଯୋଗ, ବଜ୍ରଯୋଗ, ସାଂଖ୍ୟଯୋଗ, କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, ସୁଯୋଗ, ପାପଯୋଗ, ଦୁର୍ଯୋଗ ପ୍ରଭୃତି ଶବ୍ଦମାନ ଯୋଗ ଶବ୍ଦ ଯୁକ୍ତ ହୋଇ ଗଠିତ ହୁଏ ।]

୪୧ । ଘଟଣା—41. Incident; happening event. ୪୨ । ଅବଶ୍ୟମ୍ଭାବୀ ଘଟଣା—42. Inevitable event ୪୩ । ଉପାୟ—43. Means; expedient; plan (Apte). ୪୪ । ପ୍ରକାର—44. Mode; manner (Apte). ୪୫ । ଯୁଆଳି—45. Yoke (Apte). ୪୬ । ସାଙ୍ଗୁ; କଂଚି—46.

Armour (Apte). ୪୭ । ବ୍ୟବସାୟ; ବୃତ୍ତି—47. Occupation; business (Apte). ୪୮ । କୌଶଳ; ସୁଯୁକ୍ତି—48. Cleverness device (Apte). ୪୯ । ଚେଷ୍ଟା; ପ୍ରଯତ୍ନ—49. Endeavour; assiduity (Apte). ୫୦ । ଯାଦୁ-ବିଦ୍ୟା;ଇନ୍ଦ୍ରଜାଲ; ମନ୍ତ୍ର ଯନ୍ତ୍ର—50. Magic; charm; spell; incantation (Apte). ୫୧ । ସୈନ୍ୟ-ମାନଙ୍କ ସଜ୍ଜା—5. Equipment of an army (Apte) ୫୨ । ଶବ୍ଦର ବ୍ୟୁତ୍ପତ୍ତି—52. Etymology; derivation of the meaning of a word (Apte). ୫୩ । ନିୟମ; ବିଧି—53. Rule; precept (Apte). ୫୪ । ଭକ୍ତି—54. Devotion; pious seeking after God(Apte. ୫୫ । ବିଶ୍ୱାସଘାତକ ବ୍ୟକ୍ତି-55. A traitor; a violator of truth or confidence (Apte). ଦେ) ବିଣ.—(ସଂ. ଯୋଗ୍ୟ)—୧ । (ବ୍ୟଙ୍ଗାର୍ଥ)—ଯେଉଁ ବ୍ୟକ୍ତି ଆପଣାର ଯୋଗ୍ୟତା ବା ବାହାଦୁର ଦେଖାଇ ହୁଏ-1. (Ironical) Desirous of showing off one's excellence. (ଯଥା—ସେ ଟୋକାଟା ଯୋଗ ହୋଇ ବସି ସବୁ ନଷ୍ଟ କରି ଦେଇଅଛି ।) ୨ । ଯୋଗ୍ୟ; ଭାଜନ—2. Fit; competent; deserving. [ଦ୍ର—ନୃହନ୍ତି ସ୍ୱଭ ସବେ ଯୋଗ, ଅମୃତ ଦେଲି ସ୍ୱଜ ଭୋଗ । ଜଗନ୍ନାଥ. ଭାଗବତ ।] ବି.—କାରଣ—Reason. (ଯଥା—ଏହି ଯୋଗରୁ ମୁଁ ଏଠାକୁ ଆସିଅଛି ।)

ଯୋଗ କନ୍ୟା—ସଂ. ବି.—ଦେବକୀଙ୍କ ଗର୍ଭରୁ ମଥୁରାରେ କଂସର ବନ୍ଦୀ-
Jogа kanyā ଶାଳାରେ ଶ୍ରୀକୃଷ୍ଣଙ୍କ ଭୂମିଷ୍ଠ ହେବା ସମୟରେ ଯଶୋଦାଙ୍କ ଗର୍ଭରୁ ଗୋପପୁରରେ ନନ୍ଦଙ୍କ ଘରେ ଜନ୍ମଲାଭ କରିଥିବା କନ୍ୟାରୂପଧାରିଣୀ ଯୋଗମାୟା—Goddess Jogamāyā who assumed the form of a child and took birth from the womb of Jasodā just when Srikrushna was born from Debakī. [ଦ୍ର—ଦେବକୀ ଉଦେ (ଯୋଗ କନ୍ୟକା—ଅନ୍ୟରୂପ) ନୋହି ଦେଖ ।]

ଯୋଗକର—ସଂ. ବିଣ. –ଯୋଗକାରକ (ଦେଖ)
Jogakara Jogakāraka (See)

ଯୋଗ କରିବା—ଦେ. କି.—୧ । (ଗଣିତ)—ଏକାଧିକ ରାଶିକୁ ମିଶାଣ
Jogakaribā କରିବା—1. To add up more than
যোগ করা योग करना one number. ୨ । କୌଣସି ପଦାର୍ଥ ସଙ୍ଗେ ଅନ୍ୟ ପଦାର୍ଥ ମିଶାଇବା—2. To join or mix up a thing with another. ୩ । କୌଣସି ବ୍ୟକ୍ତିଙ୍କ ସଙ୍ଗେ କାର୍ଯ୍ୟରେ ମିଶିବା—3. To collaborate with another. ୪ । ଉଦ୍ୟମ ବା ଚେଷ୍ଟା କରିବା; ଯତ୍ନ କରିବା; ଉଦ୍‌ଯୋଗ କରିବା—4. To endeavour; to try; to exert. ୫ । କୌଣସି କାର୍ଯ୍ୟ କରିବା ପାଇଁ କୌଣସି ବ୍ୟକ୍ତିକୁ ଆଦର ବା ନିମନ୍ତ୍ରଣ କରିବା—5. To call or pray to a person to do a thing. ୬ । ଯୋଗ ସାଧିବା 6. To be engaged in meditation or spiritual communion with God.

ଯୋଗକାରକ—ସଂ. ବିଣ—୧ । ଭାଗ୍ୟଜନକ—
Joga kāraka 1. Fortunate; lucky.
୨ । ଯେ ମିଳାଇ ଦିଏ—2. Causing union.

ଯୋଗକୁ—ଦେ ଅ.—୧ । ଘଟନା ଉକ୍ରରେ—1. Incidentally.
Jogaku ୨ । ଘଟନାକ୍ରମେ—2. In the course of event
୩ । ଭାଗ୍ୟକ୍ରମେ—3. As luck would have it.
୪ । ସୁଯୋଗକ୍ରମେ—4. Fortunately; luckily.
୫ । ଦୈବାତ୍—5. Accidentally; by chance.
দৈবে (ଯଥା—ଯୋଗକୁ ଆପଣଙ୍କୁ ଭେଟିଲି ନଚେତ୍ ଆପଣଙ୍କୁ
दैवात् ଖୋଜି ଖୋଜି ବଡ଼ ହଇରାଣ ହୋଇ ଥାଅନ୍ତି ।)

ଯୋଗ କ୍ଷେମ—ସଂ. ବି.—(ଦ୍ୱନ୍ଦ୍ୱ; ଯୋଗ+କ୍ଷେମ)—୧ । ଅଲବ୍ଧ
Joga kshema ବସ୍ତୁର ଲାଭ ଓ ଲବ୍ଧ ବସ୍ତୁର ରକ୍ଷଣ—1. Acquisition of a thing which had not been got and preservation of a thing which has been acquired. ୨ । ଶରୀରର ସ୍ଥିତି ଓ ପାଳନ; ଜୀବିକା ନିର୍ବାହ—2. The act of preserving and maintaining the body; livelihood; the eking out of one's subsistence; living and maintenance. ୩ । ଧନ ସମ୍ପତ୍ତିର ରକ୍ଷଣାବେକ୍ଷଣର ଭାର—3. Charge of any property; custody ୪। (ଷଷ୍ଠୀ ତତ୍) ଧନସମ୍ପତ୍ତିର ରକ୍ଷା—4. Preservation of property. ୫। ଅନ୍ୟର ସମ୍ପତ୍ତିର ତତ୍ତ୍ୱାବଧାନ; ଅନ୍ୟର ଧନକୁ ମାଲିକଙ୍କର ସ୍ୱରୂପେ ରକ୍ଷା—5. Preservation or taking care of another's property as a custodian. ୬ । କ୍ରୟ ଦାମ ଓ ଖର୍ଚ୍ଚ ଆଦର ବିବେଚନାରେ ପଣ୍ୟ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ—6. Settling the price of a commodity in consideration of its purchase-price and the incidental charges. ୭ । ଲାଭ୍ୟ; ଲାଭ; ମୁନାଫା —
7. Gain; profit.

୮ । ଉତ୍ତରାଧିକାରୀମାନଙ୍କ ମଧ୍ୟରେ ବିଭାଗ ହୋଇ ନ ପାରିବା ସମ୍ପତ୍ତି (ଯଥା—ଦେବବିଗ୍ରହ ରାଜସିଂହାସନ); ଅବିଭାଜ୍ୟ ସମ୍ପତ୍ତି—8. Impartible property, such property as by its nature or incidents is incapable of partition amongst heirs.

୯ । କୁଶଳ; ଶୁଭ—9. Wellbeing; welfare.
୧୦ । ଜାତୀୟ ସମୃଦ୍ଧି—10. National prosperity.
୧୧ । ରାଜ୍ୟର ସୁବ୍ୟବସ୍ଥା (ହି. ଶ.)—12. Good administration of a kingdom.

ଯୋଗକ୍ଷେମକର—ସ.ବଣ ଓ ବି ପୁଂ—୧। ଯେ ଅନ୍ୟ ଲୋକର ସମ୍ପତ୍ତିକୁ
Jogakshemakara ରକ୍ଷା କରେ—1. Custodian of
(ଯୋଗକ୍ଷେମକରୀ—ସ୍ତ୍ରୀ) a trust property; taking proper care of another's property; a trustee. ୨ । ରକ୍ଷକ—2. Keeper; custodian

ଯୋଗ ଗତି—ସ.ବ (ମ. ପ. ଶ୍ଳୋ)—ମୌଳିକ ବା ଅଧମ ଅବସ୍ଥା—
Joga gati Primitive condition (Apte).

ଯୋଗ ଚକ୍ଷୁଃ—ସ. ବ (ବହୁବ୍ରୀହି; ଯୋଗର ସାହାଯ୍ୟରେ ଯେ ଅକ୍ଷିରେ
Joga chakshuḥ ଦେଖିବା ଭଳି ଦେଖି ପାରେ)—ବ୍ରାହ୍ମଣ —A Brāhmaṇa (Apte).

ଯୋଗ ଚର—ସ. ବ (ଯୋଗ=ଅଲୌକିକ ଶକ୍ତିର ଅଧିକାର+
Joga chara ଚର୍ ଧାତୁ+କର୍ତ୍ତୃ. ଅ; ଉପପଦ ତତ୍ପୁରୁଷ) —ଶ୍ରୀରାମଭକ୍ତ; ହନୁମାନ୍ (ହି. ଶ)—Hanumān, the trusted attendant of Rāmachandra.

ଯୋଗ ଚୂର୍ଣ୍ଣ—ସ. ବ (ବହୁବ୍ରୀହି)—ମୋହଚୂର୍ଣ୍ଣ; ଯେଉଁ ଚୂନାର
Joga chūrṇṇa ଐନ୍ଦ୍ରଜାଲିକ ଶକ୍ତି ଅଛି; ମନ୍ତ୍ରପୂତ ଧୂଳି—
(ଯୋଗଧୂଳି—ଅନ୍ୟରୂପ) Magical powder; a powder having magical virtues (Apte).

ଯୋଗଜ—ସ. ବଣ. (ଯୋଗ+ଜନ୍ ଧାତୁ+କର୍ତ୍ତୃ. ଅ)—1.
Jogaja Caused by mixing up many things
ଯୋଗଜନ୍ୟ, ଯୋଗଜନିତ } ଅନ୍ୟ ବଣରୂପ ୨ । ଯୌଗିକ—2. Resulting from a compound. ୩ । ଯୋଗାଭ୍ୟାସରୁ ଜାତ—3. Resulting from the exercise of Joga. ବି—୧ । ଅଗୁରୁ—1. 1. Aloes-wood; agallochum. ୨ । ପ୍ରତ୍ୟକ୍ଷସାଧନ ଅଲୌକିକ ସନ୍ନିକର୍ଷ ବିଶେଷ—2. Extraordinary or supernatural proximation. [ଦ୍ର—ଏହା ଦ୍ୱିବିଧ । ଯଥା—ଯୁକ୍ତ ଓ ଯୁଞ୍ଜାନ; ଯୋଗସାଧନର ଏ ଅବସ୍ଥା ଘଟିଲେ ସାଧକ ଦର୍ଶକମାନଙ୍କୁ ଅଲୌକିକ ବସ୍ତୁମାନ ଦେଖାଇ ପାରେ ଓ ନିଜେ ଦେଖିପାରେ—ହି. ଶ.] ୩ । ଯୋଗାଭ୍ୟାସ ଜନିତ ଧର୍ମ—3. Results arising from the practice of austerities or penance.

ଯୋଗଜନ୍ମା—ସ. ବଣ. ପୁଂ (ଯୋଗ+ଜନ୍ମନ୍; ୧ମା. ୧ବ.)—
Jogajanmā ୧ । ଯେଉଁ ବ୍ୟକ୍ତି ଶୁଭଯୋଗରେ ଜନ୍ମଗ୍ରହଣ କରି ଥାଆନ୍ତି ଓ ସେଥିଯୋଗୁଁ ଜଗତରେ ଅସାଧାରଣ ଗୁଣ ଓ କୀର୍ତ୍ତିସମ୍ପନ୍ନ ହୁଅନ୍ତି; ସୁଜନ୍ମା—1. Born under auspicious stars; born under the influence of auspicious planets. ୨ । ସବିଶେଷ ଭାଗ୍ୟବାନ୍—2. Very lucky ୩ । କୀର୍ତ୍ତିଶାଳୀ; ଯଶସ୍ୱୀ—3. Famous.

ଯୋଗଜ ଫଳ—ସ. ବ (କର୍ମଧା)—(ଗଣିତ) ଏକାଧିକ ସଂଖ୍ୟାର
Jogaja phala ଯୋଗ ଫଳ (ହି. ଶ.)—(Arithmetic) The sum total of more than one number.

ଯୋଗଣ (ଇତ୍ୟାଦି)—ଦେ. ବ (ସ. ଯୋଜନ)—ଜୋଗଣ ଇତ୍ୟାଦି
Jogaṇa (etc) (ଦେଖ)—Jogaṇa etc. (See)

ଯୋଗଣାହାରୀ—ଦେ. ବ—ଜୋଗଣାହାରୀ (ଦେଖ)
Jogaṇāhāri Jogaṇāhāri (See)

ଯୋଗଣିଆ(ଆଁ)—ଦେ. ବ—ଜୋଗଣାହାରୀ (ଦେଖ)
Jogaṇiā(āṅ) Jogaṇāhāri (See)

ଯୋଗଣୀ (ଇତ୍ୟାଦି)—ଗ୍ରା• ବ (ସ. ଯୋଗିନୀ)—ଯୋଗିନୀ ଇତ୍ୟାଦି
Jogaṇi (etc) (ଦେଖ)—Jogini etc (See)
যোগিনী योगिनो

ଯୋଗଣୀଖିଆ—ଗ୍ରା. ବଣ—ଯୋଗଣୀଖିଆ (ଦେଖ)
Jogaṇikhiā Joganikhiā (See)
তোর কলের হউক जो हैजामे मर

ଯୋଗତଃ—ସ. କ୍ରି. ବଣ (ଯୋଗ+ତସ୍)—୧ । ଉପଯୁକ୍ତରୂପେ—
Jogataḥ 1. Suitably; properly. ୨ । ସମୟାନୁରୂପ —2. Seasonably; timely; in the proper moment; in due season. ୩ । ଯୋଗରେ—3. By virtue of or through Joga. ୪ । ଏକଯୋଗ ହୋଇ—4. Conjointly. ୫ । ଯୋଗରୁ; ଯୋଗର ଫଳରେ—5. From junction; as a result of Joga. ୬ । ଅନୁସାରେ—6. In accordance with; according to (Apte). ୭ । କୁହୁକଦ୍ୱାରା—7. By the power of magic (Apte).

ଯୋଗ ତାରା—ସ. ବ (ଜ୍ୟୋତିଷ)—୧ । ନକ୍ଷତ୍ର ପୁଞ୍ଜ ମଧ୍ୟରେ ଥିବା
Joga tārā ବା ରାଶି ମଧ୍ୟରେ ଥିବା ଉଜ୍ଜ୍ୱଳତମ ବା ବୃହତ୍ତମ
(ଯୋଗ ତାରକା—ଅନ୍ୟରୂପ) ତାରକା—1. The leading star of a constellation or sign. [ଦ୍ର-ରୋହିଣୀ ନକ୍ଷତ୍ରରେ ଥିବା ୫ ଗୋଟି ତାରାକୁ ଯୋଗ କଲେ ତାହା ଶକଟାକୃତି ହୁଏ । ଏଥିମଧ୍ୟରୁ ଶଗଡ଼ଦଣ୍ଡାର ଗୋଟିଏ ମୁଣ୍ଡରେ ଥିବା ଉଜ୍ଜ୍ୱଳ ତାରାଟି ରୋହିଣୀ ନକ୍ଷତ୍ରର ଯୋଗ-ତାରା ଅଟେ—Aldeberan. ଏହା ମଧ୍ୟ ବୃଷରାଶିରେ ଯୋଗତାରା ।

ପୁନର୍ବସୁ ନକ୍ଷତ୍ରରେ ଥିବା ୫ଟି ତାରାକୁ ଯୋଗ କଲେ ତାହା ଧନୁ ଆକାର ଦେଖାଯାଏ । ଏଥି ମଧ୍ୟରେ ଯୋଗ ତାରା ପ୍ରଶ୍ୱା—The dog star, Sirius.

ମେଷ ରାଶିରେ ଯୋଗ ତାରା ଓ ଅଶ୍ୱିନୀ ନାମକ କି ତାରା ବିଶିଷ୍ଟ ନକ୍ଷତ୍ରରେ ମହି ତାରା—Hamal, Aries Alpha.

ନକ୍ଷତ୍ର ଉଳେ ·କୋଷ୍ଠ (ଦେଖ) ।] ୨ । ପରସ୍ପର ସନ୍ନିକଟ ମିଳିତ ହୋଇଦେଖା ଯିବା ତାରାଗଣ—2. Stars seen together. (Apte).

ଯୋଗ ଦର୍ଶନ—ସ. ବି—ମହର୍ଷି ପତଞ୍ଜଳି କୃତ ଯୋଗ ସୂତ୍ର—The
Joga darsana Joga philosophy propounded by Patañjali.

ଯୋଗ ଦାନ—ସ.ବି.—୧। ଛଳଦ୍ବାରା ଦାନ; କପଟ ଦାନ—(ମନୁ ୮।୧୬୫)
Jogadāna 1. A fraudulent gift. ୨। ଶିଷ୍ୟକୁ ଯୋଗଶାସ୍ତ୍ର ଶିକ୍ଷା ଦେବା—2. Initiating a person with the doctrines or mysteries of 'Joga Sāstra'; communicating the Joga doctrines to a disciple (Apte). ୩ । କୌଣସି କାର୍ଯ୍ୟରେ ସହଯୋଗିତା କରିବା—3. Joining in a work as a colleague; contributing one's collaboration to a work. ୪। କର୍ମୀଙ୍କ ଦଳରେ ମିଶିବା—4. Joining a party of workers. ଦେ. ବି.—୧। ମିଳିତ ହେବା; ମିଳନ—1. Mixing; joining. ୨ । କାର୍ଯ୍ୟରେ କର୍ମକ୍ଷେତ୍ରରେ ଉପସ୍ଥିତ ହେବା—2. Joining or first appearing in one's employment or field of action.

ଯୋଗ ଦାନ କରିବା—ଦେ. କ୍ରି - ମିଶିବା—To join; to co-
Joga dāna karibā যোগ দেওয়া **योग देना** operate·
(ଯୋଗ ଦେବା—ଅନ୍ୟରୂପ)

ଯୋଗ ଧର୍ମୀ—ସ. ବିଣ. ପୁଂ. (ଯୋଗ+ଧର୍ମ+ଇନ୍; ୧ମା. ୧ବ)—
Joga dharmi ଯୋଗାଭ୍ୟାସକାରୀ—Practising Joga.
ସ. ବି. ପୁଂ—ଯୋଗୀ (ହି. ଶ) – An anchorite.

ଯୋଗ ଧାରଣା—ସ. ବି. (୭ମୀ ତତ୍) – ଭକ୍ତି ବିଷୟରେ ଅଧ୍ୟବସାୟ—
Joga dhāraṇā Perseverance or steady continuance in devotion.

ଯୋଗ ଧାରା—ସ. ବି. (ନାମ)—ବ୍ରହ୍ମପୁତ୍ରର ଏକ ଉପନଦୀ (ହି. ଶ)—
Joga dhārā Name of a tributary of the Brahmaputra river.

ଯୋଗ ଧାରୀ—ସ. ବିଣ. ପୁଂ—ଯୋଗରେ ମଗ୍ନ; ଧ୍ୟାନ ମଗ୍ନ—
Joga dhāri Always engaged in abstract
(ଯୋଗ ଧାରିଣୀ - ସ୍ତ୍ରୀ) contemplation of the Divinity.

ଯୋଗ ନାଥ– ସ. ବି(୬ଷ୍ଠୀ ତତ୍)—ଶିବ (ହି. ଶ)—
Joga nātha Siba (Apte).

ଯୋଗ ନାନୀ—ଗ୍ରା. ବି. ସ୍ତ୍ରୀ. (ଶିଶୁ ଭାଷା; ବ୍ୟଙ୍ଗାର୍ଥ; ସ. ଯୋଗ୍ୟ)—
Joga nāni ଶିଶୁମାନଙ୍କ ଦଳ ମଧ୍ୟରେ ମୁରବିପଣିଆ ବା ବାହାଦୁରୀ ଦେଖାଇ ହେବା ବାଳିକା—(ironical) A girl who tries to pass as the leader and excel all other girls amongst a bevy of
ସର୍ଦ୍ଦାରନୀ children.

ଯୋଗ ନାବିକ—ସ. ବି—ମତ୍ସ୍ୟ ବିଶେଷ; ଇଙ୍ଗାଟ; ଗଣିଆ ଚୋଡ଼ି—
Joga nābika A sort of fish; Siluris Ascitta.

ଯୋଗ ନିଦ୍ରା—ସ. ବି. (ରୂପକ; ଯୋଗ+ନିଦ୍ରା)—୧ । ଯୋଗରତ
Joga nidrā ଚିତ୍ତର ବିଷୟାନ୍ତର ନିବୃତ୍ତି ରୂପ ନିଦ୍ରା; ସମାଧି—1. Distraction of the mind of a person engaged in contemplation from the outer things (compared to slumber). ୨ । ଯୁଗାନ୍ତ ପ୍ରଳୟ କାଳରେ ଭଗବାନଙ୍କର ନିଦ୍ରା ରୂପ ବ୍ୟାପାର—2. The profound sleep of Bishṇu (the Creator and Preserver of the universe) during the great dissolution of the creation. ୩ । ନିଦ୍ରା ରୂପରେ କଳ୍ପିତା ଦୁର୍ଗା;ଭଗବତୀ-3. Goddess Durgā personified in slumber. [ଦ୍ର—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଚଣ୍ଡୀରେ ଉକ୍ତ ଅଛି ଯେ ପ୍ରଳୟପୟୋଧିଜଳଶାୟୀ ଭଗବାନଙ୍କ କର୍ଣ୍ଣମଳରୁ ମଧୁ ଓ କୈଟଭ ନାମକ ଦୁଇ ଦୈତ୍ୟ ଜାତ ହୋଇ ବିଷ୍ଣୁଙ୍କ ନାଭିକମଳରୁ ବାହାରିଥିବା ଓ ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ବ୍ରହ୍ମାଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଲେ । ଏହା ଦେଖି ଯୋଗନିଦ୍ରାରେ ଅଭିଭୂତ ବିଷ୍ଣୁଙ୍କ ନିଦ୍ରା ଭାଙ୍ଗିବା ପାଇଁ ବ୍ରହ୍ମା ଯୋଗନିଦ୍ରାଙ୍କୁ ସ୍ତବ କଲେ ।] ୪ । ଚୈତନ୍ୟ ଓ ନିଦ୍ରାର ମିଳିତ ଅବସ୍ଥା;ଅର୍ଦ୍ଧ ନିଦ୍—4. A state between consciousness and sleep; a state of half wakefulness and half sleep (Apte). ୫ । ରଣଭୂମିରେ ବୀରର ମୃତ୍ୟୁ (ହି. ଶ)—5. The death of a warrior in the battlefield. ଦେ. ବି – ମହା ନିଦ୍ରା; ମୃତ୍ୟୁ—Death; the sleep that knows no waking.

ଯୋଗ ନିଦ୍ରାଳୁ—ସ. ବି. (ଯୋଗ+ନିଦ୍ରା+ଆଳୁ)—ବିଷ୍ଣୁ (ହି.ଶ)—
Joga nidrālu Bishṇu. ସ.ବିଣ—ଯୋଗନିଦ୍ରାରେ ନିଦ୍ରିତ—
Sleeping the Joganidrā.

ଯୋଗ ନିରତ—ସ. ବିଣ. (୭ମୀ ତତ୍)—ଯୋଗ ସାଧନରେ ରତ —
Joga nirata Engaged in deep meditation.
(ଯୋଗନିରତା—ସ୍ତ୍ରୀ)

ଯୋଗ ନିଳୟ—ସ. ବି – (୬ଷ୍ଠୀ ତତ୍)—ଶିବ (ହି. ଶ)—
Joga nilaya Siba (Apte).

ଯୋଗଣୀ—ଗ୍ରା. ବି—ଯୋଗିନୀ (ଦେଖ)
Jogani Jogini (See)

ଯୋଗ ପଟ୍ଟ—ସ. ବି—ଯୋଗସାଧନ କାଳରେ ବ୍ୟବହୃତ ବସ୍ତ୍ରବିଶେଷ;
Joga paṭṭa (ଯାହା ଦ୍ୱାରା ଯୋଗୀଙ୍କର ପୃଷ୍ଠ ଓ ଜାନୁ ବନ୍ଧନ
(ଯୋଗ ପଟ୍ଟିକା—ଅନ୍ୟରୂପ) କରାଯାଏ)—A sort of cloth drawn round the back and the hips of an ascetic as he squats to practise 'Joga' or abstract meditation.

ଯୋଗ ପତି—ସ. ବି (୬ଷ୍ଠୀ ତତ୍)— ୧ । ବିଷ୍ଣୁ (ହି. ଶ)—
Joga pati 1. Bishṇu (Apte). ୨ । ଶିବ (ହି. ଶ)—
2. Siba.

ଯୋଗ ପଦକ—ସଂ. ବି—ଯୋଗସାଧନା ଓ ପୂଜାକାଳରେ ଧାରଣୀୟ
Jŏga padaka ବସ୍ତ୍ରଖଣ୍ଡ ଉତ୍ତରୀୟ ବିଶେଷ (ଯାହା ବାମକାନ୍ଧ ଓ ଡାହାଣ କକ୍ଷତଳ ଦେଇ ପଛଭାଗରୁ ପଡ଼ିଥାଏ)—A sheet put along the left shoulder and the right side of a person engaged in 'Jŏga' or abstract meditation. [ଦ୍ର—ଏହାର ଚଉଡ଼ା ୮ଅଙ୍ଗୁଳ। ଏହା ବାସସ୍ଥଳରେ, ମୃଗସ୍ଥଳରେ ବା ସୂତାରେ ହୁଏ ଓ ଯଜ୍ଞସୂତ୍ର (ପଇତା) ପରି ପିନ୍ଧାଯାଏ—(ହି. ଶ)]

ଯୋଗ ପାଦୁକା—ସଂ. ବି (ମ. ପ. ଲୋ)—ଅସାଧାରଣ ଗୁଣବିଶିଷ୍ଟ ମନ୍ତ୍ରଶକ୍ତିବିଶିଷ୍ଟ ପାଦୁକା—Magical shoe or
Jŏga pāduka sandal (Apte).

ଯୋଗ ପାରଗ—ସଂ.ବି.ପୁଂ—୧। ଶିବ (ହି. ଶ)—1. Śiba (Apte).
Jŏga pāraga ୨। ସିଦ୍ଧଯୋଗୀ (ହି. ଶ)—2. A success-
(ଯୋଗପାରଗା—ସ୍ତ୍ରୀ) ful Jŏgī.
(ଯୋଗପାରଙ୍ଗ, ଯୋଗ ପାରଙ୍ଗମ—ଅନ୍ୟରୂପ)

ଯୋଗ ପୀଠ—ସଂ. ବି—ଯୋଗାସନ (ଦେଖ)
Jŏga pīṭha Jŏgāsana (See)

ଯୋଗ ଫଳ—ସଂ. ବି (ଗଣିତ)—ଏକାଧିକ ରାଶିର ସମଷ୍ଟି—
Jŏga phaḷa The sum or total of more than one number.

ଯୋଗ ବର୍ତ୍ତିକା—ସଂ. ବି (ମ.ପ. ଲୋ)—ଅସାଧାରଣ ଶକ୍ତିବିଶିଷ୍ଟ ବତି—
Jŏga barttikā A magical wick (Apte).

ଯୋଗ ବଳ—ସଂ. ବି (ମ. ପ. ଲୋ; ଯୋଗ+ବଳ)—୧। ଯୋଗ-
Jŏga baḷa ସାଧନଜନିତ ଅସାଧାରଣ ଶକ୍ତି ବା କ୍ଷମତା—1. Supernatural power or strength derived by a person practising 'Jŏga' or abstract meditation. ୨। ଐନ୍ଦ୍ରଜାଲିକ ଶକ୍ତି—2. Magical power (Apte).

ଯୋଗବାଶିଷ୍ଠ ରାମାୟଣ—ସଂ. ବି (ନାମ; ଯୋଗ+ବଶିଷ୍ଠ+ଅ+
Jŏgabāsishṭa rāmāyaṇa ରାମାୟଣ)—ବେଦାନ୍ତ ସମ୍ବନ୍ଧୀୟ ତଥ୍ୟ ଓ ଉପଦେଶମାନ ବର୍ଣ୍ଣିତ ହୋଇଥିବା ସଂସ୍କୃତ ଗ୍ରନ୍ଥବିଶେଷ (ମହର୍ଷି ବଶିଷ୍ଠ ଏହାର ବକ୍ତା ଓ ଶ୍ରୀରାମ ଏହାର ଶ୍ରୋତା)—Name of a Sanscrit work on the Bedānta Philosophy. [ଦ୍ର—ଏଥିରେ ବୈରାଗ୍ୟ ପ୍ରକରଣ, ମୁମୁକ୍ଷୁ ବ୍ୟବହାର ପ୍ରକରଣ, ଉତ୍ପତ୍ତି ପ୍ରକରଣ, ସ୍ଥିତି ପ୍ରକରଣ, ଉପଶମ ପ୍ରକରଣ ଓ ନିର୍ବାଣ ପ୍ରକରଣ, ଏହି ୬ଟି ପ୍ରକରଣରେ ବିଭକ୍ତ। ଏ ଗ୍ରନ୍ଥରେ ଜୀବାତ୍ମା ଓ ପରମାତ୍ମା, ମୁମୁକ୍ଷୁବ୍ୟକ୍ତିର କର୍ତ୍ତବ୍ୟ, ଜଗତର ଉତ୍ପତ୍ତି, ସ୍ଥିତି ଓ ଲୟ, ତତ୍ତ୍ୱଜ୍ଞାନ, ସୁଖଦୁଃଖ, ଭୋକ୍ତା-ଭୋଗ୍ୟ, ମନୋମଧ୍ୟେ ବିଶାଳବ୍ରହ୍ମାଣ୍ଡର ବିକାଶ, ଜୀବନ୍ମୁକ୍ତ ବ୍ୟକ୍ତିର ବିବରଣ, ଚିତ୍ତଦମନ, ଅବିଦ୍ୟା ନିରାକରଣ, ପରମାର୍ଥ ଯୋଗ, ଅଧ୍ୟାତ୍ମୋପଦେଶ, ସମାଧି, ଅଣିମାଦି ଐଶ୍ୱର୍ଯ୍ୟ, ଜାଗ୍ରତ୍‌ସ୍ୱପ୍ନସୁଷୁପ୍ତି-ବର୍ଣ୍ଣିତ ଅଛି ବହୁ ଉପାଖ୍ୟାନ ସହ ବହୁତ ହୋଇଅଛି—ସୁବଳ ଚନ୍ଦ୍ର ।]

ଯୋଗବାହ—ସଂ.ବି (ଯୋଗ+ବହ୍ ଧାତୁ+କର୍ତ୍ତୃ.ଅ)—୧। ଅନୁସ୍ୱାର ଓ
Jŏgabāha ବିସର୍ଗ ଏହି ଦୁଇଟି ଜିହ୍ୱାମୂଳୀୟ ଓ ଉପଧ୍ମାନୀୟ ବର୍ଣ୍ଣ—1. The two letters ଂ (ṁ) and ଃ (aspirate ḥ). [ଦ୍ର—'ଅଯୋଗବାହ' ଶବ୍ଦ ମଧ୍ୟ ଏହି ଅର୍ଥରେ ପ୍ରଯୁକ୍ତ ହୁଏ।] ୨। ଏକ ଦ୍ରବ୍ୟ ଅନ୍ୟ ଦ୍ରବ୍ୟ ସହିତ ମିଳିତ ହେଲେ ଉକ୍ତ ଦ୍ରବ୍ୟର ନାନା ରୋଗ ନାଶ କରିବାର ଗୁଣ—(ହରେକୃଷ୍ଣ ଦ୍ରବ୍ୟଗୁଣ)—2. The power of curing many diseases possessed by an article when mixed with others.

ଯୋଗବାହୀ—ସଂ. ବିଣ (ଯୋଗ+ବହ୍. ଧାତୁ+କର୍ତ୍ତୃ. ଇନ୍; ୧ମା.
Jŏgabāhī ୧ବ)—ଯୋଗଦ୍ୱାରା ବହନଶୀଳ—Carrying or
ଯୋଗବାହିନୀ—ସ୍ତ୍ରୀ) conveying by 'Jŏga' ବି—୧। ଔଷଧାଦିର ମିଶ୍ରଣର ମଧ୍ୟବର୍ତ୍ତୀ ଉପାଦାନ ବିଶେଷ; ଭେଷଜାଙ୍ଗ ବିଶେଷ; ଯେଉଁ ଦ୍ରବ୍ୟ ଏକ ବା ବହୁ ଦ୍ରବ୍ୟ ସଙ୍ଗେ ମିଶାଗଲେ ଉକ୍ତ ଔଷଧ ସେବନଯୋଗ୍ୟ ହୁଏ, ଯଥା ମହୁ—1. A menstruum or medium for mixing medicines to make them eatable; e. g. honey. ୨। କ୍ଷାର ବିଶେଷ; କ୍ଷାର—2. Alkali. ୩। ପାରଦ; ପାରା—3. Mercury.

ଯୋଗବାହ୍ୟ—ସଂ. ବି—୧। ପାରଦ; ପାରା—1. Mercury.
Jŏgabāhya ୨। କ୍ଷାର—2 Alkali.

ଯୋଗ ବିକ୍ରୟ—ସଂ. ବି—(ମ. ପ. ଲୋ) ଛଳ ବା ପ୍ରତାରଣାଦ୍ୱାରା
Jŏga bikraya ବିକ୍ରୟ; ଛଳକପଟମୟ ବିକ୍ରୀ; (ମନୁ ୮।୧୬୫)—(ଯୋଗବିକ୍ରୀ—ଦେଶଜ ବି ରୂପ) A fraudulent sale.
(ଯୋଗବିକ୍ରୀତ—ବିଣ)

ଯୋଗବିତ୍(ଦ୍)—ସଂ.ବିଣ ପୁଂ (ଯୋଗ+ବିଦ୍ ଧାତୁ+କର୍ତ୍ତୃ.କ୍ୱିପ୍; ୧ମା.
Jŏgabit(d) ୧ବ)—୧। ଯୋଗାଭ୍ୟାସକାରୀ—1. Practising
(ଯୋଗବିଦ୍—ସ୍ତ୍ରୀ) 'Jŏga'. ୨। ଯୋଗଶାସ୍ତ୍ରଜ୍ଞ—2. Well conversant with the rules of Jŏga. ୩। ପାରଙ୍ଗମ—3. Skilful (Apte). ୪। ଚତୁର—4. Clever (Apte).
ବି.—୧। ଯୋଗୀ; ତାପସ; ଯୋଗାଭ୍ୟାସୀ ବ୍ୟକ୍ତି—1. Ascetic, a practiser of Jŏga. ୨। ଯାଦୁକର—2. Magician. ୩। ଯେ ଔଷଧାଦି ମିଶ୍ରିତ କରେ—3. A compounder of medicines (Apte). ୪। ଯୋଗଦର୍ଶନ ମତାନୁଯାୟୀ ବ୍ୟକ୍ତି—4. A follower of the Jŏga doctrines. ୫। ଶିବ (ହି. ଶ.)—5. Śiba (Apte).

ଯୋଗବିଭାଗ—ସଂ. ବି (୬ଷ୍ଠୀ ତତ୍)—୧। ମିଶ୍ର ବସ୍ତୁର ପୃଥକ୍‌କରଣ-
Jŏga bibhāga 1. Separation of that which is usually combined together (Apte). ୨। ସୂତ୍ରର ଶବ୍ଦମାନଙ୍କ ପୃଥକ୍‌କରଣ—2. The separation of the words of a Sūtra (Apte) or

aphorism ୩। ବିଧିକୁ ଭାଙ୍ଗି କରି ଏକାଧିକ ବିଧିରେ ପରିଣତ କରିବା—3. The splitting up of one rule into two or more (Apte).

ଯୋଗ ବିଯୋ(ୟୋ)ଗ—ସ. ବି (ବିପରୀତାର୍ଥ ସହଚର)—୧। (ଗଣିତ) Joga bijo(yo)ga ମିଶାଣ ଓ ଫେଡାଣ; ସଂକଳନ ଓ ବ୍ୟବକଳନ—1. Addition and subtraction. ୨। ମିଳନ ଓ ବିଚ୍ଛେଦ—2. Meeting and separation.

ଯୋଗ ଭାବନା—ସ. ବି (ବୀଜଗଣିତ)—ରାଶିମାନଙ୍କ ଗୁଣଫଳର ସମଷ୍ଟି Joga bhābanā ଦ୍ୱାରା ରାଶି ସ୍ଥାପନ—(Algebra) The composition of numbers by the sum of their products. (Apte).

ଯୋଗ ଭ୍ରଂଶ—ସ.ବି (୫ମୀ ତତ୍)—ଯୋଗମାର୍ଗରୁ ସ୍ଖଳନ— Joga bhramśa Slipping from the ways of 'Joga' or austerities.

ଯୋଗ ଭ୍ରଷ୍ଟ—ସ. ବିଣ. ପୁଂ (୫ମୀ ତତ୍)—ଯୋଗମାର୍ଗରୁ ଚ୍ୟୁତ; ବିଘ୍ନ Joga bhrashta ବିକ୍ଷେପ ଓ ବିଘ୍ନାଦିଦ୍ୱାରା ଯୋଗ ସାଧନ (ଯୋଗଭ୍ରଷ୍ଟା—ସ୍ତ୍ରୀ) କରିବାକୁ ଅସମର୍ଥ—Fallen from the path of austerities by obstacles.

ଯୋଗମୟ—ସ. ବିଣ—କୁହୁକ ପୂର୍ଣ୍ଣ—Full of magic. ସ. ବି— Jogamaya ବିଷ୍ଣୁ (ହି. ଶ)—Bishnu.

ଯୋଗମାତା—ସ.ବି—୧। ଦୁର୍ଗା (ହି. ଶ)—1. Durgā. Jogamātā ୨। ଯୌବନ (ହି. ଶ); ଯୁବତୀ ସ୍ତ୍ରୀ—2. A young woman.

ଯୋଗମାୟା—ସ. ବି. ସ୍ତ୍ରୀ—୧। ଦୁର୍ଗା; ଭଗବତୀ; (ରୂପଧାରିଣୀ Jogamāyā ବିଷ୍ଣୁଙ୍କର ମାୟା)—1. Goddess Durgā. ୨। ସଂସାରର ମାୟା—2. Earthly illusion (personified). ୩। ବିନ୍ଧ୍ୟାଚଳବାସିନୀ ଦୁର୍ଗା—3. Name of a Goddess presiding at the Bindhya hills. [ଦ୍ର—ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ ଏ ପ୍ରଥମେ ଯଶୋଦାଙ୍କ ଗର୍ଭରୁ ଜନ୍ମି ବସୁଦେବଙ୍କଦ୍ୱାରା ନୀତ ହୋଇ ଶ୍ରୀକୃଷ୍ଣଙ୍କ ସ୍ଥାନରେ ଦେବକୀଙ୍କ ସୂତିକାଗାରରେ ରହିବା ହେବା ପରେ କଂସ ଏହାଙ୍କୁ ଦେବକୀଙ୍କ ଗର୍ଭର ଅଷ୍ଟମ ସନ୍ତାନ ବୋଲି ମନେ କରି ଏହାଙ୍କୁ ପଥରରେ କଚାଡ଼ି ଦେବାରୁ ଏ ଆକାଶକୁ ଉଠିଯାଇ କଂସଙ୍କୁ ସାବଧାନ କରି ଅନ୍ତର୍ହିତା ହେଲେ ଏବଂ ପରେ ଯାଇ ବିନ୍ଧ୍ୟାଚଳରେ ଅବସ୍ଥାନ କଲେ ।] ୪। ସାନ୍ଦୀପନି ମୁନିଙ୍କର ମାତା—4. Mother of sage Sandipani. [ଦ୍ର—ଏ ମାୟା ବିସ୍ତାର କରି ରାଧାକୃଷ୍ଣଙ୍କର ମିଳନ କରାଇଥିଲେ ।]

ଯୋଗ ଯାତ୍ରା—ସଂ. ବି (ଷଷ୍ଠୀତତ୍)—କୌଣସି ଉଦ୍ଦେଶ୍ୟ ସାଧନ ପାଇଁ Joga jātrā ଯାତ୍ରା କରିବାକୁ ଫଳିତ ଜ୍ୟୋତିଷ ମତରେ ଉପଯୁକ୍ତ ଯୋଗ (ହି. ଶ)—Auspicious time or state of astrological elements for starting on a particular mission.

ଯୋଗଯୋଗୀ—ସ. ବି. ପୁଂ (ମ. ପ. ଲୋ)—ଯୋଗାସନରେ ଉପବିଷ୍ଟ Jogajogi ଯୋଗୀ—An anchorite in the posture of practising Joga.

ଯୋଗ(ଗା)ରଙ୍ଗ—ସଂ. ବି (ବହୁବ୍ରୀହି)—ନାରଙ୍ଗ (ହି. ଶ)— Joga(gā)ranga Orange (Apte).

ଯୋଗରତ୍ନ—ସଂ. ବି. (ମ. ପ. ଲୋ)—ଅଲୌକିକ ଶକ୍ତିବିଶିଷ୍ଟ ରତ୍ନ— Jogaratna A magical gem.

ଯୋଗରାଜ—ସ. ବି—୧। ଯୋଗରେ ସିଦ୍ଧହସ୍ତ ବ୍ୟକ୍ତି—1. One Jogarāja well versed in Joga (Apte). ୨। ଆୟୁର୍ବେଦୋକ୍ତ ଔଷଧ ବିଶେଷ—2. A kind of medicinal preparation. [ଦ୍ର—ଯୋଗରାଜ ଗୁଗ୍ଗୁଳର ପ୍ରଧାନ ଉପକରଣ ଗୁଗ୍ଗୁଳ ଅଟେ ଓ ଏହା ଗଣ୍ଠିବାତ ଆଦିରେ ବିଶେଷ ଉପକାରପ୍ରଦ—(ହି. ଶ)]

ଯୋଗରୁ—ଦେ. ଅ—ଯୋଗୁଁ (ଦେଖ)—Jogun (See). Jogaru (ଯୋଗୁରୁ—ଗ୍ରାମ୍ୟରୂପ)

ଯୋଗରୂଢ଼—ସଂ. ବିଣ (ଯୋଗ+ ରୁହ୍ ଧାତୁ+କର୍ତ୍ତୃ. ତ)— Jogarūdha (ବ୍ୟାକରଣ) ଅବୟବଶକ୍ତି ଓ ଅର୍ଥଶକ୍ତିଦ୍ୱାରା ଯେଉଁ ଶବ୍ଦର ଅର୍ଥ ବୋଧ ହୁଏ; ଯେଉଁ ଶବ୍ଦର ପ୍ରକୃତି ପ୍ରତ୍ୟୟ ଅନୁସାରେ ହେଉଥିବା ଅର୍ଥ ଅନେକଗୁଡ଼ିଏ ବସ୍ତୁକୁ ବୁଝାଏ, କିନ୍ତୁ ବ୍ୟବହାରରେ ଗୋଟିଏ ବିଶିଷ୍ଟ ବସ୍ତୁକୁ ବୁଝାଏ—(Grammar) (A word) conveying a peculiar sense or conventional meaning though etymologically denoting many other things. (ଯଥା—ପଙ୍କଜ= ପଙ୍କରୁ ଜାତ; ପଙ୍କରୁ ଅନେକ ପଦାର୍ଥ ଜାତ ହୁଏ, କିନ୍ତୁ ପଙ୍କଜ ଶବ୍ଦ କେବଳ ପଦ୍ମକୁ ବୁଝାଏ; ଶୂଳପାଣି; ଆତପତ୍ର; ପକ୍ଷଧର ମଧ୍ୟ ଯୋଗରୂଢ଼ ଶବ୍ଦ) ।

ଯୋଗରୂଢ଼ି—ସଂ. ବି (ବ୍ୟାକରଣ)—ଯୋଗରୂଢ଼ ଶବ୍ଦ—(Grammar) A word conveying a parti- Jogarūdhi cular meaning though etymologically denoting many other things.

ଯୋଗ ରୋଚନା—ସଂ. ବି (ମ. ପ. ଲୋ)—ଏକପ୍ରକାର ଐନ୍ଦ୍ରଜାଲିକ Joga rochanā ଲେପ, ଯାହାକୁ ଦେହରେ ଲଗାଇବା ବ୍ୟକ୍ତି ସାଧାରଣଙ୍କ ଚକ୍ଷୁର ଅଦୃଶ୍ୟ ହୁଏ ବା ଅକାଟ୍ୟ ହୁଏ— A kind of magical ointment said to possess the power of making one invisible or invulnerable (Apte).

ଯୋଗ ଶକ୍ତି—ସଂ. ବି (ମ. ପ. ଲୋ)—ଯୋଗଦ୍ୱାରା ପ୍ରାପ୍ତ ଶକ୍ତି; ଯୋଗ Joga śakti ବଳ—The power derived by the exercise of Joga.

ଯୋଗ ଶବ୍ଦ—ସଂ. ବି (ମ. ପ. ଲୋ)—(ବ୍ୟାକରଣ) ପ୍ରକୃତିପ୍ରତ୍ୟୟ Joga śabda ଅନୁସାରେ ଅର୍ଥ ନିର୍ଣ୍ଣୟ ହେଉଥିବା ଶବ୍ଦ; ବ୍ୟୁତ୍ପତ୍ତ୍ୟର୍ଥବୋଧକ ଶବ୍ଦ—(Grammar) A word,

the meaning of which is plain from the etymology.

ଯୋଗ ଶାସ୍ତ୍ର—ସଂ. ବି (ମ. ପ ଲେ; ଯୋଗବିଷୟକ ଶାସ୍ତ୍ର)—ଯେଉଁ
Joga śāstra ଶାସ୍ତ୍ରରେ ଯୋଗ ବିଷୟ ବର୍ଣ୍ଣିତ ହୋଇଅଛି (ଯଥା—ପତଞ୍ଜଳ ପ୍ରଣୀତ ଦର୍ଶନ)—Works or science or system of Philosophy teaching 'Joga' or abstract meditation on the Divine Essence.

ଯୋଗ ସାଜ(ଜି)ସ(ସି)—ଦେ. ବି (କଚରଅ)—ଯୋଗସାଜସ (ଦେଖ)
Joga sāja(ji)sa(si) जोड Jogasājasa. (See)

ଯୋଗ ସାଧକ—ସଂ. ବିଣ. ପୁଂ (ଉପପଦ ତତ୍ପୁରୁଷ)—ଯୋଗାଭ୍ୟାସ-
Joga sādhaka ରତ; ଯେ ଯୋଗସାଧନା କରେ—Practi-
(ଯୋଗସାଧିକା—ସ୍ତ୍ରୀ) sing the system of profound meditation.

ଯୋଗ ସାଧନ(ନା)—ସ. ବି (୬ଷ୍ଠୀତତ୍)-ଯୋଗାଭ୍ୟାସ; ଯୋଗର ପନ୍ଥାର
Joga sādhana(nā) (ନିୟମାଦିର) ଅନୁସରଣ—The practising of the ways for the attainment of divine abstraction; the practising of abstract meditation.

ଯୋଗ ସାଧିବା—ଦେ କ୍ରି—ଯୋଗାଭ୍ୟାସ କରିବା—To practis.
Joga sādhibā योग साधा austere meditation
योगसाधना [ଉ—ଅବ ବହୁଜନେ ହଂସ ହୋନ; ଯୋଗ ସାଧିବ କାହା ଯେନ । ଜଗନ୍ନାଥ. ଭାଗବତ ।]

ଯୋଗ ସାର—ସ. ବି—୧ । ସର୍ବରୋଗହର ଔଷଧ ବା ଉପାୟ-
Joga sāra ବିଶେଷ—1 A panacea for all diseases; a universal remed ୨ । ଯେଉଁ ଉପାୟ ବା ସାଧନ ଦ୍ୱାରା ମନୁଷ୍ୟ ଚିରକାଳ ପାଇଁ ରୋଗମୁକ୍ତ ହୁଏ (ହି. ଶ)—2. Means or exercises by which a person becomes permanently healthy. [ଦ୍ର—ଆୟୁର୍ବେଦରେ ବିଭୂତିଚର୍ଯ୍ୟା ପ୍ରସଙ୍ଗରେ 'ଯୋଗସାର' ଉପାୟମାନଙ୍କ ବର୍ଣ୍ଣନ ଅଛି—ହି. ଶ]

ଯୋଗ ସିଦ୍ଧ—ସ.ବିଣ.ପୁଂ—(୭ମୀ ତତ୍)ଯେ ଯୋଗସାଧନରେ କୃତକାର୍ଯ୍ୟ
Joga siddha ହୋଇଅଛି—Perfected in the art of
(ଯୋଗ ସିଦ୍ଧା—ସ୍ତ୍ରୀ) profound abstraction.
(ଯୋଗ ସିଦ୍ଧି—ବି)

ଯୋଗ ସୂତ୍ର—ସ. ବି—ପତଞ୍ଜଳିଙ୍କ ଯୋଗଦର୍ଶନର ସୂତ୍ରଗଣ—
Joga sūtra The aphorisms of the Joga system of Philosophy attributed to Patañjali.

ଯୋଗ ସେବା—ସ. ବି. (୬ଷ୍ଠୀ ତତ୍)—ଯୋଗ ସାଧନ—The prac-
Joga sebā tice of abstract meditation (Apte).

ଯୋଗା—ଦେ. ବିଣ. (ସ. ଯୋଗ୍ୟ)—ଯୋଗା (ଦେଖ)
Jogā योगय ଯୋଗ୍ୟ Jogā (See)

ସ. ବି. ସ୍ତ୍ରୀ. (ନାମ)—ସୀତାଙ୍କର ଏକ ସଖୀ (ହି. ଶ)—Name of a female companion of Sitā.

ଯୋଗା(ଗେ)ଇବା—ଦେ. କ୍ରି. (ସ. ଯୁଜ୍ ଧାତୁ)—୧ । (ସକର୍ମକ)
Jogā(ge)ibā ଆବଶ୍ୟକ ବସ୍ତୁ ଆଣି ପହଞ୍ଚାଇବା—1. To
ଯୋଗାନ जुटाना supply. ୨ । (ଅକର୍ମକ) (ବିବାହ, ବ୍ରତ ଆଦି) ଯୋଗ ହଓୟା ଜ୍ୟୋତିଷ ମତରେ ଶୁଭଯୋଗ ଯୁକ୍ତ ହେବା-2.To suit
योगआना to the planets of a person's horoscope (said of marriage etc. which have to be performed if a person's stars are in auspicious positions. (ଯଥା—ଏ ଝିଅଙ୍କୁ ଆଗାମୀ ୨ ବର୍ଷକାଳ ବିଭା ଯୋଗାଉ ନାହିଁ ।) ୩ । ଯୋଗ୍ୟ
ଯୋଗ୍ୟ ହଓୟା, ଯୋ ହଓୟା ହେବା—3. To befit; to be fit
योगय होना for. (ଯଥା—ଭୁଇବୋହୂଠେଇଁ କଥ ହେଲେ ଦେଖି ଯୋଗାଏ ନାହିଁ କି, ତୁଇଁ ଯୋଗାଏ ନାହିଁ ।)
୪ । (କୌଣସି କାର୍ଯ୍ୟ କରିବାକୁ) ଉଚିତ ହେବା—4.
योगय होना To be proper;to be becoming. [ଉ—ରଜୁ ମୁହୁ ଦ୍ରୀମନ୍ତ ସତ୍ୟବାଦୀ ହୋଇ, ଏତେ ପାପ କଥା କହିବା ନ ଯୋଗାଇ । କୃଷ୍ଣସିଂହ. ମହାଭାରତ. ବନ ।] ୫ । ମନକୁ
ମନେ ଯାଓୟା ପାଇବା—5. To seem fitting; to accord to one's desires. ୬ । ରୁଚିକର ହେବା; ରୁଚିବା—6. To suit one's tastes. (ଉ—ଏ ମହାଭାରତକୁ କର୍ଣ୍ଣରେ ଶୁଣିଲେ, ଆନ କଥା ମନକୁ ନ ଯୋଗାଏ ଭଲେ । କୃଷ୍ଣସିଂହ. ମହାଭାରତ. ଆଦି ।)

ଯୋଗାକର୍ଷଣ—ସ. ବି. (ପଦାର୍ଥବିଜ୍ଞାନ ପରିଭାଷା)—ପଦାର୍ଥସ୍ଥ ପରମାଣୁ-
Jogākarshaṇa ସମୂହର ପରସ୍ପର ଆକର୍ଷଣ; ଯେଉଁ ଆକର୍ଷଣ ବଳରେ ଆକୃଷ୍ଟ ହୋଇ ପଦାର୍ଥର ପରମାଣୁ ସମୂହ ଏକତ୍ର ସମ୍ବଦ୍ଧ ହୋଇ ରହେ ଓ ବିଚ୍ଛିନ୍ନ ହୁଏ ନାହିଁ—(physics) Cohesion.

ଯୋଗାଙ୍ଗ—ସଂ. ବି. (୬ଷ୍ଠୀ ତତ୍)—ପତଞ୍ଜଳିଙ୍କ ଯୋଗଶାସ୍ତ୍ର ମତରେ
Jogāṅga ଯୋଗସାଧନାର୍ଥ ଆବଶ୍ୟକ ଆଠ ଗୋଟି ଉପାୟ (ଯଥା—ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି (ହି. ଶ)—The 8 means of attaining Joga (Apte).

ଯୋଗାଚରଣ—ସଂ. ବି (୬ଷ୍ଠୀ ତତ୍)—ଯୋଗ ସାଧନ (ଦେଖ)
Jogācharaṇa Joga sādhana (See)

ଯୋଗାଚ୍ଚର—ସଂ. ବି—୧ । ଯୋଗ ସାଧନ (ଦେଖ)—1. Joga
Jogāchāra sādhana (See) ୨ । ବୌଦ୍ଧ ସମ୍ପ୍ରଦାୟ ବିଶେଷ—2. A sect of Buddhist philosophers. ୩ । ବୌଦ୍ଧ ଦର୍ଶନର ମତ ବିଶେଷ— 3. A doctrine of Buddhist philosophy. [ଦ୍ର—ଏହି ମତରେ ବାହ୍ୟ ବସ୍ତୁ ସବୁ ଶୂନ୍ୟ ଓ ବିଜ୍ଞାନହିଁ ଚିରସ୍ଥାୟୀ ।]

ଯୋଗାଚାର୍ଯ୍ୟ—ସଂ. ବ. (୭ମୀ ବା ୬ଷ୍ଠୀତତ୍)—୧ । ଯୋଗଶାସ୍ତ୍ରର
Jogāchārjya ଉପଦେଷ୍ଟା—1. A teacher of the Joga philosophy (Apte). ୨ । ଇନ୍ଦ୍ରଜାଲ ଶିକ୍ଷକ—2. A teacher of magic (Apte).

ଯୋଗାଞ୍ଜନ-ସଂ. ବ. (ମ. ଘ. ଲୋ)—୧ । ଯୋଗ ରୋଚନା (ଦେଖ)
Jogānjana 1. Joga rochanā (See) ୨। ରୋଗନାଶକ ମଲମ—2. A healing ointment. ୩ । ଚକ୍ଷୁରୋଗନାଶକ ମଲମ—3. An ointment for healing eye-diseases.

ଯୋଗାଡ଼ (ଇତ୍ୟାଦି)—ଦେ. ବ—ଯୋଗାଡ଼ ଇତ୍ୟାଦି (ଦେଖ)
Jogārda (etc) Jogārda etc (See)
যুগাড়, জোগাড় **प्रबन्ध, जुगुति**

ଯୋଗାଡ଼ିଆ—ଦେ. ବ ଓ ବଣ—ଯୋଗାଡ଼ିଆ (ଦେଖ)
Jogārdiā **जुगुतिआ** Jogārdiā (See)
(ଯୋଗାଡ଼ୀ—ଅନ୍ୟରୂପ) জেগোড়ে

ଯୋଗାଡ଼ିବା—ଦେ. କି—ଯୋଗାଡ଼ିବା (ଦେଖ)
Jogārdibā Jogārdibā (See)
जुगुति करना, प्रबंध करना জোগাড় করা

ଯୋଗାଣ—ଦେ. ବ. (ସଂ. ଯୋଜନ)—ଯୋଗାଇବା—
Jogāna যোগান **जुटाना** Supplying

ଯୋଗାଧମନ—ସଂ. ବ. (ଯୋଗ=ଛଳ+ଆଧମନ=ବନ୍ଧକ ଦେବା)-
Jogādhamana ଛଳ ପୂର୍ବକ ବନ୍ଧାଯିବା ବନ୍ଧକ (ମନୁ ୮।୧୬୫) —A fraudulent pledge (Apte).

ଯୋଗାଧି—ଦେ. ବଣ. (ସଂ. ଯୋଗାରାଧକ)—ଯୋଗନିରତ;
Jogādhi ଯୋଗାରୂଢ଼—Engaged in deep meditation. [ଉ—ଈଶ୍ୱର ଯୋଗାଧି ପୁରୁଷ, ତାହାଙ୍କୁ ଏ କଥା ଅଦୃଶ । ପ୍ରାଚୀ. କର୍ଣ୍ଣ ମାହାତ୍ମ୍ୟ ।] •

ଯୋଗାନ୍ତରାୟ—ସ. ବ (୬ଷ୍ଠୀ ବା ସପ୍ତମୀ ତତ୍)—ଯୋଗସାଧନରେ ବିଘ୍ନ
Jogāntarāya ଉତ୍ପାଦକ ଆଳସ୍ୟାଦି ଦୋଷ—Idleness etc which act as hindrance to the exercise of Joga.

ଯୋଗାବଲମ୍ବନ—ସ. ବ (୬ଷ୍ଠୀ ତତ୍)—ଯୋଗ ସାଧନ (ଦେଖ)
Jogābalambana Joga sādhana (See)
(ଯୋଗାବଲମ୍ବୀ—ବଣ. ପୁଂ)

ଯୋଗାଭ୍ୟସନ—ସ. ବ (୬ଷ୍ଠୀ ତତ୍)—ଯୋଗମାର୍ଗ ଅଭ୍ୟାସ କରିବା;
Jogābhyasana ନିୟମିତରୂପେ ଯୋଗ ସାଧନ—Regular practice of 'Joga'.
(ଯୋଗାଭ୍ୟାସ—ଅନ୍ୟରୂପ)
(ଯୋଗାଭ୍ୟାସୀ - ବଣ. ପୁଂ)

ଯୋଗାମ୍ବର—ଦେ. ବଣ—ଯୋଗ ପରିପୂର୍ଣ; ଯୋଗନିରତ—
Jogāmbara Immersed in meditation.
[ଉ—ଆସ୍ଥାନ୍ୟାନରେ ଧ୍ୟାନ ଦେଇ, ବହିଲେ ଯୋଗାମ୍ବର ହୋଇ । ପ୍ରାଚୀ. କର୍ଣ୍ଣମାହାତ୍ମ୍ୟ ।]

ଯୋଗାଯୋଗ—ଦେ. ବ (କତିପୟ)—ଯୋଗାଯୋଗ (ଦେଖ)
Jogājoga Jogājoga (See)

ଯୋଗାରାଧନ(ନା)—ସ. ବ (୬ଷ୍ଠୀ ତତ୍; ଯୋଗ+ଆରାଧନ)—
Jogārādhana(nā) ଯୋଗସାଧନ (ଦେଖ)—Jogasādhana (See)

ଯୋଗାରୂଢ଼—ସ.ବଣ.ପୁଂ (୭ମୀ ତତ୍;ଯୋଗ+ଆରୂଢ଼)—ଯୋଗନିରତ—
Jogārūrdha Engaged in deep meditation.
(ଯୋଗାରୂଢ଼ା—ସ୍ତ୍ରୀ) ବ—(ଗୀତା) କାମନାଶୂନ୍ୟ ଜିତେନ୍ଦ୍ରିୟ ଯୋଗୀ—An ascetic who has extinguished all desires and passions.

ଯୋଗାସନ—ସ. ବ (ମ. ଘ. ଲୋ; କର୍ମଧାରୟ)—ଯୋଗସାଧନାର୍ଥ
Jogāsana ଉପବେଶନ; ଧ୍ୟାନାସନ; ବ୍ରହ୍ମାସନ—A position or posture in which a devotee is enjoined to sit while practising Joga.

ଯୋଗାସୀନ—ସ. ବଣ. ପୁଂ (୭ମୀ ତତ୍)—ଯୋଗସାଧନ ପାଇଁ
Jogāsina ଯୋଗାସନରେ ଉପବିଷ୍ଟ—Sitting in the
(ଯୋଗାସୀନା—ସ୍ତ୍ରୀ) required posture and practising 'Joga'.

ଯୋଗିଦଣ୍ଡ—ସ. ବ (୬ଷ୍ଠୀ ତତ୍; ଯୋଗିନ୍+ଦଣ୍ଡ)—ବେତ; ବେତ
Jogidanda (ଦ୍ର. ଶ)—Ratan cane.

ଯୋଗିନିଦ୍ରା—ସ. ବ (୬ଷ୍ଠୀ ତତ୍)—ଅଳ୍ପନିଦ୍ରା; ତନ୍ଦ୍ରା; ଜାଗ୍ରତ
Joginidrā ଅଥଚ ସୁପ୍ତାବସ୍ଥା—Light sleep;
(ଯୋଗିନିଦ୍ରିତ—ବଣ. ପୁଂ) wakefulness in sleep.

ଯୋଗିନୀ—ସ. ବ. ସ୍ତ୍ରୀ (ଯୋଗିନ୍+ସ୍ତ୍ରୀ. ଈ)—୧ । ତପସ୍ୱିନୀ;
Jogini ଯୋଗସାଧନକାରିଣୀ ନାରୀ—A female ascetic or devotee; a female recluse. ୨ । ଦୁର୍ଗାଙ୍କ ସଙ୍ଗୀ ଓ ଦୁର୍ଗାଙ୍କ ଅବତାରଧାରିଣୀ ଦେବୀଗଣ—2. Female companions of Durgā who are her incarnations also. [ଦ୍ର—ପୁରାଣମାନଙ୍କରେ ଅଷ୍ଟ ଯୋଗିନୀ ଓ ଚଉଷଠି ଯୋଗିନୀଙ୍କର ନାମ ଉଲ୍ଲେଖ ଅଛି । କାଳୀଙ୍କର ସହଚରୀ ୬୪ଯୋଗିନୀ ଓ ନବକୋଟୀ କାତ୍ୟାନୀ (କାତ୍ୟାୟନୀ) ବୋଲି ଲୋକବିଶ୍ୱାସ । ଏମାନେ ଭିନ୍ନ ଭିନ୍ନ ସ୍ଥାନରେ ଗ୍ରାମଦେବତାରୂପେ ପୂଜା ପାଉଅଛନ୍ତି । ଦକ୍ଷଯଜ୍ଞରେ ଅଗ୍ନିରେ ଝାସ ଦେଇଥିବା ସତୀଙ୍କ ଶବକୁ ଶିବ କାନ୍ଧରେ ପକାଇ ବୁଲୁଥିବା ବେଳେ ବିଷ୍ଣୁ ସୁଦର୍ଶନ ଚକ୍ରଦ୍ୱାରା ଉକ୍ତ ଶବକୁ ଛିନ୍ନଭିନ୍ନ କରିବାରୁ ଉକ୍ତ ଶବର ଅଙ୍ଗମାନ ଯେଉଁ ଯେଉଁ ସ୍ଥାନରେ ପଡ଼ିଥିଲା ସେ ସେ ସ୍ଥାନରେ ଗୋଟିଏ ଲେଖାଏଁ ଯୋଗିନୀ ବା ଭୈରବୀ ଥିବାର ଲୋକବିଶ୍ୱାସ । ଦେଶରେ ଓଲାଉଠା ବା ବସନ୍ତ ହେଲେ ତାହା ଯୋଗିନୀମାନଙ୍କ ଉପଦ୍ରବ ବୋଲି ଲୋକେ ବିଶ୍ୱାସ କରନ୍ତି । ଯୋଗିନୀମାନେ ଭୟଙ୍କର ରୂପଧାରିଣୀ, ଏଥିପାଇଁ ଅସ୍ଥିକଙ୍କାଳସାର ବିକଟବଦନା ସ୍ତ୍ରୀକୁ ଦେଖିଲେ ଲୋକେ ଯୋଗିନୀ ସଙ୍ଗେ ତୁଳନା କରନ୍ତି ।

କାଳିକା ପୁରାଣରେ ଓ ଅଗ୍ନିପୁରାଣରେ ଓ ବୃହନ୍ନନ୍ଦିକେଶ୍ୱର ପୁରାଣରେ ଏ ୬୪ ଯୋଗିନୀଙ୍କ ନାମ ଲିଖିତ ହୋଇଅଛି ।

ଅଷ୍ଟଯୋଗିନୀ ଯଥା—ଶୈଳପୁତ୍ରୀ, ଚନ୍ଦ୍ରଘଣ୍ଟା, ସ୍କନ୍ଦମାତା, କାଳରାତ୍ରୀ, ଚଣ୍ଡିକା, କୁଷ୍ମାଣ୍ଡୀ, କାତ୍ୟାୟନୀ, ମହାଗୌରୀ ।

ଚତୁଃଷଷ୍ଟୀ ଯୋଗିନୀ (ବୃହନ୍ନନ୍ଦିକେଶ୍ୱର ପୁରାଣମତରେ)—
୧. ନାରାୟଣୀ, ୨. ଗୌରୀ, ୩. ଶାକମ୍ଭରୀ, ୪. ଭୀମା, ୫. ରକ୍ତଦନ୍ତିକା, ୬. ଭ୍ରାମରୀ, ୭. ପାର୍ବତୀ, ୮. ଦୁର୍ଗା, ୯. କାତ୍ୟାୟନୀ, ୧୦. ମହାଦେବୀ, ୧୧. ଚଣ୍ଡଘଣ୍ଟା, ୧୨. ମହାବିଦ୍ୟା, ୧୩. ମହାତପା, ୧୪, ସାବିତ୍ରୀ, ୧୫. ବ୍ରହ୍ମବାଦିନୀ, ୧୬. ଭଦ୍ରକାଳୀ, ୧୭. ବିଶାଳାକ୍ଷୀ, ୧୮. କୃଷ୍ଣପିଙ୍ଗଳା, ୧୯. ରୁଦ୍ରାଣୀ, ୨୦. ଅଗ୍ନିଜ୍ୱାଳା, ୨୧. ରୌଦ୍ରମୁଖୀ, ୨୨. କାଳରାତ୍ରୀ, ୨୩. ତପସ୍ୱିନୀ, ୨୪. ମେଘସ୍ୱନା, ୨୫. ସହସ୍ରାକ୍ଷୀ, ୨୬. ବିଷ୍ଣୁମାୟା, ୨୭. ଜଳୋଦରୀ, ୨୮. ମହୋଦରୀ, ୨୯. ମୁକ୍ତକେଶୀ, ୩୦. ଘୋରରୂପା, ୩୧. ମହାବଳା, ୩୨. ଶ୍ରୁତି, ୩୩. ସ୍ମୃତି, ୩୪. ଧୃତି; ୩୫. ତୁଷ୍ଟି, ୩୬. ପୁଷ୍ଟି, ୩୭. ମେଧା, ୩୮. ବିଦ୍ୟା, ୩୯. ଲକ୍ଷ୍ମୀ, ୪୦. ସରସ୍ୱତୀ, ୪୧. ଅପର୍ଣ୍ଣା, ୪୨. ଅମ୍ବିକା, ୪୩. ଯୋଗିନୀ, ୪୪. ଡାକିନୀ, ୪୫. ଶାକିନୀ, ୪୬. ହାକିନୀ. ୪୭. ଲାକିନୀ, ୪୮. ତ୍ରିଦଶେଶ୍ୱରୀ, ୪୯. ମହାଷଷ୍ଠୀ, ୫୦. ସର୍ବମଙ୍ଗଳା, ୫୧. ଲଜ୍ଜା, ୫୨. କୌଶିକୀ, ୫୩. ବ୍ରହ୍ମାଣୀ, ୫୪. ମାହେଶ୍ୱରୀ, ୫୫. କୌମାରୀ, ୫୬. ବୈଷ୍ଣବୀ, ୫୭. ଐନ୍ଦ୍ରୀ, ୫୮. ନାରସିଂହୀ, ୫୯. ବାରାହୀ, ୬୦ ଚାମୁଣ୍ଡା, ୬୧. ଶିବଦୂତୀ, ୬୨. ବିଷ୍ଣୁଦୂତୀ, ୬୩. ଭୈରବୀ, ୬୪. ମାତୃକା । ପୀଠତଳେ ଟୀକା ଦେଖ]

୩ । (ଫଳିତ ଜ୍ୟୋତିଷ) କାଳଯୋଗିନୀ; ତିଥିବିଶେଷରେ ଦିଗ୍‌ବିଶେଷକୁ ଅଧିକାର କରିବା ଦେବୀଗଣ; ତିଥି-ଯୋଗିନୀ—3. (Astrology) Goddesses who are said to occupy different quarters of the globe on different lunar days [ଦ୍ର—ବ୍ରହ୍ମାଣୀ—ପ୍ରତିପଦ ଓ ନବମୀରେ ପୂର୍ବରେ; ମାହେଶ୍ୱରୀ—୨ୟା ଓ ୧୦ମୀରେ ଉତ୍ତରରେ, କୌମାରୀ—୩ୟା ଓ ଏକାଦଶୀରେ ଅଗ୍ନେୟ କୋଣରେ; ନାରାୟଣୀ—୪ର୍ଥୀ ଓ ଦ୍ୱାଦଶୀରେ ନୈଋତରେ; ବାରାହୀ—୫ମୀ ଓ ତ୍ରୟୋଦଶୀରେ ଦକ୍ଷିଣରେ; ଇନ୍ଦ୍ରାଣୀ ବା ଐନ୍ଦ୍ରୀ—୬ଷ୍ଠୀ ଓ ଚତୁର୍ଦ୍ଦଶୀରେ ପଶ୍ଚିମରେ; ଚାମୁଣ୍ଡା—୭ମୀ ଓ ପୂର୍ଣ୍ଣିମାରେ ବାୟୁକୋଣରେ; ମହାଲକ୍ଷ୍ମୀ—୮ମୀ ଓ ଅମାବାସ୍ୟାରେ ଈଶାନରେ ଥାଆନ୍ତି । ଯାତ୍ରା ସମୟରେ ଯାତ୍ରାକାରୀର ସମ୍ମୁଖରେ ବା ଦକ୍ଷିଣ (ଡାହାଣ) ଦିଗରେ ଯୋଗିନୀ ଥିଲେ ମୃତ୍ୟୁ ଘଟେ । ଏହାକୁ ସମ୍ମୁଖଯୋଗିନୀ ବା ଦକ୍ଷିଣ ଯୋଗିନୀ କହନ୍ତି । ବାମ ଦିଗରେ ବା ପୃଷ୍ଠ ଭାଗରେ ଯୋଗିନୀ ଥିବା ଅବସ୍ଥାରେ ଯାତ୍ରା କଲେ ଶୁଭ ଘଟେ । ଏହାକୁ ବାମଯୋଗିନୀ ବା ପୃଷ୍ଠ ଯୋଗିନୀ ବୋଲାଯାଏ ।] ୪। ତନ୍ତ୍ରୋକ୍ତ ବିଧିରେ ସର୍ବକାମସିଦ୍ଧି ନିମନ୍ତେ ସାଧକ ପୂଜ୍ୟ ଦୁର୍ଗାଙ୍କ ଅବତାରବିଶେଷ—4. A Goddess (incarnation of Durgā) worshipped by Tantric devotees for attainment of worldly prosperity. [ଦ୍ର—ସାଧକର ମନ୍ତ୍ରସିଦ୍ଧି ହେଲେ ଯୋଗିନୀ ଆସି ସାଧକ ଆଗରେ ଠିଆ ହୁଅନ୍ତି ଓ ସାଧକ ଯେଉଁ ରୂପରେ ତାଙ୍କୁ ପାଇବାକୁ ଇଚ୍ଛା ପ୍ରକାଶ କରେ (ମାତା, ଭଗିନୀ ବା ଭାର୍ଯ୍ୟା ରୂପରେ) ଦେବୀ ତାହାହିଁ ଅଙ୍ଗୀକାର କରନ୍ତି । ମାତା ହେଲେ ସାଧକକୁ ଦ୍ରବ୍ୟ, ବସ୍ତ୍ର ଓ ରାଜ୍ୟ ଦିଅନ୍ତି । ଭଗ୍ନୀ ହେଲେ ଦ୍ରବ୍ୟ, ବସ୍ତ୍ର ଓ ଦିବ୍ୟକନ୍ୟା ଆଣି ଦିଅନ୍ତି । ଭାର୍ଯ୍ୟା ହେଲେ ସାଧକକୁ ରାଜେନ୍ଦ୍ର ପଦ ଓ ବିପୁଳ ଧନାଦି ଦେଇ ଭାର୍ଯ୍ୟାରୂପରେ ସାଧକର ଯାବତୀୟ ସେବା କରନ୍ତି ।] ୫ । ଜ୍ୟୋତିଷୋକ୍ତ ବିଂଶବିଧ ମହାଦଶାନ୍ତର୍ଗତ ଦଶାବିଶେଷ—5. Name of certain positions of planets in the course of a man's 10 planetary periods of life. [ଦ୍ର—ଦଶା-ଯୋଗିନୀ ସଂଖ୍ୟାରେ ଆଠ :—ମଙ୍ଗଳା, ପିଙ୍ଗଳା, ଧନ୍ୟା. ଭ୍ରାମରୀ, ଭଦ୍ରିକା, ଉଲ୍କା, ସିଦ୍ଧା, ସଙ୍କଟା ।—

ମଙ୍ଗଳାଦଶା (ଶୁଭ)—୧ ବର୍ଷ ଭୋଗ କାଳ;
ପିଙ୍ଗଳା (ଅଶୁଭ)—୨ ବର୍ଷ,
ଧନ୍ୟା (ଶୁଭ)—୩ ବର୍ଷ,
ଭ୍ରାମରୀ (ଅଶୁଭ)—୪ ବର୍ଷ,
ଭଦ୍ରିକା (ଶୁଭ)—୫ ବର୍ଷ,
ଉଲ୍କା (ଅଶୁଭ)—୬ ବର୍ଷ,
ସିଦ୍ଧା (ଶୁଭ)—୭ ବର୍ଷ,
ସଙ୍କଟା—(ଅଶୁଭ)—୮ ବର୍ଷ ।]

୬ । ରଣ ପିଶାଚିନୀ (ହି.ଶ); ରଣଚଣ୍ଡୀ—6. A Goddess said to preside over battles and battlefields. ୭ । ଆଷାଢ଼ କୃଷ୍ଣା ଏକାଦଶୀ (ହି.ଶ.) 7. The 11th day of the dark lunar fortnight of Ashārdha. ୮ । ଡାକିନୀ; ଡାହାଣୀ—8. Witch (Apte). ୯। ଗୁଣି ବିଦ୍ୟାରେ ପାରଙ୍ଗମା ନାରୀ-9. Sorceress; a female magician (Apte). ୧୦ । ଦୁର୍ଗା—10. Durgā (Apte). ଦେ. ବି.—

কলেরা **যোগিনী** ୧ । ହଇଜା; ବାନ୍ତି; ଓଲାଉଠା—1. Cholera (personified). ୨ । (ଗାଳି)—ଯୋଗିନୀ ପରି ବିକଟରୂପଧାରିଣୀ, ଅସ୍ଥିକଙ୍କାଳବିଶିଷ୍ଟା ଓ ରୁକ୍ଷରୂପା ସ୍ତ୍ରୀ—2. A woman with a fierce and haggard face or deportment.

ଯୋଗିନିଆ(ଆଁ)—ଦେ.ବିଣ.ପୁଂ—୧ । ଯୋଗିନୀ ପରି କ୍ରୂର ରୂପବିଶିଷ୍ଟ; Joginiā(ān) ଅସ୍ଥି କଙ୍କାଳମୟ—1. Haggard; looking (ଯୋଗିନୀ—ସ୍ତ୍ରୀ) like a 'Jogini'. ୨ । ଯୋଗିନୀଖିଆ (ଦେଖ)—Joginikhiā (See)

ଯୋଗିନୀ ଖାଇବା—ଦେ. କ୍ରି (ଗାଳିରେ ବ୍ୟବହୃତ) ଓଲାଉଠାଦ୍ୱାରା Jogini khāibā ଅକାଳ ହୋଇ ମରିବା—Succombing (ଯୋଗିନୀରେ ଯିବା—କ୍ରିୟାରୂପ) to cholera; falling a

କଲେରାୟ ମରା **योगिनी खाना** victim to cholera.
(ବ୍ୟବହାର—ତତେ ଯୋଗିନୀ ଖାଉ କମ୍ବା ତୁ ଯୋଗିନୀରେ ଯା ।)

ଯୋଗିନୀଖିଆ—ଦେ. ବିଣ. ପୁଂ (ଗାଳି) ଓଲାଉଠା ଦେବୀଙ୍କର ଅଧୀନରେ Joginikhiā (a curse) (a person) Who will fall a victim to cholera. (ଯୋଗିନୀଖାଇ—ସ୍ତ୍ରୀ) ଯେକଲେରାୟ ମରବେ **जिसको योगिनी खाजाय** [ଦ୍ର—ଏହି ପୁଂଲିଙ୍ଗ ରୂପ ସ୍ତ୍ରୀମାନଙ୍କ ଦ୍ୱାରା ପୁରୁଷମାନଙ୍କ ପ୍ରତି ସାଧାରଣତଃ ପ୍ରଯୁକ୍ତ ହୁଏ ।)

ଯୋଗିନୀ ଚକ୍ର—ସ. ବି—୧ । ତାନ୍ତ୍ରିକମାନଙ୍କ ଯୋଗିନୀସାଧନ କରିବା Jogini chakra ଚକ୍ରବିଶେଷ (ତ୍ରି.ଶ.)—1. A figure drawn by worshippers of the Jogini. ୨ । ଫଳିତଜ୍ୟୋତିଷର ଚକ୍ରବିଶେଷ, ଯହିଁରୁ ଯୋଗିନୀଙ୍କ କେଉଁ ଦିଗରେ ଅବସ୍ଥିତି ବିଷୟ ଜଣାପଡ଼େ (ତ୍ରି. ଶ.)—2. An astrological figure indicating the points of the compass occupied by the Jogini.

ଯୋଗିନୀ ପଶିବା—ଦେ. ବି—କୌଣସି ସ୍ଥାନର ବ୍ୟକ୍ତିଙ୍କୁ ଓଲାଉଠା Jogini pasibā ରୋଗ ଆକ୍ରମଣ କରିବା—(a place) କଲେରା ହଓ୍ୱା **योगिनीका प्रवेश** Being visited by (ବ୍ୟବହାର—ତୋ ଘରେ ଯୋଗିନୀ ପଶୁ) cholera.

ଯୋଗିବେଶ—ସ. ବି (୬ଷ୍ଠୀ ତତ୍) ସନ୍ନ୍ୟାସୀର ପରିଚ୍ଛଦ—Jogibesa The dress of an ascetic.

ଯୋଗୀ—ସ. ବି. ପୁଂ (ଯୋଗ+ଅସ୍ତି ଅର୍ଥରେ ବା ଯୁଜ୍ ଧାତୁ=ଯୋଗ Jogi କରିବା+କର୍ତ୍ତୃ. ଇନ୍; ଯୋଗିନ୍, ୧ମା ୧ବ)—୧ ଯୋଗ (ଯୋଗିନୀ—ସ୍ତ୍ରୀ) ସାଧକ ବ୍ୟକ୍ତି—1. A person who practices abstract meditation. ୨ । ସନ୍ନ୍ୟାସୀ—2. Ascetic. ୩ । କୃଷ୍ଣବିଦ୍; ଯେ ଫଳପ୍ରାପ୍ତିର ଆଶା ନ ରଖି ଧର୍ମ କରେ—3. One who practices righteousness for its own sake without expecting any benefit or result. [ଦ୍ର—ସର୍ବତ୍ର ସମଦର୍ଶନ ଓ ସୁଖ ଦୁଃଖ, ସ୍ତୁତିନିନ୍ଦା, ଶତ୍ରୁ ମିତ୍ର, ଶୀତୋଷ୍ଣ, ମାନାପମାନ ଇତ୍ୟାଦିରେ ସମଜ୍ଞାନବିଶିଷ୍ଟ ବ୍ୟକ୍ତି ଯୋଗିପଦବାଚ୍ୟ—ଭଗବଦ୍ଗୀତା ।] ୪ । ଐନ୍ଦ୍ରଜାଲିକ—4. Magician; sorcerer. ୫ । ଅଲୌକିକ କ୍ଷମତାଶାଳୀ ବ୍ୟକ୍ତି—5. A person having supernatural powers. ୬ । ଯୋଗଦର୍ଶନର ଅନୁଗାମୀ ବ୍ୟକ୍ତି—6. A follower of the Joga system of philosophy. ୭ । ଯାଜ୍ଞବଲ୍କ୍ୟ—7. A name of Jājñabalkya (Apte). ୮ । ବିଷ୍ଣୁ—8. Bishnu (Apte). ୯ । ଶିବ—9. Siba (Apte). ୧୦ । ଅର୍ଜୁନ—10. Arjuna (Apte). ୧୧ । ମିଶ୍ରଜାତିବିଶେଷ—11. Name of a mixed caste (Apte).

ସ. ବିଣ—୧ । ଯୋଗସାଧନକାରୀ—1. Practising Joga (Apte). ୨ । ସମ୍ପୃକ୍ତ; ଯୁକ୍ତ—2. Connected with; endowed with (Apte). ୩ । ଐନ୍ଦ୍ରଜାଲିକ ଶକ୍ତିବିଶିଷ୍ଟ—3. Possessing magical powers. ଦେ. ବି. ପୁଂ—୧ । ଉତ୍କଳରେ ଯୁଗୀ **जोगी, गुजरीया बाबाजी** ଭିକ୍ଷାବ୍ୟବସାୟୀ ଜାତିବିଶେଷ—(ଯୋଗୀଥଣୀ—ସ୍ତ୍ରୀ) 1. A beggar caste of Orissa. [ଦ୍ର—ଏମାନଙ୍କ ବଂଶୋପାଧି 'ନାଥ' । ଏମାନେ ପୂର୍ବେ ତାନ୍ତ୍ରିକ ବୌଦ୍ଧ ଥିଲେ । ଏମାନେ ଘରୁ ଥାଳ ଧରି ଦ୍ୱାରେ ଦ୍ୱାରେ ଭିକ୍ଷା କରନ୍ତି । ଏମାନେ ଗୋବିନ୍ଦଚନ୍ଦ୍ର, ଭର୍ତ୍ତୃହରି, ଦାତାକର୍ଣ୍ଣ ଆଦି ସମ୍ବନ୍ଧୀୟ ଗୀତ ବୋଲି କେନ୍ଦରା ବଜାଇ ଭିକ୍ଷା କରନ୍ତି ।] ୨ । ଲୋକଙ୍କ ଡାକନାମ—2. A name given to males.

ଯୋଗୀ ଘରେ ଢିଙ୍କି—ଦେ. ବାକ୍ୟ (ନ୍ୟାୟ)—କୌଣସି ବ୍ୟକ୍ତିର Jogi ghare dhinki ଅନାବଶ୍ୟକ ବସ୍ତୁକୁ ତା ଘରେ ପାଇବାପାଇଁ ଦୁରାଶା—A saying applied to a case where one expects to find a thing in a person's house which the latter does not require and consequently has not got. [ଦ୍ର—ଯୋଗୀମାନେ ଭିକ୍ଷାଲବ୍ଧ ତଣ୍ଡୁଳ ଖାଆନ୍ତି । ସେମାନଙ୍କର ଧାନ କୁଟିବାପାଇଁ ଢିଙ୍କି ଦରକାର ହୁଏ ନାହିଁ ।]

ଯୋଗୀ ଥାଳ—ଦେ. ବି.—୧ । ଯୋଗୀମାନଙ୍କର ଭିକ୍ଷାପାତ୍ର—Jogi thāḷa ଭିକ୍ଷାର ଥାଳ 1. Beggar's bowl. **जोगीका पात्र, करवा** [ଦ୍ର—ଏହା ଘଣ୍ଟିର ଗୋଲପାତ୍ରେ ପାତ୍ରାକୃତିରେ ତିଆରି ହୁଏ ।] ୨ । (ଲକ୍ଷଣାର୍ଥ) ଆଶ୍ରୟ ସ୍ଥଳ (ପୁତ୍ର ଓ ପୋଷକ ଆଦିଙ୍କ ପ୍ରତି ସ୍ନେହ ସମ୍ବୋଧନ)—(An affectionate term of address to sons and supporters) One's support.

ଯୋଗୀ(ଗେ)ନ୍ଦ୍ର—ସ.ବି.—(୬ଷ୍ଠୀ ତତ୍; ଯୋଗୀ+ଇନ୍ଦ୍ର; ଯୋଗ+ଇନ୍ଦ୍ର) Jogi(ge)ndra ୧ । ପ୍ରଧାନ ଯୋଗୀ ବା ମୁନି—1. An eminent sage. ୨ । ଯାଜ୍ଞବଲ୍କ୍ୟ—2. Sage Jājñabaḷkya (Apte). ୩ । ଶିବ—3. God Siba. ଦେ.ବି.ପୁଂ—ଲୋକଙ୍କର ନାମ—A name given to males. [ଦ୍ର—ଯୋଗୀ(ଗେ)ନ୍ଦ୍ର ଚନ୍ଦ୍ର; ଯୋଗୀ(ଗେ)ନ୍ଦ୍ର ନାଥ; ଯୋଗୀ(ଗେ)ନ୍ଦ୍ର ନାରାୟଣ, ଯୋଗୀ(ଗେ)ନ୍ଦ୍ରକୁମାର ଆଦି ନାମ ପୁରୁଷଙ୍କୁ ଦିଆ ଯାଏ ।]

ଯୋଗୀନ୍ଦ୍ର ଦାଣ୍ଡଧୁଆ—ଦେ. ବି.—ଷଟ୍‌ଚକ୍ରଭେଦ ଓ ତାନ୍ତ୍ରିକ ଯୋଗ-Jogindra dānda dhuā ସାଧନ ବିଷୟକ ଗୋଟିଏ ଗୀତର ନାମ—Name of a popular esoteric song. [ଦ୍ର—ଓଡ଼ିଶାରେ କୃଷକ ଶ୍ରେଣୀର ଲୋକଙ୍କ ମୁଖରୁ ଏ ଗୀତ ଶୁଣା ଯାଏ । ଏଥିରେ ଷଟ୍‌ଚକ୍ରଭେଦ ସମ୍ବନ୍ଧୀୟ ଅନେକ ରହସ୍ୟ ସାଧାରଣଙ୍କ ଅବୋଧ୍ୟ ଭାଷାରେ ବର୍ଣ୍ଣିତ ଅଛି ।]

ଯୋଗୀ ଭିଖା(କା)ରି—ଦେ ବି.—(ସଙ୍କରର ଶବ୍ଦ)-ସାଧାରଣ ଭିକ୍ଷୁକ—Jogi bhikhā(kā)ri An ordinary beggar.

ଯୋଗୀଶ—ସ. ବ.—(ଯୋଗୀ+ଈଶ, ୬ଷ୍ଠୀ ତତ୍)—
Jogisa ଯୋଗୀଶ୍ୱର—(ଅନ୍ୟରୂପ) ଯୋଗେଶ (ଦେଖ)—
Jogesa (See)

ଯୋଗୁ(ଗୁଁ)—ଦେ. ଅ.—(ଅସ୍ମକ) ହେତୁରୁ; କାରଣରୁ —
Jogu(gun) ଜନ୍ୟେ Because of; owing to·
वास्ते, लिये (ଯୋଗୁରୁ—ଗ୍ରାମ୍ୟରୂପ)

ଯୋଗେ—ଦେ. ଅ.—୧ । କାରଣରୁ—1. Owing to. ୨ ।
Joge ଜନ୍ୟେ ପାଇଁ; ନିମିତ୍ତ—2. For. ୩ । ଦୈବାତ୍-3. By chance. ୪ । ସୁବିଧା ପାଇବାରୁ—4. Under cover of. [ଯଥା—ମୁଁ ରାତିଯୋଗେ ପଳାଇ ଆସିଲି ।] ୫ । ଅବଲମ୍ବନପୂର୍ବକ—5. With the help of.

ଯୋଗେଶ—ସ. ବ.—(୬ଷ୍ଠୀ ତତ୍, ଯୋଗ+ଈଶ)—୧ । ପ୍ରଧାନ
Jogesa ଯୋଗୀ—1. An eminent sage. ୨ । ଶିବ; ମହାଦେବ—2. God Siba. ୩ । ଯାଜ୍ଞବଲ୍କ୍ୟ ଋଷି—3. Sage Jajnyabalkya. ୪ । ବ୍ରହ୍ମାଙ୍କ ରାଜଧାନୀ-4. The city of Brahma. ୫ । ଶ୍ରୀକୃଷ୍ଣ—5. Srikrushna. ୬ । ଐନ୍ଦ୍ରଜାଳିକ-6. Magician.
[ଯୋଗେନ୍ଦ୍ର, ଯୋଗେଶ୍ୱର—ଅନ୍ୟରୂପ]
ଦେ. ବ. ପୁଂ.—ଲୋକଙ୍କ ନାମ—A name given to males.

ଯୋଗେଶ୍ୱରୀ—ସ. ବ. ସ୍ତ୍ରୀ—୧ । ଦୁର୍ଗା—1. Durga. ୨ ।
Jogeswari ବନ୍ଧ୍ୟା କର୍କୋଟକୀ ଗୁଳ୍ମ—2. A sort of plant.

ଯୋଗେଷ୍ଟ—ସ. ବ.—୧ । ସୀସକ; ସୀସା—1. Lead (Apte.)
Jegeshta ୨ । ଟିଣ; ରଙ୍ଗ—2. Tin (Apte)

ଯୋଗ୍ନୀ (ଇତ୍ୟାଦି)—ଗ୍ରା. ବ.—ଯୋଗିନୀ ଇତ୍ୟାଦି (ଦେଖ)
Jogni (etc) Jogini etc (See)

ଯୋଗ୍ୟ—ସ. ବଣ. ପୁଂ.—(ଯୁଜ୍ ଧାତୁ+କର୍ମ. ଯ) —୧ । ଉପଯୁକ୍ତ;
Jogya ଉଚିତ—1. Fit; proper; suitable; qualified. ୨ । ସମର୍ଥ—2. Able; worthy; competent. ୩ । ନିପୁଣ—3. Expert; skilful. ୪ । ପ୍ରବୀଣ; ଦକ୍ଷ—4. Proficient; clever. ୫ । ଗୁଣୀ; ଗୁଣବାନ୍—5. Possessing good qualities. ୬ । ଯୋଗାର୍ହ—6. Fit for religious contemplation. ୭ । ପବିତ୍ର—7. Pure. ୮ । ପ୍ରତ୍ୟକ୍ଷ—8. Preceptible; cognisable. ୯ । ଯୋଗ ଦିବା ପାଇଁ ଉପଯୁକ୍ତ—9. Fit to be yoked. ୧୦ । ଦର୍ଶନୀୟ; ସୁନ୍ଦର (ହି. ଶ.)—10. Graceful. ୧୧ । ମାନନୀୟ (ହି. ଶ.)—11. Respectable. ୧୨ । ଯୋଡ଼ା ହେବାର ଉପଯୁକ୍ତ (ହି. ଶ)—12. Fit to be joined. ୧୩ । (ନ୍ୟାୟଦର୍ଶନ) ଇନ୍ଦ୍ରିୟଦ୍ୱାରା ଉପଭୋଗ୍ୟ—13. (Nyaya philosophy) Amenable to the senses; capable of being directly cognised (Apte).
[ଯୋଗ୍ୟା—ସ୍ତ୍ରୀ]
ବ.—୧ । ପୁଷ୍ୟା ନକ୍ଷତ୍ର—1. The 8th lunar mansion. ୨ । (+କର୍ମ. ଯ)—ଶକଟାଦିରେ ଲାଗିବା ପଶୁ—2. Beasts yoked to carts. ୩ । ଚନ୍ଦନ—3. Sandal. ୪ । ପିଷ୍ଟକ ବିଶେଷ—4. A kind of cake. ୫ । ଋଦ୍ଧି ନାମକ ମହୌଷଧ—5. Name of a rare herb. ୬ । [+ଅଧିକରଣ ଯ]—ରଥ; ଶକଟ; ଗାଡ଼ି [ହି. ଶ.]—6 Car; carriage; vehicle. ୭ । ଦୁଗ୍ଧ—7. Milk (Apte).

ଯୋଗ୍ୟତା[ତ୍ୱ]—ସ. ବ.— [ଯୋଗ୍ୟ+ଭାବ. ତା , ତ୍ୱ]—୧ ।
Jogyata(twa) ଉପଯୁକ୍ତତା—1 Fitness; appropriateness. ୨ । ଦକ୍ଷତା—2. Competence; proficiency. ୩ । କୌଣସି କାର୍ଯ୍ୟ ପାଇବା ପାଇଁ ଉପଯୋଗିତା—3. Eligibility. ୪ । ସୁଗୁଣ—4. Merit. ୫ । ପଦାର୍ଥ ସମୂହର ପରସ୍ପରସମ୍ବନ୍ଧରେ ବାଧାର ଅଭାବ—5. Want of incongruity between more than one thing. ୬ । (ନ୍ୟାୟ ଦର୍ଶନ) ବାକ୍ୟରେ ବ୍ୟବହୃତ ହୋଇଥିବା ପଦମାନଙ୍କର ଅର୍ଥର ଅନ୍ୱୟରେ ପରସ୍ପର ବାଧାର ଅଭାବ; ପଦାର୍ଥମାନଙ୍କର ପରସ୍ପର ସମ୍ବନ୍ଧରେ ବାଧାର ଅଭାବ (ଅପ୍ଟେ) (ବି-ବାକ୍ୟାନ୍ତର୍ଗତ ପଦମାନଙ୍କର ଅର୍ଥରେ ପରସ୍ପର ଅସାମଞ୍ଜସ୍ୟ ଲକ୍ଷିତ ନ ହେଲେ ବାକ୍ୟଟି ଯୋଗ୍ୟତାଯୁକ୍ତ ହେବାର ବୁଝାଯାଏ)—6. (Nyaya philosophy) Want of inconsistency in the senses conveyed by the words of a sentence; fitness or compatibility of sense; the absence of absurdity in the mutual connection of the things signified by the words (Apte). [ବି—ସେ ଜଳ ଛିଞ୍ଚି ଅଗ୍ନି ଲଗାଉଛି—ଏଠାରେ ବାକ୍ୟର ପଦମାନଙ୍କ ମଧ୍ୟରେ ପରସ୍ପରସହିତ ଅର୍ଥରେ ଅସାମଞ୍ଜସ୍ୟ ନ ଥିବାରୁ ଏହା ଯୋଗ୍ୟତାର ଉଦାହରଣ । କିନ୍ତୁ ଯଦି କୁହାଯାଏ ଯେ 'ସେ ଅଗ୍ନି ପ୍ରୟୋଗ କରି ଦେହକୁ ଶୀତଳ କରୁଛି'—ଏଠାରେ ଯୋଗ୍ୟତାର ଅଭାବ ହେଲା ।] ୭ । ଔଚିତ୍ୟ—7. Propriety. ୮ । ଆବଶ୍ୟକତା—8. Usefulness; necessity.

ଯୋଗ୍ୟତାନୁସାରେ—ଦେ. କ୍ରି. ବଣ—ଦକ୍ଷତାକ୍ରମରେ—
Jogyatanusare In order of merit.
[ଯୋଗ୍ୟତାକ୍ରମେ (ପ୍ରମାଣେ)—ଅନ୍ୟରୂପ]
যোগ্যতাহুসারে **योग्यता माफिक**

ଯୋଗ୍ୟ ପାତ୍ର—ସ. ବଣ (କର୍ମଧା)—୧ । ଉପଯୁକ୍ତ ଆଧାର—
Jogya patra 1. A fit receptacle. ୨ । ଉପଯୁକ୍ତ ବ୍ୟକ୍ତି; କୌଣସି ବିଷୟ ବା ବସ୍ତୁ ବା କନ୍ୟା ପାଇବାପାଇଁ ଉପଯୁକ୍ତ ବ୍ୟକ୍ତି—2. A worthy person; a deserving person.

ଯୋଗ୍ୟପୁତ୍ର—ସ. ବ (କର୍ମଧା)—ପରିବାରର ବା ପିତାଙ୍କର ଗୁଣବାନ୍
Jogya putra ବା ଉପଯୁକ୍ତ ପୁତ୍ର—A worthy son.

ଯୋଗ୍ୟ ବ୍ୟକ୍ତି—ସ. ବ (କର୍ମଧା)—୧ । ଗୁଣବାନ୍ ବ୍ୟକ୍ତି—1. A
Jogya byakti worthy person. ୨ । ଉପଯୁକ୍ତ ବ୍ୟକ୍ତି—2. A fit or competent person.

ଯୋଗ୍ୟା—ସଂ. ବିଣ. ସ୍ତ୍ରୀ— ଉପଯୁକ୍ତା—Fit (female). ବି—
Jogyā ୧ । ଅନୁଶୀଳନ—1. Exercise. ୨ । ଅଭ୍ୟାସ—2. Practice (Apte). [ଯଥା—ଧନୁର୍ଯୋଗ୍ୟା, ଅସ୍ତ୍ରଯୋଗ୍ୟା ।] ୩ । ସୂର୍ଯ୍ୟଦେବଙ୍କ ପତ୍ନୀ—3. The wife of the Sun-god. ୪ । ଯୁଦ୍ଧ ବିଦ୍ୟାଭ୍ୟାସ; ଡ୍ରିଲ୍—4. Martial exercise; drill (Apte).

ଯୋଚ୍—ଦେ. ବି (ସଂ. ଯୁଜ୍ ଧାତୁ)—ରଥଆଦିରେ ପଶୁଙ୍କୁ ଯୋଚିବା
Jochā କ୍ରିୟା—Yoking. [ଉ—ପବନ ପରି ହୋଇ
যোতা, যুতা ଚହିଁ ବାଜି ଯୋଚ୍ । କୃଷ୍ଣସିଂହ. ମହାଭାରତ.
जोतना ସଭା ।] ବିଣ (ରଥାଦିରେ) ସଂଯୋଜିତ (ପଶୁ)—Yoked. [ଉ—ଏହା ବାହାରେ ଦେବ ସୁନାରଥଟିଏ, ଥିବେଟି ଯୋଚ୍ ସୁନାଘୋଟକ ଯୋଡ଼ିଏ । କୃଷ୍ଣସିଂହ. ମହାଭାରତ. ବନ ।]

ଯୋଚ୍(ଚେ)ଇବା—ଦେ. କ୍ରି (ସଂ. ଯୁଜଧାତୁ ଣିଚ)—(ଯୋଚିବା
Jochā(che)ibā କ୍ରିୟାର ଣିଜନ୍ତରୂପ—The causative
যোতান form of Jochibā). ଅନ୍ୟଦ୍ୱାରା ଯୋଚିବା
जोतवाना କ୍ରିୟା କରାଇବା—To cause to be yoked.

ଯୋଚ୍‌ଯୋଚି—ଦେ. କ୍ରି (ସହଚର ଶବ୍ଦ)—ଯୋଚିବା ଆଦି କାର୍ଯ୍ୟ—
Jochājochi Acts of yoking etc.
যোতাযোতি जोताजोती

ଯୋଚିବା—ଦେ. କ୍ରି (ସଂ. ଯୁଜ୍ ଧାତୁ)—୧ । ପଶୁଆଦିଙ୍କୁ ଯୁଆଳରେ
Jochibā ବା ଯାନରେ ସଂଯୋଜିତ କରିବା—1 To yoke
(ଯୁଚିବା—ଗ୍ରାମ୍ୟରୂପ) beasts to a cart etc. [ଉ—
যুতা ବାନ୍ଧୁକ ସେହିକ୍ଷଣି ଯୋଚ ସେ ଘୋଡ଼ାଙ୍କୁ । କୃଷ୍ଣସିଂହ
जोतना ମହାଭାରତ. ବନ ।] ୨ । କୌଣସି ପଦାର୍ଥକୁ ଅନ୍ୟ ପଦାର୍ଥ ସଙ୍ଗେ ସଂଯୋଜିତ କରିବା; ଯୋଜନା କରିବା; ଯୋଡ଼ିବା—2. To join or unite a thing to another. [ଉ—ମାରଗଣଗଣଙ୍କୁ ବନ୍ଧେ ଗୁଣେ ଯୋଚ । କୃଷ୍ଣସିଂହ. ମହାଭାରତ. ବନ ।]

ଯୋଜକ—ସଂ. ବିଣ (ଯୁଜ୍ ଧାତୁ + କର୍ତ୍ତୃ. ଅକ)—୧ । ଯେ ବା
Jojaka ଯାହା ଯୋଗ କରେ—1. Joining; uniting.
(ଯୋଜକା—ସ୍ତ୍ରୀ) ୨ । ସଂଯୋଗକାରକ—2. Causing union.
[ଯୋଜକତା(ତ୍ୱ)—ବି] ୩ । ଦୁଇ ପଦାର୍ଥକୁ ଏକତ୍ର ଅଣିବା—3. Bringing together. ୪ । ରଥାଦିରେ ପଶୁଆଦିଙ୍କୁ ଯୋଚୁଥିବା—4. Yoking. ୫ । ଯୋଜନା କାରୀ; ବ୍ୟବସ୍ଥାକାରୀ—5. Arranging. ବି—୧ । ବିବାଦଆଦିରେ ମଧ୍ୟସ୍ଥ; ଯେ ବିବାଦୀ ପକ୍ଷମାନଙ୍କୁ ମିଳାଇ ଦିଏ—1. Peace-maker; arbitrator. ୨ । (ଭୂଗୋଳ) ଯେଉଁ ସଙ୍କୀର୍ଣ୍ଣ ଭୂଭାଗ ଦୁଇ ବୃହତ୍ତର ଭୂଭାଗକୁ ସଂଯୁକ୍ତ କରେ—2. (Geography) Isthmus. ୩ । ଯୋଜନକାରୀ ବ୍ୟକ୍ତି—3. A joiner; an arranger; a contriver (Apte).

ଯୋଜନ—ସଂ. ବି. (ଯୁଜ୍ ଧାତୁ + ଭାବ. ଅନ)—୧ । ମିଳାଇବା;
Jojana ଯୋଗ କରାଇବା—1. Act of mixing up. ୨ । (+କର୍ତ୍ତୃ. ଅନ) ପରମାତ୍ମା—2. The Divine Essence or Soul pervading the universe. ୩ । (+କର୍ମ. ଅନ) ଚାରି କୋଶ ପରିମିତ ଦୂରତ୍ୱ—3. A standard of distance of about 8 miles [ଦ୍ର—ଏହାର ଅପଭ୍ରଂଶ ଶବ୍ଦ ଜୁଣ, ଯୁଣ ।] ୪ । (+ଭାବ. ଅନ) ଯୋଚିବା କର୍ମ—4. Yoking. ୫ । ଯୋଡ଼ିବା କର୍ମ—5. Act of joining; linking. ୬ । ବ୍ୟବସ୍ଥା କରିବା; ଯୋଗାଡ଼—6. Arrangement, ୭ । ମତାଇବା—7. Exciting; instigating (Apte). ୮ । ବାକ୍ୟର ଅନ୍ୱୟ—8. Grammatical construction; constructing the sense of a passage (Apte). ୯ । ଯୋଗ—9. Concentration of the mind; abstraction (Apte). ୧୦ । ଗୃହାଦିର ରଚନ—10. Constructing; erecting (a house) (Apte). ୧୧ । (+କର୍ମ. ଅନ) ପଥ; ମାର୍ଗ—11. Road; way (Apte). ୧୨ । (ବୈଦିକ) (+ଭାବ. ଅନ) ଚେଷ୍ଟା; ପ୍ରଯତ୍ନ—12. Exertion; effort (Apte).

ଯୋଜନ ଗନ୍ଧା—ସଂ. ବି ସ୍ତ୍ରୀ. (ବହୁବ୍ରୀହି; ଯୋଜନ ପର୍ଯ୍ୟନ୍ତ ଗନ୍ଧ
Jojana gandhā ପ୍ରସାରିତ ହୁଏ ଯାହାଠାରୁ)—୧ । କସ୍ତୁରୀ—
(ଯୋଜନ ଗନ୍ଧିକା—ଅନ୍ୟରୂପ) 1. Musk. ୨ । ସୀତା—2. Sitā. ୩ । ବ୍ୟାସ ଦେବଙ୍କ ମାତା; ମତ୍ସ୍ୟଗନ୍ଧା; ଧୀବରକନ୍ୟା ସତ୍ୟବତୀ—3. Name of a fish-girl who was ravished by sage Parāśara and gave birth to sage Byāsa. [ଦ୍ର—ବସୁରାଜଙ୍କ ଔରସରେ ମତ୍ସ୍ୟରୂପା ଅପ୍ସରା ଅଦ୍ରିକା ଗର୍ଭରୁ ଏହାଙ୍କର ଜନ୍ମ । ମତ୍ସ୍ୟର ଉଦରରୁ ଜନ୍ମି ଥିବାରୁ ଏହାଙ୍କ ଦେହରୁ ମତ୍ସ୍ୟଗନ୍ଧ ବାହାରୁଥିଲା । ତେଣୁ ଏହାଙ୍କର ନାମ ମତ୍ସ୍ୟଗନ୍ଧା ହେଲା । ବସୁ ରାଜା ଏହାଙ୍କୁ ଶିଶୁ ଅବସ୍ଥାରେ ଦାସରାଜଙ୍କ ହସ୍ତରେ ପାଳନାର୍ଥ ଅର୍ପଣ କଲେ । ଏ ବୟଃପ୍ରାପ୍ତା ହେବାରୁ ଯମୁନା ନଦୀରେ ଘାଟଡଙ୍ଗା ଚଳାଇବା କର୍ମରେ ଦାସରାଜ ଏହାଙ୍କୁ ନିଯୋଜିତ କରିଥିଲେ । ଏକଦା ପରାଶର ମୁନି ଯମୁନା ନଦୀକୁ ପାରି ହେଲା ବେଳେ ଏହାଙ୍କ ରୂପରେ ମୁଗ୍ଧ ହୋଇ ଏହାଙ୍କ ସହବାସ କଲେ ଓ ଏହାଙ୍କ ଦେହର ମତ୍ସ୍ୟଗନ୍ଧ ଦୂର କରି ଏହାଙ୍କ ଦେହକୁ ପଦ୍ମଗନ୍ଧମୟ କଲେ ଓ ଏହାଙ୍କୁ ସତ୍ୟବତୀ ନାମ ଦେଲେ । ପରାଶରଙ୍କ ଔରସରୁ ଏହାଙ୍କଠାରୁ କାନୀନ ପୁତ୍ର ବ୍ୟାସଦେବ ଜନ୍ମିଲେ । ପରେ ଶାନ୍ତନୁ ରାଜା ଏହାଙ୍କ ଗାତ୍ରର ପଦ୍ମଗନ୍ଧରେ ଆକୃଷ୍ଟ ହୋଇ ଏହାଙ୍କୁ ବିବାହ କରିବାକୁ ପ୍ରସ୍ତାବ କଲେ । ଶାନ୍ତନୁଙ୍କ ଧର୍ମପତ୍ନୀ ଗଙ୍ଗାଙ୍କ ଗର୍ଭରୁ ଜାତ ଦେବବ୍ରତ (ଭୀଷ୍ମ) ଶାନ୍ତନୁଙ୍କ ଉତ୍ତରାଧିକାରୀରୂପେ ବିଦ୍ୟମାନ ଥିବାରୁ ସତ୍ୟବତୀଙ୍କ

ଗର୍ଭଜାତ ସନ୍ତାନ ଶାନ୍ତନୁଙ୍କ ରାଜ୍ୟର ଉତ୍ତରାଧିକାରୀ ହୋଇ ପାରିବେ ନାହିଁ, ଏହି ଆଶଙ୍କାରେ ଦାସରାଜ ଶାନ୍ତନୁଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ପିତୃଭକ୍ତ ଦେବବ୍ରତ ପିତାଙ୍କର ସତ୍ୟବତୀଙ୍କର ଲାଳସା ଅବଗତ ହୋଇ ଦାସରାଜଙ୍କ ନିକଟରେ ଉପସ୍ଥିତ ହେଲେ । ପିତାଙ୍କ ଅନ୍ତେ ସେ ସ୍ୱୟଂ ପିତୃସିଂହାସନରେ ବସିବେ ନାହିଁ ଓ ବିବାହ କରିବେ ନାହିଁ, ଏପରି ପ୍ରତିଜ୍ଞା କରି ଦାସରାଜଙ୍କ ନିକଟରୁ ସତ୍ୟବତୀଙ୍କୁ ଆଣି ପିତାଙ୍କ ହସ୍ତରେ ଅର୍ପଣ କଲେ । ଶାନ୍ତନୁଙ୍କ ଔରସରେ ସତ୍ୟବତୀଙ୍କ ଗର୍ଭରୁ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇ କୁମାର ଜାତ ହେଲେ । ଶାନ୍ତନୁଙ୍କ ମୃତ୍ୟୁ ପରେ ଚିତ୍ରାଙ୍ଗଦ ଅଳ୍ପାୟୁଃ ହୋଇ ମଲେ ଓ ଭୀଷ୍ମ ବିଚିତ୍ରବୀର୍ଯ୍ୟଙ୍କୁ ରାଜସିଂହାସନରେ ବସାଇଲେ ଏବଂ କାଶୀରାଜକନ୍ୟା ଅମ୍ବିକା ଓ ଅମ୍ବାଳିକାଙ୍କ ସଙ୍ଗେ ବିଚିତ୍ରବୀର୍ଯ୍ୟଙ୍କୁ ବିବାହିତ କରାଇଲେ; ବିଚିତ୍ରବୀର୍ଯ୍ୟ ନିଃସନ୍ତାନ ହୋଇ ମରିବାରୁ ସତ୍ୟବତୀ ସ୍ୱାମୀଙ୍କ ବଂଶରକ୍ଷାର୍ଥ ଦେବବ୍ରତଙ୍କ ପରାମର୍ଶରେ ସ୍ୱୀୟ କାନୀନ ପୁତ୍ର ବ୍ୟାସଦେବଙ୍କ ଦ୍ୱାରା ନିୟୋଗ ବିଧିରେ ଦୁଇ ପୁତ୍ରବଧୂଙ୍କ କ୍ଷେତ୍ରରେ ଧୃତରାଷ୍ଟ୍ର ଓ ପାଣ୍ଡୁ ନାମକ ଦୁଇ ପୁତ୍ର ଉତ୍ପାଦନ କରାଇଲେ । ଜ୍ୟେଷ୍ଠ ଧୃତରାଷ୍ଟ୍ର ଜନ୍ମାନ୍ଧ ଥିବାରୁ କନୀୟାନ୍ ପାଣ୍ଡୁ ରାଜସିଂହାସନରେ ବସିଲେ । ପୌତ୍ରମାନେ ବୟଃପ୍ରାପ୍ତ ହେବା ପୂର୍ବରୁ ସତ୍ୟବତୀ ଭୀଷ୍ମଙ୍କ ଆଶ୍ରୟରେ ପରମ ସୁଖରେ ରହିଲେ । ପାଣ୍ଡୁ ବୟଃପ୍ରାପ୍ତ ହେବାରୁ ଓ ଅକାଳରେ ମୃତ ହେବାରୁ ସତ୍ୟବତୀ ପୁତ୍ରବଧୂଦ୍ୱୟଙ୍କ ସହ ବନବାସ କଲେ ଓ ତପସ୍ୟା କରୁ କରୁ ପ୍ରାଣତ୍ୟାଗ କଲେ—ସୁବଳଚନ୍ଦ୍ର ।] ୪ । ଋଚୀକ ଋଷିଙ୍କ ପତ୍ନୀ; ବିଶ୍ୱାମିତ୍ରଙ୍କ ଭଉଣୀ ଓ ଶୁନଃଶେଫଙ୍କ ଜନନୀ (ସୁବଳଚନ୍ଦ୍ର)—4. Name of the wife of sage Ruchika. [ଦ୍ର—ଏ ସଶରୀର ସ୍ୱର୍ଗାରୋହଣ କରିବା ପରେ ପୃଥିବୀର ହିତକାମନାରେ ସ୍ରୋତସ୍ୱତୀ ରୂପେ ହିମାଚଳରୁ ବାହାରିଲେ ଏହି ସ୍ରୋତସ୍ୱତୀର ନାମ କୌଶିକୀ—(ସୁବଳଚନ୍ଦ୍ର) ।]

ଯୋଜନପର୍ଣ୍ଣୀ—ସଂ. ବି—ମଞ୍ଜିଷ୍ଠା; ମଞ୍ଜୁ ଅଣ୍ଡି—The Indian Jojanaparnni madder; Lawsonia Inermis; (ଯୋଜନବଲ୍ଲିକା, ଯୋଜନବଲ୍ଲୀ—ଅନ୍ୟରୂପ) Rubia Cordifolia.

ଯୋଜନା—ସଂ. ବି (ଯୁଜ୍. ଧାତୁ+ଭାବ. ଅନ+ଆ)—୧ । ଯୋଚିବା—Jojanā 1. Yoking. ୨ । ଯୋଖିବା—2. Joining. ୩ । ଯୋଗାଇବା—3. Act of supplying articles. ୪ । ଏକାଧିକ ବସ୍ତୁକୁ ଏକତ୍ର କରାଇବା; ଯୋଗ କରାଇବା—4. Act of uniting things. ୫ । ମିଶାଣ—5. Adding up. ୬ । (କୌଣସି ବିଷୟରେ) ସ୍ଥିରୀକୃତ ଉପାୟ—6. Scheme; project. ୭ । ସମ୍ମେଳନ; ଯୋଡ଼—7. Union. ୮ । ସମ୍ପର୍କ—8. Connection. ୯ । (ବ୍ୟାକରଣ) ବାକ୍ୟର ଅନ୍ୱୟ—9. Grammatical construction. ୧୦ । ବ୍ୟବସ୍ଥା; ବନ୍ଦୋବସ୍ତ—10. Arrangement; disposition. ଦେ. ବି—ଆଗାମୀ ବ୍ୟବସ୍ଥା—Plan; scheme.

ଯୋଜନିକ—ସଂ. ବିଣ (ଯୋଜନ+ଇକ)—(ଅନ୍ୟ ସଂଖ୍ୟାବାଚକ ଶବ୍ଦ Jojanika ପରେ ଲାଗେ, ଯଥା—ଦ୍ୱିଯୋଜନିକ)—ଏତେ (ଯୋଜନ୍ୟ—ଅନ୍ୟରୂପ) ଯୋଜନ ଦୂରତା ବିଶିଷ୍ଟ—Measuring so many Jojanas (Apte).

ଯୋଜନଫଟା—ଦେ. ବିଣ (ସଂ. ଯୋଜନ ବ୍ୟାପ୍ତ)—ବହୁଦୂରବ୍ୟାପୀ Jojaniphaṭā (ଦୁର୍ଗନ୍ଧ)—Spreading far and wide **बहुदूरतक फैलीहुइ,, नाकफटनेवाली नाकफाटा** (bad odour).

ଯୋଜନ ଫାଟିବା—ଦେ. ବି—ବହୁଦୂର ପର୍ଯ୍ୟନ୍ତ ଦୁର୍ଗନ୍ଧ ବିସ୍ତୃତ ହେବା—Jojani phaṭibā The spread of bad odour to a great distance. **नाकफटना** नाक फेटे याओया

ଯୋଜନୀୟ—ସଂ. ବିଣ—(ଯୁଜ୍ ଧାତୁ. ଣିଚ୍, ଯୋଜ ଧାତୁ+କର୍ମ. Jojaniya ଅନୀୟ)—୧ । ଯୋଗାଇବାର ଉପଯୋଗୀ—1. Fit to be supplied. ୨ । ଏକତ୍ରୀକରଣୀୟ—2. To be joined or united. ୩ । ଏକତ୍ର ସଂଯୁକ୍ତ ହେବାର ଯୋଗ୍ୟ—3. Fit to be brought together. ୪ । ବ୍ୟବହାର୍ଯ୍ୟ; ପ୍ରୟୋଜନୀୟ; ଯାହାକୁ କାର୍ଯ୍ୟରେ ଲଗା ଯାଇ ପାରେ—4. Necessary; useful; serviceable.

ଯୋଜୟିତା—ସଂ. ବିଣ. ପୁଂ (ଯୁଜ୍.ଧାତୁ ଣିଚ୍+କର୍ତ୍ତୃ. ତୃ, ୧ମା.୧ବ)—Jojayitā ୧ । ସଂଯୋଗକାରକ; ଯେ ଯୋଡ଼େ—1. Combi- (ଯୋଜୟିତ୍ରୀ—ସ୍ତ୍ରୀ) ning; causing union; joining. ୨ । କାର୍ଯ୍ୟରେ ଲଗାଇବା (ବ୍ୟକ୍ତି)—2. Employing. •ସଂ. ବି. ପୁଂ—କାର୍ଯ୍ୟରେ ନିଯୁକ୍ତିକାରୀ ବ୍ୟକ୍ତି; ଖାଉନ—An employer (Apte).

ଯୋଜିତ—ସଂ. ବିଣ (ଯୁଜ୍. ଧାତୁ. ଣିଚ୍, ଯୋଜ. ଧାତୁ+କର୍ମ. ତ)—Jojita ୧ । ଯୁକ୍ତ—1. Joined. ୨ । ଯୋଗ କରାଯାଇଥିବା—2. Caused to be joined. ୩ । ମିଶ୍ରିତ—3. Mixed up. ୪ । ଯୋଚା ହୋଇଥିବା—4. Yoked. ୫ । ମିଳିତ—5. Caused to be united. ୬ । ନିୟମିତ—6. Regulated. ୭ । ରଚିତ—7. Composed; constructed.

ଯୋଜିବା—ଦେ. କି (ଯୁଜ. ଧାତୁ ଣିଚ୍, ଯୋଜ. ଧାତୁ)—୧ । ଯୁକ୍ତ Jojibā କରିବା—1. To join [ଦ୍ର—କଷ୍ଟେ ସେ କାଳେ ଯୋତା(ଡ଼ା) ମୁହିଁ ଯୋଜିବି ଉତନ । ଚନ୍ଦ୍ରମଣି ବିଜୟମାଦଳିତ୍ୟ ।] **जोतना** ୨ । ଯୋଚିବା—2. To yoke. [ଯୋଜା(ଜେ)ଇବା—ଣିଜନ୍ତରୂପ]

ଯୋଜ୍ୟ—ସଂ. ବିଣ. (ଯୁଜ୍. ଧାତୁ+କର୍ମ. ଯ)—ଯୋଜନୀୟ (ଦେଖ) Jojya Jojaniya (See). ସଂ. ବିଣ (ଗଣିତ)—ମିଶାଯିବାର ଯୋଗ୍ୟ (ସଂଖ୍ୟାମାନ)—(arithmetic) (numbers; To be added up.

ଯୋଟ୍(ଟ) (ଇତ୍ୟାଦି) – ଜୋଟ୍ (ଟ) (ଇତ୍ୟାଦି) (ଦେଖ)
Jot(ṭa) (etc) Jot (ṭa) (etc) (See),

ଯୋଟକ—ସଂ. ବିଣ—(ଯୁଟ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—୧ । ଯେ
Joṭaka ଯୁଟାଇ ଦିଏ; ମଧ୍ୟସ୍ଥ—1. Negotiating. ୬ । ଯେ ମିଳାଇ ଦିଏ—2. Bringing about an union. ବି—୧ । (+ଯୁଟ ଧାତୁ+ଭାବ. ଅକ) ମିଳନ—1. An union. ୬ । ବରକନ୍ୟାଙ୍କ ଜାତକରେ ଗ୍ରହନକ୍ଷତ୍ରାଦିର ଅବସ୍ଥିତିରେ ଅନୁକୂଳତା—2. The favorable positions of stars and planets in the horoscopes of the bridgroom and the bride ● । ଭାଡ଼ୁଆ—3 A bawd ୪ । ଘଟକ; ବିବାହ ପ୍ରସଙ୍ଗରେ ମଧ୍ୟସ୍ଥବ୍ୟକ୍ତି—4. Match maker. ୫ । ଦଲାଲ—4. Commission agent.

ଯୋଟଣ—ଦେ. ବି—ଜୋଟଣ (ଦେଖ)
Joṭaṇa Joṭaṇa (See)

ଯୋଟା (ଇତ୍ୟାଦି)—ଦେ. ବି ଓ ବିଣ—ଜୋଟା ଇତ୍ୟାଦି (ଦେଖ)
Joṭā (etc) Joṭā etc (See)

ଯୋଟା(ଟେ)ଇବା – ଦେ. କ୍ରି – ଜୋଟାଇବା (ଦେଖ)
Joṭā(ṭe)ibā Joṭāibā (See)

ଯୋଟିବା—ଦେ. କ୍ରି (ସଂ. ଯୁଟ ଧାତୁ, ଯୁଟ ଧାତୁ)— ୧ । ଜୁଟିବା (ଦେଖ)
Joṭibā 1. Juṭibā (See) ୬ । (ସଂ. ଯୁଟ ଧାତୁ ଣିଚ୍
जोतना ଯୋତ୍ ଧାତୁ, ଯୁଜ ଧାତୁ ଣିଚ୍ ଯୋଜ ଧାତୁ) ଯୋଚିବା (ଯୋଟା(ଟେ)ଇବା—ଣିଜନ୍ତ ରୂପ) (ଦେଖ)—Jochibā (See) [ଉ—ଏହା କହି ଗାଣ୍ଡିବ ଗୁଣେ ଗୁଣ ଯୋଟି, ବହଲେ ଗଜବେ ଦେଖାଇ ବିକଟେ—କୃଷ୍ଣସିଂହ. ମହାଭାରତ. ବନ ।] ● । ତୁଳନାରେ ସମତୁଲ ହେବା; ସମକକ୍ଷ ହେବା—3. To be found equal in comparison; to tally with.

ଯୋଡ଼ (ଇତ୍ୟାଦି)— ଦେ. ବି ଓ ବିଣ.—ଜୋଡ଼ ଇତ୍ୟାଦି (ଦେଖ)
Jorda (etc) Jorda etc (See)

ଯୋଡ଼ା (ଇତ୍ୟାଦି)—ଦେ. ବି. ଓ ବିଣ.—ଜୋଡ଼ା ଇତ୍ୟାଦି (ଦେଖ)
Jordā (etc) Jordā etc (See)

ଯୋଡ଼ା(ଡ଼େ)ଇ—ଦେ. ବି. ଓ ବିଣ.—ଜୋଡ଼ାଇ (ଦେଖ)
Jordā(rde)i Jordāi (See)

ଯୋଡ଼ାଇକୁଳି—ଦେ. ବି—ଦୁରକୁଳି (ଦେଖ)
Jordāikuḷi Durakuḷi (See)

ଯୋଡ଼ାଣ—ପ୍ରାଦେ (ସମ୍ବଲପୁର) ବି. (ସଂ. ଯୋଜନ)—୧ । ଇଟାର ବା
Jordāṇa ପଥରର ଗାନ୍ଥନି—1. Stone or brick masonry. ୬ । ଗାନ୍ଥନିରେ ବସାଯାଇଥିବା ଦୁଇଟି ଇଟା ବା ପଥରର ମଝିରେ ଥିବା ଫାଟ—2. The crevice between two pieces of bricks or stones set in a masonry work. ● । ଯୋଜନ; ଯୋଗ କରିବା—3. Act of uniting.
ଜୋଡ଼ା
जोडना

ଯୋଡ଼ି (ଇତ୍ୟାଦି)—ଦେ. ବି ଓ ବିଣ—ଜୋଡ଼ି ଇତ୍ୟାଦି (ଦେଖ) —
Jordi (etc) Jordi etc (See)—ପ୍ରାଦେ (ବାଲେଶ୍ୱର) କାଞ୍ଜିହାଉସ—Cattle pound.

ଯୋଡ଼ିଆ—ପ୍ରାଦେ (ସିଂହଭୂମ) ବି—ନାଳ; ପାଣିନାହାଣି—
Jordiā Water channel.

ଯୋଡ଼ିଏ(କ)—ଦେ. ବିଣ ଓ ବି (ଆଦରାର୍ଥକ)—୧ । ଦୁଇ ଖଣ୍ଡ—
Jordie(ka) 1. Two pieces [ଉ—ଯୋଡ଼ିଏ ଲୁଗା ଦେଇ ଏକଜୋଡ଼ା(ଡ଼ି) ଗଲେ ଅନ୍ତର୍ଦ୍ଧାନେ । କୃଷ୍ଣସିଂହ. ମହାଭାରତ
एकजोडा ବନ ।] ୬ । ଦୁଇ ଜଣ—2. Two (persons) [ଉ—ତାଙ୍କ ପୁଅ ଝିଅ ଯୋଡ଼ିଏ ଜାତ ହେଲେ । କୃଷ୍ଣସିଂହ ମହାଭାରତ. ଆଦି ।] ● । ସଂଖ୍ୟାରେ ଦୁଇଟି—3. Two
जोडा in number. ୪ । ଦୁଇଟି ମାତ୍ର—4. Two only.
[ଯୋଡ଼ା(କ)—ଅନାଦରାର୍ଥକ ରୂପ] [ଉ—ଧୋବା ମଳକ ! ସଙ୍ଖାଳ କରୁଛୁ ଝିଅ ଯୋଡ଼ିକ—ଭଗ ।]

ଯୋଡ଼ିଘର—ପ୍ରାଦେ (ଗଞ୍ଜାମ) ବି—କାଞ୍ଜିହାଉସ; ପଶୁ ଜେଲ—
Jordi ghara Cattle-pound.

ଯୋଡ଼ି ପାଲି—ଦେ. ବି—ଯାଉଁଳି ପାଲି (ଦେଖ)
Jordi pālā জোড়াপালা Jāuṇḷi pālā (See)

ଯୋଡ଼ି ପିଆଦା—ଦେ. ବି—ଜମିଦାରଙ୍କର ବା ମହାଜନଙ୍କର ପ୍ରଜା ବା
Jordi piādā ଖାତକ ପ୍ରତି ତଲବ୍‌ର ଗୁରୁତ୍ୱର ପ୍ରତିପାଦନ କରିବା ପାଇଁ
যোড়া পেয়াদা ଜଣକ ପରିବର୍ତ୍ତେ ପଠାଯିବା ଦୁଇ ଜଣ ଉପସ୍ଥିତି—
जोडी पयादा Double peons deputed by Zemindars or creditors to their tenants or debtors to impress the urgency of the demand upon the latters' minds.

ଯୋଡ଼ିବା—ଦେ. କ୍ରି (ସଂ. ଯୁଜ, ଯୁଟ ଧାତୁ)—ଜୋଡ଼ିବା (ଦେଖ)—
Jordibā জোড়া **जेडना** Jordibā (See)
[ଯୋଡ଼ା(ଡ଼େ)ଇବା—ଣିଜନ୍ତରୂପ]
[ଯୋଡ଼ାଯି(ହେ)ବା, ଯୋଡ଼ି ହେବା—କର୍ମବାଚ୍ୟରୂପ]

ଯୋଡ଼ି ଯମକ—ଦେ. ବି—୧ । ଯାଉଁଳି ଯମକ; ପଦ୍ୟ ରଚନାରେ
Jordi jamaka ଆଦ୍ୟ ଓ ପ୍ରାନ୍ତ ଯମକଯୁକ୍ତ ପଦ୍ୟ—1. A
জোড়া যমক poem alliterated in the beginning
जोडी यमक and at the end. ୬ । ଆଦ୍ୟ ଓ ପ୍ରାନ୍ତ ଯମକ—2. Double alliteration. ● । ଦୁଇଟି ସଦୃଶ ବସ୍ତୁର ଏକତ୍ରାବସ୍ଥିତି—3. Symmetrical arrangement of two similar things. ବିଣ—(ଦୁଇଟି ସଦୃଶବସ୍ତୁ) ଏକତ୍ରାବସ୍ଥିତି ଯୋଗୁଁ ଶୋଭାଯୁକ୍ତ—(two things) Symmetrically or artistically arranged in a pair.

ଯୋଡ଼ିରଦି—ଦେ. ବି (ବଣିଆ ଶବ୍ଦ)—ଗୋଡ଼ର ବୁଢ଼ାଅଙ୍ଗୁଠିରେ
Jordiradi ପିନ୍ଧାଯିବା ପାଇଁ ଖଣ୍ଡିଏ ଦୁଇ ତାର ଦୁଇ ପ୍ରସ୍ଥ ଗୁଡ଼ା
জোড়াআংঠি ହୋଇ ତଆର କରାଯାଇଥିବା ମୁଦି—A ring
जोडीअंगुठी made by twining two strings or coils of wire for putting on the toes.

ଯୋତ୍ସ୍ୟମାନ—ସଂ. ବଣ. ପୁଂ (ଯୁଧ୍ ଧାତୁ+ଭବିଷ୍ୟତ୍କାଳ ଅର୍ଥେ. ସ୍ୟମାନ)—ଯୁଦ୍ଧ କରିବାକୁ ଉଦ୍‌ଯୋଗୀ—
Jotsyamāna (ଯୋତ୍ସ୍ୟମାନା—ସ୍ତ୍ରୀ) Ready to fight; about to fight.

ଯୋତ (ଇତ୍ୟାଦି)—ଦେ. ବି—ଜୋତ ଇତ୍ୟାଦି (ଦେଖ)
Jota (etc) Jota etc (See)

ଯୋ'ତର—ଗ୍ରା. ବି—ଜୋତର (ଦେଖ)
Jotara Jotara (See)

ଯୋତା (ଇତ୍ୟାଦି)—ଦେ. ବି—ଜୁ(ଜୋ)ତା ଇତ୍ୟାଦି (ଦେଖ)
Jotā (etc) Ju(jo)tā etc (See)

ଯୋତା(ତେ)ଇବା—ଦେ. କି—ଜୋତାଇବା (ଦେଖ)
Jotā(te)ibā Jotāibā (See)

ଯୋତି—ଗ୍ରା. ବି.—(ସ. ଜ୍ୟୋତିଃ)—ଜ୍ୟୋତିଃ (ଦେଖ)
Joti Jyotiḥ (See)

ଯୋତିବା—ଦେ. କି—ଜୋତିବା 'ଦେଖ'
Jotibā Jotibā (See)

ଯୋତୁଃ—ସଂ. ବି—୧ । ପରିମାଣ—1. A measure in general. ୨ । ପରିଷ୍କରଣ—2. Cleaning; purifying.
Jotuḥ

ଯୋତ୍ର—ସଂ. ବି (ଯୁ. ଧାତୁ=ଯୋଗ କରିବା+କରଣ, ବା ଯୁଜ୍. ଧାତୁ+କରଣ ତ୍ର)—୧ । ଯୋତ ଦଉଡ଼ି; ଲଙ୍ଗଳ ଦଉଡ଼ି—1. A rope used for tying the shaft or beam of a plough to the yoke. ୨ । ଯୁଆଳି—2. Yoke. ୩ । ସମ୍ପତ୍ତି—3. Riches. ବୈଦେ. ବି—ଜୋତ ଇତ୍ୟାଦି (ଦେଖ)—Jotra etc (See)
Jotra [ଯୋକ୍ତ୍ର—ଅନ୍ୟରୂପ]

ଯୋଦ୍ଧା—ସଂ. ବଣ. ପୁଂ—(ଯୁଧ୍. ଧାତୁ=ଯୁଦ୍ଧ କରିବା+କର୍ତ୍ତୃ. ତୃ=ଯୋଦ୍ଧୃ; ୧ମା.୧ବ)—୧। ଯୁଦ୍ଧକାରୀ—1. Combating; fighting; engaged in fight. ୨ । ରଣକୁଶଳ—2. Skilled in the art of war. ବି—୧। ଯୁଦ୍ଧକାରୀ ବ୍ୟକ୍ତି—1. Combatant; warrior. ୨ । ସୈନିକ—2. A soldier. ୩ । ରଣକୁଶଳ ବ୍ୟକ୍ତି; ବୀର—3. A hero. ଦେ. ବି—୧ । ସାହସୀ ବ୍ୟକ୍ତି—1. A brave person. ୨ । ବଳବାନ୍ ବ୍ୟକ୍ତି—2. A strong person. [ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ସମାସ ହେଲେ 'ଯୋଦ୍ଧୃ'ରୂପ ହୁଏ; ଯଥା—ଯୋଦ୍ଧୃଗଣ, ଯୋଦ୍ଧୃବେଶ ।]
Joddhā [ଯୋଦ୍ଧ୍ରୀ—ସ୍ତ୍ରୀ]

ଯୋଦ୍ଧୃଗଣ—ସଂ. ବି—ଯୋଦ୍ଧାମାନେ—A collection of warriors; a number of combatants.
Joddhṛugaṇa [ଯୋଦ୍ଧୃବର୍ଗ, ଯୋଦ୍ଧୃବୃନ୍ଦ, ଯୋଦ୍ଧୃସମୂହ—ଅନ୍ୟରୂପ]

ଯୋଦ୍ଧୃଜନ—ସଂ. ବି—ସୈନିକ—
Joddhṛujana A soldier.
[ଯୋଦ୍ଧୃପୁରୁଷ, ଯୋଦ୍ଧୃବ୍ୟକ୍ତି—ଅନ୍ୟରୂପ]

ଯୋଦ୍ଧୃଜାତି—ସ. ବି. (୬ଷ୍ଠୀ ତତ୍)—ଯୁଦ୍ଧପଟୁ-ବ୍ୟକ୍ତି-ବହୁଳ ଜାତି—
Jodhṛu jāti A nation of warriors; a martial tribe.

ଯୋଦ୍ଧୃପତି—ସ. ବି. (୬ଷ୍ଠୀ ତତ୍)—ସେନାପତି—
Jodhṛupati A general; a commander.

ଯୋଦ୍ଧୃବେଶ—ସ. ବି. (୬ଷ୍ଠୀ ତତ୍)—ବୀର ବେଶ; ସୈନିକ ପୁରୁଷର ପରିଚ୍ଛଦ—Military dress.
Jodhṛu besa

ଯୋଧ—ସ. ବି. (ଯୁଧ୍ ଧାତୁ+କର୍ତ୍ତୃ. ଅ)—୧ । ଯୋଦ୍ଧା—1. Warrior; soldier. ୨ । (+ଭାବ.ଅ) ଯୁଦ୍ଧ—2. Fight; war; battle.
Jodha

ଯୋଧକ—ସ. ବଣ. ପୁଂ (ଯୁଧ୍ ଧାତୁ+କର୍ତ୍ତୃ. ଅକ)—ଯୋଦ୍ଧା; ସିପାହି—Warrior; soldier.
Jodhoka (ଯୋଧିକା—ସ୍ତ୍ରୀ)

ଯୋଧ ଧର୍ମ—ସ. ବି. (୬ଷ୍ଠୀ ତତ୍)—୧ । ସୈନିକର କର୍ତ୍ତବ୍ୟ—1. The duty of a soldier. ୨ । ଯୁଦ୍ଧ ଆଇନ—2. Military law.
Jodha dharma

ଯୋଧନ—ସ. ବି. (ଯୁଧ୍ ଧାତୁ+ଭାବ. ଅନ)—୧ । ଯୁଦ୍ଧ କରିବା—1. Fighting. ୨ । (+କର୍ତ୍ତୃ. ଅନ) ଯୋଦ୍ଧା—2. Warrior; combatant. ୩ । (+କରଣ.ଅନ) ଯୁଦ୍ଧାସ୍ତ୍ର—3. A weapon of war.
Jodhana (ଯୋଧନୀୟ—ବଣ)

ଯୋଧ ପୁର—ଦେ. ବି. (ନାମ)—ରାଜପୁତାନାର ଯୋଦ୍ଧୃପ୍ରସବା ରାଜ୍ୟବିଶେଷ; ମାରବାଡ଼ ରାଜ୍ୟ—Name of a State of Rajputana.
Jodha pura যোধপুর योधपुर
[ଦ୍ର—ଏହା ରାଜପୁତାନାର ରାଜ୍ୟମାନଙ୍କ ମଧ୍ୟରେ ବୃହତ୍ତମ ରାଜ୍ୟ । ଏଥିର କ୍ଷେତ୍ରଫଳ ୩୭ ହଜାର ବର୍ଗ ମାଇଲ୍ । ଏ ରାଜ୍ୟର ଅଧିକାଂଶ ମରୁମୟ ଅଟେ । ଏଥିର ଦକ୍ଷିଣପୂର୍ବ ସୀମାରେ ଆରାବଳୀ ପର୍ବତମାଳା ଅବସ୍ଥିତ । ଏ ରାଜ୍ୟ ଓ ଜୟପୁର ରାଜ୍ୟ ମଧ୍ୟରେ ଲବଣସମ୍ବର ସମ୍ବରହ୍ରଦ ଅବସ୍ଥିତ । ଏ ରାଜ୍ୟରେ ଥିବା ଅନ୍ୟ ୨୪ ହ୍ରଦରୁ ମଧ୍ୟ ଲୁଣ ମିଳିଥାଏ । ଅଜମୀରର ଗୋଟିଏ ହ୍ରଦରୁ ବାହାରିଥିବା ଲୁଣୀ ନଦୀ ଏ ରାଜ୍ୟ ମଧ୍ୟରେ ପ୍ରବାହିତ । ଏ ରାଜ୍ୟରେ ବୃଷ୍ଟିର ପରିମାଣ ଅତି ଅଳ୍ପ । ଲୋକେ ବହୁଗଭୀର କୂପମାନ ଖୋଳି ସେଥିରେ ଜଳ ମଜ୍ଜାନ୍ତି । ଏ ରାଜ୍ୟର ପ୍ରଧାନ ଫସଲ ଗହମ, ଯବ ଓ ବାଜରା । ଏ ରାଜ୍ୟର ଅଧିପତି ସୂର୍ଯ୍ୟବଂଶୀୟ ରାଠୋର ରାଜପୁତ ଅଟନ୍ତି । ଭାରତର ସର୍ବତ୍ର ବ୍ୟବସାୟ କରୁଥିବା ମାରବାଡ଼ୀମାନେ ଏ ରାଜ୍ୟର ଅଧିବାସୀ ଅଟନ୍ତି । ଏ ରାଜ୍ୟର ରାଜଧାନୀ ଯୋଧପୁର । ଏହା ଗୋଟିଏ ସ୍ୱାଧୀନ ରାଜ୍ୟ । କାନ୍ୟକୁବ୍ଜର ଅନ୍ତିମ ରାଠୋର ରାଜା ଶିବାଜୀଙ୍କ ଦ୍ୱାରା ଏ ରାଜ୍ୟ ଦ୍ୱାଦଶ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିଲା । ଖ୍ରୀ ୧୫୬୧ ରେ ମୋଗଲସମ୍ରାଟ୍ ଅକବର ଏହାକୁ ଜୟ କଲେ । ତତ୍ପରେ ଏ ମରହଟ୍ଟାମାନଙ୍କ ଅଧିକାରଭୁକ୍ତ ହେଲା ଓ ଖ୍ରୀ ୧୮୧୮ ରେ ଏହା ଇଂରାଜଙ୍କ ମିତ୍ରରାଜ୍ୟ ରୂପେ ପରିଗଣିତ ହେଲା । ଏଠାରେ ବ୍ରିଟିଶ ସରକାରଙ୍କର ଜଣେ ଏଜେଣ୍ଟ୍ ବା ରେସିଡେଣ୍ଟ୍ ଥାଆନ୍ତି ।]

ଯୋଧ ବୀର—ସ. ବି. ପୁଂ (୭ମୀ ତତ୍)—୧ । ପ୍ରଧାନ ଯୋଦ୍ଧା—1. A chief warrior. ୨ । ଯୋଦ୍ଧୃ ବର୍ଗର ନେତା—2. A leader of warriors or soldiers.
Jodha bīra (ଯୋଧ ମୁଖ୍ୟ—ଅନ୍ୟରୂପ)

ଯୋଧୟନ୍—ସ. ବଣ. ପୁଂ (ଯୁଧ୍ ଧାତୁ+କର୍ତ୍ତି. ଅନ୍)—ଯୁଦ୍ଧରେ ନିଯୁକ୍ତ; ଯୁଦ୍ଧ କରୁଥିବା—Fighting; engaged in fight
Jodhayan
(ଯୋଧୟନ୍ତୀ—ସ୍ତ୍ରୀ)

ଯୋଧ ସଂରାବ—ସ. ବ. (୬ଷ୍ଠୀ ତତ୍)—ଯୋଦ୍ଧାଗଣଙ୍କର ପରସ୍ପରକୁ ସ୍ପର୍ଦ୍ଧା ସହିତ ଯୁଦ୍ଧକୁ ଆହ୍ୱାନ—A mutual call to fight by warriors; the challenge of combatants.
Jodha samrāba

ଯୋଧା—ଦେ. ବ. (ସ. ଯୋଦ୍ଧା, ଯୋଧ)—୧ । ଯୋଦ୍ଧା—1. Warrior; combatant. [ଦ୍ର—ଦେଶକୁ ବୀର **ଯୋଧା** ଏ ମାଳ ଦଶ ହଜାର ଯୋଧା ଧର ଚୂଲୁଛୁ । ନୀଳକଣ୍ଠ. ପିଙ୍ଗଳ ରାମାୟଣ ।] ୨ । ବୀର ପୁରୁଷ—2. A hero. ୩ । ବଳବାନ୍ ବ୍ୟକ୍ତି—3. A strong person. ୪ । ନେତା ବ୍ୟକ୍ତି—4. A leader. ୫ । ବନ୍ଧୁଲୋକଙ୍କ ମଧ୍ୟରେ ଗୁଣବାନ୍ ବ୍ୟକ୍ତି; ଯୋଗ୍ୟ ବ୍ୟକ୍ତି—5. An excellent or worthy person. ବଣ—୧ । ବୀରତ୍ୱପୂର୍ଣ୍ଣ—1. Heroic. ୨ । ବଳୁଆ—2. Strong. ୩ । ଯୋଗ୍ୟ; ଗୁଣୀ—3. Worthy.
Jodhā

ଯୋଧାଗାର—ସଂ. ବ. (୬ଷ୍ଠୀ ତତ୍)—ସେନା ନିବାସ—Barrack (Apte).
Jodhāgāra

ଯୋଧୀ—ସ. ବ. ପୁଂ (ଯୁଧ ଧାତୁ+କର୍ତ୍ତି. ଇନ୍; ୧ମା. ୧ବ)—୧ । ଯୋଦ୍ଧା—1. Warrior; combatant. ୨ । ବୀର—2. Hero. ଦେ. ବ ଓ ବଣ.ପୁଂ ଓ ସ୍ତ୍ରୀ—ଯୋଧା (ଦେଖ)—Jodhā (See)
Jodhi
(ଯୋଧିନୀ—ସ୍ତ୍ରୀ)

ଯୋଧେୟ—ସଂ. ବ. ପୁଂ (ଯୋଧ+ସ୍ୱାର୍ଥେ. ଏୟ)—ଯୋଦ୍ଧା—Warrior; combatant
Jodheya

ଯୋ ନଲ—ସଂ. ବ. (ଯବନଲର ରୂପାନ୍ତର; ଯବ ସ୍ଥାନରେ 'ଯୋ)—ଜୁଆର (ଦେଖ)—Juārā (See)
Jonala

ଯୋନି(ନୀ)—ସଂ. ବ. (ଯୁ ଧାତୁ=ଯୋଗ କରିବା+କର୍ତ୍ତି. ନି;+ଈ)—୧ । ସ୍ତ୍ରୀଜନନେନ୍ଦ୍ରିୟ; ଭଗ—1. Vagina; the vulva; the female organ of generation. ୨ । କାରଣ; ହେତୁ—2. Cause; origin. ୩ । ଉତ୍ପତ୍ତି ସ୍ଥଳ—3. The place of origin; source; spring. [ଦ୍ର—ଜୀବମାନଙ୍କର ଉତ୍ପତ୍ତିସ୍ଥଳ ହିନ୍ଦୁ ଶାସ୍ତ୍ରରେ ୮୪ ଲକ୍ଷ ପ୍ରକାର ବୋଲି ବର୍ଣ୍ଣିତ ହୋଇ ଅଛି, ତନ୍ତୁ ପ୍ରଧାନତଃ ଜୀବମାନେ ଏହି ଦୃଷ୍ଟିରେ ୪ ଶ୍ରେଣୀରେ ବିଭକ୍ତ ଯଥା—ଅଣ୍ଡଜ, ସ୍ୱେଦଜ, ଉଦ୍ଭିଜ୍ଜ, ଜରାୟୁଜ । ସଂସାରରେ ଜଳଜନ୍ତୁ—୯ ଲକ୍ଷ, ସ୍ଥାବର ୨୦ ଲକ୍ଷ, କୃମି ୧୧ ଲକ୍ଷ, ପକ୍ଷୀ ୧୦ ଲକ୍ଷ, ପଶୁ ୩୦ ଲକ୍ଷ, ମନୁଷ୍ୟ ୪ ଲକ୍ଷ, ସର୍ବମୋଟ ୮୪ ଲକ୍ଷ ଜୀବ ବୋଲି ଶାସ୍ତ୍ରରେ କଥିତ । ଜୀବ ସ୍ୱୀୟ କର୍ମ ଫଳରେ ଏ ସବୁଯୋନିରେ ଭ୍ରମଣ କରେ । ମନୁଷ୍ୟଯୋନି ସବୁଠାରୁ ଶ୍ରେଷ୍ଠ ଓ ଦୁର୍ଲଭ—ହି. ଶ] ୪ । ଜୀବଗଣର ମାତୃ ଗର୍ଭରୁ ଉତ୍ପତ୍ତି ସ୍ଥାନ—4. The passage through which animals are born. ୫ । ଜଳ—5. Water. ୬ । କୌଣସି ଜୀବରୂପରେ ଜାତ ପ୍ରାଣୀମାନଙ୍କ ବିଭାଗ, ଜାତି ବା ବର୍ଗ (ହି. ଶ.)—6. Species of animals. ୭ । ଉତ୍ପତ୍ତିର କାରଣ—7. Generating cause (Apte). ୮ । ଖଣି; ଆକର (ହି. ଶ)—8. Mine. ୯ । ଆଧାର—9. Seat; repository; receptacle (Apte). ୧୦ । ଆବାସ—10. Home; abode (Apte). ୧୧ । ଜୀବରୂପେ ଅବସ୍ଥିତି—11. Form of animal existence (Apte). (ଯଥା—ପାପୀଲୋକ ପରଜନ୍ମରେ ପଶୁଯୋନି ପ୍ରାପ୍ତ ହୁଏ ।) ୧୨ । ପୂର୍ବଫାଲ୍ଗୁନୀ ନକ୍ଷତ୍ର—12. The 11th asterism (Apte). ୧୩ । ଅନ୍ତଃକରଣ (ହି. ଶ)—13. Heart (Apte). ୧୪ । ଗର୍ଭ; ଗର୍ଭାଶୟ (ହି. ଶ)—14. Womb; uterus (Apte). ୧୫ । ଜନ୍ମ (ହି. ଶ)—15. Birth.
Joni(ni)

ପ୍ରଥମ ଅର୍ଥରେ ଅନ୍ୟ ସ. ପ୍ରତିଶବ୍ଦ—ଅଧ, ଅଧର, ଅପଥ, ଅପ୍ରଦେଶ, ଅବାଚ୍ୟ ଦେଶ, ଉପସ୍ଥ, କନ୍ଦର୍ପ କୂପ, କନ୍ଦର୍ପ ସନ୍ଧି, କନ୍ଦର୍ପ ସମ୍ବାଧ, କଳତ୍ର, ଗୁହ୍ୟ, ଜନ୍ମବର୍ତ୍ମ, ପୁଷ୍ପୀ, ପ୍ରକୃତି, ପ୍ରଜନ, ରତିକୁହର, ରତିଗୃହ, ରତିମନ୍ଦିର, ରତ୍ୟଙ୍ଗ, ବରାଙ୍ଗ, ସଂସାରମାର୍ଗ, ସଂସାର ମାର୍ଗକ, ସ୍ତ୍ରୀ ଚିହ୍ନ, ସ୍ମର କୂପକ, ସ୍ମର ଗୃହ, ସ୍ମର ଧ୍ୱଜ, ସ୍ମର ମନ୍ଦିର, ସ୍ମରାଗାର, ସ୍ମରପୁର ।

ଯୋନି କନ୍ଦ—ସଂ. ବ [ବୈଦ୍ୟକ]—ରକ୍ତ ଓ ପୂଜସ୍ରାବୀ ଯୋନିରୋଗବିଶେଷ—A disease of the vulva.
Joni kand

ଯୋନି କପାଟ—ସ. ବ.—(ବୈଦ୍ୟକ)—ଯୋନିର ପାର୍ଶ୍ୱ ଦେଶସ୍ଥ ସ୍ଥିତିସ୍ଥାପକ ଅବରଣ ଦ୍ୱୟ—Labia Majora
Joni kapāta

ଯୋନି କୀଟ—ସ. ବ.—ଲମ୍ପଟ ବା କାମୁକ ବ୍ୟକ୍ତି—A lecher; a lascivious person,
Joni kita

ଯୋନି ଗାତ୍ର—ସ. ବଣ. ପୁଂ(୬ଷ୍ଠୀତ)—ଭଗର ଅଙ୍ଗ—The body of the vulva.
Joni gātra

ଯୋନିଜ—ସ. ବଣ. ପୁଂ—ଜରାୟୁଜ ଓ ଅଣ୍ଡଜ (ପ୍ରାଣୀ); ମାତୃଯୋନିଜାତ ଶରୀରବିଶିଷ୍ଟ—Viviparous; born from the mother's womb. [ଦ୍ର—ସୀତା ମାତୃଗର୍ଭରୁ ଜାତ ହୋଇ ନ ଥିବାରୁ ତାଙ୍କର ଏକ ବିଶେଷଣ ଅଯୋନିଜା ।] ସ. ବ.—ଜରାୟୁଜ ବା ଅଣ୍ଡଜ ପ୍ରାଣୀ—Viviparous animal.
Jonija
[ଯୋନିଜା—ସ୍ତ୍ରୀ]
[ଅଯୋନିଜ—ବିପରୀତ]

ଯୋନି ତୀର୍ଥ—ସ. ବ—ହିନ୍ଦୁମାନଙ୍କର ତୀର୍ଥ ବିଶେଷ—Name of a place of Hindu pilgrimage. [ଦ୍ର—ଭୀମା ଦେବୀଙ୍କ ସ୍ଥାନ ଯୋନି ତୀର୍ଥେ ଯାଇ । ସ୍ନାନ କଲେ ଯେ ଦେବୀ ପୁଣ ସେ ହୁଅଇ । କୃଷ୍ଣସିଂହ. ମହାଭାରତ. ବନ ।]
Joni tirtha

ଯୋନି ଦେବତା—ସ. ବ.(ବହୁବ୍ରୀହି)—ପୂର୍ବଫାଲ୍ଗୁନୀ ନକ୍ଷତ୍ର—The 11tht lunar mansion.
Joni debatā

ଯୋନି ଦୋଷ—ସ. ବ.—ଉପଦଂଶ ରୋଗ [ହି. ଶ.]—Syphilis.
Joni dosha

ଯୋନି ନାସା—ସଂ. ବ.—[ବୈଦ୍ୟକ]—ଭଗର ଊର୍ଦ୍ଧ୍ୱଭାଗସ୍ଥ ନାସିକା-
Joni nāsā ବତ୍ ମାଂସ ଖଣ୍ଡ—The upper part of the
(ଯୋନିନାସିକା—ଅନ୍ୟରୂପ) vulva or the union of the Libae.

ଯୋନି ପାର୍ଶ୍ୱ—ସଂ. ବ.—[ବୈଦ୍ୟକ]—ଭଗକପାଟର ପାର୍ଶ୍ୱଭାଗ—
Joni pārswa The lips of the vulva; labia Pudendi.

ଯୋନି ଭଞ୍ଜ—ସଂ. ବ.—[ବୈଦ୍ୟକ]—ଯୋନିକପାଟର ଅନ୍ତର୍ଭାଗସ୍ଥ
Joni bhañja ସୂକ୍ଷ୍ମ ଝିଲ୍ଲୀଦ୍ୱୟ—The nymphae; the Labia Minora; semicircular glandular membranes situate below the Labia Majora.

ଯୋନି ଭ୍ରଂଶ—ସଂ. ବ.—(୬ଷ୍ଠୀ ତତ୍)—ଯୋନି ରୋଗବିଶେଷ;
Joni bhramsa ଗର୍ଭାଶୟ ସ୍ୱସ୍ଥାନରୁ ଚ୍ୟୁତ ହେବା ରୋଗ; ସ୍ତ୍ରୀ-ମାନଙ୍କ ପଦ୍ମ ଖସିବା; ପେଲ—Displacement of the uterus; Prolapsus Uteri (Apte).

ଯୋନି ଭ୍ରମଣ—ସଂ. ବ.—(୭ମୀ ତତ୍)—ପୁନର୍ଜନ୍ମ; ପୁନଃ ପୁନଃ ଜନ୍ମ-
Joni bhramana ଗ୍ରହଣ—Rebirth. [ଉ—ଭେଦ ପାରଲେ ସ୍ୱାନ ସର, ଯୋନି ଭ୍ରମଣ ହୋଏ ଦୂର ।
ପ୍ରାଚୀ. ତୀର୍ଥମାହାତ୍ମ୍ୟ ।]

ଯୋନି ମୁକ୍ତ—ସଂ. ବଣ.—[୫ମୀ ତତ୍]—ପୁନଃ ପୁନଃ ସଂସାରରେ
Joni mukta ଜନ୍ମଲାଭ କରିବାରୁ ମୁକ୍ତ; ମୋକ୍ଷପ୍ରାପ୍ତ (ହି. ଶ.)—Emancipated from repeated births.

ଯୋନି ମୁଦ୍ରା—ସଂ. ବ.—(ତନ୍ତ୍ର)—ଦେବାରାଧନ କାଳରେ ପ୍ରଦର୍ଶନୀୟ
Joni mudrā କରତଳ ଓ ଅଙ୍ଗୁଳମାନଙ୍କର ସନ୍ନିବେଶବିଶେଷ (ଏହା ଯୋନି ପରି ଦେଖା ଯିବାରୁ)—A mystic gesticulation of the palms employed during worship,
[ଦ୍ର—ଏକ ହାତର କନିଷ୍ଠାଦ୍ୱାରା ଅପର କନିଷ୍ଠା ବନ୍ଧ କରି, ତର୍ଜନୀଦ୍ୱୟ ଦ୍ୱାରା ଅନାମିକା ଦ୍ୱୟ ବନ୍ଧ କରିବ, ଅନାମିକା ଦ୍ୱୟ ଉନ୍ନତ କରିବ ଏବଂ ଅଙ୍ଗୁଷ୍ଠ ଦ୍ୱୟର ଅଗ୍ର-ଭାଗ ମଧ୍ୟମାର ଅଗ୍ରଭାଗ ପର୍ଯ୍ୟନ୍ତ ସିଧା କରି ଦେଲେ ଯୋନି-ମୁଦ୍ରା ହୁଏ ।—ପ୍ରକୃତିବାଦ ।]

ଯୋନି ଯନ୍ତ୍ର—ସଂ. ବ.—କାମାକ୍ଷା, ଗୟା ଆଦି ବିଶିଷ୍ଟ ତୀର୍ଥରେ ଥିବା
Joni jantra ଏକ ସଂକୀର୍ଣ୍ଣ ମାର୍ଗ ବା ରନ୍ଧ୍ର, ଯହିଁରେ ଗଳି କରି ବାହାରି ଯିବା ବ୍ୟକ୍ତିର ପୁନର୍ଜନ୍ମ ହୁଏ ନାହିଁ ବୋଲି ଲୋକବିଶ୍ୱାସ ଅଛି (ହି.ଶ.)—A narrow aperture existing in certain sacred places, the passers through which are believed not be reborn in the world.

ଯୋନି ରଞ୍ଜନ—ସଂ. ବ—ସ୍ତ୍ରୀ ରଜଃ; ନେଡ଼ି—
Joni rañjana Menstrual flux or secretion

ଯୋନି ରୋଗ—ସଂ. ବ—ଯୋନିକୁ ଆକ୍ରମଣ କରିବା ରୋଗ—
Joni roga Diseases of the vulva.

ଯୋନି ଲିଙ୍ଗ—ସଂ. ବ—(୬ଷ୍ଠୀ ତତ୍; ଯୋନି + ଲିଙ୍ଗ)—ଯୋନିନାସା-
Joni linga ସଲଗ୍ନ ଉତ୍ତେଜକଶକ୍ତିଯୁକ୍ତ ମାଂସପିଣ୍ଡ; ଭଗାଙ୍କୁର; ଗୁହ୍ୟମଣି (ଅସ୍ଥିଶୂନ୍ୟ-ଶେଷା)—Clitoris.

ଯୋନି ଶୂଳ—ସଂ.ବ.--ଯୋନିରେ ଅନୁଭୂତ ତୀବ୍ର ବେଦନା;ରୋଗବିଶେଷ—
Joni sula Pangs felt in the female organ.

ଯୋନିଶୂଳଘ୍ନୀ—ସଂ. ବ—ଶତପୁଷ୍ପା; ଶଲ୍ପ —
Jonisūlaghni Dill seed.

ଯୋନି ସମ୍ବରଣ—ସଂ. ବ—ଗର୍ଭବତୀ ସ୍ତ୍ରୀମାନଙ୍କ ରୋଗବିଶେଷ, ଯହିଁରେ
Jonisambarana ଯୋନିମାର୍ଗ ସଙ୍କୁଚିତ ହୁଏ ଓ ଗର୍ଭାଶୟର ଦ୍ୱାର ମୁଦ୍ରିତ ହୋଇଯାଇ ଗର୍ଭସ୍ଥ ଭ୍ରୂଣ ମରିଯାଏ ଓ ସମୟେ ସମୟେ ଗର୍ଭିଣୀ ମଧ୍ୟ ମରିଯାଏ (ହି. ଶ.)—A female desease; contraction of the uterus

ଯୋନି ସଂବୃତି—ସଂ.ବ (ବୈଦ୍ୟକ)—୧ । (୬ଷ୍ଠୀ ତତ୍) ଯୋନି କପାଟ
Joni sambruti ଓ ମାର୍ଗ ରୁଦ୍ଧ ହେବା; ମୁଦ୍ରା—
(ଯୋନି ସଙ୍କୋଚନ—ଅନ୍ୟରୂପ) 1. The contraction or closure of the vagina. ୨ । ଶିଥିଳ ଯୋନି-କପାଟର ସଂକୋଚକ ଔଷଧ (ହି. ଶ.)—2. Medicine for contracting slack vagina.

ଯୋନି ସଙ୍କର—ସଂ.ବ—୧ । ମାତୃବଂଶର ହୀନଜାତୀବନ୍ଧନ ଜନ୍ମଦୋଷ—
Jonisankara 1. Fault or blemish or lowness of birth due to the mother being of an inferior caste. ୨ । ବର୍ଣ୍ଣସଙ୍କର—2. A person of mixed parentage.

ଯୋନି ସମ୍ବନ୍ଧ—ସଂ. ବ (ମ. ସ. ଲୋ)—ବିବାହଦ୍ୱାରା ସ୍ଥାପିତ ସମ୍ବନ୍ଧ—
Joni sambandha Relationship by marriage.
(ଯୋନିସମ୍ପର୍କ—ବଣ. ପୁଂ)

ଯୋନି ସମ୍ଭବ—ସଂ. ବଣ—ଯୋନିଜ (ଦେଖ)
Joni sambhaba Jonija (See)

ଯୋନ୍ୟର୍ଶଃ—ସଂ.ବ (ବୈଦ୍ୟକ; ଯୋନି + ଅର୍ଶସ୍; ଯୋନ୍ୟର୍ଶସ୍ ଶବ୍ଦ)—
Jonyarsah ୧ । ଯୋନିଜାତ ରୋଗବିଶେଷ; ଯୋନିକନ୍ଦ—
1. A desease of the vulva. ୨ । ରକ୍ତପ୍ରଦର—
2. Menorrhagia; profuse bleeding from the uterus.

ଯୋପନ—ସଂ. ବ (ଯୁପ୍ ଧାତୁ + ଭାବ ଅନ)—୧ । ଲିଭାଇଦେବା—
Jopana 1. Effacing; blotting out (Apte).
୨ । (+ କରଣ ଅନ) ଯାହାଦ୍ୱାରା ଲିଭାଇ ଦିଆଯାଏ—
2. Anything used for effacing or blotting (Apte) ୩ । (+ଭାବ ଅନ)—କଷ୍ଟଦେବା; ପୀଡ଼ନ—3. Molesting; oppressing (Apte).
୪ । ଯାହା ଗୋଳମାଳରେ ପକାଏ—4. Confusing; perplexing (Apte).

ଯୋୟ (ଏ)—ଗ୍ରାଦେ (ଉତ୍ତିଭାଷା) ବ (ସଂ. ଜ୍ୟୋତିଃ)—ନିଆଁ—
Joy(e) Fire,

ଯୋର—ଦେ. ବ—ଜୋର (ଦେଖ)—Jora (See). ଗ୍ରାମ୍ୟ
Jora (ବଳେଇ) ବ—ଉପନଦୀ—A tributray river.

ଯୋଲି—ଦେ. ବ—ଜୋଳି (ଦେଖ)
Joli Joli (See)

ଯୋଶିମଠ—ଦେ. ବ—ଅଲକାନନ୍ଦା ନଦୀକୂଳରୁ ପ୍ରାୟ ଦୁଇ ମାଇଲ୍
Jośimatha ଦୂରରେ ଏକ ଉଚ୍ଚ ଭୂମି ଉପରେ ସ୍ଥାପିତ ମଠ।
ଯোষীমঠ **यीसीमठ** The name of a Matha situated on a high mound of earth two miles from the river Alakānandā.
[ଦ୍ର—ଏହା ହିମାଳୟର ଶ୍ରୀ ବଦରୀନାଥଙ୍କ ନିକଟରେ ଅବସ୍ଥିତ । ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଶ୍ରୀ ଶଙ୍କରାଚାର୍ଯ୍ୟ ଉକ୍ତ ମଠ ସ୍ଥାପନ କରିଥିଲେ । ଏଠାରେ ଶ୍ରୀଜ୍ୟୋତିରୀଶ୍ୱର ନାମକ ଶିବଲିଙ୍ଗ ବିରାଜିତ । ଏହାଙ୍କ ନାମାନୁସାରେ ସ୍ଥାନର ନାମ ଜ୍ୟୋତି ମଠ ବା ଯୋଶି ମଠ ହୋଇଅଛି । ବଦରୀନାଥଙ୍କ ମନ୍ଦିର ବରଫ ଆବୃତ ହେବାରୁ ଏ ମଠରେ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀଠାରୁ ୬ ମାସ ଶ୍ରୀ ବଦରୀନାଥଙ୍କର ସେବାପୂଜା ହୁଏ । ଏଠାରେ ଥିବା ଦଣ୍ଡଧାରା ନାମକ ଜଳଧାରାରେ ସ୍ନାନ ଓ ତର୍ପଣ କରିବା ବିଧାନ ଅଛି । ମଦନମୋହନ. ତୀର୍ଥଦର୍ଶନ ।]

ଯୋଷଣା—ସ. ବ (ଯୁଷଧାତୁ=ସେବା କରିବା+କର୍ତ୍ତୃ. ଅନ+ଆ)—
Joshanā ୧ । ଦୁଷ୍ଚରିତ୍ରା ସ୍ତ୍ରୀ (ହି. ଶ.)—1. A dissolute woman. ୨ । କୁମାରୀ—2. Maiden (Apte). ୩ । ଯୁବତୀ—3. A young girl (Apte).

ଯୋଷା—ସଂ. ବ. ସ୍ତ୍ରୀ (ଯୁଷ୍ ଧାତୁ=ସେବା କରିବା+କର୍ତ୍ତୃ. ଅ+
Joshā ଆ)—୧ । ନାରୀ; ସ୍ତ୍ରୀ—1. Woman; lady.
ଯୋଷିତ୍, ଯୋଷିତା } ଅନ୍ୟରୂପ ୨ । ପତ୍ନୀ—2. Wife. ୩ । ଯୁବତୀ—3. A young woman in general. (Apte).
[ଅନ୍ୟ. ସଂ. ପ୍ରତିଶବ୍ଦ— ସ୍ତ୍ରୀ, ବଧୂ, ଅବଳା, ନାରୀ, ପ୍ରମଦା, ପ୍ରିୟା, ରାମା, ଜନି, ଜନୀ, ଜୋଷା, ଜୋଷିତ୍, ଜୋଷିତା, ସିମନ୍ତିନୀ, ଭାବିନୀ, ପ୍ରତୀପଦର୍ଶିନୀ, ବାମା, ବନିତା, ମହିଳା, ଲଳନା, ବଶେଶା, ଅଙ୍ଗନା, ଭୀରୁ, କାମିନୀ, ବାମଲୋଚନା, ନିତମ୍ବିନୀ, ସୁନ୍ଦରୀ, ରମଣୀ, ରାମା, କୋପନା, ଭାମିନୀ, ବରାରୋହା, ମତ୍ତକାଶିନୀ, ଉତ୍ତମା, ବରବର୍ଣ୍ଣିନୀ ।] [ଦ୍ର—ଏ ଶବ୍ଦ ଜୋଷା, ଜୋଷିତ୍ ଓ ଜୋଷିତା-ରୂପେ ମଧ୍ୟ ଲେଖାଯାଏ ।]

ଯୋଷାପ୍ରିୟା—ସ. ବ (୬ଷ୍ଠୀତତ୍)—ହଳଦୀ—
Joshāpriyā Turmeric (Apte).

ଯୋଷାବର—ସ. ବ—ଉତ୍କୃଷ୍ଟା ସ୍ତ୍ରୀ—An excellent lady. [ଦ୍ର
Joshābara —ଯୋଷାବରରେ ! ଯଥାର୍ଥରେ ଜାଣ ମୁଁ (ଯୋଷାବର, ଯୋଷିଦ୍ବର, ଯୋଷିଦ୍ବର—ଅନ୍ୟରୂପ) ତୋହରିରେ । କବିସୂର୍ଯ୍ୟ. କଳୋଷିରତ୍ନ ।]

ଯୋଷିତ୍ କୃତ—ସ. ବଣ (୩ୟା ତତ୍)—ନାରୀଦ୍ୱାରା ସମ୍ପାଦିତ—
Joshit-kruta Done by a woman.

ଯୋଷିତ୍ ପ୍ରିୟା—ସ. ବ (୬ଷ୍ଠୀ ତତ୍)—ହଳଦୀ; ହରିଦ୍ରା—
Joshit-priyā Turmeric.

ଯୋଷିଦ୍ବର୍ଗ—ସ. ବ (୬ଷ୍ଠୀ ତତ୍; ଯୋଷିତ୍+ବର୍ଗ)—
Joshidbarga ନାରୀ ସମୂହ—Females.
(ଯୋଷିଦ୍ଗଣ—ଅନ୍ୟରୂପ)

ଯୋହଲ—ଦେ. ବ—ଜୋଳ (ଦେଖ)
Johala Joli (See)

ଯୋ ହୁକୁମ୍—ଦେ. ବଣ ଓ ବ (ମତାର୍ଥ ହି. ଜୋହୁକମ୍=
Jo hukum ଆପଣଙ୍କର ଯାହା ଆଜ୍ଞା, ତାହାହିଁ ଆମ୍ଭର ପାଳନୀୟ)—ମାଲିକଙ୍କ ଆଦେଶ ପାଳନକାରୀ ଅତି ଖୋସାମଦିଆ ଅଧୀନ ବ୍ୟକ୍ତି—Toady; a base
ଯোহুকুম **जोहुकम** flatterer; sycophant.

ଯୋହ୍ଲା—ଦେ. ବ (ପାନବରଜୀ)—ପଙ୍କେଇ (ଦେଖ)
Johlā Pankei (See)

ଯୌକ୍ତିକ—ସ. ବଣ (ଯୁକ୍ତି+ଇକ)—୧ । ଯୁକ୍ତି ସଙ୍ଗତ—1.
Jauktika Reasonable. ୨ । ନ୍ୟାୟଶାସ୍ତ୍ରସଙ୍ଗତ—
(ଯୌକ୍ତିକୀ—ସ୍ତ୍ରୀ) 2. Logical. ୩ । ଯୁକ୍ତି ଉପରେ ସ୍ଥାପିତ —3. Founded or based on reasoning or argument. ୪ । ଯୁକ୍ତିସିଦ୍ଧ; ଯୁକ୍ତିଦ୍ୱାରା ପ୍ରମାଣିତ; ପ୍ରାମାଣିକ—4. Inferable; deducible. ୫ । ଉପଯୁକ୍ତ; ଯୋଗ୍ୟ—5. Proper; right. ୬ । ଯୁକ୍ତିକାରୀ—6. Arguing. ୭ । ଚଳିତ; ଅଭ୍ୟସ୍ତ; ପ୍ରଥାଗତ—7. Customary; current; usual. ୮ । ଯୁକ୍ତ—8. Connected. ବି. ପୁଂ—ନର୍ମସଚିବ; ଆମୋଦ ସହଚର—A companion in one's amusements; boon companion.

ଯୌଗ—ସ. ବଣ (ଯୋଗ+ଅ)—ଯୋଗ ସମ୍ବନ୍ଧୀୟ—
Jauga Relating to Joga.
ସଂ. ବ—ଯୋଗଦର୍ଶନର ମତାବଲମ୍ବୀ ବ୍ୟକ୍ତି—A follower of the Joga system of Philosophy (Apte).

ଯୌଗକ—ସଂ. ବଣ (ଯୋଗ+ଅକ)—ଯୋଗ ସମ୍ବନ୍ଧୀୟ (ହି. ଶ.)
Jaugaka Relating to Joga.

ଯୌଗପଦ୍ୟ—ସଂ ବ (ଯୁଗପତ୍+ଯ)—ଯୁଗପତ୍ ସଂଘଟିବା ଅବସ୍ଥା—
Jauga padya Simuitaneity; concurrence.

ଯୌଗିକ—ସ. ବଣ—(ଯୋଗ+ସମ୍ବନ୍ଧାର୍ଥେ ଇକ)—୧ । ଯୋଗ
Jaugika ସମ୍ବନ୍ଧୀୟ—1. Relating to Joga. ୨ ।
(ଯୌଗିକୀ—ସ୍ତ୍ରୀ) ପ୍ରଚଳିତ; ଅଭ୍ୟସ୍ତ; ସାଧାରଣ—2. Usual;
(ରୂଢ଼—ବିପରୀତ) common; customary. ୩ । (ବ୍ୟାକରଣ) ପ୍ରକୃତି ପ୍ରତ୍ୟୟ ସମ୍ବନ୍ଧୀୟ—3. (Grammar) Etymological. ୪ । ପ୍ରକୃତି ପ୍ରତ୍ୟୟ ଅନୁସାରେ ଅର୍ଥବିଶିଷ୍ଟ (ଶବ୍ଦ)—4. (a word) Having its sense agreeing with its derivation; derivative in form and meaning. [ଦ୍ର—ଏ ଶବ୍ଦର ବିପରୀତ ଶବ୍ଦ 'ରୂଢ଼' —conventional). ବୈୟାକରଣମାନେ ଶବ୍ଦମାନଙ୍କୁ

ବ୍ୟୁତ୍ପତ୍ତି ଓ ଅର୍ଥ ଦୃଷ୍ଟିରେ ୩ ଶ୍ରେଣୀରେ ବିଭକ୍ତ କର ଅଛନ୍ତି ଯଥା, ଯୌଗିକ, ଯୋଗରୂଢ଼ ଓ ରୂଢ଼ । ଯେଉଁ ଶବ୍ଦ ବ୍ୟୁତ୍ପତ୍ତି ଅନୁସାରେ ବ୍ୟବହୃତ ତାହା ଯୌଗିକ ବୋଲାଯାଏ; ଯଥା ଗମନ, ପାଦପ; [ଯେଉଁ ଶବ୍ଦ ବ୍ୟୁତ୍ପତ୍ତି ଅନୁସାରେ ସିଦ୍ଧ ଅର୍ଥମାନଙ୍କମଧ୍ୟରୁ ଗୋଟିଏ ମାତ୍ର ଅର୍ଥକୁ ବୁଝାଏ ତାକୁ ଯୋଗରୂଢ଼ ଶବ୍ଦ ବୋଲାଯାଏ; ଯଥା ପଙ୍କଜ, ବିହଙ୍ଗ; ଯେଉଁ ଶବ୍ଦ ବ୍ୟୁତ୍ପତ୍ତି ଅନୁସାରେ ଅର୍ଥ ନ ବୁଝାଇ ଅନ୍ୟ ଅର୍ଥ ବୁଝାଏ ତାକୁ ରୂଢ଼ ଶବ୍ଦ ବୋଲାଯାଏ; ଯଥା, ମଣ୍ଡପ, ତୃଣ ।] ୫ । ବ୍ୟବହାର୍ଯ୍ୟ; ପ୍ରୟୋଜନୀୟ—5. Useful; serviceable. ୬ । ପ୍ରତିକାର ସମ୍ବନ୍ଧୀୟ—6. Remedial (Apte). ୭ । (ବ୍ୟାକରଣ) ଦୁଇ ବା ବହୁ ଶବ୍ଦର ମିଳନରେ ଜାତ (ଶବ୍ଦ) (ହି. ଷ)—7. (grammar) Compound (word).

ଯୌଗିକ ରୂଢ଼—ସ. ବଣ (ବିହି)—(ବ୍ୟାକରଣ) ବ୍ୟୁତ୍ପତ୍ତିଗତ ଓ ବ୍ୟବହାର-ଗତ (ଅର୍ଥ) ବା ଉକ୍ତ ଅର୍ଥରେ ବ୍ୟବହୃତ (ଶବ୍ଦ)—(grammar) Etymological and conventional (meanings) or (word) conveying such meanings. (ଯଥା, ଉଦ୍ଭିଦ ଶବ୍ଦର ଯୌଗିକରୂଢ଼ ଅର୍ଥ ବୃକ୍ଷଲତାଦି) ।
Jaugika rūḍha

ଯୌଜନଶତିକ—ସ. ବଣ ପୁଂ—(ଯୋଜନ ଶତ+ଇକ)—୧ । ଯୋଜନଶତ ଗାମୀ—1. Proceeding for 800 miles; walking a distance of 800 miles. ୨ । ଯୋଜନଶତବ୍ୟାପୀ—2. Extending over 800 miles.
Jaujana śatika
(ଯୌଜନଶତିକୀ—ସ୍ତ୍ରୀ)

ଯୌଜନିକ—ସ. ବଣ—(ଯୋଜନ+ଇକ)—୧ । ଯୋଜନଦୂର ପଥ ଗମନକ୍ଷମ—1. Able to walk a distance of 8 miles. ୨ । ଯୋଜନବ୍ୟାପୀ—2. Extending over 8 miles.
Jaujanika
(ଯୌଜନିକୀ—ସ୍ତ୍ରୀ)

ଯୌଟ୍(ଡ୍)ଧାତୁ—ସ.—ଯୋଗକରିବା; ଯୋଡ଼ିବା—To join together (Apte).
Jaut (ṛd) root

ଯୌତ(ତୁ)କ—ସ. ବି—(ଯୁତ=ବରକନ୍ୟା, ବିବାହ+କ+ଅ; ବରକନ୍ୟାଙ୍କ ଦ୍ୱାରା ବା ବିବାହକାଳରେ ପ୍ରାପ୍ତ)—୧ । ଯୌତୁକ; ବିବାହ କାଳରେ ଦମ୍ପତିଙ୍କ ଦ୍ୱାରା ଲବ୍ଧ ଧନସମ୍ପତ୍ତି ଆଦି—1. Dower; dowry; marriage-gift or present. ୨ । ଅନ୍ନପ୍ରାଶନାଦି ସମୟରେ ଶିଶୁ ଦ୍ୱାରା ଉପହାରରୂପେ ପ୍ରାପ୍ତ ଧନ—2. Presents given to an infant on the occassion of its various ceremonies such as annaprāśana (taking rice for the first time). ୩ । କନ୍ୟା ବିବାହ କାଳରେ ଯେଉଁ ଧନ ଉପହାରରୂପେ ପ୍ରାପ୍ତ ହୁଏ—3. Any property got by a bride on the occasion of her marriage. [ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ ସ୍ତ୍ରୀର ବିବାହ କାଳରେ ପ୍ରାପ୍ତ ହୋଇଥିବା ଧନ ତାହାର ଏକାଧିକାରଭୁକ୍ତ ଧନ (ସ୍ତ୍ରୀଧନ) ଅଟେ । ଏ ଧନକୁ ସ୍ତ୍ରୀର ମୃତ୍ୟୁପରେ ସ୍ୱାମୀର ଉତ୍ତରାଧିକାରୀମାନେ ନ ପାଇ ତହିଁରେ ପ୍ରଥମରେ ତାହାର କନ୍ୟା ଅଧିକାରିଣୀ ହୁଏ । ମୁସଲମାନ୍‌ମାନଙ୍କ ଯୌତୁକ ପ୍ରଥା ହିନ୍ଦୁମାନଙ୍କଠାରୁ ପୃଥକ୍ । ହିନ୍ଦୁ କନ୍ୟାର ପିତାଳୟରୁ ପାଇବା ଯୌତୁକରେ ସ୍ୱାମୀ ଓ ସ୍ତ୍ରୀ ଉଭୟେ ଅଧିକାରୀ ହୁଅନ୍ତି । କିନ୍ତୁ ମୁସଲମାନ ସ୍ତ୍ରୀକୁ ସ୍ୱାମୀ ନଗଦ ଟଙ୍କା ଚୁକ୍ତି ଦ୍ୱାରା ଯେଉଁ ଯୌତୁକ (ଦେନ-ମେହେର୍) ଦିଅନ୍ତି ବା ଦେବାକୁ ଉତ୍ସର୍ଗ ବା ଅଙ୍ଗୀକାର କରନ୍ତି, ତହିଁରେ ସ୍ୱାମୀଙ୍କ ଜୀବଦ୍ଦଶାରେ ଓ ସ୍ୱାମୀଙ୍କ ମୃତ୍ୟୁପରେ ସ୍ତ୍ରୀର ପୂର୍ଣ୍ଣ ଅଧିକାର ପ୍ରବର୍ତ୍ତେ ଓ ଏହା ବିବାହ ସମୟରେ ବା ପରେ ସ୍ତ୍ରୀକୁ ଦିଆ ନ ଯାଇ ବାକି ରହିଥିଲେ, ମୃତ ସ୍ୱାମୀଙ୍କ ତ୍ୟକ୍ତ ସମ୍ପତ୍ତିରୁ ସ୍ତ୍ରୀର ପ୍ରାପ୍ୟ ଯୌତୁକ ଆଦାୟ ନ ହେବା ପର୍ଯ୍ୟନ୍ତ ଉକ୍ତ ତ୍ୟକ୍ତ ସମ୍ପତ୍ତିକୁ ସ୍ୱାମୀଙ୍କ ଉତ୍ତରାଧିକାରୀମାନେ ପାଇ ପାରନ୍ତି ନାହିଁ ।] ୪ । କୌଣସି ବ୍ୟକ୍ତିର ସ୍ୱକୀୟ ଧନ—4. Any private property (Apte). ସ. ବଣ—୧ । କୌଣସି ବ୍ୟକ୍ତିଙ୍କ ଏକାଧିକାର ଭୁକ୍ତ (ଧନ)—1. (property) Rightfully or exclusive belonging to a person (Apte). ୨ । ବିବାହ କାଳରେ ପ୍ରାପ୍ତ (ଧନ)—2 (property) Got as dowry or marriage gift.
Jauta (tu) ka

ଯୌତବ—ସ. ବି.—(ଯୋତୁ+ଅ)—ପରିମାଣ—A measure in general (Apte.)
Jautaba

ଯୌଥ—ସ. ବଣ—(ଅଧୁନିକ ବ୍ୟବହାର) (ଯୂଥ+ଅ; ଯୂଥ=ପଶୁ ପକ୍ଷୀଙ୍କ ଗୋଷ୍ଠୀ; ଯୂଥ ଶବ୍ଦ ସାଧାରଣତଃ ମନୁଷ୍ୟ ସମୂହର ଅର୍ଥରେ ବ୍ୟବହୃତ ହୁଏ ନାହିଁ)—୧ । ଗୋଷ୍ଠୀ ବା ଯୂଥ ବା ଦଳ ସମ୍ବନ୍ଧୀୟ—1 Relating to a crowd or company. ୨ । ଦଳର ଅଧିକାରଭୁକ୍ତ; ଗୋଷ୍ଠୀର ସମସ୍ତ ବ୍ୟକ୍ତିଙ୍କ ଅଧିକାର ଭୁକ୍ତ; ଇଜମାଲି—2. Joint.
Jautha
सामा
যৌথ

ଯୌଥ କ(କୋ)ମ୍ପାନୀ—ଦେ. ବି—(ଅଧୁନିକ ବ୍ୟବହାର; ସଂ. ଯୌଥ+ ଇଂ. କୋମ୍ପାନୀ)—ବହୁ ଲୋକଙ୍କ ସମବାୟରେ ଗଠିତ ଦଳ—Joint-stock company.
Jauthaka[ko]mpānī
(ଯୌଥ ସଂଘ–ସଂସ୍କୃତରୂପ)
सामाकारबार, सामीकम्पानी
যৌথ কুম্পানী

ଯୌଥ କାରବାର—ଦେ. ବି—ଏକାଧିକ ବ୍ୟକ୍ତିଙ୍କ ସମ୍ମିଳିତ ଧନଦ୍ୱାରା ଚାଳିତ ବ୍ୟବସାୟ; ଯେଉଁ ବ୍ୟବସାୟରେ ବହୁସଂଖ୍ୟକ ସ୍ୱାମୀଙ୍କ ଧନ ଲାଗେ—Jointstock business.
Jautha kārabāra
যৌথ ব্যবসায়
सामा कारबार

ଯୌଥ ଧନ—ସଂ. ବି.—(ଅଧୁନିକ)—ଇଜମାଲି ଧନ ବା ପାଣ୍ଠି—Joint fund; fund raised from many people or belonging jointly to many persons.
Jautha dhana
যৌথ ধন
सामा धन

ଯୌଥ ସମ୍ପତ୍ତି—ସଂ. ବି.—(ଅଧୁନିକ) (କର୍ମଧା)—ଇଜମାଲି ସମ୍ପତ୍ତି Joint property.
Jautha sampatti

ଯୌଥିକ—ସଂ. ବଣ.—(ଯୂଥ+ଇକ)—୧ । ଯୂଥ ବା ଦଳ ସମ୍ବନ୍ଧୀୟ—
J̄authika 1. Belonging to or relating to a flock or herd. ୨ । ଦଳବଦ୍ଧ ହୋଇ ରହୁଥିବା (ଜୀବ)—[ହି. ଶ.]—2. (animals) Living in flocks; gregarions. ସ. ବି. ପୁଂ—ସଙ୍ଗୀ—Companion;
(ଯୌଥିକୀ—ସ୍ତ୍ରୀ) comrade (Apte).

ଯୌଧି—ସ. ବଣ ପୁଂ—ଯୁଦ୍ଧପ୍ରିୟ—Warlike; martial (Apte).
J̄audhi ସ. ବି. ପୁଂ—ଯୋଦ୍ଧା (ହି. ଶ.)—Warrior; soldier.

ଯୌଧିଷ୍ଠିର—ସ. ବଣ.—(ଯୁଧିଷ୍ଠିର+ସମ୍ବନ୍ଧାର୍ଥେ ଅ)—ଯୁଧିଷ୍ଠିର
J̄audhisthira ସମ୍ବନ୍ଧୀୟ—Relating to J̄udhishṭhira.

ଯୌଧେୟ—ସ. ବି.—(ଯୋଧ+ସ୍ୱାର୍ଥେ ଏୟ)—୧ । ଯୋଦ୍ଧା—
J̄audheya 1. Warrior. ୨ । ଯୋଦ୍ଧାର ପୁତ୍ର—2. The son of a warrior. ୩ । ପ୍ରାଚୀନ କାଳର ଯୁଦ୍ଧପ୍ରିୟ ଭାରତବାସୀ ଜାତି ବିଶେଷ—3. Name of a warlike tribe of ancient India.
[ଦ୍ର—ଏ ଯୋଦ୍ଧା ଜାତି ଉତ୍ତରପଶ୍ଚିମ ଭାରତରେ ରହୁଥିଲେ । ପାଣିନି ଏ ଜାତିର ଉଲ୍ଲେଖ କରିଅଛନ୍ତି । ବୌଦ୍ଧ ଯୁଗରେ ଏ ଜାତିର ଖୁବ୍ ବଳ ଓ ଆଦର ଥିଲା । ଏ ଜାତିର ରାଜାମାନଙ୍କ ଅମଳର ମୁଦ୍ରାମାନ ଆଜିକାଲି ଭୂଗର୍ଭରୁ ମିଳୁଅଛି । ପୁରାଣ ମତରେ ଏ ଜାତି ଯୁଧିଷ୍ଠିରଙ୍କ ବଂଶରୁ ଉତ୍ପନ୍ନ ହୋଇଥିଲେ—ହି. ଶ.]
୪ । ଯୁଧିଷ୍ଠିରଙ୍କ ପୁତ୍ର ଓ ରାଜା ଶୈବ୍ୟଙ୍କ ଦୌହିତ୍ର (ହି. ଶବ୍ଦସାଗର)—
4. Name of a son of J̄udhishṭhira.

ଯୌନ—ସ. ବଣ.—(ଯୋନି+ସମ୍ବନ୍ଧେ ଅ; ଯୋନିର ଯୋଗରୁ ବା
J̄auna ସମ୍ବନ୍ଧରୁ ଆଗତ)—୧ । ଯୋନି ସମ୍ବନ୍ଧୀୟ—
(ଯୌନୀ—ସ୍ତ୍ରୀ) 1. Relating to the female organ. ୨ । ମାତୃଗର୍ଭ ସମ୍ବନ୍ଧୀୟ—2. Uterine. ୩ । ମାତୃଗର୍ଭ ଜାତ—3. Born from the mother's womb. ୪ । ବିବାହସମ୍ବନ୍ଧୀୟ—4. Matrimonial; resulting from marriage. ବି.—୧ । ଯୋନି ସମ୍ବନ୍ଧୀୟ ପାପ; ନୀଚ ଯୋନି ବା କଶିବ ଯୋନିରେ ସଙ୍ଗମ କରିବା ଜନିତ ପାପ—1. Incest; sexual sin committed by a man; sin due to a man cohabiting with a female of prohibited decree. ୨ । ବିବାହ—2. Marriage (Apte). ୩ । ବିବାହ ସମ୍ବନ୍ଧ—3. Matrimonial alliance (Apte). ୪ । ମହାଭାରତରେ ଉଲ୍ଲିଖିତ ଉତ୍ତରାପଥର ଏକ ପ୍ରାଚୀନ ଜାତି (ଏମାନେ ପୂର୍ବେ ଯବନ ଥିବା ଅନୁମିତ) (ହି. ଶବ୍ଦସାଗର)
4. Name of an ancient tribe of North India.

ଯୌନ ନିର୍ବାଚନ—ସଂ. ବି.—(ଆଧୁନିକ)—ଆଧୁନିକ ବିଜ୍ଞାନ ମତରେ
J̄auna nirbāchana ଜୀବମାନଙ୍କର ସଙ୍ଗମ କରି ସମ୍ବନ୍ଧରେ ନିର୍ବାଚନ ସମ୍ବନ୍ଧୀୟ ମତବାଦ—The theory of sexual selection in the mordern scientific theory of Evolution. [ଦ୍ର—ଯେଉଁ ପ୍ରାଣୀ ସଙ୍ଗେ ଅନ୍ୟ ଯେଉଁ ବିପରୀତ ଲିଙ୍ଗ ବିଶିଷ୍ଟ ପ୍ରାଣୀର ସାମଞ୍ଜସ୍ୟ ଅଛି ସେ ତାହାକୁ ବାଛି କରି ତାହାର ସହବାସ କରେ ଓ ଉକ୍ତ ମିଳନରୁ ଉତ୍କୃଷ୍ଟ ପ୍ରାଣୀଙ୍କ ବଂଶ ବୃଦ୍ଧି ହୁଏ, ଯୌନ ନିର୍ବାଚନ ମତବାଦ ଏହାହିଁ ଘୋଷଣା କରୁଅଛି ।]

ଯୌନ ପାପ—ସଂ. ବି.—(କର୍ମଧା)—ନୀଚ ବା କଶିବ ଯୋନି ସଙ୍ଗମ-
J̄auna pāpa ଜନିତ ପାପ—Sexual sin; incest; adultery. [ଦ୍ର—ଗୁରୁପତ୍ନୀ ଗମନ, ପରସ୍ତ୍ରୀ ଗମନ, ଉଚ୍ଚ ବର୍ଣ୍ଣର ପୁରୁଷର ନୀଚ ସ୍ତ୍ରୀ ଗମନ, ନୀଚ ବର୍ଣ୍ଣର ପୁରୁଷର ଉଚ୍ଚ ଜାତୀୟା ସ୍ତ୍ରୀ ସଙ୍ଗେ ସହବାସ, ନିକଟ ସମ୍ପର୍କୀୟା ସ୍ତ୍ରୀ ଓ ବୃଷଳୀ ସଙ୍ଗେ ସହବାସ ଇତ୍ୟାଦି କଲେ ଯୌନପାପ ହୁଏ ।]

ଯୌନ ସମ୍ବନ୍ଧ—ସଂ. ବି.—(କର୍ମଧା)—୧ । ବୈବାହିକ ସମ୍ବନ୍ଧ—
J̄auna sambandha 1. Marital relationship; relationship by marriage. ୨ । ଏକ ମାତାଙ୍କ ଗର୍ଭରୁ ଭିନ୍ନଭିନ୍ନ ପିତାଙ୍କ ଔରସରେ ଜାତ ହୋଇଥିବା ଜନିତ ସମ୍ବନ୍ଧ—2. Uterine relationship. ୩ । ବୈବାହିକ ମିଳନ—3. Marital alliance.
(ଯୌନ ସଂବନ୍ଧ—ବଣ. ପୁଂ)

ଯୌବତ—ସ. ବି (ଯୁବତୀ+ସମୂହାର୍ଥେ ଅ)—୧ । ଯୁବତୀସମୂହ—
J̄aubata 1. A gathering of young ladies; a bevy of young ladies. ୨ । ଉତ୍ତମ ବସ୍ତ୍ରାଲଙ୍କାରରେ ସୁସଜ୍ଜିତା ଯୁବତୀ ନର୍ତ୍ତକୀମାନଙ୍କର ନୃତ୍ୟ; ରାସ ନୃତ୍ୟର ପ୍ରକାରବିଶେଷ—2. A ring-dance by well-decorated young girls. [ଦ୍ର—ଏ ନୃତ୍ୟରେ ବହୁତସ୍ତ୍ରୀଏ ନାଚି ଏକ ସଙ୍ଗେ ନାଚନ୍ତି । ପରଜା, ଶବରା, ସାଉଁତା, କନ୍ଧଆଦିଙ୍କ କରମା ନାଚ ଯୌବତ ଅଟେ ।] ୩ । ପରିମାଣ; ମାପ—3. Measure. ୪ । ଯୁବତୀର ଭାବ ବା ଅବସ୍ଥା—4. The state or quality of a young woman (Apte).

ଯୌବତେୟ—ସ. ବି. ପୁଂ (ଯୁବତୀ+ଅପତ୍ୟାର୍ଥେ ଏୟ)—ଯୁବତୀ-
J̄aubateya ଗର୍ଭଜାତ ପୁତ୍ର—The son of a young
(ଯୌବତେୟୀ—ସ୍ତ୍ରୀ) woman.

ଯୌବନ—ସ. ବି (ଯୁବନ୍+ଭାବେ ଅ)—ଯୁବାବସ୍ଥା; ତାରୁଣ୍ୟ; ୧୬
J̄aubana ବର୍ଷ ବୟସରୁ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନକାଳ—Youth; prime of life; adolescence (between 16 and 30 years of age); puberty. [ଦ୍ର—ବାଲ୍ୟକାଳ ଓ ବାର୍ଦ୍ଧକ୍ୟର ମଧ୍ୟାବସ୍ଥାକୁ ଯୌବନ ବୋଲିଯାଏ । କେହି କେହି ବାଲ୍ୟକାଳର ଶେଷ ଓ

ବାର୍ଦ୍ଧକ୍ୟର ଆରମ୍ଭ ମଧ୍ୟରେ ପ୍ରଥମେ ଯୌବନ ଓ ପରେ ପ୍ରୌଢ଼ତ୍ୱ, ଏପରି ୨ଟି ଅବସ୍ଥା ଥିବା କହନ୍ତି । ବାଲ୍ୟକାଳ ୧୫ବର୍ଷ ବୟସରେ ଶେଷ ହୁଏ । ୧୬ ବର୍ଷ ବୟସରେ ଯୌବନ ଆରମ୍ଭ ହୁଏ । ୩୦ବର୍ଷ ବୟସ ପର୍ଯ୍ୟନ୍ତ ଯୌବନ ରହେ, ତା ପରେ ପ୍ରୌଢ଼ତ୍ୱ ହୁଏ ଓ ୬୦ ବର୍ଷ ବୟସ ପରେ ବାର୍ଦ୍ଧକ୍ୟ ଆସେ ।] ୨। ଯୁବଜନୋଚିତ କର୍ମ—2. Any youthful or juvenile act (Apte). ୩। ଯୁବକଙ୍କ ବା ଯୁବତୀଙ୍କ ଦଳ—3. A number of young persons, especiaily young women. (Apte). ଦେ. ବି (ସଂ. ଯୌବନ ଲକ୍ଷଣ)—ଯୁବତୀ ସ୍ତ୍ରୀର କଠିନ ବର୍ତ୍ତୁଳ ସ୍ତନ—The plump breasts of a youthful girl. [ଉ—ରୁଣ୍ଡ ଝୁଣ୍ଡୁ ହୋଇ ଗାଧୋଇ ପାଧୋଇ ନଈରୁ ଅସୁଛି ଗୋସ୍ତି, ଜାନୁ ଯୌବନ ସବୁ ଦିଶୁଅଛି ସରୁଲୁଗା ଫୁଟି କରି । ଛଗ ।]

ଯୌବନକ—ସଂ. ବି (ଯୌବନ + ସ୍ୱାର୍ଥେ. କ)—ଯୌବନ—
J̄aubanaka   Youth (Apte).

ଯୌବନ କଣ୍ଟକ—ସଂ. ବି (ମ. ପ. ଲୋ)—କଠବରୁଣ (ଦେଖ)
J̄aubana kanṭaka   Kāṭhabaruṇa. (See)
(ଯୌବନ ପିଡ଼କା—ଅନ୍ୟରୂପ)

ଯୌବନ ଗର୍ବ—ସଂ. ବି (ମ. ପ. ଲୋ)—ଯୁବା ହୋଇଥିବା ଯୋଗୁଁ
J̄aubana garba   ଗର୍ବ—The pride of youth; youthful pride.
(ଯୌବନ ଦର୍ପ—ଅନ୍ୟରୂପ)
[ଯୌବନ ଗର୍ବିତ, ଯୌବନଦୃପ୍ତ—ସଂ. ବିଣ ପୁ °

ଯୌବନ ଚାଞ୍ଚଲ୍ୟ—ସଂ. ବି (୬ଷ୍ଠୀ ତତ୍)—ଯୌବନ କାଳରେ ଉପସ୍ଥିତ
J̄aubana chāñchalya   ହେବା ସ୍ୱାଭାବିକ ଚଞ୍ଚଳତା—Restlessness natural to youth
(ଯୌବନଚାପଳ [ଚାପଲ୍ୟ]—ଅନ୍ୟରୂପ)

ଯୌବନ ଚିହ୍ନ—ସଂ, ବି—ଯୌବନ ଲକ୍ଷଣ (ଦେଖ)
J̄aubana chihna   J̄aubana lakshaṇa. (See)

ଯୌବନ ଦଶା—ସଂ. ବି—ଯୌବନାବସ୍ଥା (ଦେଖ)
J̄aubana daśā   J̄aubanābasthā. (See)

ଯୌବନବାନ୍—ସଂ. ବିଣ. ପୁଂ (ଯୌବନ+ ବତ୍; ୧ମା. ୧ବ)—
J̄aubānabān   ଯୁବା; ଯୁବକ—Youthful.
[ଯୌବନବତୀ—ସ୍ତ୍ରୀ]

ଯୌବନ ଭାର—ସଂ. ବି(ମ.ପ.ଲୋ)—ଯୌବନର ପୂର୍ଣ୍ଣତାଜନିତ ରୂପାଦି
J̄aubanabhāra   ଗର୍ବର ଗୁରୁତ୍ୱ—The majesty of youth possessing a young person (specially a woman).

ଯୌବନ ଲକ୍ଷଣ—ସଂ. ବି. (୬ଷ୍ଠୀ ତତ୍)—୧ । ସ୍ତ୍ରୀ ଓ ପୁରୁଷଙ୍କ
J̄aubana lakshaṇa   ଅଙ୍ଗରେ ଓ ମନରେ ଯୌବନ ଉଦୟ ସଙ୍ଗେ ସଙ୍ଗେ ପ୍ରକାଶିତ ହେବା ଚିହ୍ନମାନ—1. The signs or indications of youth. [ଦୃ—ପୁରୁଷଙ୍କର ଶ୍ମଶ୍ରୁ, ସ୍ୱରର କଠୋରତା, ସ୍ତ୍ରୀଙ୍କର ଋତୁସ୍ରାବ, ସ୍ତନଜଘନାଦିର ପୃଥୁଳତା, ନେତ୍ର ଚାପଲ୍ୟାଦି ଯୌବନଲକ୍ଷଣ ଅଟେ ।] ୨ । ଯୌବନଜନ୍ୟ ସୌନ୍ଦର୍ଯ୍ୟ—2. Youthful charm or loveliness (Apte). ୩ । ଯୁବତୀ ସ୍ତନ (ହି. ଶ)—3. The female breast (Apte).

ଯୌବନ ଲାବଣ୍ୟ—ସଂ. ବି. (ମ. ପ. ଲୋ)—ଯୁବାକାଳ ଉପସ୍ଥିତ
J̄aubana lābaṇya   ହେଲେ ଯୁବକଯୁବତୀଙ୍କଠାରେ ଲକ୍ଷିତ ମଧୁର ରମଣୀୟତା—The sweet charm of youth.

ଯୌବନ ଶ୍ରୀ—ସଂ. ବି. (୬ଷ୍ଠୀ ତତ୍)—ତରୁଣ ବୟସରେ ସ୍ତ୍ରୀ ପୁରୁଷଙ୍କ-
J̄aubana śrī   ଠାରେ ଜାତ ହେବା ସ୍ୱାଭାବିକ ସୌନ୍ଦର୍ଯ୍ୟ—The beauty or natural charm of youth.

ଯୌବନ ସଙ୍ଗୀ—ସଂ. ବି. ପୁଂ—ଯୁବାକାଳର ସାଙ୍ଗ—One's com-
J̄aubana saṅgī   panion of youth.
(ଯୌବନ ସଙ୍ଗିନୀ, ଯୌବନ ସହଚରୀ—ସ୍ତ୍ରୀ)
(ଯୌବନ ସହଚର, ଯୌବନ ସୁହୃଦ୍—ଅନ୍ୟରୂପ)

ଯୌବନ ସଞ୍ଚାର—ସଂ. ବି. (୬ଷ୍ଠୀ ତତ୍)—ଯୌବନୋଦୟ (ଦେଖ)
J̄aubana sañchāra   J̄aubanodaya (See)

ଯୌବନ ସୁଲଭ—ସଂ. ବିଣ. (୭ମୀ ତତ୍)—ଯୁବାବସ୍ଥାରେ ସ୍ୱାଭାବିକ—
J̄aubana sulabha   Natural to youth.
(ଯଥା—ଯୌବନସୁଲଭଚାପଲ୍ୟ ।)

ଯୌବନାବସ୍ଥା—ସଂ. ବି. (ରୂପକ; ଯୌବନ + ଅବସ୍ଥା)—ଯୁବାକାଳ;
J̄aubanābasthā   ଯୁବାବସ୍ଥା—The time or state of youth.

ଯୌବନାରମ୍ଭ—ସଂ. ବି. (୬ଷ୍ଠୀ ତତ୍; ଯୌବନ+ଆରମ୍ଭ)—
J̄aubanārambha   ୧ । ଯୌବନର ଆବିର୍ଭାବ—1. The prime of youth. ୨ । ନବ ଯୁବାବସ୍ଥା—2. Budding youth
(ଯୌବନାଗମ—ଅନ୍ୟରୂପ)

ଯୌବନାଶ୍ୱ—ସଂ ବି. (ଯୁବନାଶ୍ୱ+ଅପତ୍ୟାର୍ଥେ. ଅ)—ଯୁବନାଶ୍ୱ
J̄aubanāśwa   ରାଜାଙ୍କ ପୁତ୍ର ମାନ୍ଧାତା—Māndhātā, son of King J̄ubanāśwa.
(ଯୌବନାଶ୍ୱକ—ଅନ୍ୟରୂପ)

ଯୌବନିକ—ସଂ. ବିଣ. (ଯୌବନ+ଇକ)—ଯୌବନ ସମ୍ବନ୍ଧୀୟ (ହି.ଶ)-
J̄aubanika   Youthful.

ଯୌବନୋଦୟ—ସଂ. ବି. (୬ଷ୍ଠୀ ତତ୍, ଯୌବନ+ଉଦୟ)—
J̄aubanodaya   ୧ । ଯୌବନର ଆବିର୍ଭାବ—1. The dawning or beginning of youth in a person. ୨ । ନବଯୁବାବସ୍ଥା—2. Budding youth.

ଯୌବନସ୍ଥ—ସଂ. ବିଣ. ପୁଂ (ଯୌବନ+ସ୍ଥା ଧାତୁ+କର୍ତ୍ତୃ. ଅ)—
J̄aubanastha   ୧ । ଯୁବାବସ୍ଥା ପ୍ରାପ୍ତ—1. Youthful. ୨ । ବିବାହ କରିବା ଉପଯୁକ୍ତ—2. Marriageable (Apte).
(ଯୌବନସ୍ଥା—ସ୍ତ୍ରୀ)

ଯୌବନୋଦ୍ଭବ—ସଂ. ବି. (ବହୁବ୍ରୀହି)—କାମଦେବ (ହି. ଶ)—
J̄aubanodbhaba   Cupid. ସଂ. ବିଣ—ଯୁବାବସ୍ଥାରୁ ଉତ୍ପନ୍ନ-Due to or produced by youth.

ଯୌବନୋଦ୍ଭେଦ—ସଂ.ବି.(୬ଷ୍ଠୀ ତତ୍)—୧ । ଯୁବକ ସୁଲଭ ଔତ୍ସୁକ୍ୟ-
J̄aubanodbheda 1. Ardour of youthful passion (Apte). ୨ । (ସ. ସ. ଲୋ) ସକାମ ପ୍ରଣୟ—2. Sexual love (Apte). ୩ । (ବହୁବ୍ରୀହି) କାମ; ମଦନ—3. A name of Cupid (Apte).

ଯୌବରାଜକ—ସଂ. ବିଣ. (ଯୁବରାଜ+ସମ୍ବନ୍ଧାର୍ଥ. ଇକ)—ଯୁବରାଜ
J̄aubarājika ସମ୍ବନ୍ଧୀୟ—Relating to an heir apparent.

ଯୌବରାଜ୍ୟ—ସଂ. ବି. (ଯୁବରାଜ+ଭାବ. ଯ)—ପିତାଙ୍କ ଉପସ୍ଥିତିରେ
J̄aubarājya ପୁତ୍ରଙ୍କର ଯୁବରାଜ ପଦ ଓ ଅଧିକାର—The rank and duties of the heir-apparent to the throne when he becomes his father's associate in the administration

ଯୌବରାଜ୍ୟାଭିଷିକ୍ତ—ସଂ.ବିଣ. ପୁଂ(୭ମୀ ତତ୍)—ଯୁବରାଜ ରୂପେ ପିତାଙ୍କ
J̄aubarājyābhishikta ଦ୍ୱାରା ପ୍ରତିଷ୍ଠିତ—Installed in the rank of the heir-apparent by the reigning king; crowned as heir-apparent. [ଦ୍ର—ପ୍ରାଚୀନ କାଳରେ ରାଜାମାନେ ବୃଦ୍ଧ ହେଲେ ରାଜକାର୍ଯ୍ୟରୁ କିଛି ବିଶ୍ରାମ ନେବା ପାଇଁ ଯୁବରାଜଙ୍କୁ ଯୌବରାଜ୍ୟାଭିଷିକ୍ତ କରୁଥିଲେ ଓ ଯୁବରାଜମାନେ ରାଜକାର୍ଯ୍ୟ ବୁଝୁଥିଲେ ଓ ରାଜକାର୍ଯ୍ୟରେ ଅଭିଜ୍ଞତା ଲାଭ କରୁଥିଲେ ଓ ପିତାଙ୍କ ମୃତ୍ୟୁପରେ ରାଜାରୂପେ ଅଭିଷିକ୍ତ ହେଉଥିଲେ ।]

ଯୌବରାଜ୍ୟାଭିଷେକ—ସଂ. ବି—ଯୁବରାଜ ପଦରେ ପ୍ରତିଷ୍ଠିତ ହେବା
J̄aubarājyābhisheka ଉପଲକ୍ଷରେ କରଣୀୟ ଉତ୍ସବ—The ceremony of installation of the heir-apparent to the rank of 'J̄ubarāja'; the crowning of the prince as the heir-apparent in the lifetime of the reigning king.

ଯୌବରାଜ୍ୟାଭିଷେଚନ—ସ. ବି—ପିତାଙ୍କ ଦ୍ୱାରା ପୁତ୍ରଙ୍କର ଯୁବରାଜ
J̄aubarājyābhishechana ପଦରେ ପ୍ରତିଷ୍ଠା କରଣ—Installing of the heir apparent in the rank of J̄ubarāja by the reigning sovereign.

ଯୌଷିଣ୍ୟ—ସଂ. ବି.—(ଯୋଷା+ଇଣ୍ୟ)—୧ । ନାରୀତ୍ୱ—
J̄aushiṇya 1. Womanhood. (Apte). ୨ । ସ୍ତ୍ରୀଜାତି 2. The female world; womankind.

ଯୌଷ୍ମାକ—ସଂ. ବିଣ.—(ଯୁଷ୍ମଦ୍+ଅ; କ୍ରମାଗତ)—୧ । ତୁମ୍ଭ
J̄aushmāka ସମ୍ବନ୍ଧୀୟ; ଭବଦୀୟ; ତ୍ୱଦୀୟ—1. Relating to you. ୨ । ତୁମ୍ଭର—2. Yours

ଯୌଷ୍ମାକୀଣ(ଣ)—ସଂ. ବିଣ.—(ଯୁଷ୍ମଦ୍+ସମ୍ବନ୍ଧେ ଇନ; କ୍ରମାଗତ)—
J̄aushmākīna(ṇa) ୧ । ତୁମ୍ଭ ସମ୍ବନ୍ଧୀୟ—1. Relating to you. ୨ । ତୁମ୍ଭର—2. Your.

ଯ୍ୱ

ଯ୍ୱ—'ଯ' ଅକ୍ଷରର 'ଯ୍ୱ' ଅନ୍ୟରୂପ ଅଟେ ଓ ଏହା 'ଯ'ର ଉଚ୍ଚାରଣଭେଦ ମାତ୍ର ।
Ya ଯେଉଁପରି ଅନ୍ତସ୍ଥ 'ଯ'ର ଉଚ୍ଚାରଣଭେଦଜ୍ଞାପକ 'ୟ' ବା 'ଯ୍ୱ'ର ସ୍ୱତନ୍ତ୍ର ଉଚ୍ଚାରଣ ଭାଷାରେ ଅଛି, ଅନ୍ତସ୍ଥ 'ବ'ର ଉଚ୍ଚାରଣଭେଦ 'ୱ' ର ସ୍ୱତନ୍ତ୍ର ଉଚ୍ଚାରଣଜ୍ଞାପକ ଅକ୍ଷର ଭାଷାରେ ନାହିଁ । ବର୍ତ୍ତମାନ ଯେଉଁପରି 'ଯ' ଓ 'ଯ୍ୱ' ସ୍ୱତନ୍ତ୍ର ଉଚ୍ଚାରଣ ହେଉଅଛି ପୂର୍ବେ ଅନ୍ତସ୍ଥ 'ବ' ସ୍ପଷ୍ଟରୂପେ 'ୱ' ବୋଲି ଉଚ୍ଚାରିତ ହେଉଥିବାରୁ ସଂସ୍କୃତରେ ଅନ୍ତସ୍ଥ 'ବ'ର ସ୍ୱତନ୍ତ୍ର ଉଚ୍ଚାରଣ ପାଇଁ ଭିନ୍ନ ଅକ୍ଷର ନ ଥିଲା । ଏ ସମ୍ବନ୍ଧେ ଅନ୍ତସ୍ଥ 'ବ' ତଳେ ଲେଖାଥିବା ଟୀକା ଦେଖ ।

ସଂସ୍କୃତ ବ୍ୟାକରଣର ନିୟମ ଅନୁସାରେ 'ଯ' ଅକ୍ଷର ଶବ୍ଦର ଆଦ୍ୟରେ 'ଯ' ରୂପେ ଉଚ୍ଚାରିତ ହୁଏ ଓ ଅନ୍ୟତ୍ର 'ଯ୍ୱ' ହୁଏ । "ପଦ ମଧ୍ୟେ ପଦାନ୍ତେ ଚ 'ଯକାର' 'ଯ୍ୱ' ଉଚ୍ୟତେ ।" ଏଥିପାଇଁ 'ଯ୍ୱ'ଆଦ୍ୟରେଥିବା ଶବ୍ଦ ସଂସ୍କୃତରେ ନାହିଁ । କିନ୍ତୁ ଆଧୁନିକ ଇଂରାଜୀର 'y' ଅକ୍ଷର ଆଦ୍ୟଯୁକ୍ତ ଓ ଅନ୍ୟ କେତେକ ବୈଦେଶିକ ଶବ୍ଦକୁ 'ଯ୍ୱ' ରୂପେ ଉଚ୍ଚାରଣ କରାଯାଉଅଛି ଓ ପାଶ୍ଚାତ୍ୟ ପଣ୍ଡିତମାନେ 'ଯ' ଆଦ୍ୟରେ ଥିବା ଶବ୍ଦମାନଙ୍କୁ ଇଂରାଜୀରେ 'y' ଆଦ୍ୟକରି ଲେଖୁଅଛନ୍ତି । A variation of J̄ corresponding to y in English, ଯଥା—ଯବନ—Yavana ଯୋଗ—Yoga; କିନ୍ତୁ ଓଡ଼ିଆରେ 'ଯ' ଓ 'ଯ୍ୱର' ସ୍ୱତନ୍ତ୍ର ଉଚ୍ଚାରଣଗତ ପାର୍ଥକ୍ୟ ଥିବାରୁ 'ଯ୍ୱ' ଅକ୍ଷରାଦ୍ୟ ଶବ୍ଦମାନ ଏହି ଭାଷାକୋଷରେ ସ୍ୱତନ୍ତ୍ର 'ଯ୍ୱ' ଅକ୍ଷରତଳେ ଦିଆଗଲା ।

ଯ୍ୱା—ବୈ. ସର୍ବ (ସ. ଏତଦ୍)—୧ । ଏହା; ଏହି (ବସ୍ତୁ)—1 This;
Yā it. [ଉ—ଯ୍ୱା ଶୁଣି ଦମୟନ୍ତୀ ନୟନ କମଳ, ଲୋତକ ଏ; କମଳରେ ହୋଇ ଛଳ ଛଳ । କୃଷ୍ଣସିଂହ. ମହାଭାରତ. ଯହ ବନ ।] ୨ । ଏହାର; ଏହି ବ୍ୟକ୍ତିର, ବସ୍ତୁର ବା ବିଷୟର—ଏସ୍ 2. Its. [ଉ—ତା ଯଶ କୀର୍ତ୍ତିର ବର୍ଦ୍ଧନ, ହୋଇବ କପିଳ ଈସକା ଯ୍ୱା ନାମ । ଜଗନ୍ନାଥ. ଭାଗବତ ।] [ଦ୍ର—'ଯ୍ୱା' ଶବ୍ଦର

ବିଭିନ୍ନ ବିଭକ୍ତିରେ ୧ବଚନରେ ରୂପ, ଯଥା—୧ମା—ୟ୍ବା, ୨ୟା—ୟ୍ବାଙ୍କୁ, ୟ୍ବାଠାକୁ, ୩ୟା—ୟ୍ବାଦ୍ବାରା, ୫ମୀ—ୟ୍ବାଠଉଁ, ୟ୍ବାଠୁଁ, ୟ୍ବାଠାରୁ, ୬ଷ୍ଠୀ—ୟ୍ବା, ୟ୍ବାର, ୭ମୀ—(ୟ୍ବା—ଅନାଦରାର୍ଥକରୂପ; ୟ୍ବେ—ଆଦରାର୍ଥକରୂପ) ୟ୍ବାଠିଁ, ୟ୍ବାଠେଇଁ, ୟ୍ବାଠାରେ ।]

ୟ୍ବାକୁ—ଦେ. ସର୍ବ (ଏକବଚନ)—୧ । ଏହାକୁ; ଏହି ବସ୍ତୁକୁ—
Yāku 1. To this; to it. ୨ । (ଅନାଦରାର୍ଥକ) ଏହି ବ୍ୟକ୍ତିକୁ ବା ଜନ୍ତୁକୁ—2. To this man or it (animal).
ଏକେ ইসকো

ୟ୍ବା ଘେନି—ଦେ. ଅ—୧ । (ଅନାଦରାର୍ଥକ) ଏହି ବ୍ୟକ୍ତି ନିମନ୍ତେ—
Yā gheni 1. For this person. ୨ । ଏହି ବସ୍ତୁ ବା ବିଷୟ ନିମନ୍ତେ—2. For this thing or matter. ୩ । [ୟ୍ବା ଲାଗି, ୟ୍ବା ଯୋଗେ(ଗୁଁ)—ଅନ୍ୟରୂପ] ଏହି କାରଣରୁ—(ୟ୍ବାଙ୍କ ଘେନି—ଆଦରାର୍ଥକ ଏକବଚନ ଓ ବହୁବଚନରୂପ) 3. For this cause.
এরজন্যে इसवास्ते

ୟ୍ବାଙ୍କ—ଦେ. ସର୍ବନାମ—୧ । (ଆଦରାର୍ଥକ ୧ବ.)—ଏହି ବ୍ୟକ୍ତିଙ୍କର—
Yāṅka এঁর इनका 1. Of this person.
[ୟ୍ବାଙ୍କର—ଅନ୍ୟରୂପ] ୨ । (ବହୁବଚନ) ଏହି ବ୍ୟକ୍ତିମାନଙ୍କର—2. Of these persons,

ୟ୍ବାଙ୍କ ଠଉଁ—ଦେ. ସର୍ବ (ଆଦରାର୍ଥକ ଏକବଚନ ଓ ବହୁବଚନ) ୧ ।
Yāṅka ṭhauṅ ଏହାଙ୍କଠାରୁ—1. From these. ୨ । ଏହାଙ୍କ ଅପେକ୍ଷା—2. Than these; from this gentleman.
এঁর চেয়ে इनसे
[ୟ୍ବାଙ୍କଠାରୁ, ୟ୍ବାଙ୍କଠୁଁ—ଅନ୍ୟରୂପ]

ୟ୍ବାଙ୍କ ଠା(ଠେ)ଇଁ—ଦେ. ସର୍ବ—୧ । (ଆଦରାର୍ଥକ, ୧ବଚନ ଓ ବହୁବଚନ) ଏହାଙ୍କ ନିକଟରେ—Near this person; with this person or these persons.
Yāṅka thā(ṭhe)iṅ এঁরকাছে इनसे
[ୟ୍ବାଙ୍କଠାରେ, ୟ୍ବାଙ୍କଠିଁ—ଅନ୍ୟରୂପ]

ୟ୍ବାଙ୍କ ଠା(ଠେ)ଇଁକି—ଦେ.ସର୍ବ—୧ । (୧ବଚନ)—ଏହାଙ୍କ ନିକଟକୁ—
Yāṅka ṭhā(ṭhe)iṅki 1. To this; to this person.
(ୟ୍ବାଙ୍କଠାକୁ, ୟ୍ବାଙ୍କଠିକି, —ଅନ୍ୟରୂପ)
এঁর কাছে इनको ୨ । (ବହୁବଚନ)—ଏହିମାନଙ୍କ ନିକଟରେ—
এদেরকাছে इनलोगोंको 2. With these persons.

ୟ୍ବାଙ୍କ ମାନଙ୍କ—ଦେ. ସର୍ବନାମ (ବହୁବଚନ)—ଏମାନଙ୍କ; ଏ ବ୍ୟକ୍ତି-
Yāṅka mānaṅka ମାନଙ୍କର—Of these persons.
এদের इन लोगोंका

ୟ୍ବାଙ୍କୁ—ଦେ. ସର୍ବ-୧ । (ମାନ୍ୟାର୍ଥକ ୧ବ. ଓ ବହୁ) ଏହି ବ୍ୟକ୍ତିଙ୍କୁ—
Yāṅku 1. To this gentleman. ୨ । ଏହି ବ୍ୟକ୍ତି-
এঁকে इनको এদিগকে ମାନଙ୍କୁ ବା ଜୀବମାନଙ୍କୁ—2. To these persons or animals.
इनलोगोंको

ୟ୍ବାଙ୍କେ—ଗ୍ରାଦେ (ଗଞ୍ଜାମ) ସର୍ବ—୧ । (ମାନ୍ୟାର୍ଥକ ୧ବ)—ଏ ବ୍ୟକ୍ତି—
Yāṅke 1. This person. ୨ । (ବହୁବଚନ) ଏବ୍ୟକ୍ତିମାନେ—2. These persons.

ୟ୍ବାଠଉଁ—ଦେ. ସର୍ବ (ଅନାଦରାର୍ଥକ)—୧ । ଏହି ବ୍ୟକ୍ତି ନିକଟରୁ;
Yāṭhauṅ ଏହାଠାରୁ—1. From this person. ୨ । ଏ(ହି) ବ୍ୟକ୍ତି ବା ବିଷୟ ଅପେକ୍ଷା—2. Than this person or thing
এচেয়ে इससे
[ୟ୍ବାଠୁଁ, ୟ୍ବାଠାରୁ—ଅନ୍ୟରୂପ]

ୟ୍ବାଠାକୁ—ଦେ. ସର୍ବ—ଏହି ବ୍ୟକ୍ତିର ନିକଟକୁ—
Yāṭhāku এঁরকাছে इसको To this person.
(ୟ୍ବାଠିକି, ୟ୍ବାଠେଇଁକି—ଅନ୍ୟରୂପ)

ୟ୍ବାଠିଁ—ଦେ. ସର୍ବ—ଏହାଠାରେ—
Yāṭhiṅ এর কাছে इससे In or with this man.
[ୟ୍ବାଠେଇଁ—ଅନ୍ୟରୂପ]

ୟ୍ବାଡ଼ (ଇତ୍ୟାଦି)—୧ । ଇଆଡ଼ ଇତ୍ୟାଦି (ଦେଖ)—1. Iārḍa etc
Yārḍa (etc) (See) ୨ । ଏଆଡ଼ ଇତ୍ୟାଦି (ଦେଖ)—
ईसतर 2. Eārḍa etc (See) [ଦ୍ର—ୟ୍ବାଡ଼ ଶବ୍ଦର ୨ୟାବିଭକ୍ତି—
এ(ই)দিগ ୟ୍ବାଡ଼(ଡ଼ୁ)କୁ; ୫ମୀ· ୟ୍ବାଡ଼ଠଉଁ, ୟ୍ବାଡ଼ଠୁଁ, ୬ଷ୍ଠୀ ୟ୍ବାଡ଼, ୟ୍ବାଡ଼ର, ୟ୍ବାଡ଼କା, ୟ୍ବାଡ଼କାର, ୭ମୀ. ୟ୍ବାଡ଼େ ହୁଏ ।]
୩ । ଏହି ଦିଗର; ଏହି ଅଞ୍ଚଳର—3. Of this quarter or locality.

ୟ୍ବା ତା—ଦେ. ସର୍ବ (ସ. ଏତଦ୍+ତଦ୍)—ଏହା ଏବଂ ତାହା—
Yā tā এও इसउस This and that.

ୟ୍ବାଦ୍ (ଇତ୍ୟାଦି)—ବୈଦେ. ବି (ଫା)—ଇଆଦ୍ ଇତ୍ୟାଦି (ଦେଖ)
Yād (etc) Iād etc (See)

ୟ୍ବାଦ୍(ଦ)ଦ(ଦା)ସ୍ତ—ବୈଦେ. ବି (ଫା. ୟ୍ବାଦ୍‌ଦାଶ୍‌ତ୍)—
Yād(da)da(dā)st ଇଆଦ୍‌ଦାସ୍ତ (ଦେଖ)—Iād-dast (See)

ୟ୍ବା ପ(ସ)ରି—ଦେ.ବି—ଏହି ବ୍ୟକ୍ତି ବା ବସ୍ତୁ ପରି—Like this.
Yā pa(sa)ri [ଉ—ଯାଇ ଭୁବି ନିବେଦିବ ନିଜ ଶ୍ରୀହରି. ସଭିଙ୍କି ଚତୁର ଦୂତ ଜାହିଁ ୟ୍ବା ସରି । ବଂଶୀଧର ହଂସଦୂତ ଅନୁବାଦ] (ୟ୍ବାପରକା, ୟ୍ବାପେରି, ୟ୍ବାପିରିକି, —ଗ୍ରାମ୍ୟରୂପ)
ওরমতন ऐसा

ୟ୍ବାର—ବୈଦେ. ବି—ଇଆର (ଦେଖ)
Yār Iār (See)

ୟ୍ବାର୍କି (ଇତ୍ୟାଦି)—ବୈଦେ. ବି—ଇଆର୍କି ଇତ୍ୟାଦି (ଦେଖ)
Yār-ki (etc) Iār-ki etc (See)

ୟ୍ବାର—ଦେ. ସର୍ବ (ୟ୍ବା ଶବ୍ଦର ୬ଷ୍ଠୀ ୧ବ)—ଏ ବ୍ୟକ୍ତିର ବା ବସ୍ତୁର—
Yāra এর इसका Of this person or thing.

ୟି(ୟୀ)ହୁଦୀ—ବୈଦେ ବି ଓ ବିଣ—ଯୀହୁଦୀ (ଦେଖ)
Yii(yi)hudi यहूदी য়ীহুদী Jihudi (See)

ୟୁ—ବୈଦେ. ବି (ଇଂ)—ବୃକ୍ଷ ବିଶେଷ—The name of a tree,
Yu [ଦ୍ର—ଇଂଲଣ୍ଡର ପର୍ଥ ସାୟାର୍‌ରେ ଥିବା ଗୋଟିଏ ୟୁ ଗଛ ୩ହଜାର ବର୍ଷରୁ ଅଧିକ ଓ ଡର୍ବିସାୟାର୍‌ରେ ଆଉ ଗୋଟିଏ ଗଛ ୨ହଜାର ବର୍ଷରୁ ଅଧିକ ବଞ୍ଚି ରହିଅଛି ।]
য়ু यु

ୟୁକାଲିପ୍ଟଲ୍—ବୈଦେ. ବି (ଇଂ)—ଇଉକାଲିପ୍ଟସ୍ ପତ୍ରରୁ ପ୍ରସ୍ତୁତ ତୈଳ—
Yukāliptal Eucalyptal; Eucalyptus oil.
য়ুকালিপ্‌টাল युकालिप्‌टल

ୟୁକାଲିପ୍ଟସ୍—ବୈଦେ. ବି (ଇଂ)—ଅଷ୍ଟ୍ରେଲିଆ ଆଣାଯାଇଥିବା ସୁଗନ୍ଧପତ୍ର-
Yukāliptas ବିଶିଷ୍ଟ ବୃକ୍ଷ ବିଶେଷ—Eucalyptus.
য়ুকালিপ্‌টাস युकालिप्‌टस [ଦ୍ର—ଇଉକାଲିପ୍ଟସ ତଳେ ଟୀକା ଦେଖ ।]

ୟୁକ୍ଲିଡ୍—ବୈଦେ. ବି. (ଏ ପୁସ୍ତକର ପ୍ରଥମ ଖଣ୍ଡ ସଂଶୋଧିତ ହେବ)—
Yuklid ଇଉକ୍ଲିଡ୍ (ଦେଖ) Iuklid (See)
[ଦ୍ର—ଏହି ଭାଷାକୋଷ ଗ୍ରନ୍ଥର ପ୍ରଥମ ଖଣ୍ଡ ୮୪୯ ପୃଷ୍ଠାର ପ୍ରଥମ ସ୍ତମ୍ଭରେ ଇଉକ୍ଲିଡ ଖ୍ରୀଷ୍ଟ ସପ୍ତଦଶ ଶତାବ୍ଦୀରେ ଜୀବିତ ଥିଲେ ବୋଲି ଭ୍ରମକ୍ରମେ ଲେଖା ହୋଇଅଛି । ପ୍ରକୃତରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଇଉକ୍ଲିଡ୍ ଜୀବିତ ଥିଲେ । ଅତଏବ ପ୍ରଥମ ଖଣ୍ଡରେ ଲେଖାଥିବା ବିଷୟ ପରିବର୍ତ୍ତେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ପଢ଼ିବାକୁ ହେବ ।]

ୟୁନାଇଟେଡ୍ ଷ୍ଟେଟ୍‌ସ୍—ବୈଦେ. ବି. (ଇଂ)—ଇଉନାଇଟେଡ୍ ଷ୍ଟେଟ୍ସ
Yunāiṭeḍ shṭeṭ-s (ଦେଖ)—Iunāiṭeḍ shṭeṭs
য়ুনাইটেড ষ্টেটস **युक्तराज्य** (See)
[ଦ୍ର—ଏହା ଉତ୍ତର ଆମେରିକାର ୪୯ଟି ସ୍ୱାୟତ୍ତଶାସକ ରାଜ୍ୟର ସମଷ୍ଟି । ଏହାର ଉତ୍ତରରେ କାନାଡ଼ା, ଦକ୍ଷିଣରେ ମେକ୍ସିକୋ, ପୂର୍ବରେ ଅଟ୍‌ଲାଣ୍ଟିକ୍ ଓ ପଶ୍ଚିମରେ ପ୍ରଶାନ୍ତ ମହାସାଗର । ସବୁ ରାଜ୍ୟର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ଜଣେ ପ୍ରେସିଡେଣ୍ଟଙ୍କ ଦ୍ୱାରା ଏ ଯୁକ୍ତରାଜ୍ୟ ଶାସିତ । ନିଉ ୟର୍କ ଏହି ଯୁକ୍ତରାଜ୍ୟର ପ୍ରଧାନ ନଗର ।]

ୟୁନାନ୍—ବୈଦେ. ବି. (ଆ. ଗ୍ରୀକ୍ ଆୟୋନିୟା)—୧ । ଗ୍ରୀସ୍ ଦେଶର
Yunān ପଶ୍ଚିମ ଉପକୂଳ ନିକଟସ୍ଥ ଦ୍ୱୀପପୁଞ୍ଜ—1. Ionia;
য়ুনান **युनान** Ionian archipelago.
୨ । ଏସିଆର ପଶ୍ଚିମକୁ ଲାଗିଥିବା ପ୍ରାଚୀନ କାଳର ୟୁରୋପୀୟ ଅଞ୍ଚଳ—2. The ancient European countries lying just to the west of Asia.
[ଦ୍ର—ପ୍ରାଚୀନ କାଳରେ ସଭ୍ୟତା, ଶିଳ୍ପକଳା, ସାହିତ୍ୟ, ଦର୍ଶନ ଇତ୍ୟାଦି ପାଇଁ ଏ ଅଞ୍ଚଳ ପ୍ରସିଦ୍ଧ ଥିଲା । ଆୟୋନିଆ ଦ୍ୱୀପ ଏହି ଅଞ୍ଚଳର ଅନ୍ତର୍ଗତ ଥିବାରୁ ୟୁରୋପର ଏ ସମସ୍ତ ଅଞ୍ଚଳ ୟୁନାନ୍ ନାମରେ ପ୍ରସିଦ୍ଧ ଥିଲା । ଭାରତୀୟ 'ଯବନ' ଶବ୍ଦ ଏହି 'ଆୟୋନୀୟ' ଶବ୍ଦରୁ ଆଗତ । ସିକନ୍ଦର (Alexander) ଏହି ଦେଶର ରାଜା ଥିଲେ ।]
୩ । ପ୍ରାଚୀନ ଗ୍ରୀସ୍ ଦେଶ—3. The ancient country of Greece.

ୟୁନାନୀ—ବୈଦେ. ବିଣ. (ଆ)—୧। ଗ୍ରୀସ୍ ଦେଶୀୟ—1. Grecian;
Yunāni Greek. ୨ । ୟୁନାନ୍ ଦ୍ୱୀପ ସମ୍ବନ୍ଧୀୟ—
য়ুনানী 2. Ionian. ୩ । ୟୁନାନ୍ ଦେଶୀୟ—3. Relating
युनानी to the country of Ionia.

ୟୁନାନୀ ଚିକିତ୍ସା—ଦେ. ବି. (ଆ. ୟୁନାନୀ+ସଂ. ଚିକିତ୍ସା)—ୟୁନାନ୍
Yunāni chikitsā ଦେଶରୁ ଗ୍ରୀକ୍‌ମାନଙ୍କ ଦ୍ୱାରା ପ୍ରଥମେ
য়ুনানী চিকিৎসা ଭାରତକୁ ଆନୀତ ଚିକିତ୍ସା ପ୍ରଣାଳୀ—
युनानी चिकित्सा The Ionian system of medicine first introduced in India by the Greeks.

ୟୁନିଅନ୍—ବୈଦେ. ବି. (ଇଂ)—ଗ୍ରାମ୍ୟ ଚୌକିଦାରି ଆଇନ୍ ଅନୁସାରେ
Yunian ଚୌକିଦାରି ଟାକ୍ସ ଆଦାୟ କରିବା ପାଇଁ ରାଜକର୍ମଚାରୀଙ୍କ
য়ুনিঅন ଦ୍ୱାରା ଯେଉଁ ଗ୍ରାମପୁଞ୍ଜରୁ ପଞ୍ଚାଏତ୍ ବ୍ୟକ୍ତିମାନେ
युनियन ମନୋନୀତ ହୁଅନ୍ତି—Village union formed under the Village Chowkidāri Act.
[ଦ୍ର—ଏହି ପଞ୍ଚାଏତ୍‌ରେ ସଭ୍ୟ ୫ ଜଣ ଥାଆନ୍ତି, ସେମାନଙ୍କୁ ସାଧାରଣ ପଞ୍ଚାଏତ୍ ଓ ସେମାନଙ୍କ ମଧ୍ୟରୁ ଟାକ୍ସ ଅସୁଲ କରିବା ବ୍ୟକ୍ତିଙ୍କୁ ତହସିଲ୍ ପଞ୍ଚାଏତ୍ ଓ ସଭାପତିଙ୍କୁ ପ୍ରେସିଡେଣ୍ଟ ବା ପ୍ରେସିଡେଣ୍ଟ ପଞ୍ଚାଏତ୍ ବୋଲିଯାଏ ।]

ୟୁନିଅନ୍ କମି(ମେ)ଟି—ବୈଦେ. ବି. (ଇଂ)—ଇଂରାଜ ସରକାରଙ୍କ
Yunian kami(me)ṭi ପ୍ରବର୍ତ୍ତିତ ସ୍ୱାୟତ୍ତଶାସନ ଆଇନ
(ୟୁନିଅନ ବୋର୍ଡ—ଅନ୍ୟରୂପ) ଅନୁସାରେ ଗଠିତ ଗ୍ରାମପୁଞ୍ଜ
য়ুনিঅন কমিটি (ଇଉନିଅନ୍)ରୁ ଟାକ୍ସ ଆଦାୟ କରି ତହିଁର ସ୍ୱାସ୍ଥ୍ୟ,
युनियन कमि(मे)टी ବିଦ୍ୟା ଶିକ୍ଷା, ନ୍ୟାୟ ବିଚାର, ଗ୍ରାମ୍ୟ ପଥ ଆଦିର ସୁବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀମାନଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କର ସଭା—Union Committee formed under the Local Self-government Act.
[ଦ୍ର—ଏ ସଭାର ମେମ୍ବର୍ (ସଭ୍ୟ) ଓ ଚେୟାରମାନ୍ (ସଭାପତି) ଥାଆନ୍ତି ।]

ୟୁନିଅନ୍ ଟାକ୍ସ—ବୈଦେ. ବି. (ଇଂ)—ୟୁନିୟନ୍ କମିଟିଙ୍କ ଦ୍ୱାରା
Yunian ṭāks ନିର୍ଦ୍ଧାରିତ ଟାକ୍ସ—The tax assessed by
য়ুনিঅন টাকস **युनियन टैक्स** the Union Committee.
(ୟୁନିଅନ୍ ଟିକସ୍—ଅନ୍ୟରୂପ)

ୟୁନିଅନ୍ ଜାକ୍—ବୈଦେ. ବି. (ଇଂ)—ବ୍ରିଟିଶ୍ ସାମ୍ରାଜ୍ୟର ପତାକା—
Yunian jāk The Union Jack (flag of the
য়ুনিঅন জ্যাক **युनियन जैक** British Empire.
[ଦ୍ର—ଗୋଟିଏ ଆୟତାକାର କଳା ଦେହ ବିଶିଷ୍ଟ କନାରେ ପରସ୍ପରକୁ କାଟିଥିବା ଧଳା ଓ ନାଲି ରଙ୍ଗର ଡବଲ୍ କ୍ରସ ଅଙ୍କିତ ହୋଇ ଏ ପତାକା ତିଆରି ହୁଏ ।]

ୟୁନିଭର୍ସିଟି—ବୈଦେ. ବି. (ଇଂ)—ବିଶ୍ୱବିଦ୍ୟାଳୟ—
Yunibharsiṭi University.
য়ুনিভার্সিটি [ଦ୍ର—ଦେଶର ଓ ସ୍ଥାନ ବିଶେଷର ନାମ ଅନୁସାରେ
युनिभर्सिटी ୟୁନିଭର୍ସିଟିର ନାମ ହୋଇଥାଏ । ଯଥା—ମାନ୍ଦ୍ରାଜ, କଲିକତା, ବମ୍ବେ, ପାଟନା, କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ଼ ଇତ୍ୟାଦି ।]

ୟୁରାଫ୍ରିକାନ୍—ବୈଦେ. ବିଣ. (ଇଂ)—ଇଉରୋପୀୟ ଓ ଆଫ୍ରିକାବାସୀ
Yurāphrikān ମିଶ୍ରିତ ପିତାମାତାଙ୍କ ଔରସ ଜାତ—
য়ুরাফ্রিকান Eurafrican; of mixed European and
युराफ्रिकान African parentage or descent.
ବି., (ଇଂ)—ଇଉରୋପୀୟ ଓ ଆଫ୍ରିକାବାସୀ ମିଶ୍ରିତ ପିତାମାତାଙ୍କ ଔରସ ସନ୍ତାନ—An Eurafrican, a half-caste European and African.

ୟୁରାଲ୍—ଦେ. ବି. (ନାମ)—୧ । ଏସିଆୟିକ ରୁଷିୟା ଓ ଇଉରୋପୀୟ ରୁଷିୟାର ମଧ୍ୟବର୍ତ୍ତୀ ପର୍ବତ—1. The Ural mountains. ୨ । ଏହି ପର୍ବତର ଦକ୍ଷିଣରୁ ବାହାରି କାସ୍ପିୟାନ୍ ହ୍ରଦରେ ପଡ଼ିଥିବା ଗୋଟିଏ ନଦୀ—2. The Ural river.
Yural
য়ুরাল
युराल

ୟୁରିକ୍ ଏସିଡ୍—ବୈଦେ. ବି. (ଇଂ)—ମୂତ୍ରରୁ ପ୍ରାପ୍ତ ରାସାୟନିକ ଅମ୍ଳରସ-ବିଶେଷ—Uric acid.
Yurik esiḍ
য়ুরিক এসিড **युरिक एसिड**

ୟୁରୁପା—ବୈଦେ, ବି.(ଲାଟିନ୍)—ୟୁରୋପ ମହାଦେଶର ପ୍ରାଚୀନ ନାମ—Eurupa; the old Latin name of Europe. [ଦ୍ର—ଏସିଆ, ୟୁରୁପା, ଅଫ୍ରିକା, ଅମେରିକା ସଙ୍ଗତେ । ମଧୁସୂଦନ. ଉତ୍କଳ ଗାଥା ।]
Yurupā
য়ুরুপা
युरोप

ୟୁରେସିଆ—ବୈଦେ. ବି. (ଇଂ)—ୟୁରୋପ୍ ଓ ଏସିଆ ମହାଦେଶଦ୍ୱୟର ସମାହାର—Europe and Asia; Eurasia.
Yresiā
য়ুরেসিআ **युरेसिया**

ୟୁରେସିୟାନ୍—ବୈଦେ. ବିଣ (ଇଂ)—୧। ୟୁରୋପ୍ ଓ ଏସିଆ ସମ୍ବନ୍ଧୀୟ—1, Eurasian. ୨ । ଭାରତୀୟ ଓ ଇଉରୋପୀୟ ମିଶ୍ରିତ ପିତାମାତାଙ୍କ ଔରସଜାତ—2.Born of mixed parents (Indian and European), ବୈଦେ. ବି—ଫିରଙ୍ଗୀ; ଭାରତୀୟ ଓ ୟୁରୋପୀୟ ରକ୍ତର ମିଶ୍ରଣରେ ଜାତ ଜାତି ବିଶେଷ—The Eurasians.
Yuresiyān
(ୟୁରେସୀୟ—ଦେ. ରୂପ)
য়ুরেসিয়ান
युरेसियन

ୟୁରୋପ(ପ୍)—ଦେ. ବି (ନାମ)—ଇଉରୋପ; ଏସିଆର ପଶ୍ଚିମରେ ଲାଗିଥିବା ମହାଦେଶ—Europe.
Yuropa(p)
য়ুরোপ **यो(यु)रोप**

ୟୁରୋପୀୟାନ—ବୈଦେ. ବିଣ (ଇଂ)—ୟୁରୋପ ମହାଦେଶୀୟ—European. ବି—ୟୁରୋପବାସୀ ବ୍ୟକ୍ତି—An European.
Yuropiyān
(ୟୁରୋପୀୟ—ଦେ. ରୂପ)
য়ুরোপিয়ান **यो(यु)रोपियन**

ୟେ (ଇତ୍ୟାଦି—)ଦେ (ସର୍ବନାମ)—୧ । ଏ ଇତ୍ୟାଦି (ଦେଖ)—1. E etc (See) ୨ । ଏହି ଇତ୍ୟାଦି (ଦେଖ)—2. Ehi etc (See)
Ye (etc)
এ **इस**

[ଦ୍ର—ସଂ. ଏତଦ୍ ଶବ୍ଦର ଅନାଦରାର୍ଥକ ୧ବଚନ ରୂପ 'ୟା' ଓ ଆଦରାର୍ଥକ ରୂପ 'ୟେ' । ୟେ ଶବ୍ଦର ରୂପମାନ

	ଏକବଚନ	ବହୁବଚନ
୧ମା ବିଭକ୍ତି—	ୟେ	ୟେ, ୟେମାନେ, ୟେସବୁ ।
୨ୟା —	ୟାଙ୍କୁ	ୟେମାନଙ୍କୁ, ୟେସବୁଙ୍କୁ, ୟେ-ମାନଙ୍କୁ, ୟାଙ୍କମାନଙ୍କୁ, ୟାଙ୍କୁ ।
୩ୟା —	ୟାଙ୍କ ଦ୍ୱାରା / ୟାଙ୍କ ଦେଇ	ୟାଙ୍କଦ୍ୱାରା; ୟେମାନଙ୍କ [ୟେସବୁଙ୍କ]ଦ୍ୱାରା,ୟାଙ୍କମାନଙ୍କ ଦ୍ୱାରା ।
୫ମୀ —	ୟାଙ୍କଠାରୁ / ୟାଙ୍କଠଉଁ / ୟାଙ୍କଠୁଁ	ୟାଙ୍କଠାରୁ [ଠଉଁ, ଠୁଁ]; ୟେମାନଙ୍କଠାରୁ[ଠଉଁ, ଠୁଁ] ୟାଙ୍କମାନଙ୍କଠାରୁ [ଠଉଁ, ଠୁଁ] ।
୬ଷ୍ଠୀ —	ୟାଙ୍କର	ୟାଙ୍କର, ୟାଙ୍କମାନଙ୍କର, ୟେମାନଙ୍କର ।
୭ମୀ —	ୟାଙ୍କଠାରେ / ୟାଙ୍କଠି [ଠେଇଁ]	ୟାଙ୍କଠାରେ; ୟେମାନଙ୍କ-ଠାରେ, ୟାଙ୍କମାନଙ୍କଠାରେ [ଠେଇଁ, ଠିଁ] ।

ୟେ ଶବ୍ଦର ଗଞ୍ଜାମ ପ୍ରାଦେଶିକ ରୂପ—୧ ମା ବିଭକ୍ତି ୧ ବଚନ ଓ ବହୁବଚନ ୟାକେ—]

ୟେହି—ଦେ. ସର୍ବନାମ (ସଂ. ଏତଦ୍+ହି; ଏତହି)—ଏହି [ଦେଖ] Ehi (See)
Yehi (ବହୁବଚନ—ୟେହିମାନେ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ ଗାଢ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ର

ର—ସପ୍ତବିଂଶ ବ୍ୟଞ୍ଜନବର୍ଣ୍ଣ (ଏହାର ଉଚ୍ଚାରଣସ୍ଥାନ ମୂର୍ଦ୍ଧା, ତେଣୁ ଏହା ମୂର୍ଦ୍ଧନ୍ୟ ବର୍ଣ୍ଣ)—The 27th consonant corresponding to 'r' in English, [ଦ୍ର—ଏ ବର୍ଣ୍ଣ ଉଚ୍ଚାରଣ କରିବା ବେଳେ ଜିଭର ଅଗ୍ରଭାଗଦ୍ୱାରା ମୂର୍ଦ୍ଧାକୁ ସାମାନ୍ୟଭାବରେ ସ୍ପର୍ଶ କରାଯାଏ । ଏ ବର୍ଣ୍ଣ ବର୍ଗ୍ୟ ଓ ଉଷ୍ମବର୍ଣ୍ଣ (ଯ୍, ଲ, ବ)ମାନଙ୍କର ଅନ୍ତର୍ବର୍ତ୍ତୀ ଥିବାରୁ ଏହାକୁ ଅନ୍ତଃସ୍ଥ (ମଧ୍ୟସ୍ଥ) ବର୍ଣ୍ଣ ବୋଲାଯାଏ (ଦ୍ର. ଶ.) । ଏହା ଅନ୍ୟ ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ଯୁକ୍ତାକ୍ଷର ହେଲେ ଭିନ୍ନ ଆକାର ଧାରଣ କରେ । ବର୍ଣ୍ଣର ପରେ ଯୁକ୍ତ ହେଲେ ବର୍ଣ୍ଣର ତଳେ '୍ର' ର ଫଳା ବୋଲାଯାଏ । ଯଥା—କ୍ର । ବର୍ଣ୍ଣର ପୂର୍ବରେ ଯୁକ୍ତ ହେଲେ ବର୍ଣ୍ଣର ମୁଣ୍ଡ ଉପରେ 'ର୍' ରେଫ୍ ବୋଲାଯାଏ । ଯଥା—ର୍କ । ର, ସ୍, ଃ (ବିସର୍ଗ) ଏହି ତିନୋଟି ଏକଜାତୀୟ ବର୍ଣ୍ଣ । ଏଥିପାଇଁ ଏମାନେ କେତେକ ସ୍ଥଳରେ ଓ ସନ୍ଧିରେ ପରସ୍ପରର ପରିବର୍ତ୍ତରେ ବ୍ୟବହୃତ ହୁଅନ୍ତି । ଯଥା—ତେତସ୍ = ତେତଃ; ପ୍ରାତଃ=ପ୍ରାତର୍; ପ୍ରାଦୁସ୍=ପ୍ରାଦୁର୍, ପ୍ରାଦୁଃ; ଧନୁସ୍+ଗୁଣ=ଧନୁର୍ଗୁଣ; ବହିସ୍, ବହିଃ+ଦେଶ=ବହିର୍ଦ୍ଦେଶ; ଯଶସ୍, ଯଶଃ+କର=ଯଶସ୍କର; ଧନୁସ୍, ଧନୁଃ+ଟଙ୍କାର=ଧନୁଷ୍ଟଙ୍କାର; ଧନୁସ୍+ଧର=ଧନୁର୍ଦ୍ଧର ।

'ର'କୁ ଉଚ୍ଚାରଣ କରିବା ପାଇଁ 'ଲ' ଅପେକ୍ଷା ଅଧିକତର ଅଭ୍ୟାସ ଓ କୌଶଳ ଆବଶ୍ୟକ ହେଉଥିବାରୁ ଶିଶୁମାନେ ପ୍ରଥମେ ବାକ୍ୟ ବା ବର୍ଣ୍ଣ ଉଚ୍ଚାରଣ କରିବା ସମୟରେ 'ର' ସ୍ଥାନରେ 'ଲ' (ଏହିପରି 'ଠ' ସ୍ଥାନରେ 'ଡ', ଶ ସ୍ଥାନରେ ତ ବା ଛ) ଉଚ୍ଚାରଣ କରି ପକାନ୍ତି । ଯଥା—'ମେଘ ବରଷିଲ ଝପର ଝପର' ସ୍ଥଳରେ 'ମେଘ ବଲଷିଲ ଡପଲ ଡପଲ' ବୋଲନ୍ତି । 'ର'କୁ ଉଚ୍ଚାରଣ କରିବା ପାଇଁ 'ନ' ଅପେକ୍ଷା ମଧ୍ୟ ଅଧିକତର ଅଭ୍ୟାସ ଓ କୌଶଳ ଲୋଡ଼ା ହେଉ ଥିବାରୁ ବାଉରି, କଣ୍ଡରା, ପାଣ ଆଦି ଇତର ଲୋକେ 'ନ' ଅକ୍ଷରକୁ 'ର' ଉଚ୍ଚାରଣ କରନ୍ତି । ଯଥା—'କେଉଁଲଟିଏ କିଣିଥିଲି ଖୁଡ଼ିଲ ଗଣ୍ଡିଏ ଦେଇ' ବାକ୍ୟକୁ 'କେଉଁରଟିଏ କିଣିଥିଲି ଖୁଡ଼ିର ଗଣ୍ଡିଏ ଦେଇ' ଉଚ୍ଚାରଣ କରନ୍ତି ।

ଏହି 'ର' ର ପୌନଃପୁନିକ ଉଚ୍ଚାରଣ ମଧ୍ୟ ଅଛି । ଏହା ଇଂରାଜୀରେ burring sound. ଉକ୍ତ ଉଚ୍ଚାରଣ 'ଅର୍ର୍ ମେଁ' (ଛେଳିର ବୋବାଳି), ତଡ଼େଇ'ଫୁର୍ର୍' କରି ଉଡ଼ିଗଲା ଓ ପିଲାମାନଙ୍କ କାନରେ କୌତୁକାର୍ଥ ବୟଃସ୍ଥମାନେ 'କାଳମାଳ କୁରୁରୁର୍' କହିବା ସମୟରେ ଶୁଣା ହୁଏ ।] ସ. ବି (ରା.ଧାତୁ=ଦାନ କରିବା+କର୍ତ୍ତୃ. ଅ; କିମ୍ବା ରମ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ଅ)—୧ । ଅଗ୍ନି; ନିଆଁ—1. Fire. ୨ । ଉତ୍ତାପ; ତାପ—2. Heat; warmth. ୩ । ଦାହନ—3. Scorching; burning. ୪ । କାମାନଳ, ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବାର ବଳବତୀ ବାସନା—4. Burning sensation or lust. ୫ । ପ୍ରେମ; ପ୍ରଣୟ—5. Love. ୬ । ବେଗ—6. Speed. ୭ । ସ୍ୱର୍ଣ୍ଣ—7. Gold. ୮ । ରଙ୍ଗ; ବର୍ଣ୍ଣ—8. Hue; colour. ସ. ବିଣ—ତୀକ୍ଷ୍ଣ; ପ୍ରଖର (ଦ୍ର. ଶ.)—Sharp; keen. ଦେ. ପ୍ରତ୍ୟୟ (ସଂ. ଙସ)—୧ । ୬ଷ୍ଠୀ ବିଭକ୍ତିରେ ବିଶେଷ୍ୟ ପଦର ଶେଷରେ ଲାଗିବା ପ୍ରତ୍ୟୟ—1. An inflection corresponding to the English (apostrophe 's) to denote 6th or genitive case-ending. (ଯଥା—ରାମର ପିତା ଆଜି କଲିକତା ଗଲେ ।) ୨ । ୧ମା ବିଭକ୍ତିରେ କର୍ତ୍ତୃପଦ ସଙ୍ଗେ ସ୍ୱାର୍ଥରେ ଯୁକ୍ତ ବିଭକ୍ତି ଆକୃତି—2. The first case-ending; a suffix to denote the nominative case. (ଯଥା—ସେ ଚୋରି କରିବାର ଗୃହଅଡ଼େ ରାଷ୍ଟ୍ର ହେଲା ।) ୩ । ୨ୟା ବିଭକ୍ତିସୂଚକ ବିଭକ୍ତି ଚିହ୍ନ—3. Second case-ending; a suffix to denote the objective case. (ଯଥା—ହରିଡ ଚୋରି କରିବାର ମାନିଗଲା ।)

୪ । (ପଦ୍ୟ) ୩ୟା ବିଭକ୍ତିସୂଚକ ବିଭକ୍ତି ଚିହ୍ନ—4. (Poetry) Third case-ending; a suffix to denote instrumental case. [ଉ—ଆଲଠ ପିଛି ସୁଗନ୍ଧର, ରାଜା ଖଟନ୍ତି ଶ୍ରୀହସ୍ତର । ଉପେନ୍ଦ୍ର. ପ୍ରେମପଞ୍ଚାମୃତ] ୫ । (ପଦ୍ୟ) ୫ମୀ ବିଭକ୍ତିସୂଚକ ପ୍ରତ୍ୟୟ—5. (Poetry) A suffix denoting fifth case-ending; From; out of. [ଉ—ଧୃତରାଷ୍ଟ୍ର ପାଣ୍ଡୁ ବିଦୁର, ଜନ୍ମିଲେ ବ୍ୟାସଙ୍କ ବୀର୍ଯ୍ୟର । ଜଗନ୍ନାଥ. ଭାଗବତ ।] ୬ । (ପଦ୍ୟ) ୭ମୀ ବିଭକ୍ତିସୂଚକ ବିଭକ୍ତି ଚିହ୍ନ (ଉ—ମେଘ ମନ୍ଦ୍ର ଆବରି, ଧ୍ୱାନ୍ତ ଅକାଶର । ମଧୁସୂଦନ. ନବାପ୍ରଭ ।) 6. (Poetry) Seventh case-ending; suffix to denote time, place or matter. [ଉ—ସଖି ଅଛୁଟିକି ଭୂମି ମନର, ବିନେ ଯାହା କଲେ କୁଞ୍ଜବନର । ଭକ୍ତଚରଣ. ଗୋପୀଭାଷା ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଙ୍କ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ	ଇଅ	ଢ଼	ନୃ

ଦେଖି କଂସାସୁର, କମ୍ପେ ଥର ହର, ବୋଲଇ ଶୁଣ ହେ ଭଗର, ନନ୍ଦ ଯଶୋଦା ଦେବକୀ ବସୁଦେବ, ବନ୍ଧନ କରାଅ ଶୂଳର । ଭକ୍ତଚରଣ. ମଥୁରାମଙ୍ଗଳ ।]

ରଅ ଠଅ—ଦେ.ବଣ.ଓ କ୍ରି.ବଣ.—(ଓଡ଼ିଆ. ରହିବା+ସଂ.ସ୍ଥା ଧାତୁ) Ra-a ṭha-a ୧ । ଅଧା ପାଠୁଆ; ଲେଖା ହୋଇଥିବା ଅକ୍ଷରମାନଙ୍କୁ (ରଅ ଠ, ର'ଠ—ଅନ୍ୟରୂପ) ଅତି କଷ୍ଟରେ ପଢ଼ିବା ପ୍ରକାରେ; ଯେସେ ଠ **रुक रुक** କୌଣସି ପ୍ରକାରେ—1. In a halting matter; anyhow; (said of a half literate person roughly deciphering a writing or print.) [ଦ୍ର—ଅଧାପାଠୁଆ ବ୍ୟକ୍ତି ପ୍ରାଞ୍ଜଳରୂପେ ଅକ୍ଷରମାନଙ୍କ ପଢ଼ି ନ ପାରି କୌଣସି ଲେଖାକୁ ପଢ଼ିଲାବେଳେ 'ର' ସ୍ଥାନରେ 'ଠ' ପଢ଼ିଯାଏ, କିମ୍ବା ରହି ରହି ବିଳମ୍ବ କରି ପଢ଼େ । ଏହିପରି ପଢ଼ିବା ବ୍ୟକ୍ତି ସମ୍ବନ୍ଧେ ଏହି ଉକ୍ତି ବୋଲାଯାଏ । ଯଥା—ରାମା ସେ ଚଠି ଖଣ୍ଡ ରଅଠଅ କରି ପଢ଼ିଲା ।] ୨ । ସମ୍ପୂର୍ଣ୍ଣରୂପେ ଅକ୍ଷର ପରିଚୟ କରି ନଥିବା ସାମାନ୍ୟ ପାଠ ପଢ଼ିଥିବା (ବ୍ୟକ୍ତି)—2. (A person) Who has not even read so far as to be able to read out a passage fluently; unlettered (person). ୩ । ବଙ୍କା ଟଙ୍କା ବା ଆଉଲ ମାଉଲ କରି କାମ କରିବା; କୌଣସି କାର୍ଯ୍ୟକୁ ତନ୍ନତନ୍ନ କରି ସମ୍ପାଦନ ନ କରି ଅସମ୍ପୂର୍ଣ୍ଣରୂପେ ସାଧନା କରିବା ପ୍ରକାରେ—3 Doing a work in a haphazrad manner or clumsily or slovenly. (ଯଥା—ମଫସଲଥି ବଢ଼େଇ ଏ ଥଲମାର ଖଣ୍ଡ ରଅ ଠଅ କରି ତିଆରି କରିଛି ।)

ରଅଣୀ—ଗ୍ରା. (ପ୍ରାଚୀନ ପଦ୍ୟ) ବି.=(ସଂ. ରଜନୀ, ପ୍ରା. ରଅଣି)—୧ । Ra-aṇi रजनी **रईनी** ରଜନୀ; ରାତ୍ରୀ—1. Night. ୨ । ରହଣି (ଦେଖ)—2. Rahaṇi (See) ୩ । ରୟଣୀ (ଦେଖ)—3. Rayaṇi (See)

ରଇ—ଦେ. ବି.—(ସଂ. ରବି=ସୂର୍ଯ୍ୟ; ପ୍ରା. ରଇ)—୧ । ଚିତାଗ୍ନି; Rai ଶବଦାହାଗ୍ନି—1. Cremation-fire; funeral fire; চিতার আগুন fire for burning a dead body. [ଦ୍ର— **चिताका आग** ଚନ୍ଦନ କାଠ ଢାଳ ରଇର ସ୍ୱର୍ଗକୁ, ବୁଲାଇଲେ ରଇ ମଧ୍ୟରେ ଲଙ୍ଘିବାକୁ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।] ୨ । ଜୁଇ ଗାତ—2. A pit on which the funeral pyre is put. (ଦ୍ର - ସହସ୍ର ସଂଖ୍ୟା ରଇ ହୋଇଅଛି ତହିଁ, ଭୂତ ପ୍ରେତ ବୁଲୁ ଅଛନ୍ତି ସୁଖ ପାଇ । କୃଷ୍ଣସିଂହ. ମହାଭାରତ ଶାନ୍ତି ।) ୩ । ଉଚ୍ଚ ସ୍ଥାନରୁ ନିମ୍ନ ସ୍ଥାନକୁ ପାଣି ବୋହି ଯିବା ନିମନ୍ତେ ଖୋଳା ଯିବା ସରୁ ଓ ଲମ୍ବା ପହଣି—3 A long and narrow channel made for the flow of water from a high level. [ଦ୍ର—ମାଛମାନଙ୍କର ସ୍ୱଭାବ ଯେ, ସେମାନେ (ବିଶେଷତଃ ବର୍ଷାଦିନେ ନୂଆ ପାଣି ବର୍ଷା ହେବା ସମୟରେ) ଉଚ୍ଚ ସ୍ଥାନରୁ ନିମ୍ନ ସ୍ଥାନକୁ ବୋହି ଯାଉଥିବା ଜଳ ସ୍ରୋତର ବିପରୀତ ଦିଗରେ ଉଚ୍ଚ ଆଡ଼କୁ ଚଢ଼ି କରନ୍ତି ବା ଉଠନ୍ତି ।

ବର୍ଷାଦିନେ ଉଚ୍ଚ ସ୍ଥାନରେ ପାଣି ଜମା ରହିଲେ ସେଠାରୁ ନିମ୍ନ ସ୍ଥାନରେ ପାଣି ଜମାଥିବା ଭଣ୍ଡାରକୁ, ଅର୍ଥାତ୍ ଗଡ଼, ପୋଖରୀ, କୋଡ଼ ଆଦିକୁ 'ରଇ' କାଟି ଦେଲେ ଉଚ୍ଚ ସ୍ଥାନରୁ ନିମ୍ନ ସ୍ଥାନକୁ ବୋହି ଯାଉଥିବା ଜଳସ୍ରୋତର ପ୍ରତିକୂଳରେ ମାଛମାନେ ନିମ୍ନସ୍ଥାନରୁ ଉଚ୍ଚ ଆଡ଼କୁ ଉଠି ଯାଆନ୍ତି ଓ ଲୋକେ କିଛି ସମୟ ପରେ ରଇର ମୁହଁ ବନ୍ଦ କରି ଦେଇ 'ରଇ' ମଧ୍ୟରୁ ପାଣି ନିଗିଡ଼ି ଗଲେ ମାଛମାନଙ୍କୁ ଅନାୟାସରେ ଧରନ୍ତି ।

ବଙ୍ଗଳାରେ 'ରଇ' ଶବ୍ଦର ଅର୍ଥ ପୁଷ୍କରଣୀର ମଧ୍ୟସ୍ଥଳ, ଯେଉଁଠାରେ 'ଘାପିଦଣ୍ଡୀ' ଖୁଣ୍ଟ (ବ. ରଇକାଠ) ପୋତା ଯାଏ । ନୌକା ଉପରେ ଥିବା ଗୃହଘରକୁ ବଙ୍ଗଳାରେ 'ରଇ ଘର' ବୋଲାଯାଏ ।]

ରଇ ସା—ପ୍ରାଦେ. (ବାମଣ୍ଡା) ବି.—ଝୁଡ଼ଙ୍ଗ ଛୁଇ— Raiñsa Vigina Typsa (pod).

ରଇ କାଟିବା—ଦେ. କ୍ରି (ମାଛ ଉଠିଲେ ମାଛକୁ ଧରିବାପାଇଁ) ଉଚ୍ଚ Rai kāṭiba ସ୍ଥାନରୁ ନିମ୍ନରେ ଥିବା ଜଳଭଣ୍ଡାର ଆଡ଼କୁ [ରଇ ଗଡ଼ା(ଡ଼େ)ଇବା—ଅନ୍ୟରୂପ] ପାଣି ବୋହିଯିବାପାଇଁ ସରୁଆ নালা কাটা **नाली(पोट)खोदना** ପହଣି ଖୋଳିବା—To cut a narrow channel from a higher level towards a tank situated in a lower level (with a view to catch the fishes trying to go up against the current towards the higher level).

ରଇ କାଠ—ଦେ. ବି—ଚିତାଗ୍ନି ଜଳାଇବା ପାଇଁ ବ୍ୟବହୃତ କାଠ— Rai kāṭha Fuel for cremation; fuel for funeral চিতার কাঠ **मुर्दा जलानेकी लकडी** pyre. ପ୍ରାଦେ. (ମେଦିନୀପୁର) ବି (ଭୁଲ. ବ. ରଇକାଠ) ପୋଖରୀର ମଧ୍ୟସ୍ଥଳରେ ପୋତାଯିବା ବେଲ ଆଦି କାଠର ଖମ୍ବ; ଜଳାଶୟ-ପ୍ରତିଷ୍ଠା ଉପଲକ୍ଷରେ ବ୍ୟବହୃତ ଯୂପ—A post of wood driven to the bottom of a pond at the middle on the occasion of its consecration. [ଦ୍ର—ଏହାକୁ ଓଡ଼ିଆରେ ଘାପିଦଣ୍ଡୀ ଓ ଗଞ୍ଜାମରେ କଳାଦାଣ୍ଡୀ କହନ୍ତି ।]

ରଇ ଗାଡ଼(ଡ)—ଦେ. ବି—ଜୁଇ ଗାଡ଼ (ଦେଖ) Rai gārda(ta) Jui garda (See) চিতার গর্ত **दाहका कुंड**

ରଇଜଳା—ଦେ. ବିଶ. ସ୍ତ୍ରୀ (ସ୍ତ୍ରୀଲୋକଙ୍କ ଗାଳି;—ରୁ ରଇ ରେ ବା Raijaḷā ଚିତାଗ୍ନିରେ ଜଳି ଭସ୍ମ ହୋ)—ସେ ଶୀଘ୍ର ଚିତାଗ୍ନି (ରଇଜଲୀ—ସ୍ତ୍ରୀ) ଦ୍ୱାରା ଭସ୍ମୀଭୂତ ହେବ (ଅର୍ଥାତ୍ ମରିବ)—ମୁଖପোড়া मुहं जरुआ (a curse or abuse) (a person) Who will soon be burnt in a funeral pyre.

ରଇ ଜଳା(ଳେ)ଇବା—ଦେ. କ୍ରି—୧ । ଚିତାଗ୍ନି ପ୍ରଜ୍ୱଳିତ କରିବା—Rai jaḷā(ḷe)ibā 1. To set fire to the funeral [ରଇ ଲଗା(ଗେ)ଇବା—ଅନ୍ୟରୂପ] pyre. ୨ । କାଠ ଗଦା କରି ଚିତା জ্বালান ତହିଁରେ ନିଆଁ ଲଗାଇବା—2. To set fire to मुर्दा जलाना a heap of wood. ୩ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର କ୍ରୋଧାଗ୍ନି ଉଦ୍ଦୀପ୍ତ ହେବାର କାରଣ ହେବା—3. (figurative) To cause a person's wrath; to exasperate a person.

ରଇ ଜଳିବା—ଦେ. ବି—୧ । ଚିତାଗ୍ନିର ପ୍ରଜ୍ୱଳନ—1. The Rai jaḷibā burning of the funeral pyre. ୨ । চিতাজ্বলা मुर्दा जलना କାଠଗଦା ଜଳିବା—2. The burning of a heap of wood. ୩ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ମନରେ (ଚିତାଗ୍ନିପରି) କ୍ରୋଧାଗ୍ନି ଜଳିବା—3. (figurative) The burning of a person with anger; a person becoming much enraged or exasperated.

ରଇତ—ବୈଦେ. ବି. (ଅ. ରାଅଇୟାତ୍, ରଅୟତ୍=ରାଜ୍ୟବାସୀ ପ୍ରଜା)—Raita ଜମିଦାରଙ୍କ ଅଧୀନ ଖଜଣା ଦେଇ ଜମି ଚାଷ କରୁଥିବା রায়ত, রায়েত रअय्यत, रइअत् ବ୍ୟକ୍ତି; ପ୍ରଜା—Royat; rayat; raiyat; a tenant; a person holding land under a landlord on rent.

[ଦ୍ର—ଏହି ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳୁଅଛି । ଜମିଦାରଙ୍କ ଜମିକୁ ଖଜଣା ଦେଇ ଚାଷ କରୁଥିବା ବ୍ୟକ୍ତି ନାନା ଶ୍ରେଣୀରେ ବିଭକ୍ତ । ପୂର୍ବେ ଜମିଦାରମାନେ ରାଜାଙ୍କର ଗୁମାସ୍ତାରୂପେ ପ୍ରଜାମାନଙ୍କଠାରୁ ରାଜସ୍ୱ ଆଦାୟ କରି ସେଥିରୁ ଆପଣାର ନିର୍ଦ୍ଧାରିତ ପାରିଶ୍ରମିକ ଗ୍ରହଣ କରି ବାକି ଧନ ରାଜକୋଷରେ ଅର୍ପଣ କରୁଥିଲେ । ଇଂରାଜମାନେ ଏ ଦେଶକୁ ଆସି ଉକ୍ତ 'ଜମିଦାର' ମାନଙ୍କୁ 'ମାଲିକ' ବା 'ଭୂସ୍ୱାମୀ' ବୋଲି ସ୍ୱୀକାର କଲେ ଓ ପ୍ରଜାମାନେ ଖଜଣା ଆଦାୟ କରୁଥିବା ପର୍ଯ୍ୟନ୍ତ ନିଜ ନିଜର ଜୋତରେ ପ୍ରଜାଙ୍କର 'ଦଖଲ ସ୍ୱତ୍ୱ' ରହିବ ବୋଲି ନିର୍ଦ୍ଧାରଣ କଲେ । ପ୍ରଜାଙ୍କଠାରୁ ଜମିଦାରମାନେ ଆଦାୟ କରିବା ଜମା(ମଫସଲ ଜମା) ଆଦାୟ କରି ତହିଁରୁ ଆପଣାର ନିର୍ଦ୍ଦିଷ୍ଟ ପାରିଶ୍ରମିକ (ମାଲିକାନା) କାଟି ନେଇ ବାକି ଟଙ୍କା (ସଦର ଜମା) ରାଜକୋଷରେ ଦାଖଲ କରିବାପାଇଁ ସରକାରଙ୍କୁ କବୁଲ୍‌ନାମା ବା କବୁଲିୟତ୍ ଲେଖି ଦେଇ ଭୂମିର ମାଲିକ ବା ଭୂସ୍ୱାମୀ ରୂପେ ଗଣ୍ୟ ହେଲେ । ତାଙ୍କଠାରୁ ନିଜେ ଚାଷ କରିବାପାଇଁ ଖଜଣାରେ ଜମି ନେବା ବ୍ୟକ୍ତି 'ରଇତ' (Rayat) ଓ ଅନ୍ୟ ବ୍ୟକ୍ତିଙ୍କୁ ଉକ୍ତ ଜମି ଲଗାଇ ତାହାଙ୍କଠାରୁ ଖଜଣା ଆଦାୟ କରି ଆଣି ଆପଣାର ପାରିଶ୍ରମିକ କାଟି ନେଇ ବାକି ଧନ ଜମିଦାରଙ୍କ ନିକଟ ଦାଖଲ କରିବାପାଇଁ ଚୁକ୍ତି କରି ଜମିଦାରଙ୍କଠାରୁ ଜମି ନେଇଥିବା ବ୍ୟକ୍ତି ମଧ୍ୟସ୍ୱତ୍ୱାଧିକାରୀ ବା ଯୋତଦାର (Tenureholders) ରୂପେ ଗଣ୍ୟ ହେଲେ ।

ଫଳତଃ ଖଜଣା ବା ଜମା ଦେବାର ଚୁକ୍ତି କରି ଜମିଦାରଙ୍କଠାରୁ ଜମି ପଟ୍ଟା ନେବା ବ୍ୟକ୍ତି ୨ଶ୍ରେଣୀରେ ବିଭକ୍ତ ହେଲେ । ଯଥା :—୧ । ମଧ୍ୟସ୍ୱତ୍ୱାଧିକାରୀ—Tenureholders. ୨ । ରଇତ—Raiyat. ଏହି ରଇତମାନେ ପୁଣି ପ୍ରଧାନ ୩ ଶ୍ରେଣୀରେ ବିଭକ୍ତ ହେଲେ, (କ) ଚୁଷୀ ରଇତ (ଖ) ଚିକ୍‌ନି ରଇତ (ଗ) ଚୁକନା ରଇତ ।

୨ (କ)—ଯେଉଁ ବ୍ୟକ୍ତି ନିଜ ହାତରେ ଜମା ଆପଣା ପରିବାରର ବ୍ୟକ୍ତିଙ୍କ ଦ୍ୱାରା ଜମା ମୂଲିଆ ଲଗାଇ ମୂଲିଆଙ୍କ ଦ୍ୱାରା ଜମା ଅନ୍ୟ ବ୍ୟକ୍ତିକୁ ଅଂଶୀଦାର ବସାଇ ତା ସାହାଯ୍ୟରେ ଚାଷ କରି ଜମିରେ ଫସଲ ଉତ୍ପନ୍ନ କରି ଜମିଦାରଙ୍କୁ ଖଜଣା ଦେଇ ଉକ୍ତ ବୃତ୍ତିକୁ ଦଖଲ କରିବାକୁ ଅଧିକାରୀ ହୁଏ ତାହାକୁ ପ୍ରଜାସତ୍ତ୍ୱ ଆଇନରେ 'ରଇତ' ବୋଲାଯାଇ ଅଛି । ପ୍ରଜା 'ଖଜଣା' ନ ଦେଇ ଖଜଣା ପରିବର୍ତ୍ତରେ ଜମିଦାରଙ୍କର କୌଣସି କାର୍ଯ୍ୟ କଲେ ଜମା ଜମିଦାର ଅନୁଗ୍ରହ ସ୍ୱରୂପ ଉକ୍ତ ଖଜଣା ଦେବା ଦାୟିତ୍ୱରୁ ଉକ୍ତ ବ୍ୟକ୍ତିକୁ ମୁକ୍ତ ଦେଇଥିଲେ ମଧ୍ୟ ସେ 'ରଇତ' ପଦବାଚ୍ୟ ଅଟେ ।

ଖଜଣା ଦୁଇ ପ୍ରକାର—୧ । ନଗଦ ଟଙ୍କା, ୨ । ଉତ୍ପନ୍ନ ଫସଲର ଅଂଶ ।

୨ (ଖ)—ଉକ୍ତରୂପେ ଚାଷ କରିବାକୁ ଜମିଦାରଙ୍କଠାରୁ ଜମି ପଟ୍ଟା ନେଇ ଯେବେ ଅସଲ ରଇତ ଅନ୍ୟ କାହାରିକୁ ଉକ୍ତ ଜମିକୁ ନଗଦ ଖଜଣାରେ ବା ଉତ୍ପନ୍ନ ଫସଲର ଭାଗରେ ଲଗାଏ, ତେବେ ତାହାର ଅଧୀନ ରଇତ 'ଚିକ୍‌ନି' ରଇତ ପଦବାଚ୍ୟ ହୁଏ ।

୨ (ଗ)—ଜମି ଉପରେ ଘରବାଡ଼ି କରିବାପାଇ ଜମିଦାରଙ୍କଠାରୁ ଖଜଣାରେ ଜମି ନେଇ ତାହା ଦଖଲ କରୁଥିବା ପ୍ରଜା 'ଚୁକ୍‌ନାଦାର୍' ବା 'ଚୁକନା' ରଇତ ପଦବାଚ୍ୟ ହୁଏ ।

୨ (କ) ଶ୍ରେଣୀର ରଇତ ଖଣ୍ଡିଏ ଜମିକୁ ୧୨ ବର୍ଷରୁ ଊର୍ଦ୍ଧ୍ୱ କାଳ ଚଷିଲେ ସେଥିରେ ରଇତର 'ଦଖଲ ସ୍ୱତ୍ୱ' ବା 'ସ୍ଥିତିବାନ୍ ସ୍ୱତ୍ୱ' (occupancy right) ଜନ୍ମେ; ଏବଂ ଗୁରୁତର ତ୍ରୁଟି ଛଡ଼ା ଜମିଦାର ଉକ୍ତ ରଇତକୁ ସେହି ବୃତ୍ତିରୁ ବେଦଖଲ କରି ପାରନ୍ତି ନାହିଁ ।

'ଚିକ୍‌ନି' ରଇତର ଓ 'ଚୁକନା' ରଇତର ଏପ୍ରକାରର ସ୍ଥିତିବାନ ସ୍ୱତ୍ୱ ଉଦ୍ଭବ ହୋଇ ପାରେ ନାହିଁ; ଅର୍ଥାତ୍ ଜମିଦାର ଚୁକନା ରଇତକୁ ଓ ଅସଲ ରଇତ ଚିକ୍‌ନି ରଇତକୁ ଅନାୟାସରେ ଜମିରୁ ଉଠାଇ ଦେଇପାରେ ।

ଓଡ଼ିଶାର ପୂର୍ବ ରାଜସ୍ୱ-ବନ୍ଦୋବସ୍ତ ସମୟରେ ଯେଉଁ ମଉଜାରେ ରଇତର ଚାଷ ଜମି ଥିଲା ସେହି ମଉଜାରେ ଯେବେ ରଇତର ବସବାସ ଗୃହ ଥିଲା, ତାକୁ ଥାନୀ ରଇତ ଓ ଅନ୍ୟ ଗ୍ରାମବାସୀ ରଇତ ଙ୍କୁ ପାହି ରଇତ ବୋଲି ଯାଉଥିଲା; କିନ୍ତୁ ପରବର୍ତ୍ତୀକାଳର ବନ୍ଦୋବସ୍ତରେ ଗଭର୍ଣ୍ଣମେଣ୍ଟ ଥାନୀ, ପାହି ଶ୍ରେଣୀବିଭାଗ ଉଠାଇଦେଇ ନିମ୍ନଲିଖିତ ୩ ପ୍ରଧାନ ଶ୍ରେଣୀରେ ରଇତମାନଙ୍କୁ ବିଭକ୍ତ କରିଅଛନ୍ତି । ଯଥା—

୧ । ସ୍ଥାୟୀ ଜମାରେ ଜମି ଧରିବା ରଇତ ।
୨ । ସ୍ଥିତିବାନ୍ ବା ଦଖଲସ୍ୱତ୍ୱବିଶିଷ୍ଟ ରଇତ ।
୩ । ଦଖଲସ୍ୱତ୍ୱଶୂନ୍ୟ ରଇତ ।

୧୨ ବର୍ଷରୁ ଅଳ୍ପକାଳ ଜମି ଚାଷ କରିଥିବା ରଇତ ଓ ଚାନ୍ଦିନା ରଇତ ଓ ସିକମି ରଇତମାନେ ଦଖଲସ୍ୱତ୍ୱଶୂନ୍ୟ ଅଟନ୍ତି ।

ସ୍ଥିତିବାନ୍ ରଇତ ଆପଣାର ବୃତ୍ତିକୁ ଜମିଦାରଙ୍କ ବିନା ମଞ୍ଜୁରରେ ବିକ୍ରି ବା ହସ୍ତାନ୍ତର ବା ବିଭକ୍ତ କରି ପାରେ ନାହିଁ ।

ଯେଉଁ ରଇତକୁ ଜମିଦାର ଅନୁଗ୍ରହସ୍ୱରୂପ ବା ଚାକରିର ଦରମା ପରିବର୍ତ୍ତେ ବିନା ଖଜଣାରେ ଜମି ଦେଇଥାଆନ୍ତି ସେ ରଇତକୁ 'ନିଷ୍କର ବା 'ମିହା' ରଇତ ବୋଲାଯାଏ ।

ଜମିଦାରଙ୍କ ଖାସ ଦଖଲ ବା 'ନିଜଜୋତ' ଜମିକୁ ଜମିଦାର ପ୍ରଜାକୁ କିଛିକାଳ ପାଇଁ ପଟ୍ଟା ଦେଲେ ଓ ଏପରି ଜମିକୁ ଉକ୍ତ ରଇତ ୧୨ ବର୍ଷ ଦଖଲ କଲେ ମଧ୍ୟ ସେଥିରେ ରଇତର ସ୍ଥିତିବାନ୍ ସ୍ୱତ୍ୱ ଉଦ୍ଭବ ହୋଇ ନ ପାରେ ।

ଯୁରୁଷାକ୍ରମେ ଜମିଦାରଙ୍କ ସେବା ବା ଗ୍ରାମସେବା କରିବାପାଇଁ ପାରିଶ୍ରମିକସ୍ୱରୂପ ଜାଗୀର ହୋଇଥିବା ଧୋବା, ଭଣ୍ଡାରି, କମାର, ବଢ଼େଇ ଆଦିଙ୍କ ଚାକରାନ୍ ଜାଗିର ବା ଦେବୋତ୍ତର ଜାଗିରକୁ ଦଖଲ କରୁଥିବା ରଇତମାନଙ୍କର ମଧ୍ୟ ଉକ୍ତ ଜାଗିର ଜମିରେ ଦଖଲ ସ୍ୱତ୍ୱ ଉଦ୍ଭବ ହୁଏ ।

ନଦୀଗର୍ଭସ୍ଥ ପଡ଼ି ପଡ଼ିଥିବା ଜମି ଓ ପ୍ରତିବର୍ଷ ନିୟମିତରୂପେ ଓ ନିୟମିତ ସୀମା ମଧ୍ୟରେ ଆବାଦ କରି ଯାଉ ନ ଥିବା ଅନାବାଦୀ ଜମିକୁ ଜମିଦାର ପ୍ରତିବର୍ଷ ନୂଆ ନୂଆ ପ୍ରଜା ବିଲି କରନ୍ତି । ଉକ୍ତ 'ଉଠିବାନ୍ଧି' ଜମିର ଅସ୍ଥାୟୀ ରଇତକୁ 'ଉଠିବାନ୍ଧି' ରଇତ ବୋଲାଯାଏ ।

ବ୍ରାହ୍ମଣ, କ୍ଷତ୍ରିୟ ଓ କରଣ ଆଦି ରଇତଙ୍କୁ (ଯେଉଁମାନେ ସାମାଜିକ ପ୍ରଥା ଅନୁସାରେ ନିଜେ ହଳ ବୁଲାଇ ପାରନ୍ତି ନାହିଁ ଓ ମୂଲିଆ ବା ଚାକରଆଙ୍କ ଦ୍ୱାରା ଜମିକୁ ଆବାଦ କରାନ୍ତି, ତାଙ୍କୁ) ଖୁସ୍ବାସ୍ ବା ଖୁସ୍ବାସୀ ରଇତ ବୋଲାଯାଏ ।

ଏକ ଗ୍ରାମବାସୀ ବ୍ୟକ୍ତି ଅନ୍ୟ ଗୋଟିଏ ମଉଜାର ଜମିକୁ ରଇତସ୍ୱରୂପ ଚାଷ କଲେ ଜମି ଥିବା ମଉଜା ସମ୍ବନ୍ଧରେ ଉକ୍ତ ରଇତକୁ 'ପାହିଆ ରଇତ' ବା 'ବେରୁପର ରଇତ' ବୋଲାଯାଏ ।

ସିକମି ରଇତକୁ 'କୋଡ଼ପାହି' ବା କୋରପାହି (ବ. କୋର୍ଫା ବା କୋଲ୍ ରାୟତ) ବୋଲାଯାଏ ।]

ରଇତଉଆର୍(ରି)—ବୈଦେ.ବିଣ (ଫା.ରାଇୟାତ୍ ୱାର୍)—୧ । ରଇତ-
Raitauār(ri) ସମ୍ବନ୍ଧୀୟ—1. Relating to a
রায়েতওয়ারী रयतवार rayat ୨। ରଇତଦ୍ୱାରା ଅଧିକୃତ—
2. Held by a tenant. [ଯଥା—ରଇତଉଆର୍ ଜମି=ରଇତ ଚାଷ କରୁଥିବା ଜମି ।]

ରଇତ ଉଠା(ଠେ)ଇବା—ଦେ. କ୍ରି.—ରଇତର ଅଧିକୃତ ବୃତ୍ତିରୁ
Raita uṭhā (ṭhe)ibā ରଇତର ଦଖଲକୁ ଉଚ୍ଛେଦ କରିବା-
রায়তকে উঠিয়ে দেওয়া To evict a rayat from a
रइअतको उठाना holding.
[ରଇତକୁ ଉଠା (ଠେ)ଇ ଦେବା—ଅନ୍ୟରୂପ]

ରଇତ ବସା(ସେ)ଇବା—ଦେ. କ୍ରି.—କୌଣସି ଅନଧିକୃତ ଜମିରେ
Raita basā(se)ibā ନୂଆ ବ୍ୟକ୍ତିକୁ ରଇତରୂପେ ଦଖଲ ଦେବା-
রায়ত বসান To settle new rayats on a vacant
रइअत बसाना land.

ରଇତ ବାଇତ—ଦେ. ବି·—(ନିରର୍ଥକ ସହଚର)—ରଇତ ଆଦି; ସବୁ
Raita bāita ଶ୍ରେଣୀର ରଇତ—All classes of tenants.
রায়েত টাএত रैअत उयत

ରଇତ ବିଲି କରିବା—ଦେ. କ୍ରି. — ଜମିକୁ ଚାଷ ବା
Raita bili karibā ଦଖଲ କରିବା ପାଇଁ ରଇତମାନଙ୍କୁ ପଟ୍ଟା
রায়ত বিলি করা, রায়ত লাগান ଦେବା—To lease out
रैअत लगाना lands to rayats.
[ରଇତ ଲଗା(ଗେ)ଇବା—ଅନ୍ୟରୂପ]

ରଇତ ଭାଗିଆ—ପ୍ରାଦେ. (ଜୟପୁର) ବି.—ଖମାରୋଇ; ରଇତମାନଙ୍କ-
Raita bhāgiā ଠାରୁ ଖଜଣା ଅସୁଲ କରିବାକୁ ଓ ଜମିବାଡ଼ି ଦେଖା ଶୁଣା କରିବାକୁ ନିଯୁକ୍ତ ଭୃତ୍ୟ (ମହାରାଜ ବିକ୍ରମଦେବଙ୍କ ଖାତିର)—A servant who is engaged to supervise his master's agriculture and tenantry.

ରଇତାନ୍(ନି)—ବୈଦେ. ବି.—(ଅ. ରାୟାତାନ୍, ବହୁବଚନ)—
Raitān(ni) ରଇତମାନେ; ରଇତ ମଣ୍ଡଳୀ—Rayats; a
রায়েতরা रैअतान body of rayats. ବିଣ.—୧
(ରଇତିଆ, ରଇତିଅନ-ଦେ. ବିଣ. ରୂପ) ରଇତଦ୍ୱାରା ଅଧିକୃତ (ଭୂମି)
রায়তী रैयतिया, रैयतानी 1. Held by a rayat.
୨ । ରଇତ; ରଇତ ସମ୍ବନ୍ଧୀୟ—2 Relating to a rayat. (ଯଥା—ରଇତାନ ଖତିଅନ ।)

ରଇତି—ଦେ· ବିଣ.—ରଇତ ସମ୍ବନ୍ଧୀୟ—
Raiti রায়েতি रईअती Relating to a rayat.
ବି.—ରଇତ ଦଖଲ କରୁଥିବା ବୃତ୍ତି—
The holding of a rayat.

ରଇବା—ପ୍ରାଦେ (ସମ୍ବଲପୁର) କ୍ରି—ରହିବା (ଦେଖ)—Rahibā
Raibā (See). [ଦ୍ର—ଚଲ୍ ବରଡ଼ା ଖସୁଛେ; ର, ର, ରେ ମହି ବରଡ଼ା ! ଚୋର୍ ଧନକାଲ୍ ଆସୁଛେ । ଛଗ ।]

ରଇବାର—ଗ୍ରା. ବି—ରବିବାର (ଦେଖ)
Raibāra রবিবার **रइबार** Rabibāra. (See)

ରଇ ଶୀତଲା—ଦେ. ବି—ଶବଦାହର ତୃତୀୟ ଦିନ ଚିତାଗ୍ନିର ନିର୍ବାପନ
Rai śitaḻā କର୍ମ—The rite of formal sprinkling
[ରଇଶୀତଳା—ଅନ୍ୟରୂପ] of water or extinguishing
চৌতা নিভান the funeral fire on the third day
चीताम्फांकना (ढांपना) of cremation. [ଦ୍ର—ଏ ଦିନ ମନ୍ତ୍ରାଦି ପାଠପୂର୍ବକ ରଇରେ ପାଣି ଢାଳି ଅଗ୍ନିକୁ ଲିଭାଇ ତହିଁରୁ ଖଣ୍ଡିଏ ଅର୍ଦ୍ଧଦଗ୍ଧ ଅସ୍ଥି ସଂଗ୍ରହ କରି ଭବିଷ୍ୟତରେ ଗଙ୍ଗାଆଦି ତୀର୍ଥରେ ପକାଇବା ପାଇଁ ରଖାଯାଏ ।]

ରଇ ଶୀତ(ତୁ)ଳା(ଳେ) ଇବା—ଦେ. କ୍ରି—ଶବଦାହର ତୃତୀୟ ଦିନ
Rai śita(tu)ḻā(ḻe)ibā ଚିତାଭସ୍ମ ଉପରେ ଜଳାଦି ଢାଳି ତାହା
চিতা নিভান ଲିଭାଇବା—To extinguish the fire of
चीताम्फांकना (ढांपना) the cremation ashes (with water) on the 3rd day of cremation.

ରଇଶୁଆ—ଦେ. ବିଣ. ପୁଂ (ଗାଳି; ଯେ ରଇରେ ବା ଚିତାଗ୍ନିରେ
Raiśuā ଶୋଇବ)—ଯେ ଶୀଘ୍ର ଚିତାଗ୍ନିରେ ଶୋଇବ
[ରଇଶୋଇ—ସ୍ତ୍ରୀ] (ଅର୍ଥାତ୍ ମରିବ)—(a curse) (a person)
পোড়ারমুখো Who will soon sleep on the
मुहँजरुआ cremation pyre.

ରଉ—ଗ୍ରା. ବି (ସଂ. ରଥ)—ରହୁବର (ଦେଖ)
Rau Rahubara (See)
[ରଉବର—ଅନ୍ୟରୂପ]

ରଉ(ଓ)ଆଜ୍(ଦ୍)—ବୈଦେ. ବି. (ଆ. ରିୱାଜ୍)—
Rau(o)āj(d) ୧ । ରିବାଜ୍; ଅବସ୍ଥା—1. Condition;
রেওয়াজ state. ୨ । ସାମୟିକ ଅବସ୍ଥା; ହାଲ—2. State of
रिवाज things; state of events. ୩ । ସମୟ; କାଳ—
[ରିୱାଦ୍(ଜ୍)—ଅନ୍ୟରୂପ] 3. Time.

ରଉ(ଓ)ଆନା—ବୈଦେ. ବି. (ଆ. ରିୱାନା)—୧ । ରମାନା; ଅନ୍ୟତ୍ର
Rau(o)ānā ଗମନାର୍ଥ କୌଣସି ସ୍ଥାନ ତ୍ୟାଗ; ଯାତ୍ରା—
রওনা **रवाना** 1. Starting from a place.
(ରିୱାନା—ଅନ୍ୟରୂପ) ୨। ଦ୍ରବ୍ୟାଦିର ପ୍ରେରଣ; ସ୍ଥାନାନ୍ତର ପ୍ରେରଣ-
2. The sending of a thing from one place to another. [ଦ୍ର—ଏହି ଆରବୀ 'ରିୱାନା' ଶବ୍ଦରୁ ଆରବୀ 'ପରୱାନା' (ଅର୍ଥାତ୍ ପ୍ରେରିତ ଆଦେଶ) ଶବ୍ଦର ଉତ୍ପତ୍ତି ।]

ରଉ(ଓ)ଆନା କରିବା—ଦେ. କ୍ରି—ଦ୍ରବ୍ୟାଦିକୁ ସ୍ଥାନାନ୍ତରକୁ ପଠାଇବା
Rau(o)ānā karibā ବା ପ୍ରେରଣ କରିବା—To send a
রওনা করা thing from one place to another.
रवाना करना

ରଉ(ଓ)ଆନା ହେବା—ଦେ. କ୍ରି—ସ୍ଥାନାନ୍ତରକୁ ଯାତ୍ରା କରିବା—
Rau(o)ānā hebā To set off or start for
রওনা হওয়া **रवाना होना** another place.

ରଉ(ଓ)ଆବ୍—ବୈଦେ. ବି. (ଆ. ରୌଆବ)—
Rau(o)āb ୧ । ଗାମ୍ଭୀର୍ଯ୍ୟ—1. Gravity.
রোয়াব ୨ । ଭୟ—2. Fear.
रोवाब ୩ । ପ୍ରଭାବ—3. Influence.

ରଉରବ—ଗ୍ରା. ବି—ରୌରବ (ଦେଖ)
Rauraba Rauraba (See)
রউরব **रउरव**

ରଏଖା—ପ୍ରାଦେ. (ସମ୍ବଲପୁର) ବି. (ସଂ. ରକ୍ଷା)—ରକ୍ଷା (ଦେଖ)
Raekhā Rakshā (See)

ରଏତ(ତି) (ଇତ୍ୟାଦି)—ରଇତ(ତି) ଇତ୍ୟାଦି (ଦେଖ)
Raeta(ti) (etc) Raita (ti) etc. (See)

ରଏଲ୍ଟି—ବୈଦେ. ବି. (ଇଂ)—ରୟାଲ୍ଟି (ଦେଖ)
Rael-ṭi Rayāl-ṭi (See)
(ରଏଲ୍ଟି—ଅନ୍ୟରୂପ) রয়ালটী **रयालटी**

ରଂହ(ଧାତୁ)—ସ—୧। ଶୀଘ୍ର ଗତି କରିବା—1. To move with
Ramha(root)speed. ୨। ବହିବା—2. To flow (Apte).

ରଂହଃ—ସଂ. ବି. (ରମ୍ ଧାତୁ=କ୍ରୀଡ଼ା କରିବା ବା ରଂହ ଧାତୁ=ଯିବା
Ramhah +ଭାବ. ଅସ୍; ହ ଆଗମ)—ବେଗ; ଗତିର ଶୀଘ୍ରତା-
Speed; velocity.

ରଂହଣ—ସଂ. ବି (ରଂହ୍ ଧାତୁ+ଭାବ. ଅନ) – ଶୀଘ୍ରଗତି—
Ramhaṇa Swift motion.

ରଂହତି—ସଂ. ବି (ରଂହ ଧାତୁ ବା ରମ୍ ଧାତୁ+କରଣ ବା ଭାବ. ତି;
Ramhati ନିପାତନ)—୧ । ବେଗ; ଗତିର ଶୀଘ୍ରତା—
1. Speed; velocity. ୨ । ରଥର ବେଗ—
2. The speed of a chariot (Apte).

ରଃ—ଦେ. ଅ [ନିବୃତ୍ତ କରାଇବା ଅର୍ଥରେ ବ୍ୟବହୃତ; 'ରହିବା'
Rah କ୍ରିୟାର ଅନୁଜ୍ଞାରେ ହେବା ରୂପ; ରହ(=ତୁ ରହିତ
ରହ } ହୋ) ର ସଂକ୍ଷେପ]—ତୁ ନିବୃତ୍ତ ହୋ; ତୁ
ରହ } ଅନ୍ୟରୂପ] ବିରତ ହୋ; ଚୁପ୍ ହୋ—(Interjection)
ରହଃ } Stay ! Stop ! Shut up !
থাম **रः**

ରିଁଚେ—ପ୍ରାଦେ (ସମ୍ବଲପୁର) ବି ଓ ବିଣ (ତୁଳ. ହି. ରଇଚୋ;
Rañche ରିଂଚ)—୧ । ଟିକିଏ; ଅତି ସାମାନ୍ୟ—
1. Slight; very little; a bit of. ୨ ।
ଟୋପାଏ; ବୁନ୍ଦାଏ—2 A drop of, ୩ । ଖୁବ ସରୁ;
ବାରିକ୍; ଖୁବ୍ ସୂକ୍ଷ୍ମ—3. Very fine.

ରିଁଡ଼ା—ପ୍ରାଦେ (ସମ୍ବଲପୁର) ବିଣ (ସଂ. ରଣ୍ଡା)—ମୃତଦାର—
Rañrḍā Widower.

ରିଁଧ୍ନିଆ(ଆଁ)—ପ୍ରାଦେ (ସମ୍ବଲପୁର) ବି (ପୁଂ)—ରନ୍ଧନିଆ (ଦେଖ)
Rañdh-niā(āñ) Randh-niā (See)

ରିଁଧ୍ନୀ—ପ୍ରାଦେ (ସମ୍ବଲପୁର) ବି (ସ୍ତ୍ରୀ)—ରନ୍ଧନୀ (ଦେଖ)
Rañdh-ni Randh-nī (See)

ରଁହଠା—ଗ୍ରାଦେ (ସମ୍ବଲପୁର) ବ—ରହଁଟା (ଦେଖ)
Rañhaṭā Rahañṭā (See)

ରକ୍ (ଧାତୁ)—ସ—୧ । ଚାଖିବା—1. To taste. ୨ । ପାଇବା—
Rak (root) 2. To obtain.

ରକ—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଶରୀରର ଚର୍ମାଚ୍ଛନ୍ନ ହାଡ଼ର
Rak ଗଣ୍ଠି ଖସିଯିବା ଯୋଗୁଁ ସ୍ୱାନୁଭୂତ ରକ୍ ରକ୍ ଶବ୍ଦ—1. A
রকরক: করকর croaking or cracking sound or sensation experienced when a boin-joint is dislocated. ୨ । ସବାରର ବାଉଁଶ ଆଦର ମୂଳ ସ୍ଥାନଚ୍ୟୁତ ହେବା ଯୋଗୁଁ ମଠରବା ବା ମଚ୍ ମଚ୍ ଶବ୍ଦ କରବା—2. A squeaking sound produced by a piece of woodwork dislocated from its proper groove. ୩ । ରକା ପଶିବା ସ୍ଥାନରେ ବେଦନା ଅନୁଭୂତ—3. Spasm or spasmodic pain (e. g. at the neck and at the sides) due to wind.

ରକ୍‌କନା (ନ,ର)—ଦେ. କି.ବଣ—ଗୋଡ଼ର ଗଣ୍ଠି ଅବ ହଠାତ୍ ମୋଡ଼ି
Rak-kinā (ni,ri) ହୋଇଯିବା ପ୍ରକାରରେ—Suddenly in a
রক্করে squeaking manner (said of a joint
करकरके साथ suddenly sprained).

ରକ୍‌ଠକ୍—ଦେ. ଅ - ରୋକ୍‌ଠୋକ୍ (ଦେଖ)
Rak-ṭhak Rok-ṭhok (See)

ରକ୍‌ରକ୍—ଦେ. ଅ—ରକ୍ (ଦେଖ)
Rak-rak Rak (See)
হাইপাই करकर ବ—୧ । ଅପ୍ରାପ୍ୟ ବା ଅପ୍ରାପ୍ତ ବସ୍ତୁ ପାଇବାର ଇଚ୍ଛା—1. A desire to get a thing which one can not or has not attained. ୨ । ନଷ୍ଟ ଧନାଦର ପୁନଃପ୍ରାପ୍ତି ଇଚ୍ଛା—2. Desire to get back a lost thing. ବଣ—ଅପ୍ରାପ୍ୟ ବା ନଷ୍ଟ ବସ୍ତୁ ପାଇବାକୁ ଇଚ୍ଛୁକ (ବ୍ୟକ୍ତି)—Desirous to get a lost or unattainable thing.

ରକ—ସ. ବ (ରକ୍. ଧାତୁ+ସ୍ୱାର୍ଥେ. ଅ)—୧ । ଅତସମଣି; ସୂର୍ଯ୍ୟକାନ୍ତ
Raka ମଣି—1. A precious stone said to concentrate sun's rays; sun-stone. ୨।ସ୍ଫଟିକ—2. Crystal. ୩ । ଘନ ବୃଷ୍ଟି—3. A heavy shower.

ରକଠା—ଦେ. ବ—୧ । ମଜା ହୋଇ ନ ଥିବା ଅଇଁଠା ବାସନରେ
Rakaṭā ଲାଗି ରହିଥିବା ଭୁକ୍ତ ଅନ୍ନାଦର ଶୁଷ୍କ ଓ ଟାଣୁଆ କଣା—
(ରେକଠା—ଅନ୍ୟରୂପ) 1. Dried and hardened
মাড়ী particles of rice and food which remain
रकटा sticking to a plate after it is used in a meal and before it is well rinsed. ୨ ।
চিবান ଟାଣ ବସ୍ତୁକୁ (ଯଥା—ମାଂସ ଲାଗିଥିବା ହାଡ଼) ଧୀରେ ଧୀରେ
चाबचाबकर खाना ଦାନ୍ତରେ ଘେଁଷାଇବା ବା ରେକେଟିବା କର୍ମ—
2. The act of chewing or nibbling at a hard thing with the teeth. [ଦ୍ର—ହାଡ଼ରୁ ମାଉଁସକୁ ଧୀରେ ଧୀରେ ଅଥଚ ବଳପୂର୍ବକ ଦାନ୍ତରେ ଘେଁଷାଇବାକୁ ର(ରେ)କଠା ବା ର(ରେ)କଟିବା ବୋଲା-
এঠোঁ ଯାଏ ।] ବଣ—୧ । (ଖାଇବାରେ ବ୍ୟବହୃତ ଅମଜା ବାସନ)
জঠা ଯହିଁରେ ଭୁକ୍ତ ଖାଦ୍ୟାଦର ଶୁଷ୍କକଣାମାନ ଦୃଢ଼ ଭାବରେ ଲାଗିଥାଏ—1. (uncleaned plates) To which particles of food remain sticking. [ଦ୍ର—ଖାଇବା ବା ପରଷିବା ବାସନକୁ ସଙ୍ଗେ ସଙ୍ଗେ ଧୋଇ ନ ଦେଲେ ତହିଁର ଅଙ୍ଗରେ ଭୁକ୍ତ ଅନ୍ନାଦର କଣାମାନ ଲାଗିରହି ଶୁଖିଗଲେ କର୍କଶ ହୋଇଯାଏ ଓ ଉକ୍ତ ରକଠାକୁ ବାସନରୁ ଛଡ଼ାଇବା ପାଇଁ ବାସନକୁ କିଛିକାଳ ପାଣିରେ ବବୁଡ଼ାଇବାକୁ ହୁଏ।] ୨ । ଅତି ଟାଣୁଆ—2. Very hard. ୩ । ସ୍ପର୍ଶ କଲେ ଯାହା କର୍କଶ ଜଣାଯାଏ—3. Rough to touch. ୪ । ମଳଯୁକ୍ତ; ମଳିଆ—4. Dirty. ଗ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ବ—କୋଳଥ—Horse-gram; Dolichos Biflorus.

ରକଠା ଛଡ଼ା(ଡ଼େ)ଇବା—ଦେ. କି—୧ । ଅଇଁଠା ବା ଶୁଷ୍କ ଭୁକ୍ତ ବାସନକୁ
Rakaṭā chharḍā(rḍe)ibā ପାଣିରେ ବବୁଡ଼ାଇ ଓ ତୁତ୍ତ୍ରମ-
বাসন মাজা ଋଟେ ମାଜି ତହିଁରେ ଲାଗି ଶୁଖିଯାଇଥିବା ଖାଦ୍ୟ
रकटा छोड़ाना ଦ୍ରବ୍ୟର କଣାମାନଙ୍କୁ ଛଡ଼ାଇବା—1. To cleanse the dry particles of food etc. sticking to a plate remaining long unwashed after use. ୨ । କୌଣସି ପଦାର୍ଥରେ ବସିଥିବା ମଳକୁ ପରଷ୍କାର କରବା—2. To cleanse the dirt sticking to an article.

ରକଟିବା—ଦେ. କି—ହାଡ଼ରେ ଲାଗିଥିବା ମାଂସର କ୍ଷୁଦ୍ର ଅଂଶକୁ ପୃଥକ୍
Rakaṭibā କରବା ପାଇଁ ଉକ୍ତ ହାଡ଼କୁ ଦାନ୍ତ ଦ୍ୱାରା ପୁନଃ ପୁନଃ
চিবান ଚର୍ବଣ କରବା—To nibble at a hard thing
चाबना with the teeth to separate the softer parts adhering to it (e. g. bone).

ରକତ—ଗ୍ରାଦେ (ସମ୍ବଲପୁର) ବ—ରକ୍ତ (ଦେଖ)
Rakat Rakta (See)

ରକତ (ଇତ୍ୟାଦ)—ଗ୍ରା. ବ—ରକ୍ତ ଇତ୍ୟାଦ (ଦେଖ)
Rakata (etc) Rakta etc. (See)
রক্ত रकत

ରକବା—ବୈଦେ ବ (ଅ) (କଚରଥ)—୧ । ଜମିର କ୍ଷେତ୍ରଫଳ—
Rakabā 1. The area of a land. ୨ । ମୌଜାର ସମସ୍ତ
রকবা ଜମିର ମୋଟ ପରମାଣ ବା କ୍ଷେତ୍ରଫଳ—2. Total area
रकबा of the lands of a village.

ରକବା ଜମାଖରଚ—ବୈଦେ. ବ (ଅ) (କଚରଥ)—ଯେଉଁ ଜମିଦାରଖ
Rakabā jamā kharacha କାଗଜରେ ମୌଜାର ଉକ୍ତ ଉକ୍ତ
রকবা জমাখরচ ଶ୍ରେଣୀର ଜମିର ପରମାଣ ଲେଖାଥାଏ ଓ ସମସ୍ତ
रकबा जमाखर्च ପ୍ରକାରର ଜମିର ମୋଟ ପରମାଣ ମଧ୍ୟ ହସାବ କରାଯାଇଥାଏ—A statement in which the

areas of different classes of lands and the whole area of the lands of a village are specifically mentioned.

ରକମ୍—ବୈଦେ. ବ (ଅ)—୧ । ଶ୍ରେଣୀ; ପ୍ରକାର—1. Kind; sort; Rakam class. ୨ । ଧରଣ; ଢଙ୍ଗ—2. Mode. ୩ । ଭାଗ; ହିସା; ଅଂଶ—3. Share. (ଯଥା—ଜମିଦାରର ରକମ ଦଶ ଅଣା=ଜମିଦାରର ୧୦ ଅଂଶ) । ୪ । ସାମଗ୍ରୀ; ଚଳ; ବସ୍ତୁ; ପଦାର୍ଥ—4. Thing; article. (ଯଥା—ନାନା ରକମ, ବଣିଆର ରକମ, ଅଗଲ ରକମ, ଗୁନା ରକମ, ଦରେକ୍ ରକମ ।)
रकम **रकम**

ରକମ୍ ରକମ୍—ବୈଦେ. ବଣ (ଅ)—ନାନା ପ୍ରକାରର—Rakam rakam Of various sorts.
(ରକମ ରକମାର୍, ରକମ ରକମାର—ଅନ୍ୟରୂପ) ବ—ନାନାପ୍ରକାର—Various kinds.
रकम रकम **रकमरकम**

ରକା(କ୍କା)—ଦେ.ବ (ରକ୍ ରକ୍ ଅନୁଭୂତ ହେଉଥିବାରୁ)—କଙ୍କାଳ,ବେକ Raka(kka) ପ୍ରଭୃତିରେ ଅଟକି ଯାଇ ବେଦନା ଦେବା ଶରୀରସ୍ଥ କୁପିତବାୟୁ; ଗେଞ୍ଜ—A stitch; stitching pain; acute pain felt inside parts of the body due to the stoppage of air circulation in those parts. [ଦ୍ର—ସମୟସମୟରେ ହଠାତ୍ ବେକରେ ପିଠିରେ ବା କଙ୍କାଳରେ ପବନ ଅଟକ ଗଲେ (ରକା ପଶିଲେ) ବେକକୁ ବା କଙ୍କାଳକୁ ବୁଲାଇ ହୁଏ ନାହିଁ ଓ ବୁଲାଇଲେ ବେଳକୁ ଅତ୍ୟନ୍ତ କଷ୍ଟ ଓ ବେଦନା ହୁଏ ଓ ଶ୍ୱାସ ପ୍ରଶ୍ୱାସ ନେବାକୁ ମଧ୍ଯ କଷ୍ଟ ବୋଧ ହୁଏ । ଏହାକୁ ସାଧାରଣ ଲୋକେ 'ଗେଞ୍ଜ ପଶିବା' ବୋଲି କହନ୍ତି । ରକା ପଶିଥିବା ଅଙ୍ଗର ଚମଡ଼ାକୁ ହାତଦ୍ୱାରା ଚମଟି କରି ଓଟାରି ଧରି ଓ ଝଡ଼ାଫୁଙ୍କା କରି ରକା ଛଡ଼ାଇ ଜାଣିବା ଲୋକେ ରକା ଛଡ଼ାନ୍ତି । ଡାକ୍ତରମାନେ ରକା ଧରିଥିବା ଲୋକକୁ ବୈଦ୍ୟୁତିକ ଯନ୍ତ୍ର (Battery) ଧରାଇ ରକାକୁ ଛଡ଼ାନ୍ତି ।] ପ୍ରାଦେ. (ସମ୍ବଲପୁର) ବ—ହାଡ଼ର ଖଞ୍ଜା ଖସିଯିବା—Dislocation of a bone. ପ୍ରା—(ମେଦନୀପୁର) ବ—ଚୋଲା;ରସିଦ—A slip of paper containing an order or receipt.
फिक ; रका; फिकव्यथा; फिकधरा **वाईरुकजाना**

ରକା ଛଡ଼ା(ଡ଼େ)ଇବା—ଦେ. କ୍ରି—ଝଡ଼ାଫୁଙ୍କା ଦ୍ୱାରା ବା ବୈଦ୍ୟୁତିକ ଯନ୍ତ୍ର Raka chharda(rde)iba ସାହାଯ୍ୟରେ ରକାକୁ ଭଲ କରିବା—To cure nervous spasm due to wind by blowing with the mouth or by muttering incantations or by electric current.
फिकव्यथा छाड़ान **बाइ झोडाना**

ରକା ଛାଡ଼ିବା—ଦେ. ବ—ଦେହସ୍ଥ କୁପିତ ବାୟୁ ପୁଣି ସ୍ୱସ୍ଥାନକୁ ଯିବାଦ୍ୱାରା Raka chhardiba ବେଦନାର ଉପଶମ ହେବା—The cure (ରକା ଧରିବା—ବିପରୀତ) of nervous spasm due to wind.
फिकव्यथाछाड़ा **बाइझोडना**

ରକା ଝାଡ଼ିବା—ଦେ. କ୍ରି—ମନ୍ତ୍ର ଉଚ୍ଚାରଣ ପୂର୍ବକ ମୁହଁରେ ଫୁଙ୍କି Raka jhardiba ରକାକୁ ଛଡ଼ାଇବା ପାଇଁ ରକାଯୁକ୍ତ ଅଙ୍ଗରେ ହାତ ବୁଲାଇବା—To practise massage and blow wind by the mouth on the part of the body affected with nervous spasm.
फिक झाड़ा **बाइ झाडना**

ରକା ଧରିବା—ଦେ. ବ—ପବନ ଅଟକି ଯିବା; ଦେହମଧ୍ୟସ୍ଥ କୁପିତବାୟୁ Raka dhariba ସ୍ୱସ୍ଥାନ ତ୍ୟାଗ ପୂର୍ବକ ବେକକୁ ବା ପିଠିକୁ ବା କଙ୍କାଳକୁ ଆଶ୍ରୟ କରି ବେଦନା ଦେବା—Suffering of spasms due to wind.
फिक्धरा **बाई रुकजाना**
(ରକା ପଶିବା, ରକା ଲାଗିବା—ଅନ୍ୟରୂପ)
(ରକା ଛାଡ଼ିବା—ବିପରୀତ)

ରକ୍ତ—ସଂ. ବିଣ—(ରଜ୍ଜ୍ ଧାତୁ=ରଙ୍ଗ କରିବା+କର୍ମ ତ—Rakta ୧ । ରଞ୍ଜିତ; ରଙ୍ଗକରି ଯାଇଥିବା—1. Dyed; tinged; coloured; stained. ୨ । (+କର୍ତ୍ତୃ ତ) ରତ; ଆସକ୍ତ; ଅନୁରକ୍ତ—2. Fond; attached to; addicted to. ୩ । କ୍ରୀଡ଼ାରତ; କ୍ରୀଡ଼ାସକ୍ତ—3. Addicted to play; engaged in sport. ୪ । ଶ୍ରୁତିମଧୁର; ସୁଶ୍ରାବ୍ୟ—4. Sweet to the ear. ୫ । ଲୋହିତ; ରଙ୍ଗ; ନାଲିଆ—5. Red. ୬ । ଶୋଧିତ (ବୃ.ଶ.)—6. Purified. ବ—(+ଭାବ ତ) ୧ । ଲୋହିତ ବର୍ଣ୍ଣ—1. Red colour. ୨ । କୁସୁମ୍; କୁସୁମ ଫୁଲ—2. Safflower; Carthamus Tinctoris. ୩ । ହିଜ୍ଜଲ; ହିଜ୍ଜଳ ଗଛ—3. A tree; Barringtonia Acutangulia. ୪ । କୁଙ୍କୁମ୍;ଜାଫ୍ରାନ୍—4. Saffron; Crocus Sativus. ୫ । ତାମ୍ର; ତମ୍ବା—5 Copper. ୬ । ପ୍ରାଚୀନାମଳକ; ଫଳବିଶେଷ; ପାଣିଅଁଳା—6.The fruit of Flacourtia Cataphracta. ୭ । ହିଙ୍ଗୁଳ—7. Vermillion. ୮ । ସିନ୍ଦୁର—8. Red lead; minium. ୯। ପଦ୍ମକ; ପଦ୍ମକାଷ୍ଠ; ଔଷଧକାଷ୍ଠବିଶେଷ—9. A sort of fragrant wood used in medicine; Prunus Padam. ୧୦ । ରକ୍ତଚନ୍ଦନ—10. Teracarpus Santalum. ୧୧ । ରକ୍ତ କାଠ—11. Sappan wood. ୧୨ । ବନ୍ଧୁଲି ଫୁଲ—12. Pentapetes Phoenicia. ୧୩ । ରକ୍ତା ମାଛ (ବୃ. ଶ.)—13. A small reddish species of Clarius Magur (fish). ୧୪ । ଏକପ୍ରକାର ବିଷାକ୍ତ ବେଙ୍ଗ (ବୃ.ଶ.)—14. A kind of venemous frog. ୧୫ । ଏକ ପ୍ରକାର ବିଛା (ବୃ. ଶ.)—15. A kind of scorpion. ୧୬ । ଶିବ—16. A name of Siba (Apte).

ଅନ୍ୟ-ସଂ ପ୍ରତିଶବ୍ଦ—ଅଙ୍ଗଜ, ଅସୃକ୍, ୧୭ । ଶୋଣିତ; ରୁଧିର; ଅସ୍ର, କୀଲାଲ, କ୍ଷତଜ, ହୃଦ୍‌ହୃତଚରସାଶ।ଷୋଲ୍ଲ ଶରୀରସ୍ଥ

ଚର୍ମଜ, ତ୍ୱଗ୍‌ଜ, ପଲଙ୍କାର, ରଙ୍ଗନ, ରୁଧିର, ରୋଧିର, ରଙ୍ଗକ, ଲୋହିତ, ଲୋହ, ଶୋଣ, ଶୋଣିତ, ସ୍ୱଜ, ବାସିଷ୍ଠ, ପ୍ରାଣଦ, ରସତେଜଃ ଲୋହିତ
ରକତ—ଗ୍ରାମ୍ୟରୂପ
রক্ত
लहू
ସପ୍ତଧାତୁ ମଧ୍ୟରୁ ଏକତମ; ଲହୁ—17. Blood. [ଦ୍ର—ଭୁକ୍ତ ଦ୍ରବ୍ୟ ପରିପାକ ହୋଇ ପ୍ରଥମେ ରସ (Chyle)ରେ ପରିଣତ ହୁଏ । ରସ ପୁଣି ପରିପକ୍ୱ ହେଲେ ରକ୍ତ ରୂପରେ ସମଗ୍ର ଶରୀରରେ ବାଣ୍ଟି ହୁଏ । ଏହା ନାଲିଆ, ତରଳ, ନାତି-ଶୀତୋଷ୍ଣ, ମଧୁରଲବଣରସ । ଏହା ଶରୀରର ସବୁ ସ୍ଥାନରେ ଅଛି, ତନ୍ତୁ

ଫା. ଖୂନ୍ ଯକୃତ ଓ ପ୍ଲୀହା ରକ୍ତର ପ୍ରଧାନ ଆଧାର । ରକ୍ତ ପ୍ରଥମେ ହୃଦୟକୁ ଯାଇ ହୃଦୟରୁ ସବୁଆଡ଼େ ଶିରାପ୍ରଶିରା ଦ୍ୱାରା ଚାଳିତ ହୁଏ । ରକ୍ତ ଦୂଷିତ ହେଲେ ନାନା ରୋଗ ଜନ୍ମାଏ । ରକ୍ତହିଁ ଜୀବଶରୀରର ପ୍ରଧାନ ଉପାଦାନ । ରକ୍ତକୁ ବୈଜ୍ଞାନିକ ପ୍ରକ୍ରିୟାରେ ବିଶ୍ଳେଷଣ କଲେ ଦେଖାଯାଏ ଯେ, ସେଥିରେ ଦୁଇଟି ଉପାଦାନ ଅଛି, ଯଥା—୧ । ସିରମ୍ (Serum ବା Plasma)—ଈଷତ୍ ହଳଦିଆ ଜଳୀୟ ପଦାର୍ଥ (ଯହିଁରେ ଜଳ ଓ ଲବଣାଂଶ ଅଛି) । ୨ । କ୍ରୋସାମେଣ୍ଟମ୍ (Crossamentum ବା blood corpuscles)—ନାଲିବର୍ଣ୍ଣ ଅଂଶ । ରକ୍ତକୁ ଇଂରାଜୀରେ ବ୍ଲଡ୍ (Blood) ଓ ଲାଟିନରେ (Liquor Sanguinis—ପ୍ରାଣର ପାଣୀୟ) ବୋଲାଯାଏ । ରକ୍ତକୁ ରାସାୟନିକ ବିଶ୍ଳେଷଣ କଲେ, ଏଥିରେ ଜଳ, ଅଲବୁମେନ୍ (Albumen), ପୋଟାସିଅମ୍, ସୋଡିଅମ (କ୍ଷାର), ଫସ୍‌ଫରସ୍, ଅଙ୍ଗାର, ଲୁହା ଆଦି ଉପାଦାନ ଥିବା ଦେଖାଯାଏ । ଜୀବଦେହରୁ ରକ୍ତ ବାହାର କଲେ କିଛିକ୍ଷଣ ପରେ ଏହା ପାଣି ଫାଟିଯାଇ ବସିଯିବା ଅଂଶ ଗୋଠାଳିଆ (coagulum) ଓ ଜଳୀୟ ଅଂଶ (Serum)ରେ ପରିଣତ ହୁଏ । ରକ୍ତରେ ଦୁଇ ପ୍ରକାରର ଅଣୁ (Corpuscles) ଅଛି । ଏକ ପ୍ରକାର ଧଳା ଓ ଅନ୍ୟ ପ୍ରକାର ନାଲି । ଧଳା ଅଣୁର ସଂଖ୍ୟା ଅପେକ୍ଷା ନାଲିଆ ଅଣୁର ସଂଖ୍ୟା ବେଶୀ ।

ଶରୀର ମଧ୍ୟରେ ପ୍ରବାହିତ ରକ୍ତ ୨ ପ୍ରକାର; ୧ । ଆର୍ଟେରିଆଲ୍ ବ୍ଲଡ୍ (Arterial blood)—ଯାହା ନାଡ଼ୀ ଦ୍ୱାରା ପ୍ରବାହିତ ହୁଏ । ଏହାର ବର୍ଣ୍ଣ ଟୋପା ନାଲି । ୨ । ଭେନସ୍ ବ୍ଲଡ୍ (Veinous blood) ଯାହା ଶିରାପ୍ରଶିରା ଦ୍ୱାରା ପ୍ରବାହିତ ହୁଏ । ସ୍ଥୂଳରେ ଧରିବାକୁ ଗଲେ ରକ୍ତରେ ଜଳୀୟ ପଦାର୍ଥ ୮୦ ଭାଗ, ଘନ ପଦାର୍ଥ ୨୦ ଭାଗ । ସାଧାରଣ ମନୁଷ୍ୟ ଦେହରେ ପ୍ରାୟ କଟକ ୧୧ ସେର ରକ୍ତ ଥାଏ । ମନୁଷ୍ୟର ରକ୍ତର ଉଷ୍ଣତା ପ୍ରାୟ ୯୮ ଡିଗ୍ରୀ ।]

ଦେ. ବି—୧ । ଜଙ୍ଘ, କାଖ ଆଦି ବେଦନାଯୁକ୍ତ ହୋଇ ଫୁଲିବା—1. Bubonic swelling of the thigh etc due to glandular disease. ୨ । ଆର୍ତ୍ତବ; ପ୍ରତିମାସରେ ସ୍ତ୍ରୀଗର୍ଭରୁ ନିଃସୃତ ରଜଃ(ଅଶିଷ୍ଟ,—ନେଡ଼)—2. Menstrual flow; menses.

[ଦ୍ର—ଶାସ୍ତ୍ର ମତରେ ଓ ଆଧୁନିକ ବିଜ୍ଞାନ ମତରେ ମଧ୍ୟ ଏହା ଅଛି ଅଶୁଚି ଓ ଅସ୍ପୃଶ୍ୟ ଅଟେ ।] ୩ । ରକ୍ତ ସମ୍ପର୍କୀୟ ବ୍ୟକ୍ତି; କୁଟୁମ୍ବ—3. Blood relation; kinsman; kindred. ୪ । ରକ୍ତସମ୍ପର୍କ—4. Blood relationship; kinship.

ରକ୍ତ ଅବୁ—ଦେ. ବି (ସଂ. ରକ୍ତ ଓ ଅର୍ବୁଦ)—ପ୍ରସବ ସମୟରେ ଶିଶୁର ମୁଣ୍ଡରେ ଖୁବ୍ ଚାପ ପଡ଼ିବା ଯୋଗୁଁ ତା ମୁଣ୍ଡରେ ବାହାରିବା ରକ୍ତ ବର୍ଣ୍ଣର ଅବୁ (ଡାକ୍ତର ରାଜକିଶୋର—ପ୍ରସୂତିତତ୍ତ୍ୱ)—Haematoma.
Rakta ābu
রক্তআব

ରକ୍ତ ଆମାଶା —ଦେ. ବି (ସଂ. ରକ୍ତାମାଶୟ)—୧ । ଝାଡ଼ା ସଙ୍ଗେ ରକ୍ତ ପଡ଼ିବା ରୋଗ—1. A disease accompanied with bloody stools. ୨ । ରକ୍ତାତିସାର; ନାଲିରକ୍ତ ଝାଡ଼ା—2. Dysentery.
Rakta āmāśā
(ରକ୍ତ ଆମାଶୟ—ଅପଭ୍ରଂଶ)
রক্ত আমাশা
रक्त आमाशय

ରକ୍ତ ଉପୁଚିବା—ଦେ. କ୍ରି—୧ । ରକ୍ତ ଥୋପି ପଡ଼ିବା (ଦେଖ) 1. Rakta thopi pardibā (See) ୨ । ରକ୍ତ ପିଚିକିବା (ଦେଖ) 2. Rakta pichikibā (See)
Rakta upuchibā
(ରକ୍ତ ଉପୁଚି ପଡ଼ିବା—ଅପଭ୍ରଂଶ)
পিচকিরীর মত রক্ত পড়া
रक्त पिचका देना

ରକ୍ତକ—ସଂ. ବି (ରକ୍ତ+କ)—୧ । ଅମ୍ଳାନକ ବୃକ୍ଷ—1. Globe Amaranth (red variety); Gomphraena Globosa. ୨ । ବନ୍ଧୁକ ଗୁଳ୍ମ; ବନ୍ଧୁଲୀ (ଗଛ ଓ ଫୁଲ)—2. A plant with red blssom; Pentapetes Phoenicia; Ixora Bandhuka. ୩ । ରକ୍ତ ବସ୍ତ୍ର—3. Red cloth. ୪ । ଅନୁରାଗୀ ବ୍ୟକ୍ତି—4. A person affected with love; an impassioned person (Apte). ୫ । ବିନୋଦୀ; କ୍ରୀଡ଼ାରତ ବ୍ୟକ୍ତି—5. A player; a sporter. ୬ । କୁସୁମ ଫୁଲ—6. Safflower. ୭ । ରକ୍ତଶିଗ୍ରୁ; ରକ୍ତ ସଜନା—7. Red variety of horse radish. Morunga Hyperanthera. ୮ । ରକ୍ତୈରଣ୍ଡ; ନାଲିଗବ—8. The red variety of castor-seed plant. ୯ । ରକ୍ତୋତ୍ପଳ; ନାଲିକଇଁ—9. The red water lily; Nymphae Rubra. ୧୦ । ରକ୍ତକାଷ୍ଠ; ବକମ ଗଛ—10. The sappan wood. ୧୧ । କୁଙ୍କୁମ; କେଶର (ସ୍ତ୍ରୀ. ଷ.)—11. Saffron. ୧୨ । କାମୁକ ବ୍ୟକ୍ତି—12. An amorous man (Apte)—୧୩ । ରକ୍ତ; ରୁଧିର—13. Blood (Apte). ବିଣ—୧ । ଅନୁରାଗୀ—1. Fond; affectionate. ୨ । ଅନୁରକ୍ତ—2. (Person) Attached to; ensmoured of. ୩ । ବିନୋଦୀ (ସ୍ତ୍ରୀ. ଷ.)—3. Sportive; frolicsome. ୪ । ରକ୍ତବର୍ଣ୍ଣ ବିଶିଷ୍ଟ—4. Red.

* । ରକ୍ତରଞ୍ଜିତ—5. Bloody (Apte). ୬ । ମନୋହର—6. Pleasing; amusing (Apte).

ରକ୍ତ କଇଁ—ଦେ. ବି (ସ. ରକ୍ତ କୁମୁଦ)—ରଙ୍ଗକଇଁ; ନାଲିକଇଁ; କୋକନଦ—The red water lily.
Rakta kaiñ
लालकुंदी लालकूई

ରକ୍ତ କଙ୍ଗୁ—ସ. ବି—ଯେଉଁ ଶାଳବୃକ୍ଷରୁ ନିର୍ଯ୍ୟାସ ବାହାରେ—Gum-exuding Sal tree.
Rakta kangu

ରକ୍ତକଣ୍ଟା—ସ. ବି (ବହୁବ୍ରୀହି)—ବଇଁଚକୋଳି ଗୁଳ୍ମ (ହି. ଶ) Flacourtia Ramontchi plant.
Raktakanṭā

ରକ୍ତକଣ୍ଠ(ଣ୍ଠୀ)—ସ. ବିଶ. ପୁଂ (ବହୁବ୍ରୀହି; ରକ୍ତ=ସୁଶ୍ରାବ୍ୟ+କଣ୍ଠ=ସ୍ୱର ଯାହାର)—୧ । ମନୋହର କଣ୍ଠ
Rakta kanṭha(nṭhi)
ରକ୍ତକଣ୍ଠ } —ସ୍ତ୍ରୀ ନାଲିଆ—1. Red-necked. ୨ । ସୁକଣ୍ଠ:
ରକ୍ତକଣ୍ଠୀ } ଯାହାର ସ୍ୱର ସୁମିଷ୍ଟ—2. Having a melodious tone or voice. ସ. ବି—୧ । କୋକିଳ (ହି. ଶ.) —1. Indian cuckoo. ୨ । ବାଇଗଣ (ହି. ଶ.)—2. Brinjal. ୩ । ହରିଡ଼ ଚଢ଼େଇ; ହରିତ (ଦେଖ) (ଦ୍ରବ୍ୟଗୁଣ)—3. Harita (See)

ରକ୍ତ କଦମ୍ବ—ସ. ବି—ନାଲି ଫୁଲ ବିଶିଷ୍ଟ କଦମ୍ବ ଗଛ (ହି. ଶ.)—A variety of the Nucela Cadamba with red flowers.
Rakta kadamba

ରକ୍ତ କଦଳୀ—ସ. ବି—ଚମ୍ପା କଦଳୀ (ଦେଖ)
Rakta kadaḷi Champā kadaḷi (See)

ରକ୍ତ କନା—ଦେ. ବି.—୧ । ରକ୍ତାକ୍ତ ବସ୍ତ୍ରଖଣ୍ଡ—1. Rag soaked with blood. ୨ । ଋତୁ ସମୟରେ ସ୍ତ୍ରୀମାନଙ୍କ ଦ୍ୱାରା ପରିହିତ ହେବା ଯୋଗୁଁ ରକ୍ତାକ୍ତ ବସ୍ତ୍ରଖଣ୍ଡ; ଚଳ କନା—2. Rags used by females during menses and soaked with the menstrual blood; sanitary rag or towel. ୩ । ପ୍ରସବ କାଳରେ ଗର୍ଭରୁ ସ୍ରବ ଥିବା ରକ୍ତାଦିରେ ବୁଡ଼ିଥିବା କନା—3. Bloody rag; rags soaked with bloody discharge from the womb at child-birth.
Rakta kanā
रक्तेर नेकड़ा
रक्त कपडा

ରକ୍ତ କନ୍ଦ—ସ. ବି.—(ବହୁବ୍ରୀହି)—୧ । ପ୍ରବାଳ; ପୋହଳା—1. Coral. ୨ । ପିଆଜ (ହି. ଶବ୍ଦସାଗର)—2 Onion. ୩ । ନାଲି ଆଳୁ (ହି. ଶ.)—3, Red-bulbed yam.
Rakta kanda
(ରକ୍ତ କନ୍ଦକ—ଅନ୍ୟରୂପ)

ରକ୍ତ କମଳ—ସ. ବି.—ନାଲି ପଦ୍ମ; ରକ୍ତୋତ୍ପଳ—The red lotus.
Rakta kamaḷa
(ଅନ୍ୟ ସ ନାମ—ଅରବିନ୍ଦ, ଅରୁଣ କମଳ, ରବି ପ୍ରିୟ, ଶୋଣପଦ୍ମ, କୋକନଦ)
रक्त पदम लालपद्म

ରକ୍ତ କମ୍ବଳ—ସ. ବି.—୧ । ନେଳ କଇଁ (ହି. ଶବ୍ଦସାଗର)—1. The blue water lily. ୨ । ରକ୍ତବର୍ଣ୍ଣ ପଦ୍ମ (ପ୍ରକୃତିବାଦ)—2. Red lotus.
Rakta kambaḷa

ରକ୍ତ କରବୀର—ସ. ବି.—ନାଲି କନିଅର ଫୁଲ—The red Oliander; Nerium Odorum, var. Rubra.
Rakta karabira
लाल करवी ल
ସ —ହୟମାର, ଗଣେଶ କୁସୁମ, ଚଣ୍ଡୀ କୁସୁମ, ଭୂତଦ୍ରାବୀ, ରବିପ୍ରିୟା [ଦ୍ର—ଏହାର ମୂଳ ବିଷାକ୍ତ ।]

ରକ୍ତ କହ୍ଲାର—ସ. ବି.—ନାଲି କଇଁ—The red water-lily.
Rakta kalhāra
(ରକ୍ତ କୁସୁମ, ରକ୍ତ କୋକନଦ, ରକ୍ତ କୈରବ—ଅନ୍ୟରୂପ)

ରକ୍ତ କାଞ୍ଚନ—ସ. ବି.—ନାଲି ଫୁଲବିଶିଷ୍ଟ କାଞ୍ଚନ ଗଛ—The red-flowered variety of mountain ebony; Bouhenia Variegata.
Rakta kāñchana
ସ.—କାଞ୍ଚନାଳ, କାଞ୍ଚନାର, କୁଦାର, ଗଣ୍ଡାରି, କାଞ୍ଚନକ, ଚମରିକ, ତାମ୍ରପୁଷ୍ପ, କୋବିଦାର, କୁଣ୍ଡଳୀ, ଶୋଣ ପୁଷ୍ପକ [ଦ୍ର—ଏହା କାଞ୍ଚନ ଜାତୀୟ ଗାଛ ବିଶେଷ ଗଛ । ଏହା ଶୀତବୀର୍ଯ୍ୟ, ଧାରକ; କଷାୟରସ, କଫଘ୍ନ ଓ ପିତ୍ତନାଶକ, ଏହା ଶ୍ୱେତ କାଞ୍ଚନଙ୍କ ସଦୃଶ ଗୁଣଯୁକ୍ତ ।]
लाल कांचन
लाल कचनार
(ରକ୍ତ କଞ୍ଚଣ[ନ] - ଦେ. ରୂପ)

ରକ୍ତ କାଟି ଦେବା—ଦେ. କ୍ରି—୧ । ରକ୍ତସମ୍ପର୍କୀୟ କୁଟୁମ୍ବିଙ୍କୁ ଅଗ୍ରାହ୍ୟ କରି ଶତ୍ରୁ ଆଚରଣ କରିବା—1. To disregard the ties of blood-relations. ୨ । ସାମାଜିକ ଉତ୍ସବାଦିରେ ରକ୍ତସମ୍ପର୍କୀୟ କୌଣସି ବ୍ୟକ୍ତିଙ୍କୁ ନିମନ୍ତ୍ରଣ ନ କରିବା—2. To exclude a blood relation from invitation to one's social ceremonies.
Rakta kāṭi debā
लहु काटदेना
[ରକ୍ତରେ ବାଡ଼ ଦେବା—ଅନ୍ୟରୂପ]
रक्तसम्पर्क केटेदेओया
(ରକ୍ତ ଭୁଟା(ଟେ)ଇବା—ଅନ୍ୟରୂପ)
(ରକ୍ତ କଟିଯିବା, ରକ୍ତ ଛୁଟିଯିବା—ବିଶେଷ୍ୟରୂପ)

ରକ୍ତକାଣ୍ଡ(ଣ୍ଡା, ଣ୍ଟା)—ସ. ବି—ନାଲି ପୁନର୍ଣ୍ଣବା ଶାଗ--Red variety of hogweed; Serpent Ophyoxilon; Baerhavia Alata Rubra. [ଦ୍ର—କଥିତ ଅଛି ଯେ କାଳୁଲ ବା ଚେଉଲ ସାପଦ୍ୱାରା ଦଷ୍ଟ ହେଲେ ଏହି ଗଛର ଚେରକୁ ଖାଇ ସର୍ପ-ଦଂଶନଜ୍ୱାଳାରୁ ମୁକ୍ତ ହୁଏ । ସାଧାରଣତଃ ଏ ଗଛକୁ 'ଅମରମୈଷଧ' କହନ୍ତି ।]
Raktakānda(ndā,ntā)
ଅ. ସ. ନାକୁଲୀ, ଅହିଭୁକ୍, ଈଶରୀ, ନାଇ, ନାଗଗନ୍ଧା, ବ୍ୟାଳଗନ୍ଧା, ସୁରସା, ସର୍ପଗନ୍ଧା, ସର୍ପାଦନୀ, ସୁଗନ୍ଧା, ହୟସ, ନକ୍ୟ, ନକ, ପୁନର୍ଣ୍ଣବ, ପ୍ରାକୃଷେଣ୍ୟା, ଭୈମ, ମଣ୍ଡଳ-ପଣ୍ଣିକା, ଲୋହିତା, ବର୍ଷକେତୁ, ବିଷଘ୍ନୀ, ବୈଶାଖୀ, ଶୋଣପତ୍ର, ଶୋଫଘ୍ନୀ, ସାରଣୀ ।

ରକ୍ତ କାନ୍ଦିବା—ଦେ. କ୍ରି—୧ । ଅତି ମାନସିକ ଯନ୍ତ୍ରଣା ଭୋଗକରିବା—1. To suffer a great mental agony. ୨ । ଅତି ବିକଳଭାବରେ କାନ୍ଦିବା—2. To weep very piteously, (ପ୍ରୟୋଗ—ଅମୁକ ଜମିଦାରଙ୍କ ଜୁଲମ୍‌ରେ ପ୍ରଜାମାନେ ଲୁହ ନ କାନ୍ଦି ରକ୍ତ କାନ୍ଦୁଛନ୍ତି । ତୁଳନା କର ଇଂ His heart bleeds)
Rakta kāndibā
लहुरोना

ରକ୍ତ କାର୍ପାସିକା—ସଂ. ବି—ନାଲି କପା—The red-flowered variety of the cotton plant.
Rakta kārpāsikā
(ରକ୍ତକାର୍ପାସ—ଅନ୍ୟରୂପ) [ଦ୍ର—ଏହା ମଧୁରକଷାୟରସ, ଈଷତ୍ ଉଷ୍ଣବୀର୍ଯ୍ୟ, ସ୍ତନ୍ୟବର୍ଦ୍ଧକ ଓ ବଳକର—ଦ୍ରବ୍ୟଗୁଣ ।]

ରକ୍ତ କାଶ—ସଂ. ବି—(ମ. ପ. ଲୋ) ଯେଉଁ କାଶରୋଗରେ ଖଙ୍କାର ସଙ୍ଗେ ରକ୍ତ ପଡ଼େ—Bloody expectoration; Sputum Cruentum.
Rakta kāsa

ରକ୍ତ କାଷ୍ଠ—ସଂ. ବି—ବକମ ଗଛ—The sappan wood; Caesalpina Sappan.
Rakta kāshṭha
[ଅନ୍ୟ ସଂ. ରକ୍ତକ, କୁଚନ୍ଦନ, ପତ୍ରରଞ୍ଜନ, ପତ୍ତାଙ୍ଗ, ପତ୍ତାଙ୍ଗୀ, ଭାର୍ଯ୍ୟାବୃକ୍ଷ, ରାଗକାଷ୍ଠ, ଲୋହିତ, ସୁରଙ୍ଗ, ସୁରଙ୍ଗଦ ।]

ରକ୍ତ କୀଟାଣୁ—ସଂ. ବି (ଅଧୁନାତନ ପ୍ରୟୋଗ)—ରକ୍ତ ମଧ୍ୟରେ ଥିବା କ୍ଷୁଦ୍ର ଜୀବ—Hoematoza; animalculae discovered in blood.
Rakta kiṭāṇu

ରକ୍ତ କୁରଣ୍ଟ(ଣ୍ଡ)କ—ସଂ. ବି—ନାଲି ଝିଣ୍ଟି ଗୁଳ୍ମ; ନାଲି ବାସକେଟେଣ୍ଟା—Barleria Cristata.
Rakta kuranṭa(ṇḍa)ka
লালঝিণ্টি लालकटसरैया (ଭୁରବକ ଦେଖ)

ରକ୍ତ କୁଷ୍ଠ—ସଂ. ବି—ବିସର୍ପ ନାମକ ରୋଗ—A kind of skin-disease.
Rakta kushṭha
[ଦ୍ର—ଏଥିରେ ଦେହତମାମ ଜଳାପୋଡ଼ା କରେ ଓ ଦେହସାକ ରକ୍ତବର୍ଣ୍ଣ ଓ ଲୁଣ୍ଠରୋଗ ପରି କ୍ଷତ ହୁଏ—ହି. ଷ.]

ରକ୍ତ କୁସୁମ—ସଂ. ବି—୧ । ପାରିଭଦ୍ର; ପାଲଧୁଆ ଗଛ—1. The coral tree; Erithrina Falgens.
Rakta kusuma
[ଅନ୍ୟ ସଂ. କୃମିଘ୍ନ, ପାରିଜାତକ, ମନ୍ଦାର] ୨ । ଭାମଣ ଗଛ; ଧନ୍ଵନ ବୃକ୍ଷ—2. A wild timber tree; Cordia Macleodii.
फरहद
পালিটামাঁদার ୩ । ରକ୍ତକାଞ୍ଚନ—3. The red-flowered variety of Kanchana tree.
धामिनिया. धामुया ୪ । ରକ୍ତ ଅରଖ ଗଛ—4. The red variety of Arka plant.
डेनगान

ରକ୍ତ କୁସୁମା—ସଂ. ବି (ବହୁବ୍ରୀହି)—ଡାଳିମ୍ବଗଛ (ହି. ଷ.)—Pomegranate tree.
Rakta kusumā

ରକ୍ତ କୃମିଜା—ସଂ. ବି—ଲାକ୍ଷା (ହି. ଷ.)—Shell-lac.
Rakta kṛumijā

ରକ୍ତ କେଶ(ସା)ର—ସଂ. ବି—୧ । ପାରିଭଦ୍ର; ପାଲଧୁଆ—1. The coral tree.
Rakta kesa(sa)ra
[ଅନ୍ୟ ସଂ. ରକ୍ତପୁଷ୍ପ, ରକ୍ତରେଣୁ,] ୨ । ନାଗେଶ୍ୱର ଗଛ—2. A tree with scented flowers. Rotlaria Tinctoria.
ପୁନ୍ନାଗ, ନାଗକେଶର; ଅରୁଣ-କେଶର, ଭୃମୀକ, ଭୃଙ୍ଗ, ଦେବବଲ୍ଲଭ, ପାଷାଣଦ୍ରୁମ, ପୁରୁଷ]
নাগকেশর नागकेशर

ରକ୍ତକେଶୀ—ସଂ.ବିଣ(ରକ୍ତ + କେଶ + ଇନ୍; ୧ମା.୧ବ)—ଯାହାର କେଶ ରକ୍ତବର୍ଣ୍ଣ ବା କଟା (ହି.ଷ)—Having reddish or auburn hair.
Raktakesī
[ରକ୍ତକେଶିନୀ—ସ୍ତ୍ରୀ]

ରକ୍ତ କ୍ଷରଣ—ସଂ.ବି(୬ଷ୍ଠୀତତ୍)—କ୍ଷତ ଆଦିରୁ ଠୋପା ଠୋପା ହୋଇ ରକ୍ତ ଝରିବା; ରକ୍ତସ୍ରାବ—The oozing of blood from a wound.
Rakta ksha(ra)ṇa
[ରକ୍ତସ୍ରୁ—ଅନ୍ୟରୂପ]

ରକ୍ତ ଖଦିର—ସଂ. ବି—ରକ୍ତବର୍ଣ୍ଣ ନିର୍ଯ୍ୟାସଯୁକ୍ତ ଖଦିର ବୃକ୍ଷ—The red-juiced sort of Mimosa Catechu; Acacia Catechu. [ଖଦିର ଦେଖ]
Rakta khadira
[ଅନ୍ୟ ସଂ.ନାମ—ଅରୁ, ଅସୁଖଦିର, କୁଷ୍ଠଚୋଦନ, ତାମ୍ରସାରକ, ଯାଜ୍ଞିକ, ସୁପଦ୍ମ, ବହୁଶଲ୍ୟ, ସୁସାର]

ରକ୍ତ ଖରାପ ହେବା—ଦେ. କ୍ରି—ରକ୍ତଦୁଷ୍ଟି; ରକ୍ତ ଦୂଷିତ ହେବା—Impurity of blood.
Rakta kharāpa hebā
রক্ত খারাপ হওয়া लहू खराब होना

ରକ୍ତଖାଇ—ପ୍ରାଦେ. (ଗଡ଼ଜାତ) ବି—ଔଷଧ ଗୁଳ୍ମ ବିଶେଷ—A sort of medicinal plant. [ଦ୍ର—ଏହା ୧ । ୧୫ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଏଥିର ମୂଳ କର୍କଶ ଓ ଖଣ୍ଡଖଣ୍ଡିଆ । ଏଥିର ମୂଳକୁ ଓ ଫଳ ଭିତରେ ଥିବା ମଞ୍ଜିକୁ ଚନ୍ଦନ ପରି ବାଟି ଲେପ ଦେଲେ ଗୋଡ଼-ହାତରେ ଉଠିଥିବା ସଳଅ ରକ୍ତ ଓ ତତ୍ଜନିତ ଫୁଲା ଶୁଖିଯାଏ ।]
Raktakhāi
রক্তখাই

ରକ୍ତ ଖାଣ୍ଡ(ଡ଼)ବ—ସଂ. ବି—ଏକପ୍ରକାର ଖଜୁରି ଗଛ (ହି. ଷ)—A kind of date palm.
Rakta khāṇḍa(rḍa)ba

ରକ୍ତଖିଆ—ଦେ. ବିଣ. ପୁଂ (ଗାଳି)—୧ । ଯେ ଅର୍ତ୍ତବ ପାନ କରେ; ସ୍ତ୍ରୀରଜଃପାନକାରୀ—1. (A term of filthy abuse) One who drinks the menstrual flux. ୨ । ଶୋଣିତ ଲିପ୍ସୁ; ଜୀବର ରକ୍ତପାନକାରୀ—2. Blood-thirsty; sanguinary. [ଦ୍ର—ଏହାର ସ୍ତ୍ରୀଲିଙ୍ଗବାଚକ ଶବ୍ଦ (ରକ୍ତଖାଇ) ଭାଷାରେ ବ୍ୟବହୃତ ହୁଏ ନାହିଁ ।] ପ୍ରାଦେ. (ଗଡ଼ଜାତ)—(ରକ୍ତଚଟା—ଅନ୍ୟ ବିଣ. ରୂପ) ରକ୍ତଖାଇ(ଦେଖ)—Raktakhāi. (See)
Raktakhiā
রক্তখেকো, রক্তখেকুয়া
लहूखोका

ରକ୍ତ ଗଙ୍ଗା—ସଂ. ବି (ସମୁଦ୍ର ଶବ୍ଦ ଉଳି ଦେଶଜ ବ୍ୟବହାର)—(ଯୁଦ୍ଧ-କ୍ଷେତ୍ରାଦିରେ ଓ ଜୀବହତ୍ୟା ସ୍ଥାନରେ) ନଦୀ ପ୍ରବାହ ପରି ଧାରାକାରରେ ବହୁଥିବା ରକ୍ତସ୍ରୋତ; ଭୟଙ୍କର ରକ୍ତପ୍ରବାହ—River of blood; copious flow of blood (on a field of battle or in a slaughter-house).
Rakta gangā
[ରକ୍ତନଦୀ—ଅନ୍ୟରୂପ]

ରକ୍ତଗ(ପ)ଡ଼ିବା—ଦେ.କ୍ରି—ଗୋଡ଼ ଆଦି ଗୋଦର ହେବା; ବାତଜର ହେତୁ ହାତ, ଗୋଡ଼, କୋଷ, ଲିଙ୍ଗ, ସ୍ତନ ଆଦି ବେଦନାଯୁକ୍ତ ହୋଇ ଫୁଲିଯିବା—The swelling of the limbs (legs, hands, scrotum, penis, female breast) due to
Rakta ga(pa)rḍibā
[ରକ୍ତପଡ଼ା—ଅନ୍ୟରୂପ]
রক্তপড়া
लहुफुलना

elephantiasis. [ଦ୍ର—ହାତଗୋଡ଼ଙ୍କୁ ରକ୍ତ ଗଢ଼ିବାଙ୍କୁ ଗୋଦର, କୋଷକୁ ଭୁରୁଣ୍ଡ, ଲିଙ୍ଗକୁ ହାତିଶୁଣ୍ଢ଼, ସ୍ତନକୁ ଥନଢ଼ିବା ବୋଲାଯାଏ ।]

ରକ୍ତ ଗନ୍ଧକ—ସଂ. ବି—ଆରବ ଓ ଆଫ୍ରିକାଦେଶଜାତ ଗୁଗ୍ଗୁଲ—
Rakta gandhaka The gum myrrh; Balsamodendron Myrrh.
बोल गन्धबोल

ରକ୍ତଗନ୍ଧା—ସଂ. ବି—ଅଶ୍ୱଗନ୍ଧା (ଦ୍ର. ଶ)—
Raktagandhā Aśwagandhā (See)

ରକ୍ତ ଗରମ ହେବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ହଠାତ୍ କ୍ରୋଧରେ
Rakta garama hebā ଅସ୍ଥିର ହେବା; ପିତ୍ତ ଚଢ଼ିବା—
[ରକ୍ତ ଚଢ଼ିବା—ଅନ୍ୟରୂପ] 1, (figurative) Being in a fit of rage.
রক্ত গরম হওয়া
लहू गरम होना ୨ । ବାଉଳ ହୋଇଯିବା—2. Becoming mad.

ରକ୍ତ ଗୁଞ୍ଜା—ସଂ. ବି (କର୍ମଧା)—ନାଲି କାଇଞ୍ଚ—
Rakta gunjā Abrus Prectorius (red-seeded variety)

ରକ୍ତ ଗୁଲ୍ମ—ସଂ. ବି—ମୂତ୍ରଗର୍ଭ ରୋଗ; ସ୍ତ୍ରୀଲୋକଙ୍କର ଗୁଲ୍ମବୃଦ୍ଧି ରୋଗ-
Rakta gulma ବିଶେଷ; କଇଁଆ ବେମାର—A female disease; a hard lump formed in the abdomen: ovarian tumour; Scirrhus of the ovarium. [ଦ୍ର—ଏହା ପେଟ ଭିତରେ କମେ କମେ ବଢ଼ି ପେଟଯାକ ପୂର୍ଣ୍ଣ ହୋଇଯାଏ ଓ ପ୍ରସ୍ରାବ, ଝାଡ଼ା ବନ୍ଦ କରାଇ ଶେଷରେ ମାରିଦିଏ ।]

ରକ୍ତଗ୍ରୀବ—ସଂ. ବିଣ-ପୁଂ. (ବହୁବ୍ରୀହି; ରକ୍ତ+ଗ୍ରୀବା)—ଯାହାର ବେକ
Raktagrība ନାଲି—Red-throated. ସଂ. ବି—ପାରା—
[ରକ୍ତଗ୍ରୀବା—ସ୍ତ୍ରୀ] Pigeon (Apte.)

ରକ୍ତଘର୍ମ ନିଃସରଣ—ସଂ. ବି (ଆଧୁନିକ ପ୍ରୟୋଗ)—ରୋଗବିଶେଷ;
R ktagharma niḥsaraṇa ଦେହରୁ ରକ୍ତବର୍ଣ୍ଣ ସ୍ୱେଦ ନିର୍ଗମନ—Hœmathydrosis; oozing out of blood-colcured perspiration.

ରକ୍ତ ଘେ(ଭେ,ହେ)ରା—ଦେ.ବି—୧। କୌଣସି ବ୍ୟକ୍ତିର ଚାରି ପାଖରେ
Rakta ghe(bhe,he)rā ବାରମ୍ବାର ଘୂରି ବୁଲିବା—1.Going
[ରକ୍ତଘେରା ବୁଲିବା—କ୍ରି] round and round a person.
চারদিগে ঘুরা **चारोंतरफ घूमना** ୨ । ମଣ୍ଡଳାକାରରେ ଘୂରିବା—
2. Whirling in a circle.

ରକ୍ତଘ୍ନ—ସଂ. ବି—ରୋହିତକ (ଦେଖ)
Raktaghna Rohitaka (See).

ରକ୍ତଘ୍ନୀ—ସଂ. ବି—ଗଣ୍ଠିଆ ଦୂବ—
Raktaghni A kind of Doob grass; Panicum Dactylon.

ରକ୍ତ ଚକ୍ଷୁଃ—ସଂ. ବି—୧। (ରୋଗ, ନିଶା, କ୍ରୋଧ ବା ଶୋକାଦିହେତୁ)
Rakta chakshuḥ ଆଖି ରକ୍ତବର୍ଣ୍ଣ ହେବା; ରଙ୍ଗ ଅଖି—
ରକ୍ତନେତ୍ର } ଅନ୍ୟରୂପ 1. Effusion of blood in
ରକ୍ତ ଲୋଚନ } the globe of the eye; blood-shot eye; Hæmalopia. ୨ । ନାଲିଆଖି; ରାଗରେ ଆରକ୍ତଲୋଚନ—2. Eyes reddened through a fit of anger.

ରକ୍ତଚକ୍ଷୁ କାଢ଼ିବା—ଦେ. କ୍ରି—(ଲକ୍ଷଣାର୍ଥ) କୌଣସି ବ୍ୟକ୍ତି ଉପରେ
Raktachakshu kāṛhibā ଅତି କ୍ରୁଦ୍ଧ ହେବା; ନାଲିଆଖି
ରକ୍ତଚକ୍ଷୁ ଦେଖା(ଖୋ)ଇବା } ଅନ୍ୟରୂପ କାଢ଼ିବା—(figurative) To show
ରକ୍ତଚକ୍ଷୁ ବାହାର କରିବା }
রক্তচক্ষু দেখান (বারকরা) red eyes; to burn
लालआँख निकालना with rage

ରକ୍ତ ଚଞ୍ଚୁ—ସଂ. ବି—(କର୍ମଧା; ରକ୍ତ+ଚଞ୍ଚୁ)—ନାଲି ଥଣ୍ଟ—
Rakta chanchu Red beak. ବିଣ (ବହୁବ୍ରୀହି)-ନାଲି-ଥଣ୍ଟିଆ—Red-beaked.

ରକ୍ତ ଚନ୍ଦନ—ସଂ. ବି—୧ । ଏକପ୍ରକାର ରକ୍ତବର୍ଣ୍ଣ କାଷ୍ଠ—
Rakta chandana 1. The red sandal;
[ଅନ୍ୟ ସଂ—ତିଳପର୍ଣ୍ଣି,ରଞ୍ଜନ Pterocarpus Santaninus;
କୁଚନ୍ଦନ, କୁଚୀନ୍ଦ, ରକ୍ତାକ୍ତ, Pterocarpus Santalinus
ତାମ୍ରସାର, ତାମ୍ରବୃକ୍ଷ, ଚନ୍ଦନ, (Kirtikar).
ତାମ୍ରାଭ, ଲୋହିତ, ଲୋହିତଚନ୍ଦନ, [ଦ୍ର—ଏହା ଚନ୍ଦନ ଜାତୀୟ
ରକ୍ତସାର, ରକ୍ତାଙ୍ଗ, କ୍ଷୁଦ୍ରଚନ୍ଦନ, ନୁହେ ଓ ଏହାର କାଠ ସୁଗନ୍ଧ
ଅର୍କଚନ୍ଦନ, ରକ୍ତବୀଜ, ପ୍ରବାଳଫଳ] ନୁହେ ।] ୨ । ବକମ ଗଛ—
2. The red Sappan wood. ୩ । କାଶ୍ମୀର—
রক্ত চন্দন
लालचन्दन, रक्तचन्दन 3. Saffron.
ତେ. ଏରଗନ୍ଧ ପୁଚେକ୍କ ତା. ସେନସାଂଦନମ
ମ. ରକ୍ତଚନ୍ଦନ ଫା. ସନ୍ଦଲେ ସୁର୍ଖ

ରକ୍ତ ଚାଉଳ ଚୋବା(ବେ)ଇବା—ଦେ. କ୍ରି—ଅତ୍ୟନ୍ତ କ୍ରୋଧରେ(ବାହାରେ
Rakta chaula chobā(be)ibā ପ୍ରକାଶ ନ କରି) ମନେ ମନେ
রেগে খিচমিচ করা ଜର୍ଜରିତ ହେବା—To be burning in
लहू चावल चिबाना anger.

ରକ୍ତ ଚାପ—ସଂ. ବି (ଆଧୁନିକ ପ୍ରୟୋଗ) ୧ । ଦେହରେ ରକ୍ତ ସଞ୍ଚାରର
Rakta chāpa ବେଗ—1. Blood pressure.
[ଦ୍ର—ହୃତ୍ପିଣ୍ଡରୁ ରକ୍ତ ପ୍ରଶିରାମାନଙ୍କ (arteries) ବାଟେ ଦେହଯାକ ସଞ୍ଚାରିତ ହୋଇ ପୁଣି ଶିରା (veins) ବାଟେ ହୃଦୟକୁ ଫେରି ଆସେ । ଏହି ସଞ୍ଚାର ମାର୍ଗର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରିମାଣରେ ରକ୍ତ ଉପରେ ଚାପ ଥାଏ । ହୃଦୟରେ ଥିବା ଚାପର ପରିମାଣ କ୍ରମଶଃ ଶିରା ପ୍ରଶିରାରେ କମି ଯାଏ । ସୁସ୍ଥ ଶରୀରରେ ଅନୁଭୂତ ରକ୍ତଚାପ ଅପେକ୍ଷା ଅସୁସ୍ଥ ଶରୀରର ରକ୍ତଚାପ ବେଶୀ ହୁଏ— ହାଲବର୍ଟନ୍ ଓ ମାକଡାଉଗଲଙ୍କ Handbook of Physiology ଗ୍ରନ୍ଥ ।
ବର୍ତ୍ତମାନ ଡାକ୍ତରମାନେ ସ୍ଥିର କରିଅଛନ୍ତି, ଯେବେ ନିମ୍ନଲିଖିତ ସଂଖ୍ୟା ଅପେକ୍ଷା ଉକ୍ତ ବୟସରେ ବ୍ୟକ୍ତିର ଚାପର ଡିଗ୍ରୀ ବେଶୀ ଦେଖାଯାଏ ତାହାହେଲେ ରୁଗ୍ଣ ବ୍ୟକ୍ତିର

ବେଶି ଦିନ ବଞ୍ଚିବାର ଆଶା ରହେ ନାହିଁ । ରକ୍ତ ଗମନାଗମନ କରିବା ଶିରାମାନଙ୍କ ଭିତର ଉପରେ କ୍ରମଶଃ ବୟୋବୃଦ୍ଧି ସଙ୍ଗେ ଚୂନ ପରି କଠିନର ସ୍ତର ଜମି ଯାଇ ଶିରାର ନଳୀ ମାନ ସରୁଆ ହୋଇ ଗଲେ ରକ୍ତର ଚାପ ବେଶି ହୁଏ ।

୨୦ ବର୍ଷରେ ୧୨୦, ୩୦ ବର୍ଷରେ ୧୨୫, ୪୦ ବର୍ଷରେ ୧୨୮, ୫୦ ବର୍ଷରେ ୧୩୦, ୬୦ ବର୍ଷରେ ୧୩୫, ୭୦ ବର୍ଷରେ ୧୪୫ [କଲିକତାର Advance ପତ୍ରିକା ୨୪ । ୩ । ୩୨]

ରକ୍ତଗୃପମାନ ଯନ୍ତ୍ର—ସଂ. ବି (ଆଧୁନିକ)-ଯେଉଁ ଯନ୍ତ୍ରଦ୍ୱାରା ଦେହାଭ୍ୟନ୍ତ- Raktachāpamāna jantra ରରେ ସଞ୍ଚରିତ ରକ୍ତର ଚାପର ପରିମାଣ ନିର୍ଣ୍ଣୀତ ହୁଏ—Haemodynamometer; sphygometer.

ରକ୍ତ ଚିତା—ଦେ. ବି—୧ । ରକ୍ତ ଚିତ୍ରକ (ଦେଖ)— Rakta chitā 1. Rakta chitraka (see) রক্তের ফোঁটা ୨ । ହତଜୀବର ରକ୍ତଦ୍ୱାରା ହତ୍ୟାକାରୀର ଲଲାଟରେ लहुका टिका କଟାଯିବା ତିଳକ—2. Painting on one's forehead with the blood of the killed being. ରକ୍ତଚିତାମ୍ବଳ, ରକ୍ତଚିତାପାରୁ —୨ଅର୍ଥର ଅନ୍ୟରୂପ

ରକ୍ତଚିତା କରିବା—ଦେ. କ୍ରି—ହତ ବ୍ୟକ୍ତିର ରକ୍ତକୁ ଆଣି କପାଳରେ Raktachitā karibā ତିଳକ କାଟିବା— রক্তের ফোঁটা পরা To smear one's brow with the लहुका टीका लेना blood of a victim. [ରକ୍ତଚିତା ଘି(ଘେ)ନିବା—ଅନ୍ୟରୂପ]

[ଦ୍ର—କାହାଣୀରେ ବର୍ଣ୍ଣିତ ଅଛି ଯେ ରାଜାମାନେ କୌଣସି ବ୍ୟକ୍ତିକୁ ମାରି ପକାଇବାକୁ ଆଦେଶ ଦେଲେ ରାଜା ତକ୍ତ ଆଦେଶପାଳନକାରୀ ଘାତକଙ୍କୁ କହୁଥିଲେ ଯେ, ଦଣ୍ଡପ୍ରାପ୍ତ ବ୍ୟକ୍ତିକୁ ହାଣି ତାହାର ରକ୍ତ ମତେ ଆଣି ଦେଲେ ମୁଁ ସେହି ରକ୍ତରେ ଚିତା ଯେନି ତିଳ ଗ୍ରହଣ କରିବି, ଅର୍ଥାତ୍ ଉକ୍ତ ବ୍ୟକ୍ତି ହତ ହୋଇଥିବା ବିଷୟରେ ନିଃସନ୍ଦେହ ହେବି; ଓ କାହାଣୀରେ ମଧ୍ୟ ଅଛି ଯେ ହତ୍ୟା କରିବାକୁ ଭାରପ୍ରାପ୍ତ ବ୍ୟକ୍ତି ବଧ୍ୟ ବ୍ୟକ୍ତିଠାରେ ଦୟାପରବଶ ହୋଇ ତାକୁ ନ ମାରି, ଲୁଚାଇ ରଖି ଓ ଗୋଟିଏ ପଶୁର ରକ୍ତ ଆଣି ରାଜାଙ୍କୁ ଦେଇ ବୋଧ କରି ଦେଉଥିଲେ ଓ ପରେ ରାଜାଙ୍କ ରାଗ ଶାନ୍ତ ହୋଇ ରାଜା ଅନୁତପ୍ତ ହେଲେ ବଧାଦେଶପ୍ରାପ୍ତ ବ୍ୟକ୍ତିକୁ ଆଣି ରାଜାଙ୍କ ନିକଟରେ ଉପସ୍ଥାପିତ କରୁଥିଲେ ।]

ରକ୍ତ ଚିତ୍ରକ—ସଂ. ବି—କ୍ଷୁପବିଶେଷ; ନାଲି ଚିତାମୂଳ; ରଙ୍ଗଚିତା— Rakta chitraka Plumbago Rosea; Plumbago Coccinea. [ଅନ୍ୟ ସଂ.ନାମ—ଊର୍ଦ୍ଧ୍ୱବୃଦ୍ଧି, କାଳ, କାଳମୂଳ, ଅତ୍ୟାଳ, ଅତିଦୀପ୍ୟ, ମାର୍ଜାର, ଅଗ୍ନି, ଦାହକ, ପାବକ, ଚିତ୍ରାଙ୍ଗ, ମହାଙ୍ଗ, लालचित्रक

(ଦ୍ର—ଏଥିର ଫୁଲ ନାଲିଆ; ଏହାର ମୂଳ ବିଷାକ୍ତ । ଏହାକୁ ବାଟି ଦେହରେ ଲଗାଇ ଦେଲେ ଚମଡ଼ା ସିଝି ଯାଇ ଘାଆ ଓ ଫୋଟକା ହୋଇ ଯାଏ । ଏହା ମଧ୍ୟ ଔଷଧରେ

রঙ্গচিতা, রক্তচিতা, লালচিতা ରସାୟନାଦି କାର୍ଯ୍ୟରେ ଲାଗେ ।)

ମ. ରକ୍ତଚିତ୍ରକୁ, ତେ. ଏରଚିତ୍ର, ତା. ଶିବପୁଚିତ୍ରିର ।

ରକ୍ତ ଚୂର୍ଣ୍ଣ—ସଂ. ବି—୧। ସିନ୍ଦୂର—1. Red lead. ୨ । ନାଲି Rakta chūrṇṇa ଗୁଣ୍ଡ—2. Red powder.

ରକ୍ତଛଉ—ଦେ. ବି (ସଂ. ରକ୍ତ+ଛବି)—ଦେହରେ ରକ୍ତାଭ ମଦା Raktachhau ମଦା ଦାଗ—Red scurf. লালছুলী लालचकेता

ରକ୍ତ ଛିଟି(ଡ଼ି)କା—ଦେ.ବି—ଛିଟିକି ହୋଇ କାନ୍ଥରେ ବା ଲୁଗା ଆଦିରେ Rakta chiṭi(ṛdi)kā ପଡ଼ିଥିବା ରକ୍ତବିନ୍ଦୁମାନ—Splashes রক্তের ছিটা लहू छिटकना of blood. [ରକ୍ତ ଛିଟ(ଡ଼)କିବା, ରକ୍ତ ଛିଟା—ଅନ୍ୟରୂପ]

ରକ୍ତଜ—ସଂ. ବିଣ (ରକ୍ତ+ଜନ୍‌ଧାତୁ+କର୍ତ୍ତୃ.ଅ)—ରକ୍ତରୁ ଜାତ— Raktaja Produced from blood.

ରକ୍ତ ଜନକ—ସଂ. ବିଣ (ରକ୍ତ+ଜନ୍‌ଧାତୁ+କର୍ତ୍ତୃ.ଅ)—ଶରୀରରେ ରକ୍ତ Rakta janaka ଉତ୍ପାଦନକାରୀ (ଔଷଧାଦି)—Hæmapoietic; blood-producing (medicine etc).

ରକ୍ତ ଜନ୍ତୁକ—ସଂ. ବି—୧ । କେଞ୍ଚୁଆ; ଭୂଗର୍ଭଜାତ କୀଟବିଶେଷ; ଜିଆ- Rakta jantuka ଜାଉ—1. Earthworm. ୨। ରକ୍ତବର୍ଣ୍ଣ ପ୍ରାଣୀ—2. Any red animal.

ରକ୍ତ ଜବା—ସଂ. ବି—ନାଲିଆ ମନ୍ଦାର ଫୁଲ—Red china rose. Rakta jabā (ରକ୍ତ ମନ୍ଦାର—ଅନ୍ୟରୂପ)

ରକ୍ତ ଜମିବା—ଦେ. ବି—୧ । ଶରୀରସ୍ଥ ରକ୍ତ କୌଣସି କାରଣରୁ ବାହାରେ ବହିଲେ Rakta jamibā ତାହା ଠାଣୁଆ ହେବା—1. Coagulation রক্ত জমা of blood. ୨ । ରକ୍ତ ଗଡ଼ିବା (ଦେଖ)— लहू जमना 2. Rakta gaṛdibā (See)

ରକ୍ତ ଜିହ୍ୱ—ସଂ. ବି. (ବହୁବ୍ରୀହି; ରକ୍ତ=ରକ୍ତବର୍ଣ୍ଣ+ଜିହ୍ୱା)—ସିଂହ— Rakta jihwa The lion. ବିଣ ପୁଂ—ରକ୍ତବର୍ଣ୍ଣ ଜିହ୍ୱା- (ରକ୍ତଜିହ୍ୱା—ସ୍ତ୍ରୀ) ବିଶିଷ୍ଟ—Having a red tongue.

ରକ୍ତ ଜ୍ୱର—ସଂ. ବି(ମ.ଚ.ଲେ)—ଏକ ପ୍ରକାର ଜ୍ୱର— Rakta jwara Scarlatina; scarlet fever.

[ଦ୍ର—ଏହି ଜ୍ୱରର ଆକ୍ରମଣର ତୃତୀୟ ଦିନ ମୁହଁ ଓ ଦେହସାକ ନାଲିଆ ବ୍ରଣମାନ ବାହାରିଯାଏ ଓ ୭ମ ଦିନ ଚମର ସ୍ତର ଉଠିଯାଏ ।]

ରକ୍ତ ଜ୍ୱରା—ସଂ. ବି—ରକ୍ତ ଦୂଷିତ ହେବା ଯୋଗୁଁ ଜାତ ହେବା ଦାରୁଣ Rakta jwarā ତାପଯୁକ୍ତ ଜ୍ୱର ବିଶେଷ—An inflamatory fever attributed to vitiated blood.

ରକ୍ତ ଝାଡ଼ା—ଦେ. ବି—ରକ୍ତାତିସାର— Rakta jhārḍā Dysentery. (ରକ୍ତ ହଗା, ରକ୍ତ ବାହାରିବା, ରକ୍ତ ଯୋଗଣି—ଅନ୍ୟରୂପ) রক্ত বাহ্যী लहू टट्टी

ରକ୍ତ ଝିଣ୍ଟୀ—ସଂ. ବି—କୁରବକ; ନାଲି ଦାସକେରେଣ୍ଟା ଗୁଳ୍ମ— Rakta jhiṇṭi A purple species of Barleria.

ରକ୍ତ ଟାଣ ହେବା—ଦେ. କ୍ର—ଯୁବାବସ୍ଥାରେ ମନୁଷ୍ୟର ରକ୍ତର ତେଜ
Rakta ṭāṇa hebā (ଅର୍ଥାତ୍ କାମକ୍ରୋଧାଦିର ଆଧିକ୍ୟ)—
রক্ত চড়া Excess of passions due to youth.
लहु चढना

ରକ୍ତ ଟୀକା—ଦେ. ବି—ରକ୍ତ ଚିତା ୨ (ଦେଖ)
Rakta ṭikā Rakta chitā 2 (See)

ରକ୍ତ ଟୋ(ଥୋ)ପା—ଦେ. ବି—ରକ୍ତର ବିନ୍ଦୁ—
Rakta ṭo(tho)pā Drop of blood.
রক্তের ফোঁটা लहूका बिन्दु

ରକ୍ତ ଟୋ(ଥୋ)ପି—ଦେ. ବି—୧ । ରକ୍ତର କ୍ଷୁଦ୍ର ବିନ୍ଦୁ—
Rakta ṭo(tho)pi 1. Small drop of blood.
রক্তের টিপ ୨ । କପାଳରେ ଅଙ୍କିତ ରକ୍ତବର୍ଣ୍ଣ (ଯଥା—ରକ୍ତ
लहूकी बिन्दी ଚନ୍ଦନ, ସିନ୍ଦୂର, ଶିଆ) ବିନ୍ଦୁ—2. A small point put on the forehead with some red paint.

ରକ୍ତ ତୁଣ୍ଡ—ସଂ. ବିଣ. ପୁଂ (ବହୁବ୍ରୀହି)—ଲୋହିତବର୍ଣ୍ଣ ମୁଖ ବିଶିଷ୍ଟ—
Rakta tuṇḍa Red-mouthed.
(ରକ୍ତ ତୁଣ୍ଡା—ସ୍ତ୍ରୀ) ବି—ଶୁକ ପକ୍ଷୀ; ଶୁଆ—Parrot.

ରକ୍ତ ତୁଣ୍ଡକ—ସଂ. ବି. (ରକ୍ତ ତୁଣ୍ଡ+କ୍ଷୁଦ୍ରାର୍ଥେ. କ)—ଭୂନାଗ; କେଆ—
Rakta tuṇḍaka ନାଡ଼ୁ—Earthworm.

ରକ୍ତ ତୃଣା—ସଂ. ବି—ଧାନ ବିଲରେ ଜନ୍ମିବା ଏକ ପ୍ରକାର ତୃଣ;
Rakta tṛuṇā ଗୋମୂତ୍ରିକା;ଗୋରୁ ମୁଥା—A sort of
তাম্বাড় गोदबी grass growing in cornfields.
[ଦ୍ର—ଏହା ମେଷାଦି ଗୋରୁଙ୍କର ପୁଷ୍ଟିକାରକ ଖାଦ୍ୟ ।]

ରକ୍ତ ତୃଷା(ଷ୍ଣା)—ସଂ. ବି (ମ. ପ.ଲୋ)—ରକ୍ତ ପିପାସା (ଦେଖ)
Rakta tṛushā(shṇā) Rakta pipāsā (See)
(ରକ୍ତତୃଷିତ—ବିଣ, ପୁ.)

ରକ୍ତ ତେଜ—ଦେ ବି. (ଲକ୍ଷଣାର୍ଥ)—୧ । ଶରୀରରେ ବିଶୁଦ୍ଧ ରକ୍ତର
Rakta teja ଉପସ୍ଥିତି ଜନିତ ସ୍ୱାସ୍ଥ୍ୟ—1. (figurative)
রক্তের তেজ Healthy and sound condition of
लहूका तेज the body due to healthy blood.
୨ । ଯୌବନ ଜନିତ ବା ରକ୍ତର ସୁସ୍ଥାବସ୍ଥାଜନିତ ଅଭି ବା ସ୍ଫୂର୍ତ୍ତି—2. Sprightliness due to healthy blood (on account of youth or sound health); exuberance of spirits due to healthy blood in the system.

ରକ୍ତ ତେଜଃ—ସଂ. ବି—ମାଂସ—
Rakta tejaḥ Flesh (Apte).

ରକ୍ତ ତ୍ରିବୃତ୍—ସଂ. ବି—୧ । ନାଲି ତିଡ଼ୁଡ଼ି ଲତା—1. A sort of
Rakta tribṛut creeper; Operculina Turpethum.
लाल तिउडी (ତିଡ଼ୁଡ଼ି ଦେଖ)
লালতেউড়ি ୨ । ମସୂର (ଡାଲି)—2. A sort of lentil;
ମ. ଲୋହିତ ଭିଅର Lens Esculenta; Ervum Hirsutem.
୩ । ଖେସାରି (ଡାଲି)—3. A sort of lentil; Ervum Ciccalens; Lathyrus Sativus.

ରକ୍ତ ଥୋପି ପଡ଼ିବା—ଦେ. କ୍ର—ସୁସ୍ଥ ଶରୀରରେ ବିଶୁଦ୍ଧ ରକ୍ତର ଆଧିକ୍ୟ
Rakta thopi paṛibā ଯୋଗୁଁ ମୁହଁ ଓ ଦେହ ରକ୍ତାଭ
রক্ত থুপে পড়া ଦେଖାଯିବା—Rosy appearance of a
लहु टपकना person due to exuberance of healthy
(ରକ୍ତ ଟପକିବା—ଅନ୍ୟରୂପ) blood in the body.

ରକ୍ତ ଦାଗ—ଦେ. ବି—ଲୁଗା, କାନ୍ଥ, ଭୂମି ଆଦିରେ ଲାଗିଥିବା ଶୁଖିଲା
Rakta dāga ରକ୍ତର ଚିହ୍ନ—Marks of blood left on
রক্তদাগ लहुका दाग cloth, wall or ground.
(ରକ୍ତ ଚିହ୍ନ—ସ. ରୂପ)

ରକ୍ତ ଦନ୍ତିକା—ସଂ. ବି (ରକ୍ତ+ଦନ୍ତ+କ+ଆ)—ଚଣ୍ଡିକା; ଦୁର୍ଗାଙ୍କ
Rakta dantikā ରୂପବିଶେଷ—Goddess Chaṇḍī.
(ରକ୍ତ ଦନ୍ତୀ—ଅନ୍ୟରୂପ)

ରକ୍ତ ଦଳା—ସଂ. ବି—ନାଡ଼ି—
Rakta daḷā Pulse; vein.
(ଅନ୍ୟ ସଂ. ନାମ—ଅଧ୍ୱାନା, କପୋତ ବାଣା, ନଳୀ, ନର୍ତ୍ତକୀ, ନଳମ, କର୍ମଶ୍ୟା, ପଠାଶ, ପ୍ରବାଲୀ, ବିଦ୍ରୁମ ଲତିକା, ସୁଷିରା, ସୁଚା)।

ରକ୍ତ ଦାନ—ସଂ. ବି—୧ । (ଆଧୁନିକ)—କୌଣସି ରକ୍ତହୀନ ରୋଗୀକୁ
Rakta dāna ବଞ୍ଚାଇବା ପାଇଁ ତା ଦେହରେ ପାଶ୍ଚାତ୍ୟ ଚିକିତ୍ସା
(ରକ୍ତ ଦେବା—କ୍ରିୟାରୂପ) ବିଜ୍ଞାନସିଦ୍ଧ ରୀତିରେ କେତେକ ବିଶୁଦ୍ଧ ରକ୍ତ ପୂରାଇବା ପାଇଁ ନିଜଦେହରୁ ଡାକ୍ତରଙ୍କ ଦ୍ୱାରା ରକ୍ତ କଢ଼ାଇବା ପାଇ ଦେବା—Letting some blood to be taken out of one's body by the doctor to infuse it into the body of a bloodless patient. ୨ । (ଲକ୍ଷଣାର୍ଥ) ଅନ୍ୟ ପାଇଁ ନିଜର ପ୍ରାଣ ଉତ୍ସର୍ଗ ବା ପ୍ରାଣପାତ କରିବା—2. Sacrificing one's life for the benefit of another.

ରକ୍ତ ଦୁଷ୍ଟ(ଷ୍ଟି)—ସଂ. ବି—ରକ୍ତର ଦୂଷିତ ଅବସ୍ଥା—Impoverished
Rakta dushṭa(shṭi) or impure blood; tainted or vitiated condition of blood. [ଦ୍ର—ଏଥିଯୋଗୁଁ ନାନା ରୋଗ ହୁଏ । ରକ୍ତରେ କୌଣସି ବିଷ ପ୍ରବେଶ କଲେ ଚର୍ମରୋଗ, ବ୍ରଣ, ବସନ୍ତିକା, କୁଷ୍ଠଆଦି ରୋଗ ହୁଏ ଓ ମୃତ୍ୟୁ ମଧ୍ୟ ଘଟେ ।]

ରକ୍ତଦୃକ୍—ସଂ. ବିଣ. ପୁଂ (ରକ୍ତ+ଦୃଶ୍ ଧାତୁ+କର୍ତ୍ତୃ. କ୍ୱିପ୍; ରକ୍ତଦୃଶ୍
Raktadṛuk ଶବ୍ଦ)—ରକ୍ତବର୍ଣ୍ଣ ଚକ୍ଷୁ ବିଶିଷ୍ଟ—Having
(ରକ୍ତନେତ୍ର—ଅନ୍ୟରୂପ) blood-shot eyes; having blood-red eyes. ବି—୧ । କପୋତ; କାପୋତ ଚଢ଼େଇ—1. Dove. ୨ । ପାରା—2. Pigeon (Apte).

ରକ୍ତ ଦୃଷ୍ଟି—ସଂ. ବି—ଅରକ୍ତନୟନ—Eyes red with anger.
Rakta dṛushṭi [ଉ—ବରକ୍ତ ହୋଇଣ କରଉଛନ୍ତି ରକ୍ତଦୃଷ୍ଟି । ଉପେ. ବୈଦେହୀଶବିଳାସ ।]

ରକ୍ତ ଧାତୁ—ସଂ. ବି—୧ । (କର୍ମଧା) ରକ୍ତବର୍ଣ୍ଣ ଧାତୁ—1. Any
Rakta dhātu red metal. ୨ । ତାମ୍ର; ତମ୍ବା—2. Copper. ୩ । ଗେରୁ ମାଟି—3. Red chalk;

red ochre. ୪ । (ରୂପକ) ଦେହସ୍ଥ ଧାତୁ ବିଶେଷ; ରକ୍ତ—4. The blood; an element of the body. ୫ । ହରିତାଳ—5. Orpiment (Apte).

ରକ୍ତ ଧାର—ଦେ. ବି (ସଂ. ରକ୍ତ ଧାରା)—ରକ୍ତର ସ୍ରୋତ; ଧାରାକାରରେ
Rakta dhara ବହିବା ରକ୍ତ—Flow of blood; the
(ରକ୍ତଧାରା—ସଂ. ରୂପ) flow of blood like a current.
রক্তেরধার लहूकाधार

ରକ୍ତ ନଦୀ—ସଂ. ବି (ରୂପକ; ରକ୍ତ+ନଦୀ)—୧ । ବହୁପରିମାଣରେ
Rakta nadī ରକ୍ତ ପ୍ରବାହ—1. River of blood;
(ରକ୍ତନଈ—ଦେ. ରୂପ) blood flowing like river. ୨ । ପ୍ରଚୁର ରକ୍ତସ୍ରାବ—2. Copious discharge of blood.

ରକ୍ତ ନୟନ—ସଂ.ବି—୧ । (କର୍ମଧା)—ଲୋହିତ ଚକ୍ଷୁ—1. Blood-
Rakta nayana shot eyes; blood-red eyes. ୨ । (ବହୁବ୍ରୀହି) ଚକୋର ପକ୍ଷୀ—2. The partridge;
(ରକ୍ତ ନୟନା—ସ୍ତ୍ରୀ) Perdix Rufa. ବିଣ. ପୁଂ (ବହୁବ୍ରୀହି) —ରକ୍ତଚକ୍ଷୁବିଶିଷ୍ଟ—Red-eyed.

ରକ୍ତ ନାଳ—ସଂ. ବି—ଜୀବ ଶାକ—
Rakta nāla A kind of pot herb.

ରକ୍ତ ନାସିକ—ସଂ. ବିଣ. ପୁଂ (ରକ୍ତ+ନାସିକା; ବହୁବ୍ରୀହି)—
Rakta nāsika ନାଲି ନାକଯୁକ୍ତ—Having red nose.
(ରକ୍ତ ନାସିକା—ସ୍ତ୍ରୀ) ବି—ପେଚକ; ପେଚା—The owl.

ରକ୍ତ ନିଃସରଣ—ସଂ. ବି (୬ଷ୍ଠୀ ତତ)—ରକ୍ତସ୍ରାବ—
Rakta niḥsaraṇa Discharge of blood.

ରକ୍ତ ନିଃସାରକ—ସଂ. ବିଣ—ଯେଉଁ ଔଷଧଦ୍ୱାରା ଦେହରୁ ରକ୍ତସ୍ରାବ
Rakta niḥsāraka ହୁଏ—(medicine) Promoting haemorrhoidal discharge; Haemagogue.

ରକ୍ତ ନିଃସାରଣ—ସଂ. ବି—ଦେହରୁ ରକ୍ତସ୍ରାବ କରାଇବା—
Rakta niḥsāraṇa Causing blood to be discharged from the body.

ରକ୍ତ ନିର୍ମାଣ—ସଂ. ବି (ଅଧୁନାତନ ପ୍ରୟୋଗ)—ଶାରୀରିକ କ୍ରିୟାଦ୍ୱାରା
Rakta nirmāṇa ଖାଦ୍ୟାଦିରୁ ରକ୍ତ ପ୍ରସ୍ତୁତ ହେବା—Sanguification; blood-making; a function of the system which changes chyle into blood.

ରକ୍ତ ନୌ(ଲୌ)ନୁ (ଲୁ)ହାଣ—ଦେ. ବିଣ.—(ସଂ. ରକ୍ତଲୋହିତ)—
Rakta nau(lau)nu (lu)hāṇa ସର୍ବାଙ୍ଗ ରକ୍ତାକ୍ତ—
সর্বাঙ্গ রক্তাক্ত Besmeared with blood throughout the whole body.
[ରକ୍ତ ଲ(ନ)ହୁ(ହୁ) ଲୁହାଣ—ଅନ୍ୟରୂପ]

ରକ୍ତପ—ସଂ. ବିଣ. ପୁଂ.—(ରକ୍ତ+ପା ଧାତୁ+କର୍ତ୍ତୃ. ଅ)—ରକ୍ତ-
Raktapa ପାନକାରୀ; ଯେ ରକ୍ତ ପିଏ—Blood-drinking;
(ରକ୍ତପା—ସ୍ତ୍ରୀ) blood-sucking. ବି.—ରାକ୍ଷସ—A blood-sucking goblin or demon.

ରକ୍ତ ପକ୍ଷ—ସଂ. ବି.—(କର୍ମଧା; ରକ୍ତ+ପକ୍ଷ)—୧ । ନାଲିଆ ଡେଣା—
Rakta paksha 1. Red wings. ୨ । (ବହୁବ୍ରୀହି)—ଗରୁଡ଼—2. Garurda, the king of birds. ବିଣ. ପୁଂ.—ରକ୍ତପକ୍ଷଯୁକ୍ତ—Having red wings.

ରକ୍ତ ପକ୍ଷତି—ସଂ. ବି.—(ବହୁବ୍ରୀହି)—ରୋହିମାଛ [ଦ୍ରବ୍ୟଗୁଣ]—
Rakta pakshati Rohi fish.

ରକ୍ତପଟା ଜାଗିର୍—ପ୍ରାଦେ. (ଗଡ଼ଜାତ) ବି.—ଯୁଦ୍ଧରେ ରାଜାଙ୍କ
Raktapaṭā jāgiri ସାହାଯ୍ୟ କରିଥିବା ଯୋଦ୍ଧାଦ୍ୱାରା ନିହତ ଶତ୍ରୁର ରକ୍ତରେ ଲେଖା ସନନ୍ଦଦ୍ୱାରା ଦିଆ ଯିବା ଜାଗିର୍—The service-tenure granted to a warrior in writing done with the blood of his victim.

ରକ୍ତ ପଡ଼ିବା—ଦେ. କ୍ରି—୧ । ରୋଗ ଯୋଗୁଁ ଦେହରୁ ରକ୍ତ ବାହାରିବା;
Rakta pardibā ରକ୍ତସ୍ରାବ; ମୁଖବାଟେ ବା ଗୁହ୍ୟ ବାଟେ ବା
রক্তপড়া ପ୍ରସ୍ରାବ ସଙ୍ଗେ ରକ୍ତସ୍ରାବ ହେବା—Bleeding due to
लहु गीरना disease; hemorrhage. [ଦ୍ର—ଗୁହ୍ୟ ବାଟେ
ରକ୍ତ ପଡ଼ିବା—ଅର୍ଶଃ, ଗୁହ୍ୟାର୍ଶଃ ।
ପ୍ରସ୍ରାବ ବାଟେ ରକ୍ତ ପଡ଼ିବା—ରକ୍ତ ମେହ ।
ସ୍ତ୍ରୀମାନଙ୍କର ଅସ୍ୱାଭାବିକ ରକ୍ତସ୍ରାବ—ରକ୍ତପ୍ରଦର ।
ନାକ ବାଟେ ରକ୍ତ ପଡ଼ିବା—ପୀନସ ।
ପାଟି ବାଟେ ରକ୍ତ ପଡ଼ିବା—ରକ୍ତ ବାନ୍ତି ।
ଦାନ୍ତରୁ ରକ୍ତ ପଡ଼ିବା—ଶରସା, ଦନ୍ତାର୍ଶଃ ।
ଝାଡ଼ା ସଙ୍ଗେ ରକ୍ତ ପଡ଼ିବା—ରକ୍ତାମାଶୟ, ରକ୍ତାତିସାର ।
ଖଙ୍କାର ବା ଛିଙ୍ଗାଣି ସଙ୍ଗେ ରକ୍ତ ପଡ଼ିବା—ରାଜଯକ୍ଷ୍ମା ।]
୨ । ହାତର ବା ଗୋଡ଼ର ଅଂଶ ବିଶେଷ ହଠାତ୍ ଫୁଲିଯିବା; ରକ୍ତ ଗଡ଼ିବା—2. Temporary swelling of any part of the limb; affectation of the glands.

ରକ୍ତ ପତାକା—ସଂ. ବି.—୧ । ନାଲିଆ ବର୍ଣ୍ଣର ପତାକା—
Rakta patākā 1. Red flag. ୨ । (ଲକ୍ଷଣାର୍ଥ)—ଯୁଦ୍ଧରେ ବା ହତ୍ୟାରେ ରକ୍ତ ସମ୍ଭବ ହେବାର ଆନ୍ଦୋଳନରେ ବା ଉଦ୍ୟମରେ ନେତୃତ୍ୱ—2. Leadership of a movement where bloodshed is inevitable. ୩ । ହତ ଶତ୍ରୁର ରୁଧିରରଞ୍ଜିତ ପତାକା—3. Bloody flag; flag besmeared with the blood of the killed enemy.

ରକ୍ତ ପତ୍ର—ସଂ. ବି.—୧ । (କର୍ମଧା) ନାଲିଆ ପତ୍ର—1. Red leaf.
Rakta patra ୨ । (ବହୁବ୍ରୀହି) ରକ୍ତ କର୍ଣ୍ଣ—2. Red water-lily. ବିଣ.—(ବହୁବ୍ରୀହି)—୧ । ନାଲି ପତ୍ରଯୁକ୍ତ—1. Red-leafed. ୨ । ନାଲି ପାଖୁଡ଼ା-ଯୁକ୍ତ—2. Red-petalled.

ରକ୍ତ ପତ୍ରିକା—ସଂ. ବି.—୧ । ରକ୍ତ କାଣ୍ଡା (ଦେଖ)—
Rakta patrikā 1. Rakta kāṇḍā (See). ୨ । ନାଲି ପତ୍ର—2. Red leaf. ୩ । ନାଲି କାଗଜରେ ଲେଖା ଚିଠି—3. A red note.

ରକ୍ତ ପଦୀ—ସଂ. ବି - ଲଜ୍ଜାଳୁ; ଲାଜକୁଳୀ କ୍ଷୁପ—
Rakta padī A sensitive creeper or plant; [ଅନ୍ୟ ସଂ—ଲଜ୍ଜାବତୀ, ଲଜ୍ଜାଳୁ, ନମସ୍କାରୀ, ଗଣ୍ଡକାଲୀ, ସମଙ୍ଗା, ଖଦିରୀ,] Lycopodium; Mymosa Pudica. [ଦ୍ର—ଏହା ପ୍ରକୃତରେ ଲତା ନୁହେଁ; କ୍ଷୁପ ଅଟେ, ବନ୍ଧୁର ଭୂମିରେ ମାଡ଼େ ।]

ରକ୍ତ ପଦ୍ମ—ସଂ. ବି—ରକ୍ତକମଳ (ଦେଖ)—
Rakta padma Rakta kamala (See)

ରକ୍ତ ପରୀକ୍ଷା—ସଂ. ବି (୬ଷ୍ଠୀତତ୍)—(ଆଧୁନିକ) ରୋଗର ନିଦାନ ଆଦି
Rakta parikshā ନିରୂପଣାର୍ଥ କୌଣସି ବ୍ୟକ୍ତିର ଦେହର ରକ୍ତର ବୈଜ୍ଞାନିକ ପରୀକ୍ଷା—Blood-examination.

ରକ୍ତ ପରିଷ୍କାରକ—ସଂ.ବିଣ.—ରକ୍ତଦୁଷ୍ଟିକୁ ଆରୋଗ୍ୟ କରିବା(ଔଷଧ)—
Rakta parishkāraka Blood-purifying (medicine, herb.)

ରକ୍ତ ପରିସ୍ରା—ଦେ. ବି.—[ସଂ. ରକ୍ତ ପ୍ରସ୍ରାବ]—ରକ୍ତମୂତ୍ର (ଦେଖ)—
Rakta parisrā Rakta mūtra (See)
[ରକ୍ତପ୍ରସା(ସ୍ରା)—ଅନ୍ୟରୂପ] [ରକ୍ତପ୍ରସ୍ରାବ—ସଂ.ରୂପ]

ରକ୍ତ ପଲ୍ଲବ—ସଂ. ବି.—୧ । [କର୍ମଧା]—ନାଲିଆ ପତ୍ର—1. Red
Rakta pallaba leaf. ୨ । [ବହୁବ୍ରୀହି] ଅଶୋକ ବୃକ୍ଷ—2. The Asoka tree; Janesia Asoka.

ରକ୍ତପା—ସଂ. ବିଣ.—ରକ୍ତପର ସ୍ତ୍ରୀଲିଙ୍ଗ—The feminine of
Raktapā Raktapa. ବି.—୧ । ଜୋକ; ଜଳୌକା—1. Leech. ୨ । ରାକ୍ଷସୀ; ଡାହାଣୀ; ଡାକିନୀ—2. A female goblin; an imp.

ରକ୍ତ ପାକୀ—ସଂ. ବି.—(ଏହା ରକ୍ତ ପରିଷ୍କାର କରୁଥିବାରୁ)—ଅଙ୍କରାନ୍ତି;
Rakta pākī କଣ୍ଟକାରୀ; ବୃହତୀ—Solanum Indicum; ବ୍ୟାକୁଡ଼ Solanum Hirsutum. [ଦ୍ର—ଏହାର ମୂଳ ଦଶମୂଳ ପାଚନରେ ଲାଗେ ।]

ରକ୍ତ ପାଣି—ଦେ. ବି.—(ସଂ. ରକ୍ତ+ପାନୀୟ)—ରକ୍ତ ମିଶିତ ଜଳ—
Rakta pāni Blood mixed with water.
রক্ত ও জল लहूपानी ୨।(ରକ୍ତ ପରି ଗାଢ଼ା ନ ହୋଇ ଫିକା ଓ ପତଳା ରକ୍ତ ଦେଖା ଯିବାରୁ) ସ୍ତ୍ରୀଲୋକମାନଙ୍କ ରଜଃ; ନେଡ଼ା ପାଣି—2. Menstrual flow; menstrual discharge.

ରକ୍ତ ପାଣି ହେବା—ଦେ. କ୍ରି.—(ଲକ୍ଷଣାର୍ଥ)—ଚିନ୍ତାରେ ବା ଭୟରେ
Rakta pāni hebā ଅଥିର ବା ଅବଶ ହେବା—Being
রক্ত জল হয়ে যাওয়া लहू पानी होना struck with terror or anxiety.
[ରକ୍ତ ପାଣି ଫାଟି ଯିବା, ରକ୍ତ ପାଣେଇ ଯିବା—ଅନ୍ୟରୂପ]

ରକ୍ତ ପାତ—ସଂ. ବି—(୬ଷ୍ଠୀ ତତ୍)—୧ । ହତପ୍ରାଣୀର ଦେହରୁ
Rakta pāta ରକ୍ତ ବାହାରିବା—1. The spilling of blood of a slaughtered animal on the ground. ୨ । ରକ୍ତ ବାହାର କରିବାଦ୍ୱାରା ହତ୍ୟା ବା ଗୁରୁତର ଆଘାତ—2, Murder or grievous hurt caused by shedding of blood; bloodshed. ୩ । ରକ୍ତନିର୍ଗମନ; ରକ୍ତ ବୋହିବା, ରକ୍ତସ୍ରାବ—3. Flowing of blood; haemorrhage. ୪ । ଗର୍ଭରୁ ପ୍ରସବକାଳୀନ ରକ୍ତନିଃସରଣ—4. Uterine haemorrhage.

ରକ୍ତପାତା—ସଂ. ବି. ସ୍ତ୍ରୀ—(ରକ୍ତପାତ+ଅ; ରକ୍ତ ଶୋଷିବାଦ୍ୱାରା
Raktapātā ଜୀବ ଶରୀରରୁ ଯାହା ରକ୍ତପାତ କରାଏ)—ଜଳୌକା; ଜୋକ—Leech.

ରକ୍ତ ପାଦ—ସଂ. ବି—(କର୍ମଧା;ରକ୍ତ+ପାଦ)—୧ । ନାଲିଆ ଗୋଡ଼—
Rakta pāda 1. Red leg. ୨ । (ବହୁବ୍ରୀହି) ଶୁକପକ୍ଷୀ—2. Parrot. ୩ । ଯୁଦ୍ଧରଥ—3. A war-chariot (Apte). ୪। ହସ୍ତୀ—4. An elephant (Apte). ବିଣ (ବହୁବ୍ରୀହି) ଲୋହିତ ଚରଣଯୁକ୍ତ—Red-legged.

ରକ୍ତ ପାଦୀ—ସଂ. ବି—ରକ୍ତପଦୀ (ଦେଖ)—Raktapadī (See)
Rakta pādī

ରକ୍ତ ପାନ—ସଂ. ବି (୬ଷ୍ଠୀ ତତ୍)—୧ । (ଜୋକ,ଝିଙ୍କ ଆଦି ଜୀବ)—
Rakta pāna ଅନ୍ୟ ଜୀବର ଦେହରୁ ମୁହଁ ଦ୍ୱାରା ରକ୍ତ ଶୋଷିବା 1. Sucking of blood from the body of animals (said of blood-sucking animals) ୨ । ହତଜୀବର ରକ୍ତକୁ ପିଇବା—2. Drinking of the blood of a killed being.

ରକ୍ତପାୟୀ—ସଂ. ବିଣ. ପୁଂ (ରକ୍ତ+ପା ଧାତୁ=ପିଇବା+କର୍ତ୍ତୃ. ଇନ୍)—
Rakta pāyi ୧। ଯେଉଁ ଜୀବ ରକ୍ତ ପାନକରେ—1. Blood-
(ରକ୍ତପାୟିନୀ—ସ୍ତ୍ରୀ) sucking; drinking blood. ୨। ଯେଉଁ କୀଟ ବା ଜୀବମାନେ ଅନ୍ୟ ଜୀବର ଦେହରୁ ରକ୍ତପାନ କରନ୍ତି (ଯଥା—ମଶା, ଛାରପୋକ, ଝିଙ୍କ, ଇତ୍ୟାଦି)—2. Any blood-sucking animal. ୩ । ଉକୁଣୀ—3. Louse. ୪ । ଛାରପୋକ—4. Bed bug. ୫ । ଜୋକ—5. Leech.

ରକ୍ତ ପାରଦ—ସଂ. ବି—ହିଙ୍ଗୁଳ—Vermilion; cinnabar.
Rakta pārada

ରକ୍ତ ପିଇବା—ଦେ. କ୍ରି—୧। ହତ ଜୀବଦେହରୁ ରକ୍ତପାନ କରିବା—
Rakta pi-ibā 1. To drink blood. ୨ । ଜୀବ ଦେହରୁ
রক্তপানকরা लहूपीना ରକ୍ତ ଶୋଷଣ କରିବା—2. To suck blood out of an animal's body. ୩ । (ଲକ୍ଷଣାର୍ଥ) (ଯେଉଁପରି ଜୀବଙ୍କ ତୋଟି କଣା କରି ବାଘ ରକ୍ତ ପିଏ) କୌଣସି ବ୍ୟକ୍ତିକୁ ହତ୍ୟା କରିବା—3. (figurative) To kill a person. ୪ । (ଲକ୍ଷଣାର୍ଥ) ମନୁଷ୍ୟକୁ ଅନ୍ତଃସାରଶୂନ୍ୟ ବା ହୀନବଳ କରିବା—4. To make a person lose strength (figurative). (ଯଥା— ମୁଁ ଋଣଜାଲରେ ଜଡ଼ିତ ହେବାରୁ ମହାଜନମାନେ ମୋ ଦେହରୁ ରକ୍ତ ପିଇଗଲେଣି) । ୫ । (ଗାଳି) ଅତ୍ୟନ୍ତ ଅପମାନସୂଚକ ଘୃଣାଜନକ କାର୍ଯ୍ୟ କରିବା—5. (a term of vile reproach) To drink the menstrual discharge.

ରକ୍ତ ପିଚ୍(ଛ)କା ମାରିବା—ଦେ. କ୍ରି.—ଦେହର କୌଣସି ସ୍ଥାନ
Rakta pich-(chi)kā māribā କଟିଗଲେ ତହିଁରୁ ରକ୍ତ ପିଚ-
ରକ୍ତ ପିଚ୍(ଛ)କିବା } ଅନ୍ୟରୂପ କାରି ମାରିବାପରି ଛୁଟିବା—To spurt out (said of gushing
ରକ୍ତ ପିଚ୍(ଛ)କା } blood from a wound).
लहूपिचकना रक्त पिचिकिरी मारा

ରକ୍ତ ପଚ୍ଛୁଳି—ପ୍ରାଦେ (ଖୋରଧା ଓ ଚଡ଼ଢ଼ାଡ) ବି—ଏକପ୍ରକାର ଔଷଧ
Rakta pichhuḻi ଗୁଳ୍ମ—Name of a medicinal plant; Gouania Leptostachya [ବୃ—ଏହି ଗଛ ୮।୧୦ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଗଛର ମୂଳରୁ ଗଣ୍ଡିର ଶେଷ ପର୍ଯ୍ୟନ୍ତ ବକଳ ନାଲି ଓ ଅଗଅଡ଼ାକୁ ଧଳା । ଏହାର ଚେରକୁ ଗୋଲମରିଚ ମିଶାଇ ବାଟି ପିଚ୍ଛୁଳ, କାଘି ଓ ବ୍ରଣ ଉପରେ ଦେଲେ ସେ ସବୁ ନ ପାଚି ବସିଯାଏ ।]

ରକ୍ତପିଣ୍ଡ—ସଂ ବି.—୧ । (୬ଷ୍ଠୀ ତତ୍) ପିଣ୍ଡୀକୃତ ରକ୍ତ; ରକ୍ତର
Rakta piṇḍa ଗୋଲକ—1 A ball of clotted blood, ୨ । [କର୍ମଧା] ରକ୍ତବର୍ଣ୍ଣ ଗୋଲକ—2. A bloody-red ball. ୩ । (ବହୁବ୍ରୀହି) ଜବା ବା ମନ୍ଦାର ଫୁଲ—3. Red china rose; Habiscus Rosa; Sinensis. ୪ । ବନ୍ୟ ବୃକ୍ଷ ବିଶେଷ—4. Name of a small-tree; Ventilago Madraspatana. ୫ । ଶରୀରରେ ରକ୍ତାଧିକ୍ୟ ଜନିତ ଏକପ୍ରକାର ରୋଗ—5. Plethora. ୬ । ଗୁହ୍ୟ, ନାସା ଓ ମୁଖରୁ ଅକସ୍ମାତ ଛେଲ ଛେଲ ରକ୍ତ ପଡ଼ିବା ରୋଗ—6. Spontaneous discharge of clots of blood through the mouth, the nostrils and the anus. ୭ । ନାଲିଆ ବଥ—7. Red boil; red pimple (Apte). ୮ । କୁଷ୍ଠ ମହାବ୍ୟାଧିର ପୂର୍ବଲକ୍ଷଣସୂଚକ ରକ୍ତାଭ ସ୍ଫୋଟକବିଶେଷ—8. Eruptions of red colour which are the symptoms of approaching leprosy.

ରକ୍ତ ପିଣ୍ଡକ—ସ. ବି—ନାଲି ପିଣ୍ଡ ଅଳୁ—
Rakta piṇḍaka Red kind of yam; Dioscorea Sativa.
লাল চুবড়ি আলু **रक्तालु**
[ରକ୍ତପିଣ୍ଡାଳୁ—ଅନ୍ୟରୂପ]

ରକ୍ତ ପିଣ୍ଡୁଳା(ଳି)—ଦେ. ବି (ସଂ. ରକ୍ତପିଣ୍ଡ)—ରକ୍ତପିଣ୍ଡ (ଦେଖ)—
Rakta piṇḍuḻā(ḻi) Raktapiṇḍa. (See [ଉ—
রক্তের পিণ্ড ହରଚଣ୍ଡୀଙ୍କର ଭାଇ ମଲ୍ଲ, ରକ୍ତ ପିଣ୍ଡୁଳା ବୋଲ୍ହଗଲା—ଗିଗୁଗୀତ ।]
लहूका थेम्हा

ରକ୍ତ ପିତ୍ତ—ସଂ. ବି—୧ । ରୋଗବିଶେଷ; ଯେଉଁ ରୋଗରେ ନାକ ଓ
Rakta pitta ମୁଖବାଟେ ଝଲକା ଝଲକା ରକ୍ତ ପଡ଼େ—1, A disease consisting of bloody discharge through mouth and nostrils. ୨ । ପିତ୍ତପ୍ରକୋପଜନିତ ରକ୍ତଦୁଷ୍ଟି—2. Derangement of blood produced by bile (Apte).
ଦେ. ବି—ବନ୍ୟବୃକ୍ଷ ବିଶେଷ—Ventilago Madraspatana (tree).

ରକ୍ତପିତ୍ତଘ୍ନ—ସଂ. ବିଣ—ରକ୍ତପିତ୍ତ ରୋଗର ଉପଶମକ—
Raktapittaghna Antidote for hœmorrhage.
[ରକ୍ତପିତ୍ତହା—ଅନ୍ୟରୂପ] ବି—ରକ୍ତଘ୍ନୀ (ଦେଖ)—
Raktaghnī. (See)

ରକ୍ତ ପିପାସା—ସଂ.ବି(ମ.ପ.ଲୋ) - ୧ । (ବ୍ୟାଘ୍ରାଦିଙ୍କର) ରକ୍ତପାନ କରିବାର
Rakta pipāsā ଇଚ୍ଛା—1. (of tiger etc) Desire to drink blood; thirst for blood. ୨ । (ଲକ୍ଷଣାର୍ଥ) ନରହତ୍ୟା କରିବାର ପ୍ରବଳ ବାସନା; ଜିଘାଂସା—2. (figurative) A desire to kill people.

ରକ୍ତପିପାସୁ—ସଂ. ବିଣ—୧ । ରକ୍ତ ପାନ କରିବାକୁ ଇଚ୍ଛୁକ—
Rakta pipāsu 1. Blood-thirsty. ୨ । ନରହତ୍ୟା କରିବାକୁ ଅଗ୍ରସର—2. Thirsty after human blood. ୩ । ଜିଘାଂସୁ—3. Murderous.

ରକ୍ତ ପୁନର୍ନବା—ସଂ. ବି—ରକ୍ତକାଣ୍ଡା (ଦେଖ)
Rakta punarnabā Raktakāṇḍā. (See)
(ରକ୍ତ ପୁରୁଣୀ—ଦେଶଜରୂପ)

ରକ୍ତପୁଷ୍ପ—ସଂ. ବିଣ (ବହୁବ୍ରୀହି)—ନାଲି ଫୁଲଯୁକ୍ତ—Red-
Rakta pushpa flowered. ବି—୧ । (କର୍ମଧା) ନାଲିଆ ଫୁଲ—1. A red flower. ୨ । (ବହୁବ୍ରୀହି) ରକ୍ତ-କରବୀ ଗଛ—2. Red oleander; Nerium Odorum. ୩ । ରୋହିତକ ବୃକ୍ଷ—3. Andersonia Rohitaka (tree). ୪ । ରକ୍ତକାଞ୍ଚନ—4. Mountain Ebony; Bouhenia Veriegata. ୫ । ଡାଳିମ୍ବ ଗଛ—5. Pomegranate tree. ୬ । ବକ ବୃକ୍ଷ; ଅଗସ୍ତି ଗଛ—6. Sesbania Grandiflora. ୭ । ବନ୍ଧୁଳି; ବନ୍ଧୁକ ଗୁଳ୍ମ ଓ ଫୁଲ—7.Ixora Bandhuca (tree and flower). ୮ । ନାଗକେଶର ବୃକ୍ଷ—8. A flower tree; Mesua Ferra. ୯ । ନାଲି ଅରଖ ଗଛ (ଦ୍ରବ୍ୟଗୁଣ)—9, The red-flowering variety of Calotropis Gigantea,

ରକ୍ତ ପୁଷ୍ପକ—ସ. ବି—୧ । ପଳାଶ ବୃକ୍ଷ—1. Butea Frondosa
Rakta pushpaka (tree). ୨ । ଶିମିଳି ଗଛ—2. Silk cotton tree; Bombax Heptaphyllum. ୩ । ରୋହିତକ ବୃକ୍ଷ-3. Andersonia Rohitaka (tree). ୪ । ନାଗେଶ୍ୱର; ନାଗକେଶର—4. Mesua Ferra. ୫ । ପର୍ପଟ—5. A medicinal plant; Oldenlandia Biflora. ୬ । ପାଳଧୁଅ ଗଛ—6. The coral tree; Erithrina.

ରକ୍ତ ପୁଷ୍ପା—ସଂ. ବ—୧ । ଶିମିଳି ଗଛ—1. The silk cotton
Rakta pushpā tree; Bombax Heptaphyllum. ୨ । ରକ୍ତ ପୁନର୍ନବା (ଦ୍ରବ୍ୟଗୁଣ)—2. The red variety of hog weed.

ରକ୍ତପୁଷ୍ପିକା—ସ.ବ—୧। ଲଜ୍ଜାଳୁ; ଲଜକୋଳି—1. Lycopodium
Rakta pushpikā plant. ୨ । ରକ୍ତ ପୁନର୍ନବା—2. Red variety of hog weed.

ରକ୍ତ ପୁଷ୍ପୀ—ସଂ. ବ—୧ । ପାଟଳୀ ଗଛ—1. The trumpet
Rakta pushpī flower; Bignonia Suaveolens. ୨ । ଅପରାଜିତା ଲତା—2 Name of a red-flowered creeper. ୩ । ନାଗ ଦମନୀ; ନାଗ ଦଅଣା ଗୁଳ୍ମ—3. Indian wormwood; Artimisa Vulgaris. ୪ । ବରୁଣ ଗଛ—4. Croteava Roxburghi (tree). ୫ । ଜବା;ମନ୍ଦାର—5. China rose; Hibiscus Rosa; Synensis ୬ । ରକ୍ତବର୍ଣ୍ଣ ପୁଷ୍ପ ବିଶିଷ୍ଟ ବୃକ୍ଷ—6. Trees having red flowers.

ରକ୍ତ ପୂତିକା—ସଂ. ବ—ନାଲି ପୋଇ ଲତା—The red species
Rakta pūtikā of Poi creeper; Basella Rubra.

ରକ୍ତ ପୂରକ—ସଂ. ବ—ବୃକ୍ଷାମ୍ଳ; ବୃକ୍ଷରୁ ଉତ୍ପନ୍ନ ଅମ୍ଳ—Acid
Rakta pūrka extracted from vegetables or herbs.

ରକ୍ତ ପ୍ରଧାନ ଧାତୁ—ସଂ. ବ—ରକ୍ତ ପ୍ରାବଲ୍ୟ ଯୁକ୍ତ ଶାରୀରିକ ଅବସ୍ଥା—
Rakta pradhāna dhātu Sanguine temperament (characterised by soft skin, ruddy complexion, blue eyes, auburn hair, frequent pulse, large veins, and vivid sensation.) [ଦ୍ର—ଏଥିର ଲକ୍ଷଣ—ଦେହର ବର୍ଣ୍ଣ ଉଜ୍ଜ୍ୱଳ, ପତଳା ଚମଡ଼ା, ନୀଳ ଆଖି, କଳସ୍ୱବାଳ, ନାଡ଼ୀର ଶୀଘ୍ର ଗତି, ଦେହର ଶିରା ଠାଣି ହୋଇ ରହିବା ।]

ରକ୍ତ ପ୍ରବହ—ସଂ. ବ—ଦେହରେ ଶିରାଦ୍ୱାରା ସଞ୍ଚାଳିତ ରକ୍ତସ୍ରୋତ—
Rakta prabaha Circulation of blood in the body.

ରକ୍ତ ପ୍ରବାହ—ସଂ. ବ—ରକ୍ତର ସ୍ରୋତଃ—Current or flow of
Rakta prabāha blood.

ରକ୍ତ ପ୍ରବାହକ ନାଡ଼ି (ଡ଼ୀ)—ସଂ. ବ—ଦେହର ଶିରା; ନାଡ଼ୀ—
Rakta prabāhaka nārdi (rdī) Artery.
(ରକ୍ତ ପ୍ରବାହ ନାଡ଼ି (ଡ଼ୀ)—ଅନ୍ୟରୂପ)

ରକ୍ତ ପ୍ରସବ—ସଂ. ବ—୧ । ରକ୍ତ କରବୀର—1. The red
Rakta prasaba Oleander; Nerium Odorum.
लाल कनिर ୨ । ନାଲି କେଶଦୁଦୁରି; ଅମ୍ଳାନକ—2. Red
लाल कटसरैया variety of globe amaranth.

ରକ୍ତ ଫଳ—ସଂ. ବ (ବହୁବ୍ରୀହି)—ବଟ ବୃକ୍ଷ—The banyan
Rakta phala tree.

ରକ୍ତ ଫଳା—ସଂ. ବ—୧ । ବିମ୍ବିକା; ବିମ୍ବ; ଗୋଲୁ ଶିଅ ଲତା—
Rakta phalā 1. A cucurbitatious creeper; Memordica Monadeplha. ୨ । ସ୍ୱର୍ଣ୍ଣବଲ୍ଲୀ ନାମକ ଲତା—2. A variety of creeper. [ଦ୍ର—ଏହାର ଅନ୍ୟ ସଂ. ନାମ ଶ୍ଳୀକାଯୁଃ, କାକବଲ୍ଲୀ । ଏହା ଶିରୋରୋଗ ଓ ତ୍ରିଦୋଷ ନାଶକ ଏବଂ ସ୍ତନ୍ୟବର୍ଦ୍ଧକ—ଦ୍ରବ୍ୟଗୁଣ

ରକ୍ତ ଫେନଜ—ସଂ. ବ—ଫୁସ୍ ଫୁସ୍—
Rakta phenaja The lungs.

ରକ୍ତ ବଟୀ—ସଂ. ବ—ମସୂରିକା; ଇଚ୍ଛା ବସନ୍ତ—
Rakta batī Small pox; variola.
(ରକ୍ତ ବରଟୀ—ଅନ୍ୟରୂପ)

ରକ୍ତ ବନ୍ଧତ୍ୱ—ସଂ. ବ—ଶରୀରରେ ରକ୍ତ ପ୍ରବାହ ବନ୍ଦ ହେବା—
Rakta bandhatwa Stagnation of blood; Hœmostatis; the stoppage of blood circuation.

ରକ୍ତ ବନ୍ଧୀ—ସଂ. ବ—କ୍ଷତ ଆଦିରୁ ବୋହୁଥିବା ରକ୍ତର ପ୍ରବାହ ବନ୍ଦ
Rakta bandhī କରିବା—The stooping of the flow of blood by styptics.

ରକ୍ତ ବମନ—ସଂ. ବ—ରକତ ବାନ୍ତି—Vomitting of blood;
Rakta bamana Hæmatemesis.

ରକ୍ତ ବର୍ଗ—ସଂ. ବ—୧ । ଡାଳିମ୍ବ—1. Pomegranate. ୨ ।
Rakta barga ପଳାଶ—2. Butea Frondosa. ୩ । ଲାକ୍ଷା—3. Lac. ୪ । ବନ୍ଧୁକ ପୁଷ୍ପ—4. Ixora Bandhuca. ୫ । କୁସୁମ ଫୁଲ—5. Safflower. ୬ । ମଞ୍ଜିଷ୍ଠା—6. Indian Madder. ୭ । ଗୋମେଦ ରତ୍ନ (ହି. ଶ)—7. Topaz. ୮ । ଦାରୁ ହଳଦୀ (ହି. ଶ) (ଦେଖ) - 8. Dāru haladī (See). ୯ । ପ୍ରବାଳ (ହି. ଶ)—9. Coral. ୧୦ । କମଳା ଗୁଣ୍ଡି (ହି. ଶ)—10. Kamila (powder).

ରକ୍ତ ବର୍ଣ୍ଣ—ସଂ. ବ. (କର୍ମଧା)—୧ । ନାଲି ରଙ୍ଗ—1. Red
Rakta barnna colour. ୨ । ଇନ୍ଦ୍ରଗୋଡ଼ା ପୋକ; ସାଧବ
(ରକ୍ତ ବର୍ଣ୍ଣା—ସ୍ତ୍ରୀ) ବୋହୂ ପୋକ—2. Cochineal insect. ୩ । ସ୍ୱର୍ଣ୍ଣ—3. Gold (Apte). ବଣ. (ବହୁବ୍ରୀହି) ନାଲିଆ—Red.

ରକ୍ତ ବର୍ତ୍ତକ—ସ. ବ—ନାଲି ବତର ଚଢ଼େଇ (ହି. ଶ.)—
Rakta barttaka The Red variety of gray quail bird.

ରକ୍ତବର୍ତ୍ମା—ସ. ବ (ରକ୍ତ+ବର୍ତ୍ମନ୍; ୧ମା. ୧ବ.)—କୁକୁଟ (ହି.ଶ.)
Raktabartmā —Cock.

ରକ୍ତ ବର୍ଦ୍ଧକ—ସ. ବଣ—ଯାହା ଦେହର ରକ୍ତ ପରିମାଣକୁ ବଢ଼ାଏ—
Rakta barddhaka Increasing the quantity of blood in the body.

ରକ୍ତ ବର୍ଦ୍ଧନ—ସଂ. ବି. (ବହୁବ୍ରୀହି)—ବାର୍ତ୍ତାକୀ; ବାଇଗଣ—The egg
Rakta barddhana plant ସଂ.ବଣ—ରକ୍ତ ବର୍ଦ୍ଧକ (ଦେଖ)
—Rakta barddhaka (See)

ରକ୍ତ ବର୍ଷାଭୂ—ସଂ. ବି—ରକ୍ତ କାଣ୍ଡା (ଦେଖ)
Rakta barshābhū Rakta kāṇḍā (See)

ରକ୍ତ ବ(ବା)ସନ—ସଂ. ବି—୧ । (କର୍ମଧା)—ନାଲି ଲୁଗା—
Rakta ba(bā)sana 1. Red cloth. ୨ । ଗେରୁଆ ଲୁଗା
(ରକ୍ତବସ୍ତ୍ର—ଅନ୍ୟରୂପ) —2. Red-coloured cloth
୩ । (ବହୁବ୍ରୀହି) ସନ୍ନ୍ୟାସୀ—3. A mendicant.
ସଂ. ବିଣ. ପୁଂ—ନାଲି ବା ରଞ୍ଜିତ ବସ୍ତ୍ରଧାରୀ—
ରକ୍ତ ବସନା } —ସ୍ତ୍ରୀ Wearing red-coloured cloth.
ରକ୍ତ ବଣ୍ଣା

ରକ୍ତ ବସିବା—ଦେ. କ୍ରି—୧ । ରକ୍ତ ଜମିବା—1. Coagulation
Rakta basibā of blood. ୨ । ବୟୋବୃଦ୍ଧି ଯୋଗୁଁ
(ରକ୍ତ ବସିଯିବା—ଅନ୍ୟରୂପ) କାମକ୍ରୋଧାଦିର ବେଗ କମିଯିବା—
रक्त जमेयाओया 2. The cooling of one's passions
लहू जमना with the advance of years.

ରକ୍ତବହ—ସଂ. ବିଣ. ପୁଂ—ଯେଉଁ ବାଟେ ରକ୍ତ ବୋହିଯାଏ
Raktabaha (ନାଡ଼ୀଆଦି)—Conveying blood;
(ରକ୍ତବାହୀ—ଅନ୍ୟରୂପ) by means of which blood is
circulated through the system.
(ରକ୍ତ ବହା, ରକ୍ତ ବାହିକା, ରକ୍ତ ବାହିନୀ—ସ୍ତ୍ରୀ)

ରକ୍ତ ବହିବା—ଦେ. କ୍ରି (ସଂ. ରକ୍ତ ଓ ବହ୍ ଧାତୁ)—ଶରୀରସ୍ଥ
Rakta bahibā କ୍ଷତରୁ ରକ୍ତଧାର ପ୍ରବାହିତ ହେବା—
रक्त बहा To bleed (said of bleeding from a
लहू बहना wound).

ରକ୍ତ ବର୍ଷଣ—ସଂ. ବି—ରକ୍ତ ବୃଷ୍ଟି (ଦେଖ)
Rakta barshaṇa Rakta bṛushṭi (See)
(ରକ୍ତ ବରଷା, ରକ୍ତ ବର୍ଷିବା—ଦେଶଜ ରୂପ)

ରକ୍ତ ବାଟ୍ୟାଲକ—ସଂ. ବି—ରକ୍ତବର୍ଣ୍ଣର ବାଡ଼ି ଅର୍ଥଲା—
Rakta bāṭyālaka Sida Rhombifolia.

ରକ୍ତ ବାତ—ସଂ. ବି—ବାତରକ୍ତ; ରୋଗ ବିଶେଷ—
Rakta bāta A sort of disease.

ରକ୍ତବାନ—ଦେ. (ପଦ୍ୟ) ବିଣ (ସଂ. ରକ୍ତବତ୍)—ରକ୍ତାକ୍ତ—
Raktabāna Soaked with blood.
रक्ताक्त [ଉ—ବିନ୍ଧିଲେ । ବାଣରେ ରକ୍ତବାନ ଫଳ ।
लोहूलोहान ଭଞ୍ଜ. ବୈଦେହୀଶବିଳାସ ।]

ରକ୍ତ ବାନ୍ତି—ସଂ. ବି—ରକ୍ତ ବମନ; ପାଟିବାଟେ ଝଲକା ଝଲକା ରକ୍ତ
Rakta bānti ବାହାରିବା —Vomiting of blood.
रक्तवमी लहूडल्टी

ରକ୍ତ ବାଲୁକ(କା)—ସଂ. ବି—ସିନ୍ଦୂର—
Rakta bāluka(kā) Red lead; vermilion.

ରକ୍ତ ବାହୁ—ସଂ. ବିଣ. ପୁଂ (ବହୁବ୍ରୀହି)—ରକ୍ତବର୍ଣ୍ଣ ବାହୁ ବିଶିଷ୍ଟ—
Rakta bāhu Having red arms. ଦେ. ବି—
ଖ୍ରୀଷ୍ଟ ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରେ ସମୁଦ୍ରପଥରେ
ଜାହାଜରେ ଆସି ଓଡ଼ିଶାକୁ ଆକ୍ରମଣ କରିଥିବା ଯବନ-
ବିଶେଷ—Name of a non-Hindu invader
who attacked Orissa by the sea in
the beginning of the 4th century A. D.
(ଉ—ସେହି ମୂର୍ତ୍ତି ଚୋର ଉତ୍କଳେ ପଡ଼ିବାକୁ, କର
ଦେଖିଥିଲେ ଦୈବେ ରକ୍ତବାହୁ । ରାଧାନାଥ. ଚିଲିକା ।)
[ଦ୍ର—ଜଗନ୍ନାଥ ମନ୍ଦିରର 'ମାଦଳା ପାଞ୍ଜିରେ' ଲେଖାଅଛି,
ଅନ୍ତ୍ରଗଜରାଜାକାଳରେ ରକ୍ତବାହୁ ନାମରେ ଜଣେ ଜଳଦସ୍ୟୁ
ସମୁଦ୍ରବାଟେ ଆସି ଉତ୍କଳ ଆକ୍ରମଣ କରିଥିଲେ ଏବଂ
ଜଗନ୍ନାଥଙ୍କୁ ବହୁ ପୀଡ଼ା ଦେଇଥିଲେ । ସେ ଜଣେ ଯବନ
ରାଜା ଥିଲେ । ତାଙ୍କ ବଂଶୀୟ ରାଜାମାନେ ଉତ୍କଳରେ
୧୪୬ ବର୍ଷ ରାଜତ୍ୱ କରିଥିଲେ । ଏଥିରୁ ବୋଧ ହୁଏ ଏ
ଅନ୍ଧ୍ରଦେଶର ସେନାପତି ବା ରାଜା ଥିଲେ । ଏବେ
ସେମାନେ ଦ୍ରାବିଡ଼, ସେଥିରେ ପୁଣି ବୌଦ୍ଧ, ତେଣୁ
ଉତ୍କଳୀୟ ଆର୍ଯ୍ୟମାନେ ତାହାଙ୍କୁ ଯବନ ରାଜା ବୋଲି
ଲେଖିଅଛନ୍ତି । କୃପାସିନ୍ଧୁ. ଇତିହାସ ।
କେହି କେହି ଏହାଙ୍କୁ ଆସ୍ରୋମୀୟ ବା ଗ୍ରୀକ୍ ମୁସଲମାନ
ବୋଲି କହନ୍ତି; କିନ୍ତୁ ଅନେକଙ୍କ ମତରେ ଏ ବୌଦ୍ଧ
ଧର୍ମାବଲମ୍ବୀ ଥିଲେ । ଏହାଙ୍କ ନାମ ମାଦଳାପାଞ୍ଜିରେ
ଲେଖା ଅଛି । ତଦବଧି ପ୍ରାୟ ୧୫୦ ବର୍ଷ କାଳ ଓଡ଼ିଶା
ଯବନାଧିକାରଭୁକ୍ତ ଥିଲା । ପରିଶେଷରେ ୪୭୪ ଖ୍ରୀଷ୍ଟାବ୍ଦରେ
ଯଯାତିକେଶରୀ ଯବନମାନଙ୍କୁ ତଡ଼ି ଓଡ଼ିଶାରେ ରାଜା
ହେଲେ ।]

ରକ୍ତ ବିକାର—ସଂ. ବି (୬ଷ୍ଠୀ ତତ୍)—ରକ୍ତ ଦୂଷିତ ହେବା ଅବସ୍ଥା
Rakta bikāra Deteriorated condition of
(ରକ୍ତ ବିକୃତି—ଅନ୍ୟରୂପ) the blood of the system;
cachemia.

ରକ୍ତବିତ୍—ସଂ. ବି—ନାଲି ଅପମାର୍ଗ ଗୁଳ୍ମ—Red variety of
Raktabiṭ 'Apamārga'; Achyranthes Aspera
Rubra.

ରକ୍ତ ବିଦ୍ରଧି—ସଂ.ବି (ମ.ପ.ଲୋ, ରକ୍ତବିକୃତି ଯୋଗୁଁ ଜାତ ବିଦ୍ରଧି)—
Rakta bidradhi ଶତରୋଗ ବିଶେଷ—A sore or
ulcer due to vitiated blood.

ରକ୍ତ ବିନ୍ଦୁ—ସଂ. ବି (୬ଷ୍ଠୀ ତତ୍)—୧ । ରକ୍ତର ଟୋପା; ଶୋଣିତ-
Rakta bindu କଣା—1. Drop of blood. ୨ ।
ରତ୍ନରେ ଲୋହିତ ବର୍ଣ୍ଣର ଦାଗ (ରତ୍ନର ଦୋଷବିଶେଷ)
—2. A red spot forming a flaw in a
gem. ୩ । ନାଲି ଅପାମାର୍ଗ ଗୁଳ୍ମ (ହି. ଶ.)—
3. The red variety of Achyranthes
Aspera.

ରକ୍ତ ବୀଜ—ସଂ. ବି (ବହୁବ୍ରୀହି; ରକ୍ତ+ବୀଜ=ଉତ୍ପତ୍ତିକାରଣ ଯାହାର)
Rakta bija —୧ । ଦୁର୍ଗାଙ୍କ ସଙ୍ଗେ ଯୁଦ୍ଧ କରି ନିହତ
ହୋଇଥିବା ଶୁମ୍ଭ ନିଶୁମ୍ଭଙ୍କର ସେନାପତି ଅସୁରବିଶେଷ—
1. Name of a demon from whose blood
sprang forth demons (killed by

Durgā). [ବ୍ରୁ—ଏହାର ରକ୍ତର ବିନ୍ଦୁମାନ ଭୂମିରେ ପଡ଼ିବା ମାତ୍ରକେ ସେଥିରୁ ତାହାର ପରି ଅସୁରମାନେ ଜାତ ହୋଇ ଚଣ୍ଡୀଙ୍କ ସଙ୍ଗେ ଯୁଦ୍ଧ କରୁଥିଲେ, କାଳୀ ଚଣ୍ଡୀଙ୍କର ବିଶେଷ ଶକ୍ତି ରକ୍ତ ଅସୁରର ମୁଣ୍ଡ କାଟିବା ସଙ୍ଗେ ସଙ୍ଗେ ଜିହ୍ୱା ପ୍ରସାରଣ ପୂର୍ବକ ସବୁ ରକ୍ତପାନ କରିବାରୁ ତାହାର ରକ୍ତଭୂମିରେ ଆଉ ପଡ଼ିଲା ନାହିଁ । ତେଣୁ ସେ ତାକୁ ବିନାଶ କରିବାକୁ ସମର୍ଥ ହୋଇଥିଲେ । ଏହାର ବଧ ବୃତ୍ତାନ୍ତ ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଚଣ୍ଡୀରେ ବର୍ଣ୍ଣିତ ହୋଇଅଛି ।]
୨ । (ରକ୍ତବର୍ଣ୍ଣ ଅଟେ ବୀଜ ଯାହାର)—ଡାଳିମ୍ବ—2. Pomegranate. ୩ । ରିଠା (ଗ୍ରା. ଶ.)—3. Soapnut. ଦେ. ବି—ରକ୍ତବୀଜ ବଂଶ (ଦେଖ) Raktabija bamsa (See)

ରକ୍ତବୀଜକ—ସଂ. ବି—ଡାଳିମ୍ବ—
Raktabijaka Pomegranate.

ରକ୍ତବୀଜକା—ସଂ. ବି—କରଣୀ ଲତା; ଏକପ୍ରକାର ନାଲି ମଞ୍ଜିଥିବା
Raktabijakā ଲତା ଓ ଫଳ—Name of a
(ଅନ୍ୟ ସଂ—ଚରସା, ଘାରସା, creeper. [ବ୍ରୁ—ଏହାର ବୀଜ
ଗାବ୍ରା, ଖର୍ବୁରି) ରକ୍ତବର୍ଣ୍ଣ । ସୋନପୁର ଅଞ୍ଚ ସ୍ଥାନରେ
तरदी ଏହା ଜନ୍ମେ ଓ ଔଷଧରେ ଲାଗେ ।]

ରକ୍ତବୀଜ ବଂଶ—ଦେ. ବି—ରକ୍ତବୀଜ ଅସୁର ପରି ଯାହାର ବଂଶ ମାଡ଼ି
Raktabija bamsa ଯାଉଥାଏ (ଯଥା—ଷରପୋକ ।)—
রক্তবীজের বংশ A term applied to beings who
रक्तबीजका वंश multiply swiftly. [ବ୍ରୁ—କୌଣସି ଲୋକର ବଂଶବୃଦ୍ଧି ହେଲେ ବା ବହୁସନ୍ତାନ ଜନ୍ମିଲେ ଲୋକେ କହନ୍ତି, ତା ବଂଶ ରକ୍ତବୀଜ ଭଳି ମାଡ଼ି ଯାଉଛି ।]

ରକ୍ତ ବୁହା—ଦେ. ବି (ସଂ. ରକ୍ତ ବହନ)—ରକ୍ତ ବହିବା—
Rakta buhā Bleeding.
রক্ত বহা ବିଣ—ଯହିଁରୁ ରକ୍ତ ବହୁ ଥାଏ—
लहु बहना Bleeding.
রক্তাক্ত (ଯଥା—ସେ ତାକୁ ରକ୍ତବୁହା କରି ମାଇଲା ।)
लहु बहाकर

ରକ୍ତ ବୁହା ବୁ(ବୋ)ହି—ଦେ. ବି ଓ ବିଣ. (ସଂ. ରକ୍ତ+ବହ ଧାତୁ)—
Rakta buhā bu(bo) hi ରକ୍ତାରକ୍ତି (ଦେଖ)
রক্তারক্তি **लहु लहुआन** Raktārakti (See)

ରକ୍ତ ବୃନ୍ତକ—ସଂ. ବି. (ରକ୍ତ+ବୃନ୍ତ+କ; ବହୁବ୍ରୀହି)—
Rakta bruntaka ପୁନର୍ନବା (ଗ୍ରା. ଶ)—Hog weed.

ରକ୍ତ ବୃନ୍ତା—ସଂ. ବି—ଶେଫାଳିକା; ଗଙ୍ଗ ଶିଉଳୀ—Nyctanthes
Rakta bruntā Trystes; a plant with red-stemmed white-petalled flowers.

ରକ୍ତ ବୃଷ୍ଟି—ସଂ. ବି—ଜଳ ପରି ଆକାଶରୁ ରୁଧିର ବର୍ଷଣ—
Rakta brushti Raining of blood.
[ବ୍ରୁ—ଲୋକବିଶ୍ୱାସ ଅଛି ଯେ, ରକ୍ତବୃଷ୍ଟି ହେଲେ ଦେଶରେ ମହାମାରୀ ଆଦି ଅନେକ ଅକଷ୍ଟ ଘଟେ ।] (ରକ୍ତବର୍ଷା—ଅନ୍ୟରୂପ)

ରକ୍ତ ବେଲା—ସଂ. ବି—ଅଲଗଲିକା; ଶିଶୁମାନଙ୍କର ମଣ୍ଡରେ ଓ ଦେହରେ
Rakta belā ନାଲିଆ ବ୍ରଣ ବା ଫୋଟକ ବାହାରିବା ରୂପ ଚର୍ମରୋଗ; ବସିଫୋଟକା—Gumrash; strophulus; a cutaneous disease peculiar to infants. [ବ୍ରୁ—ଏହା ୩ ପ୍ରକାରର ଯଥା—
୧ । ପାଣ୍ଡୁ ଲୋହିତ ବେଲା—1. Strophulus Candidus. ୨ । ପ୍ରସିଡ଼ଲୋହିତ ବେଲା—2. Strophulus Confurtus. ୩ । ରକ୍ତ ଚିହ୍ନିତ ବେଲା—3. Strophulus Intertinctus.]

ରକ୍ତ ବୋଲା—ଦେ. ବିଣ—୧ । ରକ୍ତ ରଞ୍ଜିତ; ରକ୍ତାକ୍ତ—
Rakta bolā 1. Besmeared with blood.
রক্ত মাখা ୨ । ନାଲି ରଙ୍ଗ କରି ଯାଇଥିବା—2. Dyed red.

ରକ୍ତ ବୋହିବା—ଦେ. ବି—କ୍ଷତ ଆଦିରୁ ରକ୍ତ କ୍ଷରଣ ହେବା—
Rakta bohibā Bleeding from wounds.
রক্ত বহা **लहु बहना**

ରକ୍ତ ବ୍ରଣ—ସଂ. ବି. (ମ. ପ. ଲୋ)—ଯେଉଁ ବ୍ରଣରୁ ପୂଯ ପରିବର୍ତ୍ତେ
Rakta brana ରକ୍ତ ବାହାରେ (ଗ୍ରା. ଶ)—Boil which emits blood instead of pus.

ରକ୍ତ ଭବ—ସଂ. ବି. (ରକ୍ତ+ଭୂ ଧାତୁ+କର୍ତ୍ତୃ. ଅ)—ରକ୍ତରୁ ଜାତ—
Rakta bhaba Produced from blood.
ସଂ. ବି—ମାଂସ—Flesh.

ରକ୍ତ ଭାଙ୍ଗିବା—ଦେ. ବି—ପ୍ରସବ ପରେ କେତେ ଦିନ ପର୍ଯ୍ୟନ୍ତ ଜରାୟୁରୁ
Rakta bhāngibā ରକ୍ତ ସ୍ରାବ କରଣ—Lochia; discharge
রক্ত ভাঁগা of watery blood from the uterus
लहु निकलना for some days after childbirth.

ରକ୍ତ ଭାବ—ସଂ. ବିଣ—୧ । ନାଲିଆ—1. Red (Apte).
Rakta bhāba ୨ । ଅନୁରାଗୀ—2. Loving (Apte).
୩ । କାମାତୁର—3. Amorous (Apte).

ରକ୍ତ ମଞ୍ଜର—ସଂ. ବି—ନିଚୋଳ ବୃକ୍ଷ—A plant; Baringtonea
Rakta manjara Acutangula.

ରକ୍ତ ମଣ୍ଡଳ—ସଂ. ବି—ରକ୍ତ କମଳ (ଦେଖ)
Rakta mandala Rakta kamala (See)

ରକ୍ତ ମୟ—ସଂ. ବିଣ—୧ । ରୁଧିର ପୂର୍ଣ୍ଣ—1. Full of blood.
Rakta maya ୨ । ରକ୍ତ ରଞ୍ଜିତ—2. Smeared or
(ରକ୍ତମୟୀ—ସ୍ତ୍ରୀ) coloured with blood.

ରକ୍ତ ମତ୍ସ୍ୟ—ସଂ. ବି—୧ । ନାଲି ମାଛ—1. Red fish. ୨ । ରିଠା
Rakta matsya ମାଛ—2. A reddish scaleless fish.

ରକ୍ତ ମାଂସ—ସଂ. ବି. (ଦ୍ୱନ୍ଦ୍ୱ ସମାସ)—ରକ୍ତ ଓ ମାଂସ—
Rakta māmsa (ରକ୍ତ ମାଉଁସ—ଦେ. ରୂପ) Blood and flesh.

ରକ୍ତ ମାଂସ ଦେହ—ସଂ. ବି. (ଦ୍ୱନ୍ଦ୍ୱ ଓ ମ. ପ. ଲୋ)—୧ । ରକ୍ତ ଓ
Rakta māmsa deha ମାଂସରେ ନିର୍ମିତ ଜୀବଦେହ—1. Body
(ରକ୍ତ ମାଂସ ଶରୀର—ଅନ୍ୟରୂପ) made of blood and
রক্ত মাংসের শরীর flesh. ୨ । ସାଧାରଣ ଜୀବ ଶରୀର—

2. The body of an ordinary being. ୩ । ଜୀବଶରୀରଧାରୀ ବ୍ୟକ୍ତି—3. A person of flesh and blood. [ବ୍ର—ଶରୀରଧାରୀ ବ୍ୟକ୍ତିର କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଅଛି । ଶରୀରଧାରୀ ମାନବକେ ଏଥିରୁ କେହି ମୁକ୍ତ ନୁହନ୍ତି । ଏପରି ସ୍ଥଳରେ ଭକ୍ତ ଋଷିମାନଙ୍କ ଉଦ୍ରେକକର କୌଣସି ଘଟଣା ଘଟିଲେ ଲୋକେ କହି ଥାଆନ୍ତି "ମୁଁ ରକ୍ତ ମାଂସ ଦେହ ଧରି ଏ କଥା ଅଛି କେତେ ସହିବି?" ଅର୍ଥାତ୍ ରକ୍ତ ମାଂସର ଦେହ ବା ଷଡ଼ରିପୁ-ଜର୍ଜରିତ ଶରୀର ଧାରଣ କରି ଏହା ସହ୍ୟ କରିବା ମୋ ପକ୍ଷରେ ଅସମ୍ଭବ ।]

ରକ୍ତ ମାଗିବା—ଦେ. କି—୧ । (ଦେବୀ) କୌଣସି ଜୀବକୁ ବଳି ରୂପେ Rakta māgibā ପାଇବାକୁ ଜଣାଇବା ବା ସୂଚନା କରିବା—রক্ত চাওয়া 1. To ask for the blood of a certain लहू मांगना animal as victim. ୨ । (ଲକ୍ଷଣାର୍ଥ) ଶତ୍ରୁକୁ ଯୁଦ୍ଧାର୍ଥ ଆହ୍ୱାନ କରିବା—2. (figurative) To call an enemy forth to a mortal fight.

ରକ୍ତ ମୁଖ—ସ. ବିଣ. ପୁଂ(ବହୁବ୍ରୀହି)—୧ । ଯାହାର ମୁହଁର ବର୍ଣ୍ଣ ରକ୍ତ—Rakta mukha 1. Red-faced. ୨ । ଯାହାର ମୁହଁ (ରକ୍ତ ମୁଖା—ସ୍ତ୍ରୀ) ରୁଧିରସିକ୍ତ—2. Having the face besmeared with blood. ସ. ବି—ରୋହି ମାଛ (ଦ୍ରବ୍ୟଗୁଣ)—Rohi fish.

ରକ୍ତ ମୁଖା(ଖୀ)—ଦେ. ବିଣ. (ସଂ. ରକ୍ତ ମୁଖ)—୧ । ଜୀବ ହତ୍ୟା Rakta mukhā(khī) କରି ତାହାର ରକ୍ତ ପିଇଥିବା ଯୋଗୁଁ রক্ত মুখো ଯେଉଁ ହିଂସ୍ର ଜନ୍ତୁର ମୁହଁ ରୁଧିରସିକ୍ତ ହୋଇଥାଏ—1. लहू मुहाँ (an animal) Which has recently sucked blood of its victim and has its mouth smeared with blood. ୨ । ରକ୍ତ ପିପାସୁ; ରକ୍ତ ଲୋଲୁପ-2. Blood thirsty. [ବ୍ର—କଥିତ ଅଛି ଯେ ଅନ୍ୟ ଜୀବଙ୍କ ରକ୍ତ ଅପେକ୍ଷା ମନୁଷ୍ୟର ରକ୍ତ ସ୍ୱାଦୁ । ଯେଉଁ ବାଘ ଥରେ ମନୁଷ୍ୟ ମାରି ମନୁଷ୍ୟର ରକ୍ତର ସ୍ୱାଦ ପାଇଥାଏ ସେ ନରରକ୍ତଲୋଲୁପ ହୁଏ ଓ ମଣିଷଖିଆ ବାଘ ବୋଲି ବିଖ୍ୟାତ ହୁଏ । ସେହି ବାଘକୁ ଲୋକେ କହନ୍ତି 'ଏ ବାଘ ରକ୍ତମୁଖା ହୋଇଛି ।'] ୩ । ଋତୁମତୀ (ସ୍ତ୍ରୀ)-3. Menstruated (woman); in her menses.

ରକ୍ତ ମୁଣ୍ଡା—ଦେ. ବି—ରକ୍ତ ପିଣ୍ଡ (ଦେଖ) Rakta muṇḍā Rakta piṇḍa (See) রক্ত পিণ্ড लहूका लोंदा

ରକ୍ତ ମୁହାଁ - ଦେ.ବିଣ. ପୁଂ. (ସ. ରକ୍ତ ମୁଖ)—୧ । ରୁଧିରସିକ୍ତ ମୁଖ Rakta muhāṅ ଯୁକ୍ତ—1. Having the face or রক্ত মুখো mouth stained with blood. लहू मुँहा ୨ । ରକ୍ତ ମୁଖା (ଦେଖ)—2. Rakta mukhā (See)

ରକ୍ତ ମୁହିଁ—ଦେ. ବିଣ—ରକ୍ତମୁହାଁର ସ୍ତ୍ରୀଲିଙ୍ଗ—The feminine Rakta muhiṅ of Rakta muhāṅ.

ରକ୍ତ ମୁଖୀ—ବି—୧ । ରୁଧିରସିକ୍ତମୁଖୀ କାଳୀ ଠାକୁରାଣୀ—রক্ত মুখী लहू मुहीं 1. Goddess Kāli whose mouth and face are represented as stained with blood. ୨ । ଶାରଦୀୟ ଦୁର୍ଗାପୂଜାର ଷୋଳ ପୂଜା (ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ) ସମୟରେ ପଶୁବଳି ପାଇବା ପାଇଁ ଉଦ୍‌ଗ୍ରୀବା ଚଣ୍ଡୀ ବା ଦୁର୍ଗା ଦେବୀ—2. Goddess Durgā or Chaṇḍi during the 16 days of the autumnal Durgā pūjā. [ବ୍ର—ଏ ସମୟରେ ଦେବୀଙ୍କ ଆଗରେ ବଳି ପଡ଼େ, ଅତଏବ ସେହି ସମୟରେ ଦେବୀ ରକ୍ତଲୋଲୁପା ହୋଇଥିବା ଲୋକେ କଳ୍ପନା କରନ୍ତି ।]

ରକ୍ତ ମୁତିବା—ଦେ. କି—୧ । ଦେହ ବିଶେଷ ଗରମ ହେବା (ଅଧିକ Rakta mūtibā ଖଣ ରୌଦ୍ରରେ ଘାଟରେ ବା ସବୁଦିନେ ରହିବା କିମ୍ବା রক্ত পেচ্ছাব করা ଉପବାସ କରିବା) ଯୋଗୁଁ ରକ୍ତ ପରି ନାଲି ପ୍ରସ୍ରାବ लहू मूतना କରିବା – 1. To pass blood-red urine. ୨ । ପ୍ରମେହାଦି ଯୋଗୁଁ ମୂତ୍ର ସହିତ ରକ୍ତ ପ୍ରସ୍ରାବ କରିବା—2. To pass blood in urine (due to gonorrhea).

ରକ୍ତ ମୂତ୍ର—ସ. ବି—ମୂତ୍ର ସହିତ ରକ୍ତ ନିଃସରଣ ରୋଗ—Rakta mūtra Hæmaturia; discharge of bloody urine.

ରକ୍ତ ମୂଳା—ସ. ବି—ଲଜ୍ଜାଳୁ ଗୁଳ୍ମ—(ରକ୍ତ+ମୂଳ+ଅ) Rakta mūlā Lycopodium (red variety).

ରକ୍ତ ମେଧ ଯାଗ—ସ. ବି—ରକ୍ତକୁ ଆହୁତି ଦେଇ ସମ୍ପାଦନ କରିବା Rakta medha jāga ଯଜ୍ଞ—A sacrifice of blood. ଦେ. ବି. (ଲକ୍ଷଣାର୍ଥ) ବହୁ ରକ୍ତପାତ—(figurative) A great bloodshed.

ରକ୍ତ ମେହ—ସ. ବି—ପ୍ରସ୍ରାବ ଦ୍ୱାର ବାଟେ ରକ୍ତ ମିଶ୍ରିତ ପୂଜ ପଡ଼ିବା Rakta meha ରୋଗ—Gonorrhea accompanied with bloody discharge.

ରକ୍ତ ମୋକ୍ଷ—ସ. ବି. (୬ଷ୍ଠୀ ତତ୍)—୧ । ରକ୍ତସ୍ରାବ—Rakta moksha 1. Bleeding. ୨ । ରକ୍ତ ମୋକ୍ଷଣ (ଦେଖ) 2. Rakta mokshaṇa (See)

ରକ୍ତ ମୋକ୍ଷକ—ସ. ବିଣ—ରକ୍ତସ୍ରାବକାରୀ—One who bleeds Rakta mokshaka a person; one who lets blood from a patient.

ରକ୍ତ ମୋକ୍ଷଣ—ସ. ବି. (୬ଷ୍ଠୀ ତତ୍)—ଅସ୍ତ୍ର ପ୍ରୟୋଗ ଦ୍ୱାରା କିମ୍ବା Rakta mokshaṇa ଜୋକ ଲଗାଇ ଦେହରୁ ଦୂଷିତ ରକ୍ତ ବାହାର କରିବା କ୍ରିୟା—The operation of letting out blood from the body by instruments or by applying leeches.

ରକ୍ତ ଯଷ୍ଟି - ସ. ବି. (ବହୁବ୍ରୀହି)—ମଞ୍ଜିଷ୍ଠା—Indian madder; Rakta jasbṭi (ରକ୍ତ ଯଷ୍ଟିକା – ଅନ୍ୟରୂପ) Rubia Manjith.

ରକ୍ତ ଯାବନାଳ—ସଂ. ବ—ଲୁବର ଯାବନାଳ; ଏକପ୍ରକାର ଡରଡ଼- Rakta jābanāla ଜାତୀୟ ଶସ୍ୟ—A kind of grain [ଅନ୍ୟ ସଂ—କଷାୟଯାବନାଳ, Cajanus; Andropogen ଲୋହିତ ଭୁଟ୍ଟାମୁଣ୍ଡ or Holcus Bicolor. ଲୁବର, ଲୁବରଯାବନାଳ] रक्तकष्ण जनार म. भुटेजकोले

ରକ୍ତଯିବା—ଦେ. କ—୧ । ରକ୍ତ ବୋହିବା—1. Flowing of Rakta jibā blood. ୨ । ସ୍ତ୍ରୀମାନଙ୍କର ଋତୁକାଳରେ रक्तयाओया ରକ୍ତସ୍ରାବ—2. Flow of menstrual blood. लहुजाना ୩ । ପ୍ରସବାନ୍ତେ କେତୁଦିନ ଜରାୟୁରୁ ରକ୍ତ ମିଶ୍ରିତ ରସ ବହିବା—3. Discharge of lochia.

ରକ୍ତର ଗରମି—ଦେ. ବ—୧ । ଯୁବା ବୟସ ଓ ସ୍ୱାସ୍ଥ୍ୟ ଯୋଗୁଁ ରକ୍ତର Raktara garami ବଳୁଆତା ଜନିତ ସ୍ଫୂର୍ତ୍ତି—1. Exu- (ରକ୍ତର ତେଜ—ଅନ୍ୟରୂପ) berence of spirits due to रक्तेरगरमी youth. ୨। ସାମାନ୍ୟ କଥାରେ କଳିବା ଯୁବକ- लहुकीगरमी ସୁଲଭ ଉତ୍ତେଜନା—2. Passionateness due to youth. ୩ । (ମନ୍ଦ ଅର୍ଥ) ଯୁବକସୁଲଭ ଚାପଲ୍ୟ ବା ଔଦ୍ଧତ୍ୟ—3. (bad sense) Youthful agility or arrogance.

ରକ୍ତ ରଞ୍ଜିତ—ସଂ. ବଣ (ତୃତୀ ତତ୍)—ରକ୍ତାକ୍ତ (ଦେଖ) Rakta rañjita Raktākta (See)

ରକ୍ତରାଜି—ସଂ. ବ—୧ । ସ୍ୱଳ୍ପ ଚୋଳ୍ପ କୀଟ ବିଶେଷ; ସର୍ଷପିକା (ହ୍ର. ଷ) Raktarāji —1. A kind of small insect. ୨ । ନେତ୍ରରୋଗ ବିଶେଷ—2. A particular disease of the eye (Apte).

ରକ୍ତରୁ ଜନ୍ମିବା—ଦେ. କ୍ରି—ପିତାମାତାଙ୍କଠାରୁ ଜାତ ହେବା— Raktaru janmibā To be begotten by the रक्तहइते जन्म हओया लहूसे जनम लेना parents.

ରକ୍ତରେ ଚିତା ଘି(ଘେ)ନିବା—ଦେ.କ୍ରି—ରକ୍ତଚିତା କରିବା (ଦେଖ) Raktare chitā ghi(ghe)nibā Raktachitā karibā (See)

ରକ୍ତ ରେଣୁ—ସ. ବ—୧ । (କର୍ମଧା)—ନାଲି ଗୁଣ୍ଡା—1. Red Rakta reṇu powder. ୨। ସିନ୍ଦୂର—2. Red lead; vermilion. ୩। (ବହୁବ୍ରୀହି) ପଳାଶ ଫୁଲର କଢ଼— 3. Bud of the Butea Frondosa flower (Apte). ୪ । ନାଗେଶ୍ୱର ଗଛ—4. Mesua Ferra. ୫ । କ୍ରୁଦ୍ଧବ୍ୟକ୍ତି—5. An angry person; a person furious with rage.

ରକ୍ତ ରେଣୁକା—ସ.ବ—ଅଙ୍ଗାରକ; ପଳାଶ କଳିକା—The blosom Rakta reṇukā of Butea Frondosa (tree)

ରକ୍ତରେ ବୁଡ଼ିବା—ଦେ. କ୍ରି—ରକ୍ତାକ୍ତ ବା ରକ୍ତଜର୍ଜରିତ ହେବା— Raktare burḍibā To be drenched or smeared with blood
ରକ୍ତ ସରସର ହେବା } ଅନ୍ୟରୂପ
ରକ୍ତରେ ଜୁଡ଼ୁବୁଡ଼ୁ ହେବା }
रक्तेडुबे याओया लहूमे डुबयाना

ରକ୍ତ ରୈବତକ—ସ. ବ.—ମହାପାରେବତ; ଏକପ୍ରକାର ପିଜୁଳି ବା Rakta raibataka ଖଜୁରୀ—A kind of guava or [ଅନ୍ୟ ସ.—ସ୍ୱର୍ଣ୍ଣପାରେବତ, date. ମହା ପାରେବତ; ସାମ୍ରାଜକ, ଖାରକ, ଦ୍ୱୀପ ଖର୍ଜ୍ଜୁର ।]

ରକ୍ତ ରୋଗ—ସ. ବ (ମ. ପ. ଲୋ)—ରକ୍ତଦୋଷଜନିତ ରୋଗ Rakta roga (ଯଥା—କୁଷ୍ଠ)—Disease due to impurity in blood

ରକ୍ତ ରୋଧ—ସ. ବ—ବୋହୁଥିବା ରକ୍ତ ବନ୍ଦ କରିବା—Stopping Rakta rodha of the flow of blood; arrest of (ରକ୍ତରୋଧନ—ଅନ୍ୟରୂପ) bleeding.

ରକ୍ତ ରୋଧକ—ସଂ. ବ—ଯାହା ଶୋଣିତସ୍ରାବ ବନ୍ଦ କରାଏ— Rakta rodhaka Styptic; astringent; which arrests bleeding.

ରକ୍ତ ରୋହିତକ—ସଂ. ବ—କୁଟଶାଳ୍ମଳି (ଦ୍ରବ୍ୟଗୁଣ)— Rakta rohitaka A kind of silk-cotton tree.

ରକ୍ତ ଲଗା—ଦେ. ବଣ.—(ସ. ରକ୍ତ+ଲଗ୍ନ)—ରକ୍ତରଞ୍ଜିତ— Rakta lagā Blood stained.

ରକ୍ତ ଲଶୁନ—ସ. ବ.—୧ । ନାଲି ରସୁଣ— Rakta lasuna 1. A red kind of garlic. [ଅନ୍ୟ ସ.—ଗୃଞ୍ଜନ, ସାର୍ପପଞ୍ଚକ, ୨। ଗାଜର—2. Carrot. ମହାକନ୍ଦ, ଯବନେଷ୍ଟ, ସ୍ଥୂଳକନ୍ଦ ।]

ରକ୍ତଲା—ସ. ବ.—୧ । କାକଭୁଣ୍ଡୀ; ଭୁଅଁଥେଙ୍ଗିଆ ଗଛ—1. A Raktalā plant; Solamum Indicum. ୨ । କାକତିନ୍ଦୁକ; କେନ୍ଦୁ—2. Diospiros Tomentosa. ୩ । ନାଲି କାଇଞ୍ଚ— 3. The red-seeded variety of Abrus Prectorus

ରକ୍ତ ଲୋଚନ—ସ. ବ.—(କର୍ମଧାରୟ)—୧ । ଅରକ୍ତ ନେତ୍ର— Rakta lochana 1. Blood-red eyes. ୨ । କ୍ରୋଧକଷାୟିତ ଚକ୍ଷୁ—2. Eyes reddened with rage ୩। (ବହୁବ୍ରୀହି) ପାରା—3. Pigeon. ୪ । କପୋତ—4. Dove. ୫ । ଶିବ; ମହାଦେବ.— 5. God Śiba. ବଣ.—(ବହୁବ୍ରୀହି)—ରକ୍ତ. ଚକ୍ଷୁଯୁକ୍ତ—Red-eyed; having red eyes.

ରକ୍ତଲୋଧ୍ର—ସ. ବ.—ଲକ୍ଷ୍ମିକା ଲୋଧ—The red variety of Rakta lodhra Symplocos Racemosa.

ରକ୍ତ ଶମନ—ସ. ବ.—କମଲା ଗୁଣ୍ଡି (ହ୍ର. ଷ)— Rakta śamana Kamila (powder)

ରକ୍ତ ଶାକ—ସ. ବ.—ଶାକ ବିଶେଷ; ନାଲି କୋଶଲା—A red Rakta śāka variety of pot herb; Amaranthus Gangeticus.

ରକ୍ତ ଶାଳି—ସ ବ-ରକ୍ତବର୍ଣ୍ଣର ଲଘୁ ଶାରଦ ଧାନ(ଯଥା—ନାଲିଠୁଙ୍କୁର ।) Rakta śāli —Red variety of early winter दाउदखानि paddy; Orciza Sativa.

ଚୈ. ଏରକବର୍ଣ୍ଣମ ଗଳଧାନ୍ୟମ୍ [ଦ୍ର—ଶାଳ ଧାନ ମଧ୍ୟରେ ରକ୍ତଶାଳ ଧାନ୍ୟ ଶ୍ରେଷ୍ଠ । ଏହା ବଳକର ବର୍ଣ୍ଣ ପ୍ରସାଦକ, ତ୍ରିଦୋଷ-ନାଶକ, ଚକ୍ଷୁର ହିତକର, ମୂତ୍ରକାରକ, ସ୍ୱରବର୍ଦ୍ଧକ, ଶୁକ୍ର-ଜନକ, ଅଗ୍ନି ଦୀପକ, ପୁଷ୍ଟି କର । ଏହା ପିପାସା, ଜ୍ୱର, ବିଷ ଦୋଷ, ବ୍ରଣ, ଶ୍ୱାସ, କାସ ଓ ଦାହ ନିବାରକ—ଦ୍ରବ୍ୟଗୁଣ ।]

ରକ୍ତ ଶାଳୁକ—ସଂ. ବି.—କୋକନଦର ମୂଳପିଣ୍ଡ (ହ୍ର. ଶ.)—
Rakta śāluka The bulbous root of red water-lily.

ରକ୍ତ ଶାଳ୍ମଳି—ସଂ. ବି.—ନାଲି ଫୁଲଥିବା ଶିମିଳି ଗଛ—The red-
Rakta śālmali flowered variety of silk cotton tree

ରକ୍ତ ଶାସନ—ସଂ. ବି.—(ରକ୍ତ=ନାଲିଆ+ଶାସନ=ରାଜାଜ୍ଞା ଅର୍ଥ,
Rakta śāsana ସମ୍ଭବତଃ ରାଜାଜ୍ଞାପତ୍ରାଦି ଏହି ପଦାର୍ଥଦ୍ୱାରା ନାଲି ରଙ୍ଗ ରଞ୍ଜିତ ହେଉ ଥିବାରୁ)—ସିନ୍ଦୂର—
Red lead.

ରକ୍ତ ଶିଗ୍ରୁ—ସଂ ବି—ନାଲି ସଜନା – Red variety of horse-
Rakta śigru radish tree. [ଦ୍ର—ଏହା ସଜନାର
[ଅନ୍ୟ ସଂ. ନାମ—କେଶର, ସବୁ ଗୁଣଯୁକ୍ତ ଓ ବିଶେଷତଃ ଏହି
ମଧୁ, ମଧୁଶିଗ୍ରୁ, ମୁଗାର, ଅଗ୍ନି ପ୍ରଦୀପକ ଓ ସାରକ । ଏଥିର
ରକ୍ତକ, ବହୁଳଚ୍ଛଦ, ଶିଂହ] ବଲ୍କଳର ଓ ପତ୍ରର ରସ ବେଦନା-ପ୍ରଶମକ—ଦ୍ରବ୍ୟଗୁଣ ।]

ରକ୍ତ ଶୀର୍ଷକ—ସଂ. ବି—୧ । ସରଳ ଦ୍ରବ; ଦେବଦାରୁ ଗଛର ନିର୍ଯ୍ୟାସ;
Rakta śirshaka ଗନ୍ଧବିରଯା—1. Resin from the pine tree. ୨ । ସାରସ ପକ୍ଷୀ (ହ୍ର. ଶ.)—
The red-headed crane; a kind of heron.

ରକ୍ତ ଶୁଖିଯିବା—ଦେ. ବି—୧ । ନିର୍ଜୀବିଆ ହେବା; ଅତି ଦୁର୍ବଳ
Rakta śukhijibā ହେବା—1. Becoming weak;
ରକ୍ତ ଶୁକିয়ে যাওয়া want of blood in
लहू सुखजाना the system. ୨ । (ଲକ୍ଷଣାର୍ଥ)—
ଅତ୍ୟନ୍ତ ଭୟରେ ବିବର୍ଣ୍ଣ ହୋଇଯିବା; ସିଳେଇ ଚମକିବା; ସିଳେଇ ପାଣି ହୋଇଯିବା—2. (figurative) Becoming pale through fear (similar expression in English, the blood to become curdled). [ଦ୍ର—କୌଣସି ବ୍ୟକ୍ତିର ଅତ୍ୟନ୍ତ ଭୟାଭୂର ଅବସ୍ଥାକୁ ଲକ୍ଷ୍ୟ କରି ଲୋକେ କହନ୍ତି, ତା ଦେହରୁ ରକ୍ତ ଶୁଖିଗଲା; ସେ କାଠକାଠ ପଡ଼ିଗଲା; ତାକୁ କାଟି ଦେଲେ ତା ଦେହରୁ ଟୋପାଏ ରକ୍ତ ବାହାରିବ ନାହିଁ ।]

ରକ୍ତ ଶୃଙ୍ଗିକ—ସଂ. ବି—ମେଷଶୃଙ୍ଗିଆ ମହୁରୁ—
Rakta śrungika Aconitum Ferox.

ରକ୍ତ ଶେଖର—ସଂ. ବି (ବହୁବ୍ରୀହି)—ନାଗକେଶର; ନାଗେଶ୍ୱର
Rakta śekhara (ହ୍ର. ଶ.)—Mesua Ferra (tree).

ରକ୍ତ ଶୋଭାଞ୍ଜନ—ସଂ. ବି - ରକ୍ତ ଶିଗ୍ରୁ (ଦେଖ)
Rakta śobhāñjana Rakta śigru (See)

ରକ୍ତ ଶୋଷକ—ସଂ. ବିଣ. ପୁଂ (ଉପପଦ; ରକ୍ତ+ଶୋଷକ)—
Rakta śoshaka ୧ । ଯେ ରକ୍ତ ଶୋଷିନିଏ—
(ରକ୍ତ ଶୋଷିକା—ସ୍ତ୍ରୀ) 2. Blood-sucking. ୨ । ଶରୀରରୁ ରକ୍ତକୁ ଶୁଖାଇ ଦେବା (ଔଷଧ)—2. (medicine) Having the power or effect of drying the blood in the system. ସଂ. ବି. ପୁଂ—ରକ୍ତ ଶୋଷଣକାରୀ ଜୀବ—Blood-sucker.

ରକ୍ତ ଶୋଷଣ—ସଂ. ବି (୬ଷ୍ଠୀ ତତ୍)–ରକ୍ତକୁ ଶୋଷିବା—
Rakta śoshaṇa Blood-sucking.

ରକ୍ତ ଶୋଷା—ଦେ. ବିଣ (ସଂ. ରକ୍ତ ଶୋଷକ)—୧ । ଯେ ରକ୍ତ
Rakta śoshā ଶୋଷଣ କରେ—1. Blood-sucking,
রক্ত চু(শো)ষা ୨ । (ଲକ୍ଷଣାର୍ଥ)—ଧନ ଶୋଷକ (ରାଜା
लहूचूसनेवाला ବା ମହାଜନ)—2. (Figurative) (a tyrant or usurer) Sucking riches from people.

ରକ୍ତ ଶୋଷିବା—ଦେ. କ୍ରି—୧ । (ବାଘ ଯେପରି କଣ୍ଠ ଗ୍ରୀବାର ଚର୍ମ କଣା
Rakta śoshibā କରି ରକ୍ତ ଶୋଷେ) ପ୍ରାଣୀର ଦେହରେ କଣା
রক্ত চু(শো)ষা କରି ମୁହଁ ଲଗାଇ ରକ୍ତକୁ ଶୋଷିନେବା—1. To
लहूचूसना suck blood out of the body of an animal. ୨ । (ଲକ୍ଷଣାର୍ଥ) (ଡାହାଣୀ ପରି) ମନୁଷ୍ୟକୁ ଅନ୍ତଃସାରଶୂନ୍ୟ କରିବା (ଡାହାଣୀ ତଳେ ଟୀକା ଦେଖ) —2. (Figurative) To suck the life-blood out of a person (as a witch).

ରକ୍ତ ଶ୍ୱେତ—ସଂ. ବିଣ. (ରକ୍ତ+ଶ୍ୱେତ)—ନାଲି ଓ ଧଳା ମିଶା—
Rakta śweta Red and white. ସଂ. ବି—ସୁଶ୍ରୁତୋକ୍ତ ଏକପ୍ରକାର ବିଷାକ୍ତ ବିଛା (ହ୍ର. ଶ.)—
A kind of very poisonous scorpion.

ରକ୍ତଷ୍ଠୀବି—ସଂ. ବି—ସାଂଘାତିକ ସନ୍ନିପାତ ରୋଗ ବିଶେଷ—A kind
Raktashṭhibi of fatal collapse (disease).
[ଦ୍ର—ଏ ରୋଗୀର ମୁହଁରୁ ଛେପ ସଙ୍ଗେ ବହୁପରିମାଣରେ ରକ୍ତ ବାହାରେ; ସର୍ବାଙ୍ଗିଶ୍ୱାସ ଓ ପେଟ ଫୁଲି ହୁଏ; ଜିଭରେ ଚକା ଦାଗମାନ ପଡ଼ିଯାଏ ଓ ସେଥିରୁ ରକ୍ତ ବାହାରେ । ଏ ରୋଗ ଅସାଧ୍ୟ—ହ୍ର. ଶ.]

ରକ୍ତ ସଂକୋଚ – ସଂ. ବି—କୁସୁମ ଫୁଲ—
Rakta saṁkocha Safflower,

ରକ୍ତ ସଙ୍କୋଚକ—ସଂ. ବି—୧ । ଇନ୍ଦୀବର; ନୀଳପଦ୍ମ—1. The
Rakta saṁkochaka blue lotus. ୨ । ନାଲିପଦ୍ମ—
2. The red lotus flower (Apte).

ରକ୍ତ ସଂଜ୍ଞ—ସଂ. ବି—କୁଙ୍କୁମ; ଜାଫ୍ରାନ—
Rakta saṁjña Saffron.
(ରକ୍ତ ସଞ୍ଜକ—ଅନ୍ୟରୂପ).

ରକ୍ତ ସନ୍ଦଂଶିକା—ସଂ. ବି—ଜୋକ—Leech,
Rakta sandaṁśikā (ରକ୍ତ ସନ୍ଦେଶିକା—ଅନ୍ୟରୂପ ହ୍ର. ଶ.)

ରକ୍ତ ସଞ୍ଚୟ—ସ. ବ (୬ଷ୍ଠୀ ତତ୍) (ଆଧୁନିକ ପ୍ରୟୋଗ) ଶରୀରର
Rakta sañchaya କୌଣସି ସ୍ଥାନରେ ରକ୍ତ ଜମା ହୋଇଯିବା
(ରୋଗ)—Congestion of blood; accumulation of blood in any part of the body.

ରକ୍ତ ସଞ୍ଚାର—ସ. ବ (୬ଷ୍ଠୀ ତତ୍)—ଦେହାଭ୍ୟନ୍ତରସ୍ଥ ରକ୍ତପ୍ରବାହର
Rakta sañchāra ଗତି—Circulation of blood in
(ରକ୍ତ ସଞ୍ଚାଳନ—ଅନ୍ୟରୂପ) the system.

ରକ୍ତସନ୍ଧ୍ୟକ—ସ. ବ—ରକ୍ତ କମଳ—The red lotus.
Rakta sandhyaka (ଅନ୍ୟ ସ. ନାମ—ହଲ୍ଲକ)
(ରକ୍ତ ସରସିଜ, ରକ୍ତ ସରୋରୁହ, ରକ୍ତ ସୌଗନ୍ଧିକ—ଅନ୍ୟରୂପ)

ରକ୍ତ ସମ୍ପର୍କ—ସ. ବ—(ମ.ପ.ଲୋ.)—ଜନ୍ମ ବା ବିବାହଦ୍ୱାରା ଦୁଇଜଣଙ୍କ
Rakta samparka ମଧ୍ୟରେ ଜାତ ସମ୍ପର୍କ—Blood relationship; relationship and ties of kindred and marriage.
[ରକ୍ତ ସମ୍ବନ୍ଧ—ଅନ୍ୟରୂପ]
ରକ୍ତ ସମ୍ପର୍କିତ, ରକ୍ତ ସମ୍ପର୍କୀୟ, ରକ୍ତ ସମ୍ପୃକ୍ତ, ରକ୍ତ ସମ୍ବନ୍ଧ }—ବିଣ. ପୁଂ. ରୂପ

ରକ୍ତ ସମ୍ବରଣ—ସଂ. ବ.—ସୁର୍ମା (ହ. ଶ.)—Sulphuret of
Rakta sambaraṇa antimony used as collyrium.

ରକ୍ତ ସରସର—ଦେ. ବିଣ.—(ସଂ. ରକ୍ତ ଜର୍ଜର)—୧ । ରକ୍ତରଞ୍ଜିତ—
Rakta sarasara 1. Besmeared with blood.
[ରକ୍ତ ସର୍ସର, ରକ୍ତ ଜୁବୁ(ଡୁ)ବୁଜୁ(ଡୁ)—ଅନ୍ୟରୂପ] ୨ । ରକ୍ତ
ରକ୍ତାକ୍ତ ଲ(ଲୋ)ହୁ ଲ(ଲୋ)ହୁଆନ ରଞ୍ଜିତ; ଯେଉଁ ବସ୍ତୁରୁ ଟୋପା
ଟୋପା ହୋଇ ରକ୍ତ ବହୁଥାଏ—2. (a thing) From which blood is falling down by drops.

ରକ୍ତ ସର୍ଷପ—ସଂ. ବ.—ରାଇକା; ସାଧାରଣ ସୋରଷ—The mus-
Rakta sarshapa tard seed; Brassica Nigra; Sinapis Racemosa.

ରକ୍ତ ସହା—ସଂ. ବ—ରକ୍ତାମ୍ଳାନ—The red variety of globe
Rakta sahā amaranth.

ରକ୍ତ ସାର—ସଂ. ବ.—୧ । ରକ୍ତ ଚନ୍ଦନ (ଦେଖ)
Rakta sāra 1. Rakta chandana (See)
୨ । ବକମ ଗଛ—2. Sappan wood. ୩ ।
ରକ୍ତ ଖଦିର (ଦେଖ)—3. Rakta khadira (See)
୪ । ଅମ୍ଳବେତସ—4. A sort of sorrel or dock.
୫ । ବାରାହୀକନ୍ଦ (ହ. ଶ.)—5. A kind of yam.

ରକ୍ତ ସିକ୍ତ—ସଂ. ବିଣ.—(୩ୟା ତତ୍)—ଶୋଣିତାର୍ଦ୍ର; ରକ୍ତରେ ବୁଡ଼ିଥିବା—
Rakta sikta Wet or moistened with blood; soaked with blood

ରକ୍ତ ସିନ୍ଧୁ—ସଂ. ବ.—(ରୂପକ; ରକ୍ତ+ସିନ୍ଧୁ)—(ଯୁଦ୍ଧାଦିରେ) ସମୁଦ୍ର
Rakta sindhu ପରି ବୋହିବା ରକ୍ତ ସ୍ରୋତ—A sea of blood.

ରକ୍ତ ସ୍ତମ୍ଭନ—ସଂ. ବ.—(୬ଷ୍ଠୀ ତତ୍) ବହୁଥିବା ରକ୍ତର ବେଗ ରୋଧ
Rakta stambhana କରିବା (ହ.ଶ.)—The stoppage of bleeding.

ରକ୍ତ ସ୍ନାତ—ସଂ. ବିଣ. ପୁଂ.—(୩ୟା ତତ୍)—ଯେ ରକ୍ତରେ ଗାଧୋଇଲା
Rakta snāta ପରି ରକ୍ତଜର୍ଜର ହୋଇଅଛି—Bathed
[ରକ୍ତସ୍ନାତା—ସ୍ତ୍ରୀ] in blood; thoroughly drenched with blood.

ରକ୍ତ ସ୍ନା(ସ୍ରା)ଆ(ହା)ନ—ଗ୍ରା.ବିଣ—(ସ.ରକ୍ତ ସ୍ନାତ)—ରକ୍ତସ୍ନାତ (ଦେଖ)
Rakta snā(srā)-ā(hā)na Rakta snāta (See).
रक्तस्नान ଗ୍ରା. ବ.—(ସଂ. ରକ୍ତସ୍ନାନ)—ରକ୍ତସ୍ନାନ (ଦେଖ)
लहूस्नान Raktasnāna (See),

ରକ୍ତସ୍ନାନ—ସ.ବ.—(୩ୟା ତତ୍)—ଦେହସାକ ରକ୍ତାକ୍ତ ହେବା ଅବସ୍ଥା—
Raktasnāna The state of being drenched in blood.

ରକ୍ତ ସ୍ରାବ—ସ.ବ.—(୬ଷ୍ଠୀ ତତ୍)—୧ । ଦେହରୁ ରକ୍ତଧାର ବୋହିବା—
Rakta srāba 1. Copious bleeding; discharge of blood; sanguifluxus. ୨ । ଘୋଡ଼ାଙ୍କ
ଆଖିରୁ ରକ୍ତ ବା ନାଲି ପାଣି ବହିବା ରୋଗବିଶେଷ
(ହ. ଶ.)—2. A disease of the horse in which blood or red watery substance comes out of its eyes.

ରକ୍ତସ୍ରୋତଃ—ସଂ. ବ.—(୬ଷ୍ଠୀ ତତ୍)—ରକ୍ତ ନଦୀ; ସ୍ରୋତ ଆକାରରେ
Rakta srotaḥ ପ୍ରବାହିତ ରକ୍ତ—A river of blood;
[ରକ୍ତସ୍ରୋତ—ଦେ. ରୂପ] copious blood flowing like a current.

ରକ୍ତହଂସା ସଂ. ବ.—ରାଗିଣୀ ବିଶେଷ—Name of a secon-
Rakta haṁsā dary tune.

ରକ୍ତ ହଗା—ଦେ. ବ.—ରକ୍ତଝାଡ଼ା (ଦେଖ)
Rakta hagā Rakta jhāṛā (See)
रक्तबाही लहूकीटट्टी
(ରକ୍ତ ବାହାରକ୍ତ, ରକ୍ତ ପୋଖରୀ—ଅନ୍ୟରୂପ)

ରକ୍ତହର—ସ. ବିଣ (ରକ୍ତ+ହୃ ଧାତୁ+କର୍ତ୍ତୃ. ଅ)—ଯାହା ଦେହରୁ
Raktahara ରକ୍ତ ଶୁଖାଇ ଦିଏ—Causing loss of blood. ସ. ବ—ଭଲିଆ (ହ. ଶ.)—Marking nut.

ରକ୍ତ ହୀନ—ସଂ. ବିଣ (୩ୟା ତତ୍)—୧। ଯାହାର ଦେହରେ ରକ୍ତ ନାହିଁ
Rakta hīna —1. Bloodless; cold blooded.
(ରକ୍ତଶୂନ୍ୟ—ଅନ୍ୟରୂପ) ୨ । ରକ୍ତଶୂନ୍ୟ; ଯାହାର ଶରୀରରେ ରକ୍ତର
ଅଳ୍ପତା ଘଟିଅଛି—2. Anaemic. ୩ । ଯେଉଁ
ବିପ୍ଳବାଦିରେ ରକ୍ତପାତ ହୋଇ ନାହିଁ—3. Bloodless (revolution), not accompanied with bloodshed.

ରକ୍ତ ହୀନତା—ସଂ. ବ (ରକ୍ତହୀନ+ତା)—ଦେହରେ ପ୍ରୟୋଜନୀୟ
Rakta hīnatā ରକ୍ତର ପରିମାଣ କମିଯିବା—Anaemia; bloodlessness.
(ରକ୍ତ ଶୂନ୍ୟତା, ରକ୍ତହୀନ—ଅନ୍ୟରୂପ)

ରକ୍ତା—ସଂ. ବିଣ. ସ୍ତ୍ରୀ (ରକ୍ତ+ଆ)—ରକ୍ତ (ଦେଖ)—Rakta
Raktā (See) ବି—୧ । ଗୁଞ୍ଜା; କାଇଞ—1. A creeper; Abrus Precatorius. ୨ । ଲାକ୍ଷା; ଲିଖା—2. Lac; shellac. ୩ । ରକ୍ତ ପୁଷ୍ପୀ (ଦେଖ) 3. Rakta pushpī (See) ୪ । ମଞ୍ଜିଷ୍ଠା (ବୃ. ଶ.)—4. Indian madder. ୫ । ରକ୍ତଝିଣ୍ଟୀ—5. Barlaria Cristata. ୬ । ନାଲି ସିମ୍ (ବୃ. ଶ.)—6. The red bean. ୭ । ଲକ୍ଷଣା କନ୍ଦ (ବୃ. ଶ.)—7. A kind of reddish root. ୮ । ବଚ (ବୃ. ଶ.)—8. The sweet flag. ୯ । ଏକପ୍ରକାର ଗୋଟ ବା ମାକଡ଼ସା (ବୃ. ଶ.)—9. A kind of spider. ୧୦ । (ସଙ୍ଗୀତ) ପଞ୍ଚମସ୍ୱରର ୪ର୍ଥ ଶ୍ରୁତି ମଧ୍ୟସ୍ଥ ଦ୍ୱିତୀୟ ଶ୍ରୁତି—10. Name of a secondary tune in music. ୧୧ । କାନ ପାଖର ଏକଶିରା (ବୃ. ଶ.)—11. A vein passing by the ear. ୧୨ । (ରଞ୍ଜଧାତୁ+କର୍ତ୍ତୃ. କ୍ତ; ରକ୍ତ ଶବ୍ଦ ୧ମା. ୧ବ.)—ରଙ୍ଗକର; ରଙ୍ଗ କରିବା
(ରକ୍ତୀ—ସ୍ତ୍ରୀ) ବ୍ୟକ୍ତି—12. A painter; a dyer (Apte).

ରକ୍ତାକାର—ସଂ. ବି (ବହୁବ୍ରୀହି)—ପ୍ରବାଳ; ପୋହଳା—
Raktākāra Coral.

ରକ୍ତାକ୍ତ—ସଂ. ବିଣ (୩ୟା ତତ୍; ରକ୍ତ+ଅକ୍ତ)—୧ । ରକ୍ତରଞ୍ଜିତ; ରକ୍ତ ବୋଳା ହୋଇଥିବା—1. Coloured
Raktākta with blood; blood-reddened; bloody. ୨ । ନାଲି ରଙ୍ଗ କରାଯାଇ ଥିବା—2. Dyed red; coloured red; blood-red. ବି—ରକ୍ତଚନ୍ଦନ (ଦେଖ)—Raktachandana (See)

ରକ୍ତାକ୍ଷ—ସଂ. ବି (କର୍ମଧା; ରକ୍ତ+ଅକ୍ଷି)—୧ । ରକ୍ତବର୍ଣ୍ଣ ଚକ୍ଷୁ—
Raktāksha 1. Red eye. ୨ । (ବହୁବ୍ରୀହି) କପୋତ—2. Dove. ୩ । ପାରା—3. Pigeon. ୪ । ଚକୋର ପକ୍ଷୀ—4. The Hymalayan partridge; Caccabis Chucar. ୫ । ସାରସ ପକ୍ଷୀ—5. The crane. ୬ । ମହିଷ—6. Buffaloe. ୭ । କ୍ରୂର ବ୍ୟକ୍ତି—7. A cruel person. ୮ । ଦୁର୍ବୃତ୍ତ ବ୍ୟକ୍ତି—8. A wicked person. ୯ । ରୋହିମାଛ (ଦ୍ରବ୍ୟଗୁଣ)—8. Rohi fish. ବିଣ. ପୁଂ—୧ । ରକ୍ତବର୍ଣ୍ଣ ଚକ୍ଷୁବିଶିଷ୍ଟ; ରକ୍ତଲୋଚନ—
(ରକ୍ତାକ୍ଷୀ—ସ୍ତ୍ରୀ) 1. Red-eyed. ୨ । କ୍ରୂର—2. Cruel. ୩ । ଖଳ—3. Wicked. ୪ । ଅତ୍ୟାଚାରୀ—4. Tyrannical. ୫ । ଅଭଦ୍ର; ଅଶିଷ୍ଟ—5. Barbarous; uncivil.

ରକ୍ତାଙ୍କ—ସଂ. ବି (ବହୁବ୍ରୀହି)—ପ୍ରବାଳ—
Raktānka Coral (Apte).

ରକ୍ତାଙ୍ଗ—ସଂ. ବିଣ ପୁଂ—(ବହୁବ୍ରୀହି) ରକ୍ତବର୍ଣ୍ଣ ଦେହ ବିଶିଷ୍ଟ—Having a
Raktānga red body. ବି—୧ । କୁଙ୍କୁମ; କାଶ୍ମୀର—

ରକ୍ତାଙ୍ଗା } ବିଣ. ସ୍ତ୍ରୀ 1. Saffron. ୨ । ମତ୍କୁଣ; ଢିଙ୍କୁଣି—
ରକ୍ତାଙ୍ଗୀ } 2. Louse. ୩ । ଛାରପୋକ; ଓଡ଼ଶ—3. Bed bug. ୪ । ପ୍ରବାଳ—4. Red coral. ୫ । ମଙ୍ଗଳଗ୍ରହ—5. The planet Mars. ୬ । କୁଷ୍ଠରୋଗବିଶେଷ; ମଣ୍ଡଳ—6. A sort of leprosy with circular red spots or patches. ୭ । ସୂର୍ଯ୍ୟ ବା ଚନ୍ଦ୍ରଙ୍କ ମଣ୍ଡଳ—7. The disc of the sun or the moon (Apte). ୮ । କମଲା ଗୁଣ୍ଡି (ଦ୍ରବ୍ୟଗୁଣ)—8. Kamila (powder). ୯ । ରକ୍ତଚନ୍ଦନ (ଦ୍ରବ୍ୟଗୁଣ)—9. Red sandal-wood.

ରକ୍ତାଙ୍ଗୀ—ସଂ. ବି—୧ । ଜୀବନ୍ତୀ—1. A medicinal plant.
Raktāngī ୨ । ମଞ୍ଜିଷ୍ଠା—2. Indian madder; Rubia Cordifolia; Rubia Manjith.

ରକ୍ତାଢ଼କୀ—ସଂ. ବି—ନାଲି ହରଡ଼—
Raktāḍhakī A red species of lentil.

ରକ୍ତାତି(ତୀ)ସାର—ସଂ. ବି—ନାଲିରକ୍ତ ଝାଡ଼ା ରୋଗ; ଯେଉଁ ଉଦରାମୟ
Raktāti(tī)sāra ରୋଗରେ ରକ୍ତମିଶ୍ରିତ ମଳ ବାହାରେ—
(ରକ୍ତାମାଶୟ—ଅନ୍ୟରୂପ) (ରକ୍ତାମାଶୟ—ଦେ ରୂପ) Dysentery.

ରକ୍ତାଧର—ସଂ. ବି (କର୍ମଧା; ରକ୍ତ+ଅଧର)—ରକ୍ତବର୍ଣ୍ଣ ଓଠ—
Raktādhara Red lips. ସଂ. ବିଣ. ପୁଂ (ବହୁବ୍ରୀହି) —ଯାହାର ଓଷ୍ଠ ରକ୍ତ—Red-lipped.

ରକ୍ତାଧରା—ସଂ. ବିଣ. ସ୍ତ୍ରୀ (ରକ୍ତାଧର+ଆ)—ରକ୍ତାଧରର ସ୍ତ୍ରୀଲିଙ୍ଗ—
Raktādharā Feminine of Raktādhara. ସଂ. ବି. ସ୍ତ୍ରୀ—କିନ୍ନରୀ—A Kinnarī.

ରକ୍ତାଧାର—ସଂ. ବି (୬ଷ୍ଠୀ ତତ୍; ରକ୍ତ+ଆଧାର)—ଚର୍ମ—
Raktādhāra Skin.

ରକ୍ତାଧିକ୍ୟ—ସଂ. ବିଣ—୧ । ଦେହରେ ରକ୍ତର ବହୁଳତା—1.
Raktādhikya Excess of blood; hyperemia; super-abundance of blood in the body. ୨ । ମେଦୋବୃଦ୍ଧି ରୋଗ—2. Plethora.

ରକ୍ତାଧିମନ୍ଥ—ସଂ. ବି (ମ. ପ. ଲୋ; ରକ୍ତଦୁଷ୍ଟି ଜନିତ ଅଧିମନ୍ଥ)—
Raktādhimantha ଅକ୍ଷିରୋଗ—Opthalmia; inflamation of the eyes.

ରକ୍ତାପହ—ସଂ. ବି (ରକ୍ତ+ଅପ+ହା ଧାତୁ+କର୍ତ୍ତୃ. ଅ)—ଗନ୍ଧ-
Raktāpaha ବୋଲ; ଗୁଗ୍ଗୁଲ—The gum myrrh.

ରକ୍ତାପାମାର୍ଗ—ସଂ. ବି—ନାଲି ଅପମାରଙ୍ଗ ଗୁଳ୍ମ—Red variety
Raktāpāmārga of a medicinal plant; Achyranthes Aspera Rubra. [ଦ୍ର—ଏହା ମାରଷାଦି ବର୍ଗର ଜଣ୍ଡଲା ଶାକଗୁଳ୍ମ । ଏହାର ପତ୍ର ଓ ଡାଳ ନାଲିଆ । ବୈଦ୍ୟଶାସ୍ତ୍ର ମତେ ଏହା ବାୟୁ ବର୍ଦ୍ଧକ, ବିଷ୍ଟମ୍ଭକାରକ, କଫକର, ଶୀତବୀର୍ଯ୍ୟ ଓ ରୁକ୍ଷ । ଏହା
(ଅନ୍ୟ ସଂ—ରକ୍ତବିନ୍ଦୁ, ରକ୍ତଫଳ, ବୃତ୍ତଫଳ, କଲ୍ୟଫଳିକା, କ୍ଷୁଦ୍ରାପାମାର୍ଗ, ଧାମାର୍ଗବ, ଦୁର୍ଗ୍ରହଣୀ, କପିର, ପ୍ରତ୍ୟକ୍‌ପର୍ଣ୍ଣୀ, କେଶପର୍ଣ୍ଣୀ, କପିପିପ୍ପଳୀ]

ଓ. ନାଲଅପମାରଗଙ୍ଗ ଶ୍ୱେତ ଅପାମାର୍ଗ ଅପେକ୍ଷା କିଞ୍ଚିତ୍ ଅଳ୍ପ
ରାଙ୍ଗାଆପାଙ୍ଗ୍ ଗୁଣ ବିଶିଷ୍ଟ । ଏହାର ଗଛ ମଧୁର-
लाल चिरचिरी ରସ, ମଧୁରବିପାକ, ଦୁଷ୍ପାଚ୍ୟ,
ମ. ତାବଡ଼ା, ଅସାଡ୍ଡା ବିଷ୍ଟମ୍ଭୀ, ବାୟୁବର୍ଦ୍ଧକ ଓ ରକ୍ତପିତ୍ତ-
ରକ୍ତ ଲଟଜୀରା ପ୍ରସାଦକ—ଦ୍ରବ୍ୟଗୁଣ ।]
ଗୁ. ଲ୍ୟଟୋ ତେ. ଉତ୍ତରସ୍ତଣୀ, କେମ୍ପୁଉତ୍ତରଣେ]

ରକ୍ତାବରୋଧକ—ସଂ. ବିଣ (୬ଷ୍ଠୀ ତତ୍)—ରକ୍ତପ୍ରବାହକୁ ରୋଧ Raktābarodhaka କରିବାକୁ ସମର୍ଥ—Restraining the flow of blood.

ରକ୍ତାବସେଚନ—ସଂ. ବି—ରକ୍ତ ମୋକ୍ଷଣ (ଦେଖ) Raktābasechana Rakta mokshaṇa (See)

ରକ୍ତାଭ—ସଂ. ବିଣ (ବହୁବ୍ରୀହି; ରକ୍ତ+ଆଭା=କାନ୍ତି; ତେଜ)— Raktābha ୧ । ରକ୍ତବର୍ଣ୍ଣ ବିଶିଷ୍ଟ—1. Red-coloured. ୨ । ଗୋଲାପୀ (ରଙ୍ଗ); ଈଷତ୍ ନାଲଆ—2. Reddish; slightly red; rosy. ବି—ସାଧବପୋଇ ବୋଦ୍ ପୋକ —Cochineal insect.

ରକ୍ତାଭା—ସଂ. ବି (ରକ୍ତ+ଆଭା)—୧ । (କର୍ମଧା) ରକ୍ତବର୍ଣ୍ଣ— Raktābhā Red colour. ୨ । (ବହୁବ୍ରୀହି) ନାଲ-ମନ୍ଦାର (ବୃ. ଷ.)—2. Red china rose. ସଂ. ବିଣ. ସ୍ତ୍ରୀ (ରକ୍ତାଭ+ଆ)—ରକ୍ତାଭର ସ୍ତ୍ରୀଲିଙ୍ଗ— Feminine of Raktābha.

ରକ୍ତାଭିଷ୍ୟନ୍ଦ—ସଂ. ବି—୧ । ଅଶ୍ରୁ ବର୍ଷଣ ଜନିତ ନୟନ ଯୁଗଳର Raktābhishyanda ରକ୍ତିମା—1. Redness of the eyes due to copious flow of tears. ୨ । ନେତ୍ର ରୋଗ ବିଶେଷ—2. An eye disease. [ଦ୍ର —ଏଥିରେ ଅକ୍ଷି ନାଲ ପଡ଼ିଯାଏ, ଆଖିରୁ ନାଲି ପାଣି ଗଡ଼େ ଓ ଅକ୍ଷି ଆଗରେ ନାଲି ରେଖାମାନ ଦେଖାଯାଏ—ବୃ. ଷ.]

ରକ୍ତାଭ୍ର—ସଂ. ବି.—(କର୍ମଧା)—ନାଲ ମେଘନାଲ— Raktābhra The red variety of mica.

ରକ୍ତାମାଶୟ—ସଂ. ବି.—ରକ୍ତାତିସାର (ଦେଖ) Raktāmāsaya Raktātisāra (See) (ରକ୍ତାମାଶା—ଗ୍ରାମ୍ୟରୂପ)

ରକ୍ତାମ୍ବର—ସଂ. ବି.—୧ । (କର୍ମଧା)—ରକ୍ତବର୍ଣ୍ଣ ବସ୍ତ୍ର—1. Red Ratkāmbara cloth. ୨ । କଷାୟାମ୍ବର; ରକ୍ତରଞ୍ଜିତ ବସ୍ତ୍ର— 2. A cloth dyed red. ୩ । (ପୁଂ)— କଷାୟବସନଧାରୀ ସନ୍ନ୍ୟାସୀ—3. A mendicant wearing red coloured cloth. ବିଣ. ପୁଂ— ରକ୍ତବସ୍ତ୍ର ପରିହିତ—Wearing red cloth, clad (ରକ୍ତାମ୍ବରା—ସ୍ତ୍ରୀ) in red garments.

ରକ୍ତାମ୍ର—ସଂ. ବି.—କୋଶାମ୍ର; ଫଳବୃକ୍ଷ ବିଶେଷ; କୁସୁମ ୨ (ଦେଖ) Raktāmra Scleicheria Trijuga (tree). ଅନ୍ୟ ସଂ.—କୋଶାମ୍ର, [ଦ୍ର—ଏହାର ଫଳ ବଡ଼ ବର କୃମିବୃକ୍ଷ, ସୁକ୍ଷ୍ମାମ୍ର, ସୁତକୋଷ, କୋଳ ପରି । ଏଥିର କୋଳ ଘନସ୍କନ୍ଧ, ବନାମ୍ର, ଲକ୍ଷ୍ମାପାଦପ, ଅଗୁରୁ ହୁଏ ।] କ୍ରିମି ବୃକ୍ଷ, ଲାକ୍ଷାବୃକ୍ଷ, ସୁରକ୍ତକ, ସୁତକୋଷକା
ଓ. କୁସୁମ
କେଓଡ଼ା
कोसम्, कासम ମ. ଝାଡ଼ୀଆଁ ବା କାସୀଆଁ ବା

ରକ୍ତାମ୍ଳାନ—ସଂ. ବି.—ନାଲ କେଶଦୁଦୁରୁ; ରକ୍ତଝିଣ୍ଟୀ— Raktāmlāna Red-flowered species of Barleria লালঝিন্টি **लाल कटसरैया** plant. ମ, କାଣଝାଡ଼

ରକ୍ତାରକ୍ତି—ଦେ. ବି.—(ବଙ୍ଗଳାରୁ ଅନୁକୃତ)—ପରସ୍ପର ରକ୍ତପାତ Raktārakti ପୂର୍ବକ ଦ୍ୱନ୍ଦ୍ୱଯୁଦ୍ଧ—Mutual fighting রক্তারক্তি ending in bloodshed or bleeding **लहुलहान** wounds. ବିଣ.—ପରସ୍ପର ରକ୍ତବୁହା କୋଇ ହୋଇ ଦ୍ୱନ୍ଦ୍ୱ ଯୁଦ୍ଧ କରୁଥିବା (ବ୍ୟକ୍ତି ଦ୍ୱୟ)—(two persons) Fighting with each other, so that bleeding wounds are produced.

ରକ୍ତାର୍କ—ସଂ. ବି.—ନାଲ ଅର୍କ ଗଛ (ଏହାର ମୂଳ ରକ୍ତବର୍ଣ୍ଣ)— Raktārka Calatropis Gigantea (red variety). ଅନ୍ୟ ସଂ. ନାମ—ଅର୍କପର୍ଣ୍ଣ, [ଦ୍ର—ଏହା ଆକନ୍ଦ ଜାତୀୟ ଗୁଳ୍ମ; ବିକୀରଣ, ରକ୍ତପୁଷ୍ପ, ଶୁକ୍ଳଫଳ ଏଥିର ଫୁଲ ରକ୍ତାଭ; ଏହା ଶ୍ୱେତ ଆସ୍ଫୋଟ, ରକ୍ତକନ୍ଦ ଆକନ୍ଦ ପରି ଗୁଣକାରକ; ରକ୍ତଆକନ୍ଦର ଓ. ନାଲ ଅରଖ ଫୁଲ ମଧୁରତିକ୍ତରସ ଓ ଧାରକ; ଏହା লাল আকন্দ **मदार** କୁଷ୍ଠ, କୃମି, କଫ, ଅର୍ଶ, ବିଷଦୋଷ ଓ ରକ୍ତପିତ୍ତନାଶକ । ଏହା ଗୁଳ୍ମ ଓ ଶୋଥର ହିତକର । ଏଥିର ଅଠା ଶ୍ରେଷ୍ଠ ବିରେଚକ—ଦ୍ରବ୍ୟଗୁଣ ।]

ରକ୍ତାର୍ବୁଦ—ସଂ. ବି.—ରକ୍ତକ୍ଷରଣ ଜନିତ ମୁଷ୍କଶୋଥ—1. Heama-Raktārbbuda tocele; swelling of the scrotum due to effusion of blood. ୨ । ରକ୍ତସ୍ରାବୀ ଅର୍ବୁ- 2. Bloody tumour (Apte). ୩ । ଏକ ପ୍ରକାର ରୋଗ, ଯହିଁରେ ଲିଙ୍ଗ ଉପରେ ଶୁକ୍ର ଦୋଷରୁ ଉତ୍ପନ୍ନ କୃଷ୍ଣବର୍ଣ୍ଣ ବ୍ରଣ ଓ ନାଲ ଘିମିର ଫଳଯାଏ (ବୃ. ଷ)—3. A kind of disease attacking the male organ. ୪ । ଏକପ୍ରକାର ବ୍ରଣରୋଗ— 4. A kind of disease. [ଦ୍ର—ଏ ରୋଗରେ ଦେହରେ ଗୁଡ଼ିଏ ବଥ ବାହାରି ତହିଁରୁ ପୂଜ ଓ ରକ୍ତ ବହେ ଓ ଦେହର ବର୍ଣ୍ଣ ହଳଦିଆ ହୁଏ—(ବୃ. ଷ)]

ରକ୍ତାର୍ମ—ସଂ. ବି (ରକ୍ତ+ଅର୍ମନ୍; ୧ମା. ୧ବ)—ଅକ୍ଷି ଡୋଳାଉପରେ Raktārma ମାଂସ ଜମା ହୋଇ ନାଲ କଇଁଥର ଦେଖାଯିବା ରୋଗ [ବୃ. ଷ]—A disease of the eye in which the eyeballs are covered with a layer of red flesh.

ରକ୍ତାର୍ଶଃ—ସଂ. ବି—ଅର୍ଶୋରୋଗ ବିଶେଷ—A sort of piles; Raktārsaḥ haemorrhords. [ଦ୍ର—ଏଥିରେ ଗୁହ୍ୟଦ୍ୱାର [ରକ୍ତାର୍ଶ—ଦେଶଜରୂପ] ବାଟେ ବହୁତ ରକ୍ତସ୍ରାବ ହୁଏ ।]

ରକ୍ତାଳୁ—ସଂ. ବି—ନାଲି ଅଳୁ; ରକ୍ତକନ୍ଦ—
Raktālu Red variety of yam.

ରକ୍ତାଳ୍ପତା—ସଂ. ବି—(୬ଷ୍ଠୀ ତତ୍)—ରକ୍ତହୀନତା; ଦେହରେ ରକ୍ତର
Raktālpatā ନ୍ୟୂନତା ବା ହ୍ରାସ—Anœmia; deficiency of blood; Leiplicœma.

ରକ୍ତାଶୟ—ସଂ. ବି (୬ଷ୍ଠୀ ତତ୍=ରକ୍ତ+ଆଶୟ=ସ୍ଥାନ; ରକ୍ତ
Raktāsaya ରହିବାର ସ୍ଥାନ)—୧ । ହୃତ୍ପିଣ୍ଡ—1. The heart; blood vessel. [ଦ୍ର—ଏହା ବକ୍ଷୋଦେଶରେ ଅବସ୍ଥିତ । ଏହାର ଊର୍ଦ୍ଧ୍ୱରେ ଶ୍ଳେଷ୍ମାଶୟ ଓ ତଳିମ୍ନରେ ଆମାଶୟର ସ୍ଥାନ ।] ୨ । ଦେହ ମଧ୍ୟରେ ରକ୍ତସଞ୍ଚୟର ବା ରକ୍ତସଞ୍ଚାରର ଯନ୍ତ୍ର [ଯଥା-ହୃତ୍ପିଣ୍ଡ, ପ୍ଳୀହା, ଯକୃତ୍]—2. Any viscus containing or secreting blood. (e. g. the heart, spleen; liver).

ରକ୍ତାଶୋକ—ସଂ. ବି—ନାଲି ଫୁଲ ଫୁଟିବା ଅଶୋକ ଗଛ (ଦ୍ଵି. ଷ)—
Raktāsoka The red-flowered variety of Asoka tree.

ରକ୍ତାଶ୍ୱାରି—ସଂ. ବି (ରକ୍ତ+ଅଶ୍ୱାରି)—ରକ୍ତଫୁଲବିଶିଷ୍ଟ କରବୀ ଗଛ
Raktāswāri [ଦ୍ଵି.ଶ]—The red-flowered variety of Nerium Odorum (tree).

ରକ୍ତି—ସଂ. ବି (ରଞ୍ଜ୍. ଧାତୁ=ଅନୁରକ୍ତ ହେବା+ଭାବ. କ୍ତି)—
Rakti ୧ । ଅନୁରକ୍ତି; ଅନୁରାଗ; ସ୍ନେହ; ଭକ୍ତି—1. Affection; attachment; devotion. ୨ । ଆସକ୍ତି—2. Addiction to. ୩ । ଏକ ଗାଈଞ୍ଜ ପରିମାଣ; ରତି; ଧାତୁଆଦି ଦ୍ରବ୍ୟର ଓଜନ ପରିମାଣ ବିଶେଷ [୧ ଭରି=୧୦ ମସା, ୧ ମସା=୮ ରକ୍ତି]—A standard of weight; $\frac{1}{80}$ of 1 rupee weight; $2\frac{1}{8}$ grains English weight. ୪ । ଗୁଞ୍ଜା; ଗାଈଞ୍ଜ—4. A red seed used by goldsmiths in weighing metal; the seed of Abrus Precatcrius. ୫ । ମନୋହାରିତା—5. Loveliness; charmingness. (Apte)

ରକ୍ତିଆ—ଦେ. ବିଣ—୧ । ରକ୍ତାଭ—1. Reddish. ୨ । ରକ୍ତଯୁକ୍ତ—
Raktiā 2. Bloody. ୩ । ରକ୍ତପୂର୍ଣ୍ଣ—3. Full of blood.

ରକ୍ତିକା—ସଂ. ବି (ରକ୍ତ+କ+ଆ)—୧ । ଗାଈ ଗାଈଞ୍ଜ—1. A
Raktikā hooded red seed of a creeper; Abrus Precatorius. ୨ । ଗାଈଞ୍ଜ ପରିମାଣ; ରତି ଓଜନ—2. A standard of weight=$2\frac{1}{8}$ grains.

ରକ୍ତିମ—ଦେ. ବିଣ (ସଂ. ରକ୍ତିମା)—ରକ୍ତବର୍ଣ୍ଣ ବିଶିଷ୍ଟ—Red-
Raktima coloured. [ଦ୍ର—ଏ ଶବ୍ଦର ପ୍ରୟୋଗ ଭ୍ରମମୂଳକ, ସଂସ୍କୃତଭାଷାରେ 'ରକ୍ତିମା' ଶବ୍ଦ ବିଶେଷ୍ୟରୂପେ ବ୍ୟବହୃତ ହୁଏ; କେତେକ ଆଧୁନିକ ଲେଖକ 'ରକ୍ତିମ' ଶବ୍ଦ ବିଶେଷ୍ୟ-ରୂପେ ବ୍ୟବହାର କରୁଥିବା ଦେଖାଯାଏ ।]

ରକ୍ତିମା—ସଂ. ବି (ରକ୍ତ+ଭାବ. ଇମନ୍; ରକ୍ତିମନ୍, ୧ମା, ୧ବ)—
Raktimā ୧ । ରକ୍ତବର୍ଣ୍ଣତ୍ୱ; ଲାଲ ଆଭା—1. Red hue; redness. ୨ । ନାଲିରଙ୍ଗ—2. Red colour.

ରକ୍ତେକ୍ଷଣ—ସଂ. ବିଣ. ପୁଂ (ବହୁବ୍ରୀହି)—ରକ୍ତବର୍ଣ୍ଣ ଚକ୍ଷୁବିଶିଷ୍ଟ—
Raktekshaṇa Red-eyed.
[ରକ୍ତେକ୍ଷଣା—ସ୍ତ୍ରୀ]

ରକ୍ତେକ୍ଷୁ—ସଂ. ବି—ନାଲି ଆଖୁ; କଳାର ଆଖୁ—The red variety
Raktekshu of sugarcane.
[ଅନ୍ୟ ସ—ସୂକ୍ଷ୍ମପତ୍ର, ଶୋଣ, ଲୋହିତ, ଭୃକୁଟ, ମଧୁର, ହ୍ରସ୍ୱମୂଳ, ଲୋହିତେକ୍ଷୁ । ଓ. କଳାର ଆଖୁ କାଜଲା ଆକ]

ରକ୍ତୈରଣ୍ଡ—ସଂ. ବି—ନାଲି ଗବ—Red variety of castor
Raktairaṇḍa oil seed plant.
[ଅନ୍ୟ ସ—ହସ୍ତିକର୍ଣ୍ଣପତ୍ରକ, ଉରୁବକ, କରପର୍ଣ୍ଣ, ଚଞ୍ଚୁ, ଚତ୍ୱାରଂଶ, ବାତାରି, ନାଗକର୍ଣ୍ଣ, ପାଚକ, ରକ୍ତକ, ବ୍ୟାଘ୍ର, ବ୍ୟାଘ୍ରଦଳକ, ସ୍ନିଗ୍ଧ, ହସ୍ତିକର୍ଣ୍ଣ, ହସ୍ତୈରଣ୍ଡ, ରୁବୁ । ଓ. ନାଲି ଗବ ଲାଲ ଭେରେଣ୍ଡା]

ରକ୍ତୈର୍ବାରୁ—ସଂ. ବି—ଇନ୍ଦ୍ରବାରୁଣୀ; ମହାକାଳ ଲତା—
Raktairbāru Colocynth.

ରକ୍ତୋତ୍ପଳ—ସଂ. ବି—୧ । ରକ୍ତ କମଳ (ଦେଖ)
Raktotpala 1. Rakta kamala (See)
୨ । ଶିମିଳି (ଦ୍ଵି. ଷ)—2. Silk cotton tree.

ରକ୍ତୋଦର—ସଂ ବି (ବହୁବ୍ରୀହି)—ଯାହାର ପେଟ ନାଲିଆ—
Raktodara Having a red belly.
(ରକ୍ତୋଦରା—ସ୍ତ୍ରୀ) ସଂ. ବି—୧ । ରୋହି ମାଛ (ଦ୍ରବ୍ୟଗୁଣ)—1. The Rohi fish. ୨ । ସ୍ୱଳ୍ପ ଲୋମ ଏକ ପ୍ରକାର ବିଷାକ୍ତ ବିଛା (ଦ୍ଵି. ଶ)—2. A kind of venemous scorpion.

ରକ୍ତୋପଦଂଶ—ସଂ. ବି. (ମ. ଘ. ଲୋ)—ରକ୍ତ ବିକୃତ ହୋଇଁ ଉତ୍ପନ୍ନ
Raktopadaṁśa ଗରମି ରୋଗ—Syphilis due to tainted blood.

ରକ୍ତୋପଳ—ସଂ. ବି (କର୍ମଧା; ରକ୍ତ+ଉପଳ)—ଗେରୁ ମାଟି—
Raktopala Red chalk; red ochre.

ରକ୍ଷ (ଧାତୁ)—ସଂ—୧ । ପାଳନ କରିବା—1. To cherish; to
Raksha (root) rear up. ୨ । ବିପଦାଦିରୁ ଉଦ୍ଧାର କରିବା; ରକ୍ଷା କରିବା—2. To save from danger; to spare. ୩ । ଆପଦ ଆଦିରୁ ଘୋଡ଼ାଇ ରଖିବା 3. To protect from danger. ୪ । ରଖିବା—4. To keep. ୫ । ଜଗିବା—5. To guard; to tend. ୬ । (ରାଜ୍ୟ) ଶାସନ କରିବା—6 To rule; to govern. ୭ । (ଗୁପ୍ତ କଥା) ପ୍ରକାଶ ନ କରିବା—7. Not to divulge. ୮ । ଯତ୍ନ ନେବା—8. To take care. ୯ । (ପରି+ରକ୍ଷ ଧାତୁ) ଧ୍ୱଂସରୁ ରକ୍ଷା କରିବା—9. To save from ruin. ୧୦ । (ସମ୍+ରକ୍ଷ ଧାତୁ) ବିଶେଷ ଯତ୍ନ ସହକାରେ ରଖିବା—To keep with care

ରକ୍ଷ—ସଂ. ବି. (ରକ୍ଷ ଧାତୁ+ଭାବ. ଅ)—୧ । ରକ୍ଷଣ; ତ୍ରାଣ—
Raksha 1. Preserving; protecting from harm; saving from danger. ୨ । (+କର୍ତ୍ତୃ. ଅ) ରକ୍ଷକ, ତ୍ରାଣକର୍ତ୍ତା—2. Protector; saviour. ୩ । ଜଗୁଆଳ—3. A guard. ୪ । ଲାକ୍ଷ (ହି. ଶ)—4. Shell lac. ବିଣ. ପୁଂ. (+କର୍ତ୍ତୃ. ଅ) ରକ୍ଷାକାରୀ—Protecting; preserving. ଦେ.ବି.(ସଂ. ରକ୍ଷସ୍)—
रक्ष
ରକ୍ଷ Demon. (ଉ—ବ୍ୟାଘ୍ର ଗନ୍ଧ ଅଘ୍ରାଣେ ଗୋ ପର ପଳାଇଚ, ବୋଲି ବେଦ ଅର୍ଥେ ରକ୍ଷ ରକ୍ଷ ଋଷି ବାଢ । ଉଞ୍ଜ. ବୈଦେହୀଶ ବିଳାସ ।) କ୍ରି—(ତୁମ୍ଭେ) ରକ୍ଷା କର—(you) save (you) protect.

ରକ୍ଷ ଈଶ—ସଂ. ବି. (୬ଷ୍ଠୀ ତତ୍; ରକ୍ଷ+ଈଶ; ସନ୍ଧି ଦ୍ୱାରା ବିସର୍ଗ
Raksha īsa ଲୋପ)—ରକ୍ଷୋନାଥ (ଦେଖ) Rakshonātha (See)

ରକ୍ଷଃ—ସଂ. ବି. (ରକ୍ଷ ଧାତୁ+ଅପାଦାନ ଅସ୍=ରକ୍ଷସ୍; ୧ମା. ୧ବ;
Rakshaḥ ଯାହାର ଅତ୍ୟାଗ୍ରହରୁ ଲୋକେ ଧନଜନାଦିକୁ ଓ ଯଜ୍ଞାଦି ରକ୍ଷା କରନ୍ତି)—ରାକ୍ଷସ—A demon; an evil spirit; goblin.

ରକ୍ଷଃକୁଳ—ସଂ. ବି. (୬ଷ୍ଠୀ ତତ୍)—୧ । ରାକ୍ଷସ ବଂଶ—1. A family
Rakshaḥkula of demons. ୨ । ରାକ୍ଷସ ସମୂହ—2. An assemblage of demons; a number of demons

ରକ୍ଷଃ ପତି—ସଂ. ବି. (୬ଷ୍ଠୀ ତତ୍)—ରକ୍ଷୋନାଥ (ଦେଖ)
Rakshaḥ pati Rakshonātha (See)

ରକ୍ଷଃ ପାଶ—ସଂ. ବି. (ରକ୍ଷଃ+କୁତ୍ସାର୍ଥେ. ପାଶ)—ଅଧମ ରାକ୍ଷସ—
Rakshaḥ pāsa A contemptible demon.

ରକ୍ଷଃ ସଭ—ସଂ. ବି. (ରକ୍ଷଃ=ରାକ୍ଷସ+ସଭା=ଜନତା; ୬ଷ୍ଠୀ ତତ୍;
Rakshaḥ sabha ସଭା ସ୍ଥଳରେ ସଭ)—ରାକ୍ଷସ ସମୂହ—An assemblage of demons.

ରକ୍ଷକ—ସଂ. ବିଣ. ପୁଂ. (ରକ୍ଷ ଧାତୁ+କର୍ତ୍ତୃ. ଅକ)—
Rakshaka ୧ । ରକ୍ଷାକର୍ତ୍ତା—1. Saving.
(ରକ୍ଷିକା—ସ୍ତ୍ରୀ) ୨ । ପାଳନକର୍ତ୍ତା—2. Protecting.
ବି—୧ । ଅଭିଭାବକ—1. Guardian. ୨ । ପାଳକ—2. Protector. ୩ । ତ୍ରାଣକାରୀ ବ୍ୟକ୍ତି—3. Saviour. ୪ । ଜଗୁଆଳ; ପହରାବାଲା—4. Watch; guard. ୫ । ମାଲପହରାଦାର—5. Keeper; custodian. ୬ । ଶାସକ—6. Ruler. [ଉ—ଭକ୍ଷକ ରକ୍ଷକ ହେବା ନ୍ୟାୟ—ଯାହା ଉପରେ କୌଣସି ପଦାର୍ଥକୁ ରକ୍ଷା କରିବା ଭାର ଥାଏ, ସେ ଯେବେ ରକ୍ଷିତ ପଦାର୍ଥକୁ ଅପହାର କରେ, କିମ୍ବା ପାଳନକର୍ତ୍ତା ଯେବେ ବିନାଶ ଘଟାଇବାକୁ ବସେ ତେବେ ସେ ସ୍ଥଳରେ ଏହି ଉପମା ଦିଆଯାଏ ।]

ରକ୍ଷଣ—ସଂ. ବି. (ରକ୍ଷ ଧାତୁ+ଭାବ. ଅନ)—୧ । ରକ୍ଷା; ପାଳନ—
Rakshaṇa 1. Preserving; protecting. ୨ । ପରିତ୍ରାଣ—2. Saving. ୩ । ଆଶ୍ରୟ ଦାନ—3. Sheltering; giving shelter. ୪ । ପାଖରେ ରଖିବା—4. Keeping; custody. ୫ । (+କର୍ତ୍ତୃ. ଅନ) ବିଷ୍ଣୁ—5. A name of Bishṇu (Apte). ସଂ. ବିଣ. (+କର୍ତ୍ତୃ. ଅନ)—ରକ୍ଷକ—Protecting.

ରକ୍ଷଣ କର୍ତ୍ତା—ସଂ. ବିଣ ଓ ବି. ପୁଂ—ରକ୍ଷକ (ଦେଖ)
Rakshaṇa karttā Rakshaka (See)
(ରକ୍ଷଣକର୍ତ୍ତ୍ରୀ—ସ୍ତ୍ରୀ)

ରକ୍ଷଣା—ସଂ ବି. (ରକ୍ଷ୍ ଧାତୁ+ଭାବ. ଅନ+ଆ)—ରକ୍ଷଣ; ରକ୍ଷା
Rakshaṇā କରିବା—Protecting.

ରକ୍ଷଣାବେକ୍ଷଣ—ସଂ. ବି. (ସହଚର ଶବ୍ଦ; ରକ୍ଷଣ+ଅବେକ୍ଷଣ)—ପାଳନ
Rakshaṇābekshaṇa ଓ ତତ୍ତ୍ୱାବଧାରଣ; ଜଗାରଖା—Maintenance and supervision.

ରକ୍ଷଣା(ଣୀ)ରକ—ସଂ. ବି—ମୂତ୍ରକୃଚ୍ଛ୍ର ରୋଗ—Painful mictura-
Rakshaṇā(ṇī)raka tion; difficulty in passing urine morbid retention of urine.

ରକ୍ଷଣାର୍ହ—ସଂ. ବିଣ (ରକ୍ଷଣ+ଅର୍ହ)—ରକ୍ଷିତ ହେବାର ଯୋଗ୍ୟ—
Rakshaṇārha Deserving to be protected.
(ରକ୍ଷଣାର୍ହା—ସ୍ତ୍ରୀ)

ରକ୍ଷଣି(ଣୀ)—ସଂ. ବି—ତ୍ରାୟମାଣା (ଦେଖ)—Name of a creeper;
Rakshaṇi(ṇī) Thalictrum Faliolosum; Ficus Heterophylla.
[ଅନ୍ୟ ସଂ—ବଳଭଦ୍ରା, ତ୍ରାୟମାଣା,ତ୍ରାୟନ୍ତୀ,ଗିରିଜା, ଅନୁଜା, ବଳଭଦ୍ରିକା, ବାର୍ଷିକ, ବାର୍ଷିକା, ବଳଦେବା, ସୁଭଦ୍ରାଣ, ଭଦ୍ରନାମିକା, କୃତଘ୍ନୀ, ତ୍ରାୟମାଣିକା, ସୁକାମା, ମଙ୍ଗଲ୍ୟାର୍ହା, ଦେବବଳା, ପାଳନୀ, ଭୟନାଶିନୀ, ଅବନୀ, ତ୍ରାଣା ।]
ଓ. ଭଦଭଦକଅ বলাডুমুর, বনভাঙ্গলিয়া
त्रायमाना(णा)

ରକ୍ଷଣୀ—ଦେ. ବି—ରକ୍ଷାକର୍ତ୍ତ୍ରୀ—Protector. [ଉ—ବିହାୟସୁ
Rakshaṇī ଦେବବାଣୀ, ତୋ ପ୍ରସୂ ପୃଥ୍ୱୀ ରକ୍ଷଣୀ, କଣ୍ଠ ଦୋଷା ହୋଇଲ୍ଲ ପ୍ରକାରେ ଯେ—ଉଞ୍ଜବୈଦେହୀଶବିଳାସ।]
ସଂ. ବି—୧ । ରକ୍ଷଣି (ଦେଖ)—1 Rakshaṇi(See).
୨ । ଲଗାମ—2. Rein; bridle (Apte).

ରକ୍ଷଣୀୟ—ସଂ. ବିଣ (ରକ୍ଷ୍ ଧାତୁ+କର୍ମ ଅନୀୟ)—୧ । ରକ୍ଷିତ ହେବା-
Rakshaṇiya ଯୋଗ୍ୟ; ପାଳନୀୟ—1. Fit to be
(ରକ୍ଷଣୀୟା—ସ୍ତ୍ରୀ) preserved or guarded or protected. ୨ । ଆଶ୍ରୟ ପାଇବା ଯୋଗ୍ୟ—2 Fit to be afforded shelter.

ରକ୍ଷନ୍—ସଂ. ବିଣ. ପୁଂ (ରକ୍ଷ ଧାତୁ+କର୍ତ୍ତୃ ଅତ୍=ରକ୍ଷତ୍ ୧ମା ୧ବ)—
Rakshan ଯେ ରକ୍ଷା କରେ—Saving; protect-
(ରକ୍ଷନ୍ତୀ—ସ୍ତ୍ରୀ) ing.

ରକ୍ଷନିପୁଣ—ଦେ. ବି (ସଂ. ରକ୍ଷଃ+ନିପୁଣ) ରାକ୍ଷସଶ୍ରେଷ୍ଠ—
Rakshanipuṇa A chief demon. [ଉ—ବଡ଼ ଗାବେ ମାରଣ, ଖୁଣ୍ଟା ହେଲ୍ଲ ରକ୍ଷଣ, ଅନ୍ଧିସହ ରକ୍ଷନିପୁଣ ସେ ଉଞ୍ଜ. ବୈଦେହୀଶବିଳାସ ।]

ରକ୍ଷପାଳ—ସଂ. ବି ପୁଂ (ରକ୍ଷ+ପାଳ ଧାତୁ+କର୍ତ୍ତୃ ଅ); ରକ୍ଷକ, ରକ୍ଷପାଳକ—ଅନ୍ୟରୂପ)
Rakshapāla ରକ୍ଷକ—Protector; a guard (Apte)

ରକ୍ଷୟିତା—ସଂ ବିଣ. ପୁଂ (ରକ୍ଷ ଧାତୁ+କର୍ତ୍ତୃ ତୃ; ରକ୍ଷୟିତୃ; ୧ମା ୧ବ)
Rakshayitā ୧ । ରକ୍ଷକ (ଦେଖ)—1. Rakshaka (ରକ୍ଷୟିତ୍ରୀ—ସ୍ତ୍ରୀ) (See) ୨ । ଜଗିବା ବାଲା—Watching; guarding.

ରକ୍ଷରଜା—ସଂ ବି ସ୍ତ୍ରୀ—ବାଲୀ ଓ ସୁଗ୍ରୀବଙ୍କ ମାତା—Name of a
Raksharajā mythological being said to be the mother of Bāli and Sugriba, the monkey-kings. [ବୃ—ଏ ବ୍ରହ୍ମାଙ୍କ ଅଶ୍ରୁଜଳରୁ ଜାତ ହୋଇଥିଲେ । ଏ ପ୍ରଥମେ ପୁରୁଷ ଥିଲେ । ଏ ମେରୁ ଶିଖରରେ ଅବସ୍ଥିତ ସରୋବରବିଶେଷରେ ସ୍ନାନ କରିବାରୁ ରମଣୀ ରୂପ ପ୍ରାପ୍ତ ହେଲେ ଓ ଏହାଙ୍କ ଗର୍ଭରେ ବାଲୀ ଓ ସୁଗ୍ରୀବ ଜନ୍ମଗ୍ରହଣ କରିଥିଲେ । କିଛିକାଳ ପରେ ଦୈବାନୁଗ୍ରହରୁ ଏ ମାନବ ରୂପ ତ୍ୟାଗ କରି ବାନର ରୂପ ଧାରଣ କରି ବ୍ରହ୍ମାଙ୍କ ଆଦେଶରେ କିଷ୍କିନ୍ଧ୍ୟାରେ ରାଜତ୍ୱ କଲେ—ସୁବଳଚନ୍ଦ୍ର ।]

ରକ୍ଷରାଜ—ଦେ. ବି (ସଂ ରକ୍ଷୋରାଜ)—ଅସୁରମାନଙ୍କ ରାଜା—
Raksharāja A king of demons.

ରକ୍ଷସ୍—ସଂ (ରକ୍ଷ ଧାତୁ+ଅପାଦାନ ଅସ୍=ରକ୍ଷସ୍; ଯାହାଙ୍କଠାରୁ ଯଜ୍ଞୀୟ
Rakshas ହବି ରକ୍ଷା କରାଯାଏ; ଏଥିର ପ୍ରଥମା ବିଭକ୍ତି ଏକବଚନରେ ରକ୍ଷଃ ହୁଏ) ରାକ୍ଷସ—The root word of Rākshasa (demon).

ରକ୍ଷସ—ଦେ ବି (ସଂ ରକ୍ଷସ୍)—ରାକ୍ଷସ—
Rakshasa A demon.

ରକ୍ଷଃସୃଷ୍ଟି—ଦେ. ବି (ସଂ. ରକ୍ଷଃ ସୃଷ୍ଟି)—ରାକ୍ଷସବଂଶ; ରାକ୍ଷସସମୂହ—The
Raksha rushti demonworld; all the demons. [ଉ—ବନାଶିବେ ଏ ରକ୍ଷ-ସୃଷ୍ଟିକି ଗାଢ଼ ରସ, ଅଛନ୍ତୁ ତେଣେ ସେ—ଭଞ୍ଜ ବୈଦେହୀଶବିଳାସ]

ରକ୍ଷସ୍ତ୍ୱ—ସଂ ବି (ରକ୍ଷସ+ଭାବାର୍ଥେ ତ୍ୱ)—୧ । ରାକ୍ଷସପ୍ରକୃତି—
Rakshastwa 1. Demoniacal nature (Apte). ୨ । ରାକ୍ଷସଜନୋଚିତ ନିଷ୍ଠୁରତା—2. Fiendish cruelty; malignity.

ରକ୍ଷା—ସଂ. ବି. (ରକ୍ଷ ଧାତୁ+ଭାବ ଅ+ଆ)—୧ । ପାଳନ; ରକ୍ଷଣ—
Rakshā 1. Preserving; protecting; defending; maintenance. ୨। ପୃଥିବୀର ପାଳନ ବା ରକ୍ଷଣ-2. The protecting of the world and its beings. [ବୃ—ପୁରାଣର ଦଶ ଲକ୍ଷଣ ମଧ୍ୟରୁ ରକ୍ଷା ଏକତମ ଅଟେ । ଏଥିର ଅର୍ଥ ପୃଥିବୀର ବା ପୃଥିବୀସ୍ଥ ପ୍ରାଣୀଙ୍କର ପାଳନ । ଜଗନ୍ନାଥ ଭାଗବତ ଦ୍ୱାଦଶ ସ୍କନ୍ଧ ସପ୍ତମ ଅଧ୍ୟାୟ ଅନୁସନ୍ଧେୟ ।] ୩ । ଲକ୍ଷା; ଲାକ୍ଷ—3. Lac. ୪ । ଭସ୍ମ; ପାଉଁଶ—4. Ashes. ୫ । (+କରଣ. ଅ) ରାକ୍ଷୀ; ହାତରେ ବନ୍ଧାଯିବା ଡୋରା—5. A string worn round the wrist to act as a preservative [ବୃ—ଏହା ଶ୍ରାବଣ(ଗହ୍ମା ବା ରାକ୍ଷି)ପୂର୍ଣ୍ଣିମା ଦିନ ହାତରେ ବନ୍ଧା ଯାଏ ।] ୬ । ଅବ୍ୟାହତି; ବିପଦାଦିରୁ ନିଷ୍କୃତି—6. Extrication; liberation; acquittance. ୭। ତ୍ରାଣ; ମୁକ୍ତି—7. Salvation; deliverance; acquittal. ୮ । ଜଗିବା—8. Watching; guarding. ୯ । ଆଶ୍ରୟ ଦେବା—9. Giving of shelter. ୧୦ । ତତ୍ତ୍ୱାବଧାରଣ—10. Superintendence. ୧୧ । ବିନାଶରୁ ବା ବିପଦରୁ ବା କଷ୍ଟରୁ ରକ୍ଷିବା—11. Saving from danger, trouble or ruin. ୧୨ । ବିପଦ ଆପଦରେ ନ ପଡ଼ିବା ଅବସ୍ଥା—12. Security from danger or calamity; warding off of danger. ୧୩ । ରକ୍ଷା କବଚ ବା ତେଜିଁଉଥ—13. An amulet or mystical object worn as a charm or preservative (Apte). ଦେ. ଅ—ରକ୍ଷା ହେଲା (ଦେଖ)—Rakshā helā (See)

ରକ୍ଷା କବଚ—ସଂ.ବି.(ମ.ପ.ଲୋ)—୧। ଶତ୍ରୁର ଅସ୍ତ୍ରଶସ୍ତ୍ରରୁ ଶରୀରକୁ ବଞ୍ଚାଇବା
Rakshā kabacha ପାଇଁ ବ୍ୟବହୃତ ସାଞ୍ଜୁ—1. Protective armour. ୨ । ବ୍ୟାଧିରୁ ବା ଡାକିନ ଅପଦେବତାରୁ ବା ବିପଦରୁ ରକ୍ଷା ପାଇବା କାମନାରେ ଦେହରେ ଧାରଣ କରାଯିବା ଅଭିମନ୍ତ୍ରିତ ତେଜିଁଉଥ—2. Consecrated amulet or casket worn to save one's self from calamity. ୩ । ରାକ୍ଷି (ଦେଖ)—3. Rākhhi (See)

ରକ୍ଷାକର—ସଂ. ବିଣ. ପୁଂ(ରକ୍ଷା+କୃ ଧାତୁ+ଅ)—ରକ୍ଷାକାରୀ (ଦେଖ)
Rakshākara Rakshākāri (See)

ରକ୍ଷା କରଣ—ସଂ. ବି—ବିପଦରୁ ଉଦ୍ଧାର କରଣ—Warding off
Rakshā karana danger; saving from danger.

ରକ୍ଷା କରଣ ମନ୍ତ୍ର—ସଂ. ବି.(ମ.ପ.ଲୋ)—ରକ୍ଷା ମନ୍ତ୍ର (ଦେଖ)
Rakshā karana mantra Rakshā mantra (See)

ରକ୍ଷା କରଣ୍ଡ—ସଂ. ବି—ରକ୍ଷା କବଚ (ଦେଖ)
Rakshā karanda Rakshā kabacha (See) (ରକ୍ଷା କରଣ୍ଡକ—ଅନ୍ୟରୂପ)

ରକ୍ଷା କରିବା—ଦେ. କ୍ରି—୧ । ବିପଦରୁ ବଞ୍ଚାଇବା—1. To save
Rakshā karibā from danger. ୨ । ଜଗିବା—
রক্ষাকরা रक्षा करना 2. To guard; to watch. [ଉ—ଦୁର୍ଯ୍ୟୋଧନ ଶତ୍ରୁକି କର୍ଣ୍ଣ ପୃଷ୍ଠ ଦେଖ, ରକ୍ଷା କରଣ ଯୁଦ୍ଧ କଲେ ବହୁ ତୋଷ । କୃଷ୍ଣସିଂହ. ମହାଭାରତ. ବନ) ୩ । ହେପାଜତ କରିବା—3. To take care of. ୪ । ସାଇତିବା—4. To keep. ୫ । ଜିମା ନେବା—5. To be in the custody of. ୬ । (ଲକ୍ଷଣାର୍ଥ) ଉତ୍ତମ ବା ମଙ୍ଗଳମୟ କାର୍ଯ୍ୟ କରିବା—6.(figurative To save a situation by certain action.

(ଯଥା—ତୁ ରକ୍ଷା କଲୁ ଯେ, ମତେ ଏ ବିପଦ ବେଳେ ସାହାଯ୍ୟ କଲୁ ।)

ରକ୍ଷା କାଣ୍ଡ—ସଂ. ବି—ଅମଙ୍ଗଳରୁ ରକ୍ଷା କରିବା ପାଇଁ ବ୍ୟବହୃତ ଦୁବାଦି ଗୁଚ୍ଛ—Rakshā kānda A bundle of Dub grass used to ward off danger. [ଦ୍ର—ଏହା ରକ୍ଷା-ପଞ୍ଚମୀ ଦିନ ରାତ୍ରିରେ ଘରର ଦାଣ୍ଡଦୁଆରରେ ଓ ବାଡ଼ି-ଦୁଆରରେ ବନ୍ଧାଯାଏ ।]

ରକ୍ଷାକାରୀ—ସଂ. ବି. ପୁଂ (ରକ୍ଷା+କୃ ଧାତୁ+କର୍ତ୍ତୃ. ଇନ୍)—୧ । ରକ୍ଷକ; ତ୍ରାଣକର୍ତ୍ତା—1. Protector. ୨ । ଯମ—(ରକ୍ଷାକାରିଣୀ—ସ୍ତ୍ରୀ) 2. God of death. ବିଣ. ପୁଂ—ଯେ ରକ୍ଷା କରେ—Protecting.

ରକ୍ଷା ଗୃହ—ସଂ ବି (ଷଷ୍ଠୀ ତତ୍)—ସୂତିକାଗାର; ଅନ୍ତୁଡ଼ିଶାଳ—Rakshā gruha Lying-in room; a room where a woman is delivered.

ରକ୍ଷାଧିକୃତ—ସଂ. ବିଣ—(ରାଜାଙ୍କଦ୍ୱାରା) ଜଗିବା ପାଇଁ ନିଯୁକ୍ତ—Rakshādhikruta Employed or appointed (by the Government) to guard—ବି—ରାଜାଙ୍କ ନିଯୁକ୍ତ ଶାସନକର୍ତ୍ତା—A Governor; a magistrate, a Superintendent.

ରକ୍ଷା ପଞ୍ଚମୀ—ସଂ. ବି (ମ. ପ. ଲୋ)—ରେଖାପଞ୍ଚମୀ; ଭାଦ୍ର କୃଷ୍ଣ ପଞ୍ଚମୀ—Raksha panchami The 5th day of the dark fortnight of the month of Bhādra. [ଦ୍ର—ପ୍ରତିବର୍ଷ ଏ ଦିନ ଗୃହକୁ ସର୍ପମାନଙ୍କ ଅତ୍ୟାଚାରରୁ, ରୋଗରୁ ଓ ସବୁ ଆପଦରୁ ରକ୍ଷା କରିବାପାଇଁ ଗୃହର ଦ୍ୱାର ନିକଟସ୍ଥ କାନ୍ଥରେ ଗଣେଶ, ମହାଦେବ ଓ (ଏକଗୋଟିଏ ପଦ୍ମ) ଭୈରବ ମୂର୍ତ୍ତିମାନ ଲେଖାଯାଏ ଏବଂ ଦାଣ୍ଡଦୁଆରରେ ଓ ବାଡ଼ିଦୁଆରରେ ରକ୍ଷାକାଣ୍ଡ ଖୁଞ୍ଚାଯାଏ ।

"ଘଣ୍ଟାକର୍ଣ୍ଣ ମହାବୀର ସର୍ବବ୍ୟାଧିବିନାଶନ
ସର୍ବୋପଦ୍ରବସଂଘାତ ବିଦ୍ରାବଣପରିପ୍ରିୟ ।
କଣ୍ଠେ ଯସ୍ୟ ମହାମାଳଂ ଭୂଷଣଂ ଯସ୍ୟ ପନ୍ନଗାଃ
ତେଜୋଽପି ତସ୍ୟ ଦେବସ୍ୟ ରକ୍ଷନ୍ତୁ ମମ ମନ୍ଦିରଂ ।
ଯେନ ବଦ୍ଧୋ ବଳୀରାଜା ଦାନବେନ୍ଦ୍ରୋ ମହାବଳଃ
ତେନ ତ୍ୱାମପି ବଧ୍ନାମି ରକ୍ଷମାଚଳମାଚଳ ।
ଦ୍ୱାରଦେବ ନମସ୍ତୁଭ୍ୟଂ ନମସ୍ତେ ନନ୍ଦିକେଶ୍ୱର
ମାଂ ଭାଦ୍ର କୃଷ୍ଣପଞ୍ଚମ୍ୟାଂ ରକ୍ଷ ରକ୍ଷ ମହେଶ୍ୱର ।"

ଏହି ମନ୍ତ୍ରଟି ତାଳପତ୍ରରେ ଲେଖି ସେ ତାଳପତ୍ର ଖଣ୍ଡି ମୋଡ଼ା (ରକ୍ଷାକାଣ୍ଡ)ରେ ଗୁନ୍ଥିଦେଇ ରାତ୍ରିରେ ଦାଣ୍ଡଦୁଆରରେ ଓ ବାଡ଼ି-ଦୁଆରରେ ସେ ମୋଡ଼ାଟି ଲଟକାଇ ଦିଆଯାଏ ଓ ପିଠା ପୂଜା କରି 'ବାଘମାମୁଁ' ଉଦ୍ଦେଶ୍ୟରେ ଘରର ବାହାରେ ଘନ ଘନ ବିଗରୁ ପିଠାଖଣ୍ଡମାନ ପକାଇବାକୁ ହୁଏ । ଏ ଦିନ ଜଗନ୍ନାଥଙ୍କର 'ରେଖା—ଲାଗି, ହୁଏ' ଅର୍ଥାତ୍ ରଥଯାତ୍ରାରୁ ଫେରି ବଡ଼ରେ ରେଖା କରାଯାଏ । ଏହାକୁ ରେଖାପଞ୍ଚମୀ କହନ୍ତି । ଏହାକୁ ମଧ୍ୟ ଲୋକେ ବାଘମାମୁଁ ପଞ୍ଚମୀ କହନ୍ତି ।]

ରକ୍ଷା ପଟ୍ଟାଳିକା—ସଂ. ବି—ରକ୍ଷା କବଚ (ଦେଖ) Rakshā pattālikā Rakshā kabacha (See)

ରକ୍ଷା ପତି—ସଂ. ବି—ନଗରବାସୀଙ୍କ ରକ୍ଷାର୍ଥ ନିଯୁକ୍ତ ପ୍ରାଚୀନକାଳର Rakshā pati ରାଜକର୍ମଚାରୀବିଶେଷ (ହି. ଶ.)—An official of ancient times whose duty was to look after the safety of the inhabitants of a town.

ରକ୍ଷା ପତ୍ର—ସଂ ବି(ମ.ପ.ଲୋ.)—୧ । ଭୂର୍ଜବୃକ୍ଷ—1. The Birch Rakshā patra tree; Papyrus. [ଦ୍ର—ଏହାର ଛାଲରେ ରକ୍ଷା ମନ୍ତ୍ର ଲେଖାଯାଇ ରକ୍ଷାକବଚରୂପରେ ପିନ୍ଧାଯାଏ ।] ୨ । ଭୂର୍ଜପତ୍ର; ଭୂର୍ଜ ବୃକ୍ଷର ଛାଲ—2. The paper-like bark of Birch tree. ୩ । ଧଳା ସୋରିଷ (ହି. ଶ.)—3. White rye.

ରକ୍ଷା ପାଇବା—ଦେ. କ୍ରି—ବିପଦାଦିରୁ ଉଦ୍ଧାରଲାଭ କରିବା—Rakshā pāibā To be saved from danger. রক্ষাপাওয়া रक्षापाना

ରକ୍ଷାପୁରୁଷ—ସଂ. ବି. ପୁଂ (ମ. ପ. ଲୋ.)—ନଗରପାଳ; ଚଉକିଦାର—Rakshā pūrusha A watchman; a guard (Apte).

ରକ୍ଷା ପୂର୍ଣ୍ଣିମା—ସଂ. ବି—ଶ୍ରାବଣ ପୂର୍ଣ୍ଣିମା; ରାକ୍ଷି ପୂର୍ଣ୍ଣିମା; ଗହ୍ମା ପୂର୍ଣ୍ଣିମା—Rakshā purnninā The fullmoon day of the lunar month of Srābana. [ଦ୍ର—ଏ ଦିନ ଲୋକଙ୍କ ହାତରେ ରାକ୍ଷି ବନ୍ଧନ କରାଯାଏ ।]

ରକ୍ଷାପେକ୍ଷକ—ସଂ. ବି. ପୁଂ (ରକ୍ଷା+ଅପେକ୍ଷକ)—୧ । ଦ୍ୱାରୀ; ଦ୍ୱାର-Rakshāpekshkaa ରକ୍ଷକ—1. Door-keeper; a (ରକ୍ଷାପେକ୍ଷିକା—ସ୍ତ୍ରୀ) porter. ୨ । ଅନ୍ତଃପୁରରକ୍ଷକ—2. A person engaged to guard the female compartments. ୩ । ନପୁଂସକ ବ୍ୟକ୍ତି-3. An eunoch. [ଦ୍ର—ପୂର୍ବେ ନପୁଂସକମାନଙ୍କୁ ରାଜାନ୍ତଃପୁରର ରକ୍ଷା କାର୍ଯ୍ୟରେ ନିଯୁକ୍ତ କରାଯାଉଥିଲା ।] ୪ । ନଟ—4. An actor. ୫ । ଭଣ୍ଡ—5. A jester, ୬ । ଅପ୍ରାକୃତିକ ଉପାୟରେ ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବାପାଇଁ ରକ୍ଷିତ ବାଳକ—6. A catamite (Apte).

ରକ୍ଷା ପ୍ରଦୀପ—ସଂ. ବି. (ମ. ପ. ଲୋ)—ଭୂତ ପ୍ରେତ ଆଦିଙ୍କ ବାଧାରୁ Rakshā pradipa ରକ୍ଷା ପାଇବା ନିମନ୍ତେ ତନ୍ତ୍ରୋକ୍ତ ବିଧାନ ଅନୁସାରେ ପ୍ରଜ୍ୱାଳିତ ଦୀପ (ହି. ଶ)—A lamp lighted as a charm against the influence of evil spirits.

ରକ୍ଷା ବନ୍ଧନ—ସଂ. ବି—୧ । ରକ୍ଷା କବଚ (ଦେଖ) Rakshā bandhana 1. Rakshā kabacha (See) ୨ । ରାକ୍ଷି (ଦେଖ)—2. Rākhi (See)

ରକ୍ଷା ଭୂଷଣ—ସଂ. ବି (ମ. ପ. ଳୋ)—ଭୂତ ପ୍ରେତ ଆଦିଙ୍କ ଦାଉରୁ
Rakshā bhūshaṇa ରକ୍ଷା ପାଇବା ପାଇଁ ବ୍ୟବହୃତ ଅଳଙ୍କାର—
An ornament worn as a charm against evil spirits.

ରକ୍ଷା ମଙ୍ଗଳ—ସଂ. ବି (ମ. ପ. ଳୋ)—ଭୂତ ପ୍ରେତ ଆଦିଙ୍କ ପ୍ରକୋପରୁ
Rakshā maṅgaḷa ରକ୍ଷା ପାଇବା ପାଇଁ ଅନୁଷ୍ଠିତ କର୍ମ (ହୋମ)—A ceremony performed for protection against evil spirits (Apte).

ରକ୍ଷା ମଣି—ସଂ. ବି (ମ. ପ. ଳୋ)—ଗ୍ରହ ବା ଭୂତ ପ୍ରେତଙ୍କ ପ୍ରକୋପରୁ
Rakshā maṇi ରକ୍ଷା ପାଇବା ପାଇଁ ପରିହିତ ରତ୍ନ—
(ରକ୍ଷା ରତ୍ନ—ଅନ୍ୟରୂପ) A jewel worn as a protection against evil stars or spirits.

ରକ୍ଷା ମନ୍ତ୍ର—ସଂ. ବି (ମ. ପ. ଳୋ)—ପ୍ରାଣରକ୍ଷା ପାଇଁ ବ୍ୟବହୃତ ମନ୍ତ୍ର;
Rakshā mantra ଯେଉଁ ମନ୍ତ୍ରବଳରେ ଅନିଷ୍ଟରୁ ବା ଅମଙ୍ଗଳରୁ
ରକ୍ଷା ମିଳେ—Mystic formulae used in saving a person from danger or calamity etc. [ଦ୍ର—ରକ୍ଷା ପଞ୍ଚମୀ ତଳେ ନୋଟ୍ ଦେଖ ।]

ରକ୍ଷା ମିଳିବା—ଦେ. କ୍ରି—ବିପଦରୁ ଅବ୍ୟାହତି ଲାଭ—
Rakshā miḷibā Extrication from danger etc; a person being saved from danger.
रक्षा मिला
रक्षा मिलना

ରକ୍ଷା ସୂତ୍ର—ସଂ. ବି (ମ. ପ. ଳୋ)—ଅମଙ୍ଗଳନାଶାର୍ଥ ହାତରେ ବନ୍ଧାଯିବା
Rakshā sūtra ଅଭିମନ୍ତ୍ରିତ ସୂତା; ରକ୍ଷି—A knot of consecrated string tied round the hand, in order to save one's self from evil influences

ରକ୍ଷା ହେଲି—ଦେ. ଅ—ଈଶ୍ୱର ବିପଦରୁ ଉଦ୍ଧାର କଲେ; ମନୁଷ୍ୟଙ୍କୁ
Rakshā helā ଉପସ୍ଥିତ ବିପଦରୁ ମୁକ୍ତିଲାଭର ମିଳନ—
रक्षा हल (interjection) God saved me ! Thank
(ରକ୍ଷା ହେଲା ଯେ—ଅନ୍ୟରୂପ) God that I am saved.

ରକ୍ଷି—ସଂ. ବି (ରକ୍ଷ ଧାତୁ+କର୍ତ୍ତୃ. ଇ)—୧ । ରକ୍ଷକ—1. Protec-
Rakshi tor, ୨ । ପହରାବାଲା—2. Watchman; guard; police man (Apte).

ରକ୍ଷିକ—ସଂ. ବି (ରକ୍ଷି+କ)—ରକ୍ଷି (ଦେଖ)
Rakhika Rakshi (See)

ରକ୍ଷିକା—ସଂ. ବିଣ. ସ୍ତ୍ରୀ (ରକ୍ଷକ+ସ୍ତ୍ରୀ. ଆ)—ରକ୍ଷାକାରିଣୀ—
Rakhikā Saving or protecting (female).
ବି. (ରକ୍ଷା+କ+ଆ)—୧ । ରକ୍ଷା କବଚ (ଦେଖ)
1. Rakshā kabacha (See) ୨ । ପହରାବାଲୀ—
2. A female guard. ୩ । ରକ୍ଷକର ସ୍ତ୍ରୀଲିଙ୍ଗ—
3. Protectress.

ରକ୍ଷି ଠାର—ଦେ. ବି—ଦୁର୍ଗ ମଧ୍ୟରେ ପ୍ରବେଶ କରିବା ବ୍ୟକ୍ତି ସ୍ୱପକ୍ଷୀୟ କି
Rakhi ṭhāra ବିପକ୍ଷୀୟ, ଏହା ଜାଣିବା ପାଇଁ ସ୍ୱପକ୍ଷୀୟ ବ୍ୟକ୍ତି-
रक्षीर इसारा ମାନଙ୍କ ମଧ୍ୟରେ ପ୍ରଚଳିତ ଠାର ବା ପଦ ବା
रक्षिकों इसारा या संकेत ଇସାରା—Watchword.
(ତୁ—ବଦଳଅ କହୁଦଏ ରକ୍ଷିଠାର, ଜଳିଦ୍ ଶୁଭଇ ତେବେ ସ୍ୱାଧିକାର । ଅଜୟଭଞ୍ଜ, ଶେଷବନ୍ଧୀ ।
[ଦ୍ର—ଏହି ଠାରକୁ ସ୍ୱପକ୍ଷୀୟ ବ୍ୟକ୍ତିମାନେ ଜାଣି ଥାଆନ୍ତି । ରକ୍ଷୀ ବା ପହରାବାଲାମାନେ କୌଣସି ବ୍ୟକ୍ତିଙ୍କୁ ଦେଖିଲାକ୍ଷଣି ତାଙ୍କୁ ପ୍ରଶ୍ନ କରନ୍ତି 'କିଏ ରେ' ? ସେ ସ୍ୱପକ୍ଷୀୟ ବ୍ୟକ୍ତି ହୋଇଥିଲେ 'ରକ୍ଷିଠାର' ଜାଣି ଥାଏ ଓ ସେହି ଠାରଟି ଉଚ୍ଚାରଣ କରି ଉତ୍ତର ଦିଏ ଓ ପହରାବାଲା ଜାଣି ପାରେ ଯେ, ଆଗନ୍ତୁକ ଆମ ଦଳର ବ୍ୟକ୍ତି । କିନ୍ତୁ ଅନ୍ୟ ଦଳର ବ୍ୟକ୍ତି ହୋଇଥିଲେ ସେ 'ରକ୍ଷିଠାର' ଜାଣି ନ ଥିବାରୁ ସେ ଠାରରେ ଉତ୍ତର ଦେଇ ପାରେ ନାହିଁ ଓ ବିପକ୍ଷୀୟ ବୋଲି ଧରା ପଡ଼ି ଦଣ୍ଡିତ ହୁଏ । ଦୁର୍ଗରକ୍ଷକ ମାଲିକଙ୍କ ଆଦେଶ ଅନୁସାରେ ଏ 'ରକ୍ଷିଠାର' ନିତି ନିତି ବଦଳାଯାଏ ।]

ରକ୍ଷିଣୀ—ସଂ. ବିଣ. ସ୍ତ୍ରୀ (ରକ୍ଷିନ୍+ସ୍ତ୍ରୀ. ଈ)—ରକ୍ଷୀର ସ୍ତ୍ରୀ ଲିଙ୍ଗ—
Rakshiṇī Feminine of Rakshī.

ରକ୍ଷିତ—ସଂ. ବିଣ (ରକ୍ଷ ଧାତୁ+କର୍ମ. ତ)—୧ । ବିପଦରୁ ପରିତ୍ରାତ—
Rakshita 1. Saved from danger. ୨ । ପ୍ରତିପାଳିତ—
(ରକ୍ଷିତା—ସ୍ତ୍ରୀ) 2. Reared up; maintained. ୩ ।
(ଅରକ୍ଷିତ - ବିପରୀତ) ସଂଗୋପିତ; ଜମା ହୋଇଥିବା—
3. Guarded; protected; treasured.
୪ । ଆଶ୍ରୟକୁ ନୀତ—4. Taken under one's protection. ବି—ବୈଦ୍ୟକ ଗ୍ରନ୍ଥ ବିଶେଷ—Name of a Hindu medicinal work. ଦେ. ବି—ବଙ୍ଗୀୟମାନଙ୍କର ବଂଶୋପାଧି ବିଶେଷ—A family-title in Bengal.

ରକ୍ଷିତ ଜଙ୍ଗଲ—ଦେ. ବି—ଅଟକ ଜଙ୍ଗଲ; ଯେଉଁ ଜଙ୍ଗଲରୁ କାଠ
Rakshita jaṅgala ଆଦି ନେବାକୁ ଗଭର୍ଣ୍ଣମେଣ୍ଟଙ୍କର ବା
रक्षित जङ्गल, आटक जङ्गल ରାଜାଙ୍କର ନିଷେଧ ଥାଏ—
अटक जंगल Protected forest.

ରକ୍ଷିତ ଫଳ—ସଂ. ବି (ଆଧୁନିକ)—ଦ୍ରବ୍ୟଗୁଣ ଦ୍ୱାରା ବହୁକାଳ ଅବିକୃତ
Rakshita phaḷa ଅବସ୍ଥାରେ ରଖାଯିବା ଫଳ; ଅଥିର—
Preserved fruit; preserves.

ରକ୍ଷିତ ରାଜ୍ୟ—ସଂ. ବି (ଆଧୁନିକ)—କୌଣସି ରାଜାଙ୍କର ଅଧିକାରଭୁକ୍ତ
Rakshita rājya ନ ହୋଇ ତାଙ୍କ ତତ୍ତ୍ୱାବଧାନରେ ଶାସିତ
ରାଜ୍ୟ—A protectorate; a mandated territory.

ରକ୍ଷିତା—ସଂ. ବିଣ. ପୁଂ (ରକ୍ଷ୍ ଧାତୁ+କର୍ତ୍ତୃ. ତୃ; ରକ୍ଷିତୃ; ୧ମା. ୧ବ)—
Rakshitā ରକ୍ଷକ (ଦେଖ)—Rakshaka (See)
(ରକ୍ଷିତ୍ରୀ—ସ୍ତ୍ରୀ) ସଂ. ବିଣ. ସ୍ତ୍ରୀ (ରକ୍ଷିତ+ଆ)—ରକ୍ଷିତର ସ୍ତ୍ରୀଲିଙ୍ଗ
(ବିବାହିତା—ବିପରୀତ) —Feminine of Rakshita.
ବି. ସ୍ତ୍ରୀ—ଉପପତ୍ନୀ; ରକ୍ଷେଇ ମାଇପ; ଯେଉଁ ସ୍ତ୍ରୀକୁ କୌଣସି ପୁରୁଷ ବିବାହ ନ କରି ସ୍ତ୍ରୀ ରୂପେ ରଖିଥାଏ; ପୋଇଲି—A concubine.

ରକ୍ଷିତା ଦାସୀ—ସଂ. ବି. ସ୍ତ୍ରୀ—ପୋଇଲି; ଉପପତ୍ନୀରୂପେ ପାଳିତା ଦାସୀ—
Rakshitā dāsi A maid-servant who is made a concubine. [ଦ୍ର—ଓଡ଼ିଶାରେ ଗଡ଼ଜାତମାନଙ୍କ ପରିବାରରେ ଓ କରଣମାନଙ୍କ ପରିବାରରେ ଏବଂ ସେମାନଙ୍କ ଦେଖାଦେଖି ଓଡ଼ିଶାର ଉପନିବେଶୀ ବଙ୍ଗାଳିଙ୍କ ପରିବାରରେ ମଧ୍ୟ 'ପୋଇଲି ପ୍ରଥା' ଥିଲା । ଆନନ୍ଦର ବିଷୟ ଯେ ଏ ପ୍ରଥା ବର୍ତ୍ତମାନ କମ୍ ଅଛି ।]

ରକ୍ଷିତା ସ୍ତ୍ରୀ—ସଂ. ବି. ସ୍ତ୍ରୀ—ରକ୍ଷିତା (ଦେଖ)
Rakshitā stri Rakshitā (See)
(ରକ୍ଷିତା ଭାର୍ଯ୍ୟା—ଅନ୍ୟରୂପ)

ରକ୍ଷିବର୍ଗ—ସଂ. ବି (୬ଷ୍ଠୀ ତତ୍)—ପ୍ରହରୀସମୂହ—A body of
Rakshibarga guards; a number of watchmen.
[ରକ୍ଷିଗଣ, ରକ୍ଷିବୃନ୍ଦ—ଅନ୍ୟରୂପ]

ରକ୍ଷି ସେନା—ସଂ.ବି (ରକ୍ଷିନ୍ + ସେନା)-୧ । ପ୍ରଭୁଙ୍କ ଶରୀରରକ୍ଷା ନିମନ୍ତେ
Rakshi senā ନିଯୁକ୍ତ ସୈନ୍ୟଦଳ—1. A troop of bodyguards. ୨ । ନଗରର ରକ୍ଷା ନିମନ୍ତେ ନିଯୁକ୍ତ ପଲ୍ଟଣ—2. An army engaged to guard a town; town police.

ରକ୍ଷି ସୈନ୍ୟ—ସଂ. ବି (କର୍ମଧା; ରକ୍ଷି+ସୈନ୍ୟ) —୧ । ରାଜାଙ୍କ ଶରୀର
Rakshi sainya ରକ୍ଷାର୍ଥ ନିଯୁକ୍ତ ବ୍ୟକ୍ତି—1. A soldier
[ରକ୍ଷି ସୈନିକ—ଅନ୍ୟରୂପ] acting as a bodyguard. ୨ । ନଗର ଦୁର୍ଗାଦି ରକ୍ଷାର୍ଥ ନିଯୁକ୍ତ ବ୍ୟକ୍ତି—2. A soldier employed to guard a town or fort. ୩ । ପହରାବାଲା—3. Guardsman; sentinel. [ଦ୍ର—ଇନ୍ ଭାଗାନ୍ତ ଶବ୍ଦମାନ ଏକାକୀ ବ୍ୟବହୃତ ହେଲେ ଈକାରାନ୍ତ ହୁଏ, ଯଥା—ହସ୍ତୀ, ରକ୍ଷୀ ଇତ୍ୟାଦି; କିନ୍ତୁ ଅନ୍ୟ ଶବ୍ଦ ପୂର୍ବେ ସମାସ ହୋଇ ଯୁକ୍ତ ହେଲେ ଇ-ରୂପ ରହେ । ଯଥା—ରକ୍ଷିସେନା, ରକ୍ଷିସୈନ୍ୟ, ହସ୍ତିଶାଳା, ହସ୍ତିବାହ ଇତ୍ୟାଦି ।]

ରକ୍ଷୀ—ସଂ. ବିଣ. ପୁଂ (ରକ୍ଷ୍ ଧାତୁ+କର୍ତ୍ତୃ. ଇନ୍; ରକ୍ଷିନ୍; ୧ମା. ୧ବ)—
Rakshi ୧ । ଯାହା ରକ୍ଷା କରେ—1. Saving. ୨ । ରକ୍ଷକ; ପ୍ରହରୀ—2. Guarding; protecting. ୩ । ଯାହା ବିପଦରୁ ବା ଅଶୁଭରୁ ମନୁଷ୍ୟଙ୍କୁ ରକ୍ଷା କରେ—3. Saving or protecting from evil or danger. ବି—୧ । ପ୍ରହରୀ—1. Sentinel; a guardsman. ଦେ· ବି—ରାକ୍ଷି (ଦେଖ)—Rākhi (See)

ରକ୍ଷୋଗଣ—ସଂ· ବି (୬ଷ୍ଠୀ ତତ୍; ରକ୍ଷସ୍+ଗଣ, ସନ୍ଧିଦ୍ୱାରା ସ୍ =
Rakshogana ସ୍ଥାନରେ ଓ)-ରାକ୍ଷସମାନେ—Demons.

ରକ୍ଷୋଘ୍ନ—ସଂ. ବିଣ· ପୁଂ (ରକ୍ଷସ୍+ହନ୍· ଧାତୁ+କର୍ତ୍ତୃ. ଅ)—ଯେ
Rakshoghna ରାକ୍ଷସମାନଙ୍କୁ ବିନାଶ କରେ—Destroying demons· ସଂ. ବି. ୧ । ଭଲ୍ଲାତକ; ଭାଲିଆ—1. The marking nut; Semicarpus Anacardium. ୨ । ଶ୍ୱେତ ସର୍ଷପ; ଧଳା ସୋରିଷ—2. White sort of mustard seed. ୩ । କାଞ୍ଜିକ; କାଞ୍ଜି—3. Sour rice water; fermented rice water· ୪। ହିଙ୍ଗୁ; ହେଙ୍ଗୁ—4. Asafætida; Ferula asafætida.

ରକ୍ଷୋଘ୍ନୀ—ସଂ. ବି—ବଚ; ବଚ—The Orris root; Aconus
Rakshoghni Calamus; Zingiber Zedoaria. ସଂ. ବିଣ· ସ୍ତ୍ରୀ—ରକ୍ଷୋଘ୍ନର ସ୍ତ୍ରୀଲିଙ୍ଗ—Feminine of Rakshoghna.

ରକ୍ଷୋଜନନୀ—ସଂ. ବି· ସ୍ତ୍ରୀ (୬ଷ୍ଠୀ ତତ୍; ରକ୍ଷଃ+ଜନନୀ)—୧।ରାକ୍ଷସଙ୍କ
Rakshojanani ମାତା—1. Mother of demons. ୨ । ରାତ୍ରି—2. The night.

ରକ୍ଷୋନାଥ—ସଂ. ବି (୬ଷ୍ଠୀ ତତ୍; ରକ୍ଷଃ+ନାଥ)-ରକ୍ଷୋରାଜ (ଦେଖ)
Rakshonātha Rakshorāja (See)

ରକ୍ଷୋବଳ—ସଂ. ବି (୬ଷ୍ଠୀ ତତ୍; ରକ୍ଷଃ+ବଳ)—ରାକ୍ଷସସେନା—
Rakshobala An army of demons.

ରକ୍ଷୋରଥୀ—ସଂ. ବି· ପୁଂ (୭ମୀ ତତ୍; ରକ୍ଷଃ+ରଥିନ୍; ୧ମା· ୧ବ)—
Rakshorathi ରଥାରୋହୀ ରାକ୍ଷସବୀର—A demon-warrior fighting on a car.

ରକ୍ଷୋରାଜ—ସଂ. ବି (୬ଷ୍ଠୀ ତତ୍; ରକ୍ଷଃ+ରାଜନ୍)—ରାକ୍ଷସମାନଙ୍କର
Rakshorāja ରାଜା—A king of demons.

ରକ୍ଷୋହା—ସଂ. ବିଣ (ରକ୍ଷସ୍+ହନ୍· ଧାତୁ· କର୍ତ୍ତୃ. କ୍ୱିପ୍; ରକ୍ଷୋହନ୍,
Rakshohā ୧ମା· ୧ବ)—ରକ୍ଷୋଘ୍ନ (ଦେଖ)—Rakshoghna (See)· ବି—ଗୁଗ୍ଗୁଳ—Indian Bdellium.

ରକ୍ଷ୍ମ[କ୍ଷ୍ନ]—ସଂ. ବି (ରକ୍ଷ୍· ଧାତୁ+ଭାବ. ମ, ନ)—ରକ୍ଷଣ (ଦେଖ)
Rakshma[kshna] Rakshana (See)

ରକ୍ଷ୍ୟ—ସଂ. ବିଣ (ରକ୍ଷ୍· ଧାତୁ+କର୍ମ. ଯ)—ରକ୍ଷଣୀୟ; ରକ୍ଷିତ
Rakshya ହେବାର ଯୋଗ୍ୟ—Deserving to be
[ରକ୍ଷ୍ୟା—ସ୍ତ୍ରୀ] protected or preserved.

ରକ୍ଷ୍ୟମାଣ—ସଂ, ବିଣ. ପୁଂ (ରକ୍ଷ୍· ଧାତୁ+କର୍ମ· ଅନ)—୧ । ରକ୍ଷିତ—
Rakshyamāna 1. Preserved. ୨ । ଯାହାକୁ ରକ୍ଷାକରା-
[ରକ୍ଷ୍ୟମାଣା—ସ୍ତ୍ରୀ] ଯାଉଅଛି—2. Under the process of preservation.

ରଖ୍ (ଧାତୁ)—ସଂ. ଗତି କରିବା—
Rakh (root) To move (Apte).

ରଖ୍—ଦେ. କ୍ରି—(ରଖିବା କ୍ରିୟାର ଅବଜ୍ଞାପକ କର୍ତ୍ତା 'ତୁ' ସଙ୍ଗେ
Rakh ବ୍ୟବହୃତ ଆକାର)—(ତୁ) ରଖିବା କ୍ରିୟା କର୍—
ରାଖ [illegible] (Let thou) Keep.
[ଉ—ରଖ୍ ତୋ ଜମିଦାର ବାବୁଙ୍କୁ ତୋ ଘରେ । ଭୁବନ୍ତାଲୁମାସ୍ତ. ନଅଭୁଣ୍ଡୀ]
ଦେ. ଅ—ଛାଡ଼୍ (ଅମୁକ ବିଷୟ ବା କଥା) ତ୍ୟାଗକର୍—
Give up (that matter).

ରଖ୍‌ନିଅ(ଅଁ)—ପ୍ରାଦେ (ସମ୍ବଲପୁର) ବି. ପୁଂ—ରକ୍ଷିତ ଉପପତି; ଜାର-
Rakh-niā(āñ) ପୁରୁଷ—A paramour; a gallant.

ବଣ.(ପୁଂ) ଜାରଜ (ସନ୍ତାନ); ଉପପତ୍ନୀ ଗର୍ଭଜାତ (ସନ୍ତାନ) — Illegitimate (child); born out of wedlock.

ରଖ୍ନୀ — ପ୍ରାଦେ (ସମ୍ବଲପୁର) ବ ସ୍ତ୍ରୀ — (ସଂ. ରକ୍ଷିତା) ରକ୍ଷିତା ସ୍ତ୍ରୀ; Rakh-ni ଉପପତ୍ନୀ — Concubine; a mistress.

ରଖ୍ବା — ପ୍ରାଦେ (ସମ୍ବଲପୁର) କି (ସଂ. ରକ୍ଷ ଧାତୁ; ଭୂଇ.ଦ୍ର.ରଖ୍ନା) — Rakh-ba ରଖିବା (ଦେଖ) — Rakhiba (See).

ରଖନ୍ତା — ଦେ. ବଣ — (ସଂ ରକ୍ଷତ୍ ଶବ୍ଦ) — ରକ୍ଷାକାରୀ — Rakhanta Protecting; keeping.
ରକ୍ଷାକারী ବ — ରକ୍ଷକ ବ୍ୟକ୍ତି — Protector; keeper.
रखनेबाला [ଦ୍ର — ସତରୁ ରଖନ୍ତା ସହିସୁ ଅଟଇ, ଆପଣା ଜନ୍ମାକୁ ରଖି ନ ପାରଇ । ଜନକଜୋଷ କୃଷ୍ଣଭୂମାଷ୍ଟ ।]

ରଖସ୍ — ପ୍ରାଦେ (ସମ୍ବଲପୁର) ବ — (ସଂ ରକ୍ଷସ) — ରାକ୍ଷସ — Rakhas Demon.

ରଖା — ଦେ. ବ — (ସଂ. ରକ୍ଷା) — ୧ । ରଖିବା — 1. Keeping; Rakha preserving. ୨ । ଜଗିବା — 2 Watching.
রাখা ବଣ — ୧ । ରକ୍ଷକ — 1. Saving. ୨ । ଜଗୁଆଳ;
रखाई ଜଗିଥିବା — 2. Guarding. [ଦ୍ର — ରଖା ସୁରମାନଙ୍କୁ রক্ষক ଜୀବନେ ମାରୁ, ହରୁଷାର । କଣ୍ଠନାଥ ଭଟ୍ଟାଚାର୍ଯ୍ୟ ।]
रखवाला ୩ । ରକ୍ଷିତ — 3. Saved; kept ୪ । ଯହିଁରେ କୌଣସି ବସ୍ତୁ ରଖାଯାଏ — 4. In which something is kept. ୫ । ଯାହାଦ୍ୱାରା କୌଣସି ବସ୍ତୁର ରକ୍ଷା ହୁଏ — 5. Enabling one to save something.

ରଖା(ଖେ)ଇ ଥୋଇ ନ ଦେବା — ଦେ. କି — କୌଣସି ବ୍ୟକ୍ତିକୁ Rakha(khe)i thoi na deba ଅସ୍ଥିର କରି ପକାଇବା; উঠতে বসতে না দেওয়া ବ୍ୟତିବ୍ୟସ୍ତ କରିବା — Not to let a रहने न देना person live in peace; to pester a person much; to persecute or harass a person.

ରଖା(ଖେ)ଇବା — ଦେ. କି — (ରକ୍ଷ. ଧାତୁ ଣିଜନ୍ତ; ରଖିବା କ୍ରିୟାର Rakha(khe)iba ପ୍ରଯୋଜକ ରୂପ — The causative রাখান form of Rakhiba). ୧ । ଅନ୍ୟ ବ୍ୟକ୍ତି ଦ୍ୱାରା ରଖିବା
रखाना କ୍ରିୟା କରାଇବା — 1. To cause to be kept; to
रखवाना cause one to keep. ୨ । ଅପେକ୍ଷା କରାଇବା — 2. To cause to wait. ୩ । ଜଗାଇବା; ଜଗୁଆଳ ରୂପେ ରଖିବା — 3. To keep as a guard.
[ଦ୍ର — ଫଳକ ଭୂଲେ ଭୂଜଦ୍ୱାରେ ରଖାଅ ବେଳବନ୍ତୀ ଧାରଣୀକ । କବିସୂର୍ଯ୍ୟ. ବଳୋଦ୍ଧରଣ୍ଡ ଫ. ଗୀତ ।]

ରଖା(ଖେ)ଇ — ଦେ. ବଣ. ସ୍ତ୍ରୀ (ସଂ. ରକ୍ଷିତା) — ରକ୍ଷିତା; ପାଳିତା- Rakha(khe)i Kept; maintained (female). (ବେଶ୍ୟା — ବ୍ୟବହୃତ) (ଯଥା — ରଖେଇ ଘୋଡା, ରଖେଇ (ରକ୍ଷିଅ — ପୁଂ) ମାଇପ) — ବ — ୧ । ରକ୍ଷିତା ସ୍ତ୍ରୀ; ଗୋଇଲ —
রাখনী रखनी रखेली 1, Concubine; a mis-
রাখা মজুর रखबाह tress. ୨ । କୌଣସି ଦ୍ରବ୍ୟକୁ ରଖିବାପାଇଁ ପ୍ରଦତ୍ତ ମଜୁରି — 2. Remuneration paid to a custodian or watchman.

ରଖା ଥୁଆ — ଦେ. ବ (ଏକାର୍ଥକ ସହଚର; ସଂ. ରକ୍ଷଣ; ସ୍ଥାପନ) — ୧ । Rakha thua ଜଗାରଖା; ରକ୍ଷଣାବେକ୍ଷଣ — 1 Custody; care
রাখা রাখি रखरखाव of anything. ୨ । ସଂସାରରେ ନିରାପଦ ଅବସ୍ଥିତି — 2. Safe existence in the world; well-being ୩ । ସାଇତା କର୍ମ — 3. Storing. ୪ । ବହୁ ଦ୍ରବ୍ୟକୁ ସଜାଡ଼ିକରି ରଖିବା କର୍ମ — 4. Keeping of many things in order; arrangement.

ରଖା ରଖି — ଦେ. ବ. ଓ ବଣ — (ସହଚର ଶବ୍ଦ) — ୧ । ରଖିବା ଅବ Rakha rakhi କର୍ମମାନ — 1. Acts of keeping.
রাখারাখি रखारखी ୨ । ବହୁ ବସ୍ତୁ ସଜାଡ଼ି କରି ରଖିବା; ସଜଡ଼ା ସଜଡ଼ି — 2. Keeping of many things in order. ୩ । ରକ୍ଷଣାବେକ୍ଷଣ; ଦ୍ରବ୍ୟକୁ ଯତ୍ନରେ ରଖିବା — 3. Custody; taking care of thing. ୪ । ପରସ୍ପରକୁ ରକ୍ଷା କରିବା — 4. Protecting each other. ଦ୍ର — ଅନ୍ୟୋନ୍ୟେ ତୁମ୍ଭେ ଅମ୍ଭେ ରଖା ରଖି ପ୍ରାଣ, ହୋଇ ଥାଇତ ମୋତେ ନ ବନ୍ଧ ବଚନ । କୃଷ୍ଣସିଂହ ମହାଭାରତ ଶାନ୍ତି ।]

ରଖିଅ — ଦେ. ବଣ. ଓ ବ. ପୁଂ. — (ସଂ. ରକ୍ଷିତ) — ସ୍ତ୍ରୀଦ୍ୱାରା ସ୍ୱାମୀରୂପେ Rakhia ବ୍ୟବହୃତ ହୁଏ ସ୍ତ୍ରୀକୁ ବିବାହ କରି ନ ଥିବା ବ୍ୟକ୍ତି —
রাখা, রাখনা (a person) Maintained by a woman
रखिया as her paramour. ବଣ. — ୧ । ରକ୍ଷିତ — (ରଖା[ଖେ ଇ — ସ୍ତ୍ରୀ]) 1. Kept. ୨ । ରକ୍ଷାକର୍ତ୍ତା — 2. Protecting. ଦେ. ବ. — (ସଂ. ରକ୍ଷକ) — ରକ୍ଷକ; ପାଳକ — 1. Protector; saver. ୨ । ଜଗୁଆଳ — 2. Guard; watchman. ୩ । ମୁରବି — 3. Guardian. ଗ୍ରା. ବ. — (ସଂ. ରକ୍ଷା) — ରକ୍ଷା (ଦେଖ) — Raksha (See).

ରଖି ଥୋଇ ନ ଦେବା — ଦେ. କି. — ରଖାଇ ଥୋଇ ନ ଦେବା — Rakhi thoi na deba (ଦେଖ) — Rakhai thoi na deba (See).

ରଖି ଦେବା — ଦେ. କି. — ୧ । ସଞ୍ଚିତ କରି ରଖିବା; ସାଇତି ରଖିବା Rakhi deba 1. To store up a thing. ୨ । যথা-
রেখে দেওয়া; রাখিয়া দেওয়া ସ୍ଥାନରେ ସ୍ଥାପନ କରିବା —
रखदेना 2. To place a thing in its proper place. ୩ । ନ କାଢ଼ିବା; କୌଣସି ବସ୍ତୁକୁ ବାହାରେ ପ୍ରକାଶ ନ କରିବା — 3. Not to bring out a thing. [ଯଥା — ତୋ ପାଠ ଲୁଗାକୁ ସିନ୍ଦୁକରେ ରଖି ଦେ । ତୋ ଚାଲିଖି ରଖି ଦେ ।] ୪ । ବ୍ୟବହାରରେ ନ ଲଗାଇବା — 4. Not to apply to use; not to utilise. ୫ । ଉଲ୍ଲେଖ ନ କରିବା — 5. Not to mention. [ଯଥା — ରଖି ଦେଇ ଥା ତୋ ବଡ଼ପଣକୁ ।]

ରଖି ନେବା—ଦେ. କି.—୧ । ଅଣାଇ କୌଣସି ଦ୍ରବ୍ୟକୁ ଫେରସ୍ତ ନ
Rakhi nebā ଦେବା—1. Not to return a thing brought.

୨ । କୌଣସି ବ୍ୟକ୍ତିକୁ ନିଜ ପାଖରେ ଚାକରରୂପେ ସମ୍ଭାଳିବା ବା ପୋଷିବା—2. To retain a person as a servant.

ରଖି ପକା(କେ)ଇବା—ଦେ. କି—(ବ୍ୟଙ୍ଗ)—ରଖିବାକୁ ସମର୍ଥ
Rakhi pakā(ke)ibā ହେବା—To be able to keep
রেখে ফেলা रख सकना or maintain or save.
[ରଖି ପାରିବା—ଅନ୍ୟରୂପ] [ଯଥା—ତାଙ୍କର ସେହି ଅବସ୍ଥା, ତା ମୁଁ ଜାଣେ, ସେ ଗୋଟିଏ ପାଞ୍ଚଶହ ଟଙ୍କିଆ ଘୋଡ଼ା ରଖି ପକାଇବେ, ତାଙ୍କ ମୁହଁ ବଳୁଛି ।]

ରଖିବା—ଦେ. କି.—(ସ. ରକ୍ଷ ଧାତୁ; ସ. ରକ୍ଷଣ; ପ୍ରାକୃତଭବ)—୧ ।
Rakhibā ବିପଦରୁ ରକ୍ଷା କରିବା; ବିପଦରେ ପଡ଼ିବାକୁ ନ
রখা रखना ଛାଡ଼ିବା—1. To protect a person from
[ରକ୍ଷା(ଖେ)ଇବା—ଶିଷ୍ଟରୂପ] danger. [ଉ—ଶୃଙ୍ଗୁର୍ଯ୍ୟ କୃପାରୁ ଗୁଣନିଧି ରଖିଲକ ପ୍ରାଣ । କବିସୂର୍ଯ୍ୟ. କଶୋଣି ଚମ୍ପୂ ଠ. ଗୀତ ।] ୨ । ଉପସ୍ଥିତ ବିପଦରୁ ମୁକ୍ତ କରାଇବା; ଉଦ୍ଧାର କରିବା—2. To deliver from danger; to free a person from danger. ୩ । (ଗାଈ ଗୁଆ ଆଦି ଜୀବଙ୍କୁ) ପାଳନ କରିବା; ପାଳିବା; ପୋଷିବା—3. To keep; to domesticate. ୪ । ନିଜର ସେବାର୍ଥ କୌଣସି ବ୍ୟକ୍ତିକୁ ନିଯୁକ୍ତ କରିବା; କୌଣସି ବ୍ୟକ୍ତିକୁ ଭୃତ୍ୟରୂପେ ନିଯୁକ୍ତ କରିବା; ଚାକର ରଖିବା—4. To take a person into service; to engage a person as a servant; to retain a person in service. [ଉ—ପଇସ ଦେଇ ମୁଁ ରଖିଲି ଦାସୀ, ସେ ହେଲା ସାଆନ୍ତାଣୀ ମୁଁ ହେଲି ବାସୀ । ଢଗ ।] ୫ । ଜୀଅଇଁ ରଖିବା; ମାରି ନ ପକାଇବା; ବଞ୍ଚାଇବା-5. To cause to live. [ଉ—କୁସ୍ତା କରେ ମୁଁ ଧାତାଙ୍କୁ, କାହିଁକି ସରଜ ତାଙ୍କୁ, ତରସୁ ରଖିଲ ଜଗତରେ । କବିସୂର୍ଯ୍ୟ କଶୋଣି ଚମ୍ପୂ କ. ଗୀତ ।] ୬ । ମୃତ୍ୟୁମୁଖରୁ ରକ୍ଷା କରିବା—6. To save one's life. [ଉ—ରଖେ ହରି ମାରେ କିଏ ? ମାରେ ହରି ରଖେ କିଏ ?—ଢଗ] ୭ । (ପୁରୁଷ ପକ୍ଷରେ) କୌଣସି ସ୍ତ୍ରୀକୁ ବିବାହ ନ କରି ସ୍ତ୍ରୀରୂପେ ବ୍ୟବହାର କରିବା—7. To keep or entertain a concubine or a mistress. ୮ । (ସ୍ତ୍ରୀ ପକ୍ଷରେ) କୌଣସି ପୁରୁଷକୁ ବିବାହ ନ କରି ଆପଣାର ସ୍ୱାମୀରୂପେ ପାଖରେ ରଖାଇବା—8. To keep a man as one's paramour. ୯ । ଜଗିବା—9. To guard; to keep watch. [ଉ—ବିବିଧ କାରୁପାସୁଣ, ଯାହା ଦେଖି ଭୟ କରି, ସେମାନେ ଏବେ ଅଛନ୍ତି ରଖିରେ । ବିଶ୍ୱନାଥ. ବିଚିତ୍ର ରାମାୟଣ ।] ୧୦ । (ଆଦେଶ) ପାଳନ କରିବା—10. To obey or carry out (an order). ୧୧ । (କୌଣସି ବ୍ୟକ୍ତିର ଅନୁରୋଧ) ଅନୁସାରେ କାର୍ଯ୍ୟ କରିବା; କଥା ରଖିବା—11. To act according to (a person's request.) ୧୨ । ନିଜ କୃତ ପ୍ରତିଜ୍ଞା ବା ସତ୍ୟ ବା ପ୍ରବନ୍ଧର ପାଳନ କରିବା; ସତ୍ୟ ପାଳିବା—12. To keep one's promise (ଅନ୍ତଃକରଣରେ କପଟ, କ୍ରୋଧ, ଆଶା ଆଦିକୁ) ପୋଷଣ କରିବା; ସ୍ଥାନ ଦେବା—13. To entertain (certain feelings in the mind). [ଉ—ଚମତ୍କାର କଥା ଦେଖି ପେଟରେ କପଟ ରଖି । କବିସୂର୍ଯ୍ୟ. କଶୋଣିଚମ୍ପୂ ଠ ଗୀତ ।] ୧୪ । ଅନ୍ୟ ବ୍ୟକ୍ତିର ଇଚ୍ଛା ଅନୁସାରେ କାର୍ଯ୍ୟ କରି ତାହାକୁ ପ୍ରସନ୍ନ କରାଇବା—14. To keep a person in good humour; to humour a person; to please a person by following his desires. ୧୫ । (କୌଣସି କଥାକୁ) ନ ଭୁଲିବା; ସ୍ମୃତିରେ ଚିରସ୍ଥାୟୀରୂପେ ସ୍ଥାନ ଦେବା—15. To remember; not to forget [ଉ—ଗୋଲଥ ନ ରଖି କହ ଚନ୍ଦ୍ରମୁଖୀ । କବିସୂର୍ଯ୍ୟ. କଶୋଣିଚମ୍ପୂ. ଗ ଗୀତ ।] ୧୬ । ଅଟକାଇବା; ରୋଧ କରିବା; ସମ୍ଭାଳିବା—16. To check; to restrain; to stop. (ଯଥା—ସେ ରାଗିଲେ ତାକୁ ରଖେ କିଏ ?) ୧୭ । ସ୍ଥାପନ କରିବା; ଉପସ୍ଥାପିତ କରିବା; ଥୋଇବା—17. To place. [ଉ—ଶୁକ ଶାରୀଙ୍କୁ ଶିଖି ଶିଖା ପାଖରେ ରଖି-- କବିସୂର୍ଯ୍ୟ. କଶୋଣିଚମ୍ପୂ. ଘ ଗୀତ ।] ୧୮ । ଜମା ଦେବା ଉପାର୍ଜିତ କରିବା; ଅନ୍ୟର ନିକଟରେ ଗଚ୍ଛିତ ରଖିବା—18. To entrust; to keep in another's custody. [ଯଥା—ସେ ବାଙ୍କ୍‌ରେ ଟଙ୍କା ରଖିଅଛନ୍ତି] ୧୯ । ନଖ କେଶ ଆଦି ନ କାଟି ତାହା ବଢ଼ିବାକୁ ଛାଡ଼ିଦେବା; ବଢ଼ାଇବା—19. To let a thing grow. [ଉ—ନଖ ବାଳ ରଖି ଭାଲୁଏ ଏ କେବେଠୁ ଯୋଗୀ ହେଲେଣି ? ଢଗ ।] ୨୦ । ସଞ୍ଚୟ କରିବା; ଜମା କରିବା—20. To store up; to hoard; to amass. [ଯଥା—ଧନ ରଖିବା] ୨୧ । ଗ୍ରହଣ କରିବା—21. To accept. [ଯଥା—ସେ ମୋଠାରୁ ବଇଲା ରଖିଛି] ୨୨ । ନିଃଶେଷ ନ କରିବା—22. Not to exhaust a thing. [ଯଥା—ଢାଅଣରେ ପାଣି ରଖିବା] ୨୩ । ବାଟ ବା ନିର୍ଗମନ ପଥ ଛାଡ଼ିଦେବା—23. To leave (an opening or outlet.) [ଉ—ସେ ଗାଣ୍ଠିମଣା ପିନ୍ଧେ ସେ ପରସ୍ତା କରିବାକୁ ବାଟ ରଖେ । ଢଗ ।] ୨୪ । ନେଇଥିବା ବସ୍ତୁକୁ ଫେରସ୍ତ ନ ଦେବା—24. To retain; not to return a thing taken. ୨୫ । ନଷ୍ଟ ହେବାକୁ ନ ଛାଡ଼ିବା—25. To maintain in tact. ୨୬ । ଜମା

ନେବା—26. To take into custody; to keep under one's custody. ୨୭ । ଅପଣାର ଅଧିକାରକୁ ନେବା—27. To take under one's control. ୨୮ । ବନ୍ଧକ ନେବା—28. To take as a pledge. ୨୯ । ଧନ ବଳାଇ କରି ରଖିବା—29. To save (money). ୩୦ । ଜମି ବା କୋଠ ଆଦିକୁ ପ୍ରଜାଙ୍କୁ ଓ ଘରକୁ ଭଡ଼ାଦାରଙ୍କୁ ଲଗାଇବା—30. To let-out (a land or house) to tenants. ୩୧ । ଗଡ଼ାଇବା; ମୁଲତବି କରିବା-31. To adjourn; to defer. ୩୨ । ଛାଡ଼ି ଦେଇ ଯିବା—32. To leave. (ଉ—ଷଣ୍ଢ ପଛେ ପଛେ ଧାଇଁ ଶୃଗାଳ, କଥା ରଖିଗଲା ଅପାର କାଳ—ଭଗ ।) [ଦ୍ର—ରଖିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ନେବା, ପକାଇବା, ଯିବା ଆଦି କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

[ଦ୍ର— **ଅକୀର୍ତ୍ତି ରଖିବା**—ଦେ. କ୍ରି,— ଅପକୀର୍ତ୍ତି ରଖିବା (ଦେଖ)

ଅକ୍ତିଅରରେ ରଖିବା—ଦେ. କ୍ରି.—ହାତମୁଠାରେ ରଖିବା (ଦେଖ)

ଅଟକ ରଖିବା, ଅଟକାଇ ରଖିବା—ଦେ.କ୍ରି.—୧ । କୌଣସି ବ୍ୟକ୍ତିର ଗତି ରୋଧ କରିବା । ୨ । କୌଣସି ବ୍ୟକ୍ତିକୁ କିଛିକାଳ ପାଇଁ ନଜରବନ୍ଦ କରିବା ।

ଅଣ୍ଡିରା ରଖିବା—ଦେ, କ୍ରି.—(ସ୍ତ୍ରୀ ପକ୍ଷରେ) ପରପୁରୁଷକୁ ଉପପତି-ରୂପେ **ଆଶ୍ରୟ** ଦେବା ।

ଅଦ(ଦା)ଉତ ରଖିବା—ଦେ. କ୍ରି.—ପ୍ରତିଶୋଧ ନେବା ପାଇଁ ମନରେ ସଙ୍କଳ୍ପ ପୋଷଣ କରିବା ।

ଅନାଶା ରଖିବା—ଦେ. କ୍ରି.—କୌଣସି ବିଷୟ ପାଇଁ ଅପେକ୍ଷା କରିବା ।

ଅନୁରୋଧ ରଖିବା—ଦେ. କ୍ରି.—କୌଣସି ବ୍ୟକ୍ତିର କଥା ରକ୍ଷା କରିବା ବା କଥା ଅନୁସାରେ କାର୍ଯ୍ୟ କରିବା ।

ଅପକୀର୍ତ୍ତି (ଅପଯଶ) ରଖିବା—ଦେ. କ୍ରି.—ନିନ୍ଦାଜନକ ବା ଅକୀର୍ତ୍ତିକର କାର୍ଯ୍ୟ କରି ଭବିଷ୍ୟତ ପାଇଁ ଦୁର୍ନାମ ଛାଡ଼ି ଯିବା—(ଅପଜଶ ରଖିବା, ଅପଦଶ ରଖିବା—ଗ୍ରା.ରୂ)

ଏକ୍ତିଆ ରଖିବା—ଦେ. କ୍ରି.—ଅଦଳ ରଖିବା (ଦେଖ)

ଆଖି ଉପରେ ରଖିବା—ଦେ. କ୍ରି.—ଚକ୍ଷୁର ଅନ୍ତରାଳକୁ ଯିବାକୁ ଛାଡ଼ି ନ ଦେବା; ସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖିବା; ଆଖି ସାମନାରୁ ଅନ୍ତର ନ କରିବା ।

ଆଖି ରଖିବା—ଦେ. କ୍ରି.—ନଜର ରଖିବା (ଦେଖ)

ଆବଦ୍ଧ ରଖିବା—ଦେ. କ୍ରି.—ବନ୍ଧକ ରଖିବା [ଦେଖ]

ଆଶା ରଖିବା—ଦେ. କ୍ରି.—ଭରସା ରଖିବା [ଦେଖ]

ଇଜ(ଜ୍ଜ)ତ ରଖିବା—ଦେ. କ୍ରି.—କୌଣସି ବ୍ୟକ୍ତିର ମର୍ଯ୍ୟାଦାହାନି ନ ଘଟାଇବା ।

ଋଣ ଆବଦ୍ଧ ରଖିବା—ଦେ. କ୍ରି.—ବନ୍ଧକ ରଖିବା [ଦେଖ]

ଓଝାରି ରଖିବା—ଦେ. କ୍ରି.—ଝିଙ୍କି ରଖିବା [ଦେଖ]

କଥା ରଖିବା—ଦେ. କ୍ରି—ଅନୁରୋଧ ରଖିବା [ଦେଖ]

କବଳରେ (କରଗତ) ରଖିବା—ଦେ. କ୍ରି.—ହାତମୁଠାରେ ରଖିବା [ଦେଖ]

କଣପା(ସା) ରଖିବା—ଦେ. କ୍ରି.—ଦାଗି ରଖିବା (ଦେଖ)

କହି (କୁହା ବୋଲା)କରି ରଖିବା—ଦେ. କ୍ରି.—ପୂର୍ବରୁ କୌଣସି ବିଷୟ କହିବା ।

କୀରତ (କୀର୍ତ୍ତି) ରଖିବା—ଦେ. କ୍ରି.—ଯଶ ରଖିବା (ଦେଖ)

କୁଳ ରଖିବା—ଦେ. କ୍ରି.—କୌଣସି ବ୍ୟକ୍ତିର ବଂଶ ରକ୍ଷା କରିବା; କୌଣସି ବ୍ୟକ୍ତିର ବଂଶନାଶ ନ ହେବାର ଉପାୟ କରିବା ।

କ୍ରୋଧ ରଖିବା—ଦେ. କ୍ରି.—ରାଗ ରଖିବା (ଦେଖ)

ଖିଆଲ ରଖିବା—ଦେ. କ୍ରି.—ହେଜିବା; ମନରେ ରଖିବା ।

ଖୋଲା ରଖିବା—ଦେ. କ୍ରି.—କୌଣସି ଘରକୁ ବା ସ୍ଥାନକୁ ଉନ୍ମୁକ୍ତ କରି ଛାଡ଼ି ଯିବା ।

ଗାଈ ରଖିବା—ଦେ. କ୍ରି.—ନିଜର ବ୍ୟବହାର ପାଇଁ ଗାଈ ଘରେ ପାଳିବା । [ଯଥା—ଏହିପରି ବଳି ରଖିବା, ମଇଁଷି ରଖିବା, ମେଣ୍ଢା ରଖିବା ଆଦି ହୁଏ ।]

ଗୋରୁ ରଖିବା—ଦେ. କ୍ରି.—ଗୋରୁ ଜଗିବା; ଗୋରୁ ଚରିବାବେଳେ ସେମାନେ ଫସଲ ଆଦି ନଷ୍ଟ ନ କରିବା ପ୍ରତି ଦୃଷ୍ଟି ରଖିବା । (ଯଥା—ଏହିପରି ଗାଈ, ଛେଳି, ମେଣ୍ଢା, ଘୁଷୁରି ଆଦି ଶବ୍ଦ ସଙ୍ଗେ ରଖିବା ପ୍ରୟୋଗ ହୁଏ ।)

ଘୋଡ଼ା ରଖିବା—ଦେ. କ୍ରି—ଆପଣାର ବ୍ୟବହାର ପାଇଁ ଘୋଡ଼ା ପାଳିବା । (ଯଥା—ହାତୀ, ନେଉଳ, ଶୁଆ, ଶାରୀ, କୁକୁର, ମିରିଗ, ବଣି ଆଦି ଶବ୍ଦ ପରେ ରଖିବା ଶବ୍ଦ ପ୍ରୟୋଗ ହୁଏ ।)

ଚକ୍ଷୁଲଜ୍ଜା ରଖିବା—ଦେ. କ୍ରି.—୧ । ଅନ୍ୟ ବ୍ୟକ୍ତିଙ୍କ ମନ ରଖିବା; ମନ ଯୋଗାଇବା । ୨ । ଅନ୍ୟ ବ୍ୟକ୍ତିଙ୍କ ଅନୁରୋଧ ରକ୍ଷା କରିବା ।

ଚାକର ରଖିବା—ଦେ. କ୍ରି.—୧ । ନିଜର ସେବା କରିବା ପାଇଁ ଭୃତ୍ୟ ନିଯୁକ୍ତ କରିବା । ଯଥା—ଏହିପରି ଦାସୀ, ପୋଇଲା, ମାଷ୍ଟର, ତପସ୍ୱୀ ଆଦି ଶବ୍ଦ ସଙ୍ଗେ ରଖିବା ଶବ୍ଦ ଯୁକ୍ତ ହୁଏ ।) ୨ । [ଲକ୍ଷଣାର୍ଥ] ଧନରେ ବା ଗୁଣାଦିରେ ଉତ୍କୃଷ୍ଟ ହେବା । [ଉ—କେତେ ଅନନ୍ତକୁ ମତେ, ତୋଠାରୁଁ ସୁନ୍ଦର ମୋର ବନୋଦଅ, ଚାକର ରଖିବ ତତେ । ଭଗ ।]

ଚିତ୍ତ ରଖିବା—ଦେ. କ୍ରି.—୧ । ଚିତ୍ତ ବଳାଇବା; ଅନ୍ତରକ ସେବା କରିବା; ଆସକ୍ତ ହେବା । ୨ । ମନରେ ରଖିବା [ଦେଖ]

ଚୁଟି ରଖିବା—ଦେ. କ୍ରି.—ବାଳ ଛାଡ଼ିବା; ମସ୍ତକରେ ଲମ୍ବ କେଶ ବଢ଼ାଇବା ।

ଚୂଟପିଠ ରଖିବା—ଦେ. କ୍ରି.—ଚୂଟ ଧରି ପିଠିରେ ପ୍ରହାର ନ କରିବା । [ଯଥା—ସେ ଏ କଥା ଶୁଣିଲେ ମୋ ଚୂଟପିଠି ରଖିବ ନାହିଁ ।]

ଚୂର(ରୁ)ଳ ରଖିବା—ଦେ. କ୍ରି,—ମସ୍ତକରେ ଶିଖା ରଖିବା—

ଜାନ (ଜୀବ, ଜୀବନ) ରଖିବା—ଦେ. କ୍ରି.—ପ୍ରାଣ ରଖିବା [ଦେଖ]

ଝିଙ୍କି (ଟାଣି) ରଖିବା—ଦେ. କ୍ରି.—ଆକର୍ଷଣପୂର୍ବକ ଗତିରୋଧ କରିବା ।

ଥାଉ ରଖିବା—ଦେ. କ୍ରି.—ଧନ ସଞ୍ଚିତ ରଖିବା ।

ଦାଉ ରଖିବା—ଦେ. କ୍ରି.—ଅଦଉତ ରଖିବା [ଦେଖ]

ଦାସୀ ରଖିବା—ଦେ. କ୍ରି.—ବେଶ୍ୟାକୁ ଉପପତ୍ନୀରୂପେ ପାଳିବା ।

ଦାସୀ ରଖିବା—ଦେ. କ୍ରି.—କୌଣସି ସ୍ତ୍ରୀ କୁ ଉପପତ୍ନୀରୂପେ ପାଳିବା ।

ଦେ(ଦେ)ହ ରଖିବା—ଦେ. କ୍ରି.—୧ । ଶରୀରରକ୍ଷା କରିବା; ଦେହ ଜଗିବା; ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ଦେବା । [ଉ— ଦେହ ରଖି ଧର୍ମ କର । ଭଗ ।] ୨ । ଦେହକୁ ବେଶୀ ନ ବାଧିବା ସେହିପରି ପରିଶ୍ରମ କରିବା । [ଯଥା—ଦେହ ରଖି କାମ କର୍ ।]

ଦୁନିଆଁ ରଖିବା—ଦେ. କ୍ରି.—ସଂସାର ରଖିବା [ଦେଖ]

ଦୃଷ୍ଟି ରଖିବା—ଦେ. କ୍ରି.—ନଜର ରଖିବା [ଦେଖ]

ଧନ ରଖିବା—ଦେ. କ୍ରି.—ଧନ ସଞ୍ଚୟ କରିବା ।

ଧରମ (ଧର୍ମ) ରଖିବା—ଦେ. କ୍ରି.—୧। ଧର୍ମାନୁମୋଦିତ କାର୍ଯ୍ୟ କରିବା; ଧର୍ମ ପାଳନ କରିବା । ୨ । କୌଣସି ବ୍ୟକ୍ତିର ଧର୍ମନାଶ ନ କରିବା ।

ନକଲ(କପି) ରଖିବା—ଦେ. କ୍ରି.—କୌଣସି ଲେଖାର ବା ବହିର ପ୍ରତିଲିପି ଆପଣା ନିକଟରେ ସାଇତିବା । [ଦ୍ର—ଏହିପରି ନୋଟ୍ ରଖିବା, ଛପା ରଖିବା ।]

ନଖ ବାଳ ରଖିବା—ଦେ. କ୍ରି—ନଖକୁ ଓ କେଶକୁ ନ କାଟି ବଢ଼ାଇବା ।

ନଜର ରଖିବା—ଦେ. କ୍ରି—୧ । କୌଣସି ବ୍ୟକ୍ତି ପ୍ରତି ଆକୃଷ୍ଟ ବା ଅନୁରକ୍ତ ହେବା । ୨ । ମନୋଯୋଗୀ ହେବା । ୩ । କୌଣସି ବିଷୟ ପ୍ରତି ଲୁବ୍ଧ ହେବା । ୪ । ତତ୍ତ୍ୱ ନେବା । ୫ । ଯତ୍ନ କରିବା ।

ନାଁ(ନାଆଁ) } ରଖିବା—ଦେ. କ୍ରି—ଯଶ ରଖିବା (ଦେଖ)
ନାମ } (ଯଥା—ସେ ବାପଅଜାଙ୍କ ନାଁ ରଖିବ ।)

ନିନ୍ଦା ରଖିବା—ଦେ. କ୍ରି—ଅପକୀର୍ତ୍ତି ରଖିବା (ଦେଖ)

ନିଲାମ } ରଖିବା—ଦେ. କ୍ରି—କୌଣସି ସମ୍ପତ୍ତିକୁ ନିଲାମ ଡାକ
ନିଲାମରେ } କିଣିବା; ନିଲାମ ଧରିବା ।

ପକା(କେ)ଇ ରଖିବା—ଦେ. କ୍ରି—୧। କୌଣସି ପଦାର୍ଥକୁ ସ୍ଥାନାନ୍ତରିତ ବା ବ୍ୟବହାର ନ କରି ଏକସ୍ଥାନରେ ପଡ଼ି ରହିବାର ଉପାୟ କରିବା ।

(ଯଥା—ମୂର୍ଦ୍ଧାରକୁ ଗାଆଁବାଲାମାନେ ଦିନ ପକେଇ ରଖିଲେ । ହଳଅରକୁ ବ୍ୟବହାର ନ କରି ପକେଇ ରଖିଲେ କଳଙ୍କି ହୋଇଯାଏ ।)

୨। (ଲକ୍ଷଣାର୍ଥ)କୌଣସି କାର୍ଯ୍ୟକୁ ଶୀଘ୍ର ଶେଷ ନ କରିବା ।

ପଣ ରଖିବା—ଦେ. କ୍ରି—ବାଜି ରଖିବା (ଦେଖ)

ପାଣି ରଖିବା—ଦେ. କ୍ରି—୧ । ତରକାରୀ ଆଦିରୁ ସମୁଦାୟ ଜଳ ଶୁଖି ନ ଯିବାର ଉପାୟ କରିବା । ୨। କୌଣସି ସ୍ଥାନର ବା ବଂଶର ବା ଜାତିର ସୁନାମ ବଜାୟ ରହିବାର ଉପାୟ କରିବା ।

(ଯଥା—ଠୋକାଯାକ ଏ ମୋକଦ୍ଦମାରେ ଲଢ଼ି ଆମଗାଆଁର ପାଣି ରଖିଲେ ।)

ପେଟ ରଖିବା ଦେ. କ୍ରି—ଖାଇବାବେଳେ ପୂର୍ଣ୍ଣଭୋଜନ ନ କରିବା । (ଯଥା—ପେଟ ରଖି ଖାଇଲେ କେବେହେଁ ରୋଗ ହେବ ନାହିଁ ।)

ପେଟ(ହୃଦ)ରେ କପଟ ରଖିବା—ଦେ. କ୍ରି—ହୃଦୟରେ ଛଳକୁ ସ୍ଥାନ ଦେବା । [ଉ—ଚମତ୍କାର କଥା ଦେଖି ହୃଦରେ କପଟ ରଖି । କବିସୂର୍ଯ୍ୟ. ବଳେଶ୍ୱ. ଚମ୍ପୂ. ଚ. ଗୀତ]

ପେଟରେ } ରଖିବା—ଦେ. କ୍ରି—କୌଣସି ବିଷୟ
ପେଟରେ କୋଲପ ପକାଇ } ପ୍ରକାଶ ନ କରିବା ।

ପ୍ରଣୟ ରଖିବା—ଦେ. କ୍ରି.—ବନ୍ଧୁତା ରଖିବା (ଦେଖ)

ପ୍ରାଣ ରଖିବା—ଦେ. କ୍ରି—୧ । ମୃତ୍ୟୁରୁ ଅନ୍ୟର ଜୀବନକୁ ବଞ୍ଚାଇବା ।
[ଉ—ବୈଦୁର୍ଯ୍ୟ କୃପାଳୁ ଗୁଣନିଧି ରଖିଲୁ ମୋ ପ୍ରାଣ ।
କବିସୂର୍ଯ୍ୟ ବଳେଶ୍ୱ. ଚମ୍ପୂ. ଚ. ଗୀତ]
୨ । ଆପଣାର ଜୀବନ ଧରି ରହିବା; ବଞ୍ଚି ରହିବା ।

ଫୁଙ୍ଗୁଳା ରଖିବା—ଦେ. କ୍ରି—ଖୋଲା ରଖିବା (ଦେଖ)

ବଅଣା } ରଖିବା—ଦେ. କ୍ରି—ବିକ୍ରେୟ ବସ୍ତୁର ଚୁକ୍ତି ହୋଇଥିବା
ବଇ(ହ)ନା } ବା ସ୍ୱୀକୃତ ମୂଲ୍ୟ ବାବଦକୁ ଅଗ୍ରିମ କିଛି ଅଂଶ (ବିକ୍ରେତା) କ୍ରେତାଠାରୁ ଗ୍ରହଣ କରିବା ।

ବଂଶ ରଖିବା—ଦେ. କ୍ରି—କୁଳ ରଖିବା (ଦେଖ)

ବଜାଏ(ୟ) ରଖିବା—ଦେ କ୍ରି—ପୂର୍ବର ବିଷୟ ଅକ୍ଷୁଣ୍ଣ ରହିବାର ଉପାୟ କରିବା ।

ବନ୍ଧକ } ରଖିବା—ଦେ. କ୍ରି—ଋଣର ଜାମିନ୍ ସ୍ୱରୂପ ସମ୍ପତ୍ତି ଆଦି
ବନ୍ଧା } ମହାଜନର ଅଧିକାରରେ ସ୍ଥାପନ କରିବା ।

ବନ୍ଧୁତା ରଖିବା—ଦେ. କ୍ରି—୧ । ବହୁକାଳପାଇଁ ବନ୍ଧୁତା ପୋଷଣ କରିବା । ୨ । କୌଣସି ବ୍ୟକ୍ତି ସଙ୍ଗେ ବନ୍ଧୁତା ସ୍ଥାୟୀ ହେବାର ଉପାୟ କରିବା ।

(ଦ୍ର—ଏହିପରି ଭକ୍ତି, ଭକ୍ତି, ପ୍ରେମ ରଖିବା ଆଦି ହୁଏ)

ବଳ ରଖିବା—ଦେ. କ୍ରି—ଭରସା ରଖିବା (ଦେଖ)

ବସା(ସେ)ଇ ରଖିବା—ଦେ. କ୍ରି—୧ । ବହୁକାଳ ଅପେକ୍ଷା କରାଇବା । ୨ । ନିକମା କରି ବସାଇବା । ୩ । ପାର୍ଶ୍ୱଜୀବ କରିବା ।

ବାକି ରଖିବା—ଦେ. କ୍ରି—୧ । ଅସମ୍ପୂର୍ଣ୍ଣ କରି ଛାଡ଼ି ଦେବା; ସମସ୍ତ କାର୍ଯ୍ୟକୁ ଶେଷ ନ କରି କେତେକ ଅଂଶ ଛାଡ଼ିବା ।

(ଯଥା—ଭୂତ ତାଙ୍କର ସାତ ପୁରୁଷ ଧରି ଶୋଷିଦେଲୁ ଭୂ କ ଆଉ ବାକି ରଖିଛୁ ?) ୨ । ସମସ୍ତ ଦେୟ ପୂର୍ଣ୍ଣ ରୂପେ ନ ସୁଝିବା ।

(ଯଥା—ଏ ତମସୁକର ସୁଧ ଯାକ ସୁଝି ମୂଳଟିକ ବାକି ରଖିଲ ।)

ବାଜି ରଖିବା—ଦେ. କ୍ରି—ଦ୍ୟୂତାଦି କ୍ରୀଡ଼ାରେ ନିର୍ଦ୍ଦିଷ୍ଟ ଧନ ପଣରୂପେ ସ୍ଥାପନ କରିବା ।

ବାଟ ରଖିବା—ଦେ. କ୍ରି—୧ । କୌଣସି ସ୍ଥାନକୁ ଯିବାପାଇଁ ସୁଗମ ଉପାୟ ବା ସୁବିଧା ପୂର୍ବରୁ କରିବା ।

(ଦ୍ର—ଏହିପରି ଫାଙ୍କ ରଖିବା, ଛିଦ୍ର ରଖିବା, କଣା ରଖିବା ଆଦି ହୁଏ ।)

ବାନ୍ଧି ରଖିବା—ଦେ. କ୍ରି—୧ । ଆବଦ୍ଧ କରି ରୋଧ କରିବା ।

(ଯଥା—ଗଙ୍ଗାକୁ ବାନ୍ଧି ରଖିବା)

୨ । ପେଡ଼ିରେ ବା ଘରୁଆରେ ବନ୍ଦ କରି ରଖିବା ।

(ଉ—ପାଣି ଦେଲ ମରୁଥରେ, ବିଦେଶୀ ବଚନ ବାନ୍ଧି ରଖିବ, ହାଣ୍ଡିଦାନ୍ତ ଘରୁଆରେ । ଭଗ)

୩ । ଶରୀରକୁ ଅଭଗ୍ନବୀର୍ଯ୍ୟରୁ ରକ୍ଷା କରିବା ।
(ଯଥା— ଦେହକୁ ବାନ୍ଧି ନ ରଖିଲେ ବ୍ରହ୍ମଚର୍ଯ୍ୟ ସାଧି ହେବ ନାହିଁ ।)
(ଦ୍ର—ଏହିପରି ଧରି ରଖିବା, କାଢ଼ି ରଖିବା, ସଜାଡ଼ି ରଖିବା, ସଜାଇ ରଖିବା, ସାଇତି ରଖିବା, ଜଗି ରଖିବା, ଘୋଷି ରଖିବା, ଲେଖି ରଖିବା, ଲୁଚେଇ ରଖିବା, ଛପେଇ ରଖିବା ଇତ୍ୟାଦି ଶବ୍ଦ ହୁଏ ।)

ବାଳ ରଖିବା—ଦେ. କ୍ରି—ବାଳ ଛାଡ଼ିବା; ମସ୍ତକରେ ଲମ୍ବ କେଶ ଛାଡ଼ିବା ।

ବାହା(ହି, ହେ)ଲ୍ ରଖିବା—ଦେ. କ୍ରି—(କୌଣସି ଆଦେଶ ଆଦିକୁ) ରଦ୍ ନ କରି କାଏମ୍ କରିବା ।

ବେଖାର ରଖିବା—ଦେ. କ୍ରି—ବନ୍ଧୁ ଘରୁ ପ୍ରେରିତ ବେଖାରକୁ ଗ୍ରହଣ କରିବା ।

ବେଶ୍ୟା ରଖିବା—ଦେ. କ୍ରି—ଦାସୀ ରଖିବା (ଦେଖ)

ଭରସା ରଖିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ଆପଣାର ସହାୟ ବୋଲି ମନରେ ଆଶା ପୋଷଣ କରିବା ।

ଭାବ } ଭାବୁସି } ରଖିବା—ଦେ. କ୍ରି—ବନ୍ଧୁତା ରଖିବା (ଦେଖ)

ମଲୁବ୍ ରଖିବା—ଦେ. କ୍ରି—କୌଣସି ବିଷୟକୁ ପରବର୍ତ୍ତୀ କାଳକୁ ଗଡ଼ାଇଦେବା ।

ମନ ରଖିବା—ଦେ. କ୍ରି—୧ । ମନ ଯୋଗାଇବା; ସନ୍ତୁଷ୍ଟ କରିବା । ୨ । କୌଣସି ବିଷୟ ପ୍ରତି ଆକୃଷ୍ଟ ହେବା ବା ଉକ୍ତ ବିଷୟ ଚିନ୍ତା କରିବା ।

ମନରେ } ମନେ } ରଖିବା—ଦେ. କ୍ରି—ଭୁଲି ନ ଯିବା; ସ୍ମୃତିରୁ ଅନ୍ତର ନ କରିବା ।

ମନେ ମନେ ରଖିବା—ଦେ. କ୍ରି—ବାହାରେ ପ୍ରକାଶ ନ କରିବା ।

ମରଦ } ମର୍ଦ୍ଦ } ରଖିବା—ଦେ. କ୍ରି—ପର ପୁରୁଷକୁ ଉପପତିରୂପେ ପାଳିବା ।

ମହତ(ତ୍ତ୍ୱ) ରଖିବା—ଦେ. କ୍ରି—ଇଜ୍ଜତ ରଖିବା (ଦେଖ)
(ମାନ ରଖିବା—ଅନ୍ୟରୂପ)

ମାଇକିନିଆଁ(ଆ) ରଖିବା—ଦେ. କ୍ରି—ଦାସୀ ରଖିବା (ଦେଖ)

ମୁଠାତଳେ ରଖିବା—ଦେ. କ୍ରି—ହାତମୁଠାରେ ରଖିବା (ଦେଖ)

ମୁଠାଭିତରେ } ମୁଠାରେ, କବଜାରେ } ରଖିବା—ଅନ୍ୟରୂପ

ମୁଣ୍ଡ ରଖିବା—ଦେ. କ୍ରି—୧ । ମନୁଷ୍ୟର ଜୀବନ ରକ୍ଷା କରିବା । ୨ । ଉପାଧାନ ଆଦିରେ ମସ୍ତକ ସ୍ଥାପନ କରିବା । ୩ । କୌଣସିଠାରେ ଆଶ୍ରୟ ଗ୍ରହଣ କରିବା ।

ମୁହଁ ରଖିବା—ଦେ. କ୍ରି—୧ । ମନ ରଖିବା; ମନ ଯୋଗାଇ ସନ୍ତୁଷ୍ଟ କରିବା ୨ । ମୋହବତ ରଖିବା; ଚକ୍ଷୁଲଜ୍ଜା ରଖିବା । ୩ । ମୌଖିକ ଅନୁରୋଧ ରକ୍ଷା କରିବା ।

ମେଳ ରଖିବା—ଦେ. କ୍ରି—ଖୋଲ ରଖିବା (ଦେଖ)

ମୋହବତ ରଖିବା—ଦେ. କ୍ରି—ଚକ୍ଷୁଲଜ୍ଜା ରଖିବା (ଦେଖ)

ଯତ୍ନ ରଖିବା—ଦେ. କ୍ରି—ହେପାଜତ ରଖିବା (ଦେଖ)

ଯଶ ରଖିବା—ଦେ. କ୍ରି—କୀର୍ତ୍ତି ଅର୍ଜ୍ଜନ କରିବା; କୀର୍ତ୍ତିଜନକ କାର୍ଯ୍ୟ କରି ଭବିଷ୍ୟତକୁ ସୁନାମ ଛାଡ଼ିଯିବା ।
(ଦଶ ରଖିବା—ଗ୍ରା. ରୂପ)

ର(ରା)ଗ ରଖିବା—ଦେ. କ୍ରି—କୌଣସି ବ୍ୟକ୍ତି ବିପକ୍ଷରେ ମନରେ କ୍ରୋଧ ପୋଷଣ କରିବା । (ଦ୍ର—ଏହିପରି ଈର୍ଷା ରଖିବା ହୁଏ)

ରଡ଼ ରଖିବା—ଦେ. କ୍ରି—ଅଦଉତି ରଖିବା (ଦେଖ)

ରାସ୍ତା ରଖିବା—ଦେ. କ୍ରି—ବାଟ ରଖିବା (ଦେଖ)

ଲୋକ ରଖିବା—ଦେ. କ୍ରି—ଚାକର ରଖିବା (ଦେଖ)

ଶରୀର ରଖିବା—ଦେ. କ୍ରି—ଦେହ ରଖିବା ଦେଖ)

ସଂସାର ରଖିବା—ଦେ. କ୍ରି—ବିନାଶରୁ ସୃଷ୍ଟିକୁ ରକ୍ଷା କରିବା ।

ସଦ୍ଭାବ ରଖିବା—ଦେ. କ୍ରି—ବନ୍ଧୁତା ରଖିବା (ଦେଖ)

ସର୍ବାଙ୍ଗ ରଖିବା—ଦେ. କ୍ରି—ମୁଣ୍ଡ ଓ ମୁଖର କୌଣସି ଅଂଶ ଖିଅର ନ ହୋଇ ବାଳ ଛାଡ଼ିବା (ଏହିପରି ବେଣ୍ଟିରଖିବା, ମୁଛ ବା ନଖ ରଖିବା, ଗାଲମୁଛ ରଖିବା, ଦାଢ଼ିର ରଖିବା ଆଦି ହୁଏ)

ସମ୍ପତ୍ତି ରଖିବା—ଦେ. କ୍ରି—୧ । ଧନ ସଞ୍ଚୟ କରିବା । ୨ । ସମ୍ପତ୍ତିର ବୁଝାସୁଝା କରିବାର ଭାର ଗ୍ରହଣ କରିବା ।

ସମ୍ମାନ ରଖିବା—ଦେ. କ୍ରି—ଇଜ୍ଜତ ରଖିବା (ଦେଖ)

ସ୍ତ୍ରୀ ରଖିବା—ଦେ. କ୍ରି—ଦାସୀ ରଖିବା (ଦେଖ)

ସ୍ନେହ ରଖିବା—ଦେ. କ୍ରି—ବନ୍ଧୁତାଇପାଇଁ ସ୍ନେହ କରିବା ।
(ସିନେହ ରଖିବା—ଗ୍ରା. ରୂପ)

ହାତମୁଠାରେ } ହାତରେ } ରଖିବା—ଦେ. କ୍ରି—୧ । ହସ୍ତଗତକରି କିଛିକାଳ ପାଇଁ ସମ୍ଭାଳିବା । ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କୁ ବଶୀଭୂତ କରିବା ।

ହୁ(ହୋ)ଡ଼ ରଖିବା—ଦେ. କ୍ରି—ବାଜି ରଖିବା (ଦେଖ)

ହୃଦରେ ରଖିବା—ଦେ. କ୍ରି—ପେଟରେ ରଖିବା (ଦେଖ)

ହେଜ ରଖିବା—ଦେ. କ୍ରି—ଖିଆଲ ରଖିବା (ଦେଖ)

ହେପାଜ(ଜ)ତ୍ ରଖିବା—ଦେ. କ୍ରି—ଯତ୍ନପୂର୍ବକ ବସ୍ତୁପ୍ରତି ଦୃଷ୍ଟି ଦେବା ।

ହେମତ(ନ୍ତ) ରଖିବା—ଦେ. କ୍ରି—ଭରଷା ରଖିବା (ଦେଖ)]

ରଖି ଯିବା—ଦେ. କ୍ରି—୧ । ପରିବାରସ୍ଥ ଅନ୍ୟ ବ୍ୟକ୍ତିଙ୍କ ବା ଉତ୍ତରାଧିକାରୀଙ୍କୁ ତ୍ୟାଗ କରି ମୃତ ହେବା; ଛାଡ଼ିବା—
Rakhi jibā
রেখে যাওয়া
रखजाना
1. To leave (persons surviving as heirs). ୨ । ଆପଣା ମୃତ୍ୟୁ ପରେ କୌଣସି ବିଷୟ ସ୍ଥାୟୀ ହୋଇ ରହିବାର ଉପାୟ କରି ମରିବା—2. To die after making provision for a matter.

ରଖୁଆଳ(ଳି)—ଦେ. ବିଣ (ସଂ. ରକ୍ଷାପାଳ; ରକ୍ଷାକର, ରକ୍ଷାକାରୀ)—
Rakhuāḷa(ḷi)
রাখাল, রখোয়াল
रखवाला(र)
ରକ୍ଷା କାରକ—Saving; protecting. ବି—୧ । ରକ୍ଷକ ବ୍ୟକ୍ତି—1. Protector; patron. [ଉ—ଅମ୍ଭେ ତୁମ୍ଭକୁ ରଖୁଆଳ, ଭୟ ନ କର ତୁମ୍ଭେ ତଳ—ରାମଦାସ. ଦାର୍ଢ୍ୟତାଭକ୍ତି ।] ୨ । ଗୋରୁ ଆଦି ଜଗିବା ବ୍ୟକ୍ତି; ଜଗୁଆଳ; ପାଳକ—2. A person who tends cattle [ଉ—ଯଥା ମହାବଳ, ରଖୁଆଳଶୂନ୍ୟ ଯେତେକ ପଶି, ଅବହେଳେ ବିନାଶେ ଗୋଯୂଥ । ଚିନ୍ତାମଣି. ବିଦଗ୍ଧମାଧବ୍ୟ ।] [ଦ୍ର—ଗୋମେଷାଦି ପାଳିତ ଜୀବମାନଙ୍କ ସଙ୍ଗେ ଏ ଶବ୍ଦ ଯୁକ୍ତ ହୁଏ

ଯଥା—ଗୋରୁ ରଖୁଥିଲ, ତେଳ ରଖୁଥିଲ ଇତ୍ୟାଦ ।]
୩ । ପହରାବାଲା—3. Watchman.

ରଖେଇଅ—ଗ୍ରା. ବ (ପୁଂ)—ପ୍ରକାଶ୍ୟତଃ ଉପପତ—
Rakheia उपपति A paramour.
(ରଖେୟା—ଅନ୍ୟରୂପ)

ରଖେଇ—ଗ୍ରା. ବଣ (ସ୍ତ୍ରୀ)—ରକ୍ଷିତା (ସ୍ତ୍ରୀ)—Kept (woman.)
Rakhei ବ. ସ୍ତ୍ରୀ—୧ । ରଖେଇ ମାଇପ (ଦେଖ)
राखनी 1. Rakhei māipa (See)
रखनी, रखेली ୨ । ପାଳିବାର ବା ରକ୍ଷିବାର ମଜୁର ବା ପାରଶ୍ରମିକ-
(ରଖେଁ—ଅନ୍ୟରୂପ) 2. Wages paid to a person for
राखा मजुर रखवाई keeping or watching.

ରଖେଇ ଅଡ଼(ଅଡ଼ର)ପିଲା—ଦେ.ବ—ରକ୍ଷିତା ସ୍ତ୍ରୀ ଗର୍ଭଜାତ ସନ୍ତାନ—
Rakhei ārda (ārdara) pilā A child born of a
राखनीर छेले रखेलीका लडका concubine.

ରଖେଇ ମାଇପ—ଦେ. ବ (ସ୍ତ୍ରୀ) (ସ. ରକ୍ଷିତା ସ୍ତ୍ରୀ)—ରକ୍ଷିତା ସ୍ତ୍ରୀ;
Rakhei māipa ଉପପତ୍ନୀ; ପୋଇଲି—Concubine; a
राखनी, रक्षिता स्त्री रखेली mistress.
[ବେଇ(ସ୍ତ୍ରୀ) ମାଇପ(ଗ୍ରାଉଜା)—ରୂପାନ୍ତର]

ରଗ୍ (ଧାତୁ)—ସ—୧ । ଚାଲିବା; ଚଳିବା—1. To move; to
Rag (root) go. ୨ । ସନ୍ଦେହ କରିବା—2. To doubt
(Apte).

ରଗ୍—ବୈଦେ. ବ (ଇଂ)—ଛୋଟ କମ୍ବଳ—
Rag रग रग Rug; small blanket.

ରଗ୍ଡ଼ିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ରଗଡ଼ିବା (ଦେଖ)
Rag-rdibā 1. Ragardibā (See)
୨ । ଚକଟିବା (ଦେଖ)—2. Chakaṭibā (See)

ରଗ୍ ରଗ୍—ଦେ. ଅ—କଲ୍ କଲ୍; କଣ୍ଡୁ; କାଣ୍ଡ—
Rag-rag Itching sensation.
रगरग सबसब

ରଗ୍‌ରଗ୍—ଦେ. ଅ—୧ । କ୍ରୋଧ; ରାଗ—1. Anger. ୨ । ଆଖିରେ
Rag-rag ବାଲି ପଶି ଝେଞ୍ଜିବା ବା କଟିବା—2. Aching of
रग रग the eyes due to the presence of
दुखना sand in it. ୩ । ଶିରା ଅଧ ବାଜିବା—3. Throbb-
धमधम ing pain of veins. ବଣ—କ୍ରୋଧରେ ଜର୍ଜର—
Raging; furious with anger.

ରଗ (ଧାତୁ)—ସଂ.—୧ । ସନ୍ଦେହ କରିବା—1. To suspect; to
Raga (root) doubt. ୨ । ଶଙ୍କା କରିବା—2. To fear.
୩ । ଚାଖିବା—3. To taste. ୪ । ପ୍ରାପ୍ତ ହେବା—
4. To get. ୫ । ଗମନ କରିବା; ଗତ କରିବା—
5. To go; to move.

ରଗ—ବୈଦେ. ବ (ଫା. ରଗ୍)—୧ । ଲଲାଟର ଦୁଇପାଖର ଶିରା—
Raga 1. Temporal artery. ୨ । ଶିରା—2. Vein.
रग ଦେ. ବ—(ସ. ରଞ୍ଜ. ଧାତୁ)—୧ । କ୍ରୋଧ; ରାଗ—
रग 1. Anger; rage. ୨ । କଲୁ; କଣ୍ଡୁ—2. Itcting.
राग ୩ । ଅହଙ୍କା—3. Grudge. ୪ । ଯୌବନଜନିତ ସ୍ଫୁର୍ତ୍ତି—
रंज 4. Sprightfulness of youth. ୫ । ଦ୍ୱନ୍ଦ୍ୱ—
5. Paroxysm.

ରଗ ଉଠିବା—ଦେ. କ୍ରି—୧ । ସ୍ଫୁର୍ତ୍ତି ଜାତ ହେବା—1. Sprightful-
Raga uthibā ness. ୨ । କଲୁ ଉଠିବା—2. Itching.
फ़ुर्तिहओना

ରଗଡ଼—ଦେ. ବ (ସ. ଦୃଗଡ଼=ବଡ଼ ଢକ୍କା; ବଡ଼କାଠ)—୧ । ଢୋଲ
Ragarda ବା ମୃଦଙ୍ଗକୁ ଜୋରରେ ବଜାଇବାର ଶବ୍ଦ; ଢୋଲ
रगड़ ଦ୍ୱାରା ଅବଚ୍ଛାର ବାଜା—1. Sound of a series of
घनघनाना quick beatings of a drum. ୨ । ଆମୋଦ
रगड़ ପ୍ରମୋଦର ଦ୍ୱନ୍ଦ୍ୱ; କୌତୁକ; ମଜ୍ଜା—2. Hilarity; fun;
रगड amusement; fit of merriment. ୩ । ରାଗର
घोर ବା କଳର ଦ୍ୱନ୍ଦ୍ୱ—3. A paroxysm or heat of
पाडा rage. ୪ । କଠିନ ବସ୍ତୁର ସଙ୍ଘର୍ଷ; ମର୍ଦ୍ଦନ—4. Rubb-
रगड़ान ing of two hard things against each
रगड other; grinding. ୫ । ଦାନ୍ତର ପରସ୍ପର ଘର୍ଷଣ—
कटकटाना 5. Grinding of the teeth. [ଉ—
ମେଘ ଘଡ଼ଘଡ଼ିର ବନ୍ଦୀର ରଗଡ଼ । କୃଷ୍ଣସିଂହ.
कठिन मेहेनत मହାଭାରତ. ଅଷ୍ଟ ।] ୬ । କଠୋର ପରିଶ୍ରମ—
रगड 6. Hard labour. ୭ । ଜିଗର୍—7. Obstinacy.
୮ । ପୌନଃପୁନ୍ୟ—8. Repeatedness. ବଣ—
रगड ୧ । ଟାଣ; ଦୃଢ଼—1. Hard; strong. [ଉ—ଅଳ୍ପକ
ରଗଡ଼େ ଛିଙ୍କିବ ତେଜକ । ରାଧାନାଥ. ଦରବାର ।]
୨ । ରେଗଡ଼ା-2. Rough-grained. ୩ ଜିଗର୍‌ଦାର୍—
3. Obstinate; importune.

ରଗଡ଼ କରିବା—ଦେ. କ୍ରି—୧ । ଘନଘନ ଯାତାୟାତ କରିବା—
Ragarda karibā 1. To visit a place in quick
ରଗଡ଼ ପକା(କେ)ଇବା } ଅନ୍ୟରୂପ succession. ୨ । ମଜ୍ଜା
ରଗଡ଼ ମାରିବା କରିବା—2 To make
रगड़ करा a fun; to make merriment.
रगड करना; रगड उठाना

ରଗଡ଼ ଜମା(ମେ)ଇବା—ଦେ. କ୍ରି—ମଜ୍ଜାର ଦ୍ୱନ୍ଦ୍ୱରେ ଲିପ୍ତ ହେବା—
Ragarda jamā(me)ibā To devote one's self to
रगड़ जमान रगड जमाना a fit a merriment.

ରଗଡ଼ ଝଗଡ଼—ଦେ. ବ (ସହଚର ଶବ୍ଦ)—୧ । ଟଣା ଓଟରା—
Ragarda jhagarda 1. Drawing and dragging.
रगड़ झगड़ ୨ । ଧ୍ୱନମାନ; ଭିଡ଼ରେ ଟଣା ଓଟରା—2. Higg-
रगडा झगडा ling and haggling. [ଉ—ମୋଟା
କାରବାର, ରଗଡ଼ ଝଗଡ଼ ନାହିଁ, କଥା ପଦପଦକେ
ସଜଡ଼ା । ଫକୀରମୋହନ. ଗଳ୍ପସ୍ୱଳ୍ପ ।] ୩ । ଅତ୍ୟାଚାର;
ଜୁଲମ.3. Oppression. ୪ । ରଗଡ଼ାଝଗଡ଼ା (ଦେଖ)-
4. Ragardā jhagardā. (See)

ରଗଡ଼ଦାର୍—ଦେ. ବଣ—୧ । ପରିଶ୍ରମୀ—1. Laborious.
Ragardadār ୨ । ଯେ କଠିନ ପରିଶ୍ରମ କରିପାରେ—

(ରଗଡ଼ଦାରଥ—ଅନ୍ୟରୂପ) 2. Capable of very
ৰগড়দার hard labour. ୩ । ମଉଜିଆ—3. Fond of
रगड़दार merriment; frolicsome.

ରଗଡ଼ବାଜ୍ ଦେ. ବିଣ—୧ । କୌତୁକ ପ୍ରିୟ; ମଜାଦାର୍—
Ragardabāj 1. Fond of amusement.
মজাদার ୨ । ମଉଜିଆ; ଆମୋଦ ପ୍ରିୟ—2. Fond of mer-
रगड़बाज, आमोदी, रगड़ी riment; merry.
ରଗଡ଼ ବାଜିଆ, ରଗଡ଼ମ୍ବାଜ, ରଗଡ଼ିଆ } ଅନ୍ୟରୂପ ୩ । ଜିଦ୍ଖୋର ପ୍ରିୟ—3. Fond of paroxyms; acting according to the whim or heat of the moment.
(ରଗଡ଼ବାଜି, ରଗଡ଼ମ୍ବାଜି, ରଗଡ଼ିଆପଣ — ବି)

ରଗଡ଼ ଲଗା(ଗେ)ଇବା—ଦେ. କି—୧ । ରଗଡ଼ ଜମାଇବା (ଦେଖ)
Ragarda lagā(ge)ibā 1. Ragarda jamāibā (See)
রগড় লাগান ୨ । କଳି କରିବା—2. To quarrel.
रगड़ लगाना ୩ । ଜିଗର କରିବା—3. To importune.
(ରଗଡ଼ ଲଗିବା—ଅ. ରୂପ)

ରଗଡ଼ା—ଦେ. ବି. (ସଂ. ଘର୍ଷଣ)—୧ । ଚାଣ ବସ୍ତୁଦ୍ୱୟର ଘର୍ଷଣ
Ragardā ଘର୍ଷଣ—1. Rubbing; grinding. (ଯଥା—
রগড়া ଦାନ୍ତ ରଗଡ଼) ୨ । (ମୁଗ ଇତ୍ୟାଦିକୁ) ଚକିରେ
रगड़ना, रगड़ा ପେଷିବା—2. Pulverising; grinding or splitting of grains and lentils. ୩ । କାନ ମୋଡ଼ା—3. Crushing of the ears.
ବିଣ—୧ । କଙ୍କରମୟ—1. Gravelly. ୨ । ପେଷା
রগড়া ହୋଇଥିବା—2. Pulversed; ground; rubbed; split. ୩ । ରଗଡ଼ା; ଖଦଡ଼ା—3. Rough. (ଯଥା—ରଗଡ଼ା ପଥର) ୪ । ମୋଟା—4. Course. (ଯଥା—ରଗଡ଼ା ଗାମୁଛା) ୫ । ଚାଣ; କର୍କଶ —
খুব মোটা 5. Rough; harsh.

ରଗଡ଼ା(ଡ଼େ)ଇବା—ଦେ. କି (ରଗଡ଼ିବା କ୍ରିୟାର ଣିଜନ୍ତ ରୂପ—
Ragardā(rde)ibā The causative form of
রগড়ান Ragardibā)—ଅନ୍ୟ ଦ୍ୱାରା ରଗଡ଼ିବା କାର୍ଯ୍ୟ
रगड़ाना, रगड़वाना କରାଇବା—To cause to be ground by another.

ରଗଡ଼ା ଝଗଡ଼ା—ଦେ. ବି—୧ । କଳି ଝଗଡ଼ା—1. Quarrel. ୨ ।
Ragardā jhagardā କଳି ଓ ମାଡ଼ପିଟାପିଟି—2. Quarrel
রগড়ান; রগড়ঝগড় रगड़ा झगड़ा and affray. ୩ । ଯୁକ୍ତି-ମାଙ୍କ; ବାଦାନୁବାଦ—3. Higgling and haggling.

ରଗଡ଼ା ପଥର—ଦେ. ବି—ଯେଉଁ ପଥର ଚିକ୍କଣ ନୁହେଁ—
Ragardā pathara Coarse-grained stone.
রগড়া পাথর खुरखुरा पत्थर

ରଗଡ଼ା ବାଲି—ଦେ. ବି—ଖଦଡ଼ା ବାଲି; ଯେଉଁ ବାଲିର କଣାମାନ
Ragardā bāli ବଡ଼ବଡ଼—Coarse sand; sand
মোটা বালি मोटा बालू having coarse grains.

ରଗଡ଼ା ବାଲିଆ—ଦେ. ବି—ଯେଉଁ ବାଲିଆ ପଥର ମସୃଣ ନୁହେଁ—
Ragardā bāliā Coarse sandstone.
বালি পাথর [ଦ୍ର—ଏହିପରି ରଗଡ଼ା ମୁଗୁନି, ରଗଡ଼ା କଳା,
बलुआहा पत्थर ରଗଡ଼ା ଖଡ଼ିଆ ଇତ୍ୟାଦି ହୁଏ ।]

ରଗଡ଼ା ମୁଗ—ଦେ. ବି—ଡାଲି କରିବା ପାଇଁ ଚକି ରଗଡ଼ ରଖିଥିବା
Ragardā muga ମୁଗ—Pounded or split pulse.
রগড়ান মুগ दला हुआ मूंग

ରଗଡ଼ା ଲୁଗା—ଦେ. ବି—ମୋଟ ଲୁଗା; ଖଦଡ଼ା ଲୁଗା—
Ragardā lugā Coarse cloth.
খুব মোটা কাপড় खद्दड़, मोटा कपड़ा

ରଗଡ଼ା ରଗଡ଼ି—ଦେ. ବି—୧ । ବହୁବାର ରଗଡ଼ିବା କର୍ମ—
Ragardā ragardi 1. Grinding several times;
রগড়া রগড়ি repeated friction. ୨ । ମଜାମଜି; ଉତ୍ତମ
रगड़ा रगड़ी ରୂପେ ମାଜିବା—2. Polishing well. ୩ । କଳିଆ; ଝଗଡ଼ା; ବାଦ ବିବାଦ—3. Quarrel. (ଯଥା—ତାର ମୋର ଗୁଡ଼ିଏ ରଗଡ଼ା ରଗଡ଼ି ଲାଗିଗଲା ।)

ରଗଡ଼ା ଶିଳ—ଦେ. ବି—ଯେଉଁ ଶିଳର ଦେହ ମସୃଣ ନୁହେଁ—
Ragardā śila A coarse slab of stone used
এবড়ো খেবড়ো শিল खुरखुरा सिलौट for grinding.

ରଗଡ଼ା ହେ(ଯି)ବା—ଦେ. କି—ରଗଡ଼ିବାର କର୍ମବାଚ୍ୟ ରୂପ—
Ragardā he(ji)bā To be ground or split.
রগড়া হওয়া (ଯଥା—ମୁଗ ରଗଡ଼ା ହେଉଛି, ଶ୍ୟାମ ମୁଗ ରଗଡ଼ୁଛି)
रगड़ा जाना

ରଗଡ଼ି—ଦେ. ବି—ଗୋଡ଼ି; କଙ୍କର—Peebles; gravel.
Ragardi. ବିଣ—ରଗଡ଼ିଆ; କଙ୍କରମୟ—Gravelly.
কঙ্কর (ଉ—ଠାବେ ଠାବେ ପୁଣି ଚାଙ୍ଗର ମଣ୍ଡିଥି; ଉଭା
कङ्कड़ ରୁଷ ଚଙ୍କ ରଗଡ଼ି ମଣ୍ଡିଥି । ରାଧାନାଥ. ମହେନ୍ଦ୍ରଗିରି ।)

ରଗଡ଼ିଆ—ଦେ. ବିଣ—୧ । ରଗଡ଼ବାଜ୍ (ଦେଖ)
Ragardiā রগড়িয়া रगड़ी 1. Ragardabāj (See)
মোটা खद्दड़ ୨ । ରଗଡ଼ା; କଗଡ଼ା; ଖଦଡ଼ା (ଲୁଗା)—
কাংকরময় 2. Coarse. ୩ । କଙ୍କରମୟ—3. Gravelly.
कङ्कड़वाला

ରଗଡ଼ିବା—ଦେ. କି (ସଂ. ଉଦ୍ଗଡ଼=ଚକିବା ବିଶେଷ; ସଂ. ଘର୍ଷଣ)—
Ragardibā ୧ । (ଶ୍ରୁତିକଟୁ ଘର୍ଷଣ ଶବ୍ଦ ସୂଚକ) ଚକିରେ
রগড়া ମୁଗ ଅଦିକୁ ଖଣ୍ଡ ଖଣ୍ଡ କରି ପେଷିବା—1. To
रगड़ना grind or split corn into pieces with the hand mill. (ଯଥା—ମୁଗ, ହରଡ଼, ଗୁହଳ, କୋଳଥ ଅଦି ରଗଡ଼ିବା ।) ୨ । ଦଳିବା; ଚାଟିବା; ପେଷିବା; ମଳିବା 2. To grind; to scour; to bruise. (ଯଥା—ଭାଙ୍ଗ ରଗଡ଼ିବା, ପତ୍ର ରଗଡ଼ିବା, ଚୂନ ପତ୍ର ରଗଡ଼ିବା ଇତ୍ୟାଦି) ୩ । ଚୋବାଇବା—3. To chew. (ଯଥା—ସେ ପାନ ଗୁଡ଼ାଏ ରଗଡ଼ି ଦେଲା ।) ୪ । ଅନ୍ୟର ଦାନକୁ ମୋଡ଼ିବା—4. To rub or

press another's ears. ୫ । (ଦୁଇ ପାଟର ଦାନ୍ତକୁ) ପରସ୍ପର ସହିତ ଘଷିବା—5. To grind (the teeth). (ଦୃ—ବସ୍ତ୍ରରେ ହସ୍ତ ପେଷି ଦନ୍ତ ରଗଡ଼ିଲେ । କୃଷ୍ଣସିଂହ. ମହାଭାରତ. ସଭା ।) ୬ । (ବାସନ ଓ ଅଙ୍ଗ ପ୍ରଭୃତି) ଘଷିବା; ମାଜିବା—6. To rub; to scour. (ଦୃ—କେତେକ ଜଣ ସୁନ୍ଦରୀ ମୁଖର ଅଧିକ ସୌନ୍ଦର୍ଯ୍ୟ ବଢ଼ାଇବା କାମନ୍ରେ ପଣନ୍ତୁକ ନରେ ମହଁ ରଗଡ଼ୁ ଅଛନ୍ତି । ଫକୀରମୋହନ. ଛମାଣ. ଆଠଗୁଣ୍ଠ ।)

ରଗଡ଼ ହେବା—ଦେ. କି—୧ । ଆଖି ମଧ୍ୟରେ ବାଲି ଆଦି ପଶିବା Ragardi heba ଯୋଗୁଁ କୁଣ୍ଡାଇ ହେବା—1 To have चुलकान itching sensation in the eye owing to the दुखना presence of sand etc in it. ୨ । (ଗୋଡ଼ର ଘସେ ଯାଓଯା ବା ହାତର ଗଣ୍ଠି) ପଥରରେ ବା ଭୂମିରେ ଘସି ହେବା घिसजाना —2. To be bruised (said of the रगड़ा याओया wrist or ankle). ୩ । ରଗଡ଼ା ହୋଇ दलाजाना ପାରିବା—3. To be capable of being ground.

ରଗଣ—ସ. ବି—ଛନ୍ଦରେ ବ୍ୟବହୃତ ପ୍ରଥମ ଓ ତୃତୀୟ ଅକ୍ଷର ଗୁରୁ ଏବଂ Ragana ଦ୍ୱିତୀୟ ଅକ୍ଷର ଲଘୁ ହୋଇଥିବା ବର୍ଣ୍ଣତ୍ରୟ—A unit of 3 syllables (of which the 1st and 2nd are long and the 3rd short) used in poetical composition.

ରଗ ବନ୍ଧିବା—ଦେ. କି.—ଶିରା ବନ୍ଧିବା—Throbbing pain of Raga bindhiba रग ब्यथाकरा the veins रग दुखना

ରଗ ମରିଯିବା—ଦେ. ବି.—୧ । ଉପଯୁକ୍ତ ପ୍ରତିଘାତଦ୍ୱାରା ରାଗର ଶାନ୍ତ Raga marijiba ହେବା—1. The cooling of rage राग मरे याओया on being met with rage मन ठंडाहोना ୨ । ପରିଶ୍ରମଦ୍ୱାରା ସ୍ଫୁର୍ତ୍ତିର ଶାନ୍ତ—2. Cooling of itching or sprightliness by hard labour. [ଯଥା—ବୁଢ଼ା ହୋଇ ଯିବାରୁ ତାର ରଗ ମରି ଗଲାଣି ।]

ରଗ ମାରିବା—ଦେ. କି—୧ । ରାଗଦ୍ୱାରା ଅନ୍ୟର ରାଗକୁ ଶାନ୍ତ କରାଇବା Raga mariba —1. To cool a person's rage by ठांण्डा करा क्रोघ ठंढा करदेना meeting it with equivalent rage. ୨ । (ବ୍ୟଙ୍ଗ୍ୟ) କଠିନ ପରିଶ୍ରମାଦି କରାଇ କାନ୍ତ ମାରି ଦେବା—2. To kill or cool रग तोडना one's sprightliness or itching by making him labour hard. ୩ । ଶିରା ଦେଖି ଚଡ଼ୁ ଦେବା; ଶିରାରେ ଚଡ଼ୁ ଦେଇ ବଥା ବନ୍ଦ କରିବା—3. To stop or cure throbbing or aching by searing the proper vein.

ରଗ ରଗ—ଦେ. ଅ.—୧ । ରଗ୍ ରଗ୍ (ଦେଖ) Raga raga रग रग, कनकम 1. Rag rag (See) कनकन ୨ । ଅତ୍ୟନ୍ତ କ୍ରୋଧାନ୍ୱିତ—2. Angry; raging with anger. ୩ । କ୍ରୋଧରେ ଫଁ ଫଁ ହେବା; ରାଗରେ ତମତମ—3. Frowning with anger; foaming with rage; scowling. ବିଣ.—୧ । ବାଲିଆଦି ପଡ଼ିବା ଯୋଗୁଁ ଚକ୍ଷୁର କଣ୍ଡୁୟନ—1. Itching of the eyes due to the presence of sand. ବି.—୧ । କ୍ରୋଧ—1. Anger; rage. ୨ । କ୍ରୋଧର ଦୃଷ୍ଟା—2. A fit of rage. ୩ । କ୍ରୋଧଜନିତ ଭ୍ରୂକୁଟୀ—3. Bitterness due to rage; frowning due to anger.

ରଗା(ଗେ)ଇବା—ଦେ. କି.—ରାଗିବା କ୍ରିୟାର ଣିଜନ୍ତରୂପ—Raga(ge)iba The causative form of ragiba)—रागान ଅନ୍ୟ ବ୍ୟକ୍ତିକୁ ରାଗାନ୍ୱିତ କରାଇବା—To irritate रंजकराना a person; to make a person angry. [ଦୃ—କନ୍ଧୁଛ ମତେ ରଗାନା, ମୋ ସାଙ୍ଗରେ ଭୁ ଲଗାନା । ଭଗ ।]

ରଗିବା—ଦେ. କି.—(ସ. ରଂଜ ଧାତୁ)—ରାଗାନ୍ୱିତ ହେବା—Ragiba To be angry; to be in a fit of rage. रागा रंजहोना ପ୍ରାଦେ. (ରଙ୍ଗଜାତ) କି.—ରଙ୍ଗେଇବା; ରଞ୍ଜିତ କରିବା—To dye with a colour.

ରଗୁଆ—ଦେ. ବିଣ. ପୁଂ—ରାଗୀ; କୋପନସ୍ୱଭାବ, ବଦ୍‌ରାଗୀ—Ragua बद रागी Of a fiery temper; irritative. गुस्सावाला [ରଗେ(ଗୋ)ଇ—ସ୍ତ୍ରୀ]

ରଗୁଡ଼ି—ପ୍ରାଦେ.—(ବାଲେଶ୍ୱର) ବି.—(ବଣିଆ ଶବ୍ଦ)—କଙ୍ଗନ୍ Ragurdi Kangan (See)

ରଘ୍ (ଧାତୁ)—ସ.—୧ । ଗମନ କରିବା—1. To go. Ragh (root) ୨ । ଗତି କରିବା—2. To move. ୩ । ଦୀପ୍ତି ପାଇବା—3. To shine.

ରଘୁ—ସ. ବି (ରଘ୍ ଧାତୁ+କର୍ତ୍ତୃ. ଉ)—୧ । ସୂର୍ଯ୍ୟବଂଶୀୟ ନୃପତି-Raghu ବିଶେଷ—1. Name of a king of the Solar dynasty of ancient India. [ଦୃ—ଏ ମହାରାଜ ଦିଲୀପଙ୍କ ପୁତ୍ର, ଅଜଙ୍କ ପିତା, ଦଶରଥଙ୍କ ପିତାମହ ଓ ରାମଚନ୍ଦ୍ରଙ୍କ ପ୍ରପିତାମହ । ଏ ବାହୁବଳରେ ବହୁରାଜ୍ୟ ଜୟ କରିଥିଲେ ଓ ଏହାଙ୍କଠାରୁ 'ରଘୁବଂଶ' ନାମ ହୋଇଅଛି । ଏ ବହୁରାଜ୍ୟ ଜୟ କରି ଅବଶେଷରେ ବିଶ୍ୱଜିତ୍ ଯଜ୍ଞ ଅନୁଷ୍ଠାନ କରି ବ୍ରାହ୍ମଣମାନଙ୍କୁ ସର୍ବସ୍ୱ ଦାନ କରିଥିଲେ । ଏହାଙ୍କ ବଂଶୀୟ ରାଜାମାନେ ଅଯୋଧ୍ୟାରେ ରାଜତ୍ୱ କରୁଥିଲେ ।] ୨ । (ବହୁବଚନରେ ବ୍ୟବହୃତ ସ. ରଘବଃ)—ରଘୁବଂଶୀୟ ନୃପତି ଗଣ—2. The kings of the Raghu dynasty. ୩ । ରଘୁ ରାଜାଙ୍କ ବଂଶ—3. The family of king Raghu. ୪ । କାଳିଦାସ କୃତ ମହାକାବ୍ୟ ରଘୁବଂଶ —4. 'The Raghubamsa'; an epic poem by Kalidasa. ଦେ. ବି. ପୁଂ (ଅନାଦରାର୍ଥକ)—(ରଘୁଆ—ଅନାଦରାର୍ଥକ) ରଘୁନାଥ ନାମକ ବ୍ୟକ୍ତିର ଡାକନାମ ।

(ରଘୁନ୍ନା—ଅଦରାର୍ଥକ ଅନ୍ୟରୂପ) —Name for calling Raghunātha. [ଦ୍ର—ପିଲାଏ ମାଇଲେ ଠେକା, ରଘୁ ଫଳେଇଲେ ଏକା । ଶିଶୁଗୀତ ।]

ରଘୁକାର—ସଂ. ବି—ରଘୁବଂଶ କାବ୍ୟର ରଚୟିତା; କବି କାଳିଦାସ— Raghukāra Poet Kālidāsa, the author of the Raghubaṁsa.

ରଘୁ କୁଳ—ସଂ. ବି—ରଘୁବଂଶ; (ପ୍ରାଚୀନ) ଭାରତର ସୂର୍ଯ୍ୟବଂଶ— Raghu kuḷa The Solar dynasty of kings of ancient India.

ରଘୁ କୁଳ ତିଳକ—ସଂ. ବି (ରୂପକ; ରଘୁକୁଳ+ତିଳକ)— Raghu kuḷa tiḷaka ରଘୁବଂଶର ପ୍ରଧାନ ବ୍ୟକ୍ତି; ରାମଚନ୍ଦ୍ର (ରଘୁକୁଳପ୍ରଦୀପ, ରଘୁକୁଳମଣି—ଅନ୍ୟରୂପ) —Name of Rāmachandra.

ରଘୁ(ଘୋ)ଜୀ ଭୋଁସଲା—ଦେ. ବି (ନାମ)—ମଧ୍ୟପ୍ରଦେଶସ୍ଥ ନାଗପୁର Raghu(gho)ji bhoṅsalā ରାଜ୍ୟର (ଭୋଁସ୍‌ଲାଉପାଧିଧାରୀ) [ରଘୁ(ଘୋ)ଜୀଭୋ(ଭୋଁ)ସ୍ଲା—ଅନ୍ୟରୂପ] ମରହଟ୍ଟା ରାଜବଂଶର ପ୍ରଥମ रघुजीभोंसला ରାଜା ଓ ତାଙ୍କ ଅଣନାତି—Name of 2 रघुजीभोंसला Marhatta kings of Nagpur, from the latter of whom the English got Orissa by the treaty of Debagrāma. [ଦ୍ର—ଏ ବଙ୍ଗର ନବାବ୍ ଅଲବର୍ଦ୍ଦି ଖାଁଙ୍କଠାରୁ ଓଡ଼ିଶାକୁ ୧୭୫୨ ଖ୍ରୀଷ୍ଟାବ୍ଦରେ ଜୟ କରିଥିଲେ ଏବଂ ଏହାଙ୍କୁ ବଙ୍ଗଦେଶ ପାଇଁ ୧୨ ଲକ୍ଷ ଟଙ୍କା ବାର୍ଷିକ 'ଚୌଥ' ଦେବାକୁ ଅଲବର୍ଦ୍ଦି ଖାଁ ସ୍ୱୀକାର କରିଥିଲେ । ଏହାଙ୍କ ପୁତ୍ର ଜାନୋଜୀଙ୍କର ନାତି ଅନ୍ୟ ଜଣେ ପରବର୍ତ୍ତୀ ରାଜା ରଘୁଜୀ-ଭୋଁସ୍ଲାଙ୍କଠାରୁ ଇଂରାଜମାନେ ଦେବଗ୍ରାମର ସ୍ମରଣୀୟ ସନ୍ଧିଦ୍ୱାରା ଓଡ଼ିଶାକୁ ପ୍ରାପ୍ତ ହୋଇ ୧୮୦୩ ସାଲରେ ଓଡ଼ିଶା ଅଧିକାର କଲେ ।]

ରଘୁ ତିଳକ—ସଂ. ବି (ପ୍ରାଚୀ ଛନ୍ଦ)—ରାମଚନ୍ଦ୍ର— Raghu tiḷaka Rāmachandra (Apte).

ରଘୁ ନନ୍ଦନ—ସଂ. ବି—ରାମଚନ୍ଦ୍ର—Rāmachandra. ଦେ. ବି. Raghu nandana ପୁଂ—୧ । ଲୋକଙ୍କ ନାମ—1. A name given to males ୨ । ରଘୁନନ୍ଦନ ଭଟ୍ଟାଚାର୍ଯ୍ୟ (ଦେଖ)—2. Raghunandana bhaṭṭāchārjya (See).

ରଘୁନନ୍ଦନ ଭଟ୍ଟାଚାର୍ଯ୍ୟ—ଦେ. ବି (ନାମ)—ବଙ୍ଗୀୟ ସ୍ମୃତି ଗ୍ରନ୍ଥକାର Raghunandana bhaṭṭāchārjya —Name of a commentator on the Hindu law whose opinion prevails in Bengal. [ଦ୍ର—ଏ ଚୈତନ୍ୟଦେବଙ୍କ ସମସାମୟିକ ଥିଲେ । ନବଦ୍ୱୀପ ଏହାଙ୍କ ଜନ୍ମସ୍ଥାନ । ଏ ମନ୍ୱାଦିସ୍ମୃତିରୁ ଓ ପୁରାଣରୁ ସାର ସଂଗ୍ରହ କରି ବର୍ତ୍ତମାନକାଳୋପଯୋଗୀ ଅଷ୍ଟାବିଂଶତି ତତ୍ତ୍ୱଯୁକ୍ତ ବ୍ୟବସ୍ଥାଗ୍ରନ୍ଥ ରଚନା କରି ଯାଇ ଅଛନ୍ତି । ଏହାଙ୍କ ମତ ଅନୁସାରେ ବଙ୍ଗୀୟ ହିନ୍ଦୁସମାଜ ବର୍ତ୍ତମାନ ପରିଚାଳିତ । (ସୁବଳଚନ୍ଦ୍ର)]

ରଘୁ ନାଥ—ସଂ. ବି (ପ୍ରାଚୀ ଛନ୍ଦ)—୧ । ରାମଚନ୍ଦ୍ର—1. Rāma- Raghu nātha chandra. ୨ । ଶାଳଗ୍ରାମ ବିଶେଷ— 2. Name of one species of Śāḷagrāma. [ଦ୍ର—ଶାଳଗ୍ରାମ ଚକ୍ରେ ଲୋକ୍ ଦେଖ ।] ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—A name given to males.

ରଘୁନାଥ ଦାସ—ଦେ. ବି (ନାମ)—୧ । ପଞ୍ଚଦଶ ଶତାବ୍ଦୀର ବଙ୍ଗୀୟ Raghunātha dāsa ଭକ୍ତବିଶେଷ—1. Name of a very pious Bengali Baishnaba poet who was contemporary of Chaitanya. [ଦ୍ର—ଏ ଚୈତନ୍ୟଦେବଙ୍କ ସମସାମୟିକ ଜଣେ ଧନିପୁତ୍ର ଓ ଭକ୍ତପ୍ରବର ଥିଲେ । ଏହାଙ୍କ ପିତା ଗୋବର୍ଦ୍ଧନ ଚତୁର୍ଦ୍ଦଶ ଶତାବ୍ଦୀରେ ବଙ୍ଗଳାର ନବାବଙ୍କଠାରୁ 'ସପ୍ତଗ୍ରାମ' ନାମକ 'ପର୍ଗଣା' ତାଲୁକର ଇଜାରାଦାର ପାଇଥିଲେ; ରଘୁନାଥ ପରମବୈଷ୍ଣବ ହୋଇ ନିର୍ଲିପ୍ତଭାବରେ ସଂସାରଯାତ୍ରା ନିର୍ବାହ କରୁଥିଲେ ଓ ଶ୍ରୀ ଚୈତନ୍ୟଦେବଙ୍କର ପ୍ରଧାନ ଭକ୍ତ ଥିଲେ । ଶ୍ରୀ ଚୈତନ୍ୟଙ୍କ ଦେହତ୍ୟାଗ ପରେ ଏ ବୃନ୍ଦାବନକୁ ଯାଇ ରାଧାକୁଣ୍ଡନିକଟରେ ବାସ କଲେ ଓ ସେହିଠାରେ ଦେହତ୍ୟାଗ କଲେ । ଏହାଙ୍କ ରଚିତ ବଙ୍ଗଳା ଉପଦେଶାମୃତ, ମନଃଶିକ୍ଷା, ଶ୍ରୀ ଚୈତନ୍ୟ ସ୍ତବ କଳ୍ପବୃକ୍ଷ, ବିଳାପକୁସୁମାଞ୍ଜଳି, ଶ୍ରୀ ପ୍ରେମାମ୍ଭୋଜ ମକରନ୍ଦାଖ୍ୟ ବୈଷ୍ଣବସମାଜରେ ପରମାଦୃତ—ସୁବଳଚନ୍ଦ୍ର ।] ୨ । ଅଷ୍ଟାଦଶ ଶତାବ୍ଦୀର ଉତ୍କଳୀୟ କବିବିଶେଷ—2. Name of an Oriya poet of the 18th century. [ଦ୍ର—ଏ ବିଦ୍ୟାକଳ୍ପଲତିକା, ପ୍ରାୟଶ୍ଚିତ୍ତ ତରଙ୍ଗିଣୀ ଓ ଉତ୍ସବ ତରଙ୍ଗିଣୀ ପ୍ରଭୃତି ସଂସ୍କୃତ ଗ୍ରନ୍ଥ ପ୍ରଣୟନ କରିଥିଲେ । ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।]

ରଘୁନାଥ ଭଞ୍ଜ—ଦେ. ବି (ନାମ)—ମୟୂରଭଞ୍ଜ ରାଜ୍ୟର ଜଣେକ ସ୍ୱର୍ଗୀୟ Raghunātha bhañja ରାଜା—Name of a king of Mayurabhanja State. [ଦ୍ର—ଏ ଖ୍ରୀ ୧୭୨୮ରୁ ୧୭୫୦ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । 'ରସିକହରା' ଏହାଙ୍କ ରଚିତ କାଳ୍ପନିକ କାବ୍ୟ—ବିନାୟକ ଉତ୍କଳ ସାହିତ୍ୟ ଇତିହାସ ।]

ରଘୁନାଥ ଭଟ୍ଟାଚାର୍ଯ୍ୟ—ଦେ. ବି (ନାମ)—ସୁନାମଧନ୍ୟ ବଙ୍ଗୀୟ ପଣ୍ଡିତ- Raghunātha bhaṭṭāchārjya A famous Bengali Pandit (the descendant of Swāmi Rāmānanda the annotator of Amara Kosha). [ଦ୍ର—ଏ ଅମରକୋଷ ଟୀକାକାର ସ୍ୱାମୀ ରାମାନନ୍ଦଙ୍କ ବଂଶର ଜଣେ ପ୍ରାଚୀନ ପଣ୍ଡିତ ଥିଲେ ।]

ରଘୁନାଥ ରାଓ(ଵ)—ଦେ. ବି—ପୁନାର ତଦାନୀନ୍ତନ ପେଶୱାଙ୍କ ଭାଇ— Raghunātha rāo(wa) Name of a brother of the Peśwa. [ଦ୍ର—ଏ ଖ୍ରୀ ୧୭୫୮ ରେ ପଞ୍ଜାବ ଆକ୍ରମଣ କଲେ ଓ ଏଥିପାଇଁ ଅଯୋଧ୍ୟାର ନବାବ୍ ଅହାମଦ୍‌ଶାହା ଅବ୍‌ଦାଲି ଓ ରୋହିଲାମାନଙ୍କ ସହାୟତାରେ

ମରହଟ୍ଟାଙ୍କ ସଙ୍ଗେ ଉତ୍କଳୀୟ ପାଣିପଥ ଯୁଦ୍ଧ ଖ୍ରୀ ୧୭୬୧ ରେ କର ମରହଟ୍ଟାମାନଙ୍କୁ ପରାସ୍ତ କଲେ—ପ୍ରୋଥେସ୍ ଭାରତ ଇତିହାସ ।]

ରଘୁନାଥ ରାଜଗୁରୁ—ଦେ. ବ (ନାମ)—ଉତ୍କଳୀୟ ପଣ୍ଡିତବିଶେଷ—Raghunātha rājaguru Name of an Oriya Pandit. [ଦ୍ର—ଏ ଖଲ୍ଲିକୋଟର ସ୍ୱର୍ଗୀୟ ରାଜା (ବର୍ତ୍ତମାନ ରାଜା ରାମଚନ୍ଦ୍ରଙ୍କ ପିତାମହ) ନାରାୟଣ ମର୍ଦ୍ଦରାଜ ଦେବଙ୍କ ଦେୱାନ ଥିଲେ । ଏ ଜଣେ ଓଡ଼ିଆ ବ୍ରାହ୍ମଣ ଓ ସଂସ୍କୃତଜ୍ଞ ପଣ୍ଡିତ ଥିଲେ । ଏ ଜୟଦେବଙ୍କ ଚତୁଷ୍ପଦରତ୍ନାକରର ଅନୁକରଣରେ 'ଚତୁଷ୍ପଦ କଳାନିଧି' ନାମରେ ଶ୍ରେଣୀଏ ସଙ୍ଗୀତ (ଚତୁଷ୍ପଦ) ଗ୍ରନ୍ଥ ରଚନା କରିଥିଲେ ଓ ଏ ଅନେକଗୁଡ଼ିଏ ଓଡ଼ିଆ ଚଉତିଶା ରଚନା କରିଥିଲେ । ଚଉତିଶ ରାଜ୍ୟରେ ଅଧୁନା ଅପ୍ରଚଳିତ ରାସକଲ୍ଲୋଳ ଗ୍ରନ୍ଥର ମଧ୍ୟ ଏ ରଚକ ଥିଲେ ।]

ରଘୁନାଥ ଲେଲେ—ଦେ. ବ (ନାମ)—ବମ୍ବେ ପ୍ରଦେଶର ନାସିକ୍‌ବାସୀ Raghunātha lele ଜ୍ୟୋତିଷିବିଶେଷ Name of an astronomer of Nasik. [ଦ୍ର—ଏ ପାଶ୍ଚାତ୍ୟ ନାବିକ ପଞ୍ଜିକା (Nautical almanac) ସାହାଯ୍ୟରେ ସାୟନପଞ୍ଚାଙ୍ଗ ନାମକ ଜ୍ୟୋତିଷ ପଞ୍ଜିକା ସଙ୍କଳନ କରିଥିଲେ ।]

ରଘୁନାଥ ଶିରୋମଣି—ଦେ. ବ (ନାମ)—ବଙ୍ଗୀୟ ପ୍ରସିଦ୍ଧ ନ୍ୟାୟଗ୍ରନ୍ଥକାର Raghunātha śiromaṇi Name of a logician of Bengal, contemporary of Chaitanya. [ଦ୍ର—ଏ ଚୈତନ୍ୟଦେବଙ୍କ ସମସାମୟିକ ଥିଲେ । ଏହାଙ୍କର ଜନ୍ମସ୍ଥାନ ନବଦ୍ୱୀପ । ପ୍ରାଚୀନ ନ୍ୟାୟଦର୍ଶନର ସାରସଂଗ୍ରହ କରି ଏ ନବ୍ୟ ନ୍ୟାୟସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିଥିଲେ ।

ରଘୁନାଥ ହରିଚନ୍ଦନ—ଦେ. ବ (ନାମ)—ବାଣପୁରର ଜଣେ ରାଜା—Raghunātha harichandana Name of a king of Bāṇapura in Puri District. [ଦ୍ର—ଏ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ରାଜା ଥିଲେ ଓ ଲୀଳାବତୀ ନାମକ ଓଡ଼ିଆ କାବ୍ୟ ରଚନା କରିଥିଲେ ।]

ରଘୁନାଥିଆ—ପ୍ରାଦେ (ସମ୍ବଲପୁର) ବ—ଏକଶ୍ରେଣୀର ବ୍ରାହ୍ମଣ—A class Raghunāthiā of Brahmans of Sambalpur [ଦ୍ର—କିମ୍ବଦନ୍ତୀ ଅଛି ଯେ ହୁମାରର ଜନୈକ ରାଜା ରଘୁନାଥଦେବ ପୂର୍ବେ ଏମାନଙ୍କ ପୂର୍ବପୁରୁଷମାନଙ୍କୁ ଏଣିକି ଗ୍ରାମ ଦାନ କରି ଆଣି ତାଙ୍କ ରାଜ୍ୟରେ ରଖାଇଥିଲେ ଓ ଏହିମାନଙ୍କ ବଂଶ ସମ୍ବଲପୁରରେ ଓ ଅନ୍ୟାନ୍ୟ ଗଡ଼ଜାତରେ ବ୍ୟାପିଲେ । ଓଡ଼ିଶାର ଅନ୍ୟ ଅଞ୍ଚଳର ମାସ୍ତାନ ବା ବଳଭଦ୍ରଗୋତ୍ରୀ ବ୍ରାହ୍ମଣଙ୍କ ପର ସମ୍ବଲପୁର ବ୍ରାହ୍ମଣ-ସମାଜରେ ଏମାନଙ୍କର ସ୍ଥାନ । ସମ୍ବଲପୁରର ବ୍ରାହ୍ମଣମାନେ ସାଧାରଣତଃ ୩ ଶ୍ରେଣୀରେ ବିଭକ୍ତ; ଓଡ଼ିଆ, ଝାଡ଼ୁଆ ଓ ରଘୁନାଥିଆ ।]

ପ୍ରାଦେ. (ଗଞ୍ଜାମ) ବ—ପଣ୍ଡା ପଢ଼ିଆରିଙ୍କଠାରୁ ନିକୃଷ୍ଟତର ବ୍ରାହ୍ମଣ ବିଶେଷ—A class of inferior Brāhmaṇas. ଦେ. ବ. ପୁଂ—(ଅନାଦରାର୍ଥକ) ରଘୁନାଥର ଡାକ ନାମ—A name for calling Raghunātha.

ରଘୁନାୟକ—ସଂ. ବ.—(୬ଷ୍ଠୀ ବା ୭ମୀ ତତ୍)—ରାମଚନ୍ଦ୍ର—Raghu nāyaka Rāmachandra.

ରଘୁନାହା—ଦେ. ବ.—(ସଂ. ରଘୁନାଥ)—ରାମଚନ୍ଦ୍ର—Raghu nāhā Rāmachandra. [ଦ୍ର—ହଲଧର ହେଲେ ସାହା, ଲକ୍ଷଣ ଥିବ ଯାହା, ଗୋଷ୍ଠ ମାରିବ ରଘୁନାହା । ଭଞ୍ଜ. ବୈଦେହୀଶବିଳାସ ।]

ରଘୁପତି—ସଂ. ବ. (୬ଷ୍ଠୀ ତତ୍)—ରାମଚନ୍ଦ୍ର—Raghu pati Rāmachandra. (ରଘୁବର, ରଘୁପୁଙ୍ଗବ—ଅନ୍ୟରୂପ)

ରଘୁପ୍ରତିନିଧି—ସଂ. ବ—(୬ଷ୍ଠୀ ତତ୍)—୧ । ରାଜା ରଘୁଙ୍କ ପ୍ରତିନିଧି Raghu pratinidhi ବା ସ୍ଥଳାଭିଷିକ୍ତ ବ୍ୟକ୍ତି 1. A representative of king Raghu. ୨ । ରାଜା ଅଜ (କାଳିଦାସଙ୍କ ରଘୁବଂଶ)—2. King Aja.

ରଘୁବଂଶ—ସଂ. ବ.—୬ଷ୍ଠୀ ତତ୍; ରଘୁ+ବଂଶ)—୧ । ରଘୁ Raghu bamśa ରାଜାଙ୍କର ବଂଶ; ରଘୁକୁଳ—1. The dynasty of king Raghu. ୨ । (ବହୁବ୍ରୀହି; ରଘୁବଂଶ ବର୍ଣ୍ଣିତ ହୋଇଅଛି ଯହିଁରେ)—କାଳିଦାସ ପ୍ରଣୀତ ମହାକାବ୍ୟ—2. Name of the Sanskrit epic poem by Kālidāsa. [ଦ୍ର—ରଘୁବଂଶ ମହାକାବ୍ୟରେ ରଘୁଙ୍କ ପିତା ଦିଲୀପଙ୍କଠାରୁ କୁଶଙ୍କ ପୁତ୍ର ଅଗ୍ନିବର୍ଣ୍ଣ ପର୍ଯ୍ୟନ୍ତ ଅଯୋଧ୍ୟାର ରାଜାମାନଙ୍କ ବିଷୟ ବର୍ଣ୍ଣିତ ଅଛି । ଏ ମହାକାବ୍ୟ ୧୯ ସର୍ଗରେ ବିଭକ୍ତ । ପ୍ରଥମ ୮ ସର୍ଗରେ ଦିଲୀପ, ରଘୁ ଓ ଅଜଙ୍କ ବିଷୟ, ୯ମ ଠାରୁ ୧୫ଶ ସର୍ଗରେ ଦଶରଥ ଓ ଶ୍ରୀରାମଚନ୍ଦ୍ରଙ୍କ ଓ ଅବଶିଷ୍ଟ ୪ ସର୍ଗରେ କୁଶ ଓ ତାଙ୍କ ପୁତ୍ର ଅଗ୍ନିବର୍ଣ୍ଣଙ୍କ ବିଷୟ ବର୍ଣ୍ଣିତ ହୋଇଅଛି । ରଚନାର ଲାଳିତ୍ୟ ଓ ମାଧୁର୍ଯ୍ୟ ଓ ଭାଷାର ସରଳତାରେ ଏହି କାବ୍ୟ ସଂସ୍କୃତରେ ଅଦ୍ୱିତୀୟ । ଏ କାବ୍ୟର ମଲ୍ଲିନାଥକୃତ ଟୀକା ସର୍ବାଙ୍ଗ ଅଦ୍ଭୁତ ଓ ପ୍ରସିଦ୍ଧ ।]

ରଘୁବଂଶ ତିଳକ—ସଂ. ବ.—୭ମୀ ତତ୍, ରଘୁବଂଶ+ତିଳକ)—ରଘୁRaghubamśa tilaka ବଂଶୀୟ ରାଜାମାନଙ୍କ ମଧ୍ୟରେ ଶ୍ରେଷ୍ଠ; ରାମଚନ୍ଦ୍ର—Rāmachandra.

ରଘୁବଂଶିକ—ସଂ. ବ. ପୁଂ (ରଘୁବଂଶିକ+ସ୍ୱାର୍ଥେ କ)—୧ । ରଘୁବଂଶଜାତ Raghubamśika ବ୍ୟକ୍ତି—1. A person born in the family of Raghu. ୨ । ରାମଚନ୍ଦ୍ର—2. Rāmachandra. (ଉ—ବୋଲଦେଲା ପ୍ରାୟେ ଗୋଳ ଚନ୍ଦନକୁ ହୋଇଲେ ରଘୁବଂଶିକ ସେ—ଭଞ୍ଜ. ବୈଦେହୀଶବିଳାସ ।)

ରଘୁବଂଶୀ—ସଂ.ବଣ. ପୁଂ (ରଘୁବଂଶ+ଇନ୍; ୧ମା ୧ବ) ରଘୁବଂଶରେ ଜାତ Raghubamśi ରାମଚନ୍ଦ୍ର—Rāmachandra. (ଉ—ରାମ ମଣକୁ ଗୃହ କହଇ ବିକଳାଇ ଶୁଣ ଧାର୍ମିକ ରଘୁବଂଶୀ—ବିଶ୍ୱନାଥ. ବିଚିତ୍ରରାମାୟଣ ।)

ରଘୁବଂଶୀୟ—ସ.ବଣ. ପୁଂ(ରଘୁବଂଶ + ଈୟ)—୧ । ରଘୁବଂଶସମ୍ବନ୍ଧୀୟ—
Raghubamśiya 1. Relating to the family of
(ରଘୁବଂଶୀୟା—ସ୍ତ୍ରୀ) Raghu. ୨ । ରଘୁବଂଶଜାତ—2. Born in the family of king Raghu.

ରଘୁବୀର—ସ. ବ. ପୁଂ (୭ମୀ ତତ୍)—ରାମଚନ୍ଦ୍ର—
Raghu bīra Rāmachandra.

ରଘୁମଣି—ସ. ବ (୭ମୀ ତତ୍)—ରାମଚନ୍ଦ୍ର—
Raghumaṇi Rāmachandra.
(ରଘୁଶ୍ରେଷ୍ଠ, ରଘୁସିଂହ—ଅନ୍ୟରୂପ)

ରଘୂଦ୍ଭବ—ସ.ବ. ପୁଂ (୭ମୀ ତତ୍, ରଘୁ+ଉଦ୍ଭବ=ସନ୍ତାନ)-ରାମଚନ୍ଦ୍ର—
Raghūdbaha Rāmachandra.
(ରଘୁଭବ—ଅନ୍ୟରୂପ)

ରଙ୍କ—ସ. ବଣ. ପୁଂ (ରମ ଧାତୁ=କ୍ରୀଡ଼ାକରିବା+କର୍ତ୍ତୃ. କ)—୧ ।
Raṅka କୃପଣ—1. Miserly; niggardly. (ଉ—
(ରଙ୍କା—ସ୍ତ୍ରୀ) କଣାରୁଭଙ୍କ ! ବଡ଼ଘରପୁଅ ଏଡ଼େବ ରଙ୍କ !—ଲୋ)
୨ । ଦରିଦ୍ର—2. Poor; indigent. (ଉ—ରଙ୍କ ଛିନ୍ନ ଜନମ କଥା ଜାଣେ; ରଙ୍କକୁ ଛିନ୍ନ ଜନମ କଥା ଜଣା—ଲୋ । ଏହାର ଅର୍ଥ ଏହି ଯେ—'ଯେ ଏ ଜନ୍ମରେ ଗରିବ ହୋଇଥାଏ, ସେ ପୂର୍ବଜନ୍ମରେ ଦାନ କରି ନ ଥିବାରୁ ଏ ଜନ୍ମରେ ଦରିଦ୍ର ହୋଇଅଛି ଓ ଏ ଜନ୍ମରେ ଦାନ କରୁ ନ ଥିବାରୁ ପରଜନ୍ମରେ ଦରିଦ୍ର ହେବ' ଏହିପରି ପୂର୍ବଜନ୍ମର, ଇହଜନ୍ମର ଓ ପରଜନ୍ମର ବିଷୟ ରଙ୍କ ଜାଣିପାରେ ।) ୩ । ମନ୍ଦ; ଅଳସ—3. Idle; slow; dull. ୪ । ନୀଚ; କ୍ଷୁଦ୍ର—4. Base; vile; low; mean. ୫ । ଦୁଃଖୀ; ଦୁର୍ଭାଗ୍ୟ—5. Wretched; miserable (Apte).
ସ. ବ. ପୁଂ—୧ । ଭିକ୍ଷୁକ—1. A beggar (Apte). (ଉ—ରଙ୍କ ହାତରୁ ମାଣିକ ଗଲା, ମାଣିକ ବୋଇଲା ମୋ ମହତ ଗଲା—ଲୋ) ୨ । ଦୁର୍ଭାଗ୍ୟ ବ୍ୟକ୍ତି—2. A wretch (Apte). ୩ । କ୍ଷୁଧାର୍ତ୍ତ ଓ ଉପବାସୀ ବ୍ୟକ୍ତି—3. A hungry and half starved being (Apte) [ଉ—ରଙ୍କ ପାଇଛି ଝିସ୍, ପାଣି ପିଇ ପିଇ ମରୁ—ଲୋ] ୪ । ଗରିବ ଲୋକ—4. An indigent person. (ଉ—ରଙ୍କ ଘରେ
ଲୋଲୁପ ରଂକ ରାଜକୁଳହିଁ - ଲୋ) ଦେ. ବଣ—୧ । ଲୋଭୀ—
1. Avaricious. (ଉ—ଭୂମିର ମନ୍ତ୍ରୀମାନେ ଅତି ଦରିଦ୍ରଙ୍କ, ଧନ ଅର୍ଣ୍ଣିବାରେ ନୂଆହନ୍ତି ରଙ୍କ—କୃଷ୍ଣସିଂହ. ମହାଭାରତ ସଭା ।) ୨ । କୌଣସି ବିଷୟରେ ଅଭାବ ଅନୁଭବ କରିବାଯୋଗୁଁ ସେହି ବିଷୟପାଇଁ ଲାଳାୟିତ ବା ଲୁବ୍ଧ—2. Hankering after a particular thing which one has not got. [ଦ୍ର—ରଙ୍କ ଇଚ୍ଛାରେ କି ଭୋଜନ ?—ଲୋ । ଭୋଜନ ପାଇ ଲାଳାୟିତ ଗରିବ ବ୍ୟକ୍ତିକୁ ତାହାର ଇଚ୍ଛାନୁରୂପ ଭୋଜନ ମିଳେ ନାହିଁ; ତାହାର ଇଚ୍ଛା ଅନୁସାରେ ମିନା ରଙ୍କକୁ ଭୋଜନ ମିଳେ ।
ଖାଇଲାଘରର ପୁଅ ରଙ୍କ ! } ପ୍ରବଚନ;ଏଥିର ଅର୍ଥ :—
ଖାଇଲା ପିଇଲା ପୁଅ ରଙ୍କ ! }
ଯେଉଁ ପରିବାରରେ ଭୋଜନର ଅଭାବ ନାହିଁ ସେହି ପରିବାରର ପିଲାମାନେ ଯେବେ ଖାଦ୍ୟ ଦେଖିଲେ ଲାଳାୟିତ ହୁଅନ୍ତି ତେବେ ଏହି ପ୍ରବଚନର ଉକ୍ତି କହଯାଏ ।]

ରଙ୍କଣା—ଦେ. ବ. ପୁଂ (ସ. ରଙ୍କ) - ରଙ୍କୁଣା (ଦେଖ)
Raṅkaṇā (ରଙ୍କଣୀ—ସ୍ତ୍ରୀ) Raṅkuṇā (See)

ରଙ୍କ ଧନ—ଦେ.ବ.—(ସ. ରଙ୍କ+ଧନ)—ରଙ୍କର ବା ଦୁଃଖୀ ବ୍ୟକ୍ତିର
Raṅka dhana ଧନ ବା ରତ୍ନ ଯେପରି ଆଦରଣୀୟ ବା ପ୍ରିୟ,
ଗରିବେର ଧନ; ରଙ୍କକା ଧନ ସେହିପରି ପ୍ରିୟତମ ବ୍ୟକ୍ତି—
(ରଙ୍କୁଣୀଧନ—ଅନ୍ୟରୂପ) Dearest or beloved person; a person as dear to a man as are riches to the poor.

ରଙ୍କ ନାଥ—ସ. ବ—ଦୀନନାଥ; ଭଗବାନଙ୍କ ନାମ—Name of
Raṅka nātha God, the Lord of the poor.
ଦୀନନାଥ; ରଙ୍କନାଥ ଦେ. ବ. ପୁଂ.—ଲୋକଙ୍କ ନାମ—Name given to males.

ରଙ୍କ ନିଧି—ସ. ବ—ରଙ୍କନାଥ (ଦେଖ)—Raṅkanātha (See)
Raṅka nidhi ଦେ. ବ—ରଙ୍କ ଧନ (ଦେଖ)—Raṅka
ଗରିବେର ନିଧି; ରଙ୍କନିଧି dhana (See).

ରଙ୍କପଣ—ଦେ. ବ—ଲାଳାୟିତହେବାର ଢଙ୍ଗ;ଲୁବ୍ଧପଣ; ଲୋଭୀପଣ—
Raṅkapana Avariciousness. [ଉ—ଅସୁର ସୁରଙ୍କା
ଲୋଭ ରଙ୍କପନା ରମ୍ୟ ଦ୍ରବ୍ୟ ରଙ୍କପଣ ଶୁଣି ସିନ୍ଧୁ କୂଳରେ
[ରଙ୍କପଣିଆ(ଆଁ),ରଙ୍କ(ଙ୍କୁ)ଣାପଣ—ଅନ୍ୟରୂପ]ଜବିସୂର୍ଯ୍ୟ—ସଙ୍ଗୀତ ।]

ରଙ୍କ ରତନ—ଦେ. ବ—ରଙ୍କ ଧନ (ଦେଖ)—Raṅka dhana
Raṅka ratana ଗରିବେର ମାଣିକ ରଙ୍କରତନ (See)
(ରଙ୍କ ଧନ—ଅନ୍ୟରୂପ)

ରଙ୍କା—ଦେ. ବ—(ସ. ରଙ୍କ)—କୌଣସି ବିଷୟପ୍ରତି ଲାଳସା;
Raṅkā ଭୋଜ୍ୟବସ୍ତୁ ପ୍ରତି ଲାଳସା; ଝୋକ—Hankering
ଲୋଭ after a thing; inordinate hankering
ଲାଲଚ after a peculiar food. ବଣ—୧ । ଲୋଭୀ—
ଲୋଭୀ 1. Avaricious. ୨ । ଭୋଜନ ଲୋଭୀ—2.
ରଙ୍କ, ଲାଲଚୀ Greedy; avaricious after food.
୩ । କୌଣସି ବିଷୟ ପାଇଁ ଲାଳାୟିତ—3. Hankering after any thing.

ରଙ୍କା ଛଡ଼ା(ଡ଼େ)ଇବା—ଦେ.କ୍ରି—କୌଣସି ଦ୍ରବ୍ୟର ପୂର୍ଣ୍ଣ ଭୋଜନ ବା
Raṅkā chhardaibā ଭୋଗ ଦ୍ୱାରା ତଦ୍ବିଷୟ ମନର ଲାଳସାକୁ
ଲାଲସାମେଟାନ ତୃପ୍ତ କରିବା—To satiate one's hanker-
ଲାଲସା ମିଟାନା ing after something by partaking
(ରଙ୍କା ଛଡ଼ିବା—କ) of it or enjoying it to the fill.

ରଙ୍କା ଛୁଡ଼ିବା—ଦେ. କ୍ରି—ଲାଳସାର ତୃପ୍ତି—Satiety of one's Rankā chhārdibā hankering. (ରଙ୍କା ଛାଡ଼ିବା—लालसामिटा लालसमेटना (ରଙ୍କା ମେଣ୍ଟିବା—ଅନ୍ୟରୂପ)

ରଙ୍କାଳ—ଦେ. ଵଣ. ପୁଂ—(ସଂ. ରଙ୍କ)—୧ । ଅତି କ୍ଷୁଧାତୁର—Rankāla 1. Very hungry ୨ । ଅତିଶୟ ଲାଳସାତୁର—(ରଙ୍କାଳଅ—ଅନ୍ୟରୂପ) 2. Greedily hankering after अतिक्षुधार्त्त रङ्कु; हाहूती (a thing).(ରଙ୍କାଳୀ, ରଙ୍କାଳେଇ—ସ୍ତ୍ରୀ)

ରଙ୍କି—ଦେ. ଵଣ. ଓ ବି. ପୁଂ—(ସଂ. ରଙ୍କ)—ରଙ୍କ (ଦେଖ)—Ranki गरीब रंकी Ranka (See)

ରଙ୍କି ଦୁଃ(ଦୁ)ଖୀ—ଦେ. ଵଣ—(ଏକାର୍ଥକ ସହଚର ଶବ୍ଦ)—ଦୁଃଖୀରଙ୍କି Ranki duh(du)khī (ଦେଖ)—Duhkhī ranki (See). गरीब दुःखी रंकीदूखी ଦେ.ବି. (ବହୁବଚନ) ଗରିବ ଲୋକମାନେ—The poor.

ରଙ୍କୁ—ସଂ. ବି - (ରମ୍. ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. କୁ)—କର୍ବୁର Ranku ବର୍ଣ୍ଣ ପୃଷ୍ଠ ବିଶିଷ୍ଟ ମୃଗବିଶେଷ; କାନ୍ତୁଟଅ—Spotted dear; a deer having a multicoloured back; antelope.

ରଙ୍କୁ ଈକ୍ଷଣୀ—ଦେ. ଵଣ. ସ୍ତ୍ରୀ—(ସଂ. ରଙ୍କୁଈକ୍ଷଣା)—ମୃଗଲୋଚନା; Ranku ikshanī ଏଣୀନୟନା; ସୁଲୋଚନା—(a woman) Having eyes as graceful as those of a roe.

ରଙ୍କୁଣା—ଦେ. ଵଣ. ପୁଂ—(ସ. ରଙ୍କ)—୧ । ଦରିଦ୍ର—1. Poor. Rankunā ୨ । କୃପଣ—2. Miserly. ୩ । ଖାଦ୍ୟଲୋଲୁପ—गरीब रङ्क 3. Avaricious after food. ୪ । କୌଣସି (ରଙ୍କୁଣୀ—ସ୍ତ୍ରୀ) ବସ୍ତୁ ପାଇଁ ଲାଳାୟିତ—4.Eagerly hanker-कृपण मक्खीचूस ing after something (ଵ୍ଵ—ସେ ଯେ ଲୋଭୀ हाहूती ତଉସ୍ତ ଶିରୋମଣି, ଶ୍ରୀକୃଷ୍ଣଚରିତ ରଙ୍କୁଣୀ । ବ୍ରଜଦାସ—ଦାର୍ଢ୍ୟତାଭକ୍ତି ।)—(ଵ୍ର—ଏ ଶବ୍ଦ ଗାଳିରେ ମଧ୍ୟ ବ୍ୟବହୃତ ହୁଏ ।) ଦେ. ବି - ରଙ୍କ (ଦେଖ)—Ranka (See) [ଵ—ରଙ୍କୁଣା(ଣୀ) ପାଇଛୁ ଇଲସୀ, କଣ୍ଢାମଣ୍ଡା କରି ଗିଳୁଛୁ—ଛଗ]

ରଙ୍କୁଣୀ ରତନ—ଦେ.ବି—(ଲକ୍ଷଣାର୍ଥ—ଦରିଦ୍ର ଆଖିରେ ରତ୍ନର ଆଦର; Rankunī ratana ଏହି ଭାବରୁ (ସ୍ନେହ-ସମ୍ବୋଧନ) ପ୍ରିୟତମ गरिबेर धन ବ୍ୟକ୍ତି—(a term of loving adress) One's रंकनिका रतन beloved being. [ଵ—ରଙ୍କୁଣୀ ରତନ ମୋର ମସ୍ତକର ମଣି । ନନ୍ଦକିଶୋର. ସୀତାବନବାସ] (ରଙ୍କୁଣୀ ଶଙ୍ଖାଳ, ରଙ୍କୁଣୀଜଳ, ରଙ୍କୁଣୀ ଆଦି—ଅନ୍ୟରୂପ)

ରଙ୍ଗ (ଧାତୁ)—ସ.—ଗତି କରିବା—Ranga (root) To move.

ରଙ୍ଗ—ସ. ବି (ରଞ୍ଜ୍ ଧାତୁ=ରଙ୍ଗାଇବା; ମନ ମୋହିବା+କରଣ. Ranga ଅ)—୧ । ରଞ୍ଜକଦ୍ରବ୍ୟ; ଯାହା ଦ୍ୱାରା ଅନ୍ୟ ଦ୍ରବ୍ୟକୁ ରଞ୍ଜିତ ବା ରଞ୍ଜିତ କରାଯାଏ—1, A dye; pigment; paint, [ଵ୍ର—ନାନା ବସ୍ତୁକୁ ରଙ୍ଗ କରିବା ପାଇଁ ବଜାରରେ ବହୁତ ରଙ୍ଗ ମିଳେ । ଲୁଗା, କାଠ, ଧାତୁ, କାଗଜ, ପ୍ରତିମା, କାନ୍ଥ, ଅଙ୍ଗକୁ ରଞ୍ଜିତ କରିବାରେ ଭିନ୍ନ ଭିନ୍ନ ରଙ୍ଗ ବ୍ୟବହୃତ ହୁଏ । କେତେକ ରଙ୍ଗ ପାଣିମିଶା (water colour) ଓ କେତେକ ତେଲମିଶା (oil paint) । ପାଣିମିଶା ରଙ୍ଗ ଧୋଇଲେ ଛାଡ଼ିଯାଏ, ତେଲମିଶା ରଙ୍ଗ ସହଜରେ ଛାଡ଼େ ନାହିଁ । କେତେକ ରଙ୍ଗ ବହୁକାଳ ସ୍ଥାୟୀ (ପକ୍କା) ଓ କେତେକ ରଙ୍ଗ ଅଳ୍ପକାଳ ସ୍ଥାୟୀ (କଞ୍ଚା) ।] ୨ । (+କର୍ତ୍ତୃ.ଅ) ଶୁକ୍ଳରକ୍ତାଦି ବର୍ଣ୍ଣ—2. Colour; hue (e. g white, red etc). [ଵ୍ର—କୌଣସି ବସ୍ତୁ ପ୍ରତି ଆମ୍ଭମାନଙ୍କ ଦୃଷ୍ଟି ଗଲେ ତାହାର ଆକାର ଓ ବର୍ଣ୍ଣ ସମ୍ବନ୍ଧେ ଆମ୍ଭମାନଙ୍କ ଜ୍ଞାନ ଜନ୍ମେ । ବସ୍ତୁର ଆକାର ସ୍ପର୍ଶ ଦ୍ୱାରା ଜଣାଯାଇ ପାରେ, କିନ୍ତୁ ଦୃଷ୍ଟି ବ୍ୟତିରେକେ ବସ୍ତୁର ରଙ୍ଗ ଜଣାଯାଇ ନ ପାରେ । ଆଲୋକର ବା କିରଣର ବିଭିନ୍ନତା ଯୋଗୁଁ ରଙ୍ଗର ବିଭିନ୍ନତା ହୁଏ । ବୈଜ୍ଞାନିକମାନେ ବିଶ୍ଳେଷଣପୂର୍ବକ ସ୍ଥିର କରିଅଛନ୍ତି ଯେ, ୭ଗୋଟି ରଙ୍ଗହିଁ ମୌଳିକ ରଙ୍ଗ, ଯଥା—୧. ବାଇଗଣୀ(violet),୨.ନେଳି(indigo),୩. ଶ୍ୟାମଳ ବା ଆକାଶ ବର୍ଣ୍ଣ (blue), ୪. ସାଗୁଆ (green), ୫. ହଳଦିଆ (yellow),୬. ନାରଙ୍ଗୀ (orange)ଓ ୭. ନାଲିଆ (red) । ଏହି ସାତରଙ୍ଗର ମିଳନରେ ଧଳାରଙ୍ଗ ଓ ସାତ ରଙ୍ଗର ଅନୁପସ୍ଥିତି କଳାରଙ୍ଗ । ଏହାଛଡ଼ା ଦୁଇଟି ଦୁଇଟି ରଙ୍ଗ ମିଶାଇଲେ ମିଶ୍ରରଙ୍ଗର ଉତ୍ପତ୍ତି ହୁଏ । ସୂର୍ଯ୍ୟକିରଣରେ ଏ ୭ଟି ରଙ୍ଗ ଅଛି । ସୂର୍ଯ୍ୟକିରଣ ମେଘରେ ପ୍ରତିଫଳିତ ହୋଇ ଇନ୍ଦ୍ରଧନୁ ଜାତ ହେଲେ ଇନ୍ଦ୍ରଧନୁରେ ଉକ୍ତ ୭ଟି ରଙ୍ଗ ଯଥାକ୍ରମେ ଦେଖାଯାଏ । ସୂର୍ଯ୍ୟକିରଣ ବା ଆଲୋକ ସାହାଯ୍ୟରେ ଆମ୍ଭେମାନେ ରଙ୍ଗ ଦେଖି ପାରୁଁ । ନାଲି ରଙ୍ଗର ବସ୍ତୁରେ ସୂର୍ଯ୍ୟକିରଣ ବା ଆଲୋକ ପଡ଼ିଲେ, ତାହା ଆଉ ୬ଟି ରଙ୍ଗକୁ ଶୋଷି ନିଏ, କେବଳ ନାଲି ରଙ୍ଗ ବାକି ରହିଯାଏ ଓ ଉକ୍ତ ବସ୍ତୁ ଆମକୁ ନାଲିଆ ଦିଶେ । କଳାବସ୍ତୁ ସୂର୍ଯ୍ୟକିରଣର ସବୁ ରଙ୍ଗକୁ ଶୋଷିନିଏ, ଏଥିପାଇଁ ରଙ୍ଗର ଅନୁପସ୍ଥିତି ଯୋଗୁଁ ଉକ୍ତ ବସ୍ତୁ ଆମ ଆଖିକୁ କଳା ଦେଖାଯାଏ । ସୂର୍ଯ୍ୟକିରଣରେ ଉକ୍ତ ସାତୋଟି ରଙ୍ଗ ଯେଉଁ ଅନୁପାତରେ ମିଶିଅଛି, ବଜାରରେ ବିକ୍ରିତ ହେଉଥିବା ରଙ୍ଗରେ ସେ ଅନୁପାତ ନ ଥିବାରୁ ତାକୁ ମିଶାଇଲେ ଏ ଫଳ ଘଟିବ ନାହିଁ—ହ. ଶ. ।] ୩ । (+କରଣ. ଅ) ନୃତ୍ୟଗୀତ ଅଭିନୟାଦି—3 Acting, dancing, singing etc. ୪ । ନାଚ—4. Dancing. ୫ । ରଙ୍ଗା ବା ଟିଣ ଧାତୁ—5. Tin (metal). ୬ । (+ଅଧିକରଣ. ଅ) ନାଟ୍ୟଶାଳା; ନାଟ୍ୟସ୍ଥାନ; ରଙ୍ଗମଞ୍ଚ—6. Theatrical stage; arena; theatre; play house; a place of public amusement. ୭ । ରଣଭୂମି; ସଂଗ୍ରାମ ସ୍ଥଳ—7. Field of battle. ୮ । (+କରଣ. ଅ) ଟଙ୍କଣ; ସୋହାଗା—8. Borax. ୯ । ଗନ୍ଧର ସାର—

9. Catechu; an extract of catechu. ୧୦ । ବିହାର; କ୍ରୀଡ଼ା—10. Play; frolic. ୧୧ । ଆମୋଦ; ମଉଜ; ମଜା—11. Amusement; mirth; diversion. ୧୨ । କୌତୁକ; ରହସ୍ୟ; ସୁଅଙ୍ଗ —12. Sport; merriment; fun. ୧୩ । ଦୃଷ୍ଟାବସ୍ଥାଦିର ଭଙ୍ଗିଦ୍ୱାରା ଭାବ ପ୍ରକାଶ କରିବା ଛଳ—13. Act of expressing inward feelings by gestures etc. ୧୪ । ସଭା ଗୃହ—14. A place of assembly (Apte). ୧୫ । ସଭାର ସଦସ୍ୟବର୍ଗ; ଦେଖଣାହାରିମାନେ—15. The members of an assembly; audience (Apte). ୧୬ । ସ୍ୱରବର୍ଣ୍ଣର ଅନୁନାସିକ ପରିବର୍ତ୍ତନ—16. The nasal modification of a vowel (Apte). ଦେ. ବି.—୧ । ରକ୍ତବର୍ଣ୍ଣ

ରଂ रंग 1. Red colour. ୨ । ଲୋଭନୀୟ ଓ ନାନା ବର୍ଣ୍ଣ ବିଶିଷ୍ଟ ବସ୍ତୁ; ମନୋହର ବସ୍ତୁଚୟ—2. Fancy articles of various attractive colours. [ଉ—ରଙ୍ଗ ପସରା ସିନା ଜଳ ସାଗର, ରଙ୍ଗ ଭିତରେ ଦେଖ ବୋ ନାରଖାର । ଭକ୍ତଚରଣ ମନବୋଧ ଚଉତିଶା ।] ୩ । ଆନନ୍ଦ—3. Pleasure. ୪ । ପରିହାସ; ଥଟ୍ଟା ତାମସା; ରଙ୍ଗରସ—4. Jesting; joking; fun. ୫ । ତାସ୍ ମଧ୍ୟରେ ଭିନ୍ନ ଭିନ୍ନ ଶ୍ରେଣୀ ଚିହ୍ନ—5. The four classes in a pack of card. [ବି—ପ୍ରକୃତରେ ଏହାର ବର୍ଣ୍ଣ ଦୁଇଟି, କଳା ଓ ନାଲି । କଳା ଦୁଇ ପ୍ରକାର—କଳାପାନ ଓ ଚିଡ଼ିତନ; ନାଲି ଦୁଇପ୍ରକାର—ଇସ୍ପାପାନ ଓ ରୁଇତନ ।] ୬ । ତାସ୍ ଖେଳର ୪ ଗୋଟି ରଙ୍ଗ ମଧ୍ୟରୁ ନିର୍ବାଚିତ 'ରଙ୍ଗର' ତାସକୁ ସର୍ବୋଚ୍ଚ ସ୍ଥାନୀୟରୂପେ ଗଣନା କରି ଖେଳିବାର ଖେଳ—6. A kind of game at cards. ୭ । ନିର୍ବାଚିତ ରଙ୍ଗର ତାସ୍—7. The trump card. ୮ । ରକମ; ପ୍ରକାର—8. Kind. ୯ । ଗଞ୍ଜାପା ଖେଳର ଭିନ୍ନ ଭିନ୍ନ ଚିହ୍ନ—9. Different class of cards in Gañjapā. ୧୦ । ସୀସା—10. Lead. ୧୧ । କାମକ୍ରୀଡ଼ା—11. Amorous pastime; dalliance. [ଉ—ବଳେଇ ହୋଇ ତା ସଙ୍ଗେ କରିବାରୁ ରଙ୍ଗ । ଉଞ୍ଜ. ବୈଦେହୀଶବିଳାସ ।] ୧୨ । ହର୍ଷ—12. Gladness. [ଉ—ବହିବାକୁ ଶାତ ରଙ୍ଗେ, ସାର ସାତ ସାତ ସଙ୍ଗେ । ଉଞ୍ଜ. ବୈଦେହୀଶବିଳାସ ।] ୧୩ । ଯୁଦ୍ଧ—13. Fight. [ଉ—ବର ରଙ୍ଗ ଅବରେ ପିଠକା କର ମାରେ, ବିଳାସ ଲାସ୍ୟ ଧର ସେ । ଉଞ୍ଜ. ବୈଦେହୀଶବିଳାସ ।] ୧୪ । ବିଷୟ—14. Matter. (ଉ—ବିଗ୍ରହ ରଙ୍ଗ ଚଉଦ ଭୁବନ ସଙ୍ଗର ବନ୍ଧ ସଙ୍ଗର । ଉଞ୍ଜ. ବୈଦେହୀଶବିଳାସ ।) ୧୫ । ଅବସ୍ଥା—15. Condition. ୧୬ । ଭାବ; ଢଙ୍ଗ—16. Mode; manner. ୧୭ । ଦେହର ବର୍ଣ୍ଣ—17. Complexion. ୧୮ । ଆଚରଣ; ଚାଲିଚଳନ—18. Conduct. (ଉ—ବନ୍ଧୁ ଆ ! ଅଛ ତୋର ଏତ ରଙ୍ଗ ! ରଙ୍ଗ ଦେଖି ଦେଲ ଭଡ଼ ଭଙ୍ଗ—ସଙ୍ଗୀତ ।) ୧୯ । ଚେହେରା—19. Appearance. ୨୦ । ଭଙ୍ଗୀ; ନବରଙ୍ଗ; ଛଳ—20. Airs; exhibition of peculiar conduct. ୨୧ । ରସିକତା—21. Gallantry. ବିଣ—ରକ୍ତବର୍ଣ୍ଣବିଶିଷ୍ଟ; ନାଲିଆ—Red.

ରଙ୍ଗ ଅଉଟଣ—ଦେ. ବି—ରଙ୍ଗକୁ ବା ସୀସାକୁ ଜୁଇରେ ତରଳାଇବା—
Ranga āuṭaṇa Melting of tin or lead.
রাঙ্গা আউটা रांगा गलाना (ରଙ୍ଗ ଅଉଟା— ଅନ୍ୟରୂପ)
রাঁগা গালান रंगा गलाना

ରଙ୍ଗ ଉଠିବା—ଦେ. ବି—୧ । ଅପେକ୍ଷିତ ବର୍ଣ୍ଣ ଉତ୍ପନ୍ନ ହେବା—
Ranga uṭhibā 1. The production of the wished-for colour. ୨ । ରଙ୍ଗ ଛାଡ଼ିବା (ଦେଖ)
রং উতরা
रंग उतरना 2. Ranga chhāḍibā (See)
(ରଙ୍ଗ ଉଭୁରିବା—ଅନ୍ୟରୂପ)

ରଙ୍ଗ କଇଁ—ଦେ. ବି. (ସଂ. ରକ୍ତ କୁମୁଦ ବା କମଳ)—ରକ୍ତ କମଳ; ରକ୍ତୋତ୍ପଳ—Red water lily; Nymphia Rubra; Nymphia Lotus.
Ranga kaiñ
ସଂ. ରକ୍ତୋତ୍ପଳ, କୋକନଦ, ହଲ୍ଲକ, ରକ୍ତ ସନ୍ଧ୍ୟା, ଭୂନାଳଯ୍ୟ, ରକ୍ତା ।
রক্ত কমল
लाल कमल, लाल कुमुदिनी
ମ. ତାବଡ଼େଂ କମଳ
ତା. ଅମ୍ବଲ
ତେ. ଅକ୍ଷିତାମେର; ଏର୍ରକାଲ୍ୱା
ଗୁ. ରାତଡା ଉତ୍ପଳେ
[ଦ୍ର—ଏହା କଇଁଜାତୀୟ, ରକ୍ତ ପୁଷ୍ପକ ଜଳଜ ଶାକ । ବୈଦ୍ୟଶାସ୍ତ୍ର ମତରେ ଏହା କଟୁତିକ୍ତମଧୁର, ଶୀତଳ, ରକ୍ତଦୋଷହର, ପିତ୍ତକଫନାଶକ, ସନ୍ତର୍ପଣକର ଓ ବୃଷ୍ୟ [ଦ୍ରବ୍ୟଗୁଣ ।]

ରଙ୍ଗ କଞ୍ଚନ—ଦେ. ବି. (ସଂ. ରକ୍ତ କାଞ୍ଚନ)—ରକ୍ତ କାଞ୍ଚନ (ଦେଖ)
Ranga kañchana Rakta kāñchana (See)

ରଙ୍ଗ କନିଅର—ଦେ. ବି. (ସଂ. ରକ୍ତ କର୍ଣ୍ଣିକାର)—ଏକ ପ୍ରକାର କନିଅର ଜାତୀୟ ରକ୍ତାଭ ଫୁଲ—A red kind of Kanira flower.
Ranga kaniara
লাল কনকে ফুল
लाल कनेर

ରଙ୍ଗ କର—ସଂ. ବି—ଚିତ୍ରକର—Painter. ସଂ. ବିଣ—ଚିତ୍ରକାରୀ—Painting; dying.
Ranga kara

ରଙ୍ଗ କରବୀ—ଦେ. ବି—ରକ୍ତ କରବୀ—The red variety of Karabī flower.
Ranga karabī
লাল করবী लाल करबी

ରଙ୍ଗ କରିବା—ଦେ. କି—୧ । ରଞ୍ଜିତ କରିବା; ରଙ୍ଗାଇବା—
Ranga karibā 1. To paint; to dye.
রং করা ୨ । ପରିହାସ କରିବା; କୌତୁକ କରିବା—
रंग करना 2. To make fun.

ରଙ୍ଗ କାଇଁଛ—ଦେ. ବି (ସଂ. ରକ୍ତ+ଚଞ୍ଚା)—କାଇଁଛ (ଦେଖ)
Ranga kāincha Kāincha (See)

ରଙ୍ଗ କାଢ଼ିବା—ଦେ. କ୍ରି—୧ । ରଙ୍ଗ ବାହାର କରିବା; ଭଙ୍ଗୀ
Ranga kārdhibā ଦେଖାଇବା—1. To sport; to display
রঙ্গ বাহির করা some sportive peculiarity.
रंग निकालना ୨ । କୌତୁକ କରିବା—2. To make fun.

ରଙ୍ଗକାର—ସଂ. ବି. ପୁଂ—ଚିତ୍ରକର—
Rangakāra Painter.

ରଙ୍ଗ କାଷ୍ଠ—ସଂ. ବି. (ବହୁବ୍ରୀହି)—ବକମ ଗଛ—
Ranga kāshtha Sappan-wood.

ରଙ୍ଗ ଖେଳିବା—ଦେ. କ୍ରି—୧ । ହୋଲି ଉତ୍ସବରେ ପରସ୍ପର ଦେହକୁ
Ranga khelibā ରଙ୍ଗଗୋଳା ପାଣି ପିଚକାରୀ ମାରିବା—
রংখেলা रङ्गखेलना 1. To throw coloured water on each other during the Holi festival. ୨ । ତାସ୍‌ଖେଳରେ 'ରଙ୍ଗ' ଖେଳ ଖେଳିବା—2. To play the game of Ranga in card play.

ରଙ୍ଗ ଖୋଲିବା—ଦେ. କ୍ରି—୧ । ସ୍ୱାସ୍ଥ୍ୟ ଯୋଗୁଁ କୌଣସି ବ୍ୟକ୍ତିର
Ranga kholibā ଚେହେରା ବା ଦେହର ବର୍ଣ୍ଣ ଉଜ୍ଜ୍ୱଳ ହେବା—
রংখুলা, রঙ্গখোলা 1. The deepening of the colour,
रंगनिकलना of one's skin or complexion on account of health. ୨ । କୌଣସି ବସ୍ତୁରେ ବୋଳାଯାଇଥିବା ରଙ୍ଗ ଖୁବ୍ ଶୋଭାମୟ ବା ପ୍ରୀତିମୟ ହେବା— 2. The shining of the colour put on a thing.

ରଙ୍ଗ ଗୃହ—ସଂ. ବି (ଷ. ତ. ସମାସ)—ନାଟ୍ୟଶାଳା—
Ranga gruha A theatre.

ରଙ୍ଗ ଚଙ୍ଗ—ଦେ. ବିଣ.—(ସଂ. ରଙ୍ଗ ଓ ଚଙ୍ଗ=ଶୋଭନ)—୧ ।
Ranga changa ସୁନ୍ଦର ରଙ୍ଗଯୁକ୍ତ; ସୁଦୃଶ୍ୟ—1. Of
রঙ্গচঙ্গ, রঙ্গ চঙ্গা, রঙ্গচঙ্গে beautiful colour. ୨ । ଚକ-
रंगीला ଚକିଆ; ଆଡ଼ମ୍ବରମୟ—2. Gaudy; fine; showy;
[ରଙ୍ଗଚଙ୍ଗିଆ—ଅନ୍ୟରୂପ] splendid. ୩ । ରଙ୍ଗିଆ; କୌତୁକ ପ୍ରିୟ—3. Funny; fond of fun. ୪ । ମଉଜୀ; ରସିଆ—4. Fond of sport; sportive; gallant.

ରଙ୍ଗଚଙ୍ଗା—ଦେ. ବିଣ—ରଙ୍ଗଚଙ୍ଗ (ଦେଖ)—Rangachanga
Rangachangā (See) ଦେ. ବି—୧ । ରଙ୍ଗ ବିଚିତ୍ରତା—
রংচং, রঙ্গচঙ্গা 1. Diversity in colour; variegation;
रङ्गरली particolouredness. ୨ । ଆଡ଼ମ୍ବର— 2. Splendour; ado. ୩ । ଆମୋଦ ପ୍ରମୋଦ— 3. Amusement; fun.

ରଙ୍ଗ ଚଢ଼ା(ଢେ଼)ଇବା—ଦେ. କ୍ରି—ଲୁଗା ଆଦିରେ ରଙ୍ଗ ଦେବା—
Ranga chardhā(rdhe)ibā To dye cloth etc.
রঙ্গ চড়ান रंग चढाना

ରଙ୍ଗ ଚଢ଼ିବା—ଦେ. ବି—କୌଣସି ବସ୍ତୁରେ ରଙ୍ଗ ଲେପନ—
Ranga chardhibā Dying or painting of a
রংচটা रङ्गचढना thing; application of paint on a thing.

ରଙ୍ଗଚର—ସଂ. ବି (ରଙ୍ଗ+ଚର୍. ଧାତୁ+କର୍ତ୍ତୃ. ଅ)—ନଟ—
Rangachara An actor; a player. (Apte)

ରଙ୍ଗ ଚଉଳିଆ—ଦେ. ବି—ନାଲି ଶସବିଶିଷ୍ଟ ପିଜୁଳି—
Ranga chauliā Red-fleshed guava; Psidium
লালপেয়ারা लाल पियारा Pyrifirum.

ରଙ୍ଗ ଛାଡ଼ିବା—ଦେ. ବି—ଖରା, ବର୍ଷା, ଜଳବାୟୁ ଓ ସମସ୍ତ ପ୍ରଭାବରେ
Ranga chhārdibā କୌଣସି ଦ୍ରବ୍ୟରେ ଦିଆଯାଇଥିବା ରଙ୍ଗ
রং ছেড়েযাওয়া ଫିକା ପଡ଼ିଯିବା ବା ଲୁପ୍ତ ହେବା—The fad-
रङ्गउडना ing of a colour on exposure to sun, air or water.
ରଙ୍ଗ ଛାଡ଼ିଯିବା, ରଙ୍ଗ ଉଠିଯିବା, ରଙ୍ଗ ଛାଡ଼ିଗଲା } ଅନ୍ୟରୂପ

ରଙ୍ଗଜ—ସଂ. ବି (ରଙ୍ଗ+ଜନ୍. ଧାତୁ+କର୍ତ୍ତୃ. ଅ)—ସିନ୍ଦୂର—
Rangaja Red lead.

ରଙ୍ଗ ଜନନୀ—ସଂ. ବି(ଷଷ୍ଠୀତତ୍)—ଲାକ୍ଷା (ଦ୍ର. ଶ)
Ranga janani Shell lac.

ରଙ୍ଗ ଜମିବା—ଦେ. ବି—ମଉଜର ବା କୌତୁକର ବା ପ୍ରେମର
Ranga jamibā ଘନୀଭାବ—The instensification
রংজমা रङ्गजमना of merriment or love.
[ରଙ୍ଗ ଜମା(ମେ)ଇବା—କ୍ରିୟାରୂପ]

ରଙ୍ଗ ଜୀବ(ବି)କ—ସଂ. ବି. ପୁଂ (ରଙ୍ଗ+ଜୀବ୍. ଧାତୁ+ଅକ)—
Ranga jība(bi)ka ୧ । ନାଟ୍ୟକାରକ; ନଟ; ଅଭିନେତା—
[ରଙ୍ଗୋପଜୀବୀ—ଅନ୍ୟରୂପ] 1. An actor; a dancer. ୨ । ଚିତ୍ରକର—2. Painter; dyer.

ରଙ୍ଗ ଟହଟହ—ଦେ. ବିଣ—ଘୋର ରକ୍ତବର୍ଣ୍ଣବିଶିଷ୍ଟ; ଖୁବ୍ ନାଲି; ନାଲି
Ranga tahataha ଟହଟହ—Very red; bright red.
ରଙ୍ଗ ଟହଟ, ରଙ୍ଗ ଟୁହଟ, ରଙ୍ଗ ଟୁହୁଟୁହୁ } ଅନ୍ୟରୂପ [ଦ୍ର—ପଣସ ପତର ରଙ୍ଗ ଟୁହୁଟୁ, ମାରବ ଜାବୁଡ଼ା ଭାଙ୍ଗିବ ଗୁଲ୍ଲି । ଶିଶୁ କ୍ରୀଡ଼ା ଗୀତ ।]
লাল টুকটুকে रङ्गटहटह

ରଙ୍ଗଟିଆ—ଦେ. ବଣ—ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ—Reddish;
Rangatiā ruddy; slightly red. ଦେ.ବି—ଈଷତ୍ ରକ୍ତ
লালচে ବର୍ଣ୍ଣ—Slighty red colour; reddish
कमलपत्तीलाल dye.

ରଙ୍ଗଡାଲିମ୍ବା(ମା)—ଦେ.ବି—ଏକପ୍ରକାର ଈଷତ୍ ରକ୍ତବର୍ଣ୍ଣ କଠିନ ପଥର-
Ranga dālimbā(mā) A kind of reddish smooth
লালপাথর sandstone. [ଦ୍ର—ଏହା ବେଶ୍ ଠାଣ ଓ ପାଲିସ୍
लाल पत्थर କଲେ ଏହା ଖୁବ୍ ମସୃଣ ହୁଏ ।]

ରଙ୍ଗ ଢଙ୍ଗ—ଦେ. ବି (ସହଚର)—୧ । ଚାଲିଚଳନ; ଆଚରଣ—
Ranga dhanga 1. Conduct; deportment. ୨ ।
রংঢং, রঙ্গঢঙ্গ କୌତୁକ ଓ ଭଙ୍ଗୀ—2. Tricks or
रंगढंग pranks. ୩ । ଆଡ଼ମ୍ବର—3. Splendour. ଦେ.

(ରଙ୍ଗଚଙ୍ଗିଆ—ଅନ୍ୟ ବଣରୂପ) ବଣ—ରଙ୍ଗ ଚଙ୍ଗ (ଦେଖ)—
রঙ্গচঙ্গে Ranga changa. (See)

ରଙ୍ଗଣ(ନ)—ସଂ. ବ (ରଜକ୍. ଧାତୁ+ଣିଚ୍. ଅନ)—୧ । ରଙ୍ଗାଇବା;
Rangana(na) ରଞ୍ଜନ—1. Painting. ୨ । (+କରଣ,
রাংগান ଅନ) ଟଙ୍କଣ; ସୋହାଗା—2. Borax. ୩ । ଖଦିର-
ग्गाना ସାର—3. Extract of catechu. ୪ । ନୃତ୍ୟ—
4. Dancing (Apte). ଦେ. ବ—ରଙ୍ଗଣୀ (ଦେଖ)
Rangani. (See) [ଉ—ସୁନ୍ଦର ରଙ୍ଗଣେ ସଦା
ସିନ୍ଦୂର ରଞ୍ଜ । ରାଧାନାଥ. ଚନ୍ଦ୍ରଭାଗା ।]

ରଙ୍ଗଣା—ପ୍ରାଦେ. (ଗଞ୍ଜାମ) ବ—ଗଞ୍ଜାମ ଜିଲ୍ଲାର ଶୂଦ୍ରକ ବିଶେଷ—
Rangana A caste of Sūdras of the district of Ganjam.

ରଙ୍ଗଣୀ—ଦେ.ବ. (ସଂ. ରଙ୍ଗିଣୀ; ରଙ୍ଗନ; ବର୍ମା ରେଙ୍ଗୁନ୍=ନଗରର
Rangani ନାମ)—୧ । ହରିତକ୍ୟାଦି ବର୍ଗର ପୁଷ୍ପ ଲତା ବିଶେଷ—
রঙ্গন 1. The Rangoon creeper; Quisqualis
रंगुन लता Indica. [ଦ୍ର—ଏହା ବ୍ରହ୍ମ ଓ ମାଲୟ ଦେଶର
ଲତା । ଆମ ଦେଶରେ ଫାଟକ ବା ଜାଲି ଉପରେ ଲୋକେ
ସଉକରେ ଏହାକୁ ମଡ଼ାନ୍ତି; ପତ୍ର ସରୁ ସରୁ ଓ ଯୋଡ଼ା ଯୋଡ଼ା
ଓ ଛକୁଥିବା ଗଛର ପତ୍ରପରି; ଫୁଲ ନାଲି ଓ ପଞ୍ଚଦଳ; ଫୁଲର
ଡେମ୍ଫ ଲମ୍ବା; ଫୁଲ ଈଷତ୍ ସୁଗନ୍ଧଯୁକ୍ତ । ଏହାକୁ କେହି
କେହି ରଙ୍ଗଲତା କହନ୍ତି ।] ୨ । ଏକ ପ୍ରକାର ପୁଷ୍ପ ଗୁଳ୍ମ—
2. A sort of flowering plant; Ixora
Coccinea; Scarlet Ixora. [ଦ୍ର—ଏହା
ଅଙ୍କୁରାଦି ବର୍ଗର ପୁଷ୍ପଗୁଳ୍ମ; ଏଥିରେ ୪ ପ୍ରକାରର
(ନାଲି, ଧଳା, ହଳଦିଆ ଓ ଚନ୍ଦ ବର୍ଣ୍ଣର) ଫୁଲ ଫୁଟେ ।
ଏହାର ଫଳ ମଟର ପରି କଳା ଓ ଗୋଲ । ଏହାର ଡାଳ-
ଗୁଡ଼ିକ ଗଣ୍ଠିମୟ । ଭିନ୍ନ ଭିନ୍ନ ବର୍ଣ୍ଣର ରଙ୍ଗଣିକୁ ଧଳା ରଙ୍ଗଣି,
ହଳଦିଆ ରଙ୍ଗଣୀ, ଛପଚ୍ଛିପିଆ ରଙ୍ଗଣୀ ବୋଲାଯାଏ ।]
[ଉ—କହିଲି ନର୍ତ୍ତକି ଜଙ୍ଘ ଜଙ୍ଘ ଅବିରତ, ବିଶେଷ ତଳେ
ରଙ୍ଗ ରଙ୍ଗଣୀ ଶୋଭିତ । ଉଞ୍ଜ. ବୈଦେହୀଶବିଳାସ ।]
୩ । ଏକ ପ୍ରକାର ବିଦେଶାଗତ ପୁଷ୍ପ ଲତା—3. The
রঙ্গিনী Sandwich island creeper; Antigonon
Leptopus. [ଦ୍ର—ଏହାକୁ ଲୋକେ ଫାଟକ ଅବା
ଉପରେ ଶୋଭା ପାଇଁ ମଡ଼ାନ୍ତି । ପତ୍ର ପାନ ପରି; ଫୁଲ
ଗୋଲାପୀ ଓ ତ୍ରିଦଳ । ଫୁଲର ଅଗରୁ ପ୍ରତାନ ବାହାରେ ।
ବର୍ଷା ଓ ଶୀତ ଦିନେ ଫୁଲ ଫୁଟେ—ଯୋଗେଶ୍ୱର] ୪ ।
रंगन, कोटा गंधल ଏକ ପ୍ରକାର ନାତିଦୀର୍ଘ ବନ୍ୟ ଗଛ—4. A
kind of wild tree. [ଦ୍ର—ଏହାର ମଞ୍ଜ କାଠ
ଚିକ୍କଣ ଓ ଦୃଢ଼; କୋଠା କାମରେ ଲାଗେ । ବଙ୍ଗ, ମଧ୍ୟ-
ପ୍ରଦେଶ ଓ ମାନ୍ଦ୍ରାଜ ଅଞ୍ଚଳ ଜଙ୍ଗଲରେ ଏ ଗଛ ଜନ୍ମେ—
ହି. ଶ] ୫ । ତନ୍ତୁବାୟ ଜାତି ବିଶେଷ—5. A class
of weavers. ୬ । ଲାଲ ରଙ୍ଗଣୀ ପୁଷ୍ପଗୁଳ୍ମ—
6. A red-flowered shrub.

ରଙ୍ଗ ତମା(ମ)ସା—ଦେ. ବ. (ସଢ଼ତର; ସଂ. ରଙ୍ଗ+ଫା. ତମାସା)—
Ranga tamā(ma)sā ରଙ୍ଗ ତାମସା (ଦେଖ)—Ranga
রং তামাসা रंग तमासा tāmasā (See)

ରଙ୍ଗତା—ଦେ. ବ. (ସଂ. ରଙ୍ଗ ପତ୍ର)—୧ । ରୁପା ଧାତୁର ପତଳା ପତ୍ର—
Rangatā 1. Tinfoil ୨ । ପତ୍ର—2. Coloured
রাঙ্গতা रांगका बरफ, पन्नी metal foil.

ରଙ୍ଗତା କଣ୍ଠି—ଦେ. ବ.—ପତ୍ରର କଣ୍ଠି; ନାନା ବର୍ଣ୍ଣର କାଚ କଣ୍ଠି—
Rangatā kanthi Coloured glass-beads.
রাঙ্গতার মালা पन्नीका कंठ

ରଙ୍ଗତା କାଚ—ଦେ. ବ.—ପତ୍ର ମଡ଼ା ହୋଇଥିବା କାଚର କାଚ-
Rangatā Kācha ବଳୟ—Glass bangles over-
রাংতা চুড়ী पन्नीका चूडी laid with tinfoils.

ରଙ୍ଗ ତାମ(ମା)ସା—ଦେ. ବ. (ସଢ଼ତର+ସ. ରଙ୍ଗ+ଫା. ତମାସା)—୧ ।
Ranga tāma(mā)sā ହାସ୍ୟ କୌତୁକ—1. Fun. ୨ ।
রঙ্গ তমাসা ନାଚରଙ୍ଗ—2. Dancing and frolic. ୩ ।
रङ्ग तमासा ଥଟ୍ଟା—3. Joke; jest.

ରଙ୍ଗଦ—ସଂ. ବ. (ରଙ୍ଗ+ଦା ଧାତୁ+କର୍ତ୍ତୃ. ଅ)—୧ । ସୋହାଗା;
Rangada ଟାଙ୍ଗଣା—1. Borax. ୨ । ଖଦିରସାର—2.The
Catechu juice; an extract of Catechu
(Apte)

ରଙ୍ଗ ଦଉଡ଼ିଆ—ଦେ. ବ. (ବୈଦ୍ୟକ)—(ସଂ. ରଙ୍ଗ+ଦୁର୍ବା)—ଏକ
Ranga daurdiā ପ୍ରକାର ଘାସ—A kind of grass.
[ସଂ. ବଳିଦୁବା, ଗନ୍ଥିଲା, ବୋହିତପତ୍ରା (ଦ୍ରବ୍ୟଗୁଣ କଳ୍ପଦ୍ରୁମ)]

ରଙ୍ଗଦା—ସଂ. ବ (ରଙ୍ଗ+ଦା ଧାତୁ+କର୍ତ୍ତୃ. ଅ+ଆ)—ଫିଟ୍କିରି;
Rangadā ଫିଟ୍କରି—Alum.

ରଙ୍ଗଦାର୍—ଦେ. ବଣ—୧ । ରଙ୍ଗିଆ (ଦେଖ)
Rangadār 1. Rangiā (See)
রঙ্গদার ୨ । ମଜାଦାର୍—2. Faceteous; jocular.
रंगदार

ରଙ୍ଗ ଦାର(ୟ)କ—ସଂ.ବ—କଙ୍କୁଷ୍ଠ; ମୃତ୍ତିକା ବିଶେଷ—A kind of
Ranga dāra(ya)ka medicinal earth. [ଦ୍ର—ଏହା
ଅନ୍ୟ ସଂ. ନାମ—କଙ୍କୁଷ୍ଠ, ଧଳା ଓ ସୁନେଲି; ଔଷଧରେ
କାଳକୁଷ୍ଠ, ବିରଙ୍ଗ ବ୍ୟବହୃତ ହୁଏ(କଙ୍କୁଷ୍ଠ ଦେଖ); ଏହା
कंकुष्ठ ରେଚକ, କଟୁତିକ୍ତରସ, ଉଷ୍ଣବୀର୍ଯ୍ୟ
ମ. କଂକୁଷ୍ଠ ଓ ବର୍ଣ୍ଣପ୍ରଦ । ଏହା କ୍ରିମି, ଶୋଥ,
ଗୁ. ପୀଲୁଯୋ ଉଦରାଧ୍ମାନ, ଗୁଲ୍ମ, ଅନାହ ଓ କଫ,
ନାଶକ- ଦ୍ରବ୍ୟଗୁଣ ।]

ରଙ୍ଗ ଡାଳିକା—ସଂ. ବ—ନାଗବଲ୍ଲୀ ଲତା (ହି. ଶ); ପାନଲତା—
Ranga dālikā Betel creeper.

ରଙ୍ଗ ଦ୍ରୁଢ଼ା—ସଂ. ବ (ବହୁବ୍ରୀହି; ରଙ୍ଗ+ଦୃଢ଼+ଆ)—
Ranga drurdha ରଙ୍ଗଦା; ଫିଟ୍କିରି—Alum.

ରଙ୍ଗ ଦେଖା(ଖେ)ଇବା—ଦେ. କ୍ରି—ରଙ୍ଗ କାଢ଼ିବା (ଦେଖ)
Ranga dekhā(khe)ibā Ranga kārdhibā (See)
(ରଙ୍ଗ ବାହାର କରିବା—ଅନ୍ୟରୂପ)

ରଙ୍ଗ ଦେଖିବା—ଦେ. କ୍ରି—ଅନ୍ୟର ଦୁଃଖରେ ବା ପ୍ରମାଦରେ ବା
Ranga dekhibā କଳରେ ଆମୋଦ ଉପଭୋଗ କରିବା—To
রঙ্গ দেখা enjoy fun at the expen se of another.
रंग देखना

ରଙ୍ଗ ଦେବତା - ସଂ. ବି—୧ । ନୃତ୍ୟରଙ୍ଗାଦିର ଅଧିଷ୍ଠାତ୍ରୀରୂପେ କଳ୍ପିତା
Ranga debatā ଦେବୀ—1. The Goddess supposed to preside over sports and public diversions generally (Apte). ୨। ରଙ୍ଗଭୂମିର ଅଧିଷ୍ଠାତ୍ରୀ ଦେବତା— 2.The Goddess supposed to preside over arenas and theatres.

ରଙ୍ଗ ଦେବା—ଦେ· କ୍ରି—କୌଣସି ବସ୍ତୁକୁ ରଞ୍ଜିତ କରିବା; ରଙ୍ଗାଇବା-
Ranga debā To dye.
রঙ্গ দেওয়া रङ्ग देना, रंगना

ରଙ୍ଗ ଦେବୀ—ସ.ବି—୧। ରାଧାଙ୍କର ସଖୀବିଶେଷ—1. One of the
Ranga debī companions of Rādhā. ୨। ରଙ୍ଗ ଶିଉଳି-
2. Night-flowering jasmine; the weeping Nyctanthus. [ଦୃ—ଲଳିତା ରଙ୍ଗଦେବୀ ଚମ୍ପକଲତା ମଧୁସୂଦନର ଭୂମଣେ (୧ମ ଓ ୨ୟ ଅର୍ଥ) —ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]

ରଙ୍ଗ ଦ୍ୱାର—ସଂ. ବି (୬ଷ୍ଠୀ ତତ୍)—୧ । ରଙ୍ଗମଞ୍ଚର ଦ୍ୱାର—
Ranga dwāra 1. Stage door (Apte). ୨ । ନାଟକର ପ୍ରସ୍ତାବନା—2. The prologue of a drama.

ରଙ୍ଗନ—ସ. ବି (ରଞ୍ଜ୍ ଧାତୁ + କରଣ. ଅନ)—୧ । ବଧୂଲି ଗୁଳ୍ମ;
Rangana ରଙ୍ଗିଥିବା ଫୁଲର ଗଛ—1. A sort of flowering shrub; Pentapetes Phoenicia; Ixora Bandhuka.
ଅନ୍ୟ ସ.—ଅର୍କବଲ୍ଲଭ, ଓଷ୍ଠପୁଷ୍ପ, ମଧ୍ୟନ୍ଦନ, ମାଧ୍ୟାହ୍ନିକ, ରକ୍ତ, ରକ୍ତପୁଷ୍ପ, ରାଗପୁଷ୍ପ, ବନ୍ଧୁ, ବନ୍ଧୁକ, ବନ୍ଧୁଜୀବ, ବନ୍ଧୁଜୀବକ, ବନ୍ଧୁର, ବନ୍ଧୁକ, ବନ୍ଧୂକ, ବନ୍ଧୂଜୀବକ, ବନ୍ଧୂଳି, ହରପ୍ରିୟ ।
୨ । (+ଭାବ ଅନ)—ରଙ୍ଗାଇବା; ରଞ୍ଜାଇବା —2. Painting; dying; colouring.

ରଙ୍ଗନାଥ—ଦେ.ବି—ଦାକ୍ଷିଣାତ୍ୟ ଶ୍ରୀରଙ୍ଗପଟ୍ଟନରେ ବିରାଜିତ ବିଷ୍ଣୁମୂର୍ତ୍ତି-
Ranga nātha Name of the image of Bishnu situated in Seringapatam in the Deccan.
রঙ্গনাথ रंगनाथ

ରଙ୍ଗପତ୍ରୀ—ସ. ବି—୧ । ନୀଳୀ ଗୁଳ୍ମ—
Rangapatrī 1. The indigo plant.

ରଙ୍ଗ ପସରା—ଦେ ବି—ଲୋଭନୀୟବର୍ଣ୍ଣଯୁକ୍ତ ପଣ୍ୟସାମଗ୍ରୀପୂର୍ଣ୍ଣ ପସରା ବା
Ranga pasarā ଡାଲା—A tray full of fancy articles. (ଦୃ—ରଙ୍ଗ ପସରା ବିନା ଭବସାଗର, ରଙ୍ଗ ଉତରେ ଦେଖ ବ ନାରଖାର—ମଦବୋଧ ଚଉତିଶା ।)
খেলনার ডালী रंगपसरा

ରଙ୍ଗ(ଙ୍ଗି) ପିମ୍ପୁଡ଼ି—ଦେ.ବି (ସ.ରକ୍ତ + ପିପୀଲିକା)—ରକ୍ତବର୍ଣ୍ଣ ପିପୀଲିକା-
Ranga (ngi) pimpurdi Red ant.
লালপীপড়া लालचींटी

ରଙ୍ଗ ପୀଠ – ସ ବି—ନୃତ୍ୟସ୍ଥଳ; ନୃତ୍ୟଭୂମି—
Ranga pitha A place for dancing (Apte).

ରଙ୍ଗପୁଷ୍ପ (ଷ୍ପୀ) —ସ. ବି—ନୀଳୀ ଗୁଳ୍ମ—The indigo plant;
Rangapushpa(shpi) Indigofera Tinctoria.

ରଙ୍ଗ ପ୍ରବେଶ—ସ. ବି (୭ମୀ ତତ୍) —ଅଭିନୟ କରିବାପାଇଁ ନଟ-
Ranga prabesa ନଟୀଙ୍କର ରଙ୍ଗଭୂମିକୁ ଆସିବା (ହି. ଶ.)
The entry of an actor into the stage.

ରଙ୍ଗ ପ୍ରିୟ—ସ. ବଣ. ପୁଂ (ବହୁବ୍ରୀହି)—କୌତୁକପ୍ରିୟ—
Ranga priya (ରଙ୍ଗପ୍ରିୟା – ସ୍ତ୍ରୀ) Fond of fun.

ରଙ୍ଗ ଫିକା(କ୍କା) ପଡ଼ିବା—ଦେ. କ୍ରି—୧ । ଖରା, ପାଣି, ପବନ, ଜଳବାୟୁ
Ranga phakā(kkā) pardibā ବା କାଳର ପ୍ରଭାବରୁ
রং ফিকাপড়া रंग फिकापडना କୌଣସି ବସ୍ତୁ ଉପରେ ଦିଆ ଯାଇଥିବା ରଙ୍ଗ ମ୍ଳାନ ହେବା; ରଙ୍ଗ ଛାଡ଼ିଯିବା—
1. The waning of the colour or paint of a thing owing to exposure to air, sun or water. ୨ । ଭୟ ବା ରୋଗ ଯୋଗୁଁ ଦେହର ବିବର୍ଣ୍ଣ ହେବା—2. Paleness of one's appearance or countenance due to fear or disease.

ରଙ୍ଗବତୀ—ଦେ. ବି. ସ୍ତ୍ରୀ—୧ । ସ୍ତ୍ରୀଲୋକଙ୍କ ନାମ—
Rangabatī 1. A name given to females.
रंगबती ୨ । ରସିକା ସ୍ତ୍ରୀ; ନାଗରୀ—2. Acoquette.

ରଙ୍ଗ ବଲ୍ଲୀ—ସ. ବି—ନାଗବଲ୍ଲୀ (ଦେଖ) (ହି. ଶ.)
Ranga ballī Nāgaballī (See)
(ରଙ୍ଗବଲ୍ଲିକା—ଅନ୍ୟରୂପ)

ରଙ୍ଗ ବାଟ—ସଂ. ବି(ମ.ଘ.ସ୍ତୋ)—ରଙ୍ଗଭୂମି (ଦେଖ)
Ranga bāta Rangabhūmi (See)

ରଙ୍ଗବାଣ—ଦେ. ବି—୧ । ରଙ୍ଗଫଳ ଗଛ—1. The Indian
Rangabāna shot; Canna Indica. [ଦ୍ର—ଏ ଗୁଳ୍ମ ଅତି ଓ ହଳଦି ଗୁଳ୍ମ ପରି; ଫଳ କାଙ୍କଡ଼ ପରି; ମଞ୍ଜି କାଙ୍କଡ଼ମଞ୍ଜି ପରି, କଳା କଳା ।] ୨ ।
কানা
ପୁଷ୍ପବିଶେଷ; ନାଲି ଗୋଡ଼ିବାଣ (ଗୋଡ଼ିବାଣ ଦେଖ)
2. A species of red flower. (ଦୃ—କବରୀ ରଙ୍ଗବାଣେ, ଭୂଷାଯିବ ମୋ ବାଣେ,ଏ ରଣେ ଶରଣ କେ ତାର ସେ—ଭଞ୍ଜ. ବୈଦେହୀଶବିଳାସ ।]

ରଙ୍ଗ ବାତ—ଦେ. ବି—କୌଣସି କୌଣସି ଶିଶୁର ଜନ୍ମ ହେବା ପରେ
Ranga bāta ଦେହର ବର୍ଣ୍ଣ ନାଲି ପଡ଼ିଯିବା ରୋଗ—
রাঙ্গাবাত; রঙ্গ A disease resulting in the
रंगबात redness of the skin of a new-born child. [ଦୃ—ରକ୍ତରେ ଶଙ୍ଖ ନାମକ ଉପାଦାନର ଅଭାବ ହେଲେ ଏ ରୋଗ ହୁଏ । ଘଧଦୁଧ ପିଆଇଲେ ଏହା ଭଲ ହୁଏ । ଗୃହଚିକିତ୍ସା. ପ୍ରସୂତିଚର୍ଯ୍ୟା ।]

ରଙ୍ଗ ବାହାର—ଦେ. ବି—କୌଣସି ବସ୍ତୁର ବର୍ଣ୍ଣର ଔଜ୍ଜ୍ୱଲ୍ୟ—The
Ranga bāhār brightness of the colour of a

रंगबहार thing. ଦେ. ବିଣ—ଉଜ୍ଜ୍ୱଳବର୍ଣ୍ଣବିଶିଷ୍ଟ (ବସ୍ତୁ)
রংবাহার —(a thing) Of very bright colour.

ରଙ୍ଗ ବାହାର କରିବା—ଦେ. କ୍ରି—ରଙ୍ଗ କାଢ଼ିବା (ଦେଖ)
Ranga bāhāra karibā Ranga kāṛhibā (See)

ରଙ୍ଗ ବିଦ୍ୟା—ସଂ. ବି—୧ । ନୃତ୍ୟଗୀତାଦି ବିଦ୍ୟା—1. The art
Ranga bidyā of dancing and singing. ୨ ।
ନାଟ୍ୟବୃତ୍ତି—2. Theatrical profession.

ରଙ୍ଗ ବିଦ୍ୟାଧର—ସଂ. ପୁ—୧ । ଷାଠିଏ ତାଳ ମଧ୍ୟରୁ ଏକ (ସ୍ୱ. ଶ.)
Ranga bidyādhara —1. One of the 60 musical
cadence. ୨ । ନଟ (ସ୍ୱ. ଶ.)—2. An actor
ସଂ. ବି—ନାଟ୍ୟକୁଶଳ—Expert in dancing.

ରଙ୍ଗ ବୀଜ—ସଂ. ବି (ରଙ୍ଗ=ଧାତୁ+ବୀଜ=ସାରାଂଶ)—ରୌପ୍ୟ; ରୂପା
Ranga bija —Silver.

ରଙ୍ଗ ବେ(ବି)ରଙ୍ଗ—ଦେ. ବିଣ—୧ । ନାନାପ୍ରକାରର ବର୍ଣ୍ଣଯୁକ୍ତ—
Ranga be(bi)ranga 1. Multicoloured. ୨ । ନାନା-
রংবেরঙ্গ ପ୍ରକାରର—2. Of various kinds. ଦେ.
रंगबिरंग ବି—ଏକ ବସ୍ତୁରେ ଥିବା ନାନାବର୍ଣ୍ଣ—Variegated
colour; many colours present in a thing.

ରଙ୍ଗ ଭଙ୍ଗ—ସଂ. ବି—ଆମୋଦପୂର୍ବକ ନାନା ଭାବଭଙ୍ଗୀ ପ୍ରକାଶ—
Ranga bhanga Lascivious gestures. ଦେ. ବି
রসেরভংগ ଆମୋଦର ସୋତରେ ବାଧାର ଉପସ୍ଥିତି; ରସଭଂଗ—
रंगभंग Impediment to merriment; interruption in gaiety.

ରଙ୍ଗ ଭଙ୍ଗୀ—ସଂ. ବି (୬ଷ୍ଠୀ ତତ୍)—ନାନାପ୍ରକାର କୌତୁକମୟ ଭଂଗୀ
Ranga bhangi —Amorous gestures; dalliance.

ରଙ୍ଗ ଭବନ—ସଂ. ବି (ମ. ପ. ଲୋ)—ରଙ୍ଗ ମହଲ (ଦେଖ)
Ranga bhabana Ranga mahala (See)

ରଙ୍ଗଭୁଲା—ଦେ. ବିଣ—ମାୟାମୋହ ଜନକ—Producing illu-
Rangabhulā sion. ଦେ ବି—ଲୀଳା ଭଣ୍ଡାଣ; ବାହ୍ୟ-
মনভো(ভু)লা କୁହୁକଦ୍ୱାରା ମୋହ ଜନ୍ମଇବା—Producing
रंगमे भुलानेवाला illusion by shows or magic.

ରଙ୍ଗ ଭୂତି—ସଂ. ବି (ବହୁବ୍ରୀହି, ରଙ୍ଗ=ନୃତ୍ୟଗୀତାଦି+ଭୂତି=ହେବା;
Ranga bhūti ଯେଉଁଥିରେ ନୃତ୍ୟାଦିକ୍ରୀଡ଼ାଦ୍ୱାରା ଅତିବାହିତ ହୁଏ)
—କୋଜାଗର ପୂର୍ଣ୍ଣିମା; ଆଶ୍ୱିନ ପୂର୍ଣ୍ଣିମା; କୌମୁଦୀ ପୂର୍ଣ୍ଣିମା;
କୁମାର ପୂର୍ଣ୍ଣିମା; ଲକ୍ଷ୍ମୀପୂଜା—The fullmoon of
the month of Āswina [ଦ୍ର—ଏ ରାତ୍ରରେ ଲକ୍ଷ୍ମୀ
ପୃଥିବୀକୁ ବୁଲିବାକୁ ଆସି ଯାହାକୁ ରାତ୍ରରେ ଉଜାଗର ହେବାର
ଦେଖନ୍ତି ତାକୁ ଧନଶାଳୀ କରନ୍ତି ବୋଲି ଲୋକ କହନ୍ତି ।]

ରଙ୍ଗ ଭୂମି—ସଂ. ବି—୧ । ନାଟ୍ୟଭୂମି; ନାଟ୍ୟଶାଳା—1. A stage;
Ranga bhūmi a theatre; a dancing hall.
(ରଙ୍ଗ ପ୍ରାଙ୍ଗଣ—ଅନ୍ୟରୂପ) ୨ । ଉତ୍ସବାଦି ପାଇଁ ଘେରାଯାଇ ଥିବା
ସ୍ଥାନ—2. A place enclosed for play,
dancing or other amusements. ୩ । ରଣଭୂମି
—3. Field of battle. ୪ । ମଲ୍ଲଭୂମି—4.
Wrestling ground; arena. ୫ । (ଲକ୍ଷଣାର୍ଥ)
ମନୁଷ୍ୟର କର୍ମକ୍ଷେତ୍ର—5. One's field of action;
field of one's activities.

ରଙ୍ଗ ମଞ୍ଚ(ଧ୍ୟ)—ସଂ. ବି—ନାଟ୍ୟଭୂମି; ରଙ୍ଗଭୂମି—
Ranga mañcha(dhya) A stage; arena.
(ରଙ୍ଗମଣ୍ଡପ—ଅନ୍ୟରୂପ) (ରଙ୍ଗମଞ୍ଚା—ଦେଶଜ ରୂପ)

ରଙ୍ଗମଲ୍ଲୀ—ସଂ. ବି (ରଙ୍ଗ=ଗୀତାଦି+ମଲ୍ଲ୍ ଧାତୁ=ଧାରଣ କରିବା
Rangamalli +କର୍ତ୍ତୃ. ଅ+ଈ)—ବୀଣା—Lute; harp.

ରଙ୍ଗ ମସଲା—ପ୍ରାଦେ (ଯାଜପୁର) ବି—ପିଆଜ—
Ranga masalā Onion.

ରଙ୍ଗ ମହଲ୍—ବୈଦେ. ବି(ଫା)—୧ । ରାଜପ୍ରାସାଦ—1. Palace.
Ranga mahal ୨ । ରାଜପ୍ରାସାଦ ତୁଲ୍ୟ ଅଟ୍ଟାଳିକା—
রাজমহল; রংগমহল 2. Palatial building. ୩
ବୈଠକଖାନା—3. Parlour; drawing room.
୪ । ସୁସଜ୍ଜିତ ନାଚଖାନା—4. A well furnished
dancing hall ୫ । ସୁସଜ୍ଜିତ ଶୟନାଗାର; କେଳି-
ମନ୍ଦିର—5. Well equipped sleeping room.
୬ । ଭୋଗବିଳାସର ସ୍ଥାନ—6. A place for
amusements enjoyments.

ରଙ୍ଗ ମାଗଣ—ଦେ. ବି—ତାସ୍‌ଖେଳରେ ଏକପ୍ରକାର ରଙ୍ଗଖେଳ—
Ranga māgaṇa A kind of card game at
(ରଙ୍ଗମାଗୁଣି—ଅନ୍ୟରୂପ) trumps. [ଦ୍ର—ଏଥିରେ
রং খেলা ଜିତିବା ପକ୍ଷ ତା ଇଚ୍ଛା ମୁତାବକ ହାରିବା ଖେଳାଳି-
रंग मांगना ଠାରୁ କେତେ ପଟ ତାସ ମାଗି କରି ନିଏ ।]

ରଙ୍ଗମାଣ—ପ୍ରାଦେ (ଗଞ୍ଜାମ) ବି—ରଙ୍ଗବାଣ (ଦେଖ)
Rangamāṇa Rangabāṇa (See)

ରଙ୍ଗ ମାଣିକ୍ୟ—ସଂ. ବି.—ମାଣିକ୍ୟ ରତ୍ନ—
Ranga māṇikya মানিক माणिक Ruby.
(ରଙ୍ଗମାଣିକ—ଦେ. ରୂପ).

ରଙ୍ଗ ମାତା—ସଂ. ବି. ସ୍ତ୍ରୀ.—(୬ଷ୍ଠୀତତ୍, ରଙ୍ଗ=ଅନୁରାଗ, ବର୍ଣ୍ଣ+ମାତୃ)-
Ranga mātā ୧ । କୁଟ୍ଟନୀ; କୁଟ୍ଟଣୀ—1. A procuress. ୨ ।
[ରଙ୍ଗ ମାତୃକା—ଅନ୍ୟରୂପ] ଲାକ୍ଷା—2. Lac. ୩ । ଲାକ୍ଷାକୀଟ
3. Lac insect.

ରଙ୍ଗ ମାର୍—ଦେ. ବି.—ଏକପ୍ରକାର ତାସ ଖେଳ—A kind of
Ranga mār রং খেলা रंग ठुमार game of card;
trump. [ଦ୍ର—ଏ ଖେଳରେ ୨ ଜଣ ବା ୪ ଜଣ
ଖେଳାଳି ଖେଳନ୍ତି । ଜଣେ ଖେଳାଳି ତାସ୍‌ଗୁଡ଼ିକ ଫେଣ୍ଟିକରି
ହାତରେ ଧରେ ଓ ଅନ୍ୟ ଜଣେ ଖେଳାଳି ଉକ୍ତ ତାସ୍
ମୁଠାରୁ ଥୋଡ଼ାଏ ଉଠାଇ (କାଟି)ନିଏ । କଟାଯିବା ତାସ୍‌ର
ଯେଉଁ ରଙ୍ଗ ହୋଇଥାଏ, ସେହି ରଙ୍ଗର ତାସ୍ ମାନ ରଙ୍ଗ
ବୋଲି ଧରାଯାଏ । ଓ ତାସ୍‌ମାନ ଖେଳାଳିଙ୍କ ମଧ୍ୟରେ
ବଣ୍ଟା ହୁଏ । ରଙ୍ଗରଙ୍ଗର ଯେ କୌଣସି ମୂଲ୍ୟର ତାସ୍‌କୁ
ରଙ୍ଗର ସାମାନ୍ୟ ମୂଲ୍ୟର ତାସ୍ ଜିତି ନିଏ ।]

ରଙ୍ଗ ମୁଣ୍ଡିଆ—ଦେ. (ବ୍ୟଙ୍ଗ) ବିଣ ଓ ବି—ନାଲିପଗଡ଼ିଧାରୀ (ପୁଲିସ୍)—
Raṅga muṇḍiā Wearing red trubans (literally red-headed) policeman
ଲାଲପାଗଡ଼ୀ **রক্ত পগড়িবালা** [ଉ—ଦେଉଳ ଭିତରୁ ଶୃଙ୍ଖଳା ରକ୍ଷିବା କରିବ ବନ୍ଦୋବସ୍ତ କରି ଯାଉଥିଲେ ସୁଦ୍ଧା କେତେକ ରଙ୍ଗମୁଣ୍ଡିଆଙ୍କ କାର୍ଯ୍ୟକଳାପରେ ଲୋକମାନେ ବିଶେଷ ଅସୁବିଧା ଭୋଗ କରୁଥିଲେ—ଦୈନିକ ଆଶା ।]

ରଙ୍ଗ ରଙ୍ଗ—ଦେ. ବିଣ. (ବହୁବଚନ)—ରଙ୍ଗା ରଙ୍ଗା (ଦେଖ)
Raṅga raṅga Raṅgā raṅgā (See)

ରଙ୍ଗ ରଙ୍ଗିଆ—ଦେ. ବିଣ. ପୁଂ.—୧ । ନାନା ପ୍ରକାରର ରଙ୍ଗ ବା ବର୍ଣ୍ଣ
Raṅga raṅgiā ବିଶିଷ୍ଟ—1. Multi-coloured. ୨ ।
রাঙ্গা চোঙ্গে **রঙ্গবিরঙ্গ, রঙ্গিলা** ରଙ୍ଗିଆ (ଦେଖ)
[ରଙ୍ଗ ରଙ୍ଗେଇ—ସ୍ତ୍ରୀ] 2. Raṅgiā (See)

ରଙ୍ଗ ରସ—ଦେ. ବି.—(ସହଚର)—୧ । ଆମୋଦ ପ୍ରମୋଦ—
Raṅga rasa রঙ্গ রস **रंग रस** 1. Amusements.
୨ । ନାଚ ରଙ୍ଗ; ନୃତ୍ୟ ଗୀତାଦି—2. Dancing etc.
୩ । କୌତୁକ; ପରିହାସ—3. Fun; sport.

ରଙ୍ଗ ରସିକ(କା)—ଦେ. ବିଣ. ପୁଂ.—ରଙ୍ଗିଆ (ଦେଖ)
Raṅga rasika (yā) Raṅgiā (See)
আমুদে **रंगरसिया**
—[ରଙ୍ଗ ରସିକା, ରଙ୍ଗ ରସେଇ—ସ୍ତ୍ରୀ]

ରଙ୍ଗ ରହସ(ସ୍ୟ)—ଦେ. ବି.—(ସଂ. ରଙ୍ଗ+ରହସ୍ୟ)—୧ । ଥଟ୍ଟା;
Raṅga rahasa(sya) ଥଟ୍ଟା ତାମସା—1. Jest; jokes.
রঙ্গ রহস্য **रंग रस, रंग रहस** ୨ । ନାଚ ତାମସା—
2. Sports; dancing, gaities.

ରଙ୍ଗ ରାଙ୍ଗ—ଦେ. ବି.—(ନିରର୍ଥକ ସହଚର)—ରଙ୍ଗରସ (ଦେଖ)
Raṅga rāṅga Raṅga rasa (See)

ରଙ୍ଗ ରାଜ—ବୈଦେ. ବି.(ଫା. ରଙ୍ଗରେଜ୍)—ଚିତ୍ରକାର—Painter.
Raṅga rāja রঙ্গরেজ ସଂ. ବି—୬୦ ପ୍ରକାର ତାଳ ମଧ୍ୟରୁ
ଏକ (ସଙ୍ଗୀତ ଦାମୋଦର)—One of the 60
रंगरेज musical cadence.

ରଙ୍ଗରୁଟ୍—ବୈଦେ. ବି.—(ଇଂ. ରିକ୍ରୁଟ୍)—୧ । ସେନାବିଭାଗରେ ବା
Raṅgaruṭ ପୁଲିସରେ ନୂଆ ହୋଇ ଭର୍ତ୍ତି ହୋଇଥିବା ସିପାହୀ—
1. A new recruit to the army or police.
୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟରେ ନୂଆ ପଶିଥିବା ଲୋକ
2. (figurative) A novice.

ରଙ୍ଗ ରେଖ—ଦେ. ବିଣ.—୧ । ରକ୍ତବର୍ଣ୍ଣ ରେଖାଯୁକ୍ତ—1. Having
Raṅga rekha রঙ্গ চঙ্গে **रङ्गिमा** red outlines.
୨ । ସୁନ୍ଦର ବର୍ଣ୍ଣ ବିଶିଷ୍ଟ—2. Of charming colour.
[ଉ—ଯେ କୃଷ୍ଣ ଅନୁରାଗ ମୁଖ, ସୁନ୍ଦର ହାସ ରଙ୍ଗରେଖ ।
ଜଗନ୍ନାଥ. ଭାଗବତ ।]

ରଙ୍ଗ ରେଜ୍—ବୈଦେ. ବି.—(ଫା. ରଙ୍ଗରେଜ୍)—ଚିତ୍ରକାର—
Raṅga rej. রঙ্গরেজ **रंगरेज** Painter.

ରଙ୍ଗ ଲତା—ସଂ. ବି—ଚକ୍ରକାନ୍ଦ ବର୍ଗର ବୃହତ୍ ଗୁଳ୍ମ ବିଶେଷ—
Raṅga latā A creeper used as medicine for
ସଂ.—ଆବର୍ତ୍ତକୀ, ଅଜଶୃଙ୍ଗୀ colic; Helicteres Ixora,
ଅାଂତ ମୋଡ଼া Convolvulus Argenteus.[ବି—ଏହା ଏକ
मरोड़फली, मेन्दुकपासी ପ୍ରକାର ଲତା । ପତ୍ର ଦନ୍ତୁର; ଫୁଲ ଫଳ
ତେ. ଗୁବାଦରବ ନାଲି; ଲୁଇଁ ୨।୩ ଅଙ୍ଗୁଳ ଲମ୍ବ,
ମ. ମେଢ଼ଶିଙ୍ଗୀ, କୋବାନ ଲୋମଶ, ବଙ୍କା ଓ ମୋଡ଼ମୋଡ଼ିଆ ।
ଏହା ଶୂଳନାଶକ ।] ଦେ. ବି.—୧ । ରଙ୍ଗଣୀ (ଦେଖ)
1. Raṅgaṇī (1) (See) ୨ । ପାଲାରେ ବର୍ଣ୍ଣିତ
ମନୋହର ଫାସିଅାରର କନ୍ୟା—2. The daughter
of Manohara Phāsiāra described in
the Pālā of that name.

ରଙ୍ଗ ଲାଲ୍—ଦେ. ବି. ପୁଂ (ବି)—୧ । ଶ୍ରୀକୃଷ୍ଣଙ୍କ ନାମାନ୍ତର—1. A
Raṅgalāl name of Śrikṛushṇa, ୨ । ଲୋକଙ୍କ
রঙ্গলাল ନାମ—2. A name given to males.
रंगलाल

ରଙ୍ଗ ଲାସିନୀ—ସଂ. ବି—ଶେଫାଳିକା; ଗଙ୍ଗଶିଉଳୀ ଫୁଲ—A flower
Raṅga lāsinī Nychtanthes Trystes.

ରଙ୍ଗ ଶାଳା—ସଂ. ବି—୧ । ନାଟ୍ୟଶାଳା—1. A stage; a
Raṅga śālā theatre. ୨ । ନାଚଶାଳା—2. Dancing hall.

ରଙ୍ଗ ସଭା—ସଂ. ବି—୧ । ନୃତ୍ୟସଭା—1. A gathering where
Raṅga sabhā dancing takes place. ୨ ।
ନାଚଶାଳା—2. Dancing hall. [ଉ—ରଙ୍ଗ
ସଭାର ଚଳେ ସାର, ଯେଉଁଠି ଯୋଦ୍ଧେ ନୃତ୍ୟକାର ।
রঙ্গসভা ଜଗନ୍ନାଥ. ଭାଗବତ ।] ଦେ. ବି—କଂସ ଶ୍ରୀକୃଷ୍ଣଙ୍କୁ
रंगसभा ନିମନ୍ତ୍ରଣ କରି ଦେଖାଇବାକୁ ନେଇଥିବା ନୃତ୍ୟଶାଳା
A dancing hall to which Kaṁsa had
invited Śrikṛushṇa.

ରଙ୍ଗ ସାଜ—ବୈଦେ. ବି.—(ଫା.)—୧ । ରଞ୍ଜକ—1. A dyer.
Raṅga sāja রঙ্গসাজ **रंग साज** ୨ । ଚିତ୍ରକର—
2. A painter.

ରଙ୍ଗ ସାଜି—ବୈଦେ. ବି.—୧ । ଚିତ୍ର କର୍ମ—1. Painting. ୨
Raṅga sāji রঙ্গসাজী **रंगसाजी** ଚିତ୍ରକର ବୃତ୍ତି—
2. The profession of a painter.

ରଙ୍ଗ ସ୍ଥଳ—ସ.ବି.—ରଙ୍ଗଭୂମି (ଦେଖ)
Raṅga sthala Raṅga bhūmi (See)

ରଙ୍ଗା—ଦେ. ବିଣ.—(ସ. ରଙ୍ଗ)—୧ । ଲୋହିତ—1. Red.
Raṅgā রাঙ্গা **लाल, रङ्गिन** ୨ । ରଞ୍ଜିତ—2. Dyed.[ଉ—
ଶ୍ୱେତ ଲୋହିତେ ରଙ୍ଗା ତୋ ଶୁଭ୍ର ତନୁ । ମଧୁସୂଦନ.ଛନ୍ଦମାଳା ।]
୩ ।ରକ୍ତବର୍ଣ୍ଣବିଶିଷ୍ଟ—3. Red. ଦେ.ବି.—୧ । ନାଲିଆ
ବର୍ଣ୍ଣ—1. The red colour. ୨ । ରଙ୍ଗାଧର
ନାମକ ବ୍ୟକ୍ତିର ଡାକ ନାମ—2. Name for calling Raṅgādhara. ୩ । ରଙ୍ଗାଇବା କର୍ମ—
3. Painting; dying.

ରଙ୍ଗା ଅବତାର—ଦେ. ବି.—ଶ୍ରୀକୃଷ୍ଣାବତାର—The incarnation
Rangā abatāra of Krushṇa.
[ଉ—ରଙ୍ଗା ଅବତାରେ ଜନ୍ମି ଶ, ସେ କନ୍ୟା କରନ୍ତୁ ରମଣ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।]

ରଙ୍ଗା(ଙ୍ଗେ)ଇବା—ଦେ. କ୍ରି.—(ସ. ରଞ୍ଜ ଧାତୁ ଣିଚ)—୧ । ରଞ୍ଜିତ
Rangā(ṅge)ibā କରିବା—1. To paint. ୨ । ରକ୍ତ- ବର୍ଣ୍ଣ କରିବା—2. To redden. ୩ । ରକ୍ତ ବର୍ଣ୍ଣ ଧାରଣ କରିବା—3. To become red. [ଉ—ଚଉଁର ରଙ୍ଗେଇଲା, ବନନନକର ଭାବପାଇଁ, ବଉର ରଙ୍ଗେଇଲା—ଭଗ ।] ୪ । (ପ୍ରଯୋଜକ)—ଅନ୍ୟଦ୍ୱାରା ରଞ୍ଜନ କର୍ମ କରାଇବା—4. To cause to paint.
ବାଂଗାନ **रंगना**

ରଙ୍ଗାଙ୍ଗନ(ଣ)—ସ. ବି.—ରଙ୍ଗଭୂମି (ଦେଖ)
Rangāngana(ṇa) Ranga bhūmi (See)

ରଙ୍ଗାଙ୍ଗା—ସଂ. ବି.—ଫିଟ୍‌କରି (ଦ୍ରବ୍ୟଗୁଣ)—
Rangāngā Alum.

ରଙ୍ଗାଜୀବ—ସଂ. ବି. ପୁଂ.—(ବହୁବ୍ରୀହି; ରଙ୍ଗ=ନାଟ୍ୟଶାଳା, ଚିତ୍ର
Rangājība ଇତ୍ୟାଦ+ଆଜୀବ=ଜୀବିକା ଯାହାର)—୧ । ନଟ; [ରଙ୍ଗାଜୀବା—ସ୍ତ୍ରୀ] ନାଟ୍ୟକାର—1. An actor. ୨ । ଚିତ୍ରକାର—2. A painter. [ଉ—ଯୋଡ଼ୁ ଏ ଦେଶ, ରଙ୍ଗାଜୀବ ନ ମିଳେ, ଦୁର୍ଲ୍ଲଭ ତାହାର ଦର୍ଶନ । ଉଦ୍ଧ. ପ୍ରେମସୁଧାନିଧି] । ୩ । ଯେ ବସ୍ତ୍ରାଦକୁ ରଙ୍ଗାଏ—3. A dyer. ୪ । ରଞ୍ଜନ ଦ୍ରବ୍ୟ ପ୍ରସ୍ତୁତକାରୀ—4. A manufacturer of dyes; colour-manufacturer.

ରଙ୍ଗାଜୀବୀ—ସଂ. ବିଣ. ପୁଂ (ରଙ୍ଗ+ଆଜୀବ+ଇନ୍; ୧ମା. ୧ବ)—
Rangājībi ଯେ ଚିତ୍ର ବା ରଙ୍ଗ କରିବାଦ୍ୱାରା ପେଟ ପୋଷେ—Earning livelihood by
[ରଙ୍ଗାଜୀବନୀ—ସ୍ତ୍ରୀ] painting or dyeing. ସଂ. ବି. ପୁଂ— ରଙ୍ଗାଜୀବ (ଦେଖ)—Rangājība (See)

ରଙ୍ଗାଟିଆ—ଦେ. ବିଣ. (ସ. ରକ୍ତାଭ)—ରକ୍ତାଭ; ଈଷତ୍ ନାଲି—
Rangāṭiā ଲାଲଚେ **भटरंग** Reddish.

ରଙ୍ଗା ଢୋକିବା—ପ୍ରାଦେ. (ଆଠମଲ୍ଲିକ) ବି.—ସନ୍ଧ୍ୟା ବୁଡ଼ିବା;
Rangā ḍhokibā ବେଳବୁଡ଼ି—Dusk.

ରଙ୍ଗାଧର—ଦେ. ବି. ପୁଂ (ବହୁବ୍ରୀହି; ରଙ୍ଗ=ରକ୍ତବର୍ଣ୍ଣ+ଅଧର
Rangādhara ଯାହାର)—ଲୋକଙ୍କ ଦିଆଯିବା ନାମ—Name given to persons. ଦେ. ବିଣ. ପୁଂ.—ରକ୍ତବର୍ଣ୍ଣ
(ରଙ୍ଗାଧରୀ—ସ୍ତ୍ରୀ) ଅଧର ବିଶିଷ୍ଟ—Red-lipped.

ରଙ୍ଗା ପାଟିଆ—ପ୍ରାଦେ (ବାଲେଶ୍ୱର) ବି—ମତ୍ସ୍ୟ ବିଶେଷ—
Rangā pāṭiā A kind of fish.

ରଙ୍ଗାବତରଣ—ସ. ବି (୭ମୀ ତତ୍; ରଙ୍ଗ+ଅବତରଣ)—୧ । ଅଭିନୟ
Rangābataraṇa ବା ନାଟ କରିବା ପାଇଁ ରଙ୍ଗଭୂମିରେ ଉପସ୍ଥିତ ହେବା—1. Appearance of an actor or actress on the stage; entrance into the stage. ୨। ନଟବୃତ୍ତି—2. An actor's profession.

ରଙ୍ଗାବତାର—ସ. ବି. ପୁଂ—୧ । ନଟ—1. An actor. ୨ । ସୂତ୍ର
Rangābatāra ଧାର; ଯେ ପ୍ରଥମେ ରଙ୍ଗଭୂମିରେ ନାଟକର ଅବତାରଣା କରେ—2. Manager of a theatre; the actor who introduces the play.
ରଙ୍ଗାବତାରକ } ଅନ୍ୟରୂପ
ରଙ୍ଗାବତାରୀ }
ରଙ୍ଗାବତାରୀ, ରଙ୍ଗାବତାରିକା, } —ସ୍ତ୍ରୀ
ରଙ୍ଗାବତାରଣୀ }

ରଙ୍ଗା ଯି(ହେ)ବା—ଦେ. କ୍ରିୟା (ରଙ୍ଗାଇବା କ୍ରିୟାର କର୍ମବାଚ୍ୟରୂପ)—
Rangā ji(he)bā ରଞ୍ଜିତ ହେବା—To be dyed or coloured.

ରଙ୍ଗା ରଙ୍ଗା—ଦେ. ବିଣ—ରକ୍ତବର୍ଣ୍ଣବିଶିଷ୍ଟ (ଏକାଧିକ ବସ୍ତୁ)—Of
Rangā rangā red colour (plural). [ଉ—ଡେଙ୍ଗ ଡେଙ୍ଗ ମନ୍ଦାର ରଙ୍ଗା, ଫୁଲ ଫୁଟେ ରଙ୍ଗା ରଙ୍ଗା— ଶିଶୁଗୀତ ।]
ରାଙାରାଙା
लाललाल, रंगारंगा

ରଙ୍ଗାରି—ସ. ବି—କରବୀ ଫୁଲ—
Rangāri The oleander (flower).

ରଙ୍ଗାଳୟ—ସ. ବି (୬ଷ୍ଠୀ ତତ୍)—ନାଟ୍ୟଶାଳା—
Rangālaya The stage of a theatre.

ରଙ୍ଗାଳିଆ—ଦେ. ବିଣ (ସ. ରକ୍ତାଭ)—ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ—
Rangāliā ଲାଲଚେ **भटरंग** Reddish; rosy.

ରଙ୍ଗି(ଙ୍ଗୁ)ଆ—ଦେ. ବିଣ. ପୁଂ (ସ. ରଙ୍ଗୀ)—୧ । କୌତୁକପ୍ରିୟ—
Rangi(ṅgu)ā 1. Fond of fun; funny. ୨।ରସିକ— 2. Gallant; merry; jovial; humorous. ୩ । ଅନୁରାଗୀ—3. Passionate; attached. [ରଙ୍ଗୀ,ରଙ୍ଗେଇ—ସ୍ତ୍ରୀ] ୪। ପ୍ରଫୁଲ୍ଲ—4. Gay. ୫। ବାହ୍ୟସୁନ୍ଦର— 5. Splendid; showy. ଦେ. ବି.ପୁଂ—୧। ରଙ୍ଗାଧର ନାମକ ବ୍ୟକ୍ତିର ଡାକନାମ—1. Name for calling Rangādhara. ୨ । ରଙ୍ଗକାର— 2. Painter.
ରଙ୍ଗିଆ, ମଉଜୀ
रङ्गीला
ରଙ୍ଗିଆ

ରଙ୍ଗିଆ ରାଇ—ଦେ.ବି—ଏକପ୍ରକାର ଲାଲଧାନ—A kind of red
Rangiā rāi paddy producing white rice. [ଉ— ଧାନ ନାଆଁ ରଙ୍ଗିଅରାଇ, ସ୍ୱାଦୁ କ ଛଡ଼ରୁ ତଖାଇଲ !— କୃଷିବଚନ; ଧାନ କରିଥିବ ରଙ୍ଗିଅରାଇ, ଭାତକୁ ସୁନ୍ଦର ଲାଗିବୁ ବାଇ—କୃଷିବଚନ ।] [ଦ୍ର—ଏହା ପ୍ରଚୁର ପରିମାଣରେ ଫଳେ । ଏଥିରୁ ଧଳାଚାଉଳ ବାହାରେ ।]
ରାଙ୍ଗିମୌଲ
लालधान

ରଙ୍ଗିଣ—ଦେ. ବିଣ—୧ । ରକ୍ତବର୍ଣ୍ଣ ବିଶିଷ୍ଟ—1. Reddish. ୨ ।
Rangiṇa ଈଷତ୍ ନାଲି—2. Reddish; rosy.
ରଙ୍ଗୀନ **रंगीन** [ଉ—ରଙ୍ଗିଣ ଧବଳ ବେଢ଼ ବସର ମଧ୍ୟମା । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।]

ରଙ୍ଗିଣୀ(ନୀ)—ସଂ ବିଣ. ସ୍ତ୍ରୀ (ରଙ୍ଗ+ଇନ୍+ସ୍ତ୍ରୀ.)—୧ । କୌତୁକ-
Ranginī(nī) କାରିଣୀ; କୌତୁକପ୍ରିୟା—1. Sportive;
(ରଙ୍ଗୀ—ପୁଂ) fond of fun(woman). ୨। ରସିକା (ସ୍ତ୍ରୀ)— 2. Witty (woman). ୩ । ଅନୁରାଗିଣୀ—

3. Loving; affectionate. ୪ । ଯେ ରଙ୍ଗରେ ମାତିଥାଏ—4. Engaged in merriment. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ମଧ୍ୟ ସମାସ ହୁଏ । ଯଥା—ରଣରଙ୍ଗିମା; ରଙ୍ଗରଙ୍ଗିମା ।] ସଂ. ବି—୧ । ଶତମୂଳୀ; ଛତୁଅଶ୍ୱ ଲତା —1. (a thorny creeper) Asparagus Recemosus. ୨ । କୈବର୍ତ୍ତିକା; କେଉଟଅ ମୁଥା—2. A sort of grass with fragrant bulbous root; Cyperus Rotundus. ଦେ. ବି—ରଙ୍ଗଣୀ (୧) ଦେଖ—Rangaṇi (1) (See) (ଉ—ଫୋଟି ପଡ଼ିଲା ଯେ ରଙ୍ଗେ ରଙ୍ଗିଣୀ—ଗୋଲୋକ ଇନ୍ଦ୍ରେଣା ।)

ରଙ୍ଗିତ—ସଂ. ବିଣ (ରଙ୍ଗ+ଯୁକ୍ତାର୍ଥେ. ଇତ)—ରଞ୍ଜିତ—
Rangita Coloured; painted.

ରଙ୍ଗିନ(ନୀ)—ବୈଦେ. ବିଣ (ଫା)—୧ । ରଞ୍ଜିତ; ବର୍ଣ୍ଣବିଶିଷ୍ଟ—
Rangin[ni] 1. Coloured. ୨ । ଚିତ୍ରିତ—
ରଙ୍ଗୀନ रंगाहुआ, रंगीन 2. Painted. ୩ । ଚିତ୍ରବିଚିତ୍ର—3. Painted in various colours. [ଯଥା—ରଙ୍ଗିନ୍ କାଗଜ, ରଙ୍ଗିନ୍ କାର୍ଡ଼ ।]

ରଙ୍ଗିବା—ପ୍ରାଦେ (ଗଡ଼ଜାତ, ବୌଦ୍ଧ) କ୍ରି (ସଂ. ରଙ୍ଗଧାତୁ; ତୁଳ. ହି. ରେଂଗନା) —ସାପ ପରି ବଙ୍କେଇ ବଙ୍କେଇ ଯିବା—
Rangibā
[ରଙ୍ଗି ଯିବା—ଅନ୍ୟରୂପ] To move in a crooked manner. ପ୍ରାଦେ [ସମ୍ବଲପୁର] କ୍ରି—ଗୁଲିବା—To walk. ପ୍ରାଦେ[ଅଠମଲ୍ଲିକ] କ୍ରି—ହାମୁଡ଼େଇବା—To crawl; to creep.

ରଙ୍ଗିମା—ଦେ. ବିଣ—ରକ୍ତବର୍ଣ୍ଣଯୁକ୍ତ— Red. (ଉ—ରଙ୍ଗିମା ଦଶୁଛି
Rangimā ନୟନ ବେନି—ବିଶ୍ୱନାଥ. ବିଚିତ୍ରରାମାୟଣ ।)
রঙ্গীন लाल

ରଙ୍ଗି ରଙ୍ଗି—ପ୍ରାଦେ (ବୌଦ୍ଧ) କ୍ରି. ବିଣ – ଗୁରୁଣ୍ଡି ଗୁରୁଣ୍ଡି —
Rangi rangi Crawling.

ରଙ୍ଗିଲ(ଲ)—ଦେ. ବିଣ. ପୁଂ (ସଂ.ରଙ୍ଗ ଶବ୍ଦଜ)—୧ । ରଙ୍ଗିଆ (ଦେଖ)
Rangila(la) 1. Rangiā (See) ୨ । ରଙ୍ଗିନ୍(ଦେଖ)
রংগিয়া रंगिला Rangin (See)

ରଙ୍ଗିଲା—ଦେ. ବି. ସ୍ତ୍ରୀ—ଓଡ଼ିଶାର ଶେଷ ସ୍ୱାଧୀନ ନରପତି ପ୍ରତାପରୁଦ୍ର
Rangilā ଦେବଙ୍କର ଜ୍ୟେଷ୍ଠ ପୁତ୍ର କଲୁଆଦେବଙ୍କ ପ୍ରଣୟିନୀ ବାଳିକା (କଲୁଆଦେବ ନାମମାତ୍ର ଏକ ବର୍ଷ ରାଜତ୍ୱ କରି ବିଶ୍ୱାସଘାତକ ମନ୍ତ୍ରୀ ଗୋବିନ୍ଦବିଦ୍ୟାଧରଙ୍କ ଦ୍ୱାରା ନିହତ ହୋଇଥିଲେ)—Name of a girl loved by the eldest son of Pratāpa Rudra Deba, the last independent king of Orissa. ଦେ.ବିଣ—ରଙ୍ଗିଲର ସ୍ତ୍ରୀଲିଙ୍ଗ—Feminine of Rangila.

ରଙ୍ଗୀ—ସଂ. ବିଣ. ପୁଂ (ରଙ୍ଗ+ଇନ୍, ୧ମା ୧ବ)—୧ । ରଙ୍ଗିଆ(ଦେଖ)
Rangi 1. Rangiā (See) ୨ । (ଅମୁକରେ) [ରଙ୍ଗିଣୀ(ଣୀ)—ସ୍ତ୍ରୀ] ଆସକ୍ତ—2. Attached to; devoted to. [ଦ୍ର—ଏହା ମଧ୍ୟ ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୁଏ । ଯଥା—ରଣରଙ୍ଗୀ, ନୃତ୍ୟରଙ୍ଗୀ ।] ୩ । ରଞ୍ଜନକାରୀ—3. Colouring; dyeing (Apte). ୪ । (ଅମୁକ ବିଷୟର) ପ୍ରିୟ—4. Fond of (Apte). ୫ । କ୍ରୋଧୀ; ସହଜରେ ଉତ୍ତେଜିତ—5. Passaionte (Apte); irritable. ୬ । ରଙ୍ଗଭୂମିରେ ଅଭିନୟକାରୀ—6. Acting on a stage (Apte). ଲାଲ ଦେ. ବି—୧ । ନାଲିରଙ୍ଗବିଶିଷ୍ଟ—1. Red.
রাংগা [କାଳୀ କସୁରୀ ଧଳୀ ରଙ୍ଗୀ—ଭୂପତି. ପ୍ରେମପଞ୍ଚାମୃତ ।] ୨ । (ପୁଂ) ରଙ୍ଗାଧର ନାମକ ବ୍ୟକ୍ତିର ଆଦରାର୍ଥକ ଡାକନାମ—2. Name for calling Rangādhara ୩ । (ସ୍ତ୍ରୀ) ରଙ୍ଗବତୀର ଡାକନାମ—3. A name for calling Rangabatī

ରଙ୍ଗୁଣୀ ଉଠା—ପ୍ରାଦେ. (ଗଞ୍ଜାମ) ବି—ଦୁର୍ନାମର ହୁଗୁ—A crop of
Ranguṇi uṭhā evil repute or scandal [ଉ—ଯେଉଁ ଭାରତବାସୀ ନାମରେ ରାଜଦ୍ରୋହ ବୋଲି କଥେ ରଙ୍ଗୁଣୀଉଠା ଉଠିଲା, ତା ଉପରେ ବଳଶାଳୀ ପର୍ଦ୍ଦିକାମାନଙ୍କର ବିଷଦୃଷ୍ଟି ପଡ଼ିଲା—ଦୈ. ଅଶା—୪।୭।୧୯]

ରଙ୍ଗୁନ—ଦେ. ବି—ରେଙ୍ଗୁନ୍; ରେଙ୍ଗୁନ୍; ବ୍ରହ୍ମଦେଶର ପ୍ରଧାନ ବାଣିଜ୍ୟ
Rangun କେନ୍ଦ୍ର ଓ ନଗର—Rangoon in Burma.
রেঙ্গুন रेंगुन

ରଙ୍ଗେ—ଦେ. କ୍ରି. ବିଣ . (ସଂ. ରଙ୍ଗେଣ)—୧ । କୌତୁକରେ; ଆନନ୍ଦ
Range ସହକାରେ—1. Joyfully; gleefully.
রঙ্গে रंगमे [ଉ—ଗୃହକ୍ଷ ପଂକ୍ତି ଦେଖି ଦଶିବେ ରଙ୍ଗେ—ରାଧାନାଥ. ମେଘଦୂତ ।] ୨ । ନାନାପ୍ରକାରେ—2 In various ways. (ଉ—ଦୁଃଖ ଉବାଦ୍ୟ ନାଦ କରି, ରଙ୍ଗେ ନାଚନ୍ତି ଅପସରୀ—ଜଗନ୍ନାଥ. ଭାଗବତ ।) ୩ । ଅର୍ଥେ; ପାଇଁ; ସକାଶେ; ନିମିତ୍ତ—3. For. (ଉ—
ଅନେକ ବଲ ତାଙ୍କ ସଙ୍ଗେ
ବିବାହ ଦେଖିବାର ରଙ୍ଗେ
ସଙ୍ଗେ ଅଇଲେ ବେଳ ଭାଇ
କହିଲୁଁ ଆମ୍ଭ ଦୋଷ ନାହିଁ—ଜଗନ୍ନାଥ ଭାଗବତ ।]
୪ । ନାନାପ୍ରକାର ମନୋହର ଭଙ୍ଗୀରେ—4. In various charming ways.

ରଙ୍ଗେଇ—ଦେ. ବିଣ. ସ୍ତ୍ରୀ—(ରଙ୍ଗିଅର ସ୍ତ୍ରୀଲିଙ୍ଗ)—ରସବତୀ—
Rangei Feminine of Rangiā.
আমোদিনী, রসবতী, रंगीली

ରଙ୍ଘ(ଧାତୁ)—ସଂ—୧ । ଗତି କରିବା—1. To go. ୨। ଶୀଘ୍ରଯିବା—
Rangha (root) 2. To go quickly; to hasten.

ରଙ୍ଘଃ—ସଂବି—(ରି. ଘ ଧାତୁ—ବେଗରେ ଗମନ କରିବା+ଭାବ.ଅସ୍)—
Ranghah ୧ । ବେଗ—1. Speed; velocity. ୨ । ଶୀଘ୍ରତା—2. Swiftness. ୩ । ତ୍ୱରା—3. Haste (Apte).

ରଚ୍(ଧାତୁ)—ସଂ—୧ । ସର୍ଜନା କରିବା; ସୃଷ୍ଟି କରିବା—1. To
Rach(root) create. ୨ । ତିଆର କରିବା; ପ୍ରସ୍ତୁତ କରିବା

—2. To build; to make; to construct, ୩ । କୌଣସି ପଦାର୍ଥକୁ ରଚନା କରିବା; ଗଢ଼ିବା; ବନାଇବା—3 To manufacture; to fabricate. ୪ । (ପୁସ୍ତକ ବା ରଚନା) ମନରୁ ଗାନ୍ଧି ଲେଖିବା; ରଚନା କରିବା—4. To compose; to write (a poem or book). ୫ । ଆବିଷ୍କାର କରିବା; ଉଦ୍ଭାବନ କରିବା—5. To invent. ୬ । (ହାର ଆଦି) ଏକତ୍ର ଗୁନ୍ଥିବା; ଗ୍ରଥନ କରିବା; ଗାନ୍ଥିବା—6. To lay or string together. ୭ । ସୁସଜ୍ଜିତ କରିବା—7. To equip; to make up. ୮ । ଉପରେ ରଖିବା—8. To place upon; to set or fix on. ୯ । ଅଳଙ୍କୃତ କରିବା—9. To adorn; to decorate (Apte). ୧୦ । ଅପଣା ମନକୁ କୌଣସି ଆଡ଼କୁ ଦଉଡ଼ାଇବା—10. To direct one's mind towards (Apte).

ରଚ୍‌କା—ପ୍ରାଦେ. (ବାଲେଶ୍ୱର) ବି. (ଧ୍ୱନ୍ୟନୁକରଣ)—ଝିଙ୍କା—
Rach-kā Jerk.

ରଚ୍‌କା ମାରିବା—ପ୍ରାଦେ (ବାଲେଶ୍ୱର) କ୍ରି. (ଭୁଲ ଦ୍ର. ଲଚ୍‌କା ମାରିବା)
Rach-kā māribā ଗୁଡ଼ି ଉଡ଼ୁଥିବା ଅବସ୍ଥାରେ ସୁତା ଛାଡ଼ୁ ଛାଡ଼ୁ ହଠାତ୍ ନିଜର ହାତକୁ କ୍ଷିପ୍ର ଭାବରେ ପଛକୁ ନେଇ ଯିବା—To draw the hand backward abruptly while pulling the string of a paper kite.

ରଚ୍‌କିବା—ପ୍ରାଦେ (ସମ୍ବଲପୁର) କ୍ରି—ମଚକି ଯିବା (ଦେଖ)—
Rach-kibā Mach-kijibā (See)
(ରଚ୍‌କି ଯିବା—ଅନ୍ୟରୂପ)

ରଚ୍‌ରଚ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଖାଦ୍ୟ ଦ୍ରବ୍ୟରେ ବାଲି ମିଶି
Rach-rach ଥିବା ହେତୁ ଖାଇବାବେଳକୁ ଦାନ୍ତକୁ କର୍କଶ
रच रच ଲାଗିବା ଅବସ୍ଥା; ରଚ୍ ରଚ୍; ରିଚ୍ ରିଚ୍—
कच कच The state of food being mixed with sand particles and so becoming jarring to the teeth.

ରଚ୍‌ରଚିଆ—ଦେ. ବିଣ—(ଧ୍ୱନ୍ୟନୁକରଣ)—ବାଲି ଆଦି ମିଶି ଥିବାରୁ
Rach-rachiā ଦାନ୍ତକୁ କର୍କଶ ଲାଗୁଥିବା (ଖାଦ୍ୟ)—
रचरचे Jarring to the teeth (due to the
कचकचिआ food being mixed with sand).

ରଚକ—ସଂ ବିଣ. ପୁଂ. (ରଚ୍ ଧାତୁ+କର୍ତ୍ତୃ. ଅକ)—ଯେ ରଚନା କରେ;
Rachaka ରଚନା କାରୀ—Composing; building;
(ରଚକା—ସ୍ତ୍ରୀ) fabricating.
ସଂ. ବି. ପୁଂ—୧ । ଗ୍ରନ୍ଥକର୍ତ୍ତା; ପ୍ରଣେତା—1. Author, composer. ୨ । ନିର୍ମାଣ କର୍ତ୍ତା—2. Builder. ୩ । ଆବିଷ୍କର୍ତ୍ତା—3. Inventor.

ରଚନ—ସଂ. ବି. (ରଚ୍ ଧାତୁ+ଭାବ. ଅନ)—୧ । ନିର୍ମାଣ—
Rachana 1. Making. ୨ । ଗଢ଼ିବା—2. Manufacture. ୩ । ସର୍ଜନ—3. Creating; creation; formation. ୪ । ଉଦ୍ଭାବନ—4. Invention. ୫ । ଗ୍ରନ୍ଥନ—5. Stringing. ୬ । ରଚନା (ଦେଖ)—6. Rachanā (See). ୭ । ବିନ୍ୟାସ; ସଜାଇବା; ସଜ୍ଜିତ କରଣ; ବ୍ୟବସ୍ଥାପନ—7. Arranging; disposition. ୮ । ଉତ୍ପାଦନ—8. Production. ୯ । ସମ୍ପାଦନ—9. Performance; accomplistment (Apte). ୧୦ । ସମାପ୍ତି 10. Completion (Apte).

ରଚନ କର୍ତ୍ତା—ସ. ବିଣ ଓ ବି—ରଚକ (ଦେଖ)
Rachana kartā Rachaka (See)
(ରଚନ କର୍ତ୍ତ୍ରୀ, ରଚନକାରିଣୀ—ସ୍ତ୍ରୀ; ରଚନକାର, ରଚନକାରୀ—ଅନ୍ୟରୂପ)

ରଚନ ବିନ୍ୟାସ—ସ. ବି. (ଷଷ୍ଠୀ ତତ୍)—ସଜାଇବାର ଢଙ୍ଗ—
Rachana binyāsa Mode of arrangement.
[ରଚନକ୍ରମ, ରଚନପର୍ଯ୍ୟାୟ, ରଚନ ଧାରା—ଅନ୍ୟରୂପ]

ରଚନା—ସ. ବି. (ରଚ୍ ଧାତୁ+ଭାବ. ଅନ+ଆ)—୧ । ଗଠନ;
Rachanā ନିର୍ମାଣ; ଗଠନ—1. Building; structure. ୨ । ସଜ୍ଜିବା; ସଜାଇବା; ବିନ୍ୟାସ—2. Arrangement; arraying; methodical arrangement ୩ । (ମାଲ୍ୟାଦି) ଗୁମ୍ଫନ; ଗ୍ରନ୍ଥନ—3. Stringing together. ୪ । (କେଶାଦିର) ଅଳଙ୍କରଣ; କେଶବେଶ କରଣ; ପ୍ରସାଧନ—4. Decoration (of the hair); hair-dressing. ୫ । (ଗ୍ରନ୍ଥ, ପଦ୍ୟ ଆଦି) ଗଢ଼ିବା; ଗଦ୍ୟପଦ୍ୟମୟ ବାକ୍ୟର ବିନ୍ୟାସ—5. Literary composition. ୬ । ଯୁଦ୍ଧାର୍ଥ ଶ୍ରେଣୀବନ୍ଧନ ପୂର୍ବକ ସୈନ୍ୟବିନ୍ୟାସ—6. Arraying of troops in order of battle; battle array. ୭ । ଚମତ୍କାର ସର୍ଜନ; ଆବିଷ୍କରଣ—7. Invention. ୮ । ମିଥ୍ୟା କଥାକୁ ଫାନ୍ଦ କରି ସତ ପରି ଉପସ୍ଥାପିତ କରିବା—8. Fabrication. ୯ । (+କର୍ମ. ଅନ; ଯାହାକୁ ରଚନ କରାଯାଏ) ରଚିତ ଗ୍ରନ୍ଥ ବା ଲେଖ—9. Literary work or production. ୧୦ । ବିନ୍ୟସ୍ତ କେଶ; କେଶବେଶ—10. Coiffure; dressed hair. ୧୧ । ସୃଷ୍ଟ ବସ୍ତୁ—11. Created thing. ୧୨ । ରଚିତ ବ୍ୟୂହ—12. Array of troops. ୧୩ । ବେଶ—13. Dress; guise. ୧୪ । କଳ୍ପିତ ବିଷୟ—14. A creation of the mind; fancy of the mind.
ଦେ. ବିଣ—୧ । ଉଦ୍ଭାବିତ—1. Invented. ୨ । କଳ୍ପିତ—2. Imagined; fancied. ୩ । (କଚେରିଆ) ମିଥ୍ୟା ପ୍ରମାଣ ଆଦିର ଯୋଗାଡ଼ କରି ଯାଇ ସଜା ହୋଇଥିବା (ମକଦମା)—3. Fabricated; got up (case). ୪ । ରଚିତ—4. Built; constructed.

[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ କେଶରଚନା, ଅଙ୍ଗରଚନା, ଅଶ୍ୟରଚନା, କବିତାରଚନା, ପଦ୍ୟରଚନା, ବେଶରଚନା, ପ୍ରବନ୍ଧରଚନା, ସନ୍ଦର୍ଭରଚନା, ଗୃହରଚନା, ମନ୍ଦିରରଚନା, ପୁଷ୍ପରଚନା, ମାଲ୍ୟରଚନା, ଗ୍ରନ୍ଥରଚନା, ଯୁଦ୍ଧରଚନା, ରଣରଚନା, ସୈନ୍ୟରଚନା, ବ୍ୟୂହରଚନା, ଚନ୍ଦନରଚନା,ମୃଗମଦରଚନା, କଜ୍ଜଳରଚନା ଓ ଅଳକରଚନା ଆଦି ହୁଏ ।]

ରଚନା କରିବା—ଦେ. କ୍ରି—୧ । ନିର୍ମାଣ କରିବା; ଗଢ଼ିବା—1. To build. ୨ । ବାକ୍ୟାଦି ବିନ୍ୟାସ କରିବା—2. To compose. ୩ । ସଜାଇବା—3. To arrange. ୪ । କଳ୍ପନା ଶକ୍ତି ଦ୍ୱାରା ଆବିଷ୍କାର କରିବା—4. To invent. ୫ । (କଚେରିଅ) ମିଥ୍ୟା ବିଷୟକୁ ସତ୍ୟ ପରି ସଜାଇ ମକଦ୍ଦମା କରିବା—5. To fabricate a case; to get up a false case.
Rachanā kāribā
ରଚନା କରା
रचना करना

ରଚନା(ନ) କୁଶଳ—ସଂ. ବିଣ. ପୁଂ (୭ମୀ ତତ୍)—ରଚନା କରିବାରେ ପଟୁ ବା ନିପୁଣ—Expert in building; clever or skilful in making an arrangement.
Rachanā(na) kusala
(ରଚନା[ନ]କୁଶଳା—ସ୍ତ୍ରୀ)
(ରଚନା[ନ]କୁଶଳତା—ବି)

ରଚନା (ନ)କୌଶଳ—ସଂ. ବି (୭ମୀ ତତ୍)—ରଚନା କରିବାରେ ଚାତୁର୍ଯ୍ୟ ବା ନିପୁଣତା—Dexterity in composition; skill in arrangement or dressing.
Rachanā(na) kausala
ରଚନା ଚତୁରତା, ରଚନା ଚାତୁର୍ଯ୍ୟ, ରଚନା ନିପୁଣତା, ରଚନା ନୈପୁଣ୍ୟ, ରଚନା ପଟୁତା, ରଚନା ପାଟବ }ଅନ୍ୟରୂପ

ରଚନା କ୍ରମ—ସଂ. ବି (୬ଷ୍ଠୀ ତତ୍)—ରଚନା ପଦ୍ଧତି (ଦେଖ)
Rachanā krama — Rachanā paddhati (See)

ରଚନା ଚତୁର—ସଂ. ବିଣ. ପୁଂ (୭ମୀ ତତ୍)—ରଚନା ବିଷୟରେ ପାରଙ୍ଗମ—Skilful in arranging.
Rachanā chatura
(ରଚନା ନିପୁଣ, ରଚନା ପଟୀୟାନ୍, ରଚନା ପଟୁ—ଅନ୍ୟରୂପ)
(ରଚନା ଚତୁରା, ରଚନା ନିପୁଣା,ରଚନା ପଟୀୟସୀ,ରଚନା ପଟ୍ୱୀ—ସ୍ତ୍ରୀ)
[ରଚନା ଚତୁରତା(ଚାତୁର୍ଯ୍ୟ), ରଚନା ନିପୁଣତା, ରଚନା ନୈପୁଣ୍ୟ ରଚନା ପଟୁତା(ପାଟବ)—ବିଶେଷ୍ୟରୂପ]

ରଚନା ପଦ୍ଧତି—ସଂ. ବି.—(୬ଷ୍ଠୀ ତତ୍)—ରଚନା କରିବାର ଶୃଙ୍ଖଳ; ଗଠନ ପ୍ରଣାଳୀ; ଗଢ଼ିବାର ଢଙ୍ଗ—Mode of composition or arrangement.
Rachanā paddhati
ରଚନା ପ୍ରଣାଳୀ, ରଚନା ଭଙ୍ଗୀ }—ଅନ୍ୟରୂପ

ରଚନା ବିଧି—ସଂ. ବି (୬ଷ୍ଠୀ ତତ୍)—୧ । ରଚନା ପଦ୍ଧତି—1. Mode of arrangement. ୨ । ରଚନା କରିବାର ନିୟମ—2. Rules for composing; rules of composition.
Rachanā bidhi

ରଚନା ସୌକର୍ଯ୍ୟ—ସଂ. ବି. (୬ଷ୍ଠୀ ତତ୍)—ରଚନାର ସୁକରତା ବା ସହଜତା—Ease in composition; facility of arrangement.
Rachanā saukarjya
(ରଚନା ସୁକରତା—ଅନ୍ୟରୂପ)

ରଚନା ସୌଷ୍ଠବ—ସଂ. ବି. (୬ଷ୍ଠୀ ତତ୍)—ରଚନାର ସୌନ୍ଦର୍ଯ୍ୟ ବା ଉତ୍କର୍ଷ—Excellence or beauty of composition; elegance of arrangement.
Rachanā saushṭhaba

ରଚନୀୟ—ସଂ. ବିଣ. (ରଚ୍ ଧାତୁ+କର୍ମ. ଅନୀୟ)—୧ । ରଚିତ ହେବାର ଯୋଗ୍ୟ—1. Fit or proper to be composed or arranged. ୨ । ଯାହା ରଚିତ ହେବ—2. To be arranged or composed.
Rachaniya

ରଚୟିତା—ସଂ. ବିଣ ଓ ବି. ପୁଂ. (ରଚ୍ ଧାତୁ+କର୍ତ୍ତୃ. ତୃ; ରଚୟିତୃ ଶବ୍ଦ, ୧ମା. ୧ବ)—ରଚକ (ଦେଖ) Rachaka (See)
Rachayitā
(ରଚୟିତ୍ରୀ—ସ୍ତ୍ରୀ)

ରଚା—ଦେ. ବି. (ସଂ. ରଚନ)—ରଚିବା କର୍ମ (ଦେଖ) The act of Rachibā (See)
Rachā
রচা
रचना
ଦେ. ବିଣ—ରଚିତ (ଦେଖ)—Rachita (See)

ରଚା(ଚେ)ଇବା—ଦେ· ବିଣ (ସଂ ରଚ ଧାତୁ ଣିଚ, ରଚ ଧାତୁ)—ରଚିବା କ୍ରିୟାର ଣିଜନ୍ତ ରୂପ—Causative of Rachibā.
Rachā(che)ibā
রচান
रचवाना, रचाना
[ଦ୍ର—ଚନ୍ଦ୍ରମା ! କିଁରେ ରହସ୍ୟ ରଚାଇବ । ଭକ୍ତ. ପ୍ରେମ ସୁଧାନିଧି ।]

ରଚିତ—ସଂ. ବିଣ. (ରଚ୍ ଧାତୁ+କର୍ମ. ତ)—୧ । କୃତ; ନିର୍ମିତ—1. Made; done; manufactured ୨ । ବିନ୍ୟସ୍ତ—2. Dressed up; arranged. ୩ । ଗ୍ରଥିତ— 3. Strung together. ୪ । ଅଳଙ୍କୃତ—4. Decorated. ୫ । କଳ୍ପନା ସୃଷ୍ଟ; ସୃଷ୍ଟ; ଉଦ୍ଭାବିତ—5. Invented; created. ୬ । ପରିଷ୍କୃତ—6. Cleansed; purified. ୭ । ଲିଖିତ—7. Composed. ଦେ. ବି (+ଭାବ.ତ)—ରଚନା—Composition. [ଦ୍ର—ଉପଇନ୍ଦ୍ର ଉପଇନ୍ଦ୍ର ଧାଚେ ଏ ଛନ୍ଦ, ରଚିତର ଚିତ୍ତ କରି ଅଛି ଆନନ୍ଦ । ଭକ୍ତ. ପ୍ରେମସୁଧାନିଧି ।]
Rachita

ରଚିତ ପୂର୍ବ—ସଂ. ବିଣ. (ପର ନିପାତ; ପୂର୍ବ+ରଚିତ)—ଯାହା ପୂର୍ବେ ରଚିତ ହୋଇଅଛି—What has been prepared or performed before (M. W.)
Rachita pūrba

ରଚିତ ଶିଖର—ସଂ. ବିଣ. ପୁଂ (ବହୁବ୍ରୀହି; ରଚିତ+ଶିଖର)—ଯାହାର ମସ୍ତକ ବା ଶିରୋଦେଶ ଅଳଙ୍କୃତ ହୋଇଅଛି—Having the summit adorned; having the head decorated (M. W)
Rachita sikhara
(ରଚିତ ଶିଖରା—ସ୍ତ୍ରୀ)

ରଚିତା—ଗ୍ରା. ବିଣ—ରଚିତ (ଦେଖ) Rachita (See)
Rachitā
[ଦ୍ର—ମହାନାଟକ ବାଚ ସୁଚରେ ଚହେଲେ ରଚିତା ସେ । ଭକ୍ତ. ବୈଦେହୀଶବିଳାସ ।]

ରଚିତାତିଥ୍ୟ—ସଂ. ବିଣ. ପୁଂ (ରଚିତ+ଅତିଥ୍ୟ; ବହୁବ୍ରୀହି)—ଯେ Rachitātithya ଅତିଥି ସତ୍କାର କରିଅଛି—One who (ରଚିତାତିଥ୍ୟା—ସ୍ତ୍ରୀ) has shown hospitality (M.W.).

ରଚିତାନତି—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ଯେ ନମସ୍କାର Rachitānati କରିଅଛି—One who has made obeisance (M. W.)

ରଚିତାର୍ଥ—ସଂ. ବିଣ. ପୁଂ (ବହୁବ୍ରୀହି; ରଚିତ+ଅର୍ଥ)—ଯାହାର Rachitārtha ଉଦ୍ଦେଶ୍ୟ ସଂସାଧିତ ହୋଇଅଛି—One who ରଚିତାର୍ଥା—ସ୍ତ୍ରୀ } has obtained his object (M. W.). ରଚିତାର୍ଥତା—ବି.

ରଚିତୋତ୍ସବ—ସଂ. ବିଣ. ପୁଂ (ବହୁବ୍ରୀହି)—ଯେ ଉତ୍ସବ ସମ୍ପାଦନ Rachitotsaba କରିଅଛି—One who has celebrated (ରଚିତୋତ୍ସବା—ସ୍ତ୍ରୀ) a festival (M. W.).

ରଚିବା—ଦେ. (ପଦ୍ୟ) କ୍ରି. (ସଂ. ରଚ୍ ଧାତୁ)—୧ । ରଚନା କରିବା Rachibā (ଦେଖ)—1. Rachanā karibā (See) ରଚା [ଉ—ସଙ୍ଗୀତ ପଠିମା ଭଙ୍ଗିତ ଗୀତରେ ରଚ ପୁନଃ ৰচনা ପୁନଃ ଗାଇବ । ଇଞ୍ଜ. ପ୍ରେମସୁଧାନିଧି ।] ୨ । ଘଟାଇବା—2. To cause; to bring about. [ଉ—ମାନସ ଅଙ୍ଗ, ଭେଦ ପ୍ରସଙ୍ଗ, ରଙ୍ଗ ରଚିଲା ସ୍ନେହ । କବିସୂର୍ଯ୍ୟ. ବଳେୋସ୍ୱ ଚମ୍ପୂ ମ. ଗୀତ ।] ୩ । ଫିଙ୍ଗିବା; ବର୍ଷିବା—3. To fling. [ଉ—ଭୀମ ଶତ ମାଗଧକେ ଦ୍ରୋଣଙ୍କର ବଳା, ଅନ ଧନୁ ଧରି ରଚିଲେ ଶରମାଳା । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।] ୪ । (ଅନ୍ୟ ବିଶେଷ୍ୟ ପଦ ସଙ୍ଗେ) କୌଣସି କର୍ମ କରିବା—4. To do or perform any act. [ଉ—ଫଗୁ ଖେଳ ରଚି ବନ-ପ୍ରସୂନ ସଙ୍ଗେ । ରାଧାନାଥ. ମହାଯାତ୍ରା ।]

ରଚି ଯିବା—ପ୍ରାଦେ. (ଉତ୍ତରଅଳ) କ୍ରି. [ଭୁଲ. ହି—ର(ପ)ଚନା = ରଞ୍ଜିତ Rachi jibā ହେବା]—୧ । (ତେଲ ଆଦି) ମାଲିସ୍ ପରେ ଦେହରେ ଭେଦ ଯିବା—1. To get into the body (said when oil is rubbed on it); to soak; to permeate. ୨ । ଲୁଗା ଆଦିରେ (ରଙ୍ଗ) ଲାଗିଯିବା; ରଞ୍ଜିତ ହେବା—2. To set on a cloth (said of a paint or dye).

ରଚେଇବା—ପ୍ରାଦେ. (ଉତ୍ତରଅଳ)—କ୍ରି—ରଙ୍ଗେଇବା— Racheibā To paint.

ରଜ୍ ରଜ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଆଖି ଭିତରେ ଧୂଳି ବା Raj raj ବାଲି ପଡ଼ିଗଲେ ମନେଚ ହେବା ଅବସ୍ଥା—1. The ৰজ ৰজ uneasy sensation when a grain of কুটকুট, কচকচ sand enters the eye. (ଯଥା—ବାଲି ପଶି ମୋ ଆଖି ରଜରଜ ହେଉଛି ।) ୨ । ଖାଦ୍ୟାଦିରେ ବାଲି ଆଦି ମିଶିଥିବାରୁ ଖାଇବାକୁ କର୍କଶ ଲାଗିବା—2. Jarring sensation due to presence of sand in food. (ଯଥା—ଭାତଗୁଡ଼ାକ ରଜରଜ ଲାଗୁଛି, ଲୁଣଗୁଡ଼ାକ ରଜରଜ ହେବାଉଛି ।) ୩ । ପଥର ଚୂର୍ଣ୍ଣ ଆଦି ଗୁଣ୍ଡ ହୋଇ ବା ଝୁରୁଝୁରୁ ହୋଇ ଭାଙ୍ଗିଯିବା ଅବସ୍ଥା- চুরমার চূর্চূর 3. Pulverised state of a stone. (ଯଥା—ଏ ଭଡ଼ା ପଥର ରଜରଜ ହୋଇ ଭାଙ୍ଗି ଯାଉଛି ।) ୪ । ଭଙ୍ଗ ପ୍ରବଣ—4. Brittle; fragile.

ରଜ୍ ରଜିଆ—ଦେ. ବିଣ (ଧ୍ୱନ୍ୟନୁକାରୀ)—ବାଲି ମିଶିତ [ଖାଦ୍ୟ] Raj-rajiā ହୋଇ ଥିବାରୁ ଖାଇବାକୁ କର୍କଶ—Jarring to রজরজে the palate or teeth due to the food কচকচিয়া being mixed with sand.

ରଜ(ଜଃ)—ସଂ. ବି (ରଞ୍ଜ୍ ଧାତୁ = ରଙ୍ଗ କରିବା+କର୍ମ. ଅ;+ Raja(jaḥ) କରଣ. ଅସ)—୧ । ଧୂଳି; ରେଣୁ—1. Dust. [ଉ—ବୃଷ୍ଟି ଚରଣ ରଜ ଲାଗି, ସେ ନଦୀ ଅଛି ସବୁଭାଗୀ—ଜଗନ୍ନାଥ. ଭାଗବତ ।] ୨ । ପରାଗ; ପୁଷ୍ପରେଣୁ—2. Pollen of flower ୩ । ଚୂର୍ଣ୍ଣ—3. Powder. ୪ । ପ୍ରତି ମାସରେ ସ୍ତ୍ରୀଯୋନିରୁ ନିସୃତ ରକ୍ତ; ସ୍ତ୍ରୀ ପୁଷ୍ପ-ସ୍ରାବ—4. Menstrual flux. [ଜ୍ଞ—ସ୍ତ୍ରୀର ରଜ ଓ ପୁରୁଷର ବୀର୍ଯ୍ୟର ସଙ୍ଗମରେ ଗର୍ଭରେ ସନ୍ତାନର ସୃଷ୍ଟି ହୁଏ ।] ୫ । ଦୁଃଖ ଓ ମୋହଜନକ ପ୍ରକୃତି ବା ଗୁଣବିଶେଷ; ତ୍ରିଗୁଣ (ସତ୍ତ୍ୱ ରଜ ତମଃ) ମଧ୍ୟରୁ ଏକତମ [ଯଥା—କ୍ରୋଧ,ଲୋଭ, ଅହଂକାର ଓ ଦ୍ୱେଷାଦି]—5. One of the three attributes of human nature; the passions in human nature. [ଜ୍ଞ—ଦେହଧାରୀର ଦେହକୁ ସତ୍ତ୍ୱ, ରଜଃ ଓ ତମଃ, ଏହି ତିନି ଗୁଣ ସଂସାରରେ ବାନ୍ଧି ରଖିଅଛନ୍ତି । ଦେହୀକୁ ସତ୍ତ୍ୱଗୁଣ ସୁଖରେ ନିଯୁକ୍ତ କରାଏ, ରଜୋଗୁଣ ସାଂସାରିକ ମାୟାରେ ଓ କର୍ମରେ ନିଯୁକ୍ତ କରାଏ ଏବଂ ତମୋଗୁଣ ଅଜ୍ଞାନରେ ଓ ପ୍ରମାଦରେ ନିଯୁକ୍ତ କରାଏ । ଏ ତିନୋଟି ଗୁଣ ଜୀବପ୍ରକୃତିରୁ ଜାତ । ରଜୋଗୁଣ ରାଗାତ୍ମକ, ଏହା ତୃଷ୍ଣାରୁ ଓ ଆସକ୍ତିରୁ ଜନ୍ମେ । ମନୁଷ୍ୟଠାରେ ରଜୋ-ଗୁଣ ବୃଦ୍ଧି ଲଭିଲେ ଲୋଭପ୍ରବୃତ୍ତି, କର୍ମାରମ୍ଭ, ବିଷୟଲିପ୍ସା ଓ ଅଶାନ୍ତି ଜନ୍ମି ଶେଷରେ ଦୁଃଖରେ ପରିଣତ ହୁଏ । ରଜୋ-ଗୁଣର ପରିଣାମ ଦୁଃଖମୟ, ସତ୍ତ୍ୱଗୁଣର ଫଳ ଆନନ୍ଦ ଓ ତମୋଗୁଣର ଫଳ ଅଜ୍ଞାନ । ରଜୋଗୁଣରୁ ଲୋଭ ଜନ୍ମେ । ଯାହା ଆସ୍ୱାଦ ଦୁଃଖସମାଯୁକ୍ତ, ଅପ୍ରୀତିକର ଓ ସର୍ବଦା ଶରୀରୀମାନଙ୍କର ଦୁର୍ନିବାର ବିଷୟସ୍ପୃହା ଜନ୍ମାଏ, ତାହା ରଜୋଗୁଣ ଅଟେ । ଜଗନ୍ନାଥ ଦାସଙ୍କ ଭାଗବତରେ ରଜୋ-ଗୁଣର ଲକ୍ଷଣ ନିର୍ଦ୍ଦିଷ୍ଟ ହୋଇଅଛି, ଯଥା :—

କାମ ବ୍ୟାପାର ତୃଷ୍ଣା ମଦ
ଗର୍ବ ସକଳ ମତିଭେଦ
ଯଶ ପ୍ରତିଷ୍ଠା ସୁଖ ଇଚ୍ଛା
ଲୋଭେ ଦେବତା ମନ୍ତ୍ରସାଧା
ଉଦ୍ୟମ ଗାର୍ବ୍ୟ ପରହାସ
ରଣେ ଉତ୍ସାହ ସୁତି ଆଶ
ଏତେ ଲକ୍ଷଣେ ରଜଗୁଣ ॥

ଏହି ସତ୍ତ୍ୱ, ରଜଃ ଓ ତମଃ ଗୁଣମାନଙ୍କର ବିଷୟ ଭଗବଦ୍-

ଗୀତା ୧୪ଶ ଅଧ୍ୟାୟରେ, ଗରୁଡ଼ ପୁରାଣର ୨୨୭ ଅଧ୍ୟାୟରେ ଓ ମନୁସଂହିତାର ୧୨ଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।]
୨ । ଇଚ୍ଛା—7. Wish. ଦେ. ବି—୧ । ପାଉଁଶ—1.
ଛାଇ ପାଉଁଶ Ashes [ଦ୍ର—ରଜ ଅଦ୍ଧ ଭସ୍ମ ଇଷ,ରସନ୍ତ ଦେଶ ସନ୍ଦେଶ —ଅଭମନ୍ୟୁ.ବିଦଗ୍ଧଚନ୍ତାମଣି ।] ୨ । ସ୍ତ୍ରୀଯୋନିରୁ ସଙ୍ଗମକାଳରେ ସଞ୍ଜାତ ଜଳୀୟ ପଦାର୍ଥ—2. Liquid slime emanating from the female organ during orgasm. ୩ । (ସ. ରଜସ୍ୱଳା) ପୃଥିବୀ ରଜସ୍ୱଳା
ଅମ୍ବୁବାଚୀ ହେବାର ଦିବସତ୍ରୟ; ମିଥୁନ, ଅର୍ଥାତ୍ ଆଷାଢ଼ ସଂକ୍ରାନ୍ତି ଓ ତତ୍ପୂର୍ବ ଓ ତତ୍ପର ଦିନ—3. A period of three days about the Rajasaṁkrānti. [ଦ୍ର—ପୃଥିବୀ ରଜସ୍ୱଳା ହେବାର ପ୍ରମାଣ ବାକ୍ୟ:—
ବୃଷାନ୍ତେ ମିଥୁନସ୍ୟାଦୌ ଭଦ୍ଧ୍ୱଗସ୍ୟେ ଦିନ ତ୍ରୟଂ
ରଜସ୍ୱଳା ସ୍ୟାତ୍ ପୃଥିବୀ କୃଷିକର୍ମବିବର୍ଜିତଂ ।
ହଳାନାଂ ବାହନଂ ଚୈବ ବୀଜାନାଂ ବପନଂ ତଥା
ତାବଦେବ ନ କୁର୍ବୀତ ଯାବତ୍ ପୃଥ୍ୱୀ ରଜସ୍ୱଳା ।
ପୃଥ୍ୱୀ ରଜସ୍ୱଳାଯାବତ୍ ଖନନଂ ଛେଦନଂ ତ୍ୟଜେତ୍
ଅନ୍ୟ କର୍ମାଣି କୁର୍ବୀତ ଦୈବଂ ପୈତ୍ରଂ ନମାନୁଷଂ —
(ଅରୁଣୋଦୟ ପ୍ରେସ୍—ନୂତନପଞ୍ଜିକା) ।
ସୌରମାନ ଜ୍ୟୈଷ୍ଠ, ଅର୍ଥାତ୍ ବୃଷମାସର ମାସାନ୍ତ ବା ଶେଷ ଦିନ ଓ ଆଷାଢ଼, ବା ମିଥୁନ ମାସର ସଂକ୍ରାନ୍ତି ବା ପ୍ରଥମ ଦିନ ଓ ତହିଁର ପରଦିନ, ଏହିପରି ୩ଟି ଦିନକୁ 'ରଜ' ବୋଲିଯାଏ । ଏହି ୩ଦିନ ପୃଥିବୀ ରଜସ୍ୱଳା ହେବାର ଶାସ୍ତ୍ରରେ କଳ୍ପିତ । ଏହି ଦିବସତ୍ରୟରେ ହଳ,ପୃଥିବୀଖନନ,ବୀଜବପନାଦି କୃଷିକର୍ମ ନିଷିଦ୍ଧ । ବୃଷମାସର ଶେଷଦିନକୁ 'ପହିଲିରଜ' ଓ ମିଥୁନ ମାସର ସଂକ୍ରାନ୍ତି ଦିନକୁ 'ଭୁଇଁନଅଣ' ଓ ମିଥୁନର ଦ୍ୱିତୀୟ ଦିନକୁ 'ଠାକୁରାଣୀ ଗାଧୁଆ' ବୋଲିଯାଏ । ପୃଥିବୀ ରଜସ୍ୱଳା ହେବା ପରେ ମିଥୁନ ଦ୍ୱିତୀୟ ଦିନ ଶୁଦ୍ଧି ସ୍ନାନ କରିବାର ଶାସ୍ତ୍ରରେ ଲେଖାଅଛି । ଆମ ଦେଶରେ ହିନ୍ଦୁ ସ୍ତ୍ରୀମାନେ ଏ ତିନଦିନ ରନ୍ଧନ୍ତି ନାହିଁ ଓ ଭୂମି ଉପରେ ଖାଲି ଗୋଡ଼ରେ ଚାଲନ୍ତି ନାହିଁ ଓ ଉତ୍ସବରୂପେ ଏହା ପାଳନ୍ତି ।]

ରଜଃ କଣ (ଣା)—ସଂ. ବି. (୬ଷ୍ଠୀତତ୍)—ଧୂଳିର ରେଣୁ—
Rajaḥ kaṇa (ṇā) Particle of dust.

ରଜଃ ପଟଳ—ସଂ. ବି. (୬ଷ୍ଠୀତତ୍) ୧ । ଧୂଳିର ଆବରଣ – 1. A
Rajaḥ paṭala coating of dust (M. W.)
୨ । ଧୂଳିରାଶି—2. A mass or cloud of dust.

ରଜଃ ଶୟ—ସଂ. ବି. (ଉପପଦ ତତ୍ପୁରୁଷ, ରଜଃ=ଧୂଳି+ଶୀ ଧାତୁ
Rajaḥ śaya ଶୋଇବା+କର୍ତ୍ତୃ. ଅ; ଯେ ଧୂଳିରେ ଶୁଏ ।)—
୧ । କୁକୁର— 1. The dog. ୨ । ରୂପ୍ୟ; ରୂପା;
2. Silver (M. W.)

ରଜଃ ଶୁଦ୍ଧି—ସଂ. ବି. (୬ଷ୍ଠୀତତ୍)—(ସୁଶ୍ରୁତ) ସ୍ତ୍ରୀରଜଃର ବିଶୁଦ୍ଧ
Rajaḥ śuddhi ଅବସ୍ଥା—Pure or healthy condition of the menses (M.W.)

ରଜଃ ସାରଥି—ସଂ. ବି. [ବହୁବ୍ରୀହି,ରଜଃ=ଧୂଳି ଅଟେ ସାରଥି ଯାହାର]
Rajaḥ sārathi ବାୟୁ; ପବନ – The wind.

ରଜଃ ସୁବାସିନୀ—ସଂ. ବି.— ରଜସ୍ୱଳା ହୋଇ ପିତୃଗୃହରେ ବାସ
Rajaḥ subāsini କରୁଥିବା କନ୍ୟା—A girl who has menstruated, but still living in her father's house (M.W).

ରଜଃସ୍ରାବ – ସଂ. ବି.—ରଜସ୍ରାବ [ଦେଖ]
Rajaḥ srāba Rajasrāba (See)

ରଜକ—ସଂ. ବିଣ. ପୁ.—[ରଞ୍ଜଧାତୁ+କର୍ତ୍ତୃ ଅକ] ଯେ ରଙ୍ଗକରେ;
Rajaka ରଞ୍ଜକ—Dyeing; painting ସଂ. ବି. ପୁ. ୧ ।
(ରଜକା, ରଜକୀ—ସ୍ତ୍ରୀ) ଧୋବା—1. Washerman.
[ଦ୍ର— ପୂର୍ବେ ଧୋବାମାନେ ଲୁଗାକୁ କାଚ ସଫା କରୁଥିଲେ ଓ ତହିଁରେ ରଙ୍ଗ ଚଢ଼ାଉଥିଲେ । ଅନ୍ତକୁ ୨୦।୩୦ ବର୍ଷ ତଳେ ଧୋବାମାନେ ବାସିଧୋବ ଲୁଗାରେ ଈଷତ୍ ନେଳ ରଙ୍ଗ ମଡ଼ାଉଥିଲେ ଓ ଏଥିଯୋଗୁଁ ଉକ୍ତ ଲୁଗା ଶୀଘ୍ର ମଇଳା ଦେଖାଯାଉ ନ ଥିଲା, ଅର୍ଥାତ୍ ତହିଁରେ ସାମାନ୍ୟ ମଳ ଲାଗିଲେ ସେ ଲୁଗାର ନେଳ ରଙ୍ଗ ଉକ୍ତ ମଳର ରଙ୍ଗକୁ ଲୁଚାଇ ଦେଉଥିଲା । ଏବେ ମଧ୍ୟ ଧୋବା ଦ୍ୱାରା ନେଳ ମଡ଼ା ହୋଇଥିବା ଲୁଗା ମଫସଲରେ କେତେ ମରହଟ୍ଟି ଲୋକଙ୍କୁ ବ୍ୟବହାର କରିବା ଦେଖାଯାଏ ।
୨ । ରଙ୍ଗ କରିବା ବ୍ୟକ୍ତି—2. A dyer. ୩ । ବର୍ଣ୍ଣସଙ୍କର ଜାତ ଜାତିବିଶେଷ; ତୀବର ପତ୍ନୀ ଗର୍ଭଜାତ ଧୀବରପୁତ୍ର—3 Name of a hybrid caste (born of a fisherman father and Tibara mother. [ଦ୍ର—ମତାନ୍ତରେ ପାରଧେନୁକ ପିତା ଓ ବ୍ରାହ୍ମଣୀ ମାତାର; ନୃଶଂସ ପିତା ଓ ଭଦ୍ରୀ ମାତାର ସନ୍ତାନକୁ ରଜକ ବୋଲି ଯାଉଥିଲା—ମନାଅର୍ ୱିଲିଅମ୍ସ୍ ।] ୪ । ଶୁକ; ଶୁଆ—4. Parrot; (M. W; Apte) ୫ । ଅଂଶୁକ
5. Thin cloth (M.W).

ରଜ ଘ(ଘୋ)ଷ—ଦେ. ବି—(ସ. ରଞ୍ଜ ଧାତୁ+ଘୃଷ୍ ଧାତୁ)—୧ ।
Raja gha(gho)sha (ଅନ୍ୟର) ସମ୍ପର୍କରେ ଆସିବା; ଚଳପ୍ରଚଳ ମିଳାମିଶା, ମେଳାମିଶା 1. Constant association.
ଆମଦ୍ ରଫ୍ [ଦ୍ର— ସେ ଟୋକା ମାଇକିନିଆଙ୍କ ସାଙ୍ଗରେ ସବୁବେଳେ ରଜଘଷ ହେବାରୁ ଭାରି ଢିଠ ହୋଇ ଯାଇଅଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।] ୨ । ଅତ୍ୟନ୍ତ ମିଶାମିଶି; ଅତି ପରିଚୟ—2. Too much familiarity. ଦେ. ବିଣ.—୧ । ଅଭ୍ୟସ୍ତ—1. Habituated. ୨ । ଯେ ଅନ୍ୟ ସଙ୍ଗେ ସର୍ବଦା ଚଳପ୍ରଚଳ ହୁଏ ବା ମିଶେ —
2. Associating constantly; familiarly mixing with another.

ରଜଡ଼ି ଯିବା— ପ୍ରାଦେ. (ଗଞ୍ଜାମ) କି—ଶୀର୍ଣକାୟ ହେବା—
Rajardi jibā To become emaciated, to become lean.

ରଜତ—ସଂ. ବି.—(ରନ୍ଜ୍ ଧାତୁ + କରଣ ବା କର୍ତ୍ତୃ. ଅତ)—୧ । ରୁପା; ରୌପ୍ୟ—1. Silver. ୨ । ସ୍ୱର୍ଣ୍ଣ—2. Gold. ୩ । ହସ୍ତିଦନ୍ତ—3. Elephant's tusk: ivory. ୪ । କଣ୍ଠହାର—4. Necklace ୫ । ଶୋଣିତ; ରକ୍ତ 5. Blood. ୬ । କୈଳାସ ପର୍ବତ—6. The mountain Kailāsa. ୭ । ହ୍ରଦ—7. Lake. ୮ । ମୋତିର କଣ୍ଠହାର—8 Pearl necklace (Apte). ୯ । ନକ୍ଷତ୍ର; ତାରାପୁଞ୍ଜ 9. A constellation; an asterism (Apte) ୧୦ । ପର୍ବତ—10. A mountain (Apte). ୧୧ । ହ୍ରଦ ବିଶେଷ—11. Name of a lake (M. W). ସଂ. ବିଣ—୧ । ଶୁକ୍ଳ; ଧଳା—1. White; silvery. ୨ । ରୌପ୍ୟ ନିର୍ମିତ—2. Made of silver (Apte). ୩ । ଈଷତ୍ ଶୁକ୍ଳ—3. Whitish M W).
Rajata

ରଜତ କାନ୍ତି—ସଂ. ବି.—(୬ଷ୍ଠୀ ତତ୍)—ରୁପାର ବର୍ଣ୍ଣ—Silvery whiteness. ସଂ. ବିଣ—(ବହୁବ୍ରୀହି)—ରୁପାର ରଙ୍ଗ ବିଶିଷ୍ଟ—Silvery; white as silver; glittering like silver.
Rajata kānti

ରଜତ କୂଟ—ସଂ. ବି.—(ବହୁବ୍ରୀହି)—ମଳୟ ପର୍ବତର ଶୃଙ୍ଗବିଶେଷ—Name of a peak of the Malaya mountains (Apte).
Rajata kūta

ରଜତ ଖଣ୍ଡ—ସଂ. ବି.—(୬ଷ୍ଠୀ ତତ୍)—ଖଣ୍ଡେ ରୁପା—A bit of silver.
Rajata khanda

ରଜତ ଗିରି—ସଂ. ବି.—ହିମାଳୟର ଉତ୍ତରସ୍ଥ କୈଳାସ ପର୍ବତ—The Kailāsa mountain lying to the north of the Himalayas. [ଦ୍ର—ଏହା ହିମାଳୟର ଉତ୍ତରରେ ତିବ୍ବତରେ ସ୍ଥିତ । ଏହା ନିକଟରେ ମାନସରୋବର ଓ ଏହି ପର୍ବତର ଶିଖର ମହାଦେବଙ୍କ ବାସସ୍ଥାନ ବୋଲି ବର୍ଣ୍ଣିତ । ଫଳତଃ ଏଥିର ତୁଷାରାବୃତ ଶୃଙ୍ଗ ରଜତ ପରି ଦେଖା ଯିବାରୁ ଏହି ନାମକରଣ ହୋଇଅଛି ।]
Rajata giri
(ରଜତ ପ୍ରସ୍ଥ, ରଜତାଚଳ, ରଜତାଦ୍ରି—ଅନ୍ୟରୂପ)

ରଜତ ଗିରିନିଭ—ସଂ. ବିଣ—ରଜତଗିରି ପରି ଅତି ଶୁଭ୍ର ଓ ଚକଚକିଆ—White and glittering like the Kailāsa mountains.
Rajata girinibha
(ରଜତଗିରିସଙ୍କାଶ—ଅନ୍ୟରୂପ)

ରଜତ ଦ୍ୟୁତି—ସଂ. ବି—୧ । (୬ଷ୍ଠୀ ତତ୍) ରୁପାପରି ଆଭା—1. A glitter like that of silver; silvery lustre. ୨ । (ବହୁବ୍ରୀହି) ହନୁମାନ୍—2. Hanumān, the monkey hero. ସଂ. ବିଣ—ରୁପାପରି ଆଭା ବିଶିଷ୍ଟ; ରଜତାଭ—Glittering like silver; silvery.
Rajata dyuti

ରଜତ ଧବଳ—ସଂ. ବିଣ—ରୁପାପରି ଧଳା—Silvery; of silvery white colour.
Rajata dhabala
(ରଜତ ଶୁକ୍ଳ, ରଜତ ଶୁଭ୍ର, ରଜତ ଶ୍ୱେତ—ଅନ୍ୟରୂପ)

ରଜତ ପାତ୍ର—ସଂ. ବି (ମ. ପ. ଲୋ)—ରୁପାରେ ତିଆରି ବାସନ—Silver-vessel.
Rajata pātra
(ରଜତ ଭାଜନ—ଅନ୍ୟରୂପ)

ରଜତ ମୁଦ୍ରା—ସଂ. ବି (ମ. ପ. ଲୋ)—ରୁପାର ମୁଦ୍ରା; ଟଙ୍କାଆଦି—Silver coin.
Rajata mudrā

ରଜତ ମୂଲ୍ୟ—ସଂ. ବି—ରୌପ୍ୟଆକାରରେ ଦିଆଯିବା ଧନ—Price paid in silver.
Rajata mūlya

ରଜତ ମୂଲ୍ୟୋପକଳ୍ପିତ—ସଂ. ବିଣ (୩ୟା ତତ୍; ରଜତମୂଲ୍ୟ + ଉପକଳ୍ପିତ)—ଯେଉଁ ପଦାର୍ଥ (ବ୍ରାହ୍ମଣଙ୍କୁ ଦିଆଯିବା ଦକ୍ଷିଣାଦି)ର ମୂଲ୍ୟ ରୌପ୍ୟରୂପେ କଳ୍ପିତ ହୋଇଥାଏ—The value of which is reduced to silver coins. (ଯଥା—ମୁ ବ୍ରାହ୍ମଣଙ୍କୁ ରଜତମୂଲ୍ୟୋପକଳ୍ପିତ ଦକ୍ଷିଣା ସମ୍ପ୍ରଦାନ କରୁଅଛି ।)
Rajata mūlyopakalpita

ରଜତାକର—ସଂ. ବି (୬ଷ୍ଠୀ ତତ୍)—୧ । ରୁପାଖଣି; ଯେଉଁ ଖଣିରୁ ରୁପା ମିଳେ—1. Silver-mine. ୨ । ସ୍ଥାନର ନାମ—2. Name of a place (M. W.
Rajatākara

ରଜତାଙ୍ଗୁରୀ—ସଂ. ବି (ମ. ପ. ଲୋ)—ରୁପା ମୁଦି—Silver ring.
Rajatāṅgurī
(ରଜତାଙ୍ଗୁରୀୟ, ରଜତାଙ୍ଗୁରୀୟକ, ରଜତମୁଦ୍ରିକା—ଅନ୍ୟରୂପ)

ରଜତାନ୍ୱିତ—ସଂ. ବିଣ, ପୁଂ (୩ୟା ତତ୍; ରଜତ + ଅନ୍ୱିତ)—୧ । ରୁପାରେ ଭୂଷଣି ହୋଇଥିବା (ମନୁ. ୩।୨୦୨)—1. Adorned with silver; overlaid with silver. ୨ । ରୁପା-ଅଳଙ୍କାର ପିନ୍ଧିଥିବା—2. Decked with silver ornaments,
Rajatānwita
(ରଜତାନ୍ୱିତା—ସ୍ତ୍ରୀ)

ରଜତାଭ—ସଂ. ବିଣ (ବହୁବ୍ରୀହି; ରଜତ + ଆଭା)—ରୁପାପରି ଆଭା ବିଶିଷ୍ଟ—Lustrous like silver; silvery.
Rajatābha
(ରଜତାଭା—ସ୍ତ୍ରୀ)

ରଜତୋପମ—ସଂ. ବିଣ (ବହୁବ୍ରୀହି; ରଜତ + ଉପମା)—ରୁପା ପରି; ରୁପା ସଙ୍ଗେ ତୁଳନୀୟ—Resembling silver. ସଂ. ବି—ରୌପ୍ୟ ମାକ୍ଷିକ; ତାର ମାକ୍ଷିକ; ଉପଧାତୁ ବିଶେଷ (ବୈ. ଶ.)—Iron pyrites; Ferri Sulphuratum.
Rajatopama

ରଜନ୍—ବୈଦେ. ବି (ଇଂ. ରେଜିନ୍, ରଜନ୍)—ବିଶୁଦ୍ଧ ଝୁଣା—Pure resin; gum resin.
Rajan

ରଜନ—ସଂ. ବି (ରଞ୍ଜ୍ ଧାତୁ + ଭାବ. ଅନ)—୧ । ରଙ୍ଗାଇବା—1. Dyeing. ୨ । (+ କର୍ତ୍ତୃ. ଅନ)—କିରଣ—2. A ray (Apte). ୩ । (+ କରଣ ଅନ)—କୁସୁମ ଫୁଲ—3. Safflower (Apte).
Rajana

ରଜନି(ନୀ)—ସଂ. ବି (ରନ୍ଜ୍ ଧାତୁ + କର୍ମ. ଅନ; + ଈ)—୧ । ରାତ୍ରି; ରାତି—1. Night. ୨ । (+ କରଣ ଅନ)—ହରିଦ୍ରା; ହଳଦୀ—2. Turmeric; Curcuma
Rajani (nī)

Longa. ୩ । ଲାକ୍ଷା; ଲାକ୍ଷ—3. Red lac. ୪ । ନୀଳ—4. Indigo. ୫ । ନୀଳବୃକ୍ଷ—5. The indigo plant. ୬ । ଦୁର୍ଗା—6. Durgā (Apte).

ରଜନ(ନୀ)କର—ସଂ. ବି (ବହୁବ୍ରୀହି; ରଜନୀରେ କର=କିରଣ
Rajani(ni)kara ଯାହାର)—୧ । ନିଶାକର; ଚନ୍ଦ୍ର—
1. The moon. ୨ । କର୍ପୂର—2. Camphor. ୩ । (ରଜ+ନିକର; ୬ଷ୍ଠୀ ତତ୍)—ଧୂଳିସମୂହ—3. A mass or cloud of dust. (ଉ - ଗୁଳାଇ ନୟନ ରଜନିକରେ, ବଳରେ ସୃଷ୍ଟି କରନ କରେ— ଉପେ. ବୈଦେହୀଶବିଳାସ ।)

ରଜନ(ନୀ) କାନ୍ତ—ସଂ. ବି (୬ଷ୍ଠୀ ତତ୍)—୧ । ଚନ୍ଦ୍ର—1. The
Rajani(ni) kānta moon. ୨ । କର୍ପୂର—2. Camphor.
ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—Name given to males.

ରଜନ(ନୀ)ଗନ୍ଧ(ନ୍ଧା)—ସଂ. ବି (ବହୁବ୍ରୀହି; ରଜନୀରେ ଯାହାର ଗନ୍ଧ
Rajani(ni)gandha(ndhā) ଉଠିଥାଏ)—ହସନ୍ ହେନା ଗଛ
ଫା. ଗୁଲସବ୍‌ବୋ, ହୁସ୍‌ନେହେନା ଓ ଫୁଲ; ରାତ୍ରିକାଳରେ ଫୁଟୁଥିବା ଗୁଳ୍ମ ଓ
ରଜନୀଗଂଧା ତହିଁର ଫୁଲ; ଶଙ୍ଖବଲ୍ଲୀ ଫୁଲ—
रजनीगंधा, हुसनेहेना, खुशांधरा, The tube rose;
खुशंधिराज Polianthes Tuberosa.
[ବି—ଏହାର କନ୍ଦରୁ ପତ୍ରମାନ ବାହାରେ ଓ ଏହାର ମୂଳର ପିଆଜ ପରି କନ୍ଦାକୁ ପୋତିଲେ ଗଛ ହୁଏ । ବର୍ଷାଦିନେ ଲମ୍ବ ଦଣ୍ଡର ଅଗରେ ଯୋଡ଼ା ଯୋଡ଼ା ଈଷତ୍ ଧଳା ଲମ୍ବ ଚୋଙ୍ଗାଯୁକ୍ତ ମଧୁରଗନ୍ଧ, ଷଟ୍‌ଦଳ ଓ ଷଟ୍‌କେଶରଯୁକ୍ତ ଫୁଲ ଧରେ । ଏଥିର ଫୁଲ ରାତିରେ ଫୁଟେ ଓ ରାତିରେ ଖୁବ୍ ଅଧିକ ସୁଗନ୍ଧ ବିକୀରଣ କରେ ।]

ରଜନ(ନୀ)ଚର—ସଂ.ବି ପୁଂ(ରଜନୀ+ଚର୍ ଧାତୁ+କର୍ତ୍ତୃ.ଅ; ଯେ ରାତିରେ
Rajani(ni)chara ବୁଲେ)—୧। ରାତ୍ରିଚର; ନିଶାଚର; ରାକ୍ଷସ—
1. A demon; goblin (literally night-stalker). ୨ । ତସ୍କର; ଚୋର—2. Thief. ୩ । ନିଶାଚର ପ୍ରାଣିଗଣ (ଯଥା—ପେଚକ)—3. Animals that prowl in the night (e.g. bat, owl). ୪ । ଭୂତ; ପ୍ରେତ—4. Ghost; fiend. ୫ । ଯାମିକଭଟ; ପ୍ରହରୀ; ଚୌକିଦାର—5. A watchman. ୬ । ଚନ୍ଦ୍ରମା—6. Moon (Apte) ୭ । ରାତିରେ ବିଚରଣକାରୀ ଜୀବ—7. A night-rover
ସଂ. ବିଣ. ପୁଂ—ରାତିରେ ବିଚରଣକାରୀ—Roving in
(ରଜନୀଚରୀ—ସ୍ତ୍ରୀ) the night

ରଜନ ଜଳ—ସଂ. ବି (ମ. ପ. ଲୋ)—୧ । ଶିଶିର; କାକର—
Rajani jala 1. Dew. ୨ । କୁହୁଡ଼ି—2. Frost. ୩ । ତୁଷାର—3. Hoar frost.

ରଜନ ଦ୍ୱନ୍ଦ୍ୱ—ସଂ. ବି (୬ଷ୍ଠୀ ତତ୍)—ଏକାଦିକ୍ରମେ ୨ଟି ରାତି ଓ
Rajani dwandwa ମଧ୍ୟବର୍ତ୍ତୀ ଦିବସ—A period of two consecutive nights with the intermediate day (M. W)

ରଜନ ଦ୍ୱୟ—ସଂ. ବି (୬ଷ୍ଠୀ ତତ୍)—ହଳଦୀ ଓ ଦାରୁ ହଳଦୀ—
Rajani dwaya Curcuma Longa and Curcuma Aromatica (M.W)

ରଜନ(ନୀ) ନାଥ—ସଂ. ବି (୬ଷ୍ଠୀ ତତ୍)—ଚନ୍ଦ୍ର—
Rajani(ni) nātha The moon.
(ରଜନିପତି, ରଜନୀଶ, ରଜନିରମଣ—ଅନ୍ୟରୂପ)

ରଜନ(ନୀ)ମୁଖ—ସଂ.ବି (୬ଷ୍ଠୀ ତତ୍; ରଜନୀର ମୁଖ=ଆରମ୍ଭକାଳ)—
Rajani(ni)mukha ନିଶାମୁଖ; ପ୍ରଦୋଷ; ସୂର୍ଯ୍ୟାସ୍ତର ପରବର୍ତ୍ତୀ ଗୁର ଦଣ୍ଡକାଳ; ସନ୍ଧ୍ୟାବେଳ—Evening; eventide; nightfall.

ରଜନୀ ଯୋଗରେ—ଦେ. କ୍ରି. ବିଣ—ରାତ୍ରି କାଳରେ; ରାତିର ଅନ୍ଧାରରେ;
Rajanī jogare —In the darkness of night
রজনীযোগে रजनी योगमे under the cover of
(ରଜନୀ ଯୋଗେ—ଅନ୍ୟରୂପ dark night.

ରଜନୀ ହାସ—ସ. ବି.—(ଯେ ରାତିରେ ହସେ ବା ଫୁଟେ)—
Rajanī hāsa ଶେଫାଳିକା; ଗଙ୍ଗଶିଉଳୀ ଫୁଲ—A flower; Nyctanthes Arbor Tristes.

ରଜନୀ (ଇତ୍ୟାଦି)—ସ. ବି.—ରଜନ ଇତ୍ୟାଦି (ଦେଖ)
Rajanī (etc) Rajani etc (See)
[ବି—'ରଜନି' ଶବ୍ଦଯୁକ୍ତ ସମୁଦାୟ ଶବ୍ଦ ସଂ.ସ୍କ ତରେ 'ରଜନୀ' ଶବ୍ଦ ଯୁକ୍ତ ହୋଇ ବ୍ୟବହୃତ ହୁଏ ।]

ରଜନୀୟ—ସଂ. ବିଣ.—(ରଜ୍ ଧାତୁ+କର୍ମ. ଅନୀୟ)—ପୂଜନୀୟ;
Rajanīya ମନ୍ଦନୀୟ—Adorable (M.W)

ରଜପୁତ—ଦେ. ବି. ପୁଂ— (ସଂ. ରାଜପୁତ୍ର)—୧ । କ୍ଷତ୍ରିୟ ଜାତିବିଶେଷ-
Rajaputa 1. A caste of Kshatriyas. ୨ । କ୍ଷତ୍ରିୟ ଜାତିର ବର୍ଣ୍ଣସଙ୍କର ଜାତିବିଶେଷ—2 A mixed caste originating from Kshatriyas.

ରଜ ପାଳନା—ଦେ. ବି.—ରଜ ସମୟରେ ଭୂମି ଖନନ ନ କରିବା,
Rajapālanā ଭୂମିରେ ନ ଲେଖିବା, ଭୂମିରେ ନ ଚାଲିବା, ନ
[ରଜପାଳିବା—କ୍ରିୟାରୂପ] ରାନ୍ଧିବା ଆଦି ନିୟମର ପାଳନ—
अम्बुवाचिरउपवास The observance of the rules and prohibitions which should be observed during the Raja festival. [ବି—ଏହାକୁ ସ୍ତ୍ରୀଲୋକମାନେ ବିଶେଷଭାବରେ ପାଳନ କରନ୍ତି ।]

ରଜ ପିଠା—ଦେ. ବି—ରଜ ସମୟରେ ଭାତ ରାନ୍ଧିବା ନିଷିଦ୍ଧ ଥିବାରୁ
Raja piṭhā ସେହି ସମୟରେ ଖାଇବା ପାଇଁ ପ୍ରସ୍ତୁତ ପିଠା—
Cakes prepared to be taken during the Raja festival.

ରଜବ୍—ବୈଦେ. ବି (ଫା)—ଜମାଦିଅସ୍‌ସାନିର ପରବର୍ତ୍ତୀ ଓ ସାବାନ୍‌ର
Rajab ପୂର୍ବବର୍ତ୍ତୀ ମୁସଲମାନ ମାସ—Name of a
রজব रजब Mohomedan month.

ରଜବତୀ(ନ୍ତୀ)—ଗ୍ରା. ବିଣ. ସ୍ତ୍ରୀ (ସ. ରଜୋବତୀ) ରଜସ୍ୱଳା (ସ୍ତ୍ରୀ)—
Rajabatī(nti) Mensruated (women)
রজস্বলা रजवती

ରଜବୀଜ—ଦେ. ବି (ସଂ. ରଜ+ବୀର୍ଯ୍ୟ)—ସ୍ତ୍ରୀର ରଜ ଓ ପୁରୁଷର ଶୁକ୍ର
Raja bīja (ଯେଉଁ ଦୁଇ ପଦାର୍ଥର ଅନୁକୂଳାବସ୍ଥାରେ ମିଳନ
(ରଜ ବୀରଜ—ଗ୍ରାମ୍ୟରୂପ) ହେଲେ ସନ୍ତାନୋତ୍ପତ୍ତି ହୁଏ)—
रजवीर्य्य **रजबीज** The ova of female and the semen of male.

ରଜ ବୁଲା—ଦେ. ବି—ରଜ ପର୍ବରେ ସ୍ତ୍ରୀଙ୍କର ଓ ବାଳକବାଳିକା-
Raja bulā ମାନଙ୍କର ସାଇସାଇ ଓ ଗ୍ରାମଗ୍ରାମ ବୁଲିବା—
Visiting of different villages or pleasure-trips taken by females and children during the Raja festivals.
[ଦ୍ର—ଏ ସମୟରେ ୩ ଦିନ ଘରଲିପା ଓ ଘେଟଘେଇ ଆଦି ଗୃହକର୍ମ ନ ଥିବାରୁ ସ୍ତ୍ରୀ ଓ ବାଳକାମାନେ ଏଣେ ତେଣେ ବୁଲି ଓ କଉଡ଼ି, ତାସ୍, ପଶା ଆଦି ଖେଳ ଓ ଦୋଳି ଖେଳି ଦିନ କଟାନ୍ତି ।]

ରଜସ୍—ସଂ. ବି (ଶବ୍ଦ)—ରଜଃ (ଦେଖ)
Rajas Rajaḥ (See)

ରଜସ(ର୍ସ୍) ଛୁରୀ—ବୈଦେ. ବି (ଇଂ. ରଜର୍ସ୍ ନାମକ ଇଂଲଣ୍ଡ ଦେଶୀୟ
Rajas(rs) chhurī ସେଫିଲ୍ଡ୍ ନଗରସ୍ଥ ଜଣେ ଲୌହଯନ୍ତ୍ର
रजार्स **रेजिसचक्कु** ନିର୍ମାତାଙ୍କ ନାମରୁ)—ବିଲାତର ରଜର୍ସ୍
[ରଜସ୍(ର୍ସ୍) ଛୁରି(ଛୁ)—ଅନ୍ୟରୂପ] କମ୍ପାନି ନିର୍ମିତ ଉତ୍କୃଷ୍ଟ ଛୁରୀ—
An excellent kind of knife made by the Rodgers Company of Sheffield in England.

ରଜ ସଂକ୍ରାନ୍ତି—ଦେ. ବି—ସୌର ଆଷାଢ଼, ଅର୍ଥାତ ମିଥୁନ, ମାସର ପ୍ରଥମ
Raja saṁkrānti ଦିନ—The 1st day of the
জ্যেষ্ঠসংক্রান্তি **आषाढसंक्रांति** solar month of Āshāṛha. [ଦ୍ର—ରଜ ତଳେ ନୋଟ୍ ଦେଖ ।

ରଜସାନୁ—ସଂ. ବି (ରଜଜ ଧାତୁ+ସାନୁ)—୧ । ରଜ; ଧୂଳି; ରେଣୁ-
Rajasānu 1. Dust. ୨ । ପରାଗ—2. Pollen.
୩ । ସ୍ତ୍ରୀରଜ—3. Menstrual flux. ୪ ।
ଅନ୍ତଃକରଣ; ଚିତ୍ତ, ହୃଦୟ, ମନ—4. Mind; heart (Apte) ୫ । ଇଚ୍ଛା—5. Volition. ୬ । ରଜୋଗୁଣ—6. The human passions of a wordly person. ୭ । ମେଘ—7. Cloud (Apte).
୮ । ଆତ୍ମା—8. Soul (Apte).

ରଜସାଧିକ୍ୟ—ସଂ. ବି (ବୈଦ୍ୟକ, ରଜସ୍+ଆଧିକ୍ୟ)—ରକ୍ତମାତ୍ରା;
Rajasādhikya ଅସୃଗ୍‌ଦର; ଅତ୍ୟଧିକ ଋତୁସ୍ରାବ ରୋଗ—
Menorrhagia; excessive menstrual flow.

ରଜସ୍କ—ସଂ. ବିଣ. (ରଜସ+କ)—ରଜସ୍ୱଳ (ଦେଖ)
Rajaska [ରଜସ୍କା—ସ୍ତ୍ରୀ] Rajaswaḷa (See)

ରଜସ୍ତମସ୍କ—ସଂ. ବିଣ. ପୁଂ—ରଜୋଗୁଣ ଓ ତମୋଗୁଣ ଦ୍ୱାରା ଅଧିକୃତ ବା
Rajastamaska ପ୍ରଭାବିତ—(a man or thing)
Under the influence of the 2 qualities
(ରଜସ୍ତମସ୍କା—ସ୍ତ୍ରୀ) Rajas and Tamas.

ରଜସ୍ତୋକ—ସଂ. ବି (୬ଷ୍ଠୀ ତତ୍, ରଜସ୍+ତୋକ; ରଜୋଗୁଣର
Rajastoka ପୁତ୍ର)—ଲୋଭ—Avarice; greediness (M. W).

ରଜସ୍ଫଳା—ଗ୍ରା. ବିଣ. ସ୍ତ୍ରୀ [ସଂ. ରଜସ୍ୱଳା]—ରଜସ୍ୱଳା (ଦେଖ)
Rajasphaḷā Rajaswaḷā (See)

ରଜସ୍ୱଳ—ସଂ. ବିଣ. ପୁଂ (ରଜସ୍+ବିଦ୍ୟମାନାର୍ଥେ ବଳ)—
Rajaswaḷa ୧ । ଧୂଳିମୟ—1. Dusty. ୨ । ଧୂଳିରେ
(ରଜସ୍ୱଳା—ସ୍ତ୍ରୀ) ଆବୃତ—2. Covered with dust. ୩ ।
ରଜୋଗୁଣବିଶିଷ୍ଟ—3. Passionate; emotional.
ସଂ. ବି—ମହିଷ—Buffalo.

ରଜସ୍ୱଳା—ସଂ. ବିଣ. ସ୍ତ୍ରୀ (ରଜସ୍+ବିଦ୍ୟମାନାର୍ଥେ ବଳ+ଆ)—
Rajaswaḷā ୧ । ଦୃଷ୍ଟରଜା (ସ୍ତ୍ରୀ)—1. (a girl) Whose menses have appeared. ୨ । ଋତୁମତୀ; ଆର୍ତ୍ତବା; ଋତୁ ହୋଇଥିବା—2. Menstruated. ୩ । ରଜସ୍ୱଳର ସ୍ତ୍ରୀଲିଙ୍ଗ—3. Feminine of Rajaswaḷa;
ଅନ୍ୟ ସଂ.—ଅବୀରା, ଅନେହ୍ସୀ, ଉଦକ୍ୟା, ଋତୁମତୀ, ଋଷଭା, ପାଂଶୁଳା; ପୁଷ୍ପବତୀ, ପୁଷ୍ପହାସା, ପୁଷ୍ପିତା, ମଳିନୀ, ମ୍ଳାନା, ଚପଳା, ସ୍ତ୍ରୀଧର୍ମିଣୀ, ଆର୍ତ୍ତବା—
ସଂ. ବି. ସ୍ତ୍ରୀ—୧ । ଋତୁମତୀ ସ୍ତ୍ରୀ; ରଜୋଯୁକ୍ତା ନାରୀ—1. A woman in her menses. ୨ । ଦୃଷ୍ଟରଜସ୍କା ବାଳିକା—2. A girl whose menses have appeared. ୩ । ୧୧ ବର୍ଷରୁ, ମତାନ୍ତରେ ୧୦ ବର୍ଷରୁ, ଊର୍ଦ୍ଧ୍ୱବୟସ୍କା କନ୍ୟା—3. A girl who has passed her 10th year. ୪ । ବିବାହଯୋଗ୍ୟା କନ୍ୟା—4. A marriageable girl (Apte). [ଦ୍ର—୧ । ସ୍ତ୍ରୀ ଲୋକଙ୍କର ୧୨ ବର୍ଷଠାରୁ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ସ୍ୱଭାବତଃ ପ୍ରତି ମାସରେ ଯୋନିଦ୍ୱାରବାଟେ ଗର୍ଭରୁ ଆର୍ତ୍ତବ ବା ରଜଃ (ଶୋଣିତ) ସ୍ରାବ ହୁଏ । ଏହା ୩ ଦିନ ପର୍ଯ୍ୟନ୍ତ ସ୍ରବେ । ରଜସ୍ରାବର ଆରମ୍ଭଠାରୁ ୧୬ ଦିନ ପର୍ଯ୍ୟନ୍ତ ଋତୁକାଳ ଓ ଏହାହିଁ ଗର୍ଭାଧାନର ଉପଯୁକ୍ତ କାଳ । ରଜୋସ୍ରାବର ପ୍ରଥମଠାରୁ ୪ର୍ଥ ଦିବସ ପର୍ଯ୍ୟନ୍ତ ଅହିଂସା, ବ୍ରହ୍ମଚର୍ଯ୍ୟ ଓ ପରମିତାହାର କର୍ତ୍ତବ୍ୟ; ପତିସନ୍ଦର୍ଶନ, ପତିସହବାସ, କ୍ରନ୍ଦନ, ନଖ-ଚ୍ଛେଦନ, ଉଚ୍ଚହାସ୍ୟ, ତୈଳାଭ୍ୟଙ୍ଗ, ସ୍ନାନ, ଦିବାନିଦ୍ରା, ଦ୍ରୁତଗମନ, ଅଧିକ ପରିଶ୍ରମ, ବହୁଭାଷଣ ଓ ଅଧିକ ବାୟୁ-ସେବନ ନିଷିଦ୍ଧ । ରଜଃସ୍ରାବ ୩ ଦିନ ପର୍ଯ୍ୟନ୍ତ ହୁଏ ଓ ଚତୁର୍ଥଦିନ ରଜୋନିବୃତ୍ତି ହୁଏ । ୪ର୍ଥ ଦିବସରେ ଋତୁ-ସ୍ନାନାନନ୍ତର ପତିଙ୍କ ଓ ପ୍ରିୟଜନଙ୍କ ମୁଖ ଅବଲୋକନ କରିବା ଉଚିତ, କାରଣ ଋତୁସ୍ନାନର ଅବ୍ୟବହିତ ପରେ ଯେଉଁ ରୂପ ଦର୍ଶନ କରାଯାଏ ତଦନୁରୂପ ସନ୍ତାନ ଗର୍ଭରେ ଜନ୍ମେ । ରଜସ୍ୱଳା ସ୍ତ୍ରୀର ସଙ୍ଗମ କରିବା ଶାସ୍ତ୍ରରେ ନିଷିଦ୍ଧ (ମନୁ ୪।୪୦-୪୧-୪୨) । ରଜସ୍ୱଳା ସ୍ତ୍ରୀର ସଙ୍ଗମ କଲେ ପୁରୁଷର ପ୍ରଜ୍ଞା, ତେଜଃ, ବଳ, ଚକ୍ଷୁ ଓ ଆୟୁର କ୍ଷୟ ଘଟେ । ଆଧୁନିକ ବିଜ୍ଞାନର ମତ ମଧ୍ୟ ଏହା । ରଜୋନିବୃତ୍ତି ପରେ ସ୍ନାନ କଲେ ରଜସ୍ୱଳା ସ୍ତ୍ରୀ ଶୁଦ୍ଧା ହୁଏ (ମନୁ ୫।୬୬) ।

୨ । କନ୍ୟାର ବୟସ ୧୦ ବର୍ଷ ବା ମତାନ୍ତରେ ୧୧ ବର୍ଷ ପୂରିଲେ ଶାସ୍ତ୍ରାନୁସାରେ ଉକ୍ତ କନ୍ୟାକୁ ରଜସ୍ୱଳା ବୋଲାଯାଏ । ରଜସ୍ୱଳା କନ୍ୟା ଅବିବାହିତାବସ୍ଥାରେ ପିତୃଗୃହରେ ରହିଲେ ପ୍ରତ୍ୟେକ ଋତୁସ୍ନାନ ଦିନ ପିତାମାତାଙ୍କୁ ଭ୍ରୂଣହତ୍ୟା ଦୋଷ ଲାଗେ । ଏଥିପାଇଁ କନ୍ୟା ରଜସ୍ୱଳା ହେବା ପୂର୍ବରୁ ତାକୁ ବିବାହ ଦେବାର ବିଧି ଅଛି ।]

ରଜସ୍ୱୀ—ସଂ. ବିଣ. ପୁଂ (ରଜସ୍ + ଅସ୍ତି ଅର୍ଥରେ. ବିନ୍)-୧। ଧୂଳିମୟ—Rajaswī 1. Dusty; full of dust (M. W). ୨। ରଜୋ- (ରଜସ୍ୱିନୀ—ସ୍ତ୍ରୀ) ଗୁଣମୟ—2. Full of the quality Rajas. (M. W)

ରଜସ୍ୟ—ସଂ. ବିଣ. ପୁଂ (ରଜସ୍ + ଯ)—ରଜସ୍ୱୀ (ଦେଖ) Rajasya (ରଜସ୍ୟା—ସ୍ତ୍ରୀ) Rajaswī. (See)

ରଜା—ଦେ. ବି. ପୁଂ—(ସଂ. ରାଜନ୍ ଶବ୍ଦର ୧ମା. ୧ବ. ରାଜା; ଭୁଲ. Rajā ତେ. ରାଜୁ)—୧ । ରାଜା; ନରପତି—1. King. ୨ । রাজা राज(जा), रजा ଗଞ୍ଜପା ତାସର ଦ୍ୱାଦଶ ସଂଖ୍ୟାନିର୍ଦ୍ଦିଷ୍ଟ ତାସ [ରାଣୀ—ସ୍ତ୍ରୀ] (ଏଥିରେ ରାଜାଙ୍କ ରୂପ ଚିତ୍ରିତ ଥାଏ)—2. The 12th card in a set of country cards. ୩ । ତାସ୍ ଖେଳରେ ୧୩ ସଂଖ୍ୟାର ତାସ୍; ସାହେବ—3. The king of cards. ୪ । ସର୍ବଶ୍ରେଷ୍ଠ ବ୍ୟକ୍ତି—4. An eminent person. [ଉ—ବ୍ରାହ୍ମଣ ଘର ବର୍ଣ୍ଣରେ ରଜା—ଜଗ ।] ୫ । ବହୁ ମଧ୍ୟରେ ପ୍ରଧାନ—5. Chief amongst many. [ଉ—ବାଳିଆ ମାଛ ଥାଇ ବୋଇଲା ମୁଁ ମାଛଙ୍କ ଭିତରେ ରଜା—ଜଗ ।] [ଦ୍ର—ହିନ୍ଦୁମାନେ ରାଜାଙ୍କୁ ଦେବତାରୂପେ ମାନନ୍ତି, ଏଥିପାଇଁ ସାଧାରଣଙ୍କ ପ୍ରତି ଯେଉଁ ଯେଉଁ ଶବ୍ଦ ବ୍ୟବହାର କରାଯାଏ ରାଜାଙ୍କ ପ୍ରତି ସେ ଶବ୍ଦମାନ ବ୍ୟବହୃତ ହୁଏ ନାହିଁ । ରାଜାଙ୍କର ଦୈନିକ କ୍ରିୟାକଳାପକୁ 'ନୀତି' ବୋଲାଯାଏ । ଭିନ୍ନ ଭିନ୍ନ ନୀତିମାନଙ୍କର ମଧ୍ୟ ବିଶେଷ ବିଶେଷ ନାମ ଅଛି । ରାଜାଙ୍କ ଘରଦ୍ୱାର, ହାତୀ ଓ ଘୋଡ଼ା ଇତ୍ୟାଦିଙ୍କର ମଧ୍ୟ ସ୍ୱତନ୍ତ୍ର ନାମ ଅଛି । ରାଜାଙ୍କୁ ଛାମୁ, ମଣିମା, ଗୋସେଇଁ, ହଜୁର ବୋଲି ସମ୍ବୋଧନ କରାଯାଏ । ଏଠାରେ ଉଦାହରଣ ସ୍ୱରୂପ ରାଜାଙ୍କ ସମ୍ବନ୍ଧେ ବ୍ୟବହୃତ କେତେକ ଶବ୍ଦ ଓ ବାକ୍ୟ ଦିଆଗଲା ।

ରଜାଙ୍କ ନିକଟ—ରଜାଙ୍କ ଛାମୁ
ରଜାଙ୍କ ଘର—ନଅର, ନବର
ରଜାଙ୍କ ଅନ୍ତଃପୁର—ଉଆସ, ନହର, ଅନ୍ତଃପୁର
ରଜାଙ୍କ ଅଗଣା—ପାଟ ଅଗଣା ।
ରଜାଙ୍କ ବ୍ୟବହାର୍ଯ୍ୟ ଖଣ୍ଡା—ପାଟ ଖଣ୍ଡା
ରଜାଙ୍କ ବ୍ୟବହାର୍ଯ୍ୟ ହାତୀ—ପାଟ ହାତୀ
ରଜାଙ୍କ ଘୋଡ଼ା—ପାଟ ଘୋଡ଼ା
ରଜାଙ୍କ ନିଦ୍ରା—ପହୁଡ଼
ରଜାଙ୍କ ଚେଇଁ ଶୋଇବା—ଚଆଁ ପହୁଡ଼
ପାନ ଖାଇବା—ବିଡ଼ିଆଲଟି ହେବା
ଦାନ୍ତଘସା—ଦାଲୁଅଣି; କାଠିଲାଗି
ଭୋଜନ—ମୁଣୋହି, ଯୋଗଣ, ଠାଆଲାଗି
ଜଳଖିଆ—ଶୀତଳ ମୁଣୋହି
ଦୁଧ ପିଆ—ଓଖର ଯୋଗଣ
ଗାଧୁଆ—ମାଜଣା, ଦେହପାଣି
ବସିବା—ବେଢେହରଣ
ବସିବା ମେଲା—ବେଢେହରଣ ମଣ୍ଡପ
ଔଷଧ ଖାଇବା—ଓଷଦ ଯୋଗଣ
ଜୋତା ପିନ୍ଧିବା—ସହହାଣ ଲାଗି
ଅନ୍ଧାରରେ ବା ରାତ୍ରିରେ ଛଦ୍ମବେଶରେ ବୁଲିଯିବା }—ଅନ୍ଧାର ବିଜେ
ଖିଅର ହେବା—ମୁଖ ଶୃଙ୍ଗାର; ପନ୍ନାଅର
ଝାଡ଼ା ଫେରିବା—ଶୁଚିଲାଗି ବିଜେ
ଲୁଗା ପିନ୍ଧିବା—ଖଟଣିଲାଗି, ଛଡ଼ାପଲାଗି
ପୀଡ଼ିତ ହେବା—ଶ୍ରୀଅଙ୍ଗ ଅଳସ ହେବା
ଝାଡ଼ା ଫେରି ଆସି ମାଟିହାତ କରିବା—ଧୂଳିପାଣି କଢ଼ିବା
ତେଲ ଲଗାଇବା—ଫୁଲୁରିଲାଗି, ମର୍ଦ୍ଦନ
ଶିକାର କରିବା—ପାରିଧି, ଆଡ଼ି
ଯିବା, ଆସିବା, ଉପସ୍ଥିତ ହେବା—ବିଜେ କରିବା; ବିଜେ ହେବା
ଠାକୁର ପୂଜା—ଦେବାର୍ଚ୍ଚନ
ବିବାହ—ମଙ୍ଗଳକୃତ୍ୟ
ମହାପ୍ରସାଦ ନିର୍ମାଲ୍ୟ—ପାଟମୁଣ୍ଡ, ଟୀକା
ବେଶ ହେବା—ଶୃଙ୍ଗାର କଢ଼ିବା
କୌଣସିସ୍ଥାନରୁ ଫେରି ଆସିବା—ବାହୁଡ଼ାବିଜେ କରିବା
ରଜା କେଉଁଠାକୁ ଯିବାବେଳେ ରାଜାଙ୍କ ଆଗେ ଆଗେ ଜଣେ ପାଇକ ଡାକଡାକି ବାଟ କଢ଼େଇବା }—ପହଣ୍ଡ ମଣେଇବା
ରାଜାଙ୍କ ପିନ୍ଧିବା ଲୁଗା—ଖଟଣୀ, ଛଡ଼ାପ
ରଜାଙ୍କ ଧନାଗାର—ଭଣ୍ଡାର
ବସ୍ତ୍ରାଗାର—ଗନ୍ତା, ଗନ୍ତାଘର
ରଜାଙ୍କ ପାଖକୁ ଦୋଷୀ ବ୍ୟକ୍ତିଙ୍କୁ ଯିବାର ନିଷେଧାଜ୍ଞା }—ଛାମୁ ମନା
ରାଜାଙ୍କ ଚଟି—ଚଟାଉ
ରଜାଙ୍କ ମୁଣ୍ଡ—ଗଭା
ରଜାଙ୍କ ଦେହ—ଶ୍ରୀଅଙ୍ଗ
ରଜାଙ୍କ ହାତ—ଶ୍ରୀହସ୍ତ
ରଜାଙ୍କ ହାତବାକ୍ସ—ଶ୍ରୀହସ୍ତ ବାକ୍ସ
ରଜାଙ୍କ ବ୍ୟବହୃତ ଅନ୍ନ—ଓରଅ
ରଜାଙ୍କ ଲଗାଇବା ତେଲ—ଫୁଲୁରି
ରଜାଙ୍କ ଗୋଡ଼—ପାଅ
ରଜାଙ୍କ ପ୍ରଧାନ ରାଣୀ—ପାଟରାଣୀ, ପାଟ ମହାଦେଈ, ପାଟମଣିମା

ରାଜାଙ୍କ କନ୍ୟାଗ୍ରାରଜା—ନୂଆମଣିମା, କନ୍ୟାମଣିମା
ରାଜାଙ୍କ ସାଧାରଣସ୍ତ୍ରୀ—ମହାଦେଈ
ରାଜାଙ୍କ ରକ୍ଷିତା ଦାସୀ—ବେହେରାଣୀ
ରାଜାଙ୍କ ଅନୁଗୃହୀତା ଦାସୀ—ଖମୁଆ, ଝିଅ

ରାଜା ଫୁଲଟିଏ ଦେଇ ଯାହାଙ୍କ ମତରେ ମନୋନୀତ କରିବା ସ୍ତ୍ରୀ }—ଫୁଲବାଈ
[ଏହିପରି ମାଳବାଈ, ଚନ୍ଦନବାଈ ଆଦି ଶବ୍ଦ ଅଛି]
ରଜାଙ୍କ ବଡ଼ ପୁଅ—ଗମ୍ଭୀର ସାଆନ୍ତ; ଦେଉ; ପାଟଦେଉ; ଟିକାଏତ
ବଡ଼ପୁଅଙ୍କ ତଳପୁଅ—ପଟାଏତ
ଅନ୍ୟ ରାଜପୁତ୍ରଗଣ—ଲାଲ୍‌ସାହେବ; ରାଉତରା
ରଜାଙ୍କ ଭାର୍ଯ୍ୟା ବା କୁଟୁମ୍ବି—ବାବୁଦର; ସାଆନ୍ତ; ଭାଇପୁଅ
ରଜାଙ୍କ ଦାସୀପୁତ୍ର—ଅନ୍ତର
ରଜାଙ୍କ ଝିଅ—ଜେମା, ଜେମାଦେଈ, ଜେମାଦେଈ ମଣିମା
ରଜାଙ୍କ ଗୃହପାଳିତା ଦାସୀ—ଘରଝିଅ
ରଜାଙ୍କ ପାଚକା ବ୍ରାହ୍ମଣୀ—ନାନୀ
ପାଚକ—ସୁଆର, ମହାସୁଆର

ଆଗନ୍ତୁକମାନଙ୍କ ଚର୍ଚ୍ଚା ବୁଝିବା ଲୋକ }—ଚର୍ଚ୍ଚାବେହେରା, ଚର୍ଚ୍ଚାଇତ

ରଜାଙ୍କ ପିନ୍ଧାଲୁଗାର ଓ ଅଳଙ୍କାରାଦିର ରକ୍ଷକ }—ଶୃଙ୍ଗାରୀ ମେକାପ
ଭଣ୍ଡାର ଘର ରକ୍ଷକ—ଗନ୍ତାଇତ; ମେକାପ

ରାଣୀଙ୍କ ଭଣ୍ଡାର-ରକ୍ଷିକା ଦାସୀ }—ସରାଣୀ, ଗନ୍ତାଣୀ, ଗନ୍ତାଘରଆଣୀ
ଗୀତ ଗାଇବା ଦାସୀ—ଗାଆଣୀ
ବାଦ୍ୟ ବଜାଇବା ଦାସୀ—ବାଆଣୀ

ରଜା ଓ ରାଣୀଙ୍କ ସେବାର ପାଳି ଯାହାର ପଡ଼ୁଥାଏ }—ପାଳିଆ
(ଯଥା—ପାଳିଆ ପାଇକ, ପାଳିଆ ଆପଟ ।)
ରଜାଙ୍କ ଗରୁଡ଼—ଆପଟ
ଅନ୍ତଃପୁରକୁ ଯିବା ଆସିବା କରିବା ପିଲା—ଭିତରିଆ ପିଲା
ମୃତ ରାଜାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରିବା ବ୍ରାହ୍ମଣ—ପୁଅବ୍ରାହ୍ମଣ
ରାଜାଙ୍କ ଅଙ୍ଗ ସେବାକାରୀ ଦାସ—ଛାମୁଆ, ପାଖଲୋକ
ଧାଈ—ଧାଈବେହେରା, ମୁହୁସୁଲି

ଖାଦ୍ୟ ଦ୍ରବ୍ୟାଦି ପାଚକ ନିକଟକୁ ଯୋଗାଇବା ଚାକର }—ଯୋଗାଣିଆ

ରଜାଙ୍କ ଖାଦ୍ୟଦ୍ରବ୍ୟକୁ ଦେଖି ପରୀକ୍ଷା କରିବା ବ୍ୟକ୍ତି }—ଦେଖୁଣିଆ

ରାଜାଙ୍କ ଖାଦ୍ୟଦ୍ରବ୍ୟକୁ ପ୍ରଥମେ ଚାଖି ପରୀକ୍ଷା କରିବା ବ୍ୟକ୍ତି }—ଚାଖୁଣିଆ
ଚପରାଶୀ—ଖୁଣ୍ଟିଆ, ଛାମୁଖୁଣ୍ଟିଆ, ଭିତର ଖୁଣ୍ଟିଆ
ଅର୍ଦ୍ଦଳୀ—ସଙ୍ଗୁଲିଆ; ପଡ଼ିଆର
ଯେ ରାଜାଙ୍କୁ ବା ରାଣୀଙ୍କୁ ବେଶ କରେ—ଶିଙ୍ଗାରୀ

ସର୍ଦ୍ଦାର ବେହେରା—ଖଟଣି ସେବକ
ମେହେନ୍ତର—ମାହାର
ମୋହରିର—ଖମୁକରଣ
ବେଶ୍ୟା—ମାହାରୀ
ଅନ୍ତଃପୁରର ଦ୍ୱାରରକ୍ଷକ—ନଅର ଜଗୁଆଳ
ମନ୍ତ୍ରୀ—ଛାମୁ, ପାତ୍ର, ଖଣ୍ଡାୟତ, ଦେୱାନ, ବେବର୍ତ୍ତା,
ପିଆଦା—ପାଇକ
ପ୍ରହରୀ—ପାହାରୀ ପାଇକ
ଦେବସେବା କର୍ମଚାରୀ—ପରିଛା, ପଟ୍ଟକରଣ, ଦେଉଳକରଣ, କୋଠକରଣ
ଗ୍ରାମର ରାଜକର୍ମଚାରୀ—ଦଳେଇ, ଦଳବେହେରା, ପଧାନ ।

ରାଜାମାନେ ରାଜ୍ୟରେ ନାନା ଉପାଧି ବାଣ୍ଟି ଉପାଧିପ୍ରାପ୍ତ ବ୍ୟକ୍ତି ମୁଣ୍ଡରେ ଶାଢ଼ୀ ବା ଶିରୋପା ବାନ୍ଧନ୍ତି ।

ଉଦାହରଣ ସ୍ୱରୂପ କେତେଗୁଡ଼ିଏ ରାଜପ୍ରଦତ୍ତ ଉପାଧିର ନାମ ଦିଆଗଲା ।

ବ୍ରାହ୍ମଣମାନଙ୍କୁ—ସାମନ୍ତରାୟ (ସାଆନ୍ତରା), ପ୍ରହରାଜ (ପହରାଜ), ପଞ୍ଚକ୍ରୋଶୀ—ପାଟକୋଶୀ (ପାଡ଼ୁଶୀ), ରାଏଗୁରୁ(ରାଜଗୁରୁ), ସଦସ୍ୟ, ବ୍ରହ୍ମା, ସାଆନ୍ତରା ମହାପାତ୍ର, ବିଦ୍ୟାରତ୍ନ, ବଡ଼ପଣ୍ଡା, ବିଦ୍ୟାଭୂଷଣ, ବାହାଳପତି, (ବାହିନୀପତି), ପରମଗୁରୁ, ଭଟ୍ଟମିଶ୍ର ।

କ୍ଷତ୍ରିୟମାନଙ୍କୁ—ବୀରବର, ହରିଚନ୍ଦନ, ନରେନ୍ଦ୍ର, ମର୍ଦ୍ଦରାଜ, ଶ୍ରୀଚନ୍ଦନ, ଭ୍ରମରବର, ଦଣ୍ଡପାଟ, ବିଦ୍ୟାଧର, ରାଉତରା, ରାଏଟସିଂହ, ରାଏସିଂହ, ବକସୀ, ମାନ୍ଧାତା, ମଙ୍ଗରାଜ, ଦେଓ, ବଳିଆରସିଂହ ।

ପାଇକମାନଙ୍କୁ—ଝମ୍ପଟସିଂହ, ବାଘ ସିଂହ, ଦଣ୍ଡପାଟ, ବାହାବଳୀନ୍ଦ୍ର, ଦଳବେହେରା, ଦଳେଇ, ବଳିଆରସିଂହ, ବଳବନ୍ତରାଏ, ଉତ୍ତର କବାଟ, ଦକ୍ଷିଣ କବାଟ, ପଶ୍ଚିମ କବାଟ, ପାଇକରା, ବଡ଼ଯେନା, ଉଦଣ୍ଡରାଏ, ଉଦଣ୍ଡସିଂହ, ମର୍ଦ୍ଦରାଜ, ପାହାଡ଼(ଡ଼ା)ସିଂହ, ପାଲଟା ସିଂହ, ଖଡ଼ଧାର, କୁଆଳ ସିଂହ, ଖଣ୍ଡାସିଂହ, ରଣସିଂହ, ବାହାଦୁର ସିଂହ, ଦଣ୍ଡଧର, ରାଉତରା, ମତ୍ତଗଜସିଂହ, କ୍ଷତ୍ରଶାଳ, ଔରଶାଳ, ପ୍ରତାପ ରାୟ(ଇ), ବୈରିଗଞ୍ଜନ, ରଣଭାନୁ, ବଳିଆର ସିଂହ, ରାୟ(ଇ)ପତାମ, ଯୁଗସାଇ ଦେଓ ।

କରଣମାନଙ୍କୁ—ଚମ୍ପତି ବା ଚେଉ ପଟ୍ଟନାୟକ, ପଟ୍ଟନାୟକ, ପାଞ୍ଜିଆ, ଖଣ୍ଡାୟତ ପଟ୍ଟନାୟକ, ଛାମୁ ପଟ୍ଟନାୟକ ବେବର୍ତ୍ତା ପଟ୍ଟନାୟକ, କାନନଗୋଇ, ଭିତର ଛାମୁ, ବକସି ପଟ୍ଟନାୟକ ।

ଜ୍ୟୋତିଷୀଙ୍କୁ—ଗଣକରତ୍ନ, ଗଣକାଚାରତ୍ନ
ପାଚକଙ୍କୁ—ସୁଆରରତ୍ନ
ଗାୟକଙ୍କୁ—ସଙ୍ଗୀତରତ୍ନ, ଗୁଣିରତ୍ନ, ଗାୟକରତ୍ନ
କଥକଙ୍କୁ—ରସବିନୋଦ, ହାସ୍ୟବିନୋଦ, ଗଳ୍ପସାଗର
କାରିଗରଙ୍କୁ—ବିଜ୍ଞାନିରତ୍ନ

ଉତ୍କଳୀୟ ରାଜା ଓ କ୍ଷତ୍ରିୟମାନଙ୍କର ଭିନ୍ନ ଭିନ୍ନ ବଂଶଗତ ଉପାଧି ଅଛି । ଉଦାହରଣସ୍ୱରୂପ କେତେଗୁଡ଼ିଏ ଦିଆଗଲା ।

ପାଟଣା, ସୋନପୁର
ଖରସୁଆଁ, ସରାଇକଳା } ସିଂହ ଦେଓ (ବ)

ମୟୂରଭଞ୍ଜ, କେନ୍ଦୁଝର,
କନିକା, ଧୁମ୍ ସର, ହଳଦିଆ } ଭଞ୍ଜ; ଭଞ୍ଜଦେଓ (ବ)

ଢେଙ୍କାନାଳ—ମହୀନ୍ଦ୍ର ବାହାଦୁର

ଆଠଗଡ଼—ଦେବବର୍ମା ପଟ୍ଟନାୟକ

ଖଣ୍ଡପଡ଼ା—ମର୍ଦ୍ଦରାଜ ଭ୍ରମରବର ରାୟ

ହିନ୍ଦୋଳ—ମର୍ଦ୍ଦରାଜ ଜଗଦ୍ଦେବ

ପାଲ ଲହଡ଼ା— { ୧ ପୁରୁଷ—ଗଣେଶ୍ୱର ପାଲ
ଅନ୍ୟପୁରୁଷ—ମୁକୁନ୍ଦପାଲ }

ତାଳଚେର—ବୀରବର ହରିଚନ୍ଦନ

ଦଶପଲ୍ଲା—ଦେଓଭଞ୍ଜ

ଗାଙ୍ଗପୁର, ବୌଦ୍ଧ ଓ ଆଠମଲ୍ଲିକ—ଦେଓ, ଦେବ

ବଡ଼ାମ୍ବା—ବୀରବର ମଙ୍ଗ(ର୍ଦ୍ଦ)ରାଜ ମହାପାତ୍ର

ନୂଆଗଡ଼—ସିଂହ ମାନ୍ଧାତା

ବାମଣ୍ଡା— { ୧ମ ପୁରୁଷ—ତ୍ରିଭୁବନ ଦେବ
ଅନ୍ୟପୁରୁଷ—ସୁବଳଦେବ }

ରେଢ଼ାଖୋଲ—ଯେନାମଣି ଦେଓ

ରଣପୁର—ବଜ୍ରଧର ନରେନ୍ଦ୍ର ମହାପାତ୍ର

ତିଗିରିଆ—କ୍ଷତ୍ରିୟ ବୀରବର ଚମ୍ପତିସିଂହ ମହାପାତ୍ର

ଖଲ୍ଲିକୋଟ—ମର୍ଦ୍ଦରାଜ ଦେବ

କଳାହାଣ୍ଡି—ଦେଓ (ଦେବ)

ସୁକିନ୍ଦା—ହରିଚନ୍ଦନ ମହାପାତ୍ର

ମଧୁପୁର—ଧୀର ନରେନ୍ଦ୍ର

କଣାଇ—ଇନ୍ଦ୍ରଦେଓ

ବଲରାମପୁର—ଧୀର ବୀରବର ହରିଚନ୍ଦନ ମହାପାତ୍ର

ବାଣପୁର (ଅଧୁନାକ ପାରିକୁଦ)—ମାନସିଂହ ହରିଚନ୍ଦନ
ମର୍ଦ୍ଦରାଜ ଭ୍ରମରବର ରାୟ

ଆଳୀ—ଦେଓ

ପାରଳାଖେମୁଣ୍ଡି, ପୁରୀ
ବଡ଼ଖେମୁଣ୍ଡି, ସାନଖେମୁଣ୍ଡି } —ଗଜପତି ଦେବ

ନୀଳଗିରି—ମର୍ଦ୍ଦରାଜ ହରିଚନ୍ଦନ

ଧଳଭୂମି—ଧଳ ସର୍ଦ୍ଦାର

କୁଜଙ୍ଗ, ସୁରଙ୍ଗୀ—ହରିଚନ୍ଦନ ଜଗଦ୍ଦେବ

ଚଉକ୍ଷ—ରାଜେନ୍ଦ୍ର ଦେଓ

ଚରଲା—ହରିଚନ୍ଦନ

ଉମ୍ବଡ଼ା—ଭ୍ରମରବର

କମାପଡ଼ା—ବୈକୁଣ୍ଠ ସିଂହ

ଭୁଜଙ୍ଗ—ଷଣ୍ଢ

ବାଙ୍କି—ଶ୍ରୀଚନ୍ଦନ

ରାଜାମାନଙ୍କ ସମ୍ବନ୍ଧେ କେତେତକ ଲଗ ପ୍ରଚଳିତ ବଚନ :—

ରଜା ଗୋଜା—ରାଜାଙ୍କର ଅଖାଡ଼ୁଆ ବ୍ରାହ୍ମଣ।

ରଜା ଭୋଳ—ରାଜା ଆଗପଛକୁ ଖିଆଲ ନ ରଖି କାର୍ଯ୍ୟ କରନ୍ତି।

ରଜା ଅନୁଗତେ ଧର୍ମ—(ସଂ. ରାଜାନୁଗତୋ ଧର୍ମଃ) ରାଜା ପ୍ରଜାମାନଙ୍କ ଧର୍ମ ରକ୍ଷା ନ କଲେ ଧର୍ମ ଲୋପ ହୁଏ।

ରଜା ଘରେ ଦଇବ ପାଞ୍ଜି—ରାଜାମାନଙ୍କ ବିବାହରେ ବର-କନ୍ୟାଙ୍କର ଜାତକ ମେଳ କରା ନ ଯିବା ପ୍ରଥାକୁ ଲକ୍ଷ୍ୟ କରି ଏ ପ୍ରବଚନ ଚଳନ୍ତି।

ରଜା ନଏ ଡଣ୍ଡି, କେଳା ନଏ ଭଣ୍ଡି, ଭଲେଇ ନଏ ଗଣ୍ଡି, ଚକ୍ରା ନଏ ଗଣ୍ଡି—ରାଜା ଅନ୍ୟାୟରେ ମଧ୍ୟ ଅର୍ଥଦଣ୍ଡ କରନ୍ତି।

ରଜା ଆଗରେ କହିବ ସତ
ମାଇପ ଆଗରେ କହିବ ମିଛ } —(ଉପଦେଶ) ରାଜା ଦେବତା ସ୍ୱରୂପ ଥିବାରୁ ତାଙ୍କ ଆଗରେ ମିଥ୍ୟା କହିବା ପାପ।

ରଜାଙ୍କୁ ଘାଏ ଘାଏ, ରାଣୀଙ୍କି ମୃଗୁ ବୁଝୁ—ଅତ୍ୟାଚାର କରିବା ବ୍ୟକ୍ତି ଦଣ୍ଡର ଗୁରୁତା ବୁଝି ପାରେ ନାହିଁ, ଅତ୍ୟାଚାରିତ ବ୍ୟକ୍ତି ଦଣ୍ଡର ଗୁରୁତାକୁ ଅନୁଭବ କରେ।

ରଜା ପୁଅକୁ କି ଖଜା ଅପୂର୍ବ ?—ନ୍ୟାୟ—ରଜାପୁଅଙ୍କ ଖଜା ପରି ସାମାନ୍ୟ ପଦାର୍ଥ ଅଲଭ୍ୟ ନୁହେଁ।

ରଜା ପୁଅ ଯୋଗୀ ହେଲେ କି ସେ ରଜାବୁଦ୍ଧି ଛାଡ଼ିବ ?
ଯୋଗୀ ପୁଅ ରଜା ହେଲେ କି ସେ ଯୋଗୀ ବୁଦ୍ଧି ଛାଡ଼ିବ ?
—ରାଜବଂଶୀୟ ବ୍ୟକ୍ତି ଗରିବ ହେଲେ ମଧ୍ୟ ତାର ମହାନୁଭବତା ଛାଡ଼େ ନାହିଁ।

ରଜା, ବର, ବାଇ, ଏ ତିନିଙ୍କି ଦେଖି ଯାଇ—ରାଜା, ବର ଓ ବେଶ୍ୟା (ନର୍ତ୍ତକୀ)ଙ୍କୁ ଦେଖିବାକୁ ଲୋକେ ରୁଣ୍ଡ ହୁଅନ୍ତି।

ଅବୁଝାମଣା ରଜାକୁ ପାଲବଣ୍ଡା ମନ୍ତ୍ରୀ—ନ୍ୟାୟ—ଅନ୍ୟାୟ ବିଚାରକ ରାଜାଙ୍କ ନିର୍ବୋଧ ଉପଦେଶକ ମିଳିବା ନ୍ୟାୟ।

ଅବୁଝା ରଜାକୁ ବେବୁଝା ମନ୍ତ୍ରୀ, ତହିଁ କାଣି ଦାସୀ ନାଚ—ନ୍ୟାୟ—ରାଜା ଓ ମନ୍ତ୍ରୀ ଉଭୟେ ଅବିବେକୀ ହେବା ସ୍ଥଳରେ ନାନା ମନ୍ଦ ଓ ଅସୁନ୍ଦର କାର୍ଯ୍ୟ ଘଟିବା ନ୍ୟାୟ।

{ ରଜା ବରକୋଳି ସାନ୍ତା—
ରଜା ଶୁଳେଇ ବଳେ କରି ବରକୋଳିଟାଏ ଥୋଇଦେଲା } ନ୍ୟାୟ—

(କାହାଣୀ) ଜଣେ ଅପରାଧୀ ଗଛ ଉପରେ ଲୁଚି ବସିଥିବା-ବେଳେ ଚଳନ୍ତେ ରାଜା ଘୋଡ଼ାଫେରି ବସି ଗଛମୂଳେ ଝଡ଼ିପଡ଼ିଥିବା ଗୋଟିଏ ପାଚିଲା ବରକୋଳିକୁ ଖାଇଦେଇ-ଥିବା କଥା ଦେଖି ଆସି ବିଚାର ସମୟରେ ଉକ୍ତ ଅପରାଧୀ ପ୍ରଥମୋକ୍ତ ବାକ୍ୟ ଉଚ୍ଚାରଣପୂର୍ବକ ରାଜାଙ୍କଠାରେ ଦଣ୍ଡରୁ ମୁକ୍ତିପାଇଥିବା କାହାଣୀ।

ରଜାପୁଅ ସଙ୍ଗେ ଶୁଣ ଅବଣିଜ ବାଇ—ନ୍ୟାୟ, ବଡ଼ ଲୋକଙ୍କ ସଙ୍ଗେ ଗରିବ ଲୋକ ମାଡିଲେ ଦୁଃଖ ଭୋଗ କରେ।

ରାଜ୍ୟଯାକର ପାପ ରଜାମୁଣ୍ଡରେ ଯାଏ (ଶାସ୍ତ୍ରବଚନ)—ରାଜ୍ୟର ଲୋକଙ୍କ ପାପର ଫଳ ରାଜା ଭୋଗ କରନ୍ତି।

ନଅର ଦାସୀ ହସାଇ ଭୁଲେ, ରଜା ବଳେ କଲେ ଜଳାକବାଟି ପଡ଼େ—ଲଗ।

ରାଜାଙ୍କ ରକ୍ଷିତା ବେଶ୍ୟା ରାଜାଙ୍କ ଅନୁପସ୍ଥିତିରେ ଅବରୋଧ ପ୍ରଥା ରକ୍ଷା କରେ ନାହିଁ, କିନ୍ତୁ ରାଜାଙ୍କ ଆସିବା ସମୟରେ ରାଜାଙ୍କ ଜାଣିବା ପାଇଁ ତା ଘରର ଦୁଆରକୁ ଖୋଲା ବନ୍ଦ କରି ଘର ଭିତରେ ରହିଥାଏ ।

ରଜାର ପ୍ରଜା ନୁହେଁ କି ସାହୁର ଖାତକ ନୁହେଁ—ଯେଉଁ ବ୍ୟକ୍ତି ସ୍ୱାଧୀନ ଓ ଅଋଣୀ ହୋଇ ଜୀବିକା ନିର୍ବାହ କରେ ।

ରଜାଙ୍କୁ ରେ କହି(ରି)ବା—ଦେ. କି.—ଅତ୍ୟନ୍ତ ଦୁର୍ବିନୀତ ହେବା—
Rajāku re kahi(ri)bā To be very arrogant and insubordinate to great men.
রাজাকে অপমান করে কথাবলা
राजाको रे बोलना

ରଜାଙ୍କ ଉଆସ—ଦେ. ବି—୧ । ରାଜାଙ୍କ ଅନ୍ତଃପୁର—1. The
Rajāṅka uāsa female apartment of a Rājā.
রাজার মহল ୨ । ରାଜପ୍ରାସାଦ—2. The palace.
राजाकी हवेली

ରଜାଙ୍କ ଛାମୁ—ଦେ. ବି—ସ୍ୱୟଂ ରାଜା—The Rājā himself;
Rajāṅka chhāmu His Highness. [ଯଥା—ମତେ ରାଜାଙ୍କ ଛାମୁକୁ ଡାକରା ହୋଇଛି ।] ଦେ. ଅ—
রাজার কাছে
राजाके यहाँ ରାଜାଙ୍କ ନିକଟ—The presence of His Highness. [ଯଥା—ରଜାଙ୍କ ଛାମୁରେ ମୁଁ ଗୁହାରି କରିବି ।]

ରଜାଙ୍କ ନଅ(ହ, ବ,)ର—ଦେ. ବି—ରାଜପ୍ରାସାଦ—
Rajāṅka na-a(ha, ba)ra The palace.
[ରଜା ନଅ(ହ)ର—ଅନ୍ୟରୂପ] রাজ মহল राजमहल

ରଜା ଜେମା—ଦେ. ବି (ସଂ. ରାଜନ୍ + ଜାମା)—ରାଜକନ୍ୟା—
Rajā jemā A princess.
[ରଜାଜିଅ—ଅନ୍ୟରୂପ] রাজকুমারী राज कुँआरी

ରଜା ପରଜା—ଗ୍ରା. ବି (ସଂ.ରାଜା + ପ୍ରଜା)—୧ । ରାଜା ଓ ପ୍ରଜାଗଣ—
Rajā parajā 1. A king and his subjects.
[ରଜା ପ୍ରଜା—ଦେ. ରୂପ] ୨ । ଜମିଦାର ଓ ରଇତ—2. A
রাজাপ্রজা राजाप्रजा land-lord and his tenantry.

ରଜା ପୁଅ—ଦେ. ବି (ସଂ. ରାଜପୁତ୍ର)—ରାଜପୁତ୍ର—
Rajā pua A prince.
রাজকুমার राजकुमार

ରଜାପ୍ରଜା ସମ୍ପର୍କ—ଦେ. ବି (କତିପୟ ଭାଷା)—ଜମିଦାର ଓ ରଇତ
Rajāprajā samparka ମଧ୍ୟରେ ଥିବା ସମ୍ବନ୍ଧ; କୌଣସି
[ରଜା ପ୍ରଜା ସମ୍ବନ୍ଧ—ଅନ୍ୟରୂପ] ରଇତ ସଙ୍ଗେ ଭୂମି ବୃତ୍ତିର
রাজা প্রজা সম্পর্ক ଜମିଦାରଙ୍କର ଥିବା ସମ୍ବନ୍ଧ—Relationship
राजाप्रजा सम्पर्क of landlord and tenant between two persons. [ଦ୍ର—ଜଣେ ବ୍ୟକ୍ତି ଜଣେ ରଇତ ନାମରେ ବାକି ଖଜଣା ପାଇଁ ନାଲିସ କଲେ, ଯଦ୍ୟପି ଅନ୍ୟ ଜଣେ ଭୂମି ବୃତ୍ତିର ଜମିଦାର ହୋଇଥାଏ, ତେବେ ଭୂମି ରଇତ ଜବାବ୍ ଦିଏ ଯେ ବାଦୀଙ୍କ ସଙ୍ଗେ ମୋର 'ରଜା ପ୍ରଜା ସମ୍ପର୍କ' ନାହିଁ ।]

ରଜା ରାଉତ(ତୁ)ରା—ଦେ. ବି(ସମାହାର)—ରାଜା ଓ ରାଜସମ୍ପର୍କୀୟ ବ୍ୟକ୍ତି—
Rajā rāuta(tu)rā King and royal persons.
রাজা টাজা राज राजवाडा

ରଜା ରା(ର)ଜୁ(ଜୋ)ଡ଼ା(ଡ଼ି)—ଦେ. ବି (ସମାହାର)—ରାଜା ଆଦି—
Rajā rā(ra)ju(jo)ṛā(ṛi) Kings etc. [ଦ୍ର—ରଜାରାଜୁଡ଼ାରେ ସମ୍ବନ୍ଧ ପୁଛା, ଉ ଶେ ବଣେ ଯାଉ ଯେଣେ ତା ଇଚ୍ଛା—କହନ୍ତି ମାଏ ଗୋ, ଚଉଦ୍ଦଶା ।]
রাজারাজড়া
राजाराजवाडा
[ରଜାରାଜୁଟି, ରଜାଫଜା—ଅନ୍ୟରୂପ]

ରଜା ରାଣୀ—ଦେ. ବି (ସମାହାର; ସଂ.ରାଜା + ରାଜ୍ଞୀ)—ରାଜା ଓ ରାଣୀ—
Rajā rāṇi The king and the queen.
রাজারাণী राजारानी

ରଜାରାଣୀ ଦେଉଳ—ଦେ. ବି—ଭୁବନେଶ୍ୱରର କେଦାରକୁଣ୍ଡର
Rajārāṇi deuḷa ଅଦୂରରେ ଅବସ୍ଥିତ କାରୁକାର୍ଯ୍ୟମୟ ମନ୍ଦିର—Name of a very fine temple to the north-east of the Kedārakuṇḍa tank. [ଦ୍ର—ଏଥିରେ କୌଣସି ଦେବବିଗ୍ରହ ନାହିଁ ।]

ରଜାଶୟ—ସଂ. ବି (ରଜ + ଆ + ଶୀ. ଧାତୁ + କର୍ତ୍ତୃ. ଅ)—୧ । ରୁପା—
Rajāśaya 1. Silver (M. W). ୨ । କୁକୁର—2. Dog
[ରଜୋଶୟ—ଅନ୍ୟରୂପ] (M. W). ସଂ. ବିଣ-ରୌପ୍ୟନିର୍ମିତ—
Made of silver (M. W).

ରଜି—ସଂ.ବି—(ନାମ)ଚନ୍ଦ୍ରବଂଶୀୟ ରାଜପୁତ୍ର; ପୁରୁରବାଙ୍କ ପୌତ୍ର; ଆୟୁଙ୍କ
Raji ପୁତ୍ର ଓ ନହୁଷଙ୍କ ସହୋଦର; ସିଂହକାଚନୟ ରାଜାଙ୍କର ଦୌହିତ୍ର—Name of a prince of the Lunar dynasty of India.

ରଜିକା—ସଂ. ବି. ସ୍ତ୍ରୀ (ରଜକ+ସ୍ତ୍ରୀ. ଆ)—୧ । ଯେଉଁ ସ୍ତ୍ରୀଲୋକ
Rajikā ଲୋକେ ଲୁଗା କାଚେ—1. Washer-woman
୨ । ତିନ ଦିନ ହେଲା ଋତୁମତୀ ହୋଇଥିବା ନାରୀ—
2. A woman on the third day of her menses.
[ଦ୍ର—ରଜକ ଶବ୍ଦ ଜାତିବାଚକ ରୂପେ ବ୍ୟବହୃତ ହେଲେ ତହିଁର ସ୍ତ୍ରୀଲିଙ୍ଗ ରଜକୀ (=ଧୋବଣୀ, ଧୋବାର ସ୍ତ୍ରୀ) ଓ ଏହି ଶବ୍ଦ କାର୍ଯ୍ୟବାଚକରୂପେ ବ୍ୟବହୃତ ହେଲେ ତହିଁର ସ୍ତ୍ରୀଲିଙ୍ଗ ରଜିକା ହୁଏ; (ଧୋବା ଜାତିର ହେଉ ବା ନ ହେଉ) ଯେଉଁ ସ୍ତ୍ରୀ ଲୁଗା କାଚ ସଫା କରେ ।]

ରଜିତ—ସଂ. ବିଣ. ପୁଂ (ରଞ୍ଜ୍ ଧାତୁ ଣିଚ୍ ରଜ ଧାତୁ+କର୍ମ. ତ)—
Rajita ୧ । ଉତ୍ତେଜିତ—1. Affected; excited; mov-
(ରଜିତା—ସ୍ତ୍ରୀ) ed (M. W) ୨ । ମୁଗ୍ଧ; ମୋହିତ—
2. Captivated (M. W). ୩ । ପ୍ରଲୋଭିତ—
3. Allured (M. W); tempted.

ରଜୀକୃତ—ସଂ. ବିଣ. (ରଜ+ଅଭୂତ ତଦ୍ଭାବେ. ଚ୍ୱି+କୃତ)—
Rajīkṛuta ଧୂଳିରେ ପରିଣତ—Changed or reduced to dust (M.W).

ରଜୁ(କୋ)ଡ଼ା(ଡ଼)—ଦେ.ବ—ରାଜୋଡ଼ା;ରାଜ୍ୟ; ରାଜାଙ୍କ ଶାସିତ ଦେଶ
Raju(jo)ṛdā(ṛdi) —A state; kingdom.
राजड़ा रजवाड़ा

ରଜୋକୃଚ୍ଛ୍ର—ଦେ. ବ. (ବୈଦ୍ୟକ; ରଜଃ+କୃଚ୍ଛ୍ର)—୧ । ସ୍ତ୍ରୀ—
Rajokṛuchchhra ଲୋକଙ୍କର ରୋଗବିଶେଷ; ରଜଃସ୍ରାବର ଅଭାବ—1. Menorrhoea; stoppage of the menstrual flow. ୨ । ବାଧକ ରୋଗ—2. Painful menstruation.

ରଜୋଗୁଣ—ସଂ. ବ. (ରଜଃ+ଗୁଣ; ମ.ପ.ଲୋ; ରଜୋନାମକ ଗୁଣ)—
Rajoguṇa ରଜଃ ନାମକ ମାନବପ୍ରାକୃତିକ ଗୁଣ—One of the three attributes of human nature.

ରଜୋଜନିତ—ସଂ.ବଣ.(୫ମୀ ତତ୍; ରଜଃ+ଜନିତ)—୧। ଧୂଳିରୁ ଜାତ—
Rajojanita 1. Born of dust. ୨ । ରଜୋଗୁଣଜାତ—2. Born of passions. ୩ । ସ୍ତ୍ରୀରଜରୁ ଉତ୍ପନ୍ନ—3. Produced from the menstrual flux.

ରଜୋଦର୍ଶନ—ସଂ. ବ. (୬ଷ୍ଠୀ ତତ୍)—ସ୍ତ୍ରୀମାନଙ୍କର ଋତୁକାଳୀନ
Rajodarśana ରଜଃସ୍ରାବର ଆରମ୍ଭ—The beginning of the menstrual flow; the (first) appearance of the menstrual excretion.
[ଦ୍ର—ହିନ୍ଦୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବାଳିକାର ପ୍ରଥମ ରଜୋଦର୍ଶନର ବାର ଓ ତିଥି ଅନୁସାରେ ବାଳିକାର ଭବିଷ୍ୟତର ଓ ତତ୍‌ସ୍ୱାମୀର ଭବିଷ୍ୟତର ସୂଚନା ଜଣା ପଡ଼େ । ରବିବାରରେ ପ୍ରଥମ ରଜୋଦର୍ଶନରେ ବାଳିକା ବିଧବା, ସୋମବାରରେ ପତିବ୍ରତା,ମଙ୍ଗଳବାରରେ ବେଶ୍ୟା-ବୁଧବାରରେ ସୌଭାଗ୍ୟଶାଳିନୀ,ଗୁରୁବାରରେ ପତିର ଶ୍ରୀବୃଦ୍ଧି-କାରିଣୀ,ଶୁକ୍ରବାରରେ ପତିବ୍ରତା,ଶନିବାରରେ ବନ୍ଧ୍ୟା ହୁଏ । ନନ୍ଦା ଓ ଭଦ୍ରା ତିଥିରେ ପତିଭକ୍ତା ଓ ପୁତ୍ରବତୀ ହୁଏ; ଜୟା ତିଥିରେ ସ୍ୱାମୀ-ସୌଭାଗ୍ୟଯୁକ୍ତା ଓ ରିକ୍ତା ତିଥିରେ କୁଳଟା ହୁଏ ।]

ରଜୋଦ୍‌ଗମ—ସଂ. ବ. (୬ଷ୍ଠୀ ତତ୍; ରଜ+ଉଦ୍‌ଗମ)—ରଜୋଦର୍ଶନ;
Rajodgama ରଜସ୍ୱଳା ହେବା—Appearance of the
(ରଜୋନିର୍ଗମ—ଅନ୍ୟରୂପ) menses; menstruation.

ରଜୋଧର୍ମ ସଂ. ବ—ସ୍ତ୍ରୀମାନଙ୍କର ମାସିକ ଋତୁସ୍ରାବ (ହି. ଶ)—The
Rajodharma monthly menstrual flow in women.

ରଜୋଽଧିକ—ସଂ. ବଣ. (ରଜଃ+ଅଧିକ)—ଯେଉଁ ବ୍ୟକ୍ତିର ପ୍ରକୃତିରେ
Rajo'dhika ରଜୋଗୁଣର ପ୍ରାବଲ୍ୟ ଥାଏ—One in
(ରଜୋଽଧିକା—ସ୍ତ୍ରୀ) whom the quality of Rajas predominates (M. W);
ରଜୋଽଧିକତା } —ବ passionate.
ରଜ ଆଧିକ୍ୟ }

ରଜୋଦ୍‌ବାସା—ସଂ. ବ ଓ ବଣ ସ୍ତ୍ରୀ. (ରଜ+ଉଦ୍‌ବାସ+ଅ)—ରଜସ୍ୱଳା
Rajodbāsā ସମୟରେ ପିନ୍ଧା ଯାଇଥିବା ରଜୋରଞ୍ଜିତ ବସ୍ତ୍ରକୁ ପାଲଟି ଥିବା ସ୍ତ୍ରୀ—A woman who has put off her soiled cloth after her menstrual impurity (M. W).

ରଜୋନିବୃତ୍ତି—ସଂ ବ.(୬ଷ୍ଠୀ ତତ୍;ରଜଃ+ନିବୃତ୍ତି)—୧। ନିୟମିତ ମାସିକ
Rajonibṛutti ରଜୋଦର୍ଶନ ନିବୃତ୍ତ ହୋଇଯିବା—1. The cessation or suppression of the menstrual flow in women of advanced age.
[ଦ୍ର—ସ୍ତ୍ରୀମାନଙ୍କର ବୟସ ହେଲେ, ଗର୍ଭାବସ୍ଥାକାଳରେ
ରଜୋବନ୍ଧ } ଓ ୫୦ ବର୍ଷ ଟପି ଗଲେ ସେମାନଙ୍କର
ରଜୋରୋଧ } —ଅନ୍ୟରୂପ ମାସିକ ରଜସ୍ରାବ ବନ୍ଦହୋଇ-
ରଜୋନିରୋଧ } ଯାଏ ।]
୨ । ରଜସ୍ୱଳା ହେବାର ୩ ଦିନ ପରେ ରଜୋନିର୍ଗମର ବନ୍ଦ ହେବା—2. The stoppage of the menstrual flow after the 3rd day of the appearance of menses.

ରଜୋପମ—ସଂ. ବଣ (ବହୁବ୍ରୀହି; ରଜ+ଉପମା)—ଧୂଳି ପରି;
Rajopama ଧୂଳି ସଦୃଶ—Resembling dust
(ରଜ ଉପମ—ଅନ୍ୟରୂପ) (M. W).

ରଜୋବଳ—ସଂ. ବ. (ବହୁବ୍ରୀହି; ରଜସ୍+ବଳ; ଯହିଁରେ ରାଜସିକତା
Rajobaḷa ବଳବତୀ ହୁଏ)—ଅନ୍ଧକାର—Darkness.
(ରଜୋବଳ—ଅନ୍ୟରୂପ)

ରଜୋମେଘ—ସଂ. ବ.—(ରଜଃ+ମେଘ; ରୂପକ)—ଶୂନ୍ୟକୁ ବା
Rajomegha ଆକାଶକୁ ଆଚ୍ଛନ୍ନ କରିଥିବା ଧୂଳିପଟଳ—A cloud of dust.

ରଜୋହର—ସଂ. ବ. ପୁଂ—(ରଜଃ+ହୃ ଧାତୁ+କର୍ତ୍ତୃ. ଅ; ଯେ
Rajohara ବସ୍ତ୍ରାଦିରୁ ଧୂଳି, ମଇଳା ପ୍ରଭୃତି ହରଣ କରେ)—
[ରଜୋହରୀ—ସ୍ତ୍ରୀ] ରଜକ; ଧୋବା—Washerman.

ରଜ୍ଜୁ—ସଂ. ବ.—(ସୃଜ୍ ଧାତୁ=ସୃଷ୍ଟି କରିବା+କର୍ମ. ଉ; ନିପାତନ)-
Rajju ୧ । ଦଉଡ଼ି; ବନ୍ଧନୀ—1. Bond; cord; rope; string. ୨ । ବେଣୀ—2. Plait; braid. ୩ । ବେଣୀ ବନ୍ଧା ହୋଇଥିବା କେଶଗୁଚ୍ଛ—3. A plait of hair; a lock of braided hair. ୪ । ଘୋଡ଼ାର ବାଗଡୋର (ହି. ଶ.)—4. The rope attached to the bit of a horse. ୫ । ମେରୁଦଣ୍ଡରୁ ବାହାରିଥିବା ପେଶୀବିଶେଷ—5. Name of a sinew proceeding from the vertebral column (Apte).

ରଜ୍ଜୁଦାଳକ—ସଂ.ବ.—୧ । ଏକ ଜାତୀୟ ବନ୍ୟ କୁକୁଟ—1. A kind
Rajju dāḷaka of wild fowl (Apte). ୨ । ଜଳଚର
[ରଜ୍ଜୁବାଳ—ଅନ୍ୟରୂପ] ପକ୍ଷିବିଶେଷ—2. A kind of aquatic bird. [ଦ୍ର—ଏହାର ମାଂସ ଖାଇବା ଶାସ୍ତ୍ରରେ ନିଷିଦ୍ଧ—ହି. ଶ.]

ରଜ୍ଜୁଧାନ—ସଂ. ବ.—(ରଜ୍ଜୁ+ଧା ଧାତୁ+ଅଧିକରଣ. ଅନ)—ଗୋ-
Rajju dhāna ମେଷାଦି ପଶୁଙ୍କର ବେକର ଯେଉଁ ଅଂଶରେ ଗୁହ ପାଖେ ପଘା ବନ୍ଧା ଯାଏ—The part of the neck of a domestic animal round which a rope is fastened (M. W).

ରଜ୍ଜୁ ପେଡ଼ା—ସ. ବ. (ମ. ପ. ଙ୍ଗେ)—ଦଉଡ଼ିରେ ବୁଣା ହୋଇଥିବା Rajju perdā ଓଳେଇ ବା ପେଡ଼ି—Rope-basket (Apte). [ରଜ୍ଜୁ ପେଟ୍ଟକା—ଅନ୍ୟରୂପ]

ରଜ୍ଜୁ ପିଠିକା—ସ. ବ.—(ମ. ପ. ଲୋ)—ଦଉଡ଼ିଦ୍ୱାରା ଝୁଲି ଯାଇ Rajju piṭhikā ଥିବା ଚଉକି ବା ପୀଢ଼ା—A stool or bench suspended by ropes (M. W)

ରଜ୍ଜୁ ବନ୍ଧ—ସ. ବ.—(ଌଷ୍ଠୀ ତତ୍)—ଦଉଡ଼ି ସୂତ୍ରାଦି ବାନ୍ଧିବା— Rajju bandha Binding with ropes; tying with cords [ରଜ୍ଜୁ ବନ୍ଧନ—ଅନ୍ୟରୂପ]

ରଜ୍ଜୁ ବର୍ତ୍ତନ—ସ. ବ.—(ଷଷ୍ଠୀ ତତ୍)—ଦଉଡ଼ି ବଳିବା— Rajju barttana The twisting of rope (M.W)

ରଜ୍ଜୁ ଭ୍ରମ—ସ. ବ. (ମ. ପ. ଲୋ)—ଭ୍ରମବଶତଃ ରଜ୍ଜୁଭିନ୍ନ କୌଣସି Rajju bhrama ବସ୍ତୁରେ ରଜ୍ଜୁଜ୍ଞାନ—Mistaking a thing to be a rope which it is not. [ଯଥା—କାମାନ୍ଧ ବ୍ୟକ୍ତି ରଜ୍ଜୁଭ୍ରମରେ ସର୍ପକୁ ଅବଲମ୍ବନ କରି ଗୃହ ଉପରକୁ ଉଠିବାକୁ ଚେଷ୍ଟା କଲା—ନ୍ୟାୟ ।]

ରଜ୍ଜୁରେ ସର୍ପଭ୍ରମ—ଦେ. ବ.—ଦଉଡ଼ିକୁ ଦେଖି ଭ୍ରମରେ ସାପ ବୋଲି Rajjure sarpa bhrama ବୋଧ କରିବା—Mistaking a rope for a serpent.

ରଜ୍ଜୁ ସନ୍ଦାନ—ସ. ବ.—(ଦ୍ୱନ୍ଦ୍ୱ; ରଜ୍ଜୁ + ସନ୍ଦାନ)—ଦଉଡ଼ି ଓ ଗୋଡ଼ର Rajju sandāna ବେଡ଼ି—Rope and foot-fetters (M. W.)

ରଜ୍ଜୁ ସର୍ଜ—ସ. ବ.—(ରଜ୍ଜୁ + ସୃଜ୍ ଧାତୁ + କର୍ତ୍ତୃ. ଅ)—ଯେ ଦଉଡ଼ି Rajju sarja ତିଆରି କରେ—Rope-maker.

ରଜ୍ଜୁ କୃତ—ସ. ବଣ.—(ରଜ୍ଜୁ + ଅଭୂତ ତଦ୍ଭାବେ. ଚ୍ୱି + କୃତ)— Rajjū kṛuta ଦଉଡ଼ିରୂପେ ବ୍ୟବହୃତ (କନାଖଣ୍ଡ, ଲତା)— Used as a rope.

ରଜ୍ଜୁତ—ସ. ବଣ.—(ରଜ୍ଜୁ + ଉତ; ଌଷ୍ଠୀ ତତ୍)—ଦଉଡ଼ିଦ୍ୱାରା ବଳା Rajjūta ଯାଇଥିବା—Plaited or twisted out of ropes (M. W).

ରଜ୍ଜୁଦ୍ଧୃତ—ସଂ. ବ.—(ଌଷ୍ଠୀ ତତ୍; ରଜ୍ଜୁଦ୍ୱାରା ଉଦ୍ଧୃତ)—ଦଉଡ଼ିଦ୍ୱାରା Rajjūddhṛuta ଉପରକୁ ଉଠା ଯାଇଥିବା—Lifted or drawn up by means of a rope.

ରଜ୍ଜ୍ୱବଲମ୍ବୀ—ସଂ. ବଣ. ପୁଂ—(ରଜ୍ଜୁ + ଅବଲମ୍ବିନ୍)—୧ । ଚାଲିବା Rajjwabalambi ପାଇଁ ବା ଉପରକୁ ଉଠିବାପାଇଁ ଯେ (ରଜ୍ଜ୍ୱବଲମ୍ବିନୀ—ସ୍ତ୍ରୀ) ଦଉଡ଼ିକୁ ଧରିଥାଏ—1. Holding a rope for walking or going up. ୨ । ଦଉଡ଼ି ଦ୍ୱାରା ଝୁଲୁଥିବା ବା ଓହୋଳ ଥିବା—2. Hanging or suspended by a rope.
(ରଜ୍ଜ୍ୱବଲମ୍ବନ—ବିଶେଷ୍ୟ)

ରଞ୍ଚକ—ଗ୍ରା. ବଣ ଓ ବ (ସ.ରଚକ)—୧ । ରଚକ—1.Composer. Rañchaka ୨ । ଚିତ୍ରକାରକ—2. Painter. ଦେ. ବ. ରଞ୍ଚକ রংচক रंचक ରଞ୍ଜକ (ଦେଖ)—Rañjaka (See)

ରଞ୍ଚନ—ଗ୍ରା. ବ (ସ.ରଚନ)—ରଚନ (ଦେଖ)—Rachana (See) Rañchana [ଉ—ସୃଷ୍ଟି ରଞ୍ଚନେ ତାର ମନ, ପ୍ରତିହିଁ ବଢେ রংচন रंचन ସେ ହୃତନ୍ତ୍ର—ଭୂପତି. ପ୍ରେମପଞ୍ଚାମୃତ ।

ରଞ୍ଚନା—ଗ୍ରା. ବ. ଓ ବଣ (ସ. ରଚନା)—ରଚନା (ଦେଖ)— Rañchanā Rachanā (See) [ଉ—ତାର ମଧ୍ୟରେ ଏ রংচনা रंचन ବ୍ରହ୍ମାଣ୍ଡ, ରଞ୍ଚନା ଚଉଦ ଖଣ୍ଡ—ପ୍ରାଚୀ. ଯଶୋବନ୍ତ. ପ୍ରେମଭକ୍ତିବ୍ରହ୍ମଗୀତା ।]

ରଞ୍ଚିତ—ଗ୍ରା (ପ୍ରାଚୀନ ପଦ୍ୟ) ବଣ—(ସଂ.ରଚିତ)—ରଚିତ (ଦେଖ)— Rañchita Rachita (See) রংচিত रंचित [ଉ—ଶିରେ ରଞ୍ଚିତ ଭୁଞ୍ଚଳ କବରୀ— ପ୍ରାଚୀ. ଶିଶୁଙ୍କର ଭୂଷା ଅଭିଳାଷ; ଉଦ୍ଭୃତ ଅଗ୍ନି ପୀତାମ୍ବର, ରଞ୍ଚିତ ଅଷ୍ଟ ଅଳଙ୍କାର—ଭୂପତି. ପ୍ରେମପଞ୍ଚାମୃତ ।]

ରଞ୍ଚିତା—ଗ୍ରା (ପ୍ରାଚୀନ ପଦ୍ୟ) ବଣ (ସଂ. ରଚିତ)—ରଚିତ (ଦେଖ)— Rañchitā Rachita [See] [ଉ—ଏ ପିଣ୍ଡ-ବ୍ରହ୍ମାଣ୍ଡ ସ୍ୱାମୀ ଅଙ୍କାରେ ରଞ୍ଚିତା—ପ୍ରାଚୀ. ବ୍ରହ୍ମକରୂପଣ-ଗୀତା ।]

ରଞ୍ଚିବା—ଗ୍ରା [ପଦ୍ୟ] କ୍ରି [ସଂ. ରଚ୍ ଧାତୁ]—ରଚିବା [ଦେଖ]— Rañchibā Rachibā (See) [ଉ—କର୍ଣ୍ଣଙ୍କର ଶରକୁ রচা रंचना ନ କର ଗଣନା, ଶରବୃଷ୍ଟି ରଞ୍ଚିଲେ ଭୀମ ମହାମନା—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।]

ରଞ୍ଛା—ଗ୍ରା. ବଣ [ସଂ. ରଚିତ; ରଞ୍ଜିତ]—ଶୋଭିତ—Adorned Rañchhā with. [ଉ—ଭୂଷା ରଞ୍ଛା ଧଡ଼ି ଚ সুন্দর ଶୋଭନ ବେଶ—ଅଭିମନ୍ୟୁ.ବିଦଗ୍ଧଚିନ୍ତାମଣି ।] ଦେ.ବ— ଏକପ୍ରକାର କୃଷ୍ଣ ଜୀରକ [କୃଷ୍ଣଜୀରକ ଡ଼ରେକୃଷ୍ଣ. ଦ୍ରବ୍ୟଗୁଣ] A kind of black cumin seed.

ରଞ୍ଜ୍ [ଧାତୁ]—ସଂ—୧ । ରଙ୍ଗକରିବା; ରଙ୍ଗାଇବା—1. To dye. Rañj [root] ୨ । ଆସକ୍ତ ହେବା; ଅନୁରକ୍ତ ହେବା— [ରନ୍ଜ (ଧାତୁ)—ଅନ୍ୟରୂପ] 2. To be attached or devoted to. ୩ । ରଞ୍ଜିତହେବା; ରଙ୍ଗ ଯିବା— 3. To be dyed or coloured ୪ । ନାଲି ପଡ଼ିବା—4. To become red. ୫ । ପ୍ରଣୟାସକ୍ତ ହେବା—5. To be enamoured of; to fall in love with [Apte]. ୬ । ଆନନ୍ଦିତ ହେବା— 6. To be pleased; to be delighted. ୭ । ସନ୍ତୁଷ୍ଟ ହେବା—7. To be satisfied with.

ରଞ୍ଜ—ବୈଦେ. ବ (ଫା)—୧ । ରାଗ; କ୍ରୋଧ—1. Anger; rage. Rañj ୨ । ଅବଜ୍ଞା—2. Grudge. ୩ । ଖେଦ; ମନୋ- রাগ रंज ଦୁଃଖ—3. Grief; sorrow; affliction. ୪ । ଶୋକ—4. Mourning; bewailing.

ରଞ୍ଜ ଦେବା—ଦେ.କ୍ରି [ଫା.ରଞ୍ଜ]—୧ । ଅନ୍ୟର ମନରେ ଦୁଃଖ ଦେବା Rañj debā —1. To afflict; to aggrieve. দুঃখ দেওয়া रंज देना ୨ । ରଗାଇବା—2 To enrage. [ରଞ୍ଜ ପଡ଼ୁଥା(ହୋ)ଇବା—ଅନ୍ୟରୂପ]

ରଞ୍ଜ—ଦେ. ବ (ସଂ. ରଞ୍ଜନ)—ଲୋକଙ୍କ ମନୋମୋହନ—Pleasing
Rañja others. [ଦ୍ର—ଲୋକରଞ୍ଜ କମନ୍ତେ ନାନା ଚରିତ କଲ୍ପ—ପ୍ରାଚୀ. ଶିଶୁଶଙ୍କର ଭୂଷା ଅଭିଳାଷ]

ରଞ୍ଜକ—ସ. ବଣ. ପୁଂ (ରଞ୍ଜ ଧାତୁର ଣିଜନ୍ତ ରଞ୍ଜି ଧାତୁ=ରଙ୍ଗ କରିବା
Rañjaka +କର୍ତ୍ତୃ. ଅକ)—୧ । ଯେ ରଙ୍ଗ କରେ—
(ରଞ୍ଜିକା—ସ୍ତ୍ରୀ) 1. Dyeing; painting. ୨ । ଉତ୍ତେଜକ—2. Stimulating; exciting. ୩ । ଅନୁରାଗଜନକ—3. Producing attachment; exciting love or passion (Apte). ୪ । ସନ୍ତୋଷଜନକ; ମନୋରମ—4. Pleasing; amusing; charming. ସ ବ—୧ । (ପୁଂ)
(ରଞ୍ଜକା—ସ୍ତ୍ରୀ) ରଜକ—1. Washerman. ୨ । (ପୁଂ)ଚିତ୍ରକର—2. Dyer; painter. ୩ । ଉତ୍ତେଜକ ଔଷଧ—3. A stimulant medicine. ୪ । ପୈତ୍ତିକ ରସବିଶେଷ (ଏହା ଦୃଷ୍ଟିଶକ୍ତିକୁ ଉତ୍ତେଜିତ କରେ)—4. Biliary humour (on which depends a person's vision). ୫ । ହିଙ୍ଗୁଳ—5. Vermilion. ୬ । ରକ୍ତ ଚନ୍ଦନ—6. Red sandal wood (Apte). ୭ । ଉତ୍ତେଜକ ବ୍ୟକ୍ତି—7. Exciter. ୮ । ଉତ୍ତେଜକ ବସ୍ତୁ ବା ବିଷୟ—8. Stimulus (Apte). ୯ । ଭଲିଆ (ବୈ. ଶ.)—9. Marking nut. ଦେ. ବ—
রংজুতঘর ୧ । ବନ୍ଧୁକର ପାର୍ଶ୍ବସ୍ଥ ଛିଦ୍ର (ଯେଉଁ ବାଟେ ବନ୍ଧୁକ
रंजकका सुराख मଧ୍ୟସ୍ଥ ବାରୁଦରେ ଅଗ୍ନି ସଂଯୋଗ କରାଯାଏ)—
রংজুতঘরের বারুদ 1. Touch hole. ୨ । ବନ୍ଧୁକର ମୂଳରେ
रंजक ଥିବା କାନରେ ଦିଆଯିବା ବାରୁଦ—2. Gun powder put on the touchhole of a gun. [ଇ—ରଞ୍ଜକ ଏଖାତ ନଳଅଛି ଯୋଗି । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] [ଦ୍ର—ଏ ରଞ୍ଜକ ବାରୁଦରେ ନିଆଁ ଲଗାଇ ଦେଲେ ସେହି ନିଆଁ ବନ୍ଧୁକ ନଳୀଭିତରେ ଥିବା ବାରୁଦକୁ ଧରିବାରୁ ବନ୍ଧୁକ ଫୁଟେ ।] ୩ । ବନ୍ଧୁକ ଓ
ঘোড়া ବାଣ ଆଦିରେ ନିଆଁ ଲଗାଇବା ପାଇଁ ବ୍ୟବହୃତ ବଳିତା ବା ତୋଡ଼ା—3. A match or wick for igniting a matchlock gun or firework. ୪ । (ଲକ୍ଷଣାର୍ଥ) ଝାଡ଼ା କରାଇବା ଔଷଧ—4. (figurative) A purgative.

ରଞ୍ଜକ ଘର(ର)—ଦେ. ବ—କମାଣ ଓ ବନ୍ଧୁକରେ ନିଆଁ ଲଗାଇବାର
Rañjakaghara (rā) ରନ୍ଧ୍ର—Touchhole of a gun
রংজুত ঘর रंजकका छेद or cannon.

ରଞ୍ଜକ(କି) ବନ୍ଧୁକ—ଦେ. ବ—ଯେଉଁ ବନ୍ଧୁକ ରଞ୍ଜକଦ୍ୱାରା ଫୁଟେ
Rañjaka(ki) bandhuka କରାଯାଏ; ତୋଡ଼ାଦାର ବନ୍ଧୁକ
তোড়াদার বংধুক तोड़ेदार बंदुक —A matchlock gun.

ରଞ୍ଜନ—ସଂ. ବ (ରଞ୍ଜ ଧାତୁ+ଣିଜନ୍ତ ରଞ୍ଜି ଧାତୁ+ଭାବ. ଅନ)—
Rañjana ୧ । ରଙ୍ଗ କରିବା—1. Dyeing. ୨ । ସନ୍ତୋଷବିଧାନ—2. Satisfying; pleasing. ୩ । ଅନୁରାଗୋତ୍ପାଦନ—3. Affecting the heart; exciting the passions. [ଦ୍ର—(୩।୪) ବକ୍ଷଭଷକର ସଙ୍ଗ, ପୟୋଧର ଫଳ ଭୁଙ୍ଗ, ପୁରୁଷ ପ୍ରକାଶି ରଞ୍ଜନକୁ ଯେ । ଭଞ୍ଜ. ବୈଦେହୀଶବିଳାସ ।] ୪ । (+କରଣ ଅନ)—ହିଙ୍ଗୁଳ—4. Vermilion. ୫ । ରକ୍ତଚନ୍ଦନ—5. Red sandal wood; sappan wood. ୬ । ମୁଞ୍ଜ ତୃଣ—6. The munja grass; Saccharum Munja. ୭ । ଯେଉଁ ବସ୍ତୁମାନଙ୍କ ଦ୍ୱାରା ରଙ୍ଗ କରାଯାଏ (ଯଥା—ହଳଦୀ, ନୀଳ, କୁସୁମ ।)—7. Things used in dying. ୮ । ସୁନା (ବୈ. ଶ.)—8. Gold. ୯ । ଜାଇଫଳ (ବୈ. ଶ.)—9. Nutmeg. ୧୦ । କମଲାଗୁଣ୍ଡି ଗଛ (ବୈ. ଶ.)—10. The camilla tree. ସ. ବଣ. ପୁଂ—୧ । ଅନୁରାଗ ଜନକ—1.
(ରଞ୍ଜନୀ—ସ୍ତ୍ରୀ) Exciting passions. ୨ । ପ୍ରୀତିଜନକ—2. Affecting the heart; pleasing. ୩ । ଯାହା ରଙ୍ଗାଏ—3. Colouring; dyeing. ଦେ. ବଣ—ସୁନ୍ଦର—Beautiful. [ଦ୍ର—ବପୁବନ୍ତରୁ ହୋଇଅଛି ରଞ୍ଜନ । ଭଞ୍ଜ. ବୈଦେହୀଶବିଳାସ ।]

ରଞ୍ଜନକ—ସ. ବ (ରଞ୍ଜନ+କ)—୧ । କଟ୍ଫଳ; କାଫଡ଼;
Rañjanaka ହିମାଳୟର ଅରଣ୍ୟ ତରୁବିଶେଷ—1. Myrica Sapida; Myrica Nagi; a medicinal plant. ୨ । ପଣସ (ବୈ. ଶ.)—2. Jack fruit.

ରଞ୍ଜନ କଜ୍ଜଳ—ଦେ.ବ—ଦେ. ବ—ଯେଉଁ କଳା ଆଖିରେ ଲଗାଇଲେ
Rañjana kajjaḷa ଦେଖିବା ଲୋକେ ବଶ ହୁଅନ୍ତି; ବଶକଳା
মন্ত্রপূতকা জল —Collyrium which when
मंत्रित कज्जल, मंत्रायाहुआ काजल anointed subdues, the spectators. [ଦ୍ର—ଅଞ୍ଜନ ଏ ତ ରଞ୍ଜନ କଜ୍ଜଳ । ଭଞ୍ଜ. ପ୍ରେମସୁଧାନିଧି ।]

ରଞ୍ଜନ କେଶୀ—ସ. ବ—ନୀଳୀ ଗୁଳ୍ମ (ବୈ. ଶ.)—
Rañjana keshi Indigo plant.

ରଞ୍ଜନଦ୍ରୁ—ସ. ବ—ଅଚ୍ଛୁକ ବା ଅଚ୍ଛୁ ଗଛ—
Rañjanadru A tree; Morinda Tinctoria.
(ରଞ୍ଜନ ଦ୍ରୁମ—ଅନ୍ୟରୂପ)

ରଞ୍ଜନ ବଲ୍ଲୀ—ସ. ବ—କଲରା ଲତା—Memordica Charantia
Rañjana balli creepers (M. W.)

ରଞ୍ଜନ ରଶ୍ମି—ଦେ. ବ (ଆଧୁନିକ ପ୍ରୟୋଗ)—ରେଡ଼ିୟମ୍‌ରୁ ନିର୍ଗତ
Rañjana raśmi ଆଲୋକ—Radium rays.
রঞ্জনরশ্মি रंजनरश्मि

ରଞ୍ଜନୀ—ସ. ବ (ରଞ୍ଜନ+ସ୍ତ୍ରୀ. ଈ)—୧ । କମ୍ପିଲ୍ଲକ; କମଲାଗୁଣ୍ଡି—
Rañjani 1. Mellotus Phillippinenses; Kamilla. [ଦ୍ର—ଏହା ସ୍ନୁହ୍ୟାଦି ବର୍ଗର ଅରଣ୍ୟ ଗୁଳ୍ମ । ଏହାର ଫଳର ପୃଷ୍ଠଜାତ ନାଲି ଗୁଣ୍ଡା ଔଷଧରେ ଲାଗେ ଓ

ଏହାଦ୍ୱାରା ପାଠଅବଳୁ ନାରଙ୍ଗ ବର୍ଣ୍ଣରେ ରଙ୍ଗ କରାଯାଏ ।]
୨ । ନୀଳୀଗୁଳ୍ମ—2. Indigo plant. ୩ । ମଞ୍ଜିଷ୍ଠା—3. The Indian madder. ୪ । ଶେଫାଳିକା; ଗଙ୍ଗଶିଉଳି ଫୁଲ—4. A flower; Nyctanthes Arbor Tristes. ୫ । ହରିଦ୍ରା; ହଳଦୀ—5. Turmeric. ୬ । ପର୍ପଟୀ; ରକ୍ତବର୍ଣ୍ଣ ସୁଗନ୍ଧ ମୃତ୍ତିକାବିଶେଷ—6. A kind of red aluminious earth. ୭ । ନାଗବଲ୍ଲୀ (ହ୍ର· ଶ.)—7. Piper betel. ୮ । ଜତୁକାନାମ୍ନୀ ବନ୍ୟଲତା (ହ୍ର. ଶ.)—8. A kind of wild creeper. ୯ । ଋଷଭସ୍ୱରର ତିନ ଶ୍ରୁତି ମଧ୍ୟରୁ ଦ୍ୱିତୀୟ ଶ୍ରୁତି (ହ୍ର. ଶ.)—9. The 2nd of the three secondary tunes of the first scale of Hindu music.

ସଂ. ବିଣ.—ରଞ୍ଜନର ସ୍ତ୍ରୀଲିଙ୍ଗ—Feminine of Ranjana. [ଉ—ତବେ ରଜନୀ ବ ରଞ୍ଜନୀ କର ଏ ପ୍ରକାଶେ ତେମନ୍ତ । ଭକ୍ତ. କୋଷ ବ୍ରହ୍ମାଣ୍ଡପୁରାଣ ।]

ଦେ.ବି.—(ସଂ. ନଖ ରଞ୍ଜନୀ)—ନହୁରୁଣୀ—Barber's nail-cutter. [ଉ—ରଞ୍ଜନୀରେ, ଯହେଁ ନଖ ମାଜି ଦେଲେ ଖରେ । ଅଭିମନ୍ୟୁ· ବିଦଗ୍ଧଚିନ୍ତାମଣି ।]

ରଞ୍ଜନୀ ପୁଷ୍ପ—ସଂ. ବି.—ପୁତି କରଞ୍ଜ (ଦେଖ)
Ranjanī pushpa Pūti karañja (See)

ରଞ୍ଜନୀୟ—ସଂ. ବିଣ—(ରଞ୍ଜ ଧାତୁ ଣିଚ,ରଞ୍ଜିଧାତୁ + କର୍ମ.ଅନୀୟ) —୧ । ଯାହା ରଙ୍ଗା ଯାଇପାରେ—1. Fit to be coloured. ୨ । ଯାହାକୁ ସନ୍ତୁଷ୍ଟ କରାଯିବା ଉଚିତ—2. Deserving to be made happy. ୩ । (+ କର୍ତ୍ତୃ. ଅନୀୟ) ମନୋହର; ପ୍ରସନ୍ନତାଉତ୍ପାଦକ [ହ୍ର. ଶ.]—3. Pleasing; delightful (M. W.)
Ranjanīya

ରଞ୍ଜା— ଦେ. ବି.—୧ । ରଞ୍ଜନ (ଦେଖ)—1. Rañjana (See) ୨ । କାକୁଡ଼ି ଅଦି ଲତାକୁ ମଡ଼ାଇବା ପାଇଁ ଭୂମିରେ ପୋତା ହେବା ଶୁଖିଲା ଡାଳ ବା ଖୁଣ୍ଟ—2. Trellis or dry branches driven into the earth for training creepers along them. ଦେ. ବିଣ.—୧ । ରଞ୍ଜକ (ଦେଖ) 1. Rañjaka (See) ୨ । ରଞ୍ଜିତ (ଦେଖ)—2. Rañjita (See)
Ranjā
আশ্রা; ডালপালা
ঝাঁকি

ରଞ୍ଜା(ଞ୍ଜେ)ଇବା—ଦେ. କ୍ରି.—୧ । ରଞ୍ଜିବା କ୍ରିୟାର ଣିଜନ୍ତ ରୂପ—1. Causative form of Rañjibā. ୨ । ରଞ୍ଜିତ କରିବା—2. To dye. ୩ । ସନ୍ତୁଷ୍ଟ କରିବା—3. To please. [ଉ—ଧର୍ମରେ ସେ ପ୍ରଜାମାନଙ୍କୁ ରଞ୍ଜିଲେ । କୃଷ୍ଣସିଂହ.ମହାଭାରତ ଅଦି ।] ୪ । (ଫା. ରଂଜ) ବିରକ୍ତ କରାଇବା; ରାଗ ଜନ୍ମାଇବା—4. To tease; to annoy. ୫ । ମୁଗ୍ଧ କରିବା; ମୋହିତ କରିବା—5. To charm; to enchant.
Ranjā(ñje)ibā
রংজান **रंजाना**

[ଉ—ଗଞ୍ଜାଇବ କଣି ଲଗି ତାର ପୁଣି ରଞ୍ଜାଇଲା ମନ ସୁଖ । କବିସୂର୍ଯ୍ୟ.ବଳୋଶ୍ୱ ଚମ୍ପୂ.ଟ.ଗୀତ] ୭ । ରଞ୍ଜା ଦେବା (ଦେଖ)—6. Rañjā debā (See)
[ଉ—କାକୁଡ଼ି ପାଇଁକି ରଞ୍ଜା ରଞ୍ଜେଇଲି, ବଳେ ମାଢ଼ିଗଲା ଯୋଇ; କାନ୍ତଙ୍କ ପାଇଁକି ଶେଯ ଶେଯାଇଲି ଶୋଇଗଲା ନଣନ୍ଦେଇ । ଗୀତ]

ରଞ୍ଜା ତାରା—ଦେ. ବି. (ସଂ. ଲଞ୍ଜ + ତାରା)—ଲଞ୍ଜାତାରା; ଧୂମକେତୁ—
Rañjā tarā धूमकेतु **पुच्छलदार तारा** Comet.

ରଞ୍ଜା ଦେବା—ଦେ. କ୍ରି.—କାକୁଡ଼ି ଅଦି ଗଛର ଲତା ମାଢ଼ିବା ପାଇଁ ଗଛରୁ ଥିବା ଲତାର ମୂଳରେ ଭୂମିରେ ରଞ୍ଜା [ରଞ୍ଜା ମଡ଼ା(ଡ଼େ)ଇବା; ରଞ୍ଜା ପୋତିବା—ଅନ୍ୟରୂପ] ପୋତିବା—To put or construct a frame or trellis for training creepers.
Rañjā debā
ডালপালাপোতা, আশ্রা দেওয়া
झांकि देना

ରଞ୍ଜା ରଞ୍ଜି—ଦେ. ବି ଓ ବିଣ.—(ସଂ. ରଂଜନ) — ୧ । ଅନ୍ୟୋନ୍ୟ ମନୋରଞ୍ଜନ—1. Pleasing each other. [ଉ—ବେଗେ ସବିଗେ ଡାକିଲେ,ଶିରୋଏ ସବୁ ପ୍ରାପ୍ତେ ହେଲେ,ବେନି ଭାତ ମନ ରଞ୍ଜାରଞ୍ଜି··ବିଶ୍ୱନାଥ.ବିଚିତ୍ର ରାମାୟଣ]—୨ । ଅନ୍ୟୋନ୍ୟ ପ୍ରତି ଅନୁରକ୍ତି—2. Attachment to each other. ୩ । (ଫା. ରଂଜ) —ପରସ୍ପର ପ୍ରତି କ୍ରୋଧାସକ୍ତ—3. Angry with each other.
Rañjā rañji
रंजिस, रंजा रंजि

ରଞ୍ଜାଳିଆ—ଦେ. ବିଣ—୧ । କ୍ଷୁଧାର୍ତ୍ତ—1. Hungry. ୨ । କାର୍ଯ୍ୟରେ ଅତି ବ୍ୟସ୍ତ—2. Very busy with work.
Rañjāliā
ক্ষুধার্ত্ত, ব্যস্ত **रजिदा**

ରଞ୍ଜାଳିଆ ବେଳ—ଦେ. ବି—ଯେତେବେଳେ ମନୁଷ୍ୟ ନାନା କାର୍ଯ୍ୟରେ ବ୍ୟସ୍ତ ଥାଏ—Very busy time.
Rañjāliā bela
(ରଞ୍ଜାଳିଆ ଟୁକଡ—ଅନ୍ୟରୂପ) ঝংঝাটের সময় **रंजीदावखत**

ରଞ୍ଜାଳି ହେବା—ଦେ. କ୍ରି—(ଉଦାହରଣ—ମୋ ଦେହ ରଞ୍ଜାଳି ହେଉଛି)--ଜ୍ୱର ଅଦି ଯୋଗୁଁ ଦେହର ଉତ୍ତାପ ବଢ଼ିବା ଓ ଝାଳ ବହିବାଯୋଗୁଁ ଦେହରେ ଅତ୍ୟନ୍ତ ଗରମ ଅନୁଭୂତ ହେବା—A feeling of heat on account of increase of temperature in the body and perspiration.
Rañjāli hebā
ঝংঝাটেপড়া

ଦେ. କ୍ରି (ଉଦାହରଣ—ଦିନ ଦିନ ହେଲା ଏ କାମରେ ମୁଁ ରଞ୍ଜାଳି ହେଲଣି) —୧ । ବ୍ୟସ୍ତବ୍ୟସ୍ତ ହେବା; ହରଗଞ୍ଜ ହେବା—1. To be bothered or troubled. ୨ । ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ହେବା—2. To be awfully busy. ୩ । ବ୍ୟସ୍ତ ହୋଇ ଖୋଜିବା—3. To search for a thing very anxiously.

ରଞ୍ଜି (ଧାତୁ)—ସ (ରଜ୍ଜ ବା ରଞ୍ଜ୍ ଧାତୁ ଣିଚ୍)—ମୁଗ୍ଧ କରିବା—To please; to charm.
Rañji (root)

ରଞ୍ଜିତ—ସଂ. ବିଣ (ରଞ୍ଜ ଧାତୁ ଣିଚ୍=ରଞ୍ଜି ଧାତୁ + କର୍ମ ତ)—୧ । ରଙ୍ଗ କରା ଯାଇଥିବା—1. Dyed; coloured. ୨ । ଚିତ୍ରିତ—2. Painted. ୩ ।
Rañjita

ସନ୍ତୋଷିତ; ମୋହିତ; ହର୍ଷିତ—3. Pleased; satisfied; gladdened. ୪ । ଯାହାଠାରେ ଅନୁରାଗ ଜନ୍ମାଇ ଦିଆ ଯାଇଅଛି—4. In whom the seeds of attachment have been sown. ୫ । ମୁଗ୍ଧ—5. Charmed (M.W). ୬ । ଅନୁରକ୍ତ (ହି. ଶ)—6. Attached. ୭ । ଆଲୋକିତ—7. Illumined (M. W)

ରଞ୍ଜିତ ଦୃଷ୍ଟି—ସଂ. ବି (ଅଧିକରଣ)—ନେତ୍ର ରୋଗବିଶେଷ; ଯାହା ଯୋଗୁଁ Rañjita drushṭi ପଦାର୍ଥମାନ ରୋଗୀର ଆଖିକୁ ରଞ୍ଜିତ ବା ରଙ୍ଗବିଶିଷ୍ଟ ଦେଖାଯାଏ—Chromatopsia; coloured vision.

ରଞ୍ଜିତ ବସ୍ତ୍ର—ସଂ. ବି (କର୍ମଧା)—୧ । ରଙ୍ଗାଯାଇଥିବା ଲୁଗା—Rañjita bastra 1. Dyed cloth. ୨ । ଛିଟ ଲୁଗା—2. Chintz cloth.

ରଞ୍ଜିନୀ—ସଂ. ବି. ସ୍ତ୍ରୀ (ରଞ୍ଜ ଧାତୁ + କର୍ତ୍ତୃ. ଇନ୍ + ସ୍ତ୍ରୀ ଈ)—୧ । ନୀଳ Rañjini ଗୁଳ୍ମ—1 Indigo plant. (M. W). ୨ । ହଳଦୀ—2. Turmeric. ୩ । ମଞ୍ଜିଷ୍ଠା—3. Indian madder (M. W.)

ରଞ୍ଜିବା—ଦେ. କ୍ରି (ସଂ. ରଞ୍ଜ ଧାତୁ)—୧ । ରଙ୍ଗାଇବା; ରଞ୍ଜିତ କରିବା; Rañjibā ରଙ୍ଗ କରିବା—1. To paint; to dye. [ଉ—ଝର ତାଙ୍କ ଶୀକରୁ ଅଳତା, ରଞ୍ଜିଲାକ ତରୁ ଲତା ଏ ମଞ୍ଜୁଳ ସ୍ୱଗେ—ଗୁଧାନାଥ. ମହାଯାତ୍ରା] ୨ । ସନ୍ତୁଷ୍ଟ କରିବା—2. To please, [ଉ—ପଙ୍କଜେ ଚତୁର୍ବିଧ ଅନ୍ନ, ଦେଇ ରଞ୍ଜିଲେ ପୃଥ୍ୱ ମନ—ଜଗନ୍ନାଥ ଭାଗବତ ।] ୩ । ମୁଗ୍ଧ କରିବା—3. To charm. (ଉ—ରଞ୍ଜି ନାଏ ସେ ତ ଯୁବତୀ ମନ, ଗନ୍ଧର୍ବ ଶତ ତରୁଣ ଧନ—ଗୋଲୋକ ଇନ୍ଦୁରେଖା ।] ୪ । ମୁଗ୍ଧ ହେବା—4. To be charmed. (ଉ—ଆପଣାର ଜନମକୁ ଦିଅ ରଞ୍ଜି—କୃଷ୍ଣସିଂହ. ମହାଭାରତ) । [ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ନେବା କ୍ରିୟାର ସମାପିକା ରୂପ ଲାଗି, ଭାବ ଉପରେ ବେଶି ଜୋର୍ ଦିଆଯାଏ ।]

ରଞ୍ଜୀ—ଦେ. ବିଣ (ଫା, ରଞ୍ଜ = ମନୋଦୁଃଖ, ଶୋକ)—୧ । ରାଗୁଆ; Rañji ରାଗୀ—1. Angry. ୨ । କୋପନସ୍ୱଭାବ—2. Of an angry nature.
ରାଗୀ **रंजीदा**

ରଟ୍‌କିନା (ନି)—ଦେ. କ୍ରି. ବିଣ (ଧ୍ୱନ୍ୟନୁକରଣ)—୧ । ଖୁବ୍ ବଳ Raṭ kinā(ni) ସହକାରେ ଟଣା ହେଲେ ଦଉଡ଼ି ଉଚ୍ଚ ଶବ୍ଦ କରି ଛିଣ୍ଡିଯିବା ପ୍ରକାରେ—1. Snapping with a croaking sound (said of a rope). (ଯଥା—ଦଉଡ଼ିଟା ରଟ୍‌କିନା ଛିଡ଼ିଗଲା) । ୨ । ହଠାତ୍ ଜୋର୍‌ପୂର୍ବକ କାମୁଡ଼ିବା ପ୍ରକାରେ—(biting) Sharply. [ଉ—ରଟ୍‌କିନା ସେ ଦାଏ କାମୁଡ଼ି, ଛୁକେ ଛୁକେ ବୋଲି ପକାଇ ଉଡ଼ି—ଶିଶୁଗୀତ. ବାଲୁଅନନ୍ତ ।] [ଦ୍ର—କାମୁଡ଼ିବା ଅର୍ଥରେ ରଟ୍‌କିନା ଅପେକ୍ଷା ରୁଟ୍‌କିନା ଅଳ୍ପତର ଶକ୍ତିପ୍ରୟୋଗର ସୂଚନା କରେ ।] [ଯଥା—ବାଘୁଆ ମନୁଷ୍ୟଟା ମୋ ହାତକୁ ରଟ୍‌କିନା କାମୁଡ଼ିଦେଲା, ଧୂଳିଅଟନା ପିଲାଟି ରୁଟ୍‌କିନା କାମୁଡ଼ିଦେଲା ।]

ରଟ୍‌କ(ଟ)ର } ଅନ୍ୟରୂପ
ରଟ୍‌ଦ(ଧ)ସ୍ }
କଟକରେ **फटकरके**

ରଟ୍‌ମଟ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ବିସ୍ଫାରିତ ଦୃଷ୍ଟିରେ (ଚାହିଁବା); Rat-mat କଟମଟ କରି (ଚାହିଁବା)—1.(To stare) With **कटमट** expanded eyes. ୨ । ଏକ ଦୃଷ୍ଟିରେ (ଚାହିଁବା)—**एकनजरसे** 2. In a staring manner. [ଯଥା—ସେ ମୋ ଆଡ଼କୁ ରଟ୍‌ମଟ୍ କରି ଚାହିଁଛି ।] [ଦ୍ର—'ରୁଟ୍‌ମୁଟ୍' 'ରଟ୍‌ମଟ୍' ଠାରୁ କ୍ଷୁଦ୍ରତର ଓ ମୃଦୁତର ଭାବ ସୂଚନା କରେ ।] ୩ । ଦାନ୍ତ ରଗଡ଼ିବାର ଶବ୍ଦ—3. The sound produced by grinding the teeth of both the jaws.

ରଟ୍‌ରଟ୍—ଦେ. ଅ (ଧ୍ୱନ୍ୟନୁକରଣ; ତୁଳ. ସଂ. ରଟରଟାୟମାନ)—Rat-rat ୧ । ଦାନ୍ତରେ ଦଉଡ଼ି ଆଦି ଛିଣ୍ଡାଇବାର ଶବ୍ଦ—
कटकट 1. Cracking sound made by nibbling a
खटखट cord. ୨ । ବଳପୂର୍ବକ ଟାଣୁଆ ପଦାର୍ଥକୁ ଦାନ୍ତରେ କାମୁଡ଼ି ହେଉଥିବା ପ୍ରକାରେ—2. Nibbling at a hard substance. [ଯଥା—ମୂଷା ବେତପେଡ଼ିକୁ ରଟ୍‌ରଟ୍ କାଟୁଛି ।] ୩ । ଟାଣଦଉଡ଼ିକୁ ବଳପୂର୍ବକ ଭିଡ଼ ଦେଲେ ତାହା କ୍ରମେ କ୍ରମେ ଛିଣ୍ଡିଯିବାର ଶବ୍ଦ—3. Successive snapping sounds made by a cord when it is tightly drawn. ୪ । ଖଟ, ସବାରି-ବାଉଁଶ ଆଦିର ଉପରେ ବେଶି ଭାର ପଡ଼ିଲେ ତହିଁରୁ ଯେଉଁ ଶବ୍ଦ ହୁଏ—4. Repeated creaking or snapping sounds made by a furniture under a heavy load. [ଦ୍ର—'ରୁଟ୍‌ରୁଟ୍' 'ଚଟ୍‌ଚଟ୍' ଠାରୁ କ୍ଷୁଦ୍ରତର ଶବ୍ଦ ସୂଚନା କରେ ।]

ରଟ୍‌ରାଟ୍—ଦେ. ଅ (ଧ୍ୱନ୍ୟନୁକରଣ)—ଅନେକ ଥର ବା ଅନେକ ବସ୍ତୁର Rat-rāt ରଟ୍‌ରଟ୍ ଶବ୍ଦ—Repeated snapping sounds.
ପଟପାଟ [ଦ୍ର—'ରୁଟ୍‌ରାଟ୍' 'ରଟ୍‌ରାଟ୍'ଠାରୁ କ୍ଷୁଦ୍ରତର ଶବ୍ଦ ।]
खटखट, फटफट

ରଟ୍ (ଧାତୁ)—ସଂ.—୧ । କହିବା; ବୋଲିବା—1. To speak. Rat (root) ୨ । ବାରଂବାର କହିବା—2. To speak repeatedly. ୩ । ଗର୍ଜନ କରିବା; ରଡ଼ି କରିବା; ଉଚ୍ଚୈଃସ୍ୱରରେ ଚିତ୍କାର କରିବା; ଭୁହାଟିବା—3. To roar; to yell; to shout; to scream; to cry (M. W). ୪ । ଉଚ୍ଚୈଃସ୍ୱରରେ ଡାକିବା ବା ଘୋଷଣା କରିବା—4. To proclaim or call out loudly (Apte). ୫ । ଆନନ୍ଦରେ ଚିତ୍କାର କରିବା; ଜୟଜୟକାର କରିବା—5. To shout with joy; to applaud (Apte). ୬ । (ଘଣ୍ଟା ଆଦି) ବାଜିବା—6. To ring (as a bell) (M. W). ୭ । (କୁରାଢ଼ି ଆଦି) କୌଣସି ବସ୍ତୁକୁ କାଟିବାବେଳେ ଶବ୍ଦ କରିବା—7. To crash (as an axe) (M. W).

ରଟ—ଦେ. ବି (ସଂ. ରଟନ)—ଉଚ୍ଚ ଶବ୍ଦ—Loud sound. [ଉ—ପ୍ରଚଣ୍ଡ । ଚକ କଟକଟ ରଟରେ । ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।]
Rata
शब्द रटना

ରଟକା—ପ୍ରାଦେ. (ଗଞ୍ଜାମ) ବିଣ—୧ । ଅଭିମାନୀ—1. Prone to take offence; super-sensitive. ୨ । କଡ଼ୁଆ—2. Unpalatable. ପ୍ରାଦେ (ଭଦ୍ରକ) ବି—କୋଳଥ—Kulthi; gram.
Rataka

ରଟଟ—ଦେ.ଅ(ଧ୍ୱନ୍ୟନୁକରଣ)—ଦାନ୍ତ ଘଷିହେବାର ଶବ୍ଦ; କଡ଼ମଡ଼—The sound produced by the grinding of the teeth. [ଉ—ସମସ୍ତେ କଲବଲ ନାଦ, କରନ୍ତେ ଘୁଟରେ ରଟଟ ନାଦ । ଭଞ୍ଜ. ସୁଭଦ୍ରା ପରିଣୟ ।]
Ratata
कड़मड़
कटकट

ରଟତି—ସଂ. କ୍ରି [ରଟ୍. ଧାତୁର ବର୍ତ୍ତମାନ କାଳ, ପ୍ରଥମ ପୁରୁଷ (ଅନ୍ୟ ପୁରୁଷ) ଏକବଚନରେ ରୂପ; ଏହା ଓଡ଼ିଆ ପୁରାଣରେ ଓ ପ୍ରାଚୀନ ଭଜନରେ ଓ ଗୀତମାନଙ୍କରେ ଏହି ଆକାରରେ ବ୍ୟବହୃତ ହୋଇଥିବା ଦେଖାଯାଏ । ପ୍ରାଚୀନ ବଙ୍ଗଳାରେ ମଧ୍ୟ ଏହି ଆକାରର ବ୍ୟବହାର ଦେଖାଯାଏ]—(ସେ) ରଟୁଅଛି; ବାରମ୍ବାର ଉଚ୍ଚାରଣ କରୁଅଛି—(he) Is uttering repeatedly; is repeating loudly.
Ratati

ରଟନ୍—ସଂ. ବିଣ. ପୁଂ (ରଟ୍ ଧାତୁ+କର୍ତ୍ତୃ ଅତ୍; ୧ମା. ୧ବ)—ଯେ କୌଣସି ବିଷୟ ଘୋଷୁ ଥାଏ; ବାରଂବାର ଉଚ୍ଚାରଣ କରୁଥିବା—Uttering repeatedly; proclaiming.
Ratan
(ରଟନ୍ତୀ—ସ୍ତ୍ରୀ)

ରଟନ(ନା)—ସଂ. ବି. (ରଟ୍ ଧାତୁ+ଭାବ. ଅନ; ଆ)—୧ । କଥନ—1. Speaking. ୨ । ବାରଂବାର କହିବା—2. Speaking repeatedly. ୩ । ଘୋଷଣା; ପ୍ରଚାର—3. Circulating; publication. ୪ । (+କର୍ମ. ଅନ;+ଆ) ଜନମୁଖରେ ପ୍ରଚାରିତ ବିବରଣ—4. Report published by word of mouth. ୫। ଖ୍ୟାତି—5. Fame. ୬। ଜନରବ-6. Rumour. ୭ । (+ଭାବ. ଅନ;+ଆ) ଉଚ୍ଚୈଃସ୍ୱରରେ ଉଚ୍ଚାରଣ—7. Shout (M. W.) ୮ । ଚିତ୍କାର—8. Screaming (Apte) .୯। ଜୟଜୟକାର; ଧନ୍ୟଧନ୍ୟ ପଦ ;ପ୍ରଶଂସାବାଦ—9.Applause (Apte)
Ratana(nā)

ରଟନା କରିବା—ଦେ. କ୍ରି—ଗୁଜବ ଜନରବ ଘୋଷଣା କରିବା; ହୋ ଉଠାଇବା—To publish by word of month; to proclaim; to noise abroad.
Ratanā kariba
रटना करना
रटन करना

ରଟନା ମୂଳକ—ସଂ. ବିଣ.(ବହୁବ୍ରୀହି)—୧। ଜନରବ ଦ୍ୱାରା ପ୍ରଚାରିତ—1. Published by word of mouth; originating from rumour. ୨ । (କଳଙ୍କରୂପ) ଅପବାଦ ଜନକ—2. Defamatory.
Ratanā mūlaka

ରଟନ୍ତୀ—ସଂ. ବି. [ରଟ୍ ଧାତୁ+କର୍ତ୍ତୃ. ଅତ୍(ଶତୃ)+ସ୍ତ୍ରୀ. ଈ]—ମାଘ କୃଷ୍ଣ ଚତୁର୍ଦ୍ଦଶୀ—The 14th day of the dark fortnight of Māgha month. [ଉ—ଶାସ୍ତ୍ରରେ ଅଛି ଯେ, ଏହି ଦିନ ବ୍ରହ୍ମଘ୍ନ, ସୁରାପ ଆଦି ମହାପାପିଗଣ ସୂର୍ଯ୍ୟୋଦୟ ସମୟରେ କୌଣସି ତୀର୍ଥର ଜଳରେ (ବିଶେଷତଃ ଯମୁନା ଜଳରେ) ସ୍ନାନ କଲେ ସେମାନେ ପାପମୁକ୍ତ ହେବେ ବୋଲି ଜଳମାନେ ରଟନ୍ତି ବା ଘୋଷଣା କରନ୍ତି ।]
Ratanti
ରଟନ୍ତୀ ଚତୁର୍ଦ୍ଦଶୀ } ଅନ୍ୟରୂପ
ରଟନ୍ତ୍ୟାପ ଚତୁର୍ଦ୍ଦଶୀ }

ରଟନ୍ତ୍ୟା ଚତୁର୍ଦ୍ଦଶୀ—ଦେ. ବି—ରଟନ୍ତୀ (ଦେଖ)
Ratantyā chaturddaśī Ratanti (See)
রটন্তি চতুর্দ্দশী रटंती चतुर्दसी

ରଟରଟାୟମାନ—ସଂ. ବିଣ. ପୁଂ—୧ । ଯେ କଟକଟ ଶବ୍ଦ କରୁଅଛି—1. Croaking (M. W). ୨ । ଯାହା ରଟ ରଟ ଶବ୍ଦ କରୁଅଛି—2. Producing a snapping or creaking sound.
Rataratāyamāna
(ରଟରଟାୟମାନା—ସ୍ତ୍ରୀ)

ରଟା—ସଂ. ବି. (ରଟ୍ ଧାତୁ+ଭାବ ଅ+ଆ)—୧ । ଘୋଷଣା—1, Proclamation. ୨ । ବକ୍ତୃତା—2. Speech.
Ratā

ରଟା(ଟେ)ଇବା—ଦେ. କ୍ରି—ରଟିବା କ୍ରିୟାର ଣିଜନ୍ତ ରୂପ—Causative form of Ratibā). ୧ । ଅନ୍ୟ ଦ୍ୱାରା ପ୍ରଚାରିତ କରାଇବା—1. To cause to be published. ୨ । ଘୋଷଣା କରିବା—2 To proclaim.
Ratā(te)ibā
রটান
रटाना

ରଟିତ—ସଂ. ବିଣ. (ରଟ୍ ଧାତୁ+କର୍ମ. ତ)—୧ । ଘୋଷିତ—1. Repeatedly uttered ୨ । ପ୍ରଚାରିତ—2. Proclaimed; published. ୩ । ଖ୍ୟାତ—3. Renowned. ୪ । ଉଚ୍ଚାରିତ; କଥିତ—4. Spoken; uttered. ସଂ. ବି. (+ଭାବ. ତ)—୧ । କଥନ—1. Speaking; utterance. ୨ । ଗର୍ଜ୍ଜନ; ଚିତ୍କାର; ହୁଙ୍କାର—2. Scream, shout; yell; cry (Apte).
Ratita

ରଟିବା—ଦେ କ୍ରି. (ସଂ. ରଟ୍ ଧାତୁ)—୧ । ଉଚ୍ଚୈଃସ୍ୱରରେ କହିବା—1. To speak out. ୨। ଗର୍ଜ୍ଜନ କରିବା—2. To roar. (ଉ—ବିହଙ୍ଗେ ତାହା ଶ୍ରବଣ ପର୍ଯ୍ୟେ ରଟିଲ ଭଞ୍ଜ. ବୈଦେହୀଶବିଳାସ ।) ୩ । ଘୋଷିବା; ବାରଂବାର କହିବା—3. To repeat. [ଉ—ସୁଧା ସୁଧା ବୋଲି ବଂଶୀ ରଟିଲାରେ । ସଙ୍ଗୀତ ।] ୪ । ରଟାଇବା; ପ୍ରଚାର କରିବା—4. To publish; to proclaim. [ଉ—ନାଚିଲେ ନର୍ତ୍ତକୀ, ଗାଇଲେ ଗାୟକ, ରଟିଲେ ଭାଟେ । ରାଧାନାଥ. ଉଷା ।] ୫ । ପ୍ରଚାରିତ. ହେବା; ରଟିତ ହେବା—5. To be published or circulated. (ଯଥା—ତାଙ୍କ ନାମରେ ସବୁଠି ଦୁର୍ନାମ ରଟିଲାଣି ।) ୬ । (ପକ୍ଷୀ ଆଦି) ଧ୍ୱନି କରିବା—6. To make a sound (e. g crowing). [ଉ—ଚରଣାୟୁଧକୁଳ ରଟିଲେ ରେ, ଅରବିନ୍ଦହିଁ ବନ୍ଧୁ ଫୁଟିଲାରେ । କବିସୂର୍ଯ୍ୟ. ସଙ୍ଗୀତ ।]
Ratibā
রটা
रटना

ରଠ୍ (ଧାତୁ)—ସଂ.—କହିବା—
Rath (root) To speak (M. W.)

ରଠ—ଦେ. ଅ.—ରଅ ଠଅ (ଦେଖ)
Ratha (ର' ଠ'—ଅବାଚୀନ ରୂପ) Raa thaa (See)

ରଡ଼—ଦେ. ବି.—୧। ଭବିଷ୍ୟତରେ ଅପକାରର ପ୍ରତିଶୋଧ ନେବା ପାଇଁ ମନରେ ସଂକଳ୍ପ; ଅହଙ୍କା; ଅକସ୍—1. Grudge; rancour; a determination to wreak vengeance. ୨। (ଧ୍ୱନ୍ୟନୁକରଣ) ଶକଟାଦିର କଙ୍କରମୟ ଭୂମିରେ ଦ୍ରୁତ ଗତିରେ ଯିବାର କର୍କଶ ଶବ୍ଦ; ଘଡ଼ଘଡ଼ ଶବ୍ଦ—2. Rattling or jarring noise made by a cart moving rapidly on a gravelly road. ୩। ଜଳନ୍ତା ଅଙ୍ଗାର—3. Live charcoal. ୪। ଜ୍ୱଳନ; ଜଳନ୍ତାବସ୍ତୁର ଚମକ ବା ତେଜ; ଦୀପ୍ତି—4. Light or brilliance of a burning thing or fire. [ଉ—ଅଗ୍ନେୟବାଣର ରଡ଼ ସ୍ଫୁରେ ଅଠନ୍ତି ହେ। ରାଧାନାଥ. ମହାଯାତ୍ରା।] [ଦ୍ର—ଲୋକେ, ବିଶେଷତଃ ସ୍ତ୍ରୀଲୋକମାନେ, ବିରକ୍ତି ପ୍ରକାଶ କଲାବେଳେ 'ରଡ଼' ଶବ୍ଦ ବ୍ୟବହାର କରନ୍ତି; ଯଥା—ଭଅଣତ ପୋଡ଼ିଗଲା, ଅଉ ରଡ଼ ହବ? ଭୁତ ମୋ ବୋଲ ଶୁଣୁ ନାହୁଁ, ଅଉ ଭୋଜନ ମାଉ ରଡ଼ କରବୁ? ଏହିପରି କ୍ଷେତ୍ରରେ କଆଁ, ଚୁଲି, ପାଉଁଶ, ଦରପୋଡ଼ା, ଲେମ୍ବୁ, ଲେମ୍ବୁ ଲୁଣ ଆଦି ଶବ୍ଦ ମଧ୍ୟ ବ୍ୟବହୃତ ହୁଏ।] ଦେ. ବିଣ—ଜଳନ୍ତା—Burning.
Rarda
ଆକ୍ରୋଶ
लाग, डाह डाँट डपट
ଘଡ଼ଘଡ଼
खड़खड़
जलन्त अंगार
तेज
चमक
जलन्त

ରଡ଼ କରିବା—ଦେ. କ୍ରି—୧। ରଡ଼ ରଖିବା (ଦେଖ)—1. Rarda rakhiba. (See) ୨। ରଡ଼ ସାଧିବା (ଦେଖ)—2. Rarda sadhiba. (See)
Rarda kariba

ରଡ଼ ଖୁଣ୍ଟା—ଦେ. ବି—ଜଳୁଥିବା ଦରପୋଡ଼ା କାଠ—A blazing stick of fire; a blazing firebrand.
Rarda khunta
ଜଳନ୍ତ କାଠ मड़कती हुइ लकड़ी

ରଡ଼ନିଆଁ—ଦେ. ବି—ଜଳନ୍ତା ଅଙ୍ଗାର; ଯେଉଁ ନିଆଁର ଦହକ ଲିଭି ନ ଥାଏ; ଦହକ ନିଆଁ—A live fire; blazing fire. [ଦ୍ର—ଯେଉଁ ନିଆଁରୁ ଅଲୋକ ଶିଖା ବାହାରୁ ନ ଥାଏ, ଅଥଚ ତାହା ଦପ୍‌ଦପ୍ ହେଉ ଥାଏ, ତାକୁ ରଡ଼ନିଆଁ ବୋଲାଯାଏ।]
Rarda nian
ଜଳନ୍ତ ଆଗୁନ
आग का पटङ्गा

ରଡ଼ ନେବା—ଦେ. କ୍ରି—ରଡ଼ ସାଧିବା (ଦେଖ)
Rarda neba Rarda sadhiba. (See)
ଆକ୍ରୋଷ ମିଟାନ बदला लेना

ରଡ଼ ମ(ର,ରା)ଡ଼—ଦେ. ଅ (ଧ୍ୱନ୍ୟନୁକରଣ)—୧। ବଡ଼ ଡାଳ ଆଦି ଭାଙ୍ଗି ପଡିବାବେଳେ ଉତ୍ପନ୍ନ ଉପର୍ଯ୍ୟୁପରି ଉଚ୍ଚ ଶବ୍ଦ—1. High repeated cracking sounds (as of big boughs breaking down). ୨। କଠିନ ପଦାର୍ଥକୁ ଚୋବାଇବାର ଉଚ୍ଚ କର୍କଶ ଶବ୍ଦ; କଡ଼ମଡ଼; ଭଡ଼ଭଡ଼—2. A jarring sound produced by chewing hard things. [ଦ୍ର—'ରଡ଼ରଡ଼' 'ମଡ଼ମଡ଼' ଠାରୁ କର୍କଶତର ଶବ୍ଦ। ରଡ଼ରଡ଼ ରୁଡ଼ୁରୁଡ଼ୁ ଠାରୁ ଉଚ୍ଚତର ଶବ୍ଦ। ରଡ଼ବଡ଼ ରଟରଟଠାରୁ ଉଚ୍ଚତର ଶବ୍ଦ।] ୩। କ୍ରୋଧରେ ମୁଖବିକୃତ ଓ ଦାନ୍ତ କଡ଼ମଡ଼ କରି ଅସ୍ଥିର ହେବା—3. Grinding one's teeth in rage. [ଉ—ପଡ଼ୁଶୁଣୀ ଘର ପିଠା ଦେଖି ମନ ରଡ଼େଇ ଖଡ଼େଇ, ଘଷି ଫଡ଼ାଏ ଗୁଡ଼ ଲଗେଇ ରଡ଼ମ(ରା)ଡ଼ ଚୋବେଇ। ଡଗ।]
Rarda ma(ra, ra)rda
କଡ଼ମଡ଼, ମଡ଼ମଡ଼
मड़मड़

ରଡ଼ମଡ଼ି—ଦେ. ବି—୧। ଗୁରୁ ଦାୟିତ୍ୱ—1. Grave responsibility. (ଯଥା—ମୁଁ ଏ ଘରର ରଡ଼ମଡ଼ି ସହି ପାରିବି ନାହିଁ।) ୨। କର୍କଶ ଶବ୍ଦ—2. Harsh sound or noise. (ଉ—ଦଣ୍ଡବଳୟ ପାଦରେ ମିଳାଇ ଯାଉଛି ଚଉଦିଗ ରଡ଼ମଡ଼ି। ନନ୍ଦକିଶୋର. କର୍ଣ୍ଣଘଣ୍ଟୀ।)
Rardamardi
गुरु दायित्व
উচ্চশব্দ
रगड़

ରଡ଼ ରଖିବା—ଦେ. କ୍ରି—କୌଣସି ବ୍ୟକ୍ତି ଉପରେ ଅହଙ୍କା ରଖିବା—To entertain grudge against a person.
Rarda rakhiba
ଆକ୍ରୋଶ ରାଖା लाग[डाह] रखना

ରଡ଼ ସାଧିବା—ଦେ. କ୍ରି—ଅହଙ୍କା ସାଧିବା; ପୂର୍ବକୃତ ଅପରାଧ ପାଇଁ ଦାଉ ସାଧିବା ବା ପ୍ରତିହିଂସା ନେବା—To feed fat a grudge; to take revenge; to be avenged (upon a person).
Rarda sadhiba
ଆକ୍ରୋଶ ମିଟାନ
बदला लेना

ରଡି—ସଂ. ବି—କ୍ରୀଡ଼ା—
Rardi Play; sport (M. W).

ରଡ଼ି(ଡି, ଡ୍ଡି)—ଦେ. ବି (ସଂ. ରଟ୍ ଧାତୁଜ ରଟିତ)—୧। ଉଚ୍ଚ ଶବ୍ଦ—1. A loud sound. (ଉ—ଏହି ସମୟରେ ଆକାଶେ ବାଦ୍ୟ ରଡ଼ି। କୃଷ୍ଣସିଂହ. ମହାଭାରତ. ବନ।) ୨। ଗର୍ଜ୍ଜନ ଶବ୍ଦ—2. Roaring sound; yelling. ୩। ଉଚ୍ଚ ଡାକ; ଚିତ୍କାର—3. A halloo; shout. ୪। ମୁଖୋଚ୍ଚାରିତ କର୍କଶ ଶବ୍ଦ—4. Braying; croaking. ୫। ଉଚ୍ଚୈଃସ୍ୱରରେ କାନ୍ଦ ବୋବାଳି; ଡକା—5. A loud wailing; screaming. (ଉ—ବ୍ୟାକୁଳରେ ଘନ ରଡ଼ି ଘୋର, ବ୍ରଣ ପୂରିଲା ଯନ୍ତ୍ର ଶରୀର। ଉପେ. ବୈଦେହୀଶବିଳାସ।) [ଦ୍ର—ସାଧାରଣତଃ କର୍କଶ ଓ କର୍ଣ୍ଣକଟୁ, ଉଚ୍ଚ ଓ ବହୁକାଳସ୍ଥାୟୀ ଶବ୍ଦକୁ ରଡ଼ି ବୋଲାଯାଏ।]
Rardi(di, ddi)
গর্জন

ରଡ଼ିଆ—ଦେ. ବିଣ. ପୁଂ—ଯେଉଁ ପିଲା ଅବୁଝା ହୋଇ କାନ୍ଦେ—(a child) Used to unreasonable nagging and crying; fretful. (ରଡ଼େଇ—ସ୍ତ୍ରୀ)
Rardia
কাঁদুনে चीड़चीड़ा

ରଡ଼୍‌(ଡ୍ଡି)ଛଡ଼ିବା—ଦେ.କ୍ରି—୧। ଗର୍ଜନ କରିବା—1. To roar; to
Rardi(ddi)chhārdibā bray; to scream.(ଉ—ଡଭୁକସ

ରଡ଼ କରିବା
ରଡ଼ ଦେବା } ଅନ୍ୟରୂପ
ରଡ଼ ପକା(କେ)ଇବା

ହୋଇ ଡକ୍ଟି ବେଳ ଅଙ୍ଗକଙ୍ଗ ଛାଡ଼ିଲେ ଭୈରବ ରଡ଼ି। ରାଧାନାଥ.ମହାଯାତ୍ରା।)

গর্জন করা ୨। ଉଚ୍ଚୈଃସ୍ୱରରେ କାନ୍ଦବୋବାଳ କରିବା; ଡକା
रटना ପାଡ଼ିବା; ଡକା ପକାଇବା—2. To lament or
wail loudly. (ଉ—ଗୋବିନ୍ଦ ଗଲ୍ଲ ଏକା ଛାଡ଼ି,
ଡେଣୁଟି ଦେଉଅଛୁ ରଡ଼ି। ଭୂପତି. ପ୍ରେମପଞ୍ଚାମୃତ।)

ରଡ଼ ପାଡ଼(ରି)ବା—ଦେ.କ୍ରି—୧। ଚିତ୍କାର କରି କାନ୍ଦିବା;ବଡ଼ ପାଟି କରି
Rardi pārdi(ri)bā କାନ୍ଦିବା—1. To cry aloud.୨। ବହୁ-
ডাক ছাড়া କାଳ ଯାଏ ଚିତ୍କାର କରିବା—2. To scream
रटमचाना for a long time. (ଉ—ବଳଆର କପି ଗୋଟିଏ
ଧ୍ୱଜ ହୋଇ। ରଡ଼ି ପାଡ଼ୁଥାଏ ଯେ ଯୁଦ୍ଧ କାଳ ସୃଷ୍ଟି।
କୃଷ୍ଣସିଂହ. ମହାଭାରତ. କର୍ଣ୍ଣ।)

ରଡ଼ିବା—ଦେ. କ୍ରି. (ସ. ରଟ୍ ଧାତୁ)—୧। ଉଚ୍ଚୈଃସ୍ୱରରେ କରୁଣ
Rardibā କାନ୍ଦିବା; ଡକା ପାଡ଼ିବା—1. To wail loudly;
উচ্চ স্বরে কাঁদা to lament loudly; to bewail.
रट(ढ)ना (ଉ—ବନ୍ଧୁ ଷମା ସରସୀ,ହୋଇ ଅନ୍ୟାୟଲାଗୀ,ଅରଣ୍ୟରେ
ପଶି ମୁଁ ରଡ଼ିଲିରେ। କବିସୂର୍ଯ୍ୟ. ସଙ୍ଗୀତ।) ୨। ଅଡ଼ିବା
(ଦେଖ)—2. Ardibā (See) ୩। ବ୍ୟାପିବା;
ଘୋଟିବା—3. To spread over; to be diffused. (ଉ—ସୈନ୍ୟଙ୍କ ପାଦ ଘାତେ ଉଡ଼ି ମହାଧୂଳି,
ରହିଲା ସେ ଆକାଶମଣ୍ଡଳରେ ରଡ଼ି। କୃଷ୍ଣସିଂହ.ମହାଭାରତ.
ଦ୍ରୋଣ।) ୪। (ଶିଶୁ) ଅବୁଝା ହୋଇ କାନ୍ଦିବା—
4.To cry unreasonably (said of naughty
children); to fret. ୫। ବହୁ ସମୟ ବକିବା ବା ପାଟି
କରି କହିବା—5. To speak loudly for a
length of time.

ରଡ଼ୁଆ—ଦେ. ବଣ. ପୁଂ—୧। ଯେ ଅହଲ୍ୟା ରଖେ; ପ୍ରତିହିଂସାପରାୟଣ-
Rarduā 1. Rancorous; revengeful. ୨। ଯେ
(ରଡ଼େ[ଡ଼ୋ]ଇ—ସ୍ତ୍ରୀ)ରଡ଼ି କରିବାରେ ଅଭ୍ୟସ୍ତ (ଶିଶୁ)—
হিংসুক, কাঁদুনে 2. Habituated to nagging;
डाही crying; fretful.

ରଡ଼େଇ—ଦେ. ବଣ. ସ୍ତ୍ରୀ—୧। ରଡ଼ିଆର ସ୍ତ୍ରୀଲିଙ୍ଗ—1. Feminine
Rardei of Rardiā. (See) ୨। ରଡ଼ୁଆର ସ୍ତ୍ରୀଲିଙ୍ଗ—
2. Feminine of Rarduā. (See)

ରଣ୍ (ଧାତୁ)—ସ—୧। ଶବ୍ଦ କରିବା—1. To sound; to make
Raṇ (root) a sound ୨। ଗତି କରିବା—2. To
move; to go (Apte). ୩। ଝଣଝଣ ଶବ୍ଦ କରିବା;
ଟଣ ଟଣ ଶବ୍ଦ କରିବା—3. To tinkle; to jingle;
to ring. ୪। (ବୈଦିକ) ଆନନ୍ଦିତ ହେବା—4. To
rejoice. ୫। (ବୈଦିକ) ଆନନ୍ଦିତ କରିବା—5. To
cheer; to gladden.

ରଣ—ସ. ବି. (ରଣ୍ ଧାତୁ + ଅଧିକରଣ. ଅ)—୧। ଯୁଦ୍ଧ; ସମର—
Raṇa 1. War; battle; fight. ୨। ବିବାଦ—
2. Conflict. ୩। (+ଭାବ.ଅ) ଶବ୍ଦ—3. Sound;
noise. ୪। ଗମନ; ଗତି—4 Going, moving.
୫। (ବୈଦିକ) ଆନନ୍ଦ—5. Pleasure; delight;
joy (M. W). ୬। ରମଣ (ବି. ଶ)—6. Sexual
congress; copulation. ୭। ଦୁମ୍ବା ମେଣ୍ଢା (ବି.
ଶ)—7. A kind of sheep with a fatty
ball-shaped tail. ୮। (+ଅଧିକରଣ. ଅ) ରଣ
କ୍ଷେତ୍ର—8. Battle-field (Apte). ୯। (+କରଣ.
ଅ) ବୀଣାର ଦଣ୍ଡ—9. The quill or bow of a
lute (Apte). ଦେ. ବି. (ନାମ)—ମହାନଦୀର ଗୋଟିଏ
ନଦୀ;(ଏହା କଟକ ଜିଲ୍ଲାର ବାଙ୍କି ରାଜ୍ୟ ମଧ୍ୟରେ ପ୍ରବାହିତ)-
A small tributary of the river Mahanadi in the Banki estate of the Cuttack
district. [ଦ୍ର—ଏ ନଦୀର ମାଛଦଅରୁ ବାଙ୍କି ରାଜ୍ୟର
ଅନେକ ଆୟ ହୁଏ। ଗପ ଅଛି—'ରଣ, ବଣ, ଛଣ;
ଡମ୍ପଡ଼ା ରାଜା ଥାଇ ବୋଇଲେ ମୋ ଛଇଁଆ ବାଇଗଣ।'
ଅର୍ଥାତ୍ ପୂର୍ବେ ବାଙ୍କି ରାଜ୍ୟରେ ରାଜା ଥିବା ସମୟରେ ସେ
କହିଲେ, ରଣ ନଦୀର ମାଛଦଅ, ବଣଜାତ ଓ ଧାନବିଲରୁ
ମୋର ଖୁବ୍ ଆୟ ହୁଏ। ଏଥିର ପ୍ରତ୍ୟୁତ୍ତରରେ ଡମ୍ପଡ଼ା
ରାଜା କହିଲେ, ତୁମର ଏ ତିନ ବିଷୟରୁ ହେଉଥିବା ଆୟ
ମୋ ରାଜ୍ୟର ମହାନଦୀର ପଠାରେ ହେଉଥିବା ଛଇଁଆ
ବାଇଗଣର ଆୟରୁ ବେଶି ନୁହେଁ।]
[ଦ୍ର—ଯୁଦ୍ଧ ଶବ୍ଦ ସଙ୍ଗେ ଯେଉଁ ଶବ୍ଦ ଯୁକ୍ତ ହୋଇ ସ୍ୱତନ୍ତ୍ର
ଶବ୍ଦ ହୁଏ, ରଣ ଶବ୍ଦ ସଙ୍ଗେ ସେହି ଶବ୍ଦମାନ ଯୁକ୍ତ ହୁଏ।]

ରଣ କଣ୍ଡୁ(ଣ୍ଡୂ)—ସ. ବି. (ମ. ପ. ଲୋ; ରଣାର୍ଥ ଉଦ୍‌ଭୂତ କଣ୍ଡୁ)—
Raṇa kaṇḍu(ṇḍū) ଯୁଦ୍ଧ କରିବା ପାଇଁ ଆଗ୍ରହ—Itching
or eagerness to fight. (ଉ—ଭୁଜି ଦେଲେ ତାଙ୍କ
ଗଳେ ସୁଗନ୍ଧି କଠାର, ଖଣ୍ଡି ତାଙ୍କ ରଣ କଣ୍ଡୁ ଚନ୍ଦନ
ଲାଗି। ରାଧାନାଥ. ମହାଯାତ୍ରା।)

ରଣ କରଣ—ଦେ. ବି. (ସ. ରଣରଣକ)—କାମ; କନ୍ଦର୍ପ—
Raṇa karaṇa Cupid.
(ଉ—ବଳ୍ଲ ପୂରଣ,ରଣ କରଣ,ପୁରୁଷ ଭାବ ଧରି। ସାନକୃଷ୍ଣ
ରସକଲ୍ଲୋଳ।)

ରଣ କର୍ମ—ସ. ବି. (ରୂପକ)—ଯୁଦ୍ଧ—
Raṇa karma Fighting; War.

ରଣ କାତର—ସ.ବଣ. ପୁଂ (୭ମୀ ତତ୍)—ଯୁଦ୍ଧକରିବାକୁ ପଶ୍ଚାତ୍‌ପଦ-
Raṇa kātara Averse to fighting.
(ରଣକାତରା—ସ୍ତ୍ରୀ) (ରଣକାତରତା—ବି)

ରଣ କାମୀ—ସ. ବଣ. (ରଣ+କାମିନ୍; ୧ମା. ୧ବ)—ଯୁଦ୍ଧ
Raṇa kāmi କରିବାକୁ ଇଚ୍ଛୁକ—Desirous of fighting
(ରଣକାମିନୀ—ସ୍ତ୍ରୀ)

ରଣ କୁଶଳ—ସଂ. ବଣ. ପୁଂ (୭ମୀ ତତ୍)—ଯୁଦ୍ଧବିଦ୍ୟାରେ ପାରଗ—
Raṇa kuśaḷa Skilful in the art of warfare.
(ରଣନିପୁଣ, ରଣପଟୁ, ରଣକୃତୀ—ଅନ୍ୟରୂପ)
(ରଣକୁଶଳା, ରଣନିପୁଣା, ରଣକୃତିନୀ, ରଣପଟ୍ୱୀ—ସ୍ତ୍ରୀ)
(ରଣକୁଶଳତା, ରଣନିପୁଣତା, ରଣକୃତିତ୍ୱ, ରଣପଟୁତା—ବି. ରୂପ)

ରଣ କୁହୁଡ଼ି—ଦେ. ବି—ଦିନରେ ମେଘାଚ୍ଛନ୍ନ ହୋଇ କୁହୁଡ଼ି ଘୋଟିବା
Raṇa kuhuṛi ପାଗ—A sort of mist during
ରণ কুয়াসা daytime creeping in cloudy weather.
रणकुयाशा [ଦ୍ର—ରଣକୁହୁଡ଼ି ଦେଶରେ ଆଶୁ ମଡ଼କ ଓ
ରଣକୁଆ } —ଅନ୍ୟରୂପ ଦୁର୍ଭିକ୍ଷର ସୂଚକ ବୋଲି ଲୋକ-
ରଣକୁଅ(ଦା)ସା ବିଶ୍ୱାସ ।]

ରଣ କୌଶଳ—ସଂ. ବି ୧ । (୭ମୀ ତତ୍)—ଯୁଦ୍ଧ ବିଷୟରେ ନିପୁଣତା
Raṇa kauśaḷa —1. Martial skill. ୨ । (୬ଷ୍ଠୀ ତତ୍)
ରଣ ନୈପୁଣ୍ୟ } ଅନ୍ୟରୂପ ଯୁଦ୍ଧ କରିବାର ଉତ୍କୃଷ୍ଟ ପ୍ରଣାଳୀ—2.
ରଣ ପାଟବ Excellent mode of conducting war.

ରଣ କ୍ଷେତ୍ର—ସଂ. ବି—ରଣ ଭୂମି (ଦେଖ)—
Raṇa kshetra Raṇa bhūmi (See)
(ରଣକ୍ଷିତି,ରଣକ୍ଷୋ(କ୍ଷୌ)ଣୀ, ରଣକ୍ଷ୍ମା, ରଣସ୍ଥଳ—ଅନ୍ୟରୂପ)

ରଣଗୁଆ—ଦେ. ବି—ଗୁଆ ଜାତୀୟ ଏକପ୍ରକାର ବନ୍ୟଫଳ—A kind
Raṇaguā of palm producing nut-like fruits.
[ଦ୍ର—ଏ ଗଛ ତାଳଗଛ ପରି ।]

ରଣ ଗୋଚର—ସଂ. ବଣ. ପୁଂ—ଯୁଦ୍ଧରେ ପ୍ରବୃତ୍ତ—
Raṇa gochara Engaged in battle (Apte).
(ରଣଗୋଚରୀ—ସ୍ତ୍ରୀ)

ରଣ ଘଣ୍ଟ—ପ୍ରାଦେ (ଗଞ୍ଜାମ) ବି—(ସମ୍ବଲପୁରର ଭାଲଖାଇ ନାଟ
Raṇa ghaṇṭā ପରି)—ଗଞ୍ଜାମର ଉତ୍ତର ପ୍ରାନ୍ତ କୋକଲବା
ମୁଠାରେ ଦୋଳପୂର୍ଣ୍ଣିମା ସମୟରେ ଇତର ଲୋକଙ୍କ ମଧ୍ୟରେ
ହେଉଥିବା ନାଟ ବା ଉତ୍ସବ—Pantomine or festival held at the time of Doḷapūrṇnimā
at Kokalbā in Ganjam. [ଦ୍ର—ଗ୍ରାମର ସବୁ
ଯୁବତୀ (ଏପରିକି, ପଢ଼ିଲାପାଳ ଅସିଥିବା ନବବଧୂମାନେ
ମଧ୍ୟ) ଏ ଉତ୍ସବରେ ଯୋଗ ଦେବାକୁ ବାଧ୍ୟ । ଏଥିରେ
ଯୁବତୀମାନେ ଉରୁଚ ମୂର୍ତ୍ତି ଓ ଅଶ୍ଳୀଳ ଗୀତମାନ ବୋଲି
ନାଚନ୍ତି । ଏଥିରେ ଯୋଗ ନ ଦେବା ବ୍ୟକ୍ତିକୁ ବର୍ଷକ
ମଧ୍ୟରେ ବାଘ ଖାଇବ ବୋଲି ଲୋକଙ୍କ ମଧ୍ୟରେ
ଗୋଟିଏ କୁସଂସ୍କାର ଅଛି ।] ପ୍ରାଦେ (ବାମଣ୍ଡା) ବି—
ବାଦୁଡ଼ି—Bat.

ରଣ ଚଣ୍ଡ—ସଂ. ବଣ ପୁଂ (୭ମୀ ତତ୍)—ଯୁଦ୍ଧପ୍ରିୟ—
Raṇa chaṇḍa (ରଣଚଣ୍ଡୀ -ସ୍ତ୍ରୀ) Fond of fighting.

ରଣଚଣ୍ଡୀ—ସଂ. ବି. ସ୍ତ୍ରୀ—୧ । ଯୁଦ୍ଧକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ—
Raṇa chaṇḍī 1. The Goddess of war. ୨ ।
କାଳୀ ଠାକୁରାଣୀ—2. Goddess Kāḷī. ଦେ. ବି
—୧ । ଉଗ୍ରପ୍ରକୃତିକା ସ୍ତ୍ରୀ—1. A shrew; a
রণচণ্ডী termagant woman. ୨ । କଳହପ୍ରିୟା ସ୍ତ୍ରୀ—
रणचंनडी 2. A quarrel some woman.

ରଣ ଚାଲ—ପ୍ରାଦେ (ଗଞ୍ଜାମ) ବି—ଅଟ୍ଟଚାଲର ଉପରେ ଥିବା ଛଣ
Raṇa chāḷa ନିର୍ମିତ ଚାଲ—The outer thatch of
straw over the mud-roof of a two-thatched house.

ରଣ ଜୟ—ସଂ. ବି (୭ମୀ ତତ୍)—ଯୁଦ୍ଧରେ ଜୟଲାଭ—
Raṇa jaya Victory in battle.

ରଣ ଜୟୀ—ସଂ. ବଣ. ପୁଂ (ରଣ+ଜୟିନ୍; ୧ମା. ୧ବ)—
Raṇa jayī (ଯୁଦ୍ଧରେ ଜୟଲାଭକାରୀ ବ୍ୟକ୍ତି)—Victorious
(ରଣଜୟିନୀ—ସ୍ତ୍ରୀ) (ରଣଜିତ—ଅନ୍ୟରୂପ) in war.

ରଣଜିତ୍ ସିଂହ—ଦେ, ବି.—୧ । ପ୍ରସିଦ୍ଧ ଶିଖ ବୀର ଓ ପଞ୍ଜାବର ରାଜା—
Raṇajit simha 1. Ranjit Sinha, the Sikh hero.
(ରଣଜିତ ସିଂହଜୀ - ଅନ୍ୟରୂପ) [ଦ୍ର—(୧୭୮୦—୧୮୩୯)
রণজিৎসিংহ ଏହାଙ୍କ ପିତାଙ୍କ ନାମ ମହାସିଂହ । ପିଲା ଦିନୁ ବସନ୍ତ
रणजितसिंह ରୋଗରେ ଏହାଙ୍କର ଗୋଟିଏ ଚକ୍ଷୁ ନଷ୍ଟ ହୋଇ-
ଥିଲା । ଏ ବିଭିନ୍ନ ଶାଖାଭୁକ୍ତ ସମସ୍ତ ଶିଖଙ୍କୁ ଏକତ୍ର କରି
ପଞ୍ଜାବରୁ ଅଫଗାନ୍‌ମାନଙ୍କୁ ଯୁଦ୍ଧ ଦ୍ୱାରା ବିତାଡ଼ିତ କରି
ପଞ୍ଜାବରେ ଓ କାଶ୍ମୀରରେ ଶିଖରାଜ୍ୟ ପ୍ରତିଷ୍ଠା କରିଥିଲେ;
ଇଂରାଜଙ୍କ ସଙ୍ଗେ ସନ୍ଧି କରି ଏ ରାଜତ୍ୱ କରୁଥିଲେ । ଏହାଙ୍କ
ମୃତ୍ୟୁ ପରେ ଶିଖ ରାଜ୍ୟ ଚୂର୍ଣ୍ଣୀଭୂତ ହେଲା । ଏହାଙ୍କ ସମୟରେ
ଇଂରାଜମାନେ ଭାରତରେ ସ୍ଥାନେ ସ୍ଥାନେ ରାଜ୍ୟବିସ୍ତାର
କରିଥିଲେ । ଇଂରାଜଅଧିକୃତ ଅଂଶମାନ ନକସାରେ ନାଲି
ରଙ୍ଗ ଚିହ୍ନିତ ହୋଇଥିବା ଦେଖି ଏ କହିଥିଲେ ଯେ 'ସବ୍
ଲାଲ୍ ହୋ ଯାଏଗା' ଅର୍ଥାତ୍ ଦିନେ ସମଗ୍ର ଭାରତ ଇଂରାଜ-
ଅଧିକୃତ ହେବ ।]
୨। (ନାମ) ବମ୍ବେ ପ୍ରଦେଶର ଗୁଜରାଟର ଯାମ୍ ନଗରର ରାଜା
(ଏ ବିଲାତରେ ବିଦ୍ୟାଧ୍ୟୟନ କରି କ୍ରିକେଟ୍ ଖେଳରେ
ଜଗଦ୍‌ବିଖ୍ୟାତ ହୋଇଥିଲେ)--2. Name of the world
famous cricketer of Jāmnagar in Gujerat
the famous 'Ranji'.

ରଣ ଝଣ(ଣି)—ଦେ. ଅ (ଧ୍ୱନ୍ୟନୁକରଣ) (ରଣ୍ ଧାତୁ)—ଧାତୁମୟ
Raṇa jhaṇa(ṇi) ଅଳଙ୍କାରର ଓ ମୁଦ୍ରାର ପରସ୍ପର ଘର୍ଷଣ ଶବ୍ଦ-
রণরণ রণরণি झनझन Jingling sound of ornaments
ठनठन or coins (ଉ—ରଣଝଣ ହୋଏ ଅଙ୍ଗୁ ପାଦୁକ
ଚରଣେ—ଭଞ୍ଜ. ଲାବଣ୍ୟବତୀ ।) [ଦ୍ର—ଗୋଡ଼ର ଅଳଙ୍କାର
ପିନ୍ଧି ଚାଲିଲାବେଳେ ରଣଝଣ ଧ୍ୱନି ହୁଏ । ଟଙ୍କା ପଇସାକୁ
ଉପର୍ଯ୍ୟୁପରି ଗଣିଲାବେଳେ ରଣଝଣ ଶବ୍ଦ ହୁଏ । 'ରଣଝଣ'
ଠାରୁ 'ରୁଣୁଝୁଣୁ' ଅନୁଚ୍ଚ ଓ ମଧୁରତର ଶବ୍ଦ ।] ଦେ. ବି.-
ঝনঝন ୧ । ପ୍ରଚଣ୍ଡ ସୂର୍ଯ୍ୟକିରଣରେ ସମ୍ପୂର୍ଣ୍ଣରୂପେ ଶୁଖିଯିବା ଅବସ୍ଥା-
झनझनाहट 1. The state of a thing being dried up
completely by the sun. ୨ । ଧନଦୌଲତ; ନଗଦ
ଟଙ୍କା; ଟଙ୍କା ପଇସା—2. Hard cash; riches in

the shape of money. [ଉ—ରଣଝଣ (ରଜତ ସମ୍ପତ୍ତି=ଟଙ୍କା କଉଡ଼ି) କାହିଁଯିବ, ମାଷ୍ଟ ଗୋଡ଼(ଭୂମି ବାଡ଼ି=ଭୂସମ୍ପତ୍ତି) ପଡ଼ିଥିବ—ଭଗ ।]

ରଣଝଣିଆ—ଦେ. ବଣ—୧ । ଖରତାପରେ ସମ୍ପୂର୍ଣ୍ଣରୂପେ ଶୁଷ୍କ ହୋଇଥିବା—
Ranajhania 1. Completely dried up by the
ঝনঝনে, খটখটে rays of the sun. ୨ । ରଣଝଣ ଶବ୍ଦ
झनझन, ठनठन କରୁଥିବା—2. Jingling.

ରଣଝାଇଁ—ଦେ. ଅ (ଧ୍ୱନ୍ୟନୁକରଣ) ଧାତୁମୟ ପଦାର୍ଥ—(ଯଥା—
Ranajhain ଅଳଙ୍କାରାଦି)ର ଘର୍ଷଣ ଶବ୍ଦ; ରଣଝଣ ଶବ୍ଦ—
রণরণি, ঝনঝনি Jingling sound of ornaments.
(ଉ—ଚରଣେ ଝୁମ୍ପ ବଳା ଶବ୍ଦେ ରଣଝାଇଁ—ପୀତାମ୍ବର
झनझनाहट ନୃସିଂହପୁରାଣ ।)

ରଣଝାଇଁବା—ଦେ. କି—ରଣଝଣ ଶବ୍ଦକରିବା—To make a
Ranajhainba jingling sound.
ঝনঝনশব্দ করা **झनझनाना**

ରଣ ଡ(ଢ)ଙ୍କା—ଦେ. ବ (ସଂ. ରଣଢକା)—ରଣଢକ୍କା—
Rana da(dha)nka War-drum.
রণঢক্কা **रनढका** (ରଣଢୋଲ, ରଣବାଠ—ଅନ୍ୟରୂପ)

ରଣ ଢକ୍କା—ସଂ. ବ (ମ.ପ.ଲେ)—ଯୁଦ୍ଧବାଦ୍ୟ; ଯୁଦ୍ଧକ୍ଷେତ୍ରରେ ବଜାଯିବା
Rana dhakka ଢୋଲ—War drum.

ରଣତ୍—ସଂ. ବଣ [ରଣ୍ ଧାତୁ+କର୍ତ୍ତୃ. ଅତ୍ (ଶତୃ); ଏହି ଶବ୍ଦରୁ
Ranat ପୁଂଲିଙ୍ଗ ୧ମା ୧ ବଚନରେ 'ରଣନ୍' ଓ ସ୍ତ୍ରୀଲିଙ୍ଗରେ
'ରଣନ୍ତୀ' ଶବ୍ଦ ହୁଏ]—୧ । ଶବ୍ଦାୟମାନ—1. Sounding. ୨ । ଗତି କରୁଥିବା—2. Moving.

ରଣତ୍କାର—ସଂ. ବ (ରଣତ୍+କୃ ଧାତୁ+ଭାବ ଅ)—୧ । ରଣରଣ
Rana-tkara ଶବ୍ଦ; ଝଣତ୍କାର—1. Jingling or tinkl-
(ରଣତ୍କାର—ଅନ୍ୟରୂପ) ing sound; clanking sound.
(ରଣତ୍କୃତ—ବଣରୂପ) ୨ । ଗୁଣୁଗୁଣୁ ସ୍ୱର—2. Humming
(Apte) ୩ । ଶବ୍ଦ—3. Sound (generally)
(Apte)

ରଣ ତରୀ—ସଂ. ବ (ମ. ପ. ଲେ; ରଣାର୍ଥ ବ୍ୟବହୃତ ତରୀ)—ଯୁଦ୍ଧ-
Rana tari ଜାହାଜ—Man o' war; warship;
(ରଣପୋତ—ଅନ୍ୟରୂପ) frigate.

ରଣତୂରୀ—ସଂ. ବ (ମ. ପ. ଲେ.)—ସମର ବାଦ୍ୟ; ଯୋଦ୍ଧାମାନଙ୍କ
Rana turi ଉତ୍ସାହିତ କରିବାପାଇଁ ଯୁଦ୍ଧକ୍ଷେତ୍ରରେ ବଜାଯିବା
ରଣତୂର୍ଯ୍ୟ } ଅନ୍ୟରୂପ— ନାନାପ୍ରକାରର ବାଦ୍ୟ—War
ରଣଭେରୀ } drums etc. ଦେ. ବ—
ଯୁଦ୍ଧରେ ବଜାଯିବା କାହାଳୀ—War trumpet.

ରଣ ଦକ୍ଷ—ସଂ. ବଣ. ପୁଂ (୭ମୀ ତତ୍)—ରଣ ନିପୁଣ (ଦେଖ)
Rana daksha Rana nipuna (See)
(ରଣଦକ୍ଷା—ସ୍ତ୍ରୀ) (ରଣଦକ୍ଷତା—ବ)

ରଣ ଦାଣ୍ଡ—ଦେ. ବ—ଯୁଦ୍ଧଭୂମି—Battle field. [ଉ—ମୂଳ-
Rana danda ଦାଢ଼ ଥିବା କାଣ୍ଡେ ମୁଁ ଅଗ ମୁଣ୍ଡ, ତାର
রণভূমি ପକାଇବ ଚୂଣ୍ଡାଇ ରଣଦାଣ୍ଡ । କୃଷ୍ଣସିଂହ.
रणभूमि ମହାଭାରତ: ବନ ।]

ରଣ ଧୀର—ସଂ. ବଣ. ପୁଂ (୭ମୀ ତତ୍)—ଯୁଦ୍ଧରେ ଅଚଳ ବା ସ୍ଥିର
Rana dhira —Calm during a battle;
(ରଣଧୀରା—ସ୍ତ୍ରୀ) maintaining calmness during
(ରଣଧୀରତା—ବ) fight. ଦେ. ବ—ବୀରପୁରୁଷଙ୍କ ରାଜଦତ୍ତ
ଉପାଧି ବିଶେଷ—A title given to a heroic person.

ରଣଧୁରା—ସଂ. ବ (୭ମୀ ତତ୍)—ସମାରୋହ ଯୁଦ୍ଧ ଲାଗିଥିବା ସ୍ଥାନ
Ranadhura ବା ଅବସ୍ଥା—The brunt of battle; the
(ରଣଧୁଃ—ଅନ୍ୟରୂପ) front or van of battle (Apte).

ରଣଧ୍ୱଜା—ଦେ. ବ (ସଂ. ରଣଧ୍ୱଜ)—ଯୁଦ୍ଧ ପତାକା; ଯୁଦ୍ଧବେଳେ
Ranadhwaja ପକ୍ଷମାନଙ୍କ ବାହିତ ପତାକା—Flag used
যুদ্ধপতাকা in war. [ଉ—ବାଜେ ବୀର ବାଜା,
रणझंडा ଉଡ଼େ ରଣଧ୍ୱଜା, କମ୍ପେ ଅରିବେଶ ଗିରି କାନନ ।
(ରଣଧ୍ୱଜ—ସଂ. ରୂପ) ନନ୍ଦକିଶୋର. କୃଷ୍ଣକୁମାରୀ ।]

ରଣନ—ସଂ. ବ (ରଣ୍ ଧାତୁ+ଭାବ. ଅନ)—୧ । ରଣ ରଣ ଶବ୍ଦ—
Ranana 1. Jingling sound. ୨ । ଶବ୍ଦ; ଧ୍ୱନି—
2. Sound.

ରଣ ନିପୁଣ—ସଂ. ବଣ. ପୁଂ (୭ମୀ ତତ୍)—ରଣ କୁଶଳ (ଦେଖ)
Rana nipuna Rana kusala (See)
(ରଣପଟୁ—ଅନ୍ୟରୂପ) (ରଣନିପୁଣା, ରଣପଟ୍ୱୀ—ସ୍ତ୍ରୀ)
(ରଣ ନିପୁଣତା, ରଣ ନୈପୁଣ୍ୟ, ରଣ ପଟୁତା—ବ)

ରଣନୀତି—ସଂ. ବ (୭ମୀ ତତ୍)—୧ । ଯୁଦ୍ଧ ଶାସ୍ତ୍ର; ଯୁଦ୍ଧ ବିଦ୍ୟା—
Rana niti 1. The science or art of war.
୨ । ଯୁଦ୍ଧରେ ପ୍ରଯୋଜ୍ୟ ନିୟମମାନ—2. Warlike
doctrines; the rules of fighting.

ରଣ ପକ୍ଷୀ—ସଂ. ବ (ମ. ପ. ଲୋ; ରଣପ୍ରିୟ ପକ୍ଷୀ) - ଶ୍ୟେନ—
Rana pakshi Falcon (M. W.).

ରଣ ପଣ୍ଡିତ—ସଂ. ବଣ. ପୁଂ (୭ମୀ ତତ୍)—ରଣକୁଶଳ; ଯୁଦ୍ଧବିଦ୍ୟାରେ
Rana pandita ଅଭିଜ୍ଞ—Veteran in war, expert
ରଣ କୋବିଦ } ଅନ୍ୟରୂପ in the art of war.
ରଣମାର୍ଗ କୋବିଦ } ସଂ. ବ. ପୁଂ—ଯୋଦ୍ଧା—
(ରଣ ପଣ୍ଡିତା—ସ୍ତ୍ରୀ) (ରଣ ପାଣ୍ଡିତ୍ୟ—ବ) A warrior
(M. W.)

ରଣ ପଦ୍ଧତି—ସଂ. ବ (୬ଷ୍ଠୀ ତତ୍)—୧ । ଯୁଦ୍ଧ କରିବାର ଭିନ୍ନ ଭିନ୍ନ
Rana paddhati ରୀତି—1. Modes of warfare;
(ରଣ ପ୍ରଣାଳୀ—ଅନ୍ୟରୂପ) modes of conducting war.
୨ । ରଣ କୌଶଳ—2. Skill in war.

ରଣପା—ଦେ. ବ (ସଂ. ରଣ ଓ ପାଦ)—୧ । କାଠର ବା ବାଉଁଶ
Ranapa ନିର୍ମିତ ଡେଙ୍ଗା ପାଦୁକା—1. Stilts. [ଉ—
রণপা ବଢ଼ିଛନ୍ତି ସେ ସ୍ୱର୍ଗ ଶଳାକା ଅବ ଚୋଲ, ଘଣ୍ଟନାଦ
ଅବଥା ରଣପା ସେ ମଞ୍ଜୁଳ ସେ । ଉପେ. ଲାବଣ୍ୟବତୀ ।]
[ବ୍ୟ—ଏହା ୨।୩ ହାତ ଉଚ୍ଚ ଓ ଏହାର ମଝିରେ
ଗୋଡ଼ ରଖିବା ପାଇଁ ଖାଞ୍ଜ କରାଯାଇ ଥାଏ । ସେହି
ଖାଞ୍ଜରେ ପାଦକୁ ଦୃଢ଼ଭାବରେ ବାନ୍ଧିଲେ ମନୁଷ୍ୟ ସାଧାରଣ

ଉଚ୍ଚତା ଅପେକ୍ଷା ଡେଙ୍ଗା ଦେଖାଯାଏ ଓ ବଡ଼ ବଡ଼ ପାହୁଣ୍ଡ ପକାଇ ଦ୍ରୁତଗତିରେ ଚାଲେ । ସାରଳା ଠାକୁରାଣୀଙ୍କ ସେବକମାନେ ରଣପା ଚଢ଼ି ଠାକୁରାଣୀଙ୍କ ଘଣ୍ଟ ମୁଣ୍ଡାଇ ନାଚନ୍ତି ।] ୬ । ଭୁଣ୍ଡେଇ ସ୍ତ୍ରୀ—2. A virago. ଦେ. ବିଣ.—ଖୁବ୍ ଡେଙ୍ଗା ବ୍ୟକ୍ତି—Very tall person.

ରଣପାୟ(ଏ)—ଗ୍ରା. ବି—ରଣପା (ଦେଖ)
Rana pāya(e) Ranapā (See)

ରଣପୁର—ଦେ. ବି—ଗୋଟିଏ ଓଡ଼ିଆ ଗଡ଼ଜାତ—Name of an
Ranapura Oriya State. [ବ୍ର—ଅତି ପ୍ରାଚୀନ କାଳରେ 'ରଣାସୁର' ନାମରେ ଜଣେ ଅସୁର ଏଠାରେ ବାସ କରୁଥିବାରୁ ରାଜ୍ୟର ନାମ ରଣପୁର ହୋଇଥିଲା । ପ୍ରବାଦ ଅଛି, ବାସୁର ବାସୁକ ନାମକ ଜଣେ ଖ୍ରୀକାଷ୍ଟ ୩୨୦୦ ବର୍ଷ ତଳେ ଏହି ରାଜ୍ୟ ସ୍ଥାପନ କରିଥିଲେ (କୃପାସିନ୍ଧୁ ଇତିହାସ) । ଏ ରାଜବଂଶର ସବୁଠୁ ଉଦବାସୀ (ଜଗବନ୍ଧୁ, ପ୍ରାଚୀନ ଉତ୍କଳ) ।]

ରଣପୁରୀ ଜଥା—ଦେ. ବି—ରଣପୁର ଗଡ଼ଜାତରେ ପ୍ରସ୍ତୁତ ଟସରର ଫୁଲ-
Ranapurī jathā ଧଡ଼ି ବିଶିଷ୍ଟ ସୁନ୍ଦର ଧୋତି ଓ ଚଦର—
(ରଣପୁରୀ ଯୋଡ଼—ଅନ୍ୟରୂପ) (ଏକକ ବୁଣା)—A pair of fine cloths with silk border (lower and upper pieces) woven in one length in the Ranapur state. [ବ୍ର—ଏହିପରି ରଣପୁରୀ ଶାଢ଼ୀ, ରଣପୁରୀ ଫେଟା, ରଣପୁରୀ ଦୋପଟା, ରଣପୁରୀ ପାଟୁଡ଼ା, ରଣପୁରୀ ଲୁଗା ଆଦି ଶବ୍ଦ ହୁଏ ।)

ରଣ ପୋତ—ସଂ. ବି—ରଣତରୀ (ଦେଖ)—Ranatari (See).
Rana pota [ବ୍ର—ଅଧୁନାତନ ପାଶ୍ଚାତ୍ୟ ସଭ୍ୟତାପ୍ରାପ୍ତ ଜାତିମାନେ (ରଣ ଜାହାଜ—ଦେ. ରୂପ) ଛୋଟ, ବଡ଼, ଭସା ଆଦି ନାନାପ୍ରକାରର ଓ ଆକାରର ଏବଂ ନାନାରୂପେ ଆକ୍ରମଣାର୍ଥ ଓ ଆତ୍ମରକ୍ଷାର୍ଥ ସଜ୍ଜିତ ରଣପୋତମାନ ପ୍ରସ୍ତୁତ କରୁଅଛନ୍ତି ଯଥା :—Battleship; cruiser; dreadnought, torpedo, seaplane.]

ରଣ ପ୍ରତ୍ୟାଗତ—ସଂ. ବିଣ. ପୁଂ (୫ମୀ ତତ୍) — କର୍ତ୍ତବ୍ୟସାଧନପୂର୍ବକ
Rana pratyāgata ଯୁଦ୍ଧକ୍ଷେତ୍ରରୁ ଫେରି ଆସିଥିବା (ଯୋଦ୍ଧା)—
(ରଣ ପ୍ରତ୍ୟାବୃତ୍ତ—ଅନ୍ୟରୂପ) (warrior) Returned from
(ରଣ ପ୍ରତ୍ୟାଗତା—ସ୍ତ୍ରୀ) the battle-field.

ରଣ ପ୍ରାଙ୍ଗଣ—ସଂ. ବି.—ଯୁଦ୍ଧ ଭୂମି (ଦେଖ)—Juddha bhūmi
Ranaprāngana (See).

ରଣ ପ୍ରିୟ—ସଂ. ବିଣ. ପୁଂ—(ବହୁବ୍ରୀହି, ରଣ+ପ୍ରିୟ)—ଯେ ଯୁଦ୍ଧ
Rana priya କରିବାକୁ ସୁଖ ପାଏ—Warlike; martial;
(ରଣ ରସିକ—ଅନ୍ୟରୂପ) fond of war. ସଂ. ବି—୧ ।
ରଣପ୍ରିୟା } —ସ୍ତ୍ରୀ ଶ୍ୟେନ ପକ୍ଷୀ—1. Falcon (Apte).
ରଣରସିକା } ୨ । ସୁଗନ୍ଧ ମୂଳବିଶେଷ; ବେଣାଚେର—
2. The fragrant root of Andropogen Muricatus.

ରଣ ଫୁଲ—ଦେ. ବି.—ରଣିଫୁଲ (ଦେଖ)—
Rana phula Raniphula (See).

ରଣ(ଣି)ଫୁଲପରି ଜହ୍ନ ପଡ଼ିଛି—ଦେ. ବାକ୍ୟ—ଚହଟା ବା ନିର୍ମଳ
Rana(ni)phula pari jahna pardichhi. ରୂପରେ ଉଜ୍ଜ୍ୱଳ ଫୁଟଫୁଟେ ଜ୍ୟୋତ୍ସ୍ନା ହୋଇ ପଡ଼ିଛି—A brilliant moonlit night. [ବ୍ର—ରଣ (ଣି) ଫୁଲ ନାମରେ କୌଣସି ଫୁଲ ନାହିଁ, ବରଂ ନିର୍ମଳ ଶରଚ୍ଚନ୍ଦ୍ର ହୋଇ ପଡ଼ିଲେ ଲୋକେ ଜ୍ୟୋତ୍ସ୍ନାକୁ ରଣ(ଣି)ଫୁଲ ସଙ୍ଗେ ତୁଳନା କରନ୍ତି ।]

ରଣବ(ଭ,ସ)ଣ—ଦେ. ଅ.—୧ । ଅସ୍ତ ବ୍ୟସ୍ତ ବା ଖେଳଅ ହୋଇ
Ranaba(bha,sa)na ଏଣେ ତେଣେ ପଡ଼ିଥିବା—1.
ଛଡ଼ାଛଡ଼ି Scattered pellmell; strewn on all sides.
छितरबितर [ଉ—ମୁଣ୍ଡ ମାଳ ରଣ ଭଣ, କବନ୍ଧ ଯୁଦ୍ଧ ଖଣ ଖଣ । କାହ୍ନାଣୀ—ଗୀତ] ୨ । ଖାଦ୍ୟରେ ବା ସଢ଼ା ପଦାର୍ଥରେ
ମାଛି ଟନ ଟନ ବହୁ ପରିମାଣରେ ମାଛି ବେଢ଼ିବାର ଅବସ୍ଥା—
2. The state of food being putrid and infested with fleas. ୩ । ଓଳିଆ ନ ହୋଇଥିବା ଅଳଅ ପୂର୍ଣ୍ଣ ଅବସ୍ଥା—3. Dirty, uncleaned and nasty condition of a house. ୪ । ଅସ୍ତବ୍ୟସ୍ତ; ବ୍ୟତିବ୍ୟସ୍ତ; ବିବ୍ରତ—4. Too much troubled; confused; pellmell. [ଉ—ଅର୍ଜୁନ ବାଣ ପାଇ ଭୀମ ସେନାଗଣ, ପଳାଉଛନ୍ତି କର୍ଣ୍ଣ ହୋଇ ରଣ ଭଣ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।] ୫ । ହଟହଟା—
5. Afflicted; troubled. [ଉ—ସ୍ନେହ ପାଶରୁ ବଢ଼ାଇଣ, କପାଇଁ କରୁ ରଣଭଣ । ଜଗନ୍ନାଥ. ଭାଗବତ]

ରଣ ବାଜା—ଦେ. ବି. (ସଂ. ରଣ ବାଦ୍ୟ)—ରଣ ବାଦ୍ୟ (ଦେଖ)
Rana bājā Rana bādya (See)
ଯୁଦ୍ଧ ବାଜା, ରଣ ଡଙ୍କା रणवाद्य

ରଣ ବାଦ୍ୟ—ସଂ. ବି. (ମ. ପ. ଲୋ; ରଣରେ ବ୍ୟବହୃତ ବାଦ୍ୟ)—
Rana bādya ଯୁଦ୍ଧ ସମୟରେ ବଜାଯିବା ବାଜା—Martial music.

ରଣ ବିଦ୍ୟା—ସଂ. ବି. (ମ. ପ. ଲୋ)—ଯୁଦ୍ଧ ବିଦ୍ୟା; ଯେଉଁ ବିଦ୍ୟାରୁ
Rana bidyā ଯୁଦ୍ଧ ସମ୍ବନ୍ଧେ ଜ୍ଞାନଲାଭ ହୁଏ—The art or
(ରଣ ଶାସ୍ତ୍ର, ରଣ ଶିକ୍ଷା—ଅନ୍ୟରୂପ) science of war.

ରଣ ବିଶାରଦ—ସଂ. ବିଣ. ପୁଂ (୭ମୀ ତତ୍)—ଯୁଦ୍ଧ ବିଦ୍ୟାରେ ନିପୁଣ-
Rana bisārada Expert or skilled in War.
(ରଣ ବିଶାରଦା—ସ୍ତ୍ରୀ)

ରଣ ବୀର—ସଂ. ବିଣ—ଯୁଦ୍ଧରେ ବୀରତ୍ୱ ଦେଖାଇବା (ଯୋଦ୍ଧା)—
Rana bira Valiant (warrior).
ଦେ. ବି—ଯୋଦ୍ଧାଙ୍କୁ ରାଜଦତ୍ତ ଉପାଧି ବିଶେଷ—
A title given to a brave person.

ରଣ ବୃତ୍ତି—ସଂ. ବି. (ରୂପକ)—ଜୀବିକା ରୂପେ ଗୃହୀତ ରଣ—
Rana brutti War taken as a profession.
ସଂ. ବିଣ—ଯୁଦ୍ଧ ଯାହାର ଜୀବିକା—Having war for a profession (M. W.)

ରଣ ବେଶ—ସ. ବି. (ମ. ପ. ଶ୍ଳୋ)—ଯୋଦ୍ଧାର ସାଜସଜ୍ଜା—
Raṇa besa A warrior's dress; war dress.

ରଣ ଭଙ୍ଗ—ସ. ବି. (୭ମୀ ତତ୍)—୧ । ଯୁଦ୍ଧକ୍ଷେତ୍ରରେ ସମ୍ପୂର୍ଣ୍ଣ ପରାଜୟ—1. A complete defeat in the battle field. ୨ । ସୈନ୍ୟମାନଙ୍କର ଛତ୍ରଭଙ୍ଗ—2 A rout. ୩ । ଯୁଦ୍ଧରୁ ପଳାଇଯିବା—3. Fleeing away from the battle-field. ୪ (୬ଷ୍ଠୀ ତତ୍) ଯୁଦ୍ଧର ବିରତି; ରଣ ନିବୃତ୍ତି—4. Cessation of hostilities; armistice. ସ. ବଣ. ପୁଂ (ବହୁବ୍ରୀହି) —୧ । ରଣକ୍ଷେତ୍ରରୁ ପଳାୟିତ—1. Fleeing from the battle-field; fugitive. ୨ । ରଣରୁ ବିରତ—2. Refraining from fighting.
Raṇa bhaṅga

ରଣ ଭୀତ—ସଂ. ବଣ. ପୁଂ (୫ମୀ ତତ୍)—ଯେ ଯୁଦ୍ଧକୁ ଡରେ—
Raṇa bhita Fearing battle.
(ରଣଭୀତା—ସ୍ତ୍ରୀ) (ରଣଭୀତି—ବି)

ରଣ ଭୀରୁ—ଦେ. ବଣ. (ସଂ. ରଣଭୀତ)—ରଣ ଭୀରୁ (ଦେଖ)
Raṇa bhitu Raṇa bhiru (See)
रण भीतु रण कायर

ରଣ ଭୀରୁ—ସ. ବଣ. ପୁଂ ଓ ସ୍ତ୍ରୀ—ଯେ ଯୁଦ୍ଧକୁ ଡରେ—
Raṇa bhiru Caward enough to face battle.

ରଣ ଭୂଇଁ—ଦେ. ବି. (ସ. ରଣଭୂମି)—ରଣଭୂମି (ଦେଖ)
Raṇa bhuiñ Raṇa bhumi (See)
रणभूमि रणभूमि

ରଣ ଭୂମି—ସଂ. ବି. (ମ. ପ. ଶ୍ଳୋ)—ଯୁଦ୍ଧ କ୍ଷେତ୍ର; ରଣ ପ୍ରାଙ୍ଗଣ—
Raṇa bhumi The seat of war; battle-field; scene of war.
(ରଣଭୂ, ରଣସ୍ଥଳ—ଅନ୍ୟରୂପ)

ରଣ ଭେରି(ରୀ)—ସଂ. ବି. (ମ. ପ. ଶ୍ଳୋ)—ରଣ କ୍ଷେତ୍ରରେ ବ୍ୟବହୃତ ତୂରୀ ବା ଶିଂଘା; ବିଗୁଲ୍—War bugle.
Raṇa bheri(ri)

ରଣ ମତ୍ତ—ସଂ. ବଣ. ପୁଂ (୭ମୀ ତତ୍) —ଯୁଦ୍ଧରେ ମାତିଥିବା—
Raṇa matta Engrossed in fighting; intoxicated with the fury of war.
(ରଣମତ୍ତା—ସ୍ତ୍ରୀ)
(ରଣ ମତ୍ତତା—ବି) ସଂ. ବି—ହସ୍ତୀ—Elephant.

ରଣ ମଦ—ସଂ. ବି. (ମ. ପ. ଶ୍ଳୋ କର୍ମଧାରୟ)—ଯୁଦ୍ଧ କରିବା ପୂର୍ବରୁ ଓ ଯୁଦ୍ଧ କରିବା ସମୟରେ ଯୋଦ୍ଧାର ମନରେ ହେଉଥିବା ନିଶା—Martial spirit; intoxication of fighting.
Raṇa mada

ରଣ ମାଗିବା—ଦେ. କ୍ରି—ଯୁଦ୍ଧ କରିବା ପାଇଁ ବିପକ୍ଷକୁ ଆହ୍ୱାନ କରିବା
Raṇa māgibā —To challenge the opponent to fight.
युद्ध चाहना
युद्ध मांगना (ଉ—ତେବେ ଅର୍ଜୁନ ତର ରଣ ମୁଁ ମାଗୁଛି । କୃଷ୍ଣସିଂହ. ମହାଭାରତ. ବନ ।)

ରଣ ମାର୍ଗ—ସ. ବି. (୬ଷ୍ଠୀ ତତ୍)—୧ । ରଣ କୌଶଳ—1. The art or way of war. ୨ । (ରୂପକ) ରଣ ରୂପ ବାଟ—2. War-path.
Raṇa mārga
(ରଣପଥ—ଅନ୍ୟରୂପ)

ରଣ ମୁଖ—ସ. ବଣ. ପୁଂ (ବହୁବ୍ରୀହି)—ରଣ କରିବା ପାଇଁ ଉତ୍ସୁକ;
Raṇa mukha ରଣୋତ୍ସୁକ—Eager to fight. ସ. ବି—
ରଣମୂର୍ଦ୍ଧା, ରଣଶିରଃ —ଅନ୍ୟ ବି. ରୂପ
୧ । (ରୂପକ) ଯୋଦ୍ଧୃବୃନ୍ଦଙ୍କ ଭକ୍ଷକ ମୃତ୍ୟୁ—1. The jaws of death. ୨ । (୬ଷ୍ଠୀ ତତ୍) ଦୁଇ ପକ୍ଷର ସାମନା ସାମନି ଯେଉଁଠାରେ ଯୁଦ୍ଧ ଲାଗିଥାଏ—2. The front of an army while meeting the opponent; the front of battle; battle-front. ୩ । ଯେଉଁଠାରେ ତୁମୁଳ ସଂଗ୍ରାମ ଲାଗିଥାଏ—3. The brunt of fight.

ରଣମୁଖା—ଦେ. ବଣ. ପୁଂ (ସ. ରଣମୁଖ)—୧ । ଉଗ୍ରମୂର୍ତ୍ତି ଧାରଣକାରୀ; ଉଗ୍ରଚଣ୍ଡ—1. Assuming a fierce countenance. ୨ । ରଣମୁହାଁ (ଦେଖ)—2. Raṇamuhāñ. (See)
Raṇamukhā
रणमुखो
रणमुखा

ରଣମୁଷ୍ଟି—ସ. ବି—କୋଚିଲା (ଦ୍ର. ଷ)—
Raṇamushṭi Nux Vomica.

ରଣମୁହାଁ—ଦେ. ବଣ (ସ. ରଣମୁଖ)—୧ । ଯେ ରଣଭୂମି ଅଭିମୁଖେ ଅଗ୍ରସର ହେଉଅଛି—1. Proceeding or advancing to the field of battle. ୨ । ରଣୋତ୍ସୁକ—2. Eager to fight.
Raṇamuhāñ
रणमुखों; मारमुखो
रणमुखा

ରଣ ଯଜ୍ଞ—ସ. ବି (ରୂପକ ବା ଉପମିତ)—ଯଜ୍ଞରୂପେ କଳ୍ପିତ ଯୁଦ୍ଧ—
Raṇa jajna Battle regarded as a sacrifice.
(ରଣଯାଗ, ରଣସତ୍ର, ରଣମଖ—ଅନ୍ୟରୂପ)

ରଣଯାଇ ଖଜୁରା—ଦେ. ବି—ଏକ ପ୍ରକାର ମୋଟ ଧାନ—
Raṇajāi khajurā A species of coarse paddy.

ରଣ ଯାତ୍ରା—ସଂ. ବି (୪ର୍ଥୀ ତତ୍)—ଯୁଦ୍ଧଯାତ୍ରା; ଅଭିଯାନ—
Raṇa jātrā Expedition; marching for battle.

ରଣ ରଙ୍କ—ସଂ. ବଣ. ପୁଂ (୭ମୀ ତତ୍, ରଣ+ରଙ୍କ=ଭୀତ)—
Raṇa raṅka ୧ । ରଣକାତର; ରଣଭୀରୁ—1. Fearing to fight. ୨ । ଯୁଦ୍ଧପ୍ରିୟ; ରଣଲୋଲୁପ—2. Eagerly wishing to be engaged in battle. [ଉ—କପିଳାସ ଶୋଭି କବାଟି ଶବର, ରଣରଙ୍କ ଚେଙ୍କା ଯା ବଂଶଶେଖର । ରାଧାନାଥ. ଚନ୍ଦ୍ରଭାଗା ।] ସଂ. ବି—୧ । ରଣକାତର ହସ୍ତୀ—1. An elephant unwilling to stand in the battle field. ୨ । ଗଜର ଦନ୍ତଦ୍ୱୟ ମଧ୍ୟସ୍ଥ ମୁଖାଂଶ—2. The part of an elephant's face between the tusks.
[ରଣରଙ୍କା—ସ୍ତ୍ରୀ]

ରଣ ରଙ୍କା—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ରଣରଙ୍କ)—ରଣ କରିବାପାଇଁ ଉତ୍ସୁକ; ରଣଲୋଲୁପ—Eagerly wishing to engage in fight. [ଉ—ବିଧିର ବାଦ୍ୟ ଲାଗେ ପୁରେ ଲଙ୍କା, ଅସୁରେ ହୋଇଲେ ରଣରଙ୍କା । ବିଶ୍ୱନାଥ. ବିଚିତ୍ରରାମାୟଣ ।]
Raṇa raṅkā
[ରଣରଙ୍କୀ—ସ୍ତ୍ରୀ]
युद्धोत्सुक
रणोत्क

ରଣ ରଙ୍ଗ—ସଂ. ବି (୭ମୀତତ୍)—୧ । ଯେତେବେଳେ ମନରେ ଯୁଦ୍ଧଜନିତ ଆନନ୍ଦ—1. A warrior's joy derived
Raṇa raṅga

from fighting. ୨ । ରଣମତ୍ତତା; ରଣୋନ୍ମାଦ—2. Intoxication of or rage for fighting. ୩ । (୭ମୀ ତତ୍) ସଂଗ୍ରାମସ୍ଥଳ; ଯୁଦ୍ଧଭୂମି—3. Scene of battle; battle-field. ୪ । ନାନାପ୍ରକାରର ଯୁଦ୍ଧକ୍ରିୟା—4. Acts of fighting. [ଉ—କର୍ଣ୍ଣ କାଣ୍ଡେ ଖଡ୍ଗ ଯିବାର ହାଡ ଅଙ୍ଗମାନଙ୍କୁ ଫିଙ୍ଗି ଗ୍ରାସ କଲେ ରଣରଙ୍ଗ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।] ୫ । ଯୁଦ୍ଧକୌଶଳ—5. Modes of fighting. ୬ । (ରୂପକ) ରଙ୍ଗ ବା କ୍ରୀଡ଼ାରୂପେ କଳ୍ପିତ ଯୁଦ୍ଧ—6. Battle compared to a game

ରଣ ରଙ୍ଗୀ—ସଂ. ବଣ. ପୁଂ—୧ । ରଣୋନ୍ମତ୍ତ—1. Intoxicated
Raṇa raṅgī with battle-rage. ୨ । ଯୁଦ୍ଧରେ ବ୍ୟାପୃତ—
[ରଣରଙ୍ଗିଣୀ(ଣୀ)—ସ୍ତ୍ରୀ] 2. Engaged in fight: fighting. ସ. ବି—ଯୋଦ୍ଧା—Warrior.

ରଣରଣ—ସ. ବି (ରଣ=ଯୁଦ୍ଧ. ଦ୍ୱିତ୍ୱ)—୧ । ଅପହୃତ ବା ନଷ୍ଟ
Raṇa raṇa ବସ୍ତୁ ପାଇଁ ଅନୁଶୋଚନା—1. Regret for a lost or stolen thing. ୨ । ଉତ୍କଣ୍ଠା—2. Eagerness; hankering. ୩ । ଦୁର୍ଭାବନା—3. Anxiety. ୪ । ପ୍ରିୟବସ୍ତୁର ପ୍ରାପ୍ତି ପାଇଁ ଉତ୍କଣ୍ଠା ବା ଲାଳସା—4. Longing or anxiety for some beloved object (M. W). ୫ । କନ୍ଦର୍ପ; କାମ—5. Cupid. ୬ । ପ୍ରେମ; ପ୍ରଣୟ—6. Love. ୭ । ଇଚ୍ଛା—7. Desire. ୮ । ମଶକ; ମଶା—8. Gnat;
ঝনঝন mosquito (Apte). ଦେ. ଅ—୧ । ରଣଝଣ
झनझन ଶବ୍ଦ—1. Jingling sound. [ଉ—ବାଜଇ ରଣରଣ ବାଜେଣୀ ବଳା । ରାଧାନାଥ. ଯେଯାତିକ ।] ୨ । ଝଣଝଣି; ଯୁଦ୍ଧାସ୍ତ୍ରର ଝଣଝଣ ଶବ୍ଦ—2. Jingling
ঝনঝনি झनझनाहट of war weapons;

ରଣ ରଣକ—ସ. ବି—୧ । ନଷ୍ଟବସ୍ତୁ ପାଇଁ ଅନୁଶୋଚନା—1. Re-
Raṇa raṇaka gret for a lost thing. ୨ । ଦୁର୍ଭାବନା;
[ରଣରଣିକା—ଅନ୍ୟରୂପ] ଦୁଶ୍ଚିନ୍ତା—2. Anxiety. ୩ । ଉତ୍କଣ୍ଠା—3. Eagerness; hankering. ୪ । କନ୍ଦର୍ପ; କାମ—4. Cupid. [ଉ—ରଣରଣକ ଦର୍ପ କାରଣ, ରଣରଣ ନୂପୁର ଚରଣ । ଭକ୍ତ. ପ୍ରେମସୁଧାନିଧି ।] ୫ । ପ୍ରଣୟାସ୍ପଦ ବ୍ୟକ୍ତିପାଇଁ ମନ ଛନଛନ ହେବା—5. Anxiety or uneasiness for one's beloved object (Apte) ୬ । ପ୍ରେମଜନିତ କଷ୍ଟ ବା ବେଦନା—6. Affliction or torment due to love (Apte).

ରଣରଣି—ଦେ. ବି (ଧ୍ୱନ୍ୟନୁକରଣ)—୧ । ଯୁଦ୍ଧାସ୍ତ୍ରର ଝଣତ୍କାର—1.
Raṇaraṇi Jingling of war-weapons. ୨ ।
ঝনঝনী झनझनाहट ଅଳଙ୍କାରର ଝଣଝଣ ଶବ୍ଦ—2. Jingling of ornaments.

ରଣରଣିଆ—ଦେ. ବଣ—୧ । ଅତି ପ୍ରଖରଭାବରେ ପଡ଼ିଥିବା (ଖରା)—
Raṇaraṇiā 1. Scorching (sun's rays) ୨ । ଅତି
କাঠফাটা ପ୍ରଖର ଖରାରେ ଜର୍ଜରରୂପେ ଶୁଖି ଯାଇଥିବା—
খটখটে 2. Completely dried up by the sun's rays.

ରଣରାଉ—ଗ୍ରା. ବଣ—ରଣ ରାହୁ (ଦେଖ)—Raṇarāhu (See)
Raṇarāu ଦେ. ବି—ବୀର ବ୍ୟକ୍ତିଙ୍କୁ ଦିଆଯିବା ରାଜପ୍ରଦତ୍ତ
রণরাহু ଉପାଧିବିଶେଷ—A title given to a brave
रणराहु person.

ରଣ ରାହୁ—ସ. ବଣ (୭ମୀ ତତ୍, ରଣ+ରାହୁ; ଯେଉଁ ବ୍ୟକ୍ତି ରଣରେ
Raṇa rāhu ରାହୁ ପରି ପ୍ରଚଣ୍ଡ ତେଜ ଓ ବିକ୍ରମ ପ୍ରକାଶ କରେ
[ରଣରାଉ(ହୁ)ଆ—ଦେ. ରୂପ] ଓ ଶତ୍ରୁକୁ ଗିଳଲା ପରି ଅନୁମିତ ହୁଏ)—ବୀର—Warlike; heroic; very brave; valiant (person) ଦେ. ବି—୧ । ଯୋଦ୍ଧା—1. Warrior. ୨ । ବୀର—2. Hero.

ରଣ ଲକ୍ଷ୍ମୀ—ସ. ବି (ମ. ପ. ଲୋ.)—୧ । ଯୁଦ୍ଧର ଅଧିଷ୍ଠାତ୍ରୀ ଦେବୀ—
Raṇa lakshmī 1. The Goddess of war. ୨ । ଯୁଦ୍ଧରେ ପକ୍ଷମାନଙ୍କ ଭାଗ୍ୟଫଳ—2. The fortunes war.

ରଣ ଶଯ୍ୟା—ସ. ବି (ରୂପକ)—ସମରକ୍ଷେତ୍ରରୂପ ଶଯ୍ୟା; ଯେଉଁଠାରେ
Raṇa śajyā ଯୋଦ୍ଧାଗଣ ମୃତ ହୋଇ ଶୟନ କରନ୍ତି—The battle-field compared to a bed for the warriors killed in battle.

ରଣଶଯ୍ୟାଶାୟୀ—ସ. ବଣ. ପୁଂ (୭ମୀ ତତ୍)—ସମରକ୍ଷେତ୍ରରେ ହତ—
Raṇaśajyāśāyī Killed in batttle; sleeping the
[ରଣଶାୟୀ—ଅନ୍ୟରୂପ] last sleep in the field of
(ରଣଶଯ୍ୟାଶାୟିନୀ, ରଣଶାୟିନୀ—ସ୍ତ୍ରୀ) battle.

ରଣଶିକ୍ଷକ—ସ. ବି (୭ମୀ ତତ୍)—ଯୁଦ୍ଧବିଦ୍ୟାର ଶିକ୍ଷାଦାତା—
Raṇa śikshaka A teacher or trainer in the art of war.

ରଣ ଶିକ୍ଷା—ସ. ବି (୭ମୀ ତତ୍)—୧ । ଯୁଦ୍ଧବିଦ୍ୟାରେ ତାଲିମ ହେବା
Raṇa śikshā —1. Training in the art of war. ୨ । ଯୁଦ୍ଧନୀତି—2. The doctrines of war. ୩ । ରଣବିଦ୍ୟା—3. The sceince or art of
[ରଣ ଶିକ୍ଷିତ(ତା)—ବଣ] war.

ରଣ ଶିଙ୍ଗା(ଙ୍ଘା)—ଦେ. ବି (ସ. ରଣଶୃଙ୍ଗା)—ରଣଶୃଙ୍ଗା (ଦେଖ)—
Raṇa śiṅgā(ṅghā) Raṇaśruṅgā (See)
রণশিঙ্গা रनसिंगा [ଉ—ବଜା ରଣଶିଙ୍ଗା ଅରେ ଶୃଙ୍ଗଧର, ଶତ୍ରୁ ଶିଙ୍ଗା ଶୁଣି କେବେ ଜାଗିବ !—ରାଧାନାଥ. କବିତାବଳୀ ।]

ରଣ ଶିରଃ—ସ. ବି—ରଣମୁଖ ୨।୩ (ଦେଖ)
Raṇa śiraḥ Raṇamukha 2, 3 (See)
[ରଣଶୀର୍ଷ—ଅନ୍ୟରୂପ]

ରଣଶୃଙ୍ଗା—ସ. ବି—ଯୁଦ୍ଧ ସମୟରେ ବଜାଯିବା ଶୃଙ୍ଗନିର୍ମିତ ତୂରୀ,
Raṇa śruṅgā ବିଗୁଲ୍—Warhorn; a bugle sounded in war; war-trumpet.

ରଣଶୌଣ୍ଡ—ସ. ବଣ—ଯୁଦ୍ଧରେ ନିପୁଣ—
Raṇaśauṇḍa Skilled in war (M. W).

ରଣ ଶ୍ରାନ୍ତ—ସଂ ବଣ. ପୁଂ—ଯୁଦ୍ଧ କରିବାହେତୁ କ୍ଲାନ୍ତ—
Raṇa śrānta Tired after fighting.
[ରଣଶାନ୍ତା—ସ୍ତ୍ରୀ]

ରଣ ସଙ୍କୁଳ—ସଂ. ବଣ. (ଷଷ୍ଠୀ ତତ୍)—ଯେଉଁଠାରେ ଘୋର ରଣ
Raṇa saṅkula ଲାଗିଥାଏ; ଯୁଦ୍ଧ ଦ୍ୱାରା ବ୍ୟାପ୍ତ (ସ୍ଥାନ)—(a place) Where battle is raging. ସଂ. ବି. ୧ । ଘୋର ଯୁଦ୍ଧ ଲାଗିଥିବା ଯୁଦ୍ଧକ୍ଷେତ୍ରର ଅଂଶ—1. A part of the battlefield where furious fight is raging. ୨ । ତୁମୁଳ ସଂଗ୍ରାମ—
(ରଣ ସଂରମ୍ଭ—ଅନ୍ୟ ବି. ରୂପ) 2. Furious fighting; tumultuous combat; the rage of battle; the thick of the fight.

ରଣ ସଜ୍ଜା—ସଂ. ବି (ଷଷ୍ଠୀ ତତ୍; ରଣାର୍ଥ. ସଜ୍ଜା)—୧ । ଯୁଦ୍ଧ ପାଇଁ
Raṇa sajjā ଆୟୋଜନ; ଯୁଦ୍ଧସଜ୍ଜା—1. Preliminary preparations for war; warlike preparations. ୨ । ବୀର ବେଶ—2. The warrior's dress. ୩। ରଣ ବେଶ—3. Battle dress; warlike accutrements. ୪ । ଯୁଦ୍ଧାର୍ଥ ସୈନ୍ୟ-
(ରଣ ସଜ୍ଜିତ—ବଣ) ସମାବେଶ—4. Battle array.

ରଣସହାୟ—ସଂ. ବି [୭ମୀ ତତ୍]—ଯୁଦ୍ଧ ସମୟରେ ସାହାଯ୍ୟ କରିବା
Raṇa sahāya ମିତ୍ରଶକ୍ତି—A nally [M. W]

ରଣ ସାଜ—ଦେ. ବି (ସଂ. ରଣସଜ୍ଜା)—ଯୁଦ୍ଧ ବେଶ—
Raṇa sāja Martial dress.
ৰণসাজ रण साज

ରଣ ସିଂହ—ଗ୍ରା. ବି—ରଣସିଂହ (ଦେଖ)
Raṇa simgha Raṇasimha [See]
রণসিংহ रण सिंह

ରଣସିଂହ—ସଂ. ବି (୭ମୀ ତତ୍, ରଣ+ସିଂହ=ସପ୍ତମୀ)—
Raṇa simha ଯୁଦ୍ଧକ୍ଷେତ୍ରରେ ସିଂହ ପରି ବିକ୍ରମ ପ୍ରକାଶ କରିବା ବ୍ୟକ୍ତି—A valiant warrior. ଦେ. ବି—୧ । କ୍ଷତ୍ରିୟମାନଙ୍କର ଉପାଧିବିଶେଷ—1. A title of some Kshatriyas ୨ । ବୀର ବ୍ୟକ୍ତିଙ୍କୁ ଦିଆଯିବା ଉପାଧି—2. A title given to a heroic and valiant person.

ରଣ ସ୍ତମ୍ଭ—ସଂ. ବି [ମ.ପ.ଲୋ]—୧ । ସମରକ୍ଷେତ୍ରରେ ଯୁଦ୍ଧର ସ୍ମୃତିଚିହ୍ନ-
Raṇa stambha ରୂପେ ପ୍ରୋଥିତ ବା ଉଚିତ ସ୍ତମ୍ଭ—1. A pillar raised on the battlefield as a monument of battle. ୨ । ଜୟ ସ୍ତମ୍ଭ—2. A triumphal pillar; a pillar raised as a memorial of victory. ୩ । ଯୁଦ୍ଧର ସ୍ମୃତିଚିହ୍ନ ସ୍ୱରୂପ ଅନ୍ୟତ୍ର ପ୍ରୋଥିତ ସ୍ତମ୍ଭ—3. War-memorial column. ୪ । ଭାରତର ଉତ୍ତର ପଶ୍ଚିମ ରାଜପୁତନା ଅନ୍ତର୍ଗତ ଦେଶବିଶେଷ; ଚିତୋର—4. Chittor of Rājputana in N. W. Indla.

ରଣ ସ୍ଥଳ—ସ. ବି (୭ମୀ ତତ୍)—ଯୁଦ୍ଧକ୍ଷେତ୍ର—
Raṇa sthala The scene of battle; battlefield.
[ରଣସ୍ଥାନ—ଅନ୍ୟରୂପ]

ରଣ ସ୍ୱାମୀ—ସ. ବି (୬ଷ୍ଠୀ ତତ୍; ଯୁଦ୍ଧର ସ୍ୱାମୀରୂପେ ପ୍ରତିଷ୍ଠିତ)—ଶିବ
Raṇa swāmī ଲିଙ୍ଗ—An image of Śiba, the Lord of battle. ଦେ. ବି—ଯୁଦ୍ଧର ପ୍ରଧାନ ସେନାପତି—Commander-in-chief.
ରଣେଶ } ଅନ୍ୟରୂପ
ରଣେଶ୍ୱର }

ରଣ ହଂସ—ସ. ବି—ବର୍ଣ୍ଣବୃତ୍ତ ବିଶେଷ—A kind of poetical
Raṇa haṁsa composition. [ବି—ଏଥିର ପ୍ରତ୍ୟେକ ଚରଣରେ ସଗଣ, ଜଗଣ, ଜଗଣ ଓ ରଗଣ ଥାଏ; ଏହାର ଅନ୍ୟ ନାମ ମନହଂସ,ମାନହଂସ ଓ ମାନସହଂସ—ବୃ. ର ।]

ରଣା—ଦେ. ବି (ସଂ. ରାଜସର୍ପ, ଶଙ୍ଖିନୀ)—୧ । ଏକପ୍ରକାର ବିଷଧର
Raṇā ସର୍ପ—1. A kind of poisonous snake;
রাজসাপ, শঙ্খিনী Bungarus Fasciatus. [ବି—ଏହା
राज सांप କୋଡ଼ା ଜାତୀୟ । ଏହାର ଦେହରେ ହଳଦିଆ ଓ କଳା ମୁଠାମୁଠା ଧଡ଼ାପରି ଦାଗ ଥାଏ । ଏହାର ଫଣା ନାହିଁ । ଏ ଖୁବ ହାତ ପର୍ଯ୍ୟନ୍ତ ବଢ଼େ । ଏ କାମୁଡ଼ିଲେ ଲୋକ ଶୀଘ୍ର ମରିଯାଏ । ପ୍ରବାଦ ଅଛି :—ରଣା, ଘଡ଼ରେ କଉଡ଼ ବଣା ଓ ରଣା କାମୁଡ଼ିଲେ ନ ଯିବ ପାଠ ଅଗଣା । କେହି କେହି ମଧ୍ୟ କହନ୍ତି ଏହାର ବିଷ ନାହିଁ ।] ୨ । ଫୁଲୁରି ମାଳିମାନଙ୍କର ବଂଶୋପାଧି ବିଶେଷ—2. A family-title of a caste of florist-gardeners. ୩ । ଏକ ପ୍ରକାର ଓଡ଼ିଆ ପାଇକ ଜାତି—3. A caste of Oriya Pāikas. [ବି—ଏମାନେ ଖୋର୍ଦ୍ଧା ଜୟପୁରର ପୂର୍ବ ରାଜାମାନଙ୍କର ପାଇକ କାର୍ଯ୍ୟ କରୁଥିଲେ । ଏମାନଙ୍କ ମଧ୍ୟରୁ କେତେକ ପଇତା ପକାନ୍ତି ଓ ବ୍ରାହ୍ମଣ ଛଡ଼ା ଅନ୍ୟ କାହାର ଘରେ ଖାଆନ୍ତି ନାହିଁ ।] ୪ । ଶୂଦ୍ର ଜାତି ବିଶେଷ—4. A class of Śūdras. [ବି—ଏମାନେ ପ୍ରାୟତଃ ଖୋର୍ଦ୍ଧାଜୟପୁର ଅଞ୍ଚଳରେ ବାସ କରନ୍ତି । ଏମାନେ ଅନାର୍ଯ୍ୟ ଶୂଦ୍ର ଜାତି । ଏମାନେ ପାଣି ଦେଲେ ବ୍ରାହ୍ମଣ ପ୍ରଭୃତି ଗୋଡ଼ହାତ ଧୁଅନ୍ତି, ଜଳ ପିଅନ୍ତି ନାହିଁ । ଏମାନେ ଚାଷ ଓ ଚାକରି କରି ଜୀବିକା ଚଳାନ୍ତି । ଏମାନେ ମଦ୍ୟପ] । ଦେ. ବିଣ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହେଲେ ଯଥା—ନୃପରଣା, ମହାରଣା; ସଂ. ରାଜନ୍)—
রাণা ୧ । ଶ୍ରେଷ୍ଠ—1. Chief (person). ୨ । ଜଡ଼ମତି—
राणा 2. Idle. [ଯଥା—ସେ ଲୋକଟା ରଣାପରି ବୁଲୁଛି ।]

ରଣାଗ୍ନି—ସଂ. ବି (ଉପମିତ)—ଅଗ୍ନିପରି ସର୍ବନାଶକାରୀ ଯୁଦ୍ଧ—
Raṇāgni Battle compared to the all-devouring fire.

ରଣାଗ୍ର—ସଂ. ବ (୬ଷ୍ଠୀ ତତ୍)—ଯୁଦ୍ଧକ୍ଷେତ୍ରର ଯେଉଁ ସ୍ଥାନରେ ସମ୍ମୁଖ-
Ranāgra ଯୁଦ୍ଧ ଲାଗିଥାଏ—The front or van of a battle.

ରଣାଙ୍ଗ—ସଂ. ବ (୬ଷ୍ଠୀ ତତ୍)—୧ । ଯୁଦ୍ଧାସ୍ତ୍ର—
Ranānga 1. Weapon of war.
୨ । ଖଡ୍ଗ—2. Sword [M. W].

ରଣାଙ୍ଗଣା—ଦେ· ବ—(ସଂ. ରଣାଙ୍ଗନ)—ରଣାଙ୍ଗନ (ଦେଖ)—
Ranāngana Ranāngana (See)
ରଣାଙ୍ଗନ [ଯଥା—ବାଜୁ ବାଜଣା ଜଣା, ସୁଗ୍ରୀବେ ରଣାଙ୍ଗଣା, ସ୍ଥିତ
ରଣାଙ୍ଗନ ହୋଇ ଅଗଣା । ଉପେ· ବୈଦେହୀଶବିଳାସ ।]

ରଣାଙ୍ଗନ—ସଂ. ବ (୬ଷ୍ଠୀ ତତ୍)—ସମରକ୍ଷେତ୍ର; ଯୁଦ୍ଧକ୍ଷେତ୍ର—
Ranāngana Battlefield; scene of battle.
(ରଣାଜିର, ରଣାବନି—ଅନ୍ୟରୂପ)

ରଣାତୋଦ୍ୟ—ସ. ବ. (ମ. ପ. ଲୋ; ରଣ+ଆତୋଦ୍ୟ)—ଯୁଦ୍ଧ-
Ranātodya ବାଦ୍ୟ—War drum (M. W); war-band.

ରଣାନ୍ତକୃତ୍—ସଂ. ବଣ. (ରଣ+ଅନ୍ତ+କୃ ଧାତୁ+କର୍ତ୍ତୃ. କ୍ୱିପ୍)—
Ranāntakrut ଯେ ଯୁଦ୍ଧ ରହିତ କରେ—Making an end of war. ସ. ବ—ବିଷ୍ଣୁ—Bishnu (M.W)

ରଣାପେତ—ସ. ବଣ. ପୁଂ (ରଣ+ଅପେତ=ଚଳିତ; ୫ମୀ ତତ୍)—
Ranāpeta ଯୁଦ୍ଧରୁ ପଳାୟିତ ବ୍ୟକ୍ତି—Fleeing away
(ରଣାପେତା—ସ୍ତ୍ରୀ) from battle.

ରଣାଭିଯାନ—ସ. ବ (୪ର୍ଥୀତତ୍; ରଣାର୍ଥ ଅଭିଯାନ)—ଯୁଦ୍ଧଯାତ୍ରା—
Ranābhijāna Military expedition.

ରଣାଭିଯୋଗ—ସ. ବ. (୬ଷ୍ଠୀ ବା ୭ମୀ ତତ୍)—ରଣରେ ନିଯୋଗ—
Ranābhijoga Engagement in battle; war-
(ରଣାଭିଯୁକ୍ତ—ବଣ) like encounter.

ରଣାୟୁଧ—ସ. ବ· (ମ. ପ. ଲୋ)—୧ । ଯୁଦ୍ଧାସ୍ତ୍ର—1. Weapon
Ranāyudha of war. ୨ । (ବହୁବ୍ରୀହି) କୁକ୍କୁଡ଼ା—2. Cock (M. W).

ରଣାଲଙ୍କରଣ—ସ. ବ—(ଏମାନେ ସଜ୍ଜିତ ସୈନ୍ୟଙ୍କ ପରି ଧାଡ଼ି ଧାଡ଼ି
Ranālankarana ହୋଇ ବସିବାରୁ ଓ ଉଡ଼ିବାରୁ; ତୁଳ ଇଂ. Adjutant bird)—କଙ୍କ ପକ୍ଷୀ—A sort of heron.

ରଣି—ଦେ. ବ. (ସ. ରଣାଲଙ୍କରଣ)—କଙ୍କ ପକ୍ଷୀ; ବଡ଼ିଆ କାକ—
Rani A sort of crane or heron.

ରଣିତ—ସ. ବଣ (ରଣ୍ ଧାତୁ=ଶବ୍ଦ କରିବା+କର୍ମ. ତ)—
Ranita ୧ । ଶବ୍ଦିତ—1. Sounded. ୨ । (ରଣ+କୃତାର୍ଥେ. ଇତ) କୃତରଣ—2. One who has fought. ସଂ. ବ. (ରଣ୍ ଧାତୁ+ଭାବ. ତ)—୧ । ଧ୍ୱନି; ଶବ୍ଦ—1. Sound; noise. ୨ । କ୍ୱଣନ; ରଣ-ଝଣ ଶବ୍ଦ—2. Rattling or jingling sound (Apte)).

ରଣି ପାଇକ—ପ୍ରାଦେ. (ଗଞ୍ଜାମ) ବ—ନିଶାର୍ଦ୍ଧରେ ଲୋକଙ୍କୁ ସତର୍କ
Rani pāika କରି ରଖିବା ପାଇଁ ନିଯୁକ୍ତ ପାଇକ—
The chaukidar or watchman who keeps guard at dead of night and warns people.

ରଣି ଫୁଲ—ଦେ· ବ. (ସଂ. ଶର୍ଣ ପୁଷ୍ପ)—ନିର୍ମଳ ଚନ୍ଦ୍ର କିରଣ ସଙ୍ଗେ
Rani phula ତୁଳନା କରାଯିବା ଏକ ପ୍ରକାର ଶୁଭ୍ରପୁଷ୍ପ; ରଣଫୁଲ
—A flower named in comparing bright moonlight. (ଯଥା—ଆଜ ରଣି ଫୁଲ ପରି ଜହ୍ନ ପଡ଼ୁଛି ।)

ରଣେଚର—ସଂ. ବଣ. ପୁଂ (ରଣେ+ଚର ଧାତୁ+କର୍ତ୍ତୃ. ଅ)—
Ranechara ଯୁଦ୍ଧଭୂମିରେ ଯୁଦ୍ଧ ବେଳେ ଯାଆସ କରୁଥିବା—
Going or moving about in the field of battle. ସଂ. ବ—ବିଷ୍ଣୁ (ହି. ଶ)—Bishnu

ରଣେସ୍ୱଚ୍ଛ—ସଂ. ବ—କୁକ୍କୁଡ଼ା—
Raneswachchha A cock (Apte).

ରଣୈଷୀ—ସଂ· ବଣ. ପୁଂ. (ରଣ+ଇଷ୍ ଧାତୁ+କର୍ତ୍ତୃ. ଇନ୍)—ଯୁଦ୍ଧ
Ranaishi କରିବାକୁ ଇଚ୍ଛୁକ—Eager for battle.
(ରଣୋତ୍ସୁକ, ରଣୋକାମ—ଅନ୍ୟରୂପ)
(ରଣୈଷିଣୀ; ରଣୋତ୍ସୁକା—ସ୍ତ୍ରୀ)

ରଣୋତ୍କଟ—ସଂ ବଣ. ପୁଂ (୭ମୀ ତତ୍)—ଯୁଦ୍ଧରେ ଉନ୍ମତ୍ତ—
Ranotkata Furious or mad in battle.
(ରଣୋତ୍କଟା—ସ୍ତ୍ରୀ) ସଂ. ବ—୧ । ସ୍କନ୍ଦାନୁଚର ବିଶେଷ—
. Name of an attendant of Skanda.
୨ । ଦୈତ୍ୟ ବିଶେଷ (ହରି ବଂଶ)—2. Name of a demon.

ରଣୋତ୍ସାହ—ସଂ. ବ. (୭ମୀ ତତ୍)—ସମର ବିଷୟରେ ସାହସିକତା—
Ranotsāha Prowess in battle.
(ରଣୋତ୍ସାହୀ—ବଣ. ପୁଂ ରଣୋତ୍ସାହିନୀ—ସ୍ତ୍ରୀ)

ରଣ୍ଡ—ସଂ. ବ. ପୁଂ (ରମ୍ ଧାତୁ+କର୍ତ୍ତୃ. ଡ)—୧ । ଧୂର୍ତ୍ତ—
Randa 1. Crafty; cunning. ୨ । ଧର୍ମହୀନ—
(ରଣ୍ଡା—ସ୍ତ୍ରୀ) 2. Impious. ୩ । ଆଶ୍ରମ ବର୍ଜିତ; ଯେ ସଂସାର-ଧର୍ମରେ ବା ଗାର୍ହସ୍ଥ୍ୟାଶ୍ରମରେ ପ୍ରବେଶ କରି ନାହିଁ—
3. Homeless; houseless; one who has not married. ୪ । ବନ୍ଧ୍ୟ—4. Impotent or barren (person). ୫। ଅଜାତାପତ୍ୟ—5. Child-less. ୬ । ଅଜାତ ଫଳ (ବୃକ୍ଷ)—6. Unfruitful; barren (tree). ୭ । ଅଣ୍ଡିରି ଗଛ—7. Male (tree). ୮ । ଅର୍ଦ୍ଧଚର୍ମାବଚ୍ଛିନ୍ନ ଅବୟବ ଯୁକ୍ତ—
8. Having a limb, the skin of which is half opened. ୯ । ବର୍ମହୀନ—9. Armourless; destitute of armour. ୧୦ । ଅସ୍ଥିର (ହି ଶ)—
10. Restless. ୧୧ । ହୀନାଙ୍ଗ; ବିକଳାଙ୍ଗ—
11. Maimed; mutilated. ସଂ. ବ—୧ । ଅଣ୍ଡିରି

ଗଛ—1. A barren tree (Apte). ୨ । ଋଂସନ୍ତାନ ଅବସ୍ଥାରେ ମୃତ ବ୍ୟକ୍ତି—2. A person who dies without a male issue.

ରଣ୍ଡକ—ସଂ. ବି. (ରଣ୍ଡ+ସ୍ୱାର୍ଥେ କ)—୧। ଅଫଳନ୍ତ ବା ଅଣ୍ଡିରା ଗଛ—
Randaka 1. Barren tree. ୨ । (ଏଥିର ଫଳ ଫୁଲ ନାହିଁ) ଦୃଢ଼ିକପର୍ଣ୍ଣୀ; ମୂଷାକାନ୍ନ ଦଳ—2. Salvania Culcullata; an aquatic plant. ୩ । ସଂସ୍କୃତ ଛନ୍ଦୋବିଶେଷ—3. Name of a Sanskrit metre.

ରଣ୍ଡା—ସଂ. ବି. ସ୍ତ୍ରୀ. (ରଣ୍ଡ+ଅ)—୧। ରାଣ୍ଡ; ବିଧବା—1. Widow.
Randā ୨ । ବେଶ୍ୟା—2. Prostitute; harlot. ୩ । (ରାଣ୍ଡ, ରାଣ୍ଡୀ—ଦେ. ରୂପ) ମୂଷାକାନ୍ନ ଦଳ—3. An aquatic plant; Salvania Cucullata.

ରଣ୍ଡାଶ୍ରମୀ—ସଂ. ବି. ପୁଂ (ରଣ୍ଡ=ଅଫଳ+ଆଶ୍ରମ+ଇନ୍; ୧ମା. ୧ବ)-
Randāsrami ୪୮ ବର୍ଷ ବୟସ ପରେ ଯେଉଁ ଲୋକର ସ୍ତ୍ରୀ ମରିଥାଏ—A widower after the age of 48.

ରଣ୍ଡୀ—ଦେ. ବି. (ସଂ ରଣ୍ଡା)—୧। ବିଧବା—1. Widow. ୨ ।
Randi ବେଶ୍ୟା—2. Harlot. ୩। ସ୍ତ୍ରୀ—3. A woman.
রাংড় रंडी ୪ । ପତ୍ନୀ—4. Wife. ୫ । (ସଂ.ଏରଣ୍ଡ) ଆସାମଦେଶ ଭେରେଣ୍ଡା ଜାତ ଏଣ୍ଡି ରେଶମ; ଏରଣ୍ଡି—5. Assam silk;
रेंडी, अरंडी Endi. ୬ । ଆସାମଜାତ ଏଣ୍ଡି ରେଶମର ବସ୍ତ୍ର—6. A cloth made of Assam silk or Endi.

ରଣ୍ଡିଆ—ଦେ. ବିଣ. ପୁଂ—ରଣ୍ଡିବାଜ୍ (ଦେଖ)
Randiā Randibāj (See)

ରଣ୍ଡିବାଜ୍—ଦେ. ବିଣ. ପୁଂ—(ସ. ରଣ୍ଡୀ+ଫା.ପ୍ରତ୍ୟୟ ବାଜ୍)—
Randibāj ୧ । କାମୁକ—1. Amorous. ୨ । ବେଶ୍ୟାପ୍ରିୟ—
রাংড়খোর, রাংড়বাজ रंडीबाज 2. Addicted to whores; (ରଣ୍ଡିବାଜିଆ—ଅନ୍ୟରୂପ) whoremonger. ୩ । ସ୍ତ୍ରୀ-ଆସକ୍ତ; ସ୍ତ୍ରୈଣ—3. Addicted to female society. ୪ । ଲମ୍ପଟ; ପରସ୍ତ୍ରୀରତ—4. Adulterous; lecherous; lewd.

ରଣ୍ଡିବାଜି—ଦେ. ବି.—୧ । କାମୁକତା—1. Amorousness;
Randibāji lewdness. ୨ । ବ୍ୟଭିଚାର; ଲମ୍ପଟତା—
রেণ্ডীবাজী; রাংড়বাজী रंडीबाज़ी 2. Lechery; adultery. fornication. ୩ । ବେଶ୍ୟାପ୍ରିୟତା—3. Fondness for the company of Whores.

ରତ—ସ. ବିଣ. ପୁଂ. (ରମ୍‌ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ତ)—୧ ।
Rata ଅନୁରକ୍ତ; ଲିପ୍ତ; ଆସକ୍ତ—1. Devoted to; attached to; addicted to. [ଉ—ହେବ ତୋ
(ରତା—ସ୍ତ୍ରୀ) ଏକାନ୍ତ କାନ୍ତ, ଛନ୍ଦରେ ବନ୍ଦିତ ସ୍ମିତ-,ହାସି,ସେ ତୋରେ ଜାଗତ ରତ ହେ । ଭଞ୍ଜ—ପ୍ରେମସୁଧାନିଧି ।] ୨ । ନିଯୁକ୍ତ; ବ୍ୟାପୃତ—2. Engaged in. ସ. ବି—୧ । (+ଭାବ ତ) ରମଣ; ରତି; ମୈଥୁନ—1. Copulation; sexual intercourse. ୨ ।(+ଅଧିକରଣ.ତ) ଗୁହ୍ୟ ଦେଶ—2. Anus; privities; private parts. ୩ । ଯୋନି (ଦ୍ର. ଶ.)—3. Female organ. ୪ । ଲିଙ୍ଗ (ଦ୍ର. ଶ)—4 Male organ. ୫ । (+କର୍ମ.ତ—ପ୍ରେମ; ପ୍ରଣୟ;ଅନୁରାଗ (ଦ୍ର. ଶ)—5. Love; attachment. ଦେ.ବି.—୧ । କେଳି-କୌତୁକ; ଆମୋଦ ପ୍ରମୋଦ—1. Amusements; sport. [ଉ—କହେ ମନ୍ଥ୍ୟ ମଣ୍ଡୂକ ମତ୍ତ ହୋଇ ରହିଲେ ସୁଖରେ ରତ । ଯାଜକୃଷ୍ଣ. ଭସକଣ୍ଟୋଇ ।] ୨ । ଆସକ୍ତି—2. Attachment; devotion. (ଯଥା—ଭାଇ ଏ ବିଷୟରେ ଖୁବ ରତ ଲାଗିଛି ।)

ରତ କୀଳ—ସ. ବି. ପୁଂ(ବହୁବ୍ରୀହି; ରତ=ମୈଥୁନ+କୀଳ=ବନ୍ଧନ
Rata kīla ଯାହାର)—କୁକୁର—Dog. (ଦ୍ର—କୁକୁରଙ୍କର ସଙ୍ଗମ କଷ୍ଟଦାୟକ ଓ ଘାତଦଣ୍ଡଭଙ୍କର ଅରେ ସଙ୍ଗମ ଆରମ୍ଭ ହେଲେ ସହଜରେ ସେ ଦୁହିଙ୍କର ଛୋଡ଼
(ରତକୀଳକ—ଅନ୍ୟରୂପ,ରତକୀଳା—ସ୍ତ୍ରୀ) ଛାଡ଼ିପାଏ ନାହିଁ ।]

ରତ କୂଜିତ—ସ ବି—(୭ମୀ ତତ୍) - ସ୍ତ୍ରୀସଙ୍ଗମ କାଳରେ ସ୍ତ୍ରୀକଣ୍ଠ-
Rata kūjita ନିଃସୃତ ସୁଖବ୍ୟଞ୍ଜକ ଅବ୍ୟକ୍ତ ମଧୁର ଧ୍ୱନି; ଶୀତ୍କାର; ମଣିତ—Lascivious low murmur uttered by a woman during coition; Sonitus in Coita.

ରତ ଗୁରୁ—ସ. ବି. ପୁଂ—(୭ମୀ ତତ୍; ରତ ବିଷୟରେ ଗୁରୁ)—ସ୍ୱାମୀ;
Rata guru ପତି—Husband

ରତ ଗୃହ—ସ. ବି. ଯୋନି—Female organ; Pudendum
Rata gṛuha Muliebre (M. W)

ରତ ଜ୍ୱର—ସଂ. ବି—(ବହୁବ୍ରୀହି)—କାକ; ବାୟସ—
Rata jwara Crow.

ରତ ତାଳୀ—ସଂ. ବି. ପୁ. (ରତ+ତାଳ ଧାତୁ=ପ୍ରତିଷ୍ଠିତ ହେବା+
Rata tāli କର୍ତ୍ତୃ. ଇନ୍; ୧ମା. ୧ବ)—୧ । କାମୁକ ବ୍ୟକ୍ତି; ଲମ୍ପଟ—1. A libertine; lecher, a voluptuary. ୨ । କୁଟ୍ଟନୀ; ରମଣଦୂତ—2. A panderer; whore monger. ୩ । (ସଂ.ବି. ସ୍ତ୍ରୀ; ରତ+ତାଳ+ଈ)—୩ । ଦୂତୀ, କୁଟ୍ଟନୀ—3. A bawd, procuress.

ରତନ—ଗ୍ରା. ବି. (ସଂ.ରତ୍ନ)—୧ । ରତ୍ନ (ଦେଖ)—1. Ratna(See)
Ratana [ଉ—ଦେଖା କରାଇଲେ ଯତନେ ମହର୍ଷି-ରତନ
রতন रतन ପଣକୁ ଦିଶ । ରଘୁନାଥ. ପାଙ୍କଣ୍ଟୀ ।] ୨ । ରତ୍ନାକରର ଡାକ ନାମ—2. Name for calling Ratnakara. ୩ । ବହୁ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତି—3. Pre-eminent person. ଗ୍ରା. ବିଣ—ଶ୍ରେଷ୍ଠ—Excellent; chief.

ରତନ ହାସା(ସୀ)—ଗ୍ରା. ବିଣ. ସ୍ତ୍ରୀ— ସଂ. ରତ୍ନ+ହାସ; ଯାହାର ହାସ୍ୟ
Ratana hāsā(si) ମଧୁରତାରେ ରତନ ସଙ୍ଗେ ତୁଳନା

କରୁଯାଏ ।]—ମଧୁରହାସିନୀ—Sweet-smiling (woman)

ରତନା—ଗ୍ରା. ବି. ପୁଂ—ରତ୍ନାକରର ଅନାଦରାର୍ଥକ ଡାକ ନାମ—Ratanā Name for calling Ratnākara.

ରତନା(ନେ)ଇ—ଦେ. ବି. ସ୍ତ୍ରୀ (ସଂ. ରତ୍ନଦାୟିନୀ)—ଦେବୀ ବିଶେଷ Ratanā(ne)ī —Name of a popular goddess.

ରତ ନାରୀ(ରୀ)ଚ—ସଂ. ବି (ରତ+ନାରୀ+ଚ ଧାତୁ=ଏକତ୍ର କରିବା +ସ୍ୱାର୍ଥେ ଅ; ରତ+ନାରୀଚ; ବହୁବ୍ରୀହି) Rata nārī(rā)cha —୧ । କୁକ୍କୁର—1. Dog. ୨ । କାମଦେବ—2. Cupid. ୩ । ଷିଡ୍ଗ; ଲମ୍ପଟ ବ୍ୟକ୍ତି—3. A lecher; a libertine; a voluptuary. ୪ । ରତିଦସ୍ୟୁ; ରମଣଚୋର—4. Ravisher. ୫ । ରତି କୂଜିତ; ଶୀତ୍କାର; ମଣିତ.5. Lascivious murmur of a lady in rapture during sexual congress.

ରତ ନିଧି—ସଂ. ବି (ବହୁବ୍ରୀହି)—ଖଞ୍ଜନପକ୍ଷୀ; କଜଳପାତି ପକ୍ଷୀ—Rata nidhi The wagtail bird.

ରତନୀ—ଦେ. ବି—ରତ୍ନମଣିର ଡାକନାମ—A name for Ratanī calling Ratnamaṇi.

ରତ ବନ୍ଧ—ସଂ. ବି (୭ମୀ ତତ୍)—୧ । ରମଣ—1. Sexual Rata bandha intercourse (M.W.). ୨ । ରମଣ କରିବା ବିଷୟରେ ଭିନ୍ନ ଭିନ୍ନ ଅବସ୍ଥିତି—2. Different poses during sexual congress.

ରତବାନ୍—ସଂ. ବିଣ. ପୁଂ (ରତ+ବତ୍; ୧ମ.୧ବ)—୧ । ସନ୍ତୁଷ୍ଟ—Ratabān 1. Satisfied; pleased (M. W.). (ରତବତୀ—ସ୍ତ୍ରୀ) ୨ । ସୁଖୀ—2. Happy (M. W.).

ରତ ବିଶେଷ—ସଂ. ବି (ବହୁବଚନ)—ରମଣ ସମୟରେ ଅବଲମ୍ବିତ Rata bisesha ଭିନ୍ନଭିନ୍ନ ଅବସ୍ଥିତି—The various kinds of sexual union (M.W.)

ରତ ବ୍ରଣ—ସଂ. ବି. ପୁଂ (ବହୁବ୍ରୀହି, ରତ+ବ୍ରଣ=କ୍ଷତ; ରତିଦ୍ୱାର Rata braṇa ଏମାନଙ୍କର ଜନନେନ୍ଦ୍ରିୟ କ୍ଷତଯୁକ୍ତ ହୁଏ)—କୁକୁର— (ରତଶାୟୀ—ଅନ୍ୟରୂପ; ରତବ୍ରଣା, ରତଶାୟିନୀ—ସ୍ତ୍ରୀ) Dog.

ରତ ମାନସ—ସଂ.ବିଣ. ପୁଂ (ବହୁବ୍ରୀହି)—ସନ୍ତୁଷ୍ଟମନାଃ—Rata mānasa Having a delighted mind.

ରତ ରତ—ଦେ. ବିଣ (ସଂ. ରକ୍ତ)—୧ । ଅସ୍ତୋନ୍ମୁଖ (ସୂର୍ଯ୍ୟ)—Rata rata 1. (the sun) About to set. ୨ । ଶେଷ ହେଉଥିବା (ଦିବସ)—2. [the day] About to end. [ଯଥା—ଦିନକଦିନ ଦିନ ଓସର-ଓସର ବେଳ ରତରତ, ଗୋଠାଏ ମୂଳକରେ ଜାହାଜ ଲଙ୍ଗର କଲା । ଫକୀରମୋହନ. ଗଳ୍ପସ୍ୱଳ୍ପ] । ଦେ. ବି—

ସ୍ରତରତ ୧ । (ସୂର୍ଯ୍ୟର) ଅସ୍ତୋନ୍ମୁଖ ଅବସ୍ଥା—1. The state
रतरत of the sun immediatel before setting. ୨ । ଦିବାବସାନ; ସନ୍ଧ୍ୟାର ପ୍ରାକ୍କାଳ—2. The time just before sunset.

ରତରତ ହେବା—ଦେ. କ୍ରି (ସୂର୍ଯ୍ୟ କର୍ତ୍ତା ସଙ୍ଗେ ଯୁକ୍ତ)—Ratarata hebā ଉଡ଼ା ମାରିବା—About to set. ଦେ.

ସ୍ରତରତ କରା ବି (ଦିନ ବା ବେଳ କର୍ତ୍ତା ସଙ୍ଗେ ଯୁକ୍ତ)—ବୁଡ଼ିବାର
रतरत होना ଅବ୍ୟବହିତ ପୂର୍ବାବସ୍ଥା—Time just before (sunset). [ପ୍ରୟୋଗ—ଦିନ ରତରତ ହେଲାଣି =ବର୍ତ୍ତମାନ ସନ୍ଧ୍ୟା ହୁଅଇ; ସୂର୍ଯ୍ୟ ରତରତ ହେଲେଣି = ସୂର୍ଯ୍ୟ ଅସ୍ତାଚଳୋନ୍ମୁଖ ହେଲେଣି (The sun is about to set)]

ରତର୍ଦ୍ଧିକ—ସଂ. ବି (ରତ=ଆନନ୍ଦ+ଋଦ୍ଧି=ବୃଦ୍ଧି+କୃ ଧାତୁ+କର୍ତ୍ତୃ. Ratarddhika ଅ)—୧ । ଦିବସ—1. Day. ୨ । ସୁଖସ୍ନାନ—2. A pleasure-bath; bathing for pleasure. ୩ । ଅଷ୍ଟମଙ୍ଗଳ; ଅଠଗୋଟି ଶୁଭସୂଚକ ବସ୍ତୁର ସମନ୍ୱୟ; ଅଠପ୍ରକାର ମାଙ୍ଗଲ୍ୟ ଦ୍ରବ୍ୟ—3. The aggregate of 8 auspicious objects. [ଯଥା—ବ୍ରାହ୍ମଣ, ଗୋ, ଅଗ୍ନି, ସ୍ୱର୍ଣ୍ଣ, ଘୃତ, ଆଦିତ୍ୟ, ଜଳ ଓ ରାଜା;

ମତାନ୍ତରରେ—ସିଂହ, ବୃଷ, ହସ୍ତୀ, ଜଳକୁମ୍ଭ, ବ୍ୟଜନ ଧ୍ୱଜ, ଶଙ୍ଖ ଓ ଦୀପ ।] ୪ । ଗ୍ରୀବାଗ୍ର, ପୁଚ୍ଛ, ମୁଖ, ବକ୍ଷସ୍ଥଳ ଓ ପୃଷ୍ଠ, ଏହି ଅଠଗୋଟି ସ୍ଥାନରେ ମଙ୍ଗଳସୂଚକ ଶ୍ୱେତଚିହ୍ନ ଯୁକ୍ତ ଅଶ୍ୱ—4. A horse with auspicious white patches on eight parts of its body.

ରତଶାୟୀ—ସଂ. ବି.ପୁଂ (ରତ=ରମଣ+ଶୀ ଧାତୁ+କର୍ତ୍ତୃ. ଇନ୍)—Rataśāyī (ରତଶାୟିନୀ=ସ୍ତ୍ରୀ) କୁକ୍କୁର—Dog.

ରତ ହିଣ୍ଡକ—ସଂ. ବି. ପୁଂ (ରତ+ହିଣ୍ଡି ଧାତୁ=ଗମନ କରିବା+ Ratahiṇḍaka କର୍ତ୍ତୃ. ଅକ)—୧ । ଲମ୍ପଟ—1. Lecher; adulterer. ୨ । ସ୍ତ୍ରୀଚୋର; ନାରୀ ଅପହାରକ ବ୍ୟକ୍ତି —2. One who carries off women for violating them; a seducer of women (M.W.) ୩ । ବଳାତ୍କାର ପୂର୍ବକ ସ୍ତ୍ରୀ ରମଣକାରକ ବ୍ୟକ୍ତି —3. A ravisher.

ରତା(ତ୍ତା)—ଦେ. ବି (ସଂ. ରକ୍ତ ମତ୍ସ୍ୟ)—୧ । ମାଗୁରଜାତୀୟ କ୍ଷୁଦ୍ର ଓ Ratā(ttā) ଈଷତ୍ ରକ୍ତାଭ ଅଶଲକୀ ମତ୍ସ୍ୟ—1. A kind छोट मांगुर of scaleless fish; Clarius Raktāk. ୨ । ମୁଖର ଗ୍ଲାନିବିଶେଷ; ମୁଖର ରକ୍ତାଭ ହେବା ରୋଗ-ବିଶେଷ—2. A kind of rosy discoloration of the face. ୩ । (ସଂ. ରତ) ଆସକ୍ତି—3. Attachment. [ଯଥା—ବାଂଧି ବୁଦ୍ଧି ସୀତା ମଧୁରତା ରତା ମୁଖ ଯେ—ଉପେ. ବୈଦେହୀଶବିଳାସ ।] ଦେ. ବିଣ—ଅନୁରକ୍ତ; ଆସକ୍ତ—Devoted to; attached to. [ଯଥା—ବୈଜୟନ୍ତୀମାଳାଧର ଧରଣୀ କନ୍ଦତା, ବର୍ଣ୍ଣ ଧର କେଉଁ ଧରନ୍ତୀଶ ଭୁଲେ ରତା—ଉପେ. ବୈଦେହୀଶବିଳାସ ।] ଗ୍ରା. ବିଣ (ସଂ. ରକ୍ତାଭ)-

ରକ୍ତବର୍ଣ୍ଣବିଶିଷ୍ଟ—Red. [ଉ—କଳିତ କୋମଳ ବାହୁଲତା ରତା ପାଣି, ଶିରସ ମାଳାରେ ଚୋକନବ ଝୁମ୍ପା ଚାଣି—ଶିଶୁଶଙ୍କର. ଉଷାଅଭିଳାଷ ।]

ରତାନ୍ତ—ସଂ. ବ (୬ଷ୍ଠୀ ତତ୍; ରତ+ଅନ୍ତ)—ରତିର ସମାପ୍ତି—
Ratānta The end of sexual enjoyment.
(ରତାବସାନ—ଅନ୍ୟରୂପ)

ରତାନ୍ଦୁକ—ସଂ. ବ (ବହୁବ୍ରୀହି; ରତ+ଅନ୍ଦୁକ=ଶୃଙ୍ଖଳ; ରତ ଯାହାର ଶୃଙ୍ଖଳସ୍ୱରୂପ)—କୁକ୍କୁର—
Ratānduka The dog.

ରତାନ୍ଧ୍ରୀ—ସଂ. ବ—କୁହୁଡ଼ିକା; କୁହୁଡ଼ି—
Ratāndhrī Fog; mist.

ରତା ବୁଡ଼ିବା—ଦେ.ବ—ସୂର୍ଯ୍ୟାସ୍ତବେଳା—
Ratā burdiba Time of sunset.
सूर्य्यास्त समय सूरज डुबना

ରତାମର୍ଦ୍ଦ—ସଂ. ବ (ବହୁବ୍ରୀହି; ରତ+ଅମର୍ଦ୍ଦ=ଉତ୍ପୀଡ଼ନ; ରତ ଯାହା ପକ୍ଷରେ ଆମର୍ଦ୍ଦ ଅଟେ)—କୁକ୍କୁର—
Ratāmardda The dog.
(ରତାମର୍ଦ୍ଦୀ—ସ୍ତ୍ରୀ)

ରତା ମାଟି—ପ୍ରାଦେ (ଗଡ଼ଜାତ) ବ. (ସଂ. ରକ୍ତାବ+ମୃତ୍ତିକା)—ଈଷତ୍ ଲାଲଆବର୍ଣ୍ଣବିଶିଷ୍ଟ ମାଟି—Soil with a
Ratā māti
लालचे माटि लाल मिट्टी redish colour.

ରତା ମାରିବା · ଦେ. ବ. (ସଂ. ରକ୍ତ; ସୂର୍ଯ୍ୟାସ୍ତ ସମୟରେ ପଶ୍ଚିମାକାଶର ରକ୍ତିମା)—ସୂର୍ଯ୍ୟାସ୍ତ ହେଉଥିବା ସମୟ; ଦିନ
Ratā māribā
(ଦିନ ରତା ମାରିବା, ସୂର୍ଯ୍ୟ ରତା ମାରିବା—ଅନ୍ୟରୂପ) ରତରତ ହେବା—The time when the sun is setting.
ଦେ.କ୍ରି—୧ । (ସୂର୍ଯ୍ୟ କର୍ତ୍ତା ସଙ୍ଗେ ବ୍ୟବହୃତ)—ଅସ୍ତାଚଳୋନ୍ମୁଖ ହେବା; ବୁଡ଼ିବାର ଉପକ୍ରମ କରିବା—1, (The sun) About to set. ୨ । (ଦିନ କର୍ତ୍ତା ସଙ୍ଗେ ବ୍ୟବହୃତ); ବୁଡ଼ିବାର ଉପକ୍ରମ ହେବା—2, (The day) About to close.

ରତା ମୁହାଁ—ଦେ. ବଣ. ପୁଂ.—(ସଂ. ରକ୍ତ+ମୁଖ)—୧ । ଯେ ସବୁବେଳେ ମୁହଁକୁ ବିରସ କରିଥାଏ—1, Having
Ratāmuhāṅ
গোমরামুখো a frowning or scowling face. ୨ ।
चुपसयतान ତୁପ୍ ସଇତାନ୍—2. A person who is out-
(ରତାମୁହାଁ—ସ୍ତ୍ରୀ) wardly meek but is very wicked.
୩ । କୋପନ ସ୍ୱଭାବ ବ୍ୟକ୍ତି—3. A person of an angry temper. ୪ । ଯେଉଁ ବ୍ୟକ୍ତିର ମୁହଁ ସର୍ବଦା କ୍ରୋଧରେ ଆରକ୍ତ—4. With a countenance red with anger.

ରତାୟନୀ—ସଂ. ବ· ସ୍ତ୍ରୀ—(ବହୁବ୍ରୀହି, ରତ+ଅୟନ=ଗମନ+ଈ)—
Ratāyanī ବେଶ୍ୟା—Harlot; whore; prostitute.

ରତାରମ୍ଭ—ସଂ. ବ—(୬ଷ୍ଠୀ ତତ୍)—ରତି କ୍ରିୟାର ଆରମ୍ଭ—The
Ratārambha beginning or commencement of sexual congress. (M. W).

ରତାର୍ଥୀ—ସଂ. ବଣ. ପୁଂ—(ରତ+ଅର୍ଥ+ଇନ୍; ୧ମା. ୧ବ.)—୧ ।
Ratārthī ମୈଥୁନାଭିଳାଷୀ—1. Libidinous; longing for copulation. ୨ । କାମୁକ—2, Lustful;
(ରତାର୍ଥିନୀ—ସ୍ତ୍ରୀ) lascivious; wanton.

ରତାଳିଆ—ପ୍ରାଦେ· (ଧାମନଗର) ବି· ବଣ.—ସମ୍ପୂର୍ଣ୍ଣରୂପେ ଶୁଖି ନ
Ratālia ପାରି ରକ୍ତବର୍ଣ୍ଣ ଦେଖାଯିବା [ବଡ଼ି]—Looking reddish on account of not being dried up completely (said of balls of corn-paste).
[ପ୍ରୟୋଗ—ବଡ଼ି ରତାଳିଆ ହୋଇଛି ।]

ରତାସକ୍ତ—ସଂ. ବଣ. ପୁଂ.—[୭ମୀ ତତ୍]—କାମୁକ—
Ratāsakta Lascivious; libidinous.
[ରତାସକ୍ତା—ସ୍ତ୍ରୀ] [ରତାସକ୍ତି—ବ]

ରତି—ସଂ. ବ ସ୍ତ୍ରୀ—(ରମ୍ ଧାତୁ=କ୍ରୀଡ଼ା କରିବା+ଭାବ. ତି)—୧ ।
Rati କ୍ରୀଡ଼ା—1. Play; sport. ୨ । ଆସକ୍ତି; ଅନୁରାଗ—2. Attachment; passion; fondness. ୩ । ପ୍ରୀତି; ପ୍ରଣୟ; ପ୍ରେମ—3. Love. [ଦ୍ର—ଏହା ଶୃଙ୍ଗାର ରସର ସ୍ଥାୟୀ ଭାବ ଅଟେ ।] ୪ । ସନ୍ତୋଷ—4. Pleasure; delight; satisfaction. ୫ । ରମଣ;ସମ୍ଭୋଗ; ମୈଥୁନ—5. Copulation; sexual enjoyment. [ଦ୍ର—ହିନ୍ଦୁ କାମଶାସ୍ତ୍ରରେ ରତି ବା ମୈଥୁନ ପ୍ରକ୍ରିୟା ଉପଲକ୍ଷରେ ଯିବ ଭିନ୍ନ ୧୬ ଗୋଷ୍ଠ ଓ ମତାନ୍ତରରେ ୬୪ ଟି ବନ୍ଧ ବର୍ଣ୍ଣିତ ହୋଇଅଛି । (ରତିବନ୍ଧ ଦେଖ) ।] ୬ । ଗୁହ୍ୟଦେଶ—6. Privities. ୭ । (+କର୍ତ୍ତୃ.ତି)—କାମଦେବଙ୍କ ପତ୍ନୀ—7. The wife of God Cupid. [ଦ୍ର—ଏ ଦକ୍ଷ ପ୍ରଜାପତିଙ୍କ ସ୍ୱେଦସ୍ରାବରୁ ଜାତ ସ୍ୱେଦଜା କନ୍ୟା (ହ. ଶ.) ଏହାଙ୍କ ସ୍ୱାମୀ ମଦନ ହରକୋପାନଳରେ ଭସ୍ମୀଭୂତ ହେବାରୁ ଦେବାଦେଶରେ ଏ ଶମ୍ବର ଦୈତ୍ୟର ଘରେ ମାୟାବତୀ ନାମ ଧାରଣ କରି ଅବସ୍ଥାନ କରୁଥିଲେ ଓ ପରେ ସ୍ୱାମୀ ପ୍ରଦ୍ୟୁମ୍ନ ରୂପରେ ଜନ୍ମ ହେବାରୁ ତାଙ୍କ ସଙ୍ଗେ ମିଳିତା ହେଲେ । ଇତିଙ୍କର ରୂପ ସଂସାରର ସବୁ ସ୍ତ୍ରୀଙ୍କ ମଧ୍ୟରେ ସୁନ୍ଦରତମ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ।] ୮ । ସଙ୍ଗତି; ମିଳନ—8. Union; conjunction [ଉ—ଯେ ଯୋଗୀନ୍ଦ୍ର ସଙ୍ଗେ ସେବ କଲେ, ସେ ରତି ଲଭେ ବ୍ରହ୍ମ ଭୁଲେ । ଜଗନ୍ନାଥ· ଭାଗବତ. ।] ୯ । ଇନ୍ଦ୍ରିୟ ସୁଖ; ରତି ସୁଖ—9. Sexual pleasure (Apte). ୧୦ । (+ଅଧିକରଣ. ତି) ଯୋନି—10. Pudenda (Apte). ୧୧ । ଚନ୍ଦ୍ରର ୬ଷ୍ଠ କଳାର ନାମ—11. Name of the 6th digit of the moon (Apte).
ଦେ. ବ (ସଂ. ରକ୍ତିକା; ରତ୍ତି; ରତ୍ତିକା)—୧ । ଗୁଞ୍ଜାଫଳ—1. A red berry (used as goldsmiths' weight); Abrus Precatorius. ୨ । ରତିଫଳ (ଦେଖ)—2. Ratiphala (See). ୩ । ଓଜନର

ପରିମାଣବିଶେଷ—3. A standard weight (=2⅜ grains of English weight) [ଉ—ବିଶେଷ ରତିରେ କେ ହୋଇବ ବସ୍ତ୍ର, ବଣିକସ୍ତ୍ରୀବେ ତହିଁ ବଣିଜ କର—ଭଞ୍ଜ. ବୈଦେହୀଶବିଳାସ ।] [ଦ୍ର—୧ ଭରି=୧୦ ମସା; ୧ ମସା=୮ ରତି; ୧ ରତି =୪ ଧାନ।] ୪। (ଲକ୍ଷଣାର୍ଥ) ଅତି ସାମାନ୍ୟପରିମିତ ବସ୍ତୁ—4. (figurative) A very little quantity of a thing. ୫। ଅତି କ୍ଷୁଦ୍ରପରିମାଣ—5. A very little quantity. [ଉ—ରତିକର ଭୁଲା ତୋର, ରତି କରକ ରଦନା ଊଣା ହେବ—କବିସୂର୍ଯ୍ୟ. ଭ୍ରମ ଗୀତ ।]

ରତିଏ—ଦେ. ଅ—୧। ଏକ ରତିମାତ୍ର; ଓଜନରେ ୧ ରତି— 1. One rati or 4 grains only. ୨। (ଲକ୍ଷଣାର୍ଥ) ଅତି ସାମାନ୍ୟ ପରିମାଣବିଶିଷ୍ଟ—2. (figurative) Very slight; a particle of [ଯଥା—ତୋ କଥାରେ ରତିଏ ସତ ନାହିଁ] ୩। ଅତି ସାମାନ୍ୟରେ—3. Very slightly. [ଉ—ରତିଏ ସେ ଯହିଁ ଭୁଲନା ତୋହିଲ୍ଲ—ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ]।
Rati
এক রতি
एक रत्ती

ରତିକର—ସଂ. ବିଣ (ରତି+କୃ ଧାତୁ+କର୍ତ୍ତୃ. ଅ)—୧। ଆନନ୍ଦଦାୟୀ—1. Giving pleasure (Apte). ୨। ପ୍ରେମମୁଗ୍ଧ—2. Enamoured; being in love [M. W.] ସଂ. ବି—ସମାଧି ବିଶେଷ—Name of a particular Samādhi; [M. W.]
Ratikara
[ରତିକରା—ସ୍ତ୍ରୀ]

ରତିକରା—ସଂ. ବି. ସ୍ତ୍ରୀ [ରତିକର+ସ୍ତ୍ରୀ. ଆ]—ଅପ୍ସରାବିଶେଷ—Name of an Apsarā [M. W.]
Ratikarā

ରତି କରିବା—ଦେ. କ୍ରି—ମୈଥୁନ କରିବା—To copulate.
Rati karibā
রতি করা
रति करना

ରତିକର୍ମ—ସଂ. ବି (ରତି+କର୍ମନ୍; ରୂପକ)—ସ୍ତ୍ରୀ ପୁରୁଷଙ୍କର ମୈଥୁନରୂପ କାର୍ଯ୍ୟ—The act of coition or copulation: sexual intercourse.
Rati karma
ରତିକ୍ରିୟା, ରତିକ୍ରୀଡ଼ା } ଅନ୍ୟରୂପ

ରତି କଳା—ସଂ. ବି[ରୂପକ; ରତି+କଳା]—ରତି ବିଦ୍ୟା—The art or science of copulation; sexual science. ଦେ. ବି. ସ୍ତ୍ରୀ.—ସ୍ତ୍ରୀଙ୍କୁ ଦିଆଯିବା ନାମ—A name given to females.
Rati kalā

ରତିକାମୀ—ସଂ. ବିଣ. ପୁଂ (ରତି+କାମିନ୍; ୭ମୀ. ତତ୍)—ରମଣେଚ୍ଛୁ; କାମୁକ—Amorous; libidinous; soliciting coition.
Ratikāmi
(ରତିକାମ୍, ରତାର୍ଥୀ, ରତାର୍ଥକ—ଅନ୍ୟରୂପ)
(ରତିକାମିନୀ—ସ୍ତ୍ରୀ)
(ରତିକାମନା, ରତାର୍ଥା—ବିଶେଷ୍ୟ)

ରତି କୁଶଳ—ସଂ. ବିଣ. ପୁଂ (୭ମୀ ତତ୍)—ରମଣ କ୍ରିୟାରେ ବା ରତିଶାସ୍ତ୍ରରେ ପଟୁ—Skilful in coition; versed in sexual science.
Rati kusạla
(ରତିକୁଶଳା—ସ୍ତ୍ରୀ)
(ରତିକୁଶଳତା, ରତିକୌଶଳ—ବି)

ରତି କୁହର—ସଂ. ବି (ମ. ପ. ଲୋ)—ସ୍ତ୍ରୀଯୋନି—Frmale organ; the vulva; vagina.
Rati kuhara
(ରତିକୂପ, ରତିକୂପକ, ରତିକୂପିକା—ଅନ୍ୟରୂପ)

ରତି ଖେଡ଼(ଲ)—ଦେ. ବି.—(ସଂ.ରତିକ୍ରୀଡ଼ା)—ରତି କର୍ମ (ଦେଖ)—Rati karma (See)
Rati kherda(la)
রতি খেলা
रति खेल

ରତି ଗୃହ—ସଂ. ବି (ମ. ପ. ଲୋ)—୧। ରତିକୁହର (ଦେଖ)—1. Ratikuhara. (See) ୨। କେଳିମନ୍ଦିର; ସ୍ତ୍ରୀ ପୁରୁଷଙ୍କର ରତିକ୍ରୀଡ଼ା ଯେଉଁ ଗୃହରେ ହୁଏ—2. A room where a couple copulate. ୩। କ୍ରୀଡ଼ାମନ୍ଦିର—3. A pleasure house. (Apte). ୪। ବେଶ୍ୟାଗୃହ—4. A brothel. (See)
Rati gruha
ରତି ସଦନ, ରତି ଭବନ, ରତି ମନ୍ଦିର } ଅନ୍ୟରୂପ

ରତି ଖିନ୍ନ—ସଂ. ବିଣ. ପୁଂ (୩ୟା ତତ୍)—ଅତିରିକ୍ତ ରତିକ୍ରିୟାହେତୁ ଅବସନ୍ନ—Fatigued by excessive sexul enjoyment; languid on account of excessive cohabitation.
Rati khinna
(ରତିଖିନ୍ନା—ସ୍ତ୍ରୀ)
ରତିକ୍ଲାନ୍ତ, ରତିଗ୍ଲାନ, ରତିଶ୍ରାନ୍ତ } ଅନ୍ୟରୂପ—
[ରତିଖିନ୍ନତା—ବିଶେଷ୍ୟ]

ରତି ଖେଦ—ସଂ. ବି (ମ. ପ. ଲୋ)—ରତିକ୍ରିୟାଜନିତ ଅବସାଦ ବା ଗ୍ଲାନି—Langour due to sexual enjoyment.
Rati kheda
[ରତିକ୍ଲାନ୍ତି, ରତିଗ୍ଲାନି, ରତିଶ୍ରମ, ରତିଶ୍ରାନ୍ତି—ଅନ୍ୟରୂପ)

ରତି ଚେଷ୍ଟା—ସଂ. ବି (୭ମୀ ତତ୍)—କାମଚେଷ୍ଟା; ରମଣ ସମ୍ବନ୍ଧୀୟ ବିବିଧ ଅନୁସଙ୍ଗିକ ଓ ଅନୁପୂର୍ବିକ କର୍ମ—[ରତିଚେଷ୍ଟିତ—ଅନ୍ୟରୂପ] [ଯଥା—ଆଲିଙ୍ଗନ, ଚୁମ୍ବନ, ଦନ୍ତନଖ କ୍ଷତ, ଅଙ୍ଗସ୍ଖଳନ, ଅପାଙ୍ଗଦୃଷ୍ଟି, ସ୍ତନମର୍ଦ୍ଦନ)—Acts preliminary to and done in the course of sexual congress (e. g. embracing, kissing, scratching with the finger-nails and teeth, patting on different limbs to excite passion, casting amorous glances, assuming different suggestive postures, pressing of the woman's breast.)
Rati cheshtā

ରତି ଚୋର—ଦେ. ବି (ସଂ. ରତିଚୌର)—ରତି ଚୌର (ଦେଖ)—Rati chaura.
Rati chora

ରତି ଚୋରି—ଦେ. ବି (ସଂ. ରତିଚୌର୍ଯ୍ୟ)—ଗୁପ୍ତ ପ୍ରଣୟ; ଚୋର ପ୍ରୀତି ବା ରତି—Secret love. [ଉ—ଏହି ସମୟେ ରତର ପାହାସ, କହିଲ କନ୍ୟାପୁରେ ରତିଚୋର । ଶିଶୁଶଙ୍କର. ଉଷାଅଭିଳାଷ ।]
Rati chori
গুপ্তপ্রেম
रतिचोरी

ରତି ଚୋର—ସଂ. ବି. ପୁଂ (୭ମୀ ତତ୍)—୧ । ଗୁପ୍ତପ୍ରଣୟକାରୀ—
Rati chaura 1. A secret lover; seducer. ୨ । ଯେ
[ରତି ତସ୍କର—ଅନ୍ୟରୂପ] ଚୌର୍ଯ୍ୟାବଲମ୍ବନପୂର୍ବକ ରତି
ରତିଚୌର୍ଯ୍ୟ } କରେ—
ରତିତସ୍କରତା } କର୍ମବାଚକ ବିଶେଷ୍ୟ] 2. A ravisher.
ରତିଚାତୁର୍ଯ୍ୟ }

ରତିଜ୍ଞ—ସଂ. ବିଣ. ପୁଂ (ରତି+ଜ୍ଞା. ଧାତୁ+କର୍ତ୍ତୃ. ଅ)—୧ । ରତି
Ratijña ବିଷୟରେ ଅଭିଜ୍ଞ—1. Skilled in the art of
[ରତିଜ୍ଞା—ସ୍ତ୍ରୀ] sexual intercourse. ୨ । ପ୍ରେମ ବିଷୟରେ
[ରତିଜ୍ଞତା—ବି] ଅଭିଜ୍ଞ—2. Skilled in the art of love. (M. W).

ରତି ଦାନ—ସଂ. ବି. (୬ଷ୍ଠୀ ତତ୍)—୧ । କୌଣସି ବ୍ୟକ୍ତିକୁ ମୈଥୁନ-
Rati dāna ସୁଖ ଦେବା; ସହବାସକରଣ [ଦ୍ର—ସାଧାରଣତଃ
ରତିଦ—ପୁଂ } ବିଣ ସ୍ତ୍ରୀ ପୁରୁଷକୁ ରତି ଦାନ କରିବା କୋହାଯାଏ]
ରତିଦା—ସ୍ତ୍ରୀ } 1. Cohabitation; sexual intercourse; granting a person the pleasure of sexual enjoyment (said of a woman in relation to a man and vice versa.)
୨ । ଆନନ୍ଦ ଉତ୍ପାଦନ—2. Giving of pleasure to a person.

ରତିଦାନ କରିବା—ଦେ. କ୍ରି—ସ୍ତ୍ରୀ ପୁରୁଷକୁ ଓ ପୁରୁଷ ସ୍ତ୍ରୀକୁ ସଙ୍ଗମ
Ratidāna kariba ସୁଖ ଭୋଗ କରିବାକୁ ସୁବିଧା ଦେବା—
রতিদান করা To let a person cohabit with
रति दान करना (ରତି ଦେବା—ଅନ୍ୟରୂପ) one's self.

ରତି ଦୂତୀ—ସଂ. ବି. ପୁଂ (୬ଷ୍ଠୀ ତତ୍)—ପ୍ରଣୟୀ ଓ ପ୍ରଣୟିନୀଙ୍କ ମଧ୍ୟରେ
Rati dūti ସଂବାଦ ବାହକ—Love-messenger.
(ରତି ଦୂତୀ—ସ୍ତ୍ରୀ)

ରତି ନାଗ—ସଂ ବି—ରତିବନ୍ଧ ବିଶେଷ; କାମଶାସ୍ତ୍ରୋକ୍ତ ଷୋଡ଼ଶ ବନ୍ଧ
Rati nāga ମଧ୍ୟରୁ ପଞ୍ଚଦଶ ବନ୍ଧ [ଦ୍ର—କାମୁକକୁ କାମିନୀ ଉରୁ
ବା ଜଙ୍ଘ ଦ୍ୱାରା ଚାପି ସଙ୍ଗମ କରିବା—ରତିମଞ୍ଜରୀ]—
A sort or posture (out of the 16 postures described in the standard Sanskrit works on coition) in which the partners press their thighs against each other. [ଦ୍ର—ଏଥିର ବିପରୀତ ସ୍ୱରୂପାସନ ବନ୍ଧ ।]

ରତି ନାଥ—ସଂ. ବି. ପୁଂ (୬ଷ୍ଠୀ ତତ୍)—କାମଦେବ; ମଦନ; କନ୍ଦର୍ପ—
Rati nātha Cupid; the Indian Venus; amorous passion (personified as a Deity).
(ରତି କାନ୍ତ, ରତି ପତି, ରତି ପ୍ରିୟ, ରତି ସଖ, ରତି ରମଣ—ଅନ୍ୟରୂପ)
[ଦ୍ର—ଏହାଙ୍କର ଅନ୍ୟ ସଂ. ନାମ—ମଦନ, ମନ୍ମଥ, ମାର, ପ୍ରଦ୍ୟୁମ୍ନ, ମୀନକେତନ, କନ୍ଦର୍ପ, ଦର୍ପକ, ଅନଙ୍ଗ, କାମ, ପଞ୍ଚଶର, ସ୍ମର, ପୁଷ୍ପଧନ୍ୱା, ମକରଧ୍ୱଜ, ଅଙ୍ଗଜ, ଅନନ୍ୟଜ, ଇକ୍ଷୁକୋଦଣ୍ଡ, କାନ୍ତ, କାନ୍ତିମାନ, କାମଗ, କାମଚର, କାମଦ, କାମବର୍ଦ୍ଧନ, କାମୀ, କୁସୁମେଷୁ, କେଳକ, ଗାୟନ, ଗୀତଜ, ଚତକ, ଜଗନ, ନନ୍ଦୟିତା, ନନ୍ଦୀ, ନର୍ତ୍ତକ, ନିଶାଚର, ପଞ୍ଚବାଣ, ପଞ୍ଚବାଶିଖ, ପୁଷ୍ପବାଶିଖ, ପୁଷ୍ପେଷୁ, ବଳାସ, ବିଷମେଷୁ, ବସନ୍ତସଖ, ବୃହସ୍ପତି, ଭୃଙ୍ଗ, ଭୃଙ୍ଗନାୟକ, ଭ୍ରାନ୍ତ, ଭ୍ରାନ୍ତିଚର, ଭ୍ରମ, ଭ୍ରମଣ, ଭ୍ରମମାଣ, ଭ୍ରମାବର୍ତ୍ତ, ଭ୍ରାମକ, ଭ୍ରାମଣ, ମନୋମୋହନ, ମହାଧନ, ମୋହ, ମୋହକ, ମୋହନ, ମୋହବର୍ଦ୍ଧନ, ମାତଙ୍ଗ, ରମ, ରମଣ, ରମମାନ, ରାଜିନାଥ, ରାମ, ଲୋଭବର୍ଦ୍ଧନ ।

ହିନ୍ଦୁ ଶାସ୍ତ୍ରମାନଙ୍କରେ କନ୍ଦର୍ପ ରୂପବାନ୍ ଆଦର୍ଶ ଯୁବକ ରୂପେ ବର୍ଣ୍ଣିତ । ଏହାଙ୍କ ହାତରେ ଥିବା ଧନୁ ପୁଷ୍ପରେ ନିର୍ମିତ, ଧନୁର ଗୁଣ ଭ୍ରମରମାଳ ଓ ୫ଟି ଫୁଲ ପାଞ୍ଚଟି ଶରର କାର୍ଯ୍ୟ କରିଥାଏ । କନ୍ଦର୍ପର ପଞ୍ଚ ପୁଷ୍ପବାଣ ଯଥା—୧. ଅରବିନ୍ଦ, ୨. ଅଶୋକ, ୩. ଚୂତ ବା ଆମ୍ବ କଷିଳ, ୪. ନବମଲ୍ଲିକା ବା ନଅଲୀ ଓ ୫ ଇନ୍ଦୀବର (କାହାର କାହାର ମତରେ ନୀଳୋତ୍ପଳ) । ମନୁଷ୍ୟଠାରେ ଏହି ବାଣମାନଙ୍କର ପ୍ରଦର୍ଶିତ ଗୁଣ ଅନୁସାରେ ଏମାନଙ୍କର ଯଥାକ୍ରମେ ଭିନ୍ନ ଭିନ୍ନ ନାମ ମଧ୍ୟ ଅଛି । ଯଥା—ସମ୍ମୋହନ, ଉନ୍ମାଦନ, ଶୋଷଣ, ତାପନ ଓ ସ୍ତମ୍ଭନ ।

କାମଦେବଙ୍କ ସଖା ବସନ୍ତ, ଚୂତ କୋକିଳ ଓ ସ୍ତ୍ରୀ ରତି ଦେବୀ । ଏମାନେ ସର୍ବଦା ଏହାଙ୍କ ସଙ୍ଗରେ ଥାଆନ୍ତି । ସଂସାରର ପ୍ରତ୍ୟେକ ଜୀବ (କି ପୁରୁଷ, କି ସ୍ତ୍ରୀ) ଏହାଙ୍କ ବାଣର ଆକ୍ରମଣରୁ ରକ୍ଷା ପାଏ ନାହିଁ । ଏପରିକି, ମହାଦେବଙ୍କ ପରି ମହାଯୋଗୀ ମଧ୍ୟ ଏହାଙ୍କ ସମ୍ମୋହନ ନାମକ ପ୍ରଥମୋକ୍ତ ବାଣର ଆଘାତରେ ପ୍ରଥମେ ଅସ୍ଥିର ହୋଇଥିଲେ । ମଦନ ମହାଦେବଙ୍କ ପ୍ରତି ବାଣ ପ୍ରୟୋଗ କରିଥିବାରୁ ମହାଦେବ କ୍ରୋଧରେ ମଦନଙ୍କୁ ଭସ୍ମ କରି ଦେଇଥିଲେ, ପରେ ରତିଙ୍କର କାତରବିଳାପ ଶୁଣି ଓ ତାଙ୍କ ସ୍ତବରେ ତୁଷ୍ଟ ହୋଇ ଏହାଙ୍କୁ ପୁଣି ପୃଥିବୀରେ ଜୀବିତ ହେବା ପାଇଁ ବର ଦେଲେ । ଗ୍ରୀସ୍ ଦେଶୀୟ ପଣ୍ଡିତମାନେ ଏହି ଦେବତା (Eros ବା Venus)ଙ୍କୁ ଯୁବକ ଓ ଅନ୍ଧ ରୂପରେ ଚିତ୍ରିତ କରିଅଛନ୍ତି । କାମଦେବଙ୍କର ଅନ୍ୟ ଏକ ପତ୍ନୀ (ନାମ ପ୍ରୀତି) ଥିବା କଥିତ (M. W.)

ହିନ୍ଦୁଶାସ୍ତ୍ର (ଯଥା, ସ୍ମର ଦୀପିକା) ଅନୁସାରେ ଭିନ୍ନ ଭିନ୍ନ ତିଥିରେ ମନୁଷ୍ୟଙ୍କର (ବିଶେଷତଃ ସ୍ତ୍ରୀଙ୍କ) ଶରୀରର ଅଙ୍ଗମାନଙ୍କ ଭିନ୍ନ ଭିନ୍ନ ସ୍ଥାନରେ ମଦନ ଅବସ୍ଥିତ ହେବାର ବର୍ଣ୍ଣିତ ହୋଇଅଛି; କାମୋଦ୍ଦୀପନାର୍ଥ ତତ୍ତତ୍ ତିଥିରେ ସେହି ସେହି ଅଙ୍ଗମାନଙ୍କୁ ଉତ୍ତେଜିତ, ମର୍ଦ୍ଦିତ ବା କ୍ଷତ କରିବାର ବିଧି ମଧ୍ୟ ବର୍ଣ୍ଣିତ ହୋଇଅଛି । ପୁରୁଷର ଦକ୍ଷିଣାଙ୍ଗରେ ଓ ସ୍ତ୍ରୀର ବାମାଙ୍ଗରେ କାମ ଅବସ୍ଥାନ କରନ୍ତି । ଶୁକ୍ଳପକ୍ଷ ତିଥିରେ ଏବଂ କୃଷ୍ଣପକ୍ଷ ତିଥିମାନଙ୍କରେ ଏହି ଅବସ୍ଥାନମାନଙ୍କର ବିପର୍ଯ୍ୟୟ ଘଟିଥାଏ —
ପ୍ରତିପଦରେ—ପାଦାଙ୍ଗୁଷ୍ଠ

ଦ୍ୱିତୀୟାରେ—ଗୁଲ୍‌ଫ ବା ଗୋଇଠିର ଉପର
ତୃତୀୟା—ଊରୁ ବା ଜଙ୍ଘ
ଚତୁର୍ଥୀ—ଭଗ
ପଞ୍ଚମୀ—ନାଭି
ଷଷ୍ଠୀ—କୁଚମଣ୍ଡଳ
ସପ୍ତମୀ—ହୃଦୟ
ଅଷ୍ଟମୀ—କକ୍ଷ
ନବମୀ—କଣ୍ଠ
ଦଶମୀ—ଓଷ୍ଠ
ଏକାଦଶୀ—ଗଣ୍ଡ
ଦ୍ୱାଦଶୀ—ନୟନ
ତ୍ରୟୋଦଶୀ—ଶ୍ରବଣ ବା କର୍ଣ୍ଣ
ଚତୁର୍ଦ୍ଦଶୀ—ଲଲାଟ ବା କପାଳ
ପୂର୍ଣ୍ଣିମା, ଅମାବାସ୍ୟା—ଶିଖା ॥

ସାହିତ୍ୟ ଦର୍ପଣ ନାମକ ଅଳଙ୍କାର ସଂସ୍କୃତ ଗ୍ରନ୍ଥରେ ଭିନ୍ନ ଭିନ୍ନ ଦେଶର ରମଣୀମାନଙ୍କର ଭିନ୍ନ ଭିନ୍ନ ଅଙ୍ଗରେ ରତିପତି ପ୍ରକାଶିତ ହେବା ବିଷୟ (ଅର୍ଥାତ୍ ଉକ୍ତ ଅଙ୍ଗ ଅତି ମନୋହର ଓ କାମୋଦ୍ଦୀପକ ଥିବା ବିଷୟ) ଗୋଟିଏ ଶ୍ଳୋକରେ ବର୍ଣ୍ଣିତ ହୋଇଅଛି ଯଥା—

ବାତ ଶ୍ରୀ ମାଥୁରାଣାଂ, ଜନକ ଜନପଦ ସ୍ତ୍ରୀପ୍ରିୟାଣାଂ କଟାକ୍ଷେ, ବକ୍ତ୍ରେ ଗୌଡ଼ାଙ୍ଗନାନାଂ, ସ୍ତନଜଘନ ଜଘନେ ଶ୍ରେଷ୍ଠଲ-ପ୍ରେୟସୀନାଂ, ତୈଲଙ୍ଗୀନାଂ ନିତମ୍ବେ, ସକଳ ଘନରୁଚୌ କେରଳୀ କେଶ ପାଶେ, କର୍ଣ୍ଣାଟୀନାଂ କଟୌତ ସ୍ଫୁରତି ରତିପତି ର୍ଗୁର୍ଜ୍ଜରାଣାଂ ସ୍ତନେଷୁ ।]

ରତି ପଣ୍ଡିତ—ସଂ. ବିଣ. ପୁଂ—(୭ମୀ ତତ୍) ରତିକୁଶଳ (ଦେଖ)
Rati paṇḍita Ratikuśaḷa (See). (ରତି ପ୍ରବୀଣ, ରତି ବିଚକ୍ଷଣ—ଅନ୍ୟରୂପ) (ରତିପଣ୍ଡିତା, ରତି ପ୍ରବୀଣା, ରତି ବିଚକ୍ଷଣା—ସ୍ତ୍ରୀ)

ରତି ପରିଚୟ—ସଂ.ବି—ବହୁବାର ରମଣ—Frequent repetition
Rati parichaya of sexual enjoyment (M. W)

ରତି ପାଶ—ସଂ.ବି—୧। କାମ ଶାସ୍ତ୍ର ବର୍ଣ୍ଣିତ ଷୋଡ଼ଶବନ୍ଧ ମଧ୍ୟରୁ ଏକତମ—
Rati pāśa 1.One of the postures during coition. (ରତିପାଶକ—ଅନ୍ୟରୂପ) [ଦ୍ର—ଏ ବନ୍ଧରେ ରମଣକାଳରେ ଊରୁଯୁଗ୍ମ ଦ୍ୱାରା କାମୁକ ରମଣୀକୁ ପୀଡ଼ନ କରେ । ଏହାର ବିପରୀତ ନାଗପାଶ ବନ୍ଧ]—୨ । ନିଜର ଜଙ୍ଘର ତଳ ବାଟେ ନିଜର ଦୁଇ ହାତକୁ ଭୁଲାଇ କରି ଦ୍ୱାରା ସ୍ତନ ଧାରଣ ପୂର୍ବକ ପୁରୁଷର ମୈଥୁନ—2 Another posture in coition.

ରତି ପ୍ରାର୍ଥନା—ସଂ. ବି.—(ମ. ପ. ଲୋ; ରତି ବିଷୟକ ପ୍ରାର୍ଥନା)—
Rati prārthanā କାମାତୁର ପୁରୁଷର ସ୍ତ୍ରୀକୁ କିମ୍ବା କାମାତୁରା ନାରୀର ପୁରୁଷକୁ ସମ୍ଭୋଗ କରିବା ପାଇଁ ଅନୁନୟ—Solicitation made to a man by a woman or vice versa, for satisfaction of one's lust,
ରତି ପ୍ରାର୍ଥୀ—ପୁଂ }
ରତିପ୍ରାର୍ଥିନୀ—ସ୍ତ୍ରୀ } —ବିଣ.

ରତି ପ୍ରିୟ—ସଂ. ବିଣ. ପୁଂ.—(ବହୁବ୍ରୀହି) କାମୁକ; ରମଣପ୍ରିୟ—
Rati priya Amorous; lecherous; fond of sexual intercourse.
(ରତି ପ୍ରିୟା—ସ୍ତ୍ରୀ) (ରତି ପ୍ରିୟତା—ବି)
ସଂ. ବି.—(୬ଷ୍ଠୀ ତତ୍) କାମଦେବ; ମଦନ—Cupid.

ରତି ପ୍ରୀତି—ସଂ. ବି. (ଦ୍ୱନ୍ଦ୍ୱ) କାମଦେବଙ୍କ ଦୁଇ ସ୍ତ୍ରୀ ରତି ଓ ପ୍ରୀତି—
Rati priti Rati (coition) and Priti (love), the two wives of God Cupid (M. W); coition and love personified.

ରତି ଫଳ—ସଂ. ବିଣ—(ବହୁବ୍ରୀହି) ରତି ସୁଖ ଉତ୍ପାଦକ—Productive of sexual pleasure (M. W).
Rati phaḷa
ଦେ. ବି ଏକପ୍ରକାର ପୁଷ୍ପଧାରୀ ଗୁଳ୍ମ—
The canna plant; the Indian shot;Canna Indica; Canna Indicum.
कामाक्षी, सर्व्वजया
सर्वजया, किश्राउर
ପା—ସଂଭଦ୍ରକାଶୀ
(ରତି ଫଳ ଗଛ—ଅନ୍ୟରୂପ).
[ଦ୍ର—ଏହି ନାତିଦୀର୍ଘ ଗୁଳ୍ମର କାଣ୍ଡରେ ଟୋପା ଓ ଫିକ୍କା ନାଲି, ହଳଦିଆ ଓ ଛିଟଛିଟିକା, ଏହିପରି ନାନା ପ୍ରକାରର ଫୁଲ ଫୁଟେ । ଗଛ ହଳଦ ଗଛ ପରି ଓ ଉଚ୍ଚତାରେ ୨।୩ ହାତ ବଢ଼େ । ଏହାର ଫଳ କାଙ୍କଡ଼ ପରି ଓ ଏହି ଫଳକୋଷ ମଧ୍ୟରେ ଥିବା ମଞ୍ଜି କାଳିଆ ବା କଫାମଞ୍ଜି ପରି ଗୋଲ ଓ କଳା କଳା । କାଶ୍ମୀର ପର୍ବତରେ ବଣିଆମାନେ ନିକିତିରେ ଧାତୁ ଆଦି ଓଜନ କରିବାପାଇଁ ଏ ମଞ୍ଜି ବ୍ୟବହାର କରନ୍ତି । ଏ ଗଛ ବିଦେଶାଗତ । ଏ ଗଛର ଫୁଲ ଶୀତ ଦିନରେ ଫୁଟେ । ଫୁଲର ବାସନା ନାହିଁ, କିନ୍ତୁ ଫୁଲର ଟୋପା ଉଜ୍ଜ୍ୱଳ ବର୍ଣ୍ଣ ଯୋଗୁଁ ଲୋକେ ସହରରେ ଫୁଲବଗିଚାରେ ଏ ଗଛକୁ ଧାଡ଼ି ଧାଡ଼ି କରି ଲଗାନ୍ତି । ଏହା ପ୍ରତିବର୍ଷ ମରିଯାଏ ଓ ମଞ୍ଜିରୁ ବା କନ୍ଦରୁ ପୁଣି ଗଛ ଉଠୁଥାଏ ।]

ରତି ବନ୍ଧ—ସଂ. ବି.—(ମ. ପ. ଲୋ; ରତିକାଳୀନ ବନ୍ଧ)—ରମଣ,
Rati bandha କାଳୀନ ସ୍ତ୍ରୀପୁରୁଷଙ୍କର ଆଲିଙ୍ଗନଭଙ୍ଗୀ—
Different sorts of embrace or postures assumed during coition. [ଦ୍ର—କାମ ଶାସ୍ତ୍ରରେ (ଯଥା ରତି ମଞ୍ଜରୀ ଗ୍ରନ୍ଥରେ) ଏହା ପ୍ରଧାନତଃ ଷୋଡ଼ଶ ପ୍ରକାର ଥିବା ବର୍ଣ୍ଣିତ ହୋଇଅଛି । କାହା କାହା ମତରେ ଏହା ୬୪ ପ୍ରକାର । ସ୍ମର ଦୀପିକା ଓ ରତି ମଞ୍ଜରୀ ବର୍ଣ୍ଣିତ ୧୬ଟି ରତିବନ୍ଧର ନାମ ଓ ପ୍ରକାର ଯଥା :—

୧—ପଦ୍ମବନ୍ଧ ବା ପଦ୍ମାସନବନ୍ଧ }—ପୁରୁଷ ପଦ୍ମାସନରେ ବସି ନାରୀକୁ ନିଜର ପଦ୍ମାସନ ଉପରେ ଅବସ୍ଥାପିତ କରି ନାରୀର ଦୁଇ ପାଦକୁ ପୁରୁଷର ଦୁଇ କଡ଼ ବାଟେ ଲମ୍ବାଇ ରଖି ନାରୀକୁ ସମାକର୍ଷଣ ପୂର୍ବକ ଗାଢ଼ାଲିଙ୍ଗନ କରିବା ସମୟରେ ରମଣୀର ଚେଷ୍ଟାଦ୍ୱାରା କୃତ ରମଣ ।

୨—ନାଗପଦ ବା ନାଗପାଶ ବା ନାଗବନ୍ଧ }—ରମଣୀର ପଦଦ୍ୱୟକୁ ପୁରୁଷର ହସ୍ତ ଓ ସ୍କନ୍ଧ ଉପରେ ସ୍ଥାପିତ କରିଲେ ପୁରୁଷର କୃତ ରମଣ ।

୩—ଲତାବେଷ୍ଟ ବା ଲତାବେଷ୍ଟିତ ବା ଲତାବେଷ୍ଟିତକ } ରମଣୀକୁ ପୁରୁଷ ନିଜର ବାହୁଦ୍ୱୟ ଓ—ପାଦଦ୍ୱୟଦ୍ୱାରା ବେଷ୍ଟନ ବା ଆଲିଙ୍ଗନ ପୂର୍ବକ ପୁରୁଷର ଲଘୁରମଣ ।

୪—ଅର୍ଦ୍ଧସମ୍ପୁଟ ବା ସମ୍ପୁଟ }—ନାରୀର ଉଭୟ ପାଦକୁ ସମ୍ପ୍ରସାରିତ କରି ନାରୀର ମସ୍ତକକୁ ଶଯ୍ୟାରେ ଉପସ୍ଥାପନ ପୂର୍ବକ ପୁରୁଷର ମୈଥୁନ ।

୫—ଜୃମ୍ଭଣ ବା ଜୃମ୍ଭଣ ନାମୃତ }—ସ୍ତ୍ରୀର ପାଦଦ୍ୱୟକୁ ପୁରୁଷର ସ୍କନ୍ଧଦ୍ୱାରା ଆକର୍ଷଣ ପୂର୍ବକ ରମଣ ।

୬—ରତିସୁନ୍ଦର ବା ସୁନ୍ଦର }—ନାରୀର ପାଦଦ୍ୱୟକୁ ପୁରୁଷ ସ୍ୱୀୟ ହୃଦୟରେ ଧାରଣ କରି ଓ ନାରୀର ଚିବୁକକୁ ହସ୍ତଦ୍ୱାରା ବେଷ୍ଟନ ପୂର୍ବକ ପୁରୁଷର ମୈଥୁନ ।

୭—କେଶର(ର) ବନ୍ଧ ବା ଵିଷମ(ଆସମ) ବନ୍ଧ }—ଦଣ୍ଡବତ୍ ଉତ୍ତାନଶାୟୀ ପୁରୁଷର ଜଙ୍ଘ ଉପରେ ନିତମ୍ବ ସ୍ଥାପନ ଓ ପୁରୁଷର ଦୁଇ ପାର୍ଶ୍ୱରେ ଭୂମି ଉପରେ ପାଦଦ୍ୱୟ ସ୍ଥାପନ ପୂର୍ବକ ରତିକ୍ରିୟାର ଆରମ୍ଭରୁ ଭୂମିରେ ଦୁଇ ଆଣ୍ଠୁ ଲଗାଇ ପୁରୁଷ ଉପରେ ଶାୟିତା ହୋଇ ରମଣୀର ସ୍ୱେଚ୍ଛା ଓ ସ୍ୱାବସର ଓ ସ୍ୱସୁବିଧା କ୍ରମେ ସମ୍ପାଦିତ ରତି ।

୮—ହିନ୍ଦୋଳ ବନ୍ଧ—ରମଣୀର ପାଦକୁ ହୃଦୟରେ ସ୍ଥାପନ କରି ତାହାର ଦୁଇ ହସ୍ତକୁ ପୁରୁଷ ଦୁଇ ହସ୍ତଦ୍ୱାରା ଗ୍ରହଣ କରି ପୁରୁଷର ଯଥେଷ୍ଟ ରମଣ ।

୯—ନରସିଂହ ବା ନୃସିଂହ }—ସ୍ତ୍ରୀର ଊରୁଦ୍ୱୟକୁ ପ୍ରଥମେ ପାଦଦ୍ୱାରା ସମ୍ପୀଡ଼ନ କରି ହଠାତ୍ ମେଢ୍ର ପ୍ରବେଶନ ଓ ସ୍ତ୍ରୀଗାତ୍ରକୁ ଦୁଇହସ୍ତଦ୍ୱାରା ବେଷ୍ଟନ ପୂର୍ବକ ପୁରୁଷର ରମଣ ।

୧୦—ବିପରୀତ ବା ବିପରୀତକ }—ନାରୀ ନିଜର ଏକ ପାଦକୁ ପୁରୁଷର ଜଙ୍ଘ ଉପରେ ଓ ଅନ୍ୟ ପାଦକୁ ନିଜର କଟି ସଂଲଗ୍ନ କରି ନାରୀର ରମଣ (ରତିମଞ୍ଜରୀ) ।

ମତାନ୍ତରରେ—ରମଣୀର ଏକ ପାଦକୁ ପୁରୁଷର ଊରୁ ଉପରେ ଓ ଅନ୍ୟ ପାଦକୁ ପୁରୁଷର ସ୍କନ୍ଧ ଉପରେ ସ୍ଥାପନ କରି ନାରୀର ରମଣ (ସ୍ମରଦୀପିକା), ମତାନ୍ତରରେ (ସାଧାରଣ ଲୋକେ ଯେଉଁ ଅର୍ଥରେ ବୁଝନ୍ତି) ପୁରୁଷାୟିତ; ରମଣୀ ଶାୟିତ କାନ୍ତର ଊର୍ଦ୍ଧ୍ୱ ଦେଶରେ ଅବସ୍ଥାପନ ପୂର୍ବକ (ଅର୍ଥାତ୍ ସାଧାରଣ ସଙ୍ଗମ ରୀତିର ବିପରୀତ ଭାବରେ) ନିଜର ଶରୀର ଚାଳନ ପୂର୍ବକ ସ୍ତ୍ରୀର ରମଣ ।

୧୧—କୂର୍ମ ବନ୍ଧ—ସ୍ତ୍ରୀର ଦୁଇ ପାଦକୁ ପୁରୁଷ ନିଜର ଦୁଇ ପାର୍ଶ୍ୱରେ ବା କଡ଼ରେ ରଖାଇ ଗାଢ଼ାଲିଙ୍ଗନ ପୂର୍ବକ ପୁରୁଷର ରତି ।

୧୨—ଧେନୁକ ବନ୍ଧ—ପୁରୁଷ ଶଯ୍ୟାରେ ଶୋଇ ପାର୍ଶ୍ୱଦେଶରେ ଶାୟିତା ରମଣୀକୁ (ଅର୍ଥାତ୍ ଦୁହେଁ ଅଣେଇ ହୋଇ ଶୋଇ) ଲଘୁ ରମଣ କରିବା ।

୧୩—ଉତ୍କଣ୍ଠ ବନ୍ଧ— ଶାୟିତ ନାରୀର ପାଦଦ୍ୱୟକୁ ପୁରୁଷ ନିଜର ହସ୍ତଦ୍ୱୟର ଉପର ବାଟେ ଉଠାଇଁ ନାରୀର ପଦଦ୍ୱୟ ପୁରୁଷର କଣ୍ଠଦେଶକୁ ବେଷ୍ଟନ କରିବା ଅବସ୍ଥାରେ ପୁରୁଷର ହସ୍ତଦ୍ୱୟଦ୍ୱାରା ନାରୀର ସ୍ତନ ଧାରଣ ପୂର୍ବକ ପୁରୁଷର ମୈଥୁନ ।

୧୪—ସିଂହାସନ ବନ୍ଧ—ଯୋଷାର ପଦଦ୍ୱୟକୁ ପୁରୁଷ ନିଜ ଜଙ୍ଘଦ୍ୱୟ ଉପରେ ଅବସ୍ଥାପିତ କରି ସ୍ୱହସ୍ତଦ୍ୱାରା ନାରୀର ସ୍ତନଧାରଣ ପୂର୍ବକ ପୁରୁଷର ରମଣ ।

୧୫—(କ) ରତିନାଗ ବନ୍ଧ—କାମିନୀର ଊରୁଯୁଗ୍ମଦ୍ୱାରା ପୁରୁଷକୁ ପୀଡ଼ନ ପୂର୍ବକ କାମିନୀର ରମଣ ।

(ଖ) ରତିପାଶ ବା ରତିପାଶକ } ବନ୍ଧ—ପୁରୁଷର ଊରୁ ଯୁଗ୍ମଦ୍ୱାରା ସ୍ତ୍ରୀକୁ ପୀଡ଼ନ ପୂର୍ବକ ପୁରୁଷର ରମଣ ।

ମତାନ୍ତରରେ—ପୁରୁଷ ନିଜର ଜଙ୍ଘ ତଳବାଟେ ନିଜର ହସ୍ତଦ୍ୱୟକୁ ପୂରାଇ କରଦ୍ୱାରା ସ୍ତ୍ରୀର ଭୁଜପୀଡ଼ନପୂର୍ବକ ପୁରୁଷର ସଙ୍ଗମ ।

୧୬—ବିଦ୍ୟାଧର ବନ୍ଧ—ନାରୀର ଊରୁଯୁଗଳକୁ ପୁରୁଷର କରଦ୍ୱାରା ପୁନଃ ପୁନଃ ତାଡ଼ନପୂର୍ବକ ପୁରୁଷର ନିଃଶଙ୍କ ନିର୍ଭର ମୈଥୁନ ।

ଗ୍ରନ୍ଥାନ୍ତରରେ ୨୪ପ୍ରକାରର ରତିବନ୍ଧ କଥିତ ଅଛି; ତହିଁ ମଧ୍ୟରୁ

ସିଂହାସନ—ଶାୟିତ କାମୀର ଊର୍ଦ୍ଧ୍ୱରେ ଅବସ୍ଥାନପୂର୍ବକ ଦୁଇ ପାଦକୁ ଭୂମିରେ ରଖି (ଅର୍ଥାତ ହେଉର ହୋଇ ବସି) ପୁରୁଷର ହୃଦୟରେ ବା ସ୍ତନଦେଶରେ ହସ୍ତପୀଡ଼ନପୂର୍ବକ କାମିନୀର ରମଣ ।

ଏହାକୁ ସାଧାରଣ ଲୋକେ ବିପରୀତ, ପୁରୁଷାୟିତ ବା ଓଲଟ ରତି ଆଦି ନାମରେ ବୁଝନ୍ତି ।

ରତିମିଶ୍ର—କାମୁକ ପୁରୁଷର ଊରୁଦ୍ୱୟ ଭୂମିରେ ପାତିତ ହେବା ଅବସ୍ଥାରେ ସ୍ତ୍ରୀର ନିଜର ପରାକ୍ରମ ପ୍ରକାଶପୂର୍ବକ ରମଣ ।

ଏହା ଛଡ଼ା ମୃଗାଦି ପଶୁପକ୍ଷୀଙ୍କର ସଙ୍ଗମରୀତି ଓ ଅବସ୍ଥିତି ଅନୁକରଣରେ ମୃଗବନ୍ଧ, ପଶୁବନ୍ଧ, ଶ୍ୱାନବନ୍ଧ, ପକ୍ଷିବନ୍ଧ, ବୃଷବନ୍ଧ, ସର୍ପବନ୍ଧ (ଉଭୟ ଦଣ୍ଡାୟମାନ ଅବସ୍ଥାରେ ସଙ୍ଗମ) ଆଦି ନାନାପ୍ରକାରର ବନ୍ଧର ଉଲ୍ଲେଖ ଭିନ୍ନ ଭିନ୍ନ ଗ୍ରନ୍ଥରେ ଦେଖାଯାଏ ।]

ରତି ବନ୍ଧୁ—ସଂ. ବି [୬ଷ୍ଠୀ ତତ୍]—ସ୍ୱାମୀ—
Rati bandhu Husband (M. W.)

ରତି ବର୍ଦ୍ଧନ(କ)—ସଂ. ବିଣ [୬ଷ୍ଠୀ ତତ୍] - ପ୍ରେମବୃଦ୍ଧିକାରୀ—
Rati barddhana(ka) Increasing love (M. W)

ରତି ବିଦ୍ୟା—ସଂ. ବି (ମ. ପ. ଲୋ,) —ରତିଶାସ୍ତ୍ର [ଦେଖ]
Rati bidyā Ratiśastra [See]

ରତି ଭୋଗ—ସଂ. ବି [୬ଷ୍ଠୀ ତତ୍]—ରମଣ ; ସଙ୍ଗମ—
Rati bhoga Sexual enjoyment (M.W)

ରତି ମଞ୍ଜରି(ରୀ)—ସଂ. ବି—ରତିବିଦ୍ୟାସମ୍ବନ୍ଧୀୟ ସଂସ୍କୃତ ଗ୍ରନ୍ଥବିଶେଷ—
Rati mañjari[ri] Name of a Sanskrit work on the erotic science.

ରତିମଦା—ସଂ. ବି. ସ୍ତ୍ରୀ (ରତି+ମଦ୍. ଧାତୁ=ମତ୍ତ ହେବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—ଅପ୍ସରା; ସ୍ୱର୍ବେଶ୍ୟା; ବିଦ୍ୟାଧରୀ—
Ratimadā The ever youthful and ravishing heavenly nymphs of the court of Indra.

ରତି ମନ୍ଦର—ସଂ. ବି—ରତି ଗୃହ (ଦେଖ)
Rati mandira Rati gṛuha. (See)

ରତି ମାଗିବା—ଦେ. କ୍ରି—(ସ୍ତ୍ରୀଠାରେ ବା ପୁରୁଷଠାରେ) ରତି ପ୍ରାର୍ଥନା
Rati māgibā କରିବା—To solicit coition.
ରତି ଚାଓଆ ରତୀ माँगना

ରତି ମିତ୍ର—ସଂ. ବି—ରତିବନ୍ଧ ବିଶେଷ—One of the 64
Rati mitra postures assumed during coition.
(M. W). [ଦ୍ର—ରତିବନ୍ଧ ତଳେ ନୋଟ୍ ଦେଖ।]

ରତି ରଙ୍କ—ସଂ. ବିଣ. ପୁଂ—ସହବାସ ସୁଖରୁ ବଞ୍ଚିତ ହେବା ଯୋଗୁଁ
Rati raṅka ଅତି କାମାତୁର—Amorous for want of
[ରତି ରଙ୍କା—ସ୍ତ୍ରୀ] [ରତିରଙ୍କା—ଦେଶଜ ରୂପ] coition.

ରତି ରଙ୍ଗ—ସଂ. ବି—ନାନାପ୍ରକାରର ରତିକ୍ରିୟା—
Rati raṅga Various modes of coition.

ରତିରଙ୍ଗୀ—ସଂ. ବିଣ. ପୁଂ [ରତିରଙ୍ଗିନ୍; ୧ମା. ୧ବ]—୧। ରତି-
Ratiraṅgi ରଙ୍ଗରେ ପାରଙ୍ଗମ; ରତିକୁଶଳ; ସୁରତରଙ୍ଗୀ—
ରତିରଙ୍ଗନା } —ସ୍ତ୍ରୀ 1. Expert in the art of copula-
ରତିରଙ୍ଗିଣୀ } tion. ୨। (ରତିରଙ୍ଗ+ଇନ୍, ୧ମା. ୧ବ)
ସୁରତିରେ ମାତିଥିବା; ରତିକ୍ରୀଡ଼ାରେ ମତ୍ତ—2. Engaged in the enjoyment of the pleasures of coition.

ରତି ରମଣ—ସଂ. ବି. (୬ଷ୍ଠୀ ତତ୍) —କାମଦେବ—
Rati ramaṇa Cupid.

ରତି ରସ—ସଂ. ବି. (ମ. ପ. ଲୋ)—ରତି ଜନିତ ସୁଖ; ମୈଥୁନ ଦ୍ୱାରା
Rati rasa ସୁଖଭୋଗ—Pleasure derived from coition.

ରତି ରହସ୍ୟ—ସଂ. ବି. (୬ଷ୍ଠୀ ତତ୍)—୧। ରତି ବା ପ୍ରେମ ସମ୍ବନ୍ଧୀୟ
Rati rahasya ଗୁପ୍ତ କଥା—1. The mysteries of love or sexual enjoyment. ୨। କୋକ୍କୋକ ରଚିତ ରତି ଶାସ୍ତ୍ର ବିଶେଷ—2. Name of an erotic work by Kokkoka (M. W).

ରତି ଲକ୍ଷ—ସଂ. ବି. (ରତି+ଲକ୍ଷ ଧାତୁ+କରଣ. ଅ)—ସଙ୍ଗମ;
Rati laksha ମୈଥୁନ—Sexual intercourse (M.W)

ରତି ଲମ୍ପଟ—ସଂ. ବିଣ. ପୁଂ (୭ମୀ ତତ୍)—କାମାତୁର—
Rati lampaṭa Lustful; libidinous (M. W).
(ରତି ଲମ୍ପଟା—ସ୍ତ୍ରୀ) (ରତି ଲମ୍ପଟି; ରତି ଲମ୍ପଟିଆ—ଅନ୍ୟରୂପ)

ରତି ଶାଅ(ହା)ସ୍ତ୍ର—ଗ୍ରା ବି. (ସଂ. ରତିଶାସ୍ତ୍ର)—ରତି ଶାସ୍ତ୍ର (ଦେଖ)
Rati śā-ā(hā)sra Rati śāstra (See)
(ରତି ଶାସ୍ତ୍ର—ଅନ୍ୟରୂପ) রতিশাস্ত্র रतिशास्त्र

ରତି ଶାସ୍ତ୍ର—ସଂ. ବି. (ମ. ପ. ଲୋ; ରତି ସମ୍ବନ୍ଧୀୟ ଶାସ୍ତ୍ର)—ରତିବିଦ୍ୟା;
Rati śāstra ରତି (ସ୍ତ୍ରୀ ପୁରୁଷଙ୍କ ସହବାସ) ସମ୍ବନ୍ଧୀୟ ଗ୍ରନ୍ଥ—The science of sex-works; the erotic art; sexual science. [ଦ୍ର—ଏଥିରେ ପୁରୁଷ ଓ ସ୍ତ୍ରୀମାନଙ୍କ ଶ୍ରେଣୀ ବିଭାଗ, କେଉଁ ଶ୍ରେଣୀର ପୁରୁଷଙ୍କୁ କେଉଁ ଶ୍ରେଣୀର ନାରୀ ଉପଯୁକ୍ତା, ସ୍ତ୍ରୀ ପୁରୁଷଙ୍କର ପ୍ରଣୟ ସମ୍ବନ୍ଧୀୟ ନିୟମ, ରତି କ୍ରିୟାର ଉପଯୋଗୀ ନାନା ପ୍ରକାରର କାର୍ଯ୍ୟ ସମ୍ବନ୍ଧୀୟ ଉପଦେଶ, ରତିବନ୍ଧ, ସ୍ତ୍ରୀ ପୁରୁଷଙ୍କୁ ବା ପୁରୁଷ ସ୍ତ୍ରୀଙ୍କୁ ବଶୀକରଣ, ସ୍ତମ୍ଭନ ଓ ମୋହନାଦି, ରତିଶକ୍ତି ଲାଭର ଓ ବୃଦ୍ଧିର ଔଷଧ, ଉପାୟ, ମନ୍ତ୍ରଯନ୍ତ୍ର ପ୍ରୟୋଗ, ବହୁକାଳ ଯୌବନକୁ ସ୍ଥାୟୀ କରିବାର ଉପାୟ, କାମୋଦ୍ଦୀପନାର୍ଥ ନାନା ପ୍ରୟୋଗ, ଉଦ୍ଧୃଙ୍ଖଳ, ସୁପ୍ରଜନନ ବିଦ୍ୟା, ସନ୍ତାନୋତ୍ପାଦନ, ସନ୍ତାନୋତ୍ପାଦନର ନିୟମନ, ସ୍ତ୍ରୀମାନଙ୍କର ଋତୁ କାଳୀନ କର୍ତ୍ତବ୍ୟ ସମ୍ବନ୍ଧୀ ଉପଦେଶ, ୬୪ କଳାବିଦ୍ୟା, ଗୃହସ୍ଥର କର୍ତ୍ତବ୍ୟ, ଦମ୍ପତିଙ୍କ ଜୀବନର ଶାନ୍ତି, ସୁଖ ଓ ସ୍ୱାସ୍ଥ୍ୟାଦି ବିଧାୟକ ଉପଦେଶ ମାନ ଲିପିବଦ୍ଧ ହୋଇଥାଏ। କାମଶାସ୍ତ୍ର, ରତିମଞ୍ଜରୀ, ସ୍ମରଦୀପିକା, କୋକଶାସ୍ତ୍ର ଉକ୍ତ୍ରାଂଶ ତନ୍ତ୍ର ଆଦି ଗ୍ରନ୍ଥ ଏହି ଶ୍ରେଣୀର ଅନ୍ତର୍ଗତ ଅଟେ। ହିନ୍ଦୁମାନେ ରତିଶାସ୍ତ୍ରକୁ ବିଜ୍ଞାନ ରୂପେ ଗ୍ରହଣ କରି ଧାରାବାହିକ ରୂପରେ ଏହିର ଚର୍ଚ୍ଚା କରୁଥିଲେ। ଆଧୁନିକ କପଟସଭ୍ୟତାନୁମୋଦିତ କାଇଦା ଅନୁସାରେ ଏହାକୁ ଲୋକେ ଅଶ୍ଳୀଳ ବୋଲି କହନ୍ତି; କିନ୍ତୁ ଏଥିରେ ଧର୍ମ, ପ୍ରେମ, ପବିତ୍ର ପ୍ରଣୟ, ସ୍ୱାସ୍ଥ୍ୟ ଆଦି ସମ୍ବନ୍ଧେ ବହୁ ଉପଦେଶ ଅଛି। ମହର୍ଷି ବାତ୍ସ୍ୟାୟନ 'କାମସୂତ୍ର' ନାମକ ଗୋଟିଏ ଗ୍ରନ୍ଥ ରଚନା କରି ସେଥିରେ ଏ ସମ୍ବନ୍ଧରେ ଯେଉଁ କୃତିତ୍ୱ ଓ ଅଭିଜ୍ଞତା ଦେଖାଇଅଛନ୍ତି ତାହା ଦେଖିଲେ ବିସ୍ମିତ ହେବାକୁ ହୁଏ। ପୂର୍ବେ ହିନ୍ଦୁମାନେ କାମଶାସ୍ତ୍ରକୁ ଗୋଟିଏ 'କଳା' ମଧ୍ୟରେ ଗଣନା କରୁଥିଲେ ଓ ଯୌବନକାଳ ପୂର୍ବରୁ ବାଳକ-ବାଳିକାଙ୍କୁ ଏ ସମ୍ବନ୍ଧୀୟ ତତ୍ତ୍ୱମାନ ହୃଦୟଙ୍ଗମ କରାଉଥିଲେ। ଏଥିଯୋଗୁଁ ଯୁବକ ଯୁବତୀମାନେ ସୁଖ, ଶାନ୍ତି ଓ ସ୍ୱାସ୍ଥ୍ୟ ଲାଭ କରୁଥିଲେ।

ଏବେ ଏହା ଅଣଶୁଣୁଆ ବିଦ୍ୟାରେ ପରିଣତ ହେବାରୁ ଓ ଯୁବକ ଯୁବତୀମାନେ ଏ ବିଷୟରେ ଉପଯୁକ୍ତ ଶିକ୍ଷାଲାଭ କରିବାର ସୁଯୋଗ ପାଉ ନ ଥିବାରୁ ସେମାନେ ଯୌବନର ଅପବ୍ୟବହାର କରି ଅଳ୍ପାୟୁ ସାରଶୂନ୍ୟ ହୋଇ ପଡୁଅଛନ୍ତି।

ପୃଥିବୀରେ ମନୁଷ୍ୟର ବଂଶରକ୍ଷା ଓ ବଂଶ ବୃଦ୍ଧି ଏବଂ ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ଯୌନ ସମ୍ବନ୍ଧ ଗୋଟିଏ ପ୍ରଧାନ ଓ ପବିତ୍ରତମ ବିଷୟ ଅଟେ; କିନ୍ତୁ ଏ ସମ୍ବନ୍ଧରେ କିଛି କଥା ପ୍ରକାଶ କରିବା ମାତ୍ରେ 'ଅଶ୍ଳୀଳ' 'ଅଶ୍ଳୀଳ' ବୋଲି ସଭ୍ୟ ସମାଜ କୁହାଟ ମାରନ୍ତି; ଏମନ୍ତ କି, ଯୁବକ ଯୁବତୀଙ୍କର ଓ ଭାବୀ ଦମ୍ପତିଙ୍କର ମଙ୍ଗଳମୟ ଉପଦେଶମାନ ଓ ତତ୍ ସମ୍ବନ୍ଧୀୟ ପ୍ରାଚୀନ ଗ୍ରନ୍ଥମାନ ପ୍ରକାଶ କରିବାକୁ ଚେଷ୍ଟା କରିବା ଲୋକ ରାଜଦ୍ୱାରରେ ଅଭିଯୁକ୍ତ ହେବା ଉଦାହରଣ ବିରଳ ନୁହେଁ।

ଆଧୁନିକ ଶିକ୍ଷା ପ୍ରଣାଳୀର ଏହି ଗୁରୁତର ଅଭାବ ଯୋଗୁଁ ଯେଉଁ ଘୋର କ୍ଷତି ଅଛି ଓ ଘଟୁଅଛି ତାହା ଆଧୁନିକ ଚିନ୍ତାଶୀଳ ପୁରୁଷମାନେ ଓ ଭିନ୍ନ ଭିନ୍ନ ଦେଶର ଗଭର୍ଣ୍ଣମେଣ୍ଟ୍ ଯଥେଷ୍ଟ ପରିମାଣରେ ଅନୁଭବ କରି ଆଧୁନିକ ଶିକ୍ଷାର ଏହି 'ବିରାଟ ବଇଗମ' ଗଣକୁ ବଦଳାଇ ବାଳକ ବାଳିକାମାନଙ୍କୁ ଯୌନ ବିଜ୍ଞାନ ସମ୍ବନ୍ଧେ ଶୁଭକର ଶିକ୍ଷା ଦେବାର କଳ୍ପନା କରୁଅଛନ୍ତି।]

ରତି ସଜ୍ଜ—ଦେ. ବି. (ସଂ. ରତିସଜ୍ଜା)—ରତି କରିବା ଅଭିପ୍ରାୟରେ
Rati sajja ସୁବେଶ ହେବା—Being well dressed for
রতিসজ্জা रतिसाज sexual revelry.
(ରତି ସଜ୍ଜା—ସଂ ରୂପ) (ଦ୍ର—ସଜନୀର ଶୁହିଁ ରତିସଜ୍ଜ, ସଜନୀର ତହିଁ ମାନସଜ୍ଜ । ଭକ୍ତ. ପ୍ରେମସୁଧାନିଧି ।)

ରତି ସତ୍ୱରା—ସଂ. ବି—ପୁତ୍ରିକା; ପିଡ଼ଙ୍ଗ ଶାଗ—A pot herb,
Rati satwarā Trigonela Corniculata.

ରତି ସୁନ୍ଦର—ସଂ. ବି—ଷୋଳ ପ୍ରକାରର ରତିବନ୍ଧ ମଧ୍ୟରୁ ଏକତମ
Rati sundara (ଏହାର ଅନ୍ୟ ନାମ ସୁନ୍ଦର)—One of the postures during copulation.
[ଦ୍ର—ରତିବନ୍ଧ ତଳେ ନୋଟ୍ ଦେଖ ।]

ରତୀ(ତେ)ଚ୍ଛା—ସଂ. ବି (ରତି, ରତ+ଇଚ୍ଛା; ୬ଷ୍ଠୀ ତତ୍)—
Ratī(te)chchhā ରମଣେଚ୍ଛା; ରମଣ କରିବା ପାଇଁ ଅଭିଳାଷ—Desire or passion for sexual intercourse; lascivíousness; venereal passion; sexual inclination

ରତୋଦ୍ଵହ—ସଂ. ବି. (ରତ=ସୁରତ+ଉଦ୍ଵହ=ଉଦ୍ରେକକାରୀ)—
Ratodbaha କୋକିଳ—The Indian cuckoo,

ରତୋନ୍ମାଦ—ସଂ. ବି. (୭ମୀ ତତ୍)—୧ । ଅପୂର୍ଣ୍ଣକାମବୃତ୍ତି ଯୁବକ-
Ratonmāda ଯୁବତୀଙ୍କଠାରେ ଦେଖାଯିବା ଉନ୍ମାଦ ରୋଗବିଶେଷ; କାମୋନ୍ମାଦ; ରମଣ କରିବା ପାଇଁ ଅସ୍ୱାଭାବିକ ଇଚ୍ଛାଯୁକ୍ତ ପାଗଳାମି; ମଦ୍ଦବାଇ (ଏହା ସ୍ତ୍ରୀ ଓ ପୁରୁଷ, ଉଭୟଙ୍କୁ ଧରେ) —1. Andromania; nymphomania; Furor Uterinus; madness culminating in intense desire for coition, Satyriasis Hysteromania. ୨ । ଅତିରିକ୍ତ ରମଣେଚ୍ଛା—2. Excessive sexual desire.

ରତ୍ତି—ସଂ. ବି. (ରମ୍ ଧାତୁ+କରଣ. ତି; ନିପାତନସିଦ୍ଧ)—
Ratti ୧ । ରକ୍ତିକା; ଗୁଞ୍ଜା; କାଇଞ୍ଚ; ନାଲି କାଇଞ୍ଚ—1. A
(ରତ୍ତିକା—ଅନ୍ୟରୂପ) red berry or seed from a pod-bearing creeper; Abrus Precatorius (the seed of which is used as a standard of weight by goldsmiths). ୨। ମଣ୍ଡା କାଇଞ୍ଚ-2. A red seed; Adonanthera Panonina. ୩ । ରତି; ଏକ କାଇଞ୍ଚ ପରିମାଣ ଓଜନ—3. A standard of weight of four grains.
[ଦ୍ର—୪ ଧାନ=୧ ରତି, ୮ ରତି=୧ ମସା,
୧୦ ମସା=୧ ଭରି=୧ ତୋଳା ।
ଧାନ୍ୟ=ଧାନ=ଯବ ଧାନର ଓଜନ
ରତି=ରକ୍ତିକା=କାଇଞ୍ଚର ଓଜନ
ମସା=ମାଷକ=ବିରିର ଓଜନ
ତୋଳା=ତୋଳକ=୧ ଟଙ୍କାର ଓଜନ ।
୪ଧାନରେ ୧ ରତି ହୁଏ; ଏ ରତି ସାଧାରଣ କାଇଞ୍ଚ ନୁହେଁ । କାରଣ,ଗୋଟିଏ ସାଧାରଣ କାଇଞ୍ଚର ଓଜନ ୪ଟି ଯବଧାନର ଓଜନଠାରୁ କମ୍; ରତି ଏକ ମଣ୍ଡା କାଇଞ୍ଚର ଓଜନ ଅଟେ ।]

୪ । ଅତି ସାମାନ୍ୟ ପରିମାଣ; ଅତି ସାମାନ୍ୟ ପରିମିତ ପଦାର୍ଥ—4. A very little thing; very small thing.

ରତ୍ନ—ସଂ. ବି. (ରମ୍ ଧାତୁ=କ୍ରୀଡ଼ା କରିବା+କରଣ. ନ; ନିପାତନ)—
Ratna ୧ । ମଣି ମୁକ୍ତାଦି; ବହୁ ମୂଲ୍ୟ ପ୍ରସ୍ତରାଦି; ବଜ୍ର—1. Jewel; gem; precious stone [ଦ୍ର—ଧନାର୍ଥିଗଣ ଏହାକୁ ପ୍ରାପ୍ତ ହୋଇ ଆନନ୍ଦରେ କ୍ରୀଡ଼ା କରନ୍ତି ବୋଲି ଏଥିର ଏହି ନାମ । ରତ୍ନର ଉତ୍ପତ୍ତି ସମ୍ବନ୍ଧରେ ପୁରାଣରେ ଲେଖା ଅଛି ଯେ, ବଳ ନାମରେ ଗୋଟିଏ ଅସୁର ଥିଲା । ତାକୁ ଦେବତାମାନେ ବଧ କରି ପାରିଲେ ନାହିଁ । ତେଣୁ ଦେବତାମାନେ ଛଳ ପୂର୍ବକ ଗୋଟିଏ ଯଜ୍ଞ ଆରମ୍ଭ କଲେ ଓ ସେହି ଯଜ୍ଞ ପାଇଁ ତା ନିକଟକୁ ଯାଇ ତାକୁ ସତ୍ୟ କରାଇ ତା ନିଜ ଦେହକୁ ଯଜ୍ଞପଶୁ ରୂପେ ମାଗିଲେ । ସେ ତାହା ଦେଲା; ଇନ୍ଦ୍ର ତାହାର ମସ୍ତକରେ ବଜ୍ର ପ୍ରହାର କରିବାରୁ ବଜ୍ରାହତ ମସ୍ତକରେ ରତ୍ନକୁଟମାନ ଉତ୍ପନ୍ନ ହେଲା । ଦେବତାମାନେ ସେ କୁଟମାନଙ୍କର ନାମ ବଜ୍ର ଦେଲେ । ଅତଏବ ରତ୍ନର ଅନ୍ୟ ନାମ ବଜ୍ର । ମତାନ୍ତରରେ ବଳ ରାକ୍ଷସ ଆପଣାର ଦେହକୁ ଯଜ୍ଞୀୟ ପଶୁ ରୂପରେ ପ୍ରଦାନ କରି ଦେବତା ଓ ଜନଗଣଙ୍କର ହିତସାଧନ କରିବାରୁ ସେ ସ୍ୱର୍ଗାରୋହଣ କଲା ଓ ତାହାର ଦେହ ଓ ଅବୟବାଦି ରତ୍ନରେ ପରିଣତ ହେଲା । ଦେବତାମାନେ ବିମାନରେ ତାହାର ଦେହକୁ ଆକାଶ ମାର୍ଗରେ ନେଇ ଯିବାବେଳେ ତାହାର ଦେହର ଖଣ୍ଡମାନ ଯେଉଁ ଯେଉଁଠାରେ ଭୂତଳରେ ପଡ଼ିଲା, ସେହି ସେହି ସ୍ଥାନ ରତ୍ନର ଆକର ହେଲା । ତାହାର ଅସ୍ଥି ପଡ଼ିବା ସ୍ଥାନରେ ହୀରକ, ଚର୍ମ ପଡ଼ିବା ସ୍ଥାନରେ , ପୁଷ୍ପରାଗ, ପିତ୍ତ ପଡ଼ିବା ସ୍ଥାନରେ ନୀଳମଣି ଜାତ ହେଲା ।

କେହି କେହି କହନ୍ତି ଦଧୀଚି ମୁନିଙ୍କ ଅସ୍ଥିରୁ ରତ୍ନ ଉତ୍ପନ୍ନ । କେହି କେହି କହନ୍ତି ପୃଥିବୀର ଉପଳମାନ ସ୍ୱଭାବବଶତଃ ବିଚିତ୍ର ରୂପ ଧାରଣ କରି ରତ୍ନରେ ପରିଣତ ହୁଅନ୍ତି । ରତ୍ନ ୩୨ ପ୍ରକାରର । ସେମାନଙ୍କ ମଧ୍ୟରୁ ନଅ ଗୋଟି ପ୍ରଧାନ ବା ମହାରତ୍ନ ଅଟେ । ରତ୍ନ ଅପେକ୍ଷା ସେହି ଶ୍ରେଣୀର ନିକୃଷ୍ଟ ପଦାର୍ଥମାନଙ୍କୁ ଉପରତ୍ନ ବୋଲାଯାଏ (ଯଥା—କାଚମଣି, ସ୍ଫଟିକ ବା ମର୍ମର ।)

୩୨ ପ୍ରକାରର ରତ୍ନମାନଙ୍କର ନାମ ଯଥା—୧ ବଜ୍ର, ୨ ମରକତ, ୩ ପଦ୍ମରାଗ, ୪ ମୌକ୍ତିକ, ୫ ଇନ୍ଦ୍ରନୀଳ, ୬ ମହାନୀଳ, ୭ ବୈଦୂର୍ଯ୍ୟ, ୮ ଚନ୍ଦ୍ରକାନ୍ତ, ୯ ସୂର୍ଯ୍ୟକାନ୍ତ, ୧୦ ସ୍ଫଟିକ, ୧୧ ପୁଲକ, ୧୨ କର୍କେତନ, ୧୩ ପୁଷ୍ପରାଗ, ୧୪ ରାଜପଟ୍ଟ ବା ରାଜପର୍ଯ୍ୟଙ୍କ, ୧୫ ରାଜମୟ,୧୬ ସୌଗନ୍ଧିକ, ୧୭ ଗନ୍ଧ, ୧୮ ଶଙ୍ଖ, ୧୯ ବ୍ରହ୍ମମୟ, ୨୦ ଗୋମେଦ, ୨୧ ରୁଧିରାକ୍ଷ, ୨୨ ଭଲ୍ଲାତକ ବା ଭଲ୍ଲାତକ, ୨୩ ଧୂଳୀ, ୨୪ ତୁତ୍ଥକ, ୨୫ ସୀସ, ୨୬ ପୀଲୁ, ୨୭ ପ୍ରବାଳକ, ୨୮ ଗିରିବଜ୍ର, ୨୯ ଭୁଜଙ୍ଗମଣି, ୩୦ ଟିଟ୍ଟିଭ, ୩୧ ପିଣ୍ଡ, ୩୨

ଭ୍ରାମର, ୩୩ ଉତ୍ଫୁଲ୍ଲ, ୩୪ ଗନ୍ଧଶସ୍ୟକ, ୩୫ ଜ୍ୟୋତୀରସକ ଓ ୩୬ ଭାଗ୍ୟ ।

ମହାରତ୍ନ ନଅ ଗୋଟି; ଏମାନଙ୍କୁ ନବରତ୍ନ ବୋଲାଯାଏ ।

୧ ବଜ୍ର—ହୀରକ, ହୀରା—Diamond.
୨ ମୁକ୍ତା—ମୋତି—Pearl.
୩ ପ୍ରବାଳ—ପୋହଳା—Coral.
୪ ଗୋମେଦ—ହଳଦିଆ ରତ୍ନ—Yellow stone; Onyx.
୫ ଇନ୍ଦ୍ରନୀଳ—ନୀଳା—Sapphire; blue gem.
୬ ବୈଦୂର୍ଯ୍ୟ—Cat's eye; Lapis lazuli.
୭ ପୁଷ୍ପରାଗ—ପୋଖରାଜ—ପଦ୍ମରାଗ—Topaz.
୮ ପାଚ—ମରକତ ବା ପନ୍ନା (ହରିତ୍‌ବର୍ଣ୍ଣ)—Emerald; Samaragdus.
୯ ମାଣିକ୍ୟ—ନାଲି ରତ୍ନ—Ruby; Rubinus.

ଶାସ୍ତ୍ରମାନଙ୍କରେ ରତ୍ନମାନ ମଙ୍ଗଳମୟ ଓ ଶୁଭକର ବୋଲି ବର୍ଣ୍ଣିତ ହୋଇଅଛି । ରାଜାମାନେ ଜୟାର୍ଥ ରତ୍ନମାନଙ୍କୁ ସୁବର୍ଣ୍ଣମଣ୍ଡିତ କରି ଦେହରେ ଧାରଣ କରିବାର ଉପଦେଶ ଅଛି । ରତ୍ନମାନଙ୍କ ମଧ୍ୟରେ ଶୁଭକର ଓ ଅଶୁଭକର ରତ୍ନ ଅଛି । ଗରୁଡ଼ ପୁରାଣରେ ରତ୍ନମାନଙ୍କର ଗୁଣ, ଜାତି, ମୂଲ୍ୟ ଓ ପରୀକ୍ଷା ସମ୍ବନ୍ଧେ ବିସ୍ତୃତ ବିବରଣ ଲେଖା ଅଛି ।

ସଂ. ହୀରକ
ହୀରା
हीरा

୧ । ହୀରା—ନବରତ୍ନ ମଧ୍ୟରେ ସର୍ବାପେକ୍ଷା ଉଜ୍ଜ୍ୱଳ ଓ ମୂଲ୍ୟବାନ୍; ଏହା ଖଣିରୁ ବାହାରେ । ଖନିଜ ଅବସ୍ଥାରେ ଏହା କୋଣବିଶିଷ୍ଟ ଥାଏ ।

ଏହା ବିଦ୍ୟୁତ୍‌ପ୍ରଭ । ହିନ୍ଦୁ ଶାସ୍ତ୍ରକାରମାନେ ହୀରାକୁ ଉତ୍କୃଷ୍ଟତା ଓ ଜ୍ୟୋତି ଅନୁସାରେ ବ୍ରାହ୍ମଜାତି (ଶ୍ୱେତ-ଛାୟାଯୁକ୍ତ), କ୍ଷତ୍ରିୟ ଜାତି (ରକ୍ତ ଛାୟାଯୁକ୍ତ), ବୈଶ୍ୟ ଜାତି (ପୀତ ଛାୟାଯୁକ୍ତ), ଓ ଶୂଦ୍ର ଜାତି (ନୀଳ ଛାୟାଯୁକ୍ତ) ବୋଲି ଶ୍ରେଣୀ ବିଭାଗ କରିଅଛନ୍ତି ।

ଭାରତବର୍ଷରେ ଅନେକ ସ୍ଥାନରେ, ବିଶେଷତଃ ଦାକ୍ଷିଣାତ୍ୟର ଗୋଲକୁଣ୍ଡାରେ ହୀରା ଖଣିରୁ ବାହାରେ । ଭାରତସମ୍ରାଟ ଇଂଲଣ୍ଡରାଜାଙ୍କ ମୁକୁଟରେ ଭାରତୀୟ 'କୋହିନୂର' ନାମକ ହୀରା ଶୋଭା ପାଉଅଛି । ହୀରା ସବୁ ବସ୍ତୁ ଅପେକ୍ଷା କଠିନ ଓ ଏହାଦ୍ୱାରା କାଚ କଟାଯାଏ । ହୀରାକୁ ମଧ୍ୟ ହୀରା ଦ୍ୱାରା କଟା ଯାଇପାରେ । ଏହା ଉଜ୍ଜ୍ୱଳ ଓ ସୂର୍ଯ୍ୟତୁଲ୍ୟ ଜ୍ୟୋତିର୍ବିଶିଷ୍ଟ । ଏହା ଶୁକ୍ର ଗ୍ରହଙ୍କର ପ୍ରିୟ ରତ୍ନ । ରାସାୟନିକ ବିଶ୍ଳେଷଣ ଦ୍ୱାରା ଦେଖାଯାଇଅଛି ଯେ ଏହା ଅଙ୍ଗାରର ରୂପାନ୍ତର ମାତ୍ର । ପୂର୍ବେ ସମ୍ବଲପୁରରୁ ହୀରା ମିଳୁଥିଲା ଓ ତାହା ଇଉରୋପରେ ସୁପରିଚିତ ଓ ଆଦୃତ ଥିଲା ଓ ସମ୍ବଲପୁରର ଗୋଟିଏ ପ୍ରାଚୀନ ନାମ ହୀରାଖଣ୍ଡ ।

ସଂ. ମୋତି, ମୁକ୍ତା, ମୌକ୍ତିକ, ମୁକ୍ତାଫଳ, ଶୌକ୍ତିକ ।
ମୋତି
मोति

୨ । ମୁକ୍ତା ବା ମୋତି—ଏହା ବୃତ୍ତତା, ଶୁଷ୍କତା ଓ ସ୍ୱଚ୍ଛତା ଗୁଣଯୁକ୍ତ । ଏହା ହସ୍ତୀର କପୋଳ, ସର୍ପର ମସ୍ତକ, ମାଛର ମୁଣ୍ଡ, ଶୂକର, ଉକ୍ଷାର (ବାଉଁଶଗଛ), ଶଙ୍ଖ, ମେଘ, (ମତାନ୍ତରରେ ଭେକମସ୍ତକ) ଓ ଶୁକ୍ତି (ଶାମୁକା), ଏରୂପ ୮ଗୋଟି ସ୍ଥାନରୁ ମିଳିବା ଶାସ୍ତ୍ରରେ ଲେଖାଅଛି । କିନ୍ତୁ ସମୁଦ୍ରରେ ଥିବା ଶାମୁକା ମଧ୍ୟରୁ ବାହାରିବା ମୁକ୍ତା ସାଧାରଣତଃ ପ୍ରଚଳିତ । ଉତ୍କୃଷ୍ଟଜାତୀୟ ହସ୍ତୀର କପୋଳରୁ ବାହାରିବା ମୁକ୍ତାକୁ ଗଜମୋତି ବୋଲାଯାଏ । ଏହା ମଧ୍ୟ ଚାରିଶ୍ରେଣୀ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର)ରେ ବିଭକ୍ତ । ମୁକ୍ତା ବୃହସ୍ପତିଗ୍ରହଙ୍କ ପ୍ରିୟରତ୍ନ ।

ସର୍ପମଣି— ଅହିରାଜ ଓ ନାଗଜାତୀୟ ସର୍ପଙ୍କ ମୁଣ୍ଡରୁ ମଣି ବାହାରେ । କାଶ ଓ ଗୋଖର ଆଦି ସାପଙ୍କୁ କେଳାମାନେ ଧରି ତାଙ୍କ ଫଣା ଉପରୁ କପାଳମଧ୍ୟରୁ ଫିକା ହଳଦିଆ ରଙ୍ଗ-ସୋରିଷପରି ଦୁଇଟି ଲେଖାଏଁ ମୋତି କାଢ଼ିବା ଦେଖାଅଛି ।

ମୀନମୁକ୍ତା ବା ପାଠୀନ ମଣି—ପାଠୀନ, ଅର୍ଥାତ୍ ବୋଇଆ ଜାତୀୟ ମତ୍ସ୍ୟଙ୍କଠାରୁ ଓ ତିମିଙ୍କ ମୁହଁରୁ ମୁକ୍ତା ବାହାରେ ।

ଶୁକ୍ତିମୁକ୍ତା— ଏହା ସର୍ବତ୍ର ସୁଲଭ । ସିଂହଳ, ସୌରାଷ୍ଟ୍ର, ପାଣ୍ଡ୍ୟ ଓ ବିରାଟ ଆଦି ଦେଶରୁ ମୁକ୍ତା ମିଳିବା ଶାସ୍ତ୍ରରୁ ଜଣାଯାଏ । ବର୍ତ୍ତମାନ ଲଙ୍କା ନିକଟସ୍ଥ ପ୍ରଣାଳୀ (ପକ୍‌ପ୍ରଣାଳୀ) ଓ ମାନ୍ନାର ଉପସାଗରରୁ ମୁକ୍ତା ଆମଦାନି ହୁଏ । ପୂର୍ବେ ହିନ୍ଦୁ ଓ ଗ୍ରୀକ୍‌ମାନେ ବିଶ୍ୱାସ କରୁଥିଲେ ଯେ, ଅନୁକୂଳ ଯୋଗରେ ଶୁକ୍ତି ଉପରେ ବୃଷ୍ଟିବିନ୍ଦୁ ପାତ ହୋଇ ତାହା ମୁକ୍ତାରେ ପରିଣତ ହେଉଥିଲା । ଶୁକ୍ତିଜ ମୁକ୍ତାକୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର, ଏପରି ୪ ଶ୍ରେଣୀରେ ବିଭକ୍ତ କରା ଯାଇଅଛି ।

ବାଉଁଶ (ଉକ୍ଷାର) ମଧ୍ୟରୁ ଯେଉଁ ମୁକ୍ତା ବାହାରେ ତାହା ଲୁଆପଥର ପରି ଧଳା ।

ସଂ. ଅଙ୍ଗାରକମଣି.
ଅମ୍ଭୋଧିବଲ୍ଲଭ,
ଭୌମରତ୍ନ,
ରକ୍ତାଙ୍ଗ, ରକ୍ତାକାର,
ଲତାମଣି.
ପଳା,
मुंगा

୩ । ପ୍ରବାଳ, ବିଦ୍ରୁମ ବା ଅଙ୍ଗାରକ ରତ୍ନ (ପୋହଳା=Coral). ଏହାର ବର୍ଣ୍ଣ ନାଲି । ସମୁଦ୍ରଗର୍ଭରେ ଏକ ପ୍ରକାର କୀଟ ଜନ୍ମନ୍ତି ସେମାନଙ୍କ ଆକାର ବୃକ୍ଷର ଶାଖା ପରି । ଏଥିପାଇଁ ଏହାକୁ ଲତାମଣି ବୋଲାଯାଏ । ସେହି ମୃତ କୀଟବୃକ୍ଷମାନଙ୍କର ଶାଖାକୁ ଖଣ୍ଡ ଖଣ୍ଡ କରି କାଟି ପ୍ରବାଳ କରାଯାଏ । ସାଧାରଣତଃ ଏହା ନାଲି, କିନ୍ତୁ ଭୂମଧ୍ୟସାଗର ଆଦିରେ ନେଳି, ଧଳା ଆଦି ବର୍ଣ୍ଣର ପୋହଳା ମିଳେ । ଏହା ଅନ୍ୟାନ୍ୟ ରତ୍ନ ଅପେକ୍ଷା ନିକୃଷ୍ଟ । ଏହା ମଧ୍ୟ ଚାରି ଶ୍ରେଣୀରେ ବିଭକ୍ତ । ଏ ମଙ୍ଗଳ ଗ୍ରହଙ୍କ ପ୍ରିୟମଣି ।

ସଂ. ରାହୁ ରତ୍ନ,
ତମୋମଣି, ସ୍ୱର୍ଭାନବ,
ପିଙ୍ଗସ୍ଫଟିକ, ପୀତମଣି
ଗୋମେଦ
गोमेद्

୪ । ଗୋମେଦ ବା ପୀତମଣି ବା ପିଙ୍ଗଳ ସ୍ଫଟିକ — ଏହା ସ୍ଫଟିକର ରୂପାନ୍ତର । ଏହା ଖଣିରୁ ବାହାରେ । ଏହାର ବର୍ଣ୍ଣ ହଳଦିଆ ବା ପିଙ୍ଗଳ । ଏହା ଅନ୍ୟାନ୍ୟ ରତ୍ନମାନଙ୍କ ଅପେକ୍ଷା ନିକୃଷ୍ଟ । ହିମାଳୟ ଓ ସିନ୍ଧୁ ପ୍ରଦେଶରେ ଏହା ମିଳେ ।

ଏହା ମଧ୍ୟ ଶୂଦ୍ରଶ୍ରେଣୀରେ ବିଭକ୍ତ । ଏ ସ୍ୱର୍ଭ ଗ୍ରହଙ୍କ ପ୍ରିୟ ରତ୍ନ ।

ସଂ—ତୃଣଗ୍ରାହୀ, ନୀଳାଶ୍ମ, ନୀଳୋପଳ, ମହାନୀଳ, ମୃଦୁବକ, ସୌରିରତ୍ନ, ନୀଲମଣି **नीलम** — ୫ । ଇନ୍ଦ୍ରନୀଳ ବା ନୀଳା—ଅପରାଜିତା ଫୁଲ ପରି ଏହାର ବର୍ଣ୍ଣ ନୀଳଅ । ଏହା ଶନି ଗ୍ରହଙ୍କ ପ୍ରିୟମଣି । ପୁଷ୍ପରାଗ ହଳଦିଆ, ପଦ୍ମରାଗ ନାଲି ଓ ଇନ୍ଦ୍ରନୀଳ ନେଳି; ଏ ତିନୋଟି ଏକ ଶ୍ରେଣୀର ।

ସଂ—ଅଭ୍ରରୋହ, ଭୂରସ୍ଥମଣି, କେତୁରତ୍ନ, କୈତବ, ଖର-ବ୍ରାଙ୍କୁର, ଲଙ୍କବର୍ଦ୍ଧ, ପ୍ରାବୃଷ୍ୟ, ବାଲବାୟୁଜ, ଦୂରଜ, କେତୁ-ବଲ୍ଲଭ, ବିଦୂରଜ, ବିଦୁର ରତ୍ନ, ଲଶୁନା; ରୁଦ୍ରାକ୍ଷକ । **लहसुनिया** — ୬ । ବୈଦୂର୍ଯ୍ୟ—ଏହା ଦେଖିବାକୁ ବିରାଡ଼ି ଆଖି ପରି ଧୂମ୍ରାଭ, କୃଷ୍ଣ-ପୀତବର୍ଣ୍ଣ । ଏହା କେତୁଗ୍ରହଙ୍କ ପ୍ରିୟ ରତ୍ନ । ହିନ୍ଦିରେ ଏହାକୁ ଲହସୁନିଆ କହନ୍ତି । ଏହା ଖନିଜ । ଏହା ମଧ୍ୟ ଶୂଦ୍ରଶ୍ରେଣୀରେ ବିଭକ୍ତ; ରସୁଣା, ରସୁଣିଆ, ଲସୁନିଆ ଓ ଲହସୁନିଆ । ଏହି ଶ୍ରେଣୀର ଏକପ୍ରକାର ରତ୍ନ ଭୂରସ୍ଥ ଦେଶରେ ଖଣିରୁ ମିଳେ । ଏହାର ନାମ ଲଙ୍କବର୍ଦ୍ଧ ବା ଭୂରସ୍ଥମଣି ।

ସଂ. ପୁଷ୍ପରାଗ, ମଞ୍ଜୁମଣି, ବାଚସ୍ପତିବଲ୍ଲଭ — ୭ । ପୁଷ୍ପରାଗ—ଏହା ସାଧାରଣତଃ ଈଷତ୍ ପୀତ ଲୋହିତବର୍ଣ୍ଣ । ଏହା ଖଣିରୁ ମିଳେ । ପୋଖରାଜ **पु(पो)खराज** ଏହା ମଧ୍ୟ ୪ ଶ୍ରେଣୀରେ ବିଭକ୍ତ । କେହି କେହି ଇନ୍ଦ୍ରନୀଳକୁ ଏହି ମଣିର ପ୍ରକାରଭେଦ କହିଅଛନ୍ତି । ଏହା ଚନ୍ଦ୍ର (ମତାନ୍ତରରେ ବୃହସ୍ପତି) ଗ୍ରହଙ୍କର ପ୍ରିୟମଣି ।

ସଂ. ଅଶ୍ମଗର୍ଭ, ଅଶ୍ମଗର୍ଭଜ, ଗରଳାରି, ଗରୁଡ଼ାଙ୍କିତ, ଗରୁଡ଼ୋଦ୍‌ଗୀର୍ଣ୍ଣ, ଗାରୁଡ଼, ଗାରୁତ୍ମତ, ବୁଧରତ୍ନ, ମରକ୍ତ, ରାଜନୀଳ, ରୌହିଣେୟ, ବାପକୋଳ, ସୌପର୍ଣ୍ଣ, ହରିନ୍ମଣି । — ୮—ପାଚ ବା ମରକତ—ଏହା ହରିତ୍ ବର୍ଣ୍ଣ । ବୁଧ ଗ୍ରହଙ୍କର ପ୍ରିୟ ରତ୍ନ । ପୂର୍ଣ୍ଣ-ବୟସ୍କ ଶୁକପକ୍ଷୀକଣ୍ଠ, ଶିରୀଷପୁଷ୍ପ, ଖଦ୍ୟୋତର ପୃଷ୍ଠଦେଶ, ତୃଣପୂର୍ଣ୍ଣ ଭୂମି, ସେହି, ଶୈବାଳ, କହ୍ଲାର ଓ ନବ ତୃଣର ବର୍ଣ୍ଣ ଏଥିରେ ଦୃଷ୍ଟ ହୁଏ ।

ପାନ୍ନା **पन्ना**

ସଂ. ଶୋଣରତ୍ନ, ରତ୍ନରାଜ, ରକ୍ତବୃନ୍ତ, ଶୃଙ୍ଗାରୀ, ରଙ୍ଗମାଣିକ୍ୟ, ତରୁଣ, ରାଗଯୁକ୍, ପଦ୍ମରାଗ, ରତ୍ନନାୟକ, ଶୋଣୋପଳ, ଶୋଣରତ୍ନ, ଲୋହିତକ, ସୌଗନ୍ଧିକ, ଲୋହିତ, କୁରୁବିନ୍ଦ, କୁରୁବିନ୍ଦକ, ମାণিক **मानिक, लाल, चुन्नी** — ୯ । ମାଣିକ୍ୟ ବା ପଦ୍ମରାଗ—ଏହାର ବର୍ଣ୍ଣ ବଧୁଲି ବା ରଙ୍ଗଣୀ ଫୁଲ, ଇନ୍ଦ୍ରଗୋପକୀଟ, ଜବାଫୁଲ, ରକ୍ତ, ନାଲି କାଇଁଚ; ନାଲି କାଚ, ସିନ୍ଦୂର, ଲାକ୍ଷାରସ, ପଳାଶ ଫୁଲ ଓ ଡାଳିମ୍ବମଞ୍ଜି ଆଦି ପରି ନାଲି । ରକ୍ତଶ୍ୱେତ ମାଣିକ୍ୟ ସର୍ବୋତ୍କୃଷ୍ଟ । ଏହା ମଧ୍ୟ ୪ଶ୍ରେଣୀରେ ବିଭକ୍ତ । ସିଂହଳ ଦେଶଜାତ ମାଣିକ୍ୟ ସର୍ବୋତ୍କୃଷ୍ଟ । ଏହା ରବିଗ୍ରହଙ୍କର ପ୍ରିୟରତ୍ନ । ଏହା ରତ୍ନରାଜ ଅଟେ ଓ ହୀରାଠାରୁ ଉତ୍କୃଷ୍ଟ ବୋଲି ଶାସ୍ତ୍ରରେ ଲେଖାଅଛି ।

ଉପରତ୍ନଗଣ—କର୍କେତନ, ଗୋମେଦ, ପୁଲକ, ରୁଧିରାଖ୍ୟ, ଇନ୍ଦ୍ରଗୋପମଣି, କାଚମଣି ବା ଖାରମଣି, ସ୍ଫଟିକ (ସୂର୍ଯ୍ୟକାନ୍ତ ଓ ଚନ୍ଦ୍ରକାନ୍ତ ସ୍ଫଟିକ ଜାତୀୟ), ସୂର୍ଯ୍ୟକାନ୍ତ ଓ ଚନ୍ଦ୍ରକାନ୍ତ ।] ୨ । ଅଳଙ୍କାର; ସ୍ୱର୍ଣ୍ଣାଦି ବହୁମୂଲ୍ୟ ଦ୍ରବ୍ୟ—2, Jewellery. ୩ । (ଲକ୍ଷଣାର୍ଥ) ସ୍ୱସ୍ୱଜାତୀୟ ବସ୍ତୁ ବା ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ବସ୍ତୁ ବା ପ୍ରାଣୀ; ଉତ୍କୃଷ୍ଟ ବସ୍ତୁ—3. (figurative) Anything or being which is best of its kind; excellent thing (compared to a gem).

ରତ୍ନ କଣ୍ଠ—ସଂ. ବି (ନାମ)—ଜ୍ୟୋତିଷ ସାରଣୀଗ୍ରନ୍ଥ ରଚୟିତା—
Ratna kaṇṭha The author of an astronomical treatise named Sāraṇī.
[ଦ୍ର—ଏ ୧୬ଶ ଶତାବ୍ଦୀର ସ୍ୱନାମଧନ୍ୟ ଜ୍ୟୋତିଷୀ ଥିଲେ ।]

ରତ୍ନ କଦଳୀ—ସଂ. ବି—ଏକପ୍ରକାର କଦଳୀ; ନାଲିକଦଳୀ (ପାଚିଲେ
Ratna kadaḷī ଖାଇ ହୁଏ)—A kind of red plantain
রামকলা (edible when ripe); Musa Rubra.
रामकेला

ରତ୍ନ କନ୍ଦଳ—ସଂ.ବି (ରତ୍ନ+କନ୍ଦଳ=ନବାଙ୍କୁର) ପ୍ରବାଳ; ପୋହଳା—
Ratna kandaḷa Coral.

ରତ୍ନ କମ୍ବଳ—ସଂ. ବି—ସ୍ୱର୍ଣ୍ଣାଦିଖଚିତ ସାଲ—
Ratna kambaḷa Cloth of gold; shawl set with gems.

ରତ୍ନ କୁ(କୂ)ଟ—ସଂ. ବି—ଯେଉଁ ପର୍ବତ ମଧ୍ୟରେ ରତ୍ନ ଥାଏ—
Ratna ku(kū)ṭa A mountain containing gems.
(ରତ୍ନଗିରି—ଅନ୍ୟରୂପ)

ରତ୍ନ ଖଚିତ—ସଂ. ବିଣ (ଖଚ୍ଯ୍ + ତ)—ମଣି ମୁକ୍ତାଦିରେ ଭୂଷିତ—
Ratna khachita Set with gems.

ରତ୍ନ ଖଟ—ଦେ.ବି (ସଂ. ରତ୍ନ+ଖଟ୍ୱା)—ରତ୍ନଖଚିତ ଖଟ—
Ratna khaṭa A bedstead set with gems.
রত্নখাট **रतनखाट** (ରତ୍ନଖଟ୍ୱା—ସଂ. ରୂପ)

ରତ୍ନ ଗଜ—ସଂ. ବି (ମ. ପ. ଜ୍ଞେ; ରତ୍ନୋତ୍ପାଦକ ଗଜ)—ଯେଉଁ ଶ୍ରେଷ୍ଠ-
Ratna gaja ଜାତୀୟ ହସ୍ତୀର ମୁଣ୍ଡରେ ମୋତି ଥାଏ; ଶ୍ରେଷ୍ଠଗଜ—
A class of elephants in whose brow pearls are found.

ରତ୍ନଗଡ଼—ଦେ. ବି. (ନାମ)—ବିକାନିର୍ ନଗରର ପୂର୍ବରେ ଓ ବିକାନିର୍
Ratnagarḍa ରାଜ୍ୟରେ ଥିବା ଗୋଟିଏ ନଗର ଓ ରେଳ ଷ୍ଟେସନ—Name of a town and Ry station in the Bikaner State). [ଦ୍ର—ବିକାନିର୍ ରାଜଧାନୀ ସଙ୍ଗେ ଏ ନଗର ରେଳ ଦ୍ୱାରା ଯୁକ୍ତ ହୋଇଅଛି ଏବଂ ଏହିଠାରୁ ଗୋଟିଏ ଶାଖା ଲାଇନ୍ ଉତ୍ତରକୁ ସର୍ଦ୍ଦାର-ସହରଠାକୁ ଯାଇଅଛି ।]

ରତ୍ନ ଗର୍ଭ—ସଂ. ବି (ରତ୍ନ ଅଛି ଗର୍ଭରେ ଯାହାର; ବହୁବ୍ରୀହି; ସମୁଦ୍ରସ୍ଥ
Ratna garbha ଶୁକ୍ତିରୁ ମୁକ୍ତା ବାହାରିବାରୁ)—ରତ୍ନାକର; ସମୁଦ୍ର—1. The ocean (which is the mine

of pearls). ୬ । କୁବେର—2. The God of wealth. ସଂ. ବଣ. ପୁଂ—ଯାହାର ମଧ୍ୟସ୍ଥଳ ରତ୍ନରେ (ରତ୍ନଗର୍ଭା—ସ୍ତ୍ରୀ) ପୂର୍ଣ୍ଣ—Full of gems inside it.

ରତ୍ନଗର୍ଭା—ସଂ. ବଣ. ସ୍ତ୍ରୀ (ରତ୍ନଗର୍ଭ+ଆ)—୧ । ସତ୍ପୁତ୍ରବତୀ; Ratnagarbhā ସୁସନ୍ତାନବତୀ—1. Mother of excellent or worthy children. ୨ । ରତ୍ନଗର୍ଭର ସ୍ତ୍ରୀଲିଙ୍ଗ—2. Feminine of Ratnagarbha. ସଂ. ବି. ସ୍ତ୍ରୀ—ବସୁମତୀ; ପୃଥିବୀ—The earth (containing mines of gems).

ରତ୍ନ ଗିରି—ସଂ. ବି—ରତ୍ନକୂଟ (ଦେଖ)—Ratnakuṭa. (See) Ratna giri ଦେ. ବି—ଦକ୍ଷିଣଭାରତର ବୋମ୍ବେ ପ୍ରଦେଶର ଗୋଟିଏ ରାଜ୍ୟ ବା ଜମିଦାରୀ—Ratnagiri; a zamindari (estate) in the Bombay Presidency. [ଦ୍ର—ଏହାର ରାଜଧାନୀ ରତ୍ନଗିରି ମାଲବାର ଉପକୂଳସ୍ଥ ଆରବସାଗରର ଗୋଟିଏ ବନ୍ଦର ଅଟେ ।]

ରତ୍ନଚିରା—ଦେ. ବି. ସ୍ତ୍ରୀ—ପୁରୀ ଜିଲ୍ଲାର ସତ୍ୟବାଦୀ (ସାକ୍ଷୀଗୋପାଳ) Ratnachirā ନିକଟ ଦେଇ ବହି ଯାଉଥିବା ଗୋଟିଏ କ୍ଷୁଦ୍ର ନଦୀ—रत्नचिरा रतनचिरा Name of a small river flowing by the village Sakhigopal in the Puri district. [ଦ୍ର—ଏହାର ଗର୍ଭ କ୍ରମଶଃ ପୋତି ହୋଇ ଅନେକ ସ୍ଥାନରେ ଶୀତଦିନେ ଶୁଖିଲା ରହେ ।] (ଉ— ରତ୍ନଚିରା ତୀରେ ବିରାଜନ୍ତ ଅଜ ସାର ରତ୍ନପୁର-କେତା— ରାଧାନାଥ. ସାବିତ୍ରୀ ।)

ରତ୍ନଚୁଡ଼—ଦେ. ବି (ବର୍ଣ୍ଣ ଶବ୍ଦ)—ହାତର ମଣିବନ୍ଧ, ପାପୁଲି ଓ ପାଞ୍ଚ Ratnachurḍa ଅଙ୍ଗୁଠି, ଏ ସମସ୍ତ ଅଂଶ ଆବୃତ କରିବା ଭଳି ସୁନାର ଅଳଙ୍କାର ବିଶେଷ—A gold ornament to cover the wrist, palm and the five fingers. ସ. ବଣ. ପୁଂ.—(ବହୁବ୍ରୀହି; ରତ୍ନ+ଚୂଡ଼ା)—ଯାହାର [ରତ୍ନଚୂଡ଼ା—ସ୍ତ୍ରୀ] ଚୂଡ଼ାରେ ରତ୍ନ ଅଛି—Having gems on the peak or head. [ରତ୍ନ ଜଡ଼(ଡ଼ା) ଉ—ଦେ. ବିଶେଷ୍ୟ ରୂପ]

ରତ୍ନ ଚୁଡ଼ି—ଦେ. ବି—୧ । ରତ୍ନଖଚିତ ହସ୍ତବଳୟ ବିଶେଷ— Ratna churḍi 1. Chooree or bangle set with रत्न चुड़ी रतन चूडी gems. ୨ । ଧାନ୍ୟବିଶେଷ – 2. A species of fine paddy. [ଦ୍ର—ଏ ଧାନ ବଡ଼ ଓ ଛୋଟଭେଦରେ ଦୁଇ ପ୍ରକାରର । ଏହାର ଅଗ ଧୋବ ଓ ମଧ୍ୟଭାଗ ଆରକ୍ତ ।]

ରତ୍ନ ଜଡ଼ିତ—ସ. ବଣ (ସ୍ୟା ତତ୍)—ରତ୍ନରେ ଜଡ଼ିତ କରାଯାଇଥିବା; Ratna jarḍita ରତ୍ନଖଚିତ—Bejewelled; set with [ରତ୍ନ ଜଡ଼(ଡ଼ା)ଉ—ଦେ. ରୂପ] gems.

ରତ୍ନଜୀବୀ—ସ. ବ (ରତ୍ନ+ଜୀବ୍‌ଧାତୁ+ଇନ୍. ୧ମା. ୧ବ)—ରତ୍ନ- Ratnajībi ବ୍ୟବସାୟୀ; ଜହୁରୀ—Jeweller.

ରତ୍ନଜୋଡ଼ି—ପ୍ରାଦେ (କଟକ ଜିଲ୍ଲା) ବ—ରତ୍ନବଟ ନିକଟସ୍ଥ ଜଳାଶୟ— Ratnajorḍi A sacred reservoir of water near Ratnabaṭa in the district of Cuttack.

ରତ୍ନ ତ୍ରିତୟ—ସ. ବ (୬ଷ୍ଠୀ ତତ୍)—୧ । ଦୂରଦୃଷ୍ଟି, ଜ୍ଞାନ ଓ ଚରିତ୍ର— Ratna tritaya 1. Foresight, wisdom and character (combined in a person) ୨ । ଧର୍ମ, ସଂଘ ଓ ବୁଦ୍ଧ, ବୌଦ୍ଧ ଧର୍ମର ଏ ତିନିଗୋଟି ଅମୂଲ୍ୟ ବସ୍ତୁ— 2. The trinity of the Buddhistic faith.

ରତ୍ନ ଦୀପ—ସ.ବ (ମ.ପ.ଲୋ)—ବହୁମୂଲ୍ୟ ମଣି ଆଦିରେ ନିର୍ମିତ ପ୍ରଦୀପ- Ratna dīpa Jewel lamp; lamp made of precious (ରତ୍ନପ୍ରଦୀପ —ଅନ୍ୟରୂପ) stones.

ରତ୍ନ ଦ୍ୱୀପ—ସ. ବ—ରତ୍ନନିର୍ମିତ ସ୍ଥାନ ବା ପୀଠ—A mound Ratna dwipa made of or set with gems. ଦେ. ବ — ପ୍ରବାଳ ରାଶି ଉପରେ ଗଠିତ ଦ୍ୱୀପ— Coral island.

ରତ୍ନ ଧେନୁ—ସ. ବ – ରତ୍ନମଣ୍ଡିତ ଧେନୁଦାନରୂପ ମହାଦାନବିଶେଷ— Ratna dhenu Name of a gift of a cow adorned with gems to a Brāhmaṇa.

ରତ୍ନ ନିଧି—ସଂ. ବ.—ଖଞ୍ଜନପକ୍ଷୀ—The wagtail. ଦେ. ବ.— Ratna nidhi ରତ୍ନସମୂହ—Gems or jewels.[ଉ—ବଣ ରତ୍ନନିଧି ଗୁଞ୍ଜାସଙ୍ଗେ ଅସନରେ । ଉପେ.ବୈଦେହୀଶବିଳାସ ।]

ରତ୍ନ ପଲ(ଲ୍ୟ)ଙ୍କ—ଦେ.ବ. (ସଂ.ରତ୍ନ ପର୍ଯ୍ୟଙ୍କ) —ରତ୍ନ ଖଚିତ ପଲଙ୍କ- Ratna pala(lya)ṅka A bedstead ornamented रत्नपालङ्क रत्नपलङ्क with gemss

ରତ୍ନ ପାରାୟଣ—ସଂ.ବ – ଯେଉଁଠାରେ ସବୁ ରତ୍ନ ମିଳେ—A place Ratna pārāyaṇa where all sorts of gems abound.

ରତ୍ନପୁର—ଦେ. ବ —୧ । ମଣିପୁଞ୍ଜ—1. A cluster of gems Ratnapura ୨ । ଦେଶ ବିଶେଷ—2. Name of a country. [ଉ—ବିଭୂଷଣ ରତ୍ନପୁର ଶ୍ରୀ ନଗର, ବିଶାଳରେ କରିଅଛ ସେ ଆଦର । ଉପେ. ବୈଦେହୀଶବିଳାସ ।] ୩ । ଲଙ୍କାର ଗୋଟିଏ ନଗର—3. Ratnapura, a town in Ceylon. [ଦ୍ର—ଏହା ଲଙ୍କା ଦ୍ୱୀପର ଦକ୍ଷିଣ ପଶ୍ଚିମାଂଶରେ ମଧ୍ୟପ୍ରଦେଶର ଗୋଟିଏ ନଗର ଓ ରେଲଷ୍ଟେସନ୍) ୪ । ଭାରତର ମଧ୍ୟପ୍ରଦେଶର ବିଳାସପୁରର ଉତ୍ତରରେ ଥିବା ଗୋଟିଏ ନଗର—4. Ratanpur, a town in the Central Provinces of India.

ରତ୍ନ ପୁରୁଷ—ସଂ. ବ. (ବୈଦ୍ୟକ)—ଏକପ୍ରକାର ଔଷଧ ଗଛ—A Ratna purusha kind of medicinal plant.

ରତ୍ନ ପ୍ରତିମା—ସଂ. ବ— ରତ୍ନନିର୍ମିତ ପିତୁଳା—An image made Ratna pratimā of gems. [ଉ— ରତ୍ନ ପ୍ରତିମାକୁ ପରାଏ ତୁମ୍ଭକୁ ମଣିଥାଏ ମୁହିଁ ସଦା । ଉପ ।]

ରତ୍ନପ୍ରଭ—ସଂ. ବଣ. (ରତ୍ନ+ପ୍ରଭା+ଅ)—ରତ୍ନ ପରି ପ୍ରଭାଯୁକ୍ତ— Ratnaprabha (ରତ୍ନପ୍ରଭା—ସ୍ତ୍ରୀ) Glittering like gem.

ରତ୍ନପ୍ରଭା—ସଂ. ବି. (୬ଷ୍ଠୀ ତତ୍)—୧ । ରତ୍ନର ଔଜ୍ଜ୍ୱଲ୍ୟ—1. The
Ratnaprabhā brightness or lustre of gems,
୨ । ଜୈନମାନଙ୍କର ନରକ ବିଶେଷ—2. Name of a hell of the Jainas.

ରତ୍ନ ପ୍ରସୂ—ସ.ବିଣ. ସ୍ତ୍ରୀ—୧ । ଯେ ରତ୍ନ ପ୍ରସବ କରେ; ରତ୍ନପ୍ରସବିନୀ-
Ratna prasū 1. Bringing forth gems. ୨। ସୁସନ୍ତାନ
(ରତ୍ନପ୍ରସୂତା—ଅନ୍ୟରୂପ) ପ୍ରସବିନୀ (ସ୍ତ୍ରୀ)—2. Bringing forth worthy children. ସ.ବି. ସ୍ତ୍ରୀ —ବସୁନ୍ଧରା; ପୃଥିବୀ—The earth.

ରତ୍ନ ପ୍ରସୂତ—ସ.ବିଣ—୧। (୫ମୀ ତତ୍)ରତ୍ନରୁ ଉତ୍ପନ୍ନ—1. Produced.
Ratna prasūta from jewels. ୨। (ବହୁବ୍ରୀହି)ରତ୍ନୋତ୍ପାଦକ
2. Producing gems.

ରତ୍ନବଟ—ପ୍ରାଦେ (କଟକ ଜିଲ୍ଲା) ବି—ଅଚ୍ୟୁତାନନ୍ଦ ଦାସଙ୍କ ଓଡ଼ିଆ
Ratnabaṭa ମାଳିକାରେ ବର୍ଣ୍ଣିତ କଟକ ଜିଲ୍ଲାରେ କଟକର ୧୫ମାଇଲ ପୂର୍ବେ ସୁଗଣ୍ଡ଼ାର, ଦେବମନ୍ଦିରଗର୍ଭିଣ ରତ୍ନଜୋଡ଼ି ନାମକ ଜଳାଶୟର ତୀରରେ ଥିବା ବର ଗଛ—Name of a banian tree mentioned in the Māḷikā where it is foretold that the devotees will assemble. [ଦ୍ର—ଏହା ନିକଟରେ ଗୁପ୍ତଏ ମାଳିକାବିଶ୍ୱାସୀ ସାଧୁସନ୍ଥଙ୍କର ବର୍ଷକେ ଥରେ ମେଳା ହୁଏ । ଏହିଠାରେ କଳିଯୁଗ ଶେଷରେ ଭକ୍ତମାନେ ମିଳିତ ହୋଇ ଧର୍ମର ଜୟ ଘୋଷଣା କରିବେ ବୋଲି ମାଳିକା ଭାଷୁଛି ।]

ରତ୍ନ ବଣିକ୍—ସ. ବି (ମ.ପ.ଲୋ)—ରତ୍ନଜୀବୀ; ରତ୍ନବ୍ୟବସାୟୀ—
Ratna baṇik Jeweller; a trader in gems.

ରତ୍ନବତୀ—ସ. ବି. ସ୍ତ୍ରୀ— ପୃଥିବୀ—The earth. ଦେ. ବି. ସ୍ତ୍ରୀ—
Ratnabati ସ୍ତ୍ରୀଲୋକଙ୍କର ନାମ—A name given to women.

ରତ୍ନବାନ୍—ସ. ବିଣ. ପୁଂ—ରତ୍ନବିଶିଷ୍ଟ; ରତ୍ନପୂର୍ଣ୍ଣ—
Ratnabān Having gems; full of gems.
(ରତ୍ନବତୀ—ସ୍ତ୍ରୀ)

ରତ୍ନ ବର୍ଷୁକ—ସ. ବିଣ—ଯେ ରତ୍ନ ବର୍ଷା କରେ—Showering
Ratna barshuka gems. ସ. ବି—ପୁଷ୍ପକ ରଥ; କୁବେରଙ୍କ ରଥ—The car of the Hindu's God of wealth.

ରତ୍ନ ବୃକ୍ଷ—ସ. ବି (ମ. ପ. ଲୋ.)—ପ୍ରବାଳ—
Ratna bṛuksha Coral.

ରତ୍ନ ବେଦି(ଦୀ)—ସ. ବି—ରତ୍ନଖଚିତ ସ୍ତୂପ—An altar decked
Ratna bedi(dī) with jewels. (ଉ—ମଣ୍ଡପ ମଧ୍ୟେ
(ରତ୍ନବେଦିକା—ଅନ୍ୟରୂପ) ରତ୍ନବେଦି, ସେ ଚନ୍ଦ୍ରାମଣିରେ ଅଛାଦି-ଭୂପତି. ପ୍ରେମପଞ୍ଚାମୃତ ।]

ରତ୍ନ ମଣ୍ଡିତ—ସ.ବିଣ.ପୁଂ(୩ୟା ତତ୍) – ରତ୍ନଖଚିତ; ରତ୍ନଜଡ଼ିତ;ରତ୍ନଦ୍ୱାରା
Ratna maṇḍita ଅଳଙ୍କୃତ—Set or adorned with gems.
(ରତ୍ନମଣ୍ଡିତା—ସ୍ତ୍ରୀ]

ରତ୍ନମୟ—ସ. ବିଣ—୧ । ରତ୍ନଖଚିତ—1. Set with gems.
Ratnamaya ୨ । ମଣିମୟ; ରତ୍ନଦ୍ୱାରା ଗଢ଼ା—2. Made
(ରତ୍ନମୟୀ —ସ୍ତ୍ରୀ) of gems. ୩ । ରତ୍ନପୂର୍ଣ୍ଣ—3. Full of gems.

ରତ୍ନମାଳ(ଳି)—ଦେ. ବି (ସ. ରତ୍ନମାଳା)—ରତ୍ନମୟ ହାର—
Ratna māḷa(ḷi) A string of gems.
রত্নমালা रतनमाला
(ରତ୍ନମାଳା; ରତ୍ନମାଳିକା —ସ. ରୂପ)

ରତ୍ନ ମୁଖ୍ୟ—ସଂ. ବି. (୭ମୀ ତତ୍; ରତ୍ନ ମଧ୍ୟରେ ମୁଖ୍ୟ=ଶ୍ରେଷ୍ଠ)
Ratna mukhya ହୀରା—Diamond.
[ରତ୍ନରାଜ—ଅନ୍ୟରୂପ]

ରତ୍ନ ମୁଦ୍ରିକା—ସଂ. ବି (ମ.ପ.ଲୋ) – ରତ୍ନଖଚିତ ଅଙ୍ଗୁରୀୟ—
Ratna mudrikā A ring set with gems
(ରତ୍ନମୁଦି—ଦେଶଜରୂପ)

ରତ୍ନ ରାଜି – ସ. ବି. (୬ଷ୍ଠୀ ତତ୍)—ରତ୍ନ ସମୂହ—A collection
Ratna rāji of gems.

ରତ୍ନରାଟ୍—ସ. ବି. (ରତ୍ନ+ରାଜ୍ ଧାତୁ+କ୍ୱିପ୍)—୧ । ଶ୍ରେଷ୍ଠ ରତ୍ନ—
Ratnarāṭ 1. Chief amongst gems; the best amongst jewels. ୨ । ମାଣିକ୍ୟ—2. Ruby.

ରତ୍ନ ଲିଙ୍ଗ—ସଂ. ବି.—ରତ୍ନ ନିର୍ମିତ ଶିବଲିଙ୍ଗ—An image of
Ratna liṅga Śiba made of gems.

ରତ୍ନ ସାନୁ—ସ. ବି. (ବହୁବ୍ରୀହି, ରତ୍ନନିର୍ମିତ ସାନୁ=ତଟଦେଶ ଯାହାର)-
Ratna sānu ମେରୁ ଗିରି; ସୁମେରୁ ପର୍ବତ —The mythological golden mountain to the north of the Himalayas. [ଉ—ବିରଜେ ତଥି ମଧ୍ୟରେ ଦାଶରଥି, ଶୋଭି ରତ୍ନସାନୁ ଗମ୍ୟ ସେ । ଭଞ୍ଜ. ବୈଦେହୀଶବିଳାସ ।]

ରତ୍ନ ସିଂହାସନ—ସଂ.ବି.(ମ.ପ. ଲୋ)—ମଣିମାଣିକ୍ୟଖଚିତ ସିଂହାସନ—
Ratna siṁhāsana A throne set with gems.
ଦେ. ବି—ମନ୍ଦିର ମଧ୍ୟରେ ଯେଉଁ ବେଦି ଉପରେ ଦେବବିଗ୍ରହ ସ୍ଥାପିତ ଥାଆନ୍ତି—An alter inside a temple where the image is set up.

ରତ୍ନସୂ—ସଂ. ବିଣ.—ରତ୍ନ ପ୍ରସୂ (ଦେଖ)—Ratnaprasū (See).
Ratnasū ସଂ. ବି.—ରତ୍ନଗର୍ଭା; ପୃଥିବୀ— The earth.

ରତ୍ନହାର—ସଂ. ବି. (ମ. ପ. ଲୋ)—ରତ୍ନ ଗ୍ରଥିତମାଳା—A string
Ratna hāra of gems.

ରତ୍ନାଇ—ଦେ. ବି.—ରତନାଇ; ଦେବୀ ବିଶେଷ—Name of a
Ratnāi popular Goddess.

ରତ୍ନାକର—ସଂ. ବି. (୬ଷ୍ଠୀ ତତ୍)—୧ । ସମୁଦ୍ର—1. The ocean.
Ratnākara ୨ । ରତ୍ନର ଖଣି—2. A mine of gems.
୩ । ରାମାୟଣକାର ମହାମୁନି ବାଲ୍ମୀକିଙ୍କର ପୂର୍ବ ନାମ—3. The name of sage Balmiki (author of the Rāmāyaṇa) before he became a sage. [ଦ୍ର—କଥିତ ଅଛି ଯେ ରତ୍ନାକର ପ୍ରଥମେ

ଦସ୍ୟୁ ବୃତ୍ତି କରୁଥିଲେ ଏବଂ ଜଙ୍ଗଲରେ ପଥିକମାନଙ୍କର ପ୍ରାଣ ସଂହାର କରି ସେମାନଙ୍କର ସର୍ବସ୍ୱ ଲୁଣ୍ଠନ କରି କୁଟୁମ୍ବ ପୋଷୁଥିଲେ । ଏକଦା ନାରଦ ଜଙ୍ଗଲରେ ଯାଉଥିଲେ; ତାଙ୍କୁ ରତ୍ନାକର ବଧ କରିବା ପାଇଁ ଅଗ୍ରସର ହୁଅନ୍ତେ ନାରଦ ପଚାରିଲେ 'ତୁମ୍ଭେ କି ସକାଶେ ନିର୍ଦୋଷ ବ୍ୟକ୍ତିକୁ ବଧ କରିବାକୁ ଉଦ୍ୟତ ହେଉଅଛ'? । ରତ୍ନାକର କହିଲେ 'ଏ ମୋର କୁଟୁମ୍ବପୋଷା ବୃତ୍ତି' । ନାରଦ ପଚାରିଲେ 'ତୁମ୍ଭେ ଯାହାଙ୍କ ପାଇଁ ବ୍ରହ୍ମହତ୍ୟାଦି ଗୁରୁତର ପାପ କରୁଅଛ ସେମାନେ ଏହି ପାପର ଅଂଶ ଗ୍ରହଣ କରିବେଟି କି ?' ରତ୍ନାକର ଉତ୍ତର କଲେ 'ହଁ, ଅବଶ୍ୟ କରିବେ ।' ନାରଦ କହିଲେ, 'ଆଚ୍ଛା, ତାଙ୍କୁ ଯାଇଁ ପଚାରି ଆସିଲ, ସେମାନେ ତୁମ୍ଭ ପାପର ଅଂଶ ଗ୍ରହଣ କରିବେ କି ନାହିଁ' ? ରତ୍ନାକର ଏ ବିଷୟ କୁଟୁମ୍ବଙ୍କୁ ପଚାରିବାକୁ ଗଲେ । କାଳେ ନାରଦ ପଳାଇଯିବେ, ଏହି ଆଶଙ୍କାରେ ରତ୍ନାକର ନାରଦଙ୍କୁ ଗୋଟିଏ ଗଛରେ ଦୃଢ଼ରୂପେ ବାନ୍ଧି କରି ଗୃହକୁ ଗଲେ । ଘରେ ପାଇ ପିତା ଓ ମାତା ଓ ପୁତ୍ରଙ୍କୁ ପଚାରିବାରୁ ସେମାନେ କହିଲେ 'ଆମ୍ଭମାନଙ୍କୁ ପୋଷିବା ତୁମ୍ଭର କର୍ତ୍ତବ୍ୟ, ତୁମ୍ଭଙ୍କୁ ଅଧର୍ମ କରିବାକୁ ଆମ୍ଭେ କହି ନାହୁଁ, ଏପରି ସ୍ଥଳେ ଆମ୍ଭେ କିଆଁ ତୁମ ପାପର ଅଂଶ ଗ୍ରହଣ କରିବୁଁ' ? ରତ୍ନାକର କୁଟୁମ୍ବଙ୍କ ଠାରୁ ଏହି ଉତ୍ତର ଶୁଣି ବିଷଣ୍ଣ ବଦନରେ ନାରଦଙ୍କ ନିକଟକୁ ଫେରି ଆସି ନାରଦଙ୍କୁ ବନ୍ଧନମୁକ୍ତ କଲେ ଓ ତାଙ୍କ ପାଦତଳେ ପଡ଼ି, କିପରି ଏ ପାପରୁ ମୁକ୍ତ ପାଇବେ ତହିଁର ବାଟ ବତାଇବାକୁ ପ୍ରାର୍ଥନା କଲେ । ନାରଦ ତାଙ୍କ ପ୍ରତି ଦୟା କରି ତାଙ୍କ କାନରେ ରାମନାମ ମନ୍ତ୍ର ଦେଲେ ଓ ଯୋଗସାଧନର ଉପାୟ ବତାଇ ଦେଲେ । କିନ୍ତୁ ଆଜନ୍ମ ପାପ କାର୍ଯ୍ୟରେ ଲିପ୍ତ, ନିରକ୍ଷର ଦସ୍ୟୁର ରସନା ରାମ ଶବ୍ଦ ଉଚ୍ଚାରଣ କରିବାକୁ ଅସମର୍ଥ ହୋଇ 'ମରା' 'ମରା' ଉଚ୍ଚାରଣ କରି ଲାଗିଲା । ଏକାଗ୍ରଚିତ୍ତରେ 'ମରା' 'ମରା' ଏକାଦିକ୍ରମେ ଉଚ୍ଚାରଣ କରୁ କରୁ ତାହା ବର୍ଣ୍ଣ ବିପର୍ଯ୍ୟୟ କ୍ରମେ 'ରାମ' 'ରାମ' ହେଲା । ନାରଦ ସେଠାରୁ ଚାଲିଗଲେ ଓ ରତ୍ନାକର ସେହି ସ୍ଥାନରେ ବସି ଏହି ନାମ ଉଚ୍ଚାରଣ କରୁ କରୁ ଷାଠିଏ ହଜାର ବର୍ଷ ବିତିଗଲା ଓ ତାଙ୍କ ଶରୀର ଯାକ ବଲ୍ମୀକ ବା ଉଇହୁଙ୍କା ପାଲଟିଗଲା । ଅନନ୍ତର ଏ ଯୋଗସିଦ୍ଧ ହୋଇ ସେହି ବଲ୍ମୀକରୁ ଉଠି ବାଲ୍ମୀକି ନାମରେ ଖ୍ୟାତ ହେଲେ ।] ୧ । ଦେ. ବି ପୀତାମ୍ବର ଦାସଙ୍କ ରଚିତ ଓଡ଼ିଆ ନୃସିଂହ ପୁରାଣ ଗ୍ରନ୍ଥର ୭ଖଣ୍ଡର ପ୍ରତ୍ୟେକ ଖଣ୍ଡର ନାମ (ଯଥା, ପ୍ରଥମ ରତ୍ନାକର) —1. Name of each of the 7 volumes of the Oriya Nṛusimha purāṇa by poet Pitāmbara, Dāsa.

୨ । (ନାମ)--ପ୍ରାଚୀନ ଓଡ଼ିଆ କବି—2. Name of an ancient Oriya poet. [ଦ୍ର-ଏହାଙ୍କ ଜନ୍ମସ୍ଥାନ ସମ୍ବଲପୁର; ଏ ଜାତିରେ ତେଲି ଥିଲେ; ମହିମାଧର୍ମ ଗ୍ରହଣ କରିଥିଲେ । 'ସାରସ୍ୱତ ଗୀତା' ଏହାଙ୍କଦ୍ୱାରା ରଚିତ ହୋଇଥିଲା । ବିନାୟକ ଉତ୍କଳ-ଇତିହାସ ।] ୩ । ପୁରୁଷଙ୍କୁ ଦିଆଯିବା ନାମ—3. A name given to males

ରତ୍ନାକର ଚମ୍ପୂ—ଦେ. ବି.—କ ଠାରୁ କ୍ଷ ପର୍ଯ୍ୟନ୍ତରେ ଆଦ୍ୟ ଅକ୍ଷରମାନ
Ratnākara champū ଥିବା ଗୀତଯୁକ୍ତ ବଳଦେବ ରଥ କବିସୂର୍ଯ୍ୟଙ୍କ ରଚିତ କୃଷ୍ଣକେଳି ବର୍ଣ୍ଣନାତ୍ମକ ସଙ୍ଗୀତ ପୁସ୍ତକ-Name of a book of Oriya songs by poet Baḷadeba Ratha Kabisūrjya.

ରତ୍ନାଙ୍କ—ସଂ. ବି.—(ବହୁବ୍ରୀହି; ରତ୍ନ ହୋଇଅଛି ଅଙ୍କ=ଚିହ୍ନ ଯାହାର)· Ratnāṅka ୧ । ବିଷ୍ଣୁଙ୍କ ରଥ—1. Name of Bishnu's car. ୨ । (ମ. ପ. ଲୋ) ରତ୍ନ ପରି ଚିହ୍ନ— . A sign resembling a gem.

ରତ୍ନାଙ୍ଗୁରୀୟ—ସଂ. ବି.- ରତ୍ନ ମୁଦ୍ରିକା; ରତ୍ନ ବସା ଯାଇଥିବା ମୁଦି—Ratnāṅguriya A ring set with gems. (ରତ୍ନାଙ୍ଗୁରୀୟକ—ଅନ୍ୟରୂପ)

ରତ୍ନାଚଳ—ସଂ. ବି.—୧ । ରତ୍ନଗିରି; ସୁମେରୁ ପର୍ବତ—1. The Ratnāchaḷa Sumeru mountain. ୨ । ଦାନ ନିମିତ୍ତ ପର୍ବତରୂପେ କଳ୍ପିତ ରତ୍ନସ୍ତୂପ—2. A high heap of gems dedicated to be given away as gift.

ରତ୍ନାବଳି—ସଂ· ବି (ସ୍ତ୍ରୀ ଲିଙ୍ଗ)—୧। ରତ୍ନହାର—1. A string of Ratnā baḷi gems. ୨। ରତ୍ନ ଶ୍ରେଣୀ-2. A row of pearls. ୩। (ନାମ) ବତ୍ସରାଜ ପତ୍ନୀ—3. Name of a queen. ୪ । ଶ୍ରୀହର୍ଷପ୍ରଣୀତ ନାଟ୍ୟଗ୍ରନ୍ଥ ବିଶେଷ—4. Name of a drama by poet Śriharsha. ୫ । ବାକ୍ୟାଲଙ୍କାର ବିଶେଷ—5. A figure of speech.

ରତ୍ନାଭରଣ—ସଂ. ବି.(ମ ପ.ଲୋ)-ମଣିମୟ ଅଳଙ୍କାର; ଜଡ଼ିତ ଅଳଙ୍କାର-Ratnābharaṇa Jewellery; ornaments set with gems. [ରତ୍ନାଳଙ୍କାର—ଅନ୍ୟରୂପ]

ରତ୍ନି—ସଂ. ବି.—(ରୁ ଧାତୁ=ଗମନ କରିବା+କରଣ.ଅତ୍ନି)—୧ । Ratni ଏକ ମୁଟ୍ଠି ପରିମିତ ଲମ୍ବ; ୨୧ ଅଙ୍ଗୁଳି—1. Linear measure consisting of a length from the elbow to the end of the closed fist. [ଅରତ୍ନି—ଅନ୍ୟରୂପ] ୨ । ମୁଠା; ମୁଷ୍ଟି—2. Closed fist.

ରତ୍ନେଶ—ସଂ. ବି. (ପୁଂ ଲିଙ୍ଗ)—କୁବେର—The Hindus' God of wealth. Ratneśa (ରତ୍ନେଶ୍ୱର—ଅନ୍ୟରୂପ)

ରତ୍ନୋଦଧି—ଦେ. ବି.—(ନାମ)—ଭାରତବିଖ୍ୟାତ 'ନାଳନ୍ଦ' ବିଶ୍ୱ. Ratnodadhi ବିଦ୍ୟାଳୟର ସୁବିଶାଳ ପୁସ୍ତକାଗାର—The name of the library of the celebrated ancient University of Nāḷanda.

ରତ୍ୟଙ୍ଗ-ସ.ବି.--(ମ.ପ.ଲୋ)—୧। ସ୍ତ୍ରୀ ଯୋନି—1. Female organ, Ratyaṅga vagina. ୨ । ପୁରୁଷ ଲିଙ୍ଗ—2. Male organ; penis.

ରଥ—ସ. ବି.—(ରମ୍ ଧାତୁ=କ୍ରୀଡ଼ା କରିବା + କରଣ.ଥ)--୧ । ଶକଟାଦି
Ratha ଚକ୍ରଯାନ—1. Wheeled conveyance e.g. cart; carriage. ୨ । ସ୍ୟନ୍ଦନ—2. Car. ୩ । ଯୁଦ୍ଧ ଯାନ—3. A conveyance used in war; war chariot. ୪ । ବାହନ—4. Any conveyance; vehicle. ୫ । ଶରୀର—5. Body. ୬ । ପଦ; ଚରଣ - 6 Leg. ୭ । ଅବୟବ—7. Limb; member of the body. ୮ । ବେତସ ବୃକ୍ଷ—8. Cane; ratan; Calamus Rotung. ୯ । ରଥଦ୍ରୁ; ତିନିସ ବୃକ୍ଷ; ବାନ୍ଧନ ଗଛ—9. A timber tree; Ougenia Dalbergioides. ୧୦ । ଜଳବେତସ; ବାଗିର—10. A species of ratan growing near water. ୧୧ । ବଞ୍ଜୁଳ; ଅଶୋକ—11. The Aśoka tree. ୧୨ । ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଏବଂ ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ବସାଇ ସ୍ଥାନାନ୍ତରକୁ ନେବା ଓ ଅଣିବା ପାଇଁ ବ୍ୟବହୃତ ରଥ—12. Car used in conveying the idols at Puri, Bhubaneswar and other places.

[ଦ୍ର-ପୂର୍ବେ ବୈଦିକ ଯୁଗରେ ଅର୍ଥାତ୍ ୪ହଜାର ବର୍ଷ ପୂର୍ବେ ଭାରତୀୟ ଆର୍ଯ୍ୟମାନେ ରଥର ବ୍ୟବହାର ଜାଣୁଥିବାର ସ୍ପଷ୍ଟ ପ୍ରମାଣ ଋଗ୍‌ବେଦ ଓ ଯଜୁର୍ବେଦରୁ ମିଳେ । ରଥରେ ଅଶ୍ୱମାନେ ସାରଥିଦ୍ୱାରା ନିୟନ୍ତ୍ରିତ ହେଉଥିଲେ । ରଥକୁ ଶିଳ୍ପୀ ଓ ସୂତ୍ରଧରମାନେ ପ୍ରସ୍ତୁତ କରୁଥିଲେ । ଯୁଦ୍ଧରଥ ଗୋଚର୍ମ ଆଦିରେ ଆଚ୍ଛାଦିତ ହେଉଥିଲା । ରଥରେ ରଥସ୍ୱାମୀଙ୍କର ପରିଚୟସୂଚକ ପତାକା ଉଡ଼ୁଥିଲା । ରଥର ଅଭ୍ୟନ୍ତରରେ ଯୋଦ୍ଧାମାନଙ୍କର ଅସ୍ତ୍ରଶସ୍ତ୍ର ରକ୍ଷିତ ହେଉଥିଲା । ଅଶ୍ୱମାନେ ରଶ୍ମିଦ୍ୱାରା ରଥରେ ସଂଯୁକ୍ତ ଓ ଚାଳିତ ହେଉଥିଲେ । ପୁରାଣ ଆଦିରେ ଭିନ୍ନଭିନ୍ନ ରଥ ଓ ଶତ୍ରୁ ରଥମାନଙ୍କୁ ଟାଣିବା ପାଇଁ ଭିନ୍ନଭିନ୍ନ ଜନ୍ତୁ ନିୟୋଜିତ ହେବା ଉଲ୍ଲେଖ ଅଛି । ଶ୍ରୀକୃଷ୍ଣ, ଅର୍ଜୁନ, ନଳ ଓ ରୁକ୍ମିଣୀ ଆଦି ସାରଥି ରୂପରେ ରଥ ଚଳାଇ ଥିବା ମଧ୍ୟ ଉଲ୍ଲେଖ ଅଛି । ଭିନ୍ନ ଭିନ୍ନ ଯୋଦ୍ଧାଙ୍କର ଭିନ୍ନ ଭିନ୍ନ ପତାକା ବା ଧ୍ୱଜ ଚିହ୍ନିତ ରଥ ଥିଲା । ଯୋଦ୍ଧାମାନେ ରଥରେ ଚଢ଼ି ଧନୁର୍ବାଣ ପ୍ରୟୋଗ ପୂର୍ବକ ଯୁଦ୍ଧ କରୁଥିଲେ । ଏମାନଙ୍କୁ ରଥୀ ବୋଲି ଯାଉଥିଲା ।

ରଥମାନ ଶୂନ୍ୟମାର୍ଗରେ ମଧ୍ୟ ଗମନାଗମନ କରୁଥିଲା । ରାବଣ ଲଙ୍କାରୁ ରଥ (ପୁଷ୍ପକ ବିମାନ)ରେ ଆସି ସୀତାଙ୍କୁ ରଥରେ ବସାଇ ଶୂନ୍ୟମାର୍ଗରେ ନେଇ ଯାଇଥିଲା । ରାମଚନ୍ଦ୍ର ରଥରେ ବସି ସୀତାଙ୍କୁ ସଙ୍ଗରେ ନେଇ ଲଙ୍କାରୁ ଫେରି ଆସିଲେ । କାବ୍ୟମାନଙ୍କରେ ମଧ୍ୟ ରାଜାମାନେ ରଥରେ ଯିବା ଆସିବା କରିବା ଉଲ୍ଲେଖ ଅଛି । କିନ୍ତୁ ଐତିହାସିକ ଯୁଗରେ ରଥର ବ୍ୟବହାରର ପ୍ରମାଣ ଦେଖା ଯାଇନାହିଁ ।

ପରବର୍ତ୍ତୀ କାଳରେ ବୁଦ୍ଧଦେବଙ୍କ ଦନ୍ତକୁ ରଥଦ୍ୱାରା ନିଆଯାଇ ଶୋଭାଯାତ୍ରା କରାଯିବାର ନିଦର୍ଶନ ମିଳେ । ବର୍ତ୍ତମାନ ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଗୋଟି ରଥରେ ପୁଷ୍ୟାନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ବିଜେ କରି ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ସପ୍ତାହକାଳ ଅବସ୍ଥାନ କରି ଦଶମୀ ଦିନ ସେଠାରୁ ବଡ଼ଦେଉଳକୁ ଆସିଥାନ୍ତି । ଗୁଣ୍ଡିଚା ମନ୍ଦିରକୁ ଯିବା ଦିନକୁ ରଥଯାତ୍ରା ବା ଗୁଣ୍ଡିଚା ଓ ଫେରିବା ଦିନକୁ ବାହୁଡ଼ାଯାତ୍ରା ବୋଲାଯାଏ ।

ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତିପ୍ରତିମା ଚନ୍ଦ୍ରଶେଖରଙ୍କୁ ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ଦିନ ଗୋଟିଏ ରଥରେ ଏକ ମାଇଲ୍ ଦୂରବର୍ତ୍ତୀ ରାମେଶ୍ୱର ମନ୍ଦିରକୁ ନିଆଯାଇ କିଛିଦିନ ସେଠାରେ ଅବସ୍ଥାପିତ କରି ପୁଣି ବଡ଼ଦେଉଳକୁ ବାହୁଡ଼ାଇ ଅଣାଯାଏ । ଭୁବନେଶ୍ୱରର ରଥ ୪ ଚକବିଶିଷ୍ଟ; ରଥର ନାମ ରୁକ୍ମିଣୀ ବା ରୁକୁଣା ରଥ । ଏ ରଥ ଯେଉଁଆଡ଼େ ମୁହଁକରି ଯାଇଥାଏ ସେଆଡ଼ରୁ ଆଉ ମୁହଁ ଫେରାଏ ନାହିଁ । ବାହୁଡ଼ା ଦିନ ରଥର ଆଗପାଖର ସାଜସଜ୍ଜାକୁ ଅଣି ପଛ ପାଖରେ ଲଗାଇ ରଥର ପଛପାଖକୁ ସମ୍ମୁଖ କରି ଠାକୁରଙ୍କୁ ବାହୁଡ଼ାଇ ଅଣାଯାଏ । ଏଥିପାଇଁ ଢଗ ଅଛି ଯେ ‘ରୁକୁଣା ରଥ ଆଉ ନ ଫେରେ’ ।

ପୁରୀ ଜଗନ୍ନାଥଙ୍କ ରଥ ୧୬ ଚକବିଶିଷ୍ଟ; ରଥର ନାମ ‘ନନ୍ଦିଘୋଷ ରଥ’ ଓ ଏହାର ପତାକା ଗରୁଡ଼ଚିହ୍ନାଙ୍କିତ ।

ସୁଭଦ୍ରାଙ୍କ ରଥ ୧୨ ଚକବିଶିଷ୍ଟ, ନାମ ଦେବଦଳନ; ଏହା ପଦ୍ମଧ୍ୱଜ ।

ବଳଭଦ୍ରଙ୍କ ରଥ ୧୪ଚକବିଶିଷ୍ଟ; ନାମ ତାଳଧ୍ୱଜ; ଏହା ଲାଙ୍ଗଳଧ୍ୱଜ ।

ପୁରୀର ରଥଯାତ୍ରା ବୌଦ୍ଧଯାତ୍ରାର ଚିହ୍ନ ବୋଲି କେହି କେହି କହନ୍ତି ।] ଦେ. ବି—୧ । ବ୍ରାହ୍ମଣମାନଙ୍କ ବଂଶୋପାଧିବିଶେଷ—1. A family-title of some Brāhmaṇas. ୨। ପୁରୁଷଙ୍କ ନାମ—2. A name given to males.

ରଥକ—ସ. ବି—ଦେବମନ୍ଦିରର ଅଂଶବିଶେଷର ନାମ; ଦେବମନ୍ଦିରର
Rathaka ବିମାନ—The upper dome-like half of a temple.

ରଥ କଟ୍ୟା(ଡ୍ୟା)—ସ. ବି (ସ୍ତ୍ରୀଲିଙ୍ଗ)—ରଥଶ୍ରେଣୀ—
Ratha kaṭyā(ḍyā) A row of cars.

ରଥକ(କା)ର—ସ. ବି—୧ । ରଥନିର୍ମାତା କାରିଗର—1. Artisan
Rathaka(kā)ra who builds the car. ୨ । ରଥନିର୍ମାତା ବଢ଼େଇଜାତି—2. A caste of carpenters who build cars.

ରଥ କୁଟୁମ୍ବୀ—ସ. ବି—ସାରଥି—
Ratha kuṭumbī Charioteer.

ରଥଗର୍ଭକ—ସ. ବି—ଶିବିକାଦି ନରବାହ୍ୟ ଯାନ—Conveyances
Rathagarbhaka or litters carried by men.

ରଥ ଗୀତ—ଦେ. ବି—ପୁରୀ ଓ ଭୁବନେଶ୍ୱର ଆଦିର ରଥମାନଙ୍କୁ ଟାଣିବା
Ratha gita ବ୍ୟକ୍ତିମାନଙ୍କୁ ଉତ୍ସାହିତ କରିବାପାଇଁ ରଥର
রথটানার গান रथ खींचने समयका गान ସାରଥିମାନଙ୍କ ବୋଲିବା ଅଶ୍ଳୀଳ ଗୀତ—Obscene songs sung by the drivers of the religious cars during their dragging.

ରଥ ଗୁପ୍ତି—ସଂ. ବି—ଶସ୍ତ୍ରାଦି ଓ ଶରୀର ରକ୍ଷା ନିମିତ୍ତ ରଥମଧ୍ୟସ୍ଥ ଗୁପ୍ତ
Ratha gupti ସ୍ଥାନ—A recess made inside the car for the rider's self protection and for depositing weapons.

ରଥ ଚକ୍ର—ସଂ. ବି—୧। ରଥର ଚକ—1. The wheel of a
Ratha chakra car. ୨। ଚକ—2. Wheel. ୩।
(ରଥଚରଣ—ଅନ୍ୟରୂପ) ଚକ୍ରବାକ ପକ୍ଷୀ—3. The ruddy goose.

ରଥ ଚଳା(ଳେ)ଇବା—ଦେ. କ୍ରି—ରଥରେ ଯୋଗ୍ୟ ହୋଇଥିବା ପଶୁ
Ratha chaḷā(ḷe)ibā ଆଦିଙ୍କୁ ପ୍ରବର୍ତ୍ତିତ କରି ରଥକୁ
রথ চালান रथ चलाना ଗୃଳିତ କରିବା—To drive a car.

ରଥ ଚଳିବା—ଦେ. ବି—୧ । ରଥ ଗତି କରିବା—1. A car
Ratha chaḷibā being in motion. [ଉ—ରଥ ଚଳେ
[ରଥ ଗୃଳିବା—ଅନ୍ୟରୂପ] ଧୀରେ ଧୀରେ, ଶଙ୍ଖ ମହୁରି ବେଢେ ।
রথচলা ଶିଶୁଗୀତ ।] ୨ । (ଲକ୍ଷଣାର୍ଥ) ଚଳପ୍ରଚଳ କରିବାକୁ
रथ चलना ସମର୍ଥ ହେବା—2. (figurative) Being able to walk and move about. [ଯଥା—ଏଣିକି ୮୦ ବର୍ଷ ବୟସରେ ମୋ ରଥ ଚଳିବା କଷ୍ଟ ହେଲାଣି ।]

ରଥ ଗୃଳକ—ସଂ. ବି. ପୁଂ (୬ଷ୍ଠୀ ତତ୍)—ସାରଥି—
Ratha chāḷaka Charioteer; driver of a car.
(ରଥଗୃଳିକା—ସ୍ତ୍ରୀ)

ରଥ ଗୃଳନ—ସଂ. ବି—ସାରଥିରୂପେ ରଥରେ ଲଗିଥିବା ଅଶ୍ୱାଦିଙ୍କୁ
Ratha chāḷana ନିୟନ୍ତ୍ରିତ କରି ରଥକୁ ଗୃଳିତ କରିବା—Driving of a chariot.

ରଥ ଟାଣିବା—ଦେ. କ୍ରି—ଗତି କରିବା ପାଇଁ ରଥକୁ ଓଟାରିବା—
Ratha ṭāṇibā To draw a car.
রথটানা रथ खींचना

ରଥ ଦ୍ରୁ—ସଂ. ବି (ମ. ଚ. ଲୋ, ରଥ+ଦ୍ରୁ=ବୃକ୍ଷ; ଏହାର କାଠରେ
Ratha dru ରଥ ତିଆରି ହେଉଥିବାରୁ)—ତିନିଶ ବା ବାହନ ଗଛ-
A timber-tree used in making cars; Ougenia Dalbergioides.

ରଥନ୍ତର—ସଂ. ବି(ରଥମ୍=ରଥକୁ+ତୃ. ଧାତୁ. ଣିଚ୍; ତାର.ଧାତୁ+କର୍ତ୍ତୃ.
Rathantara ଅ)—୧ । ସାରଥି—1. Charioteer. ୨ ।
ସାମ ବେଦର ଶାଖା ବିଶେଷ—2. Name of a portion of the Sāma Beda.

ରଥ ପାଦ—ସଂ. ବି (୬ଷ୍ଠୀ ତତ୍)—ରଥର ଚକ—
Ratha pāda The wheel of a car.

ରଥବାହ—ସଂ. ବି. ପୁଂ (ରଥ+ବହ୍. ଧାତୁ. ଣିଚ୍, ବାହ୍. ଧାତୁ+କର୍ତ୍ତୃ.
Rathabāha ଅ)—ସାରଥି—Charioteer.
(ରଥବାହକ—ଅନ୍ୟରୂପ) (ରଥବାହା, ରଥବାହିକା—ସ୍ତ୍ରୀ)

ରଥ ବାହିବା—ଦେ. କ୍ରି—ରଥ ଚଳାଇବା (ଦେଖ)
Rath bāhibā Ratha chaḷāibā. (See)

ରଥବୁହା—ଦେ. ବିଣ—(ସଂ. ରଥବାହକ) ରଥର ଗୃଳକ—
Rathabuhā Driving of a car.
রথচালান रथचलाना [ଉ—ରତ୍ନପଣ୍ଡି ବାହୁକ ରଥବୁହା ଦେଖି, ପ୍ରମୋଦ ଜଳେ ଭାସି ଗଲେ ହୋଇ ସୁଖୀ । କୃଷ୍ଣସିଂହ. ମହାଭାରତ. ବନ ।]

ରଥ ବେଗ—ସଂ. ବି. (୬ଷ୍ଠୀ ତତ୍)—ରଥର ଗତିର ଦ୍ରୁତତା—The
Ratha bega speed of a car.

ରଥ ଭୋଗ—ଦେ. ବି—ଠାକୁର ରଥରେ ଯାଉଥିବା ସମୟରେ ତାଙ୍କୁ
Ratha bhoga ଅର୍ପିତ ଭୋଗ—Offerings made to the
ঠাকুরকে রথেযাবার সময় Deity while on the car.
যে ভোগ দেওয়াযায় रथभोग

ରଥ ଯାତ—ଦେ. ବି—ରଥଯାତ୍ରା (ଦେଖ)—Rathajātrā
Ratha jāta (See).
রথযাত্রা रथयात्रा (ରଥଯାତର - ଅନ୍ୟରୂପ)

ରଥ ଯାତ୍ରା—ଦେ. ବି - ୧ । ଶ୍ରୀଗୁଣ୍ଡିଚା; ଆଷାଢ଼ ମାସ ପୁଷ୍ୟା ନକ୍ଷତ୍ରଯୁକ୍ତ
Ratha jātrā ଶୁକ୍ଳ ଦ୍ୱିତୀୟା ଦିନ ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ୩ଟି ରଥରେ ଗୁଣ୍ଡିଚା ମନ୍ଦିରକୁ ଗତ ହେବା ରୂପ ଉତ୍ସବ—1. The car festival of Puri; the ceremony of taking the Deieties Jagannath, Balabhadra and Subhadrā in 3 cars to their garden house; the Gundichā festival. [ଦ୍ର—ପୁରୀର ରଥଯାତ୍ରା ସମୟରେ ମହାସମାରୋହ ହୁଏ ଓ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରୁ, ବିଶେଷତଃ ବଙ୍ଗଦେଶରୁ, ବହୁ ସହସ୍ର ଯାତ୍ରୀ ସେହି ସମୟରେ ପୁରୀକୁ ଆସନ୍ତି । ପୂର୍ବେ ଯାତ୍ରୀମାନେ କେହି କେହି ରଥମାନଙ୍କର ଚକ ସାମନାରେ ପଡ଼ିଯାଇ ପ୍ରାଣ ହରାଉଥିଲେ ଓ ଏହା କରିବା ଦ୍ୱାରା ସେମାନଙ୍କର ସ୍ୱର୍ଗଲାଭ କରିବାର ଆଶା ଥିଲା । କେହି କେହି ଲୋକ-ଗହଳିରେ ରଥଚକରେ ପେଷି ହୋଇ ଯାଉଥିଲେ । ଏହି ଘଟଣାକୁ ଲକ୍ଷ୍ୟ କରି ଜଣେ ସାହେବ-ପର୍ଯ୍ୟଟକ (Burton) (ଯେ ୩୦୦ ବର୍ଷ ତଳେ ଜଗନ୍ନାଥଙ୍କ ରଥ ଦେଖିଥିଲେ ସେ) ଜଗନ୍ନାଥଙ୍କୁ ଏକ ପକ୍ଷଧାରୀ ଅସୁର—ଦେବତା ବୋଲି ବର୍ଣ୍ଣନା କରିଥିଲେ ଓ ତାଙ୍କ ରଥ ଚକତଳେ ମନୁଷ୍ୟ ବଳି ଦିଆଯିବା କଥା ମଧ୍ୟ ଲେଖିଥିଲେ । ପଶ୍ଚିମରୁ ନିର୍ଦ୍ଦୟ ଜଗନ୍ନାଥଙ୍କ ରଥ 'The car of Jagannath' ଶବ୍ଦ ଇଂରାଜୀଭାଷାରେ ଗୋଟିଏ ପ୍ରବଚନ ରୂପେ ବ୍ୟବହୃତ ହୋଇ ଆସୁଅଛି । ଏବେ ସରକାରଙ୍କର କଟକଣା ଯୋଗୁଁ ରଥମାନ ଚଳିବା ସମୟରେ ମାଜିଷ୍ଟ୍ରେଟ୍ ଓ ପୁଲିସ ସାହେବମାନେ ନିଜେ ଉପସ୍ଥିତ ରହି ଚଳୁଥିବା ରଥର ଚକର ପାଖରୁ ଲୋକଙ୍କୁ ଅଡ଼େଇ ଦିଅନ୍ତି । ତେଣୁ ଏବେ ସେପରି ଦୁର୍ଘଟଣା ପ୍ରାୟ ଘଟେ ନାହିଁ ।

ଶ୍ରୀ ଚୈତନ୍ୟ ଦେବ (ପଞ୍ଚଦଶ ଶତାବ୍ଦୀରେ) ପୁରୀରେ ଅବସ୍ଥାନ କରୁଥିବା ସମୟରେ ରଥଯାତ୍ରାରେ ଯୋଗ ଦେଇ ସଦଳ ନାମସଂକୀର୍ତ୍ତନ କରି ରଥ ଆଗେ ଆଗେ ଯାଉଥିଲେ ଓ ସେହି ସମୟରୁ, ପୁରୀର ରଥଯାତ୍ରାରେ ଯୋଗ ଦେବା ପାଇଁ ବଙ୍ଗୀୟ ଯାତ୍ରୀମାନେ ସହସ୍ରଶଃ ଆସୁଅଛନ୍ତି ।

ପତିତ ଓ ଅସ୍ପୃଶ୍ୟ ଜାତିମାନେ (ବାଉରି, କଣ୍ଡରା, ପାଣ, ହାଡ଼ି ଆଦି, ଯେଉଁମାନଙ୍କର ଦେଉଳ ମଧ୍ୟକୁ ପଶି ଜଗନ୍ନାଥଙ୍କୁ ଦର୍ଶନ କରିବାର ଅଧିକାର ନାହିଁ, ସେମାନେ) ରଥ ଉପରେ ବିଗ୍ରହିତ ଜଗନ୍ନାଥଙ୍କୁ ଦର୍ଶନ କରିବାର ସୁବିଧା ପାଆନ୍ତି । ଶାସ୍ତ୍ରରେ ଅଛି ଯେ ରଥରେ ବିଗ୍ରହିତ ଜଗନ୍ନାଥଙ୍କୁ ଦର୍ଶନ କଲେ ମନୁଷ୍ୟ ଆଉ ପୁନର୍ଜନ୍ମରୁ ଉଦ୍ଧାର ପାଏ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଦେଉଳ ମଧ୍ୟରୁ ରଥ ନିକଟକୁ ଆଣିବା ପାଇଁ ସେବକମାନେ ଉକ୍ତ ବିଗ୍ରହମାନଙ୍କ ଅଣ୍ଟାରେ ପାଟ ଡୋରି ଲଗାଇ ଉଡ଼ୁ ଉଡ଼ୁ ଓ ଟେକାଟେକି କରି ତଳିଆଇଁ ତଳିଆଇଁ ଆଣନ୍ତି; ଏହାକୁ 'ପହଣ୍ଡି' ବା 'ପହଣ୍ଡି ବିଜେ' କହନ୍ତି ।

ପୁରୀର ରାଜା ସ୍ୱୟଂ ଜଗନ୍ନାଥଙ୍କ ଆଗେ ଆଗେ ଗୋଟିଏ ସୁନା ଝାଡ଼ୁକା ଧରି ବାଟ ଓଳାଇ ଥାଆନ୍ତି ଓ କର୍ପୂର ଚନ୍ଦନାଦି ସୁବାସିତ ଜଳ ଛିଞ୍ଚୁ ଥାଆନ୍ତି; ଏହାକୁ 'ଛେରା ପହଁରା' କହନ୍ତି । ପୁରୀର ରାଜା ପୁରୁଷୋତ୍ତମ ଦେବ ଏହି 'ଛେରା ପହଁରା' କରୁଥିବାରୁ କାଞ୍ଚି ରାଜା ପୁରୀରାଜାଙ୍କୁ 'ହାଡ଼ି' ବୋଲି ତୁଚ୍ଛଜ୍ଞାନ କରି ଆପଣାର କନ୍ୟା ପଦ୍ମାବତୀଙ୍କୁ ତାଙ୍କ ସଙ୍ଗେ ବିବାହ ଦେବାକୁ ମନା କରିଥିଲେ ଓ ଏ ଅପମାନର ପ୍ରତିଶୋଧ ନେବା ପାଇଁ ପୁରୀର ରାଜା ପଞ୍ଚଦଶ ଶତାବ୍ଦୀରେ ଦକ୍ଷିଣରେ କୃଷ୍ଣାନଦୀ ତୀରସ୍ଥ କାଞ୍ଚି ରାଜ୍ୟକୁ ଆକ୍ରମଣ ଓ ଜୟ କରି ରାଜକନ୍ୟା ପଦ୍ମାବତୀଙ୍କୁ ଆଣି ପରିଶେଷରେ ତାଙ୍କ ପାଣିଗ୍ରହଣ କରିଥିଲେ ।

ପୁରୀର ରାଜା ଯେତେବେଳେ ସମଗ୍ର ଉତ୍କଳର ଏକାଧିପତି ମହାରାଜା 'ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ନବ କୋଟି କର୍ଣ୍ଣାଟ କଲବର୍ଗେଶ୍ୱର ବୀରାଧି ବୀରବର ପ୍ରତାପ' ଉପାଧି ଯୁକ୍ତ ହୋଇ 'ଲକ୍ଷେ ରାଜାଙ୍କ ମଉଡ଼ମଣି' ଥିଲେ, ସେହି ସମୟରୁ ଗଡ଼ଜାତରୁ ରଥ ପାଇଁ ଆବଶ୍ୟକ କାଠ ଯୋଗାଇବା ପାଇଁ ଦଶପଲ୍ଲାର ରାଜାଙ୍କୁ 'ଜୋଡ଼ମ୍ବୁ' ନାମକ ଗୋଟିଏ ଜଙ୍ଗଲ ଦେଇଥିଲେ ଓ ଆଜି ପର୍ଯ୍ୟନ୍ତ ଦଶପଲ୍ଲାର ରାଜା ଉକ୍ତ ଜଙ୍ଗଲ ଭୋଗ କରି ପ୍ରତିବର୍ଷ ମହାନଦୀର ବଢ଼ି ସମୟରେ ନଦୀ ମାର୍ଗରେ ପଠାଇ କରି ରଥକାଠ ପୁରୀକୁ ପଠାଉ ଅଛନ୍ତି ।

ପୁରୀର ରଥ ତିଆରି କରିବା ପାଇଁ ବଢ଼େଇମାନେ ଜାଗିର ଖାଉ ଅଛନ୍ତି । ରଥମାନ ଟାଣିବା ପାଇଁ ମଧ୍ୟ ଜାଗିର-ଖିଆ ଲୋକେ ଅଛନ୍ତି । ସେମାନଙ୍କୁ 'କଳାବେଠିଆ' ବା 'କଳାପିଠିଆ' ବୋଲାଯାଏ । ରଥ ଟାଣିବା ଦଉଡ଼ି ଯୋଗାଇବା ପାଇଁ ମଧ୍ୟ ଜାଗିରଦାର ଅଛନ୍ତି ।

ରଥମାନଙ୍କୁ କଳାବେଠିଆ ଓ ଯାତ୍ରୀମାନେ ଟାଣନ୍ତି ଓ ସେମାନଙ୍କୁ ଉତ୍ସାହିତ କରିବା ପାଇଁ 'ସାରଥି' ନାମଧାରୀ ଜଣେ ବ୍ୟକ୍ତି ରଥ ଉପରେ ଠିଆ ହୋଇ ଉଚ୍ଚୈଃସ୍ୱରରେ ଅଶ୍ଳୀଳ ଗୀତ ବୋଲୁ ଥାଏ ।

ପୁରୀ ଓ ଭୁବନେଶ୍ୱରର ରଥଯାତ୍ରା ବୌଦ୍ଧ ଉତ୍ସବର ରୂପାନ୍ତର ମାତ୍ର ବୋଲି କେତେକ ପଣ୍ଡିତ ମତ ପ୍ରକାଶ କରି ଅଛନ୍ତି । ଜଗନ୍ନାଥଙ୍କ ରଥଯାତ୍ରା ଅନୁକରଣରେ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠିତ ଥିବା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହି ରଥଯାତ୍ରା ଉତ୍ସବ ହୁଏ ।

ଭୁବନେଶ୍ୱରରେ ଅଶୋକାଷ୍ଟମୀ ସମୟରେ ହେବା ରଥ-ଯାତ୍ରା ଗୋଟିଏ ପ୍ରଧାନ ମେଳା ଓ ସେହି ଉପଲକ୍ଷରେ ଭୁବନେଶ୍ୱରଠାରେ ବହୁ ସହସ୍ର ଲୋକ ରୁଣ୍ଡ ହୁଅନ୍ତି ।

କୋଣାର୍କର ସୂର୍ଯ୍ୟ ମନ୍ଦିର ରଥ ଆକାରରେ ନିର୍ମିତ ହୋଇଥିବା ଅନୁମିତ ହୁଏ ଓ ପୂର୍ବେ କୋଣାର୍କରେ ମାଘ ସପ୍ତମୀରେ ରଥଯାତ୍ରା ହେଉଥିବାର ପ୍ରମାଣ ମିଳେ ।

ଦାକ୍ଷିଣାତ୍ୟ 'ଶ୍ରୀରଙ୍ଗମ୍'ର ଶ୍ରୀ ରଙ୍ଗ ସ୍ୱାମୀ ଦେବତାଙ୍କର 'ବୈକୁଣ୍ଠ ଏକାଦଶୀ' ଦିନ ରଥଯାତ୍ରା ହୁଏ । ସେଠାରେ ଗୋଟିଏ ସହସ୍ର ସ୍ତମ୍ଭଯୁକ୍ତ ମଣ୍ଡପ ଅଛି ।]

ରଥ ଯାତ୍ରୀ—ଦେ. ବି—ରଥଯାତ୍ରା ଉତ୍ସବ ଦେଖିବା ପାଇଁ ଆସିଥିବା ଯାତ୍ରୀ—
Ratha jātri
ରଥଯାତ୍ରୀ
रथयात्री
Pilgrims visiting the car festival.

ରଥଯୁକ୍-ସ. ବି. (ରଥ + ଯୁଜ୍ ଧାତୁ + କର୍ତ୍ତୃ କ୍ୱିପ୍; ରଥଯୁଜ୍ ଶବ୍ଦ ୧ମା. ୧ବ)
Ratha juk ସାରଥି—Charioteer; driver of a car.

ରଥ ରହିବା—ଦେ. କ୍ରି. (ଲକ୍ଷଣାର୍ଥ)—୧ । ରଥର ଗତିର ରହିତ୍ୟ—
Ratha rahibā 1. The stoppage of a moving car.
ରଥ ବନ୍ଦ ହওয়া ୨ । (ଲକ୍ଷଣାର୍ଥ) ବାର୍ଦ୍ଧକ୍ୟ ଯୋଗୁଁ ଶରୀର
रथ रुक याना ଚଳିବାକୁ ବା କାର୍ଯ୍ୟ କରିବାକୁ ଅକ୍ଷମ ହେବା—
(ରଥ ନ ଚଳିବା, ରଥ ରହିଯିବା —ଅନ୍ୟରୂପ) 2. (figurative) Loss of activity due to old age.

ରଥ ସ୍ୱାମୀ—ସ. ବି—୧ । ରଥର ମାଲିକ—1. The owner of a
Ratha swāmi car. ୨ । ରଥାରୋହୀ ବ୍ୟକ୍ତି; ରଥୀ—2. The passenger of a car. ୩ । ସାରଥି—3. Charioteer.

ରଥା—ଦେ. ବି. (ସ. ରଥୀ)—ରଥୀ; ବୀର ପୁରୁଷ—
Rathā A hero.

ରଥାଙ୍ଗ—ସ. ବି. (ରଥର ଅଙ୍ଗ, ୬ଷ୍ଠୀତତ୍)—୧ । ରଥର ଚକ—
Rathānga 1. The wheel of a car. ୨ । ଚକ୍ର; ଚକ—2. Wheel. ୩ । ଚକ୍ରବାକ ପକ୍ଷୀ—3. The ruddy goose. (ଉ—୧।୩—) ବକ୍ଷସ୍ଥଳେ ଦେଖି ଗର୍ବ; ରଥାଙ୍ଗ ଲକ୍ଷ ଭର୍ତ୍ସିତ, ରଥାଙ୍ଗ ରଜନୀ ହୋଇଥିଲି ଯେ ।
ଉପେ. ବୈଦେହୀଶବିଳାସ ।

ରଥାଙ୍ଗନାମା—ସ. ବ. (ରଥାଙ୍ଗ=ଚକ୍ର, ହୋଇଅଛି ନାମନ୍=ନାମ
Rathānganāmā ଯାହାର)—ଚକ୍ରୁଆ ପକ୍ଷୀ—
The ruddy goose.

ରଥାଙ୍ଗ ପାଣି—ସ. ବ. (ରଥାଙ୍ଗ=ସୁଦର୍ଶନଚକ୍ର, ପାଣିରେ ଯାହାର;
Rathānga pāṇi ବହୁବ୍ରୀହି)=ଚକ୍ରପାଣି; ବିଷ୍ଣୁ—
A name of Bishṇu.

ରଥାଙ୍ଗ ମିଥୁନ—ସ.ବ (୬ଷ୍ଠୀ ତତ୍)—ଚକ୍ରୁଆ ଓ ଚକେଇ ପକ୍ଷୀଦ୍ୱୟ—
Rathānga mithuna A couple of ruddy goose.
[ଦ୍—ଏମାନେ ଦଳରେ ହଳହଳ ହୋଇ ଚରନ୍ତି ଓ ରାତିରେ ପୃଥକ୍ ହୋଇ ଯାଆନ୍ତି ବୋଲି ପ୍ରବାଦ ଅଛି ।]

ରଥାଙ୍ଗୀ—ସ. ବ. ପୁଂ (ରଥାଙ୍ଗ+ଇନ୍; ୧ମା. ୧ବ.)—୧ । ଚକ୍ରଧର;
Rathāngi ବିଷ୍ଣୁ—1. A name of Bishṇu.
୨ । ଋଦ୍ଧି ନାମକ ମହୌଷଧ—
2. Name of a rare herb. ୩ । ଦହିଦହିକା (ଦେଖ)—3. Dahi dahikā (See) (ଚରକଗ୍ରନ୍ଥ ହରେକୃଷ୍ଣ ଦ୍ରବ୍ୟଗୁଣ)

ରଥାଣ୍ଡକ—ସ. ବ—ରଥାର୍ଭକ (ଦେଖ)
Rathāṇdaka Rathārbhaka (See)

ରଥାନ୍ତର—ସ ବ —(ରଥ+ଅନ୍ତର)—୧ । ଅନ୍ୟ ରଥ—1. An-
Rathāntara other car. ୨ । କଳ୍ପ ବା ବ୍ରହ୍ମାଙ୍କର ଦିବସ ବିଶେଷର ନାମ—2. Name of a day of Brahmā.

ରଥାବରୋହଣ—ସ. ବ—(୫ମୀ ତତ୍) - ରଥରୁ ଓହ୍ଲାଇବା—
Rathābarohaṇa Alighting from the car.
(ରଥାବରୋହୀ—ବଣ. ପୁଂ)

ରଥାଭ୍ର—ସ. ବ—୧ । ବେତସ ବୃକ୍ଷ—1. The cane creeper;
Rathābhra Calamus Rotang. ୨ । ନଳ ତୃଣ-
(ରଥାଭ୍ରପୁଷ୍ପ—ଅନ୍ୟରୂପ) —2. A sort of reed

ରଥାରୂଢ଼—ସ. ବଣ. ପୁଂ (୭ମୀ ତତ୍)—ରଥରେ ଚଢ଼ିଥିବା—
Rathārūrdha Having ridden on a car;
(ରଥାରୂଢ଼ା—ସ୍ତ୍ରୀ) riding a car.

ରଥାରୋହଣ—ସ. ବ—(୭ମୀ ତତ୍)—ରଥ ଉପରକୁ ଉଠି ବସିବା;
Rathārohaṇa ରଥ ଚଢ଼ିବା—Riding on a chariot.

ରଥାରୋହୀ—ସ. ବ. ପୁଂ—୧ । ଯେ ରଥରେ ଚଢ଼ିଥାଏ—
Rathārohi 1. One who rides a car, the
(ରଥାରୋହିଣୀ—ସ୍ତ୍ରୀ) passenger of a car. ୨ । ରଥସ୍ୱାମୀ —2. The owner of a car

ରଥାରୋହୀ ସେନା—ସ. ବ—ପୂର୍ବେ ଯେଉଁ ସେନା ରଥରେ ଚଢ଼ି ଯୁଦ୍ଧ
Rathārohi senā କରୁଥିଲେ—An army
fighting from cars. [ଦ୍—ପୂର୍ବେ ଯୁଦ୍ଧର 'ଚତୁରଙ୍ଗ' ମଧ୍ୟରୁ 'ରଥ' ଗୋଟିଏ ଅଙ୍ଗ ଥିଲା । ହସ୍ତୀ, ଅଶ୍ୱ, ରଥ ଓ ପଦାତି, ଏହି ୪ ଶ୍ରେଣୀର ସେନାମାନେ ଯୁଦ୍ଧ କରୁଥିଲେ ।]

ରଥାର୍ଭକ—ସ. ବ—(୭ମୀ ତତ୍)—କ୍ଷୁଦ୍ର ରଥ—
Rathārbhaka A small car.

ରଥାଶ୍ୱ—ସ. ବ—(୬ଷ୍ଠୀ ତତ୍)—ରଥ' ଟାଣିବା ଘୋଡ଼ା—
Rathāswa Horses drawing a chariot.

ରଥିକ(ନ,ର)--ସ.ବ.ପୁଂ.(ରଥ+ଇକ; ଇନ୍; ଇର)--୧ ରଥୀ; ରଥାରୂଢ଼
Rathika(na,ra) ଯୋଦ୍ଧା—1. A warrior fighting
[ରଥିକା(ନା,ରା)—ସ୍ତ୍ରୀ] from a car. ୨ । ରଥାରୋହୀ ବ୍ୟକ୍ତି—
2. A person riding a car. ୩ । ରଥସ୍ୱାମୀ—
3. The master or owner of a car.

ରଥିଜାମା—ଦେ. ବ—ପୁରୀଜିଲ୍ଲା ଅନ୍ତର୍ଗତ ଗୋଟିଏ ଗ୍ରାମ—Name of
Rathijāmā a village in Puri. [ଦ୍—ଏ ସ୍ଥାନର କଂସାରିମାନେ ସୁନ୍ଦର କଂସାବାସନ କରନ୍ତି ।]

ରଥୀ—ସ. ବ. ପୁଂ (ରଥ+ଇନ୍; ୧ମା. ୧ବ)—୧ । ରଥାରୂଢ଼
Rathi ହୋଇ ଯୁଦ୍ଧ କରିବା ଯୋଦ୍ଧା—1. A warrior fighting from a car. ୨ । ରଥସ୍ୱାମୀ; ରଥାରୋହୀ ବ୍ୟକ୍ତି—2. A person who rides on a car; passenger of a car. ୩ । ସାରଥି —3. Charioteer. ଦେ. ବ—୧ । ବୀରପୁରୁଷ— 1. A hero. ୨ । ବଳୁଆ ଲୋକ—2. A strong person

ରଥୋଦ୍ଧତା—ସ. ବ. ସ୍ତ୍ରୀ—ଏକାଦଶାକ୍ଷର ବୃତ୍ତବିଶେଷ—Name
Rathoddhatā of a metre of 11 syllables.
[ଦ୍—ଏଥିରେ ୧ମ, ୩ୟ,୭ମ, ୯ମ ଓ ୧୧ଶ ବର୍ଣ୍ଣ ଗୁରୁ ଓ ଅନ୍ୟ ସମସ୍ତ ବର୍ଣ୍ଣ ଲଘୁ ।]

ରଥୋପସ୍ଥ—ସ.ବ—(୬ଷ୍ଠୀ ତତ୍, ରଥ+ଉପସ୍ଥ)—ସାରଥିର ଆସନ—
Rathopastha The seat on the car for a driver.

ରଥ୍ୟ—ସଂ. ବଣ (ରଥ+ଯ)—ରଥ ସଂକ୍ରାନ୍ତ—Relating to
Rathya a car. ସଂ. ବ—୧ । ରଥାଶ୍ୱ—1. Horse drawing a car. ୨ । ରଥାଂଶ—2. Part or limb of a car. ୩ । ରଥଚକ୍ର—3. The wheel of a car.

ରଥ୍ୟା—ସଂ. ସ୍ତ୍ରୀ.—(ରଥ+ଯ+ଆ)—୧ । ରଥ ସମୂହ—
Rathyā 1. A collection of cars.
୨ । ରାଜପଥ; ରଥ ଯାଇ ପାରିବା ଭଳି ରାସ୍ତା—2. A road for cars; highway. ୩ । ବର୍ତ୍ମ; ରାସ୍ତା; ପଥ; ସଡ଼କ—3. Road. ୪ । ପ୍ରାଙ୍ଗଣ; ଚତ୍ୱର— 4. A square; courtyard.

ରଥ୍ୟା ବାହୀ—ସ. ବ. ପୁଂ.— (ରଥ୍ୟା+ବହ୍ ଧାତୁ+ଇନ୍; ୧ମା. ୧ବ)
Rathyā bāhi ପଥିକ—Wayfarer; a person using
[ରଥ୍ୟାବାହିନୀ—ସ୍ତ୍ରୀ] a road.

ରଦ୍ (ଧାତୁ)—ସଂ.—୧ । ଭେଦ କରିବା—1. To pierce. ୨ ।
Rad (root) ପୃଥକ୍ କରିବା; ଭାଗ କରିବା—2. To divide. ୩ । ଫାଡ଼ିବା; ଚିରିବା—3. To split, to tear. ୪ । ଖନନ କରିବା—4. To dig. ୫ । ଉତ୍ପାଟନ କରିବା; ଉପାଡ଼ିବା; ଉପାଡ଼ିବା—5. To root out; to uproot.

ରଦ୍(ଦ୍)—ବୈଦେ. ବି.—(ଅ. ରଦ୍; ରଦ୍)—ପରବର୍ତ୍ତୀ ଆଦେଶ-
Rad(dd) ଦ୍ୱାରା ପୂର୍ବ ହୁକୁମ ଆଦର ପରିବର୍ତ୍ତନ; ଖଣ୍ଡନ; ରହିତ-
କରଣ—Cancellation (of an order); setting aside; overruling; abrogation; abolition. ବୈଦେ. ବିଣ—ପରିବର୍ତ୍ତିତ; ଖଣ୍ଡିତ—Cancelled; repealed; abrogated; rescinded; overruled.

ରଦ୍(ଦ୍) କ(ଖା)ଦ୍(ଦ୍)—ବୈଦେ. ବି.—(ଅ. ସହୃଚର)—୧। ଉତ୍ତର
Rad(dd) ka(kha)d(dd) ପ୍ରତ୍ୟୁତ୍ତର ପୂର୍ବକ କୌଣସି ବିଷୟର
रद् कद्, रद बदल ଆଲୋଚନା—1. Thorough discussion.
रद्द कद्द higgling and haggling. ୨। ତର୍କ ବିତର୍କ—2. Argument.

ରଦ୍(ଦ) କରିବା—ଦେ. କ୍ରି.—ପରବର୍ତ୍ତୀ ଆଦେଶ ଆଦିଦ୍ୱାରା ପୂର୍ବବର୍ତ୍ତୀ
Rad(dda) kariba ଆଦେଶ ଆଦିକୁ ଅକାମୀ କରିବା; ରହିତ କରିବା; ଖାରଜ କରିବା—To cancel; to repeal or overrule; to set aside; to nullify; to rescind. [ଉ—ଏ ଦରବାରର ଅସଳ-ଫରଦ, ଚକ୍ରଗୁପ୍ତ ପାଞ୍ଜି କରି ଦେବ ରଦ। ସ୍ୱାମୀନାଥ. ଦରବାର।]

ରଦ୍ ଜବାବ—ବୈଦେ. ବି. (ଫା.)—ମୁସଲମାନମାନଙ୍କ ଅମଳରେ
Rad jabab ସେମାନଙ୍କ ଅଦାଲତରେ ଚାଲୁଥିବା ମକଦ୍ଦମାରେ ବାଦୀ ଦାଖଲ କରିବା ଆରଜିର ପ୍ରତିବାଦୀ ଜବାବ ବା ଉତ୍ତର ଦେବା ପରେ ଉକ୍ତ ଜବାବକୁ ଖଣ୍ଡନ କରି ବାଦୀର ଦ୍ୱିତୀୟବାର ଦାଖଲ କରିବା ଜବାବ୍—A rejoinder; a counter-reply or statement made by a plaintiff to meet the first written statement of a defendant (during the Mahommedan reign in India. [ଦ୍ର—ପୂର୍ବେ ମୁସଲମାନ୍ ରାଜତ୍ୱରେ ସେମାନଙ୍କ ଅଦାଲତରେ ପ୍ରଥମେ ବାଦୀ ଆରଜି ଦାଖଲ କରୁଥିଲା, ତାହାର ଉତ୍ତରରେ ପ୍ରତିବାଦୀ ଜବାବ୍ ଦାଖଲ କରୁଥିଲା। ତାହାର ଉତ୍ତରରେ ବାଦୀ ପୁଣି ରଦ୍ ଜବାବ ଦାଖଲ କରୁଥିଲା। ଏଥିର ଉତ୍ତରରେ ପ୍ରତିବାଦୀ ପୁଣି 'ଜଦ୍ ଜବାବ' ଦାଖଲ କରୁଥିଲା। ଏଥିର ଶେଷ ଉତ୍ତରରେ ବାଦୀ ଶେଷ ଥର 'ହଦ୍ ଜବାବ୍' ଦାଖଲ କରୁଥିଲା। ଏଠାରୁ ବାଦୀ ପ୍ରତିବାଦୀଙ୍କର ଉକ୍ତି ପ୍ରତ୍ୟୁକ୍ତିର ଶେଷ ହୋଇ ମକଦ୍ଦମାର ବିଚାର ଆରମ୍ଭ ହୋଇ ପ୍ରମାଣ ନିଆ ଯାଉଥିଲା। ବର୍ତ୍ତମାନ ଇଂରେଜ ପ୍ରତିଷ୍ଠିତ ଅଦାଲତରେ ଅର୍ଜି ଓ ଜବାବ୍ ଛଡ଼ା ବାଦୀ ପ୍ରତିବାଦୀଙ୍କ ମଧ୍ୟରେ ଉକ୍ତି ପ୍ରତ୍ୟୁକ୍ତି ପ୍ରଶ୍ନ (Interrogatory) ଦ୍ୱାରା ଚଳେ।]

ରଦ୍ ବଦଳ(ଲି)—ବୈଦେ.ବି (ଫା)—୧। ହେର୍ ଫେର୍; ପରିବର୍ତ୍ତନ—
Rad badala(li) रदबदल रद्दबदल 1, Change.
୨। ପରସ୍ପର ପରିବର୍ତ୍ତନ—2. Exchange.

ରଦ ହେବା—ଦେ. କ୍ରି—କୌଣସି ଆଦେଶ ପରବର୍ତ୍ତୀ ଆଦେଶଦ୍ୱାରା
Rad heba ଖଣ୍ଡିତ ହେବା—To be nullified or over-
रद हওয়া ruled: to be set aside or cancelled.
रद्दहोना

ରଦ—ସଂ. ବି (ରଦ୍ ଧାତୁ+କରଣ. ଅ; ଯାହାଦ୍ୱାରା କୌଣସି ବସ୍ତୁକୁ
Rada ଭେଦ କରାଯାଏ)—୧। ଦନ୍ତ; ଦାନ୍ତ; ଦଶନ—1. Tooth
୨। (+ଭାବ ଅ) ବିଦାରଣ; ବିଲେଖନ; ଖଣ୍ଡନ—2. Splitting; tearing; dividing.

ରଦଚ୍ଛଦ—ସଂ. ବି (ରଦ=ଦାନ୍ତ+ଛଦ୍ ଧାତୁ=ଆଚ୍ଛାଦନ କରିବା+
Radachchhada କର୍ତ୍ତୃ. ଅ; ଯାହା ଦାନ୍ତକୁ ଘୋଡ଼ାଇ ଥାଏ।)—ଦନ୍ତଚ୍ଛଦ; ଅଧର; ଓଠ—Lips.

ରଦଚ୍ଛଦନ—ସଂ. ବି (୬ଷ୍ଠୀ ତତ୍)—ଓଠ—Lips. [ଉ—
Radachchhadana କରକଙ୍କଣ ବାଦନ, ଇଚ୍ଛିତ ମଦମର୍ଦ୍ଦନ, ସୁରଙ୍ଗ ରଦଚ୍ଛଦନ; ପୀଡ଼ା ରଦନ। ଭଞ୍ଜ. ପ୍ରେମସୁଧାନିଧି।]

ରଦର୍ଦ୍—ଦେ. ବିଣ (ଫା. ରଦ୍)—(ବ୍ୟଙ୍ଗାର୍ଥକ) ରଦ; ରଦି—
Radard रद्दि रद्दी Condemned; rejected

ରଦନ—ସଂ. ବି (ରଦ୍ ଧାତୁ+କରଣ.ଅନ)—୧। ରଦ; ଦନ୍ତ; ଦାନ୍ତ-
Radana 1.Tooth. ୨। (+ଭାବ.ଅନ)ଖନନ—2. Digging
୩। ଉତ୍ଖନନ—3. Uprooting. ୪। ଛେଦନ, ଖଣ୍ଡନ—4. Tearing; splitting.

ରଦନଚ୍ଛଦ—ସଂ. ବି (ରଦନ+ଛଦ ଧାତୁ=ଘୋଡ଼ାଇବା+କର୍ତ୍ତୃ.ଅ)—
Radanachchhada ଅଧର; ଓଷ୍ଠ—Lips.

ରଦନାମ୍ବର—ସଂ. ବି—ଓଷ୍ଠ—Lips. [ଉ—ମଧୁ ମଧୁର ବଧୂ
Radanambara ଅଧର କଶୋରବର ରଦନାମ୍ବର। କବିସୂର୍ଯ୍ୟ. କଶୋରଗମ୍. ମ. ଗୀତ।]

ରଦନୀ—ସଂ. ବି. ପୁଂ (ରଦନ+ଇନ; ୧ମା. ୧ବ)—ଦନ୍ତୀ; ହସ୍ତୀ—
Radani (ରଦନିନୀ—ସ୍ତ୍ରୀ) Elephant.

ରଦ ପଦ—ସ. ବି (୬ଷ୍ଠୀ ତତ)—ଦନ୍ତକ୍ଷତ ଚିହ୍ନ—Trace of
Rada pada biting by teeth. [ଉ—ବହିଥିଲା ଯେ ଓଷ୍ଠେ ରଦ ପଦ, ବଦ୍ରୁମରେ ଯେମନ୍ତ କୀଟଭେଦ। ଭଞ୍ଜ. ବୈଦେହୀଶବିଳାସ।]

ରଦ ବାସ—ସଂ. ବି—ରଦଚ୍ଛଦ; ଅଧର—Lips. [ଉ—ରଦବାସ
Rada basa ପଲଙ୍କରେ, ପୀଡ଼ିବ ନାହିଁ ଦନ୍ତରେ। ସଙ୍ଗୀତ।]

ରଦା(ଦ୍ଦା)—ବୈଦେ. ବି. (ଅ. ରଦ୍=ବହିଷ୍କରଣ; ତଡ଼ି ଦେବା)—
Rada(dda) ୧। ଜୋର୍ ପୂର୍ବକ ଧକ୍କା—1. A vigorous
धाक्का रद्दा push. ୨। ଗଳା ଧକ୍କା—2. A push by
रदा the neck. ୩। କାନ୍ଥ ବା ପାଚିରି ଆଦିର ଦୁଆ ବା
रद्दा ସ୍ତର—3. One layer or course in masonry work. (ଯଥା—ରଦାଏ କାନ୍ଥ।)

ରଦା ଦେବା—ଦେ. କ୍ରି—୧। ରଦା ମାରିବା (ଦେଖ)
Rada deba 1. Rada mariba (See)
धाक्का देओया ୨। କାନ୍ଥ ଉଠାଇ ପାଇଁ ଦୁଆ ଦେବା—2. To
रद्दा देना put successive layers of a wall.
रदा देओया रद्दा देना

ରଡ଼ା ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଜୋର୍ ପୂର୍ବକ ଧକ୍କା ଦେବା—To give or deal a push to a person.
Radā māribā
রদা দেওয়া; রদ্দা মারা रद्दा लगाना
[ରଡ଼ା ପକା(କେ)ଇବା, ରଡ଼ା ଲଗା(ଗୋ)ଇବା—ଅନ୍ୟରୂପ]

ରଦ(ଦ୍ଦି)—ଦେଶଜ. ବଣ. (ଅ· ରଦୀ)—୧ । ଅପକୃଷ୍ଟ (ଦ୍ରବ୍ୟ)—1. Inferior (article). ୨ । ବ୍ୟବହାରର ଅଯୋଗ୍ୟ; ଅବ୍ୟବହାର୍ଯ୍ୟ—2. Unfit for use. ୩ । ନଷ୍ଟ; ବିନଷ୍ଟ—3. Damaged; spoiled.
Radi(ddi)
রদ্দি
रद्दी

ରଦି କାଗଜ—ଦେ. ବି—ଅବ୍ୟବହାର୍ଯ୍ୟ କାଗଜ—Waste paper.
Radi kāgaja
রদ্দি কাগজ
रद्दी कागज
[ଦ୍ର—ଏହିପରି ରଦି ଲୁଗା, ରଦି ଜିନିଷ ଓ ରଦି ମାଲ ଆଦି ହୁଏ ।]

ରଦି(ଦ୍ଦି)ଖାନା—ଦେଶଜ. ବି (ଫା)—ଯେଉଁ ଘରେ ରଦି ବା ଅନାବଶ୍ୟକ ବସ୍ତୁମାନ ରଖାଯାଏ—A lumber room.
Radi(ddi)khānā
রদ্দীখানা रद्दीखाना

ରଦି ପଡ଼ିବା—ଦେ. କ୍ରି—୧ । ଅବ୍ୟବହାର୍ଯ୍ୟ ହୋଇ ରହିବା—1. To become useless. ୨ । (ଯେ ପୂର୍ବେ କାର୍ଯ୍ୟକ୍ଷମ ଥିଲା ସେ) ଅକ୍ଷମ ହେବା—2. To become unfit.
Radi pardibā
(ରଦି ହେବା—ଅନ୍ୟରୂପ)
রদ্দি হওয়া रद्दी होना

ରଦ୍ଧ—ସଂ.ବଣ (ରଧ୍ ଧାତୁ=ଅଘାତ କରିବା+କର୍ମ.ତ)—୧ । ଅଘାତ ପ୍ରାପ୍ତ; ଆହତ—1. Wounded. ୨ । କ୍ଷତଗ୍ରସ୍ତ—2. Injured.
Raddha
(ରଦ୍ଧା—ସ୍ତ୍ରୀ)

ରଦ୍ଧା—ସଂ. ବଣ. ପୁଂ (ରଧ ଧାତୁ+ତୃ; ରଦ୍ଧୃ ଶବ୍ଦ ୧ମା. ୧ବ)—୧ । ଅଘାତକାରୀ—1. Striking; hurting. ୨ । କ୍ଷତକାରକ—2. Hurtful; injurious.
Raddhā
(ରଦ୍ଧ୍ରୀ—ସ୍ତ୍ରୀ)

ରଧ (ଧାତୁ)—ସ—୧ । ଅଘାତ କରିବା—1. To hurt; to strike. ୨ । କ୍ଷତି କରିବା—2. To injure. ୩ । ଶେଷ କରିବା; ସମାଧା କରିବା; ସମ୍ପନ୍ନ କରିବା—3. To complete, to finish; to accomplish. ୪ । ଠିକ୍ ହେବା—4. To be right; or just or correct. ୫ । ପାକ କରିବା—5. To cook, to mature.
Radh (root)

ରଧିତ—ସଂ. ବଣ.ପୁଂ(ରଧ ଧାତୁ+କର୍ମ.ତ)—୧। କ୍ଷତଗ୍ରସ୍ତ—1. Injured. ୨ । କ୍ଷତଯୁକ୍ତ; ଆହତ—2. Injured; hurt.
Radhita
(ରଧିତା—ସ୍ତ୍ରୀ)

ରଧିତା—ସଂ. ବଣ· ପୁ· (ରଧ ଧାତୁ+ତୃ; ୧ମା. ୧ବ)—୧ । କ୍ଷତକାରୀ—1. Injuring ୨ । ଅଘାତକାରୀ—2. Hurting; wounding. ୩ । ଅନିଷ୍ଟକାରକ—3. Injurious, harmful.
Radhitā
(ରଧିତ୍ରୀ—ସ୍ତ୍ରୀ)

ରନ୍—ବୈଦେ. ବି (ଇଂ. ରନ୍)—କ୍ରିକେଟ୍ ଖେଳପଡ଼ିଆରେ ଭୂଇଁ ପାଖରେ ପୋତା ହୋଇଥିବା କାଠି ବା ଷ୍ଟମ୍ପ (wicket) ମଧ୍ୟରେ ବ୍ୟାଟ୍ ଧରି ଖେଳୁଥିବା ଖେଳାଳୀଙ୍କର ଏକଥର ଦୌଡ଼—Run (in cricket).
Ran
রান
रन

ରନ୍ଘଟା—ପ୍ରାଦେ (ସମ୍ବଲପୁର) ବି—ବଡ଼ ବାଦୁଡ଼ି—Bat flying fox.
Ran-ghaṭā

ରଞ୍ଜ (ଧାତୁ)—ସ—ରଞ୍ଜ ଧାତୁ (ଦେଖ)
Ran-ja (root) Rañja root (See)

ରନ୍ଭ (ଧାତୁ)—ସ—ଶବ୍ଦ କରିବା—To sound.
Ran-bha (root)

ରନର୍—ବୈଦେ. ବି· (ଇଂ. ରନର୍)—ଡାକ ଚିଠିର ମୁଣିମାନ ବୋହି ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଅନ୍ୟ ନିର୍ଦ୍ଦିଷ୍ଟ ସ୍ଥାନକୁ ଦୌଡ଼ି ନେଇ ଯିବା ଡାକ ବିଭାଗର ପାଇକ—Postal runner.
Ranar
রানার
रनर दौराहा

ରନା—ପ୍ରାଦେ (ସମ୍ବଲପୁର) ବି ('ଣ' ସ୍ଥାନରେ 'ନ' ଉଚ୍ଚାରଣ)—ରଣା (ସାପ)—A kind of serpent.
Ranā

ରନ୍ତି—ସଂ. ବି (ରମ୍ ଧାତୁ=କ୍ରୀଡ଼ା କରିବା ଇତ୍ୟାଦି+ଭାବ.ତି)—୧। କ୍ରୀଡ଼ା—1. Sport. ୨ । ଆମୋଦ—2. Amusements. ୩ । ଆନନ୍ଦ—3. Pleasure. ୪ । ବିରତି—4. Cessation. ସଂ. ବିଣ—୧ । ରମଣକାରୀ—1. Cohabiting; pleasing. ୨ । କ୍ରୀଡ଼ାକାରୀ—2. Sporting.
Ranti

ରନ୍ତି ଦେବ—ସଂ.ବି (ରନ୍ତି=କ୍ରୀଡ଼ାକାରୀ ଯେ ଦେବ; କର୍ମଧା)—୧। ବିଷ୍ଣୁ—1. Bishṇu. ୨ । ଶଶିଦେବ; ସ୍ୱଜାସାଙ୍କୃତି ଦେବଙ୍କ ପୁତ୍ର ଚନ୍ଦ୍ରବଂଶୀୟ ନୃପତି ବିଶେଷ—2. Name of a king of the ancient lunar dynasty of India. [ଦ୍ର—ଏ 'ଦଶପୁର' ନାମକ ରାଜ୍ୟର ରାଜା ଥିଲେ ଓ ଚର୍ମଣ୍ୱତୀ ନଦୀ ଏହାଙ୍କର କୀର୍ତ୍ତି ବୋଲି ପୁରାଣରେ ବର୍ଣ୍ଣିତ ହୋଇଅଛି । ଚର୍ମଣ୍ୱତୀ ନଦୀ ରନ୍ତିଦେବଙ୍କ କୀର୍ତ୍ତି ଥିବା ବିଷୟ ମଧ୍ୟ ମେଘଦୂତର ପୂର୍ବମେଘର ୪୭ ଶ୍ଳୋକରେ ବର୍ଣ୍ଣିତ ଅଛି । ମହାରାଜ ରନ୍ତିଦେବ ସହସ୍ର ସହସ୍ର ବୃଷ ହତ୍ୟା କରି ଅତିଥି ବ୍ରାହ୍ମଣମାନଙ୍କୁ ଖୁଆଉ ଥିଲେ । ଏହି ହତବୃଷମାନଙ୍କ ଚର୍ମନିଃସୃତ ଶୋଣିତରୁ ଚର୍ମଣ୍ୱତୀ (ଆଧୁନିକ ପଞ୍ଜାବର ଚମ୍ବଲ) ନଦୀ ଉତ୍ପନ୍ନ ହୋଇଥିଲା ।] ୩। କୁକୁର—3 The dog.
Ranti deba

ରନ୍ତୁ—ସଂ· ବି. (ରମ୍ ଧାତୁ+ଅଧିକରଣ. ତୁ)—୧ । ବର୍ତ୍ମ; ପଥ—1. Road. ୨ । ନଦୀ—2. River; steam.
Rantu

ରନ୍ଥାଳିଆ—ଦେ. ବଣ. ପୁଂ (ସଂ. ମନ୍ଥ ଧାତୁ ?)—୧ । ଯେ କୌଣସି ଦ୍ରବ୍ୟ ପାଇବା ପାଇଁ ବା ଖାଇବା ପାଇଁ ବ୍ୟାକୁଳ ହୋଇ ଦଉଡ଼ି ପକାଏ; ବିକଳିଆ—1. Eagerly groping after anything or food restlessly. ୨ । ଯେ ବ୍ୟାକୁଳ ବା ଆତୁର ହୋଇ ହାତ ଗୋଡ଼ ଦ୍ୱାରା କୌଣସି ପଦାର୍ଥକୁ ଦଉଡ଼ି ପକାଏ—2. Searching or groping for a thing with the hands or feet. ୩ । ଯେ ଅତି ଭୋକିଲା ଥିବାରୁ ପ୍ରବଳ ଖାଦ୍ୟକୁ ଅତି ବ୍ୟଗ୍ରତା ସହିତ ଖାଏ—3. Eagerly eating or devouring the food (said of a famished person).
Ranthālia
(ରନ୍ଥାଳୀ—ସ୍ତ୍ରୀ)
আতুর
रत

ରନ୍ଥାଲ ପକା(କେ)ଇବା—ଦେ. କ୍ରି.—୧। ବଢ଼ଳ ହୋଇ କୌଣସି ପଦାର୍ଥକୁ ବା ଖାଦ୍ୟକୁ ଦରାଣ୍ଡିବା—
Ranthāli pakā(ke)iba
ঘাঁটা 1. To grope after a thing or food with
टटोलना, मथना eagerness. ୨। ହଜିଥିବା ବସ୍ତୁକୁ ଅନ୍ଧ ଅନୁଭବରେ ସନ୍ଧାନ ଦରାଣ୍ଡିବା—
ରନ୍ଥାଳବା
ରନ୍ଥିବା } ଅନ୍ୟରୂପ 2. To grope after a lost or missing thing.
ରନ୍ଥି ପକା(କେ)ଇବା
୩। କୌଣସି ସ୍ଥାନକୁ ମନ୍ଥି ପକାଇବା—3. To thoroughly stir or agitate a place.

ରନ୍ଥାଲ ହେବା—ଦେ. କ୍ରି.—ଖୋଜି ହେବା; କୌଣସି ବସ୍ତୁ କେଉଁଠାରେ ଅଛି ତାହାର ସ୍ଥିରତା ନ ପାଇ ଦରାଣ୍ଡି ହେବା—To grope after a thing in the dark.
Ranthāli hebā
খোজা, হাঁতড়া
ढुंढना
(ରନ୍ଥି ହେବା—ଅନ୍ୟରୂପ)

ରନ୍ଦ୍—ବୈଦେ. ବି. (ଇଂ. ରାଉଣ୍ଡ୍)—ପାଳକର ପହରା ଦେବା ଉଦ୍ଦେଶ୍ୟରେ ବୁଲିବା; ରୁନ୍ଦ୍—A watchman's round or turn of watching.
Rand
রোঁদ
रौंद, चक्कर

ରନ୍ଦ୍ ଗସ୍ତ—ବୈଦେ. ବି. (ଇଂ ରାଉଣ୍ଡ୍ ଓ ଫା ଗସ୍ତ୍)—ପାଳକର ପହରା ଦେବାପାଇଁ ପହରାବାଲାର ଭ୍ରମଣ—A round of visit by a watchman
Rand gasta
রোঁদগস্ত
चक्कर

ରନ୍ଦ୍ ଗସ୍ତ କରିବା—ଦେ. କ୍ରି—ପାଳକର ପହରା ଦେବା—To make a round (said of a watchman.
Rand gasta kariba
রোঁদ দেওয়া गस्त करना
(ରନ୍ଦ୍ ଦେବା, ରନ୍ଦ୍ କରିବା, ରନ୍ଦ୍ ମାରିବା—ଅନ୍ୟରୂପ)

ରନ୍ଦା—ବୈଦେ. ବି. (ଫା.ରନ୍ଦ୍)—ପିଲେନ୍; କାଠକୁ ଚିକ୍କଣ କରିବାପାଇଁ ବଢ଼େଇର ଯନ୍ତ୍ର ବିଶେଷ—A carpenter's plane. [ବି.—ଗୋଟିଏ ଆୟତାକାର ଚଉକୋଣ କାଷ୍ଠ ମଧ୍ୟରେ ଖଣ୍ଡିଏ ଲୁହାର ତୀକ୍ଷ୍ଣ ପାତିଆ ଖଞ୍ଜା ହୋଇଥାଏ ଓ ତାହାଦ୍ୱାରା କାଠର ଅସମାନ ଅଂଶ ସବୁ ଛେଲି ହୋଇଯାଏ]
Randā
রাঁদা
रन्दा

ରନ୍ଦା(ନ୍ଦେ)ଇବା—ଦେ. କ୍ରି—ରନ୍ଦା ଦ୍ୱାରା କାଠକୁ ସମତଳ କରି ଛେଲିବା—To plane.
Randā(nde)ibā
রান্দা করা, রান্দা মারা, রান্দা रन्दां मारना (चलाना)
(ରନ୍ଦା କରିବା, ରନ୍ଦା ଠେଲିବା, ରନ୍ଦା ମାରିବା—ଅନ୍ୟରୂପ)

ରନ୍ଦା ଘଷିବା—ଦେ. କ୍ରି—ରନ୍ଦା ଦ୍ୱାରା କାଠକୁ ଚିକ୍କଣ କରିବା—
Randā ghashibā To polish a wood by the plane.
রান্দা ঘষা रन्दा घीसना

ରନ୍ଦା ପତର—ଦେ. ବି—ରନ୍ଦା ଯନ୍ତ୍ରରେ ବ୍ୟବହୃତ ତୀକ୍ଷ୍ଣ ଲୁହାର ପତ୍ର—Plane-iron.
Randā patara
রান্দা পাতা रन्दाका पत्ता (ରନ୍ଦାପାତ—ଅନ୍ୟରୂପ)

ରନ୍ଦିବା—ଦେ. କ୍ରି—ରନ୍ଦା ଦ୍ୱାରା କାଠକୁ ସମତୁଲ ବା ଚିକ୍କଣ କରିବା—
Randibā To plane a piece of wood.
রান্দা মারা रन्दा मारना

ରନ୍ଧ୍ର—ଗ୍ରା. ବି. (ସଂ. ରନ୍ଧ୍ର)—ରନ୍ଧ୍ର (ଦେଖ)
Randra রন্ধ্র Randhra (See)

ରନ୍ଧ୍‌ଣି—ପ୍ରାଦେ (ସମ୍ବଲପୁର) ବି. ସ୍ତ୍ରୀ—ରାନ୍ଧୁଣୀ; ପାଚିକା—
Randh-ni A female cook

ରନ୍ଧକ—ସଂ. ବି. (ରଧ୍ ଧାତୁ=ଅଘାତ କରିବା+କର୍ତ୍ତୃ.ଅକ)—
Randhaka ଅନିଷ୍ଟ କାରକ—Injurious.

ରନ୍ଧଣା—ଦେ. ବି—(ସଂ. ରନ୍ଧନ)୧। ରାନ୍ଧଣା; ରନ୍ଧନ—1. The act of cooking. ୨। (ଅନ୍ୟକର୍ତ୍ତୃକ) ରନ୍ଧନୋତ୍ପନ୍ନ ଖାଦ୍ୟ—2. Food cooked by a person.
Randhanā
রান্না रान्धना

ରନ୍ଧନ—ସ.ବି.(ରଧ୍ ଧାତୁ+ଭାବ.ଅନ)—ରାନ୍ଧିବା; ରାନ୍ଧଣା; ପାକକରଣ—
Randhana Cooking; boiling or dressing a thing over fire.

ରନ୍ଧନ କରିବା—ଦେ. କ୍ରି—ରାନ୍ଧିବା; ପାକ କରିବା—
Randhana kariba To cook.
রান্না করা रन्धन करना

ରନ୍ଧନ କର୍ମ—ସ. ବି—ରନ୍ଧାବଢ଼ା; ରାନ୍ଧିବା କାର୍ଯ୍ୟ—
Randhana karma Cooking; cookery.
(ରନ୍ଧନ କ୍ରିୟା—ଅନ୍ୟରୂପ)

ରନ୍ଧନକାରୀ—ସ. ବି. ପୁଂ—ପାଚକ—
Randhanakāri Cook.
(ରନ୍ଧନ କର୍ତ୍ତ୍ରୀ, ରନ୍ଧନକାରିଣୀ—ସ୍ତ୍ରୀ) (ରନ୍ଧନ କର୍ତ୍ତା—ଅନ୍ୟରୂପ);

ରନ୍ଧନ ଗୃହ—ସ. ବି—ପାକଶାଳା; ଢାଣ୍ଡିଶାଳ; ରୋଷେଇ ଘର.
Randhana gṛuha ରୋଷ ଘର—Cooking room; kitchen; cuisine
(ରନ୍ଧନଶାଳା, ରନ୍ଧନାଗାର, ରନ୍ଧନାଳୟ—ଅନ୍ୟରୂପ)

ରନ୍ଧ(ନ୍ଧ)ଣି—ପ୍ରାଦେ. (ସମ୍ବଲପୁର) ବି.ସ୍ତ୍ରୀ. (ଭୁଲ.ହି. ରାଂଧନ୍ୟା—ପୁଂ;
Randha(ndh)ni ରାଂଧନୀ—ସ୍ତ୍ରୀ)—ରାନ୍ଧୁଣୀ; ପାଚିକା—
(ରନ୍ଧନିଆ, ରନ୍ଧ୍‌ନିଆ—ପୁଂ) A female cook.

ରନ୍ଧ(ନ୍ଧ)ଣି ଗାଧୁଆ—ପ୍ରାଦେ.(ସମ୍ବଲପୁର)ବି.-(ଏହି ସମୟରେ ଘରବାହାର ପାଚିକା ବଧୂମାନେ ସ୍ନାନ କରନ୍ତି)—
Randha(ndh)ni gādhuā
(ରନ୍ଧ୍‌ଣି ଗାଧୁଆ ବେଳ୍—ଅନ୍ୟରୂପ) ସକାଳ ୭ଟାଠାରୁ ୯ଟା ବେଳ; କଅଁଳ ଗାଧୁଆ ବେଳ—Time of the morning between 7 and 9 A. M.

ରନ୍ଧନୀୟ—ସ.ବିଣ.(ରଧ୍ଧାତୁ+କର୍ମ. ଅନୀୟ)-ରନ୍ଧା ହେବାର ଯୋଗ୍ୟ—
Randhanīya Fit to the cooked.

ରନ୍ଧା—ଦେ. ବି. (ସ. ରନ୍ଧନ)—ରନ୍ଧନ; ରାନ୍ଧଣା—Cooking
Randhā ଦେ. ବିଣ.—ଅଗ୍ନିରେ ପାକ କରି ହୋଇଥିବା—Cooked.
রাঁধা रांधना

ରନ୍ଧା(ନ୍ଧେ)ଇବା—ଦେ. କ୍ରି.—ରାନ୍ଧିବା କ୍ରିୟାର ଣିଜନ୍ତ ରୂପ—
Randhā(ndhe)ibā Causative of Rāndhibā
রাঁধান रंधाना, रंधवाना (ଉ—ସୁପକାରମାନଙ୍କ ହାତେ ରନ୍ଧାଇଲେ। କୃଷ୍ଣସିଂ. ମହାଭାରତ.ବନ) ।

ରନ୍ଧା ଘର—ଦେ. ବି (ସ. ରନ୍ଧନ+ଗୃହ)—ରୋଷେଇଘର—
Randhā ghara রান্নাঘর रसोइघर Kitchen.

ରନ୍ଧା ଜଡ଼ା—ଦେ.ବି.-ଗବ ମଞ୍ଜିକୁ ବାଷ୍ପ ପାଣିରେ ସିଝାଇ ତହିଁରୁ ବାହାର କରିବା ତେଲ—Castor oil prepared by boiling.
Randhā jarḍā
রান্ধারেড়িতেল **उबालाहुआ रेंडीकातेल**
ରନ୍ଧାଜଡ଼ା ତେଲ } —ଅନ୍ୟରୂପ [ଦ୍ର—ଏହା ଔଷଧରେ ଲାଗେ ।]
ରନ୍ଧାଜଡ଼ା ମାଲପା } (ଟେଡ଼ା ଜଡ଼ା ତେଲ—ବିପରୀତ)

ରନ୍ଧା ନଡ଼ିଆ ତେଲ—ଦେ. ବି—ମଞ୍ଜ ନଡ଼ିଆ ତେଲ; ନଡ଼ିଆଦୋଥ; ନଡ଼ିଆରସକୁ ନିଆଁରେ କଟିଲ କରି ଛାଣିକ କରାଯାଇଥିବା ତେଲ—Cocoanut oil prepared by boiling the juice pressed from cocoanut kernel.
Randhā nardiā tela
রান্ধানারকেলতেল **उबालाहुआ नरीयलका तेल**
(ରନ୍ଧା ନଡ଼ିଆମାଲପା—ଅନ୍ୟରୂପ)

ରନ୍ଧା ପାଳି—ଦେ. ବି.—ପରିବାରସ୍ଥ ଏକାଧିକ ବ୍ୟକ୍ତିଙ୍କ ମଧ୍ୟରୁ ଜଣକର ରାନ୍ଧିବା କ୍ରମରେ ପଡ଼ିବା ପାଳି—Turn of cooking meals of a particular member of the family.
Randhā pāḷi
রান্নারপালা **रांधनेकीपाली**

ରନ୍ଧା ବଢ଼ା—ଦେ. ବି (ସହଚର)—୧ । ଅନ୍ନାଦି ରାନ୍ଧିବା ଓ ପରିବେଷଣ କରିବା କ୍ରିୟା—1. Act of cooking and serving meals. ୨ । ରନ୍ଧାରନ୍ଧି (ଦେଖ)—2. Randhārandhi (See)
Randhā barḍhā
রান্নাবান্না
रषोइ उषोइ

ରନ୍ଧାରନ୍ଧି—ଦେ. ବି (ସହଚର) (ସଂ. ରନ୍ଧନ)—ଅନ୍ନ ବ୍ୟଞ୍ଜନାଦି ରାନ୍ଧିବା; ଅନ୍ନାଦି ରନ୍ଧନ କାର୍ଯ୍ୟ—Act of cooking meal.
Randhārandhi
রান্নাবান্না; রান্ধারান্ধি; রান্ধাবাঢা
रषोइ, राँधाराँधी

ରନ୍ଧିତ—ସଂ.ବିଣ (ରଧ୍ ଧାତୁ+କର୍ମ.ତ)—କୃତପାକ; ରନ୍ଧା ହୋଇଥିବା—Cooked.
Randhita

ରନ୍ଧ୍ର—ସଂ. ବି (ରମ ଧାତୁ=କ୍ରୀଡ଼ା କରିବା+ବର୍ତ୍ତି.ବ୍ୟୁତ୍=ରମ୍; ରମ+ଧୃ ଧାତୁ=ଧାରଣ କରିବା+କର୍ତ୍ତି. ଅ)—୧ । କଣା; ଛିଦ୍ର; ରନ୍ଧ୍ର; ଗାତ—1. Hole; fissure; rent; aperture. [ଦ୍ର—ଜୀବ ଦେହରେ ପୁରୁଷର ୧୦ ଟି ଓ ସ୍ତ୍ରୀର ୧୩ ଟି ଲେଖାଏଁ ରନ୍ଧ୍ର ଅଛି । ଯଥା—ସମସ୍ତଙ୍କର ୨ ଚକ୍ଷୁ+୨ କର୍ଣ୍ଣ+୨ ନାସିକା+୧ ମୁଖ+୧ଶିଶ୍ନ+୧ ଗୁହ୍ୟ+୧ ମସ୍ତକ=୧୦ ଟି ଓ ସ୍ତ୍ରୀଙ୍କର ଅଧିକା ୨ ସ୍ତନ+୧ ଗର୍ଭପଥ =୧୩ ଟି ।] ୨ । ଗୁହା; ବିବର—2. Chasm; cavity. ୩ । କୁକ୍ଷି; ପେଟ—3. The belly. ୪ । ଦୂଷଣ; ତ୍ରୁଟି; ଦୋଷ; ଛଳ (ଆଳସ୍ୟାଦି)—4. Fault; defect (e.g. idleness). ୫ । (ଜ୍ୟୋତିଷ) ଲଗ୍ନଠାରୁ ୮ମ ସ୍ଥାନ; ନିଧନସ୍ଥାନ; ମାରକସ୍ଥାନ—5. (astrology) The 8th mansion from one's Lagna.
Randhra

ରନ୍ଧ୍ର କଣ୍ଟା—ସଂ. ବି—ଜାଲ ବବ୍ବୁରିକ ନାମକ ଗୁଳ୍ମ—A medicinal plant.
Randhra kaṇṭa

ରନ୍ଧ୍ରଗତ—ସଂ. ବିଣ (ଜ୍ୟୋତିଷ)—ଲଗ୍ନର ଅଷ୍ଟମ ସ୍ଥାନରେ ସ୍ଥିତ; ଗୋଚରସ୍ଥ; ନିଧନାଧିପତି (ଗ୍ରହ)—(astrology) (a planet) Situate on the 8th mansion from the Lagna of a person.
Randhra gata

ରନ୍ଧ୍ରଗତ ଶନି—ସଂ. ବି (ଜ୍ୟୋତିଷ)—୧ । ଲଗ୍ନର ଅଷ୍ଟମ ସ୍ଥାନରେ ଉପସ୍ଥିତ ହୋଇଥିବା ଶନିଗ୍ରହ—1. (astrology) The position of Saturn getting into the 8th mansion from the point where the moon was at a person's nativity (the most critical point in a man's life). [ଦ୍ର—ଏହାହେଲେ ମୃତ୍ୟୁ ଘଟେ ।] ୨ । ଆସନ୍ନ ବା ଅନିବାର୍ଯ୍ୟ ମୃତ୍ୟୁ ଅବସ୍ଥା—2. The state of impending or unavoidable death.
Randhragata sani

ରନ୍ଧ୍ର ବଂଶ—ସଂ. ବି (ମ. ପ. ଲେ)—ଏକପ୍ରକାର ବାଉଁଶ; ବେଳଙ୍ଗ ବାଉଁଶ—A kind of bamboo. (ସଂ. ତ୍ୱକ୍‌ସାର, ଶତକ, ମସ୍କର, ଶୁଷିରାଖ୍ୟ, ବାଦନାଯୁ ।) [ଦ୍ର—ଏଥିରେ ବଂଶୀ ତିଆରି ହୁଏ ।]
Randhra baṁśa

ରନ୍ଧ୍ରବଭ୍ରୁ—ସଂ.ବି(ମ.ପ. ଲେ, ରନ୍ଧ୍ରକାରୀ ବଭ୍ରୁ; ରନ୍ଧ୍ର+ବଭ୍ରୁ=ନକୁଳ) ମୂଷିକ; ମୂଷା— Rat; mouse.
Randhra babhru

ରନ୍ଧ୍ରାନ୍ୱେଷଣ—ସଂ. ବି (୬ଷ୍ଠୀ ତତ୍)—ଛିଦ୍ରାନ୍ୱେଷଣ; ଲୋକର ଦୋଷ ବା ତ୍ରୁଟି ଖୋଜିବୁଲିବା—Searching for the faults or defects of a person.
Randhrānweshaṇa
(ରନ୍ଧ୍ରାନ୍ୱେଷୀ—ବିଣ. ପୁଂ)

ରପ୍ (ଧାତୁ)—ସଂ.—କହିବା—To speak.
Rap (root)

ରପ୍‌ରପ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ରମ୍ପରମ୍ପ; ଦେହରେ ହୋଇଥିବା ଯାଦୁ ଓ କୁଣ୍ଡିଆକୁ କୁଣ୍ଡାଇବା ବା ରମ୍ପିବା ପ୍ରକାର—1. Scratching a ringworm. ୨ । କଣ୍ଡୁୟନ; ଦେହ କୁଣ୍ଡାଇ ହେବା; ଗଲୁଉଠିବା—2. Itching. (ଯଥା—ମୋ ଦେହ ରପ ରପ ହେଉଛି ।).
Rap-rap
खजलाना

ରପଟ୍—ବୈଦେ. ବି (ପା. ରପ୍‌ଟ୍; ରଫ୍ତ୍)—୧ । ଗସ୍ତ; ଭ୍ରମଣ—1. Walking; a round. ୨ । ପରିଶ୍ରମ; ପରିଶ୍ରମ—2. Toil. ୩ । ଅଭ୍ୟାସ—3. Habit. ବୈଦେ. ବି. (ଇଂ. ରିପୋର୍ଟ୍)—୧ । ରିପୋର୍ଟ; ବିବରଣ; ଇସ୍ତାହାର—1. Report. ୨ । ଜମିଦାରୀର ସଦର ଜମା—2. Revenue payable to Government for a Zamindāri
Rapaṭ
রপ্ত **रफ्त, रपट,**
রিপোর্ট **रिपोट**

ରପଟ୍ କରିବା—ଦେ. କ୍ରି—୧ । ଗସ୍ତ କରିବା; ବୁଲିବା—1. To walk; to make a round. ୨ । ରିପୋର୍ଟ୍ କରିବା—2. To submit a report.
Rapaṭ karibā
রপটকরা, রপট মারা **रपटना** [ରପଟ୍ ମାରିବା—ଅନ୍ୟରୂପ]

ରପ(ଫ)ତାନି—ବୈଦେ.ବ (ଫା. ରଫ୍ତନ=ଦ୍ରବ୍ୟ ପ୍ରେରଣ, ଗମନ)—
Rapa(pha)tāni ୧ । ସ୍ୱଦେଶୀ ପଦାର୍ଥଗୁଡ଼ିକୁ ବାଣିଜ୍ୟାର୍ଥେ
ରପ୍তানি, রফ্তানি ବିଦେଶକୁ ଚାଲାଣ ବା ପ୍ରେରଣ ; ମାଲ ଚାଲାଣି—
रफ़्तनी 1. Export; sending of goods to a foreign country. ୨ । କୌଣସି ସ୍ଥାନରୁ ଗମନ; ରମାନା—2. Going or starting from a place.

ରପ୍ତାନି, ରପ୍ଥାନି } ଅନ୍ୟରୂପ

[ଆମଦାନି—ବିପରୀତ] ବୈଦେ. ବଣ. (ଫା)—ବିଦେଶକୁ ବାଣିଜ୍ୟାର୍ଥେ ପ୍ରେରିତ (ଦ୍ରବ୍ୟ)—Exported.

ରପ୍ତା(ପ୍ଥା)ନି କରିବା—ଦେ. କ୍ରି—ବିଦେଶକୁ ପଣ୍ୟ ପ୍ରେରଣ କରିବା—
Raptā(phtā)ni karibā To export goods.
রপ্তানিকরা रफ़्तनी करना

ରଫ (ଧାତୁ)—ସ.—୧ । ଗମନ କରିବା; ଗତି କରିବା—
Raph (root) 1. To go; to move. ୨ । ବଧ କରିବା—
2. To kill.

ରଫା—ବୈଦେ. ବ. (ଫା)—୧ । ବିବାଦର କଳହ ବା ଆପୋଷରେ
Raphā ମୀମାଂସା—1. Amicable settlement of a
রফা dispute. ୨ । ମକଦ୍ଦମାର ମିଟମାଟ୍—2. Compromise
रफ़ा of a suit. ୩ । ମହାଜନ ଓ ଖାତକ ମଧ୍ୟରେ, ଜମିଦାର ଓ ପ୍ରଜା ମଧ୍ୟରେ ବା ଋଣୀଦାର ଓ ଦେଣଦାର ମଧ୍ୟରେ ଦେୟ ଧନ ସମ୍ବନ୍ଧେ ଉଭୟଙ୍କ ସମ୍ମତି ସହିତ ମୀମାଂସା—3. Amicable settlement of dues between the payer and the payee. ୪ । ଶେଷ ମୀମାଂସା—4. Final decision. ୫ । ସମାପ୍ତି—5. Finis; completion; end. ୬ । ପ୍ରତ୍ୟେକ ପ୍ରଜା ଉପରେ ତାହାର ଭିନ୍ନ ଭିନ୍ନ ଯୋତ୍ ପାଇଁ ମୋଟରେ ବାକି ଥିବା ଖଜଣାର ହିସାବ ବୁଝିଦ୍ ଫର୍ଦ୍; ଜମିଦାରୀ ଝାଡ଼ିଲ୍ ବାକି କାଗଜ—6. A statement of account of rent due from a tenant for all his holdings. ପ୍ରାଦେ.(ଗଡ଼ଜାତ)ବ--ଫାଉଡ଼ା—Broad hoe.

ରଫା ଉଆ(ଓ୍ୱା)ସିଲ୍ ବାକି—ଦେ.ବ—ରଫାଦାଦ୍ ଉଆସିଲ୍ ବାକି(ଦେଖ)-
Raphā ua(wā)sil bāki Raphādād uāsil bāki.(See)
রফা ওয়াসিল বাকী रफ़ावासिल बाकी

ରଫା କରିବା—ଦେ. କ୍ରି—ବିବାଦର ବା ପାଉଣାର ମୀମାଂସା କରିବା—
Raphā karibā To settle a dispute or claim or due.
রফা করা रफ़ा करना

ରଫା ଟଙ୍କୀ—ପ୍ରାଦେ (ପୁରୀ) ବ—ପୁରୀ ଓ ଖୋର୍ଦ୍ଧାରେ ଏକପ୍ରକାର ମଧ୍ୟ-
Raphā tanki ସତ୍ତ୍ୱ; ଏକପ୍ରକାର ମଧ୍ୟସତ୍ତ୍ୱ ବା ବାଜ୍ୟାପ୍ତି ଟଙ୍କା ବୃତ୍ତି; ଯେଉଁ ଜମିକୁ ପ୍ରଜା ଚିରସ୍ଥାୟୀ ଟଙ୍କୀରୂପେ ଦାଖ
[ରଫା ଟଙ୍କି ବୃତ୍ତି—ଅନ୍ୟରୂପ] କରୁଥିଲା, କିନ୍ତୁ ଗଭର୍ଣ୍ଣମେଣ୍ଟ ଉକ୍ତ ଦାଖଲୁ ଅଗ୍ରାହ୍ୟ କରି ତହିଁର ଜମାକୁ ପ୍ରଜା ସଙ୍ଗେ ରଫା କରିଅଛନ୍ତି—A class of resumed rent-free tenure in Puri and Khurda.

ରଫାଟଙ୍କୀଦାର୍—ପ୍ରାଦେ. (ପୁରୀ) ବ—ରଫା ଟଙ୍କୀବୃତ୍ତିର ଅଧିକାରୀ—
Raphā tankidār The holder of a Raphātanki tenure.

ରଫାଠଉଁ ଲଫା ନାହିଁ—ଦେ. ପ୍ରଚଳନ—ମାମଲା ମକଦ୍ଦମା ନ କରି
Raphātbaun laphā nāhin ବିବାଦକୁ ଆପୋଷରେ
রফাচ্ছেয়ে লাভ নাই କଷ୍ଟରୁ କରିବାହିଁ ଲାଭଜନକ—It is
रफ़ासे लाभ नहीं profitable to have a matter amicably settled rather than to fight out a case.

ରଫା ଡିକ୍ରି(ଗ୍ରି)—ବୈଦେ. ବ (ଫା. ରଫା ଓ ଇଂ. ଡିକ୍ରି)—ଉଭୟ
Raphā dikri(gri) ପକ୍ଷଙ୍କ ସମ୍ମତିରେ ହୋଇଥିବା ଡିଗ୍ରି—
রফাডিগ্রী रफ़ाडिग्री Compromise decree.

ରଫାଦଫା—ବୈଦେ. ବ (ଅନୁକାର; ଫା)— ୧ । ଚୂଡ଼ାନ୍ତ ଆପୋଷ
Raphādahpā ମୀମାଂସା—1. Final amicable settle-
দফারফা ment or decision. ୨ । ଦଫା ରଫା (ଦେଖ)—
रफ़ादफ़ा 2. Daphā raphā. (See) ବଣ—ମୀମାଂସିତ—
Finally settled.

ରଫା ଦରଖାସ୍ତ—ବୈଦେ.ବ(ଫା)--ପକ୍ଷମାନେ ମକଦ୍ଦମାକୁ ଆପଣା ମଧ୍ୟରେ
Rapha darakhāsta ମୀମାଂସା କରି ଅଦାଲତଙ୍କୁ ସେହି
রফাদরখাস্ত रफ़ादरख्वास्त ବିଷୟ ଜଣାଇଦେବା ସୂଚକ ଆବେଦନ-
(ରଫା ଦରଖାସ୍ତ—ଗ୍ରାମ୍ୟ) ପତ୍ର—Compromise petition filed by parties in court

ରଫା ଦାଦ୍—ବୈଦେ. ବ (ଫା; କଚେରୀ)—ରଫା ହୋଇଥିବା ବିଷୟ-
Raphādād Amicably settled matter.
রফাদাদ रफ़ादाद ବୈଦେ. ବଣ—୧ । ରଫା କରି ଯାଇଥିବା—
1. Amicably settled; compromised.
(ଯଥା—ଭଲଲୋକଙ୍କ ରଫାଦାଦ୍ ମତରେ ଏ ମକଦ୍ଦମା କଷ୍ଟି ହେଲା ।) ୨ । ରଫାସମ୍ବନ୍ଧୀୟ-
2. Relating to compromise.

ରଫାଏତ୍, ରଫାଜାଦ୍(ଡ୍) } —ଅନ୍ୟରୂପ

ରଫା ଦାଦ୍ ଉଆସିଲ୍ ବାକି—ବୈଦେ. ବ (ଫା)—ପ୍ରତ୍ୟେକ ପ୍ରଜାର
Raphādād uāsil bāki ଭିନ୍ନ ଭିନ୍ନ ଯୋତ୍ ପାଇଁ ତା
রফাদাদ্ ওয়াসিলবাকী रफ़ादादवासिलबाकी ଉପରେ ଖଜଣାକୁ ମୋଟ କରି ତା ଉପରେ ହେଉଥିବା କିସ୍ତି ଜମାର ହିସାବ।
A consolidated statement of the account of rent due to a tenant for all his holdings.

ରଫା ଦେବା—ଦେ. କ୍ରି (ଖାତକ ମହାଜନଙ୍କୁ କହିବା ବାକ୍ୟ)—
Raphādebā କୌଣସି ବ୍ୟକ୍ତିର ଦେୟକୁ ମୀମାଂସା କରି
রফাদেওয়া रफ़ादेना, छुट्टीदेना ତାହାକୁ ଉକ୍ତ ଦେୟରୁ ମୁକ୍ତ କରିବା—To release a person from a liability or debt by settling the dues he has to pay.

ରଫାନାମା —ବୈଦେ. ବ (ଫା)—୧ । ଉଭୟପକ୍ଷଙ୍କ ମଧ୍ୟରେ ବିବାଦ
Raphānāmā ନିଷ୍ପତ୍ତିସୂଚକ ଲିପି—1. Deed of compro-
রফানামা रफ़ानामा mise. [ଚୁ—ବିବେକସହିତେ ଗଢ଼ିବ

ବଧାନେ କରିଦେଲେ ରଫାନାମା—ସୁଧାନାଥ. ଯଯାତି ।]
୨ । ରଫା ଦରଖାସ୍ତ—2. A petition of compromise.

ରଫାନାମା ଦରଖାସ୍ତ(ସ)—ବୈଦେ. ବି (କଚେରୀ)—ରଫା ଦରଖାସ୍ତ;
Raphānāmā darakhāsta(sa) ଯେଉଁ ଦରଖାସ୍ତରେ
রফানামা দরখাস্ত रफानामा दरखास्त ଉଭୟପକ୍ଷଙ୍କ ମଧ୍ୟରେ
ଅପୋଷରେ ମୀମାଂସା ହୋଇଥିବାର ସର୍ତ୍ତ ଆଦି ଲେଖା
ହୋଇ ଅଦାଲତରେ ଦାଖଲ ହୁଏ—Compromise petition filed in court.

ରଫା ମୁତାବକ୍—ଦେ. କ୍ରି. ବିଣ(କଚେରୀ)—ରଫାନାମା ଅନୁସାରେ—
Raphā mutābak According to the terms of a
রফামোতাবেক रफामुताबिक compromise.
[ରଫାମୁତାବକ୍—ଅନ୍ୟରୂପ]

ରଫୁ—ବୈଦେ. ବି [ଆ]—ଛିନ୍ନ ବସ୍ତ୍ରାଦିର ରନ୍ଧ୍ରକୁ ବା ଫାଟକୁ ସୁତା ବୁଣି
Raphu ସିଲାଇ କରିବା—Darning of a hole or rift.
রিফু रफ, रफु in a cloth. ବୈଦେ. ବିଣ—୧ । ନିଷ୍ଫଳ;
रफु ଅକୃତକାର୍ଯ୍ୟ—1. Unsuccessful. ୨ । ପରାସ୍ତ;
ପରାଜିତ—2. Defeated; vanquished.

ରଫୁକ(ଗ)ର—ବୈଦେ. ବି [ଆ]—ଯେଉଁ ବ୍ୟକ୍ତି ବା କାରିଗର ଛିନ୍ନ-
Raphuka(ga)ra ବସ୍ତ୍ରାଦିର ରନ୍ଧ୍ରକୁ ବା ଫାଟକୁ ସୁତା ବୁଣି ସିଲାଇ
କରେ—Darner.

ରଫୁ କରିବା—ଦେ. କ୍ରି—୧ । ଲୁଗାର ଛିଦ୍ରକୁ ବା ଫାଟକୁ ବୁଣିବା—
Raphu karibā 1. To darn a hole in a cloth.
রিফুকরা रफुकरना ୨ । ରଫୁ ବନାଇବା (ଦେଖ)
2. Raphu banāibā (See)

ରଫୁ ବନା(ନେ)ଇବା—ଦେ.କ୍ରି—୧ । ପରାସ୍ତ କରିବା—1. To defeat
Raphu banā(ne)ibā or vanquish a person.
রফুকরা बेकुबबनाना ୨ । ଅକୃତକାର୍ଯ୍ୟ କରାଇବା—
2. To cause a person to be unsuccessful.

ରଫୁ ବନିବା—ଦେ. କ୍ରି—୧ । ଅକୃତକାର୍ଯ୍ୟ ହେବା—
Raphu banibā 1. To meet with failure.
রফু হওয়া ୨ । ପରାସ୍ତ ହେବା—2. To be vanquished.
बकूब बना ରଫୁ ହେବା—ଅନ୍ୟରୂପ)

ରବ୍(ଧାତୁ)—ସଂ.—୧ । ଶବ୍ଦ କରିବା—1. To make a sound.
Rab(root) ୨ । ଗମନ କରିବା—2. To go; to move.

ରବ—ସଂ. ବି. (ରବ୍ ଧାତୁ+କର୍ମ. ଅ)—୧ । ଧ୍ୱନି; ନାଦ; ଶବ୍ଦ—
Raba 1. Sound. ୨ । ଗୋଳମାଳ—2. Noise.
ସଂ.— ନାଦ, ନିନାଦ, ନିନଦ, ୩ । ଗର୍ଜ୍ଜନ—3. Roaring.
ଧ୍ୱନି, ଧ୍ୱାନ, ସ୍ୱନ, ସ୍ୱାନ, ୪ । ରବ; ଡାକ; କଣ୍ଠଧ୍ୱନି—
ନିର୍ଘୋଷ, ନିସ୍ୱନ, ନିସ୍ୱାନ, 4. Voice; call.
ଆରବ, ଆରାବ, ବିରାବ, ରାବ

ରବଣ—ସଂ. ବି. (ରବ୍ ଧାତୁ+ଭାବ. ଅନ)—୧ । ଶବ୍ଦ କରଣ—
Rabaṇa 1. Making a sound. ୨ । କଂସା—
2. Bell metal. ୩ । କୋକିଳ—3. Cuckoo.
୪ । ଉଷ୍ଟ୍ର—4. Camel. ୫ । ଗର୍ଦ୍ଦଭ—5. Ass.
ସଂ. ବିଣ—୧ । ଶବ୍ଦକାରକ—1. Sounding;
resonant; sonorus. ୨ । ତୀକ୍ଷ୍ଣ—2. Sharp;
shrill. ୩ । ଚଞ୍ଚଳ—3. Restless. ୪ । ଉଷ୍ଣ—
4. Warm; hot. ୫ । ଭଣ୍ଡ; ଅଶ୍ଳୀଳ—
5. Jestive; jocular.

ରବଥ—ସଂ. ବି. (ରବ୍ ଧାତୁ+କର୍ତ୍ତୃ.ଅଥ)—କୋକିଳ—
Rabatha Cuckoo.

ରବୟା—ବୈଦେ .ବି(ଫା)—୧ । ଅବସ୍ଥା—1. Condition; state.
Rabayā ୨ । ଦେଶକାଳ ପାତ୍ରଗତ ଅବସ୍ଥା ବା ଘଟନା—
অবস্থা 2. Condition of things; state of things;
रवेया circumstances. ୩ । ଚଳଣ; ଆଚରଣ—
3. Conduct.

ରବର—ବୈଦେ. ବି. (ଇଂ. ରବର୍ କାଗଜରୁ ପେନ୍‌ସିଲ୍ ଓ କାଳି
Rabar ଦାଗ ଛଡ଼ାଇବା ପାଇଁ ବ୍ୟବହୃତ ରବର୍‌ଖଣ୍ଡ eraser)—
রবার ଏକପ୍ରକାର ଗଛର ଅଠା, ଯାହା ଶୁଖିଗଲେ ସ୍ଥିତିସ୍ଥାପକ
रबर ହୁଏ—India rubber.
[ଦ୍ର—ରବର ସ୍ଥିତିସ୍ଥାପକ । ତାହା ପାଣିରେ ମିଳାଇ ଯାଏ
ନାହିଁ । ତାହାକୁ ରାସାୟନିକ ପ୍ରକ୍ରିୟାରେ ତରଳାଇ ମୂର୍ତ୍ତି,
ନଳ, ଗାଡ଼ିର ଚକ, ମଟର ଗାଡ଼ିର ଚକ, ଶୂନ ଗାଡ଼ିର ଚକ
ଓ ଜୋତା ଆଦି ନାନା ପ୍ରକାରର ବ୍ୟବହାରୋପଯୋଗୀ ପଦାର୍ଥମାନ
କରାଯାଉଅଛି । ଏହାର ବ୍ୟବସାୟ ସଭ୍ୟଜଗତରେ
ଗୋଟିଏ ପ୍ରଧାନ ବ୍ୟବସାୟରେ ପରିଣତ ହୋଇଅଛି ।]

ରବର୍ ଗଛ—ଦେ. ବି—ଦକ୍ଷିଣ ଆମେରିକା ଓ ଦକ୍ଷିଣ ଏସିଆରେ
Rabar gachha ଜନ୍ମିବା ଏକ ପ୍ରକାର ବଟ ଜାତୀୟ ଗଛ—
রবার গাছ India rubber tree.
रबरकाम्झाड़ [ଦ୍ର—ଆସାମ ଓ ବ୍ରହ୍ମଦେଶର ଅଠାବର ନାମକ
ବଟ ଜାତୀୟ ଗଛକୁ ଚିରିଲେ ତହିଁରୁ ରବର୍ ହେବା ରସ
ବାହାରେ; (ଗଛର ନାମ=India rubber tree
Ficus Elastica).
ଦକ୍ଷିଣ ଅମେରିକାର ଏହି ଜାତୀୟ ଗଛରୁ ରବର୍ ବାହାରେ
(ଗଛର ନାମ=Caoutchouc, Siphonia,
Elastica, Hevea Caoutchouc),
ମାଲୟ ଦ୍ୱୀପ ପୁଞ୍ଜର ଏହି ଜାତୀୟ ଗଛରୁ ରବର୍ ବାହାରେ
(ଗଛର ନାମ=Guttapercha, Isonandra
Gutta).
ବର୍ତ୍ତମାନ ରବର ଗଛର ଚାଷ କରାଯାଇ ଅନେକ ରବର୍
ଆମଦାନି କରା ଯାଉଅଛି ।]

ରବର ଜୋତା—ଦେ ବି—ବର୍ଷାରେ ପାଣି ନ ଭେଦିବା ପାଇଁ ପ୍ରସ୍ତୁତ
Rabar jotā ଏକପ୍ରକାର ଯୋତା—
রবর জুতা रबरजुता India rubber shoes.

ରବର୍ ଟାୟାର୍—ବୈଦେ. ବି (ଇଂ ରବର୍ ଟାୟାର୍)—
Rabar ṭāyār ଶୂନ ଗାଡ଼ି ଓ ମଟର ଗାଡ଼ିର ଚକର ପରିଧିରେ
रबर टायार ମଡ଼ାଯିବା ରବରର ପଟି—
रबर टायार Rubber tyre.

ରବର୍ ନଳ(ଳି)—ଦେ. ବି—ରବରରେ ପ୍ରସ୍ତୁତ ନଳ—India-
Rabar naḷa(ḷi) रबर नल रबरकी नली rubber tube.

ରବଲ୍—ବୈଦେ. ବି. (ଇଂ. ରବ୍ଲ)—୧ । ଘେଷ; ପାହାଡ଼ରୁ ଖୋଳା
Rabal ହୋଇ ଆସିବା ପଥର ଖଣ୍ଡମାନ—1. Rubble;brash.
रावल रब्बल, कंकड ବୈଦେ. ବି. (ଇଂ. ରବର୍)—ରବର୍—
India-rubber.

ରବଲ୍ କୋଇଲା—ଦେ.ବି.(ଇ.ରବ୍ଲ+କୋଇଲା)—ଚୂନା କୋଇଲା—
Rabal koilā चाप कयला कायलाकाखाद(रवा) Rubble-coal.

ରବା—ବୈଦେ. ବି. (ଅ. ଫା—ରବାବ୍)—୧ । ବୀଣା ବା ସୀତାର
Rabā ଜାତୀୟ ବାଦ୍ୟଯନ୍ତ୍ର—1.A kind of guitar. (ଉ-ରବା
रबाब रबाब ମୃଦଙ୍ଗ ବୀଣା ତାଲ, ବିବିଧ ବାଦ୍ୟ ସୁରସାଲ. ଭୂପତି—
ପ୍ରେମପଞ୍ଚାମୃତ ।) [ଦ୍ର—ଭାରତବର୍ଷରେ ଯବନାଧିକାର
ପୂର୍ବେ ଏହି ଯନ୍ତ୍ର 'ରୁଦ୍ର ବୀଣା' ନାମରେ ବ୍ୟବହୃତ
ହେଉଥିଲା । ମୁସଲମାନ୍‌ମାନଙ୍କ ଅମଳରେ ଏହି ଯନ୍ତ୍ରକୁ
ସେମାନେ 'ରବାବ୍' ନାମରେ ବ୍ୟବହାର କଲେ । ଏହାର
ଲାଉ (ଖୋଳ) ଓ ଦଣ୍ଡ ଗୋଟିଏ ଅଖଣ୍ଡ କାଷ୍ଠ ଦ୍ୱାରା
ନିର୍ମିତ । ଖୋଳ ଛାଗାଦିର ପତଳା ଚମରେ ଛୁଆଣି
ହୋଇଥାଏ । ପ୍ରଥମେ ଏଥିରେ ଦୁଇଟି ତାର ଥିଲା, ପରେ
ତନ୍ତ ଓ ତତ୍‌ପରେ ୪ଟି ତାର ଲଗାଗଲା । ପାରସ୍ୟର
ବସୁଦ୍‌ଗ୍ରାମ ନିବାସୀ ଅବଦୁଲା ନାମକ ଜଣେ ସଙ୍ଗୀତଜ୍ଞ
ଏହାକୁ ପ୍ରାୟ ୧୦୦୦ ବର୍ଷ ପୂର୍ବେ ପ୍ରଥମେ ମୁସଲମାନ୍‌ମାନଙ୍କ
ମଧ୍ୟରେ ଆବିଷ୍କାର କରି ଏହାର ନାମ 'ରୁବେବ୍' ଦେଇଥିଲେ ।
ସ୍ପେନ୍ ଦେଶ ପ୍ରଚଳିତ guitar (ଗୀଟାର୍) ନାମକ ସୀତାର
ପରି ଏହାର ଆକୃତି । ଏହାକୁ କାଠି ସାହାଯ୍ୟରେ
ବଜାଇବାକୁ ହୁଏ । ୨ । (ପ୍ରାଚୀନ ପଦ୍ୟ) (ଫା. ଅବାଜ୍)
ଧ୍ୱନି—2. Sound. [ଉ—ବୀର ଯେତେ ସେନା ବୀର
ରସାସାର ରବା ନାଶେ ତେତେ ରବ । ଭଞ୍ଜ. ବୈଦେହୀଶ-
ବିଳାସ ।]

ରବା(ୱା)ଜ୍(ଦ୍)—ବୈଦେ.ବି (ଫା. ରବାଜ୍)—୧। ଦେଶ ବା ପରିବାର
Rabā(wā)j(d) ଆଦିରେ ପ୍ରଚଳିତ ଚିରାଚରିତ ପ୍ରଥା; ରୀତି;
रेओयाज प्रथा—1. Custom; usage. ୨ । ଆଚରଣ—
रवाज 2. Conduct. ୩। ଅଭ୍ୟାସ—3. Habit. ୪। ସାମୟିକ
ଘଟଣା—4. Circumstances happening at
a time. ୫ । ଘଟଣାର ଅବସ୍ଥା—5. State of
things; circumstances.

ରବା(ମା,ୱା)ନା (ଇତ୍ୟାଦି)—ବୈଦେ. ବି (ଫା. ରବାନା)—ରଉଆନା
Rabā(mā,wā)nā (etc) (ଇତ୍ୟାଦି) (ଦେଖ)—Rauānā
रओना रवाना (etc) (See)

ରବା(ୱା)ବ୍—ବୈଦେ. ବି (ଫା. ରବାବ୍)—୧ । ରବା (ଦେଖ)—
Rabā(wā)b 1. Rabā. (See) ବୈଦେ. ବି (ଅ. ରବାଜ୍)—
रबाब रबाब ୨ । ରବାଜ୍ (ଦେଖ)—2. Rabāj. (See)
ବୈଦେ. ବି (ଅ. ରୁଅବ)—
रोआब ୧ । ଗାମ୍ଭୀର୍ଯ୍ୟ—1. Gravity. ୨ । ଭୟ—
रुबाब 2. Fear. ୩ । ପ୍ରଭାବ; ପରାକ୍ରମ; ଶକ୍ତି—3. Might.

ରବାର୍—ବୈଦେ. ବି (ଇଂ. ରବର୍)—ରବର୍ (ଦେଖ)
Rabār Rabar. (See)

ରବାହୂତ—ସଂ. ବିଣ. ପୁଂ (ତୃ୍ୟା ତତ୍)—ରବ ବା ଶବ୍ଦ ଶୁଣି ଆଗତ
Rabāhūta ବା ଉପସ୍ଥିତ—Come to a place being
[ରବାହୂତା—ସ୍ତ୍ରୀ] attracted by the sound.

ରବି—ସଂ. (ରୁ. ଧାତୁ=ଶବ୍ଦ କରିବା+କର୍ତ୍ତୃ.ଇ; ଯେ ଅବିରତ ଶବ୍ଦ
Rabi କରେ)—(ହିନ୍ଦୁ ଶାସ୍ତ୍ରମତରେ ଅବିରତ ଘୂର୍ଣ୍ଣାୟମାନ ଓ
ଶବ୍ଦାୟମାନ ଥିବାରୁ)—୧ । ସୂର୍ଯ୍ୟ; ସୌର ଜଗତର
କେନ୍ଦ୍ର; ଗ୍ରହେଶ୍ୱର—1. The sun. (ଉ—ରବି ତେର
ଦିନ ନାଶନ୍ତେ କରେ ଭୋଗ । କୃଷ୍ଣସିଂହ. ମହାଭାରତ.
ବନ ।) [ଦ୍ର—ରବି ବା ସୂର୍ଯ୍ୟ ସୌର ଜଗତର
କେନ୍ଦ୍ର । ଏହାଙ୍କ ଚାରି ଦିଗରେ ଗ୍ରହମାନେ ଘାଉଁଣ ଖାଉ
ଅଛନ୍ତି । ଏହାହିଁ ହିନ୍ଦୁ ଜ୍ୟୋତିଷୀ ଓ ପାଶ୍ଚାତ୍ୟ ଜ୍ୟୋତିଷୀ-
ମାନଙ୍କର ସିଦ୍ଧାନ୍ତ । ସବୁ ଗ୍ରହଙ୍କ ମଧ୍ୟରେ ଏ ପ୍ରଧାନ ବୋଲି
ଏହାଙ୍କ ନାମ ଗ୍ରହେଶ୍ୱର,ସବୁ ଗ୍ରହଙ୍କର ଆଦି ବୋଲି ଆଦିତ୍ୟ।
ଏ ବସ୍ତୁମାନଙ୍କରୁ ତାପ ଦ୍ୱାରା ରସ ଶୋଷଣ କରନ୍ତି । ହିନ୍ଦୁ
ଜ୍ୟୋତିଷ ଅନୁସାରେ ଏ ପାପଗ୍ରହ । ପୃଥିବୀର ଲୋକଙ୍କୁ ଏ
ଦୀପ୍ତି, ଆରୋଗ୍ୟ, କ୍ଷମତା, ସମ୍ମାନ ପ୍ରଦାନ କରନ୍ତି ।
ଯୌବନକାଳରେ (୨୩ ବର୍ଷଠାରୁ ୪୦ ବର୍ଷ ପର୍ଯ୍ୟନ୍ତ) ଏ
ଗ୍ରହ ମାନବ ଜୀବନର ଅଧିପତି ଓ ନିୟନ୍ତା । ଜନ୍ମ କାଳରେ
ରବି ଅନୁକୂଳ ହୋଇଥିଲେ ମନୁଷ୍ୟ ବିଚକ୍ଷଣ, ପରାକ୍ରମ-
ଶାଳୀ, ମହଦନ୍ତଃକରଣ, ଦୟାଳୁ, ନରପତି ଓ କ୍ଷମତାଶାଳୀ
ହୁଏ । ରବି ପ୍ରତିକୂଳ ହୋଇଥିଲେ ରୋଗୀ, ଅହଙ୍କାରୀ,
ଅପବ୍ୟୟୀ, ପ୍ରଗଳ୍ଭ, କ୍ରୂରକର୍ମରତ ଓ ପୈତୃକ ସମ୍ପତ୍ତି-
ବିନାଶକ ହୁଏ । ମାଣିକ୍ୟ ଓ ବୈଦୂର୍ଯ୍ୟ ରବିଙ୍କର ପ୍ରିୟ
ରତ୍ନ । ରବିଙ୍କର ବର୍ଣ୍ଣ ଜବାକୁସୁମ ପରି ରକ୍ତବର୍ଣ୍ଣ । ରବି
୩୬୫ ଦିନ ୧୫ ଦଣ୍ଡ ୩୧ ପଲ ୩୧ ବିପଳ ଓ ୨୪ ଅନୁପଳ
ସମୟରେ ପୃଥିବୀର ଚାରି ପାଖରେ ବୁଲନ୍ତି, ଅର୍ଥାତ୍ ପୃଥିବୀ
ରବିଙ୍କ ଚାରି ପାଖେ ବୁଲିବାକୁ ପ୍ରାୟ ୩୬୫ ଦିନ ୬ଘଣ୍ଟା
ଲାଗେ । ପୃଥିବୀରୁ ପର୍ଯ୍ୟବେକ୍ଷଣ କଲେ ରବିଙ୍କ ଗତିରେଖା
ବୃତ୍ତାକାର ନ ହୋଇ ବୃତ୍ତାଭାସ (Elliptical) ଅଟେ ।
ଜ୍ୟୋତିଷୋକ୍ତ ଦ୍ୱାଦଶ ରାଶିରେ ରବି ଏକ ଏକ ମାସ
ଅବସ୍ଥାନ କରନ୍ତି, ଏହା ସୌରମାସ । ବୈଶାଖରେ
(ମେଷରେ),ଜ୍ୟେଷ୍ଠରେ (ବୃଷରେ),ଆଷାଢ଼ରେ(ମିଥୁନରେ),
ଶ୍ରାବଣରେ (କର୍କଟରେ),ଭାଦ୍ରବରେ (ସିଂହରେ),ଆଶ୍ୱିନରେ
(କନ୍ୟାରେ),କାର୍ତ୍ତିକରେ(ତୁଳାରେ),ମାର୍ଗଶିରରେ(ବିଛାରେ)
ପୁଷରେ (ଧନୁରେ), ମାଘରେ (ମକରରେ), ଫାଲ୍‌ଗୁନରେ

(କୁମ୍ଭରେ) ଓ ଚୈତ୍ରରେ (ମୀନରେ) ରବି ଅବସ୍ଥାନ କରନ୍ତି । ରବି ଏକ ରାଶିରୁ ଅନ୍ୟ ରାଶିକୁ ଯିବା ସମୟ ସଂକ୍ରମଣ ବା ସଂକ୍ରାନ୍ତି ଅଟେ । ପ୍ରତ୍ୟେକ ସୌର ମାସର ଦୈର୍ଘ୍ୟ ଠିକ୍ ୩୦ ଦିନ ନ ହୋଇ କମ୍ ବେଶୀ ହୁଏ ।

ବର୍ଷଯାକ ଦିବା ପରିମାଣ ଓ ରାତ୍ରି ପରିମାଣ ସମାନ ନୁହେଁ । କୌଣସି ଦିବସ ୩୦ ଦଣ୍ଡରୁ ବେଶି ଓ କେଉଁ କେଉଁ ଦିବସ ୩୦ ଦଣ୍ଡରୁ କମ । ସାଧାରଣତଃ ଶୀତ ଦିନେ ଦିନ ଛୋଟ ଓ ରାତି ବଡ଼ ହୁଏ ଏବଂ ଖରାଦିନେ ରାତି ଛୋଟ ଓ ଦିନ ବଡ଼ ହୁଏ । ବର୍ଷରେ ଦୁଇଟି ଦିନ ଦିବା ରାତ୍ରି ସମାନ ହୁଏ ।

ଆଶ୍ୱିନ ୮ (ସେପ୍ଟେମ୍ବର ୨୩) ଦିନ ଦିନରାତି ସମାନ ଥାଏ ଓ ସେହି ସମୟରୁ ଦିନ କମିଯାଏ ଓ ରାତି ବଢ଼େ । ଏହିପରି ବଢ଼ି ବଢ଼ି ପୌଷ ମାସ ୯ (ଡିସେମ୍ବର ୨୧ ବା ୨୨) ଦିନର ପରିମାଣ ୨୭ ଦଣ୍ଡ ହୋଇଯାଏ ଓ ରାତିର ପରିମାଣ ୩୩ ଦଣ୍ଡ ହୁଏ । ପୁଣି ସେହି ଦିନଠାରୁ ଦିନ ବଢ଼ିବାକୁ ଆରମ୍ଭ କରି ଚୈତ୍ର ମାସ ୮ (ମାର୍ଚ୍ଚ ୨୧) ରେ ଦିନ ରାତି ସମାନ ହୁଏ ଓ ପୁଣି ଦିନ ବଢ଼ି ବଢ଼ି ଆଷାଢ଼ ୮ (ଜୁନ୍ ୨୧) ଦିନର ପରିମାଣ ୩୩ ଦଣ୍ଡ ଓ ରାତିର ପରିମାଣ ୨୭ ଦଣ୍ଡ ହୋଇଯାଏ । ସେହି ଦିନଠାରୁ ଦିନ କମେ କମେ ଓ ରାତି ବଢ଼େ ଏବଂ ଆଶ୍ୱିନ ୮ (ସେପ୍ଟେମ୍ବର ୨୨ ବା ୨୩) ଦିନରାତି ସମାନ ହୁଏ । ପୁଣି ଦିନ କମିବାକୁ ଆରମ୍ଭ କରେ । ଅତଏବ ଦେଖାଯିବ ଯେ ବର୍ଷକ ମଧ୍ୟରେ କେବଳ ୨ଟି ଦିନ [ଯେଉଁ ଦିନ ସୂର୍ଯ୍ୟ ଠିକ୍ ବିଷୁବରେଖା ଉପରେ ଥାଆନ୍ତି] ଚୈତ୍ର ଓ ଆଶ୍ୱିନରେ ଦିବା ଓ ରାତିର ପରିମାଣ ସମାନ, ଅର୍ଥାତ ୩୦ ଦଣ୍ଡ ଲେଖାଏଁ ହୁଏ । ବର୍ଷକରେ ଗୋଟିଏ ଦିନ [ଆଷାଢ଼ରେ] ଦିନ ୩୭ ଦଣ୍ଡ ଓ ରାତି ୨୩ ଦଣ୍ଡ ହୁଏ । ସେହିପରି ମଧ୍ୟ ବର୍ଷକେ ଆଉ ଥରେ [ପୌଷରେ] ଦିନ ୨୭ ଦଣ୍ଡ ଓ ରାତି ୩୩ ଦଣ୍ଡ ହୋଇଯାଏ ।

ମୀନ ସଂକ୍ରାନ୍ତିରେ ବସନ୍ତକାଳର ସମ ଦିବାରାତ୍ର ହୁଏ । (ମୀନ ବା ଚୈତ୍ର ମାସ ୮, ମାର୍ଚ୍ଚ ୨୧ କୁ—Vernal or spring equinox ବୋଲାଯାଏ ।)

କନ୍ୟା ସଂକ୍ରାନ୍ତି ପରେ ଶରତ୍‌କାଳର ସମ ଦିବା ରାତ୍ର ହୁଏ । (କନ୍ୟା ବା ଆଶ୍ୱିନ ମାସ ୮=ସେପ୍ଟେମ୍ବର ୨୨ ବା ୨୩କୁ Autumnal equinox ବୋଲାଯାଏ) ।

ଧନୁ ସଂକ୍ରାନ୍ତିରେ ଶୀତକାଳରେ ଅତି ଛୋଟ ଦିନ ଓ ଅତି ବଡ଼ ରାତି ହୁଏ (ଧନୁ ବା ପୌଷ ମାସ ୮= ଡିସେମ୍ବର ୨୧ ବା ୨୨ କୁ Winter solstice ବୋଲାଯାଏ ।)

ମିଥୁନ ସଂକ୍ରାନ୍ତି ଓ ଗ୍ରୀଷ୍ମକାଳର ଅତି ବଡ଼ ଦିନ ଓ ଅତି ଛୋଟ ରାତି (ମିଥୁନ ବା ଆଷାଢ଼ ମାସ ୮=ଜୁନ ୨୧) କୁ Summer solstice ବୋଲାଯାଏ ।

ଆଶ୍ୱିନ ମାସରେ ସୂର୍ଯ୍ୟ ପୃଥିବୀର ବିଷୁବରେଖାର ଠିକ୍ ଊର୍ଦ୍ଧ୍ୱରେ ଥିବାରୁ ଦିନ ରାତି ସମାନ ହୁଏ (Autumnal equinox) । ସେଠାରୁ ସୂର୍ଯ୍ୟ ଦକ୍ଷିଣକୁ ଗତି କରି କରି ପୌଷ ମାସ ମକର ସଂକ୍ରାନ୍ତି (Tropic of Capricon) ପର୍ଯ୍ୟନ୍ତ ଆସନ୍ତି ଓ ମକର ସଂକ୍ରାନ୍ତି ସୂର୍ଯ୍ୟଙ୍କର ଦକ୍ଷିଣ ଗତିର ଶେଷ ସୀମା; (ସେ ଦିନ ଦିନ ଛୋଟ ଓ ରାତି ବଡ଼, winter solstice). ସେହି ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟ ଆଉ ଦକ୍ଷିଣକୁ ନ ଯାଇ ଉତ୍ତରଆଡ଼କୁ ଫେରନ୍ତି (ଏଥିପାଇଁ ମାଘ ମାସର ସଂକ୍ରାନ୍ତିକୁ ଉତ୍ତରାୟଣ ସଂକ୍ରାନ୍ତି ବୋଲାଯାଏ); ଉତ୍ତରକୁ ଆସି ଆସି ବିଷୁବରେଖା ଉପରେ ଚୈତ୍ର ସୁଦ୍ଧା ପହଞ୍ଚନ୍ତି । ସେ ସମୟରେ ଦିନ ରାତି ସମାନ ହୁଏ (Vernal equinox) ଓ ବିଷୁବରେଖାକୁ ଟପି ପୁଣି ଉତ୍ତରଦିଗକୁ ଗତି କରି କରି ଆଷାଢ଼ ମାସ ସୁଦ୍ଧା କର୍କଟ କ୍ରାନ୍ତି (Tropic of Cancer) ପର୍ଯ୍ୟନ୍ତ ଆସନ୍ତି । କର୍କଟ କ୍ରାନ୍ତି ସୂର୍ଯ୍ୟଙ୍କ ଉତ୍ତର ଗତିରେ ଶେଷ ସୀମା । ସେ ଦିନ ଦିନ ବଡ଼ ଓ ରାତି ଛୋଟ (summer solstice) । ସେହି କର୍କଟ ସଂକ୍ରାନ୍ତିଠାରୁ ସୂର୍ଯ୍ୟ ଆଉ ଉତ୍ତରକୁ ନ ଯାଇ ଦକ୍ଷିଣ ଆଡ଼କୁ ଫେରନ୍ତି (ଏଥିପାଇଁ ଶ୍ରାବଣ ସଂକ୍ରାନ୍ତିକୁ ଦକ୍ଷିଣାୟନ ସଂକ୍ରାନ୍ତି ବୋଲାଯାଏ) । ସୂର୍ଯ୍ୟ ଦକ୍ଷିଣକୁ ଗତି କରି କରି ଆଶ୍ୱିନ ମାସ ସୁଦ୍ଧା ବିଷୁବରେଖାରେ ପହଞ୍ଚନ୍ତି । ଆଶ୍ୱିନ ମାସର ଶେଷ ଓ କାର୍ତ୍ତିକ ମାସର ଆରମ୍ଭରେ ସୂର୍ଯ୍ୟ ବିଷୁବରେଖା ଉପରେ ଥିବାରୁ କାର୍ତ୍ତିକ ସଂକ୍ରାନ୍ତିକୁ ଜଳ ବିଷୁବସଂକ୍ରାନ୍ତି ବୋଲାଯାଏ । ପୁଣି ଚୈତ୍ର ମାସ ଶେଷ ଓ ବୈଶାଖ ଆରମ୍ଭରେ ସୂର୍ଯ୍ୟ ବିଷୁବରେଖା ଉପରେ ଥିବାରୁ ବୈଶାଖ ସଂକ୍ରାନ୍ତିକୁ ମହାବିଷୁବ ସଂକ୍ରାନ୍ତି ବୋଲାଯାଏ ।

ହିନ୍ଦୁ ଜ୍ୟୋତିଷ ମତରେ ରବିଗ୍ରହଙ୍କର ପୁତ୍ର ଶନି ।

ଫଳିତଜ୍ୟୋତିଷ ମତରେ ରବିବାରରେ ଜନ୍ମ ହେବା ବ୍ୟକ୍ତି ଅତ୍ୟନ୍ତ ଧାର୍ମିକ, ତୀର୍ଥସେବୀ, ସନ୍ତୁଷ୍ଟ, ପ୍ରିୟମ୍ବଦ ଓ ସାମାନ୍ୟ ଧନରେ ଧନୀ ବୋଲି ଖ୍ୟାତିଲାଭ କରେ । ବ୍ୟକ୍ତିର ଜନ୍ମକାଳରେ ରବି ଯେଉଁ ରାଶିରେ ଉଦୟ ହୋଇଥାଆନ୍ତି ସେହି ରାଶି ଜାତକର 'ଲଗ୍ନ' ବୋଲି ଧରାଯାଏ । ଜାତକରେ ରବି ଶୁଭଗ୍ରହଯୁକ୍ତ ହୋଇ ଲଗ୍ନରେ ଥିଲେ ଉକ୍ତ ବ୍ୟକ୍ତି ଶୈଶବରେ ପୀଡ଼ିତ, ନେତ୍ରରୋଗୀ, ନୀଚ-ସେବାନୁରତ, ହୀନ, ବିକଳମୂର୍ତ୍ତି ଓ ପୁତ୍ରକଳତ୍ରହୀନ ହୁଏ । ରବି ଶୁଭଗ୍ରହଦୃଷ୍ଟ ହୋଇ ଲଗ୍ନର ଦ୍ୱିତୀୟ ବା ଧନ ସ୍ଥାନରେ ଥିଲେ ଉକ୍ତ ବ୍ୟକ୍ତି ସଂସାରତ୍ୟାଗୀ ଓ ଧନହୀନ ହୁଏ ।

ରବି ୩ୟ ବା ସୋଦର ସ୍ଥାନରେ ଥିଲେ ଉକ୍ତ ବ୍ୟକ୍ତି ଭ୍ରାତୃହନ୍ତା, ପୁତ୍ରକଳତ୍ରବାନ୍, ପ୍ରିୟଜନହିତକାରୀ, ସନ୍ତୁଷ୍ଟ ଓ ନାରୀପ୍ରିୟ ହୁଏ ।

ରବି ୪ର୍ଥ ବା ବନ୍ଧୁ ସ୍ଥାନରେ ଥିଲେ ବନ୍ଧୁନାଶ ଓ ସନ୍ତାପୀ । ରବି ୫ମ ବା ପୁତ୍ର ସ୍ଥାନରେ ଥିଲେ ପ୍ରଥମ ପୁତ୍ର ନଷ୍ଟ ହୁଏ ଓ ଧନହୀନତା ଘଟେ ।

ରବି ୬ଷ୍ଠ ବା ରିପୁ ସ୍ଥାନରେ ଥିଲେ ମନୁଷ୍ୟ ସୁଖୀ, ଶତ୍ରୁହନ୍ତା, ବିଖ୍ୟାତ ଓ ଧାର୍ମିକ ହୁଏ ।

ରବି ୭ମ ବା ଜାୟା ଗୃହରେ ଥିଲେ ଜାୟାନାଶ ଘଟେ ।

ରବି ୮ମ ବା ନିଧନ ସ୍ଥାନରେ ଥିଲେ ମନୁଷ୍ୟ ଅତିକ୍ରୋଧୀ, ଶତ୍ରୁଯୁକ୍ତ ଓ କଷ୍ଟମୃତ୍ୟୁ ହୁଏ ।

ରବି ୯ମ ବା ଧର୍ମ ସ୍ଥାନରେ ଥିଲେ ମନୁଷ୍ୟ ଭାଗ୍ୟହୀନ ଓ ରୋଗୀ ହୁଏ ।

ରବି ୧୦ମ ବା କର୍ମ ସ୍ଥାନରେ ଥିଲେ ମନୁଷ୍ୟ ନୃତ୍ୟ-ଗୀତାନୁରକ୍ତ, ସୁବୁଦ୍ଧିବାନ୍, ତେଜସ୍ୱୀ, କୁଳଶ୍ରେଷ୍ଠ, ଧନୀ ଓ ରାଜା ହୁଏ ।

ରବି ୧୧ଶ ବା ଆୟ ସ୍ଥାନରେ ଥିଲେ ମନୁଷ୍ୟ ବହୁଧନୀ, ରାଜା ବା ରାଜାନୁଗୃହୀତ ଓ ଗୃହମେଧୀ ହୁଏ ।

ରବି ୧୨ଶ ବା ବ୍ୟୟ ସ୍ଥାନରେ ଥିଲେ ନେତ୍ରହୀନ ବା ନେତ୍ରପୀଡ଼ା, ଜଡ଼ବୁଦ୍ଧି, ରୋଗୀ ଓ ଦୁଃଖୀ ।

ଏ ସମ୍ବନ୍ଧେ ନାନା ଗ୍ରନ୍ଥ ମଧ୍ୟ ନାନା ମତ ଓ ଫଳ ଲେଖି ଅଛନ୍ତି ।

ଜାତକରେ ରବିଗ୍ରହ କେନ୍ଦ୍ରସ୍ଥ (ଅର୍ଥାତ୍ ଲଗ୍ନର ୪ର୍ଥ)—ବନ୍ଧୁସ୍ଥାନ, ୭ମ—ଜାୟାସ୍ଥାନ, ୧୦ମ ବା କର୍ମ ସ୍ଥାନରେ ଥିଲେ ଉକ୍ତ ବ୍ୟକ୍ତି କ୍ରୂର, ହିଂସ୍ର, ମାତୃହୀନ ଓ ପାପୀ ହୁଏ ।

ଜାତକରେ ରବିଗ୍ରହ ତୁଙ୍ଗସ୍ଥ ହୋଇଥିଲେ (ମେଷ ରାଶି ରବିର ଉଚ୍ଚ ସ୍ଥାନ ଥିବାରୁ, ରବି ମେଷ ରାଶିରେ ଅବସ୍ଥାନ କରୁଥିଲେ) ମନୁଷ୍ୟ ଶାସ୍ତ୍ରଜ୍ଞ, ଧାର୍ମିକ, ଦାତା, ସୁଖୀ, ନୃପତୁଲ୍ୟ, ଲୋକପାଳକ ଓ ମଣ୍ଡଳେଶ୍ୱର ହୁଏ । ଜାତକରେ ଲଗ୍ନରେ ରବି ସଙ୍ଗେ ଏକ ବା ଏକାଧିକ ଅନ୍ୟଗ୍ରହଯୁକ୍ତ ଥିଲେ ଫଳିତ ଜ୍ୟୋତିଷମତରେ ଭିନ୍ନ ଭିନ୍ନ ଫଳଘଟିବା ଲେଖାଅଛି । କୌଣସି କୌଣସି ଯୋଗ ଶୁଭକର ଓ କେହି କେହି ଅଶୁଭକର (ଯଥା—ରବି ଓ ବୁଧ ଏକ ଗୃହରେ ଥିଲେ ଉକ୍ତ ବ୍ୟକ୍ତି ଯଶସ୍ୱୀ, ଉଦାର ଓ ବିଦ୍ୱାନ୍ ହୁଏ । ଏହାକୁ ରବିବୁଧ ଯୋଗ କହନ୍ତି ।)

ଜନ୍ମକାଳରେ ରବି ଯେଉଁ ନକ୍ଷତ୍ରରେ ଥାଆନ୍ତି ତହିଁରୁ ଆରମ୍ଭ କରି ଜାତକର ଚକ୍ର ଅଙ୍କିତ କରାଯାଏ । ଏହି ଚକ୍ରକୁ ଜାତଚକ୍ର ବା ଉମ୍ବୁଚକ୍ର ବୋଲାଯାଏ । ଉକ୍ତ ଚକ୍ରକୁ ଗୋଟିଏ ମନୁଷ୍ୟ ଆକାରରେ ଅଙ୍କିତ କରି ଉକ୍ତ ମନୁଷ୍ୟର ଭିନ୍ନ ଭିନ୍ନ ଅଙ୍ଗରେ ୨୭ଟି ନକ୍ଷତ୍ର ସ୍ଥାପନ କରି ତଦନୁସାରେ ମନୁଷ୍ୟର ପରମାୟୁ ଓ ଜୀବନର ଶୁଭାଶୁଭ ଫଳ ନିର୍ଣ୍ଣୟ କରାଯାଏ । ଜନ୍ମକାଳରେ ଚନ୍ଦ୍ରାଶ୍ରିତ ନକ୍ଷତ୍ର ଅନୁସାରେ ବ୍ୟକ୍ତିର ଜନ୍ମ ନକ୍ଷତ୍ର ନିର୍ଣ୍ଣିତ ହୁଏ । ଜନ୍ମକାଳରେ ଚନ୍ଦ୍ର ଯେଉଁ ରାଶିରେ ଅବସ୍ଥାନ କରୁଥାଆନ୍ତି ତାହାହିଁ ଜାତକର ଜନ୍ମରାଶି ଓ ସୂର୍ଯ୍ୟ ଯେଉଁ ରାଶିରେ ଉଦୟ ହୋଇ ଥାଆନ୍ତି ତାହାହିଁ ଜାତକର ଲଗ୍ନ ଅଟେ । ରବି ଦଶା, ରବି ଗୋଚର ଓ ରବି ଶବ୍ଦ ଆଦି ଯଥା ସ୍ଥାନରେ ଦ୍ରଷ୍ଟବ୍ୟ ।

ଜ୍ୟୋତିଷ ଗଣନା ମତରେ ପଞ୍ଚବର୍ଷ ପୃଥିବୀରେ (ରାହୁ ଓ କେତୁ ଛଡ଼ା) ଗୋଟିଏ ଲେଖାଏଁ ଗ୍ରହ ଗଣକ, ରାଜା, ମନ୍ତ୍ରୀ, ପୁରୋହିତ, ପରୀକ୍ଷା, କରଣ, ଡଗର, ଜ୍ୟୋତିଷ, ତାଡ଼ନୀୟ, ଅର୍ଥରକ୍ଷକ, ଅସ୍ତ୍ରାଗାରରକ୍ଷକ, ସଂଗ୍ରାମାଧିପ, ଶସ୍ୟାଧିପ, ଧାନ୍ୟାଧିପ, ଅର୍ଘାଧିପ, ମେଘାଧିପ, ରସାଧିପ, ନୀରସାଧିପ ଓ ପାଳକାଧିପ ହୁଅନ୍ତି ଓ ଭିନ୍ନ ଭିନ୍ନ ଗ୍ରହମାନେ ତତ୍ତତ୍ ସ୍ଥାନର ଅଧିପତି ହେଲେ ପୃଥିବୀରେ ଶୁଭାଶୁଭ ଫଳ ଘଟେ । ଉଦାହରଣସ୍ୱରୂପ—

ରବି ରାଜା ହେଲେ—ଦେଶରେ ଉପଦ୍ରବ, ମନ୍ଦବୃଷ୍ଟି, ବାତ ଓ ନେତ୍ରରୋଗ ଘଟେ ।

ରବି ମନ୍ତ୍ରୀ ହେଲେ—ମତ୍ସ୍ୟଦେଶରେ ଦୁର୍ଭିକ୍ଷ ଓ ମଗଧରେ ରାଜବିଦ୍ରୋହ ଘଟେ ।

ରବି ପୁରୋହିତ ହେଲେ—ଶସ୍ୟହାନି, ଅପଘାତ ଓ ଅମଙ୍ଗଳ ହୁଏ ।

ରବି ପରୀକ୍ଷା ହେଲେ—ପୂର୍ବଦେଶରେ ଦରିଦ୍ରତା, ବାତ-ବୃଷ୍ଟିଭୟ ଓ ଚୌରପୀଡ଼ା ହୁଏ ।

ରବି କରଣ ହେଲେ—ମନ୍ଦବୃଷ୍ଟି ଓ ଯୁଦ୍ଧଭୟ ।

ରବି ଡଗର ହେଲେ—ରାଜାଙ୍କର ଅସୁସ୍ଥତା, ଗୃହେ ଗୃହେ ଶସ୍ତ୍ରଘାତ ଓ ମନ୍ଦବୃଷ୍ଟି ।

ରବି ଜ୍ୟୋତିଷ ହେଲେ—ମନ୍ଦବୃଷ୍ଟି ଓ ନୃପମାନଙ୍କ ଉପରେ ଶସ୍ତ୍ରଘାତ ।

ରବି ତାଡ଼ନୀୟକ ହେଲେ—ପୃଥିବୀ ଜର୍ଜରିତା ଓ ଲୋକମାନେ ଦୁର୍ଭିକ୍ଷୀ ।

ପ୍ରାଚୀନ ସଭ୍ୟତାପନ୍ନ ଜାତିମାନେ ରବି ବା ସୂର୍ଯ୍ୟଙ୍କୁ ଦେବତାରୂପେ ପୂଜା କରୁଥିଲେ ଓ ହିନ୍ଦୁମାନଙ୍କର ବେଦ ସୂର୍ଯ୍ୟଙ୍କର ସ୍ତବରେ ପୂର୍ଣ୍ଣ ଓ ବେଦରେ ନାରାୟଣ ସବିତୃମଣ୍ଡଳ ମଧ୍ୟବର୍ତ୍ତୀ ବୋଲି କଳ୍ପିତ ହୋଇଅଛନ୍ତି । ସୂର୍ଯ୍ୟଙ୍କର ରଥ ଏକ ଚକ୍ର ବିଶିଷ୍ଟ ଓ ସପ୍ତାଶ୍ୱଯୋଜିତ ଥିବାର କଳ୍ପିତ ହୋଇ ଅଛି । ରବିଙ୍କ ପତ୍ନୀ ଛାୟା ଓ ସଂଜ୍ଞା; ପୁତ୍ର ଶନି, ସୁଗ୍ରୀବ, ଯମ, ସାବର୍ଣ୍ଣିମନୁ ଓ ବୈବସ୍ୱତମନୁ; କନ୍ୟା ଯମୁନା । ଏହାଙ୍କର ପ୍ରିୟଧାତୁ ତାମ୍ର ଓ ରତ୍ନ ମାଣିକ୍ୟ । ଏହାଙ୍କଠାରୁ ଭାରତର ସୂର୍ଯ୍ୟବଂଶୀୟ ରାଜାଙ୍କର ଉତ୍ପତ୍ତି ।

ରବିଙ୍କର ନାମାନ୍ତର ଯଥା—

ଅଂଶୁମାଳି, ଅଂଶୁମାନ୍, ଅରୁଣି, ଅର୍କ, ଅର୍ଯ୍ୟମା, ଅହସ୍କର, ଆଦିତ୍ୟ, ଉଷ୍ଣରଶ୍ମି, ଏକଚକ୍ରରଥ, କଳଙ୍ଗ, କଶ୍ୟପାତ୍ମଜ, କେଶରଶଯୁକଳ, ଖଗ, ଗଭସ୍ତିହସ୍ତ, ଗ୍ରହେଶ୍ୱର, ଚଣ୍ଡାଂଶୁ, ଚିତ୍ରଭାନୁ, ଛନ୍ଦୋଶ୍ୱ, ତପନ, ତମିସ୍ରହା, ତମୋଘ୍ନ, ତରଣି, ତାପନ, ତାର୍କ୍ଷ୍ୟବାହନ, ତୀବ୍ରାଂଶୁ, ତ୍ରିଲୋକେଶ, ଦକ୍ପତି, ଦିବାକର, ଦିବାନାଥ, ଦୁର୍ନିରୀକ୍ଷ, ଦୈତ୍ୟହା, ଦ୍ୟୁମଣି, ଦ୍ୱାଦଶାତ୍ମା, ଧର୍ମରଶ୍ମି, ଧର୍ମାଧର୍ମପ୍ରକାଶକ, ପଦ୍ମିନୀନାଥ, ପାପହର୍ତ୍ତା, ପୂଷା, ପ୍ରଭାକର, ବ୍ରଧ୍ନ, ଭୟନାଶନ, ଭାନୁ, ଭାନୁମାନ୍, ଭାସ୍କର, ଭାସ୍ୱାନ୍, ମନ୍ଦେହାରି, ମାର୍ତ୍ତଣ୍ଡ, ମିତ୍ର, ମିହିର, ରବି, ଲୋକଚକ୍ଷୁ, ଲୋକସାକ୍ଷୀ, ବିକର୍ତ୍ତନ, ବିବସ୍ୱାନ୍, ବିଭାବସୁ, ବିଶ୍ୱକର୍ତ୍ତା, ବିଶ୍ୱକର୍ମା, ବିଶ୍ୱରୂପ, ବୃଷାକପି, ବେଦବେଦ୍ୟ ଶାଶ୍ୱତ, ଶୁଚି, ଶ୍ରୀମାନ୍, ଲୋକ-

ଜଗ୍ଚକ୍ଷୁ, ସପ୍ତହୟ, ସପ୍ତାଶ୍ୱବାହନ, ସପ୍ତାଶ୍ୱ, ସହସ୍ରାଂଶୁ, ସହସ୍ରାର୍ଚ୍ଚିଃ ସୁମହା, ସୂର, ସୂର୍ଯ୍ୟ, ହଂସ, ହରି, ହରିଦଶ୍ୱ, ହେଳକ, ସ୍ୟୂନ, ସ୍ୟୋନ ।

ତୁଳନା କର ସଂ. ରେ ସ୍ୟୂନ, ସ୍ୟୋନ, ସୂର, ହେଳକା

ଇଂ. ରେ—Sun (ସନ୍)

ପ୍ରାଚୀନ ଇଂ. ରେ—Sunna (ସନ୍ନା) Sunne (ସନ୍ନେ)

ପ୍ରାଚୀନ ସାକ୍ସନରେ—Sunna (ସୁନ୍ନା)

ପ୍ରାଚୀନ ଜର୍ମାନ୍—Sunna (ସୁନ୍ନା)

ପ୍ରାଚୀନ ଗଥିକ୍—Sunna (ସୁନ୍ନା), Sunno (ସୁନ୍ନୋ)

ଜର୍ମାନ୍—Sunne (ସୁନ୍ନେ)

ଓଲନ୍ଦାଜ—Zon (ଜୋନ୍), sonne (ସୋନ୍ନେ)

ଲାଟିନ୍—Sol ସୋଲ୍ , Solis (ସୋଲିସ୍)

ଫ୍ରେଞ୍ଚ୍—Solei (ସୋଲେଇ)

ଲେଟ୍ଟ୍—Saule (ସଲ୍)

ଡାନସ୍—Soel (ସୋଏଲ୍) , Sol (ସୋଲ୍)

ଆଧୁନିକ ଗଥିକ୍—Sanil (ସାନିଲ୍)

ଗ୍ରୀକ୍—Helios (ହେଲିଓସ୍)

ଆଧୁନିକ ପାଶ୍ଚାତ୍ୟ ବିଜ୍ଞାନବେତ୍ତାମାନେ ଗବେଷଣାଦ୍ୱାରା ସ୍ଥିର କରି ଅଛନ୍ତି ଯେ ସୂର୍ଯ୍ୟ ଗୋଟିଏ ଘୂର୍ଣ୍ଣାୟମାନ ଅତି ଉଷ୍ଣ ଧାତୁଜାତ ବାଷ୍ପମଣ୍ଡଳ ଓ ତାହା ଘୂରିବାବେଳେ ତହିଁରୁ ଖଣ୍ଡଖଣ୍ଡ ଅଂଶ ଛିଣ୍ଡି ଯାଇ ଭିନ୍ନ ଭିନ୍ନ ଗ୍ରହର ସୃଷ୍ଟି ହୋଇଅଛି ଓ ସୂର୍ଯ୍ୟ ସୌର ଜଗତର ସମସ୍ତ ଗ୍ରହଙ୍କୁ ଆକର୍ଷଣ କରିବାରୁ ସମସ୍ତ ଗ୍ରହ ସୂର୍ଯ୍ୟଙ୍କ ଚାରିପାଖରେ ଘୂରୁ ଅଛନ୍ତି ।]

୨ । ଅର୍କବୃକ୍ଷ—2. A plant; Calotpiors Gigantea; the swallow-wort. ୩ । ନାୟକ—3. Hero of a drama or novel. ୪ । ରକ୍ତାଶୋକ ବୃକ୍ଷ—4. The Asoka tree (Janesia Asoka). ୫ । ନିଃଶ୍ୱାସ ବାୟୁ ଯିବା ଆସିବା କରିବା ଶରୀରର ଦକ୍ଷିଣ ନାଡ଼ୀ—5. Name of the right canal in the body for the passage of the vital air. ୬ । ରବିବାର—6. Sunday.

[ଦ୍ର—ରବି ଦଶଘଡ଼ି ସୋମ ଚଉଠା
ବାର ମଙ୍ଗଳ ପଣ୍ଡିତ ଷଠା
ଗୁରୁ ଚଉଦ ମନ୍ଦୀ ଆଠ
ଉଦୟ ଅସ୍ତ ଶନିର ପାଠ— ଡାକ ଋଷିବଚନ ।]

ରବିନ୍ ରବୀ ଦେ. ବି. ୧ । ରବିକବି; ତମ୍ବୂରଚୟିତା ଉତ୍କଳୀୟ କବିମୂର୍ଦ୍ଧନ୍ୟ ରାୟଗୁରୁ 1. Name of an Oriya classical poet.
୨ । ରବୀନ୍ଦ୍ରଆଦିଙ୍କର ଡାକ ନାମ—
2. Name for calling Rabindra etc.
ବୈଦେ· ବି—(ଆ.ରବି=ବସନ୍ତ ଋତୁ)—ରବି ଫସଲ (ଦେଖ)—Rabī phasala (See).

ରବି ଅନ୍ତର—ସଂ. ବି—(ଜ୍ୟୋତିଷ) ଜାତକର ଗଣନା ଅନୁସାରେ
Rabi antara ଅନ୍ୟାନ୍ୟ ଗ୍ରହମାନଙ୍କର ଏବଂ ରବିଙ୍କର ମହାଦଶା ପଡ଼ିବା ସମୟ ମଧ୍ୟରେ ରବିଙ୍କର ଯୋଗକାଳୀନ ଅନ୍ତର୍ଦ୍ଦଶା—Intervention of the planet Rabi while the other Mahādaśās are in operation in a person's life. [ଦ୍ର—ଅନ୍ତର୍ଦ୍ଦଶାର ଚକ୍ର=୧]

ର୧ର=ରବି ମହାଦଶା ମଧ୍ୟରେ ରବିଙ୍କର ଅନ୍ତର୍ଦ୍ଦଶାର କାଳ ୨୦ ଦିନ ମାତ୍ର ଏହି ଅନ୍ତର୍ଦ୍ଦଶା ଦୁଃଖପ୍ରଦ ।

ଚ୧ର=ଚନ୍ଦ୍ର ମହାଦଶା ମଧ୍ୟରେ ରବିଙ୍କର ଅନ୍ତର୍ଦ୍ଦଶା ୧୦ ମାସ, ଫଳ—ରାଜାନୁଗ୍ରହଲାଭ, ଧନଲାଭ ଓ ସୁଖ ଲାଭ ।

ମ୧ର=ମଙ୍ଗଳ ମହାଦଶା ମଧ୍ୟରେ ରବିଙ୍କ ଅନ୍ତର୍ଦ୍ଦଶା ୫ ମାସ ୧୦ ଦିନ; ଫଳ—ଅର୍ଥଲାଭ, ରାଜସମ୍ମାନ, ସ୍ତ୍ରୀଲାଭ ଓ ପଦବୃଦ୍ଧି ।

ବୁ୧ର=ବୁଧ ମହାଦଶାରେ ରବିଙ୍କ ଅନ୍ତର୍ଦ୍ଦଶା ୧୧ ମାସ୧୦ ଦିନ; ଫଳ—ପରଧନଲାଭ, ଯଶୋଲାଭ, ଶ୍ରୀଲାଭ ଓ ବାହନଲାଭ ।

ଶ୧ର=ଶନି ମହାଦଶାରେ ରବି ଅନ୍ତର୍ଦ୍ଦଶା ୬ମାସ ୨୦ ଦିନ; ଫଳ- ଧନପୁତ୍ରବଳନାଶ, ଦୁଃଖବୃଦ୍ଧି ଓ ଜୀବନନାଶ ।

ବୃ୧ର=ବୃହସ୍ପତି ମହାଦଶାରେ ରବି ଅନ୍ତର୍ଦ୍ଦଶା ୧ବର୍ଷ ୨୦ ଦିନ; ଫଳ—ମିତ୍ରଲାଭ, ଧନାଗମ, ସ୍ତ୍ରୀଲାଭ ଓ ରାଜସମ୍ମାନ ଲାଭ (ମତାନ୍ତରରେ ଶତ୍ରୁପୀଡ଼ା ଚୋରଭୟ ଓ ରୋଗ ।

ରା୧ର } କେ୧ର } —ରାହୁ ବା କେତୁ ମହାଦଶାରେ ରବି ଅନ୍ତର୍ଦ୍ଦଶା ୮ମାସ; ଫଳ—ଶତ୍ରୁଭୟ, ରୋଗ, ଅର୍ଥନାଶ ।

ଶୁ୧ର=ଶୁକ୍ର ମହାଦଶାରେ ରବି ଅନ୍ତର୍ଦ୍ଦଶା ୧ବର୍ଷ ୨ମାସ; ଫଳ—ଚକ୍ଷୁରୋଗ, ବନ୍ଧନ, ମହାଭୟ ଓ ଅମଙ୍ଗଳ ।]

ରବିଅଲ୍ ଅଓ୍ୱଲ୍—ବୈଦେ. ବି (ଫା)—ମୁସଲମାନମାନଙ୍କର
Rabial aowal ମହରମ ମାସର ପରବର୍ତ୍ତୀ ୨ୟ ମାସ;
রবিঅল অওঅল ସଫରର ପରବର୍ତ୍ତୀ ଓ ରବିଅସ୍ ସାନିର
रबीअल औवल ପୂର୍ବବର୍ତ୍ତୀ ମାସ—Name of a Mahomedan month. [ଦ୍ର—ଏ ମାସ ୩୦ ଦିନ ।]

ରବି ଅସ୍ସାନି—ବୈଦେ· ବି. (ଫା)—ରବିଅଲ୍ ଅଓ୍ୱଲ୍ ମାସର ପରବର୍ତ୍ତୀ
Rasi as-sāni ଓ ଜମାଦିଅଲ୍ ଅଓ୍ୱଲ୍ ମାସର ପୂର୍ବବର୍ତ୍ତୀ ମୁସଲମାନ୍
রবিঅসসানী ମାସ—Name of a Mahomedan month.
रबिअससानी [ଦ୍ର—ଏ ମାସ ୨୯ ଦିନ ।]

ରବି(ବି)ଆ(ୟା)—ପ୍ରାଦେ (ସମ୍ବଲପୁର) ବି—ହଇଜା; ଝାଡ଼ାବାନ୍ତି—
Rabi(ba)ā(yā) Cholera.

ରବି କବି—ଦେ. ବି (ରାଜଦତ୍ତ କବିସୂର୍ଯ୍ୟ ଉପାଧିର ଅକାରାନ୍ତର)—
Rabi kabi ୧ । କଶୋରଚନ୍ଦ୍ରାନନ ଚମ୍ପୂ ଆଦି ସଙ୍ଗୀତର

ରଚୟିତା କବିସୂର୍ଯ୍ୟ ବଳଦେବ ରଥ—1. Poet Baḷadeba Ratha the author of Kiśora Chandrānanda Champū. [ଦ୍ର—କବିସୂର୍ଯ୍ୟ ଉଳେ ଟୋଟ୍ ଦେଖ ।] ୨ । କବିସୂର୍ଯ୍ୟ ଉପାଧିଧାରୀ ସଦାନନ୍ଦ ବ୍ରହ୍ମା ନାମକ ଜଣେ ଭକ୍ତିଗ୍ରନ୍ଥ ରଚୟିତା କବି—2. Sadānanda Brahmā, the author of a religious book, who had got the title of Kabisūrjya. [ଦ୍ର—ଓଡ଼ିଶାର ନୂଆଗଡ଼ ଗଡ଼ଜାତର (ଖ୍ରୀ୧୭୩୭—୧୭୨୩) ଅଧିବାସୀ ଥିଲେ । ପୁଷ୍ପ ରାଜା ବୀରକିଶୋର ଦେବ ତାଙ୍କୁ କବିସୂର୍ଯ୍ୟ ଉପାଧି ଦେଇଥିଲେ ଓ ସେ ଅନେକ ଭକ୍ତିଗ୍ରନ୍ଥ ଗୀତରେ ରଚନା କରିପାରି ଅଛନ୍ତି ।

ରବି କର—ସଂ. ବି (ଷଷ୍ଠୀ ତତ୍)—ସୂର୍ଯ୍ୟକିରଣ—
Rabi kara Sun's rays.

ରବି କାନ୍ତ—ସଂ.ବି.(ରବି=ସୂର୍ଯ୍ୟ+କାନ୍ତ=କାନ୍ତିଯୁକ୍ତ; ଜମ୍ମା ରବି ଅଟେ
Rabi kānta କାନ୍ତ=ପ୍ରିୟ ଯାହାର; ବହୁବ୍ରୀହି ।)—
ସୂର୍ଯ୍ୟକାନ୍ତ ମଣି; ଏକ ପ୍ରକାର ମଣି—The sunstone; a sort of crystal stone; a precious stone, said to concentrate the sun's rays into burning heat. [ଦ୍ର—ଏହାକୁ ସୂର୍ଯ୍ୟ କିରଣରେ ଦେଖାଇଲେ ତଳେ ନିଆଁ ପଡ଼େ ।]

ରବିକାଷ୍ଠା ପ୍ରଦେଶ—ସଂ. ବି. (ଅଧୁନିକ)—ପୃଥିବୀର ବିଷୁବ ରେଖାର
Rabikāshṭhā pradeśa ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ବିସ୍ତୃତ ଗ୍ରୀଷ୍ମ କଟିବନ୍ଧସ୍ଥ ସ୍ଥାନ—The tropics; tropical countries (between the Tropics of Cancer and Capricorn lying on both sides of the equator.)

ରବି ଖନ୍ଦ—ଦେ. ବି. (ଅ: ରବୀ=ବସନ୍ତ କାଳ; ବସନ୍ତକାଳର ଫସଲ,
Rabi khanda ଜମ୍ମା ସଂ. ରବି; କାରଣ. ରବିକିରଣ
রবি ফসল ସାହାଯ୍ୟରେ ଏ ଫସଲ ହୁଏ)—ଧାନ
রবি ফসল ଫସଲ ପରେ ଶୀତ ଓ ଖରା ଦିନେ ଅଥାତ୍ ବର୍ଷାଋତୁ
ରବି ଫସଲ } —ଅନ୍ୟରୂପ] ପରେ ହେବା ଫସଲ —Cold season
ରବି ଶସ୍ୟ } crops; the cereals. (ଯଥା—ବିରି, ଗହମ, ଯବ, ଚଣା, ମୁଗ,କୋଳଥ, ରାଶି, ବରଗୁଡ଼ି, ହରଡ଼ ।)

ରବି ଗୋଚର—ସଂ. ବି. (ଜ୍ୟୋତିଷ)—ମନୁଷ୍ୟର ଲଗ୍ନଠାରୁ ୧୨
Rabi gochara ଘର ପର୍ଯ୍ୟନ୍ତ ରାଶିରେ ରବିଗ୍ରହର ଅବସ୍ଥାନ କରୁଥିବା ଅବସ୍ଥା (ରବି ପ୍ରତ୍ୟେକ ରାଶିରେ ୧ ମାସ ଅବସ୍ଥାନ କରନ୍ତି)—The state of the sun's position from one's natal sign. [ଦ୍ର—ଏଥିର ଫଳ; ୩ୟ, ୬ଷ୍ଠ, ୧୦ମ ଓ ୧୧ଶ ଶୁଭକର; ଅନ୍ୟାନ୍ୟ ଅଶୁଭ । ରବି ଜନ୍ମରାଶିରେ ଥିଲେ ସ୍ଥାନ ନାଶ, ୨ୟରେ ଭୟ, ୩ୟରେ ମଙ୍ଗଳ ବା ଶୁଭ, ୪ର୍ଥରେ ମାନହାନି, ୫ମରେ ଦୀନତା, ୬ଷ୍ଠରେ ଶତ୍ରୁନାଶ, ୭ମରେ ଅର୍ଥହାନି, ୮ମରେ ପୀଡ଼ା, ୯ମରେ କାନ୍ତିକ୍ଷୟ, ୧୦ମରେ କାମବୃଦ୍ଧି, ୧୧ଶରେ ସମ୍ପତ୍ତି ବୃଦ୍ଧି ଓ ୧୨ଶରେ ଧନନାଶ ଓ ମହା ବିପଦ ଉପସ୍ଥିତ ହୁଏ । ରବିବାର ଦିନ ମନୁଷ୍ୟର ଜନ୍ମ ନକ୍ଷତ୍ର ପଡ଼ିଲେ ଭ୍ରମଣ ଘଟେ । ରବିଗ୍ରହ ରାଶିପ୍ରବେଶ କାଳରେ ଗୋଚର ଫଳ ଦିଅନ୍ତି ।]

ରବି ଗ୍ରହ—ସଂ.ବି.—ସୌର ଜଗତର ପ୍ରଧାନ ଗ୍ରହ—The sun; the
Rabi graha central planet of the solar
(ରବି ମହାଗ୍ରହ—ଅନ୍ୟରୂପ) system.

ରବି ଚକ୍ର—ସଂ.ବି. (ଜ୍ୟୋତିଷ)—ଜାତଚକ୍ର; ଜନ୍ମଚକ୍ର; ଜାତକରେ
Rabi chakra ସୌର ଗ୍ରହର ଫଳ ଗଣନାର୍ଥ ମନୁଷ୍ୟାକାରରେ ଅଙ୍କିତ ଚକ୍ର—An astrological circle drawn in the shape of a human figure from a person's horoscope. [ଦ୍ର— ମନୁଷ୍ୟର ଜନ୍ମ କାଳରେ ରବିଗ୍ରହ ଯେଉଁ ନକ୍ଷତ୍ରରେ ଥାଆନ୍ତି ସେହି ନକ୍ଷତ୍ରରୁ ଆରମ୍ଭ କରି ଯଥାକ୍ରମେ ୨୭ଟି ନକ୍ଷତ୍ରକୁ ଉକ୍ତ ମନୁଷ୍ୟର ଦେହର ଭିନ୍ନ ଭିନ୍ନ ସ୍ଥାନରେ ନିବେଶିତ କରି ମନୁଷ୍ୟ ଜୀବନର ଶୁଭାଶୁଭ ନିର୍ଣ୍ଣୟ କରାଯାଏ ।

ଜାତକରେ ଜନ୍ମକାଳୀନ ରବିଭୋଗ୍ୟ ନକ୍ଷତ୍ରଠାରୁ ଆରମ୍ଭ କରି ଉକ୍ତ ଚକ୍ରର ନିମ୍ନଲିଖିତ ସ୍ଥାନମାନଙ୍କରେ ନକ୍ଷତ୍ରମାନଙ୍କୁ ଯଥାକ୍ରମେ ନିମ୍ନଲିଖିତ ମତେ ସ୍ଥାପନ କରାଯାଏ ଓ ତଦନୁସାରେ ବ୍ୟକ୍ତିର ଶୁଭାଶୁଭ ସ୍ଥିର କରାଯାଏ । ଯଥା—

ମସ୍ତକରେ ୩—ଫଳ—ରାଜପୂଜ୍ୟ, ସୁଖୀ
ମୁଖରେ ୩—ମିଷ୍ଟାନ୍ନଭୋଜୀ, ବାକ୍‌ପଟୁ
ବାମସ୍କନ୍ଧରେ ୧ } —ଧନପତି
ଦକ୍ଷିଣସ୍କନ୍ଧରେ ୧ }
ବାମବାହୁ ୧ } —ସ୍ଥାନଭ୍ରଷ୍ଟ
ଦକ୍ଷିଣବାହୁ ୧ }
ବାମହସ୍ତ ୧ } —ଚୋର
ଦକ୍ଷିଣହସ୍ତ ୧ }
ହୃଦୟରେ ୫—ରାଜା, ଧନୀ
ନାଭି ୧—ଅଳ୍ପରେ ସନ୍ତୁଷ୍ଟ
ଗୁହ୍ୟ ୧—ପରଦାରାନୁରକ୍ତ
ବାମଜାନୁ ୧ } —ବିଦେଶଗାମୀ
ଦକ୍ଷିଣଜାନୁ ୧ }
ବାମପାଦ ୩ } —ଅଳ୍ପାୟୁ
ଦକ୍ଷିଣପାଦ ୩ }
ମୋଟ ୨୭ ନକ୍ଷତ୍ର ।]

୨ । (ଜ୍ୟୋତିଷ)—ସଂକ୍ରାନ୍ତି ସମ୍ବନ୍ଧୀୟ ଗଣନା ଅନୁସାରେ କଳ୍ପିତ ନରରୂପ; ସଂକ୍ରାନ୍ତି ପୁରୁଷଚକ୍ର; ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଯେଉଁ ନକ୍ଷତ୍ରରେ ଚଳ ଥାଆନ୍ତି ସେହି ନକ୍ଷତ୍ରରୁ ଆରମ୍ଭ କରି ଭିନ୍ନ ଭିନ୍ନ ସଂକ୍ରାନ୍ତି ଚଳନ ଅନୁସାରେ ଶାସ୍ତ୍ରଲିଖିତ ଭିନ୍ନ ଭିନ୍ନ କ୍ରମରେ ପୁରୁଷ ଚିତ୍ରରେ ନକ୍ଷତ୍ରମାନ ସ୍ଥାପନ କରି ଆଗାମୀମାସରେ ଉକ୍ତ ନକ୍ଷତ୍ରଜାତ ବ୍ୟକ୍ତିମାନଙ୍କର ଶୁଭାଶୁଭ ଫଳ ନିର୍ଣ୍ଣାୟକ ଚକ୍ର—(astrology) The figure of a man on which are noted the

27 lunar mansions in different orders from which the future of a person for the following month can be deduced. [ଦ୍ର—ଗୋଟିଏ ଉଦାହରଣ—

ମୂର୍ଦ୍ଧାରେ	୨ଟି	ନକ୍ଷତ୍ର—	ଫଳ ରାଜପୂଜା
ମୁଖରେ	୪	,, ,,	ବିଦ୍ୟାଲାଭ, ପଟୁତା
ହୃଦୟରେ	୫	,, ,,	ଧନଲାଭ ଓ ସମ୍ପଦ
ଦକ୍ଷିଣ ହସ୍ତରେ	୪	,, ,,	ଅର୍ଥପ୍ରାପ୍ତି, ଭୂଷାଲାଭ
ବାମହସ୍ତରେ	୪	,, ,,	ଦୁଃଖ, ପ୍ରବାସ
ଦକ୍ଷିଣପାଦରେ	୪	,, ,,	ସୁଖ
ବାମପାଦରେ	୪	,, ,,	ଭ୍ରମଣ ।

କୌଣସି କୌଣସି ସଂକ୍ରାନ୍ତିରେ ନେତ୍ର ଓ ଗୁହ୍ୟରେ ମଧ୍ୟ ନକ୍ଷତ୍ରମାନ ସନ୍ନିବେଶିତ ହୁଏ ।]

ରବିଜ – ସଂ. ବି. ପୁଂ (ରବି ବା ସୂର୍ଯ୍ୟଙ୍କଠାରୁ ଜାତ)—୧ । ସୂର୍ଯ୍ୟଙ୍କ
Rabija ପୁତ୍ର—1. A son of the Sun-god. ୨ । ଯମ – 2. The God of death. ୩ । ଶନିଗ୍ରହ—3. Saturn (planet). ୪ । ସୁଗ୍ରୀବ – 4. The famous monkey-ally of Rāmachandra. ୫ । ସାବର୍ଣ୍ଣିମନୁ—5. The name of a progenitor of mankind. ୬ । ବୈବସ୍ୱତମନୁ —6. The name of another progenitor of mankind.

ରବିତନୟ, ରବିନନ୍ଦନ, ରବିସୁତ, ରବିସୂନୁ } ଅନ୍ୟରୂପ
(ରବିଜା—ସ୍ତ୍ରୀ)

ରବିଜା—ସଂ. ବି. ସ୍ତ୍ରୀ– ଯମୁନା ନଦୀ – The river Jamunā
Rabijā said to have its descent from the Sun-god.

(ରବିତନୟା, ରବିନନ୍ଦନୀ, ରବିସୁତା—ଅନ୍ୟରୂପ)

ରବି ଠାକୁର୍ – ଦେ. ବି – ରବୀନ୍ଦ୍ରନାଥ (ଦେଖ)
Rabi ṭhākur Rabīndranātha (See)
ରবিঠাকুর रबिठाकुर

ରବି ତଳ—ସଂ. ବି (୬ଷ୍ଠୀ ତତ୍)—ପୃଥିବୀ—The earth. [ଉ
Rabi taḷa —ଅରେ ଦୁଷ୍ଟ, କେ ରକ୍ଷିବ ତୋତେ ରବି ତଳେ । ରାଧାନାଥ. ବେଣୀସଂହାର ।]

ରବି ଦଶା—ସଂ. ବି [ଜ୍ୟୋତିଷ]—ଉତ୍କଳ ଦେଶ ପ୍ରଚଳିତ କେରଳୀୟ
Rabi daśā ୯ ଗୋଟି ଦଶା ଗଣନା ଅନୁସାରେ ରବିଗ୍ରହଙ୍କ
[ରବିମହାଦଶା—ଅନ୍ୟରୂପ] ଭୋଗ; ଜାତକର ଗଣନା ଅନୁସାରେ ମନୁଷ୍ୟର ପରମାୟୁ କାଳରେ ଘଟିବା ରବିଗ୍ରହର ରାଜତ୍ୱକାଳ — (astrology) A period of 6 years which comes in a person's life of 120 years, calculated according to the Keraḷa school of astrology prevalent in Orissa. [ଦ୍ର—'ରବି ଶଶି ଭୂଜରାହୁ ଜୀବମନ୍ଦଜ୍ଞ କେତୁ ଭୃଗବୋ ରବି ନବାନାଂ କୃତ୍ତିକାଦି କ୍ରମେଣ' ଏହି ବଚନ ଅନୁସାରେ କୃତ୍ତିକା ନକ୍ଷତ୍ରଠାରୁ ଆରମ୍ଭ କରି ୩ଥର ଆବର୍ତ୍ତନ କରି ଗଣନା କଲେ ୨୭ ନକ୍ଷତ୍ରରେ ୯ ଗୋଟି ଦଶା ନିମ୍ନଲିଖିତ ରୂପେ ଗଣନା କରାଯାଏ ।

ରବି ଦଶା	୬ ବର୍ଷ
ଚନ୍ଦ୍ର ଦଶା	୧୦ ବର୍ଷ
ମଙ୍ଗଳ ଦଶା	୭ ବର୍ଷ
ରାହୁ ଦଶା	୧୮ ବର୍ଷ
ବୃହସ୍ପତି ଦଶା	୧୬ ବର୍ଷ
ଶନି ଦଶା	୧୯ ବର୍ଷ
ବୁଧ ଦଶା	୧୭ ବର୍ଷ
କେତୁ ଦଶା	୭ ବର୍ଷ
ଶୁକ୍ର ଦଶା	୨୦ ବର୍ଷ
	୧୨୦ ବର୍ଷ

ବୃହଜ୍ଜାତକ ଗ୍ରନ୍ଥମତରେ ରବି ଦଶାରେ ମନୁଷ୍ୟ ନଖ, ବନ୍ତ୍ର, ଚର୍ମ, ସୁବର୍ଣ୍ଣ, କ୍ରୂରକର୍ମ, ପଥ ଓ ଭୂପତି ପଣ୍ଡିତଙ୍କ ଦ୍ୱାରା ଧନଲାଭ କରେ ଓ ତାହାର ତୀକ୍ଷ୍ଣତା, ଧୈର୍ଯ୍ୟ, ଉଦ୍ୟମ, କୀର୍ତ୍ତି ଓ ପ୍ରତାପ ବୃଦ୍ଧି ହୁଏ; ବନ୍ଧୁ ପୁତ୍ର, କଳତ୍ର, ଧନ, ଅରି, ଅସ୍ତ୍ର, ଅନଳ ଓ ଭୂପାଳଙ୍କ ଦ୍ୱାରା ଆପଦ୍‌ଗ୍ରସ୍ତ ହୁଏ ଏବଂ ପାପକାର୍ଯ୍ୟରେ ଆସକ୍ତି, ଭୃତ୍ୟସଙ୍ଗେ କଳହ, ହୃଦୟରେ ଓ ଅଙ୍ଗରେ ରୋଗ ହୁଏ । ସ୍ଥୂଳତଃ ରବିଦଶା ଅଶୁଭକର ଅଟେ ।

ରଃର (ରବି ଦଶାରେ ରବି ଅନ୍ତର)

ଅଶୁଭଫଳ—ପୀଡ଼ା, ହାନି, ଭୋଗକାଳ ୩ମାସ ୧୮ଦିନ ।

ରଃଚ—ଶୁଭ, ଶତ୍ରୁଜୟ, ଧନଲାଭ, ରୋଗଶାନ୍ତି	,,	୬ ମାସ
ରଃମ—ଶୁଭ, ଧନଲାଭ, ଜୟଲାଭ	,,	ମା୪।୨ ଦିନ
ରଃରା—ଅଶୁଭ, ପୀଡ଼ା, ହାନି	,,	ମା୧୦।୨୩ଦିନ
ରଃବୃ—ଲକ୍ଷ୍ମୀବୃଦ୍ଧି, ଧର୍ମବୃଦ୍ଧି, ପୁତ୍ରଲାଭ	,,	ମା୯।୧୪ ଦିନ
ରଃଶ—ଅଶୁଭ, ଅର୍ଥହାନି, ପରାଜୟ, କାର୍ଯ୍ୟହାନି	,,	ମା୧୧।୧୨ଦିନ
ରଃବୁ—ଅଶୁଭ, ପୀଡ଼ା, ଧନହାନି	,,	ମା୧୦।୬ ଦିନ
ରଃକେ—ଅଶୁଭ, ଦେଶତ୍ୟାଗ, ବନ୍ଧୁନାଶ, ଧନକ୍ଷୟ, ପଦଚ୍ୟୁତି, ବ୍ୟାଧି	,,	ମା୪।୬ ଦିନ
ରଃଶୁ—ଶୁଭ; ଧନପ୍ରାପ୍ତି, ରୋଗଶଙ୍କା	,,	ବ ୧।୦।୦
ମୋଟ		୬ ବର୍ଷ

ମତାନ୍ତରେ

ରଃର	୪ ମାସ
ରଃଚ	୧୦ ମାସ
ରଃମ	ମା ୫।୧୦ ଦିନ
ରଃବୃ	ମା ୧୧।୧୦ ଦିନ
ରଃଶ	ମା ୭।୨୦ ଦିନ
ରଃବୁ	ବ ୧।୦।୨୦ ଦିନ
ରଃରା ଓ କେ	୮ ମାସ
ରଃଶୁ	୧।୨ ମାସ
ମୋଟ	୬ ବର୍ଷ]

ଏହି ଅନ୍ତର୍ଦଶାମାନଙ୍କରେ ମଧ୍ୟ ପୁଣି ଗ୍ରହମାନଙ୍କର ପ୍ରତ୍ୟନ୍ତର୍ଦଶାଭୋଗର ଭଲ ମନ୍ଦ ଫଳ ଅଛି ।
ମନୁଷ୍ୟ କୃତ୍ତିକା, ରୋହିଣୀ ଓ ମୃଗଶିରା ନକ୍ଷତ୍ରରେ ଜନ୍ମଲାଭ କଲେ ମନୁଷ୍ୟର ରବିଦଶାରେ ଜନ୍ମ ହୋଇଅଛି ବୋଲି ଜାଣିବାକୁ ହେବ ।]

ରବି ନାଥ — ସଂ. (ରବି ଅଟେ ନାଥ ଯାହାର; ବହୁବ୍ରୀହି)—୧ । ପଦ୍ମ—
Rabi nātha 1. Lotus. ୨ । ବନ୍ଧୁକ ଫୁଲ (ଦେଖ) 2 Bandhuka phula (See)

ରବିନାରାୟଣ ବ୍ରତ — ସଂ. ବି — ରବିବାର ଦିନ ଏକାଦଶୀ ହେଲେ ସୂର୍ଯ୍ୟଙ୍କୁ ଓ ବିଷ୍ଣୁଙ୍କୁ ପୂଜା କରାଯିବା ବ୍ରତ—
Rabinārāyaṇa brata A religious ceremony observed if the 11th day of the lunar month falls on a Sunday.

ରବି(ବି)ନ୍ଦ — ସଂ. ବି (ରବିଂ = ରବିଙ୍କୁ + ଦା ଧାତୁ = ଦାନକରିବା + ଅ)
Rabi(bi)nda ପଦ୍ମ—Lotus.

ରବିପତ୍ର — ସଂ. ବି — ନାଲି ଅରଖ ଗଛ—The swallow-wort
Rabipatrā (red species)

ରବି ପ୍ରତ୍ୟନ୍ତର — ସଂ. ବି (ଜ୍ୟୋତିଷ) ରବି ଓ ଅନ୍ୟ ମହାଗ୍ରହମାନଙ୍କ ମହାଦଶାମଧ୍ୟସ୍ଥ ଅନ୍ତର୍ଦଶାମାନଙ୍କରେ
Rabi pratyantara (ରବିପ୍ରତ୍ୟନ୍ତର୍ଦଶା—ଅନ୍ୟରୂପ) ରବିର ପ୍ରତ୍ୟନ୍ତରଦଶାଭୋଗକାଳ — (astrology) The time in which the planet Sun is within the Antara daśā of other planets. [ଦ୍ର—ବିଂଶୋତ୍ତରୀ ଗଣନାମତେ ମନୁଷ୍ୟର ୧୨୦ ବର୍ଷ ପରମାୟୁ ମଧ୍ୟରେ ୯ ଗ୍ରହଙ୍କ ଦଶାରେ ପ୍ରତ୍ୟେକଙ୍କର ୯ଟି ଲେଖାଏଁ ଅନ୍ତର୍ଦଶା ପଡ଼େ ଓ ଏହି ୮୧ଟି ଅନ୍ତର୍ଦଶାରୁ ପ୍ରତ୍ୟେକ ଅନ୍ତର୍ଦଶାରେ ପୁଣି ୯ଟି ଗ୍ରହଙ୍କ ପ୍ରତ୍ୟନ୍ତର ଦଶା ପଡ଼େ । ଏହି ୭୨୯ ପ୍ରତ୍ୟନ୍ତରଦଶା ମଧ୍ୟରୁ ରବିପ୍ରତ୍ୟନ୍ତର ଦଶା ୮୧ଟି ଓ ଅନ୍ୟ ଗ୍ରହମାନଙ୍କର ପ୍ରତ୍ୟେକଙ୍କର ୮୧ଟି ଲେଖାଏଁ ପ୍ରତ୍ୟନ୍ତରଦଶା । ଏଥିର ଭଲ ମନ୍ଦ ଫଳ ଅଛି ।]

ରବି ପ୍ରିୟ — ସଂ. ବି. (୨ୟା ତତ୍) — ୧ । ରକ୍ତ କମଳ—
Rabi priya 1. The red lotus; Nymphea Rubra. ୨ । ତାମ୍ର—2. Copper. ୩ । ମାଣିକ୍ୟ; ପଦ୍ମରାଗମଣି—3. Ruby. ୪ । ରକ୍ତକରବୀର—4. The red oleander; the rosebay flower. ୫ । ନାଲି ଅରଖ ଗଛ—5. The red swallow wort. ୬ । ଲକୁଚ; ଜେଉଟ ଫଳ—6. Artocarpus Locucha.

ରବିପ୍ରୀତା — ସଂ. ବି — ସୂର୍ଯ୍ୟମୁଖୀ ଗଛ ଓ ଫୁଲ—The sun
Rabipritā flower; Helianthus Annunus.
(ଅନ୍ୟ ସଂ. ସୁବର୍ଚ୍ଚଳା, ସୂର୍ଯ୍ୟଭକ୍ତା, ବରଦା, ବଦରା, ସୂର୍ଯ୍ୟାବର୍ତ୍ତ ।)

ରବି ଫସଲ — ବୈଦେ. ବି (ଆ. ରବି = ବସନ୍ତଋତୁ: ବସନ୍ତଋତୁରେ
Rabi phasala ଅମଳ ହେବା + ଫସଲ) — ଯବ, ହରଡ଼, ମୁଗ, ରବୀ, ରବି ଫସଲ रबि, रबि फसल ଗହମ, ଚଣା, ମଟର ଆଦି (ଯେଉଁ ଫସଲ ବସନ୍ତ ଓ ଶୀତ ସମୟରେ ଅମଳ ହୁଏ)– Cereals harvested in spring and winter.

ରବି ବର୍ମା — ଦେ. ବି (ନାମ)—ଦକ୍ଷିଣ ଭାରତର ତ୍ରିବାଙ୍କୁଡ଼ର ପୃଥିବୀ
Rabi barmā ପ୍ରସିଦ୍ଧ ସ୍ୱର୍ଗୀୟ ଚିତ୍ରକର—Name of a famous Indian painter of the present and last century. [ଦ୍ର—ଜନ୍ମ ଖ୍ରୀ୧୮୪୮ । ଏହାଙ୍କର ୩ ଭାଇ ଓ ଏକ ଭଉଣୀ । ଏମାନେ ସମସ୍ତେ ଶିଳ୍ପୀ । ଏହାଙ୍କର ମାତା ଜଣେ ଯଶସ୍ୱିନୀ କବି ଥିଲେ । ଏ ୧୩ ବର୍ଷରୁ ଚିତ୍ରବିଦ୍ୟାପ୍ରତି ଅନୁରାଗୀ ଥିଲେ । ଏ ତ୍ରିବାଙ୍କୁଡ଼ ମହାରାଜାଙ୍କ ଭଉଣୀପତି । ଏ ଅତି ସୁନ୍ଦର ତୈଳଚିତ୍ରମାନ, ଦେବଦେବୀଙ୍କ ଚିତ୍ର ଓ ସଂସ୍କୃତ ନାଟକ ଓ ପୁରାଣାଦିବର୍ଣ୍ଣିତ ଚରିତ୍ରମାନଙ୍କ ଚିତ୍ର ଅଙ୍କନରେ ପଟୁତା ଦେଖାଇ ଭାରତବର୍ଷରେ, ଲଣ୍ଡନରେ ଓ ଆମେରିକାରେ ପ୍ରସିଦ୍ଧିଲାଭ କରିଅଛନ୍ତି ।]

ରବି ବାର — ସଂ. ବି — ସପ୍ତାହର ଗୋଟିଏ ବାର—Sunday; one
Rabibāra of the seven days of the week.
इतार रविवार [ଦ୍ର—ଖ୍ରୀଷ୍ଟିୟାନ୍‌ମାନଙ୍କ ଧର୍ମଶାସ୍ତ୍ର ଅନୁସାରେ (ରବିବାସର—ଅନ୍ୟରୂପ) ଈଶ୍ୱର ଛଅ ଦିନକାଳ ପୃଥିବୀର ସୃଷ୍ଟିକ୍ରିୟାରେ ଲାଗି ରବିବାର ଦିନ ବିଶ୍ରାମ ନେଇଥିଲେ ଓ ଖ୍ରୀଷ୍ଟିୟାନ୍‌ମାନଙ୍କର ମଧ୍ୟ ଏହା ବିଶ୍ରାମ ବାସର (Sabbath) ଅଟେ ।
ହିନ୍ଦୁ ଜ୍ୟୋତିଷ ମତରେ—
ରବିବାରରେ ସ୍ତ୍ରୀ ପ୍ରଥମେ ରଜସ୍ୱଳା ହେଲେ ବିଧବା ହୁଏ । ରବିବାରରେ ଜ୍ୱର ଆକ୍ରମଣ କଲେ ୭ ଦିନ କଷ୍ଟଭୋଗ କରାଏ । ରବିବାରରେ କେତେକ ଶୁଭ କର୍ମ ନିଷିଦ୍ଧ । ରବିବାର ଦିନ ଏକାଦଶୀ ପଡ଼ିଲେ ରବିନାରାୟଣବ୍ରତ ହୁଏ ।]

ରବିବୁଧା ଯୋଗ — ଦେ. ବି. (ସଂ. ରବିବୁଧ)—ଜାତକରେ ରବି
Rabibudhā joga ଓ ବୁଧଗ୍ରହ ଏକରାଶିରେ ଥିବା ଯୋଗ—
রবিবুধাযোগ रबिबुध The situation of the 2 planets Sun and Mercury in the same sign in a person's horoscope. [ଦ୍ର—ଏହି ଯୋଗବିଶିଷ୍ଟବ୍ୟକ୍ତି ସୁଖୀ ଓ ବିଦ୍ୱାନ୍ ହୁଏ ।]

ରବି ମଣ୍ଡଳ — ସଂ. ବି. (୬ଷ୍ଠୀ ତତ୍)—ସୂର୍ଯ୍ୟମଣ୍ଡଳ; ସୂର୍ଯ୍ୟଙ୍କ ପରିଧି—
Rabi maṇḍaḷa The orb of the sun.

ରବି ମାର୍ଗ — ସଂ. ବି. (୬ଷ୍ଠୀ ତତ୍)—ସୂର୍ଯ୍ୟଙ୍କ ଭ୍ରମଣପଥ; ପୃଥିବୀ ସୂର୍ଯ୍ୟଙ୍କୁ
Rabimārga ପରିଭ୍ରମଣ କରିବା ଅବସ୍ଥାରେ ପୃଥିବୀର ଲୋକେ ଯେଉଁ ବୃତ୍ତାଭାସ ରେଖାରେ ସୂର୍ଯ୍ୟଙ୍କୁ ଦେଖନ୍ତି; ଅୟନଦଣ୍ଡ— The path of the sun; the ecliptic.

ରବିମାର୍ଗ ଭଙ୍ଗ — ସଂ.ବିଣ. — ୧ । ରବିଙ୍କ ପଥରୋଧକାରୀ—1. Barring
Rabimārga bhaṅga the course of the sun. ୨ । ଅତ୍ୟୁଚ୍ଚ—2. Very high.

ରବି ରତ୍ନ—ସଂ. ବି. (ମ.ପ. ଲୋ; ରବିଗ୍ରହଙ୍କ ପ୍ରିୟ ରତ୍ନ)—ମାଣିକ୍ୟ—
Rabi ratna (ରବିରତ୍ନକ—ଅନ୍ୟରୂପ) Ruby.

ରବି ରଶ୍ମି—ସଂ. ବି. (୬ଷ୍ଠୀ ତତ୍)—ସୂର୍ଯ୍ୟକିରଣ—Sun's rays.
Rabi raśmi

ରବି ରୁବା—ଦେ. ବି. (ଅନର୍ଥକ ସହଚର)—ରବି ଖନ୍ଦ (ଦେଖ)—
Rabi rubā (ରବିରସାଣ—ଅନ୍ୟରୂପ) Rabikhanda (See)

ରବି ଲୋଚନ—ସଂ.ବି. (ବହୁବ୍ରୀହି, ରବି ଅଟନ୍ତି ଲୋଚନ ସ୍ୱରୂପ ଯାହାଙ୍କର) ବିଷ୍ଣୁ—Bishṇu.
Rabi lochana

ରବି ଲୋହ—ସଂ. ବି.—(ରବିଙ୍କ ପ୍ରିୟଧାତୁ)—ତାମ୍ର—Copper.
Rabi loha

ରବି ଶସ୍ୟ—ଦେ.ବି.—ରବି ଖନ୍ଦ (ଦେଖ)—Rabikhanda(See).
Rabi śasya

ରବି ଶୁଦ୍ଧି—ସଂ.ବି·(୬ଷ୍ଠୀତତ୍) (ଜ୍ୟୋତିଷ)—ରବିଗ୍ରହ କୌଣସି ବ୍ୟକ୍ତିର
Rabi śuddhi ଜନ୍ମରାଶି ଠାରୁ ତୃତୀୟ, ଷଷ୍ଠ, ଦଶମ ବା ଏକାଦଶ ସ୍ଥାନରେ ରହିବା ଅବସ୍ଥା ଏବଂ ସୌର ମାସର ୧୫ଦିନ ପରେ ୨ୟ, ୭ମ ଓ ୯ମ ସ୍ଥାନରେ ରହିବା ଅବସ୍ଥା—The state of the Sun being in certain auspicious places from a man's natal sign. [ଦ୍ର—ଏହା ଶୁଭକର ଓ ଏଥିରେ ବିବାହାଦି ଶୁଭକର୍ମ କରାଯାଏ ।]

ରବି ସଂକ୍ରମଣ—ସଂ. ବି.—ସଂକ୍ରାନ୍ତି (ଦେଖ)—Saṁkrānti (See).
Rabi saṁkramaṇa (ରବିସଂକ୍ରାନ୍ତି; ରବି ସଞ୍ଚାର—ଅନ୍ୟରୂପ)

ରବୀନ୍ଦ୍ରନାଥ—ଦେ. ବି.—(ନାମ) ଆଧୁନିକ ଯୁଗର ଭାରତ ଓ ପୃଥିବୀ-
Rabindranātha ବିଖ୍ୟାତ ବଙ୍ଗୀୟ କବୀନ୍ଦ୍ର—The great
ରবীন্দ্রনাথ रवीन्द्रनाथ world-renowned poet of
(ରବୀନ୍ଦ୍ରନାଥ ଠାକୁର—ଅନ୍ୟରୂପ) Bengal of the present age. [ଦ୍ର—ଏ କଲିକତା ଜମିଦାର ବଂଶର ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କର କନିଷ୍ଠ ପୁତ୍ର; ଜନ୍ମ ୧୮୬୦ ସାଲ । ଏ ପଞ୍ଚମ ବର୍ଷ ବୟସରୁ ଗୀତ ବୋଲି ପାରୁଥିଲେ ଓ ୯ମ ବର୍ଷ ବୟସରୁ କବିତା ରଚନା କରୁଥିଲେ । ଗୀତି-କାବ୍ୟ, କବିତା, ନାଟକ, ଉପନ୍ୟାସ, ପ୍ରହସନ, ଗଦ୍ୟରଚନା, ସମ୍ବାଦ ପତ୍ରର ସମ୍ପାଦକତ୍ୱ ଓ ପ୍ରବନ୍ଧାଦି ରଚନାରେ ଏ ପୃଥିବୀବ୍ୟାପୀ ପ୍ରତିଷ୍ଠା ଲାଭ କରିଅଛନ୍ତି । ଏ ଯେପରି ସାହିତ୍ୟ-ସେବୀ ସେହିପରି ସ୍ୱଦେଶଭକ୍ତ । ଏ ନିଜର ଜମିଦାରି କଲିକତା ନିକଟସ୍ଥ ବୋଲପୁରରେ 'ବିଶ୍ୱଭାରତୀ' ନାମରେ ଗୋଟିଏ ବୈଶ୍ୱଜନିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାବ୍ରତରେ ବ୍ରତୀ ହୋଇଅଛନ୍ତି । ଏ ସଭ୍ୟ ଜଗତର ପ୍ରଧାନ ଶିକ୍ଷାଗୁରୁ ମଧ୍ୟରେ ଗଣ୍ୟ ହୋଇଅଛନ୍ତି ଓ ବୋଲପୁର ପଣ୍ଡିତମାନଙ୍କର ଗୋଟିଏ ତୀର୍ଥ ହୋଇଅଛି । ଏହାଙ୍କ କବିତା ପୃଥିବୀର ସର୍ବୋତ୍କୃଷ୍ଟ ନୋବେଲ୍ ପୁରସ୍କାର ପାଇଅଛି । ଏହାଙ୍କ ପୁସ୍ତକମାନ ଇଂରାଜୀ, ଫ୍ରେଞ୍ଚ, ଜର୍ମାନ୍ ଓ ଜାପାନୀ ଆଦି ଭାଷାରେ ଅନୁଦିତ ହୋଇ ପୃଥିବୀରେ ଆଦୃତ ହୋଇଅଛି ।]

ରବେଇ ଖବେଇ—ଦେ. ବିଣ (ସଂ.ରଭ୍ ଧାତୁ—ଉତ୍ସୁକ ହେବା)—୧ ।
Rabei khabei ଅନ୍ୟ ବ୍ୟକ୍ତିର କୌଣସି କର୍ମ ଦେଖି ଅସୂୟାନ୍ୱିତ
রিসরিস জ্বলচানা ବା ଉକ୍ତ କାର୍ଯ୍ୟ କରିବା ପାଇଁ ଉତ୍କଣ୍ଠାଯୁକ୍ତ; ମନ ମନ—1. Envious at another's weal; eager to do a thing on seeing another doingit. ୨ । ଅସୂୟାବଶତଃ ହୃଦୟରେ ଅଶାନ୍ତି ଭୋଗ କରୁଥିବା—2. Restless due to envy. ୩ । କାମପ୍ରବୃତ୍ତି ଚରିତାର୍ଥ କରିବାକୁ ଅସ୍ଥିର—2. Restlessly amorous; amorously excited. ଦେ. ବି—ମନର ଅଶାନ୍ତି; ମନର ଅସ୍ଥିରତା—1. Mental restlessness. ୨ । ମନ କାଣ୍ଡୁ—2. Mental itching. ୩ । ଅନ୍ୟର ଅନୁକରଣ କରିବାର ବଳବତୀ ଇଚ୍ଛା—3. A strong desire to imitate another. [ଉ—ପଡ଼ିଶୁଣୀ ଘର ପିଠା ଦେଖି ମନ ରବେଇ ଖବେଇ, ଘରି ଫଡ଼ାକରେ ଗୁଡ଼ ଲଗେଇ ଭଡ଼ ଭଡ଼ ଗୋଟେଇ—ଭଗ ।] ୪ । ଅନ୍ୟକୁ ଗାଳିଦେବାକୁ ବା ମାରିବାକୁ ମୁସ୍ତୈଦ ହେବା; ଗାଳିଦେବାକୁ ଖର୍ଷି ବାହାରି ହେବା—4. Eagerness to quarrel or attack another. ଦେ. ବିଣ—୫ । ଅସୂୟା—5. Envy. ଦେ. ବିଣ. ସ୍ତ୍ରୀ—କଳିହୁଡ଼ୀ (ସ୍ତ୍ରୀ)—Quarrelsome (woman)

ରବେଇ ଖବେଇ ହେବା—ଦେ. କ୍ରି—୧ । ଅନ୍ୟକୁ ବଢ଼େ ଶୋଧିବା—
Rabei khabei hebā 1. To call names vehe;
রিসরিস করা mently to person. ୨ । ଖର୍ଷି ବାହାରି
জলচানা ହେବା; ଅତି ଅସ୍ଥିର ହେବା—2. To be inordinately restless.

ରବେଇ ଛତ୍ର(ତା)—ଦେ.ବିଣ.(ସଂ.ବିକ୍ଷିପ୍ତ)—୧ । ଇତସ୍ତତଃ ବିକ୍ଷିପ୍ତ—
Rabei chhatra(tā) 1. Scattered here and there.
ছন্ ছিত্রী ୨ । (ଲକ୍ଷଣାର୍ଥ) ନଷ୍ଟଭ୍ରଷ୍ଟ; ନାରଖାର; ଛାରଖାର—
छिन्नभिन्न, छितरायाहुआ 2. (figurative) Destroyed ruined.

ରବେୟା - ବୈଦେ. ବି (ଅ. ରବୈୟା)—ରବୟା (ଦେଖ)—
Rabeyā Rabayā. (See) ବୈଦେ. ବିଣ - ଜବର୍‌ଦସ୍ତ;
রবেয়া କଡ଼ା—Strict. [ଉ—ସେଖ୍ ତୋଗବଲି ଜଣେ
रवया ରବେୟା ହାକିମ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।]
জবরদস্ত जबरदस्त

ରବ୍ଧ—ସଂ. ବିଣ (ରଭ୍. ଧାତୁ+କର୍ମ. ତ)—ଆରବ୍ଧ; କୃତାରମ୍ଭ—
Rabdha Commenced, begun.

ରବ୍ୟାର୍ଦ୍ରା ଯୋଗ—ସଂ. ବି (ଜ୍ୟୋତିଷ)—ଆଷାଢ଼ ବା ସୌର ମିଥୁନ
Rabyārdrā joga ମାସର ୮ଦିନ ପଡ଼ିବା ଯୋଗ ବିଶେଷ—(astrology) An astrological combination happening on the 8th day of the solar month of Āsāṛha.

ରଭ୍ (ଧାତୁ)—ସଂ.—୧ । ଆରମ୍ଭ କରିବା—1. To begin; to
Rabh (root) commence. ୨ । ସନ୍ତୁଷ୍ଟ ହେବା—2. To be pleased with. ୩ । କ୍ରୀଡ଼ା କରିବା; ଆମୋଦ କରିବା; ବିଳାସ କରିବା—3. To sport; to make

merry. ୪ । ଉତ୍ସୁକ ହେବା—4. To be eager. ୫ । ବେଗରେ ଗମନ କରିବା—5. To walk briskly. ୬ । ଶବ୍ଦ କରିବା—6. To make a sound. ୭ । ରମଣ କରିବା—7. To copulate. ୮ । ଗୁପ୍ତ ଭାବରେ ମିଳିତ ହେବା—8. To meet in secret.

ରଭସ—ସଂ.ବି (ରଭ୍ ଧାତୁ+ଭାବ.ଅସ)—୧। ବେଗ—1. Velocity;
Rabhasa speed; force. ୨ । ତ୍ୱରା—2. Haste. ୩ । ଔତ୍ସୁକ୍ୟ—3. Eagerness. ୪ । ବିଳାସ; ଆମୋଦ—4. Amusement; sport. ୫ । ଆନନ୍ଦ; ହର୍ଷ—5. Pleasure. ୬ । ସୁଖ—6. Happiness. ୭ । ବଳାତ୍କାର—7. Outrage on female modesty; violence; rape. ୮ । ଅନୁତାପ—8. Repentance; regret. ୯ । ଶୋକ—9. Sorrow. ୧୦ । ପୂର୍ବାପର' ବିବେଚନା—10. Mature consideration. ୧୧ । କାର୍ଯ୍ୟକାରଣ ନିର୍ଣ୍ଣୟ—11. Ascertainment of cause and effect. ଦେ. ବି (ସଂ. ରଭସି=ଗୋପନରେ)—୧ । ଗୁପ୍ତ ମିଳନ; ନିର୍ଜନରେ ଦୁଇଜଣଙ୍କର ଦେଖା—1. Secret meeting. ୨ । ରତି; ରମଣ—2. Cohabitation; copulation. ୩ । ଥଟ୍ଟା; ପରିହାସ୍ୟ—3. Jesting. ୪ । ରସିକତା—4. Gallantry. ଦେ. ବିଣ—ଚଞ୍ଚଳ—Swift. [ପ୍ର—ବହଳ ବନ ଅଦୃଶ୍ୟ ଶଲଭ ସ୍ୱଚ୍ଛଳ ବଣ ଝାଡ଼ି ଝାଡ଼ି କ ରଭସ ଗଲେ । ଭଞ୍ଜ. ବୈଦେହୀଶବିଳାସ ।] ଦେ. କ୍ରି. ବିଣ—ଶୀଘ୍ର—At once; swiftly. [ପ୍ର—ବସନ୍ତ ସମସ୍ତ ଅଙ୍ଗ ଭସମସ୍ତ ରଭସ ପ୍ରବେଶ ଅସି । ଭଞ୍ଜ. ବୈଦେହୀଶବିଳାସ ।]

ରଭସା—ଦେ. କ୍ରି. ବିଣ (ପ୍ରାଚୀନ ପଦ୍ୟ) (ସଂ. ରଭସା=ଗୋପନରେ)—
Rabhasā ରଭସ (ଦେଖ)—Rabhasa [See]. [ପ୍ର—ଗୋକରେ ରଭସା ଭସା—ଇଲି ସେ ଉଷ୍ଟିଲ୍ଲସା—ସ୍ପର୍ଶ ଥିଲ କର ଅଶା ଅଶା । ଭଞ୍ଜ. ପ୍ରେମସୁଧାନିଧି ।]

ରଭସି(ସେ)—ଦେ.କ୍ରି• ବିଣ.(ସଂ.ରଭସି) ୧। ନିର୍ଜନରେ—1. Alone.
Rabhasi(se) ୨। ଗୋପନରେ; ଲୋକ ନୟନ ଅଗୋଚରରେ—
রভসি रभसि 2. Secretly; away from the gaze of the people. ୩। ହଠାତ୍—3. Suddenly. [ପ୍ର—ବଦରିକା ବନ ଭାବନ୍ତି ସେ ବନ ସେବନ କଲି ରଭସେ । ଭଞ୍ଜ. ବୈଦେହୀଶ ବିଳାସ ।] ୪ । ବେଗ ସହିତ—4. Swiftly.

ରମ (ଧାତୁ)—ସଂ.—୧ । କ୍ରୀଡ଼ା କରିବା—1. To play; to sport.
Ram (root) ୨ । ରମଣ କରିବା—2. To cohabit.

ରମ—ବୈଦେ. ବି. (ଇଂ.ରମ୍)—ଏକପ୍ରକାର ଅରଗୀ ମଦ—Rum;
Ram a kind of coarse brandy; distilled wine.
রম; रम

ରମ—ସଂ. ବି. (ରମ୍ ଧାତୁ+କର୍ତ୍ତୃ. ଅ)—୧ । କାନ୍ତ; ସ୍ୱାମୀ; ପତି—
Rama 1. Husband. ୨ । ନାୟକ; ପ୍ରେମିକ—2. Lover. ୩। କନ୍ଦର୍ପ;ମଦନ—3. Cupid. ୪। ରକ୍ତାଶୋକବୃକ୍ଷ—4. The red variety of Janessia Asoka tree. ୫ । (+ଭାବଅ)କ୍ରୀଡ଼ା—5. Sporting; playing; ୬ । ବିହାର—6. Dalliance; amorous sport. ୭ । ରମଣ—7. Coition; copulation. ସଂ. ବିଣ.—୧ । ରମଣୀୟ; ଆହ୍ଲାଦକ—1. Pleasant; charming; pleasing. ୨ । ପ୍ରିୟ—2. Dear; beloved.

ରମକ—ସଂ. ବି. ପୁଂ (ରମ୍ ଧାତୁ+କର୍ତ୍ତୃ.ଅକ)—୧ । ଜାର; ଉପପତି—
Ramaka 1. A woman's gallant. ୨ । ପ୍ରେମିକ—2. Lover. ସଂ.ବିଣ.ପୁଂ--ରମଣକାରୀ—Cohabiting.

ରମଜାନ—ବୈଦେ.ବି. (ଅ. ରମ୍‌ଜାନ; ଏଥିର ଅସରଳ ଅର୍ଥ ଜଳିଯିବା,
Ramajān ଯେଉଁ ମାସରେ ଧର୍ମ କର୍ମ ଦ୍ୱାରା ପାପରାଶି ଜଳିଯାଏ)—
রমজান रमजान ସାବାନର ପରବର୍ତ୍ତୀ ଓ ସବାଲର ପୂର୍ବବର୍ତ୍ତୀ ମାସ; ମୁସଲମାନ୍ ବର୍ଷର ୯ମ ମାସ—The 9th Mahomedan month. [ଦ୍ର—ଏ ମାସରେ ମୁସଲମାନ୍‌ମାନେ ଦିବସରେ ନିର୍ଜଳ ଉପବାସ ବ୍ରତ କରନ୍ତି । ଏହି ମାସ ଶେଷରେ ମୁସଲମାନମାନଙ୍କ ଇଦ୍ ବା ଇଦୁଲ୍ ଫିତର ପର୍ବ ହୁଏ ।]

ରମଠ—ସଂ. ବି. (ରମ ଧାତୁ+କରଣ.ଅଠ)—ହେଙ୍ଗୁ—Assa-
Ramaṭha (ରମଠ ଧ୍ୱନି—ଅନ୍ୟରୂପ) foetida.

ରମଣ—ସଂ. ବି. (ରମ୍ ଧାତୁ+ଭାବ.ଅନ)—୧ । କ୍ରୀଡ଼ା; ଖେଳ—
Ramaṇa 1. Play; sport. ୨ । ସୁରତକ୍ରୀଡ଼ା; ରତିକ୍ରୀଡ଼ା;କେଳି;ମୈଥୁନ—2. Coition; copulation. ୩ । ରତିରସ; ବିହାର—3. Amorous dalliance. ୪। (କରଣ.ଅନ) ଜଘନ; ଜଙ୍ଘ; କାମାଙ୍କ—4. Thigh; the Mores Veneris. ୫। (+କର୍ତ୍ତୃ.ଅନ) ମଦନ; କାମଦେବ-5. Cupid. ୬। ପତି;ସ୍ୱାମୀ--6. Husband. ୭ । କାନ୍ତ; ବଲ୍ଲଭ—7. Lover. ୮ । ଗଧ—8. Ass. (+କରଣ. ଅନ) ୯ । ବୃଷଣ; ମୁଷ୍କ; ଅଣ୍ଡକୋଷ—9. Testicle. ୧୦ । ମହାରଷ୍ଟ; ମହାନିମ୍ବ; ଘୋଡ଼ାନିମ୍ବ—10. A sort of medicinal plant. Melia Azadarachts. ସଂ. ବିଣ—୧ । ପ୍ରିୟ—1. Beloved, dear ୨ । ରମଣୀୟ—2. Pleasing; charming.

ରମଣକ—ସଂ. ବି—ରମ୍ୟକ ବର୍ଷ; ପୌରାଣିକ ଜମ୍ବୁଦ୍ୱୀପାନ୍ତର୍ଗତ ବର୍ଷ
Ramaṇaka ବା ଦେଶ ବିଶେଷ—Name of a country in mythological India.

ରମଣ କରିବା—ଦେ. କ୍ରି—ମୈଥୁନ କରିବା—
Ramaṇa karibā To copulate.
রমণ করা रमण करना

ରମଣା—ସଂ. ବି. ସ୍ତ୍ରୀ (ରମଣ+ଆ)—୧। ରମଣୀ; ନାରୀ—
Ramaṇā 1. Woman. ୨। ପତ୍ନୀ; ସ୍ତ୍ରୀ—2. Wife. ୩। ବରନାରୀ—3. An excellent woman. ୪। ପ୍ରିୟା—4. Mistress; sweetheart ୫। ସଂସ୍କୃତ ଅର୍ଦ୍ଧ ସମବୃତ୍ତବିଶେଷ—5. Name of a Sanskrit metre. [ବି—ଏହାର ୧ମ ଓ ୩ୟ ପାଦରେ ୧୧ ଅକ୍ଷର ଲେଖାଏଁ ଥାଏ ଓ ୨ୟ ଓ ୪ର୍ଥ ପାଦରେ ୧୨ ଲେଖାଏଁ ଅକ୍ଷର ଥାଏ ।]

ରମଣୀ—ସଂ. ବି. ସ୍ତ୍ରୀ (ରମ୍ ଧାତୁ+କର୍ତ୍ତୃ.ଅନ+ସ୍ତ୍ରୀ.ଈ) —୧। ନାରୀ—
Ramaṇī 1. Woman. ୨। ଉତ୍ତମା ସ୍ତ୍ରୀ—2. An excellent lady. ୩। ସୁନ୍ଦରୀ ସ୍ତ୍ରୀ—3. A charming woman. ୪। ପତ୍ନୀ—4. Wife. ୫। ପ୍ରିୟା—5. Sweet-heart; mistress. ୬। ବାଳା ନାମକ ବୃକ୍ଷବିଶେଷ; ଭୁରୁଦେଲ ଫୁଲ ଓ ଗଛ—6. A flower tree, Pavonia Odorata. ୭। ସଂସ୍କୃତ ଅର୍ଦ୍ଧ ସମବୃତ୍ତବିଶେଷ—7. Name of a Sanskrit metre. ଗ୍ରା. ବି. (ସ. ରମଣ)—ସୁରତ; ରମଣ—Coition; copulation.

ସଂ. ଅଙ୍ଗନା, ଗ୍ରାମା, ସୁଭ୍ରୁ, ଲଳନା, ଅବଳା, ନିତମ୍ବିନୀ, ବାମଲୋଚନା, ସୁନ୍ଦରୀ, ବାଳା

ରମଣୀ କୁଳ—ସଂ.ବି(୬ଷ୍ଠୀ ତତ୍)—୧। ନାରୀସମୂହ—1. Women. Ramaṇī kula ୨। ନାରୀଜାତି—2. Women as a class.

ରମଣୀକୁଳ ଦୁର୍ଲ୍ଲଭ—ସଂ.ବିଣ—ସ୍ତ୍ରୀମାନଙ୍କଠାରେ ଯାହା ମିଳିବା କଷ୍ଟ—
Ramaṇīkula durllabha Not found amongst females.

ରମଣୀ ଚରିତ—ସଂ. ବି (୬ଷ୍ଠୀ ତତ୍)—ନାରୀସ୍ୱଭାବ—
Ramaṇī charita Woman's nature;female nature.

ରମଣୀ ଜନ—ସଂ. ବି.—ସ୍ତ୍ରୀଲୋକ; ମାଇପିଲୋକ—A woman; a
Ramaṇī jana female; a mere woman.

ରମଣୀଜନ ସୁଲଭ—ସଂ. ବିଣ—ସୁଲଭ; ରମଣୀସୁଲଭ—Common
Ramaṇījana sulabha to women; which is often found in women. (ଯଥା—ରମଣୀଜନସୁଲଭ କୋମଳତା ।)

ରମଣୀ ପ୍ରିୟ—ସ.ବିଣ.ପୁଂ (୬ଷ୍ଠୀ ତତ୍)- ସ୍ତ୍ରୀ ଜାତିର ମନୋହରଣକାରୀ—
Ramaṇī priya Charming the mind of woman.
(ରମଣୀ ମନୋହର, ରମଣୀ ମୋହନ—ଅନ୍ୟରୂପ)

ରମଣୀୟ—ସ. ବିଣ (ରମ୍ ଧାତୁ+କରଣ. ଅନୀୟ)—ରମ୍ୟ; ସୁନ୍ଦର;
Ramaṇīya ମନୋହର—Charming. [ବି—ସ୍ତ୍ରୀଲିଙ୍ଗ ରୂପ (ରମଣୀୟା—ସ୍ତ୍ରୀ) ଦର୍ଶକର ମନରେ କ୍ଷଣ କ୍ଷଣ ନବତା ଉତ୍ପାଦନ କରି ମନୁଷ୍ୟଙ୍କୁ ମୁଗ୍ଧ କରେ ତାହାହିଁ ରମଣୀୟ ।]
[ରମଣୀୟତା(ବି)—ବି]

ରମଣୀ ରତ୍ନ—ସ. ବି. (ରୂପକ ଓ ୭ମୀ ତତ୍)—ସ୍ତ୍ରୀ ରତ୍ନ; ଉତ୍କୃଷ୍ଟା ସ୍ତ୍ରୀ—
Ramaṇī ratna An excellent woman; a paragon amongst women; a jewel of a woman.
(ରମଣୀରତନ—ଦେଶଜରୂପ)

ରମଣ୍ୟ—ସ. ବିଣ. (ରମଣ+ଯ)—ରମଣୀୟ; ରମ୍ୟ—Pleasing;
Ramaṇya charming. ସ. ବି—୧ । ରତିରସ—1. Dalliance. ୨ । ରଙ୍ଗରସ—2. Sport; amusement.

ରମଣ୍ୟକ—ସ. ବି (ରମଣ୍ୟ+କ)—ରମ୍ୟକ (ଦେଖ)
Ramaṇyaka Ramaṇyaka. (See)

ରମତି—ସ. ବି (ରମ୍. ଧାତୁ+କର୍ତ୍ତୃ. ଅତି)—୧। ନାୟକ; ପ୍ରେମିକ—
Ramati 1. A lover; a gallant. ୨ । ସ୍ୱର୍ଗ—2. Heaven. ୩ । କାକ-3. Crow. ୪।କାମଦେବ—4. Cupid.

ରମମାନ—ସ. ବିଣ. ପୁଂ(ରମଧାତୁ+କର୍ତ୍ତୃ. ଅନ)—କ୍ରୀଡ଼ା କରୁଥିବା—
Ramamāna Playing; sporting.
(ରମମାନା—ସ୍ତ୍ରୀ)

ରମୟନ୍ତି—ଦେ. କ୍ରି (ପ୍ରାଚୀନ ପଦ୍ୟ; ସ. ରମ. ଧାତୁର ବର୍ତ୍ତମାନକାଳ
Ramayanti ତୃତୀୟପୁରୁଷ ବହୁବଚନରୂପ)-ରମଣ କରୁଅଛନ୍ତି—
Is or are cohabiting. (ଭି—କେଳୁ ରାମ ରମୟନ୍ତି ମନର ଉଲ୍ଲାସେ । ପ୍ରାଚୀ. ରସବାରିଧି ।)

ରମା—ସ. ବି. ସ୍ତ୍ରୀ (ରମ୍. ଧାତୁ+କର୍ତ୍ତୃ. ଅ+ଆ)—୧। ଲକ୍ଷ୍ମୀ—
Ramā 1. Lakshmi; Goddess of wealth. ୨। ପ୍ରିୟା; ସ୍ତ୍ରୀ; କାନ୍ତା—2. Wife. ୩। ଉପପତ୍ନୀ—3. Mistress. ୪। ଶଶିଦେବଙ୍କ କନ୍ୟା ଓ କଳ୍କୀଦେବଙ୍କ ପତ୍ନୀ—4. Wife of Kalki and daughter of Sasideba. ୫। କାନ୍ତି; ଶୋଭା; ଶ୍ରୀ—5. Beauty; lustre; grace. [ଭି—ଖୋଜିଁଲେ ନବ ତମାଳ ରମା; ହେଁକି ଅଣି ଅଙ୍ଗେ କଲଣି ଜମା । କବିସୂର୍ଯ୍ୟ. କଶୋରୀ ଚମ୍ପୂ, ୯ ଗୀତ ।] ଦେ. ବି—ସ୍ତ୍ରୀଙ୍କୁ ଦିଆଯିବା ନାମ—A name given to females.

ରମା(ମେ)ଇବା—ଦେ. (ପଦ୍ୟ) କ୍ରି—ରମିବା କ୍ରିୟାର ଣିଜନ୍ତ ରୂପ—
Ramā(me)ibā Causative of Ramibā.
ରମାନ [ଭି—ସବୁ ସୁଖ ତେଜ ମନ ରମାଇଲେ କାହିଁ । ପ୍ରାଚୀ.
ରମନା ହରିବଂଶମଙ୍ଗଳ ।]

ରମା କାନ୍ତ—ସ. ବି(୬ଷ୍ଠୀ ତତ୍)—ବିଷ୍ଣୁ—Bishṇu. ଦେ. ବି. ପୁଂ—
Ramā kānta ଲୋକଙ୍କ ନାମ—A name given to males.
(ରମାଧବ, ରମାନାଥ, ରମାପତି, ରମାବଲ୍ଲଭ, ରମାପ୍ରିୟ, ରମାବଲ୍ଲଭ—ଅନ୍ୟରୂପ)

ରମାନା—ବିଦେ. ବି (ଫା. ରବାନା)—ରଉଣା (ଦେଖ)
Ramānā Rauṇā. See)

ରମାନା ହେବା—ଦେ. କ୍ରି—ରଉଣା ହେବା (ଦେଖ)—Rauṇā
Ramānā hebā hebā. (See) (ଭି—ଜଣା ଶତ୍ରୁଦମ୍ଭ ସ୍ଥାନକୁ ରମାନା ହୋଇ × × × × । ଫକୀରମୋହନ ଭ୍ରମଣ ଅଠଗଡ଼ ।)

ରମା ବାଇ—ଦେ. ବି—ପଣ୍ଡିତା ରମାବାଈ; ଦକ୍ଷିଣଭାରତର ସ୍ୱର୍ଗତା ପ୍ରସିଦ୍ଧା
Ramā bāi ବିଦୁଷୀ—Name of a late learned lady of

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼'ଦେଖିବେ ।

ରମାବାଈ Bombay. [ଦ୍ର—ଏ ସଂସ୍କୃତ, ଇଂରାଜୀ ଓ ଅନ୍ୟାନ୍ୟ
रमाबाई ଅନେକ ଭାଷାରେ ପଣ୍ଡିତା ଥିଲେ । କଲିକତାର ପଣ୍ଡିତମାନେ ଏହାଙ୍କର ବକ୍ତୃତାରେ ମୁଗ୍ଧ ହୋଇ ଏହାଙ୍କୁ ସରସ୍ୱତୀ ଉପାଧି ଦେଇଥିଲେ । ଏ ଚଟ୍ଟଗ୍ରାମର ଜଣେ ବଙ୍ଗୀୟଙ୍କୁ ବିବାହ କରିଥିଲେ, କିନ୍ତୁ ଅଳ୍ପ ଦିନ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା । ଆର୍ଯ୍ୟ ସ୍ତ୍ରୀ ଓ ବିଧବାମାନଙ୍କର ଶିକ୍ଷା, ବ୍ରହ୍ମଚର୍ଯ୍ୟ ଓ ଉନ୍ନତି କଳ୍ପେ ଏ ଭାରତରେ, ଇଂଲଣ୍ଡରେ ଓ ଆମେରିକାରେ ବହୁ ଚେଷ୍ଟା କରି ଅବଶେଷରେ ବମ୍ବେଠାରେ (ପରେ ପୁନାକୁ ସ୍ଥାନାନ୍ତରିତ) ଗୋଟିଏ ବିଧବାଶ୍ରମ ସ୍ଥାପନ କରିଥିଲେ । ଏ ଇଂଲଣ୍ଡରେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ । 'The high caste Hindu woman' ନାମକ ଖଣ୍ଡିଏ ଗ୍ରନ୍ଥ ଏ ଇଂରାଜୀଭାଷାରେ ପ୍ରଣୟନ କରିଥିଲେ ।]

ରମାବି(ବେ)ଷ୍ଟ—ସଂ. ବି.—ଶ୍ରୀବାସ; ଶ୍ରୀବେଷ୍ଟ; ଗନ୍ଧ ବିରଜା; ଧୂପିନ— Ramābi(be)shṭa Turpentine; Gomeopal Sandazack. (ଦ୍ରବ୍ୟଗୁଣ)

ରମାରମି—ଦେ. ବିଣ.—ହାରାହାରି—On the average. [ଉ— Ramārami ଯଦି ପ୍ରତ୍ୟେକ ଜାହାଜରେ ରମାରମି ପନ୍ଦର ଜଣ ହାରାହାରୀ କର୍ମଚାରୀ ଧରାଯାଏ, ତେବେ ସେମାନଙ୍କ ସଂଖ୍ୟା ପ୍ରାୟ औसत से ସାଢ଼େ ଚାରି ହଜାର । ଫକୀର ମୋହନ ଗଳ୍ପସ୍ୱଳ୍ପ ।]

ରମି (ଧାତୁ)—ସଂ. (ରମ୍ ଧାତୁ+ଣିଚ୍)—କ୍ରୀଡ଼ା କରାଇବା; Rami (root) ଖେଳାଇବା—To cause to play.

ରମିତ—ସଂ. ବିଣ. ପୁଂ. (ରମି ଧାତୁ+କର୍ମ.କ୍ତ)—୧ । କ୍ରୀଡ଼ିତ— Ramita 1. Made to play ୨ । ଆନନ୍ଦିତ—2. Pleased. ୩ । ସୁଖ ପ୍ରାପ୍ତ—3. Made happy. (ରମିତା—ସ୍ତ୍ରୀ.) ୪ । ପ୍ରଫୁଲ୍ଲ—4. Delighted.

ରମିତା—ସଂ. ବିଣ. ସ୍ତ୍ରୀ—ଉପଭୁକ୍ତା (ସ୍ତ୍ରୀ); ରମଣ ପ୍ରାପିତା; ଯେଉଁ Ramitā ସ୍ତ୍ରୀକୁ ରମଣ କରାଯାଇଅଛି—Deflowered; already enjoyed or cohabited (woman) ସଂ.ବି. ଉପଭୁକ୍ତା ସ୍ତ୍ରୀ—A woman who has already been cohabited by a man.

ରମିବା—ଦେ. (ପଦ୍ୟ) କ୍ରି. (ସଂ. ରମ୍ ଧାତୁ)—୧ । କ୍ରୀଡ଼ା Ramibā କରିବା—1. To play. [ଉ—ଗୋବିନ୍ଦ ବିସ୍ତରନ୍ତି रमा ମନେ, ଆଜ ରମିବା ବୃନ୍ଦାବନେ । ଜଗନ୍ନାଥ—ଭାଗବତ]
रमना ୨ । ବିହାର କରିବା; ରମଣ କରିବା—2. To cohabit. [ଉ—ରମଣ ଭୁଲେ ନାରୀଗଣେ, ରମନ୍ତି ସିଦ୍ଧ ସ୍ତ୍ରୀମାନେ । ଜଗନ୍ନାଥ ଭାଗବତ] ୩ । ତୋଷ କରିବା— 3. To please. [ଉ-ଶତ ପୁଷ୍ପ ବିକାଶଇ ବିଶ୍ୱପ୍ରାଣ ରମି, ମଧୁସୂଦନ—ବସନ୍ତ ଗାଥା] ୪ । ରତ ହେବା—4. To be attached to. (ଉ—ଦରିଦ୍ର ଜନ କ୍ଲେଶ ପାଇ, ଇନ୍ଦ୍ରିୟ ଭୋଗେ ନ ରମଇ । ଜଗନ୍ନାଥ ଭାଗବତ] ୫ । ସୁଖ ପାଇବା 5. To like. [ଉ-ବ୍ରହ୍ମା ଯେ ମୋହର ନନ୍ଦନ, ତାଙ୍କୁ ନ ରମେ ମୋର ମନ । ଜଗନ୍ନାଥ ଭାଗବତ] ୬ । (ମନ, ଅକ୍ଷି) ହରଣ କରିବା; ଆକର୍ଷଣ କରିବା—6. To attract [ଉ—ଅର୍ଦ୍ଧେନ୍ଦୁ ଲଲାଟେ ସିନ୍ଦୂର-ବିନ୍ଦୁ ରମଇ ଅକ୍ଷି । ରାଧାନାଥ ଚନ୍ଦ୍ରଭାଗା] ୭ । ଲୀଳା କରିବା—7. To sport.

ରମେନ୍ଦ୍ର—ସଂ. ବି. (୬ଷ୍ଠୀତତ୍) —ରମା ରମଣ; ବିଷ୍ଣୁ—Bishṇu. Ramendra (ରମେଶ, ରମେଶ୍ୱର—ଅନ୍ୟରୂପ)

ରମେଶଚନ୍ଦ୍ର ଦତ୍ତ—ଦେ. ବି. (ନାମ)—କଲିକତାର ବିଶିଷ୍ଟ ଦତ୍ତ Ramesa chandra datta ବଂଶ ସମ୍ଭୂତ ପ୍ରସିଦ୍ଧ ସ୍ୱର୍ଗୀୟ ବ୍ୟକ୍ତି
রমেশচন্দ্রদত্ত —The late R. C. Dutta, I. C. S., C. I.
रमेशचन्द्र दत्त E. of Bengal ଦ୍ର—(ଖ୍ରୀ ୧୮୪୮—୧୯୦୯) ଏ ବିଲାତର ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କ୍ରମେ କଲେକ୍ଟର୍ ଓ ବିଭାଗୀୟ କମିଶନର୍ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ । ଗଭର୍ଣ୍ଣମେଣ୍ଟ ଏହାଙ୍କୁ C. I. E ଉପାଧିରେ ଭୂଷିତ କରିଥିଲେ । ଏ ଜୀବନବ୍ୟାପୀ ବଙ୍ଗ ସାହିତ୍ୟର ସେବା କରୁଥିଲେ ଓ ଇଂରାଜୀରେ ପ୍ରାଚୀନ ଭାରତ ସଭ୍ୟତାର ଇତିହାସ (Ancient civilization of India), ରାମାୟଣ ଓ ମହାଭାରତର ଇଂରାଜୀ ପଦ୍ୟାନୁବାଦ, ବ୍ରିଟିଶ ଶାସିତ ଭାରତର ବୈଷୟିକ ଇତିହାସ (Economical History of India) ଓ ଇଂରାଜୀ ଉପନ୍ୟାସ ରଚନା କରିଥିଲେ । ଏ ବଙ୍ଗ ଭାଷାରେ ମଧ୍ୟ ଅନେକ ଗୁଡ଼ିଏ ଉପନ୍ୟାସ ରଚନା କରିଥିଲେ । ଏ ପେନ୍‌ସନ୍ ଗ୍ରହଣ କରି ଇଂରାଜ ସରକାରଙ୍କ ରାଜସ୍ୱ ନୀତିର ପ୍ରତିବାଦ କରି ଖଣ୍ଡିଏ ପୁସ୍ତକ ରଚନା କରିଥିଲେ । ପରିଶେଷରେ ବରୋଦାର ଗାଇକବାଡ଼ ମହାରାଜ ଏହାଙ୍କୁ ପ୍ରଧାନ ମନ୍ତ୍ରୀରୂପେ ଗ୍ରହଣ କରିବାର କିଛିଦିନ ପରେ ଏହାଙ୍କର ମୃତ୍ୟୁ ଘଟିଥିଲା ।]

ରମେଶଚନ୍ଦ୍ର ମିତ୍ର—ଦେ. ବି. (ନାମ)— ସର୍ ରମେଶଚନ୍ଦ୍ର ମିତ୍ର— Ramesa chandra mitra Sir Romesh Mitter
রমেশচন্দ্রমিত্র K. C. I. E. [ଦ୍ର—(ଖ୍ରୀ ୧୮୪୦—୧୮୯୯) ଏ
रमेशचन्द्रमित्र ପ୍ରଥମେ ଓକାଲତି କରି ପରେ କଲିକତା ହାଇକୋର୍ଟର ଜଜ୍ ଓ ମଧ୍ୟରେ ଏକାବେଳେ ପ୍ରଧାନ ଜଜ୍ ହୋଇଥିଲେ । ବଙ୍ଗଳମାନଙ୍କ ମଧ୍ୟରେ ଏ ହାଇକୋର୍ଟର ପ୍ରଥମ ଚିଫ୍ ଜଷ୍ଟିସ୍ ସମ୍ମାନ ଲାଭ କରିଥିଲେ । ଗଭର୍ଣ୍ଣମେଣ୍ଟ ଏହାଙ୍କୁ ସର୍ ଓ K. C. I. E. ଉପାଧିରେ ଭୂଷିତ କରିଥିଲେ ।]

ରମ୍ପରମ୍ପ—ଦେ. ଅ.—ରପ୍ ରପ୍ (ଦେଖ) Rampa rampa Rap rap (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ୍ଞ	ଶ,ଷ	କ୍ଷ	ଇଯୁ	ଉଅ	ଦ୍ଧ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗିଁୟ	ଇଅ	ଢ଼	ନ୍ଦ

ରମ୍ପା—ଦେ. ବ.—ରମ୍ପିବା କର୍ମ—The act of scratching.
Rampā ଵଣ-କୁଣ୍ଡାଇ ହେଉଥିବା--Itching. ପ୍ରାଦେ(ସମ୍ବଲପୁର)
ଅଁଚଡ଼ାନ ଚୁଲକୁନି ଖୁରଚନା ବ—୧ । କାଙ୍କ; ମାଟି ହାଣିବା ଭୁସୁଡ଼ି—1. An axe or long-handled spade to cut earth. ୨ । ଅସମତଳ ବିଲର ଖାଲରୁ ଉପରୁ ମାଟି ଟାଣି ନେଇ ତାହାକୁ ସମତଳ କରିବା ପାଇଁ ବ୍ୟବହୃତ ମହିଷ-ବାହ୍ୟ ପଟାମଇ—2. A kind of plank drawn by buffaloes and used to level up uneven fields by drawing earth from high places and putting it in low places.

ରମ୍ପା(ମ୍ପେ)ଇବା—ଦେ. କ୍ରି—ରମ୍ପିବା କ୍ରିୟାର ଣିଜନ୍ତରୂପ—Causative of Rāmpibā.
Rampā(mpe)ibā
ଆଁଚଡାନ ଖୁରଚାନା; ଖୁରଚବାନା

ରମ୍ପା କୁଣ୍ଡିଆ—ଦେ.ବ.—ଏକପ୍ରକାର ଶୁଖିଲା କୁଣ୍ଡିଆ—A kind of dry itches; scabies. [ଦ୍ର—ଏହା ବିଶେଷ କୁଣ୍ଡାଇ ହୁଏ ।]
Rampā kuṇḍiā
ଚୁଲକୁନି ସୁଖୀଖୁଜଲୀ

ରମ୍ପାଲୁ—ଦେ. ବ - ଚିତ୍ରକର ଓ ବଢ଼େଇ ମାନଙ୍କର କାଠଅନ୍ଧ ଉପରୁ ରଙ୍ଗ ଚାଞ୍ଛିବାର ପତଳା ଲୁହାପତ୍ର—A thin metal scraper.
Rampālu
ଖୁରଚନ(ନୀ)

ରମ୍ଫା—ପ୍ରାଦେ (ସମ୍ବଲପୁର) ବ. (ଭୁଲ୍‌ ହ. ଏହି ଅର୍ଥରେ ଏହି. ଶବ୍ଦ) (ଯହିଁରେ ଭୂମି ରମ୍ପାଯାଏ) କୋଡ଼ି—Spade.
Ramphā

ରମ୍ବଏଡ଼—ବୈଦେ. ବ. (ଇଂ. ରମ୍ବଏଡ୍ — ସେହି ଶବ୍ଦ) ଯେଉଁ ସମାନ୍ତରିକ ଚତୁର୍ଭୁଜ କ୍ଷେତ୍ରର ପରସ୍ପର ସମ୍ମୁଖବର୍ତ୍ତୀ (ବର୍ହୈଡ୍‌—ଅନ୍ୟରୂପ) ବାହୁମାନ ସମାନ ଓ କୋଣମାନ ସମାନ, କିନ୍ତୁ
Rambaed
ରମ୍ବଏଡ଼ रंबएड କୋଣମାନ ସମକୋଣ ନୁହେଁ ଓ ପରସ୍ପର ପାର୍ଶ୍ୱସ୍ଥ ବାହୁ ଦ୍ୱୟ ସମାନ ନୁହେଁ--Rhomboid; an oblique-angled parallelogram having its two adjoining sides unequal.

ରମ୍ବସ—ବୈଦେ. ବ. (ଇଂ.ରମ୍ବସ୍)—(ସେହି ଶବ୍ଦ) ଯେଉଁ ସମାନ୍ତରିକ ଚତୁର୍ଭୁଜ କ୍ଷେତ୍ରର ସମସ୍ତ ବାହୁମାନ ସମାନ କିନ୍ତୁ କୋଣମାନ ସମକୋଣ ନୁହେଁ—Rhombus; an equilateral parallelogram.
Rambas
ରମ୍ବସ रंबस

ରମ୍ଭ—ସଂ. ବ (ରଭ୍ ଧାତୁ+କର୍ତ୍ତୃ. ଅ)—୧ । ମହିଷାସୁରର ପିତା—
Rambha 1. Name of the father of the demon Mahishāsura. ୨ । ବାନର ବିଶେଷ—2. Name of a monkey. ୩ । ବେଣୁ; ବାଉଁଶ—3. Bamboo.

ରମ୍ଭକ—ସଂ. ବିଣ. ପୁଂ (ରଭ୍ ଧାତୁ+କର୍ତ୍ତୃ. ଅକ)—୧ । ଶବ୍ଦକାରୀ—
Rambhaka 1. Sounding. ୨ । ଆରମ୍ଭକାରୀ—2. Beginning.
(ରମ୍ଭିକା—ସ୍ତ୍ରୀ)

ରମ୍ଭା—ସଂ.ବ (ରଭ୍ ଧାତୁ+ଅ+କର୍ତ୍ତୃ.ଆ)-କଦଳୀ—1. Plantain;
Rambhā banana, ୨ । ଅପ୍ସରା ବିଶେଷ—2. Name of a heavenly nymph. (ଦ୍ର—(୧+୨) ଅର୍ଥରେ ବିଶେଷ ରମ୍ଭା ଶବ୍ଦ ମର୍ତ୍ତ୍ୟ—ଗୋଲୋକ-ଇନ୍ଦୁରେଖା ।] [ଦ୍ର—ଏକଦା ରମ୍ଭା କୁବେର ତନୟ ନଳକୁବରଙ୍କ ନିକଟ ଗମନ କରୁଥିବା ଅବସ୍ଥାରେ ଲଙ୍କେଶ୍ୱର ରାବଣ ବାଟରେ ତାହାକୁ ବଳପୂର୍ବକ ଧରି ଧର୍ଷଣ କଲେ । ପରେ ରମ୍ଭା ଏ ବିଷୟ ନଳକୁବରଙ୍କୁ ଜଣାଇବାରୁ ନଳକୁବର ଅଭିଶାପ ଦେଲେ ଯେ ଅତଃପର ରାବଣ କୌଣସି ସ୍ତ୍ରୀକୁ ତାହା ଇଚ୍ଛା ବିରୁଦ୍ଧରେ ରମଣ କରି ପାରିବେ ନାହିଁ ଓ କଲେ ତତ୍‌କ୍ଷଣାତ୍ ମୃତ୍ୟୁ ପ୍ରାପ୍ତ ହେବେ । ଏହି କାରଣରୁ ସୀତାଙ୍କୁ ରାବଣ ବଳପୂର୍ବକ ହରଣ କରି ନେଇଥିଲେ ମଧ୍ୟ ସୀତା ରାବଣ-ହସ୍ତରୁ ଆପଣାର ସତୀତ୍ୱ ରକ୍ଷା କରିବାକୁ ସମର୍ଥା ହୋଇଥିଲେ ।

ମହାଦେବଙ୍କଠାରୁ ବ୍ରହ୍ମା ସଙ୍ଗୀତ ବିଦ୍ୟା ପ୍ରାପ୍ତ ହୋଇ ତାହା ପ୍ରଥମେ ଯେଉଁ ପାଞ୍ଚ ଜଣଙ୍କୁ ଶିକ୍ଷା ଦେଇଥିଲେ ତହିଁ ମଧ୍ୟରୁ ରମ୍ଭା ଜଣେ ବୋଲି ପୁରାଣରେ କଥିତ ।] ୩ । ଗୌରୀ; ଦେବୀ ବିଶେଷ—3. Name of a Goddess. ୪ । ଗୋଧ୍ୱନି; ହମ୍ବାରବ—4. The lowing of a cow. ୫ । ବେଶ୍ୟା; ବାରାଙ୍ଗନା—5. Prostitute. ୬ । ଉତ୍ତର ଦିଗ—6 The north. ଦେ. ବିଣ—

ଯେ ଗାଛ ଆପନା ଆପନି ଉଠେଛେ ଯେଉଁ ଗଛ ମନୁଷ୍ୟ ନ ଲଗାଇ ପଡ଼ି
आपसे आप जमनेवाला ରହି ଯହୁରେ ଉଠିଥାଏ—(a plant) Growing without man's sowing (ଯଥା—ରମ୍ଭା କଖାରୁ ଗଛ; ରମ୍ଭା ଲାଉ ଗଛ) ଦେ. ବ—୧ । ଚିଲିକା ହ୍ରଦକୂଳସ୍ଥ ଗଞ୍ଜାମ ଜିଲ୍ଲାର ଗୋଟିଏ ବନ୍ଦରଗ୍ରାମ ଓ ରେଲଷ୍ଟେଶନ—1. Rambhā, a small town on the Lake Chilka in the Ganjam district. [ଦ୍ର—ଏଠାରେ ଖଲ୍ଲିକୋଟ ରାଜାଙ୍କ ଗ୍ରୀଷ୍ମ ନିବାସ ପ୍ରାସାଦ ଅଛି । ପୂର୍ବେ ଏହା ଚିଲିକାର ଗୋଟିଏ ବନ୍ଦର ଥିଲା ।] ୨ । ଗଞ୍ଜାମର ପ୍ରସିଦ୍ଧ ପର୍ବତ —2. A famous mountain in the Ganjam district. [ଦ୍ର—ଯୌନ କଟେଇବାସୀ ଗାଳ ରମ୍ଭା ନାସୀ । ରାଧାନାଥ. ଚିଲିକା ।] ୭ । ସ୍ତ୍ରୀ ଲୋକଙ୍କ ନାମ—3. A name given to females.

ରମ୍ଭା ଉରୁ—ଦେ. ବିଣ. ସ୍ତ୍ରୀ (ପଦ୍ୟରେ ବ୍ୟବହୃତ) (ସଂ. ରମ୍ଭୋରୁ)—
Rambhā uru ରମ୍ଭୋରୁ (ଦେଖ)—
Rambhoru (See)

ରମ୍ଭା ଉରୁବଶୀ—ଦେ. ବ (ସଂ. ରମ୍ଭା ଓ ଉର୍ବଶୀ)—(ପଦ୍ୟରେ ବ୍ୟବହୃତ) ରମ୍ଭା ଓ ଉର୍ବଶୀ ନାମ୍ନୀ ଅପ୍ସରାଦ୍ୱୟ—The two heavenly nymphs, Rambhā and urbaśi. [ଉ—ରମ୍ଭାଉରୁ ବସି—ପାଶେ ଥିଲେ ନ ଗଣେ ମୁଁ ରମ୍ଭାଉରୁବଶୀ—ସଙ୍ଗୀତ।]
Rambhāurubaśi

ରମ୍ଭା ଗଛ—ଦେ. ବ—ମଞ୍ଜରୁ ଉଠିଥିବା ଗଛ—A tree growing from a seed which has not been sown.
Rambhā gachha
যেগাছ অপনাআপনি উঠেছে
आपसेआप जमनेवाला पौधा

ରମ୍ଭା ତୃତୀୟା—ସଂ. ବ—ମାଘ (ମତାନ୍ତରେ ମାର୍ଗଶିର ବା ଜ୍ୟେଷ୍ଠ) ଶୁକ୍ଳ ତୃତୀୟା—The 3rd day of the bright fortnight of the month of Māgha (according to some, Mārgaśira or Jyaishṭha).
Rambhā tṛutiyā

ରମ୍ଭା ଫଳ—ସଂ. ବ—କଦଳୀ ଫଳ—Plantain fruit.
Rambhā phala

ରମ୍ଭା ବକଳ—ଦେ. ବ (ସଂ. ରମ୍ଭା+ବଲ୍କଳ)—କଦଳୀ ବାସୁଙ୍ଗା—The bark of the plantain tree.
Rambhā bakaḷa
কলাবাসনা केलाका बकला

ରମ୍ଭୋରୁ—ସଂ. ବଣ (ରମ୍ଭା+ଊରୁ; ରମ୍ଭା—କଦଳ ଗଛ ପରି ଊରୁ ଯାହାର; ବହୁବ୍ରୀହି)—ରମ୍ଭା ବୃକ୍ଷ ପରି ସଜଙ୍ଘା; ବର୍ତ୍ତୁଳ ଜଘନା—(a woman) Having thighs round like the trunk of a plantain tree. ସଂ. ବ. ସ୍ତ୍ରୀ—ସଜଘନା। ସ୍ତ୍ରୀ—A woman having well developed thighs. [ବ୍ୟୁ—କଦଳ ଗଛର ଗୋଡ଼ାର ମୂଳପାଖ ମୋଟ ଓ ଉପର ପାଖ ସରୁ, କିନ୍ତୁ ସ୍ତ୍ରୀଜଘନର ଉପରପାଖ ମୋଟ ଓ ତଳପାଖ ସରୁ। ଏଥିପାଇଁ ଓଡ଼ିଆ କବିମାନେ 'ରମ୍ଭୋରୁ' ନ କହି 'ଓଲଟ ରମ୍ଭାପରି ଊରୁ ଯାହାର' ବୋଲି ଉପମାଟାକୁ ସ୍ପଷ୍ଟରେ କହି ଦେଇଅଛନ୍ତି।]
Rambhoru

ରମ୍ୟ—ସଂ. ବଣ (ରମ୍ ଧାତୁ+କରଣ ଯ)—୧। ରମଣୀୟ; ସୁନ୍ଦର; ମନୋରମ—1. Charming. beautiful; agreeable; pleasing. ୨। ବଳକର—2. Strength-giving. ୩। ପୁରୁଷତ୍ୱପ୍ରଦ—3. Giving potency or virility. ସଂ. ବ—୧। ଚମ୍ପକ—1. The Champaka tree; Michelia Champak). ୨। ବକ ବା ଅଗସ୍ତିଗଛ—2. A tree; Sesbania Grandiflora. ୩। ପଟୋଳମୂଳ—3. The root or tubers of the Paṭoḷa creeper. ୪। ଶୁକ୍ର—4. Semen; the semen virile.
Ramya
(ରମ୍ୟା—ସ୍ତ୍ରୀ)

ରମ୍ୟକ—ସଂ. ବ (ରମ୍ୟ+କ)—ଜମ୍ବୁଦ୍ୱୀପାନ୍ତର୍ଗତ ନବବର୍ଷ ମଧ୍ୟରୁ ଗୋଟିଏ ବର୍ଷ ବା ଦେଶ ବିଶେଷ—Name of a tract in the mythological island of Jambu (in which India was included). [ବ୍ୟୁ—ଏହା ମେରୁର ଉତ୍ତରରେ ଅବସ୍ଥିତ। ଏହା ଇଳାବୃତ୍ତ ବର୍ଷର ଉତ୍ତରରେ। ରମ୍ୟକ ବର୍ଷର ମଧ୍ୟସ୍ଥଳରେ ସୁମେରୁ। ଇଳାବୃତ୍ତର ଉତ୍ତରରେ ଥିବା ନୀଳ ପର୍ବତର ଉତ୍ତରରେ ରମ୍ୟକ ବର୍ଷ। ଏଥିରେ ଗରୁଡ଼ ବାସ କରୁଥିବା କଥା ପୁରାଣରେ ଅଛି।] ୨। (ବୈଦ୍ୟକ) ପଟୋଳ ମୂଳ—2. The root or tubers of Paṭoḷa creeper. ୩। ମହାନିମ୍ବ; ଘୋଡ଼ାନିମ୍ବ ଗଛ—3. A tree, Melia Azadarachta.
Ramyaka

ରମ୍ୟତା(ତ୍ୱ)—ସଂ. ବି.—୧। ରମଣୀୟତ୍ୱ—1. Agreeableness. ୨। ମାଧୁର୍ଯ୍ୟ—2. Gracefulness; sweetness. ୩। ସୌନ୍ଦର୍ଯ୍ୟ—3. Beauty.
Ramyatā(twa)

ରମ୍ୟ ପୁଷ୍ପ—ସଂ. ବ. (ରମ୍ୟ ଅଟେ ପୁଷ୍ପ ଯାହାର; ବହୁବ୍ରୀହି)—ଶାଲ୍ମଳୀ; ଶିମିଳି ଗଛ—The silk-cotton tree.
Ramya pushpa

ରମ୍ୟ ଫଳ—ସଂ. ବ. (ବହୁବ୍ରୀହି)—କାରସ୍କର ବୃକ୍ଷ; କୋଚିଲାବୃକ୍ଷ—A kind of medicinal tree, Strychnos Nuxvomica tree; poison-nut tree.
Ramya phaḷa

ରମ୍ୟ ମୁଖ—ସଂ.ବଣ. ପୁଂ.(ବହୁବ୍ରୀହି)- ସୁନ୍ଦର ମୁଖ ଯୁକ୍ତ--Having a beautiful face.
Ramya mukha [ରମ୍ୟମୁଖୀ(ଖୀ)—ସ୍ତ୍ରୀ]

ରମ୍ୟା—ସଂ. ବଣ. ସ୍ତ୍ରୀ—ସୌନ୍ଦର୍ଯ୍ୟଯୁକ୍ତା; ରମଣୀୟା; ସୁନ୍ଦରୀ—Graceful; charming. ସଂ. ବି.—୧। ରାତ୍ରି; ରଜନୀ—1. The night. ୨। ସ୍ଥଳପଦ୍ମ; ସ୍ଥଳକମଳ—2. A flower; Jonidinam Suffruticosum. ୩। ନଦୀ ବିଶେଷ—3 Name of a river.
Ramyā

ରମ୍ର—ସଂ.ବି. (ରମ୍ ଧାତୁ+କର୍ତ୍ତୃ.ର)—୧। ଅରୁଣ ବର୍ଣ୍ଣ—1. The colour of the dawn; ruddy colour. ୨। ଶୋଭା—2. Beauty.
Ramra

ରୟ (ଧାତୁ)—ସଂ.—୧। ଗମନ କରିବା—1. To go. ୨। ଗତି କରିବା—2. To move.
Raya (root)

ରୟ—ସଂ.ବି. (ରୟ ଧାତୁ+ଭାବ.ଅ)—୧। ବେଗ—1. Velocity. ୨। ଦ୍ରୁତତା—2. Fleetness; swiftness. ୩। ପ୍ରବାହ; ସ୍ରୋତ; ଜଳଧାରା—3. A stream of water; current.
Raya

ରୟଣୀ—ଦେ. ବ. (ପ୍ରାଚୀନ ଓଡ଼ିଆ ସଂ. ରଜନୀ; ପ୍ରା. ରଅଣି)—୧। ରଜନୀ;ରାତ୍ରି—1. The night. [ଉ—ସମ୍ପୂର୍ଣ୍ଣ ରୟଣୀ ରୟନା(ନୀ) रहनी अब होइलेक जनि। ପ୍ରାଚୀ—ରହସ୍ୟମଞ୍ଜରୀ।] रहन विश्राम ୨। ରହଣି; ରହିବା—2. Resting; stopping. ୩। ବିଶ୍ରାମ—3. Rest. ୪। ବିଶ୍ରାମ ସ୍ଥାନ; ଆଶ୍ରୟ—4. Shelter; a place for resting. ୫। ଅବକାଶ; ଅବସର—5. Leisure.
Rayaṇi

ରୟତ—ବୈଦେ. ବ.—ରଇତ (ଦେଖ)—Raita (See)
Rayat

ରୟତି—ବୈଦେ. ବ.—ରଇତି (ଦେଖ)—Raiti (See).
Rayati

ରୟାଟୀ—ସଂ. ବ. (ରୟ୍+ଅଟ ଧାତୁ+କର୍ତ୍ତୃ.ଈ)—ଲଲାଟ—Brow.
Rayāṭi

ରୟାଲ୍‌ଟି—ବୈଦେ. ବ. (ଇଂ.)—କୌଣସି ପଦାର୍ଥବସ୍ତୁର ବ୍ୟବସାୟୀ ରୟାଲ୍‌ଟି ଯେଉଁ ମାଲିକାନା ସ୍ୱତ୍ତ୍ୱ
Rayāl-ṭi ସ୍ୱତ୍ୱାଳୁ ବା ବସ୍ତୁର ମାଲିକଙ୍କୁ ଯେଉଁ ମାଲିକାନା
रयालटि रयालटी ଦିଅନ୍ତି—Royalty.

ରୟିଷ୍ଠ—ସଂ.ବଣ. (ରୟ୍+ଅତିଶୟାର୍ଥେ ଇଷ୍ଠ)—ଅତି ଦ୍ରୁତ—Very.
Rayishṭa fleet or swift.

(ରୟିଷ୍ଠା—ସ୍ତ୍ରୀ) ସ. ବ—୧।କୁବେର—1. The God of wealth.
Rayishṭā ୨। ବ୍ରହ୍ମା—2. Brahmā, the Creator. ୩। ଅଗ୍ନି; ଅନଳ—3. Fire

ରରାଟ(ଟୀ)—ସଂ. ବ.—ଲଲାଟ—Brow; forehead.
Rarāṭa(ṭi)

ରଲା—ପ୍ରାଦେ. (ବହି ଭାଷା). କ୍ରି—('ସ୍ଥା' ଧାତୁର ଅତୀତକାଳର ଅର୍ଥ)
Ralā ଥିଲା—Was.

ରଲି(ଲ୍ଲି)—ଦେ. ବ. (ସଂ. ରଲ୍ଲକ)—ଅକ୍ଷିବାଳ; ଅକ୍ଷି ପତାର କେଶ—
Rali(lli) চোখেরপাতারচুল बरौनी Eye-lash.

ରଲ୍ଲକ—ସଂ.ବ. [ରମ୍ ଧାତୁ—ତୁଷ୍ଟ ହେବା, କ୍ରୀଡ଼ା କରିବା + କର୍ତ୍ତୃ ବୁଣ୍;
Rallaka ରମ୍ = ଅନନ୍ଦ; ରମ୍ + ଲାଧାତୁ = ଦେବା, ଗ୍ରହଣ କରିବା + କର୍ତ୍ତୃ. ଅକ, ଯାହା ଅନନ୍ଦ ଦିଏ]—୧। କମ୍ବଳ—
1. Blanket. ୨। ମୃଗ ବିଶେଷ—2. A species of deer. ୩। ଅକ୍ଷିପତାର ଲୋମ—3. Eye-lash.
୪। ପଦ୍ମ—4. Lotus.

ରଶ୍(ଧାତୁ)—ସଂ.—ଶବ୍ଦ କରିବା—To make a sound.
Raś(root)

ରଶମଶ—ଦେ. ଅ—୧। ଛୋଟ ଡାଳ ଭାଙ୍ଗିବାର ଅନୁଚ୍ଚ ଶବ୍ଦ—
Raś-maś 1. Low cracking sound of the break-
মস্‌মস্ चुरचुर, खुरखुर ing of small twigs.
୨। ପତ୍ରର ଅତି ଉପରେ ଚାଲିବା ଶବ୍ଦ—2. Low rustling sound. ୩। ଜଣାଇବ; ଜର ହେବା ପୂର୍ବରୁ ଦେହ ଭାଙ୍ଗମୋଡ ହେବା—3. Languidity and twisting of limbs before an attack
কসমস टुटना of fever. ୪। ଜ୍ୱର ଜ୍ୱର ବୋଧ ହେବା—
4. Feeling feverish. ୫। ରଶରଶ (ଦେଖ)—
5. Raś-raś (See)

ରଶମସିଆ—ଦେ. ବଣ—ଅସୁସ୍ଥତା ବୋଧହେଉଥିବା (ଶରୀର)—
Raś-masiā Sickly; feverish.
কসমস आलस

ରଶରଶ—ଦେ. ଅ (ଧ୍ୱନ୍ୟନୁକରଣ)—୧। ଜୋତାର ବା ଲୁଗାର ଶବ୍ଦ
Raś-raś ହେଉଥିବାପ୍ରକାରେ; ଚଞ୍ଚଳ ଚାଲିବା ପ୍ରକାରେ—
মটমট মচমচ चमचम 1. Mode of walking brisk-
(ରଶରଶ—ଅବ୍ୟୟ) ly; by making a rustling
কচকচ कचरकचर sound with the shoes or
clothes. ୨। କାକୁଡ଼ି ଅତି ଖାଇବାପ୍ରକାରେ—
2. Like chewing cucumbers. ୩। ଗୁପୁଡ଼ା ମାରିବାର ଶବ୍ଦ—3. Cracking sound of slaps.
(ଯଥା—ସେ ତାକୁ ରଶରଶ ଦୁଇଟା ଗୁପୁଡ଼ା ମାରଦେଲା ।)
୪। କାନ୍ଦି କାନ୍ଦି ହୋଇ କାନ୍ଦିବାପ୍ରକାରେ—4. Sobbingly. (ଯଥା—ଦେଖି ସପତ୍ନୀଙ୍କ ହସ, ପୁଣି କାନ୍ଦଇ ରସରସ—ଭୂପତି. ପ୍ରେମପଞ୍ଚାମୃତ ।)

ରଶରସିଆ—ଦେ. ବଣ—ରଶ୍‌ରଶ୍‌ଶବ୍ଦକାରୀ—
Raś-rasiā Making rustling sound.
মটমটে মচমচে कचकचिया

ରଶ(ସେ)ଦ୍—ବୈଦେ. ବ (ଫା. ରସଦ୍)—୧। ହାକିମକୁକୁମା ମଫସଲକୁ
Raśa(śe)d ଗଲେ ଜମିଦାରମାନଙ୍କର ସେମାନଙ୍କୁ ଯୋଗାଇବା
(ଗଞ୍ଜାମ—ସପ୍ଲେଇ) ଦୈନିକ ଅତ୍ୟାବଶ୍ୟକ ଭୋଜ୍ୟବସ୍ତୁ ବା ବ୍ୟବହାର୍ଯ୍ୟ
রসদ रसद୍ ସରଞ୍ଜାମ—1. Supply of victuals; victuals and other daily necessaries supplied to public servants while touring in moffasal. ୨। ପଲଟଣମାନଙ୍କୁ ଯୋଗାଯିବା ଖାଦ୍ୟାଦି—2. Supplies for an army. [ଦ୍ର—ହାକିମମାନେ ମଫସଲକୁ ଗସ୍ତରେ ବାହାରିବା ପୂର୍ବରୁ ଓ ପୂର୍ବେ ସୈନ୍ୟମାନେ ସ୍ଥାନାନ୍ତରକୁ ବାହାରିବା ପୂର୍ବରୁ ସେମାନେ ଯାଇଁ ଯେଉଁଠାରେ ମୁକାମ କରିବେ ସେହି ସ୍ଥାନର ଜମିଦାରମାନେ ଉଚିତ ମୂଲ୍ୟ ନେଇ ସେମାନଙ୍କ ପାଇଁ ଅବଶ୍ୟକ ଚାଉଳ, ଡାଲି, କାଠ, ଖାସୀ, କୁକୁଡ଼ା, ଅଣ୍ଡା, ହାଣ୍ଡି, ଦାନା ଓ ଘାସବିଚାଲି (ଅବଶ୍ୟ ହାକିମଙ୍କପାଇଁ ନୁହେଁ, ହାକିମଙ୍କର ଗଧ ଓ ଘୋଡ଼ାଙ୍କ ପାଇଁ) ଯୋଗାଇବାପାଇଁ ପୂର୍ବରୁ ପରୁଆନା କରାଯାଏ । ଏବେ ରେଲ ଅତି ହେବାରୁ ରସଦ୍ ପ୍ରଥା କମି ଯାଉଅଛି । ଏ ପ୍ରଥାଦ୍ୱାରା ସମୟେ ସମୟେ ଲୋକଙ୍କ ଉପରେ ନାନା ଜୁଲମ ହେଉଥିଲା । ଏ ପ୍ରଥା ବର୍ତ୍ତମାନ ଅନାର ମୂଳକରେ ଅଛି ।] ୩। ରଶିଦ୍ (ଦେଖ). 3. Raśid (See).

ରଶଦ୍‌ଖାନା—ବୈଦେ.ବ(ଫା)—ଯେଉଁ ସ୍ଥାନରେ ହାକିମ ବା ସୈନ୍ୟଙ୍କ
Rasad khānā ପାଇଁ ସଗୃହୀତ ମାଲମାନ ରଖା ଯାଇଥାଏ
রসদখানা रसदखाना A place where the supplies required for an army or an officer on tour are stored.

ରଶଦ୍‌ଜମା—ବୈଦେ. ବ (ଫା. ଜମିଦାରୀ ସିରସ୍ତା) କ୍ରମଶଃ ବୃଦ୍ଧିକରାଯିବା
Rasad-jamā ଜମିର ଖଜଣା—Gradually increasing
রসদজমা रसदजमा rent or revenue.

ରଶଦ୍ ଦେବା—ଦେ. କି (କଚରଥ)—ହାକମ ଓ ସେନାଅାଦଙ୍କୁ
Rasad debā ଅବଶ୍ୟକ ଖୋରାକ୍‌ବ୍ୟାଦ ଯୋଗାଇଦେବା—
ରশদযোগান **रसद्‌देना** To supply victuals and
[ରଶଦ୍ ଯୋଗା(ଗେ)ଇବା—ଅନ୍ୟରୂପ] forage to officers
on tour and an army on march.

ରଶଦ୍ ପର(ରୁ)ଓ୍ୱା(ଆ)ନା—ବୈଦେ. ବ (କଚରଥ)—ଗସ୍ତରେ
Rasad para(ru)wā(ā)nā ଯିବା ହାକମଙ୍କୁ ଓ ସୈନ୍ୟଙ୍କୁ
(ରଶଦପରବାନା—ଅନ୍ୟରୂପ) ରଶଦ୍ ଯୋଗାଇବାପାଇଁ ଜମିଦାର
রসদপরোয়ানা **रसदपरवाना** ଅାଦଙ୍କ ନିକଟକୁ ଅଗରୁ ପଠାଯିବା
ହୁକୁମନାମା—Orders sent to Zamindars
beforehand to supply necessaries to
touring officers and to a marching
army.

ରଶଦ୍‌ବିଭାଗ—ଦେ. ବ—ପଲଟଣଙ୍କୁ ଖାଦ୍ୟ ଯୋଗାଇବା ପାଇଁ ନିଯୁକ୍ତ
Rasad bibhāga କର୍ମଚାରୀଗଣ—The Supply Depart-
রসদবিভাগ **रसद्‌विभाग** ment of an army.

ରଶନ—ଦେ. ବ (ସ. ରଶନା)—ରଶନା (ଦେଖ)—Rasanā(See)
Rasana ରশনা (ଯଥା—କଟୀରେ କଟୀ ରଶନ କସନ
ପୀତବସନ ଯୋଷେ ଗଞ୍ଜେ ମଦନ ଗାରମା—ପ୍ରାଚୀ.
ରସକାରଣ ।)

ରଶନା—ସ. ବ (ରଶ୍ ଧାତୁ+କରଣ ଅନ+ଅ)—୧ । ଜିହ୍ୱା;ଜିଭ—
Rasanā 1. Tongue. ୨ । ସ୍ତ୍ରୀଙ୍କ କଟୀଭୂଷଣ; କାଞ୍ଚୀ;
ଗୋଠ ଓ ଚନ୍ଦ୍ରହାର ଇତ୍ୟାଦ—A woman's
waist-chain or girdle. [ଦ୍ର—ସ୍ତ୍ରୀକଟୀ-
ଭୂଷଣରେ ଅନେ ଘୁଙ୍ଗୁର ଲଗାଯାଇ ଓ ଏହା ରୁଣୁଝୁଣୁ
ଶବ୍ଦ କରୁଥିବାରୁ ଏହି ନାମ ହୋଇଅଛି ।]

ରଶନେନ୍ଦ୍ରିୟ—ସ. ବ—ଜିଭ; ରସିବାର ଇନ୍ଦ୍ରିୟ—Tongue;
Rasanendriya the organ of taste.

ରଶଲ୍‌ଦାର୍—ବୈଦେ. ବ (ଅ. ରସାଲ=ଅଶ୍ୱାରୋହୀ ସେନା+ଫା.
Rasal-dār ଦାର୍=ନାୟକ)—ଅଶ୍ୱାରୋହୀ ସେନାର ନାୟକ—
রিসালদার **रिसालदार** The captain or commander
of a cavalry regiment.

ରଶି(ଶୀ)—ଦେ. ବ (ସ. ରଶ୍ମି, ଫା. ରସୀ)—୧ । ରଜ୍ଜୁ; ଦଉଡ଼ି—
Rasi(si) 1. Rope. ୨ । ୮୦ ହାତ ଲମ୍ବ ମାପଦଉଡ଼ି-
রসী **रस्सी** 2. A measuring rope about forty
yards long. ୩ । ୫୦ ହାତରୁ ୧୦୦ ହାତ ଦୂରତ୍ୱ;
ଏତିକି ଲମ୍ବା—3. A distance or length of
50 to 100 cubits.

ରଶିଆ—ବୈଦେ. ବ (ଇଂ. ରସିଅ)—ରୁଷିଅ ଦେଶ—
Rasiā Russia (country).
রসিয়া **रूस**

ରଶିଅନ—ବୈଦେ. ବଣ (ଇଂ. ରସିଅନ୍)—ରସିଅ ଦେଶ ସମ୍ବନ୍ଧୀୟ—
Rasiān Russian.
রসিয়ান **रूस, रूसके**

ରଶି(ସେ)ଦ(ଦ)—ବୈ ଦେ. ବ (ଫା. ରସୀଦ୍; ଭୁଲ. ଇଂ. ରସିଟ୍
Rasi(se)da(di) (riceipt) ଜନ୍ମ ଏହା ଇଂରାଜ ରସିଟ୍ ଶବ୍ଦରୁ
রসীদ ବାହାର ନାହିଁ)—୧ । ପାଉତି; ପ୍ରାପ୍ତିସ୍ୱୀକାର ପତ୍ର—
रसीद 1. A receipt; acknowledgment; a document acknowledging receipt. ୨। ମୁସଲମାନ-
ମାନଙ୍କ ନାମ ବିଶେଷ—2. A name amongst
the Mahomedans.

ରସିଦ୍ ଗ୍ରହୀତା—ଦେ.ବଣ (କଚରଥ)—ଯେଉଁ ଲୋକ ଧନ ଆଦ ଦେଇ
Rasid grahitā ଦାତାଙ୍କଠାରୁ ରସିଦ୍ ଗ୍ରହଣ କରେ—
রসিদগ্রহিতা Grantee of a receipt; the acceptor
रसिद्‌ पानेवाला or receiver of a receipt.

ରଶିଦ୍ ଦାତା—ଦେ.ବଣ. (କଚରଥ)—ରସିଦ୍‌ଦ୍ୱାରା ପ୍ରାପ୍ତିସ୍ୱୀକାରକାରୀ—
Rasid dātā The grantor of a receipt.
রসিদদাতা **रसिद्‌ देनेवाला**

ରଶିଦ୍ ଦେବା—ଦେ. କ୍ରି—କୌଣସି ଧନ ଆଦ ପାଇବା ପରେ ପ୍ରାପ୍ତି-
Rasid debā ସ୍ୱୀକାର କରିବା—To grant a receipt;
রসিদ্ দেওয়া to acknowledge receipt. [ଦ୍ର—ଏହିପରି
रसिद देना ରସିଦ୍ ନେବା, ନେବା, ମାଗିବା, ପାଇବା ଆଦ
ହୁଏ ।]

ରଶିଦ୍ ପୁସ୍ତକ-ଦେ.ବ—୧ । ଯେଉଁ ବହିରେ ସ୍ୱତନ୍ତ୍ର ମୁଦ୍ରିତ ରସିଦ୍ ଫାରମ
Rasid pustaka ବା ମୁଦ୍ରାରସିଦ୍ ଥାଏ—1. A book of
(ରସିଦ୍‌ବହି[ଇ]—ଅନ୍ୟରୂପ) receipts, receipt book.
রসিদবই ୨ । ଯେଉଁ ପୁସ୍ତକରେ ପ୍ରାପ୍ତିସ୍ୱୀକାରମାନ ଲିପିବଦ୍ଧ ହୁଏ—
रसिद्‌ बही 2. A book for filing or keeping
receipts.

ରଶି ଦେବା—ଦ୍ରୁଦେ. କ୍ରି—୧ । ଦଉଡ଼ି ଦେବା; ଅପଣା ବେକରେ
Rasi debā ଦଉଡ଼ି ଲଗାଇ ଝୁଲିକଳରେ ପ୍ରାଣତ୍ୟାଗ କରିବା—
রশি লগান 1. To commit suicide by hanging.
रस्सी लगाना ୨ । ଅନ୍ୟକୁ ଫାଶି ଦେବା—2. To hang a
(ରଶି ଲଗାଇବା—ଅନ୍ୟରୂପ) person to death.

ରଶୁଣ—ଦେ.ବ (ସ. ଲଶୁନ, ରସୁନ; ରସୋନ)—ଲଶୁନ, ପଲାଣ୍ଡୁସଦୃଶ.
Rasuna କନ୍ଦ ଶ୍ୱେତବର୍ଣ୍ଣ ଓ ପଲାଣ୍ଡୁଠାରୁ ଉଗ୍ରଗନ୍ଧ ଓ ଉଗ୍ରବୀର୍ଯ୍ୟ
ସ.—ରସୋନ, ରସୋନକ, ମୂଳବିଶେଷ—Garlic; Allium
ରସୁନ, ଲଶୁନ, ଉଗ୍ରଗନ୍ଧ, Sativum. [ଦ୍ର—ରସୁଣ
ମହୌଷଧ, ଅରିଷ୍ଟ, ମ୍ଲେଚ୍ଛକନ୍ଦ, ସାଧାରଣତଃ ଧଳା ଦେଖାଯାଏ, କନ୍ତୁ
ଯବନେଷ୍ଟ; ରସୋନକା, ଏକ ପ୍ରକାର ନାଲିଆ ରସୁଣ ଅଛି ।
ଗୃଞ୍ଜନ, ମହାକନ୍ଦ, କଟୁକନ୍ଦ, ଉଭୟ ପ୍ରକାର ରସୁଣର ଗୁଣ
ରାହୁଚ୍ଛିଷ୍ଟ, ଶ୍ରୀହୁତଶିଷ୍ଟ, ଭୂତଘ୍ନ ।] ସମାନ । ରସୁଣର ମୂଳର କଟୁରସ,
রশুন, লশুনন ପତ୍ରରେ ତିକ୍ତରସ, ନାଡ଼ ବା ଡାଙ୍ଗରେ
लसुन, लहसुन କଷାୟ, ମୂଳର ଅଗ୍ରଭାଗରେ ଲବଣ
ଫା. ସୋସୁର ଓ ମଞ୍ଜିରେ ମଧୁରରସ । ଏପରି
ଆ. ସୁମଇସ୍ ଅବିୟଜ୍, ୫ ଗୋଟି ରସ ଥିବାରୁ ଓ ଗୋଟିଏ
ସୁମ୍ ଲହୟାବ୍ ରସ (ଅମ୍ଳ) ଊଣା ଥିବାରୁ ଏହାକୁ

ମ. ସାଁଭ୍ରୁଣସଣ ପଣ୍ଡିତମାନେ ରସୋନ (ରସ+ଊନ)
ତେ. ତେଲ୍ଲଗଡ୍ଡି ନାମ ଦେଇ ଅଛନ୍ତି ।
ତା. ବଳ୍ଳୈ ପାଣ୍ଡୁ ଏହା ପୁଷ୍ଟିକର, ଶୁକ୍ରବର୍ଦ୍ଧକ, ସ୍ନିଗ୍ଧ, ପରିପାଚକ, ସାରକ, କଟୁରସାତ୍ମକ, ତୀକ୍ଷ୍ଣବୀର୍ଯ୍ୟ, ଭଗ୍ନସ୍ଥାନସଂଯୋଜକ, କଣ୍ଠପରିଷ୍କାରକ, ଗୁରୁ ବଳକର, ବର୍ଣ୍ଣପ୍ରସାଦକ, ମେଧାବୃଦ୍ଧିକର ଓ ହୃଦ୍‌, ଜୀର୍ଣ୍ଣଜ୍ୱର, ଗୁଳ୍ମ, ଅରୁଚି, ଶ୍ୱାସ, ଅର୍ଶ, କୁଷ୍ଠ ଓ ଅଗ୍ନିମାନ୍ଦ୍ୟାଦି ରୋଗନାଶକ ।

ପୁରାଣରେ କଥିତ ଅଛି ଯେ ଯେଉଁ ସମୟରେ ଗରୁଡ଼ ଆପଣା ମାତା ବିନତାଙ୍କୁ ତାଙ୍କ ସପତ୍ନୀ କଦ୍ରୁଙ୍କ ଦାସୀତ୍ୱରୁ ମୁକ୍ତ କରିବା ପାଇଁ ନାଗମାନଙ୍କ ଆଦେଶରେ ସ୍ୱର୍ଗକୁ ଯାଇଁ ଚନ୍ଦ୍ରଙ୍କଠାରୁ ସୁଧା ହରଣ କରି ସୁଧା ନେଇ ଫେରି ଆସିଲେ, ସେହି ସମୟରେ ତହିଁରୁ ଏକ ବିନ୍ଦୁ ଭୂତଳରେ ପତିତ ହୋଇ ତାହା ରସୁଣରେ ପରିଣତ ହେଲା ।

ଏହା ନାନା ଔଷଧରେ ବ୍ୟବହୃତ ହୁଏ । ଯବନମାନେ ଏବଂ ସେମାନଙ୍କ ଦେଖାଦେଖି କେତେକ ହିନ୍ଦୁ ଏହାକୁ ତରକାରୀରେ ମସଲାରୂପେ ବ୍ୟବହାର କରନ୍ତି । ପ୍ରସୂତି ପକ୍ଷରେ ଏହା ଉପକାରକ । ଏହାକୁ ଅଭ୍ୟାସ କରି ଖାଇଲେ ବାତଜ୍ୱର ହୁଏ ନାହିଁ । ରସୁଣଭୋକ୍ତା ପକ୍ଷରେ ମଦ୍ୟ, ମାଂସ ଓ ଅମ୍ଳଦ୍ରବ୍ୟ ଭୋଜନ ଉପକାରକ ଏବଂ ଦୁଗ୍ଧ, ଗୁଡ଼, ଅଧିକ ଜଳପାନ, ରୌଦ୍ରତାପ, ପରିଶ୍ରମ ଓ କ୍ରୋଧ ଅପକାରକ । ଏହାର ଗନ୍ଧ ଅତି ଉଗ୍ର ।]

ରଶୁଣ ଗନ୍ଧ—ଦେ. ବି (ସଂ. ଲଶୁନ ଗନ୍ଧ)—ରସୁଣର ଉଗ୍ରଗନ୍ଧ—
Rasuṇa gandha Strong smell of garlic.
रसुनेगन्ध **लहसुनकी गंध**

ରଶୁଣା—ଦେ. ବି—୧ । ରସୁଣିଆ ଦଳ; ଏକପ୍ରକାର ଜଳଜଶାକ—
Rasuṇā 1. A kind of aquatic plant with a
रसुना white tuber. [ଦ୍ର—ଏଥିର ପତ୍ରମାନ ଗଦପତ୍ର (ରଶୁଣିଆ—ଅନ୍ୟରୂପ) ପରି; ଏହାର ମୂଳର କନ୍ଦ ରସୁଣ ପରି ଧଳା ଦେଖାଯାଏ ।] ୨ । ଧଳାକନ୍ଦ ବିଶିଷ୍ଟ ତୃଣ ବିଶେଷ—
2. A kind of grass. ୩ । ଏକପ୍ରକାର ଛୋଟ ରସୁଣ—3. A small species of garlic, Shallot Chive. ୪ । ସ୍ତ୍ରୀ ଲୋକମାନଙ୍କ ବାହୁରେ ପିନ୍ଧିବା ଏକପ୍ରକାର ତେନ୍ତୁଳିଆ ଯୁକ୍ତ ହାରମାଳ ବା ବାହୁ-ତେନ୍ତୁଳିଆମାଳ—4. A string of armlet worn as an ornament by women.
लहसनिया ୫ । ଲଶୁନା; ଲଶୁନିଆ; ବୈଦୂର୍ଯ୍ୟ ରତ୍ନ—5. A
लहसुनिया species of gem; lapis lazuli. ଦେ. ବିଣ
रसुने (ସ. ରସୁନ)—୧ । ରସୁଣ ପରି ଉଗ୍ରଗନ୍ଧ ବିଶିଷ୍ଟ—
लहसुनिया 1. Smelling like garlic. ୨ । (ସ. ରସ)
रसवाला ଅଧିକ ରସଯୁକ୍ତ; ରସୁଆଳ—2. Full of juice.
रसवाला (ଦ୍ର—ରସୁଣିଆ ଅମ୍ବ-ଯେଉଁ ଅମ୍ବକୁ ଗଛରୁ ଦୁଇଁ-ଅଣିଲେ ସେଥିର ଲସିରୁ ବହୁତ ରସ ବୁହେ ।)

ରଶୁଣା ଦଳ—ଦେ. ବି—ରଶୁଣା ୧ (ଦେଖ)
Rasuṇā daḷa Rasuṇā 1 (See)
(ରଶୁଣିଆ ଦଳ—ଅନ୍ୟରୂପ)

ରଶୁମ୍—ବୈଦେ. ବି—ରୋଶମ୍ (ଦେଖ)
Rasum Rosam (See)

ରଶୁମ୍ ରଶୁମାତ୍—ବୈଦେ. ବି—ରୋଶମ୍ ରୋଶମାତ୍ (ଦେଖ)
Rasum rasumāt Rosam rosamāt (See)

ରଶୁଲ୍—ବୈଦେ. ବି (ଅ. ରସୁଲ୍)—୧ । ପୃଥିବୀକୁ ପ୍ରେରିତ
Rasul ଈଶ୍ୱରଙ୍କ ଦୂତ; ପଏଗମ୍ବର—1. God's messenger
रसूल to the earth. [ଦ୍ର—ମୁସଲମାନ୍ ଧର୍ମପ୍ରବର୍ତ୍ତକ
रसूल ମହମ୍ମଦ୍ ଈଶ୍ୱରପ୍ରେରିତ ଦୂତ 'ରସୁଲ୍-ଇଲାହା' ଥିବା ମୁସଲମାନ୍‌ମାନେ ବିଶ୍ୱାସ କରନ୍ତି ଓ ସେ ଈଶ୍ୱରଙ୍କ ଆଜ୍ଞାମାନ କୋରାନ୍‌ରେ 'ସୁରା' ବା ସୂକ୍ତରୂପରେ ପ୍ରଚାର କରିଅଛନ୍ତି ।]
୨ । ଦୂତ—2. Messenger. ୩ । ମୁସଲମାନଙ୍କ ନାମ ବିଶେଷ—3. A name given to a Mahomedan.

ରଶୁଲ୍ ଇ(ଆ)ଲ୍ଲା—ବୈଦେ. ବି (ଫା. ରସୁଲଇଲ୍ଲାହା)—ମୁସଲମାନ୍ ଧର୍ମ-
Rasul i(ā)llā ପ୍ରଚାର କରିବା ପାଇଁ ପୃଥିବୀକୁ ଈଶ୍ୱର ପ୍ରେରିତ
रसूलाइला ଦୂତ; ମହମ୍ମଦ—God's messenger on
रसूल इल्लाहा earth; Mahommed, the founder of the Mahomedan faith (believed by the Moslems to have been God's messenger on earth). (ଯଥା—ମହମ୍ମଦ ରସୁଲିଲ୍ଲା ।)
ରଶୁଲଇଲ୍ଲାହ୍ (ହା)
ରଶୁଲିଲ୍ଲା
ରଶୁଲିଲ୍ଲା
ରଶୁଲ୍ଲିଲା } ଅନ୍ୟରୂପ

ରଶ୍ମି—ସଂ. ବି (ଅଶ୍ ଧାତୁ=ବ୍ୟାପିବା+କର୍ତ୍ତୃ. ମି. ନିପାତନ)—
Raśmi ୧ । କିରଣ—1. Ray of light. ୨ । ପ୍ରଗ୍ରହ; ଲଗାମ—2. Reins of a horse; bridle. ୩ । ରଜ୍ଜୁ; ଦଉଡ଼ି—3. Rope. ୪ । ପକ୍ଷ; ଡେଣା—4. Wing of the bird. ୫ । ପକ୍ଷ୍ମ; ଅକ୍ଷିପତ୍ର—5. Eye-lid.

ରଶ୍ମି କେନ୍ଦ୍ର—ସ. ବି (୬ଷ୍ଠୀ ତତ୍) (ଆଧୁନିକ ବିଜ୍ଞାନ)—ଅଧିକ୍ଷୃତ,ଆଲୋକର
Raśmi kendra କିରଣମାନ ଦୁରବୀକ୍ଷଣର ମୁକୁରର ବା କାଚର ମଧ୍ୟଦେଇ ଗମନ କରି ଯେଉଁଠାରେ ମିଳିତ ହୁଏ—The focus; the point where the converging rays of light (passing through a lens) meet-

ରଶ୍ମିଜାଳ—ସ. ବି (୬ଷ୍ଠୀ ତତ୍)—୧ । ଚିରଣସମୂହ—
Raśmi jāḷa 1. Several rays of light. ୨ । କିରଣମାଳ-
2. A stream of light (consisting of a cluster of rays).

ରଶ୍ମିପତି—ସ. ବି (୬ଷ୍ଠୀ ତତ୍)—୧ । ସୂର୍ଯ୍ୟ—1. The sun. ୨ ।
Raśmi pati ଅର୍କବୃକ୍ଷ—2. The swallow wort; Calotropis Gigantea.

ରଶ୍ମିପାତ—ସଂ. ବି.—(ଷଷ୍ଠୀ ତତ୍)—କୌଣସି ବସ୍ତୁରେ କିରଣ
Raśmi pāta ପଡ଼ିବା; କିରଣପାତ; ଆଲୋକର ପ୍ରତିଫଳନ—
Refraction of the rays; the falling of the rays on a thing.

ରସ୍ (ଧାତୁ)—ସ୍ୱ—୧ । ଶବ୍ଦ କରିବା—1. To make a sound.
Ras (root) ୨ । ଆସ୍ୱାଦନ କରିବା—2. To taste.
୩ । ସ୍ନେହ କରିବା—3. To love. ୪ । ଭକ୍ତି କରିବା—4. To regard.

ରସ୍—ବୈଦେ. ବି (ଇଂ ରସ୍)—ଋଷିଆଦେଶୀୟ—
Ras Russian.

ରସ—ସଂ. ବି (ରସ୍ ଧାତୁ+କର୍ମ. ଅ)—୧ । ଆସ୍ୱାଦ; ସ୍ୱାଦ; ପଦାର୍ଥର
Rasa ୨୪ ଗୁଣ ମଧ୍ୟରୁ ରସନା ଦ୍ୱାରା ଗ୍ରାହ୍ୟ ଗୁଣ—
1. Taste of a thing. [ଦ୍ର—ରସ ଦ୍ରବ୍ୟର ଗୁଣ ବା ଧର୍ମବିଶେଷ । ଏହା ଦ୍ରବ୍ୟମାନଙ୍କରୁ ରସନା ବା ଜିଭ ଦ୍ୱାରା ଅନୁଭୂତ ହୁଏ । ବୈଦ୍ୟଶାସ୍ତ୍ରରେ ଦ୍ରବ୍ୟର ଆସ୍ୱାଦନ ୫୭ ପ୍ରକାରର ବର୍ଣ୍ଣିତ ହୋଇଅଛି କିନ୍ତୁ ସାଧାରଣତଃ ୬ଟି ରସ (ଷଡ଼ ରସ) ଅନୁଭୂତ ହୁଏ (Taste, sovour or flavour of a thing)
(କ) ମଧୁର ବା ମିଠା—Sweet (କ୍ଷିତ୍ୟମ୍ବୁ ସଂସର୍ଗଜ)
(ଖ) ଅମ୍ଳ ବା ଖଟା—Sour, acidish (ଜଳାଗ୍ନି ସଂସର୍ଗଜ)
(ଗ) ଲବଣ ବା ଲୁଣିଆ—Saline, salt (କ୍ଷିତ୍ୟଗ୍ନି-ସଂସର୍ଗଜ)
(ଘ) କଟୁ ବା ରାଗ—Pungent (ବାୟୁ ଓ ଅଗ୍ନି ସଂସର୍ଗଜ)
(ଙ) ତିକ୍ତ ବା ପିତା—Bitter (ବାୟୁ ଓ ଆକାଶ ସଂସର୍ଗଜ)
(ଚ) କଷାୟ ବା କଷା—Astringent (କ୍ଷିତ୍ୟ-ନିଳସଂଯୋଗଜ)

ଏହି ଛଅଟି ରସକୁ ଷଡ଼ରସ କୁହାଯାଏ । ଖାଦ୍ୟ ଦ୍ରବ୍ୟର ସାମଗ୍ରୀ ମାନ ଖାଇବା ଲୋକର ରୁଚି ଅନୁସାରେ ଏହି ଷଡ଼ରସ ଯୁକ୍ତ ହେଲେ ରୁଚିକର ହୁଏ । ଜଣେ ଜଣେ ବ୍ୟକ୍ତି ଗୋଟିଏ ଗୋଟିଏ ବିଶିଷ୍ଟରସର ଅଧିକତର ପ୍ରିୟ ଥିବା ଦେଖାଯାଆନ୍ତି ।] ୨ । ଜଳ—2. Water.
୩ । ପଦାର୍ଥରୁ, ଫଳାଦିରୁ, ବୃକ୍ଷାଦିରୁ ନିର୍ଗତ ଜଳବତ୍ ତରଳ ସାର; ନିର୍ଯ୍ୟାସ—3. Juice; liquid extract from fruits, vegetables and other bodies.
[ଦ୍ର—ଦ୍ରବ୍ୟାଦିରୁ ନିର୍ଗତ ହେବା ଜଳବତ୍ ପଦାର୍ଥକୁ ରସ କୁହାଯାଏ । ଗୋରୁଠାରୁ ବାହାରିବା ଦୁଧକୁ ଗୋରସ କୁହାଯାଏ । ଗଛ ଆଦିରୁ ଯେଉଁ ଦ୍ରବ ପଦାର୍ଥ ବହେ ବା ଚୁପୁଡ଼ାଯାଏ ତାହାକୁ ରସ କୁହାଯାଏ । ଯଥା—ଆଖୁରସ, ଖଜୁରିରସ । ଗଛ ଦେହରୁ ବହିବା ନିର୍ଯ୍ୟାସ ଓ କ୍ଷୀର ମଧ୍ୟ ରସ (Juice) । ଆଦ୍ର ଫଳପତ୍ରାଦିକୁ ଚିପୁଡ଼ିଲେ ରସ ବାହାରେ; ଯଥା—ଲେମ୍ବୁଆରସ, ଅଦାରସ, ପାନରସ; ଗଛରୁ ବୋହିବା ଅଠା ମଧ୍ୟ ରସ ଅଟେ; ଯଥା—ଝୁଣା, ଗୁନ୍ଦଅଠା, ଗୁଗ୍ଗୁଳ (ଗନ୍ଧ ରସ) । ଏହି ଅର୍ଥରେ ଯେ କୌଣସି ବସ୍ତୁରୁ ଯେ କୌଣସି ପ୍ରକ୍ରିୟାଦ୍ୱାରା ବାହାରିବା ଜଳୀୟ ପଦାର୍ଥକୁ ବା ତରଳସାରକୁ ରସ କୁହାଯାଏ । ଜଳ ସଙ୍ଗେ ଦ୍ରବ୍ୟାଦି ପାକ କରାଯାଇ ଜଳ ମିଶ୍ରିତ ଭୁକ୍ତଦ୍ରବ୍ୟମାନଙ୍କର କ୍ୱାଥକୁ ମଧ୍ୟ ରସ (ଝୋଳ, ଯୂଷ, ଅର୍କ)କୁହାଯାଏ । ୪ । କାବ୍ୟାଲଙ୍କାରରେ ଶୃଙ୍ଗାରାଦି ଭାବ—4. Sentiment in poetical or literary composition. [ଦ୍ର—କୌଣସି ବିଷୟ (କାବ୍ୟନାଟକାଦି) ପାଠ, ଦର୍ଶନ, ଶ୍ରବଣ ବା ଚିନ୍ତା କଲେ ତହିଁର ଫଳରେ ମନୁଷ୍ୟ ମନରେ ସୁଖ, ଦୁଃଖ, କ୍ରୋଧାଦି ଯେଉଁ ସ୍ଥାୟୀଭାବ ଜନ୍ମେ କାବ୍ୟାଦିର ସେହି ସ୍ଥାୟୀ ଭାବୋତ୍ପାଦିକା ଶକ୍ତିକୁ ରସ କୁହାଯାଏ । ଏହି ରସ (sentiment, emotion) ନଅପ୍ରକାର ।

ପ୍ରତ୍ୟେକ ରସର ବିଶେଷ ବିଶେଷ ସ୍ଥାୟୀଭାବ,ଆଲମ୍ବନ, ଉଦ୍ଦୀପନ ବିଭାବ, ଅନୁଭାବ ଓ ବ୍ୟଭିଚାରୀ ଭାବ ଅଛି ।

ରସମାନଙ୍କର ନାମ ଓ ବିବରଣ ଯଥା—

୧ । ଶୃଙ୍ଗାର ବା ଆଦିରସ (Sentiment of love) ।
ମନୁଷ୍ୟ ମନରେ କାମ ବା ପ୍ରେମ ଜନ୍ମାଇବା ଏ ରସର ପ୍ରଧାନ ଅଙ୍ଗ । ଏହା କାବ୍ୟରସ ମଧ୍ୟରେ ପ୍ରଧାନ । କେହି କେହି କବି ଏହି ରସକୁ ରସମାନଙ୍କ ମଧ୍ୟରେ ସାର ରସ ବୋଲି ବର୍ଣ୍ଣନା କରିଅଛନ୍ତି ।

ଏହି ରସର ରତି ବା ପ୍ରେମ ବା ଅନୁରାଗ ସ୍ଥାୟୀଭାବ, ନାୟକ ନାୟିକା ଏହାର ଆଲମ୍ବନ ।

ଚନ୍ଦ୍ର, ଚନ୍ଦନ, କୋକିଳ ଓ ବସନ୍ତଋତୁ ଆଦି ଏହାର ଉଦ୍ଦୀପନ ବିଭାବ ।

ଭ୍ରୂବିକ୍ଷେପ, କଟାକ୍ଷାଦି ଏହାର ଅନୁଭାବ ।

ଉଗ୍ରତା, ମରଣ, ଆଳସ୍ୟ ଓ ଜୁଗୁପ୍ସା ଛଡ଼ା ଅନ୍ୟଭାବ ଏହାର ବ୍ୟଭିଚାରୀ ଭାବ ।

ଏହି ରସ ଦ୍ୱିବିଧ—
୧ । ସମ୍ଭୋଗ ବା ନାୟକନାୟିକାଙ୍କ ମିଳନ ।
୨ । ବିପ୍ରଲମ୍ଭ ବା ନାୟକନାୟିକାଙ୍କ ବିଚ୍ଛେଦ ।

୨ । ହାସ୍ୟରସ—Sentiment of mirth.

ଆକାର, ବାକ୍ୟ, ବେଶ ଓ ଚେଷ୍ଟାଦିର ବିକୃତିଜନିତ ମନୁଷ୍ୟକୁ ହସାଇବା ଏହାର ଲକ୍ଷ୍ୟ ।

ହାସ୍ୟ ଏହାର ସ୍ଥାୟୀଭାବ ।

ଆକାର ବାକ୍ୟ ବେଶାଦିର ବିକୃତି ଏହାର ଆଲମ୍ବନ ।

ଏହି ରୂପ ଚେଷ୍ଟା ଏହାର ଉଦ୍ଦୀପନ ବିଭାବ ।

ଅକ୍ଷି ସଙ୍କୋଚ ଓ ବଦନ ବିକାଶନାଦି ଏହାର ଅନୁଭାବ ।

ନିଦ୍ରା ଆଳସ୍ୟାଦି ଭଙ୍ଗୀ ଏହାର ବ୍ୟଭିଚାରୀଭାବ ।

୩ । କରୁଣ ରସ—Pathos.

ପ୍ରିୟବିୟୋଗ, ଅପ୍ରିୟସଂଯୋଗ, ପରର ଦୁଃଖ ଆଦି ଦେଖି ବା ଶୁଣି ମନରେ ଯେଉଁ ଶୋକସୂଚକଭାବ ଉଦୟ ହୁଏ ।

ଏହାର ସ୍ଥାୟୀଭାବ ଶୋକ ।

ଶୋଚ୍ୟ ବିଷୟ ଏହାର ଆଲମ୍ବନ ।

ଶୋଚ୍ୟ ବିଷୟର ହୀନାବସ୍ଥା ଏହାର ଉଦ୍ଦୀପନ ବିଭାବ । ଦୈବନିନ୍ଦା, ଭୂତଳରେ ପତନ, କ୍ରନ୍ଦନ, ଅଙ୍ଗାଦିରେ କରାଘାତ, ବୈବର୍ଣ୍ଣ୍ୟ, ଦୀର୍ଘନିଃଶ୍ୱାସ, ସ୍ତମ୍ଭ, ପ୍ରଲାପ, ମୂର୍ଚ୍ଛା ଓ ଅପସ୍ମାରାଦି ଏହାର ଅନୁଭାବ ।

ବିଷାଦ, ଜଡ଼ତା, ଉନ୍ମାଦ ଓ ଚିନ୍ତା ଆଦି ଏହାର ବ୍ୟଭିଚାରୀ ଭାବ ।

୪ । ରୌଦ୍ର ରସ—Sentiment of anger or wrath.

ମନରେ କ୍ରୋଧୋତ୍ପାଦକ ସ୍ଥାୟୀଭାବ ।

ଶତ୍ରୁ ଏଥିର ଆଲମ୍ବନ, ଶତ୍ରୁର ଚେଷ୍ଟା ଓ ପ୍ରହାରାଦି ଏହାର ଉଦ୍ଦୀପନ ବିଭାବ ।

ଭ୍ରୂଭଙ୍ଗ, ଓଷ୍ଠଦଂଶନ, ବାହୁସ୍ଫୋଟନ, ତର୍ଜନ, ଗର୍ଜନ, ଅସ୍ତ୍ରାଦି ଉତ୍କ୍ଷେପ, ଆକ୍ଷେପ, ତିରସ୍କାର ଓ କୁଟିଳାବଲୋକନାଦି ଏହାର ଅନୁଭାବ ।

ଉଗ୍ରତା, ଆବେଗ, ରୋମାଞ୍ଚ, ସ୍ୱେଦ, ବେପଥୁ ଓ କମ୍ପାଦି ଏହାର ବ୍ୟଭିଚାରୀ ଭାବ ।

୫ । ବୀର ରସ—Heroism, heroic sentiment.

ଯହିଁରେ ସତ୍କାର୍ଯ୍ୟ ଓ ସାହସିକ କାର୍ଯ୍ୟ କରିବାକୁ ନାୟକର ଉତ୍ସାହ ଓ ଉଦ୍ୟମ ଦେଖାଯାଏ ।

ଉଦ୍ୟମ ଓ ସାହସ ପ୍ରକୃତିକ ନାୟକ ଏହାର ବୀର ।

ଉଦ୍ୟମ ଏ ରସର ସ୍ଥାୟୀଭାବ ।

ଦାନୀୟ ଧର୍ମ, ଅନୁକମ୍ପନୀୟଗଣଙ୍କ ଗ୍ରହଣ, ବିଜେତବ୍ୟ ବସ୍ତୁ ଆଦି ଏହାର ଆଲମ୍ବନ ।

ବୀରର କର୍ତ୍ତବ୍ୟ ସମ୍ବନ୍ଧେ ଧର୍ମ ଶାସ୍ତ୍ରାଦି, ଦୟାପାଇଁ ଦୀନ ବ୍ୟକ୍ତିର କାତରୋକ୍ତି, ଯୁଦ୍ଧରେ ବିପକ୍ଷର ଚେଷ୍ଟାଦି ଏହାର ଉଦ୍ଦୀପନ ବିଭାବ ।

ଦାନବୀର ପକ୍ଷରେ ଧନ, ଧର୍ମବୀର ପକ୍ଷରେ ଧର୍ମ, ଦୟାବୀର ପକ୍ଷରେ ତ୍ୟାଗଶୀଳତା ଓ ଯୁଦ୍ଧବୀର ପକ୍ଷରେ ସୈନ୍ୟାଦିଙ୍କ ସହାୟତା—ଏହାର ଅନୁଭାବ ।

ବ୍ୟଭିଚାରୀ ଭାବ—ଶୂରତା ଓ ଧୈର୍ଯ୍ୟାଦି ।

ଏହି ରସ ଦାନ, ଧର୍ମ, ଦୟା ଓ ଯୁଦ୍ଧ ଭେଦରେ ଚତୁର୍ବିଧ ।

୬ । ଭୟାନକ ରସ—Sentiment of terror or fear.

ଯଦ୍ଦ୍ୱାରା ମନରେ ଭୟର ଉଦ୍ରେକ ହୁଏ ।

ଏହାର ସ୍ଥାୟୀ ଭାବ ଭୟ ।

ଭୀତିଜନକ ବସ୍ତୁ ଏହାର ଆଲମ୍ବନ ।

ଭୀତିପ୍ରଦ କାରଣର ଘୋରତର ଚେଷ୍ଟା ଏହାର ଉଦ୍ଦୀପନ ବିଭାବ । ବୈବର୍ଣ୍ଣ୍ୟ, ଗଦ୍ଗଦସ୍ୱର (ପାଟି ଅରୁ ଅରୁ ହୋଇଯିବା ବା ଶବ୍ଦ ମାରିଯିବା), ନଷ୍ଟଚେତନତା, ପ୍ରଳୟ, ସ୍ୱେଦ, ରୋମାଞ୍ଚ, କମ୍ପ, ଦିକ୍‌ପ୍ରେକ୍ଷଣ (ଅନ୍ୟମନସ୍କ ହୋଇ ଏଣେ ତେଣେ ବଲ ବଲ କରି ଚାହିଁବା) ଏହାର ଅନୁଭାବ । ଜୁଗୁପ୍ସା, ଆବେଗ, ସମ୍ମୋହ, ସନ୍ତ୍ରାସ, ଗ୍ଲାନି, ଦୀନତା, ଶଙ୍କା, ଅପସ୍ମାର, ସମ୍ଭ୍ରାନ୍ତି ଓ ମୃତ୍ୟୁ ଏହାର ବ୍ୟଭିଚାରୀ ଭାବ ।

୭ । ବୀଭତ୍ସରସ—Sentiment of disgust.

ଯାହା ଦ୍ୱାରା ଘୃଣାର ଉଦ୍ରେକ ହୁଏ ।

ଘୃଣା —ଏହାର ସ୍ଥାୟୀ ଭାବ ।

ଦୁର୍ଗନ୍ଧ, ମାଂସ, ରୁଧିର, ମେଦ, ବିଷ୍ଠାଦି ଏହାର ଆଲମ୍ବନ ।

ଏ ସବୁ ଅବଲମ୍ବିତ ଦ୍ରବ୍ୟରେ କୃମିପାତାଦି (ପୋକ ପଡ଼ିବା) ଏହାର ଉଦ୍ଦୀପନ ବିଭାବ ।

ନିଷ୍ଠୀବନ, ଆସ୍ୟବଳନ ଓ ନେତ୍ରସଙ୍କୋଚନାଦି ଏହାର ଅନୁଭାବ ।

ମୋହ, ଅପସ୍ମାର, ଆବେଗ, ବ୍ୟାଧି ଓ ମରଣ ଏହାର ବ୍ୟଭିଚାରୀ ଭାବ ।

୮ । ଅଦ୍ଭୁତ ରସ—Sentiment of surprise,

ଯାହା ବିସ୍ମୟ ଜାତ କରାଏ ।

ଏହାର ସ୍ଥାୟୀଭାବ ବିସ୍ମୟ ।

ଅଲୌକିକ ବସ୍ତୁ ଏହାର ଆଲମ୍ବନ ।

ଆଲମ୍ବିତ ବସ୍ତୁର-ଗୁଣ ମହିମା ଏହାର ଉଦ୍ଦୀପନ ।

ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ଗଦ୍ଗଦସ୍ୱର, ସମ୍ଭ୍ରମ, ନେତ୍ରବିସ୍ଫାରଣାଦି ଏହାର ଅନୁଭାବ ।

ବିତର୍କ, ଆବେଗ, ସମ୍ଭ୍ରାନ୍ତି ଓ ହର୍ଷାଦି ଏହାର ବ୍ୟଭିଚାରୀଭାବ ।

୯ । ଶାନ୍ତରସ—Sentiment of tranquility or calmness.

ଯାହା ଦ୍ୱାରା ହୃଦୟରେ ଶାନ୍ତି ଜନ୍ମେ ।

ଶମ ଏହାର ସ୍ଥାୟୀ ଭାବ ।

ଅନିତ୍ୟ ଅଶେଷ ବସ୍ତୁର ନିଃସାରତା ଓ ପରମାତ୍ମସ୍ୱରୂପ ଏହାର ଆଲମ୍ବନ ।

ପୁଣ୍ୟାଶ୍ରମ, ତୀର୍ଥ, ହରିକ୍ଷେତ୍ର, ମହାପୁରୁଷ ଓ ସାଧୁସଙ୍ଗ ଏହାର ଉଦ୍ଦୀପନ ବିଭାବ ।

ରୋମାଞ୍ଚାଦି ଏହାର ଅନୁଭାବ ।

ନିର୍ବେଦ, ହର୍ଷ, ସ୍ମରଣ ଓ ଅଦ୍ଭୁତ ଦୟାଦି ଏହାର ବ୍ୟଭିଚାରୀ ଭାବ ।

ଶାନ୍ତ ରସରେ ନାୟକର କୌଣସି ରୂପେ ଅହଙ୍କାର ରହିବ ନାହିଁ; ରହିଲେ ତାହା ବୀର ରସରେ ପରିଣତ ହେବ । କାରଣ, ବୀର ରସରେ ଦୟା ବୀର ନାୟକଙ୍କର ଦୟାରେ ଅହଙ୍କାର ପରିସ୍ଫୁଟ ଥାଏ । ଯେଉଁ ରସରେ ଦୁଃଖ, ସୁଖ, ଚିନ୍ତା, ଦ୍ୱେଷ, ରାଗ, ସ୍ପୃହା, ଶତ୍ରୁ ନିର୍ଯ୍ୟାତନେଚ୍ଛା ଓ ଆସକ୍ତି ଆଦି ନ ଥାଏ, ଅଥଚ ସବୁ ବିଷୟରେ ଶମ ବା ଶାନ୍ତି ଓ ତଦ୍‌ବିଷୟ ନିବୃତ୍ତି ଜନ୍ମେ ତାହାହିଁ ଶାନ୍ତରସ ।

୧୦ । ବତ୍ସଲ ରସ—Sentiment of affection; paternal tenderness.

କେହି କେହି ପଣ୍ଡିତ ଏହାକୁ ୧୦ମ ରସ ବୋଲି ନିର୍ଦ୍ଦେଶ କରିଅଛନ୍ତି ।

ଏହା ଦ୍ୱାରା ବାତ୍ସଲ୍ୟ ଭାବର ଉଦୟ ହୁଏ । ଶିଶୁ ପୁତ୍ରାଦିଙ୍କ ପ୍ରତି ବତ୍ସଳତା ବା ସ୍ନେହ ଏଥିର ସ୍ଥାୟୀ ଭାବ ।

ପୁତ୍ର ଶିଷ୍ୟାଦି ଏହାର ଆଲମ୍ବନ ।

ପୁତ୍ରାଦିଙ୍କ ଚେଷ୍ଟା, ବିଦ୍ୟା ଓ ଶୌର୍ଯ୍ୟାଦି ଏହାର ଉଦ୍ଦୀପନ ବିଭାବ ।

ଆଲିଙ୍ଗନ, ଅଙ୍ଗ ସଂସ୍ପର୍ଶ, ଶିରଶ୍ଚୁମ୍ବନ, ଦର୍ଶନ, ପୁଲକ ଓ ଆନନ୍ଦାଶ୍ରୁ ଏହାର ଅନୁଭାବ ।

ଅନିଷ୍ଟାଶଙ୍କା, ହର୍ଷ ଓ ଗର୍ବାଦି ଏହାର ବ୍ୟଭିଚାରୀଭାବ ।

ସାଧାରଣତଃ ରସକୁ ପ୍ରଥମୋକ୍ତ ୯ ଶ୍ରେଣୀରେ ବିଭକ୍ତ କରାଯାଏ । କେହି କେହି ବାତ୍ସଲ୍ୟକୁ 'ରସ' ମଧ୍ୟରେ ଗଣନ୍ତି । ପୁଣି କେହି କେହି ଶାନ୍ତ ରସକୁ କରୁଣ ରସର ଅନ୍ତର୍ଗତ କରି ରସର ସଂଖ୍ୟା ୮ଟି ଗଣନା କରନ୍ତି ।

ଉପରୋକ୍ତ ରସମାନଙ୍କ ମଧ୍ୟରେ ନିମ୍ନଲିଖିତ ରୂପେ ପରସ୍ପର-ବିରୋଧ ଲକ୍ଷିତ ହୁଏ; ଏହାକୁ ରସବିରୋଧ ବୋଲାଯାଏ ।

ଆଦି ରସର ବିରୋଧୀ କରୁଣ, ରୌଦ୍ର, ବୀର, ଭୟାନକ ଓ ବୀଭତ୍ସ ।

ହାସ୍ୟର ବିରୋଧୀ କରୁଣ ଓ ଭୟାନକ ।

କରୁଣର ବିରୋଧୀ ହାସ୍ୟ ଓ ଆଦି ।

ରୌଦ୍ରର ବିରୋଧୀ ଆଦି, ହାସ୍ୟ ଓ ଭୟାନକ ।

ବୀରର ବିରୋଧୀ ଭୟାନକ ଓ ଶାନ୍ତ ।

ଅଦ୍ଭୁତର ଓ ଭୟାନକର ବିରୋଧୀ ଆଦି, ହାସ୍ୟ, ରୌଦ୍ର ବୀର ଓ ଶାନ୍ତ ।

ବୀଭତ୍ସର ବିରୋଧୀ ଆଦି ।

ଶାନ୍ତ ରସର ବିରୋଧୀ ହାସ୍ୟ, ରୌଦ୍ର, ବୀର ଓ ଭୟାନକ ।

ରସର ଓ ଭାବର ନିତ୍ୟ ସମ୍ବନ୍ଧ, ଅର୍ଥାତ୍ କୌଣସି ଭାବବିହୀନ ରସ ନାହିଁ କିମ୍ବା ରସବିହୀନ ଭାବ ନାହିଁ । ୫ । ବିଷ—5. Poison. ୬ । ଜଳୀୟ ବସ୍ତୁ; ଦ୍ରବ ପଦାର୍ଥ—6. Liquid; fluid. ୭ । ଗୁଗ୍ଗୁଳ;ବୋଲ; ଗନ୍ଧରସ—7. Gum myrrh; bdellium. ୮ । ଅନୁରାଗ; ପ୍ରଣୟ—8. Love; affection; attachment, passion. [ଉ—ଚନ୍ଦ୍ର କୁମୁଦେ ଦୂରରେ ମୁଦେ ପଦର ମୁଦେ ମୋତେ । ଦେଇ ହରଷ କରିବା ରସ ନାହିଁ ବିରସ ଅନ୍ତେ । ଉଞ୍ଜ. ପ୍ରେମସୁଧାନିଧି] । ୯ । ଦେହସ୍ଥ ଧାତୁ ବିଶେଷ; ଖାଦ୍ୟ ଦ୍ରବ୍ୟ ରକ୍ତରେ ପରିଣତ ହେବା ପୂର୍ବରୁ ତହିଁରୁ ପାକ ଯନ୍ତ୍ର ଦ୍ୱାରା ସଂଗୃହୀତ ସାର—9. Gastric juice; the juice produced from the food before it matures into blood. [ବ୍ରୁ—ରସ୍ ଧାତୁ—ଗମନ କରିବା, ବିଚରଣ କରିବା (ଏହା ସର୍ବଦା ଶରୀର ମଧ୍ୟରେ ବିଚରଣ କରୁଥିବାରୁ) । ଭୁକ୍ତ ଦ୍ରବ୍ୟ ଜଠରାଗ୍ନି ଦ୍ୱାରା ସମ୍ୟକ୍ ପ୍ରକାରେ ପରିପାକ ପ୍ରାପ୍ତ ହେଲେ ତାହାର ସାର ଭାଗକୁ ରସ ବୋଲାଯାଏ । ଏହା ସର୍ବାଙ୍ଗ-ସଞ୍ଚାରୀ ହେଲେହେଁ ହୃଦୟ ବା ହୃତ୍ପିଣ୍ଡ ଏହାର ପ୍ରଧାନ ଅଧିଷ୍ଠାନ ସ୍ଥାନ । ରସ ପରିପକ୍ୱ ଓ ପିତ୍ତ ଦ୍ୱାରା ରଞ୍ଜିତ ହୋଇ ରକ୍ତରେ ପରିଣତ ହୁଏ । ହୃଦୟରୁ ଏହା ରକ୍ତ ରୂପରେ ଧମନୀସକଳ ଦ୍ୱାରା ପ୍ରବାହିତ ହୋଇ ଅନ୍ୟ ସମସ୍ତ ଧାତୁକୁ ପୋଷଣ କରେ ଏବଂ ସର୍ବ ଶରୀରରେ ବ୍ୟାପ୍ତ ହୁଏ । ମନ୍ଦାଗ୍ନି ହେତୁ ରସ ଜୀର୍ଣ୍ଣ ନ ହେଲେ ଅର୍ଥାତ୍ ଭୁକ୍ତ ଦ୍ରବ୍ୟ ଉତ୍ତମରୂପେ ପରିପାକ ନ ପାଇଲେ ତଜ୍ଜାତ ରସ କଟୁଭାବାପନ୍ନ ହୁଏ, ତଜ୍ଜାତ ରକ୍ତ ମଧ୍ୟ ଦୋଷଯୁକ୍ତ ହୁଏ ଓ ନାନା ରୋଗ ଜନ୍ମାଏ । ଏହି ଅର୍ଥରେ ରସର ଅନ୍ୟ ସଂସ୍କୃତ ନାମ, ଯଥା—ଅଗ୍ନିସମ୍ଭବ, ଅସୃକ୍କର, ଅସ୍ରମାତୃକା, ଆହେୟ, ଆହାରସମ୍ଭବ, ଚର୍ମସାର, ତମିସ୍ର, ତମିସ୍ର ତେଜ ସମ୍ଭବ, ଧାତୁପନ, ମୂଳ ମହାପର, ରକ୍ତସାର, ରସିକା, ବପୁସ୍ରବ, ଷଡ୍ରସ ସାର, ସ୍ୱେଦ ମାତା ।] ୧୦ । ଭୋଗ୍ୟବସ୍ତୁ—10. Object of enjoyment. ୧୧ । ପାରଦ—11. Mercury; quick silver. [ଦ୍—ରସ ଶବ୍ଦର ନାନା ଅର୍ଥ ଅଛି । ଶୃଙ୍ଗାର ପ୍ରଭୃତି ରସରେ ରସ ଶବ୍ଦ ବ୍ୟବହୃତ ହୁଏ । ଅମ୍ଳ ପ୍ରଭୃତି ଷଡ୍ରସରେ ରସ ଶବ୍ଦ ବ୍ୟବହୃତ ହୋଇଥାଏ । ରସ ଶବ୍ଦର ଆଉ ଗୋଟିଏ ବିଶେଷ ଅର୍ଥ ଅଛି, ପାରଦ । ରସ ଶବ୍ଦରେ କେବଳ ପାରଦ ନ ବୁଝି ପାରଦ ଗନ୍ଧକାଦି ଯାବତୀୟ ରସ ଓ ଉପରସ ଏବଂ ସ୍ୱର୍ଣ୍ଣ, ରୌପ୍ୟ, ଲୌହ, ଅଭ୍ର ଓ ବଙ୍ଗାଦି ଧାତୁ ଉପଧାତୁମାନଙ୍କୁ ବୁଝିବାକୁ ହେବ । ଏହି ସମସ୍ତ ରସାଦି ଦ୍ୱାରା ଯେଉଁ ଚିକିତ୍ସା କରାଯାଏ ତାକୁ ରସଚିକିତ୍ସା କୁହାଯାଏ । ପାରଦ ଅଧିକାଂଶ ଔଷଧରେ ବ୍ୟବହାର କରାଯାଏ । ରସ ଚିକିତ୍ସାରେ ପାରଦ ପ୍ରଧାନ ଅଙ୍ଗ । ପାରଦ ବିଶୁଦ୍ଧ ହେଲେ ଅମୃତ ସମାନ ଫଳପ୍ରଦ ହୁଏ । ପାରଦ ଅବିଶୁଦ୍ଧ ଅବସ୍ଥାରେ ମାରାତ୍ମକ ବିଷ । ସୁତରାଂ ଔଷଧରେ ପାରଦକୁ ଶୋଧନ ନ କରି କେବେ ବ୍ୟବହାର କରିବ ନାହିଁ । ପାରଦର ନିମ୍ନଲିଖିତ କେତୋଟି ଦୋଷ ସ୍ୱାଭାବିକ ଦୋଷ । ନାଗ, ବଙ୍ଗ, ମଳ, ବହ୍ନି, ଚାଞ୍ଚଲ୍ୟ, ବିଷ ଗିରି, ଅସହ୍ୟାଗ୍ନି । ପାରଦର ଏହି ଅଷ୍ଟ ଦୋଷ ଯଥାକ୍ରମେ ବ୍ରଣ, କୁଷ୍ଠ, ମୂର୍ଚ୍ଛା, ଦାହ, ବୀର୍ଯ୍ୟନାଶ, ମରଣ, ଜଡ଼ତା, ଓ ସ୍ଫୋଟକ ରୋଗ ଉତ୍ପାଦନ କରେ ।

ପାରଦର ସର୍ବଦୋଷହର ସଂକ୍ଷିପ୍ତ ଶୋଧନ ବିଧି :—

ଘିକୁଆଁରୀ, ଚିତେଇଚା, ରକ୍ତ ସୋରିଷ, ଲଠା ବେଏଙ୍କୋଳ, ଓ ତ୍ରିଫଳା ଏ ପଦାର୍ଥମାନଙ୍କ କ୍ୱାଥରେ ତିନିଦିନ ମର୍ଦ୍ଦନ କଲେ ପାରଦ ସର୍ବଦୋଷ ବିମୁକ୍ତ ହୁଏ ।

ପାରଦର ୮ ପ୍ରକାର ସଂସ୍କାର ଅଛି, ଯଥା—ସ୍ୱେଦନ, ମର୍ଦ୍ଦନ, ମୂର୍ଚ୍ଛନ, ଉତ୍ଥାପନ, ଊର୍ଦ୍ଧ୍ୱପାତନ, ବୋଧନ, ନିୟାମନ ଓ ଦୀପନ । ଶୋଧନ ଉତ୍ତାରୁ ଏ ୮ ପ୍ରକାର ସଂସ୍କାର ଆବଶ୍ୟକ ।

ସ୍ୱେଦନ—ଖଣ୍ଡିଏ କନାକୁ ଚାରିଭାଙ୍ଗ କରି ତହିଁରେ ପାରଦକୁ ବାନ୍ଧିବ ଏବଂ ଗୋଟିଏ ହାଣ୍ଡି କାଞ୍ଜି ପୂର୍ଣ୍ଣ କରି

ତଳ୍ପିରେ ତ୍ରିକଟୁ, ତ୍ରିଫଳା, ଚିତାମୂଳ ଓ ଘିକୁଆଁରିର କଳ୍କ ପକାଇବ । ପରେ ହାଣ୍ଡି ଫନ୍ଦରେ ଖଣ୍ଡେ କାଠି ରଖି ସେଥିରେ ଉକ୍ତ ପାରଦକୁ ପୋଟଳୀ ବାନ୍ଧି ହାଣ୍ଡି ମଧ୍ୟରେ ଝୁଲାଇ ଏକ ଦିନ ଅଗ୍ନି ତାପରେ ପାକ କରିବ । ଏହାକୁ ଦୋଳାଯନ୍ତ୍ର ପାକ କୁହାଯାଏ । ଶୋଧନ ପରେ ଯେ ଦୋଷ ଥିବ ତାହା ଏତଦ୍ଦ୍ୱାରା ନଷ୍ଟ ହେବ ।

ମର୍ଦ୍ଦନ—ଅଳନ୍ଦୁ କଳା, ଇଟା ଚୂର୍ଣ୍ଣ, କଟାଶାରି, ମେଣ୍ଢା ଲୋମଭସ୍ମ, ଗୁଡ଼, ସୈନ୍ଧବ, କାଞ୍ଜି, ଏ ପ୍ରତ୍ୟେକକୁ ପାରଦର ଷୋଡ଼ଶାଂଶ ନେଇ ତଦ୍ଦ୍ୱାରା ପାରଦକୁ ମର୍ଦ୍ଦନ କରିବ ।

ମୂର୍ଚ୍ଛନ—ଏ ପ୍ରକ୍ରିୟାଦ୍ୱାରା ପାରଦର ବ୍ୟାଧିଘାତକ ଶକ୍ତି ଉତ୍ପନ୍ନ ହୁଏ । ତ୍ରିକଟୁ, ତ୍ରିଫଳା, ଅଗ୍ନିରି କାକୁଡ଼ି ମୂଳ, ଅଙ୍କସିନ୍ଧି, ଲଟା ବୈଁଏଁକୋଳିର କ୍ୱାଥ, ମେଣ୍ଢାଲୋମ, ଚିତାମୂଳ, ହଳଦୀ, ଯବକ୍ଷାର, ଘିକୁଆଁରି, ଅରଖପତ୍ର, ଧାତୁରି, ଏ ସମସ୍ତ ରସରେ ୭ ଦିନ ମର୍ଦ୍ଦନ କଲେ ପାରଦର କଞ୍ଚୁକ ଦୋଷ ଦୂର ହୁଏ ।

ଉତ୍ଥାପନ—ପାରଦର ଚତୁର୍ଥାଂଶ ହଳଦୀଚୂର୍ଣ୍ଣ ଓ ଘିକୁଆଁରି ରସ, ଏ ଉଭୟଦ୍ୱାରା ପାରଦକୁ ମର୍ଦ୍ଦନ କରି ପାତନ ଯନ୍ତ୍ରରେ ରଖିବ, ଏହାକୁ ପାରଦର ଉତ୍ଥାପନ କହନ୍ତି ।

ଊର୍ଦ୍ଧ୍ୱପାତନ—ତିନିଭାଗ ପାରଦ ଓ ଏକଭାଗ ତାମ୍ରକୁ ଏକତ୍ର ଜମ୍ବୀର ଲେମ୍ବୁ ରସରେ ମର୍ଦ୍ଦନ କରି ଗୋଟିଏ ପେଣ୍ଡୁଳା କରିବ । ଏହି ପେଣ୍ଡୁଳାକୁ ଗୋଟିଏ ହାଣ୍ଡି ମଧ୍ୟରେ ରଖି ଆଉ ଗୋଟିଏ ହାଣ୍ଡି ତା ମୁହଁରେ ଉପରକୁ ମୁଣ୍ଡ କରି ଘୋଡ଼ାଇ ଦେବ । ଉଭୟ ହାଣ୍ଡିର ସନ୍ଧିସ୍ଥାନକୁ ମୃତ୍ତିକାଦ୍ୱାରା ଲେପି ଦେବ । ଏପରି ଲେପିବ, ଯେପରି ତା ଭିତରୁ ବାଷ୍ପ ବାହାରି ନ ପାରେ । ପରେ ତାକୁ ଚୁଲି ଉପରେ ବସାଇ ତଳ ହାଣ୍ଡିର ତଳେ ନିଆଁ ଜାଳିବ ଓ ଉପର ହାଣ୍ଡିରେ ଜଳ ଦେବ । ଜଳ ଗରମ ହେଲେ ଥରକୁଥର ପକାଇ ଦେଇ ଥଣ୍ଡା ଜଳ ଦେଉଥିବ । ଏହିପରି ସମୟ ସମୟରେ ଜଳକୁ ବଦଳାଇ ଦେବ । ଏତଦ୍ଦ୍ୱାରା ତଳ ହାଣ୍ଡିରୁ ପାରା ଉଠିଆସି ଉପର ହାଣ୍ଡିର ତଳେ ଲାଗିଯିବ ।

ଅଧଃପାତନ—ତ୍ରିଫଳା, ଶଜନାମଞ୍ଜି, ଚିତା, ସୈନ୍ଧବ ଓ ରାଇସୋରିଷ ଏସବୁ ଦ୍ରବ୍ୟ ସହିତରେ ପାରଦକୁ ମର୍ଦ୍ଦନ କରୁ କରୁ ଯେତେବେଳେ ପଙ୍କ ପରି ହେବ ସେତେବେଳେ ଏହାକୁ ଭୂଧର ଯନ୍ତ୍ରର ଉପର ହାଣ୍ଡି ଭିତରେ ଲେପ ଦେବ । ଗୋଟିଏ ହାଣ୍ଡି ମୁହଁରେ ଆଉ ଗୋଟିଏ ହାଣ୍ଡିକୁ ଓଲଟାଇ ପକାଇ ରଖି ଭୂମିରେ ଗାତ କରି ପୋତିଲେ ତାକୁ ଭୂଧର ଯନ୍ତ୍ର କୁହାଯାଏ । ତଳ ହାଣ୍ଡିରେ ଜଳ ଦେଇ ଉପର ହାଣ୍ଡି ଭିତରେ ମର୍ଦ୍ଦିତ ପାରଦକୁ ବୋଳି ଦେଇ ଭୂମିରେ ଗାତ ଖୋଳି ପୋତି ଦେବ । ଉପର ହାଣ୍ଡିର ଉପରଭାଗକୁ ଜଳନ୍ତାଅଙ୍ଗାର ନିଆଁରେ ଆଚ୍ଛାଦନ କରିବ । ଏତଦ୍ଦ୍ୱାରା ଉପର ହାଣ୍ଡିରେ ଲାଗିଥିବା ପାରଦ ତଳହାଣ୍ଡିର ପାଣିରେ ପଡ଼ିବ ।

ତୀର୍ଯ୍ୟକ୍ ପାତନ—ଗୋଟିଏ ମାଠିଆରେ ଶୋଧିତ ପାରଦ ଓ ଅନ୍ୟ ମାଠିଆରେ ଜଳ ପୂରାଇ ଉଭୟ କଳସୀର ମିଳିତ ମୁହଁକୁ ମାଟିରେ ଲେପି ଦେବ । ପରେ ପାରଦ ଥିବା କଳସୀ ତଳେ ନିଆଁ ଜାଳିବ ଏତଦ୍ଦ୍ୱାରା ପାରଦ ଯାଇ ଜଳ ଥିବା କଳସୀ ଭିତରେ ପଡ଼ିବ । କଳସୀ ଦୁଇଟିକୁ ତୀର୍ଯ୍ୟକ୍-ଭାବରେ ବା ଅଣେଇକରି ରଖିବ ।

ବୋଧନ—ପାରଦକୁ ଭୂର୍ଜ୍ଜ ପତ୍ରରେ ବାନ୍ଧି ସୈନ୍ଧବଲବଣ ମିଶ୍ରିତ ଜଳରେ ସିକ୍ତ କରିବ । ଏଥିରେ ପାରଦର ଷଣ୍ଢଭାବ ଦୂର ହୋଇ ବୀର୍ଯ୍ୟ ଅଧିକ ହୁଏ ।

ନିୟାମନ—ସର୍ପ, ତେନ୍ତୁଳୀଛେଲି, ପିତାକାଙ୍କଡ଼, ବ୍ରାହ୍ମଣ ଛାଟିଆ ଓ କନକଧାତୁରି, ଏସବୁ ଦ୍ରବ୍ୟର କ୍ୱାଥରେ ନିୟମ ପୂର୍ବକ ତିନିଦିନ ମର୍ଦ୍ଦନ କଲେ ପାରଦ ସ୍ଥିର ହୁଏ ।

ଦୀପନ—ଫିଟକିରି, ପଞ୍ଚଲବଣ, ରାଇଶୋରିଷ, ଶଜନା-ମଞ୍ଜି, ଟାଙ୍ଗଣା, ଏ ସବୁ ଦ୍ରବ୍ୟକୁ ଏକତ୍ର ମର୍ଦ୍ଦନ କରିବ ଓ କାଞ୍ଜିରେ ଗୋଳାଇ ନିୟମାନୁସାରେ ତିନିଦିନ ପାରଦକୁ ଦୋଳା ଯନ୍ତ୍ରରେ ପାକ କରିବେ ।

ଅନୁବାସନ—ଦୀପନ କ୍ରିୟା ପରେ ପାରଦକୁ ଜମ୍ବୀର ଲେମ୍ବୁରସରେ ମିଶାଇ ମାଟି ବା ପଥର ପାତ୍ରରେ ରଖି ୧ଦିନ ଖରାରେ ରଖିଲେ ଅନୁବାସନ କ୍ରିୟା ହୁଏ ।

ଏତେ ପ୍ରକାର ପ୍ରକ୍ରିୟାପରେ ପାରଦ ସାକ୍ଷାତ୍ ଅମୃତ ସ୍ୱରୂପ ହୁଏ ଏବଂ ଔଷଧରେ ବ୍ୟବହୃତ ହେବାର ଯୋଗ୍ୟ ହୁଏ । ଏସବୁ ପ୍ରକ୍ରିୟା ଶ୍ରମସାଧ୍ୟ ।

ହିଙ୍ଗୁଳରେ ପାରା ଥାଏ । ହିଙ୍ଗୁଳକୁ ନିମ୍ବପତ୍ର ରସରେ ବା ଜମ୍ବୀର ଲେମ୍ବୁ ରସରେ ଏକପ୍ରହର କାଳ ମର୍ଦ୍ଦନ କରିବ । ପରେ ଚକ୍ର କରିବ, ଶୁଖିଗଲେ ଗୋଟିଏ ହାଣ୍ଡି ମଧ୍ୟରେ ରଖିବ । ସେହି ହାଣ୍ଡି ମୁହଁରେ ଗୋଟିଏ ପଲମ ଚିତ୍ କରି ଘୋଡ଼ାଇ ଦେବ । ତାହା ପରେ ସେହି ପଲମରେ ଥିବା ପାଣି ଗରମ ହେଲେ ବଦଳାଇ ଥଣ୍ଡା ଜଳ ଦେଉଥିବ । ଏପରି ୩୦ ଥର ପାଣି ବଦଳାଇବ । ଏପରି କଲେ ହିଙ୍ଗୁଳସ୍ଥ ପାରଦ ଉପରକୁ ଉଠି ପଲମ ପିଠିରେ ଲାଗିବ । ଏ ପାରଦ ନାଗାଦି ଦୋଷବର୍ଜ୍ଜିତ, ଏହାର ଶୋଧନାଦି ଆବଶ୍ୟକ ନାହିଁ । ଏହା ଔଷଧରେ ବ୍ୟବହାର କରାଯାଏ ।

ଷଡ଼୍‌ଗୁଣ ବଳିଜାରଣ ବିଧି ।

ବାଲୁକା ଯନ୍ତ୍ର ମଧ୍ୟରେ ଗୋଟିଏ ମାଟି ପାତ୍ରରେ ପାରଦର ସମପରିମିତ ବଳି ବା ଗନ୍ଧକ ରଖି ପାକ କରିବ । ଗନ୍ଧକ ତରଳି ତେଲ ପରି ହେଲେ ସେଥିରେ ପାରଦ ପକାଇବ । କିଛିକ୍ଷଣ ପରେ ପୁନର୍ବାର ଗନ୍ଧକ ଚୂର୍ଣ୍ଣ ଦେବ । ସେ ଗନ୍ଧକ ତରଳି ଗଲେ ପୁଣି ଗନ୍ଧକଚୂର୍ଣ୍ଣ ଦେବ । ଏପରି ପାରଦର ଛଅଗୁଣ ଗନ୍ଧକ ଦିଆଗଲେ ପରେ ବାଲୁକା ଯନ୍ତ୍ରକୁ ଓହ୍ଲାଇ ମାଟିପାତ୍ରକୁ ବାହାର କରି ଦେବ ଏବଂ ପାତ୍ର ତଳେ ଛିଦ୍ର କରି ପାରଦ ବାହାର କରିବ । ଏ ପ୍ରକ୍ରିୟାଦ୍ୱାରା ପାରଦ ନିର୍ଦ୍ଦୋଷ ଓ ସର୍ବରୋଗହର ହୁଏ । ଏହା ପାରଦର

ବିଶେଷ ମୂର୍ଚ୍ଛନା । ତାହିରେ ବାଲି ପୂର୍ଣ୍ଣ ହେବ, ତା ଉପରେ ଗୋଟିଏ ମାଟିପାତ୍ର ବା ବୋତଲ ଔଷଧପୂର୍ଣ୍ଣ ହୋଇ ଗଳା ପର୍ଯ୍ୟନ୍ତ ପୋତି ରହିବ । ଏହାକୁ ବାଲୁକାଯନ୍ତ୍ର କୁହାଯାଏ ।

ପାରଦକୁ ଏହିପରି ପ୍ରକାର ସଂଶୋଧନ ନ କଲେ କଦାପି ଔଷଧରେ ବ୍ୟବହାର କରିବ ନାହିଁ । ଅବିଶୁଦ୍ଧ ପାରଦ ଔଷଧରେ ବ୍ୟବହୃତ ହେଲେ ପାଣ୍ଡୁ ଦେହ ଫୁଟି ବାହାରକୁ ବାହାରି ପଡ଼େ; ନାନାପ୍ରକାର ଉତ୍କଟ ରୋଗ ବାହାରି ଶରୀରକୁ ଜୀର୍ଣ୍ଣ ଶୀର୍ଣ୍ଣ କରି ପକାଏ । ଆଜିକାଲି ଭଲ ଭସ୍ମ ମିଳୁ ନାହିଁ, କେହି କଷ୍ଟ ସହିତ ଭସ୍ମ ମାରଣ କରୁ ନାହାନ୍ତି । ଲୌହ ଭସ୍ମ, ଅଭ୍ର ଭସ୍ମ, ସୁନା ଭସ୍ମ ପ୍ରଭୃତି ତାବତୀୟ ଭସ୍ମ ଔଷଧ ପାଇଁ ଆବଶ୍ୟକ । ମାରଣ ଦୁଇ ପ୍ରକାର, ହଠ ମାରଣ ଓ ପୁଟ ମାରଣ । ହଠ ମାରଣ ସହଜ, ମାତ୍ର ପୁଟ ମାରଣ ସମୟସାପେକ୍ଷ ଓ ବିଶେଷ ଫଳପ୍ରଦ । ଶତ ପୁଟିତ, ସହସ୍ର ପୁଟିତ ଅଭ୍ର ଓ ଲୌହ ବିଶେଷ ଫଳପ୍ରଦ । ମାତ୍ର ଆଜିକାଲି ଏପରି ମାରଣ କରିବା ପାଇଁ ବୈଦ୍ୟମାନଙ୍କର ଧୈର୍ଯ୍ୟ ନାହିଁ । ବଜାରରେ ଯେଉଁ ସବୁ ଭସ୍ମ ମିଳେ, ତାହା ବିଶ୍ୱାସଯୋଗ୍ୟ ନୁହେ । ସୁତରାଂ ଆୟୁର୍ବେଦୋକ୍ତ ଔଷଧର ଫଳ ଘଟୁ ନାହିଁ ।

ସନ୍ଦର୍ଭ ଲେଖକ—ଶ୍ରୀ ଜଗବନ୍ଧୁ ସିଂହ ।]

୧୨ । ସୁବର୍ଣ୍ଣ—12. Gold. ୧୩ । ଶାରୀରିକ ସୁଖଭୋଗ; ବିଷୟସୁଖାସକ୍ତି—13. Wordly enjoyment; enjoyment of wordly pleasures. ୧୪ । ଇନ୍ଦ୍ରିୟଦ୍ୱାରା ସୁଖାସ୍ୱାଦନ ବା ସୁଖଭୋଗ; କାମାସକ୍ତି କାମକେଳି—14. Carnal enjoyment; sensuality; dalliance. ୧୫ । ମର୍ମ; ନିଗୂଢ଼ଭାବ; ଅଭିପ୍ରାୟ—15.Purport ; intention. (ଉ—କଥାରସକୁ ନବ-ବାସକୁ—ଉଗ । କଥା କହୁଥାଏ ବଡ଼ ରସରେ, ମନେ ଲାଗୁଥାଏ ପରିହାସରେ—ଉଗ) । ୧୬ । (ବୈଦ୍ୟଶାସ୍ତ୍ର) ପାରଦଜାତୀୟ ଖଣିଜପଦାର୍ଥଗଣ--16. Minerals akin to quicksilver. [ଦ୍ର—ଏହି ଶ୍ରେଣୀର ବସ୍ତୁମାନ, ଯଥା—

ରସାଞ୍ଜନ—Sulphurate of antimony.

ନୀଳାଞ୍ଜନ—Green vitriol.

ହିଙ୍ଗୁଳ—Vermilion.

ଲୋବାନ; ଶିଳାରସ—Olibanum; benzoin.

ସିନ୍ଦୂର—Oxide of lead.

୧୭ । ଖଣିଜ ଲବଣାଦି (ଯଥା—ସୋରା, ଗନ୍ଧକ)—17. Mineral salts. ୧୮ । କୌଣସି ପଦାର୍ଥର ସାରଭାଗ—18. Essence of a thing. (ଯଥା—ବୃକ୍ଷ ଭୂମିରୁ ରସ ଗ୍ରହଣ କରେ ।) ୧୯ । ପୂଜ—19. Pus; purulent matter. ୨୦ । ବୃକ୍ଷାଦିରୁ ଯାହା ବାହାର କରାଏ—20. The sap of trees.

୨୧ । ନବ ସଂଖ୍ୟା (ବୃ. ଶ.)—21. The number nine. ୨୨ । ହିଙ୍ଗୁଳ (ବୃ. ଶ)—22. Vermilion. ୨୩ । ପ୍ରକାର; ଢଙ୍ଗ—23. Mode; manner. (ଉ—କଥା କହୁଥାଏ କେଉଁ ରସରେ, ମୋତେ ଲାଗୁଥାଏ ପରିହାସରେ—ଉଗ ।) ୨୪ । ବୀର୍ଯ୍ୟ; ରେତଃ—

রঙ্গ रस 24. Semen virile. ଦେ. ବି—୧ । ରଙ୍ଗ; ଥଟ୍ଟା; କୌତୁକ—1. Jesting. ୨ । ରସିକତା—2. Wit; : humour; gallantry. ୩ । ରୂପ; ମାଧୁର୍ଯ୍ୟ; ସୌନ୍ଦର୍ଯ୍ୟ; ଲାବଣ୍ୟ—3. Beauty; charm.

রাং रांगा ୪ । (ସ. ରଙ୍ଗ)—ରଙ୍ଗା; ଟିଣ ଧାତୁ—4. Tin. ୫ । ସୀସା ଧାତୁ—5. Lead. ୬ ।

যূস रस ମାଂସାଦିର କ୍ୱାଥ; ସୋରୁଆ—6. Soup. ୭ ।

রস रस ଚିନି ବା ଗୁଡ଼ ସଙ୍ଗେ ପାଣି ମିଶାଯାଇ ଅଗ୍ନି ଉତ୍ତାପରେ ଅଠା ହୋଇ ଉଠିଲେ କରାଯିବା ଦ୍ରବ୍ୟ; ଶିରା—7. Syrup; thickened liquid made by boiling sugar with water. ୮ । ଦେହସ୍ଥ ରକ୍ତ—

রক্ত रस 8. Blood. (ଯଥା—ତୋ ମୁଣ୍ଡରୁ ରସ ନିକାଳି

রস रस ଦେବି ।) ୯ । ଖଜୁରି, ତାଳ, ନଡ଼ିଆ ଗଛର କଷାରୁ ବାହାର କରାଯିବା ତାଡ଼ି—9. Fermented juice Toddy (from date, palm and cocoanut trees) ୧୦ । ଗୁଡ଼, ମହୁଲ ଓ ପୁଷ୍ପ ଆଦିରୁ ଉତ୍ପନ୍ନ ମଦ; ଦ୍ରାକ୍ଷାରସ—10. Wine

গোরস distilled from flowers etc. ୧୧ । ଦୁଗ୍ଧ;

রস रसा ଦୁଧ; ଗୋରସ—11. Milk. ୧୨ । ମାଧୁର୍ଯ୍ୟ—12. Sweetness. (ଉ—ବାପ ଖାଇଲା, ପୁଅ ଖାଇଲା, ଅଉ କି ସେଥିରେ ରସ ରହିଲା ?) ୧୩ । ଶକ୍ତି; ତେଜ—13. Vigour; energy, virility, potency. ୧୪ । ଅହଙ୍କାର; ଗର୍ବ; ଦର୍ପ—14. Pride. ୧୫ ।

বারুদ बारूद ବାରୁଦ—15. Gun powder. (ଉ—କଥାକେ କଥାକେ ଯୋଗେ ଯାଉଛନ୍ତି ଭୁଷି ରସ ବଢ଼ିଯୋଗେ ଯଥା—ରାଧାନାଥ. ମହାଯାତ୍ରା ।) ୧୬ । ବ୍ୟସନ—16.

রস रस Vices. (ଉ—ଜୁଆ ଖେଳନ୍ତା ପାଶ ରଙ୍ଗ, ପଶା ନ୍ୟାୟବଳ ବେଶ୍ୟା ସଙ୍ଗ ଏ ସପ୍ତରସରେ ମାତଇ ଯିଏ, ଲୋକେ ବହି ଠାକର ଖାଏ—ଉଗ) ୧୭ । (ଲକ୍ଷଣାର୍ଥ) ଧନସମ୍ପତ୍ତି—17. (figurative) Riches; money; wealth; means. ୧୮ । ସଙ୍ଗୀତରେ ଓ ରଚନାଦିରେ ଥିବା ଭାବ—18. The underlying idea running in a composition or song. (ଉ—ପୃଥ୍ୱୀ ଚକ୍ରବାଳ ପରିବୃତ୍ତ ବାଲୁକେଶ, ପ୍ରସରିଇଲେ ଏ ରସ ଗୋ—କବିସୂର୍ଯ୍ୟ. କଳୋଗରଂମୁ ସଂଗୀତ ।) ୧୯ । କୌତୁକ—19. Amusement. (ଉ—ସେ ରସାନ୍ତରେ, ସ୍ନେହ ଜାତରେ, ସ୍ନେହ ଚଉଦେ , ସତେ—ଭଞ୍ଜ. ପ୍ରେମସୁଧାନିଧି ।)

୨୦ । ଘୋଡ଼ା ଓ ହାତୀଙ୍କ ଗୋଡ଼ ତଳପାରୁ ଏକପ୍ରକାର ଜଳୀୟ ପଦାର୍ଥ ନିର୍ଗତ ହେବା ରୋଗ—20. A disease of the elephants and horses resulting in the exudation of a secretion from the soles. ପ୍ରାଦେ (ମେଦିନୀପୁର) ବି (ମୂଳ ସଂ. ରସ)-
୧ । ଅଙ୍ଖୁରୋରସ—1. The juice of sugarcane. ୨ । ଖଜୁରିରସ; ତାଡ଼ି—2. Toddy, juice of date palm tree.

ରସକ—ସଂ. ବି (ରସ+କ)—୧ । ଜୁସ୍ଥ ମାଂସ—1. Stewed
Rasaka meat. ୨ । ଫିଟକିରି (ହି. ଶ)—2. Alum. ୩ । ଖପର (ହି. ଶ.)—3. Antimony ସଂ. ବିଣ—ରସଯୁକ୍ତ—Juicy.

ରସକର୍ପୂର—ସଂ. ବି—ପାରଦଘଟିତ ଔଷଧବିଶେଷ—A white
Rasakarpūra sublimate or mureate of mercury; (ରସକପୂର—ଦେଶଜରୂପ) Perchloride of mercury. [ଦ୍ର—ଶୋଧିତ ପାରଦ ଓ ସମପରିମିତ ଗେରୁ, ଇଟା, ଖଡ଼ୀ, ଫିଟକିରି, ସୈନ୍ଧବଲବଣ, ହରିମାଟି, ଯାବଲବଣ, ରଞ୍ଜକମାଟି ଅର୍ଥାତ୍ ହାଣ୍ଡି ରଙ୍ଗାଇବା ପାଇଁ ବ୍ୟବହୃତ ନାଲି ମାଟି ବା ତାଳ୍ପ, ଏ ସମସ୍ତ ଦ୍ରବ୍ୟ ଏକତ୍ର କରି ଗୋଟିଏ ହାଣ୍ଡିରେ ପୁରାଇ ତାହା ଉପରେ ଆଉ ଗୋଟିଏ ହାଣ୍ଡି ଓଲଟାଇ ଦେଇ ଓ ମାଟିଦ୍ୱାରା ଦୁଇ ହାଣ୍ଡିର ସନ୍ଧିକୁ ନିରୁଦ୍ଧ କରି ବନ୍ଦ କରି ହାଣ୍ଡିତଳେ ୪ ଦିନ ନିଆଁ ଜାଳିବ ଓ ଏକ ଅହୋରାତ୍ର ହାଣ୍ଡିକୁ ଅଙ୍ଗାର ଉପରେ ରଖିବ । ପରେ ହାଣ୍ଡି ଶୀତଳ ହେଲେ ତାକୁ ଖୋଲି ଉପର ହାଣ୍ଡିର ଭିତର ଦେହରେ କର୍ପୂରପରି ଯେଉଁ ଚେଲା ହୋଇ ବସିଥିବ ତାହାକୁ ଚାଞ୍ଛିଲେ ତାହାହିଁ ରସକର୍ପୂର । ଏଥିରୁ ୨ ରତି ଲବଙ୍ଗ, ଜାଫ୍ରାନ, ଚନ୍ଦନ ବା ମୃଗନାଭି ସହିତ ସେବନ କଲେ ଉପଦଂଶ, କୁଷ୍ଠ, ବ୍ରଣାଦି ଆରୋଗ୍ୟ ହୋଇ ବଳବୀର୍ଯ୍ୟାଦି ବୃଦ୍ଧି ହୁଏ । ବଜାରରେ ମିଳୁଥିବା ରସ-କର୍ପୂରରେ ବ୍ୟବହୃତ ପାରଦ ଶୋଧିତ ହୋଇ ନ ଥାଏ ଓ ତାହା ବ୍ୟବହାର କଲେ ଉପଦଂଶ ଆଦି ଅଶୁପ୍ରଶମିତ ହୁଏ ସତ୍ୟ, କିନ୍ତୁ ପରିଣାମରେ ଦେହଯାକ ପାରଦଜନିତ ଘାଆ ବାହାରିଯାଏ । ଅଶିକ୍ଷିତ ବୈଦ୍ୟମାନେ ବଜାରରେ ମିଳୁଥିବା ଅବିଶୁଦ୍ଧ ରସକର୍ପୂରକୁ କନାରେ ଗୁଡ଼ାଇ ବଳିତା କରି ତହିଁର ଧୂଆଁକୁ ରୋଗୀକୁ ସେବନ କରାଇ ଦାନ୍ତମୂଳକୁ ଫୁଲାଇବାଦ୍ୱାରା ମେହ ଓ ଉପଦଂଶ ରୋଗକୁ କମ କରିଦିଅନ୍ତି, କିନ୍ତୁ କିଛିଦିନ ପରେ ରୋଗୀର ଦେହଯାକ ପାରା ଫୁଟିଯାଏ ଅର୍ଥାତ୍ ଚେକା ଚେକା କଷ୍ଟପ୍ରଦ ବ୍ରଣମାନ (mercurial eruptions) ବାହାରିଯାଏ ଓ ସମୟ ସମୟରେ ତାହା ଭୀଷଣ କୁଷ୍ଠ ରୋଗରେ ପରିଣତ ହେବାର ଦେଖା ଅଛି । ରସକର୍ପୂର ଦେଖିବାକୁ କର୍ପୂର ପରି ଧଳା ।]

ରସ କଣ୍ଠି—ଦେ. ବି—ସୀସା ବା ରଙ୍ଗାରେ ନିର୍ମିତ କଣ୍ଠି—Necklace
Rasa kanṭhi made of lead balls. [ଦ୍ର—ଏହିପରି
ରসকণ্ঠী রাংগাকা কংঠা ରସ ଖଡ଼ୁ ଓ ରସ ମୁଦି ଆଦି ହୁଏ ।]

ରସ କଦମ୍ବ—ଦେ. ବି.—ବାରୁଦ ଦ୍ୱାରା ପ୍ରସ୍ତୁତ କଦମ୍ବ ବୃକ୍ଷ ପରି ବାଣ
Rasa kadamba ବିଶେଷ—Name of a firework
রস কদম্ব appearing like a burning tree when
বাণকাপ্মাড lighted.

ରସ କଦମ୍ବା—ପ୍ରାଦେ. (ପୁରୀ).—୧। ମିଷ୍ଟାନ୍ନ ବିଶେଷ—1. A kind
Rasa kadambā of sweet. ୨। (ବ୍ୟଙ୍ଗାର୍ଥ) ଗାଳି ବିଶେଷ—2. (irony) A term of abuse.

ରସ କଦଳୀ—ଦେ. ବି.—ରସ କଦମ୍ବା (୨) (ଦେଖ) Rasa kada-
Rasa kadaḷi mbā (2) (see.)

ରସକଳା—ସଂ. ବି.—୧ । ମୃଦୁ ମିଷ୍ଟ ସ୍ୱର—1. A low sweet
Rasakaḷā sound. ୨ । ପାନମତ୍ତ ବ୍ୟକ୍ତିର ଗାନ—2. The song of an intoxicated person. ୩ । ରସ ବିଷୟରେ ଚାତୁର୍ଯ୍ୟ—3. Wit; witticism; gallantry. ଦେ. ବି. ସ୍ତ୍ରୀ—୧ । ସ୍ତ୍ରୀଲୋକଙ୍କ ନାମ—1. A name given to females. ୨ । ଖୋରଧାନିବାସୀ ଓଡ଼ିଆ ପ୍ରାଚୀନ କବି ଲୋକନାଥ ବିଦ୍ୟାଧରଙ୍କ ରଚିତ ଅକ୍ଷରସାତ୍ମକ କାବ୍ୟ—2. Name of an Oriya poem by poet Lokanātha.

ରସ କଳ୍ପଲତା—ଦେ. ବି.—ଉତ୍କଳର ପ୍ରାଚୀନ କବି ଗଦାଧର
Rasa kaḷpa latā ପଟ୍ଟନାୟକଙ୍କ ରଚିତ ନାୟକ-ନାୟିକାତ୍ମକ ଓଡ଼ିଆ କାବ୍ୟ—Name of an Oriya poem by an ancient poet Gadādhara.

ରସ କଲ୍ଲୋଳ—ଦେ.ବି.—ଓଡ଼ିଆ କବି ଦୀନକୃଷ୍ଣ ଦାସଙ୍କର ରାଧାକୃଷ୍ଣ ଲୀଳା
Rasa kalloḷa ବର୍ଣ୍ଣନାତ୍ମକ ଛନ୍ଦ କାବ୍ୟ—A poetical work by Dinakṛushṇa Das. [ଦ୍ର—ଛାନ୍ଦ-ମାନଙ୍କର ପ୍ରତ୍ୟେକ ଧାଡ଼ିର ମୂଳ ଅକ୍ଷର କ ଅଟେ ।]

ରସକାରକ—ସଂ. ବିଣ.—୧ । ଦ୍ରବକାରକ—1. Liquifying.
Rasakāraka ୨ । ଭାବୋତ୍ପାଦକ—2. Producing
(ରସକାରୀ—ଅନ୍ୟରୂପ) sensation or emotion. ୩। ସ୍ୱାଦଦାନକାରୀ—3. Giving relish or taste.

ରସ କୂପ—ସଂ.ବି.(ଷଷ୍ଠୀ ତତ୍)—ରସ ଭଣ୍ଡାର—Store of pleasures.
Rasa kūpa [ଉ—ଜାନୁରେ ଅବଶେ ବଶେ, ସୁରସ କୂପରେ ପଶେ, କୋଳେ ଆନନ୍ଦପ୍ରବାସେ ବାସେ—ଉପେ.ପ୍ରେମ ସୁଧାନିଧି ।]

ରସକୁଲ୍ୟା—ଦେ. ବି—ବାଣୀ ବା ବୃତ୍ତି ବିଶେଷ—A metre in
Rasakūlyā Oriya literature. [ଦ୍ର—ରାଗ ଚଲେ (ରସକୋଇଲି—ଅନ୍ୟରୂପ) ଚୋଟ୍ଦେଖ]—ସଂ.ବି. ପୁରାଣ ଅନୁସାରେ କୁଶଦ୍ୱୀପର ନଦୀ ବିଶେଷ (ହି.ଶ)—Name of a mythological river.

ରସକେଦାର—ଦେ. ବି.—ଗଛ ବିଶେଷ—A kind of root.
Rasa kedāra (ଉ—ଅନଙ୍ଗ-ପ୍ରେତ ରସକେଦାର ଗଛ—ଉଞ୍ଜ)
একপ্রকারগন্ধ দ্রব্যবিশেষ (ଦ୍ର—ଏ ଗଛ ବ୍ୟବହାର କରି ଗୁଣିଆମାନେ ଭୂତ ପ୍ରେତାଦିଙ୍କୁ ଛଡ଼ାନ୍ତି ।)

ରସ କେଳି—ଦେ. ବି. (ମ. ପ. ଲୋ.)—୧ । ରସଲୀଳା (ଦେଖ)—
Rasa keḷi 1. Rasaliḷā (See). ୨। ରସରେ ବା ଶିରାରେ ସିଦ୍ଧ ହୋଇଥିବା ଏକପ୍ରକାର ପିଠା—2. A kind of

cake moistened in syrup. ସ.ବି—୧ । କ୍ରୀଡ଼ା; କ୍ରୀଡ଼ା (ହି.ଶ)—1. Sport. ୨ । ମଉଜ; ମଜା କରିବା (ହି.ଶ)— 2. Merriment.

ରସ କେଶ(ସ)ର—ସ. ବି.—କର୍ପୂର -Camphor.
Rasakeśa(sa)ra

ରସକୋରା—ଦେ. ବି.—ନଡ଼ିଆ କୋରାକୁ ଚିନିରେ ପାଗକରିଯାଇ ତିଆରି
Rasakorā ଯାଉଥିବା ଲଡୁ—Sweetmeat balls made
রসকোরা रसकोरा by the scrapings of cocoanut kernel soaked in syr up. (ଉ—ନଡ଼ିଆ ଛେନା ପଚ୍ଚ ଦୁଧ ରସକୋରା—କୃଷ୍ଣସିଂ ହ. ମହାଭାରତ. ସଭା ।)

ରସ କୌତୁକ—ସ. ବି.—ରସଯୁକ୍ତ କୌତୁକ—Dalliance;
Rasa kautuka amusements in connection with love,
(ରସିକକୌତୁକ—ଦେଶଜରୂପ)

ରସ କୌତୁକୀ—ସ. ବିଣ—ରସକ୍ରୀଡ଼ା ପ୍ରିୟ—
Rasa kautuki Fond of dalliance.
(ରସକୌତୁକିନୀ—ସ୍ତ୍ରୀ) [ରସିକକୌତୁକୀ—ଦେଶଜରୂପ(ପୁଂ. ସ୍ତ୍ରୀ)]

ରସ କ୍ରୀଡ଼ା—ସ. ବି (ମ.ପ.ଲେ.)—ରସିକ ରସିକାଙ୍କର କେଳି ଓ
Rasa krirdā କୌତୁକାଦି ରହସ୍ୟ—Dalliance; various acts of merriment between lovers; feats of gallantry.

ରସଖଇ—ଦେ. ବି—ଚିନିରେ ପ୍ରସ୍ତୁତ ଖଇ ଗୁଡ଼ା—
Rasa khai Fried paddy soaked in syrup of white
চিনির মুড়কী चिनिकीलाई sugar.

ରସଖର୍ପର—ସ. ବି—ଖର୍ପର ନାମକ ଉପଧାତୁ (ହି. ଶ)
Rasakharpara Antimony.

ରସ ଗଡ଼ି(ଳି)ତଂ—ଦେ. ବାକ୍ୟ (ସ ରସଗଳତଂ=ରସଗଳୁଅଛି)— ରସ
Rasagardi(li)tm ଗଳିବା—Oozing of juice. [ଉ—
রসগলিতং ରସ ଗଳତଂ ଥପଂ ଥପଂ (ଟୋପା ଟୋପା ହୋଇ କୌଣସି
रसटपकताहे ଦ୍ରବ୍ୟରୁ ରସ ଗଳୁଅଛି) । ଇତ ।]

ରସ ଗଡ଼ି(ଳି)ବା—ଦେ. ବି—କୌଣସି ଦ୍ରବ୍ୟରୁ ରସ ନିର୍ଗତ
Rasa gardi(li)bā ହେବା—The oozing of juice
রসগড়া रसटपकना from a thing.
[ରସ ନିଗିଡ଼ିବା, ରସ ଝରିବା, ରସ ବୋହିବା—ଅନ୍ୟରୂପ]
(ରସ ଗଡ଼ା[ଳା]ଇବା, ରସ ନିଗିଡ଼ାଇବା, ରସ ଝରାଇବା, ରସ ବୁହାଇବା—ଣିଜନ୍ତରୂପ)

ରସଗତ ଜ୍ୱର—ସ. ବି—ଶରୀରରେ ରସଧାତୁର ଆଧିକ୍ୟ ଜନିତ ଜ୍ୱର—
Rasagata jwara Fever due to the excess of gastric juice in the system.

ରସ ଗନ୍ଧ—ସ. ବି—ଗନ୍ଧରସ; ଗୁଗ୍ଗୁଳ—
Rasa gandha Bdellium; gum myrrh.

ରସଗନ୍ଧକ—ସ. ବି—୧ । ରସଗନ୍ଧ (ଦେଖ)—1. Rasagandha
Rasagandhaka (See). ୨ । ଗନ୍ଧକ—2. Sulphur. ୩ । ରସାଞ୍ଜନ (ହି. ଶ)—3. Antimony. ୪ । ଗନ୍ଧବୋଳ (ହି. ଶ)—4. Myrrh. ୫ । ହିଙ୍ଗୁଳ (ହି.ଶ)—5. Vermilion.

ରସ ଗର୍ଭ—ସ. ବିଣ (ବହୁବ୍ରୀହି)—୧ ରସ ବା ରସିକତାପୂର୍ଣ୍ଣ—1.
Rasa garbha Witty; humorous. ୨ । ଭାବ ରସରେ
[ରସଗର୍ଭିତ—ଅନ୍ୟ ବିଣରୂପ] ପୂର୍ଣ୍ଣ—2. Sentimental. ୩ । ଯାହାର ମଧ୍ୟସ୍ଥଳ ରସରେ ପୂର୍ଣ୍ଣ—3. Full of juice inside. ସ. ବି—୧ । ରସାଞ୍ଜନ (ଦେଖ)—1 Rasāñjana (See). ୨ । ହିଙ୍ଗୁଳ (ଦେଖ)—2. Hingula. (See).

ରସ ଗୁ(ଗୋ)ଲା(ଲ୍ଲା) —ଦେ.ବି (ସ. ରସ+ଗୋଲକ)—ଦୁଧଛେନାରେ
Rasa gu(go)lā(llā) ପ୍ରସ୍ତୁତ ଓ ଚିନିରେ ପାକ କରାଯାଇଥିବା
রসগোল্লা মিষ্টান্ন—A kind of sweetmeat. [ଉ—
रसगुल्ला ସକଳର ମଣ୍ଡା ହେଲା ସବୁ ରସଗୋଲା । ଚନ୍ଦ୍ରାମଣି. ବନମାଳୀ ।]

ରସଗ୍ରହ—(ରସ+ଗ୍ରହ୍. ଧାତୁ+କର୍ତ୍ତୃ. ଅ)—ଜିହ୍ୱା (ହି. ଶ)
Rasagraha Tongue.

ରସ ଗ୍ରହଣ—ସ. ବି (ଷଷ୍ଠୀ ତତ୍)—୧ । କବିତା ଓ ବାକ୍ୟାଦିର ରସ
Rasa grahana ଆସ୍ୱାଦନ—1. Enjoying the
(ରସଗ୍ରାହୀ—ବିଣ. ପୁଂ) sentiments or wit of a writing
(ରସଗ୍ରାହିଣୀ—ବିଣ. ସ୍ତ୍ରୀ) or speech —୨ । ସ୍ୱାଦ ଗ୍ରହଣ—2. Enjoying the taste or relish. ୩ । ସାରଗ୍ରହଣ —4. Collecting the essence from a thing.

ରସଘ୍ନ—ସ. ବି—ଟଙ୍କଣ; ଟାଙ୍କଣା—Borax. ସ. ବିଣ—ରସନାଶକ
Rasaghna —Destroying the juice or sap.

ରସ ଚାଖିବା—ଦେ. କ୍ରି—ମାଧୁର୍ଯ୍ୟ ଆସ୍ୱାଦନ କରିବା—
Rasa chākhibā To taste the sweetness of a
রসচাখা, রসআস্বাদ করা रसचखना thing.

ରସ ଚି(ଚୁ)ପୁଡ଼ିବା ଦେ. କ୍ରି—୧ । କୌଣସି ଦ୍ରବ୍ୟକୁ ଦଳି ତହିଁରୁ ରସ
Rasa chi(chu)purdibā ବାହାର କରିବା—1.To press
রসনিংগড়ান out juice from a thing. ୨ । (ଲକ୍ଷଣାର୍ଥ
रसनिचोडना, ଓ ବ୍ୟଙ୍ଗ) କୌଣସି ଦ୍ରବ୍ୟର ବା ବ୍ୟକ୍ତିର ଅନ୍ତରେ
रसर्खीचना ମାଧୁର୍ଯ୍ୟକୁ ବା ରସିକତାକୁ ବାହାର କରିବା ବା ଉପଭୋଗ କରିବା—2. (figurative and ironical) To bring out or enjoy the tender or sweet sentiments out of a person or thing. [ଦ୍ର—ଏହିପରି ଲକ୍ଷଣାର୍ଥରେ ରସ ଖଣିବା, ରସ-ଟାଣିବା, ରସ ଶୋଷିବା, ରସ ନିଙ୍କିବା, ରସ ନିଗିଡ଼ିବା, ରସ ଝରାଇବା ଆଦି ରୂପ ।]

ରସ ଚୁମ୍ବିବା—ଦେ.କ୍ରି (ବ୍ୟଙ୍ଗ)—କୌଣସି ରସମୟ ଭାବକୁ ଆସ୍ୱାଦନ
Rasa chumbibā ବା ଉପଲବ୍ଧ କରିବା—To enjoy
রসগ্রহণকরা रसचूमना the sweetness or humour
(ରସଗ୍ରହଣ କରିବା—ଅନ୍ୟରୂପ) of a thing.

ରସଜ—ସ. ବିଣ—ରସରୁ ଉତ୍ପନ୍ନ—Produced from Rasa
Rasaja resulting from Rasa. ସଂ. ବି—୧ । ଶୋଣିତ; ରୁଧିର; ରକ୍ତ—1. Blood. ୨ । ମଦ୍ୟକୀଟ — 2. Insects born of fermentation of.

liquids. ୩ । ତଳୀୟ ଦ୍ରବ୍ୟଜାତ କୀଟାଣୁ—3. Animalculae produced in liquids. ୪ । ଶୋଣିତରୁ ଉତ୍ପନ୍ନ କୀଟାଣୁ—4. Animalculae produced in blood. ୫ । ଗୁଡ଼—5. Molasses; treacle. ୬ । ସୁରାର କାଞ୍ଜି (ହ୍ବ. ଶ)—6. The dregs of wine. ୭ । ରସାଞ୍ଜନ (ହ୍ବ. ଶ)—7. Antimony.

ରସଜନ୍ୟ—ସଂ. ବଣ (୫ମୀ)—ରସଜାତ (ଦେଖ)
Rasajanya Rasajāta. (See)

ରସ ଜାତ—ସଂ.ବଣ (୫ମୀ ତତ୍)—ରସରୁ ଉତ୍ପନ୍ନ—Produced
Rasa jāta from Rasa. ସଂ. ବ—୧ । (୬ଷ୍ଠୀ ତତ୍) ରସସମୂହ—1. Multitude or collection of Rasa. ୨। (୫ମୀ ତତ୍) ରସାଞ୍ଜନ (ହ୍ବ.ଶ)—2. Antimony.

ରସଜ୍ଞ—ସଂ. ବଣ, ପୁଂ (ରସ+ଜ୍ଞା. ଧାତୁ+କର୍ତ୍ତୃ. ଅ)—୧ । ଭାବ
Rasajña ଗ୍ରହଣ କରିବାରେ ସମର୍ଥ—1. Able to appre-
[ରସଜ୍ଞତା—ଅନ୍ୟରୂପ] ciate wit. ୨ । ରସ ବିଷୟରେ
[ରସଜ୍ଞା—ସ୍ତ୍ରୀ] ଅଭିଜ୍ଞ—2. Understanding the wit
[ରସଜ୍ଞତା।(ଭ୍ବ)—ବ] or sentiment. ୩ । ସାମାଜିକ—3. Social. ୪ । ନିପୁଣ; କୁଶଳ (ହ୍ବ. ଶ)—Skilful; expert. ସଂ. ବ—୧। କବି—1. Poet. ୨ । ରସିକ—2. Witty person. ୩ । ଭାବୁକ—3. Thoughtful person. ୪ । ରସାୟନ ଶାସ୍ତ୍ରରେ ପଣ୍ଡିତ—4. Chemist; alchemist. ୫ । ରସାୟନ ବା ପାରଦ ଘଟିତ ଔଷଧ ପ୍ରସ୍ତୁତ ଓ ପ୍ରୟୋଗ କରିବାରେ ପଟୁ—5. A physician expert in mercurial treatment.

ରସଜ୍ଞା—ସଂ. ବ. ସ୍ତ୍ରୀ (ରସ+ଜ୍ଞା. ଧାତୁ+କର୍ତ୍ତୃ. ଅ+ଆ)—୧ । ରସନା ।
Rasajñā ଜିଭ—1. Tongue. ୨ । ଗଙ୍ଗାନଦୀ [ହ୍ବ. ଶ]—2. The Ganges. ସଂ. ବଣ—ରସଜ୍ଞର ସ୍ତ୍ରୀଲିଙ୍ଗ—Feminine of Rasajña.

ରସ ଜ୍ଞାନ—ସଂ. ବ (୬ଷ୍ଠୀ ତତ୍)—୧ । ରସବୋଧ; ରସାନୁଭୂତତା—
Rasa jñāna 1. Ability to appreciate wit or sentiment. ୨ । ରସ ସମ୍ବନ୍ଧେ ଜ୍ଞାନ—2. Knowledge about Rasa.

ରସ ଜ୍ୱର—ସଂ. ବ—୧। ଅପରିମିତ ପାନ ଓ ଖାଦ୍ୟଦୋଷରୁ ଜାତ ଜ୍ୱର-
Rasa jwara 1. Fever due to intemperance or indigestion. ୨ । ବାତ ଜ୍ୱର—2. Moon fever; filarial fever.

ରସ ଜ୍ୟେଷ୍ଠ—ସଂ.ବ(୭ମୀ ତତ୍)—ମଧୁର ରସ–1. The sweet
Rasajyeshṭa taste. ୨। ମଧୁରତା—2. Sweetness. ୩ । ଆଦିରସ; ଶୃଙ୍ଗାରରସ—3. The sentiment of love.

ରସଡ(ଢ)ବା(ବ୍ବା)—ଦେ. ବ—ଟିଣଧାତୁର ପତ୍ରରେ ନିର୍ମିତ ବର୍ତ୍ତୁଳ ବା
Rasaḍa(ḍi)bā(bbā) ଗୋଲ—A small circular tin box; a tin case.
ଟିନେରକୌଟା टीन(रांगा)का डबा

ରସଡବଥ(ସ୍ତ୍ରୀ)
ରସଡ଼ବ(ବ) } —ଅନ୍ୟରୂପ

ରସତଡ଼କା—ଦେ . ବ—ରସତାନକ (ଦେଖ)
Rasa tarḍakā Rasatānaka (See)

ରସତରଙ୍ଗ—ସଂ. ବ (ରୂପକ)—ତରଙ୍ଗରୂପରେ କଳ୍ପିତ ରସିକତା-
Rasataraṅga Wit compared to a wave. ଦେ. ବ—ଉପେନ୍ଦ୍ରଭଞ୍ଜଙ୍କ ରଚିତ କ୍ଷୁଦ୍ର ପଦ୍ୟକାବ୍ୟବିଶେଷ Name of a poem by the Oriya poet Upendrabhanja. [ଦ୍ର—ଏହା ଅବକା ଅକ୍ଷରରେ ରଚିତ । ଏହାକୁ ମଧ୍ୟ ଅବକା ରସତରଙ୍ଗ କହନ୍ତି ।]

ରସ ତାନକ—ସଂ. ବ (ଶିଶୁର ରସ ଦୂଷିତ ହେବାରୁ ଜାତ ତାନକ
Rasa tānaka ରୋଗ) ଶିଶୁର ମୂର୍ଚ୍ଛାରୋଗବିଶେଷ; ପୁଅ
रसतडका ରୋଗ—Infantile convulsions.

ରସ ତେଜଃ—ସଂ. ବ—ରୁଧିର; ରକ୍ତ—
Rasa tejah Blood

ରସଦ—ବୈଦେ. ବ (ଫା. ରସଦ୍=ଅଂଶକ୍ ଭୋଜ୍ୟଦ୍ରବ୍ୟ)—୧ ।
Rasad ସୈନ୍ୟମାନଙ୍କୁ ବଣ୍ଟାଯିବା ଅଂଶକ୍ ଖାଦ୍ୟସାମଗ୍ରୀ—
रसद रसद् 1. Victuals supplied to the army. ୨ । ମଫସଲ ଗସ୍ତରେ ଯିବା ହାକିମମାନଙ୍କୁ ଜମିଦାରମାନଙ୍କ ଦ୍ୱାରା ଯୋଗାଯିବା ଖାଦ୍ୟାଦି—2. Victuals supplied to officiale on tour.

ରସଦ—ସଂ. ବଣ. ପୁଂ (ରସ+ଦା ଧାତୁ+କର୍ତ୍ତୃ. ଅ)—୧ ସୁଖଦାୟକ
Rasada 1 Giving pleasure. ୨ । ସୁସ୍ୱାଦୁ (ହ୍ବ.ଶ.)-
(ରସଦା—ସ୍ତ୍ରୀ) 2. Sweet. ସଂ. ବ. ପୁଂ—ଚିକିତ୍ସକ(ହ୍ବ.ଶ) A physician.

ରସଦା—ଦେ. ବଣ ଓ ବ. ସ୍ତ୍ରୀ (ରସଦ+ଆ)—ରସଦର ସ୍ତ୍ରୀଲିଙ୍ଗ—
Rasadā Feminine of Rasada. [ଦ୍ର—ରସଦା ଦରବ ଭୁଞ୍ଜି ନାଶ ପ୍ରାଣେଶର । ଉପ. ପ୍ରେମସୁଧାନିଧି ।]

ରସଦାତା—ସଂ. ବଣ. ପୁଂ (ରସ ଦାତୃ ଶବ୍ଦ ୧ମା. ୧ବ)—ଯେ
Rasadātā ହୃଦୟରେ ରସମୟ ଭାବ ବା ଅନୁରାଗ ଜାତ
[ରସଦାତ୍ରୀ—ସ୍ତ୍ରୀ] କରାଏ—Producing sentiment of love in the heart.

ରସଦାନ—ସଂ. ବ (୬ଷ୍ଠୀ ତତ୍)—ରସମୟ ଭାବ ବା ପ୍ରେମ ହୃଦୟରେ
Rasadāna ଜାତ କରିବା—Producing sentiment or love in the heart ଦେ. ବ—ରତିଦାନ; ରତିସୁଖ ଭୋଗର ସୁବିଧାଦାନ—Allowing a person to have the pleasures of sexual enjoyment.

ରସଦାନୀ—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ରସଦାତା)—୧ । ରସଦାତା
Rasadānī (ଦେଖ)—1. Rasadātā. (See) ୨ । ରସର
रसदानी रसदायी ଆଧାର—2. Full of tender sentiments.

ରସଦାୟ[ୟୀ]—ଦେ. ବଣ (ସଂ. ରସଦାୟକ)—ରସଦାତା (ଦେଖ)—
Rasadāya[yi] Rasadātā. (See) [ଦ୍ର—ପ୍ରଜାଙ୍କୁ

ରସଦାନୀ रसदायी କାମଧେନୁ ପ୍ରାୟ, ଭୂମି ହୋଇଲା ରସଦାୟୀ । ଚଇତନ୍ୟ. ଭାଗବତ ।]

ରସଡାଳିକା—ସଂ. ବ (ରସ+ଦଳ୍. ଧାତୁ=ଫେଟିବା+କର୍ମ. ଇକ+ଅ)—ଏକପ୍ରକାର ଆଖୁ (ହଳଦିଆ)—A species of sugarcane (with yellow rind)
Rasadāḷikā

ରସ ଦୁଷ୍ଟି—ସଂ. ବ (ବୈଦ୍ୟକ; ୬ଷ୍ଠୀ ତତ୍)—ଶରୀରସ୍ଥ ରସ ଉତ୍ତମରୂପେ ପାକ ନ ହେବା ଜନିତ ଦୋଷ—The deterioration of the vital sap or chile of the body.
Rasa dushṭi

ରସ ଦୋଷ—ସଂ. ବ (୬ଷ୍ଠୀ ତତ୍; ବା ୭ମୀ ତତ୍)—୧ । ଶୃଙ୍ଗାରସର ଅପକର୍ଷତା—1. The evil effect of amorous sentiment. ୨ । ରଚନାର ଅପକର୍ଷ ବିଶେଷ—2 A kind of defect in composition. [ଦ୍ର—ଯେଉଁ ସବୁ ଦୋଷ ରସର ଅପକର୍ଷ ସାଧନ କରେ ତାହା ରସଦୋଷ ନାମରେ ଅଭିହିତ ହୁଏ । ରସଦୋଷ ନାନାବିଧ । ତନ୍ମଧ୍ୟରୁ ସ୍ୱଶବ୍ଦବାଚ୍ୟ ଦୋଷ, ବିରୁଦ୍ଧ-ରସାଙ୍ଗର ବର୍ଣ୍ଣନା, ଅକାଳରସବ୍ୟଞ୍ଜନା, ପୁନରୁଦ୍ଦୀପ୍ତତା, ପ୍ରକୃତିବିପର୍ଯ୍ୟୟ ଓ ରସାଙ୍ଗର ଅତିବିସ୍ତୃତି ପ୍ରଧାନ ।]
Rasa dosha

ରସ ଧାତୁ—ସଂ. ବ—୧ । ପାରଦ—1. Mercury. ୨ । ଶରୀରସ୍ଥ ରସ ନାମକ ଧାତୁ—2. The chyle or gastric juice in the body.
Rasa dhātu

ରସନ—ସଂ. ବ (ରସ୍ ଧାତୁ+ଭାବ. ଅନ)—୧ । ଆସ୍ୱାଦନ; ଚାଖିବା-1. Tasting. ୨ । ଶବ୍ଦ—2. Sound. ୩ । ଧ୍ୱନନ—3. Sounding. ୪ । (+କରଣ ଅନ) ଜିଭ (ହି. ଶ.)—4. Tongue. ୫ । କଫ (ହି.ଶ.)-5. Phlegm.
Rasana

ରସ ନ(ଲ)ଡୁ—ଦେ. ବ (ସଂ. ରସ+ଲଡ୍ଡୁକ)—ରସକୋରା (ଦେଖ)
Rasa na(la)ṛdu Rasakorā (See)

ରସ ନଦୀ—ସଂ. ବ (ରୂପକ)—ନଦୀରୂପରେ ବୋହୁଥିବା ରସ—
Rasa nadī Rasa flowing like a river.

ରସନା—ସଂ. ବ (ରସ୍ ଧାତୁ=ଚାଖିବା+କରଣ. ଅନ+ଆ)—୧ । ଜିହ୍ୱା; ଜିଭ—1. Tongue. ୨ । କାଞ୍ଚି; ମେଖଳା; ଗୋଟ; ଅଣ୍ଟାସୂତା; ଚନ୍ଦ୍ରହାର; କଙ୍କିଣୀ—2. Woman's girdle; waist-chain. (ଦ୍ର—ରସନା ରଣିତ୍ରାର ଶ୍ରବଣ କଲା ବିବେକ ମୋଷ—କବିସୂର୍ଯ୍ୟ. ବଳଦେବ ରଥ, ବ ଗୀତ।) ୩ । ରାସ୍ନା (ଦେଖ)—3. Rāsnā (See) ୪ । ଗନ୍ଧଭଦ୍ରା; ପସାରୁଣୀଲତା—4. A creeper; Paederia Foetida. ୫ । ରଜ୍ଜୁ; ଦଉଡ଼ି—5. Rope. ୬ । ଫାଶ—6, Noose. ୭ । ଲଗାମ (ହି. ଶ.)—7. Reins; bridle. ଦେ. ବ.—ସପ୍ତସ୍ୱରା; ବାଦ୍ୟଯନ୍ତ୍ରବିଶେଷ—A kind of musical instrument. [ଦ୍ର—ବାହାରୁଁ ଯେ ମୃଦଙ୍ଗର ରସନା ସ୍ୱନ କଲେ—ଉପେ. ବୈଦେହୀଶବିଳାସ ।]
Rasanā

ରସନାଗ୍ର—ସଂ. ବ (୬ଷ୍ଠୀ ତତ୍)—ଜିହ୍ୱାର ଅଗ୍ରଭାଗ—
Rasanāgra The tip of the tongue.

ରସନା ଚାପଲ୍ୟ—ସଂ. ବ (୬ଷ୍ଠୀ ତତ୍)—ବାକ୍ ଚାପଲ୍ୟ—
Rasanā chāpalya Impertinence; hastiness regarding speech.

ରସ ନାଥ—ସଂ. ବ (୭ମୀ ତତ୍)—ପାରଦ—
Rasa nātha Quick silver; mercury.

ରସନା ପଦ—ସଂ. ବ (୬ଷ୍ଠୀ ତତ୍; ରସନା=ମେଖଳା+ପଦ=ସ୍ଥାନ)-ନିତମ୍ବ—Buttocks.
Rasanā pada

ରସନାଭ—ସଂ. ବ—ରସାଞ୍ଜନ (ଦେଖ)
Rasanābha Rasāñjana (See).

ରସ ନାୟକ—ସଂ ବ—୧ । (୬ଷ୍ଠୀ ତତ୍) ଶିବ; ମହାଦେବ—
Rasa nāyaka 1. Siba. ୨ । (୭ମୀ ତତ୍) ପାରଦ (ହି.ଶ)—2. Mercury. [ଦ୍ର—କଥିତ ଅଛି ଯେ ପାରଦ ଶିବଙ୍କ ରେତଃ ଅଟେ ।]

ରସନା ରବ—ସଂ. ବ (ବହୁବ୍ରୀହି; ଯେ ରସନାଦ୍ୱାରା ରବ କରେ; ଅର୍ଥାତ୍ ଯେ ବନ୍ଦୀଗାନ)—ପକ୍ଷୀ (ହି. ଶ)—Bird.
Rasanā raba

ରସନାର ସ୍ୱନ—ଦେ. ବ—ହୁଳହୁଳି—Vocal reverberating sound produced by females wagging their tongues and producing a ringing sound, on ceremonial occasions. [ଦ୍ର—ବାଦ୍ୟମାନ ବଜ ଶୁଭେ ରସନାର ସ୍ୱନ । ଉପେ. ବୈଦେହୀଶବିଳାସ]
Rasanāra swana
উলুধ্বনি
उलुकरना
[ରସନା ସ୍ୱନ—ସଂ. ରୂପ]

ରସନାଲିଟ୍—ସଂ. ଣ (ରସନା+ଲିହ୍ ଧାତୁ+କ୍ୱିପ୍=ରସନାଲିହ୍ ୧ମା. ୧ବ)—ଯେ ଜିହ୍ୱାଦ୍ୱାରା ଚାଟୁଥାଏ—Licking. ସଂ. ବ—କୁକୁର—The dog.
Rasanāliṭ

ରସ ନିଉ(ଗା)ଡ଼ିବା—ଦେ. କ୍ରି—ରସ ଚିପୁଡ଼ିବା (ଦେଖ)
Rasa niu(gā)ṛdibā Rasa chipuṛdibā. (See)
रस निगड़ाना रस निचोड़ना

ରସ ନିକାଳିବା—ଦେ. କ୍ରି—(ଗାଳ) ଆଘାତ କରି ଦେହରୁ ରକ୍ତ ବୁହାଇବା—To cause bleeding by beating.
Rasa nikālibā
রসবেরকরা रसनिकालना

ରସ ନିକଳିବା—ଦେ. ବ—ଆଘାତଦ୍ୱାରା ଦେହରୁ ରକ୍ତ ବୋହିବା—
Rasa nikilibā Bleeding due to hurt.
রসবেরান रसनिकलना

ରସ ନିଗିଡ଼ିବା—ଦେ. ବ (ସଂ. ରସ ନିର୍ଗମନ)—ରସ ନିଃଶେଷରୂପେ ଝରିବା—The dripping of juice.
Rasa nigiṛdibā
রসনিঙ্গড়া रसनिगलना

ରସ ନିଧି—ସଂ. ଣ. ପୁଂ ଓ ସ୍ତ୍ରୀ—ସୁରସିକ; ରସିକତାପୂର୍ଣ୍ଣ ବ୍ୟକ୍ତି—A person full of gallantry or love or tenderness. ଦେ. ବ—ଉପେନ୍ଦ୍ରଭଞ୍ଜଙ୍କ ସମସାମୟିକ କବି ଘନଭଞ୍ଜଙ୍କ ରଚିତ ଓଡ଼ିଆ କାବ୍ୟ—Title of an Oriya poem by poet Ghanabhañja.
Rasa nidhi

ରସ ନିବେଦନ—ସଂ. ବି—(୬ଷ୍ଠୀ ତତ୍)—ଅନ୍ୟ ବ୍ୟକ୍ତି ନିକଟରେ ରସମୟ
Rasa nibedana ବାକ୍ୟାଦିର ପ୍ରକାଶ—Speaking witty things to a person. (ଯଥା—ଅରସିକଠାରେ ରସ ନିବେଦନ, ପ୍ରଭୋ ! ଏ କପାଳେ ନ କର ଲେଖନ ।)

ରସ ନିର୍ଗମ—ସଂ. ବି. (୬ଷ୍ଠୀ ତତ୍)—କୌଣସି ଦ୍ରବ୍ୟରୁ ରସ ନିର୍ଗତ ହେବା-
Rasa nirgama The oozing of Rasa from a thing.
(ରସ ନିର୍ଗମନ ଅନ୍ୟରୂପ)

ରସନୀୟ—ସଂ. ବି (ରସ ଧାତୁ+କର୍ମ. ଅନୀୟ)—୧ । ଚାଖା ହେବାର
Rasaniya ଉପଯୁକ୍ତ—1. Fit to be tasted. ୨ । ସୁସ୍ବାଦୁ —2. Sweet. ୩ । ରସନାର ତୃପ୍ତିକର—3. Tasteful; relishing.

ରସନେନ୍ଦ୍ରିୟ—ସଂ. ବି. (ରୂପକ; ରସନା-ଇନ୍ଦ୍ରିୟ)—ଜିହ୍ୱା—Tongue;
Rasanendriya the organ of taste.

ରସ ପଞ୍ଚକ—ସଂ. ବି—୫ ଗୋଟି ରସର ସମାହାର—An aggregate
Rasa pañchaka or collection of 5 sentiments. ଦେ. ବି—ଉପେନ୍ଦ୍ରଭଞ୍ଜଙ୍କ ରଚିତ କାବ୍ୟବିଶେଷ—Name of a poetical work by Upendra bhañja. [ଦ୍ର—ଏଥିର ଛାନ୍ଦମାନଙ୍କ ଆଦ୍ୟ ଅକ୍ଷର ଯଥାକ୍ରମେ ଉ,ପ,ନ,ଦ୍ର,ଭ ହୋଇ ରଚିତ ହୋଇଅଛି ।]

ରସ ପତି—ସଂ. ବି.(୬ଷ୍ଠୀ ତତ୍)—୧ । ଔଷଧୀଶ; ଚନ୍ଦ୍ରମା (ବୃ. ଶ)—
Rasa pati 1. The moon. ୨ । ରାଜା (ବୃ. ଶ)—2. King. ୩ । ପାରଦ (ବୃ. ଶ)—3. Mercury. ୪ । ଶୃଙ୍ଗାର ରସ (ବୃ. ଶ)—4. The erotic sentiment.

ରସ ପାକ—ସଂ. ବି. (୬ଷ୍ଠୀ ତତ୍)—୧ । ରସକୁ ଅଗ୍ନି ଦ୍ୱାରା ସିଝାଇବା
Rasa pāka —1. Boiling of a juice. ୨ । ଖାଦ୍ୟ ଜାତ ରସ ଜୀର୍ଣ୍ଣ ହୋଇ ରକ୍ତରେ ପରିଣତ ହେବା—2. The digestion of chile into blood.

ରସ ପାକଜ—ସଂ. ବି—୧ । ଗୁଡ଼—1. Molasses; treacle.
Rasa pākaja ୨ । ଚିନି (ବୃ. ଶ)—2. White sugar.

ରସପାତାଳ—ବୈଦେ. ବି (ଇଂ.—ହସ୍‌ପିଟାଲ୍)—ଡାକ୍ତରୀ ଚିକିତ୍ସାଳୟ
Rasapātāl —Hospital. [ଦ୍ର—ନୋହିଲେ ହାଁସପାତାଲ अस्पताल ଇଂରେଜଙ୍କ ନାମରେ ରସପାତାଳ କିପାଇଁ, ମନ୍ଦିରଠା କଣ ?—ଫକୀରମୋହନ. ଛଅମାଣ ଅଠଗୁଣ୍ଠ ।]

ରସ ପାନ—ସଂ. ବି(୬ଷ୍ଠୀ ତତ୍)—୧। ମଦ୍ୟପାନ—1. Drinking of
Rasa pāna juice or wine. ୨। (ଭ୍ରମରର)ପୁଷ୍ପରୁ ମଧୁ ପାନ—2. The drinking of honey from flowers (by a bee).
ରସପାୟୀ(ପୁଂ) } ବିଣ
ରସପାୟିନୀ(ସ୍ତ୍ରୀ) }

ରସପୂର—ଦେ. ବିଣ(ସଂ.ରସପୂର୍ଣ୍ଣ)—ସରସ; ଯହିଁରେ ରସ ଭରି ଥାଏ—
Rasapura Full of sentiments or wit. [ଦ୍ର—ରସଭରା रसमे भराहुआ କେହୁ ଗୀତ ସଦୋଷ ହେଉ ନିର୍ଦୋଷ, କେ ରସପୂର କେ ବା ହୋଏ ନୀରସ—ବ୍ରଜନାଥ. ସମରତରଙ୍ଗ ।]
(ରସଭରା—ଅନ୍ୟରୂପ)

ରସ ପୁଷ୍ପ—ସଂ. ବି—ପାରଦରୁ ପ୍ରସ୍ତୁତ ଦ୍ରବ୍ୟବିଶେଷ—A prepara-
Rasa pushpa tion of mercury. [ଦ୍ର—ପାରଦ, ପାଗ ଓ ଲୁଣଦ୍ୱାରା ଏହା ପ୍ରସ୍ତୁତ ହୁଏ; ଔଷଧରେ ଲାଗେ ।]

ରସ ପୂର୍ଣ୍ଣ—ସଂ. ବିଣ (୩ୟା ତତ୍)—୧ । ଯହିଁରେ ରସ ଭରିଥାଏ—
Rasa purṇṇa 1. Full of juice; juicy. ୨। ରସମୟ—2. Witty; full of sentiments.

ରସପ୍ରଚୁର—ସଂ. ବିଣ (ବହୁବ୍ରୀହି)—ସରସ; ରସମୟ—
Rasaprachūra Full of juice.
(ରସପ୍ରଚୁରା—ସ୍ତ୍ରୀ)

ରସ ପ୍ରାଚୁର୍ଯ୍ୟ—ସଂ. ବି. (୬ଷ୍ଠୀ ତତ୍)—ରସାଧିକ୍ୟ (ଦେଖ)
Rasaprāchūrjya Rasādhikya (See)

ରସପ୍ରିୟ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ମଦ୍ୟପ୍ରିୟ—1. Fond
Rasa priya of wine ୨ । ରସିକ—2 Witty; humorous.
(ରସପ୍ରିୟା—ସ୍ତ୍ରୀ)
(ରସପ୍ରିୟତା—ବି)

ରସ ଫଳ—ସଂ. ବି (ଯାହାର ଫଳରେ ରସ ଅଛି; ରସଯୁକ୍ତ ବା ରସପୂର୍ଣ୍ଣ
Rasa phala ଫଳ; ମ. ପ. ଲୋ.)—୧ । ନାରିକେଳ—1. Cocoanut. ୨ । ଅଁଳା (ବୃ. ଶ.)—2. Embelic myrobalan

ରସ ଫେଣା—ଦେ.ବି—ଏକପ୍ରକାର ମିଷ୍ଟାନ୍ନ; ସିରାରେ ବୁଡ଼ାଇ ଯାଇଥିବା
Rasa phenā ଫେଣା -A kind of sweetmeat soaked in syrup. [ଦ୍ର—ଉତ୍ତଳ ସାକର বাতাসা बताशा ରସଫେଣା, ମଧୁ ମଧୁରସ ସବୁଘଣା—କବିସୂର୍ଯ୍ୟ. ସଙ୍ଗୀତ ।]

ରସ ବଟିକା—ଦେ. ବି (ସଂ. ରସ ଓ ବଟୀ)—ପାରଦ ବା ବିଷଘଟିତ
Rasa baṭikā ବଟିକା — A pill made of mercury or poison.
(ରସବଟି—ଦେ. ରୂପ)

ରସ ବଡ଼ା(ରା)—ଦେ. ବି—(ସଂ. ରସ+ବଟକ)—ଗୁଡ଼ର ବା ଚିନିର
Rasa barḍā(rā) ସିରାରେ ବୁଡ଼ା ହୋଇଥିବା ବଡ଼ା—
রসবড়া रसबड़ा Cake soaked in syrup.

ରସବତ୍—ସଂ. ବି. କ୍ଳୀ (ରସ+ବତ୍)—୧। ଗୌଣ ବା ଅପ୍ରଧାନ ରସ ବା
Rasabat ଭାବବିଶିଷ୍ଟ—1. Consisting of a secondary feeling or sentiment. ୨ । ରସପୂର୍ଣ୍ଣ—2. Full of juice; juicy. ୩ । ସ୍ୱାଦୁ; ସୁମଧୁର—3. Sweet; well-flavoured. ୪ । ଭାବ ବିଶିଷ୍ଟ—4. Sentimental. ୫ । ସୁରୁଚିପୂର୍ଣ୍ଣ—5. Tasteful. ସଂ. ବି—କାବ୍ୟାଲଙ୍କାର ବିଶେଷ (ଯେଉଁ ରଚନାରେ 'ଭାବ' ପ୍ରଧାନ ହୁଏ ଓ 'ରସ' ଗୁଣୀଭୂତକୁ ବା ଅପ୍ରଧାନତାକୁ ପ୍ରାପ୍ତ ହୁଏ—Name of a figure of speech in rhetoric.
(ରସବନ୍ତ—ବି)

ରସବତୀ—ସଂ. ବିଣ. ସ୍ତ୍ରୀ (ରସ+ବତ୍+ସ୍ତ୍ରୀ. ଈ)—୧ । ରସବିଶିଷ୍ଟା;
Rasabatī ରସମୟୀ—1. Full of Rasa. ୨ । ଲାବଣ୍ୟବତୀ; ସୁନ୍ଦରୀ—2. Charming. ସଂ. ବି. ସ୍ତ୍ରୀ—୧ । ରସିକା—1. A woman of taste and
(ରସବାନ୍—ପୁଂ)

wit. ୬ । ପାକଶାଳା—2. Cooking room; kitchen. ସ. ବି—୧ । କବି ଅଭିମନ୍ୟୁ ସାମନ୍ତସିଂହାର ରଚିତ ଅବିଦଗ୍ଧ ଅପ୍ରକାଶିତ ଓଡ଼ିଆ କାବ୍ୟ—1. Name of a poetical work by poet
রসবতী Abhimanyu of Orissa. ୨ । (ସ. ରସବର୍ତ୍ତିକା)
रसवत्ती ରସବଳିତା (ଦେଖ)—2. Rasabalitā. (See)

ରସବନ୍ତ— ସ. ବିଣ (ସ. ରସବତ୍ ଶବ୍ଦ)—ରସିକ (ଦେଖ)— Rasabanta Rasika. (See) ଦେ. ବିଣ—ରସପୂର୍ଣ୍ଣ; ସ୍ୱାଦୁ;
রসবন্ত ସୁମଧୁର—Sweet; palatable. [ଯ—ବନ୍ଧୁର ଭକ୍ଷ୍ୟ
रसवन्त ଭୋଜ୍ୟ ରସବନ୍ତ ହୋଇ । କୃଷ୍ଣସିଂହ. ମହାଭାରତ. ସଭା ।]

ରସ ବଳିତା— ଦେ. ବି (ସଂ. ରସ ଓ ବର୍ତ୍ତିକା ବା ବର୍ତ୍ତୀ)— ବଡ଼ଭିଡ଼ଙ୍ଗା;
Rasa balitā ବାଣ ଅଗ୍ରରେ କଳା ଧରାଇବା ପାଇଁ ଯାହାରେ
বারুদেরবাতী ବାରୁଦ ଦିଆଯାଇ ବଳା ଯାଇଥିବା ଲମ୍ବ ବର୍ତ୍ତିକା—
रसवत्ती A long wick rolled with gunpowder to ignite fireworks.

ରସ ବହୁଳ—ସଂ. ବିଣ (ବହୁବ୍ରୀହି)—ଯହିଁରେ ରସ ଅଧିକ ଥାଏ
Rasa bahula Abounding in juice.
(ରସବହୁଳା—ସ୍ତ୍ରୀ) [ରସବହୁଳତା, ରସବାହୁଲ୍ୟ—ବି]

ରସ ବାତ—ସଂ. ବି (ମ. ପ. ଲୋ; ରସାଧିକ୍ୟ ଜନିତବାତ)—ଆମବାତ;
Rasa bāta ଦେହରେ ରସାଧିକ୍ୟ ଜନିତ ବେଦନା ବାତ — Rheumatism.

ରସ ବାଦ—ସଂ. ବି (ମ. ପ. ଲୋ)—ରସିକତାମୟ କଥୋପକଥନ—
Rasa bāda Witty saying or conversation.

ରସବାନ—ସଂ. ବିଣ. ପୁଂ—୧ । ରସଯୁକ୍ତ; ରସମୟ—1. Juicy.
Rasabān ୨ । ରସିକ (ଦେଖ)—2. Rasika. (See)
(ରସବତୀ—ସ୍ତ୍ରୀ) ୩ । ସୁରୁଚିବିଶିଷ୍ଟ—3.Tasteful. ୪ ।ସରସ—4 Well-flavoured.

ରସ ବିକ୍ରୟ—ସଂ. ବି (୬ଷ୍ଠୀ ତତ୍)—ତାଡ଼ି ବିକିବା—
Rasa bikraya Selling of toddy.

ରସ ବିକ୍ରୟୀ—ସଂ. ବିଣ. ପୁଂ—ଯେ ତାଡ଼ି ବିକେ—
Rasa bikrayi Selling toddy.
(ରସବିକ୍ରେତା—ଅନ୍ୟରୂପ) [ରସବିକ୍ରୟିଣୀ—ସ୍ତ୍ରୀ]

ରସ ବିଚ୍ଛେଦ—ସଂ. ବି—ରସ ଭଙ୍ଗ (ଦେଖ)
Rasa bichchheda Rasa bhanga. (See)
(ରସବିରୋଧ—ଅନ୍ୟରୂପ)

ରସବିନୋଦ—ସଂ. ବି—ରସଲୀଳା (ଦେଖ)—Rasalīla. (See)
Rasabinoda ଦେ. ବି—କବି ଦୀନକୃଷ୍ଣ ଦାସଙ୍କ ରଚିତ ରାଧାକୃଷ୍ଣ ଲୀଳା ବିଷୟକ ପଦ୍ୟଗ୍ରନ୍ଥ—Name of a poetical work by poet Dīnakrushna.

ରସବିନୋଦିଆ—ଦେ. ବିଣ (ସଂ. ରସବିନୋଦୀ)—ଯେ ରସରେ
Rasabinodiā ବିନୋଦ କରେ; ରସିକ—Merry;
রসবিনোদিয়া witty. ଦେ. ବି—ଶ୍ରୀକୃଷ୍ଣ—Srikrushna.
रसविनोदिया [ଯ—ରସକଳ୍ପତରୁ, ରସବିନୋଦିଆ ରସରେ ଯ

ରସବିନୋଦୀ—ପୁଂ } —ସଂ.ରୂପ ଥିଲେ ହରି । ଉପେନ୍ଦ୍ରଭଞ୍ଜ. ବୈଦେହୀଶ ।)
ରସବିନୋଦିନୀ—ସ୍ତ୍ରୀ }

ରସ ବୃଦ୍ଧି—ସଂ. ବି (୬ଷ୍ଠୀ ତତ୍)—ରସାଧିକ୍ୟ (ଦେଖ)
Rasa bruddhi Rasādhikya. (See)

ରସବେଣୀ—ଦେ. ବି—ଏକପ୍ରକାର ବାଦ୍ୟଯନ୍ତ୍ର—
Rasabeni A kind of musical instrument.

ରସ ବେଧକ—ସଂ. ବି (ରସ+ବିଧ ଧାତୁ+କର୍ତ୍ତୃ.ଅକ)—ସୁନା(ଜ୍ଞ.ଶ)—
Rasa bedhaka Gold.

ରସବୋଧ—ସଂ. ବି (୬ଷ୍ଠୀ ତତ୍)—ରସଜ୍ଞାନ; ରସାନୁଭବ; ରସାନୁ-
Rasabodha ଭୂତିକତା; କାବ୍ୟାଦିର ରସ ସମ୍ବନ୍ଧେ ଜ୍ଞାନ ବା ଅନୁଭବ—Knowledge or understanding of the sentiment of a literary piece; experience of literary taste.

ରସ ବୋ(ବ)ହିବା—ଦେ.କ୍ରି (ସ. ରସ+ବହ ଧାତୁ)—ରସକ୍ଷରଣ—
Rasa bo(ba)hibā The oozing of sap or juice.
রসবহা रसबहना

ରସଭଗ୍ନ—ଦେ. ବି (ସଂ. ରସଭଙ୍ଗ)—ରସଭଙ୍ଗ (ଦେଖ)
Rasabhagna Rasabhanga (See)
রসভঙ্গ रसभङ्ग

ରସ ଭଙ୍ଗ—ସଂ. ବି (୬ଷ୍ଠୀ ତତ୍)—୧ । ରସ ସମ୍ଭୋଗ ବ୍ୟାଘାତ ବା
Rasa bhanga ସ୍ତମ୍ଭନ—1. Interruption in the
ରସଭଙ୍ଗନ } —ଗ୍ରାମ୍ୟରୂପ enjoyment or continuance
ରସଭଞ୍ଜନ } of a sentiment;the marring of the enjoyment of a particular sentiment. ୨ । ଏକପ୍ରକାର ରସ (କାବ୍ୟାଦିରସ) ସମ୍ବନ୍ଧେ ଆଲୋଚନା ହେଉଥିବା ସମୟରେ ତଦ୍‌ବିପରୀତ ରସର ଅବତାରଣା—2. The introduction of an opposite or jarring sentiment while one sentiment is being discussed or enjoyed. [ଯଥା—ଶୃଙ୍ଗାରରସର ଆଲୋଚନା ହେବା ସମୟରେ ବୀଭତ୍ସ ବା ରୌଦ୍ରରସର ଅବତାରଣା; ହାସ୍ୟରସର ଆଲୋଚନା ସମୟରେ ଭୟାନକ ରସର ଅବତାରଣା ।] ୩ । କାବ୍ୟାଦି ରଚନାର ଦୋଷବିଶେଷ—3. A defect in composition where a governing sentiment is marred by a jarring sentiment. ୪ । ସୁଶ୍ରୁତ ଅନୁସାରେ ରସନାଭୋଗ୍ୟ ଏକ ରସର ଆସ୍ୱାଦନକାଳରେ ଅନ୍ୟ ବିରୋଧୀ ରସର ଅବତାରଣା—4. The introduction of an opposite or discordant taste when one is tasting some thing. [ଯ—ପୀଡା ଓ ମିଠା ମଧ୍ୟରେ, ଲୁଣିଆ ଓ ପୀଡା ମଧ୍ୟରେ ଓ ଖଟା ଓ ମିଠା ମଧ୍ୟରେ ରସବିରୋଧ ଅଛି ।]

ରସଭଙ୍ଗ କରିବା—ଦେ. କ୍ରି—ବିରୋଧୀ ରସର ଉପସ୍ଥାପନଦ୍ୱାରା ରସା-
Rasabhanga karibā ନୁଭବରେ ବ୍ୟାଘାତ ଜନ୍ମାଇବା—
রসভঙ্গকরা रसभङ्गकरना To mar or interrupt

the enjoyment of a sentiment or taste by the introduction of a discondant or Jarring one.

ରସଭବ—ସଂ. ବଣ (ରସ+ଭୂ ଧାତୁ+କର୍ତ୍ତୃ. ଅ)—ରସରୁ ଉତ୍ପନ୍ନ; Rasabhaba ରସଜାତ—Produced from Rasa. ସଂ. ବ—ରକ୍ତ; ରୁଧିର—Blood.

ରସଭରା—ଦେ. ବଣ—ରସପୂର୍ଣ୍ଣ; ରସମୟ; ରସାଳ—Rasabhara Juicy; full of sentiment. रसभरा रसमेभराहुआ

ରସ ଭସ୍ମ—ସଂ. ବ (୬ଷ୍ଠୀ ତତ୍)—ପାରଦଭସ୍ମ; ପାରଦଭସ୍ମ—Rasa bhasma Calx or oxide of mercury.

ରସ ଭୋଗ—ସଂ. ବ (୬ଷ୍ଠୀ ତତ୍)—ରସର ଆସ୍ୱାଦନ—Rasa bhoga Enjoyment of a Rasa.

ରସ ଭୋଳ—ଦେ. ବ (ସଂ. ରସ ଓ ବହ୍ୱଳ)—ରସାସ୍ୱାଦନ କରୁଥିବା Rasa bhola ବ୍ୟକ୍ତିର ଭ୍ରାନ୍ତି ବା ଉନ୍ମତ୍ତତା—Madness or रसमत्तता forgetfulness which overcomes a रसास्वादनमे मस्ती person while enjoying a Rasa. रसमत्त ଦେ. ବଣ—ରସାସ୍ୱାଦନରେ ଉନ୍ମତ୍ତ—Maddened रसभीना, रसमस्त with the enjoyment of Rasa.

ରସ ଭୋଳା—ଦେ. ବଣ—ରସଭୋଳ (ଦେଖ) Rasabhola Rasabhola. (See)

ରସ ମଞ୍ଜରୀ—ସଂ. ବ—ଉଚ୍ଚ ଉଚ୍ଚ ଶ୍ରେଣୀର ନାୟକନାୟିକାମାନଙ୍କ ବିଷୟ Rasamañjari ରଚିତ ହୋଇଥିବା ସଂସ୍କୃତ ଗ୍ରନ୍ଥ ବିଶେଷ—Name of a Sanskrit work classifying the different classes of heroes or heroines in literary compositions. [ବି—ଏହାର କବି 'ଭାନୁ'କବି । ଏହାକୁ ଭରତଚନ୍ଦ୍ର ବଙ୍ଗଳାରେ ଅନୁବାଦ କରିଅଛନ୍ତି ।] ଦେ. ବ—ଉପେନ୍ଦ୍ର ଭଞ୍ଜଙ୍କ ପ୍ରଣୀତ ଛନ୍ଦର କାବ୍ୟମାଳଙ୍କୀ ବିଷୟକ ପଦ୍ୟଗ୍ରନ୍ଥ (ଅଦ୍ୟାପି ଅପ୍ରକାଶିତ)—Name of an unpublished poetical work by Upendrabhañja about rules of metres and prosody.

ରସମୟ—ସଂ. ବଣ (ରସ+ପୂର୍ଣ୍ଣାର୍ଥେ. ମୟ)—୧ । ରସାଳ; ରସପୂର୍ଣ୍ଣ—Rasamaya 1. Juicy. ୨ । ଭାବ୍ୟରସ ପୂର୍ଣ୍ଣ—2. Full of (ରସମୟୀ—ସ୍ତ୍ରୀ) sentiments. ୩ । ପ୍ରେମମୟ—3. Full of love.

ରସ ମର୍ଦ୍ଦନ—ସଂ. ବ. (ବୈଦ୍ୟକ)—ପାରଦକୁ ଭସ୍ମ କରିବା ପୂର୍ବରୁ Rasa marddana ବୈଦ୍ୟଶାସ୍ତ୍ରୋକ୍ତ ଅନ୍ୟ ବସ୍ତୁ ସଙ୍ଗେ ମିଶାଇ ଘୋର ଚୂର୍ଣ୍ଣ କରିବା; ପାରଦକୁ କଜ୍ଜଳୀରୂପେ ପରିଣତ କରଣ—The powdering of mercury; reduction of mercury into black powder by powdering it with another substance. [ବି—ଚକ୍ରଦତ୍ତଙ୍କ ମତରେ ସମଭାଗ ପାରଦ ଓ ଗନ୍ଧକ ଏକତ୍ର ଖଲରେ ଧୂଳବତ୍ ଏକପ୍ରକାର ନୂତନ ପଦାର୍ଥ (କଜ୍ଜଳୀ) ଉତ୍ପନ୍ନ ହୁଏ ।]

ରସ ମଳ—ସଂ.ବ. (୬ଷ୍ଠୀ ତତ୍)—ଶରୀରରୁ ବହିର୍ଗତ କୌଣସି ପ୍ରକାରର Rasa mala ମଳ (ଯଥା—ବିଷ୍ଠା, ମୂତ୍ର, ସ୍ୱେଦ, କଫ, ଷ୍ଠୀବନ)—Any kind of excrement.

ରସ ମାତୃକା—ସଂ. ବ (୬ଷ୍ଠୀ ତତ୍)—ଜିହ୍ୱା (ହି. ଶ)—Rasa mātṛukā Tongue.

ରସ ମାରଣ—ସଂ. ବ. (ବୈଦ୍ୟକ) (୬ଷ୍ଠୀ ତତ୍)—୧ । ପାରଦ ମାରଣ; Rasa māraṇa ପାରଦ ମାରିବା; ଔଷଧାର୍ଥ ପାରଦ ବ୍ୟବହୃତ କରିବା ପୂର୍ବରୁ ତାହାର ଶୋଧନ—1. Refining of mercury; act of neutralising the evil effects of mercury by certain operations. ୨ । ପାରଦରୁ ପ୍ରସ୍ତୁତ ଏକ ପ୍ରକାର ଔଷଧ—2. A kind of mercurial preparation.

ରସ ମାଳା—ସଂ. ବ—ଶିଳା ରସ (ହି. ଶ)—Rasa māla Liquid amber.

ରସ ମୂର୍ଚ୍ଛନ(ନା)—ସଂ.ବ (ବୈଦ୍ୟକ)(୬ଷ୍ଠୀ ତତ୍)—୧ । ପାରଦ ମାରଣ Rasa mūrchchhana(nā) —1. Act of refining mer- (ରସ ଶୋଧନ—ଅନ୍ୟରୂପ) cury for medicinal purposes. ୨ । ପାରଦରୁ ପ୍ରସ୍ତୁତ ଔଷଧ ବିଶେଷ—2. A sort of medicinal preparation from mercury.

ରସ ମୈତ୍ରୀ—ସଂ. ବ—ଦୁଇ ରସର ଏପରି ମିଳନ, ଯଦ୍ୱାରା ଉକ୍ତ Rasa maitri ରସାସ୍ୱାଦନରେ ସୁଖ ବୃଦ୍ଧି ହୁଏ; ଦୁଇ ରସର ଉପଯୁକ୍ତ ମିଳନ (ହି. ଶ)—Judicious mixture of two articles of different taste, resulting in the article being much relished. [ଯଥା—ଖଟା ସଙ୍ଗେ ମିଠାର, ଖଟା ସଙ୍ଗେ ଲୁଣର ସୁମିଳନ ।]

ରସ ରଙ୍ଗ—ଦେ. ବ (ସଂ. ରସ ଓ ରଙ୍ଗ)—୧ । ରଙ୍ଗ ରସ; ରଙ୍ଗ Rasa ranga ତାମସା; ଥଟ୍ଟା; ପରିହାସ—1. Jesting ୨ । रङ्ग रस रंङ्ग रस ରସମୟ ବ୍ୟଙ୍ଗ୍ୟ—2. Wit and humour.
ରସ ରଙ୍ଗିଆ, ରସ ରଙ୍ଗା—ପୁଂ } ବଣ
ରସ ରଙ୍ଗିଆ, ରସ ରଙ୍ଗେଇ—ସ୍ତ୍ରୀ }

ରସ ରତ୍ନାକର—ଦେ. ବ—୧ । ଆୟୁର୍ବେଦୋକ୍ତ ବଟିକା ବିଶେଷ—Rasa ratnākara 1. A kind of medicinal pill. ୨ । ଅତ୍ୟଧିକ ରତିସୁଖ—2. Excessive sexual pleasure [ଉ—ବୈଦେହୀଶ ପାଠକ ରସରତ୍ନାକର ବଚନରୁ ଅର୍ଦ୍ଧ ଚତ୍ର । ଭଞ୍ଜ, ବୈଦେହୀଶବିଳାସ ।]

ରସରହସ—ଦେ. ବ (ସହତତ୍; ସଂ. ରସ ଓ ରହସ୍ୟ)—ରସ ଓ Rasarahasa ରହସ୍ୟ; ରଙ୍ଗ ଓ ରହସ୍ୟ; ବିଳାସ; କୌତୁକ—रङ्गरहस्य Sport and jest; amusement. रंगरहस रङ्गरस

ରସ ରହସ୍ୟ—ସଂ. ବ—୧ । ରସରହସ (ଦେଖ)—1. Rasarahasa Rasa rahasya (See) ୨ । ରସ ସମ୍ବନ୍ଧୀୟ ଗୂଢ଼ଜ୍ଞାନ ବା ମର୍ମ—2. The secrets about the Rasas.

ରସରା—ଦେ. ବି-ଯେଉଁ ବ୍ୟକ୍ତି ରସରେ ବା ଟିଣରେ ବା ସୀସାରେ ଗହଣା ଅବା
Rasarā ଗଢ଼େ—A person who manufactures
যে টিনের কাজ করে ornaments or articles of tin or
टीनका कामकरनेवाला lead; tinman.

ରସରାଜ—ସଂ. ବି (୭ମୀ ତତ୍; ରସ ମଧ୍ୟରେ ଶ୍ରେଷ୍ଠ)—୧ । ପାରଦ—
Rasarāja 1.Mercury. ୨ । ରସାଞ୍ଜନ—2. Antimony. ୩ । ଅବରସ; ଶୃଙ୍ଗାରରସ—3. The erotic sentiment in literature ୪ । ପାରଦ, ଗନ୍ଧକ ଓ ତମ୍ରଭସ୍ମର ସଂମ୍ମେଳନରେ ପ୍ରସ୍ତୁତ ଔଷଧବିଶେଷ 4. A kind of medicinal preparation. ଦେ· ବି—ରସିକବର; ରସିକଚୂଡ଼ାମଣି; ଶ୍ରେଷ୍ଠ ରସିକ; ସୁରସିକ—A person eminent for wit, taste or sentiment. [ଦ୍ର—ରସରାଜ ହରି, ବଂଶୀଧର କରି, ମୋହିଲେ ଗୋପାଳକାମିନୀଙ୍କୁଳେ—ମଧୁସୂଦନ. ଭକ୍ତାବଳୀ ।]

ରସରୂପ—ସଂ. ବଣ—ରସିକ (ଦେଖ)
Rasarūpa Rasika (See)

ରସଲଦାର—ବୈଦେ. ବି (ଫା. ରସାଲ୍ଲା=ଅଶ୍ୱାରୋହୀ ସେନା+ଦାର୍)
Rasal-dār ଅଶ୍ୱାରୋହୀ ସେନାଙ୍କ ନାୟକ—A captain of
রসলদার **रिसालदार** cavalry.

ରସଲହ—ସଂ. ବି—ପାରଦ (ହି. ଶ.)
Rasalaha Mercury.

ରସ ଲ(ନ)ହସ—ଦେ· ବି (ସଂ. ରସ+ଲହରୀ)—ରସଭୋଗର ବା
Rasa la(na)hasa ରସାଳାପର ସ୍ରୋତ—Course of
রসেরতরঙ্গ amusement or sport. [ଯଥା—ମୁଁ ରସ-
रसलहर(स) ଲହସରେ ଏଣୁ ତେଣୁ କେତେ କଥା କହୁଥିଲି ।]

ରସ ଲିଙ୍ଗ—ସଂ. ବି (ମ.ପ.ଲୋ)-ପାରଦରେ ବା ସ୍ୱର୍ଣ୍ଣରେ ପ୍ରସ୍ତୁତ ଶିବଲିଙ୍ଗ-
Rasa linga An image of Siba made of gold or quicksilver.

ରସ ଲୀଳା—ସଂ. ବି—ରସାସ୍ୱାଦନସୁଖରେ ସମୟ କଟାଇବା—
Rasa līlā Sporting in the enjoyment of Rasa.
ଦେ. ବି—ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଜୀବିତ ଥିବା ଗଞ୍ଜାମବାସୀ ଭୁବନେଶ୍ୱର କବିଚନ୍ଦ୍ରଙ୍କ ରଚିତ ଓଡ଼ିଆ କ୍ଷୁଦ୍ର-କାବ୍ୟ—Name of a small Oriya poem by poet Bhubaneśwara of Ganjam. [ଦ୍ର—ଭଞ୍ଜଙ୍କ ଲାବଣ୍ୟବତୀର ଅନୁକରଣରେ ଏ ପଦ୍ୟ ରଚିତ ।]

ରସ ଲୁବ୍ଧ—ସ.ବଣ (୩ୟା ତତ୍)—୧ । ରସଦ୍ୱାରା ଆକୃଷ୍ଟ - 1.Attract-
Rasa lubdha ed by Rasa. ୨ । ରସଭୋଗ କରିବାପାଇଁ
(ରସଲୁବ୍ଧା—ସ୍ତ୍ରୀ) ଲୋଭୀ—2· Coveting for the enjoyment of R sa.

ରସ ଲୁବ୍ଧକ—ସ. ବି—ଭ୍ରମର; ମଧୁମାଛି—
Rasa lubdhaka The bee.
(ରସଲୋଭୀ—ଅନ୍ୟରୂପ)

ରସ ଲେଖା—ଦେ. ବି—କବି ଉପେନ୍ଦ୍ର ଭଞ୍ଜଙ୍କର ଅବରସାତ୍ମକ କାବ୍ୟ-
Rasa lekhā Name of a poem by Upendra Bhañja.

ରସ ଶାଳା—ସ. ବି.—୧ । (ଅଧୁନିକ ବର୍ଗୀୟ) ରସାୟନିକ
Rasa śālā ପରୀକ୍ଷାଗାର—1. Chemical laboratory.
୨ । ପାକଶାଳା—2. Cook-room; kitchen.

ରସ ଶାସ୍ତ୍ର—ସ. ବି (ମ. ପ. ଲୋ)—ରସାୟନ ଶାସ୍ତ୍ର (ହି. ଶ)—
Rasa śāstra Chemistry; alchemy.

ରସ ଶୋଧକ—ସ. ବି (୬ଷ୍ଠୀ ତତ୍)—୧ । ରସ ମାରଣ (ଦେଖ)
Rasa śodhana 1. Rasa mārana (See)
(ରସ ଶୋଧକ—ବଣ) ୨ । ଟଙ୍କଣ; ଠାଙ୍ଗଣା—2. Borax.

ରସ ଶୋଷଣ—ସଂ. ବି (୬ଷ୍ଠୀ ତତ୍)—ରସକୁ ଶୋଷିବା—Sucking
Rasa śoshana the juice, essence or water.
ରସ ଶୋଷକ—ପୁଂ } ବଣ (ଯଥା—ସୂର୍ଯ୍ୟ ପୃଥିବୀରୁ ରସ ଶୋଷଣ
ରସ ଶୋଷିକା—ସ୍ତ୍ରୀ } କରନ୍ତି । ରୋଗ ବା ଅନାହାର ଦେହରୁ ରସ ଶୋଷଣ କରେ ।)

ରସ ସମ୍ଭବ—ସଂ. ବି (ବହୁବ୍ରୀହି)—ରକ୍ତ (ହି. ଶ)—
Rasa sambhaba Blood.

ରସ ସଂରକ୍ଷଣ - ସଂ. ବି. (୬ଷ୍ଠୀ ତତ୍)—ଆୟୁର୍ବେଦୋକ୍ତ ପ୍ରକ୍ରିୟାରେ
Rasa samrakshana ପାରଦର ଶୋଧନ, ମୂର୍ଚ୍ଛନ, ବନ୍ଧନ ଓ ଭସ୍ମକରଣ (ହି. ଶ)—The fourfold processes of purifying and refining and oxidising mercury according to the Ayurbeda.

ରସ ସାଗର—ସଂ. ବି (ରୂପକ)—୧ । କାବ୍ୟ ରସରୂପ ସାଗର—
Rasa sāgara 1. Sentiments compared to a sea.
(ରସ ସିନ୍ଧୁ—ଅନ୍ୟରୂପ) ୨ । (୬ଷ୍ଠୀ ତତ୍) ରସିକବର —2. An eminent person of wit and gallantry.

ରସ ସାର—ସଂ. ବି. (୭ମୀ ତତ୍)—୧ । ପାରଦ—1. Mercury.
Rasa sāra ୨ । ଶ୍ରେଷ୍ଠ ରସ—2. An eminent Rasa.
୩ । (୬ଷ୍ଠୀ ତତ୍) ରସର ମର୍ମ—3. The purport or pith of a Rasa. ୪ । ମଧୁ (ହି. ଶ.)—4. Honey.

ରସ ସାରଜ୍ଞ ସ. ବଣ. ପୁଂ. (ରସସାର+ଜ୍ଞା ଧାତୁ+କର୍ତ୍ତୃ. ଅ)—
Rasa sārajña ରସଜ୍ଞ; ରସରୁ ସାର ଗ୍ରହଣ କରିବାକୁ ସମର୍ଥ—
(ରସ ସାରଜ୍ଞା—ସ୍ତ୍ରୀ) Capable of realising the taste
(ରସ ସାରଜ୍ଞତା—ବି) or beauty of a Rasa.

ରସ ସିଦ୍ଧ—ସ. ବି. ପୁଂ (୭ମୀ ତତ୍)—୧ । ଯେଉଁ ବ୍ୟକ୍ତି ନିକୃଷ୍ଟ
Rasa siddha ଧାତୁକୁ ଦ୍ରବ୍ୟଗୁଣ ସହାୟରେ ଉତ୍କୃଷ୍ଟତର ଧାତୁରେ
(ରସ ସିଦ୍ଧା—ସ୍ତ୍ରୀ) ପରିଣତ କରି ପାରେ—1. An alchemist.
୨ । ରସାୟନ ବିଦ୍ୟାରେ ପାରଦର୍ଶୀ—2. An expert in the science of chemistry; a chemist.
ସଂ. ବଣ. ପୁଂ—ରସ ଶାସ୍ତ୍ର ବିଷୟରେ ପାରଦର୍ଶୀ—
Skilful or proficient in the science of Rasa.

ରସ ସିଦ୍ଧି—ସଂ. ବି (୭ମୀ ତତ୍)—୧ । ଦ୍ରବ୍ୟଗୁଣ ବିଷୟକ ରସାୟନର
Rasa siddhi ଶାସ୍ତ୍ରାଦିରେ ବିଶେଷ ପ୍ରବୀଣତା ବା ଜ୍ଞାନ—1. Special or expert knowledge in alchemy or chemistry. ୨ । ଭେଷଜାଦିରୁ ରୋଗନାଶକ ରସାୟନ ପ୍ରସ୍ତୁତ କରଣରେ ପାରଦର୍ଶିତା—2. Expert knowledge in the science of preparing excellent medicines from various ingredients. ୩ । ଗୁପ୍ତ ଶାସ୍ତ୍ର ଓ ଔଷଧ କାଳର ଅଗୁର ବିଶେଷର ଅନୁଷ୍ଠାନ ଦ୍ୱାରା ବା ରସାୟନର ପ୍ରକ୍ରିୟା ବଳରେ ଲବ୍ଧ ପାରଦ ସମ୍ବନ୍ଧେ ବିଶେଷ ଜ୍ଞାନ, ଯାହା ଜ୍ଞାତ ହେଲେ ଅଧିକାଂଶ ସୁଖ ସ୍ୱାସ୍ଥ୍ୟ ଧନାଦି ଓ ସାର୍ଗଜୀବନ ଓ ଶକ୍ତିଲାଭ କରେ—3. Attainment of mastery over the science of changing mercury into a most potent preparation by the performance of chemical and mystical operations. [ଦ୍ର—ଯେଉଁ ବିଦ୍ୟାବଳରେ 'ରସାୟନ' ପ୍ରସ୍ତୁତ କରଣରେ ଜ୍ଞାନଲାଭ ହୁଏ ସେହି ବିଦ୍ୟାକୁ ରସାୟନ ବୋଲାଯାଏ ଓ ତନ୍ତ୍ର ଶାସ୍ତ୍ରରେ ସେହି ବିଦ୍ୟାକୁ 'ରସସିଦ୍ଧି' ନାମ ଦିଆ ଯାଇଅଛି । ଯେଉଁ ବ୍ୟକ୍ତି ଉକ୍ତ ବିଦ୍ୟାରେ ପାରଙ୍ଗମ ତାଙ୍କୁ 'ରସସିଦ୍ଧ' ବା 'ରସସିଦ୍ଧିପ୍ରଦାୟକ' ନାମ ଦିଆ ଯାଇଅଛି ।]

ରସ ସିନ୍ଦୂର—ସଂ. ବି. (ରସଜାତ ସିନ୍ଦୂର; ମ. ଷ. ତ୍ରେ)—
Rasa sindūra (ବୈଦ୍ୟକ) ଗନ୍ଧକ ସହିତ ପାରଦ ଭସ୍ମ କରି ତହିଁରୁ ପ୍ରାପ୍ତ ରସାୟନ ଦ୍ରବ୍ୟ—Sulphide of mercury. [ଦ୍ର—ଶୋଧିତ ପାରଦ ଓ ଶୋଧିତ ଗନ୍ଧକକୁ ଏକତ୍ର କଜ୍ଜ୍ୱଳୀ କରି ତାକୁ ଭୋଟିଏ ବୋତଲରେ ବନ୍ଦ କରି ବାଲୁକାପୂର୍ଣ୍ଣ ହାଣ୍ଡିରେ ପୋତି ଦଶଟି ଘଣ୍ଟାରେ ସିଦ୍ଧ କଲେ ବୋତଲର ଦେହରେ ଲାଗିଯିବା ସୂକ୍ଷ୍ମ ପଦାର୍ଥକୁ ରସ ସିନ୍ଦୂର ବୋଲାଯାଏ ଓ ପାରା ଗନ୍ଧକ ସଙ୍ଗେ ସୁନାକୁ ମିଶାଇ ପ୍ରସ୍ତୁତ କଲେ ତାହା 'ମକରଧ୍ୱଜ' ହୁଏ । ମକରଧ୍ୱଜ 'ରସ ସିନ୍ଦୂର' ପରି ଦେଖାଯାଏ, ତାକୁ ଗୁଣରେ 'ରସସିନ୍ଦୂର' ଅପେକ୍ଷା ଉତ୍କୃଷ୍ଟ । ଏହା ବୈଦ୍ୟଶାସ୍ତ୍ରୋକ୍ତ ଗୋଟିଏ 'ରସାୟନ', ଅର୍ଥାତ୍ ଜରାମୃତ୍ୟୁରୋଗାଦି ବିନାଶକ ମହୌଷଧ । ରସ ସିନ୍ଦୂରର ବର୍ଣ୍ଣ ନାଲି ।]

ରସସ୍ଥ—ସଂ. ବିଣ. (ରସ+ସ୍ଥା ଧାତୁ+କର୍ତ୍ତୃ. ଅ)—୧ । ରସଯୁକ୍ତ;
Rasastha ରସାଳ; ସରସ—1. Juicy. ୨ । ରସ ମଧ୍ୟରେ ଥିବା—2. Contained in Rasa.

ରସ ସ୍ଥାନ—ସଂ. ବି (ବୈଦ୍ୟକ)—୧ । ଶରୀରମଧ୍ୟସ୍ଥ ଭିନ୍ନ ଭିନ୍ନ ରସର
Rasa sthāna ଆଧାର—1. The places of the body where different Rasas are collected. ୨ । ହିଙ୍ଗୁଳ (ଗ୍ରା ଷ.)—2. Vermilion.

ରସ ହାନି—ସଂ. ବି (୬ଷ୍ଠୀ ତତ୍)—୧ । ରସର ନାଶ—1. Loss of
Rasa hāni Rasa. ୨ । ରସଭଙ୍ଗ (ଦେଖ)—
2. Rasabhaṅga (See)

ରସ ହୀନ—ସଂ. ବିଣ (୩ୟା ତତ୍)—ନୀରସ—
Rasa hīna Juiceless; sapless.

ରସା—ସଂ. ବି (ରସ୍ ଧାତୁ+କର୍ତ୍ତୃ. ଅ+ଆ; ଏଥିରେ ରସମାନେ
Rasā ଥାଆନ୍ତି)—୧ । ଧରା; ଭୂ; ପୃଥିବୀ—1. The earth. [ଉ—କ୍ଷୁମି କ୍ଷୁମି ଲୁଠି ପୃଷ୍ଠେ ରସାର—କବିସୂର୍ଯ୍ୟ. କଳେଶାରକମ୍ଭ. ୯ ଗୀତ ।] ୨ । ରସନା; ଜିହ୍ୱା—2. Tongue. ୩ । ଦ୍ରାକ୍ଷା—3. Vine. ୪ । ଗନ୍ଧବିରଜା; ଶଲ୍ଲକୀ; କୁନ୍ଦୁରୁଖୁଟ ନାମକ ବୃକ୍ଷଜାତ ନିର୍ଯ୍ୟାସ; ଦେଶୀ ଲୋବାନ—4. Indian olibanum: Boswella Serrata; frankincense. ୫ । ପାଠା; ଅକାନବିନ୍ଧ ଲତା—5. A creeper; Parera root; Stephania Hernandifolia. ୬ । ଅରଣ୍ୟଜାତ ବନ୍ୟଲତାବିଶେଷ; କୁନ୍ଦୁରୁଖୀ; କୁଅମରିତାଲତା—6. A wild creeper; Tricosanthus Cucumerina. ୭ । କାକୋଲୀ—7. A medicinal plant; Cocculus Judicus. ୮ । କାଙ୍ଗୁ; କଙ୍ଗ ଧାନ୍ୟ; ସୁଆଁ—8 Panicum Italicum; a kind of grain. ୯ । ରାସ୍ନା (ଗ୍ରା. ଷ.) (ଦେଖ)—9. Vanda Roxburghi. ୧୦ । ମେଦା (ଗ୍ରା. ଷ.) (ଦେଖ)—10. A kind of rare herb. ୧୧ । ଶିଳାରସ; ଲୋବାନ (ଗ୍ରା. ଷ.)—11. Olibanum; liquid amber. ୧୨ । ଆମ୍ବ (ଗ୍ରା. ଷ.)—12. Mango. ୧୩ । ନଦୀ (ଗ୍ରା. ଷ.)-13. River.

ରସାଁ; ରସନା ଦେ.ବି—୧ । ରସିବା କର୍ମ (ଦେଖ)—1. The act of Rasibā (See). ୨ । (ଅନାଦରାର୍ଥକ) ରସାନନ୍ଦର

ରସା ଡାକନାମ—2. Name for calling Rasānanda. ୩ । କୌଣସି ପରିବାର ବିଶିଷ୍ଟ ପ୍ରକାରର ଝୋଳ—3. A soup specially prepared from some vegetable; ଦେ.ବିଣ.—(ସଂ. ରସାଳ)—୧ । ରସଯୁକ୍ତ; ରସୁ-

ରସାଳ ଅଳ—1. Juicy. ୨ । ଅଦ୍ର—2. Wet; damp. ୩ । ସରସ; ରସିକତାପୂର୍ଣ୍ଣ—3. Witty; humorous; sentimental. ପ୍ରାଦେ (ବାଲେଶ୍ୱର) ବିଣ—ପାଣି ଲାଗିବା ଦ୍ୱାରା ନଷ୍ଟ ହୋଇ ଯାଇଥିବା ବା ପଚି ଯାଇଥିବା-Become putrefied through water.

ରସା(ସେ)ଇବା—ଦେ. କ୍ରି. (ସଂ. ରସ୍ ଧାତୁ ଣିଚ୍ ରସି ଧାତୁ)—୧ ।
Rasā(se)ibā ରସିବା କ୍ରିୟାର ଣିଜନ୍ତରୂପ—1. Causa-
ରସାନ ରସାନା; ରସେବାନା tive of Rasibā. ୨ । ଅନ୍ୟର ମନକୁ ଭାବାର୍ଦ୍ର କରାଇବା—2. To cause a person to be overcome with sentiment. [ଉ—ରସାଇ ଅନୁରାଗ କରେ ସଙ୍ଗିତ । ବିଧାନାଥ. ମେଘଦୂତ] ୩ । ଅନ୍ୟର ମନକୁ ରଞ୍ଜାଇବା—3. To charm or enchant a person.

[ଉ—ଭଲ୍ଲ ମୋ ତପସ୍ୟା ପଣା, ଖେଳୁ ବୋଲେ ରଷା ରଷା, ରସେ ଥାଉ ଏ ମନାଶା ଜଣା, ହେ ଜଳଧର ! ଉପ. ପ୍ରେମସୁଧାନିଧି] ୪ । ସନ୍ତୁଷ୍ଟ କରାଇବା—4. To please [ଉ—ବାହୁଲ ବମାନ ପଞ୍ଚବଟୀ ବନ ବସାଇ ରସାଇ—ଉପ. ବୈଦେହୀଶବିଳାସ ।] ୫ । ରସଯୁକ୍ତ କରାଇବା—To cause to be witty or juicy, ୬ । ରସାଣିତ କରିବା—6. To gild. [ଉ—ଅବା ପଦ୍ମେ ଇନ୍ଦୀବର—ରୁଚକୁ ରସାଇ । ମଧୁସୂଦନ. ରସଗାଥା ।] ୭ । ପୂୟଯୁକ୍ତ ହେବା; ଘାଆ ଇତ୍ୟାଦିରୁ ପୂଜ ବୋହିବା—7. To become purulent; to discharge pus (said of sores, boils etc.)

ରସା(ସେ)ଇବା ଖେଳା(ଳେ)ଇବା—ଦେ. କ୍ରି. (ସହଚର)—Rasā(ṡe)ibā khe̱ḻā(ḻe)ibā ମନୁଷ୍ୟକୁ ନାନା ପ୍ରକାରେ ହାସান রসান रसाना हंसाना ମୁଗ୍ଧ ଓ ଆନନ୍ଦିତ କରାଇବା—To please a person by various means. [ରସା(ସେ)ଇବା ମଜା(ଜେ)ଇବା, ରସା(ସେ)ଇବା ରଞ୍ଜା(ଞ୍ଜେ)ଇବା (ରଞ୍ଜିବା), ରସା(ସେ)ଇବା ହସା(ସେ)ଇବା—ଅନ୍ୟରୂପ]

ରସାଖନ—ସଂ. ବି (ରସା=ପୃଥିବୀ+ଖନ୍. ଧାତୁ+କର୍ତ୍ତୃ. ଅ; ଏହା Rasākhana ନଖରେ ପୃଥିବୀକୁ ଖୋଳିବାରୁ)—କୁକ୍କୁଟ—The cock.

ରସାଗମ—ରସୋଦ୍ଭବ (ଦେଖ)
Rasāgama Rasodbhaba. (See)

ରସାଗ୍ରଜ—ସଂ. ବି—ରସାଞ୍ଜନ (ଦେଖ)
Rasāgraja Rasāñjana. (See)

ରସାଙ୍ଗ ଅତି ବିସ୍ତୃତ(ତି)—ସଂ.ବି—ରସଦୋଷ ବିଶେଷ—A defect in Rasāṅga ati bistṛuta(ti) composition. [ଦ୍ର—ମୁଖ୍ୟ ରସର ବର୍ଣ୍ଣନା ଅପେକ୍ଷା ଅଙ୍ଗସ୍ୱରୂପ ଅନ୍ୟ ରସର ଅଧିକତର ବର୍ଣ୍ଣନା ହେଲେ ରସାଙ୍ଗର ଅତି ବିସ୍ତୃତି ହେଲା ବୋଲି କୁହାଯାଏ । ନନ୍ଦକେଶରୀ ବୀରରସାତ୍ମକ କାବ୍ୟ । ଏହାର ମୂଳରେ ପୁରୀ ଓ କଟକ ଜିଲ୍ଲାର ବିଭିନ୍ନ ସ୍ଥାନର ପ୍ରାକୃତିକ ବର୍ଣ୍ଣନା ଅତି ବିସ୍ତୃତ ଭାବରେ ହୋଇଅଛି, ତେଣୁ ଏହା ଦୋଷାବହ । କୁଳମଣି. ଅଲଙ୍କାରତରଙ୍ଗିଣୀ ।]

ରସାଞ୍ଜନ—ସଂ. ବି (ରସଜାତ ଅଞ୍ଜନ; ମ. ପ. ଲୋ)—ସୁରୁମା; ପାରଦ Rasāñjana ଜାତ କଜ୍ଜଳବିଶେଷ (କେଶବୈଦ୍ୟରେ ଔଷଧ ରୂପରେ ବ୍ୟବହୃତ)—Gray ore of antimony; stibium; Antimony, Amomum Anthorhiza; sulphuret of antimony. [ଦ୍ର—ଏହା ଗୁରୁ-ତ୍ୱଯୁକ୍ତ କୃଷ୍ଣବର୍ଣ୍ଣ ଧାତୁଦ୍ରବ୍ୟ ବିଶେଷ । ଏହା ଦୁଇପ୍ରକାରର । ୧ । ପ୍ରାକୃତିକ ରସାଞ୍ଜନ—ଲେମ୍ବୁରସରେ ବଟୁରାଇ ଏହା ଶୋଧନ କରି ଔଷଧରେ ବ୍ୟବହାର କରାଯାଏ । ୨ । ରସାଞ୍ଜନ (କୃତ୍ରିମ)—ଦାରୁହରିଦ୍ରାର କ୍ୱାଥ ସଙ୍ଗେ ସମାନ ଭାଗ ଦୁଧ ମିଶାଇ, ପାକ କରି କୃତ୍ରିମ ରସାଞ୍ଜନ ପ୍ରସ୍ତୁତ କରାଯାଏ । (Extract of Indian Berbery). ଏହା ଅସଲ ରସାଞ୍ଜନ ଅପେକ୍ଷା ନିକୃଷ୍ଟ ।]

ସଂ.—ରସଗର୍ଭ, ତାର୍କ୍ଷ୍ୟଶୈଳ, ଅଗ୍ନିସାର, କୃତକ, ରସନାଭି, ରସଗ୍ରଜ, ରସାଗ୍ର୍ୟ, ରସାଗ୍ରଜ, ରସୋଦ୍ଭବ, ରସୋଦ୍ଭୂତ, ବାଳଭୈଷଜ୍ୟ, ବର୍ଣ୍ଣାଞ୍ଜନ,
রসাঞ্জন
रसोत, रसवत
ତେ. ରସାଞ୍ଜନମୁ
ଅ. ହୁଜୁଜ
ଗୁ. ରସବତୀ

ରସାଢ୍ୟ—ସଂ. ବିଣ (ଆଢ୍ୟ ଭର)—ରସମୟ—Juicy. ସଂ. ବି—Rasāḍhya ଅମ୍ରାତକ; ଅମ୍ବଡ଼ା—Hog plum.
[ରସାଢ୍ୟା—ସ୍ତ୍ରୀ]

ରସାଣି—ଦେ. ବି (ସଂ. ରସଲେପନ ବା ରସାୟନ; ପ୍ରା. ରେସାଅଣ)—Rasāṇa ୧ । ରସରେ ସିକ୍ତ କରିବା—1. Moistening with Rasa. ୨ । ଧାତୁ ଦ୍ରବ୍ୟକୁ ଲେପଦ୍ୱାରା ଉଜ୍ଜ୍ୱଳୀକରଣ; ଅଳଙ୍କାରକୁ ରଙ୍ଗ କରାଇବା—2. Process of gilding metal. ୩ । ଉଜ୍ଜ୍ୱଳୀକରଣ—3. Process of brightening or burnishing. । ୪ । ମାଜିବା; ପାଲିସ୍ କରିବା—4. Polishing. ୫ । ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରକୁ ଉଜ୍ଜ୍ୱଳକରଣାର୍ଥ ବ୍ୟବହୃତ ଲେପ (ସୋରା, ଫିଟକରି, ଗନ୍ଧକାଦି ମିଶ୍ରିତ ଦ୍ରବ)—5. A paste prepared for brightening gold and silver ornaments. [ଉ—ରସାଣିରୁ ପୁଣି ଶୋଭ ସେ ମୁରତି ମଧୁର ସ୍ନିଗ୍ଧ ରସାଣେ । ରାଧାନାଥ. ପାର୍ବତୀ ।] ୬ । ସୁନା ଅଳଙ୍କାରକୁ ପୋଡ଼ି ଧୋଇ ତା ଉପରେ ଦେବା ଲେପ—6. A coating or layer put on ornaments after burning and washing them. ୭ । ସୁନାକୁ ଘଷି ଉଜ୍ଜ୍ୱଳ କରିବା ପଥର—7. Agate used in polishing gold. [ଉ—ସ୍ୱଭାବେ ସୁବର୍ଣ୍ଣ, ଯୌବନ ହେଲା ଯୋଗ୍ୟ ରସାଣ. ରାଧାନାଥ. ଚନ୍ଦ୍ରଭାଗା ।] ୮ । ଲେପ—8. Plaster; layer; coating. ୯ । ଆର୍ଦ୍ରକରଣ—9. Moistening. ୧୦ । ରସାୟନ—10. Medical chemistry relating to metals; alchemy. ଦେ. ବିଣ- ୧ । ରସୁଆ; ରସମୟ—1. Juicy. ୨ । ରସାଣିତ; ଶାଣିତ—2. Sharpened. [ଉ—ବୋଲି, ରସାଣ ହେମାଙ୍ଗୀ ପାଷାଣ କରାଇ । ଉପ. ବୈଦେହୀଶବିଳାସ ।]

ରସାଣ କରିବା—ଦେ. କ୍ରି.—୧ । ପାଲିସ୍ କରିବା—Rasāṇa karibā 1. To polish. ୨ । ସ୍ୱର୍ଣ୍ଣାଦିକୁ ଉଜ୍ଜ୍ୱଳ করিবা—2. To burnish gold or other metal. ୩ । ଧାତୁମୟ ଅଳଙ୍କାରକୁ ଗିଲ୍ଟ କରିବା—3. To gild a metal.
রসাণ দেওয়া
जिला करना

ରସାଣ(ଣି) ପଥର—ଦେ. ବି.—କଠିନ ପ୍ରସ୍ତର ବିଶେଷ (ଯେଉଁ Rasāṇa (ṇi) pathara ପଥରକୁ ସୁନା ଉପରେ ଘଷିଲେ ସୁନା ଚକଚକିଆ ହୁଏ)—Agate; stone used in polishing gold.
সান পথর
संगसुलैमानी, सगंयशब

ରସାଣି—ଦେ. ବି.—(ସ. ରକ୍ଷାପୂର, ପ୍ରା. ରେସାଅଣ)—୧ । ଲେପ୍
Rasāni କରବାର ଲେପ—1. A coating put on gilt
रसान सोनाका पानी metal. [ଭି—ମର୍କତ ରସାଣିରେ ରସାଣିଲ୍ଲ । ଅଭିମନ୍ୟୁ. ବଦଗ୍ଧ ଚନ୍ତାମଣି ।] ୨ ।
(ସଂ. ରସ) କ୍ଲେଦ; ପୂଯବଷେଷ—2. Pus.

ରସାଣିବା—ଦେ. କି.—୧ । ଗିଲ୍ଟ କରବା—
Rasāniba **रसान देना** 1. To gild.
जिलाकरना; सोनाका पानी चढाना ୨ । ଉଜ୍ଜ୍ୱଳ ବା ପାଲିସ୍ କରବା—2. To polish; to burnish. [ଭି—ରସାଣିନ୍ତୁ ପୁଣି ଶୋଚ ସେ ମୂରଛ ମଧୁର ସ୍ନିଗ୍ଧ ରସାଣେ । ଭୂଧାନାଥ. ପାଙ୍ଗଙ୍ଗ ।] ୩ । ଲୁହ ଚଢ଼ାଇବା—3. To smear with a coat or layer of paint

ରସାଣିଲ୍ଲ ସୁନା—ଦେ. ବି.—ଉଜ୍ଜ୍ୱଳୀକୃତ ବା ମାର୍ଜିତ ସ୍ୱର୍ଣ୍ଣ—
Rasānilā sunā Burnished gold; polished gold·
উজ্জ্বল করা সোনা **जीलाकिया हुआ सोना**
पानी चढाया हुआ सोना [ରସାଣିଲ୍ଲ ଦ୍ରାଠବ—ଅନ୍ୟରୂପ]

ରସା ତଳ—ସ. ବି.—(୬ଷ୍ଠୀ ତତ୍)—୧ । ଭୂତଳ; ଭୂପୃଷ୍ଠ; ପୃଥିବୀର
Rasā tala ତଳ; ଧରାତଳ—1. The face of the earth; the earth's surface. ୨ ।

ରସାତଳ / ରସାତଳ / ରସାତଳ —ଗ୍ରାମ୍ୟରୂପ ପାତାଳ—2. The nether world. ୩ । ହିନ୍ଦୁ ପୁରାଣ ମତରେ ପୃଥିବୀର ତଳସ୍ଥ ସପ୍ତପାତାଳ ମଧ୍ୟରୁ ନିମ୍ନତମ ଲୋକ ବା ତଳ—3. The lowest of the infernal regions said to exist below the surface of the earth. [ଦ୍ର—ହିନ୍ଦୁ ପୁରାଣ ମତରେ ପୃଥିବୀର ତଳେ ପ୍ରତ୍ୟେକ ୧୦ ସହସ୍ର ଯୋଜନ ବ୍ୟବଧାନରେ ୭ ଗୋଟି ପାତାଳ ଲୋକ ଅଛି, ଯଥା—ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ସୁତଳ ଓ ରସାତଳ । ରସାତଳର ଭୂମି ପ୍ରସ୍ତରମୟ ଓ ଏଥିରେ ଦୈତ୍ୟ, ଦାନବମାନେ ଇନ୍ଦ୍ରଙ୍କ ଭୟରେ ବାସ କରନ୍ତି—(ବି. ପୁ.) ।]
୪ । ଅତି ନିମ୍ନ ପ୍ରଦେଶ—4. Very low place; a place very low down the bottom of an abyss.

ରସାତ୍ମକ—ସ ବିଣ.—(ରସ+ଆତ୍ମନ୍+କ)—୧ । ରସଗର୍ଭ; ରସମୟ;
Rasātmaka ରସାଳ—1. Full of juice; juicy. ୨ ।
[ରସାତ୍ମିକା—ସ୍ତ୍ରୀ] ସରସ—2. Full of wit; witty.
୩ । ସ୍ଥାୟୀ ଭାବପୂର୍ଣ୍ଣ—3. Sentimental.

ରସାଦାନ—ସ. ବି.—(୬ଷ୍ଠୀ ତତ୍; ରସ+ଆଦାନ)—୧ । ରସଗ୍ରହଣ
Rasādāna (ଦେଖ)—1. Rasagrahana (See)
୨ । ରସ ଶୋଷଣ (ଦେଖ)—2. Rasa śoshana (See) ୩ । ଚୁଷ୍ୟପାନ—3. Sucking. ୪ ।
(ରସା+ଦାନ)—ଭୂମିଦାନ—4. Gift of land.

ରସାଧାନ—ସ. ବି.—(୬ଷ୍ଠୀ ତତ୍; ରସ+ଆଧାନ)—ରସ ସଂସ୍ଥ
Rasādhana କରବା—Conservation of the juice.

ରସାଧାର—ସ.ବି.—(୬ଷ୍ଠୀ ତତ୍; ରସ—ଜଳର ଆଧାର)—୧ । ସୂର୍ଯ୍ୟ—
Rasādhāra 1. The sun. ୨ । ରସ ରଖିବା ପାତ୍ର—
2. A receptacle of sap or juice.

ରସାଧିକ—ସ. ବି.—(ବହୁବ୍ରୀହି)—ଟଙ୍କଣ; ଟାଙ୍କଣ—
Rasādhika Borax.

ରସାଧିକ୍ୟ—ସ. ବି—୧ । ରସପ୍ରାଚୁର୍ଯ୍ୟ; ରସ ବେଶି ହେବା—
Rasādhikya Excess of Rasa. ୨ । କାକୋଳି ଦ୍ରାକ୍ଷା—2 A medicinal fruit. ୩ । କିସ୍‌ମିସ୍—
3. Raisin; currant.

ରସାନନ୍ଦ—ଦେ. ବି. ପୁଂ (ନାମ)—୧ । ସପ୍ତଦଶ ଶତାବ୍ଦୀର ଭକ୍ତ
Rasānanda ଓଡ଼ିଆ କବି—1. A religious Oriya poet of the 17th century. [ଦ୍ର—କବି ବୈଷ୍ଣବ ଥିଲେ । ସେ ରାଧାକୃଷ୍ଣପ୍ରେମବିଷୟକ କେତେକ ରସଗର୍ଭ ସଙ୍ଗୀତ ଲେଖିଥିଲେ—ବିନାୟକ. ଉତ୍କଳ ସାହିତ୍ୟ ଇତିହାସ ।] ୨ । ଲୋକଙ୍କ ନାମ—2. A name given to males.

ରସାନି—ଦେ. ବି (ସ. ରସ)—ପତଳା ପୂଜ; ଘାଆ ବାଟେ ବେହରୁଥିବା
Rasāni ରସ—Purulent matter issuing through
रसानी, रस रस sores; thin pus.

ରସାପାୟୀ—ସଂ. ବିଣ. ପୁଂ (ରସା+ପା ଧାତୁ+ଇନ୍; ୧ମା. ୧ବ)—
Rasapāyi ଯେ ଜିଭରେ ପାଣି ପିଏ—Drinking
[ରସାପାୟିନୀ—ସ୍ତ୍ରୀ] water by licking. ସଂ. ବି.—
କୁକୁର—Dog.

ରସାବଳୀ—ଦେ. ସ୍ତ୍ରୀ—ଏକପ୍ରକାର ମିଠେଇ—A kind of sweetmeat.
Rasābali meat. (ଭି—ଏଠାରେ ପୂଜା ରସାବଳୀ—
रसाबली अमृती ପ୍ରାଚୀ. ସୁରୁବନ୍ଧୁଗୀତା ।) [ଦ୍ର—ଏହା ଦୁଧ ଛେନା ଓ ଚିନି ଆଦିରେ ପ୍ରସ୍ତୁତ ହୁଏ । ବିଶେଷତଃ ଏହା କେନ୍ଦ୍ରାପଡ଼ା ବଳଦେବ ମହାପ୍ରଭୁଙ୍କ ନିକଟରେ ଭୋଗ ହୁଏ ।]

ରସାଭାସ—ସଂ. ବି (୬ଷ୍ଠୀ ତତ୍)—୧ । ରସ ସମ୍ବନ୍ଧେ ମନର ଭାସ୍ତବଭାବର
Rasābhāsa ଦୋଷର—1. Simulation of sentiment; semblance of passion or sentiment.
୨ । କୌଣସି ପ୍ରସଙ୍ଗରେ ବା ସ୍ଥାନରେ ଅନୁଚିତ ରସର ଅବତାରଣା—2. Introducing a sentiment which does not befit the subject matter. [ଦ୍ର—ପଶୁ ପକ୍ଷୀ ପ୍ରଭୃତି ତିର୍ଯ୍ୟକ୍ ଯୋନି ଜୀବମାନଙ୍କ ସମ୍ବନ୍ଧରେ ଅବସର, ଗୁରୁଜନଙ୍କ ପ୍ରତି କୋପପ୍ରକାଶ କରି ରୌଦ୍ରରସର ଅବତାରଣା କଲେ ଏହା ରସ ନ ହୋଇ ରସାଭାସ ହୁଏ ।]
୩ । ପ୍ରକୃତ କାରଣ ଛଡ଼ା ଅନ୍ୟ କାରଣରେ ରସର ଆରୋପ—
3. Attributing evident emotions to some cause which is different from the real one. ୪ । ମିଛ ରସ ସୂଚକ

ବାକ୍ୟ; ଅଶିଷ୍ଟ ବଚନ—4. Unbecoming words; words befitting a lower sentiment. ୫ । ରସ ଭଙ୍ଗ (ଦେଖ)—5. Rasa bhanga (See) ୬ । ନୀଚ ରସ—6. Lower sentiment.

ରସାଭିନିବେଶ—ସ. ବି. (୬ଷ୍ଠୀ ତତ୍)—୧ । ରସର ବର୍ଣ୍ଣନା—Rasābhinibesa 1. Description of emotion. ୨ । ରସୋଦ୍ଗମ—2. Accession of sentiment or passion.

ରସାମୃତ—ସ. ବି. (ରୂପକ)—୧ । ଅମୃତ ପରି ମଧୁର କାବ୍ୟ ରସ—Rasāmṛuta Sentiment or taste compared to nectar. ୨ । ପାରା, ଗନ୍ଧକ, ଶିଳାଜତୁ, ଚନ୍ଦନ, ଗୁଡୁଚ, ଧନିଆ, ଇନ୍ଦ୍ରଯବ, ଯଷ୍ଟିମଧୁ ଆଦିରେ ପ୍ରସ୍ତୁତ ଔଷଧ ବିଶେଷ (ହି. ଶ)—2. Name of a medicinal preparation. [ଦ୍ର—ଏହା ରକ୍ତପିତ୍ତରେ ନୃଦରେ ଉପକାରୀ—ହି. ଶ]

ରସାମୃତ ସିନ୍ଧୁ—ସ. ବି—ଭକ୍ତି ରସାମୃତସିନ୍ଧୁ (ଦେଖ)—Bhakti Rasāmṛuta sindhu rasāmṛutasindhu. (See) [ଭି—ଅକ୍ରୁର ମନ ଦେଇ ଶୁଣ, ରସାମୃତ ସିନ୍ଧୁ ବଚନ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।]

ରସାମ୍ଳ—ସ. ବି (ବୈଦ୍ୟକ)—୧ । ବୃକ୍ଷାମ୍ଳ; ତିନ୍ତୁଳ—1. Tamarind. ୨ । ଅମ୍ଳବେତସ; ଖଟାପାଳଙ୍ଗ ଶାଗ—2. A sort of potherb; Rumex Vesicarius. ୩ । ଚୁକ୍ର—3. Vinegar made by the aceteous fermentation of grain; acid seasoning.
Rasāmḷa

ରସାୟନ—ସ. ବି (୬ଷ୍ଠୀ ତତ୍; ରସର ଅୟନ=ପଥ)—୧ । ସର୍ବଜୀବନ ଲାଭ କରିବା ପାଇଁ ପ୍ରସ୍ତୁତ ଔଷଧ; ଜରା ଓ ବ୍ୟାଧିନାଶକ ଔଷଧ; ଜରା ମୃତ୍ୟୁନାଶକ ସୁଧା—1. A medicinal preparation for retarding old age, the elixir of life; the Elixir Vitae of the alchemists. [ଦ୍ର—ଏହା ରୋଗୀର ରୋଗନାଶକ, ଵୃଦ୍ଧର ଜରାନାଶକ ଏବଂ ସୁସ୍ଥ ବ୍ୟକ୍ତି ପକ୍ଷରେ ବଳ ଓ ଆୟୁବର୍ଦ୍ଧକ । ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ସମାସ ହୋଇ କର୍ଣ୍ଣରସାୟନାଦି ବିଶେଷଣ ପଦ ସିଦ୍ଧ ହୁଏ । ଏଥିର ଅର୍ଥ କର୍ଣ୍ଣପକ୍ଷରେ ରସାୟନସଦୃଶ ତୃପ୍ତିକର ।] ୨ । ବିଷ—2. Poison. ୩ । କଟି; ଅଣ୍ଟା—3. The waist. ୪ । ତକ୍ର; ଘୋଳ ଦହି—4. Churned milk; butter milk. ୫ । ଦୁଇ ବା ବହୁବସ୍ତୁ ସଂଯୁକ୍ତ ହେଲେ ଏକ ଭିନ୍ନ ବସ୍ତୁରେ ପରିଣତ ହୋଇ ଗୁଣାନ୍ତର ବା ରସାନ୍ତର ପ୍ରାପ୍ତ ହେବା ବିଷୟକ ଜ୍ଞାନ ଯେଉଁ ଶାସ୍ତ୍ରରୁ ଲାଭ ହୁଏ; [ଦ୍ର—ତମ୍ବାରୁ ସୁନାରେ ପରିଣତ କରିବାର ପ୍ରଣାଳୀ ଏ ଶାସ୍ତ୍ରରୁ ଶିଖାଯାଏ ବୋଲି କଥିତ]—5. Alchemy; chemistry. ୬ । ଔଷଧରେ ପାରଦର ପ୍ରୟୋଗକରଣ—6. The employment of mercury in medicine. ୭ । ପକ୍ଷୀ—7. Bird. ୮ । ଜରା—8. Old age. ୯ । ରୋଗ ବିଶେଷ—9. A sort of disease. ୧୦ । ଗରୁଡ଼—10. Garurda, the king of birds. ୧୧ । ବିଡ଼ଙ୍ଗ—11. A medicinal seed; Embelia Ribes. ୧୨ । ରସାୟନ ଶାସ୍ତ୍ରବିତ୍—12. An alchemist. ୧୩ । ରସର ସ୍ଥାନ—13. The place or subject of a sentiment. ୧୪ । ରଙ୍ଗ—14. Paint.
Rasāyana

ରସାୟନଜ୍ଞ—ସ. ବିଣ ଓ ବି. ପୁଂ (ରସାୟନ+ଜ୍ଞା. ଧାତୁ+କର୍ତ୍ତୃ.ଅ)—Rasāyanajña ରସାୟନ ବିଷୟରେ ଅଭିଜ୍ଞ—(ରସାୟନଜ୍ଞା—ସ୍ତ୍ରୀ) Learned in Rasāyana.

ରସାୟନ ଫଳା—ସ. ବି—ହରିତକୀ; ହରଡ଼ା—Rasāyana phaḷā The yellow myrobalan; Terminalia Chebula.

ରସାୟନ ବର—ସ. ବି (୭ମୀ ତତ୍)—୧ । ରସୁଣ (ହି. ଶ)—Rasāyana bara 1. Garlic. ୨ । ପାରଦ—2. Mercury.

ରସାୟନ ବିଦ୍ୟା—ସ. ବି—ଯେଉଁ ବିଦ୍ୟାଦ୍ୱାରା ଦୁଇ ବା ତତୋଽଧିକ ରୂଢ଼ ପଦାର୍ଥର ସଂଯୋଗ ବିଯୋଗ ସମ୍ବନ୍ଧୀୟ ବିଷୟ ଜଣାଯାଏ—Chemistry; alchemy.
Rasāyana bidyā
ରସାୟନ ବିଜ୍ଞାନ } ଅନ୍ୟରୂପ
ରସାୟନ ଶାସ୍ତ୍ର }
[ଦ୍ର—ରସାୟନ ବିଦ୍ୟାର ମୁଖ୍ୟ ସିଦ୍ଧାନ୍ତ ଏହିକି, ସଂସାରର ସମସ୍ତ ପଦାର୍ଥ କେତେକ ମୂଳ-ଦ୍ରବ୍ୟର ପରମାଣୁରେ ନିର୍ମିତ । ବୈଜ୍ଞାନିକମାନେ ୭୮ ଟି ମୌଳିକ ଦ୍ରବ୍ୟ ସ୍ଥିର କରିଅଛନ୍ତି (ଯଥା—ସୁନା, ରୁପା ଆଦି ଧାତୁ, ଗନ୍ଧକ ଆଦି ଉପଧାତୁ, ଅକ୍ସିଜେନ୍, ହାଇଡ୍ରୋଜେନ୍ ଆଦି ବାଷ୍ପ) । ପ୍ରତ୍ୟେକ ମୂଳ ଦ୍ରବ୍ୟରେ ଏକ ପ୍ରକାର ପାରମାଣୁ ଥାଏ । ଏକପ୍ରକାର ପରମାଣୁ ସଙ୍ଗେ ଅନ୍ୟ ପ୍ରକାର ପରମାଣୁ ମିଶିଲେ ଅନ୍ୟ ଏକ ଯୌଗିକ ବସ୍ତୁ ହୁଏ । ଯୌଗିକ ବସ୍ତୁ ବିଶ୍ଳେଷଣ କଲେ ତାହାର ଉପାଦାନ ମୌଳିକବସ୍ତୁମାନ ବାହାରେ । ଏହି ସଂଶ୍ଳେଷଣ, ବିଶ୍ଳେଷଣ ସମ୍ବନ୍ଧେ ଜ୍ଞାନ ରସାୟନ ଶାସ୍ତ୍ରରୁ ମିଳେ—ହି. ଶ]

ରସାୟନ ଶ୍ରେଷ୍ଠ—ସ. ବି (୭ମୀ ତତ୍)—ପାରଦ—Rasāyana sreshṭha Mercury.

ରସାୟନାଚାର୍ଯ୍ୟ—ସ. ବି. (ଅଧ୍ୟାପକ)—ରସାୟନ ବିଦ୍ୟାର ଅଧ୍ୟାପକ—Rasāyanāchārjya Professor of chemistry. (ରସାୟନାଧ୍ୟାପକ—ଅନ୍ୟରୂପ)

ରସାୟନୀ—ସ. ବି—୧ । ଗୁଡୁଚ ଲତା—1. Menispermum Glabrum; Tinaspora Cordifolia. ୨ । କାକମାଚୀ; ନୃଗୁନୁଗିଆ ବୋଲି ଗୁଳ୍ମ—2. Solanum Nigrum. ୩ । ମହାକରଞ୍ଜ; କରଞ୍ଜ ବୃକ୍ଷ—3. Arborea Speciosa; Pongamia Indica (tree). ୪ । ଗୋରକ୍ଷ ଦୁଗ୍ଧା ନାମକ କ୍ଷୁଦ୍ର ଗୁଳ୍ମ; କାକଚଳା; ଗଗଗଡ଼—4. Sida Spinosa. ୫ ।
Rasāyani

ମାଂସବୃଦ୍ଧା; ମାଂସ ବୋହୁଣୀ ଲତା—5. A medicinal plant. ୬ । ଦେହସ୍ଥ ଲସିକା ନାଡ଼ୀ—6. An absorbent vessel of the lymphatic system; a lacteal; a vessel of the body conveying nutrition. ୭ । ମଞ୍ଜିଷ୍ଠା (ହୃ. ଶ)—7. Indian madder. ୮ । ବାଇଡଙ୍କ (ହୃ. ଶ)—8. Cowhage. ୯ । ଶଂଖପୁଷ୍ପୀ (ହୃ. ଶ) (ଦେଖ)—9. Śaṁkha pushpi (See) ୧୦ । ଯେଉଁ ଔଷଧ ବାର୍ଦ୍ଧକ୍ୟ ନିବାରଣ କରେ (ହୃ. ଶ)—10. Any medicine which prevents persons becoming old.

ରସାରୁହ—ସ. ବି. (ରସା+ରୁହ ଧାତୁ+କର୍ତ୍ତୃ. ଅ)—ବୃକ୍ଷ—Rasāruha Tree.
(ଉ—ରତ୍ନକା ଅସଣ ଅଛି ରସାରେ, ରସାରୁହକୁ ଲତାକୁ ଶସାରେ । କବିସୂର୍ଯ୍ୟ. ବଳୋସ୍ମଣ୍ଡକ୍ଟ. ଭ ଗୀତ ।)

ରସାଳ—ସ. ବଣ (ରସ+ଅ+ଲ ଧାତୁ=ଗ୍ରହଣ କରିବା+କର୍ତ୍ତୃ.ଅ)—Rasāla ୧ । ରସଯୁକ୍ତ; ସରସ—1. Juicy. (ଉ—ଧର ବେ (ରସାଳା—ସ୍ତ୍ରୀ) ରସାଳ ବୋଲେ ଏ ରସାଳ ରସାଳସା ସେହ ସେକ । ଗୋଲୋକ ଭଞ୍ଜ ରେଖା ।) ୨ । ସୁସ୍ୱାଦୁ—2. Savoury; tasteful; delicious. ୩ । ରସମୟ; ରସିକ—3. Witty; humorous. ୪ । ସୁନ୍ଦର; ମନୋହର—4. Graceful; charming. ସ. ବି—୧ । ଅମ୍ବ—1. Mango; Mangifera Indica. ୨ । ପଣସ—2. Jack fruit; Artocarpus Intergrifolia. ୩ । ଗୋଧୂମ; ଗହମ—3. Wheat. ୪ । ଭୁନର ତୃଣ—4. A sort of grass. ୫ । କୁନ୍ଦୁରୁଖୁଣ୍ଟ ବା ଲୋବାନ୍ ଗଛ—5. The olibanum tree; Boswella Thurifera. ୬ । ରସବାଳକା; ପୁଣ୍ଡ୍ରକ ନାମକ ଇକ୍ଷୁ—6. A luscious variety of sugarcane. ୭ । ଲୋବାନ୍; ଶିହ୍ଲକ—7. Frankincense, olibanum. ୮ । ଗନ୍ଧରସ; ଗୁଗ୍ଗୁଳ—8. Gum myrrh. ୯ । ଅଖୁ (ହୃ. ଶ)—9. Sugarcane. ଦେ. ବି—ଘୃତ; ଘିଅ—Ghee. (ଉ—ରସାର ସାର ଏ ଦେଶ, ରସାଳ ଅଡ ଗୋରସ । ଭକ୍ତ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।)

ରସାଳୟ—ସ. ବି. (୬ଷ୍ଠୀ ତତ୍) ୧ । ଅମ୍ବ ଗଛ (ହୃ.ଶ)—1. The Rasālaya mango tree. ୨ । ଅମୋଦପ୍ରମୋଦର ସ୍ଥାନ(ହୃ.ଶ) 2. A place of amusements.

ରସାଳ ଶର୍କରା—ସ. ବି. (ମ.ପ. ଲୋ)—ଅଖୁ ଦୋରୁଅରୁ ପ୍ରସ୍ତୁତ ଗୁଡ଼ Rasāla śarkarā ବା ଚିନି (ହୃ.ଶ)—Molasses or sugar made from sugarcane.

ରସାଳସା—ସ. ବଣ. ସ୍ତ୍ରୀ (୬ମୀ ତତ୍)—୧ । ମଦାଳସା; ରସିକତାଯୋଗୁଁ Rasālasā ଅଳସଗମନା—1. Lustful; walking slowly owing to excess of the sentiment of love. ୨ । ରସମୁଗ୍ଧା—2. Enamoured with love or lust. ସ. ବି—୧ । ଧମନୀ; ନାଡ଼ୀ; ରକ୍ତବାହୀ ନାଡ଼ୀ—1. Vein; blood vessel; tendon; blood tube; nerve. ୨ । ଅଖୁ (ହୃ. ଶ)—2. Sugarcane. ୩ । ଗହମ (ହୃ. ଶ)—3. Wheat.

ରସାଳସୀ—ଦେ. ବଣ. ସ୍ତ୍ରୀ. (ସଂ. ରସାଳସା)—କାମରସ ଯୋଗୁଁ Rasālasī ଅଳସଗମନା; ମଦାଳସା—Walking with रसालसा slow pace on account of excess of रसालसी the sentiment of lust.

ରସାଳା—ସ. ବଣ. ସ୍ତ୍ରୀ (ରସାଳ+ଆ)—ରସାଳର ସ୍ତ୍ରୀଲିଙ୍ଗ—Rasālā Feminine of Rasāla. ସଂ. ବି—୧। ରସନା; ଜିହ୍ୱା—1. Tongue. ୨ । ଦୂବ—2. The Doob grass; Panicum Dactylon; Cynodon Dactylon. ୩ । ଶାଳପର୍ଣ୍ଣୀ—3. A shrub; Hedysarum Gangeticum. ୪ । ଦ୍ରାକ୍ଷା; ଅଙ୍ଗୁର ଫଳ—4. Grape. ୫ । ଦହିରେ ପ୍ରସ୍ତୁତ ପେୟବିଶେଷ; ଶିଖରିଣୀ—5. A sort of sweet drink made from curd. [ଉ—ବୈଦ୍ୟଶାସ୍ତ୍ରମତରେ ଭଇଁଷୀର ଦହି ୮ ସେର, ଚିନି ୪ ସେର ଓ ଦୁଧ ୬ ସେର ଏକତ୍ର ମିଶାଇ ତହିଁସଙ୍ଗେ ମରିଚ, ଲବଙ୍ଗ, ଅଳାଇଚ ଓ କର୍ପୂରଗୁଣ୍ଡ ମିଶାଇଲେ ରସାଳା ହୁଏ । କିମ୍ବା ଦହି ୪ ସେର, ଚିନି ୨ ସେର, ମଧୁ ଦୁଇ ଛଟାଙ୍କି, ଘିଅ ଦୁଇ ଛଟାଙ୍କି, ଶୁଣ୍ଠିଗୁଣ୍ଡ ଅଧତୋଳା, ଅଳାଇଚ ଗୁଣ୍ଡ ଅଧ ତୋଳା, ମରିଚଚୂର୍ଣ୍ଣ ଦୁଇ ତୋଳା ଓ ଲବଙ୍ଗଚୂର୍ଣ୍ଣ ଦୁଇ ତୋଳା ଏକତ୍ର ମିଶାଇ ତାକୁ ଛାଣି ମୃଗନାଭି ଓ କର୍ପୂର ଦ୍ୱାରା ସୁବାସିତ କରି ରସାଳା କରାଯାଏ । ଏହା ଅମ୍ଳମଧୁର-ରସ, ଶୀତଳ, ସାରକ, ଅଗ୍ନିବର୍ଦ୍ଧକ, ପୁଷ୍ଟିକର, ଶୁକ୍ର-ବର୍ଦ୍ଧକ, ସ୍ନିଗ୍ଧ ଓ ବାତ, ପିତ୍ତ, ଦାହ, ତୃଷ୍ଣା, ରକ୍ତପିତ୍ତ, ପ୍ରତିଶ୍ୟାୟାଦିନାଶକ । ରତିଶ୍ରାନ୍ତ ଓ ପର୍ଯ୍ୟଟନକ୍ଲାନ୍ତ ବ୍ୟକ୍ତି ପକ୍ଷରେ ଏହା ବିଶେଷ ହିତକର ।] ୬ । ସୁମଧୁର ଲେହ୍ୟବିଶେଷ; ଚଟଣି—6. A sort of delicacy or pickle to be licked. ୭ । ଭୁଇଁକଖାରୁ (ହୃ. ଶ) 7. A kind of yam.

ରସାଳାପ—ସଂ ବି (ରସପୂର୍ଣ୍ଣ ଅଳାପ; ମ. ପ. ଲୋ.)—ରସପୂର୍ଣ୍ଣ ବା Rasālāpa ରସିକତାଯୁକ୍ତ କଥୋପକଥନ; ସରସ ଅଳାପ—(ରସାଳାପକ—ଅନ୍ୟରୂପ) Witty conversation.

ରସାଳାପୀ (ପୁଂ) } ବଣ—
ରସାଳାପିନୀ (ସ୍ତ୍ରୀ) }

ରସାଳ(ଳୁ)ଅ—ଦେ.ବଣ. (ପୁଂ ଓ ସ୍ତ୍ରୀ) (ସଂ. ରସାଳ)—ରସାଳ (ଦେଖ) Rasāli(lu)a रसाल रसभरा(री), रसीला Rasāla (See) (ରସାଳି, ରସାଳେଇ, ରସାଳୋଇ—ସ୍ତ୍ରୀ)

ରସାଲିହା—ସଂ. ବି—ଶାଳିପର୍ଣ୍ଣୀ; ପୃଶ୍ନିପର୍ଣ୍ଣୀଲତା ଗୁଳ୍ମ—
Rasāliha A shrub; Uraria Lagopoides; Hemionites Cordifolia.

ରସାଳୀ—ସ.ବି—(ରସାଳ+ଈ)—ପୁଣ୍ଡ୍ରେକ୍ଷୁ; ରସବାଳକା; ଏକପ୍ରକାର
Rasāli ରସବହୁଳ ଆଖୁ – A luscious variety of sugar cane; Saccharum Officinarum.

ରସାଶ—ସ. ବି (ରସ+ଅଶ୍ ଧାତୁ+ଭାବ ଅ)—ମଦ୍ୟପାନ; ତାଡ଼ି
Rasāsa ପିଇବା (ହ୍ର. ଶ)—Drinking of toddy.

ରସାଶୀ—ସ. ବଣ. ଓ ବି. (ପୁଂ) (ରସ+ଅଶ୍ ଧାତୁ+କର୍ତ୍ତୃ. ଇନ୍
Rasāsi ୧ମା. ୧ବ)—ମଦ୍ୟପାନକାରୀ (ହ୍ର. ଶ)—Toddy-
(ରସାଶିନୀ—ସ୍ତ୍ରୀ) drinker

ରସାଶ୍ୱାସା—ସ.ବି—ପଳାଶୀ ଲତା;ଗନ୍ଧ ଶୁଣ୍ଠି ଲତା(କାଶ୍ମୀର ଦେଶୀୟ)—
Rasāswāsā A sort of creeper.

ରସାସ୍ୱାଦ—ସ ବି—(ଷଷ୍ଠୀ ତତ୍, ରସ+ଆସ୍ୱାଦ)—୧ । କୌଣସି
Rasāswāda ବସ୍ତୁର ବା ବିଷୟର ରସ ଗ୍ରହିବା; ରସ ଗ୍ରହଣ;
(ରସାସ୍ୱାଦନ—ଅନ୍ୟରୂପ) ରସବୋଧ —1. Enjoyment or tasting of the Rasa; experiencing a sensation. ୨। (ଯୋଗ ଦର୍ଶନ) ଅଖଣ୍ଡ ବସ୍ତୁର ଅବଲମ୍ବନ ହେତୁ ଚିତ୍ତବୃତ୍ତିର ସବିକଳ୍ପ ଆନନ୍ଦଆସ୍ୱାଦନ—2. (Joga philosophy) A state of delightful repose in religious meditation.

ରସାସ୍ୱାଦୀ—ସଂ. ବଣ. ପୁଂ—(ରସ+ଆସ୍ୱାଦ+ଇନ୍, ୧ମା. ୧ବ)—
Rasāswādi ୧ । ରସର ଆସ୍ୱାଦନକାରୀ; ଯେ ରସ ଗ୍ରହିଥାଏ—1. Tasting or enjoying a Rasa. ୨ ।
(ରସାସ୍ୱାଦିନୀ—ସ୍ତ୍ରୀ) ମଉଜିଆ—2. Fond of amusements or fun—ସଂ.ବି—ଭ୍ରମର, ମହୁମାଛି—A bee.

ରସାହ୍ୱ—ସଂ. ବି—୧ । ସରଳଦ୍ରବ; ଗନ୍ଧ ବିରଜା; ଚାପିନ ତେଲ—
Rasāhwa 1. Turpentine. ୨ । ଝୁଣା—2. Resin.

ରସି(ସ୍ସି)—ଦେ. ବି—(ସଂ. ରଶ୍ମି)—ରଶି (ଦେଖ)—Rasi (See).
Rasi(ssi) ପ୍ରାଦେ (ସିଂହଭୂମ) ବି—ମଦ୍ୟସାର—The essence
रसी रश्मि of wine.

ରସିଆ—ଦେ. ବଣ (ସ. ରସିକ)—୧ । (ବ୍ୟଙ୍ଗ) ରସିକ; ନାଗର
Rasia —1. Gallant. ୨ । ରସପ୍ରିୟ—2. Witty.
रसिक ୩ । ରସପୂର୍ଣ୍ଣ—3. Juicy. ୪ । ସଉକୀ—
रसिया 4. Foppish. [ଭ୍ର—ରସିଆଥାଏ । ରସିଆ କାନରେ ଫାସିଥାଏ । ଭଗ ।]

ରସିଆ ନାଗର—ଦେ· ବି. ପୁଂ (ସହଚର; ସ. ରସିକ+ନାଗର)—
Rasiā nāgara (ବ୍ୟଙ୍ଗ) ରସିକ ବ୍ୟକ୍ତି—(ironical)
रसिक नागर A gallant; a witty person. (ଭ୍ର—
रसिया नागर (୧) ଫୁଲ ଫୁଟିଗଲା, ଲଟା ନ ମାଡ଼ିଲା, ଫଳକୁ
(ରସିଆ ପୁରୁଷ—ଅନ୍ୟରୂପ) ଝୁଡ଼ିଙ୍ଗ ଛନ୍ତି, କେଉଁ କଥାପାଇଁ ରସିଆ ନାଗର, ପଥରେ ରହିଲେ ଗୃହିଁ—ଭଗ । (୨) ରସିଆ ପୁରୁଷ ମୁଣ୍ଡରେ ଜଟ, ଭୁଆ ହରିଦେଲା ଲଟପଟ । ଭଗ ।]

ରସିକ—ସ. ବଣ. ପୁଂ (ରସ+ଜ୍ଞାତାର୍ଥେ ଇକ)—୧ । ରସଜ୍ଞ;
Rasika ରସବୋଧ ବିଶିଷ୍ଟ; ରସଗ୍ରାହୀ—1. Able to
(ରସିକା—ସ୍ତ୍ରୀ) realise and enjoy the taste or sentiment or wit of a thing. ୨ । ରସମୟ; ସରସ—2. Juicy. ୩ । ଆମୋଦପ୍ରିୟ; କୌତୁକପ୍ରିୟ; ବିଳାସପ୍ରିୟ—3. Witty; humorous; jocose; merry; funny. ୪ । ଗୁଣଗ୍ରାହୀ —4. Able to appreciate excellence or wit. ୫ । ସ୍ୱାଦଯୁକ୍ତ—5. Flavoured, tasteful. ୬ । ସୁରୁଚିଯୁକ୍ତ; ସୁରସ—6. Tasteful. ୭ । ସୁରୁଚିପ୍ରିୟ—7. Having good taste. ୮। କାବ୍ୟପ୍ରିୟ—8. Having a taste for poetry. ୯। ହୃଦୟସ୍ପର୍ଶୀ—9. Touching the heart; pathetic. ୧୦ । ଅନୁରକ୍ତ—10. Impassioned; enamoured. ୧୧ । କୌଣସି ବସ୍ତୁ ପ୍ରତି ବିଶେଷ ଅନୁରକ୍ତ—11. Attached to any particular thing or matter (ଯଥା କାବ୍ୟ ରସିକ, ସଙ୍ଗୀତ ରସିକ ।) ସ. ବି—୧ । ସାରସ ପକ୍ଷୀ—1. The Indian crane; Ardea Sibirica. ୨ । ଘୋଟକ; ତୁରଙ୍ଗ—2. Horse. ୩ । ହସ୍ତୀ—3. Elephant. ୪ । ରହସ୍ୟପ୍ରିୟ ବ୍ୟକ୍ତି —4. A wit. ୫ । ଲମ୍ପଟ—5. Libertine. [ଭ୍ର—ସୁଶୋଭିତା । ରସିକ ଚିତ୍ତକୁ ହରେ ଚିନ୍ତା । ଗୋପୀଭୋଗ. ଇନ୍ଦୁରେଖା ।] ଦେ. ବି. ପୁଂ—୧ ।
रसिक ବିଳାସ ଓ ବେଶାଦି ପ୍ରିୟ ବ୍ୟକ୍ତି; ସଉକିଆ ଲୋକ—
रसिक 1. Beau; fop. ୨। ଲୋକଙ୍କ ନାମ—2. A name given to males. ଦେ. ବଣ—୧ । ସଉକୀ;
रसिक (ଅମୁକ ବସ୍ତୁ) ଧାରଣ କରିବା ପ୍ରିୟ—1. Fond of
रसिया a particular thing. (ଯଥା—ଚୋଳରସିକ, ଗାମୁଛାରସିକ, ବଟୁଆ ରସିକ ।) ୨ । ରସିକ; ନାଗର; ରମଣୀ ପ୍ରତି ଅନୁରକ୍ତ—2. Gallant; fond of flirting with women. ୩ । ଆଦିରସପ୍ରିୟ—3. Fond of amatory sentiment; lustful.

ରସିକ ଚନ୍ଦ୍ର—ସ. ବି—୧ । ଶ୍ରେଷ୍ଠ ରସିକ—1. An eminent
Rasika chandra person of taste and wit.
ରସିକଚୂଡ଼ାମଣି, ରସିକବର, ରସିକ ମଣି, ରସିକରତ୍ନ, ରସିକରାଜ, ରସିକଶିରୋମଣି, ରସିକଶେଖର, ରସିକଶ୍ରେଷ୍ଠ } ଅନ୍ୟରୂପ ୨ । ଶ୍ରୀକୃଷ୍ଣଙ୍କ ବିଶେଷଣ —2. An epithet applied to Srikrushna.

ରସିକତା(ତ୍ୱ)—ସଂ. ବି (ରସିକ+ଭାବାର୍ଥେ ତା, ତ୍ୱ)—୧ । ରସିକର
Rasikatā(twa) ଭାବ—1. Wittiness; jocularity. ୨ । ଗୁଣଗ୍ରାହିତା—2. Appreciation of good qualities. ୩ । ଥଟ୍ଟା; ପରିହାସ (ହ୍ର· ଶ)— 3. Jest, joke. ୪ । ଆଦିରସ ପ୍ରିୟତା—4. Fond-

ness for the erotic sentiment. ୬। ସ୍ତ୍ରୀମାନଙ୍କ ପ୍ରତି ଅନୁରକ୍ତ—5. Gallantry.

ରସିକ ନାଗର—ସଂ.ବି—୧। ନାଗରକବୃତ୍ତିପ୍ରିୟ ରସିକ—1. A gallant
Rasika nāgara fond of the arts of the towns-people. ୨। ନାରୀପ୍ରିୟ ବ୍ୟକ୍ତି—2. One fond the society of women.

ରସିକା—ସଂ. ବଣ. ସ୍ତ୍ରୀ (ରସିକ+ଆ)—ରସିକର ସ୍ତ୍ରୀଲିଙ୍ଗ—
Rasikā Feminine of Rasika. ସଂ. ବି.—୧। ରସାଳା; ଶିଖରଣୀ; ଶର୍କରା, ଦହି ଓ ମସଲାଯୁକ୍ତ ପେୟ ବିଶେଷ—1. A drink made of buttermilk, sugar and spices. ୨। ଗୁଡ଼—2. Molasses. ୩। ଇକ୍ଷୁରସ; ତୋରୁଅ—3. Cane-juice. ୪। ରସନା; ଜିହ୍ୱା—4. Tongue. ୫। କାଞ୍ଚୀ—5. Woman's girdle. ୬। ବିଳାସପ୍ରିୟା ରମଣୀ—6. Coquette; belle ଦେ. ବି.ପୁଂ (ବ୍ୟଙ୍ଗ) (ସ. ରସିକ)—୧। ରସିକ ବ୍ୟକ୍ତି—1. A witty or jocose person. ୨। (ଅନାଦରାର୍ଥକ) ରସିକ ନାମକ ବ୍ୟକ୍ତିର ଡାକନାମ—2. Name fcr calling Rasika.

ରସିକାକଢ଼ି—ପ୍ରାଦେ(ସାଜପୁର)ବି.(ସ, ଅଶୋକକଳି)-ଅଶୋକ କଳିକା-
Rasikākardi The buds of Aśoka flower.

ରସିକା ନାରୀ—ସଂ.ବି--ବିଳାସପ୍ରିୟା ରମଣୀ—A coquette; a jilt.
Rasikā nāri (ଉ—ମଳୟାନିଳେ ଗୀତ ଗାଏ
ରସିକା ରମଣୀ } —ଅନ୍ୟରୂପ ରସିକା ନାରୀ ବାସରେ ଯାଏ
ରସିକା ଭାମିନୀ } —ଉପ।)

ରସିକା ବର—ସଂ. ବି. ସ୍ତ୍ରୀ. (୭ମୀ ତତ୍)—ଶ୍ରେଷ୍ଠ ରସିକା—
Rasikābara An eminently witty or coquettish woman.
ରସିକାବରି
ରସିକାମଣି } —ଅନ୍ୟରୂପ
ରସିକାଶିରୋମଣି

ରସିକିନୀ—ଦେ. ବି. ସ୍ତ୍ରୀ—ରସିକା (ଦେଖ)
Rasikini Rasikā (See).
ରସିକା (ଉ—ଲୟ ଚନ୍ଦ୍ରମାନଙ୍କୀର ଅଙ୍ଗରୁ ହଜାଇଛୁ ରସିକାଙ୍କର
ରସିକିନୀ ଲଜ୍ଜ. ପ୍ରେମସୁଧାନିଧି।)

ରସିକେଶ—ସ. ବି. ପୁଂ (୭ମୀ ତତ୍)—ଶ୍ରୀକୃଷ୍ଣ—
Rasikeśa An epithet of Śrikrushna.
(ରସିକେଶ୍ୱର—ଅନ୍ୟରୂପ)

ରସିତ—ସ. ବଣ. (ରସ୍ ଧାତୁ+କର୍ମ. ତ)—୧। ରସଯୁକ୍ତ—1,
Rasita Having Rasa (flavour, taste, sentiment wit etc.)୨।ଆସ୍ୱାଦିତ—2. Tasted. ୩।ରସାଣିତ; ଗିଲ୍ଟ କରା ଯାଇଥିବା-3. Gilt. ୪। ସ୍ୱର୍ଣ୍ଣର ମଢ଼ା ଯାଇଥିବା 4. Platedwith gold. ସ.ବି—୧। ଜଳଦ ନିନାଦ; ମେଘ ଶବ୍ଦ; ଘଡ଼ଘଡ଼ି ଶବ୍ଦ—1. Roar of thunder (ଉ—ରସିତ ରସନାନାଦ ତନ୍ତ୍ରୀନ ଏକ୍ତ ଶବଦ, ରସେ ଅପସର ଲକ୍ଷା ନ କର ହେଉ । ପ୍ରାଚୀ. ରସକଲ୍ଲୋଳ।) ୨। ମଦ; ମାଦକ ଦ୍ରବ୍ୟ—2. Intoxicating drug ୩। ଶବ୍ଦ—3. Sound.

ରସିତବାନ୍—ସ. ବଣ. ପୁଂ (ରସିତ+ବତ୍; ୧ମା. ୧ବ)—
Rasitabān ୧। ଆସ୍ୱାଦନ କରିଥିବା; ଚାଖିଥିବା; ଯେ ଚାଖିଅଛି (ରସିତବତୀ—ସ୍ତ୍ରୀ) —1. Having tasted. ୨। ଶବ୍ଦକାରୀ—2. Making a sound.

ରସିତା—ସ. ବଣ. ପୁଂ (ରସ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Rasitā ୧। ଆସ୍ୱାଦନକାରୀ—1. Tasting; relishing. (ରସିତ୍ରୀ—ସ୍ତ୍ରୀ) ୨। ଶବ୍ଦକାରୀ—2. Making a sound.

ରସିତାଶୀ—ସ. ବଣ. ପୁଂ (ରସିତ+ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଣିନ୍; ୧ମା. ୧ବ)—୧। ଯେ ଶବ୍ଦପୂର୍ବକ ଖାଏ;
Rasitāśi (ରସିତାଶିନୀ—ସ୍ତ୍ରୀ) ଖାଇଲା ବେଳେ ଯେ ଗର୍ଜନ କରେ (ଯଥା—ବିଲୁଆ, ବାଘ)—1. Eating with a noise; uttering a grumbling sound while eating. ୨। ମଦ୍ୟ ପାନକାରୀ—2. Drinking wine,

ରସି(ସେ)ଦ୍(ଦ) [ଇତ୍ୟାଦି]—ବୈଦେ. ବି (ଉଂ) -୧। (ଉଂ. ରସିଦ୍)
Rasi(se)d(di) [etc] ରସିଦ୍ ଇତ୍ୟାଦି (ଦେଖ)—Rasid
रसिद रसीद etc (See) ୨। (ଫା. ରସଦ୍) ରସଦ୍ ଇତ୍ୟାଦି
रसद रसद (ଦେଖ)—2. Rasad etc. (See)

ରସିବା—ଦେ କ୍ରି (ସ.. ରସ)—୧। ରସଯୁକ୍ତ ହେବା—1. To
Rasibā become juicy or luscious. ୨। (ଫଳ ଆଦି)
रसा ରସିବା; ପାଚିବାରୁ ଲଦଲଦ ହେବା—2. To become
रसना soft or flaccid(said of fruits when ripe). ୩। ଜଳଯୁକ୍ତ ହେବା—3. To become watery. [ଯଥା-ବର୍ଷାଦିନେ ଲୁଣ ରସିଯାଏ ।] ୪। ଆର୍ଦ୍ର ହେବା—4. To become moistened. ୫। ଅନୁରାଗୀ ହେବା—5. To become fond of. [ଉ—ସୁସ୍ନେହିତ ପ୍ରାଚୀ ବଶିତ ରସି ଶଶୀ ଉଦିତ । ଗୋଲୋକ—ଚନ୍ଦ୍ରରେଖା ।] ୬। ଆସକ୍ତ ହେବା; କୌଣସି ବସ୍ତୁ ବା ବ୍ୟକ୍ତି ପ୍ରତି ଅନୁରକ୍ତ ହେବା—6. To be attached to or enamoured of (a person or thing). [ଉ—ଜଳଜର ଯୁବକର ସ୍ପୃହ ଜଳପାତ୍ରେ ରସିଲ ରସିକା ରସଲୁବ୍ଧ ଲ ପାରେ । ଭକ୍ତସର୍ବସ୍ୱ—ସଙ୍ଗୀତ ।] ୭। ପ୍ରେମାର୍ଦ୍ର ହେବା—7. To be affected or smitten with love. [ଉ—ଭ୍ରମର ! ରସନ୍ତରେ, ଏ ଫୁଲେ ବସନ୍ତରେ, କେତକୀ, କେତକୀରେ କେତକୀ ସଙ୍ଗୀତ] ୮। ଅନୁରାଗ ବା ସ୍ନେହ ପ୍ରକାଶ କରିବା—8. To express one's love or affection; to give vent to one's affection or love. [ଉ—ଉଥାପି ତ ଭଲେ ହେଲେ ତୋ ସ୍ନେହ ନ ରସିଲ ରେ । କବିସୂର୍ଯ୍ୟ ବଳଦେବରଥଙ୍କ ଗୀତ ।] ୯। ରମିବା; ରମଣ କରିବା—9. To cohabit.

[ଉ—ସୁରୁଷେ ପରବାର ରସି, ଯାହାଙ୍କ ସେବନ୍ତି ତୁଳସୀ । କୃଷ୍ଣ· ପ୍ରେମପଞ୍ଚାମୃତ ।] ୧୦ । ଆନନ୍ଦିତ ହେବା—10. To be glad. [ଉ—ସେ ଜଳ ଦେଖି କଣିକାରୁ ଏ ରସିଲେ । କୃଷ୍ଣସିଂହ. ମହାଭାରତ ବନ ।] ୧୧ । ମନ ବଳାଇବା; ସ୍ନେହ କରିବା; ପସନ୍ଦ କରିବା-11. To love; to like; to prefer. [ଉ—ଚନ୍ଦ୍ରାମଣି ଆଉ ଥାଉଁ କେ ରସେ ରୂପାରେ । କବିସୂର୍ଯ୍ୟ. ସଙ୍ଗୀତ ।] ୧୨ । ମଗ୍ନ ହେବା; ଲିପ୍ତ ହେବା—12. To be deeply engaged in. [ଉ—ପୂର୍ବେ ଧର୍ମ ରାଜ ନାମରେ ଜାର୍ଥ କଲେ, ତହିଁ ରସିକରଣ ଉପରେ ରହିଲେ । କୃଷ୍ଣସିଂହ ମହାଭାରତ. ବନ ।]

ରସିୟା—ବୈଦେ. ବି (ଇଂ. ରସ୍ୱିଆ)—ଅସିଆ ଓ ୟୁରୋପର ଉତ୍ତର Rasiyā ଖଣ୍ଡସ୍ଥ ରାଜ୍ୟ ବିଶେଷ—Country of Russia. রাসিয়া [ଦ୍ର—ପୂର୍ବେ ଏହା ଯଥେଚ୍ଛାଶାସକ ସମ୍ରାଟ୍ ବା ଜାର୍(Czar) ଙ୍କ ରୂସ ଶାସନାଧୀନ ଥିଲା । ବର୍ତ୍ତମାନ ଏହା ସାଧାରଣତନ୍ତ୍ର ହୋଇଅଛି ।] ଦେ. ବି ଓ ବିଣ—(ପୁଂ ଓ ସ୍ତ୍ରୀ; ସଂ. ରସିକ)—୧ । ରସିକ (ଦେଖ)—1. Rasika. (See) ୨ । ରସିକା (ଦେଖ)—2. Rasikā. (See)

ରସୀ—ସଂ. ବିଣ. ପୁଂ (ରସ+ଯୁକ୍ତାର୍ଥେ. ଇନ୍, ୧ମା. ୧ବ)—Rasī ୧ । ରସିକ (ଦେଖ)—1. Rasika. (See) (ରସିନୀ—ସ୍ତ୍ରୀ) ୨ । ଅନୁରକ୍ତ—2. Attached to; enamoured of. ୩ । ଆସ୍ୱାଦନକାରୀ—3. Tasting; relishing. ଦେ. ବି—ରଶି (ଦେଖ)—Raśi. (See).

ରସୁଆ—ଦେ. ବିଣ (ସଂ. ରସିକ)—୧ । ରସୁଆଳ; ରସାଳ; ରସଯୁକ୍ତ; Rasuā ରସମୟ—1. Juicy. ୨ । ରସିକ (ଦେଖ)—[ରସେ(ସୋ)ଇ—ସ୍ତ୍ରୀ] 2. Rasika. (See) ୩ । ରସ ରସিক, রসাল ସମ୍ବନ୍ଧୀୟ—3. Relating to Rasa. ୪ । ଯାହା रसीला, रसीया, रसुआ କ୍ରୀଡ଼ାରେ ବା କେଳିରେ ବ୍ୟବହୃତ ହୁଏ—4. Used during dalliance. [ଉ—ରସୁଆ ଖଟରୁ ଯାଇ ବହୁତ ତୁଣ୍ଡିଗଲା ପଟ୍ ପଟ୍ । ପ୍ରବଚନ ।] ୫ । ରସ୍ ରସ୍ ଶବ୍ଦ କରୁଥିବା—5. Making a creaking or rustling sound.

ରସୁଆଳ(ଳି)—ଦେ. ବିଣ (ସଂ. ରସାଳ)—୧ । ରସାଳ (ଦେଖ)—Rasuāḷa(ḷi) 1. Rasāḷa. (See) [ଉ—ଅମ୍ବ ହେଲା (ରସୁଆଳିଆ—ଅନ୍ୟରୂପ) ରସୁଆଳ(ଳି) । ଇତ ।] ଦେ.ବିଣ.ପୁଂ—ରସୁଆଳ } —ସ୍ତ୍ରୀ ରସୁଆଳୀ } ରସିକ (ଦେଖ)—Rasika. (See) রসাল रसीला, रसवाला

ରସୁ(ସୋ)ଇ—ଦେ. ବି. (ସଂ. ରସବତୀ=ପାକଶାଳା)—୧ । ଅନ୍ନାଦିର Rasu(so)i ପାକ ବା ରନ୍ଧନକ୍ରିୟା; ରୁଷେଇ—1. Cooking. রস[সু]ই ୨ । ପାକଶାଳା—2. Kitchen; cooking room. रसोई ୩ । ପାକ ବିଦ୍ୟା—3. Cookery. ୪ । ପକ୍ୱାନ୍ନ ରସুইঘর ବ୍ୟଞ୍ଜନାଦି—4. Cooked meal. [ଦ୍ର—ରସୁଇ रसोईखाना ସମ୍ପର୍କୀୟ ଅନ୍ୟାନ୍ୟ ଶବ୍ଦମାନଙ୍କ ପାଇଁ 'ରୁଷା(ସେ)ଇ' ଶବ୍ଦ ପରେ ଦେଖ ।]

ରସୁ(ସୋ)ଇଖାନା—ଦେ. ବି—ପାକଶାଳା—Rasu(so)ikhānā Cook-room. [ରସୁ(ସୋ)ଇ ଘର—ଅନ୍ୟରୂପ] রসুইঘর रसोईखाना

ରସୁ(ସୋ)ଇବାସ୍—ଦେ. ବି (ଅନର୍ଥକ ସହଚର)—ଅନେକ ପଦାର୍ଥର Rasu(so)ibās ରନ୍ଧନ କ୍ରିୟା—Act or operation of রান্নাবান্না रसोईतसोई cooking food.

ରସୁଣ—ଦେ. ବି (ସଂ. ରସୋନ)—ରଶୁଣ (ଦେଖ) Rasuṇa লসুন लसुन Raśuṇa. (See)

ରସୁଣ ଛେଲି—ଦେ. ବି—ଏକ ପ୍ରକାର ସରୁ ଧାନ—Rasuṇa chheli A kind of fine paddy.

ରସୁଣିଆ—ଦେ. ବି—୧ । ରସୁଣ ପରି ମୂଳ ଓ ଗନ୍ଧଯୁକ୍ତ ଶାକବିଶେଷ—Rasuṇiā 1. Kandelia Rhudi (Haines). গোরিআ लहसुनिआ [ଦ୍ର—ରସୁଣ ପରି ଏହାର ଗନ୍ଧ । ଏହାକୁ (ରସୁଣିଆ ଘାସ—ଅନ୍ୟରୂପ) ଛଅଣ ଆଦିରେ ଫୁଟାଇ ଖାଆନ୍ତି ।] ୨ । ରସୁଣମାଳା ପରି ଦେଖା ଯିବା ବାହୁରେ ବନ୍ଧାଯିବା ସ୍ତ୍ରୀମାନଙ୍କ ଏକ ପ୍ରକାର ଅଳଙ୍କାର—2. A kind of ornament looking like a string of garlics and worn on the arm. ୩ । ଏକ ପ୍ରକାର ରତ୍ନ; ବୈଦୁର୍ଯ୍ୟ—3. A kind of gem; lapis lazuli ଦେ. ବିଣ—୧ । ରସୁଣ ପରି ଗନ୍ଧ ବା ସ୍ୱାଦ ବା ଆକାର ବିଶିଷ୍ଟ—1. Having the smell or taste or size of garlic ୨ । ଅତ୍ୟନ୍ତ ରସ ଯୁକ୍ତ—2. Excessively juicy. (ଯଥା—ରସୁଣିଆ ଆମ୍ବ ।)

ରସୁଣିଆ କେକର—ଦେ. ବି—ଜଙ୍ଗଲି ବୃକ୍ଷ ବିଶେଷ—Rasuṇiā kekara Brugmiera Conjuguta.

ରସୁ(ସୂ)ନ—ସଂ. ବି (ରସ+ଉନ, କପାତନ)—ରଶୁଣ (ଦେଖ) Rasu(sū)na Raśuṇa (See)

ରସୁ(ସୋ)ୟା—ଦେ. ବି—ରୁଷେୟା; ପାଚକ—Cook. Rasu(so)yā রসুয়া रसोया

ରସୁଲ—ବୈଦେ. ବି (ଅ)—ଜଗତକୁ ପ୍ରେରିତ ଈଶ୍ୱରଙ୍କ ଦୂତ; Rasul ପୈଗମ୍ବର—God's messenger sent to the earth. রসুল रसूल

ରସୁଲ ଇ(ଆ)ଲ୍ଲା—ବୈଦେ. ବି (ରସୁଲ-ଅଲ୍-ଲହ୍=ଆଲ୍ଲାଙ୍କ ଦୂତ)—Rasul-i(ā)lla ୧ । ଈଶ୍ୱରପ୍ରେରିତ ଦୂତ—1. God's রসুল-ইল-লাহ messenger. ୨ । ହଜରତ୍ ମହମ୍ମଦ୍—रसुल-इल-लाह 2. The Prophet Mahommad. (ରସୁଲ୍ଲା, ରସୁଲ୍ଲାହ[ହା]—ଅନ୍ୟରୂପ)

ରସୁଲି ଟୋ(ତୋ)ଡ଼ି—ଦେ. ବି—ମିଶ୍ର ରାଗିଣୀ ବିଶେଷ; ତୋଡ଼ିପରକ Rasuli ṭo(to)ṛi —Name of a mixed tune in music.

ରସେନ୍ଦ୍ର—ସଂ. ବି (ରସ=ଖନିଜ ପଦାର୍ଥମାନଙ୍କରେ ଇନ୍ଦ୍ର=ଶ୍ରେଷ୍ଠ, ୭ମୀ ତତ୍) — ୧ । ପାରଦ; ପାର—1. Mercury; quick silver.
Rasendra
୨ । ସ୍ପର୍ଶମଣି; ପରଶମଣି; ପରଶୁପଥର—2. Touchstone (a gem); the philospher's stone. ୩ । ରାଜମାଷ; ବରଗୁଡ଼ି (ବୃ. ଶ.)—3. Dolechus Sinensis (grain). ୪ । ଲାସ୍ପ, ଧଳାଅ, ପିପ୍ପଳୀ, ମହୁ, ବିକଟୁ ଓ ରସସିନ୍ଦୂରରେ ପ୍ରସ୍ତୁତ ଔଷଧ—4. Name of a medicinal preparation.

ରସେନ୍ଦ୍ରବେଧକ—ସଂ. ବି—ସୁନା (ବୃ. ଶ)—
Rasendrabedhaka Gold.

ରସେଶ୍ୱର—ସଂ. ବି (୭ମୀ ତତ୍)—୧ । ପାରଦ—1 Quick silver.
Raseśwara
୨ । ଛଅ ଦର୍ଶନର ବହିର୍ଭୂତ ଦର୍ଶନ ଶାସ୍ତ୍ର ବିଶେଷ—2. Name of a particular philosophy. [ବି—ଏହି ଦର୍ଶନରେ ପାରଦ ଶିବଙ୍କର ବୀର୍ଯ୍ୟ ଓ ଗନ୍ଧକ ପାର୍ବତୀଙ୍କ ରଜ ବୋଲି ବର୍ଣ୍ଣିତ ଓ ଏମାନଙ୍କର ୧୮ ସଂସ୍କାର ଓ ଏମାନଙ୍କର ସେବନ ଜାଗତ ଓ ରସାୟନଗୁଣ ବର୍ଣ୍ଣିତ ହୋଇଅଛି—ବୃ. ଶ] ୩ । ପାରା, ଗନ୍ଧକ, ହରିତାଳ ଓ ସୁନା ଆଦିର ଯୋଗରେ ପ୍ରସ୍ତୁତ ଔଷଧ ବିଶେଷ (ବୃ. ଶ)—3. Name of a mercurial preparation.

ରସୋ(ସୌ)ତ୍—ଦେ. ବି (ସଂ. ରସୋଦ୍ଭୂତ)—ସୁରୁମ; ଦାରୁହରିଦ୍ରା ନାମକ ଶ୍ରୁପର ମୁଳକୁ ଲୁହା କରେଇରେ ଦୁଧରେ ବଲୁଥାଇ ସେହି କ୍ୱାଥକୁ ଲୁହା କରେଇରେ ଖଅଁରେ ଚିଶାଇ ତାହା ଗାଢ଼ା ହେବା ପରେ ସେଥିରେ ଛାଗ ଦୁଗ୍ଧ ବା ଗୋଦୁଗ୍ଧ ମିଶାଇ ନିଅଁରେ ବସାଇ ଜର୍ଜଳ କରି ଯେଉଁ କୃଷ୍ଣବର୍ଣ୍ଣ ଚୂର୍ଣ୍ଣ ବା ଲେହ୍ୟବତ୍ ପଦାର୍ଥ ପ୍ରସ୍ତୁତ ହୁଏ, ରସାଞ୍ଜନ (ଏହା ଚକ୍ଷୁରୋଗରେ ଅଞ୍ଜନରୂପେ ବ୍ୟବହୃତ ହୁଏ)—Collyrium prepared by boiling the root of Berbery root with milk till it is reduced into a powder or sticky ointment; extract of Indian Berbery. [ବି—ଏହାର ଗନ୍ଧ ଅତିଶୟ କଟୁ ଯଥ । ବୈଦ୍ୟକ ମତରେ ଏହା ଶୀତଳ, ଶୁକ୍ରଜନକ, ନେତ୍ରହିତକର ଓ କଫ, ବିଷଦୋଷ, ବମନ, ରକ୍ତପିତ୍ତ, ହିକ୍କା, ଶ୍ୱାସ ବ୍ରଣ ଓ ମୂତ୍ରବେଗର ହିତକର ।]
Raso(sau)t
ରସୋତ, ରସୌତ
रसो(सौ)त
ସଂ. ନାମ—ରସଗର୍ଭ, ରସଜ, ରସୋଦ୍ଭୂତ, ରସାଗ୍ରଜ, ରସନାଭ, ତାର୍କ୍ଷ୍ୟଶୈଳ, କୃତକ, କାଳେୟକ, ଅଗ୍ନିସାର, ରସାଞ୍ଜନ, ତାର୍କ୍ଷ୍ୟଜ
ସ୍ତ. ରସବଣା
ତେ. ରସାଞ୍ଜନମୁ
ଆ. ହୁକୁଜ୍

ରସୋତ୍ତମ—ସଂ. ବି (ରସମାନଙ୍କ ମଧ୍ୟରେ ଶ୍ରେଷ୍ଠ; ୭ମୀ ତତ୍)—୧ । ରସ ଶ୍ରେଷ୍ଠ; ଶ୍ରେଷ୍ଠ ରସ—1. Chief amongst Rasas; the best of the Rasas
Rasottama
୨ । ମୁଗ୍ଧ; ମୁଗ—2. A kind of pulse Phaseolus Mungo.

ରସୋତ୍ପନ୍ନ—ସଂ. ବିଣ (୫ମୀ ତତ୍)—ରସରୁ ଜାତ—
Rasotpanna Produced from Rasa.

ରସୋଦୟ—ସଂ.ବି (୬ଷ୍ଠୀ ତତ୍; ରସ+ଉଦୟ)—ରସର ଅବିର୍ଭାବ—
Rasodaya The appearance of Rasa.
(ରସୋଦ୍ଗମ—ଅନ୍ୟରୂପ)

ରସୋଦ୍ଗାର—ସଂ. ବି (୬ଷ୍ଠୀ ତତ୍)—ରସ ବାନ୍ତି କରିବା—
Rasodgāra Vomiting Rasa.
(ରସୋଦ୍ଗିରଣ—ଅନ୍ୟରୂପ)

ରସୋଦ୍ଭବ—ସଂ. ବିଣ (ବହୁବ୍ରୀହି)—୧ । ରସରୁ ଜାତ—
Rasodbhaba 1. Produced from mercury.
ସଂ. ବି—୧ । (୬ଷ୍ଠୀ ତତ୍)—ରସୋଦୟ—1. The appearance of Rasa. ୨ । (ବହୁବ୍ରୀହି)—(ପାରଦରୁ ଜାତ) ହିଙ୍ଗୁଳ—2. Vermilion.

ରସୋଦ୍ଭୂତ—ସଂ. ବିଣ (୫ମୀ ତତ୍)—ରସରୁ ଜାତ—
Rasodbhūta Born of or produced from Rasa.
(ରସୋଦ୍ଭୂତା—ସ୍ତ୍ରୀ)

ରସୋନ—ସଂ. ବି (ରସ ଧାତୁ+ଓନ, କିମ୍ବା ରସ+ଊନ, ଯାହା ଗୋଟିଏ ରସ [ଅମ୍ଳରସ]ରେ ଊଣା)—ରଶୁଣ [ଦେଖ]
Rasona Rasuna [See]
[ରସୋନକ—ଅନ୍ୟରୂପ]

ରସୋପଳ—ସଂ. ବି (ମ. ପ. ଲୋ. ରସ=ଜଳରୁ ଉତ୍ପନ୍ନ+ ଉପଳ=ପ୍ରସ୍ତର, ରତ୍ନ)—ମୁକ୍ତା; ମୌକ୍ତିକ—
Rasopala Pearl.

ରସ୍ତୋରାଁ—ବୈଦେ. ବି (ଫା. ଉଚ୍ଚାରଣ ରସ୍ତୋରାଁ)—ଭୋଜନାଳୟ; ହୋଟେଲ୍—Dining room; hotel; restaurant.
Rastorāñ
ରସ୍ତୋରାଁ रस्तोरां

ରସ୍ନ—ସଂ. ବି (ରସ୍ ଧାତୁ+କର୍ମ. ନ)—ଦ୍ରବ୍ୟ; ବସ୍ତୁ—
Rasna Thing; material; substance.

ରସ୍ପାଣ୍ଡ(ଡା)ଣ୍ଟ—ବୈଦେ. ବି (ଇଂ. ରେସ୍ପଣ୍ଡେଣ୍ଟ) (କଚେରୀଅ)—ଅପିଲ୍ ମକଦ୍ଦମା ଦାଏର କରିଥିବା ପକ୍ଷର ବିପକ୍ଷ ପକ୍ଷ—Respondent in an appeal.
Raspāda(da)nta
ରେସ୍ପଣ୍ଡେଣ୍ଟ
रेस्पंडंट
[ଅପିଲ(ଲ୍ଲା)ଣ୍ଟ—ବିପରୀତ]

ରସ୍ୟ—ସଂ.ବିଣ(ରସ୍ ଧାତୁ+ଭାବ. ଯ)—୧ । ଆସ୍ୱାଦନୀୟ—1. Capable of being tasted. ୨ । (ରସ+ଯ) ସ୍ୱାଦୁ—2. Tasteful. ୩ । ରସକାରୁ ଗୁଣବିଶିଷ୍ଟ—3. Delicious. ୪ । ରସମୟ; ସରସ—4. Juicy. ୫ । ସୁରୁଚିମୟ—5. Of good taste. ସଂ. ବି—୧ । ରୁଧିର; ରକ୍ତ—1. Blood. ୨ । ଶରୀରର ମାଂସ (ବୃ. ଶ)—2. Flesh.
Rasya
(ରସ୍ୟା—ସ୍ତ୍ରୀ)

ରସ୍ୟା—ସଂ. ବିଣ—ରସ୍ୟର ସ୍ତ୍ରୀ ଲିଙ୍ଗ—
Rasyā Feminine of Rasya.
ସଂ. ବି—୧ । ରାସ୍ନା—1. Mimosa Octandra. ୨ । ରସା; ପାଠା; ଅମ୍ବଷ୍ଠକୀ; ଅକାନବିଦ୍ଧ ଲତା—2. Stephenia Hernandifolia; Pereira root.

ରସ୍ସି—ଦେ. ବ—(ସଂ. ରସନା)—ରସି; ଦଉଡ଼ି—
Rassi रसी रस्सी

ରହ୍ (ଧାତୁ)—ସ—୧ । ତ୍ୟାଗ କରିବା—1. To give up. ୨ । ମୋଚନ କରିବା—2. To give up; to emit.
Rah (root)
୩ । ଛାଡ଼ି ଦେବା—3. To let loose; to abandon. ୪ । ବେଗରେ ଗମନ କରିବା—4. To move with speed.

ରହ୍—ଦେ. କ୍ରି (ରହିବା କ୍ରିୟାର ଅନାଦରାର୍ଥକ ଅନୁଜ୍ଞା ୧ । ଉତ୍ତମ ଆକାର; ଅବ୍ୟୟ ରୂପେ ବ୍ୟବହୃତ)—୧ । (ତୁ) ରହିବା କିମ୍ବା କର; ରହିଛ ହୋ—1. (you) Stay! Stop! ୨ । (ତୁ) ଅପେକ୍ଷା କର୍—2. Wait! ୩ । (ତୁ) ନିବୃତ୍ତ ହୋ—3. Abstain!
Rah थाम् रह

ରହ—ସ. ବ. (ରହ୍ ଧାତୁ+କର୍ମ. ଅ)—୧ । ମୈଥୁନ; ସୁରତ ଶୃଙ୍ଗାର—1. Coition; copulation. ୨ । ଗୋପନୀୟ ବିଷୟ—2. Secret matter. ୩ । ଗୋପନୀୟ ଧର୍ମତତ୍ତ୍ୱ—3. Mystic truth; religious secret. ୪ । ନିର୍ଜନତା—4. Solitariness. ୫ । ଗୋପନ—5. Privacy. ୬ । ନିର୍ଜନ ପ୍ରଦେଶ—6. Lonely place. ୭ । ଗୁହ୍ୟ—7. Privity. ୮ । କ୍ରୀଡ଼ା; କୌତୁକ—8. Sport; play. ୯ । ଆନନ୍ଦ; ସୁଖ—9. Happiness; pleasure. ଦେ. କ୍ରି. (ସ. ଅସ୍ ଧାତୁ; ପ୍ରା. ରହ୍ ଧାତୁ ଓଡ଼ିଆ ରହିବା କ୍ରିୟାର ଅନୁଜ୍ଞା ଆଦରାର୍ଥକ ମଧ୍ୟମ ପୁରୁଷ ୧ ବଚନ; ତୁମ୍ଭେ ଓ ବହୁବଚନ ତୁମ୍ଭେମାନେ; ଅବ୍ୟୟ ରୂପେ ମଧ୍ୟ ବ୍ୟବହୃତ)-(ତୁମ୍ଭେ) ବିରତ ହୁଅ; ଅପେକ୍ଷା କର; ଅବସ୍ଥାନ କର—(Verb Imperative) (you) Stop! Wait! Stay! ଦେ. ଅ—ରହରହ (ଦେଖ)—Raharaha (See)
Raha

ରହଁଟା—ପ୍ରାଦେ. (ସମ୍ବଲପୁର) ବ. (ସ. ଅରଘଟ୍ଟ, ପ୍ରା. ଅରହଟ୍ଟ, ତୁଳ. ଏହି ଅର୍ଥରେ ହି. ରହିଁଟା)—ଅରଟ—Spining wheel.
Rahanṭa
(ରହଣ୍ଟା—ଅନ୍ୟରୂପ)

ରହଃ—ସ. ବ (ରହ୍ ଧାତୁ=ତ୍ୟାଗ କରିବା+ଅସ୍ କର୍ମ। ରମ୍ ଧାତୁ =କ୍ରୀଡ଼ା କରିବା+କର୍ମ.ଅସ୍;ରହସ୍ ଶବ୍ଦ,୧ମା.୧ବ)—ରହ (ଦେଖ)—Raha (See) ବିଣ—୧ । ଗୁପ୍ତ; ଗୋପନୀୟ—1. Secret; private. ୨ । ନିର୍ଜନ—2. Lonely. କ୍ରି. ବିଣ—୧ । ଗୋପନରେ—1. In secret. ୨ । ଏକାନ୍ତରେ; ନିର୍ଜନରେ—2. In private; away from the presence of people. ଅ—ରହରହ (ଦେଖ)—Raharaha (See)
Rah

ରହଟା—ପ୍ରାଦେ.(ଗଡ଼ଜାତ) ବ—୧ । ଜିଦ—1. Stubbornness. ୨ । ଅଳି—2. Importunity.
Rahaṭa

ରହ(ହେ)ଣ—ଦେ. ବ (ସ. ରକ୍ଷଣ)
Raha(he)ṇa ୧ । ଅବସ୍ଥାନ; ସ୍ଥିତି; ରହଣି—1. Staying; halting. ଦେଦେ. ବ (ଫା. ରେହନ୍) ଋଣ କରିବା ବ୍ୟକ୍ତି ଋଣଦାତାଙ୍କ ନିକଟରେ ଋଣ ଶୋଧର ପ୍ରତିଭୂ ବା ଜାମିନ୍ ସ୍ୱରୂପ ରଖିବା ସମ୍ପତ୍ତି—1. A pledge or mortgage. ୨ । ବନ୍ଧକ; ସମ୍ପତ୍ତି ବନ୍ଧକ ରଖି ଋଣ ଗ୍ରହଣ କରିବା କାର୍ଯ୍ୟ—2. Loan by mortgaging or pledging; borrowing money by pledging any property. [ଦ୍ର—'ରହଣ' ବା ରହଣ-ବନ୍ଧକ ପ୍ରଥାଦ୍ୱାରା ଋଣ ପରିଶୋଧର ଜାମିନ୍ ସ୍ୱରୂପ ଖାତକର କୌଣସି ସମ୍ପତ୍ତିକୁ ଖାତକ ନିର୍ଦ୍ଦେଶ କରେ, କିନ୍ତୁ ଉକ୍ତ ସମ୍ପତ୍ତି ଖାତକର ଦଖଲରେ ଥାଏ ଓ ମହାଜନର ଋଣ ପରିଶୋଧ ପାଇଁ ଦାୟିତ୍ୱ ଉକ୍ତ ନିର୍ଦ୍ଦିଷ୍ଟ ରହଣ-ଅବନ୍ଧ ସମ୍ପତ୍ତି ଉପରେ ନ୍ୟସ୍ତ ଥାଏ (mortgage without possession or simple mortgage). ଅବନ୍ଧ ଭୂମିରୁ ଉତ୍ପନ୍ନ ଫଳାଦିକୁ ମହାଜନ ଋଣର ସୁଧର ବା ମୂଳର ବଦଳରେ ମଜୁରି ପାଇବାର ବନ୍ଦୋବସ୍ତ କରିଗଲେ ତାକୁ 'ଫଳ-ବନ୍ଧକ' (Usufructuary mortgage) ବୋଲାଯାଏ ।]
अवस्थान रहन रहन रेहन

ରା (ଧାତୁ)—ସ—୧ । ଦାନ କରିବା—1. To give. ୨ । ଗ୍ରହଣ କରିବା—2. To take; to accept. ୩ । ପ୍ରାପ୍ତ ହେବା; ପାଇବା—3. To get; to receive; to obtain. ୪ । ଲାଭ କରିବା—4. To gain.
Rā (root)

ରା—ସ. ବ (ରା. ଧାତୁ+ଭାବ. କ୍ୱିପ୍)—୧ । ଦାନ—1. Gift; giving. ୨ । ଗ୍ରହଣ—2. Act of receiving or taking. ୩ । ବିଭ୍ରମ; ହାବଭାବ-3. Outward signs proceeding from love, passion or other sentiment. ୪ । ଭ୍ରାନ୍ତି; ଭୁଲ—4. Error; mistake. ୫ । ଧନ—5. Wealth; riches. ୬ । ସ୍ୱର୍ଗ—6. Heaven. ୭ । କାଞ୍ଚନ—7. Gold. ୮ । ରବ; ଶବ୍ଦ; ଧ୍ୱନି—8. Sound; tone; voice. ଦେ. ବ—୧ । (ସ.ରବ) ସଙ୍ଗୀତର ତାନ ବା ଅବଲମ୍ବ ବିଶେଷ, ସଙ୍ଗୀତ ବୋଲିବା ପୂର୍ବରୁ ବାଦ୍ୟଯନ୍ତ୍ରର ସ୍ୱରସଙ୍ଗେ ଆପଣାର କଣ୍ଠସ୍ୱର ମିଳାଇବାପାଇଁ ଗାୟକମାନେ ଯେଉଁ ସ୍ୱର ଧରନ୍ତି—1, A sound uttered by musicians while trying their tune with the tune of the musical instrument.
Rā रा हलहली

ରାଅ राय ୨ । (ଶ୍ରେଷ୍ଠତାବୋଧକ ରାଜନ୍ ଶବ୍ଦର ଅପଭ୍ରଂଶ 'ରାୟ' ବା 'ରାଏ'ର ସଂକ୍ଷେପ) ପଦ ବା ଉପାଧି ଶେଷରେ ଲାଗିବା 'ରାୟ' ଶବ୍ଦର ସଂକ୍ଷେପ ଆକାର—

2. Abbreviation in pronouncing the sound 'Rāya' affixed to titles given by Rajas. (ଯଥା—ହରିଚନ୍ଦନରା, ବଳବନ୍ତରା, ସୁନ୍ଦରରା, ସାମନ୍ତରା, ସାଅନ୍ତରା, ସଂଗୀତରା, ପଣ୍ଡିତରା ଇତ୍ୟାଦି ।)

ସ୍ୱା ବା ୩ । (ସଂ. ରବ) ପିଲାମାନେ କାନ୍ଦିବାବେଳେ କରିବା ବହୁକାଳବ୍ୟାପୀ ସ୍ୱର ଶବ୍ଦ ବା ରବ; ରହା—3. A prolonged sound made at one breath at the end of crying by infants. (ଯଥା—ସେ ପିଲାଟା ଅନେକବେଳୁଁ 'ରା'ଧରି କାନ୍ଦୁଛି ।)

ধ্বনি আওয়াজ ୪ । କଂସା ବା ବାସନ ଅଙ୍ଗରେ ଆଘାତ କଲେ ତହିଁରୁ ଜାତ ହେବା ବହୁକାଳସ୍ଥାୟୀ ଶବ୍ଦ—4. A tune continued for a long time (e.g. when a metal utensil is struck with another metal); intonation; a prolonged tune. ୫ । ଜିଗର; ଜିଦ—5. Zid; importunity. [ଉ—ମହାନ୍ତିଏ ବଡ଼ ସତ୍ୟବନ୍ତ ଲୋକ ଏକରା ଧରିଛନ୍ତି । ଫକୀରମୋହନ. ଲଚ୍ଛମା ।] ୬ । (ସ. ରବ)—

জিদ

জীদ

ଡୁଡୁ ଖେଳରେ ଖେଳାଳି ଏକ ନିଶ୍ୱାସରେ ବିପକ୍ଷଦଳର ସୀମା ମଧ୍ୟକୁ ଯାଇ ଏକ ସ୍ୱରରେ କରିବା ଧ୍ୱନି—6. An

শ্বাঁস utterance made at one breath by Ḍuḍu players inside the adversary's limits. ୭ । (ଗ୍ରାମ୍ୟ ଭାଷା. ରା=ରୁଚ) ଯେ ସୁଖଦାଏ ବା ସ୍ନେହ କରେ; ଯାହାକୁ ସ୍ନେହ କରାଯାଏ—7. Loving; loved. [ଉ—କୋଇଲିଲୋ ! ପୋଇଲିଲୋ ! ତୋ ମାଅ ତୋତେ ରା, ହାଣ୍ଡି କୁଣ୍ଡେଇବେ ମଣ୍ଡା ପୁରେଇ ଖାଇ ତଳେ ତଳେ ଯାଅ । ଶିଶୁରଞ୍ଜନ. ଗୀତ ।] ୮ । (ଧ୍ୱନ୍ୟନୁକରଣ) କୁଅମାନଙ୍କ ଏକାଧିକ ଥର କୋବାଇବାର ଶବ୍ଦ; ରାଉ ରାଉ—8. Croaking or crowing sound

রায় of crows. ବୈଦେ. (ପା. ରାଏ)—୧ । ରାୟ; ରାଏ;

রায় ମତ; ମନ୍ତବ୍ୟ; ନିଷ୍ପତ୍ତି—1. Decision; judgment. ୨ । (ପା. ରାହା=ପଥ) ବାଟ; ରାସ୍ତା; ପଥ—

জায়গা 2. Way; road. ୩ । ସ୍ଥାନ; ଜାଗା—3. Place;

রাহ space. (ଯଥା—ସେଠାରେ ବସିବାକୁ ଟିକିଏ 'ରା'

রাস্তা ନାହିଁ) ୪ । (ଲକ୍ଷଣାର୍ଥ) ସ୍ୱତନ୍ତ୍ର ବନ୍ଦୋବସ୍ତ; ରାହା—

রাহ 4. (figurative) Separate or individual arrangement. [ଯଥା—ମୁଁ ଅଲଗାରେ ଭଲେ ପୋଷିଲି । ଏଣିକି ତୋ 'ରା' ତୁ କର] ପ୍ରାଦେ. (ସମ୍ବଲପୁର) ବି ଓ ବଣ—ରଅ (ଦେଖ)—Rā-a (See).

ରଅ—ଦେ. ବି—୧ । (ଧ୍ୱନ୍ୟନୁକରଣ) କୁଅମାନଙ୍କ ଏକାଧିକ ଥର
Rāā କୋବାଇବାର ଶବ୍ଦ; ରାଉ ରାଉ—1. Croaking or
রা crowing sound of crows. ୨ । (ସ. ରବ) ରା
রাব (ଦେଖ)—2. Rā. (See) ବୈଦେ. ବି (ପା)—ରା (ଦେଖ)—Rā. (See) ପ୍ରାଦେ (ସମ୍ବଲପୁର) ବି—ଖୁସି; ଆନନ୍ଦ—Pleasure. ବଣ—ସୁଖକର—Pleasing; pleasant; charming. [ଉ—କୋଇଲି ଲୋ ପୋଇଲି ଲୋ । ତୋ ମା ମତେ ରଅ । ଲୌକିକ ଗୀତ ।]

ରଅଁତାଲି—ପ୍ରାଦେ (ଯାଜପୁର) ବି—ରାଅଁଳି; ଯେଉଁ ଗରିବମାନେ
Rā-āntāḷi ଧାନକଟା ସମୟରେ ବିଲରେ ପଡ଼ିଥିବା ଧାନକେଣ୍ଡାମାନ ଖୋଜନ୍ତି ଓ ଧାନକେଣ୍ଡା ଗୋଟାଇ ନିଅନ୍ତି—Poor people who watch the reaping of paddy and pick up the stalks of grain fallen from the reaper's sheaves.

ରଅ ଧରିବା—ଦେ. କ୍ରି (ସ. ରବ)—୧ । ଶିଶୁମାନେ କାନ୍ଦିବାବେଳେ
Rāā dharibā ଏକ ନିଶ୍ୱାସରେ ବା ଏକଟାଣରେ ବହୁକାଳ ରବ
রা কাড়া, দমআটকা କରିବା—1. To continue a sound
রা ধরনা for a long time at one stretch (said of some infants while crying at one breath). [ଦ୍ର—ଏଥିରେ ଶିଶୁମାନଙ୍କର ନିଶ୍ୱାସ ଅଟକିଯାଇ ଆଉ ନ ଫେରିବାରୁ ଶିଶୁ ମୃତ ହେବା ଘଟଣା ଶୁଣାଅଛି ।] ୨ । କଂସା ବାସନ ଅଙ୍ଗରେ କଠିଣବସ୍ତୁ ଆଘାତ ହେବାଯୋଗୁଁ ବହୁକାଳସ୍ଥାୟୀ ଶବ୍ଦ କରିବା—2. To make a prolonged sound (said of bell metal utensils). (ଯଥା—କଂସାରେ ଖଡ଼ୁ ବାଜି ଯିବାରୁ କଂସାଟା ରଅ ଧରିଲା) [ଦ୍ର—ଲୋକମାନଙ୍କର ବିଶ୍ୱାସ ଯେ ଗର୍ଭିଣୀ ସ୍ତ୍ରୀ କଂସା ବାସନ ଅଙ୍ଗର ରଅ ଶୁଣିଲେ ତା ଗର୍ଭରେ ଥିବା ଶିଶୁ 'ରଅ ଧରେ ।' ଏଥିପାଇଁ କଂସା ବାସନ ଅଙ୍ଗ 'ରଅ ଧରିଲେ' ସ୍ତ୍ରୀଲୋକମାନେ ସେ କଂସାରେ ହାତ ଛୁଆଇଁ ଦେଇ 'ରଅ' ବନ୍ଦ କରି ଦିଅନ୍ତି ।]

রাহা ধরনা ୩ । ଗୋଟିଏ କଥା ଜିଦ୍ ଧରିବା—3. To impor-
রাহা ধরনা tune on one thing. ୪ । ଗୋଟିଏ ରାସ୍ତା ଧରିବା; ବାଟ ଧରିବା—4. To take to a road.

ରଅବାଡ଼ି—ପ୍ରାଦେ. ବି—ରହାବାଡ଼ି (ଦେଖ)
Rā-ā bāṛdi Rāhābāṛdi. (See)

ରଅବାଳି—ଦେ. ବି ଓ ବଣ (ସ୍ତ୍ରୀ)—କଳହପ୍ରିୟା ସ୍ତ୍ରୀ—
Rā-abāḷi Quarrelsome woman; a vixen; virago.
ঝগড়াটে স্ত্রী জোমডী

ରଅ ରଅ—ଦେ. ବି (ଧ୍ୱନ୍ୟନୁକରଣ)—ରଅ (ଦେଖ)
Rā-ā rā-ā Rā-ā. (See)
রারা রাহা

ରଅସ—ଦେ. ବି (ସ. ରସ)—ରହାସ (ଦେଖ)
Rā-āsa Rāhāsa. (See)

রাস ବୈଦେ (ପା. ରସ୍)—ଘୋଡ଼ାର ଲଗାମ—
রাস Bridle or rein of a horse.

ରଇ(ଈ)—ଦେ. ବି (ସ. ରାଜିକା)—୧ । ରାଇ ସୋରିଷ—1. Rye;
Rāi(i) Indian mustard; white mustard, Bas-
রাই sica Juncea, Sinapis Ramosa. ୨ । ସୋରିଷ

ବଟା; ବେସର—2. Mustard paste. ୩। ବେଶ୍ମର ଓ ଗଣ୍ଡା ଦଅଯାଇ ପ୍ରସ୍ତୁତ ଅମ୍ଳ ବ୍ୟଞ୍ଜନ; ରାଇତା—3. A sour curry made of rye paste and acid mixed with vegetables. (ଯଥା—ଓଉ ରାଇ, ଜଡ଼ିରାଇ, କାକୁଡ଼ିରାଇ ଇତ୍ୟାଦି) ୪। ସ୍ତ୍ରୀ(ସଂ. ରାଧିକା) ରାଧିକା—4. Rādhikā, (Srikrushna's object of purest love). ୫। (ସଂ. ରାଜନ୍; ରାଜ ଶବ୍ଦର ସଂକ୍ଷେପ)—ରାଏ; ରାଯ୍; କ୍ଷତ୍ରିୟଙ୍କ ବଂଶୋପାଧି ବିଶେଷ—5. A family-titile of Kshyatriyas. ୬। (ସଂ ରାଜନ୍) ଉପାଧି ସଙ୍ଗେ ଯୁକ୍ତ ରାଜ ଶବ୍ଦର ଅପଭ୍ରଂଶ—6. An incorrect version of Rājā. (ଯଥା—ରାଇ ଗୁରୁ) ୭। (ସଂ. ରାଜବୃକ୍ଷ ବା ରାଜାମ୍ଳ)—ଓଡ଼ିଶାର ଗଡ଼ଜାତରେ ଥିବା ଏକପ୍ରକାର ଜଙ୍ଗଲି କାଠଗଛ; ରାଇଗଛ (ଦେଖ)—7. A species of wild Dilenia Speciosa; Dilenia Awva (Haines). [ଦ୍ର—ଏହା ଶ ଜଗଛ ଅପେକ୍ଷା ବଡ଼ ଓ ଏହା ଓଡ଼ିଶାର ଗଛ। ପତ୍ରଗୁଡ଼ିକର ଗଠନ ଓଉ ପତ୍ରପରି, କିନ୍ତୁ ବଡ଼ ବଡ଼। ଏହି ପତ୍ରର ବ୍ୟାସ ୧ ଫୁଟଠାରୁ ୧୫ ଫୁଟ ପର୍ଯ୍ୟନ୍ତ ହୁଏ। ଗରିବ ଅଧିବାସୀ ଲୋକେ ଏ ପତ୍ର ଉପରେ ଭାତ ଖାଆନ୍ତି। ଏଥିର ଫଳ ଅର୍ଥାତ୍ ବେଲପରି କିନ୍ତୁ ଲମ୍ବା ଏବଂ ଗଛରେ ପେନ୍ଥା ପେନ୍ଥା ହୋଇ ଫଳେ। ଏହି ଫଳ ଅଖାଦ୍ୟ। ଏହାର ବକଳ ମୋଟା। ଗଛର କାଠ ଦରାଯାଇ ପଟା କରାଯାଏ। ଏହାର କାଠ ମଜଭୁତ।] ୮। ସ୍କ୍ରୁରେ ବା ପେଚକଣ୍ଟାରେ ଥିବା ଗାରା ବା ଖାଞ୍ଜ; ବୋଲ୍ଟ ବା ସ୍କ୍ରୁକଣ୍ଟାର ଦେହ ଉପରେ ଥିବା ଗାର (ଯାହା ପେଚକଣ୍ଟାର ଗାରମାନଙ୍କୁ ଅଟକାଇ ଧରିବାରୁ ପେଚ ଶକ୍ତ ହୋଇ ବସେ)—8. The grooves in screws and bolts. ୯। ରାଇ (ଦେଖ)—9. Rai. (See)

राइ पीसाहुआसरसों रायता राइ राइ राज राइ राइ खाँज खाँदि

ରାଇଅ—ଦେ. ବିଣ—ଗାଙ୍କେ ଗାଙ୍କେ ବଟା ହୋଇଥିବାରୁ ଉଗ୍ରଗନ୍ଧଯୁକ୍ତ (ସୋରିଷବଟା ବା ବେସର)—Having strong odour after it is pasted (said of recently pasted mustard. [ଦ୍ର—ସୋରିଷକୁ ବାଟି ଭଲ କିଛି ସମୟ (ଅର୍ଥାତ୍ ୩।୪ ଘଣ୍ଟା) ରଖି ଦେବା ପରେ ତହିଁରୁ ରାଇଅ ଗନ୍ଧ ଛାଡ଼ିଗଲେ ତାହା ବେସରରୂପେ ତରକାରୀରେ ଓ ରାନ୍ଧିତା ଅଦରେ ଦିଆଯାଏ। ତଟକା ବଟା ବେସର ଦିଆ ହେଲେ ତରକାରୀ ଅଦ ରାଇଅ ହୋଇଯାଏ।]

Rāiā, राइत (गन्ध), राइयाँग(घ)

ରାଇକା—ବୈଦେ. ବି. (ଫା)—ସ୍ତ୍ରୀ ଲୋକମାନେ ବ୍ୟବହାର କରୁଥିବା ଜାକେଟ୍; ବନ୍ଧ—Woman's bodice. [ଦ୍ର—ନାୟିକାମଣି କାନ୍ତ ମୂଳ ସ୍ତନ, ରାଇକା ପାଇ କାନ୍ତିରେ ଶୋଭନ। କବିସୂର୍ଯ୍ୟ. ଚନ୍ଦ୍ରକଳା।]

Rāikā, रायका, अँगी, चोली

ରାଇ ଗଛ—ଦେ. ବି—ବୃକ୍ଷ ବିଶେଷ—Rhizophora Mucronata; or Rhizophora Conjugata.

Rāi gachha, राई गाछ, जगली रहिला

ରାଇଗିର୍ଡ଼ି—ଦେ. ବି—ଜଳପୂର୍ଣ୍ଣ ଖାଲୁଆ ଜମିରେ ଜନ୍ମିବା ଏକ ପ୍ରକାର ଧାନ—A species of paddy growing in low lands.

Rāigirdi

ରାଇ(ଏ)ଗୁରୁ—ଦେ. ବି. (ସଂ. ରାଜଗୁରୁ)—୧। ରାଜାଙ୍କର ମନ୍ତ୍ରଗୁରୁ—1. The spiritual preceptor of a king. ୨। ରାଜାମାନଙ୍କ ଦ୍ୱାରା ବ୍ରାହ୍ମଣଙ୍କୁ ଦତ୍ତ ଉପାଧି ବିଶେଷ—2. A title of given to Brāhmanas by Rajas.

Rāi(e)guru, (ରାଜଗୁରୁ—ଅପଭ୍ରଂଶ), राजगुरू, रायगुरु

ରାଇ ଗୋଜା—ଦେ. ବି—ରାଇ ଗଛର ଖିଲା—Pegs from Rāi tree.

Rāi gojā, राईरवाल, रहिल्लाकी खुंटी

[ଦ୍ର—ଯୋଡ଼ିଲେ ରାଇ ଗୋଜା ଜଳି ପାଣିଙ୍କରେ। କୃଷ୍ଣସିଂହ. ମହାଭାରତ. ବନ।]

ରାଇଜ (ଇତ୍ୟାଦି)—ଗ୍ରା. ବି—ରାଜ୍ୟ ଇତ୍ୟାଦି (ଦେଖ)

Rāija (etc) Rājya etc. (See)

राज्य राइज

ରାଇଟ୍(ଟି)—ବୈଦେ. ବିଣ (ଇଂ)—୧। ଯାହା ଭୁଲ ନୁହେଁ; ଠିକ୍—1. Right; correct. ୨। ଦକ୍ଷିଣ; ଡାହାଣ—2. Right (side).

Rāit(ti), राइट्, राइट्

ରାଇଟ୍ ଟାଇମ୍—ବୈଦେ. ବି. (ଇଂ)—ଠିକ ସମୟ—Right time.

Rāit tāim, राइट टाइम्, राइट् टाइम

ରାଇଟର—ବୈଦେ. ବି. (ଇଂ)—୧। ଲେଖକ; କିରାଣି; ମୋହରିର—1. Writer; clerk. ୨। ଲିପିକାର—2. Scribe. ୩। ରାଇଟର୍ କନଷ୍ଟବଲ୍—3. Writer constable

Rāitar, राइटर, राइटर

ରାଇଟର କନ(ନି, ନେ)ଷ୍ଟ(ଷ୍ଟେ)ବଲ୍—ବୈଦେ. ବି. (ଇଂ ରାଇଟର୍ କନ୍‌ଷ୍ଟେବଲ୍)—ପୁଲିସ୍ କନ୍‌ଷ୍ଟେବଲ୍‌ମାନଙ୍କ ମଧ୍ୟରୁ ସାମାନ୍ୟ ଲେଖାପଢ଼ି ଜାଣିଥିବା ଲୋକ—Writer constable; literate constable (of the Indian Police). [ଦ୍ର—ପ୍ରତ୍ୟେକ ଥାନାରେ ମୁତୟନ୍ ଥିବା କନଷ୍ଟବଲ୍‌ମାନଙ୍କ ମଧ୍ୟରେ ଜଣେ ଲେଖାଏଁ ରାଇଟର୍ ଥାଆନ୍ତି। ସେମାନେ ସାଧାରଣ କନଷ୍ଟବଲ୍‌ମାନଙ୍କ ଅପେକ୍ଷା କିଛି ବେଶି ଦରମା ପାଆନ୍ତି। ଥାନାର ଡାଇରି ଓ ରେଜିଷ୍ଟରମାନ ସେମାନେ ପୂରଣ କରନ୍ତି।]

Rāitar kana(ni, ne)shta(shte)bal, राइटर कनस्टेबल, राइटर कौनिस्टेबल

ରାଇଟରଗିରି—ଦେ. ବି—୧। କିରାଣି କାର୍ଯ୍ୟ—1. Clerkship; the post or work of a writer. ୨। ଲେଖକତ୍ୱ—2. Writership.

Raitar giri, (ରାଇଟରୀ—ଅପଭ୍ରଂଶ), राइटरी, राइटरी

ରାଇଟର୍ସ ବିଲ୍‌ଡିଙ୍ଗ—ବୈଦେ. ବି. (ଇଂ)—କଲିକତାରେ ବଙ୍ଗ ଗଭର୍ଣ୍ଣମେଣ୍ଟଙ୍କ ଅଧୀନ ପ୍ରଧାନ ବିଭାଗୀୟ ଅଫିସ୍ ଓ କର୍ମଚାରୀମାନେ ଯେଉଁ କୋଠାରେ କାର୍ଯ୍ୟ କରନ୍ତି (ପୂର୍ବେ ଏଠାରେ ବଡ଼ ଲାଟଙ୍କ ଅଫିସ୍ ମଧ୍ୟ

Rāitars bilding, राइटर्स बिल्डिङ्ग, राइटर्स बिल्डिंग

ବସ୍ତୁଥିଲା)—Writer's buildings (consisting of the head offices of various departments under the Bengal Government) in Calcutta.

ରାଇ(ଏ)ଟ୍‌ ସିଂହ(ହ)—ଦେ. ବି. (ସଂ. ରାଜପୁତ୍ର+ସିଂହ)—ପୁରୀ ଜିଲ୍ଲା
Rāi(e)ṭ siṁgha(ha) ଅନ୍ତର୍ଗତ କୋଠଦେଶପ୍ରଗଣାର ପୂର୍ବତନ ଜମିଦାରମାନଙ୍କ ବଂଶୋପାଧି— Family-title of the Zamindars of Koṭhadeśa in the district of Puri. [ଦ୍ର—ଏମାନଙ୍କ ଜମିଦାରି ବିକ୍ରି ହୋଇଯିବାରୁ ତାହା ଅନ୍ୟମାନେ କିଣି ଅଛନ୍ତି । ଏମାନଙ୍କର ବଂଶଧରମାନେ ଏ ପର୍ଯ୍ୟନ୍ତ କୋଠଦେଶର ପ୍ରାଚୀନ ରାଜଧାନୀ କମାପଡ଼ାରେ ଅଛନ୍ତି ।]

ରାଇଟିଙ୍ଗ୍(ଣ୍) ଡେକ୍ସ(ସ୍କ୍)—ବୈଦେ. ବି (ଇଂ ରାଇଟିଙ୍ଗ୍ ଡେସ୍କ୍)—
Raiting(ṇ) deks(sk) ଉପର ପାହାଣିଆ ବା ଢାଲୁ ହୋଇଥିବା
রাইটিঙ্গ ডেস্ক　ଡେସ୍କ—Writing desk. [ଦ୍ର—ଏହା
राइटिंग डेस्क　ଉପରେ କାଗଜ ରଖି ଲେଖାପଢ଼ି କରାଯାଏ ଓ ଏଥି ମଧ୍ୟରେ ଲେଖିବାର ଉପକରଣମାନ (ଦୁଆତ,ଦୁଆତ,କାଗଜ, ଲଫାଫା, କଲମ, ବ୍ଲଟିଙ୍ଗ୍ ଆଦି) ରଖାଯାଏ ।]

ରାଇଟିଙ୍ଗ୍ ବାକ୍ସ—ବୈଦେ. ବି (ଇଂ ରାଇଟିଙ୍ଗ୍ ବକ୍ସ)—ଏକପ୍ରକାର
Raiting bāksa　ସାଧାରଣ ବାକ୍ସ ଅକୃତିର ଡେକ୍ସ—
রাইটিঙ্গ বাক্স　A folding box which can be adjusted
राइटिंग बक्स　into a writing desk. [ଦ୍ର—ଏହାର ଉପରର ଡାଲା ଏପରି ଢାଲୁ ଭାବରେ ନିର୍ମିତ ହୋଇଥାଏ ଯେ, ସେ ବାକ୍ସର ଡାଲାକୁ ଖୋଲି ସଜାଇ ଦେଲେ ତାହା ଗୋଟିଏ ରାଇଟିଙ୍ଗ୍ ଡେକ୍ସ ପରି ଢାଲୁ ହୋଇଯାଏ ଓ ତାହାଁ ଉପରେ ଲେଖାପଢ଼ି କରାଯାଏ ।]

ରାଇତା—ଦେ. ବି (ସ. ରାଜିକାକ୍ତ)—୧ । ପରିବା ସଙ୍ଗେ ଦହି ବା
Rāitā　ବେସର, ଦହି, ଖଟା ଓ ମିଠା ମିଶାଇ କରାଯାଇଥିବା
রায়তা　ଏକପ୍ରକାର ଅମ୍ଳ ବ୍ୟଞ୍ଜନ—1. A sour curry
रायता　prepared by mixing vegetables with mustard paste, curd, acid and sugar; salad. (ଯଥା—କଖାରାଇତା, କାକୁଡ଼ିରାଇତା ଇତ୍ୟାଦି ।)　୨ । (ବୈଦ୍ୟକ) ରାଜିକାକ୍ତ; ଦହି, ଲବଣ, ଲାଉର ଛୋଟ ଖଣ୍ଡ, ରାଇସୋରିଷ ଗୁଣ୍ଡା, ଶ୍ବେତଅଳାଇଚ ଗୁଣ୍ଡା ମିଶାଇ ଏକାଠି କରାଯିବା ବ୍ୟଞ୍ଜନ ବିଶେଷ—2. A curry made of chopped gourd mixed with mustard powder and some other spices.

ରାଇତା ପିତା—ଦେ.ବି—ଖଟା ସଙ୍ଗେ ଲଙ୍କାଆଦିର ପିତା ମିଶାଯାଇ ତିଆରି
Raitā pitā　ହୋଇଥିବା ପରିବା ତରକାରି—A curry
সুক্তানি　flavoured with acid and bitter
रायतापीता　articles; a curry with sour and bitter tastes combined.

ରାଇ ତେଲ— ପ୍ରାଦେ (ଉତ୍ତର ବାଲେଶ୍ବର) ବି—ସୋରିଷ ତେଲ—
Rāi tela　Mustard oil.

ରାଇ ଦାମୋଦର—ଦେ. ବି (ସଂ ରାଧା ଦାମୋଦର)—୧ ।
Rāi dāmodara　ରାଧା ଦାମୋଦର; ରାଧାକୃଷ୍ଣ; ବିଷ୍ଣୁଙ୍କର
রাধাদামোদর　ଯୁଗଳରୂପ—1. Rādhā and Srikṛushṇa;
राईदामोदर　the Deities Bishṇu and Rādhā combined. [ଦ୍ର—ପଦ୍ମପୁରାଣରେ ବିଷ୍ଣୁଙ୍କର 'ରାଧା-ଦାମୋଦର' ନାମକ ଯୁଗଳ ରୂପର ପୂଜାବିଧି କାର୍ତ୍ତିକ ମାସରେ ହେବା ବିଷୟ ବର୍ଣ୍ଣିତ ହୋଇଅଛି ।] ୨ । କାର୍ତ୍ତିକ ବ୍ରତ; କାର୍ତ୍ତିକ ମାସରେ ବିଧବାମାନଙ୍କ ଅନୁଷ୍ଠିତ ରାଧା-ଦାମୋଦର ବ୍ରତ—2. The religious observances performed (by widows) in the month of Kārttika. [ଦ୍ର—ଏହି କାର୍ତ୍ତିକ-ବ୍ରତକୁ 'ରାଇଦାମୋଦର' ବା 'ରାଇଦାମୋଦର ପୂଜା' ବୋଲାଯାଏ । ଏହି ରାଧାଦାମୋଦର ପୂଜା ଓ ମନ୍ତ୍ର ପଦ୍ମପୁରାଣରେ ବର୍ଣ୍ଣିତ ହୋଇଅଛି । କୁମାରପୂର୍ଣ୍ଣିମା ପରଦିନ-ଠାରୁ କାର୍ତ୍ତିକପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି କାର୍ତ୍ତିକ ବ୍ରତ ବା ଊର୍ଜ୍ଜବ୍ରତ କରାଯାଏ । ଏଥିରେ ପ୍ରାତଃସ୍ନାନ, ଦିନାନ୍ତେ ହବିଷ୍ୟାନ୍ନ ଭୋଜନ, ସନ୍ଧ୍ୟାସମୟରେ ତୁଳସୀ ଚଉରା ନିକଟରେ ଦୀପଦାନ ଓ ରାଧାଦାମୋଦର ମନ୍ତ୍ର ଜପ ପ୍ରଧାନ କର୍ତ୍ତବ୍ୟ । ବିଧବାମାନେ ତୁଳସୀଚଉରାମୂଳ ସଫାକରି ଲିପି ସେଠାରେ ପଞ୍ଚବର୍ଣ୍ଣ ଗୁଣ୍ଡରେ ରାଧାକୃଷ୍ଣଙ୍କରୂପ ଅଙ୍କିତ କରି ପୁଷ୍ପାଦିରେ ପୂଜା କରି ନୈବେଦ୍ୟାଦି ଭୋଗ କରନ୍ତି ଓ ମାଳା ଜପ କରନ୍ତି । ବିଧବାମାନଙ୍କର ଏହି ତୁଳସୀ ଚଉରା ମୂଳର ପୂଜାଆଦିକୁ 'ରାଇଦାମୋଦର ପୂଜା' ବୋଲାଯାଏ । ଏହି ସମୟରେ କାପଡ଼ା-କାପଡ଼ି (କପୋତ କପୋତୀ ଦ୍ବୟ)ଙ୍କୁ ମଧ୍ୟ ନୈବେଦ୍ୟ (ଭୋଗ) ଦିଆଯାଏ । ଏହି ନୈବେଦ୍ୟାଦିକୁ ବ୍ରାହ୍ମଣମାନେ ଉତ୍ସର୍ଗ ନ କରି ବିଧବା ବ୍ରତୀମାନେ ଉତ୍ସର୍ଗ କରନ୍ତି ।
ରାଇଦାମୋଦର ବିଷୟରେ ପ୍ରଚଳିତ ଢଗ—
ପୁଅଙ୍କୁ ସୁନ୍ଦର ପାଟ ପୀତାମ୍ବର,
ଝିଅଙ୍କୁ ସୁନ୍ଦର ନେତ,
ବୁଢ଼ୀଙ୍କି ସୁନ୍ଦର ରାଇଦାମୋଦର,
ବୁଢ଼ାଙ୍କୁ ସୁନ୍ଦର ଶୀତ ।]

ରାଇପୁର—ଦେ. ବି (ନାମ)—ରାୟପୁର (ଦେଖ)
Rāipura　Rāyapura (See)

ରାଇଫ(ଫେ)ଲ୍—ବୈଦେ. ବି (ଇଂ. ରାଇଫଲ୍)—ଏକପ୍ରକାର
Rāipha(phe)l　ଆଧୁନିକ ବନ୍ଧୁକ—Rifle. [ଦ୍ର—
(ରାଇଫୁଲ୍—ଅନ୍ୟରୂପ)　ଏହାର ନଳଭିତରେ ପେଞ୍ଚକଟା ଗାର୍ଥିର
রাইফেল　ନାଳମାନ ଥାଏ ଓ ଏ ବନ୍ଧୁକ ଗର୍ଭରୁ ଗୁଳିମାନ ସିଧାରେ
राइफल　ନ ଯାଇ ଲକ୍ଷ୍ୟବସ୍ତୁ ଅଡ଼କୁ ଘାର୍ଣ୍ଣିର ଖାଇ ଖାଇ ଅଗ୍ରସର ହୁଏ । ଏହି ବନ୍ଧୁକର ଗୁଳିମାନ ଖୁବ୍ ଜୋରରେ ବୋଲି ପଲଟଣିଆମାନେ ଏହାକୁ ବ୍ୟବହାର କରନ୍ତି । ଯେଉଁ ରାଇଫଲ୍‌ର ମୁହଁବାଟେ ବାରୁଦ ଭର୍ତ୍ତି କରାଯାଏ ତାକୁ ମଜ୍‌-ଲୋଡ଼ର (Muzzle loader) ଓ ଯାହାର ପଛପାଟେ

ଟୋଟା ପୂରାଯାଏ ତାକୁ ବ୍ରିଚ୍‌ଲୋଡ଼ର (Breach loader) ବୋଲାଯାଏ । ଯନ୍ତ୍ର ଉଦ୍ଭାବକ ବନ୍ଧୁକ କର୍ମୀଙ୍କ ନାମ ଅନୁସାରେ ଏହାର ନାମକରଣ ହୋଇଥାଏ । ଯଥା —ମସିଅର୍ ରାଇଫଲ୍ (Mausseur rifle) । ଯେଉଁ ବନ୍ଧୁକ ମଧ୍ୟରେ ଫଏର୍ ହେବା ଗୁଳିଭର୍ତ୍ତି ଅନ୍ୟ କେତୋଟି ଗୁଳି ରଖିବାର କୋଠରି ଥାଏ ତାକୁ ମାଗାଜିନ୍ ରାଇଫଲ (Magazine rifle) ବୋଲାଯାଏ ।)

ରାଇ ବଣିଆ—ଦେ. ବି.—୧ । ରାଇ ଗଛର ବଣ—1. A forest or grove of 'Rāi' trees. Rāi baniā রাই গাছের জঙ্গল राईका झाडका जंगल ୨ । ବାଲେଶ୍ୱର ଜିଲ୍ଲାର ଉତ୍ତରାଞ୍ଚଳରେ ଅବସ୍ଥିତ ପ୍ରାଚୀନ ସ୍ୱାଧୀନ ଉତ୍କଳର ଦୁର୍ଗ ବିଶେଷ । (ଏ ପର୍ଯ୍ୟନ୍ତ ଏଥିର ଧ୍ୱଂସାବଶେଷ ବିଦ୍ୟମାନ ଅଛି)— Name of a fort of ancient Orissa in the district of Balasore.

ରାଇ ବଲ୍ଲଭ—ଦେ. ବି.—୧ । ଚିଲିକାରେ ମିଳୁଥିବା ଏକପ୍ରକାର କ୍ଷୁଦ୍ର ଚିଙ୍ଗୁଡ଼ି ମାଛ—1. A kind of small shrimps found in the Chilka lake. Rāi ballabha झिंगाकी गिगनी ୨ । ଚିଙ୍ଗୁଡ଼ିର ଛୁଆ; ଚିଙ୍ଗୁଡ଼ିମାଛର ଯାଆଁଳ—2. The fry of shrimps.

ରାଇବା—ଦେ. କ୍ରି.—(ସଂ. ରୈ ଧାତୁ=ଶବ୍ଦ କରିବା)—୧ । ଶବ୍ଦ କରିବା—1. To make a sound. ୨ । ଡାକିବା—2. To call. Rāibā রা করা, ডাকা बुलाना [ଦ୍ର—ପୁଣି କହିଲେ ସେଙ୍କୁ ରାଇଣ ରାମଙ୍କୁ । କୃଷ୍ଣସିଂହ, ମହାଭାରତ ଉଦ୍‌ଯୋଗ ।]

ରାଇ(ୟ)ବାର—ଦେ. ବି.—(ସଂ. ରାଜ ବାର୍ତ୍ତାବହ)—୧ । କୌଣସି ରାଜାଙ୍କ ଠାରୁ ଅନ୍ୟ ରାଜାଙ୍କ ନିକଟକୁ ମୌଖିକ ସମ୍ବାଦ ନେଇ ପ୍ରେରିତ ବ୍ୟକ୍ତି—1. A carrier of verbal messages from a Raja to another. Rāi(ya)bāra রায়বার दौराहा ୨ । ଦୂତଦ୍ୱାରା ଏକ ରାଜାଙ୍କ ନିକଟକୁ ଅନ୍ୟ ରାଜାଙ୍କଦ୍ୱାରା ପ୍ରେରିତ ମୌଖିକ ସମ୍ବାଦ—2. A verbal message sent by one Raja to another through a messenger. ୩ । ମଧ୍ୟସ୍ଥ ଲୋକଙ୍କଦ୍ୱାରା ବ୍ୟବହାରିକ ବିଷୟର କଥାବାର୍ତ୍ତା—3. Business-negotiations made by a meditator. ୪ । ରାଜାଙ୍କ କୀର୍ତ୍ତି—4. The famous deeds of kings.

ରାଇ ରାଇ ହେବା—ଦେ. କ୍ରି—୧ । ଚିଡ଼ି ଚିଡ଼ି ହେବା—1. To fret or snap at a person. Rāi rāi hebā ୨ । গর গর হওয়া (করা) राइ राइ होना କୌଣସି ବ୍ୟକ୍ତି ଉପରେ ବିରକ୍ତିଭାବ ବା ରାଗ ପ୍ରକାଶ କରିବା—2. To be vexed or cross with a person. ୩ । (ଦେହ) ଖିର ଖିର ହେବା; (ଦେହ) ଘଡ଼ି ମୋଡ଼ି ହେବା; ଜ୍ୱର ଜ୍ୱର ବୋଧ କରିବା—3. To feel unwell; to feel feverish.

ରାଇଲ—ପ୍ରାଦେ.—(ଗଞ୍ଜାମ) ବି.—ପଞ୍ଚମ ବା ସ୍ୱଣ୍ଣାଦି ଅସ୍ପୃଶ୍ୟ ଜାତିର ଲୋକେ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଦ୍ୱାରେ ଦ୍ୱାରେ ଯେଉଁ ଗୀତ (ଭିକ୍ଷା ଗୀତ—ଅନ୍ୟରୂପ) ବୋଲି ଭିକ୍ଷା ମାଗନ୍ତି—Songs sung by the untouchable class of people during certain periods of the year while begging from door to door. Rāila

ରାଇଶା ପ୍ରାଦେ.—(ଗଡ଼ଜାତ) ବି.—(ସଂ. ରାଜମାଷ)—ବରଗୁଡ଼ି; ମୁଦ୍ଗ ଜାତୀୟ ଶସ୍ୟ ବିଶେଷ—A kind of pulse; the cow pea; Dolichos Suiensis; Vigna Catjang. Raisā বরবটী

ରାଇ ଶୀତ(ତୁ)ଳା—ଗ୍ରା. ବି.—ରାଇ ଶୀତଳା (ଦେଖ) Rāi śita(tu)ḷā Rai śitaḷā (See)

ରାଇ ଶୀତ(ତୁ)ଳା(ଳେ)ଇବା—ଗ୍ରା.କ୍ରି.—ରାଇ ଶୀତଳାଇବା (ଦେଖ) Rāi śita(tu)ḷā(ḷe)ibā Rai śitaḷāibā (See)

ରାଇ ସୋରିଷ—ଦେ ବି.(ସଂ ରାଜସର୍ଷପ)—ଶ୍ୱେତ ସର୍ଷପ;ଧଳା ସୋରିଷ—Rāi sorisha A sort of mustard;Sinapis Ramosa. ସଂ. ରାଜ ସର୍ଷପ, ରାଜିକା রাই সরিষা राई, सफेदराई गोहामषणा, बारिराई बर्लाई, राइसरसीं ହି. ରାଇ ମ. ରାଇ [ଦ୍ର—ଏହାର ତେଲ ସାଧାରଣ ସୋରିଷ ତେଲ ଅପେକ୍ଷା କଡ଼ୁ । ସାଧାରଣତଃ ଧଳା ସୋରିଷକୁ ଲୋକେ ରାଇ ସୋରିଷ କହନ୍ତି, କିନ୍ତୁ ଧଳା ସୋରିଷ (ଶ୍ୱେତିକା, ସିଦ୍ଧାର୍ଥ) ଓ ରାଇ ସୋରିଷ (ରାଜିକା; ଶ୍ୱେତ ଓ ନାଲିଆ), ଉଭୟେ ପୃଥକ୍ । ଏହି ଶ୍ୱେତ ଓ ନାଲିଆ ପ୍ରକାରକୁ Brassica Napus) କହନ୍ତି ।] ଦେ. ବିଣ.—(ଲକ୍ଷଣାର୍ଥ)—ଖପା; କ୍ରୁଦ୍ଧ—Angry. (ଯଥା—ଆମ କଥାଁର ଉପରେ ସେ ତ ରାଇସୋରିଷ ।)

ରାଉ(ଓ)—ବୈଦେ. ବି (ମ. ରାଓ=ସଂ. ରାଜନ୍)—ମରହଟ୍ଟାମାନଙ୍କର ବଂଶୋପାଧିବିଶେଷ—A family title amongst the Marhattas. Rāu(o) রাও राव ଦେ.ବି (ସଂ.ରାବ) ୧ । ଶବ୍ଦ—1 Sound. ୨ । ଡାକ;ଢୁହାଇ—2. Halloo ଗ୍ରା. ବି.—ରାହୁ (ଦେଖ)—Rāhu (See).

ରାଉଆ—ଦେ. ବିଣ (ସଂ. ରାଗୀ) ୧ । କ୍ରୋଧନସ୍ୱଭାବ; ରାଗୀ (ଲୋକ)—1. Of angry temper; hot tempered (person). Rāuā রাগী रागी ୨ । ଅତ୍ୟନ୍ତ ନୀରସ (ମାଟି); ଯହିଁରେ (ଯେଉଁ ମାଟିରେ) ରସ ଶୁଷ୍କ ହେବାରୁ ଭଲ ଫସଲ ଜନ୍ମେ ନାହିଁ—2. (dry soil) Which does not grow good crops. শুকনো सुखी कड़ा ୩ । (ସଂ. ରାବ)—ଉଚ୍ଚସ୍ୱରବିଶିଷ୍ଟ—3. Loud. (ଯଥା—ରାଉଆ ପାଟି ।)

ରାଉଟି—ବୈଦେ. ବି (ଫା. ରାଓଟୀ, ମୂଳ. ସଂ. ରାଜକୁଟୀ)—ତମ୍ବୁ; ପଟ୍ଟାବାସ; ବସ୍ତ୍ରଗୃହ—Tent. Rāuṭi তাঁবু राउटी (ଦ୍ର—ଏଣେ ମହାଜନ ଅରକୂଳରେ ସାହେବ ରାଉଟି ପକାଇ ବସିଥିଲେ—ଫକୀରମୋହନ. ଗଳ୍ପସ୍ୱଳ୍ପ ।)

ରାଉଣ୍ଡ ଟେବଲ୍ କନ୍‌ଫରେନ୍‌ସ—ବୈଦେ.ବି (ଇଂ)—କୌଣସି ଗୁରୁତର ବିଷୟ ତର୍କ ଓ ଆଲୋଚନାର୍ଥ Rāund ṭebal kan-pharens

রাউণ্ডটেবলকনফরেন্স ଇଂଲଣ୍ଡର ଦଳର ପ୍ରତିନିଧିମାନଙ୍କର ଏକତ୍ର
राउंडटेबल कानफ्रेन्स ସମ୍ମେଳନ—Round table conference.
[ଦ୍ର—ଏବେ ଲଣ୍ଡନରେ ବିଲାତର ଓ ଭାରତର ବହୁ ରାଜନୀତିକ ଦଳର ମୁଖପାତ୍ରମାନଙ୍କ ରାଉଣ୍ଡଟେବଲ୍-କନ୍‌ଫରେନ୍‌ସର ୩ ଥର ବୈଠକ ହୋଇ ଭାରତ ଶାସନ-ସଂସ୍କାର ଆଇନର ବର୍ତ୍ତମାନ ଆଲୋଚିତ ଓ ପ୍ରଣୀତ ହୋଇ-ଅଛି ।]

ରାଉତ—ଦେ. ବି.ପୁଂ (ସଂ.ରାଜପୁତ୍ର)—୧ । ଅଶ୍ୱାରୋହୀ—1. A rider.
Rāuta (ଦ୍ର—ଖୁଆଇ ଯାଉଛି କାନୁରେ, ରାଉତ ଯେସନେ ଘୋଡ଼ା
(ରାଉତାଣୀ—ସ୍ତ୍ରୀ) ପରେ—ଲୁପ୍ତ. ପ୍ରେମପଞ୍ଚାମୃତ ।) ୨ ।
রাউ(হু)ত **राजपुत** ଅଶ୍ୱାରୋହୀ ସେନା—2. A cavalry soldier. (ଦ୍ର—ବିଦ୍ୟୁତ ତହିଁ ରାଉତ ମାନଙ୍କ ରଥୀ ସବାଲୁ ଏ ସିଦ୍ଧି—ଉଷ୍ଣ. ବୈଦେହୀଶବିଳାସ ।) ୩ ।
ଛତ୍ରିୟ ଜାତିର ଶାଖାବିଶେଷ—3. A sect of
रावत Kshatriyas. ୪ । ଖଣ୍ଡାଏତ ଓ ଶୁଦ୍ରମାନଙ୍କର ବଂଶୋପାଧି—4. Family title of Śūdras and Khandāetas. ୫ । ସୈନ୍ୟ—5. A soldier.
ପ୍ରାଦେ (ବସ୍ତର) ବି—ଗଉଡ଼—Cow-herd.

ରାଉତରା—ଦେ. ବି—୧ । ଖଣ୍ଡାଏତଙ୍କ ବଂଶୋପାଧିବିଶେଷ—
Rāutarā 1. Family title of Khandāyetas.
ରାଉତରାଏ } ୨ । ଛତ୍ରିୟଙ୍କ ବଂଶୋପାଧିବିଶେଷ—
ରାଉତରାୟ } ଅନ୍ୟରୂପ— 2. A family title of
ରାଉତୁରା } Kshatriyas. ୩ । ରାଜପୁତ୍ରମାନଙ୍କ ଶ୍ରେଣୀବିଭାଗ; ଉପାଧିବିଶେଷ; ରାଉତରା ସାହେବ—
3. A title of king's sons. ୪ । ବୀରପୁରୁଷଙ୍କୁ ଦତ୍ତ ରାଜଉପାଧିବିଶେଷ—4. A title given to a valiant heroic person. ୫ । ଅଶ୍ୱାରୋହୀସୈନ୍ୟ-
5. Cavalry soldier. ୬ । ଅଶ୍ୱାରୋହୀସୈନ୍ୟ-ନାୟକ—6. The captain of a cavalry.

ରାଉତରା ସାହେବ—ଦେ. ବି—ରାଜାଙ୍କ ଦ୍ୱିତୀୟ ବା ତୃତୀୟ ପୁତ୍ରଙ୍କ ନାମ
Rāutarā sāheba ନାମ—Title of the 2nd or 3rd prince (son) of a king.

ରାଉତିଆ—ଦେ. ବିଣ—ରାଉତସମ୍ବନ୍ଧୀୟ—Relating to Rāuta.
Rāutiā (ଯଥା—ନାଠ ରାଉତିଆ ।)

ରାଉନା—ପ୍ରାଦେ (ବସ୍ତର) ବି—ଶାଗୁଣା—
Rāunā Vulture.

ରାଉରା—ଦେ. ବିଣ—ରାଉଆ (ଦେଖ)—Rāuā (See). ବି—
Rāurā ଖଣ୍ଡାଏତଙ୍କ ବଂଶୋପାଧିବିଶେଷ—A family title of Khandāetas

ରାଉ ରାଉ—ଦେ (ଧ୍ୱନ୍ୟନୁକରଣ) ଅ—୧ । କାମରା କୁଆଙ୍କ ଧ୍ୱନି—
Rāu rāu 1. Crowing of rooks. (ଦ୍ର—କାଉ
কাকা **रावराव** ବୋଲେ ରାଉ ରାଉ, ସବୁ ଦିନ କଥା ମନରେ ଥାଉ, କୋଉଦିନେ ନେଇ ବାଉ—ଢେଙ୍କାଗୀତ ।)

୨ । ବଡ଼ପାଟି କରି ପୁନଃ ପୁନଃ କହିବା—
2. Repeating a thing loudly. ୩ । ବଡ଼ପାଟି କରିବା—3. Speaking loudly.

ରାଉଳ—ଦେ. ବି (ସଂ. ରାଜକୁଳ)—୧ । ଖଣ୍ଡାଏତ ଓ ଛତ୍ରିୟଜାତି
Rāula ବିଶେଷ—1. Title of Kshatriya and
রাউল Khandaeta castes. ୨ । ଶିବ ଓ ଦୁର୍ଗାଙ୍କ
रावल ସେବକ ମାଳୀଜାତିଙ୍କ ବଂଶୋପାଧି ବିଶେଷ—2. A family title of Śūdra servants of Śiba and Durgā. ୩ । କେଳାଙ୍କ ବଂଶୋପାଧିବିଶେଷ—
3 A family title of Kelās.

ରାଉଳା(ଳି)—ଦେ ବି.—(ସଂ. ରୈ ଧାତୁ=ଡାକିବା)—୧ । ଗର୍ଜନ—
Rāulā(li) 1. Roaring. ୨ । ବଡ଼, ଉଚ୍ଚୈଃସ୍ୱରରେ କାନ୍ଦଣା--2. Loud lament.

ରାଉଳିଆ—ଦେ. ବିଣ.—୧ । ଗର୍ଜନକାରୀ—1. Roaring. ୨ ।
Rāuliā ବଡ଼ପାଟିଆ; ଉଚ୍ଚୈଃସ୍ୱରଯୁକ୍ତ—2. Making a loud voice, high-toned, vociferating. ୩ । ଗୋଲମାଲଯୁକ୍ତ—3. Noisy, full of noise. (ଦ୍ର—ରାଉଳ ବା ଠାକୁରଙ୍କ ମାଳ ସେବକମାନେ ଯାତ୍ରୀ-ମାନଙ୍କ ସଙ୍ଗେ ବିଶେଷ ଗୋଲମାଲ ଓ ପାଟି କରିବାରୁ ରାଉଳିଆ ଶବ୍ଦର ଏହି ଅର୍ଥ ହୋଇଅଛି ।) ବି.—
କେଳାଙ୍କ ଜାତି ବିଶେଷ—A class of Kelās or Indian gypsies.

ରାଉଳିଆ କରିବା—ଦେ. କ୍ରି—ଗୋ ଗା କରିବା; ଅନେକ ଲୋକ
Rāuliā karibā ବଡ଼ ପାଟି କରି ଗୋଲମାଲ କରିବା—
গোলমাল করা To make a confused loud noise
गोलमाल करना (said of many persons vocifera-ting on any mater).

ରାଉଳିଆ କେଳା—ଦେ. ବି—କେଳାଙ୍କ ଜାତି ବିଶେଷ—
Rāuliā kelā A sub-caste amongst the Kelās (Indian gypsies).

ରାଉଳିବା—ଦେ. କ୍ରି—ଉଚ୍ଚପାଟି କରି ଗର୍ଜନ କରିବା; ରଡ଼ି ଛାଡ଼ିବା—
Rāulibā To roar loudly.
বড়গলাকরা **रावराव करना**

ରାଏ(ୟ)—ବୈଦେ. ବି.—(ଫା. ରାୟ୍)—୧ । ଅଦାଲତଙ୍କର
Rāe(ya) ମକଦମା ମୀମାଂସାର ହୁକୁମ; ମତ—
राय **राय** 1. Judgment, opinion. [ଦ୍ର—ଏ କନ୍ୟାଏ ଏକସ୍ୱରେ ଏକ ଚାର ପନ୍ଥା । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।]
୨ । (ଫା. ରାହା) ରାସ୍ତା; ପନ୍ଥା—2. Road; way.
୩ । (ଫା. ରାହ୍) ସ୍ୱତନ୍ତ୍ର ବ୍ୟକ୍ତିଗତ ବ୍ୟବସ୍ଥା ବା ବନ୍ଦୋବସ୍ତ—3. Separate individual provi-sion.(ଯଥା—ଯେଉଁ ରାଏ ଯାହାକୁ କରି ଦେବା ।) ଦେ.
ବି--୧। (ପଦ୍ୟ)(ସଂ.ରାଜନ୍; ପ୍ରା.ରାଅ); ରାଜା—1. King.
[ଦ୍ର—ଭୁରୁଢୁଳ ପଡ଼ି ସେ ଧୃତରାଷ୍ଟ୍ର ରାଏ, ପଣ୍ଡବଙ୍କୁ ବୋଇଲେ ଯାଅ ପୁଅ ହାସ୍ୟେ । କୃଷ୍ଣସିଂହ. ମହାଭାରତ.

ଅଛି ।] ୨ । ରାଯ଼; ରାଜାଦତ୍ତ ଉପାଧିବିଶେଷ—2. A title given by Rājās. ୩ । ରାଯ଼; କ୍ଷତ୍ରିଯ଼ମାନଙ୍କ ବଂଶଗତ ଉପାଧିବିଶେଷ—3. A family title of Kshatriyas. ୪ । ବଙ୍ଗୀଯ଼ କାଯ଼ସ୍ଥମାନଙ୍କର ବଂଶୋପାଧିବିଶେଷ—4. Family title of Benglee Kayasthas.

ରାଏଗଡ଼ା—ଦେ. ବି.—(ନାମ)—ରାଯ଼ଗଡ଼ା (ଦେଖ)
Rāe gar̤da Rāyagar̤da (See)

ରାଏତ୍—ପ୍ରାଦେ. (ସମ୍ବଲପୁର)—ବି.—(ଭୁଲ. ରାଏତ୍ = ରାତି) ରାତ୍ରି—
Rāet Night.

ରାଏତ କନା(ଣା)—ପ୍ରାଦେ.—(ସମ୍ବଲପୁର)—ବିଣ.—ଅନ୍ଧାରକଣା—
Rāet kanā(ṇā) Night blind.
ବି—ଅନ୍ଧାରକଣା ରୋଗ—Night blindness.

ରାଏ ଦେବା—ଦେ. କ୍ରି.—[କଚେରୀ]—(ହାକିମ) ମକଦ୍ଦମାର ଫଇସଲା ବା ଶେଷ ହୁକୁମ ଦେବା—(the judge) To deliver judgment; to pass judgment.
Rāe debā
রায় দেওয়া राय देना

ରାଏ ନକଲ—ଦେ. ବି. (କଚେରୀ)—ମକଦ୍ଦମାରେ ଶେଷ ହୁକୁମର ପ୍ରତିଲିପି—Copy of judgment.
Rāe nakala
রাএ নকল राय नक़ल

ରାଏ ନେବା—ଦେ. କ୍ରି—୧। କୌଣସି ବ୍ୟକ୍ତିର ମତ ଗ୍ରହଣ କରିବା—1. To take a person's opinion.
Rāe nebā
রায় লওয়া राय लेना ୨ । କୌଣସି ବ୍ୟକ୍ତିଙ୍କ ମତ ପ୍ରାର୍ଥନା କରିବା—2. To solicit a person's opinion.

ରାଏ ପିତାମ୍—ପ୍ରାଦେ. (ଗଡ଼ଜାତ) ବି—କ୍ଷତ୍ରିଯ଼ମାନଙ୍କର ବଂଶୋପାଧିବିଶେଷ—A family title of Kshatriyas.
Rāe pitām

ରାଏପୁର—ଦେ. ବି. (ନାମ)—ରାଯ଼ପୁର (ଦେଖ)
Rāepura Rāyapura (See)

ରାଏ ଫଇ(ଏ)ସଲ(ଲା)—ବୈଦେ. ବି. (ଆରବ, ଫା) (କଚେରୀ)—୧ । ରାଏ ଦେବା ଦ୍ୱାରା ମକଦ୍ଦମାର ଶେଷ ମୀମାଂସା—1. The disposal of a case by delivering judgment.
Rāe phai(e)sala(lā)
রায় ফয়সলা राय फ़ैसला
୨ । ମକଦ୍ଦମାର ଶେଷ ମୀମାଂସା ସମ୍ବନ୍ଧୀଯ଼ ଡିକ୍ରି ଓ ଆଦେଶ--2. Judgment and decree of a case

ରାଏ(ଯ଼) ବାହାଦୁର୍—ଦେ. ବି—ବଡ଼ଲାଟଙ୍କ ଦ୍ୱାରା ଭାରତୀଯ଼ ହିନ୍ଦୁ ବ୍ୟକ୍ତିଙ୍କୁ ସାଧାରଣ କାର୍ଯ୍ୟରେ ମମତା ଦେଖାଇବା ଯୋଗୁଁ ଦିଆଯିବା ବ୍ୟକ୍ତିଗତ ସମ୍ମାନସୂଚକ ପଦବୀ—Rai Bahadur; a personal distinction or title conferred on public spirited Hindus by the Viceroy of India.
Rāe(ya) bāhādur
রায় বাহাদুর राय बहादुर
[ଦ୍ର—ଏହା 'ରାଏ ସାହେବ' ଉପାଧିଠାରୁ ଉଚ୍ଚତର ଓ 'ରାଜା' ଉପାଧିଠାରୁ ନିମ୍ନତର । ବଙ୍ଗ, ବିହାର ଆଦି ପ୍ରଦେଶରେ ଏ ଉପାଧି ଦିଆଯାଏ । ମାନ୍ଦ୍ରାଜ ପ୍ରଦେଶରେ ଏ ଉପାଧିର ସମକକ୍ଷ ଉପାଧି 'ରାଓ ବାହାଦୁର' । ମୁସଲମାନ୍‌ମାନଙ୍କ ପ୍ରତି ଏଥିର ସମକକ୍ଷ ଉପାଧି 'ଖାଁ ବାହାଦୁର' ଅଟେ ।]

ରାଏ ବାହାଦୁରି—ଦେ. ବି—ରାଏ ବାହାଦୁର ପଦ—The title of Rai Bahadur.
Rāe bāhāduri
রায় বাহাদুরী राय बहादुरी

ରାଏ ବାହା(ହି, ହେ)ଲ୍—ବୈଦେ. ବି. (ଫା) (କଚେରୀ)—ନିମ୍ନ ଅଦାଲତଙ୍କ ରାଯ଼ର ଉପର ଅଦାଲତଙ୍କ ଦ୍ୱାରା ସମର୍ଥନ—Confirmation of the lower court's judgment by the higher court.
Rāe bāhā(hi, he)l
রায় বাহেল राय बाहिल

ରାଏ ମହାଶଯ଼—ଦେ. ବି—ବଙ୍ଗଦେଶରେ ମୁସଲମାନ ରାଜାଙ୍କ ଅମଳରେ କେତେକ ହିନ୍ଦୁ ରାଜକର୍ମଚାରୀମାନଙ୍କୁ ଦିଆଯିବା ସମ୍ମାନସୂଚକ ଉପାଧି ବିଶେଷ—A title of distinction given to Hindu officers of Government under the Mahomedan rule in Bengal.
Rāe mahaśaya
রায় মহাশয় राय महाशय
[ଦ୍ର—ଏହି ଉପାଧିକୁ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ ମଧ୍ୟ ସ୍ୱୀକାର କରିଅଛନ୍ତି ।
ଓଡ଼ିଶାରେ ଏହି ଉପାଧି ବଂଶଗତ ହୋଇଅଛି ଓ ବାଲେଶ୍ୱର ଜିଲ୍ଲାର ଦେହୁଡ଼ିଦା, ଲକ୍ଷ୍ମଣନାଥ, କାଞ୍ଚପୁର ଓ କଟକର କଣମଣ ଗ୍ରାମର ବଙ୍ଗୀଯ଼ କାଯ଼ସ୍ଥ ଜମିଦାର ବଂଶର ଉତ୍ତରାଧିକାରୀମାନେ ଏହି ଉପାଧି ଦ୍ୱାରା ଆଜିପର୍ଯ୍ୟନ୍ତ ପରିଚିତ । ମେଦିନୀପୁରସ୍ଥ ଜକ୍ପୁରରେ ରାଏ ମହାଶଯ଼ଙ୍କ ବଂଶଧର ଅଛନ୍ତି । ଏମାନେ ସମସ୍ତେ ଏକ ବଂଶୋଦ୍ଭବ ।]

ରାଏ ରଦ୍(ଦ୍)—ବୈଦେ. ବି. (ଫା) (କଚେରୀ)—ଅପିଲ୍ ଅଦାଲତଙ୍କ ରାଏ ଦ୍ୱାରା ନିମ୍ନ ଅଦାଲତଙ୍କ ରାଏ ଖଣ୍ଡିତ ହେବା—The setting aside of a lower court's judgement by a higher authority.
Rāe rad(dd)
রায় রদ राय रद्द

ରାଏ(ଯ଼) ରାମାନନ୍ଦ—ଦେ. ବି. (ନାମ)—ଶ୍ରୀ ଚୈତନ୍ୟ ଦେବଙ୍କ ସମସାମଯ଼ିକ ଜଣେ ପ୍ରସିଦ୍ଧ ବୈଷ୍ଣବ ଭକ୍ତ କରଣଜାତୀଯ଼ ବ୍ୟକ୍ତି—Name of a devout Baishṇaba (by caste Karaṇa of Orissa) who was the Governor of the Godavari district under Pratāprudra Deba, the then king of Orissa.
Rāe(ya) rāmānanda
রায় রামানন্দ राय रामानन्द
[ଦ୍ର—ଏ ଓଡ଼ିଶାର ରାଜା ପ୍ରତାପରୁଦ୍ରଦେବଙ୍କର ଗୋଦାବରୀ ନିକଟସ୍ଥ ପ୍ରଦେଶର ଶାସନକର୍ତ୍ତା ଥିଲେ; ଏ ଜଣେ ପରମ ବୈଷ୍ଣବ ଭକ୍ତ ହୋଇ ଶ୍ରୀ ଚୈତନ୍ୟଦେବ ନିକଟରେ ଦୀକ୍ଷା ସ୍ୱୀକାର କରିଥିଲେ । ଚୈତନ୍ୟ ଦେବଙ୍କର ୩½ (ସାଢ଼େ ତିନି) ଜଣ ଭକ୍ତଙ୍କ ମଧ୍ୟରୁ ଏ ଜଣେ । ଏ ଜାତିରେ ଓଡ଼ିଆ କରଣ ଥିଲେ ।]

ଏ ଯୁଦ୍ଧରେ ବୃଦ୍ଧତ୍ୱ ଦେଖାଇ ପ୍ରତାପରୁଦ୍ର ରାଜାଙ୍କଠାରୁ 'ରାୟ' ଉପାଧି ପାଇଥିଲେ । ଏ 'ଜଗନ୍ନାଥବଲ୍ଲଭ' ନାମକ ସଂସ୍କୃତ ନାଟକ ଲେଖିଥିଲେ । ଜଗବନ୍ଧୁ ପ୍ରାଚୀନ ଭକ୍ତ ।]

ରାଏ ସାହେବ—ଦେ. ବି—ଭାରତବର୍ଷର ବଡ଼ଲାଟଙ୍କଠାରୁ ଭାରତୀୟ ବଶିଷ୍ଟ ହିନ୍ଦୁ ବ୍ୟକ୍ତିଙ୍କୁ ମିଳିବା ସମ୍ମାନସୂଚକ ବ୍ୟକ୍ତିଗତ ଉପାଧି—An honorific title given to Hindu public-spirited gentlemen in Bengal and Bihar etc by the Viceroy. [ଦ୍ର—ଏହା ସରକାର ପ୍ରଦତ୍ତ କନିଷ୍ଠତମ ଉପାଧି । ଏଥିରୁ ଉଚ୍ଚ ରାଏ ବାହାଦୁର । ଏଥିର ସମକକ୍ଷ ଉପାଧି ମାନ୍ଦ୍ରାଜ ଅଞ୍ଚଳରେ ରାଓସାହେବ ଓ ମୁସଲମାନମାନଙ୍କୁ ଦିଆଯିବା ଉପାଧି ଖାଁ ସାହେବ ।]
Rāe sāheba
রায়সাহেব
रायसाहब

ରାଏ ସାହେବୀ—ଦେ. ବି—ରାଏସାହେବ ଉପାଧି—Title of Rāisāheba.
Rāe sāhebi
রায়সাহেবী **रायसाहबी**

ରାଏ ସିଂହ—ଦେ. ବି (ସଂ. ରାଜନ୍ ଓ ସିଂହ)—କ୍ଷତ୍ରିୟମାନଙ୍କର ବଂଶୋପାଧି ବିଶେଷ—Name of a family title of Kshatriyas.
Rāe simha

ରାଓ—ଦେ. ବି—୧ । ରାବ (ଦେଖ)—1. Rāu (See) ୨ । (ସଂ. ରାଜ) ମରହଟ୍ଟା ବ୍ରାହ୍ମଣଙ୍କ ବଂଶୋପାଧି—2. A family title of Marhatta Brahmans. ୩ । ମରହଟ୍ଟା କ୍ଷତ୍ରିୟଙ୍କ ବଂଶୋପାଧି—3. A family title of Marhatta Kshattriyas. ୪ । ତେଲଙ୍ଗା ବ୍ରାହ୍ମଣଙ୍କ ବଂଶୋପାଧି—4. A family title of Telgu Brahmins. ୫ । ତେଲଙ୍ଗା ନାଇଡୁଙ୍କ ବା ଶୂଦ୍ରମାନଙ୍କ ବଂଶୋପାଧି ବିଶେଷ—5. A family title of Telgu Sūdras.
Rāo
রাও
राव

ରାଓ କବି—ଦେ. ବି (ନାମ)—ମଧୁସୂଦନ ରାଓ (ଦେଖ)
Rāo kabi Madhusūdana rāo (See)

ରାଓ ବାହାଦୁର—ଦେ. ବି—ଭାରତର ବଡ଼ଲାଟଙ୍କ ପ୍ରଦତ୍ତ ମାନ୍ଦ୍ରାଜ ପ୍ରଭୃତି ପ୍ରଦେଶବାସୀ ହିନ୍ଦୁ ବଶିଷ୍ଟ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଉପାଧି—Rao Bahadur; a title given to Hindus in Madras etc by the Viceroy. [ଦ୍ର—ରାଏବାହାଦୁର୍ ଭଳେ ନୋଟ୍ ଦେଖ ।]
Rāo bāhādur
রাওবাহাদুর
रावबहादुर

ରାଓ ସାହେବ—ଦେ. ବି—ମାନ୍ଦ୍ରାଜ ପ୍ରଦେଶର ବଶିଷ୍ଟ ବ୍ୟକ୍ତିଙ୍କୁ ଭାରତଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ବ୍ୟକ୍ତିଗତ ଉପାଧି ବିଶେଷ—Rāo Sāheb; a title given to public-spirited gentlemen in Madras by the Viceroy.
Rāo sāheb
রাওসাহেব
रावसाहब

ରାଁଡ଼—ପ୍ରାଦେ (ସମ୍ବଲପୁର) ବି—ରାଣ୍ଡି—Widow.
Rānrda

ରାଁଧା—ପ୍ରାଦେ (ରନ୍ଧିବାଖା; ସଂ. ରନ୍ଧନ) ବି—ଭୋଜି—A feast; banquet.
Rāndhā

ରାକଶ୍—ପ୍ରାଦେ (ସିଂହଭୂମି) ବି—କୋରଳ (ଦେଖ)
Rāk-as Korala (See)

ରାକା—ସଂ. ବି [ରା ଧାତୁ—(ସଭ୍ରମଶୋଭା) ଦାନ କରିବା + କର୍ତ୍ତୃ. ଅକ + ଆ; ଯାହା ପୃଥିବୀକୁ ଶୋଭାଦାନ କରେ)—
Rākā
୧ । ପୂର୍ଣ୍ଣିମା ତିଥି—1. The day of fullmoon; fullmoon. ୨ । ନବ ଋତୁମତୀ ସ୍ତ୍ରୀ—2. A newly menstruated girl; a girl in whom menstruation has recently commenced. ୩ । କୁଣ୍ଡିଆକାଛୁ; କାଛୁରୋଗ—3. Itches; scabies. ୪ । ନଦୀ ବିଶେଷ—4. Name of a river. ୫ । ଅଙ୍ଗିରସ ମୁନିଙ୍କର କନ୍ୟା—5. Name of a daughter of sage Angirasa.

ରାକା ପତି—ସଂ. ବି (୬ଷ୍ଠୀ ତତ୍; ରାକା+ପତି)—ଚନ୍ଦ୍ର—The moon.
Rākā pati

ରାକା ରଜନୀ—ସଂ. ବି—ପୂର୍ଣ୍ଣିମା ରାତ୍ରି—The night of full moon.
Rākā rajanī

ରାକା ଶଶୀ—ସଂ. ଲ—ପୂର୍ଣ୍ଣିମାର ଚନ୍ଦ୍ର—The full moon.
Rākā śasī

ରାକି(କେ)ଟ୍—ବୈଦେ. ବି (ଇଂ. ରାକେଟ୍)—୧ । ପାଶ୍ଚାତ୍ୟ 'ଟେନିସ୍' ଖେଳରେ ବ୍ୟବହୃତ କାଠ ବା ଚର୍ମତନ୍ତିସଂଯୁକ୍ତ ପଟା, ଯଦ୍ଦ୍ୱାରା ଟେନିସ୍ ଖେଳରେ ଗେଣ୍ଡୁକୁ ଅଘାତ କରିବାକୁ ହୁଏ—1. Racket; tennis bat. ୨ । (ଇଂ. ରକେଟ୍) ହାଉଇବାଣ—2. Rocket.
Rāki(ke)t
রাকেট **राकेट**

ରାକିବ—ଦେ. ବି—ଚିରସ୍ଥାୟୀରୂପେ ସ୍ଥିରୀକୃତ କାର୍ଯ୍ୟ ବା ବିଧି—A permanent rule. ବିଣ—ଚିରସ୍ଥାୟୀରୂପେ ଧାର୍ଯ୍ୟ ବା ସ୍ଥିର ହୋଇଥିବା (ବିଷୟ)—Customary; permanently fixed or settled (matter).
Rākiba
স্থায়ী **बाहाली बसालतन**

ରାକ୍ଷସ—ସଂ. ବି. ପୁଂ (ରକ୍ଷ ଧାତୁ + ଅପାଦାନେ ଅସ୍; ଯେଉଁମାନଙ୍କ ଆକ୍ରମଣରୁ ବା କବଳରୁ ଯଜ୍ଞୀୟ ହବି ଆଦିକୁ ରକ୍ଷା କରାଯାଏ, ତସ୍ମା ରକ୍ଷସ୍ + ସ୍ୱାର୍ଥେ ଅ)—୧ । ଦେବଯୋନିବିଶେଷ; ନିଶାଚର; ଅସୁର—1. Demon; a titan; an evil spirit; monster; devil. [ଦ୍ର—ରାମାୟଣ, ମହାଭାରତ ଓ ବେଦାଦିରେ ବର୍ଣ୍ଣିତ ରାକ୍ଷସମାନେ ନିଷ୍ଠୁର, କ୍ରୂରକର୍ମୀ, ଯଜ୍ଞନାଶକ, ମାଂସାଶୀ, ଦୀର୍ଘ ମାୟାବିଶିଷ୍ଟ, ଅନାର୍ଯ୍ୟ ଓ ବିକଟରୂପବିଶିଷ୍ଟ ଥିଲେ ଏବଂ ଆର୍ଯ୍ୟମାନଙ୍କୁ ନାନାରୂପରେ ପ୍ରପୀଡ଼ିତ କରୁଥିଲେ । ଏମାନେ ରାତ୍ରିଯୋଗରେ ଆର୍ଯ୍ୟମାନଙ୍କୁ ଆକ୍ରମଣ କରି ସେମାନଙ୍କ ଧନ, ଗୋ, ସ୍ତ୍ରୀ ଆଦି ଲୁଣ୍ଠନ କରୁଥିଲେ ଓ ଯଜ୍ଞଭୂମିରେ ଅମେଧ୍ୟବସ୍ତୁମାନ ନିକ୍ଷେପ କରି, ଯଜ୍ଞଦ୍ରବ୍ୟାଦି ନଷ୍ଟ କରି ଯଜ୍ଞକୁ ନଷ୍ଟ କରିବା ଏମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା ।
Rākshasa
[ରାକ୍ଷସୀ—ସ୍ତ୍ରୀ]

ଏମାନେ ଅତ୍ୟନ୍ତ ମାୟାବୀ ଥିଲେ ଓ ନାନାପ୍ରକାର ମାୟା ରୂପ ଧାରଣ କରି ପାରୁଥିଲେ । ରାତ୍ରିରେ ଏମାନେ ଆକ୍ରମଣ କରୁଥିବାରୁ ଏମାନେ ନିଶାଚର, ଆର୍ଯ୍ୟାବର୍ତ୍ତର ଦକ୍ଷିଣ ପଶ୍ଚିମ ଦିଗ ବା ନୈର୍‌ଋତକୋଣରେ ଏମାନଙ୍କର ବାସସ୍ଥାନ ଥିବାରୁ ନୈର୍‌ଋତ, ମାଂସ ଖାଉଥିବାରୁ ପଳାଶୀ, ରକ୍ତପାନ କରୁଥିବାରୁ ଅସ୍ରପ, ନାନାବର୍ଣ୍ଣରେ ଦେହକୁ ରଞ୍ଜିତ କରୁଥିବାରୁ କର୍ବୁର, ସନ୍ଧ୍ୟାସମୟରେ ସବିଶେଷ ଉଗ୍ର ହୋଇ ଯୁଦ୍ଧଯାତ୍ରା କରୁଥିବାରୁ 'ସନ୍ଧ୍ୟାବଳ' ଆଦି ନାମରେ ଆଖ୍ୟାତ ହେଉଥିଲେ ।

ରାକ୍ଷସ ଶବ୍ଦର ଅନ୍ୟ ପ୍ରତିଶବ୍ଦ ଯଥା—ଅସୁର, ଅଶୀର, ଅସ୍ରପ, ଆଶର, କଟପ୍ରୂ, କର୍ବୁର, କଲ୍ମାଷ, କୀଲାଳପା, କୀଲାଳପ, କୌଣପ, କ୍ରବ୍ୟାଦ୍, କ୍ରବ୍ୟାଦ, ଦୈତ୍ୟ, ଖପାଠ, ନକ୍ତଞ୍ଚର, ନିଶାଚର, ନରଧିଷ୍ଣ୍ଣ, ନିକଷାତ୍ମଜ, ନୈକଷେୟ, ନୈର୍‌ଋତ, ନୀଳାମ୍ବର, ନୃଚକ୍ଷା, ପଳାଶ, ପଳାଶୀ, ପୁଣ୍ୟଜନ, ବୈଶ୍ରବଣ, ପୌଲସ୍ତ୍ୟ, ଭୂତ, ଯାତୁ, ଯାତୁଧାନ, ରାତ୍ରିଚର, ରକ୍ଷଃ, ରାତ୍ରିଚର, ରାତ୍ରିଞ୍ଚର, ସନ୍ଧ୍ୟାବଳ ।

ପୁରାଣମତରେ ଏମାନେ ଜଣେ ପ୍ରଜାପତିକଶ୍ୟପଙ୍କର ଏକ ପତ୍ନୀ, ଦିତିଙ୍କଠାରୁ ଜାତ ହୋଇଥିବାରୁ ଏମାନଙ୍କୁ ଦୈତ୍ୟ ବୋଲଯାଏ । ଦେବତା ଓ ଋଷିମାନଙ୍କଠାରୁ ଅନେକ ରାକ୍ଷସ ମଧ୍ୟ ଜାତ ହୋଇଥିଲେ (ଯଥା—ରାବଣ, ମୁର, ଲବଣ) । ଆର୍ଯ୍ୟମାନେ ଏମାନଙ୍କ ସହିତ ବିବାହ ସମ୍ପର୍କ ମଧ୍ୟ ରଖୁଥିଲେ । (ଭୀମ ହିଡ଼ିମ୍ବା ରାକ୍ଷସୀକୁ ବିବାହ କରିଥିଲେ ।) ଏମାନଙ୍କ ମଧ୍ୟରୁ ଅନେକ କଠୋର ତପସ୍ୟା ବଳରେ ସିଦ୍ଧିଲାଭ କରି ଦେବତାମାନଙ୍କୁ ପରାସ୍ତ କରୁଥିଲେ । ଦେବତାମାନଙ୍କ ସହିତ ଏମାନଙ୍କର ବରାବର ଯୁଦ୍ଧ ଲାଗୁଥିଲା । ଏଣୁ ବିଷ୍ଣୁ ନାନା ଅବତାର ଧାରଣ କରି ଅନେକ ଦୁର୍ଦ୍ଦାନ୍ତ ରାକ୍ଷସ ବଧ କରି ପୃଥିବୀପୃଷ୍ଠରେ ଶାନ୍ତି ସ୍ଥାପନ କରୁଥିଲେ । ଏମାନେ ମହାକାୟ ଓ ବିକଟରୂପୀ ଥିବା ବର୍ଣ୍ଣିତ ହୋଇଅଛି ।

ଆଧୁନିକ ପ୍ରତ୍ନତତ୍ତ୍ୱବିଦ୍‌ମାନେ ଏହି ରାକ୍ଷସମାନଙ୍କୁ ଆଫ୍ରିକାଦେଶୀୟ ନିଗ୍ରୋମାନଙ୍କ ପୂର୍ବପୁରୁଷ ବୋଲି କଳ୍ପନା କରିଅଛନ୍ତି । ଆର୍ଯ୍ୟମାନେ ସଂସ୍କୃତଭାଷାରେ ରଥକ୍ରାନ୍ତ ଖଣ୍ଡ, ସୂର୍ଯ୍ୟାରକ୍ଷଦେଶ, ରାକ୍ଷସାବାସ, ସୂର୍ଯ୍ୟାରକା ଦେଶ ନାମରେ ଯେଉଁ ଦେଶ ସବୁକୁ ନିର୍ଦ୍ଦେଶ କରିଥିଲେ ତାହା ଆଫ୍ରିକା ଦେଶ ବୋଲି ଆଧୁନିକ ପଣ୍ଡିତମାନେ ଅନୁମାନ କରୁଅଛନ୍ତି । ଗ୍ରୀକ୍‌ଭାଷାରେ ଆଫ୍ରିକା ଦେଶର ଅର୍ଥ ଓ ସୂର୍ଯ୍ୟାରକା (ସୂର୍ଯ୍ୟକିରଣକ୍ରାନ୍ତ) ର ଅର୍ଥ ଏକ । ଗ୍ରୀକ୍ ଇଥିଓପୀୟ ଶବ୍ଦର ଅର୍ଥ (ସୂର୍ଯ୍ୟକିରଣରେ) ଦଗ୍ଧମୁଖ । ଲାଟିନ୍‌ରେ ନିଗ୍ରୋ ଶବ୍ଦର ଅର୍ଥ କୃଷ୍ଣବର୍ଣ୍ଣ । ଅଧିକନ୍ତୁ ମଧ୍ୟ ଆଫ୍ରିକାଦେଶ ଭାରତବର୍ଷର ନୈର୍‌ଋତ କୋଣରେ ଅବସ୍ଥିତ ।]

୨ । ଭୂତ; ପ୍ରେତ—2. Ghost; ogre; goblin.
୩ । କ୍ରୂରକର୍ମୀ ବ୍ୟକ୍ତି—3. A cruel person.
୪ । ନରଖାଦକ ବ୍ୟକ୍ତି—4. A cannibal. ୫ । (ଯେ କୁବେରଙ୍କର ଧନ ରକ୍ଷା କରେ) କୁବେରଙ୍କ ଧନରକ୍ଷକ ଭୃତ୍ୟ ବା ଜୀବବିଶେଷ; ଯକ୍ଷ—5. A class of attendants of God Kubera, guarding his treasures. ୬ । ହିନ୍ଦୁଶାସ୍ତ୍ରୋକ୍ତ ବିବାହ ବିଶେଷ; କନ୍ୟାକୁ ବଳପୂର୍ବକ ହରଣ କରି ବିବାହ ବା ସଙ୍ଗମ କରିବା—6. One of the forms of marriage described in the Hindu Śāstras as consisting of violent siezure and rape or outrage of a girl. ୭। ହିନ୍ଦୁଶାସ୍ତ୍ରୋକ୍ତ ଚିକିତ୍ସା ବିଶେଷ;ଅସ୍ତ୍ରଚିକିତ୍ସା—7. Surgery in Hindu medicalscience.
ବିଣ—୧ (ରକ୍ଷସ୍+ଅ) ରକ୍ଷଃ ସମ୍ବନ୍ଧୀୟ; ଅସୁରିକ—1. Monstrous; demoniac; ghostly. ୨ । ଅତି ନିଷ୍ଠୁର—2. Very cruel.
ଦେ. ବି—ପକ୍ଷୀ—Bird. [ଦ୍ର—ବଳହୀନମାନଙ୍କ ପକ୍ଷେ, ପ୍ରବଳ ବାତଜନିତ, ହେବାରୁ ସାକ୍ଷାତ୍ ଓଡ଼ିତ, ରାକ୍ଷସ ବିଶେଷ । ଉଦା. ବୈଦେହୀଶବିଳାସ ।]

ରାକ୍ଷସ(ସୀ) ଚିକିତ୍ସା—ସଂ. ବି—ଅସ୍ତ୍ର ଚିକିତ୍ସା—
Rākshasa(si) chikitsā Surgery.

ରାକ୍ଷସ ଦେଶ—ସଂ. ବି—ରାକ୍ଷସମାନେ ବାସ କରୁଥିବା ଦେଶ—
Rākshasa deśa A country inhabited by demons.
(ରାକ୍ଷସରାଜ୍ୟ—ଅନ୍ୟରୂପ)
(ରାକ୍ଷସ ମୁଲକ, ରାକ୍ଷସରାଇଜ—ଦେଶଜରୂପ)

ରାକ୍ଷସ ନାରୀ—ସଂ. ବି. ସ୍ତ୍ରୀ—ରାକ୍ଷସୀ (ଦେଖ)
Rākshasa nāri Rākshasi. (See)
(ରାକ୍ଷସ ପତ୍ନୀ, ରାକ୍ଷସଯୋଷା—ଅନ୍ୟରୂପ)

ରାକ୍ଷସ ବିବାହ—ସଂ. ବି—ହିନ୍ଦୁଶାସ୍ତ୍ରରେ ବର୍ଣ୍ଣିତ ୮ପ୍ରକାର ବିବାହ ମଧ୍ୟରୁ
Rākshasa bibāha ନିକୃଷ୍ଟତମ ବିବାହ—The lowest form of the eight kinds of marriage described in the Hindu Śāstras, more properly, the forcible carrying away and rape of a girl. [ଦ୍ର—ଫଳତଃ ଏହା ବିବାହ ନୁହେଁ । ଏଥିରେ ବଳାତ୍କାରରେ କନ୍ୟାକୁ ହରଣ କରି ନିଆଯାଉଥିଲା । କନ୍ୟାପକ୍ଷୀୟ ବ୍ୟକ୍ତିମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ହତ୍ୟା କରି ଜବରଦସ୍ତି କନ୍ୟାକୁ ନେଇଆସି ସଙ୍ଗମ କରିବାକୁ ରାକ୍ଷସ ବିବାହ ବୋଲଯାଉଥିଲା । କୌଣସି କନ୍ୟାକୁ ଜଣେ ବଳପୂର୍ବକ ହରଣ କରି ରମଣ କରିବା ପରେ ଉକ୍ତ କନ୍ୟାକୁ ଓ ତଦ୍‌ଗର୍ଭଜାତ ସନ୍ତାନକୁ ସମାଜରେ ଆଶ୍ରୟ ଦେବାପାଇଁ ହିନ୍ଦୁଶାସ୍ତ୍ରକାରମାନେ ଏହାକୁ 'ବିବାହର' ପ୍ରକାରଭେଦରୂପେ ନିର୍ଦ୍ଦେଶ କରି ଯାଇଅଛନ୍ତି । ଏଥିରୁ ନାରୀଜାତିପ୍ରତି ପ୍ରାଚୀନ ଆର୍ଯ୍ୟମାନଙ୍କର କିପରି ସୁବିବେଚନା ଥିଲା, ତାହା ଜଣା ପଡୁଛି ।]

ରାକ୍ଷସ ଭୋଜନ—ଦେ. ବି—୧ । ରାକ୍ଷସ ଯୋଗ୍ୟ ଖାଦ୍ୟ ଖାଇବା — Rākshasa bhojana ମାଂସାଦି ଅମେଧ୍ୟ ବସ୍ତୁର ଓ ପରିମାଣରେ ଅତ୍ୟଧିକ ଖାଦ୍ୟର ଭୋଜନ—1. Eating of food befitting a demon. ୨ । ରାକ୍ଷସ ଯୋଗ୍ୟ ଖାଦ୍ୟ (ଅମେଧ୍ୟ ଖାଦ୍ୟ)—2. Food befitting a demon.

ରାକ୍ଷସ ଯୋନି—ସଂ. ବି—ରାକ୍ଷସ ଗର୍ଭରେ ଜନ୍ମଗ୍ରହଣ— Rākshasa joni Birth in the womb of a demoness.

ରାକ୍ଷସ ରାଜ—ସଂ. ବି (୬ଷ୍ଠୀ ତତ୍; ରାକ୍ଷସ+ରାଜା)—ରାବଣଭୋଜ; Rākshasa rāja ରାକ୍ଷସମାନଙ୍କର ରାଜା—A king of (ରାକ୍ଷସ ରଜା—ଦେ. ରୂପ) demons.

ରାକ୍ଷସ ରାଜ୍ୟ—ସଂ. ବି (୬ଷ୍ଠୀ ତତ୍)—୧ । ରାକ୍ଷସରାଜ ଶାସିତ ଦେଶ— Rākshasa rājya 1. A kingdom governed by a (ରାକ୍ଷସ ରାଇଜ-ଦେ. ରୂପ) demon. ୨ । ରାକ୍ଷସ ଦେଶ (ଦେଖ)— 2. Rākshasa desa. (See)

ରାକ୍ଷସ ସୁଲଭ—ସଂ.ବିଣ (୭ମୀ ତତ୍)—ରାକ୍ଷସମାନଙ୍କଠାରେ ସାଧାରଣତଃ Rākshasa sulabha ଦେଖାଯିବା—Found in demons. (ଯଥା—ରାକ୍ଷସସୁଲଭ ନିଷ୍ଠୁରତା)

ରାକ୍ଷସୀ—ସଂ. ବିଣ. ସ୍ତ୍ରୀ (ରକ୍ଷ+ସମ୍ବନ୍ଧେ. ଅ+ସ୍ତ୍ରୀ. ଈ)—୧ । ରାକ୍ଷସ Rākshasi ଯୋଗ୍ୟ; ରାକ୍ଷସସୁଲଭ—1. Befitting a (ରାକ୍ଷସିଆ—ଦେଶଜରୂପ) demon (ଯଥା—ରାକ୍ଷସୀ ମୂର୍ତ୍ତି; ରାକ୍ଷସୀ ବାଙ୍କ୍‌ସେ ରାକ୍ଷସୀ ଭକ୍ଷୀ ରାକ୍ଷସୀ କ୍ଷୁଧା) ୨ । ରାକ୍ଷସ ସମ୍ବନ୍ଧୀୟ—2. Demonaic; devilish; monstrous. ୩ । ରାକ୍ଷସପରି ଭୟଙ୍କର ଓ ବୃହଦାକାର ବିଶିଷ୍ଟ—3. Giantly. ରାକ୍ଷସ ସମ୍ବନ୍ଧୀୟା (ସ୍ତ୍ରୀ)— (Female) Relating to demons; demonaic. ବି—୧ । ରାକ୍ଷସଜାତୀୟା ସ୍ତ୍ରୀ—1. Demoness; she-devil. ୨ । ସନ୍ଧ୍ୟାକାଳ; ମୁହଁସନ୍ଧ୍ୟା ବେଳ; ସାୟଂକାଳର ଶେଷ ମୁହୂର୍ତ୍ତକାଳ—2. Sunset; dusk; twilight. ୩ । ଦଂଷ୍ଟ୍ରା ବା ଚୋର ନାମକ ଗନ୍ଧ ଦ୍ରବ୍ୟ; ବଲ୍ଲୀ—3. A sort of medicinal scent. Andropogen Acicularis.

ରାକ୍ଷସୀ ବେଳା—ସଂ. ବି—ସନ୍ଧ୍ୟାକାଳରେ ଅବ୍ୟବହିତ ୩ ମୁହୂର୍ତ୍ତକାଳ— Rākshasi belā The time of sunset; twilight.

ରାକ୍ଷସୀ ମାୟା—ସଂ. ବି—ରାକ୍ଷସମାନଙ୍କ ରଚିତ ମାୟା— Rākshasi māyā Illusions created by demons. (ରାକ୍ଷସ ମାୟା—ଦେ. ରୂପ)

ରାକ୍ଷସେନ୍ଦ୍ର—ସଂ. ବି—(୬ଷ୍ଠୀ ତତ୍)—୧ । ରାକ୍ଷସ ରାଜ—1. King Rākshasendra of demons. ୨ । ରାବଣ—2. The [ରାକ୍ଷସେଶ୍ୱର—ଅନ୍ୟରୂପ] demon king Rābaṇa. ୩ । କୁବେର—3. The God of riches.

ରାକ୍ଷସୁଣୀ—ଦେ. ବି. ଓ ବିଣ—ରାକ୍ଷସୀ (ଦେଖ) Rākshasuṇi Rākshasi (See) ରାକ୍‌ସୀ राक्षसनी [ଦ୍ର—ରାକ୍ଷସୁଣୀମାନେ ଯେ ହୋଇଣ ବିକଳ, କାହିଲେ କିବା କର ଅପଣା କପାଳ । ବୃନ୍ଦାବ. ମହାଭାରତ. ବନ ।]

ରାକ୍ଷା—ସଂ. ବି.—(ରକ୍ଷ୍ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ+ଆ; ଯାହା Rākshā ଶସ୍ତ୍ରାଦିକୁ କର୍ଷିକୁ ରକ୍ଷା କରେ)—୧ । ଲାକ୍ଷା— 1. Lac. ୨ । ଅଳତା—2. Red animal-dye.

ରାକ୍ଷାସ—ଗ୍ରା. ବି. ଓ ବିଣ. ପୁଂ—(ସଂ. ରାକ୍ଷସ ଶବ୍ଦସ୍ଥଳ ବର୍ତ୍ତମାନ ଗ୍ରାମ୍ୟ Rākshāsa ଭାଷାରେ 'ରାକ୍ଷାସ' ଶବ୍ଦରୂପେ ଉଚ୍ଚାରିତ ହୋଇ ବ୍ୟବହୃତ ରାକ(କୋ)ସ ହୁଅନ୍ତି)—ରାକ୍ଷସ (ଦେଖ) राक्षस Rākshasa (See) .

ରାକ୍ଷାସୀ—ଦେ. ବି. ସ୍ତ୍ରୀ—୧ । ରାକ୍ଷସୀ ୧ (ଦେଖ) Rākshasi ରାକ୍‌ସୀ राक्षसनी Rākshasi 1 (See) [ରାକ୍ଷାସୁଣୀ—ଅନ୍ୟରୂପ] [ଦ୍ର—କହଇ ସୃଷ୍ଟି କର ରାକ୍ଷାସୁଣୀ । ପ୍ରତାପ. ଶଶିସେଣା ।] ୨ । ଅସାଧାରଣ ଭୟଙ୍କର ରୂପ ଗ୍ରହଣ ପୂର୍ବକ ଜନ୍ମ ହୋଇଥିବା ଜୀବ—2. A deformed animal born from animals. [ଦ୍ର— ସମୟ ସମୟରେ ମନୁଷ୍ୟ ଓ ଗୋରୁମାନଙ୍କ ଗର୍ଭରୁ ବଡ଼ମୁଣ୍ଡିଆ, ଏକ ଅଖିଆ, ଏପରି ଅସାଧାରଣ ଓ ଜଡ଼ାକାର ଶିଶୁ ଜନ୍ମ ହେବା ଦେଖାଯାଏ ।] ବିଣ.—ଅତି ନିଷ୍ଠୁର (ସ୍ତ୍ରୀ)—Very cruel; devilish (woman.)

ରାଖି (ଇତ୍ୟାଦି)—ରାଖୀ ଇତ୍ୟାଦି (ଦେଖ) Rākhi (etc) Rākhi etc (See)

ରାଖସ୍—ପ୍ରାଦେ.—(ସମ୍ବଲପୁର)—ବି.—ରାକ୍ଷସ (ଦେଖ) Rākhas Rākshasa (See)

ରାଖୀ—ଦେ. ବି.—(ସଂ. ରକ୍ଷୀ; ରକ୍ଷାସୂତ୍ର)—୧ । ରକ୍ଷାସୂତ୍ର; ଅପଶାର Rākhi রাখী राखी ପ୍ରଭୃତିରୁ ଅଶୁଭରୁ ରକ୍ଷା କରିବା ପାଇଁ ବ୍ୟବହୃତ ଅଭିମନ୍ତ୍ରିତ ସୂତା—1. Consecrated string worn round the hand to save one's self from evil influences. [ଦ୍ର—ଏ ସୂତା ହାତରେ ବନ୍ଧା ଯାଇଥାଏ ଓ ରାଖୀ ପୂର୍ଣ୍ଣିମା ଦିନ ଭଉଣୀ ଭାଇଙ୍କ ହାତରେ ବାନ୍ଧେ ଅନ୍ୟ ସମୟରେ ପରସ୍ପର ପ୍ରୀତି ରକ୍ଷାର୍ଥ ଦୁଇ ଜଣ ବ୍ୟକ୍ତି ପରସ୍ପରଙ୍କ ହାତରେ ବାନ୍ଧନ୍ତି । ଏହା ପଶ୍ଚିମାମାନଙ୍କ ମଧ୍ୟରେ ଓ ବଙ୍ଗଦେଶରେ ଚଳେ ।] ୨ । ରାଖୀ ବନ୍ଧନ (ଦେଖ) 2. Rākhi bandhan (See)

ରାଖୀ ପୂର୍ଣ୍ଣମୀ—ଦେ. ବି.—(ସଂ. ରକ୍ଷୀ ପୂର୍ଣ୍ଣିମା)—ଶ୍ରାବଣ ପୂର୍ଣ୍ଣିମା; ଗହ୍ମା- Rākhi pūrṇnami ପୂର୍ଣ୍ଣମୀ—The fullmoon of the রাখী পূর্ণিমা राखि पुर्नमासी lunar month of ରାଖୀ ପୂର୍ଣ୍ଣିମା, ରାଖୀ ପୁନେଇ, ରାଖୀ ପୁନେଇ }—ଅନ୍ୟରୂପ śrābaṇa. [ଦ୍ର—ଏ ଦିନ ବନ୍ଧୁମାନେ ପରସ୍ପରର କଣ୍ଠରେ ରଙ୍ଗୀନ ଲୋକାର୍ଥ ରଞ୍ଜିତ ସୂତା (ରାଖୀ) ବାନ୍ଧନ୍ତି ।]

ରାଖୀ ବନ୍ଧନ—ଦେ. ବି.—(ସଂ. ରକ୍ଷା ଓ ବନ୍ଧନ)—୧ । ଗହ୍ମା ପୂର୍ଣ୍ଣମୀ Rākhi bandhana ଦିନ ବନ୍ଧୁମାନେ ପରସ୍ପରର ଶୁଭ କାମନାର୍ଥ রাখী বন্ধন କଣ୍ଠରେ ବାନ୍ଧିବା ରଞ୍ଜିତ ସୂତ୍ର—1. A coloured thread or string which friends put on

राखी बन्धन each others wrist on the Śrābaṇa fullmoon day. ୨ । ଶ୍ରାବଣପୂର୍ଣ୍ଣିମା ଦିନ ହାତରେ ରାଖୀ ବାନ୍ଧିବା କର୍ମ—2. The tying of Rākhi thread round the wrist on the fullmoon day of Srābaṇa.

ରାଖୀ ବାନ୍ଧିବା—ଦେ.କ୍ରି.—ଶ୍ରାବଣ ପୂର୍ଣ୍ଣିମା ଦିନ ହାତରେ ରାଖୀ ବାନ୍ଧିବା-Rākhi bāndhibā To tie Rākhi thread round **राखी बांधा** the wrist on the fullmoon day of **राखीबांधना** Śrābaṇa.

ରାଗ୍‌ରି କୁମୁଡ଼ା—ପ୍ରାଦେ. (କଟକ) ବି—ପାଣି କଖାରୁ—Rāg-ri kumurḍā White gourd; melon.

ରାଗ—ସଂ ବି.—(ରଞ୍ଜ ଧାତୁ=ରଙ୍ଗାଇବା, ରଞ୍ଜିତ କରିବା+କର୍ତ୍ତୃ. Rāga ଅ)—୧ । କୋପ; କ୍ରୋଧ (Apte); (ଏହା ମନୁଷ୍ୟର ମୁଖ ଓ ଚକ୍ଷୁକୁ ରକ୍ତାକ୍ତ କରେ ବୋଲି)—1. Anger; indignation. ୨ । ବିରାଗ; ବିରକ୍ତି—(Apte) 2. Displeasure; annoyance. ୩ । ମାତ୍ସର୍ଯ୍ୟ; ଦ୍ୱେଷ—3. Envy; malice; grudge. ୪ । ବର୍ଣ୍ଣ; ରଙ୍ଗ—4. Colour; hue; tint; dye. ୫ । ରକ୍ତିମା; ଲୋହିତବର୍ଣ୍ଣ; ନାଲି ରଙ୍ଗ—5. Red colour. ୬। ଆସକ୍ତି; ଅନୁରାଗ; ସ୍ନେହ; ମମତା; ମାୟା—6. Fondness; attachment; affection; passion. ୭। ମନର ଉଦ୍‌ବେଗ—7. Anxiety; solicitude. ୮।କ୍ଲେଶ—8. Suffering; hardship; distress. ୯ । ଲାଷା; ଲାଖ—9. Lac; red animal dye. ୧୦ । ମାନସିକ ଭାବ—(ଯଥା—କ୍ଲେଶ, ମନୋଦୁଃଖ, ସ୍ନେହ)—10. Mental affectation. ୧୧ । ଇଚ୍ଛା—11. Desire. ୧୨ । ବିଷୟ ସ୍ପୃହା; ବିଷୟେଚ୍ଛା-12. Fondness or attachment towards worldly matters. ୧୩ । ରଞ୍ଜକ ଦ୍ରବ୍ୟ; ବସ୍ତୁ ଆଦିକୁ ରଙ୍ଗ କରିବା ପଦାର୍ଥ—13. A paint, dye. ୧୪ । (+ଭାବ ଅ) ରଞ୍ଜନ; ରଙ୍ଗାଇବା—14. Painting; colouring, dying. ୧୫। ଉତ୍ସାହ—15. Energy. ୧୬ । (ରଞ୍ଜ ଧାତୁ+କର୍ତ୍ତୃ. ଅ) ଚନ୍ଦ୍ର—16. The moon. ୧୭ । ସୂର୍ଯ୍ୟ—17. The sun. ୧୮ । (ପ୍ରଜାଙ୍କୁ ସନ୍ତୁଷ୍ଟ କରିବାରୁ) ନୃପତି; ରାଜା—18. King; sovereign. ୧୯ । ଲାଳସା; ଅତ୍ୟାକାଙ୍କ୍ଷା—19. Greediness; cupidity; hankering. ୨୦ । ରଜୋଗୁଣ—20. The quatily of worldly passions. ୨୧ । ତୀବ୍ରତା; ତୀକ୍ଷ୍ଣତା—21. Sharpness; acuteness; keenness. ୨୨ । ପ୍ରେମ; ପ୍ରୀତି—22. Love. ୨୩ । ସନ୍ତୋଷ—23. Satisfaction; contentment. ୨୪ । ସଙ୍ଗୀତର ସ୍ୱରର ବା ଧ୍ୱନିର ପ୍ରକାରଭେଦ (ଯେଉଁ ସ୍ୱର ବା ଧ୍ୱନି ଶ୍ରୋତାର ଚିତ୍ତକୁ ରଞ୍ଜନ କରେ)—24. A mode or tune in music. [ଦ୍ର—ସାଧାରଣତଃ ଏହା ୬ ଗୋଟି, ଯଥା—ଭୈରବ, ମାଳବ, ଶ୍ରୀରାଗ, ହିନ୍ଦୋଳ, ବସନ୍ତ, ଦୀପକ ବା ମେଘ ।

ତାହା ମଧ୍ୟ ଏହି ୬ଟି ରାଗର ଭିନ୍ନ ଭିନ୍ନ ନାମ ଦେଇଅଛନ୍ତି । ଭିନ୍ନ ଭିନ୍ନ ଋତୁରେ ଓ ଦିବା ରାତ୍ରିର ସମୟରେ ଓ ଉପଲକ୍ଷରେ ଭିନ୍ନ ଭିନ୍ନ ରାଗ ବ୍ୟବହୃତ ହୁଏ ।

ବ୍ରହ୍ମାଙ୍କ ମତରେ ରାଗ ୬ ପ୍ରକାର, ଯଥା—

୧ । ଶ୍ରୀ (ଶୀତଋତୁରେ ଗେୟ), ୨ । ବସନ୍ତ (ବସନ୍ତରେ), ୩ । ପଞ୍ଚମ (ଗ୍ରୀଷ୍ମରେ), ୪ । ଭୈରବ (ଶରତରେ), ୫ । ମେଘ (ବର୍ଷାରେ), ୬ । ନାଟନାରାୟଣ (ହେମନ୍ତରେ ।)

ଭରତ ଓ ହନୁମାନଙ୍କ ମତରେ—

୧ । ଭୈରବ, ୨ । ମାଳବକୋଷ, ୩ । ହିନ୍ଦୋଳ, ୪ । ଦୀପକ, ୫ । ଶ୍ରୀ, ୬ । ମେଘ ।

ସୋମେଶ୍ୱରଙ୍କ ମତରେ—

୧ । ଭୈରବ, ୨ । ମାଳବ, ୩ । ଶ୍ରୀ, ୪ । ହିନ୍ଦୋଳ ୫। ଦୀପକ, ୬ । ମେଘ ।

ମତାନ୍ତରରେ—

୧ । ବସନ୍ତ, ୨ । ବୃହନ୍ନଟ, ୩ । ମଲ୍ଲାର, ୪ । ମାଳବ, ୫ । ପ୍ରତାପ, ୬ । କୌଶିକ ।

ମତାନ୍ତରରେ—

୧ । ଭୈରବ, ୨ । ମାଳବ, ୩ । ସାରଙ୍ଗ, ୪ । ହିନ୍ଦୋଳ, ୫ । ଦୀପକ, ୬ । ମେଘ ।

ପ୍ରତ୍ୟେକ ରାଗର ୬ଟି ଲେଖାଏଁ ରାଗିଣୀ ବା ପତ୍ନୀ କଳ୍ପିତ ହୋଇଅଛନ୍ତି । ରାଗିଣୀର ସଂଖ୍ୟା ୩୬ ଗୋଟି ।

ପୁରାଣରେ ରାଗର ଉତ୍ପତ୍ତି ସମ୍ବନ୍ଧେ କଥିତ ଅଛି ଯେ—ଏକଦା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର କୈଳାସଶିଖରରେ ବସି ସୃଷ୍ଟି ବିଷୟରେ କଳ୍ପନା ଜଳ୍ପନା କରୁଥିବା ଅବସ୍ଥାରେ ସହସା ସେଠାରେ ଆଦ୍ୟାଶକ୍ତି ବା ପରାପ୍ରକୃତି ଆବିର୍ଭୂତା ହେଲେ । ଦେବତାଗଣ ତାଙ୍କ ରୂପଲାବଣ୍ୟରେ ଚକିତ ଓ ମୁଗ୍ଧ ହୋଇ ରହିଲେ । ଦେବଦେବ ମହାଦେବ ତାଙ୍କୁ ପ୍ରସନ୍ନ କରିବାପାଇଁ ସ୍ତବ ଆରମ୍ଭ କଲେ । ଆଦ୍ୟାଶକ୍ତି ମହାଦେବଙ୍କ ଅନୁରାଗାତିଶଯ୍ୟ ଦେଖି କହିଲେ, ଯେବେ ତୁମ୍ଭେ ମୋତେ ପାଇବାକୁ ଇଚ୍ଛା କର ତେବେ ଏ ଦେବତାମାନଙ୍କ ସମ୍ମୁଖରେ ତାଣ୍ଡବନୃତ୍ୟ ବା ଉଦ୍ଧତଭାବରେ ନୃତ୍ୟ କର । ପରାପ୍ରକୃତିଙ୍କ ମୁଖରୁ ଏହି ଆଦେଶ ଶ୍ରବଣ କରି ମହାଦେବ ଅତି ଉଦ୍ଧତଭାବରେ ତାଣ୍ଡବନୃତ୍ୟ ଆରମ୍ଭ କଲେ ଓ ଗୀତ ଗାଇ ଏବଂ ତାଳେ ତାଳେ ପଦ-ବିକ୍ଷେପ କରି ଓ ଡମରୁ ବଜାଇ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳକୁ କମ୍ପିତ କଲେ । ଏହି ତାଣ୍ଡବ ଅଭିନୟକାଳରେ ମହାଦେବଙ୍କ ଜଟାଭାର ସ୍ଖଳିତ ହେଲା ଓ ଭଗବାନ ବିଷ୍ଣୁ ସେହି ନୃତ୍ୟଦର୍ଶନ ଓ ଗୀତବାଦ୍ୟ ଶୁଣି ଦ୍ରବୀଭୂତ ହେଲେ

ଏବଂ କୈଳାସଶିଖର ସେହି ଜଳରେ ପ୍ଲାବିତ ହେଲା। ଦେବଙ୍କ ଇଙ୍ଗିତରେ ବ୍ରହ୍ମା ଆପଣା କମଣ୍ଡଳୁ ମଧ୍ୟରେ ସେହି ନିର୍ମଳ ବାରିକୁ ପୂରାଇଲେ। ମହାଦେବ ନୃତ୍ୟାବସାନରେ ୧୪ ଥର ଡମରୁଧ୍ୱନି କରିଥିଲେ ଓ ଉକ୍ତ ଧ୍ୱନିରୁ 'ଅନୁସ୍ୱାର' ଓ 'ବିସର୍ଗ' ସହିତ ଚତୁର୍ଦ୍ଦଶ 'ସ୍ୱରବର୍ଣ୍ଣ'ର ଉତ୍ପତ୍ତି ହେଲା। ଉକ୍ତ ସ୍ୱରବର୍ଣ୍ଣମାନ ୩୩ଟି 'ବ୍ୟଞ୍ଜନ' ସଙ୍ଗେ ଯୁକ୍ତ ହୋଇ ଭାଷା ସୃଷ୍ଟି କଲା। 'ଅନୁସ୍ୱାର' ଓ 'ବିସର୍ଗ' ସ୍ୱରବର୍ଣ୍ଣ ନ ହେଲେହେଁ ସ୍ୱରବର୍ଣ୍ଣ ମଧ୍ୟରେ ପରିଗଣିତ ହୁଅନ୍ତି। ଏହିପରି ସଙ୍ଗୀତବିଦ୍ୟାର ସୃଷ୍ଟି ହେଲା ଓ ସରସ୍ୱତୀ ଏଥିର ଅଧିଷ୍ଠାତ୍ରୀଦେବୀ ହେଲେ। ପ୍ରଥମେ ସନକାଦି ଋଷିମାନେ ସେହି ସଙ୍ଗୀତବିଦ୍ୟାକୁ ପ୍ରାପ୍ତ ହେଲେ, ପରେ ମୁନିମାନେ ତପୋବଳରେ ଏହା ପ୍ରାପ୍ତ ହୋଇ ଜଗତରେ ପ୍ରକାଶ କଲେ। ପୁରାଣମତରେ ମହାଦେବ ସଙ୍ଗୀତବିଦ୍ୟାର ସ୍ରଷ୍ଟା ଓ ତାଙ୍କଠାରୁ ବ୍ରହ୍ମା ଉପଦେଶ ପାଇ ସଙ୍ଗୀତବିଦ୍ୟାର ଚର୍ଚ୍ଚା କଲେ। ବ୍ରହ୍ମା ପ୍ରଥମରେ ୫ ଜଣ ଶିଷ୍ୟଙ୍କୁ ଏ ବିଦ୍ୟା ଶିଖାଇଲେ। ସେମାନଙ୍କ ନାମ ଯଥା—ଭରତ, ନାରଦ, ରମ୍ଭା, ହୁହୁ ଓ ତୁମ୍ବୁରୁ। ତତ୍ପରେ ଶିଷ୍ୟାନୁଶିଷ୍ୟକ୍ରମେ ସଙ୍ଗୀତବିଦ୍ୟା ପୃଥିବୀରେ ବ୍ୟାପିଥିବା କଥିତ ଅଛି। (ନାରଦପୁରାଣ, ଗନ୍ଧର୍ବରହସ୍ୟ, ସଙ୍ଗୀତରତ୍ନାକର ଆଦି ଗ୍ରନ୍ଥରେ ଏଥିସମ୍ବନ୍ଧେ ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ ସନ୍ନିବେଶିତ ହୋଇଅଛି।)

ପୂର୍ବେ ଭାରତବର୍ଷରେ ଶୁଦ୍ଧ ସ୍ୱର ଅବଲମ୍ବନପୂର୍ବକ ସଙ୍ଗୀତ ଗାନ ହେଉଥିଲା। ନବ୍ୟ ଆର୍ଯ୍ୟମାନେ ସଙ୍ଗୀତ ଜଗତର କୌଣସି ନୂତନ ବୀଜ ସୃଷ୍ଟି କରି ନାହାନ୍ତି। କେବଳ ପୁରାତନ ସଙ୍ଗୀତ ବିଦ୍ୟାକୁ ନାନା ଅଳଙ୍କାରରେ ଭୂଷିତ କରିଅଛନ୍ତି। ବର୍ତ୍ତମାନ ଯେଉଁପରି ତାଳ, ଯମକ, ସ୍ୱରର କମ୍ପନ, ମୂର୍ଚ୍ଛନା (ଏକ ସ୍ୱରରୁ ସ୍ୱରାନ୍ତରକୁ ଗତି), କୋମଳ, ତୀବ୍ର ପ୍ରଭୃତି ନାନା ଅଳଙ୍କାର ବିଭୂଷିତ ହୋଇ ଗୀତ ବୋଲା ଯାଉଅଛି, ପୂର୍ବରେ ଏପରି ନ ଥିଲା। ଶୁଦ୍ଧ ସ୍ୱରକୁ ବିକୃତ କରି ନୂତନ ନୂତନ ଆକାରମାନ କରା ଯାଉଅଛି। ଇଉରୋପୀୟ ସଙ୍ଗୀତ ଓ ବୈଦିକ ସଙ୍ଗୀତ ଶୁଦ୍ଧ ସ୍ୱର ଅବଲମ୍ବନପୂର୍ବକ ଗୀତ ହେଉଥିଲା। ଇଉରୋପୀୟମାନେ ସଙ୍ଗୀତର ଉନ୍ନତିସାଧନ କରିଅଛନ୍ତି; କିନ୍ତୁ ଆମ ଦେଶରେ ବୈଦିକ ଗାନର ଆଉ ଉନ୍ନତି ହୋଇ ନାହିଁ। କେବଳ ଲୌକିକ ଗାନ ଉନ୍ନତିଲାଭ କରିଅଛି।

କେହି କେହି କହନ୍ତି ଯେ ବୈଦିକ ୩ ସ୍ୱରରୁ ଆଧୁନିକ ୭ ସ୍ୱର ବାହାରି ଅଛି। ଉଦାତ୍ତରୁ ନି, ଗ, ଅନୁଦାତ୍ତରୁ ରି, ଧ; ସ୍ୱରିତରୁ ସା, ମ, ପ ଉତ୍ପନ୍ନ। କେହି କେହି ଏହା ସ୍ୱୀକାର କରନ୍ତି ନାହିଁ।

ବେଦ ଗାନରେ ୩ଟି ମାତ୍ର ସ୍ୱର ବ୍ୟବହୃତ ହୁଏ। ଯଥା—ଉଦାତ୍ତ (ଉଚ୍ଚସ୍ୱର), ଅନୁଦାତ୍ତ (ନିମ୍ନସ୍ୱର) ଓ ସ୍ୱରିତ (ମଧ୍ୟମ ସ୍ୱର); କିନ୍ତୁ ଲୌକିକ ଗାନରେ ୭ ଗୋଟି ସ୍ୱର ଯଥା—

୧. ସା (ଷଡ୍‌ଜ, ମୟୂର ସ୍ୱର); ୨. ରି (ଋଷଭ, ଷଣ୍ଢ ସ୍ୱର); ୩. ଗା (ଗାନ୍ଧାର, ଛେଳିର); ୪. ମା (ମଧ୍ୟମ, କୌଞ୍ଚର); ୫. ପା (ପଞ୍ଚମ, ଘୋଡାର ଓ କୋଇଲିର); ୬. ଧା (ଧୈବତ, ଘୋଡ଼ାର); ୭. ନି (ନିଷାଦ, ହାତୀର)।

ଏହି ୭ଟି ସ୍ୱରର ଆପେକ୍ଷିକ କମ୍ପନ (Vibration) ଯଥା—

ଉଦାରା 'ସା' କୁ ଯଦି '୧' ଧରାଯାଏ ତେବେ 'ସା' ୨୪ କମ୍ପନ (Vibration) ହେଲା।

ରି—୯/୮=୨୭; ଗା—୫/୪=୩୦,
ମା—୪/୩=୩୨; ପା—୩/୨=୩୬;
ଧା—୫/୩=୪୦; ନି—୧୫/୮=୪୫।

ମୁଦାରା 'ସା' କୁ ଯଦି ୨ ଧରାଯାଏ ତେବେ 'ସା' ୨×୨୪=୪୮ କମ୍ପନ ବା (Vibration) ହେଲା।

ରି—୯/୪=୫୪; ଗା—୫/୨=୬୦,
ମା—୮/୩=୬୪; ପା—୩=୭୨,
ଧା—୧୦/୩=୮୦, ନି—୧୫/୪=୯୦।

ତାରା 'ସା' କୁ ଯଦି ୪ ଧରାଯାଏ ତେବେ 'ସା' ୪×୨୪=୯୬ କମ୍ପନ (Vibration) ହେଲା।

ରି—୯/୨=୧୦୮; ଗା—୫=୧୨୦
ମା—୧୬/୩=୧୨୮; ପା—୬=୧୪୪
ଧା—୨୦/୩=୧୬୦; ନି—୧୫/୨=୧୮୦।

'ସା' ସ୍ୱରର ଆପେକ୍ଷିକ କମ୍ପନ (Vibration) ପ୍ରତି ସେକଣ୍ଡରେ ଭିନ୍ନ ଭିନ୍ନ ଦେଶର ପଣ୍ଡିତମାନେ ଭିନ୍ନ ଭିନ୍ନ ସଂଖ୍ୟା କଳ୍ପନା କରିଅଛନ୍ତି; ଯଥା—ଇଂଲଣ୍ଡୀୟ—୨୫୬, ଜର୍ମାନ—୨୬୪ ଓ ଫ୍ରାନ୍ସ—୨୬୦।

ବର୍ତ୍ତମାନ ଆମ୍ଭେମାନେ ଯାହାକୁ 'ଉଦାରା'; 'ମୁଦାରା' ଓ 'ତାରା' କହୁଁ ତାହା ବୈଦିକ ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ବୋଲି ଅନୁମାନ କରାଯାଏ। ବୈଦିକ ସଙ୍ଗୀତରେ ଯେଉଁପରି ୩ ଗୋଟି ସ୍ୱର ଦେଖାଯାଏ, ଇଉରୋପୀୟ ସଙ୍ଗୀତରେ ସେହିପରି ୩ଟି ସ୍ୱର (Tone) ଦେଖାଯାଏ। ଯଥା—ଉଦାତ୍ତ—Major tone (ଉଦାରା), ଅନୁଦାତ୍ତ—Minor tone (ମୁଦାରା) ସ୍ୱରିତ—Semitone or half tone [ତାରା]।

ଉକ୍ତ ସପ୍ତସ୍ୱରରୁ କ୍ରମେ ୧୨ ଗୋଟି ବିକୃତସ୍ୱର ସୃଷ୍ଟ ହେଲା।

ମନୁଷ୍ୟର ସ୍ୱରକୁ Standard [ଆଦର୍ଶ] ('ସା ଯାହା ମୟୂରସ୍ୱର) କରି ଧରିଲେ ଉକ୍ତ ସପ୍ତସ୍ୱରର ଆପେକ୍ଷିକ ଧ୍ୱନି (Comparative modulation) ସ୍ଥିର କରି ଯାଇ ପାରିବ।

ଯେଉଁପରି ସିତାରରେ ବା ବଂଶୀରେ କରାଘାତ ବା ବାୟୁ ଆଘାତ ଦ୍ୱାରା ଶବ୍ଦ ଉତ୍ପନ୍ନ ହୁଏ ଓ ସିତାରର ପର୍ଦ୍ଦା ଏବଂ

ବଂଶୀର ପାର୍ଶ୍ବସ୍ଥ ଛିଦ୍ରମାନଙ୍କୁ ଭିନ୍ନ ଭିନ୍ନ ପ୍ରକାରେ ଆଘାତ କରି ଭିନ୍ନ ଭିନ୍ନ ସ୍ୱରମାନ ଶୁଣାଯାଏ, ଭାରତୀୟ ସଙ୍ଗୀତ ବିଜ୍ଞାନରେ ଲେଖାଅଛି ଯେ, ସେହିପରି ଅସ୍ମାର ପ୍ରଯତ୍ନ (ଉଚ୍ଚାରଣେଚ୍ଛା) ଦ୍ୱାରା ଦୈହିକ ଉଷ୍ଣତା ବା ତାପ (ଜଠରାଗ୍ନି) ବେଗ ପ୍ରାପ୍ତ ହୋଇ ସେହି ବେଗର ଉଦର-କନ୍ଦରସ୍ଥ ବାୟୁକୁ ଆଘାତ ବା ପ୍ରେରଣା କରିବା ଦ୍ୱାରା ଉଭୟଙ୍କ ସଂଘର୍ଷରେ ନାଦ ବା ଧ୍ୱନି ଉତ୍ପନ୍ନ ହୁଏ । ସେହି ଧ୍ୱନି ହୃଦୟଦ୍ୱାରେ ଗଳ ଗହ୍ୱରକୁ ଆସି ପୁଷ୍ଟତା ଲାଭ କରେ ଓ ବାଗ୍‌ଯନ୍ତ୍ରମାନଙ୍କ (ଜିହ୍ୱା, ଦନ୍ତ, ତାଳୁ ଇତ୍ୟାଦି) ଦ୍ୱାରା ଭିନ୍ନ ଭିନ୍ନ ପ୍ରକାରରେ ନିୟନ୍ତ୍ରିତ ହୋଇ ସେହି ପୁଷ୍ଟନାଦ ଭିନ୍ନ ଭିନ୍ନ ସ୍ୱର (ସାରେଗାମାପାଧାନି) ରେ ପରିଣତ ହୁଏ । ହୃଦୟ, କଣ୍ଠ ଓ ମୂର୍ଦ୍ଧା ଏହି ତିନି ସ୍ଥାନରୁ ଉତ୍ପନ୍ନ ତ୍ରିବିଧ କ୍ରମୋଚ୍ଚ ସ୍ୱରର ନାମ ମନ୍ଦ୍ର=(ଉଦାତ୍ତ), ମଧ୍ୟ=(ମୃଦାତ୍ତ) ଓ ତାର=(ଋାତ୍ତ) । ମଧ୍ୟର ପରିମାଣ ବା ଓଜନ ମନ୍ଦ୍ରର ୨ ଗୁଣ ଓ ମନ୍ଦ୍ର ଅପେକ୍ଷା ତାରର ପରିମାଣ ବା ଓଜନ ୩ ଗୁଣ ଅଟେ ।

୭ଟି ଶୁଦ୍ଧ ସ୍ୱରକୁ ବିକୃତକରି ଆଉ ୧୨ଟି ବିକୃତ ସ୍ୱର, ଏପରି ମୋଟରେ ୧୯ଟି ସ୍ୱରର ସୃଷ୍ଟି ହୋଇଅଛି । ଏହି 'ସ୍ୱର'ମାନଙ୍କୁ ଛନ୍ଦଃ ଓ ଅଳଙ୍କାରାଦିଦ୍ୱାରା ଭୂଷିତ କରି ଗୋଟିଏ ଗୋଟିଏ ଆକୃତି ଦାନ କଲେ ସେହି ସେହି ପ୍ରକାରମାନ 'ରାଗ' ହୁଏ । ଏହି ରାଗମାନ କର୍ଣ୍ଣରେ ପ୍ରବେଶ କଲେ ମନ ମୋହିତ ହୋଇ ଅନୁରାଗ ଜନ୍ମେ, ତେଣୁ ଏମାନଙ୍କର ନାମ 'ରାଗ' ହୋଇଅଛି ।

ଏହି ସ୍ୱରମାନଙ୍କ ମଧ୍ୟରେ ପୁଣି ୪ଟି ପ୍ରକାର ବା ବିଭାଗ ଅଛି । ଯଥା—୧. ବାଦୀ (ଗୀତ ବୋଲିବା ସମୟରେ ଯେଉଁ ସ୍ୱରର ପ୍ରାଚୁର୍ଯ୍ୟ ହେତୁକ ରାଗର ବୋଧକ ହୁଏ), ୨. ସଂବାଦୀ (ପଞ୍ଚମ ସ୍ୱରର ସମଶ୍ରୁତି), ୩. ବିବାଦୀ (ଗାନ୍ଧାର ଓ ନିଷାଦର, ଋଷଭ ଓ ଧୈବତର କ୍ରମ) ଓ ୪. ଅନୁବାଦୀ (ଋଷଭ, ଧୈବତ ଓ ଗାନ୍ଧାରର କ୍ରମ) । ପ୍ରଥମୋକ୍ତ ୩ସ୍ୱରର ଲକ୍ଷଣକୁ ସ୍ପର୍ଶ ନ କଲେ ୪ର୍ଥ ଅନୁବାଦୀ ସ୍ୱର ହୁଏ । ମୂର୍ଚ୍ଛନାଦିର ଆଶ୍ରୟଭୂତ ସ୍ୱରସମୂହର ସୁବ୍ୟବସ୍ଥାର ନାମ 'ଗ୍ରାମ' । କ୍ରମାନ୍ୱୟ ଆରୋହଣ ଅବରୋହଣ କିମ୍ବା ସମ୍ବନ୍ଧ ସ୍ୱର ସମୂହର ନାମ ମୂର୍ଚ୍ଛନା । ସ୍ୱର, ବର୍ଣ୍ଣ ଓ ମୂର୍ଚ୍ଛନାଦି ଭୂଷିତ କରି ଯେଉଁ ଧ୍ୱନି ବିଶେଷ ଉଚ୍ଚାରିତ ହୁଏ ସେହି ବିଶେଷ ବିଶେଷ ଧ୍ୱନିର ନାମ ରାଗ ।

ରାଗମାନ ୩ଶ୍ରେଣୀରେ ବିଭକ୍ତ । ଯଥା—ଓଡ଼ବ (୫ ସ୍ୱରର ରାଗ), ଷାଡ଼ବ (୬ ସ୍ୱର ବିଶିଷ୍ଟ) ଓ ସମ୍ପୂର୍ଣ୍ଣ (୭ସ୍ୱର ବିଶିଷ୍ଟ) । ସୁତରାଂ ୫ ସ୍ୱରରୁ କମ୍‌ରେ 'ରାଗ' ହୁଏ ନାହିଁ । (ଲେଖକ – ଶ୍ରୀ ମନୋମୋହନ ଘୋଷ)

ହିନ୍ଦୁଶାସ୍ତ୍ରକାରମାନେ 'ରାଗ'କୁ ପୁରୁଷଜାତୀୟ ବୋଲି କଳ୍ପନା କରି ପ୍ରତ୍ୟେକ ରାଗର ଅନୁଗତା ଓ କୋମଳତା-ବିଶିଷ୍ଟା ୬ଟି ଲେଖାଏଁ ଭାର୍ଯ୍ୟା ବା ରାଗିଣୀ କଳ୍ପନା କରି ଅଛନ୍ତି । ରାଗ ୬ ଗୋଟି ଓ ରାଗିଣୀ ୩୬ ଗୋଟି । ଯଥା—

ବ୍ରହ୍ମାଙ୍କ ମତରେ—

୧ । ଶ୍ରୀରାଗର ଭାର୍ଯ୍ୟା—ମାଳଶ୍ରୀ, ତ୍ରିବେଣୀ ବା ତ୍ରିବଣୀ, ଗୌରୀ, କେଦାରୀ, ମଧୁମାଧବୀ ଓ ପାହାଡ଼ିକା (ମତାନ୍ତରରେ—ଗାନ୍ଧାରୀ, ଶୁଭଗା, ଗୌରୀ, କୌମାରୀ, ବେଲୋୟାରୀ, ବୈରାଗୀ)

୨ । ବସନ୍ତ ରାଗର ଭାର୍ଯ୍ୟା—ଦେଶୀ, ଦେବଗିରୀ, ବରାଠୀ, ତୋଡ଼ିକା, ଲଳିତା, ହିନ୍ଦୋଳୀ, (ମତାନ୍ତରରେ—ଭୂପାଳୀ, ପଞ୍ଚମୀ, ଲଳିତା, ପଟମଞ୍ଜରୀ, ଗୁର୍ଜରୀ, ବିଭାଷା ।)

୩ । ଭୈରବର ଭାର୍ଯ୍ୟା—ଭୈରବୀ, ଗୁର୍ଜରୀ, ରାମକିରୀ, ଗୁଣକିରୀ, ବାଙ୍ଗାଳୀ, ସୈନ୍ଧବୀ, (ସମ୍ଭବତଃ ମାଳବ ଓ ଭୈରବ ଏକ) (ମତାନ୍ତରରେ—ଧାନସୀ, ମାଳସୀ, ରାମକିରୀ ସିନ୍ଧୁଡ଼ା, ଆଶାବରୀ, ଭୈରବୀ)

ପଞ୍ଚମ ରାଗର ସ୍ତ୍ରୀ—ବିଭାଷା, ଭୂପାଳୀ, କର୍ଣ୍ଣାଟୀ, ବଡ଼, ହଂସିକା, ମାଲଶ୍ରୀ ବା ମାଲଶ୍ରୀ, ପଟମଞ୍ଜରୀ (ସମ୍ଭବତଃ କର୍ଣ୍ଣାଟ ଓ ପଞ୍ଚମ ଏକ) (ମତାନ୍ତରରେ ଭୂପାଳୀ, ରାମକେଲୀ, ଗଡ଼ା, କାମୋଦୀ, ନାଟିକା, କଲ୍ୟାଣୀ)

ମେଘର ରାଗିଣୀ—ମଲ୍ଲାରୀ, ସୌରଠୀ, ସାବେରୀ, କୌଶିକୀ, ଗାନ୍ଧାରୀ, ହରଶୃଙ୍ଗାରୀ ।

୬ । ନଟନାରାୟଣର ରାଗିଣୀ—କାମୋଦୀ, କଲ୍ୟାଣୀ, ଆଭୀରୀ, ନାଟିକା, ସାରଙ୍ଗୀ, ନଟ୍ଟହମ୍ବିରା ।

ମତାନ୍ତରରେ ୬ଟି ରାଗର ନାମ ଭିନ୍ନଭିନ୍ନ ଓ ୩୬ରାଗିଣୀର ନାମ ମଧ୍ୟ ଭିନ୍ନ ଭିନ୍ନ ଥିବାର ଦେଖାଯାଏ । କିନ୍ତୁ ସମସ୍ତେ ଶ୍ରୀରାଗକୁ ପ୍ରଥମଭାଗ ଆସନ ଦେଇଅଛନ୍ତି । ରାଗମାନେ ଯେଉଁପରି ଋତୁ ବିଶେଷରେ ଗେୟ, ରାଗିଣୀମାନେ ମଧ୍ୟ ଦିବସ ଓ ରାତ୍ରିର ଭିନ୍ନ ଭିନ୍ନ ସମୟରେ ଶୃଙ୍ଗାରାଦି ଭିନ୍ନ ରସ ସମ୍ପର୍କରେ ଗେୟ ।

ଉଲ୍ଲିଖିତ ୬ରାଗ ଓ ୩୬ ରାଗିଣୀ ଛଡ଼ା ଆଉ ଯେଉଁ ରାଗ ରାଗିଣୀମାନ ବ୍ୟବହୃତ ହୁଅନ୍ତି ସେମାନେ ଏମାନଙ୍କର ପୁତ୍ର (ଉପରାଗ) ଓ ପୁତ୍ରବଧୂ (ଉପରାଗିଣୀ) ରୂପରେ କଳ୍ପିତ । ମୁସଲମାନ୍ ବାଦସାହାମାନଙ୍କ ଦରବାରରେ ହିନ୍ଦ ସଙ୍ଗୀତ ଅନୁଶୀଳନ ହୋଇଥିବାରୁ ଅନେକ କେତେଗୁଡ଼ିଏ ରାଗରାଗିଣୀର ସୃଷ୍ଟି ହୋଇଅଛି । ଦେଶର ନାମ ଅନୁସାରେ ମଧ୍ୟ ରାଗ ରାଗିଣୀର ସୃଷ୍ଟି ହୋଇଅଛି । ଯଥା—ବଙ୍ଗାଳୀ, ଗାନ୍ଧାରୀ, ଗୁର୍ଜରୀ, ସୈନ୍ଧବୀ, ଔଡ଼୍ରୀ, କଳଙ୍ଗୀ, କାବେରୀ, ମାଳବ, ଗୌଡ଼ୀ, କାମୋଦୀ ଇତ୍ୟାଦି ।

ସୁରଙ୍ଗୀବ ରାଜା ସ୍ୱର୍ଗୀୟ ଶ୍ରୀଚନ୍ଦ୍ରଚୂଡ଼ାମଣି ହରିଚନ୍ଦନଙ୍କ ରଚିତ ସଙ୍ଗୀତ ସର୍ବସ୍ୱରେ ରାଗ ସମ୍ବନ୍ଧେ ଗୁଡ଼ିଏ ଆଲୋଚନା ଅଛି ।

ରାଗ ଓ ରାଗିଣୀମାନଙ୍କୁ ଭାଷାରେ ସାଧାରଣତଃ ରାଗ ବୋଲାଯାଏ । ଦେଶଭେଦରେ ସଙ୍ଗୀତର ରାଗାଦିର ସଂଖ୍ୟା ଏତେ ବଢ଼ି ଅଛି ଯେ,ତାହାର ସଂଖ୍ୟା ଓ ନାମୋଲ୍ଲେଖ ସହଜ ନୁହେଁ । ଉଦାହରଣସ୍ୱରୂପ ସ୍ୱର୍ଗୀୟ ଦାମୋଦର ପଟ୍ଟନାୟକଙ୍କ

ସଂସ୍କୃତ ସଙ୍ଗୀତ ସାଗର ଓ ସଙ୍ଗୀତ ସର୍ବସାର ଆଦି ଗ୍ରନ୍ଥମାନଙ୍କରେ ଥିବା ସଙ୍ଗୀତମାନଙ୍କ ଆଦ୍ୟରେ ଦଆ ଯାଇଥିବା ସ୍ୱର ରାଗିଣୀମାନଙ୍କ ନାମରୁ ଏହା ଉପଲବ୍ଧ ହେବ ।—

ଅଠଶା, ଅନନ୍ଦ ଭୈରବୀ, ଆରସୀ, ଅଷାବସୀ, ଇମନ କଲ୍ୟାଣ, ଏରକାଲ କାମୋଦୀ, କଙ୍କଡ଼ା, କରୁଣାଶ୍ରୀ, କଳଶା (ବାଣୀ), କଳହଂସ କେଦାର, କଲିଙ୍ଗଡ଼ା, କଲ୍ୟାଣୀ, କାଫି, କାମୋଦୀ, କାମ୍ବୋଜୀ, କୀର (ବାଣୀ), କୁମୁଦକାମୋଦୀ, କେଦାର, କୌଶିକ, ଖମାଚ, ଖମାର, ଖମ୍ବାଜ, ଖରହର ପ୍ରିୟା, ଗୌରୀ ମନୋହାରୀ, ଘଣ୍ଟାରବ, ଚକ୍ରବାକ, ଚୋକ୍ଷୀ, ଜଉନପୁର ତୋଡ଼ି, ଜଙ୍ଗଲା, ଜୟନ୍ତ, ଝିଂଝିଟ, ଝିଞ୍ଜୋଟି ବା ଝିଂଝିଟ ଖମ୍ବାଜ, ଝିଂଝିଟ, ତୋଡ଼ି, ତୋଡ଼ି ପରଜ, ଦେଶାକ୍ଷ, ଧନାଶ୍ରୀ, ନବରୋଜ, ନାଟକୁରଙ୍ଗୀ, ପରଜ, ପାହାଡ଼ିଆ କେଦାର, ପୀଲୁ, ପୁରବୀ, ପୂର୍ଣ୍ଣିକାମୋଦୀ, ପ୍ରାନ୍ତ, ବରାଡ଼ି, ବସନ୍ତ, ବସନ୍ତ ବରାଡ଼ି, ବାରୁଆଁ, ବାହାର, ବାଲାହଂସୀ, ବିହାଗ ବେଗଡ଼ା, ବେଲାଉର, ବେଲାବଳ, ବୈହଗଡ଼, ବୈହାଗ, ଭୈରବୀ, ଭୈରବୀ ଖମ୍ବାଜ, ମନମୋହନୀ, ମରୁଆ, ମଳୟ ମାରୁତ, ମାରୁଆ, ମାଳବୀ, ମାଲଶ୍ରୀ, ମୁଖାବସୀ, ମୁଖାରୀ (ବାଣୀ), ମୋହନା, ରସକୁଲ୍ୟା, ରସକୁଲ୍ୟା (ବାଣୀ), ରାଜରଞ୍ଜନ, ରାମକେରୀ, ରେଖୁପ୍ତ, ଲଳିତ, ଲଳିତକାମୋଦୀ, ଶଙ୍କରାଭରଣ, ଶୋକ କାମୋଦୀ, ଶୋକ କାମ୍ବୋଜୀ, ଶୋକ ବରାଡ଼ୀ, ଶ୍ରୀ, ସରସ୍ୱତୀ ମନୋହାରୀ, ସାବେରୀ, ସିନ୍ଧୁ ଭୈରବୀ, ସୁରଟ, ସୁରଟମଲ୍ଲାର, ସୁରାଟ, ସେହେନା, ସୌରାଷ୍ଟ୍ର, ହଂସଧ୍ୱନି, ହରକାମୋଦୀ, ହୁସେନ ।

ପଣ୍ଡିତ କୁଳମଣି ଦାଶଙ୍କ ଅଳଙ୍କାର ତରଙ୍ଗିଣୀରେ ପ୍ରଦତ୍ତ କେତେକ ରାଗର ଯତିପାତ ଓ ଉଦାହରଣ:—

୧ । ଗୁର୍ଜରୀ—ଏହାର ପ୍ରତ୍ୟେକ ପାଦ ଆଠ ଅକ୍ଷରବିଶିଷ୍ଟ ଓ ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଚତୁର୍ଥ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—ବିଲୋକନ’ ପୁରହର’ । ଶୂଳହସ୍ତ’ ନାଗହାର’ ॥—ଚନ୍ଦ୍ରକାବ୍ୟ ।

୨ । ଗୁଣ୍ଡକ୍ରୀ—ଏହାର ପ୍ରତ୍ୟେକ ପାଦ ନଅ ଅକ୍ଷରବିଶିଷ୍ଟ ଓ ଦୁଇପାଦରେ ଏକପଦ ହୁଏ । ବୋଲିବା ଭଙ୍ଗୀରେ କେତେବେଳେ ତୃତୀୟ ଓ ଶେଷ ଅକ୍ଷର ଉପରେ, କେତେବେଳେ ବା ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା—କାଳଚକ୍ରର ଆବର୍ତ୍ତନେ, ଭୁଞ୍ଜନ୍ତି ସୁଖ ଦୁଃଖ ଜନେ ।—ସାହିତ୍ୟ ପ୍ରସଙ୍ଗ ।

୩ । ଚକ୍ରକେଳି—ଏହାର ପ୍ରତ୍ୟେକ ପାଦ ଏକାଦଶ ଅକ୍ଷରବିଶିଷ୍ଟ ଓ ଦୁଇପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା—ଆସଇ ବସନ୍ତ ଶିଶିର ଅନ୍ତେ, ଦିଶଇ ଧରଣୀ ରୁଚିରୁ କେମନ୍ତେ ।—ମଧୁସୂଦନ. ବସନ୍ତ ।

୪ । କେଦାର ଚକ୍ରକେଳି—ଏହା ମଧ୍ୟ ଚକ୍ରକେଳି ପରି ଏକାଦଶ ଅକ୍ଷରବିଶିଷ୍ଟ । ଯେତେବେଳେ ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ, ସେତେବେଳେ ଏହା କେଦାରଚକ୍ରକେଳି ନାମରେ ଅଭିହିତ ହୁଏ । ଯଥା—ଜଗଦ୍ଧାତା’ ମଦନ ହୋଇଲେ’, ନବଯୌବନ’ ସୃଷ୍ଟି ତିଆରିଲେ’ ॥—ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

୫ । ମାଳବ—ଚକ୍ରକେଳି ଓ କେଦାର ଚକ୍ରକେଳିକୁ ବେଳେବେଳେ ମାଳବ ନାମରେ ଅଭିହିତ କରାଯାଏ ।

୬ । ଭୂପାଳ—ଏହାର ପ୍ରତ୍ୟେକ ପାଦ ଦ୍ୱାଦଶ ଅକ୍ଷରବିଶିଷ୍ଟ ଓ ଦୁଇପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା—ଶ୍ରୀରାମ ମଧୁର ମୂର୍ତ୍ତି’ ଦେଖି ରମା’, ପଞ୍ଚବଟୀ ସଖୀଙ୍କି କ’ହନ୍ତି କେମା’ । କେବଣ ଦେଶ ନୃପତି’ କାହା ସୁତ’, ଦେଖିଲାବେଳୁ କାତର’ ହୁଏ ଚିତ୍ତ’ ।—ବିଚିତ୍ର. ରାମାୟଣ ।

୭ । ବଙ୍ଗଳା କେଦାର—ଏହା ମଧ୍ୟ ଦ୍ୱାଦଶ ଅକ୍ଷରବିଶିଷ୍ଟ ଓ ଏହାର ଦୁଇପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଷଷ୍ଠ ଓ ଦ୍ୱାଦଶ ଅକ୍ଷର ଉପରେ ଯତିପାତ ହୁଏ । ଯଥା—ଭ୍ରୂଭଙ୍ଗରେ ଯାଙ୍କ’ କମ୍ପିଲା ଭୁବନ’, ମଶ୍ଚିତ ହେବାକୁ’ ଏବେ ନାହିଁ ବନ’ । ତ୍ରିସପ୍ତ ଭୁବନ’ ମଣ୍ଡିଲେ ଯେ ଅଙ୍କ’, ଆଶ୍ରିଲେ ସେ’ ସପ୍ତଦ୍ୱୀପଖଣ୍ଡର ଅଙ୍କ’ ।—ରାଧାନାଥ. ନନ୍ଦିକେଶ୍ୱରୀ ।

୮ । କଳହଂସକେଦାର—ଏହାର ଦୁଇପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦ ଦ୍ୱାଦଶ ଅକ୍ଷରବିଶିଷ୍ଟ । ଦ୍ୱିତୀୟ ଓ ଚତୁର୍ଥ ପାଦ ଶେଷରେ ‘ଯେ’ ବା ‘ସେ’ ଗୋଟିଏ ଅକ୍ଷର ଅଧିକ ଥାଏ । ପ୍ରତ୍ୟେକ ପାଦର ସପ୍ତମ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—ମାଳବେ ଭ୍ରମରକୁ’ ଲୋକନ କରି’, ଏକାଳେ ବଟେଶ୍ୱର’ ଲୋକ ନ କରି’ ଯେ । କରିବ ନାହିଁ କୁନେ’ ରସିକ ବରି’, କାନ୍ତ ମୋ ଏହା ଭାବେ’ ରସିକ ବରି’ ଯେ ।—ଉପେ. ପ୍ରେମସୁଧାନିଧି ।

୯ । ଚନ୍ଦ୍ରଚୂଡ଼ଦଶାକ୍ଷ—ଏହାର ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦ ତ୍ରୟୋଦଶ ଅକ୍ଷରବିଶିଷ୍ଟ ଏବଂ ପ୍ରତିପାଦର ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା—ବିଭୀଷଣ ବଂଶୀଶୁଣି’, ପୁଲକ ବହି’, ବିଭୀଷଣ ଲଗ୍ନ ବୁଝି’ ବଶିଷ୍ଠ କହି’ । ବିନ୍ୟାସ କଲେ ସେ ବାଣୀ’ ସନ୍ଧ୍ୟାବସାନେ’, ବସାଇବା ମଣ୍ଡପରେ’ କନ୍ୟା ସୁମନେ’ ।—ଉପେ. ବୈଦେହୀଶବିଳାସ ।

୧୦ । ଆଶାବରୀ—ପ୍ରତ୍ୟେକ ପାଦ ଚତୁର୍ଦ୍ଦଶ ଅକ୍ଷରବିଶିଷ୍ଟ ଓ ଦୁଇପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । କେହି କେହି କହନ୍ତି ଏହାର ପ୍ରତ୍ୟେକ ପାଦର ତୃତୀୟ, ଷଷ୍ଠ, ଅଷ୍ଟମ ଓ ଶେଷାକ୍ଷର ଉପରେ, ଅଥବା ଦ୍ୱିତୀୟ, ଚତୁର୍ଥ, ଅଷ୍ଟମ ଓ ଶେଷାକ୍ଷର ଉପରେ ଯତି ପଡ଼େ । ଯଥା—(କ) କେତେ’ କଥା’ ସ୍ନେହମୟୀ’ ଜନନୀ ଭୁମୁର’, ବାଲ୍ୟେ’ ଶିଖାଇଲେ ପାର୍ଶ୍ୱେ’ ଭୁମୁର ମଙ୍ଗଳ’ ।—ସାହିତ୍ୟପାଠ ।

(ଖ) ଚନ୍ଦନକ' କସ୍ତୁରୀ' ଶୁଦ୍ଧି' ଅଛୁ ଏକ ଧାରେ', ଦୁର୍ବଳ' ଖସର' କଥା' ଶୁଭୁ ନାହିଁ କାନେ' ।—ସାହିତ୍ୟ. ପାଠ ।

୧୧ । ସୁମନେକଶ୍ରୀ—ପ୍ରତ୍ୟେକ ପାଦ ଷୋଡ଼ଶ ଅକ୍ଷର-ବିଶିଷ୍ଟ, ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ନବମ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—କଳାକଳେବର କହାଇ' ସଙ୍ଗେ ରୋହିଣୀ ସୁତ', କରନ୍ତି ମଥୁରା ବିଜୟେ' ଦାଣ୍ଡେ ଦେଖ ସଙ୍ଗାତ' । କଳାକଳେବର ଚଉତିଶା ।

୧୨ । ଖଣ୍ଡକାମୋଦୀ—ଏହାର ପ୍ରତ୍ୟେକ ପାଦ ସପ୍ତଦଶ ଅକ୍ଷରବିଶିଷ୍ଟ ଏବଂ ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—ଭେଦ୍ରା ଅଶ୍ୱାଧାରୀ' ବୃକ୍ଷସ୍ଥାନ ଭୂମି' ସମୁଦ୍ର ବାଢ଼େ', ଦ୍ୱୀପ ପ୍ରାୟେ ଯହିଁ' କ୍ଷୁଦ୍ର ଜନପଦ' ଭାସେ ଅଷାଢ଼େ' । ରାଧାନାଥ. ଉଷା ।

୧୩ । କାଳୀ—ଏହାର ପ୍ରତ୍ୟେକ ପାଦ ସପ୍ତଦଶ ଅକ୍ଷର-ବିଶିଷ୍ଟ । ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ପଞ୍ଚମ, ଦଶମ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—ମିତ ଅନ୍ତରେ' କୃଷ୍ଣ କାନ୍ତରେ' କୁଞ୍ଜ ଘରରେ ବସି', ମନୋଦୁଃଖରେ' ବୋଲନ୍ତି ଖରେ' ଉଦୟ ଖରେ ଶଶୀ' । ସାମନ୍ତ ସିଂହାର. ବିଦଗ୍ଧଚିନ୍ତାମଣି ।

୧୪ । ଲୁମ୍ବକାମୋଦୀ—ଏହାର ପ୍ରତ୍ୟେକ ପାଦ ଅଷ୍ଟାଦଶ ଅକ୍ଷରବିଶିଷ୍ଟ । ଦୁଇପାଦରେ ଏକ ପଦ ହୁଏ ଓ ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ, ପଞ୍ଚଦଶ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—ବୋଲନ୍ତି ନନ୍ଦନେ' ଶୁଣଗୋ ଜନନୀ' ଅପୂର୍ବ' ଚରିତ', ରାମକୃଷ୍ଣ ବେନି' ଦୂତ ପେଷିଛନ୍ତି' କହିବେ' ଉଦନ୍ତ' । ଭକ୍ତଚରଣ, ମଥୁରାମଙ୍ଗଳ ।

କେହି କେହି କହନ୍ତି ଏହି ବୃତ୍ତର ପ୍ରତ୍ୟେକ ପଦ ଚତୁରପାଦବିଶିଷ୍ଟ ।

୧୫ । ପାର୍ଶ୍ୱକାମୋଦୀ—ଏହାର ପ୍ରତ୍ୟେକ ପାଦ ଅଷ୍ଟାଦଶ ଅକ୍ଷରବିଶିଷ୍ଟ । ଦୁଇ ପାଦରେ ଏକ ପଦ ହୁଏ, ପ୍ରତ୍ୟେକ ପାଦର ଅଷ୍ଟମ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—ପ୍ରତ୍ୟକ୍ଷ ଦେବତା ବୋଲି' ମଣିବ ହେ' ଜନନୀ ଜନକେ', କରିବ ତାହାଙ୍କ ସେବା' ପ୍ରାଣପଣେ' ବାଳକା ବାଳକେ' । ମଧୁସୂଦନ ସାହିତ୍ୟପ୍ରସଙ୍ଗ ।

୧୬ । ବଙ୍ଗଳାଶ୍ରୀ—ଏହାର ପ୍ରତ୍ୟେକ ପାଦ ବିଂଶ ଅକ୍ଷରବିଶିଷ୍ଟ ଓ ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଯଥା—ବହୁ ଗୁଣାକର' ଉତ୍କଳ ଭାସ୍କର' ପ୍ରତାପୀ ନୃପପୁଙ୍ଗବ' ହେ ପ୍ରତାପରୁଦ୍ର' ବଢ଼ାଇଛ ଯଦ୍ର''—କାହାର ଗୁଣଗୌରବ''—ସାହିତ୍ୟପାଠ ।

୧୭ । ମଙ୍ଗଳଶ୍ରୀ—ଏହାର ପ୍ରତ୍ୟେକ ପାଦ ଏକବିଂଶ ଅକ୍ଷରବିଶିଷ୍ଟ ଓ ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା—କେ ବୁଝିବ ଗଉଡ଼' ଗୋପମହାଭୁଜ' ଜନ୍ମ କୁଳ ତାର' ପେଠି ହେ', ପିନ୍ଧି କଳାକନ୍ଥି' ଦୋସଡ଼ା ଦୋରଙ୍ଗୀ' ଦୁରୁ ଶୁହେଁ ମିଠି' ମିଠି ହେ' । ଖେଳେ ନଈ ନଈ' ଖଣ୍ଡେଦୂର ଯାଇ' ଘଞ୍ଚଣ ପାଲୁଅ' ପାଣ୍ଡି ହେ', କହିଲେକ ବୋଲେ' ମୋ ସଙ୍ଗେ ଯୁଝିଲେ' ଭାଙ୍ଗିପକାଇବି' ପିଠି ହେ'—କୃଷ୍ଣଲୀଳା ।

୧୮ । ପୋଇ—ଏହାର ପ୍ରତ୍ୟେକ ପାଦ ଦ୍ୱାବିଂଶ ଅକ୍ଷର-ବିଶିଷ୍ଟ ଓ ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଯଥା—ଶ୍ରୀକୃଷ୍ଣ ଚରିତ' ଶୁଣି ପରୀକ୍ଷିତ' ଆନନ୍ଦେ ନୟନୁ' ବହେ ଜଳ', ପୁଲକ ଶରୀର' ଯୋଡ଼ି ବେନି କର' ପଚାରନ୍ତି ମୁନିଙ୍କ' ପାଦତଳ' । କୃଷ୍ଣଲୀଳା ।

୧୯ । କାମୋଦୀ—ଏହାର ପ୍ରତ୍ୟେକ ପଦରେ ଛଅଗୋଟି ପାଦ ଥାଏ । ପ୍ରଥମ ପାଦରେ ୨୩, ଦ୍ୱିତୀୟ ପାଦରେ ୨୪, ତୃତୀୟ ପାଦରେ ୪, ଚତୁର୍ଥ ଓ ପଞ୍ଚମ ପାଦରେ ୯ ଲେଖାଏଁ ଓ ଷଷ୍ଠ ପାଦରେ ୨୪ଟି ଅକ୍ଷର ଥାଏ । ଯତିପାତର କ୍ରମ ନିମ୍ନରେ ଦିଆଗଲା ।

ପ୍ରଥମ ୬+୬+୩+୬, ଦ୍ୱିତୀୟ ୬+୬+୩+୬+୧, ତୃତୀୟ ୪, ଚତୁର୍ଥ ଓ ପଞ୍ଚମ ୭+୨, ଷଷ୍ଠ ଦ୍ୱିତୀୟ ପଦର ଅନୁରୂପ । ଷଷ୍ଠ ପାଦ ଉତ୍ତାରୁ ପୁନରପି ତୃତୀୟ ପାଦର ଆବୃତ୍ତି ହୁଏ ।

ଯଥା—୧ । ସୁଧୀରେ ପେନ ଧୀରେ' ଖଳ ଜଳା ଭଞ୍ଜିରେ' ତୁଳସୁ' ସ୍ୱାଦୁ ସୁଧାଦାୟୀ', ୨ । ଖର୍ବେ ଅହ୍ଲାଦକର' ଜୀବ ତାପ ହରର' ଆନନ୍ଦା'ବ୍ଧି ବର୍ଦ୍ଧନ ହୋଇ'ହେ' । ୩ । ଧୀରଜନେ' ୪ । କୁଦକୁମୁଦ ମୁଦ'ହେବ', ୫ । ତମସକୁଳ ଖଯ୍ୟ'ଯିବ', ୬ । ସୁଧାକୃଷ୍ଣ ନୂତନ' ମିଳନ ସୁପତନ', ଶ୍ରବଣେ' ସୁଗନ୍ଧ ଲଭିବ' ହେ' ଧୀରଜନେ । ସାମନ୍ତସିଂହାର ବିଦଗ୍ଧ-ଚିନ୍ତାମଣି ।

୨୦ । ଖଣ୍ଡକାମୋଦୀ—ଏହା ଠିକ୍ କାମୋଦୀ ବୃତ୍ତର ଅନୁରୂପ । କାମୋଦୀ ବୃତ୍ତର ଦ୍ୱିତୀୟ ପାଦର ଓ ଷଷ୍ଠ ପାଦର ଶେଷ ଅକ୍ଷରଦ୍ୱୟ ଏବଂ ତୃତୀୟ ପାଦଟି ଏଥିରେ ନ ଥାଏ ଶେଷ ପାଦରେ 'ହେ' ନ ଥାଏ । ତେଣୁ ଏହା ପଞ୍ଚପାଦ ବିଶିଷ୍ଟ । ଯଥା—୧ । ଶୁଣୁଁ ଶୁଣୁଁ ସୁନୀଳ' ସମୁଦ୍ର ତୋ ସଲିଳ' ଛାଇ'ଲୁ ଦେଲୁ ମହାପୂରେ', ୨ । ଅନନ୍ତ ସିନ୍ଧୁ ସଙ୍ଗେ' ମିଶି ଗଲୁକ ରଙ୍ଗେ', ସକଳ' ଭେଦ ଫିଙ୍ଗି ଦୂରେ', ୩ । ଲହରୀ ଖୀରକର' ହାରି' ୪ । ତୋ କଣ୍ଠେ ତନ୍ତୁ' ପାରି'ବାର', ୫ । ଲମ୍ବାଇ ମହାନଦେ' ଗାଏ ଗାୟତ୍ରୀ

ଛନ୍ଦେ', ତୋ ସଙ୍ଗେ' ସଙ୍ଗୀତ ଉଦାର' । ମଧୁସୂଦନ ଜଗାଗ୍ରନ୍ଥ ।

୨୧ । ମାଳତୀ—ପ୍ରାଚୀନ ଓଡ଼ିଆ ଛନ୍ଦ ପୁସ୍ତକମାନଙ୍କରେ ଏହି ବୃତ୍ତ ଦେଖାଯାଏ ନାହିଁ, ଏହାର ପ୍ରତ୍ୟେକ ପଦ ଚତୁଷ୍ପାଦବିଶିଷ୍ଟ । ପ୍ରଥମ ପାଦରେ ଦଶଗୋଟି, ଦ୍ୱିତୀୟ ପାଦରେ ଷୋଳଗୋଟି, ତୃତୀୟ ଓ ଚତୁର୍ଥ ପାଦରେ ଚଉଦ ଗୋଟି ଲେଖାଏଁ ଅକ୍ଷର ଥାଏ । ଯତିପାତର କ୍ରମ ଯଥା—ପ୍ରଥମ ପାଦ—୪+୬, ଦ୍ୱିତୀୟ ପାଦ—୮+୮, ତୃତୀୟ ଓ ଚତୁର୍ଥ ପାଦ ୮+୬ ।—ଯଥା, ୧। ଆସ ନାଥ' ଅଗଣର ଗତି', ୨। ତୁମ୍ଭ ବିନା ଏ ସଂସାରେ' ମରଇଁ ମୁଁ ହାହାକାରେ', ୩ । ତାର ମୋତେ ମହାପ୍ରଭୁ' ଦେଇଣ ସୁମତି', ୪ । ଅନନ୍ତ ଦୟା ତୁମ୍ଭର' ଅନନ୍ତ ଶକତି' । ମଧୁସୂଦନ. ଜୀବନଚନ୍ଦ୍ରା ।

୨୨ । ରସକୁଲ୍ୟା—ଏହାର ପ୍ରତ୍ୟେକ ପଦ ଛଅ ପାଦବିଶିଷ୍ଟ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପାଦରେ ୧୧ ଗୋଟି ଲେଖାଏଁ ଅକ୍ଷର ଥାଏ ଏବଂ ତହିଁରେ ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ଚତୁର୍ଥ ପାଦ ବାର ଅକ୍ଷର ବିଶିଷ୍ଟ, ତହିଁରେ ଷଷ୍ଠ, ଏକାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ପଞ୍ଚମ ପାଦ ନଅ ଅକ୍ଷରବିଶିଷ୍ଟ, ତହିଁରେ ଷଷ୍ଠ, ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ଏବଂ ଷଷ୍ଠ ପାଦ ୨୧ ଅକ୍ଷର ବିଶିଷ୍ଟ, ତହିଁରେ ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ, ବିଂଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

୧ । ଗୀରବନ୍ତେ ସ୍ୱର୍ଗ ଦେବ ବିମାନ'
୨ । ଇଚ୍ଛା ଜାଣି ବେଗେ' ତୁଲ୍ୟା ସମାନ'
୩ । ଭାଗ୍ୟପଥୁଁ ନସେ' ଅବନୀ ତଳ'
୪ । ଅଗମ୍ୟର ଦେଶ' ବନେ ଉଜ୍ଜ୍ୱଳ' ସେ'
୫ । ଅନାଇଲେ ବସ୍ତୁ'ଯୂତରେ' ଯେ'
୬ । ଆନନ୍ଦେ ମଗନ' ଅଯୋଧ୍ୟାନିବାସୀ'
ଭରତଙ୍କ ଅନୁ'ଚରେ' ଯେ' ।
ମଧୁସୂଦନ. ଅଯୋଧ୍ୟା ପ୍ରତ୍ୟାଗମନ ।

୨୩ । ଅଶାଢ଼ଶୁକ୍ଳ (ବାଣୀ)—ଏହାର ପ୍ରତ୍ୟେକ ପଦ ଛଅ ପାଦବିଶିଷ୍ଟ । ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ଷଷ୍ଠ ପାଦରେ ଏଗାର ଗୋଟି ଲେଖାଏଁ ଅକ୍ଷର ଥାଏ ଓ ପ୍ରତି ପାଦର ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ପଞ୍ଚମ ପାଦରେ ଛଅ ଗୋଟି ଅକ୍ଷର ଥାଏ ଏବଂ ତାହାର କେବଳ ଶେଷ ଅକ୍ଷର ଉପରେ ଯତି ପଡ଼େ ।

ଯଥା—ରସିକମାନେ' ଶୁଣ ଦେଇ ମନ'
ରମଣୀ ମଣି' ବନୁ ବନୁ ଯାଣ',
ରଚ ପଟ ଛାଞ୍ଚ କରଣବାରେ'
ରସହାସ ଗ୍ରୀ'ଷ ବେଶ ବାସରେ',
ରହିତ ଅଦର'
ବିଷାଳସା ସା'ରେ ନଣି ବାସର' । ସାମନ୍ତସିଂହାର
ବିଦଗ୍ଧ ଚିନ୍ତାମଣି ।

୨୪ । ଶଙ୍କରାଭରଣ—ଏହାର ପ୍ରତ୍ୟେକ ପଦ ଚତୁଷ୍ପାଦବିଶିଷ୍ଟ । ପ୍ରଥମ, ଦ୍ୱିତୀୟ, ଓ ଚତୁର୍ଥ ପାଦରେ ୧୪ ଗୋଟି ଲେଖାଏଁ ଅକ୍ଷର ଥାଏ ଓ ପ୍ରତ୍ୟେକ ପାଦର ଅଷ୍ଟମ ଏକାଦଶ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ତୃତୀୟ ପାଦଟି ଆଠ ଅକ୍ଷରବିଶିଷ୍ଟ ଓ ଏହାର ଦ୍ୱିତୀୟ, ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ ।

ଯଥା—ଦାଣ୍ଡରେ ଶୁଭଇ ରାମ' କୃଷ୍ଣ ବୋ'ଲି' ଭାଇ'
ଅକ୍ରୂର ଆସିଛି ତାଙ୍କୁ' ନେଇ ଯି'ବା' ପାଇଁ'
ରାଜା' ପରଜା ସ'ହିତେ'
ସଜ ହୋଇଥାଅ କାଲି' ଚଳିବା' ପ୍ରଭାତେ' ।
ଭକ୍ତଚରଣ. ମଥୁରାମଙ୍ଗଳ ।

୨୫ । ବୈଖରୀ—ଏହାର ପ୍ରତ୍ୟେକ ପଦ ଚତୁଷ୍ପାଦବିଶିଷ୍ଟ; ପ୍ରଥମ ଓ ଦ୍ୱିତୀୟ ପାଦରେ ୨୯ ଗୋଟି ଲେଖାଏଁ, ତୃତୀୟ ପାଦରେ ୯ଗୋଟି ଓ ଚତୁର୍ଥ ପାଦରେ ୧୩ ଗୋଟି ଅକ୍ଷର ଥାଏ । ଯତିପାତର କ୍ରମ ନିମ୍ନରେ ପ୍ରଦର୍ଶିତ ହେଲା । ପ୍ରଥମ ଓ ଦ୍ୱିତୀୟ ୬+୨+୬+୨+୮+୫; ତୃତୀୟ ୬+୩; ଚତୁର୍ଥ ୬+୨+୫ ।

ଯଥା—୧ । ବିଚଳନ୍ତୁ ଅଳି'ଙ୍ଗନ' କର ଜାହ୍ନବୀ ଶୋ'ଭନ'
ହରେ ସୁରବର ତାପ' ସ୍ମରୁ ଧାରା ସେ'
୨ । ବନ୍ଦେ ମକର କେ'ତନ' ଉଜ୍ଜ୍ୱଳ ରଙ୍ଗ ସ'ମାନ'
ପୂରିତ ହୋଇଛି ପୁଣି' ଅଶେଷ ରସେ'
୩ । ବନ୍ଦ୍ୟ ହୈମବତୀ' ପଦରେ'
୪ । ବିଷକଣ୍ଠ ତୋଷ'ଦାୟୀ' ବେଶ ମତରେ' ।
ଭଞ୍ଜ. ବୈଦେହୀଶବିଳାସ ।

୨୬ । ଘଣ୍ଟାରବ—ଏହାର ପ୍ରତ୍ୟେକ ପଦରେ ତିନି ଗୋଟି ପାଦ ଥାଏ । ପ୍ରଥମ ଓ ଦ୍ୱିତୀୟ ପାଦରେ ଆଠ ଗୋଟି ଲେଖାଏଁ ଅକ୍ଷର ଓ ତୃତୀୟ ପାଦରେ କୋଡ଼ିଏ ଗୋଟି ଅକ୍ଷର ଥାଏ । ପ୍ରଥମ ଓ ଦ୍ୱିତୀୟରେ କେବଳ ଶେଷ ଅକ୍ଷର ଉପରେ ଓ ତୃତୀୟ ପାଦରେ ଷଷ୍ଠ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ ।

ଯଥା—
୧ । ମାଣବକ ଖେଳା ପରେ
୨ । ମାତି ସେ ଶସ୍ତ୍ର ଶାସ୍ତ୍ରରେ'
୩ । ମନ୍ତ୍ର ଶାସ୍ତ୍ର ଅବଧି' ମାନସକୁ ବୋଧି'
ମହାସେନ ଦର୍ପ ହରେ'—
ଗୋଲୋକ. ଇନ୍ଦୁରେଖା ।

୨୭ । ଜୟନ୍ତ—ଏହାର ପ୍ରତ୍ୟେକ ପଦ ତିନିପାଦବିଶିଷ୍ଟ । ପ୍ରଥମ ଓ ଦ୍ୱିତୀୟ ପାଦରେ ଚଉଦ ଗୋଟି ଲେଖାଏଁ ଅକ୍ଷର ଥାଏ ଏବଂ ସେ ଦୁଇ ପାଦରେ ଅଷ୍ଟମ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ । ତୃତୀୟ ପାଦ ଛଅଗୋଟି ଅକ୍ଷରବିଶିଷ୍ଟ, ତାହାର ଦ୍ୱିତୀୟ, ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତି ପଡ଼େ ।

ଯଥା—୧ । ଧୀରେ ସେହ କାନନରେ' କୃଷ୍ଣ ଚଳ'ମ୍ଭିତ'
୨ । ବାତ୍ସଲ୍ୟ ମମତା ସେନ୍ନ' ଗୁଲ୍ମଲତା' ମାତ'
୩ । କଳା' ମାଣିକରେ' ।
ସାମନ୍ତସିଂହାର. ବିଦଗ୍ଧ ଚିନ୍ତାମଣି ।

୨୮ । ଲଳିତ କାମୋଦ—ଏହାର ପ୍ରତ୍ୟେକ ପଦରେ ଚାରି ଗୋଟି ପାଦ ଥାଏ । ଅକ୍ଷର ସଂଖ୍ୟା ଓ ଯତିପାତର କ୍ରମ ନିମ୍ନରେ ପ୍ରଦର୍ଶିତ ହେଲା ।

ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ପାଦ—୨+୨+୨+୨+୨+୨+୩=୧୫

ତୃତୀୟ ପାଦ—୩+୫+୨+୨+୩=୧୫

ଯଥା—ଧୀରେ' ସୁଧା' କର' ଧର' କନ୍ତୁ'ଛନ୍ତି' ଦୂତିକ'
ଜୀବ'ନ ନେ'ବାକୁ' ଲଗା'ଇଛୁ' ପାପ' ପ୍ରୀତିକ'
ତୁଳିଗୋ' ପ୍ରାଣବନ୍ଧୁରେ' କହ'ଯାଇ' ଏଭିକ'
ଯାଆ' କର'ଛନ୍ତି' ସବୁ' ନାସ୍ତି'ମସ୍ତ' ସ୍ୱାତିକ' ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨୯ । ପାହାଡ଼ିଆ କେଦାର—ଏହାର ପାଞ୍ଚ ପାଦରେ ଏକ ପଦ ହୁଏ । ପ୍ରଥମ, ଦ୍ୱିତୀୟ ଓ ପଞ୍ଚମ ପାଦ ୩୫ ଅକ୍ଷରବିଶିଷ୍ଟ । ୩ୟ ୪ର୍ଥ ପାଦରେ ବାର ଗୋଟି ଲେଖାଏଁ ଅକ୍ଷର ଥାଏ । ଏହା ପାଠ ହେଲାବେଳେ ପ୍ରତ୍ୟେକ ପାଦର ଶେଷରେ ହେ, ଗୋ ବା ଯେ ମଧ୍ୟରୁ କୌଣସି ଗୋଟିଏ ଲାଗେ । ପ୍ରଥମ, ଦ୍ୱିତୀୟ ଓ ୫ମ ପାଦର ଦଶମ, ବିଂଶ, ତ୍ରିଂଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ୩ୟ ଓ ୪ର୍ଥ ପାଦ ଶେଷରେ ଯତି ପଡ଼େ । ପ୍ରଥମ ପାଦର ଶେଷ ଅକ୍ଷର ଯାହା, ଦ୍ୱିତୀୟ ପାଦର ଶେଷ ଅକ୍ଷର ତାହା ହୁଏ ଓ ତୃତୀୟ, ଚତୁର୍ଥ ପାଦର ଶେଷ ଅକ୍ଷର ଯାହା ହୁଏ, ପଞ୍ଚମ ପାଦର ଶେଷ ଅକ୍ଷର ତାହା ହୁଏ ।

ଯଥା—୧ । ସେହି ବିଦୁର ଅପୂର୍ବରସ' ରଣ ଉଦ୍ୟୋଗେ ଅଙ୍ଗ ନରେଶ'
ତେଙ୍ଗୁରି ବାଜେ ଦେଖ ବିଦେଶ'
ସଇନ ସାଜେ' ଯେ,
୨ । ଅସେ କେ ମଲ୍ଲ ଧରଣ ଭଲ୍ଲ' କୃପାଣ ପାଣି ଶୋଭି ଅତୁଲ'
ଅଙ୍ଗେ ଫଳକ ଦୋଳେ ବର୍ତ୍ତୁଳ'
ମଦେ ଗରଜେ' ଯେ,
୩ । ବଉପେ କେ ଉଜ୍ଜ୍ୱଳ ତ୍ରିଶୂଳ ଧରେ' ଯେ,
୪ । ଖରଶାଣ ତରବାରି କାହା କରେ' ଯେ
୫ । କେ ବାଣାସନ ଧରି ଶୋଭନ' ଖଞ୍ଜି ତୂଣୀରେ ଶର ଯତନ' ସାଞ୍ଜୁ ବର୍ମ୍ମରେ କେବା ଭୂଷଣ' ମାତି ମତରେ'
ଯେ ଗୋଲୋକ. ଇନ୍ଦୁରେଖା ।

୩୦ । କଉଶିକ—ଏହାର ପ୍ରତ୍ୟେକ ପଦରେ ପାଞ୍ଚଗୋଟି ପାଦ ଥାଏ । ପ୍ରଥମ, ଦ୍ୱିତୀୟ ଓ ପଞ୍ଚମ ପାଦ ୨୧ ଅକ୍ଷର ବିଶିଷ୍ଟ । ତୃତୀୟ ପାଦରେ ପାଞ୍ଚ ଓ ଚତୁର୍ଥ ପାଦରେ ୯ଟି ଅକ୍ଷର ଥାଏ । ଯତିପାତର କ୍ରମ ନିମ୍ନରେ ଦିଆଗଲା ।

ପ୍ରଥମ, ଦ୍ୱିତୀୟ ଓ ପଞ୍ଚମ ପାଦରେ—୩+୩+୩+୩+୩+୩+୩;
୩ୟରେ—୨+୩; ଚତୁର୍ଥରେ—୩+୩+୩

ଯଥା—୧ । ମଲ୍ଲି ମୁଖୁଁ ଶୁଣି' କୋପେ ବଂଶପାଣି'
ମୁଷ୍ଟିକ' ଯାନେ ବଂକେ କଲେ'
୨ । ଧନୁଷ'ର ଧରି' ଆକାଶେ' ଉହାଣ'
ସୁବଳ' ଗୈରିକ' ଘୁଣ୍ଟିଁଲେ'
୩ । ଭୋଳେ' ଦେଖିଲେ'
୪ । ଦୁନ୍ଦାଦ'ଳ ରାମ' ଘଣ୍ଟିଲ'
୫ । ସଂସାର' ଶୋଭିତ' ସେହି ଅ'ବତାର'
ମଦନ' ଯାର ଫ'ରଣ୍ଣର' ।
ବିଶ୍ୱନାଥ. ବିଚିତ୍ର. ରାମାୟଣ ।

୩୧ । ବସନ୍ତ—ଏହାର ପ୍ରତ୍ୟେକ ପଦରେ ଛଅଗୋଟି ପାଦ ଥାଏ । ପ୍ରତ୍ୟେକ ପାଦରେ ୧୪ ଗୋଟି ଲେଖାଏଁ ଅକ୍ଷର ଥାଏ । ପ୍ରଥମ ପାଦର ଶେଷ ଅକ୍ଷର ସହିତ ଦ୍ୱିତୀୟ ପାଦର ଶେଷ ଅକ୍ଷର, ତୃତୀୟ ପାଦର ଶେଷ ଅକ୍ଷର ସହିତ ଚତୁର୍ଥ ପାଦର ଶେଷ ଅକ୍ଷର, ପଞ୍ଚମ ପାଦର ଶେଷ ଅକ୍ଷର ସହିତ ଷଷ୍ଠ ପାଦର ଶେଷ ଅକ୍ଷରର ଯତିପାତ ହୁଏ । ଅନ୍ତର ମଧ୍ୟ ପ୍ରତ୍ୟେକ ପାଦର ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଯଥା—ହର ଧନୁ ଭଗ୍ନ ରାମ' ରାମଚନ୍ଦ୍ରୀ ବର୍ତ୍ତି'
ଲେଖିଲେ ଗୃହଭୂମି ଅଳୀ' ଅଳ କରି ଶୋଭି',
ଭୁସୁରମ ରାମବାଦ' ବଶୀରେ ଯେମନ୍ତି',
ବୋଧେ ରଘୁବର ବର'-ବରଣୀର ଚିତ୍ତି'
ମଧୁଶପଥ୍ୟା ଶଯ୍ୟାଶୋଭି' ଫୁଲ ଯାପ ହୁଳି'
ରାମ ସୀତା ଚନ୍ଦ୍ର ଚନ୍ଦ୍ର' ବଧାବେ ଡକାଇ' ।
ଗୋଲୋକ. ଇନ୍ଦୁରେଖା ।

୩୨ । କନଡ଼ା—ଏହାର ପ୍ରତ୍ୟେକ ପଦରେ ସାତ ପାଦ ଥାଏ । ଏହାର ପାଦମାନଙ୍କର ଯତିପାତ ଓ ପାଦମାନ ପ୍ରତ୍ୟେକ କେତେ ଅକ୍ଷର, ତାହା ନିମ୍ନରେ ପ୍ରଦତ୍ତ ହେଲା । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପାଦର ଶେଷ ଅକ୍ଷର ଏକ । ପଞ୍ଚମ, ଷଷ୍ଠ ଓ ସପ୍ତମ ପାଦର ଶେଷ ଅକ୍ଷର ଏକ ।

ପ୍ରଥମ—୬+୬+୯=୨୧
ତୃତୀୟ—୬+୬+୮+୧=୨୧
ଦ୍ୱିତୀୟ, ପଞ୍ଚମ ଓ ଷଷ୍ଠ—୨+୯=୧୧
ଚତୁର୍ଥ—୩ =୩
ସପ୍ତମ—୬+୬+୩+୫+୧=୨୧ ।

ଯଥା—୧ । କୁମାର ବିଳାସ' ଚବଣ୍ଣରେ ରସ'
ସୁଧୀର ଧୀର କର ଚିତ୍ତ' ।
୨ । ବର' କରଗତ କଣ୍ଠି ଅଗତ'
୩ । କବେ ନାଇ ତାରି' ମଦନ ବିଳୋଳ'
ମୋହିଲା ରଙ୍ଗେ ଜଗତ' ସେ' ।

୪ । କାମିନୀ' । ୫ । କଳା'କର ମଥାମଣି ମଥାରେ'
୬ । କହେ' ବଙ୍ଗେ ତରୁଣ ଦମ୍ପତିରେ' ।
୭ । କରନ୍ତା ବଳମ୍' କର ସଙ୍ଗ ରଙ୍ଗ'
ବନୋଦେ' ମନମଥରେ' ଗୋ' ।
ଗୋଲୋକ. ଇନ୍ଦୁରେଖା ।

୩୩ । ଧନାଶ୍ରୀ—ଏହାର ପ୍ରତ୍ୟେକ ପଦରେ ପାଞ୍ଚ ପାଦ ଥାଏ । ପ୍ରଥମ ପାଦରେ ଚୋଦ୍ଦଏ ଅକ୍ଷର, ଦ୍ୱିତୀୟ ପାଦରେ ୨୦ ଅକ୍ଷର; ତୃତୀୟ ପାଦରେ ହେ, ରେ ବା ଗୋ ସହିତ ଅଣ୍ଟ ଦୁଇଟି ଅକ୍ଷର; ଚତୁର୍ଥ ଓ ପଞ୍ଚମ ପାଦରେ ଦଶଗୋଟି ଲେଖାଏଁ ଅକ୍ଷର ଥାଏ । ପାଦମାନଙ୍କର ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

୧ । ତରତର ହୋଇ ସଜନୀଏ ଲୋଡ଼ୁ ଧୀରମଣିଙ୍କ ଉଦ୍ଧର'
୨ । ତରଳ ନୟନା ସମବେଦନାରୁ ଏଭଳି ମାତର ଭର' ।
୩ । ହେ ଧୀର'
୪ । ତରସ୍ତ ନୁହ କଥା ଉତର'
୫ । ତରଳଛ ଜାଣୁ ବୁଦ୍ଧିବର' ।
ଗୋଲୋକ, ଇନ୍ଦୁରେଖା ।

୩୪ । ଚନ୍ଦ୍ରାକାମୋଦ—ଏହାର ଚାରି ପାଦରେ ଗୋଟିଏ ପଦ ହୁଏ । ପ୍ରଥମ ଓ ଦ୍ୱିତୀୟ ପାଦରେ ଚୋଦ୍ଦଏ ଗୋଟି ଲେଖାଏଁ ଅକ୍ଷର ଥାଏ । ତୃତୀୟ ପାଦରେ ସାତ-ଗୋଟି ଓ ଚତୁର୍ଥ ପାଦରେ ଦଶଗୋଟି ଅକ୍ଷର ଥାଏ । ପାଦମାନଙ୍କର ଶେଷ ଅକ୍ଷରରେ ଯତିପାତ ହୁଏ । ପ୍ରଥମ ଓ ଦ୍ୱିତୀୟ ପାଦର ଚତୁର୍ଥ ଓ ଦ୍ୱାଦଶ ଅକ୍ଷର ଉପରେ, ତୃତୀୟ ଓ ଚତୁର୍ଥ ପାଦର ଦ୍ୱିତୀୟ ଅକ୍ଷର ଉପରେ ଅଧିକା ଯତି ପଡ଼େ ।

ଯଥା—୧ । ଉଭେ ସମ' ତାଙ୍କୁ ହୃଅନ୍ତା ସୀତାଂଶୁ'
ନ ଥିଲେ ନାନା ମୂରତି'
୨ । ଶତ୍ରୁ ଚନ୍ଦ୍ରା'ମନେ ଜାତ ଭାବ ହୃଦ୍-
ଗ୍ରୀବ ଅପସରି ପତି'
୩ । ଭଙ୍ଗି'ରେ ବୁଢ଼ିଲେ ମତି'
୪ । ଉର'ଦଶ ପତି ନେବ ଅତି' ।
ଗୋଲୋକ, ଇନ୍ଦୁରେଖା ।]

ଦେ. ବ—୧ । କଟୁସ୍ୱାଦ; ଦ୍ରବ୍ୟର ସ୍ୱାଦ ବିଶେଷ—
ঝাল 1. Pungent or acrid taste. (ଯଥା—
कड़ुआ ଲଙ୍କାମରିଚର ରାଗ ।) ୨ । କଟୁତା; କଡ଼ାଗୁଣ—
2. Pungency; acridity; acuteness. (ଯଥା—ସୁରସୋରିଷ ତେଲର ରାଗ ଅନ୍ୟ ସୋରିଷ ତେଲର ରାଗ ଅପେକ୍ଷା ବେଶି ।) ୩ । ଦୁଃସହତା—
3. Unbearableness. ବିଣ—୧ । କଟୁସ୍ୱାଦ-ଯୁକ୍ତ—1. Pungent; acrid; very hot (in taste). ୨ । ଦୁଃସହ; ତୀବ୍ର—2. Unbearable.

ରାଗ ଅହନ୍ତା—ଦେ. ବ (ସହିତର ଶବ୍ଦ)—ରାଗ ଦ୍ୱେଷ (ଦେଖ)
Rāga ahantā Rāga dwesha (See)
রাগরোষ रागद्वेष

ରାଗ ଉପୁଜା(ଜେ)ଇବା—ଦେ.କ୍ରି—କୌଣସି ବ୍ୟକ୍ତିର ମନରେ କ୍ରୋଧ
Rāga upujā(je)ibā ଜାତ କରାଇବା; ରଗାଇବା—To
রাগজন্মান रागउपजाना cause a person to be angry; to engender indingation in a person's mind.

ରାଗ ଉପୁଜିବା—ଦେ. ବ—ମନରେ କ୍ରୋଧ ଉପଜାତ ହେବା—
Rāga upujibā The arising of indignation in
রাগহওয়া रागउपजाना the mind.

ରାଗ କରିବା—ଦେ. କ୍ରି—କୌଣସି ବ୍ୟକ୍ତିପ୍ରତି କ୍ରୁଦ୍ଧ ହେବା—
Rāga karibā To be angry with or indignant
রাগকরা रागकरना at a person. (ଯଥା—ସେ ଏଠାରୁ ମୋ ଉପରେ ରାଗକରି ଗୁଲିଗଲେ ।)

ରାଗ ଚଣା—ପ୍ରାଦେ (ଗଞ୍ଜାମ) ଓ—ବୁଟକୁ ବା ଚଣାକୁ ରାତିରେ ପାଣିରେ
Rāga chaṇā ବତୁରାଇ ସକାଳେ ସିଝାଇ ତହିଁରେ ପରେ କାଗଜି ଲେମ୍ବୁ ରସ ଓ ପିଆଜ ଦ୍ୱାରା ଲଙ୍କାମରିଚ ବଘାରି ପ୍ରସ୍ତୁତ କରିବା ଖାଦ୍ୟ—A food prepared by boiling wet gram or Cicer Arietinum and seasoning it with lemon juice, onion and red pepper.

ରାଗ ଚୂର୍ଣ୍ଣ—ସଂ.ବ (ରାଗ=ରକ୍ତବର୍ଣ୍ଣ+ଚୂର୍ଣ୍ଣ) —୧ (କର୍ମଧା; ରକ୍ତବର୍ଣ୍ଣଚୂର୍ଣ୍ଣ;
Rāga chūrṇṇa ଫଗୁ-1. Red powder. ୨। ସିନ୍ଦୂର—
2. Red lead. ୩। (ବହୁବ୍ରୀହି) କନ୍ଦର୍ପ; ମଦନ—3. Cupid. ୪ । ଖଇର ଗଛ—4. Catechu tree. ୫। ଲାକ୍ଷା— 5. Lac.

ରାଗଚ୍ଛନ୍ନ—ସଂ. ବ (ରାଗ=ଅନୁରାଗ+ଛନ୍ନ=ଆବୃତ, ବହୁବ୍ରୀହି)—
Rāgachchhanna କାମଦେବ; ମଦନ—Cupid.

ରାଗଜିର—ଦେ. ବ—ପରିଚ୍ଛଦ ବା ପୋଷାକବିଶେଷ—
Rāgajira A kind of dress.

ରାଗଡ଼ି—ଦେ. ବ—ରାଗିଡ଼ି (ଦେଖ)
Rāgarḍi Rāgirḍi (See)

ରାଗତଃ—ସଂ. କ୍ରି. ବିଣ (ରାଗ+ତସ୍)—ରାଗହେତୁରୁ—
Rāgataḥ On account of anger.

ରାଗ ତାନ(ଳ)—ସଂ. ବ (ସହିତର ଶବ୍ଦ; ଦ୍ୱନ୍ଦ୍ୱ) —ସଙ୍ଗୀତର ରାଗ ଓ ତାଳ
Rāga tāna(ḷa) ବା ତାଳ—The metre of a song accompanied with proper beating to tune. [ଦ୍ର—ପ୍ରତ୍ୟେକ ସଙ୍ଗୀତର ଆଦ୍ୟରେ ସେହି ସଙ୍ଗୀତର ରାଗ ଓ ତାଳର ଉଲ୍ଲେଖ କରାଯାଇଥାଏ ।]

ରାଗ ତାନ ମାନ—ସଂ. ବ (ଦ୍ୱନ୍ଦ୍ୱ)—ସଙ୍ଗୀତର ରାଗ, ତାଳ ଓ ଗୀତ—
Rāga tāna māna ବାଦ୍ୟର ସମତା—The harmony
[ରାଗତାନ(ଳ)ଲୟ—ଅନ୍ୟରୂପ] of metre, measure and song in music.

ରାଗ ଥଣ୍ଡା ହେବା—ଦେ. କ୍ରି—କ୍ରୋଧର ଉପଶମ—
Rāga thaṇḍāhebā Subsidence of one's anger.
রাগঠাণ্ডাহওয়া रागठंढाहोना

ରାଗଡାଲି—ସ୍ଥ. ବି—ମସୂର—
Rāgadāḷi A sort of pulse; Cicer Lens.

ରାଗ ଦ୍ୱେଷ—ସଂ. ବି (ଦ୍ୱନ୍ଦ୍ୱର ଶବ୍ଦ)—କ୍ରୋଧ ଓ ଈର୍ଷା—
Rāga dwesha Anger and spite.

ରାଗ ପଡ଼ିବା—ପ୍ରାଦେ (ଗଞ୍ଜାମ) କ୍ରି—ରାଗିବା—
Rāga paṛibā To be angry.

ରାଗ ପାଣି—ପ୍ରାଦେ (ପୁରୀଜିଲ୍ଲା) ବି—(ଯେଉଁ ପାନୀୟ ମରିଚଯୁକ୍ତ ହେବାରୁ
Rāga pāṇi କଟୁ ଲାଗେ)—୧। ଭାଙ୍ଗ; ଭାଙ୍ଗପାଣି—
1. A drink made of hemp leaves pestled with black pepper. ୨। ରୋଗୀମାନଙ୍କ ନିମନ୍ତେ ଅଧିକ ପରିମାଣରେ ଗୋଲମରିଚ ବଟା ପକାଇ କରାଯାଇଥିବା ଝୋଳ—2. Soup made by adding black pepper paste for invalids and patients.

ରାଗ ପୂରା(ରେ)ଇବା—ଦେ.କ୍ରି—ରାଗ ରଖିବା—To entertain a
Rāga purā(re)ibā feeling of indignation or
(ରାଗ ପୋଷିବା—ଅନ୍ୟରୂପ) grudge.
রাগরাখা रागरखना, रंजरखना

ରାଗପୁଷ୍ପ—ସଂ.ବି—୧। ବନ୍ଧୁକପୁଷ୍ପ—1. A flower; Pentapetalus
Rāga puspa Phœnicia. ୨। ରକ୍ତାମ୍ଳାନ ପୁଷ୍ପ—2. The red globe amaranth flower.

ରାଗପୁଷ୍ପୀ—ସଂ. ବି—ଜବା; ମନ୍ଦାର—
Rāgapushpi The China rose (red).

ରାଗ ବହିବା—ଦେ.କ୍ରି—କ୍ରୋଧଭାବକୁ ମନରେ କିଛିକାଳପାଇଁ ସ୍ଥାନ
Rāga bahibā ଦେବା—To allow the feeling
রাগরাখা रागबहना of anger to predominate in the mind for some time.

ରାଗବାନ୍—ସଂ.ବିଣ ପୁଂ(ରାଗ+ବତ୍; ୧ମା ୧ବ);—୧। ରାଗବିଶିଷ୍ଟ—
Rāgabān 1. Coloured; dyed. ୨। ଅନୁରାଗବିଶିଷ୍ଟ—2.
(ରାଗବତୀ—ସ୍ତ୍ରୀ) Passionate; impassioned. ଦେ. ବିଣ
—ଅତି ଲାଲ—Very red. [ଉ—ବମ୍ପଫଳକୁ ରାଗବାନ୍ ଅଧରବର୍ତ୍ତୁଳ ସ୍ତନମଣ୍ଡଳ—ପ୍ରାଚୀ. ରସବାରିଧି ।]

ରାଗ ବୃନ୍ତ—ସଂ. ବି (ବହୁବ୍ରୀହି)—କାମଦେବ—
Rāga bṛunta Cupid.

ରାଗ ବେଳ(ଳା)—ଦେ.ବି—ମନୁଷ୍ୟର କ୍ରୋଧାନ୍ୱିତ ହୋଇଥିବା ସମୟ—
Rāga beḷa(ḷā) The time when a man is very angry. (ଯଥା—ମୁଁ
ରାଗମୁହଁ } ଅନ୍ୟରୂପ— ଅମୁକର ରାଗମୁହଁରେ ପଡ଼ିଗଲି
ରାଗବେଳ(ତ) }
রাগেরসময় রাগেরমুখ रागकेबखत अर्थात् ତାର ରାଗବେଳେ ମୁଁ ଯାଇ ହାଜର ହେଲି)

ରାଗଭର—ଦେ. ବିଣ—କ୍ରୋଧାନ୍ୱିତ—
Rāgabhara Angry; full of anger.
রাগভরা रागमेभरा हुआ।

ରାଗ ମାରିବା—ଦେ. କ୍ରି—ନିଜର କ୍ରୋଧଭାବକୁ ଶାନ୍ତ କରିବା—To
Rāgamāribā pa cify one's feeling of indigna-
রাগচাপা रागठंडाकरना (ରାଗମରିବା—ଭି.ରୂପ) tion.

ରାଗ ମାର୍ଗ—ସଂ. ବି (ରାଗ=ଅନୁରାଗ+ମାର୍ଗ=ପଥ) (ବୈଷ୍ଣବ
Rāgamārga ସାହିତ୍ୟ)—ନିଃସ୍ୱାର୍ଥ ଈଶ୍ୱରପ୍ରେମ; ସାତ୍ତ୍ୱିକ ଭକ୍ତି
(ରାଗାନୁଗାଭକ୍ତି—ଅନ୍ୟରୂପ) Reverence for mere love or tender care of God without any selfish motive.

ରାଗ ମାଳା—ସ୍ଥ. ବି—କୌଣସି ବିଷୟକୁ ଏକାଧିକ ରାଗରେ ଅବଦ୍ଧ କରି
Rāga māḷā ପର୍ଯ୍ୟାୟକ୍ରମେ ତାଳଯୋଗରେ ଗାନ କରିବା—
A sort of singing in which more than one tune of music is sung to different measures.

ରାଗଯୁକ୍—ସଂ. ବି (ରାଗ+ଯୁଜ୍ ଧାତୁ+ କର୍ମ. କ୍ୱିପ୍)—ମାଣିକ୍ୟ—
Rāgajuk Ruby.

ରାଗ ରକ୍ତ—ସଂ.ବିଣ(ଷଷ୍ଠୀ ତତ୍)—କୌଣସି ରଙ୍ଗ ବୋଳା ହୋଇଥିବା—
Rāga rakta Dyed; coloured.
(ରାଗରଞ୍ଜିତ—ଅନ୍ୟରୂପ)

ରାଗ ରଖିବା—ଦେ.କ୍ରି—ମନରେ ଅସନ୍ତୋଷଭାବକୁ ପୋଷଣ କରିବା—
Rāga rakhibā To entertain a feeling of
রাগরাখা रागरखना indignation and grudge.

ରାଗ ରଙ୍ଗ—ସଂ.ବି (ମ. ପ. ଲୋ.)—ଅନୁରାଗଜନିତ ଅଙ୍ଗଭଙ୍ଗୀ
Rāga ranga Poses due to love.

ରାଗ ରଜ୍ଜୁ—ସଂ. ବି(ବହୁବ୍ରୀହି)—କାମଦେବ—
Rāga rajju Cupid

ରାଗ ରାଗିଣୀ—ସଂ. ବି (ଦ୍ୱନ୍ଦ୍ୱର ଶବ୍ଦ)—ରାଗ ଓ ରାଗିଣୀ—
Rāga rāgiṇi Primary notes or tunes and secondary notes or tunes in music)

ରାଗରଗୁଆ—ଦେ. ବିଣ—ସାମାନ୍ୟ କଟୁ ସ୍ୱାଦଯୁକ୍ତ—
Rāgarāguā Having a slightly pungent taste.
ঝালঝাল जेराकडुआ

ରାଗରିପୁ—ଦେ. ବି (ଦ୍ୱନ୍ଦ୍ୱର ଶବ୍ଦ)—ରାଗଦ୍ୱେଷ (ଦେଖ)
Rāgaripu Rāgadwesha (See

ରାଗରେ ଟମଟମ ହେବା—ଦେ. କ୍ରି—ରାଗରେ ଜର୍ଜରିତ ହେବା—
Rāgare tamatama hebā To be overpowered
রেগেঅস্থিরহওয়া रागमेतमतमाहोना with anger.

ରାଗ ଲତା—ସଂ. ବି—ରତି; କାମପତ୍ନୀ—The wife of Cupid;
Rāga latā sexual cohabitation. [ଉ—କନ୍ଦର୍ପ ପ୍ରଗାଢ ରାଗଲତା ପରି—ଉପେ. ବୈଦେହୀଶବିଳାସ ।]

ରାଗଷାଡ଼ବ—ସଂ.' ବ (ବୈଦ୍ୟକ)—୧ । ମୁଗର ଯୂଷରେ ଡାଳମ୍ବ ଓ
Rāgashārdaba ଦ୍ରାକ୍ଷାର ରସ ମିଶ୍ରିତ କରି ଯେଉଁ ସୁସ୍ୱାଦ୍ୟ
ପାନୀୟ ପ୍ରସ୍ତୁତ ହୁଏ—1. A sort of drink.
୨ । ରାଗଷାଡ଼ବ (ଦେଖ)—2. Rāgasārdabe (See)

ରାଗଷାଣ୍ଡବ—ସ. ବ (ବୈଦ୍ୟକ)—୧ । ରାଗ ଷାଡ଼ବ (ଦେଖ)—
Rāgashāndaba 1. Rāgasārdaba. (See) ୨ । କଞ୍ଚା-
ଅମ୍ବର ମୋରବ୍ବା—2. A sort of mango
preserve. [ବ୍ୟୁ—କଞ୍ଚା ଅମ୍ବର ଚ୍ଛେଷା ଚେଞ୍ଚକ ତା ଖସରୁ
ଟାକୁଅରୁ ବାହାର କରି ତେଲରେ ଭାଜି, ଚିନି ରସରେ
ସିଝାଇ ତହିଁରେ ମସଲାଗୁଣ୍ଡ ମିଶାଇଲେ ଏହା ପ୍ରସ୍ତୁତ ହୁଏ ।
ଏହା ବହୁଦିନ ଅବିକୃତ ରହେ ।]

ରାଗ ସମ୍ବରଣ କରିବା——ଦେ. କ୍ରି—ମନରେ କୋଧ ଭାବକୁ
Rāga sambarana kariba ଥଣ୍ଡା କରିବା—To rest-
[ରାଗ ସମ୍ଭାଳିବା—ଅନ୍ୟରୂପ] rain one's feeling of rage.
রাগসম্বরণ করা, রাগসামলা रागरोकना

ରାଗଷାଡ଼ବ - ସ. ବ — ଗୁଡ଼ ଏବଂ ତେଲରେ ପାକ କରାଯିବା ଅମ୍ବର
Rāga sārdaba ଆଚାର; ଅମ୍ବର କାସନ୍ଦି ଆଚାର—
A sort of mango pickle boiled in oil and sugar.

ରାଗ ସୂତ୍ର—ସ. ବ—୧ । ରଙ୍ଗିନ୍ ସୂତା—1. Dyed thread.
Rāga sūtra ୨ । ପାଟ ସୂତା—2. Silk thread.
୩ । ତୁଳାସୂତ୍ର; ତରାଜୁର ସୂତା—
3. The string of a balance.

ରାଗ ହେବା—ଦେ. କ୍ରି—କ୍ରୋଧାନ୍ୱିତ ହେବା; ରାଗିବା; ରୋଷ କରିବା —
Rāga hebā To be angry or indignant.
রাগ করা रागहोना

ରାଗା—ଦେ. ବଣ (ସ. ରାଗ)—କଟୁସ୍ୱାଦ ଯୁକ୍ତ—
Rāgā Of pungent taste.
ঝাল कड़ुआ

ରାଗାଡ଼ି—ଦେ. ବ—ରାଗିଡ଼ି (ଦେଖ)—Rāgirdi. (See) [ଦ୍ର—
Rāgārdi ମଣି ରାଗାଡ଼ି ଚନ୍ଦ୍ରମା ଅର୍କମା, କେଶ ଅମାରେ ହେବାପର
ଜମା । ଭକ୍ତସୂର୍ଯ୍ୟ. ଚନ୍ଦ୍ରକଳା ।]

ରାଗାତ୍ମକ—ସ. ବ (ବହୁବ୍ରୀହି; ରାଗ ହୋଇଅଛି ଆତ୍ମା ଯାହାର;ରାଗ+
Rāgātmama ଆତ୍ମନ୍ + କ) – ରାଗସମନ୍ୱିତ—Having
[ରାଗାତ୍ମିକା—ସ୍ତ୍ରୀ] 'Rāga' (of different meanings) as its essence.

ରାଗାନ୍ତ—ଦେ.ବଣ (ସ. ରାଗାନ୍ୱିତ; ରାଗାନ୍ଧ)—1. Angry.
Rāgānta ୨ । କୋପନସ୍ୱଭାବ; କ୍ରୋଧୀ—2. Of irritable temper.
(ରାଗାନ୍ତି, ରାଗାନ୍ତିଆ —ଅନ୍ୟରୂପ)
রাগান্বিত रंजिला

ରାଗାନ୍ଧ—ସ. ବଣ. ପୁଂ (ତତ୍ପୁରୁଷ; ରାଗ+ଅନ୍ଧ)—୧ । କ୍ରୋଧାନ୍ଧ;
Rāgāndha କ୍ରୋଧଯୋଗୁଁ ହତାହତ ବିବେଚନା ଶୂନ୍ୟ—
(ରାଗାନ୍ଧା—ସ୍ତ୍ରୀ) 1. Blinded with rage. [ଦ୍ର—ସଂସ୍କୃତରେ
(ରାଗାନ୍ଧତା—ବ) କ୍ରୋଧାନ୍ଧ ଅର୍ଥରେ 'ରାଗାନ୍ଧ' ବ୍ୟବହାର ପ୍ରାୟସ
ଦେଖାଯାଏ ନାହିଁ ।] ୨ । ଅନୁରାଗଯୋଗୁଁ ବିବେଚନା-
ଶୂନ୍ୟ—2. Blinded with love or passions.

ରାଗାନ୍ୱିତ—ସ. ବଣ. ପୁଂ (ତୃତୀୟା ତତ୍; ରାଗ+ଅନ୍ୱିତ)—କ୍ରୁଦ୍ଧ;
Rāgānwita କ୍ରୋଧଯୁକ୍ତ; ରୁଷ୍ଟ—Enraged; angry;
(ରାଗାନ୍ୱିତା—ସ୍ତ୍ରୀ) filled with passion.

ରାଗାରାଗି—ଦେ. ବ—ପରସ୍ପର କ୍ରୋଧପ୍ରକାଶପୂର୍ବକ କଥୋପକଥନ—
Rāgārāgi Exchange of hot words.
রাগারাগি रागारागी

ରାଗାରୁ—ସ. ବଣ (ରାଗ+ଅରୁ)—ଯେଉଁ ବ୍ୟକ୍ତି ଆଶାଦେଇ ଦାନ
Rāgru କରୁନ ହୁଏ; ଯେଉଁ ବ୍ୟକ୍ତି ଆଶା ଦେଇ ଭଣ୍ଡାଏ—
Not keeping one's promise of a gift.

ରାଗାର୍ହ – ସ.ବଣ. ପୁଂ—ଯେ ଆଶା ଦେଇ ନିରାଶ କରେ ବା ଭଣ୍ଡାଏ—
Rāgarha Not fulfilling one's
(ରାଗାର୍ହା—ସ୍ତ୍ରୀ) promise of gifts.

ରାଗିଆ—ଦେ. ବଣ—୧ । ରାଗା; କଟୁ—1. Pungent. ୨ । ରାଗୀ;
Rāgiā କ୍ରୋଧୀ—3. Of irritable temper.
রাগী रागिया

ରାଗି(ଗେ)ଡ଼ି—ଦେ. ବ—ରମଣୀମାନଙ୍କ ତାଳୁର କେଶ ଉପରେ
Rāgi(ge)rdi ଲଗାଯିବା ଚେପଟା ଓ ଗୋଲ ପୂର୍ଣ୍ଣଚନ୍ଦ୍ରାକୃତି
सोनेकीसूरज ବା ସୂର୍ଯ୍ୟାକୃତି ସ୍ୱର୍ଣ୍ଣନିର୍ମିତ ଅଳଙ୍କାର ବିଶେଷ
—A circular and flat plate of gold put on the hair as ornament.

ରାଗିଡ଼ି ଚନ୍ଦ୍ର—ଦେ. ବ (ସହରର ଶବ୍ଦ)—କେଶ ଉପରେ ଲଗାଯିବା
Rāgirdi chandra ସୂର୍ଯ୍ୟ ବା ପୂର୍ଣ୍ଣଚନ୍ଦ୍ରାକୃତି ଅଳଙ୍କାର
सूरजचाद (ରାଗିଡ଼ି) ଓ ତାହାର ପାର୍ଶ୍ୱରେ ଲଗାଯିବା ଖଣ୍ଡ-
ଚନ୍ଦ୍ରାକୃତି ପାନ୍ଧଅ(ଚନ୍ଦ୍ର), ଏପରି ଦୁଇଟି ଅଳଙ୍କାର—Two
ornaments worn on the hair consisting of a sun-shaped flat gold piece and a crescent-shaped one attached to one side.

ରାଗିଣୀ—ସ. ବ. ସ୍ତ୍ରୀ (ରାଗ+ସ୍ତ୍ରୀ. ଇନ୍+ଈ; ରାଗମାନଙ୍କର ଭାର୍ଯ୍ୟା)
Rāgini —ସଙ୍ଗୀତର ପ୍ରଧାନ ୬ ଗୋଟି ରାଗର ପରିବର୍ତ୍ତିତ
ବା ମିଶ୍ରଣାଦି ଜନିତ ମିଶ୍ରସ୍ୱର— Secondary tunes
in music. [ଦ୍ର—ରାଗରଙ୍ଗ ନୋଟ୍ ଦେଖ ।
ପ୍ରତ୍ୟେକ ରାଗର ୬ ଗୋଟି ରାଗିଣୀ ଅଛି । ଭିନ୍ନ ଭିନ୍ନ
ଋଷିଙ୍କ ମତରେ ରାଗିଣୀମାନ ମଧ୍ୟ ଭିନ୍ନ ଭିନ୍ନ । ଏକ ମୁନି
ଯେଉଁ ରାଗିଣୀକୁ ଏକ ରାଗର ଭାର୍ଯ୍ୟା ବୋଲି କହି ଯାଇ
ଅଛନ୍ତି, ଅନ୍ୟ ମୁନି ତାକୁ ଅନ୍ୟ ଏକ ରାଗର ଭାର୍ଯ୍ୟା ବୋଲି
କହିଯାଇ ଅଛନ୍ତି । ଫଳତଃ ବହୁପ୍ରକାର ରାଗରାଗିଣୀ ଚେତ
ହୋଇଅଛି ଓ ସାଧାରଣ ବ୍ୟବହାରରେ ରାଗ ଓ ରାଗିଣୀର
ପ୍ରଭେଦ ରଖାଯାଏ ନାହିଁ ।] ୨ । ସ୍ୱାମୀଙ୍କ ପ୍ରତି ଅନୁରକ୍ତା

ବା ବଦଗଧା ସ୍ତ୍ରୀ—2. A woman very much attached to her husband. ୩ । ମେନକା ଅପ୍ସରାଙ୍କ ଜ୍ୟେଷ୍ଠାକନ୍ୟା—3. The eldest daughter of Nymph Menakā. ବଣ ସ୍ତ୍ରୀ—ଅନୁରାଗିଣୀ—Loving; passionate (woman).

ରାଗିବା—ଦେ. କ୍ରି (ସଂ. ରଞ୍ଜ ଧାତୁ)—୧ । ରାଗହେବା; Rāgibā କ୍ରୋଧାନ୍ୱିତ ହେବା; ରଗିବା; କ୍ରୁଦ୍ଧ ହେବା—(ରଗାଇବା—ପ୍ରୟୋଜକରୂପ) 1. To be angry. ୨ । ରାଗା **रागहोना** ବିରକ୍ତ ହେବା—2. To be displeased.

ରାଗି ମାଗି—ଦେ. କ୍ରି. ବଣ (ନିରର୍ଥକ ଶବ୍ଦଚର)—ଅତ୍ୟନ୍ତ କ୍ରୋଧାନ୍ୱିତ Rāgi māgi ହୋଇ—Angrily. ରେଗେମେଗେ **रागीरंजी होकर**

ରାଗୀ—ସଂ. ବଣ. ପୁଂ (ରାଗ+ଅସ୍ତ୍ୟର୍ଥରେ; ଇନ୍ ୧ମା. ୧ବ)—Rāgi ୧ । ରାଗଯୁକ୍ତ; ଅନୁରକ୍ତ—1. Attached to; (ରାଗିଣୀ—ସ୍ତ୍ରୀ) fond of. ୨ । କାମୁକ—2. Lascivious. ୩ । ରଞ୍ଜନକାରୀ—3. Colouring; dyeing. ବ (ବୈଦ୍ୟକ) ଏକପ୍ରକାର କ୍ଷୁଦ୍ରଧାନ୍ୟ; ମାଣ୍ଡିଆ—A sort of grain.

ରାଗୁଆ—ଦେ. ବଣ. ପୁଂ—୧ । କୋପନ ସ୍ୱଭାବ—Raguā 1. Of an angry temper. [ରାଗେ(ଗୋ)ଇ—ସ୍ତ୍ରୀ] ୨ । କଟୁସ୍ୱାଦଯୁକ୍ତ—2. Pungent. ରାଗୀ, ঝাল **रागिआ**

ରାଘବ—ସଂ. ବଣ (ରଘୁ+ଅପତ୍ୟାର୍ଥେ ଅ)—ରଘୁବଂଶୀୟ—Rāghaba Of the race of the Raghu. ବ—୧ । ରଘୁବଂଶୀୟ ରାଜା—1. A king of the Raghu race. ୨ । ରାମଚନ୍ଦ୍ର—2. Rāmachandra. ୩ । ସମୁଦ୍ର—3 The sea; ocean. ୪ । ମତ୍ସ୍ୟବିଶେଷ; ସାମୁଦ୍ରିକ ବାଳଅ ଜାତୀୟ ବଡ଼ ମାଛ; ହାଙ୍ଗର—4. Shark, a kind of big seafish. [ଦ୍ର—ଏ ସୁଦ୍ର ମତ୍ସ୍ୟମାନଙ୍କୁ ଖାଇଯାଏ ଓ ଭାରି ପେଟୁ ।] ୫ । ଅଷ୍ଟାଦଶ ଶତାବ୍ଦୀର ଖାନ୍ଦେଶର 'ଜାତକ ଗ୍ରନ୍ଥ' ରଚୟିତା ଜନୈକ ଜ୍ୟୋତିଷୀ—5. Name of an astrologer of the eighteenth century who was born in Khāndesa and the author of Jātakagrantha.

রাঘববোয়াল ଦେ. ବ—୧ । ପେଟୁଲୋକ—1. Gluttonous **राघव** or voracious person. ୨ । ଅର୍ଥଗୃଧ୍ନୁ ବ୍ୟକ୍ତି—2. A person who is very fond of taking money. ୩ । କୌଣସି କାର୍ଯ୍ୟ କରିବା ପାଇଁ ଧୂରନ୍ଧର ବ୍ୟକ୍ତି—3. A person who is very eager to do any thing. (ଯଥା—ସେ ଖାଇବା ବିଷୟରେ ରାଘବ) ୪ । ପୁରୁଷ ଲୋକଙ୍କ ନାମ—4. A name given to males.

ରାଘବାନନ୍ଦ—ସଂ. ବ—ରାମଚନ୍ଦ୍ର—Rāmachandra. ଦେ. ବ. ପୁଂ—Rāghabānanda ୧ । ଲୋକଙ୍କ ନାମ—1. Name given (ରାଘବେନ୍ଦ୍ର—ଅନ୍ୟରୂପ) to males. ୨ । ଷୋଡ଼ଶ রাঘবানন্দ ଶକାବ୍ଦର ଅର୍ଦ୍ଧ ଭାଗରେ ଜନ୍ମିଥିବା ବଙ୍ଗଦେଶୀୟ **राघवानन्द** ଜନୈକ ଜ୍ୟୋତିଷୀ—2. An astrologer of Bengal of the sixteenth century of the Saka era. [ଦ୍ର—ଏ 'ସିଦ୍ଧାନ୍ତ ରହସ୍ୟ' ନାମକ କରଣଗ୍ରନ୍ଥ, ଖାଣ୍ଡଣୀଚ୍ଛନ୍ଦର ରଚୟିତା ।]

ରାଘବାୟନ—ସଂ. ବ (ରାଘବ=ରାମ ଅଛନ୍ତି ଅୟନ=ଆଶ୍ରୟ Rāghabāyana ଯହିଁର; ବହୁବ୍ରୀହି)—ରାମାୟଣ ଗ୍ରନ୍ଥ—The Rāmāyana.

ରାଙ୍କବ—ସଂ. ବଣ (ରଙ୍କୁ+ସମ୍ବନ୍ଧାର୍ଥେ. ଅ)—୧ । ରଙ୍କୁ ସମ୍ବନ୍ଧୀୟ—Rānkaba 1. Relating to deer. ୨ । ଲୋମନିର୍ମିତ—2. Woolen. ବ—ପଶୁଲୋମନିର୍ମିତ ବସ୍ତ୍ର—A cloth made of wool; woolen cloth.

ରାଙ୍କଳ—ସଂ. ବ—ବୃକ୍ଷକଣ୍ଟକ—Rānkala Thorn.

ରାଙ୍ଗ(ଙ୍ଗା)—ଦେ. ବ (ସଂ. ରଙ୍ଗ)—ଟିଣ (ଧାତୁ)—Rāng (ngā) Tin. (metal). রাঙা **रांगा**

ରଙ୍ଗତା—ଦେ. ବ—ରଙ୍ଗତା; ଟିଣର ଖୁବ୍ ସରୁ ଓ ପତଳା ପାତିଆ—Rang-tā Tin foil. রাংতা **पन्नी, रांगाका बरक**

ରାଙ୍ଗ—ସଂ. ବ (ରଙ୍ଗ+ସ୍ୱାର୍ଥେ. ଅ)—ଟିଣ (ଧାତୁ)—Rānga Tin.

ରାଙ୍ଗନ(ଣ)—ସଂ. ବ—ରଙ୍ଗଣୀ ଫୁଲ—Rāngana(na) Quis-qulis Indica; scarlet Ixora.

ରାଚ୍(ଚୁ)ରାଚୁଆ—ଦେ. ବଣ—୧ । ରାଚୁରାଚୁଆ; ରାଡୁରାଡୁଆ Rāch-(chu)rāchuā ହାତକୁ ଯାହା କର୍କଶ ଲାଗେ—রচরচে 1. Rough to the touch. ୨ । ଖାଇବାକୁ ଯାହା **खुरदुरा, खुदुरखुदुर** କର୍କଶ ଲାଗେ—2. Rough to the কচকচ **कचकच** mouth.

ରାଜ୍ (ଧାତୁ)—ସଂ.—ଦୀପ୍ତି ପାଇବା; ଶୋଭା ପାଇବା—Rāj (root) To shine; to look bright and beautiful.

ରାଜ୍—ସଂ. ବ (ରାଜ. ଧାତୁ+କର୍ତ୍ତୃ. କ୍ୱିପ୍)—୧ । ରାଜା—Rāj 1. King. ବଣ—୧ । ଶୋଭମାନ—1. Shining. ୨ । ସୁନ୍ଦର—2. Beautiful. ବୈଦେ. ବ (ଅ. ରାଜୀ)-রাজী ସମ୍ମତି—Agreement; consent. ବୈଦେ. ବଣ **राजी** ସମ୍ମତ—Agreed; consenting. ପ୍ରାଦେ. (ଭଞ୍ଜ ଭୂମ ।)—ବ—ରାଜ୍ୟ; ଦେଶ—Country kingdome.

ରାଜଦାଆଣ୍ଡ—ପ୍ରାଦେ (ସମ୍ବଲପୁର) ବ—ରାଜପଥ; ରାଜଦାଣ୍ଡ—Rāj-dā-ānrd Highway.

ରାଜ୍ ପଡ଼ିବା—ଦେ. କ୍ରି—ରାଜ ହେବା (ଦେଖ)
Rāj pardibā রাজীহওয়া राजीहोना Rāj hebā. (See)
(ରାଜି ହେବା—ଅନ୍ୟରୂପ)

ରାଜ୍ ବେରାଜ୍—ଦେ. ବି (ସହଚର ଶବ୍ଦ)—ରାଜ ବେରାଜ; ସମ୍ମତି ଓ
Rāj berāj ଅସମ୍ମତି—Consent and disagreement.
রাজী গররাজী राजीगैरराजी ଦେ. ବିଣ ସ୍ୱୀକୃତ ଓ ଅସ୍ୱୀକୃତ—
Agreed and disagreed.

ରାଜ୍(ଜୁ) ରାଜୁଆ—ଦେ. ବିଣ—୧ । ଅମସୃଣ; କର୍କଶ—
Rāj(ju) rājuā 1. Rough. ୨ । ଖାଦ୍ୟ ଦ୍ରବ୍ୟରେ ବାଲି
রজরজে ବା ଗୁଣ୍ଡା ଆଦି ମିଶିଥିବାରୁ ଖାଇବାକୁ କର୍କଶ ଲାଗୁଥିବା—
खुरदुरा 2. (Food) Harsh or grating to the taste (being mixed with sand or coarse particles).

ରାଜୁଆଡ଼ା—ଦେ. ବି.—ରାଜୁଡ଼ା (ଦେଖ)
Rājwārdā Rājurdā (See)
রাজোযাড়া राजबाडा

ରାଜ—ସଂ. ବିଣ.—(ସଂ. ରାଜନ୍ ଶବ୍ଦ ସମାସରେ 'ରାଜ' ହୋଇଯାଏ;)
Rāja ଏହା ସ୍ୱତନ୍ତ୍ର ସଂସ୍କୃତ ଶବ୍ଦ ନୁହେଁ)—୧ । (ବହୁ ମଧ୍ୟରେ) ଶ୍ରେଷ୍ଠ; ପ୍ରଧାନ—1. Chief; eminent (amongst many). ଯଥା—ଋଷିରାଜ; ପଶୁରାଜ)—୨। (ଅନ୍ୟ ଶବ୍ଦ ପୂର୍ବରେ ଯୁକ୍ତ ହୁଏ) ରାଜକୀୟ—2. Kingly; royal. [ଯଥା—ରାଜମହିଷୀ; ରାଜବଂଶ, ରାଜପୁତ୍ର) ବି.—୧ । ରାଜ୍ୟ-ଶାସକ—1. Ruler. [ଯଥା—ବଙ୍ଗରାଜ; ଅଙ୍ଗରାଜ ।] ୨ । (ଅନ୍ୟ ଶବ୍ଦ ପରେ ଯୁକ୍ତ ହୁଏ)—ରାଜା—2. King. [ଯଥା—ଯୁବରାଜ ।] ଦେ. ବିଣ.—(ଅନ୍ୟ ଶବ୍ଦ ପୂର୍ବେ ବ୍ୟବହୃତ)—ଶ୍ରେଷ୍ଠ—Excellent. [ଯଥା—ରାଜ ବଣି ।] ଦେ. ବି.—୧ । (ସଂ. ଗୃହରଞ୍ଜକ) ଥପତି; କୋଠାଆଦି ତିଆରି କରିବା କାରିଗର; ମିସ୍ତ୍ରୀ—1. Architect, mason. ୨ (ସଂ. ରାଜ୍ୟ) ରାଜ୍ୟ—2. Kingdom. ୩ । (ସଂ. ରାଜତ୍ୱ); ରାଜତ୍ୱ; ରାଜଗୀ—3. Rule; regime. ୪ । (ସଂ. ରାଜପୁର) ରାଜଧାନୀ; ରାଜପୁର; ନଗର—4. Capital. ୫ । ରାଜଦରବାର—5. The court of a king. ପ୍ରାଦେ (ପୁରୀ) ବି—ପୁରୁଷୋତ୍ତମ ଶାସନର ବ୍ରାହ୍ମଣ ଶାସନର ଦାନାଧିକାରୀଙ୍କର କେତେକ ବିଶିଷ୍ଟ ଅଧିକାର—Some privileges enjoyed by the original grantee of a Brahmin village of Puri.

ରାଜ ଅଁଳା—ପ୍ରାଦେ (ବସ୍ତର) ବି—କରକୋଳି—
Rāj a-ñlā A sort of sour plum.

ରାଜ ଆଜ୍ଞା—ଦେ. ବି (ସଂ ରାଜାଜ୍ଞା)—ରାଜାଜ୍ଞା; ରାଜାଙ୍କ ଆଦେଶ—
Rāja ājnā King's command; royal command.
রাজাজ্ঞা राजआज्ञा

ରାଜକ—ସଂ. ବିଣ. ପୁଂ (ରାଜ୍ ଧାତୁ+କର୍ତ୍ତୃ. ଅକ)—୧ । ଶାସକ—
Rājaka 1. Ruling; governing. ୨ । ଦୀପ୍ତିଶାଳୀ—
(ରାଜକା—ସ୍ତ୍ରୀ) 2. Brilliant, bright. ବି (ରାଜନ୍+ ସମୂହାର୍ଥେ କ)—ରାଜାମାନେ—An assemblage of kings.

ରାଜ କଇଁ—ଦେ. ବି.—ଏକପ୍ରକାର ଈଷତ୍ ନାଲି କଇଁଫୁଲ—A
Rāja kaiñ species of water lily having
कुमुदिनी reddish colour. [କୃ—ଏହା ଧଳା ଓ ନାଲିମିଶା ଓ ସାଧାରଣ କଇଁ ଅପେକ୍ଷା ବଡ଼ ।]

ରାଜ କଦମ୍ବ—ସଂ. ବି—କଦମ୍ବ ବୃକ୍ଷ ବିଶେଷ—
Rāja kadamba A species of Kadamba.

ରାଜ କନ୍ୟକା—ସଂ. ବି. ସ୍ତ୍ରୀ—ରାଜଝିଅ—Princess.
Rāja kanyakā (ରାଜକନ୍ୟା—ଅନ୍ୟରୂପ)

ରାଜ କବି—ସଂ. ବି (ଆଧୁନିକ)—୧ । ରାଜସଭାର କବି—
Rāja kabi 1. Court poet; poet laureate. ୨ । କବିତା ରଚକ ରାଜା—2. A king who is a poet.

ରାଜ କର—ସଂ. ବି (୬ଷ୍ଠୀ ତତ୍; ରାଜନ୍+କର)—ରାଜସ୍ୱ; ରାଜାଙ୍କୁ
Rāja kara ଦେୟ ଖଜଣା—Revenue payable to the king; tax levied by a king.

ରାଜ କର୍କଟୀ—ସଂ. ବି—ଏକପ୍ରକାର କାକୁଡ଼ି—
Rāja karkaṭī A species of cucumber.

ରାଜ କର୍ମ—ସଂ. ବି—୧ । ନୃପାଦେଶରେ କରଣୀୟ କାର୍ଯ୍ୟ—1.
Rāja karma Duties done under king's orders.
(ରାଜକାର୍ଯ୍ୟ—ଅନ୍ୟରୂପ) ୨ । ସରକାରୀ କାର୍ଯ୍ୟ—2. Government duties; state affairs. ୩ । ରାଜ୍ୟଶାସନ କର୍ମ—3. Duties of administration or government.

ରାଜ କର୍ମଚାରୀ—ସଂ. ବି. (୬ଷ୍ଠୀ ତତ୍)—ରାଜକାର୍ଯ୍ୟ ତୁଲାଇବା ପାଇଁ
Rāja karmachārī ନିଯୁକ୍ତ କର୍ମଚାରୀ—State officers; government servant.

ରାଜ କଶେରୁ—ସଂ. ବି—ସୁଗନ୍ଧି ତୃଣ ବିଶେଷ; ଭଦ୍ରମୁସ୍ତକ—
Rāja kaśeru A fragrant grass; Cyperus.

ରାଜ କାମ—ଦେ. ବି—ଇଟା,ପଥର, ଚୂନଆଦିଦ୍ୱାରା କୋଠାଆଦି କରିବା
Rāja kāma କାର୍ଯ୍ୟ—Work of a mason; masonry
রাজেরকাজ राजकाम work.

ରାଜ କାଶ—ଦେ. ବି—ରାଜଯକ୍ଷ୍ମା (ଦେଖ)
Rāja kāsa Rājajakshmā (See)
রাজযক্ষ্মা राजकाशि

ରାଜକିଶୋର—ସଂ. ବି. ପୁଂ—୧ । ଯୁବକ ରାଜା—1. A young
Rājakiśora king. ୨ । ଶ୍ରୀକୃଷ୍ଣଙ୍କ ନାମାନ୍ତର—2. A
(ରାଜକିଶୋରୀ—ସ୍ତ୍ରୀ) name applied to Srikrushna.
রাজকিশোর ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—
राजकिशोर A name given to males.

ରାଜକୀ—ବୈଦେ. ବି (ତୁର୍କୀ)—ରାଜଗୀ (ଦେଖ)
Rājaki Rājagī (See)

ରାଜକୀୟ—ସଂ. ବିଣ (ରାଜନ୍+ସମ୍ବନ୍ଧେ ଈୟ, କ ଆଗମ)—୧। ରାଜାଙ୍କ ସମ୍ବନ୍ଧୀୟ—1. Relating to king.
Rājakiya
୨। ରାଜ୍ୟଶାସନ ସମ୍ବନ୍ଧୀୟ—2. Relating to state affairs or administration.

ରାଜ କୁମାର—ସଂ. ବି, ପୁଂ (୬ଷ୍ଠୀ ତତ୍)—ରାଜପୁତ୍ର (ଦେଖ)
Rāja kumāra Rājaputra (See)
(ରାଜକୁମାରୀ—ସ୍ତ୍ରୀ)

ରାଜକୁମାର କଲେଜ୍—ଦେ. ବି (ସଂ. ରାଜକୁମାର ଇଂ, କଲେଜ)
Rājakumāra kalej —ରାଜପୁତ୍ରମାନଙ୍କର ପଢ଼ିବା ପାଇଁ ପ୍ରତିଷ୍ଠିତ ଉଚ୍ଚଶ୍ରେଣୀର ବିଦ୍ୟାଳୟ—
রাজকুমার কালেজ
राजकुमार कलेज A college for the education of princes.

ରାଜକୁଳ—ସଂ. ବି (୬ଷ୍ଠୀ ତତ୍)—୧। ରାଜବଂଶ—1. Race of
Rājakuḷa kings. ୨। ରାଜ ପରିବାର—2. Royal family.
রাজঘরানা

ରାଜ କୁଷ୍ମାଣ୍ଡ—ସଂ. ବି—ବାଇଗଣ; ବାଇଗଣ—Egg plant; Solanum Melongena.
Rāja kushmāṇḍa

ରାଜକୋଟ—ଦେ. ବି (ନାମ)—ଭାରତର ରାଜପୁତ ରାଜ୍ୟ ବିଶେଷ—
Rājakoṭa Name of an Indian state.
রাজকোট राजकोट

ରାଜ କୋଳ—ସଂ. ବି (ବୈଦ୍ୟକ)—ରାଜବଦର (ଦେଖ)
Rāja koḷa Rājabadara (See)

ରାଜ କୋଷ—ସଂ.ବି (୬ଷ୍ଠୀ ତତ୍)—ରାଜକୀୟ ଧନାଗାର—
Rāja kosha King's treasury.

ରାଜ କୋଷା(ଶା)ତକୀ—ସଂ. ବି—ଲତାଫଳ ବିଶେଷ; ବଡ଼ଜହ୍ନୀ; ପିତା-
Rājakoshā(śā)takī ତରଡ଼ା—Luffa Cylindrica;
ଅନ୍ୟ ସଂ. ନାମ—ଧାମାର୍ଗବ, Luffa Amara; bitter luffa.
ପୀତପୁଷ୍ପ, ଜାଲନୀ, କୃତବେଧନା, ରାଜମତ୍‌ଫଳା, ହସ୍ତିପର୍ଣ୍ଣିକା,
କୋଷଫଳା, ମହାଜାଲା, ସପୀତକ "ঘোষাফল, ঝিঙ্গা तोराइ
ମ. କଡ଼ଦୋଡ଼କୀ [ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ଶୀତଳ,
ତେ. ଚେଦୁବିର୍କାଯା ମଧୁରରସ, କଫ ବାତ କାରକ, ପିତ୍ତନାଶକ,
ଫା. ତୁରଘୋହଲଙ୍ଗ୍ ଅଗ୍ନିଦୀପକ ଏବଂ ଶ୍ୱାସ, ଜ୍ୱର, କାଶ ଓ କ୍ରିମିନିବାରକ—ଦ୍ରବ୍ୟଗୁଣ ।]

ରାଜ ଖଣ୍ଡା—ମୌ.ବି—ରାଜାଙ୍କ ଭୋଜନାର୍ଥ ରୋଷେଇ—Cooking
Rāja khaṇḍā for a king. [ଉ—ରାଜଖଣ୍ଡା
রাজার রসুই ଅଲ୍ପମାନ ନ କର ଭୋଜନ । ପ୍ରାଚୀ. ଶ୍ରୀଗୁରୁଭକ୍ତି
राजखाना ଗୀତା ।]

ରାଜ ଖର୍ଜ୍ଜୁରୀ—ସଂ. ବି—ବଡ଼ ପିଣ୍ଡ ଖଜୁରୀ—
Rāja kharjjurī A sort of date.
(ରାଜପିଣ୍ଡା—ଅନ୍ୟରୂପ)

ରାଜଗଣ୍ଡ—ଦେ. ବି—ପେଟରେ ବାହାରିବା ମାରାତ୍ମକ ବଥ ବିଶେଷ—
Rājagaṇḍa A kind of fatal boil on the abdomen.
রাজগোঁড় राजघाव

ରାଜ ଗ(ଗା) ଦି(ଦ୍ଦି)—ଦେ.ବି—ରାଜସିଂହାସନ—King's throne, the masnad of a king.
Rāja ga(gā)di(ddi)
রাজারগদী राजगद्दी

ରାଜଗାମୀ—ସଂ. ବିଣ (ରାଜନ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)
Rājagāmī —ଯେଉଁ ସମ୍ପତ୍ତିର କେହି ମାଲିକ ନ ଥିବାରୁ ତାହା ରାଜାଙ୍କ ଅଧିକାରକୁ ଆସେ—(property) Escheating to the crown (Apte).

ରାଜଗିରା(ରି)—ସଂ. ବି—ଏକପ୍ରକାର ଶାଗ—
Rājagirā(ri) A species of potherb.
[ଦ—ଏହା ଛୋଟ ବଡ଼ ଦୁଇ ପ୍ରକାରର ହୁଏ ।]

ରାଜଗିରି—ସଂ. ବି—୧। ମଗଧସ୍ଥ ପର୍ବତ ବିଶେଷ—1. Name of a
Rājagiri mountain in Bihar. [ଉ—ରାଜଗିରି ବିରାଜିତ ଶତ ପ୍ରସ୍ରବଣେ । ରାଧାନାଥ. ମହାଯାତ୍ରା ।]
୨। ରାଜଗିରା (ଦେଖ)—2. Rajagira (See)

ରାଜଗୀ—ବୈଦେ. ବି (ତୁର୍କୀ; ସଂ. ରାଜନ୍+ତୁର୍କୀ ଗୀ ପ୍ରତ୍ୟୟ)—
Rājagī ୧। ରାଜ୍ୟ—1. Kingdom. ୨। ରାଜ୍ୟଶାସନ
রাজগী 2. Governance of a kingdom. ୩। ରାଜପଦ
राजगी —3. Kingship. ଦେ. ବିଣ—ରାଜଯୋଗ୍ୟ —Befitting a king; royal.

ରାଜଗୀ କାରଖାନା—ବୈଦେ. ବି—ରାଜସ କାରଖାନା (ଦେଖ)
Rājagī kārakhānā Rajasa karakhana (See)
রাজগী কারখানা राजगी कारखाना

ରାଜଗୁରୁ—ସଂ. ବି—୧। ରାଜାଙ୍କ ମନ୍ତ୍ରଗୁରୁ—1. The king's
Rajaguru spiritual preceptor and Lord Chancellor. ୨। ବ୍ରାହ୍ମଣମାନଙ୍କୁ ରାଜଙ୍କଦ୍ୱାରା ପ୍ରଦତ୍ତ ଉପାଧି ବିଶେଷ—2. A title given to Brāhmaṇas by Rajas.

ରାଜଗୁହ୍ୟ—ସଂ. ବିଣ—ଭଗବଦ୍‌ଗୀତାର ନବମ ଅଧ୍ୟାୟରେ ବର୍ଣ୍ଣିତ
Rajaguhya ଈଶ୍ୱରଙ୍କ ସର୍ବବ୍ୟାପକତା ସମ୍ବନ୍ଧେ ଉପଦେଶ—
The omnipresence of God described in the 9th chapter of the Gitā.

ରାଜଗୃହ—ସଂ. ବି—୧। ପାଟଳିପୁତ୍ରଠାରୁ ୪୦ କୋଶ ଦୂରରେ ଥିବା
Rajagṛuha ମଗଧର ନଗର ବିଶେଷ—1. Name of an old city of Magadha. ୨। ରାଜପ୍ରାସାଦ—
2. King's residence; royal household.

ରାଜଗ୍ରୀବ—ସଂ. ବି (ରାଜ=ଶୋଭାଯୁକ୍ତ+ଗ୍ରୀବା ଯାହାର; ବହୁବ୍ରୀହି)—
Rājagrība ଫଲି ମାଛ—A scaly freshwater flat fish; Notopterus Kapirat.

ରାଜଘ—ସଂ. ବିଣ. ପୁଂ (ରାଜନ+ହନ୍. ଧାତୁ+କର୍ତ୍ତୃ. ଅ)—
Rājagha ୧। ରାଜହନ୍ତା—1. Regicide. ୨। ତୀକ୍ଷ୍ଣ—
(ରାଜଘା—ସ୍ତ୍ରୀ) 2. Sharp. ୩। ରାଜଶ୍ରେଷ୍ଠ—3. The foremost of kings (Apte, M.W.)

ରାଜ ଚକ୍ରବର୍ତ୍ତୀ—ସଂ.ବି—ସମ୍ରାଟ୍; ରାଜରାଜେଶ୍ୱର—
Rāja chakrabartti An emperor; a paramount ruler.

ରାଜ ଚିକିତ୍ସକ—ସଂ. ବି—ରାଜବୈଦ୍ୟ (ଦେଖ)
Rāja chikitsak Rājabaidya. (See)

ରାଜ ଚିହ୍ନ—ସଂ. ବି—୧ । ରାଜାଙ୍କର ବିଶିଷ୍ଟତା ଜ୍ଞାପକ ଚିହ୍ନ—
Rāja chihna 1. Insignia of royalty. ୨ । ରାଜ ଲକ୍ଷଣ (ଦେଖ)—2. Rājalakshana. (See

ରାଜ ଚିହ୍ନକ—ସଂ. ବି—ଉପସ୍ଥ; ସ୍ତ୍ରୀ ଓ ପୁଂ ଚିହ୍ନ—
Rāja chihnaka The male and female organs.

ରାଜଛ(ଚ୍ଛ)ତ୍ର—ସଂ. ବି—ରାଜାଙ୍କ ଉପରେ ଧରାଯିବା ଛତା—
Rājachha(chchha)tra An umbrella held over a king.

ରାଜଜ(ଯ)କ୍ଷ୍ମା—ସଂ. ବି. (ରାଜଯକ୍ଷ୍ମନ୍ ଶବ୍ଦ)—ରାଜରୋଗ; ଶୋଷରୋଗ—
Rājaja(ja)kshma Pulmonary consumption.

ରାଜଜମ୍ବୁ(ମ୍ବୂ)—ସଂ. ବି—୧ । ମହାଜମ୍ବୁ; ବଡ଼ଜାମୁ—1. A species
Rājajambu(mbū) of big blackberry; Eugenia.
ଅନ୍ୟ ସଂ. ନାମ—ଫଳେନ୍ଦ୍ରା, ଜଳ୍ପା, ମହାଫଳା, ସ୍ୱରଭୂପତ୍ରା, ମହାଜମ୍ବୁ
ବଡ଼ଜାম বড়ীজামুন; फरेंद
ମ. ଥୋରଜାମ୍ବୁଲ
ଗୁ. ରାଜଜାମ୍ବୁ, ଜାରଣୀ°
ତେ. ନାରକେରଡ଼ୀ
୨ । ଗୋଲାପଜାମୁ—2. Rose berry. [ବି—ବୈଦ୍ୟଶାସ୍ତ୍ର ମତରେ ଏହା ମଧୁର ରସ, ବିଷ୍ଟମ୍ଭୀ, ଗୁରୁ ଓ ରୁଚିକର—ଦ୍ରବ୍ୟଗୁଣ ।] ୩ । ଖର୍ଜ୍ଜୁର ବିଶେଷ—3. A sort of date.

ରାଜ ଜେମା——ଦେ. ବି. ସ୍ତ୍ରୀ—ରାଜକନ୍ୟା—
Rāja jema A princess.
রাজার মেয়ে राजकुमारी

ରାଜଜୋଟକ—ସଂ. ବି—ଜ୍ୟୋତିଷ ଶାସ୍ତ୍ରୋକ୍ତ ବରକନ୍ୟାଙ୍କ ଜାତକରେ
Rājajotaka ଥିବା ପରସ୍ପରର ଶୁଭସୂଚକ ଯୋଗବିଶେଷ—
(ରାଜଜୋଟ—ଦେ· ରୂପ) An auspicious mutual position of the natal signs of the bride and the bridegroom. [ବି—ବରକନ୍ୟାଙ୍କର ରାଶିଦ୍ୱୟ ଏକ, ସମ ସପ୍ତକ, ଚତୁର୍ଥ ଦଶମ ଅଥବା ତୃତୀୟ ଏକାଦଶ ହେଲେ ଏ ବିବାହ ଶୁଭକର ହୁଏ । ଏହି ଯୋଗ ଘଟିଲେ ଗ୍ରହବୈର, ତାରାର ଅଶୁଦ୍ଧି, ଗଣଦୋଷ, ନାଡ଼ୀଦୋଷ, ବର୍ଣ୍ଣ ଦୋଷଆଦି କୌଣସି ଦୋଷ ଧରାଯାଏ ନାହିଁ ।]

ରାଜଟୀକା—ସଂ. ବି—୧। ଅଧୀନ ରାଜାମାନେ ସମ୍ରାଟଙ୍କ ମସ୍ତକରେ ଯେଉଁ
Rājaṭikā ତିଳକ ଲଗାନ୍ତି—1. A mark of sandal paste on the forehead of an emperor put by the vassals in acknowledgement of his sovereignty. ୨ । ରାଜ୍ୟାଭିଷେକ—2. Installation on the throne.

ରାଜଡ଼ା ଦେ. ବି—ରାଜୁଡ଼ା (ଦେଖ)—
Rājarḍā Rājurḍā. (See)

ରାଜତ—ସଂ. ବଣ (ରଜତ+ଷ୍ଣାର୍ଥରେ. ଅ)—୧ । ରୌପ୍ୟ
Rājata ନିର୍ମିତ—1. Made of silver. ୨ । ରୌପ୍ୟବର୍ଣ୍ଣ—
(ରାଜତୀ—ସ୍ତ୍ରୀ) 2. Silvery.

ରାଜ ତକ(ଖ)ତ—ଦେ.ବି(ସଂ.ରାଜ+ଫା. ତଖ୍ତ)—ରାଜଗାଦି(ଦେଖ)
Rajataka(kha)t রাজারতক্ত राजाकातख्त Rajagadi· (See)
(ରାଜତକ୍ତ—ଗ୍ରାମ୍ୟରୂପ)

ରାଜତନ୍ତ୍ର—ସଂ. ବି-ଏକପ୍ରକାର ଶାସନପ୍ରଣାଳୀ; ରାଜାଙ୍କଦ୍ୱାରା ଶାସନ—
Rajatantra Monarchy; government of a state by a king; monarchical form of government.

ରାଜତରୁ—ସଂ. ବି—୧ । କର୍ଣ୍ଣିକାର ବୃକ୍ଷ; କଣିଅର ଗଛ—1. A
Rajataru tree; Pterospermum Acerifolium,
୨ । ଅରଗ୍ୱଧ; ସୁନାରିଗଛ—
2. A tree; Cassia Fistula,

ରାଜ ତରୁଣୀ—ସଂ. ବି.—ବଡ଼ ସେବତୀ ଫୁଲ ଗଛ—
Rāja taruṇi A flower plant; a big species of
ସଂ.—ମହାତର(ରୁ)ଣୀ, ସୁପୁଷ୍ପ, ସ୍ୱର୍ଣ୍ଣପୁଷ୍ପ, ଅମ୍ଳାନତର, ଅମ୍ଳା, ମହାସହା, ବର୍ଣ୍ଣପୁଷ୍ପ
the musk rose; Rosa Moschata.
বড় সেওতী बड़ीसेवती
ଓ. ବଡ଼ ସେବତୀ ମ. ରାଜ ତରୁଣୀ

ରାଜତା—ସଂ. ବି.—(ରାଜନ୍+ଭାବ. ତା)—ରାଜତ୍ୱ (ଦେଖ)
Rājata Rajatwa (See)

ରାଜତାନ୍ୱିତ—ସଂ. ବଣ.—(ରାଜତ=ରୌପ୍ୟ ନିର୍ମିତ ପଦାର୍ଥ+
Rājatānwita ଅନ୍ୱିତ, ଅସ୍ତ୍ୟର୍ଥେ)—ରୂପା ଚୁଅଣି ହୋଇଥିବା
Plated or inlaid with silver; silver-gilt.

ରାଜ ତାଳ(ଳୀ)—ସଂ.ବି—ଗୁଆର ବୃକ୍ଷ; ଗୁଆ ଗଛ—
Rāja tāl(li) The betel nut tree; Areca Betelfel.

ରାଜତି—ଗ୍ରା. ବି (ସଂ. ରାଜତ୍ୱ)—ରାଜତ୍ୱ—
Rājati Reign; rule of a king.
রাজত্ব राजती

ରାଜ ତିନି(ମି)ଶ—ସଂ. ବି—୧ । କାକୁଡ଼ି—1. Cucumber.
Rāja tini(mi)sa ୨ । ଫୁଟି—2. Cucumis Sativus.

ରାଜ ତିଳକ—ସଂ. ବି—ରାଜଟୀକା (ଦେଖ)
Rāja tilaka Rājaṭiba, (See)

ରାଜ ତେଜଃ—ସଂ. ବି—ରାଜାଙ୍କର ଗୌରବ—
Rāja tejaḥ Kingly majesty; royal or princely dignity.

ରାଜତ୍ୱ—ସଂ. ବି (ରାଜନ୍+ଭାବ. ତ୍ୱ)—୧ । ରାଜପଦ—
Rājatwa 1. Sovereignty. ୨ । ରାଜ୍ୟ ଶାସନ—
2. Reign; rule. ୩ । ରାଜ୍ୟ—Kingdom.

ରାଜତ୍ୱ କରିବା—ଦେ. କ୍ରି—ରାଜ୍ୟ ଶାସନ କରିବା—
Rājatwa karibā To reign; to rule.
রাজত্ব করা राजत्वकरना

ରାଜତ୍ୱ କାଳ—ସଂ. ବି (୬ଷ୍ଠୀ ତତ୍)—କୌଣସି ରାଜା ଯେଉଁ କାଳରେ
Rājatwa kāla କାଳ ରାଜତ୍ୱ କରନ୍ତି—The time of a king's sovereignty.

ରାଜ ଦଣ୍ଡ—ସଂ ବି(ମ.ଧ.ଲୋ)— ୧ । ରାଜଚିହ୍ନସ୍ୱରୂପ ରାଜାଙ୍କ ହାତରେ
Raja danda ଧରୁଥିବା ଯଷ୍ଟି—1. Sceptre of a king.
୨ । ଅପରାଧୀଙ୍କୁ ରାଜାଙ୍କ ପ୍ରଦତ୍ତ ଦଣ୍ଡ—
2. Punishment given by the king.

ରାଜ ଦଇବକ—ଦେ·(ପ୍ରାଚୀନ ଓଡ଼ିଆ) ବି—ରାଜାଙ୍କ ଦଖଲର ଦାବି—
Raja daibaka Demand of possession by the king. [ଦ୍ର—ଏ ଭୂମିରେ ରାଜଦଇବକ ପଡ଼ିଲେ, ଏ ଲୋପ ପଞ୍ଜ ଦେଖାଇ ଅମଲ କରିବ । ପ୍ରାଚୀନ. ସନନ୍ଦ ।]

ରାଜଦତ୍ତ—ସଂ. ବିଣ (ତୃତୀୟା ତତ୍; ରାଜନ୍+ଦତ୍ତ)—ଯାହା ରାଜା
Rājadatta ଦେଇଥାଆନ୍ତି—Given or bestowed by
(ରାଜପ୍ରଦତ୍ତ—ଅନ୍ୟରୂପ) a king.

ରାଜଦତ୍ତ ଉପାଧି—ଦେ. ବି—ରାଜାଙ୍କ ପ୍ରଦତ୍ତ ସମ୍ମାନସୂଚକ ଉପାଧି—
Rājadatta upādhi A title of honour given by a king.

ରାଜଦନ୍ତ—ସଂ.ବି(ରାଜ=ଶୋଭମାନ+ଦନ୍ତ, ଅଥବା ଦନ୍ତମାନଙ୍କ ରାଜା)
Rajadanta ସମ୍ମୁଖଦାନ୍ତ; ଉପର ପାଟିର ଦୁଇଗୋଟି ସମ୍ମୁଖଦାନ୍ତ
The front teeth; the two foreteeth of the upper jaw.

ରାଜଦନ୍ତନୀ—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ମୋଟାଳିଆ
Rājadantani କଣ୍ଟକିଲ ଗୁଳ୍ମ ବିଶେଷ—Smilax Macrophylla (Haines). [ଦ୍ର—ଏହା ସମ୍ବଲପୁର ଓ ଉତ୍ତର ଗଡ଼ଜାତ ଅଞ୍ଚଳରେ ସନ୍ତସନ୍ତିଆ ଭୂମିରେ ଜନ୍ମେ ।]

ରାଜ ଦରବାର—ଦେ. ବି (ସଂ. ରାଜନ୍+ଫା. ଦର୍‌ବାର୍)—୧। ରାଜ
Rāja darabara ସଭା—1. A king's court. ୨। ବିଚାର
राज दरबार **राजदरबार** ଅଦାଲତ—2. A court of justice.

ରାଜ ଦର୍ଶନ—ସଂ. ବି(୬ଷ୍ଠୀ ତତ୍)—ରାଜାଙ୍କୁ ସାକ୍ଷାତ କରିବା; ରାଜାଙ୍କର
Raja darsna ସାକ୍ଷାତ୍କାର ଲାଭ—A evee; an audience granted by the king. [ଦ୍ର—ଜ୍ୟୋତିଷ ମତରେ ଶୁଭ ନକ୍ଷତ୍ର ଓ ଶୁଭ ତିଥିରେ ରାଜଦର୍ଶନ କରିବାର ବିଧି ଅଛି ।]

ରାଜଦାଣ୍ଡ—ଦେ. ବି—ରାଜପଥ; ରାଜମାର୍ଗ—
Rājadānda King's highway.
राजपथ **राजपथ**

ରାଜ ଦୁଲାଳ—ଦେ. ବି. ପୁଂ—ରାଜକୁମାର—
Raja dulāla राजदुलाल **राजदुलाल**(र) Prince.
(ରାଜ ଦୁଲାଳୀ—ସ୍ତ୍ରୀ)

ରାଜଦୂତ—ସଂ. ବି(୬ଷ୍ଠୀତତ୍)—୧ । ରାଜାଙ୍କ ପ୍ରେରିତ ବାର୍ତ୍ତାବହ—
Rajadūta 1. A messenger sent by a king.
୨। ଏକ ରାଜାଙ୍କର ଅନ୍ୟରାଜାଙ୍କ ନିକଟକୁ ପଠାଇବା ଦୂତ—
2. Ambassador.

ରାଜଦୃଷ୍ଟି—ସଂ. ବି (୬ଷ୍ଠୀତତ୍)—୧। ରାଜାଙ୍କର ଅନୁଗ୍ରହ ଦୃଷ୍ଟି—1.
Rajadrushti King's fovourable look (falling on a person). ୨ । କୌଣସି ପଦାର୍ଥ ଉପରେ ପଡ଼ିଥିବା ରାଜାଙ୍କ ଦୃଷ୍ଟି ବା ନଜର; ରାଜାଙ୍କ ଆଖି ପଡ଼ିବା—2. The eyes or the sight of a king falling on an object. [ଦ୍ର—ସାଧାରଣ ଲୋକଙ୍କ ପାଇଁ ଅଭପ୍ରେତ ବସ୍ତୁ ଉପରେ ରାଜଦୃଷ୍ଟି ପଡ଼ିଲେ ଏହା ତହିଁର ସ୍ୱାମୀର ଭୋଗ ସମ୍ବନ୍ଧେ ବାଧାଜନକ ହୁଏ ବୋଲି ଲୋକେ କହନ୍ତି ।]

ରାଜଦେଶୀୟ—ସଂ ବି (ରାଜନ୍+ଈଷଦୂନାର୍ଥେ. ଦେଶୀୟ)—
Rājadesiya ୧ । ଛୋଟ ରାଜା—1. A petty king.
(ରାଜଦେଶ୍ୟ—ଅନ୍ୟରୂପ) ୨ । ସାମନ୍ତ ରାଜା—2. A feudatory prince.

ରାଜ ଦ୍ୱାର—ସଂ. ବି (୬ଷ୍ଠୀ ତତ୍)—୧ । ରାଜାଙ୍କ ସିଂହଦ୍ୱାର
Rāja dwāra ବା ବଡ଼ଦ୍ୱାର—1. The lion's gate of a king's palace. ୨। ରାଜାଙ୍କ ସମ୍ମୁଖ; ରାଜସାନ୍ନିଧ୍ୟ—
2. Royal presence; being present before the king. ୩ । ରାଜସଭା; ରାଜ ଦରବାର—
3. King's court. (ଯଥା—ଆପଣଙ୍କୁ ରାଜଦ୍ୱାରରେ ଯଶ ମିଳୁ ।)

ରାଜଦ୍ରୋହ—ସଂ. ବି (୬ଷ୍ଠୀ ତତ୍)—ରାଜାଙ୍କ ବିରୁଦ୍ଧାଚରଣ—
Rājadroha Rebellion; sedition; treasn.

ରାଜଦ୍ରୋହୀ—ସ. ବିଣ. ପୁଂ (ରାଜଦ୍ରୋହିନ୍; ୧ମା. ୧ବ)—
Rājadrohi ରାଜାଙ୍କର ବିରୁଦ୍ଧାଚାରୀ—Rebellious.
(ରାଜଦ୍ରୋହିଣୀ—ସ୍ତ୍ରୀ)

ରାଜଧର୍ତ୍ତୂରକ—ସ. ବି—ବଡ଼ ଧାତୁରା ଗଛ—
Rājadharttūraka A sort of Datura.

ରାଜଧର୍ମ—ସ. ବି (୬ଷ୍ଠୀ ତତ୍; ରାଜନ୍+ଧର୍ମନ୍)—୧ । ରାଜାଙ୍କ
Rājadmahra କର୍ତ୍ତବ୍ୟକର୍ମ (ଯଥା—ପ୍ରଜାପାଳନ)—
1. A king's duty (e. g. governing his subjects). ୨ । ରାଜନୀତି (ଦେଖ)—2. Rājaniti (See). ୩ । କ୍ଷତ୍ରିୟର କର୍ତ୍ତବ୍ୟ କର୍ମ —3. The duty of the military tribe. [ଦ୍ର—ରାଜଧର୍ମ ସମ୍ବନ୍ଧେ ମହାଭାରତ ଅନ୍ତରେ ଅନେକ ଉପଦେଶ ଅଛି ।]

ରାଜଧର୍ମବିଦ—ସ.ବିଣ ଓ ବି (ରାଜଧର୍ମ+ବିଦ୍ ଧାତୁ+କର୍ତ୍ତୃ.କ୍ୱିପ୍)—
Rājadharmabid ରାଜନୀତି ବିଶାରଦ—Statesman; a person versed in the duties of a king.

ରାଜଧାନ(ନୀ)—ସ ବି (ରାଜନ୍+ଧା ଧାତୁ=ଧାରଣ କରିବା+ ଅଧିକରଣ ଅନ);—୧ । ରାଜ୍ୟର ପ୍ରଧାନ ନଗର; ଯେଉଁଠାରେ ରାଜା ବାସ କରନ୍ତି—1. Seat of government; capital; metropolis of a kingdom. ୨ । ରାଜନଗର; ରାଜପୁର—2. The king's residence.
Rājadhāna(ni)
ରାଜଧାନକ, ରଜଧାନିକା } ଅନ୍ୟରୂପ

ରାଜଧାନୀଅ(ଅଁ)—ଦେ.ବଣ(ସଂ.ରାଜଧାନୀୟ)—୧ । ରାଜଧାନୀ ସମ୍ବନ୍ଧୀୟ
Rājadhānia(aṅ) —1. Relating to a capital. ୨ ।
রাজধানীর (ରାଜଧାନୀ—ଅନ୍ୟରୂପ) ରାଜଧାନୀରେ କରାଯିବାର ଉପଯୁକ୍ତ
राजाधानीका 2. Befitting a capital. [ଉ—ଏ
ସବୁ ରାଜଧାନୀଅ ଅଡ଼ମ୍ବର ଅମପର ମଫସଲଅଙ୍କୁ ସାଏ ନାହିଁ ।]

ରାଜଧାନ୍ୟ—ସ. ବ—ରାଜାନ୍ନ (ଦେଖ)
Rājadhānya Rājānna (See)

ରାଜନ—ସ. ବ (ସମ୍ବୋଧନ)—ହେ ରାଜନ; ହେ ରାଜା—
Rājan Oh king !

ରାଜନ—ଗ୍ରା. ବ (ସ. ରାଜନ୍)—୧ । (ସମ୍ବୋଧନ) ହେ ରାଜା—
Rājana Oh king ! [ଉ—ବୃଦ୍ଧାଙ୍କ ସମାନ ମୁକ୍ତ ଅଛନ୍ତି
राजन ରାଜନ, ତାହାଙ୍କ ସଙ୍ଗରେ ଦଅ ଶ୍ରୀରାମ ଲକ୍ଷ୍ମଣ ।
राजन ବିଶ୍ୱନାଥ. ବିଚିତ୍ରରାମାୟଣ ।] ୨ । ରାଜା—
2. King. [ଉ—ନଳ ରାଜନ ବଚ୍ଛ ମନରେ ନ
ବଳ । କୃଷ୍ଣସିଂହ. ମହାଭାରତ ବନ ।]

ରାଜ ନଅ(ବ, ହ)ର—ଦେ. ବ—ରାଜାଙ୍କ ଘରଅ ବା ବାସସ୍ଥାନ;
Rāja na(ba, ha)ra ରାଜପ୍ରସାଦ—King's residence;
রাজাবাড়ি, রাজমহল राजमह king's palace.

ରାଜ ନଗର—ସ. ବ—ରାଜଧାନ (ଦେଖ)—
Rāja nagara Rājadhāna (See)
ଦେ. ବ—ଓଡ଼ିଶାର କନିକା ରାଜ୍ୟର ରାଜଧାନୀ—
Name of the head quarters of the Kanika estate of Orissa.

ରାଜ ନନ୍ଦନ—ସଂ ବ. ପୁଂ—ରାଜପୁତ୍ର; ରାଜାଙ୍କ ପୁଅ—
Rāja nandana King's son; prince.
(ରାଜନନ୍ଦନୀ, ରାଜନନ୍ଦନା—ସ୍ତ୍ରୀ) (ରାଜନନ୍ଦନୀ—ଗ୍ରା. ସ୍ତ୍ରୀରୂପ)

ରାଜନୀତ—ଦେ. ବ (ସଂ. ରାଜନ୍ ଓ ନିତ୍ୟ)—୧ । ରାଜାଙ୍କର
Rājaniti ନିତ୍ୟକର୍ମ; ରାଜାଙ୍କର ପ୍ରାତ୍ୟହିକ ଦୈନିକ
রাজার নিত্যকর্ম କର୍ମମାନ—1. The different daily
राजाका नितकाम acts or avocations of a Rājā.
[ଦ୍ର—ସାଧାରଣଙ୍କ ଦୈନନ୍ଦିନ କୃତ୍ୟ ଠାରେ ରାଜାଙ୍କର
କ୍ରିୟାମାନଙ୍କର ବଶିଷ୍ଟ ନାମକରଣ ଅଛି ଓ ଅମ୍ଭମାନଙ୍କ
ନିତି ଅପେକ୍ଷା ରାଜନୀତିମାନ ବେଶୀ ଅଡ଼ମ୍ବର ପୂର୍ଣ୍ଣ ।
ରାଜାନଳେ ନୋହି ଦେଖ ।] ୨ । ରାଜାଙ୍କ ଭଳି ପର
ଅଡ଼ମ୍ବରଯୁକ୍ତ କାର୍ଯ୍ୟ—2. Any act accompanied with grandeour (like that of a king).

ରାଜନୀତ ବଢ଼ିବା—ଦେ. ବ—ରାଜାଙ୍କର କୌଣସି ବିଶିଷ୍ଟ ଦୈନିକ
Rājaniti bardhibā କାର୍ଯ୍ୟର ସମ୍ପାଦନ—The per-
রাজার নিত্যকর্ম শেষহওয়া formance of any one of
राजनितकाम शेषहो the daily rites of a king.
(ଯଥା—ବର୍ତ୍ତମାନ ଗ୍ରାମୁଙ୍କର ଶଳେଇବାକୁ ନୀତ
ବଢ଼ୁଛି ।)

ରାଜ ନିୟମ—ସଂ. ବ—ରାଜବିଧାନ (ଦେଖ)
Rāja niyama Rājabidhāna (See)

ରାଜନୀତି—ସଂ. ବ—ରାଜ୍ୟଶାସନ ସମ୍ବନ୍ଧୀୟ ନିୟମମାନ, ଯାହାର
Rājaniti ରାଜାଙ୍କର ପାଳନ କରିବା କର୍ତ୍ତବ୍ୟ—The
code of rules for the guidance of kings; the duties of a king. ୨ । ରାଜାଙ୍କ କର୍ତ୍ତବ୍ୟ
ସମ୍ବନ୍ଧେ ଶାସ୍ତ୍ର—2. The branch of political science dealing with the king's duties; the science of government. [ଦ୍ର—
ରାଜାଙ୍କର ରାଜ୍ୟଶାସନ ଶାସନ ସମ୍ବନ୍ଧୀୟ କର୍ତ୍ତବ୍ୟ ଚାରିଗୋଟି
ଯଥା—ସାମ, ଦାନ, ଦଣ୍ଡ, ଭେଦ । ରାଜା ଏ ଚାରିଗୋଟି
ଉପାୟ ଅବଲମ୍ବନ କରି ରାଜ୍ୟ ଶାସନ କରିବେ ।
ଆବଶ୍ୟକ ସ୍ଥଳରେ ଲୋକଙ୍କୁ କୋମଳ ବ୍ୟବହାର (ସାମ)
ଦ୍ୱାରା, ଦାନଦ୍ୱାରା, ଦଣ୍ଡଦ୍ୱାରା ବଶୀଭୂତ କରିବେ ଓ ଶତ୍ରୁ
ମଧ୍ୟରେ ଭେଦ ବା ଅନ୍ତର୍ବିବାଦ ଉପସ୍ଥିତ କରାଇ ଆପଣା
ରାଜ୍ୟରେ ଶାନ୍ତିସ୍ଥାପନ କରିବେ ।]

ରାଜନୀତିକ—ସଂ. ବଣ.—(ରାଜନୀତି+ଇକ)—ରାଜନୀତି ସମ୍ବନ୍ଧୀୟ—
Rāja nitika Political. [ଦ୍ର—ଅନେକ ଲେଖକ 'ରାଜନୈତିକ' ଶବ୍ଦ ବ୍ୟବହାର କରୁଅଛନ୍ତି କିନ୍ତୁ ଏହା
ବ୍ୟାକରଣବିରୁଦ୍ଧ ପ୍ରୟୋଗ ।]

ରାଜନୀତିଜ୍ଞ—ସଂ. ବଣ. ପୁଂ—(ରାଜନୀତି+ଜ୍ଞା ଧାତୁ+କର୍ତ୍ତୃ. ଅ)—
Rājanitijña ରାଜନୀତି ସମ୍ବନ୍ଧରେ ବିଶେଷ ଅଭିଜ୍ଞ—
Versed in the science of government.
[ଦ୍ର—ଏହିପରି ରାଜନୀତିଜ୍ଞାନ ,ରାଜନୀତିଜ୍ଞତା ଆଦି
ଶବ୍ଦ ହୁଏ ।]

ରାଜ ନୀଳ—ସ. ବ.—(ରାଜ=ଶୋଭମାନ+ନୀଳ)—ମରକତ ମଣି;
Rāja nila ଇନ୍ଦ୍ର ନୀଳମଣି—Emerald (gem).

ରାଜନୈତିକ—ଦେ. ବଣ. —(ସ. ରାଜନୀତିକ)—ରାଜନୀତି ସମ୍ବନ୍ଧୀୟ—
Rājanaitika রাজনৈতিক राजनीतिक Political.
[ଦ୍ର—ସଂସ୍କୃତ ବ୍ୟାକରଣର ନିୟମ ଅନୁସାରେ ରାଜନୈତିକ ଶବ୍ଦ ଅଶୁଦ୍ଧ, 'ରାଜନୀତିକ' ଶବ୍ଦ ଶୁଦ୍ଧ ଅଟେ ।]

ରାଜନୈତିକ ବହୁରୂପା(ପୀ)—ଦେ.ବ. (ଅଧୁନିକ ପ୍ରୟୋଗ)--(ଲକ୍ଷଣାର୍ଥ)
Rājanaitika bahurupā(pi) ଯେଉଁ ବ୍ୟକ୍ତି ଘନ ଘନ
[ରାଜନୈତିକ ଏଣ୍ଡୁଅ—ଅନ୍ୟରୂପ] ସମୟରେ ଘନ ଘନ ରାଜନୀତିକ ମତ ପୋଷଣ ଓ ପ୍ରଚାର କରନ୍ତି—Persons
রাজনৈতিক বহুরূপী who change their political
राजनीतिक बहुरुपिया opinions often (like the changing of colours by a chamellion.)
[ଦ୍ର—ବୋନେର୍ଜୀଙ୍କ ପରି ରାଜନୈତିକ ଏଣ୍ଡୁଅଙ୍କର ଅଭାବ ନାହିଁ
ଦେ. ଅଶା ।]

ରାଜନ୍ୟ—ସ.ବ.—(ରାଜ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ ଯ; ରାଜନ୍+
Rājanya ସ୍ୱାର୍ଥେ ବା ସାଧ୍ୱର୍ଥେ. ଯ)—୧ । ରାଜପୁତ୍ର—1.
Prince. ୨ । ରାଜବଂଶଜ ବ୍ୟକ୍ତି—2. A descendant of a royal family. ୩ । କ୍ଷତ୍ରିୟ—

3. A person of the Hindu military caste. ୪ । ଅଗ୍ନି—4. Fire. ୫ । ରାଜାବନ; କ୍ଷୀରିକୋଳି ଗଛ—5. A tree; Mimosops Hexandra. ୬ । କ୍ଷୀରିକା ବୃକ୍ଷ (ବଟ, ଅଶ୍ୱତ୍ଥ, ଯଜ୍ଞଡୁମ୍ବୁର, ପାକଡ଼ ଓ ପାର୍କଟି ବୃକ୍ଷ)—6. A tree of the fig species. ୭ । ରାଜା—7. King.

ରାଜନ୍ୟକ—ସ.ବି.—(ରାଜନ୍ୟ+ସମୂହାର୍ଥେ.କ)—କ୍ଷତ୍ରିୟ ବା ରାଜନ୍ୟ-
Rājanyaka ସମୂହ—A gathering or multitude of princes or Kshatriyas.

ରାଜନ୍ୟ ବର୍ଗ—ସଂ. ବି.—ରାଜାସମୂହ; କ୍ଷତ୍ରିୟବର୍ଗ—
Rājanya barga A collection of princes or Kshatriyas.
ରାଜନ୍ୟ ମଣ୍ଡଳ(ଳୀ) } —ଅନ୍ୟରୂପ
ରାଜନ୍ୟଗଣ }

ରାଜନ୍ୱାନ୍—ସଂ. ବଣ.—(ରାଜନ୍+ଅସ୍ତ୍ୟର୍ଥେ ବତ୍; ରାଜନ୍ୱତ୍ ଶବ୍ଦ,
Rājanwān ୧ମା. ୧ବ.)—ପ୍ରଜାରଞ୍ଜକ ରାଜାଙ୍କଦ୍ୱାରା ଶାସିତ (ରାଜନ୍ୱତୀ—ସ୍ତ୍ରୀ) (ଦେଶ)—(Country) Blessed with gooda king.

ରାଜ ପଟ—ଦେ. ବି—୧ । ନୀଳ ଶାଢ଼ୀ—
Rāja paṭa Blue sārhi or women's cloth.
राजपट [ଦ୍ର—କ ଅବା ରାଜପଟେ ଭୂଷଣ ଦେଖା, ଜଳା ମେଘେ ବଜ୍ରକ ଦେଉଛି ଦେଖା । ପୀନକୃଷ୍ଣ. ରସକଲ୍ଲୋଳ ।] ୨ । ସୁନ୍ଦର ବସ୍ତ୍ର—2. A fine cloth.

ରାଜ ପଟୋଳ—ସଂ. ବି.—ଏକ ପ୍ରକାର କାକୁଡ଼ି—
Rāja paṭola A kind of cucumber.

ରାଜ ପଟ୍ଟ—ସଂ.ବି.—(୬ଷ୍ଠୀ ତତ୍; ରାଜନ୍+ପଟ୍ଟ)—୧ । ରାଜମୁକୁଟ-
Rāja paṭṭa 1. Crown. ୨ । କୃଷ୍ଣବର୍ଣ୍ଣ ମଣି ବିଶେଷ—2. A black species of gem. ୩ । ରାଜସିଂହାସନ—3. A royal throne. ୪ । ରାଜାଙ୍କ ପଗଡ଼ି—4. A royal fillet (Apte).

ରାଜପଣ—ଦେ. ବି.—ରାଜତ୍ୱ (ଦେଖ)
Rājapaṇa Rājatwa (See)
राजत्व राजपन

ରାଜପଣ କରିବା—ଦେ. କ୍ରି.—ରାଜା ହୋଇ ରାଜ୍ୟ ଶାସନ କରିବା—
Rājapaṇa kariba To reign; to rule over a kingdom.
राजपण करा राजपन करना

ରାଜ ପତ୍ନୀ—ସଂ. ବି. ସ୍ତ୍ରୀ.—ରାଣୀ; ରାଜମହିଷୀ—
Rāja patnī A queen.

ରାଜ ପଥ—ସଂ. ବି.—(ରାଜନ=ଶ୍ରେଷ୍ଠ+ପଥ; ପଥମାନଙ୍କ ମଧ୍ୟରେ
Rāja patha ରାଜା; ୭ମୀ ତତ୍, ଭୂଲ. ରାଜତ୍ତ୍ୱଂସ)—ରାଜମାର୍ଗ (ଦେଖ)—Rājamārga (See)

ରାଜ ପଦ—ସଂ. ବି.—(୬ଷ୍ଠୀ ତତ୍; ରାଜନ୍+ପଦ)—୧ । ରାଜତ୍ୱ;
Rāja pada ରାଜାରୂପେ ଅଧିଷ୍ଠାନ ବା ରାଜ୍ୟ ଶାସନ—
[ରାଜପଦବୀ—ଅନ୍ୟରୂପ] 1. The state of being installed as a king. ୨ । (ମ. ପ. ଲୋ) ରାଜଦତ୍ତ ପଦ—2. A title or post bestowed by a king.

ରାଜ ପଦ୍ଧତି—ସଂ. ବି.—ରାଜାଙ୍କ ସମ୍ବନ୍ଧୀୟ ରୀତି—Prevailing
Rāja padhati custom regarding a king.

ରାଜପଧତି(ତୀ)—ଦେ. ବି.—(ସଂ. ରାଜପଦ୍ଧତି; ରାଜ ପଦବୀ)—
Rāja padhati (bī) ୧ । ରାଜଦତ୍ତ ଉପାଧି—1. A title bestowed by a king. ୨ । ରାଜପଧିବ (ଦେଖ) 2. Rājapadhiba (See)

ରାଜ ପଧିବ—ଦେ. ବି.—ରାଜବଂଶରେ ଚଳି ଆସୁଥିବା ରୀତି—
Rāja padhiba Custom obtaining in a king's family.

ରାଜ ପରିଚ୍ଛଦ—ସ. ବି.—୧ । (୬ଷ୍ଠୀ ତତ୍) ମହାର୍ଘ ବା ରାଜାଙ୍କ ଯୋଗ୍ୟ
Rāja parichchhada ପୋଷାକ-1. Princely or rich dress
[ରାଜ ପରିଧାନ—ଅନ୍ୟରୂପ] ୨ । ରାଜାଙ୍କ ପୋଷାକ—2. Royal dress; king's garment. ୩ । (ମ. ପ ଲୋ) ରାଜଦତ୍ତ ପୋଷାକ; ଖିଲତ୍—3. A dress bestowed by a king. ୪ । ରାଜକର୍ମଚାରୀଙ୍କ ପରିଧେୟ ପୋଷାକ—4. Official dress. ୫ । ରାଜ ଦରବାରରେ ପରିଧେୟ ପୋଷାକ—5. Court dress.

ରାଜ ପରିବାର—ସ. ବି. (୬ଷ୍ଠୀ ତତ୍)—ରାଜାଙ୍କ ବଂଶ; ରାଜକୁଳ—
Rāja paribāra Royal race; royal family.

ରାଜ ପଲାଣ୍ଡୁ—ସ. ବି.—ଏକ ପ୍ରକାର ରକ୍ତବର୍ଣ୍ଣ ଛୋଟ ପିଆଜ—
Rāja palāṇḍu A species of small red onion.
ସଂ— ଯବନେଷ୍ଟ, ନୃପାହ୍ୱୟ, ରୋଚ, ନୃପେଷ୍ଟ, ନୃପକନ୍ଦ, ମହାକନ୍ଦ ନୃପପ୍ରିୟ, ମହାମୂଳ, ପାର୍ଥିବ, ରକ୍ତକନ୍ଦ, छोटा प्याँज म. ରକ୍ତକାନ୍ଦା । ଲେ. କୋମ୍ପିନଗ୍ଟି
[ରାଜପ୍ରିୟ, ରିଜେଷ୍ଟ—ଅନ୍ୟରୂପ]

ରାଜ ପହରଣ—ଦେ. ବି—ରାଜ ପରିଚ୍ଛଦ (ଦେଖ)
Rāja paharaṇa Rāja parichchhada (See)
[ରାଜ ପୋଷାକ—ଅନ୍ୟରୂପ] राजपोशाक राजपहनावा

ରାଜ ପାଟ—ଦେ. ବି.—(ସଂ. ରାଜପଟ୍ଟ)—ରାଜ ସିଂହାସନ—
Rājapāṭa রাজপাট राजपाट Royal throne.

ରାଜ ପିତ୍ତଳ—ସଂ. ବି.—(ବୈଦ୍ୟକ)—ବେଙ୍ଗା ପିତ୍ତଳ; ପିତ୍ତଳ; ତମ୍ବା
Rāja pittala ଓ ଦସ୍ତା ମିଶ୍ରିତ ଧାତୁ—A sort of brass.
[ରାଜରୀତି—ଅନ୍ୟରୂପ] [ରାଜ ପିତଳ—ଦେ. ରୂପ]

ରାଜପୁତ—ଦେ. ବି. ପୁଂ—(ସଂ. ରାଜପୁତ୍ର)—୧ । ମଧ୍ୟ ଭାରତର
Rājaputa ରାଜପୁତନା ଅଧିବାସୀ କ୍ଷତ୍ରିୟ ଜାତି ବିଶେଷ—
राजपूत राजपूत 1. A generic term for the
[ରାଜପୁତାଣୀ—ସ୍ତ୍ରୀ] Kshatriyas in Central India or Rajputana. ୨ । ରଜପୁତ (ଦେଖ)—2 Rajaput (See) [ଦ୍ର—ଏମାନେ ଅମ୍ବଷ୍ଠ କନ୍ୟାଠାରୁ କ୍ଷତ୍ରିୟ ଔରସରେ ଜାତ; ବ୍ରହ୍ମବୈବର୍ତ୍ତ; 'ରାଜପୁତ୍ର' (ଦେଖ)]

[ଦ୍ର—ରାଜପୁତାନାର ଅଧିବାସୀ କ୍ଷତ୍ରିୟମାନଙ୍କ କେତେକ ବିଶିଷ୍ଟବଂଶ ରାଜପୁତ ନାମରେ ଗଣିତ ହେଉଅଛନ୍ତି । ରାଜପୁତ ଶବ୍ଦ ରାଜପୁତ୍ର ଶବ୍ଦର ଅପଭ୍ରଂଶ । ଭାରତରେ ମୁସଲମାନ୍ ଅଧିକାର ପରେ ଏ ଶବ୍ଦ ପ୍ରଚଳିତ ହୋଇଅଛି । ପ୍ରାଚୀନ କାଳରେ ରାଜକୁମାର ବା ରାଜବଂଶୀୟମାନଙ୍କୁ ରାଜପୁତ୍ର ବୋଲି ଯାଉଥିଲା । ଏଥିପାଇଁ କ୍ଷତ୍ରିୟମାନଙ୍କୁ ମୁସଲମାନ୍‌ମାନେ 'ରାଜପୁତ' ନାମରେ ଡାକିଲେ । ଏବେ ଏହି ଶବ୍ଦ ରାଜପୁତାନାରେ ରହୁଥିବା କ୍ଷତ୍ରିୟମାନଙ୍କର ଗୋଟିଏ ଜାତିର ସୂଚକ ହୋଇ ଯାଇଅଛି । ପ୍ରଥମେ କେତେକ ପାଶ୍ଚାତ୍ୟ ପଣ୍ଡିତ କହୁ ଥିଲେ ଯେ 'ରାଜପୁତ'ମାନେ ଶକ ଆଦି ବିଦେଶୀ ଜାତିଙ୍କ ସନ୍ତାନ ଅଟନ୍ତି ଓ ଏମାନେ କ୍ଷତ୍ରିୟ ବା ଆର୍ଯ୍ୟ ନୁହନ୍ତି । କିନ୍ତୁ ବର୍ତ୍ତମାନ ପ୍ରମାଣିତ ହୋଇଅଛି ଯେ ରାଜପୁତ୍ରମାନେ କ୍ଷତ୍ରିୟ ତଥା ଆର୍ଯ୍ୟ ଅଟନ୍ତି । ବସ୍ତୁତଃ କେତେକ ଜଙ୍ଗଲୀ ଜାତିଙ୍କ ପରି ହୂଣ ଆଦି କେତେକ ବିଦେଶୀ ଜାତି ରାଜପୁତଙ୍କ ସଙ୍ଗେ ମିଳି ଯାଇ ଅଛନ୍ତି । ଶକ ଓ ହୂଣମାନେ ମଧ୍ୟ ଭାରତର ବାହାରେ ରହୁଥିବା ଆର୍ଯ୍ୟ ଥିଲେ ଓ ଏମାନଙ୍କର ଭାରତୀୟ ଆର୍ଯ୍ୟମାନଙ୍କ ସଙ୍ଗେ ଖୁବ୍ ମିଳାମିଶା ଥିଲା । ଚୌହାନ, ସୋଲଙ୍କୀ, ପ୍ରତିହାର, ପରମାର ସିସୋଦିୟା, ଏମାନେ ରାଜପୁତ ଅଟନ୍ତି । ରାଜପୁତମାନେ ପ୍ରାଚୀନ କାଳରୁ ଖୁବ୍ ବୀର, ଯୋଦ୍ଧା, ଦେଶଭକ୍ତ ଓ ସ୍ୱାମିଭକ୍ତ ଥିବା ଇତିହାସପ୍ରସିଦ୍ଧ— [ହି. ଶ.]

ରାଜପୁତ(ତା)ନା—ଦେ. ବି (ସଂ. ରାଜପୁତ୍ର ଜନ୍ମ ରାଜପୁତ ସ୍ଥାନ)—
Rājaputa(tā)nā ବିନ୍ଧ୍ୟାଚଳର ଉତ୍ତରରେ ଓ ସିନ୍ଧୁ ନଦୀର
राजपुताना ଦକ୍ଷିଣ ଓ ପୂର୍ବ ଦିଗରେ ଅବସ୍ଥିତ କ୍ଷତ୍ରିୟ ରାଜ୍ୟ-
राजपुताना ମଣ୍ଡଳ—A group of Indian States in northern India. [ଦ୍ର—ଏହି ରାଜ୍ୟମାନ ଇଂରାଜଶାସନାଧୀନ ଗୋଟିଏ ମଣ୍ଡଳରେ ଭୁକ୍ତ ହୋଇ ଜଣେ ପ୍ରତିନିଧି (Political Agent)ଙ୍କ ତତ୍ତ୍ୱାବଧାନରେ ତତ୍ରତ୍ୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଅଛି ।]

ରାଜପୁତ୍ର—ସଂ. ବି.ପୁଂ (୬ଷ୍ଠୀ ତତ୍; ରାଜନ୍+ପୁତ୍ର)—୧ । ରାଜକୁମାର;
Rājaputra ରାଜାପୁଅ—1. A prince; king's son.
(ରାଜପୁତ୍ରୀ—ସ୍ତ୍ରୀ) ୨ । ଯୁବରାଜ—2. The eldest son of a reigning king.
୩ । ରାଜପୁତ (ଜାତି)—3. A caste claiming to be descended from the Kshatriyas.
୪ । (ରାଜା=ଚନ୍ଦ୍ର+ପୁତ୍ର)—ବୁଧଗ୍ରହ—4. The planet Mercury.

ରାଜ ପୁତ୍ରକ—ସଂ. ବି. ପୁଂ (ରାଜପୁତ୍ର+ସ୍ୱାର୍ଥେ. କ)—୧ । ରାଜପୁତ୍ର
Rāja putraka (ଦେଖ)—2. Rājaputra (See)
(ରାଜପୁତ୍ରିକା—ସ୍ତ୍ରୀ) ୨ । ରାଜାମ୍ବ; ରାଇଗଛ—2. A kind of wild tree.

ରାଜ ପୁତ୍ରିକା—ସଂ. ବି. ସ୍ତ୍ରୀ (ରାଜପୁତ୍ରକ+ଆ)—ରାଜକନ୍ୟା; ଜେମା
Rāja putrikā —1. Princess. ୨ । ଜାତି; ଜାଇଫୁଲ—2. A sort of jasmine; Jasminum Grandiflorum. ୩ । ପକ୍ଷିବିଶେଷ—3. A kind of bird. ୪ । ଏକଜାତୀୟ ପିତା ଲାଉ—4. A species of bitter pumpkin. ୫ । ରାଜାଫଳ; ପୋଟଳ; ପଟୋଳ—5. Tricosanthes Dioica.

ରାଜ ପୁତ୍ରୀ—ସଂ. ବି. ସ୍ତ୍ରୀ—୧ । ରାଜକନ୍ୟା—1. Princess. ୨ ।
Rāja putrī (ବୈଦ୍ୟକ) ରେଣୁକା ନାମକ ଗନ୍ଧଦ୍ରବ୍ୟ—2. A medicinal scent; Piper Aurantiacum.

ରାଜ ପୁର—ସଂ.ବି—୧ । ରାଜଭବନ—1. King's palace. ୨ ।
Rāja pura ୨। ରାଜଧାନୀ—2. King's capital; metropolis. ୩ । ନ୍ୟାୟ ବିଶେଷ—3. A kind of analogy.
[ଦ୍ର—ରାଜପୁରକୁ ଜଟିଥିବା ରକ୍ଷିବର୍ଗଙ୍କ ସମ୍ମୁଖରେ ତନ୍ମଧ୍ୟକୁ ପ୍ରବେଶ କରିବା ବ୍ୟକ୍ତିମାନେ ଯେଉଁପରି ଆଗ ପଛ ହୋଇ ଶ୍ରେଣୀବଦ୍ଧ ଭାବରେ ଗମନ କରନ୍ତି, ସେହିପରି କାର୍ଯ୍ୟ କାରଣର ଶ୍ରେଣୀବଦ୍ଧ ଭାବଥିଲେ ଏହି ନ୍ୟାୟର ପ୍ରୟୋଗ କରାଯାଏ ।]

ରାଜ ପୁରୀ—ସଂ. ବି—୧ । ରାଜପ୍ରାସାଦ—1. King's palace.
Rāja purī ୨। ରାଜଧାନୀ—2. Metropolis.

ରାଜ ପୁରୁଷ—ସଂ.ବି—୧ । ରାଜକର୍ମଚାରୀ—1. A government
Rāja purusha officer; a king's officer. ୨ ।
(ରାଜପ୍ରକୃତି—ଅନ୍ୟରୂପ) ରାଜବଂଶୀୟ ଲୋକ—2. A person belonging to or related to a royal family.

ରାଜ ପୁରୋଧା—ସଂ. ବି—ରାଜାଙ୍କ ଦେବାର୍ଚ୍ଚନାଦିରେ ସହାୟକ
Rāja purodhā ବ୍ରାହ୍ମଣ—King's priest.
(ରାଜପୁରୋହିତ—ଅନ୍ୟରୂପ)

ରାଜ ପୁଷ୍ପ—ସଂ. ବି—ନାଗେଶ୍ୱର ଫୁଲ; ନାଗ କେଶର—
Rāja pushpa Mesua Ferra, a tree and its flower

ରାଜ ପୂଜା—ସଂ. ବି—ରାଜାଙ୍କୁ ଲୋକେ ଯେଉଁପରି ପୂଜା କରନ୍ତି—
Rāja pūjā A worship or homage due to or rendered to a king.

ରାଜ ପୂଜିତ—ସଂ. ବିଣ. ପୁଂ (୩ୟା ତତ୍)-ଯାହାକୁ ରାଜା ପୂଜା କରନ୍ତି—
Rājā pūjita Worshipped by the king.
(ରାଜ ପୂଜିତା—ସ୍ତ୍ରୀ)

ରାଜପୂଜ୍ୟ—ସଂ. ବିଣ. ପୁଂ (ତୃତୀୟା ତତ୍; ରାଜନ୍+ପୂଜ୍ୟ)—ରାଜାଙ୍କଦ୍ୱାରା
Rājapūjya ପୂଜନୀୟ—Fit to be worshipped by the king.
(ରାଜପୂଜ୍ୟା—ସ୍ତ୍ରୀ)

ରାଜ ପ୍ରତିନିଧି—ସଂ. ବି—ରାଜାଙ୍କ ପରିବର୍ତ୍ତରେ ରାଜ୍ୟ ଶାସନ କରିବା
Rāja pratinidhi ନିମନ୍ତେ ରାଜାଙ୍କଦ୍ୱାରା ନିଯୁକ୍ତ କର୍ମଚାରୀ—
Viceroy; a representive of the king.

ରାଜ ପ୍ରସାଦ—ସଂ. ବି (୬ଷ୍ଠୀ ତତ୍; ରାଜନ୍+ପ୍ରସାଦ=ଅନୁଗ୍ରହ)—
Rāja prasāda ରାଜାଙ୍କ ଅନୁଗ୍ରହ—Royal favour; king's grace.

ରାଜ ପ୍ରାସାଦ-ସଂ. ବି (୬ଷ୍ଠୀ ତତ୍ ; ରାଜନ୍+ପ୍ରାସାଦ=ଅଟ୍ଟାଳିକା)—
Rāja prāsāda ରାଜାଙ୍କ ଘର—The palace of a king; royal apartments.

ରାଜ ଫଳ—ସଂ. ବି (ବୈଦ୍ୟକ)—୧ । ପଟୋଳ—1. A sort of
Rāja phala kitchen fruit like cucumber; Tricosanthus Dioica. ୨ । ରାଜାମ୍ର (ଦେଖ)—
2. Rājāmra. (See)

ରାଜ ଫଳା—ସଂ. ବି (ବୈଦ୍ୟକ)—ଜମ୍ବୁ; ଜାମୁ—
Rāja phala Blackberry; Eugenia Jambolana.

ରାଜ ବଂଶ—ସଂ. ବି (୬ଷ୍ଠୀ ତତ୍)—ରାଜକୁଳ—
Rajabamsa Royal family; race of kings.

ରାଜ ବଂଶଜ—ସଂ. ବିଣ (ରାଜ ବଂଶ+ ଜନ୍. ଧାତୁ+କର୍ତ୍ତୃ. ଅ)—
Rāja baṁśaja ରାଜକୁଳଜାତ—Descended from a line of kings.
(ରାଜବଂଶଜା—ସ୍ତ୍ରୀ)

ରାଜ ବଂଶୀ—ଦେ. ବିଣ (ସଂ. ରାଜବଂଶୀୟ)—ରାଜବଂଶରୁ ଜାତ—
Rāja baṁśi Born of a royal race. ବି—କ୍ଷତ୍ରିୟଜାତି
রাজবংশী ବିଶେଷ—1. Name of a sect of Kshatri-
राजवंशी yas. ୨ । ବଙ୍ଗଳା ଭାଷାର ଏକ ଭାଷା—2. A dialect of the Bengalee language.

ରାଜ ବଂଶୀୟ—ସଂ. ବିଣ (ରାଜବଂଶ+ଈୟ; ଯ)—୧ । ରାଜବଂଶ
Rājabaṁśiya ସମ୍ବନ୍ଧୀୟ—1. Relating to a royal family.
(ରାଜବଂଶ୍ୟ—ଅନ୍ୟରୂପ) ୨ । ରାଜାବଂଶରୁ ଜାତ—
ରାଜବଂଶୀୟା } —ସ୍ତ୍ରୀ 2. Born of a royal race; des-
ରାଜବଂଶ୍ୟା } cended from a royal family.

ରାଜ ବଖ(ଖୁ)ରି—ପ୍ରାଦେ. (ସମ୍ବଲପୁର) ବି—୧ । ରାଜପ୍ରାସାଦ—
Rāja bakha(khu)ri 1. Palace. ୨ । ରାଜଧାନୀର ବାହାରେ ରାଜାଙ୍କ ବାସ ନିମନ୍ତେ ନିର୍ମିତ ସ୍ଥାୟୀଗୃହ—2. Permanent bulding intended for the lodging of a Rājā when he comes to a place.

ରାଜ ବଣି—ଦେ. ବି—ଏକପ୍ରକାର ବଣିଚଢ଼େଇ—
Rāja bani A species of myna bird; Acridotherus Tristes.
(ରାଜବଣି—କପଶ୍ୱେତ)
সালিক राजमैना

ରାଜ ବଦର—ସ ବି (ବୈଦ୍ୟକ)—୧ । ମିଷ୍ଟରସବିଶିଷ୍ଟ ବଡ଼ ବଡ଼
Rāja badara ବରକୋଳି—1. A sort of jejube berry, big in size.
(ରାଜ ବଲ୍ଲଭ—ଅନ୍ୟରୂପ)
ଅନ୍ୟ ସଂ—ଉତ୍ତମ କୋଳ, ନୃପଶ୍ରେଷ୍ଠ, ନୃପବଦର, ପୃଥୁକୋଳ, ତନୁ-ବୀଜ, ମଧୁର ଫଳ,ରାଜକୋଳି, ରାଜବଲ୍ଲଭ नारकुलेकुल, पाटनाईकुल

୨ । ଲାଲ ଅଁଳା (ବୃ. ଷ)—2. Red embelica.
୩ । ଲବଣ (ବୃ. ଷ)—3. Salt.
राजबेर ମ. ରାଜବୋର୍

ରାଜ ବଧୂ—ସଂ. ବିଣ—ରାଜବଂଶୀୟା ସ୍ତ୍ରୀ—
Rāja badhū A lady of the king's family.
(ରାଜ ବନିତା—ଅନ୍ୟରୂପ)

ରାଜ ବନ୍ଦୀ—ଦେ. ବି—ରାଜଗାଢ଼କ ଅପରାଧରେ ଦଣ୍ଡିତ ବ୍ୟକ୍ତି—
Rāja bandi Political prisoner; state prisoner.
রাজবন্দী राजबन्दी

ରାଜବର୍ତ୍ତ—ଦେ. ବି.—(ବୈଦିକ ସଂ ରାଜାବର୍ତ୍ତ)—ମଣି ବିଶେଷ—
Rājabartta A kind of gem.
[ଦ୍ର—ଏହା ଗୋଟିଏ ଉପରତ୍ନ ଅଟେ । ଶିରୀଷ ଫୁଲର ରସ ଓ ଅଦା ରସରେ ଭାବନା ଦେଲେ ଏହା ଔଷଧରୂପେ ବ୍ୟବହୃତ ହେବା ପାଇଁ ବିଶୋଧିତ ହୁଏ । ଶୋଧିତ ରାଜବର୍ତ୍ତ ମଣି ଚୂର୍ଣ୍ଣ କରି ଗନ୍ଧକ ଓ ଲେମ୍ବୁ ରସ ସହିତ ମର୍ଦ୍ଦନ ପୂର୍ବକ ସାତଥର ପୁଟପାକରେ ଦଗ୍ଧ କରିବ । ଏହି ଭସ୍ମ ସେବନ କଲେ ପ୍ରମେହ, ଅର୍ଶ, ପାଣ୍ଡୁ, କଫ ଓ ବାତରୋଗ ନଷ୍ଟ ହୁଏ । ଏହା ରସାୟନ, ଅଗ୍ନିଦୀପକ, ପାଚକ, ପିତ୍ତନାଶକ, ମଧୁର, ସ୍ନିଗ୍ଧ ଓ ବଳକାରକ ।
ଦ୍ରବ୍ୟଗୁଣ କଳ୍ପଦ୍ରୁମ]

ରାଜ ବର୍ତ୍ମ—ସଂ. ବି.—ରାଜମାର୍ଗ (ଦେଖ)
Rāja barttma Rājamārga (See)

ରାଜବଳା—ସ. ବି—ପ୍ରସାରଣୀ ବା ପସାରୁଣୀ ଲତା—
Rājabalā A creeper; Paederia Foetida.

ରାଜ ବଲ୍ଲଭ—ସ.ବି. ପୁଂ—୧ । ରାଜାଙ୍କର ପ୍ରୀତିପାତ୍ର—1. A person
Rāja ballabha who is in the good graces of the king; a person favoured by the king.
(ରାଜବଲ୍ଲଭା—ସ୍ତ୍ରୀ) ୨ । ରାଜବଦର (ଦେଖ)—
2. Rājabadara (See)

ରାଜବଲ୍ଲୀ—ସ. ବି (ବୈଦ୍ୟକ)—କଲରା (ଲତା ଓ ଫଳ)—
Rājaballi The hairy Memordica creeper and bitter fruit; Memordica Charantia.

ରାଜ ବଶୀକରଣ—ସ. ବି (୬ଷ୍ଠୀ ତତ୍)—୧ । ରାଜାଙ୍କୁ ନିଜର ବଶରେ
Rāja baśikarana ରଖିବା—1.The act of bringing a king under one's influence. ୨ । ତନ୍ତ୍ରୋକ୍ତ ପ୍ରୟୋଗ ବିଶେଷ (ଯଦ୍ୱାରା ରାଜାମାନେ ସାଧକର ବଶୀଭୂତ ହୁଅନ୍ତି)—2. Tantric rites performed with a view to bringing kings under one's control or influence.

ରାଜ ବସ୍ତ୍ର—ସ. ବି—ରାଜ ପରିଚ୍ଛଦ (ଦେଖ)
Rāja bastra Rāja parichchhada (See)

ରାଜ ବାଟୀ—ଦେ. ବି (୬ଷ୍ଠୀ ତତ୍)—ରାଜପୁର; ରାଜାଙ୍କ ଗୃହ—
Rāja bāti King's palace.
রাজবাটী राजमहल

ରାଜବାନ୍—ସଂ. ବିଣ (ରାଜନ+ଅସ୍ତ ଅର୍ଥରେ ବତ୍, ରାଜବତ୍ ଶବ୍ଦ;)—
Rājaban ଯେଉଁ ଦେଶରେ ରାଜା ଥାଆନ୍ତି—
(ରାଜବତୀ—ସ୍ତ୍ରୀ) (country) Ruled by a king.

ରାଜବାହ—ସଂ. ବି (ରାଜନ୍+ବହ୍ ଧାତୁ+କର୍ତ୍ତୃ. ଅ)—ଘୋଡ଼ା;
Rājabāha ଅଶ୍ୱ—The horse. ବିଣ—ରାଜବାହୀ
(ଦେଖ)—Rājabāhi (See)

ରାଜବାହୀ—ସଂ. ବି (ରାଜନ୍+ବହ୍ ଧାତୁ+କର୍ତ୍ତୃ. ଇନ୍; ୧ମ. ୧ବ)—
Rājabāhi ରାଜାଙ୍କ ପାଟହାତୀ—A royal elephant; an elephant used by a king. ବିଣ—
ରାଜାଙ୍କୁ ଯେ ବହନକରେ—Carrying the king.

ରାଜ ବାହ୍ୟ—ସଂ. ବିଣ—ରାଜାଙ୍କ ବହନକାରୀ—1. Carrying
Rāja bāhya the king. ୨। ରାଜାଙ୍କ ଦ୍ୱାର ବହନଯୋଗ୍ୟ
—2. Fit to be carried by a king.
ବି—୧ । ରାଜାଙ୍କ ପାଟହାତୀ—2. King's personal elephant ୨ । ହାତୀ—2. Elephant.

ରାଜ ବିଚାରାଳୟ—ସଂ. ବି—ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଧର୍ମାଧିକରଣ—
Rāja bichārālaya King's court of justice.

ରାଜ ବିଦ୍ୟା—ସଂ. ବି—୧ । ରାଜଯୋଗ (ଦେଖ)—
Rāja bidyā 1. Rājajoga (See)
୨ । ଶ୍ରେଷ୍ଠ ବିଦ୍ୟା—2. The chief amongst knowledge or the sciences. ୩ । ରାଜନୀତି—
3. The science of Government. ୪ ।
ରାଜବିଦ୍ୟା ରାଜଗୁହ୍ୟ (ଦେଖ)—4. Rājabidyā rājaguhya (See)

ରାଜବିଦ୍ୟା ରାଜଗୁହ୍ୟ—ସଂ. ବି—ଭଗବଦ୍‌ଗୀତାର ୯ମ ଅଧ୍ୟାୟରେ
Rājabidyā rājaguhya ବର୍ଣ୍ଣିତ ଭଗବାନଙ୍କର ସର୍ବବ୍ୟାପିତ୍ୱ ସମ୍ବନ୍ଧେ ଉପଦେଶ—Precepts regarding the omnipresence of God (in the 9th chapter of the Gitā).

ରାଜ ବିଧାନ—ସଂ. ବି—୧ । ରାଜବଂଶପରମ୍ପରାଗତ ନିୟମ—
Rāja bidhāna 1. Royal custom.
(ରାଜବିଧି - ଅନ୍ୟରୂପ) ୨ । ରାଜାଙ୍କ ପ୍ରବର୍ତ୍ତିତ ଆଇନ୍—
2. Laws promulgated by the king.

ରାଜ ବିପ୍ଳବ—ସଂ. ବି—୧ । ରାଜଦ୍ରୋହ—1. Sedition; mutiny
Rāja biplaba against the king; treason.
୨ । ରାଜ୍ୟ ବିପ୍ଳବ—2. Revolution.

ରାଜ ବିଦ୍ୱେଷ—ସଂ. ବି—ରାଜାଙ୍କ ବିରୁଦ୍ଧରେ ଦ୍ୱେଷ—
Rāja bidwesha Sedition; high treason.

ରାଜ ବିରାଦର—ଦେ. ବି—ରାଜାଙ୍କର କୁଟୁମ୍ବ ବା ଭାଇ—
Rāja birādara A king's kinsmen.'
রাজবেরাদর राजबिरादर
(ରାଜବିରାଦର—ଅବସ୍ଥାବାଚକ ବିଶେଷ୍ୟ)

ରାଜ ବିରାଦରାନ୍—ଦେ. ବି (ବହୁବଚନ)—ରାଜ ପରିବାର ସଙ୍ଗେ
Rāja birādarān କୁଟୁମ୍ବିତା ଦ୍ୱାରା ଆବଦ୍ଧ ବ୍ୟକ୍ତିଗଣ—
রাজবেরাদরেরা Persons related by kinship to
राजबिरादरान a king.

ରାଜ ବିରୋଧ—ସଂ. ବି—୧ । ରାଜାଙ୍କ ସଙ୍ଗେ ଶତ୍ରୁତା—
Rāja birodha 1. Enmity with the king.
୨ । ରାଜଦ୍ରୋହ—2. Sedition.

ରାଜ ବୃକ୍ଷ—ସଂ. ବି—୧ । ରାଜତରୁ; ଅରଗ୍ୱଧ; ସୁନାରି ଗଛ—
Rāja bṛuksha 1. A tree; Cassia Fistula.
୨ । ପିୟାଲଦ୍ରୁମ; ଚରୋଞ୍ଜି ଗଛ—2. Buchanania Latifolia. ୩ । ଲଙ୍କାସିଜୁ ଗଛ—2. Euphorbia Tirucalli.

ରାଜ ବୃତ୍ତ—ସଂ. ବି—୧ । ରାଜୋଚିତ ଆଚରଣ—1. Conduct
Rāja bṛutta befitting a king. ୨ । ନ୍ୟାୟାର୍ଜିତ ଧନର ରକ୍ଷଣ, ବୃଦ୍ଧିକରଣ, ସତ୍‌ପାତ୍ରରେ ଦାନ ଓ ସତ୍‌କାର୍ଯ୍ୟରେ ବ୍ୟୟ—2. Preserving, investing and properly spending money acquired by rightful means.

ରାଜ ବେରାଜ(ଜି)—ବୈଦେ. ବି (ବିପରୀତାର୍ଥ ସହଚର; ଅ. ରାଜୀ+
Rāja berāja(ji) ଗୈରରାଜୀ)—ରାଜି ଓ ବେରାଜି; ସମ୍ମତ
রাজিগররাজী ଓ ଅସମ୍ମତ—Agreement and dis-
राजीगैरराजी agreement; consent and refusal.
ବିଣ—ସମ୍ମତ ଓ ଅସମ୍ମତ—Consented and disagreeing.

ରାଜ ବେଶ—ସଂ. ବି—ରାଜାଙ୍କ ପୋଷାକ—
Rāja besa Dress of a king.

ରାଜ ବୈଦ୍ୟ—ସଂ. ବି—୧ । ରାଜାଙ୍କ ଚିକିତ୍ସାକାରୀ ବୈଦ୍ୟ—
Rāja baidya 1. King's physician; a physician
(ରାଜ ବଇଦ—ଗ୍ରା. ରୂପ) to a king's household.
୨ । ରାଜାଙ୍କଦ୍ୱାରା ସମ୍ମାନିତ ଚିକିତ୍ସକ—2. Physician honoured by a king.

ରାଜ ଭକ୍ତ—ସଂ. ବିଣ. ପୁଂ (ସ୍ତ୍ରୀ ତତ୍)—ରାଜାଙ୍କ ପ୍ରତି ଅନୁରକ୍ତ—
Rāja bhakta Devoted to the king; loyal.
(ରାଜଭକ୍ତା—ସ୍ତ୍ରୀ)

ରାଜ ଭକ୍ତି—ସଂ. ବି—ରାଜାଙ୍କପ୍ରତି ଭକ୍ତି, ସ୍ନେହ ବା ଅନୁରାଗ—
Rāja bhakti Devotion to the king, loyalty.

ରାଜ ଭଙ୍ଗ—ଦେ. ବି (ସଂ. ରାଜ୍ୟ ଭଙ୍ଗ)—୧ । ରାଜ୍ୟନାଶ—
Rāja bhanga 2. Destruction of a kingdom.
রাজ্যনাশ राजभङ्ग ୨ । ଅରାଜକତା—2, Anarchy.
[ଉ—ରାଜଭଙ୍ଗ ହୁଏ ଯେ ଦେଶରେ ବାରୁଣ—
ଶିଶୁପାଳବଧ ।]

ରାଜ ଭଣ୍ଡାର—ଦେ. ବି—ରାଜକୋଷ—
Rāja bhandāra King's treasury.
রাজভাণ্ডার राजभंडार

ରାଜ ଭବନ—ସଂ. ବି—ରାଜପ୍ରାସାଦ; ରାଜାଙ୍କର ଘର—
Rāja bhabana King's palace

ରାଜ ଭାଗ—ଦେ. ବି (ସଂ. ରାଜନ୍+ଭାଗ)—୧ । ରାଜାଙ୍କୁ ଦେୟ ରାଜସ୍ୱ
Rāja bhāga ଅର୍ଥ—1. Royalty. ୨ । ଜମି
ରାଜভାগ **राजभाग** ଚାଷ କରୁଥିବା ରଇତ ଫସଲର ଯେଉଁ ଅଂଶ ଭୂମ୍ୟାଧିକାରୀଙ୍କୁ ଦିଏ—2. Produce-rent paid to the landlord by a cultivating rayat. ପ୍ରାଦେ. (ପୁରୀ) ବି—ଦାନାଧିକାରଙ୍କର ପ୍ରାପ୍ୟ କେତେକ ବିଶିଷ୍ଟ ଅଧିକାର—Some privileges dues to the donors.

ରାଜଭାଷା—ସଂ. ବି—ରାଜାଙ୍କ ମାତୃଭାଷା—The mother-tongue
Rājabhāshā of the reigning king.

ରାଜଭୂୟ—ସଂ. ବି (ରାଜନ୍+ଭୂ ଧାତୁ+ଭାବ.ଯ)—୧ । ରାଜତ୍ୱ—
Rājabhūya 1. Kingship. ୨ । ରାଜ୍ୟ—
2. Kingdom.

ରାଜଭୂଷା—ସଂ. ବି—ରାଜୋଚିତ ପରିଚ୍ଛଦ—
Rājabhūshā Kingly dress.

ରାଜଭୋଗ—ସଂ. ବି—୧ । ଅତୁଳ ଐଶ୍ୱର୍ଯ୍ୟ—1. Princely
Rājabhoga prosperity. ୨ । ରାଜାଙ୍କ ଉପଭୋଗ୍ୟ
রাজভোগ **राजभोग** ସାମଗ୍ରୀ—2. Articles enjoyed by a king. ୩ । ରାଜାଙ୍କ ପରି ଅଯୁସ ବା ସୁଖ-ସ୍ୱାଚ୍ଛନ୍ଦ୍ୟ ଉପଭୋଗ—3. Enjoyment of the pleasures of life befitting a king. ଦେ. ବି—୧ । ମିଷ୍ଟାନ୍ନବିଶେଷ—1. Name of a sweet-meat. ୨ । ଧାନ୍ୟ ବିଶେଷ—2. A sort of paddy.

ରାଜଭୋଗ୍ୟ—ସଂ. ବିଣ. (ତୃତୀୟା ତତ୍)—ରାଜାଙ୍କ ଉପଭୋଗର
Rājabhogya ଉପଯୁକ୍ତ—Fit to be enjoyed by a
(ରାଜଭୋଗ୍ୟା—ସ୍ତ୍ରୀ) king. ବି—୧ । ପିୟାଳ ବୃକ୍ଷ; ଚରୋଞ୍ଜି ଗଛ—1. A tree; Buchanania Latifolia. ୨ । ଜାଇଫଳ; ଜାଇଫଳ—
2. Nutmeg.

ରାଜ ମଇ—ପ୍ରାଦେ (ଅନୁଗୁଳ) ବି.—ବନ୍ୟ କ୍ଷୁଦ୍ରବୃକ୍ଷବିଶେଷ—
Rājamai A species of small wild tree.

ରାଜମଜୁର(ରି)—ଦେ. ବି. (ସଙ୍କର ଶବ୍ଦ)—ରାଜ ମିସ୍ତ୍ରୀ ଓ ତାକୁ
Rājamajur(ri) ଇଟା ଆଦି ଯୋଗାଇବା ଲୋକ—
(ରାଜ ମୂଳଅର୍ଥ—ଅନ୍ୟରୂପ) A mason and the
রাজমজুর **राजमजूर** labourer who supplies him with the materials.

ରାଜ ମଣ୍ଡଳ—ସ.ବି. (ରାଜା+ମଣ୍ଡଳ=ସମୂହ)—୧ । ରାଜାସମୂହ—
Rāja mandala 1. An assembly of kings.
୨ । ରାଜ୍ ଶାସ୍ତ୍ରୋକ୍ତ ବର୍ଣ୍ଣିତ ଦ୍ୱାଦଶ ପ୍ରକାରର ରାଜା—
2. Twelve classes of kings classified in the Hindu science of politics. (ଯଥା—
୧ । ଅରି (Enemy), ୨ । ମିତ୍ର (Ally), ୩ । ଅରିର ମିତ୍ର (Friend of an enemy), ୪ । ମିତ୍ରର ମିତ୍ର (Friend of an ally), ୫ । ଅରିମିତ୍ରର ମିତ୍ର (Friend of enemy's ally), ୬ । ପାର୍ଷ୍ଣିଗ୍ରାହ (An ally who fights with a king's enemy who attacks during the king's absence) ୭ । ଅଭକ୍ତ (Fighting; belligerent) ୮ । ପାର୍ଷ୍ଣି-ଗ୍ରାହାସାର (An enemy of Pārsnnigrāha), ୯ । ଅଭକାସାର (The enemy of the belli-gerent , ୧୦ । ବିଜିଗୀଷୁ (Bent upon conquest; invader), ୧୧ । ମଧ୍ୟମ (Mediator), ୧୨ । ଉଦାସୀନ (Neutral)

ରାଜମନ୍ତ୍ରୀ—ସ. ବି—ରାଜାଙ୍କର ପ୍ରଧାନ ମନ୍ତ୍ରୀ—Prime minister;
Rājamantrī king's counsellor.

ରାଜମନ୍ଦିର—ସ. ବି (୬ଷ୍ଠୀ ତତ୍)—ରାଜପ୍ରାସାଦ—
Rājamandira Palace.

ରାଜମର୍ଯ୍ୟାଦା—ସ. ବି—୧ । ରାଜାଙ୍କ ଉପଯୁକ୍ତ ସମ୍ମାନ—
Rājamarjyādā 1. Honor or homage due to a king. ୨ । ରାଜବିଧି—2. Custom of kings; kingly custom.

ରାଜମଲ୍ଲି(ଲ୍ଲୀ)—ସ. ବି—ଏକପ୍ରକାର ବଡ଼ ମଲ୍ଲିଫୁଲ—
Rajamall(lli) A sort of Jasmine.

ରାଜମହଲ—ଦେ. ବି (ସ. ରାଜନ୍ ଓ ଫା. ମହଲ୍)—୧ ।
Rājamahala ରାଜପ୍ରାସାଦ—1. Palace. ୨ ।
রাজমহল ରାଜାନ୍ତଃପୁର—2. The harem of a king.
राजमहल ୩ । ବିହାର ପ୍ରଦେଶର ସାନ୍ତାଳ ପ୍ରଗଣା ଜିଲ୍ଲାସ୍ଥ ପର୍ବତମାଳା ବିଶେଷ—3. Name of a range of mountains in the Santhal Pergunnahs. [ଦ୍ର - ଏ ପର୍ବତମାଳା ସମୁଦ୍ର ଅପେକ୍ଷା ଦୁଇ ହଜାର ଫୁଟ ଉଚ୍ଚ । ଏଠାରେ ମୋଗଲ୍ ରାଜତ୍ୱକାଳର ଅନେକ ରାଜପ୍ରାସାଦ, ମସ୍‌ଜିଦ୍ ଆଦିର ଭଗ୍ନାବଶେଷ ଅଛି—ହି. ଶ.]

ରାଜ ମହିଷୀ—ସ. ବି. ସ୍ତ୍ରୀ—୧ । ରାଣୀ—1. Queen. ୨ । ପାଟ-
Rāja mahishī ମହାଦେବୀ; ପଟ୍ଟମହିଷୀ—2. The eldest queen of a king.

ରାଜମାନ—ଦେ. ବି—୧ । ରାଜୋଚିତ ସମ୍ମାନ—1. Honour
Rājamāna bifitting a king. ୨ । ରାଜାଙ୍କ ଦ୍ୱାରା
রাজমান ପ୍ରଦତ୍ତ ସମ୍ମାନ—2. Honour bestowed by
राजसमान a king; honorific title conferred by a king. ବିଣ—ଐଶ୍ୱର୍ଯ୍ୟଶାଳୀ—Prosperous.

ରାଜମାର୍ଗ—ସ.ବି—୧ । ରାଜପଥ; ସର୍ବସାଧାରଣଙ୍କ ଅବାଧରେ ବ୍ୟବହାର
Rājamārga କରିବା ରାସ୍ତା—1. Public road; king's highway. ୨ । ବଡ଼ରାସ୍ତା; ୪୦ହାତ ଚଉଡ଼ା ରାସ୍ତା
—1. A road 40 cubits wide.

ରାଜମାଷ—ସ. ବ. (ରାଜ=ସଗ୍ରିଶାଳୀ+ମାଷ=ବ୍ରୀହି)—ମହାମାଷ; Rājamāsha ବରଗୁଡ଼ି—A sort of kidney bean; ଅନ୍ୟ ସ—ମହାମାଷ, ଚପଲ, ଚବଳ, Vigna Catjang ବର୍ବଟ୍ଟ, ମରୁଦ୍ଭବ, ଦ୍ୱିଜସ୍ତ Dolichos Synensis. ଗ୍ରାମମାଷ, ନୃପମାଷ, ବୃପୋଚାଚ, ସିତମାଷ ଓ. ବରଗୁଡ଼ି ବର୍‌ଟୀ **लोबिया** ମ. ମାଲଭ୍ଞ୍ଜାଦ

ରାଜମିସ୍ତ୍ରୀ—ଦେ. ବ. (ସ, ରଞ୍ଜକ+ପୋର୍ତ୍ତୁଗୀଜ୍ ଭାଷା—ମେସ୍ତ୍ରୁ) Rājamistri ସ୍ଥପତି; ବାସ୍ତୁଶିଳ୍ପୀ; କୋଠାକାମ କରିବା ରାଜମିସ୍ତ୍ରୀ କାରିଗର—Architect; mason. [ବ୍ର **राजमिस्त्री** —ରାଜମିସ୍ତ୍ରୀମାନେ କାମ କରିବା ଉପଲକ୍ଷରେ ବ୍ୟବହାର କରିବା ଯନ୍ତ୍ରମାନଙ୍କ ନାମ—

କରଣୀ—(Trowel) ଚୂନଅଦ କାନ୍ଥରେ ବୋଳିବା ଓ କାନ୍ଥଅଦ ମାଠିବାପାଇଁ ଲୁହାର ପଦ୍ମାକୃତି ଯନ୍ତ୍ର; ଏଥିରେ କାଠର ବେଣ୍ଟ ଲାଗିଥାଏ ।

କନ୍ଦଲ—ଛୋଟ କରଣୀ (Small trowel)

ଓଲମ—ପେଷ ଭାଗରେ କଣ୍ଟି ଓହଳି ଥିବା ଯେଉଁ ସୂତା-ଦ୍ୱାରା କାନ୍ଥ ସିଧା ଥିବା ପରୀକ୍ଷା କରାଯାଏ (plumb line). ଏହାର ଦୁଇ ଅଂଶ ଯଥା—ଓଲମ ସୂତା, ଖାରମା ବା ଖାଡ଼ମା, କଣ୍ଟି ବା ଓଲମ କଣ୍ଟି ।

ଡଗରି—କାମ କଲାବେଳେ ଯେଉଁ ପାତ୍ରରେ ଚୂନ ଓ ମସଲା ଅଦ ମିସ୍ତ୍ରୀଙ୍କ ପାଖରେ ରଖାଯାଇ ଥାଏ ।

ଓଷା—କାଠର କଚ୍ଛପାକାର କରଣୀ (wooden trowel).

ଗଜପଟା, ପଟା ଗଜ—ଯେଉଁ ସଞ୍ଚି ଅକୃତିର କାଠଖଣ୍ଡ ଦ୍ୱାରା ଚୂନ ବୋଳା ହୋଇଥିବା ସ୍ଥାନକୁ ସମତଳ କରାଯାଏ ।

ପିଞ୍ଛ—ଲୁଗା ଅଦରେ ବନ୍ଧା ହୋଇଥିବା ପୁଚ୍ଛାକାର କୁରୁସ । ଏହାକୁ ପାଣି ହାଣ୍ଡିରେ ବୁଡ଼ାଇ ଚୂନ ବୋଳା ହୋଇଥିବା କାନ୍ଥରେ ଛାଟ ଯାଏ ।

ଡଙ୍ଗା, ଡଙ୍ଗା ମଟାମ—ଗୋଟିଏ ତ୍ରିକୋଣାକାର କାଠର ଯନ୍ତ୍ର; ଏହାର ବାହୁଦ୍ୱୟକୁ କାନ୍ଥ ବା ଭୂମି ଉପରେ ଥୋଇ ତ୍ରିଭୁଜର ମୁଣ୍ଡଠାରୁ ଗୋଟିଏ ଓଲମସୂତା ତଳକୁ ଓହଳାଇ ଦେଇ ଭୂମିର ବା କାନ୍ଥର ସମତଳତା ସ୍ଥିର କରାଯାଏ ।

ପାରି ମଟାମ—ପାରି ଭର୍ତ୍ତି ହୋଇଥିବା ନଳ । ଏହାକୁ କୌଣସି ସ୍ଥାନରେ ଥୋଇଲେ ସେ ସ୍ଥାନ ସମତଳ ଅଟେ କି ନାହିଁ, ଜଣା ପଡ଼େ । (Mercury level).]

ରାଜ ମୁକୁଟ—ସ. ବ.—ରାଜାଙ୍କ ମୁଣ୍ଡରେ ପିନ୍ଧାଯିବା ମୁକୁଟ— Rāja mukuta King's crown. (ରାଜମଉଡ଼—ଗ୍ରାମ୍ୟରୂପ)

ରାଜ ମୁଥା—ଦେ. ବ.—(ସ. ରାଜନ୍ ଓ ମୁସ୍ତକ)—ବଡ଼ ମୁସ୍ତକ; ବଡ଼ Rāja muthā ମୁଥା—A sort of fragrant root. বড়মুথা **बड़ीमोथा** (ରାଜମୁସ୍ତକ—ସ. ରୂପ)

ରାଜ ମୁଦ୍ରା—ସ. ବ.—ରାଜାଙ୍କ ନାମାଙ୍କିତ ଦେଶ ପ୍ରଚଳିତ ମୁଦ୍ରା— Rāja mudrā The current coin of the realm bearing the figure of the king.

ରାଜ ମେଲକ—ସ. ବ.—ରାଜ ଜୋଟକ (ଦେଖ) Rāja melaka Rājajotaka (See)

ରାଜ ଯକ୍ଷ୍ମା—ସ. ବ.—(ରାଜ=ଚନ୍ଦ୍ର+ଯକ୍ଷ୍ମା; ଚନ୍ଦ୍ରଙ୍କୁ ଏହି ରୋଗ Rāja jakshmā ଧରି ଥିବାରୁ ଏହି ନାମ)—ରାଜକାଶ; ଅତି ଶୀଘ୍ର ପ୍ରାଣନାଶକ ଶ୍ୱାସରୋଗ ବିଶେଷ—Pulmonary consumption; pthisis.

ରାଜ ଯୋଗ—ସ. ବ.—୧ । ଯୋଗସାଧନର ମାର୍ଗ ବିଶେଷ; ରାଜବିଦ୍ୟା; Rāja joga କର୍ମଯୋଗର ଚରମ ଅବସ୍ଥା—1. A mode of devotional meditation. ୨ । ଜାତକରେ ଗ୍ରହ-ମାନଙ୍କର ଶୁଭ ସୂଚକ ଅବସ୍ଥାନ ବିଶେଷ (ଏଥିର ବ୍ୟକ୍ତି ରାଜା ହୁଅନ୍ତି)—An auspicious combination of natal planets bringing about the person's becoming a king.

ରାଜ ଯୋଗ୍ୟ—ସ. ବଣ.—ରାଜାଙ୍କ ନିମନ୍ତେ ଉପଯୁକ୍ତ; ରାଜାଙ୍କ Rāja jogya ଉପଯୋଗୀ (ବିଷୟ)—Befitting a king; fitting to a king; fit for a king's enjoyment.

ରାଜଯୋଟକ—ସ. ବ.—ରାଜଜୋଟକ (ଦେଖ) Rāja jotaka Raja jotaka (See)

ରାଜ ରକ୍ତ—ସ. ବ. (୬ଷ୍ଠୀ ତତ୍)—ରାଜାଙ୍କର ରକ୍ତ— Rāja rakta The blood of a king.

ରାଜ ରଙ୍ଗ—ସ. ବ.—ରଜତ; ରୌପ୍ୟ; ରୁପା— Rāja ranga Silver.

ରାଜ ରତ୍ନ—ସ. ବ.—ମାଣିକ୍ୟ— Rāja ratna Ruby.

ରାଜ ରାଜ—ସ. ବ—୧ । ଏକଚ୍ଛତ୍ର ରାଜା; ସମ୍ରାଟ୍—1. A Rāja rāja king of kings. ୨ । ଚନ୍ଦ୍ର—2. The moon. ୩ । କୁବେର—3. The God of wealth.

ରାଜରାଜଭୂତିଦାୟୀ—ଦେ. ବଣ—କୁବେରଙ୍କ ସମ୍ପତ୍ତି ଦାୟକ— Rājarājabhutidāyi Bestowing the treasure a Kubera. [ଉ—ଯୁକ୍ତ ମନ ଅଜନମ ସୁଖୀ ରାଜ-ରାଜଭୂତିଦାୟି ବେଗେ ସାଜ ସାଜ ହେ । ଭଞ୍ଜ. ପ୍ରେମସୁଧାନିଧି ।]

ରାଜ ରାଜୁ(ଜୋ)ଡ଼ା—ଦେ. ବ. (ବହୁବଚନ)—ରଜାରାଜୁଡ଼ା; ରାଜା Rāja rāju(jo)rdā ଓ ରାଜକର୍ମଚାରୀ; ରାଜା ଓ ତତ୍ତୁଲ୍ୟ রাজা রাজড়া ବ୍ୟକ୍ତିଗଣ; ରାଜା ଓ ସାମନ୍ତ ରାଜାଗଣ— **राज रजवाडा** Kings and such like personages.

ରାଜ ରାଜେଶ୍ୱର—ସ. ବ. ପୁଂ—୧ । ରାଜାଧିରାଜ; ସମ୍ରାଟ— Rāja rājeśwara 1. Emperor. ୨ । ଜାହୁ ଓ କୁଷ୍ଠ-(ରାଜ ରାଜେଶ୍ୱରୀ—ସ୍ତ୍ରୀ) ଅଦିର ଅରୋଗ୍ୟକାରୀ ଔଷଧ ବିଶେଷ

—2. Name of a medicinal preparation for the cure of skin diseases. [ଦ୍ର—ପାରା, ଗନ୍ଧକ, ହରତାଳ ସଙ୍ଗେ ତମ୍ବାକୁ ମିଶାଇ ଭୃଙ୍ଗରାଜରସରେ ଏକଦିନ ମର୍ଦ୍ଦନ କରି, ଏଥିରେ ତ୍ରିଫଳା, ଗୁଡୁଚ, ବାକୁଚ ସମଭାଗରେ ମିଶାଇ ଦୁଇରତି ପ୍ରମାଣରେ ବଟିକା ତିଆରି କରାଯାଏ ଓ ଏହା ଦୁଇ ତୋଳା ମଧୁ ବା ଘିଅ ସଙ୍ଗେ ସେବନୀୟ—ବୈ. ଶ.]

ରାଜ ରାଜେଶ୍ୱରୀ—ସଂ. ବି. ସ୍ତ୍ରୀ—୧। ସାମ୍ରାଜ୍ଞୀ—1. Empress.
Rāja rājeśwarī (ଯଥା—ରାଜ ରାଜେଶ୍ୱରୀ ଭିକ୍ଟୋରିୟା ।) ୨। ତନ୍ତ୍ରୋକ୍ତ ଦଶମହାବିଦ୍ୟା ମଧ୍ୟରୁ ଏକ ଦେବୀ—2. Name of one of the 10 Goddesses worshiped by the followers of Tantra [ଦ୍ର—ଏହାଙ୍କୁ ସାଧନା କଲେ ସାଧକ ସର୍ବସୁଖ ଓ ଅଧିପତ୍ୟ ଲାଭ କରେ ।]

ରାଜ ରାଜେଶ୍ୱରୀ ଭିକ୍ଟୋରିୟା—ଦେ. ବି. ସ୍ତ୍ରୀ—ଭାରତର ସମ୍ରାଟ ଅଷ୍ଟମ
Rāja rājeśwarī bhiktoriyā ଏଡ୍‌ୱାର୍ଡ଼ଙ୍କ ପ୍ରପିତାମହୀ,
राज राजेश्वरी भिक्टोरिया ପଞ୍ଚମଜର୍ଜଙ୍କ ପିତାମହୀ ଓ ସପ୍ତମ
राजराजेश्वरी भिक्टोरिया ଏଡ୍‌ୱାର୍ଡ଼ଙ୍କ ମାତା—The late Empress Victoria of England. [ଦ୍ର—ଭିକ୍ଟୋରିୟା ତଳେ ଦେଖ ।]

ରାଜରାଣୀ—ଦେ. ବି. ସ୍ତ୍ରୀ (ନିରର୍ଥକ ପ୍ରଥମ ଶବ୍ଦ)—୧। ରାଜ ମହିଷୀ
Rājarāṇi —1. A queen [ଉ—ରାଜରାଣୀ
राजरानी ହୋଇଣ ମୁଁ କଲି ବନବାସ । ଜନକଶୋକ.
राजरानी ସୀତା ବନବାସ ।] ୨। ଅତୁଳ ଐଶ୍ୱର୍ଯ୍ୟଶାଳିନୀ ସ୍ତ୍ରୀ। —2. A lady blessed with prosperity.

ରାଜରୀତି—ସଂ. ବି—ରାଜପିତ୍ତଳ (ଦେଖ)
Rājariti Rājapittala (See)

ରାଜର୍ଷି—ସଂ. ବି—(କର୍ମଧା; ଯେଉଁ ଲୋକ ରାଜା ହୋଇ ଋଷି ପରି
Rājarshi ଜୀବନ କଟାନ୍ତି)—ଯେଉଁ ବ୍ୟକ୍ତି ରାଜ ପଦରେ
(ରାଜଋଷି—ଦେ. ରୂପ) ଅଭିଷିକ୍ତ ହୋଇ ମଧ୍ୟ ଋଷି ପରି ଜ୍ଞାନାଲୋଚନା କରନ୍ତି ଏବଂ ସାଂସାରିକ ମାୟାବନ୍ଧନରୁ ଏଡ଼ି ଥାଆନ୍ତି—A king who lives the life of a sage; a saintly king. [ଦ୍ର—ମିଥିଳାର ରାଜା ଜନକ ଓ ବିଶ୍ୱାମିତ୍ର ରାଜର୍ଷି ଥିଲେ । ଋଷି ୭ ପ୍ରକାରର ଯଥା—ଦେବର୍ଷି, ବ୍ରହ୍ମର୍ଷି, ମହର୍ଷି, ପରମର୍ଷି, ରାଜର୍ଷି, କାଣ୍ଡର୍ଷି ଓ ଶ୍ରୁତର୍ଷି । ଶେଷୋକ୍ତ ୨ ଶ୍ରେଣୀ ବେଦର ଦ୍ରଷ୍ଟା । ରାଜବଂଶୀୟ ବା କ୍ଷତ୍ରିୟ କୁଳର ଋଷିଙ୍କୁ ରାଜର୍ଷି ବୋଲାଯାଏ—ବୈ. ଶ]

ରାଜ ଲକ୍ଷଣ—ସଂ. ବି (ସାମୁଦ୍ରିକ)—୧। ମନୁଷ୍ୟଠାରେ ଦେଖାଯିବା
Rāja lakshaṇa ରାଜୋଚିତ ଚିହ୍ନ ସକଳ—(Astrology) Marks conspicuous on a person which bespeak of his kingly position. ୨। ରାଜଚିହ୍ନ— 2. The distinctive marks of a king.

ରାଜଲକ୍ଷ୍ମୀ—ସଂ. ବି.—୧। ରାଜାଙ୍କର ବିଭବ ବା ଶୋଭା—
Rāja lakshmi 1.The grace of a king; kingly majesty. ୨। ରାଜାଙ୍କ ଐଶ୍ୱର୍ଯ୍ୟାଦିର ଅଧିଷ୍ଠାତ୍ରୀ ଦେବତା—2. The Goddess of fortune of a king.

ରାଜ ଲଖ(ଖି)—ଦେ. ବିଣ—ରାଜଯୋଗ୍ୟ—
Rājalākh(khi) Befitting a king; becoming a
राजयोग्य राजलायक prince.
(ରାଜଲାଏକ୍—ଅନ୍ୟରୂପ)

ରାଜଶକ୍ତି—ସଂ. ବି.—ରାଜକୀୟ ସୈନ୍ୟାଦି ଜନିତ କ୍ଷମତା—
Rājaśakti Authority of a king due to the possession of army etc.

ରାଜଶଣ—ସଂ ବି—ଝୋଟ—
Rāja śaṇa Jute.

ରାଜ ଶ(ସ)ଫର—ସଂ. ବି.—ଇଲିଶି ମାଛ—A sort of fish;
Rāja śa(sa)phara herring; Clupea Ilisha.

ରାଜଶଯ୍ୟା—ସଂ. ବି.—ରାଜୋଚିତ ବିଛଣା—
Rājaśajyā Kingly bed.

ରାଜଶାକ—ସଂ. ବି—ରାଜଗିରା (ଦେଖ)
Rāja śāka Rājagirā (See)
(ରାଜଶାକନିକା, ରାଜଶାକିନୀ—ଅନ୍ୟରୂପ)

ରାଜଶାସନ—ସଂ. ବି.—୧। ରାଜାଙ୍କ ଦ୍ୱାରା ପରିଚାଳିତ କ୍ଷମତା ବା
Rāja śāsana ନିୟମ—1. Discipline or government exercised by a king. ୨। ରାଜାଦେଶ —2. King's edict.

ରାଜଶୃଙ୍ଗ—ସଂ. ବି.—ମାଗୁର ମାଛ—
Rāja śrunga A kind of fresh water fish.

ରାଜଶ୍ରୀ—ସଂ. ବି.—ରାଜଲକ୍ଷ୍ମୀ (ଦେଖ)
Rājaśri Rājalaksmi (See)

ରାଜଶ୍ରୀ ବାଞ୍ଛିତ ଶୁଭାଶୀର୍ବାଦ—ଦେ. ବି.—ଯାହାଙ୍କ ଅଶୀର୍ବାଦ
Rājaśri bānchhita śubhāśirbāda କରାଯାଏ ତାଙ୍କର
राजश्री वाञ्छित शुभाशीर्वाद ରାଜଲକ୍ଷ୍ମୀ ଲାଭ ପାଇଁ ମଙ୍ଗଳ-
राजश्री वाञ्छीत शुभाशीर्वाद କାମନା—Blessing for the attainment of kingly fortune.

ରାଜସ—ସଂ. ବିଣ—(ରଜସ୍+ଅ; ଭବ)—୧। ରଜୋଗୁଣମୟ—
Rājasa 1. Full of or derived from worldly
(ରାଜସିକ—ଅନ୍ୟରୂପ) attributes. ୨। ରଜୋଗୁଣ ସମ୍ବନ୍ଧୀୟ
(ରାଜସୀ; ରାଜସିକା—ସ୍ତ୍ରୀ) 2. Relating to 'Rojoguṇa. ୩। ସଂସାର ସମ୍ମାନଲାଭ ବା ପୂଜା ପାଇବା ପାଇଁ ବା ଖ୍ୟାତି ଲାଭାର୍ଥ କରାଯିବା (କର୍ମ)—3. (Acts) Done by a man with a view to gain fame or honour.

ରାଜ ସଂସ୍କରଣ—ସଂ. ବି—(ଆଧୁନିକ ପ୍ରୟୋଗ)—ରାଜା ଓ ବଡ଼ଲୋକ
Rāja saṁskaraṇa ମାନଙ୍କ ବ୍ୟବହାର ନିମନ୍ତେ ଉତ୍କୃଷ୍ଟ (ସାଧାରଣ ସଂସ୍କରଣ—ବିପରୀତ) କାଗଜରେ ଛପା ହୋଇଥିବା ପୁସ୍ତକର ସଂସ୍କରଣ—Edition de luxe of any publication.

ରାଜ ସଦନ—ସଂ. ବି.—ରାଜ ଭବନ; ରାଜ ପ୍ରାସାଦ—
Rāja sadana Palace.

ରାଜ ସମ୍ପତ୍—ସଂ. ବି.—୧ । ରାଜାଙ୍କ ଐଶ୍ୱର୍ଯ୍ୟ—1. The affluence of king's. ୨ । ରାଜାଙ୍କ ନ୍ୟାୟ
Rāja sampat (ରାଜ ସମ୍ପଦ—ଦେ. ରୂପ) ଐଶ୍ୱର୍ଯ୍ୟ—2. Royal prosperity.

ରାଜ ସଭା—ସଂ. ବି—ଅମାତ୍ୟ ଓ ପଣ୍ଡିତମଣ୍ଡଳୀପରିବେଷ୍ଟିତ ରାଜା;
Rāja sabhā ରାଜାଙ୍କ ଦରବାର—King's court; a king sorrounded by his counsellors and wise men.

ରାଜସ (ସୁ,ସେ,ସୋ)ୟୀ—ଦେ. ବିଣ.—ଆଡ଼ମ୍ବରମୟ—
Rājas (sū, se, so)yī Grand.

ରାଜସ(ସୁ, ସେ, ସୋ)ୟୀ କାରଖାନା—ଦେ. ବି—(ସଂ. ରାଜସୂୟ)—
Rājasa(sū, se, so)yī kārakhānā ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟ—
রাজসিক কারখানা; राजसी कारखाना A pompous work. [ଦ୍ର—ପୂର୍ବକାଳରେ ରାଜାମାନେ ରାଜସୂୟ ଯଜ୍ଞକୁ ଯେପରି ଅଜସ୍ର ଅର୍ଥ ବ୍ୟୟରେ ମହା ଆଡ଼ମ୍ବର ସହକାରେ ସମାଧାନ କରୁଥିଲେ ସେହିପରି କୌଣସି କାର୍ଯ୍ୟକୁ ଖୁବ୍ ଆଡ଼ମ୍ବର ଭାବରେ କଲେ ତାହାକୁ ରାଜସୋୟୀ କାରଖାନା ବୋଲାଯାଏ ।]

ରାଜସରକାର—ଦେ. ବି.—୧ । ରାଜସଭା—1. King's court.
Rāja sarakāra ୨ । ରାଜାଙ୍କ ଛାମୁ ବା ସନ୍ନିଧି—2. The
রাজসরকার राजसरकार king's presence. ୩ । ରାଜାସ୍ୱୟଂ—3. His Majesty, the king.

ରାଜସର୍ପ—ସଂ. ବି.—ରଣା ସାପ (ଦେଖ)—Raṇā sāpa (See)
Rāja sarpa রাজসাপ राजसाँप

ରାଜସର୍ଷପ—ସଂ. ବି.—୧ । ରାଇ ସୋରିଷ (ଦେଖ)—1. Rāi
Rāja sarshapa sorisha (See)—୨ । ପରିମାଣ ବିଶେଷ—2. A sort of measure.

ରାଜସାକ୍ଷିକ—ସଂ. ବି.—ବିଷ୍ଣୁ ସଂହିତାବର୍ଣ୍ଣିତ ତିନି ପ୍ରକାର ଦଲିଲ ମଧ୍ୟରୁ
Rāja sākshika ଏକତମ, ବ୍ୟବହାରିକ ଲେଖ୍ୟ ବିଶେଷ; ରାଜବିଚାରାଳୟରେ ରାଜନିଯୁକ୍ତ ଲେଖକ ଦ୍ୱାରା ଲିଖିତ ଯେଉଁ ଦଲିଲରେ ବିଚାରାଳୟର ଅଧ୍ୟକ୍ଷଙ୍କର ହସ୍ତଚିହ୍ନିତ ଲେଖାଥାଏ; ଆଧୁନିକ ରେଜେଷ୍ଟ୍ରି ଦସ୍ତାବିଜ—A document written by a scribe appointed by the king and attested or countersigned by a public official; a registered deed. [ଦ୍ର—ଅନ୍ୟ ଦୁଇପ୍ରକାର ଦଲିଲ ଯଥା—ସସାକ୍ଷିକ—ଯେଉଁ ଦଲିଲରେ ବାସିଅ ସାକ୍ଷୀ ଦସ୍ତଖତ କରି ଥାଆନ୍ତି (Attested document) ଅସାକ୍ଷିକ—ଯେଉଁ ଦଲିଲରେ ସାକ୍ଷୀ ଦସ୍ତଖତ କରି ନ ଥାନ୍ତି । (Unattested document).]

ରାଜସାତ୍—ସଂ. ଅ.—ରାଜାଙ୍କ ଅଧିକାରରେ—
Rājasāt In the possession of a kin (Apte).

ରାଜସାୟୁଜ୍ୟ—ସଂ. ବି—ରାଜତ୍ୱ (ଦେଖ)—Rājatwa (See)
Rāja sājujya

ରାଜ ସାରସ—ସଂ. ବି.—ମୟୂର—Peacock.
Rājasārasa

ରାଜ ସିଂହ—ଦେ. ବି.—(ନାମ)—ପ୍ରସିଦ୍ଧ ରାଜପୁତ ରାଜା ବିଶେଷ—
Rāja simha Name of a famous Rājput king. [ଦ୍ର—କର୍ଣ୍ଣିକ ତେଜସ୍ୱୀ 'ରାଜସିଂହ'ଙ୍କର ହୋଇଥିଲା ଯାହା ରଣ ପ୍ରାଙ୍ଗଣ । କନକଲୋଭ. କୃଷ୍ଣକୁମାରୀ ।]

ରାଜସିକ—ସଂ. ବିଣ.—ରାଜସ (ଦେଖ)
Rājasika Rājasa (See)

ରାଜ ସିଂହାସନ—ସଂ. ବି.—ରାଜ ସଭାରେ ରାଜାଙ୍କର ବସିବା ଆସନ—
Rāja simhāsana King's throne.

ରାଜସୀ—ସଂ. ବିଣ. ସ୍ତ୍ରୀ—ରଜୋଗୁଣମୟୀ—Full of 'Rajoguṇa,
Rājasī ବି—୧ । ରଜୋଗୁଣମୟୀ ଦୁର୍ଗା—1. Goddes'. Durgā endowed with rajoguṇa. ୨ । ରାଜକୀୟ—2. Royal; kingly. ଦେ. ବିଣ.—ରାଜସୟୀ (ଦେଖ)—'Rājasayī (See).

ରାଜସୁଖ—ସଂ. ବି—ରାଜ୍ୟଭୋଗ ଜନିତ ସୁଖ—Happiness
Rāja sukha enjoyed by a king.

ରାଜସୁତ—ସଂ. ବି. ପୁଂ—ରାଜପୁତ୍ର (ଦେଖ)
Rāja suta (ରାଜସୁତା—ସ୍ତ୍ରୀ) Rājaputra (See)

ରାଜସୂୟ—ସଂ.ବି—(ରାଜନ୍+ସୁ.ଧାତୁ=ପ୍ରସବ କରିବା+କର୍ମ.ଯ)—
Rājasūya ୧ । ସାମବେଦ ବିହିତ ସମ୍ରାଟଙ୍କ କର୍ତ୍ତବ୍ୟ ଯଜ୍ଞ ବିଶେଷ—1. A vedic sacrifice enjoined on emperors by the Sāmabeda. [ଦ୍ର—ଏହି ଯଜ୍ଞରେ ଅଧୀନ ଓ ସାମନ୍ତ ରାଜାମାନେ ଯୋଗ ଦେଇ ଉପଢୌକନ ଦାନ କରନ୍ତି । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ସ୍ୱୟଂ ଶ୍ରୀକୃଷ୍ଣ ବ୍ରାହ୍ମଣମାନଙ୍କ ପାଦପ୍ରକ୍ଷାଳନ ଭାର ନେଇଥିଲେ ।] ୨ । ପର୍ବତବିଶେଷ—2. Name of a mountain. ୩ । ଧାନ୍ୟ ବିଶେଷ—3. Name of a paddy. ୪ । ରାଜମାର୍ଗ—4. Highway.

ରାଜସେବକ—ସଂ.ବି.ପୁଂ—ରାଜାଙ୍କ ଚାକର—King's servant.
Rāja sebaka (ରାଜସେବିକା—ସ୍ତ୍ରୀ)

ରାଜସେବା—ସଂ. ବି—ରାଜାଙ୍କର ପରିଚର୍ଯ୍ୟା; ରାଜାଙ୍କ ନିକଟରେ
Rāja sebā ଚାକିରି—Service under the king.

ରାଜସ୍କନ୍ଧ—ସଂ. ବି—ଅଶ୍ୱ; ଘୋଡ଼ା—Horse.
Rājaskandha

ରାଜସ୍ଥାନ—ଦେ. ବି.—ରାଜପୁତାନା (ଦେଖ)—
Rājasthāna 1. Rājaputānā (See)
राजस्थान २ । ରାଜପୁତାନା ଅନ୍ତର୍ଗତ ୫ ଗୋଟି ରାଜ୍ୟ
राजस्थान (ମେବାର, ମାରବାଡ଼, ଯଶଲମିର, କୋଟା ଓ ବୁନ୍ଦି)—2. Five principalities in Rājputānā. [ଉ—ରାଜସ୍ଥାନେ ଭ୍ରମି ଭ୍ରମ ମରୁସ୍ଥଳୀ । ରାଧାନାଥ. ଚନ୍ଦ୍ରିକା ।] ୩ । ରାଜପୁତାନାର ରାଜବଂଶୀୟ ରାଜାମାନଙ୍କ ଇତିହାସ ଓ ପୁରାତତ୍ତ୍ୱ ସନ୍ନିବେଶପୂର୍ବକ କର୍ଣ୍ଣେଲ୍ ଟଡ୍ ସାହେବଙ୍କ ରଚିତ ଇଂରାଜୀ ଗ୍ରନ୍ଥ—3. Todd's Rajasthana; a work embodying the history of the Kshatriya families of Rājputānā. [ବ୍ୟୁ—ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇ କର୍ଣ୍ଣେଲ୍ ଜେମ୍ସ ଟଡ୍ ପ୍ରଥମେ ରାଜପୁତାନା ଅଞ୍ଚଳକୁ ମାପ କରିଥିଲେ ଓ ପରେ ଉକ୍ତ ଅଞ୍ଚଳ ଅନ୍ତର୍ଗତ ୫ଟି ରାଜ୍ୟ ସମ୍ବନ୍ଧୀୟ ରାଜସ୍ଥାନର ପୋଲିଟିକାଲ୍ ଏଜେଣ୍ଟ ରୂପେ ନିଯୁକ୍ତ ହୋଇଥିଲେ । ଏହାଙ୍କର ଜନ୍ମ ଖ୍ରୀ ୧୭୮୨, ମୃତ୍ୟୁ ୧୮୩୫ । ଏ ୧୮୦୬ ରୁ ୧୮୨୩ ପର୍ଯ୍ୟନ୍ତ ଭାରତରେ ନିଯୁକ୍ତ ହୋଇଥିଲେ । କର୍ଣ୍ଣେଲ୍ ଟଡ୍ ତାଙ୍କ ରାଜସ୍ଥାନ ଗ୍ରନ୍ଥରେ ରାଜପୁତ ଜାତିର ବିଶେଷ ସୁଖ୍ୟାତି କରି ଅଛନ୍ତି ।]

ରାଜସ୍ୱ—ସଂ. ବି. (ଷଷ୍ଠୀ ତତ୍; ରାଜନ୍+ସ୍ୱ=ଧନ)—ପ୍ରଜାଠାରୁ
Rājaswa ରାଜାଙ୍କ ପ୍ରାପ୍ୟ ଧନ ବା କର—Revenue payable to the king; tribute.

ରାଜସ୍ୱ ଅଦାଲତ—ଦେ. ବି. (କଚେରୀ)—ଯେଉଁ ଅଦାଲତରେ
Rajaswa adālata ରାଜସ୍ୱ ସମ୍ବନ୍ଧୀୟ ମକଦ୍ଦମାମାନ ବିଚାର
राजस्व आदालत କରାଯାଏ—A revenue court.
राजस्व अदालत

ରାଜସ୍ୱଦାୟୀ—ଦେ. ବିଣ. (କଚେରୀ)—ଯହିଁରୁ ବା ଯାହାଠାରୁ
Rājaswadāyi ସରକାରଙ୍କ ରାଜସ୍ୱ ଆଦାୟ କରାଯାଏ—
(ଲିଖରାଜ, ନିଷ୍କର—ବିପରୀତ) Revenue-paying (land
राजस्वदायी राजस्वदायी or person).

ରାଜସ୍ୱ ନିଲାମ—ଦେ. ବି. (କଚେରୀ)—ବୈସୁଲ୍ ତାମି ନିଲାମ; ରାଜସ୍ୱ
Rājaswa nilāma ବାକି ପଡ଼ିବା ଯୋଗୁଁ ତାହା
राजस्वनिलाम ଆଦାୟ କରିବା ପାଇଁ ରାଜସ୍ୱଦାୟୀ ଭୂମିର
राजस्वनिलाम ଅଦାଲତଙ୍କ ଦ୍ୱାରା ବିକ୍ରୟ—Revenue sale;
(ରାଜସ୍ୱ ବାକି ନିଲାମ—ଅନ୍ୟରୂପ) sale of a land for arrears of revenue.

ରାଜସ୍ୱ ବନ୍ଦୋବସ୍ତ—ଦେ. ବି.—ଗଭର୍ଣ୍ଣମେଣ୍ଟଙ୍କୁ ପ୍ରଜାରଦେୟ ରାଜସ୍ୱର
Rājaswa bandobasta ସ୍ଥିରୀକରଣ—A revenue
राजस्व बन्दोबस्त राजस्व प्रबन्ध settlement.

ରାଜସ୍ୱ ବାକି—ଦେ. ବି—ସରକାରଙ୍କୁ ଦେୟ ରାଜସ୍ୱ ନିର୍ଦ୍ଦିଷ୍ଟକାଳରେ
Rājaswabāki ରାଜକୋଷରେ ଦାଖଲ ନ ହୋଇ ବାକି
राजस्ववाकि ରହିଥିବା ଧନ—Arrears of revenue not
राजस्वबाकी paid on fixed dates.

ରାଜସ୍ୱ ବିଭାଗ—ଦେ. ବି—ଗଭର୍ଣ୍ଣମେଣ୍ଟର ଯେଉଁ ବିଭାଗଦ୍ୱାରା ରାଜସ୍ୱ
Rājaswa bibhāga ଆଦାୟ ବିଷୟ ବୁଝାଯାଏ—The
राजस्व विभाग Revenue Department of
राजस्व विभाग Government.

ରାଜସ୍ୱ ସଚୀବ—ଦେ. ବି.—ରାଜସ୍ୱ ଆଦାୟ ହେବା ସମ୍ବନ୍ଧେ ରାଜାଙ୍କୁ
Rājaswa sachiba ପରାମର୍ଶ ଦେବା ମନ୍ତ୍ରୀ—Revenue
राजस्व सचीव minister; finance minister.
राजस्व सचीव

ରାଜସ୍ୱୀ—ଗ୍ରା. ବି.—ରାଜସୂୟ (ଦେଖ)—Rājasūya (See)
Rājaswi [ଉ—ରାଜସ୍ୱୀ ଯଜ୍ଞ କର୍ମ ବିଧି, କରାଇ ସକଳ
राजस्वय ସମୃଦ୍ଧି । ଜଗନ୍ନାଥ. ଭାଗବତ ।] ଦେ. ବିଣ—
राजस्वय ୧ । ରାଜସିକ (ଦେଖ)—1. Rājasika (See)
୨ । ରାଜକୀୟ—2. Royal. ୩ । ରାଜସୟୀ (ଦେଖ) Rājasayi (See)

ରାଜହଂସ—ସଂ. ବି. ପୁଂ—୧ । ରକ୍ତବର୍ଣ୍ଣ ଚଞ୍ଚୁ ଓ ଚରଣଯୁକ୍ତ
Rājahāmsa ଶୁକ୍ଳହଂସ; କଲହଂସ—1. The white
(ରାଜହଂସୀ—ସ୍ତ୍ରୀ) goose (with red legs and eyes); flamingo gander. [ବ୍ୟୁ—କବିପ୍ରସିଦ୍ଧି ଅଛି ଯେ ରାଜହଂସ ଆଗରେ ପାଣିମିଶା ଦୁଧ ରଖିଦେଲେ ସେ ଖାଣ୍ଟି ଦୁଧତକ ପିଇ ପାଣିତକ ଛାଡ଼ିଯାଏ; କିନ୍ତୁ ଏହା ପରୀକ୍ଷାଦ୍ୱାରା ପ୍ରମାଣିତ ହୋଇ ପାରି ନାହିଁ ।] ୨ । ଶ୍ରେଷ୍ଠରାଜା; ଯେଉଁ ରାଜା ରାଜହଂସ ପରି ଦୋଷ ତ୍ୟାଗ କରି ଗୁଣ ଗ୍ରହଣ କରନ୍ତି—2. An excellent king. ଦେ. ବି (ନାମ)—କଟକ ନଗରର ୭ମାଇଲ୍ ପୂର୍ବରେ ଥିବା ଏକ ବଡ଼ ମଉଜା—Name of a big village to the east of Cuttack.

ରାଜହଂସ ବନ—ଦେ. ବି.—କଟକର ପୂର୍ବବର୍ତ୍ତୀ ରାଜହଂସ ନାମକ
Rājahamsa bana ଗ୍ରାମସ୍ଥ ମହାନଦୀ କୂଳେ ଥିବା ଛୋଟ ଅରଣ୍ୟ (ପୂର୍ବକାଳରେ ଏ ଗୋଟିଏ ବୃହତ୍ ବନ ଥିଲା)—The name of a small jungly tract to the east of the Cuttack town along the bank of the Mahanadi. [ଉ—ପ୍ରାଚୀନରେ ଏବେ ରାଜହଂସବନ ଭେଦ ଉତ୍କଳର ପ୍ରଶ୍ରବଣ । ରାଧାନାଥ. ଚନ୍ଦ୍ରଭାଗା ।]

ରାଜ ହସ୍ତୀ—ସଂ. ବି.—ଯେଉଁ ହାତୀ ଉପରେ ରାଜା ବିଜେ କରନ୍ତି;
Rāja hasti ରାଜାଙ୍କର ପାଟହାତୀ—The elephant reserved for the raja's use.

ରାଜା—ସଂ. ବି. ପୁଂ.—(ରଞ୍ଜ୍ ଧାତୁ=[ପ୍ରଜାମାନଙ୍କୁ] ପ୍ରୀତ କରିବା+
Rājā କର୍ତ୍ତୃ.ଅନ୍; କିମ୍ବା ରାଜ୍ ଧାତୁ=ଶୋଭା ପାଇବା+କର୍ତ୍ତୃ.ଅନ୍;
[ରାଜ୍ଞୀ—ସ୍ତ୍ରୀ] ରାଜନ ଶବ୍ଦ ୧ମା. ୧ବ)—୧ । ନରପତି; ରାଜା; ନୃପତି; ଭୂପତି—1. A king. [ବ୍ୟୁ—ରାଜା ଶବ୍ଦର ପ୍ରକୃତିପ୍ରତ୍ୟୟ ଗତ ଅର୍ଥ-ଯେ ପ୍ରଜାମାନଙ୍କୁ ଶାସନ ପ୍ରଣାଳୀଦ୍ୱାରା ପ୍ରୀତ କରନ୍ତି; କିମ୍ବା ଯେ ଲୋକମାନଙ୍କ ମଧ୍ୟରେ ସ୍ୱୀୟ ଗୁଣ ଓ ବିଭବଦ୍ୱାରା ଶୋଭା ପାଆନ୍ତି । ପ୍ରଥମେ ପୃଥୁ ନାମକ ଜଣେ ବ୍ୟକ୍ତି ଏହି ରାଜା ଉପାଧି ପାଇଥିଲେ ।

ସାଧାରଣତଃ ରାଜ୍ୟର ବା ଦେଶାଂଶର ଅଧିକାରୀଙ୍କୁ ରଜା ବୋଲାଯାଏ । ଅନେକ ରାଜାଙ୍କ ଉପରେ ପ୍ରଧାନ ରାଜାଙ୍କୁ ସମ୍ରାଟ୍ ବା ରାଜଚକ୍ରବର୍ତ୍ତୀ ବୋଲାଯାଏ । ସମ୍ରାଟଙ୍କୁ କର ଦେବା ରାଜାଙ୍କୁ 'କରଦ ରାଜା' ବୋଲାଯାଏ ଓ ସମ୍ରାଟଙ୍କ ସଙ୍ଗେ ମିତ୍ରତାସୂତ୍ରରେ ଆବଦ୍ଧ ରାଜାଙ୍କୁ 'ମିତ୍ର ରାଜା' ବୋଲା ଯାଏ । ଯେଉଁ ରାଜା ଅନ୍ୟ ରାଜାଙ୍କର ଅଧୀନ ନୁହନ୍ତି ସେ ସ୍ୱାଧୀନ ରାଜା ।

ଆଜକାଲ ଭାରତ ଗଭର୍ଣ୍ଣମେଣ୍ଟ 'ରାଜା' ଉପାଧିଦ୍ୱାରା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରୁଅଛନ୍ତି ଓ ନିମ୍ନଲିଖିତ କ୍ରମରେ ଉକ୍ତ ଉପାଧିସମ୍ପର୍କରେ କ୍ରମଶଃ ଉଚ୍ଚତର ଉପାଧିମାନ ଯଥା —

୧ । ରାଜା ବା ରାଜା ସାହେବ୍ ।

୨ । ରାଜା ବାହାଦର୍ ବା ରାଜା ବାହାଦୁର୍ ।

୩ । ମହାରାଜା ।

୪ । ମହାରାଜା ବାହାଦୁର୍ ।

୫ । ମହାରାଜାଧିରାଜ ।

୬ । ମହାରାଜାଧିରାଜ ବାହାଦୁର୍ ।

ବର୍ତ୍ତମାନ ଇଂରାଜ ଶାସନାଧୀନ 'ରାଜା ଉପାଧିଧାରୀ କେତେ ବ୍ୟକ୍ତି ସାଧାରଣ ଜମିଦାର ଅଟନ୍ତି । କେତେକ ପୂର୍ବତନ ରାଜାଙ୍କ ବଂଶଧର ଅଧୁନା ବଡ଼ ବଡ଼ ଜମିଦାର ଅଟନ୍ତି ଓ କେତେକ ରାଜ୍ୟଖଣ୍ଡମାନଙ୍କ ଶାସନାଧିକାର ପ୍ରାପ୍ତ ଗଡ଼ଜାତର ରାଜା ଅଟନ୍ତି । କେଉଁ କେଉଁଠାରେ ରାଜା ଉପାଧିକୁ ଗଭର୍ଣ୍ଣମେଣ୍ଟ ବଂଶ ପରମ୍ପରାକ୍ରମେ ସ୍ୱୀକାର କରି ଅଛନ୍ତି ଓ କେଉଁ କେଉଁଠାରେ ଏହି ଉପାଧିକୁ ବ୍ୟକ୍ତିଗତ କରିଅଛନ୍ତି, ଏବଂ ଏହି ଉପାଧି ଭୂଷିତ ବ୍ୟକ୍ତିମାନଙ୍କ ମୃତ୍ୟୁ ପରେ ସେମାନଙ୍କ ବଂଶଧରମାନେ 'ଅୁଜନ୍ମ ସିଦ୍ଧୋଭବ' ହେଉ ଅଛନ୍ତି ।] ୨ । କ୍ଷତ୍ରିୟ—2. A member of the warrior caste. ୩ । ଇନ୍ଦ୍ର—3. Indra ୪ । ଚନ୍ଦ୍ର—4. The moon. ୫ । ପ୍ରଭୁ—5. Master. ୬ । ଏକ ଶ୍ରେଣୀର ବହୁ ବସ୍ତୁ ବା ବ୍ୟକ୍ତିଙ୍କ ମଧ୍ୟରେ ଶ୍ରେଷ୍ଠ ବସ୍ତୁ ବା ବ୍ୟକ୍ତି--6. A chief amongst many of a class (of things or persons). [ଦ୍ର—ଏ ଶବ୍ଦ ଅନ୍ୟ ଶବ୍ଦର ପରେ ବା ପୂର୍ବରେ ରହି ସମାସ ହେଲେ 'ରାଜ ଆକାର ଧାରଣ କରେ । ଯଥା— ନର ରାଜ, ବାରଣ ରାଜ, ରାଜକାର୍ଯ୍ୟ, ରାଜଯୋଗ, ରାଜପଦ ।] ୭ । (ଜ୍ୟୋତିଷ) ଜ୍ୟୋତିଷ ଗଣନାକ୍ରମେ ଭିନ୍ନ ଭିନ୍ନ ବର୍ଷରେ ପୃଥିବୀର ଶୁଭାଶୁଭ ଉପରେ ଅଧିପତି ରୂପେ କଳ୍ପିତ ହେବା ଗ୍ରହ—7. (Astrology) A planet who is said to be the lord over the destinies of the earth for a particular year. (ଯଥା—ଏ ସମ୍ବତ୍ସରେ ରାଜା ବୁଧ ।)

ରାଜାଅମ୍ବ—ପ୍ରାଦେ. (ଗଡ଼ଜାତ) ବି—ରାମ ଫଳ (ଦେଖ)
Rājā āmba — Rāma phala. (See)

ରାଜା ଜୟସିଂହ—ସଂ. ବି (ନାମ)—ଜୟପୁର ନଗରର ପ୍ରତିଷ୍ଠାତା
Rājā jayasimha ରାଜା—The founder king of
राजाजयसिंह Jaipur town. [ଦ୍ର—ଏ ଜ୍ୟୋତିଷ ଶାସ୍ତ୍ରରେ
राजाजयसिंह ପାରଙ୍ଗମ ଥିଲେ । ଏ ଅତି ବିଦ୍ୟାନୁରାଗୀ ଥିଲେ । ୧୬୯୯ ଖ୍ରୀଷ୍ଟାବ୍ଦରେ ଏ ସିଂହାସନରେ ବସିଲେ ଓ ୪୪ ବର୍ଷ ରାଜତ୍ୱ କରିଥିଲେ । ଏ ଗଣିତ, ଜ୍ୟୋତିଷ ଓ ରାଜନୀତି ମନ୍ତ୍ରଣାରେ ବଡ଼ ବିଚକ୍ଷଣ ଥିଲେ । ଜ୍ୟୋତିଷଶାସ୍ତ୍ର ଉତ୍ତମରୂପେ ଜାଣିବାପାଇଁ ଏ ପର୍ତ୍ତୁଗାଲ୍‌କୁ ଲୋକ ପଠାଇ ଥିଲେ । ଏହାଙ୍କ ଆଦେଶରେ ଜୟପୁର, ଦିଲ୍ଲୀ, ଉଜ୍ଜୟିନୀ, ମଥୁରା ଓ କାଶୀରେ ମାନ-ମନ୍ଦିରମାନ ନିର୍ମିତ ହୋଇଥିଲା । ଏ ଜ୍ୟୋତିଷ ବୋଧୋପଯୋଗୀ ନାନାବିଧ ଗୋଲକାଦି ଜ୍ୟୋତିଷ ଯନ୍ତ୍ର ନିର୍ମାଣ କରି ପଞ୍ଜିକା ସଂସ୍କାର କରିଥିଲେ ।]

ରାଜାଜ୍ଞା—ସଂ. ବି.—ରାଜାଙ୍କ ହୁକୁମ—
Rājājnā — King's command.

ରାଜାତ୍ୟାବର୍ତ୍ତକ—ସଂ. ବି.—ରାଜାବର୍ତ୍ତ (ଦେଖ)
Rājātyābarttaka — Rājābartta. (See)

ରାଜାଦନ—ସଂ. ବି. (ବୈଦ୍ୟକ)—ପିଯ଼ାଳ ବା ଚିରୋଞ୍ଜି ଗଛ—
Rājādana — A tree; Buchanania Latifolia.
ଅନ୍ୟ ସଂ.—ପିଯ଼ାଳ, ଖରସ୍କନ୍ଧ, ଚାର, ବହୁଲବଲ୍କଲ, ତାପସେଷ୍ଟ, ସନ୍ନକଦ୍ରୁ, ଧନୁଷ୍ପଟ । पियाल **चिरोंजि** ତେ. ଚାରୁପପ୍ପୁ ଫା. ବୁକ୍‌ଲେଖାଦ୍ ଅ. ହବୁସ୍‌ସମାନୀ

ରାଜାଦନୀ—ସଂ. ବି—ଖୀରକୋଳି ଗଛ—
Rājādanī — A tree; Mimusops Hexandra.
ଅନ୍ୟ ସ—ରାଜଫଳ, କପୀଷ୍ଟ, ଖୀରବୃକ୍ଷ, ନୃପଦ୍ରୁମ, ନିମ୍ବବୀଜ, ମଧୁଫଳ, ମାଧବୋଦ୍ଭବ, ଖୀରୀ, ଗୁଚ୍ଛଫଳ, ଭୂପେଷ୍ଟ, ଶ୍ରୀଫଳ, ରାଜବଲ୍ଲଭ, ଦୃଢ଼ସ୍କନ୍ଧ ଖୀରଶୁକ୍ଳ । ଓ. ଖୀରକୋଳି खीरनी **खीरी** ମ. ରାୟୁଣୀ, ରେବଣେ ତା. ପଲ୍ଲ

ରାଜାଦ୍ରି—ସଂ. ବି—ରାଜଗିରା (ଦେଖ)
Rājādri — Rājagirā. (See)

ରାଜାଧିକରଣ—ସଂ. ବି—ରାଜାଙ୍କ ସ୍ଥାପିତ ଅଦାଲତ—
Rājādikarana — King's court of justice.

ରାଜାଧିକରଣିକ—ସଂ. ବି. ପୁଂ—ଅଦାଲତର ବିଚାରପତି—
Rājādhikaraṇika — A judge.

ରାଜାଧିରାଜ—ସଂ. ବି—ରାଜଚକ୍ରବର୍ତ୍ତୀ; ସମ୍ରାଟ—
Rājājādhirāja — Emperor; sovereign.

ରାଜାନୁଗ(ମ)ତ—ସଂ ବିଣ—ରାଜାଙ୍କ ଅଧୀନ—
Rājānuga(ma)ta — Subservient to the king.
(ରାଜାନୁଗତା—ସ୍ତ୍ରୀ)

ରାଜାନୁଗତୋ ଧର୍ମଃ—ସଂ. ପ୍ରବଚନ—ଦେଶର ଧର୍ମକୁ ରାଜା ରକ୍ଷା
Rājānugato dharmaḥ କରନ୍ତି; ଧର୍ମ ରାଜାଙ୍କ ଅଧୀନ (ରାଜାନୁଗତେ ଧର୍ମ—ଦେ. ରୂପ) ଅଟେ—Religion or piety follows the king.

ରାଜାନୁଗୃହୀତ—ସ. ବିଣ. (ତୃତୀୟା ତତ୍)—ରାଜାଙ୍କ ଦ୍ୱାରା ଅନୁଗୃହୀତ—
Rājānugṛuhita Favoured by a king.

ରାଜାନୁଗ୍ରହ—ସ. ବି (୬ଷ୍ଠୀ ତତ୍)—ରାଜାଙ୍କର ଦୟା—
Rājānugraha King's favour.
(ରାଜାନୁଗୁହ—ଦେ. ରୂପ)

ରାଜାନ୍ନ—ସଂ. ବି. (ବୈଦ୍ୟକ)—କର୍ଣ୍ଣାଟ ଦେଶ ପ୍ରସିଦ୍ଧ ହୈମନ୍ତିକ ଧାନ୍ୟ
Rājānna ବିଶେଷ; ଏକପ୍ରକାର ସରୁଧାନ—A sort of fine winter rice grown in the Deccan.
ରାଜାନ୍ନ } —ଅନ୍ୟରୂପ
ରାଜୈଶ୍ୱ }
ଅନ୍ୟ ସଂ—ନୃପାନ୍ନ, ଦୀର୍ଘଶୂକ, ଧାନ୍ୟଶ୍ରେଷ୍ଠ, ଦୀର୍ଘ, କୁରବ
ଓ. ନରସିଂହଭୋଗ ଧାନ
ରାଜଭୋଗ ଧାନ
[ଦ୍ର—ଏହା ଶୁକ୍ଳ, ରକ୍ତ ଓ କୃଷ୍ଣବର୍ଣ୍ଣ ଭେଦରେ ତିନି ପ୍ରକାର । ତନ୍ମଧ୍ୟରେ କୃଷ୍ଣବର୍ଣ୍ଣ ଅପେକ୍ଷା ରକ୍ତ ଓ ରକ୍ତ ଅପେକ୍ଷା ଶୁକ୍ଳଧାନ୍ୟ ଉତ୍କୃଷ୍ଟ ।]

ରାଜା ପ୍ରଜା—ଦେ. ବି (ସହଚର ଅପେକ୍ଷିକ ଶବ୍ଦ)—ରାଜା ଓ ପ୍ରଜା—
Rājā prajā A king and his subjects.
ৰাজাপ্রজা राजाप्रजा; राजरैयत्

ରାଜାବର୍ତ୍ତ—ସ. ବି.—କ୍ଷୁଦ୍ରକ ଜାତୀୟ ଉପରତ୍ନ—A kind of
Rājābartta inferior gem. [ଦ୍ର—ଏହି ମଣି ନୀଳ ବା କୃଷ୍ଣବର୍ଣ୍ଣ; ବନ୍ଦ୍ର ମୟୂର କଣ୍ଠ ପରି ନାନାପ୍ରକାର ଅଳଙ୍କାର ଏଥିରୁ ବାହାରେ । ଏହା ଧାରଣ କଲେ ସୌଭାଗ୍ୟ ବୃଦ୍ଧି ଓ ରୋଗ ଶାନ୍ତି ହୁଏ ।]
ଅନ୍ୟ ସ—ନୃପାବର୍ତ୍ତ, ରାଜାତ୍ୟାବର୍ତ୍ତକ,
ଆବର୍ତ୍ତମଣି, ଆବର୍ତ୍ତ
ৰেউটী रेवटी, लाजवर्द

ରାଜାବଳି—ସ. ବି—ରାଜବଂଶୀୟ ରାଜାମାନଙ୍କ ତାଲିକା ବା କୁଳନାମ
Rājābaḷi Genealogy of kings.

ରାଜା ବାହାଦୁ(ଢ)ର୍—ଦେ. ବି—ଭାରତ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ଉପାଧି
Rājā bāhādu(dda)ar ବିଶେଷ—Raja Bahadur; a
ৰাজাবাহাদুৰ title bestowed by the Government
राजाबहादुर of India. [ଦ୍ର—ଏହା ରାଜା ଉପାଧିଠାରୁ ଉଚ୍ଚତର ।]

ରାଜା ମାନସିଂହ—ଦେ. ବି (ନାମ)—ମୋଗଲ ସମ୍ରାଟ୍ ଅକବରଙ୍କ
Rājā mānasimha ରାଜସଭାର ଏକତମ ରତ୍ନ—
ৰাজামানসিংহ One of the nine gems of the court
राजामानसिंह of Emperor Akbar. [ଦ୍ର—ଏ ଅକବରଙ୍କର ପ୍ରଧାନ କ୍ଷତ୍ରିୟ ସେନାପତି ଥିଲେ । ଅକବରଙ୍କ ପୁଅ ସେଲିମ୍ ଏହାଙ୍କ ଭଉଣୀଙ୍କୁ ବିବାହ କରିଥିଲେ । ଏ ମିବାରର ରାଣା ପ୍ରତାପସିଂହଙ୍କ ଦ୍ୱାରା ଅପମାନିତ ହେବାରୁ ଅକବରଙ୍କୁ ହଲଦିଘାଟ ଯୁଦ୍ଧ କରିବାପାଇଁ ପ୍ରବର୍ତ୍ତାଇ ଥିଲେ ।]

ରାଜାମ୍ର—ସ. ବି.—୧ । ରାଇ ୭ (ଦେଖ)—1. Rāi 7 (See)
Rājāmra ୨ । ସୁମିଷ୍ଟ ଅମ୍ବ ବିଶେଷ—2. A sort of sweet mango. [ଦ୍ର—ଏହା ସାଧାରଣ ଅମ୍ବ ଅପେକ୍ଷା ବଡ଼, ବେଶି ମାଂସଳ ଓ ଶ୍ରେଷ୍ଠ ଠାକୁଅ ଯୁକ୍ତ । ଏ ଫଳର ରସ ଟେରୁଅ ନୁହେଁ । ଏ ଗଛରୁ କଲମୀ ଗଛ ତିଆରି ଯାଏ । ଲେଙ୍ଗଡ଼ା, ବାଇଗଣ ପଲ୍ଲୀ, ଫଜଲି, ମାଲଦହ, ବୋମ୍ବେଇ- ଅାଦି ଅମ୍ବ ଏହି ଶ୍ରେଣୀର ।]
ଅନ୍ୟ ସ—ସୁରମ୍ୟ, ରାଜଫଳ,
କୋକିଳୋତ୍ସବ, ମଧୁର,
କୋକିଳାନନ୍ଦ, କାମେଷ୍ଟ,
ନୃପବଲ୍ଲଭ, କାମାଙ୍ଗ, ଟଙ୍କ,
ରାଜପୁତ୍ରକ, ଅମ୍ରାତ
कलमीआम कलमीआंब
ମ. ରାଜାମ୍ବା
ତେ. ରତମାଡ଼ିଚେଟ୍ଟୁ

ରାଜାମ୍ବ—ପ୍ରାଦେ. (ବାଣପୁର) ବି—ରାମଫଳ (ଦେଖ)
Rājāmba Rāmaphaḷa (See)

ରାଜାରାଜୁଡ଼ା(ଡ଼ି)—ଦେ. ବି (ସହଚରଶବ୍ଦ)—ରଜାରାଜୁଡ଼ା (ଦେଖ)
Rājārājurdā(rdi) Rajārājurdā (See)

ରାଜାରାମ ପଣ୍ଡିତ—ଦେ. ବି. (ନାମ)—ମରହଟ୍ଟା ଅମଳରେ ଓଡ଼ିଶାର
Rājārāma paṇdita ଶାସନରେ ନିଯୁକ୍ତ ସୁବାଦାର
ৰাজাৰাম পণ্ডিত ବିଶେଷ—Name of a Marhatta
राजाराम पण्डित Governer of Orissa.
[ଦ୍ର—ଏ ଖ୍ରୀ ୧୭୭୯ ସାଲରେ ଓଡ଼ିଶାକୁ ଆସିଥିଲେ । ଏ ରାଜଶାସନରେ ପଟୁ ଓ ନିର୍ମଳ ଚରିତ୍ରର ଲୋକଥିଲେ । ୧୭୮୧ ସାଲରେ ବେରାରର ମରହଟ୍ଟାରାଜାଙ୍କ ସହିତ ଇଂରାଜମାନଙ୍କର ଯେଉଁ ସନ୍ଧି ହୋଇଥିଲା ସେଥିରେ ମରହଟ୍ଟାଙ୍କ ପକ୍ଷରୁ ରାଜାରାମ ଉପସ୍ଥିତ ହୋଇଥିଲେ । ଏହାଙ୍କ ଅମଳର ଅନେକ ଲାଖରାଜ ଜମିର ସନନ୍ଦ ଓଡ଼ିଶାରୁ ମିଳେ । ଏ ଓଡ଼ିଶାରେ ରାଜସ୍ୱ ବନ୍ଦୋବସ୍ତ କରାଇଥିଲେ ।]

ରାଜାର୍କ—ସ. ବି.—ଶ୍ୱେତ ଅର୍କ ଗଛ—The white species of
Rājārka ৰেতআকন্দ Calotropis Gigantea.
ମ. ମନ୍ଦାରୁ ମ. ମନ୍ଦାରଚେଟ୍ଟୁ श्वेत आक

ରାଜାର୍ହ—ସ. ବିଣ—ରାଜାଙ୍କ ଯୋଗ୍ୟ—Fit for a king;
Rājārha befitting a king. ବି—ଅଗୁରୁ ଚନ୍ଦନ—
Eaglewood; a fragrant wood.

ରାଜାର୍ହା—ସ. ବି.—ଜମ୍ବୁ; ଜାମ୍ବୁ—
Rājārhā Eugenia Jambolana.

ରାଜାଲାବୁ—ସ. ବି.—ମିଠାଲାଉ—
Rājālābu The sweet gourd.
ଅନ୍ୟ ସ—ସ୍ୱାଦୁତୁମ୍ବୀ, ମହାତୁମ୍ବୀ, ମଧୁରାଲାବୁ, ଶାକାଲାବୁ, ଭକ୍ଷ୍ୟାଲାବୁ, ଅଲାବୁକା, ମିଷ୍ଟତୁମ୍ବୀ

ରାଜାଶ୍ରୟ—ସଂ ବି (୬ଷ୍ଠୀ ତତ୍)—ରାଜାଙ୍କର ଆଶ୍ରୟ—
Rājāsraya Shelter of a king
(ରାଜାଶ୍ରିତ—ବିଣ)

ରାଜା ସାମନ୍ତସିଂହାର—ଦେ. ବି. (ନାମ)—ପ୍ରାଚୀନ ଓଡ଼ିଆ କବି
Rājā sāmantasimhāra ବିଶେଷ—Name of an ancient Oriya poet. [ଦ୍ର—ମଧୁପଚଉତିଶା ଓ ରାଧାବିଳାସ ଏହାଙ୍କ ଦ୍ୱାରା ରଚିତ ହୋଇଥିଲା । ବିନାୟକ. ଉତ୍କଳ ସାହିତ୍ୟ ଇତିହାସ ।]

ରାଜା ସାହେବ୍—ଦେ. ବି.—ରାଜାଙ୍କୁ ବହୁ ମାନରେ ସମ୍ବୋଧନ—
Rājā sāheb A term of addressing Rajas.
রাজাসাহেব राजासाहेब

ରାଜାହି—ସଂ. ବି.—ରଣାସାପ (ଦେଖ)
Rājāhi Raṇāsāpa (See)

ରାଜି—ସଂ. ବି (ରାଜ୍ ଧାତୁ + କର୍ତ୍ତୃ. ଇ)—୧ । ସମୂହ; ପଙ୍କ୍ତି; ଶ୍ରେଣୀ;
Rāji ଧାଡ଼ି—1. Row. ୨ । ରେଖା—2. Line.
ବିଣ. ୧ । ଶୋଭିତ—1. Adorned; shining. ୨ ।
ପ୍ରଦୀପ୍ତ—4. Bright; lighted. ବୈଦେ.ବି. (ଅ.
রাজী ରାଜୀ)—୧ । ସମ୍ମତି—1. Consent; agreement.
राजी [ଉ—କହି ଲେହେଁ ଅନୁଷର ରାଜି ତ ନ ଦର୍ଶିଲାରେ ।
କବିସୂର୍ଯ୍ୟ, ବଳୋଗୋବିନ୍ଦ, ତ ଗୀତ ।] ବିଣ—ସମ୍ମତ;
ସ୍ୱୀକୃତ—Agreed; consenting.

ରାଜି କରାଇବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ କୌଣସି ବିଷୟରେ
Rāji karaiba ସ୍ୱୀକୃତ କରାଇବା—To make a person
(ରାଜି କରିବା—ଅନ୍ୟରୂପ) agree to a thing.
রাজিকরা राजीकराना

ରାଜିକା—ସଂ. ବି.—୧ । ରାଇସୋରିଷ (ଦେଖ)—
Rājikā 1. Rāisorisha (See)
୨ । କ୍ଷେତ୍ର—2. A field. ୩ । ପଙ୍କ୍ତି—3. Row.

ରାଜି ଖୁସି—ବୈଦେ. ବି. (ସହଚର ଶବ୍ଦ; ଅ. ରାଜୀ, ଖୁସୀ)—୧ ।
Rāji khusi ସମ୍ମତି ଓ ଇଚ୍ଛା—1. Consent and
রাজি wish. ୨ । ସ୍ୱେଚ୍ଛାକୃତ ସମ୍ମତି—2. Free
राजीखुसी consent.

ରାଜିଡିକ୍ରି—ବୈଦେ. ବି (କଚେରୀ. ରାଜୀ ଓ ଇଂ. ଡିକ୍ରୀ)—ବାଦୀ
Rājidikri ଓ ପ୍ରତିବାଦୀଙ୍କ ସମ୍ମତି ଅନୁସାରେ ଅଦାଲତକୃତ
(ରାଜିଡିକ୍ରି, ରାଜିଡିଗ୍ରୀ—ଅନ୍ୟରୂପ) ମକଦ୍ଦମା ମୀମାଂସା—
রাজিডিক্রী राजीडिगरी Consent decree.

ରାଜିତ—ସଂ. ବିଣ. (ରାଜ୍. ଧାତୁ + କର୍ତ୍ତୃ. ତ)—୧ । ଶୋଭିତ—
Rājita 1. Adorned. ୨ । ପ୍ରଦୀପ୍ତ—2. Illuminated;
(ରାଜିତା—ସ୍ତ୍ରୀ) dazzling. ୩ । ପ୍ରକାଶିତ—3. Displayed;
manifest. [ଉ—ବଢ଼ାଇ ଭାବ ଭୂଷିତ, ଭୂଲୁରେ
ଭୂଷି ରାଜିତ । ଉପେ. ବୈଦେହୀଶବିଳାସ ।]

ରାଜିତମାନ—ଦେ. ବିଣ.— (ସଂ. ରାଜିତ)—ଶୋଭମାନ—
Rājitamāna Beautiful.
[ଉ—ବଦ୍ଧ ରଜତର ଉପମା ରାଜିତ, ରାଜିତମାନ କର
ଲୋକ । ଉପେ. ବୈଦେହୀଶ ବିଳାସ ।]

ରାଜିନାମା—ବୈଦେ. ବି.—(ଫା.)—(କଚେରୀ)—୧ । ରଫାନାମା.
Rājināmā ବାଦୀ ପ୍ରତିବାଦୀଙ୍କର ରଫାନାମା—1. Petition
রাজিনামা राजीनामा of compromise.
୨ । ସମ୍ମତି ସୂଚକ ଲିପି—2. Deed of agreement

ରାଜି ପଡ଼ିବା—ଦେ. କ୍ରି.—ସ୍ୱୀକୃତ ହେବା—To consent; to
রাজি হওয়া राजीहोना agree.
[ରାଜି ହେବା—ଅନ୍ୟରୂପ];

ରାଜି ଫଇ(ଏ)ସଲ(ଲା)—ବୈଦେ. ବି.—(ଫା.) ;(କଚେରୀ)—ଉଭୟ
Rāji phai(e)sala(lā) ପକ୍ଷଙ୍କ ସମ୍ମତିରେ ମକଦ୍ଦମାର ମୀମାଂସା-
রাজি ফয়সলা राजी फयसला Compromise decree;
a decree passed on both parties' consent.

ରାଜି ବଦର—ଦେ. ବି.—(ସେଟଲ୍‌ମେଣ୍ଟ ଇଲାକାରେ ବ୍ୟବହୃତ ଶବ୍ଦ)
Rāji badara ଖାନାପୁରୀ ପରେ ଅଟେଷ୍ଟେଶନ୍ ସମୟରେ ଜଣେ
রাজি বদর राजी बद्र ବ୍ୟକ୍ତି ଖାନାପୁରୀ ରେକର୍ଡ଼ ସଂଶୋଧନ
ସମ୍ବନ୍ଧେ କରିଥିବା ଆପତ୍ତିର ପ୍ରତିବାଦୀର ସମ୍ମତି
ଅନୁସାରେ ମୀମାଂସା—The decision of a dispute by the consent of the defendant at the attestation stage of revenue settlement proceedings.

ରାଜିବା—ଦେ. (ପଦ୍ୟ) କ୍ରି.—(ସଂ. ରାଜ ଧାତୁ)—ବିରାଜିବା; ଶୋଭା
Rājibā ପାଇବା—To shine. [ଉ—କାହିଁ ରାଜଇ ଘାଟ ।
রাজা राजना ମଧୁସୂଦନ. ଛାନ୍ଦମାଳା ।]

ରାଜିବେରାଜି—ବୈଦେ. ବି.—(ବିପରୀତ ସହଚର ଶବ୍ଦ; ଅ. ରାଜୀ,
Rāji berāji ବେରାଜି)—Agreement and dis
রাজি গররাজি राजी बेराजी agreement.

ରାଜିମତଫଳା—ସଂ. ବି.—(ବୈଦ୍ୟକ)—ଝଙ୍ଗି; ରାଜି କୋଷାତକୀ—
Rājimat phalā Luffa Amara (creeper and fruit.)

ରାଜି ମୁଦେଇ—ବୈଦେ. ବି.—(ଫା. ରାଜୀ ମୁଦଇ)—(କଚେରୀ)—
Rāji mudei ଫେରାଦ ହୋଇଥିବା ବ୍ୟକ୍ତି ପ୍ରତିବାଦୀ ବିରୁଦ୍ଧରେ
রাজি মুদই କରିଥିବା ଅଭିଯୋଗରୁ କ୍ଷାନ୍ତ ହେବା ଅବସ୍ଥା—
Withdrawal of a charge by the complainant; compromise of a case by the
राजीमुद्दई complainant.

ରାଜି ରଫା—ବୈଦେ. ବି. (ଅ)—(ସହଚର ଶବ୍ଦ)—(କଚେରୀ)
Rāji rakabā ମକଦ୍ଦମାରେ ଉଭୟ ପକ୍ଷଙ୍କ ମଧ୍ୟରେ ମିଳାମିଶା
ରାଜି ରଫା } — ଅନ୍ୟରୂପ ହୋଇଥିବା—Compromise
ରାଜି ରୁଜୁବା } between the parties.

ରାଜିଲ—ସଂ. ବି.—(ରାଜ୍ ଧାତୁ + କର୍ତ୍ତୃ. ଇଲ)—ଧଣ୍ଡ ସାପ—
Rājila Water snake.

ରାଜୀ—ସଂ. ବି.—୧ । ରାଜି (ଦେଖ)—1. Rāji (See) ୨ ।
Rāji ରାଜିକା (ଦେଖ)—2. Rājikā (See) ବୈଦେ. ବି ଓ
ବିଣ—ରାଜି (ଦେଖ)—Rāji (See)

ରାଜୀ ଫଳ—ସଂ. ବି.—(ବୈଦ୍ୟକ)—ପଟୋଳ (ଦେଖ)
Rāji phala Paṭola (See)

ରାଜୀବ—ସଂ. ବି.—(ରାଜୀ=ଶ୍ରେଣୀ + ଅସ୍ତି ଅର୍ଥରେ ବ)—୧ । ପଦ୍ମ-
Rājiba 1. Lotus. ୨ । ହସ୍ତୀ—2, Elephant. ୩ ।
ମତ୍ସ୍ୟ—3. Fish. ୪ । ସାରସ ପକ୍ଷୀ—4. Crane.
୫ । ହରିଣ ବିଶେଷ—5. A kind of deer. ବିଣ.—
(ରାଜନ୍ + ଈବ)—୧ । ରାଜୋପଜୀବୀ—1. Dependant upon a king. ୨ । ରାଜାନୁଗ—2.
Following or attending on a king.

ଦେ. ବି. ପୁଂ—ରାଜୀବ ଲୋଚନର ଡାକ ନାମ—
A name for calling Rājībalochana.

ରାଜୀବ ନୟନ—ସଂ. ବିଣ. ପୁଂ—(ବହୁବ୍ରୀହି; ରାଜୀବ=ପଦ୍ମ ପରି ନୟନ ଯାହାର)—ପଦ୍ମପରି ସୁନ୍ଦର ଚକ୍ଷୁର୍ବିଶିଷ୍ଟ—
Rājība nayana

ରାଜୀବ ନେତ୍ର
ରାଜୀବ ଲୋଚନ } —ଅନ୍ୟରୂପ Lotus-eyed; having eyes as graceful as the lotus.

ରାଜୀବ ନୟନା
ରାଜୀବ ନେତ୍ରା
ରାଜୀବ ଲୋଚନା } —ସ୍ତ୍ରୀ ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

(ରାଜୀବନୟନୀ, ରାଜୀବନେତ୍ରୀ, ରାଜୀବଲୋଚନୀ—ଦେ. ସ୍ତ୍ରୀ. ରୂପ)

ରାଜୀବପତ୍ରାକ୍ଷ—ସଂ. ବିଣ. ପୁଂ—(ବହୁବ୍ରୀହି; ରାଜୀବ ପତ୍ର=ପଦ୍ମଫୁଲର ପାଖୁଡ଼ା ପରି ଅକ୍ଷି=ଅକ୍ଷି ଯାହାର)—
Rājība patrāksha
ପଦ୍ମଫୁଲର ପାଖୁଡ଼ା ପରି ସୁନ୍ଦର ଚକ୍ଷୁର୍ବିଶିଷ୍ଟ—Having eyes as graceful as lotus petals.

ରାଜୀବରାଜ—ସଂ. ବି.—ଲୋହିତ ପଦ୍ମଫୁଲ; ରକ୍ତପଦ୍ମ—
Rājība rāja The red lotus.

ରାଜୁ—ଦେ. ବି.—୧ । ହିନ୍ଦୁ କ୍ଷତ୍ରିୟ ଜାତି ବିଶେଷ—
Rāju 1, A Hindu Kshatriya caste inhabiting Miduapur, Balasore and other parts of Utkal.

[ବ୍ୟୁ—ରାଜୁ—ହିନ୍ଦୁ କ୍ଷତ୍ରିୟ ଜାତିବିଶେଷ । ବାଲେଶ୍ୱର ଜିଲ୍ଲାର ଉତ୍ତରାଞ୍ଚଳ, ମେଦିନୀପୁରର ଦକ୍ଷିଣାଞ୍ଚଳ, ଚବିଶ ପ୍ରଗଣା, ସିଂହଭୂମ୍ ଜିଲ୍ଲା ଓ ମାନ୍ଦ୍ରାଜ ପ୍ରଦେଶର ଉତ୍ତର ସୀମାରେ ଏହି ଜାତୀୟ ଲୋକମାନଙ୍କ ବସତି ଦୃଷ୍ଟିଗୋଚର ହୁଏ । ମାନ୍ଦ୍ରାଜର ରାଜୁମାନେ ଅବଶ୍ୟ ଅନ୍ଧ୍ର ବା ଅନ୍ଧ୍ର-କ୍ଷତ୍ରିୟ ବୋଲି ପରିଚିତ । ଏମାନେ ଚୌହାନ ଓ ଶୋଳ ବଂଶୀୟ ରାଜପୁତମାନଙ୍କ ବଂଶଧର । କାଳକ୍ରମେ ଏମାନେ ଯୁଦ୍ଧ ବ୍ୟବସାୟ ତ୍ୟାଗ କରି କୃଷି ବ୍ୟବସାୟ ଅବଲମ୍ବନ କରିଅଛନ୍ତି । ଏମାନଙ୍କର ସନ୍ତକ ଶ୍ରୀ, କଟାରି ଇତ୍ୟାଦି । ଏହି ଶ୍ରୀ ଏବଂ କଟାରି ଅର୍ଥାତ୍ ଖଣ୍ଡା ସନ୍ତକରୁ ବୁଝାପାଏ ଯେ, ଏମାନେ ଏକ ସମୟରେ ଧନଶାଳୀ ଏବଂ ଯୋଦ୍ଧା ଥିଲେ । ଏମାନଙ୍କର ବଂଶାନୁଗତ ସାଂଙ୍ଖ (ବଂଶୋପାଧି) ମଧ୍ୟରୁ ଅଧିକାଂଶ କ୍ଷତ୍ରିୟ ବାଚକ ବା ସୈନିକ ବିଭାଗୀୟ ବୋଲି ଅନୁମିତ ହୁଏ । ଏମାନଙ୍କର ସାଂଙ୍ଖ—

ମହାପାତ୍ର, ପାତ୍ର, ସେନାପତି, ଗିରି, ଦଳାଇ, ଚୌହାନ, ବ୍ରହ୍ମା, ବର୍ମା, ଦତ୍ତ, ଚଣ୍ଡ, ସାହୁ, ପ୍ରଧାନ, ଭଞ୍ଜ, ଭଦ୍ର, କର, ଦେ, ଘୋଷ, ଶେଣ, ଅଇଚ, ଦଣ୍ଡପାଟ ଇତ୍ୟାଦି ।

ଏମାନଙ୍କ ଶାରୀରିକ ଓ ଆଚାର ବ୍ୟବହାର କ୍ଷତ୍ରିୟଙ୍କ ପରି, କିନ୍ତୁ କାଳକ୍ରମେ ଏମାନେ କୃଷି କାର୍ଯ୍ୟରୁ ଜୀବିକା କରିବାରୁ ଅନେକେ ଉପବୀତ ତ୍ୟାଗ କରିଅଛନ୍ତି । ବର୍ତ୍ତମାନ ସୁଦ୍ଧା କେତେକଙ୍କ ମଧ୍ୟରେ ବୈଦିକ ନିୟମରେ ଉପବୀତ ଧାରଣର ପ୍ରଥା ଅଛି । ଯେଉଁମାନେ କୃଷିରୁ ଜୀବିକା କରି ଅଛନ୍ତି ସେମାନଙ୍କ ସହିତ ଉପବୀତଧାରୀଙ୍କର ବିବାହାଦି ଚଳେ । ଏମାନେ ପିତୃପୁରୁଷମାନଙ୍କୁ ପଣା ସଂକ୍ରାନ୍ତି ଦିନ ଛତୁ ପିଣ୍ଡ ଓ ଶ୍ରାଦ୍ଧାଦିରେ ଅନ୍ନ ପିଣ୍ଡ ଦିଅନ୍ତି ଏବଂ, ଖଣ୍ଡାୟତମାନଙ୍କର ଯେଉଁ ବ୍ରାହ୍ମଣମାନେ ପୌରୋହିତ୍ୟ କରନ୍ତି, ଏମାନଙ୍କର ମଧ୍ୟ ସେହି ବ୍ରାହ୍ମଣମାନେ ପୁରୋହିତ ଅଟନ୍ତି । ଏମାନଙ୍କ ମଧ୍ୟରେ ଅନେକ ପଦସ୍ଥ, ବିଦ୍ୱାନ୍, ଓ ଧନବାନ୍ ବ୍ୟକ୍ତି ଅଛନ୍ତି ।

ଏମାନେ ଓଡ଼ିଶାର ଆଦିମବାସୀ ନୁହନ୍ତି ବୋଲି ମନେ ହୁଏ; କାରଣ, ତାହା ହୋଇଥିଲେ ଓଡ଼ିଶାରେ ସର୍ବତ୍ର ଏମାନଙ୍କର ବସତି ଥାଆନ୍ତା । ଏମାନେ ଓଡ଼ିଶାକୁ ଯେ ବହୁଶତ ବର୍ଷ ପୂର୍ବରୁ ଆସିଲେଣି, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ଏମାନେ ଓଡ଼ିଆ ବୋଲି ପରିଗଣିତ ହେଉଅଛନ୍ତି । ଏମାନେ ଓଡ଼ିଶାର ସୀମାନ୍ତ ପ୍ରଦେଶରେ ବହୁଳ ବାସ କରୁଥିବାରୁ ବୁଝାପାଏ ଯେ, ଏମାନେ ଓଡ଼ିଶାର ସୀମାନ୍ତ ରକ୍ଷୀରୂପେ ତଦାନୀନ୍ତନ ରାଜାମାନଙ୍କଦ୍ୱାରା ନିଯୁକ୍ତ ହୋଇଥିଲେ ଏବଂ ଯେଉଁଠାରେ ଏମାନଙ୍କର ବସତି ଅଧିକ ସେହିଠାରେ ମଧ୍ୟ ପୁରାତନ ଦୁର୍ଗର ଭଗ୍ନାବଶେଷ ଦେଖାଯାଏ । ରାଇବଣିଆ, କାନ୍ଥି, ଫୁଲବଣି ଦୁର୍ଗମାନ ପୂର୍ବେ ଏମାନଙ୍କର ଅଧିକାରରେ ଥିଲା ବୋଲି ପ୍ରମାଣ ମିଳେ ଓ ଉକ୍ତ ଗଡ଼ମାନଙ୍କ ଚତୁଃପାର୍ଶ୍ୱରେ ବହୁ ରାଜୁ ପରିବାରଙ୍କ ବସତି ଅଛି । ରାଜପୁତାନାର (ରାଜସ୍ଥାନର) ବଂଶ ପରମ୍ପରା ପ୍ରଥା ଅନୁସାରେ ଏମାନଙ୍କ ମଧ୍ୟରେ ଦକ୍ଷିଣ ଶାଖା ଓ ବାମ ଶାଖା ନାମରେ ୨ଟି ଶାଖା ଥିଲା । ସମ୍ଭବତଃ ରାଜପୁତାନାର ରାଜବଂଶପରମ୍ପରାଗତ ଦରବାରେ ଚନ୍ଦ୍ରାବତ କ୍ଷତ୍ରିୟ ଓ ଶୁକ୍ତାବତ କ୍ଷତ୍ରିୟମାନେ ରାଜାଙ୍କ ଦକ୍ଷିଣ ଓ ବାମରେ ବସିବାର ସମ୍ମାନ ପାଉଥିବାର ବିଷୟରେ ଏ ଦୁଇ ଶାଖା ପୂର୍ବେ ଗଠିତ ହେଉଥିଲେ । ଏ ଦୁଇ ଶାଖା ମଧ୍ୟରେ ସାମାଜିକ ସମ୍ପର୍କ ଚଳେ । କ୍ରମଶଃ ଏ ଦୁଇ ଶାଖାର ପାର୍ଥକ୍ୟ ଲୋପ ପାଉଥିବା ଦେଖାଯାଏ ।

ମେଦିନୀପୁର ଜିଲ୍ଲାର ପ୍ରସିଦ୍ଧ ଲେଖକ ବାବୁ ଭାଗବତଚନ୍ଦ୍ର ଦାସ (ଉତ୍କଳୀୟ ବ୍ରାହ୍ମଣ) ବି. ଏ. ବିଦ୍ୟାଭୂଷଣ ମହାଶୟ ତତ୍ ପ୍ରଣୀତ "বর্তমান সমাজের ইতিবৃত্ত" ନାମକ ବଙ୍ଗଳା ପୁସ୍ତକର ୧୫୦ପୃଷ୍ଠାରେ ଲେଖି ଅଛନ୍ତି—

"ଉତ୍ତରପଶ୍ଚିମ ପ୍ରଦେଶର (ରାଜପୁତନାର) ଅନେକ ରାଜପୁତ୍ ମୁସଲମାନଙ୍କ ଉପଦ୍ରବେ ବାସସ୍ଥାନ ତ୍ୟାଗ କରିଥିଲେ ଏବଂ ଓଡ଼ିଶାକୁ ଆସି କୃଷି ବୃତ୍ତି ଅବଲମ୍ବନ କରି ଦିନ ଯାପନ କଲେ । ସେମାନଙ୍କର ବଂଶଧରମାନେ ବର୍ତ୍ତମାନ ରାଜୁ ନାମରେ ପରିଚିତ ।"

ଉତ୍କଳର କବି ଘନଶ୍ୟାମ ଦାସ ହରିପୁର ବାଲେଶ୍ୱରର ଜଳେଶ୍ୱର ନାମକ ଗ୍ରାମରେ ଏହି ଜାତିରେ ଜନ୍ମଗ୍ରହଣ କରିଥିଲେ । କବି ତତ୍ ପ୍ରଣୀତ "ରସବିନୋଦ" ଗ୍ରନ୍ଥରେ ୨୪ ଅଧ୍ୟାୟରେ ଏହି ପ୍ରକାର ଆତ୍ମ ପରିଚୟ ଦେଇଅଛନ୍ତି—

"ସର୍ବ ବାସନା ଅଛି ମୂଳେ; ଜନମ ରାଜପୁତ କୁଳେ ।
ସ୍ୱର୍ଣ୍ଣରେଖା ନଦୀ ତୀର; କଟକ ନାମ ଜଳେଶ୍ୱର ।

ସପତ ପୁରୁଷ ମୋ ତହୁଁ; ଘଲ୍ଲ ଯେ ଏବେ କାଳ ବହି ।
ବନ୍ଧୁ କୁଟୁମ୍ବ ତହୁଁ ଯେତେ; ରହୁଣ ଅଛନ୍ତି ସମସ୍ତେ ।
ତଣିଅଁ ରାଜ୍ୟର ନିକଟେ; ଷୋଳ ଡଉଦ ଦଣ୍ଡପାଟେ ।"

ବାଲେଶ୍ୱର ଜିଲ୍ଲାର ଉତ୍ତରାଂଶ ଖୁଲୁଡାର ସ୍ୱର୍ଗୀୟ କବି କେଶବଚନ୍ଦ୍ର ଚଣ୍ଡ ମଧ୍ୟ ଏହି ଜାତୀୟ ଲୋକ ଥିଲେ । ସେ ତାଙ୍କର ପଦ୍ୟାବଳୀ (ପ୍ରାୟ ଦେଢ଼ ଶତ ବର୍ଷ ପୂର୍ବର ଲେଖା)ରେ ଏହିପରି ଆତ୍ମ ପରିଚୟ ଦେଇଅଛନ୍ତି ।
"ରାଜନ୍ୟ କୁଳରେ ଜନମ । କେଶବ ଚନ୍ଦ୍ର ଚଣ୍ଡ ନାମ" ।

ଉତ୍ତର ବାଲେଶ୍ୱରର ସୁପ୍ରସିଦ୍ଧ ପଣ୍ଡିତ ଓ ଉତ୍କଳୀୟ ଲେଖକ ସ୍ୱର୍ଗୀୟ ରୁଦ୍ରନାରାୟଣ ଷଡ଼ଙ୍ଗୀ କାବ୍ୟତୀର୍ଥ ତାଙ୍କର ଶେଷ ଲେଖା "ବିରାଟ ନଗର ଓ ସୁବର୍ଣ୍ଣରେଖା" ନାମକ ପୁସ୍ତକରେ ୧୪ ପୃଷ୍ଠାରେ ଏହି ରାଜୁ ଜାତି ସମ୍ବନ୍ଧେ ନିମ୍ନ ପ୍ରକାର ଲେଖି ଅଛନ୍ତି .—

"ଉଗ୍ର ଘନ-ଖଣ୍ଡାୟୁତ ସଙ୍ଗେ ବାନ୍ଧି ସାଥି
ଅନ୍ୟ ଦେଶରୁ ଆଗତ ରାଜପୁତ ଜାତି ।
ପୂର୍ବେ ରାଜୁ ଥିଲେ ବୋଲି ହେଲେ ରାଜୁ ଜାତି,
ନିଶ୍ଚେ ଏମାନେ ରାଜନ୍ୟ-ରାଜ ଅନ୍ତଃପାତି ।
ତ୍ରୁଟିଶ କେଶରୀ ଅସ୍ତ୍ର ଶସ୍ତ୍ର ପରିକ୍ଷଣ
ବିଷୟେ କହି ନ ଥିଲେ ସୁଜାଣ୍ଡ୍ର ନିପୁଣ ।
ପୂର୍ବେ ବାଲ୍ୟ ଅବସ୍ଥାରେ ଦେଖିଛି ମୋ ନେତ୍ର
କାହାର କାହାର ଗୃହେ ଅସ୍ତ୍ର ଶସ୍ତ୍ର ଯେତେ ।
ବଣ-ଭୁକ୍-ଗୁଣ-ଯୁକ୍ତ କାର୍ମୁକ ପ୍ରକାଣ୍ଡ
ତା ନିକଟେ ଯୋଡ଼ିଥିଲା ଶରଧି ଭାଣ୍ଡ ।"

ବାଲେଶ୍ୱର ଜିଲ୍ଲାର ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ଦାସ, ବି. ଏ, ବି. ଏଲ., ଓକିଲ ତାଙ୍କର "ସମାଜ ସଂସ୍କାର ବା ବର୍ଣ୍ଣଜାତି ଓ ଧର୍ମତତ୍ତ୍ୱ" ନାମକ ପୁସ୍ତକର ୨୪୫ ପୃଷ୍ଠାରେ ଏହି ଜାତି ସମ୍ବନ୍ଧରେ ନିମ୍ନୋକ୍ତ ପ୍ରକାର ମତ ପ୍ରକାଶ କରିଅଛନ୍ତି ।

"ଏହି ରାଜୁମାନେହିଁ ମଗଧର ମୌର୍ଯ୍ୟବଂଶୀୟ ରାଜାମାନଙ୍କ ରାଜତ୍ୱ କାଳୀନ ରାଜୁକ ପଦସ୍ଥ କ୍ଷତ୍ରିୟମାନଙ୍କର ବଂଶଧର । ମୌର୍ଯ୍ୟ ବଂଶୀୟ ନରପତିମାନେ ରାଜ୍ୟଶାସନ କର୍ମରେ ସାର ରାଜୁକମାନଙ୍କୁ ସୁନିପୁଣ ଜ୍ଞାନ କରୁଥିଲେ । ମହାରାଜ ଅଶୋକଙ୍କ ଶିଳାଲିପିରୁ ଜଣାଯାଏ ଯେ, ରାଜୁକମାନେ ପ୍ରାଚୀନ ଭାରତର ସର୍ବଶ୍ରେଷ୍ଠ ବହୁଦର୍ଶୀ ଶାସକ ଓ ଯୋଦ୍ଧା ଜାତି ଥିଲେ । ଭାଗ୍ୟ ବିପର୍ଯ୍ୟୟ ସଙ୍ଗେ ସଙ୍ଗେ ସେମାନେ ସ୍ଥାନଭ୍ରଷ୍ଟ ହୋଇ ଦାକ୍ଷିଣାତ୍ୟର ଓ ଉତ୍କଳର କୌଣସି କୌଣସି ସ୍ଥାନରେ ବିକ୍ଷିପ୍ତ ହୋଇ ପଡ଼ିଲେ । କାଳକ୍ରମେ ପାଲିଭାଷାର "ରାଜୁକ" ଶବ୍ଦର ଅପଭ୍ରଂଶ ରୂପେ "ରାଜୁ" ଶବ୍ଦଟି ପ୍ରଚଳିତ ହେଲା । ଏହି ରାଜୁକମାନଙ୍କ କ୍ଷମତା ବିଷୟରେ ଅଶୋକ ନିଜେ ଶିଳାଲିପିରେ ପାଲିଭାଷାରେ ନିମ୍ନଲିଖିତ ମର୍ମରେ ଲେଖିଅଛନ୍ତି :—

"ସୁନିପୁଣ ଧାତ୍ରୀ ହସ୍ତରେ ଶିଶୁ ସନ୍ତାନର ଲାଳନ ପାଳନ ଭାର ଅର୍ପଣ କରି ପିତା ମାତା ଯେପରି ନିଶ୍ଚିନ୍ତମନରେ କାଳଯାପନ କରନ୍ତି, ସେମାନେ ଯେପରି ମନେ କରନ୍ତି ଧାତ୍ରୀର ହସ୍ତରେ ଶିଶୁମାନଙ୍କର ଅଯତ୍ନ ହେବ ନାହିଁ; ମୁଁ ମଧ୍ୟ ସେହିପରି ମୋର ସନ୍ତାନ ତୁଲ୍ୟ ପ୍ରଜାବର୍ଗଙ୍କର ସୁଶାସନ ଓ ସୁପାଳନ ଭାର ରାଜୁକମାନଙ୍କ ହସ୍ତରେ ନ୍ୟସ୍ତ କରି ନିଶ୍ଚିନ୍ତ ରହିଅଛି । ମୋର ବିଶ୍ୱାସ, ସେମାନଙ୍କର ସୁଶାସନ ଗୁଣରେ ମୋ ପ୍ରଜାବର୍ଗ ସୁଖରେ କାଳଯାପନ କରିବେ ଏବଂ ନିଶ୍ଚିନ୍ତ ମନରେ ଧର୍ମ ସାଧନରେ ନିଯୁକ୍ତ ହେବେ । ରାଜୁକମାନେ ଯେପରି ନିଶ୍ଚିନ୍ତ ମନରେ ସ୍ୱ ସ୍ୱ କର୍ତ୍ତବ୍ୟ ପାଳନରେ ସମର୍ଥ ହୁଅନ୍ତି, ସେଥିପାଇଁ ମୁଁ ସେମାନଙ୍କୁ ସ୍ୱାଧୀନ କ୍ଷମତା ପ୍ରଦାନ କରିଅଛି ।"

ରାଜୁ ଏହି ଶବ୍ଦ ରାଜପୁତ ବା ରାଜନ୍ୟ ଶବ୍ଦର ଅପଭ୍ରଂଶ ନ ହୋଇ ରାଜୁକ ଶବ୍ଦର ଅପଭ୍ରଂଶ ହେବାର ବିଶେଷ ସମ୍ଭାବନା । ରାଜୁ ଶବ୍ଦ ପ୍ରଥମେ କୌଣସି ଜାତିର ନାମ ନ ହୋଇ ଗୋଟିଏ ଉପାଧିର ନାମ ଥିଲା । କିନ୍ତୁ କାଳକ୍ରମେ ରାଜୁକ ପଦଧାରୀ କ୍ଷତ୍ରିୟମାନେ ରାଜୁ ନାମରେ ଅଭିହିତ ହୋଇ ବର୍ତ୍ତମାନ ଏହା ଗୋଟିଏ ଜାତିରେ ପରିଣତ ହୋଇଅଛି । ଅଦ୍ୟାବଧି ଏହି ରାଜୁକ ପଦସ୍ଥ କ୍ଷତ୍ରିୟମାନଙ୍କର ବଂଶଧରମାନେ ରାଜୁ ଜାତିର ଲୋକ ବୋଲି ଅଭିହିତ ହେଉଅଛନ୍ତି ।]

୨ । ରାଜକିଶୋରର ଡାକନାମ—2. Name for calling Rājakiśora.

ରାଜୁଅଡ଼ା—ଦେ. ବି.—(ହିନ୍ଦିରୁ ଅନୁକୃତ, ସଂ. ରାଜ୍ୟ)—ରାଜାଙ୍କଦ୍ୱାରା ଶାସିତ ରାଜ୍ୟ; ଗଡ଼ଜାତ—Country governed by a prince; state of a Chief.
Rājuārdā
ରାଜୋୟାଡ଼ା **रजवाडा**
(ରାଜୁଡ଼ା, ରାଜୁୱାଡ଼ା, ରାଜୋଡ଼ା, ରାଜ୍ୱାଡ଼ା—ଅନ୍ୟରୂପ)
ମୋଗଲବନ୍ଦୀ—ବିପରୀତ] ଦେ. ବିଣ.—ରାଜାଙ୍କ ଶାସିତ—Ruled by Rajas. [ଦ୍ର—ଓଡ଼ିଶା ମୁଲକ ଦୁଇ ଭାଗରେ ବିଭକ୍ତ ଯଥା—ରାଜୁଅଡ଼ା ଓ ମୋଗଲବନ୍ଦୀ । ସରକାରଙ୍କ ଶାସିତ ମୋଗଲବନ୍ଦୀରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ, କୋରାପୁଟ, ଏହିପରି ୬ ଗୋଟି ଜିଲ୍ଲା ଅଛି । ଦେଶୀୟ ରାଜାମାନଙ୍କ ଶାସିତ ରାଜୁଅଡ଼ାକୁ ଗଡ଼ଜାତ ବୋଲାଯାଏ ।]

ରାଜୁଡ଼ା(ଡ଼ି)—ଦେ. ବି.—୧ । ରାଜୁଅଡ଼ା—1. The states ruled by Indian Ruling Chiefs. [ଦ୍ର—ରାଜା ରାଜୁଡ଼ା ସବୁଠାରେ ପୂଜା । ରଣେବଣେ ଯାଉ ଯେଣେ ତା ଇଚ୍ଛା—କହନ୍ତି ମାସ୍ତେ—ଚଉତିଶା] ୨ । ରାଜନ୍ୟ ୧ ଓ ୨ (ଦେଖ)—2. Rājanya 1 and 2 (See). ୩ । ସାମନ୍ତ ରାଜା—3. Feudal Chief. ୪ । ରାଜାଙ୍କ ପଦ ବ୍ୟକ୍ତି—4. Personage of the position of a rājā.
Rājurdā(rdi)
রাজড়া **राजवाडा**
ଦେ. ବିଣ—ରାଜୁଅଡ଼ା (ଦେଖ)
Rājuardā (See)

ରାଜୁତ—ଦେ. ବି—(ସଂ. ରାଜପୁତ୍ର)—୧ । ରାଜପୁତ୍ର—1. Prince. ୨ । ରାଜା—2. King. [ଦ୍ର—ରାଜୁତ ସାଧୁତ ଘରେ ଜନ୍ମ ତାର ନାହିଁ । ପ୍ରା. ଶ୍ରୀଗୁରୁଭକ୍ତିଗୀତା ।] ୩ । ରାଜୁତି (ଦେଖ) 3. Rājuti (See)
Rājuta
রাজ
राज

ରାଜୁତି—ଦେ. ବି—(ସଂ. ରାଜତ୍ୱ)—ରାଜତ୍ୱ—Sovereignty.
Rajuti রাজত্ব राजती

ରାଜୁ ରାଜୁ—ଦେ. ବିଣ—(ଧ୍ୱନ୍ୟନୁକରଣ)—ସରୁ ସରୁ; ବାଲି ବା
Raju rāju ଚୂଣ ଥିବା ମିଶି ଥିବାରୁ ଖାଇବାକୁ କର୍କଶ—
রচ রচ कच कच Grating to the palate or tongue or teeth, (e. g. food mixed with sand or chaff).

ରାଜୁସି—ଦେ.ବି—(ସ.ରାଜସୂୟ)—୧। ରାଜସୂୟ (ଦେଖ)—1. Rāja
Rajusi sūya (See). [ଦ୍ର—ମୋହର ବର୍ଷ ଏବେ ହବ; ସରେ
রাজসূয় ରାଜୁସି ଯାଗ କର। ଜଗନ୍ନାଥ. ଭାଗବତ।] ୨। (ସ.
राजसूय ରାଜସ୍ୱ)—ରାଜସ୍ୱ (ଦେଖ)—2. Rājaswa(See). ୩।
(ସ. ରାଜର୍ଷି) ରାଜର୍ଷି (ଦେଖ)—3. Rājarshi (See)
ବିଣ—୧। (ସ. ରାଜସିକ)—ରାଜସିକ (ଦେଖ)
1. Rājasika (See). ୨। (ସ. ରାଜକୀୟ)—ରାଜକୀୟ (ଦେଖ)—2. Rājakiya (See)

ରାଜେ—ଦେ. ବି (ସ. ରାଜନ୍)—(ରାଜାଙ୍କ ନାମ ପୂର୍ବେ ବ୍ୟବହୃତ)
Rāje (ଯଥା—ରାଜେ ଶ୍ରୀ ବିଶ୍ୱନାଥ [ଦେବବର୍ମ])—ରାଜା—
রাজা राजा Rājā.

ରାଜେକ୍ଷୁ—ସ. ବି—କୋଇଲିଖିଆ (ହରେକୃଷ୍ଣ ଦ୍ରବ୍ୟଗୁଣ) (ଦେଖ)
Rajekshu Koilikhiā (See)

ରାଜେନ୍ଦ୍ର—ସ. ବି—(ରାଜାଙ୍କ ମଧ୍ୟରେ ଇନ୍ଦ୍ର ବା ପ୍ରଧାନ)—୧। ପ୍ରଧାନ
Rajendra ବା ଶ୍ରେଷ୍ଠ ରାଜା—1. A chief king. ୨।
ରାଜାଧିରାଜ; ସମ୍ରାଟ୍—2. Emperor.

ରାଜେୟ—ସଂ. ବି—(ବୈଦ୍ୟକ) ପଟୋଳ (ଦେଖ)
Rājeya Paṭola (See)

ରାଜୋଡ଼ା(ଡ଼ି)—ଦେ. ବି ଓ ବିଣ—ରାଜୁଅଡ଼ା (ଦେଖ)
Rājorḍā(rḍi) Rājuārḍā (See)

ରାଜୋପାଧିକ—ସଂ. ବିଣ. ପୁଂ—'ରାଜା' ଉପାଧି ପାଇଥିବା (ବ୍ୟକ୍ତି)—
Rājopādhika Titular (Raja); given the title of Rājā by the Paramount Power.

ରାଜ୍ଞୀ—ସଂ. ବି. ସ୍ତ୍ରୀ—(ରାଜନ୍+ସ୍ତ୍ରୀ. ଈ)—ରାଣୀ; ରାଜମହିଷୀ—
Rajñi Queen.

ରାଜ୍ୟ—ସଂ. ବି—(ରାଜନ୍+ଯ)—୧। ରାଜଗୀ; ରାଜତ୍ୱ; ରାଜାଙ୍କର
Rājya ଅଧିକାର—1. Reign; sovereignty. ୨।
ରାଜଶାସିତ ଦେଶ—2. Kingdom; state; country governed by a king. ୩। ରାଜ୍ୟଶାସନ
କାର୍ଯ୍ୟ—3. Governance of a country. ୪।
ଲକ୍ଷ ଗ୍ରାମ ଉପରେ ଅଧିପତ୍ୟ—4. Sovereignty over a hundred thousand villages. ୫।
ମୁଲକ; ରାଇଜ; ଦେଶ—5. Country; kingdom.
[ଦ୍ର—ପୂର୍ବେ ହିନ୍ଦୁ ରାଜ୍ୟମାନ ଅଧିକାଂଶ ପ୍ରଜାତନ୍ତ୍ର ଶାସନପ୍ରଣାଳୀର ନୀତିଦ୍ୱାରା ପରିଚାଳିତ ହେଉଥିଲା। ତଥାପି ରାଜା ନ ଥାଇ ଦେଶ ନ ଥିଲା। ପ୍ରତ୍ୟେକ ଦେଶର ଅଧିପତି ଜଣେ ରାଜା ଥିଲେ। ଏହି ହେତୁ 'ରାଜ୍ୟ' କହିଲେ ସାଧାରଣ ଅର୍ଥରେ 'ଦେଶ'କୁ ବୁଝାଏ। ଲକ୍ଷେ ଗ୍ରାମର ଅଧିପତିଙ୍କୁ 'ରାଜା' ଓ ଦଶ ଲକ୍ଷ ଗ୍ରାମର ଅଧିପତିଙ୍କୁ 'ସମ୍ରାଟ୍' ବୋଲାଯାଉଥିଲା।]
୬। ସମସ୍ତ ଦେଶ—6. The whole country.
୭। ଜଗତ; ପୃଥିବୀ—7. The world. ଦେ. ବିଣ.
୧। ରାଜ୍ୟର ଅଧିବାସୀ—1. Inhabiting a kingdom. ୨। ରାଜ୍ୟସାରର; ବହୁସଂଖ୍ୟକ—2. Much; many. (ଯଥା—ଯାତ୍ରା ଦେଖିବାକୁ ରାଜ୍ୟ ଲୋକେ ଆସି ରୁଣ୍ଡ ହେଲେଣି।)

ରାଜ୍ୟ କୂଟ—ସ.ବି.—ଏକାଧିକ ରାଜ୍ୟର କେନ୍ଦ୍ର—The centre of
Rājya kūṭa more than one kingdom.

ରାଜ୍ୟକ୍ତା—ସ ବି. (ବୈଦ୍ୟକ)—ରାଇତା; ଲାଉର ଖଣ୍ଡଖଣ୍ଡମାନଙ୍କ
Rajyaktā ସଙ୍ଗେ ଦହି, ଲୁଣ, ଜେଷର ଓ ମସଲାଗୁଣ୍ଡ ମିଶାଯାଇ କରାଯିବା ଛଅଣ—A sort of sour curry made of gourd, curd and spices.

ରାଜ୍ୟ କରିବା—ଦେ. କ୍ରି.—ରାଜତ୍ୱ କରିବା—To rule; to
Rājya kariba reign; to govern a kingdom.
রাজ্যকরা राज्यकरना [ଦ୍ର—ସ୍ୱକଣ୍ଠକୁ ମାର ବେଗେ ଗୃହଧାସ, ଅଭିଷେ କରନ୍ତୁ ରାଜ୍ୟ। ବିଶ୍ୱନାଥ—ବିଚିତ୍ର ରାମାୟଣ]

ରାଜ୍ୟ କ୍ଷୟ—ସ. ବି.—ରାଜ୍ୟନାଶ; ରାଜାଙ୍କ ହାତରୁ ରାଜ୍ୟ ବାହାରିଯିବା
Rājya kshaya Loss of a kingdom.
[ରାଜ୍ୟନାଶ, ରାଜହାନି, ରାଜ୍ୟଭଙ୍ଗ, ରାଜ୍ୟଭ୍ରଂଶ—ଅନ୍ୟରୂପ]

ରାଜ୍ୟଚ୍ୟୁତ—ସ. ବିଣ.ପୁଂ (ଏମାନତ; ରାଜ୍ୟ+ଚ୍ୟୁତ)—୧। ରାଜ୍ୟଭ୍ରଷ୍ଟ
Rajyachyuta 1. Deprived of the kingdom.
(ରାଜ୍ୟଚ୍ୟୁତା—ସ୍ତ୍ରୀ) ୨। ରାଜ୍ୟଶାସନରୂପ ଅଧିକାରରୁ ବଞ୍ଚିତ—
(ରାଜ୍ୟଚ୍ୟୁତ—ବି) 2. Dethroned; deposed; deprived of the power of ruling over a kingdom [ଦ୍ର—ଏହିପରି ରାଜ୍ୟଚ୍ୟୁତ, ରାଜ୍ୟବଞ୍ଚିତ, ରାଜ୍ୟଭ୍ରଷ୍ଟ ଆଦି ପଦ ହୁଏ।]

ରାଜ୍ୟଛଡ଼ା—ଦେ. ବିଣ. (ମଧ୍ୟାର୍ଥ)—୧। ଲୋକବହିର୍ଭୂତ; ଯେଉଁ ବିଷୟ
Rajyachharḍā ସମସ୍ତ ରାଜ୍ୟରେ ଦେଖା ବା ଶୁଣା ନାହିଁ;
(ରାଜ୍ୟରୁ ବାହାର—ଅନ୍ୟରୂପ) ସୃଷ୍ଟି ଛଡ଼ା; ଅସାଧାରଣ—
সৃষ্টিছাড়া 1. (a matter) Which is not to be found
राज्यसे बाहार in a country; extraordinary, unusual; uncommon. ୨। ରାଜ୍ୟରୁ ବିତାଡ଼ିତ, ନିର୍ବାସିତ—2. Driven from a kingdom; deported; exiled

ରାଜ୍ୟତନ୍ତ୍ର—ସ. ବି.—(ଷଷ୍ଠୀ ତତ୍; ରାଜ୍ୟ+ତନ୍ତ୍ର)—ରାଜ୍ୟଶାସନର
Rājya tantra ଧାରା ବା ପଦ୍ଧତି—The constitution or governace of a country.

ରାଜ୍ୟ ପାଟ—ଦେ. ବି.—(ସ. ରାଜ୍ୟ ଓ ପଟ୍ଟ)—୧। ରାଜ ସିଂହାସନ—
Rājya pāṭa 1. Throne. ୨। ରାଜତ୍ୱ—2. Reign.
রাজপাট राजपाट

ରାଜ୍ୟ ବିପ୍ଲବ—ସ. ବି.—୧। ରାଜାଙ୍କ ବିରୁଦ୍ଧରେ ପ୍ରଜାଙ୍କ ମେଳ—
Rājya biplaba Revolution. ୨। ଅରାଜକତା—
[ରାଜ୍ୟ ମେଳ—ଦେ. ରୂପ] 2. Anarchy.

ରାଜ୍ୟ ବିସ୍ତାର—ସ. ବି.—(ଷଷ୍ଠୀ ତତ୍; ରାଜ୍ୟ+ବିସ୍ତାର)—ସେନାଦ୍ୱାରା
Rājya bistāra ଶତ୍ରୁ ଜୟ ଓ ଦେଶଜୟାଦି କ୍ରମେ ଅପଣା ରାଜ୍ୟର ସୀମାବୃଦ୍ଧିକରଣ—Act of extending the limit of one's kingdom. (by defeating

other kings or annexing other kingdoms.)

ରାଜ୍ୟ ଭାର—ସଂ. ବି.—(୬ଷ୍ଠୀ ତତ୍, ରାଜ୍ୟ+ଭାର)—୧ । ରାଜାଙ୍କ ଦ୍ୱାରା ଅନ୍ୟ ଉପରେ ନ୍ୟସ୍ତ ରାଜ୍ୟଶାସନ କାର୍ଯ୍ୟ ଚଳାଇବାର ଦାୟିତ୍ୱ—1. The charge of governing a country; the duty of adminstration. ୨ । ରାଜାଙ୍କ ନିଜ ରାଜ୍ୟଶାସନରୂପ ଗୁରୁଦାୟିତ୍ୱ ବା କର୍ତ୍ତବ୍ୟ—2. The onerous duties which devolve on the king of administering his kingdom.
Rājya bhāra

ରାଜ୍ୟ ରକ୍ଷା—ସଂ. ବି—ଶତ୍ରୁ ଓ ଦୁର୍ଭିକ୍ଷ ଆଦିର ଆକ୍ରମଣରୁ ରାଜ୍ୟକୁ ସମ୍ଭାଳିବା—The protection of a kingdom from the grip of enemies famine etc.
Rājya rakshā

ରାଜ୍ୟଲାଭ (ପ୍ରାପ୍ତି)—ସଂ. ବି (୬ଷ୍ଠୀ ତତ୍)—କୌଣସି ବ୍ୟକ୍ତିକୁ ରାଜ୍ୟ ମିଳିବା—Acquisition of a kingdom; territorial acquisition.
Rājya lābha(prāpti)

ରାଜ୍ୟ ଲୋକେ—ଦେ.ବି.(ବହୁବଚନ)—୧ । ରାଜ୍ୟବାସୀ ବ୍ୟକ୍ତିଗଣ—1. Inhabitants of a country. ୨ । ସମଗ୍ର ରାଜ୍ୟର ଅଧିବାସୀ ବ୍ୟକ୍ତିଗଣ—2. All the people of a country. ୩ । ବହୁସଂଖ୍ୟକ ବା ଅସଂଖ୍ୟ ଲୋକ—3. Innumerable persons; numerous people.
Rājya loke
[ରାଜ୍ୟର ଲୋକେ—ଅନ୍ୟରୂପ]
রাজ্যের লোক
राज्यके आदमियाँ

ରାଜ୍ୟ ଲୋପ—ସଂ. ବି. (୬ଷ୍ଠୀ ତତ୍; ରାଜ୍ୟ+ଲୋପ)—ଅନ୍ୟ ରାଜାଙ୍କ ଦ୍ୱାରା ଅଧିକୃତ ହେବା ଯୋଗୁଁ କୌଣସି ରାଜ୍ୟର ଅସ୍ତିତ୍ୱର ବିନାଶ—The extinction of a kingdom.
Rājya lopa

ରାଜ୍ୟ ଲୋଭ—ସଂ. ବି. (୬ଷ୍ଠୀ ତତ୍)—ରାଜ୍ୟପ୍ରାପ୍ତି ପାଇଁ ଲୋଭ—A desire to acquire a kingdom.
Rājya lobha
(ରାଜ୍ୟଲୋଲୁପତା, ରାଜ୍ୟଲିପ୍ସା—ଅନ୍ୟରୂପ)
(ରାଜ୍ୟଲୋଲୁପ, ରାଜ୍ୟଲୋଭୀ,ରାଜ୍ୟଲୁବ୍ଧ, ରାଜ୍ୟଲିପ୍ସୁ—ବିଣରୂପ)

ରାଜ୍ୟ ଶାସନ (ପାଳନ)—ସଂ. ବି—(୬ଷ୍ଠୀତତ୍)—ଦୁଷ୍ଟ ଦମନ ଓ ଶିଷ୍ଟ ପାଳନାଦି ରୂପ କର୍ମଦ୍ୱାରା ରାଜ୍ୟ ପରିଚାଳନ—Administration or government of a country.
Rājya śāsana (pālana)

ରାଜ୍ୟ ଶିରି—ଦେ· ବି.—(ପଦ୍ୟ)—ରାଜଶ୍ରୀ (ଦେଖ)
Rājya siri Rājaśri (See)
[ଭି—ପାଇ ହି ଭୂମେ ବସ୍ତିନା ରାଜ୍ୟ ଶିରି—ଭୂଷଣିଂହ ମହାଭାରତ. ବନ ।]

ରାଜ୍ୟ ସଂସ୍ଥିତି—ସଂ. ବି.—(୬ଷ୍ଠୀ ତତ୍)—ରାଜ୍ୟ ଶାସନର ସୁଶୃଙ୍ଖଳା ବିଧାନ—Methodical administration of a kingdom; a good system of administration.
Rājya saṁsthiti

ରାଜ୍ୟାଙ୍ଗ—ସଂ. ବି.—(୬ଷ୍ଠୀ ତତ୍)—(ନୀତିଶାସ୍ତ୍ର)—ରାଜ୍ୟ ଶାସନ କ୍ଷମତାରେ ପ୍ରୟୋଜନୀୟ ଉପକରଣ ବା ପ୍ରଧାନ ଅଙ୍ଗ (Science of politics) Constituent parts of a state; the essential elements or materials or components of a kingdom.
Rājyāṅga

[ଦ୍ର—ହିନ୍ଦୁ ନୀତିଶାସ୍ତ୍ର ମତରେ ରାଜ୍ୟାଙ୍ଗ ଅଠଗୋଟି (ବା ମତାନ୍ତରରେ ନଅ ଗୋଟି), ଯଥା—୧ । ସ୍ୱାମୀ ବା ଅଧିପତି, ୨ । ଅମାତ୍ୟ ବା ମନ୍ତ୍ରୀ, ୩ । ସୁହୃତ୍ ବା ମିତ୍ର, ୪ । ଧନ ବା କୋଷ, ୫ । ରାଷ୍ଟ୍ର ବା ଦେଶ, ୬ । ଦୁର୍ଗ, ୭ । ସୈନ୍ୟ ବା ବଳ, ୮ । ଦୁର୍ଭିକ୍ଷ ବା ଦୁର୍ଗା, ୯ । ତପସ୍ୱୀ ବା ପୁରୋହିତ ।]

ରାଜ୍ୟାଭିଷେକ—ସଂ. ବି (୭ମୀ ତତ୍) ରାଜାଙ୍କର ରାଜପଦରେ ରାଜାରୂପେ ବସିବା ଅନୁଷ୍ଠାନ—The ceremony of installati on of a king on the throne; coronation.
Rājyābhisheka
(ରାଜ୍ୟାଭିଷିକ୍ତ—ବିଣ)

ରାଝିଆନ୍ତି—ଦେ. ବି (ସଂ. ରାବ)—ନାନା କଥା କହି ଗୋଳମାଳ କରିବା; ଘୋଷା—Noise; hubbub; uproar by vociferous and repeated talking.
Rājhiānti
গোলযোগ, গোল
सोरगुल, हल्लागुल्ला
(ରାଝ୍ୟାନ୍ତି - ଅନ୍ୟରୂପ)

ରାଞ୍ଚ(ଞ୍ଚ)ରାଞ୍ଚୁଆ—ଦେ· ବିଣ—ଯେଉଁ ପଦାର୍ଥର ଉପରିଭାଗ ବନ୍ଧୁର ଓ କ୍ଷୁଦ୍ର କ୍ଷୁଦ୍ର ତୀକ୍ଷ୍ଣାଗ୍ରମୟ—Having a surface full of scratches; uneven; uncouth; rough; with many sharp points.
Rañcha(ñchu)rañchuā
রজরজে
खुरदुरा, खुरदरा

ରାଞ୍ଚି—ଦେ. ବି—ବିହାର ପ୍ରଦେଶରେ ଛୋଟନାଗପୁରର ରାଜଧାନୀ—Ranchi, the capital of Chotanagpur in the Province of Bihar. [ଦ—ଏହା ବର୍ତ୍ତମାନ ବିହାର ସରକାରଙ୍କର ଗ୍ରୀଷ୍ମକାଳୀନରୂପେ ବ୍ୟବହୃତ ହେଉଅଛି)—The summer capital of the Bihar Govt.
Rañchi
রাঁচি
राँची

ରାଞ୍ଚି(ଞ୍ଛି)ବା—ଦେ· ବି (ସଂ. ରମ୍ପ୍ ଧାତୁ=ବଧ କରିବା)—ନଖଦ୍ୱାରା ରାମ୍ପିବା—To scratch with the nails.
Rañchi(ñchhi)bā
রাঁপা,আঁচড়ান
नोचना

ରାଞ୍ଚୁ(ଞ୍ଛୁ)ଡ଼ା—ଦେ· ବି—୧ । ନଖଦ୍ୱାରା ରାମ୍ପି ରେଖାକାରରେ କ୍ଷତ କରିବା; ଛୋଟ କଣ୍ଟାଦ୍ୱାରା ରାମ୍ପିବା—1. Scratching with nails or thorn. ୨। ରାମ୍ପୁଡ଼ାଚିହ୍ନ—2. Marks of scratching ବିଣ—ନଖଦ୍ୱାରା କ୍ଷତବିକ୍ଷତ—Scratched.
Rañchu(ñchhu)ṟdā
আঁচড়া
नोचना
আঁচড়
नोचनेका

ରାଞ୍ଚୁଡ଼ା(ଡ଼େ)ଇବା—ଦେ. କ୍ରି-ରାଞ୍ଚୁଡ଼ିବା କ୍ରିୟାର ପ୍ରଯୋଜକ ଆକାର—To cause to scratch.
Rañchurdā(rde)ibā
অন্যকেদিয়ে আঁচড়ান
नोचवाना

ରାଞ୍ଚୁ(ଞ୍ଛୁ)ଡ଼ିବା—ଦେ· କ୍ରି·—ରାଞ୍ଚିବା (ଦେଖ)
Rañchu(ñchhu)rdibā Rañchiba (See)

ରାଞ୍ଜ—ପ୍ର ଦେ—(ସମ୍ବଲପୁର ଓ ଅଠମଲ୍ଲିକ)—ରଞ୍ଜା (ଦେଖ)
Rāñj Rañjā (See)

ରାଟ୍—ସଂ. ବିଣ. ପୁଂ (ରାଜ୍ ଧାତୁ+କର୍ତ୍ତୃ କ୍ୱିପ୍=ରାଜ୍, ପ୍ରଥମା ଏକବଚନ; ଏ ଶବ୍ଦ ପ୍ରାୟଶଃ ଅନ୍ୟ ଶବ୍ଦପରେ ବ୍ୟବହୃତ ହୁଏ । ଯଥା—ସମ୍ରାଟ୍ ଦେବରାଟ୍, ବିରାଟ୍ ଇତ୍ୟାଦି ।) ୧ । ସମ୍ୟକ୍ ଶୋଭମାନ—1. Very bright. ୨ । ଶ୍ରେଷ୍ଠ—2. Eminent. ସଂ. ବି—ରାଜା—King.
Rāt

ରାଟ—ଦେ (ପଦ୍ୟ) ବି. ପୁଂ (ସଂ. ରାଜ ଶବ୍ଦ, ୧ମା. ୧ବ. ରାଟ୍)—
Rāṭa ରାଜା—King. (ଯଥା—କଂସରାଟ; ଜଳୁରାଟ ।)
राज [ଉ—କହେ ଅଷ୍ଟଦୁର୍ଗ-ଧରା-ରାଟ । କବିସୂର୍ଯ୍ୟ, ସଙ୍ଗୀତ ।]
राट ବିଣ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହେଲେ) — ଶ୍ରେଷ୍ଠ ବସ୍ତୁ ବା ବ୍ୟକ୍ତି—Excellent; eminent thing or person. [ଉ—ମାଳା କରିବାକୁ ସଜ୍ଜ କରାଟ, ଫିଙ୍ଗିଲ ମଣ୍ଡୁକି ପ୍ରାଜ୍ଞବରାଟ । କବିସୂର୍ଯ୍ୟ. କବିତା ।]

ରାଟଲ୍—ବୈଦେ. ବି (ଇଂ. ରାଟ୍‌ଲ୍ =ଖଡ଼ଖଡ଼ ଶବ୍ଦ)—ଆମେରିକାର
Rāṭal ବିଷଧର ବଡ଼ ସର୍ପ ବିଶେଷ—Rattle snake.
ରାଟଲ } ଅନ୍ୟରୂପ
ରାଟଲସାପ } [ବ୍ରୁ—ଏ ସାପ ଗଡ଼ି ଚାଲିବେଳେ ଏହାର ଲାଙ୍ଗୁଡ଼ ଅଗରେ ଥିବା ହାଡ଼ର ଖଣ୍ଡମାନ
রাটল राटल ରଟ ରଟ ଶବ୍ଦ କରେ ।]

ରାଟସିଂଘ(ହ)—ଦେ. ବି (ସଂ. ରାଜ ଓ ସିଂହ)—୧ । ରାଏଟ ସିଂହ,
Rāṭasingha(ha) କ୍ଷତ୍ରିୟଙ୍କ ବଂଶୋପାଧି ବିଶେଷ—1. A
রায়সিংহ family title of the Kshatriyas.
सिंह ୨ । ପୁରୀଜିଲ୍ଲା କୋଠଦେଶର ପ୍ରାଚୀନ କ୍ଷତ୍ରିୟ ଜମିଦାର (କମାପଡ଼ାବାସୀ) ବଂଶର ଉପାଧି—2. The family-title of the old Zamindar family of the Koṭhadeśa estate in the Puri district.

ରାଟି—ସଂ. ବି (ରଟ୍ ଧାତୁ=ଶବ୍ଦ କରିବା+ଇ)—୧ । ଯୁଦ୍ଧ,
Rāṭi ସଂଗ୍ରାମ—1. War; fight; battle. ୨ । ଖଗଳ ପକ୍ଷୀ; ହାଡ଼ଗିଳା ପକ୍ଷୀ; ଚରଳପକ୍ଷୀ—2. A kind of crane; the adjutant bird (a wading bird).

ରାଠ—ଦେ. ବିଣ. ସ୍ତ୍ରୀ (ଭୂଳ ସଂ. ରୂଢ଼, ବ୍ୟୁତ୍ପନ୍ନ)—୧ । କୃପଣ;
Rāṭha କଂଜୁସ୍—1. Miserly. ୨ । ନିଷ୍ଠୁର—
(ରାଠୁଆ—ଅନ୍ୟରୂପ) 2. Cruel. ଦେ. ବି. ପୁଂ—କୃପଣ
[ରାଠୀ, ରଠେ(ଠୋ)ଇ—ସ୍ତ୍ରୀ) ବ୍ୟକ୍ତି—A miser.
কংজুস कंजुस

ରାଠୋର—ଦେ. ବି (ସଂ. ରାଷ୍ଟ୍ରକୂଟ)—ରାଜପୁତମାନଙ୍କର ଶାଖା-
Rāṭhora ବିଶେଷ—A branch of the Rājputs. [ଉ
রাঠোর —ପ୍ରତିହାର, ପ୍ରମାରକ, ରାଠୋର, ଚୌହାନ-ନାମ-
राठोर ଧାରୀ କୁଳ ଶୂର ଯେଣେ ମହୀରେ । ରାଧାନାଥ, ମହାଯାତ୍ରା ।] [ବ୍ରୁ—ଏହା ଭାରତର ଏକ ପ୍ରସିଦ୍ଧ ରାଜବଂଶ । ଓଡ଼ିଶା ଗଡ଼ଜାତ ଦଶପଲ୍ଲାର ରାଜବଂଶ ରାଠୋର ବଂଶୀୟ ଥିବା କଥିତ ।]

ରାଡ଼(ଡ଼ୁ)ରାଡ଼ୁଆ—ଦେ. ବିଣ (ଧ୍ୱନ୍ୟନୁକରଣ)—ଚୋବାଇବା ପାଇଁ
Rārd(rdu)rardua କଠିନ (ବନ୍ଧୁବସ୍ତୁ; ଯଥା—ଗୁଆ,
চিবাতেশক্ত ବାଲିଗରଡ଼ା)—Rough to the taste.
राडराडुआ [ବ୍ରୁ—ବାଲି, ଗୁଣ୍ଡା ଆଦି ପାଟିକୁ ରାଡ(ଡ଼)-ରାଡୁ(ଡ଼ୁ) ଅ ଲାଗେ; କିନ୍ତୁ ତାଠାରୁ ବଡ଼ ଟାଣୁଆ ଜିନିଷ (ଯଥା—ଗୋଟାଗୁଆ, ବାଲିଗରଡ଼ା) ରାଡ଼୍‌ରାଡ଼ୁଆ ଲାଗେ ।]

ରାଢ଼—ଦେ. ବିଣ. ପୁଂ (ସଂ. ରଢ଼୍ ଧାତୁ=ଶବ୍ଦ କରିବା; ସଂ. ରାଢ଼
Rārda ଦେଶ=ଏ ଦେଶରେ ସାନ୍ତାଳ ଆଦି ଅସଭ୍ୟ ଜାତି
[ରାଢ଼ୀ, ରଢୁ(ଢ଼େ)ଣୀ—ସ୍ତ୍ରୀ] ଥିବାରୁ; ସଂ. ରୂଢ଼; ସଂ. ରାଷ୍ଟ୍ର=
রাড়, রাড়ুয়া, রেড়ো ଯୁକ୍ତ)—୧ । ବର୍ବର; ଅସଭ୍ୟ—
राड 1. Barbarian; uncivilized. ୨ । ଅଶିଷ୍ଟ; ଅଭଦ୍ର—2. Uncivil. ୩ । କୃପଣ—3. Miserly. ୪ । ଟାଣୁଆ; କଠିନ—4. Hard. ୫ । ନିଷ୍ଠୁର; ନିର୍ଦ୍ଦୟ—5. Cruel. ୬। କଠିନ ହୃଦୟ - 6. Hard-hearted. ୭ । ମୂଢ଼ ବା ଦୁଷ୍ଟ—7. Wicked. ଦେ. ବି—୧ । ବର୍ବର ବ୍ୟକ୍ତି—1. A barbarian. ୨ । ନିଷ୍ଠୁର ବ୍ୟକ୍ତି—2. A cruel person.

ରାଢ଼(ଢ଼) ଗୁ(ଗୋ)ଆଁର—ଦେ.ବି ଓ ବିଣ-୧। ଅତି ମୂର୍ଖ ଓ ନୀଚଜାତୀୟ
Rārda(rdha) gu(go)āñra ଲୋକ—1. A low-caste
ରାଡ଼(ଢ଼)ଚୁଆ(ହା)ଡ଼ } ଅନ୍ୟରୂପ
ରାଡ଼(ଢ଼)ଚୋଆ(ହା)ଡ଼ } person. ୨। ବର୍ବର ବା ଅସଭ୍ୟ ଲୋକ—2. A barbarian.
রাড় চোয়াড় (চুআড়), রাড় গোয়াঁর ୩ । ବଣୁଆ ଜଙ୍ଗଲି ଲୋକ—
राडगंवार 3. A person of an uncivilized or wild tribe.

ରାଡ଼ା—ଦେ ବିଣ. (ଧ୍ୱନ୍ୟନୁକରଣ)—ରାଡ଼ରାଡ଼ୁଆ (ଦେଖ)
Rārdā Rārd-rārduā (See)
(ରାଡ଼ୁଆ—ଅନ୍ୟରୂପ)

ରାଡିଅମ—ବୈଦେ. ବି. (ଇଂ)—ନୂତନ ଅବିଷ୍କୃତ ମୌଳିକ ଧାତୁ
Rādiam ବିଶେଷ; ରେଡିଅମ (ଦେଖ)—Radium;
রেড়িঅম राडियम Rediam (See)

ରାଡିଓ—ବୈଦେ. ବି. (ଇଂ)—ରେଡିଓ (ଦେଖ)
Rādio Redio (See)

ରାଢ଼(ଢ଼ି) ଧାନ—ଦେ. ବି. (ସଂ. ନୀବାର)—ଗ୍ରହାଡ଼; ବାଲୁଙ୍ଗା—
Rārdi(rdhi) dhāna Paddy plants growing from
উড়ী ধান, ঝড়া झड(डा)धान stray seeds.

ରାଡ଼ମା(ରା)ଡ଼ୁ—ଦେ ଅ.(ଧ୍ୱନ୍ୟନୁକରଣ)—ହାଡ଼ ଆଦିକୁ ଚୋବାଇବାର
Rārdumā(rā)rdu ବା ଚେଚେଟିବାର ଶବ୍ଦ—Grating sound of chewing bones.
কড়মড় (ଯଥା—କୁକୁର ହାଡ଼ ମାଉଁସକୁ ରାଡ଼ୁ ରାଡ଼
कडमड ଚୋବାଉ ଅଛି ।) [ରାଡ଼ୁ ମା(ରା)ଡ଼ୁ ଆ—ବିଣରୂପ] [ବ୍ରୁ—ରାଡ଼ୁ ମାଡ଼ୁ ଅପେକ୍ଷା ରାଡ଼ୁ ରାଡ଼ୁ କର୍କଶତର ।]

ରାଢ଼—ସଂ. ବି. (ରଢ୍ ଧାତୁ=ତ୍ୟାଗ କରିବା+କର୍ମ. ତ)—୧ । ଗଙ୍ଗା
Rārdha ନଦୀର ପଶ୍ଚିମରେ ଥିବା ବଙ୍ଗଦେଶର ଅଂଶ; ଗଙ୍ଗରାଷ୍ଟ୍ର —1. Part of Bengal to the west of the Ganges. (ଯଥା—ବର୍ଦ୍ଧମାନ, ମେଦିନୀପୁର, ହୁଗୁଳି ଆଦି ।) ୨ । ସୌନ୍ଦର୍ଯ୍ୟ—2. Beauty. ଦେ. ବିଣ — ରାଢ଼ (ଇତ୍ୟାଦି) (ଦେଖ)—Rārda (etc) (See) (ଉ—ମୁଁ ସ୍ନାନ ମନ୍ତ୍ର ପାସିଷ୍ଟ ରାଢ଼ ନାହିଁ ମୋର ଭାଗ୍ୟ ।

ଭକ୍ତଚରଣ. ମଥୁରାମଙ୍ଗଳ ।) ପ୍ରାଦେ. (ବାଲେଶ୍ୱର) ବ—ସାନ୍ତାଳ ପ୍ରଭୃତି ଜାତି ଜାତି—Aborigines, such as the Santhals. ପ୍ରାଦେ. (ଭଦ୍ରକ) ବ—ମାଛ ଧରିବା ପାଇଁ ବ୍ୟବହୃତ ଖୁବ ବଡ଼ ଖଇଞ୍ଚ—A big—sized contrivance of wicker work to catch fish with.

ରାଢ଼ ଦେଶ—ସ. ବ—ବଙ୍ଗ ପ୍ରଦେଶର ଗଙ୍ଗା ନଦୀର ପଶ୍ଚିମ ଦେଶ;
Rārdha desa (ଯଥା—ବର୍ଦ୍ଧମାନ, ହୁଗୁଳି, ବୀରଭୂମ, ବାଙ୍କୁଡ଼ା) Western Bengal consisting of Burdwan. Hughly, Birbhum and Bankura.

ରାଢ଼ପଣ—ଦେ. ବ—୧ । କଷ୍ଟରତା—1. Cruelty. ୨ । କଠିନତା;
Rārdha pana ଟାଣପଣ—2. Hardness. [ଭ୍—ରାଢ଼ର
कठिनता ପାଷାଣ ମୁଷ୍ଟା ସମାନ, ନ ମାନେ ରାଢ଼ପଣେ ଦାଢ଼ମୁନ ।
राढ़पन କବିସୂର୍ଯ୍ୟ. କବିତାକଲ୍ଲୋଳିନୀ ।] ୩ । କୃପଣତା—[ରାଢ଼ପଣିଆ(ଆଁ)—ଅନ୍ୟରୂପ] 3. Niggardliness.

ରାଢ଼ା (ଢ଼ୀ)—ସ. ବ. (ରାଢ଼+ଅ. ଈ)-୧ । ରାଢ଼ ଦେଶ (ଦେଖ)
Rārdhā(rdhi) Rārdha desa (See)
୨ । ଶୋଭା; ସୌନ୍ଦର୍ଯ୍ୟ—2. Beauty. ୩ । ପ୍ରାଚୀନ ନଗରୀ ବିଶେଷ—3. Name of an ancient city.

ରାଢ଼ି—ଦେ. ବ—୧ । ଅସ୍ପୃଶ୍ୟ ଚଣ୍ଡାଳ ଜାତି ବିଶେଷ—1. A low
Rārdhi class of untouchables treated as
हलेबागदी falling under the same category
मल्लाह as the sweepers.
୨ । ଏକ ଜାତୀୟ କେଉଟ (ଏମାନେ କେବଳ ଚୁଡ଼ା କୁଟନ୍ତି; ମାଛ ଧରନ୍ତି ନାହିଁ)—2. A class of makers of churdā.

ରାଢ଼ି (ଢ଼ୁ,ଢ଼େ)ଣୀ—ଦେ. ବଣ. ସ୍ତ୍ରୀ—୧ । ଦୁଷ୍ଟା (ସ୍ତ୍ରୀ)—1. Wic-
Rārdhi(rdhu,rdhe)ni ked (woman). [ଭ—ଦୁଷ୍ଟ
[ରାଢ଼େ(ଢ଼ୋ)ଈ—ଅନ୍ୟରୂପ] କୁଳେ କଳଙ୍କ ଭୁ କୁହୁଳ ରାଢ଼େଣୀ
राढ़नी ପ୍ରତାପ—ଶଶିସେଣା ।] ୨ । ମୂଢ଼ା—2. Devoid of good sense (said of a woman). ୩ । ନୀଚା; ନୀଚ; ଅଧମା—3. Ignoble; low; mean (woman). ୪ । କୃପଣା—4. Miserly (woman). ୫ । ନିଷ୍ଠୁରା—5. Cruel (woman). [ଭ—ଅଗ୍ନି ଜାଳନ୍ତେ ଅମ୍ବିଳ ରାଢ଼େଣୀ, ଅନେକ ଯାଳେ ନ ଡାକିଲା ପାଣି । ପ୍ରତାପ. ଶଶିସେଣା ।] ୬ । ଭାଗ୍ୟହୀନା—6. Unfortunate; wretched.
[ରାଢ଼ି(ଢ଼ୁ,ଢ଼େ)ଣୀ—ଅନ୍ୟରୂପ] (woman).

ରାଢ଼ୀ—ସ. ବଣ.—(ରାଢ଼+ଇନ୍ ୧ମା. ୧ବ.)—୧ । ରାଢ଼ ଦେଶବାସୀ
Rārdhi 1. Inhabiting or belonging to wes-
(ରାଢ଼ୀୟ—ଅନ୍ୟରୂପ) tern Bengal. ୨ । ରାଢ଼ ଦେଶୀୟ—2. Pertaining to the Rārdha country. ୩ । ବଙ୍ଗୀୟ ବ୍ରାହ୍ମଣ ଓ କାୟସ୍ଥମାନଙ୍କର ଶାଖା ବିଶେଷର—3. Belonging to respective divisions of Brāhmaṇas and Kāyasthas of Bengal. [ଦ୍ର—ବଙ୍ଗୀୟ ବ୍ରାହ୍ମଣ ଓ କାୟସ୍ଥମାନେ ବଲ୍ଲାଲସେନଙ୍କ ଦ୍ୱାରା କାନ୍ୟକୁବ୍ଜରୁ ଆନୀତ ହୋଇ ରାଢ଼ ଦେଶରେ ବସତି ସ୍ଥାପନ କରିଥିଲେ ଓ ତଦବଧି ଏମାନେ 'ରାଢ଼ୀୟ' ନାମରେ ଖ୍ୟାତ । ବ୍ରାହ୍ମଣ ଓ କାୟସ୍ଥମାନଙ୍କର ଏହି ରାଢ଼ୀୟ ଶାଖା ପୁଣି ଉତ୍ତର ରାଢ଼ୀ ଓ ଦକ୍ଷିଣ ରାଢ଼ୀ ଉପଶାଖାରେ ବିଭକ୍ତ ।] ୪ । ରୂଢ଼; କର୍କଶ—4. Coarse; hard.

ରାଣ—ସ. ବ.—(ରଣ୍ ଧାତୁ=ଶବ୍ଦ କରିବା+ଅ)—୧ । ମୟୂରପୁଚ୍ଛ—
Rāṇa 1. Peacock's tail. ୨ଦେ. ବ.—(ସ. ରାଜନ; ପ୍ରା. ରାଣ)—(ପଦ୍ୟ)—୧ । ଅନେକଙ୍କ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତି—1. Chief person amongst many. [ଭ—ତୁ ବିନା ମୋର ପ୍ରାଣ । ରମଣୀଗଣ ରାଣ—କବିସୂର୍ଯ୍ୟ ସଙ୍ଗୀତ ।] ୨ । (ପଦ୍ୟ) (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ,ଯଥା—ନୃପରାଣ=ନୃପଶ୍ରେଷ୍ଠ; ରାଜନ୍ ଶବ୍ଦ ପ୍ରା.ରାଣ.) ଅଧିପତି; ରାଜା—2. King; Lord. (ଭ—ତାହାଙ୍କ ଆଜ୍ଞା ଦେଲେ ବ୍ୟାସ ଋଷିରାଣ । କୃଷ୍ଣସିଂହ. ମହାଭାରତ. ଆଦି । ୩ । (ପଦ୍ୟ) ରାଜା—3. King (ଯଥା—ସୁରରାଣ, ନରରାଣ ଜନ୍ତୁରାଣ ।) [ଭ—ଦଣ୍ଡେ ନମିଷେ ଥିଲେ ପ୍ରାଣ, ନ ନେଇ ପାରେ ଜନ୍ତୁ ରାଣ । ଜଗନ୍ନାଥ. ଭାଗବତ ।] ୪ । (ପୂର୍ବେ ରାଜାଙ୍କ ନାମ ଉଚ୍ଚାରଣ ପୂର୍ବକ ଶପଥ କରା ଯାଉଥିବାରୁ)
दिब्बी(ब्बि) ଶପଥ; ଦିବ୍ୟ—4. An oath (by taking the
कसम, रान name of a person or Deity).
[ଭ—ଥିଲା ପରି ସ୍ନେହ ଲଳିତା ନ କହ ଅଛୁଟି ତୋତେ ମୋ ରାଣ । କବିସୂର୍ଯ୍ୟ. କଳୋଲାରମ୍ଭ. 'ଥ' ଗୀତ ।] [ଦ୍ର—ସେଉଁ ଲୋକଙ୍କ ବା ରାଜାଙ୍କ ବା ଦେବତାଙ୍କ ନାମ ଧରି ଶପଥ କରିବାକୁ ହୁଏ ସେହି ସେହି ବ୍ୟକ୍ତି ଆଦିଙ୍କ ସଙ୍ଗେ ୬ଷ୍ଠୀ ବିଭକ୍ତି ଯୋଗ କରାଯାଏ, ଯଥା—ମୋ ରାଣ, ବାପାଙ୍କ ରାଣ, ବାପଙ୍କ ରାଣ, ସରସ୍ୱତୀଙ୍କ ରାଣ ରାଜାଙ୍କ ରାଣ ।]

ରାଣ ଖାଇବା—ଦେ. କ୍ରି—୧ । କାହେ ଈଶ୍ୱରଙ୍କ ନାମ ଧରି କୌଣସି
Rāṇa khāibā ପୂର୍ବକଥିତ ବିଷୟ ସତ୍ୟ ବୋଲି କହିବା; ହଲପ କରିବା—1. To say a
दिब्बि करा(खाना) thing on oath. ୨ । ଶପଥ ପୂର୍ବକ
शपथ(रान)खाना ଅଙ୍ଗୀକାର କରିବା ବା ସତ୍ୟ କରିବା—2. To promise to do a thing on oath.

ରାଣ ଦେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ଶପଥ ପୂର୍ବକ ଅନୁରୋଧ
Rāṇa debā କରିବା—To request a person in the
दिब्बि देओया name of a Deity or beloved person.
शपथ(रान)देना [ଭ—ମୋର ନିକଟକୁ ନ ଆସ, ଭୁମ୍ଭକୁ ଦେଉଅଛୁ ରାଣ । ପ୍ରାଚୀ. କାର୍ତ୍ତିକ ମାହାତ୍ମ୍ୟ ।]

ରାଣ ଦେଲା ପରି—ଦେ. କ୍ରି. ବଣ—ଦେବତାଙ୍କ ନାମ ଧରି କୌଣସି
Rāṇa delā pari ବ୍ୟକ୍ତିକୁ କୌଣସି ବିଷୟରୁ ନିବର୍ତ୍ତାଇଲେ
दिब्बियेमेने ସେ ଯେଉଁ ରାଣ ମାନି କରି ନିବୃତ୍ତ ହେବା ଭଳି—

रान् देनेकी तरह As if bound by oath.
(ରାଣ ମାନିଲା ପରି—ଅନ୍ୟରୂପ) (ଯଥା—ଏଡ଼ାପାନେ ଓଷଧରେ ମୋ ପେଟଚଣା ରାଣ ଦେଲା ପରି ବନ୍ଦ ହୋଇଗଲା ।)

ରାଣ ନିୟମ—ଦେ. ବି. (ସହଚର)—ଶପଥ—
Rāṇa niyama दिव्य **रानतन** Oath.

ରାଣ ନିୟମ ଖାଇବା—ଦେ. କ୍ରି—ରାଣ ଖାଇବା (ଦେଖ)
Rāṇa niyama khāibā Rāṇa khāibā (See)
दिव्या करा **रानतन खाना**

ରାଣ ପକା(କେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କ ବା
Rāṇa pakā(ke)ibā ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବକ
दिव्यि देओया ଶପଥ କରିବା—1. To take an oath; to
शपथ(रान)करना(खाना) swear by the name of a person or Deity. ୨ । ଶପଥ ପୂର୍ବକ କୌଣସି ବ୍ୟକ୍ତିକୁ କିଛି କାର୍ଯ୍ୟ କରିବାକୁ ଅନୁରୋଧ କରିବା—2. To request a person on oath. (ଉ—ଗୋଟିଏ ଗୋଟିଏ ଅଳ୍ପ କଥାକୁ କୋଟିଏ ପକାଏ ରାଣ ଗୋ । କବିସୂର୍ଯ୍ୟ. ସଙ୍ଗୀତ ।)
[ବି—ନିମ୍ନଲିଖିତ ଉପଲକ୍ଷରେ ରାଣ ପକାଇବାକୁ ହୁଏ—୧ । ସୂଚିତ କରି ସତ୍ୟ କହିବା (ରାଣ ଖାଇବା); ୨ । କୌଣସି ବ୍ୟକ୍ତିକୁ କୌଣସି କାର୍ଯ୍ୟ କରିବାକୁ ଅନୁରୋଧ କରିବା (ରାଣ ଦେବା, ରାଣ ପକାଇବା); ୩ । କୌଣସି ବ୍ୟକ୍ତିକୁ କୌଣସି କାର୍ଯ୍ୟ କରିବାରୁ ବିରତ ହେବାକୁ ଅନୁରୋଧ କରିବା (ରାଣ ଦେବା, ରାଣ ପକାଇବା); ୪ । ନିଜେ ଭବିଷ୍ୟତରେ କୌଣସି କାର୍ଯ୍ୟ ନ କରିବାକୁ ସତ୍ୟ ପ୍ରତିଜ୍ଞା କରିବା (ରାଣ ଖାଇବା) ।]

ରାଣ ବେଲି—ଦେ. ବି. (ବୈଦ୍ୟକ)—ଅରଣ୍ୟ ବୃକ୍ଷବିଶେଷ—
Rāṇa beli A medicinal wild plant.
[ବି—ଏହାର ମୂଳର କ୍ୱାଥ ବା ଚୂର୍ଣ୍ଣ ବିଷଦୋଷ, କୃମି, କୁଷ୍ଠବିକାର, ଉପଦଂଶ, ବ୍ରଣ ଓ ବାତ ରୋଗ ନିବାରଣ କରେ; ଏହା ବମନ ଓ ବିରେଚନ କରାଏ—ଦ୍ରବ୍ୟଗୁଣ. କଳ୍ପଦ୍ରୁମ ।]
[ରାଅ(ହା)ଣ ବେଲି—ଅନ୍ୟରୂପ]

ରାଣ ମାନିବା—ଦେ.କ୍ରି—ଶପଥକୁ ଲଙ୍ଘନ ନ କରିବା; ଶପଥକୁ ମାନ୍ୟକରି
Rāṇa mānibā କାର୍ଯ୍ୟ କରିବା—To obey or
दिव्यिमाना **शपथ(रान)मानना** respect on oath.

ରାଣା—ଦେ. ବି. (ସଂ. ରାଜନ୍; ପ୍ରା. ରାଣ)—୧ । ରାଜପୁତ
Rāṇā ରାଜାଙ୍କର ଉପାଧି ବିଶେଷ—1. A title prefix-
राणा ed to the name of Rajput kings.
राणा [ବି—ଏହା ନାମ ପୂର୍ବରେ ଯୁକ୍ତ ହୁଏ; ଯଥା—
(ରାଣୀ—ସ୍ତ୍ରୀ) ରାଣା ପ୍ରତାପ ସିଂହ, ରାଣା ସଂଗ୍ରାମ ସିଂହ ।] ୨ । ରାଜପୁତାନା ଅନ୍ତର୍ଗତ ମିବାର ରାଜ୍ୟର ରାଜାମାନଙ୍କ ଉପାଧି—2. The title of the kings of Mewar.

ରାଣାଡ଼େ—ଦେ. ବି. (ନାମ)—(ମରହଟ୍ଟା ବ୍ରାହ୍ମଣମାନଙ୍କ ବଂଶୋପାଧି
Rāṇāḍe ବିଶେଷ; ଏହାଙ୍କ ପୂରା ନାମ:) ଗୋବିନ୍ଦ ମହାଦେବ
রাণাড়ে ରାଣାଡ଼େ—A family title amongst the
रानडे Marhatta Brahmaṇas and specially mentioned to denote the late Mahadev Govind Ranade. [ବି—ଏହାଙ୍କ ଜନ୍ମ ଖ୍ରୀ.୧୮୪୨ ମୃତ୍ୟୁ ଖ୍ରୀ.୧୯୦୧ । ଏ ଜାତିରେ ମହାରାଷ୍ଟ୍ରୀୟ ବ୍ରାହ୍ମଣ । ଏ ଇଂରାଜୀ ଶିକ୍ଷା ଲାଭ କରି ଉଚ୍ଚତମ ଉପାଧି ଏମ୍. ଏ. ଓ ଅନ୍ୟାନ୍ୟ ଉପାଧି ପାଇ କେତେକ ଦିନ ସରକାରୀ ଅନୁବାଦକ, ପରେ ପୁନାର କଲେଜରେ ଅଧ୍ୟାପକ ଓ ପରେ ସବ୍‌ଜଜ୍ ହୋଇ ଶେଷରେ ବମ୍ବେ ହାଇକୋର୍ଟରେ ଜଜ୍ ହୋଇଥିଲେ । ଏହାଙ୍କର ପ୍ରତିଭା ସର୍ବତୋମୁଖୀ ଥିଲା । ସମାଜ ସଂସ୍କାର, ଦେଶହିତ ସାହିତ୍ୟ, ଇତିହାସ, ବିଜ୍ଞାନ, ରାଜନୀତି, ଅର୍ଥନୀତି ଆଦି ସବୁ ବିଷୟରେ ଏ ବିଶେଷ ପାରଙ୍ଗମ ଥିଲେ ।]

ରାଣୀ—ଦେ. ବି. ସ୍ତ୍ରୀ (ସଂ. ରାଜ୍ଞୀ; ପ୍ରା. ରାଣୀ)—୧ । ରାଜ୍ଞୀ;
Rāṇi ରାଜପତ୍ନୀ; ରାଜମହିଷୀ—1. Queen. ୨ । ରାଜ୍ଞୀଙ୍କ
রাণী ପରି ଐଶ୍ୱର୍ଯ୍ୟଶାଳିନୀ ସ୍ତ୍ରୀ—2. A lady rolling in
रानी happiness and prosperity like a queen. ୩ । ସ୍ତ୍ରୀ ଲୋକଙ୍କ ନାମ—3. A name given to women. ୪ । (ସମ୍ମାନ ବା ସ୍ନେହ ସମ୍ବୋଧନରେ ସ୍ତ୍ରୀମାନଙ୍କ ପ୍ରତି ବ୍ୟବହୃତ—4. A term of endearment used to females. ୫ । ରାଣାଙ୍କ ସ୍ତ୍ରୀ—5. The wife of a Rāṇā.

ରାଣୀ କଙ୍କଡ଼ା—ଦେ.ବି-ଚିଲିକାରେ ମିଳୁଥିବା ଏକପ୍ରକାର ବଡ଼ କଙ୍କଡ଼ା-
Rāṇi kankarḍā A kind of crab found in the
বড কাঁকড়া Chilka lake of the Puri district in
बडा कंकडा Orissa.

ରାଣୀ ଗଞ୍ଜ—ଦେ ବି—ବର୍ଦ୍ଧମାନ ଜିଲ୍ଲାର ସବ୍‌ଡିଭିଜନ ଓ ନଗର—
Rāṇi ganja A subdivision and a town;
রাণীগঞ্জ Burdwan in Bengal. [ବି—ଏଠାରେ
रानीगंज ଅନେକ କୋଇଲାଖଣି ଅଛି ।]

ରାଣୀ ଗୁମ୍ଫା(ହା)—ଦେ.ବି (ନାମ)—ଭୁବନେଶ୍ୱର ନିକଟସ୍ଥ ଉଦୟଗିରି
Rāṇi gumphā(hā) ପାହାଡ଼ରେ ବହୁ ପ୍ରକୋଷ୍ଠମୟ ଦ୍ୱିତଳ-
ରାଣୀହଂସପୁର } ବିଶିଷ୍ଟ ଖୋଦିତ ଗୁମ୍ଫା—Name of
{ ଅନ୍ୟରୂପ a cluster of caves in the
ରାଣୀନବର Udayagiri hills of the Puri
রাণীগুম্ফা district in Orissa, consisting of two
रानीगुफा storied caves carved in the rock.

ରାଣୀ ଦାନ୍ତକାଠି—ଦେ. ବି—ସିଧା ସଳଖ ବନ୍ୟ ଗୁଳ୍ମ ବିଶେଷ
Rāṇi dāntakaṭhi (ଉଚ୍ଚତା ୧୦ ଫୁଟ । ଏହାର ଫୁଲ ଧଳା)—Flemingia Chapper (plant) Flemingia Paniculata.

ରାଣୀ ମା(ମାଅ)—ଦେ. ବି—୧ । ରାଜମାତା—1. Queen-mother. ୨ । (ସମ୍ମାନାର୍ଥକ) ବଡ଼ ଲୋକଙ୍କ ସ୍ତ୍ରୀଙ୍କ ପ୍ରତି ସମ୍ବୋଧନ—2. A term of endearment addressed to rich ladies. ୩ । ରାଣୀ ନାମ୍ନୀ ବାଳିକାର ମାତା—3. Mother of a girl named Rāṇi.
Rāṇi mā(māā)
রাণীমা
रानीमा

ରାଣୀ ସେରା—ପାଦେ (ଗଡ଼ଜାତ) ବି—ଓଡ଼ିଶାର ଗଡ଼ଜାତମାନଙ୍କ ଜଙ୍ଗଲରେ ଥିବା ଗୁଳ୍ମବିଶେଷ—Canthium Glabrum (plants) (Haines)
Rāṇi serā

ରାଣୀ ହଂସପୁର—ଦେ. ବି—ଭୂଅସ; ରାଜାନ୍ତଃପୁର; ଯେଉଁଠାରେ ରାଣୀ ବାସ କରନ୍ତି—The queen's apartments; the Rājāh's harem. [ଉ—ରାଣୀ ହଂସପୁରରେ ପ୍ରବେଶୁଁ ବାରତା, କମ୍ପିଲ ରାଣୀଙ୍କ ସର୍ବଗାତ୍ର । ନନ୍ଦକିଶୋର. କୃଷ୍ଣକୁମାରୀ ।]
Rāṇi haṃsapura
অন্তঃপুর; রাণীমহল
रानीमहल

ରାଣ୍ଠ—ଦେ. ବିଣ ପୁଂ ଓ ସ୍ତ୍ରୀ (ସ. ବ୍ୟଯ୍କୁଣ୍ଠ)—କୃପଣ—Miserly; close-fisted.
Rānṭha
[ରାଣ୍ଠ(ଣ୍ଠୁ)ଅ—ଅନ୍ୟରୂପ] (ରାଣ୍ଠୀ, ରାଣ୍ଠେ(ଣ୍ଠୋ)ଇ—ସ୍ତ୍ରୀ]
কৃপণ कंजुस

ରାଣ୍ଠିରୁଣ୍ଠି ହେବା—ଦେ. କି. ବିଣ (ସ. କୁଣ୍ଠିତ)—୧ । ଧନ ବ୍ୟୟ କରିବାକୁ କୁଣ୍ଠିତ ହେବା—1. To shrink from spending money. ୨ । କୌଣସି କାର୍ଯ୍ୟ କରିବାକୁ କୁଣ୍ଠିତ ହେବା ବା ପଶ୍ଚାତ୍ପଦ ହେବା—2. To show aversion to do a thing.
Rānṭhirunṭhi hebā
(ରାଣ୍ଠିହେବା—ଅନ୍ୟରୂପ)
কুণ্ঠিতহওয়া
सकुचाना

ରାଣ୍ଡ—ଦେ. ବି. ସ୍ତ୍ରୀ (ସ ରଣ୍ଡା)—୧ । ବିଧବା—1. Widow. [ଉ—ସେ କାଳରେ ସହିଯୁ ବୁଝିବ ଏ ରାଣ୍ଡ ହେଲେ, କୃଷ୍ଣସିଂହ. ମହାଭାରତ. ଅଦ ।] ୨ । (ହିନ୍ଦି ଓ ବଙ୍ଗଳାରୁ ଏ ଅର୍ଥରେ ଏ ବ୍ୟବହାର ଅନୁକୃତ) ବେଶ୍ୟା—2 Prostitute.
Rāṇḍa
রাঁড়, রাণ্ড
रायड, रण्डी, राण्डि
ଅହ୍ରଅ } ପ୍ରଥମ ଅର୍ଥର ବିପରୀତ ଅର୍ଥବୋଧକ]
ଅଜ୍ଞ୍ୟ }
୩ । (ହିନ୍ଦି ଓ ବଙ୍ଗଳାରୁ ଅନୁକୃତ) ରକ୍ଷିତା ସ୍ତ୍ରୀ—3 Kept woman; concubine; a mistress. ୪ । ଅଶ୍ରୟବିହୀନା ସ୍ତ୍ରୀ—4. A helpless woman. ବିଣ—୧ । ଯାହାଙ୍କ ସ୍ୱାମି ବିୟୋଗ ଘଟିଅଛି—1. Widowed (woman). ୨ । ଭୂଷଣହୀନ ଅଳଙ୍କାରବିହୀନା (ସ୍ତ୍ରୀ)—(a woman) Shorn or destitute of ornaments. ବି. ପୁଂ—(ବିଧବା ପରି) ସର୍ବସମ୍ପତ୍ତିବିହୀନ—Shorn of all property (said of a destitute person who is compored to a widowed woman). [ଉ—ଅମ ଦେଶରେ ହିନ୍ଦୁସମାଜର ସ୍ତ୍ରୀମାନଙ୍କୁ ପ୍ରଧାନ ଗାଳି 'ତୁ ରାଣ୍ଡ ହୋ' । ହିନ୍ଦୁ ସ୍ତ୍ରୀ ପକ୍ଷରେ 'ମର ଯା' ଗାଳି ଅପେକ୍ଷା 'ରାଣ୍ଡ ହୋ' ଗାଳି ବେଶି ହୃଦୟ-ବିଦାରକ ।]

ରାଣ୍ଡ ଅଣ୍ଠୁକୁଡ଼ୀ—ଦେ. ବି.ସ୍ତ୍ରୀ. (ଗାଳି)—ଅଶାଶ୍ୱ; ପତି ଓ ସନ୍ତାନହୀନା ସ୍ତ୍ରୀ—A childless widow; a barren widow.
Rāṇḍa āṇṭhukurḍi
রাঁড় বালতী, রাঁড় আঁটকুড়ী
रायड निपूती

ରାଣ୍ଡ ଉପରେ ଷଣ୍ଢ ହେବା ନ୍ୟାୟ—ଦେ. ପ୍ରବଚନ—ଜନୈଶ୍ରୟ ବିଧବା ଉପରେ ଅତ୍ୟାଚାର ପୂର୍ବକ ଆପଣାର ପରାକ୍ରମ ଦେଖାଇବା ନ୍ୟାୟ—Like a person by showing off his prowess by oppressing a helpess widow.
Rāṇḍa upare shaṇḍha hebā nyāya
নরমের যম
रांडके उपर सांढ बनना

ରାଣ୍ଡ କରିବା—ଦେ. କି—୧ । ଅପେ ମୃତ ହେବା ଦ୍ୱାରା ଆପଣା ସ୍ତ୍ରୀର ବୈଧବ୍ୟ ଘଟାଇବା—1. To cause the widowhood of one's wife by one's death. ୨ । ସ୍ୱାମୀକୁ ବଧ କରି ବା ସ୍ୱାମୀର ମୃତ୍ୟୁର କାରଣ ହୋଇ ସ୍ତ୍ରୀକୁ ବିଧବା କରାଇବା—2. To cause the widowhood of a women by bringing about the death of her husband. ୩ । ସ୍ୱାମୀ ମୃତ ହେବା ପରେ ସ୍ତ୍ରୀ ହାତରୁ ଖଡ଼ୁ ଅଦ କାଢ଼ିବା (ଏ କାର୍ଯ୍ୟ ଭଣ୍ଡାରୁଣୀ ବା ପଣ୍ଡା କରେ)—3. To take away the bracelets off the hands of a woman who has just lost her husband. ୪ । ତୁ 'ରାଣ୍ଡ ହୋ' ବୋଲି କୌଣସି ସଧବା ସ୍ତ୍ରୀକୁ ଗାଳି ଦେବା—4. To invoke the curse of widowhood on a woman. ୫ । କୌଣସି ଲୋକର ସର୍ବସ୍ୱ ହରଣ କରିବା—5. To deprive a person of everything he had. ୬ । କନ୍ୟା ଅଙ୍ଗରେ ଅଳଙ୍କାରାଦି ନ ଦେଇ ସେ ବିଧବା ପରି ଦେଖାଯିବା ଭଳି କରିବା—6. To cause a girl to look like a widow by not supplying her with ornaments to wear. ୭ । (ସ୍ୱାମୀ ପକ୍ଷରେ) ସ୍ତ୍ରୀକୁ କରାଶ୍ରୟା କରି ଛାଡ଼ିବା—7. (said of a husband) To forsake one's wife. (ଉ—ଅନେକେ ରାଣୀ ରାଣ୍ଡ କରିଗଲୁ, ଏକା ଯୋଗିଅଣୀ ପାଇଁ । ଗୋବିନ୍ଦଚନ୍ଦ୍ର ଗୀତ ।)
Rāṇḍa karibā
রাঁড় করা
रांड करना

ରାଣ୍ଡ ଛେଉଣ୍ଡ—ଦେ. ବି—୧ । (ସ୍ତ୍ରୀ) ପିତାମାତୃହୀନା ବିଧବା—1. An orphan widow. ୨ । (ପୁଂ ଓ ସ୍ତ୍ରୀ) ନିରାଶ୍ରୟ ପିତୃମାତୃହୀନ ବ୍ୟକ୍ତି—2. A helpless orphan.
Rāṇḍa chheuṇḍa
রাঁড় বালতী
रांड टुगर
[ରାଣ୍ଡ(ଣ୍ଡୀ)ଛେଉଣ୍ଡୀ—ସ୍ତ୍ରୀ]

ରାଣ୍ଡ ଝି(ଝୁ)ଅ—ଦେ. ବି—୧ । ବିଧବା କନ୍ୟା—1. A widow daughter. ୨ । ବିଧବା ବାଳିକା—2. A widow girl. ୩ । କରାଶ୍ରୟା ପତିହୀନା ସ୍ତ୍ରୀ—3. A poor and helpless widow.
Rāṇḍa jhi(jhu)a
বিধবার মেয়ে रायडकी बेटी
বিধবা মেয়ে
रांडकी लडकी

୪ । ନିରାଶ୍ରୟା ବିଧବାର (ନିରାଶ୍ରୟା) କନ୍ୟା—
4. The helpless daughter of a helpless widow.

ରାଣ୍ଡ ଧନ—ଦେ. ବି—ବିଧବା ଦ୍ୱାରା ବହୁ କଷ୍ଟରେ ସଞ୍ଚିତ ଅର୍ଥ
Rāṇḍa dhana (ଯାହା ତାହାର ନିରାଶ୍ରୟ ଅବସ୍ଥାର ସମ୍ବଳ)-
বিধবার ধন, রাঁড়ের পুঁজী A widow's savings (which
रांडका धन are her last resort).

ରାଣ୍ଡବାଜ୍—ଦେ. ବିଣ—ରଣ୍ଡିବାଜ୍ ଦେଖ)
Rāṇḍabāj Randibāj (See)
রাঁড়বাজ, রাঁড়খোর **रांडबाज** (ରାଣ୍ଡ ବାହୁଣୀ—ଗ୍ରାମ୍ୟରୂପ)

ରାଣ୍ଡ ବାଜି—ଦେ. ବି—ରଣ୍ଡି ବାଜି (ଦେଖ)
Rāṇḍa bāji Randibāji (See)
রাঁড়বাজী **रांडबाजी**

ରାଣ୍ଡ ବିଭା(ହା)—ଦେ. ବି. (୬ଷ୍ଠୀ ତତ୍)—ବିଧବା ବିବାହ; ବିଧବାର
Rāṇḍa bibhā(hā) ପତ୍ୟନ୍ତର ଗ୍ରହଣ—(ironical) Widow
বিধবা বিবাহ **रांड बयाह** marriage.
[ରାଣ୍ଡ ବା(ବୋହା, ରାଣ୍ଡ ଉଆ—ଗ୍ରାମ୍ୟରୂପ]

ରାଣ୍ଡ ବ୍ରାହ୍ମଣୀ—ଦେ. ବି—ରାଣ୍ଡୀ ବ୍ରାହ୍ମଣୀ; ବ୍ରାହ୍ମଣ ବିଧବା—
Rāṇḍa brāhmaṇī A Brahmana's widow.
বিধবা ব্রাহ্মণী **रांड बामनी** (ରାଣ୍ଡବାହୁଣୀ—ଗ୍ରାମ୍ୟରୂପ)

ରାଣ୍ଡ ଭାଣ୍ଡ—ଦେ. ବି. ଗାଳି (ସହଚର)—ନଷ୍ଟଚରିତ୍ରା ବିଧବା—
Rāṇḍa bhāṇḍa A widow of loose character.
নষ্টা বিধবা **रांड भांड**

ରାଣ୍ଡ ମାଇପ(ପି)—ଦେ. ବି—୧ । ବିଧବା ସ୍ତ୍ରୀ—1. A widow.
Rāṇḍa māipa(pi) ୨ । ନିରାଶ୍ରୟା ବିଧବା—2. A help-
বিধবা মেয়ে, রাঁড় মানুষ **रांड स्त्री** less widow.
(ରାଣ୍ଡମାଇପେ—ବହୁବଚନ)

ରାଣ୍ଡର କିଆଁ ଆଇଁଷର(ରେ) ଚିନ୍ତା—ଦେ. ରଗ—(ବିଧବା ସ୍ତ୍ରୀ ପକ୍ଷରେ
Rāṇḍara kiāṅ āiṅshara(re) chintā ଆମିଷ ଭୋଜନ
রাঁড়ের কেন আমিষের চিন্তা ନିଷିଦ୍ଧ । ଏପରି ସ୍ଥଳରେ ବିଧବାର ଆମିଷ
रांडके काहे आमिसकि फिक्र ସମ୍ବନ୍ଧୀୟ ଚିନ୍ତା କରିବା ଆବଶ୍ୟକ
ନାହିଁ । ଯେଉଁ ବିଷୟରେ କାହାର ସ୍ୱାର୍ଥ ବା ସମ୍ପର୍କ ନ
ଥାଏ ସେ ବିଷୟ ସେ ଚର୍ଚ୍ଚା କଲେ ଏ ପ୍ରବଚନ
ବୋଲାଯାଏ)—ନିଜର ସମ୍ପର୍କ ବା ସ୍ୱାର୍ଥ ନ ଥିବା ବିଷୟରେ
ଚିନ୍ତା କରିବା—A saying applied to a person
taking interest in a matter in which he
has no concern (like a widow taking
interest in animal food which is a
prohibited food to her.)

ରାଣ୍ଡ ରଖିବା—ଦେ. କ୍ରି (ବଙ୍ଗଳା ଓ ହିନ୍ଦୀରୁ ଅନୁକୃତ)—୧ । ବିବାହ
Rāṇḍa rakhibā ନ କରି କୌଣସି ସ୍ତ୍ରୀକୁ ପତ୍ନୀରୂପେ ଭୋଗ
রাঁড়রাখা କରିବା—1. To entertain a mistress or
रांड रखना concubine. ୨ । ବେଶ୍ୟା ରଖିବା—2. To keep
a prostitute. ୩ । କୌଣସି ବିଧବାକୁ ସ୍ତ୍ରୀରୂପେ
ରଖିବା—3. To live with a widow as
husband and wife.

ରାଣ୍ଡର ପୁଅ—ଦେ. ବି (ଗାଳି)—ନିରାଶ୍ରୟା ବିଧବାର ସନ୍ତାନ,
Rāṇḍara pua ବିଧବା ସ୍ତ୍ରୀର ଅବୈଧ ସନ୍ତାନ—
রাঁড়ের ছেলে Child of a poor widow or a child
रांडका लडका conceived during widowhood.

ରାଣ୍ଡ ସଭା—ଦେ. ବି (ଉପାଧିକ)—୧ । ଯେଉଁଠାରେ ରାଣ୍ଡମାନଙ୍କ
Rāṇḍa sabhā ଆଧିପତ୍ୟ ବା ନେତୃତ୍ୱ ଥାଏ—1. A place
রাঁড়ের সভা where widows have mastery. ୨ ।
रांड सभा ଯେଉଁଠାରେ ପୁରୁଷ ଅଭିଭାବକ ନ ଥିବା ସ୍ତ୍ରୀମାନଙ୍କ କର୍ତ୍ତୃତ୍ୱ
ଯୋଗୁଁ ଅଶୃଙ୍ଖଳ ବ୍ୟବହାରାଦି ଉଦ୍ଦାମ ହେବାର
ଦେଖାଯାଏ—A place where there is no
decorum or regulation due to there
being no male master.

ରାଣ୍ଡ ହାତ—ଦେ. ବି—ବଳୟ ଓ ଭୂଷଣବର୍ଜିତ (ସ୍ତ୍ରୀଲୋକର) ହସ୍ତ—
Rāṇḍa hāta (woman's) Hand devoid or
রাঁড়হাত shorn of bracelets. [ଦ୍ର—ହିନ୍ଦୁ ସମାଜରେ ସ୍ତ୍ରୀ
रांडहात ବିଧବା ହେଲେ ପ୍ରଥମେ ତାହା ହାତରୁ ଶଙ୍ଖ ବା କାଚ ବା
ଖଡ଼ୁ କଢ଼ାଯାଏ ।]

ରାଣ୍ଡ ହେବା—ଦେ. କ୍ରି—୧ । ସ୍ୱାମୀର ମୃତ୍ୟୁ ଘଟିବାରୁ ବିଧବା ହେବା—
Rāṇḍa hebā 1. To become a widow. ୨ । ବିଧବା
বিধবা হওয়া ସ୍ତ୍ରୀପରି ଦେହରୁ ସମସ୍ତ ଅଳଙ୍କାର (ବିଶେଷତଃ ହାତରୁ
रांडहोना ଶଙ୍ଖ)କାଢ଼ିବା—2. To put off ornaments
from the body and look like a widow.

ରାଣ୍ଡିଆ—ଦେ. ବିଣ. ପୁଂ—୧ । ବେଶ୍ୟା ବା ରାଣ୍ଡ ସହିତ ସହବାସକାରୀ;
Rāṇḍiā ବେଶ୍ୟାଶକ୍ତ—1. Habitually visiting prosti-
রাঁড়খোর tutes. ୨ । ଯେଉଁ ବ୍ୟକ୍ତି ବେଶ୍ୟା ବା ରାଣ୍ଡ ରଖିଥାଏ—
रांडिया 2. Entertaining a prostitute as his
রাঁড়া mistress. ୩ । ବାଞ୍ଝ (ଗଛ)—3. Barren. (tree)
रांड, बांझी ପ୍ରାଦେ (ଜୟପୁର)—ଯାହାର ଭାର୍ଯ୍ୟା ମରିଯାଇଅଛି;
ମୃତଦାର—Having one's wife dead.
(ସମ୍ବଲପୁର) ବିଣ—ପୁରୁଷତ୍ୱବର୍ଜିତ—Bereft of
manhood or potency.

ରାଣ୍ଡିକା—ପ୍ରାଦେ (ଗଞ୍ଜାମ) ବିଣ.ପୁଂ.—ବିପତ୍ନୀକ—Having one's
Rāṇḍikā wife dead; widowed. ବି. ପୁଂ—ବିପତ୍ନୀକ
ବ୍ୟକ୍ତି—A widower.

ରାଣ୍ଡୀ—ଦେ. ବି. ସ୍ତ୍ରୀ (ସଂ. ରଣ୍ଡା)—୧ । ରାଣ୍ଡ; ବିଧବା—1. Widow.
Rāṇḍī [ଦ୍ର—ଭୂମି କୁଳନାଶ ହୋଇ ନର ରାଣ୍ଡୀ, ଅମ୍ବପର
রাঁড়ী ନାହିବେ ହୋଇଣ ବରାଣ୍ଡୀ । କୃଷ୍ଣସିଂହ. ମହାଭାରତ ସ୍ତ୍ରୀ ।]
रांड ୨ । ବେଶ୍ୟା—2. Prostitute. ୩ । ରକ୍ଷିତା ସ୍ତ୍ରୀ—3. A
concubine. ୪ । ସ୍ତ୍ରୀଲୋକଙ୍କ ପ୍ରତି ଗାଳି ବିଶେଷ—
4. A term of abuse applied to women.
[ଦ୍ର—ବୋଇଲ ମୋ ସଙ୍ଗେ ଆଇଲେ ଧାଡ଼ା ରାଣ୍ଡୀ; ଖାଇଲୁ
ସ୍ୱଜନମାନଙ୍କ ବେଣ୍ଟା ଗଣ୍ଡି । କୃଷ୍ଣସିଂହ. ମହାଭାରତ.
ବନ] ୫।ଅଶ୍ରୟହୀନା ବିଧବା--5. Helpless widow.

ରାଣ୍ଡୀ ଖଣ୍ଡୀ—ଦେ.ବି. ସ୍ତ୍ରୀ—(ସହଚର)—୧ । ନିରାଶ୍ରୟା ଓ ମାତାପିତୃ-
Rāṇḍī khaṇḍī ହୀନା ବାଳିକା—1. Helpless orphan
রাঁড়খাঁড় **रांडीखंडी** girl ୨ । ବିଧବା ଓ ମାତାପିତୃହୀନା

ବାଳକା—2. Widow and orphan. ୩ । ଅପୁତ୍ରା ସ୍ତ୍ରୀ; ଯେଉଁ ବିଧବାର ଅପତ୍ୟାଦି ନାହାନ୍ତି—3. A childless widow.

ରାଣ୍ଡୀଘର ପଥୁରି—ପ୍ରାଦେ. (ସାକ୍ଷୀଗୋପାଳ) ବି—ରାଣ୍ଡର ଏକମାତ୍ର ପୁଅ—Randighara pathuri The only son of a widow.

ରାଣ୍ଡୀ(ଣ୍ଡୁ)ଝିଅ—ଦେ. ବି. (ଗାଳି)—୧ । ବିଧବାର ବୈଧବ୍ୟାବସ୍ଥାରେ Randi jbi(jhu)a ଉତ୍ପାଦିତା କନ୍ୟା—A daughter conରାଁଡ଼େର মেয়ে, জারজ মেয়ে ceived by a woman during रांडकी बेटी her widowhood. ୨ । ନିରାଶ୍ରୟା ବିଧବାର କନ୍ୟା—2. The daughter of a helpless widow. ୩। ନିରାଶ୍ରୟା ବିଧବା କନ୍ୟା—3. A helpless and widow daguhter.

ରାଣ୍ଡୀ ପୁଅ—ଦେ. ବି. ପୁଂ—୧ । ବିଧବାର ପୁତ୍ର—1. The son of Randi pua a widow. ୨ । (ଗାଳି) ବିଧବାର ଜାରଜ ରାଁଡ଼େর ছেলে ସନ୍ତାନ—2. Widow's illegitimate रांडका बेटा son.

ରାଣ୍ଡୀ ପୁଅ ଅନନ୍ତା—ଦେ. ବି—୧ । କାହାଣୀରେ କଥିତ ବିଧବା Randi pua ananta ବ୍ରାହ୍ମଣୀର ଏକମାତ୍ର ଅଯୋଗ୍ୟ ସନ୍ତାନ-ରାঁড়ের পো অস্তা 1. Name of a widow's only son मुन्नी who is a loafer. ୨ । ଯେଉଁ ଲୋକର ଘରେ ପୋଷ୍ୟବର୍ଗ କେହି ନ ଥିବାରୁ ସେ ନିଶ୍ଚିନ୍ତ ହୋଇ ବୁଲୁଥାଏ—A loafer having no family to maintain.

ରାଣ୍ଡୀ ବା(ବି, ବେ)ହା—ଦେ. ବି (ବ୍ୟଙ୍ଗ)—ବିଧବାବିବାହ (ଦେଖ) Randi ba(bi, be)ha ironical widow marriage. (ରାଣ୍ଡିବିଥ—ଗ୍ରାମ୍ୟରୂପ)

ରାଣ୍ଡୀ ବା(ବ୍ରା)ହ୍ମ(ହ୍ମୁ)ଣୀ—ଦେ. ବି. ସ୍ତ୍ରୀ—ବ୍ରାହ୍ମଣ ବିଧବା—A Randi ba(bra)hma(hmu)ni Brahmana's widow. বিধবা ব্রাহ্মণী [ବି—ଏହି ଦେଶରେ ଏବେ ସୁଦ୍ଧା ରାଣ୍ଡୀ ବାହ୍ମଣୀ-रांड बामनी ମାନେ ଅନେ ବାଳ ଲମ୍ବା ଛାଡ଼ନ୍ତି ବାଳ ମୁଣ୍ଡା କାଟିବାର ପ୍ରଥା ପ୍ରଚଳିତ ଅଛି ।]

ରାଣ୍ଡୁଆ(ରା)—ଦେ. ବି ଓ ବିଣ—ବିପତ୍ନୀକ ବ୍ୟକ୍ତି—Randua(ra) Widower. মৃতদার (ଉ—ମହାନ୍ତିଏ ଷାଠିଏ ବର୍ଷ ବୟସରୁ ରାଣ୍ଡୁଆ रंडुआ(वा, रा),रंडोरा ହୋଇ ବସି ଅଛନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ ।)

ରାଣ୍ଡୋଳି—ପ୍ରାଦେ. (ବାଲେଶ୍ୱର) ବି—ନଈ ମୁହାଣରେ ଧରା ପଡ଼ୁଥିବା Randola ଏକ ପ୍ରକାର ଲୁଣି ମାଛ—A kind of sea-fish caught at the mouths of rivers.

ରାତିକା ରାତି(ତି)—ଦେ. କ୍ରି. ବିଣ—୧ । ଏକରାତି ମଧ୍ୟରେ—1. In Rat-ka rat(ti) the course of one night. ୨ । ରାତିତମାମ୍—2. Through-out the night. ୩ । ରାତି ଯୋଗେ; ରାତିର ସୁବିଧା ପାଇଁ—3. Under cover of night.

ରାତାରାତି(ତି) } ରାତିଏ ରାତିଏ } ଅନ୍ୟରୂପ

রাতারাত(তি) रातोंरात

ରାତ—ସଂ. ବି. (ରା ଧାତୁ=ଦେବା+କର୍ମ. ତ)—ପ୍ରଦତ୍ତ; ଅନୁଗ୍ରହ Rata ଦତ୍ତ—Bestowed; given. (ଉ—ଯେ ବସ୍ତୁ-ରାତ ପଣ୍ଡିତ, ତାଙ୍କ ପ୍ରସାଦରୁ କଲେ ମୁକ୍ତ । ଜଗନ୍ନାଥ. ଭାଗବତ ।)

ରାତି—ଦେ. ବି (ସଂ. ରାତ୍ରି; ପ୍ରା. ରାତ୍ତି)—ରାତ୍ରି; ରଜନୀ—Rati Night. রাতি(ত) रात(ति)

ରାତି ଅଧ—ଦେ. ବି. (ସଂ. ରାତ୍ର୍ୟର୍ଦ୍ଧ)—ଅର୍ଦ୍ଧ ରାତି—Rati adha Mid-night. অর্দ্ধ রাত্রি आधी राति

ରାତି ଅଧିଆ—ଦେ. ବିଣ—ରାତି ଅଧରେ ଘଟୁଥିବା—Happening Rati adhia in the mid-night. অর্দ্ধ রাত্রির आधी रातकी

ରାତି ଅନିଦ୍ରା—ଦେ. ବି (ସଂ. ରାତ୍ରି ଓ ଅନିଦ୍ର)—ରାତିରେ ନ Rati anidra ଶୋଇବା—Watching up the whole রাত অনিদ্রা night. ବିଣ—ରାତିରେ ଅନିଦ୍ର; ରାତି ଉଜାଗର୍ रातकी अनिद्रा ଶୋଇ ନ ଥିବା—One who had no रातमे नहीं सोआ हुआ sleep in the night. (ଉ—ବାପ ପୁଅ ଦୁହେଁ ରାତି ଅନିଦ୍ରା, ପ୍ରେରା ଗାଣ୍ଡି ମେଲା—ଭଜ ।)

ରାତି ଅନ୍ଧାର—ଦେ. ବି. (ସଂ. ରାତ୍ରି+ଅନ୍ଧକାର)—ରାତି ଜନିତ Rati andhara ଅନ୍ଧକାର—Darkness of night. রাত আঁধার रात अंधार

ରାତିଆ—ଦେ. ବିଣ—ରାତ୍ରି ସମ୍ବନ୍ଧୀୟ—Ratia Nocturnal.

ରାତି ଆଖ(ଖେ)ଡ଼ା—ଦେ. ବି. (ଆଧୁନିକ ପ୍ରୟୋଗ—ଇଂରାଜୀରୁ Rati akha(khe)rda ଅନୂଦିତ)—ପାଶ୍ଚାତ୍ୟ ଦେଶମାନଙ୍କରେ রাত্রের আখড়া ସହରମାନଙ୍କରେ ରାତିରେ ଯେଉଁଠାରେ ଲୋକେ रातका बैठक ମିଳି ମଉଜ ମଜଲିସ କରନ୍ତି—Night clubs.

ରାତି କଟା(ଟେ)ଇବା—ଦେ. କ୍ରି—ରାତ୍ରି ଯାପନ କରିବା—Rati kata(te)iba To pass a night. [ରାତି କାଟିବା, ରାତିପୁରାଇବା, ରାତିବିତା(ତେ)ଇବା—ଅନ୍ୟରୂପ] রাৎকাটান रातगुजराना

ରାତି କଟିବା—ଦେ: ବି—ରାତ୍ରି ଯାପନ—Passing of a night. Rati katiba (ରାତି ପୁରିବା, ରାତିବିତିବା—ଅନ୍ୟରୂପ) রাৎকাটা रातगुजरना

ରାତି କଣା—ଦେ. ବିଣ. ପୁଂ (ସଂ. ରାତ୍ରି+କାଣ)—ଅନ୍ଧାରକଣା, Rati kana ଯାହାକୁ ରାତିରେ ଭଲ ଦେଖାଯାଏ ନାହିଁ—রাৎকানা Suffering from night-blindness; रतौंधा nyctalops. ବି—ରାତ୍ର୍ୟାନ୍ଧତା—Night-(ରାତିକାଣୀ—ସ୍ତ୍ରୀ) blindness; Nyctalopia.

ରାତି ଖିଆ—ଦେ.ବି—ରାତି ଭୋଜନ;ସୂର୍ଯ୍ୟାସ୍ତଠାରୁ ସୂର୍ଯ୍ୟୋଦୟ ମଧ୍ୟବର୍ତ୍ତୀ Rati khia ସମୟରେ ଖାଇବା – Taking of meals রাত্রেখাওয়া during the night; night-meal. रातकाखाना

ରାତି ଗରଜନ—ଦେ. ବି (ସଂ. ରାତ୍ରି+ଗର୍ଜନ)—ଗମ୍ଭୀର ରାତି; ନିଶାଗରଜନ; ନିଶାଗରଜିବା, (ଦ୍ର—ଗମ୍ଭୀର ରାତି ଗରଜିବା, ରାତି ସାଇଁ ସାଇଁ ଡାକିବା } ଅନ୍ୟରୂପ ରାତିର ନିସ୍ତବ୍ଧତା ମଧ୍ୟରେ ଝିଙ୍କାରିଦଳଙ୍କର ଗୋଟିଏ ଗୁରୁଗମ୍ଭୀର ଶବ୍ଦ ଶୁଣାଯାଏ)—Dead of night when a grave deep sound is more imagined than heard.
Rāti garajana
রাৎ ঝাঁঝাঁ করা
रातगरजना

ରାତିଗାଡ଼ି—ଦେ. ବି (ରେଳପ୍ରବର୍ତ୍ତନ ହେବା ପରେ ବ୍ୟବହୃତ ଶବ୍ଦ) —୧। ଯେଉଁ ରେଳଗାଡ଼ି କୌଣସି ସ୍ଥାନରୁ ଷ୍ଟେସନରେ ରାତିବେଳେ ପହଞ୍ଚେ ବା ଷ୍ଟେସନରୁ ରାତିରେ ଛାଡ଼େ—1. Night-train. ୨। (ଦିନଗାଡ଼ି—ବିପରୀତ) ରାତିରେ ଯିବା ଆସିବା କରିବା ରେଳଗାଡ଼ି—2. Train travelling during night.
Rātigārdi
রাৎগাড়ি
रातकीगाडी

ରାତି କଳକା—ଦେ. ବିଣ. ପୁଂ—ରାତି କଣା; ଅନ୍ଧାର କଣା—Night-blind. ବି—ଅନ୍ଧାରକଣା ରୋଗ (ରାତିକଳକା—ସ୍ତ୍ରୀ) —The disease of night-blindness.
Rāti jalakā
রাৎকানা **रतौंधा, रतौंधी**

ରାତି ଜା(ଜ)ଗିବା—ଦେ. କ୍ରି (ବଙ୍ଗଳାରୁ ଅନୁକୃତ; ଜଗିବା ଶବ୍ଦର ଚେଇଁବା ଅର୍ଥରେ ଓଡ଼ିଆରେ ବ୍ୟବହାର ଅର୍ବାଚୀନ)—ରାତିରେ ଆଦୌ ନ ଶୋଇବା; To remain awake throughout the night; to keep vigil; to consume the midnight oil.
Rāti jā(ja)gibā
রাতজাগা
रातजगना

ରାତି ଜାଙ୍ଗୁଲ(ଲୁ) ଜାଙ୍ଗୁଲ(ଲୁ)—ଦେ. ବି—ବଢ଼ିଭୋର; ଅତି ପ୍ରତ୍ୟୁଷ; ରାତିର ଅନ୍ଧକାର ସମ୍ପୂର୍ଣ୍ଣରୂପେ ଦୂର ନ ହେବା ପୂର୍ବ ସମୟ—Early dawn; daybreak.
Rāti jāngul(lu) jāngul(lu)
ରାତି ଝୁଟ ଝୁଟ(ଟି) } ଅନ୍ୟରୂପ
ରାତି ଝୁଟପୁଟ(ଟି)
রাত যায় যায় হওয়া
रात जाती जाती होना

ରାତି ଥାଉଣୁ—ଦେ. କ୍ରି. ବିଣ—ଭୋର ନ ହେଉଣୁ—Before daybreak, when it is still dark.
Rāti thāuṇu
(ରାତି ଥାଉଁ ଥାଉଁ, ରାତି ନ ପାହୁଣ—ଅନ୍ୟରୂପ)
রাৎথাকতে **रात रहतेरहते**

ରାତି ଦିନ—ଦେ. କ୍ରି. ବିଣ—ଅହର୍ନିଶ; ଦିବାରାତ୍ର—Day and night
Rāti dina রাতদিন **रातदिन**

ରାତି ଦିପହର—ଦେ. ବି—ଅର୍ଦ୍ଧରାତ୍ର—Midnight.
Rāti dipahara (ରାତି ଦୁଇପହର—ଅନ୍ୟରୂପ)
রাত দুপুর **रात दोपहर**

ରାତି ପାଇ(ହି)ବା—ଦେ. ବି. (ସଂ. ରାତ୍ରି+ପ୍ରଭାତ)—ରାତିର ଅବସାନ ବେଳା; ଭୋର, ଉଷା କାଳ; ରାତିର ଅନ୍ଧକାର ନାଶ ହୋଇ ସକାଳ ହେବା ସମୟ—Break of day; day-break
Rāti pāi(hi)bā
ରାତିପାହାନ୍ତି(ନ୍ତା), ରାତିପାହାନ୍ତିଆ } ଅନ୍ୟରୂପ
ରାତିପସର ଫିଟିବା
ରାତିଫରଗୁ ହେବା, ରାତିଭୋର
রাতপোহা, রাতভোর হওয়া
भोर, सबेरा dawn. (ଉ—ପାହୁନ୍ତି ରାତି, ଦୁଅ ଚେଇଗଲ୍ କଇଁଳପତି—ଭଣ। ନ ଆଦୁ ରାତି, ନ ମରୁ ପତି, ଏକା ରାତିକି ଚେଉ ସାତ ରାତି—କାହାଣୀରେ ସତୀର ପ୍ରାର୍ଥନା।)

ରାତି ଆଶ—ଦେ. ବି—ରତିହାସ (ଦେଖ)
Rāti āsa Rātihāsa (See)

ରାତିଏ(କ)—ଦେ. କ୍ରି. ବିଣ.—୧। ଏକରାତ୍ରି ସମୟ—1. Period of one night. ୨। ଏକରାତ୍ରି ମାତ୍ର—2. One night only.
Rātie(ka) এক রাত
रातके लिये, रातभरकी
(ଉ—ରାତିଏ ଗଲେ ହାତିଏ ଆଣିବା—ଭଣ।) (ଉ—ସାତଟିକ ଝିଅପୁରେ କର୍ଣ୍ଣିଙ୍କୁ ବଢ଼ାଇ, ଦଶ ପୁଷ୍କ କରି ଏ ରାତିକ ଲଢ଼ାଇ। କୃଷ୍ଣସିଂହ ମହାଭାରତ ଦ୍ରୋଣ।)

ରାତିଏ ଗଲେ ହାତିଏ ଆଣିବା—ଦେ. ପ୍ରବଚନ—(ଚୋରମାନଙ୍କ ବ୍ୟବସାୟ ପ୍ରତି ଲକ୍ଷ କରି)—ଏକ ରାତ୍ରିର ମଧ୍যে হাতী আনা ରାତି ମଧ୍ୟରେ ଚୋରିକରି ହାତିରେ ଲଦା ହେବା ବୋଝ ପରିମିତ ଧନ(ଚୋରମାନେ ଆଣିବା)—(Said of the profession of a thief) To bring stolen property sufficient to load an elephant in the course of one night,
Rātie gala hātie ānibā
एक रात जाना, एक हाती लाना

ରାତିଏ ରାତିଏ—ଦେ. କ୍ରି, ବିଣ—ରାତାରାତି (ଦେଖ)
Rātie rātie Rātārat (See)
রাতারাতি **रातोंरात**

ରାତିକି ରାତି—ଦେ. କ୍ରି. ବିଣ—ଏକାଦିକ୍ରମେ ବହୁ ରାତ୍ରି—
Rātiki rāti For successive nights.
রাতকে রাত **रातके रात**

ରାତି ପହରା—ଦେ ବି.—(ସଂ. ରାତ୍ରି+ପ୍ରହରୀ)—ରାତ୍ରି କାଳରେ ଧନାଦିକୁ ଜଗି ରହିବା—Night-watch.
Rāti pahara
রাত পাহারা **रातका पहरा**

ରାତି ପିନ୍ଧା—ଦେ. ବି.—ରାତିରେ ପିନ୍ଧାଯିବା ବସ୍ତ୍ର ଲୁଗା—
Rāti pindhā Cloth for night-wear.
রাতপহরণ, আঠপউরে **रात पहनावा, रातवास**

ରାତି ପୁହା(ହେ)ଇବା—ଦେ. କ୍ରି.—ଭୋର ପର୍ଯ୍ୟନ୍ତ ସମସ୍ତ ରାତ୍ରି ଯାପନ କରିବା—To pass the whole night to go on doing a thing till day-break.
Rāti puhā(he)ibā
রাত পোহান
रात खतम करना
[ରାତି ପୋହିବା, ରାତି କଟା(ଟେ)ଇବା—ଅନ୍ୟରୂପ]

ରାତି ବକ(ଖ)ତ—ଦେ.ବି.—(ସଂ. ରାତ୍ରି+ଫା. ବଖତ୍)—ରାତ୍ରିସମୟ; ରାତ୍ରିକାଳ—Night-time.
Rāti baka(kha)t
রাত্রীর বেলা **रातकी वक्त** (ରାତିବେଳ—ଅନ୍ୟରୂପ)

ରାତି ବକାଳି—ଦେ. କ୍ରି. ବିଣ—ରାତ୍ରିରେ ଅସମୟରେ—
Rāti bikāli In an inconvenient hour of the night.
রাত্রে অসময়ে **रात बीकाल**

ରାତି ବିକାଳିଆ—ଦେ. ବିଣ.—୧ । ରାତିରେ ଘଟିବା—
Rāti bikāliā 1. Happening in the night.
রাত্রে আসা(ঘটা) ୨ । ରାତିରେ ଉପସ୍ଥିତ ହେବା—
रात विकालका 2. Arriving during night.

ରାତି ବିଭା(ହା)—ଦେ. ବି.—(ସଂ. ରାତ୍ରି ଓ ବିବାହ)—କରଣ ଓ
Rāti bibhā ବିବାହ)—ଶୂଦ୍ରାଦିଙ୍କର ରାତ୍ରି ଲଗ୍ନରେ ବିବାହ—
রাত্রে বিবাহ **रातब्याहा** Ceremony of marriage (in
(ରାତିବେହା; ରାତିହାଥ—ଅନ୍ୟରୂପ) the case of ruling classes Karaṇas and Sudras) performed during night.

ରାତି ଭୋର୍—ଦେ. ବି.—ରାତି ପାହିବା ବେଳ—Day-break.
Rāti bhor রাতভোর **भोर; सुबह**

ରାତି ମୁହାଁ—ଦେ. କ୍ରି. ବିଣ—୧ । ରାତ୍ରି ସମୟରେ—
Rāti muhāñ রাতমুখো **रातमुख** 1. In the night.
୨ । ସନ୍ଧ୍ୟା ପରେ—2. After night fall.

ରାତିଯାକ ବସିବା—ଦେ. କ୍ରି.—ନ ଶୋଇ ରାତି କଟାଇବା; ଉଜାଗର
Rātijāka basibā ହେବା—To spend the night
সমস্ত রাত জগা **रात जगना** without sleep.

ରାତି ରାତି—ଦେ. କ୍ରି. ବିଣ—୧ । ରାତାରାତି; ରାତ୍ରିତମାମ୍—
Rāti rāti 1. Throughout the night; the whole
রাতারাত **रातीरात** night. ୨ । ପ୍ରତି ରାତ୍ରିରେ—
2. Nightly; every night.

ରାତି ରାତି ନାହିଁ ଦିନ ଦିନ ନାହିଁ—ଦେ. କ୍ରି. ବିଣ—ଅହର୍ନିଶ; ରାତ୍ରି
Rāti rāti nāhiñ dina dina nāhiñ ଦିନ; ଦିବା ରାତ୍ରି;
দিন নেই রাত নেই ସର୍ବଦା; ୨୪ ଘଣ୍ଟାଯାକ ଅବଶ୍ରାନ୍ତରୂପେ
रातरात दिनदिन —Day and night; throughout the 24 hours.

ରାତି ଶେଷ—ଦେ. ବି (ସଂ. ଶେଷରାତ୍ରି)—ଶେଷରାତ୍ରି; ରାତ୍ରିର
Rāti śesha ଅବସାନ—The close of the night;
শেষরাত the early hours before the dawn.
शेषरात(ति)

ରାତି ହଗା—ଦେ. ବି—୧ । ରାତ୍ରିକାଳରେ ଝାଡ଼ା ଫେରିବା—
Rāti hagā 1. Easing one's self in night time.
রাতহাগা ୨ । ରାତିରେ ଝାଡ଼ାଫେରିବା ଅଭ୍ୟାସ—2. The
रातहगना habit of answering the call of nature during night. [ପ୍ର—ରାତିହଗା ଖଣ୍ଡି କରିବ ମୂଳ, ବାଟରୁ ଛଡ଼ିବ ଦିନ ଅଙ୍ଗୁଳ—ଡାକ ।]

ରାତି ହଗୁରା—ଦେ. ବିଣ—ଯାହାର ରାତିରେ ଝାଡ଼ା ଫେରିବାର
Rāti hagurā ଅଭ୍ୟାସ ହୋଇଅଛି—Habituated to
(ରାତିହଗୁରୀ—ସ୍ତ୍ରୀ) answer the call of nature at
যেরাত্রে হাগে **रातहगुआ** night time.

ରାତିହାସ—ଦେ. ବିଣ (ସଂ. ରାତ୍ରିବାସ)—ରାତିରେ ଶୋଇଲା
Rātihāsa ବେଳେ ଯେଉଁ ଲୁଗା ପିନ୍ଧା ଯାଇଥାଏ ଓ ଯେଉଁ
রাত্রে-ছুঁআচলাগা, রাতছুঁয়া ଶଯ୍ୟା ଆଦି ବ୍ୟବହାର କରାଯାଇ
रातका ଥାଏ—(clothes beddings; bed sheets)
Used during night when one goes to sleep. (ଯଥା—ରାତିହାସ ଲୁଗା, ରାତିହାସଛୁଆଁ ।)

ରାତିହାସ ଛୁଆଁ—ଦେ. ବି—ରାତିରେ ବ୍ୟବହୃତ ବସ୍ତ୍ର ଓ ଶଯ୍ୟାଦିର
Ratihāsa chhuāñ ଅଶୁଚିତ୍ୱ—The state of the
রাত্রের ছুঅচ, রাতছুআ কাপড় night clothes and
रातका कपडा उपडा bedding being considered as polluted (for having been used for sleeping on during the night).
[ଦ୍ର—ଏବେ ମଧ୍ୟ ହିନ୍ଦୁ ସ୍ତ୍ରୀ ଲୋକମାନେ ରାତ୍ରିବାସ ଓ ରାତ୍ରି ଶଯ୍ୟାକୁ ଅଶୁଚ ବୋଲି ବାଛନ୍ତି ଓ ସକାଳୁ ସ୍ନାନାଦି କରିବା ପରେ ରାତିରେ ବ୍ୟବହାର କରିଥିବା ଶଯ୍ୟାଦିକୁ ଛୁଅନ୍ତି ନାହିଁ କିମ୍ବା ରାତିହାସ ଛୁଆଁ ଲୁଗାକୁ ଛୁଇଁଲେ ସ୍ନାନ ନ କରି କିମ୍ବା ସେ ଲୁଗାକୁ ନ ପାଲଟି ପାକ ହାଣ୍ଡିକୁ ଓ ଦେବତାଙ୍କୁ ଛୁଅନ୍ତି ନାହିଁ । ଅଧୁନିକ ଶିକ୍ଷିତ ଓ ଶିକ୍ଷିତାମାନଙ୍କ ମଧ୍ୟରେ ରାତିହାସ ଛୁଆଁର ବାରଣ ଦେଖାଯାଉ ନାହିଁ, ତାହା ସେମାନେ ଗୋଳାଇ ଅଛନ୍ତି ବା ଶୁଦ୍ଧ ବସ୍ତ୍ରାଦି ସଙ୍ଗେ ମିଶାଇ ଅଛନ୍ତି ।]

ରାତି ହେବା—ଦେ. ବି—୧ । ସନ୍ଧ୍ୟା ହେବା—1. It being
Rāti hebā sunset. ୨ । ରାତ୍ରିର ଅଧିକ ବେଳ
রাতহওয়া ହୋଇଯିବା—2. It being late at night;
रातहोना the night being far advanced.

ରାତ୍ର—ଦେ. ବି (ସଂ. ରାତ୍ରି)—ରାତି; ରାତ୍ରି—Night. ସଂ. ବି—(ଅନ୍ୟ
Rātra ଶବ୍ଦ ପରେ ସମାସଦ୍ୱାରା ଯୁକ୍ତ ହେଲେ ରାତ୍ରି ଶବ୍ଦ ରାତ୍ର
রাত ଆକାର ଧାରଣ କରେ; ଯଥା—ଦିବାରାତ୍ର; ଦଶରାତ୍ର; ଅର୍ଦ୍ଧ-
राति ରାତ୍ର)—The form assumed by the word ରାତ୍ରି when added to another word to form a compound word.

ରାତ୍ରକ—ଦେ. ବି—ଏକ ରାତ୍ରି ମାତ୍ର ସମୟ—
Rātraka Period of one night only.
একরাত্র **एकरात**

ରାତ୍ରଚର—ଦେ. ବି (ସଂ. ରାତ୍ରିଚର)—ରାତ୍ରିଚର (ଦେଖ)
Rātrachara Rātrichara. (See)
রাত্রিচর **रात्रिचर**

ରାତ୍ରଦିବା(ନ)—ଦେ. ବି—ଦିବାରାତ୍ରି; ଅହର୍ନିଶ; ୨୪ଘଣ୍ଟା—
Rātradibā(na) Day and night; 24 hours.
দিনরাত **दिनरात**

ରାତ୍ରଦିନ—ସଂ. କ୍ରି. ବିଣ (ରାତ୍ରି + ଦିବସ; ଅଲୁକ୍ ସମାସ)—ଅହର୍ନିଶ;
Rātradina ଦିନ ଓ ରାତି; ୨୪—Day and night; throughout the 24 hours of the day.

ରାତ୍ରପାଳ—ଦେ. ବି (ସଂ. ରାତ୍ରିପାଳ)—ଚଉକିଦାର—
Rātrapāḷa Chowkidar; watchman.
রাতপাহারাওয়ালা **चौकीदार**

ରାତ୍ର ପାହାନ୍ତା(ନ୍ତି)—ଦେ. ବି—ପ୍ରଭାତ ସମୟ; ଉପସ୍ଥିତ ହେବା
Rātra pāhāntā(nti) ସମୟ—Daybreak; dawn.
(ରାତ୍ର ପାହବା—ଅନ୍ୟରୂପ) [ଦ୍ର—ଭାଷାରେ 'ରାତି' ଶବ୍ଦ ସଙ୍ଗେ
ଭୋରବେଳା ଯେପରି ଶବ୍ଦ ବ୍ୟବହାର ହୁଏ, ସାଧୁଭାଷା
भोरसुबह ବ୍ୟବହାରପ୍ରିୟ ବ୍ୟକ୍ତିମାନେ 'ରାତ୍ର' ଶବ୍ଦ ସଙ୍ଗେ ସେ
ଶବ୍ଦମାନ ଲଗାଇ ବ୍ୟବହାର କରିବା ଦେଖାଯାଏ; ଯଥା—
ରାତ୍ରଶେଷ; ରାତ୍ରଭୋଜନ ।)

ରାତ୍ରମାନ(ନେ)—ଦେ. କ୍ରି. ବିଣ.—ରାତ୍ରିକାଳରେ—.
Rātramāna(ne) Night-time; in the night.
रात्रे (ଉ—ବନ ହରନ୍ତି ବୃନ୍ଦାବନେ, ଘରେ ମିଳନ୍ତି ରାତ୍ରମାନେ
रातमे —ଜଗନ୍ନାଥ. ଭାଗବତ ।)

ରାତ୍ରି(ତ୍ରୀ)—ସଂ. ବି. (ରା ଧାତୁ=ଦେବା+କର୍ତ୍ତୃ. କ୍ରି. ଈ)—୧ । ରଜନୀ;
Rātri(trī) ରାତି; ଏକ ସୂର୍ଯ୍ୟାସ୍ତଠାରୁ ପରବର୍ତ୍ତୀ ସୂର୍ଯ୍ୟୋଦୟ
ମଧ୍ୟର କାଳ—1. Night. (ଅନ୍ୟ ସଂସ୍କୃତ ନାମ ନିଶା,
ରଜନୀ, ଶର୍ବରୀ, କ୍ଷଣଦା, କ୍ଷପା ।) ୨ । ହଳଦୀ; ହଳଦି
2. Turmeric.

ରାତ୍ରିକ—ସଂ. ବି. (ରାତ୍ରି+କ)—୧ । ପଞ୍ଚରାତ୍ର—1. A period of
Rātrika five nights. ୨ । ଏକ ବର୍ଷକାଳ ବେଶ୍ୟା
ଗୃହରେ ବାସ କରିବା ବ୍ୟକ୍ତି—2. A person who
lives in the house of a prostitute for a
period of full one year. ୩ । ଏକ ପ୍ରକାର ବିଛା
(ବୃ. ଶ)—3. A kind of scorpion.
ଦେ. କ୍ରି. ବିଣ.—ଏକରାତ୍ରି ମାତ୍ର—one night only.

ରାତ୍ରିକର—ସଂ. ବି. (ରାତ୍ରିର କର=କର୍ତ୍ତା, ଷଷ୍ଠୀ ତତ; ଅଥବା ରାତ୍ରିରେ
Rātrikara କର=କିରଣ ଯାହାର; ବହୁବ୍ରୀହି)—ଚନ୍ଦ୍ର—
The moon.

ରାତ୍ରିକାଣ—ସଂ. ବିଣ. ପୁଂ—ରାତ୍ରକଣା; ଅନ୍ଧାରକଣା—
Rātrikāṇa Night-blind; nyctalops.
(ରାତ୍ରିକାଣା—ସ୍ତ୍ରୀ) [ରାତ୍ରିକାଣତ୍ୱ(ତା)—ବିଶେଷ୍ୟ]

ରାତ୍ରିକାର—ସଂ. ବି.—(ରାତ୍ରି+କୃ ଧାତୁ+କର୍ତ୍ତୃ. ଅ)—୧ । ଚନ୍ଦ୍ରମା
Rātri kāra (ବୃ. ଶ.)—1. The moon. ୨ । କର୍ପୂର
(ବୃ. ଶ)—2. Camphor.

ରାତ୍ରିକାଳ—ସଂ. ବି—ରାତ୍ର ସମୟ—
Rātri kāla Night time; time of night.
[ରାତ୍ରିବେଳ(ଳା)—ଅନ୍ୟରୂପ]

ରାତ୍ରିଚ(ଞ୍ଚ)ର—ସଂ. ବିଣ. ପୁଂ (ରାତ୍ରି+ଚର ଧାତୁ+କର୍ତ୍ତୃ. ଅ; ରାତ୍ରିଂ+
Rātricha(ñcha)ra ଚର ଧାତୁ+କର୍ତ୍ତୃ. ଅ; ଅଲୁକ୍ ସମାସ)
—ନିଶାଚର; ଯେ ରାତ୍ରରେ ଚରେ ବା ବିଚରଣ କରେ—
ରାତ୍ରିଚରୀ } ସ୍ତ୍ରୀ Prowling in the night; of nocturn-
ରାତ୍ରିଞ୍ଚରୀ } al habits.
ବି—୧ । ରାକ୍ଷସ—1. Demon ୨ । ଚୋର—
2. Robber; thief. ୩ । ରାତ୍ରରେ ଆହାର ଅନ୍ବେଷଣ
କରିବା ପାଇଁ ଯେଉଁ ଜୀବମାନେ ବସାରୁ ବାହାରନ୍ତି—
3. Animals of nocturnal habits. (ଯଥା—
ବାଘ, ଭାଲୁ, ସାପ, ପେଚା, ବାଦୁଡ଼ି ।) ୪ । ରାତ୍ରରେ ପହରା
ଦେବା ଲୋକ—4. Night watchman. ୫ । ଭୂତ;
ପ୍ରେତ; ପିଶାଚ. ବି—5. Ghost; goblin; imp.

ରାତ୍ରି ଚର୍ଯ୍ୟା—ସଂ. ବି—ସ୍ୱାସ୍ଥ୍ୟକାମୀ ବ୍ୟକ୍ତିର ସୂର୍ଯ୍ୟାସ୍ତଠାରୁ ସୂର୍ଯ୍ୟୋଦୟ
Rātri charjyā ପର୍ଯ୍ୟନ୍ତ ଆହାର, ମୈଥୁନ ଓ ନିଦ୍ରାଦି ବିଷୟରେ
ବୈଦ୍ୟଶାସ୍ତ୍ରାନୁମୋଦିତ ବିଧି ପାଳନ—Some obser-
vances during the night time regard-
ing food, sleep, copulation, enjoined by
the medical treatises for health-seeking
people.

ରାତ୍ରିଜ—ସଂ.ବିଣ. (ରାତ୍ରି+ଜନ୍ ଧାତୁ+କର୍ତ୍ତୃ.ଅ)—ଯାହା ରାତ୍ରରେ ଜାତ
Rātrija ହୁଏ—Produced in the course of the
night. ବି—ନକ୍ଷତ୍ର; ତାରା—Star.

ରାତ୍ରି ଜଳ—ସଂ. ବି—୧ । ଶିଶିର—1. Dew.
Rātri jala ୨ । କୁହୁଡ଼ିକା; କୁହୁଡ଼ି—Fog.

ରାତ୍ରି ଜାଗର—ସଂ. ବି. (ରାତ୍ରି+ଜାଗୃ ଧାତୁ+କର୍ତ୍ତୃ. ଅ=ଯେ ରାତ୍ରରେ
Rātri jāgara ଚେଇଁ ଥାଏ)—କୁକୁର—The dog.

ରାତ୍ରି ଜାଗରଣ—ସଂ. ବି. (ରାତ୍ରି+ଜାଗୃ ଧାତୁ+ଭାବ. ଅନ)—ରାତ୍ରିରେ
Rātri jāgaraṇa ନ ଶୋଇ ଚେଇଁବା; ରାତି ଜଗିବା—
Watching up throughout the night.

ରାତ୍ରି ଦଣ୍ଡ—ସଂ. ବି. (ଜ୍ୟୋତିଷ)—ରାତ୍ରିକାଳ ମଧ୍ୟସ୍ଥ ଦଣ୍ଡ (ଯାହା
Rātri daṇḍa ଜ୍ୟୋତିଷ ମତରେ ଶୁଭ ବା ଅଶୁଭ ବୋଲି
ବିବେଚିତ)—Points of time during the
night (considered as auspicious or
otherwise).

ରାତ୍ରି ପାଳନ—ସଂ. ବି—ନିଶା ପାଳନ; ଅମାବାସ୍ୟା, ପୂର୍ଣ୍ଣିମା, ଏକାଦଶୀ
Rātri pālana ଆଦି ତିଥିରେ ରାତ୍ରରେ ଭୋଜନ ନ କରିବା,
ଉପାସ କରିବା ଓ ସ୍ତ୍ରୀସହବାସ ନ କରିବା ଆଦି କେତେ
ଗୁଡ଼ାଏ ନିୟମ—Observance of abstinence in
the night of certain days enjoined by
the Śāstras.

ରାତ୍ରି ବାସ—ସଂ. ବି—୧ । କୌଣସି ସ୍ଥାନରେ ରାତ୍ରିରେ ଅବସ୍ଥାନ;
Rātri bāsa କୌଣସି ସ୍ଥାନରେ ରାତ୍ରି ଯାପନ କରିବା—
1. Passing the night at a place.
୨ । ରାତ୍ରବାସ ଲୁଗା; ରାତି ପିନ୍ଧା; ରାତ୍ରରେ ପିନ୍ଧି କରି
ଶୋଇବା ବସ୍ତ୍ରାଦି; ଶୋଇଲା ବେଳେ ବ୍ୟବହୃତ ବସ୍ତ୍ର ଓ
ଶଯ୍ୟାଦି—2. Night clothing worn while
sleeping; night-gown; night-dress;
night clothes; clothes, sheets, wrappers
and bedding used by a person while in
bed in the night.

ରାତ୍ରିବେଦ(ଦୀ)—ସଂ.ବି.(ରାତ୍ରି+ବିଦ୍ ଧାତୁ=ଜାଣିବା+କର୍ତ୍ତୃ.ଅ;+
Rātribeda(dī) ଇନ୍ ୯ମା.୧ବ)—କୁକ୍କୁଟ—The cock.

ରାତ୍ରି ଭୋଜନ—ସ. (୭ମୀ ତତ୍)—ରାତ୍ରି ସମୟରେ ଖାଇବା—
Rātri bhojana Night-meal; taking of meal during night.
(ରାତ୍ର୍ୟଶନ—ଅନ୍ୟରୂପ)

ରାତ୍ରିମଟ—ସ. ବିଣ. ପୁଂ (ରାତ୍ରି=ରାତିକୁ+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—ରାତ୍ରିଚର (ଦେଖ)
Rātrimaṭa Rātrichara (See)
(ରାତ୍ରି ମଟ—ସ୍ତ୍ରୀ)
ବି. ପୁଂ—ରାତ୍ରିଚର (ଦେଖ)—Rātrichara (See)
(ଉ—ବୋଇଲେ ବିକଟାକୁ ଏଡ଼େ କପଟ ରାତ୍ରିମଟ ହେଲେ ଜାଣି ସେ । ଉପେ. ବୈଦେହୀଶବିଳାସ ।)

ରାତ୍ରି ମଣି—ସ. ବି. (୬ଷ୍ଠୀ ତତ୍; ରୂପକ)—ଚନ୍ଦ୍ର—
Rātri maṇi The moon.

ରାତ୍ରି ମୁଖେ—ଦେ. କ୍ରି. ବିଣ—ରାତ୍ରି ଯୋଗେ; ରାତ୍ରିରେ—
Rātri mukhe At night.
ৰাত্রি মুখে (ଉ—ଉଦ୍ଧବ କହେ ଅଶ୍ରୁ ମୁଖେ, ସେ ସବୁ ବସେ
रात्रि मुखमे ରାତ୍ରି ମୁଖେ । ଜଗନ୍ନାଥ. ଭାଗବତ ।)

ରାତ୍ରି ଯାପନ—ସଂ. ବି—ରାତି ବିତାଇବା—The passing or whiling away of the night.
Rātri jāpana

ରାତ୍ରି ଯୋଗ—ସଂ. ବି—୧ । ସନ୍ଧ୍ୟା ବେଳ; ବେଳ ବୁଡ଼—
Rātri joga 1. Night-fall. ୨ । (ଜ୍ୟୋତିଷ) ରାତ୍ରିରେ ଘଟିବା ଶୁଭଯୋଗ ବା ମୁହୂର୍ତ୍ତ—2. Auspicious periods occurring in the course of the

ରାତ୍ରି ଯୋଗରେ—ଦେ. କ୍ରି. ବିଣ—୧ । ସନ୍ଧ୍ୟା ପରେ—1. After
Rātri jogare night-fall. ୨ । ରାତ୍ରି ମଧ୍ୟରେ—2. In
(ରାତ୍ରି ଯୋଗେ—ଅନ୍ୟରୂପ) the course of the night.
ৰাত্রিযোগে ୩ । ରାତ୍ରି କାଳରେ—3. By night. (ଯଥା—
रात्रि योगमें ବନ୍ଦୀ ରାତ୍ରି ଯୋଗରେ ପ୍ରହରୀମାନଙ୍କ ଶୋଇଥିବାର ସୁବିଧା ପାଇ କାରାଗାରରୁ ପଳାଇଗଲା ।
ଅମ୍ଭେମାନେ ରାତ୍ରି ଯୋଗେ କଟକଠାରୁ ପୁରୀକୁ ଯାତ୍ରା କଲୁଁ ।)

ରାତ୍ରି ଲଗ୍ନ—ସଂ. ବି—(ଜ୍ୟୋତିଷ) ବିବାହାଦି ଶୁଭକର୍ମ ପାଇଁ ଜ୍ୟୋତିଷ
Rātri lagna ମତରେ ରାତ୍ରି କାଳରେ ପଡ଼ିବା ଲଗ୍ନ ବା ମୁହୂର୍ତ୍ତ—
(ଦିବା ଲଗ୍ନ—ବିପରୀତ) (astrology) Auspicious periods occurring in the course of the night for the performance of certain ceremonies, e.g. marriage.

ରାତ୍ରିଵୀରା—ସ. ବି.—ପ୍ରଭାତ (ହି. ଶ.); ଭୋର୍—
Rātriwira Early morning.

ରାତ୍ରି ଶେଷ—ସ. ବି.—(୬ଷ୍ଠୀ ତତ୍)—ରାତିର ଶେଷଭାଗ—
Rātri śesha Close of the night; the last part of night.

ରାତ୍ରିହାସ—ସ. ବି (ରାତ୍ରି+ହସ୍. ଧାତୁ+ଅ; ଯେ ରାତିରେ ହସେ
Rātrihāsa ବା ଫୁଟେ)—୧ । ଶ୍ୱେତପଦ୍ମ—1. White lotus. ୨ । କଇଁଫୁଲ—2. Water lily.

ରାତ୍ର୍ୟଂଶ—ସ. ବି (୬ଷ୍ଠୀ ତତ୍)—ରାତ୍ରିର ଅଂଶ ବା ଭାଗ—
Rātryaaṁśa A portion of the night.

ରାତ୍ର୍ୟଟ—ସ. ବି ଓ ବିଣ. ପୁଂ—ରାତ୍ରିଚର (ଦେଖ)
Rātryaṭa Rātrichara. (See)
[ରାତ୍ର୍ୟଟା—ସ୍ତ୍ରୀ]

ରାତ୍ର୍ୟନ୍ଧ—ସ. ବିଣ. ପୁଂ—ଅନ୍ଧାରକଣା; ରାତିକାଣିଆ; ଯାହାକୁ
Rātryandha ରାତିରେ ଭଲ ହୋଇ ଦେଖାଯାଏ ନାହିଁ—
[ରାତ୍ର୍ୟନ୍ଧା—ସ୍ତ୍ରୀ] Night-blind; nyctalops

ରାତ୍ର୍ୟନ୍ଧତା—ସଂ. ବି—ରାତିକାଣିଆ ରୋଗ—
Rātryandhatā Night-blindness.
[ରାତ୍ର୍ୟାନ୍ଧ୍ୟ—ଅନ୍ୟରୂପ]

ରାଦ୍ଧ—ସଂ. ବିଣ (ରାଧ୍. ଧାତୁ=ସମ୍ପନ୍ନ କରିବା+କର୍ମ. ତ)—୧। ସମ୍ପନ୍ନ;
Rāddha ସିଦ୍ଧ—1. Accomplished. ୨ । ସମାପ୍ତ—
2. Finished; completed. ୩ । ରନ୍ଧା ହୋଇଥିବା (ହି. ଶ)—3. Cooked.

ରାଦ୍ଧାନ୍ତ—ସ. ବି—୧ । ସିଦ୍ଧାନ୍ତ; ମୀମାଂସା—
Rāddhānta 1. Logical conclusion.

ରାଧ୍ (ଧାତୁ)—ସ. ଧାତୁ—୧ । ପୂଜା କରିବା—1. To worship.
Rādh (root) ୨ । ସମ୍ପନ୍ନ କରିବା—2. To accomplish; to finish.

ରାଧ(ଧ୍)—ସ.ବି (ରାଧ୍ଧାତୁ+ଅଧିକରଣ. ଅ;+ବ୍ୟୁ, କମ୍ପା ରାଧା=ବିଶାଖା ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା+ ଅ)—୧। ବୈଶାଖ
Rādha (dh) ମାସ—1. Month of Baiśākha. ୨ । (+
କରଣ. ଅ) ଧନ; ସମ୍ପତ୍ତି (ହି. ଶ)—2. Riches.

ରାଧନ(ନା)—ସ. ବି (ରାଧ୍. ଧାତୁ+ଭାବ ଅନ; ଅ)—୧। ଆରାଧନା—
Rādhana(nā) 1. Praying. ୨ । ପୂଜା କରିବା—
2. Worshipping. ୩ । ସାଧନ—3. Accomplishing. ୪। ପ୍ରାପ୍ତି—4. Attainment; acquisition.

ରାଧା—ସ. ବି. ସ୍ତ୍ରୀ (ରାଧ୍. ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ଶ୍ରୀକୃଷ୍ଣଙ୍କ
Rādhā ପ୍ରେୟସୀ; କୃଷ୍ଣପ୍ରେମରେ ସର୍ବତ୍ୟାଗିନୀ ବୃଷଭାନୁଜେମା; ରାଧିକା—1. Name of the sweetheart of Śrikṛushṇa. [ଉ—ଯଦେ ମଦନ ପିଅ ହବ, ତେବେ ଯାବ ରାଧା ନାଚବେ-ଉଗ ।] [ଦ୍ର—ରାଧାର(୧)ଅର୍ଥ ସମ୍ବନ୍ଧରେ ନୋଟ:—ରାଧା ମଥୁରାର ନିକଟବର୍ତ୍ତୀ ଗୋକୁଳର ଗୋପବଧୂଜା (ଗଉଡ଼ୁଣୀଜା) ବୃଷଭାନୁଙ୍କ କନ୍ୟା ଓ ଅୟାନ (ଚନ୍ଦ୍ରସେଣା) ନାମକ ଗୋପାଳର ନାମମାତ୍ର ବିବାହିତା ସ୍ତ୍ରୀ । ଏହାଙ୍କ ମାତାଙ୍କ ନାମ କୀର୍ତ୍ତିଦା । ପୁନଶ୍ଚ କୌଣସି କୌଣସି ପୁରାଣ (ଯଥା, ବ୍ରହ୍ମବୈବର୍ତ୍ତ ପୁରାଣ) ମତରେ ରାଧା ଅଯୋନିସମ୍ଭବା । ଥରେ ବୃଷଭାନୁଙ୍କ ପତ୍ନୀ ପୋଖରୀକୁ ସ୍ନାନ କରିବାକୁ ଯାଇ ଦେଖିଲେ ଯେ, ଗୋଟିଏ ଅତି କ୍ଷୁଦ୍ର ସୁନ୍ଦରୀ କନ୍ୟା ଗୋଟିଏ କୁମୁଦ ବା କଇଁଫୁଲରେ ରହି ଜଳରେ ଭାସୁଅଛି । ସ୍ନେହରେ କୀର୍ତ୍ତିଦା ତାଙ୍କୁ ଆଣି

ନନ୍ଦର କନ୍ୟାରୂପେ ପାଳନ କଲେ । ଏ ଶ୍ରୀକୃଷ୍ଣଙ୍କଠାରୁ ବଡ଼, କିନ୍ତୁ ଜନ୍ମକାଳରୁ ଏହାଙ୍କର ଚକ୍ଷୁ ମୁଦ୍ରିତ ଥିଲା । ଶିଶୁ ଶ୍ରୀକୃଷ୍ଣଙ୍କୁ, ଏହାଙ୍କ ଘରକୁ ମାଇପେ କାଖେଇ କରି ନେଇ ଥିଲେ ଓ ଶ୍ରୀକୃଷ୍ଣଙ୍କ ଅଡ଼କୁ ରାଧା ମୁହଁ ଫେରାଇବାରୁ ତାଙ୍କ ଆଖି ଫିଟିଗଲା । କାହାରି କାହାରି ମତରେ କୃଷ୍ଣଙ୍କଠାରୁ ରାଧା ସାନ । ଜନ୍ମ ଦିନରୁ ଶଙ୍ଖବନ ପର୍ଯ୍ୟନ୍ତ ତାଙ୍କର ଚକ୍ଷୁ ମୁଦ୍ରିତ ହୋଇଥିଲା । ଯଶୋଦା କୃଷ୍ଣଙ୍କୁ କାଖେଇ କରି ରାଧାଙ୍କୁ ଦେଖିବାକୁ ଯାଇଥିଲେ । ରାଧା ପ୍ରଥମେ କୃଷ୍ଣଙ୍କୁ ଦେଖିଲେ ଓ ଯଶୋଦା ପ୍ରଥମେ ତାଙ୍କୁ କୃଷ୍ଣଙ୍କ ଉଚ୍ଛିଷ୍ଟ ସ୍ତନ ପାନ କରାଇଲେ । ସମ୍ପର୍କରେ ରାଧା କୃଷ୍ଣଙ୍କ ମାଇଁ ଥିଲେ, କିନ୍ତୁ ଦେବଅଂଶ ଗ୍ରହଣ କରି ଜନ୍ମିଥିଲେ । ଶ୍ରୀକୃଷ୍ଣଙ୍କର ବାଲ୍ୟ-କାଳର ଲୀଳା ଓ ରାସରେ ରାଧାହିଁ କେନ୍ଦ୍ର ଥିଲେ । ଶ୍ରୀକୃଷ୍ଣଙ୍କ ପ୍ରେମରେ ମୁଗ୍ଧ ହୋଇ ତାଙ୍କ ପଦରେ ରାଧା ପ୍ରେମ, ସ୍ନେହ, ଭକ୍ତି, ଜୀବନ, ଯୌବନ, ସମସ୍ତ ସମର୍ପଣ କରିଥିଲେ ଓ କୃଷ୍ଣପ୍ରେମ ଲାଗି ଗୁରୁଜନ ଗଞ୍ଜଣା, ସମାଜର ଓ ପରିବାରର ନିନ୍ଦା ଆଡ଼ ପ୍ରତି ଭ୍ରୂକ୍ଷେପ କରି ନ ଥିଲେ । ଶ୍ରୀକୃଷ୍ଣ ଷୋଳ ସହସ୍ର ଗୋପିକାମାନଙ୍କୁ ନେଇ ଗୋପପୁରରେ ଯେଉଁ ରାସକ୍ରୀଡ଼ା କରିଥିଲେ ତହିଁରେ ନାୟିକା ରାଧା; ଶ୍ରୀକୃଷ୍ଣ ମଥୁରାକୁ ଯାଇ ସେଠାରୁ ଅପଣାର ପୈତୃକ ରାଜ୍ୟ ଦ୍ୱାରକାକୁ ଗିବାରୁ ଶ୍ରୀକୃଷ୍ଣଙ୍କ ବିରହକାଳରେ ରାଧିକାଙ୍କର ପ୍ରେମର ବିକାଶ ପରିପୂର୍ଣ୍ଣତା ଲାଭ କଲା । ଶ୍ରୀକୃଷ୍ଣଙ୍କ ପ୍ରତି ରାଧାଙ୍କର ପ୍ରେମ ବୈଷ୍ଣବମାନଙ୍କ ମତରେ ଅତୁଳନୀୟ ଓ ଶ୍ରୀକୃଷ୍ଣ ଦ୍ୱାରକାରେ ରୁକ୍ମିଣୀଆଦି ପଟ୍ଟମହିଷୀମାନଙ୍କ ଦ୍ୱାରା ସେବିତ ଓ ବେଷ୍ଟିତ ହୋଇ ସର୍ବୈଶ୍ୱର୍ଯ୍ୟରେ ବୁଡ଼ି ରହି ସୁଦ୍ଧା ରାଧାଙ୍କ ପ୍ରେମକୁ ସବୁବେଳେ ଝୁରୁଥିଲେ । ବଙ୍ଗୀୟ ଓ ବଙ୍ଗୀୟ ସଭ୍ୟତାଦୃପ୍ତ ଲୋକେ ରାଧାକୃଷ୍ଣ ପ୍ରେମରେ ଯେଉଁପରି ପାଶବ ଓ ଇନ୍ଦ୍ରିୟ-ଶୃଙ୍ଖଳାରୂପକ ପରସ୍ତ୍ରୀହରଣାତ୍ମକ ପାପର କଳ୍ପନା କରନ୍ତି, ସେହି ଲୀଳାକୁ ମହାନୁଭବ ଭକ୍ତିଶୀଳ ବୈଷ୍ଣବମାନେ ଭକ୍ତି ଓ ପବିତ୍ର ରସମିଶ୍ରିତ ଅନୁରାଗରୂପେ ବର୍ଣ୍ଣନା ଓ ଉପଲବ୍ଧି କରନ୍ତି । ଶ୍ରୀକୃଷ୍ଣଙ୍କୁ ଭଜିବାର ପନ୍ଥା ଓ ଆଦର୍ଶ ରାଧିକାଙ୍କର ପ୍ରେମ ବୋଲି ବୈଷ୍ଣବ ମହାପୁରୁଷମାନେ ସିଦ୍ଧାନ୍ତ କରି-ଅଛନ୍ତି । ଉଦାହରଣସ୍ୱରୂପ ମଧ୍ୟ ଦେଖାଯାଏ ଯେ, ଶ୍ରୀ ଚୈତନ୍ୟ ଦେବ (ଯେ ଇନ୍ଦ୍ରିୟବୃତ୍ତିକୁ ଘୃଣା କରୁଥିଲେ ଓ ଅପଣାର ସ୍ତ୍ରୀଙ୍କ ଛଡ଼ା ଅନ୍ୟ ସ୍ତ୍ରୀଙ୍କ ମୁଖ-ଦର୍ଶନ କରୁ ନ ଥିଲେ) ରାଧାଙ୍କ ପ୍ରେମକୁ ଆଦର୍ଶ-ଭକ୍ତି ରୂପରେ କଳ୍ପନା କରି ରାଧାଙ୍କ ପରି ଅନନ୍ୟଚିତ୍ତ ହୋଇ କୃଷ୍ଣଭଜନା କରୁଥିଲେ । ରାଧାକୃଷ୍ଣଙ୍କ ପ୍ରେମର ପାଶବିକ ଅଂଶକୁ ବା ଆଦର୍ଶକୁ ଅନୁସରଣ ଓ ଅନୁକରଣ କରି ଲୋକେ ଭକ୍ତିର ଓ ପ୍ରେମର ପବିତ୍ରତାକୁ କଳୁଷିତ କରି-ଅଛନ୍ତି; କିନ୍ତୁ ପରକୀୟା ପ୍ରୀତି ପାଇଁ ରାଧାକୃଷ୍ଣ ପ୍ରେମର ଆଧ୍ୟାତ୍ମିକ (allegorical) ଓ ରୂପକ ତାତ୍ପର୍ଯ୍ୟହିଁ ବିଶୁଦ୍ଧ ଭକ୍ତିର ଆଦର୍ଶ ଅଟେ । ରାଧାକୃଷ୍ଣଙ୍କ ପ୍ରେମରେ ପାଶବିକତା ବା ଇନ୍ଦ୍ରିୟଲାଳସା ଲେଶମାତ୍ର ନ ଥିଲା ଓ ଭକ୍ତପ୍ରେମର ସେହି ଅଂଶରେ ଆଧ୍ୟାତ୍ମିକ ଗୁଢ଼ ମର୍ମ ପ୍ରୟୋଗ କଲେ ଦେଖାଯିବ ଯେ, ରାଧାଙ୍କ ତନ୍ମୟତା ପରି ତନ୍ମୟତା ନ ହେଲେ ଈଶ୍ୱରଭଜନା ପରାକାଷ୍ଠା ଲାଭ କରି ପାରିବ ନାହିଁ । ରାଧାକୃଷ୍ଣଙ୍କ ପ୍ରେମ ଓ ରାସଲୀଳା ଚର୍ମଚକ୍ଷୁରେ ଓ ମାନବେନ୍ଦ୍ରିୟ ଦ୍ୱାରା ଉପଭୋଗ୍ୟ ନୁହେ । ତାହା ଜ୍ଞାନଚକ୍ଷୁ ଓ ପରମଜ୍ଞାନ-ରୂପ ଇନ୍ଦ୍ରିୟଦ୍ୱାରା ସାଧନା ଓ ଅନୁଭବ କରିବାର ଯୋଗ୍ୟ ଅଟେ । ରାଧାପ୍ରେମ ଇନ୍ଦ୍ରିୟାସକ୍ତି ନୁହେ; ଏହା ପରମପବିତ୍ର ଭଗବଦ୍ ଭକ୍ତିର ପୂର୍ଣ୍ଣ ଆଦର୍ଶ । ରାଧିକାଙ୍କ ସଙ୍ଗେ ରସିକତା, ଷୋଳ ସହସ୍ର ଗୋପୀଙ୍କ ସଙ୍ଗେ ରମଣ ଆଦି କେବଳ ରୂପକ ମାତ୍ର । ବାସ୍ତବ ଅର୍ଥ କରିବାକୁ ବସିଲେ ଦେଖାଯିବ ଯେ, ଜଣେ ୧୦।୧୨ ବର୍ଷର ବାଳକ ଷୋଳ ସହସ୍ର ଗୋପୀଙ୍କ ସଙ୍ଗେ ରତିକ୍ରୀଡ଼ା କରିବା ଓ ଷୋଳ ସହସ୍ର କୃଷ୍ଣ ରୂପ ଧାରଣ କରିବା ବାସ୍ତବ ଜଗତରେ ଅସମ୍ଭବ କିନ୍ତୁ ଆଧ୍ୟାତ୍ମିକ ଜଗତରେ ଏହା ସମ୍ଭବପର ଓ ସାଧ୍ୟ । ଶ୍ରୀକୃଷ୍ଣ ପୃଥିବୀରେ ଅବତାରରୂପେ ଜନ୍ମଗ୍ରହଣ କରି ପୃଥିବୀକୁ ୬୪ ରତିବନ୍ଧ ଶିକ୍ଷା ଦେବାକୁ ଆସି ନ ଥିଲେ । ସେ ଅବତାର ଗ୍ରହଣଦ୍ୱାରା ପୃଥିବୀରେ ଭକ୍ତିର ମାର୍ଗ ଦେଖାଇ ଯାଇଅଛନ୍ତି ଓ ତାଙ୍କର ଗୋପଲୀଳାହିଁ ମର୍ତ୍ତ୍ୟରେ ସ୍ୱର୍ଗଲୀଳାର ଅଭିନୟ ଓ 'ରାଧା ପ୍ରେମହିଁ ଈଶ୍ୱରଲାଭର ପ୍ରକୃଷ୍ଟ ପନ୍ଥା । କୃଷ୍ଣ ପ୍ରେମ ପାଇଁ ରାଧାଙ୍କ ପରି ସର୍ବସ୍ୱତ୍ୟାଗୀ ହେଲେ ଯାଇଁ ଭକ୍ତ ଈଶ୍ୱର ସାନ୍ନିଧ୍ୟ ଲାଭ କରିବ । ଏହି ମତ ଲେଖକର କପୋଳକଳ୍ପିତ ମତ ନୁହେ । ଏହାହିଁ ରାଧାକୃଷ୍ଣ ଚରିତର ଚିନ୍ତାଶୀଳ ଭକ୍ତ-ସମାଲୋଚକମାନଙ୍କ ମତର ଅସମ୍ପୂର୍ଣ୍ଣ ସାରାଂଶମାତ୍ର ଅଟେ । ରାଧାକୃଷ୍ଣ ଲୀଳାକୁ କେହି କେହି ଆଧୁନିକ କପୋଳକଳ୍ପନା ବୋଲି କହନ୍ତି; କିନ୍ତୁ ରାଧାଙ୍କ ନାମ ଓ ଶ୍ରୀକୃଷ୍ଣଙ୍କର ଗୋଲୋକରେ ରାଧାଙ୍କ ସହିତ ଲୀଳା ପୁରାତନ ବାୟୁପୁରାଣର ୧୦୪ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ପୁରାଣରେ ରାଧା ଶବ୍ଦର ବ୍ୟୁତ୍ପତ୍ତି ନିମ୍ନଲିଖିତରୂପରେ ଲେଖା ହୋଇଅଛି—ର୍+ଆ+ଧ୍+ଆ

ର୍=କୋଟିଜନ୍ମାର୍ଜିତ ପାପ ଓ ଶୁଭାଶୁଭ କର୍ମଭୋଗ,

ଆ=ଗର୍ଭବାସ, ମୃତ୍ୟୁ ଓ ରୋଗ,

ଧ୍=ଆୟୁଃକ୍ଷୟ

ଆ=ସଂସାରବନ୍ଧନ ।

ଯାହାଙ୍କ ସ୍ମରଣ ଓ ନାମକୀର୍ତ୍ତନ ଓ ସେବା କଲେ ମନୁଷ୍ୟ ଉପର୍ଯ୍ୟୁକ୍ତ ପାପାଦିରୁ ମୁକ୍ତ ହୁଏ ସେ ରାଧା; ଶ୍ରୀମଦ୍-ଭାଗବତରେ ରାଧାଙ୍କର ଉଲ୍ଲେଖ ନାହିଁ; ବ୍ରହ୍ମବୈବର୍ତ୍ତ ଓ ଦେବୀ ଭାଗବତରେ ରାଧାଙ୍କ ବର୍ଣ୍ଣନ ମିଳେ । ପୁରାଣ-ମାନଙ୍କରେ ରାଧାଙ୍କ ଜନ୍ମ ସମ୍ବନ୍ଧେ ଭିନ୍ନ ଭିନ୍ନ ବିବରଣ ଦେଖାଯାଏ । କେଉଁ କେଉଁ ପୁରାଣରେ ମଧ୍ୟ ଲେଖାଅଛି ଯେ, ଏ ଶ୍ରୀକୃଷ୍ଣଙ୍କ ବାମ ଅଙ୍ଗରୁ ଉତ୍ପନ୍ନ ହୋଇଥିଲେ । ପୁଣି କାହିଁ କାହିଁ ଗୋଲୋକଧାମର ରାସମଣ୍ଡଳରେ ଏହାଙ୍କ ଜନ୍ମ ହୋଇଥିବା ଲେଖା ଅଛି । ଜନ୍ମ ହେବା ସଙ୍ଗେ ସଙ୍ଗେ

ଏ ଯୁବତୀ ହୋଇଥିବା କଥା ମଧ୍ୟ ଲେଖା ଅଛି । ଗର୍ଗ-ସଂହିତା ଆଦି କେତେକ ଆଧୁନିକ ଗ୍ରନ୍ଥରେ ଶ୍ରୀକୃଷ୍ଣ ରାଧାଙ୍କୁ ବିବାହ କରିଥିବା କଥା ଲେଖାଅଛି—ହି. ଶ.]
୨ । କର୍ଣ୍ଣଙ୍କର ପାଳୟିତ୍ରୀ ଜନନୀ; ଧୃତରାଷ୍ଟ୍ରଙ୍କ ସାରଥି ଅଧିରଥଙ୍କ ପତ୍ନୀ—2. Name of the foster-mother of Karṇṇa. [ଦ୍ର—ରାଧାଶବ୍ଦର (୨) ଅର୍ଥ ସମ୍ବନ୍ଧେ ନୋଟ୍—କୁନ୍ତୀ କୁମାରୀ ଥିବା ଅବସ୍ଥାରେ ସୂର୍ଯ୍ୟଙ୍କ ଔରସରେ ତାଙ୍କ କର୍ଣ୍ଣବାଟେ କୁମାର ଜାତ ହେବାରୁ କୁନ୍ତୀ ଲୋକଲଜ୍ଜାଭୟରେ ଗୋଟିଏ ପେଡ଼ାମଧ୍ୟରେ ସେ ଶିଶୁଟିକି ପୂରାଇ ନଈରେ ଭସାଇ ଦେଲେ ଓ ଶିଶୁଟି ଭାସି ଯାଇ ଯାଇ ସୂତଧରଜାତୀୟ ସାରଥି ବା ସୂତ ଅଧିରଥ ତାକୁ ଦେଖି ତାକୁ ନେଇ ଆପଣାର ପତ୍ନୀ (ରାଧା)ଙ୍କୁ ଦେଲେ ଓ ରାଧା ଉକ୍ତ ପୁତ୍ରକୁ ଲାଳନପାଳନ କରି ବଢ଼ାଇଥିଲେ । ଏଥିପାଇଁ କର୍ଣ୍ଣଙ୍କୁ ସୂତପୁତ୍ର ଓ ରାଧେୟ ବୋଲାଯାଏ । ପ୍ରକୃତରେ ରାଧା କର୍ଣ୍ଣଙ୍କର ପାଳିତା ମାଆ ।] ୩ । ବିଦ୍ୟୁତ୍—3. Atomspheric electricity. ୪ । ଅମଳକୀ—4. Embilic myrobalan. ୫ । ବିଷ୍ଣୁକ୍ରାନ୍ତା ନାମକ ଦେଶ—5. A mythological tract of country. [ଦ୍ର—ପୁରାଣରେ ପୃଥିବୀକୁ ତିନି ଭାଗରେ ବିଭକ୍ତ କରାଯାଇ ଅଛି;—ବିଷ୍ଣୁକ୍ରାନ୍ତା, ରଥକ୍ରାନ୍ତା ଓ ଅଶ୍ୱକ୍ରାନ୍ତା ।] ୬ । ଅପରାଜିତା ଫୁଲ ଓ ଲତା; ବିଷ୍ଣୁକ୍ରାନ୍ତା ଲତା ଓ ଫୁଲ—6. A kind of flower and creeper; Clitoria Ternatia. ୭ । ବାଣମୋକ୍ଷଣ କାଳୀନ ଭଙ୍ଗୀ ବା ଅବସ୍ଥାନ ବିଶେଷ (ଏଥିରେ ଦୁଇ ପାଦ ପରସ୍ପରଠାରୁ ଏକବିତସ୍ତି ଦୂରରେ ରହେ)—7. A posture assumed by an archer while shooting. ୮ । ବିଶାଖା ନକ୍ଷତ୍ର—8. The 16th of the 27 asterisms in Hindu astronomy. ୯ । ଗୋବର୍ଦ୍ଧନ ମଲ୍ଲଙ୍କ ସ୍ତ୍ରୀ; ଚନ୍ଦ୍ରାବଳୀ—9. Chandrābaḷi, wife of Gobardhanamalla. [ଦ୍ର—ମଲ୍ଲ ଗୋବର୍ଦ୍ଧନର ଯେ ଜୀବଧନ ମାନସ ବନ୍ଦନ ପାଣି ବାଳୀ, ରାଧାନାମ ହିତ ତାହାର ବହିତ ନାମ ପୁଣିହିଁ ତ ଚନ୍ଦ୍ରାବଳୀ । ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।] ୧୦ । (+କରଣ ଅ+ଆ) ପ୍ରୀତି; ଅନୁରାଗ; ପ୍ରେମ (ହି.ଶ)—10. Love; attachment. ୧୧ (+ଅଧିକରଣ ଅ) ବୈଶାଖ ପୂର୍ଣ୍ଣିମା (ହି.ଶ)—11. The fullmoon day of the month of Baiśākha. ୧୨ । ଏକ ବର୍ଣ୍ଣବୃତ୍ତର ନାମ (ହି.ଶ)-12. Name of a Sanskrit metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ରଗଣ, ତଗଣ, ମଗଣ, ଯଗଣ ଓ ଏକଗୁରୁ ବର୍ଣ୍ଣ, ଏପରି ୧୩ ଅକ୍ଷର ଥାଏ—ହି. ଶ.]

ରାଧା—ଦେ. ବି.—ସ୍ତ୍ରୀମାନଙ୍କୁ ଦିଆଯିବା ନାମ—
Rādhā A name given to females.
[ରାଧାମଣି, ରାଧା ପ୍ରିୟା—ଅନ୍ୟରୂପ]

ରାଧାକାନ୍ତ—ସଂ. ବି. (୬ଷ୍ଠୀ ତତ୍)—ଶ୍ରୀକୃଷ୍ଣଙ୍କ ନାମ—
Rādhākānta Name of Śrikṛushṇa.
(ରାଧା ଧବ, ରାଧା ନାଥ, ରାଧା ପ୍ରିୟ, ରାଧାବଲ୍ଲଭ, ରାଧାମୋହନ, ରାଧା ରମଣ, ରାଧା ବିନୋଦ —ଅନ୍ୟରୂପ)

ରାଧାକାନ୍ତ ଦେବ—ଦେ. ବି.—(ନାମ)—ସ୍ୱର୍ଗୀୟ ରାଜା ସର୍ ରାଧାକାନ୍ତ
Rādhākānta deba ଦେବ (କଲିକତା) (୧୬୮୪-୧୭୬୭)—
Sir Radhakanta Deb Bahadur, K. C. S. I. of Calcutta.
রাধাকান্ত দেব
[ଦ୍ର—ଏ କଲିକତା ଶୋଭାବଜାରର ରାଜବଂଶୀୟ ଗୌରବାନ୍ୱିତ ଓ ଧର୍ମପ୍ରାଣ ଜମିଦାର; ୪୬ ବର୍ଷ ପରିଶ୍ରମ ଓ ଅଜସ୍ର ଅର୍ଥ ବ୍ୟୟପୂର୍ବକ ବହୁ ପଣ୍ଡିତଙ୍କ ସାହାଯ୍ୟରେ ଏ ଶବ୍ଦକଳ୍ପଦ୍ରୁମ ଓ ବଙ୍ଗଳା-ଇଂରାଜୀରେ ସଂସ୍କୃତ-ଅର୍ଥକୋଷ ଅଭିଧାନ ସଙ୍କଳନ କରିଥିଲେ । ଜୀବନର ଶେଷ ତିନି ବର୍ଷ ଏ କଲିକତା ତ୍ୟାଗ କରି ବୃନ୍ଦାବନରେ ବାସ କରିଥିଲେ । ଗଭର୍ଣ୍ଣମେଣ୍ଟ ଏହାଙ୍କୁ ରାଜା-ବାହାଦୁର, କେ. ସି. ଏସ୍. ଆଇ ଓ ସର୍ ଉପାଧି ଦେଇ ଥିଲେ । ଏ ପୂର୍ବରୁ ନିଜର ଶବଦାହ ଓ ଅନ୍ତ୍ୟେଷ୍ଟି ସମ୍ବନ୍ଧେ ପୁରୋହିତ ଓ ପାରିଷଦଙ୍କୁ ଯଥାବିହିତ ଉପଦେଶ ଦେଇ, ମରିବା ନିମନ୍ତେ ପ୍ରସ୍ତୁତ ହୋଇ ପ୍ରାଙ୍ଗଣ ମଧ୍ୟରେ ତୁଳସୀ ମୂଳରେ ଜପ କରୁ କରୁ ଏହାଙ୍କ ପ୍ରାଣ-ବାୟୁ ନିର୍ଗତ ହେଲା । ବିଧର୍ମୀ ଶିକାରୀମାନଙ୍କଦ୍ୱାରା ବୃନ୍ଦାବନରେ ମୟୂରବଧ ଏହାଙ୍କ ଚେଷ୍ଟାରେ ଗଭର୍ଣ୍ଣ-ମେଣ୍ଟଙ୍କ ଆଇନ୍‌ଦ୍ୱାରା ବନ୍ଦ ହୋଇଥିଲା । ଏହାଙ୍କ ପିତା ଗୋପୀମୋହନ ଓ ପିତାମହ ରାଜା ନବକୃଷ୍ଣ ଦେବ ।]

ରାଧାକାନ୍ତ ମଠ—ଦେ. ବି.—(ନାମ)—ପୁରୀର ଗୌଡ଼ୀୟ ବୈଷ୍ଣବଙ୍କ ପ୍ରସିଦ୍ଧ ମଠ—
Rādhākānta matha A celebarated Matha of Puri.
রাধাকান্ত মঠ
[ଦ୍ର—ଶ୍ରୀ ଚୈତନ୍ୟଦେବ ପୁରୀରେ ଅବସ୍ଥାନ କରିବା ବେଳେ ଏଠାରେ ବାସ କରୁଥିଲେ । ଅଦ୍ୟାପି ଚୈତନ୍ୟଦେବଙ୍କର ମାଳା କନ୍ଥା ଓ ପାଦୁକା ଚୈତନ୍ୟଦେବଙ୍କ ବାସ କରୁଥିବା ପ୍ରକୋଷ୍ଠରେ ଯତ୍ନ ସହିତ ରକ୍ଷିତ ହୋଇଅଛି । ଏହାହିଁ ଓଡ଼ିଆ ବ୍ରାହ୍ମଣ ଗୃହସ୍ଥ କାଶୀ ମିଶ୍ରଙ୍କର ଘର ଥିଲା । ଚୈତନ୍ୟଦେବ ସେଠାରେ ରହିବା ପରେ କାଶୀ ମିଶ୍ରେ ଏ ସ୍ଥାନକୁ ଶ୍ରୀ ଚୈତନ୍ୟଙ୍କୁ ଦେଲେ ଓ ଚୈତନ୍ୟଦେବ ଏହାକୁ ଗୋପାଳ ଗୁରୁ ଗୋସ୍ୱାମୀ ନାମକ ଜଣେ ବୈରାଗୀ ବୈଷ୍ଣବଙ୍କୁ ଦେଲେ । ଗୋପାଳ ଗୁରୁଙ୍କଠାରୁ ଶିଷ୍ୟପରମ୍ପରାକ୍ରମେ ଏ ମଠ ଓଡ଼ିଆ ମହନ୍ତଙ୍କ ଅଧ୍ୟକ୍ଷତାରେ ଚଳି ଆସୁଅଛି । ଗଞ୍ଜାମ ଓ ଉତ୍କଳଭାଷୀ ଅନ୍ୟ ସ୍ଥାନମାନଙ୍କରେ ଏହାର ଶାଖା ମଠମାନ ଅଛି ।]

ରାଧା କୁଣ୍ଡ—ସଂ. ବି.—ବୃନ୍ଦାବନସ୍ଥ ତୀର୍ଥ ବିଶେଷ—A shrine of
Rādhā kuṇḍa Brundaban, being a reservoir of holy water associated with Rādhā, Kṛushṇa's divine consort.

ରାଧାକୁଷ୍ଣ(ଣ୍ଟି)—ଗ୍ରା.ବି.—(ସଂ. ରାଧାକୃଷ୍ଣ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ) —
Rādhā kushṇa(ṭañ) ରାଧାକୃଷ୍ଣ (ଦେଖ)—Rādhākrushṇa (See)
রাধাকৌষ্ট' राधाकीसन
[ରାଧେକୁଷ୍ଟି—ଅନ୍ୟରୂପ]

ରାଧାକୃଷ୍ଣ—ସଂ. ବି.—[ଦ୍ୱନ୍ଦ୍ୱ]—ରାଧାଙ୍କର ଓ ଶ୍ରୀକୃଷ୍ଣଙ୍କର ଏକତ୍ର
Rādhākrushṇa ସନ୍ନିବିଷ୍ଟ ଯୁଗଳରୂପ—Rādhā and Krushṇa standing or sitting together or embracing each other.
ରାଧାଗୋବିନ୍ଦ, ରାଧାଶ୍ୟାମ(ଚନ୍ଦ୍ର), ରାଧା ମାଧବ, ରାଧାଦାମୋଦର }—ଅନ୍ୟରୂପ
ଦେ. ବି. ପୁଂ.—ଲୋକଙ୍କ ନାମ—A name given to males.

ରାଧାକୃଷ୍ଣ ଗୋବିନ୍ଦ—ସଂ. ବି.—ବିଷ୍ଣୁ ଭକ୍ତମାନଙ୍କଦ୍ୱାରା ଉଚ୍ଚାରିତ ରାଧାକୃଷ୍ଣ
Rādhākrushṇa gobinda ନାମ—Name uttered by devotees of Bishṇu.
ରାଧାମାଧବ ଗୋବିନ୍ଦ, ରାଧା ଦାମୋଦର ଗୋବିନ୍ଦ, ରାଧାଶ୍ୟାମ ଗୋବିନ୍ଦ }—ଅନ୍ୟରୂପ

ରାଧା ଚକ୍ର—ସଂ.ବି.—(ରାଧାଙ୍କପ୍ରିୟ ଚକ୍ର; ମ.ପ.ଲୋ)—ସୁଦର୍ଶନ ଚକ୍ର—
Rādhā chakra
The disc (weapon) of Bishṇu by hurling which He killed many demons.
[ବ୍ୟୁ—ଏହି ଚକ୍ରଦ୍ୱାରା ଶ୍ରୀକୃଷ୍ଣ ବହୁ ଦୈତ୍ୟଙ୍କୁ ବଧ କରିଥିବାରୁ ରାଧା ଏହି ଅସ୍ତ୍ରକୁ ବିଶେଷ ସ୍ନେହ କରୁଥିଲେ ।]

ରାଧା ଚଡ଼କ—ଦେ. ବି.—(ସଂ. ରାଧାଚକ୍ର)—(ଗାଳିରେ ବ୍ୟବହୃତ)
Rādhā chardaka ମନୁଷ୍ୟ ଉପରେ ପଡ଼ି ମୃତ୍ୟୁ ଘଟାଇବା
(ରାଧା ଚଡ଼ଚଡ଼ି—ଅନ୍ୟରୂପ) ଚଡ଼ଚଡ଼ି ବା ବଜ୍ରଦୂତ—Thunder which strikes and kills a person.
(ବ୍ୟୁ—ଲୋକେ ଗାଳିରେ କହି ଥାଆନ୍ତି, ତୋ ଉପରେ
বাজ ରାଧାଚଡ଼କ ପଡ଼ୁ, ଅର୍ଥାତ୍ ତୋ ଉପରେ ବଜ୍ରପାତ ହୋଇ
गाया बीजली, हरहड़ी बज्र ତୋର ମୃତ୍ୟୁ ଘଟୁ ।)

ରାଧା ଚନ୍ଦ୍ରବାର୍ଦ୍ଧି—ଦେ. ବି—(ଗାଳିରେ ବ୍ୟବହୃତ) ଭୀଷଣ ଓ
Rādhā chandrabārdi ମାରାତ୍ମକ ବିସୂଚିକା—Cholera
ওলা, ঢুনকী of a very serious type; asiatic cholera. [ବ୍ୟୁ—କଥିତ ଅଛି ଯେଉଁ ବର୍ଷ ଜଗନ୍ନାଥ ମହାପ୍ରଭୁଙ୍କର ରାଧାଚନ୍ଦ୍ର (ରାଧାକୃଷ୍ଣ) ବେଶ ହୋଇଥିଲେ ସେ ବର୍ଷ ଅଦୃଷ୍ଟପୂର୍ବ ଓ ଅଶ୍ରୁତପୂର୍ବ ବିସୂଚିକାର ଆକ୍ରମଣରେ ଅସଂଖ୍ୟ ଲୋକ ମରିଥିଲେ ।]

ରାଧାଚରଣ—ଦେ. ବି. ପୁଂ—ଲୋକଙ୍କ ନାମ—
Rādhācharaṇa A name given to males.
[ରାଧାପ୍ରସାଦ, ରାଧାପ୍ରସନ୍ନ—ଅନ୍ୟରୂପ]

ରାଧାଚରଣ ଦାସ—ଦେ.ବି(ନାମ)—(ପରଲୋକଗତ) ସାମନ୍ତ ରାଧାଚରଣ
Rādhācharaṇa dāsa ଦାସ, ବାଲେଶ୍ୱରର ସ୍ୱର୍ଗୀୟ ବିଖ୍ୟାତ ଜମିଦାର—The late wellknown *Zamindar* of Balasore in the Balasore district of Orissa. [ବ୍ୟୁ—ଏ ଜାତିରେ କରଣ ଓ ବାଲେଶ୍ୱରର ସୁନହଟର ପ୍ରଧାନ ଜମିଦାରବଂଶୀୟ ଥିଲେ । ଏହାଙ୍କର ବିଷ୍ଣୁଭକ୍ତି ଓ ଦେବସେବା ଓ ବ୍ରାହ୍ମଣବୈଷ୍ଣବାଦିଙ୍କ ସେବା ଜମରେ ଗଣ୍ଡା ହୋଇଥିବା ଦେବମନ୍ଦିର ଓ ଇମାରତମାନ ଅନେକ ଅଛି । ଏହାଙ୍କ ଜମିଦାରି ସାମନ୍ତଏଷ୍ଟେଟ୍ ନାମରେ ଖ୍ୟାତ ।]

ରାଧା ଜନ୍ମ—ସଂ. ବି—ରାଧାଷ୍ଟମୀ (ଦେଖ)
Rādhājanma Rādhāshṭamī. (See)

ରାଧାତାପିନୀ—ସଂ. ବି—ଅଥର୍ବ ବେଦର ଉପନିଷଦ୍ ଅନ୍ତର୍ଭୁକ୍ତ ବୈଷ୍ଣବ
Rādhātāpinī ଧର୍ମଗ୍ରନ୍ଥ ବିଶେଷ—A treatise on the Baishṇaba religion. [ବ୍ୟୁ—ଗୋପାଳ ଦେଖ ଅଥର୍ବରେ, ଅଛଇ ରାଧା ତାପିନୀରେ । ପ୍ରାଚୀ ପୁର୍ଷୋତ୍ତମ ଚନ୍ଦ୍ରୋଦୟ ।]

ରାଧା ଦାମୋଦର—ସଂ. ବି—୧ । ରାଧା ଓ ଶ୍ରୀକୃଷ୍ଣ—1. Rādhā
Rādhā dāmodara and Śrikrushṇa. ୨ । ରାଇ ଦାମୋଦର (ଦେଖ)—2. Rāidāmodara; (See)
ରାଧା ଦାମୋଦର, ରଇ ଦାମୋଦର } ଦେଶଜରୂପ
୩ । ପଦ୍ମପୁରାଣୋକ୍ତ ରାଧାକୃଷ୍ଣଙ୍କର ଯୁଗଳରୂପକୁ ଜପିବାର ମନ୍ତ୍ର; କାର୍ତ୍ତିକ ମାସରେ ବିଧବାମାନଙ୍କ ଜପିବା ମନ୍ତ୍ର ଓ ବ୍ରତ—3. The formula formulated and the vow taken for worshipping Rādhā and Krushṇa during the month of Kārttika.

ରାଧା ନାଚିବେ—ଦେ. ବାକ୍ୟ—ରାଧା ନୃତ୍ୟ କରିବାରୂପ ଅଲଭ୍ୟ ବା
Rādhā nāchibe ଦୁର୍ଲଭ କାର୍ଯ୍ୟ—A thing, the performance of which entails much
রাধা নাচবে botheration and arrangement. [ବ୍ୟୁ—
राधा नाचगी କୌଣସି କୃଚ୍ଛ୍ରସାଧ ବା ବହୁ ବ୍ୟୟସାଧ ବା ବହୁଳ
সাতমণ তেলও পুড়বেনা রাধাও নাচবেনা ଆୟୋଜନସାଧ କାର୍ଯ୍ୟ
न एकसौमन घी होगा न राधा नाचेगी ପ୍ରତି ଲକ୍ଷ୍ୟ କରି ଏ ବାକ୍ୟ ବୋଲାଯାଏ;—ଶହେ ମହଣ ଘିଅ ହେବ, ନାଁ, ରାଧା ନାଚିବେ । ଅର୍ଥାତ୍ ଶହେ ମହଣ ଘିଅ ଏକତ୍ର ସଂଗୃହୀତ ହୋଇ ପାରିବା ଯେପରି ଅସାଧ୍ୟ, ରାଧା ନାଚିବା ମଧ୍ୟ ସେହିପରି ଅସମ୍ଭବ । ସମ୍ଭବତଃ ଏ ଉକ୍ତିଦ୍ୱାରା ରାଧାକୃଷ୍ଣ ଲୀଳାର କୌଣସି ଲୌକିକ ଆଖ୍ୟାନ ପ୍ରତି ଲକ୍ଷ୍ୟ କରାଯାଇଅଛି ।]

ରାଧାନାଥ—ସଂ. ବି—ଶ୍ରୀକୃଷ୍ଣ—Śrikrushṇa. ଦେ. ବି. ପୁଂ—
Rādhānātha ୧ । ପୁରୁଷଙ୍କ ନାମ—1. A name given to males. ୨ । ସ୍ୱର୍ଗୀୟ କବିବର ରାୟ ରାଧାନାଥ ରାୟ ବାହାଦୁର୍—2. The late Rai Rādhānāth Rai Bāhādur, the greatest modern Oriya poet. [ବ୍ୟୁ—ଏ ମହାଶୟ ଉତ୍କଳର ଆଧୁନିକ ଯୁଗର ପ୍ରଧାନ କବି । ଏ ଉତ୍କଳର ସ୍ଥାୟୀ ଉପନିବେଶୀ ବଙ୍ଗୀୟ କାୟସ୍ଥ କୁଳରେ ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ଖ୍ରୀ. ୧୮୬୨ ସାଲ ଅକ୍ଟୋବର ୨୮ ଦିନ ଜନ୍ମଗ୍ରହଣ କରିଥିଲେ ।

ଏହାଙ୍କ ପିତାଙ୍କ ନାମ ସୁନ୍ଦରନାରାୟଣ ରାୟ ଓ ମାତାଙ୍କ ନାମ ଶ୍ରୀମତୀ ଭାରଣୀଦାସୀ। ଅତି ଶୈଶବରୁ ମାତୃହୀନ ହୋଇ ସେ ପିତାଙ୍କଠାରୁ ପିତୃସ୍ନେହ ଦ୍ୱିଗୁଣ ମାତ୍ରାରେ ପ୍ରାପ୍ତ ହୋଇଥିଲେ। ସେ ଶୈଶବରୁ ଅତ୍ୟନ୍ତ ରୋଗପ୍ରବଣ ଥିଲେ, ତେଣୁ ପଠଦଶାରେ ତାଙ୍କର ବହୁ ସମୟ ରୋଗରେ ନଷ୍ଟ ହୋଇଥିଲା। ସେ ବାଲେଶ୍ୱର ଜିଲ୍ଲାସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ, ସେସମୟରେ କଟକରେ ଉଚ୍ଚତର ଶିକ୍ଷା ନିମନ୍ତେ କଲେଜ୍ ପ୍ରତିଷ୍ଠିତ ନ ଥିବାରୁ, କଲିକତାକୁ ଏଫ୍. ଏ. ପଢ଼ିବାକୁ ଗଲେ। ସେଠାରେ ସ୍ୱାସ୍ଥ୍ୟହାନି ଘଟିବାରୁ ଉଚ୍ଚଶିକ୍ଷାକୁ ଜଳାଞ୍ଜଳି ଦେଇ ତାଙ୍କୁ ଶୀଘ୍ର ସେଠାରୁ ଫେରିଆସିବାକୁ ହେଲା। କିଛି ଦିନ ପରେ ସେ ବାଲେଶ୍ୱର ଜିଲ୍ଲାସ୍କୁଲ୍‌ରେ ମାସିକ ୩୦ ଟଙ୍କା ବେତନରେ ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। କଲେଜ୍‌ରେ ପଢ଼ିବା ସୁବିଧା ଅଭାବ ନ ଘଟିବାରୁ ସେ ନିଜ ଯତ୍ନରେ ଘରେ ପାଠ ପଢ଼ି ଏଫ୍. ଏ. ପାସ୍ କଲେ ଓ ବି. ଏ. ପରୀକ୍ଷାର ସମସ୍ତ ପାଠ୍ୟ ନିଜ ଯତ୍ନ ଓ ଉଦ୍ୟମରେ ଘରେ ପଢ଼ିଲେ। ତତ୍କାଳୀନ ବିଖ୍ୟାତ ପଣ୍ଡିତ ସଦାଶିବ ନନ୍ଦଙ୍କ ପାଖରେ ରାଧାନାଥ ଉତ୍କଳର ବ୍ୟାସକବି ଫକୀରମୋହନଙ୍କ ସହିତ ସଂସ୍କୃତ କାବ୍ୟ ନାଟକାଦି ଅଧ୍ୟୟନ କରି ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରେ ରାଧାନାଥ ୫ ବର୍ଷକାଳ ଶିକ୍ଷକତା କରିଥିଲେ ଓ ଏହି ସମୟରେ ରେମୁଣା ଗ୍ରାମର ଆଦିତ୍ୟ ବଂଶର ଚନ୍ଦ୍ରମୋହନ ଆଦିତ୍ୟଙ୍କ କନ୍ୟା ପରମସୁନ୍ଦରୀଙ୍କ ସହିତ ରାଧାନାଥଙ୍କ ଶୁଭ ପରିଣୟ ସମ୍ପନ୍ନ ହୋଇଥିଲା। ଏହା ପରେ ସେ ଦ୍ୱିତୀୟ ଶିକ୍ଷକ ପଦରେ ପୁରୀଜିଲ୍ଲା ସ୍କୁଲ୍‌କୁ ବଦଳି ହେଲେ ଓ ସେଠାରେ ତତ୍କାଳୀନ ହେଡ଼୍‌ମାଷ୍ଟର ମଧୁସୂଦନ ରାଓଙ୍କ ଛାତ୍ରରୂପେ ଲାଭ କଲେ। ପୁରୀରୁ ସେ କଟକକୁ ବଦଳି ହେଲେ ଓ ସେଠାରୁ ୧୮୭୬ରେ ସ୍କୁଲ୍ ବିଭାଗୀୟ ଡେପୁଟି ଇନ୍‌ସ୍‌ପେକ୍ଟର୍ ପଦରେ ବାଲେଶ୍ୱର ଜିଲ୍ଲାକୁ ଫେରି ଆସିଲେ। ଏହି ବର୍ଷ ତାଙ୍କର ସୁଯୋଗ୍ୟ ପୁତ୍ର ଶଶିଭୂଷଣଙ୍କର ଜନ୍ମ। ଏତେବେଳକୁ ରାଧାନାଥ ତାଙ୍କର ଅନେକ କାବ୍ୟ ଲେଖି ସାରିଥିଲେ। ତାଙ୍କ ସାହିତ୍ୟସେବାର ଓ ଉତ୍କଳରେ ଶିକ୍ଷା ବିସ୍ତାର ପ୍ରତି ଆଦରର ପୁରସ୍କାରସ୍ୱରୂପ ଗଭର୍ଣ୍ଣମେଣ୍ଟ ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଥିଲେ। ରାଧାନାଥ ଉତ୍କଳକୁ ଜନ୍ମଭୂମି ଓ ଓଡ଼ିଆଭାଷାକୁ ମାତୃଭାଷା ମଣୁଥିଲେ। ସେ ପ୍ରଥମେ ବଙ୍ଗଭାଷାରେ କବିତା ଲେଖିଥିଲେ। କିନ୍ତୁ ପରେ ବଙ୍ଗଭାରତୀଙ୍କ ସେବା ତ୍ୟାଗ କରି ଉତ୍କଳ ଭାରତୀଙ୍କ ବନ୍ଦନାରେ ନିଜର ଜୀବନକୁ ନିୟୋଜିତ କଲେ। ଉତ୍କଳର ଦର୍ଶନୀୟ ହ୍ରଦ, ପୁଷ୍କରିଣୀ, ପର୍ବତ, କନ୍ଦର, ନଦୀ, ବନ, ଗ୍ରାମ, ଉଦ୍ୟାନ, ବୃକ୍ଷ, ଲତା, ଆଦି ପ୍ରାକୃତିକ ଦୃଶ୍ୟ ଓ ଐତିହାସିକ ବିଷୟକୁ ସେ ଅମର ଅକ୍ଷରରେ ଲିପିବଦ୍ଧ କରି ଯାଇଅଛନ୍ତି। ସେ ଉତ୍କଳର ଆଧୁନିକ ଜାତୀୟ ସାହିତ୍ୟର ଓ ଜାତୀୟ କବିତାର ମୂଳଦୁଆ ବାନ୍ଧିଦେଇ ଯାଇ ଅଛନ୍ତି। ଉତ୍କଳର ଆଧୁନିକ ସାହିତ୍ୟଯୁଗର ସେ ଶ୍ରେଷ୍ଠ କବି ଓ ପ୍ରବର୍ତ୍ତକ। ତାଙ୍କର ଖଣ୍ଡିଏ ଗଦ୍ୟ ଉପନ୍ୟାସ (ଇଟାଲୀୟ ଯୁବା) ଓ ବିବେକୀ ନାମକ ପ୍ରବନ୍ଧ ଏବଂ କେତେଗୁଡ଼ିଏ ପାଠ୍ୟ ପୁସ୍ତକ ଛଡ଼ା ଅନ୍ୟ ସବୁ ରଚନା ପଦ୍ୟ। ତାଙ୍କର ରଚିତ ଗ୍ରନ୍ଥମାନ :—

୧। ସଂସ୍କୃତ ମେଘଦୂତର ପଦ୍ୟାନୁବାଦ
୨। ସ୍କୁଲ ପାଠ୍ୟ କବିତାବଳୀ
୩। କେଦାରଗୌରୀ
୪। ଚନ୍ଦ୍ରଭାଗା
୫। ନନ୍ଦିକେଶ୍ୱରୀ
୬। ଉଷା
୭। ପାର୍ବତୀ (ଅସମ୍ପୂର୍ଣ୍ଣ)
୮। ଚିଲିକା
୯। ମହାଯାତ୍ରା (ଅସମ୍ପୂର୍ଣ୍ଣ)
୧୦। ଯଯାତିକେଶରୀ
୧୧। ତୁଳସୀ ସ୍ତବକ
୧୨। ଦରବାର। ୧୩। ଦଶରଥ ବିୟୋଗ
୧୪। ବାଣହରଣ। ୧୫। ମହେନ୍ଦ୍ରଗିରି;

ଉତ୍କଳର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ତାଙ୍କୁ ଅମର କରିବ। ତାଙ୍କ ରଚନାର ମାଧୁର୍ଯ୍ୟ, ପଦଲାଳିତ୍ୟ, ସାରଲ୍ୟ ଓ ସୁରୁଚି ପାଠକମାନଙ୍କୁହିଁ ମୁଗ୍ଧ କରେ। ଚରିତ୍ରଚିତ୍ରଣରେ ସେ କୃତିତ୍ୱ ଲାଭ କରି ନ ଥିଲେ। ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା। ତାଙ୍କ ପୁତ୍ର ଶ୍ରୀ ଶଶି ଭୂଷଣ ପିତାଙ୍କ ଗ୍ରନ୍ଥାବଳୀ ପ୍ରକାଶ କରିଅଛନ୍ତି ଓ ତାଙ୍କ ମଧ୍ୟମ ଜାମାତା ଶ୍ରୀ ଦୁର୍ଗାଚରଣ ରାୟ ତାଙ୍କ ଜୀବନୀ ସଙ୍କଳିତ କରି ଶୀଘ୍ର ତାହା ମୁଦ୍ରିତ ହେବା କଳ୍ପନା କରୁଅଛନ୍ତି।]

ରାଧାପଦ୍ମ—ସଂ. ବି—୧। ଶ୍ୱେତପଦ୍ମ—1. White lotus.
Rādhāpadma ୨। ସୂର୍ଯ୍ୟମୁଖୀ ଫୁଲ—2. The sun flower.

ରାଧାପ୍ରିୟା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ରାଧା+ପ୍ରିୟା)—ରାଧିକାଙ୍କ ପ୍ରିୟ-
Rādhāpriyā ସଖୀ—A dear female friend of Rādhā. ଦେ. ବି. ସ୍ତ୍ରୀ—ସ୍ତ୍ରୀମାନଙ୍କ ନାମ—A name (ରାଧାବଲ୍ଲଭୀ—ଅନ୍ୟରୂପ) given to females.

ରାଧା ବଲ୍ଲଭ—ସଂ.ବି. ପୁଂ (୬ଷ୍ଠୀ ତତ)—ଶ୍ରୀକୃଷ୍ଣ—Śrikṛushṇa.
Rādhā ballabha ଦେ. ବି. ପୁଂ—ଲୋକଙ୍କ ନାମ—
ରାଧାରମଣ, ରାଧାମୋହନ }—ଅନ୍ୟରୂପ A name given to males.

ରାଧାବଲ୍ଲଭ(ଭୀ)ମଠ—ଦେ.ବି—ପୁରୀ ସହରର ଗୋଟିଏ ବୈଷ୍ଣବ ମଠ—
Rādhāballabha(bhi)matha Name of a Math ରାଧାବଲ୍ଲଭୀ ମଠ in Puri. [ଦ୍ର—ଏହି ମଠରେ ଥିବା ବୈଷ୍ଣବସମ୍ପ୍ରଦାୟ ରାଧାବଲ୍ଲଭୀ ମଠ ରାଧିକାଙ୍କୁ ଶ୍ରୀକୃଷ୍ଣଙ୍କ ବିବାହିତା ସ୍ତ୍ରୀ ବୋଲି ଗ୍ରହଣ

କରୁଅଛନ୍ତି । ଏ ସମ୍ପ୍ରଦାୟ ଜମାଙ୍କ ସମ୍ପ୍ରଦାୟର ଗୋଟିଏ ଶାଖା ।]

ରାଧାମଣି—ଦେ. ବ. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—
Rādhāmaṇi A name given to females.

ରାଧାରମଣ ଚରଣ ଦାସ—ଦେ.ବ.--ସ୍ୱନାମଧନ୍ୟ ବୈକୁଣ୍ଠଗାମୀ ବୈଷ୍ଣବ; ପୁରୀର 'ବଡ଼ ବାବାଜୀ'; କଟକର "ଚରଣ ଦାସ ବାବାଜୀ"—A late celebrated baishṇaba of this name.
Rādhāramaṇa charaṇa dāsa
রাধারমণ চরণ দাস
चरण दास बाबाजी
(ବ୍ର—ଏ ମହାତ୍ମା ବଙ୍ଗଦେଶରେ କାୟସ୍ଥ କୁଳରେ ଜନ୍ମ ଗ୍ରହଣ କରିଥିଲେ । କେତେକ ଦିନ ଗୃହସ୍ଥାଶ୍ରମୀ ହେବା ପରେ ତାଙ୍କର ସ୍ତ୍ରୀ ବିୟୋଗ ଘଟିଲା । ତତ୍ପରେ ସେ ନବଦ୍ୱୀପକୁ ଯାଇ ସେଠାରେ ଜଣେ ମହାପୁରୁଷଙ୍କଠାରୁ ବୈଷ୍ଣବ ଧର୍ମର ଦୀକ୍ଷା ଓ ଭେକ ଗ୍ରହଣ କରି ହରିନାମ ସଂକୀର୍ତ୍ତନ ଦ୍ୱାରା ବଙ୍ଗ ଓ ଉତ୍କଳରେ ବହୁ ସହସ୍ର ଲୋକଙ୍କୁ ଶ୍ରୀଚୈତନ୍ୟ ଦେବଙ୍କ ପ୍ରବର୍ତ୍ତିତ ବୈଷ୍ଣବ ଧର୍ମରେ ଦୀକ୍ଷିତ କରିଥିଲେ । ଶ୍ରୀ ଚୈତନ୍ୟ ଦେବଙ୍କ କୃପାରୁ ଏକନିଷ୍ଠା ଭକ୍ତି ବଳରେ ସେ ଅନେକ ଆଶ୍ଚର୍ଯ୍ୟ ଘଟନାମାନ ଦେଖାଇ ପାରିଥିଲେ । ତାଙ୍କର ନବଦ୍ୱୀପରେ, କଟକରେ ଓ ପୁରୀରେ ମଠ ଅଛି । ତାଙ୍କର ପ୍ରଧାନ ଶିଷ୍ୟ ରାମଦାସ ବାବାଜୀ ସଂକୀର୍ତ୍ତନ ଦ୍ୱାରା ସହସ୍ର ସହସ୍ର ଲୋକଙ୍କୁ ମୁଗ୍ଧ କରୁଅଛନ୍ତି । କଟକରେ ତେଲିଙ୍ଗା ବଜାର ଓ ଚଉଧୁରୀ ବଜାର ମଝିରେ କାଠଯୋଡ଼ି କୂଳରେ ତାଙ୍କ ଅନ୍ତେ ତାଙ୍କ ଶିଷ୍ୟ ପ୍ରଶିଷ୍ୟମାନେ 'ରାସବିହାରୀ ମଠ' ନାମରେ ଗୋଟିଏ ପ୍ରକାଣ୍ଡ ମଠ ସ୍ଥାପନ କରି ସେଥିରେ ତାଙ୍କର ମର୍ମରମୟ ମୂର୍ତ୍ତି ରଖି ତାଙ୍କର ଓ ଉକ୍ତ ମଠରେ ପ୍ରତିଷ୍ଠିତ ରାସବିହାରୀ ଦେବଙ୍କର ପୂଜା, ଆରାଧନା ଓ ନାମ ସଂକୀର୍ତ୍ତନ କରୁଅଛନ୍ତି । ତାଙ୍କ ପ୍ରଚାରିତ ମନ୍ତ୍ର—

"ହରେକୃଷ୍ଣ ହରେ ରାମ
ନିତାଇ ଗଉର ରାଧେ ଶ୍ୟାମ"

ବାରଂବାର ଉଚ୍ଚାରଣ ପୂର୍ବକ ତାଙ୍କ ଭକ୍ତମାନେ ଖୋଲ କରତାଳ ବଜାଇ ଅଷ୍ଟପ୍ରହରୀ, ଚବିଶପ୍ରହରୀ, ସପ୍ତାହବ୍ୟାପୀ ଓ ମାସବ୍ୟାପୀ ଅହୋରାତ୍ର ସଂକୀର୍ତ୍ତନ ଓ ନଗର କୀର୍ତ୍ତନ କରନ୍ତି । ନବଦ୍ୱୀପରେ ଥିବା ତାଙ୍କ ମଠରେ ମଧ୍ୟ ନାନା ଉତ୍ସବ ଉପଲକ୍ଷରେ ଏହିପରି କୀର୍ତ୍ତନ ଓ ମହୋତ୍ସବ ହୁଏ ।

ରାଧାରାଣୀ—ଦେ. ବ. ସ୍ତ୍ରୀ—୧ । ରାଧାଙ୍କୁ ସ୍ନେହ ସମ୍ବୋଧନ—1. A term of endearment applied to Rādhā ୨ । ସ୍ତ୍ରୀଲୋକଙ୍କ ନାମ 2. A name given to females.
Rādhā rāṇi
রাধারাণী
राधारानी

ରାଧାଶ୍ୟାମ ନରେ(ରୀ)ନ୍ଦ୍ର—ଦେ.ବ. (ନାମ)—କେନ୍ଦ୍ରାପଡ଼ାର ପରଲୋକପ୍ରାପ୍ତ ପ୍ରସିଦ୍ଧ ଜମିଦାର ।
Rādhāsyāma nare(ri)ndra
The late wellknown Zemindar of Kendrapara in the district of Cuttack in Orissa, celebrated for his munificence to Baishṇabas. (ବ୍ର—ଏ କେନ୍ଦ୍ରାପଡ଼ାର ପୁରାତନ ଜମିଦାର ବଂଶୀୟ ଥିଲେ । ଏହାଙ୍କ ପିତାଙ୍କ ନାମ ସଦାଶିବ ସେନା । ଏହାଙ୍କ ପରିବାର ଦାନ ଓ ବିଷ୍ଣୁଭକ୍ତି ପାଇଁ ପ୍ରସିଦ୍ଧ । ଏ କେନ୍ଦ୍ରାପଡ଼ାଠାରେ ବଳଦେବ ଜୀଉ ନାମକ ଦେବବିଗ୍ରହ ପ୍ରତିଷ୍ଠା କରି ତାଙ୍କ ତଳେ ଅନେକ ଭୂସମ୍ପତ୍ତି ଖଞ୍ଜା କରି ଯାଇଅଛନ୍ତି । ଏହାଙ୍କ ବଦାନ୍ୟତାକୁ ଭାରତର ଚତୁର୍ଦ୍ଦିଗସ୍ଥ ବା ତୀର୍ଥସ୍ଥଳ (ପୁରୀ, ରାମେଶ୍ୱର, ବଦ୍ରିନାଥ ଓ କାଶୀ) ରେ ଉଦ୍‌ଘୋଷିତ ହେଉଥିଲା । ଏହାଙ୍କ ପିତୃସୀଙ୍କ କବିବର ଅଭିମନ୍ୟୁ ସାମନ୍ତସିଂହାର ବିବାହ କରିଥିଲେ ।)

ରାଧାଷ୍ଟମୀ—ସ.ବ.—(ମ. ପ. ଲୋ)—ଭାଦ୍ର ଶୁକ୍ଳାଷ୍ଟମୀ । (ରାଧିକା ଏହିଦିନ ଜନ୍ମଗ୍ରହଣ କରିଥିଲେ) । The eighth day of the bright fortnight of Bhādra, the birth-day of Rādhā
Rādhāshṭami

ରାଧାସଖୀ—ସ. ବ.—ରାଧାଙ୍କର ସାଙ୍ଗ—A female companion of Rādhā (ବ୍ର—ଷୋଳ ସହସ୍ର ଗୋପୀ ରାଧିକାଙ୍କର ସଖୀ ଥିଲେ ମଧ୍ୟ ୮ଜଣ ତାଙ୍କର ପ୍ରିୟସଖୀ ଥିଲେ ।) (ରାଧାସହଚରୀ—ଅନ୍ୟରୂପ)
Rādhā sakhi

ରାଧି—ଦେ. ବ.—ରାଧିକାର ଡାକ ନାମ—Name for calling Rādhikā.
Rādhi

ରାଧି(ଧୁ)ଆ—ଦେ. ବ.—(ଅନାଦରାର୍ଥକ) ରାଧା ନାମରେ ଆରମ୍ଭ ହୋଇଥିବା ବ୍ୟକ୍ତିର ଡାକ ନାମ—Name for calling persons named Rādhakṛushna etc.
Rādhi(dhu)ā
রাধুয়া **राधिया**

ରାଧିକା—ସ. ବ. ସ୍ତ୍ରୀ (ରାଧ୍ ଧାତୁ+କର୍ତ୍ତୃ ଅକ+ସ୍ତ୍ରୀ. ଆ)—
Rādhikā ରାଧା (ଦେଖ)—Rādhā (See)

ରାଧିକା କାନ୍ତ—ସ.ବ.ପୁଂ—ଶ୍ରୀକୃଷ୍ଣ--Śrīkṛushṇa.ଦେ ବ.ପୁ.ଲୋକଙ୍କ ନାମ—A name given to males.
Rādhikā kānta
[ରାଧିକା ପ୍ରସନ୍ନ, ରାଧିକା ନାଥ, ରାଧିକା ବଲ୍ଲଭ, ରାଧିକା ରଞ୍ଜନ, ରାଧିକା ରମଣ, ରାଧିକା ମୋହନ, ରାଧିକାରସିକ—ଅନ୍ୟରୂପ]

ରାଧିକା ଗୋପିକାଗଣ—ସ. ବ (ସହଚର)—ରାଧା ଓ ଗୋପୀମାନେ—
Rādhikā gopikāgaṇa Rādhā and the cowherd ladies of Brundaban.

ରାଧିକା ଦୂତିକା—ସ. ବ (ସହଚରୀଦ୍ୱୟ ଓ ସହଚର ଶବ୍ଦ)—ରାଧା ଓ ତାଙ୍କ ପ୍ରିୟସଖୀ ଲଳିତା—Rādhā and her bosom companion Lalitā. ଦେ. ବ—ସମବୟସ୍କା ଯୁବତୀ ସଖୀଦ୍ୱୟ—A word applied to two young ladies of the same age who are companions to each other.
Rādhikā dūtikā
(ରାଧିକା ଦୂତିକା—ଗ୍ରାମ୍ୟରୂପ)
(ରାଧିକାଲଳିତା—ଅନ୍ୟରୂପ)

ରାଧିକେ—ସ. (ରାଧିକା ଶବ୍ଦର ସମ୍ବୋଧନ)—ହେ ରାଧିକା !—
Rādhike Oh Rādhikā !

ରାଧୀ—ସ. ବ.ସ୍ତ୍ରୀ (ରାଧ୍ ଧାତୁ=ସିଦ୍ଧ କରିବା+ଅଧିକରଣ.ଅ+ଈ)—ବୈଶାଖ ପୂର୍ଣ୍ଣିମା—The fullmoon of the month of Baiśākha. ଦେ. ବ. ସ୍ତ୍ରୀ—ରାଧାନାମ୍ନୀ ସ୍ତ୍ରୀର ଡାକନାମ—A name for calling Rādhā.
Rādhi

ରାଧୁ—ଦେ. ବ—(ଆଦରାର୍ଥକ) ରାଧାକୃଷ୍ଣଅଙ୍କ ଡାକ ନାମ—
Rādhu Name for calling Rādhākṛushṇa.
(ରାଧୁଆ—ଅନାଦରାର୍ଥକ ରୂପ) রাধু **राधिया**

ରାଧେ—ସ. (ସମ୍ବୋଧନ)—ହେ ରାଧିକା !—Oh Rādhā ! ଦେ.
Rādhe ବ—ବୈଷ୍ଣବମାନଙ୍କ ଉଚ୍ଚାରିତ ରାଧାଙ୍କ ନାମ—Name of Rādhā uttered by B<u>ai</u>shṇabas.

ରାଧେ କୃଷ୍ଣ—ଦେ. ବ (ସ. ହେ ରାଧେ ଓ ହେ କୃଷ୍ଣ)—ବୈଷ୍ଣବ-
Rādhe kṛushṇa ମାନଙ୍କର ଜପିବା ରାଧାକୃଷ୍ଣ ନାମ—
(ରାଧେଗୋବିନ୍ଦ, ରାଧେଶ୍ୟାମ—ଅନ୍ୟରୂପ) Name of Radha and
রাধেকৃষ্ণ **राधेकृष्ण** Kṛushṇa uttered by B<u>ai</u>shṇabas.

ରାଧେୟ—ସ. ବ. ପୁଂ (ରାଧା + ଅପତ୍ୟାର୍ଥେ ଏୟ)—କର୍ଣ୍ଣରାଜା—
Rādheya King Karṇṇa. [ବ୍ର—ସୂତଧର ଜାତୀୟ ସାରଥି ଅଧିରଥଙ୍କ ସ୍ତ୍ରୀ ରାଧାଙ୍କ ପାଳିତ କୁନ୍ତୀଙ୍କ କୁମାରୀ ଅବସ୍ଥାରେ ସୂର୍ଯ୍ୟଙ୍କ ଔରସ ପୁତ୍ର । ଏହାଙ୍କୁ ପରେ ଦୁର୍ଯ୍ୟୋଧନ ଅଙ୍ଗ ଦେଶର ରାଜତ୍ୱ ସମର୍ପଣ କରିଥିଲେ ।]

ରାନୁ—ପ୍ରାଦେ (ସମ୍ବଲପୁର) ବ—ହାଣ୍ଡିଆ ମଦ ତିଆରି କରିବାପାଇଁ
Rānu ଭାତରେ ମିଶାଯିବା ଔଷଧ ବଟିକା—A herbarious pill mixed with boiled rice for manufacturing country liquor.

ରାନ୍ଧ୍‌ନି—ପ୍ରାଦେ (ସମ୍ବଲପୁର) ବ—ରାନ୍ଧୁଣୀ; ପାଚିକା—
Rāndh-ni Female cook.

ରାନ୍ଧ୍‌ନିଆ(ଆଁ)—ପ୍ରାଦେ. (ସମ୍ବଲପୁର) ବ. ପୁଂ—ରାନ୍ଧୁଣିଆ; ପାଚକ
Rāndh-niā(añ) —Male cook.
[ତୁଳ. ହି. ରାଂଧନିୟା)

ରାନ୍ଧ୍‌ନି ଗାଧୁଆ—ପ୍ରାଦେ (ସମ୍ବଲପୁର) ବ—ରାନ୍ଧୁଣି ଗାଧୁଆ (ଦେଖ)
Rāndh-ni gādhuā Randhuṇi gādhuā (See)
(ରାନ୍ଧନି ଗାଧୁଅଣିଆ—ଅନ୍ୟରୂପ)

ରାନ୍ଧଣା—ଦେ.ବ (ସ. ରନ୍ଧନ)—୧ । ରନ୍ଧା; ଖାଦ୍ୟାଦିର ରନ୍ଧନ—
Rāndhaṇā 1. Cooking of food. ୨ । ରାନ୍ଧିଥିବା
রান্না ଦ୍ରବ୍ୟର ପ୍ରକାର—2. Cookery. ୩ । ରନ୍ଧା
रांधना ହୋଇଥିବା ଦ୍ରବ୍ୟ—3. Cooked food. [ଉ—ମୋ ରାନ୍ଧଣା ଖାଇଣ ବିରାଟ ରାଜନ, ମୋତେ ରାନ୍ଧୁଣିଆରେ କରିବ ପୂଜନ । କୃଷ୍ଣସିଂହ. ମହାଭାରତ. ବନ ।] ବିଣ—ରନ୍ଧା ହୋଇଥିବା—Cooked.

ରାନ୍ଧଣା କରିବା—ଦେ.କ୍ରି—ରନ୍ଧନ କରିବା; ରାନ୍ଧିବା; ରାନ୍ଧିକରି ଖାଦ୍ୟ
Rāndhaṇā karibā ପ୍ରସ୍ତୁତ କରିବା—To prepare
রান্না করা **रांधना करना** meal by cooking.

ରାନ୍ଧଣା ଘର—ଦେ. ବ—ପାକଶାଳା—
Rāndhaṇā ghara Kitchen; cook-room.
রান্না ঘর **रांधना घर**

ରାନ୍ଧଣା ଚଢ଼ା(ଢ଼େ)ଇବା—ଦେ. କ୍ରି—ହାଣ୍ଡିରେ ପାଣି ଓ କଞ୍ଚା ପଦାର୍ଥ
Rāndhaṇā char<u>dh</u>ā(r<u>dh</u>e)ibā ଯୋଗାଡ଼ଦେଇ ପାକାର୍ଥ
[ରାନ୍ଧଣାବସା(ସେ)ଇବା—ଅନ୍ୟରୂପ] ଚୁଲି ଉପରେ ସ୍ଥାପନ କରିବା-
রান্না চড়ান **रांधना चढाना** To place the cooking pot on the oven by putting raw materials in it for being cooked into food.

ରାନ୍ଧଣା ପାଳି—ଦେ. ବ—ପରିବାରସ୍ଥ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଳି କରି
Rāndhaṇā pā<u>l</u>i ରହୁଥିବା ଅବସ୍ଥାରେ ଯାହାର ଯେଉଁ ଦିନ
রান্নারপালা **रांधनापारी** ରାନ୍ଧିବାକୁ ପାଳି ବା କ୍ରମ ପଡ଼େ—
Turn of cooking which comes to a particular (female) member of a joint family on a certain day. [ଉ—ଭାଲେଣୋହଲା ମାଲୀ, ଆଜି ବଡ଼ ବୋହୂଙ୍କର ରାନ୍ଧଣା ପାଳି—ଲୋକ ।]

ରାନ୍ଧ ବାଢ଼—ଦେ. ବ (ସହଚର)—୧ । ରାନ୍ଧିବା ଓ ବାଢ଼ିବାକ୍ରିୟା; ଖାଦ୍ୟ
Rāndha bā<u>rdh</u>a ରନ୍ଧନ ଓ ରନ୍ଧିତ ଖାଦ୍ୟର ପରିବେଷଣ
রান্নাবাড়া, রান্ধাবাড়া, রান্নাবান্না କାର୍ଯ୍ୟ—1. Cooking
रांधनाउंधना and serving of meals. ୨ । ରନ୍ଧନର ସମସ୍ତ ଆନୁଷଙ୍ଗିକ କର୍ମ—2. Operations connected with cooking of meals.

ରାନ୍ଧବାଢ଼କରିବା—ଦେ. କ୍ରି.—ରାନ୍ଧିବା ଓ ବାଢ଼ିବା; ରାନ୍ଧିବା ଓ
Rāndha bā<u>rd</u>ha karibā ପରିବେଷଣ କରିବା—
রান্ধাবাড়া **रांधनाउंधनाकरना** To cook and serve meals.

ରାନ୍ଧିବା—(ସ. ରନ୍ଧ୍ ଧାତୁ=ପାକକରିବା)—୧ । ରନ୍ଧନ କରିବା;
Rāndhibā ଖାଦ୍ୟ ପାକ କରିବା—1. To cook
রান্ধা **पकाना, रांधना** victuals into food.
[ରନ୍ଧା(ନ୍ଧେ)ଇବା—ପ୍ରଯୋଜକରୂପ] ୨ । ଯେଉଁ ଦ୍ରବ୍ୟରୁ ତେଲ ବାହାରେ ତାକୁ ନିଆଁରେ ବସାଇ ତେଲ ପ୍ରସ୍ତୁତ କରିବା—2. To prepare oil by boiling of producing things. [ଦ୍ର—ଭାତ ରାନ୍ଧିବାର ଅର୍ଥ—ଚାଉଳକୁ ରାନ୍ଧି ଭାତ ପ୍ରସ୍ତୁତ କରିବା । ତେଲ ରାନ୍ଧିବାର ଅର୍ଥ—ଯେଉଁ ପଦାର୍ଥରୁ ତେଲ ବାହାରେ ସେ ପଦାର୍ଥକୁ ରାନ୍ଧି ତହିଁରୁ ତେଲ ପ୍ରସ୍ତୁତ କରିବା ।)

ରାନ୍ଧିବା ବାଢ଼ିବା—ଦେ.କ୍ରି (ସହଚର)—୧ । ଖାଦ୍ୟ ରନ୍ଧନ କରିବା—
Randhibā bā<u>rdh</u>ibā 1. To cook meal.
রান্ধাবাড়া **रांधनापकाना** ୨ । ରାନ୍ଧିବା ଓ ପରିବେଷଣ କରିବା—
2. To cook and serve meal.

ରାନ୍ଧୁଣି—ଦେ. ବ (ସ. ରନ୍ଧନ)—୧ । ରନ୍ଧନ—1. Cooking.
Rāndhuṇi (ପୁଂ ଓ ସ୍ତ୍ରୀ)—ସୁଆର; ପାଚକ—Cook.
রান্না **रांधना** রান্ধুনী **रांधनी**

ରାନ୍ଧୁଣିଆ(ଆଁ)—ଦେ. ବିଣ—ପାକ କରୁଥିବା; ପାକକାରୀ; ରନ୍ଧନକାରୀ-
Rāndhuṇiā(āñ) Cooking.
রান্ধুনী, পুং ও স্ত্রী ଦେ. ବ—୧ । ପାଚକ; ସୁଆର—1. Cook.
রান্নী—স্ত্রী (ଉ—ରାନ୍ଧୁଣିଆଁମାନେ ଲୁଗାକୁ ନ ପାଇଲେ, ଅପସା
रांधने वाला(वाली), रंधनिया ଦାନ୍ତେ ଯାଇଁ କାଳେଲେ ତୁଳନ୍ତି ।
କୃଷ୍ଣସିଂହ. ମହାଭାରତ ।) ୨ । (ଦେଉଳମାନଙ୍କରେ ପକ୍ୱାନ୍ନ ଭୋଗର ପାକକାରୀ ବ୍ରାହ୍ମଣମାନେ ସାଧାରଣତଃ ନିକୃଷ୍ଟ ଶ୍ରେଣୀର

ପଣ୍ଡା ବ୍ରାହ୍ମଣ ଓ ପାଚକ ବୃତ୍ତି କରିବା ବ୍ରାହ୍ମଣମାନେ ନିମ୍ନ ଶ୍ରେଣୀର ବ୍ରାହ୍ମଣ ଥିବାରୁ) ନିକୃଷ୍ଟ ଶ୍ରେଣୀର ବ୍ରାହ୍ମଣ—2. A Brāhmaṇa of low grade.

ରାନ୍ଧୁଣିଆ ବ୍ରାହ୍ମ(ହ୍ମୁ)ଣ—ଦେ. ବି—ପାଚକ ବ୍ରାହ୍ମଣ; ସୂପକାର ବ୍ରାହ୍ମଣ—A Brāhmaṇa cook.
Rāndhuṇiā brāhma(hmu)ṇa
रान्धनी बामुन रंधनिया बामन(ब्राह्मण)
(ରନ୍ଧୁଣିଆ ବାମ୍ଭୁଣ – ଗ୍ରାମ୍ୟ ରୂପ)

ରାନ୍ଧୁଣୀ ଗାଧୁଆ—ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର)—ସକାଳ ଗାଧୁଆ ବେଳ—Time between 7 to 9. A. M. [ଦ୍ର—ଏ ସମୟରେ ଘରଦ୍ୱାରର ପାଚିକା ବହୂମାନେ ସ୍ନାନ କରନ୍ତି ।]
Rāndhuṇi gādhuā

ରାନ୍ଧୁଣୀ ନାନୀ—ଦେ. ବି—ରଜା ଆଦିଙ୍କ ଘରେ ପାକ କରିବା ପାଇଁ ନିଯୁକ୍ତା ବ୍ରାହ୍ମଣୀ (ସାଧାରଣତଃ ବିଧବା)—Brāhmaṇa women engaged as cooks in Raja's family.
Rāndhuṇi nāni
रान्नी बामुनी रांधनी ब्राह्मणी

ରାପ(ଫ)ର୍—ବୈଦେ. ବି. (ଇଂ. ରାପର୍—Wrapper)—ରେପର୍; ଘୋଡ଼ି ହେବା ପାଇଁ ପତଳା ଶୀତ ବସ୍ତ୍ର—A wrapper; a thin sheet for protecting one's body from cold.
Rāpa(pha)r
रेपर रैफर

ରାପା—ପ୍ରାଦେ. (ବସ୍ତର) ବି—କୋଡ଼ି—Mattock; hoe; spade with a small handle.
Rāpā

ରାବ୍(ୱ୍)—ପ୍ରାଦେ. (ସମ୍ବଲପୁର)—କାଞ୍ଜି (ଭାତ ସଙ୍ଗେ ଗରିବ ଲୋକେ ଏହାକୁ ତିଅଣ ରୂପେ ବ୍ୟବହାର କରନ୍ତି)—Fermented and sour boiled-rice-water (used as curry by the poor).
Rāb(w)

ରାବ୍(ବି)ଡ଼ି—ଦେ. ବି. (ସଂ. ଦ୍ରାବକ=ମନ୍ଥଣ)—ପାକ ଦ୍ୱାରା ଘନୀଭୂତ ଦୁଗ୍ଧ—Milk boiled well and so thickened.
Rāb(bi)ṛdi
रावड़ी रावडी

ରାବଡ଼ି ଲଚ୍ଛେଦାର୍—ଦେ. ବି. (ହିନ୍ଦୀରୁ ଅନୁକୃତ; ରାବଡ଼ୀ+ହି. ଲଚ୍ଛେଦାର୍=ଯହିଁ ର ସର ଖଣ୍ଡିତ ହୋଇ ନାହିଁ)—ଉତ୍କୃଷ୍ଟ ରାବଡ଼ି; ଯେଉଁ ରାବଡ଼ୀର ସର ମୋଟାଳିଆ ଥାଏ—Excellent preparation of thickened milk with the layer of cream intact.
Rāb-ṛdi lachchhedār
रावडी लच्छेदार
[ଦ୍ର—ରାବଡ଼ୀ ବିକ୍ରୀ କରିବାକୁ କଟକ ସହରରେ ବୁଲୁଥିବା ବୁଲାବିକାମାନଙ୍କର ଡାକ ।]

ରାବ—ସଂ. ବି. (ରୁ ଧାତୁ=ଶବ୍ଦ କରିବା+ଭାବ. ଅ)—୧ । ରବ; ଶବ୍ଦ; ଧ୍ୱନି; ନାଦ—1. Sound; noise. ୨ । ଗର୍ଜନ—2. Roar. ୩ । ପଶୁ ପକ୍ଷୀଙ୍କ ବୋବାଳି—3. Sound made by birds and beasts.
Rāba
[ଦ୍ର—ସାଧାରଣତଃ ମନୁଷ୍ୟର ଓ ବାଦ୍ୟାଦିର ସ୍ୱରକୁ ନାଦ ଓ ଜନ୍ତୁମାନଙ୍କର ସ୍ୱରକୁ 'ରାବ' ବୋଲାଯାଏ । ଭିନ୍ନ ଭିନ୍ନ ଜୀବଙ୍କ ରାବ ସମ୍ବନ୍ଧରେ ଭିନ୍ନ ଭିନ୍ନ ଶବ୍ଦ ପ୍ରଚଳିତ ଅଛି । ଯଥା—
ଅଶ୍ୱର—ହ୍ରେଷା, ହେଁହେଁ
ଗାଈର—ହମ୍ବା, ହମା(ମ୍ବା)ଳି
ଷଣ୍ଢର—ହମ୍ବାଳି
ବାଘର—ହ(ହେ)ଣ୍ଟାଳି
ସିଂହର—ରଡ଼ି
ବିଲୁଆ, କୁକୁର—ଭୁକା
ଛେଳି; ମେଣ୍ଢା—ବୋବାଳି
ବେଙ୍ଗ—ରଡ଼ି
ହାତୀ—ପେଁଏଁ କାଳି]

ରାବ କରିବା—ଦେ. କ୍ରି—ଧ୍ୱନି ଉଚ୍ଚାରଣ କରିବା—To howl; to utter a sound.
Rāba karibā
राव करा राव करना

ରାବ ଛାଡ଼ିବା—ଦେ.କ୍ରି—(ଜନ୍ତୁମାନେ)—ଉଚ୍ଚ ସ୍ୱରରେ ରଡ଼ି କରିବା-To make a loud roar.
Rāba chhāṛdibā
(ରାବ ଦେବା—ଅନ୍ୟରୂପ) राव देओया, डाका राव छोडना

ରାବଣ—ସଂ. ବି. (ରୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅନ=ଯେ ନିଜେ ରାବ କରେ, ଅଥବା ରୁ ଧାତୁ ଣିଚ, ରାବ ଧାତୁ=ଅନ୍ୟ ସଂ. ନାମ—ପୌଲସ୍ତ୍ୟ, ଶବ୍ଦ କରାଇବା+କର୍ତ୍ତୃ. ଅନ=ଯେ ଦଶକନ୍ଧର, ଦଶାନନ, ଅନ୍ୟଙ୍କୁ ଉଚ୍ଚୈଃସ୍ୱରରେ କନ୍ଦାଏ)—ରାମାୟଣ ବର୍ଣ୍ଣିତ ସୀତାହରଣକାରୀ ଲଙ୍କେଶ୍ୱର; ରାକ୍ଷସରାଜ ଦଶାନନ—The name of the king of demons who was killed by Rāma.
Rābaṇa
ରକ୍ଷେନ୍ଦ୍ର
[ଦ୍ର—ପୁଲସ୍ତ୍ୟଙ୍କ ପୁତ୍ର ବିଶ୍ରବା ମୁନିଙ୍କ ଔରସରେ ସୁମାଳୀ ନାମକ ରାକ୍ଷସର କନ୍ୟା କୈକସୀ ରାକ୍ଷସୀର ଗର୍ଭରୁ ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ନାମକ ୩ ପୁତ୍ର ଓ ସୂର୍ପଣଖା ନାମ୍ନୀ କନ୍ୟା ଜନ୍ମିଥିଲେ । ରାବଣର ୧୦ ମୁଣ୍ଡ ଓ ୨୦ ହାତ ଥିଲା । ସପତ୍ନୀପୁତ୍ର କୁବେରଙ୍କର ଐଶ୍ୱର୍ଯ୍ୟ ଦେଖି ଈର୍ଷାନ୍ୱିତା କୈକସୀ ନିଜ ପୁତ୍ରଙ୍କୁ ତପସ୍ୟା ସାଧନ କରିବାକୁ ପଠାଇଲା । ରାବଣ ତପସ୍ୟା କରି ନିଜର ୧୦ ମୁଣ୍ଡକୁ କାଟି ଅଗ୍ନିରେ ପକାଇ ବ୍ରହ୍ମାଙ୍କୁ ତୁଷ୍ଟ କରାଇ ଅମର ବର ମାଗିବାରୁ ବ୍ରହ୍ମା ପ୍ରଥମେ ଅସ୍ୱୀକାର କଲେ ଓ ପରେ ରାବଣ "ନର ବାନର"ଙ୍କ ନାମ ଉଚ୍ଚାରଣ ନ କରି ଦେବଦାନବାଦି ଅନ୍ୟ ସମସ୍ତଙ୍କର ଅବଧ୍ୟ ହେବ ବୋଲି ବର ମାଗିବାରୁ, ବ୍ରହ୍ମା 'ତଥାସ୍ତୁ' ବୋଲି ବରଦେଲେ । ତପସ୍ୟା ଶେଷ କରି ରାବଣ ଲଙ୍କାକୁ ଯାଇ କୁବେରଙ୍କୁ ବିତାଡ଼ିତ କରି ସେଠାରେ ରାକ୍ଷସ ରାଜ୍ୟ ପ୍ରତିଷ୍ଠିତ କଲା । ମୟଦାନବର କନ୍ୟା ମନ୍ଦୋଦରୀକୁ ରାବଣ ବିବାହକଲା ଓ ତାହା ଗର୍ଭରୁ ମେଘନାଦ, ଅକ୍ଷୟକୁମାର ଆଦି ବହୁ ପୁତ୍ର ଜାତ ହେଲେ । ରାବଣ ଦିଗ୍ବିଜୟରେ ବହିର୍ଗତ ହୋଇ ଭୂତଳସ୍ଥ ସମସ୍ତ ରାଜାଙ୍କୁ ଜୟ କଲା । କେବଳ ବାନରରାଜ ବାଳି ଓ ନରରାଜ କାର୍ତ୍ତବୀର୍ଯ୍ୟାର୍ଜୁନ ଓ ମାନ୍ଧାତାଙ୍କ ଦ୍ୱାରା ପରାଜିତ ହେଲା । ପରେ ଦେବତାମାନଙ୍କ ସଙ୍ଗେ ଯୁଦ୍ଧ କରି ରାବଣ ପୁତ୍ର ମେଘନାଦ କପଟ ଯୁଦ୍ଧରେ ଦେବତାଙ୍କୁ ପରାସ୍ତ

କରି ଇନ୍ଦ୍ରଙ୍କୁ ବନ୍ଦୀ କରି ଆଣିଲା । ଏଥିପାଇଁ ମେଘନାଦର ଅନ୍ୟ ନାମ ଇନ୍ଦ୍ରଜିତ୍ । ପରେ ବ୍ରହ୍ମା ଆସି ମେଘନାଦକୁ ବର ଦେଇ ଇନ୍ଦ୍ରଙ୍କୁ ମୁକ୍ତ କଲେ ।

ରାବଣ ଅତି ଅତ୍ୟାଗ୍ରସ୍ତ ଓ ଅଧର୍ମପରାୟଣ ହୋଇ ଦେବକନ୍ୟା, ଦାନବକନ୍ୟା ଓ ଋଷିକନ୍ୟାମାନଙ୍କୁ ହରଣ କରିବାରେ ଲାଗିଲା । ସେ ତପସ୍ୱିନୀ ବେଦବତୀଙ୍କ ପ୍ରତି ବଳପ୍ରୟୋଗ କରିବାକୁ ଉଦ୍ୟତ ହେବାରୁ ବେଦବତୀ ତାକୁ ଅଭିଶାପ ଦେଇ ଅଗ୍ନିରେ ପ୍ରବେଶ କଲେ । ସେହି ବେଦବତୀ ପରଜନ୍ମରେ ସୀତାରୂପରେ ଜନ୍ମି ରାବଣର ମୃତ୍ୟୁର କାରଣ ହେଲେ । କେତେକାଳ ପରେ ରାବଣ ସ୍ୱର୍ଗ ଅପ୍ସରା ରମ୍ଭାଙ୍କୁ ବଳପୂର୍ବକ ଧର୍ଷଣ କରିବାରୁ ରମ୍ଭାଙ୍କ ନାୟକ ନଳକୁବର ରାବଣକୁ ଅଭିଶାପ ଦେଲେ ଯେ, ଅତଃପର ରାବଣ କୌଣସି ରମଣୀକୁ ବଳ ପ୍ରୟୋଗ କଲେ ତତ୍କ୍ଷଣାତ୍ ମୃତ ହେବ । ରାବଣ ଲଙ୍କାକୁ ସ୍ୱର୍ଣ୍ଣମୟୀପୁରୀ କରିଥିଲା ଓ ଦେବ ଗନ୍ଧର୍ବ କିନ୍ନରମାନେ ରାବଣର ସେବାରେ ନିଯୁକ୍ତ ଥିଲେ । ବହୁ ଦିନ ପରେ ରାବଣ ଭ୍ରମବଶତଃ ଆପଣାର ଏକମାତ୍ର ଭଗିନୀ ସୂର୍ପଣଖାର ସ୍ୱାମୀ ବିଦ୍ୟୁଜ୍ଜିହ୍ୱକୁ ବଧ କଲା ଓ ବିଧବା ଭଗ୍ନୀକୁ ଦଣ୍ଡକାରଣ୍ୟରେ ଯଥେଚ୍ଛ ବିଚରଣ କରିବାକୁ ଆଦେଶ ଦେଲା । ସେହି ସମୟରେ ରାମ, ଲକ୍ଷ୍ମଣ ଓ ସୀତା ଦଣ୍ଡକାରଣ୍ୟରେ ବନବାସ କରୁଥିଲେ ଓ ସୂର୍ପଣଖା ରାମଚନ୍ଦ୍ରଙ୍କର ପ୍ରଣୟକାଙ୍କ୍ଷିଣୀ ହୋଇ ସୀତାଙ୍କୁ ଗ୍ରାସ କରିବାକୁ ଉଦ୍ୟତ ହେବାରୁ ଲକ୍ଷ୍ମଣ ତାହାର ନାକ କାନ କାଟି ଛାଡ଼ିଦେଲେ । ସୂର୍ପଣଖା ସେହି ରାଗରେ ଆସି ରାବଣକୁ ସୀତାଙ୍କ ରୂପଲାବଣ୍ୟର ବର୍ଣ୍ଣନାରେ ମୁଗ୍ଧ କରାଇ ସୀତାଙ୍କୁ ହରଣ କରିବାକୁ ରାବଣକୁ ଉତ୍ତେଜିତ କଲା ଓ ରାବଣ ଦଣ୍ଡକାରଣ୍ୟସ୍ଥ ଜନସ୍ଥାନକୁ ଆସି ଛଦ୍ମବେଶ ଧାରଣକରି ମାରୀଚ ରାକ୍ଷସକୁ ମାୟା ମୃଗ କରାଇ, ରାମ ଓ ଲକ୍ଷ୍ମଣ ସୀତାଙ୍କ ନିକଟରୁ ଅନ୍ତର ହେବା ଅବସରରେ ସୀତାଙ୍କୁ ହରଣ କରି ରଥରେ ବସାଇ ଆକାଶ ମାର୍ଗରେ ଲଙ୍କାକୁ ନେଇଗଲା ! ବାଟରେ ଗୃଧ୍ରରାଜ ଜଟାୟୁ ତାକୁ ଅଟକାଇବାକୁ ବସିଲେ, କିନ୍ତୁ ରାବଣ ତାଙ୍କୁ ଖଡ୍ଗଘାତରେ ମୃତପ୍ରାୟ କରି ସୀତାଙ୍କୁ ନେଇ ଲଙ୍କାକୁ ଗ୍ଭଲିଗଲା । କିନ୍ତୁ ନଳକୁବରଙ୍କ ଶାପଭୟରେ ସୀତାଙ୍କ ପ୍ରତି ବଳପ୍ରୟୋଗ କରିବାକୁ ସାହସୀ ହେଲାନାହିଁ । ରାମଚନ୍ଦ୍ର ପରେ କିଷ୍କିନ୍ଧ୍ୟାର ମର୍କଟରାଜ ସୁଗ୍ରୀବଙ୍କ ସଙ୍ଗେ ସଖ୍ୟତା ସ୍ଥାପନ କରି କପିସେନା ସହିତ ଲଙ୍କା ଆକ୍ରମଣ କଲେ । ସେ ସମୟରେ ସୀତାଙ୍କୁ ରାମଚନ୍ଦ୍ରଙ୍କ ହସ୍ତରେ ପ୍ରତ୍ୟର୍ପଣ କରି ଶରଣାପନ୍ନ ହେବା ପାଇଁ ବିଭୀଷଣ ରାବଣକୁ ଅନୁରୋଧ କରନ୍ତେ ରାବଣ ବିଭୀଷଣକୁ ଲଙ୍କା ରାଜଧାନୀରୁ ତଡ଼ିଦେଲା ଓ ବିଭୀଷଣ ଯାଇଁ ରାମଚନ୍ଦ୍ରଙ୍କର ଆଶ୍ରୟ ନେଲା । ଯୁଦ୍ଧରେ ରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ପୁତ୍ର, ପୌତ୍ର, ଭ୍ରାତା, ସେନା ଓ ସେନାପତିମାନେ ହତ ହେବା ପରେ ରାବଣ ବ୍ରହ୍ମାଙ୍କଠାରେ ବରପ୍ରାର୍ଥନା କାଳରେ ଉପେକ୍ଷା କରି ରାମୋଲ୍ଲେଖ କରି ନ ଥିବା ନର ବାନରଙ୍କ ଦ୍ୱାରା ନିହତ ହେଲା । ନବଣ ନିଜକୃତ ଦୋଷରୁ ଆପଣାର ବଡ଼ପଣ ବା ପ୍ରଭୁତ୍ୱ ହରାଇବାରୁ ରଗ ଅଛି "ଅରେ ରାବଣ ! ଆପଣା ଦୋଷେ ହରାଇଲୁ ବଡ଼ପଣ ।" ପ୍ରବାଦ ଅଛି ଯେ, ସୀତାହରଣଦ୍ୱାରା ଆପଣାର ନିଧନ ଅବଶ୍ୟମ୍ଭାବୀ ଥିବାର ରାବଣ ଜାଣିଥିଲା ଓ ସୀତାହରଣ କରିବାକୁ ଘରୁ ବାହାରିବା ପୂର୍ବରୁ ଆପଣା ଘର କାନ୍ଥରେ ଲେଖିଦେଇ ଯାଇଥିଲା—

"ସୀତା ହରଣଂ ରାବଣ ମରଣଂ" ।

ସଂ. ବିଣ. ପୁଂ. (ରୁ ଧାତୁ=ଉଚ୍ଚ ଶବ୍ଦ କରିବା ବା ଉଚ୍ଚୈଃସ୍ୱରରେ କାନ୍ଦିବା, ଣିଚ୍ ରାବି ଧାତୁ=ଅନ୍ୟ ବ୍ୟକ୍ତିକୁ ଉଚ୍ଚୈଃସ୍ୱରରେ କନ୍ଦାଇବା+କର୍ତ୍ତୃ. ଅନ)—ଯେ ଅନ୍ୟ ବ୍ୟକ୍ତିକୁ ଉଚ୍ଚୈଃସ୍ୱରରେ କନ୍ଦାଏ (ହି. ଶ)— Causing others to weep loudly.

ଦେ. ବିଣ—୧ । ଯେ ବଡ଼ ପାଟି କରେ—1. Roaring loudly. (ଉ—ବଡ଼େ ଯେ ରାବକୁ ବହି, ବୋଲାଇ ରାବଣ ସେହି । ଉଞ୍ଜ. ବୈଦେହୀଶବିଳାସ ।) ୨ । ଉଚ୍ଚଶବ୍ଦ ପୂର୍ବକ କ୍ରନ୍ଦନକାରୀ—2. Vocal, weeping; vociferously weeping. (ଉ—କଣା ମୁଁ ଘେନିବୁ କେଉଁ ରାବଣ, ରାବଣ କରାନ୍ତି ମୁହିଁ ସେ । ଉଞ୍ଜ. ବୈଦେହୀଶବିଳାସ ।) ଦେ. ବି—ଅତି ଉଚ୍ଚ ସ୍ୱରରେ କ୍ରନ୍ଦନ—Loud wail. (ଉ—ବାଳିତା ଶ୍ରବଣ ରାବଣ କ୍ରବଣ କ୍ରମେ ସୁଗ୍ରୀବ ସଯୋଗ ହେଲା ହେ । ଉଞ୍ଜ. ବୈଦେହୀଶବିଳାସ ।)

ରାବଣ ଗଙ୍ଗା—ସଂ. ବି—ପୌରାଣିକ ଲଙ୍କା ଦ୍ୱୀପସ୍ଥ ନଦୀ ବିଶେଷ— Rābaṇa gangā (mythological) Name of a river in ancient Ceylon.

ରାବଣ ଚିତା—ଦେ. ବି—୧। ଚିର ଅଶାନ୍ତି—1. Perpetual perturbation. [ଦ୍ର—ଲୋକଙ୍କର ବିଶ୍ୱାସ ଅଛି (ବିବଣଚିତ୍ତା[ଛି]—ଅନ୍ୟରୂପ) ଯେ, ରାମଚନ୍ଦ୍ରଙ୍କଦ୍ୱାରା ନିହତ Rābaṇa chitā রাবণের চিতা ରାବଣର ଚିତାଗ୍ନି ଯୁଗଯୁଗେ ଜଳୁଥିବ, ଏହା କଦାପି ଲିଭିବ ନାହିଁ] ୨ । ଦୁଇ କାନକୁ ଦୁଇ ଅଙ୍ଗୁଠିଦ୍ୱାରା ମୁଦି ରାବଣକୀ ଚିତା ଦେଲେ ଯାହା ଜଳଜଳର ଅନୁଭୂତ ବା କଳ୍ପିତ ଗୋଟାଏ ଗମ୍ଭୀରଧ୍ୱନି । [ଦ୍ର-ଏହାକୁ ଲୋକେ ରାବଣର ଚିତା ବୋଲି କହନ୍ତି । ଫଳତଃ ଏହା ଶରୀର ଅଭ୍ୟନ୍ତରସ୍ଥ ଯନ୍ତ୍ରମାନଙ୍କର ଚଳନଜନିତ କଳ୍ପିତ ଅନୁଭୂତି ମାତ୍ର] A sensation felt when one shuts up the bores of one's ears with the tips of two fingers, resembling the feeling of a person standing before a big blazing fire.

ରାବଣ ଛତା(ତି, ତୁ)—ଦେ. ବି. (ସଂ. ରାବଣ+ଛତ୍ର)—ଏକ ପ୍ରକାର Rābaṇa chhatā(ti, tu) ସାମୁଦ୍ରିକ ମାଛ—A species রাবণের ছাতা of sea-fish; jelly-fish; medusa.

[ଦ୍ର—ଏହା ଛଣାକାର ଓ ମହୃକଭ୍ରୋଗ ପରି କୋମଳ । ପୁରୀ କୂଳ ସନ୍ନିହିତ ସମୁଦ୍ରରେ ଏହା ଭାସୁଥାଏ ଓ ଲହରୀର ଦ୍ୱାରା ବାହିତ ହୋଇ ବେଳାଭୂମିରେ ଅସି ଲାଗିଯାଏ । ପାଣିରେ ଭାସିଲା ବେଳେ ଏହା ଝାଲର ଲଗା ଛତା ପରି ଦେଖାଯାଏ ଶୁଖିଲାରେ ହେଲେ ମେଞ୍ଚାଏ ମହୃକଭ୍ରୋଗ ଭଳି ଦେଖାଯାଏ ।]

ରାବଣ ଛାୟା—ପ୍ରାଦେ (ଗଡ଼ଜାତ) ବି—ପୂର୍ବକାଳରେ ଏ ଦେଶରେ, Rābaṇa chhāyā ବିଶେଷତଃ ଗଡ଼ଜାତରେ, ଲୋକଙ୍କୁ ଦେଖା ଯାଉଥିବା ଛାୟାଚିତ୍ର—A rude bioscopic performance formerly prevalent in Orissa and specially in the Oriya States. [ଦ୍ର—ବର୍ତ୍ତମାନ ପର୍ଯ୍ୟନ୍ତ ଏହା ପାଲଲହଡ଼ା ଓ ତାଳଚେରରେ ମଧ୍ୟ ଅଛି । ଏହି ଛାୟାଚିତ୍ର ପ୍ରଦର୍ଶକ ଦଳ ବାଦ୍ୟ ସାହାଯ୍ୟରେ ଗୀତ ବୋଲି ଥାଆନ୍ତି; ଦର୍ଶକଙ୍କ ସାମନାରେ ଗୋଟିଏ ଧଳା ଲୁଗାର ଠାଣି ଲୁଗାର ଅରପାଖେ ଥିବା ଲୋକଙ୍କ ଛାୟା ସେ ଲୁଗାରରେ ପୋଇ ବୋଲାଯାଉ ଥିବା ଗୀତର ଚରିତ୍ରଙ୍କୁ ଲୋକଙ୍କୁ କର ଚରଣାଦର ଭଙ୍ଗୀଦ୍ୱାରା ଦେଖାଉଥାଆନ୍ତି । ଏହା ଆଧୁନିକ ବାୟୋସ୍କୋପର ପ୍ରାଚୀନ ଜଡ଼ଜାତୀ ଅବତାର ।]

ରାବଣ ପରି ବଢ଼ିବା—ଦେ. କ୍ରି—(କୌଣସି ବ୍ୟକ୍ତି) ଖୁବ୍ ସ୍ଥୂଳକାୟ Rābaṇa pari bardhibā ହୋଇ ବୃଦ୍ଧି ପାଇବା—To রাবণের মতবাড়া increase in dimension like **रावणके जैसा बढना** Rābaṇa.

ରାବଣ ପୁରୀ—ସ. ବି (୬ଷ୍ଠୀ ତତ୍)—ଲଙ୍କାପୁରୀ— Rābaṇa puri The mythological city of Ceylon.

ରାବଣ ବଧ—ସ. ବି (୬ଷ୍ଠୀ ତତ୍)—ରାମଚନ୍ଦ୍ରଙ୍କ ଦ୍ୱାରା ରାବଣର Rābaṇa badha ମୃତ୍ୟୁଘଟନ—The killing of Rābaṇa by Rāma.

ରାବଣ ବଂଶ—ଦେ. ବି (ରାବଣର ଅସଂଖ୍ୟ ପୁଅ ନାତି ଅଣନାତି Rābaṇa bamśa ଥିବାରୁ)—୧ । ଯେଉଁ ପରିବାରରେ ପିତା, রাবণেরবংশ ପୁତ୍ର, ପୌତ୍ର, ପ୍ରପୌତ୍ର ପ୍ରଭୃତି ଅନେକ ବ୍ୟକ୍ତି **रावणवंश** ଥାଆନ୍ତି—1. A big family of sons, grandsons and great grandsons. ୨ । ରାବଣର ଅସୁର ବଂଶଧରଗଣ—2. The demons, (ରାବଣ ବର୍ଣ୍ଣଶ—ଗ୍ରାମ୍ୟରୂପ) descendants of Rābaṇa.

ରାବଣଶ(ଶ୍ୱ)ର—ଦେ. ବି (ସ. ରାବଣେଶ୍ୱରର ଅଶୁଦ୍ଧ ଉଚ୍ଚାରଣ)— Rābanaś(śwa)ra ରାବଣେଶ୍ୱର (ଦେଖ)— রাবণেশ্বর **रावनेसर** Rābaneśwara (See)

ରାବଣ ଶାଳି—ପ୍ରାଦେ (ସିଂହଭୂମି) ବି—ଏକପ୍ରକାର ଧାନ— Rābaṇa śāli A species of paddy.

ରାବଣା—ଦେ. ବଣ—(ରାବଣ ପରି) ଅତି ଦୀର୍ଘକାୟ— Rābaṇā Gigantic. [ଦ୍ର—ଧାନ ଅତି ଗଛ ଅତିରିକ୍ତ- খুববড় ରୂପେ ବଢ଼ିଗଲେ ଲୋକେ କହନ୍ତି ଏ ଗଛଗୁଡ଼ାକ **बहुत बढाहुआ** ରାବଣା ହୋଇ ବଢ଼ି ଯାଉଛନ୍ତି । ବୃହତ୍କାୟ ଓ ବେଢଙ୍ଗା ବ୍ୟକ୍ତିଙ୍କୁ ମଧ୍ୟ 'ରାବଣା' ବିଶେଷଣ ଦିଆଯାଏ ।] ବି—ଏକପ୍ରକାର ମୋଟ ଶାରଦ ଧାନ—Name of a coarse kind of paddy; Spinifix Squarrosus (Haines). ପ୍ରାଦେ (ବୌଦ୍ଧ) ବି—ଶାଗୁଣା—Vulture.

ରାବଣାରି—ସ. ବି (୬ଷ୍ଠୀ ତତ୍; ରାବଣ + ଅରି)—ରାମଚନ୍ଦ୍ର— Rābaṇāri Rāmachandra.

ରାବଣାସୁର—ସ. ବି—ରାବଣ (ଦେଖ) Rābaṇāsura Rābaṇa (See)

ରାବଣା ହସ୍ତା(ତା)—ଦେ. ବି—ଏକପ୍ରକାର ନାଗଫେଣିଆ ଗଛ— Rābaṇā hastā(tā) A species of cactus: Euphorbia Nerifolia:

ରାବଣି(ଣୀ)—ସ. ବି (ରାବଣ + ଅପତ୍ୟାର୍ଥେ ଇ)—୧ । ରାବଣ- Rābaṇi(ṇi) ନନ୍ଦନ; ମେଘନାଦ; ଇନ୍ଦ୍ରଜିତ୍—1. Indrajit, the eldest son of Rābaṇa. [ଉ—କାଟଣ୍ଡନ କଲା ଶିର, ରାବଣି ଗର୍ଜିଣ ଅସିର, ଯେଉଁ ସୀତା ଧରାକାତା ପରେ । ଉଲ୍ଲ. ବୈଦେହୀଶବିଳାସ ।] ୨ । ରାବଣର ପୁତ୍ର—2 Son of Rabaṇa.

ରାବଣେଶ୍ୱର—ସ. ବି (ମ. ପ. ଲୋ; କର୍ମଧା, ରାବଣପୂଜିତ ଈଶ୍ୱର) Rabaneśwara —ଦେବଘର (ବାବା ବୈଦ୍ୟନାଥ) ରେ ପ୍ରତିଷ୍ଠିତ ରାବଣପୂଜିତ ଶିବଲିଙ୍ଗ—Image of Śiba at Deoghar, said to have been worshipped by Rābaṇa. [ଦ୍ର—ସାନ୍ତାଳ ପ୍ରଗଣାର ଦେବଘରରେ ପ୍ରତିଷ୍ଠିତ ବାବା ବୈଦ୍ୟନାଥ ରାବଣେଶ୍ୱର ବୋଲି କଥିତ ।] • ଦେ. ବି (ମଧ୍ୟପଦ ଲୋପ; ରାବଣ ନାମକ ରାକ୍ଷସେଶ୍ୱର)— ରାବଣ—Rābaṇa,

ରାବଣେଶ୍ୱର ଦାଢ଼ି—ଦେ. ବି—ଚୂଳ ଥିବା ଏକପ୍ରକାର ଘାସ— Rābaṇeśwara dārdhi Large-tufted grass; Spinifex Squrrosus.

ରାବଟିନ୍ କିର୍ଡି—ପ୍ରାଦେ (ବସ୍ତର) ବି—ଶଉଡ଼ୁଣୀ ପୋକ— Rābatin kirdi Black milliped.

ରାବନ୍—ପ୍ରାଦେ (ସମ୍ବଲପୁର) ବି (ଭୁଲ. ହି. ରବନା ଗୀଧ୍)—ଶାଗୁଣା; Rāban ଗୃଧ୍ର—Vulture.

ରାବଲ୍—ବୈଦେ. ବି (ଇଂ. ରବ୍ଲ୍)—ରେବଲ୍; ରବଲ୍; ଗେଟ୍; Rābal ଗାଡ଼ାଡ଼ାରୁ ଉଡ଼ାପାଇ ସଡ଼କରେ ବନ୍ଧ ହେବା ପାଇଁ ଅଣା- (ରାବଲ୍ପଥର—ଅନ୍ୟରୂପ) ଯାଇଥିବା ଛିମା ପଥର ଓ ଗୋଡ଼ି— রাবল, রাবল পাথর **रोड़ी** Rubble-stone

ରାବାଡ଼ି—ପ୍ରାଦେ (ଗଞ୍ଜାମ) ବି—୧ । ରାହାବାଡ଼ି (ଦେଖ)—1. Rāhā-Rābārdi bārdi. (See) ୨ । ଭୂମିରୁ ଅଦାୟ ହେବା ଶସ୍ୟର ପରିମାଣ - 2. A measure of harvested corn from a land.

ରାବାୟଣ—ଗ୍ରା. ବି (ସଂ. ରାମାୟଣର ଅଶୁଦ୍ଧ ଉଚ୍ଚାରଣ)—ରାମାୟଣ
Rābāyaṇa ମହାକାବ୍ୟ—The Rāmāyaṇa.
रमायन

ରାବିବା—ଦେ. କି (ସଂ. ରୁ. ଧାତୁ)—୧ । ରାବ କରିବା; ଧ୍ୱନି କରିବା—
Rābibā 1. To make a sound with the mouth.
डाका [ଉ—ଗର୍ଭରୁ ବାହାର ଶିଶୁ ଅସଡ଼ ରାଗରେ ତଳେ ପଡ଼ି
रावना ମୃଦୁସ୍ୱରେ ରାବନ୍ତି ସଘନେ । ଚିନ୍ତାମଣି. ବିଦଗ୍ଧମାଧବ ।]

ରାବିଶ(ଶି)—ବୈଦେ. ବି (ଇଂ. ରବିସ୍)—କୋଠା ଭଙ୍ଗା ହେବାରୁ
Rābiś(śi) ବାହାରିବା ଅକର୍ମଣ୍ୟ ଚୂନ, ଗୋଡ଼ି, ଇଟା ଇତ୍ୟାଦି
रॉबिस् ଅଦ—Rubbish; debris. ବିଣ—ଅକର୍ମଣ୍ୟ;
राबिस, खंडहर ନିକୃଷ୍ଟ (ବସ୍ତୁ)—Worthless; trashy; rubbishy.

ରାବୁ(ବେ)ଡ଼ି—ରାବଡ଼ି (ଦେଖ)—
Rābu(be)ṛdi Rābṛdi. (See)

ରାଭସିକ—ସଂ. ବିଣ. ପୁଂ (ରଭସ+ଇକ)—ଯେ ଆଗ ପଛ ବିଚାର ନ
Rābhasika କରି ହଠାତ୍ କାମ କରିପକାଏ; ଗୁଆଁର,
(ରାଭସିକା—ସ୍ତ୍ରୀ) ହୁଣ୍ଡାଳିଆ—Rash; imprudent.
[ରାଭସିକତା—ବି]

ରାମ୍—ଦେ. ଅ (ସଂ. ରାମ)—୧ । ଅଦର୍ଶନୀୟ ବସ୍ତୁ ଦେଖିଲେ ବା
Rām ଅକଥ୍ୟ ଭାଷା ଶୁଣିଲେ ବା କହି ପକାଇଲେ, ଉକ୍ତ ପାପ
ରାମ୍ କହ } ଅନ୍ୟରୂପ ଖଣ୍ଡନାର୍ଥ ଉଚ୍ଚାରଣ କରାଯିବା ରାମଙ୍କ
ରାମ୍ ରାମ୍ } ନାମ—1. Interjection used
राम when a person sees or hears or speaks a
राम prohibited thing. ୨ । (ଘୃଣାର୍ଥକ) ଛି !—
2. (Interjection) Fie ! (denoting disgust)
ଦେ. ବି (ହିନ୍ଦି)—ରାମ; ଲୋକଙ୍କ ନାମ ଶେଷରେ ଯୁକ୍ତ
ହେବ । ଶବ୍ଦ (ଏହି ।ବିମଗାଃ ଓଡ଼ିଆଲୋକଙ୍କ ନାମ ପରେ
ମଧ୍ୟ ଲାଗିଲେଣି) (ଯଥା—ଦାତାରାମ୍, ବାଲ୍ମରାମ୍, ମସ୍ତରାମ୍,
ଘୁଙ୍ଗାରାମ୍, ଭୋଲାରାମ୍, ଭକତରାମ୍, ଗଣେଶରାମ୍,
ପାଲୁରାମ୍, ଗଙ୍ଗାରାମ୍)—Words added to another word to make up a name in Hindusthani.

ରାମନାମ୍ ସତ୍ୟ—ଦେ. ବି (ହିନ୍ଦି)—ଶବବାହକମାନେ ଶ୍ମଶାନକୁ ଶବ
Rāmnām satya ବହନ କରି ନେବା ସମୟରେ ଉଚ୍ଚାରଣ
(ରାମ୍‌ନାମ୍ ସତ୍ୟ ହେ—ଅନ୍ୟରୂପ) କରିବା ବାକ୍ୟ—A phrase
रामनाम सत्य uttered by persons while carrying a
रामनाम सत है dead body to the cremation ground.

ରାମ୍ ରହିମ୍—ଦେ. ବି (ସଂ. ରାମ ଓ ଆ. ରହିମ୍=ଦୟାଳୁ ଈଶ୍ୱର)—
Rām rahim ହିନ୍ଦୁମାନଙ୍କ ପୂଜ୍ୟ ରାମଚନ୍ଦ୍ର ଓ ମୁସଲମାନ-
रामरहीम ମାନଙ୍କ ପୂଜ୍ୟ ଅଲ୍ଲା (ଯେ କି ବସ୍ତୁତଃ ଏକ ଈଶ୍ୱର
रामरहीम ଅଟନ୍ତି)—The self-same God whom the Hindus call Rāma and the Muslims call Rahim.

ରାମ୍ ରାମ୍—ଦେ. ଅ—ବିରକ୍ତି, ଘୃଣା, ବିସ୍ମୟ, ଅନୁତାପସୂଚକ
Rām Rām ରାମଙ୍କ ନାମ ଉଚ୍ଚାରଣ—(Interjection);
रामराम Repetition of the name of Rāma in
रामराम disgust, hatred, astonishment or
regret. ବୈଦେ. (ହିନ୍ଦୀ)—୧ । ପଶ୍ଚିମା ମାରବାଡ଼ୀ
ହିନ୍ଦୁମାନଙ୍କ ମଧ୍ୟରେ ପରସ୍ପରକୁ ନମସ୍କାର ବା ଅଭିବାଦନ
ପୂର୍ବକ ରାମ ନାମ ଉଚ୍ଚାରଣ—1. Uttering the name of god Rāma while paying respects to each other (amongst the Marwaris) ଦେ. ଅ. ପାପକ୍ଷୟାର୍ଥ ରାମଚନ୍ଦ୍ରଙ୍କ
ନାମ ଉଚ୍ଚାରଣ—Ripitation of the name of God Rāma by a devotee.

ରାମ—ସଂ. ବି (ରମ୍ ଧାତୁ ଣିଚ. ରମି ଧାତୁ=କ୍ରୀଡ଼ା କରାଇବା+କର୍ତ୍ତୃ.ଅ)
Rāma —୧ । ଶ୍ରୀରାମଚନ୍ଦ୍ର; ବିଷ୍ଣୁଙ୍କର ତ୍ରେତାଯୁଗରେ ଅଯୋଧ୍ୟାରେ
ଦଶରଥଙ୍କ ଜ୍ୟେଷ୍ଠ ପୁତ୍ରରୂପେ ଜନ୍ମଗ୍ରହଣ କରିଥିବା
ଅବତାର । ବିଷ୍ଣୁଙ୍କର ୧୦ ଅବତାର ମଧ୍ୟରୁ ୭ମ—1.The 7th incarnation of Bishṇu; the eldest son of Daśaratha, king of Ajodhyā—
୨ । ପରଶୁରାମ, ବିଷ୍ଣୁଙ୍କର ୬ଷ୍ଠ ଅବତାର; ଜମଦଗ୍ନି-
ନାମକ ବ୍ରାହ୍ମଣ ଋଷିଙ୍କ ପୁତ୍ର । (ଏ ୨୧ ଥର ପୃଥିବୀକୁ
ନିଃକ୍ଷତ୍ରିୟ କରିଥିଲେ ଓ ଶେଷରେ ରାମଚନ୍ଦ୍ରଙ୍କ ଦ୍ୱାରା
ପରାଜିତ ହୋଇଥିଲେ)—The 6th incarnation of Bishṇu, the son of Jamadagni. ୩ ।
ଦ୍ୱାପର ଯୁଗରେ ବିଷ୍ଣୁଙ୍କ ଅଷ୍ଟମ ଅବତାର ଶ୍ରୀକୃଷ୍ଣଙ୍କର
ବୈମାତ୍ରିକ ବଡ଼ ଭାଇ; ବଳରାମରୂପେ ଜନ୍ମିଥିବା ବିଷ୍ଣୁଙ୍କର
୮ମ ଅବତାର—3. The 8th incarnation of Bishṇu born as the elder step-brother of Srikṛushṇa. ୪ । ହରିଣ ବିଶେଷ—4. A sort of deer. (ଉ—ବାଜ ବାଜବାରେ ବାହି ଲକ୍ଷଣ
ଶବଦ । କରତଳେ ରାମ ରାମ ହୋଇଲେ ସ୍ତବଧ ।
ଉପେନ୍ଦ୍ର. ବୈଦେହୀଶବିଳାସ) ୫ । ବରୁଣ—5. The God of ocean. ୬ । ଘୋଟକ—6. Horse.
୭ । ଭଗବାନ୍; ବିଷ୍ଣୁ; ଈଶ୍ୱର—7. Bishṇu; God.
୭ । ତିନି ସଂଖ୍ୟା (ବୃ. ଶ)—7. The number three. ୮ । ଏକ ମାତ୍ରିକ ଛନ୍ଦ (ବୃ. ଶ)—8 Name of a syllabic metre. [ବି—ଏଥିରେ
ପ୍ରତ୍ୟେକ ଚରଣରେ ପ୍ରଥମାର୍ଦ୍ଧ ନଅ ମାତ୍ରା ଓ ଦ୍ୱିତୀୟାର୍ଦ୍ଧରେ
ଆଠ ମାତ୍ରା ଥାଏ, ଓ ପ୍ରତି ଚରଣରେ ଶେଷ ୩
ଅକ୍ଷର ଯଗଣ—ବୃ.ଶ)—୯ । ଅଶୋକ ବୃକ୍ଷ (ବୃ.ଶ)—
9. The Aśoka tree. ୧୦ । ରତି; ରମଣ (ବୃ.ଶ)—
10. Copulation. ୧୧ । ବଥୁଆଶାଗ (ବୃ. ଶ)—
11. Chenopodum Album; the goose foot (potherb). ୧୨ । ଡେଙ୍ଗ ପଦ (ବୃ. ଶ) —12.

Folia Malabathe (leaf); Cassia leaf. ଦେ.ବି—୧ । (ପୁଂ) ଲୋକଙ୍କ ନାମ—A name given to males. ୨ । ସୌନ୍ଦର୍ଯ୍ୟ—2. Beauty. [ଉ—ବାଲ୍ମୀକି ଏହି ସେ ରାମର ରାମର ଜନେଡଜ କ ସ୍ୱରୂପ ସେ—ଭକ୍ତ. ବୈଦେହୀଶ ବିଳାସ] ସ. ବିଣ—୧ । ରମଣୀୟ; ମନୋହର —1. Graceful; charming; pleasant. [ଉ—ଅଥବା ନାରୀ ସମାନ ଯେଣେ ସେ ଲକ୍ଷ୍ମଣଙ୍କୁ ରାମ ରଙ୍ଗ ହୋଇବାରୁ ଦୂର—ଭକ୍ତ. ବୈଦେହୀଶବିଳାସ] ୨ । ଶୁଭ୍ର—2. White. ୩ । କୃଷ୍ଣ; କଳା—3. Black. ୪ । ନୀଳବର୍ଣ୍ଣ ବିଶିଷ୍ଟ—4. Blue. (ଦ୍ର—ପଣ୍ଡିତମାନେ ରାମ ଶବ୍ଦର ନାନାବିଧ ବ୍ୟୁତ୍ପତ୍ତି କରିଥିଲାନ୍ତି—୧ । ର=ବହ୍ନି+ମ=(ଈଶ୍ୱର) ଈଶ୍ୱର; ୨ । ରମ୍ ବା ରମି ଧାତୁ=ରମଣ କରିବା+କର୍ତ୍ତୃ ଅ; ସେ ରମାଙ୍କ ସହିତ ରମଣ କରନ୍ତି । ୩ । ରମା+ଅ=ରମା ବା ଲକ୍ଷ୍ମୀଙ୍କର ଏ ଅଟନ୍ତି । ୪ । ରମ୍ ଧାତୁ=ରତ ହେବା+ଅଧିକରଣ ଅ, ଏହାଙ୍କଠାରେ ସମସ୍ତେ ଅନୁରକ୍ତ ହୁଅନ୍ତି । ସାଧାରଣତଃ 'ରାମ' କହିଲେ ଅଯୋଧ୍ୟାପତି ରଘୁକୁଳତିଳକ ରାମଚନ୍ଦ୍ରଙ୍କୁ ବୁଝାଏ ।)

ରାମ କଦଳୀ—ଦେ. ବି—ଉତ୍କୃଷ୍ଟ କଦଳୀ ବିଶେଷ—A species of Rāma kadaḻi plantain. [ଦ୍ର—ଏହାର ପତ୍ରର ପୃଷ୍ଠଦଣ୍ଡ, ରାମକଳା **रामकेला** ବାସୁଙ୍ଗା ଓ ଫୁଲ ଗଛର ରକ୍ତବର୍ଣ୍ଣ; ଏହାର ଫଳ ସରୁଆ ଓ ଗୁଣରେ ଲମ୍ବ । ଏହା ବମ୍ବେଇ ପ୍ରଦେଶରେ ବେଶି ମିଳେ ।]

ରାମ କର୍ପୂର—ସ. ବି. (ବୈଦ୍ୟକ)—ସୁଗନ୍ଧ ତୃଣବିଶେଷ—Rāmakarpūra A sort of fragrant grass; রামকর্পূর Andropogen Schoenanthus. **रोहिषसेधिया, गधेजघास** [ଦ୍ର—ଅନ୍ୟ ସ. ନାମ କତ୍ତୃଣ, ରୌହିଷ ତେ. କାମଂଚଗଡ୍ଡି, ଭୂସ୍ତୃଣ ଦେବଜଗ୍ଧ, ସୌଗନ୍ଧିକ, ଭୂତିକ, ଧାମ, ଫା. ଖବାଲ୍‌ମାମୁନ୍ ପୌର, ଶ୍ୟାମକ, ଧୂମଗନ୍ଧିକ ।] ବୈଦ୍ୟକ ଆ. ଅଜ୍‌ଖର୍ ମତରେ ଏହା କଷାୟ ତିକ୍ତ ରସ ଓ ମ. ରୋହିସା କଟୁବିପାକ । ଏହା ହୃଦ୍‌ରୋଗ, କଣ୍ଠ-(ରାମକପୂରା—ଦେ. ନାମ) ରୋଗ, ପିତ୍ତ, ରକ୍ତଦୋଷ ଶୂଳ, କାସ, କଫ ଓ ଜ୍ୱର ନାଶକ—ଦ୍ରବ୍ୟଗୁଣ ।)

ରାମକ(କି, କେ)ରି(ଳୀ)—ସ. ବି—ରାଗିଣୀବିଶେଷ;—Name of a Ramaka(ki ke)ri(li) secondary tune in Hindu music—[ଦ୍ର—ଏହା ଭୈରବ ରାଗର (ମତାନ୍ତରରେ ପଞ୍ଚମ ରାଗର ଓ ମତାନ୍ତରରେ କର୍ଣ୍ଣାଟରାଗର) ଭାର୍ଯ୍ୟା; ଏହା ଗାଇବା ସମୟ ପ୍ରାତଃକାଳ ୧ ଦଣ୍ଡଠାରୁ ୫ ଦଣ୍ଡ ପର୍ଯ୍ୟନ୍ତ । ଏହା ସମ୍ପୂର୍ଣ୍ଣ ଜାତିର ରାଗିଣୀ; ଏଥିରେ ଋଷଭ, ନିଷାଦ ଓ କୋମଳସ୍ୱର ଲାଗେ—ହି. ଶ.]

ରାମ କାନ୍ତ—ସ ବି. (ବୈଦ୍ୟକ)—ରାମ ଶର (ଦେଖ) Rāma kānta Rāma śara (See) ଦେ.ବି.ପୁଂ—ଲୋକଙ୍କ ନାମ—A name given to males.

ରାମ କାକୁଡ଼ି—ପ୍ରାଦେ. (ଛତିଶଗଡ଼)—ଭେଣ୍ଡି—Rāma kāriā (ଭୁଲ. ବି. ରାମଚୋରଇ) Lady's finger.

ରାମ କାର୍ଜୀ—ଦେ. ବି—ରାମ ଦୂତ ବା ରାମ ସେବକ ହନୁମାନ—Rāma kārji Hanumān, the devoted servant of Rāma. রামদাস **राम काजी**

ରାମ କୁମାର—ସ. ବି. ପୁଂ—ରାମଚନ୍ଦ୍ରଙ୍କ ଯମଜ ପୁତ୍ର କୁଶ ଓ ଲବ—Rāma kumāra The twin sons of Rāma. ଦେ. ବି.ପୁଂ.—ଲୋକଙ୍କ ନାମ—A name given to males.

ରାମକୃଷ୍ଟ(ଷ୍ଣ)—ଗ୍ରା. ବି—ରାମ କୃଷ୍ଣ (ଦେଖ) Rāma kushṭaṅ(shṇa) Rāma kr̥ushṇa (See) রাম কেষ্ট **राम कीसन**

ରାମ କୃଷ୍ଣ—ସ. ବି—୧ । ଶ୍ରୀରାମ ଓ ଶ୍ରୀକୃଷ୍ଣ—1. Rama and Rāma kr̥ushṇa Kr̥ushṇa. ୨ । ବଳରାମ ଓ ଶ୍ରୀକୃଷ୍ଣ—2. Balarāma and Srikr̥ushṇa. ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ରାମକୃଷ୍ଣ ପରମହଂସ—ଦେ. ବି. (ନାମ)—ବଙ୍ଗୀୟ ବ୍ରାହ୍ମଣ ବଂଶଜ Rāmakr̥ushṇa paramahamsa ଋଷିକଳ୍ପ ସ୍ୱର୍ଗତ ଧର୍ମ୍ମବୀର (ଖ୍ରୀ ୧୮୩୩—୧୮୮୬)—The late celebrated Bengali saint of this name (Born 1833—Died 1886).

[ଦ୍ର—ଏ ପ୍ରଥମେ କଲିକତା ନିକଟସ୍ଥ ଦକ୍ଷିଣେଶ୍ୱର ଗ୍ରାମରେ ରାଣୀ ରାସମଣିଙ୍କ ପ୍ରତିଷ୍ଠିତ କାଳୀ ଠାକୁରାଣୀଙ୍କ ପୂଜାହାରୀ ରୂପେ ନିଯୁକ୍ତ ହୋଇଥିଲେ ଓ ସେଠାରେ ତାଙ୍କର ଧର୍ମ୍ମ ଭାବର ଅପୂର୍ବ ସ୍ଫୂର୍ତ୍ତି ଓ ବିକାଶ ହେଲା । ସର୍ବ-ଧର୍ମ୍ମ ସମନ୍ୱୟର ଭାବ ଏହାଙ୍କଠାରେ ବିକଶିତ ହୋଇଥିଲା ଓ ଈଶ୍ୱରଙ୍କୁ ସେ ମାତୃ ରୂପରେ ଦେଖୁଥିଲେ । କାମିନୀ, କାଞ୍ଚନ ଏହି ଦୁଇ ବିଷୟ ତ୍ୟାଗ କରିବା ଏହାଙ୍କ ନିଜ ଜୀବନର ଓ ଧର୍ମ୍ମର ଏବଂ ଅଧ୍ୟାପନାର ମୂଳମନ୍ତ୍ର ଥିଲା । ଏ ବିବାହ କରିଥିଲେ; କିନ୍ତୁ ସଂସାର ଧର୍ମ ତ୍ୟାଗ କଲା ପରେ ଏହାଙ୍କ ସ୍ତ୍ରୀ ସାରଦା ଦେବୀ ଏହାଙ୍କ ଶିଷ୍ୟା ହୋଇଥିଲେ । ଅତି ସହଜ ଭାଷାରେ ଓ ଉଦାହରଣ ଛଳରେ ଏ ନିଗୂଢ଼ ଧର୍ମ୍ମ-ତତ୍ତ୍ୱମାନ ବୁଝାଇ ପାରୁଥିଲେ । ନରେନ୍ଦ୍ରନାଥ ଦତ୍ତ ନାମକ ଜଣେ ଯୁବକ ଏହାଙ୍କ ଶିଷ୍ୟ ହୋଇ ସ୍ୱାମୀ ବିବେକାନନ୍ଦ ରୂପରେ ଜଗତର ଧାର୍ମ୍ମିକ ମଣ୍ଡଳୀଙ୍କୁ ଚମତ୍କୃତ କରିଥିଲେ । ରାମକୃଷ୍ଣ ଦେବ ଅତି ମଧୁର ରୂପେ ଗୀତ ଗାଇ ପାରୁଥିଲେ ଏବଂ ଗାନ କରୁ କରୁ ଓ ଧ୍ୟାନ କରୁ କରୁ ଏହାଙ୍କର ବାହ୍ୟ-ଜ୍ଞାନଶୂନ୍ୟ ସମାଧି ଭାବ ହୋଇ ଯାଉଥିଲା । ଏହାଙ୍କ ଉପଦେଶାବଳୀ ଦ୍ୱାରା ଇଉରୋପ ଓ ଆମେରିକାବାସୀମାନେ ମୁଗ୍ଧ ଓ ଚମତ୍କୃତ ହୋଇଅଛନ୍ତି । ଏହାଙ୍କ ମତରେ ବର୍ତ୍ତମାନ ସଭ୍ୟଜଗତର ବହୁ ଲକ୍ଷ ଲୋକ ଦୀକ୍ଷିତ ହୋଇ-ଅଛନ୍ତି ଓ କେତେକ ସନ୍ନ୍ୟାସୀ ଏହାଙ୍କ ନାମରେ 'ରାମକୃଷ୍ଣ

ସମ୍ପ୍ରଦାୟ୍ କଲ୍‌କତା ନିକଟସ୍ଥ ବେଲୁରଠାରେ ଓ ନାନା ସ୍ଥାନରେ ସଂସ୍ଥାପନ କରି ଜ୍ଞାନ ଓ ଧର୍ମ ନିର୍ବିଶେଷରେ ଜନହିତ ସାଧନ, ଦୁଃଖୀର ଦୁଃଖ ନିବାରଣ ଓ ବେଦାନ୍ତ ଚର୍ଚ୍ଚା ଆଦିରେ ଲାଗି ଅଛନ୍ତି । ତାଙ୍କ ଜନ୍ମଠାରୁ ଶତବର୍ଷ ପୂର୍ଣ୍ଣ ହେବାରୁ ଭାରତରେ ତଥା ସମଗ୍ର ସଭ୍ୟ ଜଗତରେ ତାଙ୍କ ପ୍ରସ୍ତାବିତ ସର୍ବଧର୍ମ ସମନ୍ୱୟମୂଳକ ଉତ୍ସବମାନ ମହାସମାରୋହରେ ଅନୁଷ୍ଠିତ ହୋଇଅଛି ।]

ରାମ କେଦାର—ଦେ. ବି—ଏକ ପ୍ରକାର ଗଦ (ଏହା ହଳଦି ଗଛ ପରି Rāma kedāra କିନ୍ତୁ ଛୋଟ ଓ ଏଥିର ପତ୍ରମାନ ଭୂଇଁରେ ଲାଗିଥାଏ, गन्ध विशेष ଏହାର ମୂଳ ସୁଗନ୍ଧ)--Kaemfiferia Galanga. [ଦ୍ର—ଏହାର ମୂଳ ଚନ୍ଦନ ବାଟି ସେବନ କଲେ ଅଗ୍ନିମାନ୍ଦ୍ୟ, ଅଗ୍ନିମାନ୍ଦ୍ୟ, ଜ୍ୱର ଓ ବିଷ ଦୋଷ ଖଣ୍ଡିତ ହୁଏ । ଏହା ବିରେଚକ ।]

ରାମ ଖଡ଼ି—ଦେ. ବି. (ସଂ. ଗୌର ଖଟୀ)—ଧଳା ଖଡ଼ି (ଏହା ଫୁଲ Rāma khardi ଖଡ଼ି ଅପେକ୍ଷା ଟାଣ; ଏଥିରେ ଭୂମିରେ ଲେଖା- राम खड़ि ଯାଏ)—White pipelay; Calcium car- **गौर खरि, राम खली** bonate. ଫା. ଗୀଲେ ସୁପେଦ୍ [ଦ୍ର—ଏଥିର ଲେପନରେ ଦାଦ ବିଷ ଓ ଅ. ତିନେଅସାପିଦ୍ ଶୋଥ ନଷ୍ଟ ହୁଏ—ଦ୍ରବ୍ୟଗୁଣ ।]

ରାମ ଗଞ୍ଜା(ଞ୍ଜେ)ଇ—ପ୍ରାଦେ. (ଗଡ଼ଜାତ) ବି—ଗଡ଼ଜାତର ପାହାଡ଼ Rāma gañjā(ñje)i ଆଦିରେ ଜନ୍ମିବା ଏକ ପ୍ରକାର ବନ୍ୟ ଗଞ୍ଜେଇ ଗଛ—A kind of Indian hemp growing wild on hills.

ରାମଗଡ଼—ଦେ ବି—୧ । ରାଜପୁତାନାର ଜୟପୁର ରାଜ୍ୟର ନଗର Rāmagarda ବିଶେଷ—1. Name of town in Jeypur State. [ଦ୍ର—ଏହା ଜୟପୁର ରାଜ୍ୟର ଉତ୍ତର ପଶ୍ଚିମରେ ଅବସ୍ଥିତ ।] ୨ । ବିହାର ପ୍ରଦେଶର ହଜାରିବାଗ ଜିଲ୍ଲାର ଗୋଟିଏ ନଗର ଓ ବେଙ୍ଗଲ ନାଗପୁର ରେଲର ଗୋଟିଏ ଷ୍ଟେସନ—2. Name of a town and railway station in Hazaribag.

ରାମ ଗିରି—ସଂ. ବି. (ବନବାସ ସମୟରେ ରାମଚନ୍ଦ୍ର ଏହିଠାରେ ବିଶ୍ରାମ Rāmagiri କରିଥିବାରୁ)—୧ । ବୁନ୍ଦେଲଖଣ୍ଡ ଅନ୍ତର୍ଗତ ଚିତ୍ରକୂଟ ପାହାଡ଼—1. Name of a hill in Bundelkhand in Central India. [ଦ୍ର—କାଳିଦାସଙ୍କ ମେଘଦୂତରେ ଯକ୍ଷ ଏହିଠାରେ ନିର୍ବାସିତ ହୋଇ ପ୍ରିୟାବିଚ୍ଛେଦଜନିତ ଦୁଃଖ ଭୋଗ କରୁଥିବା ବର୍ଣ୍ଣିତ ହୋଇଅଛି । କେହି କେହି ପଣ୍ଡିତ ଏହାକୁ ଓଡ଼ିଆ ବାମଣ୍ଡା ରାଜ୍ୟ ଅନ୍ତର୍ଗତ ପର୍ବତ ବୋଲି ସିଦ୍ଧାନ୍ତ କରି ଅଛନ୍ତି । କେହି କେହି କହନ୍ତି ଏହାର ଆଧୁନିକ ନାମ ରାମଟେକ୍ ଓ ଏହା ମଧ୍ୟପ୍ରଦେଶର ନାଗପୁର ଜିଲ୍ଲାରେ ଅବସ୍ଥିତ । କେହି କେହି ଚିତ୍ରକୂଟକୁ ରାମଗିରି କହନ୍ତି ।] ୨ । ଗଞ୍ଜାମ ଜିଲ୍ଲାର ବିଷମକଟକ ନିକଟସ୍ଥ ଗୋଟିଏ ଛୋଟ ନଗର—2. Name of a small town in Ganjam. [ଦ୍ର—ଏହା ବେଙ୍ଗଲ ନାଗପୁର ରେଲର ପାରଳା ଖେମଣ୍ଡି ଶାଖାର ଅନ୍ତିମ ଷ୍ଟେସନ ଗୁଣପୁରର ଉତ୍ତରରେ ଅବସ୍ଥିତ ।]

ରାମ ଗୀତା—ସଂ. ବି—ଅଧ୍ୟାତ୍ମରାମାୟଣର ଉତ୍ତରାକାଣ୍ଡ ବା ଶେଷକାଣ୍ଡର Rāma gitā ପଞ୍ଚମ ସର୍ଗରେ ଥିବା ରାମଚନ୍ଦ୍ରଙ୍କ ସ୍ତବାତ୍ମକ ଅଂଶ ବା ଅଧ୍ୟାୟ—A chapter of hymns addressed to Rāma contained in the Adhyātma Rāmāyaṇa.

ରାମ ଚଣ୍ଡୀ—ଦେ. ବି. ସ୍ତ୍ରୀ. (ସଂ. ରାମ ଓ ଚଣ୍ଡୀ; ରାମଚନ୍ଦ୍ରଙ୍କ ପୂଜିତା Rāma chandi ଚଣ୍ଡୀ)—୧ । ଠାକୁରାଣୀ ପ୍ରତିମାଙ୍କ ନାମ— राम चण्डी 1. Name of a popular Goddess. **राम चण्डी** ୨ । ପୁରୀର ରକ୍ଷାକାରିଣୀ ଦେବୀ ପ୍ରତିମା—2. The image of Goddess Rāmachandi in Puri. [ଦ୍ର—ଏ ଠାକୁରାଣୀଙ୍କ ମନ୍ଦିର ଯେଉଁ ସାହିରେ ଅଛି ତାହାର ନାମ ରାମଚଣ୍ଡୀ ସାହି ।] ୩ । ପୁରୀ ଜିଲ୍ଲା କୋଣାର୍କର ଦକ୍ଷିଣ ପଶ୍ଚିମକୁ ପ୍ରାୟ ତିନି ମାଇଲ ଦୂରରେ କୁଶଭଦ୍ରା ନଦୀ ମୁହାଣରେ ଉଚ୍ଚ ବାଲିଡିହ (ବନ୍ତ) ଉପରେ ଗୋଟିଏ ମନ୍ଦିରରେ ଅଧିଷ୍ଠିତା ଦୁର୍ଗା ବିଗ୍ରହ—3. The celebrated image of the Goddess Durgā near about the Koṇārka temple. [ଦ୍ର—ସେହି ଡିହ ଉପରେ କେତୋଟି ବର ଗଛ ଓ ଗୋଟିଏ ମାତ୍ର ତାଳ ଗଛ ଅଛି; ଚତୁର୍ପଟେ ଅପନ୍ତର ବାଲିପାଟ । ସେହି ବାଲିପାଟରେ ବହୁତ କୃଷ୍ଣସାର ମୃଗ ବୁଲୁଥାଆନ୍ତି । ଏହି ଡିହ ଉପରେ ନିର୍ମଳ ଦିନରେ ଠିଆ ହେଲେ ଚକ୍ରବାଳର ଏକଦିଗରେ ଭଗ୍ନ କୋଣାର୍କମନ୍ଦିର ଓ ଅନ୍ୟ ଦିଗରେ ବହୁ ଦୂରରେ ପୁରୀ ବଡ଼ ଦେଉଳର ଚୂଡ଼ା ଦେଖାଯାଏ ।

ପଣ୍ଡିତ ନୀଳକଣ୍ଠ ଦାସ 'କୋଣାର୍କେ' କାବ୍ୟର ଗ୍ରନ୍ଥ-ପ୍ରବେଶ ମତରେ ରାମଚଣ୍ଡୀ ପୂର୍ବେ କୋଣାର୍କରେ ଥିଲେ । କିମ୍ବଦନ୍ତୀ ଅଛି ଯେ, କଳାପାହାଡ଼ ହିନ୍ଦୁଦେବଦେବୀଙ୍କ ପବିତ୍ରତା ନଷ୍ଟ କଲାବେଳେ ରାମଚଣ୍ଡୀ ନାରୀରୂପରେ ଗୋଟିଏ ମାଠିଆ ଧରି ମନ୍ଦିରରୁ କୁଶଭଦ୍ରାକୁ ପାଣିପାଇଁ ଗଲେ । କଳାପାହାଡ଼ ଖୋଜି ଆସି ଦେଖିଲାବେଳକୁ ସେ କୁଶଭଦ୍ରାରେ ମାଠିଆ ଧରି ଭାସୁଅଛନ୍ତି । ସେହିଦିନଠାରୁ ରାମଚଣ୍ଡୀ ଆଉ କୋଣାର୍କକୁ ଫେରି ନାହାନ୍ତି । ଲୋକେ ଏବେ ମଧ୍ୟ ଏହି କିମ୍ବଦନ୍ତୀକୁ ଲକ୍ଷ୍ୟ କରି ପ୍ରବଚନ କହନ୍ତି—

ଭଲ ରାମଚଣ୍ଡୀ ଭଲରେ !

କଳାପାହାଡ଼କୁ ଦୁଆରେ ବସାଇ ଭଲ ପାଣିପାଇଁ ଗଲରେ ।

ନୀଳକଣ୍ଠଦାସ,'କୋଣାର୍କେ' ରାମଚଣ୍ଡୀ ୧୯୧ ଧାଡ଼ିର ଟୀକା ।]

ରାମଚନ୍ଦ୍ର—ସଂ. ବି. ପୁଂ (ନାମ)—ଦଶରଥଙ୍କ ଜ୍ୟେଷ୍ଠ ତନୟ; ରଘୁବୀର Rāmachandra ରାମ—Rāma, the eldest son of Daśaratha. [ଦ୍ର—ଅଯୋଧ୍ୟାର ଇକ୍ଷ୍ୱାକୁ ବଂଶରେ ଏହାଙ୍କ ଜନ୍ମ । ଏ ବିଷ୍ଣୁଙ୍କର ୭ମ ଅବତାର ଥିଲେ ।

ଏହାଙ୍କ ବିଷୟ ରାମାୟଣରେ ବର୍ଣ୍ଣିତ । କୌଶଲ୍ୟା ଏହାଙ୍କ ମାତା । ବଶିଷ୍ଠ ଋଷି ଏହାଙ୍କ ଗୁରୁ । ଏ ବାଳକ ଥିବା-ବେଳେ ବିଶ୍ୱାମିତ୍ର ଏହାଙ୍କୁ ଓ ଏହାଙ୍କ ବୈମାତ୍ର ଭାଇ ଲକ୍ଷ୍ମଣଙ୍କୁ ଯାଗରକ୍ଷା କରିବାକୁ ତାଙ୍କ ଆଶ୍ରମକୁ ସଙ୍ଗରେ ନେଇଥିଲେ ଓ ସେଠାରେ ଏ ଯଜ୍ଞବିଘ୍ନକାରୀ ବହୁ ରାକ୍ଷସଙ୍କୁ ବଧ କରିଥିଲେ । ଯଜ୍ଞର ନିର୍ବିଘ୍ନ ସମାପ୍ତି ହେବା ପରେ ବିଶ୍ୱାମିତ୍ରଙ୍କ ସଙ୍ଗେ ଏ ଲକ୍ଷ୍ମଣଙ୍କ ସହିତ ରାଜା ଜନକଙ୍କ ରାଜଧାନୀକୁ ସୀତାଙ୍କ ସ୍ୱୟମ୍ବର ସଭାକୁ ଯାଇଥିଲେ ଓ ସେଠାରେ ଶିବଧନୁକୁ ଭାଙ୍ଗି ସୀତାଙ୍କ ପାଣିଗ୍ରହଣ କଲେ । ତତ୍ପରେ ରାଜା ଦଶରଥ ଏହାଙ୍କୁ ଯୌବରାଜ୍ୟାଭିଷିକ୍ତ କରିବାକୁ ଇଚ୍ଛା କରିଥିଲେ, କିନ୍ତୁ ଏହାଙ୍କ ବିମାତା ରାଣୀ କୈକେୟୀଙ୍କ ଅନୁଜ୍ଞା ଅନୁସାରେ ପିତୃସତ୍ୟ ପାଳନ କରି ଲକ୍ଷ୍ମଣ ଓ ସୀତାଙ୍କୁ ସଙ୍ଗେ ନେଇ ଏ ୧୪ ବର୍ଷ ବନବାସ କଲେ । ବନବାସ କାଳରେ ଦଣ୍ଡକାରଣ୍ୟରେ ରାବଣ ସୀତାଙ୍କୁ ହରଣ କଲା । ଏ ବାନରରାଜ ସୁଗ୍ରୀବ ଓ ହନୁମାନ୍ ଓ ବାନର ସୈନ୍ୟଙ୍କ ସହାୟତାରେ ଲଙ୍କା ଆକ୍ରମଣ କରି ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କଲେ ଓ ଅଗ୍ନି-ପରୀକ୍ଷା ପରେ ସୀତାଙ୍କୁ ଗ୍ରହଣ କଲେ । ଲଙ୍କାରୁ ଫେରି ୧୪ ବର୍ଷ ବନବାସର କାଳ ପୂରିବାରୁ ସୀତାଙ୍କ ସହିତ ଅଯୋଧ୍ୟାକୁ ଏ ଆସିଲେ ଓ ରାଜତ୍ୱ କଲେ । ପ୍ରଜାମାନେ ତାଙ୍କ ଶାସନରେ ଅତି ସୁଖରେ କାଳଯାପନ କରୁଥିଲେ । ଏଥିପାଇଁ ଆଜି ପର୍ଯ୍ୟନ୍ତ 'ରାମରାଜ୍ୟ' ଆଦର୍ଶ ଶାସନ ଅର୍ଥରେ ବ୍ୟବହୃତ ହେଉଅଛି । ଅଯୋଧ୍ୟାକୁ ଫେରିବା ପରେ ରାବଣହୃତା ସୀତାଙ୍କ ସତୀତ୍ୱ ବିଷୟରେ ପ୍ରଜାଙ୍କ ମନରେ ସନ୍ଦେହ ହେବା ଅବଗତ ହୋଇ ଅନ୍ତଃସତ୍ତ୍ୱା ସୀତାଙ୍କୁ ଏ ନିର୍ବାସିତା କଲେ । ନିର୍ବାସନକାଳରେ ବାଲ୍ମୀକି ଆଶ୍ରମରେ ସୀତାଙ୍କଠାରୁ ଲବ ଓ କୁଶ ନାମକ ଯମଜ କୁମାର ଜନ୍ମ ହେଲେ । ତତ୍ପରେ ପିତା ଓ ପୁତ୍ରଦ୍ୱୟଙ୍କର ମିଳନ ହେଲା । ସୀତାଙ୍କୁ ଗ୍ରହଣ କରିବା ପାଇଁ ରାମଚନ୍ଦ୍ର ପୁଣି ଅଗ୍ନି ପରୀକ୍ଷା ପ୍ରସ୍ତାବ କରିବାରୁ ସୀତା ଏଥିରେ ଅସମ୍ମତା ହୋଇ ନିଜର ମାତା ପୃଥିବୀଙ୍କ ଗର୍ଭରେ ଲୀନା ହେଲେ । ତତ୍ପରେ ଦୈବୀ ନିର୍ବନ୍ଧରେ ଏ ଲକ୍ଷ୍ମଣଙ୍କୁ ମଧ୍ୟ ତ୍ୟାଗ କଲେ । ପରେ ଏ ପୁତ୍ରଦ୍ୱୟଙ୍କ ମଧ୍ୟରୁ କୁଶଙ୍କୁ କୋଶଳ ରାଜ୍ୟର ଏବଂ ଲବଙ୍କୁ ଉତ୍ତର କୋଶଳ ରାଜ୍ୟର ଅଧିପତି ପଦରେ ପ୍ରତିଷ୍ଠାପିତ କରି ଅନୁଗତ ସ୍ୱଜନ ଓ ପୁରଜନମାନଙ୍କ ସହିତ ସରଯୂ ନଦୀରେ ପ୍ରବେଶ ପୂର୍ବକ ଯୋଗାଲମ୍ବନରେ ତନୁ ତ୍ୟାଗ କଲେ ।] ଦେ. ବି. ପୁଂ—୧ । ଲୋକଙ୍କୁ ଦିଆଯିବା ନାମ—1. A name given to males. ୨ । ରମଣୀୟ ଚନ୍ଦ୍ର—2. The beautiful moon. (ଉ—ବଶଦେ ରାମଚନ୍ଦ୍ର ଉଦେ, ବିରାଜିତ ହରି ବଦନେ । ଉପେ. ବୈଦେହୀଶବିଳାସ ।)

ରାମଚନ୍ଦ୍ର ଦାଶ—ଦେ. ବି. ନାମ—୧ । ୧୮ଶ ଶତାବ୍ଦୀର ମଧ୍ୟଭାଗର Rāmachandra dāśa ଓଡ଼ିଆ କବି—1. An Oriya poet who flourished in the middle of the 18th century. (ଯଥା—ବଳଭଦ୍ରାବଳୀ ଓ ଗୌପଦୀମାଳା ଏହାଙ୍କର ଗ୍ରନ୍ଥ—ତାରଣୀଚରଣ, ଉତ୍କଳ ସାହିତ୍ୟର ଇତିହାସ ।) ୨ । ପୁରୀଜିଲ୍ଲା ଭିଙ୍ଗାରପୁରର ବ୍ରାହ୍ମଣ (ଏ ପୁରୀରେ ମୁକ୍ତାର କରୁଥିଲେ ଓ ୰ପଣ୍ଡିତ ଗୋପବନ୍ଧୁ ଦାଶ ଏହାଙ୍କୁ ଗୁରୁରୂପେ ମାନ୍ୟ କରୁଥିଲେ । ଏ ଉତ୍କଳର ଜଣେ ନୀରବ ଦେଶସେବକ ଓ କର୍ମବୀର ଥିଲେ)—2. The late Rāmachandra Dāsa, Muktar of Puri who was a silent worker for the cause of the uplift of the Oriya nation and from whom the late Pundit Gopabandhu Das had derived inspiration.

ରାମଚନ୍ଦ୍ର ଦେବ—ଦେ. ବି. ନାମ—୧ । ପୁରୀର ପ୍ରାଚୀନ ରାଜା— Rāmachandra deba An ancient Oriya king. [ଦ୍ର—ଏ ପୁରୀ ରାଜାଙ୍କ ପ୍ରଚଳନରେ ଶ୍ରୀ ରାମଚନ୍ଦ୍ରପୁର, ବୀର ରାମଚନ୍ଦ୍ରପୁର, ପ୍ରତାପ ରାମଚନ୍ଦ୍ରପୁର ଆଦି ଅନେକ-ଗୁଡ଼ିଏ ବ୍ରାହ୍ମଣଶାସନ ପ୍ରତିଷ୍ଠିତ କରିଥିଲେ ।] ୨ । ପୁରୀର ବର୍ତ୍ତମାନ ରାଜା—2. The present Rājā of Puri.

ରାମଚନ୍ଦ୍ର ପଟ୍ଟନାୟକ—ଦେ. ବି. ନାମ—ହାରାବତୀ ନାମକ କାବ୍ୟର Rāmachandra pattanāyaka ରଚୟିତା ଓଡ଼ିଆ ପ୍ରାଚୀନ କବି—An ancient poet of Orissa, the anthor of Hārābatī.

ରାମଚନ୍ଦ୍ର ମହାପ୍ରଭୁ—ଦେ. ବି—ବିଷ୍ଣୁଙ୍କ ଅବତାରରୂପେ ଅବତୀର୍ଣ୍ଣ Rāmachardra mahāprabhu ଅଯୋଧ୍ୟାର ରାମଚନ୍ଦ୍ର— Rāmachandra, the incarnation of Bishṇu boru in Ajodhyā.

ରାମଚନ୍ଦ୍ର ରଥ—ଦେ. ବି. ନାମ—୧ । ଉତ୍କଳୀୟ ଅଳଙ୍କାର ଶାସ୍ତ୍ର Rāmachandra ratha ପ୍ରଣେତା—1. A famous rhetorician, Oriya by birth. ୨ । ପୁରୀଜିଲ୍ଲା ସତ୍ୟବାଦୀ ନିକଟସ୍ଥ ବିଶ୍ୱନାଥପୁର ନିବାସୀ ବାଜପେୟୀ ସାମନ୍ତବଂଶୀୟ ପଣ୍ଡିତ (ଜନ୍ମ ୧୮୮୯—ମୃତ୍ୟୁ ୧୯୩୬) 2. Rāmachandra Ratha, the devoted worker of the Pūrṇṇachandra Orḍiā Bhāshā kosha staff, born in the village Biśwanāthapur śasana in the Puri district. [ଦ୍ର—ଏ ସତ୍ୟବାଦୀ ସ୍କୁଲର ଅନ୍ୟତମ ପ୍ରଥମ ଉଦ୍ୟୋକ୍ତା ଓ ସ୍ୱର୍ଗୀୟ ଗୋପବନ୍ଧୁ ଦାଶଙ୍କର ବିଶିଷ୍ଟ ସହକର୍ମୀ ଥିଲେ । ସତ୍ୟବାଦୀ ଜାତୀୟ ବିଦ୍ୟାଳୟର ପତନପରେ ରାମଚନ୍ଦ୍ର ତାଙ୍କ ମୃତ୍ୟୁର ୪ ବର୍ଷ ପୂର୍ବରୁ ଏହି ଭାଷାକୋଷର ପାଣ୍ଡୁଲିପି ସମ୍ପାଦନ ଓ ସାଫି ଲେଖା କର୍ମରେ ସଂଗ୍ରାହକଙ୍କର ଜଣେ ନିଷ୍ଠାପର, ନିରଳସ, ଅଧ୍ୟବସାୟୀ ସହକର୍ମୀରୂପେ କାର୍ଯ୍ୟ କରୁଥିଲେ । ସେ ଜଣେ ନିରାଡ଼ମ୍ବର, ନୀରବ ଦେଶସେବକ ଥିଲେ । ତାଙ୍କର ପ୍ରକୃତି ଅତି ମଧୁର,

ହୃଦୟ ଉଦାର, ଚରିତ୍ର ସାଧୁଜନୋଚିତ ଥିଲା । ତାଙ୍କ ସାଧୁଚରିତ୍ରବଳରେ ସେ ଶତ ଶତ ଛାତ୍ର, ଶିଷ୍ୟ ଓ ବନ୍ଧୁମାନଙ୍କର ଭକ୍ତି ଓ ସ୍ନେହ ଆକର୍ଷଣ କରିପାରିଥିଲେ ।]

ରାମଚନ୍ଦ୍ର ରାଜଗୁରୁ—ଦେ. ବି. ନାମ—ଜଣେ ଓଡ଼ିଆ ସ୍ମୃତିଶାସ୍ତ୍ର Rāmachandra rājaguru ପ୍ରଣେତା—An Oriya compiler of social rules in Sanskrit language.

ରାମ ଜନ୍ମ—ସଂ. ବି—ରାମନବମୀ (ଦେଖ) Rāma janma Rāmanabamī (See)

ରାମ ଟୁଙ୍ଗି—ଦେ. ବି—ଗ୍ରାମର ପ୍ରାନ୍ତଭାଗରେ ଅବସ୍ଥିତ କ୍ଷୁଦ୍ର ଭଜନାଳୟ Rāma ṭungi —A club for prayer in a villge.
[ଉ—ଯାଅ ଚାଲି ଯା ରାମଟୁଙ୍ଗିକି,
ପଇସା ନ ଥାଏ ଗୁଅଗୁଣ୍ଡିକି—ଢଗ ।]

ରାମଠ—ସଂ. ବି (ବୈଦ୍ୟକ)—୧ । ହେଙ୍ଗୁ; ହିଙ୍ଗୁ— Ramaṭha 1. Assafoetida; Ferula Eralleacea. (ରମଠ—ଅନ୍ୟରୂପ) ୨ । ବୃହତ୍‌ସଂହିତା ମତରେ ଭାରତର ପଶ୍ଚିମସ୍ଥ ଦେଶବିଶେଷ (ହେ. ଶ)—2. Name of an ancient country.
୩ । ଉକ୍ତ ଦେଶବାସୀ ବ୍ୟକ୍ତି (ହେ. ଶ)—3. An inhabitant of the above country, ୪ । ଅଖରୋଟ ଗଛ (ହେ. ଶ)—4. Walnut tree. ୫ । ମଦନ ଫଳ (ହେ. ଶ) (ବୃକ୍ଷ ଓ ଫଳ)—5. Randia Dumetorum (tree and fruit); bushy Gardenia. ୬ । ଛଚିନ୍ଦା (ହେ. ଶ) (ଲତା ଓ ଫଳ)— 6. Snake-gourd; Trichosanthes Anguina (creeper and fruit).

ରାମଠୀ—ସଂ. ବି. (ବୈଦ୍ୟକ)—ନାଡ଼ୀ ହିଙ୍ଗୁ; ଏକ ପ୍ରକାର ହେଙ୍ଗୁ— Rāmaṭhī A sort of asafoetida; Dika Mallegum).

ରାମଣୀୟକ—ସଂ. ବି. (ରମଣୀୟ + କ)—ଶୋଭା; ରମଣୀୟତା— Rāmaṇīyaka Charm, beauty.

ରାମ ତାରକ—ସଂ. ବି—ରାମଚନ୍ଦ୍ରଙ୍କ ଭକ୍ତମାନଙ୍କ ଜପିବା ରାମ ନାମ ଯୁକ୍ତ Rāma tāraka ମନ୍ତ୍ର—Name of the formula ut- (ରାମ ତାରକ ମନ୍ତ୍ର—ଅନ୍ୟରୂପ) tered by the devotees of Rāmachandra.
[ଦ୍ର—'ରାଂ ରାମାୟ ନମଃ' ଏହା ମନ୍ତ୍ରକୁ ରାମ ତାରକ ମନ୍ତ୍ର ବୋଲାଯାଏ । ଭଞ୍ଜ କବି ଏ ମନ୍ତ୍ରର ସାଧକ ଥିଲେ ।]

ରାମ ତାଳି—ଦେ. ବି—ହାତରେ ଧରି ଠକ ଠକ ବଜାଇ ଗୀତର Rāma tāḷi ତାଳ ପକାଇବା ପାଇଁ ବ୍ୟବହୃତ କାଠ ଦୁଇ ଖଣ୍ଡ- (ରାମ ତାଳକା—ଅନ୍ୟରୂପ) Castanets.
राम ताली, करताल [ଦ୍ର—ଏହି କାଠ ଦୁଇ ଖଣ୍ଡକୁ ଏକ ହାତରେ करताल(र) ମୁଠାଇ ମୁଠାକୁ କ୍ରମଶଃ ମେଲ୍ଲ କରି ଓ ବନ୍ଦ କରି ବଜାଇବାକୁ ହୁଏ; ଏହାର ଗୋଟିଏ ଫାଳ ବୁଢ଼ା ଅଙ୍ଗୁଠି ସଙ୍ଗେ ଓ ଅନ୍ୟ ଫାଳ ଅନ୍ୟ ଚାରିଟି ଅଙ୍ଗୁଠି ସଙ୍ଗେ ଲଗ୍ନ କରିଯାଇ ଥାଏ ଓ ମୁଠା ମେଲ୍ଲା କରି ବନ୍ଦ କଲା ବେଳକୁ ଏ ଦୁଇ ଫାଳ ପରସ୍ପରକୁ ଆଘାତ କରିବାରୁ ତାଳ ସହ ଶବ୍ଦ ବାହାରେ ।] (ଉ—ବାଜୁଅଛୁ ରାମ ତାଳ । ବେଗେ ସୁବେଳରେ ମିଳ ହେ । ଭଞ୍ଜ. ବୈଦେହୀଶବିଳାସ ।) ୨ । ରାମ ଶବ୍ଦୋଚ୍ଚାରଣ ପୂର୍ବକ ହାତରେ ଦେବା ତାଳ— 2. Clapping with Rāma's name on one's lips.

ରାମ ତିଳ—ସଂ. ବି—ଏକ ପ୍ରକାର ରାଶି ବା ତିଳ—A species of Rāma tiḷa Sesamum; Verbinia Sativa; Guizotia Abyssinecia (Kirtikar).

ରାମ ତିଳା—ଦେ. ବି—ରାମ ତିଳ (ଦେଖ) Rāma tiḷā Rāma tiḷa (See)
কাল তিল, রাম তিল, কালা তিল (ଉ—ନଶା ଗାର ସ୍ଫୂର୍ତ୍ତି ରାମତିଳା राम तिल, काला तिल ରାଧାନାଥ. ଋଷିଣୀ ।)

ରାମ ତିଳକ(ଖ)—ଦେ. ବି—୧ । ତିଳକ ରୂପରେ କପାଳାଦିରେ Rāma tiḷaka(kha) ଧାରଣ କରାଯିବା ଏକ ପ୍ରକାର ହଳଦିଆ রাম তিলক মাটি; ରାମରଜ—1. A kind of yellow earth रामरज, राम तिलक used as sacred paint on the fore head. ୨ । ରାମାନନ୍ଦୀ ଚିତା—2.The sectarian earth-paint put on the forehead of the Rāmānandi sect.

ରାମ ତୀର୍ଥ—ସଂ. ବି—ରାମଗିରି ୧ (ଦେଖ) Rāma tīrtha Rāmagiri 1 (See)

ରାମ ତୁଳସୀ—ସଂ. ବି—ଏକ ଜାତୀୟ ତୁଳସୀ ଗୁଳ୍ମ (ଏହାର ପତ୍ର ଧଳା Rāma tuḷasī ଓ ବଡ଼); ଧଳା ତୁଳସୀ—A species of সাদা তুলসী the Holy Basil plant; Ocymum राम तुलसी Gratessimum; the white Basil.

ରାମ ଦାସ—ସଂ. ବି (୬ଷ୍ଠୀ ତତ୍) —୧ । ରାମଭକ୍ତ—1. A devotee Rāmadāsa of Rāma. ୨ । ହନୁମାନ୍— 2. Hanumān, the monkey servant of Rāmachandra. ଦେ. ବି. ନାମ—୧ । କବି [ଗଞ୍ଜାମ ଜିଲ୍ଲା ମଞ୍ଜୁଷା ରାଜ୍ୟର ତୁରି ଗ୍ରାମବାସୀ ବ୍ରାହ୍ମଣ । ଦାର୍ଢ୍ୟତାଭକ୍ତି ରସାମୃତ ଓ ରାମରସାମୃତ ଏହାଙ୍କ ଭକ୍ତିଗ୍ରନ୍ଥ (ତାରିଣୀ-ଚରଣ ର. ସା. ଇତିହାସ)] 1. A celebrated Oriya poet of Dārḍhyatā-bhakti Rasāmruta in Oriyā. ୨ । ଦକ୍ଷିଣ ଭାରତର ପ୍ରସିଦ୍ଧ ମହାତ୍ମା ଓ ଶିବଜୀଙ୍କ ଗୁରୁ—2. Name of the preceptor of Sibaji. (ଦ୍ର—ଏହାଙ୍କୁ ଲୋକେ ସ୍ୱାମୀ ରାମଦାସ କହୁଥିଲେ । ଏ ଜାତିରେ ବ୍ରାହ୍ମଣ ଥିଲେ, ଜନ୍ମସ୍ଥାନ ଗୋଦାବରୀତଟସ୍ଥ ଜମ୍ବୁ ନାମକ ଗ୍ରାମ । ଜନ୍ମ ୧୬୩୦ ଶକାବ୍ଦ; ରାମନବମୀଦିନ ଏହାଙ୍କର ଜନ୍ମ । ଏ ଖୁବ୍ ରାମଭକ୍ତ ଥିଲେ ଓ ମାତା ପିତାଙ୍କ ବ୍ୟବସ୍ଥା ଅନୁସାରେ ବିବାହ ନ କରି ବୈରାଗ୍ୟ ଅବଲମ୍ବନ କଲେ ଓ ନାସିକ ପାଖରେ ତପସ୍ୟା କଲେ । ମୃତ୍ୟୁ ଶକାବ୍ଦ ୧୭୦୩ ମାଘ ।]

ଏହାଙ୍କ ଉପଦେଶ ଓ ଭଜନ ଦକ୍ଷିଣ ଭାରତରେ ବହୁଶଃ ପ୍ରଚଳିତ—ହୁ.ଶ.) ୩ । ଲୋକଙ୍କ ନାମ—3. A name given to males.

ରାମଦୂତ—ସଂ. ବି—ହନୁମାନ୍—Hanumān (who was the Rāmadūta messenger from Rāma to Sita in exile).

ରାମଦୂତିକା—ସଂ. ବି (ବୈଦ୍ୟକ)—ନାଗପୁଷ୍ପୀ (ଦେଖ) (ଏକପ୍ରକାର Rāmadūtikā ପୁଷ୍ପବୃକ୍ଷ, ବଟୀରେଚକ ଔଷଧ)—A medicinal নাগিনী **रामदूती** plant.

ରାମଧନୁ—ଦେ. ବି (ସଂ. ରାମଧନୁଃ)—ଇନ୍ଦ୍ରଧନୁ—Rainbow. Rāmadhanu রামধনু **इंद्रधनुस** (ରାମଧନୁଃ—ସଂ. ରୂପ)

ରାମନଦ—ଦେ. ବି—ଦକ୍ଷିଣଭାରତର ଗୋଟିଏ ଜମିଦାରୀ ଓ ସେତୁବନ୍ଧ Rāmanada ରାମେଶ୍ୱରର ପଶ୍ଚିମରେ ଥିବା ଏକ ନଗର—রামনদ **रामनद्** Name of an estate and town in S. India.

ରାମନଗର—ଦେ. ବି (ନାମ)—୧ । ମଧ୍ୟଭାରତର ବଘେଲଖଣ୍ଡ Rāmanagara ଅଞ୍ଚଳର ରେୱା ରାଜ୍ୟର ଏକ ନଗର—রামনগর **रामनगर** 1. Name of a town in Central India. ୨ । ମଧ୍ୟପ୍ରଦେଶର ମଣ୍ଡଲା ରାଜ୍ୟର ଏକ ନଗର—2. Name of a town in the Central Provinces. ୩ । ଚେନାବ (ଚର୍ମଣ୍ୱତୀ) ନଦୀ ତୀରସ୍ଥ ପଞ୍ଜାବର ଏକ ନଗର—3. Name of a town in the Punjab. ୪ । କାଶ୍ମୀର ରାଜ୍ୟର ଏକ ପାର୍ବତ୍ୟ ନଗର—4. Name of a hilly town in Kashmere. ୫ । କାଶୀର ଅପର ପାର୍ଶ୍ୱରେ ଗଙ୍ଗା-କୂଳରେ ଥିବା କାଶୀର ମହାରାଜାଙ୍କ ରାଜଧାନୀ—5. Name of the town where the Maharaja of Benares has his palace.

ରାମନବମୀ—ସଂ. ବି—୧ । ରାମଚନ୍ଦ୍ରଙ୍କ ଜନ୍ମତିଥି: ଚୈତ୍ର ଶୁକ୍ଳନବମୀ—Rāmanabamī 1. The anniversary of the birth of Rāmachandra, the ninth day of the bright fortninght of Chaitra. ୨ । ରାମନବମୀଠାରୁ ଆରମ୍ଭ କରି ରାମାୟଣର ଅଭିନୟରୂପ ଯାତ୍ରା—2. Acting of the episodes of Rāma's life. [ଦ୍ର—ସ୍ଥାନେ ସ୍ଥାନେ ଓଡ଼ିଶାର ମଫସଲରେ ଓ ଭାରତର ଉତ୍ତରପଶ୍ଚିମାଞ୍ଚଳରେ ଏ ଅଭିନୟ ବିଶେଷ ସମାରୋହ ସହିତ କରାଯାଏ ଓ ଏ ଯାତ୍ରା କଣ୍ଟି ରାତିରେ ଶେଷ ହୁଏ । ରାମନବମୀ ମାରୱାଡ଼ୀ ଓ ରାମ-ଭକ୍ତମାନଙ୍କର ଗୋଟିଏ ପ୍ରଧାନ ପର୍ବ । ଏହି ଦିନଠାରୁ ମାରୱାଡ଼ୀମାନଙ୍କର ବ୍ୟାବସାୟିକ ବର୍ଷ ଆରମ୍ଭ ହୁଏ ।]

ରାମନାଥ—ସଂ. ବି—ସେତୁବନ୍ଧ ରାମେଶ୍ୱର ନିକଟରେ ପ୍ରତିଷ୍ଠିତ Rāmanātha ରାମଚନ୍ଦ୍ରଙ୍କ ପୂଜିତ ଶିବଲିଙ୍ଗ । (ଏହା ଭାରତରେ ଶୂର ଖୁଣ୍ଟୀ ବା ତୀର୍ଥମଧ୍ୟରୁ ଏକତମ)—Name of the image of Śiba at Rāmeśwara (south end of India). ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ରାମନେତ୍ରୀ—ଦେ. ବିଣ. ସ୍ତ୍ରୀ (ସଂ. ରାମନେତ୍ରା)—ମୃଗନୟନା (ସ୍ତ୍ରୀ)—Rāmanetrī Gazelle-eyed (lady). (ସଂ. ରାମନେତ୍ରା, ରାମନୟନା—ରୂପ) (ଉ—କୂଳେ ରାମ ରାମ ରାମନେତ୍ରୀ ଯେନ ବନେ - ଉଜ. ବୈଦେହୀଶବିଳାସ ।)

ରାମପୁର—ଦେ. ବି. ନାମ—୧ । କାଶ୍ମୀର ଦେଶର ଗୋଟିଏ ନଗର । (ଏ Rāmapura ସ୍ଥାନରେ ଉତ୍କୃଷ୍ଟ ଓ ପତଳା ପଶମ ଚଦର ଓ ଶାଲ রামপুর ପ୍ରସ୍ତୁତ ହୁଏ)—1. Name of a town in **रामपुर** Kashmere noted for its fine woollen shawls. ୨ । ରେଢ଼ାଖୋଲ ରାଜ୍ୟର ଏକ ନଗର—2. Name of a small town in Rerdhākhol State. ୩ । ଯୁକ୍ତପ୍ରଦେଶର ଗୋଟିଏ ଜିଲ୍ଲା ଓ ନଗର ଓ ରେଲଷ୍ଟେସନ—3. Name of a town in the United Provinces.

ରାମପୁରୀ ଚ(ଦ୍ଦ)ର—ଦେ. ବି—ରାମପୁରରେ ବୁଣା ହୋଇଥିବା Rāmapurī ch(chā)dara ଉତ୍କୃଷ୍ଟ ପଶମୀ ଚଦର—wrappers—Woollen made in Rāmpur. রামপুরী চদ্দর **रामपुरीचादर**

ରାମପ୍ରସାଦ ସେନ—ବଙ୍ଗର ସ୍ୱର୍ଗୀୟ ପ୍ରସିଦ୍ଧ ସାଧକ, ଗୀତରଚକ Rāmaprasāda sena ଓ ଗାୟକ—The late Ram Prasad Sen; a composer and singer of hymns addressed to Goddess Śyāmā. [ଦ୍ର—ଖ୍ରୀ. ୧୭୨୩—୧୭୭୫ । ଏ ସଂସ୍କୃତ, ବଙ୍ଗଳା, ପାରସୀ ଓ ଇଂରାଜୀବିଦ୍ୟା ଶିକ୍ଷା କରିଥିଲେ । କଲିକତାର ଜଣେ ଧନୀ ଏହାଙ୍କ ଐକାନ୍ତିକ ଭକ୍ତିରେ ସନ୍ତୁଷ୍ଟ ହୋଇ ଏହାଙ୍କୁ ୪୩୦୯ ଙ୍କା ବୃତ୍ତି ଦେଇଥିଲେ । ଏ ଶ୍ୟାମା ବିଷୟକ ଅସଂଖ୍ୟ ବଙ୍ଗଳା ସଙ୍ଗୀତ ରଚନା କରି ସ୍ୱୟଂ ଗାନ କରୁଥିଲେ । ଏ ତାନ୍ତ୍ରିକ ଉପାସନା କରୁଥିଲେ ।]

ରାମଫଳ—ପ୍ରା ଦେ (ପୂର୍ତ୍ତୁଗୀଜ) ବି—ମଦୃଣ ସ୍ନେହାବିଶିଷ୍ଟ ଅତଫଳ, Rāmaphaḷa ନେଉଆ—Apple; Bullock's heart

ରାମ ବନବାସ—ସଂ. ବି (୬ଷ୍ଠୀ ତତ୍)—ପିତୃସତ୍ୟ ପାଳନାର୍ଥ ରାମଙ୍କର Rāma banabāsa ଅରଣ୍ୟରେ ବାସ—The exile of Rāma in the forest to fulfil his father's troth.

ରାମବଲ୍ଲଭ—ସଂ. ବି—ଭୂର୍ଜପତ୍ର—Rāmaballabha The bark of Birch tree.

ରାମବାଣ—ସଂ. ବି (୬ଷ୍ଠୀ ତତ୍; ରାମ+ବାଣ)—ରାମଚନ୍ଦ୍ରଙ୍କ ଶର—Rāmabāṇa The arrows of Rāmachandra.

ରାମଭଦ୍ର—ସଂ. ବି—ରାମଚନ୍ଦ୍ର (ଦେଖ) Rāmabhadra Rāmachandra. (See)

ରାମମୂର୍ତ୍ତି ନାଇଡୁ—ଦେ. ବି (ନାମ)—ମାନ୍ଦ୍ରାଜ ପ୍ରଦେଶବାସୀ ପୃଥିବୀ-Rāmamūrtti nāiḍu ବିଖ୍ୟାତ ସ୍ୱର୍ଗୀୟ ବ୍ୟାୟାମବିଶାରଦ—

Rama Murti—the famous athlete of Madras. [ଦ୍ର—ଜନ୍ମ ୧୮୭୫; ଅଳ୍ପଦିନ ପୂର୍ବେ ମୃତ । ଏ ଜାତିରେ ବ୍ରାହ୍ମଣ ଥିଲେ । ଏ ବିଦେଶୀୟ ପ୍ରସିଦ୍ଧ ବ୍ୟାୟାମସାଧକ ସାଣ୍ଡୋ (Sandow)ଙ୍କ ବ୍ୟାୟାମ ପ୍ରଣାଳୀରେ ସନ୍ତୁଷ୍ଟ ନ ହୋଇ ଦେଶୀୟ ପ୍ରଣାଳୀ ଅବଲମ୍ବନ ପୂର୍ବକ ଅଦ୍ଭୁତ ଶାରୀରିକ ଶକ୍ତିର ପରିଚୟ ଦେଇ ସମଗ୍ର ଜଗତ୍‌କୁ ସ୍ତମ୍ଭିତ କରିଥିଲେ । ଇଚ୍ଛାଶକ୍ତି ପ୍ରୟୋଗ ଓ ସାଧନାଦ୍ୱାରା ଶାରୀରିକ ଶକ୍ତି ବୃଦ୍ଧି କରିଯାଇ ପାରେ, ଏହାହିଁ ଏ ଭାରତରେ ସର୍ବତ୍ର ପ୍ରଚାର କରିଥିଲେ । ବାର ଘୋଡ଼ାର ଶକ୍ତିବିଶିଷ୍ଟ ମଟରଗାଡ଼ି ଓ ୮୦ ମହଣ ଓଜନର ହାତୀ ଛାତିର ଉପରେ ଚଲାଇ ପାରୁଥିଲେ ।]

ରାମ ମୋହନ—ଦେ. ବି. ପୁଂ—ଲୋକଙ୍କ ନାମ—
Rāmamohana A name given to males.

ରାମମୋହନ ରାୟ—ଦେ. ବି. ନାମ—ରାଜା ରାମମୋହନ ରାୟ, ବ୍ରାହ୍ମଧର୍ମର ପ୍ରତିଷ୍ଠାତା ଓ ପ୍ରଚାରକ (୧୭୭୪—୧୮୩୩)— Raja Rammohan Ray; the founder of the Brahmo religion.
Rāmamohana rāya
রামমোহন রায়
राममोहन राय
[ଦ୍ର—ଏ ଜଣେ ମହାପଣ୍ଡିତ । ବଙ୍ଗଳାଭାଷା ଛଡ଼ା ଆରବୀ, ଫାରସୀ, ସଂସ୍କୃତ, ଇଂରାଜୀ, ଉର୍ଦ୍ଦୁ, ହିବ୍ରୁ, ଇବ୍‌ରାଜୀ, ଗ୍ରୀକ୍ ଓ ଲାଟିନ୍‌ଭାଷାରେ ଏ ଅଭିଜ୍ଞତା ଲାଭ କରିଥିଲେ । ଏ ଆଧୁନିକ ବଙ୍ଗଳା ଗଦ୍ୟ ଲେଖାର ପ୍ରବର୍ତ୍ତକ । ଏ ପୌତ୍ତଳିକତାର ବିରୋଧୀ ଥାଇ ବେଦାନ୍ତ ସମ୍ମତ ଏକେଶ୍ୱରବାଦ ପ୍ରଚାର କରିଥିଲେ । ଏ ଉପବୀତ ତ୍ୟାଗ କରି ନ ଥିଲେ ଓ ସନାତନ ହିନ୍ଦୁଧର୍ମର ପୁନରୁତ୍ଥାନ ପାଇଁ ଯତ୍ନ କରିଥିଲେ । ଏ ସତୀଦାହ ପ୍ରଥା ରହିତ ହେବା ବିଷୟରେ ଗଭର୍ଣ୍ଣର୍ ଜେନେରଲ୍ ଲର୍ଡ଼ ବେଣ୍ଟିଙ୍କଙ୍କୁ ବିଶେଷ ସାହାଯ୍ୟ କରିଥିଲେ । ଏ ଦିଲ୍ଲୀ-ସମ୍ରାଟଙ୍କର ବିଶିଷ୍ଟ କାର୍ଯ୍ୟୋପଲକ୍ଷରେ ବିଲାତ ଯାଇଥିଲେ । ଏ ବଙ୍ଗାଳୀଙ୍କ ମଧ୍ୟରେ ବିଲାତ୍ ଯିବା ବିଷୟରେ ଅଗ୍ରଣୀ । ଏ ମଧ୍ୟ ଫ୍ରାନ୍ସକୁ ଯାଇଥିଲେ । ଦିଲ୍ଲୀର ସମ୍ରାଟ୍ ଏହାଙ୍କୁ ରାଜା ଉପାଧି ଦେଇଥିଲେ । ଇଂଲଣ୍ଡର ଅନ୍ତଃପାତୀ ବ୍ରିଷ୍ଟଲ ନଗରରେ ଏହାଙ୍କ ମୃତ୍ୟୁ ହୋଇଥିଲା । ସେଠାରେ ଏହାଙ୍କ ସମାଧି ଅଛି ।]

ରାମ ରଜ—ଦେ ବି—ବାବାଜୀମାନେ, ନାଗାପିଲାମାନେ ଓ ପୁରାଣ ଯାତ୍ରାରେ ନାଗାମାନେ ଦେହରେ ବୋଳି ହେବା ଏକ ପ୍ରକାର ହଳଦିଆ ମାଟି—A kind of yellow earth used as paint by Bābājis, wrestlers and actors of heroic parts in operas in Orissa.
Rāma raja
রাম রজ
राम रज

ରାମ ରାଜ୍ୟ—ସ.ବି.(୬ଷ୍ଠୀ ତତ୍;ରାମ+ରାଜ୍ୟ)-୧ । ରାମଚନ୍ଦ୍ରଙ୍କଦ୍ୱାରା ଶାସିତ ଅଯୋଧ୍ୟା ରାଜ୍ୟ—1.The ancient kingdom of Oudh ruled over by Rāmachandra. ୨। (ଲକ୍ଷଣାର୍ଥ)—ସୁଖ ଓ ଶାନ୍ତି ସମନ୍ୱିତ ରାଜ୍ୟ; ଧର୍ମ ପାଳିତ ରାଜ୍ୟ—2. A kingdom governed with righteousness and where people live in happiness and peace.
Rāma rājya

ରାମ ରାମ—ଦେ. ଅ—ରାମ୍ ରାମ୍ (ଦେଖ)
Rāma rāma Rām rām (See)

ରାମ ଲକ୍ଷଣ—ସ. ବି—୧ । (ଦ୍ୱନ୍ଦ୍ୱ) ରାମଚନ୍ଦ୍ର ଓ ତାଙ୍କ ଅନୁଜ ଲକ୍ଷ୍ମଣ—1. Rāma and his younger brother Lakshmaṇa. ୨। (ରାମ=ମୃଗ +ଲକ୍ଷଣ ଯାହାଙ୍କର, ବହୁବ୍ରୀହି)—ଶଶାଙ୍କ; ଚନ୍ଦ୍ର 2. The moon. (ଉ—ବିକାଶ ତାମସୀମଦ୍ଧେ,ରାମ ଲକ୍ଷଣଙ୍କ ଅସ୍ତ୍ରେ; କରପତ୍ର ହୋଇଲେ ବଦନ ଯେ । ଭଞ୍ଜ ବୈଦେହୀଶବିଳାସ ।)
Rāma lakshana

ରାମ ଲୀଳା—ସ. ବି. (୬ଷ୍ଠୀ ତତ୍; ରାମ + ଲୀଳା)—ରାମଚନ୍ଦ୍ର ଅବତାର ଗ୍ରହଣ କରି ଦଶରଥଙ୍କ ପୁତ୍ରରୂପେ ଅଯୋଧ୍ୟାରେ ଜନ୍ମ ହୋଇ ସଂସାରରେ ଯେଉଁ ଲୀଳା ବା କର୍ମମାନ କରିଥିଲେ—The acts performed by Bishṇu when He assumed the incarnation of Rāma, as son of Daśaratha.
Rāma lilā
রাম লীলা
राम लीला
ଦେ. ବି—୧ । ରାମଚନ୍ଦ୍ରଙ୍କର ଜନ୍ମାବଧି ସ୍ୱର୍ଗାରୋହଣ ପର୍ଯ୍ୟନ୍ତ ଘଟନାଚୟର ଅଭିନୟ; ରାମଚରିତର ଅଭିନୟ—1. The acting or dramatic performance of the events of the life of Rāmachandra. ୨ । ରାମାୟଣର ଘଟନାବିଶେଷ ସମ୍ବନ୍ଧୀୟ ଯାତ୍ରା ଓ ନାଟ—2. Rude dancing and theatrical performance of particular episodes or incidents described in the Rāmāyaṇa. ୩ । ଗଞ୍ଜାମର ଚିକିଟିର ଜଣେକ ସ୍ୱର୍ଗତ ରାଜା (୧୮ଶ ଶତାବ୍ଦୀର ପ୍ରାରମ୍ଭ କାଳ)ପୀତାମ୍ବର ରାଜେନ୍ଦ୍ରଙ୍କ ରଚିତ ରାମଲୀଳାବର୍ଣ୍ଣନାତ୍ମକ ପଦ୍ୟ ଗ୍ରନ୍ଥ ।(ଉକ୍ତ ଲୀଳା ଗ୍ରନ୍ଥ ଗଞ୍ଜାମର ନାନା ସ୍ଥାନରେ ଯାତ୍ରା ଓ ପର୍ବମାନଙ୍କରେ ମହା ଆଡ଼ମ୍ବର ସହକାରେ ଅଭିନୀତ ହୁଏ । ଏହି ଗ୍ରନ୍ଥ ଉତ୍କଳରେ ନାଟକାଭିନୟ ପ୍ରଥମ ଅଗ୍ରଦୂତ) 3. Name of a dramatic poem by a late king of Chikati (1791—1819)

ରାମ ଶଙ୍କର—ସ.ବି ପୁଂ.—ରାମ ଓ ମହାଦେବ; ହରିହର—Bishṇu and Śiba. ଦେ. ବି ପୁଂ—୧ । ଲୋକଙ୍କ ନାମ—1. A name given to males. ୨ । ସ୍ୱର୍ଗୀୟ ରାମଶଙ୍କର ରାୟ—2. The late Rai Bahadur Ramsaṅkar Roy. [ଦ୍ର—ଏ ମହାଶୟ ଉତ୍କଳ ଉପନିବେଶୀ ବଙ୍ଗୀୟ କାୟସ୍ଥବଂଶୀୟ ଓକିଲ ଓ ଗ୍ରନ୍ଥକାର ଓ ୬ ଗୌରୀଶଙ୍କର ରାୟଙ୍କର ଅନୁଜ । ଏ ଉତ୍କଳ ଭାଷାରେ ଉପନ୍ୟାସ ଓ ଅନେକଗୁଡ଼ିଏ ନାଟକ ରଚନା କରି ଯାଇ ଅଛନ୍ତି । ଉତ୍କଳ ସାହିତ୍ୟରେ ଅମିତ୍ରାକ୍ଷର ଛନ୍ଦର ଏ ଆଦ୍ୟ ପ୍ରବର୍ତ୍ତକ । ନାନା ଦେଶହିତକର କାର୍ଯ୍ୟ ଏବଂ ବେଦ ଓ ସଦ୍‌ଭାବର ଅଧ୍ୟୟନ ଏହାଙ୍କ ଜୀବନର ବ୍ରତ ଥିଲା । ଏ ବହୁକାଳ କଟକ ମ୍ୟୁନିସିପାଲିଟିର ଭାଇସ୍‌ଚେୟାରମ୍ୟାନ୍ ଓ
Rāma śaṅkara

ସେଥିରେମାନେ କର୍ମ ଦକ୍ଷତା ସହକାରେ ଚଳାଉଥିଲେ । ଏ ସରକାରଙ୍କଠାରୁ ରାୟ ବାହାଦୁର୍ ଉପାଧି ପ୍ରାପ୍ତ ହୋଇଥିଲେ । ଏ ଉତ୍କଳଙ୍କୁ ନିଜର ମାତୃଭୂମି ଓ ଓଡ଼ିଆ ଭାଷାକୁ ଆପଣାର ମାତୃଭାଷାରୂପେ ଭକ୍ତି ଓ ସ୍ନେହ କରୁଥିଲେ ।]

ରାମ ଶରଣ—ସଂ. ବି—ରାମଙ୍କର ଆଶ୍ରୟ—Shelter under the
Rāma Śaraṇ mighty Rāma. ସଂ. ବିଣ—ରାମଙ୍କ ଆଶ୍ରିତ—One whose refuge is Rāma. ଦେ. ବି ପୁଂ.—ଲୋକଙ୍କ ନାମ—A name given to males.

ରାମ ଶାଳି—ପ୍ରାଦେ. (ସିଂହଭୂମି) ବି—ଏକ ପ୍ରକାର ଧାନ—
Rāma śāḷi A species of paddy.

ରାମ ଶିଆଳ(ଳି)—ଦେ. ବି—ଏକ ପ୍ରକାର ବଡ଼ ବିଲୁଆ—A kind
Rāma śiāḷa(ḷi) of large-sized jackal.
রাম শেয়াল [ଦ୍ର—ଏମାନେ କାମୁଡ଼ିଲେ ଦଷ୍ଟ ବ୍ୟକ୍ତି ସଙ୍ଗେ ସଙ୍ଗେ
बड़ा सियार ଜଳାତଙ୍କ ରୋଗଗ୍ରସ୍ତ ହୋଇ ଶୀଘ୍ର ମରିଯାଏ]

ରାମ ଶିଂଗା(ଘା)—ଦେ. ବି. (ସଂ. ରାମ ଓ ଶୃଙ୍ଗ)—ବାବାଜୀ ବୈଷ୍ଣବ-
Rāma śiṅgā(ghā) ମାନେ ହରି ସଙ୍କୀର୍ତ୍ତନ ସମୟରେ ମୁଖ
রাম শিংগা ଦ୍ୱାରା ଧ୍ୱନି ପୂର୍ବକ ବଜାଇବା ମହିଷ ଶିଙ୍ଗାକାର ବଡ଼
राम सिंगा ତୂରୀ—A bugle or trumpet (shaped like a buffalo horn) blown by Baishṇabas in the course of Saṁkīrttana.

ରାମ ଶିଳା—ଦେ. ବି. (ପଦ୍ୟ)—୧। ସୁନ୍ଦର ପଥର—1. A beauti-
Rāma śiḷā ful slab of stone. (ଉ—ବେଦୀରବିତ ମଣ୍ଡି ଥାଇ ରାମଶିଳା । ଉପେ. ବୈଦେହୀଶବିଳାସ ।) ୨ । ଗୟାର ଏକ ପାହାଡ଼—2. Name of a hillock in Gaya. [ଦ୍ର—ଏହାକୁ ହିନ୍ଦୁମାନେ ତୀର୍ଥରୂପେ ଗଣନା କରନ୍ତି ଓ ଏଠାରେ ପିତୃଲୋକଙ୍କୁ ପିଣ୍ଡ ଦିଅନ୍ତି ।]

ରାମ ଶ୍ରୀ—ସଂ. ବି—ହିନ୍ଦୋଳ ରାଗର ପୁତ୍ର, ରାଗିଣୀ ବିଶେଷ—Name
Rāma śrī of a secondary musical tune.

ରାମ ସଖ—ସଂ. ବି. (ବହୁବ୍ରୀହି; ରାମ ଅଟନ୍ତି ସଖା ଯାହାର)—
Rāma sakha କିଷ୍କିନ୍ଧ୍ୟାପତି ବାନରରାଜ ସୁଗ୍ରୀବ—Sugrība; the monkey king of Kiskindhyā who was an ally of Rāma.

ରାମ ସଖା—ସଂ. ବି. (୬ଷ୍ଠୀ ତତ୍; ରାମଙ୍କର ସଖା)—ବାନରରାଜ
Rāma sakhā ସୁଗ୍ରୀବ—Sugrība, the monkey-king.

ରାମ ସାରସ—ଦେ. ବି. (ସଂ. ରାମ ଓ ସାରସ)—କୃଷ୍ଣବର୍ଣ୍ଣ ଗ୍ରୀବାଯୁକ୍ତ
Rāma sārasa ଗ୍ରୀବଦୀର୍ଘ ପକ୍ଷୀ; ବଗିଆଙ୍କ ବା ସାରସ ଜାତୀୟ
রাম সারস ପକ୍ଷୀ—The black-necked stork;
रामसारस Xenorhynchus Asiaticus; the East Indian Jabiru.
[ଦ୍ର—ଏମାନଙ୍କ ଗୋଡ଼ଠାରୁ ଥଣ୍ଟ ପର୍ଯ୍ୟନ୍ତ ପ୍ରାୟ ଛଅ ହାତ ଲମ୍ବ । ଏମାନଙ୍କର ପେଟ ଓ ଗୋଡ଼ ଧଳା; ଗୋଡ଼ର ଉଚ୍ଚତା ପ୍ରାୟ ଦୁଇ ହାତ; ଥଣ୍ଟ ଏକ ସୁଗଣ୍ଡ; ବେକ ପ୍ରାୟ ୧ହାତ ଲମ୍ବ ଓ ସରୁ ।]

ରାମ ସେନକ—ସଂ. ବି (ବୈଦ୍ୟକ)—କିରାତତିକ୍ତ; ଚିରେଇତା—
Rāmasenaka A medicinal bitter plant; Agathotes Chirayata.

ରାମା—ସଂ. ବି. ସ୍ତ୍ରୀ (ରମ୍. ଧାତୁ=କ୍ରୀଡ଼ା+କର୍ତ୍ତ୍ରି. ଅ+ଆ)—୧ ।
Rāmā ନାରୀ—1. Woman. [ଦ୍ର—ଏ ଶବ୍ଦ ଗୀତ ଓ ପଦ୍ୟରେ ବିଶେଷରୂପେ ନାରୀ ଶବ୍ଦ ପରିବର୍ତ୍ତରେ ବ୍ୟବହୃତ ହୋଇଥାଏ ।] ୨ । ସୁନ୍ଦରୀ ସ୍ତ୍ରୀ (ହି. ଶ)—2. A fair lady. ୩ । ଗାନକାରେ ପ୍ରବୀଣା ସ୍ତ୍ରୀ (ହି. ଶ)—3. A songstress. ୪ । କାର୍ତ୍ତିକ କୃଷ୍ଣା ଏକାଦଶୀ (ହି. ଶ)—4. The eleventh day of the dark fortnight of Kārttika. ୫ । ହେଙ୍ଗୁ (ହି. ଶ)—5. Assafoetida. ୬ । ହେଙ୍ଗୁଳ (ହି. ଶ)—6. Vermilion. ୭ । ନଦୀ (ହି. ଶ)—7. River. ୮ । ଶୁକ୍ଳଝିଣ୍ଟି (ହି. ଶ)—8. White-flowered variety of Barleria. ୯ । ଘିକୁଆଁରି (ହି. ଶ)—9. Indian Aloes. ୧୦ । ଶୀତଳା; ବସନ୍ତ ରୋଗ (ହି. ଶ)—10. Small pox. ୧୧ । ଅଶୋକ (ହି. ଶ)—11. Aśoka tree. ୧୨ । ଗୋରୋଚନା (ହି. ଶ)—12. An yellow pigment got from cows. ୧୩ । ସୁଗନ୍ଧବାଳା; ଭୁରୁଡବେଲ (ହି. ଶ)—13. Pavonia Odorata (tree). ୧୪ । ଗେରୁ ମାଟି (ହି. ଶ)—14. Red ochre. ୧୫ । ସ୍ୱର୍ଣ୍ଣମାଣ୍ଡି ଲତା (ହି. ଶ)—15. Thalictrum Faliolosum (creeper). ୧୬ । ତମାଳ ପତ୍ର (ହି. ଶ)—16. The leaf of Tamāla. ୧୭ । ଲକ୍ଷ୍ମୀ (ହି. ଶ)—17. The Goddess of riches. ୧୮ । ସୀତା (ହି. ଶ)—18. A name of Sītā. ୧୯ । ରୁକ୍ମିଣୀ (ହି. ଶ)—19. A name of Rukmiṇī. ୨୦ ରାଧା (ହି. ଶ)—20. A name of Rādhā. ୨୧ । ପ୍ରଥମ ଦୁଇ ଚରଣ ଇନ୍ଦ୍ରବଜ୍ରା ଓ ଶେଷ ଦୁଇ ଚରଣ ଉପେନ୍ଦ୍ରବଜ୍ରା ବୃତ୍ତରେ ରଚିତ ଉପଜାତି ବୃତ୍ତ ବିଶେଷ (ହି. ଶ)—21. Name of a Sanscrit metre. ୨୨ । ଅଠ ଅକ୍ଷରର ବୃତ୍ତ ବିଶେଷ (ହି. ଶ)—22. Name of another Sanscrit metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ତଗଣ, ଯଗଣ ଓ ଦୁଇଟି ଲଘୁବର୍ଣ୍ଣ ଥାଏ—(ହି. ଶ)] ଦେ. ବି (ସଂ. ରାମ) ଅନାଦରାର୍ଥକ—ରାମଚନ୍ଦ୍ର ନାମକ ବ୍ୟକ୍ତିର ଡାକନାମ—Name for calling a person whose name begins with the word Rāma.

ରାମାଉତ୍(ତ,ତି)—ଦେ. ଦେ. ବି (ହିନ୍ଦି ରାମାଉତ୍ରୁ ଅନୁକୃତ)—
Rāmāut(ta,ti) ୧ । ରାମାନୁଜ ସମ୍ପ୍ରଦାୟର ରାମଭକ୍ତ
রামাত্ ବୈଷ୍ଣବ—1. A sect of ascetics who wor-
रामावत ship Rāma. ୨ । ରାମୋପାସକ ବୈଷ୍ଣବ—2. A

devotee of Bishṇu in the incarnation of Rāma. ୩ । ରାମାନନ୍ଦପ୍ରବର୍ତ୍ତିତ ସମ୍ପ୍ରଦାୟର ବୈଷ୍ଣବ—3. A Baishṇaba following the tenets of the Baishṇaba reformer Rāmānuja.

ରାମାଙ୍କ—ସଂ. ବି (ପଦ୍ୟ)—ଚନ୍ଦ୍ର—The moon. [ଦ୍ର—ବୋଲୁ ରାମାମଣି ରାମାଙ୍କ କେ ଭଣି ବଧୂକୁ ବଧୂକ । ଉପେ. ବୈଦେହୀଶବିଳାସ ।]
Ramaṅka

ରାମାଢିମା—ଦେ. ବିଣ—୧ । ବଙ୍କାଟଙ୍କା—1. Tortous'. ୨ । ଅଶୃଙ୍ଖଳା ସହିତ କରାଯିବା (କାର୍ଯ୍ୟ)—2. (work) Slovenly or carelessly performed. କ୍ରି. ବିଣ—ଅଶୃଙ୍ଖଳିତ-ରୂପେ—Slovenly. (ଉ—ମିସ୍ତ୍ରୀମାନେ ଏ କୋଠା ଗଣ୍ଡିକ ରାମାଢିମା କରି ତିଆରି କରି ଦେଇଅଛନ୍ତି ।)
Rāmāḍhimā
বাঁকাটেঢ়া, বাঁকাচূরা
बाँकाटेढा

ରାମାନନ୍ଦ—ଦେ. ବି' ପୁଂ—ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀରେ ଭାରତର ଉତ୍ତର-ପଶ୍ଚିମ ପ୍ରଦେଶରେ ଅବତୀର୍ଣ୍ଣ ବୈଷ୍ଣବ ଧର୍ମ-ସଂସ୍କାରକ ଓ ପ୍ରଚାରକ—A renowned reformer of the Hindu religion flourishing in the 14th century A. D. who advocated the worship of God Rāmchandra. [ଦ୍ର—ଏ ଧର୍ମପ୍ରଚାରାର୍ଥ ଭାରତର ନାନାସ୍ଥାନ ପରିଭ୍ରମଣ କରି ସରଳ ହିନ୍ଦୀଭାଷାରେ ସର୍ବତ୍ର ଧର୍ମପ୍ରଚାର କରୁଥିଲେ ଓ ରାମଙ୍କର ଉପାସନା ଏହାଙ୍କ ପ୍ରବର୍ତ୍ତିତ ଧର୍ମର ମୂଳତତ୍ତ୍ୱ ଥିଲା । ବିଭିନ୍ନ ମତାବଲମ୍ବୀ ହିନ୍ଦୁମାନଙ୍କୁ ରାମୋପାସନାରୂପ ଈଶ୍ୱରାରାଧନାରେ ପ୍ରବର୍ତ୍ତାଇ ସମସ୍ତ ହିନ୍ଦୁଙ୍କୁ ଏକ ଧର୍ମ-ସୂତ୍ରଦ୍ୱାରା ଏକ ଜାତି ଓ ଏକ ସମ୍ପ୍ରଦାୟଭୁକ୍ତ କରିବା ଏହାଙ୍କ ଲକ୍ଷ୍ୟ ଥିଲା । ହିନ୍ଦୀଭାଷାରେ ଏ ଅନେକଗୁଡ଼ିଏ ଧର୍ମଗ୍ରନ୍ଥ ମଧ୍ୟ ରଚନା କରିଥିଲେ । ଏହାଙ୍କ ପ୍ରବର୍ତ୍ତିତ ସମ୍ପ୍ରଦାୟ ରାମାଇତ୍ ବା ରାମାଇତ ସମ୍ପ୍ରଦାୟ ନାମରେ ଖ୍ୟାତ । ଖ୍ରୀ ୧୨ଶ ଶତାବ୍ଦୀରେ ଦାକ୍ଷିଣାତ୍ୟରେ ଅବତୀର୍ଣ୍ଣ ରାମାନୁଜଙ୍କ ଧର୍ମମତକୁ ଏ ଆର୍ଯ୍ୟାବର୍ତ୍ତରେ ବିଶେଷରୂପେ ପ୍ରଚାର କରିଥିଲେ ।] ୨ । ରାମାନନ୍ଦ ପ୍ରବର୍ତ୍ତିତ ରାମୋପାସକ ବୈଷ୍ଣବ ସମ୍ପ୍ରଦାୟ—2. The sect of Baishṇabas who worship Rāma and follow the tenets of Rāmānanda. ୩ । ଲୋକଙ୍କୁ ଦିଆଯିବା ନାମ—3. A name given to males. ୪ । ରାଏ ରାମାନନ୍ଦ (ଦେଖ) 4. Rāe Rāmānanda (See)
Rāmānanda
রামানন্দ
रामानन्द्

ରାମାନନ୍ଦ ସ୍ୱାମୀ—ଦେ. ବି. (ନାମ)—ବଙ୍ଗୀୟ ଧର୍ମପ୍ରଚାରକ (ଖ୍ରୀ. ୧୮୫୭—୧୯୦୧)—A Bengali religious preacher of the name (Born 1857—Died 1901). [ଦ୍ର—ଏ ପ୍ରଥମେ ସଂସ୍କୃତ ପଢ଼ି ବିବାହ କରିଥିଲେ । ପରେ କଲିକତାରେ ସ୍କୁଲରେ ସଂସ୍କୃତ ପଣ୍ଡିତରୂପେ କାର୍ଯ୍ୟ କଲେ । ହିନ୍ଦୁଧର୍ମର ପ୍ରତିମାପୂଜାରୁ ଏ ସୁଖ ପାଉ ନ ଥିଲେ; ତେଣୁ ଏ ପଇତା ଛିଣ୍ଡାଇ ମହର୍ଷି ଦେବେନ୍ଦ୍ରନାଥଙ୍କ ସାହଚର୍ଯ୍ୟରେ ବ୍ରାହ୍ମ ହେଲେ । କେତେକ କାଳ ବ୍ରାହ୍ମସମାଜର ପ୍ରଚାରକ କାର୍ଯ୍ୟ କରି ସାରିଲାପରେ ଏ ପୁନର୍ବାର ହିନ୍ଦୁ ମତାନୁସାରେ ସନ୍ନ୍ୟାସୀ ହେଲେ ଓ ଯୋଗ ତନ୍ତ୍ରାଦି ସାଧନା କଲେ । ଏ ଆସାମ, ତିବ୍ବତ୍, ପଞ୍ଜାବ, ହରିଦ୍ୱାର, ବଦ୍ରୀନାଥ ଆଦି ଅନେକ ତୀର୍ଥ ଓ ପ୍ରଦେଶ ଭ୍ରମଣ କରିଥିଲେ । ତାଙ୍କ ପ୍ରବନ୍ଧଗୁଡ଼ିକ ସମସାମୟିକ 'ସାହିତ୍ୟ' ଆଦି ବଙ୍ଗୀୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ତିବ୍ବତ, କୈଳାସ, ମାନସରୋବର ଆଦିର ଅନେକ ବିବରଣ ଲେଖି ଏ ପତ୍ରିକାରେ ପ୍ରକାଶିତ କରିଥିଲେ । ଏହାଙ୍କ ବଙ୍ଗଳା ଜୀବନୀ "ପରିବ୍ରାଜକାଚାର୍ଯ୍ୟ ସ୍ୱାମୀ ରାମାନନ୍ଦ" ଦୁର୍ଗାନାଥ ଘୋଷ ତତ୍ତ୍ୱଭୂଷଣଙ୍କ ଦ୍ୱାରା ପ୍ରକାଶିତ ।]
Rāmānanda swāmi

ରାମାନନ୍ଦୀ—ଦେ. ବିଣ—୧ । ରାମାନନ୍ଦ ସମ୍ବନ୍ଧୀୟ—1. Relating to Rāmānanda. ୨ । ରାମାନନ୍ଦ ସମ୍ପ୍ରଦାୟ ଅନୁଯାୟୀ—2. Following or according to the Rāmānanda sect. ଦେ.ବି—୧ । ରାମାନନ୍ଦମତାବଲମ୍ବୀ ବୈଷ୍ଣବ ସମ୍ପ୍ରଦାୟ—1. The sect of Baishṇabas following the teachings of Rāmānanda. ୨ । ରାମାନନ୍ଦୀ ଚିତା (ଦେଖ)—2. Rāmānandi chitā (See)
Rāmānandi
রামানন্দী
रामानन्दी

ରାମାନନ୍ଦୀ କାଟିବା—ଦେ. କ୍ରି—୧ । ଆପଣା ମୁଣ୍ଡରେ ରାମାନନ୍ଦୀ ତିଳକ ଅଙ୍କିତ କରିବା—1, To paint Rāmānandi chitā on one's forehead. (ଉ—ପ୍ରାତି କରନ୍ତି କି ରାମାନନ୍ଦୀ ଚିତା । ରାଧାନାଥ. ଚନ୍ଦ୍ରଭାଗା ।) ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଧପାଇବା ବା ପ୍ରତାରଣା କରିବା— 2. To defraud, to cheat a person. ୩ । ପ୍ରତାରଣାପୂର୍ବକ ଧନାଦି ଅପହରଣ କରି ସ୍ଥାନତ୍ୟାଗ କରିବା—3. To leave a place after defrauding a person of his money etc. [ଦ୍ର—ଧର୍ମଧ୍ୱଜୀ ପାପୀ ଦୁଷ୍ଟଲୋକମାନେ ବୈଷ୍ଣବ ଭେକ ଧାରଣ କରି ମାଳାତିଳକ ଧାରଣ କରି(ରାମାନନ୍ଦୀ ଚିତା ଦେଇ)ପରମଧାର୍ମିକ ବୈରାଗୀରୂପେ ଆପଣାକୁ ପରିଚୟ ଦେଇ ସରଳ ଗୃହସ୍ଥ—
Rāmānandi kāṭibā

ରାମାନନ୍ଦୀ ତିଳକ କାଟିବା
ରାମାନନ୍ଦୀ ଚିତା କାଟିବା
ରାମାନନ୍ଦୀ ଚିତା କରିବା(ଦେବା, ମାରିବା, ପିନ୍ଧିବା, ଯୋଡ଼ିବା, ଲାଇବା, ଲଗାଇବା)
} ୧ମ ଅର୍ଥ ଅନ୍ୟରୂପ

ରାମାନନ୍ଦୀ ଚିତା କାଟିବା, ରାମାନନ୍ଦୀ କାଟିଦେବା
ରାମାନନ୍ଦୀ ଦେବା, ରାମାନନ୍ଦୀ ମାରିବା
ରାମାନନ୍ଦୀ ଚିତାଦେବା, ରାମାନନ୍ଦୀ ପଟ୍ଟାଏ ଦେବା
ରାମାନନ୍ଦୀ ପଟ୍ଟାଏ କାଟିବା, ରାମାନନ୍ଦୀ ପଟ୍ଟାଏ ମାରିବା
} ୨ୟ ଅର୍ଥ ଅନ୍ୟରୂପ

রামানন্দী তিলক কাটা
ঠকান
रामानन्दी तिलक करना
रामानन्दी बनकर ठगना

ମାନଙ୍କ ନିକଟରେ ଅଶ୍ରୟ ଲାଭ କରି ସେମାନଙ୍କଠାରୁ ଭକ୍ତି ଓ ସେବା ଗ୍ରହଣ କରି ଭକ୍ତ ବ୍ୟବହାରର ଅପବ୍ୟବହାର-ପୂର୍ବକ ଲୋକଙ୍କୁ ଠକାଉଥିଲେ ଓ କପଟଚାରଣପୂର୍ବକ ଲୋକଙ୍କର ଧନାଦି ହରଣ କରି (ଏପରି କି, ପରିବାରସ୍ଥା କୁଳବଧୂମାନଙ୍କୁ ଫୁସୁଲାଇ ଘରୁ କାଢ଼ି) ନେଇ ପଳାଇ ଯାଉଥିବାର ଅନୁଭବରୁ ଏ ବାକ୍ୟର ଉପରୋକ୍ତ ପ୍ରଚଳିତ "ଠକାଇବା" ଅର୍ଥ ଚଳିଅଛି । ଏ ଅନୁଭବ ପୂର୍ବ ଅପେକ୍ଷା କମିଅଛି, କିନ୍ତୁ ଏହା ଅବଧି ମଧ୍ୟ ଘଟୁଅଛି । ରାମାନନ୍ଦୀ ଛିତା କାଟିବା ଭଣ୍ଡମାନଙ୍କ ପରେ କୃଷ୍ଣଭକ୍ତ ବୈଷ୍ଣବମାନେ—ଅର୍ଥାତ୍, ଯେଉଁମାନେ ହରିମନ୍ଦିର ଛିତା କାଟୁଥିଲେ—ମଧ୍ୟ ଏ ଅପନୟ କରିବା ଦେଖାଯିବାରୁ 'ହରିମନ୍ଦିର କାଟିବା' ବାକ୍ୟର ମଧ୍ୟ ଏହି ଅର୍ଥରେ ବ୍ୟବହାର ଚଳିଅଛି । ସାଧାରଣତଃ ଧର୍ମଧ୍ୱଜୀମାନେ ବାହାରରେ "ଛିତାକାଟି" ସେହି ଛିତାର ଅଶ୍ରୟକରି ଲୋକଙ୍କୁ ଠକାଉଥିବା ଅନୁଭବରୁ 'ଛିତାକାଟିବା' 'ଛିତା ଦେବା' ଆଦି ବାକ୍ୟ ମଧ୍ୟ ଧପାଇବା ଅର୍ଥରେ ବ୍ୟବହୃତ ହୋଇଅଛି । ଯଥା—ସେ ମତେ ରାମାନନ୍ଦୀ ଦେଇ ଚାଲିଗଲା, ଅମୁକ ଲୋକ ମୋଠାରୁ ପାଞ୍ଚୋଟି ଟଙ୍କା ଛିତା କାଟି ଚମ୍ପଟ ଦେଲା ।]

ରାମାନନ୍ଦୀ ଛିତା—ଦେ. ବି—ରାମାନନ୍ଦସମ୍ପ୍ରଦାୟର ବୈଷ୍ଣବମାନଙ୍କ କପାଳରେ ଧାରଣ କରିବା ତିଳକ ବା ଚନ୍ଦନାଦିର ତ୍ରିପୁଣ୍ଡ୍ରକ ଛିତା—Trident-or three-forked sandal-paste mark drawn on the forehead by Rāmānanda Baishnabas.
Rāmānandi chitā
रामानन्दीतिलक **रामानन्दीटीका(तिलक)**
(ରାମାନନ୍ଦୀ ତିଳକ—ଅନ୍ୟରୂପ)
[ଦ୍ର—ଏହା ତ୍ରିଶୂଳ ପରି; ପ୍ରଥମେ ନାସାର୍ଦ୍ଧରୁ ବା ନାସାଗ୍ରରୁ ଗୋଟିଏ ରେଖା ଯାଇ ଭ୍ରୂଲତା ମଧ୍ୟରେ ପଶି ସେଠାରୁ ଦୁଇ ଶାଖାରେ କପାଳସ୍ଥ କେଶମୂଳ ପର୍ଯ୍ୟନ୍ତ ଟଣାଯାଏ ଓ ଏହି ଦୁଇ ଶାଖାର ମଝିରେ ଗୋଟିଏ ରେଖା ସଂଯୁକ୍ତ ହୁଏ । ନାସାର୍ଦ୍ଧାତ୍ କେଶ ପର୍ଯ୍ୟନ୍ତଂ ତିଳକଂ ହରିମନ୍ଦିରଂ ବାକ୍ୟ ଅନୁସାରେ ହରିମନ୍ଦିର ଛିତା ମଧ୍ୟ ରାମାନନ୍ଦୀ ଛିତାପରି ବିଶିଷ୍ଟ । ହରିମନ୍ଦିର ଛିତାର ମଧ୍ୟସ୍ଥ ସ୍ଥୂଳ ଧଳା ଓ ଦୁଇପାଖର ସ୍ଥୂଳ ଧଳା । ରାମାନନ୍ଦୀ ଛିତାର ମଧ୍ୟ ଦୁଇପାଖର ସ୍ଥୂଳ ଧଳା ଓ ମଧ୍ୟସ୍ଥ ଟୂଳ ଧଳା । ରାମାନୁଜସମ୍ପ୍ରଦାୟଙ୍କ ଛିତା ରାମାନନ୍ଦୀ ପରି, କିନ୍ତୁ ମଝି ଶିଖାଟି ଧଳା ନ ହୋଇ ନାଲି ବା ହଳଦିଆ ଅଟେ ।] (ଉ—ଲୁଆଁ ଭାଗ ତହିଁ ମଧ୍ୟେ କରିଛିତା, ପ୍ରୀତି କରନ୍ତି କି ରାମାନନ୍ଦୀ ଛିତା-ରାଧାନାଥ. ନନ୍ଦକେଶ୍ୱରୀ ।)

ରାମାନନ୍ଦୀ ଛିତା କାଟିବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର ମୁଣ୍ଡରେ ରାମାନନ୍ଦୀ ତିଳକ ଚିହ୍ନ ଅଙ୍କିତ କରିବା—1. To paint the Ramandi sandal paste paint on another's forehead. ୨ । (ଲକ୍ଷଣାର୍ଥ)—ଭଣ୍ଡାଇକରି ଧନ ଆଦି ନେବା—2. To defraud a person of cash etc by undue influence. [ଦ୍ର—ବୈଷ୍ଣବ ଗୁରୁ କୌଣସି ଶିଷ୍ୟଙ୍କୁ ମନ୍ତ୍ର ଦେଇ ଦୀକ୍ଷିତ କଲାବେଳେ ଉକ୍ତ ଶିଷ୍ୟଙ୍କୁ ଡୋରି,କଉପୁନି, ମାଳା ଓ ତିଳକ ଦିଅନ୍ତି, ଅର୍ଥାତ୍, ଶିଷ୍ୟ ଉକ୍ତ ଡୋରିକୁ ଅଣ୍ଟାରେ ପିନ୍ଧି ତା ଉପରେ କୌପୀନ ପରିଧାନ କରେ । ଗୁରୁ ଶିଷ୍ୟର ବେକରେ ତୁଳସୀ ମାଳାଟି ପିନ୍ଧାଇ ଦିଅନ୍ତି ଓ ଆପଣାର ସମ୍ପ୍ରଦାୟର ବଶିଷ୍ଟ ତିଳକ ଛିତା ତା କପାଳରେ କାଟିଦିଅନ୍ତି, ଅର୍ଥାତ୍ ନିଜେ ଶିଷ୍ୟ ମୁଣ୍ଡରେ ଅଙ୍କିତ କରିଦିଅନ୍ତି । ରାମାନନ୍ଦୀ ସମ୍ପ୍ରଦାୟର ଗୁରୁ ନବଦୀକ୍ଷିତ ଶିଷ୍ୟର ମୁଣ୍ଡରେ ତିଳକ କାଟିଦେଇ ଶିଷ୍ୟ ଉପରେ ଅଯଥା ଅଧିକାର ବିସ୍ତାରପୂର୍ବକ ଶିଷ୍ୟଠାରୁ ଧନ ଆଦି ଠକାଇ ନେବାର ଓ ଶିଷ୍ୟଙ୍କ ପରିବାରରେ ମଧ୍ୟ ସମୟସମୟରେ ଜଘନ୍ୟ କାଣ୍ଡମାନ ଘଟାଇବାର ଉଦାହରଣ ବିରଳ ନୁହେଁ । ଏଥିପାଇଁ କୌଣସି ବ୍ୟକ୍ତିଙ୍କୁ ରାମାନନ୍ଦୀ ଛିତା ଦେବା ବା ରାମାନନ୍ଦୀ କାଟିବା ବାକ୍ୟର ଲକ୍ଷଣାର୍ଥ—'ଭଣ୍ଡାଇକରି ଧନ ଆଦି ନେବା' ହୋଇଅଛି ।]
Rāmānandi chitā kātibā
(ରାମାନନ୍ଦୀଛିତା କାଟିଦେବା—ଅନ୍ୟରୂପ)
रामानन्दीतिलककाटा **रामानन्दीटीकालगाना**

ରାମାନୁଗ୍ରହ—ସଂ. ବି (ଷଷ୍ଠୀ ତତ୍; ରାମ+ଅନୁଗ୍ରହ)—୧ । ରାମଚନ୍ଦ୍ରଙ୍କ ଅନୁଗ୍ରହ)—1. The favour of Rāmachandra. ୨ । ଈଶ୍ୱରାନୁଗ୍ରହ—2 The favour of God.
Rāmānugraha

ରାମାନୁଜ—ସଂ. ବି (ଷଷ୍ଠୀ ତତ୍; ରାମ+ଅନୁଜ)—୧ । ରାମଚନ୍ଦ୍ରଙ୍କ ସାନ ବୈମାତ୍ରକ ଭାଇ ଲକ୍ଷ୍ମଣ—1. Lakshmana, the younger brother of Rāmachandra.
Rāmānuja
रामानुज **रामानुज** ଦେ. ବି. ନାମ—୧ । ଦାକ୍ଷିଣାତ୍ୟପ୍ରଦେଶରେ ଖ୍ରୀ: ଦ୍ୱାଦଶ ଶତାବ୍ଦୀରେ ଆବିର୍ଭୂତ ସୁପ୍ରସିଦ୍ଧ ବିଷ୍ଣୁଭକ୍ତ ଓ ଧର୍ମ-ପ୍ରଚାରକ—1. Name of a Hindu religious reformer of South India in the 12th century. [ଦ୍ର—ଏହାଙ୍କ ଜନ୍ମ ସମ୍ଭବତଃ ଖ୍ରୀ: ୧୦୭୩ ଓ ମୃତ୍ୟୁ ୧୧୯୪ ରେ ୧୨୧ ବର୍ଷ ବୟସରେ ହୋଇଥିଲା (ବି. ସ.) । ଏ ଶୈବମତ ଓ ଜୈନମତ ବିରୁଦ୍ଧରେ ବିଷ୍ଣୁମତ ପ୍ରତିଷ୍ଠିତ କରିବାପାଇଁ ବହୁ ଚେଷ୍ଟା କରିଥିଲେ । ସେଥିପାଇଁ ଏହାଙ୍କୁ ତାତ୍କାଳିକ ରାଜା ଓ ପ୍ରଜାଙ୍କଠାରୁ ନାନା ନିଗ୍ରହ ଭୋଗ କରିବାକୁ ପଡ଼ିଥିଲା । ଏ ପ୍ରଥମେ ଦାକ୍ଷିଣାତ୍ୟର ଚୋଳ ରାଜ୍ୟରେ, ପରେ ସେଠାରୁ ପଳାଇ ଯାଇ ମହୀଶୂର ରାଜ୍ୟରେ ଆଶ୍ରୟଗ୍ରହଣ କରିଥିଲେ ଓ ମହୀଶୂର ରାଜାଙ୍କୁ ନିଜ ମତରେ ଦୀକ୍ଷିତ କରିଥିଲେ । ରାମାନନ୍ଦ ଓ କବୀର ମଧ୍ୟ ଏହାଙ୍କ ମତାବଲମ୍ବୀ । ରାମାନୁଜ ରାମଭକ୍ତ ବୈଷ୍ଣବ ଓ ଚୈତନ୍ୟ କୃଷ୍ଣଭକ୍ତ ବୈଷ୍ଣବ ଥିଲେ ମଧ୍ୟ ଚୈତନ୍ୟଦେବ ରାମାନୁଜଙ୍କ ମତର ସାର ମର୍ମ ବିଷ୍ଣୁଭକ୍ତିକୁ ଗ୍ରହଣ କରିଥିଲେ । ଶଙ୍କରାଚାର୍ଯ୍ୟ ଯେଉଁପରି ବୌଦ୍ଧଧର୍ମର ବିରୋଧୀ ଥିଲେ ରାମାନୁଜ ସେହିପରି ଜୈନଧର୍ମର ବିରୋଧୀ ଥିଲେ । ଏହାଙ୍କ

୧	ଇ	ଉ	ଋ,ଌ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଞ୍ଜ	ଇୟ	ଉଅ	ଙ୍କ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଥ

ଦାର୍ଶନିକ ସିଦ୍ଧାନ୍ତର ଆଧାର ଉପନିଷଦ୍ ଅଟେ । ବେଦାନ୍ତରେ ଏହାଙ୍କ ସିଦ୍ଧାନ୍ତ 'ବିଶିଷ୍ଟାଦ୍ୱୈତ' ନାମରେ ପ୍ରସିଦ୍ଧ ଅଟେ । ରାମାନୁଜ ବାଲ୍ମୀକି ରାମାୟଣର ଏଣ୍ଡିଏ ଟୀକା, ବେଦାନ୍ତସାର ଓ ବେଦାନ୍ତ ଦୀପ ନାମକ ବେଦାନ୍ତସୂତ୍ରର ବ୍ୟାଖ୍ୟା ଓ ବେଦାର୍ଥସଂଗ୍ରହ ଗ୍ରନ୍ଥମାନ ସଂସ୍କୃତରେ ରଚନା କରିଥିଲେ ଓ ବ୍ରହ୍ମସୂତ୍ର ଓ ଭଗବଦ୍‌ଗୀତାର ଭାଷ୍ୟ ରଚନା କରିଥିଲେ ।

ରାମାନୁଜପ୍ରବର୍ତ୍ତିତ ଧର୍ମ ଦାକ୍ଷିଣାତ୍ୟରେ ପ୍ରତିଷ୍ଠାଲାଭ କରିଥିଲା ଓ ଏହାଙ୍କ ପରବର୍ତ୍ତୀ ରାମାନନ୍ଦ ଏହି ଧର୍ମମତ ଭାରତର ଆର୍ଯ୍ୟାବର୍ତ୍ତରେ ପ୍ରଚାରିତ କରିଥିଲେ ।

ରାମାନୁଜ ଓ ରାମାନନ୍ଦ ଉଭୟଙ୍କ ଧର୍ମମତ ରାମୋପାସନାମୂଳକ । ତେବେ,କେତେକ ସାମାନ୍ୟ ବିଷୟରେ, ଯଥା ତିଳକରେ, ଏ ଦୁହିଙ୍କର ପ୍ରଭେଦ ଅଛି ।

ରାମାନୁଜୀମାନେ ଗୃହୀ ଓ ବିରାଗୀ ହୋଇପାରନ୍ତି, କିନ୍ତୁ ରାମାନନ୍ଦୀମାନେ ବିରାଗୀ ।

ପୁରୀର ପ୍ରସିଦ୍ଧ ଏମାର ମଠ, ଦକ୍ଷିଣପାର୍ଶ୍ୱ,ଉତ୍ତରପାର୍ଶ୍ୱ ଆଦି ମଠର ମହନ୍ତମାନେ ରାମାନୁଜସମ୍ପ୍ରଦାୟର 'ବିରାଗୀ' ବୈଷ୍ଣବ ଓ କଟକ ଜଗନ୍ନାଥବଲ୍ଲଭ ଆଦି ମଠର ମହନ୍ତମାନେ ରାମାନୁଜସମ୍ପ୍ରଦାୟର 'ଗୃହୀ' ବୈଷ୍ଣବ ଅଟନ୍ତି ।

ମଞ୍ଜୁଷା ରାଜବଂଶ ରାମାନୁଜ ତିଳକ ଧାରଣ କରନ୍ତି ଓ ସେଠାରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ କର୍ମଚାରୀ ଏହି ତିଳକ ଲଗାନ୍ତି ।]

୨ । ରାମାନୁଜଙ୍କ ପ୍ରବର୍ତ୍ତିତ ବୈଷ୍ଣବଧର୍ମସମ୍ପ୍ରଦାୟ—2. The Baishnaba sect started by Rāmānuja. ୩ । ରାମାନୁଜସମ୍ପ୍ରଦାୟଭୁକ୍ତ ବୈଷ୍ଣବ—3. A Baishnaba following Rāmānuja's doctrines.

ରାମାନୁଜ ଦାସ—ଦେ. ବି—୧ । ରାମାନୁଜସମ୍ପ୍ରଦାୟର ବୈଷ୍ଣବମାନଙ୍କର Rāmānuja dāsa ନାମ ପରେ ଯୁକ୍ତ ହେବା ବଂଶଗତ ବା ରାମାନୁଜଦାସ **रामानुजदास** ଗାଦିଗତ ଉପାଧି—1. The title of Baishnabas of the Rāmānuja sect added to the individual names. (ଯଥା—ଏମାର ମଠର—ମହନ୍ତ ଗଦାଧର ରାମାନୁଜ ଦାସ, କଟକ ଜଗନ୍ନାଥବଲ୍ଲଭ ମଠର—ଶ୍ରୀ ଲଛମନ ରାମାନୁଜ ଦାସ ।)

ରାମାନୁଜୀ—ଦେ. ବିଣ—୧ । ରାମାନୁଜସମ୍ପ୍ରଦାୟଭୁକ୍ତ—1. Belonging to the Rāmānuja sect of Baishnabas. Rāmānuji ରାମାନୁଜୀ **रामानुजी** ୨ । ରାମାନୁଜସମ୍ପ୍ରଦାୟଙ୍କଦ୍ୱାରା ବ୍ୟବହୃତ—2. Used by the Rāmānuja sect. ୩ । ରାମାନୁଜ ସମ୍ବନ୍ଧୀୟ—3. Relating to Rāmānuja. ୪ । ରାମାନୁଜଧର୍ମମତାବଲମ୍ବୀ—4. Following the tenets of Baishnabism propagated by Rāmānuja.

ରାମାନୁଜୀ ତିଳକ(ଚିତା)—ଦେ. ବି—ରାମାନୁଜସମ୍ପ୍ରଦାୟର ବୈଷ୍ଣବମାନେ Rāmānuji tilaka(chitā) କପାଳରେ କାଟିବା ତିନିଗାର ଚିହ୍ନ ରାମାନୁଜୀତିଳକ **रामानुजीतिलक** (ଏହାର ଦୁଇପାଖର ଗାର ଧଳା ଓ ମଝିର ଗାର ନାଲି ବା ହଳଦିଆ; ଏ ମଝି ଗାରକୁ ଶ୍ରୀ ବୋଲାଯାଏ ଓ ନାଲି ଚୂନାକୁ ଶ୍ରୀ ବୋଲାଯାଏ ।) Trident-shaped marks put on the forehead by the followers of the Rāmānuja tenets.

ରାମାନୁଜୀୟ—ସଂ ବିଣ—ରାମାନୁଜସମ୍ବନ୍ଧୀୟ— Ramānujiya Relating to Rāmānuja.

ରାମାବତାର—ସଂ. ବି—୧ । ବିଷ୍ଣୁଙ୍କର ତ୍ରେତାଯୁଗରେ ଅଯୋଧ୍ୟାରାଜ Rāmābatāra ଦଶରଥଙ୍କ ଜ୍ୟେଷ୍ଠପୁତ୍ରରୂପେ ଜାତ ହୋଇ ରାବଣାଦି ରାକ୍ଷସମାନଙ୍କୁ ନିଧନ କରିଥିବା ଅବତାର । (ଏହା ବିଷ୍ଣୁଙ୍କର ୧୦ ଅବତାର ମଧ୍ୟରୁ ୭ମ ଅବତାର)—1. The seventh incarnation of Bishnu on the earth as Rāmachandra. ୨ । ତ୍ରେତା ଯୁଗରେ ବିଷ୍ଣୁଙ୍କର ଜମଦଗ୍ନି ଋଷିଙ୍କ ପୁତ୍ରରୂପେ ପରଶୁରାମ ଅବତାର (୬ଷ୍ଠ ଅବତାର)—2. Bishnu's sixth incarnation as Parasurāma. ୩ । ଦ୍ୱାପର ଯୁଗରେ ବିଷ୍ଣୁଙ୍କର ବଳରାମ ବା ରାମକୃଷ୍ଣରୂପରେ ବସୁଦେବଙ୍କ ପୁତ୍ରରୂପେ ଅଷ୍ଟମ ଅବତାର—3. Bishnu's eighth incarnation as Balarāma.

ରାମାଭିଷେକ—ସଂ. ବି (ଷଷ୍ଠୀ ତତ୍)—ଲଙ୍କାରୁ ସୀତାଙ୍କୁ ଉଦ୍ଧାର କରି Rāmābhisheka ଫେରି ଆସି ଅଯୋଧ୍ୟା ରାଜସିଂହାସନରେ ରାମଙ୍କର ରାଜପଦରେ ପ୍ରତିଷ୍ଠାରୂପ ଉତ୍ସବ—The installation of Rāmachandra on the throne of Ajodhyā after his return from Lankā.

ରାମାଭିଷେକ(କୀ) ମଉର୍ଡ଼—ଦେ. ବି. (ସଂ. ରାମାଭିଷେକ ଓ ମୁଦ୍ରା)— Rāmābhisheka(ki) maurda ରାମଚନ୍ଦ୍ରଙ୍କ ଅଭିଷେକକାଳୀନ ରାମାଭିଷେକ ମୋହର **रामाभिषेक मोहर** ଚିତ୍ର ଅଙ୍କିତ ସୁନାର ମୁଦ୍ରା—Gold coins having the scenes of Rama's installation stamped on it. [ରାମାଭିଷେକ(କୀ) ମୋହ(ହୋ)ର—ଅନ୍ୟରୂପ]

[ଦ୍ର—ଏହି ମୁଦ୍ରାମାନ ପୂର୍ବେ ଭାରତର ହିନ୍ଦୁ ରାଜାମାନଙ୍କ ଅମଳରେ ବ୍ୟବହୃତ ହେଉଥିଲା ଓ ତାହା ବର୍ତ୍ତମାନ ମୁଦ୍ରା ରୂପେ ପ୍ରଚଳିତ ନ ଥିଲେହେଁ ପୁରାତନ ମୁଦ୍ରାମାନଙ୍କ ମଧ୍ୟରେ ବିଶେଷ ସ୍ୱର୍ଣ୍ଣ ବିଶୁଦ୍ଧତର ଥିବାରୁ ଲୋକେ ଏହାକୁ ଅତି ଆଦର

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂତ' ନ ମିଳିଲେ 'ମୃତ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସହକାରେ ସାଧାରଣ ସ୍ୱର୍ଣ୍ଣ ମୁଦ୍ରାର ଓଜନ ଅନୁସାରେ ହେବା ମୂଲ୍ୟ ଅପେକ୍ଷା ବେଶୀ ମୂଲ୍ୟରେ କିଣନ୍ତି ଏବଂ ଏଥିରେ ରାମଚନ୍ଦ୍ରଙ୍କ ରୂପ ମୁଦ୍ରିତ ଥିବାରୁ ଏହାକୁ ଭକ୍ତି ସହକାରେ ଘରେ ରଖନ୍ତି ଓ କଣ୍ଠରେ ଧାରଣ କରନ୍ତି । ଏଥିରେ ସିଂହାସନରେ ବସିଥିବା ରାମଚନ୍ଦ୍ର ଓ ସୀତାଙ୍କ ଉପରେ ରାଜଛତ୍ର ଧରା ହୋଇଥାଏ ଓ ପାଖରେ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଦଣ୍ଡାୟମାନ ହୋଇଥିବାର ଚିତ୍ର ଥାଏ । ମୂର୍ଖ ଲୋକେ ବିଶ୍ୱାସ କରନ୍ତି ଯେ ତ୍ରେତାଯୁଗରେ ରାମଚନ୍ଦ୍ର ରାଜ୍ୟାଭିଷିକ୍ତ ହେବା ସମୟରେ ଏ ମୁଦ୍ରାମାନ ମୁଦ୍ରିତ ହୋଇଥିଲା । ଫଳତଃ ତାହା ନୁହେ । ହିନ୍ଦୁ ରାଜାମାନେ (ଯଥା—ଜୟପୁରର ମହାରାଜା) ରାମାଭିଷେକ ଚିହ୍ନାଙ୍କିତ ମୁଦ୍ରାମାନ ନୂତନ ମୁଦ୍ରିତ କରି ଅପଣା ରାଜ୍ୟରେ ଚଳାଉଥିଲେ ଏବଂ ବର୍ତ୍ତମାନ ମଧ୍ୟ କାରିଗରମାନେ ରାମାଭିଷେକର ଛାପ ଦ୍ୱାରା ମୁଦ୍ରିତ କରି ନୂଆ ମୁଦ୍ରାମାନ ରାମାଭିଷେକୀ ମୋହର ରୂପେ ବିକ୍ରି କରୁଅଛନ୍ତି ।]

ରାମାୟଣ—ସଂ. ବି (ବହୁବ୍ରୀହି; ରାମ+ଅୟନ=ଚରିତ, ଆଶ୍ରୟ)—Rāmāyaṇa ୧ । ରାମଙ୍କୁ ଆଶ୍ରୟ କରି ଲିଖିତ ଗ୍ରନ୍ଥ ବା ରାମଙ୍କ ଚରିତ ବର୍ଣ୍ଣିତ ହୋଇଥିବା ଗ୍ରନ୍ଥ—1. The Rāmāyaṇa or work narrating the events connected with the life of Rāmachandra. ୨ । ବାଲ୍ମୀକି ଋଷି ପ୍ରଣୀତ ରାମଚରିତ ବର୍ଣ୍ଣନାତ୍ମକ ସଂସ୍କୃତ ମହାକାବ୍ୟ—2. The great Sanskrit epic-poem by sage Bālmiki narrating the events of Rāmachandra's life. [ଦ୍ର—ରାମଚନ୍ଦ୍ରଙ୍କ ସମକାଳୀନ ବାଲ୍ମୀକିକୃତ ରାମାୟଣ ଗ୍ରନ୍ଥ ସାତକାଣ୍ଡରେ ବା ଭାଗରେ ବିଭକ୍ତ, ଯଥା—୧ । ଆଦିକାଣ୍ଡ ବା ବାଲକାଣ୍ଡ—ଅଯୋଧ୍ୟାର ଓ ଦଶରଥଙ୍କ ବିବରଣ, ଦଶରଥଙ୍କ ପୁତ୍ରେଷ୍ଟି ଯାଗ, ରାମଜନ୍ମ, ରାମଙ୍କ ଦ୍ୱାରା ହରଧନୁ ଭଙ୍ଗ, ସୀତାଙ୍କ ସହିତ ବିବାହ ଓ ପରଶୁରାମଙ୍କ ପରାଜୟ ।

୨ । ଅଯୋଧ୍ୟାକାଣ୍ଡ—ରାମଙ୍କ ବିବାହ ଓ ଅଯୋଧ୍ୟାରେ ସୀତାଙ୍କ ସହିତ ବାସ ଓ ପିତୃସତ୍ୟ ପାଳନାର୍ଥ ବନଗମନ ।

୩ । ଅରଣ୍ୟକାଣ୍ଡ—ଦଶରଥଙ୍କ ମୃତ୍ୟୁ, ରାମ ଲକ୍ଷ୍ମଣ ସୀତାଙ୍କର ଦଣ୍ଡକାରଣ୍ୟରେ ସ୍ଥିତି, ବିରାଧ ବଧ, ଖରଦୂଷଣ ବଧ, ରାବଣଦ୍ୱାରା ସୀତା ହରଣ ।

୪ । କିଷ୍କିନ୍ଧ୍ୟା କାଣ୍ଡ—ବାନରରାଜ ସୁଗ୍ରୀବଙ୍କ ସଙ୍ଗେ ବନ୍ଧୁତାସ୍ଥାପନ ଓ ବାଲୀବଧ ।

୫ । ସୁନ୍ଦରା କାଣ୍ଡ—ହନୁମାନର ଲଙ୍କା ଗମନ, ସୀତାଠାବ, ଲଙ୍କା ଦହନ ଓ ରାମଚନ୍ଦ୍ରଙ୍କ ନିକଟ ସୀତାଙ୍କ ସମ୍ବାଦ ଆନୟନ ।

୬ । ଯୁଦ୍ଧ ବା ଲଙ୍କା କାଣ୍ଡ—ରାମଙ୍କର ରାବଣ ସହିତ ଯୁଦ୍ଧ ଓ ରାବଣ ବଧ ଏବଂ ଅଯୋଧ୍ୟା ପ୍ରତ୍ୟାଗମନ ।

୭ । ଉତ୍ତରା କାଣ୍ଡ—ଅଯୋଧ୍ୟାରେ ରାଜତ୍ୱ, ସୀତାବନବାସ, ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ, ଲବକୁଶଙ୍କ ରାମାୟଣ ଗାନ, ସୀତାଙ୍କର ଓ ରାମଙ୍କର ଦେହତ୍ୟାଗ ।

ରାମଚନ୍ଦ୍ରଙ୍କ ଦ୍ୱାରା ନିର୍ବାସିତା ସୀତାଙ୍କ ଗର୍ଭରୁ ଯମଜକୁମାର କୁଶ ଓ ଲବ ବାଲ୍ମୀକିଙ୍କ ତପୋବନରେ ଜାତ ହୋଇ ସେହିଠାରେ ଶିକ୍ଷାଲାଭ କରିବା ସମୟରେ ବାଲ୍ମୀକି ମୁନି ଏହି ବିରାଟକାବ୍ୟ ରଚନା କରି ତାହା ଏହି କୁମାରଦ୍ୱୟଙ୍କୁ ମୁଖସ୍ଥ କରାଇଥିଲେ ଓ ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞସ୍ଥଳକୁ ନିମନ୍ତ୍ରିତ ହୋଇଥିବା ବାଲ୍ମୀକି ମୁନିଙ୍କ ସଙ୍ଗେ ଯାଇଥିବା କୁମାରଦ୍ୱୟ ଅଯୋଧ୍ୟାରେ ଉପସ୍ଥିତ ହୋଇ ଉକ୍ତ ରାମାୟଣ କାବ୍ୟକୁ ଆବୃତ୍ତି କରିଥିଲେ । ମହାଭାରତ ଗ୍ରନ୍ଥର ୧୮ଟି ଖଣ୍ଡକୁ ପର୍ବ ବୋଲାଯାଏ ଓ ରାମାୟଣ ଗ୍ରନ୍ଥର ୭ଟି ଖଣ୍ଡକୁ କାଣ୍ଡ ବୋଲାଯାଏ । ସମଗ୍ର ପୃଥିବୀର ସାହିତ୍ୟରେ ରାମାୟଣ ଓ ମହାଭାରତ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି ।

ଏହି ମୂଳରାମାୟଣକୁ ଅନୁବାଦ ଓ ଅବଲମ୍ବନ କରି ହିନ୍ଦୀ, ବଙ୍ଗଳା, ଓଡ଼ିଆ, ତେଲୁଗୁ, ତାମିଲ ଗୁଜରାଟୀ, ମରହଟ୍ଟୀ ଆଦି ଭାଷାର ଲେଖକମାନେ ରାମାୟଣ ରଚନା କରିଅଛନ୍ତି ।

ସାଧାରଣତଃ ଭାରତରେ ୩ ପ୍ରକାର ବାଲ୍ମୀକି ରାମାୟଣ ଦେଖାଯାଏ ଯଥା—ଔଦୀଚ୍ୟ, ଦାକ୍ଷିଣାତ୍ୟ ଓ ଗୌଡ଼ୀୟ । ଏହି ୩ ରାମାୟଣରେ ସର୍ଗ ସଂଖ୍ୟାରେ ଓ ପାଠରେ ବହୁତ ପ୍ରଭେଦ ଦେଖାଯାଏ । (ହି, ଶ.)

ଉତ୍କଳୀୟ କବି ବିଶ୍ୱନାଥ ଖୁଣ୍ଟିଆ ସମଗ୍ର ବାଲ୍ମୀକି ରାମାୟଣର ବିଷୟ ଅବଲମ୍ବନ କରି ବିବିଧ ସୁଲଳିତ ଛନ୍ଦରେ ବିଚିତ୍ରରାମାୟଣ ନାମକ ସରଳ ଓଡ଼ିଆ ପଦ୍ୟଗ୍ରନ୍ଥ ରଚନା କରିଅଛନ୍ତି । ଏହାକୁ ସାଧାରଣତଃ 'ବିଶିରାମାୟଣ' ବୋଲାଯାଏ ଓ ଏହାକୁ ବାଲ୍ମୀକିରାମାୟଣାନୁଯାୟୀ କବି ଧାରାବାହିକରୂପେ ୭ କାଣ୍ଡରେ ବିଭକ୍ତ କରିଅଛନ୍ତି । ଏହି ବିଶି ରାମାୟଣକୁ ଅବଲମ୍ବନ କରି ଓଡ଼ିଶାରେ ରାମନବମୀ ଅଭିନୟ କରାଯାଏ ।

ହରିହର ନାମକ ଜଣେ ଓଡ଼ିଆ କବି ସୁଚିତ୍ର ରାମାୟଣ ନାମକ ଓଡ଼ିଆ ପଦ୍ୟଗ୍ରନ୍ଥ ରଚନା କରିଅଛନ୍ତି ।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରାଚୀନ କବି ଜଗନ୍ନାଥ ଦାସଙ୍କ ଶିଷ୍ୟ ପୁରୀବାସୀ ବଳରାମ ଦାସ ମଧ୍ୟ ୭ କାଣ୍ଡ ଓଡ଼ିଆ ରାମାୟଣ ଗ୍ରନ୍ଥ ଲେଖି ଯାଇଅଛନ୍ତି । ଏ ରାମାୟଣକୁ ଲୋକେ ଜଗନ୍ମୋହନ ବା ଜଗମୋହନ ରାମାୟଣ ବୋଲି କହନ୍ତି ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗଞ୍ଜାମର କବି କୃଷ୍ଣ ଚରଣ ପଟ୍ଟନାୟକ ମୂଳ ରାମାୟଣକୁ ପଦ୍ୟରେ ଅନୁବାଦ

କରି ଓଡ଼ିଆ ରାମାୟଣ ଲେଖିଥିଲେ । ଏହାକୁ ଲୋକେ 'କୃଷ୍ଣ ରାମାୟଣ' ବୋଲି ଡାକନ୍ତି ।

କେଶବ ପଟ୍ଟନାୟକ ନାମକ ଆଉ ଜଣେ କବି କେଶବ ରାମାୟଣ ବୋଲି ଖଣ୍ଡେ ଗ୍ରନ୍ଥ ଲେଖି ଅଛନ୍ତି ।

ଆଧୁନିକ ଯୁଗରେ ସ୍ୱର୍ଗୀୟ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ ଓ ଫଗାରମୋହନ ସେନାପତି ଏବଂ କଟକ ଅରୁଣୋଦୟ ପ୍ରେସର ସ୍ୱର୍ଗୀୟ ଭାଗବତ ପ୍ରସାଦ ଦାସ ମୂଳ ରାମାୟଣକୁ ପଦ୍ୟରେ ଅନୁବାଦ କରିଥିଲେ ।

ଏହାଛଡ଼ା ଉତ୍କଳର ପ୍ରାଚୀନ ଓ ନବୀନ ଯୁଗର କବିମାନେ ରାମାୟଣକୁ ଅବଲମ୍ବନ କରି ତହିଁର ସାର ଗ୍ରହଣ ପୂର୍ବକ ଛନ୍ଦରେ ରାମ ଚରିତ ଓ ନାଟକମାନ ରଚନା କରି ଅଛନ୍ତି । ତହିଁ ମଧ୍ୟରୁ ପ୍ରାଚୀନ କବି ଚନ୍ଦ୍ରାମଣିଙ୍କ 'ରାମଚନ୍ଦ୍ର ବିହାର', ମାଗୁଣି ପଟ୍ଟନାୟକଙ୍କ 'ରାମଚନ୍ଦ୍ର ବିହାରର ରାଜା ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥ ବିଳାସ', ଉପେନ୍ଦ୍ର ଭଞ୍ଜଙ୍କ, 'ବ' ଅକ୍ଷର ଯୁକ୍ତ ଆଦ୍ୟ ପଦ ସମନ୍ୱିତ 'ବୈଦେହୀଶବିଳାସ' ପୀତାମ୍ବର ଦାସଙ୍କ ନୃସିଂହ ପୁରାଣରେ ୭କାଣ୍ଡ ରାମାୟଣର ସଂକ୍ଷିପ୍ତ ସାର ସଂଗ୍ରହ, ଗଞ୍ଜାମର କବି କାହ୍ନୁ ଦାସଙ୍କ କୃତ ରାମରସାମୃତ ସିନ୍ଧୁ, ଗଞ୍ଜାମର କବି ରାମଦାସଙ୍କର ରାମରସାମୃତ ଓ ତଳଚର ସ୍ୱର୍ଗତ ରାଜା ପୀତାମ୍ବର ରାଜେନ୍ଦ୍ରଙ୍କ ରାମଲୀଳା ଓ ଅଧୁନିକ ଯୁଗରେ ରାଓ କବିଙ୍କ ବାଳ ରାମାୟଣ, ଭଦ୍ରାକର ଗର୍ଗବଟୁଙ୍କ ରାମାୟଣ, ଅରୁଣୋଦୟ ପ୍ରେସ୍‌ର ରାମାୟଣ, ସାରସ୍ୱତ ପ୍ରେସ୍‌ର ରାମାୟଣ, ସ୍ୱର୍ଗୀୟ ବଳରାମ ଦାସଙ୍କ ବାଳ ରାମାୟଣ, ଚନ୍ଦ୍ରଶେଖର ନନ୍ଦଙ୍କ ରାମାୟଣ କଥା ଓ ନୀଳକଣ୍ଠ ଦାସଙ୍କ ପିଲ୍ଙ୍କ ରାମାୟଣ ଉଲ୍ଲେଖଯୋଗ୍ୟ । ନାଟକ ମଧ୍ୟରେ ପ୍ରାଚୀନ କବି ବିକାଶ ପଟ୍ଟନାୟକଙ୍କ ଲଙ୍କା ଦହନ ନାଟକ, ରାମଶଙ୍କରଙ୍କର ରାମ ବନବାସ, ପଦ୍ମନାଭ ନାରାୟଣ ଦେବଙ୍କ ଅହଲ୍ୟାଶାପମୋଚନ, କାମପାଲ ମିଶ୍ରଙ୍କର ସୀତା ବିବାହ, ହରିହର ରଥଙ୍କର ରାବଣ ବଧ, ରାମାଭିଷେକ, ରାମ ଜନ୍ମ, ରାମ ନିର୍ବାସନ ଓ ନନ୍ଦକିଶୋର ବଳଙ୍କ ପଦ୍ୟ ସୀତା ବନବାସ ଉଲ୍ଲେଖଯୋଗ୍ୟ । ପରମାର୍ଥିକ ତତ୍ତ୍ୱ ଉପଦେଶାତ୍ମକ ଅଧ୍ୟାତ୍ମ ରାମାୟଣ ନାମରେ ମହର୍ଷି ବେଦବ୍ୟାସ ବିରଚିତ ଗୋଟିଏ ସଂସ୍କୃତ ଗ୍ରନ୍ଥ ଅଛି; ଏହି ମୂଳ ଗ୍ରନ୍ଥକୁ ମଧ୍ୟ ନିମ୍ନଲିଖିତ ଓଡ଼ିଆ କବିମାନେ ଅନୁବାଦ କରି ଅଛନ୍ତି, ଯଥା—ପୁରୀର ପ୍ରାଚୀନ କବି ହଳଧର ଦାସ, ତେଲିଙ୍ଗୀୟ ଗୋପାଳ କବି, ଗଞ୍ଜାମ ସୂର୍ଯ୍ୟମଣି ତ୍ୟାଗି ପଟ୍ଟନାୟକ । ଯୋଗ ଶାସ୍ତ୍ର ସମ୍ବନ୍ଧେ ଉପଦେଶାତ୍ମକ ଆଉ ଖଣ୍ଡିଏ ବିରାଟ ସଂସ୍କୃତ ଗ୍ରନ୍ଥର ନାମ ଯୋଗବାଶିଷ୍ଠ ରାମାୟଣ ଅଟେ ।

ଏହା ଛଡ଼ା ଓଡ଼ିଶାର ପ୍ରାଚୀନ କବି ସାରଳାଦାସ ବିଲଙ୍କା ରାମାୟଣ ବୋଲି ଗୋଟିଏ କାଳ୍ପନିକ ପଦ୍ୟଗ୍ରନ୍ଥ ରଚନା କରି ସେଥିରେ ପାତାଳସ୍ଥ କାଳ୍ପନିକ ବିଲଙ୍କା ନଗରୀର ରାଜା ସହସ୍ରମୁଖ ରାବଣକୁ ରାମ ଆକ୍ରମଣ କରି ସୀତାଙ୍କ ସାହାଯ୍ୟରେ ବିଲଙ୍କାପୁରକୁ ମାରି ତାହା ନଗରୀକୁ 'ବିଲଙ୍କି' ଥିବା ବର୍ଣ୍ଣନା କରିଅଛନ୍ତି ।

ମୂଳସଂସ୍କୃତ ଗ୍ରନ୍ଥକୁ ତୁଳସୀଦାସ ହିନ୍ଦୀରେ 'ରାମଚରିତ ମାନସ' ନାମରେ ପଦ୍ୟାନୁବାଦ କରିଅଛନ୍ତି ଓ ଏହାକୁ ତୁଳସୀଦାସ ରାମାୟଣ ଭାରତବିଖ୍ୟାତ ଅଟେ । ତୁଳସୀଙ୍କ ରାମାୟଣରେ ଅନେକ କଳ୍ପିତ ବିଷୟ ଅଛି ।

ବାଲ୍ମୀକିକୃତ ରାମାୟଣ ଛଡ଼ା ସଂସ୍କୃତରେ 'ରାମାୟଣ' ନାମ ଗ୍ରହଣ କରି ରଚିତ ଅଧ୍ୟାତ୍ମରାମାୟଣ, ଅଗ୍ନିବେଶ ରାମାୟଣ, ଯୋଗବାଶିଷ୍ଠ ରାମାୟଣ ଆଦି କେତେକ ରାମାୟଣ ସାମ୍ପ୍ରଦାୟିକ ଅଟେ ।]

ରାମାୟଣୀୟ—ସଂ. ବିଣ (ରାମାୟଣ + ଈୟ)—ରାମାୟଣ ସମ୍ବନ୍ଧୀୟ—
Rāmāyaṇīya Relating to the Rāmāyaṇa.

ରାମାୟୁଧ—ସଂ. ବି (୬ଷ୍ଠୀ ତତ୍)—ଧନୁଃ (ହି. ଶ)—
Rāmāyudhs Bow.

ରାମାୟେଣୀ—ଦେ. ବି (ସ୍ତ୍ରୀ)—ରାମାୟଣ ସମ୍ବନ୍ଧୀୟା, ସୀତା—
Rāmāyeṇī Sitā of the Rāmāyaṇa.
[ଉ—ରାମାରତନ ରାମାୟେଣୀ, ରେବତୀ ଯୋଗମାୟା ପୁଣି । ଯଶୋବନ୍ତ. ପ୍ରେମଭକ୍ତି. ବ୍ରହ୍ମଗୀତା ।]

ରାମାଶା(ଧୀ,ଦା)ମ—ଦେ. ବି (ବହୁବଚନ)—ଜଗଣ୍ୟ ବ୍ୟକ୍ତିଗଣ—
Rāmāsā(dhī, dā)mā A number of men of straw; men of no consequence.
ରାମାସାମା
ରାମାସୀମା [ଦ୍ର—ଆମ ଦେଶରେ ଅଧିକାଂଶ ଲୋକଙ୍କୁ ରାମ ଓ ଶାମ ନାମ ଦିଆଯାଏ; ଏଥିପାଇଁ ରାମାଶାମା କହିଲେ ସାଧାରଣଜଣଙ୍କ ବ୍ୟକ୍ତିଙ୍କୁ ବୁଝାଏ ।]

ରାମାଶ୍ରୟ—ସଂ. ବି. ନାମ—ଅମରକୋଷର ଟୀକାକାର ପଣ୍ଡିତଙ୍କ ନାମ—
Rāmāśraya Name of a commentator of the Amarakosha.

ରାମିଳ—ସଂ. ବି. ପୁଂ (ରମ୍ ଧାତୁ + ଭାବ. ଇଲ)—୧ । ରମଣ
Rāmiḷa (ହି.ଶ)—1. Cohabitation. ୨ । (+କର୍ତ୍ତୃ. ଇଲ) କାମଦେବ (ହି. ଶ)—2. Cupid. ୩ । ପତି; ସ୍ୱାମୀ (ହି. ଶ)—3. Husband. ୪ । ପ୍ରେମପାତ୍ର; ପ୍ରେମିକ (ହି. ଶ)—4. Lover.

ରାମେଖୁ—ସଂ. ବି—ଏକପ୍ରକାର ଶର ବା କାଣ୍ଡ ତୃଣ; ମୁଞ୍ଜ—
Rāmekhu Saccharum Munja; a kind of reed.

ରାମେଶ୍ୱର—ସଂ. ବି (ମ. ପ ଲୋ; କର୍ମଧା; ରାମଙ୍କଦ୍ୱାରା ପୂଜିତ ଈଶ୍ୱର)—
Rāmeśwara ୧ । ରାମନାଥ; ଭାରତର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ରାମନାଥ ନାମ ଶିବଲିଙ୍ଗ—1. Name of an idol of Śiba in the south of India.
[ଦ୍ର—ଏ ଶିବଲିଙ୍ଗ ମଦୁରା ଜିଲ୍ଲା ରାମନାଦ ତାଲୁକାମଧ୍ୟରେ ଏକଦ୍ୱୀପରେ ପ୍ରତିଷ୍ଠିତ । ଶ୍ରୀରାମଚନ୍ଦ୍ର ଲଙ୍କାବିଜୟ ଯାତ୍ରା ସମୟରେ ଏଠାରେ ରାମେଶ୍ୱର ଦେବଙ୍କୁ ସ୍ଥାପନ କରିଥିଲେ । ମଦନମୋହନ. ତୀର୍ଥଦର୍ଶନ ୧ମ ଭାଗ ।]
୨ । ସେତୁବନ୍ଧ ରାମେଶ୍ୱର; ଭାରତର ଦକ୍ଷିଣ ପୂର୍ବ କୋଣ

ଓ ଲଙ୍କା ଦ୍ୱୀପ ମଧ୍ୟରେ ଶ୍ରୀରାମଚନ୍ଦ୍ରଙ୍କ ଆଦେଶରେ ବନ୍ଧା ଯାଇଥିବା ସେତୁବନ୍ଧ—2. Adam's bridge (between India and Ceylon). ୩ । ଭାରତର ଦକ୍ଷିଣ ପୂର୍ବ କୋଣ ଓ ଲଙ୍କା ଦ୍ୱୀପ ମଧ୍ୟରେ ଥିବା ପ୍ରଣାଳୀ (ଉତ୍ତରରେ ପକ୍ ପ୍ରଣାଳୀ ଓ ଦକ୍ଷିଣରେ ମାନାର୍ ଉପସାଗର ମଧ୍ୟରେ) ଥିବା ସେତୁବନ୍ଧ ରାମେଶ୍ୱର ନାମକ ସମୁଦ୍ରଗର୍ଭସ୍ଥ ବନ୍ଧର ଉତ୍ତର ପଶ୍ଚିମକୁ ଲାଗିଥିବା ଲମ୍ବଦ୍ୱୀପ (ଏହାକୁ ସାମାନ୍ୟ ଲୋକେ ରାମେଶ୍ୱର କହନ୍ତି । ଏହା ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ)—3. Name of a small island to the north west of Adam's bridge (a range of high land between Ceylon and India). ଦେ. ଭ. ପୁଂ—ଲୋକଙ୍କର ନାମ—A name given to males.

ରାମୋପନିଷଦ୍—ସଂ. ବି—ଅଥର୍ବ ବେଦାନ୍ତର୍ଗତ ଏକ ଉପନିଷଦ୍—
Rāmopanishad Nameof an Upanishad in the Atharba Beda.

ରାମ୍ପି—ଦେ. ବି—୧ । କାନ୍ଥରେ ପ୍ରଥମେ ବାଲିଚୂନ ମୋଟ କରି
Rāmpi ବୋଳ ସାରି ତାହାକୁ ସମତୁଲ କରିବା ପାଇଁ ଯେଉଁ
रांपी କାଷ୍ଠ ଯନ୍ତ୍ର ଦ୍ୱାରା ତା ଉପରୁ ଅତ୍ୟୁଚ୍ଚ ଲେଖାଏଁ
রাম্পি ଚାଞ୍ଛି ଦେବାକୁ ହୁଏ—1. Mason's planer; a wooden trowel used to scrape redundant layer from the surface of a wall which is being plastered. ୨ । ଚମଡ଼ାକୁ ସଫା ଓ ପତଳା କରିବା ପାଇଁ ବ୍ୟବହୃତ ମୋଚିମାନଙ୍କର ଏକ ପ୍ରକାର ଖୁରୁପି—2. A scraper used by cobblers to scrape leather.

ରାମ୍ପି କାମ୍ପି ହେବା—ଦେ. କ୍ରି—୧ । ରାଗରେ ଅସ୍ଥିର ହେବା; ରାମ୍ପୁଡ଼ି
Rāmpi kāmpi hebā କାମୁଡ଼ି ହେବା; ପ୍ରତିଶୋଧ ନେବାକୁ
ରାମ୍ପି କାମୁଡ଼ି ହେବା } ଅନ୍ୟରୂପ ଅକ୍ଷମ ହୋଇ କ୍ରୋଧରେ
ରାମ୍ପି ବିଦାରି ହେବା } ଭୂମିକୁ ଓ ଆପଣା ଦେହକୁ ନଖ
রেগে মেগে অস্থির হওয়া ଦ୍ୱାରା ରାମ୍ପୁଡ଼ିବା ଓ ଓଠ ଅଧରକୁ
गुस्सा उस्सा होना କାମୁଡ଼ିବା; ବିରକ୍ତି ପ୍ରକାଶ କରିବା—
To bite one's lips and scratch the ground with one's nails in impotent anger; to fret and fume with rage.

ରାମ୍ପିବା—ଦେ. କ୍ରି (ସଂ. ରମ୍ଫ୍ ବା ରମ୍ପ ଧାତୁ)—୧ । (ଯାଦୁ,
Rāmpibā କୁଣ୍ଡିଆ ଆଦିକୁ) ନଖ ଦ୍ୱାରା ରାମ୍ପୁଡ଼ିବା—1, To
[ରମ୍ପା(ମ୍ପେ)ଇବା—ଅନ୍ୟରୂପ] scratch(itching ringworm
আঁচড়া etc) with finger—nails or claws).
खोदना, खुलजाना, खरोचना, नोंचना ୨ । ଯାନ୍ତ୍ରିକ ଅସ୍ତ୍ର ଦ୍ୱାରା
तरासना କୌଣସି ବସ୍ତୁ ଉପରୁ ପତଳା ସ୍ତର ଚାଞ୍ଛିବା—2. To scrape off a thin layer from the surface of a thing. [ଦ୍ର—ଯେଉଁ ଯନ୍ତ୍ର ଦ୍ୱାରା ରାମ୍ପିବା କ୍ରିୟା କରାଯାଏ ତାକୁ ରମ୍ପାକୁ ବୋଲାଯାଏ ।] ୩ । ପାନିଆ
खोदना ଦ୍ୱାରା ମୁଣ୍ଡ କୁଣ୍ଡାଇବା—3. To Comb the hair.

ରାମ୍ପି ରୁମ୍ପି—ଦେ. କ୍ରି. ବିଣ (ସହଚର)—ଉତ୍ତମ ରୂପେ ଚାଞ୍ଛି କରି—
Rāmpi rumpi By scraping well.
নিকিয়ে পুংছিয়ো (ଯଥା—ଯାଦୁକୁ ତୁରରେ ରାମ୍ପି ରୁମ୍ପି ମଲମ
खोडखाड कर ଲଗାଇଲେ ତାହା ଶୀଘ୍ର ଗୁଣ କରେ ।)

ରାମ୍ପି ହେବା—ଦେ. କ୍ରି—ନିଜର ଦେହକୁ ନଖ ଆଦି ଦ୍ୱାରା କୁଣ୍ଡାଇବା-
Rāmpi hebā To scratch one's own body.
চুলকান ପ୍ରାଦେ. (ସମ୍ବଲପୁର) କ୍ରି—ନିଜର କେଶକୁ ପାନିଆ
खोड रहना, खुजलाना ଦ୍ୱାରା କୁଣ୍ଡାଇବା—To comb the hair of one's own head.

ରାମ୍ପୁଡ଼ା—ଦେ. ବି. (ସଂ. ରମ୍ପ୍ ଧାତୁ=ବଧ କରିବା)—୧ । ରାମ୍ପୁଡ଼ିବା
Rāmpu<u>rd</u>ā କ୍ରିୟା—1. Act of scratching with
আঁচড়া nails or claws. ୨ । ରାମ୍ପୁଡ଼ିବା ଯୋଗୁଁ କ୍ଷତ
नोंचना ଚିହ୍ନ ଚିହ୍ନ—2. Scratches. ଦେ. ବିଣ. ପୁଂ—
(ରାମ୍ପୁଡ଼ୀ—ସ୍ତ୍ରୀ) ୧ । ଯେ ରାମ୍ପୁଡ଼େ (ଯଥା—ବିରାଡ଼ି)—
नोचिला 1. Scratching. ୨ । ରାମ୍ପୁଡ଼ିବା ଦ୍ୱାରା ଉତ୍ପନ୍ନ
আঁচড়া (ଦାଗ)—2. (marks) Produced by scratching.

ରାମ୍ପୁଡ଼ା କାମୁ(ମ୍ପୁ)ଡ଼ା—ଦେ. ବି. (ସହଚର)—ନଖ ଦ୍ୱାରା ରାମ୍ପୁଡ଼ିବା
Rāmpu<u>rd</u>ā kāmu(mpu)<u>rd</u>ā ଓ ଦାନ୍ତ ଦ୍ୱାରା କାମୁଡ଼ିବା-
আঁচড়ান কামড়ান Scratching with the nails or
नोंचना काटना claws and biting with the teeth.

ରାମ୍ପୁଡ଼ା ରାମ୍ପୁଡ଼ି—ଦେ. ବି—ଅନ୍ୟୋନ୍ୟରେ ନଖ ଦ୍ୱାରା ରାମ୍ପୁଡ଼ିବା-
Rāmpu<u>rd</u>ā rāmpu<u>rd</u>i Fighting by scratching
আঁচড়া আঁচড়ি each other with nails or claws.
नोंचनांच

ରାମ୍ପୁଡ଼ି କାମୁଡ଼ି ହେବା—ଦେ. କ୍ରି—ରାମ୍ପି କାମ୍ପି ହେବା (ଦେଖ)
Rāmpu<u>rd</u>i kāmu<u>rd</u>i hebā Rāmpi kāmpi hebā
[ରାମ୍ପୁଡ଼ି କାମ୍ପୁ(ମ୍ପୁ)ଡ଼ି (ବିଦାରି) ହେବା—ଅନ୍ୟରୂପ] (See)
আঁচড়ান কামড়ান दिमाक दिखाना

ରାମ୍ପୁଡ଼ିବା—ଦେ. କ୍ରି. (ସଂ. ରକଫ୍ ଧାତୁ=ବଧ କରିବା)—ନଖ ଦ୍ୱାରା
Rāmpu<u>rd</u>ibā ବିଦାରିବା; ତୀକ୍ଷ୍ଣ ନଖମୂନ ଦ୍ୱାରା କ୍ଷତ
আঁচড়ান କ୍ଷତ କରିବା—To scratch with sharp
नोंचना nails or claw.

ରାମ୍ପୁଡ଼ିବା କାମୁ(ମ୍ପୁ)ଡ଼ିବା—ଦେ. କ୍ରି. (ସହଚର)—ନଖାଘାତ ଓ
Rāmpu<u>rd</u>ibā kāmu(mpu)<u>rd</u>ibā ଦନ୍ତାଘାତ କରିବା;
আঁচড়ান কামড়ান ନଖ ଓ ଦନ୍ତ ଦ୍ୱାରା ବିଦାରିବା—To scrtach
नोंचना काटना with nails and bite with teeth.
[ଦ୍ର—ଏହା କହି ନଖରେ ଅଗ୍ରରେ ରାବଣକୁ ରାମ୍ପୁଡ଼ି କାମୁଡ଼ି ଅସ୍ତବ୍ୟସ୍ତ କରି ପକାଇଲ । ନୀଳକଣ୍ଠ ଦାଶ. ପିଲାଙ୍କ ରାମାୟଣ ।]

ରାମ୍ପୁଡ଼ିବା ବିଦାରି(ଡ଼ି)ବା—ଦେ. କ୍ରି. (ଏକାର୍ଥକ ସହଚର)—ବହୁବାର
Rāmpu<u>rd</u>ibā bidāri(<u>rd</u>i)bā ବା ଜୋରପୂର୍ବକ ନଖ ଦ୍ୱାରା
চিরা ও আঁচড়া ରାମ୍ପିବା—To scratch with nails
नोंचना विदारना several times; to scratch and pierce with the nails.

ରାମ୍ପୁଡ଼ ରୁମ୍ପୁଡ଼—ଦେ. କ୍ରି. ବିଣ—ଉଦ୍ଭ୍ରମରୂପେ ବା ବାରଂବାର
Rāmpurdi rumpurdi ରାମ୍ପୁଡ଼ି କରି—By scratching
আঁচড়ে কামড়ে **नोंचनांच कर** vigorously or repeatedly.

ରାମ୍ପୁଡ଼ ହେବା—ଦେ. କ୍ରି—୧ । କଣ୍ଡୂୟନ ବୃତ୍ତି ଚରିତାର୍ଥ କରିବା
Rāmpurdi hebā ପାଇଁ ରାମ୍ପୁଡ଼ିବା—1. To scratch
আঁচড়ান with a view to satisfy itching.
खोडना ୨ । (ଲକ୍ଷଣାର୍ଥ) ଭାରି ବିରକ୍ତ ଓ ଉତ୍ତ୍ୟକ୍ତ ବୋଧ କରିବା—2. To feel much irritated.

ରାମ୍ଭ—ସଂ. ବି.(ରମ୍ଭ=ବେଣୁ+ସ୍ୱାର୍ଥେ ଅ)—ବ୍ରତାର୍ଥ ଧୃତ ବଂଶ ଯଷ୍ଟି—
Rāmbha A bamboo staff held by a person in the performance of a certain vow.

ରାଯ୍—ଦେ. ବି—ରାଜ୍ (ଦେଖ)
Rāj Rāj. (See)

ରାୟ—ଦେ. ବି (ସଂ. ରାଜନ୍)—୧ । ରାଜା—1. King. (ଉ—ଭୃତ୍ୟ
Rāya ପାଶରେ ଥାଇ କହିଲା ଗିରିରାୟେ । କୃଷ୍ଣସିଂହ. ମହାଭାରତ
রায় ବନ ।) ୨ । କେତେକ ଓଡ଼ିଆ କରଣଙ୍କ ବଂଶୋପାଧି—
राय 2. A family title of some Karaṇas. ୩ । ବଙ୍ଗୀୟ କାୟସ୍ଥଙ୍କ ବଂଶଗତ ଉପାଧି—3. A family title of some Kāyasthas. ୪ । କ୍ଷତ୍ରିୟଙ୍କ ବଂଶଗତ ଉପାଧି—4. A family title of Kshatriyas. ୫ । ରାଜଦତ୍ତ ଅନ୍ୟ ଉପାଧି ଶେଷରେ ଯୁକ୍ତ ହେବା ଶ୍ରେଷ୍ଠତାବୋଧକ ଶବ୍ଦ; (ଯଥା--ସାମନ୍ତରାୟ, ଉଦଣ୍ଡରାୟ, ସଙ୍ଗୀତରାୟ, ବଳବନ୍ତ ରାୟ, ଏହାର ସଂକ୍ଷେପ 'ରା' ବା 'ରାଏ')—5. A word added to another word to form a title bestowed by Rājās. ବୈଦେ. ବି. (ଫା)—୧ । ମତ—1. Opinion. ୨ । ରାଏ ବିଚାରକଙ୍କର ଶେଷ ମୀମାଂସା—2. Judgment; decision of a judge. [ଉ—ଚରମ ଅଟଇ ଚଣ୍ଡରୁଦ୍ର ରାୟ । ରାଧାନାଥ. ଦରବାର ।]
[ଦ୍ର—ରାଏ ଶବ୍ଦ ସଙ୍ଗେ ଲାଗିଥିବା ସମସ୍ତ ଶବ୍ଦମାନ ରାୟ ଶବ୍ଦ ଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ । ଅତଏବ ରାୟ ଶବ୍ଦବିଶିଷ୍ଟ ଅନ୍ୟ ଶବ୍ଦମାନଙ୍କ ପାଇଁ 'ରାଏ' ତଳେ ଦେଖ ।]

ରାୟଗଡ଼—ଦେ. ବି—ଓଡ଼ିଶାର ପଶ୍ଚିମରେ ମଧ୍ୟପ୍ରଦେଶର ଛତିଶଗଡ଼
Rāyagarda ବିଭାଗର ଗୋଟିଏ ନଗର (ଗାଙ୍ଗପୁରର ପଶ୍ଚିମ)—
রায়গড় Name of a town in the Central
रायगड Province.

ରାୟଗୁରୁ—ଦେ. ବି—ରାଜଗୁରୁ (ଦେଖ)
Rāyaguru Rājaguru. (See)

ରାୟ ଚଉଧୁରୀ—କଟକ ସହରର କାଜିବଜାରର ଓଡ଼ିଶାର ସ୍ଥାୟୀଅଧିବାସୀ
Rāya chaudhuri ବଙ୍ଗୀୟ ବ୍ରାହ୍ମଣ ଜମିଦାର ବଂଶର
রায়চৌধুরী ବଂଶୋପାଧି—Family title of a domiciled
रायचौधुरी family of Zamindars of Cuttack.

[ଦ୍ର—ବ୍ରିଟିଶମାନଙ୍କର ଉତ୍କଳାଧିକାର ଅବ୍ୟବହିତ ପରେ ୧୮୦୪ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ କମିଶନର୍ ମିଷ୍ଟର୍ କେୟାର୍ (Mr. Care) ରାୟ ଦୁର୍ଗାଚରଣ ରାୟ ଚୌଧୁରୀଙ୍କୁ ନୂତନ ଅଧିକୃତ ଓଡ଼ିଶାର ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ନିମିତ୍ତ ବଙ୍ଗ ଦେଶରୁ ଆଣାଇଥିଲେ । ଏହାଙ୍କ ଆଦିମ ନିବାସ ବଙ୍ଗର ଚବିଶପ୍ରଗନା ଜିଲ୍ଲାରେ ବେଲଘରିଆ ଗ୍ରାମରେ ଥିଲା । ସେ ମହାଶୟ ଆସି କଟକ ଖଜଣାଖାନାର ଭାର ଗ୍ରହଣ କରିଥିଲେ । ସେ ସମୟରେ କଟକ, ପୁରୀ, ବାଲେଶ୍ୱର ଲାଗି ଏକମାତ୍ର ଖଜଣାଖାନା କଟକରେ ଥିଲା ଏବଂ ରାୟଚୌଧୁରୀ ମହାଶୟ ତାହା ଅତ୍ୟନ୍ତ ଦକ୍ଷତା ସହିତ ପରିଚାଳନା କରିଥିଲେ । ତତ୍ପରେ ୧୮୩୫ ଖ୍ରୀଷ୍ଟାବ୍ଦରେ ମେଦିନୀପୁର ଖଜଣାଖାନାରେ ଯେତେବେଳେ ନାନା ବିଶୃଙ୍ଖଳା ଜାତ ହୋଇଥିଲା ଉକ୍ତ ମହାଶୟ ସେ ସ୍ଥଳକୁ ପ୍ରେରିତ ହୋଇଥିଲେ । ତତ୍ପରେ ତାଙ୍କ ପୁତ୍ର ରାଜନାରାୟଣ ଚୌଧୁରୀ ପିତାଙ୍କଠାରୁ ଉକ୍ତ କର୍ମର ଭାର ପ୍ରାପ୍ତ ହେଲେ । ଦୁର୍ଗାଚରଣ ୪୫ ବର୍ଷ ଦକ୍ଷତା ସହ ଉକ୍ତ କାର୍ଯ୍ୟ ପରିଚାଳନା କରି ଅବସରପ୍ରାପ୍ତ ହେଲେ ଏବଂ ଗଭର୍ଣ୍ଣମେଣ୍ଟ ତାଙ୍କ କାର୍ଯ୍ୟଦକ୍ଷତାରେ ପ୍ରୀତ ହୋଇ ତାଙ୍କୁ ରାୟ (ଅଧୁନାତନ ରାୟବାହାଦୁର୍ ସଙ୍ଗେ ସମାନ) ଉପାଧି ପ୍ରଦାନ କରିଥିଲେ । ଉପାଧି ସହିତ ସେ ମଧ୍ୟ ସରକାରଙ୍କ ଠାରୁ ଗୋଟିଏ ଶିଲିତ୍ ଓ ଗୋଟିଏ ପାଲଙ୍କି ଉପହାର ପାଇଥିଲେ । ତାଙ୍କ ପରେ ତାଙ୍କ କନିଷ୍ଠ ଭ୍ରାତା ସ୍ୱର୍ଗୀୟ ଲକ୍ଷ୍ମୀନାରାୟଣ ରାୟଚୌଧୁରୀ ମେଦିନୀପୁର ଟ୍ରେଜେରୀର ଭାର ପ୍ରାପ୍ତ ହେଲେ । ସେ ମଧ୍ୟ ଦକ୍ଷତା ସହ ଉକ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ମାତ୍ର ଅଗ୍ରଜଙ୍କର ପରଲୋକ ଗମନ ହେତୁ ସେ ନିଜର ବିଷୟ ସମ୍ପତ୍ତିର ପରିଚାଳନା ଲାଗି କାର୍ଯ୍ୟ ତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ । ଲକ୍ଷ୍ମୀନାରାୟଣ କଟକ ବେଞ୍ଚର ଅନରାରୀ ମାଜିଷ୍ଟ୍ରେଟ୍ ରୂପେ କେବଳ ଯେ କାର୍ଯ୍ୟ କରିଥିଲେ, ତାହା ନୁହେଁ । କଟକ ସହରର ବହୁନ ସ୍ଥାୟୀ ସଭା ସମିତିର ମେମ୍ବର୍ ଭାବରେ ସେ ଲୋକସମାଜରେ ଓ ଭୂମ୍ୟଧିକାରୀମାନଙ୍କ ମଧ୍ୟରେ ଅତ୍ୟନ୍ତ ସମ୍ମାନାସ୍ପଦ ହୋଇଥିଲେ । ସେ ଦେଶସେବା ଓ ରାଜଭକ୍ତିର ନିଦର୍ଶନସ୍ୱରୂପ ଶ୍ରୀମତୀ ମହାରାଣୀଙ୍କର ଅଭିଷେକ ସମୟରେ ଏକ ସମ୍ମାନସୂଚକ ସାର୍ଟିଫିକେଟ (Certificate of Honour) ପ୍ରାପ୍ତ ହୋଇଥିଲେ ।

ତାଙ୍କର ପ୍ରଥମ ପୁତ୍ର ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମୃତ୍ୟୁ ପର୍ଯ୍ୟନ୍ତ କଟକ ଖଜଣାଖାନାର ଟ୍ରେଜରର୍ କାର୍ଯ୍ୟରେ ନିଯୁକ୍ତ ଥିଲେ । ତାଙ୍କର ଦ୍ୱିତୀୟ ପୁତ୍ର କାର୍ତ୍ତିକଚନ୍ଦ୍ର ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ଟ୍ରେଜରର୍ କାର୍ଯ୍ୟରେ ନିଯୁକ୍ତ ହୋଇ ପ୍ରଥମ ଶ୍ରେଣୀ ସବ୍‌ଡେପୁଟି ପଦକୁ ଉନ୍ନୀତ ହୋଇ ଶେଷରେ ବି.ଏନ୍.ଆର୍ କମ୍ପାନୀଙ୍କ ପାଇଁ ସରକାର ପକ୍ଷରୁ ଜମି କିଣା (acquire) ହେବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ତାଙ୍କର ଚତୁର୍ଥ ପୁତ୍ର ସ୍ୱର୍ଗୀୟ ଜଗନ୍ନାଥ ଚନ୍ଦ୍ର

ରାୟଚୌଧୁରୀ ମଧ୍ୟ କଟକ ଜେଲାର ଅନରାରୀ ମାଜିଷ୍ଟ୍ରେଟ୍‌ରୂପେ ଓ ସ୍ଥାନୀୟ ବିଭିନ୍ନ ସାଧାରଣ ସଭା ସମିତିର ସଭ୍ୟରୂପେ ଦେଶବାସିଙ୍କର ତଥା ସରକାରଙ୍କର ପ୍ରୀତିଭାଜନ ହୋଇଥିଲେ । ସେ କଟକ ମ୍ୟୁନିସିପାଲିଟିରେ ତିନିଥର ଭାଇସ୍-ଚେଆର୍‌ମ୍ୟାନ୍ କାର୍ଯ୍ୟ କରି ସରକାରଙ୍କଠାରୁ ବିଶେଷ ସମ୍ମାନ-ପ୍ରାପ୍ତ ହୋଇଥିଲେ । ସେ ମଧ୍ୟ କଟକ ସଦର ଲୋକାଲ୍-ବୋର୍ଡ଼ର ଓ କଟକ ମ୍ୟୁନିସିପାଲିଟିର ଚେୟାର୍‌ମ୍ୟାନ୍ କାର୍ଯ୍ୟ କରି ଶ୍ରୀମାନ୍ ସମ୍ରାଟ ସପ୍ତମ ଏଡ୍‌ୱାର୍ଡ଼ ଓ ପଞ୍ଚମଜର୍ଜଙ୍କ ଅଭିଷେକ ସମୟରେ ସମ୍ମାନସୂଚକ ସାର୍ଟିଫିକେଟ୍ ଓ ଅଭିଷେକ ପଦକ ପ୍ରାପ୍ତ ହୋଇଥିଲେ । ତାଙ୍କ କନିଷ୍ଠ ଜ୍ୟୋତିଷଚନ୍ଦ୍ର କଟକ ଜିଲ୍ଲାର ସବରେଜିଷ୍ଟ୍ରାର କାର୍ଯ୍ୟ କରୁଥିଲେ ଓ ବର୍ତ୍ତମାନ ନିଜର ବିଷୟ ସମ୍ପତ୍ତି ବୁଝାସୁଝା ଓ ଧର୍ମଚର୍ଚ୍ଚା କରନ୍ତି । ଜ୍ୟୋତିଷଚନ୍ଦ୍ରଙ୍କ ପୁତ୍ର ଯତୀଶଚନ୍ଦ୍ର କଟକ ଜଜକୋର୍ଟର ଓକିଲ ଅଛନ୍ତି ।

ମୂର୍ତ୍ତିଚନ୍ଦ୍ରଙ୍କର ଜ୍ୟେଷ୍ଠ ପୁତ୍ର ଶ୍ରୀଯୁକ୍ତ ଗୁରୁଚନ୍ଦ୍ର ରାୟ-ଚୌଧୁରୀ ବିହାର ଓଡ଼ିଶାର ପ୍ରାଦେଶିକ ଲାଟସଭାରେ ଓଡ଼ିଶାର ଭୂମ୍ୟଧିକାରୀମାନଙ୍କ ପ୍ରତିନିଧି ସଦସ୍ୟରୂପେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ କନିଷ୍ଠ ଭ୍ରାତା ସ୍ୱର୍ଗୀୟ ସୁଶୀଲଚନ୍ଦ୍ର ମେଡିକାଲ୍ ବୋର୍ଡ଼ର ମେମ୍ବର୍‌ରୂପେ କଟକ ଜେଲାର ଅନରାରୀ ମାଜିଷ୍ଟ୍ରେଟ୍ ଓ କଟକ ମ୍ୟୁନିସିପାଲିଟିର ଭାଇସ୍‌ଚେଆରମ୍ୟାନ୍-ରୂପେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ କିନ୍ତୁ ସେ ଅଳ୍ପ-ଦିନ ପୂର୍ବେ ଯୁବା ବୟସରେ ପରଲୋକଗମନ କଲେ ।

ବାବୁ ବିମଳାଚରଣ ରାୟଚୌଧୁରୀ କାର୍ତ୍ତିକଚନ୍ଦ୍ରଙ୍କର ଜ୍ୟେଷ୍ଠପୁତ୍ର । ସେ ବର୍ତ୍ତମାନ କଟକ ଜେଲାର ଅନରାରୀ ମାଜିଷ୍ଟ୍ରେଟ୍ କାର୍ଯ୍ୟରେ ନିଯୁକ୍ତ ଥାଇ ଦକ୍ଷତା ସହିତ ଉକ୍ତ କାର୍ଯ୍ୟ ନିର୍ବାହ କରୁଅଛନ୍ତି । ସେ ନାନା ସ୍ଥାନୀୟ ସଭା ସମିତିର ମେମ୍ବର ଏବଂ ମ୍ୟୁନିସିପାଲ ବୋର୍ଡ଼ରେ ମେମ୍ବର ଥାଇ ଦକ୍ଷତା ସହିତ କାର୍ଯ୍ୟ କରିଅଛନ୍ତି । ସେ ମହାରାଜା ହେମକର୍ଣ୍ଣଙ୍କ ଜୀବନୀ ଓଡ଼ିଆଭାଷାରେ ଲେଖିଅଛନ୍ତି ଏବଂ ଅନେକଗୁଡ଼ିଏ ଓଡ଼ିଆ ପୁସ୍ତକ ମଧ୍ୟ ପ୍ରକାଶ କରିଅଛନ୍ତି । କଟକରେ ଲକ୍ଷ୍ମୀନାରାୟଣ ପ୍ରେସ ସ୍ଥାପନ କରି ସେ କିଛିଦିନ 'ଇସଚନ୍' ଓଡ଼ିଆ ମାସିକ ପତ୍ରିକାର ପରିଚାଳନ କରିଥିଲେ । ଏ ପରିବାର ରାଜଭକ୍ତ, ପରମଧାର୍ମିକ ଓ ସାହିତ୍ୟାନୁରାଗୀ ରୂପେ ପରିଚିତ । କଟକ ଜିଲ୍ଲାରେ ଏ ପରିବାରର ବିସ୍ତର ଜମିଦାରୀ ଅଛି ।] (ରାୟଚୌଧୁରୀ—ଅନ୍ୟରୂପ)

ରାୟଣ—ସଂ. ବି (ରୈ ଧାତୁ ଶବ୍ଦ କରିବା + ଭାବ. ଅନ)—୧ । ଶବ୍ଦ-କରଣ—1. Making a sound. ୨ । ପୀଡ଼ା; କ୍ଲେଶ—2. Hardship.
Rāyaṇa

ରାୟପିତାମ୍—ପ୍ରାଦେ (ଗଡ଼ଜାତ)—ରାଏପିତାମ୍ (ଦେଖ)
Rāyapitām — Rāepitām (See)

ରାୟପୁର—ଦେ. ବି—ଓଡ଼ିଶାର ପଶ୍ଚିମରେ ମଧ୍ୟପ୍ରଦେଶର ଛତିଶ ଗଡ଼ ବିଭାଗର ରାଜଧାନୀ (ସୋନପୁର ସୋଧ୍ ଷ୍ଟେସନ)—The capital of Chhattisgarh Division of Central Province, where there is a college for the training of princes of Rajas. [ଦ୍ର—ଏଠାରେ ରାଜକୁମାରମାନଙ୍କୁ ଶିକ୍ଷା ଦେବା ପାଇଁ ଗଭର୍ଣ୍ଣମେଣ୍ଟ ଗୋଟିଏ କଲେଜ୍ ସ୍ଥାପନ କରିଅଛନ୍ତି ଓ ଓଡ଼ିଆ ରାଜକୁମାରମାନେ ସେହି କଲେଜର ଶିକ୍ଷା ପାଇବା ପାଇଁ ପ୍ରେରିତ ହୁଅନ୍ତି । ଆଜିକାଲି ଦକ୍ଷିଣ ବିଶାଖାପାଟଣା ଜିଲ୍ଲାର ବିଜୟନଗରଠାରୁ ଏହି ରାୟପୁରପାଏ ଗୋଟିଏ ରେଲ ରାସ୍ତା ବି. ଏନ୍. ଆର କମ୍ପାନୀ ଖୋଲି-ଅଛନ୍ତି । ଏହି ରାସ୍ତା ଦେଇ ମଧ୍ୟପ୍ରଦେଶର ଲୋକମାନେ ସୁବିଧାରେ ୱାଲ୍‌ଟାୟାର୍ ଓ ମାନ୍ଦ୍ରାଜ ଅଡ଼କୁ ଯା ଆସ କରନ୍ତି । ପୂର୍ବେ ରାୟପୁର ଯିବାପାଇଁ ଖଡ଼ଗପୁର ଓ କଲିକତା ଦେଇ ଯିବାକୁ ପଡ଼ୁଥିଲା ।)
Rāyapura

ରାୟ ବାହାଦୁର—ରାଏବାହାଦୁର (ଦେଖ)
Rāyabāhādur — Rāebāhādur (See)

ରାୟସିଂହ—ଦେ. ବି. (ନାମ)—କ୍ଷତ୍ରିୟମାନଙ୍କର ଉପାଧିବିଶେଷ—A family title of the Oriya Kshatriyas.
Rāyasiṁha

ରାଳ—ସଂ. ବି—୧ । ସର୍ଜ୍ଜରସ; ଝୁଣା—1. Yellow resin. ୨ । ଝୁଣା ବାହାରିବା ଏକପ୍ରକାର ଗଛ—2. A wild tree; Mimosa Rubicanlis [ଦ୍ର—ଦକ୍ଷିଣଭାରତର ଓ ଓଡ଼ିଶାର ଜଙ୍ଗଲର ଏକପ୍ରକାର ଗଛ-Mimosa Rubicaulis ରୁ ଝୁଣା ବାହାରେ । ଏ ଗଛର କାଠ କିଛି କାମରେ ଲାଗେ ନାହିଁ । ଏଥିର ନିର୍ଯ୍ୟାସ ୨ ପ୍ରକାର, ଧଳା ଓ କଳା । ଏ ଗଛ ୨ ବର୍ଷର ହେଲେ ଲୋକେ ଏହାର ଗଣ୍ଡିରେ ସ୍ଥାନେ ସ୍ଥାନେ ଛେଦ କରନ୍ତି ଓ ଉକ୍ତ ଛେଦରୁ ଚୈତ୍ରଠାରୁ ମାର୍ଗଶିର ପର୍ଯ୍ୟନ୍ତ ରସ ବୁହେ । ଦଶ ବର୍ଷ ପର୍ଯ୍ୟନ୍ତ ଗୋଟିଏ ଗଛରୁ ଏପରି ନିର୍ଯ୍ୟାସ ବହେ । ଏ ନିର୍ଯ୍ୟାସ ବାର୍ଣ୍ଣିସ୍ କରିବାରେ ଓ ଔଷଧରେ ଲାଗେ । ଏହି ଗଛର ଅଠା ଶୁଖିଗଲେ ଝୁଣା ହୁଏ (ହ୍ୱ. ଶ.) ବୈଦ୍ୟଶାସ୍ତ୍ର ମତରେ ଝୁଣା ଶୀତବୀର୍ଯ୍ୟ, ଗୁରୁ, ତିକ୍ତକଷାୟ ଓ ଧାରକ । ଏହା ବାତାଦି ଦୋଷତ୍ରୟ, ରକ୍ତଦୁଷ୍ଟି, ସ୍ୱେଦ, ବିସର୍ପ, ଜ୍ୱର, ବ୍ରଣ, ବିପାଦିକା, ଗ୍ରହଦୋଷ, ଭଗ୍ନରୋଗ, ଅଗ୍ନିଦଗ୍ଧ କ୍ଷତ, ଅଲକ୍ଷ୍ମୀ, ଶୂଳ ଓ ଅତିସାରନାଶକ—ଦ୍ରବ୍ୟଗୁଣ ।]
Rāḷa
ସଂ. ନାମ—ରାଳ, ଶାଲ ନିର୍ଯ୍ୟାସ, ଦେବଧୂପ, ଯକ୍ଷଧୂପ
ধুনা
राल
ତେ. ସର୍ଜ୍ଜରସମ୍
ଫା. ରାଲ୍‌ମଗରେବୀ
ଅ. କଫନ୍ଦର

ରାଳୀ—ଦେ. ବି—ମହୁରାଳି ମାଛ—A kind of small fresh water fish; Aspidoparia Marar. (ଯଥା—କବିରାଜ ହରେକୃଷ୍ଣ ମିଶ୍ରଙ୍କ ପ୍ରଣୀତ ଦ୍ରବ୍ୟଗୁଣ)
Rāli
মরলামাছ

ରାଳତୈଳ—ସଂ. ବି (ବୈଦ୍ୟକ)—ସର୍ଜ୍ଜରସୋଦ୍ଭୂତ ତୈଳ—Oil prepared from resin.
Rāḷataiḷa

ରାଳୁଅ—ଦେ. ବିଣ—ରାଳ ବୋଳା ହୋଇଥିବା—Smeared with tar; tarred.
Rāḷuā
আলকাতরা মাখা — अलकतरा पीताहुआ

ରାଶ—ବୈଦେ. ବ (ଅ. ରାଶ୍; ତୁଲ. ସ. ରଶ୍ମି)—ବାଘାଗ; ଅଶ୍ୱରଜ୍ଜୁ; Rās ଲଗାମ; ଅଶ୍ୱବଲ୍ଗା—Rein; bridle of a horse. রাশ रास

ରାଶ କଡ଼ା କରିବା—ଦେ. କି—୧ । ଘୋଡ଼ାର ଲଗାମକୁ ଟାଣି ଧରିବା- Rās kardā kariba ଦ୍ୱାରା ଘୋଡ଼ାକୁ ସଂଯତ କରିବା—1. রাশকডাকরা To draw the reins tight. ୨ । रासकड़ी करना (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବଶୀଭୂତ (ରାଶ୍ ଛାଡ଼ିବା—ବିପରୀତ) କରିବା—2. (figurative) To bring one under one's control.

ରାଶ ଛାଡ଼ିବା—ଦେ. କି—୧ । ଘୋଡ଼ାର ଲଗାମକୁ ଶ୍ଳଥ କରିବାଦ୍ୱାରା Rās chhārdibā ଘୋଡ଼ାକୁ ଚାଲିବାକୁ ସ୍ୱାଧୀନତା ଦେବା—

ରାଶ ଢିଲା(ଲେ)ଇବା
ରାଶ ଢିଲା ଦେବା
ରାଶ ହାଲୁକା କରିବା
ରାଶ ଦୁଗୁଲା(ଲେ)ଇବା
ରାଶ ଦୁଗୁଲା କରିବା

1. To loosen the reins of a horse. ୨ । —ଅନ୍ୟରୂପ (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ନିୟନ୍ତ୍ରିତ ନ କରିବା—2. (figurative) To give long reins to a person; not to keep a person under one's control. রাশ ছড়া; রাশ ঢিলা দেওয়া रास ढिलाकरना

ରାଶ ତୁଫାରି—ବୈଦେ. ବ. ନାମ (ଅମ୍‌ହାରିକ୍ ଭାଷା—ରାଶ=ରାଜପୁତ୍ର Rās tuphārī +ତୁଫାରି)—ଅବିସିନିଆର ସମ୍ରାଟ୍ ହେଲି ସେଲସୀ (ଦେଖ)—Heli Selisi (See); the Emperor of Abyssinia who was forcibly driven out of the kingdom by Italy in 1936.

ରାଶ ଭାରି—ଦେ ବଣ—୧ । ସଂଯମୀ ଲୋକ—1. A person of Rās bhārī self-control. ୨ । ଗମ୍ଭୀର; ଗମ୍ଭୀର— রাশ ভারী ପ୍ରକୃତିକ—2. Of gravity of temper; गंभीर grave.

ରାଶ ହାଲ(ଲୁ)କା—ବୈଦେ. ବଣ. (ଅ)—୧ । ଚପଳ; ଚଞ୍ଚଳଚିତ୍ତ— Rās hāl(lu)kā 1. Hasty. ୨ । ଲଘୁଚିତ୍ତ—2. Light রাশহালকা हल्का hearted.

ରାଶ୍‌କେ(କା, କ)ଲ—ବୈଦେ. ବ (ଗାଳ) (ଇଂ)—ପାଜି; ଶଠ ଓ ଧୂର୍ତ୍ତ Rāske(kā,ka)l ଲୋକ—A rascal; a rascally রাস্কেল रैस्केल person.

ରାଶ—ଦେ. ବ.—ରାଶ୍ (ଦେଖ)
Rāśa Rās (See)

ରାଶନା—ଦେ. ବ—ରସ୍ନା (ଦେଖ)
Rāśanā Rāsnā (See)

ରାଶି—ସ. ବ (ଅଶ୍ ଧାତୁ=ବ୍ୟାପିବା+କର୍ତ୍ତୃ. ଇ; ନିପାତନ)—୧ । Rāśi ଗଦା; ପୁଞ୍ଜ; ସ୍ତୂପ—1. Heap. ୨ । (ଗଣିତ) ସଂଖ୍ୟା— 2. (Arithmetic) Number. ୩ । ଭଗ୍ନାଂଶ—3. Fraction. ୪ । (ଜ୍ୟୋତିଷ) ମେଷାଦି ଦ୍ୱାଦଶ ରାଶି—4. (Astrology) Signs of the Zodiac 12 in number. [ନକ୍ଷତ୍ର ତଳେ କୋଠି ଦେଖ]

[ଦ୍ର—ଗ୍ରହଣଚକ୍ର ୧୨ ଗୋଟି ରାଶିରେ ବିଭକ୍ତ, ଅର୍ଥାତ୍ ସୂର୍ଯ୍ୟ ବର୍ଷକ ମଧ୍ୟରେ ୧୨ ଗୋଟି ରାଶିକୁ ସଂକ୍ରମଣ କରି ତାଙ୍କର ବାର୍ଷିକ ପରିଭ୍ରମଣ ଥରେ ବୁଲନ୍ତି । ସୂର୍ଯ୍ୟଙ୍କର ବାର୍ଷିକ ଗତିଦ୍ୱାରା ପୃଥିବୀର ଘୂରିଅଛେ ଆକାଶରେ ଯେଉଁ ବୃତ୍ତ କଳ୍ପନାଦ୍ୱାରା ଅଙ୍କିତ ହୁଏ ତାହାକୁ ରାଶିଚକ୍ର ବୋଲାଯାଏ । ଏହି ସୂର୍ଯ୍ୟଙ୍କ ଗତିଦ୍ୱାରା କଳ୍ପିତରେଖା ଅଣ୍ଡାକାର (Elliptical), କିନ୍ତୁ ହିନ୍ଦୁ ଜ୍ୟୋତିଷୀମାନେ ଏହି ପରିଧିକୁ ବୃତ୍ତରୂପେ କଳ୍ପନା କରି ସେହି ପରିଧିକୁ ରାଶିଚକ୍ର କରିଅଛନ୍ତି । ଆକାଶସ୍ଥ ସେହି କଳ୍ପିତ ବୃତ୍ତକୁ ୧୨ ସମାନଭାଗରେ ବିଭକ୍ତ କରି ଯାଇଅଛି ଓ ପ୍ରତ୍ୟେକ ଅଂଶର ସୀମା ମଧ୍ୟରେ ଥିବା କେତେଗୁଡ଼ିଏ ଉଜ୍ଜ୍ୱଳ ନକ୍ଷତ୍ରର ସମଷ୍ଟିକୁ ରାଶି ବୋଲାଯାଏ । ଚନ୍ଦ୍ର ମଧ୍ୟ ଏକ ମାସ ମଧ୍ୟରେ ପୃଥିବୀର ଚାରିଅଡ଼େ ବୁଲି ଯେଉଁ ପରିଧି ଅଙ୍କନ କରନ୍ତି ତାହାକୁ (ଅର୍ଥାତ୍ ଆକାଶଚକ୍ରକୁ) ୨୭ ଭାଗରେ ବିଭକ୍ତ କରି ଯାଇଅଛି ଓ ଐକ୍ତ ଭାଗମାନଙ୍କୁ ନକ୍ଷତ୍ର ବୋଲାଯାଏ । ଗୋଟିଏ ରାଶି ଐକ୍ତ ବୃତ୍ତର $\frac{1}{12}$ ଓ ଗୋଟିଏ ନକ୍ଷତ୍ର ଐକ୍ତ ବୃତ୍ତର $\frac{1}{27}$; ଅତଏବ ପ୍ରତ୍ୟେକ ରାଶି ଆକାଶଚକ୍ରର ଯେଉଁ ସ୍ଥାନ ଅଧିକାର କରେ ସେହି ସ୍ଥାନକୁ $\frac{27}{12}$ ବା $2\frac{1}{4}$ ନକ୍ଷତ୍ର ଅଧିକାର କରନ୍ତି । ୧୨ ରାଶିର ସୀମା=୨୭ ନକ୍ଷତ୍ରର ସୀମା । ସୂର୍ଯ୍ୟ ଯେଉଁ ରାଶିର ସୀମା ମଧ୍ୟରେ ଯେଉଁ ମାସରେ ଥାଆନ୍ତି ସେହି ମାସର ସେହି ରାଶି ଅନୁସାରେ ନାମକରଣ ହୁଏ ।

ସୂର୍ଯ୍ୟ ଗୋଟିଏ ରାଶିର ସୀମା ମଧ୍ୟରେ ପ୍ରାୟ ୧ ମାସ କାଳ ଅବସ୍ଥାନ କରନ୍ତି । ସୂର୍ଯ୍ୟ ଯେଉଁ ରାଶିର ସୀମା ମଧ୍ୟରେ ଯେଉଁ ମାସରେ ଥାଆନ୍ତି ସେହି ମାସକୁ ସୌର ବା ସୌରମାନ ମାସ ।

ରାଶିମାନ ସଂଖ୍ୟାରେ ୧୨ । ଯଥା—ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ ।

ରାଶିଗୁଡ଼ିଏ ଉଜ୍ଜ୍ୱଳ ତାରକାର ସମଷ୍ଟି ମାତ୍ର । ସେହି ତାରକାଗୁଡ଼ିକ କାଳ୍ପନିକ ରେଖାମାନଙ୍କଦ୍ୱାରା ଯୋଗ କରିଗଲେ ତାହା ଯେଉଁ ଯେଉଁ କାଳ୍ପନିକ ଜୀବ ବା ବସ୍ତୁ ପରି ଦେଖାଯାଏ, ସେହି ରାଶିକୁ ସେହି ଜୀବର ବା ବସ୍ତୁର ନାମ ଦିଆଯାଇଅଛି ।

ମେଷ ରାଶିର ଉଜ୍ଜ୍ୱଳ ନକ୍ଷତ୍ରମାନଙ୍କୁ ରେଖା ଦ୍ୱାରା ଯୋଗ କଲେ ତାହା ମେଣ୍ଢା ପରି ଚାରି ଗୋଡ଼ ଓ ମୁଣ୍ଡ-ଯୁକ୍ତ ଜୀବରୂପେ ଦେଖାଯିବ । ଧନୁ ରାଶିର ନକ୍ଷତ୍ରଗୁଡ଼ିକ ଯୋଗକଲେ ଗୋଟିଏ ଧନୁ ଆକାର ଦେଖାଯିବ । ଏହା କେବଳ କାଳ୍ପନିକ ରୂପ ଅଟେ । ବାହ୍ୟଦୃଷ୍ଟିରେ ଗୋଟିଏ ରାଶିର ରୂପରେ ଆସିଲୁ ଦିଶୁଥିବା ନକ୍ଷତ୍ରମାନ ଶୂନ୍ୟ ଅଞ୍ଚଳରେ ପରସ୍ପରଠାରୁ ବହୁ ଦୂରରେ ଅବସ୍ଥିତ ।

ହିନ୍ଦୁମାନଙ୍କ ରାଶିମାନଙ୍କ ସଙ୍ଗେ ପାଶ୍ଚାତ୍ୟ ରାଶିମାନଙ୍କ ନାମ ସାଦୃଶ୍ୟ ଥିଲେହେଁ ସଂସ୍କୃତ ରାଶିମାନଙ୍କ ସଙ୍ଗେ ପାଶ୍ଚାତ୍ୟ ରାଶିମାନଙ୍କର କେତେକ ଅମେଳ ମଧ୍ୟ ଅଛି—

୧ । ମେଷରାଶି—ପାଶ୍ଚାତ୍ୟ ମୀନାଂଶ ଓ ପାଶ୍ଚାତ୍ୟ ମେଷାଂଶ —Part of (Aries) Pisces and Part of Aries.
ଏହି ରାଶିରେ ଅଶ୍ୱିନୀ ନକ୍ଷତ୍ର ଓ ଦ୍ୱିଜା ନକ୍ଷତ୍ର ଅବସ୍ଥିତ ।

୨ । ବୃଷ ରାଶି—ପାଶ୍ଚାତ୍ୟ ମେଷାଂଶ ଓ ପାଶ୍ଚାତ୍ୟ ବୃଷାଂଶ—Part of (Taurus) Aries and part of Taurus.
ଏହି ରାଶିରେ କୃତ୍ତିକା ଓ ରୋହିଣୀନକ୍ଷତ୍ର ଅବସ୍ଥିତ ।

୩ । ମିଥୁନ ରାଶି—ପାଶ୍ଚାତ୍ୟ ବୃଷାଂଶ + ପାଶ୍ଚାତ୍ୟ ମିଥୁନାଂଶ + ପାଶ୍ଚାତ୍ୟ (Gemini) କାଳପୁରୁଷାଂଶ—Part of Taurus, part of Gemini and part of Orion.
ଏହି ରାଶିରେ ମୃଗଶିରା ଓ ଆର୍ଦ୍ରା ନକ୍ଷତ୍ର ଅବସ୍ଥିତ ।

୪ । କର୍କଟ ରାଶି—ପାଶ୍ଚାତ୍ୟ ମିଥୁନାଂଶ + ଶୁନୀମଣ୍ଡଳ + ପାଶ୍ଚାତ୍ୟ କର୍କଟ (Cancer) ରାଶି ଓ ହ୍ରଦସର୍ପମଣ୍ଡଳାଂଶ—Part of Gemini, Canis Minor, Cancer and Hydra.
ଏହି ରାଶିରେ ପୁନର୍ବସୁ, ପୁଷ୍ୟା ଓ ଅଶ୍ଳେଷା ନକ୍ଷତ୍ରମାନ ଅବସ୍ଥିତ ।

୫ । ସିଂହ ରାଶି—ପାଶ୍ଚାତ୍ୟ ସିଂହାଂଶ——Part of Leo.
(Leo) ଏହି ରାଶିରେ ମଘା ଓ ପୂର୍ବଫାଲ୍‌ଗୁନୀ ନକ୍ଷତ୍ର ଅବସ୍ଥିତ ।

୬ । କନ୍ୟାରାଶି—ପାଶ୍ଚାତ୍ୟ ସିଂହାଂଶ + ହସ୍ତା ନକ୍ଷତ୍ର + କନ୍ୟାଂଶ— (Virgo) Part of Leo, the Corvus and part Virgo. ଏହି ରାଶିରେ ଉତ୍ତରଫାଲ୍‌ଗୁନୀ, ହସ୍ତା ଓ ଚିତ୍ରା ନକ୍ଷତ୍ରମାନ ଅବସ୍ଥିତ ।

୭ । ତୁଳାରାଶି—ପାଶ୍ଚାତ୍ୟ କନ୍ୟାଂଶ + ପାଶ୍ଚାତ୍ୟ ତୁଳାଂଶ + ଶାର୍ଦ୍ଦୂଳ- (Libra) ମଣ୍ଡଳାଂଶ + ସର୍ପମଣ୍ଡଳାଂଶ—Part of Virgo, part of Libra, part of Lupus and part of Serpens.
ଏହି ରାଶିରେ ସ୍ୱାତୀ ଓ ବିଶାଖା ନକ୍ଷତ୍ର ଅବସ୍ଥିତ ।

୮ । ବୃଶ୍ଚିକରାଶି—ପାଶ୍ଚାତ୍ୟତୁଳାଂଶ + ପାଶ୍ଚାତ୍ୟ ବୃଶ୍ଚିକାଂଶ—Part of (Scorpio) Libra and part of Scorpio.
ଏହି ରାଶିରେ ଅନୁରାଧା ଓ ଜ୍ୟେଷ୍ଠା ନକ୍ଷତ୍ର ଅବସ୍ଥିତ ।

୯ । ଧନୁରାଶି—ପାଶ୍ଚାତ୍ୟ ବୃଶ୍ଚିକାଂଶ + ପାଶ୍ଚାତ୍ୟ ଧନୁର୍ଦ୍ଧରାଂଶ—Part (Sagittarius) of Scorpio, part of Sagittarius.
ଏହି ରାଶିରେ ମୂଳା, ପୂର୍ବାଷାଢ଼ା ଓ ଉତ୍ତରାଷାଢ଼ା ନକ୍ଷତ୍ର ଅବସ୍ଥିତ ।

୧୦ । ମକରରାଶି—ପାଶ୍ଚାତ୍ୟ ଧନୁରଂଶ + ପାଶ୍ଚାତ୍ୟ ମକରାଂଶ + ପାଶ୍ଚାତ୍ୟ (Capricorn) କୁମ୍ଭାଂଶ—Part of Sagittarius, part of Capricorn, part of Aquarius. ଏହି ରାଶିରେ ଶ୍ରବଣା ଓ ଧନିଷ୍ଠା ନକ୍ଷତ୍ର ଅବସ୍ଥିତ ।

୧୧ । କୁମ୍ଭ ରାଶି—ପାଶ୍ଚାତ୍ୟ ମକରାଂଶ + ପାଶ୍ଚାତ୍ୟ କୁମ୍ଭାଂଶ + ପକ୍ଷୀରାଜ (Aquarius) ମଣ୍ଡଳାଂଶ + ପାଶ୍ଚାତ୍ୟ ମୀନାଂଶ—Part of Capricorn, part of Aquarius, part of Pegasus, part of Pisces.
ଏଥିରେ ଶତଭିଷା ଓ ପୂର୍ବ ଭାଦ୍ରପଦ ନକ୍ଷତ୍ର ଅଛି ।

୧୨ । ମୀନ ରାଶି—ପାଶ୍ଚାତ୍ୟ କୁମ୍ଭାଂଶ + ପକ୍ଷୀରାଜ ମଣ୍ଡଳାଂଶ + ପାଶ୍ଚାତ୍ୟ (Pisces) ମୀନାଂଶ + ଧ୍ରୁବମାତା ମଣ୍ଡଳାଂଶ—Part of Aquarius, part of Pegasus, part of Pisces, part of Andromeda.

ଏଥିରେ ଉତ୍ତର ଭାଦ୍ରପଦ ଓ ରେବତୀ ନକ୍ଷତ୍ର ଅବସ୍ଥିତ ।

ରାଶିମାନଙ୍କର ନାମ :—

ନକ୍ଷତ୍ର	ସଂସ୍କୃତ	ଲାଟିନ୍	ଇଂରାଜୀ
(ଅଶ୍ୱିନୀ, ଦ୍ୱିଜା + ¼ କୃତ୍ତିକା)	ମେଷ	Aries	The Ram.
(ଏଥିରେ ଯୋଗ ତାରା ଅଶ୍ୱିନୀର Hamal, Aries Alpha)			
(¾ କୃ + ରୋ + ମୃ ½)	ବୃଷ	Taurus	The Bull.
(ଏଥିରେ ବଡ଼ ତାରା ରୋହିଣୀର—Aldeberan).			
(ମୃ ½ + ଆ + ପୁ ¾)	ମିଥୁନ	Gemini	The Twins
(ପୁ ¼ + ପୁ + ଅ)	କକଡ଼ା	Cancer	The Crab.
(ମ + ପୂ ଫା + ଉ ଫା ¼)	ସିଂହ	Leo	The Lion.
(ଉ ଫା ¾ + ହ + ଚ ½)	କନ୍ୟା	Virgo	The Virgin.
(ଚ ½ + ସ୍ୱା + ବି ¾)	ତୁଳ	Libra	The Scales.
(ବି ¼ + ଅ + ଜ୍ୟେ)	ବିଛା	Scorpio	The Scorpion.
(ମୂ + ପୂ + ଉ ¼)	ଧନୁ	Sagittarius	The Archer.
(ଉ ¾ + ଶ + ଧ ½)	ମକର	Capricorn	The Sea-goat.
(ଧ ½ + ଶ + ପୂ ଭା ¾)	କୁମ୍ଭ	Aquarius	The Water-bearer.
(ପୂ ଭା ¼ + ଉ ଭା + ରେ)	ମୀନ	Pisces	The fishes.

ନକ୍ଷତ୍ରମାନ ମଧ୍ୟ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ତାରା ବା ତାରକାସମଷ୍ଟି ଅଟେ । ଯଥା—ମୃଗଶିରା ନକ୍ଷତ୍ରରେ ଥିବା ତାରାମାନଙ୍କୁ କଳ୍ପିତ ରେଖା ଦ୍ୱାରା ଯୋଗ କଲେ ତାହା ମୃଗର ଶୃଙ୍ଗ ବିଶିଷ୍ଟ ମୁଣ୍ଡ ପରି ଦେଖାଯାଏ । ପୂର୍ବେ କୁହାଯାଇ ଅଛି ଯେ, ୧୨ଟି ରାଶି = ୨୭ଟି ନକ୍ଷତ୍ର । ପ୍ରତ୍ୟେକ ରାଶି ୨¼ ନକ୍ଷତ୍ର ଭୋଗ କରେ । ଯଥା—ମେଷ ରାଶି = ଅଶ୍ୱିନୀ + ଦ୍ୱିଜା + କୃତ୍ତିକାରୁ ¼; ବୃଷ = କୃତ୍ତିକାରୁ ଅବଶିଷ୍ଟ ¾ + ରୋହିଣୀ + ମୃଗଶିରାରୁ ½; ମିଥୁନ = ମୃଗଶିରାରୁ ଅବଶିଷ୍ଟ ½ + ଆର୍ଦ୍ରା + ପୁନର୍ବସୁର ¾; ଏହିପରି ଅବଶିଷ୍ଟ ରାଶିମାନଙ୍କ ଗଣନା କରାଯାଏ—(ରାଶିଚକ୍ର ଦେଖ); ରାଶି ଓ ନକ୍ଷତ୍ରମାନ ବାମାବର୍ତ୍ତ, ଅର୍ଥାତ୍ ଆକାଶ ଉପର ନିର୍ଦ୍ଦିଷ୍ଟ ସ୍ଥାନରୁ ଆରମ୍ଭ କରି ବାମ ଆଡ଼କୁ ଯଥାକ୍ରମେ ଗତି କରୁଥିବା କଳ୍ପିତ ହୋଇଅଛନ୍ତି ।

ମନୁଷ୍ୟର ଜନ୍ମ ସମୟରେ ଚନ୍ଦ୍ରଗ୍ରହ ଯେଉଁ ରାଶିରେ ଥାଆନ୍ତି ତାକୁ ଉକ୍ତ ବ୍ୟକ୍ତିର ଜନ୍ମରାଶି କହନ୍ତି ଓ ମନୁଷ୍ୟର ଜନ୍ମ ସମୟରେ ରାଶି ଚକ୍ରର ଯେଉଁ ଅଂଶ ବା ଯେଉଁ ରାଶିଟି ଭୂବୃତ୍ତ ବା କ୍ଷୁମଣ୍ଡଳରେ ଲଗ୍ନ ଥାଏ ବା ଲାଗିଥାଏ ତାକୁ ମନୁଷ୍ୟର ଜନ୍ମଲଗ୍ନ ବୋଲାଯାଏ । ନିଜର ଅବସ୍ଥିତ ସ୍ଥାନକୁ କେନ୍ଦ୍ର କରି ୯୦ ଡିଗ୍ରୀରେ ବୃତ୍ତ ବୁଲାଇଲେ ଯେଉଁ କଳ୍ପିତ ମଣ୍ଡଳଟି ବା ପରିଧି ହୁଏ ତାକୁ କ୍ଷୁମଣ୍ଡଳ ବୋଲାଯାଏ ।

ମନୁଷ୍ୟର ଜନ୍ମ ହେବା ସମୟ ଅନୁସାରେ ଭିନ୍ନ ଭିନ୍ନ ରାଶି ଗଣନା କରାଯାଏ ଓ ଯେଉଁ ବ୍ୟକ୍ତିର ଯେଉଁ ରାଶିରେ ଜନ୍ମ ସେହି ବ୍ୟକ୍ତିର ସେହି ରାଶି ଥିବାର ବୋଲାଯାଏ । ଭିନ୍ନ ଭିନ୍ନ ରାଶିଧାରୀ ବ୍ୟକ୍ତିଙ୍କ ଗ୍ରହମାନଙ୍କରେ ଦଶାବଶେ ଭିନ୍ନ ଭିନ୍ନ ଫଳାଦି ଜ୍ୟୋତିଷ ମତରେ ଉକ୍ତ ହୋଇଅଛି ।)

ନିମ୍ନଲିଖିତ ସନ୍ଦର୍ଭଲେଖକ ଜ୍ୟୋତିଷାଚାର୍ଯ୍ୟ

ଶ୍ରୀ ବାଇଦୋଳ ମହାପାତ୍ର

ରାଶି—(Sign cf the zodiac).

ରାଶି=ଜ୍ୟୋତିଶ୍ଚକ୍ରର ଦ୍ୱାଦଶାଂଶ । ସପ୍ତବିଂଶତି ନକ୍ଷତ୍ରଯୁକ୍ତ ସ୍ଥିର ରାଶିଚକ୍ର ପ୍ରବହ ନାମକ ବାୟୁର ଊର୍ଦ୍ଧ୍ୱଦେଶରେ ଅବସ୍ଥିତ । ସମଗ୍ର ରାଶିଚକ୍ର ୩୬୦ ଅଂଶ, ଅର୍ଥାତ ଗୋଟିଏ ବୃତ୍ତ । ଏହାର ଦ୍ୱାଦଶଭାଗରୁ ଏକଭାଗକୁ ରାଶି ବୋଲାଯାଏ । ଦୁଇଟି ନକ୍ଷତ୍ର ଓ ଅପର ଏକ ନକ୍ଷତ୍ରର ଏକ ଚତୁର୍ଥାଂଶ ନେଇ ଏକ ରାଶି ଗଠିତ ହୁଏ । ଏକ ନକ୍ଷତ୍ରର ସ୍ଥାନ ୧୩⅓ ଅଂଶ । ସୁତରାଂ ସପାଦ ଦୁଇ ନକ୍ଷତ୍ର ୧୩⅓ × ୨¼=୩୦ ଡିଗ୍ରୀ ଏକ ରାଶିର ସ୍ଥାନ ଅଟେ । କାଳପୁରୁଷ ଭଗବାନ୍ ଦ୍ୱାଦଶଧା ବିଭକ୍ତ ହୋଇ ଶୂନ୍ୟ ମଣ୍ଡଳରେ ରାଶିଚକ୍ର ସ୍ୱରୂପରେ ବିରାଜମାନ ।

ରାଶି ବାରଗୋଟି—୧. ମେଷ, ୨. ବୃଷ, ୩. ମିଥୁନ, ୪. କର୍କଟ, ୫. ସିଂହ, ୬. କନ୍ୟା, ୭. ତୁଳା, ୮. ବୃଶ୍ଚିକ, ୯. ଧନୁ, ୧୦. ମକର, ୧୧. କୁମ୍ଭ, ୧୨. ମୀନ । ବିଭିନ୍ନ ଜ୍ୟୋତିଷ ଗ୍ରନ୍ଥରେ ବ୍ୟବହାର ନିମିତ୍ତ ରାଶିମାନଙ୍କର ନିମ୍ନୋକ୍ତ ପରିଚୟ ସବୁ ଦୃଷ୍ଟ ହୁଏ ।

୧ । ମେଷ (Aries)—ପ୍ରଥମ ରାଶି, ସମାନ ଦେହ, କାଳପୁରୁଷର ମସ୍ତକ, ଗୁହା ପର୍ବତାଦି ବିହାରୀ, ଅଗ୍ନି ରାଶି, ଧାତୁର ଓ ରତ୍ନର ସ୍ଥାନ, ଚର, ଚତୁଷ୍ପଦ, ପିତ୍ତପ୍ରକୃତି, କ୍ଷତ୍ରିୟବର୍ଣ୍ଣ, ପୂର୍ବଦିଗ ଓ କୃଷ୍ଣବର୍ଣ୍ଣ ।

ଆକାର—ମେଷାକାର; ଯେପରିକି ମେଷ ଉତ୍ତରମୁଖ ହୋଇ ଊର୍ଦ୍ଧ୍ୱଦିଗକୁ ଗ୍ରୀବା ଛି । Hamal ବା Arietis ନାମକ ଦ୍ୱିତୀୟ ପ୍ରଭାଯୁକ୍ତ ତାରା ଏହାର ବାମ ଚକ୍ଷୁ । ଏହି ମଣ୍ଡଳ ମଧ୍ୟରେ ଏକମାତ୍ର Hamal ନାମକ ତାରାହିଁ ଉଜ୍ଜ୍ୱଳ । ୬୬ ତାରା ନେଇ ଏହି ରାଶି ମଣ୍ଡଳ ଗଠିତ ।

୨ । ବୃଷ (Taurus)—ସ୍ଥିର, ସ୍ତ୍ରୀ, ପୃଥ୍ୱୀ, ଶୀତଳ ସ୍ୱଭାବ, ଦକ୍ଷିଣ ଦିଗ, ବାୟୁପ୍ରକୃତି, ବୈଶ୍ୟବର୍ଣ୍ଣ, କାଳପୁରୁଷର ବକ୍ଷ ଓ କଣ୍ଠ, ବନ ପର୍ବତ ସାନୁଦେଶ ବିହାରୀ ଓ ଶ୍ୱେତବର୍ଣ୍ଣ ।

ଆକାର—ବୃଷାକାର; ବୃଷ ଉତ୍ତରମୁଖା ହୋଇ ଦଣ୍ଡାୟମାନ, ମୁଣ୍ଡ ପଛକୁ ବୁଲାଇଅଛି । ତ୍ରିଭୁଜାକାର Hyades group ହିଁ ଏହାର ମୁଖ । ୧୪୧ ତାରା ନେଇ ଏହି ମଣ୍ଡଳ ଗଠିତ । ରୋହିଣୀର ଗୋଟିଏ ତାରା Aldebaran ଏଥିରେ ଉଜ୍ଜ୍ୱଳତମ ତାରା ।

୩ । ମିଥୁନ (Gemini)—ଦ୍ୱିପଦ, ପୁରୁଷ, ଦ୍ୱାତ୍ମିକ, ପଶ୍ଚିମ, ବାୟୁ ପ୍ରକୃତି, ବନସ୍ଥ, ଶୂଦ୍ରବର୍ଣ୍ଣ, କାଳପୁରୁଷର ସ୍କନ୍ଧ, ଭୁଜ ଓ ଅଂଶ, କ୍ରୀଡ଼ାସ୍ଥାନ ।

ଆକାର—ଦୁଇଟି ନରାକାର ଦେହ, ଏକର କୋଡ଼ରେ ଯେପରି ଅନ୍ୟ ଅର୍ଦ୍ଧୋପବିଷ୍ଟ ଓ ଉତ୍ତରମୁଖ । ମଣ୍ଡଳଟି ଅସ୍ପଷ୍ଟ ଓ ଏଥିରେ ୮୫ ତାରା ଅଛନ୍ତି । ପୁନର୍ବସୁ ମଣ୍ଡଳଗତ Castor ନାମକ ତାରାହିଁ ବିଶେଷ ଉଜ୍ଜ୍ୱଳ ।

୪ । କର୍କଟ (Cancer)—ଚର, ସ୍ତ୍ରୀ, ଶ୍ୱେତରକ୍ତ ବର୍ଣ୍ଣ, ଉତ୍ତରଦିଗ, ବହୁପଦ, କାଳପୁରୁଷର ବକ୍ଷସ୍ଥଳ, ସରୋବରାଦି ପୂର୍ଣ୍ଣ ।

ଆକାର—କର୍କଟ ନ୍ୟାୟ, ବକ୍ର, ୮୩ ନକ୍ଷତ୍ରଦ୍ୱାରା ଏହା ଗଠିତ । ପୁନର୍ବସୁର ଅନ୍ୟ ଏକ ନକ୍ଷତ୍ର ଏଥିରେ Sirius, ଉଜ୍ଜ୍ୱଳତମ ।

୫ । ସିଂହ (Leo)—ଏହା ସ୍ଥିର, ପୁରୁଷ, ଅଗ୍ନି, ପୀତବର୍ଣ୍ଣ, ପିତ୍ତପ୍ରକୃତି, ପୂର୍ବଦିଗ, ଚତୁଷ୍ପଦ, ପର୍ବତବିହାରୀ, କ୍ଷତ୍ରିୟବର୍ଣ୍ଣ ଓ କାଳପୁରୁଷର ହୃଦୟାକାର ଦକ୍ଷିଣଦିଗ ପ୍ରତି ଊର୍ଦ୍ଧ୍ୱମୁଖରେ ଦଣ୍ଡାୟମାନ ସିଂହ । ୯୫ ତାରା ନେଇ ଏହି ମଣ୍ଡଳ ଗଠିତ । ଏଥିରେ ପୂର୍ବାଫାଲ୍‌ଗୁନୀସ୍ଥ Regulus ନାମକ ତାରା ବିଶେଷ ଉଜ୍ଜ୍ୱଳ ।

୬ । କନ୍ୟା (Virgo)—ଦ୍ୱାତ୍ମ୍ୟକ, ସ୍ତ୍ରୀ, ଦ୍ୱିପଦ, ପିଙ୍ଗଳ ବର୍ଣ୍ଣ, ଦକ୍ଷିଣଦିଗ, ବାୟୁ ପ୍ରକୃତି, ଶୀତଳ, ବୈଶ୍ୟବର୍ଣ୍ଣ ଓ କାଳପୁରୁଷର ଜଠର ଓ ବିହାର ଭୂମି ।

ଆକାର—ଗୋଟିଏ ନୌକା ଉପରେ ଏକ ନାରୀ ଉପବିଷ୍ଟା, ଗାତ୍ର ଓ ମସ୍ତକ ଅନାଚ୍ଛାଦିତ ବୋଲି ଏହାକୁ କନ୍ୟା (Virgin) ବୋଲାଯାଏ । ଏଥିରେ କୌଣସି ଉଜ୍ଜ୍ୱଳ ତାରା ନାହିଁ । ୧୧୦ ଟି ତାରା ନେଇ ଏହି ମଣ୍ଡଳ ଗଠିତ ।

୭ । ତୁଳା (Libra)—ଚର, ପୁରୁଷ, ବିଚିତ୍ର ବର୍ଣ୍ଣ, ପଶ୍ଚିମ, ବାୟୁ ପ୍ରକୃତି, ଶୂଦ୍ରବର୍ଣ୍ଣ, ଦ୍ୱିପଦ, ବିକ୍ରୟ ସ୍ଥାନ, କାଳପୁରୁଷର ନାଭି ଓ କଟିଦେଶ ।

ଆକାର—ତୁଳାଦଣ୍ଡ ଆକାର, ଜଣେ ଅସ୍ପଷ୍ଟ ମନୁଷ୍ୟ ଯେପରି ତୁଳାଦଣ୍ଡକୁ ଝୁଲାଇ ରଖିଛି । ଏଥିରେ ୫୧ଟି ତାରା ବିଦ୍ୟମାନ । ଏଥିର ଉଜ୍ଜ୍ୱଳ ତାରା ଚିତ୍ରା ମଧ୍ୟସ୍ଥ Spica.

୮ । ବୃଶ୍ଚିକ (Scorpion)—ସ୍ଥିର, ସ୍ତ୍ରୀ, ଶ୍ୱେତବର୍ଣ୍ଣ, ଉତ୍ତର ଦିଗ, କଫ ପ୍ରକୃତି, ଜଳସ୍ଥାନ, ବିପ୍ରବର୍ଣ୍ଣ; କାଳପୁରୁଷର ଲିଙ୍ଗ ଓ ଗୁହ୍ୟଦେଶ ।

ଆକାର—ବୃଶ୍ଚିକାକାର ସୁସ୍ପଷ୍ଟ ରାଶି, ୪୪ ତାରା ନେଇ ଏହି ମଣ୍ଡଳ ଗଠିତ, ଦକ୍ଷିଣ ଦିଗରେ ଆକାର ସୁସ୍ପଷ୍ଟ ଦେଖାଯାଏ । ଅନୁରାଧା ନକ୍ଷତ୍ରସ୍ଥ Antares ତାରା ବିଶେଷ ଉଜ୍ଜ୍ୱଳ ।

୯ । ଧନୁ (Sagittarius)—ଦ୍ୱାତ୍ମିକ, ପୁରୁଷ, ପର୍ବତ ବିହାରୀ, ପୀତବର୍ଣ୍ଣ, କ୍ଷତ୍ରିୟ, ପିତ୍ତପ୍ରକୃତି, ଅଗ୍ନିରାଶି, ଦ୍ୱିପଦ ଓ କାଳପୁରୁଷର ଊରୁଦେଶ ।

ଆକାର—ଜଣେ ମନୁଷ୍ୟର ଦୁଇହାତରେ ଗୋଟିଏ ଶରଯୁକ୍ତ ଧନୁ । ୬୯ ତାରା ନେଇ ଏହି ମଣ୍ଡଳ ଗଠିତ,

ଏହା ଖ୍ରୀଷ୍ଟ୍ ସ୍ପଷ୍ଟ, ମୂଳା ନକ୍ଷତ୍ରସ୍ଥ ଉଜ୍ଜ୍ୱଳତମ ତାରା ବିଶେଷ ଉଜ୍ଜ୍ୱଳ ।

୧୦ । ମକର (Capricorn)—ଚର, ସ୍ତ୍ରୀ, ଦକ୍ଷିଣ, ପିଙ୍ଗଳବର୍ଣ୍ଣ, ଶୀତଳ ସ୍ୱଭାବ, ବାତପ୍ରକୃତି, ବୈଶ୍ୟବର୍ଣ୍ଣ ଓ କାଳପୁରୁଷର ଜାନୁଦେଶ; ସରୋବର ଗର୍ତ୍ତ ବହ୍ମାସ୍ଥ ।

ଆକାର—ମକରାକୃତ ୫୧ ଟି ତାରା ଯୋଗେ ଏହି ମଣ୍ଡଳ ଗଢ଼ା; ଏଥିରେ ଶ୍ରବଣା ନକ୍ଷତ୍ରସ୍ଥ Altair ତାରାହିଁ ଉଜ୍ଜ୍ୱଳ ।

୧୧ । କୁମ୍ଭ (Aquarius)—ସ୍ଥିର, ଅପଦ, ପୁରୁଷ, ବାୟୁ ପ୍ରକୃତି, ଶୂଦ୍ରବର୍ଣ୍ଣ ଓ ପଶ୍ଚିମ ଦିଗ । କାଳ ପୁରୁଷର ଜଂଘ ।

ଆକାର—କଳଶ ବା ଘଟାକାର; ମୁଖ ପଶ୍ଚିମଦକ୍ଷିଣଦିଗରେ ଓ ନିମ୍ନ ସ୍ଥାନ ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ । କୁମ୍ଭ ଓ କୁମ୍ଭବାହକ ୧୦୮ ତାରା ଯୋଗେ ଗଠିତ । ପୂର୍ବ ଭାଦ୍ରପଦରେ Enif (E. Pegasi) ତାରାହିଁ ଉଜ୍ଜ୍ୱଳ ଦେଖାଯାଏ ।

୧୨ । ମୀନ (Pisces)—ଦ୍ୱିସ୍ୱଭାବ, ସ୍ତ୍ରୀ, ପିଙ୍ଗଳବର୍ଣ୍ଣ, ଜଳ ସ୍ଥାନ, ବିପ୍ର ବର୍ଣ୍ଣ, କାଳପୁରୁଷର ପାଦ ଦେଶ ଓ କଫ ପ୍ରକୃତି ।

ଆକାର—ପରସ୍ପର ସଂଲଗ୍ନ ଦୁଇଟି ମତ୍ସ୍ୟ । ୧୧୩ ତାରା ଯୋଗେ ଏହା ଗଢ଼ା । ରେବତୀ ନକ୍ଷତ୍ରଗତ Mirach ନାମକ ତାରା ଏଥିରେ ଉଜ୍ଜ୍ୱଳ ।

ସୂର୍ଯ୍ୟ ଯେତେବେଳେ ଯେଉଁ ରାଶି କାଟିଦେଇ ଗତିକଲା ପ୍ରାୟ ବୋଧ ହୁଏ, ସେତେବେଳେ ରାଶିର ନାମାନୁସାରେ ସୌର ମାସ କଳ୍ପିତ ହୁଏ । (ସୌରମାନ ଶବ୍ଦରେ ଏହାର ବିଶେଷବିବରଣ ଦ୍ରଷ୍ଟବ୍ୟ) ।

ରାଶିମାନଙ୍କର ନାମକରଣ ସମ୍ବନ୍ଧେ ପାଶ୍ଚାତ୍ୟ ବୈଜ୍ଞାନିକ ଜଗତର ମହାମତ ପ୍ରସିଦ୍ଧ ଜ୍ୟୋତିର୍ବିଦ୍ Newcombଙ୍କ Popular Astronomy ନାମକ ଗ୍ରନ୍ଥର "Motion of the sun among the stars" ଅଧ୍ୟାୟରୁ ନିମ୍ନରେ ଉଦ୍ଧୃତ କରାଗଲା ।

"We have no historic record of this division of the zodiac into signs, and the ideas of the authors can only be inferred from collateral circumstances.

It has been fancied that the names were suggested by the seasons, the agricultural operations and so on. Thus, the spring signs (Aries--the Ram, Taurus—the Bull, and Gemini—the Twins) are supposed to mark the bringing forth of young by the flocks and herds. Cancer—the Crab, marks the time when the sun having attained its greatest declination, begins to go back towards the equator; and the crab having been supposed to move backwards, his name was given to this sign. Leo—the Lion, symbolizes the fierce heat of summer; and Virgo—the Virgin gleaning corn, symbolizes the harvest. In Libra—the Balance, the day and night balance each other, being of equal length. Scorpio—the Scorpion, is supposed to have marked the presence of venomous reptiles in October, while Sagittarius—the Archer, symbolizes the season of hunting. The explanation of Capricornus, the Goat, is more fanciful, if possible, than that of Cancer. It was supposed that this animal, ascending the hill as he feeds, in order to reach the grass more easily, on reaching the top, turns back again, so that, his name was used to mark the sign in which the Sun, from going south, begins to return to the north. Aquarius—the water-bearer, symbolizes the winter rains; and Pisces—the Fishes, the season of fishes.

All this is, however, mere conjecture, the only coincidences at all striking being Virgo and Libra. The names of the constellations were probably given to them several centuries, perhaps even thousands of years, before the Christian era; and in that case the Zodiacal constellations would not have corresponded to the season we have indicated. An attempt has even been made to show that the names of the zodiacal constellations were intended to commemorate the Twelve Labours of Hercules; but this theory rests on no better foundation than the other.

Zodiacal constellations occupy quite unequal spaces in the heavens, as may be seen by the inspection of the maps. In the beginning they were simply twelve houses for the sun, which that luminary occupied in the course of the year. Hipparchus found this system entirely insufficient for

exact astronomy and therefore divided the ecliptic and Zodiac into twelve equal parts, of 30° each, called signs of the Zodiac."

× × ×

ଏଥିରୁ ଜଣାଯିବ ଯେ ନାମକରଣ ସମ୍ବନ୍ଧେ ଏ ସମସ୍ତ ଅନୁମାନ ଯଥାର୍ଥରେ ଅବାସ୍ତବ । ପ୍ରକୃତରେ ଏହି ନାମଗୁଡ଼ିକ ସେହି ସେହି ରାଶିମାନଙ୍କର କଳ୍ପିତ ଆକୃତିକୁ ଦେଖି ପ୍ରାଚ୍ୟ ମନୀଷିବୃନ୍ଦ ଆବିଷ୍କାର କରିଅଛନ୍ତି । ପାଶ୍ଚାତ୍ୟମାନେ ସେଗୁଡ଼ିକୁ ତଦନୁରୂପ ନାମ ଦେଲେ ସୁଦ୍ଧା ଏ ତଥ୍ୟ ବିସ୍ମୃତ ହୋଇ ନାନା ସନ୍ଦେହରେ ପଡ଼ିଅଛନ୍ତି । ନାମଗୁଡ଼ିକ ଆକାରହେତୁକ; ସେଥିର ଅନ୍ୟ କୌଣସି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଅନାବଶ୍ୟକ ।

ନିମ୍ନଲିଖିତ ସନ୍ଦର୍ଭଲେଖକ ବାବୁ ଜଗବନ୍ଧୁ ସିଂହ

ରାଶି—ରାଶି କହିଲେ ସାଧାରଣ ଲୋକେ ବୁଝନ୍ତି ଚଳ । ଆମ୍ଭ ଦେଶରେ ରାଶି ୩ ପ୍ରକାର ହୁଏ ଯଥା :—ମାଚି, ଭୋଦେଇ, ନାଲଜ । ମାଚିରାଶି ମାଘ ମାସରେ ଅମଳ ହୁଏ, ଭୋଦେଇ ରାଶି ଭୋଦୁଅରେ ଅମଳ ହୁଏ, ନାଲଜ ରାଶି ଚଇତ୍ର ମାସରେ ଅମଳ ହୁଏ । ରାଶି ପେଡ଼ି ତେଲ ବାହାର କରାଯାଏ । ରାଶିତେଲ ବଡ଼ ସୁଗନ୍ଧିତ, ମସ୍ତିଷ୍କକୁ ଥଣ୍ଡା ରଖେ । ଆୟୁର୍ବେଦୋକ୍ତ ଅନେକ ତେଲରେ ରାଶିତେଲ ବ୍ୟବହାର କରାଯାଏ । ରାଶିକୁ ଗୁଡ଼ରେ ପାଗ କରି ରାଶି-ଲଡ଼ୁ ତିଆରି କରାଯାଏ । ରାଶିକୁ ବ୍ରୀହି ବଟା ସଙ୍ଗେ ମିଶାଇ ରାଶିବଡ଼ି କରାଯାଏ । ରାଶି ତର୍ପଣରେ ଆବଶ୍ୟକ ହୁଏ । ତିଳ ତର୍ପଣରେ ପିତୃପିତାମହମାନେ ପରିତୃପ୍ତ ହୁଅନ୍ତି । ଏହା ରାଶିର ସାଧାରଣ ଅର୍ଥ । ଏ ରାଶି ପୃଥିବୀ ପୃଷ୍ଠରେ ଜନ୍ମେ । ଆକାଶମାର୍ଗରେ ରାଶି ଅଛି । କେତେଗୁଡ଼ିଏ ନକ୍ଷତ୍ର ମିଶି ଗୋଟିଏ ରାଶି ହୁଏ । ନଅପାଦ ନକ୍ଷତ୍ରରେ ଏକ ରାଶି । ପ୍ରତ୍ୟେକ ନକ୍ଷତ୍ର ଚାରି ପାଦ ବିଶିଷ୍ଟ । ନକ୍ଷତ୍ର ୨୭ ଗୋଟି । ଅଶ୍ୱିନୀ, ଭରଣୀ ଓ କୃତ୍ତିକାର ଏକପାଦ ମିଶି ମେଷରାଶି । ପ୍ରତ୍ୟେକ ରାଶି ଓ ପ୍ରତ୍ୟେକ ନକ୍ଷତ୍ରର ନାମ ଅଛି । ରାଶି ନକ୍ଷତ୍ର ଛଡ଼ା ୯ଗୋଟି ଗ୍ରହ ଅଛନ୍ତି । ଏମାନଙ୍କର ଭିନ୍ନ ଭିନ୍ନ ନାମ ଅଛି । ରାଶି ୧୨ଟି । ଏହି ରାଶିନାମାନୁସାରେ ବାର ମାସର ନାମ । ୭ଗ୍ରହନାମାନୁସାରେ ୭ବାରର ନାମ ।

ଏହି ରାଶି, ନକ୍ଷତ୍ର ଓ ଗ୍ରହଗଣ ଯେତେ ଜ୍ୟୋତିଃଶାସ୍ତ୍ରର ସୃଷ୍ଟି । ଜ୍ୟୋତିଷଶାସ୍ତ୍ର ଦୁଇଭାଗରେ ବିଭକ୍ତ—ଗଣିତ ଜ୍ୟୋତିଷ ଓ ଫଳିତଜ୍ୟୋତିଷ । ଆକାଶରାଜ୍ୟକୁ ଦୃଷ୍ଟି ଦେଲେ ମାନବର ବୁଦ୍ଧି ସ୍ତମ୍ଭିତ ହୋଇଯାଏ । ଅସୀମ ଅନନ୍ତ ଆକାଶ ଅସଂଖ୍ୟ ନକ୍ଷତ୍ରମାଳାରେ ବିଭୂଷିତ । ସେ ଅନନ୍ତ ରାଜ୍ୟରେ କୋଟି କୋଟି ନକ୍ଷତ୍ର କିପରି, କି କୌଶଳରେ କିଏ ସଜାଇ ରଖିଛି, ତାହା ଆଲୋଚନା କଲେ ମାନବ ଅବାକ୍ ହୁଏ । ମାନବବୁଦ୍ଧି ସସୀମ । ମାନବ ସେହି ସସୀମ ବୁଦ୍ଧିରେ ଏ ଅସୀମରାଜ୍ୟର କଳନା କରିବାକୁ ପ୍ରୟାସୀ । ଗ୍ରହ, ନକ୍ଷତ୍ର ଓ ରାଶିମାନଙ୍କ ଗତି-ନିରୂପଣ କରିବା, ଗଣିତଜ୍ୟୋତିଷର କାର୍ଯ୍ୟ । କେଉଁ ଗ୍ରହ, ନକ୍ଷତ୍ର ଦିନକେ କେତେ ଗତି କରୁଛି, କାହା ଗତିପଥରେ କିଏ ଆସି ଗ୍ରହଯୁଦ୍ଧ ସଂଘଟନ କରୁଛି, କେଉଁ ଗ୍ରହଭିତରେ କି କି ଉପାଦାନ ଅଛି, ଗ୍ରହଣ କେବେ ସଂଘଟିତ ହେଉଛି, କେଉଁ ଗ୍ରହ କେବେ ଉଦିତ ହେଉଛି, କେବେ ଅସ୍ତ ହେଉଛି, ଇତ୍ୟାଦି ଗଣିତ ବିଷୟମାନ ଗଣିତ ଜ୍ୟୋତିଷର କର୍ମକ୍ଷେତ୍ର । ଏହି ଗ୍ରହ ଜଗତ୍‌ରେ ଗ୍ରହମାନଙ୍କ ଗତିବିଧି ନିରୂପଣ କରିବା-ପାଇଁ ପାଶ୍ଚାତ୍ୟ ଦେଶରେ ଦୂରବୀକ୍ଷଣ ପ୍ରଭୃତି ଅନେକ ଯନ୍ତ୍ର ଆବିଷ୍କୃତ ହୋଇଅଛି । ବୁଦ୍ଧିମାନ୍ ମାନବ ତାହାର ପ୍ରଖର ବୁଦ୍ଧିବଳରେ ଏ ସବୁ କାର୍ଯ୍ୟ କରୁଅଛି । ପ୍ରାଚୀନ ଭାରତର ଭାସ୍କରାଚାର୍ଯ୍ୟ ପ୍ରଭୃତି ଧୁରନ୍ଧର ଜ୍ୟୋତିର୍ବିଦ୍‌ମାନେ ଅନ୍ୟାନ୍ୟ ବିଦ୍ୟାପରି ଜ୍ୟୋତିର୍ବିଦ୍ୟାର ଚୂଡ଼ାନ୍ତରେ ପ୍ରବେଶ କରି ପାରିଥିଲେ । ତ୍ରିକାଳଦର୍ଶୀମହର୍ଷିମାନେ ବିନା ଯନ୍ତ୍ର ସାହାଯ୍ୟରେ ଗଣିତ ଜ୍ୟୋତିଷରେ ପ୍ରଭୂତ ଉନ୍ନତି ସାଧନ କରିଥିଲେ । ସେମାନଙ୍କ ବୁଦ୍ଧିର ପ୍ରାଖର୍ଯ୍ୟ ଓ କଳ୍ପନାର ପ୍ରସର ଦେଖିଲେ ଲୋକ ସ୍ତବ୍ଧ ନ ହୋଇ ରହି ପାରିବ ନାହିଁ । କି ଅଦ୍ଭୁତ ଶକ୍ତି ! ଜଡ଼ବିଜ୍ଞାନ ସାହାଯ୍ୟରେ ଆଜି ପାଶ୍ଚାତ୍ୟ ପଣ୍ଡିତମାନେ ଯେଉଁସବୁ ଗଣନା କରି ପାରୁଅଛନ୍ତି, ପ୍ରାଚୀନ ଋଷିମାନେ କେବଳ ଆପଣା କଳ୍ପନା ଶକ୍ତି ଓ ଦୃଷ୍ଟି ଶକ୍ତି ବଳରେ ତାହା ବହୁ ଯୁଗ ପୂର୍ବେ କରି ଯାଇଅଛନ୍ତି । ପ୍ରାଚୀନ ଯୁଗ କଥା ଥାଉ, ସେଦିନ ଖଣ୍ଡପଡ଼ା ଜଙ୍ଗଲ ଭିତରେ ବସି ମହାମହୋପାଧ୍ୟାୟ ୮ ଚନ୍ଦ୍ରଶେଖର ସିଂହ ସାମନ୍ତ (ପଠାଣି ସାମନ୍ତ) ଯାହା ଦେଖାଇ ଦେଇ ଯାଇ-ଅଛନ୍ତି ତାହା ଉତ୍କଳ ପକ୍ଷରେ ଗର୍ବର ବିଷୟ । ସେ ସ୍କୁଲ କଲେଜ୍ ମାଡ଼ି ନ ଥିଲେ, ବିଶ୍ୱବିଦ୍ୟାଳୟରୁ ଉପାଧି ପାଇ ନଥିଲେ, ବାଉଁଶ କାଠି ଦୁଇ ଚାରି ଖଣ୍ଡ ଧରି ଗ୍ରହ ନକ୍ଷତ୍ର ରାଜ୍ୟକୁ ମାପି ପକାଇଲେ, ଅନେକ ନୂତନ ତଥ୍ୟ ଆବିଷ୍କାର କରି ଉତ୍କଳର ଆଧୁନିକ ଭାସ୍କରାଚାର୍ଯ୍ୟ ହୋଇ ଅମରକୀର୍ତ୍ତି ରଖି-ଗଲେ । ସିଦ୍ଧାନ୍ତ ଦର୍ପଣ ତାଙ୍କ ଅକ୍ଳାନ୍ତ ଗବେଷଣାର ଫଳ । ସିଦ୍ଧାନ୍ତ ଦର୍ପଣକୁ ବୁଝି ପାରିବା ଭଳି ଲୋକ ବିରଳତାରୁ ଏ ପର୍ଯ୍ୟନ୍ତ ତହିଁର ଟୀକା ହୋଇ ନାହିଁ । ସେ ତାଙ୍କ ଗଣନା-ନୁସାରେ ପାଞ୍ଜି କରି ଗଲେ । ଉତ୍କଳର ଘରେ ଘରେ ତାଙ୍କ ପାଞ୍ଜି ପ୍ରଚଳିତ । ସେ ବାଉଁଶ କାଠ ଓ ନଳ ସାହାଯ୍ୟରେ ଯେଉଁ ଗଣନା କରି ଯାଇଛନ୍ତି ତାହା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପାଶ୍ଚାତ୍ୟ ପଣ୍ଡିତମାନଙ୍କ ଗଣନା ସଙ୍ଗେ ପ୍ରାୟ ସମାନ ବୋଲି ପାଶ୍ଚାତ୍ୟମାନେ ଦେଖିଅଛନ୍ତି ।

ଜ୍ୟୋତିଷ ଶାସ୍ତ୍ରର ଫଳଭାଗ ଆମ ଦେଶରେ ବହୁଳ ପ୍ରଚଳିତ । ପାଞ୍ଜିରେ ଯେଉଁ ସବୁ ଫଳ ଲେଖାଥାଏ ତାହା ଗଣିତ ଓ ଫଳିତ ଉଭୟର ଗଣନା ଫଳ । ଫଳିତ ଜ୍ୟୋତିଷ ଶାସ୍ତ୍ର ମଧ୍ୟ ଗଣିତ ଜ୍ୟୋତିଷ ସାପେକ୍ଷ । ଗଣିତ ଜ୍ୟୋତିଷ ନ ଜାଣିଲେ ଫଳିତ ଜ୍ୟୋତିଷରେ ପ୍ରବେଶ ଲାଭ କରି ପାରିବ ନାହିଁ । ଗଣନା ଠିକଣା ହେଲେ ଯାଇ ଫଳ କହିହେବ ।

ଗଣିତଗ୍ରହର ଗତିଶୋଧ ସକଳ ନିର୍ଣ୍ଣୀତ ହେଲେ ଫଳିତ ବିଶେଷ ଫଳ କହି ଦେବ । ଆମ ଦେଶରେ ଜନ୍ମପତ୍ରିକାର ପ୍ରଚଳନ ଅଛି; ଜନ୍ମ ଯେଉଁ ସମୟରେ ହୁଏ ସେହି ସମୟରେ ସୂର୍ଯ୍ୟଙ୍କ ଅବସ୍ଥିତିରୁ ଲଗ୍ନ ଧରାଯାଏ । ଲଗ୍ନର ଅର୍ଥ ସୂର୍ଯ୍ୟ କେଉଁ ରାଶିରେ ଯାଇ ରହିଥାନ୍ତି । ଏହି ଲଗ୍ନଧର ରାଶି ନକ୍ଷତ୍ର ଚକ୍ର ସ୍ଥିର କରାଯାଏ । ଏହି ରାଶିଚକ୍ରରୁ ଗଣନା କରି ସକଳ ଫଳ ବିଚାର କରାଯାଏ । ଜନ୍ମ ପତ୍ରିକା ପୂର୍ବ ଜନ୍ମାର୍ଜ୍ଜିତ କର୍ମଫଳର ସୂଚନା । ପୂର୍ବ ଜନ୍ମାର୍ଜ୍ଜିତ କି କି କର୍ମଫଳ ଇହ ଜନ୍ମରେ ଭୋଗ କରିବାକୁ ପଡ଼ିବ, ତାହା କୋଷ୍ଠି ବା ଜନ୍ମ ପତ୍ରିକାରୁ ଜଣାଯାଏ । ଫଳିତ ଜ୍ୟୋତିଷ ଗଣନା ବେଳେ ଗ୍ରହବଳ ବିଚାର ବିଶେଷ ଆବଶ୍ୟକ । ପ୍ରଥମେ ଦେଖିବାକୁ ହେବ, ଜାତକର ଲଗ୍ନ ଠିକ୍ ଅଛି କି ନା ? ଲଗ୍ନ ଠିକ୍ ନ ଥିଲେ ଫଳ ଆଦୌ ମିଳିବ ନାହିଁ । ଲଗ୍ନ ପରୀକ୍ଷା ପରେ ଗ୍ରହବଳ ବିଚାର ଓ ଯୋଗ ବିଚାର କର୍ତ୍ତବ୍ୟ । ଗ୍ରହ ଯୋଗରେ ଅନେକ ଅନେକ ଫଳ ଉଦ୍ଭୂତ ହୁଏ । କେଉଁ ରାଶିରେ କେଉଁ ଗ୍ରହ ସଙ୍ଗରେ କେଉଁ ଗ୍ରହର ଯୋଗ ହେଲେ କି ଫଳ ଘଟେ ତାହା ମଧ୍ୟ ଜଣାଯାଏ । ଭିନ୍ନ ଭିନ୍ନ ଯୋଗରେ ଭିନ୍ନ ଭିନ୍ନ ଫଳ ହୁଏ । ଦଶା ଫଳ ମଧ୍ୟ ଦେଖାଯାଏ । କେଉଁ ଦଶା, ଅନ୍ତର୍ଦ୍ଦଶା, ପ୍ରତ୍ୟନ୍ତର ଦଶାରେ କି କି ଫଳ ଘଟିବ, ସେ କଥା ଫଳିତ ଜ୍ୟୋତିଷ କହି ଦେବ । ନାନାପ୍ରକାର ଦଶା କଳ୍ପନା କରି ଯାଇଅଛି । ସୂକ୍ଷ୍ମ ଦଶା, ପ୍ରାଣ ଦଶା, ନାକ୍ଷତ୍ରିକ ଦଶା, କେବଳ ଦଶା ଇତ୍ୟାଦି; କିଏ ଜନ୍ମ ଲଗ୍ନ ଅନୁସାରେ କେଉଁ ଦଶାର ଅଧିକାରୀ ତା ମଧ୍ୟ ନିର୍ଦ୍ଦିଷ୍ଟ କରି ପାରିଛି । ଦଶା ସାଧନ ପୂର୍ବରୁ ବାଳାରିଷ୍ଟ ବିଚାର ବିଧି ଅଛି । ବାଳକର ଯଦି ଆୟୁର୍ବଳ ନ ଥାଏ ତେବେ ଅନ୍ୟାନ୍ୟ ଯୋଗାଦି ଲକ୍ଷଣରେ କି ପ୍ରୟୋଜନ ? ବାଳାରିଷ୍ଟ ନାନାପ୍ରକାର ଅଛି; କିଏ ଜନ୍ମ ହେବା ସଙ୍ଗେ ସଙ୍ଗେ ନଷ୍ଟ ହୋଇଯାଏ, କିଏ ବର୍ଷକରେ, କିଏ ପାଞ୍ଚବର୍ଷରେ ଇତ୍ୟାଦି । ଆୟୁଃ ସାଧନ ବିଷୟରେ ନାନାପ୍ରକାର ରୀତି ଅଛି; ଯଥା—ଅଷ୍ଟବର୍ଗ ସାଧନ, ପତାକାରିଷ୍ଟ, ଗୁରୁକୁଣ୍ଡଳୀ, କେତୁକୁଣ୍ଡଳୀ, ଗ୍ରହାରିଷ୍ଟ, ଯୋଗଜାରିଷ୍ଟ ଇତ୍ୟାଦି । ତ୍ରିପାପ ସପ୍ତଶୂନ୍ୟ ଇତ୍ୟାଦି ମଧ୍ୟ ବିଚାର କରାଯାଏ । ବିବାହରେ ମଧ୍ୟ ଦଶ ମେଳକ ବୁଝାଯାଏ । ମାନବର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟକୁ ଆର୍ଯ୍ୟ ମହର୍ଷିମାନେ ଜ୍ୟୋତିଃଶାସ୍ତ୍ର ସଙ୍ଗେ ଯୋଡ଼ିଅଛନ୍ତି । ଯାତ୍ରା କରିବାକୁ କେଉଁ ବେଳରେ ଯାତ୍ରା ଶୁଭ, କେତେବେଳେ ଅଶୁଭ, ପ୍ରତିଦିନ କି ଖାଦ୍ୟ ଖାଇବ, କି ଖାଦ୍ୟ ନ ଖାଇବ ଇତ୍ୟାଦି ସକଳପ୍ରକାର କାର୍ଯ୍ୟର ଗ୍ରହ ନକ୍ଷତ୍ରଙ୍କ ଗତି ସଙ୍ଗେ ସମ୍ବନ୍ଧ ରହିଛି । ପ୍ରଶ୍ନ ବିଭାଗ ଜ୍ୟୋତିଷ ଶାସ୍ତ୍ର ମଧ୍ୟରେ ପୁଣି ସାମୁଦ୍ରିକ ଅଛି । କରକପାଳ କୋଷ୍ଠି ସବୁଥିରୁ ମାନବଜୀବନର ଘଟଣାବଳୀ ଜଣାଯାଇ ପାରେ । ଜ୍ୟୋତିଷ ଶାସ୍ତ୍ର ଏକ ପ୍ରକାଣ୍ଡ ଶାସ୍ତ୍ର ! ତ୍ରିକାଳଦର୍ଶୀ ଋଷିମାନେ ଗଭୀର ଗବେଷଣା କରି ଜ୍ୟୋତିଷ ଶାସ୍ତ୍ର ଲେଖି ଯାଇଛନ୍ତି, ଏହା

କେହି କେହି କହନ୍ତି ବିଜ୍ଞାନମୂଳକ ନୁହେ । ମାତ୍ର ସାଧାରଣତଃ ଦେଖାଯାଏ ଯେ, ଗ୍ରହ ଜଗତର ପୃଥିବୀ ଉପରେ କର୍ତ୍ତୃତ୍ୱ ଅଛି । ସୂର୍ଯ୍ୟ ଚନ୍ଦ୍ରର ଯେ ପୃଥିବୀ ଉପରେ କର୍ତ୍ତୃତ୍ୱ ଅଛି, ଏ କଥା କେହି ଅସ୍ୱୀକାର କରି ପାରିବେ ନାହିଁ । ଜ୍ୟୋତିଷୀ ଗଣନା କରି ଯେଉଁ ଦିନ ଯେତେବେଳେ ଗ୍ରହଣ ହେବାର ପାଞ୍ଜିରେ ଲେଖିଛି, ଠିକ୍ ସେହି ନିର୍ଦ୍ଦିଷ୍ଟ ସମୟରେ ଗ୍ରହଣ ହେଉଥିବା ଦେଖାଯାଉଅଛି । ସୁତରାଂ, ଗ୍ରହ ନକ୍ଷତ୍ରମାନଙ୍କର ଯେ ମାନବ ଉପରେ କିଛି କର୍ତ୍ତୃତ୍ୱ ନାହିଁ, ଜ୍ୟୋତିଷ ଶାସ୍ତ୍ରଟା କେବଳ ଗାଲଗଳ୍ପ, ଏ କଥା କିପରି କହି ପାରିବା ? ଏଡ଼େ ବଡ଼ ପ୍ରକାଣ୍ଡ ଶାସ୍ତ୍ର ଯେଉଁମାନେ ଲେଖିଲେ ସେମାନେ କେବଳ ମିଥ୍ୟା କଳ୍ପନା ଉପରେ ଗୁଡ଼ାଏ ଲେଖିଗଲେ, ଏ କଥା କହିବା ସମୀଚୀନ ନୁହେଁ ।

କେହି କେହି କହନ୍ତି ଜ୍ୟୋତିଷଶାସ୍ତ୍ର ଜାଣି କି ଲାଭ ଅଛି ? ଅନ୍ୟ କିଛି ଲାଭ ଥାଉ ବା ନ ଥାଉ, ବିଦ୍ୟାର ମହତ୍ତ୍ୱ, ଓ ଶକ୍ତି କେତେ ତା ଜଣାପଡ଼ିବ; ଗ୍ରହ, ରାଶି, ନକ୍ଷତ୍ର ସଙ୍ଗେ ମାନବଜୀବନର କି ସମ୍ପର୍କ ଅଛି ସେ କଥା ଜଣାପଡ଼ିବ । ଜାତକରେ ଗ୍ରହସ୍ଥିତିରୁ ଜାତକର ଜୀବନବ୍ୟାପୀ ଘଟଣାବଳୀ କହିଦେବା ଊଣା ଆଶ୍ଚର୍ଯ୍ୟର କଥା ନୁହେ । ପାଶ୍ଚାତ୍ୟ ଦେଶରେ ଜ୍ୟୋତିଷବିଦ୍ୟା ଅଛି; ସେ ଦେଶମାନଙ୍କରେ ମଧ୍ୟ ଏ ବିଦ୍ୟାର ଚର୍ଚ୍ଚା ହେଉଅଛି ।

ଆମ ଦେଶରେ ଜାତକ ବୁଝିଲେ ବିବାହ ହୁଏ, ବର କୋଷ୍ଠି କନ୍ୟା କୋଷ୍ଠି ମିଳାଇ ପ୍ରଥମେ ଦଶ ମେଳକ ବୁଝାଯାଏ । ଦଶମେଳକ ମଧ୍ୟରେ ନାଗନାଡ଼ି, ଷଡ଼ାଷ୍ଟକ, ନରରାକ୍ଷସ ପ୍ରଧାନ । ରାଜଯୋଟକ ହେଲେ ଅନ୍ୟ ମେଳକ ବୁଝାଯାଏ ନାହିଁ । ରାଜଯୋଟକର ଅର୍ଥ;—ବର କନ୍ୟାର ଏକ ରାଶି ହେଲେ, କିମ୍ବା ଦଶମ ତୃତୀୟ, ୪ର୍ଥ ୮ମ, ସମସପ୍ତକ ହେଲେ ରାଜଯୋଟକ ହୁଏ । ଏପରି ମେଳକ ଘଟିଲେ ବିବାହ ଅତି ଶୁଭଦାୟକ ହୁଏ । ଷଡ଼ାଷ୍ଟକ ହେଲେ, ବା ନରରାକ୍ଷସ ହେଲେ ବିବାହ ଅକର୍ତ୍ତବ୍ୟ । ନରରାକ୍ଷସ ଯୋଗ ନକ୍ଷତ୍ରରୁ ଜଣାଯାଏ । ୨୭ ନକ୍ଷତ୍ର ୩ ଭାଗରେ ବିଭକ୍ତ । ୯ ଦେବତା, ୯ ନର, ୯ ରାକ୍ଷସ । ବରର ନକ୍ଷତ୍ର ନର, କନ୍ୟାର ନକ୍ଷତ୍ର ରାକ୍ଷସ ହେଲେ ନର ରାକ୍ଷସ ହୁଏ । ଏପରି ହେଲେ ବର କନ୍ୟାଙ୍କ ମଧ୍ୟରେ କଳହ ହୁଏ । ଏ ବିଷୟ ପ୍ରତ୍ୟକ୍ଷରେ ଦେଖାଯାଇଅଛି । କେଉଁଠି ସ୍ତ୍ରୀ ପୁରୁଷ ଆଜୀବନ ମନମିଳାଇ ଶାନ୍ତିପ୍ରଦ ସହବାସରେ କାଳ କଟାଉଅଛନ୍ତି; କେଉଁଠି ଆଜୀବନ ଅଶାନ୍ତିପ୍ରଦ କଳହ କନ୍ଦଳରେ ଦିନ ଯାଉଅଛି । ଜ୍ୟୋତିଷଶାସ୍ତ୍ର ମାନ ବା ନ ମାନ, କୋଷ୍ଠି ମିଳାଅ ବା ନ ମିଳାଅ, ଜ୍ୟୋତିର୍ବିଦ୍ୟାକଥିତ ଗ୍ରହ ନକ୍ଷତ୍ରମାନେ ତାଙ୍କ କାର୍ଯ୍ୟ କରିଯାଉଛନ୍ତି । ସେମାନଙ୍କ କାର୍ଯ୍ୟାନୁସାରେ ଆମ୍ଭେମାନେ ସୁଫଳ କୁଫଳ ଭୋଗ କରୁଥାଉଁ । ସେପରି କୌଣସି ଶକ୍ତି କାର୍ଯ୍ୟ କରୁ ନ ଥିଲେ ଜଗତରେ ଏତେ ବିଷମ ଅବସ୍ଥା ଦେଖାଯାଆନ୍ତା ନାହିଁ । ଭଲ ମନ୍ଦ ଦୁଇଟି ପାଖାପାଖି ହୋଇ ଚାଲିଛି । ଗ୍ରହ ନକ୍ଷତ୍ରମାନେ ସେମାନଙ୍କ ଗତିପଥରେ

ଚାଳିଛନ୍ତି । ସେମାନେ ତାଙ୍କ କାର୍ଯ୍ୟ କରିଯାଉଛନ୍ତି । ମାନବ ସେ ସବୁର ହିସାବ ରଖୁ ବା ନ ରଖୁ, ମାନବ ସେମାନଙ୍କ ଶକ୍ତିକୁ ମାନୁ ବା ନ ମାନୁ, ମାନବ ତାଙ୍କୁ ମାନି ଚଳୁ ବା ନ ଚଳୁ, ସେମାନଙ୍କ କାର୍ଯ୍ୟ ଅପ୍ରତିହତଭାବେ ଚଳୁଛି ଏବଂ ମାନବ ସେ ସବୁର ଫଳାଫଳ ଅଜ୍ଞାତଭାବେ ହେଉ ବା ଜ୍ଞାତଭାବେ ହେଉ, ଭୋଗକରି ଯାଉଛି । ଗ୍ରହ ନକ୍ଷତ୍ର ଜନିତ ମନ୍ଦଫଳର ପ୍ରତିକାରବିଧାନଶାସ୍ତ୍ରରେ ଅଛି; ଦେବାରାଧନା, ଗ୍ରହ ପୂଜା, ହୋମ, ଦାନ, ମଣିଧାରଣପ୍ରଭୃତିର ବ୍ୟବସ୍ଥା ଅଛି । ଯେଉଁମାନେ ଗ୍ରହନକ୍ଷତ୍ରଗଣର ଶକ୍ତିକୁ ବିଶ୍ୱାସ କରୁଅଛନ୍ତି ସେମାନେ ସେ ସବୁ କର୍ମ କରୁଛନ୍ତି ଏବଂ ତଦ୍ୱାରା ମନରେ ଶାନ୍ତିଲାଭ କରୁଛନ୍ତି । ଯେଉଁମାନେ ବିଶ୍ୱାସ ନ କରୁଅଛନ୍ତି ସେମାନେ ଗ୍ରହଶକ୍ତି ଜନିତ ଫଳ ଭୋଗ କରୁଅଛନ୍ତି ।

ବିବାହ, ବ୍ରତ, କର୍ଣ୍ଣବେଧ, ସୀମନ୍ତୋନ୍ନୟନ, ଚୂଡ଼ାକର୍ମ, ନବବଧୂ ଯାତ୍ରା, ଗର୍ଭାଧାନ, ଗର୍ଭ ସଂସ୍କାର, ବିଦ୍ୟାରମ୍ଭ, ଗୃହାରମ୍ଭ, ଗୃହ ପ୍ରବେଶ, ଜଳାଶୟ ଖନନ, ଦେବତା ପ୍ରତିଷ୍ଠା ପ୍ରଭୃତି ହିନ୍ଦୁର ଯାବତୀୟ କର୍ମ ରାଶିନକ୍ଷତ୍ରର ଶୁଭାଶୁଭ ବିବେଚନା କରି କରାଯାଏ । ହିନ୍ଦୁମାନେ ସମୟକୁ ମଧ୍ୟ ବିଭାଗ କରି ଯାଇଛନ୍ତି । ଅମୃତ ବେଳା, ମାହେନ୍ଦ୍ର ବେଳା, ବଜ୍ର ବେଳା, ଶୂନ୍ୟ ବେଳା ଇତ୍ୟାଦି । ଅମୃତ ବେଳା ଓ ମାହେନ୍ଦ୍ର ବେଳାରେ ଯେଉଁ କର୍ମ କରିବ ସେ କାର୍ଯ୍ୟରେ ଜୟ ସୁନିଶ୍ଚିତ, ଅନ୍ୟ ବେଳାରେ ଯାହା କରିବ ସେଥିରେ ବାଧା ବିଘ୍ନ ଘଟିବ । ପବନ ବିଜୟ ସ୍ୱରୋଦୟରେ ନିଶ୍ୱାସ ବାରି ଯାତ୍ରା କରିବା ବିଧି ଅଛି । କେଉଁ କାର୍ଯ୍ୟ କେଉଁ ବେଳାରେ କଲେ ଜୟ ହେବ ସେଥି ପ୍ରତି ହିନ୍ଦୁମାନଙ୍କର ବିଶେଷ ଦୃଷ୍ଟି ଥିଲା । ପ୍ରାଚୀନ ହିନ୍ଦୁମାନେ ଏହି ଦୃଷ୍ଟିରେ ସକଳ କାର୍ଯ୍ୟ କରୁଥିଲେ । ”

ସନ୍ଦର୍ଭ ଲେଖକ—ଶ୍ରୀ ଜଗବନ୍ଧୁ ସିଂହ ।

ତିଲ ଦେ. ବି—ରାଶି; ତିଳ—Sesamum; gingeli oil
तिल (ତିଳ ଦେଖ) plant and seed.

ରାଶିଆ— ଦେ. ଗୁଣ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ, ଯଥା, ମୀନ ରାଶିଆ)—
Rāśiā ଅମୁକ ରାଶିରେ ଜନ୍ମ ହୋଇଥିବା (ବ୍ୟକ୍ତି)—(Persons
রাশিয়া Born in a particular zodiacal sign).
राशिया

ରାଶିକ—ସଂ. ବି (ରାଶି + କ)—୧ । ରାଶି ସମ୍ବନ୍ଧୀୟ—1. Rela-
Rāśika ting to numbers. ୨ । ରାଶିଯୁକ୍ତ—
2. Connected with a particular zodiacal sign.

ରାଶିଗୁଣ୍ଡି—ଦେ. ବି—ଏକପ୍ରକାର ସରୁଧାନ—A species of
Rāśi gundi fine paddy.

ରାଶିଗୃହ—ସଂ. ବି—(ଜ୍ୟୋତିଷ)—ରାଶି ଚକ୍ରରେ ଚିହ୍ନିତ ପ୍ରତ୍ୟେକ
Rāśi gṛuha ରାଶିର ସ୍ୱତନ୍ତ୍ର ଗୃହ ବା ସ୍ଥାନ—Space marked for each of the twelve signs in the zodiacal circle.

ରାଶିଚକ୍ର—ସଂ. ବି—(ଜ୍ୟୋତିଷ) ଜ୍ୟୋତିଷିକ ଚକ୍ର ବା ବୃତ୍ତ—
Rāśi chakra [ଦ୍ର—ଏହାର ପରିଧି ୧୨ଟି ଅଂଶରେ ବିଭକ୍ତ ହୋଇ ପ୍ରତ୍ୟେକ ଗୃହକୁ ଗୋଟିଏ ରାଶି ଅଧିକାର କରେ; ଏହା ସୂର୍ଯ୍ୟଙ୍କର ଓ ସମସ୍ତ ଗ୍ରହମାନଙ୍କର ଭ୍ରମଣମାର୍ଗ]; ଭଚକ୍ର
The zodiac; the circle representing the respective positions of the zodiacal signs.

[ଦ୍ର—ରାଶିଚକ୍ର—ମେଷାଦି ଦ୍ୱାଦଶ ରାଶିଯୁକ୍ତ ବୃତ୍ତ । ଏହା ୩୬୦ ଅଂଶରେ ବିଭକ୍ତ ଓ ୩୦ ଅଂଶ ନେଇ ଏକ ରାଶି ଗଠିତ ଓ ପ୍ରବହ-ବାୟୁଦ୍ୱାରା ଚାଳିତ ।

ଭଚକ୍ରଂ ଧ୍ରୁବୟୋର୍ବଦ୍ଧମାକ୍ଷିପ୍ତଂ ପ୍ରବହାନିଲୈଃ ।
ପର୍ଯ୍ୟେତ୍ୟଜସ୍ରଂ ତନ୍ନଦ୍ଧା ଗ୍ରହକକ୍ଷା ଯଥାକ୍ରମଂ ॥

ସୂର୍ଯ୍ୟ ସିଦ୍ଧାନ୍ତ ।

× × ×

ପୁନଶ୍ଚ—ସପ୍ତବିଂଶତି ର୍ଭୈର୍ଜ୍ୟୋତିଷ୍କଂ ସ୍ତିମିତ ବାୟୁଗଂ,
ତଦର୍କାଂଶୋ ଭବେଦ୍ରାଶି ନବର୍କ୍ଷଚରଣାଙ୍କିତଃ । ଦୀପିକା ।

ଅର୍ଥାତ୍ ରାଶିଚକ୍ରର ୩୬୦ ଅଂଶରେ ୨୭ଟି ନକ୍ଷତ୍ର ଅବସ୍ଥିତ । ପ୍ରତ୍ୟେକ ନକ୍ଷତ୍ରର ପରିମାଣ ୧୩ ଅଂଶ ୨୦ କଳା, ପ୍ରତ୍ୟେକ ରାଶି ଦୁଇ ନକ୍ଷତ୍ର ଓ ଅପର ଏକ ନକ୍ଷତ୍ରର ଏକଚରଣ ନେଇ ଗଢ଼ା ।

ଯଥା—ଅଶ୍ୱିନୀ, ଭରଣୀ ଓ କୃତ୍ତିକାର ଏକ ପାଦ ନେଇ ମେଷରାଶି ଗଠିତ; କୃତ୍ତିକାର ୩ ପାଦ ୨ ରୋହିଣୀ ଓ ମୃଗଶିରାର ଦୁଇ ପାଦ ନେଇ ବୃଷରାଶି ଗଠିତ; ମୃଗଶିରାର ୨ ପାଦ, ଆର୍ଦ୍ରା, ପୁନର୍ବସୁର ୩ ପାଦ ନେଇ ମିଥୁନ ରାଶି ଗଠିତ; ପୁନର୍ବସୁ ୧ ପାଦ, ପୁଷ୍ୟା ଓ ଅଶ୍ଳେଷା ନେଇ କର୍କଟରାଶି ଗଠିତ; ମଘା, ପୂର୍ବାଫାଲ୍‌ଗୁନୀ ଓ ଉତ୍ତରା-ଫାଲ୍‌ଗୁନୀର ଏକପାଦ ନେଇ ସିଂହରାଶି ଗଠିତ; ଉତ୍ତରା-ଫାଲ୍‌ଗୁନୀର ୩ ପାଦ, ହସ୍ତା, ଚିତ୍ରାର ୨ ପାଦ ନେଇ କନ୍ୟାରାଶି ଗଠିତ; ଚିତ୍ରାର ୨ ପାଦ, ସ୍ୱାତୀ, ବିଶାଖାର ୩ ପାଦ ନେଇ ତୁଳାରାଶି ଗଠିତ; ବିଶାଖାର ୧ ପାଦ, ଅନୁରାଧା, ଜ୍ୟେଷ୍ଠା ନକ୍ଷତ୍ର ନେଇ ବୃଶ୍ଚିକରାଶି ଗଠିତ; ମୂଳା, ପୂର୍ବାଷାଢ଼ା ଓ ଉତ୍ତରାଷାଢ଼ା ନକ୍ଷତ୍ରର ୧ ପାଦ ନେଇ ଧନୁରାଶି ଗଠିତ; ଉତ୍ତରାଷାଢ଼ାର ୩ ପାଦ, ଶ୍ରବଣା ଓ ଧନିଷ୍ଠାର ୨ ପାଦ ନେଇ ମକର ଗଠିତ; ଧନିଷ୍ଠାର ୨ ପାଦ ଶତଭିଷା ଓ ପୂର୍ବଭାଦ୍ରର ୩ ପାଦ ନେଇ କୁମ୍ଭ ଗଠିତ; ପୂର୍ବଭାଦ୍ରବର ୧ ପାଦ, ଉତ୍ତରଭାଦ୍ରବ ଓ ରେବତୀ ନକ୍ଷତ୍ର ନେଇ ମୀନରାଶି ଗଠିତ ।

ଭଗବାନ୍ ସୂର୍ଯ୍ୟଚନ୍ଦ୍ରାଦି ସୃଷ୍ଟି କଲାପରେ ଆପଣାକୁ ଦ୍ୱାଦଶ ଭାଗରେ ବିଭକ୍ତ କରି ଗ୍ରହନକ୍ଷତ୍ରାଦି ଚରାଚରକୁ ଧାରଣ କଲେ, ପ୍ରମାଣ—

ଅଥସୃଷ୍ଟ୍ୟାଂ ମନଶ୍ଚକ୍ରେ ବ୍ରହ୍ମାହଙ୍କାର ମୂର୍ତ୍ତିଭୃତ
ମନସଶ୍ଚନ୍ଦ୍ରମାଜଜ୍ଞେ ସୂର୍ଯ୍ୟୋଽକ୍ଷ୍ଣୋସ୍ତେଜସାଂ ନିଧିଃ ।

ମନସଃ ଶଂ ଚନ୍ଦ୍ରୋବାସ୍ତୁ ରଶ୍ମି ସ୍ତୋଧରା ଏମାଦ୍,
ସୁର୍ଣେକବୃତ୍ତ୍ୟା ପଞ୍ଚୈବ ମହାଭୂତାନ୍ତ ଜଙ୍କିରେ ।
ଅଗ୍ନିଷୋମୌଶ୍ଚିସ୍ତରେନ୍ଦୁ ତତସ୍ତୁ ଗାରକାଦୟଃ,
ତେଜୋଭୂଶାମ୍ବୁବାତେଭ୍ୟଃ କ୍ରମଶଃ ପଞ୍ଚ ଜଜ୍ଞିରେ ।
ପୁନ ର୍ଦ୍ଵାଦଶଧାସ୍ଥାନଂ ବିଭକ୍ତେଦ୍ରାଶି ସଞ୍ଜ୍ଞକଂ,
ନକ୍ଷତ୍ର ରୂପିଣଂଭୂୟଃ ସପ୍ତବିଂଶାତ୍ମକଂ ବଶୀ ।

ସୂର୍ଯ୍ୟସିଦ୍ଧାନ୍ତ ।

× × ×

ରାଶିଚକ୍ରର ବିଭାଗ ବିଷୟରେ ପ୍ରାଚ୍ୟ ପାଶ୍ଚାତ୍ୟ କୌଣସି ଜ୍ୟୋତିଃଶାସ୍ତ୍ର ଭିନ୍ନ ମତ ପ୍ରଚାର କରେ ନାହିଁ । ରାଶିମାନଙ୍କ ଅବସ୍ଥାନ, ଆକୃତି ଇତ୍ୟାଦି ସମ୍ବନ୍ଧେ ଉଭୟେ ପ୍ରାୟ ଏକମତ । ପାଶ୍ଚାତ୍ୟ ନକ୍ଷତ୍ରଗଣ (Constellations) ର ବିବରଣ ଗ୍ରନ୍ଥବଦ୍ଧ,କିନ୍ତୁ ପ୍ରାଚ୍ୟ ନକ୍ଷତ୍ରପୁଞ୍ଜର ସ୍ଥାନ ବିଷୟରେ ସାମାନ୍ୟ ଗଣ୍ଡଗୋଳ ଘଟୁଥାଏ ।

(ରାଶିମାନଙ୍କ ସମ୍ବନ୍ଧେ ଅନ୍ୟାନ୍ୟ ବିବରଣ ରାଶି ଶବ୍ଦରେ ଦ୍ରଷ୍ଟବ୍ୟ ।)

ସନ୍ଦର୍ଭ ଲେଖକ ଜ୍ୟୋତିଷାଗ୍ରଣୀ
ଶ୍ରୀ ଚାଇତୋଳ ମହାପାତ୍ର ।

ରାଶିତେଲ—ଦେ ବି.—ତିଳ ତୈଳ—Sesamum oil.
Rāśi tela ତିଲେର ତେଲ तिलकातेल

ରାଶି ନକ୍ଷତ୍ର—ସଂ. ବି—୧ । (ଜ୍ୟୋତିଷ) ମେଷଆଦି ରାଶି ଓ ଅଶ୍ଵିନୀ
Rāśi nakshatra ଆଦି ନକ୍ଷତ୍ର—1. (Astrology) The astrological signs and asterisms. ୨ । ମନୁଷ୍ୟର ଜନ୍ମ ହେବା ସମୟରେ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ଥାଆନ୍ତି—2. The ascension of the moon at the birth of a person.

ରାଶି ନ(ଲ)ଡୁ—ଦେ. ବି.—ଖଜାରେ ବା ଗୁଡ଼ରେ ମିଠା ପାଗ
Rāśi na(la)ḍu କରାଯାଇ ବନାଯାଇଥିବା ଲଡ଼ୁ—
ତିଲେର-ନାଡୁ Sweetmeat-balls of fried sesamum
तिलकी लड्डु seeds seasoned with sugar.

ରାଶି ନାମ—ସଂ. ବି—ଯେଉଁ ରାଶିରେ ଯେ ଜନ୍ମ ହୋଇଥାଏ ସେହି
Rāśi nāma ରାଶିର ଜ୍ୟୋତିଷୋକ୍ତ ନିୟମ ଅନୁସାରେ ସେ ବ୍ୟକ୍ତିର ଯେଉଁ ନାମ ହେବା ଉଚିତ—Name of a person which is proper to be given to him according to the zodiacal sign of his birth. (ଦ୍ର— ଲୋକଙ୍କୁ ଯେଉଁ ନାମରେ ଡକାଯାଏ ତାଙ୍କୁ ମାତା ପିତାଦି ଶ୍ରଦ୍ଧାରେ ଦେଥିନ୍ତି ବୋଲି ତାହାକୁ ଶର୍ମା ନାମ ବା ଡାକନାମ ବୋଲାଯାଏ ।).

ରାଶି ପଟାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଅନାର୍ଯ୍ୟ ଗଣ୍ଡ ଓ
Rāśi paṭāibā ଭୂୟାଁ ଜାତିର ବରକନ୍ୟାମେଳକ ବୁଝିବାର ପ୍ରଥା ବିଶେଷ—A peculiar method of ascertaining the agreement or otherwise of stars of a bride and a proposed groom, prevalent among the Gonds and Bhuyāns.

[ଦ୍ର—ବରକନ୍ୟା ପ୍ରସଙ୍ଗ ଉତ୍ଥାପିତ ହେଲେ ଗୋଟିଏ ବଡ଼ କଂସାରେ ନିର୍ମଳ ପାଣି ଭରି କନ୍ୟା ପକ୍ଷର ବ୍ୟକ୍ତି ଉକ୍ତ ପାଣିରେ ବାରମ୍ବାର ଏକାଦିକ୍ରମେ ୭ଥର ଗୋଟିଏ ଲେଖାଏଁ ରାଶି ଓ ବର ପକ୍ଷୀୟ ବ୍ୟକ୍ତି ଗୋଟିଏ ଲେଖାଏଁ ଚାଉଳ ପକାଉ ଥାଆନ୍ତି । ଏଥି ପରେ ଯଦି ଦେଖାଯାଏ ଯେ କଂସାର ନିମ୍ନ ଦେଶରେ ପାଣି ତଳେ ବିମ୍ବା ଉହୁଁରୁ ଅଧିକ ରାଶି ସଙ୍ଗେ ସେତିକ ଚାଉଳ ଲଗାଲଗି ହୋଇ ରହିଅଛି ତେବେ ଦମ୍ପତୀର ଶୁଭ ହେବ ବୋଲି ସ୍ଥିର କରାଯାଏ; ନଚେତ୍ ଏ ବିବାହ ପ୍ରସ୍ତାବ ରହିତ କରାଯାଏ ।]

ରାଶି ପାନ—ଦେ. ବି. (ଯାଜପୁରଙ୍କ ଭାଷା)—ମଞ୍ଜୁଳା ପାନରୁ ଯେଉଁ
Rāśi pāna ପାନ ଅତି ଛୋଟ—The smallest of the
ছোট পান छोटा पान betel leaves.

ରାଶିଫଳ—ସଂ. ବି—(ଫଳିତ ଜ୍ୟୋତିଷ)—ଜନ୍ମକାଳରେ ଚନ୍ଦ୍ରର
Rāśiphaḷa କୌଣସି ରାଶିରେ ଅବସ୍ଥିତି ଯୋଗୁଁ ଜାତ ବ୍ୟକ୍ତିର ସ୍ଵଭାବାଦି—(Astrology) The affect of the natal sign of the Zodiac on a man's life.

[ଦ୍ର:—ରାଶିଫଳ—

ମନୁଷ୍ୟର ଜନ୍ମକାଳରେ ଚନ୍ଦ୍ର ଯେଉଁ ରାଶିରେ ଥାଏ, ତାହା ସେହି ମନୁଷ୍ୟର ରାଶି । ଚନ୍ଦ୍ରର ଏହି ଅବସ୍ଥିତି ଯୋଗୁ ମନୁଷ୍ୟର ସ୍ଵଭାବାଦି ଉପରି ହୁଏ, ଜ୍ୟୋତିଃଶାସ୍ତ୍ର ମତରେ ତାହା ନିମ୍ନରେ ଦିଆଗଲା ।

ଭବତି ବିରଳକେଶସ୍ତ୍ୟାଗଶୀଲୋ
ରୁଚିରଶୁଚିବିଳାସୀ ବାନ୍ଧବୋ ଦୁର୍ବଳାଙ୍ଗଃ ।
ନ ଭବତି ଗୃହମେଧୀ ଜାନୁନେତ୍ରୋଽଲ୍ପମେଧା ।
ଧନପତି ରୁଦାରଦାତା ମେଷରାଶିର୍ମନୁଷ୍ୟଃ । ୧ ॥

ମେଷ ରାଶିରେ ଜାତ ବ୍ୟକ୍ତି ଅଳ୍ପ କେଶବିଶିଷ୍ଟ, ଚଞ୍ଚଳ, ତ୍ୟାଗଶୀଳ, ଲାବଣ୍ୟଯୁକ୍ତଶରୀର, ପବିତ୍ର, ବିଳାସୀ, ବନ୍ଧୁଭାଷୀ, ଦୁର୍ବଳ, ଗୃହ ବାସରେ ଅନିଚ୍ଛୁକ, ଜାନୁନେତ୍ର (ଚେରା), ଅଳ୍ପମେଧାଵୀ, ଧନପତି ଓ ଦାତା ହୁଏ ।

ପୃଥୁଳ ଜଘନ-କପୋଳଃ ସ୍ଥୂଲନେତ୍ରୋଽଲ୍ପଭାଷୀ ।
ଶୁଚି ରତିଶୟ ଦକ୍ଷୋ ରମ୍ୟଦେହଃ ସୁଶୀଳଃ ।
ଦ୍ଵିଜଗୁରୁସୁରଭକ୍ତଃ ଶ୍ଲେଷ୍ମବାତସ୍ଵଭାବଃ ।
ସିତ କୁଟିଲକଚାଗ୍ରୋ ପ୍ରେମଯୁକ୍ତୋବୃଷାଖ୍ୟଃ । ୨ ॥

ବୃଷ ରାଶିରେ ଜାତ ବ୍ୟକ୍ତି ସ୍ଥୂଳଜଘନ ଓ ସ୍ଥୂଳଗଣ୍ଡ, ସ୍ଥୂଳ ନେତ୍ର, ଅଳ୍ପଭାଷୀ, ଶୁଚି, ଅତି ଦକ୍ଷ, ରମଣୀୟଦେହବିଶିଷ୍ଟ, ସୁଶୀଳ, ଦେବଗୁରୁ ବ୍ରାହ୍ମଣରେ ଭକ୍ତିମାନ୍,ବାତଶ୍ଳେଷ୍ମପ୍ରକୃତି ଓ ପ୍ରେମଯୁକ୍ତ; ପୁଣି ତାହାର କେଶାଗ୍ର ଶୁକ୍ଳ ଓ ବକ୍ର ହୁଏ ।

ମୃଦୁରୁପଚିତ ଗାତ୍ରଃ ପଠଚିତ୍ରସ୍ତୁବାକ୍ୟଃ
ପରଜନ ହିତକାରୀ ପଣ୍ଡିତଃ କ୍ରୂରଚକ୍ଷୁଃ ।
ପ୍ରକୃତିମଳିନବେଶଃ ଶ୍ଳେଷ୍ମବାତପ୍ରଧାନୋ—
ଭବତି ମିଥୁନରାଶିର୍ଗୀତବାଦ୍ୟାନୁରକ୍ତଃ । ୩ ।

ମିଥୁନ ରାଶି ଜାତବ୍ୟକ୍ତି ମୃଦୁପ୍ରକୃତ, ପୁଷ୍ଟଶରୀର, ପାଠକାଳରେ ଅସ୍ପଷ୍ଟ ଉଚ୍ଚାରଣକାରୀ, ପରୋପକାରୀ, ପଣ୍ଡିତ, ନୃତ୍ୟ, ସ୍ୱଭାବତଃ ମଳିନବେଶଧାରୀ, ବାତଶ୍ଲେଷ୍ମପ୍ରକୃତି ଏବ ଗୀତରେ ଓ ବାଦ୍ୟରେ ଅନୁରକ୍ତ ହୁଏ ।

ପ୍ରବଳ କଫଶରୀରୋ ଦେବନମ୍ରଃ ପ୍ରକାଶ୍ୟଃ
ସ୍ୱଯୂମ୍ପଥରତବଗ୍ରେ ଦେବତାବପ୍ରଭକ୍ତଃ ।
ଜୁଳପତିରବଧନେୀ ମଣ୍ଡଳାକାରମୂର୍ତ୍ତି—
ର୍ଭବତି ବିପୁଳବକ୍ଷାଃ କର୍କଟୋ ଯସ୍ୟ ରାଶିଃ । ୪ ।

କର୍କଟ ରାଶି ଜାତ ବ୍ୟକ୍ତି ବିଶେଷ କଫଯୁକ୍ତ, ଦେବ କାର୍ଯ୍ୟରେ ଉତ୍ସାହୀ, ତେଜସ୍ୱୀ, ସ୍ୱୀୟ କ୍ଷମତାରେ ଉପାର୍ଜ୍ଜନକାରୀ, ଦେବବ୍ରାହ୍ମଣ ଭକ୍ତ, କୁଳପତିତୁଲ୍ୟ ମାନ୍ୟ, ବର୍ତ୍ତୁଳମୁଖ ଓ ବିଶାଳବକ୍ଷୋଯୁକ୍ତ ହୁଏ ।

ଉଦରଭରଣତୁଷ୍ଟଃ କ୍ରୋଧନୋ ମାଂସଲୁବ୍ଧୋ
ଗହନଗିରିଗୁହାନାଂ ସେବକୋ ବନ୍ଧୁପ୍ରୀତଃ ।
କପିଲନୟନଯୁକ୍ତସ୍ତୁଙ୍ଗବକ୍ଷାଃ କ୍ଷୁଧାର୍ତ୍ତୋ—
ଭବତି ଯୁବତୀସେବୀ ପଣ୍ଡିତଃ ସିଂହରାଶିଃ । ୫ ।

ସିଂହରାଶି ଜାତ ବ୍ୟକ୍ତି ସ୍ୱୀୟ ଉଦରପୂରଣରେ ସନ୍ତୁଷ୍ଟ, କ୍ରୋଧୀ, ମାଂସଲୋଭୀ, ଅରଣ୍ୟ, ପର୍ବତ ଓ ଗୁହାପ୍ରିୟ, ବନ୍ଧୁପ୍ରୀତ, କପିଲବର୍ଣ୍ଣ ଚକ୍ଷୁର୍ଯୁକ୍ତ, ଉଚ୍ଚବକ୍ଷାଃ, କ୍ଷୁଧାତୁର, ଯୁବତୀସେବୀ ଓ ପଣ୍ଡିତ ହୁଏ ।

ବିମଳମତି ସୁଶୀଳୋ ଲେଖ୍ୟବୃତ୍ତିଃ କବିର୍ବା
କୃଶତନୁ ଧନଯୁକ୍ତଃ କାନ୍ତଧୀରଃ ସୁଶୀଳ ।
ଭବତି ନୟନବେଗୀ ଧର୍ମ୍ମକର୍ମ୍ମାନୁରକ୍ତୋ—
ଗୁରୁଜନ ହିତକାରୀ କନ୍ୟକା ଯସ୍ୟ ରାଶିଃ । ୬ ।

କନ୍ୟାରାଶି ଜାତବ୍ୟକ୍ତି ନିର୍ମଳବୁଦ୍ଧି, ସୁଶୀଳ, ଲେଖକ ବା କବି, କୃଶଶରୀର, ଧନୀ, କମନୀୟଦେହ, ଧୀର, ସୁଖୀ, ଚକ୍ଷୁରୋଗୀ, ଧର୍ମ୍ମକର୍ମ୍ମାନୁରାଗୀ ଓ ଗୁରୁଜନଙ୍କ ହିତକାରୀ ହୁଏ ।

ଭବତି ଶିଥିଳଗାତ୍ରୋ ନାତିଦୀର୍ଘପ୍ରମାଣୋ
ଜନଯୁତ ପରତୋଷଂ ବାନ୍ଧବାନାଂ ପ୍ରଦାନୈଃ ।
ଅତିଶୟ ବହୁଭାଷୀ ଜ୍ୟୋତିଷାଂଜ୍ଞାନଯୁକ୍ତୋ
ଭବତିହ ତୁଲରାଶିର୍ଦ୍ଦୈବବର୍ଗାନୁରକ୍ତଃ ।

ତୁଳରାଶି ଜାତବ୍ୟକ୍ତି ନାତିଦୀର୍ଘ ଓ ଶିଥିଳଗାତ୍ରଯୁକ୍ତ, ଦାନଦ୍ୱାରା ବାନ୍ଧବମାନଙ୍କର ସନ୍ତୋଷୋତ୍ପାଦନକାରୀ, ବହୁଭାଷୀ, ଜ୍ୟୋତିଃଶାସ୍ତ୍ରପାରଙ୍ଗମ ଓ ଦେବତାମାନଙ୍କଠାରେ ଅନୁରକ୍ତ ହୁଏ ।

ବହୁ-ଜନ-ଧନଭୋଗୀ ସ୍ୱୀୟ ସୌଭାଗ୍ୟଯୁକ୍ତଃ
ପିଶୁନମତି ମନୁଷ୍ୟୋ ରାଜସେବାନୁରକ୍ତଃ ।
ଅଭିଲଷତି ପରାର୍ଥଂ ନିତ୍ୟମୁଦ୍ୟୋଗଯୁକ୍ତୋ—
ଦୃଢ଼ମତିରତିଶୂରୋ ବୃଶ୍ଚିକୋ ଯସ୍ୟରାଶିଃ ।

ବୃଶ୍ଚିକ ରାଶି ଜାତବ୍ୟକ୍ତି ବହୁ ଧନଜନରେ ଯୁକ୍ତ, ଭୋଗୀ, ଉତ୍ତମ ସ୍ତ୍ରୀଯୁକ୍ତ, କୁଟିଳମତି, ରାଜସେବାନୁରକ୍ତ, ପରଦ୍ରବ୍ୟାଭିଳାଷୀ, ଉଦ୍ୟୋଗଯୁକ୍ତ, ଦୃଢ଼ମତି ଓ ଅତିଶୟ ଶୂର ହୁଏ ।

ଧନୁରବଗୁଣଯୁକ୍ତଃ କୀର୍ତ୍ତିମାନ୍ ପୂଜନୀୟଃ
କୁଳପତି ରସବିଜ୍ଞୋ ବନ୍ଧୁବର୍ଗୈକପାତ୍ରଃ ।
ବହୁଧନଜନଯୁକ୍ତୋ ଦେବବିପ୍ରୋପସେବୀ
ମୃଦୁଗତିରସହିଷ୍ଣୁଃ କାର୍ମୁକୋ ଯସ୍ୟରାଶିଃ ।

ଧନୁରାଶି ଜାତବ୍ୟକ୍ତି ବହୁଗୁଣଯୁକ୍ତ, କୀର୍ତ୍ତିମାନ୍, ପୂଜନୀୟ, କୁଳପତି, ରସିକ, ବନ୍ଧୁଗଣପୂଜ୍ୟ, ବହୁ ଧନ ଜନଯୁକ୍ତ, ମୃଦୁଗତି ଓ ଅସହିଷ୍ଣୁ ହୁଏ ।

ଅଭିଲଷତି ପରସ୍ତ୍ରୀଂ ଲବ୍ଧ ସମ୍ପତ୍ତିଭୋଗୋ-
ନରପତିରିବ ତପ୍ତୋ ମନ୍ତ୍ରବାଦେ ପ୍ରସକ୍ତଃ ।
କୃଶତନୁ ରତିବୁଦ୍ଧିର୍ବନ୍ଧୁବର୍ଗସ୍ୟ ଭର୍ତ୍ତା
ଭବତି ମକରରାଶି ର୍ମାନବୋ ଧୀରଭାବଃ ॥

ମକରରାଶି ଜାତ ବ୍ୟକ୍ତି ପରସ୍ତ୍ରୀଲୋଲୁପ, ପ୍ରାପ୍ତସମ୍ପତ୍ତିଭୋଗୀ, ରାଜତୁଲ୍ୟ ପ୍ରତାପବାନ୍, ମନ୍ତ୍ରବାଦଯୁକ୍ତ, କୃଶଶରୀର, ବୁଦ୍ଧିମାନ୍, ବନ୍ଧୁଗଣଙ୍କର ଭରଣପୋଷଣକାରୀ ଓ ଧୀରସ୍ୱଭାବ ହୁଏ ।

ଭୁରଗ ଇବ ସୁଦୃଷ୍ଟିଃ ସୁନ୍ଦରଃ ସ୍ୱଚ୍ଛଚିତ୍ତଃ
ସ୍ଥିରଧନମଭିଳାଷୀ ମାନନୀବକ୍ତଚିତ୍ତଃ ।
ବହୁଧନ ପରବାରେ କ୍ରୀଡନକ ପ୍ରମୋଦୀ
ପରଜନ ହିତକାରୀ ଯସ୍ୟ ରାଶିର୍ଘଟାଖ୍ୟଃ ।

କୁମ୍ଭରାଶି ଜାତବ୍ୟକ୍ତି ଅଶ୍ୱନ୍ୟାୟ ସୁନ୍ଦର ଦୃଷ୍ଟିଯୁକ୍ତ, ସୁନ୍ଦର, ସରଳମନା, ସ୍ଥିରଧନେଚ୍ଛୁ, ମାନବତୀ ନିଜ ଭାର୍ଯ୍ୟାଠାରେ ବିମୁଖ, ବହୁଧନ, କୁଟୁମ୍ବଯୁକ୍ତ, କ୍ରୀଡନକ ପ୍ରମୋଦୀ ଓ ପରୋପକାରୀ ହୁଏ ।

ଜନଧନସୁଖଭୋକ୍ତା ମୈଥୁନାଦ୍ଧ ପ୍ରସକ୍ତଃ
ସମରୁଚିରଶରୀରୋ ବସ୍ତ୍ରଲାଭୋଽଳ୍ପମଧ୍ୟଃ ।
ଅଭିଭବତି ସପତ୍ନାନ୍ ସ୍ତ୍ରୀଜିତୋବ୍ୟକ୍ତ କାନ୍ତି—
ରତିଶୟ ଧନଲୋଭୀ ପଣ୍ଡିତୋମୀନରାଶିଃ ।

ମୀନରାଶି ଜାତବ୍ୟକ୍ତି ଧନଜନ ଓ ସୁଖଭୋଗୀ, ରତିକ୍ରିୟାସକ୍ତ, ରୁଚିରଶିଷ୍ଟ ଶରୀର, ବସ୍ତ୍ରଲାଭକାରୀ, ମଧ୍ୟଦେଶ କୃଶ, ଶତ୍ରୁଜୟୀ, ସ୍ତ୍ରୀଜିତ, କାନ୍ତିମାନ୍, ଲୋଭାସକ୍ତ ଓ ପଣ୍ଡିତ ହୁଏ । (ସନ୍ଦର୍ଭଲେଖକ—ଶ୍ରୀ ବାଇକୋଳି ମହାପାତ୍ର) ।

ରାଶିବଡ଼ି—(ସ. ପ. ଲୋ)—ଖସା ବା ତିଳ ମିଶ୍ରିତ ବଡ଼ି—
Rāśibardi Dried balls of Biri paste mixed
তিলের বড়ি तिलौरि(डी) with sesamum seeds.

ରାଶିଭାଗ—ସ. ବି (ଗଣିତ)—ଭଗ୍ନାଂଶ—
Rāśibhāga Fraction.

ରାଶିଭୋଗ—ସଂ ବି (ଜ୍ୟୋତିଷ)—ସୂର୍ଯ୍ୟାଦିଗ୍ରହଙ୍କର ଗ୍ରହଚକ୍ରରେ
Rāśibhoga ଭ୍ରମଣକାଳରେ ନିର୍ଦ୍ଦିଷ୍ଟ ରାଶି ଚିହ୍ନିତ ଗୃହରେ
ଅବସ୍ଥିତି—The passing of the planets through a particular sign of the Zodiac.

ରାଶି ମଣ୍ଡଳ—ସ. ବି (ଜ୍ୟୋତିଷ)—ରାଶିଚକ୍ର (ଦେଖ)
Rāsi maṇḍaḷa Rāsichakra. (See)

ରାଶି ରାଶି—ଦେ. ବିଣ ଓ ବି—୧ । ବହୁ ସ୍ତୁପାକାରରେ ସ୍ତୁପୀକୃତ—
Rāsi rāsi 1. Heaped in heaps; ୨ । ଅସଂଖ୍ୟ—
রাশিরাশি राशिराशि 2. In heaps; multitudinous.

ରାଶୀକରଣ—ସ. ବି (ରାଶି+ଅଭୂତ ତଦ୍ଭାବେ ଚ୍ୱି+କରଣ)—ଗଦା
Rāsikaraṇa କରିବା—Gathering of anything into a heap.

ରାଶୀକୃତ—ସ. ବିଣ (ରାଶି +ଅଭୂତ ତଦ୍ଭାବେ. ଚ୍ୱି+କୃତ)—
Rāsikṛuta ପୁଞ୍ଜୀକୃତ; ସ୍ତୁପୀକୃତ—Heaped up; gathered into a heap.

ରାଶୀୟ—ସ. ବିଣ (ରାଶି + ଈୟ)—ରାଶି ସମ୍ବନ୍ଧୀୟ—
Rāsiya Relating to a Rāsi.

ରାଷ୍ଟ—ଗ୍ରା. ବି (ସ. ରାଷ୍ଟ୍ର)—କୌଣସି ବିଷୟର ପ୍ରଚାର—
Rāshṭa Publication of a matter.
রাষ্ট प्रगट ବିଣ—ପ୍ରଚାରିତ—Published.

ରାଷ୍ଟ୍ର—ସ.ବି (ରାଜ୍‌.ଧାତୁ=ଶୋଭା ପାଇବା+କର୍ତ୍ତୃ.ଷ୍ଟ୍ର)—୧ । ରାଜ୍ୟ—
Rāshṭra 1. Kigdom; realm. ୨ । ସାମ୍ରାଜ୍ୟ—
2. Empire. ୩ । ଜନପଦ; ଦେଶ—3. Country.
୪ । ପ୍ରକାଶ; ପ୍ରଚାର—4. Publication; promulgation. ୫ । ମଡ଼କ; ରାଜ୍ୟରେ ଘଟିବା ଦୁର୍ଭିକ୍ଷ, ସଂକ୍ରାମକ ରୋଗ ଅବରୂପ ଉପଦ୍ରବ—5. Public calamities or visitations; calamities overtaking a country, such as, famine, pestlence, contagious disease. ବିଣ—୧ । ପ୍ରଚାରିତ—1. Published. ୨ । ଖ୍ୟାତ; ପ୍ରସିଦ୍ଧ—2. Renowned.

ରାଷ୍ଟ୍ର କରିବା—ଦେ. କ୍ରି—(କୌଣସି ବିଷୟ) ଦେଶସାରା ପ୍ରଚାରିତ
Rāshṭra karibā କରିବା—To publish a matter;
রাষ্ট্রকরা प्रगट करना to broadcast; to proclaim.

ରାଷ୍ଟ୍ରକୂଟ—ସ. ବି—୧ । ଦକ୍ଷିଣଭାରତର ରାଜ୍ୟବିଶେଷ—
Rāshṭrakūṭa 1. A kingdom in the Deccan.
୨ । କେତେକ ରାଜ୍ୟର ସମାହାର—2. A confederacy of states; federated states.

ରାଷ୍ଟ୍ରନୀତି—ସ. ବି (୬ଷ୍ଠୀ ତତ୍)—ରାଜନୀତି—
Rāshṭraniti Politics.

ରାଷ୍ଟ୍ରପତି—ସ. ବି (୬ଷ୍ଠୀତତ୍)—ରାଜା; ସମ୍ରାଟ୍—
Rāshṭrapati King; emperor.

ରାଷ୍ଟ୍ରଭଙ୍ଗ—ସ. ବି—ରାଜ୍ୟରେ ପ୍ରଚଳିତ ଶାସନନୀତିର ଆମୂଳ
Rāshṭrabhaṅga ପରିବର୍ତ୍ତନ; ରାଜ୍ୟବିଦ୍ରୋହ—Radical
(ରାଷ୍ଟ୍ରବିପ୍ଳବ—ଅନ୍ୟରୂପ) change of the government; revolution; a complete change or breakup of the government of a country.

ରାଷ୍ଟ୍ର ହେବା—ଦେ. କ୍ରି—(କୌଣସି ବିଷୟ) ଦେଶମୟ ପ୍ରଚାରିତ
Rāshṭra hebā ହେବା—To be talked about; to
রাষ্ট্রহওয়া प्रगटहोना be published broadcast.

ରାଷ୍ଟ୍ରିକ—ସ. ବିଣ (ରାଷ୍ଟ୍ର+ଇକ)—୧ । ରାଜ୍ୟ ସମ୍ବନ୍ଧୀୟ—
Rāshṭrika 1. Pertaining to a state.
୨ । ରାଷ୍ଟ୍ର ବା ଦେଶବାସୀ—2. Resident of a realm.

ରାଷ୍ଟ୍ରିକା—ସ. ବି. (ବୈଦ୍ୟକ)—ବୃହତୀ; ଭେଜ୍ଜା ବାଇଗଣ; ବଡ଼ାକୁଡ଼ୀ—
Rāshṭrikā Solanum Indicum (plant).
ଓ. ବଡ଼ାକୁଡ଼ୀ ব্যাকুড় बर्हण्टा ତେ. ଲୁକମାଡ

ରାଷ୍ଟ୍ରି(ଷ୍ଟ୍ରୀ)ୟ—ସ. ବି (ରାଷ୍ଟ୍ର+ଇୟ, ଈୟ)—ରାଜ୍ୟ ସମ୍ବନ୍ଧୀୟ—
Rāshṭri(shṭri)ya Relating to a realm.
ସ. ବି (ନାଟ୍ୟୋକ୍ତି)—ରାଜ ଶ୍ୟାଳକ; ରାଜାଙ୍କ ସମ୍ବନ୍ଧୀ ବା ଶ୍ୟାଳକ—The brother of a king's queen.

ରାଷ୍ଟ୍ରୀ—ସ. ବି—୧ । ମହାରୁଣ୍ଠା (ଦେଖ) (ଦ୍ରବ୍ୟଗୁଣ ।)
Rāshṭri 1. Mahāruṇṭhā (See)
୨ । ରାଜ୍ୟାଧୀଶ୍ୱରୀ—2. A female ruler (Apte).

ରାସ୍—ଦେ. ବି—ରାଶ୍ (ଦେଖ) Rās (See)
Rās (ଧାତୁ)—ସ—ଶବ୍ଦ କରିବା—To make a sound.
ପ୍ରାଦେ. (ବାଲେଶ୍ୱର) କଟରଥ ବି—ଗୋରୁ (ଗାଈ)
(ଯଥା—ସାତ ରାସ୍ ଗାଈ=ସାତ ଗୋଟି ଗାଈ)—
(Head of cattle).

ରାସ୍ କାଟ୍—ଦେ. ବିଣ—ହଠାତ୍ ଉଚ୍ଚ; ଅତଡ଼ଥ—
Rās kāṭ খাড়া ढीला Steep; precipitous.

ରାସ—ସ. ବି. (ରସ୍ ଧାତୁ=ଶବ୍ଦ କରିବା+ଭାବ.ଅ)—୧ । ଶବ୍ଦ—
Rāsa 1. Sound. ୨ । କୋଳାହଳ; କଳରବ—2. Noise; hubbub. ୩ । ଗୋପବାଳୀ ମଣ୍ଡଳ ପରିବେଷ୍ଟିତ ରାଧାକୃଷ୍ଣଙ୍କର ଯୁଗଳ ନୃତ୍ୟ ଲୀଳା; ଗୋପୀଗଣ ମଧ୍ୟରେ ଶ୍ରୀକୃଷ୍ଣଙ୍କର ରାଧିକାଙ୍କ ସହିତ ନୃତ୍ୟ ବିଳାସ—3. A sport or pastime consisting of the Gopis dancing in a circle round the pair Rādhā Krushṇa. ୪ । ପ୍ରେମୋଦ୍ଦୀପକ ନୃତ୍ୟ ବିଶେଷ—4. An amorous dance. [ଦ୍ର—ଶ୍ରୀକୃଷ୍ଣଙ୍କର ରାଧାଙ୍କ ସଙ୍ଗେ ବର୍ଣ୍ଣିତ କ୍ରୀଡ଼ାକୁ ଯେଉଁମାନେ ଆଧ୍ୟାତ୍ମିକ ଓ ପବିତ୍ର ଅର୍ଥରେ ଗ୍ରହଣ କରନ୍ତି ସେମାନେ ରାସ କ୍ରୀଡ଼ାର ବର୍ଣ୍ଣନାରୁ ବୁଝନ୍ତି ଯେ, ଶ୍ରୀକୃଷ୍ଣ ଭଗବାନ୍ (ପୁରୁଷ) ଓ ରାଧିକା ପ୍ରକୃତି ଓ ୧୬ ସହସ୍ର ଗୋପାଙ୍ଗନା ପୃଥିବୀର ଅସଂଖ୍ୟ ଭକ୍ତ ନରନାରୀଙ୍କ ପ୍ରାଣ । ରାସକ୍ରୀଡ଼ା ସମୟରେ ରାଧାକୃଷ୍ଣ ମଣ୍ଡିରେ ନୃତ୍ୟ କରନ୍ତି ଓ ତାଙ୍କ ଚାରି ପାଖରେ ମଣ୍ଡଳାକାରହୋଇ ୧୬ସହସ୍ର ଗୋପୀ ନୃତ୍ୟ କରନ୍ତି ଓ ପ୍ରତ୍ୟେକ ଗୋପୀଙ୍କ ସଙ୍ଗେ ଗୋଟିଏ ଶ୍ରୀକୃଷ୍ଣ ବିରାଜିତ ହୋଇ ନୃତ୍ୟ କରୁ ଥାଆନ୍ତି । ସେହି ରାସ ପ୍ରଭୃତି ବୈକୁଣ୍ଠରେ ଘଟିଅଛି । ପୁରାଣରେ ଅଛି ଯେ, ସ୍ତ୍ରୀମୂର୍ତ୍ତି ଧାରଣ ନ କଲେ ରାସ ଦେଖିବାର ଶକ୍ତି କାହାର ନାହିଁ । ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ବୃନ୍ଦାବନରେ ଯେଉଁ 'ରାସ

କ୍ରୀଡ଼ା କାର୍ତ୍ତିକ ପୂର୍ଣ୍ଣିମୀ ସମୟରେ କରଥିଲେ ତାକୁ ଶରଦ୍‌ରାସ ଓ ବସନ୍ତ ସମୟରେ କରଥିବା କ୍ରୀଡ଼ାକୁ ବସନ୍ତ ରାସ ବୋଲାଯାଏ ।]

ରାସ କେଳି—ସଂ. ବ—ରାସଲୀଳା—Krushna's amorous
Rāsa keli dance with Rādhā and Gopis.
(ରାସକ୍ରୀଡ଼ା, ରାସ ବିଳାସ—ଅନ୍ୟରୂପ)

ରାସଣା—ଦେ. ବ. (ସଂ. ରାସ୍ନା)—ରାସ୍ନା (ଦେଖ)
Rāsaṇā Rāsnā (See)
রাসনা रासना

ରାସନ—ସଂ. ବ. (ରସନ+ଅ)—୧ । ରସନାସମ୍ବନ୍ଧୀୟ—1. Relat-
Rāsana ing to the tongue or taste.
୨। ସୁସ୍ୱାଦୁ—2. Sweet; tasteful. ବ—ରସନେନ୍ଦ୍ରିୟଜନ୍ୟ ସ୍ୱାଦ ଜ୍ଞାନ—The taste appreciable by the tongue.

ରାସନ ପ୍ରତ୍ୟକ୍ଷ—ସଂ. ବ—ରସନେନ୍ଦ୍ରିୟ ଦ୍ୱାରା ସ୍ୱାଦ ବୋଧ—The
Rāsana pratyakshya appreciation of the taste of a thing.

ରାସନା—ସଂ.ବଣ.ସ୍ତ୍ରୀ(ରସନା+ଅ+ଆ)—ରସନା ସମ୍ବନ୍ଧୀୟା—Relat-
Rāsanā ing to the tongue or taste.
ବ—ରସନେନ୍ଦ୍ରିୟ ଜନ୍ୟ ସ୍ୱାଦଜ୍ଞାନ—The apprecia-tion of taste by the tongue. ଦେ. ବ—ରାସ୍ନା (ଦେଖ)—Rāsnā (See)

ରାସନୀ—ସଂ. ବଣ. ସ୍ତ୍ରୀ—ରାସନର ସ୍ତ୍ରୀଲିଙ୍ଗ—
Rāsani The feminine of Rāsana.

ରାସନୀ ନୀତି—ସଂ. ବ—୧ । ଜିହ୍ୱାର ଧର୍ମ—1. The duty or
Rāsani niti nature of the tongue.—୨। ସର୍ବଦା ଉପକାର କରିବା ଅଭ୍ୟାସ—2. The habit of doing good to others always. (ଉ—ପ୍ରବଳେ ରାସନୀ ନୀତ ଆଚରଣ ଦାଶମ ଶିଳ ଭୁଞ୍ଜିଲେ । ରାଧାନାଥ. ପ.ବାଣୀ ।) [ବି—ଦାନ୍ତର ମୂଳରେ କଣ୍ଟା ଲାଗିଗଲେ ତାକୁ ବାରଂବାର ଜିଭର ଦାନ୍ତର ମଙ୍ଗଳ କରିବା କର୍ମରେ ରସନା ଲାଗିଥାଏ; ଏଥିପାଇଁ ପରର ସର୍ବଦା ଉପକାର କରିବା ଧର୍ମକୁ ରାସନୀ ନୀତ ବୋଲାଯାଏ । ଦାନ୍ତ ସୁବିଧା ପାଇଲେ ଜିଭକୁ ଚାପି ଦିଏ, ଏଥିପାଇଁ ଉପକାରୀର ଅପକାର କରିବ (ରାସନ ଧର୍ମ—ଅନ୍ୟରୂପ) ନୀତିକୁ ଦାଶନୀ ନୀତ ବୋଲାଯାଏ ।]

ରାସ ପର୍ବ—ସଂ. ବ—କାର୍ତ୍ତିକ ପୂର୍ଣ୍ଣିମା—The full-moon of the
Rāsa parba month of Kārttika.
(ରାସ ପୂର୍ଣ୍ଣିମା—ଅନ୍ୟରୂପ) [ବି—ଏ ସମୟରେ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପୀମାନଙ୍କ ସହିତ ରାସକ୍ରୀଡ଼ା କରିଥିଲେ ବୋଲି ହିନ୍ଦୁ-ମାନେ ସେହି ଉତ୍ସବ ପାଳନ କରନ୍ତି ।]

ରାସ ବିହାରୀ—ସଂ.ବ. ପୁଂ—ଶ୍ରୀକୃଷ୍ଣ—Srikrushna. ଦେ.ବ.ପୁଂ.—
Rāsa bihāri ଲୋକଙ୍କ ନାମ—A name given to
রাস বিহারী रास बिहारी males.
[ରାସ ବେହାରୀ, ରାହାସ ବ (ବେ) ହାରୀ—ଗ୍ରାମ୍ୟରୂପ]

ରାସ ବିହାରୀ ଘୋଷ—ଦେ. ବ. ନାମ—ଡାକ୍ତର ରାସବିହାରୀ ଘୋଷ,
Rāsa bihāri ghosha ବଙ୍ଗର ସୁପ୍ରସିଦ୍ଧ ଓକିଲ (୧୮୪୫—
রাস বিহারী ঘোষ ୧୯୨୧)—The late Dr. Rasbihari
रास बिहारी घोष Ghosh M.A., B. L., C. S. I. of Bengal. [ବି—ଏ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଉପାଧି ଲାଭ କରି ଶେଷରେ ଆଇନ୍ ବିଦ୍ୟାର ଉଚ୍ଚତମ ଉପାଧି ପାଇଥିଲେ । ଏ ଅନେକ ଗବେଷଣା ପୂର୍ଣ୍ଣ ଇଂରାଜୀ ଆଇନ୍ ପୁସ୍ତକର ପ୍ରଣେତା । ଗଭର୍ଣ୍ଣମେଣ୍ଟ ଏହାଙ୍କୁ C. S. I. ଉପାଧି ପ୍ରଦାନ କରିଥିଲେ ଓ ଏ ବଙ୍ଗ ଦେଶରେ ବ୍ୟାବହାରିକ ଶିକ୍ଷାର ପ୍ରସାର ପାଇଁ ଅଜସ୍ର ଅର୍ଥ ଦାନ କରିଥିଲେ ।]

ରାସ ବେଦୀ—ସଂ. ବ—ରାସ ମଣ୍ଡପ (ଦେଖ)
Rāsa bedi Rāsa maṇḍapa (See)
(ରାସ ବେଦିକା—ଅନ୍ୟରୂପ)

ରାସଭ—ସଂ. ବ: ପୁଂ (ରା ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅଭ)—୧
Rāsabha ଗର୍ଦ୍ଦଭ; ଗଧ—1. The ass. ୨ । ଅଶ୍ୱତର
(ରାସଭୀ—ସ୍ତ୍ରୀ) (ହି. ଶା.)—2. Mule. ୩ । ବ୍ରଜନଗରର ତାଳବନରେ ବଳଦେବଙ୍କଦ୍ୱାରା ନିହତ ଗର୍ଦ୍ଦଭରୂପଧାରୀ ଦୈତ୍ୟ (ହି. ଶା.)—3. A demon in the shape of an ass killed by Baladeba

ରାସ ମଣ୍ଡପ—ସଂ. ବ.—୧ । ଶ୍ରୀକୃଷ୍ଣଙ୍କର ରାସଲୀଳାର ମଣ୍ଡପ—1. A
Rāsa maṇḍapa platform on which Rāsalilā was performed by Krushṇa. ୨। ଯେଉଁ ବେଦୀରେ ରାସଯାତ୍ରା ହୁଏ—2. A platform for the performance of Rāsa festival.

ରାସ ମଣ୍ଡଳ (ଳୀ)—ସଂ. ବ.—୧ । ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ
Rāsa maṇḍaḷa (ḷi) ଚାରିପାଖ ବେଢ଼ି ନାଚୁଥିବା ୧୬ସହସ୍ର କୃଷ୍ଣଗୋପୀଙ୍କ ମଣ୍ଡଳ ।
(ରାସଭୂମି-ଅନ୍ୟରୂପ) 1. A cricle formed, havin Rādhā Krushṇa in the middle, surrounded by a circle of 16000 Gopis with one Krushṇa each. ୨। ବୈକୁଣ୍ଠରେ ବା ଗୋଲୋକଧାମରେ ଭଗବାନ୍ କରୁଥିବା ରାସକ୍ରୀଡ଼ାର ପରିଧି ବା ସୀମା—2. The limit of the circle occupied by the Rāsa pastime in Paradise.

ରାସମଣି—ଦେ.ବ. (ନାମ)—୧। କଲିକତାର ସ୍ୱର୍ଗୀୟା ରାଣୀ ରାସମଣି—
Rāsamaṇi ଗ୍ରାମର 1. Late Rāṇi Rāsa-
রাসমণি रासमनी maṇi of Bengal (Calcutta).
[ବି—ଏ ଅତି ଦରିଦ୍ର କୈବର୍ତ୍ତ ବଂଶରେ ଜାତ ହୋଇଥିଲେ । ଏ ପରମ ରୂପବତୀ ଥିଲେ ଓ କଲିକତାର ଜଣେ ଧନୀର ପୁତ୍ର ଏହାଙ୍କୁ ବିବାହ କରିଥିଲେ । ଏହାଙ୍କ ସ୍ୱାମୀଙ୍କ ନାମ ରାଜଚନ୍ଦ୍ର ମାଡ଼େ । ଖ୍ରୀ.୧୮୩୭ ରେ ସ୍ୱାମୀଙ୍କର ମୃତ୍ୟୁ ହେବାରୁ ରାସମଣି ଅତି ଦକ୍ଷତା ସହିତ ଅତୁଳ ଐଶ୍ୱର୍ଯ୍ୟ ଭୋଗ ଓ ପରିଚାଳନା କଲେ । ଏ ଅତ୍ୟନ୍ତ

ତେଜସ୍ୱିନୀ,ଧର୍ମପରାୟଣା ଓ ସାଧାରଣଙ୍କ ଉପକାର ବ୍ରତରେ ସାଜିତା ଥିଲେ । ଏହାଙ୍କ ଚେଷ୍ଟାରେ ଗଙ୍ଗା ନଦୀରୁ ମାଛ ଧରିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କ ବସାଇଥିବା ଜଳକର ରହିତ ହୋଇଥିଲା । ନାନା ପ୍ରକାରେ ଦରିଦ୍ର ଓ ଅନ୍ନକଷ୍ଟ ପ୍ରପୀଡ଼ିତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଏହାଙ୍କ ଜୀବନର ବ୍ରତ ଥିଲା । ଜନସାଧାରଣ ଏହାଙ୍କ ଦୟାଦାକ୍ଷିଣ୍ୟାଦି ଗୁଣ ପାଇଁ ଏହାଙ୍କୁ 'ରାଣୀ'ଉପାଧି ଦେଇଥିଲେ । ଏହାଙ୍କ ତୀକ୍ଷ୍ଣବୁଦ୍ଧି, ସ୍ୱାଧୀନ ଚିନ୍ତା ଓ ସାହସ ପ୍ରଖର ଥିଲା । ଦକ୍ଷିଣେଶ୍ୱରଠାରେ ଏହାଙ୍କ ପ୍ରତିଷ୍ଠିତ କାଳୀବାଡ଼ିରେ ରାମକୃଷ୍ଣ ପରମହଂସ ପୂଜକ ଥିଲେ ।) ୨ । ସ୍ତ୍ରୀ ଲୋକଙ୍କ ନାମ—2. A name given to females.

ରାସ ଯାତ୍ରା—ସଂ.ବି.—୧ । କାର୍ତ୍ତିକ ପୂର୍ଣ୍ଣିମାରେ ରାସଲୀଳାର ଅଭିନୟ—
Rāsa jātrā 1. The representation of Rāsa on the Kārttika fullmoon day. ୨ । କାର୍ତ୍ତିକ ପୂର୍ଣ୍ଣିମାର ରାସୋତ୍ସବ—2. The festival of Rāsa observed as a holiday on the Kārttika fullmoon day.

ରାସ ରଙ୍ଗ—ସଂ. ବି.—ରାସକ୍ରୀଡ଼ା; ରାସଲୀଳା— The Rāsa
Rāsa ranga dance.

ରାସରଙ୍ଗିଣୀ—ସଂ. ବି. ସ୍ତ୍ରୀ—୧ । ରାଧା; ରାଧିକା—
Rāsa rangiṇi 1. Rādhā.
(ରାସ ରଙ୍ଗିଣୀ—ଦେଶଜରୂପ) ୨ । ରାସକ୍ରୀଡ଼ାରେ ସଙ୍ଗିନୀ—
(ରାସ ରସିକା—ଅନ୍ୟରୂପ) 2. A companion-girl in the Rāsa sport.

ରାସ ରସିକ—ସଂ. ବି. ପୁଂ—
Rāsa rasika ଶ୍ରୀକୃଷ୍ଣ— Śrikṛushṇa.

ରାସ ଲୀଳା—ସଂ. ବି.(ରୂପକ କର୍ମଧା, ରାସରୂପକ ଲୀଳା)—ରାସ (ଦେଖ)
Rāsa līlā Rāsa (see)

ରାସାଙ୍ଗତ—ଗ୍ରା. ବି.ଣ. (ସଂ. ରସାତଳ ଗତ)—୧ । ସଂପୂର୍ଣ୍ଣରୂପେ
Rāsāngata ନିର୍ମୂଳ—1. Utterly ruined; exterminated. ୨ । ରସାତଳ ଗତ—2. Sunk to the bottom of an abyss.
ରସାତଳଗତ
रसातलगत

ରାସାନ୍ତ(ତ)ଳ—ଗ୍ରା. ବି.(ସଂ. ରସାତଳ)—ରସାତଳ; ପାତାଳ— The
Rāsānta(ta)ḷa nether regions; regions below the earth; an abyss. ବିଣ—
ରସାତଳ रसातल
ଅଧୋଗତ—Sunk to the bottom.

ରାସାୟନ—ସଂ.ବିଣ (ରସାୟନ+ସମ୍ବନ୍ଧାର୍ଥ.ଅ)—ରସାୟନ ସମ୍ବନ୍ଧୀୟ—
Rāsāyana Relating to Rasāyana.

ରାସାୟନିକ—ସଂ. ବିଣ (ରସାୟନ+ଇକ)—୧ । ରସାୟନ ସମ୍ବନ୍ଧୀୟ
Rāsāyanika —Relating to chemistry. ୨ । ଦୁଇ ଦ୍ରବ୍ୟର ପରମାଣୁର ପରସ୍ପର ମିଳନ ସମ୍ବନ୍ଧୀୟ—2. Chemical.

ରାସାୟନିକ ଆକର୍ଷଣ—ସଂ. ବି (ଆଧୁନିକ ବିଜ୍ଞାନ ପରିଭାଷା)—ଯେଉଁ
Rāsāyanika ākarshaṇa ଗୁଣଦ୍ୱାରା ଦୁଇ ପଦାର୍ଥର ଭିନ୍ନ ପ୍ରକାରର ପରମାଣୁମାନ ମିଳିତ ହୋଇ ତୃତୀୟ ସ୍ୱତନ୍ତ୍ର ଗୁଣବିଶିଷ୍ଟ ପଦାର୍ଥରେ ପରିଣତ ହୁଏ—Chemical attraction.

ରାସାୟନିକ କ୍ରିୟା—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—୧ । ଦୁଇ
Rāsāyanika kriyā ପଦାର୍ଥର ପରସ୍ପର ମିଳିତ ହେବାଦ୍ୱାରା
(ରାସାୟନିକ ପ୍ରକ୍ରିୟା—ଅନ୍ୟରୂପ) ରାସାୟନିକ ଆକର୍ଷଣ ବଳରେ ସମ୍ପାଦିତ ହେବା କାର୍ଯ୍ୟ—1. Chemical action. ୨ । ରାସାୟନିକ ପରିବର୍ତ୍ତନ କରିବାର ବିଧି—2. Chemical process.

ରାସାୟନିକ କ୍ରିୟାଜନିତ ସ୍ଥିତିଗତି—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—
Rāsāyanika kriyājanita sthitigati
ରାସାୟନିକ କ୍ରିୟାଫଳରେ ଉଦ୍ଭିଦମାନଙ୍କର ଅବସ୍ଥାନ, ଗତି ବା କ୍ରିୟା—Chemotropism.

ରାସାୟନିକ ଗବେଷଣା—ସ. ବ (ଆଧୁନିକ)—ରସାୟନ ବିଦ୍ୟା
Rāsāyanika gabeshaṇā ସମ୍ବନ୍ଧେ ତତ୍ତ୍ୱ ଅନୁସନ୍ଧାନ—Chemical investigation.

ରାସାୟନିକ ଗବେଷଣା ଗୃହ (ମନ୍ଦିର)—ସ. ବ (ଆଧୁନିକ ବିଜ୍ଞାନ
Rāsāyanika gabeshaṇā gṛuha (mandira)
ପରିଭାଷା)—ଯେଉଁ ଗୃହରେ ରାସାୟନିକ ଗବେଷଣା ସମ୍ପାଦିତ ହୁଏ—Chemical laboratory.

ରାସାୟନିକ ପରିବର୍ତ୍ତନ—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—
Rāsāyanika paribarttana ଦୁଇ ପଦାର୍ଥର ମିଳନଦ୍ୱାରା ପରମାଣୁମାନଙ୍କର ପ୍ରକୃତିର ପରିବର୍ତ୍ତନ—Chemical change.

ରାସାୟନିକ ପରୀକ୍ଷା—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—ରସାୟନ
Rāsayanika parikshā ଶାସ୍ତ୍ର ସମ୍ବନ୍ଧୀୟ ତତ୍ତ୍ୱମାନଙ୍କ ନିର୍ଣ୍ଣୟାର୍ଥ କରାଯିବା ପରୀକ୍ଷା—Chemical examination or investigation.

ରାସାୟନିକ ବିକାର—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—
Rāsāyanika bikāra ରାସାୟନିକ ପରିବର୍ତ୍ତନ (ଦେଖ)
Rāsāyanika paribarttana (See)

ରାସାୟନିକ ବିଶ୍ଳେଷଣ—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—
Rāsāyanika bisḷeshaṇa ରାସାୟନିକ ଆକର୍ଷଣଦ୍ୱାରା ମିଳିତ ଉପାଦାନମାନଙ୍କର ପୃଥକ୍‌କରଣ—Chemical analysis.
(ବିପରୀତ—ରାସାୟନିକ ସଂଶ୍ଳେଷଣ)

ରାସାୟନିକ ମିଳନ—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—
Rāsāyanika miḷana ରାସାୟନିକ ସମ୍ମିଳନ (ଦେଖ)
(ରାସାୟନିକ ମିଶ୍ରଣ—ଅନ୍ୟରୂପ) Rāsāyanika sammiḷana (See)

ରାସାୟନିକ ସମ୍ବନ୍ଧ—ସ. ବ (ଆଧୁନିକ ବିଜ୍ଞାନ ପରିଭାଷା)—ଦୁଇ
Rāsāyanika sambandha ପଦାର୍ଥର ରାସାୟନିକ ମିଳନ ପାଇଁ ଅନୁକୂଳ ସମ୍ପର୍କ—
(ରାସାୟନିକ ସମ୍ପର୍କ—ଅନ୍ୟରୂପ) Chemical affinity.

ରାସାୟନିକ ସମ୍ମି (ମ୍ମେ)ଳନ—ସଂ. ବ (ଅଧୁନିକ କଳ୍ପିତ ପରିଭାଷା)—
Rāsāyanika sammi(mme)lana ଦୁଇଟି ବସ୍ତୁର ପରସ୍ପର
(ରାସାୟନିକ ସଂଶ୍ଳେଷଣ—ଅନ୍ୟରୂପ) ମିଳିତ ହେବାଦ୍ୱାରା ଉପାଦ
ପରମାଣୁମାନଙ୍କର ପ୍ରକୃତିପରିବର୍ତ୍ତନଜନିତ ମିଶ୍ରଣ—Chemical combination or synthesis.

ରାସୁ—ଦେ. ବ (ଅଦରାର୍ଥକ)—ରାସବିହାରୀର ଡାକ ନାମ—
Rāsu Name for calling Rāsabihāri in fondness.
রাসু रासु

ରାସେଶ୍ୱର—ସଂ.ବି.ପୁଂ (୬ଷ୍ଠୀ ତତ୍)—ଶ୍ରୀକୃଷ୍ଣ—Srikrushna, the
Rāseswara central male figure in Rāsa.

ରାସେଶ୍ୱରୀ—ସଂ. ବି.ସ୍ତ୍ରୀ (୬ଷ୍ଠୀ ତତ୍)—ଶ୍ରୀରାଧା;ରାଧିକା—Rādhikā,
Rāseswari the central female figure in Rāsa.
ଦେ.ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

ରାସୋତ୍ସବ—ସଂ. ବ—୧ । ରାସରୂପ ଲୀଳା; ରାସ (ଦେଖ)—
Rāsotsaba 1. Rāsa (See) ୨ । କାର୍ତ୍ତିକ ପୂର୍ଣ୍ଣିମାରେ
ଅଭିନୀତ ରାସଲୀଳା—2. The representation of Rāsa sport performed on the Kārttika full moon day.

ରାସ୍ତା—ବୈଦେ. ବ (ଫା; ତୁଳନାକର ସଂ. ରଥ୍ୟା=ଶଗଡ଼ବାଟ;
Rāstā ଗଥିକ୍ ଓ ଜର୍ମାନ୍. ରୋସ୍ତା=ଦୂରତ୍ୱ ନିର୍ଣ୍ଣାୟକ ପଥର
রাস্তা ଖୁଣ୍ଟି)—୧ । ମାର୍ଗ; ପଥ; ବାଟ—1. Road;
रास्ता way. ୨ । ସଡ଼କ; ରାଜଦାଣ୍ଡ—2. Highway.
୩ । ଦୂରତ୍ୱ—3. Distance. ୪ । (ଲକ୍ଷଣାର୍ଥ)
କାର୍ଯ୍ୟସାଧନର ଉପାୟ—4. Means or expedient for doing a thing. (ଯଥା—ଅମୁକ କାମ
କରିବାକୁ ମତେ ରାସ୍ତା ମିଳୁନାହିଁ ।)

ରାସ୍ତା ଅଟକ—ବୈଦେ. ବ (ଫା)—ଲୋକଙ୍କ ଯିବା ଆସିବା ବାଟକୁ
Rāstāatāka ବନ୍ଦ କରିବାଦ୍ୱାରା ଗମନାଗମନରେ ହେଉଥିବା
(ରାସ୍ତାଅବରୋଧ, ରାସ୍ତାବନ୍ଦ—ଅନ୍ୟରୂପ) ବାଧା—Obstruction
রাস্তা অটক, রাস্তাঅবরোধ, রাস্তবন্দ of a road
रास्ता अटक or thorough fare.

ରାସ୍ତା କରିବା—ଦେ. କ୍ରି—୧ । କୌଣସି ସ୍ଥାନକୁ ଯିବାପାଇଁ ବାଟ
Rāstā karibā ପ୍ରସ୍ତୁତ କରିବା—1. To construct a
রাস্তাকরা road; to make a road. ୨ । (ଲକ୍ଷଣାର୍ଥ)
रास्ता करना କୌଣସି କାର୍ଯ୍ୟକୁ ସୁଗମ କରିବାର ଉପାୟ କରିବା
—2. To devise or lay out means for the accomplishment of an object.
୩ । ରାସ୍ତା ଛାଡ଼ିବା (ଦେଖ)—
Rāstā chhārdiba (See)

ରାସ୍ତା କାଟିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ ଦୂରରୁ ଆଗରେ
Rāstā kātiba ଦେଖି ତାଙ୍କୁ ଏଡ଼ିବା ପାଇଁ ବାଟଭାଙ୍ଗି ଅନ୍ୟବାଟେ
রাস্তা কাটান ଯିବା—1. To take another route on
रास्ता काटना seeing a person at some distance
(ରାସ୍ତା ଭାଙ୍ଗିଯିବା—ପ୍ରଥମାର୍ଥର ଅନ୍ୟରୂପ) ahead, so as to evade him. ୨ । କୌଣସି ବ୍ୟକ୍ତିର ଗମନୀୟ ମାର୍ଗ
ଆଗରୁ ସ୍ଥିର କରିଦେବା—2. To indicate the way one has to take.

ରାସ୍ତା ଖୋଲିବା—ଦେ. କ୍ରି—୧ । ରାସ୍ତା ନ ଥିବା ସ୍ଥାନକୁ ନୂଆ
Rāsta kholibā ରାସ୍ତା କରିବା—1 To open or start
[ରାସ୍ତାଫିଟା(ଟେ)ଇବା—ଅନ୍ୟରୂପ] a new road. ୨ ।
রাস্তাখোলা रास्ताखोलना ଅବରୁଦ୍ଧ ରାସ୍ତାକୁ ସର୍ବସାଧାରଣଙ୍କ
ଗମନାଗମନ ପାଇଁ ଉନ୍ମୁକ୍ତ କରିବା—2. To remove obstruction from a road to make it open for traffic. ୩ । କୌଣସି କାର୍ଯ୍ୟରେ ବା ବିଷୟରେ
ନୂତନ ପନ୍ଥାରେ ଯିବାଦ୍ୱାରା ଲୋକେ ସେହି ବାଟରେ ଯିବା
ପାଇଁ ଉପାୟ କରିବା—3. To initiate or start a new thing, so that people would follow you

ରାସ୍ତା ଘାଟ—ଦେ.ବ(ଦ୍ୱନ୍ଦ୍ୱ)—୧ । ଲୋକଙ୍କ ଗମନାଗମନ କରିବାର
Rāstā ghāta ରାସ୍ତା ଓ ନଦୀ ମଧ୍ୟରେ ଥିବା ନଦୀପାର ଘାଟ—
রাস্তাঘাট रास्ताघाट 1. Roads and ferries.
୨ । ଏକ ସ୍ଥାନରେ ଥିବା ଛୋଟ ଓ ବଡ଼ ରାସ୍ତାମାନ—
2. All local raods, big and small. ୩ ।
ରାସ୍ତା ଓ ଗାଧୁଆ ତୁଠ—3. Roads and bathing places. ୪ । ରାସ୍ତାଘାଟ—4. Roads and mountain passes.

ରାସ୍ତାଘାଟି—ଦେ. ବ—ରାସ୍ତା ଓ ଗିରିସଙ୍କଟମାନ—
Rāstaghāti Roads and mountain passes.
রাস্তাঘাটি रास्ताघाटी

ରାସ୍ତା ଛାଡ଼ିବା—ଦେ.କ୍ରି—୧ । ଅନ୍ୟର ଗମନାଗମନପାଇଁ ଯଥେଷ୍ଟ ବାଟ
Rāstā chhārdibā ବା ସ୍ଥାନ ଛାଡ଼ିଦେବା—1. To leave
রাস্তা(পথ)ছাড়া रास्ताछोड़ना sufficient space for
(ରାସ୍ତାଛାଡ଼ିଦେବା—ଅନ୍ୟରୂପ) the passing of people; to leave a road. ୨ । ବାଟ ଛାଡ଼ିବା; ଅବରୁଦ୍ଧ
ପଥକୁ ଉନ୍ମୁକ୍ତକରିବା—2. To remove obstruction from a road; to allow a person to pass through a road. [ଦ୍ର—ଏହିପରି କ୍ରିୟାମାନ
ବହନ ଅର୍ଥରେ ରାସ୍ତା ସଙ୍ଗେ ବ୍ୟବହୃତ ହୁଏ, ଯଥା—
ରାସ୍ତା ପକାଇବା, ରାସ୍ତା ପିଟାଇବା, ରାସ୍ତା ରଖିବା, ରାସ୍ତା
ମାରିବା, ରାସ୍ତା ବନ୍ଦକରିବା, ରାସ୍ତା ଅବରୋଧ କରିବା,
ରାସ୍ତା ଦେଖାଇବା, ରାସ୍ତା ଖୋଲିବା ଇତ୍ୟାଦି ।]

ରାସ୍ତାଦାଣ୍ଡ—ଦେ.ବ (ଏକାର୍ଥକ ଦ୍ୱନ୍ଦ୍ୱ)—ସାଧାରଣ ରାସ୍ତା; ରାଜପଥ;
Rāstādānda ରାସ୍ତା—Public road.
রাজপথ रास्तापथ

ରାସ୍ତା ଦ(ଦୁ)ଶିବା—ଦେ ବ—୧ । ଗନ୍ତବ୍ୟମାର୍ଗ ଦୃଷ୍ଟିଗୋଚର ହେବା-
Rāsta di(du)sibā 1. Seeing one's way.
(ରାସ୍ତା ଦେଖାଯିବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) କୌଣସି ବିଷୟରେ
রাস্তাদেখাযাওয়া **रास्तादिखना** ଉପାୟ ପୂର୍ବରୁ ଦେଖାଯିବା—
2. (figurative) The means for a certain matter being seen by a person before hand; one's way being seen.

ରାସ୍ତା ଦେଖା(ଖେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ ତାହାର
Rāsta dekhā(khe)ibā ଗନ୍ତବ୍ୟ ସ୍ଥାନକୁ ଯିବା ପାଇଁ ବାଟ
রাস্তাদেখান **रास्तादिखाना** ଦେଖାଇବା—1. To show or point out to a person the road he has to take. ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ ସାଧନର ଉପାୟ ବତାଇବା—2. To show the way or suggest the means for the accomplishment of an object.

ରାସ୍ତା ଦେଖିବା—ଦେ. କ୍ରି—(ଲକ୍ଷଣାର୍ଥ) ପର ଉପରେ ନିର୍ଭର ନ କରି
Rāsta dekhibā ଆପଣାର ଉପାୟ ଅନ୍ୱେଷଣ କରିବା—
রাস্তাদেখা **रास्तादेखना** To pursue one's course without depending on another; to shift for one's self. (ଯଥା—ମୁଁ ଏଣିକି ବୁଢ଼ା ହେଲେ ସମସ୍ତଙ୍କୁ ପୋଷି ପାରିବି ନାହିଁ । ଏଥିପାଇଁ ପୁଅଙ୍କୁ କହିଲି 'ତୁମେ ରାସ୍ତା ତୁମେ ଦେଖ' । ଅଳ୍ପପର୍ଯ୍ୟନ୍ତ ମିହନ୍ତ କରୁଥିଲି ବୋଲି ସାଥୀନ୍ତେ ମତେ ପୋଷୁଥିଲେ । ଏବେ ବୁଢ଼ା ହୋଇ କାମକୁ ନ ଯାଉଥିବାରୁ ମୋ ରାସ୍ତା ମୁଁ ଦେଖିବା ପାଇ ସାଥୀନ୍ତ ହୁକୁମ ଦେଲେ ।)

ରାସ୍ତା ଦେବା—ଦେ.କ୍ରି.—ବାଟରେ ଯାଉଥିବା ଅନ୍ୟ ବ୍ୟକ୍ତିଙ୍କୁ ଯିବାପାଇଁ
Rāsta debā ଯଥେଷ୍ଟ ପଥ ଛାଡ଼ି ଦେବା—To let a per-
রাস্তা দেওয়া **रास्ता देना** son pass by leaving sufficient space for him on the road; to leave a passage for another person.

ରାସ୍ତା ଧରିବା—ଦେ. କ୍ରି.—୧ । ନିର୍ଦ୍ଦିଷ୍ଟ ପଥରେ ଯିବା—1. To
Rāsta dharibā take a road; to travel on a
রাস্তা ধরা **रास्ता पकडना (धरना)** particular road; to
(ରାସ୍ତା ପଗଡ଼ିବା—ବ୍ୟଙ୍ଗରୂପ) wend one's way.
୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ ସାଧନାର୍ଥ ପନ୍ଥା ବା ମାର୍ଗ ଅବଲମ୍ବନ କରିବା—2 . To follow a means to an end.

ରାସ୍ତା ଧୂଳି—ଦେ. ବ.—ରାସ୍ତା ଉପରର ଧୂଳି—The dust on
Rāsta dhūli রাস্তার ধুলো **रास्ताकी धूली** the road.

ରାସ୍ତା ପକା(କେ)ଇବା—ଦେ. କ୍ରି.—୧ । ନୂଆ ରାସ୍ତା ପ୍ରସ୍ତୁତ କରିବା--
Rāsta pakā(ke)ibā 1. To make a new road.
(ରାସ୍ତା ପକାଇଦେବା—ଅନ୍ୟରୂପ) ୨ । ରାସ୍ତାକୁ ବନ୍ଦ କରି ଦେବା;
রাস্তা তয়েরিকরা କୌଣସି ରାସ୍ତା ବାଟେ ଲୋକଙ୍କ ଯିବା ସ୍ଥଗିତ
रास्ता बनाना କରିବା—2. To close up a road

ରାସ୍ତା ପଡ଼ିବା—ଦେ. ବ.—୧ । ନୂତନ ରାସ୍ତା ନିର୍ମିତ ହେବା—
Rāsta pardibā 1. (A road) Being built or
রাস্তা পড়া constructed. (ଯଥା—ବର୍ତ୍ତମାନ ଉତ୍ତର କୁଜୋଡ଼ି
रास्ताजाना ଉପରରୁ କଟକଠାରୁ ବଡ଼ାଜାଣି ପର୍ଯ୍ୟନ୍ତ ଗୋଟିଏ
(ରାସ୍ତା ପଡ଼ିଯିବା; ରାସ୍ତାଯିବା—ଅନ୍ୟରୂପ) ରାସ୍ତା ପଡ଼ୁଛି ।) ୨ । ବହୁ କାଳରୁ ରାସ୍ତା ବିଦ୍ୟମାନ ଥିବା—2. (A road) Being in existence. (ଯଥା—କଟକଠାରୁ ପୁରୀ ପର୍ଯ୍ୟନ୍ତ ସିଧା ରାସ୍ତା ପଡ଼ିଛି; ଯେ ଯିବାର ସେ ଅଣି ବୁଲି ଚାଲି ଯାଅ ।) ୩ । ରାସ୍ତାର ବା ପଥର ଆରମ୍ଭ—3. Beginning of a road. [ଯଥା—କଟକଠାରୁ ପୂର୍ବକୁ ୨୫ ମାଇଲ୍ ପକ୍କାରାସ୍ତା; ସେଠାରୁ କଚା ରାସ୍ତା ପଡ଼ିବ; ଜଳେଶ୍ୱରଠାରୁ ଗାଈଁ ରାସ୍ତା ପଡ଼ିଲା; ମହାନଦୀ ପାର ହେଲେ ଜଙ୍ଗଲ ରାସ୍ତା ପଡ଼େ) ୪ । ରାସ୍ତାରେ ଲୋକଙ୍କ ଗମନାଗମନ ବନ୍ଦ ହେବା—4. (A road) Being closed. (ଯଥା—ଲେଖାକାଳରେ ପଞ୍ଚାଦାରିଆ ମହାଜନ ମାଡ଼ିବାରୁ ସେ ରାସ୍ତା ଗୁରୁମାସ ହୋଇ ପଡ଼ିଲାଣି ।)

ରାସ୍ତା ଫିଟା(ଟେ)ଇବା—ଦେ. କ୍ରି—ରାସ୍ତା ଖୋଲିବା (ଦେଖ)
Rāsta phitạ(ṭe)ibā Rāsta kholibā (See)
রাস্তা খোলা **रास्ता खोलना**

ରାସ୍ତା ବାଟ—ଦେ. ବ. (ଏକାର୍ଥ ସହଚର) (ବହୁବଚନ ସୂଚକ)—୧ ।
Rāsta bāṭa ପଥ; ରାସ୍ତା; ବାଟ—1. Road. ୨ । ବଡ଼ ଓ
পথ ঘাট, রাস্তা ঘাট ସାନ ରାସ୍ତା—2. Roads big and
रास्ता बाट small.

ରାସ୍ତା ମଡ଼ା(ଡ଼େ)ଇବା—ଦେ. କ୍ରି (ଲକ୍ଷଣାର୍ଥ)—ଗୋଟିଏ ପନ୍ଥା
Rāsta marḏā(rḏe)ibā ଅବଲମ୍ବନ କରିବାକୁ କୌଣସି
রাস্তা দেখান ବ୍ୟକ୍ତିଙ୍କୁ ପ୍ରବର୍ତ୍ତାଇବା—To induce a
रास्ता दिखाना person to pursue a course of action.

ରାସ୍ତା ମାଡ଼ିବା—ଦେ. କ୍ରି. (ଲକ୍ଷଣାର୍ଥ)—କୌଣସି ପନ୍ଥା ଅବଲମ୍ବନ
Rāsta mārḏibā କରିବା—To pursue a course.
পথ ধরা (ଯଥା—ମୁଁ ଯେତେ କୌଶଳ କଲି, ସେ ମୋ ରାସ୍ତା
रास्ता धरना ମାଡ଼ିଲା ନାହିଁ ।)

ରାସ୍ତା ମାରିବା—ଦେ. କ୍ରି—ରାସ୍ତାକୁ ଅବରୋଧ କରି ଲୋକଙ୍କ ଗମନା-
Rāsta māribā ଗମନ ବନ୍ଦ କରିବା—To close up or
রাস্তা মারা **रास्ता रोकना** shut up a road.

ରାସ୍ତା ମୁଣ୍ଡ—ଦେ. ବ—ରାସ୍ତାର ଶେଷ—The end of a road.
Rāsta munḏa
(ରାସ୍ତା ମୁହଁ—ଅନ୍ୟରୂପ) রাস্তার শেষ(মুখ) **रास्ताका आखीर**

ରାସ୍ତା ରଖିବା—ଦେ. କ୍ରି—୧ । ରାସ୍ତା ଛାଡ଼ିବା(ଦେଖ)—1. Rāsta
Rāsta rakhibā chhārḏibā (See) ୨ । (ଲକ୍ଷଣାର୍ଥ)
রাস্তা রাখা ଭବିଷ୍ୟତରେ କୌଣସି କାର୍ଯ୍ୟ ସାଧନ ହେବାପାଇଁ
रास्ता रखना ଉପାୟ ରଖିବା—2. To leave an opening or arrange for the future accomplishment of an object.

ରାସ୍ନା—ସଂ. ବି. (ବୈଦ୍ୟକ)—ଏକ ପ୍ରକାର ମଞ୍ଜୁଙ୍ଗ ବା ପରଗୁଛ ଜାତୀୟ ଶାକବିଶେଷ—Vanda Roxburghii;—a species of Acacia.
Rāsnā
ଅନ୍ୟ ସଂ. ନାମ—ନାକୁଳୀ, ଶ୍ରେୟସୀ, ସୁରସା, ସର୍ପଗନ୍ଧା, ପଲଙ୍କଷା, ଯୁକ୍ତରସା, ରସ୍ୟା, ସୁବହା, ରସନା, ରସା, ଏଳାପର୍ଣ୍ଣୀ, ସୁଗନ୍ଧା, ସୁରସା, ସୁଗନ୍ଧ ମୂଳା
রাস্না, নাই
रसन, रहसनी, नास्ना
ତେ. ରସନାପୁଡ଼ୁକା, ନରସିଂରକ, ଅନ୍ତୁରଦାମରୁ
ଫା. ରସୁନ୍ ସ୍ତ୍ତ. ସ୍ୱାସନା
ଆ. ଜଂଜବିଲ୍ଶାମୀ
ମ. ନାକୁଲ୍ତ୍ୟାମୂଷ୍ୟା
[ଦ୍ର—ଏହା ଆସାମରେ ଓ ଖାସିଆ ପାହାଡ଼ରେ ଜନ୍ମେ । ପ୍ରାୟ ଆମ୍ବ ଗଛ ଉପରେ ଏ ଲତା ମାଡ଼େ; ଫୁଲ ଧଳା ବା ଧୂସର, ସୁଗନ୍ଧ ଓ ବହୁଦିନସ୍ଥାୟୀ । ବୈଦ୍ୟ ଶାସ୍ତ୍ର ମତରେ ଏହା ଆମ ପାଚକ, ତିକ୍ତ, ଗୁରୁ ଓ ଉଷ୍ଣବୀର୍ଯ୍ୟ, ଏହା, କଫ, ବାୟୁ, ଶୋଥ, ଶ୍ୱାସ, ବାତରକ୍ତ, ବାତ, ଶୂଳ, ଉଦର ରୋଗ, କାସ, ଜ୍ୱର, ବିଷ ଓ ଅଶୀତି ପ୍ରକାର ବାତ ରୋଗ ଓ ସିଧ୍ମ ବିନାଶକ ।]

ରାହା—ବୈଦେ ବି. (ଫା. ରାହ୍; ତୁଲ.ସଂ. ରଥ୍ୟା)—୧। ରାସ୍ତା; ପଥ—1. Road. (ଉ—ଅଜାଣାଁ ବୋଲି ବଳ ରାହାକୁ ଗୋ । କବିସୂର୍ଯ୍ୟ. ସଙ୍ଗୀତ ।) ୨ । (ଲକ୍ଷଣାର୍ଥ) ଉପାୟ—2. Means (ଉ—ନ ବତାଇଲେ ତୁ ସୁଖ ରାହା । କବିସୂର୍ଯ୍ୟ. କଳୋଗାରତ୍ନ୍ପୁଞ୍ଜ ଗୀତ ।) ୩ । ରହିବା ପାଇଁ ସ୍ଥାନ; ଯାଗା; ଥାନ—3. Space; room. (ଯଥା—ସେ ସ୍ଥାନରେ ବସିବାକୁ ରାହା ନାହିଁ ।) ୪ । ଆଶ୍ରୟ ନେବାର ସ୍ଥାନ; ଆଶ୍ରୟ—4. Shelter, place of shelter. ୫ । ବଙ୍ଗଦେଶର ବଂଶୋପାଧିବିଶେଷ—5. A family-title in Bengal.
Rāhā
রাহা
राह

ରାହାଏନ୍—ପ୍ରାଦେ. (ସମ୍ବଲପୁର) ବି—ରାସ୍ତା; ପଥ—Way; road.
Rāhāen

ରାହା ଖରଚ(ଚା)—ବୈଦେ. ବି. (ଫା. ରାହ୍ଖର୍ଚ୍ଚ)—ବାଟଖରଚ; ଯାତାୟତ—Incidental expenses in the course of a journey; travelling expenses.
Rāhā kharacha(chā)
রাহা খরচ
राह खर्च(र्चा)
[ରାହା ଖର୍ଚ୍ଚ(ର୍ଚ୍ଚା)—ଅନ୍ୟରୂପ]

ରାହା ଗିର୍(ରି)—ବୈଦେ. ବି. (ଫା. ରାହ୍ଗୀର୍)—୧ । ପଥିକ; ବାଟୋଇ—1. Way farer; traveller. ୨ । ପର୍ଯ୍ୟଟନ; ଭ୍ରମଣ—2. Travelling.
Rāhāgir(ri)
রাহাদার
राहगीर

ରାହାଙ୍ଗ—ଦେ. ବି. ନାମ—ପୁରୀଜିଲ୍ଲା ସଦରଥାନା ଅନ୍ତର୍ଗତ ଗୋଟିଏ ପ୍ରଗଣାର ନାମ—Name of a Pergunna in the jurisdiction of Sudder Thana of Puri District in Orissa.
Rāhāṅga
রাহাঙ্গ राहांग
[ଉ—ରହାଙ୍ଗ, ରଡଙ୍ଗ ଯହିଁ କେଳକଳା, ଉତ୍କଳ ଭଲୁଛେ କହଳ ଭୁଲୁଲା । ରାଧାନାଥ. ଚନ୍ଦ୍ରଭାଗା ।] [ଦ୍ର—ଏହି ପ୍ରଗଣାରେ ଉତ୍କଳର ସ୍ୱାଧୀନ ରାଜାମାନେ ଦେଶାନ୍ତରରୁ ନୈଷ୍ଠିକ ଓ ବିଦ୍ୱାନ୍ ବ୍ରାହ୍ମଣମାନଙ୍କୁ ଆଣାଇ ବ୍ରହ୍ମୋତ୍ତର ଟଙ୍କୀ ବୃତ୍ତିମାନ 'ସବାକାନ୍ତ ଚକଡ଼ା' ଦାନ କରି ଅନେକ ଗୁଡ଼ିଏ ବ୍ରାହ୍ମଣଶାସନ ବସାଇଥିଲେ । ସେ ଗ୍ରାମଗୁଡ଼ିକ ପ୍ରତିଷ୍ଠାତା ରାଜାମାନଙ୍କ ନାମରେ ଆଖ୍ୟାତ (ଯଥା—ବୀରରାମଚନ୍ଦ୍ରପୁର, ବଜ୍ରେଶ୍ୱରଚନ୍ଦ୍ରପୁର, ବିଶ୍ୱନାଥପୁର, ହରେକୃଷ୍ଣପୁର, ବୀରନରସିଂହପୁର, ବଳଭଦ୍ରପୁର, ରାମୃଚନ୍ଦ୍ରଧରପୁର, ସୋମେଶ୍ୱରପୁର, ବୀରପୁରୁଷୋତ୍ତମପୁର, ପ୍ରତାପପୁରୁଷୋତ୍ତମପୁର, ଶ୍ରୀପୁରୁଷୋତ୍ତମପୁର, ପ୍ରତାପରୁଦ୍ରପୁର) । ଉକ୍ତ ବ୍ରାହ୍ମଣ ଗ୍ରାମଗୁଡ଼ିକ ରାହାଙ୍ଗ ଶାସନ ନାମରେ ଖ୍ୟାତ । କଥିତ ଅଛି ଯେ ପୁରୀରେ ୧୬ ଶାସନ ଓ ୩୨ କରବାଡ଼ (କ୍ଷୁଦ୍ରଗ୍ରାମ) ଅଛି । ଏହା ଛଡ଼ା ଲେମ୍ୱେଇ ପ୍ରଗଣାରେ ୭ ଗୋଟି ବ୍ରାହ୍ମଣଶାସନ ବସିଥିଲା । ଏହି ବ୍ରାହ୍ମଣ ପଣ୍ଡିତମାନେ ଜଗନ୍ନାଥଙ୍କ ବେଢ଼ା ମଧ୍ୟସ୍ଥ ମୁକ୍ତିମଣ୍ଡପରେ ବସି ବେଦପାଠ ଓ ଶାସ୍ତ୍ରବ୍ୟବସ୍ଥାଦି ଦେଉଥିଲେ । ଏମାନଙ୍କ ମଧ୍ୟରୁ ଅନେକ ଅସାଧାରଣ ପଣ୍ଡିତ ଓ ନୈଷ୍ଠିକ ଖ୍ୟାତି ଥାଇ ଭାରତବିଖ୍ୟାତ ହୋଇଥିଲେ । ବ୍ରାହ୍ମଣଶାସନମାନଙ୍କର ସୁଶୃଙ୍ଖଳା ଓ ଦେବାଳୟ ସ୍ଥାପନ, ଗ୍ରାମସେବାର୍ଥ ଭୃତ୍ୟମାନଙ୍କର ଜାଗିରଅଧିର ବନ୍ଦୋବସ୍ତ ଅଦ୍ୟାବଧି କେତେକ ସ୍ଥାନରୁ ଲୁପ୍ତ ହୋଇ ନାହିଁ । ପ୍ରତ୍ୟେକ ବ୍ରାହ୍ମଣ ଶାସନରେ ଉପନିବେଶ କରିଥିବା ବ୍ରାହ୍ମଣମାନଙ୍କ ପକ୍ଷରୁ ରାଜାଙ୍କଠାରୁ ଯେଉଁ ପ୍ରତିନିଧି ଉକ୍ତ ଗ୍ରାମର 'ସବାକାନ୍ତ ଚକଡ଼ା' ଦାନ ଗ୍ରହଣ କରିଥିଲେ ତାଙ୍କୁ ପାଣିଗ୍ରାହୀ ବା ଦାନାଧ୍ୟକ୍ଷ ବୋଲାଯାଉଥିଲା । ପ୍ରତ୍ୟେକ ରାହାଙ୍ଗ ବ୍ରାହ୍ମଣ ଶାସନ ଗୋଟିଏ ଗୋଟିଏ ସୁପରିଚାଳିତ କ୍ଷୁଦ୍ର ଗ୍ରାମ ଗୋଷ୍ଠୀ (Village Community) ପରି ଥିଲା । ଏଣିକି ଉକ୍ତ ବ୍ରାହ୍ମଣଙ୍କ ବଂଶଧରମାନେ ପୂର୍ବପୁରୁଷମାନଙ୍କ ପରି ବିଖ୍ୟାତ, ବିଦ୍ୱାନ୍ ବା ନୈଷ୍ଠିକ ନ ହେଲେ ମଧ୍ୟ ଉକ୍ତ ଶାସନମାନଙ୍କରେ ପ୍ରାଚୀନ ରୀତି ଓ ପଦ୍ଧତିମାନଙ୍କୁ ପୂର୍ଣ୍ଣରୂପେ ଲୁପ୍ତ କରି ନାହାନ୍ତି । ଏ ଶାସନମାନଙ୍କରେ ଥିବା ବ୍ରାହ୍ମଣମାନଙ୍କ ମଧ୍ୟରେ ଶ୍ରେଷ୍ଠ ଶ୍ରେଣୀର ସାମନ୍ତ ବ୍ରାହ୍ମଣ ଅଛନ୍ତି । ସେମାନେ ସାଧାରଣ ଶାସନୀ ବ୍ରାହ୍ମଣଙ୍କ ଅପେକ୍ଷା ସାମାଜିକ ମର୍ଯ୍ୟାଦାରେ ଉଚ୍ଚ ସ୍ଥାନ ଅଧିକାର କରିଅଛନ୍ତି । ଏ ବ୍ରାହ୍ମଣମାନେ ଶାକ୍ତ ଓ ଦୁର୍ଗାପୂଜକ । ପ୍ରାୟ ପ୍ରତ୍ୟେକ ଗ୍ରାମରେ ଶାରଦୀୟ ଦୁର୍ଗୋତ୍ସବ ସମାହିତ ହୁଏ । ଗ୍ରାମଦେବତାଙ୍କ ପାଇଁ ଛଡ଼ାଥିବା ଜମି ଓ ଗ୍ରାମର ଅନାବାଦି ପୋଖରୀଆଦି ଗ୍ରାମବାସୀ "ମହାଜନ"-ଙ୍କର ସାଧାରଣ ସମ୍ପତ୍ତି ବା "କୋଠ" । ଏହି "କୋଠ-କାଠ"ରୁ ଗ୍ରାମରେ ପ୍ରଥମେ ଉପନିବେଶ ସ୍ଥାପନ କରିଥିବା ବ୍ରାହ୍ମଣଙ୍କ ବଂଶଧରମାନେ ତାଙ୍କ ନିର୍ଦ୍ଦିଷ୍ଟ "ଭାଗ" ପାଆନ୍ତି । ସେହି ଭାଗର ସଂଖ୍ୟା ଗ୍ରାମର ପ୍ରତିଷ୍ଠାକାଳର ଭାଗ ସଂଖ୍ୟା ଅଟେ ଓ ତଦବଧି ଖରିଦ ବିକ୍ରି ଏବଂ ବଂଶଧରମାନଙ୍କ ସଂଖ୍ୟାବୃଦ୍ଧି ଅନୁସାରେ

ଭାଗମାନ ବଣ୍ଟା ହୋଇ ଅଂଶିତ ହୋଇଅଛି । ଦେବତାଙ୍କ ନିକଟରେ ଭୋଗ ଲାଗିବା ଯାହା ପଦାର୍ଥ ଭୋଗ ଲାଗେ (ଯଥା—ଦୁର୍ଗାପୂଜା ସମୟରେ ଠାକୁରାଣୀଙ୍କ ଆଗେ ବଳି-ପଡ଼ିବା ଛେଳିର ମାଂସ, ଠାକୁରଙ୍କ ଗନ୍ଧାପୂର୍ଣ୍ଣିମୀ ଆଦିରେ ଲାଗିବା ଭୋଗ) ତାହା ଗ୍ରାମର ମୌଳିକଭାଗ ସଂଖ୍ୟା ଅନୁସାରେ ବାଣ୍ଟି ହୁଏ ଓ ପ୍ରତ୍ୟେକ 'ଭାଗ'ର ଅଧିକାରୀଙ୍କ ନାମ ଡାକରା ହୋଇ ଯଥାକ୍ରମେ ଗୋଟିଏ 'ହାକରା' ପ୍ରତ୍ୟେକ ଭାଗର ଅଧିକାରୀଙ୍କୁ ଦିଆଯାଏ । ଗ୍ରାମର ମହାଜନମାନଙ୍କ ପ୍ରତିନିଧି-ରୂପେ ୨।୩ଜଣ ମହାଜନ ଗ୍ରାମବାସୀଙ୍କଠାରୁ ଟଙ୍କୀ ଖଜଣା ଆଦାୟ କରି ଜମିଦାରଙ୍କ ନିକଟ ସମସ୍ତ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମର ଦେୟ ଟଙ୍କୀ ଦାଖଲ କରନ୍ତି । ଗ୍ରାମର ହିସାବକାଗଜ-ପତ୍ର ଗ୍ରାମର ଜଣେ କୋଠ କର୍ମଚାରୀ ବା ଭୋଇ ନିକଟରେ ରହେ । ଗ୍ରାମଗତ ସାମାଜିକ ସମସ୍ୟାମାନ ଗ୍ରାମବାସୀମାନେ ଗ୍ରାମସଭାରେ ମୀମାଂସା କରନ୍ତି । ଗ୍ରାମର ପ୍ରତିଷ୍ଠାନ ସମୟରେ ଯେଉଁମାନଙ୍କର ଭାଗ ଥିଲା ସେହିମାନଙ୍କ ବଂଶଧରମାନେ ଓ ସେମାନେ ସାଧାରଣ ମହାଜନଙ୍କ ସାଙ୍ଗରେ ଗ୍ରାମରେ ଆଣି ଅନ୍ୟ ଯେଉଁ କୁଳୀନ ବ୍ରାହ୍ମଣଙ୍କୁ ଘର କରାଇ ରଖାଇଅଛନ୍ତି ସେମାନେ କେବଳ (ମହାଜନ) ଆଖ୍ୟା ପାଆନ୍ତି । ପଣ୍ଡାଜାତୀୟ ବ୍ୟକ୍ତି ଓ ଶୁଦ୍ର ଓ ଅନ୍ୟ ଗ୍ରାମର ବ୍ରାହ୍ମଣ କୌଣସି ଶାସନର ଟଙ୍କୀ ଜମି କିଣିଲେ ମଧ୍ୟ ସେ 'ମହାଜନ' ଉପାଧି ପାଇ ପାରନ୍ତି ନାହିଁ, କିମ୍ବା ଗ୍ରାମର କୋଠକାଠରେ ଅଧିକାରୀ ହୋଇ ପାରନ୍ତି ନାହିଁ । ରାଜା ଯେଉଁମାନଙ୍କୁ ପ୍ରଥମେ ଏ ଶାସନମାନ ଦାନ କରିଥିଲେ ସେମାନେ ଏ ବୃତ୍ତିମାନଙ୍କୁ ଖଇରାତ୍‌ସ୍ୱରୂପ ନେବାକୁ ଆପତ୍ତି କରିବାରୁ ଦାନ ସମୟରେ ଉକ୍ତ ବୃତ୍ତି ଉପରେ ନାମମାତ୍ର ଗୋଟିଏ କର (Quit rent) ଧାର୍ଯ୍ୟ ହେଲା । ସେହି କର ଚିରକାଳ ସକାଶେ ଧାର୍ଯ୍ୟ ହେଲା । ତାହାକୁ 'ଟଙ୍କୀ' ବୋଲାଯାଏ । ପୂର୍ବେ ଏହି ଟଙ୍କୀ ରାଜସ୍ୱ 'କଉଡ଼ି'ରେ ଦିଆ ଯାଉଥିଲା । ବର୍ତ୍ତମାନ ସେ କଉଡ଼ିର ପରିମାଣକୁ ଟଙ୍କାରେ କଷାଯାଇ କର ଟଙ୍କା ଦିଆଯାଏ । ଇଂରାଜ ରାଜତ୍ୱରେ ଓଡ଼ିଶାର ରାଜସ୍ୱ ବନ୍ଦୋବସ୍ତ ହେବା ସମୟରେ ଇଂରାଜ ଗଭର୍ଣ୍ଣମେଣ୍ଟ ଟଙ୍କୀଦାରମାନଙ୍କୁ ସନନ୍ଦର ପ୍ରମାଣ ଦର୍ଶାଇବାପାଇଁ ତଲବ କଲେ । ଯେଉଁମାନଙ୍କ ସନନ୍ଦକୁ ଇଂରାଜ ରାଜକର୍ମଚାରୀ ବିଶ୍ୱାସଯୋଗ୍ୟ ଓ ସନ୍ତୋଷଜନକ ବୋଲି ବିବେଚନା କଲେ, ସେହି ଗ୍ରାମମାନ ଟଙ୍କୀ ବାହେଲ ରହିଲା ଏବଂ ଯେଉଁମାନଙ୍କ ସନନ୍ଦ ସନ୍ତୋଷଜନକ ନ ହେଲା ସେମାନଙ୍କ ଜମି ଉପରେ ଟଙ୍କୀ ଜମା ବୃଦ୍ଧି କରାଯାଇ ସେମାନଙ୍କ ଜମିମାନ ଟଙ୍କୀ ବାଜ୍ୟାପ୍ତି କରାଗଲା । ପୁରୀର ବ୍ରାହ୍ମଣ ଶାସନମାନଙ୍କର ଶାସନପଦ୍ଧତିକୁ ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ, ସେହି ପଦ୍ଧତି ପ୍ରାଚୀନ ଭାରତରେ ହିନ୍ଦୁ ରାଜ୍ୟରେ ପ୍ରଚଳିତ ଗ୍ରାମ-ଶାସନ-ମଣ୍ଡଳ (Village community)ର ଛାୟା ଅଟେ । ପ୍ରତ୍ୟେକ ଗ୍ରାମଗତ ଯାବତୀୟ ବିଷୟକୁ ଉକ୍ତ ଗ୍ରାମର ମହାଜନମାନେ ଚଳାଉ-ଥିଲେ; ଏବେ ମଧ୍ୟ ଏହି ଶାସନପ୍ରଣାଳୀର ଛାୟା କେତେକ ଶାସନରୁ ଲୁପ୍ତ ହୋଇ ନାହିଁ । ଗ୍ରାମ ଦେବତାଙ୍କ ସେବା, ଗ୍ରାମର ମହାଜନ ପରିବାରମାନଙ୍କ ଲୁଗାକଚା, କ୍ଷୌର, ହାଣ୍ଡି ଯୋଗାଇବା ଆଦି କାର୍ଯ୍ୟ ପୁରୁଷାନୁକ୍ରମେ ଜାଗିରଖିଆ ସେବକ, ଧୋବା, ଭଣ୍ଡାରି, କୁମ୍ଭାରଆଦିଙ୍କ ଦ୍ୱାରା କଳ ଚଳଲା ପରି ଚଳି ଆସୁଅଛି । ଅନ୍ୟ-ସ୍ଥାନବାସୀ ବ୍ୟକ୍ତିମାନେ ରହାଙ୍ଗଶାସନର ଅନେକ ଟଙ୍କୀବୃତ୍ତି ଖରିଦ କରି ନେଲେଣି, କିନ୍ତୁ ସେମାନେ ଅଦ୍ୟାପି ଗ୍ରାମର 'ମହାଜନ'ରୂପେ ସ୍ୱୀକୃତ ହୋଇ ନାହାନ୍ତି କିମ୍ବା ଗ୍ରାମର କୋଠ-କାଠ, ପାଳ-ହାକରା, ଦର୍ଶନ ଦେଉଳ ଆଦିରେ ବହୁ ଚେଷ୍ଟାସତ୍ତ୍ୱେ ସୁଦ୍ଧା ଅଧିକାର ଜମାଇପାରି ନାହାନ୍ତି । ବର୍ତ୍ତମାନ ଶାସନୀବ୍ରାହ୍ମଣଙ୍କ ବଂଶଧରମାନେ ଗରିବ ହୋଇଗଲେଣି ଓ ପୂର୍ବର ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ ଆଦି କାର୍ଯ୍ୟମାନ ଛାଡ଼ି, ଚାକିରି, ପୁରୀର ପଣ୍ଡାଙ୍କ ଯାତ୍ରୀ ଗୁମାସ୍ତାଗିରି (ରହାଙ୍ଗୀ ଭାଷାରେ ବାଟକୁ ଯିବା) କରି ପେଟ ପୋଷୁଅଛନ୍ତି । ଶାସନ ବ୍ରାହ୍ମଣଙ୍କ ବଂଶଧରମାନେ ମଧ୍ୟ ପ୍ରାଚୀନ ଉତ୍କଳର ଗଜପତିଙ୍କ ଅଧିନାୟକତ୍ୱର ସୀମାସ୍ଥ ଗଡ଼ଜାତରେ ଓ କଟକ, ପୁରୀ, ବାଲେଶ୍ୱର, ମେଦିନୀପୁର, ଗଞ୍ଜାମ ଆଦି ନାନାସ୍ଥାନରେ ଯାଇ ପୁରୁଷାନୁକ୍ରମେ ବାସ କରିଅଛନ୍ତି । ଯାଜପୁରର ବ୍ରାହ୍ମଣଶାସନମାନ କେଶରୀବଂଶୀୟ ରାଜାମାନଙ୍କର କୀର୍ତ୍ତି, କିନ୍ତୁ ପୁରୀର ଅଧିକାଂଶ ବ୍ରାହ୍ମଣ ଶାସନମାନ ଉତ୍କଳର ଗଙ୍ଗାବଂଶୀୟ ରାଜାମାନଙ୍କଦ୍ୱାରା (୧୨ଶରୁ ୧୬ଶ ଶତାବ୍ଦୀ) କିମ୍ବା ସେମାନଙ୍କ ମନ୍ତ୍ରୀମାନଙ୍କଦ୍ୱାରା ସ୍ଥାପିତ । ଏହି ବ୍ରାହ୍ମଣମାନେ ଶାକ୍ତ ଓ ସେମାନେ ବିଷ୍ଣୁଙ୍କୁ ମଧ୍ୟ ଅବଶ୍ୟ ପୂଜା କରନ୍ତି, କିନ୍ତୁ ଚୈତନ୍ୟ ଦେବ ପ୍ରବର୍ତ୍ତିତ ବୈଷ୍ଣବଧର୍ମ ଓ ନାମସଙ୍କୀର୍ତ୍ତନ ପୁରୀର ରହାଙ୍ଗର ବ୍ରାହ୍ମଣଶାସନବାସୀ ଶାସନୀ ବ୍ରାହ୍ମଣଙ୍କ ମଧ୍ୟରେ ପ୍ରବେଶ କରିପାରି ନାହିଁ । ଉତ୍କଳର ଚୈତନ୍ୟଙ୍କ ବୈଷ୍ଣବଧର୍ମରେ ପ୍ରଥମେ ଦୀକ୍ଷିତ ହେବା ବ୍ୟକ୍ତିମାନେ ଶୁଦ୍ର କିମ୍ବା ବ୍ରାହ୍ମଣ ଜାତୀୟ ଅଟନ୍ତି । ଏ ଶାସନମାନ ଶ୍ରୀଚୈତନ୍ୟଦେବଙ୍କ ଖ୍ରୀ: ୧୬ଶ ଶତାବ୍ଦୀରେ ଉତ୍କଳକୁ ଆସିବା ପୂର୍ବରୁ ସ୍ଥାପିତ ହୋଇଥିଲା । ଗ୍ରାମ ମଧ୍ୟରେ ବ୍ରାହ୍ମଣେତର ଜାତି ବାସ କରୁଥିଲେ । ସେମାନେ ଗ୍ରାମର ଉପକଣ୍ଠରେ ପଡ଼ାମାନଙ୍କରେ ରହୁଥିଲେ । ଏବେ ମଧ୍ୟ ଏ ନିୟମର ବ୍ୟତିକ୍ରମ ଘଟି ନାହିଁ । ଗ୍ରାମମାନଙ୍କରେ ଅନେକ ଦିନ ବର୍ତ୍ତମାନ ମେଳା ପଡ଼ିଅଛି ଓ ହସ୍ତାନ୍ତର ହୋଇଅଛି । ପୂର୍ବେ ରହାଙ୍ଗ ଶାସନର ବ୍ରାହ୍ମଣମାନେ ମୁକ୍ତିମଣ୍ଡପ ଦ୍ୱାରା ସମଗ୍ର ଭାରତର ହିନ୍ଦୁମାନଙ୍କୁ ଧର୍ମ-ବ୍ୟବସ୍ଥାମାନ ଦେଇ ପାଣ୍ଡିତ୍ୟ ପାଇଁ ଖୁବ୍ ପୂଜ୍ୟ ହୋଇଥିଲେ ଓ ରହାଙ୍ଗ ଶାସନର ରୀତିନୀତିମାନ ଉତ୍କଳୀୟ ଅନ୍ୟ ବ୍ରାହ୍ମଣଙ୍କର ଆଦର୍ଶ ଥିଲା ।]

ରହାଙ୍ଗ ବାଡ଼—ଦେ. ବ (ସମୂହର)—ରହାଙ୍ଗ ବ୍ରାହ୍ମଣଶାସନମାନ—
Rāhāṅga bārḍa The Śāsana villages of the Puri district.

ରହାଙ୍ଗ ଶାସନ—ଦେ. ବ—ପୁରୀଜିଲ୍ଲା ରହାଙ୍ଗ ପ୍ରଗଣାରେ ବହୁ
Rāhāṅga śāsana କାଳରୁ ସ୍ଥାପିତ ବ୍ରାହ୍ମଣ ଗ୍ରାମମାନ—
রাহাঙ্গের ব্রাহ্মণশাসন Brāhmaṇa villages of the
राहाङ्गका ब्राह्मणशासन Rāhāṅga Pergunna of the district of Puri in Orissa.

ରହାଙ୍ଗି—ଦେ. ବଣ—ପୁରୀର ରହାଙ୍ଗ ଶାସନ ସମ୍ବନ୍ଧୀୟ—Relating
Rāhāṅgi to the Śāsana villages of Rāhāṅga
(ରହାଙ୍ଗିଆ—ଅନ୍ୟରୂପ) of the Puri district.

ରହାଡ଼ି—ଦେ. ବ—ବାଲୁଙ୍ଗା ଧାନର ଗଛ; ନିବାର ଗୁଳ୍ମ—
Rahārḍi The paddy plants which grow from
উড়িধানের গাছ stray seeds. [ବ୍ରି—ଏ ବର୍ଷ ଗଛରୁ ଝଡ଼ି
अनेहया ପଡ଼ିଥିବା ଚାଉଳ ଧାନ ଆଗାମୀ ବର୍ଷକୁ ନିଜକୁ ଗଛ ହୁଏ ।
ଏ ଧାନ ଭୂଣାଧାନ ଅପେକ୍ଷା ଚାଉଳ ପାଡ଼ଯାଏ ଓ କେଣ୍ଡାରେ
ସରୁଧାନ ପାଚ ଏକାଥରକେ ନ ଝଡ଼ି ଗୋଟି ଗୋଟି ହୋଇ
ଝଡ଼ି ପୁଣି ଆଗାମୀ ବର୍ଷ ବଂଶଗଛ ଭାଳୁଙ୍ଗାମୟ କରଦଏ ।
ବାଲୁଙ୍ଗାରେ ଶିଙ୍ଗ ଅଛି । ରହାଡ଼ି ଧାନରେ ଶିଙ୍ଗ ନାହିଁ ।
ପ୍ରଥମ ବର୍ଷ ପଡ଼ିବା ଧାନ ରହାଡ଼ି । ରହାଡ଼ି ପଡ଼ି ପର ବର୍ଷକୁ
ବାଲୁଙ୍ଗା ବୋଲାଏ) ପ୍ରାଦେ (ସମ୍ବଲପୁର ଓ ସିଂହଭୂମି)
ବ—ହରଡ଼—A kind of pulse; Cajanus Indicus.

ରହାଣବେଲି—ପ୍ରାଦେ (ବାଣପୁର) ବ—ନାହାଲବେଲି (ଦେଖ)—
Rāhāṇabeli Nāhālabeli. (See) [ବ୍ରି—ଏଥିର କାଠ
ଖୁବ୍ ଟାଣ । ଏଥିରୁ ବାଡ଼ି ହୁଏ । ଫଳ ହଳଦିଆ । କୋଳ
ପାଚଲେ ନାଲି ଓ କଳା ହୁଏ । ଏଥିର କୋଳ ପକ୍ଷୀମାନେ
ଖାଆନ୍ତି ।]

ରାହାଦାର—ବୈଦେ. ବ (ଫା)—ରାଜଦାଣ୍ଡରେ ପଥିକମାନଙ୍କଠାରୁ
Rāhādāra ରାଜଶୁଳ୍କ ଆଦାୟ କରିବା ରାଜକର୍ମଚାରୀ—
রাহাদার **राहादार** A public toll-collector.

ରାହାଦାରି—ବୈଦେ. ବ (ଫା)—୧ । ରାଜଦାଣ୍ଡରେ ଯିବାର ଛାଡ଼ପତ୍ର
Rāhādāri ବା ରାଜାଙ୍କ ଅନୁମତି ପତ୍ର—1. Passport ୨ ।
(ରାହାଦାରୀ—ଅନ୍ୟରୂପ) ରାଜମାର୍ଗକୁ ବ୍ୟବହାର କରିବା ପଥିକ-
রাহাদারী **राहादारी** ମାନଙ୍କଠାରୁ ଆଦାୟ କରାଯିବା ଶୁଳ୍କ—
2. Tax or toll collected from travellers for using the king's high way. ବିଣ—
ରାହାଦାର ସମ୍ବନ୍ଧୀୟ—3. Relating to toll or passport.

ରାହା ଦେବା—ଦେ କ୍ରି—୧ । ବାଟ ଛାଡ଼ି ଦେବା—1. To make
Rāhā debā way for one. ୨ । କୌଣସି ବ୍ୟକ୍ତିକୁ ସ୍ଥାନ
রাস্তাদেওয়া **राहदेना** ବା ଆଶ୍ରୟ ଦେବା—2. To give
shelter to a person or let a personn occupy a space. (ଯ—ଏ ଗାଆଁବାଲାସବ କେହି
ମତେ ଟିକିଏ ରାହା ଦେଲେ ନାହିଁ ।)

ରହା ଧରିବା—ଦେ. କ୍ରି—୧ । ସ୍ତ ଧରିବା (ଦେଖ)—1. Rā
Rāhā dharibā dharibā. (See) ୨ । ରାସ୍ତା ଧରିବା,
রাধরা, কোকান **राहधरना** (ଦେଖ)—2. Rāstā dharibā (See)

ରାହା ପାଗ—ଦେ. ବ—ଦେଉଳର ଅଂଶ ବିଶେଷ—(ଦେଉଳ ତଳେ
Rāhā pāga ଟୀକା ଓ ଦେଉଳର ଚିତ୍ର ଦେଖ)—
A particular portion of a temple.

ରାହାବାଡ଼ି—ପ୍ରାଦେ (ଗଞ୍ଜାମ) ବ—ଭୂମିକୁ ଭୋଗ କରୁଥିବା ପ୍ରଜାଠାରୁ
Rāhābārḍi ଭୂସ୍ୱାମୀଙ୍କ ପ୍ରାପ୍ୟ ରାଜସ୍ୱ ବା ଖଜଣା; ଆଦାୟ
ଜମା—Land revenue; rent payble to the landlord for the use of land.

ରାହାବାଳି—ଦେ. ବ. ଓ ବଣ ସ୍ତ୍ରୀ—କଳିକାଣ୍ଡୋଳି ସ୍ତ୍ରୀ—
Rāhābāḷi A shrew; a termagant woman.
दजाल झगड़ालु, लोमड़ी

ରାହା ରବସ୍ଥା—(ବ, ବେ) ଦେ. ବ ବୈ (ଫା)—ସ୍ଥିତି; ଅସ୍ତିତ୍ୱ—
Rāhā raba(bi, be)yā Existence. (ଯଥା—ମୁଁ ତାହାର
অস্তিত্ব **पहाबाट** ରାହା ରବସ୍ଥା ରଖି ଦେବି ନାହିଁ ।)

ରହାସ—ଗ୍ରା. ବ (ସଂ. ରାସ)—୧ । ରାସ (ଦେଖ)—1. Rāsa.
Rāhāsa (See) ୨ । ରାସଲୀଳାର ଅଭିନୟ—2. The act-
রাস **रास** ing or stage-performance of Rāsa.
୩ । (ପୁଂ.) ରାସବିହାରୀ ଲୋକର ଡାକ ନାମ—
3 Name for calling Rāsabihāri. ୪ । ଯୁବକ
ଯୁବତୀ ବା ରସିକ ରସିକାଙ୍କ ମଧ୍ୟରେ ପ୍ରେମଲୀଳା—
4. Love scenes. ବୈଦେ. ବ—ରାସ୍—
Rās. (See)

ରହାସ ଜାତ(ତେ)ରା—ଗ୍ରା.ବ (ସଂ. ରାସଯାତ୍ରା)-ରାସଲୀଳାର ଅଭିନୟ—
Rāhāsa jāta(te)rā The stagic performance of
রাসযাত্রা **रासयात्रा** Rāsalīlā.
[ରାହାସ ଯାତ୍ରା(ତ)—ଅନ୍ୟରୂପ]

ରହାସ ନ(ଲୀ)ଳା—ଗ୍ରା. ବ (ସଂ. ରାସଲୀଳା)—୧ । ରାସଲୀଳା—
Rāhāsa ni (lī) lā 1. Stage-performance of
রাসলীলা **रासलीला** Rāsa. ୨ । (ମନାର୍ଥ) ରସିକ ରସିକାଙ୍କ
ଯୁବକ ଯୁବତୀଙ୍କ ପ୍ରଣୟକ୍ରୀଡ଼ା—2. Love-scenes between young couple.

ରାହାସ ବ(ବେ)ହାରି—ଗ୍ରା. ବ. ପୁଂ (ସଂ. ରାସବିହାରୀ)—ରାସବିହାରୀ
Rāhāsa bi(be)hāri ନାମର ଅଶୁଦ୍ଧ ଉଚ୍ଚାରଣ—In-
রাসবিহারী **रासबिहारी** correct spelling of the name Rāsabihāri.

ରାହାସ ମଣ୍ଡୁଅ—ପ୍ରାଦେ. (ସମ୍ବଲପୁର) ବ—ପର୍ବାଦିରେ ସଙ୍କୀର୍ତ୍ତନ
Rāhāsa manduā କରାଯିବା ପାଇଁ ଗ୍ରାମର ମଧ୍ୟସ୍ଥଳରେ ପ୍ରସ୍ତୁତ
ବଡ଼ ଛାମଣ୍ଡପ—A place under on awning prepared in the middle of the village for chanting "Sankīrttana" during
[ରାହାସ ମଣ୍ଡପ (ମଣ୍ଡପ)—ଦେ. ରୂପ] festivals.

ରାହାସିଆ—ଦେ.ବ. ପୁଂ(ଅନାଦରାର୍ଥକ)—ରାସବିହାରୀର ଡାକ ନାମ—
Rāhāsia Name for calling Rāsabihari.
রাস্থ रासीया

ରାହାସୀ—ଦେ. ବ. ସ୍ତ୍ରୀ (ସଂ. ରାସମଣି)—ରାସମଣିର ଡାକ ନାମ—
Rāhāsi Name for calling Rāsamaṇi.
রাসমণি रासमनी

ରାହି—ଦେ. ବ—ରାହୀ (ଦେଖ)
Rāhi Rāhī. (See)

ରାହିତ୍ୟ—ସଂ. ବ (ରହିତ+ଭାବ. ଯ)—୧ । ନିବୃତ୍ତି—1. Cessation; stoppage.—୨ । ଅଭାବ; ଅନୁପସ୍ଥିତି
Rāhitya 2. Absence; want.

ରାହିନ୍—ବୈଦେ. ବ (କଚହରୀ) (ଅ)—ରହନବେବକ ଦାତା ଖାତକ;
Rāhin ଯେଉଁ ବ୍ୟକ୍ତି ସମ୍ପତ୍ତି ରହଣ ବା ବନ୍ଧକ ରଖି ମହାଜନଠାରୁ
रहन राहिन ଟଙ୍କା କରଜ କରେ—A mortgagor.

ରାହୀ—ବୈଦେ. ବ (ଫା)—ପଥିକ—Traveller; wayfarer.
Rāhī ଦେ. ଡ—ରାଧା—Rādhā. (ଦ୍ର—ଗଗନରୁ ଶୁଣି
রাহীদার राही ବୋଲଇ ସେ ରାହୀ ଶୁଣ ହୋ ଭୂମିବନାଥ ।
রাহি राई ପ୍ରାଚୀ. ବିଷବାରଣ ।)

ରାହୁ—ସଂ. ବ (ରହ୍. ଧାତୁ=ତ୍ୟାଗ କରିବା+କର୍ତ୍ତୃ. ଉ)—
Rāhu ୧ । (ଜ୍ୟୋତିଷ) ମଗ୍ରହ; ସିଂହିକାର ପୁତ୍ର; କେତୁର ମସ୍ତକଭାଗ—1. (astrology) The Dragon's head. ୨ । ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରଙ୍କୁ ଆଚ୍ଛାଦନ କରିବା ପୃଥିବୀର ଛାୟା—2. The shadow of the earth covering the moon during the eclipse; the ascending node.
[ଦ୍ର—ଏହା ହିନ୍ଦୁ ଜ୍ୟୋତିଷ ମତରେ ଗୋଟିଏ ଗ୍ରହ; ବସ୍ତୁତଃ ପ୍ରକୃତରେ ଏହା ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମଧ୍ୟରେ ପୃଥିବୀ ଅବସ୍ଥାନ କରିବାବେଳେ ଚନ୍ଦ୍ରଙ୍କ ଉପରେ ପଡ଼ିବା ପୃଥିବୀର ଛାଇ । କଥିତ ଅଛି ଯେ ଦେବାସୁରମାନେ ମନ୍ଦରଗିରିକୁ ମନ୍ଥନ ଦଣ୍ଡ ଓ ବାସୁକିକୁ ମନ୍ଥନରଜ୍ଜୁ କରି କ୍ଷୀର ସମୁଦ୍ରକୁ ମନ୍ଥନ କରିବା ସମୟରେ ତହିଁରୁ ଜାତ ହେବା ଅମୃତର କିୟଦଂଶ ଗୋଟିଏ ଅସୁର ଲୁଚି କରି ଖାଇଦେଲା ଓ ସେହି ଯୋଗୁଁ ଅମରତ୍ୱ ଲାଭ କଲା । ପରେ ବିଷ୍ଣୁ ଏହା ଜାଣିପାରି ସୁଦର୍ଶନଚକ୍ରଦ୍ୱାରା ଉକ୍ତ ଅସୁରର ମୁଣ୍ଡ କାଟିଦେଲେ । ସେ ଅମୃତ ଖାଇଥିବାରୁ ମଲା ନାହିଁ ଓ ତା ମୁଣ୍ଡଟି ରାହୁ ହେଲା ଓ ଗଣ୍ଡିଟି କେତୁ ହେଲା । ତଦବଧି ରାହୁ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଆକ୍ରମଣ କରେ । ହିନ୍ଦୁମାନେ ଏହାକୁ 'ଚଣ୍ଡାଳ' ବୋଲି ଘୃଣା କରନ୍ତି ଏବଂ ଚନ୍ଦ୍ରଙ୍କୁ ଏ ଛୁଇଁ ଦେଲେ (ଅର୍ଥାତ୍ ଚନ୍ଦ୍ରଗ୍ରହଣ ହେଲେ) ଚନ୍ଦ୍ର ଚଣ୍ଡାଳଛୁଆଁ ହୁଅନ୍ତି ଓ ପୃଥିବୀର ଲୋକେ ମଧ୍ୟ ଚଣ୍ଡାଳଛୁଆଁ ହୋଇ ସ୍ନାନ କରିବାଦ୍ୱାରା ସେ ଛୁଆଁ ଦୋଷରୁ ମୁକ୍ତ ହୁଅନ୍ତି ।
ଜ୍ୟୋତିଷ ଶାସ୍ତ୍ରରେ ଏହା ଗୋଟିଏ ଦୁଷ୍ଟଗ୍ରହ ଓ ମନୁଷ୍ୟ ଜୀବନରେ ଏହାର ଦଶାଭୋଗ କାଳ ୧୮ ବର୍ଷ ଓ ଏହାର ଦଶା ମଙ୍ଗଳଦଶା ପରେ ଓ ବୃହସ୍ପତି ଦଶା ପୂର୍ବରେ ପଡ଼େ ।]
୩ । (ଲକ୍ଷଣାର୍ଥ) ଅତ୍ୟାଚାରୀ ବା ପରପୀଡ଼କ ବ୍ୟକ୍ତି—3. An oppressor.

ରାହୁ ଅନ୍ତର—ସଂ. ବ. (ଜ୍ୟୋତିଷ)—ମନୁଷ୍ୟର ପରମାୟୁ କାଳରେ
Rāhu antara ଅନ୍ୟ ଗ୍ରହମାନଙ୍କର ଦଶାକାଳ ମଧ୍ୟରେ ରାହୁ (ରାହୁ ଅନ୍ତର ଦଶା—ଅନ୍ୟରୂପ) ଗ୍ରହର ଅନ୍ତରଦଶା—(astrology) The portion of the astrological period of a man's life when any other planet is in conjunction with Rāhu.

ରାହୁଆ—ଦେ. ବଣ—ରାଉଆ (ଦେଖ)
Rāhuā Rāuā (See)

ରାହୁଆ ପାଟି—ଦେ. ବ—ଅତି ଉଚ୍ଚ ସ୍ୱରବିଶିଷ୍ଟ ପାଟି; ରାସଭ ସ୍ୱର-
Rāhuā pāṭi ବିଶିଷ୍ଟ ଗଳା—A stentorian tone.
উচু গলা गदहा स्वर

ରାହୁଆ ମାଟି—ଦେ. ବ—ଖୁବ୍ ଭଲ ସରସା ମାଟି; ଖୁବ୍ ମଟାଳ ମାଟି—
Rāhuā māṭi A kind of very fertile soil.
এঁটেল মাটী [ଦ୍ର—ଏହା ଖରା ହେଲେ ମାଟେ ଫାଟିଯାଏ ଓ
मटियारी मिट्टी ବର୍ଷାରେ କାଦୁଆ ହୁଏ ।]

ରାହୁ ଗ୍ରସ୍ତ—ସଂ.ବ. (ଙସ୍ତ୍ରୀ ଚନ୍ଦ୍ର)—ରାହୁ କର୍ତ୍ତୃକ ଅବାନ୍ତ (ଗ୍ରହଣକାଳୀନ
Rāhu grasta ଚନ୍ଦ୍ର ଓ ଗ୍ରସନକାଳୀନ ସୂର୍ଯ୍ୟ)—Pervaded by Rāhu (the sun and and moon during the eclipse).

ରାହୁ ଗ୍ରହ—ସଂ. ବ—ଗ୍ରହ ରୂପେ କଳ୍ପିତ ହିନ୍ଦୁ ଜ୍ୟୋତିଷର ନବଗ୍ରହ
Rāhu graha ମଧ୍ୟରୁ ଅଷ୍ଟମ ଗ୍ରହ—The eighth of the (ରାହୁ ମହାଗ୍ରହ—ଅନ୍ୟରୂପ) nine planets of Hindu astrology. [ଦ୍ର—ପ୍ରକୃତରେ ଏହା ଗ୍ରହ ନ ଥାଇ ପୃଥିବୀର ଛାୟା ଅଟେ ।]

ରାହୁ ଗ୍ରହଣ—ସଂ. ବ. (ଙସ୍ତ୍ରୀ ଚନ୍ଦ୍ର)—ରାହୁଙ୍କ ଦ୍ୱାରା ଚନ୍ଦ୍ର ବା ସୂର୍ଯ୍ୟଙ୍କର
Rāhu grahaṇa ଗ୍ରହଣ—The solar or lunar (ରାହୁଗ୍ରାହ—ଅନ୍ୟରୂପ) eclipse brought about by Rāhu

ରାହୁ ଗ୍ରାସ—ସଂ. ବ. (ଜ୍ୟୋତିଷ)—(ରାହୁର ସୂର୍ଯ୍ୟ ବା ଚନ୍ଦ୍ରଙ୍କୁ ଗ୍ରାସ ବା
Rāhu grāsa ଭୋଜନ କରିବା)—ରାହୁ ଦ୍ୱାରା ସୂର୍ଯ୍ୟ ବା ଚନ୍ଦ୍ରଙ୍କର ଆକ୍ରମଣ; ଚନ୍ଦ୍ର ଗ୍ରହଣ ବା ସୂର୍ଯ୍ୟଗ୍ରହଣ—Eclipse.

ରାହୁତ—ଦେ. ବ. (ସଂ. ରାଜପୁତ୍ର)—୧ । ରାଉତ; ଅଶ୍ୱାରୋହୀ—
Rāhuta 1. Horse man. ୨ । ଅଶ୍ୱାରୋହୀ ଭଟ—
রাউত रावत 2. A cavalry soldier.

ରାହୁତିଆ—ଦେ.ବଣ—ରାହୁତ ସମ୍ବନ୍ଧୀୟ—Relating to a horseman.
Rāhutiā

ରାହୁ ଦଶା—ସଂ. ବ. (ଜ୍ୟୋତିଷ)—କେରଳ ଗଣନା କ୍ରମେ ମନୁଷ୍ୟର
Rāhu daśā ପରମାୟୁ କାଳ ମଧ୍ୟରେ ପଡ଼ିବା ରାହୁ ଗ୍ରହର ଦଶା; (ଏଥିର ଭୋଗକାଳ ୧୮ ବର୍ଷ; ଏ ଦଶା ମଙ୍ଗଳ ଦଶା ପରେ ଓ ବୃହସ୍ପତି ଦଶା ପୂର୍ବରୁ ପଡ଼େ)—The period of a

man's life in which the planet Rahu is supreme.

ରାହୁ ଦର୍ଶନ—ସ. ବ—୧ । ଚନ୍ଦ୍ର ସୂର୍ଯ୍ୟଙ୍କ ଗ୍ରହଣ—1. Eclipse.
Rāhu darśana ୨ । ଗ୍ରହଣ ସମୟରେ ଚନ୍ଦ୍ର ସୂର୍ଯ୍ୟଙ୍କୁ ଦେଖିବା—2. Seeing the sun or the moon during an eclipse.

ରାହୁପ—ଦେ. ବ. ନାମ—ରାଜପୁତ ବୀର ବିଶେଷ—
Rāhupa A Rajput hero of the name.

ରାହୁ ପ୍ରତ୍ୟନ୍ତର—ସ. ବ. (ଜ୍ୟୋତିଷ)—ଗ୍ରହମାନଙ୍କ ଦଶାକାଳ
Rāhu pratyantara ମଧ୍ୟରେ ଗ୍ରହମାନଙ୍କ ଅନ୍ତରଦଶା
(ରାହୁ ପ୍ରତ୍ୟନ୍ତର ଦଶା—ଅନ୍ୟରୂପ) ମଧ୍ୟରେ ରାହୁ ଗ୍ରହର ପ୍ରତ୍ୟନ୍ତର ଅବସ୍ଥା—(astrology) The period of man's life when Rāhu is the tertiary presiding planet during the primary and the secondary periods of other planets.

ରାହୁ ଭୂତି—ସ.ବ. (୬ଷ୍ଠୀ ତତ୍; ରାହୁ+ଭୂତି=ଐଶ୍ୱର୍ଯ୍ୟ; ବ୍ୟଙ୍ଗ୍ୟ)—
Rāhu bhūti ଶିରଚ୍ଛେଦ—Beheading.

ରାହୁ ଭେଦୀ—ସ. ବ. ପୁଂ (ରାହୁ ଭେଦିନ୍ ୧ମା. ୧ବ; ଯେ ରାହୁକୁ
Rāhu bhedī ସୁଦର୍ଶନ ଚକ୍ର ଦ୍ୱାରା ଭେଦ କରିଥିଲେ)—ବିଷ୍ଣୁ—Bishṇu.

ରାହୁ ମଣି—ସ. ବ (ମ.ପ. ଲୋ)—ରାହୁଙ୍କ ପ୍ରିୟ ରତ୍ନ; ଗୋମେଦ ମଣି;
Rāhu maṇi ପିଙ୍ଗଳ ବା ପୀତ ବର୍ଣ୍ଣ ମଣିବିଶେଷ—A sort
(ରାହୁ ରତ୍ନ—ଅନ୍ୟରୂପ) of gem; topaz.

ରାହୁ ମୁକ୍ତ—ସ. ବଣ. (୫ମୀ ତତ୍)—ରାହୁ ଗ୍ରାସରୁ ବା ରାହୁ ଗ୍ରହଣରୁ
Rāhu mukta ମୁକ୍ତି ପ୍ରାପ୍ତ (ଚନ୍ଦ୍ର ବା ସୂର୍ଯ୍ୟ); ଗ୍ରହଣରୁ ମୋକ୍ଷପ୍ରାପ୍ତ—Freed from eclipse (sun or moon).

ରାହୁ ମୁକ୍ତି—ସ. ବ—ଚନ୍ଦ୍ର ବା ସୂର୍ଯ୍ୟଙ୍କଠାରୁ ଗ୍ରହଣ ଛାଡ଼ିଯିବା—
Rāhu mukti Release of the sun or moon from the eclipse.
ରାହୁ ମୋକ୍ଷ
ରାହୁ ମୋକ୍ଷଣ } ଅନ୍ୟରୂପ
ରାହୁ ମୋଚନ

ରାହୁ ରାହୁ—ଦେ. ଅ—ରାଉ ରାଉ (ଦେଖ)
Rāhu rāhu Rāu rāu (See)

ରାହୁ ରେଖା—ଦେ. ବ—କପାଳରେ ମଧ୍ୟସ୍ଥଳରେ ଦୁଇ ଆଖି ମଧ୍ୟରେ ପିନ୍ଧା
Rāhu rekhā ଯିବା ସୁନାର ଅଳଙ୍କାର—An ornament
ସିଁତି मांग टीका for the head of women.
(ଉ—କପାଳେ ସୁବର୍ଣ୍ଣ ରାହୁରେଖା ଝଳକ । ସାଳଭୃଞ୍ଜ. ରସକଲ୍ଲୋଳ ।)

ରାହୁଳ—ଦେ. ବ—୧ । ରାଉଳ (ଦେଖ)
Rāhuḷa 1. Rāuḷa (See)
୨ । ଗୌତମ ବୁଦ୍ଧଙ୍କ ପୁତ୍ରର ନାମ—2. Name of the son of the Buddha.

ରାହୁଳିଆ—ଦେ. ବଣ—ରାଉଳିଆ (ଦେଖ)
Rāhuḷiā Rāuḷiā (See)

ରାହୁ ସଂସ୍ପର୍ଶ—ସ. ବ. (୬ଷ୍ଠୀ ତତ୍)—ସୂର୍ଯ୍ୟ ଓ ଚନ୍ଦ୍ର ଗ୍ରହଣ—
Rāhu saṁsparśa Eclipse.

ରାହୁ ସଂସ୍ପୃଷ୍ଟ—ସ. ବଣ. (୩ୟା ତତ୍)—ରାହୁ ଦ୍ୱାରା ଆକ୍ରାନ୍ତ (ସୂର୍ଯ୍ୟ ବା
Rāhu saṁsprushṭa ଚନ୍ଦ୍ର)—Eclipsed; under eclipse (sun or moon).

ରାହୁହା—ସ. ବ (ରାହୁ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—ବିଷ୍ଣୁ—
Rāhuhā Bishṇu.
(ରାହୁ ଭେଦୀ, ରାହୁ ମୂର୍ଦ୍ଧଭିଦ୍—ଅନ୍ୟରୂପ)

ରାହୂତ୍ସୃଷ୍ଟ—ସ. ବ (୩ୟା ତତ୍; ରାହୁ+ଉତ୍ସୃଷ୍ଟ)—ଲଶୁନ,
Rāhūtsrushṭa ରସୁଣ—Garlic.

ରି—ସ. ବ—(ହିନ୍ଦୁ ସଙ୍ଗୀତଶାସ୍ତ୍ର)—୧ । ଋଷଭ ସ୍ୱର; ସଙ୍ଗୀତର
Ri ଦ୍ୱିତୀୟ ସ୍ୱର—1. The second note of Hindu music. (ଉ—ଏହା କୁଞ୍ଚିତର ସ୍ୱର ପର । ସୁର ତଳେ ନୋଟ୍ ଦେଖ ।) ୨ । ଅନୁକାର ଶବ୍ଦ—2. An onomatopoeic sound. ଦେ• ଅ.—୬ଷ୍ଠୀ ବିଭକ୍ତିର ଚିହ୍ନ 'ର' ଉପରେ ଜୋର୍ ଦେବା ପାଇଁ 'ର'ର ଆକାରାନ୍ତର, (ଯଥା—ଭ୍ରମରି, ଆମରି, ତାଙ୍କରି ଇତ୍ୟାଦି) (ଉ—ଦେଖିଥିଲେ ସବୁ ହେ ବିଶ୍ୱବନ୍ଦ୍ୟ । ତାହିଁ କି ସେ କଥା କାହାରି ମନେ—ଚନ୍ଦ୍ରମଣି)

ରିଅ(ଆ)—ପ୍ରାଦେ.—[କୋରାପୁଟ]; ପ୍ରତ୍ୟୟ—ରେ—In, on.
Ria(ā) [ଯଥା—ଅଙ୍ଗୁଳିରିଅ=ଅଙ୍ଗୁଳରେ] ପ୍ରାଦେ. (ଗଞ୍ଜାମ) ବ.—ବର୍ଷାଦିନେ ଯେଉଁ ସାମାନ୍ୟ ଗଭୀର ପାଣି ମାହାଣ ବା ପକ୍ଷଣୀ ଖୋଳ ଲୋକେ ମାଛ ଧରନ୍ତି; ଋଇ—A shallow and narrow channel dug for catching fish in the rainy season.

ରିଆଇ—ଦେ. ବ.—ରିହାଇ (ଦେଖ)
Riāi Rihāi (See)

ରିଆତ୍(ତି)—ଦେ. ବ (ଆ. ରିଆୟତ୍)—୧ । ଦାୟିତ୍ୱରୁ ମୁକ୍ତି;
Riāt (ti) ନିଷ୍କୃତି—1. Remission; exemption
ରେହାଇ from a responsibility; release. ୨ ।
रिहा, रियायत ଦେୟ ପଦାର୍ଥାଦି ଦେବାର ଦାୟିତ୍ୱରୁ ମୁକ୍ତି—2. Exemption from payment. ୩ । ଅନୁଗ୍ରହ; ଦୟାପୂର୍ଣ୍ଣ ବ୍ୟବହାର—2. Favour; kind treatment.

ରିଆତ୍(ତି) କରିବା—ଦେ. କ୍ରି—କୌଣସି ଦାୟିତ୍ୱରୁ ମୁକ୍ତିଦାନ
Riāt (ti) karibā କରିବା—To exempt a
[ରିଅତ୍(ତି) ଦେବା—ଅନ୍ୟରୂପ] person from any
ରେହାଇ ଦେଓୟା रिहा देना responsibility.

ରିଆତ୍(ତି) ପାଇବା ଦେ. କ୍ରି—କୌଣସି କାର୍ଯ୍ୟରୁ ବା ଦାୟିତ୍ୱରୁ
Riāt (ti) pāibā ବା ଦେୟରୁ ନିଷ୍କୃତି ଲାଭ କରିବା
ରେହାଇ ପାଓୟା —To be released or exempted
रिहा पाना from a responsibility or payment.
[ରିଅତ୍ (ତି) ମିଳିବା—ବିଶେଷ୍ୟରୂପ]

ରିଂ—ଦେ. ବ—(ରିଙ୍ଗର ଅଶୁଦ୍ଧ ଲକ୍ଷଣ) ରିଙ୍ଗ୍ (ଦେଖ)—
Riṁ रिंग रिंग Ring (See)

ରିଂ ସାଇଜ୍—ବୈଦେ॰ ବି (ଇଂରେଜୀ ଶବ୍ଦ, ଇଂ)—ମୁଦି ତିଆରି କରିବା
Rim sāij ପାଇଁ ଅଙ୍ଗୁଠିରୁ ମାପନେବାର ଗୋଲ ଛିଦ୍ର ମାପବିଶିଷ୍ଟ
ରିংসাইজ ବେତେତେକ କାଠର ସମଷ୍ଟି ବା ସେଟ୍—Ring
रिंगसाइज size.

ରିକ୍‌ସ(ସା)—ବୈଦେ (ଇଂ. ଜାପାନୀଭାଷାରୁ ଗୃହୀତ) ବି—ମନୁଷ୍ୟଙ୍କ
Rik-sa(sā) ଦ୍ୱାରା ଟଣାହେବା ଦୁଇଚକିଆ ଗାଡ଼ି—Rickshaw.
রিকসা **रिकसा**

ରିକର୍ଡ଼—ବୈଦେ (ଇଂ.) ବି—ରେକର୍ଡ଼ (ଦେଖ)
Rikard Rekarda (See)

ରିକା—ଦେ. ବଣ (ସଂ. ରିକ୍ତ)—ରିକ୍ତ (ଦେଖ)
Rikā Rikta (See)

ରିକାଇବା—ଦେ. କ୍ରି (ସଂ. ରିଚ୍ ଧାତୁ)—୧ । ରିକ୍ତ କରିବା; ଶୂନ୍ୟ
Rikaibā କରିବା—1. To empty. ୨ । ପାତ୍ରରୁ
রিক্তকরা ପଦାର୍ଥ ଢାଳି ଦେବା—2. To pour out
रिक्त करना anything from a pot.

ରିକାର୍ଡ଼(ର୍ଡ)—ଗ୍ରାଦେ (ଗଞ୍ଜାମ) ବି. ବୈଦେ (ଇଂ. ରେକର୍ଡ଼)—
Rikārd(rd) ମକଦମାର ନଥି—Record of a case.
୨ । ଅଫିସ୍‌ରେ ଥିବା କାଗଜ ପତ୍ର—
2. Record of an office.

ରିକାବ—ବୈଦେ. ବି—ରେକାବ୍ (ଦେଖ)
Rikāb Rekāb (See)

ରିକାବି—ଦେ. ବି—ରେକାବ୍ (ବି) (ଦେଖ)
Rikābi Rekāb (bi) (See)

ରିକୀ—ଦେ. ବଣ (ଭଦ୍ରକ)—ଉତ୍ତରାଧିକାରୀ—
Riki ওয়ারিস **वारिस** Heir.

ରିକ୍ତ—ସଂ. ବଣ (ରିଚ୍ ଧାତୁ=ଶୂନ୍ୟ କରିବା+କର୍ମ. କ୍ତ)—୧
Rikta ଖାଲି; ଶୂନ୍ୟ—1. Empty. ୨ । ଫମ୍ପା; ପୋଲ
—2. Having nothing within. ୩ । ଦରିଦ୍ର
—3. Poor. ୪ । ନିଷ୍ଫଳ—4. Fruitless. ସଂ
ବି—୧ । ଅବକାଶ; ଶୂନ୍ୟସ୍ଥାନ; ଶୂନ୍ୟ; ଯେଉଁ ସ୍ଥାନରେ
କିଛି ବସ୍ତୁ ନ ଥାଏ—1. Vacuity; space; empty
space. ୨ । ବନ; ଜଙ୍ଗଲ—2. Wood; forest.

ରିକ୍ତ ଗୃହ—ସଂ ବି—ଯେଉଁ ଘରେ କେହି ନ ଥାଏ—
Rikta gṛuha Empty house.
(ରିକ୍ତ ଭବନ—ଅନ୍ୟରୂପ)

ରିକ୍ତ ପାତ୍ର—ସଂ. ବି—ଖାଲିପାତ୍ର; ଯେଉଁ ପାତ୍ରରେ କିଛି ପଦାର୍ଥ ନ ଥାଏ
Rikta pātra —An empty pot.

ରିକ୍ତ ହସ୍ତ—ସଂ. ବି (ରିକ୍ତ+ହସ୍ତ; କର୍ମଧାରୟ)—୧ । ଶୂନ୍ୟହସ୍ତ—
Rikta hasta 1. Empty hand. ୨ । ଯେଉଁ ହାତ
ମଧ୍ୟରେ କିଛି ଧନ ନ ଥାଏ; ଅର୍ଥଶୂନ୍ୟ ହାତ—
2.A hand which contains no money. ବଣ
(ରିକ୍ତହସ୍ତା—ସ୍ତ୍ରୀ) ପୁଂ (ବହୁବ୍ରୀହି)—୧ । ଯାହାର ହାତରେ କିଛି
ଧନ ନ ଥାଏ—1. Empty-handed. ୨ । ଦରିଦ୍ର
(ରିକ୍ତହସ୍ତତା—ବି) —2. Poor; destitute.

ରିକ୍ତା—ସଂ. ବି (ଫଳିତ ଜ୍ୟୋତିଷ)—ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ
Riktā ତିଥିମାନ—(astrology) The 4th, 9th,
and 14th days of the lunar fortnight.
[ଦ୍ର—ଜ୍ୟୋତିଷମତରେ ଏହି ତିଥିମାନ ଅଶୁଭ; ତେଣୁ
ଏହି ତିଥିମାନଙ୍କରେ କୌଣସି କାର୍ଯ୍ୟ କଲେ ତାହା ନିଷ୍ଫଳ
ହୁଏ । ଜ୍ୟୋତିଷ ଶାସ୍ତ୍ରର ନିର୍ଦ୍ଦେଶ ଅନୁସାରେ ୧୫ ଟି
ତିଥିକୁ ୫ ଭାଗରେ ବିଭକ୍ତ କରାଯାଇ ଅଛି । ଯଥା—୧ମ,
ନନ୍ଦା (ପ୍ରତିପଦ, ଷଷ୍ଠୀ, ଏକାଦଶୀ); ୨ୟ, ଭଦ୍ରା
(ଦ୍ୱିତୀୟା, ସପ୍ତମୀ ଓ ଦ୍ୱାଦଶୀ); ୩ୟ, ଜୟା (ତୃତୀୟା,
ଅଷ୍ଟମୀ, ତ୍ରୟୋଦଶୀ) ୪ର୍ଥ ରିକ୍ତା ଓ ୫ମ ପୂର୍ଣ୍ଣା (ପଞ୍ଚମୀ,
ଦଶମୀ, ଅମାବାସ୍ୟା ଓ ପୂର୍ଣ୍ଣିମା ।)

ରିକ୍ଥ—ସଂ. ବି.—(ରିଚ୍ ଧାତୁ=ଦେବା+କର୍ମ. ଥ)—୧
Riktha ଧନ—1. Wealth. ୨ । ସଂପତ୍ତି—2. Property. ୩ । ସ୍ଥାବର ଓ ଅସ୍ଥାବର ସଂପତ୍ତି—
3. Property immoveable and moveable.

ରିକ୍ଥଗ୍ରାହୀ—ସଂ. ବଣ. ପୁଂ—(ରିକ୍ଥ+ଗ୍ରହ୍ ଧାତୁ=ଗ୍ରହଣ କରିବା+
Riktha grāhi କର୍ତ୍ତୃ. ଇନ୍, ୧ମା. ୧ବ)—୧ । ଯେ ଧନ
[ରିକ୍ଥଗ୍ରାହିଣୀ—ସ୍ତ୍ରୀ] ଗ୍ରହଣ କରେ; ଧନଗ୍ରାହୀ—1. Taking
riches or property. ୨ । ଅର୍ଥଗ୍ରାହୀ—2.
Accepting riches. ବି.—ସଂପତ୍ତିର ଉତ୍ତରାଧିକାରୀ;
ଦାୟାଦ—Heir; successor; inheritor.

ରିକ୍ଥହାରୀ—ସଂ. ପୁଂ—(ରିକ୍ଥ+ହୃ ଧାତୁ=ହରଣ କରିବା+କର୍ତ୍ତୃ.
Rikthahāri ଇନ୍; ୧ମା. ୧ବ.)—ଧନାପହାରୀ—Carry-
[ରିକ୍ଥହାରିଣୀ—ସ୍ତ୍ରୀ] ing away property. ବି.—
୧ । ଦାୟାଦ; ଉତ୍ତରାଧିକାରୀ—1. Heir; successor.
୨ । ମାତୁଳ; ମାମୁଁ—2 Maternal uncle.

ରିକ୍ଥୀ—ସଂ. ବଣ. ପୁଂ-(ରିକ୍ଥ+ଇନ୍; ୧ମା. ୧ବ)—୧ । ଉତ୍ତରାଧିକାରୀ
Rikthi 1. Heir. ୨ । ଧନୀ—2 Rich man.

ରିକ୍ଷା—ସଂ. ବି.—(ଲିଷ ଧାତୁ=ଅଳ୍ପ କରିବା+ଅ)—୧ । ଲିକ୍ଷ;
Riksha ଛୋଟ ଉକୁଣି—nit; egg of louse. ୨ । ସୂର୍ଯ୍ୟ-
କିରଣଗତ ଅଣୁ—Specks floating in sun's
rays; minute particles of dust floating
in the rays of the sun.

ରିକ୍ସ (କ୍ଷା)—ବୈଦେ. ବି—ରିକ୍‌ସ (ଦେଖ)
Riksa(ksā) Rik-sa (See)

ରିଗ୍‌ବିଗେଇ ଯିବା—ଗ୍ରାଦେ. (ସମ୍ବଲପୁର) କ୍ରି—ଗରମ ଯୋଗୁ
Rig-bigei jibā ଦେହରେ କଣ୍ଟା ବା ଛୁଞ୍ଚି ମାରିଲା ପରି
ଲାଗିବା—Pin-pricking sensation on
account of excessive heat.

ରଘେଇ କହିବା—ଗ୍ରାଦେ. (ବାଲେଶ୍ୱର) କ୍ରି—ଜଣକ ଉପରେ ଥିବା
Righei kahibā କ୍ରୋଧକୁ ପ୍ରକାଶ ନ କରି ଅନ୍ୟକୁ ଦେଖେଇ
ଖିଝେଇ ଗାଳି ଦେବା—To throw side hint
on a person by abusing another person.

ରିଙ୍ଗ୍ (ଧାତୁ)—ସଂ.—ଗମନ କରିବା—
Ring (root) To go.

ରିଙ୍ଗ୍—ବୈଦେ. ବି (ଇଂ.)—ବନ୍ଦ ବନସିରେ ଲଗାହୋଇଥିବା ପିତଳ
Ring ତାରର ଛୋଟ ଛୋଟ ମୁଦି—Ring like contrivance attached to an augling rod. [ଦ୍ର—ଏହା ଘରରଦେଇ ବନ୍ଦ ଦେହରୁ ଡୋର ବାହାରଯାଏ ।] ୨ । ମୁଦି—2 Ring.

ରିଙ୍ଗ(ଙ୍ଖ)ଣ—ସଂ. ବି (ରିଙ୍ଗ୍ ଧାତୁ=ଗମନକରିବା+ଭାବ. ଅନ)—
Ringa(ṅkha)ṇa ୧ । ଗୁରୁଣ୍ଡିବା; ଅଣ୍ଟା ଓ ହାତହାଣ୍ଟୁ (ରଙ୍ଗେଇ—ରିଙ୍ଗ୍) ଗଲାକରିବା—1. To crawl; to creep. ୨ । ସ୍ଖଳନ—2. Slipping. ୩ । ସମ୍ମାନରୁ ପତନ—3. Falling down from honour. ୪ । ବିଚଳିତ ହେବା—4. Displacement.

ରିଙ୍ଗ୍(ରିଂ)ବନ୍ଧ—ବୈଦେ. ବି. (ଇଂ. ରିଙ୍ଗ୍+ସଂ. ବନ୍ଧ)—୧ ।
Ring(rim)bandha ଗୋଲାକାର ବନ୍ଧ—1. Circular
রিঙ্গবাঁধ रिङ्गबांध embankment.

ରିଚ୍ (ଧାତୁ)—ସଂ.—୧ । ପୃଥକ୍ କରିବା—1. To separ te.
Rich(root) ୨ । ଶୂନ୍ୟକରିବା—2. To empty.
୩ । ଦେବା—3. To give; to deliver.

ରିଜ୍(ଧାତୁ)—ସଂ—୧ । ଆନନ୍ଦିତହେବା—1. To rejoice, to
Rij(root) be glad. ୨ । ଭାଜିବା—2. To fry.

ରିଜର୍ଭ୍—ବୈଦେ. (ଇଂ. ରିଜର୍ଭ୍) ବି—ରେଲଗାଡ଼ି ଇତ୍ୟାଦିର
Rijarbh କାମରାକୁ ପୂର୍ବରୁ ବ୍ୟବହାରପାଇଁ ଅଟକାଇବାର
রিজর্ভ रिजर्भ ବନ୍ଦୋବସ୍ତ—Reserving of a seat or compartment in a Railway train or other vehicle, theatre or circus. [ଦ୍ର—ଇଂରାଜୀ Z (ଜେଡ୍) ଅକ୍ଷରର ଉଚ୍ଚାରଣବିଶିଷ୍ଟ ଅକ୍ଷର ସଂସ୍କୃତ ତଥା ଓଡ଼ିଆ ବର୍ଣ୍ଣମାଳାରେ ନାହିଁ । ଏହି ଇଂରାଜୀ 'Z' ଅକ୍ଷରର ଉଚ୍ଚାରଣ ଇଂରାଜୀ 'Z' ଅକ୍ଷରବିଶିଷ୍ଟ ଶବ୍ଦରେ ଓ ଅନେକ କେତେକ 'S' (ଏସ୍) ଅକ୍ଷରବିଶିଷ୍ଟଶବ୍ଦ (ଯଥା—Reserve, Is, His, Resolution, Resign)ରେ ଦେଖାଯାଏ । ଓଡ଼ିଆରେ ଏହି ଅପୂର୍ଣ୍ଣ ତାଲବ୍ୟ 'ଜ'ଉଚ୍ଚାରଣ କଲାବେଳେ ପୂର୍ଣ୍ଣ ତାଲବ୍ୟ ବର୍ଗୀୟ ଜ ଭଳି ଜିଭ ତାଳୁକୁ ଛୁଏଁ ନାହିଁ । ଏହି ଅସ୍ପଷ୍ଟ ଜ ଉଚ୍ଚାରଣଯୁକ୍ତ ଅକ୍ଷରକୁ ଓଡ଼ିଆରେ 'ଜ' ଲେଖିବା ଛଡ଼ା ଆମର ଅନ୍ୟ ବାଟ ନାହିଁ । ଏଥିପାଇଁ Zebra କୁ ଜେବ୍ରା, Reserveକୁ ରିଜର୍ଭ, Resolution କୁ ରିଜଲିଉସନ୍ ଲେଖୁଥାଇଁ, କିନ୍ତୁ ଉଚ୍ଚାରଣକଲାବେଳେ କରୁଥାଉ ଇଂରାଜୀ Z ଭଳି ।].

ରିଜର୍ଭ୍ କରିବା—ଦେ.କ୍ରି—ପୂର୍ବରୁ ରେଲଅଫିସର କର୍ତ୍ତୃପକ୍ଷମାନଙ୍କୁ ଜଣାଇ
Rijarbh kariba ରେଲ ଗାଡ଼ିରେ ସ୍ଥାନ କରାଇବା—
রিজর্ভকরা रिजर्भकरना To reserv a seat in a railway train etc.

ରିଜର୍ଭ ଗାଡ଼ି—ଦେ.ବି (ଇଂ.ରିଜର୍ଭ୍+ଓଡ଼ିଆ ଗାଡ଼ି)—ପୂର୍ବରୁ ବ୍ୟବହାର
Rijarbh gāḍi କରିବା ପାଇଁ ଅଟକା ଯାଇଥିବା
রিজর্ভগাড়ি रिजर्भगाडी ରେଲ ଗାଡ଼ି—Reserved Railway carriage.

ରିଜର୍ଭ୍ ଜଙ୍ଗଲ—ଦେ. ବି—ଅଟକ ଜଙ୍ଗଲ—
Rijarbh jangala Reserve forest.
রিজর্ভ জঙ্গল रिजर्भजङ्गल
(ରିଜର୍ଭ୍ ଫରେଷ୍ଟ—ବୈଦେ. ରୂପ)

ରିଜର୍ଭ୍ ପୁ(ପୋ)ଲିସ୍—ବୈଦେ. ବି (ଇଂ. ରିଜର୍ଭ୍ ପୁଲିସ୍)—ବିଶିଷ୍ଟ
Rijarbh pu(po)lis ଘଟଣାପାଇଁ ସୁରକ୍ଷିତ ହୋଇ ରଖା-
রিজর্ভপুলিস रिजर्भपुलिस ଯାଇଥିବା ପୁଲିସ ଫଉଜ—Reserve Police.

ରିଜର୍ଭ୍ ସିଟ୍—ବୈଦେ. ବି (ଇଂ. ରିଜର୍ଭ୍ ସୀଟ୍)—ରେଲ ଗାଡ଼ିରେ କମ୍ବା
Rijarbh sit ରଙ୍ଗମଞ୍ଚର ପ୍ରେକ୍ଷା ଗୃହରେ ପୂର୍ବରୁ ବିଶିଷ୍ଟ
রিজর্ভসিট रिजर्भसीट ବ୍ୟକ୍ତିପାଇଁ ଅଟକା ହୋଇ ରଖା ଯାଇଥିବା ଆସନ—Reserved seat in a railway carriage or theatre.

ରିଜଲିଉସନ୍—ବୈଦେ. (ଇଂ. ରିଜଲ୍ୟୁସନ) ବି—ସଭାସମିତିରନିର୍ଦ୍ଧାରଣ
Rijalinsan Resolution passed by a meeting
রিজলিউসন रिल्युलसन or society.
[ରିଜଲୁ(ଲ୍ୟୁ)ସନ—ଅନ୍ୟରୂପ]

ରିଜାଇନ୍(ନି)—ବୈଦେ. (ଇଂ. ରିଜାଇନ୍) ବି—କର୍ମରୁ ଇସ୍ତଫା
Rijāin(ni) ବ୍ୟକ୍ତିର ଇଚ୍ଛାରେ କର୍ମରୁ ଅନ୍ତର ହେବା—
রিজাইন रिजाइन Resignation from service.

ରିଜାଇନ୍(ନ) କରିବା—ଦେ. କ୍ରି (ଇଂ. କ୍ରିୟା. ଟୁ ରିଜାଇନ୍)—(ଇସ୍ତଫା
Rijāin(ni) kariba ବ୍ୟକ୍ତି ବା କର୍ମଚାରୀ) ନିଜର ଇଚ୍ଛାରେ
রিজাইন্ করা रिजाइन करना କର୍ମରୁ ଅନ୍ତର ହେବା—
(ରିଜାଇନ୍[ନ] ଦେବା—ଅନ୍ୟରୂପ) To resign from a service.

ରିଝ—ଦେ.ବି (ସଂ. ରଞ୍ଜନ)—୧ । ମନୋରଞ୍ଜନ—1. Delighting;
Rijha diverting. ୨ । ବିନୋଦନ—2. Act of pleas-
রঞ্জনকরা रीझ ing. ୩ । ମନର ଆନନ୍ଦ—3. Delight.
୪ । (ସଂ. ହୃଦୟ) ମନ—4. Mind; mental attitude. ବିଣ—ମନୋନୀତ—Chosen:

ରିଝିବା—ପ୍ରାଦେ (ସମ୍ବଲପୁର) କ୍ରି—୧ । (ତୁଳ. ହି. ରିଝନା) ଆକୃଷ୍ଟ
Rijhba ହେବା; ରସିବା—1. To dote upon; to be attached to. ୨ । ସନ୍ତୁଷ୍ଟ ହେବା—2. To be pleased with (a person).

ରିଝା—ଦେ. ବି (ସଂ. ରଞ୍ଜନ)—ମନୋରଞ୍ଜନ—Act of pleasing.
Rijhā মনোরংজন, মজান रिझ ବିଣ—ମନୋନୀତ—Chosen
মনোনীত चुनाहुआ

ରିଝା(ଝେ)ଇବା—ଦେ. କ୍ରି (ସଂ. ରଞ୍ଜ୍. ଧାତୁ)—୧ । (ମନକୁ) ରଞ୍ଜାଇବା;
Rijhā(jhe)iba ତୋଷିବା; ତୁଷ୍ଟ କରିବା—1. To
রংঝানকরা, মজান रिझान please; to statisfy. [ଦ୍ର—

ସେବାଫଳେ ରିଝାଇ ବୁଝିବ ତାଙ୍କଠାର । ପ୍ରାଚୀ. ଶିବ ସ୍ୱରୋଦୟ ।] ୨ । ଅବୁଝା ବ୍ୟକ୍ତିର ମନକୁ ବୁଝାଇ ଶାନ୍ତ କରିବା—2. To calm a nagging person. [ଉ—ନ ପାରୁଛୁ ଭୂମିର ମାନସ ରିଝାଇ । କୃଷ୍ଣସିଂହ. ମହାଭାରତ. ସଭା ।] ୩ । ବୁଝାଇବା—3. To make one understand. [ଉ—ମୁଁ ଯେବେ ଅର୍ଜୁନଙ୍କୁ କହିବି ରିଝାଇ, ସେ ଛାଡ଼ିଦେବେ ଯୁଦ୍ଧ ଜାଣେ ନରସାଇଁ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।] ୪ । ମନାଇବା— 4. To pursuade; to make one agree.

ରିଝା ରିଝି—ଦେ. ବି (ସ. ରଞ୍ଜନ)—ପରସ୍ପରକୁ ସନ୍ତୁଷ୍ଟ କରିବା—
Rijha rijhi Pleasing one another.
পরস্পরকে সন্তুষ্ট কর। रिझारिझी

ରିଝିବା—ଦେ. କି (ସ. ରଞ୍ଜ ଧାତୁ)—୧ । ତୁଷ୍ଟ ହେବା—1. To be
Rijhiba pleased. ୨ । (ମନ) ବୁଝିବା ବା ମାନିବା—2. To
তুষ্টহওয়া, মজা रिझना be satisfied. ୩ । ମନୋମତ କରିବା—3. To select; to choose.

ରିଝୁଆଲ୍—ପ୍ରାଦେ (ସମ୍ବଲପୁର) ବିଣ. (ଭୁଲ. ହି. ରିଝାସୁଲ୍)—
Rijhual ୧ । ରସିକ; ସଉକ—1. Luxurious. ୨ । କୌଣସି ବ୍ୟକ୍ତିଠାରେ ପ୍ରସନ୍ନ ହୋଇଥିବା (ବ୍ୟକ୍ତି)— 2. Pleased with another.

ରିଟର୍ଣ୍ଣ (ନ)—ବୈଦେ. ବି (ଇଂ. ରିଟର୍ନ୍)—ନିର୍ଦ୍ଧାରିତ ଫାରମରେ ପୂରଣ
Ritarnn(n) କରାଯାଇ ଉପରସ୍ଥ ରାଜକର୍ମଚାରୀଙ୍କ ନିକଟକୁ
রিটর্ণ रिटर्न ପଠାଯିବା ରିପୋର୍ଟ ବା ଷ୍ଟେଟ୍‌ମେଣ୍ଟ—A return or statement entered in a form and submitted to an authority.

ରିଟର୍ଣ୍ଣ ଟିକେ(କ)ଟ୍—ବୈଦେ. ବି (ଇଂ. ରିଟର୍ଣ୍ଣ ଟିକେଟ୍)—ଯେଉଁ
Ritarn tike(ka)t ଟିକେଟ୍ ଯିବା ଆସିବା ଦୁଇ ଦିଗ ପାଇଁ
রিটর্ণ টিকে(ক)ট रिटर्नटिकट ଦିଆଯାଏ—Return ticket.

ରିଠା(ଠା)—ଦେ. ବି (ସ. ରିଷ୍ଟ; ଅରିଷ୍ଟକ; ପ୍ରା. ରିଠଅ)—ଏକ
Rita(tha) ପ୍ରକାର ଜଙ୍ଗଲୀ ଗଛ—The soap nut tree,
রিটা[টে,ঠা,ঠে] Sapindus Muckorissi
रीठा (Haine). [ଦ୍ର—ଏହା ଏକ
ମ. ରିଠା ପ୍ରକାର ବନ୍ୟ ତରୁ । ଏହାର କୋଳ
ଗୁ. ଅରିଠା ଠାଣୁଆ । ସେ କୋଳକୁ ଶୁଖାଇ
ତେ. କୁଙ୍କୁଡ଼ୁ ପାଣିରେ ବତୁରାଇ ଦୁଇ କରତଳରେ
ଫା. ଫିନକ୍ ହିନ୍ଦୀ ଧରି ଘଷିଲେ ତହିଁରୁ ଏକପ୍ରକାର
ଅ. ବୁନକ୍ ଫେଣ ବାହାରେ । ସେହି ଫେଣ-
(ରିଠା କରଞ୍ଜ—ଅନ୍ୟରୂପ) ପାଣିରେ ପାଟ ଓ ପଶମ ଲୁଗା ବୁଡ଼ାଇ କାଚିଲେ ସଫା ହୁଏ । ରିଠା ଗଛ ଦୁଇ ଜାତିର ଦେଖାଯାଏ । ଯଥା—ଶ୍ୱେତ ରିଠାଗଛ ଓ ବଡ଼ ରିଠାଗଛ । ଶ୍ୱେତ ରିଠାଗଛ ଉତ୍ତରଭାରତରେ ଜନ୍ମେ । ଏହାର ପତ୍ର ମସୃଣ, ଫଳ ଲମ୍ବଡ଼ା । ଗୋଟାଏ ବମ୍ପା ଯୋଡ଼ାଏ ଲେଖାଏଁ ଫଳ ଗୋଟିଏ ଗୋଟିଏ ତେଣ୍ଟରେ ଫଳେ । ଏହା ଚୀନ୍ ଓ ଜାପାନରୁ ଆଣୀତ ବୃକ୍ଷ । ଏପ୍ରେଲ୍ ମାସରେ ଏ ଗଛରେ ନୂଆପତ୍ର ଧରେ; ମେ, ଜୁନ୍ ମାସରେ ଏଥିରେ ଫୁଲ ଫୁଟେ ଏବଂ ସେପ୍ଟେମ୍ବର୍,ଡିସେମ୍ବର୍ ଯାଏ ଫଳ ହୁଏ । ଏହି ଗଛର ଲାଟିନ୍ ନାମ—Sapindus Mucorissi,

ବଡ଼ ରିଠା ଗଛ ମଧ୍ୟ ଓ ଦକ୍ଷିଣ ଭାରତରେ ଜନ୍ମେ । ପତ୍ରର ପିଠି ଲୋମଶ, ଫଳ ବଡ ବଡ଼ ଓ ବରକୋଳ ପରି; ଗୋଟିଏ ତେଣ୍ଟରେ ତିନି ଗୁଡ଼ାକ ଲେଖାଏଁ ଫଳେ; ଏହାର ଲାଟିନ୍ ନାମ — Sapindus Trifoliatus.

ଏହାର ସଂସ୍କୃତ ନାମ—ମାଙ୍ଗଲ୍ୟ, କୃଷ୍ଣବର୍ଣ୍ଣ, ଅର୍ଥସାଧନ, ରକ୍ତବୀଜ, ପୀତଫେନ, ଫେନିଲ, ଗର୍ଭପାତନ, ରିଷ୍ଟ, ଅରିଷ୍ଟ, ଅରିଷ୍ଟକ, କଟୁକ, ରିଠାକରଞ୍ଜ, ଗୁଚ୍ଛକ, ଗୁଚ୍ଛ-ପୁଷ୍ପକ, ଗୁଚ୍ଛଫଳ, ମଙ୍ଗଲ୍ୟ, ଭୂମୃଭୀଜ, ପ୍ରକୀର୍ଯ୍ୟ, ସୋମବଲ୍କ ।

ବୈଦ୍ୟଶାସ୍ତ୍ର ମତରେ ଏହା ଲଘୁ, ସ୍ନିଗ୍ଧ, ଗର୍ଭପାତକ ଏବଂ ତ୍ରିଦୋଷ, ଗ୍ରହପୀଡ଼ା, ଦାହ ଓ ଶୂଳନାଶକ]

ରିଠା(ଠା)ଫଳ—ରିଠା ଗଛର ଠାଣୁଆ କୋଳ—
Ritha(ta)phala Soap berry; soap nut.
রিটা(টে)ফল रिठा फल

ରିଡ୍—ବୈଦେ. (ଇଂ.ରୀଡ୍) ବି—ହାରମୋନିଅମ୍ ଯନ୍ତ୍ରରେ ଥିବା ସରୁ ଓ
Rid ଲମ୍ବ ଛୋଟ୍ ଛୋଟ୍ କାଷ୍ଠ ଖଣ୍ଡ, ଯହିଁରେ ଅଙ୍ଗୁଠି ଚାପିଲେ
রীড় ଯନ୍ତ୍ରରୁ ସ୍ୱର ବାହାରେ—Reed of a harmonium.
रीड

ରିଡର୍—ବୈଦେ. (ଇଂ. ରୀଡର୍) ବି—୧ । ପ୍ରାଥମିକ ବିଦ୍ୟାଳୟରେ
Ridar ଇଂରାଜୀ ସାହିତ୍ୟପାଠ—A reader (text
রিডার book on literature in primary schools).
रिडर [ଦ୍ର—ଅନ୍ୟ ଇଂରାଜୀ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଏ ଶବ୍ଦଟି ବ୍ୟବହୃତ ହୁଏ । ଯଥା—ରୟାଲ୍ ରିଡର୍—Royal Reader, ମଡେଲ୍ ରିଡର୍—Model Reader, ମିଡ଼ିଲ୍ ରିଡର୍—Middle Reader, ଜୁଭେନାଇଲ୍ ରିଡ଼ର୍—Juvenile Reader.,ପ୍ରାଇମେରୀ ରିଡର୍—Primary Reader.] ୨ । ଯେଉଁ କର୍ମଚାରୀ ଉଚ୍ଚ କର୍ମଚାରୀଙ୍କ ନିକଟରେ ରିପୋର୍ଟ ଆଦି ପାଠ କରନ୍ତି—2. A reader (whose duty is to read reports to a high official, e. g. Police Superintendent). ୩ । କଲେଜ୍‌ରେ ପ୍ରୋଫେସର୍‌ଙ୍କୁ ସାହାଯ୍ୟ କରିବା ପାଇଁ ନିଯୁକ୍ତ ବଡ଼ଗୁରୁ— 3. Reader to a professor in a college.

ରିଡିଙ୍ଗ୍ ରୁମ୍—ବୈଦେ. (ଇଂ. ରିଡିଙ୍ଗ୍ ରୁମ୍)—ପାଠାଗାର—
Riding rum Reading room.
রিডিঙ্গ রুম্ रिडिंग रूम

ଋଢ଼ା—ପ୍ରାଦେ. (ବାଲେଶ୍ୱର) ବି—ଦାନ୍ତପାଟି—
Rirḍhā Gum of teeth.
ଦେ. ବିଣ—ଋଢ଼ୁଆ (ଦେଖ)—Rirḍhuā (See)

ଋଢ଼ି(ଢି, ଢୁ, ଢ଼ୁ)ଆ—ଦେ. ବିଣ. (ସଂ. ଶ୍ଳେଷ୍ମ; ପ୍ରା. ଶ୍ଳୋଠ)—
Rirḍhi(ḍhi, ḍhu, rḍhu)ā ରେଢ଼ା; ଖେଚ ଓ ଅସମାନ
ଖුରୀ ଖුରୀ (ପଦାର୍ଥ)—Small and unsmooth (thing)
रोडिया (ଋଢ଼ାଋଢ଼ା, ଋଢ଼ୁଆ ଋଢ଼ୁଆ—ବହୁବଚନରୂପ)

ଋଣ—ଗ୍ରା. ବି. (ସଂ. ଋଣ; ପ୍ରା. ଋଣ; ବ ଓ ହି. ଉଚ୍ଚାରଣ)—ଋଣ—
Riṇa ঋণ रीन Debt; loan.

ଋଣ କରିବା—ଦେ. କ୍ରି. (ବଙ୍ଗଳା ଓ ହିନ୍ଦି ଉଚ୍ଚାରଣରୁ ଅନୁକୃତ)—
Riṇa karibā ଋଣ କରିବା—To borrow.
ঋণ করা (ଉ—ଏଇଟି ବୋଇଲ୍ଲ କଣ କରିବ ?
रीन करना ଏଇଟି ବୋଇଲ୍ଲ କାହିଁ ଅଣିବ ?
ଏଇଟି ବୋଇଲ୍ଲ କାହିଁ ସୁଝିବ ?
ଏଇଟି ବୋଇଲ୍ଲ ଋଣ କରିବ !?
ବୁଢ଼ା ମିଥ୍ୟା ଥାଇଁ ବୋଲେ, ଖାଇବା, ପିଇବା, ପଲେଇବା-
ଅଙ୍ଗୁଠିମାନଙ୍କ ସମ୍ବନ୍ଧେ ଶିଶୁ ଗୀତ ।)

ଋତୁ—ଗ୍ରା. ବି. (ବଙ୍ଗଳା ଓ ହିନ୍ଦି ଉଚ୍ଚାରଣରୁ ଅନୁକୃତ) (ସଂ. ଋତୁ; ପ୍ରା
Ritu ଋତୁ)—୧ । ଋତୁ—1. Season of the year.
ঋতু ୨। ସ୍ତ୍ରୀଙ୍କ ଋତୁସ୍ରାବ—Menstruation. ୩। ସ୍ତ୍ରୀଙ୍କ
ऋतु ଋତୁକାଳ—3. Period of the menses.

ଋଧୋ—ପ୍ରାଦେ. (ସମ୍ବଲପୁର) ବି—ରସିକତା—
Ridho Gallantry.

ଋପଟ୍—ଦେ. ବି—ଋପୋର୍ଟ୍ (ଦେଖ)
Ripaṭ Ripoṭ (See)

ଋପନ୍—ବୈଦେ. ବି. (ନାମ) (ଇଂ. Lord Ripon, Marquis
Ripan Ripon)—ଭାରତର ସୁପ୍ରସିଦ୍ଧ ଗଭର୍ଣ୍ଣର୍ ଜେନେରାଲ୍
রিপন (ଖ୍ରୀ୧୮୮୦—୧୮୮୦; ଜନ୍ମ ୧୮୨୭, ମୃତ୍ୟୁ ୧୯୦୯)-
रिपन
[ଦ୍ର—ଏ ଅଳ୍ପକାଳ ଭାରତର ଶ୍ରେଷ୍ଠ ସେକ୍ରେଟେରୀ ହୋଇ-
ଥିଲେ; ଅଫଗାନ୍ ଯୁଦ୍ଧରେ ଜୟଲାଭ କରିଥିଲେ; ଅଇନ
ଦ୍ୱାରା ଭାରତର ଦେଶୀୟ ସମ୍ବାଦପତ୍ରମାନଙ୍କୁ ସ୍ୱାଧୀନତା ଦାନ
ଓ ଭାରତୀୟମାନଙ୍କୁ ସ୍ୱାୟତ୍ତ ଶାସନ କ୍ଷମତା ଦେଇଥିଲେ ଏବଂ
ଭାରତରେ ଶିକ୍ଷା ବିସ୍ତାର ସମ୍ବନ୍ଧରେ ବିଶେଷ ଚେଷ୍ଟା
କରିଥିଲେ ।]

ଋପିଟ୍(ଟି)—ବୈଦେ. ବି. (ଇଂ. ରିଭେଟ୍)—ଛିଦ୍ରରେ ପୂରାଯାଇଥିବା
Ripiṭ(ṭi) କଣ୍ଟାକୁ ଉପର ଆଡ଼୍ରୁ ବାଡ଼େଇ ତାହାର ଅଗକୁ
রিপিট रिपट ଚେପଟା କରିବା—Rivetting.

ଋପିଟ(ଟି) କରିବା—ଦେ. କ୍ରି—ଛିଦ୍ରରେ ପୂରାଯାଇଥିବା କଣ୍ଟାକୁ
Ripiṭ(ṭi) karibā ଉପର ପାଖରୁ ବାଡ଼େଇ ତାହାର ଅଗକୁ
রিপিট করা रिपिट करना ଚେପଟା କରିବା—To rivet.

ଋପିଟ(ଟା)ର୍—ବୈଦେ. ବି. (ଇଂ. ରିପୀଟର)—ଏକ ପ୍ରକାର ପକେଟ
Ripiṭ(ṭā)r ଘଣ୍ଟା ବା ୱାଚ—A repeater; a repeat-
রিপিটার रिपिटर ing watch.
[ରିପିଟ(ଟା)ର୍ ୱାଚ୍—ଅନ୍ୟରୂପ] [ଦ୍ର—ଏ ୱାଚରେ ଘଣ୍ଟି
ବାଜିବାର କଳ ଥାଏ । ଏ ଘଣ୍ଟାର ବିଶେଷତ୍ୱ ଏହି କି
ଯେତେବେଳେ ଇଚ୍ଛା ସେତେବେଳେ ଏଥିର ସ୍ପ୍ରିଙ୍ଗ୍‌କୁ
ଚିପି ଦେଲେ ସେତେବେଳେ ଯେତୋଟା ବାଜିଛି, ତାହା
ପୁଣି ଘଣ୍ଟିରେ ବାଜି ଯାଏ ।]

ରିପୁ—ସଂ. ବି. (ରପ୍ ଧାତୁ କହିବା + କର୍ତ୍ତୃ.ଉ. କପାଳନ; ଯେ ଅପକୀର୍ତ୍ତି
Ripu କହି ବୁଲେ)—୧ । ଶତ୍ରୁ; ବିପକ୍ଷ—1. Enemy. ୨ ।
ଆପଣା ଶରୀରସ୍ଥ ଛଅ ଗୋଟି ଦୁର୍ଗୁଣ (ଯଥା— କାମ,
କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ)—2. The
low passions in man e.g. lust, anger,
avarice, delusion, pride and malice.
ବୈଦେ ବି—ରିଫୁ ଉଚ୍ଚାରଣ (ଦେଖ)—Riphu (See)

ରିପୁ କ୍ଷୟ—ସଂ. ବି. (୬ଷ୍ଠୀ ତତ୍)—ଶତ୍ରୁର ବିନାଶ—
Ripu kshaya The distruction of one's enemy.
(ରିପୁ ଧ୍ୱଂସ, ରିପୁନାଶ—ଅନ୍ୟରୂପ)

ରିପୁଘ୍ନ—ସଂ. ବିଣ. (ରିପୁ+ହନ ଧାତୁ+କର୍ତ୍ତୃ.ଅ)—ଶତ୍ରୁର ବିନାଶକ—
Ripughna (ରିପୁଘ୍ନୀ—ସ୍ତ୍ରୀ) Destructive of one's foes.

ରିପୁଜୟ—ସଂ. ବି. (୬ଷ୍ଠୀ ତତ୍)—୧ । ଶତ୍ରୁକୁ ପରାଜୟ କରିବା—
Ripujaya 1. The defeating of one's enemy.
(ରିପୁଦମନ—ଅନ୍ୟରୂପ) ୨ । କାମକ୍ରୋଧାଦିକୁ ବଶ କରିବା—
2. The controlling of one's passions.

ରିପୁ ପରତନ୍ତ୍ର—ସଂ. ବିଣ. ପୁଂ—୧ । ଶତ୍ରୁର ଅଧୀନ—
Ripu paratantra 1. Subjected to the enemy.
ରିପୁବଶ, ରିପୁବଶବର୍ତ୍ତୀ, ରିପୁବଶୀଭୂତ, ରିପୁପରବଶ } ଅନ୍ୟରୂପ ୨ । କାମକ୍ରୋଧାଦିର ବଶୀଭୂତ—
2. Subjected to the passions;
ରିପୁପରତନ୍ତ୍ରତା, ରିପୁବଶତା, ରିପୁବଶବର୍ତ୍ତିତା } ବି. impassionate. ୩। ଅଜିତେନ୍ଦ୍ରିୟ
—3. Not having the passions
under control.

ରିପୁ ପୀଡ଼ା—ସଂ. ବି. (୩. ତ. ଲୋ)—୧ ଶତ୍ରୁକୃତ ଅତ୍ୟାଚାର—
Ripu pirḍā 1.The oppression by the enemy
୨ । ଶରୀରସ୍ଥ ରିପୁଙ୍କ ପ୍ରଭାବ—2. The impulse
of passions.

ରିପୁ ବଳ—ସଂ. ବି. (୬ଷ୍ଠୀ ତତ୍)—୧ । ଶତ୍ରୁର ପରାକ୍ରମ ବା କ୍ଷମତା
Ripu baḷa —1. The strength of one's
adversary. ୨ । ଶତ୍ରୁପକ୍ଷର ସେନା—2. The
army of the enemy; the enemy's forces.

ରିପୁ ଶକ୍ତି—ସଂ. ବି. (୬ଷ୍ଠୀ ତତ୍)—୧ । ଶତ୍ରୁର ବଳ—1. The
Ripu śakti strength of the enemy, ୨ ।
ଶତ୍ରୁ ରାଜା—2. The enemy king or power.

ଋପୋର୍ଟ(ଟ୍)—ବୈଦେ. ବି. (ଜାତୀୟ) (ଇଂ. ରିପୋର୍ଟ୍)—୧ ।
Repoṭ(rṭ) କୌଣସି ଘଟଣାର ଲିଖିତ ବିବରଣୀ ବା ବୃତ୍ତାନ୍ତ
রিপোর্ট —1. A written report. (ଯଥା—
रिपोर्ट ବାର୍ଷିକ ରିପୋର୍ଟ୍, ସଭାର ରିପୋର୍ଟ୍ ।) ୨ । ଉର୍ଦ୍ଧ୍ୱତନ

କର୍ମଚାରୀ ବା କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରିତ କୌଣସି ଘଟଣାର ବିବରଣୀ—2. A report submitted to a higher authority. (ଯଥା—ପୁଲିସ୍ ରିପୋର୍ଟ, ଜଲ୍ ମୁଣ୍ଡ ରିପୋର୍ଟ ।) ୩ । ଜମିଦାରୀ ଇତ୍ୟାଦି ପାଇଁ ଦେୟ ରାଜସ୍ୱ ବା ସଦର ଜମା—3. The revenue payable to Government for a Zamindary or tenure. ୪ । କର୍ତ୍ତୃପକ୍ଷଙ୍କ ନିକଟକୁ ଅଧସ୍ତନ କର୍ମଚାରୀଙ୍କ ପ୍ରେରିତ ବା ସାଧାରଣଙ୍କ ଅବଗତି ନିମନ୍ତେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ କୌଣସି ବିଷୟର ଲିଖିତ ସଠିକ ବିବରଣ —4. Report of a subordinate to the authorities or a report published by the authorities for general information. [ଦ୍ର—ଇଂ. ରିପୋର୍ଟ (Report)ର ମୌଳିକ ଅର୍ଥ ଯାହା ଶୁଣାଯାଏ ବା କଥିତ ବିବରଣ । କିନ୍ତୁ କଥିତ ବିବରଣ ସାଧାରଣତଃ ଲିଖିତ ଆକାର ଧାରଣ କରିବାରୁ ଏ ଶବ୍ଦ ଲିଖିତ ବିବରଣକୁ ଓ କର୍ତ୍ତୃପକ୍ଷଙ୍କ ନିକଟକୁ ଅଧସ୍ତନ ବ୍ୟକ୍ତିଙ୍କ ପ୍ରେରିତ ଲିଖିତ ବିବୃତିକୁ ବୁଝାଇ ଅଛି ।]

ରିପୋର୍ଟ(ର୍ଟ) କରିବା—ଦେ. କ୍ରି—କର୍ତ୍ତୃପକ୍ଷଙ୍କ ନିକଟକୁ ଲିଖିତ ବିବରଣ ପଠାଇବା—To report to a higher authority.
Repot(rt) kariba
[ରିପୋର୍ଟ(ର୍ଟ) ଦେବା—ଅନ୍ୟରୂପ]
রিপোর্ট করা रिपोर्ट करना

ରିପୋର୍ଟ(ର୍ଟ) ଦାର—ବୈଦେ. ପ୍ରାଦେ (ପୁରୀ) ବି—(ଓଡ଼ିଶାର ସାବେକ ବନ୍ଦୋବସ୍ତ ସମୟରୁ ପ୍ରଚଳିତ ଶବ୍ଦ; ଇଂ. ରିପୋର୍ଟ+ଫା. ପ୍ରତ୍ୟୟ ଦାର୍)—ପୁରୀଜିଲ୍ଲା ସମ୍ବନ୍ଧୀୟ ଶାସନର ଟଙ୍କି ଖଜଣାମାନ ସମସ୍ତ ଟଙ୍କିଦାରଙ୍କଠାରୁ ଆଦାୟ କରି ଗ୍ରାମର ଯେଉଁ ମୁଖ୍ୟବ୍ୟକ୍ତି ଜମିଦାରଙ୍କ ନିକଟରେ ସମସ୍ତ ଟଙ୍କିଦାରଙ୍କ ପକ୍ଷରୁ ଦାଖଲ କରୁଥିଲେ—Representatives of the village community who used to deposit the quitrent of Sasan villages of the Puri district to the superior landlord. [ଦ୍ର—ପୂର୍ବେ ଗୋଟିଏ ଟଙ୍କି ବାଦେଲ୍ ମହଲର ସମସ୍ତ ଜମିର ଟଙ୍କି ଖଜଣା ପାଇଁ ଶାସନର ସମସ୍ତ ଟଙ୍କିଦାରଙ୍କଠାରୁ ନ ନେଇ କେବଳ ଦାଲାଧଙ୍କ ବଂଶଧରଙ୍କଠାରୁ ଇଂରାଜ ଗଭର୍ଣ୍ଣମେଣ୍ଟ କବୁଲିୟତ୍ ଲେଖାଇ ନେଉଥିଲେ ।]
Repot(rt) dār

ରିପୋର୍ଟ୍ ପଠା(ଠେ)ଇବା—ଦେ. କ୍ରି—କର୍ତ୍ତୃପକ୍ଷଙ୍କ ନିକଟକୁ ରିପୋର୍ଟ ପ୍ରେରଣ କରିବା—To send a report to an authority
Ripot patha(the)iba
রিপোর্ট পাঠান रिपोर्ट भेजना
(ରିପୋର୍ଟ୍ ଭେଜିବା—କଥିତରୂପ)

ରିପୋର୍ଟ(ର୍ଟ)ର—ବୈଦେ. ବି (ଇଂ. ରିପୋର୍ଟର)—କୌଣସି ଘଟଣା ସ୍ଥଳରେ ପହଞ୍ଚି ଘଟଣାର ବିବରଣ କର୍ତ୍ତୃପକ୍ଷଙ୍କଠାରୁ ଲେଖି ପଠାଇବା ନିମନ୍ତେ ନିଯୁକ୍ତ ବ୍ୟକ୍ତି—A reporter.
Repota(rta)r
রিপোর্টার
रिपोर्टर

ରିପ୍ର—ସଂ. ବିଶେ. ପୁଂ [ସ୍ପ ଧାତୁ+କର୍ତ୍ତୃ. ର; ପ ଆଗମ]—ନୀଚ; ଅଧମ—Base; inferior. ସଂ. ବି [+କରଣ. ର]—ପାତକ; ପାପ [ଦ୍ର. ଶ]—Sin.
Ripra

ରିପ୍ରବାହ—ସଂ. ବିଣ. ପୁଂ [ରିପ୍ର+ବହ ଧାତୁ+କର୍ତ୍ତୃ. ଅ]—ପାପ ନାଶକାରୀ [ଦ୍ର. ଶ]—Destroying sin.
Ripra bāha

ରିପ୍ଲା[ପ୍ଲେ]ଇ କାଡ଼୍[ର୍ଡ]—ବୈଦେ. ବି [ଇଂ. ରିପ୍ଲାଇକାର୍ଡ]—ପୋଷ୍ଟକାର୍ଡ ସଙ୍ଗେ ପ୍ରେରକର ଉତ୍ତର ଦେବା ପାଇଁ ଲାଗିଥିବା ଆଉ ଖଣ୍ଡିଏ କାର୍ଡ —Reply card.
Ripla[ple]i kard (rd)
রিপ্লাই কাড়
रिप्लाई कार्ड; जवाबी कार्ड

ରିପ୍ଲାଇ ପେଡ୍ ଟେଲିଗ୍ରାମ୍—ବୈଦେ. ବି—(ଇଂ. ରିପ୍ଲାଇ ପେଡ୍ ଟେଲିଗ୍ରାମ)—ଟେଲିଗ୍ରାମ ବା ତାର୍; ଯେଉଁ ଟେଲିଗ୍ରାମ ପଠାଇବା ବ୍ୟକ୍ତି ସଙ୍ଗେ ଫେରନ୍ତା ଉତ୍ତର ପାଇଁ ଆଗରୁ ଖର୍ଚ୍ଚ ତାରଅଫିସ୍‌ରେ ଜମା ଦେଇ ଥାଆନ୍ତି—Replypaid telegram.
Riplāi ped teligrām
রিপ্লাই পেড় তার
रिप्लाइ तार, जवाबी तार

ରିପ୍ଲାଇ ପେଡ୍ ତାର }
ରିପ୍ଲାଇ ତାର } —ଅନ୍ୟରୂପ]
ରିପ୍ଲାଇ ଟେଲିଗ୍ରାମ୍ }

ରିଫ୍ [ଧାତୁ]—ସଂ.—ନିନ୍ଦା କରିବା—To blame; to vilify,
Riph (root)

ରିଫଣ୍ଡ—ବୈଦେ. ବି (ଇଂ) (କଥିତରୂପ)—ଗୃହୀତ ଧନର ପ୍ରତ୍ୟର୍ପଣ—Refund.
Riphand
রিফণ্ড रिफण्ड

ରିଫର୍ମ—ବୈଦେ. ବି.—[ଇଂ. ରିଫର୍ମ]—ଶାସନପଦ୍ଧତି, ଧର୍ମ ବା ସମାଜର ସଂସ୍କାର—Reform (of administration, religions or society,
Ripharm
রিফর্ম रिफर्म

ରିଫାଇନ୍—ବୈଦେ. ବିଣ.—[ଇଂ. ରିଫାଇନ୍‌ଡ୍]—ଶୋଧିତ—Refined.
Rephāin
রিফাইন रिफाइन

ରିଫାଇନ୍ କରିବା—ଦେ. କ୍ରି.—[ଇଂ. ରିଫାଇନ୍]—କୌଣସି ଦ୍ରବ୍ୟକୁ ବିଶେଷ ପ୍ରକ୍ରିୟାଦ୍ୱାରା ଶୋଧିତ କରିବା—To refine an article by special process.
Rephain kariba
রিফাইন করা
रिफाईन करना

ରିଫୁ [ଇତ୍ୟାଦି]—ବୈଦେ.ବି.—[ଆ. ରଫୁ]—ରଫୁ ଇତ୍ୟାଦି (ଦେଖ) Raphu etc (See).
Riphu (etc)

ରିବ(ବି) ରିବ(ବି)—ଦେ.ଅ—ବିରବିର; ଛୋଟ ଛୋଟ ଫିମିର ଦେହରେ ବାହାରିବା ପ୍ରକାରେ—Coming out in numerous small pimples.
Rib(bi)rib(bi)
গুঁড়িগুঁড়ি दाना दाना

ରିଭଲ୍‌ଭ(ଭା)ର୍—ବୈଦେ. ବି (ଇଂ. ରିଭଲଭର୍)—ଏକପ୍ରକାର ଘୂର୍ଣ୍ଣାୟମାନ ଚକ୍ର ନଳଯୁକ୍ତ ଛୋଟ ବନ୍ଧୁକ; (ଏହାକୁ ପକେଟ୍‌ରେ ରଖା ଯାଇ ପାରେ)—A revolver (gun).
Ribhalbha (bhār)
রিভলভার निमलभर

ରିଭଲିଉସନ୍—ବୈଦେ. ବି. (ଇଂ)—୧ । ଦେଶବ୍ୟାପୀ ରାଜବିଦ୍ରୋହ; ମେଳ—Revolution; revolt. ୨ । ହଠାତ୍ ଗୁରୁତର ପରିବର୍ତ୍ତନ—2. Sudden change. ୩ । ଘୂରିବା—3. Revolution; revolving. ୪ । ଘୂରିବାର ଥର—4. Revolution; one revolv-
Ribhaliusan
(ରିଭଲ୍ୟୁସନ୍—ଅନ୍ୟରୂପ)
রিভলিউসন रिभल्युसन

ରିଭାଇଜ୍ କରିବା – ବୈଦେ. କ୍ରି (ଇଂ. ରିଭାଇଜ୍)—କୌଣସି ପଠିତ ବା
Ribhāij karibā ଲିଖିତ ବିଷୟକୁ ପୁନଃସ୍ମରଣ ବା ପୁନର୍
रिभाइजकरना **रिवाइजकरना** ଲୋଚନା ବା ସଂଶୋଧନ
କରିବା—To revise

ରିଭାଇଜ୍ (ଜ୍‌ଡ୍)ଲିଷ୍ଟ—ବୈଦେ. ବି (ଇଂ)—ସଂଶୋଧିତ ତାଲିକା—
Ribhāij(jd) lisht Revised list.
रिभाइजलिष्ट **रिवाइजलिस्ट**

ରିଭାଲୁଏସନ୍—ବୈଦେ. ବି [ଇଂ. ରିଭାଲୁଏସନ୍=ମୂଲ୍ୟର ପୁନର୍ନିର୍ଦ୍ଧାରଣ]
Ribhāluesan ସରକାରଙ୍କ ସ୍ୱୀକୃତ ରୋଡ୍‌ସେସ୍‌କୁ
रिभालुएसन **रिभालुएसन** ନିର୍ଦ୍ଧାରିତ ମିଆଦ ପରେ
ପୁଣି ସଂଶୋଧନ କରିବା ଉଦ୍ଦେଶ୍ୟରେ ରୋଡ୍‌ସେସ୍
ଦିଆଯାଉଥିବା ଜମିର ବାର୍ଷିକ ଉତ୍ପାଦନର ସ୍ୱୀକାରଣ—
Revaluation; roadcess revaluation.

ରିଭିଜନ୍—ବୈଦେ. ବି [ଇଂ. ରିଭିଜନ୍]—୧ । କୌଣସି ଲିଖିତ ବା
Rivijan ପଠିତ ବିଷୟର ସଂଶୋଧନାର୍ଥ ପୁନର୍ବାର
रिभिजन **रिभिजन** ଆଲୋଚନା ବା ଅନୁଶୀଳନ—1. Revision
୨ । କୌଣସି ଚଠା ବା ପାଣ୍ଡୁଲିପିକୁ ତନ୍ନ ତନ୍ନ କରି
ପରୀକ୍ଷାକରି ସେଥିରେ ଛଡ଼ା ହୋଇଥିବା ବିଷୟର ପୂରଣ
ବା ଅନାବଶ୍ୟକ ବିଷୟକୁ ବାଦ୍ ଦେବାରୂପ କର୍ମ—
2. Rivision of a draft or manuscript.

ରିଭିଜନ୍‌ସେଟ୍‌ଲମେଣ୍ଟ୍—ବୈଦେ. ବି [ଇଂ. ରିଭିଜନ୍]—ଏକ ଭୂମିଜସ୍ୱ
Ribhijan setlment ବନ୍ଦୋବସ୍ତର ମିଆଦ ମଧ୍ୟରେ ଜମି-
रिभिजनसेटलमेंट **रिभिजनप्रबंध** ଜମା ଆଦିର ସଂଶୋଧନ
(ରିଭିଜନ ବନ୍ଦୋବସ୍ତ—ଅନ୍ୟରୂପ) କର୍ମ—Revision
Settlement.

ରିମ୍—ବୈଦେ. ବି. (ଇଂ. ରିମ୍)—୨୦ ଦିସ୍ତା ବା ୪୮୦ ଫର୍ଦ
Rim କାଗଜ—Ream (of paper). [ଦ୍ର—୧ ରିମ୍
रिम **रीम** =୨୦ ଦିସ୍ତା; ୧ ଦିସ୍ତା=୨୪ ଫର୍ଦ ।]

ରିମ୍ ରିମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଝିପିଝିପି (ବର୍ଷା)—
Rim rim Raining in small drops; drizzling.
टिपटिप **रीमझीम** (ଗଡ଼ଜାତବାସିଙ୍କ—କା୬୬୩୦)

ରିମା(ମ୍ମା)—ଦେ. ବି. (ନାମ, ସ. ରେବା)—୧ । ମଧ୍ୟଭାରତର ଗୋଟିଏ
Rimā(mmā) କରଦ ରାଜ୍ୟ; ରେୱା—1. Name of a
रिमा, रेओया tributary State in the Central
रेवा India; Rewa. [ଦ୍ର—ଏହା ମଧ୍ୟ ଭାରତର
ବଘେଲଖଣ୍ଡର ଗୋଟିଏ ରାଜ୍ୟ । ଏ ରାଜ୍ୟରେ ରେବା ନଦୀ
ବହୁଅଛି । ରିମା ରାଜା ପୁରୁଷୋତ୍ତମଙ୍କୁ ତୀର୍ଥଯାତ୍ରା କରି ଆସି
ବାଟରେ ଓ ପୁରୀରେ ବହୁ ଧନ ଓ ହାତୀ ଘୋଡ଼ା ବିତରଣ
କରିଥିବାରୁ ତାଙ୍କ ନାମରେ ଗୀତ ଅଦ୍ୟାବଧି ଭିକ୍ଷୁକମାନଙ୍କ
ମୁହଁରୁ ଶୁଣାଯାଏ । ଯଥା—
ରିମା ରାଜା ଆସିଥିଲେ ପୁରୁଷୋତ୍ତମକୁ
କେତେ ହାତୀ ଘୋଡ଼ା ଦେଇଗଲେ ବାଟଘାଟକୁ—ଇତ୍ୟାଦି
ଏ ରାଜ୍ୟର କ୍ଷେତ୍ରଫଳ ୧୩ ହଜାର ବର୍ଗମାଇଲ୍ ଓ ବାର୍ଷିକ
ରାଜସ୍ୱ ଅନୁ୍ୟ ୬୦ ଲକ୍ଷ ଟଙ୍କା । ଲୋକସଂଖ୍ୟା ପ୍ରାୟ ୧୨ ଲକ୍ଷ] ।

୨ । କ୍ରୋଧ; ରୋଷାବେଶ—2. Rage; anger.

ରିମି—ପ୍ରାଦେ. [ଗଡ଼ଜାତ] ବି—ବ୍ୟାଘ୍ରାଦି ବନ୍ୟ ଜନ୍ତୁଦ୍ୱାରା ହତ
Rimi ମୃଗାଦି ପଶୁ—An animal killed by a wild
beast; a kill.

ରିମି ରିମି—ଦେ. ବଣ ଓ କ୍ରି. ବଣ—ଝିପି ଝିପି (ବର୍ଷା)—
Rimi rimi Drizzling (rain)

ରିମ୍ଫ—ସଂ. ବି.—(ଜ୍ୟୋତିଷ)—ରାଶିଚକ୍ର—
Rimpha The zodiac.

ରିୟାତ[ତି]—ବୈଦେ. ବି.—ରିଆତ୍ [ଦେଖ]
Riyāt(ti) Riāt (See)

ରିୟାହି—ବୈଦେ. ବି—ରିହାଇ (ଦେଖ)
Riyāhi Ribāi (See)

ରିରଂସା—ସଂ. ବି.—[ରମ୍ ଧାତୁ+ଇଚ୍ଛା ଅର୍ଥେ ସନ୍. ଭାବ ଅ+
Riramsa ଆ]—୧ । ରମଣେଚ୍ଛା; କାମପ୍ରବୃତ୍ତି ତଦର୍ଥାର୍ଥ
[ରିରଂସୁ—ବଣ] କରିବାର ଇଚ୍ଛା—1, Amorous desire,
lust. ୨ । କ୍ରୀଡ଼ା କରିବାର ଇଚ୍ଛା—2, Desire
for sport.

ରିରି—ଦେ. ଅ –[ଧ୍ୱନ୍ୟନୁକରଣ]—ବେହେଲା ବଜାଇବାର ଶବ୍ଦ—
Riri रीरी The sound of violin

ରିରୀ—ସଂ. ବି.—(ରି ଧାତୁ=ଗମନ କରିବା+କର୍ତ୍ତୃ. ଈ) ପିତଳ—
Riri Brass.

ରିଲ—ବୈଦେ. ବି.—[ଇଂ. ରିଲ୍]—ସୂତା ଗୁଡ଼ାଇବାର କାଠର
Ril रिल **रिल** ଚକକି ବା ଗଗଡ଼ୀ—Reel for winding thread.

ରିଲ ସୂତା—ଦେ. ବି.—ଚକକିରେ କଳଦ୍ୱାରା ଗୁଡ଼ା ହୋଇଥିବା ସୂତା-
Ril sūtā Thread wound round a reel with the
रील सूता **रील सुता** help of machine.

ରିଶ୍(ଶି)ପ(ବ)ତ୍—ବୈଦେ. ବି.—[ଆ.ରିସ୍‌ବତ୍]—ଲାଞ୍ଚ; ଉତ୍କୋଚ;
Ris-(śi)pa(ba)t ଘୁଷ; ଅଣ୍ଠାଗୁଞ୍ଜା—Illegal gratification; bribe. [ଦ୍ର—ସିଦ୍ଧାନ୍ତ ଲାଞ୍ଚ
रिसबत **रिशवत**
କଥାରୁ ଛଡ଼ା କାହାରି ଠାରୁ କିଛି ଲାଞ୍ଚ ରୂପରେ ଭୁଲି
ନାହିଁ । ଫକୀରମୋହନ ଚ୍ଛମାଣ. ଆଠଗୁଣ୍ଠ ।]

ରିଶ୍(ଶି)ପ(ବ)ତ୍ ଖାଇବା—ଦେ. କ୍ରି.—(ଆ. ରିସ୍‌ବତ୍)—ଲାଞ୍ଚନେବା;
Ris-(śi)pa(ba)t khāibā ଉତ୍କୋଚ ଗ୍ରହଣ କରିବା—
रिसबत खाओया To take illegal gratification; to
रिशवतखाना take bribe.

ରିଶ୍(ଶି)ପ(ବ)ତ୍‌ଖୋର୍—ବୈଦେ. ବଣ (ଫା. ରିସ୍‌ବତ୍‌ଖୋର୍)—
Ris-(śi)pa(ba)tkhor ଉତ୍କୋଚଗ୍ରାହୀ; ଲାଞ୍ଚୁଆ; ଯେଉଁ ବ୍ୟକ୍ତି
[ରିଶ୍(ଶି)ପ(ବ)ତ୍‌ଖୋରିଆ(ୟା)—ଦେ. ରୂପ] ଉତ୍କୋଚ ଗ୍ରହଣ
बिसबत खोर କରେ—One habituated to taking
रिश वत खोर bribe.

ରିଶ୍(ଶି)ପ(ବ)ତ୍ ଖୋରି—ବୈଦେ. ବି (ଫା)—ଲାଞ୍ଚୁଆପଣ,
Ris-(śi)pa(ba)t khori ଉତ୍କୋଚ ଗ୍ରହଣ କରିବାର
रिसबतखोरी ଅଭ୍ୟାସ—Habitual bribe-taking;
रिशवबत खोरी bribery.

ରଶ୍(ଶି)ପ(ବ)ତ୍ ଜାଚବା—ଦେ. କି—ଲାଞ୍ଚ ଯାଚିବା; କୌଣସି ବ୍ୟକ୍ତିକୁ
Riś(śi)pa(ba)t jāchibā ଉତ୍କୋଚ ଦେବା ପାଇଁ ଲୋଭ
রিসবতদিতে চাওয়া ଦେଖାଇବା—To offer bribe.
रिसवत् चाहना

ରଶ୍(ଶି)ପ(ବ)ତ୍ ଦେବା—ଦେ. କି—ଲାଞ୍ଚ ଦେବା; କୌଣସି ବ୍ୟକ୍ତିକୁ
Riś(śi)pa(ba)t debā ଉତ୍କୋଚ ଦେବା—To bribe a
রিসবতদেওয়া **रिशवत देना** person.

ରଷ୍ (ଧାତୁ)—ସ—ବଧ କରିବା—
Rish (root) To kill.

ରଷ(ଷା)—ଦେ. ବ (ସ. ଈର୍ଷା; ପ୍ରା. ଈଷା; ସ. ରୋଷ)—୧ । କ୍ରୋଧ;
Risha(shā) ରାଗ; ରୋଷ—1. Rage; anger; wrath.
রিশ ୨ । ହିଂସା; ଦ୍ୱେଷ; ଈର୍ଷା—2. Envy; malice. [ଉ—
रिस ତୁମ୍ଭ ହୃଦୟରେ ତ ରଷା କର କାର୍ଷ, ଦେଖିଛୁ ଧର୍ମବୁଦ୍ଧିଯାକ
କର ନାଶ । କୃଷ୍ଣସିଂହ. ମହାଭାରତ]

ରଷଭ—ଦେ. ବ (ସ. ବୃଷଭ)—ସୌର ଜ୍ୟୈଷ୍ଠମାସ—The solar
Rishabha month of Jyaishtha. [ଉ—ରଷଭ ସମ୍ପୂର୍ଣ୍ଣ
ସପ୍ତି ଆଷାଢ଼ର ଅନ୍ତେ । ଶ୍ରାବଣ ପ୍ରବେଶ ସେ ଉଦୟ
ବୃଦ୍ଧି ହୋଇନ୍ତେ । ପ୍ରାଚୀ. ରହସ୍ୟମଞ୍ଜରୀ ।]

ରଷା(ଷେ)ଇବା—ଦେ. କି (ସ. ରୋଷ ରୁଷ୍ ଧାତୁ)—ରଗାଇବା;
Rishā(she)ibā ଚଡ଼ାଇବା—To irritate; to enrage.
রাগান ପ୍ରାଦେ (ସମ୍ବଲପୁର) କ୍ରି—ରାଗିବା—To be angry; to
रिसाना, रिसवाना be enraged.

ରଷା କରିବା—ଦେ. କି—୧ । ଅକ୍ରୋଶ କରିବା—1. To envy.
Rishā karibā ୨ । କ୍ରୋଧ କରିବା—2. To be angry.
রিশকরা [ଉ—ଏ ରୂପେ ସେହୁଁ ଖ୍ରିଷ୍ଟ ତାଙ୍କୁ ରଷା କର, ବ ରୂପେ
रिसकरना ଦେଖାଇବ ତାଳ ଦଣ୍ଡଧାରୀ । କୃଷ୍ଣସିଂହ. ମହାଭାରତ
ଖ୍ରିଷ୍ଟ ।]

ରଷା ରଷି—ଦେ ବ—୧ । ରଗାରଗି; ରେଷାରେଷି; ଅନ୍ୟୋନ୍ୟରେ
Rishārishi କ୍ରୋଧଭାବ—1. Angry attitude towards
রেসারেসী each other; mutul anger. ୨ । ଉଭୟ
रिसारिसी ପକ୍ଷରେ ରାଗିଯାଇ କଥାବାର୍ତ୍ତା କରିବା—2. Exchange of ho twords. ଦେ. ବଣ—ପରସ୍ପର ପ୍ରତି
କ୍ରୋଧାନ୍ୱିତ—Mutually angry.

ରଷାଲ୍ଦାର୍—ବୈଦେ. ବ (ଫା)—ଭାରତୀୟ ଘୋଡ଼ସବାର ସୈନ୍ୟ-
Rishāl-dār ଗୁଳ୍ମର ଅଧ୍ୟକ୍ଷ—Risaldār; a captain of
রিসালদার a contingent of Indian cavalry troop.
रिसालदार [ଦ୍ର—ଏମାନଙ୍କ ପଦବୀ ଅନୁସାରେ ରସାଲ୍ଦାର୍
କାପ୍ତାନ୍ (Risāldār Captain) ଓ ରସାଲ୍ଦାର୍
ମେଜର୍ (Risāldār Major) ଅବ ବୋଲାଯାଏ ।]

ରଷାଲି—ବୈଦେ. ବ (କଟକରଥ; ଅ. ଇର୍ସାଲ୍=ମଫସଲରୁ ରାଜଧାନୀକୁ
Rishāli ପ୍ରେରିତ ରାଜସ୍ୱ)—୧ । ଧନକୁ ସ୍ଥାନାନ୍ତର ପ୍ରେରଣ—
ইর্সাল 1. Remittance of money. ୨ । ମଫସଲରୁ ଅଦାୟ
इरसाल ହେବା ରାଜସ୍ୱକୁ ସଦରକୁ ପ୍ରେରଣ—2. Remittance of revenue realised from mofussal to the head quarters.

ରଷାଲ୍ କରିବା—ଦେ କି (କଟକରଥ)—୧ । ଧନାଦ ସ୍ଥାନାନ୍ତରକୁ
Rishāli karibā ପ୍ରେରଣ କରିବା—1. To send or
ইসাল করা remit money etc to another place.
इरसाल करना ୨ । ମଫସଲରୁ ଅଦାୟ ହେବା ଟଙ୍କା ସଦରକୁ
ପଠାଇବା—2. To remit rent realised from mofassal to the head quarters.

ରଷା ହେବା—ଦେ. କି—ରାଗିବା—
Rishā hebā To be angry; to be enraged.
রাগকরা **रिसियाना**

ରଷି—ସ. ବ (ଋଷ ଧାତୁ=ଗମନ କରିବା+କର୍ତ୍ତୃ. ଇ)—ଋଷି; ମୁନି
Rishi (ପ୍ରକୃତିବାଦ)—A sage.

ରଷୁଆ—ଦେ. ବଣ. ପୁଂ ଓ ସ୍ତ୍ରୀ—(ସ. ରୋଷବାନ୍)—କ୍ରୋଧୀ;
Rishuā ক্রোধী **रिसहा** କ୍ରୋଧନ—Of fiery temper.
(ରଷେ[ଷୋ]ଇ—ସ୍ତ୍ରୀ)

ରଷେଇ ଦେଖିବା—ଦେ.କି (ସ.ରୋଷ)—ଡସ୍ପଷ୍ଟ ଗୁହିଁବା; ଭ୍ରୂକୁଟି କର
Rishei dekhibā ଗୁହିଁବା; ରୋଷଦୃଷ୍ଟି କରିବା—To look
রেগেতাকান upon with frown; to scowl
रिससे देखना

ରଷ୍ଟ୍ ଲେଟ୍—ବୈଦେ. ବ.—(ଇଂ.)—ରସ୍ଲେଟ୍ (ଦେଖ)
Risht let Rislet (See)

ରଷ୍ଟ୍ ୱାଚ୍—ବୈଦେ.—(ଇଂ. ରଷ୍ଟ୍ ୱାଚ୍)—ହାତଗଣ୍ଠିରେ ବନ୍ଧାଯିବା
Risht wāch ଫିତା ବା ଚେନ୍ ଲଗା ଏକ ପ୍ରକାର ଛୋଟ ଘଡ଼ି—
(ରଷ୍ଟ୍ ଉଅଚ୍—ଅନ୍ୟରୂପ) Wrist watch.

ରଷ୍ଟ—ସ. ବ.—[ସ. ରଷ ଧାତୁ=ବଧ କରିବା+କର୍ତ୍ତୃ. ତ]—
Rishta ୧ । ପାପ; କଳୁଷ—1. Sin. ୨ । ଅଶୁଭ; ବ୍ୟାଘାତ;
ବିଘ୍ନ; ଅମଙ୍ଗଳ—2. Impediment; woe; misfortune. ୩ । (+ଭାବ. ତ) ନାଶ; ଧ୍ୱଂସ—3.
Destruction, ruin. ୪ । (+କରଣ. ତ)—
ଖଡ୍ଗ; ଖଣ୍ଡା—4. Sword. ୫ । ଦୈତ୍ୟ ବିଶେଷ—
5. Name of a demon. ୬ । ରଠା (ଫଳ ଓ
ବୃକ୍ଷ)—6. Soap berry; soap nut. ୭ ।
କଲ୍ୟାଣ; ଶୁଭ; ମଙ୍ଗଳ—7. Good fortune,
bliss. ୮ । ଅଭାବ—8. Want. ୯ । ପାରଦ;
ପାରା—9. Mercury. ୧୦ । ଅଶୁଭ ଶକୁନ—
10. Inauspicious sign; evil omen.
[ଉ—ଦ୍ୱାରକା ପୁରେ ରଷ୍ଟ ଜାତ, ଦେଖି ଚଳିତ
ଯଦୁନାଥ ଭାଗବତ ।] ୧୧ । (ଫଳିତ ଜ୍ୟୋତିଷ)—ଗ୍ରହ
ଓ ନକ୍ଷତ୍ରାଦିଙ୍କ ବଶିଷ୍ଟ ଅବସ୍ଥାନ ଯୋଗୁଁ ବ୍ୟକ୍ତିବିଶେଷର
ଜୀବନରେ ଆଶଙ୍କିତ ଅମଙ୍ଗଳ—(Astrology)
Apprehended misfortune of a person on account of the interposition of planets and stars in his horoscope.

ବିଣ.—୧ । (+କର୍ତ୍ତି. ତ) ପାପଜନକ—1. Sinful. ୨ । ଅଶୁଭସୂଚକ; ଅମଙ୍ଗଳକର—2. Ominous; woeful. ୩ । ନଷ୍ଟ (ହି. ଶ)—3. Damaged. [ଦ୍ର—ଫଳିତ ଜ୍ୟୋତିଷ ମତରେ ରିଷ୍ଟର ନାନା ପ୍ରକାର ଭେଦ ଦେଖାଯାଏ । ଯଥା—ଗଣ୍ଡରିଷ୍ଟ,ମାତୃରିଷ୍ଟ, ପିତୃରିଷ୍ଟ, ସନ୍ତାନରିଷ୍ଟ, ଶିଶୁରିଷ୍ଟ, ଭ୍ରାତୃରିଷ୍ଟ । ଶିଶୁର ଜାତକରେ ଅବସ୍ଥିତ ଗ୍ରହମାନଙ୍କର ଅବସ୍ଥିତି ଯୋଗୁ ଶିଶୁର ମାତା ପ୍ରତି ଅମଙ୍ଗଳ ଘଟନାରେ ମାତୃରିଷ୍ଟ ହୁଏ । ଅଶ୍ୱିନୀ, ମଘା, ଓ ମୂଳା—ଏ ତିନି ନକ୍ଷତ୍ରର ପ୍ରଥମ ପାଦକୁ, ରେବତୀ, ଅଶ୍ଳେଷା ଓ ଜ୍ୟେଷ୍ଠା—ଏ ତିନି ନକ୍ଷତ୍ରର ଶେଷ ପାଦକୁ ଗଣ୍ଡ ବୋଲାଯାଏ । ଦିବସରେ ଜ୍ୟେଷ୍ଠାର ଓ ମୂଳାର ଗଣ୍ଡ ପାଦ ବେଳେ ଶିଶୁର ଜନ୍ମ ହେଲେ ଏହା ପିତୃରିଷ୍ଟ । ରାତ୍ରିରେ ମଘାର ଗଣ୍ଡପାଦ ପଡ଼ିବା ସମୟରେ ଶିଶୁର ଜନ୍ମ ହେଲେ ମାତୃ ରିଷ୍ଟ ଓ ସନ୍ଧ୍ୟାବେଳେ ରେବତୀର ଓ ଅଶ୍ୱିନୀର ଗଣ୍ଡପାଦ ପଡ଼ିବା ସମୟରେ ଶିଶୁ ଜନ୍ମ ହେଲେ ଶିଶୁ ରିଷ୍ଟ ହୁଏ; ଅର୍ଥାତ୍ ଉକ୍ତ 'ରିଷ୍ଟ' ଯୋଗମାନ ଘଟିଲେ ଯଥାକ୍ରମେ ପିତା, ମାତା ଓ ଶିଶୁ ଅଶୁଭମୃତ୍ୟୁ ଲାଭ କରନ୍ତି । ଏହି 'ରିଷ୍ଟ ଶାନ୍ତି' କରିବା ପାଇଁ ସ୍ମୃତି ବାକ୍ୟର ମଧ୍ୟ ବ୍ୟବସ୍ଥା ଅଛି ।]

ରିଷ୍ଟ କ୍ଷୟ—ସଂ. ବି.—(ଷଷ୍ଠୀ ତତ୍)—ପାପକ୍ଷୟ; ଅଶୁଭର ବିନାଶ— Rishta kshaya Destruction or disappearance of sin or evil.

ରିଷ୍ଟ ଖଣ୍ଡନ—ସଂ. ବି.—(ଷଷ୍ଠୀ ତତ୍)—୧ । ଧର୍ମାଚରଣରୁ ପାପ ବା Rishta khandana ଅଶୁଭ କଟିଯିବା—1. Freedom or absolution from sins; the destruction of evil (by the preponderance of good). ୨ । ଶାସ୍ତ୍ରୋକ୍ତ ବିଧାନଦ୍ୱାରା ଜ୍ୟୋତିଷୋକ୍ତ ରିଷ୍ଟର ନିବାରଣ—2. The remedying of the evil effects of unpropitious planets by following the means enjoined in the Sastras.

ରିଷ୍ଟ ଗ୍ରହ—ସଂ.ବି (ଜ୍ୟୋତିଷ)—୧ । ଗ୍ରହମାନଙ୍କର ଅମଙ୍ଗଳ ଅବସ୍ଥିତି— Rishta graha 1. Unpropitious positious of planets. ୨ । ପାପ ଗ୍ରହ; ମନ୍ଦ ଗ୍ରହ—2. Evil planets. (ଯଥା—ରାହୁ, ଶନି; କେତୁ ।)

ରିଷ୍ଟ ଭଦ୍ର—ସଂ. ବି ଓ ବିଣ (ରିଷ୍ଟ+ଭଦ୍ର)—ଭଲ ଓ ମନ୍ଦ— Rishta bhadra Good and bad.

ରିଷ୍ଟ ଯୋଗ—ସଂ. ବି (ଜ୍ୟୋତିଷ)—ଗ୍ରହମାନଙ୍କର ଅଶୁଭକର ଅବସ୍ଥିତି- Rishta joga Evil position of planets. (ଯଥା—ଏହାର ଘଟିଲେ ମନୁଷ୍ୟର ଅମଙ୍ଗଳ ଓ ବିପଦ ଘଟେ ।)

ରିଷ୍ଟି—ସଂ. ବି (ରିଷ୍ ଧାତୁ+କରଣ. ତି)—୧ । ଦୁର୍ଭାଗ୍ୟ; ରିଷ୍ଟ, ଅଶୁଭ; Rishti ଅମଙ୍ଗଳ—1. Evil; misfortune. (ଉ— ଅବନି ଗୃହେ ପୁଷ୍ପ ବୃଷ୍ଟି, ଯେଣେ ଖଣ୍ଡିବ ଜନ୍ମ ରିଷ୍ଟି । ଜଗନ୍ନାଥ. ଭାଗବତ ।) ୨ । ଖଡ୍ଗ—2. Sword. ୩ । ଶୁଭ—3. Bliss; fortune; good luck.

ରିସବଗୁ(ଗୋ)ଲ(ଲି)—ବୈଦେ. ବି—ଇସବ ଗୁଲ (ଦେଖ) Risabagu(go)la(li) Isabagul (See)

ରିସ ହେବା—ପ୍ରାଦେ. (ବଙ୍ଗର) କ୍ରି—ରୁଷିବା—To become Risa heba sullen with displeasure. [ରିସାଇବା—ଅନ୍ୟ ପ୍ରାଦେ. ରୂପ]

ରିସିମ୍—ପ୍ରାଦେ. (ଗଡ଼ଜାତ) ବି—ତେଜପଣ— Risim Spirit.

ରିସିମ୍ ଦାର୍—ପ୍ରାଦେ. (ଗଡ଼ଜାତ) ବିଣ—ତେଜସ୍ୱୀ— Risim-dar Spirited.

ରିସ୍ଲେଟ—ବୈଦେ.ବି. (ଇଂ. ରିଷ୍ଟଲେଟ୍)—ଏକପ୍ରକାର ସରୁ ବଳୟ— Rislet Wristlet. রিসলেট रिस्लेट

ରିହ୍ (ଧାତୁ)—ସ—୧ । ଋଣ କରିବା—1. To borrow. ୨ । ଘୃଣା Rih (root) କରିବା—2. To hate. ୩ । ବଧ କରିବା— 3. To kill.

ରିହ—ଦେ. ବି (ସଂ. ଈର୍ଷ୍ୟା)—୧ । ଅବହିତ; ଈର୍ଷ୍ୟା; ହିଂସା— Riha 1. Grudge; malice; feeling of vengeance. রিষ, রাগ ୨ । (ସଂ. ଦ୍ୱେଷ) ଦ୍ୱେଷ; କ୍ରୋଧ; ରାଗ—2. Rage; डाह, लाग anger; feeling of anger; indignation.

ରିହ କରିବା—ଦେ. କ୍ରି—୧ । ରାଗ କରିବା—1. To be angry; Riha kariba to be indignant. ୨ । ଈର୍ଷ୍ୟା রিষ(রাগ)করা କରିବା—2. To have a grudge. डाह रखना

ରିହ ପାଇବା—ପ୍ରାଦେ. (ଯାଜପୁର) କ୍ରି—କୌଣସି ବ୍ୟକ୍ତିର ଦୋଷ Riha paiba ବା ଦୁର୍ବଳତା ଦେଖି ପାରିବା—To find out the weak point of a person.

ରିହ ପୋଷିବା—ଦେ. କ୍ରି—ମନରେ ପ୍ରତିହିଂସା ପ୍ରବୃତ୍ତି ପୋଷଣ Riha poshiba କରିବା—To entertain grudge রীষ(রাগ)রাখা डाह करना against a person. [ରିହ ରଖିବା—ଅନ୍ୟରୂପ]

ରିହାଇ(ତ୍,ତି)—ବୈଦେ.ବି (ଫା.ରିହାଇ;ପରିତ୍ରାଣ)—୧ । ମୁକ୍ତି;ମୁକ୍ତି- Rihai(t,ti) 1. Release. (ଉ—ଥୋଡ଼େ ଖାତକ ଦଣ ନାହିଁ ରିହ.ଇତ(ତି)—ଅନ୍ୟରୂପ] ବରଷର ପୁରୁଣା କରଜର ମୂଳ କାଳନ୍ତର ବହି ତମସୁକରେ ରେଜେଷ୍ଟ୍ରୀ କରିଇ রিহাই, রেহাই, রিয়াত্, রেয়াত্ ଦେଇ ରିହାଇ ପାଇଲେ । रिहाइ ଫକୀରମୋହନ. ଗଳ୍ପସ୍ୱଳ୍ପ ।) ୨ । ଦୋଷର ମାଫ— 2. Pardon: forgiveness of a fault. ୩ । ଦଣ୍ଡାଦରୁ ନିଷ୍କୃତି ବା ଅବ୍ୟାହତି—3. Exemption from or remission of punishment.

ରିହାଇତ(ତି) କରିବା—ଦେ. କ୍ରି—୧ । ଦୋଷାଦ କ୍ଷମା କରିବା— Rihait(ti) kariba 1. To forgive a fault. ୨। ଦାଯିତ୍ୱ

(ରିହାଇ ଦେବା—ଅନ୍ୟରୂପ) ବା ଦଣ୍ଡ ଭୋଗରୁ ମୁକ୍ତ ଦେବା—
ৰিহাই কৰা, ৰিহাই দেওয়া 2. To remit a punishment; to exempt from punishment.
रिहाई देना

ରିହାଇତ୍(ତି) ପାଇବା—ଦେ. କ୍ରି—ଦୋଷରୁ ବା ଦଣ୍ଡରୁ ନିଷ୍କୃତି ଲାଭ କରିବା—To be exempted from punishment.
Rihāit(ti) pāibā
ৰিহাই পাওয়া **रिहाई पाना**
[ରିହାଇ ମିଳିବା, ରିହାଇତ୍(ତି) ମିଳିବା—ବିଶେଷ୍ୟ ରୂପ]
(ରିହାଇ ପାଇବା—ଅନ୍ୟରୂପ)

ରିହାଇବା—ଦେ. କ୍ରି—ରିସାଇବା; ରଗାଇବା—To enrage.
Rihāibā রাগান **रिसाना**

ରିହାଏତ୍(ତି) (ଇତ୍ୟାଦି)—ବୈଦେ. ବି—ରିହାଇ ଇତ୍ୟାଦି (ଦେଖ)
Rihāet(ti) (etc) Rihāi etc (See)

ରୀ (ଧାତୁ)—ସ—୧ । ଗମନ କରିବା; ଗତି କରିବା—1. To go; to move. ୨ । ଝରିବା; କ୍ଷରିତ ହେବା—2. To ooze.
Rī (root)

ରୀ—ସଂ. ବି (ରୀ ଧାତୁ=ଗମନ କରିବା+ଭାବ. କ୍ୱିପ୍)—୧। ଗତି—1. Motion. ୨ । ରୋଦନ—2. Crying.
Rī

ରୀଜ୍ୟା—ସଂ. ବି (ହ୍ରୀ ଧାତୁ=ଲଜ୍ଜିତ ହେବା+ଭାବ. ଅ+ଆ; ନିପାତନ)—୧ । ଲଜ୍ଜା—1. Shame; modesty. ୨ । ଘୃଣା—2. Hate, hatred. ୩ । ତର୍ଜନ; ଭର୍ତ୍ସନା—3. Abusing; repaimand. ୪ । ଲୁସା; ନିନ୍ଦା—4. Blaming.
Rījyā

ରୀଠା—ସଂ. ବି (ରୀ ଧାତୁ+କର୍ତ୍ତୃ. ଠ+ଅ)—ରିଠା (ଦେଖ)
Rīṭhā Riṭhā (See)

ରୀଠା କରଞ୍ଜ—ସଂ. ବି—ରିଠା (ଦେଖ)
Rīṭhā karañja Riṭhā (See)

ରୀଢ଼—ଦେ. ବି (ସଂ. ରୀଢ଼ା)—୧ । ଅନାଦର—1. Disregard; slight. ୨ । ଘୃଣା—2. Contempt.
Rīṛha

ରୀଢ଼କ—ସଂ. ବି (ରିହ୍ ଧାତୁ+କର୍ତ୍ତୃ. ତ+କ)—ପୃଷ୍ଠଦଣ୍ଡ; ମେରୁଦଣ୍ଡ; ବେଁଗିରି ହାଡ଼—Backbone.
Rīṛhaka

ରୀଢ଼ା—ସଂ. ବି (ରିହ୍ ଧାତୁ+ଭାବ. ତ+ଆ)—୧ । ଘୃଣା—1. Hatred. ୨ । ଅବଜ୍ଞା—2. Disregard.
Rīṛhā

ରୀଣ—ସଂ. ବିଣ (ରୀ ଧାତୁ+କର୍ତ୍ତୃ. ତ)—୧ । କ୍ଷରିତ—1. Distilled. ୨ । ଟୋପା ଟୋପା ହୋଇ ଝରୁଥିବା—2. Oozing; dropping.
Rīṇa

ରୀତି—ସଂ. ବି (ରୀ ଧାତୁ+ଭାବ. ତି)—୧ । ପଦ୍ଧତି; ପ୍ରଣାଳୀ; ଢଙ୍ଗ—1. Mode; manner. ୨ । ବିଧି; ଧାରା; ନିୟମ—2. Rule; regulation. ୩ । ପ୍ରଥା—3. Custom; usage. ୪ । କ୍ରମ—4. Method. ୫ । ଚାଲିଚଳଣି; ଆଚରଣ—5. Conduct; behaviour; deportment. ୬ । ଅଞ୍ଚଳର ବ୍ୟବହାର—6, Customary usage; local custom. ୭ । ସ୍ୱଭାବ; ପ୍ରକୃତି; ପ୍ରବୃତ୍ତି—7. Nature; natural propensity; natural disposition; inclination. ୮ । ଗୁଣ; ଧର୍ମ—8. Quality; attribute. ୯ । ଗମନ; ଗତି—8. Motion, movement. ୧୦ । ତାମ୍ର ଓ ଦସ୍ତାମିଶ୍ରିତ ଧାତୁ; ପିତ୍ତଳ—10. Brass (zinc and copper), [ଉ—ଯେନ ତ ଝିଅରେ ଦେ ରସେ ଖ୍ୟାତରେ, ସୁନାର ଲୁହାର ବନା । କବିସୂର୍ଯ୍ୟ. ସଙ୍ଗୀତ ।] ୧୧ । ଧାତୁଦ୍ରବ୍ୟ ଉପରେ ପଡ଼ିବା କଳଙ୍କି; ମରିଚା; ଧାତୁମଳ—11. Oxide formed on metals; rust. ୧୨ । (ଅଳଙ୍କାର ଶାସ୍ତ୍ର) କାବ୍ୟର ପଦ ସଂଘଟନ ପ୍ରଣାଳୀ; କାବ୍ୟାଦିର ରଚନା ପ୍ରଣାଳୀ; ସାହିତ୍ୟରେ କୌଣସି ବିଷୟର ବର୍ଣ୍ଣନ କରିବା ଉଦ୍ଦେଶ୍ୟରେ ବର୍ଣ୍ଣମାନଙ୍କର ଯେଉଁ ଯୋଜନାରୁ ଓଜଃ, ପ୍ରସାଦ ବା ମାଧୁର୍ଯ୍ୟ ଗୁଣ ଉତ୍ପନ୍ନ ହୁଏ—12. The mode or peculiarity of construction of a literary work; style of composition. [ଦ୍ର—ସାହିତ୍ୟ ଦର୍ପଣରେ ରୀତିକୁ ୪ ପ୍ରକାରରେ ବିଭକ୍ତ କରାଯାଇ ଅଛି, ଯଥା—ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ, ଲାଟିକା । ମାଧୁର୍ଯ୍ୟ ବ୍ୟଞ୍ଜକ ବର୍ଣ୍ଣ ବିନ୍ୟାସଯୁକ୍ତ ରଚନା ବୈଦର୍ଭୀ, ଓଜଃପ୍ରକାଶକ ବର୍ଣ୍ଣ ଓ ଆଡ଼ମ୍ବରଯୁକ୍ତ ଓ ସମାସବହୁଳ ରଚନା ଗୌଡ଼ୀ, ବୈଦର୍ଭୀ ଓ ଗୌଡ଼ୀ ବ୍ୟଞ୍ଜକ ବର୍ଣ୍ଣ ବ୍ୟତିରିକ୍ତ ବର୍ଣ୍ଣ ଯୁକ୍ତ ରଚନା ପାଞ୍ଚାଳୀ, ବୈଦର୍ଭୀ ମିଶ୍ରିତ ପାଞ୍ଚାଳୀ ଲାଟୀ ଅଟେ । ଓଡ଼ିଆ ଭାଷାରେ ପ୍ରଚଳିତ ରୀତିକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଇ ପାରେ । ଯଥା—ସୁଖବୋଧ ରୀତି, ଆଡ଼ମ୍ବର ରୀତି ଓ ସାଳଙ୍କାର ରୀତି । ଗଦ୍ୟ ପଦ୍ୟାଦି ସବୁବିଧ ରଚନାରେ ଏହା ପରିଦୃଷ୍ଟ ହୁଏ ।] ଦେ. ବି—୧ । କୌଣସି କଥିତ ଭାଷାରେ ବ୍ୟବହୃତ ବାକ୍ୟାଦିର ବିଶେଷତ୍ୱ; ପ୍ରାକୃତ ରୀତି—1. Peculiarity of expression in any language. ୨ । ଭାଷାରେ ବ୍ୟବହୃତ ବିଶିଷ୍ଟ ବାକ୍ୟ, ଯାହା ସେହି ଭାଷାର ବିଶେଷତ୍ୱ ଅଟେ; ମହାବିରା—2. Idioms; idiomatic expressions peculiar to a language. [ଦ୍ର—ଇଂରାଜୀଭାଷାରେ ବ୍ୟବହୃତ Idiom (ଇଡିଅମ୍) ଶବ୍ଦର ଅନ୍ୟ ପ୍ରତିଶବ୍ଦ ନ ଥିବାରୁ ତହିଁପାଇଁ ମହାବିରା ଶବ୍ଦର ବ୍ୟବହାର କରାଯାଇ ଅଛି । ହିନ୍ଦୀରେ ଏହାକୁ ମହାବା(ବ)ରା କହନ୍ତି ।]
Rīti

[ଦ୍ର—ପ୍ରତ୍ୟେକ ଭାଷାରେ କେତେଗୁଡ଼ିଏ 'ରୀତିଗତ' ବାକ୍ୟ ଅଛି । ଉକ୍ତ ବାକ୍ୟମାନ ପ୍ରତ୍ୟେକ ଭାଷାର ବିଶେଷତ୍ୱ । ସେହି ବାକ୍ୟର ଅନ୍ୟ ଭାଷାରେ ଅକ୍ଷରିକ ବା ଶାବ୍ଦିକ ଅନୁବାଦ କଲେ ଅନୁବାଦରେ ମୂଳ ଅର୍ଥ ରହେ ନାହିଁ । ଯଥା—'ଙ୍କରକରିବା', ଗୋଟାଏ କାମ 'କରି ବସିବା', 'ଦୋଷ ଧରିବା', 'ଘର କଥା ନେଇ ଦାଣ୍ଡରେ ବାଢ଼ିବା', 'ଭୋଜନ ମାରିବା' ଇତ୍ୟାଦିକୁ ଇଂରାଜୀରେ ଶାବ୍ଦିକ ଅନୁବାଦ କଲେ ତାହା ଇଂରାଜୀ ଭାଷାର ରୀତିସମ୍ମତ ହେବ ନାହିଁ ।

ଅଳଂକାରଶାସ୍ତ୍ରରେ ରୀତିର ଅର୍ଥ ରଚନାପ୍ରଣାଳୀ (Style in composition) ବା ପଦଗୁମ୍ଫନ ପ୍ରଣାଳୀ। ରଚକବିଶେଷଙ୍କର ଓ ରଚନାବିଶେଷର 'ରୀତି' ଭିନ୍ନ ଭିନ୍ନ ଅଟେ। କଥିତ ଭାଷାମାନଙ୍କରେ ପ୍ରତ୍ୟେକ ଭାଷାର କେତେଗୁଡ଼ିଏ ରୀତି ଅଛି; ଏହା କଥୋପକଥନର ଭାଷାରେ ବ୍ୟବହୃତ ହୁଏ। ଏହାକୁ ପ୍ରାକୃତରୀତି ବୋଲାଯାଏ। ସେହି ରୀତିର ବିରୁଦ୍ଧ ଭାଷା କର୍କଶ ଲାଗେ। ବହୁକାଳରୁ ଭାଷା ସେହି 'ରୀତି'ରେ ବ୍ୟବହୃତ ହୋଇ ଆସୁଅଛି। କୌଣସି ଭାଷାର 'ରୀତି' ନ ଜାଣି ସେହି ଭାଷାରେ କଥା କହିବା ବା ଲେଖିବା ବ୍ୟକ୍ତି ଗୁଡ଼ିଏ 'ରୀତିବିରୁଦ୍ଧ' ବ୍ୟବହାର ଓ ପ୍ରୟୋଗଦ୍ୱାରା ହାସ୍ୟାସ୍ପଦ ହୁଅନ୍ତି। 'ରୀତିଗତ ଭାଷା' ବ୍ୟବହାର କରି ରଚନା କରିବା ଅଭ୍ୟାସସାଧ୍ୟ। ଆଧୁନିକ ସଭ୍ୟଯୁଗରେ ଆମ୍ଭେମାନେ ଅନ୍ୟାନ୍ୟ ଭାଷାର ସଂସ୍ରବରେ ଆସି ଆମ ଭାଷାର 'ରୀତି'ମାନ ଭୁଲିଯାଇ ଅନ୍ୟ ଭାଷାର 'ରୀତି'ରେ କଥାବାର୍ତ୍ତା କରିବା ଓ ଲେଖାଲେଖି କରିବା ଦ୍ୱାରା ଆମ ଭାଷାର ରୀତିଗୁଡ଼ିକ କ୍ରମଶଃ ଲୁପ୍ତ ହେବା ଆରମ୍ଭ ହେଲାଣି।

କଥିତ ଭାଷାରେ 'ପ୍ରାକୃତରୀତି' ଛଡ଼ା ବସ୍ତୁତରେ ସାହିତ୍ୟଗତ ବା ଲିଖିତ ଭାଷାର 'ରୀତି'କୁ 'ସାଧୁରୀତି' ବୋଲାଯାଏ। ଏହି 'ସାଧୁରୀତି' ବା ସାଧୁଭାଷାର ରୀତି ଚତୁଃପ୍ରକାର। ଯଥା—

୧। ଦଣ୍ଡୋଳୀ (ସଂ. ଗୌଡ଼ୀ)—ଆଡ଼ମ୍ବରବହୁଳ ଓଜୋବ୍ୟଞ୍ଜକ ରଚନା।

୨। ବୈଦର୍ଭୀ (ସଂ. ବୈଦର୍ଭୀ)—ସମାସହୀନ ବା ଅଳ୍ପ ସମାସଯୁକ୍ତ ଲଳିତ ରଚନାପଦ୍ଧତି।

୩। ବୈମାଳୁଣୀ (ସଂ. ପାଞ୍ଚାଳୀ)—୧ମ ଓ ୨ୟ ରୀତି ମିଶ୍ରଣଜାତ ପଦ୍ଧତି।

୪। ମାଦନୀ (ସଂ. ଲାଟୀ)—ଶବ୍ଦମାତ୍ର ଅର୍ଥବୋଧକ, ସମାସହୀନ, ମୃଦୁ ଓ ସୁଲଳିତ ରଚନାପଦ୍ଧତି।]

ରୀତି ଆଚରିବା—ଦେ. (ପଦ୍ୟ) କ୍ରି.—କୌଣସି ରୀତିକୁ କାର୍ଯ୍ୟରେ
Rīti ācharibā ପରିଣତ କରିବା—To follow a particular line of conduct.
রিতি আচরণ করা **रीति आचरण करना**
[ଯଥା—ସେ ମୋ ସଙ୍ଗେ ଠକ ରୀତି ଆଚରୁଛି।]

ରୀତିକ—ସଂ. ବି.—(ରୀତି+ସ୍ୱାର୍ଥେ. କ)—ପିତ୍ତଳ ଧାତୁ—
Rītika Brass.

ରୀତିକା—ସଂ. ବି.—(ରୀତିକ+ଆ)—୧। ପୁଷ୍ପାଞ୍ଜନ—
Rītikā 1. A sort of ointment.
୨। ଦସ୍ତାର ଭସ୍ମ [ହି. ଶ]—2. Oxide of zinc.

ରୀତିଗତ—ସଂ. ବିଣ—୧। ପ୍ରଥା ଅନୁସାରେ ଯାହା ଚଳି ଆସୁଅଛି—
Rītigata 1. Customary. ୨। ପ୍ରକୃତି ଗତ; ଅଭ୍ୟାସଗତ—2. Habitual, natural.

ରୀତିଗ୍ରାହୀ—ସଂ. ବିଣ, ପୁଂ—ପ୍ରଥା ବା ନିୟମକୁ ସ୍ୱୀକାର କରି
Rītigrāhī ତଦନୁସାରେ କାର୍ଯ୍ୟ କରୁଥିବା—Observing a custom; following a custom.
[ରୀତି ଗ୍ରାହିଣୀ—ସ୍ତ୍ରୀ]
[ରୀତି ଗ୍ରାହିତା—ବି]

ରୀତିଜ୍ଞ—ସଂ. ବିଣ. ପୁଂ—ଯେ ନିୟମ ବା ପ୍ରଥା ଜାଣେ—
Rītijña Conversant with the rules or custom.
(ରୀତିଜ୍ଞା—ସ୍ତ୍ରୀ) (ରୀତିଜ୍ଞତା—ବିଶେଷ୍ୟ)

ରୀତି ଧରିବା—ଦେ. କ୍ରି—କୌଣସି ଆଚାର ବା ବ୍ୟବହାରକୁ କାର୍ଯ୍ୟରେ
Rītidharibā ପରିଣତ କରିବା—To stick to a particular line of conduct.
রীতিধরা **रिति** ...**नो**

ରୀତିନୀତି—ଦେ. ବି (ସହଚର)—୧। ମନୁଷ୍ୟର ଗୁଲିଚଳନ—
Rītinīti 1. Conduct or behaviour of a person.
রীতিনীতি, চালিচলন **रितिनिति**
୨। ଦେଶପ୍ରଚଳିତ ଆଚାର ବ୍ୟବହାର—2. Customs and usages of a country; manners and custom.
୩। ଦେଶପ୍ରଚଳିତ ବିଧି ଏବଂ ନୀତି ବାଦମାନ—Customs and theories.

ରୀତିମତ—ସଂ. ବିଣ—ରୀତିସଙ୍ଗତ (ଦେଖ)—Rītisaṅgata (See)
Rītimata ଦେ. କ୍ରି. ବିଣ—ଦସ୍ତୁର ମାଫିକେ; ନିୟମ-
(ରୀତିମତେ—ଅନ୍ୟ କ୍ରି. ବିଣ, ରୂପ) ଅନୁସାରେ—
রীতিমত **रीतिमोताबिक** According to custom or rule.

ରୀତିବହିର୍ଭୂତ—ସଂ. ବିଣ—୧। ପ୍ରଥାବିରୁଦ୍ଧ—1. Contrary to
Rītibahirbhūta custom. ୨। ଭାଷାଗତ ରୀତିର
ରୀତିବିରୁଦ୍ଧ } ଅନ୍ୟରୂପ
ରୀତିବର୍ଜିତ }
ବିରୁଦ୍ଧ; ପ୍ରାକୃତରୀତିର ବହିର୍ଭୂତ—2. Unidiomatic; contrary to idiomatic usage.

ରୀତିସଙ୍ଗତ—ସଂ. ବିଣ—୧। ଆଚାର ସଙ୍ଗତ; ରୀତି ଅନୁସାରେ
Rītisaṅgata କରାଯାଉଥିବା—1. Conformatory of the custom; customary.
ରୀତି ସମ୍ମତ }
ରୀତ୍ୟାନୁମତ } —ଅନ୍ୟରୂପ
ରୀତ୍ୟନୁମୋଦିତ }
୨। ଯାହା ଭାଷାର ପ୍ରାକୃତ ରୀତି ଅନୁସାରେ କଥିତ ବା ଲିଖିତ—2. Idiomatic.

ରୀତିସିଦ୍ଧ—ସଂ. ବିଣ—ରୀତିସଙ୍ଗତ; ରୀତି ବା ବହୁକାଳ ବ୍ୟବହାରଦ୍ୱାରା
Rītisiddha ଯାହା ଚଳିଲାଣି ବା ପ୍ରତିଷ୍ଠିତ ହେଲାଣି—Formed by long usage; hallowed by usage; customary; idiomatic.

ରୀରୀ—ସଂ. ବି—ପିତ୍ତଳ (ହି. ଶ)—
Rīrī Brass.

ରୀଷ—ପ୍ରାଦେ (ଉତ୍ତରଭାଷା) ବି. (ସଂ. ରୋଷ)—ରାଗ; କ୍ରୋଧ—
Rīsa Anger; rage.

ରୁ (ଧାତୁ)—ସଂ—୧। ଶବ୍ଦ କରିବା; ରବ କରିବା—1 To make
Ru (root) a sound. ୨। କାନ୍ଦିବା—2. To cry. ୩। (ବୃକ୍ଷ ଆଦି) ଭୂମିରେ ରୋପଣ କରିବା ବା ପୋତିବା—
3. To plant (a tree).

ରୁ—ଦେ. ଅ—୧ । ଅପାଦାନ ବା ପଞ୍ଚମୀ ବିଭକ୍ତିର ପ୍ରତ୍ୟୟ—1. The
Ru inflection of the 5th or ablative case.
থেকে, চেয়ে ୨ । ବ୍ୟତିରେକେ—2. Except. [ଉ—ଅହେ
से ଶିବ ଭୂମିରୁ ବଡ଼ ହୋଇ କେହି, ଦେବଙ୍କର ମଧ୍ୟରେ ମୋତେ ବଶ୍ୟ ନାହିଁ । କୃଷ୍ଣସିଂହ. ମହାଭାରତ. ବନ ।]
୩ । [କୌଣସି ସ୍ଥାନ] ରୁ ଆରମ୍ଭ କରି; [କୌଣସି ସମୟ ରୁ ଆରମ୍ଭ କରି—3. Beginning from.
୪ । [କୌଣସି ବ୍ୟକ୍ତିର] ନିକଟରୁ—4. From (any person). [ଯଥା—ଫୁଲ୍ଲ ମନମଥ ଶୁଭ୍ରମରୁ ମୋର ଏଣିକି ଅଭୁତ ଉପରେ । କବିସୂର୍ଯ୍ୟ. ସଙ୍ଗୀତ ।] [ଦ୍ର—ସଂସ୍କୃତରେ 'ଗ୍ରାମଠାରୁ ଭୟ କଲା' ବ୍ୟବହୃତ ହୁଏ; କିନ୍ତୁ ଓଡ଼ିଆରେ 'ଗ୍ରାମକୁ ଭୟ କଲା' ବୋଲାଯାଏ । କବିସୂର୍ଯ୍ୟ ସଂସ୍କୃତ ବ୍ୟାକରଣର ବ୍ୟବହାର ଏଠାରେ କରିଅଛନ୍ତି ।]
୫ । ଅପେକ୍ଷା—5. Than. [ଉ—ଗୋଲା ଗରଳରୁ କଟୁ ପୀୟୂଷରୁ ସ୍ୱାଦୁଗୁଣ ଗଣ୍ଣ କଲ । କବିସୂର୍ଯ୍ୟ. କପୋତ ଚମ୍ପୂ. ଗ. ଗୀତ ।] ୬ । ଅନୁସାରେ—6. According to; in accordance with. [ଉ—ସୋଲାରେ ପଢ଼େ ମରୁଁ ଅଙ୍କୁ ତୋ ହୁକୁମରୁ, ନିକୁଞ୍ଜ ଦଣ୍ଡକୁ ନେହିଲୁଁ ରେ । କବିସୂର୍ଯ୍ୟ. କପୋତ ଚମ୍ପୂ 'ଘ' ଗୀତ ।]
୭ । (କୌଣସି ବିଷୟ, ବସ୍ତୁ ବା କ୍ରିୟା) ଯୋଗୁଁ;କାରଣରୁ; ହେତୁରୁ—7. Owing to; because of. [ଉ—ସ୍ମରୁ ମାରୁତରୁ ତରୁତଳ ଶୀତଳ ହେତୁରୁ । କବିସୂର୍ଯ୍ୟ—କପୋତଚମ୍ପୂ 'ଚ' ଗୀତ ।] ୮ । ଫଳରେ—8. As a result of. [ଉ—ହସ୍ତିନ୍ର ଖେଳରୁ ମହାଭାରତ ଯୁଦ୍ଧ ଉପୁଜିବା ନ୍ୟାୟ । ଇତ ।] ୯ । କୌଣସି ବସ୍ତୁର ଦେହରୁ ବା ମଧ୍ୟରୁ ବା ଅଭ୍ୟନ୍ତରରୁ—9. From the body of or from the inside of (any thing). [ଉ—କୁଞ୍ଜ କୁହିରୁ ବାହାର ଅସି ଚମ୍ପିଦେଲ ମୋ ଶ୍ରୁତିରେ । କବିସୂର୍ଯ୍ୟ. କପୋତଚମ୍ପୂ 'ଙ' ଗୀତ ।]
୧୦ । ଦ୍ୱାରା—10. By. [ଉ—ଟାଣ ଶିକ୍ଷା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣସଖୀ ସରିବ । କବିସୂର୍ଯ୍ୟ. କପୋତ ଚମ୍ପୂ 'ଝ' ଗୀତ । ଉ—ସୁଜାମନ୍ଦଦଶା ହାତରୁ ଝାଳ ରହିଏ ଖାଇଲେ ଗଙ୍ଗାସ୍ନାନର ଫଳ । ଇତ ।]

ରୁଂଶ୍ (ଧାତୁ)—ସ—୧ । ସ୍ପ୍ତି ପାଇବା—1. To shine.
Ruṃś (root) ୨ । ରଞ୍ଜିତ କରିବା—2. To paint; to dye.
[ରୁନଶ୍ (ଧାତୁ)—ଅନ୍ୟରୂପ]

ରୁଂଶିତ—ସ. ଣ—(ରୁନଶ ଧାତୁ+କର୍ମ. ତ)—୧ । ରଞ୍ଜିତ—1.
Ruṃśita Painted; coloured. ୨ ଲିପ୍ତ; ବୋଳା ହୋଇଥିବା—2. Smeared.

ରୁଁଅ—ଗ୍ରା. ବ (ସ. ରୋମ)—ରୋମ; ଲୋମ—
Ruñāñ Fur,; down on the body.
রোঁ रोआँ(आँ)

ରୁଁଅ—ଗ୍ରା. ଣ (ସ. ରୋମମୟ)—ଲୋମଶ—Furry.
Ruñāñ

ରୁଁଦ୍ (ଇତ୍ୟାଦି)—ବୈଦେ. ବ—ରୁନ୍ଦ୍, ଇତ୍ୟାଦି (ଦେଖ)
Ruñd (etc) Rund etc. (See)

ରୁଅ—ଦେ. ବ (ସ. ରୁହ ଧାତୁ. ଶିର୍=ଶ୍ରେଣି. ଧାତୁ)—୧ । ଘରଚାଳର
Rua ମଧ୍ୟଭାଗଠାରୁ ଚାଳର ତଳ ପର୍ଯ୍ୟନ୍ତ ଶେଣିମାନଙ୍କ ଉପରେ
रुआ[आ], रोआ[या] ଅଡ଼ ଭାଗରେ ଲମ୍ବିତ କାଠ ବା
कोरइ ବାଉଁଶ—1. Rafters of a thatched house-
[ଉ—ଘୋଡ଼ାଘାଲ, ଉଣା ଚାଳ, ରୁଅ ହେଲାକ, ଘରଣୀ ଟେଚାଳ, ତେବେ ସେ ଘରଯାଏ ଅପାର କାଳ ! ପ୍ରବଚନ]
[ଦ୍ର—ଚାଳ ଘରର କାନ୍ଥମାନଙ୍କ ଉପରେ ବା ପାଇଅ ଖୁଣ୍ଟ ଉପରେ ପ୍ରଥମେ ଶେଣୀମାନ ଦିଆଯାଏ । ଚାଳଘରର ମଧ୍ୟଭାଗରେ ଥିବା ଶେଣୀ ଓ ପାଇଅ ଖୁଣ୍ଟ ଉପରେ ପଡ଼ିଥିବା ଶେଣୀ ଉପରେ ଅଡ଼ ଭାଗରେ ଗଡ଼ାଣିଆ କରି ରୁଅମାନ ପକାଯାଏ । ସେ ରୁଅମାନଙ୍କ ଉପରେ ବତା ବନ୍ଧାଇ ବତାମାନଙ୍କ ସଙ୍ଗେ ରୁଅମାନଙ୍କୁ କାମୁଡ଼ା ଦେଇ ଦଉଡ଼ିରେ ବା ଲଇରେ ଗଣ୍ଠି ଘାଡ଼ ତା ଉପରେ ଛଣରେ ଛପରବନ୍ଧ କରାଯାଏ ।] ୨ । ଚଣ୍ଡୀ ଆଦି ପାର୍ଶ୍ୱ ସ୍ତୋତ୍ରକୁ
बार ମୂଳଠାରୁ ଶେଷ ପର୍ଯ୍ୟନ୍ତ ଥରେ ଆବୃତ୍ତି —
बार 2. Recitation of a long prayer from the beginning to the end. (ଯଥା—ସେ ପ୍ରତିଦିନ ୩ରୁଅ ଚଣ୍ଡୀ ପଢ଼ନ୍ତି । ସେ ନିତ୍ୟ ୩ରୁଅ ସହସ୍ର ନାମ ଗୁଣନ୍ତି ।)

ରୁଅ—ଦେ. ବ (ସ. ରୋହ ଶବ୍ଦରୁ ରୋପଣ)—୧ । ଧାନ୍ୟାଦିର ଚାରା
Ruā ରୋଇବା କର୍ମ—1. The act or operation of
রোয়া, রুয়া transplanting paddy and other seed-
रोपाइ lings; transplantation. [ଦ୍ର—ଧାନ ଦୁଇ ପ୍ରକାର କୃଷି କରାଯାଏ । ୧ ବୁଣା—ଧାନବିହନକୁ ବୁଣିଲେ ସେଥିରୁ ଉଠିବା ଗଛ କିଆରିରେ ବଢ଼ି ସେଥିରେ ଧାନ ଫଳେ ।
୨—ରୁଆ—ପ୍ରଥମେ ଧାନ ବିହନକୁ ଗୋଟିଏ କିଆରିରେ ବୁଣି ତହିଁରେ ଚାରା ଉଠିଲେ ସେ ଚାରାକୁ ନେଇ ଅନ୍ୟ କିଆରିରେ ରୋପଣ କରିବାକୁ ହୁଏ; ବାଇଗଣ, ଲଙ୍କାମରିଚ ଆଦିର ମଞ୍ଜିକୁ ପ୍ରଥମେ ଗୋଟିଏ ସ୍ଥାନରେ ବୁଣି ସେ ଗଛମାନ ବଢ଼ିଗଲେ ସେ ଚାରାମାନଙ୍କୁ ଅଣି କ୍ଷେତରେ ରୋଇବାକୁ ହୁଏ ।] ୨ । (ସ. ରେଣୁ ବା ରୋମ)—ପରାଗ;
রোআঁ, দানা ରେଣୁ—2. Powder; pollen. ୩ । ଚେଣାଇ
दाना ବା ଚୂନାର କ୍ଷୁଦ୍ର କ୍ଷୁଦ୍ର ଗୋଲକ; ଦାନା—3. Globular particles of any powdered thing.
୪ । ଅରୋଗ୍ୟୋନ୍ମୁଖ କ୍ଷତାଦିରେ ଜନ୍ମୁଥିବା ମାଂସର କ୍ଷୁଦ୍ର କ୍ଷୁଦ୍ର ଗୁଟିକା—4. Tiny particles of flesh beginning to form on a healing wound.
बार ୫ । ଗୋଟିଏ ମାଳାକୁ ଏକଥର ମେରୁଠାରୁ ଆରମ୍ଭ କରି
माला ପୁଣି ମେରୁ ପର୍ଯ୍ୟନ୍ତ ଜପିବା—5. Telling of beads

from the head-bead upto the last bead of a string of beads; one round of telling beads. (ଉ—ରୁଅ ଗୁନ୍ଥ ଲଗେ ଜାଣି ଯେ କର ଜପଇ। ପ୍ରାଚୀ ଗୁରୁଭକ୍ତ ଗୀତା।) ୬। ଘେଁବାଇବା ଦାନ୍ତକାଠିର କ୍ଷୁଦ୍ର କ୍ଷୁଦ୍ର ଅଂଶ; ଲୋମ ପରି ଅଂଶୁ—6. Fur-like fibres; fibres (e. g, of tooth brush), filaments. (ଯଥା—ଏ ଦାନ୍ତକାଠିକୁ ଅଳ୍ପ କରି ଘେଁବାଇଲେ ରୁଅ ଛଡିବ।] ୭। ଅଳଙ୍କାରରେ ଖଚିତ ହେବା ସୁନାର ବା ରୁପାର କ୍ଷୁଦ୍ର ଗୋଲାକାର ବୁନ୍ଦାମାନ—7. Small round particles of gold or silver set on an ornament. (ଉ—କମଳଭୁ ରୁଅ ରୁଅ, ଅଭ୍ର ଦ୍ଭମଣ୍ଡଳୁ ଦେବ ଲେ ମାଗୁଣି ! ବାଲୁବର୍ଷି ଚର୍ଚ୍ଚିତ ଅଛି—ଭଗ।) ୮। ପ୍ରାଚୀନ କଳିଙ୍ଗରେ ପ୍ରଚଳିତ ଏକ ରୌପ୍ୟମୁଦ୍ରା—8. A silver coin current in ancient Kalinga. ପ୍ରାଦେ. (ସମ୍ବଲପୁର,ସିଂହଭୂମି) ବି. (ତୁଳ. ହି ରୂଇ)—ତୁଳା—Cotton. ବିଣ—୧। ରୋପିତ ହୋଇଥିବା (ଧାନ ଗଛ ପ୍ରଭୃତି)—1. Transplanted (paddy and other seedlings). ୨। ଯେଉଁ କ୍ଷେତ୍ରରେ ଧାନଚାରା ଆଦି ରୁଅ ହୋଇଥାଏ—2. A field which is transplanted with paddy or other seedlings.

रोआँ कुची, रेसा — दाना दाना — रोआ रोपाहुआ

ରୁଅଁ—ଦେ. ବି (ସଂ. ରୋମ)—୧। ରୋମ—1. Fur. ୨। ସୂକ୍ଷ୍ମ ଲୋମ—2. Down (of birds etc)
Ruañ
रोँ, रोयाँ रोआँ

ରୁଅଇ—ପ୍ରାଦେ. (ଗଡ଼ଜାତ) ବି—୧। ବାଡ଼ବୁଜାରେ ବ୍ୟବହୃତ ଏକ ଏକ ପ୍ରକାର ଗଛ—1. A species of tree (used in fencing). ୨। ମେଣ୍ଢା (ଦେଖ) 2. Merdha (See)
Ruai

ରୁଆଇବା—ଦେ. କ୍ରି (ସଂ. ରୁ ଧାତୁ ଣିଜନ୍ତ ରୋପି ଧାତୁ)—୧। ଅନ୍ୟ ଦ୍ୱାରା ରୋପଣ କରାଇବା—1. To cause to plant. ୨। ରୋପଣ କରିବା—2. To plant.
Ruāibā
रोआन, रोआ
रोपवाना, रोपना

ରୁଅ ଉଠିବା—ଦେ. ବି ଓ. କ୍ରି—୧। କଅଁଳୁଥିବା ଘାଅ ଆଦିରେ ନୂଆ ନୂଆ ହୋଇ ନୂତନ ମାଂସ ଗୁଣ୍ଡିକାମାନ ବାହାରିବା—1. Formation of tiny and globular grains of growing tissues of flesh on a healing sore or wound; to granulate. ୨। ଅଂଶୁଯୁକ୍ତ ହେବା—2. To become fibrous (like a brush).
Ruā uthibā
दाना बाँधा
दाना बाँधना, रेशादेना

ରୁଅଖ—ଦେ. (ପ୍ରାଚୀନ) ବି. (ସଂ ରୂପ୍ୟ)—ପ୍ରାଚୀନ ଉତ୍କଳରେ ପ୍ରଚଳିତ ଏକ ପ୍ରକାର ରୌପ୍ୟ ମୁଦ୍ରା—A silver coin current in ancient Utkal.
Ruākha

ରୁଅ ଦେବା—ଦେ. କ୍ରି—ରୁଅ ଉଠିବା (ଦେଖ)
Ruā debā — Ruā uthibā (See)
(ରୁଅ ଧରିବା—ଅନ୍ୟରୂପ)
दाना बाँधा दाना देना, रेशादार होना

ରୁଅ ବସା(ସେ)ଇବା—ଦେ. କ୍ରି—ଅଳଙ୍କାରାଦିରେ ସ୍ୱର୍ଣ୍ଣ ରୌପ୍ୟର ବିନ୍ଦୁମାନ ଖଚିତ କରିବା—To set tiny particles or granules on ornaments.
Ruā basā(se)ibā
दाना बसान
दाना बैठाना(जड़ाना) (ରୁଅ କଷିବା—ବି. ରୂପ)

ରୁଅ ବସା ଗୁଣା—ଦେ. ବି—ଯେଉଁ ଗୁଣା ବା ନାକଫୁଲରେ ପିନ୍ଧାଯିବା ଅଳଙ୍କାରରେ ସୁନାର ଛୋଟଛୋଟ ବିନ୍ଦୁମାନ ଖଚିତ ହୋଇଥାଏ—A kind of nose flower set with small granules of gold.
Ruā basā gunā
दाना बसान नाकछाबी
दानेदार बेसर

ରୁଅ ବି(ବେ)ଉଡ଼ା—ଦେ. ବି. (ସହଚର)—ଧାନ ଫସଲ ଆବାଦ କରିବାର ଦୁଇଟି ପ୍ରକ୍ରିୟା, ରୋଇବା ଓ ବେଉଷଣ—Transplanting and puddling.
Ruā bi(be)urdā
(ରୁଅ ବେଉଷଣ—ଅନ୍ୟରୂପ)
रोआ काडान रोपना संवारना
[ଦ୍ର—ରୁଅ ଧାନକୁ ବେଉଡ଼ା ଯାଏ, ଅର୍ଥାତ ରୁଅ ଧାନଗଛ ଉଠିଥିବା କଅଥରକୁ ହଳ ଦ୍ୱାରା ବେଉଷଣବାକୁ ବୁଝାଏ; ତେଣୁ ରୁଅ ଧାନକୁ ବେଉଷଣବାକୁ ବୁଝାଏ ନାହିଁ। ଧାନ ଗଛ ଉଠି ନ ଥିବା କଅଥରରେ ପାଣି ଭର୍ତ୍ତି କରି ହଳ ବୁଲାଇ ମଇ ଆଦି ଦେଇ ସମତୁଲ କରି ସେ କଅଥରରେ ଧାନଚାରାକୁ ରୋଇବାକୁ ବା ପୋତିବାକୁ ବୁଝାଏ।]

ରୁଅ ରୁଅ—ଦେ. କ୍ରି. ବିଣ—କ୍ଷୁଦ୍ର କ୍ଷୁଦ୍ର ରୁଅମାନ ଉଠିବା ପ୍ରକାରେ—Forming into small growing tissues or particles or fibres. [ଉ—ତା ବଢ଼ପାକ କାଲୁ ରୁଅ ରୁଅ ଫଳ ଗଲାଣି।] ଦେ. ବିଣ—କ୍ଷୁଦ୍ର କ୍ଷୁଦ୍ର ଅଂଶୁଯୁକ୍ତ—Fibrous; granulated.
Ruā ruā
दाना दाना
दाना दाना
दानादार
दानादार, रेशादार

ରୁଅ ରୁଅ ଫଳିଯିବା—ଦେ. ବି—ଦେହରେ ଅସଂଖ୍ୟ କ୍ଷୁଦ୍ର ବ୍ରଣମାନ ଉଠିବା—The coming out of tiny globular eruptions on the body.
Ruā ruā phalijibā
दाना दाना (टिपटिप) फूला
दानादाना होना

ରୁଅ ରୋଇ—ଦେ. ବି (ସହଚର)—ଧାନ ରୋଇବା ଆଦି କୃଷି କାର୍ଯ୍ୟ—The various operations connected with the transplanting of paddy seedlings.
Ruā roi
रोआ रोई
रोपारोपी

ରୁଅଳ(ଳି)—ଦେ.ବିଣ—୧। ରୁଅଯୁକ୍ତ—1.Set with or consisting of tiny globules or granules; granular. (ଯଥା—ରୁଅଳ ଗୁଣା।) ୨। କ୍ଷୁଦ୍ର ଓ ଗୋଲାକାର—2. Tiny and globular; granular. ୩। ଅଂଶୁମୟ—3 Fibrous. ବି. ପୁଂ ଓ ସ୍ତ୍ରୀ—୧। ଯେଉଁ ଲୋକମାନେ
Ruāli(li)
दानादार
दानादार

ରୋଆଣୀ ବିଲରେ ଧାନ ରୁଅନ୍ତି—1. Those workmen or
रोपनीया, लावक labourers who transplant paddy or other seedlings. ୨ । (ବଣିଅଙ୍କ ଶବ୍ଦ)—କଟିକଟାରେ ବାହୁଅ ହେବାଦ୍ୱାରା ରୁଅ ରୁଅ ହୋଇଥିବା ତାର—2. A wire dented into a line of globules or granules with the help of a Kiṭikiṭā (a grooved metal mould).

ରୁଅଳି କଟିକଟା—ଦେ. ବି (ବଣିଅ ଶବ୍ଦ)—ସୁନାରୂପାର ରୁଅଳି
Ruāḷi kiṭikiṭā ତାର କରିବା ଲାଗି ଏକପ୍ରକାର ଠସା ବା ଗଣ୍ଠ—A grooved metal mould used in preparing metal wires containing a row of globules or granules.

ରୁଇ—ଦେ. ବି—ରୋଇ (ଦେଖ)—Roi (See). ପ୍ରାଦେ
Rui (ଲରାଅ) ବି.—୧ । ତୁଳା (ତୁଳ. ହି. ରୂଇ)—1. Cotton. ୨ । ଉଇ—2. White ants. ୩ । (ସିଂହଭୂମି)—ରୋହୃମାଛ—Cyprinus Rohita fish.

ରୁଇତନ—ଦେ. ବି— ରୁହିତନ୍ (ଦେଖ)
Ruitana Ruhitan (See)

ରୁଇ(ଏ)ଦାଦ୍(ଦ୍)—ବୈଦେ. ବି (ଦରଖଅ) (ପା. ରୁଏଦାଦ୍=
Rui(e)dāt (d) ସମାଗ୍ଭର, ବୃତ୍ତାନ୍ତ, ଅବସ୍ଥା, ବିବରଣ,
ରୋଏଦାଦ କୈଫିୟତ୍, ବ୍ୟବସ୍ଥା, ଅଦାଲତଙ୍କ କାର୍ଯ୍ୟକ୍ରମ)—
रुयदाद् କୌଣସି ବିଷୟ ବା ମକଦ୍ଦମା ସମ୍ବନ୍ଧରେ ବିବରଣଯୁକ୍ତ ଅଦାଲତଙ୍କ ଲିପି; ଯୁକ୍ତି ସମ୍ବଳିତ ମକଦ୍ଦମାର ସ୍ୱତ୍ୱ—Written proceeding of a court containing the particulars or statements about a case. [ଦ୍ର—ଏ ଶବ୍ଦ ମୁସଲମାନ୍ ସ୍ୱତ୍ୱର ସମୟରେ ଓ ନୂଆ ଇଂରେଜୀ ଅମଳରେ ଓଡ଼ିଶାରେ ବଡେଟେରେ ବ୍ୟବହୃତ ହେଉଥିଲା ।]

ରୁଇବା—ଦେ. କ୍ରି [ସଂ. ରୁହଧାତୁ ଣିଚ ରୋପି ଧାତୁ]—
Ruibā ରୋଇବା (ଦେଖ)—Roibā (See)
ରୋଆ रोपना

ରୁଏ—ଦେ. ବି—[ମାଳା ଜପିବାର] ଏକ ରୁଅ ବା ଥର—
Rue Once; one round of (telling of beads).
एकबार [ଉ—କେ ଅବା ରୁଏ ଜପିବ ବିଷୟା ଜଡ଼ିତ—
एकदफा ଶୀ ଗୁରୁଭକ୍ତି ଗୀତା ।]

ରୁକ୍—ସଂ. ବି [ରୁଚ୍ ଧାତୁ+ଭାବ କ୍ୱିପ୍=ରୁଚ୍ ଶବ୍ଦ ୧ମା. ୧ବ]—
Ruk ୧ । ଶୋଭା—1. Splendour; grace; beauty. ୨ । ଦୀପ୍ତି—2. Brilliance; lustre. ୩ । ଇଚ୍ଛା—3. Desire. ୪ । [ରୁଜ୍ ଧାତୁ=ପୀଡ଼ିତ ହେବା +ଭାବ. କ୍ୱିପ୍; ରୁଜ୍ ଶବ୍ଦ ୧ମା. ୧ବ]—ପୀଡ଼ା; ରୋଗ—4. Disease; illness. ୫ । ରୁଜା (ଦେଖ) 5. Rujā See ୬ । [ରୁଚ୍ ଧାତୁ=ଦୀପ୍ତି ପାଇବା +କର୍ତ୍ତୃ, କ୍ୱିପ୍; ରୁଚ୍ ଶବ୍ଦ ୧ମା. ୧ବ]—ବିଦ୍ୟୁତ୍—6. Lightning. ଗ୍ରା. ବି—ଋଗ୍‌ବେଦ; ପ୍ରଥମବେଦ—The Rug Beda.

ରୁକ୍କର—ସ. ବିଣ—(ରୁଜ୍+କୃ ଧାତୁ+କର୍ତ୍ତୃ. ଅ)—ପୀଡ଼ାଦାୟକ—
Rukkara Giving pain; sickening (Apte).
ସ. ବି.—(+ଭାବ.ଅ)—ରୋଗ—Disease (Apte.)

ରୁକ୍ ପ୍ରତିକ୍ରିୟା—ସ.ବି.—[୬ଷ୍ଠୀ ତତ୍]—ରୋଗର ଚିକିତ୍ସା ବା ପ୍ରତିକାର
Ruk-pratikriyā —Counteraction or treatment of a disease (M. W.) curing; the practice of medicine.

ରୁକ୍‌ବା—ପ୍ରାଦେ.—[ସମ୍ବଲପୁର] କ୍ରି.—ରୋକିବା [ଦେଖ]
Ruk-bā Rokibā (See)

ରୁକ୍‌ସଦ୍ମ—ସଂ. ବି.—[୬ଷ୍ଠୀ ତତ୍, ରୁଜ+ସଦ୍ମନ୍; ୧ମା. ୧ବ]—
Ruk-sadmā ବିଷ୍ଠା—Ordure; excrement (M. W.)

ରୁକ—ଗ୍ରା. ବି—[ସଂ. ଋକ୍]—ଋଗ୍‌ବେଦ—
Ruka The Rug Beda.
[ରୁକା—ସ୍ତ୍ରୀ] ସଂ. ବିଣ. ପୁଂ—ଦାନଶୀଳ—
Liberal; bountiful (Apte)

ରୁ କରି—ଗ୍ରା. ଅ—[କ୍ରିୟା ପରେ ବ୍ୟବହୃତ]—୧ । ଯୋଗୁଁ; ହେତୁ-
Ru kari 1. Owing to; as a result of. [ଉ—ସେ ସୁକୃତ କ୍ଷୟ ହୋଇଲାରୁକରି ପାଇଲା କଷ୍ଟ ହରିଲଲ୍ଲ । ଭକ୍ତଚରଣ. ମଥୁରାମଙ୍ଗଳ । ୨ । ଉତ୍ତାରୁ; ପରେ—2. After. [ଯଥା—ସେ ଖାଇଲାରୁକରି ମୁଁ ସେଠାରୁ ଅସିଲି ।]

ରୁକା—ପ୍ରାଦେ. (ଉତ୍ତର ବାଲେଶ୍ୱର)—ବି.—ରୋକା (ଦେଖ)
Rukā Rokā (See)

ରୁକିବା—ପ୍ରାଦେ.—(ବାଲେଶ୍ୱର) କ୍ରି.—୧ । ରୋକିବା (ଦେଖ)
Rukibā 1. Rokibā (See)
୨ । [ଗଡ଼ଜାତ] ଢାଳ ଦେବା; ଅଜାଡ଼ିବା; ଢାଳିବା—2. To pour out; to spill. [ଉ—ମାଠିଅରୁ ଗଡ଼ରେ ପାଣିକୁ ରୁକ ।]

ରୁକୁ—ବୈଦେ. ବି. [ପା.]—କୋରାନର କୌଣସି ମନ୍ତ୍ରର ବା
Ruku ସୂକ୍ତର ଗୋଟିଏ ଅଂଶ—A part of a hymn in
रुकु रुक्कु the Koran.

ରୁକୁଣା[ଣୀ]—ଗ୍ରା. ବି.—[ସଂ. ରୁକ୍ମିଣୀ]—ରୁକ୍ମିଣୀ ନାମ୍ନୀ ସ୍ତ୍ରୀର
Rukuṇā(ṇī) ଡାକ ନାମ—Name for calling Rukmiṇī.

ରୁକୁଣା(ଣୀ) ରଥ—ଦେ. ବି.—ଅଶୋକାଷ୍ଟମୀ ସମୟରେ ଭୁବନେଶ୍ୱରର
Rukuṇā(ṇī) ratha ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ଯେଉଁ ରଥରେ ବସାଇ ରାମେଶ୍ୱର ମନ୍ଦିରକୁ ନିଆଯାଏ—Name of the car moved on the Asokāshṭamī day from the main temple to the Rāmeśwar a temple at Bhubaneswar. [ଦ୍ର—ପୂର୍ବର ରଥମାନ ଉତ୍ତରମୁଖୀ ହୋଇ ସୁଣ୍ଡିଚା ମନ୍ଦିରରେ ପହଞ୍ଚି ଦେଣ୍ଡ ବାହୁଡ଼ିବା ସମୟରେ ସେ ରଥ

ମାନଙ୍କୁ ଟଣାଇ ରଥର ମୂର୍ତ୍ତିକୁ ଦକ୍ଷିଣଦିଗକୁ ବୁଲାଯାଏ । କିନ୍ତୁ ଭୁବନେଶ୍ୱରର ରୁକୁଣା ରଥ ରାମେଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ପରେ ସେ ରଥର ମୂର୍ତ୍ତି ଫେରା ନ ଯାଇ ବାହୁଡ଼ିଲା ବେଳେ ରଥ ଉପରେ ଥିବା ସାଜସଜ୍ଜା ଆଦିକୁ ଓ ସିଂହାସନକୁ ବଢ଼େଇମାନେ ସେହି ରଥର ପଛ ଦିଗକୁ ବୁଲାଇ ସଜ୍ଜିତ କରି ଦିଅନ୍ତି ଏବଂ ବାହୁଡ଼ା ବେଳେ ରଥର ପଛ ଅଡ଼କୁ ଆଗ ଅଡ଼ ରୂପେ ପରିବର୍ତ୍ତିତ କରାଯାଏ ଓ ଆଗ ଅଡ଼କୁ ପଛଅଡ଼ କରାଯାଏ । ଏଥିପାଇଁ ଢଗ ଅଛି—ରୁକୁଣା, ରଥ ଅଛି ନ ଫେରେ ।]

ରୁକୁଣା(ଣୀ)ହାତ ପ(ପୋ)ଚ୍ଛ(ଛା)—ଦେ.ବି.—[ସଂ. ପାଷାଣଭେଦୀ]—Rukuṇā(ṇi) hāta pa (po)chā(chhā) ଭୂଲସ୍ୱାଦ ବର୍ଗର ଶାକ ବିଶେଷ—Plectranths Aromaticus; Coleus Scuellarioides; Coleus Aromaticus or Ambonicus (Haines); Irissp. [ବି—ଏହାର ପତ୍ର ସୁଗନ୍ଧ, ପୃଷ୍ଠ ଲୋମଶ, ମୋଟା ଓ ମାଂସଳ । ପତ୍ରକୁ ଭାଙ୍ଗି ଦେଲେ ମଡ ମଡ ହୋଇ ଭାଙ୍ଗିଯାଏ; ଅଙ୍ଗାର୍ଣ୍ଣି ରୋଗରେ ଏ ପତ୍ରକୁ ବାଟି ଖାଆନ୍ତି । ଏହାର ଫୁଲ ଛୋଟ ଛୋଟ ଓ ଈଷତ୍ ନାଲ । ନେଗୋଡ଼ିଆ ଯାଗାରେ ସାଧାରଣତଃ ଏ ଗଛ ଜନ୍ମେ । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ, ବସ୍ତିଶୋଧକ ଓ ଭେଦକ; ଏହା ତ୍ରିଦୋଷ, ଅର୍ଶଃ, ଗୁଳ୍ମ, ମୂତ୍ରକୃଚ୍ଛ୍ର, ଅଶ୍ମରୀ, ହୃଦ୍‌ରୋଗ, ଯୋନି ରୋଗ, ପ୍ରମେହ, ପ୍ଳୀହା, ଶୂଳ ଓ ବ୍ରଣରୋଗ-ନାଶକ ।]

[ସଂ—ପାଷାଣଭେଦ, ପାଷାଣ]
ଭେଦକ, ପାଷାଣଭେଦୀ, ଅଶ୍ମଘ୍ନ
ଗିରିଭିତ୍, ଉପଳଭେଦୀ
ଅଶ୍ମଭେଦ, ଅଶ୍ମଭିତ୍,
ଶ୍ୱେତା, ଶିଳାଭେଦକ,
ଉପଳଭିତ୍, ଶିଳା, ଗର୍ଭଜ,
ନଗଭିତ୍
ଫା. ଗୋସବ.
ଅ. ଜନ୍ତୁଅନା
ତେ. ତେଲନଲ୍ଲୁ ପିଣ୍ଡି;
ପିଣ୍ଡିତେଙ୍ଗୁ
ଗୁ. ପାଷାନ ଭେଦ, ପାଥରଚୁର]
ମ. ପାଷାଣଭେଦ
ପାଥରଚୁର ପାଷାନଭେଦ

ରୁକ୍ମ—ସଂ. ବି.—[ରୁଚ୍ ଧାତୁ+କର୍ତ୍ତି. ମ]—୧ । ସ୍ୱର୍ଣ୍ଣ—1. Gold. Rukma ୨ । ଲୌହ—2. Iron. ୩ । ନାଗକେଶର—3. A flower; Mesua Ferra. ୪ । ଧୂସ୍ତୁର—4. The thorn apple plant. ୫ । ପୁଂ. (ନାମ) ରୁକ୍ମିଣୀଙ୍କର ଏକ ଭାଇ (ହି. ଶ.)—5. Name of a brother of Rukmiṇi.

ରୁକ୍ମକାରକ—ସଂ. ବି. ପୁଂ—(ରୁକ୍ମ=ସ୍ୱର୍ଣ୍ଣ+କୃ ଧାତୁ+କର୍ତ୍ତି. ଅକ)—Rukma kāraka ସ୍ୱର୍ଣ୍ଣକାର—Goldsmith. [ରୁକ୍ମକାର—ଅନ୍ୟରୂପ]

ରୁକ୍ମଣୀ—ଗ୍ରା. ବି. ସ୍ତ୍ରୀ—ରୁକ୍ମିଣୀ (ଦେଖ) Rukmaṇi　Rukmiṇi (See)

ରୁକ୍ମପାଶ—ସଂ. ବି.—୧ । ଯେଉଁ ସୂତାରେ ସୁନା ଅଳଙ୍କାର ଗୁନ୍ଥାଯାଇ Rukma pāsa ପିନ୍ଧାଯାଏ—1. A string on which golden ornaments are worn. (M. W) ୨ । ସୂତାରେ ତିଆରି ଫାସ, ଯହିଁର ସାହାଯ୍ୟରେ ଅଳଙ୍କାର ପିନ୍ଧାଯାଏ (ହି. ଶ)—2. A noose made of thread with the help of which ornaments are worn.

ରୁକ୍ମପୁର—ସଂ. ବି—(ନାମ)—ଗରୁଡ଼ ବାସ କରୁଥିବା ପୌରାଣିକ Rukmapura ନଗର (ହି. ଶ)—Name of a town where Garurda is said to live.

ରୁକ୍ମବାହନ—ସଂ. ବି—ଦ୍ରୋଣାଚାର୍ଯ୍ୟ (ହି. ଶ)—Rukmabāhana A name of Dronācharjya.

ରୁକ୍ମାଙ୍ଗଦ—ସଂ. ବି—(ରୁକ୍ମ=ସ୍ୱର୍ଣ୍ଣ+ଅଙ୍ଗଦ=ବାହୁଭୂଷଣ, ଯାହାର; Rukmāngada ବହୁବ୍ରୀହି)—(ପୌରାଣିକ) କଳିଙ୍ଗ ଦେଶର ଜଣେକି ନୃପତି—Name of a mythological King of south India. ସଂ. ବିଣ. ପୁଂ—[ରୁକ୍ମାଙ୍ଗଦା—ସ୍ତ୍ରୀ] ସୁନାର ବାହୁଟି ପିନ୍ଧିଥିବା (ବ୍ୟକ୍ତି)—Wearing a gold armlet.

ରୁକ୍ମାବତୀ—ସଂ. ବି. ସ୍ତ୍ରୀ—ବିଦର୍ଭ ରାଜତନୟ ରୁକ୍ମୀଙ୍କର କନ୍ୟା, ଯେ Rukmābati ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନଙ୍କୁ ବିବାହିତା ହୋଇଥିଲେ—The daughter of Rukmi and a daughter-in-law of Śrikṛushṇa.

ରୁକ୍ମାଭ—ସଂ. ବିଣ. ପୁଂ (ବହୁବ୍ରୀହି; ରୁକ୍ମ+ଆଭା)—ସ୍ୱର୍ଣ୍ଣାଭ; ସ୍ୱର୍ଣ୍ଣପରି Rukmābha ଉଜ୍ଜ୍ୱଳ—Shining or bright like gold. (M. W)

ରୁକ୍ମିଣୀ—ସଂ. ବିଣ. ସ୍ତ୍ରୀ (ରୁକ୍ମ+ଇନ+ସ୍ତ୍ରୀ. ଈ)—ସ୍ୱର୍ଣ୍ଣଯୁକ୍ତା—Rukmiṇi Having gold ornaments on the person. ବି—୧ । ସ୍ୱର୍ଣ୍ଣକ୍ଷୀରୀ ବୃକ୍ଷ—1. Name of a tree (M. W.). ୨ । (ସ୍ତ୍ରୀ)—ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କର ଜଣେ ମହିଷୀ—2. One of the married queens of Śrikṛushṇa while he was the King of Dwārakā. [ବି—ରୁକ୍ମିଣୀ ବିଦର୍ଭରାଜ ଭୀଷ୍ମକଙ୍କର ଦୁହିତା ଥିଲେ । ଶ୍ରୀକୃଷ୍ଣଙ୍କ ରୂପଗୁଣର ବର୍ଣ୍ଣନା ଶୁଣି ରୁକ୍ମିଣୀ ତାଙ୍କୁ ନ ଦେଖି ମଧ୍ୟ ତାଙ୍କ ପ୍ରତି ଆକୃଷ୍ଟା ହେଲେ ଏବଂ ମନେ ମନେ ତାହାଙ୍କୁହିଁ ପତିରୂପେ ବରଣ କଲେ । ରୁକ୍ମିଣୀଙ୍କ ପିତା ଓ ରୁକ୍ମୀ ପ୍ରଭୃତି ରୁକ୍ମିଣୀଙ୍କ ପଞ୍ଚଭ୍ରାତା କୃଷ୍ଣଙ୍କ ଶତ୍ରୁ ଜରାସନ୍ଧର ଅଧୀନ ରାଜା ଥିବାରୁ ସେମାନେ ଶ୍ରୀକୃଷ୍ଣଦ୍ୱେଷୀ ଥିଲେ । ଜରାସନ୍ଧଙ୍କ ଅନୁରୋଧରେ ସେମାନେ ଚେଦିରାଜ ଦମଘୋଷଙ୍କ ପୁତ୍ର ଶିଶୁପାଳଙ୍କ ସଙ୍ଗେ ରୁକ୍ମିଣୀଙ୍କ ବିବାହ ସମ୍ବନ୍ଧ ସ୍ଥିର କଲେ । ରୁକ୍ମିଣୀ ଏହା ଜାଣି ତାର ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କ ନିକଟକୁ ଗୋପନରେ ଦୂତ ପ୍ରେରଣ କଲେ । ବିବାହଦିବସର ଯଥାକାଳରେ ଶିଶୁପାଳ ରୁକ୍ମିଣୀଙ୍କୁ ବିବାହ କରିବା ପାଇଁ ବିଦର୍ଭ ନଗରରେ ବରବେଶରେ ଉପସ୍ଥିତ ହେଲେ । କିନ୍ତୁ ଶ୍ରୀକୃଷ୍ଣ ବଳରାମଙ୍କ ସହିତ ବିଦର୍ଭରେ ଉପସ୍ଥିତ ହୋଇ ରୁକ୍ମିଣୀଙ୍କୁ ବଳପୂର୍ବକ ହରଣ କଲେ ଓ ଶିଶୁପାଳ ଲଜ୍ଜିତ ହୋଇ ପ୍ରତ୍ୟାବର୍ତ୍ତନ

କଲେ । ଏଥିପାଇଁ କୌଣସି ଲୋକ ଅଶାନ୍ତ ହୋଇ ବିଫଳ ମନୋରଥ ହେଲେ ତାକୁ ବୋଲାଯାଇ ଥାଏ ଯେ, 'ସେ ଶିଶୁପାଳଅ ବା ଶିଶୁପାଳ ହୋଇଗଲା ।'

ବିବର୍ଭରେ ବିବାହ ଉପଲକ୍ଷରେ ସମାଗତ ଜରାସନ୍ଧ ଆଦି ରାଜଗଣ ଶ୍ରୀକୃଷ୍ଣଙ୍କୁ ବାଧା ପ୍ରଦାନ କରିବାକୁ ଚେଷ୍ଟା କଲେ । କିନ୍ତୁ ଶ୍ରୀକୃଷ୍ଣ ଓ ବଳରାମ ସମସ୍ତଙ୍କୁ ପରାସ୍ତ କରି ରୁକ୍ମିଣୀଙ୍କୁ ଘେନି ଦ୍ୱାରକାରେ ପହଞ୍ଚିଲେ ଓ ରୁକ୍ମିଣୀଙ୍କ ସଙ୍ଗେ ସେଠାରେ ଶ୍ରୀକୃଷ୍ଣଙ୍କର ବିବାହକ୍ରିୟା ସମ୍ପାଦିତ ହେଲା । ରୁକ୍ମିଣୀ ମହାଲକ୍ଷ୍ମୀଙ୍କ ଅଂଶ ଗ୍ରହଣ କରି ପୃଥିବୀରେ ଜନ୍ମ ଲଭିଥିବାର ପ୍ରସିଦ୍ଧି ଅଛି । ଶ୍ରୀକୃଷ୍ଣଙ୍କ ଔରସରେ ରୁକ୍ମିଣୀଙ୍କ ଗର୍ଭରୁ ପ୍ରଦ୍ୟୁମ୍ନ (କାମଦେବଙ୍କ ପର-ଜନ୍ମରେ ଧୃତରୂପ) ଆଦି ଦଶପୁତ୍ର ଓ ଚାରୁମତୀନାମ୍ନୀ କନ୍ୟା ଜନ୍ମଗ୍ରହଣ କରିଥିଲେ । ଯଦୁବଂଶ ନାଶ ପରେ ଶ୍ରୀକୃଷ୍ଣ ମାନବ-ଲୀଳା ସମ୍ବରଣ କରିବାରୁ ଅର୍ଜୁନ, ଯଦୁବଂଶୀୟା ରାଜମହିଳା-ମାନଙ୍କ ସହିତ ରୁକ୍ମିଣୀଙ୍କୁ ଇନ୍ଦ୍ରପ୍ରସ୍ଥକୁ ନେଇ ଗଲେ; କିନ୍ତୁ ରୁକ୍ମିଣୀ ପତିବିରହ ସହି ନ ପାରି ପ୍ରଜ୍ୱଳିତ ହୁତାଶନରେ ଝାସ ଦେଇ ଜୀବନ ବିସର୍ଜନ କଲେ ।]

ରୁକ୍ମିଣୀକାନ୍ତ—ସଂ. ବି (୬ଷ୍ଠୀ ତତ୍) —ରୁକ୍ମିଣୀଙ୍କ ସ୍ୱାମୀ ଦ୍ୱାରକାଧିପତି Rukmiṇikānta ଶ୍ରୀକୃଷ୍ଣ—Śrikṛushṇa (the husband (ରୁକ୍ମିଣୀନାଥ—ଅନ୍ୟରୂପ) of Rukmiṇi).

ରୁକ୍ମିଣୀଦ୍ୱାଦଶୀ—ସଂ. ବି—ବୈଶାଖ ଶୁକ୍ଳ ଦ୍ୱାଦଶୀ—The 12th Rukmiṇi dwādaśi day of the bright fortnight of Baiśākha. (ଏ ଦିନ ବିଷ୍ଣୁପୂଜା ଓ ବ୍ରତ ପାଳନ ହୁଏ ।)

ରୁକ୍ମିଦର୍ପ—ସଂ. ବି (ବହୁବ୍ରୀହି; ଏ ରୁକ୍ମିଣୀଙ୍କ ଭାଇ ରୁକ୍ମୀଙ୍କୁ ହତ୍ୟା କରି-Rukmidarpa ଥିବାରୁ)—ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳରାମ— Balarāma, the elder brother of Śrikṛushṇa.

ରୁକ୍ମିଦାରଣ
ରୁକ୍ମିଦାରୀ
ରୁକ୍ମିଦର୍ପହା
ରୁକ୍ମିଭିଦ୍
—ଅନ୍ୟରୂପ

ରୁକ୍ମୀ—ସଂ. ବିଣ. ପୁଂ (ରୁକ୍ମ+ଇନ, ୧ମା. ୧ବ)-ସ୍ୱର୍ଣ୍ଣମୟ—Golden. Rukmi ବି. ପୁଂ—ଭୀଷ୍ମକ ରାଜାଙ୍କ ଜ୍ୟେଷ୍ଠ ପୁତ୍ର ଓ ରୁକ୍ମିଣୀଙ୍କ ଜ୍ୟେଷ୍ଠ ଭ୍ରାତା—The eldest brother of Rukmiṇi.

[ଦ୍ର—ଏ ଶ୍ରୀକୃଷ୍ଣଦ୍ୱେଷୀ ଥିଲେ । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରି ନେବାରୁ ଏ ତାଙ୍କ ଗତିରୋଧ କରିବାକୁ ନର୍ମଦାତୀରରେ ଉପସ୍ଥିତ ହେଲେ । କିନ୍ତୁ ବଳରାମଙ୍କଦ୍ୱାରା ପରାଜିତ ହୋଇ ଲଜ୍ଜାରେ ଆଉ ବିଦର୍ଭକୁ ଫେରି ନ ଆସି ଭୋଜକଟକ ନାମକ ନଗର ସ୍ଥାପନ କରିବାରେ ପ୍ରବୃତ୍ତ ହେଲେ । ଏ ଶ୍ରୀକୃଷ୍ଣଙ୍କ ବିଦ୍ୱେଷୀ ଥିଲେ ମଧ୍ୟ ରୁକ୍ମିଣୀଙ୍କପ୍ରତି ଏହାଙ୍କ ସ୍ନେହ କମି ନ ଥିଲା । ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନଙ୍କ ସହିତ ଏ ଏହାଙ୍କର କନ୍ୟା ରୁକ୍ମବତୀଙ୍କୁ ବିବାହ କରାଇ ଥିଲେ । ମହାଭାରତ ଯୁଦ୍ଧର ପ୍ରାକ୍କାଳରେ ଏ ଅପଣାର ସ୍ୱାଧୀନତା ଖ୍ୟାପନପୂର୍ବକ ପ୍ରଥମେ ପାଣ୍ଡବଙ୍କ ପକ୍ଷରେ ଓ ପରେ କୌରବଙ୍କ ପକ୍ଷରେ ଯୋଗ ଦେବାପାଇଁ ନିଜେ ପ୍ରସ୍ତାବ କଲେ । କିନ୍ତୁ ଏହାଙ୍କ ଅହମିକା ଯୋଗୁ ଉଭୟ ପକ୍ଷ ଏହାଙ୍କ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ । ଏ ପ୍ରଦ୍ୟୁମ୍ନ ତନୟ ଅନିରୁଦ୍ଧଙ୍କ ସହିତ ଅପଣାର ଏକ ପୌତ୍ରୀଙ୍କୁ ବିବାହ ଦେଇଥିଲେ । ସେହି ଉତ୍ସବ ଉପଲକ୍ଷରେ ଯାଦବମାନେ ଏହାଙ୍କ ପ୍ରତିଷ୍ଠିତ 'ଭୋଜକଟକ' ରାଜଧାନୀକୁ ନିମନ୍ତ୍ରିତ ହୋଇ ଆସିଥିଲେ । ସେହି ସମୟରେ ଏ ବଳରାମଙ୍କ ସହିତ ଅକ୍ଷକ୍ରୀଡ଼ାରେ ପ୍ରବୃତ୍ତ ହୋଇ କ୍ରୀଡ଼ାରେ ପ୍ରତାରଣା କରିବାରୁ ବଳରାମ ଏହାଙ୍କୁ ଅକ୍ଷାଘାତ (ପଶାକାଠିରେ ଆଘାତ) କଲେ ଏବଂ ସେହି ଆଘାତରେ ରୁକ୍ମୀ ପଞ୍ଚତ୍ୱପ୍ରାପ୍ତ ହେଲେ । ଏହାଙ୍କର ଅନ୍ୟ ଚାରି ଭାଇମାନଙ୍କ ନାମ ରୁକ୍ମକେଶ, ରୁକ୍ମ-କେଶ, ରୁକ୍ମବାହୁ, ରୁକ୍ମରଥ, ରୁକ୍ମମାଲୀ (ହ. ଷ.)]

ରୁକ୍ଷ୍ (ଧାତୁ) —ସଂ—କର୍କଶହେବା — Ruksh (root) To be rough.

ରୁକ୍ଷ—ସଂ. ବି (ରୁହ ଧାତୁ=ଉତ୍ପନ୍ନହେବା+କର୍ତ୍ତୃ ସ; କିମ୍ବା ରୁକ୍ଷ୍ ଧାତୁ Ruksha =କର୍କଶ ହେବା+କର୍ତ୍ତୃ ଅ)—ବୃକ୍ଷ—Tree. ସଂ. ବିଣ—୧ । ଅଚିକ୍କଣ; ଅମସୃଣ; କର୍କଶ— 1. Unsmooth; rough; scabrous. ୨ । କଠୋର—2. Hard. ୩ । ଶୁଷ୍କ; ନୀରସ—3. Dry. ୪ । କଠୋରବ୍ରତଧାରୀ—4. Observing very hard penance. ୫ । ଉଗ୍ର; ଉଗ୍ର—5. Harsh; stern. ୬ । ବିରସପ୍ରକୃତିକ—6. Morose; scowling. ୭ । ଅସ୍ନିଗ୍ଧ; ନୁଖୁରା—7. Not oily. ୮ । କଠୋରପ୍ରକୃତିକ; ତୁଙ୍ଗିଶୀଳା; ଚିଡ଼ଚିଡ଼ା; ଖାଙ୍କ ଖାଇଁଆ— 8. Rude; uncouth; sulky; harsh-tempered; of irritable temper. ୯ । ଶତ୍ରୁଭାପନ୍ନ—9. Inimical; unfriendly. ୧୦ । ଅନନୁକୂଳ—10. Repulsive; unfavourable. ୧୧ । ନିର୍ଦ୍ଦୟ; ନିଷ୍ଠୁର—11. Cruel; hard-hearted. ୧୨ । ବେଗବାନ୍—12. Speedy; swift. (ଏହାର ଅପଭ୍ରଂଶ ନୁଖୁରା; ଲୁଖୁରା) ୧୩ । (ବୈଦିକ) ଉଜ୍ଜ୍ୱଳ—13. Shining; brilliant (ରୁକ୍ଷା—ସ୍ତ୍ରୀ) (Apte)

ରୁକ୍ଷ କେଶ—ସଂ.ବିଣ. ପୁଂ (ବହୁବ୍ରୀହି)—ଯାହାର କେଶରେ ତାଲପା Ruksha keśa ଲଗା ହୋଇ ନ ଥାଏ; ଲୁଖୁରୁମୁଣ୍ଡା— [ରୁକ୍ଷକେଶା—ସ୍ତ୍ରୀ] Not having the hair smeared with oil. ସଂ. ବି (କର୍ମଧା)—ଲୁଖୁରାବାଳ— Unoiled hair.

ରୁକ୍ଷତା(ତ୍ୱ)—ସଂ. ବି (ରୁକ୍ଷ+ଭାବ ତା, ତ୍ୱ)—୧ । କର୍କଶତା— Rukshatā (twa) 1. Rudeness; uncouthness. ୨ । କଠୋରତା—2. Harshness.

ରୁକ୍ଷ ପତ୍ର—ସ. ବି (ରୁକ୍ଷ ଅତଃ ପତ୍ର ଯାହାର: ବହୁବ୍ରୀହି)—ଶାଖୋଟ;
Ruksha patra ଶାହାଡ଼ା ଗଛ—A tree; Streblus Asper.

ରୁକ୍ଷ ପ୍ରକୃତି—ସ. ବି. (କର୍ମଧାରୟ)—କଠୋର ପ୍ରକୃତି—
Ruksha prakruti Rude or harsh nature.
ସ. ବଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—ରୁକ୍ଷପ୍ରକୃତିବିଶିଷ୍ଟ—Irritable; surly.

ରୁକ୍ଷ ପ୍ରକୃତିକ—ସ. ବଣ. ପୁଂ (ବହୁବ୍ରୀହି; ରୁକ୍ଷ+ପ୍ରକୃତି+କ)—
Ruksha prakrutika କର୍କଶ ସ୍ୱଭାବଯୁକ୍ତ—Of rude or
(ରୁକ୍ଷ ପ୍ରକୃତିକା—ସ୍ତ୍ରୀ) uncouth temper.

ରୁକ୍ଷ ଭାଷୀ—ସ. ବଣ. ପୁଂ (ରୁକ୍ଷ+ଭାଷ୍ ଧାତୁ+କର୍ତ୍ତୃ. ଇନ୍; ୧ମା
Ruksha bhāshi ୧ବ)—ଯେ କଠୋର ବାକ୍ୟ କହେ—
(ରୁକ୍ଷଭାଷିଣୀ—ସ୍ତ୍ରୀ) Speaking roughly or rudely.
(ରୁକ୍ଷଭାଷଣ, ରୁକ୍ଷଭାଷିତା—ବିଶେଷ୍ୟ)

ରୁକ୍ଷ ସ୍ୱାଦୁ ଫଳ—ସ. ବି. (ବୈଦ୍ୟକ)—ଧନ୍ୱଙ୍ଗ ବୃକ୍ଷ; ଧାମଣ ଗଛ—
Ruksha swādu phala A wild timber tree; Cordia Macleodei; Grewia Treliaefolia.

ରୁକ୍ଷୀ—ସ. ବି—ଦନ୍ତୀ ବୃକ୍ଷ—
Rukshi Croton Polyandrum (tree).

ରୁଖ୍ (ଧାତୁ)—ସ—କ୍ରୋଧାନ୍ୱିତ ହେବା—
Rukh (root) To be angry.

ରୁଖ—ସ. ବି. (ରୁଖ୍ ଧାତୁ+କର୍ତ୍ତୃ. ଅ)—୧ । ଶୂନ୍ୟ; ଖାଲି; ଭୁଚ୍ଛା—
Rukha 1. Empty. ୨ । କ୍ଷୀଣ; ରୋଗା; ଦୁର୍ବଳ—
ଗୁଁଡୌ 2. Lean; weak; delicate. ଦେ. ବି. (ସ.
ଗୁଁଡି, ବୁରାଦା, ଚୂର ରୁକ୍ଷ—କର୍କଶ)—୧ । ରହାରେ ବା କରତରେ କଟା ହୋଇଥିବା ଲୁହା ଆଦି ଧାତୁର ଅତି କ୍ଷୁଦ୍ର ଗୁଣ୍ଡ—1. Powder of metals; metal filings. [ଦ୍ର—ବାରୁଦରେ ରୁଖ ମିଶାଇ ସେଥିରେ ନିଆଁ ଲଗାଇଲେ ସେ ରୁଖମାନ ଜଳନ୍ତା ଚମ୍ପା ଫୁଲ ପରି ଝଡ଼ି ପଡ଼େ ।] ୨ । ଲୁହା ଆଦି ଗୁଣ୍ଡ ମିଶ୍ରିତ ବାରୁଦରୁ ଝଡ଼ୁଥିବା ଜଳନ୍ତା ଚମ୍ପା ଫୁଲ ପରି ଦେଖାଯିବା ଅଗ୍ନି ସ୍ଫୁଲିଙ୍ଗ—
ଫୁଲ 2. Burning sparks coming out of burn-
ଫୁଲ ing gun powder or fire work which is prepared by mixing metal filings with it.

ରୁଖ ଲୁହା—ଦେ. ବି—ଏକ ପ୍ରକାର ଟାଣଥିବା ଲୁହା—
Rukha luhā A sort of hard iron.
ଗୁଁଡିଆ ଲୁହା [ଦ୍ର—ଅନ୍ୟ ଲୁହା ଅପେକ୍ଷା ଏ ଲୁହାକୁ ରହା ବା କରତ
ଗୁଡିୟା लोहा ଦ୍ୱାରା ବେଶି ରୁଖ ବାହାରେ ।]

ରୁଖା—ଦେ. ବି. (ସ. ଦୀପରକ୍ଷା ଶବ୍ଦରୁ; ଯାହା ଉପରେ ପ୍ରଦୀପ ସ୍ଥାପିତ
Rukhā ହୁଏ)—ଦୀପାଧାର; ପିଲସୁଜ—Lamp-stand.
দীপ রাখা, দেরখো ଦେ. ବଣ. (ସ. ରୁକ୍ଷ)—୧ । ନିର୍ଘୃତ;
चिरागदान, दीवट ଅସ୍ନିଗ୍ଧ; ତୈଳହୀନ—1. Unoily. ୨ ।
রুখা(খু) ଶୁଷ୍କ; ନୀରସ—2. Dry. ୩ । କର୍କଶ; ଅମସୃଣ—
रुखा 3. Unsmooth; coarse. ୪ । କଡ଼ା (କଥା)—4. Uncouth (words). ୫ । (ଖାଦ୍ୟ) ଯାହା ତେଲ ବା ଘିଅ ଲଗାଯାଇ ହୋଇ ନ ଥାଏ—5. Not smeared or seasoned or saturated with oil or ghee.

ରୁଖା(ଖେ)ଇବା—ଦେ. କ୍ରି. (ସ. ରୁକ୍ଷ ଧାତୁ ଣିଜନ୍ତ)—ରଗାଇବା;
Rukhā(khe)ibā ଚଡ଼ାଇବା; ରୁଷାଇବା—To tease; to
রাগান रोखाना irritate.

ରୁଖା ଭାତ—ଦେ. ବି. (ସ. ରୁକ୍ଷ+ଭକ୍ତ)—୧ । ନିର୍ଘୃତ
Rukhā bhāta ଭାତ; ଯେଉଁ ଭାତରେ ଘିଅ ଗୋଳା ହୋଇ
শুকনো ভাত ନ ଥାଏ—1. Rice not anointed
रुखा भात with ghee. [ଦ୍ର—ସ୍ମୃତିରେ 'ଘୃତହୀନ ଭୁକ୍ତେ ଭୋଜନ' ପ୍ରକରଣ ଅଛି ।] ୨ । ମୋଟା ଭାତ; ବଗଡ଼ା ଅନ୍ନ—2. Coarse rice; boiled coarse-rice. ୩ । ଭୁଚ୍ଛା ଭାତ; ବ୍ୟଞ୍ଜନହୀନ ଅନ୍ନ—3. Cooked rice not served up with curry. ୪ । ଶୁଖିଲା ଭାତ; ଶୁଷ୍କ ଅନ୍ନ—4. Dried rice; boiled rice which has become dry. [ଦ୍ର—ଭାତ ସଙ୍ଗେ ଘିଅ ଗୋଳା ନ ହେଲେ ତାହା ଗିଳିବାକୁ କଷ୍ଟ ହୁଏ, ଏଥିପାଇଁ ଘୃତହୀନ ଭୋଜନକୁ ହିନ୍ଦୁମାନେ କୁଭୋଜନ କହନ୍ତି । ସେହିପରି ଭାତ ସଙ୍ଗେ ଡାଲି ବା ତିଅଣ ନ ଥିଲେ ସେ ଭାତ ଗଳାଧଃକରଣ କରିବାକୁ କର୍କଶ ଲାଗେ ।]

ରୁଖା ଶୁଖା—ଦେ. ବଣ. (ସହଚର; ସ. ରୁକ୍ଷ ଓ ଶୁଷ୍କ)—୧ । ଘୃତ ଓ
Rukhā sukhā ବ୍ୟଞ୍ଜନ ବିହୀନ (ରୁକ୍ଷ) ଏବଂ ଶୁଖିଲା (ଅନ୍ନ)—
রুখা শুখা 1. (food) Not accompanied with
रुखा सुखा ghee or curry and which has also become dry. ୨ । ବଗଡ଼ା (ଭାତ)—2. Coarse (food). (ଯଥା—ମୁଁ ତ ଧନୀ ନୁହେଁ ଯେ, ମୋ ଘରେ ନିତି ଘୃତାନ୍ନ ବା ପଚପଚିଆ ମାଲ ଖାଇବାକୁ ମିଳିବ । ମୋତେ ଯେ ଆଶା କରିବ ତାକୁ ଦିନାନ୍ତେ ରୁଖାଶୁଖା ଆଗଭାତ ମୁଠାଏ ମିଳିବ ।) ୩ । ତୈଳାଦି ଘର୍ଷିତ ନ ହେବାରୁ ଶୁଷ୍କ ବା ଦୁର୍ବଳ (ଦେହ)—3. (body) Which has become unoiled and coarse (ଦ୍ର—ରୁଖାଶୁଖା (୧) ଖାଏ ଯେ, ରୁଖାଶୁଖା (୩) ହୁଏ ସେ—ଜଗ ।) ଦେ. ବି—୧ । ଘୃତ ଓ ବ୍ୟଞ୍ଜନହୀନ ଖାଦ୍ୟ; ଘୃତହୀନ ଖାଦ୍ୟ—1. Coarse and simple food; scanty fare. ୨ । ତୈଳାଭ୍ୟଙ୍ଗ ହୀନ ଓ କ୍ଷୀଣ ବ୍ୟକ୍ତି—2. An unoiled and slender person.

ରୁଖିଆ—ଦେ. ବି—ଏକ ପ୍ରକାର କ୍ଷୁଦ୍ର କୀଟ—
Rukhiā A kind of small insect.
পোকা [ଦ୍ର—ଛତା ଓ କନା ଆଦିରେ ଏହି ପୋକ ଲାଗି ଛତାରେ
कीड़ा, घुन ଓ କନାରେ ଛୋଟ ଛୋଟ ଛିଦ୍ର ସୃଷ୍ଟି କରନ୍ତି ।]

ପ୍ରାଦେ. (ଗଡ଼ଜାତ) ବ—ଯେ ରାତ୍ରରେ ଜଙ୍ଗଲ ସୀମାକୁ ଜଗି ସକାଳେ ଶିକାରୀମାନଙ୍କୁ ବାଘ ଅବ ଜନ୍ତୁଙ୍କର ଖବର ଦିଅନ୍ତି—Persons who watch the movements of game-animals in the night previous to a beat in a jungle.

ରୁଖିଆ ବସା(ସେ)ଇବା—ପ୍ରାଦେ. (ଗଡ଼ଜାତ) କ୍ରି—ଜଙ୍ଗଲର ଯେଉଁ Rukhiā basā(se)ibā ସୀମା ମଧ୍ୟରେ ଥିବା ବନ୍ୟ ଜନ୍ତୁମାନଙ୍କୁ କାଲୁଣିଆମାନଙ୍କ ଦ୍ୱାରା ଶିକାରୀ ପାଖକୁ ଘଉଡ଼ାଇ ଆଣିବାର ସ୍ଥିର କରାଯାଏ, ଶିକାର କରିବାର ପୂର୍ବଦିନ ରାତ୍ରରେ ସେହି ସୀମାକୁ ଅଳ୍ପ ସଂଖ୍ୟକ ଲୋକଙ୍କ ଦ୍ୱାରା ଜଗାଇବା—To have an area of a jungle watched by a few persons on the night previous to a beat. [ଦ୍ର—ଏହି ରୁଖିଅମାନେ ରାତ୍ର ମଧ୍ୟରେ ଏ ସୀମାରେ ବାଘ ଅବ ଥିବା ନ ଥିବା ବାର୍ତ୍ତା ପାଇ ପରଦିନ କାଲୁଣିଆମାନେ ସେ ସୀମାକୁ ଘେରିବା ପୂର୍ବରୁ ଶିକାରୀଙ୍କୁ ସେ ସୀମା ମଧ୍ୟରେ ଥିବା ଜନ୍ତୁମାନଙ୍କ ସମ୍ବାଦ ଦିଅନ୍ତି ।]

ରୁଖିବା—ଦେ. କ୍ରି (ସଂ. ରୁଷ୍ ଧାତୁ)—ରାଗିବା; ଚିଡ଼ିବା; ରୁଷିବା; Rukhibā ରୋଷ କରିବା; ବିରକ୍ତ ହେବା—To be রাগা, রাগা ହତାଶ displeased; to sulk.

ରୁଖିଲ—ଦେ. ବଣ (ସଂ. ରୁକ୍ଷ)—ରୁଖା (ଦେଖ) Rukhilā শুকনো ହତା Rukhā (See)

ରୁଖିଲ ଶୁଖିଲ—ଦେ. ବଣ—ରୁଖା ଶୁଖା (ଦେଖ) Rukhilā śukhilā Rukhā śukhā (See)

ରୁଗ୍—ପ୍ରାଦେ (ସମ୍ବଲପୁର) ବ—ରୋଗ— Rug Disease.

ରୁଗ୍(ଗୁ) ରୁଗ୍(ଗୁ)—ଦେ. ଅ—ସାମାନ୍ୟ ଜଳାପୋଡ଼ା; ମରିଚ ଖାଇଲେ Rug(gu) rug(gu) ବମ୍ବା ଦେହରେ ଈଷତ୍ ବଣାକୁ ଲେପ ଅল্প অল্প জলা হতহত ଆଦ ଲଗାଇଲେ ଜିଭ ବା ଦେହ ସାମାନ୍ୟରେ ପୋଡ଼ାଜଳା କରିବା ପ୍ରକାରେ—Slightly burning sensation felt in the tongue or body by the application of slightly pungent things (e. g. black pepper) or irritants. [ଦ୍ର—'ରଗ୍ ରଗ୍' 'ରୁଗରୁଗ୍'ଠାରୁ ବେଶି ଜଳାପୋଡ଼ା ସୂଚନା କରେ; ଅତ୍ୟନ୍ତ ଜଳା ପୋଡ଼ାକୁ 'ଦାଉଦାଉ' ପୋଡ଼ିବା ବୋଲାଯାଏ ।]

ରୁଗ୍(ଗୁ)ଡ଼ିଆ—ପ୍ରାଦେ (ସମ୍ବଲପୁର) ବ (ତୁଳ. ହି. ରୋଡ଼ୁଯ଼ା) Rug-(gu)rdiā କଙ୍କରମୟ ସ୍ଥାନ; ପଥୁରିଆ ଯାଗା—A rocky or gravelly place.

ଦେ. ବଣ—ବାଙ୍କର ଓ ଶୀର୍ଣ୍ଣକାୟ—Of stunted রোগাপটকা ରୋଡିୟା growth and emaciated.

ରୁଗ୍‌ବିନିଶ୍ଚୟ—ସଂ. ବ (୬ଷ୍ଠୀ ତତ୍; ରୁଗ୍+ବିନିଶ୍ଚୟ)—୧ । ରୋଗର Rug-binischaya ନିଦାନ; ଲକ୍ଷଣାଦିର ପରୀକ୍ଷାଦ୍ୱାରା ରୋଗକୁ (ରୁଗ୍‌ବିନିର୍ଣ୍ଣୟ—ଅନ୍ୟରୂପ) ଚିହ୍ନିବା—1. Diagnosis (Apte) ୨ । ମାଧବକରରଚିତ ନିଦାନ ଗ୍ରନ୍ଥ—2. The name of a Sanscrit treatise on Diagnosis (Apte).

ରୁଗ୍‌ଭୟ—ସଂ. ବ (୬ଷ୍ଠୀ ତତ୍; ରୁଜ+ଭୟ)—ରୋଗର ଆଶଙ୍କା—Rug-bhaya Fear or risk of disease (M. W.)

ରୁଗ—ପ୍ରାଦେ (ଉତ୍ତର ବାଲେଶ୍ୱର; ଓ ସ୍ଥାନରେ ଉ ଉଚ୍ଚାରଣ) ବ—Ruga ରୋଗ—Disease.

ରୁଗଣ(ଣା)—ଦେ. ବଣ.—(ପୁଂ ଓ ସ୍ତ୍ରୀ)—(ସଂ. ରୁଗ୍‌ଣ)—ରୋଗଣା Rugaṇa(ṇā) [ଦେଖ]—Rogaṇā (See) [ରୁଗଣିଆ (ଆଁ)—ଅନ୍ୟରୂପ] [ରୁଗଣୀ, ରୁଗଣେଇ—ସ୍ତ୍ରୀ ରୂପ]

ରୁଗନ୍—ଦେ. ବ.—ରୋଗନ୍ [ଦେଖ] Rugan Rogan (See)

ରୁଗା—ପ୍ରାଦେ.—(ସମ୍ବଲପୁର ଓ ଉତ୍ତର ବାଲେଶ୍ୱର; ଓ ସ୍ଥାନରେ Rugā ଉ ଉଚ୍ଚାରଣ)—ବଣ.—୧। ରୁଗଣ—1. Ailing; invalidated. ୨ । ପୀଡ଼ିତ—2. Sick.

ରୁଗୀ—ପ୍ରାଦେ. [ବାଲେଶ୍ୱର] ବଣ. ପୁଂ— (ତୁଳ. ବ. ଉଚ୍ଚାରଣ Rugi ରୁଗୀ)—ରୋଗୀ (ଦେଖ)—Rogi (See) [ରୁଗ(ଗି)ଣୀ—ସ୍ତ୍ରୀ]

ରୁଗୁଡ଼ି—ପ୍ରାଦେ. (ଗଡ଼ଜାତ; ସମ୍ବଲପୁର) ବ.—(ସଂ. ରୁଗ୍‌ଣ, ତୁଳ Rugurdi ହି. ରୋଡ଼ୀ)—୧ । କଙ୍କର—1. Gravel. ୨ । ଛୋଟ ପାହାଡ଼—2. Small hillock. ୩ । (ବାମଣ୍ଡା) ଗୋଡ଼ି—3. Pebble.

ରୁଗୁଡ଼ିଆ—ଦେ. ବଣ. ପୁଂ—(ସଂ. ରୁଗ୍‌ଣ)—୧ । ରୁଗ୍‌ଣ— Rugurdiā 1. Delicate; sickly. ୨। ଖର୍ବକାୟ; [ରୁଗୁଡ଼ୀ, ରୁଗୁଡ଼େଇ—ସ୍ତ୍ରୀ] ବାମନ—2. Dwarfish; stunted. ୩ । କଙ୍କରମୟ—3. Gravelly. (ଯଥା—କଙ୍କରମୟ ଭୂମିରେ ଉଠିବା ଗଛମାନ ରୁଗୁଡ଼ିଆ ହୋଇଯାଏ; ମାଲେରିଆ ଜରରେ ପିଲାମାନେ ରୁଗୁଡ଼ିଆ ହୋଇ ଯାଆନ୍ତି ।)

ରୁଗୁ(ଗି)ଣ(ଣା)—ଦେ. ବଣ. ପୁଂ—(ସଂ. ରୁଗ୍‌ଣ)—୧ । ରୋଗୀ; Rugu(gi)ṇa(ṇā)ରুগ্ণ— 1. Sick; ill; ailing. [ରୁଗୁ(ଗି)ଣିଆ(ଆଁ)—ଅନ୍ୟରୂପ] ୨ । ଯେ ସର୍ବଦା ରୋଗାକ୍ରାନ୍ତ (ରୁଗୁଣୀ, ରୁଗୁଣେଇ—ସ୍ତ୍ରୀ) ହୋଇଥାଏ; ରୋଗିଣା—2. One রোগা, রোগাটে ରୋଗୀ who is always sick; invalid; of delicate constitution.

ରୁଗୁ ରୁଗୁ—ଦେ. ଅ.—ରୁଗ୍ ରୁଗ୍ (ଦେଖ) Rugu rugu Rug rug (See)

ରୁଗ୍ଗ—ପ୍ରାଦେ. (ଗଞ୍ଜାମ)—ବ.—ରୋଗ Rugga Disease.

ରୁଗ୍‌ଣ(ଗ୍ନ)—ସଂ. ବଣ. ପୁଂ.—(ରୁଜ୍ ଧାତୁ=ପୀଡ଼ିତ ହେବା+କର୍ତ୍ତୃ.ତ) Rugṇa(gna) ୧ । ପୀଡ଼ିତ—1. Ill. ୨ । ଭଗ୍ନସ୍ୱାସ୍ଥ୍ୟ—(ରୁଗ୍‌ଣା, ରୁଗ୍ନା—ସ୍ତ୍ରୀ) 2. Delicate; sickly; of [ରୁଗ୍‌ଣତା(ତ୍ୱ)—ବ.] delicate health. ୩ । ଚିରରୋଗୀ 3. Invalid; infirm. ୪ । ବାଧାପ୍ରାପ୍ତ—4. Checked (M. W.) ୫ । ଭଗ୍ନ—5. Broken,

shattered (M. W.) [ମନୀଅର୍ ଭିଲିଅମସ୍ ତାଙ୍କ ସଂସ୍କୃତ କୋଷରେ 'ରୁଗ୍ନ' ଶବ୍ଦକୁ ରୁଗ୍ଣ ଶବ୍ଦର ଅଶୁଦ୍ଧ ରୂପ ବୋଲି ଲେଖି ଅଛନ୍ତି ।]

ରୁଗ୍ଣରୟ—ସଂ. ବିଣ, ପୁଂ (ବହୁବ୍ରୀହି, ରୁଗ୍ଣ+ରୟ)—
Rugnaraya ଆକ୍ରମଣରେ ବାଧାପ୍ରାପ୍ତ—Checked in (ରୁଗ୍ଣରୟା—ସ୍ତ୍ରୀ) an onset; foiled in an attack (M. W.)

ରୁଗ୍ଣ ଲିପି—ସଂ. ବି. (ଅଧୁନିକ ପ୍ରୟୋଗ)—ଚିକିତ୍ସା ବିଜ୍ଞାନର
Rugna lipi ରୋଗୀଚର୍ଯ୍ୟା ଶାଖା—Clinic.
(ରୁଗ୍ଣଚର୍ଯ୍ୟା, ରୁଗ୍ଣସେବା—ଅନ୍ୟରୂପ)

ରୁଗ୍ଣୀ—ଦେ. ବିଣ. ସ୍ତ୍ରୀ (ସଂ. ରୁଗ୍ଣ+ଓଡ଼ିଆ ସ୍ତ୍ରୀ ଲିଙ୍ଗାନ୍ତ ପ୍ରତ୍ୟୟ
Rugni ଈ)—ରୁଗ୍ଣର ସ୍ତ୍ରୀଲିଙ୍ଗ—Feminine of Rugna.

ରୁଗ୍‌ବେଦ—ଗ୍ରା. ବି (ସଂ. ଋଗ୍ବେଦ)—ଋକ୍ ନାମକ ପ୍ରଥମ ବେଦ—
Rug-beda The 1st of the 4 Bedas.

ରୁଘା—ପ୍ରାଦେ (ସମ୍ବଲପୁର) ବିଣ—ରୋଗୀ; ରୁଗ୍ଣ—
Rugha Sickly, diseased.

ରୁଙ୍ଗୁଡ଼ା ଆସନ—ଦେ. ବି—ଯୋଗାସନ ବିଶେଷ—
Rungurda āsana A kind of Jogāsana.
[ଭ—ବରୁଣ ଜାଣୁମାଳା ଧରି କରେ, ରୁଙ୍ଗୁଡ଼ା ଆସନ ଧରି କର୍ଣ୍ଣରେ । ପ୍ରାଚୀ. ସରଚେଳୀଲା ।]

ରୁଚ୍ (ଧାତୁ)—ସଂ—୧ । ଦୀପ୍ତି ପାଇବା—1. To shine. ୨ ।
Ruch (root) ରୁଚିବା; ରୁଚିକର ହେବା; ସୁଖ ଲାଗିବା—2. To be tasteful, to be delicious. ୩ । ସୁଆଦ ଲାଗିବା—3. To agree to one's taste, to taste sweet. ୪ । ମନକୁ ପାଇବା; ମନଲାଖି ହେବା—4. To seem agreeable. ୫ । ସୁନ୍ଦର ଦେଖାଯିବା; ଶୋଭମାନ ହେବା—5. To look splendid or resplendent (Apte).

ରୁଚ—ସଂ. ବି (ରୁଚ୍ ଧାତୁ+ଭାବ.କ୍ୱିପ୍=ରୁଚ୍ ଶବ୍ଦର ୧ମା.୧ବ; ରୁକ୍;
Ruch ବିକଳ୍ପେ ରୁଚ୍)—୧ । ଶୋଭା; ଦୀପ୍ତି; କାନ୍ତି—1. Lustre, splendour, brilliance ୨ । ସୌନ୍ଦର୍ଯ୍ୟ—2. Beauty, grace; loveliness. ୩ । ଇଚ୍ଛା—3. Desire; wish. ୪ । ଇଚ୍ଛା; ରୁଚି—4. Liking; desire (Apte) ୫ । (+କର୍ତ୍ତୃ କ୍ୱିପ୍) ବିଦ୍ୟୁତ୍—5. Lightning (Apte) ୬ । ଶୁଆ ଶାରୀଙ୍କ ଧ୍ୱନି—6. The note of the parrot or Myna-(Apte) ୭ । (ସମାସରେ ପଦ ଶେଷରେ ଲାଗେ) ବର୍ଣ୍ଣ, ଚେହେରା—7. (at the end of compounds; Colour; appearance (Apte).)

ରୁଚ୍(ଚୁ)ମୁ(ରୁ)ଚ୍(ଚୁ)—ଦେ. ଅ (ଧ୍ୱନ୍ୟନୁକରଣ)—ଚୋବାଇବା ଅପେକ୍ଷା
Ruch(chu)mu(ru)ch(chu) କ୍ଷୁଦ୍ରତର ଅନୁଭୂତି; ବାଲି ବା
ଝଟଝଟ ଧୂଳିଯୁକ୍ତ ଅଳ୍ପ ବସ୍ତୁ ଚୋବାଇବା ପ୍ରକାର—(Onomato-
କୁଚକୁଚ poeic) The sensation of chewing a little quantity of powdered things.

ରୁଚ—ଦେ. ବିଣ.—(ସଂ. ରୋଚକ)—୧ । ମୁଖରୋଚକ—1. Agree-
Rucha able to the taste, tasteful. ୨ । ରୁଚିକର—2. Agreeable. ଦେ. ବି.—ଟାଭାଫଳ—Citron.
ସଂ. ବିଣ.—(ରୁଚ୍ ଧାତୁ+କର୍ତ୍ତୃ. ଅ)—୧ । ଉଜ୍ଜ୍ୱଳ—1. Bright; brilliant (M. W.)

ରୁଚକ—ସଂ. ବି.—(ରୁଚ ଧାତୁ+କର୍ତ୍ତୃ. ଅକ)—୧ । ଅଶ୍ୱାଭରଣ;
Ruchaka ଘୋଡ଼ାର ଶୁର ଯାମା—1. A cover put over the saddle of a horse for show. ୨ । ଗୀକ; କଣ୍ଠାଭରଣ ବିଶେଷ—2. A sort of necklace; a buckler for the neck, ୩ । ଦନ୍ତ—3. Tooth. ୪ । ମାଲ୍ୟ—4. Garland. ୫ । କପୋତ; ପାରା—5. Dove; pigeon (Apte). ୬ । ଲବଣ—6. Salt. ୭ । ଗନ୍ଧଦ୍ରବ୍ୟ 7. A scent. ୮ । ସ୍ୱର୍ଣ୍ଣପାତ୍ର ବିଶେଷ—8. A sort of golden plate. ୯ । ଔଷଧ ବିଶେଷ—9. A sort of medicine. ୧୦ । ମାଙ୍ଗଲ୍ୟ ଦ୍ରବ୍ୟ—10. Auspicious article; any substance supposed to bring good luck. ୧୧ । (ବାସ୍ତୁବିଦ୍ୟା) ଯେଉଁ ଘରର ଉତ୍ତର ପାଖ ବନ୍ଦ ଓ ଅନ୍ୟ ୩ ପାଖେ ପିଣ୍ଡା ଥାଏ—11. A building having terraces on three sides and closed on the north only (Apte). ୧୨ । ଯେଉଁ ଘରର ପୂର୍ବ ଓ ପଶ୍ଚିମର ବାରଣ୍ଡା ସର୍ବଥା ନଷ୍ଟ ହୋଇଅଛି, ଏବଂ ଉତ୍ତରରେ ଓ ଦକ୍ଷିଣର ପିଣ୍ଡା ପୂର୍ବ ପରି ଅକ୍ଷୁଣ୍ଣ ରହିଅଛି (ବୃ. ଶ.)—12. A building of which the eastern and western verandas have been destroyed and the northern or southern ones intact. ୧୩ । ଘରର ଚତୁ-କୋଣିଆ ସ୍ତମ୍ଭ (ବୃ. ଶ.)—13. Quadrangular pillar or column. ୧୪ । ସର୍ଜ୍ଜିକାକ୍ଷାର (ବୃ. ଶ.)—14. Natron; alkali (Apte). ୧୫ । ସଚଳ ଲୁଣ; କଳା ଲୁଣ [ବୃ. ଶ.]—15. Black salt; sochal salt (M. W.) ୧୬ । ଗୋରୋଚନା [ବୃ. ଶ]—16. A yellow pigment derived from dead kine. ୧୭ । ବାଇବିଡ଼ଙ୍ଗ [ବୃ. ଶ.] 17. Embelia Ribes. ୧୮ । ବୀଜପୂରକ; ଟାଭା [ବୃ. ଶ.]—18. Citron (Apte). [ଭ—ରୁଚକ ରୁଚିର ରୁଚକଳସକୁ ଖଣ୍ଡି ହଜାଇବେ ଯଥ ମନ୍ଦିର । ଜଗନ୍ନାଥ. ସଙ୍ଗୀତ । ୧୯ । ପ୍ରାଚୀନ କାଳର ନିଷ୍କ ନାମକ ସ୍ୱର୍ଣ୍ଣମୁଦ୍ରା [ବୃ. ଶ.]—19. Name of an ancient gold coin. ୨୦ । ସୁମେରୁ ନିକଟସ୍ଥ ପୌରାଣିକ ପର୍ବତ [ବୃ. ଶ.]—20. Name of a mythological mountain. ୨୧ । ଦର୍ପଣ

ଦିଗ [ବୃ. ଷ.]—21. The South. ୨୨ । ମୁଦ୍ରିକା 22. A ring (M. W.) ୨୩ । ମଧୁର ରସ— 23. Sweet juice (M. W.) ୨୪ । ବୃକ୍ଷବିଶେଷ- 24. Ricinus Communis tree (M. W.) ସ. ବିଣ.—୧ । ରୁଚିରୋଚକ—1. Tasteful; delicious. ୨ । ମଧୁର; ସୁସ୍ୱାଦୁ—2. Sweet. ୩ । ସନ୍ତୋଷ ଉତ୍ପାଦକ—3. Pleasing; agreeable (M. W.) ୪ । ଉଦରର ହିତକର— 4. Stomachic (Apte); tonic (Apte). ୫ । କଟୁ ଅ—5. Acrid; sharp (Apte). ୬ । ଅତି ବଡ଼—6. Very large (M. W.)

ରୁଚ୍—ସ. ବି (ରୁଚ୍ ଧାତୁ+ସ୍ୱିବ୍. କୃପ=ରୁଚ୍ ଶବ୍ଦ+ସ୍ତ୍ରୀ. ଆ)—୧ । Ruchā ଶୋଭା; ଦୀପ୍ତି—1. Lustre. ୨ । କାନ୍ତି, ସୌନ୍ଦର୍ଯ୍ୟ- 2. Beauty. ୩ । ଇଚ୍ଛା—3. Desire. ୪ । ରୁଚ ଶବ୍ଦର ଅନ୍ୟ ଅର୍ଥମାନ (ଦେଖ)—4. The other meanings of Ruch (See) ୫ । ଶୁଆର କଣ୍ଠସ୍ୱର— 5. The note of the parrot (M.W)

ରୁଚ୍ଚ(ଚେ)ଇବା—ଦେ. କ୍ରି—୧ । ରୁଚିକର ବୋଧହେବା—1. To Ruchā(che)ibā seem savoury or tasteful. रोचा रुचाना, रुचवाना ୨ । ସନ୍ତୁଷ୍ଟ କରିବା; ଖୁସି କରିବା— 2. To please. [ଉ—କଣ୍ଠମୁକୁଟକୁ ବୋଲେ କଗୁର ସେ ରସେବକେ ରୁଚ୍ଚଇଲେ—କବିସୂର୍ଯ୍ୟ ସଙ୍ଗୀତ ।]

ରୁଚି(ଚୀ)—ସ. ବି (ସ୍ତ୍ରୀ)—(ରୁଚ୍ ଧାତୁ+କର୍ତ୍ତୃ. ଇ, ଈ)— Ruchi(chī) ୧ । ଆଲୋକରେଖା; କିରଣ—1. Ray of light; gleam of light. ୨ । ପ୍ରଭା; ଦୀପ୍ତି; ଜ୍ୟୋତି— 2. Brilliance; lustre; splendour. ୩ । ଶୋଭା; ଲାବଣ୍ୟ; ସୌନ୍ଦର୍ଯ୍ୟ—3. Beauty; grace. ୪ । ଲାଳିତ୍ୟ; ମାଧୁର୍ଯ୍ୟ—4. Sweetness; elegance. ୫ । ଗୋରୋଚନା—5. A sort of yellow pigment obtained from the carcase of kine. ୬ । କ୍ଷୁଧା; ଖାଦ୍ୟଦ୍ରବ୍ୟ ଖାଇବା ଇଚ୍ଛା; ବୁଭୁକ୍ଷା—6. Appetite; hunger; zest. ୭ । ଭୋଜନସ୍ପୃହା; ଖାଦ୍ୟ ପ୍ରତି ଅନୁରାଗ—7. Relish for food; zest for food. ୮ । ଅଭିଳାଷ; ସ୍ପୃହା— 8. Desire. ୯ । ସାହିତ୍ୟାନୁରାଗ ଅନୁରାଗ—9. Taste for literature. ୧୦ । ଅନୁରାଗ; ପ୍ରୀତି; ପ୍ରେମ— 10. Love; attachment; liking. ୧୧ । ପ୍ରବୃତ୍ତି (ବୃ. ଷ.)—11. Inclination. ୧୨ । ସ୍ୱାଦ (ବୃ.ଷ). 12. Taste (Apte). ୧୩ । କାମଶାସ୍ତ୍ର ଅନୁସାରେ ଆଲିଙ୍ଗନବିଶେଷ, ଯହିଁରେ ନାୟିକା ନାୟକଙ୍କ ସମ୍ମୁଖରେ ନାୟକର ଅଙ୍କ ଉପରେ ବସି ନାୟକଙ୍କୁ ଆଲିଙ୍ଗନ କରନ୍ତି (ବୃ. ଷ.)—13. A kind of amatory embrace or coitus M. W.) ୧୪ । ଅପ୍ସରାବିଶେଷ (ବୃ. ଷ)—14. Name of a heavenly nymph. ପୁ°—୧୫ । ପ୍ରଜାପତିବିଶେଷ (ରୁଚ ଶବ୍ଦ) 15. Name of a Progenitor of mankind. [ବୃ—ଆକୂତିଙ୍କ ସହିତ ଏହାଙ୍କର ବିବାହ ହୋଇଥିଲା ଓ ଏହାଙ୍କ ଔରସରେ ଆକୂତିଙ୍କ ଗର୍ଭରେ ଯଜ୍ଞ ଓ ଦକ୍ଷିଣା ନାମକ ଯମଜ ପୁତ୍ରକନ୍ୟା ଜାତ ହୋଇଥିଲେ । ଏ ମଧ୍ୟ ରୌଚ୍ୟମନୁଙ୍କ ପିତା ଥିଲେ [ବୃ. ଷ] ୧୬ । ବିଶ୍ୱାମିତ୍ରଙ୍କ ଏକ ପୁତ୍ର—16. Name of a son of Biswāmitra (M. W) ସ. ବିଣ—୧ । ରୁଚିକର— 1. Tasteful; agreeable to taste; savoury. ୨ । ରୁଚିକର; ମନୋହର; ସୁନ୍ଦର—2. Pleasant; agreeable (M.W.)

ରୁଚିକ—ଦେ. ବିଣ (ସ. ରୋଚକ, ରୁଚିକର)—ରୁଚିକର (ଦେଖ)— Ruchika Ruchikara (See) ସ. ବି—ଅଳଙ୍କାରବିଶେଷ—A kind of ornament (M. W.)

ରୁଚିକର—ସ. ବିଣ (ରୁଚି+କୃ ଧାତୁ+କର୍ତ୍ତୃ. ଅ)—୧ । ପ୍ରୀତିକର; Ruchikara ମନୋହର—1. Charming; pleasant. (ରୁଚିକୃତ୍, ରୁଚିକାରକ, ରୁଚିକାରୀ—ଅନ୍ୟରୂପ) ୨ । ଅନୁରାଗଜନକ 2. Generating affection or attachment. (ରୁଚିକରୀ, ରୁଚିକାରିଣୀ, ରୁଚିକାରିକା—ସ୍ତ୍ରୀ) ୩ । ସୁସ୍ୱାଦୁଯୁକ୍ତ— 3. Tasteful; cordial; relishing to the taste; savoury; palatable. ୪ । କ୍ଷୁଧାବର୍ଦ୍ଧକ— 4. Appetising; increasing appetite; stomachic (Apte); tonic. ୫ । ସ୍ପୃହାବର୍ଦ୍ଧକ— 5. Relishing; whetting one's relish.

ରୁଚିଜନକ—ସ. ବିଣ—କ୍ଷୁଧାବର୍ଦ୍ଧକ— Ruchijanaka Savoury; appetising. (ରୁଚିପ୍ରଦ—ଅନ୍ୟରୂପ) ରୁଚିଜନିକା; ରୁଚିପ୍ରଦା—ସ୍ତ୍ରୀ

ରୁଚିତ—ସ. ବିଣ. (ରୁଚ୍ ଧାତୁ+କର୍ତ୍ତୃ. ତ)—୧ । ସୁସ୍ୱାଦୁ— Ruchita 1. Tasteful; savoury. ୨ । ମିଷ୍ଟ— 2. Sweet; dainty. ୩ । ଉଜ୍ଜ୍ୱଳ—3. Bright; shining. ୪ । ପରିପକ୍ୱ—4. Ripened. ୫ । (କର୍ମ. ତ) ସନ୍ତୁଷ୍ଟ—5. Pleased; delighted (Apte). ୬ । ଅଭିଳଷିତ (ବୃ. ଷ)—6. Desired; wished for.

ରୁଚିତା(ତ୍ୱ)—ସ. ବି (ରୁଚି+ତା)—୧ । ରୋଚକତା (ବୃ. ଷ)— Ruchitā(twa) 1. Tastefulness; savouriness. ୨ । ଅନୁରାଗ (ବୃ. ଷ)—2. Attachment; fondness; the having a taste or liking or desire (M. W.). ୩ । ସୁନ୍ଦରତା (ବୃ. ଷ)— 3. Grace. ୪ । ଅତିଜଗତୀ ଛନ୍ଦର ପ୍ରକାର (ବୃ ଷ)— 4. Name of a vedic metre.

ରୁଚି ଧାମା—ସଂ. ବି (୬ଷ୍ଠୀ ତତ୍; ରୁଚି+ଧାମନ୍; ୧ମା. ୧ବ)—
Ruchi dhāmā ସୂର୍ଯ୍ୟ (ହି. ଶ)—The sun (Apte).
(ରୁଚିଭର୍ତ୍ତ୍ର—ଅନ୍ୟରୂପ)

ରୁଚି ପତ୍ର—ଦେ. ବି—(ବହୁବ୍ରୀହି) କେତକୀ ଫୁଲ—The yellow—
Ruchi patra flowered species of screw-pine, Pandanus Odoratissimus.

ରୁଚି ପ୍ରିୟ—ସଂ. ବିଣ—୧ । ପ୍ରୀତିକର—1. Pleasant; cordial;
Ruchi priya charming. ୨ । ସୁସ୍ୱାଦକ—2. Sweet
(ରୁଚିପ୍ରିୟା—ସ୍ତ୍ରୀ) or agreeable to the taste.
(ରୁଚିପ୍ରିୟତା—ବି)

ରୁଚି ଫଳ—ସଂ. ବି—ନାସପାତି ଫଳ (ହି. ଶ)—
Ruchi phala Pair; Pyrus Communis fruits.

ରୁଚିବା—ଦେ. କ୍ରି (ସଂ ରୁଚ୍ ଧାତୁ)—୧ । (କୌଣସି ଖାଦ୍ୟ
Ruchibā ଜିହ୍ୱାକୁ ତୃପ୍ତିକର ବୋଧ ହେବା—1. To taste sweet to the tongue; (a food) to be relished by the tongue. [ଉ - ଔଷଧ ଯେଉଁଥି
[ରୁଚିଯିବା— ଅନ୍ୟରୂପ] ନ ରୁଚଇ, ବ୍ୟାଧି ସଯୋଗେ ବଳେ
ରුচা ଖାଇ । ଭୂପତି. ପ୍ରେମପଞ୍ଚାମୃତ ।] ୨ । (କୌଣସି କଥା)
रोचना ପ୍ରୀତିକର ହେବା; ମନକୁ ପାଇବା; ମନକୁ ତୃପ୍ତିକର ବୋଧ ହେବା—2. (any thing) To suit a person's taste or approval; to seem pleasant or agreeable.
[ଉ—ଯେବେ ଥିବ ସ୍ନେହ, ରୁଚିବ କି ରାଜହଂସ ଗଜ-ରାଜ ଗଲା ଯାନ । କବିସୂର୍ଯ୍ୟ. ସଙ୍ଗୀତ ।)

ରୁଚି ବିରୁଦ୍ଧ—ସଂ. ବିଣ— ୧ । ଅପ୍ରୀତିକର—1. Unpleasant.
Ruchi biruddha ୨ । ଅରୁଚିକର—2. Jarring to
[ରୁଚି ବହିର୍ଭୂତ—ଅନ୍ୟରୂପ] the taste; distasteful.
୩ । ସୁରୁଚିର ବିରୁଦ୍ଧ—3. Against good or refined taste.

ରୁଚି ବିରୋଧ—ସଂ. ବି—(୭ମୀ ତତ୍) ସ୍ୱାଦ ସମ୍ବନ୍ଧେ ଅପ୍ରିୟତା—Con-
Ruchi birodha trariety or unpleasantness in the matter of taste. (ଯଥା—ଖଟାପ୍ରିୟ ଲୋକଙ୍କୁ ମିଠା ପଦାର୍ଥ ଦେଲେ, ଶାନ୍ତରସପ୍ରିୟ ଲୋକଙ୍କୁ ବୀରରସ ଶୁଣାଇଲେ ରୁଚିବିରୋଧ ଘଟେ ।]

ରୁଚି ଭେଦ—ସଂ.ବି.(୬ଷ୍ଠୀ ତତ୍)--ଭିନ୍ନଭିନ୍ନ ବ୍ୟକ୍ତିର ରୁଚିର ବିଭିନ୍ନତା ବା
Ruchi bheda ପାର୍ଥକ୍ୟ--Difference or dissimilarity
ରୁଚି ପାର୍ଥକ୍ୟ } ଅନ୍ୟରୂପ of tastes of different per-
ରୁଚି ବିଭିନ୍ନତା } sons. [ଦୃ—କେଉଁ ବ୍ୟକ୍ତିର ମିଠା ପଦାର୍ଥ ପାଇଁ, କାହାର ଖଟା ପାଇଁ, କାହାର ରାଗ ପାଇଁ ରୁଚି ହୁଏ । ଏହିପରି ମଧ୍ୟ କାହାର ଅଦ୍ଭୁତରସ, କାହାର ବୀରରସ ପାଇଁ, କାହାର ଶାନ୍ତରସ ପାଇଁ ରୁଚି ଥିବା ଦେଖାଯାଏ ।]

ରୁଚି ବର୍ଦ୍ଧକ—ସଂ.ବିଣ. ପୁଂ(୬ଷ୍ଠୀ ତତ୍)—ଯାହା କ୍ଷୁଧାବୃତ୍ତିକୁ ବଢ଼ାଏ—
Ruchi barddhaka That which promotes or
(ରୁଚିପ୍ରଦ—ଅନ୍ୟରୂପ) whets the appetite; appetising.
[ରୁଚିବର୍ଦ୍ଧିକା, ରୁଚିପ୍ରଦା—ସ୍ତ୍ରୀ]

ରୁଚିମତୀ—ସଂ. ବି. ସ୍ତ୍ରୀ (ନାମ)—ଉଗ୍ରସେନଙ୍କ ରାଣୀ; ଦେବକୀଙ୍କ ମାତା
Ruchimatī ଓ ଶ୍ରୀକୃଷ୍ଣଙ୍କ ମାତାମହୀ (ହି. ଶବ୍ଦସାଗର)—
Name of the maternal grand-mother of Srikrushna.

ରୁଚିମାନ୍ଦ୍ୟ—ସଂ. ବି—(୬ଷ୍ଠୀ ତତ୍) କ୍ଷୁଧାମାନ୍ଦ୍ୟ—
Rhchimāndya Dyspepsia.

ରୁଚିର—ସଂ. ବିଣ (ରୁଚ୍ ଧାତୁ+କର୍ତ୍ତୃ. ଇର; ରୁଚି+ରା ଧାତୁ=
Ruchira ଦେବା+କର୍ତ୍ତୃ. ଅ)—୧ । ମନୋହର; ମନୋଜ୍ଞ—
[ରୁଚିରା—ସ୍ତ୍ରୀ] 1. Pleasant. ୨ । ସୁନ୍ଦର—2. Dainty;
(ରୁଚିରତା—ବି) beautiful. ୩ । ମଧୁର; ସୁମିଷ୍ଟ; ରୁଚିକର—
3. Tasteful; savoury; sweet; cordial; stomachic. ୪ । ଉଜ୍ଜ୍ୱଳ; ପ୍ରଜ୍ଜ୍ୱଳିତ—4. Bright; brilliant. (M. W) ୫ । କ୍ଷୁଧାର ଉଦ୍ରେକକ—5. Stomachic. ବି—୧ । ଲବଙ୍ଗ ପୁଷ୍ପ—1. The bud of cloves. ୨ । କୁଙ୍କୁମ—2. Saffron. ୩ । ଶୋଭା—3. Beauty. [ଉ—ସେହି ରୁଚିରରେ ମଣ୍ଡି-ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।] ୪ । ମୂଳା (ହି. ଶ)—
4. Radish. ୫ । ସେନଜିତଙ୍କ ପୁତ୍ରର ନାମ (ହି. ଶ)—
5. Name of a son of king Senajita.

ରୁଚିରବତୀ—ସଂ. ବିଣ. ସ୍ତ୍ରୀ (ରୁଚିରବତ୍+ସ୍ତ୍ରୀ. ଈ)—ପରମସୁନ୍ଦରୀ—
Ruchirabatī Very beautiful (woman). [ଉ—
(ରୁଚିରବାନ୍—ପୁଂ) ବୃଦ୍ଧ ପଯ୍ୟରେ ରୂପଲେ ଚରଣେ ପକାଇ କୁଳେ ରୁଚିରବତୀ ଯୁବତୀବର ସେ । ଭଞ୍ଜ. ବୈଦେହୀଶବିଳାସ ।]

ରୁଚିର ବଦନ—ସଂ. ବି (କର୍ମଧା)—ସୁନ୍ଦରମୂର୍ତ୍ତି—Beautiful or
Ruchira badana fine face. ସଂ. ବିଣ. ପୁଂ (ବହୁବ୍ରୀହି)—
(ରୁଚିରାନନ—ଅନ୍ୟରୂପ) ସୁନ୍ଦର ମୁଖବିଶିଷ୍ଟ—Sweet-faced.
[ରୁଚିରବଦନା, ରୁଚିରାନନା—ସ୍ତ୍ରୀ ଓ ବିଣ]

ରୁଚିର ବୃତ୍ତି—ସଂ. ବି—ଅସ୍ତ୍ରର ଏକପ୍ରକାର ସଂହାର (ହି. ଶ)—
Ruchira brutti A kind of withdrawal of the effects of a weapon.

ରୁଚିର ଭାଷଣ—ସଂ. ବି (କର୍ମଧା)—ମନୋହର ବାକ୍ୟାଳାପ—
Ruchira bhāshana Sweet or fine speech.
[ରୁଚିରବଚନ—ଅନ୍ୟରୂପ] ସଂ. ବିଣ. ପୁଂ (ବହୁବ୍ରୀହି)—
(ରୁଚିରଭାଷୀ—ଅନ୍ୟ ବିଣ. ପୁଂ) ୧ । ମଧୁରଭାଷୀ—1. Of sweet speech. (M.W.)
ରୁଚିର ଭାଷଣା } —ବିଣ. ସ୍ତ୍ରୀ
ରୁଚିରଭାଷିଣୀ }
୨ । ବାଗ୍ମୀ—2. Eloquent, (M. W.)

ରୁଚିରମୁଦ୍—ସଂ. ବିଣ (ରୁଚିର+ମୁଦ୍. ଧାତୁ. କ୍ୱିପ୍)—ଅତି ସୁନ୍ଦର ବା
Ruchiramud ମନୋହର—Exquisite; affording great pleasure. (Wilson, M. W.)

ରୁଚିର ମୂର୍ତ୍ତି—ସଂ. ବି (କର୍ମଧା)—ସୁନ୍ଦର ରୂପ—Fine form or-
Ruchira mūrtti shape; fine appearance.
ସଂ. ବିଣ. ପୁଂ ଓ ସ୍ତ୍ରୀ—ସୁନ୍ଦରରୂପବିଶିଷ୍ଟ—
Of pleasant form or appearance (M.W).

ରୁଚିରା—ସଂ. ବିଣ. ସ୍ତ୍ରୀ (ରୁଚିର+ସ୍ତ୍ରୀ. ଆ)—ମନୋହାରିଣୀ;
Ruchirā ମନୋଜ୍ଞା—Pleasing; dainty. ବି—୧ । ତ୍ରୟୋଦଶାକ୍ଷର ଯୁକ୍ତ ଛନ୍ଦୋବିଶେଷ—1. Name of a Sanskrit metre of 13 syllables: [ଦ୍ର—ଏଥିର ପ୍ରଥମ ଓ ତୃତୀୟ ପଦରେ ୧୬ ଓ ୨ୟ ଏବଂ ୪ର୍ଥ ପଦରେ ୧୪ ମାତ୍ରା ଲେଖାଏଁ ଥାଏ ଓ ଶେଷରେ ୨ଗୁରୁ ବର୍ଣ୍ଣ ଥାଏ—(ହି. ଶ) ।] ୨ । ଗୋରୋଚନା—2. A yellow pigment obtained from kine. ୩ । (ରାମାୟଣ) ପ୍ରାଚୀନ ନଦୀ ବିଶେଷ (ହି.ଶ)—3. Name of an ancient river. ୪ । କାଶ୍ମୀର (ହି. ଶ)—4. Saffron. (Apte). ୫ । ଲବଙ୍ଗ (ହି. ଶ)-5. Cloves. (Apte) ୬ । ମୂଳା (ହି.ଶ)—6. Radish. (Apte).

ରୁଚିରାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି; ରୁଚିର ଅଙ୍ଗ ଯାହାର—
Ruchirāṅga ଶୋଭନ ଅଙ୍ଗଯୁକ୍ତ—Having graceful
(ରୁଚିରାଙ୍ଗୀ—ସ୍ତ୍ରୀ) limbs. ସଂ. ବି (କର୍ମଧା) ରୁଚିର+ଅଙ୍ଗ)—ଶୋଭାଯୁକ୍ତ ଶରୀରାଙ୍ଗ—
Graceful or symmetrical limb.

ରୁଚିରାଞ୍ଜନ—ସଂ. ବି—ଶୋଭାଞ୍ଜନ; ଶଜନା—A kind of tree;
Ruchirāñjana Hyperthera Moringa.

ରୁଚିରାଧିକା—ଦେ. ବିଣ.ସ୍ତ୍ରୀ (ରୁଚିର+ଅଧିକ+ଆ)—ଅତ୍ୟନ୍ତ ସୁନ୍ଦରୀ—
Ruchirādhikā Very beautiful (female).
[ଉ—ଶୁଣରେ ରୁଚିରାଧିକା ଚନ୍ଦ୍ରାବଳୀ ବିରାଜିତ ଅନୁପମରେ । ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।]

ରୁଚିରାଶ୍ୱ—ସଂ. ବି—ଜଣେ ପୌରାଣିକ ରାଜା—
Ruchirāśwa Name of a mythological king of India. [ଦ୍ର—ଏ ସେନଜିତ୍ ରାଜାଙ୍କର ଏକ ପୁତ୍ର ଥିଲେ. M. W.]

ରୁଚି ଲାଗିବା—ଦେ. କି.—ଖାଇବାକୁ ରୁଚିକର ବୋଧ ହେବା—
Ruchi lāgibā To seem savoury; to be relished,
রুচিকর বোধ হওয়া रुचि लगना

ରୁଚିଷ୍ୟ—ସଂ. ବିଣ.—(ରୁଚ୍ ଧାତୁ+କର୍ତ୍ତୃ.ଇଷ୍ୟ)—୧ । ରୁଚିର (ଦେଖ)
Ruchishya 1. Ruchira (See). ୨ । ମଧୁର—2.
[ରୁଚିଷ୍ୟା—ସ୍ତ୍ରୀ] Sweet. ସଂ. ବି.—ଧଳା ଲୁଣ—White salt (M. W.)

ରୁଚି ହେବା—ଦେ. କି.—ରୁଚିବା [ଦେଖ]—Ruchibā (See)
Ruchi hebā রুচি হওয়া रुचिहोना
ଦେ. ବି.—ଖାଇବା ପାଇଁ ପ୍ରବୃତ୍ତି ଜନ୍ମିବା—The state of having a relish for food.

ରୁଚୀ—ସଂ. ବି.—ରୁଚି [ଦେଖ]
Ruchī Ruchi (See)

ରୁଚୀକ—ଦେ. ବି.—[ସଂ. ଋଚୀକ)—ଭୃଗୁମୁନିଙ୍କ ପୁତ୍ର—Son of
Ruchīka sage Bhṛugu. [ଉ—ଗାଧିଙ୍କର ସେ ହୋଇଥିଲେ ତରୁଣୀ, ରୁଚୀକ ମୁନି ତା ମାଗିଲେ ଆସି ଜାଣି । କୃଷ୍ଣସିଂହ. ମହାଭାରତ. ବନ ।]

ରୁଚୁ—ସଂ. ବି.—(ରୁଚ୍ ଧାତୁ+କର୍ତ୍ତୃ. ଉ)—କଳା ଶିଂଘ ବିଶିଷ୍ଟ ଧଳା
Ruchu ବା ହଳଦିଆ ହରିଣ—A white or yellow deer with black horns. (M.W.)

ରୁଚ୍ୟ—ସଂ. ବିଣ.—(ରୁଚ୍ ଧାତୁ+କର୍ତ୍ତୃ. ଯ)—୧ । ସୁନ୍ଦର; ମନୋଜ୍ଞ-
Ruchya 1. Pleasing; pleasant; agreeable. ୨ ।
[ରୁଚ୍ୟା—ସ୍ତ୍ରୀ] ରୁଚିକର; ସୁସ୍ୱାଦୁ—2. Tasteful; savoury. ୩ । ଇପ୍ସିତ—3. Intended; wished for. ବି ପୁଂ.—୧ । ପତି; ସ୍ୱାମୀ—1, Husband. ୨ । କାନ୍ତ; ପ୍ରେମିକ—2. A lover; sweetheart (male). ୩ । ଚନ୍ଦ୍ର—3. Moon. ୪ । ଶାଳି ଧାନ୍ୟ; ଶାରଦ ଧାନ—4. Winter paddy. ୫ । କତକ ବୃକ୍ଷ; ନିର୍ମଳୀ ଗଛ—5. The clearing nut; Strychnuss Potatorum. ୬ । ସଚଳ ଲବଣ; ସୌବର୍ଚ୍ଚଳ; ସୋରା—6 Nitre; sochal salt (M. W). ୭ । ସୈନ୍ଧବ ଲୁଣ—(ହି. ଶ.)—7. Chloride of sodium. ୮ । କ୍ଷୁଧାବର୍ଦ୍ଧକ ଦ୍ରବ୍ୟ—8. A tonic (Apte). ୯ । ବେଲ—9. Aegle Marmelos (M.W). ୧୦ । ଚାଉଳ—10. Rice (M. W). ୧୧ । କଳାଜୀରା—11. Black cumin (M. W). ୧୨ । ଏକ ପ୍ରକାର କାକୁଡ଼ି—12. A kind of cucumber (M. W).

ରୁଚ୍ୟ କନ୍ଦ—ସଂ. ବି—(ବୈଦ୍ୟକ)—ସୁରଣ; ଓଲୁଅ—Wild
Ruchya kanda arum; Arum Campanulatum.

ରୁଜ୍ (ଧାତୁ)—ସଂ.—୧ । ପୀଡ଼ିତ ହେବା—1. To ail; to be
Ruj (root) ill. ୨ । ପୀଡ଼ିତ କରିବା—2. To make ill; to afflict with disease. ୩ । ନଷ୍ଟ କରିବା; ଖଣ୍ଡ ଖଣ୍ଡ କରି ଭାଙ୍ଗିବା—3. To break to pieces; to destroy (Apte). ୪ । ଆଘାତ କରିବା; ହିଂସା କରିବା—4. To hurt; to kill (Apte). ୫ । ନୁଆଁଇବା—5. To bend (Apte).

ରୁଜ୍—ବୈଦେ. ବି—(ଇଂ.)—ମୁହଁକୁ ରଙ୍ଗାଇବା ପାଇଁ ବ୍ୟବହୃତ
Ruj ଚୂର୍ଣ୍ଣ; ଅଙ୍ଗରାଗ—Rouge. ସଂ. ବି. (ରୁଜ୍ ଧାତୁ+କର୍ତ୍ତୃ କ୍ୱିପ୍)—ରୁଜା (ଦେଖ)—Rujā (See).
ବୈଦେ. ବି ଓ ବିଣ (ଅ. ରୁଜୁ) ରୁଜୁ—(ଦେଖ)—Ruju (See).

ରୁଜ୍ ପାଉଡର୍—ବୈଦେ. ବି—(ଇଂ ରୁଜ୍) ୧ । ଅଙ୍ଗରାଗ ଚୂର୍ଣ୍ଣ—
Ruj Pāuḍar 1. Rouge powder. ୨ । ଏକପ୍ରକାର
রুজ পাউডার रूजपाउडर ନାଲି ଚୂର୍ଣ୍ଣ, ଯାହା ଦ୍ୱାରା ମୁହଁ

ଅଳଙ୍କାର ପାଲିସ୍ କରାଯାଏ—2. Ferric oxide; a kind of red powder used in polishing gold ornaments.

ରୁଜ୍(ଜୁ)ରୁଜ୍(ଜୁ)--ଦେ.ଅ (ଧ୍ୱନ୍ୟନୁକରଣ)--ରାଜୁରାଜୁଠାରୁ ଅଳ୍ପ କର୍କଶ
Ruj(ja)ruj(ju) —A little harsher than 'Rāju rāju.
चरचर कुचकुच

ରୁଜ—ସଂ. ବି (ରୁଜ୍ ଧାତୁ+କର୍ତ୍ତୃ ଅ)—୧ । ରୋଗ; ପୀଡ଼ା—
Ruja 1. Sickness; disease. ୨ । କ୍ଷତ;ଘାଅ (ହି.ଶ) 2. Wound; sore. ୩ । ଭାଙ୍ଗ (ହି. ଶ.)— 3. An intoxicating drink made from Indian hemp leaf. ୩ । ଭାଙ୍ଗିଦେବା; ଭଞ୍ଜନ— 3.Breaking;crushing; shattering (M.W.) ୪ । ଭାଙ୍ଗିଯିବା; ଭଙ୍ଗ—4. Fracture (M. W.) ୫। କୁଡ଼—5.Costus Speciosus plant (M.W) ୬ । ଦୁଃଖ;କ୍ଳେଶ—6.Pain; trouble (M.W)

ରୁଜସ୍କର—ସଂ. ବିଣ—(ରୁଜ୍+କୃ ଧାତୁ+କର୍ତ୍ତୃ ଅ; ସ ଆଗମ)—
Rujaskara ପୀଡ଼ା ଦାୟକ—Causing or producing pain (M.W) or sickness.

ରୁଜା—ସଂ.ବି (ରୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍+ଆ)—୧ । ରୋଗ; ପୀଡ଼ା—
Rujā 1. Disease; illness. ୨ । ହାନି—2; Loss. ୩ । ଭଙ୍ଗ—3. Deterioration; breaking. ୪ । ମୁହଁରେ କଳା ଦାଗ ପଡ଼ିବା ରୋଗ—4. A sort of disease resulting in discolouration of the face. ୫ । କୁଷ୍ଠରୋଗ; ବଡ଼ରୋଗ—5, Leprosy. ୬ । ମେଣ୍ଢୀ [ହି. ଶ]—6. Ewe. ୭। କ୍ଳେଶ—7. Pain; anguish (Apte.) ୮। ଅସ୍ଥିଭଙ୍ଗ—8. Fracture (Apte.) ୯ । କ୍ଲାନ୍ତି—9. Fatigue; toil (Apte.) ୧୦। ଭାଙ୍ଗ [ହି. ଶ]—10. An intoxicating drink made from the leaves of Indian hemp. ୧୧ । କୁଡ଼—11. Costus Speciosus plant. (M. W.)

ରୁଜା(ଜେ)ଇବା—ଦେ. କ୍ରି (ଅ. ରୁଚ)—ମୁଆଜା କରାଇବା; ରୁଜି
Rujā(je)ibā କରାଇବା; ମୁକାବିଲା କରାଇବା—To cause to be confronted.
মোকাবিলা করান
मोकाबिला कराना; मुखोमुखकराना

ରୁଜାକର—ସଂ. ବିଣ (ରୁଜା+କୃ ଧାତୁ+କର୍ତ୍ତୃ. ଅ)—୧ । ପୀଡ଼ାକର;
Rujākara ପୀଡ଼ାଜନକ—1. Producing sickness; sickening. ୨ । କ୍ଳେଶଦାୟକ—2. Giving pain. ସଂ. ବି—୧ । କର୍ମରଙ୍ଗା ଫଳ; କରମଙ୍ଗା ଫଳ— 1. Averrorhea Carambola fruit. ୨ । ବ୍ୟାଧି; ପୀଡ଼ା—2. Disease.

ରୁଜା ପ୍ରତିକ୍ରିୟା—ସ. ବି. (୬ଷ୍ଠୀ ତତ୍)—ରୋଗର ଚିକିତ୍ସା—
Rujā pratikriyā Treatment of disease.
(ରୁଜା ପ୍ରତିକାର—ଅନ୍ୟରୂପ)

ରୁଜାଗ୍ରସ୍ତ—ସଂ. ବିଣ. ପୁଂ (ସଂ. ରୁଜା=ରୁଜ୍ ଶବ୍ଦର ପ୍ରଥମା ବିଭକ୍ତି ୧
Rujāgrasta ବଚନ; ତମ୍ପା ରୁଜା ଦ୍ୱାରା+ଗ୍ରସ୍ତ)--Attacked with disease; sick.
(ରୁଜାଗ୍ରସ୍ତା—ସ୍ତ୍ରୀ)

ରୁଜାପହ—ସଂ. ବିଣ. (ରୁଜା+ଅପ+ହା ଧାତୁ+କର୍ତ୍ତୃ. ଅ)—
Rujāpaha ୧ । ଦୁଃଖ ବା କ୍ଳେଶ ନିବାରକ—1. Keeping of pain (M. W) ୨। ରୋଗହର—2. Removing sickness (M. W).
(ରୁଜାପହା—ସ୍ତ୍ରୀ)

ରୁଜାବତ୍—ସଂ. ବିଣ—କ୍ଳେଶମୟ—
Rujābat Painful (M. W).
(ରୁଜାବାନ୍—ଅନ୍ୟରୂପ)

ରୁଜାଳୀ—ସଂ. ବି (୬ଷ୍ଠୀ ତତ୍; ରୁଜା+ଆଳୀ=ସମୂହ)—
Rujāli ରୋଗ ସମୂହ (ହି. ଶବ୍ଦସାଗର)—A number of diseases.

ରୁଜାସଦ୍ମ—ସଂ. ବି. (୬ଷ୍ଠୀ ତତ୍; ରୁଜା+ସଦ୍ମନ୍)—ବିଷ୍ଠା—
Rujāsadma Feces, excrement (Apte).

ରୁଜାସହ—ସଂ. ବି—ଧନ୍ୱନ ବୃକ୍ଷ; ଧାମଣ ଗଛ—A kind of
Rujāsaha timber tree; Cordia, Macleodii, Grewia Elasticia.

ରୁଜି—ବୈଦେ. ବି (ଫା. ରୁଜୀ)—୧ । ଦୁଇ ଜଣଙ୍କର ମୁକାବିଲା;
Ruji ମୁଆଜା—1. Confronting two persons about a particular matter in issue.
ରୁଜିକା }
ରୁଜିରୁଜି } ଅନ୍ୟରୂପ
রাজী, মোকাবিলা ୨। ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ପ୍ରମାଣ—2. Direct
मोकाबिला evidence. ୩ । ଦୁଇ ପକ୍ଷଙ୍କ ମଧ୍ୟରେ ରାଜି ହେବା—3. Agreement. ବିଣ—ଯାହା ସହିତ କୌଣସି ବିଷୟରେ ଅନ୍ୟର ମୁକାବିଲା କରାଯାଇ ଥାଏ—Confronted with another person regarding a matter.

ରୁଜି କରାଇବା—ଦେ କ୍ରି—ଦୁଇ ଜଣଙ୍କୁ ଏକତ୍ର କରାଇ କୌଣସି
Ruji karāibā ବିଷୟର ମୁକାବିଲା ବା ମୁଆଜା କରାଇବା—
মুকাবিলা করা To confront two persons about
मुकाबिला करना a certain point in dispute.
(ରୁଜି କରିବା—ଅନ୍ୟରୂପ)

ରୁଜି ଦେବା—ଦେ. କ୍ରି—ଦେ. କ୍ରି—କୌଣସି ବିଷୟର ସାକ୍ଷ୍ୟ ଲକ୍ଷ୍ୟ
Ruji debā ପ୍ରତ୍ୟକ୍ଷ ପ୍ରମାଣ ଉପସ୍ଥିତ କରିବା—To give
মুকাবিলা করান direct or visual proof of a matter.
मुकाबिला देना

ରୁଜି ନେବା—ଦେ. କ୍ରି—କୌଣସି ବିଷୟର ମୁକାବିଲା ବା ପ୍ରମାଣ
Ruji nebā ଗ୍ରହଣ କରିବା—To take direct evidence of a matter.
প্রমাণ লওয়া
मुकाबिला लेना

ରୁଜି ମୁଆଜା—ଦେ. ବି (ଏକାର୍ଥକ ସହଚର)—ମୁଆଜା—
Ruji muājā Confronting.
(ରୁଜି ମୁକାବିଲା—ଅନ୍ୟରୂପ) মোআজা মোকাবিলা
मोआजा मुकाबिला

ରୁଜ ହେବା—ଦେ. କ୍ରି—ନଜେ ଅନ୍ୟ ବ୍ୟକ୍ତି ନକଟରେ ମୁକାବିଲା
Ruji hebā କରି ନଜ ଉପରୁ କୌଣସି ବିଷୟ ପ୍ରମାଣ ଭାରର
ମୋକାବିଲା କରା ମୋଚନ କରିବା—To discharge the
मुकाबिला होना onus of proof which lies on a person by going to another person who is to be confronted.

ରୁଜୁ—ବୈଦେ. ବି. (ଅ. ରୁଜୁ; ର୍ ଜୁଅ=ପ୍ରବୃତ୍ତ) (ଚଳିତ ଭାଷା)—
Ruju ୧ । ସୂତ୍ରପାତ; ଆରମ୍ଭ କରିବା—1. Commencing;
रूजु commencement. ୨ । ଉପସ୍ଥିତି; ହାଜର
सुरु, रुजु ହେବା—2. Attendance; presence. ବିଣ—
୧ । ଆରବ୍ଧ—1. Commenced. ୨ । ସୂତ୍ରପାତ କରି ଯାଇଥିବା—2. Initiated. ୩ । ଉପସ୍ଥାପିତ—3. Presented; introduced. ୪ । ଦଣ୍ଡାୟମାନ—4. Standing. ୫ । ଉପସ୍ଥିତ—5. Present. ୬ । କୌଣସି ବସ୍ତୁ ସହିତ ଏକ ରେଖାରେ ଥିବା—6. In a line with.

ରୁଜୁ କରିବା—ଦେ. କ୍ରି (ଚଳିତ)—୧ । ସୂତ୍ରପାତ କରିବା—
Ruju karibā 1. To initiate. (ଯଥା—ମକଦ୍ଦମା
रूजुकरा ରୁଜୁ କରିବା ।) ୨ । ଉପସ୍ଥାପିତ କରିବା—2. To
सुरु करना present; to place. (ଯଥା—ଆସାମୀଙ୍କୁ ଆଣି ହାକମଙ୍କ ନିକଟରେ ରୁଜୁ କରିବା ।) ୩ । ମିଳାଇବା; ସାମଞ୍ଜସ୍ୟ କରାଇବା—3. To square up; to clear up. (ଯଥା—ହିସାବ ରୁଜୁ କରିବା ।) ୪ । ମୁକାବିଲା କରିବା—4. To cause to be confronted.

ରୁଜୁ ଦେବା—ପ୍ରାଦେ. (ଗଞ୍ଜାମ) କ୍ରି—୧ । ମୁକାବିଲା କରିବା—
Ruju debā 1. To verify. ୨ । ପ୍ରମାଣିତ କରିବା—
मुकाबिला करा 2. To prove; to adduce proof.
मुकाबिला देना (ଯଥା—ମୁଁ ସେହି କଥା କହିଥିଲି ବୋଲି ତୁମ୍ଭେ ରୁଜୁ ଦେବ କି ?)

ରୁଜୁ ମୁଆଜା—ବୈଦେ. ବି (ଚଳିତ)—୧ । କୌଣସି ବ୍ୟକ୍ତି
Ruju muājā ନିକଟରେ ଉପସ୍ଥିତ ହୋଇ ପ୍ରମାଣ କରାଇବା—
(ରୁଜୁ ମୁକାବିଲା—ଅନ୍ୟରୂପ) 1. Proving a matter
ମୋଆଜା ମୋକାବିଲା by confronting. ୨ । ସାମନା ସାମନି
मुआजा मुकाबिला ପ୍ରମାଣ; ଚିହ୍ନଟ ଦ୍ୱାରା ପ୍ରମାଣ—2. Direct evidence; evience by identification.

ରୁଜୁ ହାଜି(ଜ)ର୍—ସଂ ବିଣ. (ସହଚର; ଚଳିତ ଭାଷା)—୧ । ନଜେ
Ruju hāja(ji)r ଯାଇ ସାମନାରେ ଉପସ୍ଥିତ—1. Present
रूजु हाजिर in person. ୨ । ବିପକ୍ଷ ନିକଟରେ ଉପସ୍ଥିତ
हाजिर, मुकाबिल ହୋଇ ମିଳିମିଶିଯିବା ବା ରଫା କରିବା—2. Compromising a dispute by going to the opponent. (ଯଥା—ମୁଁ କୃଷ୍ଣଚନ୍ଦ୍ର ସାହୁ ମହାଜନଙ୍କ ନିକଟରେ ରୁଜୁ ହାଜର ହୋଇ ମୋର ଖୁରଶହ ଟଙ୍କା ଦେବଣାକୁ ତିନିଶହ ଟଙ୍କାରେ ରଫା କଲି ।)

ରୁଝାଲ—ଦେ. ବି—ଦୁଇ ପର୍ବତ ମଧ୍ୟସ୍ଥ ଗଭୀର ନିମ୍ନ ସ୍ଥାନ—
Rujhāla A deep low place or chasm between
ଗିରିବର୍ତ୍ମ, ସୁଁଡ଼ୀପଥ **दरार, गड्ढा** two hills;
ସୁଁଡ଼ୀ **गड्ढा** ravine. ବିଣ.—ଅତି ଗଭୀର—
Very deep; abysmal.

ରୁଝାଲିବା—ଦେ. କ୍ରି—୧ । ଗଭୀର କରି ଖୋଳିବା—1. To dig
Rujhālibā deep. ୨ । ରୁଝାଲିବା, କୂପ ଓ ପୁଷ୍କରିଣୀ ଆଦିର
ଖୋଁଡ଼ା ତଳରୁ ପଙ୍କ ଆଦି ଖୋଳି ଗଭୀର କରିବା—2. To
गहराखोदना, उडाहना deepen a well or tank by digging out the mud or earth from the bottom.

ରୁଞ୍ଜା—ଦେ ବିଣ (ସଂ. ରୁଚ୍ୟ)—ମନୋହର; ସୁନ୍ଦର—Graceful.
Runja ପ୍ରାଦେ (ବାଲେଶ୍ୱର) ବି—୧ । ତୁଳସୀ ଗଛର ଚଉପଟେ
କାର୍ତ୍ତିକମାସରେ ଦିଆଯିବା ମୁରୁଜ—1. Coloured powder sprinkled by way of decoration around the Basil plant in the month of Kārttika. ୨ । [ମେଦିନୀପୁର, ବାଲେଶ୍ୱର)—[ସଂ. ଗୁଞ୍ଜା] କାଇଞ୍ଚ (ଦେଖ)—2. Kāincha. (See)

ରୁଞ୍ଜ ଗୁଞ୍ଜାମାଳ—ଦେ. ବି (ସଂ. ରୁଚ୍ୟ ଗୁଞ୍ଜମାଳା)—ସୁନ୍ଦର କାଇଞ୍ଚ
Run gunjamāla ମାଳା—A beautiful garland of
ବରଗୁଞ୍ଜମାଳା **करजनीकीमाला** Kāincha seeds.

ରୁଟ୍(ଠ୍) (ଧାତୁ)—ସ—୧ । ଆଘାତ କରିବା; ମାରିବା—1. To
Rut(th) (root) strike against (Apte). ୨ । ଦୀପ୍ତି ପାଇବା—2. To shine (Apte). ୩ । ଦୁଃଖ ବା କ୍ଳେଶ ପାଇବା—3 To suffer pain (Apte). ୪ । ବାଧା ଦେବା—4. To obstruct; to resist (Apte). ୫ । କହିବା—5. To speak (Apte).

ରୁଟ୍—ପ୍ରାଦେ (ଗଡ଼ଜାତ; ସମ୍ବଲପୁର) ବି—ଘୋଡ଼ାମୁହଁ ଓ ଖୁରବିଶିଷ୍ଟ ମୃଗ
Rut ବିଶେଷ; ଘୋଡ଼ମୃଗ—A deer having the face
[ରୁଟ୍‌ଲା—ଅନ୍ୟରୂପ] and hoofs like those of a horse.

ରୁଟ୍[ଟୁ] କନା[ନି,ରି]—ଦେ କ୍ରି. ବିଣ—ଜିଆ ଆଦି ଦଂଶନ ଶବ୍ଦ
Rut[tu] kinā[ni,ri] ଦାନ୍ତଦ୍ୱାରା କାମୁଡ଼ିବା ପ୍ରକାରେ—
ରୁଟ୍(ଟୁ)କରି } ଅନ୍ୟରୂପ Like the biting of an
ରୁଟ୍(ଟ୍) ଦ(ଧି)ସ୍ } ant. [ଯଥା—ମୁଁ ଚୁଇଁଲେ
कुट करे ଜଳେ ଥାଏ; କଥ୍ଁଲ ମାଉଁସ ଝବଳ ପାଇଲେ ରୁଟ୍‌କନ
चुट से ଖାଏ । କାହାଣୀର ଭଣିତା ଗୀତ ।]

ରୁଟ୍(ଟୁ)ମୁଟ୍(ଟୁ)—ଦେ. ଅ (ଧ୍ୱନ୍ୟନୁକରଣ]—ମୁଗ ବିରି ଆଦି ଛୋଟ
Rut(tu)mut(tu) ଟାଣୁଆ ଦ୍ରବ୍ୟକୁ ଚୋବାଇବାର ହୃଦ୍ ଶବ୍ଦ—
कटमट The sound of chewing hard small
कुटरकुटर grains.

ରୁଟ୍[ଟୁ] ର[ରୁ]ଟ୍[ଟୁ]—ଦେ. ଅ [ବହୁ କ୍ରିୟାସୂଚକ]—୧ । ଟୁଳିଆ
Rut(tu)rā(ru)t(tu) ଜିଆ ଓ ପିମ୍ପୁଡ଼ି ଟାଣ କରି ଏକାଧିକ ଥର
कुटकुट କାମୁଡ଼ିବା ପ୍ରକାରେ—1. Repeated biting of
चुट चाट् ants. ୨ । ଘୋଡ଼ାଙ୍କ ଉପର୍ଯ୍ୟୁପରି ଚାବୁଣୀ ମାରିବା

ପ୍ରକାରେ—2. Dealing small blows repeatedly with the elbow. [ଯଥା—ମୋ ପିଲାଙ୍କ ବଡ଼ ଦୁଷ୍ଟୁ, କହୁଣୀ ମାରିବ ରୁଟୁରୁଟୁ, ଦୁର୍ ପଲା, ଦୁର୍ ପଲା । କାହାଣୀ ଗୀତ ।] ୩ । ଛୋଟ ମୂଷା ଦାନ୍ତଦ୍ୱାରା କାଟିବା ପ୍ରକାରେ—3. Nibbling by small rats. [ଉ—ଦୁଷ୍ଟ ମୂଷା ! ରୁଟୁରୁଟୁ କରି କାଟଇ ଖୋସା । ଭଗ] [ଦ୍ର—ରଠ୍‌ରଠ୍‌ଠାରୁ ରୁଟ୍‌ରୁଟ୍ ଅଳ୍ପତା ବ୍ୟଞ୍ଜକ ।]

ରୁଟ—ଦେ· ବି [ସଂ. ରୁଟ୍. ଧାତୁ]—କ୍ରୋଧ; ରାଗ—Anger; displeasure. [ଉ—ଏ ରାଗରୁ କେ ନ ବହୁବ ରୁଟ । ଚନ୍ଦ୍ରସୁନ୍ଦର କବିତା]
Ruṭa
ରାଗ रुट

ରୁଟି—ଦେ. ବି [ସଂ. ରୋଟୀ, ରୋଟିକା; ଫା. ରୋଟ୍‌. ହି. ରୋଟୀ]—ଗହମ ଅଟାକୁ ବା ମଇଦାକୁ ଚକଟି ବେଲଣାରେ ବେଲି ନିଆଁରେ ସେକି ତିଆରି କରିବା ପିଠା; ରୋଟି—Bread; wheaten bread. [ଉ—ଗହମ ଗୋଟି ଗଣିତା, ରୁଟି ଖାଇବୁ କିବା ? ଭଗ ।] [ଦ୍ର—ସାଧାରଣତଃ ରୁଟି ତିଆରି କରିବାକୁ ହେଲେ ଅଟାକୁ ପ୍ରଥମେ ପାଣିରେ ଚକଟି ତାକୁ ଛୋଟ ଛୋଟ ପିଣ୍ଡୁଳା କରି କାଠର ପଟା [ବେଲଣାପେଡ଼ି] ଉପରେ ଗୋଟିଏ କାଠର ଶିଳୁପା (ବେଲଣାକାଠି) ଦ୍ୱାରା ବେଲି ତାକୁ ପତଳା ପତଳା କରି ନିଆଁ ଉପରେ ତାଉଆ ରଖି ସେ ତାଉଆ ଉପରେ ସେକିବାକୁ ହୁଏ । ଏ ପ୍ରକ୍ରିୟାମାନଙ୍କୁ ଯଥାକ୍ରମେ ରୁଟି (ଅଟା) ଦଳିବା, ରୁଟି ବେଲିବା ଓ ରୁଟି ସେକିବା ବୋଲାଯାଏ । ମାରବାଡ଼ିମାନେ ଉକ୍ତ ପିଣ୍ଡୁଳାମାନଙ୍କୁ ନ ବେଲି ସେହି ପିଣ୍ଡମାନଙ୍କୁ ଦହକ ପାଉଁଶରେ ପୋଡି ଦିଅନ୍ତି ଓ ପରେ ପାଉଁଶରୁ କାଢ଼ି ଘିଅରେ ବୁଡ଼ାଇ ଆଣି ଖାଆନ୍ତି । ଏହାକୁ 'ବାଟି' ବୋଲାଯାଏ । ରୁଟି ପ୍ରଧାନତଃ ଦୁଇପ୍ରକାରରେ ତିଆରି ହୁଏ, ଏକପ୍ରକାର, ଅଟାରେ ପାଣି ମିଶାଇ ଚକଟି ହାତରେ ଦଳି ବେଲଣାରେ ବେଲାଯିବା ପତଳା ରୁଟି ବା Bread roll; ଅନ୍ୟ ପ୍ରକାର—ମଇଦାକୁ ଚକଟି ତା ମଧ୍ୟରେ ଫେଣ ଉଠିବା ଅମ୍ଳିଲା ଜିନିଷ ଦେଇ ତାକୁ ଚୁଲି ମଧ୍ୟରେ ରଖି ତିଆରି କରିବା ଫୁଲ୍‌କା ରୁଟି ବା ପାଉଁରୁଟି Loaf.]
Ruṭi
रुटि
रोटी

ରୁଟି ଡାଲି—ଦେ. ବି (ସଂ. ରୋଟୀ + ଦାଲ)—ଖାଦ୍ୟାର୍ଥ ବ୍ୟବହୃତ ଡାଲି ଓ ରୁଟି; ଡାଲି ସାହାଯ୍ୟରେ ଖିଆଯିବା ରୁଟି—Bread eaten with Dāl.
Ruṭi ḍāli
ডালরুটী रोटीदाल

ରୁଟି ତରକାରି—ଦେ. ବି (ସଂ. ରୋଟୀ + ଫା. ତର୍‌କାରୀ)—ଏକତ୍ର ଖାଦ୍ୟରୂପେ ବ୍ୟବହୃତ ରୁଟି ଓ ବ୍ୟଞ୍ଜନ; ତରକାରୀ ସାହାଯ୍ୟରେ ଖିଆଯିବା ରୁଟି—Bread eaten with curry.
Ruṭi tarakāri
রুটি তর্কারি
रोटि तरकारी, शाग रोटी

ରୁଟିନ୍(ନ)—ବୈଦେ (ଇଂ. ରୁଟୀନ୍) ବି—୧ । ସମୟ ବିଭାଗସୂଚକ କାର୍ଯ୍ୟର ତାଲିକା; ସମୟ ବିଭାଗ ଅନୁସାରେ କର୍ତ୍ତବ୍ୟ କାର୍ଯ୍ୟକ୍ରମ—1. Routine. ୨ । ସ୍କୁଲ୍ ଆଦିରେ ସମୟକ୍ରମେ କରାଯିବା ଦୈନିକ କାର୍ଯ୍ୟକ୍ରମର ତାଲିକା—2. Daily routine of work in a school.
Rutin(ni)
রুটীন
रूटीन

ରୁଟି ବାଟି—ଦେ. ବି—ପତଳା ପିଷ୍ଟକାକାରରେ ତିଆରି ଓ ନିଆଁରେ ସେକା ରୁଟି ଓ ଗୋଲକାକାରରେ ଉସୁନା ବାଟି—Rolls and balls of bread. [ଦ୍ର—ମାରବାଡ଼ିମାନେ 'ପତଳା ପତଳା ରୁଟି' ନ କରି ପିଣ୍ଡାକାର 'ବାଟି' ତିଆରି କରି ଘିଅରେ ବୁଡ଼ାଇ ଖାଆନ୍ତି ।]
Ruṭi bāṭi
রুটী সেঁকা
रोटीबाटी

ରୁଟିବାଲା—ଦେ. ବି—ରୁଟିବ୍ୟବସାୟୀ; ଯେ ରୁଟି ବିକି କରେ—A person who deals in bread; bread-seller; a professional baker.
Ruṭibālā
রুটিওয়ালা
रोटिवाला

ରୁଟି ବିସ୍କୁ(ସ୍କୋ)ଟ୍—ବୈଦେ. ବି (ଫା. ରୋଟୀ ଓ ଇଂ. ବିସ୍କିଟ୍)—ରୁଟି ଓ ବିସ୍କୁଟ୍—Bread or loaf and biscuit.
Ruṭi bisku(sko)ṭ
রুটি বিস্কুট रोटि बिस्कूट

ରୁଟି ବେଲା—ଦେ. ବି—ଅଟାର ପିଣ୍ଡମାନଙ୍କୁ ବେଲଣାରେ ବେଲି ପତଳା ପିଠା ଆକାରରେ ପରିଣତ କରିବା କ୍ରିୟା—The process of rolling starch-balls into bread. (ରୁଟି ବେଲିବା—କ୍ରିୟାରୂପ)
Ruṭi belā
রুটিবেলা
रोटी बेलना

ରୁଟି ବେଲିବା—ଦେ. କ୍ରି—ଗହମ ଚୂନାରେ ପାଣି ମିଶାଇ ତାକୁ ଚକଟି ଓ ଦଳି ଗୋଟିଏ ଲେଖାଏଁ ଗୋଲକ କରି ସେ ଗୋଲକମାନଙ୍କୁ ପଟା ଉପରେ ପକାଇ ପତଳା ପତଳା ପିଠାମାନ ତିଆରି କରିବା—To roll strach into bread. [ଦ୍ର—ଯେଉଁ ପଟା ଉପରେ ଗୋଲକମାନଙ୍କୁ ରଖାଯାଇ ବେଲିବାକୁ ହୁଏ, ତାକୁ 'ବେଲଣାପେଡ଼ି' ଓ ଯେଉଁ କାଠର ସିଲୁପୁଆକୁ ସେହି ଗୋଲକମାନଙ୍କ ଉପରେ ଗଡ଼ାଇ କରି ଉକ୍ତ ପିଣ୍ଡମାନଙ୍କୁ ପତଳା ପିଠା ଆକାରରେ ପରିଣତ କରାଯାଏ, ତାକୁ ବେଲଣା କାଠି କହନ୍ତି ।]
Ruṭi belibā
রুটি বেলা
रोटी बेलना

ରୁଟିରାଟି—ଦେ. କ୍ରି. ବିଣ—ହାଡ଼ ଆଦି କଠିନ ଦ୍ରବ୍ୟରୁ ଉତ୍ତମରୂପେ ଚେକଟି କରି (ଖାଇବା)—To eat up a hard thing by nibbling every eatable part (e. g. a piece of bone); to eat up every eatable portion of a hard thing by nibbling every soft bit out of it. (ପ୍ରୟୋଗ—ରୁଟିରାଟି ଖାଇବା, ରୁଟିରାଟି କରି ଖାଇବା ।)
Ruṭi rāṭi
চেঁছে পুছে
तोडताड कर

ରୁଟୁ ମୁ(ରୁ)ଟ୍(ଟୁ)—ଦେ. ଅ—ରୁଟ୍ ମୁଟ୍ (ଦେଖ)
Ruṭu mu(ru)ṭ(ṭu)   Ruṭ muṭ (See)

ରୁଟୁରାଟ୍—ଦେ. ଅ—ରୁଟ୍ ରାଟ୍ (ଦେଖ)
Ruṭu rāṭ   Ruṭ rāṭ (See)

ରୁଠ୍ (ଧାତୁ)—ସ—୧ । ଅଘାତ କରିବା—1. To strike (Apte.) ୨ । କ୍ଳେଶ ଭୋଗ କରିବା ବା ସହିବା—2. To suffer pain (Apte). ୩ । ବାଧାଦେବା—3. To resist; to oppose (Apte). ୪ । ପୀଡ଼ା
Ruṭh (root)

ଦେବା; କ୍ଳେଶ ଦେବା—4. To torment; to pain (Apte).

ରୁଠା—ଦେ. ବଣ—(ସଂ. ରୁଷ୍ଟ)—୧ । ନୀରସ; ରସହୀନ—
Ruṭhā ৰুঠা रूठा 1. Sapless.
୨ । ନିର୍ଜଳ; ଶୁଷ୍କ—2. Dry; waterless. ୩ । ଅନୁର୍ବର—3. Barren.

ରୁଡ୍—ବୈଦେ. ବ.—(ଇଂ)—ଇଂରାଜ ଭୂମି ପରିମାଣ ବିଶେଷ; ଏକ
Ruḍ ଏକରର ଏକ ଚତୁର୍ଥାଂଶ; ଚାରି ବିଷ୍ଟି ଅ ମାଣ—An
রুড় रूड English land measure equal to ¼ of an acre. [ଦ୍ର—୧ ଏକର=୪ ରୁଡ୍, ୧ ରୁଡ୍= ୧୦ ପୋଲ୍, ୧ ପୋଲ୍=୫୨ ବର୍ଗ ଗଜ ।]

ରୁଡ୍କୀ—ବୈଦେ. ବ.—[ଇଂ]—ପଞ୍ଜାବ ପ୍ରଦେଶସ୍ଥ ନଗରବିଶେଷ,
Ruḍ-ki [ଏଠାରେ ଇଂରେଜୀ ଗଭର୍ଣ୍ଣମେଣ୍ଟଙ୍କ ସ୍ଥାପିତ ଉଚ୍ଚ
রুড়কী रूडकी ଇଞ୍ଜିନିୟରିଙ୍ଗ୍ କଲେଜ ଅଛି]—Roorkee (where there is an Engineering College).

ରୁଡ୍(ଡୁ) ମୁଡ୍(ଡୁ)—ଦେ.ଅ.—[ଧ୍ୱନ୍ୟନୁକରଣ]—ବିସ୍କୁଟ,ମୁଢ଼ି,ବୁଡ଼ୁମ୍ବ
Rurḍ(rḍu) murḍ (rḍu) ଓ ଛୋଟ ଛୋଟ ମସୃଣ ବସ୍ତୁ ଚୋବା-
কুড়মুড় मुडमुड ଇବା ଶବ୍ଦ—The sound of chewing fragile biscuits or other small things.
[ଦ୍ର—ଯେଉଁ ବସ୍ତୁମାନ ଚୋବାଇଲେ ରୁଡ୍ରୁ ମୁଡ୍ରୁ ଶବ୍ଦ ହୁଏ, ସେ ବସ୍ତୁମାନଙ୍କ ଅପେକ୍ଷା 'ରୁଟୁ ମୁଟୁ' ଶବ୍ଦ ହେବା ବସ୍ତୁମାନ ଟାଣୁଆ ।]

ରୁଡ୍ ରାଡ୍—ଦେ.ଅ.—[ଧ୍ୱନ୍ୟନୁକରଣ]—ରୁଡ୍ ମୁଡ୍ ଠାରୁ ଉଚ୍ଚତର
Rurḍ rārḍ ଚର୍ବଣ ଶବ୍ଦ—Higher sound than Rurḍ-
কড়মড় मुड माड murḍ.
(ରୁଡ୍ ରୁଡ୍, ଛଡ୍ ଛଡ୍, ରୁଡ୍ରୁ ରୁଡ୍ରୁ—ଅନ୍ୟରୂପ)

ରୁଢ଼ିଆ—ଦେ. ବଣ.- (ସଂ. ଲେଷ୍ଟୁ, ପ୍ରା. ଲେଟ୍ଠୁ)—୧ । ଖର୍ବକାୟ—
Rurḍiā বেঁটে रोडिया 1. Dwarfish; stunted.
(ଯଥା—ଗୋଡ଼ିଆ ମାଟିରେ ଗଛଗୁଡ଼ିକ ରୁଢ଼ିଆ ହୋଇଛନ୍ତି) ।
୨ । କଙ୍କରମୟ—2. Gravelly. ୩ । କ୍ଷୌର ନ ହେବାରୁ ଯାହା ମୁଣ୍ଡରେ ରୁଢ଼ ବଢ଼ିଥାଏ—3. Unshaven; growing long stumps of hair on the head for want of shaving. ଦେ. ବି.- (ଭୁବ. ଇ°. ଓର୍)—ଖଣିରୁ ବାହାରିବା ଅପରିଷ୍କୃତ ମିଶ୍ର ଧାତୁ—Ore.

ରୁଢ଼—ଦେ. ବି.—(ସଂ. ରୁହ୍ ଧାତୁ = ଉତ୍ପନ୍ନ ହେବା)—କ୍ଷୌର ହେବା
Rurḍha ପରେ ମୁଣ୍ଡରେ ବଢ଼ିଥିବା କେଶ ମୂଳ—Stump of
চুল बाल hair growing on the head some days after shaving, (ଉ—×× ଅଜ୍ଞଯାଏ ରୁଢ଼ ବଢ଼ି ରହିଥାନ୍ତି ×× ଫକୀରମୋହନ. ଛମାଣ ଆଠଗୁଣ୍ଠ ।) [ଦ୍ର—ଯେଉଁମାନେ ମୁଣ୍ଡର କୌଣସି ଅଂଶ କ୍ଷୌର କରୁଅନ୍ତି କେତେଦିନ ପରେ ସେମାନଙ୍କର କେଶମୂଳଗୁଡ଼ିକ ପୁଣି ବଢ଼ିଲେ । ସେହି ବଢ଼ିଲା କେଶମୂଳକୁ ରୁଢ଼ ବୋଲାଯାଏ ।]

ରୁଢ଼ ଛାଡ଼ିବା—ଦେ. କି.—କ୍ଷୌର ନ ହୋଇ ରୁଢ଼ ବଢ଼ାଇବା—
Rurḍha chhārḍibā To let the stumps of hair
চুল বাড়ান बाल छोडना grow long for want of a
[ରୁଢ଼ ବଢ଼ା(ଢ଼େ)ଇବା—ଅନ୍ୟରୂପ] shave. (ଦ୍ର—ଯେଉଁମାନେ କ୍ଷୌର ହୁଅନ୍ତି, ସେମାନେ କେତେଦିନ କ୍ଷୌର ନ ହେଲେ କେଶମୂଳଗୁଡ଼ିକ ବଢ଼ିଲେ ମୁଣ୍ଡ ଉପରେ କଦମ୍ବ କେଶର ପରି ଠିଆ ହୋଇଥାଏ । କ୍ଷୌର ହେଉଥିବା ଲୋକମାନଙ୍କର ମୃତକାଶୌଚ ଘଟିଲେ ସେମାନେ ଅଶୌଚକାଳର ଶେଷ ପର୍ଯ୍ୟନ୍ତ କ୍ଷୌର ହୁଅନ୍ତି ନାହିଁ, ଅର୍ଥାତ୍ ରୁଢ଼ ଛାଡ଼ନ୍ତି । କେହି କେହି ମଧ୍ୟ ଦେବତା ଆଦିଙ୍କ ଉଦ୍ଦେଶ୍ୟରେ ମାନସିକ କରି ରୁଢ଼ ବଢ଼ାନ୍ତି ଓ ମାନସିକ କାଳ ଶେଷରେ ରୁଢ଼ ପକାନ୍ତି । ମୃତକାଶୌଚରେ ମୃତ୍ୟୁଠାରୁ ୧୦ମ ଦିନ ମୃତ ବ୍ୟକ୍ତିର କୁଟୁମ୍ବ ଓ ବନ୍ଧୁମାନେ ଦଶଘାଟରେ କ୍ଷୌର ହୁଅନ୍ତି, ଅର୍ଥାତ୍ ରୁଢ଼ ପକାନ୍ତି ।)

ରୁଢ଼ ପକା(କେ)ଇବା—ଦେ. କି—କ୍ଷୌର ହେବା ଦ୍ୱାରା ବଢ଼ିଥିବା
Rurḍha pakā(ke)ibā ରୁଢ଼କୁ ବିସର୍ଜନ କରିବା—
চুলফেলা बाल बनवाना (कटाना) To have the growing stumps of hair on the head shaven.

ରୁଢ଼ ପଡ଼ିବା—ଦେ· ବି—ବଢ଼ିଥିବା ରୁଢ଼ମାନ କ୍ଷୌର ହେବା—
Rurḍha parḍibā The shaving of the grow-
চুলদেওয়া बालछुटना ing stumps of hair.

ରୁଢ଼ ବଢ଼ିବା—ଦେ. ବି—କ୍ଷୌର ନ ହେବାଦ୍ୱାରା କେଶମୂଳଯାକ
Rurḍha barḍhibā ବଢ଼ି କି ବୃଦ୍ଧିପାଇବା—Growth of
চুলবাড়া बालबढना the stumps of hair on the head due to want of shaving.

ରୁଢ଼ିଆ(ୟା)—ଦେ· ବଣ ଓ ବ—ରୁଢ଼ିଆ (ଦେଖ)
Rurḍhia(yā) Rurḍiā (See)
ঝাঁকড়াচুল বেড়েছে बालवाला

ରୁଣ୍ଝୁଣ—ଦେ. ଅ (ଧ୍ୱନ୍ୟନୁକରଣ)—ରୁଣୁଝୁଣୁ, (ଦେଖ)
Ruṇ-jhuṇ Ruṇujhuṇ (See)
রুনুঝুনু रुनझुन

ରୁଣ (ଇତ୍ୟାଦି)—ଗ୍ରା. ବ—ଋଣ ଇତ୍ୟାଦି (ଦେଖ)
Ruṇa (etc) Ṛuṇa etc(See)

ରୁଣଝୁଣ—ଦେ. ଅ—ରୁଣୁଝୁଣୁ (ଦେଖ)—Ruṇujhuṇ (See]
রুনঝুন रुनझुन [ଉ—ମେଖଳା ଘଣ୍ଟି ରୁଣଝୁଣ ଯେଉଁ ନୀରଦ ଗରଜନ—ପ୍ରାଚୀ. ଦୁର୍ଗ୍ଗତିମଣଯୋଦୟ ।]

ରୁଣଝୁଣିତ—ଦେ (ପଦ୍ୟ) ବଣ—ଝଙ୍କାରଶବ୍ଦ ଯୁକ୍ତ—Jingling.
Ruṇajhuṇita [ଉ—ସକଳ ନୂପୁରନାଦ କଙ୍କଣ, ମୃଦଙ୍ଗ,
রুনুঝুনু रुनझुनित ବାଦ୍ୟ, ରୁଣଝୁଣିତ ଶବଦ ଘୋର ଚହଳ—ପ୍ରାଚୀ. ରହସ୍ୟମଞ୍ଜରୀ ।]

ରୁଣସ୍କରା—ସଂ. ବ. ସ୍ତ୍ରୀ—ସହଜରେ ଦୁହିଂହେବା ଗାଈ; ସୁଧାର ଗାଈ—
Ruṇaskarā A cow easily milked [M.W.]

ରୁଣୁଝୁ(ରୁଣ୍)ଣ(ଣୁ)—ଦେ.ଅ (ଧ୍ୱନ୍ୟନୁକରଣ; ସ.ରଣ ଓ ଧ୍ୱନ୍ ଧାତୁ=ଶବ୍ଦ
Runujhu(ru)n(nu) କରିବାରୁ)—୧ । ଝଣି ଝଣ ଶବ୍ଦ;
ঝুমুঝুন रुन(नुरुन)नु(रुनुकरुनुक ଘଣ୍ଟିଯୁକ୍ତ ଅଳଙ୍କାରର ମଧୁର କ୍ୱଣନ—1. Sweet tingling of small bells in ornaments.
[ଉ—ଯଥା—ହାତର ମୁଦ୍ଧ ଗୋଡ଼ର ପାହୁଡ଼ ଶୁଭିଲେ ରୁଣୁଝୁଣୁ, ଭାରିଜା ପରଶା ସୁଖଦ ଲାଗେ, ଭାରିଯା ତ ଅବଗୁଣା—ଢଗ । ଗୁଞ୍ଜିଲେ ରୁଣୁଝୁଣୁ ବାଜେ, କୁସୁମ ମାଳା ଗଳେ ସାଜେ—ଭାଗବତ ।] ୨ । ବୀଣାଦିର ମଧୁର ଝଙ୍କାର ଶବ୍ଦ—2. The sweet sound of the harp. [ଉ—ରୁଣୁଝୁଣୁଠାରୁ ରଣଝଣ ଶବ୍ଦ ଉଚ୍ଚତର ।]

ରୁଣ୍ଟ୍ (ଧାତୁ)—ସ—୧ । ଗମନକରିବା; ଯିବା—1. To go (Apte.)
Runt (root) ୨ । ଚୋରିକରିବା—2.To steal (Apte.)
୩ । ଛୋଟା ହେବା—3.To be lame (Apte.) ୪ । ବାଧା ଦେବା—4.To oppose (Apte.) ୫ । କାମ ନ କରିବା—5.To be idle (M.W.)

ରୁଣ୍ଠ(ଧାତୁ)—ସ.—ଲୁଣ୍ଠନ କରିବା; ବଳପୂର୍ବକ ଧନାଦି ଅପହରଣ କରିବା
Runth (root) —To loot; to plunder

ରୁଣ୍ଠା—ଦେ. ବିଣ. ପୁଂ. ସ୍ତ୍ରୀ—(ସ. ରୁଣ୍ଠ ଧାତୁ)—୧ । ଅତି କୃପଣ—
Runtha କଂଜୁସ कंजुस 1. Very miserly.
[ରୁଣ୍ଠିଆ—ଅନ୍ୟରୂପ] [ରୁଣ୍ଠୀ, ରୁଣ୍ଠେଇ—ସ୍ତ୍ରୀ] ୨ । ରସଶୂନ୍ୟ;ନୀରସ;
রুঠা रुठा ଶୁଖିଲା—2. Dry; sapless; withered. ୩ । ରୋଗା পটকা दुबला କ୍ଷୀଣ—3. Feeble; emaciated.
বেঁটে नन्हा, नाटा ୪ । ଖର୍ବକାୟ—4. Dwarfish. ପ୍ରାଦେ. (ଚଡ଼ଜାତ) ବିଣ.—ଶାନ୍ତି; ଶାନ୍ତ; ନ୍ୟାୟପରାୟଣ—
Pure, upright. [ଉ—ଗାନ୍ଧି ଜଣେ ରୁଣ୍ଠା ଲୋକ—ରାଧାନାଥ ରଥ. ଗାନ୍ଧିଙ୍କ ଆତ୍ମକଥା ।]

ରୁଣ୍ଠାରୁଣ୍ଠି କରିବା—ଦେ. କି.—(ସ. ରୁଣ୍ଠ ଧାତୁ)—୧ । ନାନା ସ୍ଥାନରେ
Runtha runthi kariba ସଞ୍ଚିତ ଧନକୁ ଖୋଜିଖୋଜି ନିଃଶେଷ (ରୁଣ୍ଠିବା—ଅନ୍ୟରୂପ) କରି ବା ଲୁଣ୍ଠେଇ ପୁଣ୍ଠେଇ କରି ନେବା—
1 To take away all cash or riches stored
চেঁছে পুঁছে লওয়া ढुंढ़ढाँढ करना at any place.
(ଯଥା—ମହାଜନ ଶୁଣିବା ପାଇଁ ଘରେ ସିନ୍ଦୁକ ବାକ୍ସ ପେଡ଼ି ପେଟରା, ଯେଉଁଠାରେ ଯାହା ଥିଲା, ସବୁ ରୁଣ୍ଠାରୁଣ୍ଠି କରି ଅଣିଲା; ତେବେ ସୁଦ୍ଧା ମହାଜନଙ୍କ ଦେଣା ମୂଳପୋଛ ନ ହେଲା ।) ୨ । ଧନାଦି ନିଃଶେଷରୂପ ଲୁଣ୍ଠନ କରିବା—2.To loot away; to ransack.
୩ । ଚେଳେଇବା (ଯଥା ହାଡ଼ରୁ ମାଂସ ରୁଣ୍ଠିବା)—
3. To nibble the soft parts adhering to a hard thing.

ରୁଣ୍ଠାଶୁଣ୍ଠା—ଦେ. ବିଣ. (ସହଚର)—ରୁଖା ଶୁଖା (ଦେଖ)
Runtha suntha Rukha sukha (See)

ରୁଣ୍ଠିଆ—ଦେ. ବିଣ.—ରୁଣ୍ଠା (ଦେଖ)
Runthia Runtha (See)

ରୁଣ୍ଠିଆ ଶୁଣ୍ଠିଆ—ଦେ. ବିଣ.—ଶୁଖିଲା ଓ କ୍ଷୀଣ (ଗ୍ରାମ୍ୟଅର୍ଥ)—
Runthia sunthia Weakling; withered;
রোগা পটকা रुखासुखा emaciated.

ରୁଣ୍ଠିବା—ଦେ. କି.—(ସ. ରୁଣ୍ଠ ଧାତୁ)—ରୁଣ୍ଠାରୁଣ୍ଠି କରିବା(ଦେଖ)—
Runthiba Runtha runthi kariba (See)

ରୁଣ୍ଠି ରାଣ୍ଠି—ଦେ କି. ବିଣ—ରୁଟି ରାଟି [ଦେଖ]
Runthi ranthi Rutirati [See]

ରୁଣ୍ଡ—ସଂ. ବି.—(ରୁଣ୍ଡ ଧାତୁ+କର୍ତ୍ତୃ. ଅ;)—(ଯାହା ଭୂମିରେ ଲୁଣ୍ଠିତ
Runda ହୁଏ) କବନ୍ଧ; ମସ୍ତକଶୂନ୍ୟ ଦେହ—Headless trunk or body. ସ. ବିଣ.—ବିକଳାଙ୍ଗୀକୃତ—
Maimed; mutilated [Apte] ଦେ. ବିଣ.—
୧ । ଏକତ୍ରୀଭୂତ—1. Gathered together,
[ଉ—ଦ୍ରୋଣ ଭୂମରେ ଶାନ୍ତି ଦେଇ, କ୍ଷାତ୍ର ବାନର ରୁଣ୍ଡ ହୋଇ । ଜଗନ୍ନାଥ. ଭାଗବତ ।] ୨ । ଏକ ସ୍ଥାନରେ ସ୍ତୂପୀକୃତ—2. Heaped up. ୩ । ସମୂହ—
3. Collection of. (ଯଥା—ବ୍ୟଞ୍ଜନକୁ ଏ ଦୃଷ୍ଟିରେ ନଦେଖି, କଣ୍ଠି ଉପମା ରୁଣ୍ଡ—ଭଞ୍ଜ ବୈଦେହୀଶବିଳାସ ।)

ରୁଣ୍ଡ କରିବା—ଦେ. କି (ସ. ରୁଣ୍ଡ ଧାତୁ)—ଏକସ୍ଥାନରେ ଜମା କରିବା;
Rundakariba ରାଶୀକୃତ କରିବା—To gather things
জড়করা इकट्ठाकरना or men at one place; to heap up. (ଯଥା—କୁସୁମ କୋଦଣ୍ଡ କାଣ୍ଡ, କେତେ କରିଥିଲା ରୁଣ୍ଡ—କବିସୂର୍ଯ୍ୟ ବଳଦେବରଥଙ୍କ ଚମ୍ପୂ କ ଗୀତ ।)

ରୁଣ୍ଡ ହେବା—ଦେ. କି—(ବହୁ ଲୋକ) ଏକ ସ୍ଥାନରେ ଜମା ହେବା—
Runda heba (Many persons) To be gathered
জড়হওয়া इकट्ठाहोना or collected at one place.
[ଉ—ଅବା ଜଗତର ସଦ୍‌ଗୁଣରାଶି, ରୂପଡରେ ତହିଁ ରୁଣ୍ଡ ହେଲା ଆସି—ରାଧାନାଥ. ନନ୍ଦିକେଶ୍ୱରୀ)

ରୁଣ୍ଡା(ଣ୍ଡେ)ଇବା—ଦେ. କି—(ସ ରୁଣ୍ଡ ଧାତୁ=ରୁଣ୍ଡ ହେବା କ୍ରିୟାର
Runda(nde)iba ଣିଜନ୍ତରୂପ)—୧ । ଏକ ସ୍ଥାନରେ ବହୁ
জড়করা इकट्ठा करना ପଦାର୍ଥ ବା ବ୍ୟକ୍ତିଙ୍କୁ ଏକତ୍ରକରିବା; ଗୋଟାଇବା; ଜମା କରିବା—1. To gather or collect many things or persons at one place. (ଉ—ଗ୍ରାମ ସେହିକ୍ଷଣି କାଠକୁ ରୁଣ୍ଡାଇ, ସଜାଡ଼ିଲେ ରଥ ତାହାକୁ ଭରି ଅଇ—କୃଷ୍ଣସିଂହ ମହାଭାରତ ବନ ।] ୨ । ଗଦା କରିବା—2. To heap up.
(ଉ—ରାଜ୍ୟ ଲୋଭରେ ସୁଜମାନଙ୍କୁ ମରିଇ,ଅଛନ୍ତି ଅଧରମ ରୁଣ୍ଡାଇବା ପାଇଁ—କୃଷ୍ଣସିଂହ ମହାଭାରତ ଶଲ୍ୟ ।]
(ରୁଣ୍ଡ ଥଇବା—ଅନ୍ୟରୂପ)

ରୁଣ୍ଡା(ଣ୍ଡେ)ଇ ପୁଣ୍ଡା(ଣ୍ଡେ)ଇ ନେବା—ଦେ. କି (ସହଚର; ସ. ରୁଣ୍ଡ
Runda(nde)i punda(nde)i neba ଧାତୁ)—ଲୁଣ୍ଡେଇପୁଣ୍ଡେଇ (ରୁଣ୍ଡାରୁଣ୍ଡି କରିନେବା—ଅନ୍ୟରୂପ) ନେବା, ଅନେକ ସ୍ଥାନରୁ ବସ୍ତୁ
লুটেপুটেলওয়া बटोरबटोरकर लेना ସଂଗ୍ରହ କରି ବୋହିନେବା—
To collect or put together various things from various places and carry them away.

ରୁଣ୍ଡି—ଦେ. ବି (ସଂ. ରୁଣ୍ଡିକା)—୧ । ଇରୁଣ୍ଡି; ଏରୁଣ୍ଡି; ଦ୍ୱାରପିଣ୍ଡ—
Rundi 1. Door step; door sill. ୨ । ଗୃହର ଦ୍ୱାରବନ୍ଧ;
চৌকাঠ ଚଉକାଠ—2. Door-frame. ୩ । ଇରୁଣ୍ଡି ବନ୍ଧ—
देहली, द्वार 3. Threshold. ୪ । (ସଂ.ଏରଣ୍ଡ)—ରଣ୍ଡୀ; ଏଣ୍ଡୀ;
ଆସାମଜାତ ପଟା—A kind of Assam silk; eri silk.

ରୁଣ୍ଡିଆ—ଦେ. ବିଣ (ଗାଳି)—୧ । ରୁଣ୍ଡିଆ; ଅତି କୃପଣ—1. Very
Rundiā miserly. ୨ । ଧନାପହାରକ—2. Given to
কংজুস, চোর कंजूस, चोर plundering.

ରୁଣ୍ଡିଆଇବା—ଦେ. କ୍ରି—ରୁଣ୍ଡାଇବା (ଦେଖ)
Rundiāibā Rundāibā (See)
(ଉ—ଅମ୍ଭେ ତ ରୁଣ୍ଡିଆଇ ଅଛୁ, ବୃକ୍ଷେ ବାନ୍ଧିଲୁ ଏହୁ ଯେଣି ।
ଜଗନ୍ନାଥ. ଭାଗବତ ।)

ରୁଣ୍ଡିକା—ସଂ. ବି (ରୁଣ୍ଡ+କ+ସ୍ତ୍ରୀ. ଆ)—୧ । ଘରର ଦ୍ୱାରମୂହଁ;
Rundikā ଦ୍ୱାରପିଣ୍ଡ; ଘରର ଦ୍ୱାରର ଚଉକାଠ—1. Door
frame; door step. ୨ । ଇରୁଣ୍ଡି ବନ୍ଧ—2. Threshold; door sill. (ଏଥିର ଅପଭ୍ରଂଶ ଇରୁଣ୍ଡି, ଏରୁଣ୍ଡି)
୩ । ରଣସ୍ଥଳ—3. Battle field. ୪ । କୁଟ୍ଟିନୀ; କାମଦୂତୀ—4. A panderess; a female go-between. ୫ । ବିଭୂତି; ହୋମାଗ୍ନିର ପାଉଁଶ—
5. Ashes of sacrificial fire. ୬ । ଦୈବଶକ୍ତି;
ଅମାନୁଷୀ କ୍ଷମତା—6. Divine or supernatural power.

ରୁଣ୍ଡିବନ୍ଧ—ଦେ. ବି. (ସଂ. ରୁଣ୍ଡିକା ଓ ବନ୍ଧ)—ଦୁଆର ମୁହଁର
Rundi bandha ଚଉକାଠର ନିମ୍ନ ଅଂଶ—Threshold;
গোবরাট देहली door sill.

ରୁଣ୍ଡୀଭୂତ—ଦେ. ବିଣ (ଓଡ଼ିଆ ଲେଖକଙ୍କ ଦ୍ୱାରା ଓଡ଼ିଆ ରୁଣ୍ଡ ଶବ୍ଦ
Rundī bhūta ସଙ୍ଗେ ଅଦ୍ଭୁତଭାବେ ଚ୍ୱି ପ୍ରତ୍ୟୟପୂର୍ବକ
ଗଢ଼ା ହେବା ଶବ୍ଦ)—ଏକତ୍ରୀକୃତ—Gathered together.
(ରୁଣ୍ଡୀକୃତ—ଅନ୍ୟରୂପ)

ରୁଣ୍ଡେଇ ପୁଣ୍ଡେଇବା—ଦେ. କ୍ରି—ରୁଣ୍ଡାରୁଣ୍ଡି କରିବା (ଦେଖ)
Rundei pundeibā Rundārundi karibā (See)

ରୁଣ୍ଡେଇବା—ଦେ. କ୍ରି—ରୁଣ୍ଡାଇବା (ଦେଖ)
Rundeibā Rundāibā (See)

ରୁତ୍—ସଂ. ବି. (ରୁ ଧାତୁ=ରବ କରିବା+ଭାବ କ୍ୱିପ୍)—ରୁତ; ଧ୍ୱନି;
Rut ରବ—Sound; noise; cry.

ରୁତ—ସଂ. ବିଣ (ରୁ ଧାତୁ=ରବ କରିବା; ଧ୍ୱନି କରିବା+କର୍ତ୍ତୃ. ତ)—
Ruta ୧ । ଧ୍ୱନିତ—1. Sounded. ୨ । ରୁଦିତ; ରୋଦନ
କରୁଥିବା—2. Lamenting. ସଂ. ବି—(+ଭାବ ତ)
୧ । ଶବ୍ଦ; ଧ୍ୱନି; ନାଦ—1. Sound; tune. ୨ । କୂଜନ;
ଜୀବମାନଙ୍କର ଡାକ (ବିଶେଷତଃ ପକ୍ଷୀମାନଙ୍କର ଡାକ ବା
କାକଳି)—2. The sound or cry made by animals (especially the cooing of birds). ୩ । କାନ୍ଦଣା; ରୋଦନ—3. Crying;
lamentation. ୪ । କାନ୍ଦଣା ସ୍ୱର—4. The sound of wailing.

ରୁତ୍ପନ୍ନ—ଗ୍ରା. ବି. (ପ୍ରାଚୀନ ପଦ୍ୟ)—ଋତୁପର୍ଣ୍ଣ (ଦେଖ)
Rutpanna Ṛutuparnna (See)
(ଉ—ରୁତ୍ପନ୍ନ ଯେବେ ବୋଲିବେ ତୁମ୍ଭଙ୍କୁ । ପ୍ରାଚୀ. ନଳ
ଚରିତ ।)

ରୁଦ୍ (ଧାତୁ)—ସ—୧ । ରୋଦନ କରିବା; କାନ୍ଦିବା—1. To cry,
Rud (root) to weep; to wail; to lament.
୨ । ଗର୍ଜନ କରିବା—2. To howl; to roar,
(Apte).

ରୁଦନ—ପ୍ରାଦେ. (ଜାଜପୁର) ବି—ରୋଦନ—
Rudana Crying.

ରୁଦ(ଦି, ଦୁ)ନା—ଦେ. ବି—ପୋଦିନା ପରି ଏକ ପ୍ରକାର ସୁବାସ ପତ୍ର-
Ruda(di, du)na ଯୁକ୍ତ ଗୁଳ୍ମ—A species of Mentha
পো(পু)দিনা Veridis plant. [ଦ୍ର—ଏହାର ପତ୍ର ପୋଦିନା
पोदिना ପତ୍ର ଅପେକ୍ଷା ସରୁ ।]

ରୁଦନ୍ତିକା—ସଂ.ବି (ବୈଦ୍ୟକ; ରୁଦ୍ ଧାତୁ+କର୍ତ୍ତୃ.ଅତ୍+ସ୍ତ୍ରୀ ଈ+କ+
Rudantikā ଆ)—ଏକପ୍ରକାର ଗୁଳ୍ମ—[ଦ୍ର—ଏହି ଗୁଳ୍ମ
(ରୁଦନ୍ତୀ—ଅନ୍ୟରୂପ) ବୁଟଗଛ ପରି ହାତେ ଉଚ୍ଚ ଏବଂ ଏହାର ପତ୍ର
रुदन्ती ଚଣକ ପତ୍ରପରି । ଶରତ୍ ଓ ଶୀତକାଳରେ ଏ ଗଛରୁ
रुद्रवती ଜଳବିନ୍ଦୁ ନିର୍ଗତ ହୁଏ ବୋଲି ଏହି ନାମ (ଏହା ଔଷଧରେ
[ମରହଟ୍ଟୀ—ଅଲ୍ପଗୁଣୀ] ବ୍ୟବହୃତ ହୁଏ]—A sort of
(ତେ—ରୁଦନ୍ତି) medicinal plant; Cressa
Cretica. [ଦ୍ର—ଏହାର ଅନ୍ୟ ସଂସ୍କୃତନାମ-ସ୍ରବତ୍ତୋୟା,
ସଞ୍ଜୀବନୀ, ଅମୃତସ୍ରବା, ସୁଧାସ୍ରବା, ରୋମଞ୍ଚିକା, ମହାମାଂସୀ,
ଚଣକପତ୍ରୀ, ମଧୁସ୍ରବା, ଏହା କଟୁତିକ୍ତ କଷାୟରସ, ଉଷ୍ଣବୀର୍ଯ୍ୟ, ଅଗ୍ନିବର୍ଦ୍ଧକ, ଶୁକ୍ରଜନକ, ପିତ୍ତନାଶକ, ଜରା ଓ
ବ୍ୟାଧିନାଶକ, ଏହା ରକ୍ତପିତ୍ତ, ମେହ, କ୍ଷୟ, କୁଷ୍ଠ, ଶ୍ୱାସ ଓ
କୃମିରୋଗରେ ଉପକାରକ । ଏହା ଉଷ୍ଣଦେଶର ବାଲିଆ
ଜମିରେ ଜଳାଶୟ ନିକଟରେ ଓ ସମୁଦ୍ରତଟରେ ଜନ୍ମେ ।
କଳା, ହଳଦିଆ, ନାଲି ଓ ଧଳା ଫୁଲଭେଦରେ ଏ ଗଛ
୪ପ୍ରକାର । ବୈଦ୍ୟକମତରେ ଏହା କଡ଼ୁଆ, ଗରମ
ରସାୟନ, ଅଗ୍ନିଜନକ, ବୀର୍ଯ୍ୟବର୍ଦ୍ଧକ ଅଟେ ଓ ଶ୍ୱାସ, କୃମି
ରକ୍ତପିତ୍ତ, କଫ ପ୍ରକୋପ ଦୂର କରେ—ବୃ. ଶ ।]

ରୁଦିତ—ସଂ. ବିଣ ପୁଂ (ରୁଦ୍ ଧାତୁ+କର୍ତ୍ତୃ. ତ)—୧ । କାନ୍ଦୁଥିବା—
Rudita 1. Crying; weeping. ବି. (+ଭାବ. ତ)—
ରୋଦନ; କାନ୍ଦିବା—Crying; weeping;
(ରୁଦିତା—ବିଣ. ସ୍ତ୍ରୀ) lamentation

ରୁଦ୍ଧ—ସଂ.ବି (ରୁଧ୍ ଧାତୁ+କର୍ମ. ତ)—୧ । ବନ୍ଦ; ବନ୍ଦ କରାଯାଇଥିବା,
Ruddha କୃତାବରୋଧ—1. Closed; shut up. ୨ । ଅବରୁଦ୍ଧ;
ବନ୍ଦୀକରି ରଖାଯାଇଥିବା—2. Confined; imprisoned. ୩ । ସ୍ତମ୍ଭିତ; ଯାହାର ଗତିକୁ ବନ୍ଦ କରାଯାଏ—
3. Stopped; retarded. ୪ । ପ୍ରତିହତ; ବାଧାପ୍ରାପ୍ତ—
4. Obstructed. ୫ । ନିବାରିତ—5. Prevented.

୬ । ଅଟକା ଯାଇଥିବା—6. Restrained; blocked up. ୭ । ଆବୃତ—7. Covered. ୮ । ବେଷ୍ଟିତ—8. Surrounded, blockaded.

ରୁଦ୍ଧଗତ—ସଂ ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି)—ଯାହାର ଗତିକୁ ଅଟକ Ruddhagati କରାଯାଇ ଥାଏ—Having the movement stopped or retarded.

ରୁଦ୍ଧଦ୍ୱାର—ସଂ. ବି (କର୍ମଧା)—ବନ୍ଦ ହୋଇଥିବା କବାଟ—Closed Ruddhadwāra door. ବିଣ (ବହୁବ୍ରୀହି)—ଯେଉଁ ଘରର କବାଟ ବନ୍ଦ କରାଯାଇଅଛି—(house) With its doors closed.

ରୁଦ୍ଧବାକ୍—ସଂ. ବିଣ. ପୁଂ ଓ ସ୍ତ୍ରୀ—ଯାହାର କଥା କହିବାର ଶକ୍ତି ବନ୍ଦ Ruddhabāk ହୋଇଅଛି—One with the power of speech restrained or choked up.
ରୁଦ୍ଧବଚନ, ରୁଦ୍ଧବାକ୍ୟ—ପୁଂ } ଅନ୍ୟରୂପ
ରୁଦ୍ଧବଚନା, ରୁଦ୍ଧବାକ୍ୟା—ସ୍ତ୍ରୀ }

ରୁଦ୍ଧଶ୍ୱାସ—ସଂ.ବିଣ. ପୁଂ(ବହୁବ୍ରୀହି)--ଯାହାର ନିଶ୍ୱାସ ଅଟକି ଯାଇଥାଏ—Ruddaśwāsa With one's breath stopped. (ରୁଦ୍ଧଶ୍ୱାସା—ସ୍ତ୍ରୀ)

ରୁଦ୍ଧସ୍ୱର—ସ.ବିଣ.ପୁଂ(ବହୁବ୍ରୀହି)· ଯାହାର ସ୍ୱର ବନ୍ଦ ହୋଇ ଯାଇଅଛି-- Ruddhaswara With the voice choked up. (ରୁଦ୍ଧସ୍ୱରା—ସ୍ତ୍ରୀ)

ରୁଦ୍ର—ସଂ.ବି (ରୁଦ୍ ଧାତୁ+ସଞ୍ଜ୍ଞାର୍ଥେ ଅପାଦାନେ ର; ଯାହା ଯୋଗୁଁ Rudra ଲୋକେ କାନ୍ଦନ୍ତି)—୧ । ଭୀଷଣ; ଭୟଙ୍କର; ଚଣ୍ଡ—1. Terrible; terrific; fierce. ୨ । ଉଗ୍ର—2. Violent; strong. ବି—(ରୁଦ୍ ଧାତୁ. ଣିଜନ୍ତ; ରୁଦ. ଧାତୁ+କର୍ତ୍ତୃ· ର; ଯେ ପ୍ରଳୟରେ ସମସ୍ତଙ୍କୁ କନ୍ଦାନ୍ତି)—୧ । ମହାଦେବ; ଶିବ—1. Siba. ୨ । ସଂହାରମୂର୍ତ୍ତି; ମହାଦେବଙ୍କ ଅଷ୍ଟମୂର୍ତ୍ତି ମଧ୍ୟରୁ ଅଗ୍ନିମୟ ମୂର୍ତ୍ତି—2. The fiery incarnation or form of Siba. [ଦ୍ର—ଏହି ରୂପରେ ଶିବ କାମଦେବଙ୍କୁ ଭସ୍ମ କରିଥିଲେ. ଦକ୍ଷଯଜ୍ଞ ନାଶ କରିଥିଲେ ଓ ଚନ୍ଦ୍ରମାଙ୍କୁ ଓ ଗଙ୍ଗାଙ୍କୁ ଧାରଣ କରିଥିଲେ—ହି. ଶ] ୩ । ସୂର୍ଯ୍ୟ—3. The sun. ୪ । ବ୍ରହ୍ମାଙ୍କ କପାଳରୁ ଉତ୍ପନ୍ନ ୧୧ ଗୋଟି ଗଣଦେବତା—4. A class of eleven Deities produced from the brow of Brahmā. [ରୁ—ରୋଦନ କଲୁ ଅଗେ ଯେଣୁ, ତୋ ନାମ ରୁଦ୍ର ହେବ ତେଣୁ । ଜଗନ୍ନାଥ. ଭାଗବତ ।] [ଦ୍ର—କୂର୍ମପୁରାଣରେ ଅଛି ଯେ, ବ୍ରହ୍ମା କଳ୍ପାରମ୍ଭକାଳରେ ବହୁତ ତପସ୍ୟା କରି ସୃଷ୍ଟି ସୃଷ୍ଟି ଉତ୍ପନ୍ନ କରି ନ ପାରି ଅତି କ୍ରୁଦ୍ଧ ହୋଇ କାନ୍ଦିଲେ । ତାଙ୍କ ଲୋତକରୁ ଭୂତ ପ୍ରେତଙ୍କ ସୃଷ୍ଟି ହେଲା ଓ ତାଙ୍କ ମୁଖରୁ ୧୧ ରୁଦ୍ର ଉତ୍ପନ୍ନ ହେଲେ । ଏମାନେ ଉତ୍ପନ୍ନ ହୋଇ ଉଚ୍ଚୈଃସ୍ୱରରେ କାନ୍ଦିଲେ । ଏଥିପାଇଁ ଏମାନଙ୍କ ନାମ ରୁଦ୍ର ହେଲା । ମତାନ୍ତରରେ ବ୍ରହ୍ମା ସୃଷ୍ଟିଚିନ୍ତାରେ ନିମଗ୍ନ ଥିବା ଅବସ୍ଥାରେ ତାଙ୍କ ଲଲାଟରୁ ଗୋଟିଏ ବାଳକମୂର୍ତ୍ତି ଜାତ ହୋଇ ରୋଦନ କରି ଇତସ୍ତତଃ ଦୌଡ଼ାଦୌଡ଼ି କଲେ । ବ୍ରହ୍ମା ତାହାଙ୍କୁ ରୁଦ୍ର ନାମରେ ଅଭିହିତ କଲେ ଓ ରୋଦନରୁ ନିବୃତ୍ତ ହେବାକୁ ଅନୁରୋଧ କଲେ । ବ୍ରହ୍ମା ଏହାଙ୍କୁ ଆଠ ଗୋଟି ନାମ ଦେଲେ । ୧ । ଭବ, ୨ । ଶର୍ବ, ୩ । ଈଶାନ, ୪ । ପଶୁପତି, ୫ । ଭୀମ, ୬ । ଉଗ୍ର, ୭ । ମହାଦେବ, ୮ । ଶଙ୍କର । ଏ ପୁଣି ୧୧ଟି ମୂର୍ତ୍ତି ଧାରଣ କରି ଏକାଦଶ ରୁଦ୍ର ନାମରେ ବିଖ୍ୟାତ ହେଲେ । ଯଥା —୧ । ଅଜୈକପାଦ, ୨ । ଅହିବ୍ରଧ୍ନ, ୩ । ବିରୂପାକ୍ଷ, ୪ । ସୁରେଶ୍ୱର, ୫ । ଜୟନ୍ତ, ୬ । ବହୁରୂପ, ୭ । ତ୍ର୍ୟମ୍ବକ, ୮ । ଅପରାଜିତ, ୯ । ବୈବସ୍ୱତ, ୧୦ । ସାବିତ୍ର, ୧୧ । ହର ।

ମତାନ୍ତରରେ ୧ । ଅଜ, ୨ । ଏକପାଦ, ୩ । ଅହିବ୍ରଧ୍ନ, ୪ । ପିନାକୀ, ୫ । ଅପରାଜିତ, ୬ । ତ୍ର୍ୟମ୍ବକ, ୭ । ମହେଶ୍ୱର ୮ । ବୃଷାକପି, ୯ । ଶମ୍ଭୁ, ୧୦ । ହର, ୧୧ । ଈଶ୍ୱର ।

ପୁନଶ୍ଚ ଭାଗବତ ମତରେ—୧ । ମନ୍ୟୁ, ୨ । ମନୁ, ୩ । ମହୀନସ, ୪ । ମହାନ୍, ୫ । ଶିବ, ୬ । ଋତୁଧ୍ୱଜ, ୭ । ଉଗ୍ରରେତସ, ୮ । ଭବ, ୯ । କାଳଭବ, ୧୦ । ବାମଦେବ ୧୧ । ଧୃତବ୍ରତ ।

ଗରୁଡ଼ ପୁରାଣରେ ଏମାନଙ୍କ ନାମ—୧ । ଅଜୈକପାଦ, ୨ । ଅହିବ୍ରଧ୍ନ, ୩ । ତ୍ୱଷ୍ଟା, ୪ । ବିଶ୍ୱରୂପହର, ୫ । ବହୁରୂପ, ୬ । ତ୍ର୍ୟମ୍ବକ, ୭ । ଅପରାଜିତ, ୮ । ବୃଷାକପି, ୯ । ଶମ୍ଭୁ, ୧୦ । କପର୍ଦ୍ଦୀ; ୧୧ । ରୈବତ ।

ଏମାନେ କ୍ରୋଧରୂପ ବୋଲି କଳ୍ପିତ; ଭୂତ ପ୍ରେତ ପିଶାଚଆଦି ଏମାନଙ୍କଠାରୁ ଉତ୍ପନ୍ନ ହୋଇଥିବା କଥିତ ।

ବେଦରେ ଅଗ୍ନିଙ୍କୁ ରୁଦ୍ର ବୋଲି ଯାଇଅଛି; ଓ କଥିତ ଅଛି ଯେ, ଯଜ୍ଞର ଅନୁଷ୍ଠାନ କରିବା ନିମନ୍ତେ ରୁଦ୍ରହିଁ ଯଜ୍ଞରେ ପ୍ରବେଶ କରନ୍ତି । ବେଦରେ ରୁଦ୍ରଙ୍କୁ ଅଗ୍ନିରୂପୀ, ବୃଷ୍ଟିକର ଓ ଗର୍ଜ୍ଜନକାରୀ ଦେବ ବୋଲି ଯାଇଅଛି ଓ ଏ ଦେବ ବଳ ଥିବା ଅନୁମିତ ହୁଏ । ପୁଣି କେଉଁ କେଉଁଠାରେ ରୁଦ୍ର ଶବ୍ଦରୁ ଇନ୍ଦ୍ର, ମିତ୍ର, ବରୁଣ, ପୂଷଣ ଓ ସୋମ ଆଦି ଅନେକ ଦେବତାଙ୍କର ବୋଧ ହୁଏ । ଏକ ସ୍ଥାନରେ ରୁଦ୍ରଙ୍କୁ ରୁଦ୍ରଗଣଙ୍କ ପିତା ଓ ଅନ୍ୟ ସ୍ଥାନରେ ଅମ୍ବିକାଙ୍କୁ ଭାଇ ବୋଲି ଯାଇଅଛି । ଏହାଙ୍କର ୩ ନେତ୍ର ଓ ଏହାଙ୍କୁ ସର୍ବନିୟନ୍ତ୍ରଣକାରୀ ଓ ସର୍ପମାନଙ୍କ ଧ୍ୱଂସକାରୀ ବୋଲି ଯାଇଅଛି [ହି. ଶ.] ୫ । ଏକ କଉଡ଼ା କଉଡ଼ିର ୧/୧୧ ଅଂଶ—5. One eleventh of a cowrie. ୬ । (ଜ୍ୟୋତିଷ) ଆର୍ଦ୍ରା ନକ୍ଷତ୍ର--6. The sixth asterism or lunar mansion. ୭ । (ବୈଦ୍ୟକ) ଅଣସୋରିଷିଆ ଗୁଳ୍ମ—7. Cleome Viscosa (plant). ୮ । ଏଗାର ସଂଖ୍ୟା (ହି. ଶ)—8. The number eleven. ୯ । ବିଶ୍ୱକର୍ମାଙ୍କ ଏକପୁତ୍ରଙ୍କ ନାମ (ହି. ଶ)

9. Name of a son of Biswakarmā. ୧୦ । ପ୍ରାଚୀନ କାଳର ଏକ ପ୍ରକାର ବାଜା [ହ୍ର. ଷ.]—10. A kind of ancient musical instrument. ୧୧ । ଅର୍କ ଗଛ (ହ୍ର.ଷ.)—11. The Calotropis Gigantea plant. ୧୨ । ରୌଦ୍ର ରସ [ହ୍ର. ଷ,]—12. The sentiment of terror in literature. ୧୩ । ରୁଦ୍ରଗଣ [ଦେଖ 13. Rudragana (See). ଦେ. ବି.—୧ । [ସଂ ଭର୍ଦ୍ଦର, ଭଦର]— ଶଗଡ଼ ଉପରେ ଧାନ ଆଦି ବୋହିବା ପାଇଁ ବାଉଁଶ ପାତିଆରେ ବୁଣା ହୋଇଥିବା ଲମ୍ବ ଆଧାର; ଭଦର; ଓଡ଼—1. A big and long basket of wicker work designed to carry paddy etc on a cart. ୨ । ପୁରୁଷ ଲୋକଙ୍କ ନାମ—2. A name given to males.

ରୁଦ୍ରକ—ସଂ. ବି (ରୁଦ୍ର+କ)—ରୁଦ୍ରାକ୍ଷ (ଦେଖ)
Rudraka Rudrāksha (See)

ରୁଦ୍ରକଳସ—ସଂ. ବି—ଏକପ୍ରକାର କଳସ; ଗ୍ରହଆଦିଙ୍କ ଶାନ୍ତି ସମୟରେ
Rudrakalasa ଏହାର ଉପଯୋଗ ହୁଏ (ହ୍ର. ଷ.)—A kind of pitcher used during the propitiatory rites of planets.

ରୁଦ୍ରକାଳାନଳ—ସ. ବି—ରୁଦ୍ର ସ୍ତୋତ୍ର ଗ୍ରନ୍ଥ ବିଶେଷ—Name of a
Rudra kālānala book of hymns to Siba.

ରୁଦ୍ରକାଳୀ—ସ. ବି. ସ୍ତ୍ରୀ—ଦୁର୍ଗାଙ୍କର ଏକମୂର୍ତ୍ତି (ହ୍ର ଷ)—
Rudrakāli A form of Durgā.

ରୁଦ୍ରକୁଣ୍ଡ—ସଂ. ବି—ବୃନ୍ଦାବନ ସ୍ଥିତ ଗୋଟିଏ ତୀର୍ଥର ନାମ (ହ୍ର. ଷ)
Rudra kunda Name of a holy tank in Brundābana.

ରୁଦ୍ରକୋଟିତୀର୍ଥ—ସଂ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Rudra kotitirtha A shrine of the Hindus.
(ରୁଦ୍ରକୋଟି—ଅନ୍ୟରୂପ) [ଉ—ରୁଦ୍ରକୋଟି ତୀର୍ଥରେ ମୁନିବର ଋଷିକୁଳ, ରୁଦ୍ରଙ୍କୁ ଦେଖିବାକୁ ହେଲେ ଆସି ଠୁଳ । କୃଷ୍ଣସିଂହ. ମହାଭାରତ. ବନ ।]

ରୁଦ୍ରଗଣ—ସଂ. ବି—୧ । ରୁଦ୍ରଶ୍ରେଣୀଭୁକ୍ତ ଏଗାରଗୋଟି ଦେବତା—
Rudragana 1. The eleven Deities called the group of Rudra Gods. ୨ । ଶିବଙ୍କ ପାରିଷଦଗଣ—2. The retinue of Siba. [ଉ—ଏମାନଙ୍କ ସଂଖ୍ୟା ୧ କୋଟି ଓ କାହା କାହା ମତରେ ୩୬ କୋଟି ଅଟେ । ଏମାନେ ଜଟାଧାରୀ, ଏମାନଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଥାଏ; ଏମାନେ ଖୁବ୍ ବଳବାନ୍ ଓ ଯୋଗୀମାନଙ୍କ ଯୋଗସାଧନର ବିଘ୍ନ ଦୂର କରନ୍ତି ହ୍ର. ଷ]

ରୁଦ୍ରଗର୍ଭ—ସଂ. ବି—ଅଗ୍ନି (ହ୍ର. ଷ.)—
Rudragarbha Fire.

ରୁଦ୍ରଗାଡ଼ି—ଦେ. ବି—ରୁଦ୍ର ଶଗଡ଼ (ଦେଖ)
Rudra gārdi Rudra sagarda (See)

ରୁଦ୍ରଚଣ୍ଡୀ—ସଂ. ବି—ଦେବୀ ଚଣ୍ଡୀଙ୍କର ମୂର୍ତ୍ତି ବିଶେଷ—
Rudra chandi Goddess Chanti.
(ରୁଦ୍ରଭୈରବୀ—ଅନ୍ୟରୂପ) ଦେ. ବି. ସ୍ତ୍ରୀ—ଅତି କୋପନ ସ୍ୱଭାବା ସ୍ତ୍ରୀ—A termagant woman.

ରୁଦ୍ରଚରଣ—ଦେ. ବି. ପୁଂ—ଲୋକଙ୍କ ନାମ—
Rudra charana A name given to wales.

ରୁଦ୍ରଜ—ସଂ. ବି (ରୁଦ୍ର+ଜନ୍ ଧାତୁ+କର୍ତ୍ତୃ. ଅ)—୧ ।
Rudraja କାର୍ତ୍ତିକେୟ; ଗଣେଶ—1. Sons of Siba. ୨ । ପାରଦ (ଏହା ଶିବଙ୍କ ୱୀର୍ଯ୍ୟରୁ ଉତ୍ପନ୍ନ ବୋଲି ପୁରାଣ ପ୍ରସିଦ୍ଧ)—2. Mercury; quick slver.

ରୁଦ୍ରଜଟା—ସଂ. ବି (ବୈଦ୍ୟକ) (ବହୁବ୍ରୀହି ରୁଦ୍ର=ମହାଦେବଙ୍କ
Rudrajatā ଜଟା ପରି ଜଟା ଯାହାର)—୧ । ଶଙ୍କର ଏହାର ଅନ୍ୟ ସଂ. ନାମ—ରୌଦ୍ରୀ, ଜଟା ନାମକ ପିଙ୍ଗଳ ବର୍ଣ୍ଣ ଜଟା, ସୌମ୍ୟା, ସୁଗନ୍ଧା, ସୁବହା, ଘନା, ଈଶ୍ୱରୀ, ସୁଗନ୍ଧା, ସୁଗନ୍ଧପତ୍ରା, ସୁରଭି, ଶିବାହ୍ୱା, ପତ୍ରବଲ୍ଲୀ, ନେତ୍ରପୁଷ୍କରୀ, ମହାଜଟା, ଜଟା ରୁଦ୍ରା, ଅର୍କମୂଳ, ସୁଗନ୍ଧା, ରୁଦ୍ରା, ରୁଦ୍ରାଣୀ, ଜଟାବଲ୍ଲୀ, ରୁଦ୍ରଲତା
ଇସରମୂଲ ইসরমুল, ইসরৌল
ଫୁଲ ବର୍ଣ୍ଣିଷ୍ଠ ଲତା—1. Uraria; Pica Aristobchia Indica (Kirtikar). [ଉ—ଏହା ଗ୍ରୀଷ୍ମାଦି ବର୍ଗର ୩।୪ ହାତ ଡେଙ୍ଗା ଛୋଟ ସିଧା ପାର୍ଶ୍ୱଯୁକ୍ତ ଦ୍ରବ୍ୟବିଶେଷ; ପତ୍ର ୫ ଠାରୁ ୯ ପର୍ଣ୍ଣ ଯୁକ୍ତ । ପର୍ଣ୍ଣ ସରୁ ସରୁ ଓ ମୟୂର ଶିଖାର ପକ୍ଷପରି; ଫଳ ଛୋଟ ଛୋଟ ଓ କାଳି; ବର୍ଷାକାଳ ଓ ଶୀତକାଳରେ ଫୁଟେ । ଫଳ କାଳିଆ ଓ ଜଟାପରି; ତୁଳରେ ୩ ଠାରୁ ୬ଟା ପର୍ଯ୍ୟନ୍ତ ଗଣ୍ଠି ଥାଏ । ଫୁଲର ଡେମ୍ଫ ବଙ୍କେଇ ହୋଇ ଏହି ଗଣ୍ଠିମାନଙ୍କୁ ଘୋଟି ରହିଥାଏ ପ୍ରାୟ ପାଣିକୂଳରେ ଷଇସ୍ଥାନରେ ଏ ଗଛ ଜନ୍ମେ । ଗରଗଡ଼ ଗଛ ମଧ୍ୟ ଏହି ଶ୍ରେଣୀର । ଏହାର ମଞ୍ଜି ଖଡ଼ା ମଞ୍ଜି ପରି । ବୈଦ୍ୟକମତରେ ରୁଦ୍ରଜଟା କଟୁ ଓ ଏହା ଶ୍ୱାସ, କାଶ, ହୃଦ୍‌ରୋଗ, ଭୂତ ପ୍ରେତ ବାଧା ଦୂର କରେ ।]
୨ । ଶତପୁଷ୍ପ; ଶତପୁଷ୍ପା (ହ୍ର. ଷ)—2. Dill seed.

ରୁଦ୍ରତାଳ—ସ. ବି—୧ । ଶିବଙ୍କ ତାଣ୍ଡବ ନୃତ୍ୟର ତାଳ—1. The
Rudratāla musical measure accompanying the dance of Siba. ୨ । ୧୬ ମାତ୍ରାଯୁକ୍ତ ମୃଦଙ୍ଗର ତାଳ ବିଶେଷ—2. Name of a time or cadence of the Mrudanga drum.

ରୁଦ୍ରତେଜଃ—ସ.ବି (ରୁଦ୍ରତେଜସ୍; ୬ଷ୍ଠୀ ତତ୍)—କାର୍ତ୍ତିକେୟ (ହ୍ର. ଷ)
Rudratejah A name of Kārttikeya.

ରୁଦ୍ରନାରାୟଣ—ସ. ବି—ଶିବ ଓ ହରି—Siba and Bishnu.
Rudranārāyana ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

ରୁଦ୍ରପତି—ସ. ବି (୬ଷ୍ଠୀ ତତ୍)—ଶିବ (ହ୍ର. ଷ)—
Rudrapati Siba.

ରୁଦ୍ରପତ୍ନୀ—ସଂ. ବି. ସ୍ତ୍ରୀ—୧ । ପାର୍ବତୀ; ରୁଦ୍ରାଣୀ—1. Goddess
Rudrapatnī Pārbati ୨ । ଅତସୀ; ତିସି (ହି. ଶ)—
(ରୁଦ୍ରସୁନ୍ଦରୀ—ଅନ୍ୟରୂପ) 2. Linseed.

ରୁଦ୍ରପ୍ରମୋକ୍ଷ—ସଂ. ବି—ତ୍ରିପୁରାସୁର ଉପରକୁ ଯେଉଁ ସ୍ଥାନରୁ ଶିବ ବାଣ
Rudrapramoksha ଚଳାଇଥିବା ପୁରାଣରେ କଥିତ (ହି. ଶ)
Name of the place from which Śiba threw his darts on Tripurāsura.

ରୁଦ୍ରପ୍ରୟାଗ—ସଂ. ବି (ନାମ)—ହିମାଳୟସ୍ଥ ତୀର୍ଥସ୍ଥାନବିଶେଷ—
Rudra prayāga A place of Hindu pilgrimage in the Himalayas [ଦ୍ର—ଏହା ଶ୍ରୀ କେଦାରନାଥ ନିକଟ ଦେଇ ପ୍ରବାହିତା ମନ୍ଦାକିନୀ ଓ ଅଳକାନନ୍ଦାର ସଙ୍ଗମସ୍ଥଳ; ହରିଦ୍ୱାରଠୁ ୧୨ ମାଇଲ୍ ଦୂରରେ ଅବସ୍ଥିତ—ମଦନମୋହନ ତୀର୍ଥଦର୍ଶନ । ଏହା ଗଡ଼ୱାଲ୍ ଜିଲ୍ଲାରେ ଅବସ୍ଥିତ—ହି. ଶ]

ରୁଦ୍ରପ୍ରିୟା—ସଂ. ବି. ସ୍ତ୍ରୀ—୧ । ପାର୍ବତୀ—1. Goddess Pārbatī
Rudrapriyā ୨ । ହରିତକୀ; ହରିଡ଼ା—2 Myrobalan.

ରୁଦ୍ରବଟ—ସଂ ବି—ମହାଭାରତୋକ୍ତ ପ୍ରାଚୀନ ତୀର୍ଥବିଶେଷ—
Rudrabaṭa Name of an ancient holy place.

ରୁଦ୍ରବାନ୍—ସଂ. ବିଣ. ପୁଂ [ରୁଦ୍ର+ବତ୍; ୧ମା. ୧ବ]—ରୁଦ୍ରଗଣଯୁକ୍ତ—
Rudrabān Attended by the Rudras
ସଂ. ବି. ପୁଂ—୧ । ସୋମ—1. Moon. ୨ । ଅଗ୍ନି—2. Fire. ୩ । ଇନ୍ଦ୍ର—3. Indra.

ରୁଦ୍ରବୀଣା—ସଂ. ବି—ପ୍ରାଚୀନକାଳର ଏକପ୍ରକାର ବୀଣା—
Rudrabīṇā A kind of ancient harp.

ରୁଦ୍ରଭଟ୍ଟ—ଦେ. ବି—ସଂସ୍କୃତ କାବ୍ୟାଲଙ୍କାର ଗ୍ରନ୍ଥ ରଚୟିତା ପ୍ରସିଦ୍ଧ
Rudrabhatta ସାହିତ୍ୟାଚାର୍ଯ୍ୟ (ହି. ଶ)—Name of a very learned author on figure of speech in Sanskrit.

ରୁଦ୍ରଭାବ—ସଂ. ବି—୧ । ଶିବଙ୍କର ରୁଦ୍ରମୂର୍ତ୍ତିର ପ୍ରଚଣ୍ଡ ଭାବ—
Rudrabhāba 1. The terrific state of Siba in his destroying form ୨ । ଉଗ୍ରତା—2. Terrible condition.

ରୁଦ୍ରଭୂ—ସଂ. ବି—ଶ୍ମଶାନ (ହି. ଶ)—
Rudrabhū Cremation ground.
(ରୁଦ୍ରଭୂମି—ଅନ୍ୟରୂପ)

ରୁଦ୍ରମୂର୍ତ୍ତି—ସଂ. ବି (କର୍ମଧା)—୧ । ଭୟଙ୍କର ରୂପ—1. Terrible
Rūdramūrtti form ୨ । ମହାଦେବଙ୍କର ଅଗ୍ନିମୂର୍ତ୍ତି—2. One of the eight forms of Siba. ବିଣ—(ବହୁବ୍ରୀହି)—୧ । ଭୟଙ୍କର ଆକୃତିବିଶିଷ୍ଟ—1. Having a terrific form. ୨ । କ୍ରୋଧଦ୍ୱାରା ଉଗ୍ରମୂର୍ତ୍ତି—2. Assuming a terrible appearance through rage.

ରୁଦ୍ରରସ—ସଂ. ବି—ସାହିତ୍ୟରେ ଭୟାନକ ରସ—
Rudra rasa The sentiment of terror in literature.

ରୁଦ୍ରଯାମଳ—ସଂ. ବି—ଭୈରବ ଓ ଭୈରବୀଙ୍କ ସମ୍ବାଦ ବର୍ଣ୍ଣିତ ତାନ୍ତ୍ରିକ
Rudrajāmaḷa ଗ୍ରନ୍ଥ ବିଶେଷ—Name of a Tantric Areatise. [ଦ୍ର—ଏହି ଗ୍ରନ୍ଥରେ ବଗଳାମୁଖୀ ସ୍ତୋତ୍ର ଅଛି ।]

ରୁଦ୍ରରୋଦନ—ସଂ. ବି—ସ୍ୱର୍ଣ୍ଣ; ସୁନା (ହି. ଶ)
Rudrarodana Gold.

ରୁଦ୍ରରୋମା—ସଂ. ବି—କାର୍ତ୍ତିକେୟଙ୍କର ଏକ ମାତୃକା (ହି. ଶ)—
Rudraromā Name of one of the 6 foster-mothers of Kārttikeya.

ରୁଦ୍ରଲତା—ସଂ. ବି—ରୁଦ୍ରଜଟା (ଦେଖ)
Rudralatā Rudrajaṭā (See)

ରୁଦ୍ରଲୋକ—ସଂ. ବି—ରୁଦ୍ରମାନଙ୍କ ସହିତ ଶିବଙ୍କ ଅଧ୍ୟୁଷିତ ଲୋକ
Rudraloka (ହି. ଶ)—The sphere in which Siba
[ରୁଦ୍ରସ୍ୱର୍ଗ—ଅନ୍ୟରୂପ] lives with his retinue.

ରୁଦ୍ରଶଗଡ଼—ଦେ. ବି—ଯେଉଁ ଶଗଡ଼ ଉପରେ ଧାନ ଆଦି ବୋହିବା
Rudraśagarḍa ପାଇଁ ରୁଦ୍ର ରଖାଯାଇଥାଏ—A cart
मालवहा गरूरगाड़ि containing a receptacle for
मालढोनेवाली गाडि carrying small things.

ରୁଦ୍ରସାବର୍ଣ୍ଣି—ସଂ. ବି—ଦ୍ୱାଦଶ ମନୁ—The twelvth Manu.
Rudrasābarṇṇi [ଦ୍ର—ରୁଦ୍ରସାବର୍ଣ୍ଣି ସେ ଦ୍ୱାଦଶେ, ଜନ୍ମିବେ
[ରୁଦ୍ରପୁତ୍ର—ଅନ୍ୟରୂପ] ନାରାୟଣ ଅଂଶେ । ଜଗନ୍ନାଥ ଭାଗବତ ।]

ରୁଦ୍ରସୂ—ସଂ. ବି. ସ୍ତ୍ରୀ (ରୁଦ୍ର+ସୂ ଧାତୁ+କର୍ତ୍ତୃ. କ୍ୱିପ୍)—ଯେଉଁ ସ୍ତ୍ରୀ ୧୧ଟି
Rudrasū ସନ୍ତାନ ଜନ୍ମ କରିଅଛନ୍ତି—A mother of eleven children
[ରୁଦ୍ରପ୍ରସୂ—ଅନ୍ୟରୂପ]

ରୁଦ୍ରା—ସଂ. ବି (ବୈଦ୍ୟକ)—୧ । ରୁଦ୍ରଜଟା (ଦେଖ)—1. Rudra
Rudrā jaṭā. (See) ୨ । ମୁକ୍ତାବର୍ଷୀ; ମୁକ୍ତବର୍ଷୀ ନାମକ ବନଶାକ ବିଶେଷ—2. Acalytha Indica. ୩ । କଳକା ନାମକ ଗନ୍ଧଦ୍ରବ୍ୟ (ହି. ଶ)—3. A kind of medicinal scent.

ରୁଦ୍ରାକ୍ରୀଡ଼(ଡ଼ା)—ସଂ. ବି (୬ଷ୍ଠୀ ତତ୍; ରୁଦ୍ର+ଆକ୍ରୀଡ଼)—ଶ୍ମଶାନ—
Rudrākrirḍa(rḍā) Cremation ground.

ରୁଦ୍ରାକ୍ଷ—ସଂ. ବି (ରୁଦ୍ର=ମହାଦେବ+ଅକ୍ଷି=ରୁଦ୍ରାକ୍ଷ; ୬ଷ୍ଠୀ ତତ୍)—
Rudrāksha ବୃହତ୍ ତରୁ ବିଶେଷ, ଯାହାର ଅର୍ଦ୍ଧଦଗ୍ଧ ଶୁଷ୍କବୀଜ ଦ୍ୱାରା ଜପମାଳା ପ୍ରସ୍ତୁତ ହୁଏ—A big wild tree the dry seeds of which are made into beads; Elaeocarpus Ganitrus. [ଦ୍ର—ଏହାର ଅନ୍ୟ ସଂ. ନାମ ତୃଣମେଧ, ଅମର, ରୁଦ୍ରାଣୀ, ପୁଷ୍ପଚାମର, ଶିବାକ୍ଷ, ସର୍ବାକ୍ଷ, ଭୂତନାଶନ, ପାବନ, ନୀଳକଣ୍ଠାକ୍ଷ୍ୟ ହରାକ୍ଷ, ଶିବପ୍ରିୟ । ଏ ବୃକ୍ଷ ନେପାଳ, ବଙ୍ଗ, ଆସାମ ଓ ଦକ୍ଷିଣଭାରତରେ ଜନ୍ମେ । ଏଥିର ପତ୍ର ୨।୮ ଅଙ୍ଗୁଳ ଲମ୍ବ, ୨।୩ ଅଙ୍ଗୁଳ ଚୌଡ଼ା ଓ ପତ୍ରର ଧାର ଦନ୍ତୁର । କୋମଳ ନବପତ୍ର ଉପରେ ଏକପ୍ରକାର କୋମଳ ଲୋମ ହୁଏ ।

ଶୀତଦିନରେ ଏଥିର ଫୁଲ ଫୁଟେ ଓ ବସନ୍ତ ଋତୁରେ ଫଳ ଫଳେ। ଏଥିର ଫଳ ମଧ୍ୟରେ ପାଞ୍ଚୋଟି ଚରୁଡ଼ା ଥାଏ। ପ୍ରତି ଚରୁଡ଼ାରେ ଗୋଟିଏ ବୀଜ ଥାଏ । ବୀଜ ମଟରଠାରୁ ଅଁଳାବୋଳ ଆକାର ପର୍ଯ୍ୟନ୍ତ ଯଥା ଭିନ୍ନ ଆକାରର ହୁଏ।

ଏହି ବୀଜର ମାଳାଦ୍ୱାରା ଶିବଙ୍କ ଓ ଦୁର୍ଗାଙ୍କ ମନ୍ତ୍ର ଜପ କରାଯାଏ। ଏହି ବୀଜ ଆକାରରେ ଗୋଲ ଓ ଏଥିର ବ୍ୟାସ ୧ ଇଞ୍ଚ୍‌ଠାରୁ ½ ଇଞ୍ଚ୍ ହୁଏ। ଏହି ବୀଜର ଦେହ ନେତ କୋଳର ଗାତପରି ଅମସୃଣ। ଯେଉଁ ବଡ଼ ରୁଦ୍ରାକ୍ଷ ବୀଜର ଗୋଟିଏ ମୁଖ ଥାଏ ତାହାକୁ ଏକମୁଖୀ ରୁଦ୍ରାକ୍ଷ ବୋଲଯାଏ ଓ ଏହି ଶ୍ରେଣୀର ଆଉ ଏକପ୍ରକାର ଫଳକୁ ଭଦ୍ରାକ୍ଷ ବୋଲଯାଏ। ଏରୁଦ୍ରାକ୍ଷକୁ ଦେବପୂଜକମାନେ ପସନ୍ଦ କରନ୍ତି ନାହିଁ। ପୁରାଣରେ କଥିତ ଅଛି ଯେ, ତ୍ରିପୁରାସୁରକୁ ବଧ କରିବା ପରେ ଶିବଙ୍କ ଅକ୍ଷିରୁ ପତିତ ଅଶ୍ରୁବିନ୍ଦୁରୁ ଏହି ବୃକ୍ଷର ଓ ଫଳର ଉତ୍ପତ୍ତି ହୋଇଥିଲା। ଏହି ବୀଜକୁ ଗୋଲ-ମରିଚ ସଙ୍ଗେ ବାଟି ପିଇଲେ ବସନ୍ତ ରୋଗର ଆକ୍ରମଣର ଭୟ ରହେ ନାହିଁ। ବୈଦ୍ୟକ ମତରେ ଏହା ଶୀତଳ, ବଳକର, ଓଜଃପ୍ରଦ, କୃମିନାଶକ ଓ କାଶର ଉପଶମକାରୀ ଓ ପ୍ରସୂତିର ହିତକର।]

ରୁଦ୍ରାକ୍ଷ ମାଳା—ସଂ.ବି—ରୁଦ୍ରାକ୍ଷ ବୀଜ ଗ୍ରନ୍ଥିତ ଜପମାଳା—String of
Rudrāksha mālā beads made of Rudrāksha seeds.
(ରୁଦ୍ରାକ୍ଷମାଳ—ଦେ. ରୂପ)

ରୁଦ୍ରାଣୀ—ସଂ. ବିଶ, ସ୍ତ୍ରୀ (ରୁଦ୍ର+ସ୍ତ୍ରୀ. ଅନୀ)—୧। ଶିବପତ୍ନୀ; ଦୁର୍ଗା—
Rudrāṇi 1. Durgā. [ଦ୍ର—ଏକାଦଶ ରୁଦ୍ରାଣୀଙ୍କର ନାମ ୧ ଧୀ, ୨ ଧୃତି, ୩ ଉଷନା, ୪ ଉମା, ୫-୬ ନିୟୁ-ତ୍ସର୍ପି, ୭ ଇଳା, ୮ ଅମ୍ବିକା, ୯ ଇରାବତୀ, ୧୦ ସ୍ୱଧା, ୧୧, ଦୀକ୍ଷା।] ୨ । ରୁଦ୍ରଜଟା (ଦେଖ)—2. Rudra jaṭā (See) ୩ । ମେଘ ରାଗର ପୁତ୍ରବଧୂ, ସଙ୍କର ରାଗିଣୀ ବିଶେଷ—3. Name of a secondary tune. ୪ । ଏକାଦଶବର୍ଷୀୟା କନ୍ୟା—4. A girl 11 years old (Apte).

ରୁଦ୍ରାବତାର—ସଂ. ବି—ରୁଦ୍ରଙ୍କ ଅଂଶରେ ଜାତ ମହାବୀର ହନୁମାନ୍—
Rudrābatāra The mythological monkey-hero said to be born with the qualities of Rudra.

ରୁଦ୍ରାବାସ—ସଂ. ବି. (୬ଷ୍ଠୀ ତତ୍)—୧ । କୈଳାସଗିରି—1. The
Rudrābāsa Kailāsa mountain north of the Himalayas. (ଏହା ପୁରାଣମତେ ମହାଦେବଙ୍କ ବାସ-ସ୍ଥାନ।) ୨ । ଶ୍ମଶାନ—2. Cremation ground. ୩ । ଶିବ କ୍ଷେତ୍ର—3. A holy place where Śiba is said to reside. ୪ । କାଶୀ କ୍ଷେତ୍ର—4. The holy cityof Benares

ରୁଦ୍ରାୟଣୀ—ଗ୍ରା· ବି—ରୁଦ୍ରାଣୀ (ଦେଖ)
Rudrāyaṇi Rudrāṇi (See)
ରୁଦ୍ରାଣୀ [ଦ୍ର—ଅମ୍ଭେ ରୁଦ୍ର ଅବତାର ତୁମ୍ଭେ ରୁଦ୍ରାୟଣୀ
ରୁଦ୍ରାଣୀ ପ୍ରାଚୀ. ରହସ୍ୟମଞ୍ଜରୀ ।]

ରୁଦ୍ରାରି—ସଂ. ବି (୬ଷ୍ଠୀ ତତ୍)—କାମଦେବ; କନ୍ଦର୍ପ—
Rudrāri God Cupid.
[ଦ୍ର—ଏହାଙ୍କୁ ଶିବ ଦହନ କରିଥିଲେ ।]

ରୁଦ୍ରିୟ—ସଂ. ବିଣ (ରୁଦ୍ର+ଇୟ; ନିପାତନ)—୧ । ରୁଦ୍ର ସମ୍ବନ୍ଧୀୟ
Rudriya (ହି. ଶ)—1. Relating or belonging to; Rudra (Apte). ୨। ଭୟଙ୍କର—2. Terrible dreadful (Apte). ୩ । (ବୈଦିକ) ଆନନ୍ଦଦାୟକ (ହି. ଶ) —3. Pleasant; giving pleasure. (Apte). ସଂ. ବି (ବୈଦିକ) —ଆନନ୍ଦ—Pleasure; delight (Apte).

ରୁଦ୍ରୀ—ସଂ. ବି (ରୁଦ୍ର+ଈ)—୧ । ରୁଦ୍ରବୀଣା (ହି. ଶବ୍ଦସାଗର)—
Rudrī 1. A kind of ancient harp. ୨ । ବେଦର ଅଘମର୍ଷଣ ସୂକ୍ତର ୧୧ ଥର ଆବୃତ୍ତି (ହି. ଶବ୍ଦସାଗର)—2. Recitation of a certain formula of the Beda 11 times.

ରୁଧ୍ (ଧାତୁ)—ସ—୧ । ରୋଧ କରିବା; ଅଟକାଇବା—1. To rest-
Rudh (root) rain; to check. ୨ । ବାଧା ଦେବା—2. To obstruct; to hinder. ୩। ବନ୍ଦକରିବା—3. To imprison; to shut up; to confine. ୪ । ଆଚ୍ଛାଦନ କରିବା; ଆବରଣ କରିବା; ଘୋଡ଼ାଇବା—4. To cover; to overcloud. ୫ । ଟେକି ଧରିବା; ପତନରୁ ରକ୍ଷା କରିବା—5. To hold up; to sustain from falling (Apte). ୬ । ଘେରିବା—6. To sorround, to hem in. ୭ । ପୀଡ଼ା ଦେବା—7. To turment, to afflict (Apte). [ମନିଅର୍‌ ଉଇଲିଅମ୍‌ସ୍ କହନ୍ତି ଯେ ସମ୍ଭବତଃ ପ୍ରାଚୀନ କାଳରେ ଏ ଧାତୁର ଅର୍ଥ ଥିଲା ରକ୍ତବର୍ଣ୍ଣ ହେବା—To be red.]

ରୁଧିର—ସଂ. ବି (ରୁଧ୍ ଧାତୁ+କର୍ତ୍ତୃ. ଇର)—୧ । ରକ୍ତ; ଶୋଣିତ—
Rudhira 1. Blood. ୨ । କୁଙ୍କୁମ—2. Saffron. ୩ । ମଙ୍ଗଳ ଗ୍ରହ—3. The planet Mars. ୪ । ମଣି ବିଶେଷ; ପ୍ରବାଳ—4. Coral. ୫ । ରୁଧିରାଖ୍ୟ (ଦେଖ) 5. Rudhirākhya (See) ୬ । ରକ୍ତବର୍ଣ୍ଣ—6. Red colour. ବିଣ—ରକ୍ତ ବର୍ଣ୍ଣ ବିଶିଷ୍ଟ; ଲାଲିଆ—Red.

ରୁଧିରଗୁଳ୍ମ—ସଂ. ବି—ସ୍ତ୍ରୀରୋଗ ବିଶେଷ—
Rudhira gulma Name of a female disease.
[ଦ୍ର—ଏଥିରେ ପେଟରେ ଶୂଳ ଓ ଦାହ ହୁଏ ଏବଂ ପେଟ ମଧ୍ୟରେ ଗୋଟିଏ ଗୋଲା ବୁଲିଲା ପରି ଜଣା ପଡ଼େ । ହି. ଶ]

ରୁଧିରଧାରା—ସଂ. ବି (୬ଷ୍ଠୀ ତତ୍; ରୁଧିର+ଧାରା)—ଧାରାକାରରେ
Rudhiradhārā ପତିତ ରକ୍ତ—Flow of blood; copious discharge of blood.

ରୁଧିର ନଦୀ—ସଂ. ବି—ନଦୀ ରୂପେ ବହୁଥିବା ରୁଧିର—
Rudhira nadī A river of blood.

ରୁଧିରପାୟୀ—ସଂ. ବିଣ. ପୁଂ (ରୁଧିର+ପା ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ଯେ ରକ୍ତ ପିଏ— Blood-drinking.
Rudhirapāyī
(ରୁଧିରପାୟିନୀ—ସ୍ତ୍ରୀ) ସଂ. ବି. ପୁଂ—ରାକ୍ଷସ—Demon.

ରୁଧିର ପିତ୍ତ—ସଂ. ବି—ରକ୍ତ ପିତ୍ତ ରୋଗ (ଦେଖ)
Rudhira pitta Rakta pitta roga (See)
(ରୁଧିରାମୟ—ଅନ୍ୟରୂପ)

ରୁଧିର ପ୍ଲାବିତ—ସଂ. ବିଣ (ତତ୍ପୁ ତତ୍)—ଅଭିଶଯ୍ୟ ରକ୍ତାକ୍ତ—
Rudhira plābita Smeared with blood; steeped in blood.

ରୁଧିର ମଣି—ସଂ. ବି—ପ୍ରବାଳ; ପୋହଳା—
Rudhira maṇi Coral.

ରୁଧିର ସ୍ରୋତଃ—ସଂ. ବି—ସ୍ରୋତ ଆକାରରେ ପ୍ରବାହିତ ରକ୍ତ—
Rudhira srotaḥ Blood flowing in currents.

ରୁଧିରାକ୍ତ—ସଂ. ବିଣ. (ତତ୍ପୁ ତତ୍)—ରକ୍ତ ଜର୍ଜରିତ; ରକ୍ତାକ୍ତ; ରକ୍ତ
Rudhirākta ବୋଳା—Smeared with blood; blood-soiled; blood-stained.

ରୁଧିରାକ୍ତ କଳେବର—ସଂ. ବି. (କର୍ମଧା)—ରକ୍ତାକ୍ତ ଶରୀର—
Rudhirākta kaḷebara Body smeared with blood. ସଂ. ବିଣ. ପୁଂ (ବହୁବ୍ରୀହି)—
ରୁଧିରକ୍ତ ଦେହ } ଅନ୍ୟରୂପ ଯାହାର ଶରୀରରେ ରକ୍ତ ବୋଳା
ରୁଧିରକ୍ତ ଶରୀର }
(ରୁଧିରକ୍ତ କଳେବରା—ସ୍ତ୍ରୀ. ବିଣ) ହୋଇଥାଏ—Having the body smeared with blood.

ରୁଧିରାଖ୍ୟ—ସଂ. ବି—ରକ୍ତବର୍ଣ୍ଣ ମଣି ବିଶେଷ—A blood-coloured gem. [ଦ୍ର—ଏହାର ବର୍ଣ୍ଣ ପଦ୍ମସ୍ଥଳରେ
Rudhirākhya
ବିବାକ୍ ଧଳା ଓ ବାହାରେ ନାଳ ପରି; ଏହା ଧାରଣକାରୀ ସୁଖୀ ହୁଏ (ହ. ଶ.) ।]

ରୁଧିରାଶନ—ସଂ. ବିଣ. ପୁଂ (ବହୁବ୍ରୀହି; ରୁଧିର+ଅଶନ)—ଯେ ରକ୍ତ
Rudhirāśana ଖାଏ; ରକ୍ତ ପାନକାରୀ—Blood-eating; subsisting on blood. ସଂ. ବି—୧ ।
ରୁଧିରାଶନା } ସ୍ତ୍ରୀ
ରୁଧିରାଶିନୀ }
ରାକ୍ଷସ—1. Demon. ୨ । (ନାମ) ରାମଚନ୍ଦ୍ରଙ୍କ
(ରୁଧିରାଶୀ—ଅନ୍ୟ ବିଣ ରୂପ) ଦ୍ୱାରା ହତ ଖର ରାକ୍ଷସର ସେନାପତି—
2. Name of a demon killed by Rāmachandra.

ରୁନ୍—ବୈଦେ. ବି (ଇଂ. ରଉଣ୍ଡ୍)—ପ୍ରହରୀମାନଙ୍କ ପାଳି ଅନୁସାରେ
Rund ଘରଅଡ଼େ ବୁଲି ପହରା ଦେବା—A round of
রোঁ(রুঁ)দ্ रौंद गश्त watchmen.
[ରୁନ୍ ଗସ୍ତ—ଅନ୍ୟରୂପ]

ରୁନ୍ କରିବା—ଦେ. କ୍ରି—ଘରଅଡ଼େ ବୁଲି ଗସ୍ତ କରିବା—
Rund karibā To take a round (said of
রোঁদ দেওয়া रौंददेना, चक्कर मारना watchmen.)
(ରୁନ୍ ଦେବା; ରୁନ୍ ମାରିବା—ଅନ୍ୟରୂପ)

ରୁନ୍ଧା—ଦେ. ବି (ସଂ. ରୁଧ୍ ଧାତୁ)—ପ୍ରତିରୋଧ—
Rundhā Obstruction.
রোধ रुंधना

ରୁନ୍ଧା[ନ୍ଧେ]ଇବା—ଦେ. କ୍ରି (ସଂ. ରୁଧ ଧାତୁ)—ରୁନ୍ଧିବା କ୍ରିୟାର ଣିଜନ୍ତ
Rundhā(ndhe)ibā ରୂପ—Causative form of
রোধকরান रुंधवाना Rundhibā.

ରୁନ୍ଧାରୁନ୍ଧି—ଦେ. ବି—ବହୁଲୋକ ଏକ ସ୍ଥଳରେ ଖୁନ୍ଦି ହୋଇ ପଶିବା—
Rundhārundhi Pressure of many people being
ঠেলাঠেলি, জাকাজাকি huddled up together within
ठसाठस a small space.

ରୁନ୍ଧିବା—ଦେ. କ୍ରି (ସଂ. ରୁଧ ଧାତୁ)—୧ । ନିରୋଧିବା; ଅବରୋଧ
Rundhibā କରିବା; ରୁଦ୍ଧ କରିବା—1. To confine; to
রোধকরা hold up. [ଦ୍ର—ତପ କରି ବସିଲେ ନିଶ୍ୱାସକୁ ରୁନ୍ଧି
रुंधना କୃଷ୍ଣସିଂହ. ମହାଭାରତ ବନ ।] ୨ । ଅଟକାଇବା—
(ରୁନ୍ଧା ଯି[ହେ]ବା—କର୍ମବାଚ୍ୟରୂପ) 2. To restrain. [ଦ୍ର—
ଦିବ୍ୟ କାଣ୍ଡ ବନ୍ଧ ତା ରୁନ୍ଧିଲେ ଅର୍ଜୁନ । କୃଷ୍ଣସିଂହ ମହାଭାରତ ଆଦି ।] ୩ । ରୁଦ୍ଧ ହେବା—3. To be confined. [ଦ୍ର—କଫ ବାତ କଣ୍ଠଗତେ ଯେବେ ରୁନ୍ଧିବ; ଶ୍ୟାମ ଭୂଇଁସୀମଞ୍ଜରୀ,ବଦନେ ଦେବ ମୋହର,ଶ୍ୟାମ ନାମ ଯତ୍ନ କରି, କର୍ଣ୍ଣରେ ଶୁଣାଉଥିବ । ପ୍ରାଚୀନ. ସଙ୍ଗୀତ ।]

ରୁନ୍ଧି ହେବା—ଦେ. କ୍ରି (ସଂ. ରୁଧ୍ ଧାତୁ)—୧ । ଅବରୁଦ୍ଧ ହେବା—
Rundhi hebā 1. To be confined. ୨ । ଅଟକିବା—
বন্দহওয়া बन्दहोना 2. To be restrained or stopped.
୩ । ଆକ୍ରାନ୍ତ ହେବା—3. To be overpowered or overcome with. (ଯଥା—ଶରଦ ଯୋଗୁଁ ମୋ ନାକପୁଡ଼ା ରୁନ୍ଧି ହୋଇଯାଇଛି; କଫରେ ମୋ ଗଳା ରୁନ୍ଧି ହୋଇଯାଇଅଛି । ଆମ ନୂଆ ବୋହୂ ସବୁବେଳେ ବାଣ୍ଡିଶାଳରେ ରୁନ୍ଧି ହୋଇଥାଆନ୍ତି ।)

ରୁପ୍(ଧାତୁ)—ସ—୧ । ରୂପଯୁକ୍ତ କରିବା—1. To give a
Rup (root) form. ୨ । ଗୋଳମାଳ କରିଦେବା; ଘାବରେଇ ଦେବା—2. To confound; to confuse; to disturb (Apte)

ରୁପ—ଗ୍ରା. ବି (ସଂ. ରୂପ)—୧ । ରୂପ (ଦେଖ)—1. Rūpa (See)
Rupa ୨ । ଚେହେରା—2. Countenance. ୩ ।
রূপ रूप ଚିତ୍ର; ଛବି—3. Drawing; picture. ୪ ।
ପ୍ରକାର—4. Manner. ପ୍ରାଦେ (ସମ୍ବଲପୁର)—୧ । ଶୁଆ —1. Parrot. [ଦ୍ର—ରୁପ ବା ଶୁଆ ତିନିପ୍ରକାରର ୧ । ତଡ଼ିଁଲୁଆଖାଇ ରୁପ—କୃଷ୍ଣଚଞ୍ଚୁଯୁକ୍ତ ୨ । ମହୁଲି ରୁପ—ଈଷତ ହଳଦିଆ ଚଞ୍ଚୁଯୁକ୍ତ ୩ । ଟେଁକା ରୁପ—ଲାଲଚଞ୍ଚୁଯୁକ୍ତ ।] ପ୍ରାଦେ [ଉତ୍ତରବାଲେଶ୍ୱର] ବି—ରୁପା—Silver.

ରୂପ ଅଙ୍କିବା—ଗ୍ରା. କ୍ରି [ସଂ.ରୂପ+ଅଙ୍କନ]—ଚିତ୍ର ଅଙ୍କିତ କରିବା—
Rupa ānkibā To draw a figure.
[ରୂପ କରିବା, ରୂପ ଗଢ଼ିବା —ଅନ୍ୟରୂପ]
রূপআঁকা रूपलिखना

ରୂପ କଥା—ଗ୍ରା. ବି [ସଂ. ରୂପ କଥା]—୧ । ରୂପକଥା; କାହାଣୀ-
Rupa kathā 1. Folk tale. ୨ । ଗଳ୍ପ—
রূপকথা कहानी 2. Tale; fable. ୩ । ନୈତିକଗଳ୍ପ—
3. A moral tale.

ରୂପ କରିବା—ଗ୍ରା. କ୍ରି—୧ । ରୂପ ଅଙ୍କିବା (ଦେଖ)—
Rupa kariba 1. Rupa ānkibā (See). ୨ । ରୂପ
କାଢ଼ିବା (ଦେଖ)—Rupa kārdhibā (See).

ରୂପ କାଢ଼ିବା—ଗ୍ରା. କ୍ରି.—ଛବି ବାହାର କରିବା; ଭଙ୍ଗୀ ଦେଖାଇବା-
Rupa kārdhibā To cut a figure.
চেহেরা দেখান, রূপ দেখান रूप निकालना
[ରୂପ ଦେଖା(ଖେ)ଇବା; ରୂପ ବାହାର କରିବା —ଅନ୍ୟରୂପ]

ରୂପ ଦେଖା(ଖେ)ଇବା—ଗ୍ରା. କ୍ରି.—୧ । ପାଉସ କରିବା; ଅବଲମ୍ବ
Rupa dekhā(khe)ibā କରିବା—To illustrate the
অবলয় করা रूप दिखाना meaning of a song by gestures while dancing.
୨ । ରୂପ କାଢ଼ିବା (ଦେଖ)—2. Rupa kārdhibā (see)

ରୂପବନ୍ତ—ଗ୍ରା. ବି. ପୁଂ—(ସଂ. ରୂପବତ୍)—୧ । ରୂପବାନ୍; ସୁନ୍ଦର—
Rupabanta রূপবন্ত रूपवन्त 1. Beautiful.
[ରୂପବନ୍ତୀ - ସ୍ତ୍ରୀ] [ରୂପବାନ୍; ରୂପ ବଶିଷ୍ଟ — ସଂ ପୁଂ]
[ରୂପବତୀ, ରୂପ ବଶିଷ୍ଟା—ସଂ ସ୍ତ୍ରୀ]

ରୂପୟା—ପ୍ରାଦେ. (ଭୋଜ ଭାଷା) ବି.— ଟଙ୍କା
Rupayā Rupee.

ରୂପ ରେଖ—ଗ୍ରା. ବି.—ରୂପରେଖ (ଦେଖ)—Rūpa rekha
Ruparekha নামগন্ধ रूपरेख (See)

ରୂପା—ଦେ. ବି.—[ସଂ. ରୂପ୍ୟ]—୧ । ରଜତ; ରୌପ୍ୟ ଧାତୁ—
Rupā রূপো रूपा 1. Silver. ବଣ.—ରୌପ୍ୟମୟ,
রুপোর रूपाका ରୌପ୍ୟ ନିର୍ମିତ—Made of silver.

ରୂପାଇ—ଦେ. ବି—ରୁପେଇ (ଦେଖ)
Rupāi Rupei (See)

ରୂପା(ପେ)ଇବା—ଦେ. କ୍ରି.—(ସଂ. ରୁହ ଧାତୁ ଣିଜନ୍ତ ରୋପି ଧାତୁ)—
Rupā(pe)ibā ଅନ୍ୟଦ୍ୱାରା ରୋପଣ କରାଇବା—To cause
রুয়ো/পান रोपवाना to be planted.

ରୂପା ଖଡ଼ୁ—ଦେ. ବି.—ରୌପ୍ୟ ନିର୍ମିତ ବଳୟ—Silver bangle.
Rupā khardu [ଦ୍ର—ରୌପ୍ୟ ନିର୍ମିତ ଅଳଙ୍କାର ବା
রুপোর খাড়ু ପଦାର୍ଥମାନଙ୍କ ନାମ ପୂର୍ବରେ ରୂପା ଶବ୍ଦ ଲଗା ହେଲେ
रूपाका कंगन ସେମାନ ରୌପ୍ୟ ନିର୍ମିତ ଥିବାର ସୂଚନା କରାଯାଏ ।
ଯଥା ରୂପାକାତ, ରୂପା ଚୂଡ଼ୀ, ରୂପା ବାସନ, ରୂପା
ପାଳଙ୍କ ଇତ୍ୟାଦି ।]

ରୂପା ଗହଣା—ଦେ. ବି.—ରୌପ୍ୟାଳଙ୍କାର—
Rupā gahaṇā Silver-ornament.
রূপোর গয়না रूपाका गहना

ରୂପା ଗିଲ୍(ଲି)ଟି—ଦେ. ବି.—(ସଂ. ରୂପ୍ୟ+ଇଂ. ଗିଲ୍ଟ)—
Rupā gil(li)ṭi ବୈଜ୍ଞାନିକ ଉପାୟରେ ରୌପ୍ୟ ମିଶ୍ରିତ ଦ୍ରବକୁ
(ରୂପା ଗିଲ୍ଟି—ଅନ୍ୟରୂପ)—ଅନ୍ୟ ପଦାର୍ଥ ଉପରେ ଲାଗି ଚାଲୁ
রুপো গিল্টি রଜତବର୍ଣ୍ଣ କରିବା ପ୍ରକ୍ରିୟା—Process of
रूपेकी गिलटि gilding a thing with silver.
[ରୂପା ଗିଲ୍ଟି — ଅନ୍ୟରୂପ] ବଣ.—ଉପରେ ରୌପ୍ୟ ମିଶ୍ରିତ ଦ୍ରବ
ଲଗା ଯାଇ ରଜତାଭ କରା ଯାଇଥିବା(ବସ୍ତୁ)—
Silver-gilt (article).

ରୂପା(ପ୍ପା) ଛୁଆଣି—ଦେ. ବି ଓ ବଣ-(ସଂ.ରୌପ୍ୟ+ଛାଦନ)—ଅନ୍ୟ ବସ୍ତୁ
Rupā chhā(chhu)āṇi ଉପରେ ରୂପାର ପତ୍ର ମଡ଼ାଇବା—
রুপো ছাওয়া रूपासे छावना (ढकना) Overlaying or plated with silver.

ରୂପା ପତର—ଦେ. ବି.—[ସଂ. ରୌପ୍ୟ+ପତ୍ର]—ରୌପ୍ୟର ପତଳା
Rupā patara ପତ୍ର—Leaf or thin plaing of silver;
রুপো পাত रूपाका पत्तर foil of silver. [ଦ୍ର—
[ରୂପା ପତ୍ର - ଅନ୍ୟରୂପ] ରୂପା ପତର ଅପେକ୍ଷା ରୂପା ପାତିଅ
ଅଧିକ ପତଳା ।]

ରୂପା ପାତିଆ—ପ୍ରାଦେ· (ବାଲେଶ୍ୱର) ବି·—ଏକ ପ୍ରକାର ଲୁଣି ମାଛ—
Rupā pātiā A species of sea fish. ଦେ. ବି.—
୧ । ଜହ୍ଲା ମାଛ (ଦେଖ)—1. Jahlā (See)
୨ । ରୂପାର ଖୁବ୍ ପତଳା ପତର—2. A foil or very thin plate of silver.

ରୂପା ସ(ସା)ଜ—ଦେ. ବି.—ଏକ ସାଜ ରୂପାର ବାସନ ବା ଅଳଙ୍କାର
Rupā sa(sā)ja A set of silver utensils or
রুপোসাজ रूपाकीसाज ornaments.

ରୂପି—ଦେ. ବି.—(ସଂ. ରୂକ୍ଷ)—ମୁଣ୍ଡରେ କେଶମୂଳରେ ଜନ୍ମିବା ମଳ
Rupi ଚମ—Dandruf; scurf; seborrhoea; acne;
খুস্কী, মরামাস रूसी sabacea.

ରୂପିଆ - ବେ—ଦେ. ବି.—[ସଂ.ରୂପ୍ୟ, ଫା.ରୂପ(ପେ)ୟା]—୧ । ରୌପ୍ୟ-
Rupiā ମୁଦ୍ରା; ଟଙ୍କା—1. Rupee; silver coin
টাকা, রূপেয়া रूपया ୨ । ନଗଦ ଧନ—2. Cash; money.

ରୂପିବା—ଦେ. କ୍ରି.—(ସଂ. ରୁ ଧାତୁ ଣିଜନ୍ତ ରୋପି ଧାତୁ)—୧। ବୃକ୍ଷାଦିକୁ
Rupibā ଭୂମିରେ ରୋପଣ କରିବା—1. To plant trees.
রোপা रोपना ୨ । ଚିରିବା—2. To Saw. [ଉ—ପ୍ରେମ
ଗାଛକୁ ରୂପିଲ୍ଲ ଡାହିଁର । ଉଣ. ପ୍ରେମସୁଧାନିଧି ।]

ରୂପିମୁଣ୍ଡ—ଦେ· ବି.—ଯେଉଁ ମସ୍ତକ ମଳ ଚମରେ ପୂର୍ଣ୍ଣ—Head
Rupi muṇda full of dendruf; scurey head.
খুস্কীওয়ালা মাথা रूसीवाला सीर
ରୂପିମୁଣ୍ଡା, ରୂପି ମୁଣ୍ଡିଆ—ପୁଂ } ବଣ
ରୂପିମୁଣ୍ଡେଇ, ରୂପିମୁଣ୍ଡୀ — ସ୍ତ୍ରୀ }

ରୂପୁ—ପ୍ରାଦେ. (ବସ୍ତର) ବି—ଶୁଆ—
Rupu Parrot.

ରୁପୁଡ଼ା—ଦେ. ବି.—ଯୋଗାସନ ବିଶେଷ—
Rupurḍā A jogic posture. (ଭି—ରୁପୁଡ଼ା ଆସନ (ରୁପୁଡ଼ା ଆସନ—ଅନ୍ୟରୂପ) କେହି କରନ୍ତି। ପ୍ରାଚୀ. ପରଚେ. ଗୀତା।)

ରୁପୁ(ପେ)ଲି—ଦେ. ବିଣ.—(ସଂ ରୂପ୍ୟ)—୧। ରୌପ୍ୟ ନିର୍ମିତ—
Rupu(pe)li ৰুপু(পা)লী रुपहली 1. Made of silver. ୨। ରଜତାଭ—2. Silver-white; silvery. ୩। ରୌପ୍ୟ ସମ୍ବନ୍ଧୀୟ—3. Relating to silver. ୪। ରୁପାରେ ଗିଲ୍ଟ ହୋଇଥିବା—4. Silver-gilt. ୫। ରୁପାରେ ତୁଆଣି ହୋଇଥିବା—5. Silver-plated; overlaid with a thin layer of silver. ବି.—୧। ଜର୍ମାନ୍ ସିଲ୍‌ଭର୍; ଦସ୍ତା—1. Pewter; german silver. ୨। କୃତ୍ରିମ ରୁପା—2. Artificial silver. ୩। ଅଲୁମିନିଅମ୍ ନାମକ ଧାତୁ—3. Aluminium.

ରୁପୁଲି ଅଳଙ୍କାର—ଦେ. ବି.—୧। ରୌପ୍ୟ ନିର୍ମିତ ଅଳଙ୍କାର—
Rupuli alaṅkāra 1. Silver ornament. ୨। ৰুপোর অলঙ্কার ରୁପା ପରି ଦେଖା ଯାଉଥିବା କୃତ୍ରିମ ଅଳଙ୍କାର—2. Ornament looking white like silver. ୩। ଜର୍ମାନ୍ ସିଲ୍‌ଭର୍ ଅଳଙ୍କାର—3. Ornaments of german silver. ୪। ଅଲୁମିନିୟମ୍ ଅଳଙ୍କାର—4 Ornaments made of aluminium. [ଦ୍ର—ଏହିପରି ରୁପୁଲି କାଚ, ରୁପୁଲି କଣ୍ଠି, ରୁପୁଲି ବେଣ୍ଡ, ରୁପୁଲି ଥାଳ, ରୁପୁଲି ଝୁଲେଇ।]

ରୁପୁଲି କାଳି—ଦେ. ବି—ରୌପ୍ୟ ପରି ଚକ୍ ଚକ୍ କରୁଥିବା
Rupuli kāḷi ଲେଖିବାର ମସୀ—Silvery ink. [ରୁପୁଲିଷ୍ୟାଇ(ହି), ରୁପୁଲିସିଆ(ହା)ଇ, ରୁପୁଲିଟେଇ—ଅନ୍ୟରୂପ]
ৰুপুলি কালি रुपहलीरोसनाई

ରୁପୁଲିପାଣି—ଦେ. ବି—ରସାୟନିକପ୍ରକ୍ରିୟାରେ ପ୍ରସ୍ତୁତ ଧାତୁମିଶ୍ରିତ ଶୁକ୍ଳ
Rupuli pāṇi ଦ୍ରବ, ଯାହା ଅନ୍ୟ ବସ୍ତୁ ଉପରେ ଲଗିତ ହେଲେ ৰুপোরজল रुपहलीपानी ତାହା ରଜତାଭ ଦେଖାଯାଏ—A chemical liquid which imparts a silvery hue to things on which it is laid.

ରୁପେଇ—ଦେ. ବି. ସ୍ତ୍ରୀ—୧। ଦେବତାଙ୍କ ନାମ—1. Name of a
Rupei popular Goddess. ୨। ସ୍ତ୍ରୀଲୋକଙ୍କୁ ଦିଆଯିବା ৰুপোর रुपका ନାମ—2. A name given to women. ବିଣ—ରୌପ୍ୟନିର୍ମିତ—Made of silver.

ରୁପେଇ ସୁନେଇ—ଦେ.ବି—କାହାଣୀରେ ବର୍ଣ୍ଣିତ ଦୁଇ ଭଉଣୀ (ସୁନେଇ
Rupei sunei ସୁନା ଝୁଲେଇ ଧରି ଖେଳେ ଓ ରୁପେଇ ରୁପା ଝୁଲେଇ ଧରି ଖେଳେ।)—Names of two sisters in folk tales. (ଦ୍ର—ସୁନେଇ ବେଉଳ ମାଙ୍କଡ଼, ରୁପେଇ କାଠେ କାପଡ଼—ବୁଢ଼ା ମାଙ୍କଡ଼ କାହାଣୀ।)

ରୁପେ(ପୈ)ୟା—ବୈଦେ. ବି (ଫା ରୁପିୟା)—୧। ରୌପ୍ୟମୁଦ୍ରା—
Rupe(pai)yā 1. Silver coin. ୨। ୧୬ ଅଣା ৰূপেয়া रुपेया ମୂଲ୍ୟର ବା ଏକ ତୋଳା ଓଜନର ରଜତ ମୁଦ୍ରା—A rupee weighing one tola, and of the value of sixteen annas.

ରୁବ୍‌କାରି—ବୈଦେ.ବି (ଜନେରିଆ; ଫା, ରୋବ୍‌କାରୀ)—୧। ରୋବକାରି;
Rub-kāri ଅଦାଲତଙ୍କର କୌଣସି ମକଦମା ବିଷୟସମ୍ବନ୍ଧୀୟ ৰোবকারী रोबकारी କର୍ମ ବା କାର୍ଯ୍ୟାବଳୀ—1.Proceedings of a court regarding a case. ୨। ଅଦାଲତଙ୍କଦ୍ୱାରା ସ୍ୱାକ୍ଷରିତ ଲିପିବଦ୍ଧ ଆଦେଶ—2. A written judgment of a case stating the facts or grounds of decision and authenticated by signature and seal of the court; a written decision of a court. [ଦ୍ର—ରୁବ୍‌କାରରେ ମକଦମାସଂକ୍ରାନ୍ତ ସମସ୍ତ ଜ୍ଞାତବ୍ୟ ବିଷୟର ବିବରଣ ଓ ଅଦାଲତଙ୍କ ମୀମାଂସାର ହେତୁବାଦ ଓ ଗୃହୀତ ପ୍ରମାଣର ସାରାଂଶ ଲିପିବଦ୍ଧ ହୋଇ ତାହା ହାକିମଙ୍କ ଦସ୍ତଖତ ଓ ମୋହରଯୁକ୍ତ ହୋଇଥାଏ।]

ରୁବ୍(ବୁ)ରୁବା—ପ୍ରାଦେ. (ସମ୍ବଲପୁର) ବି—ଅନ୍ତର୍ଦାହ; ମନୋଦୁଃଖ—
Rub-(bu)rubā Heart-burning. ବିଣ—ଅନ୍ତର୍ଦାହଯୁକ୍ତ-Mentally pained; grieved.

ରୁବ୍(ବୁ)ରୁବାହେବା—ପ୍ରାଦେ (ସମ୍ବଲପୁର) କ୍ରି—(ମନ) ବ୍ୟସ୍ତ ହେବା-
Rub(bu)rubā hebā (the mind) to be disturbed or agitated.

ରୁବଣ—ପ୍ରାଦେ (ଗଞ୍ଜାମ) ବି – ରୋବଣ (ଦେଖ)
Rubaṇa Robaṇa (See)

ରୁବଣା—ପ୍ରାଦେ (ଗଞ୍ଜାମ) ବି (ତେ. ରୋବଣ)—ପଥରର ପେଷଣ
Rubaṇā ଯନ୍ତ୍ର [ଦ୍ର—ଗୋଟିଏ ପଥର ଶିଳ ମଝିରେ ଗୋଟିଏ ଗମ୍ଭୀର ଗର୍ତ୍ତ ଖୋଳା ହୋଇଥାଏ; ସେ ଗର୍ତ୍ତ ମଧ୍ୟରେ ଜିନିଷ ରଖି ସେ ଗର୍ତ୍ତକୁ ଗୁହଁ ଭୋଟିଏ ଶିଳପୁଅ ବା ମୂଷଳରେ ତାହା ପେଷାଯାଏ—A mortar or stone slab or pestling piece consisting of a slab of stone with a receiving hole in the middle.

ରୁବ(ବୁ)ଣାଗୁଡ଼ା—ପ୍ରାଦେ (ଗଞ୍ଜାମ) ବି—ଯେଉଁ ମୂଷଳ ପ୍ରସ୍ତରଦ୍ୱାରା
Ruba(bu)ṇā gurḍā ରୁବୁଣାର ଛିଦ୍ର ମଧ୍ୟରେ ରଖାଯିବା ଦ୍ରବ୍ୟକୁ ପେଷଣ କରାଯାଏ—The pestle of a Rubaṇā slab.

ରୁବ(ବୁ)ଲ୍—ବୈଦେ.ବି—(ଇଂ ରୁବ୍ଲ, rouble)—ରୁଷିଆରେ ପ୍ରଚଳିତ
Rubbul ରୌପ୍ୟ ମୁଦ୍ରାବିଶେଷ [ଇଂରାଜୀ ତିନି ଶିଲିଙ୍ଗ୍ ଓ ৰুবল रुबल ଆମ ଦେଶର ୨ ୧ୟ]—A silver coin of Russia.

ରୁବ(ବ୍ରୁ)ଲ୍ —ବୈଦେ. ବ [ଇଂ. ରବ୍ଲ]—ପାହାଡ଼ରୁ ଖୋଳାହୋଇ
Ruba(bu)l ଅସିଥିବା ଗୋଟପଥର; ରବଲ; ରେବଲ ପଥର—
(ରୁବଲପଥର, ରୁବ୍ଲ—ଅନ୍ୟରୂପ) Brash; small &
ରବଲ **रोड़ी** irregular bits of stone as they come from the quarry; rubble.

ରୁବା—ପ୍ରାଦେ (ଗଞ୍ଜାମ) ବ—ପେଷା; ପେଷଣ; ରୁବବାକର୍ମ; ମୁଗ ବର ଅାଦ ଭଗଡ଼ବା—Grinding corne to in
Rubā a mill, ବୈଦେ. ବ—ରୁବାଇ (ଦେଖ)—Rubāi (See)

ରୁବାଇ—ପ୍ରାଦେ. ବ (ଫା)—ବିବାହ ଉତ୍ସବରେ ଗେୟ ନାୟକ-
Rubāi ନାୟିକା ଓ ବିବାହିତ ଦମ୍ପତିଙ୍କ ପ୍ରେମବିଷୟକ ଗୀତ—
ରୁବାଈ **रुबाई** Amatory songs sung on the occasion of marriage festivities.

ରୁବାବ୍—ବୈଦେ. ବ (ଆ. ରୋଅବ୍)—୧ । ଅଭ୍ୟାସ—
Rubāb 1. Habit. ୨ । ମନ୍ଦ ଅଭ୍ୟାସ—
ରୋୟାବ **रोआब** 2. Bad habit.

ରୁବି—ବୈଦେ ବ (ଇଂ ରୁବୀ)—୧ । ମାଣିକ; ଛୋଟ ଛୋଟ ନାଲିଆ
Rubi ରତ୍ନ—1. Ruby. ୨ । ଛପାଖାନାରେ ଛପା ହେବା
ରୁବୀ **रुवी** ପାଇଁ ବ୍ୟବହୃତ ଅତି ଛୋଟ ଛୋଟ ଅକ୍ଷର ବା ଟାଇପ୍—2. Very small-sized printing type; ruby-type.

ରୁବିବା—ପ୍ରାଦେ (ଗଞ୍ଜାମ) କ୍ରି—ପେଷଣ କରିବା; ମୁଗ ବରଅାଦିକୁ
Rubibā ଚକିରେ ଭଗଡ଼ିବା—To grind corn etc in a hand mill. [ଦ୍ର—ରୁବିବା ବା ଭଗଡ଼ିବା ଦ୍ୱାରା ମୁଗ ଅାଦି ଖଣ୍ଡ ଖଣ୍ଡ ହୁଏ; ଚୁରିବା ଦ୍ୱାରା ଏହା ଚୂର୍ଣ୍ଣ ହୁଏ ।]

ରୁବୁ(ବୂ)—ସଂ. ବ. (ବୈଦ୍ୟକ) (ରୁ ଧାତୁ=ଶବ୍ଦ କରିବା +
Rubu(bū) କର୍ତ୍ତୃ. ଉ, ଭ) (—ଙ୍କୈଟିବଣ୍ଡ; ଧଳା
[ରୁବୁ(ବୂ)କ—ଅନ୍ୟରୂପ] ଗବ ଗଛ—The white variety of castor oil-seed plant.

ରୁବୁଣା—ପ୍ରାଦେ (ଗଞ୍ଜାମ) ବ—ରୁବଣା (ଦେଖ)
Rubuṇā Rubaṇā (See)

ରୁଭବ—ଦେ. [ସ. ଋଭୁ(=ଦେବତା)ଶବ୍ଦର ବହୁବଚନ ଋଭବଃ]—
Rubhaba ଦେବତା—God. (ଭ—ରୁଭବ ସେ କ ମନୁଷ୍ୟ, କେଉଁ ଦେଶୀ, ଜନମ କେଉଁ ସ୍ୱକୁଳେ । 'ଅଭିମନ୍ୟୁ. ବଦଗଧ ଚନ୍ଦ୍ରାମଣି ।)

ରୁମ୍—ବୈଦେ. ବ (ଫା. ରୁମ୍; ସ. ରୋମକ)—୧ । ଗ୍ରୀସ୍, ଇଟାଲି ଓ
Rum ତୁରସ୍କ ଅାଦିର ଫାରସୀ ନାମ—1. Persian name
ରୂମ୍ of Greece, Italy and Turkey and ad-
रूम joining countries. [ଦ୍ର—ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ରୋମକ ଜାତିର ଶକ୍ତି ବଢ଼ିଲା । ୟୁନାନ୍ (ଗ୍ରୀସ୍)ର ପତନ ପରେ ରୋମକ ଏକ ପ୍ରଭାବଶାଳୀ ଜାତି ହେଲା । ଏମାନଙ୍କ ରାଜଧାନୀ ଇଟାଲିର ରୋମ ନଗର ଥିଲା । ସ୍ପେନ୍‌ଠାରୁ ଅାରବ ଓ ମିଶର ପର୍ଯ୍ୟନ୍ତ ଏ ଜାତିର ରାଜ୍ୟ ବିସ୍ତାର କରିଥିଲେ । ଖ୍ରୀ: ୩ୟ ଶତାବ୍ଦୀର ଶେଷରେ ଏ ସାମ୍ରାଜ୍ୟ ୨ ଶାସନ ଭାଗରେ ବିଭକ୍ତ ହେଲା ଖ୍ରୀ. ୩୩୦ରେ କୈସର୍ କନଷ୍ଟାଣ୍ଟାଇନ୍ (Constantine) କୁସ୍ତୁନ୍ତୁନିଆ (Constantinople) ନଗରରେ ନୂତନ ରାଜଧାନୀ ସ୍ଥାପନ କଲେ । ଖ୍ରୀ. ୩୯୫ ରେ ଦ୍ୱିତୀୟ ଓ ସାମ୍ରାଜ୍ୟ ରୋମ ରାଜ୍ୟ ଧୀରେ ଧୀରେ ଦୁର୍ବଳ ହେଲା; ଗଥ୍ ଓ ଫ୍ରେଙ୍କ୍ ଅାଦି ଜାତିମାନେ ଏ ରାଜ୍ୟକୁ ଧ୍ୱଂସ କଲେ । ପୂର୍ବୀୟ ରାଜ୍ୟ ଖ୍ରୀ. ୪୭୬ ଠାରୁ ରୋମ୍ ରାଜ୍ୟ ନାମରେ ଖ୍ୟାତ ହେଲା । ଇଉରୋପର ଦକ୍ଷିଣ ପୂର୍ବ ଭାଗ, ଏସିଆର ପଶ୍ଚିମ ଭାଗ ଓ ଉତ୍ତର ଅଫ୍ରିକା ଓ ଅନେକ ଦ୍ୱୀପ ଏ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ସେହି ସମୟରୁ ତୁର୍କୀ (ତୁରସ୍କ, ଯହିଁର ରାଜଧାନୀ କୁସ୍ତୁନ୍ତୁନିଆ) 'ରୁମ୍' ନାମରେ ଖ୍ୟାତ ହୋଇଅଛି—ହି..ଶ ଅନ୍ତ ପର୍ଯ୍ୟନ୍ତ ଭାରତୀୟ ମୁସଲମାନ୍‌ମାନେ ଶୁକ୍ରବାର ଦିନ ମସଜିଦ୍‌ରେ ପ୍ରାର୍ଥନା କଲା ବେଳେ ରୁମ୍ ବାଦଶାହା ବା ରୁମ୍ ସୁଲତାନଙ୍କ ନାମରେ ଜେଜେକାର୍ କରନ୍ତି ।]
ରୁମ ୨ । (ଇଂ. ରୁମ୍) କକ୍ଷ; ପ୍ରକୋଷ୍ଠ; କୋଠରି; କାମରା—
रुम 2. Room.

ରୁମ୍‌ଝୁମ୍(ମୁ)—ଦେ. ଅ—ରୁମୁଝୁମୁ (ଦେଖ)
Rumjhum(mu) Rumujhumu. (See)

ରୁମ୍(ମୁ)ରୁମିଅାଁ(ଅା)—ଦେ. ବଣ ପୁଂ ଓ ସ୍ତ୍ରୀ (ସ. ଲୋମମୟ)—
Rum-(mu)rumiāñ(ā) ଯେଉଁ ଜୀବର ବା ବସ୍ତୁର ଦେହସାରା
[ରମ(ମୁ)ରୁମା—ଅନ୍ୟରୂପ] ଘନ ଲୋମରେ ପୂର୍ଣ୍ଣ—Hairy;
(ରୁମ୍[ମୁ]ରୁମୀ, ରୁମ୍[ମୁ]ରୁମେଇ—ସ୍ତ୍ରୀ) furry; wooly;
ରୋମଶ, ରୋଇଁଓ୍ୱାଲା **झबारा, झबारा, रोंआँवाला** shaggy.

ରୁମ୍‌ମେଟ୍—ବୈଦେ. ବ (ଇଂ. ରୁମ୍‌ମେଟ୍)—ଛାତ୍ରାବାସରେ ବା
Rum-meṭ ହୋଟେଲରେ ରହୁଥିବା ଯେଉଁ ବ୍ୟକ୍ତିମାନେ ଗୋଟିଏ
ରୁମମେଟ **रूममेट** କୋଠରୀରେ ଥାଆନ୍ତି—Room-mate.

ରୁମ୍‌ହା—ପ୍ରାଦେ (ସିଂହଭୂମି) ବ. (ସ.ରାଜମାଷ)—୧ । ବରଗଡ଼ି ଶସ୍ୟ;
Rum-hā ବର୍ବଟୀ—1. Dolichos Sinensis; the cow-
(ରୁମ୍ହ[ହା]—ଅନ୍ୟରୂପ) pea. ୨ । ବରଗଡ଼ା ଛୁଇଁ—2. A kind of been; Vigna Catjung.

ରୁମ—ଦେ, ବ (ସ. ରୋମନ୍)—୧ । ପଶୁ ପକ୍ଷୀ ଅାଦିଙ୍କ ରୋମ;
Ruma ଲୋମ—1. Fur; down (on the body of
ରୋଁ, ରୁଅାଁ, ରୋଅାଁ beasts and birds). ୨ । ମନୁଷ୍ୟଙ୍କ
रोंआँ ମନୁଷ୍ୟର ଦେହ ଚମଡ଼ାରେ ଉଠିଥିବା ଛୋଟ ଓ କୋମଳ କେଶ —2. The down growing on the whole body of men. ୩ । ଅତି ସାମାନ୍ୟ ପରିମାଣ— 3. Minute quantity. ୪ । ଗୋଟିଏ ଲୋମର ଓସାର ପରିମାଣ—4. Hairbreadth; the breadth of one hair. [ଦ୍ର—ଦେହର ବିଶିଷ୍ଟ ଅଂଶର, ଯଥା ମନୁଷ୍ୟମସ୍ତକର, ମୁଖର, ଦାଢ଼ିର ଓ ଉପସ୍ଥର ଲମ୍ବ କେଶକୁ ଏବଂ ପଶୁଙ୍କ ଲାଞ୍ଜର, ଘୋଡ଼ାର ସିଂହାଦିଙ୍କର ବେକର ଲମ୍ବ କେଶକୁ କେଶର ବୋଲାଯାଏ ଓ ଜୀବମାନଙ୍କ ଅଙ୍ଗର ଅନ୍ୟ ସ୍ଥାନର ଛୋଟ କେଶକୁ ରୁମ ବୋଲାଯାଏ ।]

ରୁମ ଉଖା(ପା)ଡ଼ିବା—ଦେ. କ୍ରି—୧ । ଦେହର ଲୋମ ଉତ୍ପାଟନ କରିବା
Ruma ukhā(pā)ṛdibā —1. To uproot the fur
(ରୁମ ଉଠା[ଠେ]ଇବା—ଅନ୍ୟରୂପ) from the body;
রেঁআতোলা to fleece. ୨ । (ଲକ୍ଷଣାର୍ଥ)—କୌଣସି ବ୍ୟକ୍ତିର
रोआँ उखाड़ना ସାମାନ୍ୟ ଅନିଷ୍ଟ କରିବା—2. To slightly
injure a person. ୩ । (ଅଶ୍ଳୀଳାର୍ଥ) ଅନ୍ୟ ବ୍ୟକ୍ତିର
ଉପସ୍ଥାଦିର ଲୋମ ଉତ୍ପାଟନରୂପ ହେୟ ବା ଦୁର୍ଣ୍ଣୀତିକାର୍ଯ୍ୟ
କରିବା—3. To uproot the hair of another
person's privities (considered to be one
of the meanest duties).

ରୁମ ଉଖୁ(ପୁ)ଡ଼ିବା—ଦେ. ବି—ଦେହର ଲୋମ ଉତ୍ପାଟିତ ହେବା—
Ruma ukhu(pu)ṛdibā The uprooting or falling
(ରୁମ ଉଠିଯିବା—ଅନ୍ୟରୂପ) off of the down from
রোআঁ উঠেযাওয়া **रोआँ उखड़ना** the body.

ରୁମ ଉଠିବା—ଦେ: ବି—୧ । ଦେହର ଲୋମ ଉତ୍ପାଟିତ ହୋଇଯିବା—1. The
Ruma uṭhibā coming out or falling off of the
রোআঁউঠা furs from the body. ୨ । ଦେହର ସ୍ଥାନ-
रोआँ उखड़ना ବିଶେଷରେ ଲୋମ ଜନ୍ମିବା; ଲୋମୋଦ୍ଗମ—
रोआँउठना 2. The coming out or growing of
down on the body. ୩ । ଭୟ; ବିସ୍ମୟାଦିଜନିତ
ଲୋମ ଠାକୁର ଉଠିବା; ରୋମାଞ୍ଚ—3. Standing of
the hairs of the body on their ends;
horripilation; thrilling.

ରୁମ ଛୁଇଁବା—ଦେ. କ୍ରି—କୌଣସି ବ୍ୟକ୍ତିର ସାମାନ୍ୟ ମାତ୍ର ଅନିଷ୍ଟ
Ruma chhuiṅbā କରିବା—To injure a person
(ରୁମ ବଙ୍କା କରିବା; ରୁମ ବଙ୍କା[ଙ୍କେ]ଇବା—ଅନ୍ୟରୂପ) very
রেআঁবাঁকান (ছোআঁ) slightly: [ଦ୍ରି—ସସୁ ଦ୍ରୌଣୀ ଯେବେ
रोआँछूना ଗଙ୍ଗାବେ .ହେବେ ଗୋଷ୍ଠ, ନ ପାରିବେ ବଙ୍କା କରି
ମୋହୋର ରୁମଟି । କୃଷ୍ଣସିଂହ. ମହାଭାରତ ବିରାଟ ।] [ଦ୍ରି—
ଲୋକେ କଥାରେ ଅନ୍ୟ ବ୍ୟକ୍ତିକୁ କହୁଥାଆନ୍ତି—ତୁ ଭଲା
ମୋ ରୁମ ଛୁଇଁ ପାରୁ ନାହିଁ ? ତୁ ଭଲା ମୋ ରୁମ ବଙ୍କା କରିପାରୁ
ନାହିଁ ? କୌଣସି ବ୍ୟକ୍ତିର ଦେହର ଗୋଟିଏ ଲୋମ ଉପାଡ଼ିଲେ
ଯେଉଁପରି କଷ୍ଟବୋଧ ହୁଏ, ଗୋଟିଏ ଲୋମ ଉପାଡ଼ିଲେ ତା-
ଠାରୁ ଅଳ୍ପ କଷ୍ଟ ହୁଏ । ମନୁଷ୍ୟ ଦେହରେ ହାତ ଲଗାଇଲେ
ବା ମନୁଷ୍ୟଙ୍କୁ ସ୍ପର୍ଶ କଲେ ହାତ ଦେବା ସ୍ଥାନର ଲୋମମାନ
ବଙ୍କ ହୁଏ । ଏଥିପାଇଁ ରୁମ ଉପାଡ଼ିବା, ରୁମ ବଙ୍କାଇବା; ରୁମ
ଛୁଇଁବା ଶବ୍ଦମାନ ଲକ୍ଷଣାର୍ଥରେ କଷ୍ଟଦେବା, ସାମାନ୍ୟ କଷ୍ଟ
ଦେବା ଓ ଅଳ୍ପମାତ୍ର କଷ୍ଟ ଦେବା ଅର୍ଥରେ ବ୍ୟବହୃତ
ହୁଏ ।]

ରୁମ ଟଙ୍କା(ଙ୍କୁ)ରିବା—ଦେ. ବି.—(ଶୀତ, ଭୟ, ବିସ୍ମୟ ଓ ପ୍ରେମର
Ruma ṭaṅkā(ṅku)ribā ଆଧିକ୍ୟ ହେତୁ) ରୋମାଞ୍ଚ ଜାତ
রোমাঞ্চ হওয়া; শিহরণ ହେବା; ଲୋମହର୍ଷଣ—The stand-
रोआँ खड़ाहोना, रोंगटे खड़ाहोना ing of the hairs on
ରୁମ ଟାଙ୍କିବା; ରୁମ ଟାଙ୍କି ଉଠିବା } —ଅନ୍ୟରୂପ the ends;
ରୁମ ଟାଙ୍କୁରିବା; ରୁମ ଠିଆହେବା } horripila-
রোমবাঙ্কাহওয়া, শিহরণ **रोंगटेखड़ाहोना** tion; bristling
of the hairs; thrilling.

ରୁମ ନୁ(ଲୁ)ଚିବା—ଦେ. ବି.—ଅନ୍ଧକାର ଯୋଗୁଁ ଦେହସ୍ଥ ଲୋମ
Ruma nu(lu)chibā ଆଖିକୁ ଦେଖା ନ ଯିବା—The
রোম দেখা না যাওয়া down on the body not being
रोआँ न दिखना visible to the eyes owing to
(ରୁମ ଲୁଚ୍—ଅନ୍ୟରୂପ) darkness.

ରୁମ ନୁ(ଲୁ)ଚବା(ଲା) ବେଳ—ଦେ. ବି.—ମୁହଁସଞ୍ଜ; ମୁହଁସଞ୍ଜ;
Ruma nu(lu)chibā(lā) beḷa ସୂର୍ଯ୍ୟାସ୍ତର ଅବ୍ୟବହିତପର-
ରୁମ ନୁ(ଲୁ)ଚ୍ ବେଳ } —ଅନ୍ୟରୂପ ବର୍ତ୍ତୀ ଓ ଘୋର ଅନ୍ଧକାର
ରୁମ ନୁ(ଲୁ)ଚ୍ ଅନ୍ଧାର } ଘୋଟି ଯିବାର ପୂର୍ବବର୍ତ୍ତୀ
সন্ধ্যার অল্প অন্ধকার ସମୟ (ଯେଉଁ ସମୟରେ ଅଗରେ ଠିଆ
घुँधला काल ହେବା ମନୁଷ୍ୟର ଆକୃତିକୁ ବାରି ହୁଏ, କିନ୍ତୁ ଉକ୍ତ
ମନୁଷ୍ୟର ଦେହର ଲୋମମାନ ଆଖିକୁ ଦେଖା ପଡ଼େ ନାହିଁ)
Dusk; sun down (just when the down
of the body is not visible to the eye.)

ରୁମ ବଙ୍କା କରିବା—ଦେ. କ୍ରି.—(ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ସାମାନ୍ୟ
Ruma baṅkā karibā ମାତ୍ର ଅନିଷ୍ଟ କରିବା—
রোম বাকান (figurative) To injure a person even
slightly.
(ରୁମ ବଙ୍କା ହେବା; ରୁମ ବାଙ୍କିବା—ବିଶେଷ୍ୟରୂପ)
[ରୁମ ବଙ୍କା(ଙ୍କେ)ଇବା—ଅନ୍ୟରୂପ] **रोआँ बाँका करना**

ରୁମ ମୂଳ—ଦେ. ବି.—(ସଂ. ଲୋମ ମୂଳ)—୧ । ଲୋମମୂଳ—
Ruma mūla **रोआँकीजड़** 1. The root of the
down of the body. ୨ । ଲୋମକୂପ—2. The
রোমেরগোড়া pores of the skin.

ରୁମରୁମିଆ(ଆଁ)—ଦେ. ବଣ (ପୁଂ ଓ ସ୍ତ୍ରୀ) (ସଂ. ଲୋମଶ)—ଲୋମଶ—
Rumarumia(āṅ) Furry; hairy; wooly.
লোমশ (ରୁମରୁମା—ଅନ୍ୟରୂପ) (ରୁମରୁମୀ, ରୁମରୁମେଇ—
झबरा ସ୍ତ୍ରୀଲିଙ୍ଗ ରୂପ)

ରୁମା—ସଂ. ବି. ସ୍ତ୍ରୀ (ରୁ ଧାତୁ=ରବ କରିବା + କର୍ତ୍ତୃ. ମ + ସ୍ତ୍ରୀ. ଆ)—
Rumā ୧ । ରାମାୟଣବର୍ଣ୍ଣିତା ସୁଗ୍ରୀବଙ୍କ ପତ୍ନୀ—1. The
wife of Sugriba described in the
Rāmāyaṇa. [ଦ୍ରି—ବିଗତ ଦୁଃଖ ସୁଗ୍ରୀବ ସୁରଙ୍ଗେ,
ବିଳସିତ ଯେ ତାର ରୁମା ସଙ୍ଗେ । ଉପ. ବୈଦେହୀଶ-
ବିଳାସ ।] [ଦ୍ରି—ଏ ବୃହସ୍ପତିଙ୍କ କନ୍ୟା ଓ ସୁଗ୍ରୀବଙ୍କ ସ୍ତ୍ରୀ ।
ଜ୍ୟେଷ୍ଠଭ୍ରାତା ବାଳୀ ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟା ରାଜ୍ୟରୁ ତଡ଼ି
ଦେବା ସମୟରେ ରୁମା ବାଳୀଙ୍କ ଆଶ୍ରୟରେ ରହିଥିଲେ ।
ପରେ ଶ୍ରୀରାମଙ୍କଦ୍ୱାରା ବାଳୀ ନିହତ ହେବାରୁ ରୁମା ସ୍ୱୀୟ
ସ୍ୱାମୀଙ୍କ ସଙ୍ଗେ ପୁନର୍ମିଳିତା ହେଲେ ।] ୨ । ରାଜପୁତାନା
ଅଞ୍ଚଳର ସାମ୍ଭର ପ୍ରଦେଶର ଲୁଣର ଖଣି—2. Mines
of rock salt in Rājputānā (N. W. India)
୩ । ଶୁକ (ଦେଖ)—3. Śuka. (See) (କବିରାଜ
ହରେକୃଷ୍ଣ ମିଶ୍ରଙ୍କ ଦ୍ରବ୍ୟଗୁଣ) । ଦେ. ବି—୧ । ଲୋମମୟ
পশমী কাপড় ବସ୍ତ୍ର—1. Dress of fur. ୨ । ପଶମୀ ଲୁଗା—

ऊनीकपड़ा 2. Woolen cloth. ଦେ. ବିଣ—୧ । ଲୋମମୟ—
রোআঁওয়ালা 1. Full of fur; downy; shaggy.
रोआँदार ୨ । ପଶମୀ—2. Woolen. ପ୍ରାଦେ (ସିଂହଭୂମି)—
পশমী **ऊनी** ବି—ରୁହ୍ନା (ଦେଖ)—Rum-hā. (See)

ରୁମାବତୀ—ସଂ. ବି—ରାଜପୁତାନା ଅନ୍ତର୍ଗତ ପ୍ରାଚୀନକାଳର ନଦୀ ବିଶେଷ
Rumābati (ଏଥିର ଗର୍ଭରୁ ଖାମ୍ବର ଲବଣ ଉତ୍ପନ୍ନ ହେଉଥିବା କଥିତ)—The name of an ancient river in Rājputānā from the bed of which rock salt was extracted.

ରୁମାଲ୍—ବୈଦେ. ବି (ଫା. ରୁମାଲ୍; ପାର୍ଶି. ରୁ=ମୁହଁ+ମାଲ୍=
Rumāl ପୋଛିବା; ଯହିଁରେ ମୁହଁ ପୋଛାଯାଏ; ତୁଳ. ସ.—ରୂପ-
রুমাল ମାର୍ଜ୍ଜନ)—୧ । ଉରୁମାଲ; ମୁହଁ ପୋଛିବାପାଇଁ ବ୍ୟବହୃତ
रूमाल କ୍ଷୁଦ୍ର ଚତୁଷ୍କୋଣିଆ କନା—1. Handkerchief. ୨ । ଗାତ୍ରମାର୍ଜ୍ଜନୀ; ଛୋଟ ଗାମୁଛା—2. Small napkin. ୩ । ଏକପ୍ରକାର ଛୋଟ ସମଚତୁର୍ଭୁଜ ଶାଲ—3. A kind of small square shawl. [ଦ୍ର—ଗାମୁଛା (Napkin) ପିନ୍ଧା ଲୁଗାଠାରୁ ଛୋଟ, ତଉଲିଆ (Towel) ଗାମୁଛାଠାରୁ ଛୋଟ; ରୁମାଲ (Handkerchief) ତଉଲିଆଠାରୁ ଛୋଟ; ମୋଟା ରୁମାଲକୁ ଝାଡ଼ଣ (Duster) ବୋଲାଯାଏ । ଯେଉଁ ରୁମାଲ ଶାଲରୂପେ ବ୍ୟବହୃତ ହୁଏ, ତାହା ସାଧାରଣ ରୁମାଲ ଅପେକ୍ଷା ବଡ଼; ଏଥିର ଲମ୍ବ ଓ ଓସାର ୨ହାତ ଠାରୁ ୩ହାତ । ଏହାକୁ କୋଣଭଙ୍ଗୁଣିଆ କରି ବଡ଼ଲୋକମାନେ ପିଠିରେ ପକାନ୍ତି ଓ ଗୁଡ଼ାଇ କରି ପଗଡ଼ି ଭଳି ମୁଣ୍ଡରେ ବାନ୍ଧନ୍ତି ।]

ରୁମାଳ—ଦେ. ବିଣ. ପୁଂ—ଲୋମମୟ
Rumāḷa Full of fur; furred, hairy.
(ରୁମାଳଅ—ପୁଂ. ଓ ସ୍ତ୍ରୀରୂପ; ରୁମାଳୀ, ରୁମାଳେଇ—ସ୍ତ୍ରୀ)
রোআঁদার **झबरा, रोआँदार**

ରୁମାଲି—ଦେ. ବି—୧ । ଭାରତରେ ପୂର୍ବେ ଅତ୍ୟାଚାର କରୁଥିବା ଦଳ-
Rumāli ବଦ୍ଧ ଏକ ଶ୍ରେଣୀର ନରହନ୍ତା ଦସ୍ୟୁ; ଠଗ—Gangs
রুমালী of highway robbers who used to strangle
रुमाली wayfarers to death by tightening handkerchiefs round their necks. [ଦ୍ର—ଏମାନେ ରୁମାଲକୁ ଦଉଡ଼ିଭଳି ଗୁଡ଼ାଇ ତାକୁ ପଥିକମାନଙ୍କ ଗଳାରେ ଭିଡ଼ି ପଥିକମାନଙ୍କୁ ହତ୍ୟାକରି ଧନଲୁଣ୍ଠନ କରୁଥିଲେ । ଏମାନଙ୍କୁ ଠଗ ବୋଲାଯାଉଥିଲା । ଲର୍ଡ଼ ବେଣ୍ଟିଙ୍କ୍ ଭାରତର ବଡ଼ଲାଟ ଥିବା ସମୟରେ (ଖ୍ରୀ ୧୮୨୮-୧୮୩୫) ଏ ଦସ୍ୟୁଦଳଙ୍କୁ ଦମନ ଓ ନିର୍ମୂଳ କଲେ । ଏ 'ଠଗବିଭାଗ' ନାମରେ ଗୋଟିଏ ସରକାରୀ ବିଭାଗ ସ୍ଥାପନ କରି କର୍ଣ୍ଣେଲ୍ ସ୍ଲିମାନ୍ ନାମକ ଜଣେ ପଲଟଣିଆ ସାହେବଙ୍କୁ ଏ ଠଗମାନଙ୍କ ଦମନକାର୍ଯ୍ୟରେ ନିଯୁକ୍ତ କଲେ । ସ୍ଲିମାନ୍ ସାହେବଙ୍କ ଅକ୍ଳାନ୍ତ ଉଦ୍ୟମରେ ଖ୍ରୀ ୧୮୩୦ ଠାରୁ ୧୮୩୫ ପର୍ଯ୍ୟନ୍ତ ପ୍ରାୟ ଦୁଇ ହଜାର ଠଗଙ୍କୁ ଧରାଯାଇ ଫାଶୀ ଦିଆଗଲା ଏବଂ ଏଥିର ଫଳରେ ଦେଶରୁ ରୁମାଲି ଠଗମାନଙ୍କ ଅତ୍ୟାଚାର ଦୂରୀଭୂତ ହେଲା ।] ୨ । ଏକ ଶ୍ରେଣୀର ବାଳକ ନର୍ତ୍ତକ—2. A class of dancing boys used as objects for satisfaction of unnatural lust. [ଦ୍ର—ଏମାନେ କାମୁକମାନଙ୍କର ଇନ୍ଦ୍ରିୟଲାଳସାକୁ ଅସ୍ୱାଭାବିକ ଉପାୟରେ ତୃପ୍ତ କରିବା ସାମଗ୍ରୀରୂପେ ବ୍ୟବହୃତ ହେଉଥିଲେ । ସଭ୍ୟତାର ପ୍ରସାର ଓ ଅସ୍ୱାଭାବିକ ପୁଂମୈଥୁନାଦି ନିବାରକ ଆଇନ୍ ପ୍ରଚଳନ ହେତୁ ଅଧୁନା ଏମାନଙ୍କ ସଂଖ୍ୟା ଓ ବ୍ୟବସାୟ କ୍ରମଶଃ ମାନ୍ଦ୍ୟ ଲାଭ କରୁଅଛି; ଏମାନେ ରୁମାଲ୍‌ଦ୍ୱାରା ଗୁହ୍ୟମାର୍ଗକୁ କାମୁକମାନଙ୍କ ପୁଂମୈଥୁନୋପଯୋଗୀ କରିବା କର୍ମ କରୁଥିବାରୁ ଏମାନଙ୍କର ଏହି ନାମ ହୋଇଥିଲା ।]

ରୁମାଲି ଠଗ(କ)—ଦେ. ବି—ରୁମାଲି ୧ (ଦେଖ)
Rumālī ṭhaga(ka) Rumāli 1 (See)
রুমালীঠগ **रुमालीठग**

ରୁମି—ଦେ. ବିଣ. ପୁଂ ଓ ସ୍ତ୍ରୀ (ସ. ରୋମଶ)—୧ । ଲୋମମୟ;
Rumi ଲୋମଶ—1. Furry. ୨ । ଯେଉଁ ବ୍ୟକ୍ତିର ଦେହଯାକ
[ରୁମିଅ(ଅଁ)—ଅନ୍ୟରୂପ] ବଡ଼ ବଡ଼ ଲୋମରେ ପୂର୍ଣ୍ଣ—2. (per-
[ରୁମୀ,ରୁମେଇ—ସ୍ତ୍ରୀ] son) Having large furs grow-
লোমশ, রোআঁদার ing all over his body. ବୈଦେ. ବିଣ—
झबरा, रोआँदार (ଫା)—ରୁମ୍ ଦେଶ ସମ୍ବନ୍ଧୀୟ—Relating
রুমী **रुमी** to the country of Rum.

ରୁମିବା—ପ୍ରାଦେ (ଯାଜପୁର) କ୍ରି—ପକ୍ଷୀର ଦେହରୁ ଲୋମଯାକ
Rumibā ଉପାଡ଼ିବା—To uproot the fur or down from the whole body of a bird (before cooking it).

ରୁମିମସ୍ତକି[ଗି]—ଦେ. ବି [ଅ—ମସ୍ତଗୀ, ରୁମୀ=ରୁମ୍ ବା ରୋମ
Rumi mastaki(gi) ଦେଶୀୟ]—ମସ୍ତକି; ବିଦେଶାଗତ ଏକ
ସ. ନାମ—ଧୂକବୃକ୍ଷ, ପୀତରସ, ପ୍ରକାର ଝୁଣା ବା ବୃକ୍ଷ ନିର୍ଯ୍ୟାସ ।
ଭଙ୍ଗୁର, ଗନ୍ଧନୀ । [ଦ୍ର—ଏହା ଔଷଧରେ ଓ
রুমীমস্তকী ବାର୍ଣ୍ଣିସ୍‌ରେ ବ୍ୟବହୃତ ହୁଏ ।
मुस्तगी ଲୋବାନ୍ ପରି ମୁଖବାସପାଇଁ କେହି
ଫା. କୁନ୍ଦରରୁମୀ କେହି ଏହାକୁ ଚୋବାନ୍ତି—
ଅ. ଅଲକରୁମୀ, ମସ୍ତଗୀ A sort of resin or gum; Pistacia Lentiscus,

[ଦ୍ର—ଏହା ଅମ୍ରାତ ବର୍ଗର କ୍ଷୁପ; ଭୂମଧ୍ୟସାଗର ନିକଟବର୍ତ୍ତୀ ସ୍ଥାନରେ ଜନ୍ମେ ଓ ଏ ବୃକ୍ଷର ଶୁଷ୍କ ନିର୍ଯ୍ୟାସ ଏ ଦେଶକୁ ଆମଦାନୀ ହୁଏ । ରୁମ୍ ବା ରୋମ୍ ଦେଶରୁ ଆସିବା ଯୋଗୁଁ ଏହି ନାମ । ଅନ୍ୟ ଏକ ପ୍ରକାରର ବେଲୁଚି ସ୍ଥାନରେ ଜାତ ପଦାର୍ଥକୁ କାବୁଲ ମସ୍ତକି ବା Pistacia Mutica ବୋଲାଯାଏ । ବୈଦ୍ୟକ ମତରେ ଏହା ମୂତ୍ରକାରକ, ଧାରକ, କଫଘ୍ନ, ବଳକାରକ, ଏବଂ ଦନ୍ତରୋଗ, ମେହ ଓ ପ୍ରଦରନାଶକ ।]

ରୁମୁଝୁମ(ମୁ)—ଦେ. ଅ (ଧ୍ୱନ୍ୟନୁକରଣ; ସଂ. ରୁଣ୍ ଧାତୁ ଓ ଧ୍ୱନ୍ ଧାତୁ)
Rumujhum(mu) ୧ । ରୁଣୁଝୁଣୁ; ଅଳଙ୍କାର ଆଦିର ମଧୁର
ରුନඣුන, ରୁମଝୁମ କ୍ୱଣନ—1. Sweet tinkling of ornaments.
ରුନඣුନා ୨ । ବୀଣା ଆଦିର ସୁମଧୁର ଝଙ୍କାର—2. The sweet vibratory sound of a harp. [ଦ୍ର—ରୁଣୁଝୁଣୁ ଅପେକ୍ଷା ରୁମୁଝୁମୁ(ମୁ) ଗମ୍ଭୀରତର ।]

ରୁମେ—ଦେ. କ୍ରି. ବଣ—ଏ ଗୋଟିଏ ଲୋମ ସୁଦ୍ଧା—1. Even
Rume one hair; by a hair. (ଯଥା—ତୁ ମୋର ରୁମେ (ରୁମେ ବି, ରୁମେ ମାତ୍ର—ଅନ୍ୟରୂପ) ଅନିଷ୍ଟ କରି ପାରିବୁ
एक रूआँ ନାହିଁ ।) ୨ । ତିଳେ ମାତ୍ର; ସରଳ ରେଖା ଅପେକ୍ଷା
एक बालभी, एक रोआँभी ଟିକିଏ ମାତ୍ର ବଙ୍କା ନ ହୋଇ—2. By a hair's breadth; without deviating from the straight line by even the breadth of a hair. (ଯଥା—ମୁଁ ଯେଉଁ ସିଧା ଗାରଟି ଖାଲି ହାତରେ ଟାଣିଛି ସେ ରୁମେ ସୁଦ୍ଧା ବଙ୍କା ହୋଇ ନାହିଁ ।) ୩ । (ଲକ୍ଷଣାର୍ଥ) ସାମାନ୍ୟ ମାତ୍ର ସୀମା ଅତିକ୍ରମ ନ କରି; ତିଳେ ମାତ୍ର—3. Without the slightest deviation. (ଯଥା—ତୁ ମୋ ହୁକୁମରୁ ରୁମେ ମାତ୍ର ଏଣେ ତେଣେ କରିବା ଦେଖିଲେ ମୁଁ ତୋତେ ଗୁରୁତର ଶାସ୍ତି ଦେବି ।)

ରୁମେ ବଙ୍କା—ଦେ. ବିଣ—ଗୋଟିଏ ଲୋମ ପରିମିତ ପ୍ରଭେଦ ଦ୍ୱାରା
Rume bankā ସରଳ ରେଖାଠାରୁ ବକ୍ର—Deviating
रोम बाँका from the straight line even by the
बाल बाँका breadth of one hair.

ରୁମ୍ର—ସଂ. ବି. (ରମ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ର)—ଅରୁଣ;
Rumra ସୂର୍ଯ୍ୟସାରଥି—The charioteer of the Sun-
(ରୁମ୍ରା—ସ୍ତ୍ରୀ) god; dawn personified.
ସ. ବିଣ. ପୁଂ—୧ । ପାଣ୍ଡୁର; ରକ୍ତ ପିଙ୍ଗଳ—1. Tawny (Apte). ୨ । ଉଜ୍ଜ୍ୱଳ—2. Bright (Apte).

ରୁରୁ—ସଂ. ବି. (ରୁ ଧାତୁ=ରବ କରିବା+କର୍ତ୍ତୃ. ରୁ)—୧ । କୃଷ୍ଣସାର
Ruru ମୃଗ ବିଶେଷ—1. A species of deer; Corvulus Montjac. [ଦ୍ର—ଏମାନେ ରକ୍ତ ପିଙ୍ଗଳ ବର୍ଣ୍ଣ; ଏମାନେ ଲୋକବସତିର ବହୁ ଦୂରରେ ନିବିଡ଼ ଜଙ୍ଗଲରେ ବିଚରଣ କରନ୍ତି ଏବଂ କୁକୁରଙ୍କ ଭୁକିବା ଭଳି ଥରେ ମାତ୍ର 'ଭୌ' ରବ କରନ୍ତି । ପୁରୁଷ ଜାତୀୟ ରୁରୁଙ୍କର ଶିଙ୍ଗ ଦୁଇ ଓ ତହିଁରୁ ମଝିରେ ମଝିରେ ଖୋଳ ଖସି ପଡ଼ି ନୂଆ ଖୋଳ ଗଜୁରେ । ସ୍ତ୍ରୀ ଜାତୀୟ ରୁରୁଙ୍କର ଶିଙ୍ଗ ନାହିଁ । ଏମାନଙ୍କ ଚର୍ମକୁ ଋଷିମାନେ ବ୍ୟବହାର କରୁଥିଲେ ଓ ଏମାନଙ୍କ ଚର୍ମର ମେଖଳାକୁ ବ୍ରହ୍ମଚାରୀମାନେ ପିନ୍ଧୁଥିଲେ ।] ୨ । କସ୍ତୁରୀ ମୃଗ (ହି. ଶ)—2. Musk deer. ୩ । (ପୁରାଣ) ଦୈତ୍ୟ ବିଶେଷ—3. (Hindu mythology) Name of a Titan. [ଦ୍ର—ଏ ଦୁର୍ଗାଙ୍କ ଦ୍ୱାରା ନିହତ ହୋଇଥିଲା—ହି. ଶ; ଚ୍ୟବନ ମୁନିଙ୍କ ପୁତ୍ର ପ୍ରମତିଙ୍କ ଔରସରେ ଘୃତାଚୀ ନାମ୍ନୀ ଅପ୍ସରାର ଗର୍ଭରୁ ଜାତ ଦୈତ୍ୟ, ଏହାଙ୍କ ସହିତ ମେନକା ଅପ୍ସରାର କନ୍ୟା ପ୍ରମଦ୍ୱରାର ବିବାହସମ୍ବନ୍ଧ ସ୍ଥିର ହୋଇଥିଲା । କିନ୍ତୁ ବିବାହ ପୂର୍ବରୁ ପ୍ରମଦ୍ୱରା ସର୍ପାଘାତରେ ମୃତା ହେବାରୁ ଦେବଦୂତଙ୍କ ଉପଦେଶ ଅନୁସାରେ ରୁରୁ ନିଜର ପରମାୟୁରୁ ଅଧେ ପ୍ରମଦ୍ୱରାକୁ ପ୍ରଦାନ କରିବାରୁ ପ୍ରମଦ୍ୱରା ଜାଗିଉଠିଲା ଓ ଦୁହିଙ୍କର ବିବାହ ସମ୍ପନ୍ନ ହେଲା । ଏହାଙ୍କଠାରୁ ଶୁନକ ନାମକ ଏକ ପୁତ୍ର ଜନ୍ମିଥିଲା । ରୁରୁକୁ ମହାଦେବ ବଧ କଲେ ।] ୪ । ଋଷି ବିଶେଷ (ହି. ଶ)—4. Name of a sage. ୫ । ପୁରାଣାନୁସାରେ କ୍ରୂର ଜନ୍ତୁ ବିଶେଷ—4. Name of a fabulous animal. [ଦ୍ର—ଏହାର ଅନ୍ୟ ନାମ ସ୍ୱରଭଙ୍ଗା । ହିଂସିତ ପ୍ରାଣୀ ରୁରୁ ରୂପ ଧାରଣ କରି ରୌରବ ନରକରେ ଇହଲୋକରେ ହିଂସାକାରୀ ବ୍ୟକ୍ତିଙ୍କୁ କାମୁଡ଼ନ୍ତି ।] ୬ । ବିଶ୍ୱେଦେବାଙ୍କ ଅନ୍ତର୍ଗତ ଗଣଦେବତା ବିଶେଷ (ହି. ଶ)—6. Name of a class of Deities. ୭ । ସାବର୍ଣ୍ଣି ମନୁଙ୍କ ଅମଳର ସପ୍ତର୍ଷିମଧ୍ୟରୁ ଏକ ଋଷିଙ୍କ ମାମୁ (ହି.ଶ)—7. Name of the maternal uncle of one of the seven sages who lived during the age of Sābarnni Manu. ୮ । ଏକ ଭୈରବଙ୍କର ମାମୁ (ହି. ଶ)—8. Name of the maternal uncle of a Bhairaba. ୯ । ଫଳବାନ୍ ବୃକ୍ଷ ବିଶେଷ (ହି. ଶ)—9. Name of a fruit tree.

ରୁରୁକ୍ଷୁ—ସଂ. ବିଣ—ରୁକ୍ଷ; ଅଚିକ୍କଣ (ହି. ଶ)—
Rurukshu Unsmooth; rough.

ରୁରୁଦିକ୍ଷା—ସଂ. ବି. (ରୁଦ୍ ଧାତୁ+ଇଚ୍ଛାର୍ଥେ ସନ୍+ଅ)—ରୋଦନ
Rurudikshyā କରିବା ଇଚ୍ଛା—Inclination to weep.

ରୁରୁଦିଷୁ—ସଂ. ବିଣ. ପୁଂ ଓ ସ୍ତ୍ରୀ (ରୁଦ୍ ଧାତୁ=କାନ୍ଦିବା+ଇଚ୍ଛାର୍ଥ
Rurudishu ସନ୍+କର୍ତ୍ତୃ. ଉ)—ରୋଦନ କରିବାକୁ ଇଚ୍ଛୁକ—Inclined to weep; feeling inclined to weep.

ରୁଲ୍—ବୈଦେ. ବି. (ଇଂ. ରୋଲର, ରୁଲର)—୧ । ରୋଲ; କାଗଜ
Rul ଆଦିରେ ସିଧା ଗାର ପକାଇବା ବେଳେ ଲେଖମାକୁ ସରଳ
रूल ରେଖାରେ ନିୟନ୍ତ୍ରିତ କରିବାପାଇଁ ବ୍ୟବହୃତ କାଠର ବା
रोल ଧାତୁର ଗୋଲାକାର ଲମ୍ବ ଦଣ୍ଡ; ଋଜୁରେଖାଙ୍କନ ଦଣ୍ଡ—1. A ruler. ୨ । ରୁଲ୍ ସାହାଯ୍ୟରେ କାଗଜରେ ଟଣାଯିବା ସିଧାଗାର—2. Straightline drawn with the help of a ruler. ୩ । କନଷ୍ଟବଲ୍‌ମାନଙ୍କ ଦ୍ୱାରା ବ୍ୟବହୃତ ଠେଙ୍ଗଣୀ—3. Baton used by
रूल constables. ୪ । (ଇଂ. ରୁଲ୍) କର୍ତ୍ତୃପକ୍ଷଙ୍କ ପ୍ରବର୍ତ୍ତିତ
रूल ନିୟମ—4. A rule or regulation promulgated by an authority. ୫ । (ବିଚାରଥି)

ଉଚ୍ଚତର ଅଦାଲତ (ଯଥା—ହାଇକୋର୍ଟ)ରୁ ନିମ୍ନ ଅଦାଲତଙ୍କ ପ୍ରତି ପ୍ରଚାରିତ ଆଦେଶ—5. A rule issued by a higher court on a lower court
୬ । (କଚେରିଆ) ରୁଲିଙ୍ଗ୍ (ଦେଖ)—6. Ruling(See)
୭ । ନିର୍ଦ୍ଧାରିତ ନିୟମ; ଧାରା; ପଦ୍ଧତି—7. A fixed rule or system

ରୁଲ୍ (ଇତ୍ୟାଦ)—ବୈଦେ. ବି (ଇଂ.ରୁଲର୍)—ରୁଲ ଇତ୍ୟାଦ ୧ (ଦେଖ)
Rul (etc) Rul etc. 1 (See)

ରୁଲ୍(ଲ୍) କରିବା—ଦେ. କ୍ରି—କାଗଜ ଆଦି ଉପରେ ରୁଲ୍ ସାହାଯ୍ୟରେ ସରଳ ରେଖା ଅଙ୍କିତ କରିବା—To draw straight lines on paper etc. with the help of a ruler.
Rul(l) kariba
রুল করা, রুল টানা, রুল কাটা
रोल करना
[ରୁଲ୍(ଲ୍)କାଟିବା, ରୁଲ୍(ଲ୍)ଟାଣିବା—ଅନ୍ୟରୂପ]

ରୁଲ୍ କାଏମ—ଦେ. ବି. (କଚେରିଆ) ଅପିଲ୍ ବା ମୋସନ୍‌ର ଶୁଣାଣିର ଫଳରେ ହାଇକୋର୍ଟଙ୍କଦ୍ୱାରା ପ୍ରଥମେ ପ୍ରଚାରିତ ଆଦେଶର ଦୃଢ଼ୀକରଣ—A rule being made absolute after the hearing of a case by the Highcourt.
Rul kaem
রুল কাএম
रुल कायम

ରୁଲ୍(ଲ୍)କୁ(ଖୁ)ନ୍ଦା—ଦେ. ବି.—ରୁଲ୍ ବାଡ଼ିର ମୁଣ୍ଡିରେ ଭୁସିବାଦ୍ୱାରା ଆଘାତ—Poking with the butt end of a baton or ruler; ramming with a baton
Rul (l) ku(khu)nda
[ରୁଲ୍(ଲ୍)ଉତ୍ତ—ଅନ୍ୟରୂପ]
রুলের গোঁতা
रोलसेठेसना

ରୁଲ୍ଗାର—ଦେ. ବି.—(ଇଂ. ରୁଲ୍ଡ୍ ଲାଇନ୍)—ରୁଲ୍ ସାହାଯ୍ୟରେ କାଗଜ ଉପରେ ଟାଣାଯିବା ରେଖା—Line drawn on paper with the help of a ruler; ruled line.
Rul gara
(ରୁଲ୍ ଲାଇନ୍—ବୈଦେଶିକରୂପ)
রুল লাইন रोलकालाइन

ରୁଲ୍ଜାରି—ଦେ. ବି.—୧ । କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ନିୟମର ବା ସ୍ଥାୟୀ ଆଦେଶର ପ୍ରବର୍ତ୍ତନ—1. Promulgation of a rule or regulation by a higher authority
Rul jari
রুলজারী
रुलजारी
୨ । (କଚେରିଆ) ଉଚ୍ଚତର ଅଦାଲତଙ୍କ ଦ୍ୱାରା ନିମ୍ନ ଅଦାଲତଙ୍କ ଉପରେ ମକଦ୍ଦମା ସମ୍ବନ୍ଧେ ଆଦେଶ ପ୍ରଚାର—2. The making or issuing of a rule by a higher court on a lower court regarding a case.

ରୁଲ୍(ଲ୍) ଠେଙ୍ଗ(ଙ୍ଗି, ଙ୍ଗେ, ଙ୍ଗୁ)ଣି—ଦେ. ବି—ରୁଲ୍ ଠେଙ୍ଗା ୨ (ଦେଖ)
Rul(l) thenga(ngi, nge, ngu)ni Rul thenga 2 (See).

ରୁଲ୍(ଲ୍) ଠେଙ୍ଗା—ଦେ. ବି.—୧ । ରୁଲ୍‌ପରି ଗୋଲ ଲମ୍ବା ଯଷ୍ଟି—1. A round cudgel or stick like a ruler.
Rul(l) thenga
[ରୁଲ୍(ଲ୍) ବାଡ଼ି—ଅନ୍ୟରୂପ] ୨ । ପୁଲିସ କନଷ୍ଟବଲ୍‌ମାନେ ଯେଉଁ ଗୋଲ ଠେଙ୍ଗଣି ବ୍ୟବହାର କରନ୍ତି—2. Baton used by police constables.
রুলেরমত লাঠি (ঠেঙ্গা)
रोल ठेङ्गा
୩ । ରେଗୁଲେସନ୍ ଲାଠି (ଦେଖ)—3. Regulasan lathi (See)

ରୁଲ୍ ପକା(କେ)ଇବା—ରୁଲ୍ କରିବା (ଦେଖ)
Rul paka(ke)iba Rul kariba (See)

ରୁଲ୍ ପଡ଼ିବା—ଦେ. ବି.—କାଗଜ ଆଦି ଉପରେ ରୁଲ୍ ସାହାଯ୍ୟରେ ଗାର ଟଣା ଯିବା—Drawing of lines on paper with the help of ruler.
Rul pardiba
রুল পড়া
रुल पड़ना

ରୁଲ୍(ଲ୍) ମାଡ଼—ଦେ. ବି.—ରୁଲ୍ ଠେଙ୍ଗା ବା ରୁଲ୍ ଠେଙ୍ଗଣିଦ୍ୱାରା ପ୍ରହାର—Strokes or blows given by a baton or regulation lathi.
Rul (l) marda
রুলের মার
रोलसे मार

ରୁଲ୍ ରଦ୍(ଦ୍)—ବୈଦେ.ବି.—(କଚେରିଆ; ଇଂ.ରୁଲ୍ + ଫା.ରଦ୍)—କୌଣସି ମକଦ୍ଦମାର ଶୁଣାଣି ପରେ ଉଚ୍ଚ ଅଦାଲତଙ୍କ ଦ୍ୱାରା ପ୍ରଥମେ ପ୍ରଚାରିତ ହୋଇଥିବା ଆଦେଶ ରହିତ କରାଯିବା—The discharge of a rule by the issuing court after hearing.
Rul rad(dd)
রুল রদ্দ
रुल रद्द

ରୁଲା—ଦେ. ବି.—ରେଖା; ଗାର; ଲମ୍ବ ସରଳରେଖା; ଲମ୍ବ ଲମ୍ବ ଦାଗ—Stripes; long straight marks; long streaks.
Rula
রোলা দাগ
धारी, लकीर

ରୁଲା ରୁଲା—ଦେ. ଅ.—(ବହୁବଚନସୂଚକ)—୧ । ଲମ୍ବା ଲମ୍ବା ଗାର ବା ଦାଗ କ୍ରମେ—1. In long streaks.
Rula rula
রোলা রোলা
बहुत दाग, धारीधारी
୨ । (ଧ୍ୱନ୍ୟାନୁକରଣ) ପ୍ରସ୍ରାବ କରିବାର ଶବ୍ଦ—2. Sound of pissing.

ରୁଲି(ଲି)—ପ୍ରାଦେ. (ମେଦିନୀପୁର) ବି.—(ସଂ. ରେଖା—ଧ୍ୱନି; ରୁଲି. ବି ରୁଲି)—ସଧବା ସ୍ତ୍ରୀଲୋକମାନେ ହାତରେ ଯେଉଁ ସରୁ ଲୁହା ବଳୟ ପିନ୍ଧନ୍ତି—Very slender iron bangles worn on the wrist by wives.
Ruli (li)

ରୁଲିଂ—ବୈଦେ. ବି—(ରୁଲିଙ୍ଗର ଅଶୁଦ୍ଧ ଲିଖନ)—ରୁଲିଙ୍ଗ୍ (ଦେଖ)
Rulim Ruling (See)

ରୁଲି କାଚ—ଦେ. ବି.—ଖୁବ୍ ସରୁ କାଚର ଖଡ଼ୁ; ଚୁଡ଼ି—Very slender bangles of glass.
Ruli kacha
কাঁচের রুলী
रेसमी चूड़ि

ରୁଲିଙ୍ଗ୍—ବୈଦେ. ବି. (ଇଂ)—(କଚେରିଆ)—ନଜୀର; ଉଚ୍ଚ ଅଦାଲତଙ୍କ ମୀମାଂସା, ଯଦ୍ଦ୍ୱାରା ନିମ୍ନ ଅଦାଲତମାନେ ନିୟନ୍ତ୍ରିତ ହୁଅନ୍ତି—Ruling; decision of higher courts regulating those of lower courts.
Ruling
রুলিঙ্গ
रुलिङ्ग

ରୁଲିଙ୍ଗ୍ ଚୀଫ୍—ବୈଦେ. ବି. (ଇଂ)—ସ୍ୱାୟତ୍ତଶାସନାର୍ଥ ଦୃଢ଼ଶକ୍ତିପ୍ରାପ୍ତ ଦେଶୀୟ ରାଜା—Ruling Chief. [ଦ୍ର—ଓଡ଼ିଶା ଗଡ଼ଜାତର ରାଜାମାନେ ପ୍ରଥମେ ଟ୍ରିବୁଟେରି ଚୀଫ୍ (Tributary Chief), ପରେ ଫିଉଡେଟରି ଚୀଫ୍ (Feudatory Chief) ଥିଲେ ଓ ଏବେ ରୁଲିଙ୍ଗ ଚୀଫ୍ (Ruling Chief) ନାମରେ ଅଭିହିତ ହେଉଅଛନ୍ତି ।]
Ruling chiph
রুলিঙ্গ চিফ

ରୁଷ୍ (ଧାତୁ)—ସଂ.—କ୍ରୋଧ କରିବା; ରାଗିବା—To be angry.
Rush (root)

ରୁଷ୍(ଷା)—ସଂ. ବି.—(ରୁଷ୍ ଧାତୁ + ଭାବ.କ୍ୱିପ୍; + ଅ)—ରୋଷ; କ୍ରୋଧ;
Rush (rushā) ରାଗ—Anger; passion.

ରୁଷଣି—ଦେ. ଓ ବୈଦେ. ବି.—ରୁଷାଣି (ଦେଖ)
Rushaṇi Rushāṇi (See)

ରୁଷଭକ—ଦେ. ବି.—(ସଂ ଋଷଭକ)—ହିମାଳୟ ଜାତ ବୃକ୍ଷର କନ୍ଦ
Rushabhaka ବା ମୂଳ (ଏହା ଦେଖିବାକୁ ରସୁଣ ପରି ଏବଂ ଔଷଧରେ ବ୍ୟବହୃତ)—The bulbous root of a Himalayan plant; Crapopogen Pruriens.

ରୁଷା—ଦେ. ବି.—(ସଂ. ରୁଷ୍ ଧାତୁ)—୧। ଅଭିମାନ; ବାକ୍ୟହୀନ
Rushā କ୍ରୋଧ—1. Sullen anger; sulks; silent
রাগ, অভিমান रूठना anger. [ଉ—ଟିକକ ଦୋଷକୁ
অভিমানি रूठनेवाला ରମା କେଡ଼େ ରୁଷା ରୁଷିଲାରେ।
[ରୁଷୁଣୀ, ରୁଷିଥଣୀ—ସ୍ତ୍ରୀ] କବିସୂର୍ଯ୍ୟ. ସଙ୍ଗୀତ।] ବିଣ. ପୁଂ—
ଅଭିମାନୀ—Sulky; super-sensitive.

ରୁଷାଇ—ଦେ. ବି (ସଂ. ରସ=ସ୍ୱାଦ; ସଂ. ରସବତୀ=ପାକଶାଳା)—
Rushāi ଖାଦ୍ୟାଦିର ପାକ; ରନ୍ଧଣା—Cooking.
রসো(সু)ই रसोइ

ରୁଷାଇ କରିବା—ଦେ. କ୍ରି—ଖାଦ୍ୟାଦି ରନ୍ଧିବା—
Rushāi karibā To cook food.
রসুই করা रसोइ करना

ରୁଷାଇ ଚଢ଼ା(ଢ଼େ)ଇବା—ଦେ. କ୍ରି—ଅଗ୍ନି ଉପରେ ପାକାର୍ଥ ହାଣ୍ଡିରେ
Rushāi charḍhā(ṛdhe)ibā ଦ୍ରବ୍ୟାଦି ବସାଇବା—
[ରୁଷାଇ ବସା(ସେ)ଇବା—ଅନ୍ୟରୂପ] To put pots on
রসুই চড়ান रसोइ चढाना the fire for preparing meal.

ରୁଷାଇବା—ଦେ. କ୍ରି (ରୁଷିବାର ଣିଜନ୍ତ ଆକାର)—୧। ଅଭିମାନ
Rushāibā ଜାତ କରାଇବା—1. To make sulky.
রাগান ୨। କ୍ରୁଦ୍ଧ କରାଇବା—2. To anger; to irritate.
रुठा(सा)ना; [ଉ—ଚନ୍ଦ୍ରମା। ତାକୁ କେବେ ନ ରୁଷାଇବ;
रंज करना ଉଙ୍କ. ପ୍ରେମସୁଧାନିଧି।]

ରୁଷାଇ ବାସ—ଦେ. ବି (ନିରର୍ଥକ ସହଚର; ସଂ. ରସିତ+ବାସିତ)—
Rushāi bāsa ଅନ୍ନାଦିର ପାକ କରଣ—Cooking of meals.
রসুইবাস [ଦ୍ର—ଖାଦ୍ୟାଦିକୁ ରନ୍ଧିବା ଓ ମସଲାଆଦି ପକାଇ
रसोईवास ସୁବାସିତ କରିବା; ଏ ଦୁଇ କର୍ମର ସମ୍ମେଳନରେ
ପାକକାର୍ଯ୍ୟ ସମାହିତ ହୁଏ।]

ରୁଷା(ଷୁ)ଣି—ଦେ. ବି (ସଂ. ରୁଷ୍ ଧାତୁ)—୧। ରୁଷିବା; କ୍ରୋଧ
Rushā(shu)ṇi କରିବା—1. Becoming angry.
অভিমান ୨। ଅଭିମାନ—2. Sullenness; scowling;
रुठना sulks ବୈଦେ. ବି (ଫା. ରୋସ୍‌ନାଇ)—୧।
রোসনাই ରୋଶନି; ରୋସ୍‌ନାଇ; ରାତିରେ ଆଲୋକଯୁକ୍ତ
रोसनाई ଶୋଭାଯାତ୍ରା—1. Grand display and
রোসনাই procession with lights and fireworks.
ब्रह्मचारीका देवदर्शन ୨। ବ୍ରତ ହେବା ଦିନ ଉପନୟନ ପରେ ବ୍ରହ୍ମଚାରୀ ବେଶରେ ବ୍ରତବେଦୀରୁ ଉଠି ଗ୍ରାମଦେବତା ଦେବାଦର୍ଶନ ଲକ୍ଷ୍ୟରେ ଶୋଭାଯାତ୍ରା କରିଯିବା ଓ ତେଣୁ ଫେରି ଆସିବା—2. A procession accompanying the boy who is newly invested with the sacred thread when he walks to an Idol at the end of the village and comes back again. [ଦ୍ର—ବ୍ରତ ହୋଇ ସାରି ବାଳକ ବ୍ରହ୍ମଚାରୀବେଶରେ ବେଦୀରୁ ଉଠି କାନ୍ଧରେ ଯାଇଁଲାଠିଏ ପକାଇ, ମଳହଣ୍ଡି କୋଡ଼ା ମାଡ଼ି, ତାଳ ପତ୍ର ଛତା ଖଣ୍ଡେ ହାତରେ ଧରି ଗ୍ରାମ ମୁଣ୍ଡକୁ ଶୋଭାଯାତ୍ରା କରି ଯାଏ। ଗ୍ରାମ ମୁଣ୍ଡଠାରେ ପରିବାରର ବ୍ୟକ୍ତିମାନେ ତାକୁ ଅଟକାଇନ୍ତି ଓ ପଚାରନ୍ତି "ତୁମେ କୁଆଡ଼େ ଯାଉଛ ?" ବାଳକ ଉତ୍ତର କରେ "ଆମକୁ ବାପା ବ୍ରତ କରାଇଲେ କନ୍ୟା ବିବାହ ନ କରାଇବାରୁ ଆମେ ଘର ଛାଡ଼ିକରି ଯାଉଅଛୁଁ।" ଏହା ଶୁଣି ବାଟ ଅଟକାଇବା ବ୍ୟକ୍ତି କହେ "ଅଚ୍ଛା ! ଆମେ ବାପାଙ୍କୁ କହି ବିବାହ କରାଇ ଦେବା; ତୁମେ ରୁଷିଯାଅ ନାହିଁ; ଫେରିଆସ।" ଏହା ଶୁଣି ବାଳକ ସେଠାରୁ ଘରକୁ ଫେରି ଆସେ। ସମ୍ଭବତଃ ଉପନୟନ ପରେ ବ୍ରାହ୍ମଣ ବାଳକ ବ୍ରହ୍ମଚାରୀ ବେଶରେ ଗୁରୁଙ୍କ ଗୃହକୁ ଯାତ୍ରା କରୁଥିବା ବିଧିର ଏହା ଚିହ୍ନ ଅଟେ।] ୫। ବିବାହ ଦିନ ବିବାହ ପରେ
रोसनाई ଏକାକୀ ହୋଇ ବର ପାଲିଙ୍କିରେ ବସି ଶୋଭାଯାତ୍ରା କରିବା—5. A procession made by the bridegroom in the evening of the marriage without the bride accompanying him. [ଦ୍ର—ଏଥିରେ ମଧ୍ୟ କେତେକ ଲୋକ ରୁଷି-ଯାଉଥିବା ବରକୁ ଶ୍ୱଶୁରଘରକୁ ଫେରାଇ ଆଣନ୍ତି।]

ରୁଷା(ଷୁ)ଣି କରିବା—ଦେ. କ୍ରି—ଶୋଭାଯାତ୍ରା କରିବା—
Rushā(shu)ṇi karibā To have a grand procession.
রোসনাই করা रोसनाई करना

ରୁଷା ବେଉସା—ଦେ. ବି (ସହଚର)—ରୁଷାରୁଷି; ରୁଷିବାକର୍ମ—
Rushā beusā The state of being in sulks.
রাগারাগী रुठा(सा) रुठी(सी)

ରୁଷାରୁଷି—ଦେ. ବି (ସହଚର)—ରୁଷାବେଉସା (ଦେଖ)
Rushārushi Rushābeusā (See)

ରୁଷି—ଗ୍ରା. ବି. ପୁଂ (ସଂ. ଋଷି)—ଋଷି; ମୁନି—
Rushi (ରୁଷିଥଣୀ—ସ୍ତ୍ରୀ) Sage.

ରୁଷିଥଣୀ—ଗ୍ରା. ବି. ସ୍ତ୍ରୀ—୧। ଋଷିପତ୍ନୀ—1. The wife of a
Rushiāṇi ঋষিপত্নী रषियानी sage.
୨। ରୋସନାଇ (ଦେଖ)—2. Rosanāi (See)
୩। ରୁଷାଣି (୪) ଓ (୫) (ଦେଖ)—3. Rushāṇi (4) and (5) (See) ଦେ. ବିଣ. ସ୍ତ୍ରୀ—ରୁଷାର ସ୍ତ୍ରୀଲିଙ୍ଗ—Feminine of Rushā.

ରୁଷିଅଣି ଘର—ଦେ. ବି.—ବିବାହାର୍ଥ ଅଗଡ କରିବ ସଙ୍ଗେ ଆସିଥିବା
Rushiāṇi ghara ବରଯାତ୍ରୀମାନେ ଯେଉଁ ଘରେ ବିଶ୍ରାମ କରନ୍ତି —The room set apart for the bridegroom's party's taking rest.

ରୁଷିକା—ସଂ. ବି.—କୁଅମଇତା (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
Rushikā Kuāmaitā (See)

ରୁଷିତ—ସଂ. ବିଣ.—(ରୁଷ୍ ଧାତୁ+କର୍ତ୍ତୃ. ତ)—କୁପିତ; କ୍ରୁଦ୍ଧ; ରୁଷ୍ଟ—
Rushita Enraged; irritated; vexed.

ରୁଷିବା—ଦେ. କ୍ରି.—(ସଂ. ରୁଷ ଧାତୁ)—୧ । ରାଗ କରିବା; କ୍ରୁଦ୍ଧ
Rushibā ହେବା—1. To be angry. ୨ । ଅଭିମାନ କରିବା—2. To sulk. [ଉ—ହଟକାକ ଦୋଷଲୁ ସ୍ୱାମୀ କେତେଟ୍ଟ ରୁଷା ରୁଷିଲାରେ । କବିସୂର୍ଯ୍ୟ. ରହାକର ଚମ୍ପୂ ଟ ଗୀତ ।] ୩ । କୌଣସି ବ୍ୟକ୍ତି ପ୍ରତି ଅସନ୍ତୁଷ୍ଟ ହେବା—3' To be displeased with. [ଉ—କାଲିଲୁ ରୁଷ୍ଣ, କାଲୀ ଗୋଡ଼ ତଳେ ପଡ଼ରେ ବସୁ—ଉଗ ।]

ରୁଷି ଯିବା—ଦେ.କ୍ରି—୧ । କ୍ରୁଦ୍ଧ ହୋଇ କୌଣସି ସ୍ଥାନରୁ ଚାଲିଯିବା—
Rushi jibā 1. To get angry and go away. রোগেচলেযাওয়া रूठजाना (ଉ—ରୁଦ୍ଧ ହୋଇ କୃଷ୍ଣ ତ ଆସି ରୁଷିଗଲେ—କୃଷ୍ଣସିଂହ ମହାଭାରତ ଉଦ୍ୟୋଗ ।) ୨ । ବ୍ରତ ହୋଇ ବ୍ରହ୍ମଚାରୀବେଶରେ (ବ୍ରାହ୍ମଣ ପିଲା) ଘରୁ ରୁଷିଅଣି କରିଯିବା—2. To go in procession after the investiture with the sacred thread is over, to the end of the village.

ରୁଷୁଣୀ—ବୈଦେ. ବି—ରୋସନୀ (ଦେଖ)—Rosanī (See) ଦେ.
Rushuṇi ବିଣ. ସ୍ତ୍ରୀ—ରୁଷାର ସ୍ତ୍ରୀଲିଙ୍ଗ—Feminine of Rushā.

ରୁଷେଇ (ଇତ୍ୟାଦ)—ଦେ. ବି—ରୁଷାଇ ଇତ୍ୟାଦ (ଦେଖ)
Rushei (etc) Rushāi etc (See)
ରସୁ(ସୋ)ଇ रसोइ

ରୁଷେଇଆ—ଦେ. ବିଣ.ପୁଂ—ପାକକାରୀ—Cooking. ଦେ. ବି. ପୁଂ
Rusheiā রসুয়া रसोइया ପାଚକ—A cook (ରୁଷେୟା—ଅନ୍ୟରୂପ) [ଦ୍ର—ଏ ଶବ୍ଦର ସ୍ତ୍ରୀଲିଙ୍ଗରେ ରୁଷେଇଅଣୀ ଶବ୍ଦର ବ୍ୟବହାର ନାହିଁ । ଏଥିର ସ୍ତ୍ରୀଲିଙ୍ଗ ରୁଷୁଣୀ ।]

ରୁଷ୍ଟ—ସଂ. ବିଣ. ପୁଂ (ରୁଷ୍ ଧାତୁ+କର୍ତ୍ତୃ. ତ)—୧ । କୁପିତ; କ୍ରୁଦ୍ଧ—
Rushṭa 1. Angry; enraged. ୨ । ବିରକ୍ତ—
(ରୁଷ୍ଟା—ସ୍ତ୍ରୀ) 2. Displeased. ଦେ. ବି—କ୍ରୋଧ—
(ରୁଷ୍ଟ—ବିପରୀତ) Anger. (ଉ—ଶ୍ରଉବଅ ହେ ରାଜ
রোষ रोष ମନରୁ ରୁଷ୍ଟଲୁ—କୃଷ୍ଣସିଂହ ମହାଭାରତ. ବନ ।)

ରୁଷ୍ଟି—ସଂ. ବି (ରୁଷ୍ ଧାତୁ+ଭାବ ତି)—୧ । ରୋଷ; କ୍ରୋଧ—
Rushṭi 1. Anger. ୨ । ବିରକ୍ତି—2. Displeasure; vexation.

ରୁଷ୍ୟପ୍ରୋକ୍ତା—ସଂ. ବି (ବୈଦ୍ୟକ)—ଅତିବଳା; ପେଡ଼ିପେଡ଼ିକା ଗଛ—
Rushyaproktā Indian mallow.

ରୁସ—ବୈଦେ. ବି (ନାମ; ଇଂ ରୁସ୍)—ରୁଷିଅଦେଶବାସୀ ବ୍ୟକ୍ତି—
Rús রুস रूस A Russ; a Russian. ବୈଦେ. ବିଣ—ରୁଷିଅ ଦେଶସମ୍ବନ୍ଧୀୟ—Russian. ପ୍ରାଦେ (ସମ୍ବଲପୁର) ବି (ସଂ. ରୋଷ) କ୍ରୋଧ; ରୋଷ—Anger.

ରୁସଣି(ନି)—ବୈଦେ. ବି (ଫା. ରୋସନାଇ); ରୁସନାଇ (ଦେଖ)
Rusaṇi(ni) Rusanāi (See)

ରୁସନା(ନେ)ଇ—ବୈଦେ. ବି (ଫା. ରୋସ୍‌ନାଇ; ଭୁଲ ସଂ. ବର୍ତ୍ତି)—
Rusanā(ne)i ୧ । ଆଲୋକ—1. Light ୨ । ଆଲୋକସମୂ-
রোসনাই रोसनाइ ମାଳା; ଆଲୋକପୁଞ୍ଜ—2. A line or group of lights. ୩ । ଉଜ୍ଜ୍ୱଳ ଆଲୋକମୟ ଶୋଭାଯାତ୍ରା—3. Grand procession with lights and fireworks.

ରୁସମ୍ (ଇତ୍ୟାଦ) ବୈଦେ. ବି—ରୋସମ ଇତ୍ୟାଦ (ଦେଖ)
Rusam (etc) Rosama etc (See)

ରୁସା(ସୁ)ଣି(ନି)—ବୈଦେ. ବି.—ରୁଷାଣି ବୈଦେ (ଦେଖ)
Rusā(su)ṇi(ni) Rushāṇi (See)

ରୁସିଆ—ବୈଦେ. ବି (ନାମ)—ଇଉରୋପର ଓ ଆସିଆର ଉତ୍ତରସ୍ଥ ଦେଶ-
Rusiā রুসিয়া रूस Russia [ଦ୍ର—ରୁସିଆ ଦେଶ ଇଉରୋପ ମହାଦେଶରେ ଓ ଆସିଆ ମହାଦେଶରେ ଅବସ୍ଥିତ, ଯଥା—ଇଉରୋପୀୟ ରୁସିଆ ଓ ଆସିଆଟିକ ରୁସିଆ । ପୂର୍ବେ ଏହା ଜାର୍ (czar) ଉପାଧିଧାରୀ ସମ୍ରାଟଙ୍କ ସ୍ୱେଚ୍ଛାଚାରୀ ଶାସନାଧୀନ ଥିଲା । କିନ୍ତୁ ଗତ ଇଉରୋପୀୟ ଯୁଦ୍ଧାରମ୍ଭ ପରେ ଖ୍ରୀ୧୯୧୭ ରେ ପ୍ରଜାମାନେ ମେଳ ହୋଇ ଜାର୍‌ଙ୍କୁ ହତ୍ୟାକରି ପ୍ରଜାତନ୍ତ୍ର ବଲସେବିକ(Bolshevic) ଶାସନର ପ୍ରତିଷ୍ଠା କରିଅଛନ୍ତି ।] ଦେ. ବି. ପୁଂ—ରୁସେୟା; ପାଚକ—Cook.

ରୁସିୟା(ଆ)ନ୍—ବୈଦେ. ବିଣ ଓ ବି—ରୁସ୍ (ଦେଖ)
Rusiyā(ā)n Rus (See)

ରୁହ୍ (ଧାତୁ)—ସଂ—୧ । ଉତ୍ପନ୍ନ ହେବା—1. To grow.
Ruh (root) ୨ । ଗଜୁରିବା—2. To germinate. ୩ । ଆରୋହଣ କରିବା—3. To ascend; to rise up. ୪ । ପହଞ୍ଚିବା—4. To reach; to attain. (Apte)

ରୁହ—ସଂ. ବି (ରୁହ୍ ଧାତୁ+କର୍ତ୍ତୃ. ଅ)—ଦୁବ; ଦୂବ—A sort of
Ruha creeping grass, Cynoden. ସଂ.ବିଣ-ଜାତ;ଉତ୍ପନ୍ନ-Produced; born. ବିଣ (ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହେଲେ ତଦୁତ୍ପନ୍ନ; ଯଥା—ଶିରୋରୁହ, ସରୋରୁହ ଇତ୍ୟାଦିରେ ଜାତ—Growing in. ଦେ. କ୍ରି. (ରହିବା କ୍ରିୟାର ଅନୁଜ୍ଞା ବିକଳ୍ପରେ ରୂପ)—୧ । (ତୁମ୍ଭେ) ଅବସ୍ଥାନ କର—1. (Imperative) (you) Stay.
রোষ ୨ । ଅପେକ୍ଷା କର—2. (Imperative) Wait. [ଦ୍ର—
रही 'ରହିବା' କ୍ରିୟାର ଅନୁଜ୍ଞାରେ ରହ ଓ ରୁହ, କହିବା କ୍ରିୟାର ଅନୁଜ୍ଞାରେ କହ ଓ କୁହ ହୁଏ ।]

ରୁହକ—ସ. ବ (ରୁହ୍ ଧାତୁ + କର୍ତ୍ତୃ. ଅକ)—୧ । ଛିଦ୍ର; ଗର୍ତ୍ତ—
Ruhaka 1. Hole. ୨ । ଗୁହା—2. Cave.

ରୁହା—ସ. ବ. ସ୍ତ୍ରୀ (ରୁହ୍ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ)—୧ । ଦୁବ;
Ruhā ଦୁବ ଘାସ—1. Creeping grass; Cynoden. ୨। ଘାଉଅ (ହ୍ର. ଷ)—2. Comb. ୩ । ମାଂସରୋହିଣୀନାମକ ବୃକ୍ଷ—3. The Red wood ture. ୪ । ଲଜ୍ଜାଳୁ ଲତା—4. Mimosa creeper. ଦେ. ବ—ଉହା
ঊষো(খো) रेती (ଦେଖ)—Uhā. (See)

ରୁହାଇବା—ଦେ. କ୍ରି (ସ. ରୁହ ଧାତୁ)—୧ । ସ୍ଥାପିତ କରିବା—
Ruhāibā 1. To place. ୨ । ରଖାଇବା—2. To cause to stay; to stop. [ଉ—ଶୁଣି ଜାନକୀ କେମା ଜଣାଇଲେ ଭୋ ଦେବ ଏଠାରେ ଯାନ ରୁହାଇବା । ରাখা, রাখান ବିଶ୍ୱନାଥ. ବିଚିତ୍ର ରାମାୟଣ ।] ୩ । ସ୍ଥିର କରିବା—
रखाना, रखवाना 3. To settle. ୪ । ସ୍ଥିର କରି ରଖିବା—4. To set. ୫ । ନିବର୍ତ୍ତାଇବା—5. To dissuade.
রোআ ୬ । (ସ. ରୁହ ଧାତୁ ଣିଚ୍; ରୋପି ଧାତୁ) ରୁଅଇବା; ରୋପଣ
रोपना କରିବା—6. To plant. ୭ । ଅଟକାଇବା—7. To
আটকান obstruct; to restrain. [ଉ—ଏତେକ ଭରସା
रोकना ଗଙ୍ଗ ବହି, ରାଜା ମଣ୍ଡିଅଛ ରୁହାଅ । ଜଗନ୍ନାଥ. ଭାଗବତ ।]

ରୁହି—ଦେ. ବ—ରୋହି (ଦେଖ)
Ruhi Rohi. (See)

ରୁହିତନ—ଦେ. ବ—ରୁଇତନ; ତାସ୍ ଖେଳରେ ନାଲି ଚତୁଷ୍କୋଣିଆ
Ruhitana ରଙ୍ଗ; ସ୍ଥଳବର୍ଣ୍ଣ ଉର୍ଜ୍ୟକ୍ ଅଙ୍କିତ ତାସ୍—The dia-
রুইতন खुरिया mond of the playing cards.

ରୁହୁ—ବୈଦେ. ବ (ଆ)—ଆତ୍ମା—
Ruhu Soul; spirit.
রুহ रुह

ରୂହ୍ୱା—ସ. ବ (ରୁହ୍ ଧାତୁ + କର୍ତ୍ତୃ. ଅନ୍; ରୁହନ୍ ୧ମା. ୧ବ)—ବୃକ୍ଷ—
Rūhwā A tree; plant. (Apte)

ରୂକ୍ଷ—ସ. ବଣ (ରୂକ୍ଷ. ଧାତୁ = କର୍କଶ ହେବା + କର୍ତ୍ତୃ. ଅ)—
Rūksha ୧ । କର୍କଶ—1. Rough; harsh. (Apte).
(ରୁକ୍ଷତା—ବିଶେଷ୍ୟ) ୨ । କଠିନ—2. Hard. ୩ । ନିର୍ଦ୍ଦୟ—3. Cruel. ୪ । କଠୋରବ୍ରତଧାରୀ—4. Observing strict penance. ୫ । ଅନନୁକୂଳ—5. Unfavourable. ୬ । ସ୍ନେହଶୂନ୍ୟ—6. Devoid of affection. ୭ । ଅଚିକ୍କଣ—7. Not smooth. ୮ । ଶୁଷ୍କ—8. Dry; parched up (Apte). ୯ । ତୈଳଶୂନ୍ୟ—9. Not oily. ସ. ବ—ବୃକ୍ଷ—Tree. [ଦ୍ର—ବୃକ୍ଷ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ଶବ୍ଦମାନ 'ରୁକ୍ଷ' ଶବ୍ଦଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ । ବୃକ୍ଷ ଶବ୍ଦ ପରେ ଦେଖ ।]

ରୂକ୍ଷପତ୍ର—ସ. ବ (ବହୁବ୍ରୀହି)—ଶାହାଡ଼ା ଗଛ—
Rūkshapatra Trophis Aspera (M. W)

ରୂଢ଼—ସ. ବଣ.—(ରୁହ୍ ଧାତୁ + କର୍ତ୍ତୃ. ତ)—୧ । ଜାତ; ଉତ୍ପନ୍ନ—
Rūṛha 1. Born; produced. ୨ । ଆରୂଢ଼; ଚଢ଼ିଥିବା
[ରୂଢ଼ା—ସ୍ତ୍ରୀ] (ହ୍ର. ଷ.)—Ascended. ୩ । ପ୍ରସିଦ୍ଧ; ପ୍ରଚୁର, ଖ୍ୟାତ—3. Famous; renowned; notorious. ୪ । କର୍କଶ; କଠୋର—4. Rough; harsh. ୫ । କଠିନ—5. Hard. ୬ । ଅବିଭାଜ୍ୟ—6. Indivisible. ୭ । ରୁକ୍ଷ; ବିରକ୍ତିକର; ଅପ୍ରିୟ—7. Teasing. ୮ । ଅଭଦ୍ର; ଅଶିଷ୍ଟ—8. Discourteous. ୯ । ସାଧାରଣତଃ ଜ୍ଞାତ—9. Commonly known; become current (Apte). ୧୦ । (ବ୍ୟାକରଣ) ବ୍ୟୁତ୍ପତ୍ତିଲବ୍ଧ ଅର୍ଥ ପ୍ରକାଶ ନ କରି ବ୍ୟବହାର କ୍ରମେ ଅନ୍ୟାର୍ଥରେ ପ୍ରକାଶକ (ଶବ୍ଦ)—10. (words) (in grammar) Used in a sense which does not express the derivative or literal meaning. [ଦ୍ର—ଯଥା ବୃକ୍ଷ=ବୃକ୍ଷ୍ ଧାତୁ=ବେଷ୍ଟନ କରିବା+ଅ, ବ୍ୟୁତ୍ପତ୍ତିଗତ ଅର୍ଥ ବେଷ୍ଟନକାରୀ; କିନ୍ତୁ ଏହା ପରମ୍ପରା ବ୍ୟବହାର କ୍ରମେ ଉଦ୍ଭିଦକୁ ବୁଝାଉ ଅଛି । ଅତଏବ ବୃକ୍ଷର ରୂଢ଼ ଅର୍ଥ ଗଛ । 'ଗୋ'ର (ଗମ୍ ଧାତୁ + ଓ) ବ୍ୟୁତ୍ପତ୍ତିଗତ ଅର୍ଥ,—ଯେ ଗତି କରେ; କିନ୍ତୁ ବ୍ୟବହାରକ୍ରମେ ଗୋରୁନାମକ ପଶୁକୁ ବୁଝାଉ ଅଛି । ଅତଏବ ଗୋ ଶବ୍ଦର ରୂଢ଼ ଅର୍ଥ ଗୋରୁ । ଅର୍ଥ କ୍ରମେ ଶବ୍ଦମାନ ତିନି ଶ୍ରେଣୀରେ ବିଭକ୍ତ—ଯୌଗିକ, ରୂଢ଼, ଯୋଗରୂଢ଼; ଯେଉଁ ଶବ୍ଦର ଅଂଶମାନ ସାର୍ଥକ ଅଟେ ତାକୁ ଯୌଗିକ ଶବ୍ଦ କହନ୍ତି, ଯଥା ଗଜପତି । ଯେଉଁ ଶବ୍ଦ ନିଜର ପ୍ରକୃତିଗତ ଅର୍ଥମାନଙ୍କ ମଧ୍ୟରୁ ଗୋଟିଏ ଅର୍ଥଗତ ବସ୍ତୁକୁ ବୁଝାଏ ତାକୁ ଯୋଗରୂଢ଼ କହନ୍ତି । ଯଥା ପଙ୍କଜ, ଲମ୍ବୋଦର, ହନୁମାନ୍ ।] ୧୧ । ନିଶ୍ଚିତ; ନିର୍ଣ୍ଣୀତ—11. Ascertained, certain (Apte). ୧୨ । ବୃହତ୍; ବଡ଼—12. Large; great (Apte). ୧୩ । ମୌଳିକ—13. Elementary. [ଯଥା—ରୂଢ଼ ପଦାର୍ଥ ।] ଦେ. ବ.—କ୍ଷୌର ନ ହେବା ଯୋଗୁଁ ଉଠିବା କେଶର ଖୁଣ୍ଟା—Stumps of hair growing on the face in the interval of two shavings.

ରୂଢ଼ କଣ୍ଟିଆ—ପ୍ରାଦେ. (ବାଲେଶ୍ୱର) ବ—ନାତିବୃହତ୍ ନାତିହ୍ରସ୍ୱ
Rūṛha kanṭiā ସାମୁଦ୍ରିକ ମତ୍ସ୍ୟ ବିଶେଷ—A species of middle sized scaleless seafish.

ରୂଢ଼ ପଦାର୍ଥ—ସ. ବ. (ଜଡ଼ ବିଜ୍ଞାନର ଅଧୁନିକ ପ୍ରୟୋଗ)—ଅବିମିଶ୍ର
Rūṛha padārtha ପଦାର୍ଥ; ଯେଉଁ ସକଳ ବସ୍ତୁ ସ୍ୱଜାତୀୟ ପରମାଣୁ ଛଡ଼ା ଅନ୍ୟ ପଦାର୍ଥର ପରମାଣୁ ଯୋଗରେ ଉତ୍ପନ୍ନ ହୁଏ ନାହିଁ, ଯଥା—ସ୍ୱର୍ଣ୍ଣ; ପାରଦ; ରୌପ୍ୟ; ଅଙ୍ଗାର—(physical science) Elements. e.g. gold, silver.

ରୂଢ଼ ବଚନ—ସ. ବ. (କର୍ମଧା)—୧ । କର୍କଶ ବାକ୍ୟ—1. Harsh language. ୨ । ଅଶିଷ୍ଟ ବଚନ—2. Uncivil or discourteous language.
Rurḍha bachana
ରୂଢ଼ ବାକ୍ୟ } ଅନ୍ୟରୂପ
ରୂଢ଼ ଭାଷା }
(ରୂଢ଼ ବଚନା—ସ୍ତ୍ରୀ) ସ. ବଣ. ପୁଂ—ରୂଢ଼ ଭାଷୀ (ଦେଖ) Rurḍha bhāshī (See)

ରୂଢ଼ ଭାଷୀ—ସ. ବଣ. ପୁଂ (ରୂଢ଼ ଭାଷିନ୍ ଶବ୍ଦ; ୧ମା. ୧ବ)—ଯେ କର୍କଶ କଥା କହେ—Speaking roughly.
Rurḍha bhāshī
(ରୂଢ଼ ଭାଷିଣୀ—ସ୍ତ୍ରୀ) (ରୂଢ଼ବାକ୍—ଅନ୍ୟରୂପ)

ରୂଢ଼ ମୂଳ—ସ. ବଣ (ବହୁବ୍ରୀହି, ରୂଢ଼ ହୋଇଅଛି ମୂଳ ଯାହାର)—ବଦ୍ଧମୂଳ—Well-rooted.
Rurḍha mūḷa (ରୂଢ଼ମୂଳା—ସ୍ତ୍ରୀ)

ରୂଢ଼ ଯୌବନ—ସ ବଣ. ପୁଂ (ବହୁବ୍ରୀହି)—ଆରୂଢ଼ଯୌବନ; ଯେଉଁ ବ୍ୟକ୍ତି ଯୌବନ ପ୍ରାପ୍ତ ହୋଇଅଛି—Having attained youth.
Rurḍha jaubana
(ରୂଢ଼ ଯୌବନା—ସ୍ତ୍ରୀ)

ରୂଢ଼ ସୌହୃଦ—ସ. ବଣ. ପୁଂ (ବହୁବ୍ରୀହି)—ଯାହାର ବନ୍ଧୁତା ଦୃଢ଼ ଓ ଗମ୍ଭୀର ଅଟେ—Firm in friendship; of deeprooted friendship (Apte).
Rurḍha sauhṛuda
(ରୂଢ଼ ସୌହୃଦା—ସ୍ତ୍ରୀ)

ରୂଢ଼ା—ସ. ବଣ. ସ୍ତ୍ରୀ—ରୂଢ଼ର ସ୍ତ୍ରୀ ଲିଙ୍ଗ—Feminine of Rurḍha.
Rurḍhā

ରୂଢ଼ି—ସ. ବ. (ରୁହ୍ ଧାତୁ+ଭାବ. ତି)—୧ । ଉତ୍ପତ୍ତି; ଜନ୍ମ—1. Origin; growth; birth; production. ୨ । ପ୍ରସିଦ୍ଧି; ଖ୍ୟାତି—2. Celebrity; fame; notoriety. ୩ । ବୃଦ୍ଧି—3. Increase; development (Apte). ୪ । ଉତ୍ଥାନ—4. Rise; ascent (Apte). ୫ । ପ୍ରାଦୁର୍ଭାବ (ବି. ଶ)—5. Predominance; prevalence; outbreak. ୬ । ପ୍ରଥା; ସ୍ୱଭାବ (ବି. ଶ)—6. Custom; usage; tradition ୭ । ନିଶ୍ଚୟ—7. Certainty. ୮ । (ବ୍ୟାକରଣ) ଶବ୍ଦର ଅର୍ଥବୋଧକ ଶକ୍ତିବିଶେଷ; ପ୍ରକୃତିପ୍ରତ୍ୟୟଗତ ଅର୍ଥ ଛଡ଼ା ଅନ୍ୟ ଅର୍ଥ ବୁଝାଇବାର ଶକ୍ତି—8. (grammar) The power of a word to express a meaning or signification different from what is apparent from its derivation. ୯ । ଶବ୍ଦର ସାଧାରଣତଃ ଗୃହୀତ ଅର୍ଥ—9. Popular meaning; conventional; meaning of a word (Apte).
Rurḍhi

ରୂପ୍ (ଧାତୁ)—ସ—୧ । ଗଢ଼ିବା; ରୂପ ଯୁକ୍ତ କରିବା—1. To form to fashion (Apte). ୨ । ଅଭିନୟ କରିବା—2. To represent on the stage; to act; to gesticulate (Apte). ୩ । ପର୍ଯ୍ୟବେକ୍ଷଣ କରିବା—3. To mark; to behold; to observe carefully (Apte). ୪ । ଖୋଜିବା—4. To find out to seek (Apte). ୫ । ବିଚାର କରିବା; ଚିନ୍ତା କରିବା—5. To consider; to ponder over (Apte). ୬ । ସ୍ଥିର କରିବା—6. To settle; to fix upon (Apte). ୭ । ଅନୁସନ୍ଧାନ ବା ପରୀକ୍ଷା କରିବା—7. To investigate, to examine (Apte). ୮ । ନିଯୁକ୍ତ କରିବା—8. To appoint (Apte).
Rūp (root)

ରୂପ—ସ ବ [ରୂପ୍ ଧାତୁ=ରୂପଯୁକ୍ତ କରିବା+କର୍ମ ଅ]—୧ । ଆକାର; ଆକୃତି—1. Shape; form [ବି,—ବାସ୍ତବ ପଦାର୍ଥମାନଙ୍କର ପାଞ୍ଚଇନ୍ଦ୍ରିୟଦ୍ୱାରା ଗ୍ରାହ୍ୟ ପାଞ୍ଚଗୋଟି ମୌଳିକ ବା ଇନ୍ଦ୍ରିୟ ଗ୍ରାହ୍ୟ ଗୁଣ ଅଛି । ଯଥା—୧ । ଦର୍ଶନେନ୍ଦ୍ରିୟ ବା ଚକ୍ଷୁଦ୍ୱାରା ଅନୁଭୂତ—ରୂପ ବା ବର୍ଣ୍ଣ ୨ । ରସନେନ୍ଦ୍ରିୟ ବା ଜିହ୍ୱାଦ୍ୱାରା ରସ ବା ସ୍ୱାଦ, ୩ । ଘ୍ରାଣେନ୍ଦ୍ରିୟ ବା ନାସିକାଦ୍ୱାରା ଗନ୍ଧ ବା ବାସନା, ଶ୍ରବଣେନ୍ଦ୍ରିୟ ବା କର୍ଣ୍ଣ ଦ୍ୱାରା ଶବ୍ଦ ବା ଧ୍ୱନି, ସ୍ପର୍ଶନେନ୍ଦ୍ରିୟ ବା ଚର୍ମଦ୍ୱାରା—ସ୍ପର୍ଶ ।] ୨ । ମୂର୍ତ୍ତି—2. Image. ୩ । ପ୍ରକୃତି; ସ୍ୱଭାବ—3. Nature; natural disposition; propensity. ୪ । ସୌନ୍ଦର୍ଯ୍ୟ—4. Beauty. ୫ । ବିଭକ୍ତିଯୁକ୍ତ ଶବ୍ଦ ବା କୃଦନ୍ତଧାତୁ—5. Inflected word; inflection of a noun or verb. ୬ । ଏକ ସଂଖ୍ୟା—6. A unit. ୭ । ପ୍ରକାର—7. Kind. ୮ । ପଦାର୍ଥର ଦୃଶ୍ୟମାନ ଆକାର; ଚେହେରା—8. Appearance. ୯ ଦୃଶ୍ୟକାବ୍ୟ—9. A drama which is enjoyed by sight only. ୧୦ । ଅବତାର—10. Incarnation. ୧୧ । ବର୍ଣ୍ଣ—11. Colour. ୧୨ । ଶରୀର; ଦେହ (ବି. ଶ)—12. Body. ୧୩ । ଦଶା; ଅବସ୍ଥା; ଦେଶକାଳଭେଦ (ବି. ଶ)—13. Condition. ୧୪ । ଭେଦ; ବିକାର (ବି. ଶ)—14. Change of form. ୧୫ । ଚିହ୍ନ; ଲକ୍ଷଣ (ବି. ଶ)—15. Sign; indication. ୧୬ । ରୂପକ (ଦେଖ) (ବି. ଶ.)—16. Rūpaka (See) ୧୭ । ରୁପା; ଶୁଦ୍ଧ (ବି. ଶ.)—17. Silver. ୧୮ । ପଶୁ—18, Beast. ୧୯ । ନାମ—19. Name ୨୦ । ଗ୍ରନ୍ଥାଦିର ଆବୃତ୍ତି-20. Recitation or reading of a book. ୨୧ । ଶ୍ଳୋକ—21. Couplet or quadret. ଦେ. ବ—୧ । ଚିତ୍ର; ଛବି—1. Picture; a drawing. ୨ । ଥଟ୍ଟା; ପରିହାସ—2. Jesting. ୩ । ବେଶ—3. Garb; dress. ବଣ (ଅନ୍ୟ ଶବ୍ଦର ପରେ ଯୁକ୍ତ ହେଲେ) ସଦୃଶ; ତୁଲ୍ୟ; ପରି—Similar to; like. (ଯଥା—ସେରୂପ ସୁନ୍ଦର ବାଳକ ମୁଁ ଦେଖିନାହିଁ; ତୁମ୍ଭେ କାହିଁ ଏରୂପ କଥା କହୁଅଛ ?) ପ୍ରାଦେ(ସମ୍ବଲପୁର) ବ—ଶୁଆ—Parrot.
Rūpa
Rūpa

ରୂପକ—ସ. ବ (ରୂପ+କ; ରୂପଧାତୁ+ଣିଚ+କର୍ମ. ଅକ)—୧ । କାବ୍ୟର ଅଳଙ୍କାରବିଶେଷ; ଉପମେୟ ଓ ଉପମାନର
Rūpaka

ଅଭେଦ ଜ୍ଞାପକ ଅଳଙ୍କାର—1. Simile; a figure of speech in which no difference is observed between the things compared; the identification of the objects of comparision. [ଦ୍ର—ଉପମାନ ଓ ଉପମେୟର ତନ୍ମୟତ୍ୱ, ନିର୍ଦ୍ଦେଶ ସ୍ଥଳରେ ରୂପକ ଅଳଙ୍କାର ହୁଏ । ଏହା ପାଞ୍ଚ ପ୍ରକାର ।

୧ । ଅଧିକାରୂଢ଼ ବୈଶିଷ୍ଟ୍ୟ ରୂପକ :—ଯେଉଁଠାରେ ଉପମେୟର ଗୁଣାଦି ଉପମାନ ଅପେକ୍ଷା ଅତିଶୟରୂପେ ବିଶେଷଣ ଦ୍ୱାରା ବିଶେଷିତ ହୁଏ । ଯଥା—

ଜଙ୍ଗମ ହେମ ଲତା ପରେ ଚନ୍ଦ୍ର ଦେବତା

ଫଳ ଫଳନ୍ତି ଜ୍ୟୋତ୍ସ୍ନା ଅଛି ମଧ୍ୟରେ—ସଙ୍ଗୀତ ।

'ତାହାଙ୍କ ମୁଖ ନିଷ୍କଳଙ୍କ ଚନ୍ଦ୍ର ଅଟେ ।'

୨ । ନିରଙ୍ଗ ରୂପକ :—ଯେଉଁଠାରେ ଅଙ୍ଗର ଆରୋପ ନ କରି ଅଙ୍ଗୀର ମାତ୍ର ଆରୋପ କରାଯାଏ । ଯଥା—

'ମୁଁ ଆପଣଙ୍କ ବଚନ ସୁଧା ପାନ କରି ତୃପ୍ତ ହେଲି ।'

ଯୀବିତ ପଥ ଅସତ୍ତ୍ୱା ନ ଜାଣି ତହିଁ ର

ପାଦ ବଢ଼ାଇଲେ ପଦ ପଦକେ ବିପତ୍ତା ।'

ବନମାଳୀ ସଙ୍ଗୀତ ।

୩ । ମାଳା ରୂପକ :—ଏଥିରେ ଆରୋପର ଗୋଟିଏ ମାତ୍ର ବିଷୟକୁ ଉଦ୍ଦେଶ୍ୟ କରି ଦୁଇ ବା ତତୋଽଧିକ ଭିନ୍ନ ଭିନ୍ନ ଉପମାନର ଆରୋପ କରାଯାଏ । ଯଥା—'ପ୍ରଭୋ ! ଆପଣ ମୋ ହୃଦୟକମଳର ଚନ୍ଦ୍ରମା, ମନଶ୍ଚାତକର ଘନ, ଭକ୍ତିବୃକ୍ଷର କୁସୁମ ଏବଂ ଦୀନହୃଦୟର ନିଧି ଅଟନ୍ତି ।' 'ଧନ ! ତୁ ମୋ ଅନ୍ଧର ଲଉଡ଼ି, ରଙ୍କ ରତନ, ଅନ୍ଧାର ମାଣିକ ଅଟୁ' ।

୪ । ପରମ୍ପରିତ ରୂପକ :—ଏକ ବସ୍ତୁର ଆରୋପ ହେତୁ ଅନ୍ୟ ବସ୍ତୁର ଆରୋପ ।

ଯଥା—ଘେନାଇ ଅମ୍ଭେ ଯେତେ କହୁଲୁରେ ।

ଘେନଲୁ ନାହିଁ ବାଳା ପହିଲୁରେ

ଧୃତ ଘଟକୁ ଶିଖି- ଶିଖା ଉପରେ ରଖି

ଶିକ୍ଷିପଦେହା ଏହା ସହିଲୁରେ ।

କବିସୂର୍ଯ୍ୟ. ବଳଦେବ ରଥଙ୍କ ସଂଗୀତ ।

୫ । ସାଙ୍ଗ ରୂପକ :—ଅଙ୍ଗୀଠାରେ କୌଣସି ପଦାର୍ଥର ଆରୋପ ହେତୁ ତଦଙ୍ଗୀଭୂତ ବସ୍ତୁରେ ଅନ୍ୟ ପଦାର୍ଥର ଆରୋପ । ଯଥା—

ଚୋରାଇ ଦେଲେ ନୃପେନ୍ଦ୍ର, ଚକୋର ଚଞ୍ଚୁରେ ଶୀତ-

ଭାନୁ ଚନ୍ଦ୍ରକାନ୍ତୁ ବର୍ତ୍ତି ଯାଏ ଶିଳ୍ପ ସରଣିରେ ।

କବିସୂର୍ଯ୍ୟ. ବଳଦେବ ରଥଙ୍କ ଗୀତ ।

ସଞ୍ଚରଣଶୀଳ ନବ ତମାଳ ଭ୍ରୂରୁହ

ସଙ୍ଗେ ଘେନ ଅଛିନ୍ତି ବ ସଖୀସଖୀ ବ୍ୟୂହ

ଶାଖା ଶୁକ ପରଭୃତ

ଶାଖାମାନଙ୍କରେ କରୁଅଛନ୍ତି ସଙ୍ଗୀତ ।

କବିସୂର୍ଯ୍ୟ. ବଳଦେବ ରଥଙ୍କ ଗୀତ ।

ଉପମା ଅଳଙ୍କାର ସଙ୍ଗେ ରୂପକ ଅଳଙ୍କାରର ପ୍ରଭେଦ ଏହି ଯେ, ଉପମା ଅଳଙ୍କାରରେ ଉପମେୟ ସଙ୍ଗେ ଉପମାନର ତୁଳନା ହୁଏ । କିନ୍ତୁ ରୂପକରେ ଉଭୟର ଅଭେଦ କଳ୍ପନା କରାଯାଏ ।] ୨ । ଆକୃତି; ଗଠନ—2. Shape; form. ୩ । ରୌପ୍ୟ—3. Silver. ୪ । ଦୃଶ୍ୟକାବ୍ୟ ବା ନାଟକ—4. Drama. [ଦ୍ର—ନାଟକ ପ୍ରଭୃତିକୁ ରୂପକ କହାଯାନ୍ତି । ନାଟ୍ୟକଳା ଶାସ୍ତ୍ରର ପ୍ରଥମାଚାର୍ଯ୍ୟ ଭରତମୁନି । ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ "ଦଶ ରୂପକ ।" ତହିଁରେ ଦଶବିଧ ରୂପକ ପ୍ରଦର୍ଶନ ବର୍ଣ୍ଣିତ । ସେ ପୁସ୍ତକର ପ୍ରଥମ ଭାଗକୁ ବିଷ୍ଣୁପୁତ୍ର-ଧନଞ୍ଜୟ ଏବଂ ୨ୟ ଭାଗକୁ ବିଷ୍ଣୁପୁତ୍ର-ଧନିକ ରଚି ଅଛନ୍ତି । ବୋଧ ହୁଏ ସେ ଦେବିନ ଭ୍ରାତୃଦ୍ୱୟ । ମଧ୍ୟ ଭୋଜରାଜ ବିରଚିତ ସରସ୍ୱତୀ କଣ୍ଠାଭରଣରେ, ମମ୍ମଟଭଟ୍ଟ ବିରଚିତ କାବ୍ୟ ପ୍ରକାଶରେ, ଚନ୍ଦ୍ରଶେଖର ପୁତ୍ର ବିଶ୍ୱନାଥ କବିରାଜ ବିରଚିତ ସାହିତ୍ୟ ଦର୍ପଣରେ, ଶାର୍ଙ୍ଗଦେବ ବିରଚିତ ସଙ୍ଗୀତ ରତ୍ନାକରରେ, ଦଣ୍ଡି ବିରଚିତ କାବ୍ୟାଦର୍ଶରେ, ଅପ୍ପୟ ଦୀକ୍ଷିତ ବିରଚିତ କୁବଳୟାନନ୍ଦରେ, ଜଗନ୍ନାଥ ପଣ୍ଡିତ ବିରଚିତ ରସଗଙ୍ଗାଧରରେ, ବିଦ୍ୟାନାଥ ବିରଚିତ ପ୍ରତାପରୁଦ୍ରୀୟରେ, କବି କର୍ଣ୍ଣପୂରକ ବିରଚିତ ଅଳଙ୍କାର କୌସ୍ତୁଭରେ, ରୁଦ୍ରଭଟ୍ଟ ବିରଚିତ ଶୃଙ୍ଗାର ତିଳକରେ, ଭାନୁଦତ୍ତ ବିରଚିତ ରସ ମଞ୍ଜରୀରେ ଏବଂ ରସ ତରଙ୍ଗିଣୀରେ ରୂପକ ଲକ୍ଷଣାଦି ଦ୍ରଷ୍ଟବ୍ୟ । ରୂପକର ଆଦର୍ଶ ସ୍ୱାଭାବିକ ପାତ୍ର ପୋଷଣ ଏବଂ ଭାବକୁ ଅଭିନୟ ଦ୍ୱାରା ପ୍ରକଟନ । ରୂପକ ଦଶବିଧ, ଉପରୂପକ ଅଷ୍ଟାଦଶବିଧ, ତନ୍ମଧ୍ୟରେ ରୂପକ ଉତ୍ତମ ।

ରୂପକରେ ୧ । ନାଟକ :—ନାଟକରେ ୫ଠାରୁ ୧୦ ଯାଏ ଅଙ୍କବିଭାଗ । ତାର ଇତିବୃତ୍ତ ପୌରାଣିକ, ଐତିହାସିକ କିମ୍ବା କଳ୍ପିତ, କିମ୍ବା ତତ୍ତ୍ୱୟ ସମ୍ପର୍କ ହୋଇଥାଏ । ତାର ପ୍ରଧାନ ରସ ଶୃଙ୍ଗାର କିମ୍ବା ବୀର । ତହିଁ ପୁରୁଷପାତ୍ର ସଂଖ୍ୟା ବେଶି । ନାଟକ ଦ୍ୱିବିଧ :—ମଙ୍ଗଳାନ୍ତ ଏବଂ ବିଷାଦାନ୍ତ । ଭାରତୀୟ ନାଟକନିଚୟ ମଙ୍ଗଳାନ୍ତ ମାତ୍ର । ଉଦାହରଣ ଅଭିଜ୍ଞାନ ଶାକୁନ୍ତଳ, ବେଣୀସଂହାର ପ୍ରଭୃତି ।

୨ । ପ୍ରକରଣ :—ପ୍ରାୟଶଃ ନାଟକ ସଦୃଶ । ଏଥି ମଧ୍ୟମ ଶ୍ରେଣୀ ପାତ୍ରମାନେ ଥାଆନ୍ତି । ଇତିବୃତ୍ତ ମାନ୍ୟ ମାନବ ଚରିତ । କଥାନାୟକ ବ୍ରାହ୍ମଣ, ମନ୍ତ୍ରୀ କିମ୍ବା ବଣିକ୍ । କଥାନାୟିକା କୁଳବତୀ କିମ୍ବା ନାଟ୍ୟକଳାପଣ୍ଡିତା ଏବଂ ସୁଗୁଣଯୁତା ବେଶ୍ୟା । ଉଦାହରଣ :—ମୃଚ୍ଛକଟିକ ଏବଂ ମାଳତୀ ମାଧବ ।

୩ । ଭାଣ :—ଏହା ଏକାଙ୍କ ଏବଂ ଏକ ପାତ୍ରଯୁକ୍ତ । ବର୍ଣ୍ଣିତ ବିଷୟ ଶୃଙ୍ଗାର, ଯୁଦ୍ଧ, ପ୍ରତାରଣା, ନିନ୍ଦା ଏବଂ ରହସ୍ୟ । ଉଦାହରଣ—ଶାରଦ ତିଳକ ।

୪ । ବ୍ୟାୟୋଗ :—ଏହା ଯୁଦ୍ଧସମ୍ବନ୍ଧ ନାଟ୍ୟ ପ୍ରଦର୍ଶନ । ଏଥି ସ୍ତ୍ରୀପାତ୍ର ଶୂନ୍ୟ, ଏକାଙ୍କ, ଏକାଭିନୟ

ଏବଂ ଏକ ରାତ୍ରର ପ୍ରଦର୍ଶନ । ନାୟକ ଅବତାରପୁରୁଷ ଅଥବା ସୁରଶ୍ରେଷ୍ଠ । ଉଦାହରଣ :—ଧନଞ୍ଜୟ ବିଜୟ ।

୫ । ସମବାୟକାର :—ଏହାର ଇତିବୃତ୍ତ ପୌରାଣିକ । ଏଥି ଅଙ୍କ ତିନୋଟି । ପ୍ରଥମାଙ୍କ ପ୍ରାୟଶଃ ୯ ଘଣ୍ଟାରେ, ଦ୍ୱିତୀୟାଙ୍କ ୩⅓ ଘଣ୍ଟାରେ ଏବଂ ତୃତୀୟାଙ୍କ ୧⅓ ଘଣ୍ଟାରେ ପ୍ରଦର୍ଶିତ । କଥାରେ ପ୍ରାୟଶଃ ଦେବଦାନବେ ବର୍ଣ୍ଣିତ । ବହୁ ନାୟକ; ନାୟକ ସଂଖ୍ୟା ୧୨ ମଧ୍ୟ ହୋଇ ପାରେ । ବୀର ରସପ୍ରଧାନ । ଉଦାହରଣ—ଅମୃତ ମନ୍ଥନ ।

୬ । ଡିମ—ଏହା ସମବାୟକାର ସଦୃଶ । କିନ୍ତୁ ଏହାର ପାତ୍ରପାତ୍ରୀ ଅତି ଭୟଙ୍କର । ଏଥି ଅଙ୍କ ଚତୁଷ୍ଟୟ । ନାୟକ ଦେବ, ଗନ୍ଧର୍ବ ଅଥବା ରାକ୍ଷସ । ଅଶୁଭ, ଭୟଙ୍କର ବିଷୟ । ଉଚ୍ଚାଟନ, ଶାପ, ନାଶନ, ମାରଣାଦି ଏଥି କଥିତ । ଉଦାହରଣ :—ତ୍ରିପୁର ଦହନ ।

୭ । ଇହାମୃଗ :—ଏଥି ଅଙ୍କ ଚତୁଷ୍ଟୟ; ନାୟକ ଦେବ ଅଥବା ଅବତାର ପୁରୁଷ; ନାୟିକା ଦେବତା । ପ୍ରଧାନ ରସ ଶୃଙ୍ଗାର ଏବଂ ହାସ୍ୟ । ଏଥି ମରଣ କଥିତ ହୁଏ ନାହିଁ । ଉଦାହରଣ :—କୁସୁମ ଶେଖର ବିଜୟ ।

୮ । ଅଙ୍କ :—ଏହା ଏକାଙ୍କ ଯୁକ୍ତ । ଏହାର ଭାଷା ସରଳ ଏବଂ ଇତିବୃତ୍ତ ସୁପରିଚିତ ହୋଇଥିବା ଆବଶ୍ୟକ । ନାୟକ ମାନବ ମାତ୍ର । ଉଦାହରଣ—ଶର୍ମିଷ୍ଠା, ଯଯାତି ।

୯ । ବୀଥି :—ଏହା ଭାଣ ସଦୃଶ, ଏକାଙ୍କ ଯୁକ୍ତ । ପାତ୍ର ସଂଖ୍ୟା ଏକ ଅଥବା ଦୁଇ; ରସ ହାସ୍ୟମିଶ୍ରିତ ଶୃଙ୍ଗାର । ଉଦାହରଣ ମୃଗ୍ୟ ।

୧୦ । ପ୍ରହସନ :—ଏହା ହାସ୍ୟରସଯୁକ୍ତ ପଦ୍ୟବୃତ୍ତ । ଏହାର ଇତିବୃତ୍ତ କଳ୍ପିତ । ନାୟକ ମୁନି, ବ୍ରାହ୍ମଣ, ନୃପ ଅଥବା ଚୋର । ପାତ୍ରଗଣ ବ୍ୟଭିଚାରୀ, ହୀନକୁଳଜ, ପାତକ ପତିତ । ଏହା ନୀଚପାତ୍ର ବିଶିଷ୍ଟ ହୋଇଥିବାରୁ ଗ୍ରାମ୍ୟଭାଷା ଯୁକ୍ତ । ଉଦାହରଣ :—କୌତୁକ ସର୍ବସ୍ୱ ଏବଂ ହାସ୍ୟାର୍ଣ୍ଣବ ।

ଉପରୂପକର ଅଷ୍ଟାଦଶ ଭେଦ କଥିତ ହୋଇଅଛି । ତାହା ନିମ୍ନରେ ବର୍ଣ୍ଣିତ ହେଲା ।

୨ । ଉପରୂପକରେ ୧ । ନାଟିକା ଏବଂ ପ୍ରକରଣିକା:—ଏ ଦୁଇଟିର ଭେଦ କଥା ବସ୍ତୁରେ ମାତ୍ର । ପ୍ରତ୍ୟେକରେ ଅଙ୍କ ଚତୁଷ୍ଟୟ ଏବଂ ସ୍ତ୍ରୀପାତ୍ର ସଂଖ୍ୟା ବେଶୀ । ନାଟିକାର ଉଦାହରଣ—ରତ୍ନାବଳୀ ।

୨ । ତ୍ରୋଟକ :—ଏହା ପାଞ୍ଚ, ସାତ, ଆଠ ଅଥବା ନଅ ଅଙ୍କ ବିଶିଷ୍ଟ । ଏହାର ଇତିବୃତ୍ତ ଅର୍ଦ୍ଧେ ମାନବ ଏବଂ ଅର୍ଦ୍ଧେ ଦୈବ । ଉ :—ବିକ୍ରମୋର୍ବଶୀୟ । ୩ । ଗୋଷ୍ଠୀ :—ଏହା ଏକାଙ୍କଯୁକ୍ତ । ଏଥି ପୁରୁଷପାତ୍ର ସଂଖ୍ୟା ନଅ ଅଥବା ଦଶ, ସ୍ତ୍ରୀପାତ୍ର ସଂଖ୍ୟା ପାଞ୍ଚ ଅଥବା ଛଅ । ରସ ଶୃଙ୍ଗାର । ଉଦାହରଣ :—ରୈବତ ମଦନିକା । ୪ । ଶତକ :—ଏଥି ଅଙ୍କ ନାୟକଶୂନ୍ୟ । ଇତିବୃତ୍ତ ବଢ଼ି । ଭାଷା ବ୍ୟାବହାରିକ । ଉଦାହରଣ :—କର୍ପୂରମଞ୍ଜରୀ । ୫ । ନାଟ୍ୟରାସକ :—ଏହା ଏକାଙ୍କଯୁକ୍ତ ଏବଂ ନର୍ତ୍ତନ ସଙ୍ଗୀତବିଶିଷ୍ଟ । ରସ ହାସ୍ୟଶୃଙ୍ଗାର ମିଳିତ । ଉଦାହରଣ :—ନର୍ମବତୀ ଏବଂ ବିଳାସବତୀ । ୬ । ପ୍ରସ୍ଥାନ :—ଏହା ଅଙ୍କଯୁଗଯୁକ୍ତ । ଏହାର ଇତିବୃତ୍ତ ନାଟ୍ୟ ରାସକସଦୃଶ, କିନ୍ତୁ ପାତ୍ରଗଣ ଅଧମକୁଳଜ । ନାୟିକା ପରଗୃହୀତା ଏବଂ ନାୟକ ପରଗୃହକ । ତାଙ୍କ ମିତ୍ରଗଣ ଅନ୍ତ୍ୟକୁଳଜ । ଏଥି ସଙ୍ଗୀତ-ବାଦ୍ୟ ଏବଂ ନର୍ତ୍ତନ ପ୍ରାଧାନ୍ୟ । ଉଦାହରଣ :—ଶୃଙ୍ଗାର-ତିଳକ । ୭ । ଉଲ୍ଲାପ୍ୟ :—ଏହା ଏକାଙ୍କଯୁକ୍ତ ଏବଂ କଥୋପକଥନ ରୂପକ ସଙ୍ଗୀତ ନିଳତ । ଏହାର ଇତିବୃତ୍ତ ପୌରାଣିକ । ଉଦାହରଣ :—ଦେବୀମହାଦେବ । ୮ । କାବ୍ୟ :—ଏହା ଶୃଙ୍ଗାରଗାଥାବିଶିଷ୍ଟ ହୋଇ ଏକାଙ୍କଯୁକ୍ତ । ଉଦାହରଣ :—ଯାଦବୋଦୟ । ୯ । ପ୍ରେଙ୍ଖଣ :—ଏହା ଯୁଦ୍ଧଚରିତବିଶିଷ୍ଟ ହୋଇ ଏକାଙ୍କଯୁକ୍ତ । ଉଦାହରଣ :—ବାଳିବଧ । ୧୦ । ରାସକ :—ଏହା ହାସ୍ୟକଥା ନିଳତ । ପାତ୍ରପଞ୍ଚକଯୁକ୍ତ ଏବଂ ଏକାଙ୍କଯୁକ୍ତ । ଏଥି ନାୟିକ ମହତ୍ ଏବଂ ନାୟିକା ଚତୁରା, ନାୟକ ଅଚତୁର । ଉଦାହରଣଃ—ଅନେକ ମୂର୍ଦ୍ଧା । ୧୧ । ସଂଲ୍ଲାପକ—ଏଥି ତିନୋଟି କିମ୍ବା ଚାରୋଟି ଅଙ୍କ । ନାୟକ ମତାନ୍ତରମାନୀ ଏବଂ ଶାସ୍ତ୍ରୀୟମାର୍ଗଗ । ଏହାର ଇତିବୃତ୍ତ ପ୍ରତାରଣାବିଦ୍ରୋହଯୁଦ୍ଧାଦି ନିଳତ । ଉଦାହରଣ—ମାୟା କପାଳିକା । ପ୍ରବୋଧ-ଚନ୍ଦ୍ରୋଦୟକୁ ସଂଲ୍ଲାପକ ବୋଲି ଯାଇ ପାରେ । ୧୨ । ଶ୍ରୀଗଦିତ—ଏହା ଏକାଙ୍କଯୁକ୍ତ । ଏହାର ଇତିବୃତ୍ତ ମହାଲକ୍ଷ୍ମୀଙ୍କର କିମ୍ବା ମହାଲକ୍ଷ୍ମୀ ପର ପ୍ରବର୍ତ୍ତିବା ବ୍ୟକ୍ତିର ଚରିତ୍ର । ଏଥି ଗଦ୍ୟ ଏବଂ ସଙ୍ଗୀତ ସମଭାଗ । ଉଦାହରଣ—କ୍ରୀଡାରସାତଳ । ୧୩ । ଶିଳ୍ପକ—ଏହା ଅଙ୍କଚତୁଷ୍ଟୟଯୁକ୍ତ । ଏହାର ନାୟକ ବ୍ରାହ୍ମଣ, ପ୍ରତିନାୟକ ଅନ୍ତ୍ୟଜ । ଦୃଶ୍ୟ ଶ୍ମଶାନବାଟିକାଦି । ରସ ଅଦ୍ଭୁତାଶ୍ଚର୍ଯ୍ୟ । ମାୟାମନ୍ତ୍ରାଦି ଏଥି ଦର୍ଶିତ । ଉଦାହରଣ—କନକାବତୀମାଧବ । ୧୪ । ବିଲାସିକା ଅଥବା ଲାସିକା—ଏହା ଏକାଙ୍କଯୁକ୍ତ । ଏଥି ରସ ହାସ୍ୟମିଶ୍ରିତ ଶୃଙ୍ଗାର । ଉଦାହରଣ—ମୃଗ୍ୟ । ୧୫ । ଦୁର୍ମଲ୍ଲିକା—ଏହା ଅଙ୍କ ଚତୁଷ୍ଟୟଯୁକ୍ତ । ଏହାର ଇତିବୃତ୍ତ କଳ୍ପିତ ଏବଂ ହାସ୍ୟରସପୂରିତ । ଉଦାହରଣ—ବିନ୍ଦୁମତୀ । ୧୬ । ପ୍ରକରଣିକା—ଏହା ନାଟିକାର ପ୍ରଭେଦ ମାତ୍ର । ଉଦାହରଣ—ମୃଗ୍ୟ । ୧୭ । ହଲ୍ଲୀସ—ଏହା ଗୀତନର୍ତ୍ତନ ନିଳତ ଏବଂ ଏକାଙ୍କଯୁକ୍ତ । ଏଥି ଗୋଟିଏ ମାତ୍ର ପୁରୁଷପାତ୍ର, ଆଠୋଟି ଅଥବା ଦଶୋଟି ସ୍ତ୍ରୀପାତ୍ର । ଉଦାହରଣ—କେଳୀରୈବତକ । ୧୮ । ଭାଣିକ—ଏହା ଏକାଙ୍କଯୁକ୍ତ । ଏହାର ପ୍ରଧାନ ରସ ହାସ୍ୟ । ଉଦାହରଣ—ମୃଗ୍ୟ ।

ଶ୍ରୀ ବିକ୍ରମଦେବ ବର୍ମା

(ମହାରାଜ ଶ୍ରୀ ବିକ୍ରମଦେବ ବର୍ମା, ଡ. ଲିଟ୍, ଙ୍କ: ସାଂ ରେ ପ୍ରକାଶିତ ପ୍ରବନ୍ଧ)

ରୂପକର ନାୟିକାନାୟକାଦି ବିବରଣ :—

୧ । ନାୟିକା ତ୍ରିବିଧ । ଯଥା—ସ୍ୱକୀୟା—ଯେ ସ୍ୱପତ୍ନୀ । ପରକୀୟା—ଯେ ପରର ପତ୍ନୀ କିମ୍ବା ପ୍ରଣୟୀ । ସାମାନ୍ୟା—ଯେଉଁ ସ୍ତ୍ରୀ ନିଜେ ସ୍ୱତନ୍ତ୍ର ଜୀବନ ଯାପନ କରେ । ଏମାନେ ମୁଗ୍ଧା (ବାଳା); ପ୍ରୌଢ଼ା (ଯୁବତୀ); ପ୍ରଗଳ୍ଭା (ଯୌବନାଗତା) ବୋଲି ତ୍ରିବିଧରେ ବିଭକ୍ତା । ଏମାନେ ଅବସ୍ଥା-ଭେଦରେ ପୁଣି ଅଷ୍ଟବିଧ । ଯଥା—ସ୍ୱାଧୀନପତିକା—ଯେ ପତିମାତ୍ର ସର୍ବସ୍ୱ ବୋଲି ଭାବେ । ବାସକସଜ୍ଜିକା—ଯେ ଅଳଂକୃତା ହୋଇ ପତି ପାଇଁ ଅପେକ୍ଷି ଥାଏ । ବିରହୋ-ତ୍କଣ୍ଠିତା—ଯେ ପତି ସନ୍ଦର୍ଶନ ବିହୀନରେ ଦୁଃଖିନୀ । ଖଣ୍ଡିତା—ଯେ ପତି ବିଶ୍ୱାସବିହୀନ ହେବା ଜାଣି ଦୁଃଖ ଲଭେ । କଳହାନ୍ତରିତା—ପରିହାସରେ କିମ୍ବା ସତ୍ୟରେ ପତି ଅବଜ୍ଞା କରନ୍ତେ ଯେ ଦୁଃଖିନୀ କିଂବା କୋପିନୀ । ବିପ୍ର-ଲବ୍ଧା—ପତି କସ୍ତିର ଏଣ୍ଡ କଥିତ ସମୟରେ ନ ଆସିଲେ, ଯେ ହତାଶା ହୁଏ । ପ୍ରୋଷିତଭର୍ତ୍ତୃକା—ଯାହାର ପତି ପରଦେଶରେ ଥାଏ । ଅଭିସାରିକା—ଯେ ପତିକି ଡକାଏ କିମ୍ବା ପତି ସମାଗମ ନିମନ୍ତେ ଯାଏ ।

୨ । ନାୟିକାର ସାହାଯ୍ୟକାରିଣୀ ବ୍ୟକ୍ତି ଦୁଇ ଜଣ । ଯଥା—ସଖୀ—ଯେ ବାଲ୍ୟରୁ ନାୟିକା ସହିତ ପୋଷିତା ହୋଇ ନାୟିକାର ମର୍ମଜ୍ଞା । ଚେଟୀ—ଦାସୀ ।

୩ । ନାୟକ ଚତୁର୍ବିଧ । ଯଥା—ଧୀରୋଦାତ୍ତ—ଯେ ଉନ୍ନତଭାବ, କାର୍ଯ୍ୟନିଷ୍ଠଳତ୍ୱ ଏବଂ ମନୋବଳଯୁକ୍ତ ହୁଏ; ଉଦାହରଣ—ଶ୍ରୀରାମ । ଧୀରଲଳିତ—ଯେ ସନ୍ତୋଷୀ, ହାସ୍ୟପ୍ରିୟ ଏବଂ ମୈତ୍ରୀଯୁକ୍ତ; ଉଦାହରଣ—ଶ୍ରୀକୃଷ୍ଣ । ଧୀର-ଶାନ୍ତ—ଯେ ଶାନ୍ତ, ଦାନ୍ତ ଏବଂ ସୁଶୀଳ; ଉଦାହରଣ—ଜନକ । ଧୀରୋଦ୍ଧତ—ଯେ ଅବେଷପର ଏବଂ ଅଶାନ୍ତ ଗୁଣାନ୍ୱିତ; ଉଦାହରଣ—ରାବଣ ।

୪ । ନାୟକର ସାହାଯ୍ୟକାରୀ ବ୍ୟକ୍ତି ଚାରିଜଣ । ଯଥା—ପୀଠମର୍ଦ୍ଦ—ଯେ ନାୟକର ପ୍ରାଣମିତ୍ର ହୋଇ ତାହାର ରହସ୍ୟ ଗୋପନ କରେ । ସେ କୌଣସି ଉପାୟରେ ଉପନାୟକ ହୋଇଥାଏ; ଉଦାହରଣ—ମାଳତୀମାଧବ ନାଟକର ମକରନ୍ଦ । ବିଦୂଷକ—ଯେ ନାୟକର ସ୍ନେହୀ, ହାସ୍ୟପ୍ରିୟ, ନାୟକ ଚିତ୍ତରଞ୍ଜକ ଏବଂ ଅମାୟିକ । ବିଟ—ଯେ ଲଳିତ ଭାବଯୁକ୍ତ ହୋଇ ବେଶ୍ୟାଙ୍କର କିମ୍ବା ପୁରୁଷଙ୍କର ସାହାଯ୍ୟ କରେ । ଚେଟ—ଦାସ । କେତେକ କଥାରେ ପ୍ରତିନାୟକ କଥିତ । ସେ ଦୁଷ୍ଟ ସ୍ୱଭାବଯୁକ୍ତ । ଉଦାହରଣ—ଶ୍ରୀରାମଙ୍କ ପ୍ରତିନାୟକ ରାବଣ ଏବଂ ଯୁଧିଷ୍ଠିରଙ୍କ ପ୍ରତିନାୟକ ଦୁର୍ଯୋଧନ ।

୫ । ନାୟିକାଙ୍କ ଚେଷ୍ଟାବଳୀ; ଯଥା—ହାବ—ଭ୍ରୂନେତ୍ରାଦି ବିକାରରୁ ଅଳ୍ପରେ ପ୍ରକଟିତ ହେବା ମନୋ-ବିକାର । ହେଳା—ଭ୍ରୂନେତ୍ରାଦି ବିକାରରୁ ସ୍ପଷ୍ଟରେ ପ୍ରକଟିତ ହେବା ମନୋବିକାର । ଲୀଳା—ପ୍ରେମାଧିକ୍ୟରୁ ବେଶ-ଭୂଷଣାଦିରେ ପ୍ରିୟର କିମ୍ବା ସଖୀର ଅନୁକରଣ କରଣ । ବିଳାସ—ବଚନରେ, ନୟନରେ ଏବଂ ଚେଷ୍ଟାରେ ଅଭିଳାଷପ୍ରକଟନ । ବିଚ୍ଛିତ୍ତି—ବସ୍ତ୍ରଭୂଷଣାଦ୍ୟଳଙ୍କାର ଊଣା ହୋଇଥିବାରୁ ମନୋଗ୍ଲାନି ଜାତ ହୋଇଥିଲେହେଁ, ସୌନ୍ଦର୍ଯ୍ୟକୁ ପ୍ରକଟିବା । ବିଭ୍ରମ—ବଚନ ଭୂଷଣ ବିପର୍ଯ୍ୟାସକ ରୂପକ ଚେଷ୍ଟା [ସମ୍ଭ୍ରମ ହୋଇ ଗୋଟିଏ କହିବାର ବଦଳରେ ଆଉ ଗୋଟିଏ କହିବା; ଏକ ଥାନର ଅଳଂକାରକୁ ଆନ ଥାନରେ ଧାରଣ କରିବା ।]

କିଲକିଞ୍ଚିତ—ହର୍ଷାଶ୍ରୁ ହର୍ଷଭୀତ୍ୟାଦି ମିଶ୍ରିତ ଚେଷ୍ଟା । ମୋଟ୍ଟାୟିତ—ପ୍ରିୟର କଥାଦିରେ ନିଜ ମାନସ ସଂଲଗ୍ନ ହୋଇଥିବା ବିଷୟ ଜଣାଇବା କର୍ଣ୍ଣକଣ୍ଡୂୟନାଦି ଚେଷ୍ଟା । କୁଟ୍ଟମିତ—ହୃଦୟରେ ଆନନ୍ଦ ପୂରିଥିଲେହେଁ, ଦନ୍ତରେ ଓଷ୍ଠପୀଡ଼ନାଦିରେ କୋପାଭିନୟ କରଣ । ବିହୃତ—ଲଜ୍ଜାବଶୁଁ ମନୋଭାବ ଗୋପନକରଣ । ଲଳିତ—ସୁକୁମାରତ୍ୱରୁ ଘଟିବା ଅଙ୍ଗବିନ୍ୟାସରୂପକ ଚେଷ୍ଟା ।

(ସନ୍ଦର୍ଭ ଲେଖକ – ମହାରାଜ ଶ୍ରୀ ବିକ୍ରମଦେବ ବର୍ମା—ଉ. ସାହିତ୍ୟ ପତ୍ରିକାରେ ପ୍ରକାଶିତ ପ୍ରବନ୍ଧ) ।

ରୂପକର ଭାବାଦି :—

କାବ୍ୟପରି ରୂପକ ଆନନ୍ଦବୋଧକ । ତାହା ବିବିଧ ରସ ଏବଂ ବିନୋଦ ଦର୍ଶାଇ ଦର୍ଶକଙ୍କ ଚିତ୍ତାକର୍ଷଣ କରି ମାତିକି ଦିଏ । ରସ ଭାବପ୍ରକଟନଫଳିତ । ଅତଏବ ରୂପକରେ ଭାବପ୍ରକଟନ ମାତ୍ର ପ୍ରଧାନ ଅଟେ । ସ୍ଥାୟିଭାବ ଏବଂ ବ୍ୟଭିଚାରିଭାବ ବୋଲି ଭାବ ଦ୍ୱିବିଧ । ସ୍ଥାୟିଭାବ ସଂଖ୍ୟା ନଅ; ବ୍ୟଭିଚାରିଭାବ ସଂଖ୍ୟା ତେତିଶ । ବ୍ୟଭିଚାରିଭାବଙ୍କ ଉପଭାବ ସଂଖ୍ୟା ଅନେକ ।

ସ୍ଥାୟିଭାବରେ :—୧ । ରତି—ଗୋଟିଏ ପଦାର୍ଥକୁ ଦେଖନ୍ତେ, ଶୁଣନ୍ତେ, ସ୍ମରନ୍ତେ କିଂବା ଭାବନ୍ତେ ଜନ୍ମିବା ଇଚ୍ଛା । ୨ । ହାସ—କୌଣସି ବ୍ୟକ୍ତିର ନିନ୍ଦିବା କିଂବା ଥଟ୍ଟା କରିବା ପାଇଁ ଉଦ୍ଦିଷ୍ଟ ନୋହି, ଆନନ୍ଦରେ ହସିବା କିଂବା ହାସ୍ୟରସ ଅନୁଭବିବା । ୩ । ଶୋକ—ପ୍ରିୟ କିଂବା ପ୍ରିୟା-ବିୟୋଗବଶୁଁ କାନ୍ଦିବା । ୪ । କ୍ରୋଧ—କୌଣସି ବ୍ୟକ୍ତିକି ବାନ୍ଧିବାପାଇଁ ଭାବିବା କିଂବା ନିଶ୍ଚୟ କରିବା । ୫ । ଉତ୍ସାହ—ଉଦ୍‌ଯୋଗ କିଂବା ଦୃଢ଼ପ୍ରଯତ୍ନ । ୬ । ଭୟ—ଭୀତି । ୭ । ଜୁଗୁପ୍ସା—ଘୃଣା । ୮ । ବିସ୍ମୟ—ଆଶ୍ଚର୍ଯ୍ୟକର ବିଷୟକୁ ଦେଖିବା, ଶୁଣିବା କିଂବା ସ୍ପର୍ଶିବାଦ୍ୱାରା ଜନ୍ମିବା ମନୋବିକାର । ୯ । ଶାନ୍ତ—ଶମଦମ ଗୁଣ ବିଶିଷ୍ଟ ।

ବ୍ୟଭିଚାରିଭାବରେ :—୧ । ନିର୍ବେଦ—ନିଜକୁ ନ୍ୟୂନ ବୋଲି ଭାବିବା । ୨ । ଗ୍ଲାନି—ଅଶକ୍ତତା । ୩ । ଶଙ୍କା—ସନ୍ଦେହ । ୪ । ଅସୂୟା—ମତ୍ସର କିଂବା ଦ୍ୱେଷ । ୫ । ମଦ—ମତ୍ତତା । ୬ । ଶ୍ରମ—ଆୟାସ । ୭ । ଆଲସ୍ୟ—ମାନ୍ଦ୍ୟ (ଅଳସୁଆପଣ) । ୮ । ଦୈନ୍ୟ—ଦାରିଦ୍ର୍ୟରୁ କିଂବା ବାଧାରୁ ଜନ୍ମିବା ନୀରସଭାବ । ୯ । ଚିନ୍ତା—ବିଷାଦଜନିତ ଭାବନା । ୧୦ । ମୋହ—ଜ୍ଞାନଶୂନ୍ୟତା । ୧୧ । ସ୍ମୃତି—

ସ୍ମରଣ । ୧୨ । ଧୃତି—ଧୈର୍ଯ୍ୟ । ୧୩ । ବ୍ରୀଡ଼ା—ଲଜ୍ଜା । ୧୪ । ଚପଳତା—ଚାଞ୍ଚଲ୍ୟ ୧୫ । ହର୍ଷ—ସନ୍ତୋଷ । ୧୬ । ଆବେଗ—ବ୍ୟଗ୍ରତା । ୧୭ । ଜଡ଼ତା—ମାନ୍ଦ୍ୟ କିଂବା ମୌଢ୍ୟ । ୧୮ । ଗର୍ବ—ଦର୍ପ । ୧୯ । ବିଷାଦ—ଖେଦ । ୨୦ । ଔତ୍ସୁକ୍ୟ—ଉତ୍କଣ୍ଠା । ୨୧ । ନିଦ୍ରା—ମନାଃଶକ୍ତିର ହ୍ରାସ । ୨୨ । ଅପସ୍ମାର—ସ୍ମୃତିଭ୍ରଂଶ । ୨୩ । ସୁପ୍ତି—ନିଦ । ୨୪ । ବିବୋଧ—ଚେତା । ୨୫ । ଅମର୍ଷ—ଅକ୍ଷମା । ୨୬ । ଅବହିତ୍ଥ କିଂବା ଅବହିତ୍ଥା—ଭାବଗୋପନ । ୨୭ । ଉଗ୍ରତା—କ୍ରୂରତା । ୨୮ । ମତି—ପ୍ରବୃତ୍ତି । ୨୯ । ବ୍ୟାଧି—ରୋଗ । ୩୦ । ଉନ୍ମାଦ—ଚିତ୍ତବିଭ୍ରମ । ୩୧ । ମରଣ—ମୃତି । ୩୨ । ତ୍ରାସ—କାଲ୍ପନିକ ଭୟ । ୩୩ । ବିତର୍କ—ବାଦାନୁବାଦ—ସନ୍ଦେହ ।

ସ୍ଥାୟୀଭାବ ବ୍ୟଭିଚାରୀଭାବଦ୍ୱୟ ବିଭାବ, ଅନୁଭାବ ଏବଂ ସାତ୍ତ୍ୱିକଭାବ ବୋଲି ତିନି ଭାଗରେ ବିଭକ୍ତ । ଇତି ।

ସନ୍ଦର୍ଭ ଲେଖକ ମହାରାଜ ଶ୍ରୀ ବିକ୍ରମଦେବ ବର୍ମା; ଉ. ଲିଟ୍; ଉ: ସା: ପତ୍ରିକାରେ ପ୍ରକାଶିତ ପ୍ରବନ୍ଧ ।

୫ । ବର୍ଣ୍ଣ—5. Colour. ୬ । ପରିମାଣ ବିଶେଷ [ହି. ଶ.]—6. Name of a measure. ୭ । ରୌପ୍ୟ ମୁଦ୍ରା [ହି ଶ.]—7. Silver coin; rupee. ବିଣ.—ଅଳଙ୍କାରଯୁକ୍ତ (ବାକ୍ୟ)—Figurative. ବିଣ. ପୁଂ.—[ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୋଇ;ଯଥା—ବିଶ୍ୱରୂପକ]—ମୂର୍ତ୍ତି; ରୂପବିଶିଷ୍ଟ—Having form.

ଦେ. ବି—ରୂପ (ଦେଖ)—Rupa (See)

ରୂପ କଥା—ଦେ. ବି—ରୂପ କଥା (ଦେଖ)
Rūpa kathā Rupa kathā (See)

ରୂପକ ବାକ୍ୟ—ସ. ବି,—ରୂପକ ଅଳଂକାରଯୁକ୍ତ ବାକ୍ୟ—A figu-
Rūpaka bākya rative or metaphorical sentence. [ଯଥା—ରଙ୍ଗ ପଷରୁ ବିନା ଭବସାଗର ରଙ୍ଗ, ଘଟରେ ଅଛି କି ନାବିକର । ମନବୋଧ ଚଉତିଶା]

ରୂପ କରିବା—ଦେ. କ୍ରି—୧ । ବିଶେଷ୍ୟର ଓ କ୍ରିୟାର ଭିନ୍ନ ଭିନ୍ନ ବିଭକ୍ତି,
Rūpa karibā ବଚନ ଅନୁସାରେ ହେବା ପଦମାନ ସଂଗଠନ କରିବା—1. To decline or conjugate (a noun or verb). ୨ । ରୂପ କରିବା (ଦେଖ)
2. Rupa karibā (See).

ରୂପ କର୍ତ୍ତା—ସ. ବି.—(୬ଷ୍ଠୀ ତତ୍)—ବିଶ୍ୱକର୍ମା [ହି. ଶବ୍ଦସାଗର]—
Rūpa karttā The heavenly architect.
[ରୂପକୃତ୍—ଅନ୍ୟରୂପ]

ରୂପକ ଶବ୍ଦ—ଦେ. ବି.—ରୂପକ ଅଳଙ୍କାର ଯୁକ୍ତ ଶବ୍ଦ—
Rūpaka śabda A figurative word.

ରୂପକ ଶ୍ଳେଷ—ସ. ବି.—କାବ୍ୟର ଅଳଂକାର ବିଶେଷ—A figure
Rūpaka ślesha of speech. [ଦ୍ର—ଏହା ୫ ପ୍ରକାର ଯଥା; ନିରୁକ୍ତ, ସମସ୍ତ, ବ୍ୟସ୍ତରୂପକ, ଶ୍ଳିଷ୍ଟ ଓ ରୂପକ ।] [ଯଥା—ବାତଜ ପ୍ରଖର ଅତ୍ୟନ୍ତ ସୁଜେନ୍ଦ୍ର କୋଦଣ୍ଡ ଉଦ୍ଧତ ଯହିଁ, ବିଭୀଷଣ ଭାବ ଚଞ୍ଚଳାଗଣରେ ସୁମନା ପ୍ରପଞ୍ଚ ତହିଁ ସେ, ବିବେକ କର ବିବୁଷ । ବିଜୟୀ ରୂପକ ଶ୍ଳେଷ ଉଞ୍ଜ. ବୈଦେହୀଶ ବିଳାସ ।]

ରୂପକ ସମାସ—ସ. ବି.—ଯେଉଁ ସମସ୍ତପଦ ରୂପକ ଅଳଂକାରଯୁକ୍ତ
Rūpaka samāsa ହୋଇଥାଏ—A compound word consisting of a metaphor. [ଯଥା—ମୁଖଚନ୍ଦ୍ର, ବଦନ ସରୋଜ, ପାଦପଦ୍ମ, କରକମଳ, ହୃଦପଦ୍ମ, ବିଷୟାବିଷ ।]

ରୂପ କାଢ଼ିବା—ଦେ. କ୍ରି—ରୂପ କାଢ଼ିବା (ଦେଖ)
Rūpa kārdhibā Rupa kārdhibā (See)
(ରୂପ ଦେଖାଇବା, ରୂପ ବାହାର କରିବା—ଅନ୍ୟରୂପ)
রূপ দেখান रूप दिखाना

ରୂପକାତିଶୟୋକ୍ତି—ସ. ବି—ଏକପ୍ରକାର ଅତିଶୟୋକ୍ତି ଅଳଙ୍କାର—
Rūpakātiśayokti A kind of hyperbole. [ଦ୍ର—ଏ ଅଳଙ୍କାରରେ କେବଳ ଉପମାନର ଉଲ୍ଲେଖରୁ ଉପମେୟମାନଙ୍କର ଅର୍ଥ ବୁଝାଯାଏ । ଯଥା—ଜଙ୍ଗମହେମଲତା ପରେ ଚନ୍ଦ୍ରଦେବତା ଫଳ ଫଳିଛି ଲୋଟଅଛି ମଣ୍ଡିରେ-ସଙ୍ଗୀତ ।]

ରୂପକ୍ରାନ୍ତା—ସ. ବି—୧୭ ଅକ୍ଷରବିଶିଷ୍ଟ ଏକ ବର୍ଣ୍ଣବୃତ୍ତ—
Rūpakrāntā Name of a metre of 17 syllables. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଜଗଣ, ରଗଣ, ଜଗଣ, ରଗଣ, ଜଗ ଓ ୧ ଗୁରୁ ଓ ୧ ଲଘୁମାତ୍ରା ଥାଏ ହି. ଶ.]

ରୂପ ଗନ୍ଧ—ସ. ବି (ଦ୍ୱନ୍ଦ୍ୱ)—ବସ୍ତୁର ଆକାର ଓ ବାସନା—
Rūpa gandha Form and smell of a thing.

ରୂପ ଗରିମା—ସ. ବି (୬ଷ୍ଠୀ ତତ୍; ରୂପ ଗରିମନ୍)—
Rūpa garimā ରୂପର ଆଧିକ୍ୟ; ଅତି ସୁନ୍ଦର ରୂପ—
(ରୂପ ଗାରିମା—ଗ୍ରାମ୍ୟରୂପ) Very graceful form. [ଉ—ଉପମା-ସୃଷ୍ଟିକୁ ବୁଡ଼ାଇ ଦେଲା ତା ରୂପଗରିମା । ରାଧାନାଥ. ଉଷା ।]

ରୂପ ଗର୍ବ—ସ. ବି—ଆପଣାର ରୂପ ବା ସୁନ୍ଦରପଣ ଯୋଗୁଁ ମନରେ
Rūpa garba ଜାତ ହେବା ଗର୍ବ—The pride of
(ରୂପଗର୍ବିତ[ତା]—ବିଣରୂପ) beauty.

ରୂପଗର୍ବିତା—ସ. ବିଣ. ସ୍ତ୍ରୀ—ରୂପ ଗର୍ବିତର ସ୍ତ୍ରୀଲିଙ୍ଗ—
Rūpagarbitā Feminine of Rūpa garbita.
ସ. ବି. ସ୍ତ୍ରୀ—ଗର୍ବିତା ନାୟିକାର ଏକଭେଦ—
A class of proud heroines in fiction. [ଦ୍ର—ଏ ନାୟିକା ନିଜର ସୁନ୍ଦରତା ବା ରୂପଯୋଗୁଁ ଗର୍ବ ପ୍ରକାଶ କରେ । ହି. ଶ.]

ରୂପଗୁଣ—ସ. ବି (ଦ୍ୱନ୍ଦ୍ୱ)—୧ । ଆକୃତି ଓ ଗୁଣ—1. Form
Rūpa guṇa and quality. ୨ । ସୌନ୍ଦର୍ଯ୍ୟ ଓ ଉତ୍ତମ ଗୁଣ—2. Beauty and good quality.

ରୂପ ଗୋସାଇଁ—ଦେ. ବି—ରୂପ ଗୋସ୍ୱାମୀ (ଦେଖ)
Rūpa gosāiñ Rūpagoswāmī (See)
রূপগোস্বামী [ଉ—ରୂପଗୋସାଇ କହନ୍ତି, ଭକ୍ତି ରସାମୃତ
रूप गोसाइँ ଉକ୍ତି । ପ୍ରାଚୀ· ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରୋଦୟ ।]

ରୂପ ଗୋସ୍ୱାମୀ—ଦେ. ବି. (ନାମ)—(ଖ୍ରୀ. ୧୪୮୯—୧୫୬୩) ଶ୍ରୀ
Rūpa goswāmī ଚୈତନ୍ୟଙ୍କ ସମସାମୟିକ ପ୍ରସିଦ୍ଧ ବୈଷ୍ଣବ ଭକ୍ତ
রূপগোস্বামী ସାଧକ—Name of a famous contem-
रूपगोस्वामी porary of Śrichaitanya. [ଦ୍ର—
ଏହାଙ୍କ ବାଲ୍ୟକାଳର ନାମ ସନ୍ତୋଷ ଓ ଏହାଙ୍କ ଭାଇଙ୍କ ନାମ ସନାତନ । ଏ ଦୁଇ ଭାଇ ପ୍ରଥମେ ବଙ୍ଗଦେଶର ନବାବ୍ ହୁସେନ୍ ଖାଁଙ୍କ ଉଚ୍ଚପଦସ୍ଥ କର୍ମଚାରୀ (ଦବୀର୍‌ଖାସ୍) ଥାଇ ଅତ୍ୟନ୍ତ ଅଭ୍ୟାଗତ ଥିଲେ । ଶ୍ରୀ ଚୈତନ୍ୟ-ଦେବଙ୍କର ପ୍ରବର୍ତ୍ତିତ ବୈଷ୍ଣବଧର୍ମରେ ଏ ଦୁହେଁ ମୁଗ୍ଧ ହୋଇ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସଂସାରବିରାଗୀ ହୋଇ ବୃନ୍ଦାବନରେ ତୀର୍ଥବାସ କଲେ । ଏ ସଂସ୍କୃତରେ ମହାପଣ୍ଡିତ ଥିଲେ ଓ ବୃନ୍ଦାବନରେ ବୈଷ୍ଣବଧର୍ମ ପ୍ରଚାର ପୂର୍ବକ ଅନେକ ବୈଷ୍ଣବଧର୍ମ ଗ୍ରନ୍ଥ ରଚନା କରିଥିଲେ । ଏହାଙ୍କ ଶିଷ୍ୟ ଜୀବ ଗୋସ୍ୱାମୀ । ରୂପ ଗୋସ୍ୱାମୀ ମହାପଣ୍ଡିତ ଥିଲେ ସୁଦ୍ଧା ତାଙ୍କଠାରେ ପାଣ୍ଡିତ୍ୟଗର୍ବ ଲେଶମାତ୍ର ନ ଥିଲା । ଏକଦା ବୃନ୍ଦାବନଠାରେ ଜଣେ ଦିଗ୍‌ବିଜୟୀ ପଣ୍ଡିତ ଆସି ଏହାଙ୍କ ସଙ୍ଗେ ଶାସ୍ତ୍ରବିଚାର କରିବାକୁ ପ୍ରସ୍ତାବ କରନ୍ତେ ଏ ସ୍ୱହସ୍ତରେ ଉକ୍ତ ପଣ୍ଡିତଙ୍କୁ ବିନାବିଚାରରେ ଜୟପତ୍ର ଲେଖିଦେଲେ । ପରେ ଉକ୍ତ ପଣ୍ଡିତଙ୍କୁ ରୂପଙ୍କ ଶିଷ୍ୟ ଜୀବଗୋସ୍ୱାମୀ ବିଚାରରେ ପରାସ୍ତ କଲେ ।]

ରୂପଚାନ୍ଦ ଦାସ ମହାପାତ୍ର—ଦେ.ବି. (ନାମ)—କଲିକତାର ଗାୟକଦଳର
Rūpachānda dāsa mahāpātra କର୍ତ୍ତା ଓ ପ୍ରସିଦ୍ଧ
(ରୂପଚାନ୍ଦ ପକ୍ଷୀ—ଅନ୍ୟରୂପ) ବଙ୍ଗଳା ଗୀତ ରଚୟିତା ଓ ଗାୟକ—
রূপচান্দ পক্ষী A famous poet and singer of Bengalee songs who was an Oriya by birth and proprietor of a popular opera-party in Bengal. [ଦ୍ର—ଏ ଜଣେ ପ୍ରସିଦ୍ଧ ବଙ୍ଗଳା ସଙ୍ଗୀତର ରଚୟିତା ଓ ସଙ୍ଗୀତ ଦଳର କର୍ତ୍ତା ଥିଲେ । ଏହାଙ୍କ ପୂର୍ବପୁରୁଷଗଣ ଉତ୍କଳ ଦେଶବାସୀ । ଏହାଙ୍କ ପିତା ଗୌର-ହରିଦାସ ମହାପାତ୍ର ଗୌଡ଼େଶ୍ୱର ଷ(ଚୂ?)ଡ଼ାଙ୍ଗ ଦେବଙ୍କ ବଂଶ ସମ୍ଭୂତ। ଚନ୍ଦ୍ରହରି କୂଳରେ ଏହାଙ୍କ ଆଦିମ ବାସ ଥିଲା । ଗୌରହରି କର୍ମୋପଲକ୍ଷରେ କଲିକତାକୁ ଆସି ବାସ କଲେ, ସନ ୧୨୧୧ ସାଲ ମାଘମାସରେ ରୂପଚାନ୍ଦଙ୍କ ଜନ୍ମ ହୋଇଥିଲା । ବାଲ୍ୟକାଳରୁ ଏ ସଙ୍ଗୀତ ଚର୍ଚ୍ଚାରେ ଅନୁରାଗୀ ଥିଲେ । ଏ ଅନେକ ଶାନ୍ତରସାତ୍ମକ ଓ ହାସ୍ୟୋଦ୍ଦୀପକ ସଙ୍ଗୀତ ରଚନା କରିଥିଲେ ଓ ଅନେକ ସଭାରେ ସ୍ୱୟଂ ସଙ୍ଗୀତ ଗାନ କରି ସମସ୍ତଙ୍କୁ ତୁଷ୍ଟ କରୁଥିଲେ । ଏହାଙ୍କ ସଙ୍ଗୀତ ଏବେ ମଧ୍ୟ ଅନେକ ସ୍ଥାନରେ ଗୀତ ହୁଏ—ସୁବଳଚନ୍ଦ୍ର ।

ଏହାଙ୍କ ଗୀତମାନ ପକ୍ଷୀ ବା ଗରୁଡ଼ଙ୍କ ନାମରେ ଭଣିତା ହୋଇଥିଲା । ଏ ଯେଉଁ ଗାଡ଼ିରେ ଯିବା ଆସିବା କରୁଥିଲେ ତାହା ପକ୍ଷୀଙ୍କ ପଞ୍ଝୁରି ଆକୃତିର ଥିଲା । ସେ ମଧ୍ୟ ବେଳେବେଳେ ପକ୍ଷୀପରି ରବ କରୁଥିଲେ—ଜ୍ଞାନେନ୍ଦ୍ର ।]

ରୂପ ଚତୁର୍ଦ୍ଦଶୀ—ସଂ. ବି—କାର୍ତ୍ତିକ କୃଷ୍ଣଚତୁର୍ଦ୍ଦଶୀ; ନରକ ଚତୁର୍ଦ୍ଦଶୀ
Rupa chaturddaśī (ହି. ଶ.)—The 14th day of the dark fortnight of Kārttika.
[ଉ—ଏ ଦିନ ଲୋକେ ଦେହରେ ହଳଦୀ ଲଗାନ୍ତି ।]

ରୂପ ଚିତ୍ରଣ—ସଂ. ବି (ଚେଷ୍ଟା ଚିତ୍ର)—ମୋଟିଏ ଆକାର ଅଙ୍କିବା—
Rūpa chitraṇa Drawing of a figure or image.

ରୂପଞ୍ଚ—ଗ୍ରା. ବି—ରୂପ (ଦେଖ)—
Rūpañcha Rūpa (See)
[ଉ—ଶାଳ ଜ୍ୟୋତି ମଧ୍ୟେ ବାଳମୁକୁନ୍ଦ ରୂପଞ୍ଚ ପ୍ରାଚୀ. ଗୁରୁଭକ୍ତିଗୀତା ।]

ରୂପଜ—ସଂ· ବିଣ (ରୂପ+ଜନ୍ ଧାତୁ+କର୍ତ୍ତୃ. ଅ)—୧ । ରୂପରୁ
Rūpaja ଉତ୍ପନ୍ନ—1. Born of shape. ୨ । ସୌନ୍ଦର୍ଯ୍ୟରୁ
(ରୂପଜନିତ—ଅନ୍ୟରୂପ) ଜାତ —2 Born of beauty, due to grace.

ରୂପ ଜୀବ—ଦେ.ବି. (ନାମଦ୍ୱୟ— ରୂପ ଗୋସ୍ୱାମୀ ଓ ତାହାଙ୍କ ଶିଷ୍ୟ ଜୀବ
Rūpa jība ଗୋସ୍ୱାମୀ—Rūpa Goswāmī and his disciple Jība Goswāmī.

ରୂପଜୀବିନୀ—ସଂ.ବି.ସ୍ତ୍ରୀ.—[ରୂପ+ଜୀବ ଧାତୁ+କର୍ତ୍ତୃ.ଇନ୍+ଈ]—
Rūpa jībinī ରୂପାଜୀବା; ବେଶ୍ୟା [ହି. ଶ —Prostitute

ରୂପଣ—ସଂ. ବି·—[ରୂପ ଧାତୁ, ଣିଜନ୍ତ=ରୂପି ଧାତୁ+ଭାବ. ଅନ]—
Rūpana ୧ । ଆରୋପଣ (ହି. ଶ.)—1. Attributing.
୨ । ପ୍ରମାଣ [ହି. ଶ.]—2. Proof. ୩ । ପରୀକ୍ଷା (ହି. ଶ.)—3. Examination.

ରୂପତା—ସଂ. ବି.—(ରୂପ+ଭାବାର୍ଥେ. ତା)—୧ । ରୂପର ଭାବ ବା
Rūpatā ଧର୍ମ—1. The quality or state of Rūpa.
୨ । ସୌନ୍ଦର୍ଯ୍ୟ (ହି. ଶ)—2. Beauty; grace.

ରୂପ ତୃଷ୍ଣା—ସଂ. ବି.—୧ । ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ ଲୋଭ—.
Rūpa trushṇā 1. Aesthetic faculty; desire to to enjoy the pleasure of looking at beautiful things. ୨ । ସୁନ୍ଦର ବସ୍ତୁକୁ ଭୋଗ କରିବାର ଇଚ୍ଛା—2. A desire to enjoy beautiful things.

ରୂପଧାରୀ—ସଂ. ବିଣ.ପୁଂ (ରୂପ+ଧୃ ଧାତୁ+କର୍ତ୍ତୃ.ଇନ୍, ୧ମା. ୧ବ)—
Rūpadhārī ୧ । ସାକାର; ଯେ ମୂର୍ତ୍ତି ବା ଆକାର ଧାରଣ କରିଥାଏ
(ରୂପଧର—ଅନ୍ୟରୂପ) 1. Assuming a concrete shape or material form. ୨ । ବେଶ ବା ପରିଚ୍ଛଦଧାରୀ—2. Assuming a garb or dress.
(ରୂପଧାରିଣୀ, ରୂପଧରା—ସ୍ତ୍ରୀ) ୩ । ସୌନ୍ଦର୍ଯ୍ୟଶାଳୀ—3. Beautiful.

ରୂପଧେୟ—ସ. ବ (ରୂପ+ସ୍ୱାର୍ଥେ ଧେୟ)—ସୌନ୍ଦର୍ଯ୍ୟ—
Rūpadheya Beauty. (ତୁଳନା କର, ନାମଧେୟ=ନାମ)

ରୂପ ଧ୍ୟାନ—ସ.ବ (୬ଷ୍ଠୀ ତତ୍)—କୌଣସି ଦେବତାଙ୍କର ବା ମନୁଷ୍ୟଙ୍କ
Rūpa dhyāna ରୂପକୁ ମନେ ମନେ ଚିନ୍ତା କରିବା—
Recalling of or meditation on the shape of a Deity or person to one's mind.

ରୂପନାଶକ—ସ. ବଣ—ଯାହା ସୌନ୍ଦର୍ଯ୍ୟକୁ ନଷ୍ଟ କରେ—
Rūpanāsaka Spoiling beauty. ସ. ବ—ପେଚକ
(ରୂପନାଶୀ—ଅନ୍ୟରୂପ) (ବି. ଶ.)—Owl.

ରୂପ ନାଶନ—ସ. ବଣ—ସୌନ୍ଦର୍ଯ୍ୟ ବିନାଶକ—Marring or
Rūpa nāsana ruining beauty. ବ—ପେଚକ—Owl.

ରୂପ ପସରା—ଦେ. ବ—ପଣ୍ୟଦ୍ରବ୍ୟ ସମୂହ ସଙ୍ଗେ ତୁଳନା କରାଯିବା
Rūpa pasarā ସୌନ୍ଦର୍ଯ୍ୟ—Beauty compared to
রূপেরপসরা रूपकाडाला articles spread for show.

ରୂପ ପ୍ରତିମା—ଦେ.ବ - ୧ । ସୁନ୍ଦର ମୂର୍ତ୍ତି—1. Beautiful figure.
Rūpa pratimā ୨। ସୁନ୍ଦର ବ୍ୟକ୍ତି—2. Beautiful person.
রূপেরপ্রতিমা [ଦ୍ର—ରୂପପ୍ରତିମାକୁ ରୂ ପରତେ କ ଯା । ଭକ୍ତଚରଣ.
रूपप्रतिमा ମନବୋଧ ଚଉତିଶା ।]

ରୂପବତୀ—ସ. ବଣ. ସ୍ତ୍ରୀ (ରୂପ+ବତ୍+ସ୍ତ୍ରୀ. ଈ)—ସୁରୂପା; ସୁନ୍ଦରୀ—
Rūpabati Beautiful; graceful in form (female).
(ରୂପବାନ୍—ପୁଂ) ସଂ. ବ—ସଂସ୍କୃତ ଚମ୍ପକମାଳାବୃତ୍ତ (ବି. ଶ)—
Name of a Sanscrit metre.

ରୂପବର୍ଣ୍ଣ—ସଂ. ବ (ଦ୍ୱନ୍ଦ୍ୱ)—ରୂପ ଓ ବର୍ଣ୍ଣ; ଆକାର ଓ ରଙ୍ଗ—
Rūpabarṇṇa Shape and colour.

ରୂପବନ—ଦେ. ବ—ରୂପବର୍ଣ୍ଣ (ଦେଖ)
Rūpabana Rūpabarṇṇa. (See)
রূপবর্ণ रूपबरन

ରୂପବନ୍ତ(ନ୍ତା)—ଦେ. ବଣ. ପୁଂ ଓ ସ୍ତ୍ରୀ (ସ.ରୂପବତ୍)—ସୁମୂର୍ତ୍ତି; ସୁରୂପ;
Rūpabanta(ntā) ସୁନ୍ଦର—Beautiful.
রূপবন্ত रूपवन्त, रुपमान (ରୂପବନ୍ତୀ—ସ୍ତ୍ରୀ)

ରୂପବାନ—ସ. ବଣ. ପୁଂ (ରୂପ+ଅଛି ଅର୍ଥରେ ବତ୍, ୧ମା. ୧ବ)—
Rūpabān ୧ । ରୂପଧାରୀ; ଯାହାର ରୂପ ଅଛି—
(ରୂପଶାଳୀ—ଅନ୍ୟରୂପ) 1. Having a form; corporeal.
ରୂପବତୀ } ସ୍ତ୍ରୀ ୨ । ସୁରୂପ; ସୁନ୍ଦର—2. Beautiful.
ରୂପଶାଳିନୀ

ରୂପ ବିଶିଷ୍ଟ—ସ. ବଣ (ରୂପ+ବିଶିଷ୍ଟ=ଯୁକ୍ତ, ୩ୟା ତତ୍)—୧ ।
Rūpa bisishta ଆକାରବିଶିଷ୍ଟ; ଯାହାର ଆକାର ଥାଏ—
(ରୂପବିଶିଷ୍ଟା—ସ୍ତ୍ରୀ) 1. Having a concrete form.
୨ । ସୌନ୍ଦର୍ଯ୍ୟବିଶିଷ୍ଟ— 2. Beautiful; graceful;
(ରୂପବିଶିଷ୍ଟତା—ବ) elegant.

ରୂପ ବିହୀନ—ସ.ବଣ ପୁଂ (୩ୟା ତତ୍; ରୂପଦ୍ୱାରାବିହୀନ)—ନିରାକାର—
Rūpabihīna Having no form; shapeless.
(ରୂପହୀନ—ଅନ୍ୟରୂପ) (ରୂପବିହୀନା, ରୂପହୀନା—ସ୍ତ୍ରୀ)

ରୂପ ବେଶ—ସ. ବ(ଦ୍ୱନ୍ଦ୍ୱ)—ଆକାର ଓ ପୋଷାକ—
Rūpa besa Form and dress.

ରୂପବୈଶିଷ୍ଟ୍ୟ—ସ. ବ (୬ଷ୍ଠୀ ତତ୍)—୧ । ଆକାରର ବିଶିଷ୍ଟତା—
Rūpabaisishtya 1. Peculiarity of shape or form. ୨ । ଅତିଶୟ ସୁନ୍ଦରତା—2. Great loveliness.

ରୂପଭାଗ—ଦେ. ବ (ଗାଣିତିକ ପରିଭାଷା)—୧ । ଯେଉଁ ଉପାୟରେ
Rūpabhāga ନିମ୍ନଶ୍ରେଣୀର ରାଶିକୁ ଉଚ୍ଚଶ୍ରେଣୀର ରାଶିରେ ଓ
রূপভাগ ଉଚ୍ଚଶ୍ରେଣୀର ରାଶିକୁ ନିମ୍ନଶ୍ରେଣୀର ରାଶିରେ ପରିଣତ କରାଯାଏ; ରାଶି ଅଧର ଲଘୂକରଣ ପ୍ରକ୍ରିୟା—
1. (Mathematics) Reduction. (ଯଥା—
୩୬୦ ଛଟାଙ୍କିକୁ ମହଣରେ ପରିବର୍ତ୍ତନ କରିବା; ୫
ମହଣକୁ ଛଟାଙ୍କିରେ ପରିଣତ କରିବା ।) ୨ । ପୂର୍ଣ୍ଣ ରାଶିର
ଭଗ୍ନାଂଶ— 2 Fraction of a unit.

ରୂପଭେକ(ଶ)—ଦେ. ବ—୧ । ରୂପ ଓ ବେଶ—1. Form and
Rūpabheka(sa) garb. ୨ । ଚେହେରା ଓ ପୋଷାକ-
রূপ ও বেশ रूपओरभेक(स) 2. Appearance and dress.

ରୂପଭେଦ—ସ. ବ (୬ଷ୍ଠୀ ତତ୍)—୧ । ଭିନ୍ନ ଭିନ୍ନ ରୂପ—
Rūpabheda 1. Different forms. ୨ । ରୂପାନ୍ତର
(ଦେଖ) - 2. Rūpāntara (See) ୩ । ରୂପର ବିଭିନ୍ନତା-
3. Difference of form.

ରୂପ ଭୋଗ—ସ. ବ (୬ଷ୍ଠୀ ତତ୍)—କୌଣସି ବସ୍ତୁର ବା ବ୍ୟକ୍ତିର
Rūpabhoga ସୌନ୍ଦର୍ଯ୍ୟକୁ ଅନୁଭବ କରି ସୁଖଭୋଗ କରିବା-
Enjoyment of the beauty of an object; aesthetic enjoyment.

ରୂପ ଭୋଗ ବାସନା—ସ. ବ—ସୌନ୍ଦର୍ଯ୍ୟ ଉପଭୋଗ କରିବାର ଇଚ୍ଛା—
Rūpabhogabāsanā A desire for aesthetic enjoyment.

ରୂପମଧୁର—ସ. ବଣ. ପୁଂ—(ବହୁବ୍ରୀହି) ମୋହକରରୂପବିଶିଷ୍ଟ—
Rūpamadhura Of charming shape or figure
(ରୂପମଧୁରା—ସ୍ତ୍ରୀ)

ରୂପମୟ—ସ. ବଣ ପୁଂ (ରୂପ+ଅତିଶୟାର୍ଥେ ମୟ)—୧ । ଅତିସୁନ୍ଦର
Rūpamaya (ବି. ଣ) 1. Very beautiful.
(ରୂପମୟୀ—ସ୍ତ୍ରୀ) ୨ । ଆକାର ବିଶିଷ୍ଟ—2. Having shape or form.

ରୂପ ମାଧୁରୀ(ର୍ଯ୍ୟ)—ସ. ବ (୬ଷ୍ଠୀ ତତ୍)—ଆକାରର ବା ସୌନ୍ଦର୍ଯ୍ୟର
Rūpa mādhurī(rjya) ମଧୁରତା—Sweetness or
(ରୂପମଧୁରତା—ଅନ୍ୟରୂପ) charm of beauty or shape.

ରୂପମୋହ—ସ. ବ—ସୌନ୍ଦର୍ଯ୍ୟଦ୍ୱାରା ମୁଗ୍ଧ ହେବା ଅବସ୍ଥା—
Rūpamoha The charm of beauty; illusion or infatuation which overtakes a person on seeing a beautiful object.

ରୂପଯୁକ୍ତ—ସ. ବଣ. ପୁଂ—ରୂପ ବିଶିଷ୍ଟ (ଦେଖ)
Rūpajukta (ରୂପଯୁକ୍ତା—ସ୍ତ୍ରୀ) Rūpabisishta (See)

ରୂପ ଯୌବନ—ସ. ବ—(ଦ୍ୱନ୍ଦ୍ୱ)—ସୌନ୍ଦର୍ଯ୍ୟ ଓ ଯୁବାବସ୍ଥା—
Rūpa jaubana Beauty and youth.

ରୂପଯୌବନ ସମ୍ପନ୍ନ—ସଂ. ବ. ପୁଂ (ଦ୍ୱନ୍ଦ୍ୱ ଓ ତୃତୀୟା ତତ୍) —ଯାହାର
Rūpajoubana sampanna ସୌନ୍ଦର୍ଯ୍ୟ ଓ ଯୁବାବସ୍ଥା ଉଭୟ
(ରୂପଯୌବନସମ୍ପନ୍ନା—ସ୍ତ୍ରୀ) ଅଛି—Beautiful and young.

ରୂପ ରଙ୍ଗ—ଦେ. ବ (ଦ୍ୱନ୍ଦ୍ୱ)—ରୂପ ଓ ବର୍ଣ୍ଣ—
Rūpa ranga Shape and colour.
রূপ ও রং रूपओरंग

ରୂପ ରସ—ସ. ବ (ଦ୍ୱନ୍ଦ୍ୱ)—ବସ୍ତୁର ଆକାର ଓ ସ୍ୱାଦ—
Rūpa rasa The form and taste of a thing.

ରୂପ ରାଶି—ସ. ବ (୬ଷ୍ଠୀ ତତ୍)—୧ । ଏକତ୍ର ଅବସ୍ଥିତ ରୂପସମୂହ—
Rūpa rāsi 1. A collection of graces.
୨ । ରୂପର ଆଧିକ୍ୟ—2. Excess of beauty; a mass of various items of beauty. ୩ । (ଗଣିତ) ଯେଉଁ ରାଶିର ମୂଳ ପୂର୍ଣ୍ଣସଂଖ୍ୟାରେ ବାହାର କରାଯାଇ ପାରେ—3. (Methematics) A number whose exact root can be calculated in integer.

ରୂପରେଖ—ଦେ. ବ (ସହତତ୍)-୧ । ଆକାର ଓ ଆକାରର ସୀମାରେଖା
Rūparekha 1. Form and outline. ୨ । ଆକାର—
রূপ ও আকার रूपरेखा 2. Shape. ୩ । ରୂପର ଅସ୍ତିତ୍ୱ-
3. Existence of a shape. (ଦ୍ର—ଧର୍ମପୁରୁଷର ରୂପ ରେଖ ନାହିଁ ତାହାକୁ ଜପିବ ମୁହିଁ—ପ୍ରାଚୀ. ସୁଭ-ଚନ୍ଦ୍ରାମଣି ।) ବଣ—୧ । ରୂପ ଓ ଗୁଣରେ ସୁନ୍ଦର; ସର୍ବାଙ୍ଗ ସୁନ୍ଦର—1. Beautiful in all respects, ୨ । ପରିପାଟୀଯୁକ୍ତ—2. Elegant in shape.

ରୂପ ରେଖା—ସ. ବ (୬ଷ୍ଠୀ ତତ୍)—ରୂପର ଅସ୍ତିତ୍ୱ—Existence
Rūpa rekhā of shape. ଦେ. ବ. ହସ୍ତ ବା ପଦରେ ଥିବା ଜ୍ୟୋତିଷୋକ୍ତ ଚିହ୍ନବିଶେଷ—A sign in the palm or feet. (ଦ୍ର—ରୂପରେଖା ଊର୍ଦ୍ଧ୍ୱ ରେଖା କମ୍ବୁ ଜମ୍ବୁ ଫଳ, ସ୍ୱସ୍ତିକ ଇତ୍ୟାଦିଙ୍କୁ ମୋହେ ପଦତଳ—ପ୍ରାଚୀ. ରସକଲ୍ଲୋଳ ।)

ରୂପ ରେ(ଲେ)ଖିବା—ଦେ. କି.—୧ । ସୀମା-ରେଖା ଅଙ୍କନ କରି
Rūpa re(le)khibā ପୋଷ୍ଟର ମୂର୍ତ୍ତି ଲେଖିବା—To draw
রূপ আঁকা रूपलीखना the outlines of an image.
୨ । କୌଣସି ବସ୍ତୁର ଚିତ୍ର ଅଙ୍କନ କରିବା—2. To outline or deliniate an object.

ରୂପ ଲାବଣ୍ୟ—ସ. ବ.—(୬ଷ୍ଠୀ ତତ୍)—ସୁନ୍ଦର ବା ମୋହନ ରୂପ—
Rūpa lābaṇya Grace of form; charming shape; graceful shape.

ରୂପ ଲାବଣ୍ୟବନ୍ତ—ଦେ. ବଣ.—ଲାବଣ୍ୟମୟ ରୂପବିଶିଷ୍ଟ—Of
Rūpa lābaṇyabanta charming beauty; very
রূপ লাবণ্যবন্ত रूपलावण्य वन्त graceful.

ରୂପ ଲାବଣ୍ୟବାନ୍—ଦେ. ବଣ. ପୁଂ.—ଲାବଣ୍ୟମୟ ରୂପବିଶିଷ୍ଟ—
Rūpa lābaṇyabān Of charming beauty.
[ରୂପ ଲାବଣ୍ୟବତୀ—ସ୍ତ୍ରୀ]

ରୂପ ଶୂନ୍ୟ—ସ. ବଣ.—(ତୃତୀୟା ତତ୍)—୧ । ନିରାକାର—
Rūpaśūnya 1. Formless. ୨ । କଦାକାର—
2. Ugly.

ରୂପସ—ବୈଦେ. ବଣ. ପୁଂ—[ବଙ୍ଗଳା ଭାଷାରୁ ଅନୁକୃତ]—ରୂପବାନ୍;
Rūpasa ସୁନ୍ଦର; ସୁଶ୍ରୀ—Elegant; graceful.
রূপস रूपशाली [ରୂପସୀ—ସ୍ତ୍ରୀ]

ରୂପ ସମ୍ପଦ୍(ତ୍ତି)—ସ. ବ.—(ରୂପକ ସମାସ)—ସୌନ୍ଦର୍ଯ୍ୟରୂପ ଧନ
Rūpa sampad(tti) (ଦ୍ର.ଶ.)— Beauty considered as riches or valuable possession.

ରୂପ ସାଗର—ସ.ବ.(ରୂପକ)—ସାଗର ସଙ୍ଗେ ତୁଳନା କରାଯିବା ରୂପ—
Rūpa sāgara Beauty compared in its exuberance to the waters of the sea.

ରୂପ ସନାତନ—ଦେ. ବ. (ନାମଦ୍ୱୟ)—ଚୈତନ୍ୟ ଦେବଙ୍କ ଭକ୍ତ ଓ
Rūpa sanātana ପଣ୍ଡିତ ଦୁଇ ଭାଇ ରୂପ ଗୋସ୍ୱାମୀ ଓ ସନାତନ
রূপ সনাতন ଗୋସ୍ୱାମୀ—Name of two Baishnaba
रूपऔर सनातन devotee brothers. [ଦ୍ର—ଏ ଦୁଇଜଣ ଶ୍ରୀଚୈତନ୍ୟପ୍ରବର୍ତ୍ତିତ ବୈଷ୍ଣବ ସମ୍ପ୍ରଦାୟର ପ୍ରତିଷ୍ଠା ପାଇଁ ବୃନ୍ଦାବନରେ ବାସ କରି ବୈଷ୍ଣବ ଗ୍ରନ୍ଥମାନ ରଚନା ଓ ବୈଷ୍ଣବ ଭକ୍ତିମାନ ପ୍ରଚାର କରିଥିଲେ ।]

ରୂପସୀ—ବୈଦେ. ବଣ. ସ୍ତ୍ରୀ—(ବଙ୍ଗଳା ଭାଷାରୁ ଗୃହୀତ)—ରୂପବତୀ;
Rūpasī ସୁନ୍ଦରୀ (ସ୍ତ୍ରୀ)—Beautiful (woman). ବି—
ସୁନ୍ଦରୀ ସ୍ତ୍ରୀ—A comely woman; a beauty. (ଦ୍ର—ରାଜରୂପସୀଙ୍କ କଥନ ବସ୍ତ୍ରଙ୍କ୍ରେ ପଲଙ୍କ ଗଲ୍ପ କରୋଇ ସ୍ୱାଧୀନାଥ. ଯଯାତି ।)

ରୂପ ସୁନ୍ଦର—ସ ବଣ.(ତୃତୀୟା ତତ୍)-ସୁନ୍ଦର ରୂପବିଶିଷ୍ଟ—Having a
Rūpa sundara beautiful shape; having a
সুন্দর রূপ रूप सुन्दर loving shape.
(ଗୁଣ ସୁନ୍ଦର—ଦ୍ରପସାଦ ଦ୍ରାତାତ୍ମକ ଶବ୍ଦ)

ରୂପହୀନ—ସଂ. ବଣ. ପୁଂ—(ତୃତୀୟା ତତ୍)—୧ । ନିରାକାର—
Rūpa hīna 1. Having no shape. ୨ । କୁରୂପ—
(ରୂପହୀନା—ସ୍ତ୍ରୀ) 2. Ill-shapen; ugly.

ରୂପା—ଦେ. ବ.—(ସଂ ରୂପ୍ୟ)—୧ । ଶୁକ୍ଳବର୍ଣ୍ଣ ଧାତୁ ବିଶେଷ;
Rūpā ରୌପ୍ୟ; ଶ୍ୱେତ—1. Silver; Argentum.
রুপো(পা) चान्दी, रूपा [ଦ୍ର—ଚନ୍ଦ୍ରାମଣି ଥାଇଁ ଥାଇଁ କେ
ଫ.· ନକ୍ରଚ ଧିବେ ରୂପାରେ । ଜଗନ୍ନାଥ ସଙ୍ଗୀତ
ଅ. ଫିଦା [ଦ୍ର—ଏହାର ସଂସ୍କୃତ ନାମ—
ତେ. ଏଣ୍ଡି ରଜତଙ୍ଗ, ଶ୍ୱେତ, ରଙ୍ଗ ସାର, ଲୋହ-ରାଜକ, କଳଧୌ(ଧୂ)ତ, ରୌପ୍ୟ, ମହାଶୁଭ୍ର, ରଜତ, ତାର, ଚନ୍ଦ୍ରକାନ୍ତ,ସିତପ୍ରଭ, ଶୁଭ୍ର, ରସଶ୍ରେଷ୍ଠ, ରୁଦ୍ଧର, ଚନ୍ଦ୍ର(ଇନ୍ଦୁ)—ଲୋହକ, ରୂପ୍ୟ, ରୁପ୍ୟ, ଶ୍ୱେତକ, ତପ୍ତରୂପକ; ଚନ୍ଦ୍ରଭୂତି;

ସିତ, ରୂପ୍ୟକ, ରୌପ୍ୟ, ଧୌତ, ସୌଧ, ଚନ୍ଦ୍ରହାସ, ଅକୁପ୍ୟ, ଦୁର୍ବର୍ଣକ, ଖର୍ଜୁର ।] ୨ । ମିଶା ରୂପା—2. Mixed silver. ବିଣ.—ରୂପବିଶିଷ୍ଟ, ରୂପଧାରୀ— Assuming a shape.

ରୂପା(ପେ)ଇ—ଦେ. ବି. ସ୍ତ୍ରୀ— ରୂପାଇ (ଦେଖ)
Rūpā(pe)i Rupāi (See)

ରୂପାଜୀବା—ସଂ. ବି. ସ୍ତ୍ରୀ--(ବହୁବ୍ରୀହି; ରୂପ=ସୌନ୍ଦର୍ଯ୍ୟ ଅଟେ ଆଜୀବ— Rūpājibā ଜୀବିକା ଯାହାର; ରୂପ+ଅଜୀବ+ଆ)—୧ । ବେଶ୍ୟା; ବାରଙ୍ଗନା; ବାରା—1. Harlot; a whore; prostitute; a woman of the town; public woman. ୨ । ନର୍ତ୍ତକୀ; ନାଚୁଆଣୀ—2. A dancing girl.

ରୂପାଧିବୋଧ—ସଂ. ବି—(୬ଷ୍ଠୀ ତତ୍; ରୂପ+ଅଧିବୋଧ)—ଦୃଶ୍ୟ Rūpādhibodha ବସ୍ତୁର ଜ୍ଞାନ ଇନ୍ଦ୍ରିୟଦ୍ୱାରା ଉପଲବ୍ଧି (ବୃ. ଶ.)- Knowledge or perception of a visible thing by the senses.

ରୂପାନ୍ତର—ସଂ. ବି.—(ଅନ୍ୟ+ରୂପ)—୧ । ଭିନ୍ନ ଆକାର—1. A Rūpāntara different shape or form. ୨ । ଏକ ବସ୍ତୁର ବିଭିନ୍ନ ଆକାର—2. Different shapes of one and the same thing. ୩ । ନୂତନ ଅବସ୍ଥା ବା ଭାବ ବା ରୂପ—3. A new state or condition or shape. ୪ । ଭିନ୍ନ ବେଶ— 4. A different garb or dress.

ରୂପାନ୍ତରିତ—ସ. ବିଣ (ରୂପାନ୍ତର+ଇତ)—୧ । ନୂତନ ରୂପ ପ୍ରାପ୍ତ— Rūpāntarita 1. Assuming or turned into a different shape. ୨ । ନବ ବେଶ ଧାରଣ କରିବାରୁ ଯାହାର ରୂପର ପରିବର୍ତ୍ତନ ଘଟି ଥାଏ—2. One whose form or appearance is changed by the assumption of a new garb. ୩ । ଗୋଟିଏ ରୂପରୁ ଅନ୍ୟ ରୂପରେ ପରିବର୍ତ୍ତିତ ଏକ ମାତ୍ର ପଦାର୍ଥ— 3. (the same thing) Changed into a different form.

ରୂପା ପତର(ପତ୍ର, ପାଟିଆ)—ସ. ବିଣ—ରୂପା ପତର (ଦେଖ)
Rūpā patara(patra, pātiā) Rupā patara (See)
রুপোর পাত रूपेका पत्तर

ରୂପା ପାଟି(ଟି)ଆ—ପ୍ରାଦେ (ବାଲେଶ୍ୱର) ବି—ନଈ ମୁହାଣରେ Rūpā pāti(ṭi)ā ଧରାଯିବା ଏକପ୍ରକାର ସାମୁଦ୍ରିକ ମାଛ—A kind of sea fish caught in the mouths of rivers. ଦେ. ବି—୧ । ରୂପାରେ କଟେଇ ପାତଲା ପତ୍ର—1. Foils of silver. ୨ । ଜହ୍ଲାମାଛ (ଦେଖ)—2. Jahlā fish (See).

ରୂପା ଭସ୍ମ—ସ. ବି—ଆୟୁର୍ବେଦ ବା ରସାୟନଶାସ୍ତ୍ରୋକ୍ତ ପ୍ରକ୍ରିୟାରେ Rūpā bhasma ରୌପ୍ୟକୁ ପୋଡ଼ି ପ୍ରସ୍ତୁତ କରିବା ପାଉଁଶ— Oxide of silver.

ରୂପା ମକେଇ—ଦେ.ବି (ସ. ରୌପ୍ୟ ଓ ମାକ୍ଷିକ)—(ବୈଦ୍ୟକ) ରୂପା, Rūpā makei ଲୌହ ଓ ଗନ୍ଧକମିଶ୍ରିତ ପଦାର୍ଥବିଶେଷ; ତାତ- (ରୂପାମାକ୍ଷିକ—ଅନ୍ୟରୂପ) ମାକ୍ଷିକ ନାମକ ଉପଧାତୁ ବିଶେଷ— রূপামাখী, রৌপ্যমাক্ষিক Iron pyrites; Ferri Sulphuretum.
रूपामाखी, तारा(मा,मु)खी
ଫା. ଭର୍କ୍ ନୁକରା ଅ. ଶବସୁଲ୍‌ଫିକା ଛେ· ରୂପାମାଷୀ

ରୂପାମାକ୍ଷୀ—ଦେ. ବି—ତାରମାକ୍ଷିକ—
Rūpāmākshi Iron pyrites.
রূপামখী रूपामाखी

ରୂପା ମାରଣ—ଦେ. ବି (ସଂ ରୌପ୍ୟମାରଣ) —ଆୟୁର୍ବେଦୋକ୍ତ ବିଧିଦ୍ୱାରା Rūpā mārana ରୌପ୍ୟର ଭସ୍ମୀକରଣ—Process of oxi- রৌপ্যমারণ रूपेकामारना dising silver.

ରୂପା ମାରିବା—ଦେ· ବି—ରୌପ୍ୟଭସ୍ମ ପ୍ରସ୍ତୁତ କରିବା—
Rūpā māribā To perform the process of রৌপ্যমারা रूपामारना oxidising silver.

ରୂପାଲାପ—ସ. ବି—ବାଦ୍ୟଯନ୍ତ୍ର ଆଦିରୁ ଅଭିପ୍ରେତ ତାଳମାନ ସହିତ Rūpālāpa ବଜାଇବା ପୂର୍ବରୁ ସୁର୍ ବାନ୍ଧିବା; ସ୍ୱର୍ ଉଠାଇବା The striking of the keynote before playing a tune.

ରୂପାଳିଆ—ଦେ. ବିଣ—୧ । ରୌପ୍ୟମିଶ୍ରିତ—1. Mixed with Rūpālia silver. ୨ । ରୂପୁଲା; ଉଜ୍ଜଳ; ରୂପାପରି ଦେଖା— রূপা(পু)লি ধিবা; শুক্ল—2. Silvery; white like रूपेकेजेषा silver; silvery white.

ରୂପାସ୍ତ୍ର—ସ. ବି. ପୁଂ (ରୂପ=ସୌନ୍ଦର୍ଯ୍ୟ ଅଟେ ଅସ୍ତ୍ର ଯାହାର Rūpāstra ବହୁବ୍ରୀହି)—କାମଦେବ— Cupid (personified).

ରୂପିକା—ସ. ବି (ବୈଦ୍ୟକ)—ଶ୍ୱେତ ଅର୍କ; ଧଳା ଅରଖ ଗଛ— Rūpikā A plant; white swallowwort.

ରୂପିଣୀ—ସ. ବିଣ. ସ୍ତ୍ରୀ (ରୂପ+ଇନ୍+ସ୍ତ୍ରୀ. ଈ)—୧ । ରୂପବିଶିଷ୍ଟା Rūpini (ସ୍ତ୍ରୀ)—1. (Female) Having a shape. (ରୂପୀ—ପୁଂ) ୨ । ରୂପଧାରିଣୀ 2. Assuming a shape. ୩ । ସୁନ୍ଦରୀ—3. Graceful; beautiful (female). ୪ । (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୋଇ ସମାସଯୁକ୍ତ ହେଲେ) ଅନ୍ୟର ରୂପଧାରିଣୀ—4. Assuming the shape of another. (ଯଥା—ନରରୂପିଣୀ ରାକ୍ଷସୀ, ନରରୂପିଣୀ ଦେବତା, କାଳରୂପିଣୀ ଚଣ୍ଡୀ ।) ଦେ. ବିଣ. ପୁଂ—ରୂପଧାରୀ—Assuming some shape or form. (ଯଥା—କେଶିକି ଜନ୍ମ ବନ୍ଧକ ରୂପିଣୀ ହୋଇ ସୁତ । କୃଷ୍ଣସିଂହ. ମହାଭାରତ. ଆଦି).

ରୂପିତ—ସ. ବିଣ. ପୁଂ (ରୂପ+ଇତ)—୧ । ରୂପଯୁକ୍ତ—1. For- Rūpita med; shaped. ୨ । ଚିତ୍ରିତ—2. Painted. ୩ । ବର୍ଣ୍ଣିତ—3. Described. ସ. ବି—ଏକ ପ୍ରକାର ଉପନ୍ୟାସ, ଯହିଁରେ ଜ୍ଞାନ ବୈରାଗ୍ୟାଦି ପାତ୍ରରୂପେ କଳ୍ପିତ

ରୂପକ (ବି. ଶ)—A kind of novel in which abstract qualities are personified.

ରୂପିବା—ଦେ. କ୍ରି—ଦେଖାଇବା; ଆଗରେ ଦେଖାଇବା—
Rūpibā To show; to present.
ପାତୀ (ଯଥା—ଅପେ ଜଣେ ଅପେ ଦ୍ୱାରେ ରୂପିଥାଇ ଛନ୍ତି ।
दिखाना (ରୂପିଥାଇବା—ଅନ୍ୟରୂପ) ବୃନ୍ଦାବନରୂପଣଗୀତା ।)

ରୂପୀ—ସଂ. ବିଣ. ପୁଂ (ରୂପ+ଇନ୍; ୧ମା. ୧ବ)—୧ । ସାକାର; ରୂପବିଶିଷ୍ଟ—1. Having a form. ୨ । (ସମାସଯୁକ୍ତ ହେଲେ) ଅନ୍ୟର ରୂପଧାରୀ—2. Assuming the form of.
Rūpī
(ରୂପିଣୀ—ସ୍ତ୍ରୀ)

ରୂପେ—ଦେ. ଅ—ପର—
Rūpe Like.
ରୂପେ (ଯଥା—ସେହିରୂପେ ତୁ ଭ୍ରମର ଆଗରେ କହୁଛ । କୃଷ୍ଣ ସିଂହ. रूपमे ମହାଭାରତ. ଅଦ ।)

ରୂପେନ୍ଦ୍ରିୟ—ସଂ. ବ (ମ. ପ. ଲୋ)—ଚକ୍ଷୁଃ ଅକ୍ଷି—
Rūpendriya Eye.

ରୂପୋପଜୀବିନୀ—ସଂ. ବ. ସ୍ତ୍ରୀ (ରୂପ+ଉପଜୀବିନୀ)—ବେଶ୍ୟା (ବି.ଶ)—
Rūpopajibini Prostitute.

ରୂପୋପଜୀବୀ—ସଂ. ବି. ପୁଂ (ରୂପ+ଉପଜୀବିନ୍; ୧ମା. ୧ବ)—ବହୁରୂପ—A person who appears in various garbs or masks; masker.
Rūpopajibi

ରୂପ୍ୟ—ସଂ. ବିଣ ପୁଂ (ରୂପ+ଯ)—୧ । ରୂପବାନ୍; ସୁନ୍ଦର—
Rūpya 1. Beautiful; of graceful form.
(ରୂପ୍ୟା—ସ୍ତ୍ରୀ) ୨ । ଉପମେୟ (ବି. ଶ)—2. Comparable.
ସଂ. ବି—୧ । ସ୍ୱର୍ଣ୍ଣ—1. Gold. ୨ । ରୌପ୍ୟ; ରୁପା—2. Silver. (ଯଥା—ତେବେଟେ ରୂପ୍ୟ ଦେଇ ଜାତରୂପ ନେଇ ଘୋଟୁ ସ୍ୱରୂପ କାମ-ଅଙ୍କାର ଗୋ ୮ ବୈଦେହୀଶ-ବିଳାସ । ୩ । ଅଳଙ୍କାରାଦି ନିର୍ମାଣାର୍ଥ ସଂଗୃହୀତ ସ୍ୱର୍ଣ୍ଣ ବା ରୌପ୍ୟ—3. Gold or silver set apart or collected for being made into ornaments.

ରୂପ୍ୟକ—ସଂ. ବ (ରୂପ୍ୟ+କ)—ଟଙ୍କା (ବି. ଶ)
Rūpyaka Rupee.

ରୂପ୍ୟମୟ—ସଂ. ବିଣ—ରୁପାରେ ତିଆରି—
Rūpyamaya (ରୂପ୍ୟମୟୀ—ସ୍ତ୍ରୀ) Made of silver.

ରୂପ୍ୟମୁଦ୍ରା—ସଂ. ବି—ରଜତ ମୁଦ୍ରା; ରୁପାଟଙ୍କା—
Rūpyamudrā Silver coin; rupee

ରୂପ୍ୟାଧ୍ୟକ୍ଷ—ସଂ. ବି—ଟଙ୍କଶାଳାର ଅଧ୍ୟକ୍ଷ—
Rūpyādhyaksha Mint master; the superintendent of a mint.

ରୂବୁକ—ସଂ. ବି—ଏରଣ୍ଡ ବା ଜଡ଼ା ଗଛ—
Rūbuka The castor seed plant.

ରୂର—ସଂ. ବିଣ—୧ । ଉତପ୍ତ (ବି. ଶ)—1, Heated.
Rūra ୨ । ଦଗ୍ଧ (ବି. ଶ)—2. Burnt.

ରୂଷ୍ (ଧାତୁ)—୧ । ଭୂଷିତ କରିବା—1. To adorn.
Rūsh (root) ୨ । ଚୂର୍ଣ୍ଣ କରିବା—2. To powder.

ରୂଷକ—ସଂ. ବ—ବାସଙ୍ଗ (ବି. ଶ) (ଦେଖ)
Rūshaka Bāsanga. (See)

ରୂଷଣ—ସଂ. ବ.—(ରୂଷ୍ ଧାତୁ+ଭାବ. ଅନ)—୧ । ଅଳଙ୍କରଣ—
Rūshana 1. Adorning. ୨ । ଲେପନ; ଲିପିବା—2. Anointing; painting. ୩ । ମ୍ରକ୍ଷଣ; ବୋଳିବା—3. Smearing.

ରୂଷିତ—ସଂ. ବିଣ.—(ରୂଷ୍ ଧାତୁ+କର୍ମ. ତ)—୧। ଅଳଙ୍କୃତ;ଭୂଷିତ—
Rūshita 1. Adorned. ୨ । ଚୂର୍ଣ୍ଣିତ—2. Powdered; educed to dust. ୩ । ମ୍ରକ୍ଷିତ—3. Painted; smeared. ୪ । ଲେପିତ—4. Anointed. ୫ । ଖଣ୍ଡିତ; ଭଗ୍ନ (ବି. ଶ.)—5. Broken.

ରେ—ସଂ.ଅ.—(ରୁ ଧାତୁ=ଶବ୍ଦ କରିବା+ଭାବ.ଏ)—ଅରେ ! (ନୀଚାର୍ଥକ.
Re रे रे ସମ୍ବୋଧନ)—ହେଇରେ ! ହଇରେ ! ହୋଇରେ ! (Interjection used towards a person lower than the speaker)-Hallo ! [ଦ୍ର—ନୀଚ ପଦସ୍ଥ ବ୍ୟକ୍ତିଙ୍କୁ ସମ୍ବୋଧନ—ହେ ! ଅହେ ! ହଇହେ ! ଅଛି ଆଦରାର୍ଥରେ ମଧ୍ୟ ସମ୍ବୋଧନସୂଚକ ପଦରୂପେ 'ରେ' ର ବ୍ୟବହାର ହୁଏ । ଯଥା—'ଆସି ରେ କହ ଉଆସିରେ ପ୍ରିୟ ସଖି' (କବିସୂର୍ଯ୍ୟ--ଚଉତିଷ ଗୀତ) । ଉଚ୍ଚପଦସ୍ଥ ବ୍ୟକ୍ତିଙ୍କର ନିମ୍ନତର ଲୋକଙ୍କୁ ହୋ ! ଅହୋ ! ତହୁଁ ରୁ ନିମ୍ନତର ଲୋକଙ୍କୁ ରେ ! ଅରେ ! ହଇରେ ! ହୋଇରେ ! ହାଁରେ ! ଇରେ ! ଏବଂ ତହୁଁରୁ ନିମ୍ନତରଲୋକଙ୍କୁ ବେ ! ଅବେ ! ଇବେ ! ହାଁବେ ! ହଇବେ ! ଆଦି ପ୍ରୟୋଗ କରାଯାଏ । ଅତି ଆଦରାର୍ଥରେ ଓ ଦେବତାଙ୍କୁ ମଧ୍ୟ ସମ୍ବୋଧନସୂଚକ ପଦରୂପେ 'ରେ'ର ବ୍ୟବହାର ଦେଖାଯାଏ । ଯଥା—'ଅହାରେ ଦଇବ ! ସତେ କ ସାଷ୍ଟରୁ ଦାଉ ଭୁଞ୍ଜ ଏଡେ ବଡ଼ କେ' ଶ୍ରୀଧାନାଥ ମହାଯାତ୍ରା । ସ୍ଥଳବିଶେଷରେ ମଧ୍ୟ ସ୍ତ୍ରୀ ଓ ସହଚରୀମାନଙ୍କ ପ୍ରତି ସ୍ନେହ ସୂଚକ ସମ୍ବୋଧନରେ 'ରେ' ବ୍ୟବହୃତ ହୁଏ । ଯଥା—'କି ହେଲାରେ ! କହ ତ ନୂଆଇ ଭାରତୀରେ' । ସାଧାରଣତଃ 'ରେ' ପୁରୁଷ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ ଓ ସ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ 'ରେ' ସ୍ଥଳରେ ଲୋ ! ଅଲୋ ! ଇଲୋ ! ହଇଲୋ । ଆଦି ବ୍ୟବହୃତ ହୁଏ । 'ରେ' ଶବ୍ଦର ଅନ୍ୟାନ୍ୟରୂପ ଅରେ, ଇରେ, ହଇରେ, ହେଇରେ; ହୋଇରେ । କଥାରେ ଜୋର୍ ଦେବା ପାଇଁ ମଧ୍ୟ ଅରେ ! ଅରେରେ ! ଇରେରେ ! ରେରେ ! ବ୍ୟବହୃତ ହୁଏ । ସୂଚିତଃ ଯେଉଁ ବ୍ୟକ୍ତି ପ୍ରତି 'ତୁ' ବ୍ୟବହୃତ ହେବ, ସେ ବ୍ୟକ୍ତିପ୍ରତି 'ରେ' ସମ୍ବୋଧନ କରାଯାଇ ପାରିବ ।

ରେ—ଦେ. ଅ. (ବିଭକ୍ତି)—(ସଂ. ଏ)—[ବିଶେଷ୍ୟ ଓ ସର୍ବନାମ
Re ପଦର ସପ୍ତମୀ ବିଭକ୍ତି ବା ଅଧିକରଣ କାରକର ଚିହ୍ନ—The inflection of the 7th. case of nouns and pronouns—In; at;. ଦ୍ର—

ସପ୍ତମୀ ବିଭକ୍ତିରେ ପଦ ସଙ୍ଗେ 'ରେ' ବା 'ଏ' ଯୋଗ ହୁଏ । ଯଥା—ଘରେ ବା ଘରରେ ।] ୧ । ଭିତରେ; ମଧ୍ୟରେ—1. In. ୨ । ଠାରେ—2. At. ୩ । ନିକଟରେ—3. Near. ୪ । ଅନେକଙ୍କ ମଧ୍ୟରେ—4. Amongst (many). [ଉ—ଏକାଙ୍ଗ ଇନ୍ଦ୍ର ସବୁ ଯାଦବଙ୍କରେ ଯାଇ । କୃଷ୍ଣସିଂହ. ମହାଭାରତ ବନ ।] ୫ । (ପ୍ରାଚୀନ ପ୍ରୟୋଗ)—ଦ୍ୱିତୀୟା ବିଭକ୍ତିର 'କୁ'—5. To. [ଉ—କୁସୀ କରେଁ ମୁଁ ଧାତାଙ୍କୁ, କାହିଁକି ସରଳ ତାଙ୍କୁ, ତପସ୍ୟ ରଖିଲି ଜଗତରେ । କବିସୂର୍ଯ୍ୟ. ବଳଦେବ. ଚମ୍ପୂ. କ ଗୀତ ।] ୬ । (ବିଶେଷ୍ୟ ପରେ ଯୁକ୍ତ) (ଅମୁକ ବିଷୟ) ଘଟିଲେ; ହେଲେ—6. In case; in the case or event of.

ତେ ୭ । (ବିଶେଷ୍ୟ ପରେ ଯୁକ୍ତ) ଦ୍ୱାରା—7. By. [ଉ—
में କି ହେଲାରେ ! କହିତ ନ ହୋଇ ଭାରତୀରେ । କବିସୂର୍ଯ୍ୟ ବଳଦେବ ଚମ୍ପୂ କ ଗୀତ ।] ୮ । ନିକଟରୁ;

ହଇতে ଠାରୁ—8. From. [ଉ—ଶିବଙ୍କୁ ଲଙ୍ଘି ସତୀ ଯାଇ.
से ପିତାରେ ଅପମାନ ପାଇ । ଜଗନ୍ନାଥ. ଭାଗବତ ।] ପ୍ରାଦେ (ଉତ୍ତର, ବାଲେଶ୍ୱର)ଅ(ସ୍ତ୍ରୀବ୍ୟକ୍ତିଙ୍କ ପ୍ରତି ପ୍ରଯୁକ୍ତ) —ଲୋ ! —Oh ! [ଯଥା—ଅମ୍ବିକାରେ !—ଅମ୍ବିକା ଲୋ !]

ରେଅ(ୟା)ତ୍(ତି)—ବୈଦେ. ବି (ଫା. ରୟାୟତ୍)—୧ । ରିଅତ୍; Reā(yā)t(ti) ରିଆତି; ରିୟାତି; ଅନୁଗ୍ରହ—1. Favour.
ରେହାই ୨ । ରିଅତ୍ (ଦେଖ)—2. Riāt (See) ୩ । ଛାଡ଼;
रिआयत ନିଷ୍କୃତି—3. Exemption; liberation. ୪ । ଦଣ୍ଡାଦିରୁ ଅବ୍ୟାହତି ବା ମାଫ୍; ମାଫୀ—4. Remission of a punishment.

ରେଅ(ବା, ୱା)ଜ୍—ବୈଦେ. ବି. (ଫା. ରିବାଜ୍)—୧ । ପ୍ରଚଳନ; Reā(bā, wā)j ପ୍ରଥା, ରୀତି—1. Custom; usage. ୨ ।
ରେଉଆଜ୍, ରେବାଜ୍, ରେଓୟାଜ୍ रिवाज ଅଭ୍ୟାସ—2. Habit.

ରେଇଞ୍ଜା—ପ୍ରାଦେ.(ସମ୍ବଲପୁର) ବି—ଏକ ଜାତୀୟ ଗନ୍ଧଗୁହିରିଆ ଗଛ—Reiñjā A kind of acacia (Haines).

ରେଉ(ଓ)ଚିନି—ବୈଦେ. ବି. (ଫା. ରେବନ୍ଦ୍)—(ବୈଦ୍ୟକ) Reu(o)chini ଦୁଷ୍ଟ ବ୍ରଣ ଆଦି ପାଇଁ ଔଷଧରେ ବ୍ୟବହୃତ ଏକ ସ. ନାମ. ପୀତମୂଳା, ଗନ୍ଧିନୀ ପ୍ରକାର ବୃକ୍ଷର ମୂଳ—A sort of
ରେଉ চিনি, রেবন চিনি medicinal root; Indian
रेव चिनि, रेवन चिनि Rhubarb; Rheum Emodi.
ଫା. ରେବନ୍ଦ୍ [ଦ୍ର—ଏହି ବୃକ୍ଷ ହିମାଳୟ ପ୍ରଦେଶରେ ଜାତ
ଗ୍ରୀ. ରେଭନ୍ ହୁଏ; ଏଥିର ମୂଳ ବଲକାରକ ଓ ମୃଦୁବିରେଚକ; ଏବଂ ଅଜୀର୍ଣ୍ଣ, ଅତିସାର, ଅଗ୍ନିମାନ୍ଦ୍ୟ, ଅରୁଚି, ମଳବଦ୍ଧତା ଓ ଶୀତପିତ୍ତ ରୋଗରେ ଉପକାରୀ । ଏହାର ଚୂର୍ଣ୍ଣ ଦୁଷ୍ଟ କ୍ଷତ ଉପରେ ପକାଇଲେ ଉପକାର ହୁଏ—ଦ୍ରବ୍ୟଗୁଣ ।]

ରେଉ(ଓ)ତି—ଦେ. ବି. (ସ. ରାଜାବର୍ତ୍ତ)—୧ । ଏକ ପ୍ରକାର ସ୍ଫଟିକ Reu(o)ti ପଥର—1. A sort of marble. ୨ । ପତଳା
ରେଓଟୀ ପଥର; ପଥର ଟାଇଲ୍—2. Thin slab of stone;
नरिया stone tile.

ରେଁକା—ପ୍ରାଦେ. (ସମ୍ବଲପୁର) ବି—ନାଲି ଥଣ୍ଟଯୁକ୍ତ ଦେଶୀ ଶୁଆ—Reñkā Red-beaked parrot. (ରେଁକାରୂପ—ଅନ୍ୟରୂପ)

ରେକ୍ (ଧାତୁ)—ସଂ—୧ । ଶଙ୍କା କରିବା—1. To fear; to ap-Rek (root) prehend. ୨ । ସନ୍ଦେହ କରିବା—2. To doubt; to suspect.

ରେକ—ସ. ବି (ରେକ୍ ଧାତୁ+ଭାବ. ଅ)—୧ । ସଂଶୟ; ସନ୍ଦେହ—Reka 1. Doubt; suspicion. ୨ । (+କର୍ତ୍ତୃ. ଅ) ଭେକ; ବେଙ୍ଗ—2. Frog. ୩ । ନୀଚତା—3. Meanness. ୪ । (ରିଚ୍ ଧାତୁ=ନିଃସରଣକରିବା+ଭାବ. ଅ)—ବିରେଚନ; ପତଳା ଝାଡ଼ା—4. Looseness of
सेर मोनी bowels; passing liquid stools. ଦେ. ବି—୧ । (ସଂ. ରେଖା)—ବେତନିର୍ମିତ ପରିମାଣପାତ୍ର-ବିଶେଷ (ଏହା କଟକୀ ଏକ ସେର ସଙ୍ଗେ ସମାନ)—A measuring pot made of cane (of a capacity of 1¼ standard seer). ୨ । (ସଂ.
ରেখ मुट्ठी ରେଖା)—ରେକା; ବୁଢ଼ା ଅଙ୍ଗୁଠି ଓ ମଝି ଅଙ୍ଗୁଠିର ପରିଧିଦ୍ୱାରା ବେଷ୍ଟିତ ବିଡ଼ା ବା ଗୁଚ୍ଛ—A sheaf or bunch of things which can be held by encircling it with the thumb and the middle finger.

ରେକ କଟି—ଦେ. ବି—ରେକ ପରିମିତ କଟି; କ୍ଷୀଣ କଟି—Reka kaṭi A thin waist. ଦେ. ବିଣ. ସ୍ତ୍ରୀ—
কৃশকটি पतलीकमर କୃଶ କଟି; ଯେଉଁ ସ୍ତ୍ରୀର ଅଣ୍ଟା ଖୁବ୍ ସରୁ—(a female) Having a thin waist. [ଉ—ରେକକଟି କସ୍ତୁରୀ ହେବା ଦେଖି ଫାଟ ଯାଉଛି ଛାତିରେ ମୋ ଛତି—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।]

ରେକଟା (ଇତ୍ୟାଦି)—ଦେ. ବି. ଓ ବିଣ—ରକଟା ଇତ୍ୟାଦି (ଦେଖ) Rekaṭā (etc) Rakaṭā etc (See)

ରେକ(କି,କେ)ଟିବା—ଦେ. କ୍ରି—ହାଡ଼ରେ ଲାଗିଥିବା ମାଂସର ଅଂଶକୁ Reka(ki, ke)ṭibā ପୃଥକ କରିବା ପାଇଁ ଉକ୍ତ ହାଡ଼କୁ
ଖଗড়ান; চিবান कटकट चबाना ଦାନ୍ତଦ୍ୱାରା ପୁନଃ ପୁନଃ ଚର୍ବଣ କରିବା—To nibble at a thing with the teeth to separate the softer parts adhering to it (such as a piece of bone). [ଦ୍ର—ହଡ ହଡ କରଣ କଲରେ ରେକଟି, ଗିଳି ପାଣ ପିଇଲେ ଅଇଁଷି ପେଟକୁ—କୃଷ୍ଣସିଂହ ମହାଭାରତ. ସଭା ।]

ରେକ(କା)ର୍ଡ(ର୍ଡ୍)—ବୈଦେ. ବି (କଚରଥ) (ଇଂ. ରେକର୍ଡ୍)—Reka(kā)d(rd) ୧ । ମକଦ୍ଦମା ଆଦିର ନଥି; ମକଦ୍ଦମାସଂକ୍ରାନ୍ତ (ରିକାର୍ଡ଼[ଗ୍ରାମ୍ୟ ଉଚ୍ଚାରଣ]—ଅନ୍ୟରୂପ) କାଗଜର ବିଡ଼ା—
ৰেকাড় 1 Record of a case. ୨ । ଗ୍ରାମୋଫୋନ୍ ବାଜାରେ
रेकड ଲଗାଯିବା ଗୋଲ ଚକ ପଟା, ଯହିଁରେ ଗୀତମାନଙ୍କର ଦାଗ ଅଙ୍କିତ ଥାଏ ଓ ଗ୍ରାମୋଫୋନର ଛୁଞ୍ଚ ଘଷି ହେଲାରୁ ଗୀତର ସ୍ୱର ବାହାରେ—2. Gramophone record.

ରେକଡ଼୍ କିପର୍—ବୈଦେ. ବ.—(କଠରଅ)—(ଇଂ. ରେକର୍ଡ୍ କିପର୍)
Rekard kipar ମାଲ୍ଖାନ୍ଚିକ; ଯେଉଁ କର୍ମଚାରୀଙ୍କ ଜିମା ସରକାରୀ
রেকাড কীপার କାଗଜ ପତ୍ର ଥାଏ—Record-keepe .
रेकड किपर

ରେକଡ଼୍ ରୁମ୍—ବୈଦେ. ବ. (କଠରଅ)—(ଇଂ. ରେକର୍ଡ୍ ରୁମ୍)
Rekard rūm ସରକାରୀ କାଗଜପତ୍ର ସଞ୍ଚିତ ହେବାର କୋଠରୀ;
বেকডরুম **रेकडरूम**. ମହାଫିଜ୍‌ଖାନା—Record room.

ରେକଡ଼(ର୍ଡ଼)ର୍—ବୈଦେ. ବ.—(ଇଂ. ରେକର୍ଡ଼ର୍)—ରେଙ୍ଗୁନ
Rekarda(rda)r ଅଞ୍ଚଳରେ ଇଂରାଜ ଶାସନାଧୀନ ଉଚ୍ଚପଦସ୍ଥ
রেকডার ଜଜ୍—The Recorder of Rangoon (a Judge
रेकडार under the British rule.

ରେ କରି—ଦେ. ଅ—(ହେତ୍ୱର୍ଥସୂଚକ)—୧। ଦ୍ୱାରା—1. By; with.
Re kari [ଉ—ଅସ୍ତ୍ରବର୍ଷାରେ କଲେ କରି, ଶୁକ ଯା କହିଲେ
ବସ୍ତାର । ଜଗନ୍ନାଥ ଭାଗବତ ।] ୨। ସାହାଯ୍ୟରେ—
(ଏକର୍- 2. With the help of. ୩। ଯୋଗୁଁ; ହେତୁ—
ଅନ୍ୟରୂପ) 3. On account of; owing to; as a
result of. [ଉ—ସ୍ନେହରେ କରି, ବଚନଦ୍ୱାରା,
କର ଦେବେ ମୋ କର । ରଘୁଉଦ୍ଧରଣ. ମଥୁରାମଙ୍ଗଳ ।]

ରେକା—ଦେ. ବ.—(ସ. ରେଖା)—ରେକ ୨ (ଦେଖ)
Rekā Reka 2 (See) ପ୍ରାଦେ. (ମାନ୍ଦ୍ରାଜ) ବ—ତାଳ
ବାହୁଙ୍ଗାର ତନ୍ତୁରେ ନିର୍ମିତ ବନ୍ଧନ—A kind of
rope made of the fibres of the branches
of palm. [ଉ—ମାନ୍ଦ୍ରାଜ ଅଞ୍ଚଳରେ ତାଳବାହୁଙ୍ଗାକୁ
ଏପରି ବନ୍ଧ ଆକାରରେ ମୋଡ଼ି ବନାଯାଏ ଯେ,
ତହିଁରେ କୂଅରୁ ସୁବିଧାରେ ପାଣି କାଢ଼ି ହୁଏ । ଏହି
ବନ୍ଧାକୃତି ତାଳବାହୁଙ୍ଗାକୁ "ରେକା" କହନ୍ତି । ଏହାର
ଦାମ ଏକ ପଇସା ମାତ୍ର । ରାଧାଚରଣ ପଣ୍ଡା. ଉତ୍କଳ
କୁଟୀର ଶିଳ୍ପ ।]

ରେକା(କେ)ଇବା—ଦେ. କ୍ରି.—ହାତର ରେକାରେ ଚିପି ଶକ୍ତ କରି
Rekā(ke)ibā ଧରିବା—To hold tightly within
मुठान the thumb and the middle finger
मुट्ठीसे थामना, मुठियाना encircled.

ରେକାଏ—ଦେ. ବ.—ଏକ ରେକା ପରିମାଣ ମାତ୍ର—As much as
Rekāe can be held by the encircling of the fingers.
একমুঠ **पेकमुठ(ट्ठी)** ଦେ. ବଣ.—ବୁଢ଼ା ଅଙ୍ଗୁଠି ଓ ମଝି
ଅଙ୍ଗୁଠି ଦ୍ୱାରା ବେଷ୍ଟିତ ହୋଇ ଧରାଯିବା ଗୁଚ୍ଛ ପରିମିତ—
Measuring a bunch encircled by the
thumb and the middle finger.

ରେକା କରିବା—ଦେ. କ୍ରି.—ବୁଢ଼ା ଅଙ୍ଗୁଠି ଓ ମଝି ଅଙ୍ଗୁଠି ଦ୍ୱାରା
Rekā karibā ବେଷ୍ଟିତ କରି କୌଣସି ବସ୍ତୁକୁ ଧରିବା—
মুঠোব মধ্যে ধরা To hold a thing by encircling
मुट्ठीमे घरना the thumb and the middle finger
together.

ରେକାବ—ବୈଦେ. ବ.—(ଅ. ରକାବ)—୧ । ଘୋଡ଼ାର ଜିନ୍
Rekāb ଉପରେ ବସିବା ବ୍ୟକ୍ତିର ଗୋଡ଼ ରଖିବା ପାଇଁ ଘୋଡ଼ା
রেকাব ପିଠିର ଦୁଇ ପାଖରେ ଲମ୍ବିଥିବା ବନ୍ଧନର ଶେଷରେ
र(रि)काब ବନ୍ଧା ହୋଇଥିବା ଲୌହ ବଳୟ—1. Stirrups. ୨ ।
ରେକାବି (ଦେଖ)—Rekābi (See)

ରେକାବାସ୍ଥି—ଦେ. ବ (ଅଧୁନିକ ଶାସ୍ତ୍ରବିଜ୍ଞାନର ପରିଭାଷା) (ଏହା
Rekābāsthi ରେକାବର ଆକୃତିବିଶିଷ୍ଟ ଥିବାରୁ) କର୍ଣ୍ଣସ୍ଥ
রেকাবস্থি ଅସ୍ଥିବିଶେଷ—Name of one of the ear-
रेकावास्थि bones stapes.

ରେକାବି—ବୈଦେ. ବ (ଅ. ରକାବୀ)—ଥାଳିଆ; ଛୋଟ ଥାଳି; ପତଳା
Rekābi ଥାଳିଆ—Saucer; a small plate; a thin
রেকাবী **र(रि)काबी** metal platter. [ଉ—
ଘୋଡ଼ାଠାରୁ କୋଟା ଥାଳିକ ରେକାବି ସବୁ କଲେ
ଅପସନ୍ଦ—ଉକାଶ୍ଚରଣ. ସାଅନ୍ତଙ୍କ ବାହା ।]

ରେକାବି ପିଆଲି(ଲା)—ଦେ. ବ (ସହଚର) ଥାଳିଆ ଓ ଗିନିଆ—
Rekābipiālā(li) A saucer and cup.
রেকাবিপেয়ালা(লী) **रिकाबिपयाला(ली)**

ରେକିଟା (ଇତ୍ୟାଦି)—ଦେ. ବ ଓ ବଣ—ରକଟା (ଇତ୍ୟାଦି) (ଦେଖ)
Rekiṭā(etc) Rakaṭā (etc) (See)

ରେକେ—ଦେ. ବ. ଓ ବଣ—ରେକାଏ (ଦେଖ)—Rekāe (See)
Reke [ଉ—ଗଢ଼ିବାକାଳେ ଧାଡ଼ା ଦୃଢ଼େ ଧରନ୍ତେ, ସେ
ଉଚ୍ଚେ ମଧ ନ ରେକେ—ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]

ରେକେଟା—ଦେ ବ ଓ ବଣ- ରକଟା (ଦେଖ)-Rakaṭā (See) ପ୍ରାଦେ
Reketā (ଗଡ଼ଜାତ) ବ—ପଙ୍କ ବା କାଦୁଅ ମାଟି ଶୁଖିଯିବା
ପରେ ତାହା ଟାଣ ହୋଇଯିବା ଅବସ୍ଥା; ଚକଟା ମାଟିର
ଶୁଖିଲା ଅବସ୍ଥା—The state of clay or mud
becoming hardened when dry. ପ୍ରାଦେ
(ଗଡ଼ଜାତ) ବଣ—ଶୁଖିଯାଇ ଅତି ଟାଣ ହୋଇଥିବା
(ଚକଟା କାଦୁଅ ବା ପଙ୍କ)—Hardened and
dried (adhesive soil or clay).

ରେଖ୍ତା—ଦେ. ବ—ଉର୍ଦ୍ଦୁ କବିତାରେ ସ୍ତ୍ରୀଲୋକମାନେ ବ୍ୟବହାର
Rekhtā କରିବା ଶବ୍ଦମାନଙ୍କ ରୂପ—From taken in
रेखता the Urdu language and in poems
রেখটা specially in woman's dialect.

ରେଖ—ଦେ. ବ (ସ. ରେଖା)—୧ । ରେଖା—1. A line. [ଉ—
Rekha ଅଳକତଳ ଅଙ୍କିତ ସ୍ୱେଦନା ରେଖ । କବିସୂର୍ଯ୍ୟ.
রেখা ବଣୋଗୀତମ୍ ନ ଗୀତ ।] ୨ । ଚିହ୍ନ—
रेखा 2. Mark; sign. ୩ । ଦେହରେ ସିନ୍ଦୁର, କଜ୍ଜଳ,
ଚନ୍ଦନରେ ଅଙ୍କିତ ସରଳରେଖା; କଲ୍ପ—3. A per-
pendicular line drawn on the body
(i. e. brow) with red or black dye.
୪ । ଚର୍ମରେଖା—4. Wrinkle. [ଉ—
ଚୁମ୍ବି ଅଛ ଭାଲପଟ୍ଟ ରେଖ, ଚୁର୍ଣ୍ଣ କେଶ କ ସୁନ୍ଦର
ବେଶ । କବିସୂର୍ଯ୍ୟ. ରତ୍ନାକର ଚମ୍ପୂ ..ର ଗୀତ ।]

ଡେଡୀ ୫ । କପାଳ ଉପରର କେଶକୁ ଦୁଇ ପାଖକୁ କୁଣ୍ଡାଇବାଦ୍ୱାରା
सींथ ରଚିତ ଲମ୍ବରେଖା; ସିନ୍ଥି; ଟେରି—5. A line seen on the head from which the hairs are parted towards both the sides of it. [ଦ୍ର—ବଙ୍କା ରେଖକୁ ଟେରି ବା ଛେଡ଼ି ବା ପିଛେଇ କହନ୍ତି ।]

ରେଖ କରିବା—ଦେ. କ୍ରି—ମୁଣ୍ଡର କେଶକୁ ପାନିଅଦ୍ୱାରା ସିଧା କରି
Rekha karibā ତାର ମଝିରୁ ଦୁଇ ଫାଳ କରିବା—To
ডেডীকাটা divide the hair of the head with the
सींथफाडना comb by leaving a straightline in the middle.
(ରେଖ କାଟିବା—ଅନ୍ୟରୂପ)

ରେଖ ଦେଉଳ—ଦେ. ବି—ଉତ୍କଳର ପ୍ରାଚୀନ ମନ୍ଦିରମାନଙ୍କରୁ ଏକ
Rekha deuḷa ପ୍ରକାର--One of the forms of ancient temples of Utkal. [ଦ୍ର—ଏଥିରେ କଣ୍ଠି ଶିଳ୍ପଭୂଷା ବା କାରୁକାର୍ଯ୍ୟ ନ ଥାଏ ।]

ରେଖନ—ସଂ. ବି (ଲିଖ୍. ଧାତୁ+ଭାବ. ଅନ)—୧ । ଲେଖିବା—
Rekhana 1. Writing. ୨ । ରେଖା ଟାଣିବା—2. Drawing of a line.

ରେଖା—ସଂ. ବି. ସ୍ତ୍ରୀ (ଲିଖ୍ ଧାତୁ+କର୍ମ. ଅ+ସ୍ତ୍ରୀ. ଆ)—୧ । ଗାର;
Rekhā ଦଣ୍ଡାକୃତି ଚିହ୍ନ—1. A line; streak. ୨ । (କ୍ଷେତ୍ରତତ୍ତ୍ୱ) ବସ୍ତୁତହୀନ ଦୈର୍ଘ୍ୟ; ଦୁଇ ବିନ୍ଦୁକୁ ସିଧାଭାବରେ ଯୋଗ କରୁଥିବା ଦୈର୍ଘ୍ୟ—2. (Geometry) A length without breadth; line. ୩। ଅକ୍ଷରରେ ଲଗାଯିବା ଲମ୍ବ ଗାର ବା 'ବାଡ଼ି' ଚିହ୍ନ; ଆକାର ଚିହ୍ନ—3. A stripe or perpendicular line drawn with a letter to denote the addition of the vowel 'A'. [ଦ୍ର—ପୁରୁଣାକାଳର ଅବଧାନମାନେ ପିଲାମାନଙ୍କୁ ଆକାର ବନାନ ଶିଖାଉଥିଲାବେଳେ କହନ୍ତି—'କ'ରେ ବାଡ଼ି (ରେଖା) ଦେଲେ 'କା' ।] ୪ । ଚିହ୍ନ—4. Sign; mark. [ଉ—ମ୍ଳାନ ମୁଖଚ୍ଛବି ବିଷାଦ ରେଖାରେ । ରାଧାନାଥ. ଚିଲିକା ।] ୫ । (ସାମୁଦ୍ରିକ) ଦେହରେ ଥିବା ଶୁଭାଶୁଭ ସୂଚକ ଚିହ୍ନ (ଯଥା—କର ରେଖା)—5. (Palmistry) Lines appearing on different parts of the body from birth indicating good or evil. ୬ । ଶ୍ରେଣୀ ଧାଡ଼ି—6. Row. ୭ । (ଭୂଗୋଳ) ପୃଥିବୀ ପୃଷ୍ଠରେ ଭୌଗୋଳିକ ଗଣନାର୍ଥ ଟଣାଯିବା କାଳ୍ପନିକ ଗାର (ଯଥା—ଅକ୍ଷାଂଶ, ଦ୍ରାଘିମା, ଅୟନାଂଶ, ବିଷୁବରେଖା)—7. (Geography) Imaginary lines drawn on the surface of the globe for geographical calculation e. g. meridian. ୮। ଅଳ୍ପ ମାତ୍ର—8. A little. ୯ । ଅଭୋଗ; ପରିପୂର୍ଣ୍ଣତା—9. Fullness. ୧୦ । କୁଟୁଳି; ଛଳ; କପଟ—10. Deceit; cunning; artifice. ୧୧ । ଉଲ୍ଲେଖ—11. Mention. ୧୨ । ସୂକ୍ଷ୍ମ ଗାର—12. A slender line. ୧୩ । ଦେହରେ ଦିଆଯିବା ସିନ୍ଦୂର ଚନ୍ଦନାଦିର ସରୁ ଦାଗ—13. A narrow line or mark of sandal paste etc. put on the body. ୧୪ । ଗଣନା; ସୁମାରି (ହି. ଶ)—14. Reckoning. ୧୫ । ଆକୃତି; ଆକାର (ହି. ଶ)—15. Shape. ୧୬ । ହୀରା ଆଦି ରତ୍ନରେ ଦେଖାଯିବା ଗାର (ଯାହା ରତ୍ନର ଦୋଷରୂପେ ପରିଗଣିତ) (ହି. ଶ)—16. Lines appearing on gems and considered as a defect. ୧୭ । ଚିତ୍ରାଦିର ସୀମା ରେଖା—17. Outline.

রাখী ଦେ. ବି (ସଂ. ରକ୍ଷା)—ରାକ୍ଷୀ—A thread worn
राखी on the wrist as a charm.

ରେଖା(ଖେ)ଇବା—ଦେ. କ୍ରି—୧ । ରେଖିବାର ଣିଜନ୍ତ ରୂପ—
Rekhā(khe)ibā 1. The causative from of
রেখাকাটানো 'Rekhibā'. [ଉ—ଉଦଧିର ତୁମ୍ଭେ ଲମ୍ବିତ ଭାବ
लकीरखींचना ବନ୍ଧ, ଉତ୍କଳ କର ଜୟରେ ସୁବେଶ ରେଖାଇ । ପ୍ରାଚୀ. ଉପବାଉଧି ।] ୨ । ରେଖା କାଟିବା—2. Rekhā kāṭibā. ୩ । ଅଙ୍କିତ କରିବା—3. To draw. ୪ । ଚିହ୍ନ ଦେବା—4. To mark.

ରେଖା କାଟିବା—ଦେ. କ୍ରି—ରେଖା ଅଙ୍କନ କରିବା—
Rekhā kāṭibā রেখাকাটা लकीरखींचना To draw a line.
[ରେଖା ଟାଣିବା—ଅନ୍ୟରୂପ]

ରେଖାକ୍ଷର ବର୍ଣ୍ଣମାଳା—ସଂ. ବି (ଆଧୁନିକ ପ୍ରୟୋଗ)—ସର୍ଟହାଣ୍ଡ—
Rekhākshara barṇṇamāḷā Shorthand writing.

ରେଖା ଗଣିତ—ସଂ. ବି (ମ. ପ. ଲୋ; କର୍ମଧା; ରେଖା ବିଷୟକ
Rekhā gaṇita ଗଣିତ)—୧ । ଜ୍ୟାମିତି; କ୍ଷେତ୍ରତତ୍ତ୍ୱ—1. Geometry. ୨ । କ୍ଷେତ୍ର ପରିମିତି ଶାସ୍ତ୍ର; କ୍ଷେତ୍ରମିତି—2. Mensuration. [ଦ୍ର—ପ୍ରଥମେ ପଣ୍ଡିତରାଜ ଜଗନ୍ନାଥ ଏ ଶବ୍ଦର ପ୍ରୟୋଗ କରିଥିଲେ । ମହାରାଜ ଜୟସିଂହଙ୍କ ଆଜ୍ଞାରେ ଏ ମହାଶୟ ପାଶ୍ଚାତ୍ୟ ଇଉକ୍ଲିଡ୍‌ର (କ୍ଷେତ୍ର-ତତ୍ତ୍ୱର) ଆରବୀ ଅନୁବାଦର ସଂସ୍କୃତ ଅନୁବାଦ କରିଥିଲେ । ପରନ୍ତୁ ବୈଦିକ ଋଷିମାନେ ଏ ଶାସ୍ତ୍ର ଆରମ୍ଭ କରିଥିଲେ । ଏଥିର ପ୍ରମାଣ 'ଶୁଲ୍ୱସୂତ୍ର' ଅଟେ । ଏଥିରେ ଯଜ୍ଞବେଦୀର ନିର୍ମାଣ ପାଇଁ ନାନା ଆକାର ବର୍ଣ୍ଣିତ ହୋଇଅଛି । ପରେ ଭାସ୍କରାଚାର୍ଯ୍ୟଙ୍କ ଲୀଳାବତୀ କ୍ଷେତ୍ରମିତି (Mensuration) ଉପରେ ପ୍ରତିଷ୍ଠିତ । କେତେକ ପଣ୍ଡିତ କହନ୍ତି ଯେ ପ୍ରାଚୀନ ଆର୍ଯ୍ୟଗଣ କ୍ଷେତ୍ରମିତି (Mensuration) ଜାଣୁଥିଲେ, କିନ୍ତୁ ରେଖାଗଣିତ (Geometry) ଜାଣୁ ନ ଥିଲେ; କିନ୍ତୁ ଏହା ଠିକ୍ ନୁହେଁ । କାରଣ ମିଶରଦେଶ (Egypt) ଓ ୟୁନାନ୍ (Persia) ରେ ଭୂମିର ମାପ କରିବା ପାଇଁ ରେଖାଗଣିତର ବ୍ୟବହାର ସର୍ବପ୍ରଥମେ ହୋଇଥିଲା—(ହି. ଶ) ।]

ରେଖାଙ୍କନ—ସଂ. ବ (ଷଷ୍ଠୀ ତତ୍)—ରେଖା କାଟିବା—
Rekhāṅkana Drawing of a line.

ରେଖାଙ୍କିତ—ସଂ. ବଣ (ଓୟା ତତ୍)—୧ । ଯାହା ରେଖାଦ୍ୱାରା ଚିହ୍ନିତ
Rekhāṅkita କରାଯାଇଅଛି—1. Marked with a line. ୨ । ଯେଉଁ ବିଷୟ ବା ବାକ୍ୟ ତଳେ ଗାର କଟା ଯାଇଅଛି—2. Underlined.

ରେଖା ଚିତ୍ର—ସଂ. ବ (ଅଧୁନିକ ପ୍ରୟୋଗ)—କେବଳ କେଡ଼େଗୁଡ଼ିଏ
Rekhā chitra ରେଖା ଟାଣିବାଦ୍ୱାରା ଯେଉଁ ଚିତ୍ର ଅଙ୍କିତ ହୁଏ—A picture drawn by outlines.

ରେଖା ଚିହ୍ନ—ସଂ. ବ (ରୂପକ)—ରେଖାରୂପ ଗୋଟିଏ ଚିହ୍ନ—
Rekhā chihna A mark consisting of a line.

ରେଖା ଚିହ୍ନିତ—ସଂ. ବଣ (ଓୟା ତତ୍)—ରେଖାଙ୍କିତ (ଦେଖ)
Rekhā chihnita Rekhāṅkita, (See)

ରେଖାନ୍ତର—ସଂ. ବ—ଭୂମଣ୍ଡଳରେ କୌଣସି ସ୍ଥାନର ଅବସ୍ଥିତ
Rekhāntara ଜାଣିବାର୍ଥ ଅକ୍ଷାଂଶ ଓ ଦ୍ରାଘିମାକ୍ରମେ ଦୂରତ୍ୱ—The distance of a place by latitude and longitude. [ଦ୍ର—ହିନ୍ଦୁ ଜ୍ୟୋତିଷ ଗଣନାରେ ମେରୁଠାରୁ ଲଙ୍କା ବାଟେ ଦେଇ ଯାଇଥିବା ରେଖା ୧ମ ଦ୍ରାଘିମା ଓ ୟୁରୋପୀୟ ଗଣନାରେ ମେରୁଠାରୁ ଗ୍ରୀନ୍‌ଉଇଚ୍ ବାଟେ ଯାଇଥିବା ରେଖା ପ୍ରଥମ ଦ୍ରାଘିମା ଅଟେ ।]

ରେଖା ପଞ୍ଚମୀ—ଦେ. ବ. ସଂ. ରକ୍ଷା ପଞ୍ଚମୀ)—ରକ୍ଷା ପଞ୍ଚମୀ; ଭାଦ୍ରବ
Rekhā pañchamī କୃଷ୍ଣପଞ୍ଚମୀ—The 5th day of
রাখী পঞ্চমী the dark fortnight of Bhād month
रक्षा पञ्चमी [ଦ୍ର—ଏ ଦିନ ଜଗନ୍ନାଥଙ୍କର ରେଖାଲାଗି ହୁଏ, ଓ ଗୃହମାନଙ୍କ କବାଟରେ ମହାଦେବ, ଗଣେଶ ଓ ଭୈରବଙ୍କ ଚିତ୍ର ଲେଖା ହୋଇ, ସେହି ଦେବତାମାନଙ୍କ ପ୍ରତିଦ୍ୱାରରେ ପିଠା ପୂଜା ହୁଏ ଏବଂ ଦାଣ୍ଡ ଓ ବାଡ଼ି ଦ୍ୱାରର ସ୍ଥଳରେ ଗାଈପୁଡ଼ା (କୁଶ ଘାସର ପୁଡ଼ା) ଲଟିବା ହୁଏ ।]

ରେଖା ପାତ—ସଂ. ବ. (ଷଷ୍ଠୀ ତତ୍)—୧। ରେଖାଙ୍କନ; ରେଖା ଟାଣିବା-
Rekhā pāta 1. Drawing of a line. ୨ । ରେଖା ଚିହ୍ନ—2. A sign or mark consisting of a line.

ରେଖା ଭୂମି- ସଂ. ବ—ପ୍ରାଚୀନ ଜ୍ୟୋତିଷିଗଣ ଅକ୍ଷାଂଶ ସ୍ଥିର କରିବା
Rekhā bhūmi ପାଇଁ ସୁମେରୁ ଓ ଲଙ୍କାର ମଧ୍ୟରେ ଯେଉଁ ରେଖା କଳ୍ପିତ କରୁଥିଲେ ସେ ରେଖାରେ ପଡ଼ିବା ଦେଶମାନ—Countries lying on the longitudinal line imagined by the ancient astronomers running through the north pole & Lanka.

ରେଖା ମାଳି—ଦେ. ବ—ହାତର ଅଙ୍ଗୁଠିରେ ଥିବା ରେଖା ଦ୍ୱାରା
Rekhā māli ଜପ;କରଜପ 1. Telling beads with the
আঙ্গুলের রেখা গণা lines appearing in the finger.
हातका रेखापर जपना (ଦ୍ର—ମାଳା ଅଭାବେ ରେଖା ମାଳି ଜପ
(ରେଖାଜପ—ସଂ) କରେ ତହିଁ । ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା ।]

ରେଖା ଲାଗି—ଦେ.ବି—ରକ୍ଷା ପଞ୍ଚମୀ ଦିନ ଜଗନ୍ନାଥଙ୍କଠାରେ ରକ୍ଷି—
Rekhā lāgi ବନ୍ଧନ ରୂପ ଉତ୍ସବ—The ceremony of
রাখী বন্ধন putting on a string round the arm
राखी बन्धन of the Idol Jagannath at Puri on Rakshā Pañchamī day.

ରେଖିବା—ଦେ. କ୍ରି. (ସଂ. ରେଖନ; ଲେଖନ)—୧। ରେଖା କାଟିବା-
Rekhibā 1. To draw lines. ୨। କୌଣସି ଚିତ୍ର ଅଙ୍କିବା
রেখা কাটা ପୂର୍ବରୁ ପ୍ରଥମେ ତହିଁର ରେଖାମାନ ଲେଖିବା—
रेखना 2. To draw the outlines or skeleton of a drawing before it is permanently done. ୩ । କୌଣସି ପଦାର୍ଥ (ଯଥା—ଅଳକା ବା ଚୂର୍ଣ୍ଣ କୁନ୍ତଳାଦି) ରେଖାକୃତି କରିବା-3. To reduce a thing into the shape of a line. [ଦ୍ର—ଅଳକା ରେଖିଥିଲେ ବସି, ଝଲକାଇଲା ଯେ କର୍ତ୍ତରୀ ଯେକ । ଉପେ. ଲାବଣ୍ୟବତୀ ।] ୪ । ଅଙ୍କିତ କରିବା—4. To draw. ୫ । ରେଖା ଦ୍ୱାରା ଚିହ୍ନିତ କରିବା—5. To mark with a line or lines.

ରେଖୁ(କୁ)—ପ୍ରାଦେ. (ଗଞ୍ଜାମ) ବୈଦେ. ବ. (ତେଲ. ରେକୁ)—ଟିଣର
Rekhu(ku) ବା ଲୁହାର ପଟ—Tin or iron sheets.

ରେଖେ—ଦେ. ଅ—ଟିକେ ମାତ୍ର; ସାମାନ୍ୟ ମାତ୍ର—At all; in
Rekhe the slightest degree. [ଦ୍ର—ଅଧର୍ମ କର୍ମମାନ
এক রেখাও ନ ଜାଣ ତୁମ୍ଭେ ରେଖେ । କୃଷ୍ଣସିଂ. ମହାଭାରତ.
एक रेखाभी ଅଦି ।]

ରେଖେ ରେଖେ—ଦେ.କ୍ରି. ବଣ (ସଂ. ରେଖା)—ପ୍ରତ୍ୟେକ ଅଂଶରେ—
Rekhe rekhe In every part.
রেখায় রেখায় [ଦ୍ର—ଅମୃ ନୟନ ରେଖେ ରେଖେ, କାଳ
रेखे रेखे ପୂରଇ ତୁମ୍ଭ ମୁଖେ । ଭୂପତି. ପ୍ରେମପଞ୍ଚାମୃତ ।]

ରେଗଡ଼ା—ଦେ.ବଣ (ସଂ. ରୂଢ଼)-୧ । ରଗଡ଼ା;କର୍କଶ; ମୋଟା; ଖଦଡ଼ା.
Regarḍā 1. Coarse-fibred; coarse. ୨ । ଉଚ୍ଚନୀଚ;
রগড়া, এবড়ো খেবড়ো ଅସମାନ—2. Uneven. ୩। କଙ୍କରମୟ
खुरदुरा, रोडिया —3. Shingly; gravelly.
[ରେଗଡ଼ିଆ(ସ୍ତ୍ରୀ)—ଅନ୍ୟରୂପ]

ରେଗଡ଼ା ଘାସ—ଦେ. ବ—ବାଲିରେ ଉଠିବା ଏକପ୍ରକାର ଘାସ—
Regarḍā ghāsa A kind of grass growing on sand (with succulent long roots). [ଦ୍ର—ଏହାର ପତ୍ରମାନ ସରୁ; ବାଲି ମଧ୍ୟରେ ଥିବା ଏହାର ଚେରମାନ ଲମ୍ବା, ସ୍ଥୂଳ ଓ ଶୁକ୍ଳବର୍ଣ୍ଣ । ଏହି ଚେର ସ୍ୱାଦ ରସାଳ ଥିବାରୁ ଏଗୁଡ଼ିକୁ ଖୋଳି ଗୋରୁଙ୍କୁ ଖାଇବାକୁ ଦିଅଯାଏ ।]

ରେଗଡ଼ା ଚକି—ଦେ. ବ—ଯେଉଁ ଚକିର ପଥର ଖଦଡ଼ିଆ; ଉଚ୍ଚନୀଚ
Regarḍā chaki ପଥରର ଚକି—Mill stones having
এবড়ো খেবড়ো চাকী their surfaces uneven.
खुरदुरी चक्की

ରେଗଡ଼ା ବାଲି—ଦେ. ବ—ଖଦଡ଼ଥିବା ବା ବଡ଼ ବଡ଼ ଦାନା ବିଶିଷ୍ଟ
Regarḍā bāli ବାଲି—Coarse sand.
(ସରୁ ବାଲି—ବିପରୀତ) মোটা বালী मोटा बाली

ରେଗଡ଼ା ଶିଳ—ଦେ. ବ—ବଟିବାର ପଥରରେ ଛିଅଁତ ଶିଳ; ଯେଉଁ
Regarḍā śila ଶିଳର ଉପରଭାଗ ଖଦଡ଼ିଆ—Pounding
এবড়ো খেবড়ো শীল slab having a coarse surface.
खुरदुरा सिलौट

ରେଗିସ(ସି)ନ୍(ନି)—ବୈଦେ.ବ.(ଇଂ. ଇରଗେସନ୍)—ଗଭର୍ଣ୍ଣମେଣ୍ଟଙ୍କର
Regisa(si)n(ni) କୃତ୍ରିମ ନାଳ ଦ୍ୱାରା କ୍ଷେତକୁ ଜଳ
ইরিগেসন ଯୋଗାଇବା ବିଭାଗ—The Irrigation Sec-
इरिगेसन tion of the Public Works Department of the Government.

ରେଗିସ୍ତା(ସ୍ଥା)ନ୍—ବୈଦେ. ବ. (ଫା. ରେଗ୍=ବାଲି; ରେଗିସ୍ତାନ=
Registā(sthā)n ବାଲୁକାମୟ ପ୍ରଦେଶ)—୧ । ମରୁ ଦେଶ—
রেগিস্তান 1. Desert. ୨ । ମାରବାଡ଼ ଦେଶ—2. The country of Marwar.

ରେଗୁଲେଶନ୍—ବୈଦେ. ବ (ଇଂ. ରେଗୁଲେସନ୍)—୧। ବିଶିଷ୍ଟ ବିଧି—
Regulesan 1. Special rule. ୨। କାନୁନ୍; ସ୍ଥାନୀୟ ବା
রেগুলেসন ଭାରତୀୟ ଗଭର୍ଣ୍ଣମେଣ୍ଟଙ୍କ ପ୍ରବର୍ତ୍ତିତ ବିଶିଷ୍ଟ ବିଧି ବା
रेगिस्तान ଘଟଣା ସମ୍ବନ୍ଧୀୟ ଆଇନ୍—2. Regulation promulgated by any local or the India Government.

ରେଗୁଲେଶନ୍ ଲାଠି—ଦେ. ବ—(ଇଂ. ରେଗୁଲେଶନ୍+ସଂ. ଯଷ୍ଟି)—
Regulesan lāṭhi ପୋଲିସ୍ କନଷ୍ଟେବଲ୍‌ମାନଙ୍କ ବ୍ୟବହୃତ
রেগুলেসন লাঠি ଲମ୍ବ ଯଷ୍ଟି—Regulation lathis used
रेगुलेसन लाठी by constables of Indian Police.
[ଦ୍ର—ବନ୍ଧୁକର ବଳ ସାହାଯ୍ୟରେ ଅବୈଧ ଜନତାକୁ ଓ ମେଳକୁ ଛିନ୍ନ ଲୋକଙ୍କୁ ଘଉଡ଼ାଇ ଦେବା ଓ ଶାନ୍ତି ରକ୍ଷା କରିବା ପାଇଁ କନଷ୍ଟେବଲ୍‌ମାନେ ଏପରି ଲାଠି ବ୍ୟବହାର କରିବା ପାଇଁ ବଡ଼ଲାଟ ସାହେବ ତାଙ୍କ କାନୁନ୍ (ରେଗୁଲେସନ୍) ଦ୍ୱାରା ନିୟମ କରି ଅଛନ୍ତି; ଏ ଯଷ୍ଟିର ଉଚ୍ଚତା ୫ ଫୁଟ ଓ ବ୍ୟାସ ୧½ ଇଞ୍ଚ ।]

ରେଙ୍ଗାମ୍—ବୈଦେ. ବ.—(ନାମ) (ଇଂ. ରେଙ୍ଗୁନ୍)—ରଙ୍ଗୁନ୍;
Reṅgām ବ୍ରହ୍ମଦେଶର ରାଜଧାନୀ ଓ ବନ୍ଦର—
Rangoon; the chief town and sea port of Burma. [ଦ୍ର—ଏହି ବନ୍ଦର ଇରାବତୀ ନଦୀର ମୁହାଣରେ ଅବସ୍ଥିତ ।]

ରେଙ୍ଗାମ ଧାନ—ପ୍ରାଦେ. (ଗଡ଼ଜାତ) ବ.—ବ୍ରହ୍ମଦେଶରୁ ଅଣାଯାଇ
Reṅgāma dhāna ଏଦେଶରେ କୃଷି ହେଉଥିବା ଧାନ—
The paddy grown in this country out of the seeds brought from Burma.
[ଦ୍ର—ଏହି ଧାନ ମୋଟ ଓ କଳା । ଏହାର ଅନ୍ନର ବର୍ଣ୍ଣ ନାଲିଆ । ଏହା ବେଶି ପାଣି ଥିବା ଜାଗାରେ ହୁଏ ।]

ରେଙ୍ଗାଲ୍—ପ୍ରାଦେ. (ସମ୍ବଲପୁର) ବ.—ଶାଳୁଆ କାଠ (ଦେଖ)
Reṅgāl Sāluā kāṭha (See)

ରେଙ୍ଗାଳ—ପ୍ରାଦେ. (ବାମଣ୍ଡା) ବ.—କାଠର ମଞ୍ଜ—The hardest
Reṅgāḷa middle portion or core of any timber.

ରେଙ୍ଗାଳ କାଠ—ପ୍ରାଦେ. (ବଣେଇ) ବ.—ଶୁଖା ବା ଶୁଖିଲା ଶାଳ
Reṅgāḷa kāṭha କାଠ—Dried or seasoned Sal timber.

ରେଙ୍ଗୁଣି ଖୁଦ—ପ୍ରାଦେ. (ବାଲେଶ୍ୱର)—ବ.—ରେଙ୍ଗୁନରୁ ଗୁଡ଼ିକ
Reṅguṇi khuda ହୋଇ ଆସୁଥିବା ଖୁଦ—Broken rice imported from Rangoon. [ଦ୍ର—ଅଭାବର ସମୟରେ ଓଡ଼ିଶାକୁ ରେଙ୍ଗୁଣି ଖୁଦର ବହୁତ ଆମଦାନି ହୋଇଥାଏ ।]

ରେଙ୍ଗୁନ (ନୁ,ଣ,ଣ)—ବୈଦେ. ବ. (ନାମ)—ରେଙ୍ଗାମ୍ (ଦେଖ)
Reṅgun(nu,ṇuṇ) Reṅgām (See)

ରେଚକ—ସଂ. ବିଣ.—(ରେଚ ଧାତୁ=ନିଃସାରଣ କରିବା+କର୍ତ୍ତୃ.ଅକ)
Rechaka ମଳଭେଦକ; ଯାହା ଝାଡ଼ା କରାଏ—Purgative; cathartic; apperient. ସଂ. ବ.—୧ । ଜୁଲାପ; ମଳଭେଦକାରକ ଔଷଧ—1. A purgative; a purge. (ବୈଦ୍ୟଶାସ୍ତ୍ର ମତରେ ୬ ପ୍ରକାରର ରେଚକ ଦ୍ରବ୍ୟ ବର୍ଣ୍ଣିତ ହୋଇଅଛି; ଫଳ, ମୂଳ, ଛାଲି, ତେଲ, ରସ ଓ ଗଛର ଦୁଧ ବା କ୍ଷୀରସାର (ହି. ଶ.) ।) ୨। ଜୟପାଳ ଗଛ; କନକା ଗଛ—2. A tree; Volium Crotonio. [ଦ୍ର—ଏହାର ମଞ୍ଜି ଖାଇଲେ ଖୁବ୍ ଝାଡ଼ା ହୁଏ ।] ୩ । ଯବକ୍ଷାର—3. Nitre. ୪ । ପିଚକାରୀ [ହି. ଶ] 4. Syringe. ୫ । (ଯୋଗଶାସ୍ତ୍ର)—ପ୍ରାଣାୟାମ ଅଭ୍ୟାସ କାଳରେ ପେଟ ମଧ୍ୟରେ ପୂରକଦ୍ୱାରା ସଙ୍ଗୃହୀତ ବାୟୁକୁ ନାକର ଡାହାଣ ପୁଡ଼ା ବାଟେ ଅଳ୍ପେ ଅଳ୍ପେ ତ୍ୟାଗ କରିବା—5. The act of exhausting or emptying the air out of the body through the right nostril during the exercise of Prāṇāyāma. [ଦ୍ର—ପବନ ଛାଡ଼ିବାକୁ ଯେ ରେଚକ ବୋଲି କହି । ପ୍ରାଚୀ. ଶିବସ୍ୱରୋଦୟ ।] [ଦ୍ର—ପ୍ରାଣବାୟୁକୁ ବା ନିଶ୍ୱାସକୁ ନାକପୁଡ଼ା ଦ୍ୱାରା ପେଟ ଭିତରକୁ ପୂରାଇବାର ନାମ "ପୂରକ" ଏବଂ ଶରୀର ମଧ୍ୟରେ ପ୍ରବେଶ କରିଥିବା ବାୟୁକୁ ନିଶ୍ଚଳ କରି ରଖିବାର ନାମ "କୁମ୍ଭକ" ଓ ସଙ୍ଗୃହୀତ ବାୟୁକୁ ନାକ ବାଟେ ବାହାର କରିଦେବାର ନାମ ରେଚକ ।]

ରେଚନ—ସଂ. ବ.—(ରିଚ୍ ଧାତୁ ଣିଚ୍ ବା ରେଚ ଧାତୁ=ନିଃସାରଣ
Rechana କରିବା+ଭାବ. ଅନ)—୧ । ଭେଦ; ପତଳା ଝାଡ଼ା
1. Passing loose stools; a purging. ୨ । (+କର୍ତ୍ତୃ. ଅନ)—ରେଚକ ଔଷଧ; ଜୁଲାବ—2. Purgative. ୩ । (ରିଚ୍ ଧାତୁ ଣିଜନ୍ତ ରେଚ ଧାତୁ+ଭାବ. ଅନ)—ଝାଡ଼ା କରାଇବା—3. Purging

ରେଚନକ—ସ. ବି—(ରେଚନ+କ)—କମଲାଗୁଣ୍ଡ (ବୃ. ଷ.)—
Rechanaka Camilla powder.

ରେଚନୀ—ସ. ବି.—(ବୈଦ୍ୟକ)—୧। ସୁନାମକେଳ—1. Senna
Rechanī (leaves); Cassia Augustifolia.
[ସ. ନାମ—ସୁବର୍ଣ୍ଣପତ୍ରିକା, ୨। ଶ୍ୱେତ ତିବୁଡ଼ି; ଧଳା ତିହୁଡ଼ି—ହେମପତ୍ରୀ, କଲ୍ୟାଣୀ] 2. A white species of Tihurḍi. ୩। କମଲାଗୁଣ୍ଡି [ବୃ.ଷ.]—3. Canilla powder. ୪। ଦନ୍ତୀ (ବୃ. ଷ.)—4. Croton Polyandrum (tree) ୫। ବଟ ପତ୍ରୀ (ବୃ. ଷ.) ଏକ ପ୍ରକାର ପାଷାଣଭେଦ ଗୁଳ୍ମ—
5. Lycopodium (plant.)

ରେଚ (ଧାତୁ)—ସ.—(ରିଚ୍ ଧାତୁ+ଣିଚ୍)—୧। ନିଃସରଣ କରାଇବା;
Rechi (root) ବାହାରିବା—1. To pour out. ୨। ଝାଡ଼ା କରାଇବା—2. To cause liquid motion to purge.

ରେଚିତ—ସ. ବଣ.—(ରେଚ ଧାତୁ+କର୍ମ. ତ)—୧। ତ୍ୟକ୍ତ;
Rechita ଅପସାରିତ—1. Abandoned; driven out. ୨। ନିଃସାରିତ—2. Discharged. ୩। ଝାଡ଼ା ଦ୍ୱାରା ବାହାର କରାଯିବା—3. Purged off. ସ. ବି—୧। ଘୋଡ଼ାଙ୍କର ଏକ ପ୍ରକାର ଗତି (ବୃ. ଶବ୍ଦସାଗର)—1. A kind of movement of the horse. ୨। ନୃତ୍ୟରେ ହାତ ହଲାଇବାର ଏକ ରୀତି (ବୃ. ଷ.)—2. A kind of movement of the hands in dancing.

ରେଜ(ଜି)କି—ବୈଦେ. ବି (ଫା. ରେଜ଼ଗୀ)—ଟଙ୍କା ଅପେକ୍ଷା ଛୋଟ
Rej(ji)ki ରୌପ୍ୟମୁଦ୍ରାଗଣ—Smaller coins of
ରେজকি रेजकी(गी), रेजा silver (smaller than a rupee). [ଦ୍ର—ଅଧୁଲି, ସୁକି, ଦୋଅଣି, ଅଣି ପ୍ରଭୃତିକୁ ରେଜକି ଭୁଝାଯାଏ] ବଣ—୧। ଖୁଚୁରା; ଅଳ୍ପ ମୂଲ୍ୟର (ମୁଦ୍ରା)—1. Small (coins). ୨। ବଳକା; ଯାହା ବଳ ପଡ଼ିଥାଏ—2. Redundant.

ରେଜ୍(ଜି)କି ଭଙ୍ଗା(ଙ୍ଗେ)ଇବା—ଦେ. କି—ଟଙ୍କାକୁ ଛୋଟ ଛୋଟ
Rej(ji)ki bhangā(nge)ibā ରୌପ୍ୟ ମୁଦ୍ରାରେ
টাকাভাঙ্গা रेजगीभञ्जाना ବଦଳାଇବା—To change whole rupees into small silver coins.

ରେଜଲିଉସନ୍—ବୈଦେ. ବି (ଇଂ. ରିଜଲ୍ୟୁସନ୍)—ସଭା ସମିତିର
Rejaliusan ନିର୍ଦ୍ଧାରଣ—Resolution of a
রিজল্যুসন रिजलूसन meeting.
(ରେଜଲ୍ୟୁସନ୍—ଅନ୍ୟରୂପ)

ରେଜା—ବୈଦେ. ବଣ (ଫା. ରେଜ଼ା)—୧। ଖୁଚୁରା; ଅଳ୍ପ ମୂଲ୍ୟର(ମୁଦ୍ରା)—
Rejā 1. Small (coins) ୨। ବ୍ୟବହାରରୁ ବଳପଡ଼ିଥିବା
রেজা খুচরে रेजा ଛୋଟ ଛୋଟ (ଖଣ୍ଡ)—2. Small redundant (bits.) (ଯଥା—ରେଜା ସୁନା, ରେଜା ରୁପା, ରେଜା ମାହାଲ, ରେଜା ଲୁଗା।) ୩। ବାଜେ—3. Miscellaneous. ବି—୧। ଖୁଚୁରା ମୁଦ୍ରା—1. Small coins. ୨। ଛୋଟ ଛୋଟ ଅନାବଶ୍ୟକ ଖଣ୍ଡମାନ—2. Small redundant bits. ୩। ଉଦ୍ଭ ଜିନିଷ; ବାଜେ ବସ୍ତୁ—3. Miscellaneous articles; lumber. ୪। ଗୃହମିସ୍ତ୍ରୀଙ୍କୁ ଇଟା ଚୂନ ଆଦି ଯୋଗାଇବା ଟୋକା—4. A boy who helps a mason by bringing to him brick, mortar etc. ୫। ଗଳିତ ସୁନାକୁ ଓ ରୁପାକୁ ଛାଳ କାଠି କରାଯିବା ପାଇଁ ବଣିଆଙ୍କ ବ୍ୟବହୃତ ଖଞ୍ଚ—5. Goldsmith's mould for moulding molten silver and gold into bars. ପ୍ରାଦେ. (ସମ୍ବଲପୁର) ବି—ଟୋକୀ ମୂଲିଆଣୀ—Young girls employed as day-labourers. [ଦ୍ର—ସମ୍ବଲପୁର ଅଞ୍ଚଳରେ ବଡ଼ ମୂଲିଆଣୀଙ୍କୁ 'କୁଲି' କୁହାଯାଏ; କୁଲିକାର ହିନ୍ଦିରେ ପ୍ରଚଳିତ ରେଜା ଶବ୍ଦର ଏହି ଅର୍ଥ]

ରେଜା ମାହାଲ—ବୈଦେ. ବି (ଫା. ରେଜା+ମହାଲ୍)—ଅଳ୍ପ ଜମାର
Rejā māhala ଜମିଦାରୀ; ବାଜେ ମାହାଲ—Petty estates.
রেজা মাহাল रेजा महाल

ରେଜା ରୁପା—ଦେ. ବି—ଅଳଙ୍କାର ଆଦିରୁ ବଳପଡ଼ିଥିବା ଛୋଟ ରୌପ୍ୟ
Rejā Rūpā ଖଣ୍ଡ—Small redundant bits of
রেজা রূপো रेजा रुपा silver. [ଦ୍ର—ଏହିପରି ରେଜା ସୁନା, ରେଜା ଲୁହା ଅାଦି ହୁଏ।]

ରେଜା ଲୁଗା—ଦେ. ବି—ବ୍ୟବହାରରୁ ବା ଲୁଗା ଆଦିରୁ ବଳପଡ଼ିଥିବା
Rejā lugā ଲୁଗା—Bits of cloth remaining
রেজা কাপড় रेजा कपडा after use.

ରେଜିଆ(ୟା)—ବୈଦେ.ବି(ନାମ) (ଫା.ରେଜ଼ିୟା)—ଭାରତରେ ଖ୍ରୀ୧୩ଶ ଶତାବ୍ଦୀର ୧ମ ଭାଗରେ ରାଜତ୍ୱ କରୁଥିବା ଦାସ-
Rejiā(yā)
রেজিআ रेजिया ବଂଶୀୟ ମୁସଲମାନ ରାଜବଂଶର ଜଣେ ରାଣୀ—Rezia, a queen of India of the Slave Line (Mahomedan) of the 13th century. [ଦ୍ର—ଏହାଙ୍କ ରାଜଧାନୀ ଦିଲ୍ଲୀରେ ଥିଲା। ଏ ପୁରୁଷଙ୍କ ପରି ପୁଂଲିଙ୍ଗବାଚକ 'ସୁଲତାନ୍' ଉପାଧି ଗ୍ରହଣ କରିଥିଲେ। ରେଜିଆ ଅତ୍ୟନ୍ତ ଦୟାବତୀ ଓ ନ୍ୟାୟପରାୟଣା ଥିଲେ; ଏହାଙ୍କୁ ରାଜସଭାର ସାମନ୍ତମାନେ ହତ୍ୟା କରିଥିଲେ।]

ରେଜିମେଣ୍ଟ—ବୈଦେ. ବି (ଇଂ) ସେନାର ଏକବିଭାଗ—
Rejiment Regiment.
রেজিমেণ্ট रेजिमेंट, रिजमिंट

ରେଜ(ଜ, ଜେ)ଷ୍ଟ(ଷ୍ଟ୍ର)ର୍—ବୈଦେ. ବି (ଇଂ ରେଜିଷ୍ଟ୍ରାର)—୧।
Reji(ja,je)shṭa(shṭa shṭrā)r ଦଲିଲ ଆଦିକୁ ରଜିଷ୍ଟ୍ରି
রেজিষ্ট্রর रजिस्टर କରିବା ପାଇଁ ନିଯୁକ୍ତ ରାଜକର୍ମଚାରୀ—

1. An officer for registration of deeds. ୨ । ହାଇକୋର୍ଟର ପ୍ରଧାନ ଅଧସ୍ତନ କର୍ମଚାରୀ—2. Registrar of a High Court. ୩ । ବିଶ୍ୱବିଦ୍ୟାଳୟର ପ୍ରଧାନ ଅଧସ୍ତନ କର୍ମଚାରୀ—3. Registrar of a university.

ରେଜି,(ଜ,ଜେ)ଷ୍ଟ(ଷ୍ଟା,ଷ୍ଟି,ସ୍ତି)ର୍(ରୀ)—ବୈଦେ. ବି (ଇଂ. ରେଜିଷ୍ଟାର୍, ରେଜିଷ୍ଟ୍ରୀ)—୧ । Reji(ja, je)shṭa(shṭā, shṭi, sti)r(rī) [ରେଜି(ଜ,ଜେ)ଷ୍ଟ୍ରୀ(ଷ୍ଟ୍ରି)—ଅନ୍ୟରୂପ] ନିର୍ଦ୍ଧାରିତ ନିୟମ ଅନୁସାରେ ରେଜିଷ୍ଟ୍ରୀ **रजिष्टरी** ନିର୍ଦ୍ଧାରିତ ସମ୍ବାଦ ଲିପିବଦ୍ଧ ହେବା ନିମନ୍ତେ ବ୍ୟବହୃତ ବହି—1. Register. ୨ । (ଇଂ. ରେଜିଷ୍ଟ୍ରୀ, ରେଜିଷ୍ଟ୍ରେସନ୍) ନିର୍ଦ୍ଧାରିତ ନିୟମାନୁସାରେ ନିର୍ଦ୍ଧାରିତ ବିଷୟମାନ ଲିପିବଦ୍ଧ କରିବା କାର୍ଯ୍ୟ—2. Registration. ୩ । ନିର୍ଦ୍ଧାରିତ ନିୟମାନୁସାରେ ପକ୍ଷମାନଙ୍କ ସ୍ୱାକ୍ଷରିତ ବା ସମ୍ପାଦିତ ଦଲିଲମାନଙ୍କୁ ଗୃହୀତ କରିବା ପ୍ରକ୍ରିୟା—3. Registration of private documents.

ରେଜି(ଜ,ଜେ)ଷ୍ଟ(ଷ୍ଟା,ଷ୍ଟି,ସ୍ତା,ସ୍ତି,ସ୍ତେ)ର(ରୀ) ଆଇନ—ବୈଦେ. ବି—Reji(ja,je)shṭa(shṭā,shṭi,sta,sti,ste)r(rī) ā́in ରେଜିଷ୍ଟ୍ରୀ ଆଇନ **रजिष्टरी आइन** ଦଲିଲମାନ ରେଜିଷ୍ଟ୍ରୀ କରିବା ସଂକ୍ରାନ୍ତୀୟ ସରକାରୀ ବିଧି—The law of registration.

ରେଜି(ଜ,ଜେ)ଷ୍ଟ(ଷ୍ଟି,ଷ୍ଟେ,ସ୍ତ,ସ୍ତି,ସ୍ତେ)ରୀ ଅ(ଆ)ପି(ଫି)ସ(ସି)—Reji(ja,je)shṭa shṭi,shṭe,sta,sti,ste)rī a(ā)pi(phi)s(si) ରେଜିଷ୍ଟ୍ରୀ ଆଫିସ **रजिष्टरी अफिस** ବୈଦେ. ବି—(ଇଂ. ରେଜିଷ୍ଟ୍ରେସନ୍ ଅଫିସ୍)—ଯେଉଁ କଚେରିରେ ହାକିମ ଦଲିଲମାନଙ୍କୁ ରେଜିଷ୍ଟ୍ରୀ କରନ୍ତି—Registration Office.

ରେଜିଷ୍ଟ୍ରେ(ଷ୍ଟ୍ରେ)ସନ ଅଫିସ୍ (କଚେରୀ)
ରେଜି(ଜ,ଜେ)ଷ୍ଟ୍ର(ଷ୍ଟ୍ରି,ଷ୍ଟ୍ରେ,ସ୍ତ୍ର,ସ୍ତ୍ରି,ସ୍ତ୍ରେ)ରୀ କଚେ(ଚେ)ରୀ } —ଅନ୍ୟରୂପ

ରେଜି(ଜ,ଜେ)ଷ୍ଟ(ଷ୍ଟା,ଷ୍ଟି,ଷ୍ଟେ,ସ୍ତ,ସ୍ତି,ସ୍ତେ)ରୀ କରିବା—ଦେ. କ୍ରି.-(ଇଂ. ରେଜିଷ୍ଟର୍)—୧ । ସାଧାରଣ ପକ୍ଷମାନଙ୍କ ସମ୍ପାଦିତ Reji(ja,je)shṭa,(shṭi,shṭe,sta,sti,ste)rī karibā ରେଜିଷ୍ଟ୍ରୀ କରା **रजिष्टरी करना** ଦଲିଲକୁ ରେଜିଷ୍ଟ୍ରାର୍ ଗୃହୀତ କରିବା—1. To register a document (said of a Registration Officer.) ୨ । ଅପେ ଲେଖିଥିବା ଓ ସମ୍ପାଦନ କରିଥିବା ଦଲିଲରେ ଅପଣାର ସ୍ୱାକ୍ଷରକୁ ରେଜିଷ୍ଟ୍ରାର୍‌ଙ୍କ ସମ୍ମୁଖରେ ସ୍ୱୀକାର କରିବାଦ୍ୱାରା ହାକିମଙ୍କ ଦ୍ୱାରା ତାହା ରେଜିଷ୍ଟ୍ରୀ କରାଇବା—2. To admit the execution of a document and so to enable the Registrar to register it.

ରେଜି(ଜ,ଜେ)ଷ୍ଟର୍(ରୀ) ପୁସ୍ତକ(ବହି)—ଦେ. ବି.—ଯେଉଁ ପୁସ୍ତକରେ Reji(ja,je)shṭar(rī) pustaka (bahi) ରାଜ କର୍ମଚାରୀ-ରେଜିଷ୍ଟ୍ରୀ ବଇ **रजिष्टरी वही** ମାନେ ନିର୍ଦ୍ଧାରିତ ବିଷୟମାନ ପୂରଣ କରନ୍ତି—A register (book).

ରେଜି(ଜ,ଜେ)ଷ୍ଟ(ଷ୍ଟା,ଷ୍ଟି,ଷ୍ଟେ,ସ୍ତ,ସ୍ତି,ସ୍ତେ)ରୀ ଫିସ୍—ବୈଦେ.ବି.—(ଇଂ) Reji(ja,je)shṭa(shṭā,shṭi,shṭe,sta,sti,ste)rī phis. ରେଜିଷ୍ଟ୍ରୀ ଫିସ **रजिष्टरी फिस** କୌଣସି ଦଲିଲ ବା ବିବାହାଦିକୁ ହାକିମଙ୍କଦ୍ୱାରା ରେଜିଷ୍ଟ୍ରୀ କରାଇବା ପାଇଁ ପକ୍ଷଙ୍କର ଦାଖଲ କରିବା ଶୁଳ୍କ—Registration fees

ରେଜି(ଜ,ଜେ)ଷ୍ଟ[ଷ୍ଟା,ଷ୍ଟି,ଷ୍ଟେ]ରୀ ବିବାହ—ଦେ. ବି—ବୈଦିକ କର୍ମାନୁ-Regi(ja,je)shṭa,(shṭā,shṭi,shṭe)rī bibāha ଷ୍ଠାନମାନ; ରେଜିଷ୍ଟ୍ରୀ ବିବାହ **रजिष्टरी विवाह** କରି ନ ଯାଇ, ବର କନ୍ୟା ବିବାହିତ ହେଲେ ବୋଲି ସରକାରୀ ରେଜିଷ୍ଟରରେ ଲିପିବଦ୍ଧ କରାଯିବା ବିବାହ—Marriage under the Civil Marriage Registration Act.

ରେଜି(ଜ,ଜେ)ଷ୍ଟ(ଷ୍ଟା,ଷ୍ଟି,ଷ୍ଟେ)ର୍(ରୀ) ଭୁକ୍ତ—ଦେ. ବିଣ—କୌଣସି Reji(ja,je)shṭa(shṭā,shṭi,shṭe)r(r)ī bhukta ରେଜିଷ୍ଟ୍ରୀ ଭୁକ୍ତ **रजिष्टारमे लिखाहुआ** ବିଷୟ) ରେଜିଷ୍ଟରୀ ବହିରେ ଲେଖା ଯାଇଥିବା; ରେଜିଷ୍ଟରୀ ବହିରେ ଚଢ଼ିଥିବା—(Any matter) Entered in or included in a public register.

ରେଜି(ଜ,ଜେ)ଷ୍ଟର(ରୀ)ରେ ଚଢ଼ା(ଢ଼େ)ଇବା—ଦେ. କ୍ରି—କୌଣସି Reji(ja,je)shṭara(ri)re chaṛhā(ṛhe)ibā ରେଜିଷ୍ଟ୍ରିତେ চডান **रजिष्टारमे चढाना** ବିଷୟକୁ ରେଜିଷ୍ଟ୍ରୀ ବହିରେ ଲେଖିବା—To enter a matter in a register.

ରେଜି(ଜ,ଜେ)ଷ୍ଟ(ଷ୍ଟା,ଷ୍ଟି,ଷ୍ଟେ)ର(ରୀ) ହାକିମ ବୈଦେ. ବି-ଯେଉଁ ରାଜ-Reji(ja,je)shṭa(shṭā,shṭi,shṭe)ra(rī) hākima ରେଜିଷ୍ଟ୍ରୀ ହାକିମ **रजिष्टरी हाकिम** କର୍ମଚାରୀ ଦଲିଲମାନ ରେଜିଷ୍ଟ୍ରୀ କରନ୍ତି—Registering Officer; a Registrar.
(ରେଜି[ଜ,ଜେ]ଷ୍ଟ୍ରି [ଷ୍ଟ୍ରୀ] ହାକିମ, ରେଜି(ଜ,ଜେ)ଷ୍ଟ୍ର(ଷ୍ଟ୍ରେ)ରୀ ଅଫିସର୍ ଅନ୍ୟରୂପ)

ରେଜିଷ୍ଟାର୍ଡ଼—ବୈଦେ. ବିଣ (ଇଂ. ରେଜିଷ୍ଟାର୍ଡ଼)—ରେଜିଷ୍ଟ୍ରୀ କରାଯାଇଥିବା—Registered. Regishtārd ରେଜିଷ୍ଟାର୍ଡ **रजिष्टर्ड** (ରେଜିଷ୍ଟ୍ରୀକୃତ—ଅନ୍ୟରୂପ)

ରେଜିଷ୍ଟ୍ରେ(ଷ୍ଟ୍ରେ)ଶନ୍—ବୈଦେ. ବି (ଇଂ. ରେଜିଷ୍ଟ୍ରେସନ୍)—Rejishṭe(shṭre)san ରେଜିଷ୍ଟ୍ରେସନ **रजिष्ट्रेसन** ରେଜିଷ୍ଟ୍ରୀଭୁକ୍ତ କରିବାର ପ୍ରକ୍ରିୟା—Registration.

ରେଜେ(ଜା)ଇ—ବୈଦେ. ବି (ଅ. ରଜାଇ)—ତୋଷକ; ଯହିରେ Reje(jā)i ରେଜାଇ **रजाई** ତୁଳା ଦିଆ ଯାଇ ସିଲାଇ ହୋଇଥିବା ପତଳା ଖୋଳ; ଶୀତଦିନେ ଘୋଡ଼େଇ ହେବା ତୁଳାର ଶୀତବସ୍ତ୍ର—Quilt.

ରେଝେଇ—ଗ୍ରାଦେ (ବସ୍ତ୍ର)—ରେଜେଇ (ଦେଖ) Rejhei :Rejei. (See)

ରେଞ୍ଚ(ଞ୍ଚି)—ବୈଦେ. ବି (ଇଂ. ରେଞ୍ଚ)—ବଢ଼େଇ, କମାର ପ୍ରଭୃତି Reñcha(ñchi) রেঞ্চ (ঞ্চি) **रेञ्च(ञ्ची)** କାମରେ କୌଣସି ପଦାର୍ଥକୁ କଷି କରି ଧରିବା ପାଇଁ ବ୍ୟବହୃତ ଯନ୍ତ୍ର ବିଶେଷ—A wrench (instrument).

ରେଞ୍ଜ୍—ବୈଦେ. ବ.—(ଇଂ. ରେଞ୍ଜ୍)—ସରକାରୀ ବନ ବିଭାଗ ଓ
Renj ଅନ୍ୟାନ୍ୟ ବିଭାଗର ଶାସନ ସୌକର୍ଯ୍ୟାର୍ଥ ବିଭକ୍ତ ହୋଇଥିବା
রেঞ্জ रेंज ଜିଲ୍ଲାର ବା ଅଞ୍ଚଳର ଉପ ଉପ ଖଣ୍ଡ—A range or subdivision.

ରେଞ୍ଜର୍—ବୈଦେ. ବ (ଇଂ. ରେଞ୍ଜର୍)—ରକ୍ଷିତ ଜଙ୍ଗଲମାନଙ୍କର
Renjar ତତ୍ତ୍ୱ ନେବା ନିମନ୍ତେ ନିଯୁକ୍ତ ରାଜକର୍ମଚାରୀ—
(ଫରେଷ୍ଟ ରେଞ୍ଜର୍—ଅନ୍ୟରୂପ) A Forest Ranger; a
রেঞ্জার रेंजर Ranger.

ରେଞ୍ଜି—ପ୍ରାଦେ. (କଳାହାଣ୍ଡି) ବ—ଦଉଡ଼ି—
Renji Rope.

ରେଟ୍—ବୈଦେ. ବ. (ଇଂ. ରେଟ୍)—୧ । ଦ୍ରବ୍ୟର ଭାଉ; ଦର—
Ret 1. Rate. ୨ । ମୂଲ୍ୟର ନିର୍ଦ୍ଦିଷ୍ଟତା—2. Fixed
রেট rate or price. ୩ । ବଜାର ଦର—3. Market
रेट् rate. ୪ । ହାରାହାରି ଦର—4. Average rate.
୫ । ନିୟମ—5. Rule. ୬ । ଅନତିକ୍ରମଣୀୟ ନିୟମ—
6. Fixed rule. ୭ । ଦ୍ରବ୍ୟର ସ୍ଥିରୀକୃତ ଦର—
7. Fixed rate of an article. ୮ । ହାରଦର;
ହାର; ଅନୁପାତ—8. Average; ratio. ୯ ।
ମିଉନିସିପାଲିଟିକୁ ପ୍ରଜାଙ୍କ ଦେବା ଟିକସ-9. Municipal
rate; rate or tax payable to the Municipality.

ରେଟ୍ କରିବା—ଦେ. କ୍ରି—ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ କାର୍ଯ୍ୟ
Ret kariba କରିବା—To observe a fixed rule.
রেট করা रेट करना

ରେଟ୍ ଧରିବା—ଦେ. କ୍ରି—୧ । ଗୋଟିଏ ନିୟମରେ କାର୍ଯ୍ୟ ହେବା ପାଇଁ
Ret dhariba ଜିଗର କରିବା; ରେଖ ଧରିବା—1. To insist
রেট ধরা on a rule being strictly followed.
रेट धरना ୨ । କୌଣସି ଦ୍ରବ୍ୟ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକି କରିବା
ପାଇଁ ଜିଗର କରିବା—2. To insist on selling a thing at a fixed rate.

ରେଟ୍ ପେଅ(ୟ)ର୍—ବୈଦେ. ବ. (ଇଂ. ରେଟ୍ ପେଅର୍)—
Ret pea(ya)r ମିଉନିସିପାଲିଟିକୁ ଟିକସ ଦେବାବାଲା ବ୍ୟକ୍ତି—
রেট পেয়ার Rate-payer of a Munici-
रेट देनेवाला pality.

ରେଡ଼ା—ଦେ. ବଣ—ରେଡ଼ିଆ (ଦେଖ)
Rerda Rerdia (See)

ରେଡ଼ାଖୋଲ—ଦେ. ବ (ନାମ)—ରେଢ଼ାଖୋଲ (ଦେଖ)
Rerdakhola Rerdhakhola (See

ରେଡ଼ରେଡ଼ା—ଦେ. ବ(ବହୁବଚନସୂଚକ)—ଅନେକଗୁଡ଼ିଏ ରେଡ଼ିଆ ବା
Rerdarerda କ୍ଷୁଦ୍ର ବନ୍ଧୁର ବସ୍ତୁ—A collection
রোড়ারোড়া of small uneven things (e g. shingles).

ରେଡ଼ା(ଢା)ରେଡ଼ି(ଢି)—ଦେ. ବ ଓ ବଣ—ଅନ୍ୟୋନ୍ୟରେ ଠେଲା-
Rerda(rdha)rerdi(rdhi) ଠେଲି—Mutual push-
ঠেলাঠেলি रेडारेडी ing; jostling.

ରେଡ଼ି—ବୈଦେ. ବଣ (ଇଂ. ରେଡ଼ି)—କୌଣସି କାର୍ଯ୍ୟପାଇଁ ପ୍ରସ୍ତୁତ—
Redi Ready. ବୈଦେ. ଅ—କୌଣସି କାର୍ଯ୍ୟ
রেডী रेडी ! (ଯଥା—ଡ୍ରିଲ୍, ବ୍ୟାୟାମ, ଦୌଡ଼ାଦୌଡ଼ି
ଆଦି) ପାଇଁ ପ୍ରସ୍ତୁତ ରହିବା ସୂଚକ ଶବ୍ଦ—
Ready (a word used to denote readiness of persons about to begin something (e. g. a race).

ରେଡ଼ି—ଦେ. ବ (ସଂ. ଏରଣ୍ଡ)—୧ । ଏରଣ୍ଡ; ଗବ—
Rerdi 1. Castor seed. ୨ । ରେଢ଼ି (ଦେଖ)—
রেড়ি रेंडि अरेंडि 2. Rerdhi [See] ବୈଦେ.
এড়ি ऐंडी ବ—(ଫା. ଏଁଡ଼ୀ)—ଗୋଡ଼ର ଗୋଇଠି—
[ଉ—ଦୁଇ ହାତରେ ଅଳଂବଳକୁ ଟେକିଲ, ପକାଇ ଥରେ
ତଳେ ରେଡ଼ିରେ ପେଷିଲ । କୃଷ୍ଣସିଂହ. ମହାଭାରତ.
ଦ୍ରୋଣ ।] ୧ । ଗୋଡ଼ର ଗୋଇଠିରେ ଆଘାତ--1. Stroke
with the heel. ୨ । ଘୋଡ଼ାସବାରମାନେ ଘୋଡ଼ାଙ୍କୁ
ଚାଳିବାକୁ ଭୁଷିବା ପାଇଁ ଜୋତାର ଗୋଇଠିରେ ଯେଉଁ
ଲୁହାକଣ୍ଟା ପିନ୍ଧନ୍ତି—2. A spur used by a rider.
[ଉ—ସଜ କରି ତତ୍କ୍ଷଣେ ଘୋଡ଼ାକୁ ଚଢ଼ିଲେ, ରେଡ଼ିକ
ମାର ଧାଇଁ ଧାଇଁ ବାହାରଲେ । କୃଷ୍ଣସିଂହ. ମହାଭାରତ
ଆଦି ।] ବୈଦେ. ଅ (ଇଂ. ରେଡ଼ି)—ଖେଳ ଆଦି ଆରମ୍ଭ
রেডি କରିବା ନିମନ୍ତେ ପ୍ରସ୍ତୁତ ହୋଇ ରହିବା ପାଇଁ ଖେଳାଳିମାନଙ୍କ
रेडि ବ୍ୟବହୃତ ସଙ୍କେତ—(Interj) Ready! a term used to denote that the players of a game should be are ready to begin.

ରେଡିଅ(ୟ)ମ୍—ବୈଦେ. ବ (ଇଂ. ରାଡିଅମ୍)—ଖ୍ରୀ: ୧୮୯୮ରେ
Redia(ya)m ଅବିଷ୍କୃତ ଅଦ୍ଭୁତ ଶକ୍ତିବିଶିଷ୍ଟ ମୌଳିକ ଧାତୁ-
রেডিয়াম ବିଶେଷ—Radium. [ଦ୍ର—ଏ ଧାତୁ ଅସାଧାରଣ
रेडियम ଅଟେ । ଏହାକୁ ଶକ୍ତିର ସ୍ୱତନ୍ତ୍ରରୂପ ବୋଲି ବିବେଚନା
କରାଯାଏ । ଏହା ଉଜ୍ଜ୍ୱଳ । ଏ ଧାତୁର ଆବିଷ୍କାରଦ୍ୱାରା
ପରମାଣୁ ସମ୍ବନ୍ଧୀୟ ବୈଜ୍ଞାନିକ ସିଦ୍ଧାନ୍ତରେ ବହୁତ
ପରିବର୍ତ୍ତନ ଘଟିଅଛି ।]

ରେଡିଅମ୍ ଚିକିତ୍ସା—ଦେ. ବ—ରେଡିୟମ୍ ସାହାଯ୍ୟରେ ରୋଗ ଉପଶମ
Rediam chikitsa କରିବାର ଉପାୟ—Radium
রেডিয়াম চিকিৎসা treatment; X'ray treatment.
रेडियम चिकित्सा

ରେଢ଼(ଡ଼ି)ଆ(ୟା)—ଦେ. ବଣ. (ସ. ରୂଢ଼)—୧ । ଟାଣୁଆ—
Redi(rdhi)a(ya) 1. Hard. ୨ । ଅବାଧ୍ୟ—2. Insub-
(ରେଢ଼ା—ଅନ୍ୟରୂପ) ordinate. ୩ । ନିଙ୍କରମୟ—
শক্ত,অবাধ্য 3. Shingly. ୪ । ଉତ୍ତରଦାୟକ; ଜବାବଦେବା
रोडिया (ଭୃତ୍ୟ)—4. Perverse; recalcitrant.
୫ । ବନ୍ଧୁର; କର୍କଶ—5. Coarse; uneven.

ରେ(ରା)ଡିଓ—ବୈଦେ. ବ (ଇଂ. ରେଡିଓ)—ବହୁ ଦୂରରେ ହେଉଥିବା
Re(ra)dio ଶବ୍ଦ ଓ ଗୀତ ଆଦି ଶୁଣିବା ପାଇଁ ବ୍ୟବହୃତ ବେତାର
রেডিও ବୈଦ୍ୟୁତିକ ଯନ୍ତ୍ର—Radio. [ଦ୍ର—ଇଚ୍ଛାଧୀନ ଶବ୍ଦମାନ

ହିନ୍ଦୀ— ଶୂନ୍ୟରେ ବଗ୍ରଜଭ ବୈଦ୍ୟୁତିକ ଲହରୀଦ୍ୱାରା ସୃଜିତ ହୋଇ ଏ ବିଷୟରେ ସର୍ବତ୍ର ପରିଭ୍ରମଣ କରୁଅଛି । ଏହି ରେଡିଓ ଯନ୍ତ୍ରଦ୍ୱାରା ଉକ୍ତ ସ୍ୱରମାନଙ୍କୁ ଯେ କୌଣସି ସ୍ଥାନରେ ଧରାଯାଇ ପାରେ ।]

ରେଢ଼ି ତେଲ—ଦେ. ବି—ଜଡ଼ା ତେଲ—
Redi tela — Castor oil.
রেড়ীতেল — रेडितेल

ରେଡ୍ଡି—ପ୍ରାଦେ. (ଗଞ୍ଜାମ) ବି—(ନାମ)—ମାନ୍ଦ୍ରାଜପ୍ରଦେଶର ଧନୀ ଅବ୍ରାହ୍ମଣ ଜାତି ବିଶେଷ—Reddi; a non-Brahmin sect of Madras who are generally rich.
Reddi

ରେଢ଼(ଢ଼ି)ବା—ଦେ. କ୍ରି—୧ । ଅସମ୍ମାନ କରିବା—1. To disrespect. ୨ । ସ୍ୱାମୀଙ୍କ ଆଦେଶକୁ ଅବଜ୍ଞା କରିବା—2. To disregard the master's orders. ୩ । (ଆଦେଶ ଆଦି) ଏଡ଼ିବା; ଲଙ୍ଘନ କରିବା—3. To infringe or transgress (dorer etc). ୪ । ଠେଲିବା—4. To push. ୫ । କବାଟ ଆଦି ଚଉକାଠ ଦେହରେ ଠିକ୍‌ମତେ ନ ଲାଗି ଠେସିବା—5. Not to fit (said of a door not fitting well to a frame). ୬ । ଜେଦ୍ ଧରିବା; ଏକ ଜିଦ ଧରିବା—6. To insist on a particular thing.
Redi(rdhi)bā
অমান্য করা — अमान्य करना
ঠেকা — ठेलना
জীদকরনা — हठना

ରେଢ଼ି ମାରିବା—ଦେ. କ୍ରି—ଗୋଇଠିଦ୍ୱାରା ଆଘାତ କରିବା—
Redi māribā — To strike with the heel.
গোড়ালি মারা — एँड़ीमारना

ରେଢ଼ାଖୋଲ—ଦେ. ବି—(ନାମ)—ସମ୍ବଲପୁର ପାର୍ଶ୍ୱବର୍ତ୍ତୀ ଏକ ଓଡ଼ିଆ ଗଡ଼ଜାତ ରାଜ୍ୟ—One of the Oriya states adjoining Sambalpur. [ଦ୍ର—ଏହି ରାଜବଂଶର ରାଜାମାନଙ୍କ ସଂଜ୍ଞା 'ଶଙ୍ଖପଦ୍ମ' । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।] ମଗର ଲେକ୍ରଟ ଉଲେ ନୋଟ୍ ଦେଖ ।]
Rerdhā khola

ରେଢ଼ି (ଇତ୍ୟାଦି)—ରେଢ଼ି ଇତ୍ୟାଦି (ଦେଖ)
Rerdhi (etc) — Redi etc. (See)

ରେଣୁ—ସଂ. ବି.—(ରୀ ଧାତୁ=ବଧ କରିବା+କର୍ତ୍ତୃ. ନୁ)—୧ । ଧୂଳି—1. Dust. ୨ । ଚୂର୍ଣ୍ଣ—2. Powder. ୩ । ପରାଗ—3. Pollen of flowers. ୪ । ଅଣୁ; ପରମାଣୁ—4. Atom. ୫। ଏକ କଉଡ଼ା କଉଡ଼ିର ୩୬୦ ଭାଗରୁ ଏକ ଭାଗ—5. Three hundred thirty sixti part of a cowrie (shell-money). ୬ । ଅତି ସୂକ୍ଷ୍ମାଂଶ; କଣିକା—6. Very small particle. ୭ । ଅତି ସୂକ୍ଷ୍ମ ପରିମାଣ—7. Very little quantity. ୮ । ରେଣୁକା (ଦେଖ)—8. Reṇukā (See). ୯ । ବାଲି—(ହ୍ଵ. ଶ.)—9. Sand. ୧୦ । ବିଡ଼ଙ୍ଗ [ହ୍ୱ. ଶ.]—10. Embellica Ribes. ପ୍ରାଦେ. (ଗଡ଼ଜାତ)—ବି.—ଏକପ୍ରକାର ବନ୍ୟ ଗଛ—A kind of wild tree. [ଦ୍ର—ଏହାର କାଠ ଟାଣଆ ଓ ବହୁତ କାମରେ ଲାଗେ ।]
Reṇu

ରେଣୁକ—ଦେ. ବି.—(ସଂ. ରେଣୁକା)—ଔଷଧରେ ବ୍ୟବହୃତ ମରିଚତୁଲ୍ୟ ସୁଗନ୍ଧ ଫଳବିଶେଷ—Name of a medicinal scented berry; Piper Aurantiacum. [ଦ୍ର—ଏହା କଟୁବିପାକ, ତିକ୍ତ, କଟୁରସ, ଅନୁଷ୍ଣ, ଲଘୁ, ପିତ୍ତବର୍ଦ୍ଧକ, ଅଗ୍ନିପ୍ରଦୀପକ, ମେଧାଜନକ, ପାଚକ ଓ ଗର୍ଭପାତକାରକ । ଏହା କଫ ଓ ବାୟୁର ପ୍ରକୋପ ନିବାରକ, ତୃଷ୍ଣା, କଣ୍ଡୁ, ବିଷ ଓ ଦାହନାଶକ—ଦ୍ରବ୍ୟଗୁଣ ।]
Reṇuka
ସଂ. ନାମ—ହରେଣୁ, ଦ୍ୱିଜା, କୌନ୍ତୀ, କପିଲା, ଭସ୍ମଗନ୍ଧା, ଅଗ୍ନିଶ୍ୱା, ବୃତ୍ତାନ୍ତା, ବସୁ, ଖରନାଦନୀ, କାନ୍ତା, ନନ୍ଦନୀ, ମଦ୍ୱଳା, ରାଜପୁତ୍ରୀ, ହିମା, ରେଣୁ, ରେଣୁକା, ପାଣ୍ଡୁପତ୍ରୀ, ହରେଣୁକା, ସୁପର୍ଣ୍ଣିକା, ଶିଶିର, ଶାନ୍ତା ବୃତ୍ତ(ନ୍ତା) ହେମଗନ୍ଧନୀ, ଧର୍ମିଣୀ, କପିଲୋମା, ହୈମବତୀ, ବରାଂଙ୍ଗୀ, ବରମୁଣୀ ।
ତେ. କୌନ୍ତୀ ମ. ରେଣୁକ ତା. ସେତ୍ତୁ ଗୁ. ହରେଣୁ
রেণুক — सम्भालुके बीज

ରେଣୁକା—ସଂ. ବି.—(ରେଣୁ+ସ୍ୱାର୍ଥେ କ+ସ୍ତ୍ରୀ. ଆ)—୧ । ବାଲି [ହ୍ୱ. ଶ.]—1. Sand. ୨ । ଧୂଳି (ହ୍ୱ. ଶ.)—2. Dust. ୩ । ରେଣୁକ (ଦେଖ)—3. Reṇuka (See) ୪ । ରେଣୁକା ତୀର୍ଥ (ଦେଖ)—Reṇukā Tīrtha (See) ୫ । ପରଶୁରାମଙ୍କ ମାତା—5. Name of Paraśurāma's mother. [ଦ୍ର—ଏହାଙ୍କର ଅନ୍ୟ ନାମ କୋଙ୍କଣା । ଏ ଇକ୍ଷ୍ୱାକୁବଂଶଜ ପ୍ରସେନଜିତ୍ ରାଜାଙ୍କ କନ୍ୟା । ଜମଦଗ୍ନି ଋଷିଙ୍କ ସହିତ ଏହାଙ୍କର ବିବାହ ହେବାରୁ ତାଙ୍କ ଔରସରେ ଏହାଙ୍କର ପାଞ୍ଚଗୋଟି ପୁତ୍ର ଜନ୍ମିଥିଲେ । ପରଶୁରାମ ସେମାନଙ୍କ ମଧ୍ୟରେ ସର୍ବ କନିଷ୍ଠ । ଦିନେ ରେଣୁକା ସ୍ନାନାର୍ଥ ନଦୀକୁ ଯାଇଥିଲେ; ସେଠାରେ ଗନ୍ଧର୍ବରାଜ ଚିତ୍ରରଥଙ୍କର ଅପ୍ସରାମାନଙ୍କ ସହ ଜଳକେଳି ଦର୍ଶନ କରି ଏହାଙ୍କର ଚିତ୍ତଚାଞ୍ଚଲ୍ୟ ଉପସ୍ଥିତ ହେଲା । ଏ ସ୍ନାନରୁ ଫେରି ଆସିଲା ପରେ ଜମଦଗ୍ନି ଯୋଗବଳରେ ଏହାଙ୍କ ଚିତ୍ତଚାଞ୍ଚଲ୍ୟ ବିଷୟ ଅବଗତ ହେଲେ ଏବଂ ଏହାଙ୍କୁ ବଧ କରିବା ନିମନ୍ତେ ନିଜର ପୁତ୍ରମାନଙ୍କୁ ଆଦେଶ ଦେଲେ । ଅଗ୍ରଜ ଚାରି ପୁତ୍ର ଏ ଆଦେଶ ପାଳନ କରିବାକୁ ଅସ୍ୱୀକାର କଲେ; କିନ୍ତୁ କନିଷ୍ଠ ପରଶୁରାମ ପିତାଦେଶ ଅନୁସାରେ ମାତାଙ୍କୁ ବଧ କଲେ । ତହୁଁ ଜମଦଗ୍ନି ପରଶୁରାମଙ୍କ ପ୍ରତି ସନ୍ତୁଷ୍ଟ ହୋଇ ବର ଦେବାକୁ କହିବାରୁ ସେ ମାତାଙ୍କର ପୁନର୍ଜୀବନ ଇଚ୍ଛା କଲେ । ତଦନୁସାରେ ରେଣୁକା ଶେଷରେ ପୁନର୍ଜୀବନ ଲାଭ କଲେ । ପରେ ପରଶୁରାମ ତପସ୍ୟାର୍ଥ ଘରୁ ବାହାରିଗଲାରୁ ଜମଦଗ୍ନି କାର୍ତ୍ତବୀର୍ଯ୍ୟଦ୍ୱାରା ଯୁଦ୍ଧରେ ହତ ହେଲେ । ପରଶୁରାମ ତପସ୍ୟାରୁ ଫେରି ଆସି ମାତାଙ୍କଠାରୁ ଏହି ଦୁଃସମ୍ବାଦ ଶ୍ରବଣ କରିବା ମାତ୍ରେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଉଠିଲେ ଏବଂ ଏକବିଂଶ ବାର କ୍ଷତ୍ରିୟ ବଧ କରି ପୃଥିବୀକୁ ନିଃକ୍ଷତ୍ରିୟ କରିବେ ବୋଲି ପ୍ରତିଜ୍ଞା କଲେ । ରେଣୁକା ଏହା ଶୁଣି ପ୍ରସନ୍ନଚିତ୍ତରେ ପତିଙ୍କ ଚିତାନଳରେ ପ୍ରବେଶ କରି ତନୁତ୍ୟାଗ କଲେ ।]
Reṇukā

ରେଣୁକା ତୀର୍ଥ—ସଂ. ବି—ହିନ୍ଦୁମାନଙ୍କର ତୀର୍ଥ ବିଶେଷ—The name
Reṇukā tīrtha of a Hindu sacred place.
[ଉ—ରେଣୁକା ତୀର୍ଥେ ଯେ କରଇ ଅବଗାହ, ପାତକ ଛଡ଼ାଏ ଭଲ ତାର ଦେହ । କୃଷ୍ଣସିଂହ. ମହାଭାରତ.ବନ]
[ଦ୍ର—ଏହା ସହ୍ୟାଦ୍ରି ପର୍ବତରେ ଅବସ୍ଥିତ—ହି. ଶ]

ରେଣୁକା ସୁତ—ସଂ. ବି—ପରଶୁରାମ—
Reṇukā suta Paraśurāma.

ରେଣୁ ବାସ—ସଂ. ବି. (ବହୁବ୍ରୀହି; ରେଣୁ=ପୁଷ୍ପ ରେଣୁରେ ବାସ
Reṇu bāsa ଯାହାର)—ଅଳି; ଭ୍ରମର—Back bee.

ରେଣୁ ରୁଷିତ—ସଂ. ବିଣ. (ତତ୍ପୁରୁଷ; ରେଣୁ=ଧୂଳି ଦ୍ୱାରା ରୂଷିତ=
Reṇu rūshita ଲିପ୍ତ)—ଧୂଳି ଧୂସର—Besmeared with dust; smeared over with dust.
ସଂ. ବି—ଗର୍ଦ୍ଦଭ; ଗଧ—The ass.

ରେଣୁ ସାର—ସଂ. ବି. (ବହୁବ୍ରୀହି; ରେଣୁ ଅଛି ସାର ଯାହାର)—
Reṇu sāra କର୍ପୂର—Camphor.

ରେଣ୍ଟ—ବୈଦେ. ବି. (ଇଂ. ରେଣ୍ଟ)—ଜମିର ଖଜଣା; ଭାଡ଼ା—
Renṭ রেন্ট रेंट Rent.

ରେଣ୍ଟ କୋର୍ଟ(ର୍ଟ)—ବୈଦେ.ବି.(ଇଂ. ରେଣ୍ଟ କୋର୍ଟ)--ଖଜଣା ଦାଲିସ
Renṭ koṭ(rṭ) ମକଦ୍ଦମା ବୁଝିବା ଅଦାଲତ—Rent Court.
রেন্ট কোর্ট रेण्ट कोर्ट

ରେଣ୍ଟ ସୁଟ—ବୈଦେ. ବି. (ଇଂ. ରେଣ୍ଟ ସୁଟ)—ଜମିଦାର ଜମିର
Renṭ suṭ ବାକି ଖଜଣା ପାଇଁ ପ୍ରଜା ନାମରେ କରିବା ମକଦ୍ଦମା—
রেন্ট স্যুট रेण्ट सूट् Rent suit.

ରେଣ୍ଟି—ଦେ. ବି—୧ । ପୋଖରୀ ବନ୍ଧର ପୋଖରୀ ଅଡ଼କୁ ଥିବା ଗାଲୁ
Renṭi ଅଂଶ—1. The slope of the embankment
ঢালু leading to the edge of the water of a
ढंगनेह pond or tank. ୨ । ରେଣ୍ଟା (ଦେଖ)
2. Renṭā (See) ଗ୍ରାଦେ. (ଗଡ଼ଜାତ) ବି—ବୁଢ଼ା ଅଙ୍ଗୁଠି ଅଗରୁ ତର୍ଜନୀର ଅଗଭାଗ ପର୍ଯ୍ୟନ୍ତ ବିସ୍ତୃତ ସ୍ଥାନର ପରିମାଣ—The distance between the tips of the great finger and of the under finger.

ରେଣ୍ଟା—ଦେ. ବିଣ. ପୁଂ (ଇଂ. ରେଣ୍ଟ)—ଏକଜିଗରିଆ; ଏକବାଗିଆ;
Renṭā ଜିଦ୍‌ଖୋର—Obstinate; perverse; persis-
এক গুঁয়ে हठी, जिद्दी tent.
(ରେଣ୍ଟୀ—ସ୍ତ୍ରୀ) ଦେ. ବି—୧ । ରେଗଡ଼ା ଭୂମି—1. Gravelly land. ୨ । ଜମି ଅନ୍ଦର ସୀମା—2. Boundary.

ରେଣ୍ଟା ରେଣ୍ଟି—ଦେ. ବି—ଜିଦାଜିଦ; ଦୁଇ ଜଣଙ୍କ ମଧ୍ୟରେ ଜିଦ
Renṭā renṭi ପରସ୍ପର—Mutual wagering.
বাজি মারামারি जिदाजिद्दी

ରେଣ୍ଟି—ଦେ ବି—୧ । ଏକଜିଦ—1. Obstinacy: any-
Renṭi thing on which a person is persistent.
গোঁ हठ, जिद ୨ । ଜିଦ ମାରିବା—2. Wagering; bet-
(ରେଣ୍ଟିବୁଲା—ଅନ୍ୟରୂପ) ting. ୨ । ରୁକ୍ଷ କଥା—2. Harsh word

ରେଣ୍ଟିଆ—ଦେ. ବିଣ. ପୁଂ—ରେଣ୍ଟା (ଦେଖ)
Renṭiā Renṭā (See)
(ରେଣ୍ଟିଆଣୀ—ସ୍ତ୍ରୀ)

ରେଣ୍ଟି କ(ଧ)ରିବା—ଦେ.କ୍ରି—କୌଣସି ବିଷୟରେ ଏକାଜିଦ ଧରିବା—
Renṭi ka(dha)ribā To obstinately insist on a
গোঁ করা हठ करना matter.

ରେଣ୍ଟି ଛଡ଼ା(ଡ଼େ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିର ଜିଦ
Renṭi chharḍā(rḍe)ibā ଅନୁସାରେ କାର୍ଯ୍ୟ ନ କରି ତାକୁ ତାହାର ଜିଦରୁ ନିବୃତ୍ତ କରାଇବା-
ରେଣ୍ଟି ଭାଙ୍ଗିବା } ଅନ୍ୟରୂପ
ରେଣ୍ଟି ମାରିବା }
To baffle a person's
গোঁ ছাড়ান obstinacy by not acceding to his
जीद् छुडाना insistent demand.

ରେଣ୍ଟି ପକା(କେ)ଇବା—ଦେ. କ୍ରି—ଜିଦ ମାରିବା; ଜିଦ ପକାଇବା-
Renṭi pakā(ke)ibā To bet for a thing.
(ରେଣ୍ଟି ମାରିବା—ଅନ୍ୟରୂପ) বাজী মারা
जीद् करना, बाजी मारना

ରେଣ୍ଟୁଆ—ଦେ. ବିଣ. ପୁଂ—ରେଣ୍ଟା (ଦେଖ)
Renṭuā Renṭā (See)
(ରେଣ୍ଟୁଣୀ—ସ୍ତ୍ରୀ)

ରେଣ୍ଡି—ଦେ. ବି—ଏଣ୍ଡି; ଏରଣ୍ଡି; ଏରେଣ୍ଡି; ଅସାମ ଦେଶଜାତ ଲୁଗା-
Renḍi Endi; Assam silk.
এণ্ডী अण्डी, रण्डी, एरण्डी

ରେତ—ସଂ. ବି (ରି ଧାତୁ+କର୍ତ୍ତୃ. ଅ, ନିପାତନ)—ରେତଃ (ଦେଖ)
Reta Retaḥ (See) (Apte).
[ଉ—ତାହା ଭାବନାରୁ ସ୍ଖଳନ ହେଲା ରେତ । କୃଷ୍ଣସିଂହ ମହାଭାରତ. ଅଦି ।]
ଦେ. ବି. (ସଂ. ରେତଃ)—(ବଣିଆ ଶବ୍ଦ) ସୁନା ବା ରୂପାର
চূর্ণ ଗହଣା ଗଢ଼ିବା ବେଳେ ଉହାରେ ଘଷିବା ଦ୍ୱାରା ଉହିଁରୁ
बुरादा ବାହାରିବା ଗୁଣ୍ଡ—Metal-filings.

ରେତଃ—ସଂ. ବି. (ରୀ ଧାତୁ=କ୍ଷରିତ ହେବା+କର୍ତ୍ତୃ. ଅସ୍; ନିପାତନ;
Retaḥ ରେତସ୍ ଶବ୍ଦ ୧ମା, ୧ବ)—୧ । ଶୁକ୍ର; ବୀର୍ଯ୍ୟ—
1. Semen; sperm; semen virile. ୨ । ଶିବ ବୀର୍ଯ୍ୟ; ପାରଦ; ପାରା—2. Mercury; quicksilver. [ଦ୍ର—ପାରଦ ଶିବଙ୍କ ବୀର୍ଯ୍ୟ ଓ ଗନ୍ଧକ ପାର୍ବତୀଙ୍କ ରଜଃ ବୋଲି ପୁରାଣ ପ୍ରସିଦ୍ଧ ଅଛି ।] ୩ । ଧୂଳି—
3. Dust. ୪ । ସନ୍ତାନ—4. Progeny; offspring (Apte). ୫ । (ବୈଦିକ) ପାପ—5. Sin (Apte). ୬ । (ବୈଦିକ) ସ୍ରୋତଃ—6. Flow; current (Apte). ୭ । (ବୈଦିକ) ଜଳ (ହି. ଶ)—
7. Water.

ରେତଃ କ୍ଷରଣ—ସଂ. ବି. (୬ଷ୍ଠୀ ତତ୍)—ପୁରୁଷର ଲିଙ୍ଗମାର୍ଗ ବାଟେ
Retaḥ ksharaṇa ଶୁକ୍ରର ପତନ—Discharge or emission of semen through the penis.
ରେତଃ ପତନ }
ରେତଃ ପାତ }
ରେତଃ ସ୍ଖଳନ } —ଅନ୍ୟରୂପ
ରେତଃ ସ୍ରାବ }

ରେତଜ—ସଂ. ବ. ପୁଂ (ରେତ+ଜନ୍ ଧାତୁ+କର୍ତ୍ତୃ. ଅ)—ସନ୍ତାନ—
Retaja (ରେତଜା—ସ୍ତ୍ରୀ) Offspring; child (Apte).

ରେତଜା—ସଂ. ବ (ସ୍ତ୍ରୀ) [ରେତଜ+ଆ]—୧ । କନ୍ୟା—
Retajā 1. Female child. ୨ । ବାଲୁକା—
2. Sand (Apte). ୩ । ମରୁଭୂମି [ହି. ଶ]—
3. Desert.

ରେତନ—ସଂ. ବ (ରୀ ଧାତୁ=ଷରଣ ହେବା+କର୍ତ୍ତୃ ଅନ)—ଖାର୍ଯ୍ୟ; ଶୁକ୍ର
Retana Sperm; semen.

ରେତ ପ୍ରଣାଳୀ—ସଂ. ବ—(ଅଧୁନାତନ ଶରୀରବିଜ୍ଞାନ)—ଖାର୍ଯ୍ୟନଳୀ;
Reta pranāli ପୁରୁଷର ଲିଙ୍ଗ—The seminal tube or duct; Tubuli Seminifera.

ରେତ(ତୋ)ମାର୍ଗ—ସଂ.ବ (୬ଷ୍ଠୀ ତତ୍)—ଖାର୍ଯ୍ୟନଳୀ; ପୁରୁଷର ଲିଙ୍ଗ—
Reta(to)mārga The seminal duct or canal (Apte).

ରେତସ—ଦେ. ବ (ସଂ. ରେତସ୍)—ରେତଃ (ଦେଖ)—Retaḥ
Retasa (See) (ଉ—ମୂଢ ରେତସ ଅନୁବନ୍ଧେ, ମୈଥୁନ ସ୍ମରଣ ଅନନ୍ଦେ—ଜଗନ୍ନାଥ ଭାଗବତ ।)

ରେତ(ତଃ)ସେକ—ସଂ.ବ. (ମୈଥୁନଦ୍ୱାରା ସ୍ତ୍ରୀର) ଗର୍ଭରେ ଖାର୍ଯ୍ୟସ୍ଥାପନ—
Reta(taḥ)seka The depositing of semen inside the womb of a woman by copulation.

ରେତି—ଦେ. ବ (ସଂ. ରେତ=ଧୂଳ)—ଉଖା—
Reti ଉଁସା, ରେତୀ रेती File; filing instrument.

ରେତି କରିବା—ଦେ. କି—କୌଣସି ଦ୍ରବ୍ୟକୁ ଉଖାରେ ଘଷିବା—
Reti karibā ଉଁସାଘଷା रेतना To file, to rasp.

ରେତ୍ୟ—ସଂ. ବ (ରୀ ଧାତୁ=ଗମନ କରିବା+କର୍ତ୍ତୃ ଯ)—ପିତ୍ତଳ—
Retya Brass.

ରେତ୍ର—ସଂ. ବ (ରୀ ଧାତୁ=ଗମନ କରିବା, କ୍ଷରିବା+କର୍ତ୍ତୃ ତ୍ର)—୧ ।
Retra ଶୁକ୍ର—1. Semen. ୨ । ପଟ୍ଟବସ୍ତ୍ର—2. Silk cloth. ୩ । ପାରଦ—3. Mercury. ୪ । ଅମୃତ—4. Nectar (Apte) ୫ । ସୁବାସିତ ଚୂର୍ଣ୍ଣ—5. Perfumed powder (Apte)

ରେନ୍ଦା—ପ୍ରାଦେ (ସମ୍ବଲପୁର) ବ—ରନ୍ଦା; କାଠ ଆଦିକୁ ଘଷି ସମତୁଲ ଓ ଚିକ୍କଣ କରିବା ପାଇଁ ବ୍ୟବହୃତ ବଢ଼େଇଙ୍କ ଅସ୍ତ୍ର
Rendā ବିଶେଷ—Carpenter's plane.

ରେପ—ସଂ.ବ(ରପ୍ ଧାତୁ=ବଧ କରିବା, ଅଘାତ କରିବା, ନିନ୍ଦାକରିବା+
Repa କର୍ତ୍ତୃ ବା କର୍ମ ଅ; କିମ୍ବା ରପ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ ଅ)—୧। ନୀଚ—1. Low; mean, base. ୨ । ନିର୍ଦ୍ଦୟ 2. Cruel. ୩ । କୃପଣ—3. Miserly.

ରେପଣୀ—ପ୍ରାଦେ (ଯାଜପୁର ଓ ବାଲେଶ୍ୱର) ବ—କ୍ଷେତ ଜମିର ଏକ
Repaṇā ସ୍ଥାନରେ ଗଦା ହୋଇଥିବା ବାଲିକୁ ଗୁରୁଅଡ଼େ ଖେଳାଇ ଜମିକୁ ସମତଳ କରିବାରେ ବ୍ୟବହୃତ ଗୋଟିଏ କାଠର ପଟା (ଯାହାର ଦୁଇ ମୁଣ୍ଡରେ ଦଉଡ଼ି ବା ବାଉଁଶ ଲାଗିଥାଏ ଓ ଯାହାକୁ ଭୂମି ଉପରେ ମଇ ପରି ମନୁଷ୍ୟ ବା ବଳଦଙ୍କଦ୍ୱାରା ଟଣାଇବାକୁ ହୁଏ)—A long wooden plate for levelling a field by drawing it over loose uneven earth or sand

ରେ(ରା)ପ(ଫ)ର—ବୈଦେ. ବ (ଇ. ରାପର୍)—ପତଳା ଶୀତବସ୍ତ୍ର—
Re(rā)pa(pha)ra Thin warm sheet; wrapper.
रेपा(फा)र रैपर

ରେଫ—ସଂ. ବ (ରି+ଉଫ)—୧ । ହଲନ୍ତ 'ର୍' ଅକ୍ଷର କୌଣସି ବର୍ଣ୍ଣ
Repha ପଦ୍ୟରେ ରହିଲେ ତାହାର ଉପରୁପେ ସେହି ବର୍ଣ୍ଣର ମୁଣ୍ଡ ଉପରେ ଡାହାଣପାଖରେ ବସିବା ' ' ଚିହ୍ନ—1. The sign ' ', given on the right side top of a letter to which the letter 'r' is prefixed. [ଦ୍ର—୧ । ଶବ୍ଦ ମଧ୍ୟରେ କୌଣସି ବ୍ୟଞ୍ଜନବର୍ଣ୍ଣ ପୂର୍ବରେ ହସନ୍ତ 'ର୍' ରହିଲେ ତାହା ରେଫ ( ) ଆକୃତି ଧାରଣ କରି ଉକ୍ତ ବ୍ୟଞ୍ଜନବର୍ଣ୍ଣର ମସ୍ତକକୁ ଯାଏ ଓ 'ର' ପୂର୍ବେ କୌଣସି ହସନ୍ତ ବ୍ୟଞ୍ଜନବର୍ଣ୍ଣ ରହିଲେ 'ର' ସେହି ବ୍ୟଞ୍ଜନବର୍ଣ୍ଣ ତଳେ ' ' ('ର'ଫଳା) ହୋଇ ଯୁକ୍ତ ହୁଏ । (ଯଥା—ସାର୍+ଯ=ସାର୍ଯ୍ୟ; ନମ୍+ର=ନମ୍ର ।) ୨ । ରେଫ୍ ତଳେ ଚ, ଛ, ଜ, ଣ, ତ, ଦ, ଧ, ନ, ବ, ମ ଓ ଯ, ଏହି ଅକ୍ଷରଗୁଡ଼ିକର ବିକଳ୍ପରେ ଦ୍ୱିତ୍ୱ ହୁଏ । ଯଥା—ଅର୍ଚ୍ଚନା ବା ଅର୍ଚନା, ଧର୍ମ୍ମ ବା ଧର୍ମ, କାର୍ଯ୍ୟ ବା କାର୍ଯ, ଊର୍ଦ୍ଧ୍ୱ ବା ଊର୍ଧ୍ୱ ।] ୨ । ର ବର୍ଣ୍ଣ—2. The letter 'ra' ୩ । ମହୁମାଛିର ଓ ଭ୍ରମରର ମସ୍ତକରେ ଥିବା ' ' (ରେଫ) ଆକୃତିବିଶିଷ୍ଟ ଦୁଇଟି କଣ—3. The two antennæ or feelers on the head of the bee or wasp. ୪ । (ରିଫ୍ ଧାତୁ+ଭାବ ଅ) ରାଗ; କ୍ରୋଧ—4. Anger; rage. ୫ । ସ୍ନେହ—5. Affection. ୬ । ଶବ୍ଦ (ହି. ଶ)—6. Sound. ସଂ. ବିଣ (ରିଫ୍ ଧାତୁ=ନିନ୍ଦା କରିବା+କର୍ମ ଅ)—୧ । ପରିତ୍ୟକ୍ତ—1. Deserted; abandoned ୨ । ନୀଚ; ଅଧମ—2. Low, mean ୩ । କୃପଣ—3. Miserly. ୪ । କ୍ରୂର—4 Cruel. ପ୍ରାଦେ(ଯାଜପୁର) ବ—କପର୍ଦ୍ଦକ ମାତ୍ର—One cowrie even. [ଉ—ସେ ମୋତେ ଗୋଟାଏ ରେଫବି ଛାଡ଼ିଲା ନାହିଁ ।

ରେଫଣ—ସଂ. ବ [ରେଭ୍ ଧାତୁ=ଶବ୍ଦ କରିବା+ଭାବ ଅନ]—ହମ୍ବାଳ
Rephaṇa ଗୋରୁର ରବ (ସୁବଳ ଚନ୍ଦ୍ର)—The lowing of the cow.

ରେଫରି—ବୈଦେ. ବ (ଇଂ. ରେଫରୀ)—(ଫୁଟ୍‌ବଲ୍ ଆଦି) ଖେଳରେ
Rephari ଖେଳାଳୀମାନଙ୍କୁ ନିୟନ୍ତ୍ରିତ କରିବା ଓ ବିବାଦ ମୀମାଂସା
रेफरि ପାଇଁ ନିଯୁକ୍ତ ନିରପେକ୍ଷ ମଧ୍ୟସ୍ଥ ବ୍ୟକ୍ତି—A referee in
रेफरी a game of football.

ରେଫରେନ୍ସ—ବୈଦେ. ବ (ଇ. ରେଫରେନ୍ସ)—୧ । ଜ୍ଞାତବ୍ୟ ବିଷୟର
Repharens ଅନ୍ୱେଷଣ ବା ଅନୁସନ୍ଧାନ; ଅବଲମ୍ବନ—
1. Reference. ୨ । (କଚେରୀ) କୌଣସି ଅଭିନ-

ଗତ ବିଷୟରେ ବା ମକଦମାରେ ନିମ୍ନ ଅଦାଲତଙ୍କ ନିଷ୍ପତ୍ତିକୁ ରଦ୍ କରିବା ପାଇଁ ମଧ୍ୟବର୍ତ୍ତୀ କୋର୍ଟ୍ ଦ୍ୱାରା ଉଚ୍ଚତର କୋର୍ଟକୁ ପ୍ରେରଣ—2. Reference by a Judge to the High Court on a point of law decided by a lower Court.

ରେଫରେନ୍ସ କ୍ଲ(କ୍ଲା)ର୍କ—ବୈଦେ. ବି.—(ଇଂ. ରେଫରେନ୍ସ କ୍ଲର୍କ) Repharens kla(klā)rk ଅଫିସ୍‌ରେ ସ୍ଥାନମାନଙ୍କର କୌଣସି রেফরেন্স ক্লর্ক रेफरेन्स क्लर्क ବିଷୟର ସନ୍ଦେହ ହେଲେ ଯେଉଁ କିରାଣୀଙ୍କୁ ପଚାରି ଯାଏ—Reference-clerk in an office.

ରେଫରେନ୍ସ ବୁକ୍—ବୈଦେ. ବି.—(ଇଂ.)—ଅଭିଧାନ ପୁସ୍ତକ; Repharens buk ଯେଉଁ ପୁସ୍ତକରେ ଖୋଜା ଥିବା ବିଷୟ ମିଳେ- রেফরেন্স বুক रेफरेन्स बुक Reference book.

ରେଫରେନ୍ସ ଲାଇବ୍ରେରୀ—ବୈଦେ ବି (ଇଂ)—କୌଣସି Repharens lāibrerī ଜ୍ଞାତବ୍ୟ ବିଷୟର ଅବଗତି ପାଇଁ রেফরেন্স লাইব্রেরী रेफरेन्स लाइब्रेरि ଖୋଜାଯିବା ପୁସ୍ତକ-ମାନଙ୍କ ଅଗାର—Reference Library.

ରେଫାଃ(ପାଃ)—ସଂ. ବିଣ.—[ରିଫ୍ ଧାତୁ=ନିନ୍ଦା କରିବା+କର୍ତ୍ତୃ. ଅସ୍; Rephāḥ(pāḥ) ରେଫସ୍ ଓ ରେପସ୍ ଶବ୍ଦ ୧ମା. ୧ବ)—୧। ନୀଚ; ମ୍ଳାନ; ଅଧମ—1. Low; mean. ୨। ଦୁଷ୍ଟ—2. Wicked. ୩। କ୍ରୂର—3. Cruel. ୪। କୃପଣ—4. Miserly.

ରେବ୍ [ଧାତୁ]—ସଂ.—ଗମନ କରିବା; ଗତିକରିବା— Reb (root) To move; to go.

ରେବ୍‌ଚିନି—ବୈଦେ. ବି.—ରେଉଚିନି [ଦେଖ] Reb-chini Reu chini (See)

ରେବ—ଦେ. ବି. (ସ୍ତ୍ରୀ ପୁଂ) (ନାମ)—୧। ସ୍ତ୍ରୀ—ରେବତୀ ବା ରେବା Reba ନାମ୍ନୀ ସ୍ତ୍ରୀର ଡାକ ନାମ—1. Name for calling 'Rebatī' or 'Rebā'. ୨। ପୁଂ—ରେବତୀକାନ୍ତ ନାମକ ପୁରୁଷର ଡାକନାମ—2. A name for calling Rebatīkānta.

ରେବଟ—ସଂ. ବି.—(ରେବ୍ ଧାତୁ=ଗମନ କରିବା+କର୍ତ୍ତୃ. ଅଟ)— Rebaṭa ୧। ଶୂକର—1. A hog. ୨। ବାତୁଳ ବ୍ୟକ୍ତି—2. Mad man; a lunatic. ୩। ବିଷ ବୈଦ୍ୟ; ବିଷଜନିତ ରୋଗର ଚିକିତ୍ସାରେ ଅଭିଜ୍ଞ ବୈଦ୍ୟ—3. A physician who cures poisoning. ୪। କଦଳୀ ବୃକ୍ଷ—4. Plantain tree. ୫। ବାତ୍ୟା; ଘୂର୍ଣ୍ଣିବାୟୁ 5. Storm; whirlwind. ୬। ଧୂଳି—6 Dust. ୭। ଇନ୍ଦ୍ରଜାଲ; ଐନ୍ଦ୍ରଜାଲିକ ବିଦ୍ୟା; ଯାଦୁ ବିଦ୍ୟା; ହାତ-ସଫେଇ ଖେଳ—7. Magic; legerdemain. ୮। ଦକ୍ଷିଣାବର୍ତ୍ତ ଶଙ୍ଖ—8. A conch with the spiral winding rightwards. ୯। ସର୍ପ-ଜୀବିକ; ଜାଙ୍ଗଳିକ; ସାପୁଆ—9. A snake-charmer. ୧୦। ବେଣୁ ବାଉଁଶ (ଭୂ. ଷ.)—10. A kind of slender bamboo.

ରେବଣ ଚିନି—ଦେ. ବି.—ରେଉ ଚିନି [ଦେଖ] Rebaṇa chini Reu chini (See)

ରେବତ—ସଂ. ବି.—(ରେବ ଧାତୁ=ଗମନ କରିବା+କର୍ତ୍ତୃ. ଅତ)— Rebata ୧। ଆରଗ୍ୱଧ ବୃକ୍ଷ; ସୁନାରି ଗଛ—1. A tree; Cassia Fistula. ୨। ବଳରାମଙ୍କ ସ୍ତ୍ରୀ ରେବତୀଙ୍କ ପିତା—2. The name of the father of Balarāma's wife. [ଦ୍ର—ରେବତ 'ଆନର୍ତ୍ତରାଜଙ୍କ ପୁତ୍ର ଓ ଶର୍ଯ୍ୟାତିଙ୍କ ପୌତ୍ର। କୁଶସ୍ଥଳୀ ଏହାଙ୍କ ରାଜଧାନୀ ଏହାଙ୍କର ରେବତୀ ନାମରେ ଏକ ଅନୁପମରୂପଲାବଣ୍ୟବତୀ କନ୍ୟା ଜନ୍ମିଥିଲେ। ରେବତୀଙ୍କ ବିବାହକାଳ ଉପସ୍ଥିତ ହେବାରୁ ରେବତ କନ୍ୟାପାଇଁ ବର ଅନ୍ୱେଷଣ କରିବାକୁ ବ୍ରହ୍ମାଙ୍କ ପାଖକୁ ଗଲେ ଏବଂ ସେଠାରେ ସାମଗାନ ଶ୍ରବଣରେ ମୁଗ୍ଧ ହୋଇ ବହୁ ଯୁଗ କାଳ ମୁହୂର୍ତ୍ତବତ୍ ଯାପନ କଲେ। ଶେଷରେ ସେଠାରୁ ଫେରି ବ୍ରହ୍ମାଙ୍କ ଉପଦେଶ ଅନୁସାରେ ନିଜ ଦୁହିତା ରେବତୀଙ୍କୁ ବଳରାମଙ୍କ ହସ୍ତରେ ସମର୍ପଣ କରି ତପସ୍ୟାର୍ଥ ସୁମେରୁ-ଶିଖରରେ ଅବରୋହଣ କଲେ ଓ ସେଠାରୁ ସଦେହ ସ୍ୱର୍ଗଲାଭ କଲେ।] ୩। ପେରବତ; ପିଜୁଳି; ପିଜୁଳି (ଗଛ ଓ ଫଳ)—3. Guava (tree and fruit). ୪। ଜମ୍ବୀର ଲେମ୍ବୁ—4. A kind of very sour orange.

ରେବତକ—ସଂ. ବି (ରେବତ+ସ୍ୱାର୍ଥେ. କ)—୧। ପାରାବତ— Rebataka 1. Pigeon. ୨। ରେବତ ୩ (ଦେଖ)— 2. Rebata 3. (See)

ରେବତି—ସଂ. ବି. ସ୍ତ୍ରୀ (ନାମ)—କାମ-ପତ୍ନୀ; ରତି (ପ୍ରକୃତିବାଦ)— Rebati The name of the wife of God Cupid. ଦେ. ବି. ସ୍ତ୍ରୀ (ନାମ)—ରେବତୀନାମ୍ନୀ ସ୍ତ୍ରୀର ଡାକନାମ— Name for calling Rebatī.

ରେବତୀ—ସଂ. ବି. ସ୍ତ୍ରୀ (ରେବତ+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)— Rebatī ୧। ରେବତ ରାଜାଙ୍କ କନ୍ୟା ଓ ବଳରାମଙ୍କ ସ୍ତ୍ରୀ— 1. The daughter of king Rebata and the wife of Balarāma. [ଦ୍ର—ରେବତ ତଳେ ଟୀକା ଦେଖ। ବଳରାମଙ୍କ ଔରସରେ ଏହାଙ୍କ ଗର୍ଭରୁ ନିଶଠ ଓ ଉଲ୍ମୁକ ନାମକ ଦୁଇ ପୁତ୍ର ଜନ୍ମିଥିଲେ। ଯଦୁବଂଶର ଧ୍ୱଂସ ପରେ ବଳଦେବ ମାନବଲୀଳା ସମ୍ବରଣ କରିବାରୁ ରେବତୀ ସ୍ୱାମୀଙ୍କ ଅନୁମୃତା ହେଲେ—ସ୍ୱବଳ-ଚନ୍ଦ୍ର।] ୨। (ଜ୍ୟୋତିଷ) ସତେଇଶ ନକ୍ଷତ୍ର ମଧ୍ୟରୁ ଶେଷ ନକ୍ଷତ୍ର ('ନକ୍ଷତ୍ର' ଶବ୍ଦ ତଳେ ଟୀକା ଦେଖ)— [ଦ୍ର—ଏ ଚନ୍ଦ୍ରପତ୍ନୀରୂପେ ଖ୍ୟାତିଲାଭ କରିଅଛନ୍ତି।] 2. (Astrology) The last of the 27 asterisms. ୩। ଗାଭୀ; ଗାଈ—3. A cow ୪। ନଦୀ ବିଶେଷ—4. Name of a river. ୫। ଦୁର୍ଗା— 5. The Goddess Durgā. ୬। ମାତୃକା ବିଶେଷ; ସପ୍ତମାତୃକା ମଧ୍ୟରୁ ଏକତମା—6. Name of one of the seven Mātṛukā Goddesses. ୭। ଶିଶୁମାନଙ୍କ

ଅବମଣ କରିବା ବାଳଗ୍ରହ ବିଶେଷ (ବୈ. ଶ)—7. An infantile disease deified. ଦେ. ବି— (ସ୍ତ୍ରୀ) ସ୍ତ୍ରୀଲୋକଙ୍କ ନାମବିଶେଷ—A name given to females. (ପୁଂ)—ରେବତୀକାନ୍ତ ଆଦି ବ୍ୟକ୍ତିଙ୍କ ଡାକ ନାମ—Name for calling males named Rebatikānta etc.

ରେବତୀ ଜାନି—ସଂ.ବି (ବହୁବ୍ରୀହି)—(ରେବତୀ ଅଟନ୍ତି ଜାୟା ଯାହାଙ୍କର ଜାୟା ସ୍ଥାନରେ=ଜାନି ଆଦେଶ; ତୁଳ.ଯୁବଜାନି)—
Rebati jāni
[ରେବତୀଶ—ଅନ୍ୟରୂପ) ରେବତୀରମଣ (ଦେଖ)—
Rebatiramaṇa. (See)

ରେବତୀ ରମଣ—ସଂ. ବି (ଷଷ୍ଠୀ ତତ୍)—୧ । ବଳରାମ—
Rebati ramaṇa 1. Balarāma. ୨ । ଚନ୍ଦ୍ର—2. The moon. ୩ । ବିଷ୍ଣୁ (ବୈ. ଶ)—3. Bishṇu.

ରେବତୀଭବ—ସଂ.ବି—(ରେବତୀ+ଭୂ. ଧାତୁ+କର୍ତ୍ତୃ. ଅ)—ଶନିଗ୍ରହ
Rebatibhaba (ବୈ. ଶ)—Planet Saturn.

ରେବନ(ଲ୍) ଚିନି—ଦେ. ବି—ରେଉଚିନି (ଦେଖ)
Reban(l)-chini Reuchini. (See)

ରେବା—ସଂ. ବି (ରେବ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ନର୍ମଦା ନଦୀ—1. The river Nurbudda. [ଦ୍ର—ପଶ୍ଚିମେ ବହଇ ରେବା, ପୂର୍ବେ ମହାନଦୀ । ସୁଧାନାଥ. ମହାଯାତ୍ରା]
Rebā
୨ । ଦୁର୍ଗା—2. The Goddess Durgā. ୩ । କାମଦେବ ପତ୍ନୀ; ରତି—3. The wife of God Cupid. ୪ । ନୀଳଗୁଳ୍ମ (ବୈ. ଶ)—4. Indigo plant.

ରେ(ରି,ରୀ)ବାଜ(ଦ୍)—ବୈଦେ. ବି (ଅ. ରେବାଜ୍)—୧ । ରୀତି—
Re(ra,ri)bāj(d) 1. Custom. ୨ । ଅଭ୍ୟାସ—
রেওয়াজ रे(रि)वाज 2. Habit.

ରେବୀ—ଦେ. ବି. ସ୍ତ୍ରୀ (ନାମ)—ରେବା ବା ରେବତୀ ନାମ୍ନୀ ସ୍ତ୍ରୀର ଡାକ ନାମ—Name for calling Rebā or Rebati.
Rebi

ରେଭ୍ (ଧାତୁ)—ସ—ଧ୍ୱନି କରିବା—
Rebh (root) To utter a sound.

ରେଭଣ—ସଂ. ବି. (ରେଭ୍ ଧାତୁ+ଭାବ. ଅନ)—ଗୋରୁର ଡାକ; ହମ୍ବାରବ—The lowing of kine.
Rebhaṇa

ରେଭରେଣ୍ଡ—ବୈଦେ. ବି. (ଇ. ରେଭରେଣ୍ଡ)—ପାଦ୍ରୀମାନଙ୍କ ନାମ ପୂର୍ବରେ ବ୍ୟବହୃତ ଉପାଧି ମାନ୍ୟ; ପୂଜନୀୟ; ମାନନୀୟ—Reverend.
Rebharend
রেভরেণ্ড
रेवरेण्ड

ରେଭିନ୍ୟୁ(ଞ୍ଜ)—ବୈଦେ. ବି. (ଇଂ. ରେଭେନ୍ୟୁ)—
Rebhiniu(uñ) রেভিন্যু रेमिनुउ Revenue.

ରେଭିନ୍ୟୁଁ ଅଫିସର୍—ବୈଦେ. ବି. (ଇଂ. ରେଭେନ୍ୟୁ ଅଫିସର୍)—
Rebhiniuñ aphisar ରାଜସ୍ୱ ସମ୍ବନ୍ଧୀୟ ବିଷୟର ଭାରପ୍ରାପ୍ତ କର୍ମଚାରୀ
রেভিন্যু অফিসার रेमिनुउ अफिसर Revenue Officer.

ରେଭିନ୍ୟୁଁ ଇନସ୍ପେକ୍ଟର—ବୈଦେ.ବି(ଇଂ. ରେଭେନ୍ୟୁ. ଇନ୍ସପେକ୍ଟର)
Rebhiniu inispektar —ସରକାରଙ୍କ ରାଜସ୍ୱ ବିଭାଗର ତଦାରଖକାରୀ କର୍ମଚାରୀ ବିଶେଷ—
রেভিন্যু ইনসপেক্টার
रेमिनुउ इन्सपेक्टमि Revenue Inspector.
(ରେଭେନ୍ୟୁ ଇନ୍ସପେକ୍ଟର—ଅନ୍ୟରୂପ)

ରେଭିନ୍ୟୁ ଏଜେଣ୍ଟ—ବୈଦେ. ବି. (ଇଂ. ରେଭେନ୍ୟୁ ଏଜେଣ୍ଟ)—
Rebhiniu ejent କେବଳ ରାଜସ୍ୱ ସମ୍ବନ୍ଧୀୟ ଆଇନ ପରୀକ୍ଷାରେ
(ରେଭେନ୍ୟୁ ଏଜେଣ୍ଟ—ଅନ୍ୟରୂପ) ପାଶ କରିଥିବା ମୁକ୍ତିଆର—
রেভিন্যু এজেন্ট Revenue Agent; a mukhtar who
रेमिनुउ एजेण्ट has passed the examination in the Revenue laws.

ରେଭିନ୍ୟୁଁ କମିସନର—ବୈଦେ. ବି (ଇଂ ରେଭେନ୍ୟୁ କମିସନର)—
Rebbiniuñ kamisanar ନବପ୍ରତିଷ୍ଠିତ ଓଡ଼ିଶାପ୍ରଦେଶର
রেভিন্যু কমিসনার रेमिन्यु कमिसन ରାଜସ୍ୱସମ୍ବନ୍ଧୀୟ ସମସ୍ତ ବିଷୟର ଭାରପ୍ରାପ୍ତ ଉଚ୍ଚତମ ରାଜକର୍ମଚାରୀ—The Revenue Commissioner of the newly formed Orissa Province. [ଦ୍ର—ଅନ୍ୟାନ୍ୟ ପ୍ରଦେଶର ରେଭେନ୍ୟୁ ବୋର୍ଡ଼ ଓ ରେଭେନ୍ୟୁ ମେମ୍ବରଙ୍କ କର୍ମ ଓ ଅଧିକାର ଓଡ଼ିଶା ପ୍ରଦେଶରେ ଏହାଙ୍କଦ୍ୱାରା ପରିଚାଳିତ]

ରେଭିନ୍ୟୁ ବୋର୍ଡ(ଡ଼)—ବୈଦେ ବି (ଇଂ. ରେଭେନ୍ୟୁ ବୋର୍ଡ)—
Rebhiniu bord(ṛd) ପ୍ରଦେଶର ରାଜସ୍ୱସମ୍ବନ୍ଧୀୟ ଉଚ୍ଚତମ
(ରେଭେନ୍ୟୁ ବୋର୍ଡ଼ ବା କମିଟି—ଅନ୍ୟରୂପ) ସ୍ଥାୟୀ ସଂଘ)—
রেভিন্যু বোর্ড रेमिन्युबोर्ड Board of Revenue.

ରେଭିନ୍ୟୁ ମେମ୍ବର—ବୈଦେ.ବି (ଇଂ ରେଭେନ୍ୟୁ ମେମ୍ବର)—ପ୍ରଦେଶର
Rebhiniu membar ରାଜସ୍ୱସମ୍ବନ୍ଧୀୟ ବିଷୟରେ ରେଭେନ୍ୟୁ
(ରେଭେନ୍ୟୁ ମେମ୍ବର—ଅନ୍ୟରୂପ) ବୋର୍ଡର ସଭ୍ୟପଦ ମେମ୍ବର—
রেভিন্যু মেম্বর रेमिन्युमेम्बर Revenue Membe

ରେଭିନ୍ୟୁ ସେଲ୍—ବୈଦେ.ବି (ଇଂ. ରେଭେନ୍ୟୁ ସେଲ୍)—ବାକି ରାଜସ୍ୱ
Rebhiniu sel ପାଇଁ ବିକ୍ରିଯିବା ସମ୍ପତ୍ତିର ନିଲାମ—
[ରେଭେନ୍ୟୁସେଲ—ଅନ୍ୟରୂପ] Revenue sale; sale of
রেভিন্যু সেল रेमिन्युसेल a property for arrears revenue.

ରେମୁଣା—ଦେ. ବି (ନାମ)—ବାଲେଶ୍ୱର ସଦରର ପଶ୍ଚିମରେ ୬ ମାଇଲ ଦୂରରେ ଅବସ୍ଥିତ ଗ୍ରାମ ବିଶେଷ—A village 6 miles to the west of Balasore where there is a Deity named Gopinātha. [ଦ୍ର—ଏଠାରେ 'କ୍ଷୀରଚୋରା ଗୋପୀନାଥ' ଠାକୁର ଅଛନ୍ତି । ଉତ୍କୃଷ୍ଟ କଂସା ବାସନପାଇଁ ଏ ଗ୍ରାମ ବିଖ୍ୟାତ । ଏହି ଠାକୁରଙ୍କ ନିକଟରେ ହେଉଥିବା ଦୁଗ୍ଧର କ୍ଷୀର(ପାୟସ) ଭୋଗକୁ ଅନେକ ଲୋକ ପସନ୍ଦ କରନ୍ତି ।]
Remuṇā

ରେୟାତ(ତି)—ବୈଦେ. ବି—ରୀୟତ (ଦେଖ)
Reyāt(ti) Riāt (See)

ରେ ସ୍ୱ—ଦେ. ବ—ଭୁକ୍ତ ସ୍ୱରରେ ଲୋକଙ୍କୁ ଡାକିବା; ଭୁଭୁକାର;
Re rā ଭୁ ତା ରେ ସ୍ୱ—Contemptuous words spo-
তুতা तुता, रेरा (ରେଏରା, ରେଏରାସ—ଅଜ୍ୟୁଷ)
ken to a person.

ରେ ରେ—ଦେ. ଅ.—[ଧ୍ୱନ୍ୟର୍ଥକ]—୧ । ଶତ୍ରୁ ପ୍ରତି ଅବମଣକାରୀ
Re re ସ୍ୱରର ଗର୍ଜନ ଧ୍ୱନି—(Interjection)—Roaring
রে রে रे रे sound of a warrior while attacking
an enemy, ୨ । ସମ୍ବୋଧନ ସୂଚକ ଶବ୍ଦ (ଅନାଦର-
ର୍ଥକ)—2. The double use of the word Re
in addressing a person woth dis-
regard.

ରେରେକାର—ଦେ. ବ—ଶତ୍ରୁ ଅବମଣକାରୀର ଅସ୍ଫାଳନ ଶବ୍ଦ—
Rerekāra The roaring or challenge of a
रेरेकार warrior while attacking an enemy.
[ହି—ବଙ୍ଗାରେ ରେରେକାର ଶୁଭୁଅଛି, ବନ୍ଧିପୋଗ ପ୍ରାସ୍ତେ
রেরেকার ରଢ଼ା ରଢ଼ୁଛି । ଉଞ୍ଜ. ବୈଦେହୀଶବିଳାସ ।]

ରେଲ୍—ବୈଦେ ବ (ଇଂ. ଗ୍ରିଲ୍)—ରିଲ୍ (ଦେଖ)
Rel Ril. (See)
রীল रील
୨ । ରେଲ୍ (ଦେଖ)—2. Rel (See).

ରେଲ୍(ଲ)—ବୈଦେ. ବ—୧ । (ଇଂ. ରେଲ୍) ଲୌହବର୍ତ୍ମ Rail
Rel(la) ଲୌହବର୍ତ୍ମରେ ବାଷ୍ପଚାଳିତ ଗାଡ଼ି; ରେଲଗାଡ଼ି—
রেল 1. Railway train. ୨ । (ଇଂ. ରେଲିଙ୍ଗ୍) ରେଲିଙ୍ଗ୍
रेल (ଦେଖ)—2. Reling. (See) [ଦ୍ର—ଇଂରେଜମାନେ ଏ
রেলিঙ্গ ଦେଶରେ ରେଲ୍ ଖୋଲିବା ସଙ୍ଗେ ସଙ୍ଗେ ଭାରତୀୟ ସବୁ
रेलिङ्ग ଭାଷାରେ ରେଲ୍ ସମ୍ବନ୍ଧୀୟ ଶତ ଶତ ଇଂରେଜି ଶବ୍ଦ
ପ୍ରବେଶ କରି ଭାଷା ବିକୃତ ଓ ଅବିକୃତ ଆକାରରେ
ପ୍ରଚଳିତ ହେଉଅଛି । ସେ ସବୁଗୁଡ଼ିକର ଉଲ୍ଲେଖ ଏଠାରେ
ସମ୍ଭବପର ନୁହେଁ । ତଥାପି କେତେଗୁଡ଼ିଏ ଶବ୍ଦ
ଉଦାହରଣସ୍ୱରୂପ କ୍ରମରେ ଦଆଗଲା; ଯଥା—

ବୁକିଙ୍ଗ୍ (Booking), ବୁକିଙ୍ଗ୍ ଅଫିସ୍ (Booking office); ବୁକିଙ୍ଗ୍ କ୍ଲର୍କ (Booking clerk), ଏଜେଣ୍ଟ୍ (Agent), ଟ୍ରଲି (Trolly), ଗାର୍ଡ଼ (Guard), ଡ୍ରାଇଭର୍ (Driver), ସ୍ଲିପର୍ (Sleeper), କମ୍ପାର୍ଟ-ମେଣ୍ଟ୍ (Compartment), ବ୍ରେକ୍ ଜର୍ନି (Break journey), ରେଷ୍ଟ୍ ହାଉସ (Rest house), ବର୍ଥ୍ (Berth); ଟାରିଫ (Tariff),ଲଗେଜ (Luggage), ଫାଷ୍ଟ୍ କ୍ଲାଶ(First class), ସେକେଣ୍ଡ୍ କ୍ଲାଶ (Second class), ଇଣ୍ଟର କ୍ଲାଶ (Inter class), ଥାର୍ଡ୍ କ୍ଲାଶ (Third class), ପାସେଞ୍ଜର୍ ଟ୍ରେନ୍ (Passenger train), ମେଲ୍ ଟ୍ରେନ୍ (Mail train), ଗୁଡ଼ସ୍ ଟ୍ରେନ (Goods train), ଏକ୍ସ୍‌ପ୍ରେସ୍ (Express), ପାର୍ସେଲ (Parcel), ବ୍ରେକ୍ସ୍‌ମ୍ୟାନ୍ (Brakesman), ଟିକେ(କ)ଟ୍ କଲେକ୍ଟର୍ (Ticket collecter), ଡି. ଟି. ଏସ୍ (D. T. S.) ଡିଷ୍ଟ୍ରିକ୍ଟ ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ District Traffic Superintedent), ଟିକେଟ୍ ଏକ୍ଜାମିନର୍ (Ticket examiner), ଟିକେ(କ)ଟ୍ ଚେକର୍ (Ticket checker), ଟ୍ରାଫିକ୍ ମାନେଜର (Traffic Manager), ଗୁଡ୍ସ ସେଡ୍ (Goods shed), ରିଜର୍ଭ (Reserve), ଫେଲ୍ (Fail), ଲେଟ୍ (Late), ଫାଷ୍ଟ୍ (Fast), କନ୍‌ସେସନ୍ (Concession), ରିଫ୍ରେସ୍‌ମେଣ୍ଟ ରୁମ୍ (Refreshment room), ରେଲ୍‌ୱେ ବୁକ୍‌ଷ୍ଟଲ (Railway book-stall) ସିଗ୍‌ନାଲ୍ (Signal), ବାଲାଷ୍ଟ୍ (Ballast), ଟାଇମ୍ (Time), ଟାଇମ୍ ଟେବୁଲ (Time table), ଆଉଟ୍ (Out), ଲାଇନ୍ (Line), ଲାଇନ୍‌କ୍ଲିଅର୍ (Line clear), ଫୁଲ୍ ଷ୍ଟିମ୍ (Full steam), ଫୋର୍ସ୍ (Force), ହାଫ୍ ଟିକେ(କ)ଟ୍ (Half ticket), ଫୁଲ୍ ଟିକେଟ୍ (Full ticket), ରିଟର୍ଣ୍ଣ ଟିକେ(କ)ଟ୍ (Return ticket),ସିଜନ୍ ଟିକେଟ୍ (Season ticket), ଇନ୍‌ସାଇଟ୍ (In sight), ପ୍ଲାଟ୍‌ଫର୍ମ (Plat form), ପ୍ଲାଟ୍‌ଫର୍ମ୍ ଟିକେ(କ)ଟ୍ (Plat-form ticket), କଣ୍ଡକ୍ଟର୍ (Conductor), ଗେଟ୍ (Gate), ଇସୁ (Issue), ଟ୍ରେନ୍ ଏକ୍ଜାମିନର୍ (Train examiner), ବ୍ରେକ୍ ଭ୍ୟାନ୍ (Brake van),ପଏଣ୍ଟ୍‌ସ୍‌ମ୍ୟାନ୍ (Pointsman), ଗାଙ୍ଗ୍ (Gang), ଡ୍ୟୁଟି (Duty), ପାସ (Pass), ଟ୍ରେନ୍ ଇନ୍‌ସ୍ପେକ୍ଟର୍ (Train Inspector), ଷ୍ଟେସନ୍ ମାଷ୍ଟର (Station Master), ଅସିଷ୍ଟାଣ୍ଟ୍ ଷ୍ଟେସନ ମାଷ୍ଟର୍ (Assistant Station Master), ସିଗ୍‌ନାଲର୍ (Signaller); କୁପେ (Coupe), ଲେଭେଲ୍ କ୍ରସିଙ୍ଗ୍ (Level crossing), ଅଲାର୍ମ୍ ସିଗ୍‌ନାଲ (Alarm signal), ଡିଟେନ୍ (Detain), ବି. ଏନ୍. ଆର୍. (B. N. R), ଇ. ଆଇ. ଆର. (E. I. R), ଇ. ବି. ଏସ୍. ଆର, (E. B. S. R), ଜି. ଆଇ. ପି. ଆର. (G. I. P. R), ରେଲୱେ ଟାଇମ୍ (Railway time), ଡାଇନିଙ୍ଗ୍ କାର୍ (Dining car), ଫ୍ଲାଗ୍ ଷ୍ଟେସନ୍ (Flag Station), ୱେଟିଙ୍ଗ୍ ରୁମ୍ (Wating room), ଫିମେଲ୍ କମ୍ପାର୍ଟମେଣ୍ଟ୍ (Female compartment), ଟେଣ୍ଡର୍ (Tender), ଲୋକୋ (Loco), ଇ[ଏ]ଞ୍ଜିନ୍ (Engine), ଡେଲିଭରି [Delivery], ଟିକେଟ୍ ସେଲ୍ (Ticket sale), ଟିକେ[କ]ଟ ଚେକ୍ (Ticket check), ରେଲୱେ ବ୍ରିଜ୍ [Railway bridge] ପାସେଞ୍ଜର୍ [Passenger], ୱାଗନ୍ [Waggon] ଅପ୍ ଟ୍ରେନ୍ [Up train], ଡାଉନ୍ ଟ୍ରେନ୍ [Down Train].

ଇଂରେଜି ନ ଜାଣିବା ଲୋକେ ଏହି ଶବ୍ଦମାନଙ୍କୁ ବିକୃତ କରି ମଧ୍ୟ ଉଚ୍ଚାରଣ କରନ୍ତି; ଯଥା—

ଷ୍ଟେସନ୍ (Station) ସ୍ଥଳରେ ଟେସନ, ଇଷ୍ଟି[ଷ୍ଟେ]ସନ
ଵ୍ୟାଗନ୍ (Waggon) ବାଗିନ
ସ୍ଲିପର୍ (Sleeper) ସ୍ଲିପଟ
ସିଗନାଲ୍ (Signal) ସିଗଲ
ଟାଇମ୍ (Time) ଟାଇନ[ମ]
ଟିକେଟ୍ (Ticket) ଟିକଟ, ଟିକଟ, ଟିକଟ
ଲାଇନ୍ (Line) ଲାଇନ[ନ]
ଲାଇନ କ୍ଲିଅର୍ (Line clear) ଲାଇନ କ୍ଲିଅର୍
ଏଞ୍ଜିନ୍ (Engine) ଅଞ୍ଜନ, ଅଞ୍ଜନ, ଇଞ୍ଜିନ
ସ୍ପେଶ୍ୟାଲ୍ ଟ୍ରେନ୍ (Special train) ଇସପିସଲ୍ ଗାଡ଼ି
ବ୍ରେକ୍ଭାନ୍ (Brake van) ବରକଭାନ, ବରକ
ବ୍ରେକ୍ସ୍‌ମାନ୍ (Brakesman) ବରକମେନ
ରେଲୱେ ରସିଦ୍ (Railway receipt)—ବିଲ୍ଟି.
Bill of lading ର ଅଶୁଦ୍ଧ ପ୍ରୟୋଗ
ସେକେଣ୍ଡ କ୍ଲାସ (Second class) ସିକନ୍[ନ] କଲାସ
ଇଣ୍ଟର୍‌ମିଡିଏଟ୍ କ୍ଲାସ୍ (Intermediate class]
ଇଣ୍ଟର କଲାସ

ଏଥିରୁ ଅଳ୍ପ କେତୋଟି ଇଂରେଜି ଶବ୍ଦର ଦେଶୀସ୍ୱରୂପ ପ୍ରଚଳିତ ଅଛି, ଯଥା—
ଵାଗନ୍ Waggon ଡବା
ଇଣ୍ଟର୍ କ୍ଲାସ Inter class ଡେଢ଼ା ଗାଡ଼ି
ଗୁଡ୍ସ୍ ସେଡ୍ Goods shed ମାଲଗୋଦାମ
ଗୁଡ୍ସ୍ କ୍ଲର୍କ Goods clerk ମାଲ ବାବୁ
ବୁକିଙ୍ଗ୍ କ୍ଲର୍କ Booking clerk ଟିକଟ ବାବୁ
ଗୁଡ୍ସ୍ ଟ୍ରେନ୍ Goods train ମାଲ ଗାଡ଼ି
ମେଲ୍ ଟ୍ରେନ୍ Mail train ଡାକଗାଡ଼ି
ପାସେଞ୍ଜର୍ ଟ୍ରେନ୍ Passenger train ଯାତ୍ରୀଗାଡ଼ି
ଫିମେଲ୍ କମ୍ପାର୍ଟମେଣ୍ଟ Female compartment
ଜନାନା ଗାଡ଼ି

ରେଲ କମ୍ପାନୀ କେବଳ ୨୪୫ଟି ଶବ୍ଦ ଭାରତୀୟ ଭାଷାରୁ ଗ୍ରହଣ କରିଅଛନ୍ତି । ଯଥା—ଜମାଦାର, ମଜଦୁର, ଖେଟି, ପାଣିପାଣ୍ଡେ ।]

ରେଲ୍(ଲା)—ଦେ. ବି—ଲୋକସମୂହ—
Rel(lā) ଜନତା ରେଲା Collection of men; crowd.

ରେଲ୍(ଲ) ଅ(ଆ)ପି(ଫି)ସ(ସି)—ବୈଦେ. ବି. (ଇଂ. ରେଲ୍‌ୱେ
Rel(la) a(ā)pi(phi)s(si) ଅଫିସ୍.)—ରେଲୱେ କମ୍ପାନୀର
[ରେଲ୍(ଲ) ଅପୁ(ଫୁ)ସି—ଗ୍ରା. ରୂପ] କାର୍ଯ୍ୟାଳୟ—Railway
ରেল অফিস रेल आफिस office.

ରେଲ(ଲ) ଇ(ଏ)ଞ୍ଜିନ(ନି)—ବୈଦେ. ବି. (ଇଂ. ରେଲ୍‌ୱେ
Rel(la)i(e)njin(ni) ଏଞ୍ଜିନ୍)—ଯେଉଁ କଳ ଦ୍ୱାରା ରେଲଗାଡ଼ି
[ରେଲ(ଲ) ଅ(ଇ)ଞ୍ଜିନ—ଅନ୍ୟରୂପ] ଚାଳିତ ହୁଏ—Railway
রেল এঞ্জীন रेल इंजिन engine.

ରେଲ୍(ଲ) ଇଷ୍ଟି(ଷ୍ଟେ)ସନ—ବୈଦେ. ବି (ଇଂ. ରେଲ୍‌ୱେ ଷ୍ଟେସନ୍)
Rel(la) ishti(shte)san ଯାତ୍ରୀ ପ୍ରଭୃତିଙ୍କ ପାଇଁ ରେଲ ଗାଡ଼ି
[ରେଲ୍(ଲ) ଟେ(ଟି)ସନ—ଗ୍ରାମ୍ୟ ରୂପ] ଠିଆ ହେବାର ସ୍ଥାନ—
ষ্টেসন इष्टिसन Railway station.

ରେଲ(ଲ)ଭ(ଓ)ଏ(ୟେ)—ବୈଦେ. ବି. (ଇଂ. ରେଲ୍‌ୱେ)—
Rel(la)u(o)e(ye) ରେଲବାଇ (ଦେଖ)—Relabāi (See)
[ରେଲୱେ—ଅନ୍ୟରୂପ] রেলওয়ে रेलवे

ରେଲ୍(ଲ) କନ୍‌ସେସନ—ବୈଦେ ବି. (ଇଂ. କନ୍‌ସେସନ୍)—
Rel(la) kansesan ନିର୍ଦ୍ଦିଷ୍ଟ ଘଟଣା ବା ପର୍ବ ଉପଲକ୍ଷରେ
রেল কনসেসন ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ରେଲରେ ଭ୍ରମଣ କରିବା ପାଇଁ
रेल कनसेसन ଦେୟ ମାସୁଲ ସମ୍ବନ୍ଧେ ଅଳ୍ପତର ମାସୁଲର ବ୍ୟବସ୍ଥା
Railway concession.

ରେଲ୍(ଲ) କ(କୁ, କୋ)ମ୍ପାନୀ—ବୈଦେ. ବି. (ଇଂ. ରେଲ +
Rel(la) ka(ku, ko)mpānī କମ୍ପାନୀ)—ରେଲୱେ ଉପର
রেল কম্পানী କର ଦେଇ ରେଲରେ ଗାଡ଼ି ଚଳାଉଥିବା ଯୌଥ କାରବାରୀ
रेल कोम्पानी ବ୍ୟବସାୟୀଙ୍କ ଦଳ—Railway company
(ରେଲ୍‌ୱେ କମ୍ପାନୀ—ଅନ୍ୟରୂପ)

ରେଲ(ଲ) କର୍ମଚାରୀ—ଦେ. ବି—ରେଲ୍ କମ୍ପାନୀ ଅଧୀନ କର୍ମ
Rel (la) karmachārī କରୁଥିବା କର୍ମଚାରୀ—Railway
রেল কর্মচারী officer; railway servant.
रेल कर्मचारी

ରେଲ୍(ଲ) ଗାଡ଼ି—ଦେ. ବି—ବାଷ୍ପୀୟଯାନ; ବାଷ୍ପ ଚାଳିତ ଶକଟ—
Rel(la) gārdi Railway train.
রেল গাডি [ଦ୍ର—ରେଲ ଗାଡ଼ି ଅନେକ ପ୍ରକାର । ଯଥା :—
रेल गाडि ଛୋଟ ଗାଡ଼ି—Bogie, ବଡ଼ ଗାଡ଼ି—Carriage, ମେଲ୍ ବା ଡାକ ଗାଡ଼ି—Mail train, ଏକ୍ସପ୍ରେସ୍—Express, ପାସେଞ୍ଜର୍ ବା ଯାତ୍ରୀ ଗାଡ଼ି—Passenger train, ଗୁଡ୍ସ ବା ମାଲ ଗାଡ଼ି—Goods train, ରେଲଗାଡ଼ିର ଅଗର କଳ ଗାଡ଼ି ବା ଏଞ୍ଜିନ୍—Railway engine or tender, ପଛରେ ଗାର୍ଡ଼ ରହିବା ଗାଡ଼ି—Break van, ରେଲ କମ୍ପାନୀର ବଡ଼ କର୍ମଚାରୀ, ରାଜା, ମହାରାଜା, ଲାଟ, ବଡ଼ଲାଟ, ପ୍ରଭୃତିଙ୍କର ଗସ୍ତ କରିବା ପାଇଁ ନିର୍ମିତ ସୁସଜ୍ଜିତ ରେଲ ଡବା—Saloon.]

ରେଲ୍(ଲ)ଘଣ୍ଟା(ଣ୍ଟି)—ଦେ.ବି—ରେଲଗାଡ଼ି ଷ୍ଟେସନକୁ ଆସିବାର ଓ
Rel(la) ghantā(nti) ଷ୍ଟେସନ ଛାଡ଼ିବାର ଭିନ୍ନ ସମୟରେ
রেল ঘন্টা ବଜାଯିବା ଘଣ୍ଟି—Bells sounded at dif-
रेल घण्टा ferent times before and during the time the train comes to the station.
[ଦ୍ର—ଏହି ଘଣ୍ଟାର ଭିନ୍ନ ଭିନ୍ନ ନାମ ଅଛି । ପ୍ରଥମେ ଲାଇନ୍ କ୍ଲିଅର୍ ଘଣ୍ଟା, ତତ୍ପରେ ଆଉଟ୍ ଘଣ୍ଟା ଓ ଶେଷରେ ଇନସାଇଡ୍ ଘଣ୍ଟା । ତତ୍ପରେ ଗାଡ଼ି ଛାଡ଼ିବା ପୂର୍ବର ଘଣ୍ଟା—ଫାଷ୍ଟ ବେଲ୍, ଓ ଛାଡ଼ିବା ସମୟର ଘଣ୍ଟା—ଷ୍ଟାର୍ଟିଂ ବେଲ୍ ।]

ରେଲ୍(ଲ) ଚଳା(ଲେ, ଲା, ଲେ)ଇବା—ଦେ. କ୍ରି—୧ । କୌଣସି ଅଞ୍ଚଳରେ ନୂତନ ରେଲ ପଥ ପକାଇ ସେହି ଅଞ୍ଚଳରେ ରେଲଗାଡ଼ି ଚଳବାର ସୁବିଧା କରିବା—1. To open up a place for railway traffic. ୨ । ରେଲ ଗାଡ଼ିର ଏଞ୍ଜିନ୍‌କୁ ନିୟନ୍ତ୍ରିତ କରି ରେଲ ଗାଡ଼ିକୁ ଗତି ବିଶିଷ୍ଟ କରିବା—2. To drive a railway engine or train (by guiding the engine).
Rel(la) chalā(le, lā, le)ibā
ରେଲ ଚାଲান
रेल चलाना

ରେଲ୍(ଲ) ଛାଡ଼ିବା(ଛାଡ଼ି ଦେବା)—ଦେ. କ୍ରି—ରେଲଗାଡ଼ି କୌଣସି ଷ୍ଟେସନ୍ ଛାଡ଼ି ଅନ୍ୟତ୍ର ଚାଲିଯିବା—A railway leaving or starting from a station.
Rel(la) chhāṛdibā(chhāṛdi debā)
রেল ছাড়া
रेल छोड़ना

ରେଲ୍ (ଲ)ଟାଇନ(ନ,ମ୍, ମି)—ବୈଦେ.ବି. (ଇଂ. ରେଲ୍ ଟାଇମ୍)—୧ । ରେଲ ଆସି ଷ୍ଟେସନରେ ପହଞ୍ଚିବା ପରେ ଯାତ୍ରୀ ଆଦି ବସିବାର ଓ ରେଲ ଷ୍ଟେସନ ଛାଡ଼ି ଅନ୍ୟତ୍ର ଚାଲିଯିବାର ନିର୍ଦ୍ଦିଷ୍ଟ ବେଳା (ଯେଉଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଷ୍ଟେସନରେ ନ ପହଞ୍ଚିଲେ ଯାତ୍ରୀ ରେଲଗାଡ଼ିରେ ବସି ପାରନ୍ତି ନାହିଁ)—1. The scheduled time by which a person may catch the train. ୨ । ରେଲଗାଡ଼ିର ପରିଚାଳନା ପାଇଁ ଗଣାଯିବା ନିର୍ଦ୍ଦିଷ୍ଟ ସମୟ—2. Railway time, as opposed to local time. [ଦ୍ର—ଭିନ୍ନ ଭିନ୍ନ ସ୍ଥାନର ସମୟ ଭିନ୍ନ ଭିନ୍ନ ଥିବାରୁ ରେଲ ଚଳାଇବାରେ ଅସୁବିଧା ହେବ ବୋଲି ରେଲ କମ୍ପାନୀମାନେ ସବୁ ଷ୍ଟେସନରେ ଗୋଟିଏ ସ୍ଥାନର ସମୟ ନିର୍ଦ୍ଦିଷ୍ଟ କରି ଥାଆନ୍ତି । ବେଙ୍ଗଲ ନାଗପୁର ରେଲ କମ୍ପାନୀ ତାଙ୍କ ଅଧୀନ ଷ୍ଟେସନମାନଙ୍କରେ ମାନ୍ଦ୍ରାଜର (standard) ଟାଇମ୍ ନିର୍ଦ୍ଦିଷ୍ଟ କରି ଅଛନ୍ତି । ଅଧୁରା ରାତି ୧୨ଟା ପରେ ବାଜିବା ୧ ଘଣ୍ଟାଠାରୁ ଦିନ ୧୨ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ଓ ଅପରାହ୍ନ ୧ଠାରୁ ରାତି ୧୨ଟା ପର୍ଯ୍ୟନ୍ତ ସମୟକୁ ରେଲର ଗଣନା ଅନୁସାରେ ୧୩ଠାରୁ ୨୪ ଘଣ୍ଟା ଗଣାଯାଏ ।]
Rel(la) ṭāin(ni, m, mi)
রেলের টাইম
रेल टाइम

ରେଲ୍ (ଲ) ଟିକ(କି, କେ)ଟ୍—ବୈଦେ.ବି. (ଇଂ.ରେଲ୍ ଟିକେଟ୍)—ଯାତ୍ରୀମାନେ ରେଲ ଭଡ଼ା ଦେଇ ରେଲ କର୍ମଚାରୀଙ୍କଠାରୁ ଯେଉଁ ଛପା କାଗଜ ଖଣ୍ଡିଏ ପାଆନ୍ତି—Railway ticket.
Rel(la) ṭika(ki, ke)t
রেল টিকেট
रेल टिकट

ରେଲ୍ (ଲ) ଡବା(ବ୍ବା)—ଦେ ବି—ରେଲ ଗାଡ଼ି ମଧ୍ୟରୁ ଖଣ୍ଡିଏ ଗାଡ଼ି—Railway waggon.
Rel(la) ḍabā(bbā)
রেল গাড়ি
रेल डब्बा

ରେଲ୍ (ଲ) ଧରିବା(ପାଇବା)—ଦେ. କ୍ରି—ନିର୍ଦ୍ଦିଷ୍ଟ ବେଳାରେ ଷ୍ଟେସନରେ ପହଞ୍ଚି ରେଲ ଗାଡ଼ିରେ ଚଢ଼ିବାକୁ କ୍ଷମ ହେବା—To catch a train.
Rel(la) dharibā(pāibā)
রেল ধরা, রেল পাওয়া
रेल धरना(पकड़ना)

ରେଲ୍(ଲ)ଧାର—ଦେ. ବି—ରେଲ୍ ଲାଇନ୍ ୧ (ଦେଖ)
Rel(la)dhāra Rel lāin 1 (See)

ରେଲ୍(ଲ)ପଥ—ଦେ· ବି—ରେଲ୍‌ଲାଇନ୍ (ଦେଖ)
Rel(la)patha Rel-lāin (See).
রেল পথ
रेलपथ

ରେଲ୍(ଲ) ପାଇ(ହି)ଆ—ଦେ. ବି (ଇଂ. ରେଲ୍+ସଂ. ପାଦ)—ରେଲ ପୋଲ ଆଦିର ତଳର ଖୁଣ୍ଟ; ଯେଉଁ ଖୁଣ୍ଟ ଉପରେ ରେଲର ଲୁହା ଭଉଁମାନ ପଡ଼ିଥାଏ—Pillars of railway bridges.
Rel(la) pāi(hi)ā
রেলের পীলপে
रेलका पीलपाया
[ରେଲ(ଲ) ପାଦ୍ୟା(ସ୍ୟା)—ଅନ୍ୟରୂପ]

ରେଲ୍(ଲ) ପାସ୍—ବୈଦେ. ବି (ଇଂ. ରେଲୱେ ପାସ୍)—ରେଲଗାଡ଼ିରେ ଭଡ଼ା ନ ଦେଇ କିମ୍ବା ଅଳ୍ପ ଭଡ଼ା ଦେଇ ଚଢ଼ି ବୁଲିବା ପାଇଁ ରେଲ କମ୍ପାନୀ ତାଙ୍କ କର୍ମଚାରୀଙ୍କୁ ଯେଉଁ ଛଡ଼ ଚିଠି ଦେଇ ଥାଆନ୍ତି—Railway pass. [ଦ୍ର—ଏହା ୩ ପ୍ରକାର । ଯଥା—
୧ । ଫ୍ରିପାସ୍ (Free Pass)=ବିନା ଭଡ଼ାରେ ରେଲ ଚଢ଼ିବା ପାଇଁ ଛଡ଼ ।
୨ । ସିଜନ୍ ପାସ୍ (Season Pass)=ନିର୍ଦ୍ଦିଷ୍ଟ କାଳ ଲାଗି ଅଳ୍ପ ଭଡ଼ାରେ ରେଲ ଚଢ଼ି ବୁଲିବା ପାଇଁ ଛଡ଼।
୩ । କନ୍‌ସେସନ୍ ପାସ (Concession Pass)=ବିଶିଷ୍ଟ ଘଟଣା ବା ପର୍ବାଦି ଉପଲକ୍ଷରେ ଯାତ୍ରୀଆଦିଙ୍କୁ କମ ଭଡ଼ାରେ ବା ଏକ ଶ୍ରେଣୀର ଭଡ଼ା ଦେଇ ତା ଉପର ଶ୍ରେଣୀ ରେଲରେ ଯାତାୟାତ କରିବା ପାଇଁ ଦିଆଯିବା ଛଡ଼ ।]
Rel(la) pās
রেলওয়েপাস
रेलवेपास

ରେଲ୍(ଲ) ପା(ପେ, ପ୍ୟା)ସେ(ସ, ସି)ଞ୍ଜର୍—ବୈଦେ. ବି (ଇଂ. ରେଲ୍+ପାସେଞ୍ଜର)—ରେଲଗାଡ଼ିରେ ଚଢ଼ି ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ବ୍ୟକ୍ତି—Railway passenger.
Rel(la) pā(pe, pyā)se(sa, si)ñjar
রেলপাসেঞ্জর, রেলযাত্রী
रेलपैसेंजर
[ରେଲଯାତ୍ରୀ—ଦେଶଜରୂପ]

ରେଲ୍(ଲ) ପୋଇ—ପ୍ରାଦେ (ଗଞ୍ଜାମ) ବି (ଇଂ. ରେଲ+ସଂ. ପଥ)—ଯେଉଁ ଲୁହାର ଲମ୍ବ କଡ଼ି ଉପରେ ରେଲର ଚକ ଚଳେ—Railway line; the iron railings on which the wheels of the railway carriage move.
Rel(la) poi

ରେଲ୍(ଲ) ଫେଲ୍ ହେବା—ଦେ. କ୍ରି (ଇଂ. ରେଲ୍+ଫେଲ୍)—ନିର୍ଦ୍ଦିଷ୍ଟ ସମୟରେ ଷ୍ଟେସନରେ ଉପସ୍ଥିତ ହୋଇ ନ ପାରିବା ଯୋଗୁ ଅଭିପ୍ରେତ ରେଲଗାଡ଼ିରେ ଯାତ୍ରୀ ହୋଇ ନ ପାରିବା—To miss a train
Rel(la) phel hebā
রেল্ ফেল হওয়া
रेल फेल होना

ରେଲ୍(ଲ) ଫେଅ(ୟା)ର୍—ବୈଦେ. ବି (ଇଂ. ରେଲ୍+ଫେଅର୍)—ମନୁଷ୍ୟ ବା ପଦାର୍ଥ ରେଲଗାଡ଼ିରେ
Rel(la) pheā(yā)r

ରେଲ୍(ଲ) ମାସୁଲ୍(ଲ୍) } ଅନ୍ୟରୂପ] ସ୍ଥାନାନ୍ତରକୁ ଯିବାପାଇଁ
ରେଲ୍(ଲ) ମାହା(ଶ)ସୁଲ(ଲ୍) ଦୂରତ୍ବ ଓ ସଂଖ୍ୟା ବା
ରେଲ୍(ଲ)ଭଡ଼ା ଓଜନ ଅନୁସାରେ
রেল মাস্তল (ভাড়া) ଲାଗିବା ଭଡ଼ା—Railway fare;
रेल मासुल फेयार railway freight.

ରେଲ୍(ଲ) ବାଇ—ବୈଦେ. ବ (ଇଂ. ରେଲୱେ)—୧
Rel(la) bāi ରେଲପଥ; ରେଲରାସ୍ତା—1. Railway.
[ରେଲ(ଲ)ୱେ—ଅନ୍ୟରୂପ] ୨ । ରେଲବାଇ କମ୍ପାନୀ (ଦେଖ)
রেলওয়ে रेलवे 2. Relabāi kampāni (See)
[ଦ୍ର—ଏହି ଶବ୍ଦ ସଙ୍ଗେ
ଅଫିସ୍—Office.
ଷ୍ଟେସନ୍—Station.
ଲାଇନ୍—Line.
କମ୍ପାନୀ—Company.
ଟାଇମ୍—Time.
ଟାଇମ ଟେବଲ୍—Timetable.
ବୁକ୍‌ଷ୍ଟଲ୍—Bookstall.
ରିଫ୍ରେସ୍‌ମେଣ୍ଟ ରୁମ୍—Refreshment room.
ୱେଟିଙ୍ଗ୍ ରୁମ୍—Waiting room.
ସ୍ୱିଟ୍‌ମିଟ୍ ଷ୍ଟଲ୍—Sweetmeat stall.
ପ୍ରଭୃତି ଅନେକ ଶବ୍ଦ ମିଶି ଦେଶୀୟ ଭାଷାରେ ବୈଦେଶିକ ଯୁକ୍ତ ଶବ୍ଦମାନ ବ୍ୟବହୃତ ହୋଇଥାଏ ।]

ରେଲ୍(ଲ)ବାଇ କମ୍ପାନୀ—ବୈଦେ. ବ.—(ଇଂ. ରେଲ୍‌ୱେ କମ୍ପାନୀ)
Rel(la)bāi kampāni ରେଲ କମ୍ପାନୀ; ରେଲ ଚଳାଉଥିବା
রেলওয়ে কম্পানী କମ୍ପାନୀ—Railway company.
रेलवे कम्पानी

ରେଲ୍(ଲ)ବାଇ ଟାଇମ୍ ଟେବଲ୍—ବୈଦେ. ବ. [ଇଂ. ରେଲୱେ
Rel(la)bāi ṭāim ṭebal ଟାଇମ୍ ଟେବ୍‌ଲ୍)—ଯେଉଁ
রেলওয়ে টাইম টেবল ପୁସ୍ତକରେ ରେଲ କମ୍ପାନୀ ତାଙ୍କ ଅଧୀନ
रलवे टाईम टेबल ରେଲ ଲାଇନମାନଙ୍କରେ କେଉଁ ଷ୍ଟେସନରେ କେତେବେଳେ କେଉଁ ଗାଡ଼ି ପହଞ୍ଚିବ, କେତେବେଳ ଅପେକ୍ଷା କରିବ, କେତେବେଳେ ଛାଡ଼ିବ, କେତେ ଭଡ଼ା, କେତେ ଦୂରତ୍ୱ, ନିୟମ ଇତ୍ୟାଦି ରେଲ ଯାତ୍ରୀମାନଙ୍କ ଜ୍ଞାତବ୍ୟ ବିଷୟମାନ ପୁସ୍ତକାକାରରେ ପ୍ରକାଶ କରି ସାଧାରଣଙ୍କ ଅବଗତି ନିମିତ୍ତ ଅଳ୍ପମୂଲ୍ୟରେ ବିକି କରନ୍ତି—Railway time table.

ରେଲ[ଲ]ବାଗିନ[ନ]—ବୈଦେ. ବ.—[ଇଂ. ରେଲୱେ ୱାଗନ]—
Rel(la)bāgin(ni) ରେଲ ଗାଡ଼ିର ଖଣ୍ଡିଏ ସ୍ୱତନ୍ତ୍ର ଗାଡ଼ି ବା
রেলওয়াগন रेलडब्बा ଡବା—Rail waggon.
[ରେଲ୍(ଲ) ୱାଗ(ଗି)ନ୍(ନ)—ଅନ୍ୟରୂପ] [ଦ୍ର—କଲୁ ସାଧାରଣ ଏହା ଖଣ୍ଡିଏ ମାଲ ଡବା ବା Goods waggon କୁ ବୁଝାଇ ଥାଏ ।]

ରେଲ[ଲ] ଯୋଗେ—ଦେ. କି. ବିଣ—ରେଲ ଗାଡ଼ି ସାହାଯ୍ୟରେ
Rel(la) jogo [ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା)—
রেলযোগে रलसे[से] By rail.

ରେଲ[ଲ] ଲାଇନ[ନ]—ବୈଦେ. ବ [ଇଂ. ରେଲ୍ + ଲାଇନ୍]—
Rel[la] lāin(ni] ୧ । ରେଲ ବର୍ତ୍ମରେ ଦୁଇ ଧାଡ଼ି ହୋଇ
রেললাইন ପଡ଼ିଥିବା ଲୁହା କଡ଼ି; ଯେଉଁ ଲମ୍ବ ଲୁହା କଡ଼ି ଉପରେ
रेललाइन ରେଲ ଚକ ଗଡ଼ି ଗଡ଼ି ଚଳେ—1. The long strips of iron on which the wheels of a railway train move. ୨ । ରେଲପଥ; ରେଲ ଗାଡ଼ି ଯେଉଁ ଲୌହବର୍ତ୍ମ ଉପର ଦେଇ ଗଲ କରେ—2. Railway line; railway; rail road.

ରେଲା—ଦେ. ବ.—[ସ. ଲୀଳା]—୧ । ଆମୋଦ ପ୍ରମୋଦ—
Relā উৎসব उत्सव 1. Sports; amusement. ୨ । ମଉଚ୍ଛବ—2. Festivity. ୩ । ଉପଦ୍ରବ 3. Trouble; turmoil. ୪ । ଗୋଳମାଳ—4. Ado. ୫ । ରେଲ (ଦେଖ)—5. Rel (See)

ରେଲି—ପ୍ରାଦେ. [ଗଞ୍ଜାମ] ବ.—ଗଞ୍ଜାମ ଅଞ୍ଚଳରେ ବାସ କରୁଥିବା
Reli ଅସ୍ପୃଶ୍ୟ ଜାତି ବିଶେଷ—A caste of untouchables inhabiting Ganjām.

ରେଲିଆଣୀ—ପ୍ରାଦେ. (ଗଞ୍ଜାମ) ବ. ସ୍ତ୍ରୀ—ରେଲି ଜାତୀୟା ସ୍ତ୍ରୀ—
Reliāṇi A woman of the 'reli' caste of
[ରେଲ୍ୟାଣୀ—ଅନ୍ୟରୂପ] Ganjam.

ରେଲି[ଲି]ଙ୍ଗ[ଙ୍ଗି]—ବୈଦେ. ବ.—[ଇଂ. ରେଲିଙ୍ଗ୍]—ଲୁହାର ଲମ୍ବା
Reli[li]ṅg(ṅgi] ଛଡ଼, ଯାହା କି ବାଡ଼ ଆକାରରେ ବନ୍ଧା ଯାଏ—
রেলিঙ্গ रेलि (ରେଲିଂ—ଅଶୁଦ୍ଧରୂପ) Iron railing.
[ଦ୍ର—କାଠ ରେଲିଙ୍ଗ୍ ଘେରା ନଜର ଖାନା ଗାରଦ ଘରର ଗୋଟାଏ କୋଣରେ ବାଡ଼ିକୁ ଅଉଜି ଅଶୀ ବୃଦ୍ଧ ଗୋଟିଏ ଆସାମୀ ବସିଅଛି । ଫକୀରମୋହନ. ଛମାଣ. ଆଠଗୁଣ୍ଠ ।]

ରେଲି ବ୍ର(ବ୍ରା)ଦର୍(ର୍ସ)— ବୈଦେ. ବ.—(ଇଂ. ରାଲି ବ୍ରଦର୍ସ)—
Reli bra[brā]dar(rs) ବିଲାତର ମାଞ୍ଚେଷ୍ଟରରେ ପ୍ରତିଷ୍ଠିତ
[ରେଲି ବ୍ରଦର୍ସ—ଗ୍ରାମ୍ୟରୂପ] ଭାରତବାସୀଙ୍କ ପାଇଁ ଅଭିପ୍ରେତ କଳ-ବସ୍ତ୍ର ବ୍ୟବସାୟୀ କମ୍ପାନୀ—Ralli Brothers; a company of manufacturers and traders of English mill-made cloths for India. [ଦ୍ର—ଏ କମ୍ପାନୀ ଭାରତବର୍ଷ ଆଦି ଦେଶରୁ କପା ଓ ତୁଳା କିଣି ନେଇ ବିଲାତର କଳ କାରଖାନାରେ ଲୁଗା ଆଦି ବୁଣାଇ ପୁଣି ସେହି ଲୁଗାମାନ ବିକ୍ରୀ କରିବା ପାଇଁ ଭାରତକୁ ପଠାଉ ଅଛନ୍ତି ଏବଂ ଏମାନଙ୍କ ସ୍ୱାର୍ଥ ପ୍ରଣୋଦିତ ଅନୁଗ୍ରହରୁ ଭାରତରେ ଘରେ ଘରେ ନାନା ପ୍ରକାରରେ ବିଲାତି ଲୁଗା ଭରିତ ହୋଇ ଯାଉଅଛି ।]

ରେଲ୍ଲି—ପ୍ରାଦେ. (ମାନ୍ଦ୍ରାଜ) ବ.—୧ । (ପୁ) ମାନ୍ଦ୍ରାଜ ପ୍ରଦେଶସ୍ଥ
Relli ତେଲୁ ଜାତୀୟ ଲୋକ ବିଶେଷ—1. The name of a
[ରେଲ୍ଲିଆଣୀ—ସ୍ତ୍ରୀ] caste in Madras. ୨ । ରେଲ୍ଲିଜାତୀୟ

ଲୋକଙ୍କ କଥିତ ଓଡ଼ିଆ ଭାଷା—2. The Oriya spoken by the caste of Relli in Madras.

ରେଶ୍—ବୈଦେ. ବ (ଇଂ. ରେଶ୍)—ବାଜିରଖି ମନୁଷ୍ୟ ଓ ଘୋଡ଼ା ଆଦିଙ୍କର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ଦୂରତ୍ୱ ଅତିକ୍ରମ କର ଦଉଡ଼ିବା କ୍ରୀଡ଼ା—Race; racing for sport. [ଦ୍ର—ଏହି ଶବ୍ଦ ପୂର୍ବେ ହର୍ସ୍ (Horse), ବାଇସିକଲ୍ (Bicycle), ହର୍ଡ଼ଲ୍ (Hurdle), ଫ୍ଲାଟ୍ (Flat) ଆଦି ଇଂରାଜି ଶବ୍ଦ ମିଶିଲେ ନାନାପ୍ରକାରର ଦଉଡ଼କ୍ରୀଡ଼ା ବୁଝାଏ ।] ଦେ. ବ (ସଂ. ଲେଶ)—୧ । ଲେଶ; ସାମାନ୍ୟମାତ୍ର; ଟିକିଏ—1. Very little. ୨ । ଆଭାସ—2. Indication.
Reś
रेस रेस

ରେଶପ(ବ)ତ୍ (ଇତ୍ୟାଦି)—ବୈଦେ. ବ (ଫା. ରଶ୍‌ବତ୍)—ରିଶ୍‌ପତ୍ ଇତ୍ୟାଦି (ଦେଖ)—Riś-pat etc (See)
Reś-pa(ba)t (etc)

ରେଶ୍‌ମାତ୍ର—ଦେ. କ୍ରି. ବଣ ଓ ବଣ—ଲେଶମାତ୍ର; ଟିକିଏ ଖୁବା—Very slightly.
Reś-mātra
লেশমাত্র लेशमात्र

ରେଶ୍‌ଜୁଡିକେଟା—ବୈଦେ.ବ (କଚେରୀ) (ଲାଟିନ ରେସ୍‌ଯୁଡ଼ିକାଟା)—ଥରେ ବିଚାର ଓ ଫଇସଲ ହୋଇଥିବା କୌଣସି ବିଷୟ ପୁନର୍ବାର ମକଦ୍ଦମାରେ ଉତ୍ଥାପିତ ହେଲେ ପୂର୍ବ ନିଷ୍ପତ୍ତି ଅନୁସାରେ ତାହା ଆଉ ଥରେ ଉତ୍ଥାପିତ ହୋଇ ପାରିବ ନାହିଁ ବୋଲି ଯେଉଁ ନିୟମଦ୍ୱାରା ସ୍ଥିର କରାଯାଏ—Res Judicata.
Reś judiketā
রেস্‌জুডিকেটা रेसजुडिकाटा

ରେଶମ—ବୈଦେ. ବ (ଫା)—ପଟ୍ଟ; ପାଟ; ଏକପ୍ରକାର ପୋକର ଗୋଟିରୁ ବାହାରିବା ମସୃଣ ସୂତା—Silk.
Reśama
রেসম रेशम

ରେଶମ ପୋକ—ଦେ. ବ—ପାଟପୋକ; ଯେଉଁ ପୋକର ଗୋଟିରୁ ରେଶମ ସୂତା ବାହାରେ—Silk worm.
Reśama poka
রেসম পোকা रेशमका कीडा

ରେଶମ ଗୋଟି—ଦେ. ବ—ରେଶମ ପୋକର କୋଷ ବା ବସା—Silk cocoon.
Reśama goṭi
(ରେଶମଖୋଷା, ରେଶମକୋଷ—ଅନ୍ୟରୂପ)
রেসমগুটি रेशमकाकोया

ରେଶମ ଲୁଗା—ଦେ. ବ—ରେଶମ ସୂତାରେ ତିଆରି ଲୁଗା—Silk cloth. [ଦ୍ର—ଏହିପରି ରେଶମ ଶାଢ଼ୀ, ରେଶମ ଧୋତି, ରେଶମ ଚଦର ପ୍ରଭୃତି ମଧ୍ୟ ହୁଏ ।]
Reśama lugā
রেসমকাপড रेशमकाकपडा
(ରେଶମ ବସ୍ତ୍ର—ଅନ୍ୟରୂପ)

ରେଶମ ସୂତା—ଦେ. ବ—ରେଶମ ପୋକର ଗୋଟିରୁ ବାହାରିବା ସୂତା—Silk thread or yarn.
Reśama sūtā
রেসমসুতা रेशमसूता

ରେଶମୀ—ବୈଦେ.ବଣ(ଫା)—୧। ରେଶମସୂତ୍ରନିର୍ମିତ; ରେଶମସମ୍ବନ୍ଧୀୟ—1. Silken. ୨ । ରେଶମ ପରି କୋମଳ ଓ ଚକ୍କଣ—2. Silky; soft and smooth.
Reśami রেসমী रेशमी

ରେଶାଲ୍(ଲି) (ଇତ୍ୟାଦି)—ବୈଦେ ବ—ରିଶାଲ୍ ଇତ୍ୟାଦି [ଦେଖ]
Reśāl[li] [etc] Riśāl etc [See]

ରେଶି—ପ୍ରାଦେ [ବାଲେଶ୍ୱର] ବ—ରାଢ଼ିଆ [ଦେଖ]
Reśi Rāṛhiā [See]

ରେଷଣ—ସଂ. ବ [ରିଷ୍ ଧାତୁ=(ଅଶ୍ୱାଦି) ଗର୍ଜନକରିବା+ଭାବ. ଅନ]-୧ । ହ୍ରେଷାରବ—1. Neighing of horses ୨ । ସିଂହରଡ଼ି; ସିଂହଗର୍ଜନ—2. Roar of lion.
Reshaṇa

ରେଷା—ଦେ. ବ [ସଂ. ରୁଷ୍ ଧାତୁ ବା ସଂ. ଈର୍ଷା]—୧ । କ୍ରୋଧ; ରାଗ—1. Anger; rage; enragement. ୨ । [ସଂ. ରେଷ=ହିଂସା] ହିଂସା; ଈର୍ଷା—2. Envy; malice; grudge. ୩ । [ଭୁଲ. ସଂ. ରେଷ=ହାନି, ଷତି] ଲାଞ୍ଚ; ଘୁଷ—3. Bribe. ୪ । ଦସ୍ତୁରି; ଦୋକାନୀଠାରୁ ଖରିଦଦାରଙ୍କ ଚାକର ଆଦି ନେବା କମିସନ୍—4. Commission paid to the servants of a rich client by a tradesman to keep them satisfied.
Reshā
রিষ रिसा
দস্তুরী दस्तुरी

ରେଷା(ଷେ)ଇବା—ଦେ. କ୍ରି.—କ୍ରୁଦ୍ଧ କରାଇବା; ଚିଡ଼ାଇବା—To enrage.
Reshā(she)ibā রাগান রিসানা

ରେଷା କାଟିବା—ଦେ. କ୍ରି.—ଦୋକାନୀଠାରୁ ପଣ୍ୟ ଦ୍ରବ୍ୟ ପାଇଁ ଦଅ ଯିବା ଧନରୁ (ଚାକରଙ୍କ ଚାକର ଆଦି) କିଛି ଦସ୍ତୁରି ବା ଉତ୍କୋଚ ନେବା—(a servant) To take a commission or tip from a tradesman.
Reshā kāṭibā
দস্তুরী লওয়া दस्तुरि लेना
(ରେଷା ମାରିବା—ଅନ୍ୟରୂପ)

ରେଷା ଖାଇବା—ଦେ. କ୍ରି.—ଲାଞ୍ଚ ନେବା; ଉତ୍କୋଚ ଗ୍ରହଣ କରିବା—To take bribe.
Reshā khāibā
ঘুষ খাওয়া घूषखाना (ରେଷାଖିଆ—ଅନ୍ୟରୂପ ବଣ)

ରେଷାରେଷି—ଦେ. ବ.—୧ । ପରସ୍ପର ରଗାରଗି—1. Mutual enragement. ୨ । ପରସ୍ପର ଶତ୍ରୁଭାବ—2. Mutual feeling of enragement; mutual estrangement.
Reshā reshi রেষা রেষি रेषारिषि

ରେଷୋଣି—ଦେ. ବ.—ରୋଷଣି [ଦେଖ]
Reshoṇi Roshaṇi (See)

ରେସବତ (ଇତ୍ୟାଦି)—ବୈଦେ. ବ—ରିଶ୍‌ପତ ଇତ୍ୟାଦି (ଦେଖ)
Resabat (etc) Riś-pat etc (See)
(ରେଷତ—ଅନ୍ୟରୂପ)

ରେସାଲା(ଲି)—ବୈଦେ. ବ—୧ । (ଫା. ରିସାଲ)—ରିସାଲି (ଦେଖ) 1. Risāli (See) ୨ । (ଫା.) ତୁର୍କି ସୱାର୍—2. Turkish rider.
Resālā(li)

ରେସାଲ୍[ଲ]ଦାର୍—ବୈଦେ. ବ—ରିସାଲଦାର (ଦେଖ)
Resāl[lā]dār Risāldār (See)

ରେସଟେସନ୍—ବୈଦେ. ବ.—(ଇଂ. ରେସିଟେସନ୍); ଆବୃତ୍ତି—Recitation.
Resiṭesan রেসিটেসন रेसिटेसन

ରେସିଡ(ଡେ,ଡା)ଣ୍ଟ—ବୈଦେ. ବ.—(ଇଂ. ରେସିଡେଣ୍ଟ)—ମିତ୍ର ରାଜାଙ୍କ ସଭାରେ ସମ୍ରାଟଙ୍କ ପକ୍ଷରୁ
Resi ḍa(de,ḍa)ṇṭa

ରେସିଡ଼େଂଟ ପ୍ରତିନିଧି ରୂପେ ନିଯୁକ୍ତ ରାଜ କର୍ମଚାରୀ —A Resident
रेसिडंट in the court of a Feudatory Chief, representing the paramount power. [ଉ—ରେସିଡେଣ୍ଟଃ ପ୍ରେସିଡେଣ୍ଟ ସୁପ୍ରିଡେଣ୍ଟ୍ ସ୍ତୁଥୈବଚ, ଏଜେଣ୍ଟାଡେଣ୍ଟାଃ ସମାଯୁକ୍ତାଃ ରାଜ୍ୟନାଶହେତବଃ । କୌତୁକ ଶ୍ଳୋକଃ ।] [ଦ୍—ସ୍ୱାଧୀନ ଓ ମିତ୍ର ରାଜ୍ୟ (ଯଥା—କାଶ୍ମୀର, କାବୁଲ୍)ମାନଙ୍କ ରାଜ ଦରବାରରେ ନିଯୁକ୍ତ ଇଂରାଜ କର୍ମଚାରୀଙ୍କ ନାମ ରେସିଡେଣ୍ଟ୍ Resident ଓ କରଦ ମିତ୍ର ରାଜସଭାରେ ନିଯୁକ୍ତ ଇଂରେଜ କର୍ମଚାରୀଙ୍କ ନାମ ପୋଲିଟିକାଲ୍ ଏଜେଣ୍ଟ Political Agent
[ଉ—ଉତ୍କଳ ରାଜାମାନଙ୍କ ସଙ୍ଗେ ସରକାରଙ୍କର ଏହି ରେସିଡେଣ୍ଟମାନଙ୍କ ଜରିଆରେ ପତ୍ରାଦିର ଆଦାନ ପ୍ରଦାନ ହୁଏ ।

ରେସିଡେନ୍ସ—ବୈଦେ. ବି. (ଇଂ. ରେସିଡେନ୍ସ)—ରେସିଡେଣ୍ଟଙ୍କ
Residensi ଆବାସସ୍ଥାନ ବା କାର୍ଯ୍ୟାଳୟ—Residency.
রেসিডেনসি रेसिडेन्सी

ରେସ୍ପ(ସ୍ପା)ଣ୍ଡେ(ଡ, ଡେ, ଦ, ଦେ)ଣ୍ଟ୍—ବୈଦେ. ବି. (କଟରଥ)
Respa(spā)ṇḍe(ḍa, ḍe, da, de)ṇṭ (ଇଂ. ରେସ୍ପଣ୍ଡେଣ୍ଟ୍)—
[ଅପିଲ(ଲା)ଣ୍ଟ୍, ଅପି (ପେ)ଲ(ଲା)ଣ୍ଟ୍—ବିପରୀତ] ରସ୍ପାଦଣ୍ଟ (ଦେଖ)
Raspādaṇṭa (See)

ରେହ(ହା)—ଦେ. ବି. (ସଂ. ରେଖା)—୧ । ରେଖା; ଗାର—
Reha(hā) 1. Line. ୨ । ରେଖା ଚିହ୍ନ; ଲମ୍ବା ଚିହ୍ନ—
রেখা रेखा 2. Long mark; lineal mark.

ରେହଣ(ନ) (ଇତ୍ୟାଦି)—ବୈଦେ. ବି (କଟରଥ) (ଫା. ରେହନ୍)—
Rehaṇa(na) (etc) ରହଣ ଇତ୍ୟାଦି (ଦେଖ)
রহণ रेहन Rahaṇa etc. (See)

ରେହାଇ (ଇତ୍ୟାଦି)—ବୈଦେ. ବି—ରିହାଇ ଇତ୍ୟାଦି (ଦେଖ)
Rehāi (etc) Rihāi etc. (See)
[ରେହାଇତ୍(ଦ), ରେହାତ୍(ଦ)—ଅନ୍ୟରୂପ]

ରେହେଁଟି—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ରହଁଟା)—ଅରଟ—
Rehĕṇṭi Spinning wheel.
(ରେହେଣ୍ଟି—ଅନ୍ୟରୂପ)

ରୈ—ସଂ. ବି (ରା ଧାତୁ=ଦାନ କରିବା+କର୍ମ. ଐ)—୧। ରବ; ଶବ୍ଦ—
Rai 1. Sound; noise. ୨ । ଧନ—2. Wealth; riches; property. ୩ । ସ୍ୱର୍ଣ୍ଣ—3. Gold. ଦେ. ବି (ସଂ. ରେଖା)—ରଇ (ଦେଖ)—Rai (See)

ରୈଖିକ—ସଂ. ବିଣ (ରେଖା+ସମ୍ବନ୍ଧାର୍ଥେ. ଇକ)—ରେଖା ସମ୍ବନ୍ଧୀୟ—
Raikhika Relating to line; linear; lineal.

ରୈତ (ଇତ୍ୟାଦି)—ବୈଦେ. ବି. (ଫା. ରୈୟତ୍)—ରଇତ ଇତ୍ୟାଦି
Raita (etc) (ଦେଖ)—Raita etc. (See)

ରୈତ୍ୟ—ସଂ. ବିଣ. (ରୀତ=ପିତ୍ତଳ+ଯ)—୧ । ପିତ୍ତଳ ନିର୍ମିତ—
Raitya 1. Made of brass. ୨ । ରୀତିରୁ ବା ପ୍ରଥାରୁ (ରୈତ୍ୟା—ସ୍ତ୍ରୀ) ଉତ୍ପନ୍ନ—2. Customary; arising from long established usage.

ରୈବତ—ସଂ. ବି (ରେବତୀ+ଅ)—୧ । ବିନ୍ଧ୍ୟ ପର୍ବତର ପଶ୍ଚିମ ଦିଗରେ
Raibata ଥିବା ପର୍ବତବିଶେଷ—1. Name of a mountain to the west of the Bindhya range of hills. ୨ । ଦୈତ୍ୟ ବିଶେଷ—2. Name of a mythological demon. ୩ । ଶିବ; ମହାଦେବ—3. God Śiba. ୪ । ଚତୁର୍ଦ୍ଦଶ ମନୁଙ୍କ ମଧ୍ୟରୁ ପଞ୍ଚମ ମନୁ—4. The fifth of the 14 progenitors of the creation. [ଉ—ପଞ୍ଚମେ ତାମସ ସୋଦର, ରୈବତ ନାମେ ମନୁବର । ଜଗନ୍ନାଥ. ଭାଗବତ ।] ୫ । ରୈବତକ୨ (ଦେଖ)—5. Raibatake 2. (See).

ରୈବତକ—ସଂ. ବି—୧ । ରୈବତ ୧ (ଦେଖ)—1. Raibata 1
Raibataka (See) ୨ । (ବୈଦ୍ୟକ) ପାରେବତ; ପିଜୁଳି
পিআরা, পেয়ারা (ଗଛ ଓ ଫଳ)-2. Guava; Ficus Carica
फिदुड, पेयारा (tree and fruit]. [ଦ୍-ଏଥିର ଫଳ ରୁଚିକର ଏବଂ
ଅନ୍ୟ ସଂ. ନାମ—ପାରେବତ, ପାରେବତକ, ରୈବତ, ଅରେବତ, ଅରେବତକ, ମଧୁଫଳ, ଅମୃତ ଫଳ । ଏଥିର କଷାୟରସ ଯୁକ୍ତ ପତ୍ରରେ ଦାନ୍ତ ଘଷିଲେ ରୋଗୀର ମୁହଁରୁ ଦୁର୍ଗନ୍ଧ ଛାଡ଼ିଯାଏ । ଏହାର ଛାଲ ଆଦିରେ କ୍ୱାଥ ହୋଇ ଔଷଧରେ ଲାଗେ । ଏହାର ପତ୍ରକୁ ପୋଡ଼ି ଅଫିମ ସଙ୍ଗେ ବିଡ଼ି ଗୁଲି ବା ମଦତ୍ ତିଆର କରନ୍ତି ।
ଅସାମ ଦେଶରେ ମହାକାଲ ଫଳ ପରି ଗୋଲାକାର ବଡ଼ ବଡ଼ ପିଜୁଳିକୁ 'ବୈରାଟ' କହନ୍ତି । ଏହାହିଁ ପାରେବତ ଫଳ । ଏହି ଫଳ ଦୁଇ ପ୍ରକାର । ଯଥା—(୧) ମହାପାରେବତ=ମିଠା ଓ ସ୍ୱର୍ଣ୍ଣପାରେବତ=ସାମାନ୍ୟ ଖଟାମିଶା ମିଠା ।]

ରୈବତିକ—ସଂ. ବି. ପୁଂ (ରେବତୀ+ଅପତ୍ୟାର୍ଥେ. ଇକ)-ରେବତୀପୁତ୍ର—
Raibatika The son of Rebatī.

ରୈରୈ—ଦେ. ବି (ଧ୍ୱନ୍ୟର୍ଥକ)—ରେରେକାର (ଦେଖ)
Rairai Rerekāra. (See)
রৈরৈ रैरै

ରୈଲ—ପ୍ରାଦେ (ଗଞ୍ଜାମ) ବୈଦେ. ବି. (ଇଂ. ରେଲ୍)—ରେଲ୍ (ଦେଖ)
Raila Rel. (See)

ରୋ—ଗ୍ରା. ଅ - ଲୋ (ଦେଖ)—Lo. (See) [ଉ—ମତେ ନାଆଁ ଟିକିଏ ଦେଇ ନାଆଁ ରୋ !]
Ro
লো ओ

ରୋଇ—ଦେ. ବି—୧ । ରୋହି (ଦେଖ)—1. Rohi. (See)
Roi ୨ । ରଇ (ଦେଖ)—2. Rai. (See)

ରୋଇ(ଏ)ଦାତ୍[ଦ୍]—ବୈଦେ. ବି [ଫା. ରୁଇଦାଦ୍]—ରୁଇଦାତ୍
Roi(e)dāt[d] [ଦେଖ]—Ruidāt. (See)
রোএদাদ रूइदाद

ରୋଇ ପିତ(ତ୍ତ)—ଦେ. ବି (ସଂ. ରୋହୂତ+ପିତ୍ତ)—ରୋହି ପିତ [ଦେଖ] Roi pita(tta) Rohi pita. (See)

ରୋଇବା—ଦେ. କି [ସଂ. ରୁହ୍ ଧାତୁ, ଣିଜନ୍ତ. ରୋପି. ଧାତୁ)— Roibā ୧ । ଷେଚଗ୍ରେଚ ଚଲା ଗଛକୁ ଭୂମିରେ ରୋପଣ କରିବା— ରোআ 1. To plant seedlings. [ଯଥା—ତୋଟା ମଧ୍ୟରୁ **रोपना** ପୁଥଃ୪ ଆଣି ବଳେ ରୋଇଛନ୍ତି । ଫକୀରମୋହନ. ଛମାଣ [ରୁଅଇବା—ଣିଜନ୍ତରୂପ] ଅଠଗୁଣ ।] ୨ । ଶାରଦ ଧାନଗଛର ଚଲକୁ କ୍ଷେତରେ ରୋଇବା—2. To transplant paddy-seedlings in a field for the winter-paddy. রোআন ୩ । ରୁଅଇବା; ଅନ୍ୟଦ୍ୱାରା ରୋପଣ କ୍ରିୟା **रोपवाना** କରାଇବା—3. To cause to be transplanted by another.

ରୌଁାଦ୍(ଦ)—ଦେ. ବ—ରୋନ୍ଦ୍ [ଦେଖ] Rond[da] Rond. [See]

ରୋକ୍—ଦେ. ବ.—(ସଂ. ରୋଧ)—୧ । ନିଷେଧ କରିବା— Rok রোক **रोक** 1. Forbidding; prohibiting. ୨ । ରୋଧ; ଅଟକ; ବାଧା ଦେବା—2. Restraint; obstruction; stoppage. ୩ । ଗତିରେ ବାଧା ଦେବା—3. Restraining a person or animal from moving. ୪ । ଜାତିରୁ ଅଟକ; ସମାଜଚ୍ୟୁତି—4. Excommunication from society or caste; ostracism. ୫ । କୌଣସି କାର୍ଯ୍ୟକୁ କିଛିକାଳ ପାଇଁ ବନ୍ଦ କରିବା—5. Temporary stoppage of any work. ୬ । (ସଂ. ରୋକ = ନଗଦ କିଣାବିକା) ନଗଦ ଦାମରେ କିଣି ଗଣିବ ଅର୍ଥ କାରବାର—6. Cash transaction.

ରୋକ୍ କରିବା—ଦେ. କି—୧ । ଅଟକ କରିବା; ବାଧା ଦେବା— Rok karibā 1. To restrain. ୨ । ନିଷେଧ କରିବା— রোক করা 2. To prohibit or forbid. ୩ । **रोकना** ରୋକିବା (ଦେଖ)—3. Rokibā (See) ୪ । ସମାଜରୁ ଅଟକ କରିବା—4. To ostracise a person.

ରୋକ୍ ଠୋ(ଥୋ)କ୍—ଦେ. କି. ବଣ (ସଂ. ରୋକ=ନଗଦ ଟଙ୍କା Rok ṭho(tho)k ଦେଇ ବସ୍ତୁକ୍ରୟ+ଧ୍ୱନ୍ୟନୁକାରୀ ସହଚର- থোক, নগদ, রোক ଠୋକ୍)—୧ । ନଗଦାନଗଦ; ଠଣାଠଣ; **थोक** ନଗଦ ଦାମ୍ ଆଦାନପ୍ରଦାନପୂର୍ବକ; ବସ୍ତୁବଦସ୍ତୁ; ହାତେହାତେ (ଟଙ୍କା ଦେବା)—1. In cash; in ready money. ୨ । କୌଣସି କାର୍ଯ୍ୟ ସଙ୍ଗେସଙ୍ଗେ তৎক্ষণাৎ ବା ତତ୍‌କ୍ଷଣାତ୍ ମୀମାଂସା କରିବା ପ୍ରକାରେ; ଠୋଠୋ; **साथेसाथ, फौरन** ଠକ୍ଠାକ୍; ଠକାଠକ୍; ଝଟାପଟ— 2. Readily; promptly (doing a thing); immediately. [ଯଥା—ଶରଦ ଦ୍ରବ୍ୟର ଦାମ ରୋକ୍‌ଠୋକ୍ ଦେଇଦେବା ।] ବଣ—୧ । ନଗଦ

नगद ଦିଆଯିବା (ଧନ)—1. (amount) Paid in **नकद** cash. [ଯ—ଯାବେ ଝରବ ଦେଇଛରେ କହିଲେ— नगद ମୋର ଦୁଇ କନ୍ୟା ସକାଶେ ରୋକ୍‌ଠୋକ୍ ଦୁଇ ହଜାର **तुरन्त** ଯାଉଛି—ଫକୀରମୋହନ ଗଳ୍ପସ୍ୱଳ୍ପ ।] ୨ । ସଙ୍ଗେ ସଙ୍ଗେ ମୀମାଂସିତ ବା କୃତ (କର୍ମ)—2. (act) Decided or done immediately; promptly or readily done. [ଯଥା—ମୋ କଥାର ରୋକ୍‌ଠୋକ୍ ଜବାବ ଦିଅ ।]

ରୋକ୍‌ଠୋକ୍ ଛିଣ୍ଡା(ଣ୍ଡେ, ଣ୍ଡା, ଣ୍ଡେ)ଇ ଦେବା—ଦେ. କି—୧ । Rokṭhok chhirdā(rde, ndā, nde)i debā କୌଣସି सङ्गे सङ्गे निष्पत्ति करा ବିଷୟକୁ ସଙ୍ଗେ ସଙ୍ଗେ ମୀମାଂସା **साथेसाथ फैसला करना** କରିବା—1. To settle a matter promptly or on the spot. ୨ । କୌଣସି ପ୍ରାପ୍ୟକୁ ନଗଦ ଦେଇଦେବା—2. To pay up any due promptly or in cash.

ରୋକ୍‌ଠୋକ୍ ଜବାବ ଦେବା—ଦେ. କି—୧ । କୌଣସି ପ୍ରଶ୍ନର ଉତ୍ତର Rok-ṭhok jabāba debā ସଙ୍ଗେ ସଙ୍ଗେ ଦେବା—1. [ରୋକ୍‌ଠୋକ୍ ବତା(ତେ)ଇବା—ଅନୁରୂପ] To give a মুখেমুখে জবাব দেওয়া prompt or ready reply. **साथेसाथ(मुहँतोड)जवाब देना** ୨ । ଅପ୍ରିୟ ସତ୍ୟ ହେଲେହେଁ କୌଣସି କଥାକୁ ନିର୍ଭୟରେ ମୁହେଁ ମୁହେଁ କହିଦେବା— 2. To tell an unpleasant truth to one's face.

ରୋକ୍ ଶ(ଶୁ, ଶୋ)କ(ତ୍ତ, ଦ୍, ଧ୍)—ବୈଦେ. ବ (ଫା. ରୁଖ୍‌ସତ୍; ଭୁଲ. Rok śa(śu, śo)k(t, d, dh) ସଂ.ରୋକ=ନଗଦ+ଶୋଧ)— রোকশোধ, রোক সৎ(দ) ୧ । କୌଣସି ବିଷୟର ଶେଷ ମୀମାଂସା **खसत** 1. Final decision of a matter. ୨ । ଦେଣାର ବା ଋଣର ହିସାବ ପରିଶୋଧ—2. Complete discharge or liquidation of a a due or debt. ୩ । ହିସାବର ଶେଷ ବୁଝାଶୁଝା —3. Final settlement of account. ୪ । ନଗଦ ଦେଣନେଣଦ୍ୱାରା ବ୍ୟବସାୟ- 4. Cash transaction. ୫ । ବିବାଦର ଶେଷ ମୀମାଂସା— 5. Final settlement of a dispute. ୬ । ବିବାଦର ବା ମକଦମାର ଅପୋଷିରେ ମୀମାଂସା—6. A compromise or amicable settlement of a কিস্তী case or dispute. ୭ । (ଫା.ରୋକ୍.ସଂ.ରୋକ=ନୌକା)— **रोक** ନ୍ୟାସୂବଳ ବା ସତରଞ୍ଚ ଖେଳରେ 'ନୌକା' ଚଳିତ ফা. রোক্ ଗୋଟ—7. The castle or 'rook' bits in ইং. রুক্ the game at chess. ବୈଦେ. ବ (ଫା. রোকসৎ ରୁଖ୍‌ସତ୍]—୧ । ଶେଷ ବିଦାୟଗ୍ରହଣ—1. **रुखसत** Final parting between two persons; final taking of leave. ୨ । କର୍ମଚ୍ୟୁତି; କର୍ମ-

ସ୍ୱୀକୃତ୍ୟ—2. Discharge from a post; dismissal; dispensing with one's services ୩ । ଅବସର; ଛୁଟି—3. Leave from service. ୪ । ଦାୟିତ୍ୱରୁ ନିସ୍ତାର—4. Exemption or release from a responsibility. ୫ । ବିଦାୟ ହେବାପାଇଁ ଅନୁମତି—5. Permission to take leave.

ରୋକ୍ଶ(ଶୁ,ଶୋ)କ୍(ତ୍,ଦ୍,ଧ୍) କରିବା—ଦେ. କ୍ରି.—୧ । ମୀମାଂସା Rok sa(su,so)k(t,d,dh) kariba କରିବା—1. To রোকশত করা **रूखसत देना** finally settle a matter. ୨ । ନିସ୍ତାର ଦେବା—2. To grant release. ୩ । ଯିବାକୁ ଅନୁମତି ଦେବା—3. To permit a person to depart. ୪ । କୌଣସି ଦାୟିତ୍ୱରୁ ଛାଡ଼ି ଦେବା—4. To exempt a person from any responsibility. ୫ । (ଋଣ ବା ଦେଣା ବା ପ୍ରାପ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ, ଯଥା, ମୁଁ ଅମୁକର ଦେଣାକୁ ରୋକ୍ଶତ୍ କରି ଦେଲିଣି)—ଦେଣାକୁ କରାକୁ ପରିଶୋଧ କରିବା—5. To clear off or liquidate a debt or liability. [ଦ୍ର—ଏହାପରି ପାଇବା, ହେବା,ଦେବା, ନେବା, ମିଳିବା ଆଦି କ୍ରିୟା ସଙ୍ଗେ 'ରୋକ୍ଶତ୍' ଶବ୍ଦ ଯୁକ୍ତ ହୋଇ ବିଭିନ୍ନାର୍ଥ ପ୍ରକାଶ କରିଥାଏ ।]

ରୋକ୍ଶ(ଶୁ,ଶୋ)ତ(ଦ)—ବିଦେ. ବି.—(ଫା. ରୁଖ୍ସତ୍; ଭୁଲ ସଂ. Rok sa(su,so)ti(di) ରୋକ)—୧ । ଶେଷ ମୀମାଂସା ବା ନିଷ୍ପତ୍ତି রোকসোত **रूखसत** —1. Final settlement or disposal ୨ । ନିସ୍ତାର—2. Exemption. ୩ । ବିଦାୟ—3. Farewell.

ରୋକ—ସଂ. ବି.—(ରୁଚ ଧାତୁ=ଦୀପ୍ତି ପାଇବା+ଭାବ. ଅ)—୧ । Roka ଦୀପ୍ତି; ପ୍ରଭା—1. Lustre. ୨ । (+ଅର୍ଥ. କ)ବିବର; ଗର୍ତ୍ତ—2. Cave; hole. ୩ । ଛିଦ୍ର—3. Aperture. ୪ । ପାପ—4. Sin. ୫ । ନଗଦ ଟଙ୍କା ଦେଇ ଦ୍ରବ୍ୟ କ୍ରୟ; ନଗଦ ଖରିଦ—5. Cash purchase; cash transaction; purchase of a thing on cash payment. ୬ । (ରୁ ଧାତୁ =ଗମନ କରିବା+କର୍ତ୍ତୃ. କ; ଭୁଲ ଫା. ରୋକ୍) ନୌକା রোক **रोकना** —6. A boat. ଦେ. ବି.—(ସଂ. ରୋଧ)— ରୋକ୍ [ଦେଖ]—Rok (See)

ରୋକଟ—ଦେ. ବି—ମୃଦଙ୍ଗ ଆଦି ବାଦ୍ୟର ତାଳମାନଜ୍ଞାପକ ବାକ୍ୟପୁଞ୍ଜ— Rokata The key or set formula to the musiবোল **बोल** cal tunes of Mrudanga drum uttered by the mouth. [ଯଥା—'ତାଧିନ ତାଧିନ୍ ତାଧିନ୍ ଧିନା; ତାଧିମ୍ ତାଧିମ୍ ଧିମ୍ ଧିମ୍ ତା ।]

ରୋକଟ ଡାକିବା—ଦେ. କ୍ରି.—ମୃଦଙ୍ଗର ତାଳମାନଜ୍ଞାପକ ବାକ୍ୟମାନ Rokata dakiba ମୁଖରେ ଉଚ୍ଚାରଣ କରିବା—To repeat বোলবলা the set formula to the musical tune of **बोल बोलना** the Mrudanga.

ରୋକଟ ପକା(କେ)ଇବା—ଦେ. କ୍ରି.—ରୋକଟ ମୁତାବକ ମୃଦଙ୍ଗ Rokata paka(ke)iba ବଜାଇବା—To play on the বোল বাজান Mrudanga drum according to the **बोलबजाना** set formula.

ରୋକଡ଼—ଦେ. ବି—(ସଂ. ରୋକ=ନଗଦ ବିକି)—୧ । ବ୍ୟବସାୟରେ Rokarda ଖଟା ଯାଇଥିବା ନଗଦ ଟଙ୍କା—1. Cash money invested in a business. ୨ । ଜମା ଥିବା ଧନ; ସଞ୍ଚିତଧନ—2. Hoard; treasure. ୩ । ନଗଦ ଧନ —3. Cash. ୪ । ଆୟରୁ ବ୍ୟୟ ବାଦ୍ ଯାଇ ହାତରେ ଥିବା ଉଦ୍‌ବୃତ୍ତ ଧନ—4. The cash in hand; the cash balance.

୫ । ବ୍ୟବସାୟରେ ଦୈନିକ ସମସ୍ତ ଆୟବ୍ୟୟ ଲେଖା ହେବା ବହି; ଜମାଖରଚ ବହି; ରୋକଡ଼ ବହି— 5. Account book of all daily receipts and expenses of a business. ୬ । କାସ୍ ବହି; ନଗଦ ବିକ୍ରି, ନଗଦ ଖରିଦ ଓ ନଗଦ ମିଳିବା ଟଙ୍କାର ହିସାବ ଯେଉଁ ବହିରେ ଲେଖାଯାଏ—6. Account book of cash transactions of a business; cash book; ledger.

ରୋକଡ଼ କାଟିବା—ଦେ. କ୍ରି—ପ୍ରତିଦିନର ଜମାରୁ ଖରଚ କାଟି Rokarda katiba ଉଦ୍‌ବୃତ୍ତ ତହବିଲକୁ 'କୈଫିୟତ୍' [ରୋକଡ଼ ଗଡ଼ା(ଢ଼)ଇବା—ଅନ୍ୟରୂପ] ସ୍ତମ୍ଭରେ ଜମାଖରଚର রোকড়কাটা **रोकडकाटना** ଶେଷରେ ଲେଖିବା—. To strike out the daily cash balance [ଦ୍ର—ଏକ ଦିନର ରୋକଡ଼ରେ ଗଡ଼ା ହୋଇଥିବା ରୋକଡ଼ବାକିକୁ ପର ଦିନର ଜମାଘରେ ପ୍ରଥମେ ଲେଖିବାକୁ ହୁଏ ।]

ରୋକଡ଼ କ୍ଲୋଜ୍ କରିବା—ଦେ. କ୍ରି (ରୋକଡ଼+ଇଂ. କ୍ଲୋଜ୍)— Rokarda kloj kariba ରୋକଡ଼ ବହିରେ ଦୈନିକ ସମସ୍ତ (ରୋକଡ଼ ବନ୍ଦକରିବା—ଅନ୍ୟରୂପ) ଆୟବ୍ୟୟର ହିସାବ রোকডবন্দকরা **रोकडबन्दकरना** ଲେଖି ସାରି ତାହାକୁ ମୋଟ କରି ସମସ୍ତ ଆୟରୁ ସମସ୍ତ ବ୍ୟୟ ବାଦ୍ ଦେଇ ତହବିଲବାକି ଲେଖିବା ଦ୍ୱାରା ରୋକଡ଼ର ଏକ ଦିନର ଯାବତୀୟ କାର୍ଯ୍ୟ ଶେଷ କରିବା—To close the ledger for a day i. e. to finish the day's work regarding the entries in a cash book. [ଦ୍ର—ଏକ ଦିନର ରୋକଡ଼ର ଜମା ଖରଚ ଓ ରୋକଡ଼ କାଟିବା କାମ ଶେଷ ନ ହେଲେ ଉପର ଦିନକୁ ତହବିଲ ବାକି ଉଠାଇ ନିଆଯାଇ ପାରେ ନାହିଁ ଏବଂ ଏକ ଦିନର ରୋକଡ଼ କ୍ଲୋଜ୍ (close)ହୋଇ ସାରିବା ପରେ,ସେ ଦିନ ରୋକଡ଼ରେ ଅନ୍ୟ କୌଣସି ଆୟ ବ୍ୟୟ ଚଢ଼ା ଯାଇ ପାରେ ନାହିଁ । ଏଥିପାଇଁ ରୋକଡ଼ କ୍ଲୋଜ୍ ହେବା ପରେ ଅଫିସ୍ର ହିସାବ ଓ ଆୟବ୍ୟୟ କାମ ସେଦିନପାଇଁ ଶେଷ ହେଲା ବୋଲି ବୁଝିବାକୁ ହେବ ।]

ରୋକଡ଼ ଚଢ଼ା(ଢ଼େ)ଇବା—ଦେ. କ୍ରି—ରୋକଡ଼ ବହିରେ ଜମା ଖରଚ ଲେଖିବା—
Rokarda chardha(rdhe)ibā
রেকডলেখা, রোকডপুরণকরা **रोकड़चढाना** To enter
(ରୋକଡ଼ ପୂରଣ କରିବା—ଅନ୍ୟରୂପ) accounts in the cash book.

ରୋକଡ଼ ଜମାଖରଚ—ଦେ. ବି—୧ । ଯେଉଁ ବହିରେ ପ୍ରତିଦିନର ସମୁଦାୟ ନଗଦ ଆୟ ଓ ନଗଦ ବ୍ୟୟ ମୋଟ କରାଯାଇ ଆୟରୁ ବ୍ୟୟ ବାଦ୍ ଦିଆଯାଇ ଉଦ୍‌ବୃତ୍ତ ଧନର ପରିମାଣ ବା ତହବିଲବାକି ଉଲ୍ଲେଖ ହୁଏ—
Rokarda jamākharacha
রোকডজমাখরচ **रोकडजमाखर्च**
1. An account book in which daily receipts and daily expenses are totalled up and the cash balance is struck; ledger.
୨ । ରୋକଡ଼ରେ ଲେଖାଥିବା ଜମା ଖରଚ ହିସାବ—
2. Entries in a ledger.
[ଦ୍ର—ରୋକଡ଼ ବହିରେ ଜମା ଖରଚ ଲେଖିବାର ଗୋଟିଏ ସ୍ଥୂଳ ଉଦାହରଣ । ଯଥା—

୨୧।୮।୩୭

ଜମା		ଖରଚ	
ଗତ ଦିନର ତହବିଲ ବାକି	ଟ ୫୯	ବଣିଆକୁ ମୁଦି ତିଆରି କରିବା ପାଇଁ ଦିଆଯିବା	ଟ ୪୯
ରାମ ସାହୁଠାରୁ ଖଜଣା ଅସୁଲ	ଟ ୩୯	ରୁପା ଖରିଦ ୨ ଭରି	ଟ ୧୨/
ଫଳ ବିକିରୁ ମିଳିବା	ଟ ୪୯	ଜଳଖିଆ ଖରଚ	ଟ୦ ।୵
ଲୁଗା ବିକିରୁ ମିଳିବା	ଟ ୨୯	ପିଲାଙ୍କ ପଢ଼ା ବହି	
ପୁତ୍ରରୁ ମନିଅର୍ଡର ଆସିବା	ଟ ୬୯	ଖରିଦ	ଟ ୪୯
ଏ ୧ ଦିନକୁ ଜମା	ଟ ୧୫୯	ଏ ୧ ଦିନକୁ ଖରଚ	ଟ ୧୦୯
ଗତ ଦିନର ତହବିଲ ବାକି	ଟ ୫୯		
ଏ ମୋଟ ଜମା	ଟ ୨୦୯		

କୈଫିୟତ—
ଜମା ଟ ୨୦୯ ରୁ
ଖରଚ ଟ ୧୦୯ ଯାଇ
ବାକି ତହବିଲ ଟ ୧୦୯
[ଦ—ଏ ଦଶ ଟଙ୍କା ଉକ୍ତ ତାରିଖର ରୋକଡ଼ବାକି ଅଟେ ।]

ରୋକଡ଼ ବହି(ଇ)—ଦେ. ବି—ରୋକଡ଼ ଜମା ଖରଚ ଅଙ୍କ ଯେଉଁ ବହିରେ ଲେଖାଯାଏ—Daily cash book.
Rokarda bahi(i)
রোকডবই **रोकड़वही**

ରୋକଡ଼ ବାକି—ଦେ. ବି—ରୋକଡ଼ରେ ଲେଖା ଥିବା ଦୈନିକ ଜମାଖରଚ ମୋଟ କରାଯାଇ ଶେଷରେ 'କୈଫିୟତ୍' ଲେଖାଯାଇ ଉଦ୍‌ବୃତ୍ତସ୍ୱରୂପ ଗଢ଼ା ଯାଇ ଥିବା ତହବିଲ—Daily cash balance struck at the foot of a cash book.
Rokarda bāki
রোকডবাকি **रोकडबाकी**

ରୋକସ(ସୋ)ତ—ବୈଦେ. ବି (ଅ. ରୁଖସତ)—ବିଦାୟ; ମେଲାଣି—
Rokasa(so)t Bidding good bye; farewell
রোকসোধ [ଉ—ଅତିଥି ମାନଙ୍କୁ ରୋକସୋତ ଦେଲେ ।
रुखसत ଫକୀରମୋହନ. । ଛମାଣ ଅଠଗୁଣ୍ଠ ।] ବୈଦେ. ବିଣ—ବିଦାୟ ପ୍ରାପ୍ତ—Departed; permitted to go.

ରୋକସ(ସୋ)ତି—ବୈଦେ. (ବ ଅ. ରୁଖସତ୍) —୧ । ବିଦାକି—1.
Rokasa(so)ti Tips presents made at the time of
রোকশোধ bidding good bye. [ଉ—ବାଇଜିଙ୍କ ରୋକସତି ଶହେ
रुखसत ଟଙ୍କା ଓ ବାଇଜିଙ୍କ ସାଙ୍ଗ ଲୋକ ଓ ଦୋସ୍ତମାନଙ୍କ ଖାଦାପିଆ ସକାଶେ ଏକଶ ଟଙ୍କା ବନ୍ଦୋବସ୍ତ ହେବ । ଫକୀରମୋହନ. ଛମାଣ ଅଠଗୁଣ୍ଠ ।] ୨। ରୋକ୍‌ସତି (ଦେଖ)-2. Racsati (see)

ରୋକା—ବୈଦେ. ବି (ଫା. ରୋକ୍କା; ତୁଳ. ସଂ. ରୋକ=ନଗଦ ଟଙ୍କାରେ ବସ୍ତୁ କ୍ରୟ)—୧ । ନଗଦ ଟଙ୍କା ଋଣ କରିବା ଖାତକ ମହାଜନଙ୍କୁ ଲେଖିଦେବା ଦଲିଲ; ହେଣ୍ଡ୍‌ନୋଟ୍; ଗୋଟା—1. Handnote; promissory note; hundi. ୨ । ପତ୍ରବାହକକୁ ଟଙ୍କା ଦେବା ପାଇଁ କରିବା ଚିଠି; ହୁଣ୍ଡୀ—2. A letter directing payment of cash to the bearer. ୩ । ଟଙ୍କା ପାଇବା ବ୍ୟକ୍ତି ଟଙ୍କା ଦେବା ବ୍ୟକ୍ତିକୁ ଯେଉଁ ରସିଦ ଦିଏ—
Rokā
রোকা
हुण्डी
3. Receipt; written acknowledgement of receipt of money. ଦେ. ବି—୧ । (ସଂ. ରୋଧ)
রোকা[খা]
रोकना ରୋକିବା; ଅଟକାଇବା; ବାଧା ଦେବା—1. Obstructing; restraining. ଦେ. ବିଣ (ସଂ. ରୋଧ)—
রোখা[কা]
रोकाहुआ ଅଟକା ଯାଇଥିବା; ରୋକା ହୋଇଥିବା—Restrained: obstructed.

ରୋକା[କେ]ଇବା—ଦେ. କ୍ରି—ରୋକିବା କ୍ରିୟାର ଣିଜନ୍ତ ରୂପ—
Rokā[ke]ibā To cause to obstruct
রোকা(খা)ন **रोकवाना**

ରୋକା ରୋକି—ଦେ. ବି—ରୋକିବା କ୍ରିୟାମାନ—
Rokā roki Acts of restraining.
রোকারোকি **रोकटोक**

ରୋକିବା—ଦେ. କ୍ରି (ଫା. ରୋକ୍; ସଂ.ରୋଧ, ରୁଧ ଧାତୁ)—୧ । ଗତି ରୋଧ କରିବା; ଗତି ବନ୍ଦ କରିବା—1. To restrain one's motion; to check. [ଉ—ଗାଡ଼ିକୁ ରୋକିବା, ଘୋଡ଼ାକୁ ରୋକିବା ।] ୨ । ବାଧା ଦେବା; ଅଟକାଇବା—2. To obstruct. ୩ । ନିୟନ୍ତ୍ରିତ କରିବା—3. To control; to keep in check. ୪ । ସ୍ଥଗିତ କରିବା—4. To stop. ୫ । ଜାତିରୁ ଅଟକ କରିବା—5. To excommunicate; to boycott. ୬ । ମନା କରିବା; ନିଷେଧ କରିବା—6. To prohibit; dissuade. ୭ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିର ସ୍ୱାଧୀନ ଗତିବିଧିକୁ ନିୟନ୍ତ୍ରିତ ବା ସଂଯତ କରିବା—7. To control one's free dealings. [ଯଥା—ସେ ତାଙ୍କୁ ସଭଦ୍ୱାର ସବୁ ରୋକି ଦେଲେ ।]
Rokibā
রোকা
रोकना
ପ୍ରାଦେ. (ଖଣ୍ଡଅଳ) କ୍ରି—ଢାଳି ଦେବା—To pour out

ରୋଖା—ଦେ. ବଣ. (ସଂ. ରୂକ୍ଷ)—ରୁଖା (ଦେଖ)
Rokhā — Rukhā. (See)

ରୋଖା ଶୋଖା—ଦେ. ବଣ (ସହଚର) (ସଂ. ରୂକ୍ଷ+ଶୁଷ୍କ)—ରୁଖାଶୁଖା
Rokhā śokhā (ଦେଖ)—Rukhā śukhā. (See)

ରୋଗ—ସଂ. ବି (ରୁଜ୍. ଧାତୁ=ପୀଡ଼ିତ ହେବା+ଭାବ. ଅ]—
Roga ୧ । ଆମୟ; ବ୍ୟାଧି; ପୀଡ଼ା—1. Sickness.
୨ । ବେମାର; ସ୍ୱାସ୍ଥ୍ୟହାନି—2. Illness; loss of health; disease. [ଦ୍ର—ଏହା ଜୀବ ତଥା ବୃକ୍ଷାଦିଙ୍କୁ ଆକ୍ରମଣ କରେ ।

[ରୋଗ—ରୋଗର ଅର୍ଥ ବ୍ୟାଧି । କଥା ଅଛି, ଶରୀରଂ ବ୍ୟାଧି-ମନ୍ଦିରଂ ଅର୍ଥାତ୍ ଶରୀର ମଧ୍ୟରେ ନାନା ରୋଗର ବାସ । କେତେବେଳେ କେଉଁ ରୋଗ ବାହାରି ଶରୀରକୁ ଆକ୍ରମଣ କରେ ତାହା କେହି ଜାଣି ପାରେ ନାହିଁ । ରୋଗବିହୀନ ଅବସ୍ଥାକୁ ଆରୋଗ୍ୟ କହନ୍ତି । ଆରୋଗ୍ୟ ଅବସ୍ଥାକୁ ସୁସ୍ଥାବସ୍ଥା କହନ୍ତି ଏବଂ ଲୋକର ସୁସ୍ଥ ଅବସ୍ଥାକୁ ସ୍ୱାସ୍ଥ୍ୟ ବୋଲାଯାଏ । ଆଜୀବନ ସୁସ୍ଥ ରହିବା ମାନବର ମହାପୁଣ୍ୟର ଫଳ । ଆଜୀବନ ସୁସ୍ଥ ରହିବା ମନୁଷ୍ୟ ବିରଳ । ରୋଗର ନିରାକରଣ ପାଇଁ ଆୟୁର୍ବେଦ ଶାସ୍ତ୍ରର ସୃଷ୍ଟି । ପ୍ରାଚୀନ ଯୋଗୀ ଋଷିମାନେ ସେମାନଙ୍କ ତ୍ରିକାଳଦର୍ଶିତା, ଜ୍ଞାନ ଓ ବିଜ୍ଞାନ ବଳରେ ଆୟୁର୍ବେଦ ଶାସ୍ତ୍ର ପ୍ରଣୟନ କରିଥିଲେ; ରୋଗର ନିଦାନ, ରୋଗର ଉପଶମ, ରୋଗର ନିରାକରଣ ପାଇଁ ବହୁତ ଶାସ୍ତ୍ର ପ୍ରଣୟନ କରିଥିଲେ । ଆୟୁର୍ବେଦ ବେଦର ଉପବେଦ । ରୋଗ ହେବାର କାରଣ କଅଣ ? ଏ ଶରୀର ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ରରେ ପୂର୍ଣ୍ଣ । ଖାଦ୍ୟପେୟ ଦ୍ୱାରା ଏ ଶରୀର ପରିବର୍ଦ୍ଧିତ ଓ ପରିପୁଷ୍ଟ ହୁଏ । ଜଳ ପବନ ଦ୍ୱାରା ଶରୀର ରକ୍ଷିତ ହୁଏ । ଭାଗବତରେ ଅଛି, ଜଳ ପବନ ଲାଗି ଦେହ, ଆଉ ଅଧିକ ଥିଲେ କହ । ବାୟୁ, ପିତ୍ତ, କଫ ଏ ଶରୀରର ପ୍ରଧାନ ଧାତୁ । ଏମାନେ ସାମ୍ୟ ଅବସ୍ଥାରେ ଥିବା ପର୍ଯ୍ୟନ୍ତ ମାନବ ସୁସ୍ଥ ଥାଏ । ଏମାନଙ୍କର ବିକୃତି ହେଲେ ମାନବ ଅସୁସ୍ଥ ହୁଏ । ଏହା ସାଧାରଣ କଥା । ରୋଗ ବଡ଼ ଯନ୍ତ୍ରଣାଦାୟକ । ରୋଗଯନ୍ତ୍ରଣାରେ ଲୋକ ସମୟ ସମୟରେ ଆତ୍ମହତ୍ୟା କରି ପକାଏ । ରାଜା ହେଉ ପ୍ରଜା ହେଉ, ଧନୀ ହେଉ ଦରିଦ୍ର ହେଉ, ରୋଗ ଯନ୍ତ୍ରଣା ସମସ୍ତଙ୍କୁ ସମାନ ଭାବରେ କଲବଲ, ଛଟପଟ କରି ପକାଏ । ସ୍ୱାସ୍ଥ୍ୟ ମାନବର ଅମୂଲ୍ୟ ଧନ । ଯାହାର ସ୍ୱାସ୍ଥ୍ୟ ଅଛି ସେ ଦେବଦୁର୍ଲ୍ଲଭ ସୁଖ ଭୋଗ କରେ । ମାତ୍ର ରୋଗୀ ପକ୍ଷରେ ସବୁ ତୁଚ୍ଛ । ତ୍ରିତଳ ପ୍ରାସାଦ ଉପରେ ତୂଳତଳ୍ପ ଉପରେ ଶୋଇ ରୋଗୀ କିଛି ସୁଖ ଭୋଗ କରେ ନାହିଁ । ଅଜସ୍ର ଧନ ଅଛି, ଖାଦ୍ୟ ସାମଗ୍ରୀ ଅଛି, ମାତ୍ର ଉଦରାମୟ ରୋଗ ହେତୁ ଯେ ଖାଇ ନ ପାରେ, ତାର ଧନରେ କିଛି ସୁଖ ନାହିଁ । ଯେ ଆଜନ୍ମ ରୋଗ ଯନ୍ତ୍ରଣା ଭୋଗି ନାହିଁ, ସେ ମର୍ତ୍ତ୍ୟରେ ସ୍ୱର୍ଗସୁଖ ଲାଭ କରେ । ରୋଗ ଅନ୍ୟ କିଛି ନୁହେ—ଏହା ଜନ୍ମକୃତ କର୍ମର ଫଳ । କୌଣସି] କୌଣସି ରୋଗ ଇହଜନ୍ମକୃତ କର୍ମର ଫଳ, କୌଣସି କୌଣସି ରୋଗ ପୂର୍ବଜନ୍ମକୃତ କର୍ମର ଫଳ । ଏ ଶରୀରଯନ୍ତ୍ର କେତେଗୁଡ଼ିଏ ନିୟମ ଦ୍ୱାରା ପରିଚାଳିତ । ସେହି ନିୟମର ବ୍ୟତିକ୍ରମ କଲେ ପାପ ହୁଏ । ନିୟମାନୁମୋଦିତ କର୍ମ କଲେ ପୁଣ୍ୟ ହୁଏ । ରୋଗ ପାପ କାର୍ଯ୍ୟର ଫଳ । ପାପ ମଧ୍ୟରେ ପୁଣି ତାରତମ୍ୟ ଅଛି—କ୍ଷୁଦ୍ର ପାପ, ଉତ୍କଟ ପାପ, ଅତ୍ୟୁତ୍କଟ ପାପ । ପାପର ପରିମାଣ ଅନୁସାରେ ରୋଗର ତାରତମ୍ୟ ହୁଏ । ସାମାନ୍ୟ ପାପରୁ ସାମାନ୍ୟ ରୋଗ ହୁଏ, ଉତ୍କଟ ପାପରୁ ଉତ୍କଟ ରୋଗ ଜନ୍ମେ ଏବଂ ଅତ୍ୟୁତ୍କଟ ପାପରୁ ଅତ୍ୟୁତ୍କଟ ରୋଗ ଜନ୍ମେ । ଖାଦ୍ୟ, ପେୟ ଓ ବାୟୁ ଦୋଷରୁ ଯେଉଁ ରୋଗ ଜନ୍ମେ, ତାକୁ ସାମାନ୍ୟ କୁହାଯାଇ ପାରେ ଏବଂ ସେ ରୋଗମାନ ଔଷଧ ପ୍ରୟୋଗରେ ଭଲ ହୋଇ ପାରେ । ମାତ୍ର ଯେଉଁ ରୋଗମାନ ଗ୍ରହଜ ବା କର୍ମଜ, ସେଗୁଡ଼ିକ ଭୋଗ ଶେଷରେ ଭଲ ହୁଏ । ନିଦାନ ରୋଗ ଦୁଃସାଧ୍ୟ । ସେଗୁଡ଼ିକ ଔଷଧ ମାନନ୍ତି ନାହିଁ । ସେଗୁଡ଼ିକ ନିୟତିର ମୂର୍ତ୍ତିମନ୍ତ ପ୍ରତିନିଧି । ସେ ରୋଗ ରୋଗୀକି ଇହଲୋକରୁ ନେଇ କରି ଯାଏ । ଆମ ଦେଶରେ କର୍ମବିପାକ ଶାସ୍ତ୍ର ଅଛି । କେଉଁ କର୍ମ କଲେ କି ରୋଗ ହୁଏ ଏବଂ କି ଉପାୟରେ ସେ ରୋଗର ଶାନ୍ତି ହୁଏ ସେ ବିଷୟମାନ ସେଥିରେ ଲିଖିତ ଅଛି ।

ରୋଗର ଉପଶମ ପାଇଁ ନାନା ପ୍ରକାର ଉପାୟ ଋଷିମାନେ ଉଦ୍ଭାବନ କରି ଯାଇଛନ୍ତି । ଶଲ୍ୟ ଚିକିତ୍ସା ବା ଅସ୍ତ୍ର ଚିକିତ୍ସା ଏବଂ ଔଷଧ ପ୍ରୟୋଗ । ଔଷଧ ପ୍ରୟୋଗ ମଧ୍ୟରେ ମଣି, ମନ୍ତ୍ର, ମହୌଷଧି । ମନ୍ତ୍ର ଚିକିତ୍ସା ଉଡ଼ୀଶ, ଡାମ୍ବର ପ୍ରଭୃତି ତନ୍ତ୍ର ଶାସ୍ତ୍ରରେ ଅଛି । ସକଳ ପ୍ରକାର ରୋଗ ପାଇଁ ମନ୍ତ୍ର ଚିକିତ୍ସା ଅଛି । କେବଳ ମନ୍ତ୍ର ପାଠ କରି ଝାଡ଼ି ଦେଲେ ବା ଫୁଙ୍କି ଦେଲେ ରୋଗ ଯିବ; ମଣି ଧାରଣ ଦ୍ୱାରା ମଧ୍ୟ ରୋଗର ଉପଶମ ହୁଏ । ଚିକିତ୍ସା ମଧ୍ୟରେ ପୁଣି ରସାୟନ ଚିକିତ୍ସା ଓ ବିଷାୟନ ଚିକିତ୍ସା । ବିଷ ଚିକିତ୍ସା ବିଶେଷ ଫଳପ୍ରଦ, ମାତ୍ର ବିଶାରଦ ବୈଦ୍ୟ ନ ହେଲେ ସେ ଚିକିତ୍ସା କରି ପାରନ୍ତି ନାହିଁ । ଶୋଧିତ ବିଷ ଅମୃତ ସମାନ ଫଳ ଦିଏ, ମାତ୍ର ଶୋଧନରେ ତ୍ରୁଟି ହେଲେ ବିଷମୟ ଫଳ ଫଳେ । ସର୍ପ ବିଷ ମଧ୍ୟ ଶୋଧିତ ହୋଇ ଔଷଧରେ ପ୍ରୟୋଗ କରାଯାଏ । ଶଲ୍ୟ ଚିକିତ୍ସା ପୂର୍ବରୁ ଭାରତରେ ଅଛି, ମାତ୍ର ତାହା ଆଜିକାଲି ପ୍ରାୟ ଲୋପ ପାଇଛି । ସେହି ଅସ୍ତ୍ର ଚିକିତ୍ସା ଆଜି ପାଶ୍ଚାତ୍ୟ ଦେଶରେ ବିମୋଳିତ ପଥରେ ଅଗ୍ରସର ହୋଇ ଜଗତକୁ ଚମତ୍କୃତ କରୁଅଛି । ହିନ୍ଦୁ ସକଳ ଶାସ୍ତ୍ରରେ ଚୂଡ଼ାନ୍ତ ଉନ୍ନତି ଲାଭ କରିଥିଲା । ଜଡ଼ବିଜ୍ଞାନ ଓ ଅଧ୍ୟାତ୍ମ ବିଜ୍ଞାନ ଉଭୟ ଦିଗରେ ଭାରତ ଉନ୍ନତିର ଶେଷ କୋଠରେ ଉପନୀତ ହୋଇଥିଲା । ଜ୍ୟୋତିଷ, ଭୂଗୋଳ, ଯୋଗ ପ୍ରଭୃତି ସକଳ ବିଦ୍ୟାରେ ଭାରତ ଜଗତର ଗୁରୁ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ୍ଭ ଭାଗ୍ୟ ବିପର୍ଯ୍ୟୟରୁ ଭାରତ ଆଜି ଅବନତିର ନିମ୍ନତମ ପ୍ରଦେଶରେ ଅବସ୍ଥିତ । ଆଜି ଭାରତ ସବୁଠାରେ ଲାଞ୍ଛିତ, ପଦଦଳିତ । ଭାରତୀୟ ତ୍ରିକାଳଦର୍ଶୀ ଯୋଗୀ ଋଷିମାନେ ଔଷଧ ବଳରେ ଶତ ଶତ, ସହସ୍ର ସହସ୍ର ବର୍ଷ ବଞ୍ଚିବାର ଉପାୟ

ସ୍ଥିର କରିଥିଲେ । ଏହିସବୁ ଔଷଧର ନାମ କଲୁ । ଚରକ ମହର୍ଷି ପ୍ରଣୀତ ଚରକ ସଂହିତା ପାଠ କଲେ ପାଠକମାନେ ଏ ସବୁ କଥା ଜାଣି ପାରିବେ । ଚ୍ୟବନ ମହର୍ଷି ଚ୍ୟବନପ୍ରାଶ ଔଷଧ ଦ୍ୱାରା ବୃଦ୍ଧଙ୍କୁ ଯୌବନ ଦାନ କରିଥିଲେ । ଚରକ ମହର୍ଷି ତାଙ୍କ ପୁସ୍ତକରେ କେବଳ ବନୌଷଧି ଦ୍ୱାରା ରୋଗ ଆରୋଗ୍ୟ କରିବାର ବ୍ୟବସ୍ଥା କରିଛନ୍ତି । ତାଙ୍କ ପୁସ୍ତକରେ ଔଷଧ ଅପେକ୍ଷା ଲୋକ କି ଉପାୟ ଅବଲମ୍ବନ କରି ଜୀବନ-ଯାତ୍ରା ନିର୍ବାହ କଲେ ଏବଂ କି କି ନିୟମ ପାଳନ କରି ଚଳିଲେ ଆଜୀବନ ନିରୋଗରେ କାଳ ଯାପନ କରି ପାରିବ, ସେହି ବ୍ୟବସ୍ଥା ପ୍ରତି ସବିଶେଷ ମନୋଯୋଗ ପ୍ରଦତ୍ତ ହୋଇ-ଅଛି । ଚରକ ବୈଦ୍ୟମାନଙ୍କ ବିଷୟ କହିବାକୁ ଯାଇ କହିଅଛନ୍ତି ଯେ, ଯେଉଁ ବୈଦ୍ୟ ଅର୍ଥ ନେଇ ଔଷଧ ଦିଏ ତାଠାରୁ ପ୍ରାଣାନ୍ତେ ସୁଦ୍ଧା ଔଷଧ ଖାଇବ ନାହିଁ । ସେ ଏପରି କାହିଁକି କହିଥିଲେ ? ମାନବ ଜୀବନ ବଡ଼ ଅମୂଲ୍ୟ ବସ୍ତୁ । ଧର୍ମଭାବରେ ମାନବ ଜୀବନ ସଙ୍ଗେ ବ୍ୟବହାର କରିବା କର୍ତ୍ତବ୍ୟ । ଯେଉଁଠି ଜୀବନ ମରଣ ସମ୍ପର୍କ ଅଛି ସେଠି ଧର୍ମଭାବ ଏକମାତ୍ର ରକ୍ଷକ । ଅର୍ଥଲାଳସାରେ ଚିକିତ୍ସା କଲେ ଚିକିତ୍ସକଙ୍କ ମନରେ ଲୋଭ ଓ ନାନା କୁପ୍ରବୃତ୍ତି ଆସି ବାସ କରେ; ଧନ-ଲାଭ ଏକମାତ୍ର ଲକ୍ଷ୍ୟ ହୁଏ । ରୋଗୀର ଜୀବନ ଯାଉ ବା ରହୁ, ଧନ ଲାଭ ହେଲେ ହେଲା । ନୀରୋଗ ହେବା ପାଇଁ ଚରକ ମହର୍ଷିଙ୍କ ନିୟମାବଳୀ ବଡ଼ ଅମୂଲ୍ୟ ନିୟମ । ପ୍ରତ୍ୟେକ ଲୋକ ତାକୁ ମାନି ଚଳିଲେ ଆଉ ରୋଗ ହେବାର ସେତେ ଆଶଙ୍କା ରହିବ ନାହିଁ । ସେ ସବୁ ନିୟମ ପ୍ରତ୍ୟେକ ଲୋକଙ୍କ ଜାଣିବା ଆବଶ୍ୟକ । ଦୃଷ୍ଟାନ୍ତସ୍ୱରୂପ କେତେ ଗୋଟି ନିମ୍ନରେ ପ୍ରଦତ୍ତ ହେଲା । ପାଠକମାନେ ଚରକ ସଂହିତା ପାଠ କଲେ ବିଶଦ ଭାବରେ ଏହା ଜାଣି ପାରିବେ ।

୧ । ମଳ, ମୂତ୍ର, ଶୁକ୍ର, ଅଧୋବାୟୁ, ବାନ୍ତି, ହାଇକୁଟି, ଛିଙ୍କ, ହାଇ, କ୍ଷୁଧା, ପିପାସା, ଅଶ୍ରୁ, ନିଦ୍ରା ଓ ନିଶ୍ୱାସର ବେଗ ଧାରଣ କରିବ ନାହିଁ । ଯେତେବେଳେ ଏ ସବୁ କାର୍ଯ୍ୟର ଉପକ୍ରମ ହେବ ସେତେବେଳେ ଅନ୍ୟ କାର୍ଯ୍ୟ ଛାଡ଼ି ଏ ସବୁ କାର୍ଯ୍ୟ ଆଗେ କରିବ । ଆଦୌ କାଳ ବିଳମ୍ବ କରିବ ନାହିଁ । ଅନ୍ୟଥା କଲେ ନାନା ପ୍ରକାର ରୋଗ ଆକ୍ରମଣ କରିବ ।

୨ । ପାପାଶ୍ରୟୀ, ପାପାଳାପୀ, ପାପମନା, ମିଥ୍ୟାବାଦୀ, କଳହପ୍ରିୟ, ଲୋଭୀ, ନିନ୍ଦୁ, ଉପହାସୀ, ପରିଶ୍ରମକାତର, ଶଠ, ପରନିନ୍ଦାକାରୀ, ପରଦାରଗାମୀ, ନିର୍ଦ୍ଦୟ, ଅଧର୍ମୀ, ଲୋକମାନଙ୍କ ସଙ୍ଗ ତ୍ୟାଗ କରିବ ।

୩ । ବୁଦ୍ଧିମାନ୍, ବିଦ୍ୱାନ୍, ବୟୋଜ୍ୟେଷ୍ଠ, ସୁଶୀଳ, ଧୀର, ଶାନ୍ତ, ଭକ୍ତ, ଲୋକଚରିତଜ୍ଞ, ସୁସ୍ଥମନା, ମଧୁରଭାଷୀ, ସଦାଶୟୀ, ସନ୍ମାର୍ଗ ପ୍ରଦର୍ଶକ, ପୁଣ୍ୟାତ୍ମା ଲୋକମାନଙ୍କ ସଙ୍ଗ ବାଞ୍ଛନୀୟ ।

୪ । ରାତ୍ରିରେ ଦଧି ଭୋଜନ କରିବ ନାହିଁ । ଘିଅ ଗୁଡ଼ ନ ମିଶାଇ କିମ୍ବା ମୁଗ ଯୂଷ ବା ଅଁଳା ଯୂଷ କିମ୍ବା ମହୁ ନ ମିଶାଇ ଦଧି ଭୋଜନ କରିବ ନାହିଁ ।

୫ । ଯେଉଁ କାରଣରୁ କାହାର ଉନ୍ନତି ହୋଇଅଛି, ସେ କାରଣ ପ୍ରତି ଈର୍ଷା କରିବ, କିନ୍ତୁ ସେ କାରଣର ଫଳ ପ୍ରତି ଈର୍ଷା କରିବ ନାହିଁ । ସ୍ୱାସ୍ଥ୍ୟୋନ୍ନତି ଲାଗି ଯତ୍ନ, ପରିଶ୍ରମ ଓ ଉଦ୍‌ଯୋଗ କରିବ ।

୬ । ସମୟ ବୁଝି ହିତକର ଅଥଚ ମଧୁର ଓ ପରିମିତ ବାକ୍ୟ କହିବ ।

୭ । ମୂର୍ଦ୍ଧା, କର୍ଣ୍ଣ, ନାସା ଓ ପାଦରେ ପ୍ରତିଦିନ ତୈଳ ମାଲିସ କରିବ ।

୮ । ଅତିଥିଙ୍କୁ ପୂଜା କରିବ । ପିତୃମାନଙ୍କୁ ପିଣ୍ଡ ଦାନ କରିବ ।

୯ । ଅନ୍ନ ଓ ଖାଦ୍ୟ ସାମଗ୍ରୀ ବଢ଼ା ହେଲେ ତାକୁ ମନ୍ଦ ବୋଲି ଭାବିବ ନାହିଁ ।

୧୦ । ଦଧି, ମଧୁ, ଲବଣ, ଶକ୍ତୁ ଓ ଘୃତ ଭିନ୍ନ ଅନ୍ୟ ବସ୍ତୁର କିଞ୍ଚିତ୍ ଅବଶେଷ ରଖି ଭୋଜନ କରିବ ।

୧୧ । ରାତିରେ ଛତୁ ଖାଇବ ନାହିଁ । ଜଳ ନ ମିଶାଇ ଛତୁ ଖାଇବ ନାହିଁ ।

୧୨ । ଦାନ୍ତରେ ନ ଘୋବାଇ ଭୋଜନ କରିବ ନାହିଁ । ଶରୀରକୁ ବଙ୍କା ଭାବରେ ରଖି ଛିଙ୍କିବ ନାହିଁ, ଭୋଜନ କରିବ ନାହିଁ, କି ଶୟନ କରିବ ନାହିଁ ।

୧୩ । ସ୍ତ୍ରୀମାନଙ୍କୁ ଅବଜ୍ଞା କରିବ ନାହିଁ, ଅତି ବିଶ୍ୱାସ କରିବ ନାହିଁ, ଗୋପନୀୟ ପରାମର୍ଶ ଶୁଣାଇବ ନାହିଁ, ଅଧିକାରିଣୀ କରାଇବ ନାହିଁ ।

୧୪ । ସର୍ବଦା ପ୍ରକୃତିର ଅନୁସରଣ କରିବ । କାରଣର ନିଶ୍ଚୟ କାର୍ଯ୍ୟକାରିତା ଅଛି ବୋଲି ଜାଣିବ । ଉନ୍ନତିର କାରଣ ଆପଣା ମନକୁ ଆସେ ନାହିଁ । ଆପଣା ଉନ୍ନତି ପାଇଁ ଆପେ ଉଦ୍‌ଯୋଗ କରିବ ଓ କାରଣ ଘଟାଇବ । ଯାହା କରିବାର ଥିଲା ତାହା କରି ଯାଇଅଛି ଆଉ କିଛି କରିବାକୁ ନାହିଁ, ଏପରି ଭାବିବ ନାହିଁ, ବା ସେପରି ଭାବ ନିଶ୍ଚିନ୍ତ ରହିବ ନାହିଁ ।

୧୫ । ମୁଖ ମଧ୍ୟରେ ତୈଳ ଗଣ୍ଡୂଷ ଧାରଣ କରିବ । ଏପରି କଲେ ହନୁବଳ, ସ୍ୱରବଳ, ବଦନର ପୁଷ୍ଟି, ଉତ୍ତମ ରସଜ୍ଞାନ ଓ ଅନ୍ନରେ ସୁରୁଚି ହୁଏ, ମୁଖରେ ଓ କଣ୍ଠରେ ଶୋଷ ହୁଏ ନାହିଁ, ଓଠ ଫାଟେ ନାହିଁ, ଦନ୍ତମାନ ଦୃଢ଼ ହୁଏ ।

ଏହିପରି ଶତାଧିକ ନିୟମ ଚରକ ମହର୍ଷି ନିର୍ଦ୍ଦିଷ୍ଟ କରିଅଛନ୍ତି; ସେ ସମସ୍ତ ଲେଖିଲେ ସନ୍ଦର୍ଭ ବଡ଼ ଦୀର୍ଘ ହେବ । ମୋର ବିଶ୍ୱାସ, ଚରକନିର୍ଦ୍ଦିଷ୍ଟ ସକଳ ନିୟମ ପ୍ରତିପାଳନ କଲେ ଶରୀର ମଧ୍ୟକୁ ରୋଗ ପ୍ରବେଶ କରିବ ନାହିଁ ।

୧	ଇ	ଉ	ଋ,ୠ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଥ

ଦେଖାଯାଏ, ଭାରତରେ ରୋଗୀ ସଂଖ୍ୟା ବଢ଼ୁଛି, ରୋଗ ସଂଖ୍ୟା ମଧ୍ୟ ବଢ଼ୁଛି । ସୁସ୍ଥ, ସବଳ, ହୃଷ୍ଟପୁଷ୍ଟ, ଦୀର୍ଘକାୟ, ଦୀର୍ଘଜୀବୀ ଲୋକଙ୍କର ସଂଖ୍ୟା କ୍ରମେ କମିଯାଉଛି । ବର୍ତ୍ତମାନ ଯୁଗର ଲୋକସାଧାରଣ ଜୀର୍ଣ୍ଣଶୀର୍ଣ୍ଣ, କ୍ଷୀଣବଳ, କୃଶକାୟ, ସ୍ୱଳ୍ପାୟୁ, ସତତ ରୋଗକ୍ଳିଷ୍ଟ । ଅନେକ ଅଜ୍ଞାତରୋଗ ଦେଖାଦେଉଛି, ଓ ରୋଗ ଚିହ୍ନିବା ବିଶାରଦ ବୈଦ୍ୟ ନାହାନ୍ତି । ରୋଗୀ ସଂଖ୍ୟା ଯେତେ ବୃଦ୍ଧି ହେଉ ନାହିଁ, ବୈଦ୍ୟ ସଂଖ୍ୟା ତେତେ ବୃଦ୍ଧି ହେଉଛି ଆୟୁର୍ବେଦୀୟ ଚିକିତ୍ସା ପ୍ରତି ସରକାରଙ୍କର ସହାନୁଭୂତି ସେତେ ବେଶି ନାହିଁ, କି ଲୋକସାଧାରଣଙ୍କର ଆୟୁର୍ବେଦପ୍ରତି ବିଶ୍ୱାସ ନାହିଁ । ଡାକ୍ତରି ଚିକିତ୍ସା, ଏଲୋପାଥିକ୍ ଔଷଧ ଏ ଯୁଗର ପ୍ରଧାନ ଚିକିତ୍ସା । ଏଣେ ହୋମିଓପାଥିକ୍ ଡାକ୍ତର ସଂଖ୍ୟା କ୍ରମେ ବୃଦ୍ଧିପାଉଛି । ପୁଣି ଜଳଚିକିତ୍ସା, ଆଲୋକ ଚିକିତ୍ସା, ବାଇଓକେମିକ୍ ଚିକିତ୍ସା, ହାକିମି ଚିକିତ୍ସା, ବୈଦ୍ୟୁତିକ ଚିକିତ୍ସା, ଏପରି କେତେ ଅଭିନବ ଚିକିତ୍ସାପ୍ରଣାଳୀ ଆସି ଉପସ୍ଥିତ । ଡାକ୍ତର ନାନାରକମର ଦେଖାଦେଲେଣି । ଆୟୁର୍ବେଦ ଚିକିତ୍ସକଙ୍କର ସଂଖ୍ୟା ମଧ୍ୟ ବଢ଼ୁଛି । ପ୍ରତ୍ୟେକଙ୍କର ଅଭିମତ ଯେ, ତାଙ୍କ ଚିକିତ୍ସାପ୍ରଣାଳୀ ସର୍ବଶ୍ରେଷ୍ଠ ।

ଭାରତୀୟ ଆୟୁର୍ବେଦୋକ୍ତ ଔଷଧମାନ ବନୌଷଧି ପ୍ରସୂତ ଏବଂ ଉଦ୍ଭିଜ୍ଜନିତ । ଆଜିକାଲିର କବିରାଜ ମହାଶୟମାନେ ବନୌଷଧି ଚିହ୍ନନ୍ତି ନାହିଁ । ବଣିଆ ଦୋକାନହିଁ ଏମାନଙ୍କର ଏକମାତ୍ର ଆଶ୍ରୟସ୍ଥଳ । ବଣିଆ କେତେ କାଳର ପୁରୁଣା ଚେରମୂଳ ଦୋକାନରେ ପକାଇ ରଖିଥାଏ । ବୈଦ୍ୟମାନେ ଫର୍ଦ୍ଦ ପଠାଇ ଦେଲେ ସେ ଅସର୍ପା ଲଣ୍ଡି ମିଶ୍ରିତ ମସଲା ଯୋଗାଇଦିଏ । କବିରାଜମାନେ ସେଥିରେ ମୋଦକ ବଟିକା ତୈଳ ଘୃତ ପ୍ରଭୃତି ପ୍ରସ୍ତୁତ କରିଦିଅନ୍ତି । କେହି ପରିଶ୍ରମ କରି ଭସ୍ମ ମାରନ୍ତି ନାହିଁ । ଭସ୍ମମାନ ସେହି ବଣିଆ ଦୋକାନରୁ ଆସେ । ଏଥିରେ ଭାରତୀୟ ଔଷଧର ଯେବେ ଗୁଣ ନ ହେଲା, ତେବେ ଆଶ୍ଚର୍ଯ୍ୟର କଥା କିଛି ନାହିଁ । ଯେଉଁ ଜ୍ଞାନପିପାସା ବଳରେ ଲୋକେ ଆଜି ଆକାଶରେ ଉଡ଼ୁଛନ୍ତି ସେପରି ଜ୍ଞାନପିପାସା ଥିଲେ ଆଜି ଚେର ମୂଳ ଚିହ୍ନିବାପାଇଁ ବା ସଂଗ୍ରହ କରିବାପାଇଁ ଆମ୍ଭମାନଙ୍କୁ ବଣିଆ ଦୋକାନ ଆଶ୍ରୟ କରିବାକୁ ପଡ଼ନ୍ତା ନାହିଁ । ଅନେକ ବୈଦ୍ୟ ସମ୍ମେଳନୀ ହେଉଛି, ବକ୍ତୃତା ଦିଆଯାଉଛି, ମାତ୍ର କାର୍ଯ୍ୟରେ କିଛି ହେଉ ନାହିଁ । ଔଷଧର ମୂଳ ସାମଗ୍ରୀ ବନସ୍ପତି । ବନସ୍ପତିର ଅନୁସନ୍ଧାନ ଓ ଅଭିଜ୍ଞତା କାର୍ଯ୍ୟ ବୈଦ୍ୟଙ୍କ ପ୍ରଧାନ କାର୍ଯ୍ୟ । ମାତ୍ର କେହି ସେ କାର୍ଯ୍ୟ ଆଡ଼େ ଦେଖୁ ନାହିଁ । ଶାସ୍ତ୍ରଲିଖିତ ଅନେକ ବନୌଷଧି ଏପର୍ଯ୍ୟନ୍ତ ଅଧିକାଂଶ ବୈଦ୍ୟଙ୍କୁ ଜଣା ନାହିଁ । ବନସ୍ପତିର ଉଦ୍ୟାନ ନାହିଁ, ଓ ବନ ଜଙ୍ଗଲକୁ ଯାଇ କେହି ତହିଁର ଅନୁସନ୍ଧାନ କରୁନାହିଁ । ଜୀବନୀୟବର୍ଗର ଔଷଧିମାନ ଏପର୍ଯ୍ୟନ୍ତ ଅପ୍ରାପ୍ୟ । ଏ ଔଷଧିମାନ ଜୀବନୀଶକ୍ତି ବୃଦ୍ଧି କରେ; ତା ଅଭାବରେ ଅନ୍ୟାନ୍ୟ ଚେରମୂଳ ପକାଇ ବୈଦ୍ୟମାନେ କାମ ଚଳାଇ ଦେଉଛନ୍ତି । ଏପରି ପରିସ୍ଥିତିରେ ଦେଶୀୟ ଔଷଧ ଫଳପ୍ରଦ ହେଉ ନାହିଁ । ଲୋକଙ୍କର ତହିଁରୁ କ୍ରମେ ବିଶ୍ୱାସ ତୁଟିଯାଉଛି । ଆଜିକାଲି ଯୁଗରେ ଡାକ୍ତରିବିଦ୍ୟାର ଅସ୍ତ୍ରଚିକିତ୍ସା ପ୍ରଭୂତ ଉନ୍ନତି ଲାଭକଲାଣି । ଆୟୁର୍ବେଦଚିକିତ୍ସକମାନେ ଅସ୍ତ୍ରଚିକିତ୍ସା ଜାଣନ୍ତି ନାହିଁ । ଆୟୁର୍ବେଦ ଶିକ୍ଷା ସଙ୍ଗେ ଅସ୍ତ୍ରଚିକିତ୍ସା ଯୁକ୍ତ ହେଲେ ମଣିକାଞ୍ଚନର ସଂଯୋଗ ହୁଅନ୍ତା । ଆୟୁର୍ବେଦରେ ରୋଗର ନିଦାନ ଯେପରି ବିସ୍ତୃତ ଓ ବିଶଦ ଭାବରେ ଅଛି, ସେପରି ନିଦାନ ଅନ୍ୟତ୍ର ନାହିଁ । ବିଶାରଦ ଆୟୁର୍ବେଦ ଚିକିତ୍ସକ ନାଡ଼ୀ ଦେଖି ରୋଗର ସମସ୍ତ ନିଦାନ କହିଦିଅନ୍ତି । ଅନ୍ୟାନ୍ୟ ଚିକିତ୍ସକମାନେ ସେପରି କହି ପାରିବେ ନାହିଁ । ସେମାନଙ୍କର ଷ୍ଟେଥେସ୍କୋପ୍ ଓ ଥରମୋମିଟର୍ ନାମକ ଯନ୍ତ୍ର ପ୍ରଧାନ ସହାୟ । ସେହି ଯନ୍ତ୍ର ସାହାଯ୍ୟରେ ସେମାନେ ଶରୀରର ତାପ, ହୃତ୍‌ପିଣ୍ଡର ବଳାବଳ ସ୍ଥିର କରନ୍ତି । ହୋମିଓପାଥିକ୍ ଚିକିତ୍ସକମାନେ ମଧ୍ୟ ଏ ଯନ୍ତ୍ରର ସାହାଯ୍ୟ ନେଉଛନ୍ତି । ହୋମିଓପାଥିକ୍ ଚିକିତ୍ସାରେ ପ୍ରତ୍ୟେକ ଔଷଧ କି କି ଲକ୍ଷଣ ଥିଲେ ପ୍ରୟୋଗ କରାଯିବ ତହିଁର ବିବରଣ ଲେଖା ଅଛି । ସବୁ ଲକ୍ଷଣକୁ ମିଳାଇ ଔଷଧ ନିର୍ଣ୍ଣୟ କରିବା ଚିକିତ୍ସକଙ୍କ ତୀକ୍ଷ୍ଣ ବୁଦ୍ଧି ଓ ଅଭିଜ୍ଞତା ଉପରେ ନିର୍ଭର କରେ । ମାତ୍ର ଆଜିକାଲି ଯେ ସର୍ଟିଫିକେଟ୍ ହାସଲ କରିପାରିଲା ସେ ଜଣେ ଡାକ୍ତର । ଆଜିକାଲି ନୋଟ ଉପରେ, ଅଳ୍ପ ଜାଣି ବହୁତ ବଖାଣି ବିଶେଷ ଲାଭବାନ୍ ହେବା ଚେଷ୍ଟା ସବୁଠାରେ ଦେଖାଯାଏ । ଏ ପ୍ରବୃତ୍ତି ସକଳ ଅନିଷ୍ଟର ମୂଳ । ଅର୍ଥଚିନ୍ତା ଲୋକଙ୍କୁ ବଡ଼ ବ୍ୟାକୁଳ କରିପକାଉଛି । ଅଳ୍ପ ଆୟାସରେ, ଅଳ୍ପ ପରିଶ୍ରମରେ, ଅଳ୍ପ ବୁଦ୍ଧି ଖର୍ଚ୍ଚ କରି କିପରି ବିଶେଷ ଲାଭବାନ୍ ହେବ, ଏହାହିଁ ଲୋକଙ୍କ ମସ୍ତିଷ୍କରେ ସର୍ବଦା ଖେଳା କରୁଛି । ରୋଗୀର ଦୁଃଖରେ ଦୁଃଖୀ ହୋଇ ଚିକିତ୍ସା କରିବା ଚିକିତ୍ସକ ଅତି ବିରଳ । ପ୍ରାଚୀନ ଚିକିତ୍ସକମାନଙ୍କର ସେ ଭାବ ଥିଲା ମାତ୍ର ଆଧୁନିକ ଚିକିତ୍ସକମାନଙ୍କର ସେ ଭାବ କ୍ରମେ ଲୋପ ପାଇଆସୁଛି । ବର୍ତ୍ତମାନ ଯାହାର ଅର୍ଥ ନାହିଁ, ଯେ ଦୀନଦୁଃଖୀ ଦରିଦ୍ର, ସେ ସୁଚିକିତ୍ସାରୁ ଏକାବେଳକେ ବଞ୍ଚିତ, ଚିକିତ୍ସାରାଜ୍ୟରେ ତାର ଅଧିକାର ନାହିଁ । ପୁରୀର ପ୍ରାତଃସ୍ମରଣୀୟ ସ୍ୱର୍ଗୀୟ ମାଗୁଣି ବ୍ରହ୍ମା ବୈଦ୍ୟରତ୍ନ ଜଣେ ଆଦର୍ଶ ଚିକିତ୍ସକ ଓ ବିଶାରଦ ବୈଦ୍ୟ ଥିଲେ । ଏଣେ ବଜାରରେ ଆଜିକାଲି ନାନା-

ପ୍ରକାର ଖାଦ୍ୟ ବିକ୍ରି ହେଉଛି । କିଏ ସେ ଖାଦ୍ୟ ପ୍ରସ୍ତୁତ କରୁଛି, ତାହା କେହି ବୁଝୁନାହିଁ । ଖରାପ ତେଲ ଓ ଖରାପ ଘିଅରେ ବଜାର ପୂର୍ଣ୍ଣ । ହୋଟେଲ୍ ସଂଖ୍ୟା ପ୍ରତିଦିନ ବଢ଼ୁଛି; ସମସ୍ତେ ଖାଦ୍ୟଦ୍ରବ୍ୟ ବିକ୍ରୟ କରିବା ବ୍ୟବସାୟ କଲେଣି । କାହାର ପରିଷ୍କୃତ ଓ ପରିଚ୍ଛନ୍ନତାପ୍ରତି ଦୃଷ୍ଟି ନାହିଁ । ଅଳ୍ପ ବ୍ୟୟରେ ବେଶି ଲାଭ ଏମାନଙ୍କ ଲକ୍ଷ୍ୟ । ବଜାରରେ ଯେଉଁସବୁ ଖାଦ୍ୟ ବିକ୍ରି ହୁଏ ତହିଁରୁ ବାରପଣ ଧୂଳିପୂର୍ଣ୍ଣ । ବାସି ଜିନିଷ ମଧ୍ୟ ସେଥି ମଧ୍ୟରେ ବିକ୍ରି କରି ଯାଉଛି । ଏ ସବୁ ଖାଦ୍ୟ ମଧ୍ୟ ରୋଗର କାରଣ । ଏତଦ୍ବ୍ୟତୀତ ନାନା ପ୍ରକାର ଅସ୍ୱାଭାବିକ ପାରିପାର୍ଶ୍ୱିକ ଅବସ୍ଥା ଲୋକଙ୍କ ଉପରେ ରାଜତ୍ୱ କରୁଛି । ଅର୍ଥ ପାଇଁ ଲୋକେ ନାନା ରୋଗ କିଣିଆଣୁଛନ୍ତି । କଳ କାରଖାନାମାନଙ୍କରେ କାର୍ଯ୍ୟ କରିବା, ରେଳ ମଟର ପ୍ରଭୃତିରେ ଯାତାୟାତ କରିବା ଦ୍ୱାରା ଲୋକେ ନାନା ପ୍ରକାର ଅସୁବିଧା ଭୋଗ କରି ରୋଗକୁ ମଧ୍ୟ ଆବାହନ କରି ଆଣୁଛନ୍ତି । ପଲ୍ଲୀର ଅବସ୍ଥା ମଧ୍ୟ ଅତି ଶୋଚନୀୟ । ପଲ୍ଲୀରେ ବିଶୁଦ୍ଧ ପାନୀୟ ଜଳ ନାହିଁ, ବିଶୁଦ୍ଧ ପବନ ମଧ୍ୟ ନାହିଁ, ଦଳ ପାଣିରେ ଗାଧୋଇବା, ଦଳ ପାଣି ପିଇବା, ଗ୍ରାମ ଦାଣ୍ଡରେ ଖତଗଦା, ଗ୍ରାମ ଦୁଇ ମୁଣ୍ଡରେ ଗୁହ ପଚ୍ଛିଆ, ଏ ସବୁ ମଧ୍ୟ ରୋଗର ପ୍ରଧାନ କାରଣ । ଅଧିକାଂଶ ପଲ୍ଲୀବାସୀ ରୋଗାକ୍ରାନ୍ତ । ଏଣେ ଅଧିକାଂଶ ପଲ୍ଲୀବାସୀ ଦୁଇ ଓଳି ଦୁଇ ମୁଠା ଖାଇବାକୁ ପାଉନାହାନ୍ତି; ତେଣେ ନାନା ପ୍ରକାର ଅସ୍ୱାସ୍ଥ୍ୟକର ଆବର୍ଜନାରେ ପଲ୍ଲୀ ପରିପୂର୍ଣ୍ଣ । ପଲ୍ଲୀ ଏକ ପ୍ରକାର ରୋଗର ଖଣି ହୋଇଅଛି । ଅବସ୍ଥା ନଦାରଦ । ବର୍ତ୍ତମାନ ଦେଖାଯାଏ ଯେ, ପ୍ରତ୍ୟେକ ପଲ୍ଲୀବାସୀ ଯେ କୌଣସି ଗୋଟିଏ ରୋଗ ଦ୍ୱାରା ଆକ୍ରାନ୍ତ । କହନ୍ତି,ରୋଗ ଯନ୍ତ୍ରଣା ଯମ ଯନ୍ତ୍ରଣାଠାରୁ ବଳେ । ରାଜା, ପ୍ରଜା, ଧନୀ, ଦରିଦ୍ର, ଯେ ହୁଅନ୍ତୁ, ରୋଗ ଆଗରେ ସମସ୍ତେ ନତମସ୍ତକ; ରୋଗ ପାଖରେ ସମସ୍ତେ ସମାନ । ରୋଗ ମଧ୍ୟରେ କେହି ସାନ ବଡ଼ ନାହିଁ । ସବୁ ରୋଗର ଯନ୍ତ୍ରଣାଦାୟିକା ଶକ୍ତି ସମାନ । ସାମାନ୍ୟ କାନ୍ଥ ଲୁଣ୍ଡିଆର ଯେପରି ପ୍ରତାପ, କୁଷ୍ଠ ପ୍ରଭୃତି ବଡ଼ ବଡ଼ ରୋଗର ସେହି ପରି ପ୍ରତାପ । ଯେତେବେଳେ ଯେଉଁ ରୋଗ ଆସେ, ସେ ତା କ୍ଷମତା ପ୍ରତାପ ବିସ୍ତାର କରେ । ବାହ୍ୟ ଜଗତରେ ଦୋଷ ପାଇଁ ଦଣ୍ଡ ଗଣ୍ଡା ହୋଇ ରହିଛି । ଦଣ୍ଡବିଧି ଆଇନ୍‌ରେ ପ୍ରତ୍ୟେକ ଅପରାଧ ପାଇଁ ଦଣ୍ଡ ନିର୍ଦ୍ଦିଷ୍ଟ ଅଛି । ଅପରାଧ କଲେ ପୁଲିସ୍ ଧରି ନେବ, ମାଜିଷ୍ଟ୍ରେଟ୍ ସାହେବ ଦଣ୍ଡ ଦେବେ । ଶରୀର ଭିତର ସେହିପରି ଗୋଟିଏ ରାଜ୍ୟ । ପିଣ୍ଡ ବ୍ରହ୍ମାଣ୍ଡ ଏକା ବୋଲି କହନ୍ତି । ଶରୀର ଯନ୍ତ୍ର ଅନେକ ଗୁଡ଼ିଏ ନିୟମ ଦ୍ୱାରା ପରିଚାଳିତ । ସେହି ସବୁ ନିୟମ ଭଙ୍ଗ କଲେ ଅପରାଧ ହୁଏ । ସେହି ଅପରାଧ ଲାଗି ଦଣ୍ଡଭୋଗ କରିବାକୁ ହୁଏ । ରୋଗମାନେ ସେହି ଦଣ୍ଡର ପ୍ରତିମୂର୍ତ୍ତି । ଔଷଧ ହେଉଛି ରୋଗରୂପ ଦଣ୍ଡ ବିରୁଦ୍ଧରେ ଅପିଲ୍ । କେଉଁଠି ଅପିଲ୍ କରି ଲୋକ ଦଣ୍ଡରୁ ମୁକ୍ତିଲାଭ କରେ, କେଉଁଠି ମଧ୍ୟ ତାହା ନାମଞ୍ଜୁର ହୋଇ ମୃତ୍ୟୁରେ ପରିଣତ ହୁଏ । କାଳ ପାଖେ ସମସ୍ତେ ପରାଜିତ । ଔଷଧ ମଧ୍ୟ ସେଠାରେ ପରାଜିତ । ଯେଉଁ ରୋଗ ନିୟତିସ୍ୱରୂପ ଆସେ, ତାର ଚିକିତ୍ସା ନାହିଁ, ବା ଔଷଧ ନାହିଁ; ବଡ଼ ବଡ଼ ବିଶାରଦ ବୈଦ୍ୟ ଡାକ୍ତରମାନେ ସେଠାରେ ପରାଜିତ; ସକଳ ଚିକିତ୍ସା ସେଠାରେ ନିରର୍ଥକ । ରାଜଚକ୍ରବର୍ତ୍ତୀ ହୁଅନ୍ତୁ ବା ପର୍ଣ୍ଣ କୁଟୀରବାସୀ ହେଉ, କାହାରି ନିସ୍ତାର ନାହିଁ । ବି ବି ଲକ୍ଷଣ ଦେଖାଗଲେ ରୋଗର ଆଉ ଉପଶମ ହେବ ନାହିଁ, ଏ କଥା ମଧ୍ୟ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି । ଏ ସବୁ ଲକ୍ଷଣକୁ ଅରିଷ୍ଟ ଲକ୍ଷଣ କହନ୍ତି । ଅରିଷ୍ଟ ଲକ୍ଷଣର ଅର୍ଥ ମୃତ୍ୟୁ ଲକ୍ଷଣ । ଆୟୁର୍ବେଦ ଶାସ୍ତ୍ରରେ ରୋଗର ନିଦାନ, ଔଷଧର ବ୍ୟବସ୍ଥା, ପଥ୍ୟା ପଥ୍ୟର ବ୍ୟବସ୍ଥା, ଅରିଷ୍ଟ ଲକ୍ଷଣ ବର୍ଣ୍ଣିତ ଅଛି । କଥା ଅଛି, ଦକ୍ଷ ବୈଦ୍ୟ ସମୋ ପଥ୍ୟଃ, ପଥ୍ୟରେ ରହିଲେ ଅନେକ ରୋଗ ଉପଶମ ହେବ । ପଥ୍ୟ କଣ ? ରୋଗୀର ବଳାବଳ ଓ ଅଗ୍ନି ବଳ ଦୃଷ୍ଟିରେ ଯେଉଁ ଖାଦ୍ୟ ଖାଇଲେ ସହଜରେ ପାକ ହୋଇ ଯିବ, ସେପରି ଖାଦ୍ୟ ଖାଇବା ଉଚିତ । ଏହାକୁ ପଥ୍ୟ କହନ୍ତି । ଶରୀର ମଧ୍ୟରେ ପାଚକାଗ୍ନି ଅଛି; ସେହି ଅଗ୍ନି ସକଳ ଖାଦ୍ୟ ପଦାର୍ଥକୁ ଜୀର୍ଣ୍ଣ କରେ । ଅପରିମିତ ଆହାର କଲେ ସେ ଅଗ୍ନି ବିକୃତ ହୁଏ । ତେଣିକି ନାନା ରୋଗ ଜନ୍ମେ । ସବୁ ଲୋକ ସବୁ ଜିନିଷ ଖାଇ ହଜମ କରି ପାରିବେ ନାହିଁ । ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଲୋକ ଯାହାତାହା ଖାଇ ଦିଏ; ଫଳରେ ଅଜୀର୍ଣ୍ଣ ହୁଏ । ଅଜୀର୍ଣ୍ଣ ଏକ ପ୍ରକାର ରୋଗ । ସାମାନ୍ୟ ସାମାନ୍ୟ ରୋଗ ମୁଷ୍ଟିଯୋଗଦ୍ୱାରା ଆରୋଗ୍ୟ ହୋଇ ଯାଏ । ମୁଷ୍ଟିଯୋଗନିର୍ଦ୍ଦିଷ୍ଟ ଔଷଧମାନ ସହଜ-ପ୍ରାପ୍ୟ, କେବଳ ଚେର ମୂଳଦ୍ୱାରା ପ୍ରସ୍ତୁତ । ଏଗୁଡ଼ିକ ସହଜଲଭ୍ୟ ଏବଂ ବିଶେଷ ଉପକାରୀ । ଆୟୁର୍ବେଦ ମତରେ ରୋଗ ହେବା ମାତ୍ର କୌଣସି ଔଷଧ ଦେବାର ବ୍ୟବସ୍ଥା ନାହିଁ । ରୋଗ ମଧ୍ୟରେ ଜ୍ୱର ପ୍ରଧାନ । ଜ୍ୱର ରୋଗମାନଙ୍କ ମଧ୍ୟରେ ରାଜା । ଜ୍ୱର ହେବା ମାତ୍ରକେ ଔଷଧ ଦେବାର ବ୍ୟବସ୍ଥା ନାହିଁ । ଜ୍ୱର ହେବା ମାତ୍ରକେ ଲଙ୍ଘନ, ମଧ୍ୟରେ ପାଚନ ଓ ଶେଷରେ ବଟିକା । ଆଜି କାଲି ରୋଗୀର ସେତେ ଧୈର୍ଯ୍ୟ ନାହିଁ; ସେ ଶୀଘ୍ର ଆଶୁ ପ୍ରତିକାର । ବୈଦ୍ୟଶାସ୍ତ୍ର ମତରେ ପ୍ରକୃତିର ଅନୁକୂଳ ଚିକିତ୍ସା କର୍ତ୍ତବ୍ୟ । ପ୍ରକୃତିବିରୁଦ୍ଧ ଚିକିତ୍ସା କଲେ ଏକ

ରୋଗରୁ ନାନା ପ୍ରକାର ଉପସର୍ଗ ଜନ୍ମି ବହନ୍ନ ରୋଗର ଉତ୍ପତ୍ତି କରାଏ । ସୁତରାଂ ଚିକିତ୍ସା ଟିକିଏ କାଳସାପେକ୍ଷ ହେଲେ ଭଲ । ରସର ପରିପାକ ନ ହେଲେ ରୋଗର ଉପଶମ ହୁଏ ନାହିଁ । ଶରୀରରେ ରସସଞ୍ଚୟ ରୋଗର ମୂଳ-କାରଣ; ରସାଂଶ କ୍ଷୟ ହେଲେ ରୋଗର ଉପଶମ ହୁଏ । ଦେହରୁ ରସାଂଶ ଊଣା କରିବା ଉଦ୍ଦେଶ୍ୟରେ ଏକାଦଶୀ ପ୍ରଭୃତି ଉପବାସର ବ୍ୟବସ୍ଥା ଅଛି । ମାସକେ ଥରେ ଦିଥର ଉପବାସ କଲେ ଦେହର ରସାଂଶ କମିଯାଏ । ରସ କଅଣ ? ବାତ, ପିତ୍ତ ଓ କଫର ବୈଷମ୍ୟ ହେଲେ ରସବୃଦ୍ଧି ହୋଇଛି ବୋଲି ବୁଝାଯାଏ । ଦୋଷବୈଷମ୍ୟରୁ ରୋଗ ହୁଏ ଓ ଦୋଷ ସାମ୍ୟରେ ଶରୀର ସୁସ୍ଥ ଥାଏ । ନାନା କାରଣରୁ ବୈଷମ୍ୟ ହୋଇଥାଏ । ସେ ସବୁ କାରଣ ବୈଦ୍ୟଶାସ୍ତ୍ର ପାଠ କଲେ ଜଣାଯାଏ । ସେ ସବୁ କାରଣ ଅନେକ । ବାୟୁର ପ୍ରଧାନ ଆଶ୍ରୟସ୍ଥଳ ପକ୍ୱାଶୟ ଓ ଗୁହ୍ୟନାଡ଼ୀ । ପିତ୍ତର ପ୍ରଧାନ ଆଶ୍ରୟସ୍ଥଳ ଯକୃତ ଓ ପ୍ଲୀହା ଏବଂ କଫର ପ୍ରଧାନ ଆଶ୍ରୟସ୍ଥଳ ଆମାଶୟ ଓ ହୃଦୟ । ଆହାର ବିହାର ବିଷୟରେ ସାବଧାନ ଥିଲେ ରୋଗ ଉତ୍ପନ୍ନ ହେବାର ବିଶେଷ ଆଶଙ୍କା ନ ଥାଏ । ଠିକ୍ ନିଦାନ ସ୍ଥିର କରି ଔଷଧ ବ୍ୟବସ୍ଥା ନ କଲେ ରୋଗସଙ୍କର ହୁଏ । ରୋଗସଙ୍କରର ଅର୍ଥ ଏକ ରୋଗରୁ ଅନ୍ୟାନ୍ୟ ରୋଗର ଉତ୍ପତ୍ତି । ବୁଦ୍ଧିମାନ୍ ବିଶାରଦ ବୈଦ୍ୟ ରୋଗୋତ୍ପତ୍ତିର ହେତୁ ବୁଝି, ଲକ୍ଷଣମାନ ସ୍ଥିର କରି, ନାଡ଼ି ଦେଖି, ମଳ, ମୂତ୍ର, ଜିହ୍ୱାପ୍ରଭୃତି ପରୀକ୍ଷା କରି ଔଷଧ ବ୍ୟବସ୍ଥା କରନ୍ତି । ଚିକିତ୍ସକ ହେବା ସହଜ କଥା ନୁହେଁ, ଆଜିକାଲି 'ପେଟବିକଳରେ ମାଥିଆ ଯୋଗୀ' ପରି ଚିକିତ୍ସକ ସଂଖ୍ୟା ଦେଶରେ ଛତୁ ପରି ଫୁଟିଉଠୁଛି । ସହରବଜାରରେ ଔଷଧାଳୟର ସଂଖ୍ୟା ବଢ଼ୁଛି । ଦେଖାଯାଏ, ଚିକିତ୍ସକ ସଂଖ୍ୟା ଯେତେ ବୃଦ୍ଧି ପାଉଛି, ଦାୟିତ୍ୱଜ୍ଞାନ ସେତେ କମି ଯାଉଛି । ରୋଗୀର ଚିକିତ୍ସା ଯେ ଗୋଟିଏ ପ୍ରଧାନ ଧର୍ମ କାର୍ଯ୍ୟ, ଏ କଥା ଚିକିତ୍ସକମାନେ ଭୁଲିଯାଆନ୍ତି ।

ରୋଗ ମାନବର ପରମଶତ୍ରୁ; ରୋଗ ହେବାମାତ୍ରେ ତାକୁ ହେଳା କରିବ ନାହିଁ । ରୋଗ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ଚିକିତ୍ସକଙ୍କ ପରାମର୍ଶ ନେବ ।

ସନ୍ଦର୍ଭଲେଖକ ଶ୍ରୀ ଜଗବନ୍ଧୁ ସିଂହ ।]

୩ । (ଲକ୍ଷଣାର୍ଥ) ମନ୍ଦ ଅଭ୍ୟାସ—3. A bad habit.

ରୋଗ ଆକର୍ଷିବା—ଦେ. କ୍ରି—ରୋଗାକ୍ରମଣର ଆରମ୍ଭ—
Roga ākarshibā The attack of a disease.
রোগআসা रोगआकर्षणाकरना [ରୋଗ ଆସିବା—ଅନ୍ୟରୂପ

ରୋଗକାରକ—ସଂ. ବିଣ—ପୀଡ଼ା ଉତ୍ପାଦକ—
Rogakāraka Causing illness; deleterious.
[ରୋଗକୃତ୍—ଅନ୍ୟରୂପ]

ରୋଗକ୍ଲିଷ୍ଟ—ସଂ. ବିଣ (୩ୟା ତତ୍)—ରୋଗଦ୍ୱାରା ଆକ୍ରାନ୍ତ; ପୀଡ଼ିତ—
Rogaklishṭa Afflicted with disease; diseased.
(ରୋଗଗ୍ରସ୍ତ—ଅନ୍ୟରୂପ)

ରୋଗକ୍ଷୟ—ସଂ. ବି (୬ଷ୍ଠୀ ତତ୍)—ରୋଗରୁ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ
Rogakshaya ଲାଭ—Complete cure of a disease.
(ରୋଗ ଶେଷ, ରୋଗ ନାଶ—ଅନ୍ୟରୂପ) [ଉ—ଋଣ ଶେଷ, ରୋଗ ଶେଷ, ଯାଙ୍କର କେବେ ନ ରଖିବ ଲେଶ । ଭଗ]

ରୋଗ ଖାଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ରୋଗ ପ୍ରବଳଭାବରେ
Roga khāibā ଆକ୍ରମଣ କରିବା—A disease over-
রোগ খাওয়া taking a person or overpowering a person.
रोगखाना
(ରୋଗ ଗ୍ରାସିବା, ରୋଗ ଘୋଟିବା, ରୋଗ ମାଡ଼ି ବସିବା—ଅନ୍ୟରୂପ)

ରୋଗଘ୍ନ—ସଂ. ବିଣ (ରୋଗ+ହନ୍ ଧାତୁ+କର୍ତ୍ତୃ. ଅ)—ଯାହା ରୋଗ
Rogaghna ନାଶ କରେ; ରୋଗ ନାଶକ—Efficacious in curing illness. ସଂ. ବି—୧ । ଔଷଧ—1. Medicine. ୨ । ବୈଦ୍ୟ—2. Physician.

ରୋଗଚର୍ଯ୍ୟା—ସଂ. ବି (୬ଷ୍ଠୀ ତତ୍)—ରୋଗକୁ ଆରୋଗ୍ୟ କରିବାପାଇଁ
Rogacharjyā ଅବଲମ୍ବିତ ନାନା ଉପାୟ (ଯଥା—ଔଷଧ-
(ରୋଗ ଚିକିତ୍ସା—ଅନ୍ୟରୂପ) ପ୍ରୟୋଗ, ପଥ୍ୟ ଦେବା ଆଦି)—
Treatment of disease.

ରୋଗ ଚିହ୍ନିବା—ଦେ. କ୍ରି—ଲକ୍ଷଣମାନ ଦେଖି ପ୍ରକୃତ ରୋଗକୁ ସ୍ଥିର
Roga chihnibā କରିବା—To correctly diagonise a disease.
রোগচেনা रोगचीह्नना
(ରୋଗ ବାରିବା—ଅନ୍ୟରୂପ)

ରୋଗ ଛାଡ଼ିବା—ଦେ. କ୍ରି—ରୋଗର ଆକ୍ରମଣରୁ ରକ୍ଷା ପାଇବା;
Roga chhāṛibā ଆରୋଗ୍ୟ ହେବା—A disease leaving
রোগছাড়া a person; being cured of a disease; recovering from illness.
रोगछोड़ना
(ରୋଗ ଭଲ ହେବା, ରୋଗ ଛାଡ଼ିଯିବା—ଅନ୍ୟରୂପ)

ରୋଗଜନକ—ସଂ.ବି (ରୋଗ+ଜନ. ଧାତୁ+କର୍ତ୍ତୃ.ଅକ)—ଯାହା ରୋଗ
Rogajanaka ଜାତ କରେ—Producing disease; causing illness.

ରୋଗ ଡେଇଁବା—ଦେ. କ୍ରି—ଏକ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ରୋଗର
Roga ḍeiṅbā ସଂକ୍ରମଣ—Infection by a contagious
রোগের ছোঁয়াচলাগা disease; a contagious disease infecting a person.
रोगकीछूतलगना

ରୋଗନ୍—ବୈଦେ. ବି—ରୋଗନ (ଦେଖ)
Rogaṇ Rogan. (See)

ରୋଗଣ ଚିତ୍ର—ଦେ.ବି (ଫା. ରୋଗନ+ସଂ. ଚିତ୍ର)—ଯେଉଁ ଚିତ୍ର ଉପରେ
Rogaṇa chitra ରୋଗନ୍ ବା ବାର୍ଣ୍ଣିସ୍ ଲଗା ହୋଇଥିବାରୁ
রোগণচিত্র ତାହା ଚକ୍ ଚକ୍ କରୁଥାଏ—A varnished
रोगनदिआहुआ चित्र picture. [ଉ—ରୋଗଣ ଚିତ୍ର ଅତୁଳ, ପିତୁଳା, କେ କଲ୍ପ କରି କେହି ସ୍ଥିର ହେଲା । ଭଞ୍ଜ. ଲାବଣ୍ୟବତୀ ।]

ରୋଗଣା—ଦେ. ବିଣ. ପୁଂ (ସଂ. ରୁଗ୍ଣ)—ରୁଗ୍ଣ—Sickly.
Rogaṇā রোগা रोगी (ରୋଗଣିଆ—ଅନ୍ୟରୂପ)
[ରୋଗଣୀ, ରୋଗଣେଇ—ସ୍ତ୍ରୀ]

ରୋଗ ଧରିବା—ଦେ. କ୍ରି—ପୀଡ଼ିତ ହେବା—
Roga dharibā Suffering from a disease; attack
রোগধরা रोगपकड़ना of a disease; falling ill.

ରୋଗନ୍—ବୈଦେ. ବି (ଫା. ରୋଗନ୍)—୧। ବାର୍ଣ୍ଣିସ୍—1. Varnish;
Rogan french polish ୨। ଛାନ୍ ଅବର ଚମଡ଼ାକୁ ଚକ୍ ଚକ୍
রোগন চক্ କରିବା ନିମନ୍ତେ ବ୍ୟବହୃତ ସ୍ନେହ ପଦାର୍ଥ—
रोगन 2. Leather polish.

ରୋଗନାଶ—ସଂ. ବି (୬ଷ୍ଠୀ ତତ୍)—ରୋଗ କ୍ଷୟ (ଦେଖ)
Roganāsa Rogakshaya. (See)

ରୋଗନାଶକ—ସଂ. ବିଣ—ରୋଗଘ୍ନ (ଦେଖ)
Roganāsaka Rogaghna. (See)

ରୋଗ ନିବୃତ୍ତି—ସଂ. ବି (୬ଷ୍ଠୀ ତତ୍)—ରୋଗଶାନ୍ତି (ଦେଖ)
Roga nibrutti Roga sānti (See)

ରୋଗ ନିର୍ଣ୍ଣୟ—ସଂ. ବି (୬ଷ୍ଠୀ ତତ୍)—ଲକ୍ଷଣାଦି ପରୀକ୍ଷାପୂର୍ବକ ପ୍ରକୃତ
Roga nirnaya ରୋଗର ସ୍ଥିରୀକରଣ—Asceratining
the true disease by correct diagnosis.

ରୋଗ ପରୀକ୍ଷା—ସଂ. ବି (୬ଷ୍ଠୀ ତତ୍)—ରୋଗ ନିର୍ଣ୍ଣୟ କରିବାପାଇଁ
Roga parikshā ରୋଗୀକୁ ପରୀକ୍ଷା କରିବା—Diagnosis
of a disease.

ରୋଗ ପୀଡ଼ା—ସଂ.ବି (ମ.ପ. ଲୋ)—ରୋଗର ଯନ୍ତ୍ରଣା ବା କଷ୍ଟ;ରୋଗ
Roga pirdā ଜନିତ କଷ୍ଟ—The pain resulting from
(ରୋଗ ପ୍ରକୋପ, ରୋଗ ଯନ୍ତ୍ରଣା—ଅନ୍ୟରୂପ) a disease.

ରୋଗ ଫୋଗ—ଗ୍ରା. ବି (ନିରର୍ଥକ ଦ୍ୱିରୁକ୍ତ ସହଚର)—ରୋଗ ଆଦି—
Roga phoga Disease etc.
রোগটোগ रोगवग

ରୋଗ ବଇରାଗ (ଗ୍ୟ)—ଦେ. ବି (ନିରର୍ଥକ ଦ୍ୱିରୁକ୍ତ ସହଚର)—
Roga bairāga(gya) ରୋଗାଦି ଅସୁସ୍ଥତା—Illness etc.
রোগবইরাগ্য रोगवईराग

ରୋଗବାସ—ଦେ. ବି—ଦୃଢ଼ଭାବେ ରୋଗର ଆକ୍ରମଣ—Firm
Rogabāsa hold of a disease on a person.
[ଉ—ସଙ୍ଗେ ରାଜ୍ୟ ବନଖଣ୍ଡ ସଙ୍ଗେ ରୋଗବାସ ।
ପ୍ରାଚୀ. ଶିବସ୍ୱରୋଦୟ ।]
(ରୋଗ ଦେହରେ ବସା କରିବା—ଅନ୍ୟରୂପ)

ରୋଗବିଶିଷ୍ଟ—ସଂ. ବିଣ. ପୁଂ (୩ୟାତତ୍)—ବ୍ୟାଧିଯୁକ୍ତ—
Rogabisishta Diseased; sick.
(ରୋଗବିଶିଷ୍ଟା—ସ୍ତ୍ରୀ)

ରୋଗବିହୀନ—ସଂ. ବିଣ ପୁଂ (୩ୟା ତତ୍)—ନିରୋଗ; ସୁସ୍ଥ—
Rogabihina Free from disease; healthy.
(ରୋଗହୀନ, ରୋଗରହିତ, ରୋଗଶୂନ୍ୟ—ଅନ୍ୟରୂପ)
[ରୋଗବିହୀନା, ରୋଗହୀନା, ରୋଗରହିତା, ରୋଗଶୂନ୍ୟା—ସ୍ତ୍ରୀ]

ରୋଗବୃଦ୍ଧି—ସଂ. ବି (୬ଷ୍ଠୀତତ୍)—ପୀଡ଼ାର ବୃଦ୍ଧି—
Rogabrudhi Increase of illness.

ରୋଗ ଭୂ—ସଂ. ବି (୬ଷ୍ଠୀ ତତ୍; ରୋଗର ଭୂ—ଭୂମି ବା ଉତ୍ପତ୍ତି ସ୍ଥାନ)-
Roga bhū ଦେହ; ଶରୀର—Body.

ରୋଗ ଭୋଗ—ସ ବି—୧। ରୋଗର ଯନ୍ତ୍ରଣା ଭୋଗ—1. Suffer-
Roga bhoga ing from illness, ୨। ରୋଗର ବ୍ୟାପ୍ତି—
2. Extent of a disease.

ରୋଗ ମୁକ୍ତ—ସ. ବିଣ. ପୁଂ (୫ମୀ ତତ୍)—ଆରୋଗ୍ୟ ପ୍ରାପ୍ତ—
Roga mukta Cured; recovered from illness.
(ରୋଗ ମୁକ୍ତା—ଅନ୍ୟରୂପ)

ରୋଗ ମୁକ୍ତି—ସ. ବି (୫ମୀତତ୍)—ଆରୋଗ୍ୟ ଲାଭ—Being curep
Roga mukti of a disease; alleviation of a
disease; recovery.

ରୋଗ ଯନ୍ତ୍ରଣା—ସଂ. ବି. (ମ. ପ. ଲୋ)—ରୋଗଜନିତ କ୍ଲେଶ—
Roga jantranā Pain or pangs due to some
disease.

ରୋଗର ଘର(ରା)—ଦେ. ବି—ରୋଗ ଜନ୍ମିବାର ଅସଲ କାରଣ—
Rogara ghara(rā) The root or primary cause
রোগরে ঘর रोगका घर of a disease.
(ରୋଗର ଜଡ଼, ରୋଗର ମୂଳ—ଅନ୍ୟରୂପ)

ରୋଗ ରାଉଳି—ଦେ. ବି. (ସହଚର)—ରୋଗ ଓ ମନ୍ତ୍ରତନ୍ତ୍ରାଦିର
Roga rāuli ପ୍ରୟୋଗଜନିତ ବିପଦ—Dangers due to
রোগ বিপদ either disease or incantation or
रोग टोन charm.

ରୋଗ ରାଜ—ସ. ବି. (୭ମୀ ତତ୍; ରୋଗ+ରାଜନ୍; ରୋଗମାନଙ୍କ
Roga rāja ମଧ୍ୟରେ ରାଜା ବା ପ୍ରଧାନ)—ରାଜଯକ୍ଷ୍ମା; କ୍ଷୟ
ରୋଗ—Consumption; pthysis.

ରୋଗ ଲକ୍ଷଣ—ସ. ବି (୬ଷ୍ଠୀ ତତ୍)—ପୀଡ଼ାର ବାହ୍ୟ ଚିହ୍ନ—Indi-
Roga lakshana cation or symptoms of a
disease.

ରୋଗ ଶାନ୍ତି—ସ. ବି. (୬ଷ୍ଠୀ ତତ୍)—ରୋଗ ଭଲ ହେବା; ଆରୋଗ୍ୟ
Roga sānti ଲାଭ—Alleviation or cure of a
disease.

ରୋଗ ଶିଳା—ସ. ବି—ମନଃଶିଳା—
Roga silā Red arsenic.

ରୋଗ ଶୀର୍ଣ୍ଣ—ସ ବିଣ. ପୁଂ. (୩ୟା ତତ୍)—ରୋଗ ହେତୁ ଦୁର୍ବଳ—
Roga sirnna Emaciated through illness.
(ରୋଗ ଶୀର୍ଣ୍ଣା—ସ୍ତ୍ରୀ) (ରୋଗ ଶୀର୍ଣ୍ଣତା—ବି)

ରୋଗ ଶୋକ—ସ. ବି. (ସହଚର)—ଶାରୀରିକ ବ୍ୟାଧି ଓ ମାନସିକ
Roga soka ଦୁଃଖ—Disease and sorrow.

ରୋଗସ୍ତ—ଗ୍ରା. ବିଣ. (ସ. ରୋଗଗ୍ରସ୍ତ)—ରୋଗଗ୍ରସ୍ତ—Attacked
Rogasta or afflicted with any disease.
রোগগ্রস্ত रोगग्रस्त

ରୋଗହ(ହା)—ସ. ବିଣ (ରୋଗ+ହନ୍ ଧାତୁ+କର୍ତ୍ତୃ. ଅ; କୃତ୍)—
Rogaha(hā) ରୋଗଘ୍ନ; ରୋଗନାଶକ—Curing disease.
ସ. ବି—ବୈଦ୍ୟ—Phycisian.

ରୋଗ ହାନି—ସ. ବି. (୬ଷ୍ଠୀ ତତ୍)—ରୋଗ କ୍ଷୟ (ଦେଖ)
Roga hāni Roga kshaya (See)

ରୋଗ ହାରୀ—ସଂ. ବ (ଉପପଦ ସମାସ; ରୋଗ+ହୃ ଧାତୁ+କର୍ତ୍ତୃ. ଇନ୍; Roga hāri ୧ମା. ୧ବ)—ରୋଗଘ୍ନ (ଦେଖ)—Rogaghna (ରୋଗ ହାରିଣୀ—ସ୍ତ୍ରୀ) (See) ସ. ବ. ପୁଂ—ଚିକିତ୍ସକ—Physician.

ରୋଗ ହ୍ରାସ—ସ. ବ. (୬ଷ୍ଠୀ ତତ୍)—ପୀଡ଼ାର ଉପଶମ—Roga hrāsa Convalescence.

ରୋଗା—ଦେ. ବଣ. ପୁଂ (ସ. ରୋଗାକ୍ରାନ୍ତ)—୧ । ପୀଡ଼ିତ; ରୁଗ୍ଣ—Rogā 1. Sick. ୨ । ଭଗ୍ନସ୍ୱାସ୍ଥ୍ୟ—2. Sickly; invalid. রোগা ୩ । ରୋଗ ଯୋଗୁ କୃଶ ବା ଦୁର୍ବଳ—3. Weak or रोगी emaciated through illness. (ରୋଗୀ, ରୋଗଣୀ, ରୋଗେଇ—ସ୍ତ୍ରୀ)

ରୋଗା(ଗେ)ଇବା—ଦେ. କ୍ରି. (ରୋଗ ଶବ୍ଦରୁ ଉଦ୍ଭୂତ ନାମ ଧାତୁ)—Rogā(ge)ibā ରୋଗରେ ଆକ୍ରାନ୍ତ ହେବା—To be at- রোগা হওয়া रोगी होना tacked with a disease.

ରୋଗାକ୍ରମଣ—ସ. ବ. (୬ଷ୍ଠୀ ତତ୍)—(ମନୁଷ୍ୟାଦିଙ୍କୁ) ରୋଗ ଧରିବା—Rogākramaṇa The attack of a disease; being overtaken by a disease.

ରୋଗାକ୍ରାନ୍ତ—ସ. ବଣ. ପୁଂ (୩ୟା ତତ୍)—ରୋଗଗ୍ରସ୍ତ (ଦେଖ) Rogākrānta Rogagrasta (See) (ରୋଗାକ୍ରାନ୍ତା—ସ୍ତ୍ରୀ)

ରୋଗାତୁର—ସ. ବଣ. ପୁଂ (୩ୟା ତତ୍)—ରୋଗ ଦ୍ୱାରା ବ୍ୟସ୍ତ ବା ଅଥୟ Rogātura —Overpowered with sickness, (ରୋଗାତୁରା—ସ୍ତ୍ରୀ) sorely afflicted with illness.

ରୋଗାପନୟନ—ସ. ବ. (୬ଷ୍ଠୀ ତତ୍)—ରୋଗର ଦୂରୀକରଣ—Rogāpanayana Curing of a disease. (ରୋଗାପନୋଦନ—ଅନ୍ୟରୂପ)

ରୋଗାବସାନ—ସ. ବ. (୬ଷ୍ଠୀ ତତ୍)—ରୋଗର ଶାନ୍ତି ବା ଉପଶମ—Rogābasāna Convalescence.

ରୋଗାର୍ତ୍ତ—ସ. ବଣ. ପୁଂ (୩ୟା ତତ୍)—ରୋଗାକ୍ରାନ୍ତ; ରୋଗଗ୍ରସ୍ତ—Rogārtta Stricken with a disease. (ରୋଗାର୍ତ୍ତା—ସ୍ତ୍ରୀ)

ରୋଗା ଶିଆଳ—ପ୍ରାଦେ. (ସମ୍ବଲପୁର) ବ—ବାଯ୍ୟା ବିଲୁଅ—Rogā śiāla Mad jackal.

ରୋଗିଆ(ଣା)—ଦେ. ବଣ. ପୁଂ (ସ. ରୋଗୀ; ରୁଗ୍ଣ)—୧। ବ୍ୟାଧିଗ୍ରସ୍ତ; Rogiā(ṇā) ରୁଗ୍ଣ—1. Sick. ୨ । ଭଗ୍ନସ୍ୱାସ୍ଥ୍ୟ—রুগি, রোগাটিয়া, রোগনা, রোগাটে रोगिया 2. Sickly. (ରୋଗେଇ, ରୋଗିଆଣୀ, ରୋଗିଣୀ—ସ୍ତ୍ରୀ)

ରୋଗି ଚର୍ଯ୍ୟା—ସଂ. ବ. (୬ଷ୍ଠୀ ତତ୍)—ରୋଗୀର ରୋଗକୁ ଆରୋଗ୍ୟ Rogi charjyā କରିବା ପାଇଁ ଅବଲମ୍ବିତ ନାନା ପ୍ରକ୍ରିୟା—(ରୋଗି ଶୁଶ୍ରୂଷା, ରୋଗି ସେବା—ଅନ୍ୟରୂପ) Tending of the sick.

ରୋଗିଣୀ—ସଂ. ବଣ. ସ୍ତ୍ରୀ. (ରୋଗିନ୍+ସ୍ତ୍ରୀ. ଈ)—୧ । ବ୍ୟାଧିଗ୍ରସ୍ତା—Rogiṇi 1. Sick. ୨ । ଚିରରୁଗ୍ଣା—2. Sickly; invalid (woman). (ରୋଗୀ—ପୁଂ)

ରୋଗୀ—ସଂ. ବଣ. ପୁଂ (ରୋଗ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ)—Rogi ରୁଗ୍ଣ; ବ୍ୟାଧିଗ୍ରସ୍ତ—Sick. ସଂ. ବ—୧ । ରୋଗଗ୍ରସ୍ତ (ରୋଗିଣୀ—ସ୍ତ୍ରୀ) ବ୍ୟକ୍ତି—1. A sick person. ୨ । ଚିକିତ୍ସାଧୀନ ବ୍ୟକ୍ତି; ପଙ୍ଗୁ—2. A patient. [ଦ୍ର—ହିନ୍ଦୁ ଗ୍ରନ୍ଥ ଅନୁସାରେ ଚିକିତ୍ସାଧୀନ ବ୍ୟକ୍ତି ବା ରୋଗୀ ଦୁଇ ପ୍ରକାର । ଯଥା—

୧ । ଚିକିତ୍ସ୍ୟ—ଯେଉଁ ରୋଗୀର ଚକ୍ଷୁଃ ପ୍ରଭୃତି ଇନ୍ଦ୍ରିୟମାନ ବିକୃତ ନ ହୋଇ ସ୍ୱାଭାବିକ ଅବସ୍ଥାରେ ଥାଏ ଓ ସୁଖଦୁଃଖଜନକ କ୍ରିୟାଶୂନ୍ୟ ହୋଇ ନ ଥାଏ; ସେ ଚିକିତ୍ସକଙ୍କର ବାଧ ଓ ଇନ୍ଦ୍ରିୟସଂଯମରେ ସମର୍ଥ ।

୨ । ଅଚିକିତ୍ସ୍ୟ—ଯାହାର ଚକ୍ଷୁଃ ପ୍ରଭୃତି ଇନ୍ଦ୍ରିୟ କ୍ରିୟା ଶକ୍ତିଶୂନ୍ୟ ହୋଇଥାଏ; ଯେଉଁ ରୋଗୀ ଅତ୍ୟଧିକ କୋପନସ୍ୱଭାବ, ଅବଶ୍ୟ, ସ୍ୱାର୍ଥ, ଚିକିତ୍ସକଙ୍କର ଆଦେଶ ଲଙ୍ଘନକାରୀ, ବ୍ୟାକୁଳଚିତ୍ତ, ଶୋକଗ୍ରସ୍ତ, ମୁମୂର୍ଷୁ, ଚିକିତ୍ସକଙ୍କପ୍ରତି ଶଠତାଯୁକ୍ତ, ଶ୍ରଦ୍ଧାହୀନ, ଅବିଶ୍ୱାସୀ, ଚିକିତ୍ସକଙ୍କର ଅବାଧ ଓ ଇନ୍ଦ୍ରିୟସଂଯମରେ ଅସମର୍ଥ ।]

ରୋଗୀ ଦେଖିବା—ଦେ. କ୍ରି—(ଚିକିତ୍ସକ) ଆପଣାର ଚିକିତ୍ସାଧୀନ Rogi dekhibā ରୋଗୀଙ୍କୁ ପରୀକ୍ଷା କରିବାପାଇଁ ରୋଗୀର ଗୃହକୁ রোগী দেখা ଯିବା—To examine or pay a रोगी देखना visit to a patient.

ରୋଗୋପଶମ—ସ. ବ (୬ଷ୍ଠୀ ତତ୍; ରୋଗ+ଉପଶମ)—ରୋଗ Rogopaśama ନିବୃତ୍ତି (ଦେଖ)—Roga nibṛutti (ରୋଗୋପଶାନ୍ତି—ଅନ୍ୟରୂପ) (See)

ରୋଗୋପଶମନ—ସ. ବ (୬ଷ୍ଠୀ ତତ୍)—ଆରୋଗ୍ୟ କରଣ—Rogopaśamana Curing a disease.

ରୋଗ୍ୟ—ସ. ବଣ (ରୋଗ+ଯ)—୧ । ରୋଗ ସମ୍ବନ୍ଧୀୟ—Rogya 1. Relating to disease. ୨ । ରୋଗଜନକ—2. Causing illness. ୩ । ଅପଥ୍ୟ—3. Not fit to be taken by a sick person, not beneficial to a sick person.

ରୋଚକ—ସ. ବ (ରୁଚ୍ ଧାତୁ ଣିଜନ୍ତ ରୋଚଧାତୁ+କର୍ତ୍ତୃ. ଅକ)—୧ । Rochaka ରୁଚିକର—1. Tasteful. ୨ । ମୁଖରୁଚିକର—(ରୋଚକା—ସ୍ତ୍ରୀ) 2. Pleasant to the taste; relishing; delicious. ୩ । ପ୍ରୀତିଜନକ—3. Pleasing. ୪ । କ୍ଷୁଧାର ଉଦ୍ଦୀପକ—4. Savoury; appetising. ସ. ବ—୧ । କ୍ଷୁଧା—1. Hunger. ୨ । ଚଟଣୀ—2. Sauce. ୩ । (ବୈଦ୍ୟକ)—କଦଳୀ—3. Plantain. ୪ । କେଶାକ ଦେଶୀୟ ଗ୍ରନ୍ଥିପର୍ଣ୍ଣୀ ବିଶେଷ; ଗଣ୍ଠିଅଣା ଗୁଳ୍ମ—4. A medicinal plant. ୫ । ପଲାଣ୍ଡୁ; ପିଆଜ—5. Onion.

ରୋଚନ—ସ.ବଣ (ରୋଚଧାତୁ+କର୍ତ୍ତୃ. ଅନ)—୧। ରୋଚକ (ଦେଖ) Rochana 1. Rochaka (See) ୨ । ପ୍ରୀତିକର—2. Pleasant. [ଦ୍ର—ବଶିଷ୍ଠଲେଖକ ରୋଚନ ଶେକ

ତମସ ନୋଦ୍ୟେ କଦା—ଭଞ୍ଜ. ବୈଦେହୀଶବିଳାସ ।]
ସଂ. ବି—୧ । (ବୈଦ୍ୟକ) କୁଟ ଶାଲ୍ମଳୀ—
1. A species of wild plant. ୨ । ଡାଳିମ୍ବ—
2. Pomegranate. ୩ । କାମ୍ପିଲ୍ୟ; କମଳାଗୁଣ୍ଡି
—3. Kamilla; Mellotus phillipinensis; a red vegetable Powder for dying silk. ୪ । କଟୁକରଞ୍ଜ; ବଉଘୋଲ ଫଳ—4. A medicinal plant, Caesalpina Bonducella (fruit). ୫ । କରମର୍ଦ୍ଦକ; କରଡା କୋଳି—
5. A sort of berry; Carissa Carandus. ୬ । କାର୍ପାସ ବୃକ୍ଷ ବିଶେଷ—6. A sort of cotton plant. ୭ । ବାୟୁରେଚକ ଔଷଧ—7. A medicine which drives off the wind from the system.

ରୋଚନକ—ସଂ. ବି (ରୋଚନ+କ)—ଟଭା ଲେମ୍ବୁ ଗଛ—
Rochanaka The citron tree (Apte)

ରୋଚନା—ସଂ. ବି. ସ୍ତ୍ରୀ (ରୁଚ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅନ+
Rochanā ଆ)—୧ । (ବୈଦ୍ୟକ) ଗୋରୋଚନା; ଗୋଚନା—1. Bijoor; a sort of yellow pigment got from the carcass of cattle.
[ଉ—ଅଳକ ତଳ ଅଖଣ୍ଡିତ ରୋଚନା ରେଖା । କବିସୂର୍ଯ୍ୟ. ବଳୋରେନ୍ଦ୍ର ନିଜଚମ୍ପୂ ଭ. ଗୀତ ।] ୨ । ନିର୍ମଳ ଆକାଶ—2. The bright sky; firmament (Apte). ୩ । କୁଟ ଶାଲ୍ମଳୀ—3. The black śālmali tree (Apte). ୪ । ରକ୍ତ କମଳ—4 . The red lotus. ୫ । ଉତ୍ତମା ସ୍ତ୍ରୀ—5. A graceful woman.

ରୋଚନିକା—ସଂ. ବି (ରୋଚନା+କ+ଅ)—ବଂଶଲୋଚନା—
Rochanikā The manna of bamboo

ରୋଚନୀ—ସଂ. ବି. ସ୍ତ୍ରୀ—(ରୋଚନ+ସ୍ତ୍ରୀ. ଈ)—୧ । (ବୈଦ୍ୟକ)
Rochanī ଚକା ଖଟାପାଳଙ୍ଗ—1. A port herb; Bladder dock; Rumex Visicarius. ୨ । ପୋଦିନା ଶାଗ—2. A sort of potherb; mentha. ୩ । ଅମଳକୀ; ଅଁଳା କୋଳି—
3. Embellic myrobalan. ୪ । ଗୋରୋଚନା-
4. Gall bladdar of kine; Bijoor.

ରୋଚମାନ—ସଂ. ବି. ପୁଂ—(ରୁଚ ଧାତୁ+କର୍ତ୍ତୃ. ଅନ)—ଦୀପ୍ୟମାନ;
Rochamāna ଉଜ୍ଜ୍ୱଳ—Shining; bright. ସଂ. ବି—
[ରୋଚମାନା—ସ୍ତ୍ରୀ] ଅଶ୍ୱକଣ୍ଠସ୍ଥ ରୋମାବର୍ତ୍ତ ବିଶେଷ—A sort of whorl on the neck of a horse.
[ଦ୍ର—ଏପରି ରୋମାବର୍ତ୍ତ ଶୁଭଜନକ ବୋଲି ଲୋକ-ବାଦ ।]

ରୋଚିଃ—ସଂ. ବି.—(ରୁଚ୍ ଧାତୁ+ଭାବ. ଇସ୍; ୧ମା. ୧ବ)—୧
Rochiḥ ଆଭା; ଦୀପ୍ତି; କାନ୍ତି—1. Lustre. ୨ । ସୌନ୍ଦର୍ଯ୍ୟ;
[ରୋଚିସ୍—ଅନ୍ୟରୂପ] ଲାବଣ୍ୟ—2. Beauty; grace.

ରୋଚିବା—ଦେ. କ୍ରି.—(ସଂ. ରୁଚ୍ ଧାତୁ)—୧ । ରୁଚିବା (ଦେଖ)
Rochibā ରୁଚା रु(रो)चना 1. Ruchiba (See)
[ଉ—ତୋତେ ରୋଚୁ ଅବା ନ ରୋଚୁ ସେ ନ୍ୟାୟ୍ୟ । ରାଧାନାଥ. ଦରବାର ।] ୨ । ଖାଇବାକୁ ଯୋଗାଇବା—
2. To be savoury.

ରୋଚିଷ୍ଣୁ—ସଂ. ବିଣ.—(ରୁଚ୍ ଧାତୁ+କର୍ତ୍ତୃ. ଇଷ୍ଣୁ)—୧ । କାନ୍ତିବିଶିଷ୍ଟ
Rochishṇu 1. Lustrous. ୨ । ଉଜ୍ଜ୍ୱଳ—2. Shining; dazzling; brilliant. ୩ । ଅଳଙ୍କାରଦ୍ୱାରା ଦୀପ୍ତିଶାଳୀ—3. Brilliantly decorated.

ରୋଚୀ—ସଂ. ବିଣ.—(ରୁଚ୍ ଧାତୁ+କର୍ତ୍ତୃ. ଇନ୍)—ରୋଚିଷ୍ଣୁ (ଦେଖ)
Rochī Rochishṇu (See)
ସଂ. ବି.—ହୁଲ ମୋଚକା (ପ୍ରକୃତିବାଦ)—
A kind of medicinal pot-herb.

ରୋଚ୍ୟ—ସଂ. ବିଣ. ପୁଂ—(ରୁଚ ଧାତୁ+କର୍ମ ଯ)—୧ । ରୁଚିକର
Rochya 1. Ruchikara (See) (ଦେଖ) ୨ । ରୋଚକ
[ରୋଚ୍ୟା—ସ୍ତ୍ରୀ] (ଦେଖ) 2. Rochaka (See)

ରୋଜ୍—ବୈଦେ. ବି.—(ଫା.)—୧ ଦିବସ—1. A day.
Roj রোজ रोज ୨ । ତାରିଖ—2. A date. ୩ । (ଇଂ. ରୋଜ୍) ଗୋଲାପ ଫୁଲ—3. Rose (flower). ଦେ. କ୍ରି. ବିଣ.—୧ । ପ୍ରତିଦିନ—1. Daily; every day. ୨ । ଏକଦିନ ପାଇଁ—2. For a day; per day. ଦେ. ବିଣ.—ଦୈନିକ—Daily.

ରୋଜ ୱାଟର—ବୈଦେ. ବି.—(ଇଂ. ରୋଜ୍ ୱାଟର୍)—ଗୋଲାପ
Roj wāṭar ପାଣି; ଗୋଲାପ ଫୁଲ ପାଖୁଡ଼ାରୁ ବୈଜ୍ଞାନିକ রোজ উআটর ପ୍ରକ୍ରିୟାରେ ବାହାର କରା ଯାଇଥିବା ସୁବାସିତ रोज वाटर (ରୋଜ୍‌ୱାଟର୍—ଅନ୍ୟରୂପ) ଜଳ—Rose water.

ରୋଜ୍‌କା ରୋଜ—ବୈଦେ. କ୍ରି. ବିଣ—(ଫା.)—ପ୍ରତ୍ୟହ; ପ୍ରତିଦିନ—
Roj-kā roj ନିତି—Every day; daily; from day
রোজ রোজ रोजकारोज to day.

ରୋଜ୍‌ଗାର—ବୈଦେ. ବି—(ଫା. ରୋଜ୍‌ଗାର୍)—୧ । ଆୟ;—
Roj-gāra 1. Income; earning. ୨ । ଅର୍ଥ ଉପାର୍ଜ୍ଜନ—
2. Earning money.

ରୋଜ୍‌ଗାର କରିବା—ଦେ. କ୍ରି—୧ । ଆୟ କରିବା—1. To make
Roj-gāra karibā an income. ୨ । ଅର୍ଜ୍ଜନ କରିବା—
রোজগার করা रोजगार करना 2. To earn.

ରୋଜ୍‌ଗାର ଧନ୍ଦା—ଦେ.ବି (ସଦ୍ଧତର)—୧ । ଆୟ ଓ ଆୟଜନକ କର୍ମ;
Roj-gāradhandā ଆୟ ଓ ଚାକିରୀ—1. Income and
রোজগারধান্দা रोजगारधान्दा employment. ୨ । ଆୟଜନକ କର୍ମ—2. Profitable employment. ୩ । ଚାକିରି—
3. Service.

ରୋଜ୍‌ଗାର ବନ୍ଦ—ଦେ.ବି—ଆୟରାହିତ୍ୟ—Want of employment; stoppage of income.
Roj-gāra banda
রোজগার বন্দ रोजगार बन्द

ରୋଜଗାରବୃତ୍ତି—ଦେ. ବ—ଯଦ୍ଦ୍ୱାରା ବା ବ୍ୟବସାୟ୍ କରି ଅର୍ଜନ କରିବା
Rojgārabrutti ଯାଉବା—A profession by which
ରୋजगार वृत्ति **रोजगार वृत्ति** a person earns his living.

ରୋଜ୍‌ଗାରି—ପ୍ରାଦେ. ବ (କଟକ, ଭଦ୍ରିଆ)—ଦୋକାନଦାର—
Roj-gāri Shopkeeper.

ରୋଜ୍‌ଗାରି—ଦେ. ବଣ (ପୁଂ ଓ ସ୍ତ୍ରୀ)—ଅର୍ଜନକାରୀ; ଅର୍ଜନକାରିଣୀ
Roj-gāri —Earning. [ଦ୍ର—ମୋର ରୋଜଗାରିଆ
(ରୋଜଗାରିଆ—ଅନ୍ୟରୂପ) ପୁଅ ଥାଉଁ ଥାଉଁ ମୁଁ ଦୁଃଖ ପାଇବ
रोजगारी **रोजगारी** ନାହିଁ ।]

ରୋଜାନା—ପ୍ରାଦେ. (ବାମଣ୍ଡା) ବ. ସ୍ତ୍ରୀ—ନୀଳ ଗାଈ ଜାତୀୟ
Rojanā ପଶୁ—A female Nilghou (a wild beast).

ରୋଜ୍(ଜି)ନା—ବୈଦେ. କି. ବଣ—(ଅ. ରୋଜନା)—୧ । ପ୍ରତିଦିନ
Roj-(ji)nā 1. Daily. ୨ । ଦିନ ହିସାବରେ; ଦିନକୁ—
2. Per day. [ଦ୍ର—ସେ ରୋଜନା ଦଶ ଟଙ୍କା ପାଏ ।]

ରୋଜ୍[ଜି]ନାମା[ମ୍]ଚା—ବୈଦେ. ବ.—[ଫା. ରୋଜ୍‌ନାମ୍‌ଚା]—
Roj(ji)nām(m)chā ୧ । ଦୈନିକ ଜମା ଖରଚ ହିସାବ
रोजनामचा **रोजनामचा** ବହି—1. A day book; a
[ରୋଜ୍(ଜି)ନାମା—ଅନ୍ୟରୂପ] daily account book, a tradesman's journal. ୨ । ଡାଇରି; କୌଣସି ବ୍ୟକ୍ତିଙ୍କର ଦୈନିକ କାର୍ଯ୍ୟାବଳୀ ଲିପିବଦ୍ଧ ହେବାର ପୁସ୍ତକ—2. A diary; journal.

ରୋଜ୍‌ବର୍‌ରୋଜ୍—ବୈଦେ. କି. ବଣ (ଅ. ରୋଜ୍‌ବରୋଜ୍)—
Roj-bar-roj ଦିନକୁ ଦିନ; ପ୍ରତ୍ୟହ; ଦୈନିକ ନିତ—
(ରୋଜ୍ ବରୋଜ, ରୋଜ୍ ରୋଜ୍—ଅନ୍ୟରୂପ) From
रोजरोज **रोजबरोज** day to day; every day; daily.

ରୋଜା—ବୈଦେ. ବ (ଫା. ରୋଜା)—୧ । ମୁସଲମାନଙ୍କର ରମଜାନ୍
Rojā ମାସରେ ଉଦ୍ୟ ଦିନ ପୂର୍ବରୁ ୩୦ ଦିନ ପାଇଁ ଦିନରାମାସ
रोजा **रोजा** ପାଳିତ ହେବା କଠୋର ଉପବାସରୂପ ବ୍ରତ—
1. A very rigorous fast observed by Mohammedans during the month of Ramjan. [ଦ୍ର—ଏ ଉପବାସରେ ଦିନଯାକ ଜଳ ଗ୍ରହଣ, ଏପରି କି, ଥୁକ ଢୋକିବା ମଧ୍ୟ ନିଷିଦ୍ଧ । କେବଳ ରାତ୍ରିରେ ଏପରି ଭୋଜନ କରାଯାଇଥିବ, ଯେପରି କି, ସକାଳବେଳକୁ ପେଟରେ କିଛି ଖାଦ୍ୟ ନ ଥିବ ଏବଂ ଆଉ ତ କମ୍ପା ଅଧୋବାୟୁ ମଧ୍ୟ ନ ଯିବ ।] ଦେ. ବ (ସଂ. ଉପାଧ୍ୟାୟ)—ଓଝା; ଭୂତ ଓ ସାପ ବିଷ ଆଦି ଛଡ଼ାଇବା ବ୍ୟକ୍ତି; ଗୁଣିଆ—A person who exercises evil spirits and who cures snake-bites by means of mystic applications.

ରୋଜା କ(ଧ)ରିବା—ଦେ. କି (ମୁସଲମାନମାନେ) ରୋଜା ଉପବାସ
Rojā ka(dha)ribā ଅବଲମ୍ବନ କରିବା—To observe
रोजाकरा, रोजाधरा, रोजाराखा **रोजारखना(करना)** the
ରୋଜା ପାଳିବା }
ରୋଜା ରଖିବା } —ଅନ୍ୟରୂପ Rojā fast. [ଦ୍ର—ଧର୍ମଶାସ୍ତ୍ର ଅନୁସାରେ ବାଳକ ଶିଶୁ, ଅତି ବୃଦ୍ଧ ଓ ଅତ୍ୟନ୍ତ ଅକ୍ଷମ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ମୁସଲମାନମାନେ ପ୍ରାଣପଣରେ ରୋଜା ପାଳିବାକୁ ଧର୍ମତଃ ବାଧ୍ୟ ଅଟନ୍ତି ।]

ରୋଜା ଖୋଲିବା—ଦେ. କି—ଦିନମାନ ରୋଜା ବା ଉପବାସ ବ୍ରତ
Rojā kholibā ପାଳନ କରିସାରି ସନ୍ଧ୍ୟା ପରେ ରୋଜାର ପାରଣା
रोजा खोलना **रोजा खोलना** କରିବା—To break the
[ରୋଜାଫିଟ (ଟେ)ଇବା—ଅନ୍ୟରୂପ] Rojā fast after nightfall. [ଦ୍ର—ସନ୍ଧ୍ୟା ନମାଜ ପଢ଼ିସାରି ରୋଜା ଖୋଲିବାକୁ ହୁଏ । ରୋଜା ଖୋଲିବାବେଳେ ଆଗ କରି ସରବତ୍ ପିଇବାକୁ ହୁଏ; ତତ୍ପରେ ଅନ୍ୟ ଖାଦ୍ୟ ଖିଆଯାଏ ।]

ରୋଜା ଛାଡ଼ିବା—ଦେ. କି—ମୁସଲମାନ୍ ଶାସ୍ତ୍ରନିର୍ଦ୍ଦିଷ୍ଟ ରୋଜା ବ୍ରତ ନ
Rojā chhārdibā ପାଳିବା—Not to observe the
रोजाछाडा **रोजाछोड** Rojā fast.

ରୋଜନା—ବୈଦେ. ବଣ ଓ କି. ବଣ—ରୋଜିନା (ଦେଖ)—
Rojānā Rojinā (See) [ଦ୍ର—ମନୁଷ୍ୟ ତଣ୍ଡଧର ଦାସ ବନ୍ଦା ଭାଣ୍ଡାଣଘରରେ ବସି ରୋଜାନା ଭାଇସି କଲ୍ୟ—ବନ୍ଦ କରୁଥିବା ଢାଲତ—ଫକୀରମୋହନ ଛମାଣ ଅଠଗୁଣ୍ଠ ।]

ରୋଜି—ବୈଦେ, କି. ବଣ—ପ୍ରତ୍ୟହ; ପ୍ରତିଦିନ—Everyday;
Roji daily. ବୈଦେ. ବ—୧ । (ଫା. ରୁଜି)—
रोज ରୁଜି (ଦେଖ)—1. Ruji (See) ୨ । (ଫା.
रोज ରୋଜା)—ରମଜାନ୍ ମାସରେ ପାଳିତ ମୁସଲମାନ ବ୍ରତ
मोकाबिला ବା ଉପବାସ—2. The Rojā fast observed
मुकाबिला by the Mussalmans in the month
रोजा of Ramjan. [ଦ୍ର—ଏ ଉପବାସ ଦିନଯାକ
रोजा ପାଳି ସୂର୍ଯ୍ୟାସ୍ତ ସମୟରୁ ପ୍ରଥମ ଭୋଜନ କରି ରାତ୍ରିରେ ପୁଣି ଖାଇବାକୁ ହୁଏ, ଯେପରି କି, ଭୁକ୍ତ ଖାଦ୍ୟଦ୍ରବ୍ୟ ତହିଁ ଆର ଦିନ ସକାଳକୁ ଜୀର୍ଣ୍ଣ ହୋଇ ଯାଇଥିବ ।]

ରୋଜି କରିବା—ଦେ. କି—ରୁଜି କରିବା (ଦେଖ)—
Roji karibā Ruji karibā (See)
मोकाबिला करा **मुकाबिला करना**

ରୋଜିନା—ବୈଦେ. କି. ବଣ (ଅ)—ପ୍ରତ୍ୟହ—Daily;
Rojinā everyday. [ଦ୍ର—ଆପଣେ ରୋଜିନା କେତେ
रोज କାରବାର ଦେଖୁଛନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ ।]
रोजिना ବୈଦେ. ବଣ—ପ୍ରତ୍ୟହ କର୍ତ୍ତବ୍ୟ; ଦୈନନ୍ଦିନ; ଦୈନିକ
—Performable daily. ବୈଦେ. ବ—ଦୈନିକ ଭତ୍ତା—Daily allowance of dole.

ରୋଜନାମଚ୍ଛ—ବୈଦେ ବ—ରୋଜ୍ ନାମ୍‌ଚ୍ଛ (ଦେଖ)—
Rojināmachā Roj-nāmchā (See)
(ରୋଜନାମା—ଅନ୍ୟରୂପ)

ରୋଡ୍—ବୈଦେ. ପ୍ରାଦେ (ଗଞ୍ଜାମ) (ଇଂ. ରୋଡ଼୍) ବ—ରାସ୍ତା—
Roṭ Road.

ରୋଟ(ଟା)—ଦେ· ବଣ. ପୁଂ—୧ । ମୋଟ; ମୋଟା—1. Thick.
Roṭa(ṭā) ୨ । ପୃଥୁଳ—2. Corpulent; stout; fat.
ମୋଟା [ଉ—ଶଙ୍ଖି ଦେଖାଏ, ସନ୍ଧି ରୋଟ ମଲ୍ଲମାନେ କାର୍ମିଲା-
मोटा (ରୋଟ—ସ୍ତ୍ରୀ) ଉତ୍ତର-ମାଗ୍ରମୂତ-ପାନେ । ଗ୍ରଧାନାଥ. ନନ୍ଦକେଶ୍ୱରୀ ।]
(ରୋଟଅ—ଅନ୍ୟରୂପ) ୩ । ବଗଡ଼ା; କଠୋର; କର୍କଶ—
(ରୋଟୀ, ରୋଟେଇ—ସ୍ତ୍ରୀ) 3. Coarse; harsh; grating.
(ପତଳା, ସରୁ–ବିପରୀତ) [ଉ—ରୋଟ ଭାତ ।] ୪ । ଉଚ୍ଚସ୍ୱର—
ଯୁକ୍ତ—4. Loud. [ଉ—ରୋଟ ଧ୍ୱନି ।] ୫ ।
ସ୍ଫୀତ—6 Puffed up. [ଉ—କେତେ କୁକୁଟ
ଶିର ମୁକୁଟ, କମ୍ପାଇ ଦେଇ ଭୁଇଁରେ କଣ୍ଠ, କରଣ
ରୋଟ, ଧ୍ୱନି ପ୍ରକଟ, କରନ୍ତ କହି ହେ । ଭଞ୍ଜ. ସୁଭଦ୍ରା ପରିଣୟ ।]

ରୋଟ କରିବା—ଦେ. କ୍ରି—୧ । ଫୁଲାଇବା—1. To puff up.
Roṭa karibā ୨ । ମୋଟ କରିବା—2. To make more
ମୋଟାକରা thick. ୩ । ସ୍ଥୂଳ କରାଇବା—3. To fatten,
मोटा करना [ରୋଟା(ଟେ)ଇବା—ଅନ୍ୟରୂପ]

ରୋଟ ଖଦି—ଦେ·ବ—ବଗଡ଼ା ଲୁଗା; ଅଳ୍ପ ଓସାରିଆ ଖଦଡ଼ ଲୁଗା—
Roṭa khadi Coarse cloth; thick cloth.
মোটা কাপড় मोटा कपड़ा (ରୋଟଲୁଗା—ଅନ୍ୟରୂପ)

ରୋଟ(ଟା) ଖାଇବା ମୋଟ(ଟା) ପିନ୍ଧିବା—ଦେ. କ୍ରି—୧ । ବଗଡ଼ା
Roṭa(ṭā) khāibā moṭa(ṭā) pindhibā ଖାଦ୍ୟ ଖାଇବା
মোটা খাওয়া মোটা পরা ଓ ମୋଟ ଲୁଗା ପିନ୍ଧିବା—1. To
मोटा खाना मोटा पहनना eat coarse food and
[ରୋଟ(ଟା) ପିନ୍ଧିବା ମୋଟ(ଟା) ଖାଇବା—ଅନ୍ୟରୂପ] wear
coarse cloth. ୨ । ବାବୁଗିରି ନ କରି ବା ବିଳାସ-
ପ୍ରିୟ ନ ହୋଇ ମୋଟାଏ ବଗଡ଼ା ଖାଦ୍ୟ ଖାଇ ଏବଂ
ମୋଟଲୁଗା ପିନ୍ଧି ଗୁଜରାଣ ମେଣ୍ଟାଇବା—2. To live
anyhow by eating coarse food and
wearing coarse cloth, i. e. without
enjoying a luxrious life; to subsist
on coarse fare and dress. [ଉ—ମୋର
ଯାହା ପୈତୃକ ସମ୍ପତ୍ତି ଅଛି, ସେଥିରୁ ରୋଟ ଖାଇ
ମୋଟ ପିନ୍ଧି ଚଳିଲେ ମୋ ପୁଅ ନାତି ଦୁଃଖ ପାଇବେ
ନାହିଁ ।]

ରୋଟ ଗଳା—ଦେ. ବ—କର୍କଶ ସ୍ୱର—
Roṭa gaḷā Harsh or grating tone.
মোটা সুর मोटा गला (ରୋଟ ସ୍ୱର—ଅନ୍ୟରୂପ)

ରୋଟ ଚାଉଳ—ଦେ. ବ—ମୋଟ ଚାଉଳ; ବଗଡ଼ା ଚାଉଳ—
Roṭa chāuḷa Coarse rice.
মোটা চাল [ଦ୍ର—ଏହିପରି ରୋଟ ଧାନ, ରୋଟ ଭାତ, ରୋଟ
मोटा चावल ଲୁଗା, ରୋଟ ସୂତା ଅର୍ଥ ହୁଏ ।]

ରୋଟ ମା(ମୋ, ରା, ସୋ)ଟ—ଦେ. ବଣ (ଅର୍ଥହୀନ, ଧ୍ୱନ୍ୟନୁକାରୀ
Roṭa mā(mo, rā, so)ṭa ସହଚର)—ଖବ୍ ପୃଥୁଳ—
মোটা মোটা Very fat. [ଦ୍ର—ରଜା ଘରେ ଓପର ଭୋଜନ
मोटा(टा) सोटा(टा) ମାତ୍ର ସେ ରୋଟମାଟ ବନିଗଲାଣି ।]
[ରୋଟା ମୋ(ସୋ)ଟା, ରୋଟା ରୋଟ, ରୋଟଅ ମୋ(ସୋ)ଟଅ—ଅନ୍ୟରୂପ]

ରୋଟ ସରୁ—ଦେ. ବଣ (ବିପରୀତ ସହଚର)—ମୋଟା ଓ ପାତଳ
Roṭa saru (ବସ୍ତୁମାନ)-Thick and thin; coarse and
মোটা সরু fine (things). [ଦ୍ର—ସାଥିଲୋକ ଉଆସରେ
मोटा पतला ଖବର କର ରୋଟ ସରୁ ବାଇଲେ ଦଣ୍ଡେ ବଞ୍ଚି
ହୋଇ ପାରିବ ନାହିଁ ।]

ରୋଟି—ସଂ. ବ. (ରୁଟ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଇ)—ରୁଟି;
Roṭi ଗୋଧୂମ ଚୂର୍ଣ୍ଣରେ ପାଣି ମିଶାଯାଇ ଦଳାଯାଇ ତହିଁରୁ ପ୍ରସ୍ତୁତ
(ରୋଟିକା—ଅନ୍ୟରୂପ) କରାଯିବା ପିଠା—Thin bread.

ରୋଟିଆ—ଦେ. ବଣ (ପୁଂ ଓ ସ୍ତ୍ରୀ)—ରୋଟ; ମୋଟା; ପୃଥୁଳ—
Roṭiā মোটা मोटा Fat; corpulent.
(ରୋଟେଇ—ସ୍ତ୍ରୀ)

ରୋଟିନ୍(ନି)—ବୈଦେ. ବ· (ଇଂ. ରୁଟିନ)—ରୁଟିନ୍ (ଦେଖ)
Roṭin(ni) Ruṭin (See)

ରୋଟୀ—ଦେ· ବ—ରୋଟ (ଦେଖ) Roṭa (See).
Roṭī ବଣ—ସ୍ତ୍ରୀ—ରୋଟର ସ୍ତ୍ରୀଲିଙ୍ଗ—Feminine of Roṭa

ରୋଠି—ପ୍ରାଦେ. (ଗଡ଼ଜାତ) ବ—ଏକପ୍ରକାର ଶସ୍ୟ—Common
Roṭhi Vetch; Vacia Sativa (Haines).

ରୋଡ୍ (ଧାତୁ)—ସ—୧ । କ୍ଷୋଭ କରିବା—1. To lament, ୨ ।
Roḍ (root)ଘୃଣା କରିବା—2. To despise (Apte).

ରୋଡ୍—ବୈଦେ. ବ. (ଇଂ. ରୋଡ୍)—ସଡ଼କ; ମାଟି ବା ପଥର ଆଦି
Roḍ ଦ୍ୱାରା ପ୍ରସ୍ତୁତ ପଥ; ରାସ୍ତା—Road. [ଦ୍ର—ଏହି
রোড रोड ରୋଡ ଶବ୍ଦର ପୂର୍ବେ ରାସ୍ତାମାନଙ୍କର ନାମ ଓ
ଉପାଦାନ ଏବଂ ପ୍ରସିଦ୍ଧ ବ୍ୟକ୍ତି ଓ କର୍ମଚାରୀ ଆଦିଙ୍କ ଦେଶୀୟ
ଓ ବିଦେଶୀୟ ନାମ ଯୁକ୍ତ ହୁଏ । (ରାସ୍ତା ଦେଖ) ଯଥା—
କଚ୍ଚା ରୋଡ୍, ପିଲ୍‌ଗ୍ରିମ୍ ରୋଡ୍, ପକ୍କା ରୋଡ୍, କଟକ-
ସୋନପୁର ରୋଡ୍, ମିସନ୍ ରୋଡ୍, କଚେରି ରୋଡ୍,
ରେଭେନ୍‌ସା ରୋଡ୍, ଷ୍ଟେସନ୍ ରୋଡ୍, କଲେଜ୍ ରୋଡ୍,
ବାଲୁବଜାର ରୋଡ୍, ମାଛୁଆ ରୋଡ୍, ଚାନ୍ଦନୀ ରୋଡ୍,
ଆଲବର୍ଟ୍ ରୋଡ୍, ଷ୍ଟେସନ୍ ରୋଡ୍, ଉଷ୍ଟ୍ରିକ୍ ରୋଡ୍ ରୋଡ୍,
ଟ୍ରଙ୍କ୍ ରୋଡ୍, ଗ୍ରାଣ୍ଡ୍ ଟ୍ରଙ୍କ୍ ରୋଡ୍, ଅଗ୍ରା ରୋଡ୍ ।]

ରୋଡ଼ଙ୍ଗ—ଦେ· ବ—ପୁରୀ ଜିଲ୍ଲାର ଗୋଟିଏ ଜମିଦାରୀ, (ଏଥିର ଅଧିପତି
Rorḍaṅga 'ବକସି' ଉପାଧିଧାରୀ ଯଥି ସ୍ୱମାନଙ୍କ ପୂର୍ବପୁରୁଷମାନେ

ଉତ୍କଳର ସ୍ୱାଧୀନ ରାଜାଙ୍କ 'ମନ୍ତ୍ରୀ' ବା ବକ୍ସି ଥିଲେ—Name of a small estate in the Puri district, the seat of the descendants of the minister of the independant kings of ancient Orissa.

ରୋଡ଼୍ ପିଅ(ଉ)ନ୍—ବୈଦେ. ବି. (ଇଂ. ରୋଡ଼୍ ପିଅନ୍)—ସାଧାରଣ Rod pia(u)n ରାସ୍ତାମାନଙ୍କର ତତ୍ତ୍ୱ ନେବା ପାଇଁ ନିଯୁକ୍ତ ପିଅଦା
রোড পিঅন रोड पिउन —Road peon.

ରୋଡ଼୍ ସେସ୍—ବୈଦେ. ବି.—ଇଂ. ରୋଡ଼୍ ସେସ୍)—ପଥକର; ରାଜ୍ୟରେ Rod ses ସର୍ବସାଧାରଣଙ୍କ ସୁବିଧା ପାଇଁ ରାସ୍ତା ଆଦି ପ୍ରସ୍ତୁତ
রোড সেস କରିବା ଉଦ୍ଦେଶ୍ୟରେ ଇଂରେଜ ଗଭର୍ଣ୍ଣମେଣ୍ଟ ରାଜା ଓ
रोडसेस ପ୍ରଜାଙ୍କଠାରୁ ନେବା ରାଜସ୍ୱର ଅତିରିକ୍ତ ଟିକସ ବା ଖଜଣା—Roadcess. [ଦ୍ର—ଜମିର ଉତ୍ପାଦନ ବା ଆୟକୁ ପରୀକ୍ଷା କରି ତହିଁ ଉପରେ ନିର୍ଦ୍ଧାରିତ ରେଟ୍ (ଅନୁପାତ) ଅନୁସାରେ ଏହି କର ଧାର୍ଯ୍ୟ ହୁଏ । ରୋଡ଼୍‌ସେସ୍ ରୂପେ ଗଭର୍ଣ୍ଣମେଣ୍ଟ ଯେଉଁ ଟଙ୍କା ଆଦାୟ କରନ୍ତି, ତାହା ସଡ଼କ ଆଦି ସାଧାରଣ କାର୍ଯ୍ୟରେ ବ୍ୟୟ କରିବା ପାଇଁ ଡିଷ୍ଟ୍ରିକ୍ଟ ବୋର୍ଡ଼୍‌କୁ ଦିଅନ୍ତି ଏବଂ ନିର୍ଦ୍ଦିଷ୍ଟକାଳ (ମିଆଦ) ଅତୀତ ହେଲେ ଗଭର୍ଣ୍ଣମେଣ୍ଟ ଥରେ ଲେଖାଏଁ ନୂଆ କରି ରୋଡ଼୍‌ସେସ୍ ଧାର୍ଯ୍ୟ କରନ୍ତି ।]

ରୋଡ଼୍‌ସେସ୍ ଡିପାର୍(ର୍ଟ)ମେଣ୍ଟ—ବୈଦେ. ବି. (ଇଂ. ରୋଡ଼୍‌ସେସ୍ Rodses dipat(rt)ment ଡିପାର୍ଟମେଣ୍ଟ)—ରୋଡ଼୍ ସେସ୍ (ରୋଡ଼୍‌ସେସ୍ ବିଭାଗ—ଅନ୍ୟରୂପ) ସମ୍ବନ୍ଧୀୟ ବିଷୟମାନ ତଦାରଖ
রোডসেস ডিপার্টমেন্ট रोडसेस डिपार्टमेंट କରିବା ପାଇଁ ଭାରପ୍ରାପ୍ତ ଗଭର୍ଣ୍ଣମେଣ୍ଟଙ୍କର ଶାସନ ବିଭାଗ—Roadcess Department of Government.

ରୋଡ଼୍‌ସେସ୍ ଡେପୁଟି—ବୈଦେ. ବି. (ଇଂ. ରୋଡ଼୍‌ସେସ୍ ଡେପୁଟି Rod-ses deputi କଲେକ୍ଟର)—ଯେଉଁ ଡେପୁଟି କଲେକ୍ଟର୍
ରୋଡ଼୍ ସେସ୍ ଡେପୁଟି କଲେକ୍ଟର, ରୋଡ଼୍‌ସେସ୍ ଡିପୋଟି, ରୋଡ଼୍ ସେସ୍ ଡିପୋଟି କଲ୍‌ଟର —ଅନ୍ୟରୂପ] କୌଣସି ଜିଲ୍ଲାର ପଥକର ବିଭାଗର ଭାର ବା ଚାର୍ଜରେ
রোডসেস ডেপুটী रोडसेस डेपुटी ଥାଆନ୍ତି—Roadcess Deputy Collector.

ରୋଡ଼୍‌ସେସ୍ ଭା(ଭେ)ଲୁ(ଲ୍ୟୁ)ଏସନ୍—ବୈଦେ. ବି. (ଇଂ. ରୋଡ଼୍‌ସେସ୍ Rod-ses bhā(bhe)lū(lyu)esan ଭାଲ୍ୟୁଏସନ୍)—ରାଜ୍ୟସ୍ତ [ରୋଡ଼୍‌ସେସ୍ ବନ୍ଦୋବସ୍ତ—ଅନ୍ୟରୂପ] ଜମିମାନଙ୍କର ତତ୍କାଳୀନ
রোড়সেস ভেলুএসন ମୂଲ୍ୟ ଓ ଆୟ ଦୃଷ୍ଟିରେ ଜମିଉପରେ ପଥକର
रोडसेस भालुएसन ଧାର୍ଯ୍ୟ କରିବା ପ୍ରକ୍ରିୟା—Roadcess valuation; the operation of Settlement of roadcess in a district.

ରୋଡ଼୍‌ସେସ୍ ରିଟର୍ଣ୍ଣ(ନ)—ବୈଦେ. ବି. (ଇଂ. ରୋଡ଼୍‌ସେସ୍ ରିଟର୍ଣ୍ଣ)—Rod-ses ritarṇṇ(n) ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ରୋଡ଼୍‌ସେସ୍ କର
রোডসেস রিটর্ণ ଧାର୍ଯ୍ୟ ହେବା ଉଦ୍ଦେଶ୍ୟରେ ଭୂମ୍ୟଧିକାରୀମାନେ
रोडसेसरिटर्न ଗଭର୍ଣ୍ଣମେଣ୍ଟ କର୍ମଚାରୀଙ୍କ ନିକଟ ଦାଖଲ କରିବା ନିଜ ନିଜର ଜମିର ମୂଲ୍ୟ ଓ ଆୟର ବିବରଣସମ୍ବଳିତ ଷ୍ଟେଟ୍‌ମେଣ୍ଟ—Roadcess Return. [ଦ୍ର—ଏସ୍ଥଳର ଅନେକସ୍ଥଳରେ ଇଂରେଜି ଶବ୍ଦ ରୋଡ଼୍‌ସେସ୍ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଭାଷାରେ ଚଳୁଅଛି ।]

ରୋଡ଼୍ ସେସ୍ ରିଭା(ଭେ)ଲୁ(ଲ୍ୟୁ)ଏସନ୍—ବୈଦେ. ବି. (ଇଂ. ରୋଡ଼୍ Rod-ses ribhā(bhe)lu(lyu)esan ସେସ୍ ରିଭାଲ୍ୟୁଏସନ୍)—
রোডসেস রিভেলুএসন ଥରେ ରୋଡ଼୍‌ସେସ୍ ନିର୍ଦ୍ଧାରିତ ହେବାର ନିଦିଷ୍ଟ
रोडसेस रिभेलुएसन ମିଆଦ ଅତୀତ ହେବା ପରେ ଆଉ ଥରେ ଜମିର ମୂଲ୍ୟ ଓ ଆୟର ପରିମାଣ ତଦାରଖ କରି ପୂର୍ବ ନିର୍ଦ୍ଧାରିତ ପଥକରର ପରିମାଣକୁ ସଂଶୋଧନ କରିବାର କ୍ରିୟା; ରୋଡ଼୍‌ସେସ୍‌ର ସାନ୍ତ ବନ୍ଦୋବସ୍ତ—Roadcess Revaluation.

ରୋଡ଼୍‌ସେସ୍ ରେଟ୍—ବୈଦେ. ବି (ଇଂ. ରୋଡ଼୍‌ସେସ୍ ରେଟ୍)—Rod-ses ret ପ୍ରତ୍ୟେକ ଜମିର ମୂଲ୍ୟ ବା ଆୟ ଉପରେ ନିର୍ଦ୍ଧାରିତ
রোডসেস রেট କରାଯିବା ପଥକରର ନିର୍ଦ୍ଧାରିତ ଅନୁପାତ
रोडसेसरेट ବା ହାରଗ—The rate of roadcess fixed on holdings. [ଦ୍ର—ଆଇନ୍ ଅନୁସାରେ ଜମିର ଆୟ ଉପରେ ଟଙ୍କାକେ ଦୁଇ ପଇସାଠାରୁ ଏକଅଣା ପର୍ଯ୍ୟନ୍ତ ପଥକର ନିର୍ଦ୍ଧାରିତ ହୁଏ । ଯଥା—ରଇତ ଜମିର ଆୟ ଟଙ୍କା ଉପରେ ରଇତ ଦୁଇ ପଇସା ଓ ଜମିଦାର ଅଧିକା ଦୁଇ ପଇସା ରେଟ୍‌ରେ ପଥକର ଦିଅନ୍ତି ।]

ରୋଡ଼—ସଂ. ବିଣ—ସନ୍ତୁଷ୍ଟ—Satisfied (Apte). ସଂ. ବି—Roda ଚୂର୍ଣ୍ଣବା; ଘଷିବା—Crushing; grinding. (ସ୍ତ୍ରୀଲିଙ୍ଗ—ବିଣ ସ୍ତ୍ରୀ) (Apte)

ରୋଦ—ସଂ. ବି (ରୁଦ୍ ଧାତୁ+ଭାବ. ଅ)—୧ । କ୍ରନ୍ଦନ; କାନ୍ଦିବା—Roda 1. Crying; lamentation. ୨ । (+କରଣ. ଅ) ଅଶ୍ରୁ—2. Tear.

ରୋଦଃ—ସଂ. ବି (ରୁଦ୍ ଧାତୁ+ଅଧିକରଣ. ଅସ୍)—୧ । ପୃଥିବୀ—Rodah 1. The earth. ୨ । ସ୍ୱର୍ଗ—2. Heaven. ୩ । [ରୋଦସ୍—ଅନ୍ୟରୂପ] ଆକାଶ—3. Heavens; the sky. [ଦ୍ର—ସଂସ୍କୃତ ଭାଷାରେ ଏହି 'ରୋଦସ୍' ଶବ୍ଦର ଦ୍ୱିବଚନରେ 'ରୋଦସୀ' ହୁଏ । ଏଥିର ଅର୍ଥ ପୃଥିବୀ ଓ ଆକାଶ ଉଭୟ ।]

ରୋଦନ—ସଂ. ବି (ରୁଦ୍ ଧାତୁ+ଭାବ. ଅନ)—୧ । କ୍ରନ୍ଦନ; Rodana କାନ୍ଦିବା—1. Weeping; crying. ୨ । (+କରଣ ଅନ) ଲୋତକ—2. Tear (Apte).

ରୋଦନ କରିବା—ଦେ. କ୍ରି—କାନ୍ଦିବା—
Rodana karibā To cry to weep.
রোদন করা रोदनकरना

ରୋଦନକାରୀ—ସଂ. ବିଣ, ପୁଂ (ରୋଦନ+କୃ ଧାତୁ+କର୍ତ୍ତୃ. ଇନ୍)—Rodanakārī କ୍ରନ୍ଦନକାରୀ; ଯେ କାନ୍ଦୁଥାଏ—Crying; (ରୋଦନକାରିଣୀ—ସ୍ତ୍ରୀ) weeping; lamenting.

ରୋଦନପରାୟଣ—ସଂ. ବିଣ. ପୁଂ (ବହୁବ୍ରୀହି; ରୋଦନ+ପର= Rodanaparāyaṇa ଶ୍ରେଷ୍ଠ+ଅୟନ=ଆଶ୍ରୟ ଯାହାର)—

(ରୋଦନଶୀଳ—ଅନ୍ୟରୂପ) ଯେ ସର୍ବଦା କାନ୍ଦେ—Given
(ରୋଦନପରାୟଣା, ରୋଦନଶୀଳା—ସ୍ତ୍ରୀ) to weeping.
(ରୋଦନପରାୟଣତା, ରୋଦନଶୀଳତା—ବି)

ରୋଦନ ସମ୍ଭଳ—ସଂ. ବଣ. ପୁଂ (ବହୁବ୍ରୀହି; ରୋଦନ ଅଟେ ସମ୍ଭଳ
Rodana sambala ଯାହାର)—କାନ୍ଦିବାହିଁ ଯାହାର ପ୍ରଧାନ
(ରୋଦନସମ୍ଭଳା—ସ୍ତ୍ରୀ) ସହାୟ—One who has the only alternative of crying to attain his or her wish.

ରୋଦ(ଦି)ନା—ଦେ. ବି (ସଂ. ରୋଚନୀ)—ଏକପ୍ରକାର ପୋଦିନାଶାଗ
Roda(di)nā A species of Podinā pot herb.
पोदिना पुदिना

ରୋଦନୀ—ସଂ. ବି—(ବୈଦ୍ୟକ) ଦୁରାଲଭା (ଦେଖ)
Rodanī Durālabhā (See)

ରୋଦନୀୟ—ସଂ. ବଣ. ପୁଂ (ରୁଦ୍ ଧାତୁ ଣିଜନ୍ତ ରୋଦ ଧାତୁ+
Rodanīya କର୍ମ. ଅନୀୟ)—ଯାହା ନିମନ୍ତେ ଲୋକଙ୍କର କାନ୍ଦିବା
(ରୋଦନୀୟା—ସ୍ତ୍ରୀ) ଉଚିତ—Fit to be wept over; one for whom people ought to weep.

ରୋଦନୋଦ୍ୟତ—ସଂ. ବଣ. ପୁଂ (୭ମୀ ତତ୍)—କାନ୍ଦିବାକୁ ଉଦ୍ୟତ—
Rodanodyata Ready to cry; feeling inclined
(ରୋଦନୋନ୍ମୁଖ—ଅନ୍ୟରୂପ) to weep.
(ରୋଦନୋଦ୍ୟମ, ରୋଦନୋନ୍ମୁଖତା—ବି)
[ରୋଦନୋଦ୍ୟତା, ରୋଦନୋନ୍ମୁଖା, ରୋଦନୋନ୍ମୁଖୀ—ସ୍ତ୍ରୀ]

ରୋଦନ୍ତି—ଦେ. କି (ପ୍ରାଚୀନ ପଦ୍ୟ) (ସଂ. ରୁଦ୍ ଧାତୁର ବର୍ତ୍ତମାନ କାଳ
Rodanti ଅନ୍ୟ ପୁରୁଷ ବହୁବଚନରୂପ)—(ସେମାନେ) ରୋଦନ କରନ୍ତି—(They) Weep; do weep; are weeping. [ଉ—ପରଜନମାନେ ବେଢ଼ି, ରୋଦନ୍ତି ଭୂମିରେ ପଡ଼ି । ପ୍ରତାପ. ଶଶିସେଣା ।]

ରୋଦର—ଦେ. ବି—ରୁଦ୍ର (ଦେଖ)—Rudra. (See) ସ. ବି—
Rodara (ର+ଉଦର; ବହୁବ୍ରୀହି; ଯେଉଁ ଶବ୍ଦର ଉଦରରେ 'ର' ଅକ୍ଷର ଅଛି)—ଚକ୍ରବାକ ପକ୍ଷୀ—A name of the ruddy goose. (M. W)

ରୋଦସ୍—ସଂ. ବି—ରୋଦଃ (ଦେଖ)
Rodas Rodaḥ. (See)

ରୋଦସ୍କନ୍ଦରକୁହର—ସଂ. ବି (ରୋଦସ=ଅକାଶ ଓ ପୃଥିବୀ+
Rodaskandarakuhara କନ୍ଦର+କୁହର)—ଅକାଶ ଓ
ରୋଦୋଗୁହ } ଅନ୍ୟରୂପ ପୃଥିବୀ ମଧ୍ୟରେ ଥିବା ଶୂନ୍ୟସ୍ଥାନ—
ରୋଦୋରନ୍ଧ୍ର } The void or hollow between heaven and earth (M. W)
ରୋଦସ୍କୁହର }

ରୋଦସି—ଦେ. କି (ପ୍ରାଚୀନ ପଦ୍ୟ) (ସ. ରୁଦ୍ ଧାତୁ ବର୍ତ୍ତମାନକାଳ
Rodasi ମଧ୍ୟମପୁରୁଷ ଏକବଚନ କ୍ରିୟା)—(ତୁମ୍ଭେ) ରୋଦନ କରୁଛ—[you] Are crying. [ଉ—କପାଟିଁ ବସାଇ ହୋଇ ରୋଦସି କହଇ । ଗ୍ରାମ୍ୟ ରଘୁନାଥ ।]

ରୋଦସୀ—ସ. ବି. ସ୍ତ୍ରୀ (ରୋଦସ୍+ଈ)—୧ । ପୃଥିବୀ—1. The
Rodasī earth. ୨ । ଅକାଶ—2. The sky. ୩ । ପୃଥିବୀ ଓ ଅକାଶ ଉଭୟ—3. Both the earth and the sky.

ରୋଦ (ଧାତୁ)—ସଂ. (ରୁଦ୍. ଧାତୁ, ଣିଚ)—କନ୍ଦାଇବା—
Rodi (root) To cause to weep.

ରୋଦ ଉଠିବା—ଦେ. କି—ହଠାତ୍ ବଡ଼ ପାଟି କରି କାନ୍ଦିବା—
Rodi uṭhibā To cry loudly all on a sudden.
জোরে কেঁদেউঠা [ଉ—ଶୋକଭରେ ଉଚ୍ଚସ୍ୱରେ ରୋଦି ଉଠିଲା ।
रोउठना ପ୍ର ।ଠୀ. ନଳଚରିତ ।]

ରୋଦିବା—ଦେ (ପଦ୍ୟ) କି (ସ. ରୁଦ ଧାତୁ)-କାନ୍ଦିବା—To weep.
Rodibā [ଉ—ସେ ଯେ ରୋଦଇ ଯେତେ କମ୍ପିଣୀ, ଦେ ଦଇବ
রোদন করা रोना ପ୍ରତାପ. ଶଶିସେଣା ।]

ରୋଦ୍ଧବ୍ୟ—ସଂ. ବଣ (ରୁଧ ଧାତୁ+କର୍ମ. ତବ୍ୟ)—ରୋଧନୀୟ (ଦେଖ)
Roddhabya Rodhanīya. (See)

ରୋଦ୍ଧା—ସଂ. ବଣ. ପୁଂ [ରୁଧ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ]—
Roddhā ରୋଧକର୍ତ୍ତା; ପ୍ରତିରୋଧକ—Obstructing;
[ରୋଦ୍ଧ୍ରୀ—ସ୍ତ୍ରୀ] preventing.

ରୋଦ୍ର—ଦେ ବି [ସଂ. ଉଦର]—ରୁଦର; ରୁଦ୍ର; ଲୋଟବସ୍ତୁ (ଯଥା—
Rodra ଧାନ, ବାଲି, ଚାଉଳ) ବୁହାଯିବା ପାଇଁ ଶଗଡ଼ ଉପରେ ବସାଯିବା ଲମ୍ବା ଓ ଗଭୀର ବାଉଁଶଖାଇଥାରେ ବା ବେତ ଅବରେ ବୁଣା ଅଧାର ବା ଟୋକେଇ—A long basket for carrying small articles (e. g paddy, sand, grains) on a bullock-cart. [ଉ—ଉଠିଲା ବନ ବ' ଶୁଭ ରୋଦ୍ର ଲାଭ, ଦଶ ପାଞ୍ଚଗଣ୍ଡ ବଉଣ ମଟିଛି···ଭୋକଳଠେ ଛଉ ଦେଇ ପୁଣି ଶୋଇ ପଡ଼େ । ଗୀଳକଣ୍ଠ. ପେଲ୍ଲଙ୍କ ଗ୍ରାମାୟଣ ।]

ରୋଧ—ସଂ. ବି (ରୁଧ ଧାତୁ+ଭାବ. ଅ)—୧ । ଅବରୋଧନ—
Rodha 1. Obstructing. ୨ । ପ୍ରତିବନ୍ଧକ; ବାଧା—2. Obstruction; impediment. ୩ । (+କର୍ତ୍ତୃ. ଅ, ଯାହା ଜଳକୁ ରୋଧ କରେ) ନଦୀ ଅବର ତୀର; ତଟ; କୂଳ—3. The bank of a stream. ୪ । (+ଭାବ. ଅନ) ବେଷ୍ଟନ—4. Surrounding; blockading (M. W) ୫ । କୋଷ୍ଠବଦ୍ଧତା—5. Costivenes (M. W) ୬। (+କର୍ତ୍ତୃ. ଅ) (କୌଣସି ବ୍ୟକ୍ତିକୁ ବା ସ୍ଥାନକୁ) ଅକ୍ରମଣକାରୀ—6. Attacking; making war upon (M. W) ୭ । (+କରଣ. ଅ; ଯାହାଦ୍ୱାରା ସ୍ରୋତକୁ ଅଟକାଯାଏ) ସେତୁ; ବନ୍ଧ—7. Dam. ୮ । ଶର; ବାଣ—8. Arrow. (M. W)

ରୋଧଃ—ସଂ. ବି (ରୁଧ ଧାତୁ=ବାଧା ଦେବା+କର୍ତ୍ତୃ. ଅସ୍)—୧ ।ନଦୀ
Rodhaḥ ଅବର ତୀର; କୂଳ—Shore of river etc. ୨ । ପର୍ବତର ଢାଲୁ—2. Mountain slope (M. W) ୩ । କୂପ ଜଳାଶୟର ଧାର—3. The brink (of a

well or tank) ୪ । ଅତଡ଼ା; ଅତଡ଼—4. Steep wall or bank (M. W) ୫ । କଡ଼; ପାର୍ଶ୍ୱ—5. Flank; side (M. W) ୬। ସ୍ତ୍ରୀ ନିତମ୍ବ—6. A woman's hips (M. W)

ରୋଧଃ ପତନ କଳୁଷ—ସଂ. ବିଣ. (୬ଷ୍ଠୀ ତତ୍; ୩ୟା ତତ୍)—ତଟର Rodhaḥ patana kalusha ଅତଡ଼ା ଖସି ପଡ଼ିବାରୁ ସଜ୍ଞ୍ଜି ର (ରୋଧଃ ପତନ କଳୁଷା—ସ୍ତ୍ରୀ) ପାଣି ଯେ ଜଳ ବା କାଦୁଅ ହୋଇ ଅଛି—Rendered muddy by the falling in of a tank (M. W).

ରୋଧକ—ସଂ. ବିଣ. ପୁଂ (ରୁଧ୍ ଧାତୁ+କର୍ତ୍ତୃ. ଅକ)—୧ । ନିବାରଣକାରୀ Rodhaka —1. Preventing. ୨ । ବାଧା ଦାନକାରୀ; (ରୋଧିକା—ସ୍ତ୍ରୀ) ଯେ ଅଟକାଏ—2. Obstructing. ୩ । ଘୋଡ଼ାଇ ଥିବା; ଘୋଡ଼ାଇ ରଖିଥିବା—3. Covering; shrouding. (ଉ—ପୟୋଧର ରୋଧକ କାଢ଼ିବ ମାଳ କଞ୍ଚ ଯେ । ପ୍ରାଚୀ. ରସବାରିଧି ।)

ରୋଧ କରିବା—ଦେ. କ୍ରି. (ସଂ. ରୁଧ ଧାତୁ)—୧ । ବାଧା ଦେବା—Rodha kariba 1. To hinder; to obstruct. ୨ । রোধ করা নিବାରଣ କରିବା—2. To prevent. ୩ । रोध करना ନଗରକୁ ସୈନ୍ୟ ଦ୍ୱାରା ଘେରିବା; ଅବରୋଧ କରିବା—3. To blockade or besiege a city. ୪ । (ଗତିକୁ) ଅଟକାଇବା—4. To restrain. ୫ । ଆବରଣ କରିବା—5. To cover.

ରୋଧନ—ସଂ. ବି. (ରୁଧ୍ ଧାତୁ+ଭାବ. ଅନ)—୧ । କୌଣସି ସ୍ଥାନର Rodhana ଚାରିଆଡ଼େ ଘେରାଉ କରିବା—1. Besieging or blockading a place. ୨ । ବାଧା ଦେବା; ଅଟକାଇବା—2. Obstructing; hindering; being an obstacle or hindrance. ୩ । (+କର୍ତ୍ତୃ. ଅନ) ବୁଧ ଗ୍ରହ—3. The planet Mercury (M. W).

ରୋଧନୀୟ—ସଂ. ବିଣ (ରୁଧ୍ ଧାତୁ+କର୍ମ. ଅନୀୟ)—୧ । ଅବରୋଧ Rodhaniya କରାଯିବାର ଯୋଗ୍ୟ—1. Fit to be blockaded; capable of being besieged. ୨ । ଯାହା ରୁନ୍ଧାଯିବ—2. To be shut or closed (M. W).

ରୋଧବତୀ—ସଂ. ବି. (ରୋଧ=କୂଳ+ଅସ୍ତ୍ୟର୍ଥେ. ବତ୍+ସ୍ତ୍ରୀ. ଈ)—Rodhabati ତଟିନୀ; ନଦୀ—River.

ରୋଧ ବେଦୀ—ସଂ. ବି. (ରୋଧ+ବିଦ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ)—Rodha bedi ନଦୀ—River (M. W).

ରୋଧସ୍—ସଂ. ବି—ରୋଧଃ ଦେଖ) Rodhas Rodhaḥ (See)

ରୋଧସ୍ଥ—ସଂ. ବିଣ. (ରୋଧ+ସ୍ଥା ଧାତୁ+କର୍ତ୍ତୃ. ଅ)—(ଉପପଦ) Rodhastha କୂଳରେ ଦଣ୍ଡାୟମାନ ବା ଅବସ୍ଥିତ—Standing or situated on the bank (M. W). (ରୋଧସ୍ଥା—ସ୍ତ୍ରୀ)

ରୋଧା(ଧେ)ଇବା—ସଂ. କ୍ରି—ରୋଧିବା କ୍ରିୟାର ଣିଜନ୍ତ ରୂପ—Rodhā(dhe)iba The causative of Rodhiba. রোধ করানা रोकवाना

ରୋଧାର୍ହ—ସଂ. ବିଣ. (ରୋଧ+ଅର୍ହ=ଯୋଗ୍ୟ)—୧ । ଅଟକ Rodhārha କରାଯିବାର ଉପଯୁକ୍ତ—1. Fit to be restrained or obstructed. ୨ । ଅବରୋଧନୀୟ—2. Fit to be besieged or blockaded. ୩ । ବାଧା ଦିଅ ଯିବାର ଉପଯୁକ୍ତ—3. Preventible; fit to be prevented. (ରୋଧାର୍ହା—ସ୍ତ୍ରୀ)

ରୋଧି (ଧାତୁ)—ସଂ. (ରୁଧ୍ ଧାତୁ+ଣିଚ୍)—ରୁଦ୍ଧ କରାଇବା, Rodhi (root) ରୋଧାଇବା—To cause to be restrained.

ରୋଧିତ—ସଂ. ବିଣ. (ରୁଧ୍ ଧାତୁ ଣିଜନ୍ତ+କର୍ମ. ତ)—୧। ଅବଦ୍ଧ—Rodhita 1. Confined; ୨ । ଯାହାକୁ ବାଧା ଦିଆଯାଇ ଥାଏ—2. Restrained; obstructed. ୩। ଅବରୋଧିତ; ଘେରାଉ କରା ଯାଇଥିବା—3. Besieged; blockaded. ୪ । ଆବୃତ—4. Covered; shrouded.

ରୋଧିବା—ଦେ. କ୍ରି (ପଦ୍ୟ) (ସଂ. ରୁଧ ଧାତୁ)—୧ । ଅଟକ କରିବା—Rodhiba 1. To restrain. ୨ । ବାଧା ଦେବା—রোধা, রোধ করা 2. To obstruct. (ଉ—ଏକାଳେ ତାଙ୍କ रोध(क)ना ମାର୍ଗ ରୋଧିବୁ ନାହିଁ । ରାଧାନାଥ. ମେଘଦୂତ ।) ୩ । ଆବୃତ କରିବା—3. To cover. (ଉ—ଧୂଳିରାଶି ଅଶ୍ୱ ଖୁରେ ଉଠେ, ପ୍ରସର ବ୍ୟୋମ, ରୋଧିଲା ଆକାଶେ । ରାଧାନାଥ, ମହାଯାତ୍ରା)

ରୋଧିର—ଗ୍ରା. ବି. (ସଂ. ରୁଧିର)—ରକ୍ତ; ରୁଧିର; ଲହୁ—Rodhira রুধির रुधिर Blood.

ରୋଧୀ—ସଂ. ବିଣ. ପୁଂ (ରୁଧ୍ ଧାତୁ+କର୍ତ୍ତୃ. ଇନ୍; ୧ମା ୧ବ)—Rodhi ୧ । ରୋଧକାରୀ—1. Obstructing; besieging. (ରୋଧିନୀ—ସ୍ତ୍ରୀ) ୨ । ଯେ ଅଟକ କରେ—2. Restraining. ୩ । ଯେ ଗତିକୁ ଅଟକାଏ—3. Barring another's motion. ୪ । (ଯେଉଁ ଉଚ୍ଚ ସ୍ୱର) ଅନ୍ୟ ନିମ୍ନ ସ୍ୱରକୁ ବୁଡ଼ାଇ ଦିଏ—4. (a sound) Drowning a lower sound (M. W).

ରୋଧୋବତୀ(କ୍ରା)—ସଂ. ବି. ସ୍ତ୍ରୀ. (ରୋଧସ୍+ବତ୍+ଈ; ବକ୍ରକ୍ରୀଡ଼, Rodhobati (krā) ରୋଧସ୍+ବକ୍ର+ଆ)—ନଦୀ—A river (M.W).

ରୋଧୋବପ୍ର(ପ୍ରା)—ସଂ. ବି—୧ । ସ୍ରୋତସ୍ୱତୀ ନଦୀ—1. A rapid Rodhobapra(prā) river (M. W). ୨ । ଯେଉଁ ନଦୀର ଗର୍ଭରେ ବହୁ ବଣସମାନ ଥାଏ—2. A river full of rapids.

ରୋଧ୍ୟ—ସଂ. ବିଣ. (ରୁଧ ଧାତୁ+କର୍ମ. ଯ)—ରୋଧନୀୟ (ଦେଖ) Rodhya Rodhaniya (See)

ରୋଧ୍ର—ସଂ. ବି. (ରୁଧ୍ ଧାତୁ ଣିଜନ୍ତ, ରୋଧି ଧାତୁ+କର୍ତ୍ତୃ. ର; ଯାହା ସ୍ୱର୍ଗଦ୍ୱାରକୁ ରୋଧ କରେ)—୧ । ଅପରାଧ—
Rodhra 1. Guilt. ୨ । ପାପ—2. Sin. ୩ । (ରୁଧ୍ ଧାତୁ+କରଣ. ର) ଲୋଧ୍ର (ଗଛ)—3. Symplocus Racemosa (tree); (M.W).

ରୋଧ୍ର ପୁଷ୍ପ—ସଂ. ବି. (ବୈଦ୍ୟକ)—୧ । ମହୁଆ ଗଛ—1. Bassia
Rodhra pushpa Latifolia (M. W). ୨ । ସର୍ପ ବିଶେଷ—2. A kind of snake (M. W).

ରୋଧ୍ର ପୁଷ୍ପିଣୀ—ସଂ. ବି. (ବୈଦ୍ୟକ)—ଧାତକୀ ବୃକ୍ଷ (ଦେଖ)
Rodhra pushpiṇi Woodfordia Floribunda (tree); Grislea Tomentosa (M. W).

ରୋନ୍ଦ୍ (ଇତ୍ୟାଦି)—ବୈଦେ. ବି (ଇଂ. ରାଉଣ୍ଡ୍)—ରୁନ୍ଦ୍ ଇତ୍ୟାଦି
Rond (etc) (ଦେଖ)—Rund etc (See)

ରୋପ—ସଂ. ବି (ରୁହ୍ ଧାତୁ ଣିଜନ୍ତ+ଭାବ. ଅ)—୧ । ରୋପଣ—
Ropa 1. Planting. ୨ । ଛିଦ୍ର; ଗର୍ତ୍ତ—2. Hole; fissure. ୩ । (ରୁପ୍ ଧାତୁ=ମୂର୍ଚ୍ଛିତ ହେବା+କରଣ ଅ)—ବାଣ; ଶର—3. Arrow. [ଉ—ଧପଧାପେ ଯୋଦ୍ଧାମାନଙ୍କୁ ଧୂଅଁ ଇଲେ, କୋପ କରିଣ ରୋପ ଅମାପ ବର୍ଷିଲେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।] ସଂ. ବିଣ (ରୁପ ଧାତୁ+କର୍ତ୍ତୃ. ଅ)—ଯାହା ଗୋଳାଇ ଦିଏ; ଯାହା ଧନ୍ଦାଇ ଦିଏ—Confusing; disturbing (M. W. & W)

ରୋପକ—ସଂ. ବିଣ. ପୁଂ (ରୁହ୍ ଧାତୁ ଣିଚ, ରୋପି ଧାତୁ+କର୍ତ୍ତୃ.
Ropaka ଅକ)—ରୋପଣକାରୀ—Planting. ସଂ. ବି (ରୋପିକା—ସ୍ତ୍ରୀ) —୧ । କୃଷକ—1. Planter. ୨ । ଧାତୁର ବଟକରା ବା ମୁଦ୍ରା—2. Aweight of metal or coin (M.W.). [ଦ୍ର—ଏହା ଏକ ସୁବର୍ଣ୍ଣ ଓଜନର ୭୦ ଭାଗରୁ ଏକ ଭାଗ ।] ୩ । ଗଛ ରୋଇବା ବ୍ୟକ୍ତି —3.Transplanter of plants or seedlings. ୪ । ମଞ୍ଜି ବୁଣାଳି ବ୍ୟକ୍ତି—4. A sower of seeds.

ରୋପଡ୍ଡ—ପ୍ରାଦେ (ଗଡ଼ଜାତ) ବି—ମୃଗୟା ସମୟରେ ଶିକାରୀଙ୍କ
Roparda ମନୁଷ୍ୟମାନେ ଘେରି ଜନ୍ତୁଙ୍କୁ ଶିକାରୀପାଖକୁ ଘଉଡ଼ାଇ ଆଣିବା—Beating of the jungle for driving the beasts to the hunter.

ରୋପଣ—ସଂ. ବି (ରୁହ୍ ଧାତୁ ଣିଚ, ରୋପି ଧାତୁ+ଭାବ. ଅନ)—
Ropaṇa ୧ । ଗଛ ପୋତିବା—1. Planting of trees. ୨ । ଭୂମିରେ ବାଡ଼ଆଦି ଖୋଟ ଠିଆ କରାଇବା—2. Fixing of a stake on the ground; erecting; raising (M. W.) ୩ । ଚଳ ରୋଇବା—3. Planting of seedlings, transplanting. ୪ । ବୀଜ ବପନ; ମଞ୍ଜିବୁଣା—4. Sowing of seeds. ୫ । ସ୍ଥାପନ—5. Placing; setting up. ୬ । ମୁଗ୍ଧ କରିବା—6. Fascinating; charming. ୭ । (+କର୍ମ. ଅନ)—ଅକ୍ଷିରେ ଦେଇବା ଅଞ୍ଜନ ବିଶେଷ—7. Collyrium. ୮ । (+ଭାବ. ଅନ)—କ୍ଷତଆଦିକୁ ଶୁଖାଇବା-8. The act of healing wounds or sores. ୯ । (+କରଣ.ଅ)—କ୍ଷତରେ ମାଂସ ପୂରି ଆସିବା ପ୍ରୟୋଗ—9. Healing application. ୧୦ । (+କର୍ମ. ଅନ)—ଶର; ବାଣ—10. Arrow (M. W.

ରୋପଣ କରିବା—ଦେ. କ୍ରି (ସଂ ରୁହ୍ ଧାତୁ ଣିଚ, ରୋପି ଧାତୁ)
Ropaṇa karibā —୧ । ଗଛଆଦି ପୋତିବା—1 To
রোপণ করা plant. ୨ । ରୋଇବା—2. To transplant.
रोपण करना, रोपना

ରୋପଣକାରୀ—ସଂ ବିଣ. ପୁଂ—ଯେ ରୋପଣ କରେ—
Ropaṇakārī (ରୋପଣକାରିଣୀ—ସ୍ତ୍ରୀ) Planting:

ରୋପଣୀୟ—ସଂ. ବିଣ (ରୁହ୍ ଧାତୁ ଣିଜନ୍ତ+କର୍ମ, ଅନୀୟ)—
Ropaṇiya ୧ । ଭୂମିରେ ପୋତାଯିବାର ଯୋଗ୍ୟ—1. Fit to be planted or erected. ୨ । ଯାହା ବୁଣାଯିବାର ଯୋଗ୍ୟ—2. Fit to be sown. ୩ । ଘାଆଆଦିରେ ମାଂସ କଅଁଳିବା ପାଇଁ ଲୋଡ଼ା (ଦ୍ରବ୍ୟ —) 3 Useful for healing or cicatrising (M.W)

ରୋପୟିତା—ସଂ.ବିଣ.ପୁଂ(ରୋପିଧାତୁ+କର୍ତ୍ତୃ.ତୃ)—ଯେ ରୋପଣ କରେ;
Ropayitā ରୋପଣକାରୀ (ରୋପଣର ଭିନ୍ନ ଭିନ୍ନ ଅର୍ଥ ଦେଖ)—
(ରୋପୟିତ୍ରୀ—ସ୍ତ୍ରୀ) Transplanting; sowing; erecting, healing. ସଂ. ବି. ପୁଂ—ରୁଆଇବା ବ୍ୟକ୍ତି—A planter (M W)

ରୋପାଇବା—ଦେ.କ୍ରି(ସଂ.ରୋପି ଧାତୁ)—୧। ରୋପିବା କ୍ରିୟାର ଣିଜନ୍ତ
Ropāibā ରୂପ—1. To cause to be planted. [ଉ
রোপান —ଚନ୍ଦ୍ରମା, ପ୍ରେମ-ପାଦପ ରୋପାଇବ । ଉଷ୍ଣ.
रोपवाना ପ୍ରେମସୁଧାନିଧି ।] ୨ । ରୁଆଇବା—2 To cause to be transplanted.

ରୋପିତ—ସଂ. ବିଣ (ରୁହ୍ ଧାତୁ ଣିଜନ୍ତ+କର୍ମ, ତ)—୧ । କୃତ-
Ropita ରୋପଣ; ପୋତା ହୋଇଥିବା—1. Planted. ୨ । ଅବରୋପିତ—2. Set; fixed. ୩ । ଅର୍ପିତ—3. Entrusted. ୪ । ଯାହା ବଢ଼ିବାର ଉପାୟ କରା ଯାଇଥାଏ; ଅବାଦ କରା ଯାଇଥିବା—4. Caused to grow; raised (as a crop) (M.W) ୫ । ଯେଉଁ ଶରକୁ ଲକ୍ଷ୍ୟ ଆଡ଼କୁ ପ୍ରଯୁକ୍ତ କରା ଯାଇଥାଏ—5. Directed; aimed (as an arrow)(M.W) ୬ । ଅଳଙ୍କାର ଆଦିରେ ବସା ଯାଇଥିବା; ଖଚିତ—6. Set (as a jewel) (M.W).

ରୋପିବା—ଦେ. କ୍ରି—(ସଂ. ରୁହ୍ ଧାତୁ ଣିଚ; ରୋପି ଧାତୁ)—
Ropibā ରୋପଣ କରିବା [ଦେଖ] Ropaṇa karibā
রোপা रोपना (See) [ଉ—ଭକ୍ତିର ବାଢ଼ି ପୁଣି ରୋପ, ପୂଜାର ବଲ୍ଲି ପାଟ ଥାପ । ଜଗନ୍ନାଥ. ଭାଗବତ ।]

ରୋପୀ—ସଂ. ବି. ଓ ବିଣ. [ପୁ]—[ରୁହ ଧାତୁ ଣିଚ=ରୋପି ଧାତୁ+
Ropi କର୍ତ୍ତୃ. ଇନ୍; ୧ମା. ୧ବ—ରୋପୟିତା [ଦେଖ]—
[ରୋପିଣୀ—ସ୍ତ୍ରୀ] Ropayitā (See)

ରୋପ୍ୟ—ସଂ. ବିଣ.—(ରୁହ ଧାତୁ ଣିଚ; ରୋପି ଧାତୁ+କର୍ମ. ଯ)—
Ropya ରୋପଣୀୟ—Fit to be transplanted, raised, erected or healed etc.

ରୋପ୍ୟାତିରୋ(ରୌ)ପ୍ୟ—ସଂ. ବି.—ଏକ ଜାତୀୟ ଶାଳ ଧାନ୍ୟ; ରୁଆ
Ropyāti ro(rau)pya ହୋଇ ଉତ୍ପନ୍ନ କରାଯାଇ ଥିବା ଶାରଦ ଧାନ; ରୁଆ ଶାରଦ ଧାନ—Winter paddy grown by transplanting seedlings. [ଦ୍ର—ଚକ୍ରଦତ୍ତଙ୍କ ମତରେ ଏହା ଲଘୁ, ଶୀଘ୍ରପାକ, ଗୁଣୋତ୍ତର, ଅଦାହୀ, ଦୋଷଘ୍ନ, ବଳକାରକ ଓ ମୂତ୍ର ବର୍ଦ୍ଧକ ଅଟେ । ଶବ୍ଦ କଳ୍ପଦ୍ରୁମ ।]

ରୋବ[ବୁ]କାରୀ—ବୈଦେ. ବି.—(ଫା. ରୋବ୍‌କାରୀ)—ରୁବକାରୀ
Rob(bu)kārī [ଦେଖ] Rubakārī (See)
[ଦ୍ର—ହାକିମଙ୍କ ହୁକୁମ ଅନୁସାରେ ସେରସ୍ତାଦାର ରୋବକାରୀ ଲେଖି କାମ କଲେ । ଫକୀରମୋହନ. ଛମାଣ ଆଠଗୁଣ ।]

ରୋବଣ—ବୈଦେ. ବି.—[ଫା. ରୌଗନ୍]—୧ । ରୋଗନ୍ (ଦେଖ)
Robaṇa রোগন रोगन 1. Rogan [See]
୨ । ଝୁଣାରେ ତେଲ ମିଶାଯାଇ ତିଆରି କରାଯାଇଥିବା ଏକ ପ୍ରକାର ଦ୍ରବ ପଦାର୍ଥ—2. Copal varnish; country varnish. [ଦ୍ର—ଚକ ଉପରେ ଫୁଲ କାଢ଼ିବା ପାଇଁ ଏହାକୁ ବୋଲନ୍ତି ।]

ରୋବ(ବୁ)ଣା—ପ୍ରାଦେ. [ଗଞ୍ଜାମ ବି.—ରୁବଣା (ଦେଖ)
Roba(bu)ṇā Rubaṇā (See)

ରୋବ(ବୁ)ଣା ଗୁଡ଼ା—ପ୍ରାଦେ.—(ଗଞ୍ଜାମ) ବି.—ରୁବୁଣାଗୁଡ଼ା (ଦେଖ)
Roba (bu)ṇā gurḍā Rubaṇāgurḍā (See)

ରୋବା—ପ୍ରାଦେ. (କଟକ) କ୍ରି.—(ମୂଳ. ହି. ରୋନା)—କାନ୍ଦିବା—
Robā To cry; to weep.

ରୋମ୍—ଦେ. ବି.—(ସଂ. ରୋମ, ରୋମକ; ଇଂ. ରୋମ୍)—୧ ।
Rom রোম रोम ଇଟାଲିର ପ୍ରଧାନ ନଗର—1. The city of Rome in Italy. [ଦ୍ର—ଏହା ଖ୍ରୀଷ୍ଟିୟାନ୍ ରୋମାନ୍ କାଥଲିକ୍ ସମ୍ପ୍ରଦାୟର ପ୍ରଧାନ ଧର୍ମଯାଜକ ପୋପ୍‌ଙ୍କର ମଧ୍ୟ ରାଜଧାନୀ ।] ୨ । ପ୍ରାଚୀନ ରୋମ୍ ସାମ୍ରାଜ୍ୟ—2. The ancient Roman empire.

ରୋମ—ସଂ. ବି.—(ରୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. ମନ୍=ରୋମନ୍,
Roma ୧ମା. ୧ବ.)—୧ । ଲୋମ; ଜୀବଦେହର କ୍ଷୁଦ୍ର କେଶ-
[ରୁମ—ଦେଶଜରୂପ] 1. Fur. ୨ । ପଶମ; ପଶୁ ଲୋମ—2. Wool. ୩ । ଜଳ—3. Water. ୪ । (ବ୍ୟୁତ୍ପତ୍ତି ଅନିର୍ଦ୍ଦିଷ୍ଟ)—ଗର୍ତ୍ତ—4. Hole; cavity. (M. W.) ୫ । ଜଳ—5. Water (M. W)
୬ । (ନାମ) ରୋମ ନଗର—
6. The city of Rome.
ଦେ. ବି.—ରୋମ ପରିମିତ ଓସାର—
Hair breadth.

ରୋମ ଉଖା(ପା)ଡ଼ିବା—ଦେ. କ୍ରି.—(ସଂ ରୋମନ୍+ଉତ୍ପାଟନ)—
Roma ukhā(pā)rḍibā ୧ । ଶରୀରରୁ ଲୋମ ଉତ୍ପାଟନ
লোম উখড়ান করିବା—1. To uproot the hairs of
रोआँ उखाडना the body. ୨ । (ଲକ୍ଷଣାର୍ଥ) (ଦେହରୁ ଲୋମ ଉତ୍ପାଟନ କଲେ କଷ୍ଟ ହୁଏ ବୋଲି)—କଷ୍ଟ ଦେବା —2. (figurative) To torment. ୩ । ଲକ୍ଷଣାର୍ଥ କୌଣସି ବ୍ୟକ୍ତିର ଅନିଷ୍ଟ କରିବା—3. (figurative) To injure a person.

ରୋମ ଉଖୁ(ପୁ)ଡ଼ିବା—ଦେ. ବି.—(ସଂ. ରୋମନ୍+ଉତ୍ପାଟନ)—
Roma ukhu(pu)rḍibā ଦେହରୁ ଲୋମ ଉଦ୍‌ଗତ ହେବା;
লোম উপড়ায়াওয়া ରୋମୋଦ୍ଗମ—The coming out of
रोआँ उखड़ना the hairs of the skin.

ରୋମ ଉଠିବା—ଦେ. ବି.—ଦେହରେ ଲୋମ ଜନ୍ମିବା—
Roma uṭhibā The growing of the hairs on
লোম উঠা रोआँ उगना the skin.

ରୋମ ଉଠିଯିବା—ଦେ. ବି—ଦେହରୁ ଲୋମ ଉପୁଡ଼ିଯିବା; ରୋମ
Roma uṭhijibā ଉଖୁଡ଼ିବା (ଦେଖ)—Roma
লোমউঠেযাওয়া रोआँउठजाना ukhurḍibā (See).

ରୋମକ—ସଂ. ବି (ରୋମ+କ)—୧ । ପ୍ରାଚୀନ ରୋମ ନଗର—
Romaka 1. The ancient city of Rome.
୨ । ପ୍ରାଚୀନ ଗ୍ରୀସ୍ ସାମ୍ରାଜ୍ୟ—2. Ancient Greece. [ଦ୍ର—ପ୍ରାଚୀନ ରୋମ, ଗ୍ରୀସ୍, ତୁରସ୍କ ଆଦି ଦେଶକୁ ଆର୍ଯ୍ୟମାନେ ରୋମକ ନାମରେ ଡାକୁଥିଲେ ।] ୩ । ରୋମ ନଗର ଅଧିବାସୀ—3. A Roman. ୪ । (ରୁମାନଙ୍ଗା ନଦୀରୁ ଉତ୍ପନ୍ନ ହେଉଥିବାରୁ) ସରଳ ଲବଣ; ପାଂଶୁ ଲବଣ; ଶାମ୍ଭର ଲବଣ—4. A kind of lake-salt from the Sambhar lake of Rajputana. ୫ । ଅୟସ୍କାନ୍ତମଣି—5. A kind of gem. ୬ । ଜ୍ୟୋତିଷର ସିଦ୍ଧାନ୍ତ ଗ୍ରନ୍ଥବିଶେଷ—6. Name of an ancient Aryan astronomical treatise. ୭ । (ନାମ) ରୋମକସିଦ୍ଧାନ୍ତର ସଙ୍କଳୟିତା—7. Name of an ancient astronomer (M. W).

ରୋମ କର୍ଣ୍ଣକ—ସଂ. ବି. (ବହୁବ୍ରୀହି; ରୋମ+କର୍ଣ୍ଣ+କ)—
Roma karṇnaka ଠେକୁଆ—Hare (M. W.)

ରୋମକ ଲବଣ—ସଂ. ବି—ଶାମ୍ଭର ଲବଣ—Lake-salt from
Romaka labaṇa the salt lakes of Ajmere.

ରୋମ କୂପ—ସଂ. ବି (୬ଷ୍ଠୀ ତତ୍) ଲୋମକୂପ; ଦେହର ଚର୍ମ ଉପରେ
Roma kūpa ଲୋମ ଉଠିବା ସ୍ଥାନର ଗର୍ତ୍ତ—Pores of
(ରୋମଗର୍ତ୍ତ, ରୋମବିବର, ରୋମରନ୍ଧ୍ର—ଅନ୍ୟରୂପ) the skin.

ରୋମକେ—ଦେ. କ୍ରି. ବଣ—ପ୍ରତି ରୋମରେ—To every fur
Romake of body. [ଯ—ରୋମକେ କାଣ୍ଡେ କାଣ୍ଡେ ପ୍ରତିଲୋମେ **हरेकरोंआँमें** ବନ୍ଧନ୍ଥ ଶର—ଭଞ୍ଜ ।]

ରୋମଗୁଚ୍ଛ(ତ୍ସ)—ସ. ବ (୬ଷ୍ଠୀ ତତ୍) —୧ । ଚାମର—
Romaguchchha(tsa) 1. The tail of the Yak (ରୋମକେଶର—ଅନ୍ୟରୂପ) used as a fan. ୨ । କେଶଗୁଚ୍ଛ 2. Tuft of hair.

ରୋମଜ—ସ. ବଣ (ରୋମ+ଜନ୍ ଧାତୁ+କର୍ତ୍ତୃ. ଅ)—ପଶୁ ଲୋମରୁ
Romaja ଜାତ; ଲୋମଦ୍ୱାରା ପ୍ରସ୍ତୁତ; ପଶମୀ; ଲୋମନିର୍ମିତ—Woolen. ସ. ବ—ଏକପ୍ରକାର ଲୁଗା—A kind of cloth (M. W)

ରୋମ ଟ(ଟା)ଙ୍କୁରିବା—ଦେ. କ. (ସ ରୋମ+ଟଙ୍କୁର)—ଦେହ ପୁଲକ
Roma ṭa(ṭā)ṅkuribā ଉଠିବା; ରୋମାଞ୍ଚ ରୋମହର୍ଷ—गाये काँटादियेउठा **रोंगटेखडाहोंना** The standing of
ରୋମ ଟଙ୍କୁରତ ହେବା
ରୋମ ଟାଙ୍କୁରେଇବା
ରୋମଟାଙ୍କ(ଙ୍ଗୁ)ରିବା
ରୋମଟାଙ୍କୁ(ଙ୍ଗୁ)ରଉଠିବା } ଅନ୍ୟରୂପ— the hairs on ends (through extreme fear, wonder, paroxyam of devotion; horripilation; the bristling of the hair of the body.

ରୋମ ଟାଙ୍କ(ଙ୍ଗୁ)ରା—ଦେ. ବ—ରୋମାଞ୍ଚ; ରୋମହର୍ଷ—Horripila-
Roma ṭāṅku(ṅgu)rā tion. ଦେ. ବଣ—ରୋମାଞ୍ଚିତ ରେମାଞ୍ଚ **रोंगटाखडाहोना** ରୋମହର୍ଷିତ—Horripilated. ଦେ. ବଣ—ରୋମାଞ୍ଚ ଉତ୍ପାଦକ—Thrilling; causing the hair to bristle.

ରୋମ ନୁ(ଲୁ)ଚିବା ବେଳ—ଦେ. ବ—ମୁହଁସନ୍ଧ୍ୟା; ଯେଉଁ ସମୟରେ
Roma nu(lu)chibā beḷa ଅନ୍ଧାର ଯୋଗୁଁ ମନୁଷ୍ୟ ଶରୀରର ଲୋମদেখানাযাওয়া **रोआँनदीखाना** ଲୋମ ଦେଖା ପଡ଼େ ନାହିଁ—Dusk (literally, the time when the hair of the body is not visible).

ରୋମନ୍ଥ—ସ. ବ (ରୋଗ+ମଥ୍ ଧାତୁ=ବଧ କରିବା+ଭାବ ଅ)—
Romantha କପୋତକ; ଏହା କରିବାଦ୍ୱାରା ପଶୁମାନଙ୍କର ଖାଣ୍ଡ ଜାওরকাটা, পাইজকার **पागुर, जुगाली** ଶକ୍ତି ବୃଦ୍ଧିହେବାରୁ (ରୋମନ୍ଥନ—ଅନ୍ୟରୂପ) ରୋଗମାନ ନଷ୍ଟ ହୁଏ)—୧ । ଉଦ୍‌ଗୀର୍ଣ୍ଣ ଚର୍ବଣ; ପାକୁଳକରିବା; ଗୋରୁ ଆଦି ପ୍ରାଣୀଙ୍କର ଗିଳିଥିବା ଖାଦ୍ୟକୁ ପୁଣି ପାଟିକୁ ଆଣି ଅଣି ଚୋବାଇବା, କ୍ରିୟା—1. Ruminating; chewing the cud. ୨ । ପାନ ଆଦି ଗିଳି ନ ଦେଇ ଉପର୍ଯ୍ୟୁପରି ଚୋବାଇବା—2. Chewing (of betel) (M. W.) ୩ । ଦୋହୋରାଇବା; ଏକ କଥାର ବାରମ୍ବାର କଥନ—3, Frequent repetition (M. W.)

ରୋମନ୍ଥ(ନ୍ଥି)କ—ସ. ବଣ. ଓ ବ. ପୁଂ—(ରୋମନ୍ଥ+କର୍ତ୍ତୃ. କ)—ଯେଉଁ
Romantha(nthi)ka ଜନ୍ତୁମାନେ ପାକୁଳ କରନ୍ତି—(ରୋମନ୍ଥକାରୀ—ଅନ୍ୟରୂପ) Ruminant; a ruminating animal.

ରୋମନ୍ଥ କରିବା—ଦେ. କ୍ରି.—ପାକୁଳ କରିବା—
Romantha karibā To ruminate; to chew the cud পাইজ কাটা **रोमन्थ (जुगाली)करना, पागुरकरना** [ରୋମନ୍ଥନ କରିବା—ଅନ୍ୟରୂପ]

ରୋମନ୍ୱାନ୍—ସ. ବଣ. ପୁଂ—(ରୋମନ୍+ବତ୍, ରୋମନ୍ୱତ୍; ୧ମା. ୧ବ.)
Romanwān ରୋମଶ—Hairy (M. W,)

ରୋମ ପୁଲକ—ସ. ବ.—(୬ଷ୍ଠୀ ତତ୍)—ରୋମହର୍ଷ (ଦେଖ)—
Roma pulaka Roma harsha (See)

ରୋମ ବଙ୍କା କରିବା—ଦେ. କ୍ରି.—(ସ. ରୋମନ୍ ବକ୍ର)—(ଲକ୍ଷଣାର୍ଥ)
Roma baṅkā karibā କୌଣସି ବ୍ୟକ୍ତିର ସାମାନ୍ୟ ମାତ୍ର লোম বাকা করনা **रोआँ बाका करना** ଅପାତ କରିବା ବା ଅନିଷ୍ଟ [ରୋମ ବଙ୍କା(ଙ୍କେ)ଇବା—ଅନ୍ୟରୂପ] ଘଟାଇବା—To do the [ରୋମବଙ୍କା ହେବା—ବିଶେଷ୍ୟ] slightest injury to a person; to slightly touch a person's body.

ରୋମ ବଦ୍ଧ—ସ. ବଣ.—(୩ୟା ତତ୍)—ଲୋମ ବା ପଶମରେ ବୁଣା—
Roma baddha Woven with hair or wool (M. W.)

ରୋମ ବନ୍ଧ—ସ. ବ—ଲୋମ ବା ପଶମରେ ବୁଣା ହେବା ଲୁଗାର ବୁଣା—
Roma bandha Hair texture; woolen texture. (M. W.)

ରୋମବାନ୍—ସ. ବଣ. ପୁଂ—(ରୋମ+ବତ୍; ୧ମା. ୧ବ.)—
Romabān ରୋମଶ—Furry; hairy.
[ରୋମବତୀ—ସ୍ତ୍ରୀ]

ରୋମ ବିକାର—ସ. ବ.—(୬ଷ୍ଠୀ ତତ୍)—ରୋମାଞ୍ଚ (ଦେଖ)
Roma bikāra Romāñcha (See)
[ରୋମ ବିକ୍ରିୟା, ରୋମବିଭେଦ, ରୋମ ଉଦ୍ଗୋଳନ—ଅନ୍ୟରୂପ]

ରୋମ ବିଧ୍ୱଂସ—ସ. ବ—(ରୋମ+ବି+ଧ୍ୱଂସ୍ ଧାତୁ+କର୍ତ୍ତୃ. ଅ)—
Roma bidhwaṇsa ଉକୁଣି—Louse (M. W.)

ରୋମ ଭୂମି—ସ. ବ.—[୬ଷ୍ଠୀ ତତ୍]—ଚର୍ମ; ଚମ; ଚମଡ଼ା—
Roma bhūmi [ରୋମ ଭୂ—ଅନ୍ୟରୂପ] Skin.

ରୋମମୂର୍ଦ୍ଧା—ସ. ବଣ.—(ବହୁବ୍ରୀହି; ରୋମ+ମୂର୍ଦ୍ଧନ୍; ୧ମା. ୧ବ)—
Romamūrddhā ଯାହାର ମୁଣ୍ଡ ଯାକ ଲୋମରେ ଆବୃତ—Covered with hair or down on the head (M. W.)

ରୋମ ରତ(ସ)ସାର—ସ. ବ—ପେଟ—The belly (M. W.)
Roma rata(sa)sāra [ରୋମରତ ଧାର—ଅନ୍ୟରୂପ]

ରୋମ ରାଜି(ଜୀ)—ସ. ବ.—(୬ଷ୍ଠୀ ତତ୍)—୧ । ରୋମସମୂହ;
Roma rāji(jī) ରୋମର ଧାଡ଼ି—1. A line or row of
ରୋମଲତା
ରୋମଲତିକା
ରୋମ ଶ୍ରେଣୀ } —ଅନ୍ୟରୂପ furs. [ଯଥା—ନାଭି ଉପରୁ ହୃଦୟ ପର୍ଯ୍ୟନ୍ତ ଉଠିଥିବା ରୋମରେଖା, ଅଶିର ଭୃଲତା)—୨ । ସ୍ତ୍ରୀମାନଙ୍କ ଯୌବନାବସ୍ଥାରେ ନାଭି ଉପରୁ ହୃଦୟ ପର୍ଯ୍ୟନ୍ତ ଲମ୍ବିଥିବା ଲୋମ ରେଖା—2. A streak of hair on the

abdomen of women just above the navel (indicating puberty) (M. W).

ରୋମରାଜି(ଜୀ) ପଥ—ସଂ. ବି.—[୬ଷ୍ଠୀ ତତ୍]—କଟି; ଅଣ୍ଟା—
Roma rāji (jī) patha The waist (M.W)

ରୋମଶ—ସଂ. ବିଣ. ପୁଂ—(ରୋମନ୍+ଅସ୍ତି ଅର୍ଥରେ ଶ)—୧ । Romaśa ବହୁଲୋମ ଲୋମଯୁକ୍ତ; ରୋମ ବିଶିଷ୍ଟ; ଲୁମା— [ରୋମଶା—ସ୍ତ୍ରୀ] 1. Furry; hairy; wooly. ୨ । ଲୋମବହୁଳ—2. Shaggy. ସଂ. ବି —୧ । ମେଷ; ମେଣ୍ଢା—1. Sheep. ୨ । ଶୁକର; ଘୁଷୁରି—2. Hog. ୩ । ଦଗ୍ଧା ବୃକ୍ଷ; କାଦମ୍ବିକା—3. Name of a medicinal plant.

ରୋମଶ କନ୍ଦ—ସଂ. ବି.—(ବୈଦ୍ୟକ) ପିଣ୍ଡାଳୁ; ପିଣ୍ଡ ଆଳୁ—
Romaśa kanda A kind of yam.

ରୋମଶ ଫଳ—ସଂ. ବି.—(ବୈଦ୍ୟକ) ଡଣ୍ଡିଶ; ଭେଣ୍ଡି—
Romaśa phala Lady's finger (fruit and plant);

ରୋମଶା—ସଂ. ବି.—(ବୈଦ୍ୟକ) ଦଗ୍ଧା ବା କାଦମ୍ବିକା ନାମକ ଔଷଧ
Romaśā ଗୁଳ୍ମ; କଣ୍ଟକାରୀ ?; ଅର୍କବଲ୍ଲୀ ?—Name of a medicinal plant; Solanum Xanthocarpum ?. ସଂ. ବିଣ ସ୍ତ୍ରୀ—(ରୋମଶ+ସ୍ତ୍ରୀ. ଆ)— ରୋମଶର ସ୍ତ୍ରୀଲିଙ୍ଗ; ଅତିଶୟ ରୋମଯୁକ୍ତା—Very wooly or hairy (female).

ରୋମ ଶାତନ—ସଂ. ବି—ଲୋମନାଶକ ଦ୍ରବ୍ୟ; ଯେଉଁ ବସ୍ତୁ ଦେବାରୁ
Roma śātana ଲୋମମାନ ଉଠାଇ ଦିଏ—A depilatory for removing the hair. ସଂ. ବିଣ —ଲୋମନାଶକ—Depilatory.

ରୋମଶୁକ—ସଂ. ବି (ବୈଦ୍ୟକ)—ସ୍ଥୌଣେୟକ; ଏକପ୍ରକାର ଗନ୍ଧିଥିବା
Romaśuka ଗୁଳ୍ମ—Name of a fragrant medicinal plant.

ରୋମସୂଚୀ—ସଂ. ବି—୧ । ଝିଙ୍କ କାଠି—1. The quills of the
Romasūchī porcupine (M. W.). ୨ । ମୁଣ୍ଡର ଖୋଞ୍ଚକାଠି—2. Hair-pin (M.W.).

ରୋମ ହରଷ—ଗ୍ରା. ବି (ପଦ୍ୟ)—ରୋମ ହର୍ଷ (ଦେଖ)—
Roma harasha Roma harsha (See)
[ଉ—ରୋମ ହରଷେ ତନୁ ପୂର୍ଣ୍ଣି, ପ୍ରେମ ଅଶ୍ରୁ ଗଳେ ଲୋଚନ । ଜଗନ୍ନାଥ. ଭାଗବତ ।]

ରୋମ ହରଷଣ—ଗ୍ରା. ବି (ପଦ୍ୟ) (ସଂ. ରୋମ ହର୍ଷଣ)—
Roma harashaṇa ରୋମ ହର୍ଷଣ ୨ (ଦେଖ)—
রোমহরষণ Roma harshaṇa 2 (See) [ଉ—ରୋମ
रोमहरषन ହରଷଣର ସୁତ, ବ୍ୟାସମୁନିଙ୍କ ଶିଷ୍ୟ ସୁତ । ପ୍ରାଚୀ. ନିର୍ଘଣ୍ଟମାହାତ୍ମ୍ୟ ।]

ରୋମ ହର୍ଷ—ସଂ. ବି (ରୋମ+ହୃଷ୍ ଧାତୁ+ଭାବ. ଅ)—ରୋମାଞ୍ଚ;
Roma harsha ରୋମ ଟାଙ୍କୁରିବା—The bristling of
(ରୋମ ହର୍ଷଣ—ଅନ୍ୟରୂପ) the hairs through excessive fear or joy or wonder; the standing of the hairs of the body on end; horripilation; thrill.

ରୋମ ହର୍ଷକ—ସଂ. ବିଣ (ରୋମ+ହୃଷ୍ ଧାତୁ+କର୍ତ୍ତୃ. ଅକ)—
Roma harshaka ୧ । ଯାହା ରୋମାଞ୍ଚ ଜାତ କରାଏ—
ରୋମହର୍ଷଣକ, ରୋମହର୍ଷଣକାରୀ } ଅନ୍ୟରୂପ 1. Making the hairs of the body bristle or stand on end; thrilling. ୨ । ଅତି ଭୀତି-ଜନକ—2. Horrible; terrific. ୩ । ଅତି-ଅଦ୍ଭୁତ—3. Astonishing. ୪ । ଅତି ଭକ୍ତିଜନକ —4. Producing paroxysm of devotion

ରୋମ ହର୍ଷଣ—ସଂ. ବି—୧ । (ରୋମ+ହୃଷ୍ ଧାତୁ+ଭାବ. ଅନ)
Roma harshaṇa ୧ । ରୋମହର୍ଷ (ଦେଖ)—1. Roma harsha (See) ୨ । ଲୋମ ହର୍ଷଣ ୨ (ଦେଖ) —2. Loma harshaṇa 2 (See) ୩ । ସୂତ୍ରଧାର—3. Stage manager. ୪ । ବଢ଼େଇ— 4. Carpenter. ୫ । ବାହାଡ଼ାଗଛ—5. Terminallia Bellerica (M. W.) ସଂ. ବିଣ (+କର୍ତ୍ତୃ. ଅନ)—ରୋମ ହର୍ଷକ (ଦେଖ)— Roma harshaka (See)

ରୋମ ହର୍ଷଣ(କ) ବ୍ୟାପାର—ସ.ବି—ଲୋମ ହର୍ଷଣ ବ୍ୟାପାର (ଦେଖ)
Roma harshaṇa(ka) byāpāra Loma harshaṇa byāpāra (See)
ରୋମ ହର୍ଷଣ କାଣ୍ଡ, ରୋମ ହର୍ଷଣ ଘଟଣା } ଅନ୍ୟରୂପ

ରୋମ ହର୍ଷିତ—ସଂ. ବିଣ. ପୁଂ (ରୋମହର୍ଷ+ସଂଜାତାର୍ଥେ ଇତ)
Roma harshita —ହୃଷ୍ଟରୋମା;ଯାହାର ରୋମାଞ୍ଚ ହୋଇ-
(ରୋମହର୍ଷୀ—ଅନ୍ୟରୂପ) ଅଛି—Thrilled with joy or terror.

ରୋମା—ଦେ. ବିଣ. ପୁଂ (ସଂ. ରୋମଶ)—ରୋମଶ (ଦେଖ)—
Romā মখমা লোমশ Romaśa (See)
(ରୋମୀ ରୋମେଇ—ସ୍ତ୍ରୀ)
(ରୋମିଆ —ଅନ୍ୟରୂପ)

ରୋମାଙ୍କୁର—ସଂ. ବି (୬ଷ୍ଠୀ ତତ୍)—ଭୟରେ ବା ହର୍ଷରେ ଠିଆ
Romāṅkura ହୋଇଥିବା ରୋମ—Bristling hair of the body (M. W.).

ରୋମାଞ୍ଚ—ସଂ. ବି (ରୋମ+ଅଞ୍ଚ ଧାତୁ=ଗମନ କରିବା+ଭାବ. ଅ)
Romāñcha —୧ । ରୋମ ଟାଙ୍କୁରି ଉଠିବା; ପୁଲକ; ହର୍ଷ, ବିସ୍ମୟ, ଭକ୍ତି ବା ଭୟାଦି ହେତୁ ଶରୀରରେ ରୋମର ଉଦ୍‌ଗମ—1. The bristling of the hairs of the body paroxyson of horror, wonder or devotion; a thrill of the hair. ୨ । ଉତ୍କଣ୍ଠିତ ପ୍ରେମିକ ପ୍ରେମିକାଙ୍କଠାରେ ଲକ୍ଷିତ ଅଷ୍ଟଦଶା ମଧ୍ୟରୁ ଏକତମ ଅବସ୍ଥା—2. One of the eight stages of unsatiated lovers. [ଉ— ଭଞ୍ଜ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ଅଷ୍ଟାଦଶ ଛାନ୍ଦର ୨୨ଶ ପଦ

ଠାରୁ ୨୧ଶ ପଦରେ ପ୍ରେମିକା ନାୟିକାର ଅଷ୍ଟଦଶା ବା ସାତ୍ତ୍ୱିକ ବିକାରର ଉଲ୍ଲେଖ କରଅଛନ୍ତି । ଅଷ୍ଟ ସାତ୍ତ୍ୱିକ ବିକାର । ଯଥା—୧ । ସ୍ତମ୍ଭ, ୨ । ବୈବର୍ଣ୍ଣ୍ୟ, ୩ । ରୋମାଞ୍ଚ ୪ । କମ୍ପ, ୫ । ସ୍ୱେଦ, ୬ । ଅଶ୍ରୁ ; ୭ । ସ୍ୱରଭଙ୍ଗ, ୮ । ପ୍ରଳୟ । ସାତ୍ତ୍ୱିକ ବିକାର ଉଲେ ଟୀକା ଦେଖ ।]

ରୋମାଞ୍ଚିକା – ସଂ. ବି (ବୈଦ୍ୟକ)—ରୁଦନ୍ତୀ ବୃକ୍ଷ (ଦେଖ)—
Romānchikā Rudantī bruksha (See)

ରୋମାଞ୍ଚିତ—ସଂ. ବିଣ. ପୁଂ (ରୋମାଞ୍ଚ + ସଂ. ଜାତ ଅର୍ଥରେ ଇତ)
Romānchita —ପୁଲକିତ; ରୋମାଞ୍ଚଯୁକ୍ତ—With
(ରୋମାଞ୍ଚୀ—ଅନ୍ୟରୂପ) the hairs standing on the
(ରୋମାଞ୍ଚିତା, ରୋମାଞ୍ଚିନୀ - ସ୍ତ୍ରୀ) ends; with hairs bristling; having the hairs of the body erect or thrilling with joy or wonder.

ରୋମାଞ୍ଚିତ ତନୁ – ସଂ. ବିଣ. ପୁଂ (ବହୁବ୍ରୀହି) – ଯାହାର ଦେହ ପୁଲକିତ
Romānchita tanu ହୋଇଥାଏ—Having the body bristling; with hairs thrilled; thrilled through fear etc. ସଂ. ବି (କର୍ମଧା)— ରୋମାଞ୍ଚଯୁକ୍ତ ଦେହ—Thrilled body.

ରୋମାଞ୍ଚିବା— ଦେ. ବି — ରୋମ ଠାକୁ ହେବା—The standing the
Romānchibā hairs on ends; thrilling.
রোমাঞ্চ হওয়া (ଉ—ମିଡଣି । ଶୁଣି ରୋମାଞ୍ଚିଲ, ମୋ ମନ
रोमांच होना ଜାଣି ତଭୁର—ଶିରୋମଣି ଜସନ୍ତୁଁ, ଶିଥିଳ କରଇ ବସନ । ପ୍ରାଚୀ. ରସବାରିଧି ।)
ଦେ.କ୍ରି (ଦେହ) ରୋମାଞ୍ଚିତ ହେବ—(the body) To be thrilled.

ରୋମାନ୍—ବୈଦେ. ବିଣ (ଇଂ. ରୋମାନ୍)—ରୋମ ଦେଶୀୟ—
Romān রোম্যান रोमैन Roman.

ରୋମାନ୍ କାଥଲିକ୍—ବୈଦେ. ବି (ଇଂ. ରୋମାନ୍ କାଥଲିକ୍)—
Romān kāthalik ଖ୍ରୀଷ୍ଟିୟାନ ମାନଙ୍କର ସମ୍ପ୍ରଦାୟ ବିଶେଷ—
রোম্যান কাথলিক The Roman Catholic sect of the
रोमैन कैथलिक Christians; the Romish church.
[ବ୍ର— ଏମାନେ ରୋମ ନଗରରେ ବାସ କରୁଥିବା ଧର୍ମଯାଜକ ପୋପ୍ (Pope) ଙ୍କ ପ୍ରାଧାନ୍ୟ ଓ ଶ୍ରେଷ୍ଠତ୍ୱ ସ୍ୱୀକାର କରନ୍ତି ଏବଂ ଯିଶୁ ଓ କୁମାରୀ ମେରୀଙ୍କ ମୂର୍ତ୍ତିକୁ ପୂଜା କରନ୍ତି ।]

ରୋମାବଳି—ସଂ. ବି (୬ଷ୍ଠୀ ତତ୍)—ରୋମରାଜି (ଦେଖ)
Romābali Romarāji (See)
[ରୋମାବଳି(ଳୀ)—ଅନ୍ୟରୂପ]

ରୋମାଳ—ଦେ. ବିଣ. ପୁଂ (ସଂ. ରୋମଶ)—ରୁମା; ରୋମଶ—
Romāla লোমশ ঝাবরা Furry; hairy.
(ରୋମାଳିଆ—ଅନ୍ୟ ବିଣରୂପ) ବୈଦେ. ବି—ରୋମାଲ୍ (ଦେଖ)—
(ରୋମାଳୀ, ରୋମାଳେଇ—ସ୍ତ୍ରୀ—ବିଣ) Romāla (See)

ରୋମାଲ୍—ବୈଦେ. ବି—ରୁମାଲ (ଦେଖ)
Romāla রুমাল रूमाल Rumāla (See)

(ଉ—ଥରେ ଥରେ ହସି ସାହେବଙ୍କୁ ଠାଣିରେ । ପୋଛଇ ବଦନ ରୋମାଲ କାଢ଼ିରେ । ରାଧାନାଥ. ଦରବାର ।)

ରୋମାଳୁ—ସଂ. ବି (ବୈଦ୍ୟକ) (ରୋମଯୁକ୍ତ ଆଳୁ; ମଧ୍ୟପଦଲୋପୀ କର୍ମ-
Romālu ଧାରୟ)—ଶିଆଳୁ—Yam; Dioscorea Globosa.

ରୋମୀୟ—ଦେ. ବିଣ—୧ । ରୋମ ସମ୍ବନ୍ଧୀୟ—1. Relating to
Romīya Rome; Roman. ୨ । ରୋମ ଦେଶୀୟ—
রোমীয় रोमीय 2. Belonging to the country of Rome.

ରୋମୀୟ ସମ୍ପ୍ରଦାୟ—ଦେ. ବି—ରୋମାନ୍ କାଥଲିକ୍ (ଦେଖ)
Romīya sampradāya Romān kāthalik (See)
রোমীয় সংপ্রদায় रोमीय सम्प्रदाय

ରୋମେ—ଦେ. ଅ—ରୁମେ (ଦେଖ)
Rome এক লোমও एक रोआँभी Rume (See)

ରୋମୋଦ୍ଗତ—ସଂ. ବିଣ—ରୋମାଞ୍ଚିତ (ଦେଖ)
Romodgata Romānchita (See)
(ରୋମୋଦ୍ଭିନ୍ନ—ଅନ୍ୟରୂପ)

ରୋମୋଦ୍ଗମ—ସଂ. ବି—ରୋମାଞ୍ଚ (ଦେଖ)
Romodgama Romāncha (See)
(ରୋମୋଦ୍ଭେଦ, ରୋମୋଦ୍ଗାଢ —ଅନ୍ୟରୂପ)

ରୋରବଣ—ସଂ. ବି (ରୁ ଧାତୁ ଯଙ୍ ଲୁଗନ୍ତ=ରୋରୁ ଧାତୁ+ଭାବ.
Rorabaṇa ଅନ)—ଉଚ୍ଚ ଗର୍ଜନ—Loud roaring; bellowing (M. W).

ରୋରୁଦା—ସଂ. ବି (ରୁଦ ଧାତୁ ଯଙ୍ ଲୁଗନ୍ତ=ରୋରୁଦ୍ ଧାତୁ+ଭାବ.
Rorudā ଅ+ଆ)—ଅତ୍ୟନ୍ତ କାନ୍ଦଣା; କାନ୍ଦୁଣା—Violent or excessive weeping (Apte).

ରୋରୁଦାବାନ୍—ସଂ. ବିଣ. ସ୍ତ୍ରୀ (ରୋରୁଦା+ବତ୍; ୧ମା. ୧ବ)—
Rorudāban ବାହୁନି କରି କାନ୍ଦୁଥିବା—Weeping vio-
(ରୋରୁଦାବତୀ—ସ୍ତ୍ରୀ) lently (M. W. Apte).

ରୋରୁଦ୍ୟମାନ—ସଂ. ବିଣ. ପୁଂ (ରୁଦ୍ ଧାତୁ ଯଙ୍ ଲୁଗନ୍ତ [ବାରଂବାର]
Rorudyamāna ରୋରୁଦ୍ ଧାତୁ+କର୍ତ୍ତୃ. ଅନ)—୧ । ଅତି
(ରୋରୁଦ୍ୟମାନା—ସ୍ତ୍ରୀ) ଉଚ୍ଚସ୍ୱରରେ କାନ୍ଦୁଥିବା—1. Weeping loudly. ୨। ବାହୁନି କରି କାନ୍ଦୁଥିବା—2. Lamenting bitterly; bewailing.

ରୋଲ୍(ଲ)—ବୈଦେ. ବି (ଇଂ. ରୋଲର୍; ରୁଲର୍)—୧ । ଗୋଲ
Rol(l) ଠେଙ୍ଗଣୀ—1. A baton. ୨ । କାଗଜ ଉପରେ
রুল ଗାର ପକାଇବାର ଜ୍ୟାମିକ ଗୋଲ ଠେଙ୍ଗଣି—
रोल, रूल 2. A ruler.

ରୋଲ୍—ବୈଦେ. ବି (ଇଂ ରୋଲ୍)—୧ । ସ୍କୁଲରେ ଛାତ୍ରମାନଙ୍କର
Rol ଉପସ୍ଥାନ ପୁସ୍ତକ ବା ହାଜରା ବହି—1. Attendance
রোল रोल roll of students in a school; attendance register. ୨ । ସ୍କୁଲ ଅବରେ ଛାତ୍ରମାନଙ୍କର ଉପସ୍ଥାନ ବା ହାଜରା—2. Attendance of students in a school.

ରୋଲ୍ (ଇତ୍ୟାଦ)—ବୈଦେ. ବ (ଇଂ ରୋଲର୍)—ରୁଲ୍ ଇତ୍ୟାଦ(ଦେଖ)
Rol (etc) Rul etc (See)

ରୋଲ୍‌କଲ୍—ବୈଦେ. ବ (ଇଂ. ରୋଲ୍‌କଲ୍)—ଶ୍ରେଣୀର ବା ଦଳର
Rol-kal କେଉଁ ଛାତ୍ର ବା କେଉଁ ବ୍ୟକ୍ତିମାନେ ଉପସ୍ଥିତ ଅଛନ୍ତି
রোলকল रोलकाल ଓ କେଉଁ ଅନୁପସ୍ଥିତ ଅଛନ୍ତି ଏହା ଜାଣିବାପାଇଁ ଉପସ୍ଥାନମ୍ସୂଚକରେ ଲିଖିତ କ୍ରମ ଅନୁସାରେ ଛାତ୍ର ବା ବ୍ୟକ୍ତିମାନଙ୍କ ନାମ ଏକ ଏକ କରି ଡାକିବା— Roll call.

ରୋଲ୍ ନମ୍ବର—ବୈଦେ. ବ (ଇଂ. ରୋଲ୍ ନମ୍ବର୍)—୧ । ସ୍କୁଲରେ
Rol Number ବା ଶ୍ରେଣିରେ ଥିବା ସମୁଦାୟ ଛାତ୍ରଙ୍କ ସଂଖ୍ୟା—
রোলনম্বর 1. Roll number or the total number of
रोलनम्बर students in a school or class. ୨ । ହାଜିରା ବହିର କ୍ରମ ଅନୁସାରେ ପ୍ରତ୍ୟେକ ଛାତ୍ରର ଯଥାକ୍ରମ ସଂଖ୍ୟା— 2. Respective number of every student in the attendance register or roll.

ରୋଳ—ସଂ. ବ—୧ । ଅବ୍ୟକ୍ତ ଶବ୍ଦ—1. An indistinct
Rola sound. ୨ । ଶବ୍ଦ; ଧ୍ୱନି—2. Sound. (ଉ—······ବାଦ୍ୟରୋଳେ ଉଠବାଲେ ପ୍ରତିଧ୍ୱନି ଜାଣିଲେ ଚମକି—ରାଧାନାଥ ମହାଯାତ୍ରା ।] ୩ । ଅଦ୍ରକ; ଅଦା—3. Ginger. ୪ । ମନୁଷ୍ୟମାନଙ୍କ ଗହଳରୁ ଜନତାରୁ ଉଠୁଥିବା ବହୁ ଲୋକଙ୍କ ସ୍ୱର ମିଶ୍ରଣରେ ଉତ୍ପନ୍ନ ଶବ୍ଦ— 4. Continuous and indistinct sound arising from a crowd. ୫ । ଉଦ୍ଭିଦ ଗୁଳ୍ମ—5. Flacourtia Cataphracta (M. W) ଦେ. ବ (ସଂ ରବଣ, ରଣ)—୧ ।
রোল रोल ଯୁଦ୍ଧ—1. War. (ଉ—ଏ ଅନନ୍ତରେ ଭୀଷ୍ମ ମହାରଥୀଙ୍କର, ଅର୍ଜୁନ ସଙ୍ଗତରେ ଆରମ୍ଭିଲେ ରୋଳ—କୃଷ୍ଣସିଂହ ମହାଭାରତ ବିରାଟ ।] ୨ । ଉଦୁଖଳ—2. Mortar and pestle. (ଉ—ବେଗେ ଭୁ କୁଟି ରୋଳେ ଭରି, ତା ଶୁଣି ବ୍ରାହ୍ମଣ କୁମାରୀ—ଜଗନ୍ନାଥ ଭାଗବତ ।] ୩ । ଜନତା— 3. Crowd; a concourse of people. ୪ । ଅନେକ ଲୋକଙ୍କର ଏକ ଉଚ୍ଚସ୍ୱରରେ କ୍ରନ୍ଦନ-ଜନିତ ସ୍ୱର—4. Sound of many people wailing. ୫ । ଚହଳ; ଗୋଳ; ଗୋଳମାଳ; ଗଣ୍ଡଗୋଳ—5. Noise; hubbub; outcry. (ଉ—ଗଜାରୋହୀ ରଥାରୋହୀଙ୍କ ମହା ରୋଳ, ସେହିକାଳେ ହେଲା ହେ କହନ୍ତି ନା ଭୂପାଳ—କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।] ୬ । ଗର୍ଜନ—6. Roar. ୭ । କଳି—7. Quarrel. ୮ । ନିଶୁଣି— 8. Ladder [ଉ—ରୋଳ ଅଣାଇ ଧାଡ଼ିକାରେ, ଉଠିଲା ଘରର ଉପରେ—ଜଗନ୍ନାଥ. ଭାଗବତ ।] ୯ । ସ୍ତମ୍ଭ—9. Pillar; post. [ଉ—ବଳେ ସେ, ଝଟେ କରୁଛେ ରୋଳ, ତୋଷେ ସଙ୍ଗୋଦା ଉଠାଇଲେ କୋଳ—ସାନକୃଷ୍ଣ. ରସକଲ୍ଲୋଳ ।]

রোলার, কল ବୈଦେ. ବ (ଇଂ. ରୋଲର୍)—୧ । ସେହି
रोलार ଗୋଲାକାର ଲୁହାକୁ ସଡ଼କ ଉପରେ ଗଡ଼ାଇ ସଡ଼କରେ [ରୋଲର୍, ରୋଲା—ଅନ୍ୟରୂପ] ପଡ଼ିଥିବା ନୂଆ ଗୋଡ଼ିକୁ ସମଭୂଲ କରାଯାଏ—1. A road roller. ୨ । ଲୁହାର କଳ-ଚକି—2. A roller mill. ୩ । ରୁଲ୍ ଇତ୍ୟାଦି (ଦେଖ)—2. Rul etc. (See)

ରୋଳ କରିବା—ଦେ. କି—ଗୋଳମାଳ କରିବା—
Rola kariba To raise a hubbub or noise or
গোলমাল করা शोर करना outcry.

ରୋଳ କୁ(ଖୁ)ଣ୍ଡା—ଦେ.ବ--ବେଣ୍ଟବାଡ଼ିର ମୁଣ୍ଡିରେ ମନୁଷ୍ୟକୁ ଖୋଞ୍ଚିବା
Rola ku(khu)nda ଦ୍ୱାରା ଆଘାତ—Pounding strokes
রুলেরগোঁতা with the butt end of a cudgel or baton.
रोलमेढ़ुसा

ରୋଳ ଚହଳ—ଦେ. ବ (ସହଚର)—୧ । ଗୋଳମାଳ; ବହୁ
Rola chahala ଲୋକଙ୍କର ମିଶ୍ରିତ ଘୋର ଧ୍ୱନି—1. A
গোলমাল loud confused noise of a crowd.
शोरगु(गो)ल ୨ । ଘୋଷଣା—2. Hue and cry; outcry.

ରୋଳ ଠେଙ୍ଗା—ଦେ. ବ—କାଠର ଗୋଲ ଓ ମୋଟ ଯଷ୍ଟି—
Rola thenga A thick round cudgel or stick of
রুললাঠী रोललठी wood.
[ରୋଳ ବାଡ଼ି, ରୋଳ ଠେଙ୍ଗେ(ଙ୍ଗ, ଙ୍ଗୀ)ଣୀ—କ୍ଷୁଦ୍ରରୂପ]

ରୋଳ ପଡ଼ିବା—ଗୋଳମାଳ ବା ଘୋଷା ଶବ୍ଦ ହେବା—
Rola pardiba The raising of an outcry.
(ରୋଳ ପଡ଼ିଯିବା—ଅନ୍ୟରୂପ) রোলপড়া शोरगुलहोना

ରୋଳ(ଲ)ମ୍ବ—ସ. ବ (ରୁ=ଶବ୍ଦ+ଲବ୍ ଧାତୁ=ଗମନ କରିବା+
Rola(la)mba କର୍ତ୍ତୃ. ଅ)—୧ । ଭ୍ରମର—1. A black bee. ୨ । ଶୁଷ୍କ ଭୂମି—2. A dry or dried soil (M. W) ସଂ. ବଣ—ଅବିଶ୍ୱାସୀ—Faithless; treacherous.

ରୋଲମ୍ବ କଦମ୍ବ—ସଂ. ବ (୬ଷ୍ଠୀ ତତ୍)—ମହୁମାଛିଙ୍କ ଦଳ—
Rolamba kadamba A swarm of bees (M.W)
[ରୋଲମ୍ବ ବୃନ୍ଦ(ଖା), ରୋଲମ୍ବାଳି]—ଅନ୍ୟରୂପ)

ରୋଲ(ଳ)ର୍—ବୈଦେ. ବ (ଇଂ. ରୋଲର୍)—ରୋଳ (ଦେଖ)
Rola(la)r Rola (See)

ରୋଲର୍ ମିଲ(ଚକି)—ବୈଦେ. ବ (ଇଂ. ରୋଲର ମିଲ୍)—ଗହମ
Rolar-mil(chaki) ଗୁଣ୍ଡିବା ଲୁହାର କଳଚକି—
রোলা, রোলাকল An iron mill for pounding wheat;
रोलरमील roller mill.

ରୋଳା—ଦେ. ବ—ଳୋଳା; ଦେହରେ ଅଙ୍କିତ ବେତମାଡ଼ର ଲମ୍ବ ଲମ୍ବ
Rola ଚିହ୍ନ;--Long marks or streaks or stripes
রোলা,ডোরা left on the body after caning. ପ୍ରାଦେ—
दाग, धारी, लकीर (ସିଂହଭୂମି) ବ. ଖଡ଼ଘରର ରୁଅ—
The rafter of a thatched house.

ରୋଲ୍ଲ—ବୈଦେ. ବି (ଇଂ. ରୋଲର୍)—ରୋଲ୍ଲର୍‌ମିଲ୍ (ଦେଖ)
Rolā   Rolār-mil. (See)

ରୋଲାରୋଲା—ଦେ. ଅ—୧ । ନୋଲା ନୋଲା; ବେତ ଅବ
Rolārolā ଦ୍ୱାରା ଏକାଧିକ ଥର ପ୍ରହାର କଲେ ଦେହରେ
ରୋଳାରୋଳା   ଅନେକ ନୋଲା ବସିବା ପ୍ରକାରେ—1. Long
दागादाग, धारीधारी streaks or marks (left on the body after caning); stripes. ୨ । (ଧ୍ୱନ୍ୟନୁକରଣ) ମୂତ୍ରେନ୍ଦ୍ରିୟର ମୁଖରୁ ଜୋର୍‌ରେ ପ୍ରସ୍ରାବ ନିର୍ଗମନର ଧ୍ୱନି—2. The sound of pissing.

ରୋଲ୍‌ଡ୍ ଗୋଲ୍‌ଡ୍—ବୈଦେ. ବି (ଇଂ. ରୋଲ୍‌ଡ୍ ଗୋଲ୍‌ଡ୍)—
Rol-d gol-d ସୁନାର ଖୁବ୍ ସରୁ ପାତଅ, ଯାହା ନିକୃଷ୍ଟ ଧାତୁର
রোলা(ল্)ডগোলড ଅଳଂକାର ଉପରେ ଖଞ୍ଜଣି କରାଯାଏ—
रोल्‌ड्‌गोल्ड   Rolled gold.

ରୋଷ—ସଂ.ବି.—[ରୁଷ୍ ଧାତୁ=ରାଗ କରିବା+ଭାବ.ଅ]—କ୍ରୋଧ; ରାଗ—
Rosha   Anger; rage; wrath; passion.
ଦେ. ବି.—(ସଂ. ରସବତୀ=ପାକଶାଳା)—୧ । ପାକଶାଳା—1. Cook room; kitchen. [ପ୍ର—ଅବରେ ପ୍ରେରନ୍ତି ଲକ୍ଷ୍ମୀ ରୋଷଘରେ । ରାଧାନାଥ. ଚିଲିକା ।] ୨ । ଦେବତାଙ୍କ ଅନ୍ନବ୍ୟଞ୍ଜନ ମିଷ୍ଟାନ୍ନାଦି ଭୋଗ ମନ୍ଦିରସଂଲଗ୍ନ ଯେଉଁ ଘରେ ପାକ କରାଯାଏ—
2. Kitchen attached to a temple.
[ରୋଷ ଘର, ରୋଷଶାଳ—ଅନ୍ୟରୂପ]

ରୋଷ ଉପୁଜା(ଜେ)ଇବା—ଦେ. କି.—(ସଂ. ରୋଷ+ଉତ୍ପାଦିତ)—
Rosha upujā(je)ibā କୌଣସି ବ୍ୟକ୍ତିର ମନରେ ରାଗ
রাগ জনমান   ଜନ୍ମାଇବା—To excite or enrage
रोष उपजाना   a person.

ରୋଷ ଉପୁଜିବା—ଦେ. ବି.—(ସଂ. ରୋଷ+ଉତ୍ପାଦିତ)—ମନରେ
Rosha upujibā   କ୍ରୋଧ ଜାତ ହେବା—Becoming
রাগজনমা रोष उपजना   enraged or irritated.

ରୋଷକ—ସଂ. ବିଣ.—କ୍ରୁଦ୍ଧ—
Roshaka   Angry; furious (M.W.)

ରୋଷ କରିବା—ଦେ. କି—୧ । ରାଗ କରିବା; କୌଣସି ବ୍ୟକ୍ତି ପ୍ରତି
Rosha karibā କ୍ରୁଦ୍ଧ ହେବା—1. To be angry with.
রাগকরা रोष करना ୨ । ରୋଷାଇ କରିବା (ଦେଖ)
2. Roshāi karibā (See)

ରୋଷ କର୍କଶ—ସଂ. ବିଣ.—(ଷଷ୍ଠୀ ତତ୍)—କ୍ରୋଧ ଯୋଗୁ କଠୋର
Rosha karkasa   (ସ୍ୱର)—(Tone) Which has become hoarse through rage.

ରୋଷ କଷାୟ—ସଂ. ବିଣ.—(ଷଷ୍ଠୀ ତତ୍)—କ୍ରୋଧ ଜନିତାରୁ ଆରକ୍ତ
Rosha kashāya   ବର୍ଣ୍ଣ ଧାରଣ କରିଥିବା (ଆଖି)—
(Eyes) Reddened with rage.

ରୋଷ କଷାୟ ଲୋଚନ(ନେତ୍ର)—ସଂ. ବି (କର୍ମଧା)—ରାଗଯୋଗୁ
Rosha kashāya lochana(netra)   ଆରକ୍ତ ହୋଇଥିବା

ରୋଷ କଷାୟିତ ଲୋଚନ }
ରୋଷ କଷାୟିତ ନେତ୍ର } ଅନ୍ୟରୂପ
ରୋଷ ତାମ୍ରାକ୍ଷ }
ଚକ୍ଷୁ—Eyes reddened with anger or rage.
ସଂ. ବିଣ. ପୁଂ (ବହୁବ୍ରୀହି)

ରୋଷ କଷାୟ ଲୋଚନା(ନେତ୍ରା) }
ରୋଷ କଷାୟିତ ଲୋଚନା(ନେତ୍ରା) } ସ୍ତ୍ରୀ
ରୋଷ ତାମ୍ରାକ୍ଷୀ }
—ରାଗଯୋଗୁ ଯାହାର ଆଖି ନାଲି ହୋଇଅଛି—With eyes reddened with rage.

ରୋଷ କାରୀ—ସଂ. ବିଣ. ପୁଂ (ରୋଷ+କୃ ଧାତୁ+କର୍ତ୍ତୃ, ଇନ୍;
Rosha kāri   ୧ମା, ୧ବ)—ରାଗାନ୍ୱିତ—Angry;
(ରୋଷକାରିଣୀ—ସ୍ତ୍ରୀ)   wrathful.

ରୋଷ ଜନକ—ସଂ, ବିଣ—ଯାହା ମନରେ ରାଗ ଜନ୍ମାଏ ବା ବୃଦ୍ଧିପାଉ
Rosha janaka କରାଏ—Exciting wrath; producing anger; causing rage; enraging.

ରୋଷ ଜନିତ—ସଂ. ବିଣ—ରାଗରୁ ଜନ୍ମିଥିବା—Caused by
Rosha janita   anger. (ରୋଷଜନ୍ୟ;ରୋଷଜାତ—ଅନ୍ୟରୂପ)

ରୋଷ ଜୟ—ସଂ.ବି—ମନକୁ ବୁଝାଇ ଆପଣ ମନରେ କ୍ରୋଧକୁ ଥଣ୍ଡା
Rosha jaya   କରିବା—Controlling one's rage.
(ରୋଷଜିତ୍—ବିଣରୂପ)

ରୋଷଜର୍ଜର—ସଂ. ବିଣ. ପୁଂ (ଷଷ୍ଠୀ ତତ୍)—କ୍ରୋଧଦ୍ୱାରା ଜର୍ଜରିତ—
Roshajarjara Overwhelmed with anger or
(ରୋଷ ଜର୍ଜରିତ—ଅନ୍ୟରୂପ)   rage.
(ରୋଷଜର୍ଜରା, ରୋଷଜର୍ଜରିତା—ସ୍ତ୍ରୀ)

ରୋଷଣ—ସଂ. ବିଣ. ପୁଂ (ରୁଷ୍ ଧାତୁ=ରାଗିବା+କର୍ତ୍ତୃ. ଅନ)—
Roshaṇa କ୍ରୋଧଶୀଳ; କ୍ରୋଧୀ; ରାଗୀ; କୋପନସ୍ୱଭାବ—
(ରୋଷଣୀ—ସ୍ତ୍ରୀ) Irritable; passionate; irascible.
ସଂ. ବି—୧ । ପାରଦ; ପାରା—1. Quicksilver; mercury. ୨ । କଷଟି ପଥର—2. Touchstone.
୩ । ଊଷର ଭୂମି—3. A desert soil containing salt. (Apte)

ରୋଷ(ଷା)ଣି(ନି)—ବୈଦେ. ବି (ଫା. ରୋଷନ୍; ଉର୍ଦ୍ଦୁ; ରୋଷନାଇ=
Rosha(shā)ṇi(ni) ଆଲୋକ)—୧ । ବହୁ ଆଲୋକ ସହିତ
(ରୋଷିଅଣୀ, ରୁଷୁଣୀ—ଅନ୍ୟରୂପ) ଓ ଆଡ଼ମ୍ବରଯୁକ୍ତ ଶୋଭାଯାତ୍ରା
রোষনাই (ଏହା ରାତିରେ ବାହାରେ)—1. A grand
रोषनाई procession for the purpose of display accompanied with brilliant lights, fireworks etc; pageant. [ପ୍ର—କଲିକତାରୁ ବରଯାତ୍ରୀ ଏବ ଯିବେ, ବ ବ ରୋଷଣି କେତେ ଉଠାଇ ହେବ, ପଗ୍ରଥିଲ । ଫଶାକମୋହନ. ଗଳ୍ପସ୍ୱଳ୍ପ ।]
୨ । ରୁଷାଣି ୪ (ଦେଖ)—2. Rushāṇi. 4. (See)
୩ । ରୁଷାଣି ୫ (ଦେଖ)—3. Rushāṇi 5. (See)

ରୋଷଣି କରିବା—ଦେ. କି—୧ । ଆଲୋକାଦି ବହୁ ଆଡ଼ମ୍ବର ସହିତ
Roshaṇi karibā ଶୋଭାଯାତ୍ରା କରି ଯିବା—1. To pro-
রোষনাই করা gress in a brilliantly lighted proce-
रोषनाइ करना ssion. ୨ । ବଡ଼ ହୋଇଥିବା ବାଳକ ବା ବବାହ

ହୋଇଥିବା ବର ଶୋଭାଯାତ୍ରା କରିବା; ରୁଷାଣି କରିବା—2. To have a grand procession (said of a Brahman boy newly invested with thread and of a bridegroom at the time of his marriage.

ରୋଷଣି ବାହାରିବା—ଦେ. କ—୧ । ଶୋଭାଯାତ୍ରାର ଆରମ୍ଭ—1. The Roshaṇi bāharibā starting of a brilliantly lit रोषनाई बेरुन procession. ୨ । ଶୋଭାଯାତ୍ରାର ଗତି କରୁଥିବା रोषनाई निकलना ଅବସ୍ଥା—2. A procession in the course of moving.

ରୋଷଦାହ—ସ. ବ (ମ. ପ. ଲୋ କର୍ମଧା; ରୋଷଜନିତ ଦାହ)—କ୍ରୋଧ Rosha dāha ଯୋଗୁଁ ମନରେ ଜାତ ହେବା ସନ୍ତାପ—The heat of rage; irritation caused by anger.

ରୋଷଦୃଷ୍ଟି—ସ. ବ (ମ. ପ. ଲୋ)—ରୋଷପୂର୍ଣ୍ଣ ଦୃଷ୍ଟି—Rosbadṛushṭi An angry look. (M. W)

ରୋଷନ—ବୈଦେ. ବ (ନାମ) (ପା. ରୌଶନ୍=ଆଲୋକ)—Roshan ମୁସଲମାନ୍‌ମାନଙ୍କ ନାମ—A Mahomedan name.

ରୋଷନ୍ ଚଉକି—ବୈଦେ. ବ (ପା. ରୌଶନ୍ ଚୌକୀ=ଆଲୋକମୟ Roshan chaukī ସ୍ଥାନ)—୧ । ଢୋଲକ ବା ପଖୋଜ, ମନ୍ଦିର (ରୋଷନ୍‌ଚୌକୀ—ଅନ୍ୟରୂପ) ବା କୁରୁଜ ଝାଞ୍ଜ ଓ ବଂଶୀ ଏହି ଏକଗୋଷ্ঠ রোস্থণ চৌকী ଯନ୍ତ୍ରକୁ ଏକକାଳରେ ବଜାଇବା ବାଦକ ସମ୍ପ୍ରଦାୟ—रोसनचौकी 1. A symphony of musical instruments; orchestra consisting of a drum, cymbals and flute set to music simultaneously. [ଦ୍ର—ରୋଷନ୍ ଚୌକୀର ସ୍ୱର ବଡ଼ ମୃଦୁ ଓ ମଧୁର । ଏଥିପାଇଁ ବାଦଶାହାମାନେ ଶୋଇବାକୁ ଗଲେ ଓ ସିଂହଦ୍ୱାର ପାଖେ ପ୍ରତି ପ୍ରହରରେ ରୋଷନ୍ ଚୌକୀ ବାଜା ବଜା ଯାଉଥିଲା ଏବଂ ତାହାର ମୃଦୁ ମଧୁର ଧ୍ୱନି ଶୁଣୁ ଶୁଣୁ ବାଦଶାହା ନିଦରେ ଶୋଇ ପଡ଼ୁଥିଲେ । ଏବେ ମାନ୍ୟଙ୍କର ଦେବସ୍ଥାନରେ ପ୍ରତି ପ୍ରହରରେ ଏହା ବଜାଯାଏ । ସାଧାରଣତଃ ଉତ୍ସବ ଆଦି ଉପଲକ୍ଷରେ ଗୃହ ନିକଟରେ ଗୋଟିଏ ଉଚ୍ଚ ଭିଡ଼ ବା ଶଯ୍ୟା ପ୍ରସ୍ତୁତ କରାଯାଇ ତାହିଁ ମଧ୍ୟରେ ରୋଷନ୍ ଚୌକୀ ବଜା ଯାଇଥାଏ । ଏଥିରେ ୪ଜଣ ମିଶି ବଜାନ୍ତି । ଜଣେ କେବଳ ସ୍ୱର ଧରେ । ୨ଜଣ ରାଗରାଗିଣୀ ଅନୁସାରେ ମହୁରୀ ବଜାନ୍ତି । ଜଣେ ଢୋଲକ ବଜାଏ ଓ ଜଣେ ଝାଞ୍ଜ ବଜାଏ । ଏହା ଆମ ଦେଶର ତେଲିଙ୍ଗୀ ବାଜା ପରି—(ହ୍ର. ଶ) ।] ୨ । ଫୁଙ୍କି କରି ବଜାଇବାର ଏକ ବାଜା; ମହୁରୀ (ହ୍ର. ଶ)—2. A kind of clarionet.

ରୋଷନା(ନେ)ଇ—ବୈଦେ. ବ (ପା. ରୋଷନାଇ)—୧ । ପ୍ରଦୀପ; Roshanā(ne)i ଆଲୋକ—1. Light, lamp. ୨।ଆଲୋକ (ରୋଷନ—ଅନ୍ୟରୂପ) ଉତ୍ସବ; ଉତ୍ସବାର୍ଥ ସଜ୍ଜିତ ଆଲୋକମାଳା—রোষনাই, রোষনী 2. Rows of light arranged on रोषनाइ festive occasions. ୩ । ରୋଷଣୀ; ଆଲୋକମାଳା-ସମନ୍ୱିତ ଶୋଭାଯାତ୍ରା—3. A ceremonial procession accompanied with rows of light; a display of lights in a procession; a brilliantly lit pageant. [ଦ୍ର—ନାଟ ଡାମରା ଓ ରୋଷନାଇ ଆଦି ଯାହା କିଛି କରିବାକୁ ହେବ, ସେଥି ଆପଣ ସଜାଇ କରି ନେବେ । ଘକାସ୍ୱରଣ ଉତୃମାଳୀ]

ରୋଷନାଇ କରିବା—ଦେ. କି—ରୋଷଣି କରିବା (ଦେଖ) Roshanāi karibā Roshaṇi karibā. (See) রোসনাই করা रोषनाइकरना

ରୋଷନାଇ ତେଲ(ମାଲପା)—ଦେ. ବ—ଆଲୋକ ଜଳାଇବା ପାଇଁ Roshanāi tela(mālapā) ଆବଶ୍ୟକ ତେଲ—রোষনাই তেল Oil required for lamps; lamp oil. रोषनाईतेल [ରୋଷନ ତେଲ(ମାଲପା)—ଅନ୍ୟରୂପ] [ଖାଇବା ତେଲ, ଲଗାଇବା ତେଲ—ବିପରୀତ]

ରୋଷ ପରାୟଣ—ସ. ବଣ. ପୁଂ—କ୍ରୋଧପରାୟଣ; କ୍ରୋଧୀ; ରାଗୀ—Rosha parāyaṇa Passionate; of an angry (ରୋଷପରାୟଣା—ସ୍ତ୍ରୀ) (ରୋଷପରାୟଣତା—ବ) temper.

ରୋଷ ପ୍ରଦୀପନ—ସ.ବ (୬ଷ୍ଠୀ ତତ୍)-ମନୁଷ୍ୟ ମନରେ ଜନ୍ମିଥିବା କ୍ରୋଧର Rosha pradīpana ଉଦ୍ଦୀପନ କରିବା--Aggravation of a (ରୋଷଦୀପନ, ରୋଷବର୍ଦ୍ଧନ—ଅନ୍ୟରୂପ) person's anger.

ରୋଷ ପ୍ରଦୀପ୍ତ—ସ.ବଣ (୩ୟା ତତ୍)—(ଲକ୍ଷଣାର୍ଥ) କ୍ରୋଧ ଯୋଗୁ Rosha pradīpta ଜଳନ୍ତପରି ହେଉଥିବା—(Metaphori- (ରୋଷଦୀପ୍ତ—ଅନ୍ୟରୂପ) cal) Burning with rage; fired with passion.

ରୋଷ ବହ୍ନି—ସ.ବ (ରୂପକ)—ରୋଷାଗ୍ନି (ଦେଖ) Rosha bahni Roshāgni. (See)

ରୋଷ ବିସ୍ଫାରିତ—ସ. ବଣ (୩ୟା ତତ୍)—କ୍ରୋଧଯୋଗୁଁ ବିସ୍ଫାରିତ Rosha bisphārita ହୋଇଥିବା (ଚକ୍ଷୁ)—(Eyes) Expanded with rage.

ରୋଷଭର—ଦେ. ବଣ—ରୋଷାନ୍ୱିତ; କ୍ରୁଦ୍ଧ—Angry; enraged. Roshabhara ক্রোধভর रोषभर

ରୋଷଭରେ—ଦେ. କି. ବଣ—କ୍ରୋଧ ଦ୍ୱାରା ଉତ୍ତେଜିତ ହୋଇ; Roshabhare କ୍ରୋଧର ଉତ୍ତେଜନାରେ ଅନ୍ଧ ହୋଇ—রোষভরে, রোষভরে Angrily; in a fury of passion; रोषभरे (ରୋଷଭରରେ—ଅନ୍ୟରୂପ) passionately.

ରୋଷ ଭାଷଣ—ସ. ବ. (ମ. ପ. ଲୋ)—କ୍ରୋଧପୂର୍ଣ୍ଣ ବାକ୍ୟ—An Rosha bhāshaṇa angry speech (Apte). (ରୋଷ ଭାଷିତ, ରୋଷୋକ୍ତି—ଅନ୍ୟରୂପ)

ରୋଷମ୍—ବୈଦେ. ବ (ପା. ରୁସମ୍)—୧ । ରୁସୁମ୍; ଜମିଦାରଙ୍କ Rosham ବା ରାଜାଙ୍କୁ ବିଶେଷ ଉପଲକ୍ଷ (ବିବାହ, ଦାଖଲ রুসুম ଖାରଜ ଆଦି)ରେ ଦିଆଯିବା ଶୁଳ୍କ ବା ଫିସ୍; ତୋଲନା; रुसम ସଲାମି—1. Fees paid to the king on certain occasions. [ଦ୍ର—ରାଜସ୍ୱ ଗଣନା ବା କର

ପ୍ରଜାର ସବୁ କାଳରେ ଦେୟ, କଲ୍ଲ ରେଷମ, ସଲାମୀ, ଫିସ୍, ଶୁଲ୍କ ବା ଦେଖଣା ବିଶେଷ ବିଶେଷ ଉପଲକ୍ଷରେ ପ୍ରଜାଠାରୁ ଆଦାୟ କରାଯାଏ ।] ୨ । ଦରମା, କର ବା ନିର୍ଦ୍ଦିଷ୍ଟ ପ୍ରାପ୍ୟ ଛଡ଼ା ଲାଭ ଅଥବା ଅଧିକା ଧନ; ବକ୍‌ସିସ୍; ପୁରସ୍କାର—2. Perquisite. (ଉ—ଭୂପଙ୍କ ବରଠାରୁ ଚୌକିଆ ରେଷମ ଟଙ୍କାଏ ଆଉ ମଙ୍ଗ ମରହଟ୍ଟରେ ଗୁଡ଼ଅ ବାବଦକୁ କଛି ଖର୍ଚ୍ଚ............।
ଫକୀରମୋହନ, ଛ ମାଣ ଅଠଗୁଣ୍ଠ ।)

ରୋଷମ୍ ରୁ(ରୋ)ଷମାତ୍—ବୈଦେ. ବ (ଫା. ସବରର)—୧ । ରାଜସ୍ୱ Rosham ru(ro)shamāt ଛଡ଼ା ପ୍ରଜାଠାରୁ ବିଶିଷ୍ଟ ଉପଲକ୍ଷ- (ରେଷମାତ୍—ଅନ୍ୟରୂପ) ମାନଙ୍କରେ ଅଦାୟ କରାଯିବା ନାନାବିଧ रूसूम्रूसमात ରେଷମ—1. Various sorts of fees paid रूसम रूसुमात to the landlord by the subject on various occasions. ୨ । ରାଜସ୍ୱ ଆଦାୟକାରୀଙ୍କୁ ତାହାଙ୍କ କାର୍ଯ୍ୟ ନିମନ୍ତେ ଦିଆଯିବା କମିସନ୍—2. Commission paid to the collecting agent on the collection made by him.

ରୋଷ ସଞ୍ଚାର—ସଂ. ବ. (୬ଷ୍ଠୀ ତତ୍)—କ୍ରୋଧ ଜାତ ହେବା; ରାଗ Rosha sañchāra ଉପୁଜିବା—Rising of anger in the mind; the state of being taken up with rage.

ରୋଷ ସେବକ—ଦେ. ବ—ଦେବତା ବା ରାଜାଙ୍କ ସୂପକାର; ସୁଆର—Rosha sebaka A cook employed for pre- रसुया सेवक paring a king's meals or a Deity's रसोया सेबक bhog.

ରୋଷା—ଦେ. ବ. (ସଂ. ରୋଷ)—କ୍ରୋଧ; ରାଗ—Roshā राग गुस्सा Anger; rage.

ରୋଷା(ଷେ)ଇ—ଦେ. ବ. (ସଂ. ରସ)—ଖାଦ୍ୟ ଦ୍ରବ୍ୟାଦିର ପାକ Roshā(she)i କ୍ରିୟା—Cooking of meals or other रसुई victuals. (ଉ—ତହିଁ ଯେ ତ୍ରୁଟି କରବ ରୋଷେଇ रसोइ ବିଧାନ । ପାର୍ଥୀ. ଶ୍ରୀଗୁରୁଭକ୍ତି. ଗୀତ ।)

ରୋଷା(ଷେ)ଇଆ—ଦେ. ବ ଓ ବଣ. ପୁଂ—ରୋଷେୟା (ଦେଖ) Rosha(she)iā Rosheyā (See) [ରୋଷା(ଷେ)ଇଆଣୀ—ସ୍ତ୍ରୀ]

ରୋଷା(ଷେ)ଇ କରିବା—ଦେ. କ୍ରି—ଖାଦ୍ୟ ପାକ କରିବା; ରାନ୍ଧିବା—Roshā(she)i karibā To cook meal. रसुई करा रसोइ करना

ରୋଷା(ଷେ)ଇ ଘର—ଦେ. ବ. (ସଂ. ରସବତୀ—ପାକଶାଳା)—Roshā(she)i ghara ରନ୍ଧନଶାଳା—Kitchen. [ରୋଷା(ଷେ)ଇ ଶାଳ—ଅନ୍ୟରୂପ] रसुई घर भनसा घर, रसोइ घर

ରୋଷାଇ(ନ୍ତି)ବା—ଦେ. କ୍ରି—(ସଂ ରୋଷି ଧାତୁ)—୧ । ରଗାଇବା; Roshāi(iñ)bā କୌଣସି ବ୍ୟକ୍ତିକୁ ରାଗାନ୍ୱିତ କରାଇବା—रागान 1. To enrage a person. ୨ । (ସଂ. ରୁଷ୍ ଧାତୁ) रोसाना ରାଗ କରିବା; କ୍ରୋଧ କରିବା; ରାଗାନ୍ୱିତ ହେବା; ରାଗିବା—2. To be angry; to be enraged. राग रूठना (ଉ—ଉତ୍ତରରେ ଦୁଇଟି କରିବୁ ରୋଷାଇଁ, ବନ୍ଧିଲେ ପୁଣି ଶର ଶରାସନେ ଥୋଇ । କୃଷ୍ଣସିଂହ ମହାଭାରତ. ବିରାଟ ।)

ରୋଷା(ଷେ)ଇ ବାସ—ଦେ. ବ. (ସଡ଼ଚର) (ସଂ. ରସିତ—ପାକକୃତ Roshā(she)i bāsa + ବସ୍ ଧାତୁ=ପରିବେଷଣ; କମ୍ବା ରସ रसुई बास + ବାସ—ସୁବାସିତ କରିବା)—ରନ୍ଧାବଢ଼ା—रसोइबास Cooking operation. (ଯଥା—ରାନ୍ଧିବା, ମସଲା ପାଣି ଦେଇ କମ୍ବା ବଘାର ବ୍ୟଞ୍ଜନ ଆଦିକୁ ସୁବାସିତ କରିବା, ରନ୍ଧା ହୋଇଥିବା ଖାଦ୍ୟ ଖାଦକମାନଙ୍କୁ ପରିବେଷଣ କରିବା ଇତ୍ୟାଦି ।) (ଉ—ଲୁବେର ଗାଁ ପାଖ ନଦୀର ଅର କୂଳରେ ନାଅ ଲଗାଇ ରୋଷେଇବାସ କରେ । ଫକୀର ମୋହନ. ଗଳ୍ପସ୍ୱଳ୍ପ ।)

ରୋଷାକୁଳିତ—ସଂ. ବଣ. ପୁଂ (୩ୟା ତତ୍)—କ୍ରୋଧ ଦ୍ୱାରା ଉଦ୍ରେଜିତ Roshākulita Troubled or perplexed with (ରୋଷାକୁଳିତା—ସ୍ତ୍ରୀ) anger.

ରୋଷାକ୍ଷେପ—ସଂ. ବ. (ମ. ପ. ଲୋ)—୧ । (ଅଳଙ୍କାର ଶାସ୍ତ୍ର) କ୍ରୋଧ Roshākshepa ପୂର୍ଣ୍ଣ ଅସମ୍ମତିସୂଚକ ବଚନ—1. (rhetoric- An angry expression of dissent (Apte). ୨ । କ୍ରୋଧମୟ ବ୍ୟଙ୍ଗୋକ୍ତି—2. An angry reproach; ironical taunt (Apte).

ରୋଷାଗ୍ନି—ସଂ. ବ. (ରୂପକ କର୍ମଧା)—କ୍ରୋଧାଗ୍ନି; ଅଗ୍ନି ସଙ୍ଗେ ତୁଳନା Roshāgni କରାଯିବା ରୋଷ; ଅଗ୍ନି ପରି ଭୀଷଣ କ୍ରୋଧ—(ରୋଷାନଳ—ଅନ୍ୟରୂପ) Fiery rage; burning rage; wrath compared to fire.

ରୋଷାଣ—ସଂ. ବଣ. ପୁଂ. (ରୋଷ+ଅନ)—କ୍ରୁଦ୍ଧ—Furious; Roshāṇa angry (M. W). ସଂ. ବ—୧ । କଷଟି ପଥର—1. Touch stone (M. W). ୨ । ପାରଦ—2. Quick silver (M. W).

ରୋଷାନ୍ଧ—ସଂ. ବଣ. ପୁଂ (୩ୟା ତତ୍)—କ୍ରୋଧାନ୍ଧ; କ୍ରୋଧ ହେତୁ Roshāndha ହିତାହିତ ଜ୍ଞାନଶୂନ୍ୟ—Devoid of calm (ରୋଷାନ୍ଧା—ସ୍ତ୍ରୀ) consideration through fury of (ରୋଷାନ୍ଧତା—ବିଶେଷ୍ୟ) rage; maddened or blinded with rage.

ରୋଷାନ୍ୱିତ—ସଂ. ବଣ. ପୁଂ (୩ୟା ତତ୍)—ରୋଷ ପୂର୍ଣ୍ଣ—Roshānwita Full of rage, passionate. (ରୋଷାନ୍ୱିତା—ସ୍ତ୍ରୀ)

ରୋଷା ରୋଷି—ଦେ. ବ (ସଂ. ରୋଷ)—ରଗାରଗି; ପରସ୍ପରଙ୍କ Roshā roshi ମଧ୍ୟରେ କଳିକଜିଆ—Mutual ill-रोषारोषि रोसारोसी feeling or recrimination.

ରୋଷାଳ—ଦେ. ବଣ. ପୁଂ—ରୋଷପରାୟଣ—Of an angry Roshāla रोषाल temper; irritable. (ରୋଷାଳିଆ—ଅନ୍ୟରୂପ) (ରୋଷାଳୀ, ରୋଷାଳିଆଣୀ—ସ୍ତ୍ରୀ)

ରୋଷାଳାପ—ସଂ. ବି (ମ. ପ. ଲୋ)—କ୍ରୋଧପୂର୍ଣ୍ଣ କଥୋପକଥନ—
Roshālāpa Hot or angry exchange of words, hot words.

ରୋଷି (ଧାତୁ)—ସଂ (ରୁଷ୍ ଧାତୁର ଣିଜନ୍ତରୂପ)—ରଗାଇବା; କ୍ରୁଦ୍ଧ
Roshi (root) କରାଇବା—To enrage.

ରୋଷିଆ—ଦେ. ବିଣ. ପୁଂ (ସଂ. ରୋଷୀ)—ରୋଷୀ (ଦେଖ)—
Roshiā (ରୋଷେଇ—ସ୍ତ୍ରୀ) Roshī (See)

ରୋଷିତ—ସଂ. ବିଣ. ପୁଂ (ରୁଷ୍ ଧାତୁ ଣିଚ ରୋଷି ଧାତୁ=ରଗାଇବା
Roshita +କର୍ମ. ତ)—୧ । ରୁଷ୍ଟ; କୁପିତ—
(ରୋଷିତା—ସ୍ତ୍ରୀ) 1. Angry; enraged. [ଉ—ଈଷିତ ରୋଷିତ ବଦନ, ଦେଖି ଜଳଧି କମ୍ପମାନ । ଜଗନ୍ନାଥ ଭାଗବତ ।] ୨ । ଯାହାକୁ କୁପିତ କରାଯାଇଥାଏ—
2. Irritated; provoked; enraged

ରୋଷିବା—ଦେ. କ୍ରି—ରୋଷ କରିବା; କ୍ରୁଦ୍ଧ ହେବା—
Roshibā রাগা रूठना To be angry.
[ଉ—ମାର୍ଗ ରୋଧିଲେ କଷ୍ଟେ ରୋଷିବେ ହର । ରାଧାନାଥ. ମେଘଦୂତ ।]

ରୋଷୀ—ସଂ. ବିଣ. ପୁଂ (ରୋଷ+କର୍ତ୍ତୃ. ଇନ୍)—କ୍ରୋଧସ୍ୱଭାବ;
Roshī କୋପନ ପ୍ରକୃତି; ରାଗୀ; କ୍ରୁଦ୍ଧ—Of an irritable
(ରୋଷିଣୀ—ସ୍ତ୍ରୀ) temper; irascible; fretful. [ଉ—ଶାଲ୍ୱ ଉପରକୁ ବହନ ହୋଇ ରୋଷୀ । କୃଷ୍ଣସିଂହ. ମହାଭାରତ. ବନ ।]

ରୋଷୁଅ ଘର—ଦେ. ବି (ସଂ. ରସବତୀ)—ରୋଷଘର; ପାକଶାଳା
Roshua ghara Kitchen. [ଉ—ଅଙ୍ଗେ ରୋଷୁଅ
রসুই ঘর ଘର ଅଛି, ଯେଉଁଠାରେ ଲକ୍ଷ୍ମୀ ଅଧିପତି ।
रसोई घर ଯଶୋବନ୍ତ. ପ୍ରେମଭକ୍ତିଗୀତା ।]

ରୋଷେୟା—ଦେ. ବି. ପୁଂ—ସୂପକାର; ସୁଆର; ପାଚକ—Cook.
Rosheyā ଦେ. ବିଣ. ପୁଂ—ରନ୍ଧୁଣିଆ, ଯେ ରାନ୍ଧେ—
রসুয়া Cooking. [ଦ୍ର—'ରୋଷେୟା' ଶବ୍ଦ ସାଧାରଣତଃ
रसोइया ପୁରୁଷ ପାଚକ ଅର୍ଥରେ ବ୍ୟବହୃତ ହୋଇଥାଏ ଏବଂ
(ରୋଷେୟାଣୀ—ସ୍ତ୍ରୀ) ଏହାର ସ୍ତ୍ରୀଲିଙ୍ଗ 'ରୋଷେୟାଣୀ'ର ବ୍ୟବହାର କ୍ୱଚିତ୍ ସ୍ଥଳରେ ଦେଖାଯାଏ । 'ପାଚିକା' ଅର୍ଥରେ 'ରାନ୍ଧୁଣୀ' ଶବ୍ଦ ପ୍ରାୟଶଃ ସର୍ବାଞ୍ଚଳରେ ବ୍ୟବହୃତ ହୋଇଥାଏ ।]

ରୋଷେୟା ବ୍ରାହ୍ମଣ—ଦେ. ବି—୧ । ରନ୍ଧୁଣିଆ ବ୍ରାହ୍ମଣ, ପାଚକ
Rosheyā brahmaṇa ବ୍ରାହ୍ମଣ—1. Brahman cook.
রসুয়া বামুন ୨ । ପୂଜାରୀ ବ୍ରାହ୍ମଣ; ପଣ୍ଡା ବା ଦେଉଳିଆ ବ୍ରାହ୍ମଣ;
रसोईया बामन ଶାସନୀ ବ୍ରାହ୍ମଣଙ୍କ ଅପେକ୍ଷା ନୀଚ ଶ୍ରେଣୀୟ ବ୍ରାହ୍ମଣ
(ରୋଷେୟା ବାହ୍ମୁଣ—ଗ୍ରାମ୍ୟରୂପ) 2. A Brahman of the lower order; the class of Brahmans who are profetional cooks. [ଦ୍ର—ସାଧାରଣତଃ ଠାକୁରସେବକ ବ୍ରାହ୍ମଣମାନେ ଶାସନୀ ବ୍ରାହ୍ମଣଙ୍କ ଅପେକ୍ଷା ନିମ୍ନତର ଶ୍ରେଣୀର 'ପଣ୍ଡା', 'ଦେଉଳିଆ' ବା 'ମଢ଼ିଆ' ଅଟନ୍ତି । ଏହି ପଣ୍ଡା ବା ଦେଉଳିଆ ବ୍ରାହ୍ମଣମାନେ ଓଡ଼ିଶାର ଆଦିମ ଅଧିବାସୀ ବ୍ରାହ୍ମଣଙ୍କ ବଂଶଧର । କେଶରୀବଂଶୀୟ ରାଜାମାନେ କାନ୍ୟକୁବ୍ଜରୁ ଯେଉଁ ଶ୍ରୋତ୍ରୀୟ ବା କର୍ମିଷ୍ଠ ବ୍ରାହ୍ମଣମାନଙ୍କୁ ଆଣାଇ ଯାଜପୁର ଓ ପୁରୀ ଅଞ୍ଚଳରେ ଭୂମି ଆଦି କ୍ଷେତ୍ରର ବୃତ୍ତିଦାନ କରି ବ୍ରାହ୍ମଣ ଶାସନମାନଙ୍କରେ ରଖାଇଥିଲେ, ଓଡ଼ିଶାର ଶାସନୀ ବ୍ରାହ୍ମଣମାନେ ସେହିମାନଙ୍କ ବଂଶଧର । ପଣ୍ଡା ବ୍ରାହ୍ମଣମାନେ ଦେବମନ୍ଦିରରେ (ଯଥା— ପୁରୀ, ଭୁବନେଶ୍ୱର) ଭୋଗ ପାଇଁ ଅନ୍ନାଦି ରାନ୍ଧନ୍ତି ଓ ସେହି ଶ୍ରେଣୀର ଲୋକେ ପ୍ରଥମେ ଶୂଦ୍ରମାନଙ୍କ ପରିବାରସଂଲଗ୍ନ ଠାକୁର ଘରେ ପାଚକରୂପେ ରହିଲେ, କ୍ରମଶଃ ଶୂଦ୍ର ଗୃହସ୍ଥମାନଙ୍କ ପରିବାରର ପାକକ୍ରିୟା କଲେ, ପରେ ଶୂଦ୍ର ଓ ବିଦେଶାଗତ ବାବୁ ଭାୟାଙ୍କ ଘରେ ରୋଷେୟା ଚାକିରି କଲେ ।]

ରୋଷୋତ୍ପତ୍ତି—ସଂ. ବି (୬ଷ୍ଠୀ ତତ୍)—ରୋଷସଞ୍ଚାର; କ୍ରୋଧ ଉପୁଜିବା
Roshotpatti —Becoming enraged.

ରୋଷୋତ୍ପାଦନ—ସଂ. ବି—(୬ଷ୍ଠୀ ତତ୍)—ମନୁଷ୍ୟ ମନରେ କ୍ରୋଧ
Roshotpādana ଉପୁଜାଇବା—Causing anger; irritating or provoking a person to anger; provocation.

ରୋଷୋତ୍ପାଦକ—ସଂ. ବିଣ. ପୁଂ—(ବହୁବ୍ରୀହି) ଯାହା ରୋଷ ବଢ଼ାଏ—
Roshotpādaka Promoting anger.
(ରୋଷୋତ୍ପାଦକା—ସ୍ତ୍ରୀ)

ରୋଷ୍ଟ୍—ବୈଦେ. ବି.—(ଇଂ. ରୋଷ୍ଟ୍)—ନିଆଁରେ ସେକା ଯାଇ
Rosht ସିଝା ଯାଇଥିବା ଜୀବମାଂସ—Roast; roasted
রোষ্ট रोष्ट meat.

ରୋଷ୍ଟ—ଗ୍ରା. ବିଣ.—(ସଂ. ରୁଷ୍ଟ)—ରୁଷ୍ଟ; କ୍ରୁଦ୍ଧ—
Roshṭa · Angry; irritated; much displeased.
রুষ্ট रुष्ट [ଦ୍ର—ଧୀର ସମୀର ହୋଇବୁ ନ କରବୁ ରୋଷ୍ଟ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।]

ରୋସୁଣ—ଗ୍ରା. ବି—ରସୁଣ (ଦେଖ)
Rosuṇa Rasuṇa (See)

ରୋହ—ସଂ. ବି.—(ରୁହ୍ ଧାତୁ=ଚଢ଼ିବା; ଗଜୁରିବା, ଉତ୍ପନ୍ନ ହେବା,
Roha ଜନ୍ମିବା+ଭାବ. ଅ)—୧ । ଆରୋହଣ—1. Riding; ascending. ୨ । (+କର୍ତ୍ତୃ. ଅ) ଅଙ୍କୁର; ଗଜା—
2. Germ; sprout. ୩ । (+ଭାବ. ଅ) ଗଜୁରିବା—
3. Germinating; sprouting. (M. W.)
୪ । (+କର୍ତ୍ତୃ. ଅ) କଢ଼—4. Bud; blossom (M. W.) ସଂ. ବିଣ. ପୁଂ—ଆରୋହଣକାରୀ—
(ରୋହା—ସ୍ତ୍ରୀ) Riding; ascending.

ରୋହକ—ସଂ. ବିଣ. ପୁଂ—(ରୁହ୍ ଧାତୁ+କର୍ତ୍ତୃ. ଅକ)—୧ । ଆରୋହଣ
Rohaka କାରୀ—1. Mounting; ascending. ୨ । ଯାହା ବଢ଼ୁ ଥାଏ—2. Growing (M.w.) ସଂ.ବି.— ୧ । ଆରୋହୀ ବ୍ୟକ୍ତି—1 A rider (M. W.) ମନୁଷ୍ୟକୁ ଲାଗିବା ଭୂତ; ପ୍ରେତ ବିଶେଷ—2. Ghost which possesses a person.

ରୋହଣ—ସଂ. ବି.—(ରୁହ୍ ଧାତୁ+ଭାବ. ଅନ)—୧ । ଉଦ୍ଭବ;
Rohaṇa ଉତ୍ପତ୍ତି; ଜନ୍ମ—1. Birth;origin. ୨ । (+କର୍ତ୍ତୃ.ଅ)
ଶୁକ୍ର;ରେତଃ—2.Semen;virile. ୩ । (+କର୍ମ ଅନ)
ବିଦୁରତ୍ କାମକ ବନ—3. Name of a big
forest. ୪ । ଶୈଳ; ପର୍ବତ—4. Hill. ୫ ।
(+ଭାବ ଅନ) ଆରୋହଣ—5. Mounting;riding;
ascending. ୬ । ଲଙ୍କାର ପର୍ବତ ବିଶେଷ—6.
Adam's peak in Ceylon. (M. W.)
୭ । କ୍ଷତ ଅବର ପୂର ଆସିବା—7. Healing
of a wound (M. W.)

ରୋହନ୍—ସଂ. ବି. ପୁଂ—(ରୁହ ଧାତୁ+ଅଚ୍; ରୋହତ୍ ୧ମା. ୧ବ.)
Rohan ୧ । ବୃକ୍ଷ—1. Tree. ୨ । ଲତା—2. Creeper.
ସଂ. ବିଣ.ପୁଂ.—ଆରୋହଣ କରୁଥିବା—
(ରୋହନ୍ତୀ—ସ୍ତ୍ରୀ) Rising; mounting; ascending (M.W)

ରୋହଦ୍ର—ଗ୍ରା. ବିଣ.—(ସଂ. ରୌଦ୍ର, ରୁଦ୍ର)—ଅତି ଅସହ୍ୟ; ଉତ୍ତପ୍ତ-
Rohadra অসহ্য তেজ Unbearable; very hot.
[ଉ—ରୋହଦ୍ର ଖରାରେ ଯେ ବସଇ ମୁହିଁ, ଆ ଖାଇବ
ବୋଲି ବୋଲନ୍ତି କାହିଁ । ଛଗ ।]

ରୋହି—ସଂ. ବି (ରୁହ୍ ଧାତୁ+କର୍ତ୍ତୃ ଇ)—୧ । ବୃକ୍ଷ—1. Tree.
Rohi ୨ । ବୀଜ—2. Seed. ୩ । ଧାର୍ମିକ ବ୍ୟକ୍ତି—
3. Pious person. ୪ । ମୃଗବିଶେଷ—4. A
kind of deer. ଦେ. ବି (ସଂ. ରୋହିତ)—୧ ।
ରୋହିତ ମତ୍ସ୍ୟ; ନଦୀ ପୁଷ୍କରିଣୀ ଆଦିରେ ରହୁଥିବା ଶଳ୍କୀ
রুই ৰোহু ମତ୍ସ୍ୟ—1. Cyprinus Rohita; Cyprinus
Denticulatus, Labeo Rohita. (ଉ—ବଡ଼
ବଡ଼ ରୋହି ଭାକୁଡ଼ଠାମାନଙ୍କୁ, ଖାଇ ଆଗ ତୋଷ କରିବ
ଉଦରକୁ—କୃଷ୍ଣସିଂହ ମହାଭାରତ. ବନ ।] [ଦ୍ର—ରୋହି
ମାଛର ପେଟ ଗୋଲ; କାନ୍ଧରେ ନାଲି ଚକ୍ଷୁ ଥିବାରୁ
ଏହାର ନାମ 'ରୋହିତ' ବା 'ଲୋହିତ' ହୋଇଅଛି ।
ପୁଣି ଏହାର ଲାଞ୍ଜ କୃଷ୍ଣବର୍ଣ୍ଣ ହେତୁ ଅନ୍ୟ ସଂସ୍କୃତ ନାମ
'କୃଷ୍ଣପୁଚ୍ଛ' ଅଟେ । ବୈଦ୍ୟଶାସ୍ତ୍ର ଅନୁସାରେ ସବୁ ମାଛ
ଅପେକ୍ଷା ଏହା ଶ୍ରେଷ୍ଠ ଖାଦ୍ୟ, ଶୁକ୍ରବର୍ଦ୍ଧକ ଓ ବାତଘ୍ନ,
ଅନଳ୍ପପିତ୍ତକର ଓ ଅର୍ଦ୍ଦିତ ରୋଗନାଶକ; ରୋହିତ ମୁଣ୍ଡ
ଊର୍ଦ୍ଧ୍ୱଜତ୍ରୁଗତ ରୋଗନିବାରକ । ଏହି ଜାତୀୟ ଏକପ୍ରକାର
ବଡ଼ ମାଛକୁ 'ସୋହି' ବୋଲଯାଏ ଓ ରୋହି ମାଛର ପିତ୍ତ
ଅପେକ୍ଷା ସୋହି ମାଛର ପିତ୍ତ ଔଷଧାର୍ଥେ ବେଶି ଗୁଣକର
ବୋଲି ବିବେଚିତ—ଦ୍ରବ୍ୟଗୁଣ ।] ୨ । (ସଂ. ଋଜୁ
সোজা ইন্দ্ৰধনু सीधाइन्द्रधनुस ଇନ୍ଦ୍ରଧନୁ) ରୋଇ; ରୋହିତ; ଋଜୁ
ଇନ୍ଦ୍ରଧନୁ—2. A straight rainbow. (ଉ—
ପୂର୍ବେ ଅଦ୍ରାବଳୀ, ପଶ୍ଚିମେ ରୋଇ; ନାଥ ବୋଲେ ପୁତ୍ର,
ରେ ! ଜଟେ ଯିବ ଧୋଇ—ଡାକ ବଚନ ।) ୩ ।
ରଇ (ଦେଖ)—3. Rai (See) (ଉ—କାଲି ବାପାଙ୍କର
ରୋହିଣୀତଲା ହେବ ।)

ରୋହି କର୍ଡ଼ା—ପ୍ରାଦେ (ଯାଜପୁର) ବି—ସାନ ରୋହି ମାଛ—
Rohi karḍā Young Rohi fish.

ରୋହିଣ—ସଂ. ବି (ରୁହ୍ ଧାତୁ+କର୍ତ୍ତୃ ଇନ)—୧ । ରୌହିଣ; ବଟବୃକ୍ଷ-
Rohiṇa 1. Banian tree. ୨ । ଗନ୍ଧତୃଣ; ଧନନ୍ତରୀ
ଘାସ—2. Fragrant grass; Andropogen
Schoenanthes. ୩ । ଦିବସର ନବମ ମୁହୂର୍ତ୍ତ; ଦିବା
ଭାଗର ୧୫ ଭାଗ ମଧ୍ୟରୁ ୯ମ ଭାଗ; ପ୍ରାୟ ଦିନ ୧ଟା
ବେଳ—3. The ninth moment of a day
(divided into 15 parts); (about 1 P. M.)
୪ । ରୋହିତକ (ଦେଖ)—4. Rohitaka (See)
ସଂ. ବିଣ. ପୁଂ (ରୋହିଣୀ+ଅ) ରୋହିଣୀ ନକ୍ଷତ୍ରରେ
ଜାତ—Born under the asterism Rohiṇī
(M. W)

ରୋହିଣୀ—ସଂ. ବିଣ. ସ୍ତ୍ରୀ (ରୁହ୍ ଧାତୁ+କର୍ତ୍ତୃ ଇନ+ସ୍ତ୍ରୀ ଈ)—ରୋହିର
Rohiṇī ସ୍ତ୍ରୀଲିଙ୍ଗ—Feminine of 'Rohī' ସଂ. ବି. ସ୍ତ୍ରୀ—
(ରୋହୀ—ପୁଂ) ୧ । ଚତୁର୍ଥ ନକ୍ଷତ୍ର—1. The 4th asterism.
[ଦ୍ର—ଏ ଚନ୍ଦ୍ରଙ୍କ ପତ୍ନୀ, ଦକ୍ଷ ରାଜାଙ୍କ କନ୍ୟା ଓ ତାଙ୍କ
ମଧ୍ୟରେ ପ୍ରଧାନ ଅଟନ୍ତି । ଏହି ନକ୍ଷତ୍ର ୫ଟି ତାରାବିଶିଷ୍ଟ ଓ
ଶକଟାକୃତି । ଏଥିପାଇଁ ଏହାର ଅନ୍ୟ ନାମ ଶକଟାହ୍ୱ ।
ନକ୍ଷତ୍ର ତଳେ କୋଠ ଦେଖ ।] ୨ । ଦେବଯୋନିବିଶେଷ
2. A class of female songsters (demi-
gods) or heavenly nymphs. ୩ । ହରିତାଳ-
3. Yellow orpiment; sulphate of arsenic.
୪ । ନବବର୍ଷବୟସ୍କା କନ୍ୟା (୯ ବର୍ଷ ପଡ଼ିବାଠାରୁ
୧୦ ବର୍ଷ ପଶିବା ପର୍ଯ୍ୟନ୍ତ)—4. A girl in her
10th year. ୫ । ଅନାଗତାର୍ତ୍ତବା କନ୍ୟା—5. Un-
matured girl. ୬ । ଗାଈ—6. Cow. ୭ ।
ଶ୍ରୀକୃଷ୍ଣଙ୍କ ପିତା ବସୁଦେବଙ୍କ ଏକ ପତ୍ନୀ; ଦେବକୀଙ୍କ
ସପତ୍ନୀ; ବଳରାମଙ୍କ ମାତା—7. Name of a wife of
Basudeba and mother of Baḷarāma.
[ଦ୍ର—ବସୁଦେବ କଂସ ରାଜାର ଭୟରେ ସପୁତ୍ରା
ରୋହିଣୀଙ୍କୁ ମଥୁରାରୁ ନେଇ ବ୍ରଜପୁରରେ ସ୍ୱୀୟ ସଖା
ନନ୍ଦଘୋଷଙ୍କ ଘରେ ରଖି ଆସିଥିଲେ । କଂସର ମୃତ୍ୟୁ
ପର୍ଯ୍ୟନ୍ତ ଏ ନନ୍ଦ ଘରେ ଥିଲେ । ତତ୍ପରେ ବସୁଦେବଙ୍କ
ସହିତ ମଥୁରାକୁ ଫେରି ଆସି ବାସ କଲେ । ଯଦୁବଂଶ ଧ୍ୱଂସ
ପରେ ବସୁଦେବଙ୍କ ମୃତ୍ୟୁ ହେବାରୁ ରୋହିଣୀ ସ୍ୱାମୀଙ୍କ
ଅନୁଗମନ କଲେ ।] ୮ । (ବୈଦ୍ୟକ) ହରିତକୀ—
8. Myrobalan. ୯ । କଟୁକୀ; କଟୁରୋହିଣୀ—
9. Black Hellebore plant. ୧୦ । (ବୈଦ୍ୟକ)
ମଞ୍ଜିଷ୍ଠା—10. Indian madder plant. ୧୧
ବିଦ୍ୟୁତ୍—11. Lightning. ୧୨ । ଗଳରୋଗ-
ବିଶେଷ; ଗଳାଫୁଲା ରୋଗ—12. A sort of throat
disease; inflammation of the throat

throat. ୧୩ । ପତ୍ରାଙ୍ଗ (ଦେଖ)—13. Patrānga (See) ୧୪ । ନାଲି ଗାଈ—14. Red cow (Apte). ୧୫ । ଅଳ୍ପଦିନ ହେଲା ଋତୁମତୀ ବାଳିକା 15. A girl in whom menstruation has just commenced (M. W). ୧୬ । ହିରଣ୍ୟକଶିପୁର ଏକ କନ୍ୟାର ନାମ—16. Name of a daughter of Hiranyakasipu (M, W) ୧୭ । ବସୁଦେବଙ୍କ ଶ୍ରୀକୃଷ୍ଣଙ୍କର ଏକ ସ୍ତ୍ରୀ—17. Name of a wife of Srikrushna (M.W) ଦେ. ବି—ସ୍ତ୍ରୀଲୋକଙ୍କ ନାମ—A name given to females. ସ. ବିଣ. ସ୍ତ୍ରୀ—ରୋହିତର ସ୍ତ୍ରୀଲିଙ୍ଗ—Feminine of Rohita. (Apte)

ରୋହଣୀ କୁଣ୍ଡ—ସ. ବି—ଶ୍ରୀକ୍ଷେତ୍ର ପୁରୀର ବଡ଼ ଦେଉଳ ବେଢ଼ା ମଧ୍ୟରେ Rohiṇi kunda ଦେଉଳର ଦକ୍ଷିଣରେ ଥିବା ଗୋଟିଏ କ୍ଷୁଦ୍ର ଜଳ କୁଣ୍ଡ—Name of a small reservoir of water inside the compound of the Jagannātha temple at Puri. (ଯଥା—ତଳେ ତା ରୋହଣୀର କୁଣ୍ଡ, କାରଣ୍ୟ ଜଳ ଏଥି ଭୁଞ୍ଜି—ଯଶୋବନ୍ତ ପ୍ରେମଭକ୍ତି ବ୍ରହ୍ମଗୀତା ।] [ଦ୍ର—ପୁରାଣରେ କଥିତ ଅଛି ଯେ, ଗୋଟିଏ କାକ ଏଥିରେ ସ୍ନାନ କରି ଚତୁର୍ଭୁଜ ହୋଇଥିଲା । ସେ କୁଣ୍ଡଟିର ପାର୍ଶ୍ୱ ପ୍ରାୟ ୨।୩ ହାତ, ପ୍ରସ୍ଥ ୨ ହାତ ଓ ଗଭୀରତା ୨ ହାତ । ଏଥି ମଧ୍ୟରେ ଗୋଟିଏ ସୁଦର୍ଶନଚକ୍ରଆ କୁଅର ପ୍ରସ୍ତର ମୂର୍ତ୍ତି ରକ୍ଷିତ ହୋଇଅଛି । ଏହା କଳ୍ପବଟ ନାମକ ବଟ ବୃକ୍ଷର ଉତ୍ତର-ପଶ୍ଚିମରେ ଓ ବିମଳାଙ୍କ ମନ୍ଦିରର ସମ୍ମୁଖରେ ଥିବା ହିଡ଼ର ପଛରେ ଅବସ୍ଥିତ ।]

ରୋହଣୀ ତନୟ—ସ. ବି.—ଶ୍ରୀକୃଷ୍ଣଙ୍କ ବୈମାତ୍ରେୟ ଜ୍ୟେଷ୍ଠଭ୍ରାତା Rohiṇi tanaya ବଳରାମ—Name of Balarāma, (ରୋହଣୀସୁତ, ରୋହଣୀଭବ—ଅନ୍ୟରୂପ) the son of Rohiṇi who was the step-mother of Srikrushna.

ରୋହଣୀ ପତି—ସ. ବି. ପୁଂ—୧ । ବଳରାମଙ୍କ ଓ ଶ୍ରୀକୃଷ୍ଣଙ୍କ ପିତା Rohiṇi pati ବସୁଦେବ—1. Basudeba, father of (ରୋହଣୀବଲ୍ଲଭ, ରୋହଣୀରମଣ—ଅନ୍ୟରୂପ) Srikrushna. ୨ । ଚନ୍ଦ୍ର—2. The moon.

ରୋହଣୀ ଶକଟ—ସ. ବି—ଶକଟାକୃତି ରୋହଣୀ ନକ୍ଷତ୍ର (ନକ୍ଷତ୍ର ତଳେ Rohiṇi sakata ଟୀକା ଦେଖ)—The 4th asterism (having the shape of a cart) (M. W.)

ରୋହଣ୍ୟଷ୍ଟମୀ—ସ. ବି—ଭାଦ୍ରପଦ ମାସର କୃଷ୍ଣାଷ୍ଟମୀ (ଏ ଦିନ ଚନ୍ଦ୍ର Rohiṇyashtami ରୋହଣୀ ନକ୍ଷତ୍ରରେ ଥାଆନ୍ତି)—The 8th day of the dark lunar fortnight of the month of Bhādrapada.

ରୋହିତ୍—ସ. ବି—(ରୁହ୍ ଧାତୁ+ଇତ୍)—୧ (ପୁ) ରୋହିତ ମତ୍ସ୍ୟ—**Rohit** (ଦେଖ)—1, Rohita matsya (See) ୨ । ସୂର୍ଯ୍ୟ—2. The sun. ୩ (ବୈଦିକ)(ସ୍ତ୍ରୀ) ନାଲି ଘୋଡ଼ୀ—3. Red mare (Apte). ୪ (ବୈଦିକ)(ସ୍ତ୍ରୀ) ନାଲି ମୃଗୀ—4. A red doe (M. W.) ୫ । ଋତୁମତୀ ସ୍ତ୍ରୀ—5. A woman in her menses (M. W.) ୬ । ଅଙ୍ଗୁଳି—6. The fingers (M. W.) ସ. ବିଣ—ନାଲି—Red (M. W).

ରୋହିତ—ସ. ବିଣ. ପୁଂ.—(ରୁହ୍ ଧାତୁ=ରକ୍ତବର୍ଣ୍ଣ ହେବା + କର୍ତ୍ତୃ. ତ) Rohita —ଲୋହିତ; ରକ୍ତବର୍ଣ୍ଣବିଶିଷ୍ଟ—Red ସ. ବି—୧ । ରୋହିତ ମତ୍ସ୍ୟ (ଦେଖ)—1. Rohita matsya (See) ୨ । ଲୋହିତ ବର୍ଣ୍ଣ—2. Red colour; red dye. ୩ । ବୃକ୍ଷ ବିଶେଷ—3. A wild tree. ୪ । ନାଲିଆ ହରିଣ ବିଶେଷ—4. The red deer. ୫ । ପଦ୍ମରାଗ ମଣି ବିଶେଷ—5. Ruby; a red gem. ୬ । କୁଙ୍କୁମ—6. Saffrom. ୭ । ଋଜୁ ଇନ୍ଦ୍ରଧନୁ—7. A straight rain-bow. ୮ । ଶୋଣିତ; ରକ୍ତ (ରୋହିତା; ରୋହିଣୀ—ବିଣ. ସ୍ତ୍ରୀ) 8. Blood.

ରୋହି(ହୀ)ତକ—ସ. ବି—(ରୁହ୍ ଧାତୁ+କର୍ତ୍ତୃ. ତ+ସ୍ୱାର୍ଥେ. କ)—Rohi(hī)taka ଅରଣ୍ୟ ବୃକ୍ଷ ବିଶେଷ; ସୁଆମ ଗଛ—A wild timber tree; the Indian red wood tree; Andersonia Rohitaca, Tecoma Andulata; Amura Rohitaka; Soymida Febrifuga.

ସ. ନାମ—ପ୍ଲୀହ ଶତ୍ରୁ, ଦାଡ଼ିମ୍ବ ପୁଷ୍ପ, ଦାଡ଼ିମ୍ବପୁଷ୍ପକ, ରକ୍ତପୁଷ୍ପ, ପାଂଶୁ ଦଳ, ଯକୃଦ୍ ବୈରୀ, ଚଳଚ୍ଛଦ, ରକ୍ତପୁଷ୍ପ, କୁଶାଲ୍ମଳ, ସଦାପ୍ରସୂନ, ବିରୋଚନ, ଶାଲ୍ମଳିକ, କୁଟଶାଲ୍ମଳି, ମ, ରକ୍ତ ରୋହିତ୍। ତା, ଶ୍ୱେତ ମାଗ୍ରନ ଗୃ, ରଗତ ରୋହିତ୍ରୋ ଡେ, ରୋହିତକ, ମଲୁମୋହୁ ଗଚେଙ୍କୁ, ତିକ୍ତରାଜ, ପିତରାଜ, ରୋଡ଼ା(ଢ଼ା) ତରୁ; ରୋଝ଼ଷ, ରୟନା, କଡ଼ାର, ରୋହାଣ ମଞ୍ଚ ହରିନହାରା, रीहेडा, रीहन [ରୋହଣ, ରୋହୁଣ, ରୋହିତେୟ, ରୋହୀ—ଅନ୍ୟରୂପ]

[ଦ୍ର—ଏ କାଠରେ ଘରର କଡ଼ି, ପଟା, ଅଲମାରି ଓ ଶଗଡ଼ ହୁଏ । ଏହାର କାଠ ନାଲି । ଏହା ଶ୍ୱେତ ଓ ରକ୍ତବର୍ଣ୍ଣ ଭେଦରେ ଦୁଇ ପ୍ରକାର । ଯଥା—ଶ୍ୱେତ—Tecoma Andulata ଓ ରକ୍ତ—Soymida Febrifuga. ଏହା ନିମ୍ବାଦି ବର୍ଗର ବୃହତ୍ ତରୁ; କାଣ୍ଡ ସଳଖ; ବକଳ ନାଲିଆ; କାଠ ନାଲି, ଦୃଢ଼ ଓ ସ୍ଥାୟୀ; ପତ୍ର ୩ ଠାରୁ ୬ ଯୋଡ଼ା ପକ୍ଷବୃକ୍ଷ; ପତ୍ର ୨।୪ ଇଞ୍ଚ ଲମ୍ବା; ଫଳ ୧।୨ ଇଞ୍ଚ ଲମ୍ବ; ଫଳ ପକ୍ୱ ହେଲେ ପାଞ୍ଚ ଚିରୁଡ଼ା ହୋଇ ଫାଟି ଯାଏ । ବୀଜ ଅନେକ, ଚେପଟା ଓ ପକ୍ଷଯୁକ୍ତ; ମଧ୍ୟ ଭାରତ ଓ ପଶ୍ଚିମ ଭାରତରେ ଏ ଗଛ ଜନ୍ମେ । ବୈଦ୍ୟକ ମତରେ ଏହା ପ୍ଲୀହନାଶକ, ରୁଚକାରକ ଓ ରକ୍ତପ୍ରସାଦକ । ଶୀତକାଳରେ ଏ ଗଛ ପତ୍ରଝଡ଼ା ହୁଏ ।]

ରୋହିତ ମତ୍ସ୍ୟ—ସ. ବି.—ରୋହି ୧ (ଦେଖ) Rohita matsya ରୁଇ रोहु Rohi 1. (See)

ସ. ନାମ—ରୋହିତ, ରକ୍ତୋଦର, ରକ୍ତମୁଖ, ରକ୍ତାକ୍ଷ, ରକ୍ତପକ୍ଷକ, [ଦ୍ର—ରୋହି ମାଛ ଓ ରୋହିତ ଭିନ୍ନ ଅର୍ଥରେ—ବହିତ ରେହୁ

କୃଷ୍ଣପୁଚ୍ଛ, ଝଷ ଶ୍ରେଷ୍ଠ । ରୋହିତ ମୂର୍ତ୍ତି, ଶୁଭବଞ୍ଜନକାରକ ଅତି, ହଂସ ହୋଇଣ ଯାହା ପ୍ରଶସ୍ତି, ଅଚ୍ଛି ପ୍ରବର୍ତ୍ତି ଯେ । ଭକ୍ତ. ବୈଦେହୀଶ ବିଳାସ ।]

ରୋହିତାକ୍ଷ—ସଂ. ବଣ. ପୁଂ—(ବହୁବ୍ରୀହି)—ରକ୍ତବର୍ଣ୍ଣ ଚକ୍ଷୁର୍ବିଶିଷ୍ଟ—
Rohitāksha (ରୋହିତାକ୍ଷୀ—ସ୍ତ୍ରୀ) Red-eyed.

ରୋହିତାଶ୍ୱ—ସ. ବି.—(ବହୁବ୍ରୀହି; ରୋହିତ=ରୋହିତ ଅଟେ ଅଶ୍ୱ
Rohitāswa ଯାହାର)—୧ । ଅଗ୍ନି—1. Fire. ୨ ।
[ରୋହିତଦଶ୍ୱ—ଅନ୍ୟରୂପ] ରାଜା ହରିଶ୍ଚନ୍ଦ୍ରଙ୍କ ପୁତ୍ର—2. Name of the son of Rājā Harischandra. ସ. ବଣ. ପୁଂ — ଯାହାର ନାଲିଆ ଘୋଡ଼ା ଥାଏ—
Having a red horse.

ରୋହିତେୟ—ସ. ବି—ରୋହିତକ (ଦେଖ)
Rohiteya Rohitaka (See)

ରୋହି ପିତ(ତ୍ତ)—ଦେ. ବି—ରୋହି ମାଛର ପିତ୍ତ—The bile of
Rohi pita(tta) Rohi fish. [ଦ୍ର—ରୋହି ମାଛର ପିତ୍ତକୁ
ରୁଇମାଛେର ପିତ୍ତି ଲୋକେ ଖାଇଲେ କର୍ ରୋଗଭଲ୍ଲ । ଏହା ସନ୍ନିପାତ
रोहुकापित्त ରୋଗରେ ବିଶେଷ ଉପକାରୀ; ରୋହି ଜାତୀୟ ଏକ ପ୍ରକାର ମାଛକୁ ସୋହି ବୋଲାଯାଏ । ରୋହିପିତ୍ତ ଅପେକ୍ଷା ସୋହି ପିତ୍ତ ଅଧିକ ଗୁଣକର ।]

ରୋହି(ହେ)ଲ୍(ଲା)—ଦେ. ବି—ଭାରତର ଉତ୍ତର-ପଶ୍ଚିମ ପ୍ରଦେଶବାସୀ
Rohi(he)l(lā) ମୁସଲମାନ୍ ଜାତିବିଶେଷ—Name of a
রোহিলা tribe of Mahomedans in N. W. India; the
रुहेला Rohillas. [ଦ୍ର—ଏ ତ ରାଜପୁତ ରୋହିଲା ମୁଗଲ
ବଘେଲ ଚହ୍ୱାଣ ପଠାଣ
ଭଡ଼ଙ୍କୁ ବୋଲି ପଶି ଝାସିଯିବେ ଯେ
ଜଳ ଲଂଘିବେ କେହି ପୁଣ ।
ବ୍ରଜନାଥ. ସମରତରଙ୍ଗ ।]
[ଦ୍ର—ଏମାନେ ପୂର୍ବେ ଦସ୍ୟୁବୃତ୍ତି ବା ଠଗବୃତ୍ତି କରୁଥିଲେ । ଏମାନଙ୍କ ସଙ୍ଗେ ଇଂରେଜମାନଙ୍କର ଅଷ୍ଟାଦଶ ଶତାବ୍ଦୀରେ ଯୁଦ୍ଧ ହୋଇଥିଲା ଓ ଏମାନେ ଚର୍ଚ୍ଚିରେ ପରାସ୍ତ ହୋଇଥିଲେ ।]

ରୋହି(ହେ)ଲ୍(ଲା)ଖଣ୍ଡ—ଦେ. ବି—ଭାରତର ଅଯୋଧ୍ୟାର ଉତ୍ତର-
Rohi(he)l-(lā)khanda ପଶ୍ଚିମସ୍ଥ ଅଞ୍ଚଳ ବିଶେଷ—Name
রোহিল খণ্ড of a tract of country in N.W. India;
रुहेल खण्ड Rohilkhand. [ଦ୍ର—ଏହି ଅଞ୍ଚଳରେ ରୋହିଲାମାନେ ବାସ କରନ୍ତି ।]

ରୋହି ଶୀତଳା—ଦେ. ବି—ଚିତା ଶୀତଳା (ଦେଖ)—The quenching of the funeral fire on the
Rohi sitalā
[ରୋହି ଶୀତଳା(ଳେ)ଇବା—କ୍ରିୟାରୂପ] 4th day of the cremation.

ରୋହିଷ—ସଂ. ବି—୧ । ତୃଣବିଶେଷ; ଧଳକଶୀ ଘାସ; କତ୍ତୃଣ
Rohisha (ଦେଖ)—1. A fragrant grass; lemon grass; Andropogen Scheonanthus; Kattruna (See). ୨ । ଏକ ପ୍ରକାର ମାଛ; ରୋହି ମାଛ—2. A kind of fish (M. W) ୩ । ଏକ ପ୍ରକାର ମୃଗ—3 A kind of deer; (M. W.)

ରୋହୀ—ସଂ. ବଣ. ପୁଂ (ରୁହ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Rohi ୧ । ଅରୋହଣକାରୀ—1. Riding; rising;
[ରୋହିଣୀ—ସ୍ତ୍ରୀ] mounting. ୨ । ଡେଙ୍ଗା; ଲମ୍ବା—2. Long; tall (M. W) ୩ । ସଂଖ୍ୟାରେ ବଢ଼ୁଥିବା 3. Growing in number; increasing. (Apte) ସଂ. ବି—୧ । ବଟବୃକ୍ଷ—1. Banian tree. ୨ । ଅଶ୍ୱତ୍ଥ ବୃକ୍ଷ—2. The religious fig tree; Ficus Indica. ୩ । ରୋହିତକ (ଦେଖ)—3. Rohitaka. (See) ୪ । (ସ୍ତ୍ରୀ) ମୃଗୀ—4. A doe (M. W.)

ରୌକ୍ମ—ସଂ. ବଣ (ରୁକ୍ମ+ସମ୍ବନ୍ଧାର୍ଥେ. ଅ)—ସ୍ୱର୍ଣ୍ଣମୟ—
Raukma [ରୌକ୍ମୀ—ସ୍ତ୍ରୀ] Golden.

ରୌକ୍ମିଣେୟ—ସଂ ବି. ପୁଂ (ରୁକ୍ମିଣୀ+ଏୟ)—୧ । ରୁକ୍ମିଣୀସନ୍ତାନ—
Raukmineya 1. Descendant or offspring of
[ରୌକ୍ମିଣେୟୀ—ସ୍ତ୍ରୀ] Rukmini. ୨ । ପ୍ରଦ୍ୟୁମ୍ନ—2. A name of Pradyumna.

ରୌକ୍ଷ୍ୟ—ସଂ. ବି (ରୁକ୍ଷ+ଭାବ. ଯ)—୧ । ରୁକ୍ଷତା; କାଠିନ୍ୟ;
Raukshya କାର୍କଶ୍ୟ—1. Hardness; roughness. ୨ । ଶୁଷ୍କତା; ନିର୍ଜଳତା—2. Dryness; ardity (Apte). ୩ । ନିଷ୍ଠୁରତା—3. Cruelty (Apte)

ରୌଚନିକ—ସଂ. ବି (ରୋଚନ+ଇକ)—୧ । ରଙ୍ଗ ଯାଇଥିବା—
Rauchanika 1. Coloured; dyed. ୨ । ଗୋରୋଚନାରଞ୍ଜିତ—2. Coloured with Gorochanā,(M. W). ସଂ. ବି—ଦାନ୍ତ ଉପରେ ବେଳେ ବେଳେ ପଡ଼ୁଥିବା ଅଣୁଆ ଅସ୍ତର—The tartor of the teeth.

ରୌଚ୍ୟ—ସଂ.ବି—୧ । (ରୁଚ+ଯ)—ମନୁ ବିଶେଷ; ତ୍ରୟୋଦଶ ମନୁ—
Rauchya 1. One of the progenitors of mankind. ୨ । (ରୁଚ୍ୟ+ଅ) ବେଲକାଠର ଯଷ୍ଟି—2. A staff of Bilwa wood (M. W.)

ରୌଦ୍ର—ସଂ. ବଣ [ରୁଦ୍ର+ଅ]—୧ । ରୁଦ୍ର ସମ୍ବନ୍ଧୀୟ—
Raudra 1. Relating to Rudra.
(ରୌଦ୍ରୀ—ସ୍ତ୍ରୀ) ୨ । ଉଗ୍ର—2. Formidable; violent.
[ରୌଦ୍ରତା(ତ୍ୱ)—ବି] ୩ । ପ୍ରଚଣ୍ଡ—3. Furious; impetuous. ୪ । ଭୀଷଣ; ଭୟଙ୍କର—4. Terrible; terrific. ୫ । ଅତି କ୍ରୁଦ୍ଧ—5. Wrathful. ୬ । ଅଶୁଭସୂଚକ—6. Bringing or betokening misfortune (M. W.). ସ. ବି—୧ । ସୂର୍ଯ୍ୟକିରଣ; ଖରା; ସୌର ଉତ୍ତାପ—1. Sun's rays; solar heat; sunshine. ୨ । କ୍ରୋଧ—2. Anger; rage. ୩ । ଯମ—3. The God of death. ୪ । କାବ୍ୟର ରସବିଶେଷ; କ୍ରୋଧଜନକ ରସ

('ରସ' ଦେଖ)—4. The sentiment of wrath or fury in literature. ୫ । ରୁଦ୍ର ଦେବତାଙ୍କ ପୂଜକ—5. A worshipper of Rudra (M. W.). ୬ । ଶୀତ ଋତୁ—6. The cold season; winter (M. W.). ୭ । ଉତ୍ତାପ—7. Heat; warmth (M.W.) ୮ । ଭୀଷଣତା; ପ୍ରଚଣ୍ଡତା—8. Fierceness; formidableness (M.W.).

ରୌଦ୍ର କର୍ମା—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି, ରୌଦ୍ର+କର୍ମନ୍ ୧ମା. ୧ବ)—ଭୟଙ୍କର କର୍ମକାରୀ—
Raudra karmā
Doing terrible acts. ସ. ବ—କୌଣସି ଭୀଷଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ତାନ୍ତ୍ରିକ ଐନ୍ଦ୍ରଜାଲିକ ଉପଚାର—A terrible magical rite or one performed for some dreadful purpose (M. W.)

ରୌଦ୍ର ତପ୍ତ—ସ. ବଣ (ସପ୍ତମୀ ତତ୍)—ଖରାର ତାପରେ ଉତ୍ତପ୍ତ—
Raudra tapta Heated or scorched by sun's rays.
(ରୌଦ୍ର ତାପିତ, ରୌଦ୍ରଦଗ୍ଧ—ଅନ୍ୟରୂପ)

ରୌଦ୍ର ଦଂଷ୍ଟ୍ର—ସ. ବଣ. ପୁଂ (ବହୁବ୍ରୀହି)—ଭୟଙ୍କର ଦନ୍ତ ବଶିଷ୍ଟ—
Raudra damshṭra Having terrible tusks, fangs or teeth (M. W.).
(ରୌଦ୍ରଦଂଷ୍ଟ୍ରା—ସ୍ତ୍ରୀ)

ରୌଦ୍ର ଦର୍ଶନ—ସଂ. ବଣ. ପୁଂ (ବହୁବ୍ରୀହି)—ଯେ ଦେଖିବାକୁ ଭୟଙ୍କର—Of dreadful appearance; terrific (M. W.).
Raudra darśana
(ରୌଦ୍ର ଦର୍ଶନା—ସ୍ତ୍ରୀ)

ରୌଦ୍ର ନେତ୍ର—ସଂ. ବଣ. ପୁଂ (ବହୁବ୍ରୀହି)—୧ । ଭୟଙ୍କର ଚକ୍ଷୁଯୁକ୍ତ—1. Having terrible eyes. ୨ । କ୍ରୋଧାରକ୍ତ ନୟନ-ଯୁକ୍ତ—2. Having the eyes reddened with wrath.
Raudra netra
(ରୌଦ୍ର ନୟନ—ଅନ୍ୟରୂପ)
(ରୌଦ୍ରନେତ୍ରା, ରୌଦ୍ରନୟନା—ସ୍ତ୍ରୀ)

ରୌଦ୍ର ପଦ—ସଂ. ବ—ହିନ୍ଦୁମାନଙ୍କର ତୀର୍ଥ ବିଶେଷ—Name of a place of pilgrimage of the Hindus. [ଉ—ରୌଦ୍ରପଦ ସ୍ଥାନେ ରୁଦ୍ରଙ୍କୁ ଯେ ଦେଖଇ, ଅଶ୍ୱମେଧ ଯାଗ ସୁକୃତ ସେ ଲଭଇ । କୃଷ୍ଣସିଂହ. ମହାଭାରତ. ବନ ।]
Raudra pada

ରୌଦ୍ର ପାଦ—ସଂ. ବ (ବହୁବ୍ରୀହି)—ଆର୍ଦ୍ରା ନକ୍ଷତ୍ର—
Raudra pāda A name of the 6th asterism (M. W.).
(ରୌଦ୍ରର୍କ୍ଷ—ଅନ୍ୟରୂପ)

ରୌଦ୍ର ମନାଃ—ସଂ. ବଣ (ସ୍ତ୍ରୀ ଓ ପୁଂ) (ବହୁବ୍ରୀହି, ରୌଦ୍ର+ମନସ୍, ୧ମା, ୧ବ)—ଭୀଷଣ ମନୋ-ବୃତ୍ତିବିଶିଷ୍ଟ—Savage-minded; fierce (M. W.);
Raudra manāḥ

ରୌଦ୍ର ମୂର୍ତ୍ତି—ସଂ, ବ (କର୍ମଧା)—୧ । ଭୟଙ୍କର ରୂପ—1. Terrible form. ୨ । କ୍ରୋଧମୟ ମୂର୍ତ୍ତି—2 Angry or wrathful appearance.
Raudra mūrtti
ସଂ. ବଣ. ପୁଂ (ବହୁବ୍ରୀହି)—୧ । ଭୀଷଣ ରୂପବିଶିଷ୍ଟ—1. Terrible-looking, ୨ । କ୍ରୋଧପରମୂର୍ତ୍ତି—2. Rageful; angry-looking.

ରୌଦ୍ର ରସ—ସଂ. ବ—କାବ୍ୟର ରସ ବିଶେଷ; କ୍ରୋଧୋତ୍ପାଦକ ରସ; ଯେଉଁ ରସ ପାଠ କଲେ ବା ଶୁଣିଲେ ମନରେ କ୍ରୋଧର ଉଦ୍ରେକ ହୁଏ ('ରସ' ଦେଖ)—The sentiment of wrath in literature.
Raudra rasa

ରୌଦ୍ରାକ୍ଷ—ସଂ. ବଣ (ରୁଦ୍ରାକ୍ଷ+ସମ୍ବନ୍ଧାର୍ଥେ ଅ)—ରୁଦ୍ରାକ୍ଷ ସମ୍ବନ୍ଧୀୟ ବା ରୁଦ୍ରାକ୍ଷରେ ପ୍ରସ୍ତୁତ—Made of or relating to Elaeocarpus Ganitrus (tree or seed) (M. W.)
Raudrāksha

ରୌଦ୍ରୀ—ସ. ବ. ସ୍ତ୍ରୀ (ରୁଦ୍ର+ଅ+ଈ)—ଚଣ୍ଡୀ; ଦୁର୍ଗାଙ୍କର ଅସୁର-ମର୍ଦ୍ଦିନୀ ମୂର୍ତ୍ତି—Terrible and wrathful form assumed by Goddess Durgā while killing demons.
Raudrī
ସ. ବଣ. ସ୍ତ୍ରୀ—ରୌଦ୍ରର ସ୍ତ୍ରୀଲିଙ୍ଗ—Feminine of Raudra.

ରୌଦ୍ରୀ କରଣ—ସଂ. ବ (ରୌଦ୍ର+ଅଭୂତ ତଦ୍ଭାବେ ଚ୍ୱି+କରଣ)—ଭୀଷଣ କର୍ମ ସାଧନ—The doing or performance of dreadful or horrible acts (M. W).
Raudrī karaṇa

ରୌଦ୍ରୀ ଭାବ—ସ. ବ (ରୌଦ୍ର+ଅଭୂତ ତଦ୍ଭାବେ ଚ୍ୱି+ଭାବ)—୧ । ରୌଦ୍ରତା; ପ୍ରଚଣ୍ଡତା; ଭୀଷଣତା—1. Terribleness (M. W). ୨ । ରୁଦ୍ର ବା ଶିବଙ୍କ ଭାବ—2. The character of Rudra or Śiba (M. W).
Raudrī bhāba

ରୌଦ୍ରୀ ଭୂତ—ସ. ବଣ (ରୌଦ୍ର+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—ଯାହା ପ୍ରଚଣ୍ଡ ନ ଥିଲା, ବର୍ତ୍ତମାନ ପ୍ରଚଣ୍ଡ ହୋଇଅଛି—Become fierce.
Raudrī bhūta

ରୌଦ୍ରୋଜ୍ଜ୍ୱଳ—ସଂ. ବଣ (ସପ୍ତମୀ ତତ୍)—୧ । ସୂର୍ଯ୍ୟ କିରଣ ଦ୍ୱାରା ଦୀପ୍ତିମାନ୍—1. Shining with sun's rays; looking dazzling owing to sun's rays. ୨ । ଭୀଷଣ ଏବଂ ଦୀପ୍ତିଶାଳୀ—2. Terrible and dazzling.
Raudrojjwaḷa
ରୌଦ୍ରୋଦ୍ଦୀପ୍ତ, ରୌଦ୍ରୋଦ୍ଦୀପିତ, ରୌଦ୍ରୋଦ୍ଭାସିତ } ଅନ୍ୟରୂପ

ରୌଧିର—ସଂ. ବଣ (ରୁଧିର+ସମ୍ବନ୍ଧାର୍ଥେ ଅ)—୧ । ରକ୍ତାକ୍ତ; ରକ୍ତମୟ—1. Bloody (M. W). ୨ । ରକ୍ତ ଜନିତ—2. Caused by blood (M. W). ୩ । ରକ୍ତ ବିଶିଷ୍ଟ—3. Consisting of blood (M. W). ୪ । ରକ୍ତ ସମ୍ବନ୍ଧୀୟ—4. Relating to blood.
Raudhira

ରୌପ୍ୟ—ସଂ. ବ. (ରୂପ୍ୟ+ଅ)—୧ । ରଜତ; ରୁପା—1. Silver. [ବ୍ର—ପୁରାଣରେ ଅଛି ଯେ, ତ୍ରିପୁରାସୁର ବଧ କାଳରେ ମହାଦେବଙ୍କ ରୋଷପୂର୍ଣ୍ଣ ଦକ୍ଷିଣ ନେତ୍ରରୁ ଉଦ୍ଭୂତ ଅଗ୍ନି ସ୍ଫୁଲିଙ୍ଗରୁ 'ରୁଦ୍ର'ଙ୍କର ଉତ୍ପତ୍ତି ହେଲା ଓ
Raupya

ତତ୍କାଳରେ ବାମ ନେତ୍ରରୁ ଉଦ୍ଭୂତ ଅଶ୍ରୁବିନ୍ଦୁ ପୃଥିବୀରେ ପଡ଼ି ରୌପ୍ୟ ଜାତ ହେଲା ।] ୨ । ଖନିଜ ଲବଣ; ଶାମ୍ଭର ଲବଣ—2. Salt got from the lakes of Ajmeer or frommines. ସଂ.ବିଣ. (ରୂପ୍ୟ+ଅ)- ୧। ରୁପାରେ ତିଆରି—1. Made of silver. ୨। ରୁପା ପରି ଦେଖା ଯାଉଥିବା—2. Resembling silver; silvery (M. W).

ରୌପ୍ୟକ—ସଂ. ବି. (ରୌପ୍ୟ+ନିର୍ମିତାର୍ଥେ. କ)—୧ । ରୁପାରେ Raupyaka ତିଆରି—1. Made of silver (M. W.) ୨ । ରୁପା ପରି—2. Silvery (M. W).

ରୌପ୍ୟ ଜୁବିଲି—ଦେ. ବି (ସଂ. ରୌପ୍ୟ+ଇଂ. ଜୁବିଲି) କୌଣସି Raupya jubili ରାଜାଙ୍କ ୨୫ ବର୍ଷ ରାଜତ୍ୱ ପୂର୍ଣ୍ଣ ହେବାରୁ ଯେଉଁ ରାଜକୀୟ ଉତ୍ସବ କରାଯାଏ — Silver jubilee.

ରୌପ୍ୟ ନିର୍ମିତ—ସଂ. ବିଣ. (ତୃତୀୟା ତତ୍)—ରୁପାରେ ତିଆରି— Raupya nirmita Made or silver.

ରୌପ୍ୟମୟ—ସଂ. ବିଣ—୧ । ରୌପ୍ୟରେ ନିର୍ମିତ—1. Made of Raupyamaya silver. ୨ । ରଜତାଭ—2. Silvery.

ରୌପ୍ୟମାଷକ—ସଂ. ବି. (ଷଷ୍ଠୀ ତତ୍)—ଏକ ମଷା ପରିମିତ ରୁପା— Raupya māshaka A Māshaka weight of silver (M. W).

ରୌପ୍ୟ ମୁଦ୍ରା—ସଂ. ବି. (କର୍ମଧା)—୧ । ରୁପାର ଟଙ୍କା —1. Rupee. Raupya mudrā ୨ । ରୁପାର ମୁଦ୍ରାः ଅଧୁଲି, ସୁକି ଅଦ— 2. Silver coins.

ରୌପ୍ୟ ମୁଦ୍ରିକା—ସଂ. ବି. (କର୍ମଧା)—ରୁପାର ତିଆରି ମୁଦି— Raupya mudrikā Silver ring.

ରୌପ୍ୟ ରୁକ୍ମମୟ—ସଂ.ବି—ରୁପାର ଓ ସୁନାର ତିଆରି—Made of Raupya rukmamaya silver and gold (M. W).

ରୌମକ—ସଂ. ବିଣ. (ରୋମକ+ଅ)—ରୋମ ସାମ୍ରାଜ୍ୟବାସୀଙ୍କ ଦ୍ୱାରା Raumaka କଥିତ—1.Spoken by the inhabitants of the Roman Empire (M. W), ୨ । ରୋମ ସମ୍ବନ୍ଧୀୟ—2, Roman (M. W). ୩ । ଜ୍ୟୋତିର୍ବିଦ୍ ରୋମକଙ୍କ ସମ୍ବନ୍ଧୀୟ—3. Relating to the as—tronomer Romaka (M.W),

ରୌମ ହର୍ଷଣି—ସଂ. ବି. ପୁଂ (ରୋମ ହର୍ଷଣ+ଅପତ୍ୟାର୍ଥେ. ଇ)— Rauma harshaṇi ସୂତ ମୁନି—A name of Sūta.

ରୌରବ—ସଂ. ବିଣ.—(ରୁରୁ+ଅ)—୧ । ରୁରୁ ମୃଗ ସମ୍ବନ୍ଧୀୟ— Rauraba 1. Relating to Ruru deer. ୨ । ରୁରୁ ମୃଗ ଚର୍ମ ନିର୍ମିତ—2, Made of the hide of Ruru deer. ୩ । ଭୟଙ୍କର—3. Terrible; frightful. ୪ । ଧୂର୍ତ୍ତ—4 Wicked ୫ ଚପଳ; ଚଞ୍ଚଳ—5. Restless; unsteady. ସଂ ବି—(ରୁଦ୍ ଧାତୁ=ରୋଦନକରିବା+ଅଧିକରଣ ଅବ; ଯେଉଁଠାରେ ପଡ଼ିଥିବା ପାପୀମାନେ ସର୍ବଦା କାନ୍ଦୁଥାଆନ୍ତି; କିମ୍ବା ରୁ ଧାତୁ=ବଧ କରିବା+ଯଙ୍ ଲୁଗନ୍ତ, ରୋରୁୟ ଧାତୁ +ଅଧିକରଣ କ୍ୱିପ୍)—ନରକାଂଶବିଶେଷ—Name of a terrible part of the hell of the Hindus, [ଦ୍ର—ଏହି ନରକରେ ଗୋଘ୍ନ, ଭ୍ରୂଣହା, ବ୍ରହ୍ମହା, ସ୍ତ୍ରୀଘାତୀ ଓ ତୀର୍ଥରେ ଦାନଗ୍ରହଣକାରୀ ପାପୀମାନେ ପଡ଼ି ଦଣ୍ଡ ପାଆନ୍ତି ।]

ରୌଶନ—ବୈଦେ. ବି (ଫା· ରୌଶନ୍)—୧ । ଆଲୋକ— Raushan 1. Light. ୨ । ରୋଶନାଇ (ଦେଖ) রোষন रोशन Roshanāi (See)

ରୌଶନ୍ ଚୌକି—ବୈଦେ. ବି (ଫା ରୌଶନ୍=ଆଲୋକ)—ରୋଶନ୍ Raushan chauki ଚୌକି (ଦେଖ)—Roshan chaukī (See)

ରୌହିଣ—ସଂ ବି (ରୋହିଣ+ଅ)—୧ । ବଟବୃକ୍ଷ—1. The Rauhiṇa banian tree. ୨। ଧଳାବେଣା ଘାସ; ଗନ୍ଧତୃଣ; କତୃଣ (ଦେଖ)—2. A fragrant grass; Andropogen Schoenanthus. ୩ । ଚନ୍ଦନ ତରୁ— 3. The sandal wood tree. ୪ । ଦିବସର ନବମ ମୁହୂର୍ତ୍ତ—4, The ninth muhūrta of the day (M. W) ୫ । ଅଗ୍ନିଙ୍କ ନାମ—5. A name of Agni. ୬ । (ନାମ) ଇନ୍ଦ୍ରଙ୍କଦ୍ୱାରା ନିହତ ରାକ୍ଷସବିଶେଷ- 6, Name of a demon slain by Indra. ୭ । ପ୍ରବର୍ଗ୍ୟ ନାମକ ଯଜ୍ଞକର୍ମରେ ବ୍ୟବହୃତ ପୁରୋଡାଶ- ବିଶେଷ—7. Name of a puraḍāsa (offer. ing) used in the Probargya ceremony (M. W) ସଂ, ବିଣ (ରୋହିଣୀ+ଅ)— ରୋହିଣୀ ନକ୍ଷତ୍ରରେ ଜାତ—Born under the 4th asterism (M. W).

ରୌହିଣିକ—ସ. ବି—ମଣି; ରତ୍ନ— Rauhiṇika Jewel. (M. W)

ରୌହିଣେୟ—ସ. ବି. ପୁଂ (ରୋହିଣୀ+ଅପତ୍ୟାର୍ଥେ. ଏୟ)— Rauhiṇeya ୧ । ବଳଦେବ; ବଳରାମ—1. The elder step-brother of Śrikṛushṇa. ୨ । ମରକତ ମଣି—2. Emerald (gem). ୩ । ବୁଧ ଗ୍ରହ— 3. The planet Mercury. ୪ । ଗୋବତ୍ସ— 4. Calf.

ରୌହିତ—ସ. ବିଣ (ରୋହିତ+ଅ)—୧ । ରୋହିତ ସମ୍ବନ୍ଧୀୟ— Rauhita 1, Relating to Rohita. (See) ୨ । (ହରିବଂଶ) କୃଷ୍ଣଙ୍କ ଏକ ପୁତ୍ରର ନାମ—2. Name of a son of Kṛushṇa. (M. W)

ରୌହିଷ—ସଂ· ବି (ରୁହ୍ ଧାତୁ+କର୍ତ୍ତୃ. ଇଷ)—୧ । ରୋହି ମାଛ— Rauhisha 1. A kind of fish. ୨ । ମୃଗ ବିଶେଷ— [ରୌହିଷୀ—ସ୍ତ୍ରୀ] 2. A kind of deer. ୩ । କତୃଣ; ଧଳାବେଣା- ଘାସ—3. A fragrant grass; Andropegen Schoenanthus. ୪ । ଦୁବ ଘାସ—4. The Doob grass; Cynoden Dactylon.

ରୌହୀ—ସ. ବି. ସ୍ତ୍ରୀ (ରୌହିଷ+ସ୍ତ୍ରୀ. ଈ)—ରୌହିଷ ହରିଣୀ— Rauhi The female of Rauhita deer. (M. W)

ଳ ଓ ଲ

ଳ—ସଂ—ବ୍ୟଞ୍ଜନବର୍ଣ୍ଣମାଳାର ଅଷ୍ଟାବିଂଶ ବର୍ଣ୍ଣ—The 28th
la consonant corresponding to the blurred sound of the English letter 'l'; a variation of the letter 'ଲ'—[ଦ୍ର—ଏହା ଅବର୍ଗ୍ୟ ବା
ଳ ଅନ୍ତଃସ୍ଥ ଉଷ୍ମସ୍ୱବର୍ଣ୍ଣ। ଉପର ପାଟିର ଦନ୍ତପଂକ୍ତିର ପଶ୍ଚାଦ୍‌ଭାଗକୁ
ଳ ଜିହ୍ୱାଗ୍ର ଦ୍ୱାରା ସ୍ପର୍ଶ କରି ଏହା ଉଚ୍ଚାରଣ କରାଯାଏ। 'ଳ' ଓ 'ଲ' ଏକ ବର୍ଣ୍ଣ। କିନ୍ତୁ 'ଳ' ଉଚ୍ଚାରଣ କରିବା 'ଲ' ଅପେକ୍ଷା ଆୟାସସାଧ୍ୟ। ଏଥିପାଇଁ ଉତ୍ତରସ୍ଥଳୀୟ ଜାତିମାନେ 'ଳ' ଉଚ୍ଚାରଣ କରି ପାରନ୍ତି ନାହିଁ। ଇଂରାଜିରେ 'ଳ' ଉଚ୍ଚାରଣ ନାହିଁ। ବଙ୍ଗଳାରେ ଓ ହିନ୍ଦୀରେ 'ଳ' ଉଚ୍ଚାରଣ ନାହିଁ। ଓଡ଼ିଆରେ 'ଲ' ଅକ୍ଷରର 'ଲ' ଓ 'ଳ' ଭେଦରେ ଦୁଇଟି ସ୍ୱତନ୍ତ୍ର ଉଚ୍ଚାରଣ ଅଛି। ଶିଶୁମାନେ ଓ ବଙ୍ଗାଳୀମାନେ 'ଳ' ସ୍ଥାନରେ 'ଲ' ଉଚ୍ଚାରଣ କରନ୍ତି। ବାଳିର କଣ୍ଡରା ଆଦି 'ଳ' ସ୍ଥାନରେ 'ର' ଉଚ୍ଚାରଣ କରନ୍ତି (ଯଥା—ଗୁହଳ=ଗୁହର, କେଉଳ=କେଉର)। ଓଡ଼ିଆରେ ସାଧାରଣତଃ ଶବ୍ଦର ଆଦ୍ୟବର୍ଣ୍ଣ 'ଳ' ନ ହୋଇ 'ଲ' ହୁଏ। 'ଳ' ଆଦ୍ୟରେ ଥିବା ଶବ୍ଦ ଓଡ଼ିଆରେ ନାହିଁ।

ଓଡ଼ିଆରେ 'ଲ' ଓ 'ଳ'ର ପ୍ରଭେଦ 'ମୂଳ' ଓ 'ମୂଲ', 'କଳ' ଓ 'କଲ', 'କାଳ' ଓ 'କାଲ', 'ଗଳ' ଓ 'ଗଲ', 'ଖଳ' ଓ 'ଖଲ', 'କଳ' ଓ 'କଲ'; 'ମଳ' ଓ 'ମଲ' ଆଦିରେ ଲକ୍ଷିତ ହୁଏ।

ଳ ଓ ଲ ଏ ଦୁଇ ଅକ୍ଷରର ଉଚ୍ଚାରଣ ଓଡ଼ିଆରେ ପୃଥକ ହେଲେହେଁ, ଏ ଦୁଇ ଅକ୍ଷରର ବାର୍ଣ୍ଣିକ ମୂଲ୍ୟ (Alphabetical value) ସମାନ। ଏଥିପାଇଁ ଳ ଓ ଲ ବିଶିଷ୍ଟ ଶବ୍ଦମାନ ଏ ଭାଷାକୋଷରେ ଏକ ସ୍ଥାନରେ ଦିଆ ହୋଇଅଛି।

ସମ୍ବଲପୁର ଅଞ୍ଚଳରେ ଓଡ଼ିଆରେ ଉଚ୍ଚାରିତ 'ଳ' ଅକ୍ଷର 'ଲ' ଭାବରେ ପ୍ରାୟଶଃ ଉଚ୍ଚାରିତ ହୁଏ।]

ଲ୍—ପ୍ରାଦେ (ଲଇଥ)—କ୍ରିୟାର ବିଭକ୍ତିସୂଚକ ପ୍ରତ୍ୟୟ—A suffix
l used to denote the inflexion of verb. [ଯଥା—ଭୁଞ୍ଜାଏଲ୍=ଭୁଞ୍ଜାଇବାକୁ, ଭାଙ୍ଗିବାକୁ। ଏ ବଡ଼ଲି ଭୁଞ୍ଜାଏଲ୍ ଶକ୍‌ବେ ?=ତୁ ଏ ଯଷ୍ଟିକୁ ଭାଙ୍ଗି ପାରିବୁ ?]

ଲ—'ଳ' ଅକ୍ଷରର ଉଚ୍ଚାରଣ ଭେଦ; ଏହାର ଉଚ୍ଚାରଣ ସ୍ଥାନ ଦନ୍ତ—
La A varied sound of la corresponding to the l in toil. ସଂ. ବି—(ଲା ଧାତୁ=ଦାନ କରିବା + କର୍ତ୍ତୃ. ଅ) —୧। ଇନ୍ଦ୍ର; ଦେବରାଜ—1. Indra. ୨। ଶତ୍ରୁ—2. Enemy. ୩। ଗ୍ରହଣ—3. Acceptance; receiving. ୪। ଦାନ—4. Gift. ୫। (ତନ୍ତ୍ର) ପୃଥିବୀର ବୀଜ ମନ୍ତ୍ର—5 (Tantra) The root letter for worshipping of the Earth-goddess.

ଲେ ଦେ—କ୍ରିୟାର ଅତୀତକାଳ ମଧ୍ୟମପୁରୁଷ ଏକବଚନ ଓ
ଯା ବହୁବଚନ (ତୁମ୍ଭେ, ତୁମ୍ଭେମାନେ) ସଙ୍ଗେ ଯୁକ୍ତ ହେବା ଅକ୍ଷର—The letter added to the verbs in 2nd person singular and plural. [ଦ୍ର—ମଧ୍ୟମ ପୁରୁଷ ବର୍ତ୍ତମାନସାମୀପ୍ୟଭୂତ କାଳବାଚକ କ୍ରିୟାରେ ବ୍ୟବହୃତ—ଯଥା—ତୁମ୍ଭେ, ତୁମ୍ଭେମାନେ-ଗଲ, ଥିଲ ଖାଇଲ, ତୁ—ଗଲୁ, ଥିଲୁ, ଖାଇଲୁ। ସେ—ଗଲା, ଥିଲା ଖାଇଲା; ସମ୍ମାନାର୍ଥକ ସେ, ସେମାନେ—ଗଲେ, ଥିଲେ, ଖାଇଲେ, ମୁଁ—ଗଲି, ଥିଲି, ଖାଇଲି।
ଅମ୍ଭେ; ଅମ୍ଭେମାନେ—ଗଲୁଁ, ଥିଲୁଁ, ଖାଇଲୁଁ।
ଆପଣ; ଆପଣମାନେ—ଗଲେ; ଥିଲେ; ଖାଇଲେ।]

(ଲଅ—ଅନ୍ୟରୂପ) ବୈଦେ. ବି (ଇଂ. ଲ)—ଆଇନ୍; ରାଜବିଧି—
ଲ Law. ୧। (ସଂ. ଲତା) (ପାନବରଜ ଭାଷା) ପାନର ପ୍ରତ୍ୟେକ
ଳ, ଲୌ ଲତା—1. Each betel creeper. ୨। (ସଂ. ଲତା;
ଲତା ଏହା ଲତା ଆକୃତିବିଶିଷ୍ଟ ଥିବାରୁ, ଶୁଦ୍ଧବାଚନ) ସାପ; ସର୍ପ—
ଲାଠି 2. (euphemism) Serpent. [ଦ୍ର—'ସାପ' ଶବ୍ଦ ଅମଙ୍ଗଳବାଚକ ଥିବାରୁ ଲୋକେ ମୁହଁରେ 'ସାପ' ନ କହି 'ଲଅ', 'କାଠି' 'ଲମ୍ବା ଜନ୍ତୁ' ଆଦି ଶବ୍ଦ ବ୍ୟବହାର କରନ୍ତି। ବଙ୍ଗଳାରେ ମଧ୍ୟ ରାତି କାଳରେ 'ସାପ' ଶବ୍ଦ ନ କହି କେହି କେହି 'ଲତା' ଶବ୍ଦ ବ୍ୟବହାର କରନ୍ତି ଓ ହିନ୍ଦୀରେ ଲାଠି ଶବ୍ଦ ବ୍ୟବହୃତ ହୁଏ।]

ପ୍ରାଦେ. (ପୁରୀ) ଅ—'ଲୋ'ର ଅକାରାନ୍ତରୂପ—Interjection a variation of 'ଲୋ'। ପ୍ରାଦେ. (କଟକ ସହର) ବି. (ସଂ. ନବ)—ନଅ: ନବ ସଂଖ୍ୟା—Nine. [ଦ୍ର—କଟକ ସହରର ନଡ଼ର ଲୋକେ 'ନ' ସ୍ଥାନରେ 'ଲ' ଉଚ୍ଚାରଣ କରନ୍ତି। ଯଥା—ନଇ ସ୍ଥାନରେ ଲଇ, ନାଅ ସ୍ଥାନରେ ଲାହା, ନଡ଼ିଆ ସ୍ଥାନରେ ଲଡ଼ିଆ ଇତ୍ୟାଦି। ଏହିଭଳି ବ୍ୟବହାରର ଅନୁକରଣ କରି ଗୋଟିଏ ବାକ୍ୟ ପ୍ରଚଳିତ ଅଛି—
'ଅରେ ଲବନା! ମହାଲଦୀ କୂଳେ ଲାହା ଲାଗିଛି, ଲ ପଇସାକୁ ଲଅଟା ଲଡ଼ିଆ, ଲବୁ ଯେବେ ଲେ।] ପ୍ରାଦେ. (ଉତ୍ତର ବାଲେଶ୍ୱର) ବି—ଲଇ—Creeper used for binding. ଦେ. ବିଣ—ଲତାଯୁକ୍ତ; ଲତା ଶ୍ରେଣୀସ୍ଥ; ଲତା ସଦୃଶ—Having creepers; belonging
ଲତା to the class of creepers; creeper-like.
ଲତୀ (ଯଥା—ଲତି ବର।)

ଲଅ ଏକ୍‌ଜାମିନ୍‌—ବୈଦେ. ବି. (ଇଂ. ଲ+ଏକ୍‌ଜାମିନେସନ୍‌)—
La-a ek-jāmin ଆଇନ୍ ପଢ଼ି ପାସ କରିବାର ନିର୍ଦ୍ଦିଷ୍ଟ ପରୀକ୍ଷା—
ল একজামিন लॉ एकजामिन Law-examination.
(ଲଅ ଏକ୍‌ଜାମିନେଶନ୍‌, ଲ ଏକ୍‌ଜାମିନେଶନ୍‌, ଲ(ଲଅ) ପରୀକ୍ଷା ଅନ୍ୟରୂପ)

ଲଅକ ଲକ—ଗ୍ରା. ଅ—ଲକ୍ ଲକ୍; ଲଅ ଲଅ; ଲହ ଲହ (ପତଳା
La-a ka laka ଓ ସରୁ ପଦାର୍ଥର ଇତସ୍ତତଃ ଚଳିତ ହେବା)—
লক লক Waving (said of a thin narrow thing).
लक लक (ଉ—ବାପ ଲୋ ବାପ ! ଚୁଲି ମୁଣ୍ଡେଠେଇଁ ଯୋଡ଼ାଏ ସାପ, ଅଛିର ଚୋଟାଏ ଲଅକ ଲକ – ଢଗ ।)

ଲଅ କଲେଜ୍—ଦେ. ବି (ଇଂ)—ଆଇନ୍ ବିଦ୍ୟା ଶିକ୍ଷା ଦିଆ ଯାଉଥିବା
La-a kalej ଉଚ୍ଚ ଶ୍ରେଣୀ ବିଦ୍ୟାଳୟ—Law College.
[ଲ କଲେଜ୍, ଲ(ଲଅ)କାଲେଜ୍—ଅନ୍ୟରୂପ]
ল কলেজ लॉ कालेज

ଲଅକା—ଗ୍ରା. ବିଣ—ଲହକା (ଦେଖ)
La-akā Lahakā (See)

ଲଅକିବା—ଗ୍ରା. କ୍ରି—ଲହକିବା (ଦେଖ)
La-akibā Lahakā (See)

ଲଅଁ ଛୁ(ଛୋ)ଇଁବା—ଦେ. ବି—ସର୍ପ ଦଂଶନ କରିବା; ସର୍ପ ଦ୍ୱାରା
La-a chhu(chho)iṅbā ଦଷ୍ଟ ହେବା—Being bitten
সাপ কাটা ल(का)ठी छूना by a snake.

ଲଅ ପାଶ୍—ବୈଦେ.ବି. (ଇଂ. ଲ ଓ ପାସ୍)—ଆଇନ୍ ବିଦ୍ୟାର ନିର୍ଦ୍ଦିଷ୍ଟ
La-a pās ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା—Passing in law
ল পাস लॉ पास examination.

ଲଅ ପ୍ର(ପ୍ରୋ)ଫେସର୍—ବୈଦେ.ବି. (ଇଂ. ଲ ପ୍ରୋଫେସର୍)—ଲଅ
La-a pra(pro)phesar କଲେଜରେ ବିଦ୍ୟାର୍ଥୀମାନଙ୍କୁ
ল প্রোফেসর ବକ୍ତୃତା ଦେବା ଦ୍ୱାରା ଯେଉଁ ଶିକ୍ଷକ ଶିକ୍ଷା ଦିଅନ୍ତି
लॉ प्रोफेसर Law professor.
[ଲ ପ୍ର(ପ୍ରୋ)ଫେସର୍, ଲ ଲେକ୍‌ଚରର୍—ଅନ୍ୟରୂପ]
[ଲଅ ପ୍ର(ପ୍ରୋ)ଫେସରୀ—କର୍ମ ବା ବୃତ୍ତିବାଚକ ବିଶେଷ୍ୟ]

ଲଅ ବିରି—ଦେ. ବି. (ସଂ. ଲତା ଓ ବ୍ରୀହି)—ବିରି ବିଶେଷ—
La-a biri A species of Birhi pulse.
লতা কলাই [ଦ୍ର—ଏହାର ଗଛ ସାଧାରଣ ବିରି ଗଛ ଅପେକ୍ଷା ବେଶି
लती उडद् ଲତାଳିଆ, ଏହାକୁ ଜଅ ବିରି ମଧ୍ୟ କହନ୍ତି ।]

ଲଅ ମେମ୍ବର୍—ବୈଦେ.ବି - (ଇଂ. ଗଭର୍ଣ୍ଣମେଣ୍ଟ)--ଗଭର୍ଣ୍ଣମେଣ୍ଟଙ୍କ ଆଇନ୍
La-a member ସଦସ୍ୟ—A Law member of the
ল মেম্বর लॉ मेम्बर Governmemenr.

ଲଅମ୍ବର—ଗ୍ରା. ବୈଦେ. ବି. (ଇଂ—ନମ୍ବର)—୧ । ଲମ୍ବର; ନମ୍ବର—
La-ambara 1. Number; mark. ୨ । କ୍ରମ ନିର୍ଦ୍ଦେଶକ
নম্বর नम्बर, लम्बर ସଂଖ୍ୟା—2. Serial number.

ଲଅର—ଗ୍ରା. ବି—ଲହର (ଦେଖ)
La-ara Lahara (See)

ଲଅର ପଅ(ହ)ର—ଦେ. ବିଣ—ଲହର ପହର (ଦେଖ)
La-ara pa-a(ha)ra Lahara pahara (See)

ଲଅରା—ଗ୍ରା. ବିଣ—ଲହରା (ଦେଖ)
La-arā Laharā (See)

ଲଅରି(ଡ଼ି)—ଗ୍ରା. ବି—ଲହରି (ଦେଖ)
La-ari(rdi) Lahari (See)

ଲଅରି'ଲି, ଡ଼ି)ବା—ଦେ. କ୍ରି. (ସ. ଲହରୀ)—୧ । ଲହରି ପରି
La-ari(li, rdi)bā ଅବିଶ୍ରାନ୍ତ ଭାବରେ ଗୁଡ଼ାଏ କଥା କହିବା
কথার তরঙ্গ তু(তো)লা লহরীকা দেখা बोलना ଯିବା—1. To speak glibly (like a wave). ୨ । ଲହରୀମୟ
[ଲଅରେ(ଲେ)ଇବା—ଅନ୍ୟରୂପ] ହେବା—2. To move in
ঢেউ উঠান लहर उठाना waves; to be billowy.

ଲଅ ଲଅ—ଦେ. ଅ—ଲହ ଲହ (ଦେଖ)
La-a la-a Laha laha (See)

ଲଅ ଲୁଆଣି—ଦେ. ବି. (ସହଚର) (ଶୁଭ ବାଚକ; ସଂ. ଲତା ଓ ଦ୍ୱିଗାସୂ
La-a luāṇi ନିରର୍ଥକ ସହଚର) - ସରୀସୃପ ଜନ୍ତୁ; ସରୀସୃପ—
লতাটতা Reptiles; snakes. ଗ୍ରା. ବିଣ. (ସଂ ନତ)—ଅତି
लाठीठीक ଅବନତ—Very low.

ଲଅଶ—ଗ୍ରା. ବି—ଲହଶ (ଦେଖ)
La-aśa Lahaśa (See)

ଲଅଜିମା—ବୈଦେ. ବି. (ଫା. ଲଓାଜିମାତ୍)—ଲଉଆଜିମାତ୍ (ଦେଖ)
La-ājimā Lauājimāt (See)
(ଲଅଜିମାତ୍—ଅନ୍ୟରୂପ)

ଲଇ—ଦେ. ବି.(ସଂ. ଲତା; ପ୍ରା. ଲଇ)—୧ । ଲତା—1. Creeper.
Lai ୨ । ଗଛର ଛାଲିରୁ ଓ ବେତରୁ ବାହାର କରାଯିବା
কাছি ପତଳା ତନ୍ତୁ, ଯାହା ରଜ୍ଜୁ ରୂପେ ବ୍ୟବହୃତ ହୁଏ—
पटुआ 2. Fibres taken from barks of plants or creepers and used as strings । ୩ । କେତେ ଗଛର ଛାଲି ଓ ଓହଳ ଓ କଅଁଳ ଗଛ ପ୍ରଭୃତିରୁ ଛେଚି ତନ୍ତୁର ରଜ୍ଜୁ ରୂପେ ବ୍ୟବହାର ବା ଆକାର—
3. The bark and aerial roots of some trees used as strings after they are beaten into fibres. [ଉ—ଯାଗରେ ଦ୍ୱିଜେ ନ ପାଇଲେ ସୋମ ଲଇ । କୃଷ୍ଣସିଂହ· ମହାଭାରତ. ବନ ।]
[ଦ୍ର—ଏହା ଦ୍ୱାରା ଛଣ ଓ ବତା ଆଦି ବନ୍ଧା ହୁଏ ।] ୪ ।
মালপোয়ার পিঠুলি (ସଂ. ଲେହ) ମାଲପୁଅ ଆଦି ତିଆରି ହେବାପାଇଁ
लेई ପ୍ରସ୍ତୁତ ପିଠୋଉ—4. A paste made for preparing Mālapuā etc.

ଲଇଁ—ବୈଦେ. ଅ. କ୍ରି (ସ. ନମ୍ ଧାତୁରୁ ଲଇଁବା କ୍ରିୟାର
Laiṅ ଅସମାପିକାରୂପ)—ନତ ହୋଇ; ନଇଁ—Bending;
ଲଇଁଆ } ଅନ୍ୟ ବିଣରୂପ stooping. [ଉ—
ଲଇଁ ଲଇଁଆ(କା) } ଜରପୋଡ଼ ଲଇଁ କାଢ଼ାଇଲି
কুংজো ବେଳେ, କୁଣ୍ଡଳ କମ୍ପୁଥିଲା ତା ଗଣ୍ଡ ମଣ୍ଡଳେ ।
नमाहुआ କୃଷ୍ଣସିଂହ. ମହାଭାରତ. ଆଦି ।] ଦେ. ବିଣ—
ନତଶରୀର; ନତପୃଷ୍ଠ; କୁଜା—With a stooping body; hunch-backed; having the upper part of the body bent.

ଲଇଁ ଚାଲିବା—ଦେ. କ୍ରି (ସ. ନମ୍ ଧାତୁ)—ଚାଲିବା ବେଳେ
Laiṅ chālibā ଲଇଁବା—To walk with a stoop.
झुये़ँ चला नम(लब)कर चलना

ଲଇଁ ପଡ଼ିବା –ଦେ. କ୍ରି (ସ. ନମ୍ ଧାତୁ)—ଅବନତ ହେବା—
Laiṅ paṛibā To bend down.
झुये़ँ पड़ा लब(नम)जाना

ଲଇଁବା—ଦେ. କ୍ରି (ସ. ନମ୍ ଧାତୁ)—୧ । ଅବନତ ହେବା; ନମ୍ରଭ
Laiṅbā ବକ୍ର ହେବା—1. To bend down; to
झुआँ; झुयँा stoop down. [ଉ—ଯେଉଁ ଲୋକଙ୍କ
नमना, लंबना କ୍ରୋଧ ଉପଜି ନ ପାଇ, ଲଇଁ ତାଙ୍କୁ ଲୁଥଇବା
କାର୍ଯ୍ୟ ନାହିଁ । କୃଷ୍ଣସିଂହ. ମହାଭାରତ ଉଦ୍‌ଯୋଗ ।]
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ବଶ୍ୟତା ସ୍ୱୀକାର
କରିବା—2. (figurative) To acknowledge
submission to any one. ୩ । ବକ୍ର ହେବା—
3. To be bent. ୪ । ନମ୍ରତା ପ୍ରକାଶ କରିବା;
ବିନୀତ ହେବା—4. To exhibit humility. ୫ ।
(ପଦ୍ୟ) ଗ୍ରହଣ କରିବା; ସେବା କରିବା—5. To
accept; to mind. [ଉ—ତାହାର ଭାବ
ହୃଦେ ଲଇଁ, କରୁଣା ସିନ୍ଧୁ ଭାବଗ୍ରାହୀ । ଜଗନ୍ନାଥ.
ଭାଗବତ ।]

ଲଇ କାନ—ପ୍ରାଦେ (ସମ୍ବଲପୁର, ଲରଆ) ବି—ନୋଳକାନ—
Lai kāna The ears which have worn rings.

ଲଇ ଖଡ଼ୁ—ଦେ. ବି—ଶିଶୁମାନଙ୍କ ହାତରେ ପିନ୍ଧାଯିବା ଏକପ୍ରକାର
Lai kharḍu ସରୁ ଲତାଦ୍ୱାରା ବୁଣା ହୋଇଥିବା ହାଲୁକା
लतार बाला ଖଡ଼ୁ—A bangle of twisted slender
पटुआका वलिया creeper made for infants.

ଲଇଖ(କ୍ଷ, ଖ୍ୟ, ଛ)ଣ—ଗ୍ରା. ବି—୧ । (ସ. ଲକ୍ଷ୍ମଣ) ଲକ୍ଷ୍ମଣ (ଦେଖ)
Laikha(ksha, khya, chha)ṇa 1. Lakshmaṇa
लकखन (See) [ଉ— ଅମ୍ଭ ଅଜ୍ଞା ଭୁ କହଣ; ଅଯୋଧ୍ୟାକୁ
लखन,लछन ଏହିକ୍ଷଣେ, ଶୀଘ୍ର ଯାଅ—ଅହେ ଲଇଖଣ । ବିଶ୍ୱନାଥ.
ବିଚିତ୍ରରାମାୟଣ ।] ୨ । (ସ.
ଲକ୍ଷଣ (ଦେଖ)—2.
Lakshaṇ (See) ୩ ।
ଲକ୍ଷ୍ମଣ ନାମକ ବ୍ୟକ୍ତିର ଡାକ
ନାମ—3. A name for calling Lakshmaṇa

ଲଇକ୍ଷ(ଖ)ଣିଆ, ଲଇଖିଣିଆ, ଲକ୍ଷି(ଖି)ଆ, ଲଖିଟିଆ } ଅନାଦରାର୍ଥକରୂପ

ଲଇ ଗଣ୍ଠି—ଦେ. ବି (ସ. ଲତା ଗ୍ରନ୍ଥି)—୧ । ଲଇଦ୍ୱାରା ବନ୍ଧା ଚାଳ
Lai gaṇṭhi ଛଣ ଅଦିକୁ ଉଡ଼ ପକାଯାଇ ଥିବା ଗଣ୍ଠି—1.
लतारगाँट The knot tying the straw and
पटुआका गाँठ split bamboo in with strings got
from plants ୨ । ଚାଳରେ ଛୁଆଣି କରାଯାଇ ଥିବା
ଛଣକୁ ଯେଉଁ ବନ୍ଧା ଠାଣି ଧରିଥାଏ ତାକୁ ଘରର ଚାଳ
ସଙ୍ଗେ ଦୃଢ଼ କରି ବାନ୍ଧିଥିବା ଗଣ୍ଠି—2. The knot
with which the split bamboo put
over the straw ot the thatch is
fastened to the bamboo farmework
below it.

ଲଇ ପଳା(ଲା)ଶ—ପ୍ରାଦେ. (ଗଡ଼ଜାତ) ବି (ସ. ଲତା ପଳାଶ)—
Lai palā(lā)śa ଖୁବ୍ ସାନ ସାନ ପତ୍ର ଓ ସାନ ସାନ ଫୁଲ
ବିଶିଷ୍ଟ ଏକପ୍ରକାର ଲଟାଳିଆ ପଳାଶ ଗଛ—A species
of Palāśa tree having smaller leaves
and smaller flowers.

ଲଇବା—ଦେ. କ୍ରି (ପ୍ରାଚୀନ ପଦ୍ୟ) (ସ. ଲା ଧାତୁ)—୧ ।
Laibā ଧାରଣ କରିବା—1. To hold. [ଉ—
लओयाँ ଯେସନେ ସର୍ବଶକ୍ତି ଲଇ, ବିବିଧ ଅନେକ ପ୍ରାଣୀ ପୋଷଇ ।
लेना ଜଗନ୍ନାଥ. ଭାଗବତ ।] ୨ । ନେଇବା; ନେବା—
2. To take. [ଉ—ମୋହର କର୍ମଫଳ ଲଇ,
ଜନ୍ମ ଲଭିବ ଯହିଁ ତହିଁ । ଜଗନ୍ନାଥ. ଭାଗବତ ।] ୩ ।
ଗ୍ରହଣ କରିବା; ଅବଲମ୍ବନ କରିବା—3.To observe;
to follow. [ଉ—ପ୍ରାଣୀଙ୍କୁ ବଚନ ନ କହି, ମଉନ
ବ୍ରତକୁ ସେ ଲଇ । ଜଗନ୍ନାଥ. ଭାଗବତ ।]

ଲଇ ବାହାଡ଼ା—ପ୍ରାଦେ (ଗଡ଼ଜାତ) ବି (ସ ଲତାବିସ୍ତାରକ)—
Lai bāhāṛā ଲତା ବିଶେଷ—A kind of creeper.
[ଦ୍ର—ଏହାର ଚେର ମାଟି ଉତରେ ବହୁଦୂର ଶାଖା
ମେଲାଇ ମାଡ଼େ । ଏ ଲତା ପଡ଼ିଆ ଭୂମିରେ ହୁଏ । ଏହି
ଲତାକୁ ହାଣିଦେଲେ ଚେରରୁ (ଭୂଇଁଭିତରୁ) ଉଠି
ହୁଏ ।]

ଲଉ—ଗ୍ରା. ବି—ଲହୁ (ଦେଖ)—Lahu (See). ପ୍ରାଦେ
Lau (କଟକ ସହର ଭିତର ବ୍ୟବହୃତ; ନ ସ୍ଥାନରେ ଲ
ଉଚ୍ଚାରଣ)—ସଂଖ୍ୟା ବାଚକ ବି ଓ ବିଣ—ନବେ; ନବେ
—Ninety.

ଲଉଆ—ଦେ. ବି —ପକ୍ଷିବିଶେଷ—A kind of bird. [ଉ—
Laua ବଣୀ ବସନ୍ତ ଗୁଣ୍ଡୁଚି ଲଉଆ । ପ୍ରାଚୀ. ପ୍ରତାପ-
ଶଶୀସେଣା ।]

ଲଉଆଜିମା—ବୈଦେ. ବି (ଅ. ଲୱାଜିମ୍; ଫା. ଲୱାଜିମାତ୍=
Lauājimā ଉପକରଣ; ଅବଶ୍ୟକ ସାମଗ୍ରୀ)—୧ ।
लआजिम କୌଣସି କାର୍ଯ୍ୟ ଉପଲକ୍ଷରେ ପ୍ରୟୋଜନୀୟ ଜିନିଷପତ୍ର
लवाजिम ବା ଉପକରଣ—I. Necessary articles.
(ଲଉଆଜିମାତ୍—ଅନ୍ୟରୂପ) ୨ । ଜାଜିମାତ; କୌଣସି କାର୍ଯ୍ୟ
लओयाजिमा (ଯଥା—ବିବାହ, ଯାତ୍ରାଆଦି ।) ଉପଲକ୍ଷରେ
जमाइत ଲୋଡ଼ା ହେବା ଅନୁଚର ବ୍ୟକ୍ତିଗଣ, ଯଥା - ମଶାଲ
बकसीस ଧରିବା ଲୋକ, ସବାରି କାନ୍ଧେଇବା ଲୋକ; ବାଜା
बखसीस ବଜାଇବା ଲୋକ—2. Attendants, such
as,torch-beares, palki-bearers,drummers
requried on occasions of marriage
or other festival. ୩ । ଅନୁଚର-
ମାନଙ୍କୁ ଦିଆଯିବା ବକ୍‌ସିସ୍—3. Tips paid to
attendants.
୪ । (କଟକିଆ) (ହାଇକୋର୍ଟରେ ପ୍ରଚଳିତ ଶବ୍ଦ)—

ମକଦ୍ଦମାରେ ବିବାଦୀୟ ବିଷୟ ଜଜମାନଙ୍କଦ୍ୱାରା ଶୁଣାଣି ହେବା ପୂର୍ବରୁ ମକଦ୍ଦମାରେ ପକ୍ଷମାନଙ୍କ କର୍ତ୍ତବ୍ୟ ଆନୁପୂର୍ବିକ ବ୍ୟବସ୍ଥାମାନ ବା ତଦ୍‌ବୀର—(ଯଥା—ଅପର ପକ୍ଷ ଉପରେ ସମନ୍ ବା ନୋଟିସ୍ ଜାରି କରାଇବା ପାଇଁ ମିଥାଦ ଦାଖଲ, ଷ୍ଟାମ୍ପ ଖରଚ୍ ଦାଖଲ, କୋର୍ଟଫିସ୍ ଦାଖଲ); ମକଦ୍ଦମାରେ ଦାବୀର ବିଚାର ହେବା ପୂର୍ବରୁ ପକ୍ଷମାନଙ୍କ କରଣୀୟ ବାଜେ ବା ଆନୁଷଙ୍ଗିକ କାର୍ଯ୍ୟମାନ—4. The preliminary steps to be taken by parties to enable the court to try the claim in any suit; lawazima.

ଲଉକର୍—ବୈଦେ. ବି.—(ଫା. ନୌକର୍; ତୁଳ. ସଂ. ଲୋକ)—
Laukara ନୌକର; ଚାକର; ଭୃତ୍ୟ; ଅନୁଚର—
চাকর, নকর **नौकर** Servant; attendant.

ଲଉକର ଚାକର—ବୈଦେ. ବି—(ଏକାର୍ଥକ ସହଚର)—(ଫା. Laukara chākara ନୌକର୍+ଚାକର୍)—ଚାକର ବାକର—
চাকর বাকর **नौकर चाकर** Attendants.

ଲଉକ(କି)ରି—ବୈଦେ. ବି.—(ଫା. ନୌକରୀ)—ନୌକରି; ଚାକରି—
Lauka(ki)ri Service; serving for pay.
চাকরী,নকরী **नौकरी**

ଲଉକା—ଗ୍ରା. ବି.—(ସଂ. ନୌକା)—ନୌକା—
Laukā না **नाव** Boat.

ଲଉକିକ—ଗ୍ରା. ବିଣ. (ପଦ୍ୟ)—[ସଂ. ଲୌକିକ]—ଲୌକିକ—
Laukika লউকিক **लउकिक** Popular.
[ଉ—ଅନ୍ୟାନ୍ୟ ଲଉକିକ ପଦାର୍ଥ ସହିତରେ । କୃଷ୍ଣସିଂହ. ମହାଭାରତ ଆଦି ।]

ଲଉଟ [ଇତ୍ୟାଦି]—ଦେ. ବି. ଓ ବିଣ—ଲେଉଟ ଇତ୍ୟାଦି [ଦେଖ]
Lauṭa (etc) Leuṭa etc (See)

ଲଉଡ଼ା—ଦେ. ବି.(ଅଶ୍ଳୀଳ)—ଲହୁଡ଼ା (ଦେଖ)
Laurḍā Lahurḍā (See)

ଲଉଡ଼ି—ଦେ. ବି.—[ସଂ. ଲଗୁଡ଼; ଲକୁଟ]—୧ । ନଉଡ଼ି [ଦେଖ]
Laurḍi লড়ী **लाठी** 1. Naurḍi (See)
[ଉ—ରଘୁମନ୍ତ ପରଭୃତଙ୍କୁ ଲଉଡ଼ି ଯେନ ହଏ ଗାଳ । ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।] ୨ । [ପ୍ରାଚୀନ ପ୍ରୟୋଗ] ଗୋରୁମାନଙ୍କ ସଂଖ୍ୟାବିଶେଷ; ଦଶ କୋଟି ଗୋରୁଙ୍କ ପଲ ବା ସମଷ୍ଟି—2. A herd of a hundred million of cows.
[ଦ୍ର—୧୦୦୦ ଗାଈ=୧ ଗୋଷ୍ଠ
୧୦୦୦ ଗୋଷ୍ଠ=୧ ପଲ
୧୦୦ ପଲ=୧ ଲଉଡ଼ି
୧୦୦ ଲଉଡ଼ି=୧ ମହାଖୁଡ଼—ସାରଳା ମହାଭାରତ]

ଲଉଡ଼ି ଖେଳ—ଦେ. ବି—ନଉଡ଼ି ଖେଳ [ଦେଖ]
Laurḍi kheḷa Naurḍi kheḷa (See)
লাঠি খেলা **लाठीखेल**

ଲଉଣା ବିଭା—ପ୍ରାଦେ. [ଗଞ୍ଜାମ. 'ବିଭା' ଶବ୍ଦ ସଙ୍ଗେ ସହଚର ରୂପେ
Launā bibhā ବ୍ୟବହୃତ]—ବିବାହାଦି ଉତ୍ସବ—
Festival.

ଲଉଣା ଗଜପତି—ଦେ. ବି—ନଉଣା ଗଜପତି ଉତ୍କଳର ପ୍ରାଚୀନ
Launā gajapati ନନ୍ଦପୁର [ଆଧୁନିକ ଜୟପୁର]ର କେତେକ ନରପତିଙ୍କ ଉପାଧି—Title of some of the Rajas of ancient Nandapur(now Jeypore) of Utkal. [ଦ୍ର—ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷ ପାଦରେ ପ୍ରାଚୀନ ନନ୍ଦପୁର ରାଜ୍ୟର ରାଜା ବିଶ୍ୱନାଥ ଗଜପତିଙ୍କ ବଂଶଧରମାନେ 'ନଉଣା ଗଜପତି' ନାମରେ ଅଭିହିତ ହେଲେ ଓ ଉକ୍ତ ଉପାଧି ସହିତ ଗୋଲକୁଣ୍ଡା ନିଜାମ୍ ଉଲ୍ ମୁଲ୍‌କ୍ ପ୍ରଦତ୍ତ ଝାଡ଼ଖଣ୍ଡଙ୍କ ବାଦସା ଉପାଧି ମଧ୍ୟ ଧାରଣ କଲେ । ଅଦ୍ୟାବଧି ତାଙ୍କ ବଂଶଧର (ଜୟପୁର ମହାରାଜ)ମାନେ ଏହି ଉପାଧି ନିଜ ନିଜର ଜନ୍ମପତ୍ରିକାମାନଙ୍କରେ ବ୍ୟବହାର କରୁଅଛନ୍ତି :—
ଶ୍ରୀମନ୍ ମହାମଣ୍ଡଳେଶ୍ୱର ମହୋଗ୍ରପ୍ରତାପ ବିଷମ ସମର ଶ୍ରୀ ବିଜୟ ବିରାଧିବୀର ଶ୍ରୀ ନଉଣା ଗଜପତି ଝାଡ଼ଖଣ୍ଡ ବାଦସା ଲକ୍ଷେ ରାଜା ମୁକୁଟମଣି ଶ୍ରୀ ରାଜାଧିରାଜ ମହାରାଜ ଶ୍ରୀ ୱାରିଧି ୱାରବର ।"
ଜୟପୁରରେ ବର୍ତ୍ତମାନ ମିଳୁଥିବା ପ୍ରାଚୀନ ତାଳପତ୍ର ପୁସ୍ତକମାନଙ୍କରୁ ପୂର୍ବରେ ଜୟପୁର ରାଜାମାନେ ପାଉଥିବା ସମ୍ମାନ ମଧ୍ୟରେ ପୁଣି ରାଜା ଜୟପୁର ରାଜାମାନଙ୍କର 'ନଉଣା ଗଜପତି' ପଦ ସ୍ୱୀକାର କରିଥିବାର ପ୍ରମାଣ ମିଳୁଅଛି—କୁମାର ଶ୍ରୀ ବିଦ୍ୟାଧର ସିଂହଦେଓ—ଉତ୍କଳ ସାହିତ୍ୟ—୧୩୪୩ ଆଷାଢ଼ ।]

ଲଉଣି—ଦେ. ବି—[ସଂ. ନବନୀତ]—ଲବଣି; ନବନୀତ; ଦହି ମନ୍ଥା-
Launi ননী **नेउन** ଯାଇ ସେଥିରୁ ଯେଉଁ ଘୃତୋତ୍ପାଦକ ତତ୍ତ୍ୱ ଲେହବତ୍ ସାର ବାହାରେ—Butter.

ଲଉଣିଆ—ଦେ. ବିଣ—ନବନୀତ ପରି କୋମଳ—
Launiā As soft as butter,
ননীর মত **नेउनका जेसा**

ଲଉତନ—ଗ୍ରା. ବିଣ (ସଂ. ନବତନ, ନୂତନ)—ନୂତନ, ନୂଆ—
Lautana নূতন **नया** New.

ଲଉରୁଣୀ—ଦେ. ବି—ନଉରୁଣୀ (ଦେଖ)
Lauruni নরুন **लहरनी** Nauruni (See)

ଲଉଲ୍ଲୀ—ଦେ. ବିଣ. ସ୍ତ୍ରୀ (ସଂ. ନବ ବା ଲୋଲ୍ୟ)—୧ । ନବୀନା (ସ୍ତ୍ରୀ)
Lauli 1. New. ୨ । କୋମଳା (ସ୍ତ୍ରୀ)—2. Soft;
সুকুমারী **कोमल** tender. ୩ । ପତଳା (ସ୍ତ୍ରୀ)—3. Thin. ୪ । ଯୁବତୀ—4. Youthful; young (woman) ୫ । ପତଳାଶରୀରବିଶିଷ୍ଟ—5. Slender-bodied. ୬ । କୋମଳଶରୀରବିଶିଷ୍ଟ; ସୁକୁମାରୀ—6. Soft-bodied.

ଲଉଲି ବୟସ—ଦେ. ବ (ସ୍ତ୍ରୀମାନଙ୍କ ପକ୍ଷରେ)—ଯୁବାବୟସ; ଯୁବାକାଳ;
Laulibayasa ସ. ଲୌଲି ନବ ଯୌବନ—Youth; young
নবযৌবন जवानी age (of females)

ଲଉଲି ବୟସୀ—ଦେ. ବଣ. ସ୍ତ୍ରୀ—ଯୁବତୀ; ଯୁବା ବୟସୀ—
Lauli bayasi Youthful (woman).
নবযৌবনা नवजवान(नी)

ଲଉ(ହୁ)ଲୁଆ(ହା)ଣ(ଣି)—ଦେ. ବଣ (ସ. ଲୋହିତ); ରକ୍ତଜର୍ଜରିତ—
Lau(hu)luā(hā)ṇa(ṇi) ରକ୍ତାକ୍ତ—Stained with
রক্তাক্ত लोहुलुहुआन blood. (ଯଥା—ସେ ମାଡ଼
[ଲଉ(ହୁ)ଲୁଅ(ହା)ଣିଅ(ଅଁ)—ଅନ୍ୟରୂପ] ଖାଇ ଲଉଲୁଆଣ
ହୋଇଗଲା ।) ଦେ. ବ—ଲଅଲୁଆଣି (ଦେଖ)—
La-a luāṇi (See)

ଲଉଲ୍ୟ—ଦେ. ବ—ଲୌଲ୍ୟ (ଦେଖ)—Laulyā (See)
Laulyā (ଯ—ଲଉଲ୍ୟାରେ ଖାଷ ହାର ବନେ ଗନ୍ଧ
কোমলতা कोमलपन मଟରେ ଘିକ ମୁକ ଦେଲା—ପ୍ରାଚୀନ
କବିତା ।)

ଲଏ—ଗ୍ରା. ବ (ସ. ଲୟ)—ଲୟ (ଦେଖ)—Laya (See)
Lae (ଯ—ଥୋକାଏ ଧାନ ଯୋଗଲଏ; ରହିଲେ ଯୋଗା
লয় लय ସୁମ୍ଭ ପ୍ରାୟେ—ପ୍ରାଚୀ. କର୍ଣ୍ଣଶମାହାତ୍ମ୍ୟ ।)

ଲଏ କରିବା—ଗ୍ରା. କି—ଲୟ କରିବା (ଦେଖ)
Lae kariba Laya kariba (See)
[ଲଏ ରଖିବା, ଲଏ ଲଗା(ଗେ)ଇବା—ଅନ୍ୟରୂପ]
লয়করা जयकरना (रचना, गाना)

ଲଏନ୍—ବୈଦେ. ବ (ଇଂ. ଲାଇନ୍)—ଲାଇନ୍ (ଦେଖ)
Laen লাইন लैन Lāin (See)

ଲଏନ୍ କିଲାଟ—ବୈଦେ. ବ (ଇଂ. ଲଙ୍ଗ୍ କ୍ଲଥ୍)—ଲଙ୍ଗ୍‌କିଲାଟ୍ (ଦେଖ)
Laen kilāt Lang-kilāt (See)
(ଲଏନ୍‌କ୍ଲାଟ୍—ଅନ୍ୟରୂପ) লংক্লথ ननगिलाट

ଲଏସ୍—ଦେ. ବ (ସଂ. ଲସ୍)—୧ । ଲହସ୍ (ଦେଖ)—
Laes 1. Lahas (See) ୨ । ଲୟସ୍ (ଦେଖ)—
2. Layas (See)

ଲଂ—ସଂ. ବ (ତନ୍ତ୍ର) ପୃଥ୍ୱୀ ଦେବୀଙ୍କ ବୀଜମନ୍ତ୍ର—(Tantra) The
Lam key sound in the esoteric formula
for invoking the Earth-goddess.
ବୈଦେ. ବଣ (ଇଂ. ଲଙ୍ଗ୍ର ଅଶୁଦ୍ଧ ଉଚ୍ଚାରଣ)—ଲଙ୍ଗ୍
লঙ্গ लंग ଇତ୍ୟାଦି (ଦେଖ)—Lang etc (See)

ଲଂକିଲାଟ—ବୈଦେ. ବ (ଇଂ. ଲଙ୍ଗ୍ କ୍ଲଥ୍)—ଲଙ୍ଗ୍‌କିଲାଟ୍ (ଦେଖ)
Lamkilāt Lang kilāt (See)

ଲଂଟା—ପ୍ରାଦେ (ସମ୍ବଲପୁର) ବ—ଗଧିଆ—
Lamtā Hyena.

ଲଂଲଂ ହେବା—ଦେ. କି—ଲଙ୍ଗ ଲଙ୍ଗ ହେବା (ଦେଖ)
Lamlam heba Langa langa hebā (See)

ଲଂଡୁଆ—ପ୍ରାଦେ—(ସମ୍ବଲପୁର) ବ. ଓ ବଣ.—(ଭୁଲ. ହୁ. ଏହି
Landuā ଶବ୍ଦ ଏହି ଅର୍ଥରେ)—କର୍ମକୁଣ୍ଠ ଲୋକ—
A vagabond; a loafer.

ଲକ୍(ଧାତୁ)—ସ.—୧ । ଆସ୍ୱାଦନ କରିବା—1. To taste. ୨ ।
Lak (root) ପାଇବା—2. To get. ୩ । ଆଚ୍ଛାଦନ
କରିବା—3. To cover.

ଲକ୍—ବୈଦେ. ବ.—(ଇଂ. ଲକ୍)—୧ । ତାଲା; କୋଲପ —
Lak লক लक Padlock.
୨ । କେନାଲରେ ଉଚ୍ଚତର ଅଂଶରୁ ନିମ୍ନତର
ଅଂଶକୁ ବୋଟ ଆଦି ଯିବା ଆସିବା କରିବାପାଇଁ
ସୁକୌଶଳରେ ନିର୍ମିତ ପ୍ରକୋଷ୍ଠ ବିଶେଷ—2. Lock
of a canal with a sluiced gate at the
point of change of level. [ଡ—କେନାଲ୍
ମଧ୍ୟରେ ଗୋଟିଏ କୋଠରି ନିର୍ମିତ ହୋଇ ତାହାର ଦୁଇ
ପାଖରେ ବଡ଼ ବଡ଼ କବାଟ ଲାଗିଥାଏ । ଉକ୍ତ କୋଠରିର
ଉପର ପାଖରେ କେନାଲ୍ ଜଳର ପତ୍ତନ ତଳ ପାଖର
ପତ୍ତନ ଅପେକ୍ଷା ଉଚ୍ଚତର ଥାଏ । ପ୍ରଥମେ ଉଚ୍ଚତର କେନାଲର
ଜଳର ସମାନ ପତ୍ତନ କରି, ସେ କୋଠରିରେ ପାଣି ଭର୍ତ୍ତି
କରି ଯାଏ । ତା ପରେ ସେ କୋଠରି ମଧ୍ୟକୁ ଉପର ଅଡ଼ରୁ
ବୋଟ୍ ପୁରି ଯାଏ । କୋଠରିରେ ବୋଟ୍ ଭର୍ତ୍ତି ହେଲାରୁ
ଉପର ପାଖର କବାଟକୁ ଜବୁତ କରି ବନ୍ଦ କରି ଦିଆଯାଏ ।
ଏଣେ ତଳ ପାଖର ବୃହତ୍ କବାଟ ବାଟେ ସେ କୋଠରିରୁ
ପାଣିକୁ ଧୀରେ ଧୀରେ ଖଲାସ କରି ନିମ୍ନ କେନାଲର ପାଣିର
ପତ୍ତନ ସଙ୍ଗେ ସମାନ କରାଯାଏ । ନିମ୍ନ ପତ୍ତନ ସଙ୍ଗେ
କୋଠରିର ପାଣିର ପତ୍ତନ ସମାନ ହୋଇଗଲେ, ତଳ
ପାଖର କବାଟକୁ ଖୋଲି ଦେଇ ବୋଟକୁ ତଳ ଅଡ଼କୁ
ବାହାର କରି ଦିଆଯାଏ । ପୁଣି ତଳଅଡ଼ୁ ବୋଟ୍ ଆସିଲେ
ଏଥିର ବିପରୀତ କୌଶଳ ଅବଲମ୍ବିତ ହୋଇ, ଅର୍ଥାତ
ବୋଟକୁ ସେ କୋଠରିରେ ଭର୍ତ୍ତି କରି ଯାଇ ତଳ କବାଟ
ବନ୍ଦ କରି କୋଠରିର ପାଣିକୁ ଉପର କେନାଲର ପାଣିର
ପତ୍ତନ ସଙ୍ଗେ ସମାନ କରାଯାଇ ବୋଟକୁ ଉପର ଅଡ଼କୁ
ଛାଡ଼ି ଦିଆ ଯାଏ । ଏହି କୌଶଳମୟ ଜଳ ପ୍ରକୋଷ୍ଠକୁ
'ଲକ୍' ବୋଲାଯାଏ । ଇଂରାଜୀରେ 'ଲକ୍' (Lock')
ଶବ୍ଦର ଅର୍ଥ କୋଲପ । ଏ କୋଠରିରେ ଦୁଇଅଡ଼ୁ
କୋଲପ ପଡ଼ି ପାଣିକୁ ଅବରୋଧ କରୁଥିବାରୁ ଏହାକୁ
'ଲକ୍' ବୋଲାଯାଏ ।
ଭୂମଧ୍ୟସାଗର ଓ ଆରବ ସାଗର ମଧ୍ୟସ୍ଥ 'ସୁଏଜ'
କେନାଲ୍‌ରେ ଏବଂ ଆଟଲାଣ୍ଟିକ୍ ଓ ପ୍ରଶାନ୍ତ ମହାସାଗର
ମଧ୍ୟସ୍ଥ 'ପାନାମା' କେନାଲ୍‌ରେ ଜାହାଜ ଯିବାଆସିବା ପାଇଁ
ଲକ୍‌ମାନ ନିର୍ମିତ ହୋଇଅଛି ।] [ଲକ୍‌ପେଲ—ଅନ୍ୟରୂପ]

ଲକ୍ ଅପ୍—ବୈଦେ. ବ.—(ଇଂ. ଲକ୍ ଅପ୍)—ହାଜତ; ଯେଉଁଠାରେ
Lak-ap ବିଚାର ହେବା ପୂର୍ବରୁ ଅପରାଧୀ ବ୍ୟକ୍ତିମାନଙ୍କୁ ବନ୍ଦ କରି
লক অপ लक अप ରଖା ଯାଇଥାଏ—Police lock-up.

ଲକ୍ କୀପ(ପା)ର୍—ବୈଦେ. ବ.—(ଇଂ. ଲକ୍‌କୀପର୍)—କେନାଲ୍
Lak kipa(pā)r ଲକ୍‌ରେ ନୌକାମାନଙ୍କୁ ପାର କରାଇବା
লককীপর लककीपर ନୌକାଧ୍ୟକ୍ଷ ମାନଙ୍କଠାରୁ ମାସୁଲ ଆଦାୟ କରିବା
କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ—Lock keeper.

ଲକ୍ ଖଲାସି—ବୈଦେ. ବି.—(ଇଂ. ଲକ୍+ଅ, ଖଲାସି)—ଲକ୍
Lak khalāsi ଗୋଲର କବାଟମାନଙ୍କୁ ବନ୍ଦ କର ଓ ଫିଟାଇ
लक खालासी **লক খালাসী** ଉଚ୍ଚ ମଧ୍ୟରେ ନୌକା ଅଟକୁ
ପୂର୍ବର ବାହାର କର ଦେବା ପାଇଁ ନିଯୁକ୍ତ ଚାକର—
Menial servants engaged in a look.

ଲକ୍ଠକ୍ ଦେ. କି. ବିଣ—ରୋକ୍ ଠୋକ୍ (ଦେଖ)
Lak-ṭhak Rok ṭhok (See)
କ୍ରିୟାର ବିଣ.—ସମ୍ପୂର୍ଣ୍ଣରୂପେ; ଅତ୍ୟନ୍ତ—
Fully; very.

ଲକ୍ଠକ ବାହାପିଆ—ଦେ. ବି. ବିଣ ଓ ବିଣ. ପୁଂ—ଅତ୍ୟନ୍ତ ଭଣ୍ଡୁଆ
Lak ṭhak bāhāpiā ବା ମିଛୁଆ—Downright liar.
ডাহা মিথ্যাবাদী [ଦ୍ର—ଯେଉଁ ବ୍ୟକ୍ତି ମିଛ କଥାକୁ ଏପରି ଜବରଦ
ସ୍ତାପ୍ତ୍ୟତା ଚୁନେଇ କହେ ଯେ, ଶ୍ରୋତାମାନେ ତାକୁ ସତ ବୋଲି
[ଲକ୍ଠକ୍ ବାହାପେଇ—ସ୍ତ୍ରୀ] ବିଶ୍ୱାସ କରନ୍ତି, ତାକୁ ଲକ୍ଠକ୍
ବାହାପିଆ କହନ୍ତି ।]

ଲକ୍ ଟଣ୍ଡେ(ଣ୍ଡ)ଲ୍—ଦେ. ବି [ଇଂ. ଲକ୍+ହି. ଟଂଡ(ଡା)ଲ୍;
Lak taṇḍe(ṇḍa)l ଇଂ.ଟଣ୍ଡଲ୍]—ଲକ୍ ଖଲାସିମାନଙ୍କ ମଧ୍ୟରେ
लक् टंडेल ପ୍ରଧାନ ଖଲାସି—The head menial servant
লককাট্টেল or tindal of lock of a canal.
(ଲକ୍ଟଣ୍ଡାର—କ୍ଷୁଦ୍ରରୂପ)

ଲକ୍ ବାବୁ—ବୈଦେ. ବି (ଇଂ. ଲକ୍+ଫା. ବାବୁ)—ଭାରତୀୟ ବା
Lak bābu ହିନ୍ଦୁ ଲକ୍ ରକ୍ଷକ—An Indian or Hindu
लक बाबु **লক বাবু** lock-keeper.

ଲକ୍ ମାସୁଲ୍ (ଲୁ)—ବୈଦେ. ବି. (ଇଂ. ଲକ୍ ଓ ଫା. ମହସୁଲ୍)—
Lak-māsul(lu) କେନାଲରେ ନିର୍ମିତ 'ଲକ୍' (ଗୋଲ)କୁ ନୌକା
[ଲକ୍ମା(ହା)ସୁଲ୍(ଲୁ)—ଅନ୍ୟରୂପ] ପାରହେବା ପାଇଁ କେନାଲର
लकमासुल मालିକଙ୍କୁ ନୌକାଧିକାରୀଙ୍କ ଦେବା ଶୁଳ୍କ ବା କର—
লক মহসুল (মাসুল) Tollage realised at the locks
of canals from boat-owners.

ଲକ୍ରା—ପ୍ର.ଦେ (ବାମଣ୍ଡା) ବି—ଗେଣ୍ଡ଼ା; ନେକଡ଼ାବାଘ—
Lak-rā Hyena; wolf.

ଲକ୍ ଲକ୍—ଦେ ବି (ଧ୍ୱନ୍ୟନୁକରଣ)—୧ । ପତଳା ଓ ସରୁ ଜିନିଷ
Lak lak (ଯଥା—ସରୁଆ ପତଳା ଖଣ୍ଡା)କୁ ହଲାଇଲେ, ତାହାର
लक् लक्, लिक्लिक् ଏ ପାଖରୁ ସେ ପାଖକୁ ନଇଁଯିବା ଅବସ୍ଥା—
লকলক, লপলপ 1. Brandishing or flourishing of
लगबग a thin blade. ୨ । ଭାତ ବା ତରକାରି ସିଝିଯିବା ପରେ
গজগজানা ଅଧିକ ସମୟ ଚୁଲି ଉପରେ ବସି ପାଣି କମିଗଲେ ହାଣ୍ଡିରୁ
ଯେଉଁ ଫୁଟିବା ଶବ୍ଦ ବାହାରେ—2. The sound
made by rice etc. while boiling in the
pot after the water becomes lessened.
[ଦ୍ର—ଭାତ ଉପଯୁକ୍ତ ପାଣିରେ ସିଝିଯିବା ପରେ ପାଣି କମି
ହୋଇଗଲେ, ସେ ଭାତକୁ ନ ଓହ୍ଲାଇଲେ ଭାତ ଲକ୍ଲକ୍
ହୁଏ, ଅର୍ଥାତ୍ ବେଶି ସିଝି ନିଅଁଳ ହୋଇଯାଏ । ତରକାରି
ମଧ୍ୟ ଏହିପରି ଲକ୍ଲକ୍ ହୋଇ ଅଗ୍ନିର ଉପରେ
ସନ୍ତାପ । ଏହାକୁ ଭାତ ଲଟକେଇ ହେଲା ବା ତରକାରି
ଲଟକେଇ ହେଲା ବୋଲି କହନ୍ତି ।
କଡ଼ୁଆ ଘିଅକୁ କମା ଲହୁଣୀକୁ ଚୁଲିରେ ବସାଇ, ସେଥିରୁ
ଜଳୀୟାଂଶ ମରିଗଲେ, ତାହା ଲକ୍ଲକ୍ ଶବ୍ଦ କରେ; ସେହି
ଲକ୍ ଲକ୍ ଶବ୍ଦରୁ ଜଣାପଡ଼େ ଯେ,ଦହି ଘିଅ ବା ଲହୁଣୀର
ପାଣି ମରିଗଲା ବା ଘିଅ ନିର୍ମଳ ହେଲା । ଏହାକୁ ଘିଅ
ଲକ୍ଲକେଇବା କହନ୍ତି ।] ୩ । ପତଳା ଜିନିଷ (ଯଥା—
लिकलिक ପତଳା ବଉଳ ଡାଳ, ପତଳା ବାଉଁଶ) ଉପରେ
লকলক ବେଶି ଚାପ ଦେଲେ, ତାହା ଚିପି ହୋଇ ଯିବା ଓ ଚାପ,
କମାଇ ଦେଲେ ପୁଣି ପୂର୍ବସ୍ଥାପକ ହେବା ଅବସ୍ଥା—
3. The state of a thin thing receding
under pressure and regaining its original
position when pressure is removed.
[ଦ୍ର—ପତଳା ବଉଳଡାଳକୁ ଚିପିଲେ ତାହା ଲକ୍ଲକ୍ ହୁଏ ।]

ଲକ୍ଲକା(କେ)ଇବା—ଦେ କି—ଜଳ ମରିଯିବାରୁ ନିଆଁ ଉପରେ ଭାତ
Lak-lakā(ke)ibā ତରକାରି, ଲହୁଣୀ ବା କଡ଼ୁଆ ଘିଅ ଲକ୍ ଲକ୍
लगबग करा ଶବ୍ଦ କରିବା—To make a sound of being
গনগনানা overboiled (when water evaporates
through heat; said of rice or curry or
ghee.) [ଦ୍ର—ଗନ୍ଧଭୂଣୀ ଘର ଘି ପଲମ ଲକ୍ଲକେଇଲା,
ପଦର ହାଣ୍ଡ ଉଣ୍ଡୁ ଶାଢ଼ୀ ମୋ କାହିଁକି ନ ପାଇଲା । ଉଗ]

ଲକା—ବୈଦେ. ବି (ଫା. ଲଖ)—ଗୁଡ଼ି ଉଡ଼ାଇବାର ସୂତା—
Laka Thread for flying paper kites.
लक **গুডীকাসুত**

ଲକଟ୍—ବୈଦେ. ବି (ଇଂ. ଲକ୍ୱଟ୍; ଚୀନଦେଶୀୟ ଭାଷାରୁ ଗୃହୀତ; ମୂଳ
Lakaṭ ଷ.ଲୁକ୍ୱତ=କେଜୁଟ ଫଳ)—ଗୋଲାପ ଜାମ୍ ବର୍ଗର ଗଛ
लक (के)ट ଫଳ ଗଛ ବିଶେଷ; ଲୋକଟ—Loquat; a fruit
লোকাট tree, Eriobotria Japonica. [ଦ୍ର—ଏହା ଚୀନ ଓ
ଜାପାନରୁ ଏ ଦେଶକୁ ଆଣୀତ; ବସନ୍ତ କାଳରେ ଫଳ
ପାଚେ । ଫଳ ଈଷତ୍ ହଳଦିଆ ଓ ଭକ୍ଷ୍ୟ । (ଲୋକାଟ୍
ଦେଖ)

ଲକଟ—ଦେ. ବିଣ. ଓ ବି—ନକଟ (ଦେଖ)—
Lakaṭa কচি,একরত্তি **नन्हा,जराजा** Nakaṭa (See).
(ଲକଟକ, ଲକଟେ—ଅନ୍ୟରୂପ)

ଲକ(କ୍କ)ଡ଼(ଡ଼ି)—ଦେ ବି. (ସଂ. ଲଗୁଡ଼)—କାଠ—Wood.
Laka(kka)ṛḍa(ṛḍi, ଦେ ବିଣ—କାଠ ପରି ଶୁଷ୍କ—
लकडी **লক্কড** Dry like wood.
(ଯଥା—ସେ ନ ଖାଇ ନ ପିଇ ଲକଡ଼ ହୋଇଗଲାଣି ।)

ଲକଡ଼ ଝା(ଝେ)ଙ୍ଗ(ମ)—ପ୍ରା ଦେ. (କଟକ ସହର) ଅ—କଟକ ସହରରେ
Lakaṛḍi jhā(jhe)ṅga(ma) ମାଘ ପୂର୍ଣ୍ଣିମା ଦିନ ସନ୍ଧ୍ୟା
ବେଳେ ଅଗ୍ନ୍ୟୁତ୍ସବ ପାଇଁ ବଜାଇବାସୀ ଟୋକାମାନେ
ବଜାରର ଗୃହସ୍ଥମାନଙ୍କ ନିକଟରୁ ଜୁଆ ମାଗିବା ବେଳେ
ଦୁଇ ଖଣ୍ଡ କାଠିକୁ ଦୁଇ ହାତରେ ଧରି ଠକ ଠକ କରି

ବଜାଇ ବୋଲିବା ପଦ—A sound repeated by young men of the town of Cuttack while striking 2 sticks together and begging pice from door to door to ignite the bon-fire on the evening of Māgha fullmoon.

ଲକ(କା)ମ(ମା)ରିଚ—ଗ୍ରା. ବି—ଲଙ୍କା ମରିଚ (ଦେଖ)
Laka(kā)ma(mā)richa Lankā maricha (See)
লঙ্কা लङ्का मिरचा(ची)

ଲକର ଲକର—ଦେ. ଅ—ଲକ୍ ଲକ୍ (ଦେଖ)
Lakara lakara Lak lak (See)

ଲକଲ (ଇତ୍ୟାଦି)—ପ୍ରାଦେ. (କଟକ ସହର)ବି- ନକଲ ଇତ୍ୟାଦି (ଦେଖ)
Lakal (etc) Nakal etc. (See)

ଲକ ଲକ—ଦେ. ଅ—୧ । ଲକ୍ ଲକ୍ (ଦେଖ)
Laka laka 1. Laklak (See)
୨। ଲଅକ ଲକ (ଦେଖ)—2. La-aka laka (See)

ଲକ ଲକିଆ—ଦେ. ବିଣ - ଖୁବ୍ ପତଳା ଓ ସରୁ—
Laka lakiā Very thin and slender.
লকলকে, লিকলিকে लकलकिया

ଲକସ—ପ୍ରାଦେ. (କଟକ ସହର) ବି.—ବୈଦେ. ବି ଓ ବିଣ—ନକସ
Lakasa (ଦେଖ)—Nakasa (See)

ଲକସା—ପ୍ରାଦେ. (କଟକ ସହର) ବି. ବୈଦେ. ବି ଓ ବିଣ—ନକସା
Lakasā (ଦେଖ)—Nakasā (See)

ଲକସି—ପ୍ରାଦେ. (କଟକ ସହର) ବି. ବୈଦେ. ବି ଓ ବିଣ—ନକସି
Lakasi (ଦେଖ)—Nakasi (See)

ଲକସ୍ତକ—ଦେ. ବିଣ—୧ । ସାନନ୍ଦାବାପନ୍ନ; ବିନୟଯୁକ୍ତ; ବିନୀତ—
Laka staka 1. Humble; submissive.
ন্যূন,নিম্ন दीनदुखिया[ଦ୍ର—ଏହିସବାଉପରୁହି ଅପକାଶ୍ଚ ଲୋକ,ମାନଙ୍କ ଅନୁସର କୁଏଁ ଲକସ୍ତକ—କୃଷ୍ଣସିଂହ ମହାଭାରତ. ବନ ।]
୨ । ଲାଳାୟିତ—2. Hankering. ୩ । ବିନୀତରୂପେ ପ୍ରାର୍ଥନାକାରୀ—3. Praying most humbly. (ଉ—ରଜା ଦେଖି ତା ଗୋଡ଼ହାତ ଧରି କେତେ ଲକସ୍ତକ ହେଲା—ଅପର୍ଣ୍ଣା ଦାଶଗୁପ୍ତ ଚରିତ ।) ୪ । ନିଜକୁ ଅପମାନିତ ମନେ କରୁଥିବା—4. Deeming one's
কাকুতি মিনতি मिनति self humiliated. ଦେ. ବି—
ସାନନ୍ଦାବାପନ୍ନ ପ୍ରାର୍ଥନା; ନେହୁରା—Humble sub mission or prayer.

ଲକା(କ୍କା)—ବୈଦେ. ବି (ଅ. ଲକ୍କା)—ଲକା ପାରା (ଦେଖ)
Lakā(kkā) Lakāpārā (See)

ଲକା ଅମ୍ବ—ଦେ. ବି—ଲଙ୍କା ଅମ୍ବ (ଦେଖ)
Lakā āmba Lankā āmba (See)

ଲକା(କେ)ଇ—ଦେ. ବିଣ—ନକେଇ (ଦେଖ)
Lakā(ke)i Nakei (See)
(ଗ୍ରାମ୍ୟ—ଉପହାସ) লেকট, কাই কাই लई

ଲକା(କେ)ଇବା—ଦେ. କ୍ରି—ନକେଇବା (ଦେଖ)
Lakā(ke)ibā Nakeibā (See)
কাই কাই হওয়া लई होना

ଲକା(କ୍କା)ପାରା—ଦେ. ବି (ଅ.ଲକ୍କା+ଦେ. ପାରାବତ)—ବିସ୍ତୃତ ପୁଚ୍ଛବିଶିଷ୍ଟ
Laka(kkā)pārā ପାରାବତ—A sort of pigeon
লকাপায়রা लक्काकबुतर with spreading tail.
[ଦ୍ର—ଏମାନେ ଛାତକୁ ଓ ବେକକୁ ଖୁବ୍ ଫୁଲାଇବାର ପାଳନ୍ତି ।]

ଲକାର—ସଂ. ତ—'ଲ' ଅକ୍ଷର—
Lakāra The letter 'ଲ' (la)

ଲକି—ପ୍ରାଦେ (ସମ୍ବଲପୁର) ବି—୧ । ପିତଳର ବଡ଼ ଥାଳ ବା ବେଲା—
Laki 1. A large brass dish. ୨ । ଧାତୁପାତ୍ର-ବିଶେଷ; ତସଲା—2. A metal pot.

ଲକିଆ—ଦେ. ବି— ଉତ୍ତମରୂପେ ସିଝି ଦୋଳି ଉଠିଥା ହୋଇଥିବା
Lakiā ପରିବା ବ୍ୟଞ୍ଜନ—A well boiled and mixed
গলাতরকারী लाबा up vegetable curry.

ଲକି(କେ)ଟ୍(ଟି)—ବୈଦେ. ବି [ଇଂ. ଲକେଟ]—ସୁନାର ଛୋଟ ଡାବିଜ
Laki(ke)t(ti) ପରି ଦେଖା ଯାଉଥା ବା ପଦକ—
লকেট लोकेट Locket. [ଦ୍ର—ଏହା ସାଙ୍ଗର ଚେନ୍‌ରେ ଝୁଲୁଥାଏ ।]

ଲକୁଚ—ସଂ. ବି (ଲକ୍ ଧାତୁ—ଆସ୍ୱାଦନ କରିବା + କର୍ମ. ଉଚ)—
Lakucha ଜେଉଟ (ଦେଖ)—Jeuta (See)
ডে(ডো)ফল बड़हड़

ଲକୁଚକୁଚ୍—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ଲକୁଚ+କୁଚ+ସ୍ତ୍ରୀ. ଆ)—
Lakuchakuchā ଜେଉଟ ପରି ବର୍ତ୍ତୁଳ ସ୍ତନବିଶିଷ୍ଟା (ସ୍ତ୍ରୀ-(a lady) Having graceful breasts.
[ଦ୍ର—ଅମ୍ଭେମାନେ ସେଉଥିରୁଁ ପରସ୍ପର ତଳ ଯୁବ ବଗରେ ତୋହର ଲକୁଚକୁଚ୍ ରେ ।—କବିସୂର୍ଯ୍ୟ ସଙ୍ଗୀତ ।]

ଲକାୟା—ପ୍ରାଦେ (ଗଞ୍ଜାମ)—ବି—ଗୁଡ଼ ମିଶିଥିବା ପରିବା ବ୍ୟଞ୍ଜନ—
Lakkāyā A curry sweetened with sugar.

ଲକ୍ତକ—ସଂ. ବି (ଲକ୍ ଧାତୁ—ଆଚ୍ଛାଦନ କରିବା+କର୍ମ. ତ=ଲକ୍ତ
Laktaka + ସ୍ୱାର୍ଥେ. କ—୧ । ଚିରା କନା; ଛିଣ୍ଡିବସ୍ତ୍ର; କେନ୍ଦେରା; ଲତାକନା—1. Rags. ୨। (+କରଣ ତ+କ) ଅଳକ୍ତକ; ଅଳତା—2. Lac dye.

ଲକ୍ତିକା—ସଂ. ବି - ଝିଟିପିଟି; ଗୃହଗୋଧିକା—
Laktikā A lizard (Apte).

ଲକ୍ଷ(ଧାତୁ)—ସଂ.—୧। ଦେଖିବା—1. To see; to observe. ୨ ।
Laksh (root) ଚିହ୍ନିତ କରିବା— 2. To mark. ୩ । ସୂଚନା କରିବା—3. To indicate; to hint.

ଲକ୍ଷ—ସଂ. ବି (ଲକ୍ଷ ଧାତୁ+କର୍ମ. ଅ)—୧ । ଶତ ସହସ୍ର ସଂଖ୍ୟା—
Laksha 1. A hundred thousand. ୨ । ଶରବ୍ୟ; ଲକ୍ଷ୍ୟ—2. Terget; mark. ୩ । ପ୍ରବଞ୍ଚନା; ପ୍ରତାରଣା—3. Fraud. ୪ । ଛଳନା—4. Excuse.

୫ । ବ୍ୟାଖ୍ୟା—5. Explanation. ୬ । ଦୃଷ୍ଟି—6. Vision; sight. ୭ । ଗୋଡ଼ (ଦ୍ବି. ଶ.)—7. Leg. ୮ । ଚିହ୍ନ (ଦ୍ବି. ଶ.)—8. Mark ୯ । ଅସ୍ତ୍ରର ଏକ ପ୍ରକାର ସଂହାର [ଦ୍ବି. ଶ.]—9. A kind of formal withdrawal of a weapon. ୧୦ । ଯେଉଁ ବସ୍ତୁ ପ୍ରତି କୌଣସି ଅଶେଷ ଦିଆଯାଏ [ଦ୍ବି. ଶ.]—10. A thing or matter to which allusion is made. ୧୧ । ଉଦ୍ଦେଶ୍ୟ [ଦ୍ବି. ଶ.] 11. Aim; object. ୧୨ । ଅନୁମେୟ ବସ୍ତୁ ବା ବିଷୟ (ଦ୍ବି. ଶ.)—12. Anything inferred. ୧୩ । ଲକ୍ଷଣାର୍ଥ (ଦ୍ବି.ଶ.)· 13 Figurative meaning. ଦେ. ବି—[ସଂ. ଲକ୍ଷ୍ୟ)—୧ । ତୁଳନା; ଉପମା—1. Comparison. [ଉ—ବରଣରେ ଲକ୍ଷ, ଗିର ସଙ୍ଗେ ଉପ୍ୟଶୃଙ୍ଗ—ଉପେ. ବୈଦେହୀଶବିଳାସ ।] ୨ । [ଗୋଟିଏ ମାଳାକୁ ଶହେ ଥର ଫେରାଇ ଜପିବା ଏକ ଗ୍ରନ୍ଥ; ଷୋଳ ଗ୍ରନ୍ଥରେ ଏକ ଲକ୍ଷ ହୁଏ)—ମାଳାକୁ ୬୪ ଥର ଫେରାଇ ଜପିବା—2. Telling of a rosary 64 times. [ଉ—ଶହବାର ଫେରାଇଲେ ଗ୍ରନ୍ଥେ ପୂର୍ଣ ହୋଇ, ଷୋଳ ଗ୍ରନ୍ଥ ଫେରାଇଲେ ଲକ୍ଷେ ଯେ ବୋଲାଇ । ପ୍ରାଚୀ· ନ ଗୁରୁଭକ୍ତି ଗୀତା ।] ୩ । (ସଂ.ନଖ)ନଖ—3. Nail [ଉ—ଲକ୍ଷ କୋଣ ନାହିଁ ତାଙ୍କ ଲକ୍ଷ କୋଣ ପନ୍ତ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।] ସଂ. ବିଣ.—୧ । ଲକ୍ଷ ସଂଖ୍ୟକ· 1. Numbering one hundred thousand. ୨। ବହୁ ସଂଖ୍ୟକ—2. Many. [ଉ—ଲକ୍ଷ ଦୁଃଖେ ରଖି ଅଛ ମୁଁ ବାଛୁ—କବିସୂର୍ଯ୍ୟ । ବଶୋମ୍ବା ଚମ୍ପୂ.ଲ ଗୀତ)ଦେ· ବିଣ.—୧। ତୁଳନୀୟ—1. Comparable. ୨। ସମକକ୍ଷ, ସମାନ—2. Similar. ଦେ. ଅ.—ସମାନ—Equal; resembling. [ଉ—ବଜାଇ ଲକ୍ଷ ନିଶ୍ୱାସରେ । ଉପେ. ବୈଦେହୀଶବିଳାସ ।]

ଲକ୍ଷକ—ସଂ. ବିଣ (ଲକ୍ଷ୍ ଧାତୁ [ଣିଚ] ଲକ୍ଷି ଧାତୁ=ଦେଖାଇବା + Lakshaka କର୍ତ୍ତୃ. ଅକ)—୧ । ଲକ୍ଷଣା ଦ୍ୱାରା ଅର୍ଥ ପ୍ରକାଶକ—1. Denoting the intended sense by a simile. ୨ । ଚିହ୍ନିତ କରିବା ବ୍ୟକ୍ତି—2. Marking; observing (person).

ଲକ୍ଷ କରିବା—ଦେ. କ୍ରି—୧ । ଦୃଷ୍ଟି କରିବା—1. To see. Laksha kariba ୨ । ତଦାରଖ କରିବା; ଅବଲୋକନପୂର୍ବକ लक्ष करा ବୁଝିବା—2. To observe; to mark. ୩ ।ଲକ୍ଷ୍ୟ ସ୍ଥିର କରି ଅସ୍ତ୍ର ଛାଡ଼ିବା—3. To aim at (a mark). ୪ । ତୁଳନା କରିବା—4. To compare लक्ष्य करना with.

ଲକ୍ଷଚ୍ୟୁତ—ସ. ବିଣ (୫ମୀ ତତ୍)—ଲକ୍ଷ୍ୟଚ୍ୟୁତ (ଦେଖ) Lakshachyuta Lakshyachyuta (See)

ଲକ୍ଷଣ—ସ. ବି (ଲକ୍ଷ୍ ଧାତୁ=ଦର୍ଶନ କରିବା, ଚିହ୍ନ କରିବା + କର୍ମ Lakshana ଅନ)—୧ । ବିଶିଷ୍ଟ ଚିହ୍ନ; ଅନ୍ୟ ବସ୍ତୁମାନଙ୍କଠାରୁ ଗୋଟିଏ ବସ୍ତୁକୁ ଚିହ୍ନି ପାରିବାର ଚିହ୍ନ—1. A special sign; a discriminating mark or sign; a differentiating mark. [ଉ—ସମସ୍ତ ଲକ୍ଷଣରେ ହୋଇଲେ ପ୍ରକାଶ । କୃଷ୍ଣସିଂହ. ମହାଭାରତ ଅଦି ।] ୨ । ସ୍ୱରୂପ—2. Natural form. ୩ । (+କରଣ ଅନ) ନାମ—3. Name. ୪ । ପରିଚୟ—4. Introduction. ୫ । ବ୍ୟାକରଣ ସୂତ୍ର—5. Grammatical formula or rule. ୬ । ପ୍ରକୃତି—6. Nature. [ଉ—କହିଲେ ଅଟମ୍ଭ ଭୁମ୍ଭେ ଜନ୍ତୁ ଲକ୍ଷଣକୁ, ଖଣ୍ଡ ପାରିବ କବ ପାଇଛ ମନକୁ । କୃଷ୍ଣସିଂହ. ମହାଭାରତ· ବନ ।] ୭ । (+ଭାବ. ଅନ) ସଜାତୀୟ ବ୍ୟବଚ୍ଛେଦ ବା ଜାତିଜ୍ଞାପକ ଚିହ୍ନ—7. A natural badge or characteristic. ୮ । ମଙ୍ଗଳାଚାର—8. Propitions ceremonies. ୯ । (+କର୍ତ୍ତୃ. ଅନ) ଶ୍ରୀରାମଚନ୍ଦ୍ରଙ୍କ ଭ୍ରାତା ଲକ୍ଷ୍ମଣ—9. The younger brother of Rāmachandra. ୧୦ । ସାରସ ପକ୍ଷୀ—10. A kind of crane. ୧୧। ପରିଚ୍ଛେଦ କରଣ—11. Marking or dividing by chapter. ୧୨ । ରୋଗ ନିର୍ଣ୍ଣୟ କରିବାର ଚିହ୍ନ—12. Symptoms of a disease. ୧୩ । ପରିଭାଷା; (ଦ୍ବି. ଶ); ବିଶିଷ୍ଟାର୍ଥବୋଧକ ସଙ୍କେତ—13. Sign indicating a special meaning. ୧୪ । ଦର୍ଶନ—14. Seeing. ୧୫ । ବିଶିଷ୍ଟରୂପେ ଦର୍ଶନ—15. Observation. ୧୬ । ଶରୀରରେ ଭିନ୍ନ ଭିନ୍ନ ଅଙ୍ଗରେ ପ୍ରକାଶିତ ଶୁଭାଶୁଭସୂଚକ ଭଲ ଚିହ୍ନ—16. Signs appearing in different limbs of the body indicating good or evil. ସ. ବିଣ—(+କର୍ମ. ଅନ) ଶ୍ରୀମାନ୍; ସୁନ୍ଦର—Handsome; beautiful. ଦେ. ବି. ପୁଂ—ଲୋକଙ୍କ ନାମ—A name given to males. ୧୭ । ଶରୀରରେ ପ୍ରକାଶିତ ଏକ ପ୍ରକାର କଳା ଦାଗ, ଯାହା ଶିଶୁ ଗର୍ଭରେ ଥିବା ସମୟରେ ମାତା ସୂର୍ଯ୍ୟ ବା ଚନ୍ଦ୍ରଗ୍ରହଣ ଦର୍ଶନ କରିବାରୁ ଶିଶୁ ଦେହରେ ହୁଏ (ଦ୍ବି. ଶ)—17. A kind of black mark appearing on the body of persons whose mothers saw the eclipse when they were in the womb. ୧୮ । ଚାଲିଚଳନ—18. Conduct.

ଲକ୍ଷଣକାର—ସ. ବିଣ (ଲକ୍ଷଣ + କୃ ଧାତୁ + କର୍ତ୍ତୃ. ଅ)—ଯେ ସୂତ୍ରାଦି Lakshanakāra ରଚନା କରନ୍ତି—The maker of a सुलक्षण aphorisms ଦେ. ବିଣ—ସୁଲକ୍ଷଣଯୁକ୍ତ; ସୁନ୍ଦର—सुलक्षणा Beautiful; having auspicious signs.

ଲକ୍ଷଣବ(ମ)ନ୍ତ(ନ୍ତା)— ଦେ. ବଣ. ପୁଂ (ସଂ. ଲକ୍ଷଣ ବତ୍)—ସୁଲକ୍ଷଣ; Lakshanaba(ma)nta(ntā) ସୁନ୍ଦର—Graceful; लक्षणमंत possessing good marks. [ଭ—ଉନ୍ନ ପୁଷ୍ଟ ଜଘାଗ୍ର ଊରଦ୍ୱୟରେ କିଛୁ ବଦନାନ୍ତରେ, ହେଲା ଉପପତ୍ନୀ ଗଣ୍ଡ ପୁଷ୍ଟ (ଲକ୍ଷଣବନ୍ତୀ—ସ୍ତ୍ରୀ) ଏକ ଜାତ, ସୁନ୍ଦର ଲକ୍ଷଣବନ୍ତ । ଚନ୍ଦ୍ରାମଣି ବନ୍ଦମାଦନ୍ତ୍ୟ ।]

ଲକ୍ଷଣବାନ୍—ସଂ. ବଣ. ପୁଂ (ଲକ୍ଷଣ+ବତ୍, ୧ମା. ୧ବ)—ଲକ୍ଷଣବିଶିଷ୍ଟ Lakshanabān (ଦେଖ)—Lakshanabisishta. (ଲକ୍ଷଣବତୀ—ସ୍ତ୍ରୀ) (See)

ଲକ୍ଷଣ ବିଶିଷ୍ଟ—ସଂ.ବଣ (ଅନ୍ୟ ଲିଙ୍ଗ)--୧ । ଯାହାଠାରେ ଲକ୍ଷଣ ଥାଏ— Lakshana bisishta 1. Having signs. (ଲକ୍ଷଣଯୁକ୍ତ—ଅନ୍ୟରୂପ) ୨ । ସୁଲକ୍ଷଣ—2. Possessing [ଲକ୍ଷଣବିଶିଷ୍ଟା—ସ୍ତ୍ରୀ] virtues or good signs,

ଲକ୍ଷଣ ଭ୍ରଷ୍ଟ—ସଂ. ବଣ. ପୁଂ—ଦୁର୍ଭାଗ୍ୟ; ହୀନଭାଗ୍ୟ— Lakshana bhrashta Ill fated; unlucky. (Apte). (ଲକ୍ଷଣଭ୍ରଷ୍ଟା—ସ୍ତ୍ରୀ)

ଲକ୍ଷଣା—ସଂ. ବି (ଲକ୍ଷ୍ ଧାତୁ+ଭାବ. ଅନ+ଆ)—୧ । ତୁଳନା— Lakshanā 1. Comparison. [ଉ - କାହିଁଛି ଲକ୍ଷେ ଲକ୍ଷଣା ଯେ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୨ । ସାରସୀ— 2. A female crane ୩ । (ବ୍ୟାକରଣ) ଶବ୍ଦର ବୃତ୍ତି ବା ଶକ୍ତି ବିଶେଷ; ଯେଉଁ ଶକ୍ତି ଦ୍ୱାରା ଶବ୍ଦର ବାଚ୍ୟାର୍ଥ ଛଡ଼ା ପ୍ରୟୋଜନ, ପ୍ରୟୋଗ ବା ଉଦ୍ଦେଶ୍ୟ ଅନୁସାରେ ଭିନ୍ନାର୍ଥର ବୋଧ ହୁଏ—3. (Grammar) Figurative or metaphorical sense of a word. [ଦୃ—ଯଥା ସେ ଗଙ୍ଗାବାସୀ ହେଲେ, ଏଥିର ଲକ୍ଷଣାର୍ଥ,—ଗଙ୍ଗା ତୀରରେ ସେ ବାସ କଲେ ।] ୪। ଉପମା ଦ୍ୱାରା ଅର୍ଥର ବା ଭାବର ପ୍ରକାଶ—4. Metaphor. (ଯଥା—ରାମ ତାଙ୍କ ସ୍କନ୍ଧରେ ରାଜ୍ୟଭାର ଗ୍ରହଣ କଲେ ।) ୫ । ରଚନାରେ ବା ଲେଖାରେ ଊହ୍ୟ ଶବ୍ଦ ବା ବାକ୍ୟ—5. Ellipsis in a composition. ୬ । କାବ୍ୟାଲଙ୍କାର ବିଶେଷ; ଯହିଁରେ ଶବ୍ଦର ଗୌଣ ଅର୍ଥ ପ୍ରକାଶିତ ହୁଏ—6. A figure of speech; an indirect application of secondary significance of a word(Apte). [ଉଦାହରଣ- ଅନୁଗତେ ଅଗ୍ନି ଭସ୍ମ ବହନ୍ତି ଶଙ୍କର, ଭ୍ରମେ ବର ଗଙ୍ଗା ପତ୍ନୀ ଶାସ୍ତ୍ରଁ ଚନ୍ଦ୍ରଙ୍କର, ମିତ୍ରକାନ୍ତେ ଅଛୁ ଭବଙ୍ଗେ ପଦ୍ମମାର ଗ୍ରୀବ, ଅନୁଗତ ଅଙ୍ଗୀକୃତ ଧୀରେ ତ ପାଳନ୍ତି । ଅଭିମନ୍ୟୁ. ବିଦଗ୍ଧ ଚନ୍ତାମଣି ।] ୭ । ହଂସୀ (ହ୍ର. ଶ)—7. Goose. ଦେ. ବି. (ସଂ. ଲକ୍ଷ୍ମଣା)—୧ । ଲକ୍ଷଣା ମୂଳ (ଦେଖ)
ଉପମା 1. Lakshanāmūla (See) ୨ । ଉପମା—
ଉପମା 2. Simile. (ଉ—ସ୍ତ୍ରୀପୁଂସଲକ୍ଷଣା ଭାବେ ଲକ୍ଷଣା ଗଣ, ମାର୍ଗଣ ହେଲେ ତା ତନୁ ତନୁକେ ଜାଣ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)

ଲକ୍ଷଣାକ—ଦେ. ବି—ସ୍ତ୍ରୀ—Woman. (ଉ—ଅମ୍ଭେ ଲକ୍ଷଣାକ Lakshnāka ଜନ ବିନା ବେଳ ଲକ୍ଷଣା ଦେଲ୍ଲ ସୁମନାହେ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)

ଲକ୍ଷଣାକ୍ରାନ୍ତ—ସଂ. ବି. (ଅନ୍ୟ ଲିଙ୍ଗ)—୧ । ଲକ୍ଷଣଯୁକ୍ତ—1. Poss- Lakshanākrānta essing a sign. ୨ । ସୁଲକ୍ଷଣ— 2. Possessing good signs. ୩। ଲକ୍ଷଣାର୍ଥଯୁକ୍ତ— 3. Having a secondary or metaphorical meaning.

ଲକ୍ଷଣା ତର୍କ—ସଂ. ବି—କାବ୍ୟାଲଙ୍କାର ବିଶେଷ— Lakshanā tarka A figure of speech. (ଉଦାହରଣ—ସମୀର ମଧ୍ୟ ଇଚ୍ଛାର ହବ ଇଚ୍ଛା କର, ଅନଳ ମଧ୍ୟରେ ଦେଇ ପେଷିଛନ୍ତି ଗୋପୀ, ଅବଧୂତ କଲ୍ପ କାହିଁ ପାଇଁ, ଅମୃତ ଅଦ୍ୟରେ ପସି ବନ୍ଧୁ ଅଛୁ ଦେଇ । ଅଭିମନ୍ୟୁ. ବିଦଗ୍ଧ ଚନ୍ତାମଣି ।)

ଲକ୍ଷଣାନ୍ୱିତ—ସଂ. ବଣ. (ଅନ୍ୟ ଲିଙ୍ଗ)—ଲକ୍ଷଣୋପେତ (ଦେଖ) Lakshanānwita Lakshanopeta (See) (ଲକ୍ଷଣାନ୍ୱିତା—ସ୍ତ୍ରୀ)

ଲକ୍ଷଣା ବୃତ୍ତି—ସଂ. ବି—ଲକ୍ଷଣା ୩ (ଦେଖ) Lakshanā brutti Lakshanā 3 (See)

ଲକ୍ଷଣା ମୂଳ—ଦେ. ବି. (ବୈଦ୍ୟକ) (ସଂ. ଲକ୍ଷ୍ମଣା)—ଔଷଧରେ Lakshanā mūla ବ୍ୟବହୃତ କନ୍ଦ ବା ମୂଳ ବିଶେଷ—

ସଂ. ନାମ—ଲକ୍ଷ୍ମଣା, ପୁତ୍ରକନ୍ଦା,	A sort of medicinal
ପୁତ୍ରଦା, ନାଗିକା, ନାଗାହ୍ୱା,	root used for curing
ନାଗପତ୍ରୀ, ତୁଳନୀ, ସର୍ପିକା,	barrenness in women.
ଅସ୍ତ୍ରଦନ୍ତଚ୍ଛଦା, ପୁତ୍ରଦା, ଜନନୀ	[ଦୃ—ଏହି କନ୍ଦ ବୋମ୍ବାଇ
लक्ष्मणा मूल	ପ୍ରଦେଶର ପର୍ବତରେ ମିଳେ ।
ମ. ଲକ୍ଷଣା କନ୍ଦ	ଏହି କନ୍ଦର ଆକାର ସ୍ତ୍ରୀପୁରୁଷ-
ଲକ୍ଷ୍ମମନା	ଯୁଗ୍ମାକୃତି ବିଶିଷ୍ଟ ପୁତ୍ତଳି ପରି ।
ଫା. ସଗମୂଲ ସକନ୍ ମହରଚୟା	ଏହା ଉପରେ କେତେଗୁଡ଼ିଏ
ଆ. ଇବରୁକ୍ସଲକୁମ୍,	ରକ୍ତ ବର୍ଣ୍ଣର ବିନ୍ଦୁ ଥାଏ । ଏହାର
ଉଥଟେସକ୍ଲୁଲ୍ ଲହଫା	ଗନ୍ଧ ଛାଗ ଦୁଗ୍ଧ ପରି । ଏହା

ମଧୁର ରସ, ରସାୟନ ଓ ବଲକାରକ ଓ ବନ୍ଧ୍ୟାଦୋଷ- ନାଶକ । ଏହାକୁ ସନ୍ତାନୋତ୍ପାଦକ ଔଷଧ ରୂପେ ସ୍ତ୍ରୀମାନେ ସେବନ କରନ୍ତି । ଏହି ମୂଳ ଏ ଦେଶରେ ଦୁର୍ଲଭ । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ, ମଧୁରରସ, ରସାୟନ ଓ ବୃଷ୍ୟ ଏବଂ ତ୍ରିଦୋଷ, ବ୍ରଣ ଓ ବାତରୋଗନାଶକ । ଏଥିର ପତ୍ର ଚଉଡ଼ା ଓ ପତ୍ର ଉପରେ ରକ୍ତ ଚନ୍ଦନ ପରି ବିନ୍ଦୁ ମାନ ଥାଏ। ଏହାର ମୂଳ ଧଳା ।]

ଲକ୍ଷଣାମୂଳା ବ୍ୟଞ୍ଜନା—ସଂ. ବି. (ଅଳଙ୍କାର ଶାସ୍ତ୍ର)—ଶବ୍ଦର ଯେଉଁ Lakshanāmūla byanjanā ବ୍ୟଙ୍ଗ୍ୟାର୍ଥ ଲକ୍ଷଣା ଦ୍ୱାରା ପ୍ରତୀତ ହୁଏ—That suggested meaning of a word which is derived from its figurative significance[ଦୃ—ଲକ୍ଷଣା ମୂଳା ବ୍ୟଞ୍ଜନା ୨ଶ୍ରେଣୀରେ ବିଭକ୍ତ—ଲକ୍ଷଣାମୂଳା ଶାବ୍ଦୀ ବ୍ୟଞ୍ଜନା, ଲକ୍ଷଣାମୂଳା ଆର୍ଥୀ ବ୍ୟଞ୍ଜନା ।

ଗଙ୍ଗାରେ ଅଛୁର ପଲ୍ଲୀ ଅଛୁ—ଏଥିର ଅର୍ଥ,—ଗଙ୍ଗା କୂଳରେ ଗଉଡ଼ଙ୍କ ବସତି ଅଛି । ଏହା ଲକ୍ଷଣାମୂଳା ଶାବ୍ଦୀ ବ୍ୟଞ୍ଜନା ।

ବର୍ତ୍ତମାନ ବସନ୍ତକାଳ, କାମଦେବ ଅତ୍ୟନ୍ତ କୁପିତ ଉଦ୍‌ବେଗଦ ଦକ୍ଷିଣକାଶ୍ମ ମନ୍ଦ ବାୟୁ ବହୁଅଛି, ଏ କୁଞ୍ଜ, ଲତାବେଷ୍ଟିତ କେଳବନ ଅଛି ରମଣୀୟ ହୋଇଅଛି—ମୋ ପତି ପ୍ରବାସୀ ଅଟନ୍ତି, ଅତଏବ ମୁଁ ଅଜ କଅଣ କରିବି ? ମୋତେ କହ । ଜଣେ ପ୍ରୋଷିତଭର୍ତ୍ତୃକା ସ୍ତ୍ରୀର ନିଜ ସଖିଙ୍କ ପ୍ରତି ଏ ଉକ୍ତିରୁ ଲକ୍ଷଣାମୂଳା ଆର୍ଥୀ ବ୍ୟଞ୍ଜନା ଦ୍ୱାରା ଏହା ସୂଚିତ ହେଉଅଛି ଯେ, ମୋ ପାଇଁ କୌଣସି ଉତ୍ତମ କାମୁକ ପୁରୁଷଙ୍କୁ ଏଠାକୁ ଅଣିବାକୁ ଖୋଜ—ସାହିତ୍ୟଦର୍ପଣ ।]

ଲକ୍ଷଣାର୍ଥ—ସଂ. ବି—୧ । କୌଣସି ଶବ୍ଦର ଅକ୍ଷରିକ ଅର୍ଥ ପରିବର୍ତ୍ତରେ
Lakshaṇārtha ବୁଝାଯିବା ଆରୋପିତ ଅର୍ଥ—1. Figura-
(ଲକ୍ଷାର୍ଥ ଅନ୍ୟରୂପ) tive sense. ୨ । ଲେଖକଙ୍କର ଉଦ୍ଦିଷ୍ଟ ଅର୍ଥ—2. The intended or implied meaning of an expression.

ଲକ୍ଷଣା ଶକ୍ତି—ସଂ. ବି—ବାକ୍ୟର ଶକ୍ତି ବିଶେଷ, ଯଦ୍ଦ୍ୱାରା ବାଚ୍ୟାର୍ଥ-
Lakshaṇā śakti ବୋଧ ଅର୍ଥ ଅସଙ୍ଗତ ହେବାରୁ ପ୍ରୟୋଜନ ବଶତଃ ଅନ୍ୟ ଲକ୍ଷ୍ୟାର୍ଥ ପ୍ରକାଶିତ ହୁଏ—The power of any sentence to convey a figurative meaning apart from its derivative one. [ଦ୍ର—ବାଚ୍ୟାର୍ଥବୋଧ୍ୟ ପ୍ରକୃତ ଅର୍ଥ ଅସଙ୍ଗତ ହେଲେ ବାକ୍ୟର ପ୍ରୟୋଜନବଶତଃ ଯଦ୍ଦ୍ୱାରା ଅନ୍ୟ ଗୋଟିଏ ଅର୍ଥର ପ୍ରତୀତି ହୁଏ, ତାହାର ନାମ ଲକ୍ଷଣା ଶକ୍ତି । ଯଥା—'କୁଆଙ୍କ ଦାଉରୁ ଦହିକୁ ରକ୍ଷା କର' । ଏହି ବାକ୍ୟରେ ଦହିକୁ ରକ୍ଷା କରିବା ବିଷୟ ହିଁ ଲକ୍ଷ୍ୟ ରହିଅଛି; ଏପରି ସ୍ଥଳରେ 'କୁଆଙ୍କ ଦାଉରୁ' ଏହି ବାକ୍ୟାଂଶର ଅର୍ଥ 'କୁଆ ଆଦି ସମସ୍ତ ଦଧି ଖାଦକ ଜନ୍ତୁଙ୍କ ଆକ୍ରମଣରୁ ।' ସାହିତ୍ୟଦର୍ପଣ ।]

ଲକ୍ଷଣା ଶ୍ଳେଷ—ସଂ. ବି—ବାକ୍ୟାଲଙ୍କାର ବିଶେଷ—
Lakshaṇā ślesha A figure of speech.
(ଉଦାହରଣ—ମନ୍ଦାର ଅଧର ତଳବାର ତ ଦେଖିଛି, ପୟୋଧର ଅମ୍ବର ଅଡ଼ାରେ ବସିଛନ୍ତି, ଘନରସ ତୃଷ୍ଣା କାହିଁପାଇଁ ହେଉ ନାହିଁ, ବିଦେହ ତାପ ବଳେ ହେବା ବନ୍ଧୁ କେହି । ଅରମନ୍ୟୁ. ବିଦଗ୍ଧ ଚିନ୍ତାମଣି ।)

ଲକ୍ଷଣୀୟ—ସଂ. ବିଣ. (ଲକ୍ଷ୍ ଧାତୁ=ଦର୍ଶନ କରିବା ଇତ୍ୟାଦି+କର୍ମ.
Lakshaṇiya ଅନୀୟ)—୧ । ଅନୁଭବନୀୟ—1. Conceivable. ୨ । ଦର୍ଶନୀୟ—2. Visible.

ଲକ୍ଷଣୋପେତ—ସଂ. ବିଣ. (ତୃତୀୟା ତତ୍; ଲକ୍ଷଣ+ଉପେତ)—ସୁଲକ୍ଷଣ-
Lakshaṇopeta ଯୁକ୍ତ; ଶୁଭ ଚିହ୍ନଯୁକ୍ତ—Having auspi-
(ଲକ୍ଷଣୋପେତା—ସ୍ତ୍ରୀ) cious marks.

ଲକ୍ଷ ଦେବା—ଦେ. ବି—ତୁଳନା କରିବା; ଉପମା କରିବା—
Laksha debā To compare with.

ଲକ୍ଷ ଦେଓୟା (ଉ—ଲକ୍ଷ ଦେବା ସେବା କରୁ,ଲକ୍ଷ.ଦେବ ତୋତେ'
ଲକ୍ଷ ଦେନା ବିଶ୍ୱର କରିଏ ନ ପାଇଲେ ଛଳ ପୁଣ । କବିସୂର୍ଯ୍ୟ. ଲବିତା ।)

ଲକ୍ଷ ପତି—ସଂ. ବି (ଷଷ୍ଠୀ ତତ୍)—ବହୁ ଧନବିଶିଷ୍ଟ ବ୍ୟକ୍ତି—
Laksha pati A very rich man.

ଲକ୍ଷ ପୋଷା(ଷୀ)—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଲକ୍ଷ+ପୋଷକ)—
Laksha poshā(shī) ଯେ ଅସଂଖ୍ୟ ବ୍ୟକ୍ତିଙ୍କ ଅନ୍ନସଂସ୍ଥାନ
लक्ष पोषा କରେ—Providing many people
लक्षपोषा with means of livelihood.

ଲକ୍ଷାବଧି—ସଂ. ବିଣ (ବହୁବ୍ରୀହି)—୧ । ଏକଲକ୍ଷ ପର୍ଯ୍ୟନ୍ତ—1.
Lakshābadhi Upto one hundred thousand.
लक्षावधि ୨ । ପ୍ରାୟ ଏକଲକ୍ଷ ପରିମିତ—2. About 1
लक्षावधि lakh. [ଉ—ମାହାଳଅଟାରେ ଲକ୍ଷାବଧି ଟଙ୍କାର ମାଲିକ ହୋଇ ବସିଲି । ଫକୀରମୋହନ, ଗଳ୍ପସ୍ୱଳ୍ପ ।]

ଲକ୍ଷ ଭ୍ରଷ୍ଟ—ସଂ. ବି. (୫ମୀ ତତ୍)—ଲକ୍ଷ୍ୟଚ୍ୟୁତ (ଦେଖ)—
Laksha bhrashṭa Lakshyachyuta (See)

ଲକ୍ଷ ଲକ୍ଷ—ଦେ' ବିଣ ଓ ବି—ବହୁସଂଖ୍ୟକ; ଅସଂଖ୍ୟ—
Laksha laksha Multitudinous; countless
लक्ष लक्ष लाख लाख millions and millions.

ଲକ୍ଷି—ଗ୍ରା. ବି (ସଂ. ଲକ୍ଷ୍ମୀ; ପ୍ରା. ଲଖ୍‌ଖୀ)—୧ । (ସ୍ତ୍ରୀ) ଲକ୍ଷ୍ମୀଦେବୀ—
Lakshi 1. Goddess Lakshmī. ୨ । (ପୁଂ)
लक्षी(क्खी) ଲକ୍ଷ୍ମୀଧରଙ୍କ ଡାକ ନାମ—2. Name for
लछमी calling Lakshmīdhara. ୩ । (ସ୍ତ୍ରୀ)
ଲକ୍ଷିଁ } ଅନ୍ୟରୂପ ଲକ୍ଷ୍ମୀନାମ୍ନୀ ସ୍ତ୍ରୀର ଡାକ ନାମ—3. Name
ଲକ୍ଷିମୀ } for calling a woman whose name is Lakshmī.

ଲକ୍ଷି(ଖି,ଖୁ,ଛି,ଛୁ)ଆ—ଗ୍ରା.ବି.ପୁଂ(ଅନାଦରାର୍ଥକ)—ଲକ୍ଷ୍ମୀଧର ଓ ଲକ୍ଷଣର
Lakshi(khi,khu,chhi,chhu)ā ଡାକ ନାମ—Name for
लखा लछमिनिया, लछमिनिया calling Lakshmīdhara.

ଲକ୍ଷିଛଡ଼ା—ଗ୍ରା. ବି (ଗାଳି)—ଲକ୍ଷ୍ମୀଛଡ଼ା (ଦେଖ)
Lakshichhaṛā Lakshmīchhaṛā (See)
(ଲକ୍ଷିଁଛଡ଼ା, ଲକ୍ଷିମିଛଡ଼ା—ଅନ୍ୟରୂପ) लक्खिछड़ा मीछमंगा

ଲକ୍ଷିତ—ସଂ ବିଣ (ଲକ୍ଷ୍ ଧାତୁ=ଦର୍ଶନ କରିବା ଇତ୍ୟାଦି+କର୍ମ. ତ)
Lakshita —୧ । କୃତଲକ୍ଷ୍ୟ; ଉଦ୍ଦିଷ୍ଟ—1. Aimed at.
(ଲକ୍ଷିତା—ସ୍ତ୍ରୀ) ୨ । ଦୃଷ୍ଟ—2. Seen; observed. ୩ । ଅନୁମିତ—3. Conjectured. ୪ । ଅନୁଭୂତ—4. Experienced. ୫ । ଲକ୍ଷଣାବୃତ୍ତିଦ୍ୱାରା ବିଶେଷିତ—5. Differentiated by a metaphorical meaning. ୬ । ସୂଚିତ—6. Indicated (Apte); indirectly expressed. ୭ । ଚିହ୍ନିତ; ବିଶିଷ୍ଟ ଲକ୍ଷଣଦ୍ୱାରା ଜାଣ ହେଉଥିବା—7. Characterised; distinguished (Apte). ୮ । ପରୀକ୍ଷିତ—8. Examined (Apte). ୯ । ବିବେଚିତ—9. Considered; regarded (Apte .

ଲକ୍ଷିତ ଲକ୍ଷଣା—ସଂ. ବି—୧ । ଶବ୍ଦର ଲକ୍ଷଣାଶକ୍ତିବିଶେଷ, ଯେଉଁ
Lakshita lakshaṇā ଶକ୍ତିଦ୍ୱାରା ବ୍ୟୁତ୍ପତ୍ତିଗତ ଅର୍ଥରୁ ଲକ୍ଷଣାର୍ଥଦ୍ୱାରା ଗୋଟିଏ ବିଶେଷ ପଦାର୍ଥର ଜ୍ଞାନ ହୁଏ । (ଯଥା—ଦ୍ୱିରେଫ=ଭ୍ରମର)—1. The power of a word to convey one of the derivative meanings. [ଉ—ବାଞ୍ଛା ନଦୀ ନଦ ସରଣୀ ଧାଇବା, ବେଗେ ହେବାକୁ ପାପ୍ତି କରି ମୟୂର ଯେ, ବସି ମଧେ ଗ୍ରୀଷମ ରଚନା କଲେ, ବିରହ ଗାହପାତ ସ୍ୱନାମେ କଲେ ଯେ । ଉପେ. ବୈଦେହୀଶବିଳାସ ।] ୨ । ଛନ୍ଦୋବିଶେଷ—2. A kind of metre.

ଲକ୍ଷିତା—ସଂ. ବି. ସ୍ତ୍ରୀ—ପରକୀୟା ନାୟିକାଭେଦ; ଯେଉଁ ନାୟିକାର
Lakshitā ଅଙ୍ଗ ଓ ବେଶଅଦରେ ନାୟକ ସହିତ ଗୁପ୍ତ ସମ୍ଭୋଗର ଚିହ୍ନମାନ ସଖୀମାନଙ୍କ ଦ୍ୱାରା ଲକ୍ଷିତ ହୁଏ—A clase of heroines in fiction whose secretly carried amour is detected by her friends on observing some signs of debauch in her limbs and garment

ଲକ୍ଷିତୋପଲକ୍ଷଣା—ସଂ. ବି—ଅର୍ଥାଲଙ୍କାର ବିଶେଷ—A figure
Lakshitopalakshaṇā of speech in which the whole is hinted by the mention of a part. [ଉ—ଏଥିରେ ବସ୍ତୁର ଅଂଶର ବର୍ଣ୍ଣନାଦ୍ୱାରା ସମୁଦାୟ ବସ୍ତୁର ସୂଚନା କରାଯାଏ ।]

ଲକ୍ଷି ପାରିବା—ଦେ. କ୍ରି (ସଂ. ଲକ୍ଷଧାତୁ)—ଠଉରାଇବା; ଲକ୍ଷ
Lakshi pāribā କରିବାକୁ ସମର୍ଥ ହେବା—To ascer-
लक्षकरितेपारा tain; to recognise; to be able to
लक्ष करने सकना observe; to mark. [ଉ—ବ୍ରାହ୍ମଣଙ୍କୁ ଯେଣେ ବହୁତ ଯତ୍ନ କଲେ, ରାଜ୍ୟର ଋଷ୍ଟ କଥା ଲକ୍ଷି ନ ପାରିଲେ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।]

ଲକ୍ଷିବା—ଦେ·(ପଦ୍ୟ)କ୍ରି.—(ସ.ଲକ୍ଷ୍ ଧାତୁ)—୧। ଲକ୍ଷ କରିବା [ଦେଖ]
Lakshibā लक्षकरा 1. Laksha karibā (See)
लक्ष करना [ଉ—ଜେମା ମୁଖଇନ୍ଦି ଗୃହାଣୀ ଭାଷାରୁ ଅନୁରାଗ ଲକ୍ଷି ତାର । ଗ୍ରଧାନାଥ. ଯଯାତି ।] ୨ । ତୁଳନା କରିବା—2. To compare. ୩ । ସ୍ଥିର କରିବା; ଠଉରାଇବା—3. To ascertain. ୪ । ନିରେଖି କରି ଦେଖିବା—4. To observe; to mark. [ଉ—ବୁଲଇ ନାନା ମାର୍ଗେ ଲୁଚି, କେହି ନ ପାରେ ତାଙ୍କୁ ଲକ୍ଷି ଜଗନ୍ନାଥ. ଭାଗବତ ।] ୫ । ଚିହ୍ନିବା—5. To recognise; to distinguish.

ଲକ୍ଷି(ଖି)ମୀ—ଗ୍ରା. ବି.—୧ । [ସ୍ତ୍ରୀ]—[ସ. ଲକ୍ଷ୍ମୀ]—ଲକ୍ଷ୍ମୀ (ଦେଖ)
Lakshi(khi)mī ଲখী लछमी Lakshmī (See)
[ଲକ୍ଷୀ, ଲକ୍ଷୀ, ଲଚ୍ଛୀ—ଅନ୍ୟରୂପ] ୨। (ପୁଂ)(ଆଦରାର୍ଥକ)ଲକ୍ଷ୍ମୀଧରର ଡାକ ନାମ—2. A name for calling Lakshmidhara.

ଲକ୍ଷିମୀ ପୂଜା—ଗ୍ରା. ବି.—(ସ. ଲକ୍ଷ୍ମୀ ପୂଜା)—ଲକ୍ଷ୍ମୀପୂଜା (ଦେଖ)
Lakshimi pūjā Lakshmi pūja (See)
[ଲକ୍ଷୀ(ଖୀ)ପୂଜା—ଅନ୍ୟରୂପ]

ଲକ୍ଷେ—ଦେ. ବି—[ସ.ଲକ୍ଷ] ଏକ ଲକ୍ଷ—One lakh; a hundred
Lakshe এক লক্ষ एक लक्ष thousand. ଦେ. ବିଣ. ୧ । ଏକ ଲକ୍ଷ ସଂଖ୍ୟକ—1. Numbering a hundred thousand. ୨ । ଅସଂଖ୍ୟ—2. Countless. ୩ । (ସ. ଲକ୍ଷ) ଲକ୍ଷେ; ଟିକିଏ ମାତ୍ର—3. A little.

ଲକ୍ଷେଶ—ସଂ. ବି. ପୁଂ—(୬ଷ୍ଠୀ ତତ୍; ଲକ୍ଷ+ଈଶ)—ଲକ୍ଷପତି; ଲକ୍ଷ
Lakshesa ଲକ୍ଷ ପରିମିତ ଧନର ବା ମୁଦ୍ରାର ଅଧିକାରୀ; ବିଶେଷ
(ଲକ୍ଷେଶର—ଅନ୍ୟରୂପ) ଧନୀ—A very rich man.
ଦେ· ବି. ପୁଂ—ଲୋକଙ୍କ ନାମ—
A name given to males.

ଲକ୍ଷେଶ୍ୱରୀ—ଦେ. ବି. ଓ ବିଣ. ପୁଂ ଓ ସ୍ତ୍ରୀ—ଧନାଢ୍ୟ ବ୍ୟକ୍ତି—
Laksheswari A very rich person; a millionaire.

ଲକ୍ଷ୍ମ—ସ. ବି.—(ଲକ୍ଷ୍ ଧାତୁ+କର୍ମ. ମନ୍; ଲକ୍ଷ୍ମନ୍; ୧ମା. ୧ବ.)—
Lakshma ଲକ୍ଷଣ; ଚିହ୍ନ—Sign; mark.

ଲକ୍ଷ୍ମଣ—ସ. ବି. ପୁଂ—(ଲକ୍ଷ୍ମନ୍+ଅସ୍ତି ଅର୍ଥରେ ଅ)—୧ । ଚିହ୍ନ; ଦାଗ-
Lakshmaṇa 1. Mark; sign; token; speck;spot (Apte) ୨ । ଭାବଗତି—2. Deportment; conduct. ୩ । ସ୍ୱରୂପ—3. Actual form. ୪ । ନାମ—4. Name, ୫ । ସୌଭାଗ୍ୟ—5. Prosperity. ୬ । ଶ୍ରୀ; ଶୋଭା—6. Beauty; grace. (ଉ—ବିଧବା ନାରୀ ସମାନ ଦିଶେ ସେ ଲକ୍ଷ୍ମଣହୀନ ରାମ ଭଙ୍ଗ ହୋଇବାରୁ ଦୂର—ଉପେ. ବୈଦେହୀଶବିଳାସ ।) ୭ । ସଂଜ୍ଞା—7. Definition (Apte). ୮। ବିଶିଷ୍ଟତା; ବିଶିଷ୍ଟ ଚିହ୍ନ—8. Characteristic (Apte). ୯ । ପ୍ରଧାନ ବ୍ୟକ୍ତି—9. The chief or principal person, ୧୦ । (ପୁଂ) ସାରସ—10. A kind of crane. ୧୧ । (ପୁଂ) ସୁମିତ୍ରା ଗର୍ଭଜାତ ଦଶରଥ ପୁତ୍ର; ରାମଚନ୍ଦ୍ରଙ୍କର ବୈମାତ୍ରେୟ କନିଷ୍ଠ ଭ୍ରାତା ଓ ବନବାସର ସହଚର—11. A son of King Daśaratha by Sumitrā, who accompanied Rāmachandra and Sitā to the forest.

[ଉ—ପୁତ୍ରେଷ୍ଟି ଯଜ୍ଞର ଚରୁକୁ ଦୁଇ ଭାଗ କରି ଦଶରଥ କୌଶଲ୍ୟା ଓ କୈକେୟୀଙ୍କୁ ଦେଲେ; ସେ ଦୁଇ ରାଣୀ ଆପଣାର ଭାଗରୁ ଗୋଟିଏ ଲେଖାଏଁ ଅଂଶ ତୃତୀୟା ରାଣୀ ସୁମିତ୍ରାଙ୍କୁ ଦେଲେ । ତହିଁ ଫଳରେ ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ନାମରେ ଦୁଇଟି ଯମଜ ପୁତ୍ର ଜନ୍ମିଲେ । ବାଲ୍ୟକାଳରୁ ଲକ୍ଷ୍ମଣ ରାମଚନ୍ଦ୍ରଙ୍କର ଅଜ୍ଞାବହ ଓ ଧନୁ-

ର୍ବିଦ୍ୟାରେ ବିଶେଷ ପାରଦର୍ଶୀ ଥିଲେ । ପରେ ଏ ମହାବୀର ଓ ରଣକୁଶଳ ରୂପେ ଖ୍ୟାତିଲାଭ କଲେ । ୧୪ ବର୍ଷ ବୟସରେ ଏ ରାମଙ୍କ ସଙ୍ଗେ ବିଶ୍ୱାମିତ୍ର ଋଷିଙ୍କ ଆଶ୍ରମକୁ ଯାଇଥିଲେ । ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ ବଳା ଓ ଏହାଙ୍କୁ ଅତିବଳା ନାମକ ଅସ୍ତ୍ରବିଦ୍ୟାରେ ଶିକ୍ଷିତ କଲେ । ବିଶ୍ୱାମିତ୍ରଙ୍କ ତପୋବନରେ ରାମ ଓ ଲକ୍ଷ୍ମଣ ତାଡ଼କାପ୍ରମୁଖ ଅନେକ ରାକ୍ଷସଙ୍କୁ ବଧ କରି, ସେଠାରୁ ମିଥିଳାର ଜନକ ରାଜାଙ୍କ ପାଳିତାକନ୍ୟା ସୀତାଙ୍କ ସ୍ୱୟମ୍ବରସଭାକୁ ଗଲେ । ସେଠାରେ ରାମଚନ୍ଦ୍ର ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲେ ଓ ଲକ୍ଷ୍ମଣ ଊର୍ମ୍ମିଳାନାମ୍ନୀ ଜନକକନ୍ୟାଙ୍କୁ ବିବାହ କଲେ । ତତ୍ପରେ ଅଯୋଧ୍ୟାକୁ ଫେରି ଆସି ୧୨ ବର୍ଷ କାଳ ସୁଖରେ ରହିବା ପରେ ବିମାତାଙ୍କ ଚକ୍ରାନ୍ତରେ ରାମଚନ୍ଦ୍ର ୧୪ ବର୍ଷ ବନବାସ କରିବାକୁ ବାହାରିବା ସମୟରେ ତାଙ୍କ ସଙ୍ଗେ ସୀତା ଓ ଲକ୍ଷ୍ମଣ ବନଗାମୀ ହେଲେ । ଏହି ବନବାସ କାଳରେ ଲକ୍ଷ୍ମଣ ବ୍ରହ୍ମଚର୍ଯ୍ୟବ୍ରତ ଧାରଣ କରି ଦିନରାତି ଅନିଦ୍ର ରହି ରାମଚନ୍ଦ୍ର ଓ ସୀତାଙ୍କ ସେବା କରୁଥାଆନ୍ତି ଓ ସେମାନଙ୍କୁ ଜଗିଥାଆନ୍ତି । ପଞ୍ଚବଟୀରେ ଥିବା ଅବସ୍ଥାରେ ରାବଣର ଭଉଣୀ ସୂର୍ପଣଖା ରାମଙ୍କ ପ୍ରଣୟାଭିଳାଷିଣୀ ହୋଇ ସୀତାଙ୍କୁ ଗିଳିଦେବାକୁ ଉଦ୍ୟତା ହେବାରୁ ଲକ୍ଷ୍ମଣ ତାହାର କାନନାକ କାଟି ପକାଇଲେ ଓ ତାହାର ପ୍ରରୋଚନାରେ ରାବଣ ଆସି ମାରୀଚ ନାମକ ରାକ୍ଷସକୁ ମାୟାରେ ସ୍ୱର୍ଣ୍ଣମୃଗ କରାଇ ସୀତାଙ୍କ ପ୍ରଲୋଭିତା କଲା । ସୀତାଙ୍କ ଅନୁରୋଧକ୍ରମେ ରାମଚନ୍ଦ୍ର ଉକ୍ତ ମାୟାମୃଗକୁ ମାରିବାକୁ ଗଲେ ଓ ଲକ୍ଷ୍ମଣଙ୍କୁ ସୀତାଙ୍କ ନିକଟରେ ଜଗାଇ ଦେଇ ଗଲେ । ଏହି ସମୟରେ ଉକ୍ତ ମାୟାମୃଗ ରାମଚନ୍ଦ୍ରଙ୍କ ଗଳାର ସ୍ୱରକୁ ଅନୁକରଣ କରି ହାହି ଲକ୍ଷ୍ମଣ (ହେ ଲକ୍ଷ୍ମଣ ! ମୋତେ ରକ୍ଷାକର) ବୋଲି ଡାକିବାରୁ, ସେହି ଡାକକୁ ସୀତା ରାମଚନ୍ଦ୍ରଙ୍କର ଆର୍ତ୍ତସ୍ୱର ବୋଲି ବିଚାରି, ଲକ୍ଷ୍ମଣଙ୍କୁ ତାଙ୍କ ଅନିଚ୍ଛା ଓ ନିଷେଧସତ୍ତ୍ୱେ ରାମଚନ୍ଦ୍ରଙ୍କ ଅନ୍ୱେଷଣ କରିବାକୁ ଅରଣ୍ୟକୁ ପଠାଇଲେ । ଏହି ଅବସରରେ ସୀତାଙ୍କ ରକ୍ଷକହୀନା ଦେଖି ରାବଣ ଆସି ଛଳ ଓ ବଳପୂର୍ବକ ସୀତାଙ୍କୁ ହରିନେଲା ।

ରାମ ଲକ୍ଷ୍ମଣ ଉକ୍ତ ମୃଗକୁ ମାରି ଫେରି ଆସି ସୀତାଙ୍କୁ ନ ପାଇ ଅନେକ ଖୋଜାଖୋଜି ପରେ ଜଟାୟୁ ନାମକ ଗୃଧ୍ରଠାରୁ ସୀତାଙ୍କୁ ରାବଣ ନେଇ ଯାଇଥିବା ସମ୍ବାଦ ପାଇଲେ । ପରେ ରାମଚନ୍ଦ୍ର ବାନରରାଜ ସୁଗ୍ରୀବଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କଲେ । ରାମ ଓ ଲକ୍ଷ୍ମଣ କପି ଓ ଭଲ୍ଲୁକମାନଙ୍କଦ୍ୱାରା ସମୁଦ୍ରକୁ ରାମେଶ୍ୱରଠାରେ ବନ୍ଧାଇ କପି-ସୈନ୍ୟସହ ଲଙ୍କାକୁ ଆକ୍ରମଣ କଲେ । ଏହି ଯୁଦ୍ଧରେ ରାବଣ-ପୁତ୍ର ଇନ୍ଦ୍ରଜିତ୍ ପ୍ରଥମେ ଲକ୍ଷ୍ମଣଙ୍କ ନାଗପାଶରେ ବଦ୍ଧ କଲା । ଶେଷରେ ଲକ୍ଷ୍ମଣ ଇନ୍ଦ୍ରଜିତ୍‌କୁ ବଧ କରିବାରୁ, ରାବଣ ଶକ୍ତିଭେଦ କରି ଲକ୍ଷ୍ମଣଙ୍କୁ ସଂଜ୍ଞାହୀନ କଲା । ରାମଚନ୍ଦ୍ର ରାବଣକୁ ବଧ କରି ସୀତାଙ୍କୁ ଉଦ୍ଧାର କଲେ ଓ ସୀତା ଅଗ୍ନିପରୀକ୍ଷାଦ୍ୱାରା ନିଜର ସତୀତ୍ୱର ପ୍ରମାଣ ଦେଲେ ଓ ରାମ ଲକ୍ଷ୍ମଣ ସଙ୍ଗେ ଅଯୋଧ୍ୟାକୁ ଫେରିଲେ । କେତେକାଳ ପରେ ସୀତାଙ୍କ ଲଙ୍କାବାସ ଯୋଗୁଁ ତାଙ୍କ ସତୀତ୍ୱ ସମ୍ବନ୍ଧେ ପ୍ରଜାମାନେ ସନ୍ଦେହ କରୁଥିବା ଜନରବ ଶୁଣି ପ୍ରଜାରଞ୍ଜନାର୍ଥ ସୀତାଙ୍କୁ ଅରଣ୍ୟରେ ଛାଡ଼ିଦେଇ ଆସିବାକୁ ରାମ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ । ବାଲ୍ମୀକି ମୁନିଙ୍କ ତପୋବନରେ ସୀତାଙ୍କ ଗର୍ଭରୁ ଲବ କୁଶ ନାମକ ଦୁଇଟି ଯମଜ ପୁତ୍ର ଜାତ ହେଲେ । କେତେକାଳ ପରେ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞର ଆୟୋଜନ କରି ମୁକ୍ତ ଯଜ୍ଞାଶ୍ୱକୁ ଜଗିବା ଭାର ଲକ୍ଷ୍ମଣଙ୍କଠାରେ ଅର୍ପଣ କଲେ । ସେହି ଅଶ୍ୱକୁ ଲବ କୁଶ ଧରି ରଖିବାରୁ ଲକ୍ଷ୍ମଣଙ୍କ ସଙ୍ଗେ ଲବ କୁଶଙ୍କର ବିବାଦ ହେଲା । ପରେ ବାଲ୍ମୀକି ଆସି ଏ କାଳକବ୍ଦ୍ୱୟଙ୍କୁ ବୋଧସୋଧ କରାଇ ଯଜ୍ଞାଶ୍ୱକୁ ମୁକ୍ତ କଲେ । ତତ୍ପରେ ସୀତାଙ୍କୁ ଆଉଥରେ ନିଜର ସତୀତ୍ୱର ପରୀକ୍ଷାପାଇଁ ଅଗ୍ନିପରୀକ୍ଷା ଦେବା ନିମନ୍ତେ ରାମଚନ୍ଦ୍ର କହିବାରୁ ସୀତା ଏଥିରେ ଅସମ୍ମତା ହେଲେ ଓ ସୀତାଙ୍କ ପ୍ରାର୍ଥନାକ୍ରମେ ପୃଥିବୀ ଦୁଇଫାଳ ହୋଇ ଫାଟିଗଲା ଓ ସୀତା ଭୂଗର୍ଭରେ ଲୀନା ହେଲେ । ଏହା ପରେ ରାମଚନ୍ଦ୍ରଙ୍କ ଆଦେଶରେ ଲକ୍ଷ୍ମଣଙ୍କର ଦୁଇପୁତ୍ର ଅଙ୍ଗଦ ଓ ଚନ୍ଦ୍ରକେତୁ ଦୁଇଟି ସ୍ୱାଧୀନ ରାଜ୍ୟର ରାଜା ହେଲେ । ଇତି ମଧ୍ୟରେ ଦିନେ ରାମଚନ୍ଦ୍ର 'କାଳପୁରୁଷ' ସଙ୍ଗେ ନିର୍ଜନରେ କଥାବାର୍ତ୍ତା କରିବା ସମୟରେ ଲକ୍ଷ୍ମଣଙ୍କୁ ଦ୍ୱାରରକ୍ଷକ ରୂପେ ନିଯୁକ୍ତ କରିଥିଲେ । କାଳପୁରୁଷ ସଙ୍ଗେ କଥାବାର୍ତ୍ତା ହେଉଥିବା ସମୟରେ ଯେଉଁ ଲୋକ ସେଠାରେ ଯାଇ ପହଞ୍ଚିବ ତାକୁ ରାମଚନ୍ଦ୍ର ତ୍ୟାଗ କରିବେ ବୋଲି କାଳପୁରୁଷ ରାମଙ୍କୁ ସତ୍ୟ କରାଇଥିଲା । ଏହି ସମୟରେ ଦୁର୍ବାସା ଉପସ୍ଥିତ ହୋଇ ରାମଚନ୍ଦ୍ରଙ୍କ ସଙ୍ଗେ ଦେଖା କରିବାକୁ କହିବାରୁ ଲକ୍ଷ୍ମଣ ତାଙ୍କୁ ପ୍ରଥମେ ମନା କଲେ । ପରେ ଋଷି ଅଭିଶାପ ଦେବାକୁ ଉଦ୍ୟତ ହେବାରୁ ଅଗତ୍ୟା ଲକ୍ଷ୍ମଣ ଯାଇ ରାମଚନ୍ଦ୍ରଙ୍କୁ ଦୁର୍ବାସାଙ୍କ ଆଗମନ ବିଷୟ ଜଣାଇଲେ । ରାମଚନ୍ଦ୍ର ସତ୍ୟ ପାଳନ କରି ଲକ୍ଷ୍ମଣଙ୍କୁ ତ୍ୟାଗ କଲେ । ଲକ୍ଷ୍ମଣ ଅଯୋଧ୍ୟା ପରିତ୍ୟାଗ କରି ସରଯୂ କୂଳରେ ଯୋଗାବଲମ୍ବନପୂର୍ବକ ତନୁତ୍ୟାଗ କଲେ । ରାମାୟଣରେ ବର୍ଣ୍ଣିତ ଲକ୍ଷ୍ମଣଙ୍କର ଭ୍ରାତୃଭକ୍ତି ଅତୁଳନୀୟ ଓ ଅଦ୍ୟପର୍ଯ୍ୟନ୍ତ ଭ୍ରାତୃଭକ୍ତିର ଆଦର୍ଶରୂପେ ଭାରତରେ କଳ୍ପିତ ।] ୧୨ । (ନାମ) (ପୁଂ) ଦୁର୍ଯ୍ୟୋଧନଙ୍କ ଏକ ପୁତ୍ର—12. Name of a son of Durjyodhan. [ଦ୍ର--ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସରେ ଏ ଅର୍ଜୁନତନୟ ଅଭିମନ୍ୟୁଙ୍କ ଦ୍ୱାରା ହତ ହୋଇଥିଲେ ।] ସଂ ବିଣ—୧ । ଶୋଭାଯୁକ୍ତ (ହଂଶ)— 1. Beautiful. ୨ । ଚିହ୍ନଯୁକ୍ତ—2 Having marks (Apte) ୩ । ଶ୍ରୀ ବା ସମ୍ପତ୍ତି ଯୁକ୍ତ— 3. Prosperous; thriving (Apte).

୪ । ଶୁଭସୂଚକ—4. Auspicious (Apte) ୫ । ଭାଗ୍ୟବାନ୍—5. Fortunate (Apte). ୬ । ପ୍ରଧାନ; ଶ୍ରେଷ୍ଠ (ବ୍ୟକ୍ତି)—6. Chief, principal per son). (Apte) ଦେ. ବି—ଲୋକଙ୍କ ନାମ— A name given to a males.

ଲକ୍ଷ୍ମଣଫଳ—ସଂ. ବି (ବୈଦ୍ୟକ)—ବୃକ୍ଷବିଶେଷ—A kind of tree
Lakshmaṇaphaḷa [ଦ୍ର—ଏହି ଗଛର ପତ୍ର, ଫୁଲ ଓ ଫଳ ଆକାରରେ ଆତ ସଦୃଶ । ପଣସ ଫଳ ଉପରେ ଯେଉଁପରି କଣ୍ଟାମାନ ଥାଏ ସେହିପରି ଛୋଟ ଛୋଟ କଣ୍ଟା ଏ ଫଳର ଚୋପାରେ ଥାଏ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ଲକ୍ଷ୍ମଣ ମିଶ୍ର—ଦେ. ବି (ନାମ)—ଜଣେକ ପ୍ରାଚୀନ ଓଡ଼ିଆ କବି—
Lakshmaṇa miśra Name of an ancient poet. [ଦ୍ର—ଏ କବି ପୁରୀ ଜିଲ୍ଲାର ଶାସନୀ ବ୍ରାହ୍ମଣ ଓ ସଂସ୍କୃତଜ୍ଞ ପଣ୍ଡିତ ଥିଲେ । ଓଡ଼ିଶାର ରାଜା ବୀରକିଶୋର ଦେବଙ୍କ ସମୟରେ ସେ ଜୀବିତ ଥିଲେ ଓ 'ଶ୍ରୀକୃଷ୍ଣଲୀଳାମୃତ' ନାମକ ଗ୍ରନ୍ଥ ପ୍ରଣୟନ କରିଥିଲେ—ତାରଣୀ ଜୁଗଳସାହିତ୍ୟ ଇତିହାସ ।]

ଲକ୍ଷ୍ମଣ ସେନ—ଦେ. ବି—ବଙ୍ଗଦେଶର ଜଣେକ ରାଜା—
Lakshmaṇa sena Name of a king of Bengal.
लक्ष्मणसेन লক্ষ্মণসেন [ଦ୍ର—ଏହି ନାମରେ ବଙ୍ଗ ଦେଶରେ ଦୁଇଜଣ ରାଜା ଥିଲେ। ପ୍ରଥମ ଲକ୍ଷ୍ମଣ ସେନ, ବଲ୍ଲାଲ ସେନଙ୍କ ପୁତ୍ର । ଏ ପରାକ୍ରମୀ ରାଜା ଥିଲେ । ଏହାଙ୍କ ନାମ ଅନୁସାରେ ଆଜିଯାଏ ମିଥିଳାରେ 'ଲକ୍ଷ୍ମଣ ସମ୍ବତ୍' ବା 'ଲଂସଂ' ନାମରେ ଗୋଟିଏ ଅବ୍ଦ ପ୍ରଚଳିତ ଅଛି । ୧୧୧୯ ଖ୍ରୀଷ୍ଟାବ୍ଦ (ଲକ୍ଷ୍ମଣ ସେନଙ୍କ ରାଜ୍ୟକାଳ)ରୁ ଏ ଅବ୍ଦର ଗଣନା ଆରମ୍ଭ ହୋଇଅଛି । ଏ ବିଦ୍ୱାନ୍ ଓ ବିଦ୍ୟୋତ୍ସାହୀ ଥିଲେ । ପ୍ରାଚୀନ ଗୌଡ଼ ନଗରର କିଛି ଦୂରରେ ଗଙ୍ଗାକୂଳରେ 'ଲକ୍ଷଣାବତୀ' ନାମରେ ଗୋଟିଏ ରାଜଧାନୀ ଏ ନିର୍ମାଣ କରାଇଥିଲେ । ଏହି ଲକ୍ଷ୍ମଣ ସେନ ଖ୍ରୀ ୧୧୮୦ଠାରୁ ୧୨୦୧ ପର୍ଯ୍ୟନ୍ତ ବଙ୍ଗଦେଶରେ ରାଜତ୍ୱ କରିଥିବା ଓ ପୁରୀଠାରେ ଜୟସ୍ତମ୍ଭ ସ୍ଥାପନ କରିଥିବା କୌଣସି କୌଣସି ବଙ୍ଗୀୟ ଅନୁଶାସନ ପତ୍ରରେ ଲେଖାଅଛି । ସେତେବେଳେ ଓଡ଼ିଶାରେ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱର ଅସ୍ତକାଳ ଉପସ୍ଥିତ ହୋଇଥିଲା । ଦ୍ୱିତୀୟ ଲକ୍ଷ୍ମଣ ସେନ ଏହି ସେନ ବଂଶର ଶେଷ ରାଜା । ଏହାଙ୍କ ରାଜଧାନୀ ନବଦ୍ୱୀପ ଥିଲା । ଏହାଙ୍କ ଅମଳରେ ମୁସଲମାନ୍ ବକ୍ତିଆର ଖିଲଜୀ ବଙ୍ଗଦେଶକୁ ଆକ୍ରମଣ କରି ବିନାଯୁଦ୍ଧରେ ଗୌଡ଼ (ବଙ୍ଗ)ଦେଶ ଅଧିକାର କଲେ । ଲକ୍ଷ୍ମଣ ସେନ ରାଜ୍ୟରୁ ପଳାଇଯାଇ ପୁରୀରେ ଶେଷ ଜୀବନ ଅତିବାହିତ କଲେ । ମୁସଲମାନ୍ ଐତିହାସିକମାନେ ଲେଖିଅଛନ୍ତି ଯେ, ଏ ଖ୍ରୀ ୧୨୦୩ ସାଲରେ ଓଡ଼ିଶାକୁ ପଳାଇ ଆସିଥିଲେ ।

ଲକ୍ଷ୍ମଣା—ସଂ. ବି. ସ୍ତ୍ରୀ—(ଲକ୍ଷ୍ମଣ+ସ୍ତ୍ରୀ. ଆ)—୧ । ସାରସୀ; ହଂସୀ—
Lakshmaṇā 1. A duck ୨ । ଦୁର୍ଯ୍ୟୋଧନଙ୍କ ଏକ କନ୍ୟା—2. Name of a daughter of Durjyodhana. [ଦ୍ର—ଏହାଙ୍କ ସ୍ୱୟମ୍ବର କାଳରେ କୃଷ୍ଣତନୟ ଶାମ୍ବ ଏହାଙ୍କୁ ହରଣ କରିଥିଲେ । କିନ୍ତୁ କୌରବମାନଙ୍କଦ୍ୱାରା ଶାମ୍ବ ପରାଜିତ ଓ ବନ୍ଦୀ ହେଲେ । ପରେ ବଳରାମ ତାଙ୍କୁ ମୁକ୍ତ କରାଇ ଲକ୍ଷ୍ମଣାଙ୍କ ସହିତ ଶାମ୍ବଙ୍କର ବିବାହ କରାଇଲେ ।] ୩। ମଦ୍ର ରାଜାଙ୍କ କନ୍ୟା ଓ ଶ୍ରୀକୃଷ୍ଣଙ୍କ ଅଷ୍ଟ ପଟ୍ଟମହିଷୀଙ୍କ ମଧ୍ୟରୁ ଏକତମା—3. One f the queens of Sṛikrushṇa. ୪। (ବୈଦ୍ୟକ)—ଲକ୍ଷଣାମୂଳ (ଦେଖ)—4. Lakshaṇāmūḷa (See). ୫ । ଶ୍ୱେତ କଣ୍ଟକାରୀ; ଅଙ୍କରାନ୍ତି—5. Solanum Xanthocarpum (plant). ସ. ବିଣ. ସ୍ତ୍ରୀ.—ସୁଲକ୍ଷଣଯୁକ୍ତା—(a female) Possessed of auspicious marks.

ଲକ୍ଷ୍ମଣା ମୂଳ—ସଂ. ବି.—(ବୈଦ୍ୟକ)—ଲକ୍ଷଣାମୂଳ (ଦେଖ)
Lakshmaṇā mūḷa Lakshaṇāmuḷa (See)

ଲକ୍ଷ୍ମା—ଗ୍ରା. ବି. ସ୍ତ୍ରୀ.—(ସଂ. ଲକ୍ଷ୍ମୀ)—ଲକ୍ଷ୍ମୀ (ଦେଖ)
Lakshmā ଲକ୍ଷମା(ମୀ)—ଅନ୍ୟରୂପ] Lakshmī (See)

ଲକ୍ଷ୍ମୀ——ସଂ. ବି. ସ୍ତ୍ରୀ.—(ଲକ୍ଷ୍ ଧାତୁ=ଦର୍ଶନ କରିବା ଇତ୍ୟାଦି+
Lakshmī କର୍ମ, ଈ; ନିପାତନ; ମ. ଆଗମ)—୧ । ମହାଲକ୍ଷ୍ମୀ; ବିଷ୍ଣୁଙ୍କର ଦୁଇ ପତ୍ନୀଙ୍କ ମଧ୍ୟରୁ ଜଣେ—1. Name of one of the two wives of God Bishṇu. [ଦ୍ର—ନାରାୟଣଙ୍କର ଦୁଇ ପତ୍ନୀ, ଲକ୍ଷ୍ମୀ ଓ ସରସ୍ୱତୀ । ଲକ୍ଷ୍ମୀ ପୃଥିବୀରେ ସୌନ୍ଦର୍ଯ୍ୟ, ଶୋଭା, ଧନ, ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ ବୋଲି ପ୍ରସିଦ୍ଧା । ଏହାଙ୍କ ବର୍ଣ୍ଣ, ଶ୍ୱେତଚମ୍ପକ ବା କାଞ୍ଚନ ଫୁଲ ବା ହସ୍ତିଦନ୍ତ ପରି, କଟି ଅତି ସୂକ୍ଷ୍ମ, ନିତମ୍ବ ବିଶାଳ ଓ ହାତ ୪ଟି ବୋଲି କଳ୍ପିତ । ଏ ଅତ୍ୟନ୍ତ ସୁନ୍ଦରୀ ଓ ସଦାଯୁବତୀ । ମହର୍ଷି ଭୃଗୁଙ୍କ ଔରସରେ ଖ୍ୟାତିଙ୍କ ଗର୍ଭରେ ଏ ଜନ୍ମଗ୍ରହଣ କରିଥିଲେ । ଦେବରାଜ ଇନ୍ଦ୍ରଙ୍କୁ ଦୁର୍ବାସା ଅଭିଶାପ ଦେବାରୁ ତ୍ରିଲୋକ ଶ୍ରୀହୀନ ହେଲା ଓ ଲକ୍ଷ୍ମୀ ସମୁଦ୍ର ତଳରେ ନିମଜ୍ଜିତା ହେଲେ । ପରେ ଦେବାସୁରମାନେ କ୍ଷୀର ସମୁଦ୍ରକୁ ମନ୍ଥନ କରିବା ବେଳେ ଲକ୍ଷ୍ମୀ ସମୁଦ୍ର ମଧ୍ୟରୁ ବାହାରିଲେ । ନାରାୟଣଙ୍କ ଭିନ୍ନ ଭିନ୍ନ ଅବତାରରେ ଏ ଭିନ୍ନ ଭିନ୍ନ ରୂପରେ ଜନ୍ମଗ୍ରହଣ କରି ତାଙ୍କ ସ୍ତ୍ରୀ ହୋଇଅଛନ୍ତି । ଏ ସୀତା ରୂପରେ ପୃଥିବୀ ଗର୍ଭରୁ ବାହାରି ଜନକଙ୍କଦ୍ୱାରା ପାଳିତା ହୋଇ ରାମଚନ୍ଦ୍ରଙ୍କୁ ବିବାହ କରିଥିଲେ ଓ ପରେ ରୁକ୍ମିଣୀରୂପେ ଶ୍ରୀକୃଷ୍ଣଙ୍କୁ ବିବାହ କଲେ ।]

ସଂ. ନାମ—କମଳା, ପଦ୍ମାଳୟା, ପଦ୍ମା, ଶ୍ରୀ, ହରିପ୍ରିୟା, ଇନ୍ଦିରା, ଲୋକମାତା, ମା, କ୍ଷୀରାବ୍ଧିତନୟା, ରମା, ଭାର୍ଗବୀ, ଲୋକଜନନୀ, କ୍ଷୀରସାଗର କନ୍ୟକା] କ୍ଷୀରୋଦତନୟା, ଜଳଧିଜା, ହରିବଲ୍ଲଭା ।

୨ । ରାମଚନ୍ଦ୍ରଙ୍କ ପତ୍ନୀ; ସୀତା—2. Sitā, the wife of Rama. ୩ । ଶ୍ରୀ; ଶୋଭା; ସୌନ୍ଦର୍ଯ୍ୟ—3. Beauty; grace; splendour. ୪ । ଶ୍ରୀ; ଐଶ୍ୱର୍ଯ୍ୟ; ସମ୍ପତ୍ତି; ଧନ—4. Prosperity; riches; wealth. ୫ । ଶ୍ରୀ; ଭାଗ୍ୟ: ସୌଭାଗ୍ୟ—

5. Fortune; luck. ୬ । ଦୁର୍ଗା—6. Goddess Durgā. ୭ । ରାଜଶ୍ରୀ—7. The Deity said to preside over a king's prosperity; splendour attached to a king; kingly grandeour personified. ୮ । ଫଳଦା ବୃକ୍ଷ—8. A fruit-bearing tree. ୯ । ଶମୀ; ଶାଇଁ ଗଛ—9. The Spung tree; Prosopis Spicigera (tree). ୧୦। ସ୍ଥଳପଦ୍ମିନୀ—10. Jonidinam suffruticosum. ୧୧। ବୀର ପତ୍ନୀ—11 The wife of a hero. ୧୨ । ହଳଦୀ; ହଳଦୀ—12. Turmeric. ୧୩ । ଋଦ୍ଧି ନାମକ ମହୌଷଧ—13. A sort of rare medicinal root. ୧୪ । ପ୍ରିୟଙ୍ଗୁ ବୃକ୍ଷ—14. Agalia Roxburghiana (tree). ୧୫ । ମୁକ୍ତା—15. Pearl. ୧୬ । ମୋକ୍ଷପ୍ରାପ୍ତି—16. Beatitude; salvation. ୧୭ । ଏକ ବର୍ଣ୍ଣବୃତ୍ତ (ଏଥିର ପ୍ରତ୍ୟେକ ଚରଣରେ ୨ ରଗଣ, ୧ ଗୁରୁ, ଓ ୧ ଲଘୁ ଅକ୍ଷର ଥାଏ—ହ୍ର. ଶବ୍ଦସାଗର)—17. Name of a metre. ୧୮ । ଆର୍ଯ୍ୟାଛନ୍ଦର ୨୬ ପ୍ରକାରରୁ ଏକତମ (ହ୍ର. ଶ.)—18. Name of a variation of the Ārjyā metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୨୭ ଗୁରୁ ଓ ୩ ଲଘୁ ବର୍ଣ୍ଣ ଥାଏ—ହ୍ର. ଶ. ।] ୧୯ । ବୃଦ୍ଧି ନାମକ ମହୌଷଧ—(ହ୍ର. ଶ.)—19. Name of a rare herb. ୨୦ । ବୀର ସ୍ତ୍ରୀ (ହ୍ର. ଶ.)—20. A heroic or valiant woman. ୨୧ । ଗୃହ ସ୍ୱାମିନୀ (ହ୍ର. ଶ.)—21. The mistress of the house. ୨୨ । ପଦ୍ମ (ହ୍ର. ଶ.)—22. Lotus. ୨୩ । ଧଳା ତୁଳସୀ (ହ୍ର. ଶ)—23. The white-leaved variety of the Holy Basil plant. ୨୪ । ମେଷଶୃଙ୍ଗୀ (ହ୍ର. ଶ.)—24. The screw tree; Gymnema Sylvestre. ଦେ. ବି.—୧ । ସ୍ତ୍ରୀମାନଙ୍କ ନାମ—1. A name given to females. ୨ । (ପୁଂ.) ଲକ୍ଷ୍ମୀକାନ୍ତ, ଲକ୍ଷ୍ମୀଧର ଆଦି ପୁରୁଷଙ୍କ ଡାକ ନାମ—2. Name for calling Lakshmīkānta, Lakshmīdhara etc. ୩ । ସୁଲକ୍ଷଣଯୁକ୍ତା ଓ ସୌଭାଗ୍ୟବତୀ ସ୍ତ୍ରୀ—3. A lucky and graceful woman ୪ । ସତ୍ୟବାଦୀ ଛତ୍ରବାସୀ ଜଣେ ପଣ୍ଡାର କନ୍ୟା (ସତ୍ୟବାଦୀ ଗୋପୀନାଥ—ଦେଖ)—4. The name of the daughter of a Pandā sebaka of the temple at Satyabādī (Sakhigopal) in the Puri district; [ଉ—ଦ୍ୱିଜ କନ୍ୟା ଲକ୍ଷ୍ମୀ ସ୍ୱାନେ ପୁଣ୍ୟବାସ, ସୌରଭଙ୍କ ଦେଖି ସ୍ୱପ୍ନ ଲହଡ଼ଇ । ରାଧାନାଥ. ଚଲିକା ।]

ଲକ୍ଷ୍ମୀ ଦେ. ବଣ. (ସ୍ତ୍ରୀ)—ଲକ୍ଷ୍ମୀଙ୍କ ପରି ସୁନ୍ଦରୀ ଓ ସୁଲକ୍ଷଣା—
लक्ष्मी Fair and auspicious (girl).

ଲକ୍ଷ୍ମୀ ଅଂଶ—ଦେ. ବି. (ସଂ. ଲକ୍ଷ୍ମୀ+ଅଂଶ; ସଂ. ଲକ୍ଷ୍ମ୍ୟଂଶ)—ଲକ୍ଷ୍ମୀଙ୍କର
Lakshmi amsa ଗୁଣ ବା ତତ୍ତ୍ୱ; ଲକ୍ଷ୍ମୀଙ୍କ ଦେବତ୍ୱ—The
(ଲକ୍ଷ୍ମୀକଳା—ଅନ୍ୟରୂପ) marks of divinity of the
লক্ষ্মীর অংশ Goddesss Lakshmī. (ଯଥା—ରୁକ୍ମିଣୀ ଓ
लक्ष्मी अंश ସୀତା ଲକ୍ଷ୍ମୀ ଅଂଶରେ ଜନ୍ମିଥିଲେ ।)

ଲକ୍ଷ୍ମୀ ଅଂଶୀ—ଦେ. ବଣ. ସ୍ତ୍ରୀ ଓ ପୁଂ—୧ । ଲକ୍ଷ୍ମୀଙ୍କ ଅଂଶ ବା କଳା
Lakshmi amsi ଧାରଣ କରି ଜନ୍ମ ଗ୍ରହଣ କରିଥିବା (ସ୍ତ୍ରୀ-
লক্ষ্মী বন্ত ପୁରୁଷ);ଲକ୍ଷ୍ମୀଙ୍କ ଅସାଧାରଣ ଦେବତ୍ୱ ବିଶିଷ୍ଟ (ସ୍ତ୍ରୀ)—
लक्ष्मी अंशी 1. (a person) Born under the auspices of Goddess Lakshmī or having the uncommon qualities of Lakshmī. ୨ । ସୌଭାଗ୍ୟବାନ୍—2. Fortunate; lucky (person).

ଲକ୍ଷ୍ମୀ ଉଦୟ ହେବା—ଦେ. କ୍ରି—କୌଣସି ବ୍ୟକ୍ତିର ସୌଭାଗ୍ୟୋଦୟ—
Lakshmi udaya hebā Dawning or advent
ভাগ্যোদয় लक्ष्मी उदय होना of good fortune.

ଲକ୍ଷ୍ମୀକ—ସଂ. ବଣ ପୁଂ (ଲକ୍ଷ୍ମୀ+କ)—୧ । ଧନବାନ୍ (ହ୍ର. ଶ)—
Lakshmīka 1. Rich. ୨ । ଭାଗ୍ୟବାନ୍ (ହ୍ର. ଶ)—
(ଲକ୍ଷ୍ମୀକା—ସ୍ତ୍ରୀ) 2. Lucky.

ଲକ୍ଷ୍ମୀକର—ଦେ.ବଣ (ସଂ. ଲକ୍ଷ୍ମୀକ)—ସୌଭାଗ୍ୟଯୁକ୍ତ—Fortunate;
Lakshmi kara lucky. [ଉ—ଅନନ୍ତ ଏ ସ୍ୱରହେଁ ଗୁଣ ତାଙ୍କର ବଶିଷ୍ଟ ମହର୍ଷି ହୃଦୟ ଲକ୍ଷ୍ମୀକର । କୃଷ୍ଣସିଂହ ମହାଭାରତ, ଶାନ୍ତି ।]

ଲକ୍ଷ୍ମୀ କାନ୍ତ—ସ.ବି.ପୁଂ—(ଲକ୍ଷ୍ମୀ+କାନ୍ତ;୬ଷ୍ଠୀ ତତ୍)—୧ । ନାରାୟଣ;
Lakshmī kānta ବିଷ୍ଣୁ—1. God Bishṇu. ୨ । ରାଜା—
লক্ষ্মীকান্ত; लक्ष्मीकान्त 2. King. ଦେ.ବି. ପୁଂ—ଲୋକଙ୍କ ନାମ
(ଲକ୍ଷ୍ମୀନାଥ—ଅନ୍ୟରୂପ) —A name given to males.

ଲକ୍ଷ୍ମୀ କାନ୍ଧରୁ ଖସିବା—ଦେ,କ୍ରି—ସୌଭାଗ୍ୟହୀନ ହେବା—
Lakshmi kāndharu khasibā Becoming un-
লক্ষ্মী ছেড়েযাওয়া lucky or poor; being reduced to
लक्ष्मी कंधासे उतरना poverty. (ପ୍ରୟୋଗ—ଅମୁକର କାନ୍ଧରୁ ଲକ୍ଷ୍ମୀ ଖସିଲେଣି) ।

ଲକ୍ଷ୍ମୀ କାନ୍ଧରେ ବସିବା—ଦେ. କ୍ରି—ସୌଭାଗ୍ୟ ଦ୍ୱାରା ବେଷ୍ଟିତ ହେବା—
Lakshmi kāndhare basibā Dawning of
লক্ষ্মীপ্রসন্ন হওয়া good fortune or prosperity.
लक्ष्मी कन्धामे बैठना(रहना) (ପ୍ରୟୋଗ—ଅମୁକର କାନ୍ଧରେ ଲକ୍ଷ୍ମୀ ବସିଲେଣି)
ଲକ୍ଷ୍ମୀ କାନ୍ଧରେ ରହିବା }
ଲକ୍ଷ୍ମୀ କାନ୍ଧରେ ବଳେ କରିବା } ଅନ୍ୟରୂପ [ଉ—ଲକ୍ଷ୍ମୀ କାନ୍ଧରେ ରହିବା ଯୋଗୁଁ କାର୍ତ୍ତିକେୟ । ଚନ୍ଦ୍ରଙ୍କ ପରି ଶୋଭା କଲେ ତାଙ୍କ କାୟ । କୃଷ୍ଣସିଂହ. ମହାଭାରତ. ବନ ।]

ଲକ୍ଷ୍ମୀଙ୍କ ବରପୁତ୍ର—ଦେ. ବି. ପୁଂ—ଲକ୍ଷ୍ମୀଙ୍କ ଦ୍ୱାରା ବିଶେଷ ଅନୁଗୃହୀତ
Lakshmīnka baraputra ବ୍ୟକ୍ତି; ଅତି ଧନୀ ବ୍ୟକ୍ତି—

लक्ष्मीर बरपुत्र A favourite of Goddess Lakshmi; लक्ष्मीका बरपुत्र a very rich man.

ଲକ୍ଷ୍ମୀ ଗୃହ—ସ. ବ—(ଲକ୍ଷ୍ମୀ+ଗୃହ, ୬ଷ୍ଠୀ ତତ୍)—୧ । ରକ୍ତୋତ୍ପଳ—
Lakshmi gruha 1. The red water lily. ୨ । ଯେଉଁ (ଲକ୍ଷ୍ମୀବସତି—ଅନ୍ୟରୂପ) ସ୍ଥାନ ଧନ ବା ସୌଭାଗ୍ୟରେ ପୂର୍ଣ୍ଣ ହୋଇଅଛି—2. A place which is the abode of wealth or prosperity.

ଲକ୍ଷ୍ମୀ ଗୋଡ଼ ଦେବା—ଦେ. କ୍ର—ଲକ୍ଷ୍ମୀ ପାଦ ଦେବା (ଦେଖ)—
Lakshmi gorda deba Lakshmi pāda debā (See)
लक्ष्मी पादेओया; लछमीपाओंदेना, लछमीपगदेना

ଲକ୍ଷ୍ମୀଚ୍ୟୁତ—ସଂ. ବଣ—(୫ମୀ ତତ୍; ଲକ୍ଷ୍ମୀ+ଚ୍ୟୁତ)—ଶ୍ରୀଭ୍ରଷ୍ଟ;
Lakshmichyuta ଲକ୍ଷ୍ମୀଛଡ଼ା—Shorn of splendour (ଲକ୍ଷ୍ମୀଚ୍ୟୁତା—ସ୍ତ୍ରୀ) (ଲକ୍ଷ୍ମୀଚ୍ୟୁତ—କ୍ଳ) or good fortune.

ଲକ୍ଷ୍ମୀଛଡ଼ା—ଦେ. ବଣ—(ସ,ଲକ୍ଷ୍ମୀ+ଭ୍ରଷ୍ଟ ବା ଚ୍ୟୁତ)—୧ । ଦୁର୍ଭାଗ୍ୟ;
Lakshmichhardā ହତଭାଗ୍ୟ—1. Unfortunate.
लक्ष्मीछाड़ा; बिलटुआ; बिलटाऊ ୨ । ହତଶ୍ରୀ; ଶ୍ରୀଚ୍ୟୁତ—2. (ଲକ୍ଷ୍ମୀ ଛଡ଼ୀ—ସ୍ତ୍ରୀ) Shorn of prosperity. ୩ । ଅତି ଦରିଦ୍ର—3. Very poor or destitute. ୪ । ଯେଉଁ ବ୍ୟକ୍ତିକୁ ସୌଭାଗ୍ୟ ତ୍ୟାଗ କରିଅଛି—4. A person abandoned by good fortune.

ଲକ୍ଷ୍ମୀ ଛାଡ଼ିବା—ଦେ. କ୍ର—ଦୁର୍ଭାଗ୍ୟ ଓ ଦାରିଦ୍ର୍ୟ ଘୋଟିବା—Being
Lakshmi chhardibā overtaken by misfortune
लक्ष्मीछाड़ा लछमीछेडना or poverty. [ଦ୍ର—ଲକ୍ଷ୍ମୀ ଛାଡ଼ିଲେ ଲୋକର ଧନ, ପରିବାର, ସୌନ୍ଦର୍ଯ୍ୟ ଓ ଗୁଣ ଆଦି ସମସ୍ତ ନଷ୍ଟ ହୋଇଯାଏ; ତାକୁ ଦାରିଦ୍ର୍ୟ ଓ ବିପତ୍ତି ଘୋଟିଯାଏ । ପୁରାଣମାନଙ୍କରେ କେତେଗୁଡ଼ିଏ ମନ୍ଦ କାର୍ଯ୍ୟ କଲେ ଲକ୍ଷ୍ମୀ ବିରକ୍ତ ହୋଇ ସେହି ବ୍ୟକ୍ତିକୁ ଛାଡ଼ି ଯାଆନ୍ତି । ଯଥା— ଗୁରୁବାର ଦିନ ଅମିଷ ଖାଇବା, ଭୂଇଁରେ ବୃଥା ଗାର କାଟିବା, ଦ୍ୱିସନ୍ଧ୍ୟାବେଳେ ଶୋଇବା; ଅଶୁଚ ରହିବା; ଅଇଁଠା ନ ଧୋଇବା; ଘରକୁ ନ ଓଳାଇବା ।
ଲକ୍ଷ୍ମୀ ଛାଡ଼ିବା କାର୍ଯ୍ୟମାନଙ୍କ ଉଲ୍ଲେଖ ନିମ୍ନଲିଖିତ ଉଦ୍ଭଟ ଶ୍ଳୋକରେ ମିଳେ—
"ଛିନ୍ନଂ ଛେଦସ୍ତୃଣାନାଂ, ନଖଭୂମିଲିଖନଂ, ପାଦୟୋରଳ୍ପପୂଜା, ଦନ୍ତାନାମଳ୍ପଶୌଚଂ, ବସନମଳିନତା, ରୂକ୍ଷତା ମୂର୍ଦ୍ଧଜାନାଂ, ଦ୍ୱେସନ୍ଧ୍ୟୋଶ୍ଚାପିନିଦ୍ରା, ବିବସ ରତିରସଃ, ଗ୍ରାସହାସାତିରେକଃ । ସ୍ୱାଙ୍ଗେ ପୀଠେ ଚ ବାଦ୍ୟଂ ହରତି ଧନପତେଃ କେଶବସ୍ୟାପି ଲକ୍ଷ୍ମୀଂ ।"

ଲକ୍ଷ୍ମୀ ଜନାର୍ଦ୍ଦନ—ସ. ବ (ଲକ୍ଷ୍ମୀ+ଜନାର୍ଦ୍ଦନ)—୧ । ଲକ୍ଷ୍ମୀ ଓ ବିଷ୍ଣୁଙ୍କର
Lakshmi janārdana ଯୁଗଳ ଅବତାର—1. The twin form of Lakshmi and Bishnu. ୨ । ବିଶିଷ୍ଟ ଲକ୍ଷଣଯୁକ୍ତ ଶାଳଗ୍ରାମ ଶିଳା ବିଶେଷ—2. Name of a kind of Sālagrāma pebble containing certain peculiar marks. [ଦ୍ର—ଏହା ମେଘପରି ଶ୍ୟାମଳ । ଏ ଶିଳାରେ ଗୋଟିଏ ଦ୍ୱାର ବା ଛିଦ୍ର ଥାଏ । ଏହା ଦେହରେ ଏକ ପାଖରେ ଗୁରୁଗୋଟି ଚକ୍ର ଓ ବନମାଳା ଚିହ୍ନ ଥାଏ ।]

ଲକ୍ଷ୍ମୀ ଠାକୁରାଣୀ—ଦେ. ବି. ସ୍ତ୍ରୀ—ମହାଲକ୍ଷ୍ମୀ; ଲକ୍ଷ୍ମୀଦେବୀ—
Lakshmi ṭhākurāṇi The Goddess Lakshmi.
लक्ष्मी ठाकुराणी लछमीठाकुरानी

ଲକ୍ଷ୍ମୀ ତନୟ—ସ. ବ (ଲକ୍ଷ୍ମୀ+ତନୟ)—୧ । କାମଦେବ; ମଦନ—
Lakshmi tanaya 1. The God Cupid. ୨ । ଅଶ୍ୱ—[ଲକ୍ଷ୍ମୀପୁତ୍ର; ଲକ୍ଷ୍ମୀନନ୍ଦନ—ଅନ୍ୟରୂପ] 2. Horse. ୩ । ଶ୍ରୀରାମଚନ୍ଦ୍ରଙ୍କର ଯମଜ ପୁତ୍ର ଦ୍ୱୟ ଲବ କୁଶ—3. Laba and Kusa; the twin sons of Rāmachandra. ୪ । ଧନୀ ବ୍ୟକ୍ତି—4. A rich man. ୫ । ଗନ୍ଧର୍ବ ବିଶେଷ—5. Name of a Gandharba.

ଲକ୍ଷ୍ମୀ ତାତ—ସ. ବ. ପୁଂ (୬ଷ୍ଠୀ ତତ୍)—୧ । ସମୁଦ୍ର; (ସମୁଦ୍ର ମନ୍ଥନରୁ
Lakshmi tāta ଲକ୍ଷ୍ମୀ ବାହାରିଥିବାରୁ)—1. Ocean. ୨ । ଭୃଗୁ ଋଷି—2. Sage Bhrugu.

ଲକ୍ଷ୍ମୀ ତାଳ—ସ. ବ—୧ । ସଙ୍ଗୀତରେ ୧୯ ମାତ୍ରାର ଏକ ତାଳ—
Lakshmi tāla 1. Name of a musical measure. [ଦ୍ର—ଏଥିରେ ୧୬ ଆଘାତ ଓ ୩ ଶୂନ୍ୟ ଥାଏ (ହି.ଶ)।] ୨ । ଏକପ୍ରକାର ତାଳ ବୃକ୍ଷ—2. A kind of palm tree.

ଲକ୍ଷ୍ମୀ ତ୍ୟାଗ—ସଂ. ବ (୬ଷ୍ଠୀ ତତ୍; ଲକ୍ଷ୍ମୀ+ତ୍ୟାଗ)—ସୌଭାଗ୍ୟର
Lakshmi tyāga ବିନାଶ—Loss of fortune or prosperity.

ଲକ୍ଷ୍ମୀ ଦାସ—ସଂ.ବ (ନାମ)—ସୂର୍ଯ୍ୟସିଦ୍ଧାନ୍ତର ଟୀକା ଓ ଚନ୍ଦ୍ରମାନ ନାମକ
Laksmidāsa ଜ୍ୟୋତିଷ ଗ୍ରନ୍ଥର ପ୍ରଣେତା (ଶକାବ୍ଦ ୧୬ଶ ଶତାବ୍ଦୀ)—Name of the author of a commentary on Sūrjyasiddhānta and of an astronomical treatise, Chāndramāna.

ଲକ୍ଷ୍ମୀ ଦେବୀ—ସଂ. ବ—ଲକ୍ଷ୍ମୀ (ଦେଖ)—
Lakshmi debi Lakshmi. (See) [ଦ୍ର—ଏ ଚତୁର୍ଭୁଜା, ପଦ୍ମାସନା ଓ ଶୁକ୍ଳବସ୍ତ୍ରଦ୍ୱୟ ବେଷ୍ଟିତା; ପଦ୍ମଶଙ୍ଖଧୃତକର ରୂପରେ ପୂଜିତା ।]

ଲକ୍ଷ୍ମୀଧର—ସଂ. ବ (ଲକ୍ଷ୍ମୀ+ଧୃ ଧାତୁ=ଧରିବା+କର୍ତ୍ତୃ. ଅ)—୧ବିଷ୍ଣୁ—
Lakshmidhara 1. Bishnu. ୨ । ସ୍ରଗ୍ୱିଣୀ ଛନ୍ଦର ଅନ୍ୟ
लक्ष्मीधर ନାମ—2. Another name of the Sanscrit
लछमीधर metre Sragbini. ଦେ.ବ. ପୁଂ—ପୁରୁଷଙ୍କ ନାମ—A name given to males.

ଲକ୍ଷ୍ମୀଧର ଦାସ—ଦେ. ବ (ନାମ)—ଜଣେକ ପ୍ରାଚୀନ କବି—
Laksmidhara dāsa Name of a classical Oriya author. [ଦ୍ର—ଏ କବି, 'ଅଙ୍ଗଦପଞ୍ଜି' ନାମକ ଗ୍ରନ୍ଥ ଲେଖିଥିଲେ ।]

ଲକ୍ଷ୍ମୀଧର ମିଶ୍ର—ଦେ. ବ (ନାମ)—ଜଣେକ ପ୍ରାଚୀନ ଓଡ଼ିଆ କବି—
Lakshmidhara misra Name of a classical Oriya

poet, [ଦ୍ର—ଏ ୭୦୦ ବର୍ଷ ପୂର୍ବର କବି, 'ଚୈତନ୍ୟଭକ୍ତି-ସୁଧା' ଏହାଙ୍କ ରଚିତ ଗ୍ରନ୍ଥ । ଜଗବନ୍ଧୁ ପ୍ରାଚୀନ ଉକ୍ତି ।]

ଲକ୍ଷ୍ମୀ ନବମୀ—ସଂ. ବି—ସୀତାନବମୀ; ବୈଶାଖ ଶୁକ୍ଳ ନବମୀ—Lakshmī nabamī The ninth day of the bright lunar fortnight of the month of Baiśākha on which day Sita was found out from the furrow. [ଦ୍ର—ସୀତା ବୈଶାଖ ଶୁକ୍ଳନବମୀ ଗୁରୁବାର ଦିନ ପୁଷ୍ୟାରେ ଆବିର୍ଭୂତା ହୋଇଥିଲେ, ଅର୍ଥାତ୍ ଲଙ୍ଗଳ ଶିଆରୁ ସଂଗୃହୀତ ହୋଇଥିଲେ ।]

ଲକ୍ଷ୍ମୀ ନରସିଂହ—ସଂ. ବି (ଦ୍ୱନ୍ଦ୍ୱ) (ଲକ୍ଷ୍ମୀ + ନରସିଂହ)—୧ । ଲକ୍ଷ୍ମୀ ଓ Lakshmī narasiṁha ବିଷ୍ଣୁଙ୍କ ଯୁଗଳ ସମାବେଶ —1. The (ଲକ୍ଷ୍ମୀନୃସିଂହ – ଅନ୍ୟ ନାମ) twin form of Lakshmī and Bishṇu, ୨ । ବିଶେଷ ଲକ୍ଷଣଯୁକ୍ତ ଶାଳଗ୍ରାମ ଶିଳା—2, Name of a sort of Śālagrāma. [ଦ୍ର—ଏଥିରେ ଦୁଇଟି ଚକ୍ର ଓ ଏକ ବନମାଳା ଚିହ୍ନ ଥାଏ; ଆକୃତି ବିକୃତ; ଏ ଶାଳଗ୍ରାମ 'ଗୃହସ୍ଥଙ୍କ ପକ୍ଷରେ ଅତ୍ୟନ୍ତ ଶୁଭକର ।]

ଲକ୍ଷ୍ମୀ ନାରାୟଣ—ସଂ.ବି (ଦ୍ୱନ୍ଦ୍ୱ) (ଲକ୍ଷ୍ମୀ+ ନାରାୟଣ)—୧ । ଲକ୍ଷ୍ମୀ ଓ Lakshmī nārāyaṇa ନାରାୟଣଙ୍କ ଯୁଗଳମୂର୍ତ୍ତି—1. The twin form of Lakshmī and Nārāyaṇa ୨ । ଶାଳଗ୍ରାମ ବିଶେଷ—2. A species of Sālagrāma. [ଦ୍ର—ଏହାର ବର୍ଣ୍ଣ ମେଘର ବର୍ଣ୍ଣପରି; ଗୋଟିଏ ଦ୍ୱାର ବା ଛିଦ୍ର; ଏକ ପାଖରେ ଶ୍ରେଷ୍ଠ ଚକ୍ର, ବନମାଳା ଓ ଗୋଷ୍ପଦ ଚିହ୍ନ ଥାଏ ।] ଦେ. ବି. ପୁଂ—ପୁରୁଷଙ୍କ ନାମ—A name given to males.

ଲକ୍ଷ୍ମୀନାରାୟଣ ପୂଜା—ସଂ. ବି—ଶୁକ୍ଳ ଏକାଦଶୀ ଦିନ ଗୁରୁବାର ପଡ଼ିଲେ Lakshminārāyaṇa (Pūjā) ସେଦିନ କରାଯିବା ଲକ୍ଷ୍ମୀଙ୍କର ଓ (ଲକ୍ଷ୍ମୀନାରାୟଣ ବ୍ରତ) ନାରାୟଣଙ୍କ ପୂଜା—Worship of Lakshmī and Nārāyaṇa if a Thursday falls cn the 11th day of a bright lunar fortnight.

ଲକ୍ଷ୍ମୀନିଧି—ସଂ.ବିଣ (ନାମ)—ରାଜା ଜନକଙ୍କ ପୁତ୍ର (ହି. ଶ)—Name Lakshminidhi of the son of King Janaka.

ଲକ୍ଷ୍ମୀପତି—ସଂ. ବି—(୬ଷ୍ଠୀ ତତ୍) ୧ । ବିଷ୍ଣୁ—1. Bishṇu. ୨ । Lakshmīpati ଲବଙ୍ଗ ବୃକ୍ଷ—2. The clove tree. [ଲକ୍ଷ୍ମୀବଲ୍ଲଭ, ଲକ୍ଷ୍ମୀରମଣ—ଅନ୍ୟରୂପ] ୩ । ଗୁବାକ ବୃକ୍ଷ—3. The areca nut tree. ୪ । ରାଜା (ହି.ଶ)—4. King (Apte).

ଲକ୍ଷ୍ମୀ ପାକ—ସଂ. ବି—(୬ଷ୍ଠୀ ତତ୍; ଲକ୍ଷ୍ମୀ+ପାକ)—ଲକ୍ଷ୍ମୀ ଠାକୁରାଣୀ Lakhshmī-pāka ବିଷ୍ଣୁଙ୍କ ପାଇଁ ରାନ୍ଧିଥିବା ପାକ ସାମଗ୍ରୀ ପରି ବହୁ ଉପାଦେୟ ସୁଖାଦ୍ୟମାନ—Very excellent cooking or delicious food, as if it were cooked by Lakshmī). [ଦ୍ର—ପ୍ରବାଦ ଅଛି ଯେ—ଲକ୍ଷ୍ମୀଙ୍କ ପାକରେ ଷଡ଼ରସଯୁକ୍ତ ସମସ୍ତ ଖାଦ୍ୟ ପ୍ରସ୍ତୁତ ହୁଏ ଓ ତାହା ଅତି ଉପାଦେୟ । ପୁରାଣରେ ଅଛି ଯେ—ଲକ୍ଷ୍ମୀ ପାକ କରିଥିବା ହାଣ୍ଡିରୁ ଅନ୍ନବ୍ୟଞ୍ଜନାଦି ଲକ୍ଷ ଲକ୍ଷ ଲୋକଙ୍କୁ ବିତରଣ କରାଗଲେ ମଧ୍ୟ, ସେ ହାଣ୍ଡି ଅସରନ୍ତି ହୋଇ ରହିଥାଏ । ଏଥିପାଇଁ ଷଡ଼ରସ ଯୁକ୍ତ ଉପାଦେୟ ବହୁ ପରିମିତ ପକ୍ୱାନ୍ନକୁ ଲୋକେ ଲକ୍ଷ୍ମୀପାକ କହନ୍ତି ।]

लक्ष्मीपाक लक्ष्मीपाक ଦେ. ବିଣ (ସଂ. ଲକ୍ଷ୍ମୀପକ୍ୱ)—୧ । ଲକ୍ଷ୍ମୀଙ୍କ ଦ୍ୱାରା ରନ୍ଧା ହୋଇଥିବା—1. Cooked by Goddess Lakshmī. ୨ । ଖୁବ୍ ସରସ ଓ ସୁଖାଦ୍ୟ (ଅନ୍ନାଦି)—2. Very delicious and juicy(cooked food)

ଲକ୍ଷ୍ମୀପାଟ—ଦେ. ବି—(ସଂ ଲକ୍ଷ୍ମୀ+ପଟ୍ଟ)—ଦେଉଳର ଦୁଆର ବନ୍ଧ Lakshmī pāṭa ଉପରେ ପ୍ରଥମେ ପଡ଼ିବା ଲମ୍ବା ପଥର—लक्ष्मीपाट पत्थरकाचौकठ A slab of stone laid above the door frame of a temple.

ଲକ୍ଷ୍ମୀପାଦ—ଦେ. ବି—୧ । ସ୍ତ୍ରୀଲୋକମାନେ ଘରର ତଳେ ଚିତା ବା Lakshmipāda ପିଠଉ ପାଣି ଦ୍ୱାରା ଅଙ୍କିତ କରିବା ଲକ୍ଷ୍ମୀଙ୍କର କଳ୍ପିତ ପାଦଚିହ୍ନଦ୍ୱୟ—1, The picture of foot marks drawn on the ground or floor representing the foot prints of Goddess Lakshmī. ୨ । ସୁଲକ୍ଷଣଯୁକ୍ତ ଓ ସୁନ୍ଦର ପାଦ—2. Graceful foot. ୩ । ଯେଉଁ ବ୍ୟକ୍ତିର ଆଗମନ ଯୋଗୁଁ କୌଣସି ସ୍ଥାନରେ ସୌଭାଗ୍ୟର ଉଦୟ ହୁଏ, ସେହିଭଳି ଭାଗ୍ୟବାନ୍ ପୁରୁଷ ବା ଭାଗ୍ୟବତୀ ସ୍ତ୍ରୀର ଗୋଡ଼—3. The feet of a person whose advent at a place is accompanied with the dawning of prosperity. [ଦ୍ର—ଲୋକବିଶ୍ୱାସ ଯେ—ଲକ୍ଷ୍ମୀବନ୍ତ ପୁରୁଷ ବା ଲକ୍ଷ୍ମୀବତୀ ସ୍ତ୍ରୀଙ୍କର ପାଦ ଯେଉଁ ସ୍ଥାନରେ ପଡ଼େ, ସେ ସ୍ଥାନର ସୌଭାଗ୍ୟ ବୃଦ୍ଧି ହୁଏ; ଓ ଲକ୍ଷ୍ମୀଛଡ଼ା ଲୋକଙ୍କ ପାଦ ପଡ଼ିଲେ ସେ ସ୍ଥାନରୁ ସୌଭାଗ୍ୟ ନାଶ ହୁଏ । ଏଥିପାଇଁ ଢଗ ଅଛି—"ପାଦକେ ଶିରୀ, ପାଦକେ ଦରିଦ୍ରୀ" । କୌଣସି ପରିବାରରେ ଗୋଟିଏ ସନ୍ତାନ ଜନ୍ମିଲେ ବା ନବବଧୂ ଆସିଲେ, ସେ ପରିବାରର ସୌଭାଗ୍ୟ ବୃଦ୍ଧି ହେବାର ଦେଖି ଲୋକେ କହନ୍ତି ଯେ, ତା ଘରେ ଲକ୍ଷ୍ମୀ ପାଦ ପଡ଼ିଲା, ଅର୍ଥାତ୍ ଉକ୍ତ ବ୍ୟକ୍ତିର ଘରେ ଲକ୍ଷ୍ମୀ ପାଦ ପଡ଼ିବାରୁ ତାହାର ଶ୍ରୀବୃଦ୍ଧି ହେଲା ।]

ଲକ୍ଷ୍ମୀ ପାଦ ଦେବା—ଦେ. ବି—କୌଣସି ବ୍ୟକ୍ତିର ଆଗମନ ସଙ୍ଗେ Lakshmī pāda debā ସଙ୍ଗେ କୌଣସି ସ୍ଥାନର ସୌଭାଗ୍ୟ ଉଦୟ ହେବା—The drawing of prosperity at a place on the advent of a particular person.
ଲକ୍ଷ୍ମୀ ପାଦ ପକା(କେ)ଇବା } —ଅନ୍ୟରୂପ
ଲକ୍ଷ୍ମୀଙ୍କ ପାଦ ପଡ଼ିବା }
লক্ষ্মী পাদ দেওয়া
लक्ष्मी पाद(पग,पैर) देना

ଲକ୍ଷ୍ମୀ ପାଦୁକା—ପ୍ରାଦେ. (ଗଡ଼ଜାତ) ବି—ବନ୍ୟ ଝାମ୍ପୁଡ଼ା ବୃକ୍ଷବିଶେଷ; Lakshmi pādukā ଗୋଡ଼ବାଣ ଗଛ ?—A wild bushy tree. [ଦ୍ର—ଏହାର ଅଗସ୍ତି ଡାଳପରି ଡାଳ, ପତ୍ର କସ୍ତୁରି ପତ୍ରପରି, ଏହାର ଫୁଲ ନାଲି ଓ ଧଳା ମିଶା । ଏଥିର କେଶର କାଣ୍ଡ ଲମ୍ବା ହୋଇ ପାଖୁଡ଼ା ମଧ୍ୟରୁ ବାହାରି ଥାଏ ।]

ଲକ୍ଷ୍ମୀପୁରୁଷ—ଦେ. ବି (ସଂ. ଲକ୍ଷ୍ମୀବାନ୍+ପୁରୁଷ)—୧ । ଲକ୍ଷ୍ମୀବନ୍ତ Lakshmipurusha ବ୍ୟକ୍ତି; ସୌଭାଗ୍ୟଶାଳୀ ବ୍ୟକ୍ତି—1. A লক্ষ্মীপুরুষ lucky or fortunate man. ୨ । ସୁଲକ୍ଷଣଯୁକ୍ତ लछमीपुरुष ବ୍ୟକ୍ତି—2. A person possessing auspicious marks.

ଲକ୍ଷ୍ମୀପୁଷ୍ପ—ସ. ବି—୧ । ପଦ୍ମରାଗ ମଣି—1. Ruby. Lakshmipushpa ୨ । ପଦ୍ମ (ହି. ଶ)—2. Lotus.

ଲକ୍ଷ୍ମୀ ପୂଜା—ସ. ବି (୬ଷ୍ଠୀ ତତ୍; ଲକ୍ଷ୍ମୀ+ପୂଜା)—୧ । କୁମାରପୂର୍ଣ୍ଣିମା Lakshmi pūjā ବା ଆଶ୍ୱିନପୂର୍ଣ୍ଣିମା ରାତିରେ ନାରକେଳ (ଲକ୍ଷ୍ମୀବ୍ରତ—ଅନ୍ୟରୂପ) ଚର୍ପଟିକାଦି ନୈବେଦ୍ୟଦ୍ୱାରା ଲକ୍ଷ୍ମୀ ଦେବୀଙ୍କର ପୂଜା- 1. The worship of Goddess Lakshmi on the night of the fullmoon of Āswina. ୨ । ଧନ ଓ ସୌଭାଗ୍ୟବୃଦ୍ଧି ପାଇଁ ପ୍ରତି ଗୁରୁବାର ଦିନ ଓ ବିଶେଷତଃ ମାର୍ଗଶିର ମାସ ଗୁରୁବାର ଦିନ ଗୋଟିଏ ପୀଢ଼ା ଉପରେ ଶୁକ୍ଳ ଧାନ୍ୟକୁ ମାଣରେ ବା ରୌଣିରେ ପୂର୍ଣ୍ଣ କରି ରଖି ବସ୍ତ୍ରାଲଙ୍କାର ଭୂଷିତ କରି ତାକୁ ଲକ୍ଷ୍ମୀରୂପେ କଳ୍ପନା କରି ତାକୁ ପୂଜା ଓ ଯାହାଙ୍କ ଘରେ ଲକ୍ଷ୍ମୀପ୍ରତିମା ଥାଆନ୍ତି ତାଙ୍କୁ ସେ ଦିନ କରାଯିବା ବିଶିଷ୍ଟ ପୂଜା—2. Worship of Goddess Lakshmi on Thursdays and specially on the Thursdays of Mārgaśira. ୩ । କୌଣସି ମାସର ଶୁକ୍ଳଦଶମୀ ଦିନ ଗୁରୁବାର ପଡ଼ିଲେ ସେ ଦିନ କରାଯିବା ଲକ୍ଷ୍ମୀଙ୍କର ପୂଜା; ସୁଦଶା ବ୍ରତ—3. Worship of Lakshmi on the tenth day of a bright lunar fortnight of any month if it falls on a Thursday. ୪ । ଶୁକ୍ଳ ପଞ୍ଚମୀ ଦିନ ଗୁରୁବାର ପଡ଼ିଲେ ସେ ଦିନ କରାଯିବା ଲକ୍ଷ୍ମୀପୂଜା; ଗୁରୁପଞ୍ଚମୀ ବ୍ରତ—4. Worship of Lakshmi on the fifth day of the bright lunar fortnight of a month if it falls on a Thursday. ୫ । କାର୍ତ୍ତିକ ଅମାବାସ୍ୟା ରାତିରେ କରାଯିବା ଲକ୍ଷ୍ମୀଙ୍କ ପୂଜା—5. Worship of Goddess Lakshmi on the new moon night of Kārttika.

ଲକ୍ଷ୍ମୀ ପ୍ରସନ୍ନ(ନ୍ନା) ହେବା—ଦେ. ବି (ଅସମାପିକା) (ସ. ଲକ୍ଷ୍ମୀ, Lakshmi prasanna(nnā) hebā ପ୍ରସନ୍ନ)—লক্ষ্মী প্রসন্নহওয়া ଲକ୍ଷ୍ମୀ ବୃଦ୍ଧି ହେବା—Increase of pro- लछमी प्रसन्नहोना sperity. [ଲକ୍ଷ୍ମୀ ବରଦା ହେବା, ଲକ୍ଷ୍ମୀ ବରଦାଏ (ଇ,ଯ଼) ହେବା, ଲକ୍ଷ୍ମୀବରଦାନ (ଏ,ଯ଼)କ ହେବା, ଲକ୍ଷ୍ମୀ ବରଦାୟ଼(ନ୍ନି,ସ୍ୱେ)ନା ହେବା—ଅନ୍ୟରୂପ]

ଲକ୍ଷ୍ମୀ ଫଳ—ସ. ବି—ବିଲ୍ୱ ବୃକ୍ଷ ଓ ଫଳ; ଶ୍ରୀଫଳ— Lakshmi phala The Bilwa tree and fruit; Aegle Marmelos.

ଲକ୍ଷ୍ମୀ ବଢ଼ିବା—ଦେ. ବି—ଲକ୍ଷ୍ମୀ ବୃଦ୍ଧି— Lakshmi bardhiba Increase of prosperity. লক্ষ্মীবাড়া लछमी बढना

ଲକ୍ଷ୍ମୀବନ୍ତ(ନ୍ତା)—ଦେ. ବଣ. ପୁଂ ଓ ସ୍ତ୍ରୀ (ସ. ଲକ୍ଷ୍ମୀବତ୍)-ଭାଗ୍ୟବାନ୍— Lakshmibanta(ntā) Fortunate; lucky. (ଲକ୍ଷ୍ମୀବନ୍ତୀ—ସ୍ତ୍ରୀ) লক্ষ্মীমন্ত लछमीवंत, लछमीवंत

ଲକ୍ଷ୍ମୀ ବର—ସଂ. ବି (୬ଷ୍ଠୀ ତତ୍)—୧। ବିଷ୍ଣୁ—1. Bishṇu. ୨ । Lakshmibara ଲକ୍ଷ୍ମୀଙ୍କ ପ୍ରଦତ୍ତ ବର—2. Boon granted by Lakshmi.

ଲକ୍ଷ୍ମୀ ବସା(ସେ)ଇବା—ଦେ. କ୍ରି—ଲକ୍ଷ୍ମୀ ପୂଜାନିମନ୍ତେ ଲକ୍ଷ୍ମୀଦେବୀଙ୍କ Lakshmi basā(se)ibā ପ୍ରତିମା ବା ଶୁକ୍ଳଧାନ୍ୟପୂର୍ଣ୍ଣ ମାଣକୁ লক্ষ্মী বসান, লক্ষ্মীপাতা ବସ୍ତ୍ରାଳଙ୍କୃତ କରି ପୀଠ ଉପରେ ସ୍ଥାପନ लछमी बसाना କରିବା—To set up the image of Lakshmi on a plat-form or wooden seat for worship.

ଲକ୍ଷ୍ମୀବାନ୍—ସ. ବଣ. ପୁଂ. (ଲକ୍ଷ୍ମୀ+ଅସ୍ତି ଅର୍ଥରେ ବତ୍, ୧ମା. ୧ବ)— Lakshmibān ୧ । ଭାଗ୍ୟବାନ୍—1. Fortunate; (ଲକ୍ଷ୍ମୀବତୀ—ସ୍ତ୍ରୀ) lucky. ୨ । ସୌଭାଗ୍ୟଯୁକ୍ତ; ଶ୍ରୀବନ୍ତ— 2. Prosperous. ୩ । ସୁଲକ୍ଷଣଯୁକ୍ତ; ଶୁଭ ଲକ୍ଷଣଯୁକ୍ତ- . Auspicious. ୪ । ଐଶ୍ୱର୍ଯ୍ୟଶାଳୀ; ଧନୀ— 4. Very rich; wealthy; affluent. ସ. ବି. ପୁଂ—୧ । ପନସ ବୃକ୍ଷ—1. Jack fruit tree. ୨ । ରୋହିତ ବୃକ୍ଷ—2. Andersonia Rohitaka (tree). ୩ । ଅଶ୍ୱତ୍ଥ ବୃକ୍ଷ—3. The religious fig tree. ୪ । ବିଷ୍ଣୁ—4. Bishṇu.

ଲକ୍ଷ୍ମୀ ବାସର—ସ. ବି. (ଲକ୍ଷ୍ମୀ+ବାସର)—ଗୁରୁବାର—Thursday. Lakshmi bāsara [ଦ୍ର—ଏ ଦିନ ଲକ୍ଷ୍ମୀ ଦେବୀଙ୍କର ପୂଜା (ଲକ୍ଷ୍ମୀବାର—ଅନ୍ୟରୂପ) ହୁଏ ।]

ଲକ୍ଷ୍ମୀ ବାହନ—ସ. ବି. (ଲକ୍ଷ୍ମୀ+ବାହନ; ୬ଷ୍ଠୀ ତତ୍)—ପେଚକ— Lakshmi bāhana The owl.

ଲକ୍ଷ୍ମୀ ବିଜେ କରିବା—ଦେ. ବି—କୌଣସି ବ୍ୟକ୍ତିର ସୌଭାଗ୍ୟ ଉଦୟ Lakshmi bije karibā ହେବା—The dawning of ভাগ্য উদয় হওয়া prosperity in the case of a लछमी पधारना person.

ଲକ୍ଷ୍ମୀ ବିଳାସ—ସ. ବି. (ଲକ୍ଷ୍ମୀ+ବିଳାସ)—୧ । (ବୈଦ୍ୟକ) ଚିକିତ୍ସା Lakshmi bilāsa ତୈଳ ବିଶେଷ —1. Name of medicated oil. ୨ । ଜ୍ୱରଘ୍ନ ବଟିକା ବିଶେଷ—2. Name of a febrifuge pill. ପ୍ରାଦେ. (ପୁରୀ) ବି— ଗୋଡ଼ବାଣ (ଫୁଲ ଓ ଗଛ)—A kind of flower and tree.

ଲକ୍ଷ୍ମୀ ବହୀନ—ସଂ. ବଣ. (୫ମୀ ତତ୍; ଲକ୍ଷ୍ମୀ+ବହୀନ)—୧ । ଶ୍ରୀହୀନ; Lakṣmī bihīna' ଶୋଭାହୀନ—1. Shorn of grace or (ଲକ୍ଷ୍ମୀହୀନ—ଅନ୍ୟରୂପ) beauty. ୨ । ହତଭାଗ୍ୟ—2. Unfortunate. (ଲକ୍ଷ୍ମୀବହୀନା, ଲକ୍ଷ୍ମୀହୀନା—ସ୍ତ୍ରୀ) ୩ । ନିର୍ଧନ—3. Poor. (ଲକ୍ଷ୍ମୀବହୀନତା, ଲକ୍ଷ୍ମୀହୀନତା—ବ)

ଲକ୍ଷ୍ମୀ ବୃଦ୍ଧି—ସଂ. ବ. (୬ଷ୍ଠୀ ତତ୍; ଲକ୍ଷ୍ମୀ+ବୃଦ୍ଧି)—ଶ୍ରୀବୃଦ୍ଧି; ସୌଭାଗ୍ୟ-Lakshmī bṛuddhi ବୃଦ୍ଧି—Increase of prosperity or riches.

ଲକ୍ଷ୍ମୀ ବେଷ୍ଟ—ସଂ. ବ—ତାର୍ପିନ୍ (ହି. ଶ)—Lakshmī beshṭa Turpentine (Apte).

ଲକ୍ଷ୍ମୀ ବ୍ରତ—ସଂ. ବ. (ଲକ୍ଷ୍ମୀ+ବ୍ରତ)—ଲକ୍ଷ୍ମୀ ପୂଜା (ଦେଖ)—Lakshmī brata Worship of Lakshmī.

ଲକ୍ଷ୍ମୀ ଭଣ୍ଡାର—ଦେ. ବ. (୬ଷ୍ଠୀ ତତ୍; ଲକ୍ଷ୍ମୀ+ଭଣ୍ଡାର)—୧ । ଲକ୍ଷ୍ମୀ Lakshmī bhaṇḍāra ଦେବୀଙ୍କ ଧନାଗାର ବା ଖାଦ୍ୟ ଭଣ୍ଡାର লক্ষ্মী ভাণ্ডার 1. The treasury or store room of लक्ष्मी भण्डार the Goddess of wealth. [ଦ୍ର—ଏହ ଭଣ୍ଡାରରୁ ପୃଥିବୀରେ ବାସ କରୁଥିବା କଳ୍ପିତ ଛପନ କୋଟି ଜୀବଙ୍କ ପାଇଁ ଖାଦ୍ୟ ଲକ୍ଷ୍ମୀଙ୍କ ବାଣ୍ଟିବା କଥା ଲୋକେ ବିଶ୍ୱାସ କରନ୍ତି । ଏହ ଭଣ୍ଡାରରୁ ଯେତେ ବ୍ୟୟ ହେଉଥିଲେ ସୁଦ୍ଧା ଏହା ଅସରନ୍ତି ଥାଏ ।] ୨ । ଲକ୍ଷ୍ମୀଙ୍କ ଭଣ୍ଡାର ଭଳି ଅତୁଳ ଧନ ରତ୍ନାଦି ଥିବା କୋଷାଗାର—2. Treasury containing gems and immense wealth like that of the Goddess Lakshmī. ୩ । ଅସରନ୍ତି ଭଣ୍ଡାର—3. Inexhaustible store.

ଲକ୍ଷ୍ମୀମନ୍ତ—ଦେ. ବଣ. (ସଂ. ଲକ୍ଷ୍ମୀବନ୍ତ; ପ୍ରାଚୀନ ପ୍ରୟୋଗ; ବ୍ୟୁତ୍ପତ୍ତି-Lakshmī manta ଅନୁସାରେ 'ଲକ୍ଷ୍ମୀବନ୍ତ, ହେବା ଉଚିତ)—লক্ষ্মীমন্ত ଲକ୍ଷ୍ମୀବନ୍ତ (ଦେଖ)—Lakshmibanta (See) लक्ष्मीवन्त ଦେ. ବ—ଲକ୍ଷ୍ମୀବନ୍ତ ବା ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତି—A prosperous person.

(ଉ—ସେ ଲେଖା ହୋଇ ଲକ୍ଷ୍ମୀମନ୍ତମାନଙ୍କରେ । କୃଷ୍ଣସିଂହ ମହାଭାରତ. ବନ ।)

ଲକ୍ଷ୍ମୀ ମାଡ଼ି ଯିବା—ଦେ. ବ—ଲକ୍ଷ୍ମୀ ବୃଦ୍ଧି (ଦେଖ) Lakshmī mārḍi jibā Lakshmī bṛuddhi (See) ভাগ্যবৃদ্ধি लक्ष्मीवृद्धि

ଲକ୍ଷ୍ମୀଶ—ସଂ. ବ. (୬ଷ୍ଠୀ ତତ୍; ଲକ୍ଷ୍ମୀ+ଈଶ=ପତି, ସ୍ୱାମୀ)—Lakshmīsa ୧ । ବିଷ୍ଣୁ; ଲକ୍ଷ୍ମୀକାନ୍ତ—1. Bishṇu, ୨ । (ବହୁବ୍ରୀହି) ଆମ୍ର ବୃକ୍ଷ—2. Mango tree. ୩ । ସୌଭାଗ୍ୟଶାଳୀ ବ୍ୟକ୍ତି—3. Prosperous or lucky person. ୪ । ଧନପତି; ଧନୀ ବ୍ୟକ୍ତି—4. A rich man. ସଂ. ବଣ—ଧନବାନ୍—Rich.

ଲକ୍ଷ୍ମୀଶୀଳ—ସଂ. ବଣ. ପୁଂ (ଲକ୍ଷ୍ମୀ+ଶୀଳ)—ଲକ୍ଷ୍ମୀବନ୍ତ (ଦେଖ) Lakshmīsīla Lakshmibanta (See) (ଲକ୍ଷ୍ମୀଶାଳୀ—ଅନ୍ୟରୂପ) (ଲକ୍ଷ୍ମୀଶୀଳା, ଲକ୍ଷ୍ମୀଶାଳିନୀ—ସ୍ତ୍ରୀ)

ଲକ୍ଷ୍ମୀ ସଖ—ସଂ. ବ. ପୁଂ. (ବହୁବ୍ରୀହି; ଲକ୍ଷ୍ମୀ+ସଖା)—ଲକ୍ଷ୍ମୀଙ୍କ ବର-Lakshmī sakha ପୁତ୍ର—A favourite of fortune.

ଲକ୍ଷ୍ମୀ ସମାହ୍ୱୟା—ସଂ. ବ. ସ୍ତ୍ରୀ—ସୀତା; ରାମଚନ୍ଦ୍ରଙ୍କ ପତ୍ନୀ—Lakshmī samāhwayā Sitā, the wife of Rāma chandra.

ଲକ୍ଷ୍ମୀ ସରସ୍ୱତୀ—ସଂ. ବ. (ଦ୍ୱନ୍ଦ୍ୱ; ଲକ୍ଷ୍ମୀ+ସରସ୍ୱତୀ)—ବିଷ୍ଣୁଙ୍କର ଦୁଇ Lakshmī saraswatī ପତ୍ନୀ; ସୌଭାଗ୍ୟର ଅଧିଷ୍ଠାତ୍ରୀ ଲକ୍ଷ୍ମୀ ଓ ବିଦ୍ୟାର ଅଧିଷ୍ଠାତ୍ରୀ ସରସ୍ୱତୀ—The two co-wives of Bishṇu, namely the Goddess of wealth and the Goddess of learning. [ଦ୍ର—ଏ ଦୁହେଁ ସପତ୍ନୀ ଥିବାରୁ ଏମାନଙ୍କ ମଧ୍ୟରେ ଅବହମାନ କାଳରୁ ସପତ୍ନୀସୁଲଭ ଈର୍ଷା ଓ ବିବାଦ ଚଳି ଆସୁଥିବା ପଣ୍ଡିତମାନେ କଳ୍ପନା କରି ଆସିଅଛନ୍ତି । ଫଳତଃ ଦେଖାଯାଏ ଯେ, ସାଧାରଣତଃ ଲକ୍ଷ୍ମୀପୁତ୍ର (ଧନୀ)ମାନେ ସରସ୍ୱତୀଙ୍କ ଅନୁଗ୍ରହ ଲାଭ କରନ୍ତି ନାହିଁ ଓ ସରସ୍ୱତୀ-ପୁତ୍ର (ପଣ୍ଡିତ)ମାନେ ଲକ୍ଷ୍ମୀଙ୍କ ଅନୁଗ୍ରହ ପାଆନ୍ତି ନାହିଁ । କ୍ୱଚିତ୍ ଏହା ଦେଖା ଗଲେ ପଣ୍ଡିତମାନେ କହନ୍ତି ଯେ ତାଙ୍କଠାରେ ଲକ୍ଷ୍ମୀ ସରସ୍ୱତୀଙ୍କର ବିବାଦ ମେଣ୍ଟି ଯାଇଅଛି ।]

ଲକ୍ଷ୍ମୀ ସହଜ—ସଂ ବ. (ଲକ୍ଷ୍ମୀ+ସହ=ଧଙ୍ଗତ+ଜନ୍ ଧାତୁ=ଜନ୍ମିବା Lakshmī sahaja +କର୍ତ୍ତୃ. ଅ; ସମୁଦ୍ର ମନ୍ଥନ କାଳରେ (ଲକ୍ଷ୍ମୀ ସହୋଦର—ଅନ୍ୟରୂପ) ଲକ୍ଷ୍ମୀଙ୍କ ସଙ୍ଗେ ଉତ୍ପନ୍ନ)—୧ । ଚନ୍ଦ୍ର—1. The moon. ୨ । ଉଚ୍ଚୈଃଶ୍ରବା ଅଶ୍ୱ—2. Indra's horse. ୩ । କର୍ପୂର—3. Camphor.

ଲକ୍ଷ୍ମୀ ସାଆନ୍ତ—ଦେ. ବ. ପୁଂ (ଆଦରାର୍ଥକ)—୧ । ଲକ୍ଷ୍ମୀବାନ୍ ସ୍ୱାମୀ Lakshmī sāānta ବା ପ୍ରଭୁ—1. A lucky master. লক্ষ্মীমন্ত মালিক लक्ष्मीवन्त मालिक ୨ । ଦୟାଳୁ ଓ ଦାତା ପ୍ରଭୁ—A kind and generous master.

ଲକ୍ଷ୍ମୀ ସାଆନ୍ତାଣୀ—ଦେ. ବ. ସ୍ତ୍ରୀ—୧ । ଲକ୍ଷ୍ମୀଠାକୁରାଣୀ—1.Goddess Lakshmī sā-āntāṇī Lakshmī. ୨ । (ଆଦରାର୍ଥ) লক্ষ্মী ঠাকুরাণী लक्ष्मी ठाकुरानी ଲକ୍ଷ୍ମୀଙ୍କ ପରି ଦାତ୍ରୀ ଓ ସୁନ୍ଦରୀ ସ୍ତ୍ରୀ—2. A munificent and beautiful lady; a personification of Goddess Lakshmī ୩ । (ବ୍ୟଙ୍ଗ୍ୟ)—ପତ୍ନୀ—3. Wife. ୪ । (ବ୍ୟଙ୍ଗ୍ୟ)—ଗୃହିଣୀ; ଗୃହର କର୍ତ୍ତ୍ରୀ—4. The mistress of a house; housewife.

ଲକ୍ଷ୍ମୀ ସ୍ୱଭାବା—ସଂ. ବଣ. ସ୍ତ୍ରୀ—(ବହୁବ୍ରୀହି; ଲକ୍ଷ୍ମୀ+ସ୍ୱଭାବ)—Laksmi swabhābā ଲକ୍ଷ୍ମୀଙ୍କ ପରି ପ୍ରକୃତିବିଶିଷ୍ଟା ବା ଦାନଶୀଳା—(woman) Magnanimous or munificent like Lakshmī.

ଲକ୍ଷ୍ମୀ ସ୍ୱରୂପା—ସଂ. ବଣ. ସ୍ତ୍ରୀ—(ବହୁବ୍ରୀହି; ଲକ୍ଷ୍ମୀ+ସ୍ୱରୂପ)—ଲକ୍ଷ୍ମୀଙ୍କ Lakshmī swarūpā ପରି ଗୁଣ ଓ ସ୍ୱଭାବବିଶିଷ୍ଟା (ସ୍ତ୍ରୀ)—[ଲକ୍ଷ୍ମୀ ସ୍ୱରୂପିଣୀ—ଅନ୍ୟରୂପ] (a woman) Having the

graces and qualities of the Goddess Lakshmi; being a personification of Goddess Lakshmi.

ଲକ୍ଷ୍ୟ—ସଂ. ବିଣ.—(ଲକ୍ଷ ଧାତୁ=ଦର୍ଶନ କରିବା ଇତ୍ୟାଦି + କର୍ମ.ଯ)—
Lakshya ୧ । ଦର୍ଶନ ଯୋଗ୍ୟ—1. Visible; observable. ୨ । ଅନୁଭବଯୋଗ୍ୟ—2. Perceptible. ୩ । ତୁଳନୀୟ—3. Comparable. ୪ । କଳନୀୟ; ବୋଧ୍ୟ—4. Knowable; inferable. ୫ । ଲକ୍ଷଣା ଦ୍ୱାରା ଜ୍ଞେୟ (ଅର୍ଥ)—5. (meaning) Knowable by metaphor. ୬ । ଅନୁସନ୍ଧେୟ—6. Traceable (Apte). ୭ । ଉଦ୍ଦେଶ୍ୟ—7. To be aimed at (Apte), ୮ । ଅବଧେୟ—8. To be defined (Apte). ୯ । ଜ୍ଞେୟ—9. To be known or found out (Apte). ୧୦ । ଅଭିଲଷଣୀୟ; ବାଞ୍ଛନୀୟ—10. Desirable. ସଂ. ବି—୧ । ଶରବ୍ୟ; ବାଣ ଆଦି ଯେଉଁ ବସ୍ତୁକୁ ଲକ୍ଷ କରି ଭେଦ କରାଯାଏ ।—1. Butt; aim; target. ୨ । ଛଳ; ଶୃଙ୍ଗୁପ୍ତ—2. Fraud; deceit; pretence; sham (Apte). ୩ । ଚିହ୍ନ; ଲକ୍ଷଣ—3. Discriminating mark; distinctive mark. ୪ । ଆଦର୍ଶ—4. Model. ୫ । ଉଦ୍ଦେଶ୍ୟ—5. Aim; object. ୬ । କୌଣସି କାର୍ଯ୍ୟ କରିବା ନିମନ୍ତେ ଅନୁଧାବିତ ଶେଷ ସୀମା—6. Goal. ୭ । ଲକ୍ଷ ବା ଶତ ସହସ୍ର ସଂଖ୍ୟା—7. A hundred thousand. ୮ । ଲକ୍ଷଣାର୍ଥ—8. Figurative meaning. (Apte) [ଦ୍ର—ଶବ୍ଦର ଅର୍ଥ ତିନିଶ୍ରେଣୀର ବିଭକ୍ତ, ୧। ବାଚ୍ୟ, ୨। ଲକ୍ଷ୍ୟ, ଓ ୩। ବ୍ୟଙ୍ଗ୍ୟ ।] ଦେ. ବିଣ.—ସମାନ—Equal; equivalent. [ଉ—ତାର ମଧ୍ୟେ ପୁରି ସୁରି ଶିଳ୍ପୀ ଯେ—ବାଲ୍ମୀକି ଲକ୍ଷ କରି ଭଲେ ଯେ—ଉଞ୍ଜ. ବୈଦେହୀଶବିଳାସ ।] ଦେ. ବି—ଅନୁମାନ—Inference; deduction. [ଉ—ଏମନ୍ତ ଏ ଲକ୍ଷ୍ୟ, ବୟସଗତ ଖଣ୍ଡ ସ୍ୱଚ୍ଛ ପ୍ରତ୍ୟକ୍ଷ—ଉଞ୍ଜ. ବୈଦେହୀଶବିଳାସ ।]

ଲକ୍ଷ୍ୟ କରିବା—ଦେ. କ୍ରି.—ଲକ୍ଷ କରିବା (ଦେଖ)
Lakshya karibā Laksha karibā (See)
লক্ষ করা लक्ष करना

ଲକ୍ଷ୍ୟଚ୍ୟୁତ—ସଂ. ବିଣ.—(୫ମୀ ତତ୍; ଲକ୍ଷ+ଚ୍ୟୁତ)—ଲକ୍ଷ୍ୟ ସ୍ଥଳରେ
Lakshya chyuta ପହଞ୍ଚି ପାରି ନଥିବା—Deviating
(ଲକ୍ଷଭ୍ରଷ୍ଟ—ଅନ୍ୟରୂପ) from the aim or target.

ଲକ୍ଷ୍ୟ ବୀଥୀ—ସଂ. ବି.—୧ । ଜୀବନର ଉଦ୍ଦେଶ୍ୟ ଯେଉଁ ଉପାୟରେ
Lakshyabithi ବା କର୍ମରେ ସିଦ୍ଧ ହୁଏ (ହ. ଶ.)—1. Act or means which enables one to fulfil his aim in life. ୨ । ଦେବଯାନ ପଥ; ବ୍ରହ୍ମଲୋକକୁ ଯିବା ମାର୍ଗ (ହ. ଶ.)—2. The way to the Brahmaloka.

ଲକ୍ଷ୍ୟ ବିନ୍ଧିବା—ଦେ. କ୍ରି.—(ଲକ୍ଷ୍ୟ+ବିନ୍ଧିବା)—ଉଦ୍ଦିଷ୍ଟ ଲକ୍ଷ୍ୟକୁ ଭେଦ
Lakshya bindhibā କରିବାକୁ ସମର୍ଥ ହେବା; ଲକ୍ଷବିନ୍ଧିବା—
লক্ষভেদকরা लक्ष्यभेदना To succeed in striking at the target.

ଲକ୍ଷ୍ୟବିଦ୍ଧ କରିବା, ଲକ୍ଷ୍ୟ ବେଧ କରିବା }
ଲକ୍ଷ୍ୟ ଭେଦ କରିବା, ଲକ୍ଷ୍ୟ ଭେଦିବା } —ଅନ୍ୟରୂପ

ଲକ୍ଷ୍ୟ ବେଧନ—ସଂ. ବି.—(ଲକ୍ଷ+ବେଧନ)—ଲକ୍ଷ୍ୟବିନ୍ଧା; ଶର
Lakshya bedhana ଆଦି ଦ୍ୱାରା ଲକ୍ଷର ଆଘାତ କରଣ—
The striking at a target.
ଲକ୍ଷ୍ୟ ବେଧ }
ଲକ୍ଷ୍ୟ ଭେଦ } —ଅନ୍ୟରୂପ
ଲକ୍ଷ୍ୟ ଭେଦନ }

ଲକ୍ଷ୍ୟ ବେଧୀ—ସଂ. ବିଣ. ପୁଂ—(ଲକ୍ଷ୍ୟ+ବ୍ୟଧ ଧାତୁ+କର୍ତ୍ତୃ. ଇନ୍;
Lakshya bedhī ୧ମା. ୧ବ.)—ଯେ ଲକ୍ଷ୍ୟ ଭେଦ କରେ;
[ଲକ୍ଷ୍ୟଭେଦୀ—ଅନ୍ୟରୂପ] ଉଡ଼ୁଥିବା ବା ଚଳୁଥିବା ବସ୍ତୁ ବା ଜୀବକୁ ଲକ୍ଷ୍ୟ କରି ଯେ ଶର ଆଦି ମାରି ପାରେ—Able to shoot at a target with success; capable hitting at a moving thing.

ଲକ୍ଷ୍ୟ ରଖିବା—ଦେ. କ୍ରି.—(ଲକ୍ଷ୍ୟ+ରକ୍ଷଣ)—୧ । କୌଣସି
Lakshya rakhibā ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ରଖିବା—1. To aim at a goal. ୨ । କୌଣସି ନିର୍ଦ୍ଦିଷ୍ଟ ଶରବ୍ୟ ପ୍ରତି ଦୃଷ୍ଟି ରଖିବା—2. To aim at hitting a target.

ଲକ୍ଷ୍ୟସ୍ଥଳ—ସଂ. ବି (କର୍ମଧା; ଲକ୍ଷ୍ୟ+ସ୍ଥଳ)—୧ । ଉଦ୍ଦିଷ୍ଟ ସ୍ଥାନ,
Lakshya sthaḷa ସଂକଳ୍ପିତ ସ୍ଥାନ ବା ବସ୍ତୁ—1. The goal; the place aimed at; the thing aimed at. ୨ । ଶରବ୍ୟ—2. Target.

ଲକ୍ଷ୍ୟହୀନ—ସଂ. ବିଣ. ପୁଂ (୩ୟା ତତ୍; ଲକ୍ଷ୍ୟ+ହୀନ)—ଉଦ୍ଦେଶ୍ୟ-
Lakshyahīna ହୀନ; ଯାହାର ବା ଯେଉଁ ବିଷୟରେ
(ଲକ୍ଷ୍ୟବିହୀନ—ଅନ୍ୟରୂପ) କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ଥାଏ—
(ଲକ୍ଷ୍ୟ ହୀନତା, ଲକ୍ଷ୍ୟବିହୀନତା—ବି) Aimless.
(ଲକ୍ଷ୍ୟହୀନା, ଲକ୍ଷ୍ୟବିହୀନା—ସ୍ତ୍ରୀ)

ଲକ୍ଷ୍ୟାର୍ଥ—ସଂ. ବି (କର୍ମଧା)—ଶବ୍ଦର ବା ବାକ୍ୟର ଲକ୍ଷଣାର୍ଥ; ଲେଖକର
Lakshyārtha ବା କଥକର ଉଦ୍ଦିଷ୍ଟ ଅର୍ଥ—The figurative or intended meaning of a word or sentence.

ଲକ୍ଷ୍ୟାସନ—ସଂ. ବି (ତନ୍ତ୍ର)—ରୁଦ୍ରଯାମଳୋକ୍ତ ଆସନବିଶେଷ—
Lakshyāsana A posture or pose in sitting as described in Rudra jāmāḷa for the performance of certain mystic rites.

ଲକ୍ଷ୍ୟାଲକ୍ଷ୍ୟି(କ୍ଷି)—ଦେ. ବିଣ ଓ ବି—ପରସ୍ପରକୁ ଲକ୍ଷ୍ୟ କରିବା—
Lakshyālakshyi(kshi) Aiming mutually at
পরস্পরকেলক্ষ্যকরা परस्परलक्ष्यकरके each other.
(ଉ—ଘଟୋତ୍କଚ ଅଳମ୍ବୁଷ ଦୁଇଟି ଯାକେ, ଲକ୍ଷ୍ୟାଲକ୍ଷ୍ୟି ହୋଇଣ ଯୁଝିଲେ ବେଗରେ—କୃଷ୍ଣସିଂହ ମହାଭାରତ, ଦ୍ରୋଣ ।)

ଲଖ୍ନଉ—ଦେ. ବି—୧ । ଅଯୋଧ୍ୟାପ୍ରଦେଶସ୍ଥ ନଗର ବିଶେଷ—
Lakh-nau ଲକ୍ଷ୍ନୌ—1. Lucknow in Oudh. ୨ । କ୍ଷୁଦ୍ର
লখনৌ लखनऊ ପକ୍ଷିବିଶେଷ—2. A kind of small bird. [ବି—ଏ ଚଢ଼େଇ ଦେଖିବାକୁ ବାଘୁଆ ଚଢ଼େଇ ପରି, ଦେହ ନାଲି ଓ ଡେଣାରେ ଧଳା ବିନ୍ଦୁମାନ ଥାଏ, ଲୋକେ ପଞ୍ଜୁରୀରେ ଏହାକୁ ପାଳନ୍ତି ।]
ଲକ୍ଷ୍ନୌ(କ୍ଷ୍ନୌ), ଲଖ୍ନୌ, ଲକ୍ଷ୍ନଉ, ଲକ୍ଷ୍ନୌ—ଅନ୍ୟରୂପ
মুনিয়া मुनिया
(ଲଖ୍ଲଉ, ଲଖ୍ନୋ[ନୌ]ର, ଲଖ୍ନୌର—ଅନ୍ୟରୂପ)

ଲଖ୍ଲଖା—ବୈଦେ॰ ବି (ଫା)—ଗୋଲାପ ପାଣି ବା ଅନ୍ୟ ସୁବାସଦ୍ରବ୍ୟ
Lakh-lakhā ସୁବାସିତ କଣାଦଳ ମିଶ୍ରିତ ସୁଗନ୍ଧ—A kind of
লখলখা लखलखा scented smelling salt.
[ବି—ଏହାକୁ ଶୁଙ୍ଘାଇଦେଲେ ବେହୋସ୍ ହୋଇଥିବା ଲୋକର ହୋସ୍ ଅଣାଯାଏ ।]

ଲଖ—ଗ୍ରା. ବି—୧ । (ସଂ ନଖ) ନଖ—1. Nail. ୨ । (ସଂ
Lakha ଲକ୍ଷ)—୨ । ଲକ୍ଷ; ଶତ ସହସ୍ର ସଂଖ୍ୟା—
2. One hundred thousand.

ଲଖଈ—ପ୍ରାଦେ (ଗଞ୍ଜାମ) ଗ୍ରା. ବି (ଅଶିକ୍ଷିତ ଭାଷା) ଲକ୍ଷ୍ମୀ—
Lakhaī The Goddess of wealth

ଲଖ(ଖ୍ୟ)ଣ—ଗ୍ରା. ବି—୧ । (ସଂ ଲକ୍ଷଣ) ୧ । ଲକ୍ଷଣ (ଦେଖ)
Lakha(khya)na 1. Lakshana (See) ୨ । ପୁଂ
লক্‌খন लखन (ସଂ ଲକ୍ଷ୍ମଣ)—୨ । ଲକ୍ଷ୍ମଣ (ଦେଖ)
2. Lakshana (See) ୩ । ପୁଂ ଲକ୍ଷ୍ମଣନାମଧାରୀ ବ୍ୟକ୍ତିର ଡାକ ନାମ—3. Name for calling Lakhmana.
ଲଖଣା, ଲଖଣିଆ, ଲଖିଆ, ଲଖିଣିଆ, ଲଖୁଆ—ଏ ନାମର ଅନାଦରାର୍ଥକରୂପ]
(ଲଖି, ଲଖୁ—ଅଦରାର୍ଥକରୂପ)

ଲଖା—ଦେ. ବି.—ଲଖାଇବା କର୍ମ—Causing to stick or
Lakhā লগানা লাগান adhere.

ଲଖା(ଖେ)ଇବା—ଦେ. କ୍ରି—୧ । ଲକ୍ଷ୍ୟ କରିବା—
Lakhā(khe)ibā লক্ষ করা लक्षकरना To aim at.
[ଉ—ବନ୍ଧରେ କାଣ୍ଡ ପରି ସେନାକୁ ଲଖାଇ—କୃଷ୍ଣସିଂହ. ମହାଭାରତ. ବନ ।] ୨ । (ଲଖିବା କ୍ରିୟାର ଣିଜନ୍ତ ରୂପ,
চাপান चपाना, लगाना କୌଣସି ବସ୍ତୁକୁ କୌଣସି ପଦାର୍ଥରେ ବା ସ୍ଥାନରେ ସଂଲଗ୍ନ କରାଇବା—2. To cause to stick.

ଲଖା ଲଖି—ଦେ. ବି. ଓ ବିଣ.—(ସଂ ଲକ୍ଷ୍ୟ)—ପରସ୍ପରରେ ଲକ୍ଷ୍ୟାଲକ୍ଷ୍ୟ
Lakhā lakhi ହେବା—Aiming at each other.
পরস্পরকে লক্ষকরা लखा लखी [ଉ—ଯୁଧିଷ୍ଠିର ଅର୍ଜୁନ ଶର ଯେ ଲଖା ଲଖି ହୁଅନ୍ତେ ଉଭାଏ ଗର୍ଜିଲେ ହୋଇ ସୁଖୀ—କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।]

ଲଖି(କ୍ଷ୍ମୀ)—ଦେ. ବି.—(ସଂ ଲକ୍ଷ୍ମୀ)—୧ । ସ୍ତ୍ରୀ ଲକ୍ଷ୍ମୀ (ଦେଖ)
Lakhi (kkhi) লক্‌খী 1. Lakshmī (See)
[ଲଖି, ଲଖୁ, ଲଖିମି—ଅନ୍ୟ ଅଦରାର୍ଥକ ରୂପ] [ବି—ଲକ୍ଷ୍ମୀ ଶବ୍ଦ [ଲଖିଆ, ଲଖୁଆ—ଅନାଦରାର୍ଥକ ରୂପ] ସଙ୍ଗେ ଯୁକ୍ତ ହୋଇଥିବା ଶବ୍ଦମାନ ଉଚ୍ଚାରଣରେ ଲଖି, ସଙ୍ଗେ ଯୁକ୍ତ ହୁଏ ।]
୨ । ପୁଂ.—ଲକ୍ଷ୍ମୀଧର ବା ଲକ୍ଷ୍ମଣ ନାମକ ବ୍ୟକ୍ତିର ଡାକ ନାମ (ଅଦରାର୍ଥକ)—2 A name for calling Lakshmidhara, Lakshmana in endearment. ୩.(ନଖ)—ଘୋଡ଼ାର ଖୁରରେ ବଢ଼ିବା ନଖର ସ୍ତର—3. The layers of nail in the hoof of a horse.

ଲଖିବା—ଦେ. କ୍ରି (ସଂ ଲକ୍ଷ୍ ଧାତୁ)—୧ । ଲକ୍ଷ କରିବା—
Lakhibā 1. To aim at. ୨ । ଦୃଷ୍ଟି କରିବା—
লক্ষকরা 2. To see; to observe. ୩ । ତୁଳନା କରିବା—
लखना 3. To compare.

ଲଖିମି (ଇତ୍ୟାଦି)—ଗ୍ରା. ବି (ସଂ. ଲକ୍ଷ୍ମୀ)—ଲକ୍ଷ୍ମୀ ଇତ୍ୟାଦି (ଦେଖ)
Lakhimī (etc) Lakhmī etc. (See)
লক্‌খী लखिमी

ଲଖିନ(ନ୍ଧ)ର—ଗ୍ରା. ବି (ସଂ. ଲକ୍ଷ୍ମୀଧର)—ଲକ୍ଷ୍ମୀଧରର ଡାକ ନାମ—
Lakhinda(ndha)ra Name for calling
লক্‌খীধর लक्ष्मीधर Lakshmīdhara.
(ଲଖିଁଧର—ଅନ୍ୟରୂପ).

ଲଖୁ—ଗ୍ରା. ବି—(ଆଦରାର୍ଥକ)—ଲକ୍ଷ୍ମଣର ଡାକ ନାମ—
Lakhu Name for calling Lakshmana.
লক্‌খু लखु (ଲଖୁଆ—ଅନାଦରାର୍ଥକ ରୂପ)

ଲଖେଶ୍ୱର(ରୀ)—ଗ୍ରା. ବି (ଲକ୍ଷେଶ୍ୱର) —ଲକ୍ଷେଶ୍ୱରୀ (ଦେଖ)
Lakheśwara(ri) Lakshesh wari. (See)

ଲଖେ—ଗ୍ରା. ବିଣ ଓ ବି—୧ । (ସଂ. ନଖ; ନଖ ଉପରେ ଯେତିକି
Lakhe ରହିବ ସେତିକି) ଅତି ଅଳ୍ପ ମାତ୍ର; ଟିକିଏ—1. Very
সামান্য small; tiny. ୨। (ସଂ.ଲକ୍ଷ)ଏକ ଲକ୍ଷ ସଂଖ୍ୟକ—
जरासा 2. Numbering one lakh. ୩ । ଅସଂଖ୍ୟ—
একলাখ लाखों 3. Countless.

ଲଖ୍ୟ—ଗ୍ରା. ବି—୧ । (ସଂ. ଲକ୍ଷ୍ୟର ଅଶୁଦ୍ଧ ଓଡ଼ିଆ ଉଚ୍ଚାରଣ) ଲକ୍ଷ୍ୟ
Lakhya (ଦେଖ)—1. Lakshya. (See) ୨ । (ସଂ. ଲକ୍ଷ)
ଲକ୍ଷ୍ୟ (ଦେଖ)—2. Lakshya. (See)

ଲଖ୍ୟଣ—ଗ୍ରା. ବି—୧ । (ସଂ. ଲକ୍ଷଣ)—ଲକ୍ଷଣ (ଦେଖ)—
Lakhyana 1. Lakshana. (See) ୨ । (ସଂ. ଲକ୍ଷ୍ମଣ)—
লকখন लछमन (ଦେଖ)—2. Lakshmana. (See)

ଲଗ (ଧାତୁ)—ସ.—୧ । ସଂଲଗ୍ନ ହେବା—1. To stick to; to
Lag (root) adhere; to cling; to be attached to.
୨ । ମିଳିତ ହେବା—2. To meet; to become united with. ୩ । ପ୍ରାପ୍ତ ହେବା—3. To get.
୪ । ସ୍ପର୍ଶ କରିବା—4. To touch; to come in contact with. (Apte) ୫ । (ବାକ୍ୟାଦି) କୌଣସି ବ୍ୟକ୍ତିଠାରେ ଫଳବତୀ ହେବା—5. To affect; to have an effect on. (Apte) ୬ । ଅବ୍ୟବହିତ ପରେ ରହିବା—6. To follow closely; to

ensue; to happen immediately. (Apte) ୭ । କୌଣସି ବ୍ୟକ୍ତିକୁ ନିୟୋଜିତ ରଖିବା—7. To engage; to detain; to occupy. (Apte)

ଲଗ୍‌ବୁକ୍—ବୈଦେ· ବି (ଇଂ. ଲଗ୍‌ବୁକ୍)—
Lag-buk ୧ । ଯେଉଁ ବହିରେ ଜାହାଜର ଦୈନିକ ଗତିର (ଲଗ୍‌ବହି—ଦେଶଜରୂପ) ବିବରଣ ଓ ପରିମାଣ ଲିପିବଦ୍ଧ ହୁଏ—
लगबुक 1. Log book of a ship. ୨ । ଯେଉଁ ବହିରେ
लागबुक ବିଦ୍ୟାଳୟରେ ସମୟକ୍ରମେ ଘଟିବା ପ୍ରଧାନ ଘଟଣାମାନ ଶିକ୍ଷକ ଲେଖି ରଖନ୍ତି—2. Log book of a school, which contains the chief events of the school, kept recorded by the teachers from time to time.

ଲଗ୍‌ଭ(ବ)ଗ୍—ଦେ (ହିନ୍ଦୀରୁ ଅନୁକୃତ) ଅ—ପ୍ରାୟ; ପ୍ରାୟଶଃ—
Lag-bha(ba)g About; nearly.
लगबग लगभ(भ)ग

ଲଗଉ—ଦେ. ବିଣ ଓ କ୍ରି. ବିଣ—ନିରନ୍ତର; ଅବିଚ୍ଛିନ୍ନ—
Lagau Continuous. ପୁନଃପୁନଃ—Repeatedly.
(ଲଗଉତ[ଡ]—ଅନ୍ୟରୂପ) लागाअ, लागाओ लगातार

ଲଗ(ଗା)ଉତି—ଦେ. ବି—୧ । ଦିନମୂଲିଆ—1. A day
Laga(gā)ūti labourer. ୨ । କୌଣସି କାର୍ଯ୍ୟରେ ମୂଲିଆଙ୍କୁ
रोजमजूर ଦିଆଯିବା ମୂଲର ପରିମାଣ—2. Amount of
लग गत, लागत wages paid to day labourers in
मजूरी connection with a work. (ଯଥା—ଏ ଘର

ଲଗାଉତି } ଅନ୍ୟରୂପ ତିଆର କରିବାକୁ କାଠ ବାବଦ ଆଠ
ଲଗୁତି } ଟଙ୍କା ଓ ଲଗଉତି ଟଙ୍କା ଲାଗିଲା ।)
ଲଗୌତି } ୩ । ବ୍ୟୟ; ଖରଚ—
3. Expense; cost.

ଲଗଡ଼—ଦେ. ବିଣ (ସଂ. ଲଗ୍ନ)—୧ । ଲଗ୍ନ—1. Attached.
Lagarda ୨ । ସଜ୍ଜିତ; ଖଚିତ—2. Set; adorned.
सुन्दर ସଂ. ବିଣ. ପୁଂ—ମନୋହର; ସୁନ୍ଦର—Graceful;
खुबसुरत elegant; charming; lovely. (Apte)
(ବିପରୀତ—ଅଲଗଡ଼=ଅସୁନ୍ଦର)

ଲଗଣ—ଗ୍ରା. (ପଦ୍ୟ) ବି (ସଂଲଗ୍ନ)—ଲଗ୍ନ (ଦେଖ)—
Lagaṇa लगन लगन Lagna. (See)
[ଲଗ୍ନ—ଅନ୍ୟରୂପ]

ଲଗଣି(ନି)କ—ଗ୍ରା. ବିଣ. ଓ ବି (ସଂ. ଲଗ୍ନକ)—୧ । ନିକଟ
Lagaṇi(ni)kā ସମ୍ପର୍କୀୟ—1. Near relation.
निकट closely related. ୨ । କୁଟୁମ୍ବ—2. Kinsman;
लगनिक kindred.

ଲଗନ—ଦେ. (ପଦ୍ୟ) ବିଣ—ଲଗ୍ନ (ଦେଖ)—Lagna (See).
Lagana (ଉ—ଦ୍ରୁମ ଦ୍ରୁମେ ଲଗନ ହେବେ ବହନ—
लगन लगन ରାଧାନାଥ. ମେଘଦୂତ)

ଲଗା—ଦେ. ବି—(ସ. ଲଗ୍ ଧାତୁ)—୧ । ବୃକ୍ଷାଦି ଲଗାଇବା—
Lagā 1. Planting of trees. ୨ । ସମ୍ପର୍କ; ସମ୍ବନ୍ଧ—
लागान लगाना सम्पर्क लगाव 2. Connection.
गलायदडीदिये मरा फासीमे मृत्यु ୩ । ଗଳାରେ ଦଉଡ଼ି ଦେବା ପ୍ରଭୃତି ଦ୍ୱାରା ମୃତ୍ୟୁ (ନନ୍ଦେ)—3. Unnatural death, such as, by hanging. [ଉ—ଲଗା ଏମନ୍ତ ବୋଲି କହି, ଶୁଣ ହୋ ନୃପତି ତନଇ ।—ବିଷ୍ଣୁପୁରାଣ] ୪ ।
दायित्व लगा ଦାୟିତ୍ୱ—4. Responsibility. ୫ । (ସଂ.
जामीन जमानतदार ଲଗ୍ନକ) ଜାମିନ୍‌ଦାର୍; ପ୍ରତିଭୂ—5. Security; surety.[ଉ—ସେ କଥାରେ ମୁଁ ଲଗା ହେଲି—ଫକୀରମୋହନ; ଛମାଣ ଆଠଗୁଣ୍ଠ] । ୬। ସଂଲଗ୍ନ ହେବା—
लागा लगना 6. State of being attached. ୭ । ସ୍ପର୍ଶ କରିବା—7. Act of touching. ୮ । ସଂଲଗ୍ନ
लागान लगाना କରଣ—8. Act of attaching. ୯ ।
जामिन जमानत ପରପାଇଁ ଜାମିନ୍; ପ୍ରତିଭୂତ୍ୱ—9. Suretyship
दरकार जरूरी ୧୦ । ଆବଶ୍ୟକତା—10. Necessity
मध्यस्थ ୧୧ । ମଧ୍ୟସ୍ଥ—11. Intermediary; middleman.
[ଉ—ମଝିରେ ଅଛି କାହାରିକୁ ଲଗା ନ ରଖି ଗୃହ ମଣ୍ଡରେ ଗୃହିମାନଙ୍କଠାରୁ ଖରିଦା କଲେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।] ଦେ. ବିଣ—୧ । ଲଗ୍ନ—1. Attached.
लागा लगाहुआ [ଯଥା—ଅଙ୍ଗଲଗା ଗହଣ ।] ୨ । ପରସ୍ପର
लागालागि एकना(ला)गाडे ସଂଲଗ୍ନ—2. Touching each
लगातार other. ୩ । ଧାରାବାହିକ; ଅବିଚ୍ଛିନ୍ନ—3. Continuous. [ବି—ବିପରୀତ-ଅଲଗା=ଛଡ଼ାଛଡ଼ା]
दायी जवाबदेह ୪ । ଦାୟୀ—4. Responsible. ୫ । ଅନ୍ୟ
जामिनदार जमानतदार ପାଇଁ ଜାମିନ୍ ହୋଇଥିବା—5. Standing as surety for another.
लागान लगाहुआ ୬ । ଖଚିତ; ଜଡ଼ିତ—6. Adorned.
[ଉ—ହୀରା ଲଗା ଶାଢ଼ିପଠ ମାଳ ପାଟେ ବନ୍ଧା—କୃଷ୍ଣସିଂହ. ମହାଭାରତ. ବନ । ୭ । ମଧ୍ୟସ୍ଥ—
7. Intermediate.

ଲଗାଇ—ଦେ. ଅ—୧ । ଲଗାଏତ—(ଦେଖ)—1. Lagāet (See)
Lagai ୨। ମିଶାଇ—2. By joining together; includ-
नागाৎ लगाकर ing [ଉ—ତାଙ୍କୁ ଲଗାଇ ତିନି ପ୍ରାଣୀ—ଫକୀରମୋହନ. ଛମାଣ ଆଠଗୁଣ୍ଠ ।]

ଲଗା(ଗେ)ଇବା—ଦେ. କ୍ରି—(ସଂ. ଲଗ୍ ଧାତୁ ଣିଜନ୍ତ; ଲାଗିବା କ୍ରିୟାର
Lagā(ge)ibā ଣିଜନ୍ତରୂପ—Causative of Lāgibā.)
लागान लगाना ୧ । ଏକ ବସ୍ତୁ ସଙ୍ଗେ ଅନ୍ୟ ବସ୍ତୁକୁ ସଂଲଗ୍ନ କରିବା; ଯୁକ୍ତ କରିବା; ଯୋଡ଼ିବା—1. To attach; to join a thing to another. [ଯଥା—ଲୁଗାରେ ଜରି ଲଗାଇବା, କଡ଼ୁରେ ବେଣ୍ଟ ଲଗାଇବା, ଚୂଲିରେ ନିଆଁ ଲଗାଇବା, କାଗଜରେ ଅଠା ଲଗାଇବା]
[ଉ—ଲଗାଇଛି ଫାଶ ସେତୁ ସମସ୍ତଙ୍କ ଗଳେ । ରାଧାନାଥ. ମହାଯାତ୍ରା ।) ୨ । ଦେହରେ ଅଳଙ୍କାରାଦି ପିନ୍ଧିବା; ଭରିବା; ଯୋଖିବା; ଦାଇବା—2 To put on (dress

etc on the body); to wear. (ଯଥା—ଅଳଙ୍କାର, ମାଳ, ହାର, ପ୍ରଭୃତି ଲଗାଇବା, କୁର୍ତ୍ତା, କୋଟ୍ ଲଗାଇବା । [ଉ—ଗନ୍ଧର୍ବ ଅପସରା ସେ ଫୁଲ ତୋଷରେ, ମାଗି କର ଅଗ ଲଗାନ୍ତି ଶିର ପରେ । କୃଷ୍ଣସିଂହ. ମହାଭାରତ. ବନ । ଦୁଇ ଅଙ୍ଗୁଠିରେ କଙ୍କଣୀ ଲଗାଇଲେ—କୃଷ୍ଣସିଂହ. ମହାଭାରତ. ବନ ।] ୩ । (ନିଜର ଦେହରେ ତୈଳାଦି) ବୋଳ ହେବା—3 To anoint; to besmear oil etc on one's own body, (ଯଥା-ମାଲଘା ବା ତେଲ ଲଗାଇବା, ସିନ୍ଦୁର କଜ୍ଜ୍ୱଳ ଲଗାଇବା ।) ୪ । ଲୋକ ଆଦିଙ୍କୁ କୌଣସି କାର୍ଯ୍ୟରେ ନିଯୁକ୍ତ କରିବା; ନିଯୋଜିତ କରିବା—4. To engage or employ persons in a work. (ଯଥା-ମୂଲିଆ ଲଗାଇବା) । ୫ । (ଅମୁକରେ) ଅଗ୍ନି ସଂଯୋଗ କରିବା; ଜାଳିବା—5. To set fire to. [ଯଥା—ଦୀପ ଲଗାଇବା, ବାଣ ଲଗାଇବା, ବଣ ଲଗାଇବା, ଚୁଲି ଲଗାଇବା । (ଦ୍ର—ଅଗ୍ନି ସଂଯୋଗ କରିବା ଅର୍ଥରେ ଚୂଲିରେ ନିଆ ଲଗାଇବା ଓ ଚୁଲି ଲଗାଇବା; ଦୀପ ଲଗାଇବା ଓ ଦୀପରେ ଅଳୁଅ ଲଗାଇବା; ବାଣ ଲଗାଇବା ଓ ବାଣରେ ନିଅାଁ ଲଗାଇବା, ଏପରି ୨ଟି ରୂପର ବ୍ୟବହାର ହୁଏ ।] ୬ । ଆଘାତ କରିବା; ପ୍ରହାର କରିବା— 6. To strike. (ଯଥା—ପାହାର ଲଗାଇବା; ବେତ ଲଗାଇବା, ଗୋଇଠା ଲଗାଇବା ।) [ଦ୍ର—ପ୍ରହାର କରିବା ଅର୍ଥରେ ବେତ ଲଗାଇବା ଓ ବେତରେ ପାହାର ଲଗାଇବା ବ୍ୟବହୃତ ହୁଏ ।) ୭ । (ଗଛ ଆଦି) ରୋପଣ କରିବା; ରୋଇବା—7 To plant (trees) [ଯଥା—ଗଛ ଲଗାଇବା, ତଳ ଲଗାଇବା ।] [ଉ—ଭଲ ତ ମୋ କପାଳ, ଲଗାଇଲି ରସାଳ, ନିମ୍ବ ତ ଫଳିଲରେ କବିସୂର୍ଯ୍ୟ. ସଙ୍ଗୀତ ।] ୮ । କିଛି ସମୟ ବ୍ୟାପୀ କୌଣସି କାର୍ଯ୍ୟ କରିବା; ଅମୁକ କର୍ମରେ କେତେକ ସମୟ ନିଯୁକ୍ତ ହେବା—8. To go on doing a work for some time; to be engaged in doing a work. [ଯଥା—କଳି ଲଗାଇବା, ମାଡ଼ ଗୋଳ ଲଗାଇବା, ନାଟ ଲଗାଇବା ଇତ୍ୟାଦି ।] ୯ । (ଦେବତାଙ୍କୁ ନୈବେଦ୍ୟ) ଅର୍ପଣ କରିବା—9. To offer offering to a Deity. [ଯଥା—ଭୋଗ ଲଗାଇବା, ନୈବେଦ୍ୟ ଲଗାଇବା ।] ୧୦ । କୌଣସି ବ୍ୟକ୍ତିଠାରେ (ଦୋଷ ଆଦି) ଆରୋପ କରିବା—10. To ascribe a fault to a person. [ଯଥା—କଳଙ୍କ ଲଗାଇବା, ବାଟିଆ ଲଗାଇବା, ସୁନାମରେ କାଳି ଲଗାଇବା]—୧୧ । ଖାଇ ସାରି ଖାଇବା ସ୍ଥାନକୁ ମାର୍ଜିତ ବା ପରିଷ୍କୃତ କରିବା—11. To cleanse a place where food was taken. [ଯଥା—ଅଇଣ୍ଠା ଲଗାଇବା ।] ୧୨ । କୌଣସି ବ୍ୟକ୍ତି ପ୍ରତି ଜ୍ୱର, ଭୂତପ୍ରେତ ଆଦି ପ୍ରୟୋଗ କରିବା ବା ପ୍ରେଷିବା—12. To set an evil spirit to possess a person. [ଯଥା—ଜ୍ୱର ଲଗାଇବା, ଭୂତ ଲଗାଇବା] ୧୩ । ଲେପନ କରିବା—13. To smear. [ଯଥା—ପାଦରେ ଚନ୍ଦନ ଲଗାଇବା ।] [ଉ—ସୁଗନ୍ଧ କୁଚେ ଲଗାଇଲେ, କାମ ଅନଳ ଲଗାଇଲେ ଜଗନ୍ନାଥ. ଭାଗବତ ।] ୧୪ । —ଅକର୍ମକ (ବର୍ଷା ଆଦି) ବହୁ ଦିନ ବ୍ୟାପିବା—14. To continue for a long time. [ଯଥା—୩ ଦିନ ହେଲା ଝଡ଼ି ଲଗାଇଛି; ବର୍ଷା ଲଗେଇଛି ।] ୧୫ । (ଖାଦ୍ୟାଦି) ପରିବେଷଣ କରିବା 15. To serve (food). [ଯଥା—ପତ୍ରରେ ଭାତ, ଡାଲି, ଖିରି, ମଣ୍ଡା, ପିଠା ଆଦି ଲଗାଇବା ।] ୧୬ । (ହାତରେ) ସ୍ପର୍ଶ କରିବା—16. To touch with (the hand). [ଯଥା—ମୋ ଦେହରେ ହାତ ଲଗାଇବ ନାହିଁ ।] ୧୭ । ଶତ କହିବା; ନିନ୍ଦା କରିବା; ଚୁଗୁଲି କରିବା—17. To backbite; to speak evil of a person behind his back. [ଉ—କେ କସ ଲଗାଇ କହୁଛି ଆରେ ସହି, ଏଥିକି ରୋଷ ବହି, ଆନନ ଗାଙ୍କୁ ଚଳେ—ସଙ୍ଗୀତ ।] ୧୮ । ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବନ୍ଧୁତା, ଶତ୍ରୁତା, ବିବାଦ ଆଦି କୌଣସି ଭାବର ବା ସମ୍ପର୍କର ସୂତ୍ରପାତ କରାଇବା—18. To cause the growth of good or bad feeling between two persons. [ଯଥା—ପ୍ରୀତି ଲଗାଇବା, ଭାବ ଲଗାଇବା, ବିବାଦ ଲଗାଇବା ।] ୧୯ । ନୌକା ଓ ବୋଇତ ପ୍ରଭୃତିକୁ ଆଣି କୂଳରେ ପହଞ୍ଚାଇବା—19. To bring a boat to the shore. [ଉ—ଭାସିଲିଟି ଡାକକୁ ହରି ଅକୂପାରେ, ତରୁଣି ତରଣୀ ହୋଇ ଲଗାଅ ଭୂ ପାରେ । କବିସୂର୍ଯ୍ୟ. ସଙ୍ଗୀତ ।] ୨୦ । କୌଣସି ପ୍ରକାର ପ୍ରାକୃତିକ ଅସ୍ୱାସ୍ଥ୍ୟକର ଜଳବାୟୁର ସମ୍ପର୍କରେ ଆସିବା—20. To expose one's body to (cold etc.) [ଯଥା ଦେହରେ ଥଣ୍ଡା ଲଗାଇବା ।] ୨୧ । କୌଣସି ବ୍ୟକ୍ତିଙ୍କୁ କୌଣସି କାର୍ଯ୍ୟ ପାଇଁ ଉପର୍ଯ୍ୟୁପରି ଅନୁରୋଧ, ପ୍ରାର୍ଥନା ବା ଜିଗର୍ କରିବା—21. To implore; to entreat ernestly; to importune. [ଯଥା—ଯାତ୍ରା ଦେଖି ଯିବାକୁ ପିଲାଟା ମୋ ସଙ୍ଗେ ୩ ଦିନ ହେଲା ଲଗାଇଛି ।] ୨୨ । ସୁଧ ବା ଲାଭ ପାଇବା ଆଶାରେ ଟଙ୍କାକୁ ଖଟାଇବା ବା ନିୟୋଜିତ କରିବା—22. To invest money for profit or on business. (ଯଥା—ଟଙ୍କା କରଜ ଲଗାଇବା, ଟଙ୍କା ବେପାରରେ ଲଗାଇବା, ଟଙ୍କା କାରବାରରେ ଲଗାଇବା ।) ୨୩ । କୌଣସି ବିଶିଷ୍ଟ କାର୍ଯ୍ୟ ପାଇଁ ଧନ ବା ବସ୍ତୁକୁ ବ୍ୟୟ କରିବା 23. To spend money etc or employ any thing on a particular matter.

(ଯଥା—ମୁଁ ୫୦୦ ଟଙ୍କା ଲଗାଇ ପୁଅର ବାହାଘର କଲି; ଏ ଭୂମିରେ ୩ ଗଛ କଦଳୀ ଲଗାଇଲି ।) (ଉ—ଲଗାଇ ନିଜ ଧନ ପ୍ରାଣ, ଲୋକର କର ହେ କଲ୍ୟାଣ । ମଧୁସୂଦନ. ଭଜନମାଳା ।) ୨୪ । କୌଣସି ବ୍ୟକ୍ତି ସଙ୍ଗେ କଳି ବା ଅନର୍ଥ ଉଠାଇବା ବା ବିବାଦ କରିବା—24. To start a quarrel or dispute with a person. (ଯଥା—ବନ୍ଧୁ ସହିତ ଲଗାଇବ ନାହିଁ ।) ୨୫ । ଯୋଚିବା—25. To yoke. (ଯଥା—ଗାଡ଼ିରେ ଘୋଡ଼ା ଲଗାଇବା ।) ୨୬। ସ୍ତ୍ରୀ ପଶୁ ସଙ୍ଗେ ପୁରୁଷ ପଶୁର ସଙ୍ଗମ ହେବାର ବ୍ୟବସ୍ଥା କରିବା; ଜୋଡ଼ ଖୁଆଇବା—26. To cause a male animal to copulate with a female one. ୨୭ । ଶିକାର ଆଦିଙ୍କ ପଛରେ କୁକୁର ଆଦିଙ୍କୁ ପ୍ରେରଣ କରିବା—27. To set (a dog) on a prey.

ଲଗାଇ ହେବା—ଦେ. କ୍ରି—ଆପଣାର ଦେହରେ ତେଲ ବା ହଳଦୀ Lagāi hebā ଆଦି ନିଜେ ବୋଳି ହେବା—To anoint মাখা लगाना oil, turmeric etc on one's own person. (ଯଥା—କେହି ଦାସୀ ଆଜି ନ ଥିବାରୁ ରାଣୀ ନିଜ ହାତରେ ମାଲିଶ ଲଗାଇ ହେଉଛନ୍ତି ।)

ଲଗାଉ—ଦେ. ବି. (ସଂ. ଲଗ୍ନ)—୧ । ଲଗାଲଗି ଅବସ୍ଥା—1. Con- Lagāu tinuity. ୨ । ସମ୍ପର୍କ—2. Connection. ବିଣ লাগাও —୧ । ସଂଲଗ୍ନ—1. Attached. ୨ । ସମ୍ପୃକ୍ତ— लगाव, लगावट 2. Connected. ୩ । ଅବିଶ୍ରାନ୍ତ—3. Con लगातुआ tinuous.

ଲଗାଏ(ୟ)ତ୍—ଦେ. କ୍ରି. ବିଣ—୧ । କୌଣସି ସ୍ଥାନ ବା ସମୟ ବା Lagāe(ya)t ବ୍ୟକ୍ତିଠାରୁ ଆରମ୍ଭ କରି ଅନ୍ୟ କୌଣସି ସ୍ଥାନ লা(না)গাদ(ত্), लगाइत, लगाइद, नागाइद ସମୟ ବା ବ୍ୟକ୍ତି लगायत, लगातार ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବରେ—1. Continuously; without intermission. ୨ । ଅବଧି; ପର୍ଯ୍ୟନ୍ତ—2. Upto. ୩ । ଆରମ୍ଭଠାରୁ ଆରମ୍ଭ କରି—3. Beginning from. [ବ୍ର—ଏହାର ସାଙ୍କେତିକ ଚିହ୍ନ । ଲ ।; ଯଥା—କଟକ । ଲ । ପୁରୀ=କଟକଠାରୁ ପୁରୀ ପର୍ଯ୍ୟନ୍ତ ।]

ଲଗା ଜୋଡ଼ା—ଦେ. ବି—ଗୋପନରେ ଦୋଷାରୋପ; ଖଚ; କୌଣସି Lagā jorḍā ବ୍ୟକ୍ତି ନାମରେ ଫେରାଦ ବା ଅଭିଯୋଗ ବା লাগানি ଦୋଷାରୋପ କରିବା; ଚୁଗୁଲି—Backbiting; चुगली complaining against a person behind him

ଲଗାଣ—ଦେ. ବି. (ସଂ. ଲଗ୍ ଧାତୁ)—୧ । ବହୁଦିନ ବ୍ୟାପୀ Lagāṇa ଝଡ଼ ଓ ବୃଷ୍ଟି—1. Rain or storm con- লাগাড় জল, লাগানিয়া বর্ষা tinuing for days together. लगातार बरषात (ଉ—ତାହାକ କହୁଛୁ ଭାରି ଲଗାଣ ହେବ । ଫକୀରମୋହନ. ଛମାଣ ଆଠଗୁଣ ।) ୨ । ସଙ୍ଗୀତର ଆରମ୍ଭରେ ସ୍ୱରର ଆଳାପ—2. The preliminary utterance of the formula of a musical tune. ଦେ. ବିଣ—୧ । ପରସ୍ପର লাগাড, লাগানিয়া ସଂଲଗ୍ନ—1. Attached to each other. लगातार ୨ । ଅବିଚ୍ଛିନ୍ନ—2. Continuous. (ଯଥା—ଲଗାଣ ବରଷା ।)

ଲଗାଣି—ଦେ. ବି—ଖଚ; ଗୋପନରେ ଦୋଷାରୋପ— Lagāṇi লাগানি चुगली, लुतरापन Backbiting. লাগানিয়া ଦେ. ବିଣ. ପୁଂ ଓ ସ୍ତ୍ରୀ—ଖଚୁଆ; କୁମନ୍ତ୍ରଣାକାରୀ— लुतरा Back-biting. (ଲଗାଣେଇ—ଅନ୍ୟ ସ୍ତ୍ରୀଲିଙ୍ଗ ରୂପ)

ଲଗାଣିଆ(ଆଁ)—ଦେ. ବିଣ-୧ । ଲଗାଣଯୁକ୍ତ (ପାଗ)—1. Stormy Lagāṇia(āṅ) (weather) ୨ । ଅବିଚ୍ଛିନ୍ନ—2. Conti- লাগাড nuous. ୩ । ଲଗାଣି (ଦେଖ)—3. Lagāṇi लगातार (See) ଦେ. ବି—ପିଆଦା; କୌଣସି ବ୍ୟକ୍ତିକୁ ତଲବ କରିବା ପାଇଁ ପ୍ରେରିତ ପିଆଦା—A peon deputed to summon or bring a person.

ଲଗା ପଗା(ଘା)—ଦେ. ବି. (ସହଚର) [ଲଗା=ନିକଟ ସମ୍ପର୍କ ଓ Lagā pagā(ghā) ପଗା (ପ୍ରଗହ)=ରଜ୍ଜୁ ବା ଦଉଡ଼ି, ରଜ୍ଜୁରେ টান लगापघा ବାନ୍ଧିବା ଯୋଗ୍ୟ ସମ୍ପର୍କ]—୧ । କୌଣସି କାର୍ଯ୍ୟ लगाव ସମ୍ବନ୍ଧରେ ଦାୟିତ୍ୱ ବା ପ୍ରଭୁତ୍ୱ—1. Direct or indirect responsibility in a matter ୨ । ଦୂର ବା ନିକଟ ସମ୍ପର୍କ—2. Close or distant connection. ୩ । ସଂସାରର ବନ୍ଧନ— 3, Worldly entanglements or attachment,

ଲଗାମ୍—ବୈଦେ. ବି (ଫା. ଲଗାମ୍)—୧ । ଅଶ୍ୱବଲ୍ଗା; ପ୍ରଗହ— Lagām 1, Reins of a horse ୨ । ଓଷ୍ଠକୋଣରେ লাগাম लगाम ହେବା ଘାଆ—Sores in the corners of the lips.

ଲଗାଯୋ(ଜୋ)ଡ଼ା କରିବା—ଦେ. କ୍ରି—୧ । ମିଛ ସତ ଯୋଡ଼ିବା— Lagā-jo (jo)rḍā kariba 1. To weave truth and লাগান चुगलीकरना falsehood together. ୨ । ଚୁଗୁଲି କରିବା—2. to backbite. [ଉ—ଅମୃତଠାରୁ ଏବେ ସେ ଗଲେ ତ ଅଛିବେ, ଲଗାଯୋଡ଼ା କରିଣ ତାହାଙ୍କୁ କହିବେ—କୃଷ୍ଣସିଂହ ମହାଭାରତ ଉଦ୍ଯୋଗ ।]

ଲଗାରି—ଦେ. ବି—ପାପ ଓ ଦୋଷର ଦଣ୍ଡଦାତା— Lagāri Punisher of sins and guilt. দণ্ডেরকর্তা दण्डदेनेवाला

ଲଗାଲଗି—ଦେ. ବିଣ ଓ ବି—୧ । ପରସ୍ପର ସଂଲଗ୍ନ—1. Coming Lagālagi in contact with; contiguous to লাগালাগি लगाव each other (ଉ—ସେ ସମୟରେ ହିମାଳୟ ମେରୁ ଗିରି, ଶୃଙ୍ଗ ଲଗାଲଗି ହୋଇଲେ ବଣ୍ଡଧାରି—କୃଷ୍ଣସିଂହ ମହାଭାରତ ଶାନ୍ତି ।) ୨ । ଲଗାଉ

ଭାବରେ ସଂଲଗ୍ନ—2. Conjested together; densely set. (ଉ—ବନରେ ବୃକ୍ଷମାନେ ଲଗା ଲଗି ହୋଇ, ଥିଲେ ସେ ପବନ ବ ଲାଗେ ତା ପାରଇ—କୃଷ୍ଣସିଂହ ମହାଭାରତ ଅଦି ।) ୩ । ପ୍ରାୟ—ପ୍ରାୟ लगभग 3. Nearly; about. (ଉ—ପୋଇଲ ପରବାସ୍ତ ଛୋଡ଼ିଦ ବ ବାଇଶି । ଏହୁପର ବରଷ ଲଗାଲଗି—ଫକୀରମୋହନ ଛମାଣ লাগালাগি लगालगी ଆଠଗୁଣ୍ଠ ।) ୪ । ଲଗାଇବା ଆଦି କ୍ରିୟା—4. The operation of planting etc.

ଲଗାହାରି—ଦେ. ବି—୧ । ମରଣାର୍ଥ ଗଳାରେ ଦଉଡ଼ି ଲଗାଇବା, ଉଦ୍ଧ,
Lagāhāri ଦ୍ୱାରା ଅପମୃତ୍ୟୁ—1. Winding or putting গলায়দড়ি फाँसीलगाना a rope round the neck অপমৃত্যু अपमृत्यु to cause death by hanging মুরবী पीठलग्गु or strangling. ୨ । ଢଣ୍ଟିଚିପି ମାରିବା—2. Strangling to death. ୩ । ଅପମୃତ୍ୟୁ 3. Accidental death; unnatural death. ୪ । ପର ଦ୍ରବ୍ୟରେ ଅଧିକାର ଦେଖାଇବା—4. Showing mastery over the property of others. ୫ । ଯେ ପର ଦ୍ରବ୍ୟ ଉପରେ ଆପଣାର ପ୍ରଭୁତ୍ୱ ବା ଅଧିକାର ଦେଖାଏ—5 A person who assumes mastery over the property of others. ପ୍ରାଦେ (ଯାଜପୁର) ବ—କାଳ ଦେବତା; ମୃତ୍ୟୁ ସଂଘଟନକାରୀ—That which causes death, death personified;

ଲଗା ହେବା—ଦେ. କି—୧ । କୌଣସି କାର୍ଯ୍ୟପାଇଁ ଦାୟୀ ହେବା—
Lagā hebā 1 To de responsible for anything দায়ী হওয়া ୨ । କୌଣସି ବିଷୟରେ ସମ୍ପର୍କିତ ହେବା—दायी होना 2. To be connected with a matter. লাগা হওয়া ୩ । ଅନ୍ୟ ପାଇଁ ଜାମିନ୍ ହେବା—3. To stand लगा होना surety for another. জামীন হওয়া जमानत होना

ଲଗି(ଗ୍ଗି)—ଦେ. ବି. (ସଂ. ଲଗୁଡ଼)—୧ । ଉଚ୍ଚ ଗଛରୁ ଫଳ ଆଦି
Lagi(ggi) ତୋଳିବା ପାଇଁ ଅଙ୍କୁଶ ଯୁକ୍ତାଗ୍ର ବଂଶ ଦଣ୍ଡ, ଅଙ୍କୁଡ଼ି—লগা, লগি, হুলকা 1. A pole attached with a hook लगा(गी), लकसी at its end and used in plucking fruits etc from high trees; a long hook for plucking fruits. ୨ । ଅଙ୍କୁଶାଗ୍ର ନୌକା-ଚାଳନ ଦଣ୍ଡ; ଅଙ୍କୁଶାବାଲା କାଠ—A boat hook.

ଲଗିତ—ସଂ. ବିଣ. (ଲଗ୍ ଧାତୁ=ଲାଗିବା+କର୍ତ୍ତୃ. ତ)—୧ । ସଲଗ୍ନ—
Lagita 1. Attached; adhered to (Apte) ୨ । ସଂଯୁକ୍ତ—2. Joined to; connected with (Apte). ୩ । ପ୍ରାପ୍ତ—3. Got; obtained (Apte).

ଲଗୁଆର—ପ୍ରାଦେ. (ସମ୍ବଲପୁର) ବିଣ—ଋଣଗ୍ରସ୍ତ—
Laguāra Indebted.

ପ୍ରାଦେ. (ସମ୍ବଲପୁର) ବି—ଅଧମର୍ଣ୍ଣ; ଖାତକ—A debtor.

ଲଗୁଡ଼(ର, ଳ)—ସଂ.ବି. (ଲଗ୍ ଧାତୁ=ଲାଗିବା+କର୍ତ୍ତୃ. ଉ;ଳ=ଡ଼)-
Lagurda(ra, la) ୧ । ପ୍ରାଚୀନ ଭାରତର ଯୁଦ୍ଧାସ୍ତ୍ର ବିଶେଷ—1. Iron staff or lethal cudgel used as a weapon of offence in ancient India. [ଦ୍ର—ଏହାର ସର୍ବାଙ୍ଗ ଲୌହମୟ, ପାଦଦେଶ ସରୁ, ମସ୍ତକ ବା ଅଗ୍ରଭାଗ ଲୌହ ବଳୟ ଦ୍ୱାରା ଆବଦ୍ଧ ହୋଇ ଥିଲା; ସ୍କନ୍ଧ ସ୍ଥୂଳ; ଲମ୍ବରେ ଦୁଇ ହାତ; ଏହା ଅତ୍ୟନ୍ତ ଦୃଢ଼ । ପଦାତି ସୈନ୍ୟମାନେ ଏହା ଧରି ଯୁଦ୍ଧ କରୁଥିଲେ । ଆଜି କାଲିର କନଷ୍ଟବଲମାନଙ୍କ ବ୍ୟବହୃତ ରେଗୁଲେସନ୍ ଲାଠି ସଙ୍ଗେ ଏହା ତୁଳନୀୟ ।] ୨ । ସ୍ଥୂଳ ନାତିଦୀର୍ଘ ଯଷ୍ଟି; ଠେଙ୍ଗଣି; ବାଉଁଶ ଠେଙ୍ଗା—2. A cudgel; club; stick. [ଦ୍ର—ଏହାର ଅପଭ୍ରଂଶ ଲଉଡ଼ି ।] ୩(ବୈଦ୍ୟକ) ରକ୍ତ କରବୀର; ଲାଲ କରଣୀ—3. The red species of the sweet—scented oleander.

ଲଗୁଡ଼ଧାରୀ—ସଂ. ବିଣ. ପୁଂ. (ଲଗୁଡ଼+ଧୃ ଧାତୁ=ଧାରଣ କରିବା+
Lagurdadhāri କର୍ତ୍ତୃ. ଇନ୍; ୧ମା. ୧ବ)—ଯେ ଲଗୁଡ଼ ରୂପ (ଲଗୁଡ଼ଧାରିଣୀ—ସ୍ତ୍ରୀ) ପ୍ରହରଣାସ୍ତ୍ର ଧରିଥାଏ—Bearing a cudgel; armed with a cudgel.

ଲଗୁଡ଼ବାହୀ—ସଂ. ବିଣ. ପୁଂ. (ଲଗୁଡ଼+ବହ୍ ଧାତୁ=ବହନ କରିବା
Lagurdbāhi +କର୍ତ୍ତୃ. ଇନ୍; ୧ମା. ୧ବ)—ଲଗୁଡ଼ଧାରୀ (ଲଗୁଡ଼ବାହିନୀ—ସ୍ତ୍ରୀ)—ସ୍ତ୍ରୀ) (ଦେଖ)—Lagurda dhāri(See)

ଲଗୁଡ଼ାଘାତ—ସଂ. ବି. (ଷଷ୍ଠୀ ତତ୍; ଲଗୁଡ଼+ଆଘାତ)—ଠେଙ୍ଗଣି
Lagurdāghāt ଦ୍ୱାରା ପ୍ରହାର—Blow or stroke with a cudgel.

ଲଗେ—ପ୍ରାଦେ. (ଉତ୍ତର ଭାଗ)—ପାଖକୁ; ନିକଟକୁ—Near; to.
Lage ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ଅ—ଠାରେ—In. লাগে तक [ଦ୍ର—ଯଥା—କେଜ୍ ଲଗେ=କେଉଁଠାରେ ।]
ଦେ. ଅ—ମାକଡ଼ଙ୍କୁ ଗୋଡ଼ାଇବା ପାଇଁ କୁକୁରଙ୍କ ପ୍ରତି ଡାକ—A hallooing used to incite dogs to chase monkeys.

ଲଗେଇ ଜୁ(ଜୋ)ଟେଇ କହିବା—ଦେ. କି—୧ । ଅନ୍ୟ କଥାକୁ ଅତି·
Lagei ju(jo)ṭei kahibā ରଞ୍ଜିତ କରି କହିବା—1. To লাগিয়ে বলা report (another's) fault after mag-लगा बनाकर बोलना nifying it. (ଯଥା—ସେକ୍ଷେତ୍ରେ ଲଗେଇ ଜୁଟେଇ ଚେର କଢ଼ିଥା କରେ । ଭୁଲୁବାଲୁମାସ, କାଥ ଭୁଣ୍ଡି ।) ୨ । ଚୁଗୁଲି କରିବା—2. To back bite. ୩ । ଅପରୋକ୍ଷଭାବରେ କୌଣସି ବ୍ୟକ୍ତିର ନାମ ଉଲ୍ଲେଖ କରିବା—3. To in directly allude to a person.

ଲଗେଇ ହେବା—ଦେ. କି—ଲଗାଇ ହେବା (ଦେଖ)
Lagei hebā Lagāi hebā (See)
মাখা लगाना ପ୍ରାଦେ. (ସମ୍ବଲପୁର) କି—ପର ପାଇଁ ଜାମିନ୍ ହେବା—To stand surety for another.

ଲଗେଜ୍—ଦେ. ବି. (ଇଂ. ଲଗେ୍ଜ୍)—୧ । ପର୍ଯ୍ୟଟକଙ୍କ ସଙ୍ଗେ ଥିବା ଜିନିଷ ପତ୍ରର ଗଣ୍ଠିରି—1. Luggage; bag and baggage. ୨ । ରେଲ ବା ଜାହାଜ ଯାତ୍ରୀଙ୍କ ସଙ୍ଗରେ ଥିବା ଜିନିଷ ପତ୍ର ଏକତ୍ର ବାନ୍ଧି ଓଜନ କରି, ତାହା ବହନ କରିବା ପାଇଁ ଗାର୍ଡ଼୍‌ଙ୍କ ଜିମା ଦିଆଯିବା ଗଣ୍ଠିରି—2. Passenger's luggage entrusted to the ship or railway guard for being carried to the traveller's destination.
Lagej
लगेज **लगेज**

ଲଗେଜ୍ କରିବା—ଦେ. କ୍ରି—ରେଲଗାଡ଼ିରେ ବା ଜାହାଜରେ ପର୍ଯ୍ୟଟକଙ୍କ ସଙ୍ଗେ ସ୍ଥାନାନ୍ତରକୁ ବାହିତ ହେବା ମାଲସବୁକ (ଯାହା ଯାତ୍ରୀଙ୍କ ସଙ୍ଗେ ନିଜ କୋଠରିରେ ରଖିବାକୁ ସ୍ଥାନ ନ ଥାଏ) ଗଣ୍ଠିରି ବାନ୍ଧି ଓଜନ କରି, ତହିଁର ମାସୁଲ୍ ରେଲ ବା ଜାହାଜ କୋମ୍ପାନୀଙ୍କ କର୍ମଚାରୀଙ୍କୁ ଦେଇ ତାଙ୍କଠାରୁ ଟିକଟ୍ ଆଣି, ସେ ଗଣ୍ଠିରି ରେଲ୍ ବା ଜାହାଜ କର୍ମଚାରୀଙ୍କ ମାରଫତ୍ ଅର୍ପଣ କରିବା—To book articles as railway luggage or ship luggage to be carried along with the passenger.
Lagej karibā
लगेज करना **लगेज करना**

ଲଗେଜ୍ ଗୋଦାମ—ବୈଦେ. ବି (ଇଂ. ଲଗେ୍ଜ୍ ଗୋଡାଉନ୍)—ରେଲ ଷ୍ଟେସନ୍‌ର ବା ବନ୍ଦର୍‌ର ବା ଜାହାଜର ଯେଉଁ କୋଠରିରେ ଲଗେଜ କରାଯାଇଥିବା ମାଲମାନ ଅଧିକାରୀଙ୍କୁ ଦିଆଯିବା ପାଇଁ ଜମା ହୋଇ ରହେ—Luggage room of a ship or railway station.
Lagej godāma
(ଲଗେଜ୍ ଘର, ଲଗେଜ୍ ରୁମ୍—ଅନ୍ୟରୂପ)
लगेज गुदाम **लगेज गोदाम**

ଲଗେଜ୍ ଟିକ(କେ)ଟ୍—ବୈଦେ. ବି (ଇଂ. ଲଗେ୍ଜ୍ + ଟିକେଟ୍)—ଲଗେଜ୍ ଓଜନ କରି ତହିଁ ବାବଦ୍ରେ ଦେୟ ଭଡ଼ା ରେଲ କର୍ମଚାରୀଙ୍କୁ ଦେଇ ତାଙ୍କ ଜିମା ଲଗେଜ ଦେଇ ତାଙ୍କଠାରୁ ପ୍ରେରକ ଯେଉଁ ରସିଦ ଆଣେ—Luggage ticket.
Lagej ṭika(ke)ṭ
लगेज टिकेट **लगेज टिकट**

ଲଗେଜ୍ ଭଡ଼ା—ବୈଦେ. ବି (ଇଂ. ଲଗେଜ୍ + ସଂ. ଭାଟକ)—ରେଲ ବା ଜାହାଜରେ ଲଗେଜ୍ ପଠାଇବା ପାଇଁ ପ୍ରେରକର ଦେୟ ଅର୍ଥ—Luggage-fare; extra fare paid by a passenger for carrying with him in the luggage van, luggage in excess of the free allowance allowed for the ticket purchased by the passenger.
Lagej bhaṛā
(ଲଗେଜ୍ ମାସୁଲ, ଲଗେଜ୍ ମାହାସୁଲ—ଅନ୍ୟରୂପ)
लगेजभाड़ा [मास्सूल] **लगेजभाडा (महसुल)**

ଲଗେଜ୍ ଭାନ୍—ବୈଦେ. ବି (ଇଂ)—ଯେଉଁ ରେଲ ଡବାରେ ଯାତ୍ରୀମାନଙ୍କର ଲଗେଜ୍‌ସବୁ ଏକତ୍ର ହୋଇ ଗାର୍ଡ଼ଙ୍କ ଜିମା ରହେ—Luggage van of a railway train.
Lagej bhān
लगेज भ्या(भे)न **लगेजभैन**

ଲଗ୍ନ—ସଂ. ବିଣ (ଲଗ୍ ଧାତୁ=ସଂଯୁକ୍ତ ହେବା + କର୍ତ୍ତୃ. ତ)—୧ । ସ୍ପର୍ଶ କରିଥିବା—1. Touching: coming in contact with. ୨ । ସଂଯୁକ୍ତ, ମିଳିତ; ଲାଗିଥିବା—2. Joined to; adhering to; connected with. ୩ । ନିଯୁକ୍ତ—3. Engaged in; busy with; closely occupied with. ୪ । (ଲଜ୍ଜ ଧାତୁ + କର୍ତ୍ତୃ. ତ) ଲଜ୍ଜିତ—4. Ashamed. ୫ । ଲାଗି ଥିବା—5. Clung to; adhered to; stuck. ୬ । ଅବ୍ୟବହିତ ପରେ ଘଟିବା—6. Following closely; impending. (Apte) ୭ । ଶୁଭସୂଚକ—7. Auspicious. (Apte). ସଂ.ବି—୧। ସ୍ତୁତିପାଠକ; ବନ୍ଦୀ—1. Pancigyrist; bard; minstrel. ୨ । ମଦମତ୍ତ ହସ୍ତୀ—2. An elephat in rut. (Apte). ୩ । ଗ୍ରହମାନଙ୍କ କକ୍ଷ ଯେଉଁ ବିନ୍ଦୁରେ ଦିଗ୍‌ବଳୟ ସଙ୍ଗେ ମିଳିତ ହୁଏ—3. The point of intersection where the horizon and the path of a planet meet. (Apte) ୪ । ସୂର୍ଯ୍ୟର ବା ଅନ୍ୟ ଗ୍ରହର ଉଦୟ—4. The rising of the sun or of the planets. (Apte) ୫। (+ଅଧି. ତ) ସୂର୍ଯ୍ୟଙ୍କର ଏକ ରାଶିରୁ ରାଶ୍ୟନ୍ତରକୁ ସଞ୍ଚାର ବା ସଂକ୍ରମଣ କାଳ—5. Time of the sun passing from one zodiacal sign to another. ୬ । ମେଷାଦି ରାଶିର ଉଦୟ କାଳ—6. The time of rising of any of the zodiacal signs. [ଦ୍ର—ପୃଥିବୀ ଦିନରାତ୍ର ୨୪ ଘଣ୍ଟାରେ ଥରେ ଆପଣା ଅକ୍ଷ ଚାରିପାଖେ ବୁଲି ଆସେ । ଏହି ୨୪ ଘଣ୍ଟାରେ ଏହା ମେଷ ଆଦି ୧୨ଟି ରାଶିକୁ ପାର ହୁଏ । ଯେତିକି ସମୟ ପୃଥିବୀ ଏକ ରାଶିରେ ରହେ ତାକୁ ଉକ୍ତ ରାଶିର ଲଗ୍ନ ବୋଲାଯାଏ । କୌଣସି ରାଶିକୁ ଟପିଯିବାକୁ ପୃଥିବୀକୁ ଅଳ୍ପ ସମୟ ଓ କେଉଁ ରାଶିକୁ ଟପିବାକୁ ବେଶି ସମୟ ଲାଗେ । ଯଥା—ମୀନ ରାଶିର ଲଗ୍ନକାଳ ପ୍ରାୟ ୩¾ ଦଣ୍ଡ, କନ୍ୟାର ପ୍ରାୟ ୫½ ଦଣ୍ଡ, ବୃଶ୍ଚିକର ପ୍ରାୟ ୫¾ ଦଣ୍ଡ (ହି. ଶ) । ରାଶିଚକ୍ରର ଯେଉଁ ଅଂଶ ପୂର୍ବଦିଗନ୍ତ (ଦିଗ୍‌ବଳୟ)ରେ ସଂଲଗ୍ନ ହେବା ପରି ଦେଖା ଯାଉଥାଏ, ତାହାକୁ ଲଗ୍ନ କହନ୍ତି । ଠିକ୍ ସେହି ସମୟରେ ଯେଉଁ ଅଂଶ ପଶ୍ଚିମ ଦିଗନ୍ତ ସଂଲଗ୍ନ ତାହାର ନାମ 'ଅସ୍ତଲଗ୍ନ' । ମସ୍ତକର ଊର୍ଦ୍ଧ୍ୱଦେଶରେ ଯେଉଁ ରାଶିର ଯେତିକି ଅଂଶ ଥିବ, ତାହାର ନାମ "ଦଶମଲଗ୍ନ" ବା ଦଶମୋଦୟ । ରାଶିଚକ୍ର ସମଗ୍ର ଆକାଶ ବ୍ୟାପି ଅବସ୍ଥାନ କରୁଅଛି । ଆକାଶରେ ଏକ ଅଂଶ (degree) ର ଉଦୟକାଳ ପରିମାଣ, ଅର୍ଥାତ୍ ଏହାର ଭୂ-ଖ ଯୋଗବୃତ୍ତ (horizon)ରେ ସଂଲଗ୍ନ ଭାବେ ଅବସ୍ଥିତ କାଳ $\frac{\text{ଘ ୨୪} \times \text{୬୦ ମିନିଟ}}{\text{୩୬୦ ଅଂଶ}}$ = ୪ ମିନିଟ । ଏହିପରି ପ୍ରତ୍ୟେକ ଲଗ୍ନର ମୋଟ ଅବସ୍ଥାନର ପରିମାଣ ୪ × ୩୦ = ୧୨୦ ମିନିଟ ବା ୨ଘଣ୍ଟା ଅର୍ଥାତ୍ ୫ଦଣ୍ଡ ।
Lagna

ଉକ୍ତ ୫ଦଣ୍ଡ ସମସ୍ତ ଲଗ୍ନର ସ୍ଥୂଳକାଳ ହେଲେହେଁ ସମସ୍ତ ଦେଶର କ୍ରାନ୍ତିବୃତ୍ତ, ରବିକକ୍ଷା ଅଥବା ଅପମଣ୍ଡଳ (ecliptic) ସହିତ ବିଷୁବର ବକ୍ରତା (obliquity) ଥିବା ହେତୁ ଏକ ସ୍ଥାନରେ କୌଣସି ସମୟରେ କ୍ରାନ୍ତିବୃତ୍ତ 'ସିଧା' ହବେ ଓ ଅନ୍ୟ ସମୟରେ ତେରଛା ଭାବେ ଉଦିତ ହୁଏ । କ୍ରାନ୍ତିବୃତ୍ତର ଗୋଟିଏ ଅଂଶ ଦକ୍ଷିଣରେ ତେରଛା ଭାବେ ଉଦିତ ହେବା ପାଇ ଯେତେ ସମୟ ଲାଗେ, ଉତ୍ତରରେ ସେହି ଅଂଶ ଉଦିତ ହେବାକୁ ତଦପେକ୍ଷା ଅଧିକ ସମୟ ଆବଶ୍ୟକ ହୁଏ । ତେଣୁ ବିଭିନ୍ନ ସ୍ଥାନର ଲଗ୍ନମାନ ନ୍ୟୂନାଧିକ ହୁଏ । ଅକ୍ଷାଂଶ ଓ ଅୟନାଂଶ ଲଗ୍ନମାନର ବୃଦ୍ଧିହ୍ରାସର ପ୍ରଧାନ କାରଣ ।

ପ୍ରାଚୀନକାଳରେ ଅୟନାଂଶର ପରିମାଣ ଯେତେବେଳେ 'ଶୂନ୍ୟ' ଥିଲା, ସେତେବେଳେ ଲଗ୍ନମାନର ପରିମାଣ (ବିଷୁବରେଖୀୟ ବା ଲଙ୍କୋଦୟ) ନିମ୍ନରୂପେ ଥିଲା ।

ମେଷ—ମୀନ ଦ୩।୫୪	କର୍କଟ—ଧନୁ ଦ୫।୩୮
ବୃଷ—କୁମ୍ଭ ଦ୪।୨୩	ସିଂହ—ବିଛା ଦ୫।୩୫
ମିଥୁନ—ମକର ଦ୫।୮	କନ୍ୟା—ତୁଳା ଦ୫।୨୨

ବର୍ତ୍ତମାନ ଲଙ୍କୋଦୟର ପରିମାଣ (ସାୟନ)

ମେଷ—ଦ୪।୩୮—ତୁଳା—ଦ୪।୩୮
ବୃଷ—ଦ୪।୫୯—ବିଛା—ଦ୪।୫୯
ମିଥୁନ—ଦ୫।୨୩—ଧନୁ—ଦ୫।୨୩
କର୍କଟ—ଦ୫।୨୩—ମକର—ଦ୫।୨୩
ସିଂହ—ଦ୪।୫୯—କୁମ୍ଭ—ଦ୪।୫୯
କନ୍ୟା—ଦ୪।୩୮—ମୀନ—ଦ୪।୩୮

ବର୍ତ୍ତମାନ "ତ୍ରୟୋବିଂଶତି" ଅୟନାଂଶକୁ ଧରି ଶ୍ରୀପୁରୁଷୋତ୍ତମ କ୍ଷେତ୍ର(୧୯°।୪୮)ର ଯେଉଁ ଲଗ୍ନମାନ ସ୍ଥିର କରାଯାଇଛି ତାହାର ପରିମାଣ (ସାୟନ)

ମେଷ—ଦ୪।୧୬—ତୁଳା—ଦ୫।୩୦
ବୃଷ—ଦ୪।୫୬—ବିଛା—ଦ୫।୩୮
ମିଥୁନ—ଦ୫।୧୫—ଧନୁ—ଦ୫।୧୬
କର୍କଟ—ଦ୫।୩୫—ମକର—ଦ୪।୩୦
ସିଂହ—ଦ୫।୨୪—କୁମ୍ଭ—ଦ୪।୧
କନ୍ୟା—ଦ୫।୨୧—ମୀନ—ଦ୩।୫୫

ଲଗ୍ନକୁ ଧରି ସମସ୍ତ କାର୍ଯ୍ୟ କରାଯାଏ । ଲଗ୍ନ ଜାତକର ଦ୍ୱାଦଶଭାବରୁ ପ୍ରଥମ ଭାବ । ଏହାର ପର୍ଯ୍ୟାୟ ତନୁ, ଉଦୟ, ମୂର୍ତ୍ତି, ଅଙ୍ଗ ଇତ୍ୟାଦି ଶରୀରର ସଂଜ୍ଞା ।

ଲଗ୍ନକୁ ସୂକ୍ଷ୍ମଭାବେ ଗଣନା କରିବା ଲାଗି ହୋରା (ଲଗ୍ନାର୍ଦ୍ଧ), ଦ୍ରେକ୍କାଣ (ଦଶମାଂଶ ଅର୍ଥାତ୍, ରାଶିର ଏକ ଦଶମାଂଶ) ନବାଂଶ (ରାଶିର ନଅଭାଗରୁ ଭାଗେ ବା ଅଂ ୩।୨୦), ଦ୍ୱାଦଶାଂଶ (ରାଶିର ବାରଭାଗରୁ ଭାଗେ ବା ଅଂ ୨।୩୦) ଓ ତ୍ରିଂଶାଂଶ (ରାଶିର ତିରିଶି ଭାଗରୁ ଭାଗେ ବା ୧ ଅଂଶ)ର ଗଣନା କରାଯାଏ । ଲଗ୍ନର କାଳ-ବିଶେଷ ହେତୁ ତାହାକୁ କ୍ଷୁଦ୍ର କ୍ଷୁଦ୍ରମାନ ଅର୍ଥାତ୍ 'ଷଡ୍‌ବର୍ଗ'; ରୂପେ ଧରିବାକୁ ହୁଏ । ଠିକ୍ କେତେ ଅଂଶରେ ଲଗ୍ନ ହେଲା ତାହା ସୁସ୍ପଷ୍ଟ ଧରି ପାରିଲେ ଗଣନା ଠିକ୍ ରହେ ।

ବିବାହ,, ବ୍ରତ, ଜନ୍ମ-ଜାତକ, ଯାତ୍ରା: ଏ ସମସ୍ତ ଲଗ୍ନର ବଳାବଳ ଉପରେ ନିର୍ଭର କରେ ।

ପଞ୍ଜିକାରେ ପ୍ରତ୍ୟେକ ଦିନର ଉଦୟାସ୍ତ କାଳୀନ ସାୟନ ଲଗ୍ନ ଭୁକ୍ତି ଦିଆ ଯାଇଥାଏ । ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତଠାରୁ ଆବଶ୍ୟକ କାଳ କେତେ ଗତ ହୋଇଅଛି, ତାହାକୁ ଧରି, ତହିଁରେ ସ୍ଥାନୀୟ ଲଗ୍ନ ପରିମାଣ ପରପର କ୍ରମେ ମିଶାଇ ଆଣିଲେ, ଲଗ୍ନ ଠିକ୍ କେତେ ଭୋଗ ହୋଇଅଛି, ତାହା ଜଣାଯାଏ ।

ଉଦାହରଣ—ସନ ୧୩୪୨ ସାଲ ଶ୍ରାବଣ ୩ ଦିନ (ଖ୍ରୀ ୧୯୩୫ ଜୁଲାଇ ୧୮ ତାରିଖ) ଦିବା ଦ ୧୫।୧୦ ସମୟର ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଲଗ୍ନଭୋଗ ଜାଣିବା ଆବଶ୍ୟକ ପଡ଼ିଲା । ପଞ୍ଜିକାରୁ ଦେଖାଗଲା, ସେଦିନର ଉଦୟ ଲଗ୍ନ ଭୁକ୍ତି କର୍କଟ ଦ ୦।୧୫; କର୍କଟ ଲଗ୍ନମାନ ଭୁକ୍ତି— ଦ ୦।୧୫; କର୍କଟ ଲଗ୍ନମାନ ଦ ୫।୩୫ ଏଥିରୁ ଭୋଗ ହୋଇଥିବା ଦ ୦।୧୫ ବାଦ୍ ଦେଲେ ଅବଶିଷ୍ଟ ଦ ୫।୨୦, ପରଲଗ୍ନ ସିଂହ ଦ ୫।୨୪; ଉଭୟର ମିଶ୍ରଣ ଦ ୧୦।୪୪, ପରଲଗ୍ନ କନ୍ୟା ଦ ୫।୨୧ ମଧ୍ୟରେହିଁ ଦ ୧୫।୧୦ ଅନ୍ତର୍ଭୁକ୍ତ ହେବା ହେତୁ ଦ ୧୫।୧୦—୧୦।୪୪=କନ୍ୟା ଭୋଗ ଦ ୪।୨୬ ହେଲା । ଲଗ୍ନଟି ୩୦ ଅଂଶ, ଭୋଗ କାଳ ଦ ୫।୨୧, ତେବେ ଭୋଗ ଦ ୪।୨୬ ରୁ ଲଗ୍ନଭୋଗ ଅଂଶ କେତେ ? ଏହି ତ୍ରୈରାଶିକ ଅନୁପାତ ଏହିପରି—

ଭୋଗ— $\frac{\text{ଦ ୪।୨୬ ଲି ବା ୨୬୬} \times \text{୩୦}}{\text{ଲଗ୍ନମାନ ଦ ୫।୨୧ ବା ୩୨୧}}$ = ୨୪ଅଂ୫୨କଳା

ଜାତକରେ ଲଗ୍ନ ପ୍ରଧାନ ଉପକରଣ ଅଟେ । ଲଗ୍ନଠାରୁ ଅନ୍ୟାନ୍ୟ ସମସ୍ତ ଭାବ ଗଣନା କରାଯାଏ । କେଉଁ ଲଗ୍ନରେ ଜନ୍ମ ହେଲେ ଫଳ କଅଣ ହେବ, ତାହା ଜ୍ୟୋତିର୍ବିଦ୍‌ମାନେ ସ୍ଥିର କରିଅଛନ୍ତି । ମେଷ ଲଗ୍ନରେ ଜନ୍ମ ହେଲେ ।

ପ୍ରଚଣ୍ଡକୋପଃ କୃପଣୋଽତିଲୁବ୍ଧୋ,
ବିଦେଶଯାୟୀ ନୃପଲୋକପୂଜ୍ୟଃ ।
ଭୃତ୍ୟୋ ନୃଶଂସଃ ସ୍ଖଳିତପ୍ରତିଜ୍ଞଃ,
ବିଭାନ୍ବିତୋ ମେଷ ବିଲଗ୍ନ ଜାତଃ ।

ମେଷଲଗ୍ନରେ ଜାତ ବ୍ୟକ୍ତି—କ୍ରୋଧୀ, କୃପଣ, ଲୋଭୀ, ବିଦେଶଗାମୀ, ଲୋକପୂଜ୍ୟ, ପରସେବକ, ନିଷ୍ଠୁର, ଚପଳ ମତି ଓ ଧନଶାଳୀ ହୁଏ ।

ଶୂରଃ ସୁଖୀ କ୍ଲେଶସହୋଽଟନାତ୍
କୃଶୀ ଗୃହୀ ସଂଯୁତବସ୍ତ୍ରଯୁକ୍ତଃ ।
ସୁଦୀର୍ଘକାୟୀ ସ୍ଥିରମିତ୍ର ସମ୍ପତ୍
ସୁପୁଷ୍ଟମୂର୍ତ୍ତିର୍ବୃଷଲଗ୍ନଜାତଃ ।

ବୃଷ ଲଗ୍ନରେ ଜାତ ବ୍ୟକ୍ତି ଶୌର୍ଯ୍ୟଶାଳୀ, ସୁଖୀ, କ୍ଲେଶସହିଷ୍ଣୁ, ଷଣ୍ଢଘାତୀ, କୃତୀ, ଗୃହୀ, ସଞ୍ଚିତଧନଯୁକ୍ତ, ଦୀର୍ଘାୟୁଃ, ସ୍ଥିରମିତ୍ର, ସ୍ଥିରସମ୍ପଦ୍ ଓ ରମଣୀୟ ମୂର୍ତ୍ତି ଯୁକ୍ତ ହୁଏ ।

ମୃଦୁର୍ବିନୀତୋ ପ୍ରିୟମଞ୍ଜୁଭାଷୀ
ରମାନ୍ବିତୋ ଗୀତମନା ବଦାନ୍ୟଃ ।
ସମସ୍ତପୂଜ୍ୟୋ ନରଦେବମନ୍ତ୍ରୀ
ସୁଖାନ୍ବିତୋ ଯୁଗ୍ମନରଃ ପ୍ରଜାତଃ ।

ମିଥୁନ ଲଗ୍ନରେ ଜାତ ବ୍ୟକ୍ତି ମୃଦୁ, ବିନୟୀ, ପ୍ରୀତି-ଜନକ ଓ ମନୋହରଭାଷଣକାରୀ, ମାନ୍ୟଗଣ୍ୟ, ଗୀତପ୍ରିୟ, ବଦାନ୍ୟ, ଲୋକପୂଜ୍ୟ, ରାଜମନ୍ତ୍ରୀ ଓ ସୁଖୀ ହୁଏ ।

ମେଧାନ୍ବିତଃ କ୍ଷିପ୍ରଗତିଃ ସୁକର୍ମୀ
ସୁଗୁପ୍ତ-ବିଦ୍ୟା-ଧନ-ଭୋଗ ସମ୍ପତ୍
ବିପକ୍ଷହନ୍ତା ଗୁରୁଗପ୍ରଭାକଃ
ସ୍ତ୍ରୈଣୋଽଥବା କର୍କିବିଲଗ୍ନ ଜାତଃ ।

କର୍କଟ ଲଗ୍ନରେ ଜାତ ବ୍ୟକ୍ତି ମେଧାବୀ, କ୍ଷିପ୍ରଗାମୀ, ସୁକର୍ମୀ, ଗୁପ୍ତବିଦ୍ୟା ଓ ଗୁପ୍ତଧନଯୁକ୍ତ, ଷଣ୍ଢଘାତୀ ଓ ଅଳ୍ପରେ ସ୍ତ୍ରୀଲୋଲୁପ ହୁଏ ।

ବିଦ୍ୟାସୁତାର୍ଥୋଜ୍ଝିତ ପାମରାଖ୍ୟ
ନିର୍ବେଶମାନା ପ୍ରଶସମୃଦ୍ଧିଷ୍ଟ
ଧର୍ମଚ୍ୟୁତୋ ମାଂସରୁଚିଃ କଦର୍ଯ୍ୟଃ
ସୁଦୁର୍ଲକ୍ଷଣଃ ସିଂହ ଗୃହେ ପ୍ରସୂତଃ ।

ସିଂହ ଲଗ୍ନ ଜାତ ବ୍ୟକ୍ତି ଭାର୍ଯ୍ୟା, ପୁତ୍ର ଓ ଧନହୀନ, ଦୁଷ୍ଟଦେହରୁକପୀଡ଼ିତ, ରାଜମାନ୍ୟ, ପ୍ରଶଂସନୀୟ, ଧର୍ମହୀନ, ମାଂସଲୋଲୁପ, କଦାକାର ଓ ଅଳ୍ପଦୃଷ୍ଟି ହୁଏ ।

ଗନ୍ଧର୍ବବିଦ୍ୟାନିପୁଣୋଽତିଦକ୍ଷୋ
ଯଥାର୍ଥଭାଷୀ କବିତାବିବେତ୍ତା
ଭୋକ୍ତାଽତିଦାତା ସୁତ ବିତ୍ତଯୁକ୍ତୋ
ଧୀରଃ ସୁଶୀଲୋ ଯୁବତୀପ୍ରଜାତଃ ।

କନ୍ୟା ଲଗ୍ନ ଜାତ ବ୍ୟକ୍ତି ସଙ୍ଗୀତ ନିପୁଣ, କର୍ମପଟୁ, ଯଥାର୍ଥବାଦୀ, କବିତାବ୍ୟଞ୍ଜ, ଭୋକ୍ତା, ଅତିଦାତା, ସୁତ-ବିତ୍ତଯୁକ୍ତ, ଧୀର ଓ ସଚ୍ଚରିତ୍ର ହୁଏ ।

ସୁତାର୍ଥଦେହାନୁଗତଃ କଦର୍ଯ୍ୟୋ
ବିଲୋଲଦୃଷ୍ଟିଃ ଶୀଳବିବର୍ଜିତଶ୍ଚ,
କ୍ରୂରୋଽସମାଙ୍ଗଃ ସ୍ବତବିତ୍ତହୀନୋ
ମେଧାନ୍ବିତସ୍ତୌଳି ବିଲଗ୍ନ ଜାତଃ ।

ତୁଳା ଲଗ୍ନ ଜାତ ବ୍ୟକ୍ତି ପୁତ୍ର, ଅର୍ଥ ଓ ସୁଗଠିତ ଦେହଯୁକ୍ତ, କୃପଣ, ଦୁଃଶୀଳ, ଖଳ, ଅସମାଙ୍ଗ, ସ୍ବୋପାର୍ଜିତ ଧନହୀନ ଓ ମେଧାବୀ ହୁଏ ।

ସାନୋଽତିଶୀର୍ଣ୍ଣଃ ପୃଥୁଳାଙ୍ଗ ଗାତ୍ରଃ
ପରାନ୍ନଭୋଜୀ ସୁବିବର୍ଜିତଶ୍ଚ
କୃଶୋଽସହିଷ୍ଣୁଃ ସୁତବିତ୍ତ ପୂର୍ଣ୍ଣଃ
କୁଚେଲଧାରୀ ଶୁଚକୀଟଜନ୍ମା ।

ବୃଶ୍ଚିକ ଲଗ୍ନଜାତ ବ୍ୟକ୍ତି ସାନସ୍ବଭାବ, ଅଚଳ ଓ ପୃଥୁଳ ଶରୀରଧାରୀ, କୁବ୍ଜ, ପରାନ୍ନଭୋଜୀ, ସ୍ବଜନହୀନ, କ୍ରୂର, ଅସହିଷ୍ଣୁ ଓ ଧନାଦିଯୁକ୍ତ ଓ କୁତ୍ସିତ ବସ୍ତ୍ର ପରିଧାନ କରେ ।

ଧନୁର୍ଧରଃ ସର୍ବଗୁଣାକରଃ ସ୍ୟାତ୍
ସମସ୍ତ ବିଦ୍ୟାନିପୁଣୋଽତିଦାତା,
ନରେଶପୂଜ୍ୟଃ ସକଳାର୍ଥଯୁକ୍ତଃ
ପରୋପକାରୀ ସୁତନୁଃ ସୁଶୀଳଃ ।

ଧନୁଲଗ୍ନଜାତ ବ୍ୟକ୍ତି ସକଳଗୁଣଶାଳୀ, ସର୍ବବିଦ୍ୟାକୁଶଳ, ଅତିଦାତା, ରାଜପୂଜ୍ୟ, ଧନଶାଳୀ, ପରୋପକାରୀ, ସୁତନୁ ଓ ସୁଶୀଳ ହୁଏ ।

ଦକ୍ଷୋଽତିଧୈର୍ଯ୍ୟଃ ପ୍ରଣତୋପକାରୀ
ସ୍ବେଚ୍ଛାବିହାରୀ ମଖରୋଽତିଗର୍ବୀ
ସୁସ୍ପଷ୍ଟଦନ୍ତୋଷ୍ଠମୁଖଃ ପ୍ରସିଦ୍ଧଃ
ବିଶୁଦ୍ଧଚେତା ମକରୋଦ୍ଭବଃ ସ୍ୟାତ୍ ।

ମକରଲଗ୍ନଜାତ ବ୍ୟକ୍ତି ଦକ୍ଷ, ଅତିଧୀର, ପ୍ରଣତ ବ୍ୟକ୍ତିର ଉପକାରୀ, ସ୍ବେଚ୍ଛାଚାରୀ, ମୁଖର, ଉଦାରସ୍ବଭାବ, ସୁସ୍ପଷ୍ଟ ଦନ୍ତ ଓ ଓଷ୍ଠ ମୁଖ ବିଶିଷ୍ଟ, ଅତିଗର୍ବିତ ଓ ବିଶୁଦ୍ଧାନ୍ତଃକରଣବିଶିଷ୍ଟ ହୁଏ ।

କୁମ୍ଭୋଦ୍ଭବୋ ମୂର୍ଖତରଃ କୁକର୍ମୀ
କୁଳାଧମଃ କ୍ରୂରତମୋଽଲସାଖ୍ୟ
ସୂତ୍ୟକ୍ତଘୋଣୋ ମଳିନୋଽତିବେଶୀ
ନୀଚାନ୍ବିତୋ ନୀଚଗତିଃ କଦର୍ଯ୍ୟଃ ।

କୁମ୍ଭ ଲଗ୍ନ ଜାତ ବ୍ୟକ୍ତି ମୂର୍ଖ, କୁକର୍ମୀ, କୁଳାଧମ, ଦୁଷ୍ଟ, ଅଲସ, ତୀକ୍ଷ୍ଣନାସିକାଯୁକ୍ତ, ମଳିନ, ଅତିବେଶୀ, ନୀଚ-କର୍ମାସକ୍ତ, ଅଳ୍ପ ଗତି ଓ କୃପଣ ହୁଏ ।

ଶାସ୍ତ୍ରାନ୍ତରେ—

କୁମ୍ଭଲଗ୍ନେ ସମୁଦ୍ଭୂତଶ୍ଚଳଚିତ୍ତୋଽତିସୌହୃଦଃ
ପରଦାରରତୋ ନିତ୍ୟଂ ସତ୍କାର୍ଯ୍ୟୋ ମହାସୁଖୀ ।

ଶାସ୍ତ୍ରାନ୍ତରରେ ଦେଖାଯାଏ —କୁମ୍ଭ ଲଗ୍ନ ଜାତ ବ୍ୟକ୍ତି ଚଞ୍ଚଳମନା, ବନ୍ଧୁଯୁକ୍ତ, ପରଦାରାସକ୍ତ, ସତ୍କର୍ମୟୁକ୍ତଶରୀର ଓ ମହାସୁଖୀ ହୁଏ ।

ବିଜ୍ଞାନବୁଦ୍ଧିଃ ସ୍ଫୁଟ ନାସିକାଗ୍ରୋ
ଧନ୍ୟଃ ସ୍ବକାନ୍ତୋଽଭବ ବୃତ୍ତି ଯୁକ୍ତଃ
କନ୍ଦର୍ପ ବିଦ୍ୟା ନିପୁଣୋଽତିଧୀରୋ
ଭୋଗାନ୍ବିତୋ ମୀନ ବିଲଗ୍ନ ଜାତଃ ।

ମୀନଲଗ୍ନଜାତ ବ୍ୟକ୍ତି ବିଜ୍ଞାନବୁଦ୍ଧିଯୁକ୍ତ, ତୀକ୍ଷ୍ଣ ନାସିକା ଯୁକ୍ତ, ଧନ୍ୟ, ଅବିସ୍ତୃତ ଉତ୍ତମ ଜୀବିକା ଦ୍ୱାରା ପ୍ରାପ୍ତ ଧନ ଭୋଗୀ, ରତିଶାସ୍ତ୍ରାଭିଜ୍ଞ, ଅତି ଧୀର ଓ ଭୋଗଶାଳୀ ହୁଏ —ଜ୍ୟୋତିର୍ବିଦ୍ ଶ୍ରୀ ବାଇକୋଳି ମହାପାତ୍ରଙ୍କ ସଙ୍କଳିତ ।]

୭ । ବିବାହ ଲଗ୍ନ; ବିବାହ ନିମନ୍ତେ ନିରୂପିତ ମୁହୂର୍ତ୍ତ— 7. The moment fixed for the ceremony of marriage. ୮ । ଜନ୍ମ ଲଗ୍ନ; ଜନ୍ମ ସମୟରେ ଉଦିତ

ହୋଇ ଥିବା ରାଶି—8. The zodiacal sign which is in the ascendant at the birth of a child. ୯। ଉପଯୁକ୍ତ ସମୟ ବା ମୁହୂର୍ତ୍ତ—9. Opportune moment. ୧୦। ଶୁଭ ମୁହୂର୍ତ୍ତ—10. An auspicious or lucky moment (Apte). [ଦ୍ର—ସନ୍ତାନ ଭୂମିଷ୍ଠ ହେବା ସମୟରେ ଦ୍ୱାଦଶ ରାଶି ମଧ୍ୟରୁ ଯେଉଁ ରାଶିର ଉଦୟ ହେଉଥାଏ, ସନ୍ତାନର ସେହି ଲଗ୍ନ ଜନ୍ମଲଗ୍ନ, ହୁଏ। ଅହୋରାତ୍ର ମଧ୍ୟରେ ୧୨ଟି ରାଶି ଯଥାକ୍ରମେ ପୂର୍ବ ଦିଗରେ ଉଦିତ ହୁଏ। ପ୍ରତ୍ୟେକ ରାଶିର ଉଦୟ କାଳକୁ ଲଗ୍ନ ବୋଲା-ଯାଏ। ବିବାହ, ବ୍ରତ, ଚୂଡ଼ାକର୍ମ ଆଦି ସମସ୍ତ କାର୍ଯ୍ୟ ପାଇଁ ଶୁଭ ଓ ଅଶୁଭ ଲଗ୍ନ ଅଛି।] ୧୧। ବିବାହ—11. Marriage.

ଲଗ୍ନକ—ସଂ. ବିଂ—(ଲଗ୍ନ+କ)—ଜାମିନ୍; ପ୍ରତିଭୂ—
Lagnaka Surety; bailor; a person who stands security for another.

ଲଗ୍ନକ ଗ୍ରହଣ—ସ. ବ.—(ଲଗ୍ନକ+ଗ୍ରହଣ)—କୌଣସି ବ୍ୟକ୍ତିକୁ
Lagnaka grahaṇa ଅନ୍ୟ ବ୍ୟକ୍ତି ପାଇଁ ଜାମିନ୍‌ରୂପେ ସ୍ୱୀକାର କରିବା—Admitting a person as security for another.

ଲଗ୍ନ କଙ୍କଣ—ସ.ବ—ବିବାହ ପୂର୍ବରୁ ବର ଓ କନ୍ୟାଙ୍କ ହାତର ଗଣ୍ଠିରେ
Lagna kaṅkaṇa ବନ୍ଧା ଯିବା ମଙ୍ଗଳ ସୂତ୍ର ବା କଙ୍କଣ [ହି. ଶ.]—An auspicious bangle or tie put on the wrist of the bride and bridgroom before marriage.

ଲଗ୍ନ କଥା—ସ. ବ—(ଲଗ୍ନ+କଥା)—ସମୟୋପଯୋଗୀ ବାକ୍ୟ—
Lagna kathā Opportune words.

ଲଗ୍ନ କାଳ—ସଂ. ବ—(କର୍ମଧା)—କୌଣସି ଶୁଭ କାର୍ଯ୍ୟ କରିବାପାଇଁ
Lagna kāla ଜ୍ୟୋତିଷ ଗଣନା କ୍ରମେ ନିର୍ଦ୍ଧାରିତ ଶୁଭ ସମୟ-
[ଲଗ୍ନ ମୁହୂର୍ତ୍ତ, ଲଗ୍ନ ବେଳା, ଲଗ୍ନ ସମୟ—ଅନ୍ୟରୂପ] Auspicious time fixed upon by astrologers for the performance of any work (Apte).

ଲଗ୍ନ କୁଣ୍ଡଳୀ—ସଂ. ବ—ଫଳିତ ଜ୍ୟୋତିଷର ଯେଉଁ ଚକ୍ରରୁ କୌଣସି
Lagna kuṇḍalī ବ୍ୟକ୍ତିର ଜନ୍ମ ସମୟରେ ଗ୍ରହମାନଙ୍କର ଭିନ୍ନ ଭିନ୍ନ ରାଶିରେ ଅବସ୍ଥାନ କଥା ଜଣା ପଡ଼େ (ହି. ଶ)-
A circle drawn according to astrology from which the positions of the Zodiacal signs at the birth of a person are known.

ଲଗ୍ନ ଗ୍ରହ—ସଂ. ବିଣ. ପୁଂ—(ଲଗ୍ନ+ଗ୍ରହ ଧାତୁ+କର୍ତ୍ତୃ. ଅ)—
Lagna graha ଜିଦ୍‌ଖୋର; ଜିଦିବାଜ—Tenacious:
[ଲଗ୍ନଗ୍ରହା—ସ୍ତ୍ରୀ] insisting firmly on any thing (Apte)

ଲଗ୍ନଜିତା—ସଂ. ବ—ଶ୍ରୀକୃଷ୍ଣଙ୍କର ଏକତମ ଅଷ୍ଟ ମହିଷୀ—One of the
Lagnajitā principal queens of Śrikṛushṇa.

ଲଗ୍ନଜ୍ୟା—ସଂ. ବ—(ଜ୍ୟାମିତି ପାରିଭାଷିକ ଶବ୍ଦ)—ସ୍ପର୍ଶିନୀ; ଯେଉଁ
Lagnajyā ସରଳରେଖା ବୃତ୍ତ ଭେଦ ନ କରି ପରିଧିକୁ ସ୍ପର୍ଶ ମାତ୍ର କରିଥାଏ—A tangent.

ଲଗ୍ନ ଦିନ—ସଂ. ବ.—(କର୍ମଧା)—କୌଣସି ଶୁଭ କର୍ମାନୁଷ୍ଠାନ ପାଇଁ
Lagna dina ଜ୍ୟୋତିଷ ଗଣନାକ୍ରମେ ନିର୍ଦ୍ଧାରିତ ଶୁଭଦିନ—
[ଲଗ୍ନଦିବସ, ଲଗ୍ନ ବାସର, ଲଗ୍ନାହଃ—ଅନ୍ୟରୂପ] An auspicious or lucky day chosen for the performance of any work.

ଲଗ୍ନ ଧରିବା—ଦେ. କି.—ବିବାହାଦି ପାଇଁ ଗଣନାଦ୍ୱାରା ଶୁଭ ଲଗ୍ନ
Lagna dharibā ସ୍ଥିର କରିବା—To calculate and ascertain a propitious moment for the performance of a ceremony.

ଲଗ୍ନ ନିରୂପଣ—ସଂ. ବ—(୬ଷ୍ଠୀ ତତ୍; ଲଗ୍ନ+ନିରୂପଣ)—କୌଣସି
Lagna nirūpaṇa ନିର୍ଦ୍ଦିଷ୍ଟ ବେଳାରେ ନିର୍ଦ୍ଦିଷ୍ଟ ଦେଶରେ କେଉଁ ଲଗ୍ନ ହୋଇଅଛି, ତାହାର ସ୍ଥିରୀକରଣ—Ascertaining the Lagna at a particular place and time.

ଲଗ୍ନ ପତ୍ର—ସଂ. ବ—(ମ.ପ. ଲୋ; ଲଗ୍ନ ନିରୂପକ ପତ୍ର)—ବିବାହପୂର୍ବରୁ
Lagna patra ବର ଓ କନ୍ୟା ପକ୍ଷୀୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଜ୍ୟୋତିଷ ଗଣନାମତେ ନିର୍ଦ୍ଧାରିତ ବିବାହର ଶୁଭମୁହୂର୍ତ୍ତ ବା ଲଗ୍ନ ଜ୍ଞାପକପତ୍ର—A paper setting forth the moment fixed for the performance of the marriage rite.

ଲଗ୍ନ ପ(ପା)ଦ—ସ. ବିଣ. ପୁଂ (ବହୁବ୍ରୀହି)—ଲିପ୍ତପାଦ; ଯେଉଁ ଜୀବଙ୍କର
Lagna pa(pā)da ପାଦର ଅଙ୍ଗୁଳିମାନ ଏକାଠେଇଁ ଲାଗିଥାଏ;
[ଲଗ୍ନପ(ପା)ଦା—ସ୍ତ୍ରୀ] ଜାଲପାଦ—Webfooted.
(ଲଗ୍ନପଦୀ—ଅନ୍ୟରୂପ)

ଲଗ୍ନ ଭ୍ରଂଶ—ସ. ବ (୬ଷ୍ଠୀ ତତ୍; ଲଗ୍ନ+ଭ୍ରଂଶ)—ବିବାହାଦି ପାଇଁ
Lagna bhraṁśa ନିର୍ଦ୍ଧାରିତ ଲଗ୍ନର ବେଳା ଅତିକ୍ରାନ୍ତ ହୋଇଯିବା—The passing away of the moment fixed for a marriage.

ଲଗ୍ନମଣ୍ଡଳ—ସ. ବ (୬ଷ୍ଠୀ ତତ୍ ଲଗ୍ନ+ମଣ୍ଡଳ)—ରାଶିଚକ୍ର—
Lagna maṇḍala The zodiac.

ଲଗ୍ନ ମାନ—ସ. ବ (ଜ୍ୟୋତିଷ) (୬ଷ୍ଠୀ ତତ୍)—ପ୍ରତ୍ୟେକ ଦିବାରାତ୍ରିର
Lagna māna ୨୪ଘଣ୍ଟା ମଧ୍ୟରେ ମେଷ ବୃଷାଦି ପ୍ରତ୍ୟେକ ରାଶିର ଉଦୟର ପରିମାଣକାଳ—The time of the rising of each of the twelve zodiacal signs above the horizon in the course of the twenty four hours of day & night. [ଦ୍ର—ଦେଶମାନଙ୍କର ଭୂପୃଷ୍ଠର ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥିତି ଯୋଗୁଁ ରାଶିମାନଙ୍କର ଉଦୟ ସବୁ ଦେଶରେ ଏକ

ସମୟରେ ବା ଏକ ସ୍ଥାନରେ ଦୃଷ୍ଟ ହୁଏ ନାହିଁ । ଅତଏବ ସବୁ ଦେଶରେ ଲଗ୍ନମାନ ସମାନ ହୁଏ ନାହିଁ । ଉଦାହରଣ ସ୍ୱରୂପ, ଏକ ନିର୍ଦ୍ଦିଷ୍ଟ ଦିନ ଯେବେ ପୁରୁଷୋତ୍ତମକ୍ଷେତ୍ରକୁ ମୀନ ରାଶିର ଉଦୟ ବା ଲଗ୍ନମାନ ୪।୩୭ ଅଂଶ ହେବ, ତେବେ କଟକ ନଗରକୁ ଉକ୍ତ ରାଶିର ଲଗ୍ନମାନ ୩।୪୩, ବରଜାମଣ୍ଡଳ ବା ଯାଜପୁରକୁ ୪।୫୨ ଓ ଲଙ୍କାକୁ ୪।୩୦ ହେବ । ଯେଉଁ ରାଶିର ଯେତେ ଅଂଶରେ ସୂର୍ଯ୍ୟ ଅବସ୍ଥାନ କରନ୍ତି ଲଗ୍ନର ତେତିକ ଅଂଶ ପ୍ରାତଃକାଳରେ ଗତ ହୁଏ । ପରେ ଗମ୍ୟାଂଶରେ ତହିଁର ପରବର୍ତ୍ତୀ ଲଗ୍ନମାନ ଯୋଗ କରି ଦିବାଭାଗରେ ଇଷ୍ଟସମୟରେ ଲଗ୍ନ ନିରୂପଣ କରାଯାଏ । ଏହିରୂପେ ଯେଉଁ ରାଶିର ଯେତେ ଅଂଶରେ ସୂର୍ଯ୍ୟ ଅବସ୍ଥାନ କରନ୍ତି, ତହିଁର ସପ୍ତମ ରାଶିର ସେତିକ ଅଂଶ ସୂର୍ଯ୍ୟାସ୍ତ କାଳରେ ଗତ ହୁଏ । ସୂର୍ଯ୍ୟାସ୍ତକାଳରେ ଉକ୍ତ ରାଶିର ଗମ୍ୟାଂଶ ଓ ପରବର୍ତ୍ତୀ ଲଗ୍ନମାନ ଯୋଗ କରି ରାତ୍ରି କାଳରେ ଇଷ୍ଟ ସମୟର ଲଗ୍ନ ନିରୂପଣ କରାଯାଏ—ଅରୁଣୋଦୟ ପ୍ରେସ୍‌ର ଖଡ଼ିରତ୍ନ ପଞ୍ଜିକା ।]

ଲଗ୍ନ ଶୁଦ୍ଧି—ସଂ.ବ (୬ଷ୍ଠୀ ତତ୍)—କୌଣସି ଶୁଭକର୍ମାନୁଷ୍ଠାନ ପାଇଁ ରାଶିମାନଙ୍କ ଶୁଭାବସ୍ଥାନ—Auspicious
Lagna śuddhi
positions of the zodiacal signs for the performance of any work (Apte)

ଲଗ୍ନ ସୁଜ(ଝି)ବା—ଦେ.ବ (ସଂ. ଲଗ୍ନଶୁଦ୍ଧି)—ମାଙ୍ଗଳିକ ଅନୁଷ୍ଠାନ ପାଇଁ ଶୁଭ ଲଗ୍ନ ମିଳିବା—The finding
Lagna suji(jhi)bā
ନଗ୍ନମିଳା ଲଗ୍ନଠିକହୋନା out of an auspicious moment for the performance of some ceremony.

ଲଗ୍ନ ସ୍ଫୁଟ—ସଂ.ବ (ଜ୍ୟୋତିଷ)—ଭିନ୍ନ ଭିନ୍ନ ସ୍ଥାନର 'ଲଗ୍ନମାନ'କୁ ଅବଲମ୍ବନ କରି ରାଶିର ଭୋଗ୍ୟକାଳର ସୂକ୍ଷ୍ମ ଗଣନା—Minute calculation of the Lagnamāna of the zodiacal signs in respect of a particular place.
Lagna sphuṭa

[ଦ୍—ଦ୍ୱାଦଶ ରାଶିର ଉଦୟ ସବୁ ଦେଶରେ ଏକସମୟରେ ସମଭାବରେ ଦେଖାଯାଏ ନାହିଁ । ସୁତରାଂ ଯେଉଁ ଦେଶରେ ଉଦୟ କାଳରେ ସୂର୍ଯ୍ୟ ଯେତେ ଅଂଶରେ ଅବସ୍ଥାନ କରୁଥାଆନ୍ତି, ପ୍ରାତଃକାଳରେ ସେହି ଲଗ୍ନର ତେତିକ ଅଂଶ ଗତ ହୋଇଥାଏ । ଏହି ଲଗ୍ନମାନଙ୍କ ଅବଲମ୍ବନ କରି ଜ୍ୟୋତିଷ ଗଣନା ସାହାଯ୍ୟରେ ପ୍ରତ୍ୟେକ ଦେଶରେ ରାଶିମାନଙ୍କର ଭୋଗ୍ୟକାଳର ସୂକ୍ଷ୍ମ ଗଣନାକୁ ଲଗ୍ନସ୍ଫୁଟ ବୋଲାଯାଏ ।]—

ଲଗ୍ନିକ—ଦେ.ବଣ ଓ ବ (ସଂ.ଲଗ୍ନିକ)—୧। ନିକଟସମ୍ପର୍କୀୟ ବନ୍ଧୁ—
Lagnika 1. Near relative. ୨ । କୁଟୁମ୍ବ—
ଲଗ୍ନିକ ଲଗନିକ 2. Kindred. (ଉ—କୃତ୍ୟା ତ ଜାତିପୁଅ ଲଗ୍ନିକ କେହି ନୁହେ—ଫକୀରମୋହନ. ଗଳ୍ପସ୍ୱଳ୍ପ ।) ସଂ. ବ—ଜାମିନ୍‌ଦାର; ପ୍ରତିଭୂ—
A surety; bail (Apte)

ଲଗ୍ନିକା—ସଂ. ବ. ସ୍ତ୍ରୀ (ଲଗ୍ନ+କ+ସ୍ତ୍ରୀ. ଆ)—୧ । ଅଜାତରଜସ୍କା
Lagnikā
ବାଳିକା—1. A girl who has not yet attained puberty. ୨। ଦଶମ ବର୍ଷଦେଶୀୟା ବାଳିକା; ଯେଉଁ ବାଳିକାର ବୟସ ୧୦ମ ବର୍ଷ ଭେଦି ନ ଥାଏ—2. A girl less than ten years old.
[ଦ୍ର—ଅପ୍ତେ ଏ ଶବ୍ଦକୁ ନଗ୍ନିକାର ଅଶୁଦ୍ଧ ଆକାର ବୋଲି ଲେଖିଅଛନ୍ତି ।]

ଲଘଟ—ସଂ. ବ (ଲଘ୍ ଧାତୁ—ଗମନକରିବା+ କର୍ତ୍ତୃ. ଅଟ)—ବାୟୁ;
Laghaṭa
ଅନିଳ; ପବନ—The air.

ଲଘାପଘା—ଦେ. ବ—ଲଗାପଗା (ଦେଖ)
Laghāpaghā Lagāpagā (See)

ଲଘିମା—ସଂ. ବ (ଲଘୁ+ଭାବାର୍ଥେ ଇମନ୍, ଲଘିମନ୍ ଶବ୍ଦ ୧ମା. ୧ବ)-
Laghimā ୧ । ଲଘୁତ୍ୱ—1. Lightness. ୨ । ଅଳ୍ପତ୍ୱ; ହ୍ରସ୍ୱତ୍ୱ—2. Smallness; littleness. ୩ । ଯୋଗସାଧନଦ୍ୱାରା ଶରୀରକୁ ଲଘୁ ବା ହାଲୁକା କରିବାର ଶକ୍ତି; ଅଷ୍ଟ ସିଦ୍ଧି ମଧ୍ୟରୁ ଏକତମ—3. The supernatural power of lightening one's body by Joga or esoteric exercises. ୪ । ଅଷ୍ଟୈଶ୍ୱର୍ଯ୍ୟ ମଧ୍ୟରୁ ଏକତମ—4. One of the 8 peculiarities of divinity. ୫ । କମିଯିବା—5. Diminution. ୬ । ଗୁରୁତ୍ୱର ହାନି; ମାନସମ୍ଭ୍ରମର ନାଶ—6. Loss of power or prestige. ୭ । ଚଞ୍ଚଳଚିତ୍ତତା; ଅବିବେଚନା—7. Thoughtlessness; frivolity (Apte). ୮। (ଭୌଗୋଳିକ ପରିଭାଷା) ଅକ୍ଷାଂଶ—(ଲଘିମା ରେଖା—ସପ୍ତମ ଅର୍ଥର ଅନ୍ୟରୂପ) 8, Latitude.

ଲଘିଷ୍ଠ—ସଂ. ବଣ (ଲଘୁ+ଅତିଶୟାର୍ଥେ ଇଷ୍ଠ)—୧ । ଅତିଶୟ ଲଘୁ;
Laghishṭha
ଖୁବ୍ ହାଲୁକା—1. Very light. lightest. ୨ । ନିମ୍ନତମ—2. Lowest. ୩ । କ୍ଷୁଦ୍ରତମ—3. Least.

ଲଘିଷ୍ଠ ସଂଖ୍ୟା—ସଂ. ବ. (କର୍ମଧା; ଲଘିଷ୍ଠ+ସଂଖ୍ୟା)—(ଗଣିତ)—
Laghishṭha saṃkhyā ସର୍ବନିମ୍ନ ସଂଖ୍ୟା—The lowest number.

ଲଘିଷ୍ଠ ସାଧାରଣ ଗୁଣିତକ—ସଂ. ବ—(ଗଣିତ) ଯେଉଁ ଲଘୁତମ
Laghishṭha sādhāraṇa guṇitaka
ସଂଖ୍ୟା ନିର୍ଦ୍ଦିଷ୍ଟ ଦୁଇ ବା ତତୋଽଧିକ ସଂଖ୍ୟାଦ୍ୱାରା ବିଭାଜ୍ୟ—(Arithmetic) The least common multiple; the L. C. M. in arithmetic. [ଉ—୫, ୭, ୯, ୧୦ ଓ ୬, ଏହି ପାଞ୍ଚଗୋଟି ରାଶିର ଲଘିଷ୍ଠ ସାଧାରଣ ଗୁଣିତକ ବାହାର କରିବାକୁ ହେବ । ତହିଁର ପ୍ରକ୍ରିୟା—

୨ | ୫, ୭, ୯, ୧୦, ୬
୩ | ୫, ୭, ୯, ୫, ୩
୫ | ୫, ୭, ୩, ୫, ୧
 ୧, ୭, ୩, ୧, ୧

୨×୩×୫×୧×୭×୩×୧×୧=୬୩୦ । ଅତଏବ ଏ ୫ ଗୋଟି ରାଶିର ଲଘିଷ୍ଠ ସାଧାରଣ ଗୁଣିତକ ୬୩୦ ଅଟେ । ଅର୍ଥାତ୍ ୬୩୦ କୁ ଏ ପାଞ୍ଚୋଟି ରାଶି ମଧ୍ୟରୁ ଯେ କୌଣସି ରାଶିଦ୍ୱାରା ହରଲେ ଭାଗଶେଷ କିଛି ରହିବ ନାହିଁ । ୬୩୦ ରୁ ଅଳ୍ପତର ଅନ୍ୟ କୌଣସି ରାଶି ନାହିଁ, ଯାହାକୁ ଉକ୍ତ ପାଞ୍ଚୋଟି ରାଶି ମଧ୍ୟରୁ ଯେ କୌଣସି ରାଶିଦ୍ୱାରା ହରଲେ ଭାଗଶେଷ ରହିବ ନାହିଁ ।]

ଲଘୀକରଣ—ଦେ. ବି (ସ, ଲଘୁକରଣ)—୧ । ଲଘୁକରଣ; ଗୁରୁବସ୍ତୁକୁ ଲଘୁ କରିବା—1. Reduction. ୨ । ଭାରି ପଦାର୍ଥକୁ ହାଲୁକା କରିବା—2. Lightening of a heavy thing. ୩ । ବଡ଼ ବସ୍ତୁକୁ ଛୋଟ କରିବା—3. Making a big thing smaller. ୪ । (ଗଣିତ) ବଡ଼ ସଂଖ୍ୟାକୁ ଛୋଟ କରିବା—4. (Arithmetic) Reduction of a big number into a smaller one. (ଯଥା—୧୬୦୦ ଛଟାଙ୍କିକୁ ଲଘୀକରଣ ଦ୍ୱାରା (୧୬୦୦/୧୬=)୧୦୦ ସେର ବା (୧୦୦/୪୦)= ୨ ମହଣ ୨୦ ସେର କରାଯାଏ) ୫ । ଗୌରବର ହ୍ରାସକରଣ—5. Diminution of fame or glory.
Laghikarana

ଲଘୀୟାନ୍—ସଂ. ବିଣ. ପୁଂ (ଲଘୁ+ ଅତିଶୟାର୍ଥେ. ଈୟସ୍; ଲଘୀୟସ୍ ଶବ୍ଦ ୧ମା. ୧ବ)—୧ । ଅତ୍ୟନ୍ତ ଲଘୁ; ଲଘୁତର, ଅପେକ୍ଷାକୃତ ଲଘୁ—1 Very light; lighter. ୨ । କ୍ଷୁଦ୍ରତର—2. Very small; smaller.
Laghiyān
(ଲଘୀୟସୀ—ସ୍ତ୍ରୀ)

ଲଘୁ—ସଂ. ବିଣ. ପୁଂ ଓ ସ୍ତ୍ରୀ (ଲଙ୍ଘ୍ ଧାତୁ=କମାଇବା+କର୍ମ. କୁ)—୧ । ଭାରଶୂନ୍ୟ; ହାଲୁକା—1. Light; not heavy. ୨ । ସାମାନ୍ୟ—2 Slight. ୩ । ତୁଚ୍ଛ—3. Trivial; worthless; trifling. ୪ । ସାରହୀନ; ଅସାର; ଅନ୍ତଃସାରଶୂନ୍ୟ; ନିଃସାର—4 Unsubstantial. ୫ । ସାନ; ଛୋଟ; କ୍ଷୁଦ୍ର—5. Small; little. ୬ । ପତଳା—6. Thin. ୭ । ହ୍ରସ୍ୱ; ଖର୍ବ—7. Dwarfish; short. ୮ । ସୂକ୍ଷ୍ମ—8. Miuute; delicate. ୯ । କୃଶ—9. Lean ୧୦ । ଗୌରବହୀନ; ସମ୍ମାନହୀନ—10. Having no honour; dishonourable. ୧୧ । ଅନାଦୃତ—11. Disregarded; slighted. ୧୨ । ମୃଦୁ—12. Mild. ୧୩ । କ୍ଷିପ୍ର; ଶୀଘ୍ର; ଦ୍ରୁତ—13. Swift; quick; rapid. ୧୪ । ସୁନ୍ଦର; ଆନନ୍ଦଜନକ—14. Beautiful; pleasing. ୧୫ । ଶୁଷ୍କ—15. Dry. ୧୬ । ଅଳ୍ପାୟାସସାଧ୍ୟ—16. Which can be done with slight labour. ୧୭ । ନଗଣ୍ୟ—17. Trifling (Apte). ୧୮ । ନୀଚ (ହି. ଶ)—18. Low; mean (Apte). ୧୯ । ଦୁର୍ବଳ (ହି. ଶ)—19. Weak. ୨୦ । (ଛନ୍ଦଃ ଶାସ୍ତ୍ର) ଏକମାତ୍ରାଯୁକ୍ତ (ସ୍ୱର, ତାଳ) (ହି. ଶ)—20. (Prosody, music): Having only one measure. ୨୧ । ଯେଉଁ ବର୍ଣ୍ଣର ଉଚ୍ଚାରଣ କାଳ ଅଳ୍ପ—21. Short (vowel or letter). [ଦ୍ର—ଲଘୁ ଶବ୍ଦ ସ୍ତ୍ରୀଲିଙ୍ଗ ଓ ପୁଂଲିଙ୍ଗ ।] ସ. ବି—୧ । କୃଷ୍ଣାଗୁରୁ (ହି. ଶ)—1. The black variety of eaglewood. ୨ । ଉଶୀର; ବେଣାଚେର (ହି. ଶ)—2. The fragrant root fibres of Juncus Odoratus grass. ୩ । ଲଘୁ ଗଣର ନକ୍ଷତ୍ରତ୍ରୟ; ହସ୍ତା, ଅଶ୍ୱିନୀ ଓ ପୁଷ୍ୟା ନକ୍ଷତ୍ର (ହି. ଶ)—3. The 13th, 8th and 1st asterisms. ୪ । ପନ୍ଦର କ୍ଷଣ ପରିମିତ ସମୟ (ହି. ଶ)—4. A unit of time equal to 15 moments. ୫ । ତିନିପ୍ରକାର ପ୍ରାଣାୟାମ ମଧ୍ୟରୁ ୧୨ ମାତ୍ରାବିଶିଷ୍ଟ ପ୍ରାଣାୟାମ (ହି. ଶ)—5. The breathing exercise extending over 12 Mātr . [ଦ୍ର—ଉତ୍ତମ ପ୍ରାଣାୟାମ—୨୪ ମାତ୍ରାବିଶିଷ୍ଟ—'ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି ଧିୟୋ ଯୋନଃ ପ୍ରଚୋଦୟାତ୍ ।' ଏଥିର ନାମ ଗାୟତ୍ରୀ ।

ମଧ୍ୟ ପ୍ରାଣାୟାମ—୧୯ ମାତ୍ରାବିଶିଷ୍ଟ—'ଓଁ ଭୂଃ ଓଁ ଭୁବଃ ଓଁ ସ୍ୱଃ ଓଁ ମହଃ ଓଁ ଜନଃ ଓଁ ତପଃ ଓଁ ସତ୍ୟଂ' । ଏଥିର ନାମ ସାବିତ୍ରୀ ।

ଲଘୁ ପ୍ରାଣାୟାମ—୧୨ ମାତ୍ରାବିଶିଷ୍ଟ—'ଆପୋ ଜ୍ୟୋତି ରସୋଽମୃତଂ ବ୍ରହ୍ମଭୂର୍ଭୁବସ୍ୱଃ' । ଏଥିର ନାମ ସରସ୍ୱତୀ । ଅନ୍ୟ ଦୁଇ ପ୍ରାଣାୟାମକୁ ମଧ୍ୟମ ଓ ଉତ୍ତମ ବୋଲାଯାଏ ।] ୬ । (ବ୍ୟାକରଣ) ଏକମାତ୍ରାଯୁକ୍ତ ସ୍ୱର; ଅଳ୍ପ ପ୍ରାଣ ସ୍ୱରବର୍ଣ୍ଣ—6. (Grammar) Short vowel. ୭ । ବଂଶୀର ଦୈର୍ଘ୍ୟ ଛୋଟ ହେବା ରୂପ ଦୋଷ (ହି. ଶ)—7. The defect of a flute being smaller than the standard size. ୮ । ରୂପା (ହି. ଶ)—8. Silver. ୯ । ସ୍ପୃକ୍କା; ପିଡ଼ଙ୍ଗ ଶାଗ (ହି.ଶ)—9. A potherb; Trigonella Corniculata. ୧୦ । ଲାମଜ୍ଜକ; ଗନ୍ଧବେଣା (ଦ୍ରବ୍ୟଗୁଣ)—10. Juncus Odoratus. ୧୧ । କାର୍ପାସ; କପାଗଛ—11. Cotton plant. ୧୨ । ଲଘୁସ୍ୱରଯୁକ୍ତ ଅକ୍ଷର—12. Short letter. ଦେ. ବି—ଲଘୁଧାନ; ଯେଉଁ ଶାରଦଧାନ ଶୀଘ୍ର ପାଚିଯାଏ—A species of winter paddy which ripens earlier than the other species. ଦେ. ବିଣ—୧ । ଲଜ୍ଜିତ—1. Ashamed. ୨ । ଅପମାନିତ; ଅସମ୍ମାନିତ—2. Humiliated; insulted; disregarded.
ଲଘୁ
Laghu
(ବିପରୀତ—ଗୁରୁ)
[ଲଘ୍ୱୀ—ସ୍ତ୍ରୀ]
ଲଘୁ
ଲଘୁ

ଲଘୁ ଆହାର—ଦେ. ବି—(ସଂ.ଲଘ୍ୱାହାର)—ଲଘୁପାକ ଦ୍ରବ୍ୟର ଅଳ୍ପ
Laghu āhāra ପରିମାଣରେ ଭୋଜନ—A light meal; [ଲଘ୍ୱାହାର—ସଂ. ରୂପ] eating of easily digestible food.

ଲଘୁ କରିବା—ଦେ. କ୍ରି—୧ । ଶ୍ରେଷ୍ଠ କରିବା; କ୍ଷୁଦ୍ର କରିବା; ହାଲୁକା
Laghu karibā କରିବା—1. To lighten; to reduce. ୨ । କମାଇ ଦେବା—2. To diminish; to reduce. ୩ । ମାନହାନି କରିବା—3. To diminish one's honour or respect. ୪ । ଅପମାନିତ କରିବା—4. To insult. [ଦ୍ର—ଲଘୁ କରିଦେବ ଦେଖିବା ଯଣେ । କବିସୂର୍ଯ୍ୟ. କଳୋଗଣମ୍ବୁ. ଲ. ଗୀତ ।] ୫ । ଲଜ୍ଜିତ କରିବା—5. To put to shame. ୬ । (ଗଣିତ) କୌଣସି ନିମ୍ନ ଶ୍ରେଣୀର ସଂଖ୍ୟାକୁ ଉଚ୍ଚ ଶ୍ରେଣୀର ସଂଖ୍ୟାରେ ଓ ଉଚ୍ଚ ଶ୍ରେଣୀର ସଂଖ୍ୟାକୁ ନିମ୍ନ ଶ୍ରେଣୀର ସଂଖ୍ୟାରେ ପରିଣତ କରିବା—6. (arithmetic) To reduce a given number into one of a lower or higher denomination.

ଲଘୁ କଣା—ସଂ. ବି.—(ବହୁବ୍ରୀହି; ଲଘୁ+କଣ)—ଧଳା ଜୀର—
Laghu kaṇa White cumin seed.

ଲଘୁ କଣ୍ଟକୀ—ସଂ. ବି.—ଲଜ୍ଜାଳୁ (ବୃ. ଶ.)—
Laghu kaṇṭakī Mimosa Pudica.

ଲଘୁକର୍ଣ୍ଣୀ—ସଂ. ବି—(ବୈଦ୍ୟକ)—୧ । ଔଷଧରେ ବ୍ୟବହୃତ ଗୁଳ୍ମ
Laghu karṇṇī ବିଶେଷ—1. Clematis Ariloba (Kirtikar); a medicinal plant [ଦ୍ର—ଏହି ଗୁଳ୍ମ ଦାକ୍ଷିଣାତ୍ୟରେ ଜନ୍ମେ; ଖୁବ୍ ଝାଞ୍ଜୁଆ ଓ ଉଷ୍ଣ । ଏହା ଜ୍ୱର, କେଶ ରୋଗ, ରକ୍ତ ଦୋଷ ଓ କୁଷ୍ଠ ରୋଗର ଔଷଧ ଓ ବିରେଚକ ।] ୨ । ମୂର୍ବା (ବୃ. ଶ.)—2. Sansvieria Zeylanica (plant).

ଲଘୁ କାମୋଦୀ—ଦେ ବି.—ରାଗବିଶେଷ(ରାଗ ତଳେ ଜୋଡ଼ ଦେଖ)—
Laghu kāmodī A kind of musical tune.

ଲଘୁ କର୍କନ୍ଧୁ—ସଂ. ବି—କ୍ଷୁଦ୍ର ବରକୋଳି—The small-fruited
Laghu karkandhu variety of Jujube.

ଲଘୁ କାୟ—ସଂ. ବି. (କର୍ମଧା; ଲଘୁ+କାୟ)—୧ । କ୍ଷୁଦ୍ର ଦେହ; ଖର୍ବ
Laghu kāya ଶରୀର—1. Short body. ୨ । (ବହୁବ୍ରୀହି ଲଘୁ+କାୟ) ଛେଳି; ଛାଗଳ—2. The goat. ସଂ. ବିଣ. ପୁଂ—୧ । ଖର୍ବ ଶରୀର ବିଶିଷ୍ଟ—1. Dwarfish; of small body or stature. ୨ । ପତଳା (ଲଘୁକାୟା—ସ୍ତ୍ରୀ) ଦେହ ବିଶିଷ୍ଟ—2. Thin-bodied; lean.

ଲଘୁ କାଶ୍ମର୍ଯ୍ୟ(ର୍ଯ୍ୟ)—ସଂ. ବି. (ବୈଦ୍ୟକ)—୧ । କଟଫଳ; କାଫଳ
Laghu kāśmarjya(rja) (ବୃକ୍ଷ)—1. A tree; Myrica Sapida. ୨ । ପଣସ ଗଛ (ବୃ. ଶ)—2. Jack-fruit tree.

ଲଘୁ କିନ୍ନରୀ—ସଂ. ବି—ତନ୍ତ୍ରଯୁକ୍ତ ଏକ ପ୍ରକାର ପ୍ରାଚୀନ କାଳର ବାଦ୍ୟ
Laghu kinnarī (ବୃ. ଶ)—A kind of stringed musical instrument used in ancient India.

ଲଘୁ କୌମୁଦୀ—ସଂ. ବି—ଲଘୁ ସିଦ୍ଧାନ୍ତ କୌମୁଦୀ; ସଂସ୍କୃତ ବ୍ୟାକରଣ
Laghu kaumudi ଗ୍ରନ୍ଥର ନାମ—Name of a grammatical work in Sanscrit. [ଦ୍ର—ଏହା ବରଦରାଜ ଭଟ୍ଟାଚାର୍ଯ୍ୟ ସଙ୍କଳିତ; ଏହା ଭଟ୍ଟୋଜୀ ଦୀକ୍ଷିତଙ୍କ ସଙ୍କଳିତ ସିଦ୍ଧାନ୍ତ କୌମୁଦୀର ସଂକ୍ଷିପ୍ତ ସଂସ୍କରଣ । ସିଦ୍ଧାନ୍ତ କୌମୁଦୀ ପାଣିନିଙ୍କ ବ୍ୟାକରଣ ସୂତ୍ରର ବ୍ୟାଖ୍ୟା ଅଟେ ।]

ଲଘୁ କ୍ରମ—ସଂ. ବି. (କର୍ମଧା)—ଦ୍ରୁତ ଗତି; ଜଲଦ ଜଲଦ ଚାଲିବା କ୍ରିୟା
Laghu krama (ବୃ. ଶ)—Swift steps; swift motion. ସଂ. ବିଣ. ପୁଂ—(ବହୁବ୍ରୀହି)—ଦ୍ରୁତଗତି ବିଶିଷ୍ଟ—Swift. (ଲଘୁକ୍ରମା—ସ୍ତ୍ରୀ, ଲଘୁକ୍ରମତା—ବି)

ଲଘୁକ୍ରିୟ—ସଂ ବିଣ. ପୁଂ. (ବହୁବ୍ରୀହି; ଲଘୁ+କ୍ରିୟା)—ଯେଉଁ ବ୍ୟକ୍ତି
Laghukriya ଅଳ୍ପ କାର୍ଯ୍ୟ କରେ—Doing little work. (ଲଘୁକ୍ରିୟା—ସ୍ତ୍ରୀ) [ଲଘୁକ୍ରିୟତା(ତ୍ୱ)—ବି]

ଲଘୁ କ୍ରିୟା—ସଂ. ବି—୧ । ପ୍ରସ୍ରାବ କରିବା—1. Making
Laghu kriyā water; pissing. ୨ । ସାମାନ୍ୟ ଫଳଯୁକ୍ତ କାର୍ଯ୍ୟ—2. Insignificant act; act of no consequence. [ଦ୍ର—କହାରମ୍ଭ ଲଘୁ କ୍ରିୟା ।] ୩ । ସାମାନ୍ୟ ଆୟାସସାଧ୍ୟ କର୍ମ—3. Light work.

ଲଘୁ ଗଣ—ସଂ. ବି—(ଜ୍ୟୋତିଷ)—ଅଶ୍ୱିନୀ, ପୁଷ୍ୟା ଓ ହସ୍ତା ନକ୍ଷତ୍ର—
Laghu gaṇa The three asterisms or lunar mansions, viz, the 1st, 8th and 13th.

ଲଘୁ ଗମନ—ସଂ. ବି—(କର୍ମଧା, ଲଘୁ+ଗମନ)—ଦ୍ରୁତଗତି; ବେଗଯୁକ୍ତ
Laghu gamana ଚାଲି—Swift motion. ସଂ. ବିଣ.-(ଲଘୁଗତି—ଅନ୍ୟରୂପ) ଶୀଘ୍ରଗାମୀ; (ବହୁବ୍ରୀହି; ଲଘୁ+ଗମନ)—(ଲଘୁଗମନା, ଲଘୁଗତି—ସ୍ତ୍ରୀ) ଦ୍ରୁତଗତି ବିଶିଷ୍ଟ—Swift-footed; swift.

ଲଘୁଗାମୀ—ସଂ.ବିଣ. ପୁଂ--(ଲଘୁଗାମିନ୍ ଶବ୍ଦ; ଲଘୁ+ଗମ୍ ଧାତୁ+କର୍ତ୍ତ୍ତୃ.
Laghugāmi ଇନ୍ ୧ମା.୧ବ.)—ଦ୍ରୁତଗତି ବିଶିଷ୍ଟ—Swift (ଲଘୁଗାମିନୀ—ସ୍ତ୍ରୀ)(ଲଘୁଗାମିତା—ବି) footed; light footed.

ଲଘୁ ଗୁରୁ—ସଂ. ବି.—କାବ୍ୟାଳଙ୍କାର ବିଶେଷ— A kind of
Laghu guru rhetorical figure. ସଂ. ବିଣ.—ଲଘୁ ଓ ଗୁରୁ—Short and long.

ଲଘୁ ଗୋଧୂମ—ସଂ. ବି--(ଲଘୁ+ଗୋଧୂମ)—(ବୈଦ୍ୟକ) ଶ୍ରେଷ୍ଠ
Laghu godhūma ଶ୍ରେଷ୍ଠ ଏକ ପ୍ରକାର ଗହମ—A species of small wheat.

ଲଘୁ ଚତୁଷ୍ପଦୀ—ଦେ. ବି—ଶ୍ଳୋକବିଶେଷ; ୨୯ ଅକ୍ଷରଯୁକ୍ତ ଛନ୍ଦୋବିଶେଷ-
Laghu chatushpadi A kind of metre, having 29 letters. [ଦ୍ର—ଏହାର ପ୍ରତ୍ୟେକ ଶ୍ଳୋକରେ ଚାରିଗୋଟି ଚରଣ ବା ପାଦ ଥାଏ । ପ୍ରଥମ ଦ୍ୱିତୀୟ ଓ ତୃତୀୟ ଚରଣରେ ଆଠଟି ଲେଖାଏଁ ବର୍ଣ୍ଣ ଓ ଶେଷ ଚରଣରେ ପାଞ୍ଚଟି ବର୍ଣ୍ଣ ଥାଏ ।]

ଲଘୁ ଚନ୍ଦନ—ସଂ. ବ.—ଅଗୁରୁ କାଷ୍ଠ—(ବୃ. ଶ.)
Laghu chandana — Eagle wood.
[ଲଘୁ ନାମା—ଅନ୍ୟରୂପ]

ଲଘୁ ଚିତ୍ତ—ସଂ. ବଣ. ପୁଂ—(ବହୁବ୍ରୀହି; ଲଘୁ+ଚିତ୍ତ)—ଲଘୁଚେତାଃ (ଦେଖ)—Laghuchetāḥ (See)
Laghu chitta
(ଲଘୁଚିତ୍ତା—ସ୍ତ୍ରୀ) [ଲଘୁ ଚିତ୍ତତା—ବି]

ଲଘୁ ଚେତାଃ—ସଂ. ବଣ.—(ବହୁବ୍ରୀହି; ଲଘୁ ଚେତସ୍ ଶବ୍ଦ; ଲଘୁ+ଚେତସ୍)—୧ । ସଂକୀର୍ଣ୍ଣମନାଃ—1. Narrow-minded. ୨ । ଯାହାର ଅନ୍ତଃକରଣ ନୀଚ ଭାବାପନ୍ନ; ନୀଚମନା—2. Mean minded, frivolous. ୩ । ଗାମ୍ଭୀର୍ଯ୍ୟହୀନ—3. Having no gravity; light hearted. ୪ । ଅସ୍ଥିର ଚିତ୍ତ—4. Fickle unsteady (Apte.)
Laghu chetāḥ
(ଲଘୁଚେତା—ଦେ. ରୂପ)

ଲଘୁଚ୍ଛଦା—ସଂ. ବି—ମହାଶତାବରୀ (ବୃ. ଶ.)
Laghuchchhadā — A big variety of Asparagus.

ଲଘୁଚ୍ଛନ୍ଦ—ସଂ. ବି (ଲଘୁ+ଛନ୍ଦ; ସନ୍ଧି ଯୋଗୁଁ ଛର ଦ୍ୱିତ୍ୱ)—ସରଳ ବା ସହଜରେ ଉଚ୍ଚାର୍ଯ୍ୟ ଛନ୍ଦ—An easy cadence; a short measure or metre.
Laghuchchhanda

ଲଘୁ ଜ(ଜା)ଙ୍ଗଲ—ସଂ. ବି—ଲାବକ ପକ୍ଷୀ—
Laghu ja(jā)ṅgala — A kind of quail.

ଲଘୁ ଜ୍ଞାନ—ସଂ. ବି (ଲଘୁ+ଜ୍ଞାନ)—୧ । ହୀନବୋଧ; ଘୃଣା—1. Contempt. ୨ । ତୁଚ୍ଛବୋଧ, ହେୟଜ୍ଞାନ—2. Feeling of disregard; making light of a matter.
Laghu jñāna

ଲଘୁତମ—ସଂ. ବଣ (ଲଘୁ+ତମ)—ଅତ୍ୟନ୍ତ ଲଘୁ, ସମସ୍ତଙ୍କଠାରୁ ଲଘୁ (ଦେଖ)—Very laghu; least laghu. (See)
Laghutama
(ଲଘୁତମା—ସ୍ତ୍ରୀ)

ଲଘୁତର—ସଂ. ବଣ (ଲଘୁ+ତର)—ଅପେକ୍ଷାକୃତ ଲଘୁ—
Laghutara — Very laghu; comparatively laghu.
(ଲଘୁତରା—ସ୍ତ୍ରୀ) (See)

ଲଘୁତମାପବର୍ତ୍ତ୍ୟ—ସଂ. ବି (ଗଣିତ)—ଲଘିଷ୍ଠ ସାଧାରଣ ଗୁଣିତକ—
Laghutamāpabarttya — (arithmetic) The least common multiple of two or more numbers.

ଲଘୁତା(ତ୍ୱ)—ସଂ. ବି [ଲଘୁ+ଭାବାର୍ଥେ ତା (ତ୍ୱ)]—୧ । ଭାର ହୀନତା—1. Lightness. ୨ । ଲଘୁ ଭାବ—2. The state of being laghu. ୩ । ତୁଚ୍ଛତା—3. Insignificance.
Laghutā(twa)

ଲଘୁତି—ଗ୍ରା. ବି—ଲଗଉତି (ଦେଖ)
Laghuti — Lagauti. (See)

ଲଘୁତିକ୍ତ—ସଂ. ବି—ମୁଦ୍ରାଶଙ୍ଖ (ବୃ. ଶ)
Laghutikta — Litharge.

ଲଘୁତୁପକ—ସଂ. ବି—ପିସ୍ତଲ୍ (ବୃ. ଶ)
Laghutupaka — Pistol.

ଲଘୁତେଜାଃ—ସଂ. ବଣ (ବହୁବ୍ରୀହି; ଲଘୁ+ତେଜସ୍; ୧ମା. ୧ବ)—କ୍ଷୀଣପ୍ରଭ; ସ୍ୱଳ୍ପତେଜୋବିଶିଷ୍ଟ—Having little energy or glory.
Laghutejāḥ

ଲଘୁତ୍ରିପଦୀ—ଦେ. ବି—ଛନ୍ଦୋବିଶେଷ—A triplet; consisting of 20 letters distributed in 3 lines. [ଦ୍ର—ଏହାର ପ୍ରତ୍ୟେକ ଶ୍ଳୋକରେ ତିନି ଗୋଟି ଚରଣ ଥାଏ । ପ୍ରଥମ ଦୁଇ ଚରଣରେ ଛଅଟି ଲେଖାଏଁ ଅକ୍ଷର ଓ ଶେଷ ଚରଣରେ ଆଠୋଟି ଅକ୍ଷର ଥାଏ ।]
Laghutripadī

ଲଘୁ ତ୍ରୈରାଶିକ—ସଂ. ବି (ଗଣିତ)—ଛୋଟ ଲଘୁରାଶିଯୁକ୍ତ ସମସ୍ୟା—
Laghu trairāśika — (mathematics) Simple rule of three.
(ଲଘୁ ତ୍ରୟୀ[ତ୍ରୈ]ରାଶିକ—ଦେ. ରୂପ)

ଲଘୁ ଦଣ୍ଡ—ସଂ. ବି (କର୍ମଧା; ଲଘୁ+ଦଣ୍ଡ)—୧ । ସାମାନ୍ୟ ଦଣ୍ଡ; ଅଳ୍ପ ଶାସ୍ତି—1. Light punishment. ୨ । ଛୋଟ ଯଷ୍ଟି—2. Small stick.
Laghu daṇḍa
(ବିପରୀତ—ଗୁରୁଦଣ୍ଡ)

ଲଘୁ ଦନ୍ତୀ—ସଂ. ବି (ବୈଦ୍ୟକ)—ଏକ ପ୍ରକାର ଛୋଟ ଦନ୍ତୀ ନାମକ ବୃକ୍ଷ—A sort of small medicinal plant, Croton Polyandrum.
Laghu dantī
ସଂ. ନାମ—କ୍ଷୁଦ୍ର ଦନ୍ତୀ, ଲଘ୍ୱୀଦନ୍ତୀ, ବିଶଲ୍ୟା, ଉଦୁମ୍ବରପର୍ଣ୍ଣୀ, ଏରଣ୍ଡଫଳା, ଶୀଘ୍ରା, ଶ୍ୟେନଘଣ୍ଟା, ଘୁଣପ୍ରିୟା, ବାରାହାଙ୍ଗୀ, ନିକୁମ୍ଭ, ମକୂଳକ, ବାଘହାସୀ । (ଦ୍ର—ଦନ୍ତୀ ତଳେ ନୋଟ୍ ଦେଖ)

ଲଘୁ ଦୁନ୍ଦୁଭି—ସଂ. ବି (କର୍ମଧା)—ଡୁଗୀ—
Laghu dundubhi — A kind of small drum.

ଲଘୁ ଦୋଷ—ସଂ. ବି (କର୍ମଧା: ଲଘୁ+ଦୋଷ)—୧। ସାମାନ୍ୟ ଦୋଷ—1. Trivial fault. ୨ । ସାମାନ୍ୟ ପାପ; ସାମାନ୍ୟ ଅପରାଧ—2. Venial sin; slight offence.
Laghu dosha

ଲଘୁ ଦ୍ରବ୍ୟ—ସଂ. ବି (କର୍ମଧା; ଲଘୁ+ଦ୍ରବ୍ୟ)—୧ । ହାଲୁକା ପଦାର୍ଥ—1. Light thing. ୨। ଲଘୁପାକ ଦ୍ରବ୍ୟ—2. Easily digestible article.
Laghu drabya

ଲଘୁ ଦ୍ରାକ୍ଷା—ସଂ. ବି (ବୈଦ୍ୟକ)—କାଳମା ଦ୍ରାକ୍ଷା; ଛୋଟ ଦ୍ରାକ୍ଷା; କିସମିସ୍—Resin; small species of grapes. [ଦ୍ର—ଏଥିରେ ମଞ୍ଜି ନ ଥାଏ ।]
Laghu drākshā

ଲଘୁଧାନ—ଦେ. ବି (ଲଘୁ+ଧାନ୍ୟ)—ଶାରଦଧାନ୍ୟ ବିଶେଷ—
Laghu dhāna — A species of winter paddy which ripens early. [ଦ୍ର—ଏହା ଟିପ ଜମିରେ ହୁଏ ଓ ଅନ୍ୟ ଧାନ (ବଡ଼ ଧାନ) ଅପେକ୍ଷା ଚଞ୍ଚଳ ପାଚେ ଓ ପୌଷ ମାସ ପୂର୍ବରୁ କଟାଯାଏ । ଯଥା—ମୋଟର, ସହର, କଣାରୁଆ, ସରୁଚନାମାଳ, ବରପଙ୍କ । ବଡ଼ ଧାନ; ଯଥା—ମକର, ବୋଇତାଳପକ୍ଷିଆ, ଗୁଅପେଣ୍ଡି, ବର ବୋଡ଼, ଖସାଗୁଣ୍ଡି, କଳାଜିରା, ନାଲିଠୁଲୁରା, ମହୁମାଛି, ମାଛକଣ୍ଟା ଇତ୍ୟାଦି । ପାଣିଧାନ ଯଥା,—ଜମ୍ବୁଦ୍ୱୀପ, ଉମେଡାଇ, ଗୋଡ଼ା ।]
ଲଘୁଧାନ
ଲଘୁଶାରଦ
(ବିପରୀତ—ବଡ଼ଧାନ)

ଲଘୁ ପଞ୍ଚମୂଳ—ସଂ. ବ (ବୈଦ୍ୟକ)—ସ୍ୱଳ୍ପ ପଞ୍ଚମୂଳ; ବୃହତୀ (ଭେଗ୍ର
Laghu panchamūla ବାଇଗଣ), ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ,
(ଲଘୁ ପଞ୍ଚକ—ଅନ୍ୟରୂପ) କଣ୍ଟକାରୀ (ଅଙ୍କରାନ୍ତି), ଗୋକ୍ଷୁର
(ଗୋଖରା), ଏହି ପାଞ୍ଚଗୋଟି ମୂଳଦ୍ୱାରା ପ୍ରସ୍ତୁତ ପାଚନ—
A decoction of 5 herbal roots.
(ପଞ୍ଚମୂଳ ତଳେ ଟୋକ୍ ଦେଖ)

ଲଘୁପତ୍ର—ସଂ. ବ (ବହୁବ୍ରୀହି)—କମଳାଗୁଣ୍ଡି ଗଛ (ବ୍ରି. ଶ)
Laghupatra Mallotus Philipinensis (tree).

ଲଘୁପତ୍ରା—ସଂ. ବି—ହିମାଳୟ ପର୍ବତମାଳା ମଧ୍ୟରେ ଜାତ ବୃକ୍ଷ ବିଶେଷ—
Laghupatrā Podophyllum Emodi. (tree)
पापडा, पापड, निर्विषि, पिलिजाज ଗୁ. ଭେକବେଲ୍

ଲଘୁପତ୍ରୀ—ସଂ. ବ (ବହୁବ୍ରୀହି)—ଅଶ୍ୱତ୍ଥ ବୃକ୍ଷ (ବ୍ରି. ଶ)
Laghupatri Ficus Reeigiosa. (tree)

ଲଘୁପର୍ଣ୍ଣୀ—ସଂ. ବ—୧ । ମୂର୍ବା (ବ୍ରି. ଶ)—1. Sansevieria
Laghuparnṇi Zeylanica. (plant) ୨ । ଶତମୂଳୀ
(ବ୍ରି. ଶ)—2. Asparagus. (creeper)

ଲଘୁପାକ—ସଂ. ବ (ଲଘୁ+ପାକ)—(କର୍ମଧା) ଅଳ୍ପ ଜାଳ ଦେଇ
Laghupāka ସିଝାଇବା—Cooking over a light
fire. ସଂ. ବଣ (ବହୁବ୍ରୀହି)—ଯେଉଁ ଖାଦ୍ୟ ଶୀଘ୍ର ଜୀର୍ଣ୍ଣ
ହୁଏ; ସହଜପାଚ୍ୟ—Easily digestible (food);
easy of digestion.

ଲଘୁପାକୀ—ସଂ. ବ (ଲଘୁ ପାକନ ଶବ୍ଦ; ୧ମା; ୧ବ)—ଚିନା ଶସ୍ୟ
Laghupāki (ବ୍ରି. ଶ)—Millet. ସଂ. ବଣ. ଲଘୁପାକ(ଦେଖ)
Laghupāka. (See) [Apte]

ଲଘୁପାତୀ—ସଂ. ବ. ପୁଂ (ଲଘୁପାତିନ୍, ୧ମା. ୧ବ)—କୁଅ; କାକ
Laghupāti (ଲଘୁପାତିନୀ—ସ୍ତ୍ରୀ) (ବ୍ରି. ଶ)—Crow,

ଲଘୁପାପ—ସଂ. ବ [ଲଘୁ+ପାପ]—ସାମାନ୍ୟ ପାପ—Venial sin.
Laghu pāpa (ଯଥା—ଲଘୁପାପକୁ ଗୁରୁଦଣ୍ଡ) ସଂ. ବଣ. ପୁଂ.—
(ଲଘୁପାପା—ସ୍ତ୍ରୀ) (ବହୁବ୍ରୀହି) ସାମାନ୍ୟ ପାପଯୁକ୍ତ—Venial;
slightly sinful.

ଲଘୁପୁଷ୍ପ—ସଂ. ବ (ବହୁବ୍ରୀହି)—ଭୂଇଁକଦମ୍ବ [ବ୍ରି. ଶ]
Laghupushpa A kind of Kadamba.

ଲଘୁପୁଷ୍ପା—ସଂ. ବ [ବୈଦ୍ୟକ]—ସୁବର୍ଣ୍ଣକେତକୀ; କେତକୀଫୁଲ ଗଛ—
Laghupushpā The yellow flowered Pandanus
কেতকী **पीलाकेवडा** Odoratissimus.
ଅନ୍ୟ ସଂ. ନାମ—ସୁବର୍ଣ୍ଣକେତକୀ, ସୁଗନ୍ଧିନୀ ।

ଲଘୁ ପ୍ରକୃତି—ସଂ. ବ. (କର୍ମଧା; ଲଘୁ+ପ୍ରକୃତି)—ମୃଦୁ ବା କୋମଳ
Laghu prakṛuti ପ୍ରକୃତି—Mild nature. ସଂ. ବଣ
ଲଘୁ ପ୍ରକୃତିକ—ପୁଂ } ଅନ୍ୟରୂପ—ବଣ ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)
ଲଘୁ ପ୍ରକୃତିକା—ସ୍ତ୍ରୀ } ମୃଦୁସ୍ୱଭାବବିଶିଷ୍ଟ—
Of mild nature.

ଲଘୁ ପ୍ରଯତ୍ନ—ସଂ. ବଣ. ପୁଂ. (ବହୁବ୍ରୀହି)—୧ । ଅଳସ୍ୟଯୁକ୍ତ ବ୍ୟକ୍ତି;
Laghu prajatna ଅଳସୁଆ (ବ୍ରି. ଶ)—1. Idle. ୨। ଯେଉଁ
(ଲଘୁ ପ୍ରଯତ୍ନା—ସ୍ତ୍ରୀ) ବର୍ଣ୍ଣ ଅଳ୍ପ ପ୍ରୟାସରେ ଉଚ୍ଚାରିତ ହୁଏ—
2. (letter) Pronounced with slight articulation (Apte). ସଂ. ବ. (କର୍ମଧା)—ସାମାନ୍ୟ
ଚେଷ୍ଟା ବା ପରିଶ୍ରମ—Slight exertion.

ଲଘୁ ଫଳ—ସଂ. ବ. (ବହୁବ୍ରୀହି)—ଡିମ୍ବିରି (ବ୍ରି. ଶ)—
Laghu phaḷa Fig.

ଲଘୁ ବଦର(ରୀ)—ସଂ. ବ—ଛୋଟ ବରକୋଳି; ଭୂଇଁବରକୋଳି;
Laghu badara(ri) କର୍କନ୍ଧୁ—A sort of small
jujube.

ଲଘୁ ବର୍ଣ୍ଣ—ସଂ. ବ. (କର୍ମଧା; ଲଘୁ+ବର୍ଣ୍ଣ)—ଯେଉଁ ବର୍ଣ୍ଣର ଉଚ୍ଚାରଣ
Laghu barnṇa କାଳ ଅଳ୍ପ—Short letter.
(ଗୁରୁବର୍ଣ୍ଣ—ବ୍ୟସ୍ତ)

ଲଘୁ ବଲ୍କଳା—ସଂ. ବ. (ବୈଦ୍ୟକ) (ବହୁବ୍ରୀହି)—ତେଜୋବତୀ ନାମକ
Laghu baḷkaḷā ବୃକ୍ଷ—A sort of medicinal
plant; the toothache tree. ତେଜୋବତୀ ୧
(ଦେଖ)—Tejobati 1 (See)

ଲଘୁ ବୃତ୍ତି—ସଂ ବ. (କର୍ମଧା; ଲଘୁ+ବୃତ୍ତି)—ନୀଚ କର୍ମ—Mean
Laghu bṛutti work. ୨ । ନୀଚ ବ୍ୟବସାୟ -2. Low
profession. ସଂ. ବଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି)—
୧ । ଯାହାର ବ୍ୟବସାୟ ନୀଚ ଅଟେ—1. Of low profession. ୨ । ଯାହାର ବ୍ୟବହାର ନୀଚ ଅଟେ—
2. Ill-behaved; low; vile (Apte). ୩ । ଅବି-
ବେଚକ (ବ୍ୟକ୍ତି)—3. Frivolous (Apte). ୪ । ମନ୍ଦ
ରୂପେ ପରିଚାଳିତ (କର୍ମ)—4. Mismanaged
(Apte).

ଲଘୁ ବେଧୀ—ସଂ. ବଣ. ପୁଂ (ଲଘୁ+ବିଧ୍ ଧାତୁ+କର୍ତ୍ତୃ. ଇନ୍; ୧ମା.
Laghu bedhi ୧ବ)—ଯେ ଠିକ୍ ମତେ ବା ଅନାୟାସରେ
(ଲଘୁ ବେଧିନ—ଅନ୍ୟରୂପ) ନିଶାଣକୁ ଭେଦ କରି ପାରେ—Making
(ଲଘୁ ବେଧିନୀ; ଲଘୁ ଭେଦିନୀ—ସ୍ତ୍ରୀ) a clever and easy
hit at a target. (Apte).

ଲଘୁ ବ୍ୟୟ—ସଂ. ବ. (କର୍ମଧା, ଲଘୁ+ବ୍ୟୟ)—୧ । ଅଳ୍ପ ଖରଚ—
Laghu byaya 1. Small expense. ୨ । ପରିମିତ
(ଲଘୁ ବ୍ୟୟୀ—ଅନ୍ୟ ବଣ. ପୁଂ. ରୂପ) ବ୍ୟୟ—2. Economy.
(ଲଘୁ ବ୍ୟୟା—ସ୍ତ୍ରୀ) ସଂ. ବଣ. ପୁଂ—ପରିମିତ ବ୍ୟୟୀ—Frugal.

ଲଘୁ ବ୍ରାହ୍ମୀ—ସଂ. ବ. (ବୈଦ୍ୟକ)—ଏକପ୍ରକାର ଛୋଟ ବ୍ରାହ୍ମୀ ଶାଗ—
Laghu brāhmi A sort of potherb.

ଲଘୁ ଭାବ—ସଂ. ବ. (ଲଘୁ+ଭାବ)—୧ । ଲଘୁତା—1. State of
Laghu bhāba being Laghu. ୨ । ନୀଚତା—
2. Meanness. ୩ । କ୍ଷୁଦ୍ରତା—3. Smallness.
୪ । ନମ୍ରତା; ନ୍ୟୁନତା—4. Humility.

ଲଘୁ ଭାର—ସଂ. ବ. (କର୍ମଧା; ଲଘୁ+ଭାର)—୧ । ଅଳ୍ପ ଓଜନ—
Laghu bhāra 1. Light weight. ୨ । ହାଲୁକା
ବୋଝ—2. Light load. ୩ । ସାମାନ୍ୟ ଦାୟିତ୍ୱ—
3. Slight responsibility. ସଂ. ବଣ—ଯାହାର
ଓଜନ ଅଳ୍ପ; ହାଲୁକା—Light in weight.

ଲଘୁ ଭୋଜନ—ସଂ. ବି. (ଲଘୁ+ଭୋଜନ; କର୍ମଧା) —୧ । ଅଳ୍ପ ଭୋଜନ
Laghu bhojana —1. Food taken in small quantity. ୨ । ପରିମିତାହାର—2. Temperance; moderation in meal. ୩ । ଲଘୁ ପାକ ଦ୍ରବ୍ୟର ଭୋଜନ—3. Partaking of light food. ୪ । ଜଳଖିଆ—4. Light meal; tiffen. ସଂ. ବିଣ. ପୁଂ (ବହୁବ୍ରୀହି)—ଲଘୁ ଭୋଜୀ (ଦେଖ) —Laghu bhoji (See) (ଲଘୁଭୋଜନା—ବିଣ. ସ୍ତ୍ରୀ)

ଲଘୁ ଭୋଜୀ—ସଂ. ବିଣ. ପୁଂ (ଲଘୁ+ଭୋଜନ୍)—୧ । ପରିମିତାହାରୀ—
Laghu bhoji 1. Sparing in diet; temperate in diet. (ଲଘୁ ଭୋଜନୀ—ସ୍ତ୍ରୀ) ୨ । ଯେ ଅଳ୍ପ ମାତ୍ର ଖାଦ୍ୟ ଖାଏ—2 Eating very little quantity of food. ୩ । ଯେ ଲଘୁପାକ ଦ୍ରବ୍ୟ ଖାଏ—3. Taking easily digestible or light food.

ଲଘୁ ମନ୍ଥ—ସଂ. ବି—ଶ୍ରେଷ୍ଠ ଅଗବଥୁ ଗଛ (ହି. ଶ)—The small
Laghu mantha variety of Premna Integrifolia (tree).

ଲଘୁ ମତି—ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—୧ । ନିର୍ବୋଧ—
Laghu mati (ଲଘୁମତାଃ—ଅନ୍ୟରୂପ) 1. Foolish. ୨ । ଲଘୁଚିତ୍ତ (ଦେଖ)—2. Laghuchitta (See)

ଲଘୁ ମାଂସ—ସଂ. ବି. (ବହୁବ୍ରୀହି)—ତିତିର ପକ୍ଷୀ (ହି. ଶ)—
Laghu māmsa The partridge bird.

ଲଘୁ ମାଂସୀ—ସଂ. ବି—ଶ୍ରେଷ୍ଠ ଜଟାମାଂସୀ (ହି. ଶ)—The small
Laghu māmsi variety of Indian spikenard.

ଲଘୁ ମାନ—ସଂ. ବି (କର୍ମଧା)—କାନ୍ତକୁ ଅନ୍ୟ ସ୍ତ୍ରୀ ସଙ୍ଗେ କଥୋପକଥନ
Laghu māna କରିବା ଦେଖି କାନ୍ତିକାର ମନରେ ଉତ୍ପନ୍ନ ସାମାନ୍ୟ କ୍ରୋଧ ବା ଅଭିମାନ—Slight displeasure of a lady on seeing her lover taking with another woman.

ଲଘୁ ମାଣ୍ଡିଆ—ଦେ. ବି—ମାଣ୍ଡିଆର ପ୍ରକାର ଭେଦ—
Laghu māṇḍiā A variety of Māṇḍiā grain
'ଲଘୁ ମାଡୁଆ ଲଘୁମାଡ଼ୁଆ

ଲଘୁ ମୂଳ—ସଂ. ବି. (ବୀଜ ଗଣିତ)—ବୀଜ ଗଣିତରେ ସମୀକରଣରେ
Laghu mūla ସର୍ବାପେକ୍ଷା କ୍ଷୁଦ୍ର ତମ ସଂଖ୍ୟା—(Algebra) The least algebraic root; the lesser root of an equation (Apte)

ଲଘୁ ମୂଲ୍ୟ—ସଂ. ବି. (ଲଘୁ+ମୂଲ୍ୟ)—୧ । (କର୍ମଧା) ସ୍ୱଳ୍ପ ମୂଲ୍ୟ; ଅଳ୍ପ
Laghu mūlya ଦାମ—1. Small price; low price. ୨ । ସସ୍ତା ଦର—2. Cheap rate. ସଂ. ବିଣ. (ବହୁବ୍ରୀହି)—ଯାହାର ମୂଲ୍ୟ କମ୍; ସସ୍ତା—Cheap.

ଲଘୁ ରାଶି—ସଂ. ବି. (କର୍ମଧା; ଲଘୁ+ରାଶି)—(ଗଣିତ) ଅଳ୍ପ ସଂଖ୍ୟାଯୁକ୍ତ
Laghu rāsi ରାଶି— arithmetic) A small number.

ଲଘୁ ଲଘୁ—ଦେ. କ୍ରି. ବିଣ—ମୃଦୁ ଭାବରେ—
Laghu laghu ଲଘୁ ଭାବେ ଲଘୁଭାବେ Lightly.

ଲଘୁଲତା—ସଂ. ବି—୧ । କଲରାଲତା—1. Memordica creeper.
Laghulatā ୨ । ଅନନ୍ତମୂଳ; ଶାରିବା—2. Hemidesmus Indicus; Indian sarsaparilla.

ଲଘୁ ଲୟ—ସଂ.ବି (ବୈଦ୍ୟକ)—୧ । ବେଣାଚେର—The root of
Laghu laya Beṇā grass, Andropogon Muricatus. ୨ । ବେଣା ତୃଣ (ହି. ଶ)—2. Juncus Odoratus (grass).

ଲଘୁ ଲଳିତ—ସଂ. ବିଣ (ଦ୍ୱନ୍ଦ୍ୱ; ଲଘୁ+ଲଳିତ)—୧ । କ୍ଷୁଦ୍ର ଅଥଚ
Laghu laḷita ସୁନ୍ଦର—1. Small yet beautiful. ୨ । କ୍ଷୁଦ୍ର ଓ ସୁଶ୍ରାବ୍ୟ (ସ୍ୱର)—2. Small yet sweet (sound).

ଲଘୁ ଲଳିତ ଚତୁଷ୍ପଦୀ—ସଂ. ବି—(ଆଧୁନିକ ବ୍ୟବହାର)—ଯେଉଁ
Laghu laḷita chatushpadi ଚତୁଷ୍ପଦୀର ପ୍ରଥମ ତିନୋଟି ପାଦରେ ଆଠ ଅକ୍ଷର ଲେଖାଏଁ ଓ ଶେଷ ପାଦରେ ସାତ ଅକ୍ଷର ଥାଏ—A qradret of 31 letters.

ଲଘୁ ଲୁଘା—ଗ୍ରା. ବି—(ସହଚର)—ଲଘୁ ଧାନ ଆଦି—
Laghu lughā Various kinds of Laghu paddy.

ଲଘୁ ଲୋଣିକା—ସଂ. ବି—ଭାରତରେ ସକଳ ଗ୍ରୀଷ୍ମପ୍ରଧାନ ଅଞ୍ଚଳରେ
Laghu loṇikā ଜନ୍ମିବା ବାର୍ଷିକ କୋମଳ ଶାକ ଜାତୀୟ ବିଶେଷ; ପ.—ଲୋଣା, ଲୋଣୀ ଲୁଣୁ ଲୁଣିଆ ଶାଗ; ଲୁଣି ଶାଗ—
লোনিআ, ছোটলোনিয়া;ছোটনুনে Portulacia Quadrifida
नुनिआ, छोटालुनिआ, लोनी (Kirtikar); the small
ଗୁ. ଲୁନ, ଲୁଣୀଙ୍ଲୀଣୀ variety of Indian purslane.
ତା. ସବନ୍ ପାସୁଳ କିଇ, ପଶା, କୋଉଲକକିଇ
ତେ. ସାଲା ପାପୁ, ସାକ୍ଷାପେରଲି, ଗୋଲୁ ପେଓଲ, ଅଇଲକୁସ
ମ. ଘୋଳ, ଲହାନଘୋଳ
ଫା. ଖୁରଫା
ଆ. ବକ୍ଲଭୁଲ୍ ହୁମକ୍କା
[ବି—ଏଥିରେ ଫୁଲ ଗୋଟିଗୋଟି ଫୁଟେ, ଫୁଲର ପାଖୁଡ଼ା ହଳଦିଆ; ଏହାର ପତ୍ର ଓ ମଞ୍ଜି ଔଷଧରେ ବ୍ୟବହୃତ ହୁଏ । ବୈଦ୍ୟକ ମତରେ ଏହା ରୁକ୍ଷ, ଗୁରୁ, ଅଗ୍ନି-ପାଚକ, ଅମ୍ଳ ରସ, ଲବଣସ୍ୱାଦ; ଏହା ଅର୍ଶଃ, ବାୟୁ,ଶ୍ଳେଷ୍ମା, ଅଗ୍ନିମାନ୍ଦ୍ୟ, ଓ ବିଷଦୋଷ ନାଶକ—ଦ୍ରବ୍ୟଗୁଣ ।]

ଲଘୁ ଶଙ୍କା—ସଂ. ବି—(ପଣ୍ଡିତିଆ ପ୍ରୟୋଗ)—୧ । ମୂତ୍ରୋତ୍ସର୍ଗ (ହି ଶ)
Laghu śankā 1. Urination; passing water. ୨ । ପ୍ରସ୍ରାବବେଗ ବୋଧ ହେବା; ମୂତ ମାଡ଼ିବା—2. Inclination or tendency to pass urine

ଲଘୁ ଶଙ୍ଖ—ସଂ. ବି—(କର୍ମଧା)—ଗେଣ୍ଡା (ହି. ଶ.)
Laghu śankha Snail.

ଲଘୁ ଶୀତ—ସଂ. ବି—ଗର୍ଭିଣୀ ଗଛ (ହି. ଶ.)—
Laghu śita Cordia Myxa (tree).

ଲଘୁ ସମର—ସଂ. ବି—(ଲଘୁ+ସମର)—ସାମାନ୍ୟ ଯୁଦ୍ଧ—
Laghu samara Skirmish; guerilla.

ଲଘୁ ସିଦ୍ଧାନ୍ତ କୌମୁଦୀ—ସଂ. ବି.—ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ବିଶେଷ; Laghu siddhānta kaumudi ଲଘୁ କୌମୁଦୀ—Name of a grammatical work in Sanskrit. [ଦ୍ର—ଏହା ଭଟ୍ଟୋଜୀ ଦୀକ୍ଷିତଙ୍କ ସିଦ୍ଧାନ୍ତ କୌମୁଦୀ ନାମକ ପ୍ରକାଣ୍ଡ ସଂସ୍କୃତ ବ୍ୟାକରଣର ବରଦରାଜ ଭଟ୍ଟାଚାର୍ଯ୍ୟଙ୍କ ସଙ୍କଳିତ ସଂକ୍ଷିପ୍ତ ସଂସ୍କରଣ ।]

ଲଘୁ ସୁ(ସୋ)ଲୁରି—ଦେ. ବି—ଲଘୁଧାନ (ଦେଖ) Laghu su(so)luri Laghu dhāna (See)

ଲଘୁ ସ୍ୱଭାବ—ସଂ. ବିଣ. ପୁଂ—(ଲଘୁ+ସ୍ୱଭାବ)—ଲଘୁଚିତ୍ତ (ଦେଖ) Laghu swabhāba Laghuchitta (See) [ଲଘୁସ୍ୱଭାବା—ସ୍ତ୍ରୀ]

ଲଘୁ ସ୍ୱର—ସଂ. ବି.—(କର୍ମଧା; ଲଘୁ+ସ୍ୱର)—୧ । ହ୍ରସ୍ୱ ସ୍ୱର; ଯେଉଁ ସ୍ୱରର ଉଚ୍ଚାରଣ କାଳ ଅଳ୍ପ—1. Short Laghu swara vowel. [ଦ୍ର—ଯଥା—ଅ, ଇ, ଉ, ଋ ।] ୨ । ମୃଦୁ ସ୍ୱର—2. Low or mild tone. ୩ । କ୍ଷୀଣ ଗଳାର ଶବ୍ଦ—3. Weak voice. ସଂ. ବିଣ. ପୁଂ— ସଂ. ବିଣ. ପୁଂ. [ବହୁବ୍ରୀହି]- ମୃଦୁ ସ୍ୱର ବିଶିଷ୍ଟ— [ଲଘୁସ୍ୱରା—ସ୍ତ୍ରୀ] Of mild or soft tone.

ଲଘୁହସ୍ତ—ସଂ. ବିଣ. ପୁଂ (ବହୁବ୍ରୀହି; ଲଘୁ+ହସ୍ତ)—୧ । କ୍ଷିପ୍ରହସ୍ତ; Laghuhasta ଯେ ସ୍ଫୂର୍ତ୍ତି ସହିତ ବା ଚଞ୍ଚଳ କୌଣସି କାମ (ଲଘୁହସ୍ତା—ସ୍ତ୍ରୀ) କରେ; ଶୀଘ୍ରକାରୀ; ଅଚିରହସ୍ତ—1. (ଲଘୁହସ୍ତତା—ବି) Prompt; sharp; active. ୨ । ପଟୁ;ଦକ୍ଷ—2. Expert;skilful; dexterous. ୩ । ଯେଉଁ ବ୍ୟକ୍ତି ଚଞ୍ଚଳ ବାରଂବାର ବାଣ ବା ଶର ଚଳାଇ ପାରେ—3. Skilful in archery or shooting. ସଂ. ବି. ପୁଂ—କ୍ଷିପ୍ରହସ୍ତ ଧନୁର୍ଦ୍ଧର— An expert archer (Apte).

ଲଘୂକରଣ—ସଂ. ବି (ଲଘୁ+ଅଭୂତତଦ୍ଭାବେ ଚ୍ୱି+କରଣ)— Laghū karaṇa ୧ । ହ୍ରସ୍ୱୀକରଣ; ହ୍ରାସକରଣ—1. Lessening; diminishing. ୨ । ହାଲୁକା କରିବା—2. Lightening. ୩ । (ଗଣିତ) କୌଣସି ଶ୍ରେଣୀସ୍ଥ ରାଶିକୁ ଉଚ୍ଚଶ୍ରେଣୀର ରାଶିରେ ଓ ଉଚ୍ଚ ଶ୍ରେଣୀସ୍ଥ ରାଶିକୁ ନିମ୍ନଶ୍ରେଣୀର ରାଶିରେ ପରିଣତ କରିବା—3. (Arithmetic)The process of reduction of a given number of higher denomination to a lower one and vice versa. [ଯଥା—ପାହୁଲାକୁ ଟଙ୍କା ଅଣା ପ୍ରଭୃତିରେ ପରିଣତ କରିବା ଓ ଟଙ୍କାକୁ ଅଣା ପାହୁଲା ପ୍ରଭୃତିରେ ପରିଣତ କରିବା, ଗଣିତରେ ଏହି ଉଭୟ ପ୍ରକ୍ରିୟାକୁ ଲଘୂକରଣ କୁହାଯାଏ ।]

ଲଘୂକୃତ—ସଂ. ବିଣ (ଲଘୁ+ଅଭୂତ ତଦ୍ଭାବେ ଚ୍ୱି+କୃତ)—ଲଘୁ Laghūkṛuta ବା ହ୍ରସ୍ୱ କରାଯାଇ ଥିବା (ଅଳଘୁ ପଦାର୍ଥ)— Reduced; lessened; diminished; shortened

ଲଘ୍ୱାଶନ—ସଂ. ବି (କର୍ମଧା; ଲଘୁ+ଅଶନ)—ଲଘୁଭୋଜନ (ଦେଖ) Laghwāśana Laghubhojana (See) (ଲଘ୍ୱାହାର—ଅନ୍ୟରୂପ) ସଂ. ବିଣ. ପୁଂ—ଲଘୁଭୋଜନ (ଦେଖ) (ଲଘ୍ୱାଶନା, ଲଘ୍ୱାହାରୀ, ଲଘ୍ୱାହାରିଣୀ—ସ୍ତ୍ରୀ) Laghubhojana (ଲଘ୍ୱାହାରୀ—ଅନ୍ୟ ରଣ. ରୂପ) (See)

ଲଘ୍ୱାଶୀ—ସଂ. ବିଣ. ପୁଂ (ଲଘୁ+ଅଶ ଧାତୁ+କର୍ତ୍ତୃ. ଇନ୍, ୧ମା) Laghwāśi ୧ବ)—୧ । ପରିମିତାହାରୀ—1. Frugal; (ଲଘ୍ୱାଶିନୀ—ସ୍ତ୍ରୀ) sparing in meal. ୨ । ଯେ ଲଘୁପାକ ଦ୍ରବ୍ୟ ଖାଏ—2. To king light food.

ଲଘ୍ୱୀ—ସଂ. ବିଣ. ସ୍ତ୍ରୀ (ଲଘୁ+ସ୍ତ୍ରୀ ଈ)—ଲଘୁର ସ୍ତ୍ରୀଲିଙ୍ଗ— Laghwi Feminine of Laghu. [ଦ୍ର—ଲଘୁ ଶବ୍ଦର ସ୍ତ୍ରୀଲିଙ୍ଗରେ ଲଘ୍ୱୀ ଓ ଲଘୁ ହୁଏ ।] ସଂ. ବି— ୧ । ମୃଦ୍ବୀ ବା ସୁକୁମାରୀ ସ୍ତ୍ରୀ—1. A delicate woman. ୨ । ବଦରୀ ଫଳ (ହି. ଶ.)· 2. Jujube berry. ୩ । ପିଡ଼ଙ୍ଗ ଶାଗ (ହି. ଶ.)— 3. Trigonella Corniculata. ୪ । ହାଲୁକା ଛୋଟ ଶଗଡ଼—4. A light cart (Apte). ୫ । ସ୍ତ୍ରୀବାହକ ଯାନ ବିଶେଷ; ଖଟୁଲି; ଡୋଲି—5. A light sedan chair for carrying females.

ଲଘ୍ୱୀ ଶଙ୍କା—ସଂ. ବି (ପଣ୍ଡିତଙ୍କ ପ୍ରୟୋଗ)—ଲଘୁଶଙ୍କା— Laghwi śankā Inclination to pass urine.

ଲଙ୍କ ଜଡ଼ା—ଗ୍ରାଦେ (ଯାଜପୁର) ବି—ବାଇଗବା (ଦେଖ) Lanka jarḍa Bāigabā (See)

ଲଙ୍କ ଦେବତୀ(ତା)—ଦେ. ବି. ସ୍ତ୍ରୀ—ଲଙ୍କେଶ୍ୱରୀ (ଦେଖ) Lanka debati(tā) Lankeśwari (See) (ଲଙ୍କଦେବୀ—ଅନ୍ୟରୂପ) লঙ্কেশ্বরী लंकिनी

ଲଙ୍କ ନାଥ—ଦେ. ବି (ସଂ. ଲଙ୍କା ନାଥ)—ଲଙ୍କାର ରାଜା; ରାବଣ — Lanka nātha Rābaṇa, the king of Lankā. লংকাপতি [ଉ—ବଡ଼ କହିଲୁଡି ବୋଲେ ଲଙ୍କନାଥ ନୋହୁ ଭୁ लंकनाथ କହ । ଉଞ୍ଜ. ବୈଦେହୀଶବିଳାସ ।] (ଲଙ୍କ ନାୟକ—ଅନ୍ୟରୂପ)

ଲଙ୍କ ପତି—ଦେ. ବି (ସଂ. ଲଙ୍କାପତି)—ଲଙ୍କାପତି, ରାବଣ— Lanka pati Rābaṇa, the king of Lankā. লঙ্কাপতি [ଉ—ବାହାରଇ ଲଙ୍କାକୁ ଶୂନ୍ୟେ ଲଙ୍କପତି । लंकपति କୃଷ୍ଣସିଂହ. ମହାଭାରତ ବନ ।]

ଲଙ୍କପାଳ—ଦେ. ବି (ସଂ. ଲଙ୍କାପାଳ)—ଲଙ୍କାର ରାଜା, ରାବଣ— Lanka pāḷa Rābaṇa, the king of Lankā. লঙ্কপাল [ଉ—ବାର୍ତ୍ତା ପାଇ ଲଙ୍କପାଳ କାଳନେମିକି लंकपाल ଚଳାଇ ମଣାଇଣ ସକଳ ପ୍ରେଷଣ । ଉଞ୍ଜ. ବୈଦେହୀଶ ବିଳାସ ।]

ଲଙ୍କ ମାରଚ—ଗ୍ରା. ବି (ସଂ. ଲଙ୍କାମରିଚ)—ଲଙ୍କା ମରିଚ (ଦେଖ) Lanka māricha Lankāmaricha (See) ংকা लंकामिरिचा

ଲଙ୍କମୁହିଁ(ଇଁ)—ଦେ. ବି—ଗୃହର ବାହାରେ ଦ୍ୱାର ନିକଟରେ ଠିଆ Lanka muhiñ(iñ) ହେବା ଲୋକ ହଠାତ୍ ଘରଭିତର ଆଡ଼ାଲ ଯେପରି ଦେଖି ନ ପାରେ, ଏଥିପାଇଁ ଦ୍ୱାରର **परदाकीदिवाल(ह)** ସାମନାରେ ଘର ମଧ୍ୟରେ ଛିଆର କରାଯାଇ ଥିବା ଅଧାକାନ୍ଥ (ଏହା ବାଘମୁହିଁ ପରି)—A low wall erected against a door inside the house to prevent an outsider from having a direct view of the inside.

ଲଙ୍କା—ସଂ. ବି (ଲକ୍ ଧାତୁ=ସୁଖ ପାଇବା+ଅଧି ଅ, ସ୍ତ୍ରୀ· ଆ, Laṅkā ନିପାତନ; ଯହିଁରେ ସୁଖଭୋଗ ମିଳେ)—୧ । ଭାରତର ଦକ୍ଷିଣସ୍ଥ ସିଂହଳଦ୍ୱୀପ—1. Ceylon; an island to the south of India. ୨ । ରାମାୟଣ ବର୍ଣ୍ଣିତ ରାବଣର ରାଜଧାନୀ—2. The city of Laṅka, the mythological capital of the demon king Rābaṇa. [ଦ୍ର—ବାଲ୍ମୀକି ରାମାୟଣରେ ବର୍ଣ୍ଣିତ ଲଙ୍କା, ଲବଣ ସମୁଦ୍ରବେଷ୍ଟିତ ତ୍ରିକୂଟ ପର୍ବତର ଉପରିସ୍ଥିତ ବିଶ୍ୱକର୍ମା ନିର୍ମିତ ନଗର । ଏହା ଦୀର୍ଘରେ ୨୦ ଯୋଜନ (୮୦ କୋଶ) ଓ ପ୍ରସ୍ଥରେ ୧୦ ଯୋଜନ (୪୦ କୋଶ) ଓ ସ୍ୱର୍ଣ୍ଣପ୍ରାଚୀର ବେଷ୍ଟିତ, ଏହି ପାଚେରିର ଚତୁପାର୍ଶ୍ୱରେ ଭୀମାବର୍ତ୍ତ ପରିଖା; ନଗରର ଚତୁପାର୍ଶ୍ୱରେ ଚାରିଗୋଟି ସ୍ୱର୍ଣ୍ଣଦ୍ୱାର; ପ୍ରତି ଦ୍ୱାରରେ ପ୍ରଶସ୍ତ ଯନ୍ତ୍ରସେତୁ (Drawbridge) ଥିଲା । କବିମାନେ 'ପୁଷ୍ପେଷୁ ଚମ୍ପା, ନଗରୀଷୁ ଲଙ୍କା, ନାରୀଷୁ ରମ୍ଭା, ପୁରୁଷେଷୁ ବିଷ୍ଣୁଃ' ବୋଲି କହି ଅଛନ୍ତି । ଏ ନଗର ଅତୁଳ ଐଶ୍ୱର୍ଯ୍ୟମୟ ଓ ସ୍ୱର୍ଣ୍ଣମୟ ମନ୍ଦିରମାନଙ୍କରେ ପୂର୍ଣ୍ଣ ଥିଲା । ଏଥିରେ ସୁରମ୍ୟ ହର୍ମ୍ମ୍ୟ ଶ୍ରେଣୀ ଓ ସୁସଜ୍ଜିତ ରାଜପଥମାନ ଶୋଭା ପାଉଥିଲା ଏବଂ ଅଷ୍ଟତଳ ପ୍ରାସାଦମାନ (Sky scarpers) ମଧ୍ୟ ଥିଲା । ବିଚିତ୍ର ଉଦ୍ୟାନ, କୁଞ୍ଜ, ଲତାଗୃହ, ପାନାଗାର, ନୃତ୍ୟଶାଳା, ଚିତ୍ରାଗାର, କ୍ରୀଡ଼ାବାଟିକା, ରଙ୍ଗଭୂମି, ଭୂଗର୍ଭସ୍ଥ ଗୃହ, ଚୈତ୍ୟ ଓ ବିମାନଆଦିଦ୍ୱାରା ସେହି ସୁରମ୍ୟ ନଗର ଶୋଭା ପାଉଥିଲା ଓ ରାତିରେ ନଗରର ସର୍ବାଂଶ ଦୀପମାଳା ଦ୍ୱାରା ଜାଜ୍ୱଲ୍ୟମାନ ହେଉଥିଲା । ଏ ନଗର ପ୍ରଥମେ ବରୁଣଙ୍କ ଅଧିକୃତ ଥିଲା । ରାବଣ ତପସ୍ୟା ପରେ ବରଲାଭ କରି ଏଠାରୁ ବରୁଣଙ୍କୁ ତଡ଼ି ନିଜର ରାଜଧାନୀ ସ୍ଥାପନ କଲା । ଏଠାରେ ଚିରବସନ୍ତ ବିରାଜିତ ଥିଲା । ଏଥିର ଅଶୋକ ବନସ୍ଥ ଗୋଟିଏ କୁଞ୍ଜରେ ରାବଣ ସୀତାଙ୍କୁ ଅସୁରୀମାନଙ୍କ ଦ୍ୱାରା ଅବରୁଦ୍ଧା କରି ରଖିଥିଲା । ଏହି ଲଙ୍କା ମଧ୍ୟରେ ତ୍ରିକୂଟ ଗଣ୍ଡକୀ ନାମକ ଗୋଟିଏ ନଦୀ ଥିଲା ଓ ଏ ଲଙ୍କାପୁରୀର ବାହାରେ ସୁବେଲ ବା ସୁବଳୟା ନାମକ ପର୍ବତରେ କପିସେନାଙ୍କ ସହିତ ରାମଚନ୍ଦ୍ର ଅବସ୍ଥାନ କରିଥିଲେ । ସୀତାଙ୍କୁ ଠାବ କରିବାକୁ ଆସିବା ଉପଲକ୍ଷରେ ହନୁମାନର ଲାଙ୍ଗୁଳରେ ଗୁଡ଼ାଅ ହୋଇଥିବା ତୈଳାକ୍ତ ବନାରେ ଲଗାଯାଇଥିବା ନିଆଁରେ ଲଙ୍କାପୁରୀ ପୋଡ଼ି ଭସ୍ମ ହୋଇଗଲା । କିନ୍ତୁ ରାବଣ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇ ରାତିକ ମଧ୍ୟରେ ପୁଣି ସ୍ୱର୍ଣ୍ଣମୟପୁର ତିଆର କରାଇଦେଲା । ବର୍ତ୍ତମାନକାଳର ଭାରତର ଦକ୍ଷିଣସ୍ଥ ସିଂହଳ (Ceylon) ଦ୍ୱୀପକୁ ପଣ୍ଡିତମାନେ ପୌରାଣିକ 'ଲଙ୍କା' ଥିବା ଅନୁମାନ କରନ୍ତି । କଲମ୍ବୋର 'ଜ୍ଞାନଦର୍ଶ' ପତ୍ରିକାର ସଂପାଦକ ଗୋଟିଏ ସିଂହଳୀ ପାଣ୍ଡୁଲିପିରେ ଲଙ୍କାର ପୌରାଣିକ ଇତିହାସ ଲେଖାଥିବାର ପ୍ରମାଣ ପାଇଅଛନ୍ତି ।]

୩ । କୁଳଟା ସ୍ତ୍ରୀ—3. An adulteress. ୪ । ଶାଖା—4. A bough, branch of a tree. ୫ । ଶାକିନୀ; ସ୍ତ୍ରୀଭୂତ; ଦୁର୍ଗାଙ୍କ ଅନୁଚରୀ; ପିଶାଚୀବିଶେଷ—5. A she-ghost; name of a demi-goddess, an attendant of Durgā. ୬ । ଡାକିନୀ—6. Witch. ୭ । (ବୈଦ୍ୟକ)—କେସାରିକାଜାତୀୟ ଶିମ୍ବୀଧାନ୍ୟବିଶେଷ—7. A sort of pulse. [ଦ—ଅ. ନାମ—ବିରଳଲପୁଟା, କାଣ୍ଡିକା, ରୁକ୍ଷଣାସ୍ଥିକା ।] ୮ । ଲଙ୍କୋଦ୍ଭବ ମରିଚ (ହରେକୃଷ୍ଣ ଦ୍ରବ୍ୟଗୁଣ)—8. Pepper grown in Ceylon. ୯ । ଶୁକ୍ଳା; ପିଡ଼ୁଙ୍ଗଶାଗ (ହ୍ରି. ଶ.)—9. Trigonella Corniculata (potherb) ୧୦ । କୃଷ୍ଣଚଣକ (ହ୍ରି. ଶ)—10. A kind of black chickpea. ଦେ. ବି—ଲଙ୍କା ମରିଚ; କୁମ୍ଭରିଚ—Red pepper.

लङ्का लंकामिरचा, लालमिरचा

ପ୍ରାଦେ. (ଗଞ୍ଜାମ) ବି—ବଳୁଆଜାତୀୟ ଶୂଦ୍ରଜାତିର ବଂଶୋପାଧିବିଶେଷ (ଭୁଲ ଓଡ଼ିଶାର ଲେଙ୍କା)—Family title of a sect of Sūdrās of Ganjam. ପ୍ରାଦେ (ଗଞ୍ଜାମ) ବିଣ—ଯଥେଷ୍ଟ—Enough; sufficient.

ଲଙ୍କାଅମ୍ବ(ମ୍ର)—ଦେ. ବି—କାଜୁଅମ୍ବ; ବାଙ୍ଗାଅମ୍ବ—Cashewnut Laṅkā āmba(mra) (tree and fruit); Anacardium Occidentale.

हिजिलीबादाम काजु

(ଉ—ହେମଫଳେ ନମ୍ର ଯହିଁ ଲଙ୍କାଅମ୍ବ-ପାଦପପନ୍ତି—ରାଧାନାଥ, ଉଷା ।] [ଦ—ଏହା ଆମ୍ରାଦିବର୍ଗର ବୃକ୍ଷବିଶେଷ । ଦକ୍ଷିଣ ଆମେରିକାର ସମୁଦ୍ରନିକଟବର୍ତ୍ତୀ ଓ ବାଲୁକାମୟ ସ୍ଥାନ ଏହି ବୃକ୍ଷର ଆଦିନିବାସ । ଏହା ମାନ୍ଦ୍ରାଜପ୍ରଦେଶ, ଦକ୍ଷିଣ ଓଡ଼ିଶା, ଚଟ୍ଟଗ୍ରାମ ଓ ଟେନାସେରିମ୍ ଆଦିର ସମୁଦ୍ରକୂଳ ଓ ବାଲୁକାମୟ ସ୍ଥାନରେ ହୁଏ । ଏହାର ଫଳ ପାଚିଲେ ନାଲି ଓ ହଳଦିଆ; ପ୍ରଚୁର ସଂଖ୍ୟାରେ ଜାତ ହୁଏ । ଏ ଫଳରୁ କଷା ଓ ମିଠା ଏକପ୍ରକାର ରସ ବାହାରେ । ଏହି ଫଳର ଅଗରେ ମଞ୍ଜି ଥାଏ । ମଞ୍ଜି ମଧ୍ୟରେ ଥିବା ଶସକୁ ଲୋକେ ପୋଡ଼ିକରି ଖାଆନ୍ତି । ମଞ୍ଜିର କଠିନ ଆବରଣରୁ ଏକପ୍ରକାର ତୈଳ ବାହାରେ । ପ୍ରକୃତରେ ଯାହାକୁ ଆମ୍ଭେମାନେ ମଞ୍ଜି ବୋଲି କହୁଁ, ତାହାହିଁ ଏ ଗଛର ଫଳ ଓ ଯାହାକୁ ଫଳ ବୋଲି କହୁଁ ତାହା ଫଳର ସ୍ଥୂଳ ରସମୟ ବୃନ୍ତ । (ବିଦେଶରୁ ଏ-

ଗଛ ଅସିଥିବାରୁ ଏହାର ଏପରି ନାମକରଣ ହୋଇଅଛି । ଭୁଜନାକର—ଲଙ୍କା ସିଝୁ, ଲଙ୍କା ମରଚ) ବୈଦ୍ୟକାଦି ଶାସ୍ତ୍ରରେ ଏହାର ନାମ ନାହିଁ । ଏହି ମଞ୍ଜିର ଓ ବାଦାମ ମଞ୍ଜିର ଆକୃତି (ସଂ. ବାଦାମ,ବାତାଦ) ସଦୃଶ ହୋଇଥିବାରୁ ଏହାକୁ ଲୋକେ ବାଦାମ (ବାତାଆମ୍ବ) ନାମ ଦେଇଅଛନ୍ତି । ଏ ମଞ୍ଜିମାନ ଦେଖିବାକୁ ଚେପ୍ଟା ଅମ୍ବ କଷି ପରି ।] ପ୍ରାଦେ (ଗଞ୍ଜାମ) ବି—ବାଇଗବା (ଦେଖ)—Bāigabā (See)

ଲଙ୍କା କାଣ୍ଡ—ସଂ. ବି (ଲଙ୍କା+କାଣ୍ଡ)—୧ । ବାଲ୍ମୀକି ରାମାୟଣ ଗ୍ରନ୍ଥର ସାତ ଖଣ୍ଡ ମଧ୍ୟରୁ ଷଷ୍ଠକାଣ୍ଡ ବା ଯୁଦ୍ଧକାଣ୍ଡ-
Lanka kāṇḍa
(ଲଙ୍କାପର୍ବ—ଅନ୍ୟରୂପ) 1. The 6th volume of the great epic Rāmāyaṇa. [ଦ୍ର—ରାମଚନ୍ଦ୍ର ଲଙ୍କାରେ ପ୍ରବେଶ କରି ଅସୁରଙ୍କ ସଙ୍ଗେ ଯୁଦ୍ଧ କରି ରାବଣାଦିଙ୍କୁ ବଧ କରିଥିବା କଥା ଏହି କାଣ୍ଡରେ ବର୍ଣ୍ଣିତ ହୋଇଅଛି ।] ୨ । ସୀତାଙ୍କୁ ଠାବ କରିବାକୁ ଯାଇଥିବା ଉପଲକ୍ଷରେ ହନୁମାନଦ୍ୱାରା ଲଙ୍କାଦହନରୂପ ଭୟାବହ ଘଟନା—2. Havoc caused by the fire ignited by Hanuman when he went to Lankā in search of Sitā. ୩ । (ଲକ୍ଷଣାର୍ଥ) ଭୟଙ୍କର ବ୍ୟାପାର-3. A furious or frightful event. (ଉ—ଅରେ ଲଙ୍କ ରଘୁ ଚେତ ! ହୁଅ ସାବଧାନ, ନୋହିଲେ ହୋଇବ ଲଙ୍କାକାଣ୍ଡର ବିଧାନ—ମଧୁସୂଦନ ବର୍ଣ୍ଣ କବିତା ।) [ଯଥା—ଝଗଡ଼ା, ମାରକାଟ, ହାଣକାଟ, ଘର ପୋଡ଼, ଭୂମିକମ୍ପ, ଯୁଦ୍ଧ ଇତ୍ୟାଦି ।] ୪ । (ଲକ୍ଷଣାର୍ଥ) ଭୟଙ୍କର ଅଗ୍ନ୍ୟୁତ୍ପାତ—4. A furious conflagration.

ଲଙ୍କା କାଲ—ପ୍ରାଦେ (ଗଞ୍ଜାମ) ବି—ବାଇଗବା (ଦେଖ)
Lankā kāla Bāigabā (See)

ଲଙ୍କା ଗଡ଼—ଦେ.ବି (ସଂ. ଲଙ୍କା+ଫା.ଗଢ଼୍)—ରାମାୟଣବର୍ଣ୍ଣିତ ଅସୁରାଧିପତି ରାବଣର ରାଜଧାନୀ—The capital of the demon king Rābaṇa.
Lankā garḍa
লঙ্কা গড লঙ্কা গঢ

ଲଙ୍କା ଗବ—ପ୍ରାଦେ. (ଗଡ଼ଜାତ) ବି—ବାଇଗବା (ଦେଖ)
Lankā gaba Bāigabā (See)

ଲଙ୍କା ଦଳୁଆ—ପ୍ରାଦେ (ଗଞ୍ଜାମ) ବି—ଦଳୁଆ ନାମକ ଶୂଦ୍ରଜାତିର ଶାଖା-ବିଶେଷ—One of the branches of the Daḷuā caste of Sūdras in Ganjam.
Lankā daḷuā

ଲଙ୍କା ଦହନ—ସଂ. ବି (୬ଷ୍ଠୀ ତତ୍)—ହନୁମାନଦ୍ୱାରା ଲଙ୍କା ନଗରର ଧ୍ୱଂସ—The burning of the city of Lankā by Hanumāna. [ଦ୍ର—ସୀତାଙ୍କ ଠାବ କରିସାରି ହନୁମାନ ରାବଣର ଉଦ୍ୟାନ ଭଗ୍ନ କରିବାରୁ ତାଙ୍କୁ ରାବଣ ଧରାଇ ନେଲା । ସେ ରାବଣକୁ ପଚାରିଲେ ଯେ, ମୋ ଲାଙ୍ଗୁଡ଼ରେ ଘୁଡ଼ାଏ କନା ବାନ୍ଧି ତହିଁରେ ତେଲ ଢାଳ ସେଥିରେ ନିଆଁ ଲଗାଇଦେଲେ ମୁଁ ପୋଡ଼ିହୋଇ ମରିଯିବି । ରାବଣ ଏହା ବିଶ୍ୱାସ କରି ହନୁମାନର ଲାଙ୍ଗୁଡ଼ରେ କନା ଗୁଡ଼ାଇ ତହିଁରେ ତୈଳାଦି ଢାଳି ନିଆଁ ଲଗାଇ ଦେବାରୁ ହନୁମାନ୍ ସେହି ଜଳନ୍ତା ଲାଙ୍ଗୁଡ଼କୁ ହଲାଇ ଲଙ୍କା ନଗରର ଘରମାନଙ୍କ ଉପରେ ଡେଇଁଲେ ଓ ଲଙ୍କାନଗରୀ ପୋଡ଼ି ଭସ୍ମସାତ୍ ହୋଇଗଲା । କଥିତଅଛି ଯେ, ଲଙ୍କା ପୋଡ଼ିଯିବା ପରେ ହନୁମାନ୍ ଆପଣା ଲାଙ୍ଗୁଡ଼ରେ ଜଳୁଥିବା ଅଗ୍ନିକୁ ଲିଭାଇ ଦେଇ ହାତରେ ସେ ପାଉଁଶକୁ ମଳି, ମୁହଁରେ ମାରିହୋଇ ଲଙ୍କାରୁ ଫେରି ଆସିଲେ । ହନୁମାନଙ୍କ ମୁହଁ ଓ ଲେଞ୍ଜ (କରତଳ) ଓ ପାଦତଳ କଳା ଥିବା ଦେଖି ଲୋକେ କହନ୍ତି ଯେ, ଲଙ୍କାପୋଡ଼ି କାଳର ପାଉଁଶବୋଳାର ଏହି ଚିହ୍ନ ହନୁମାନର ବଂଶଧରମାନଙ୍କଠାରେ ରହି ଯାଇଅଛି ।]
Lankā dahana
(ଲଙ୍କା ଦାହ—ଅନ୍ୟରୂପ)

ଲଙ୍କାଦାହୀ—ସଂ. ବି. ପୁଂ (ଲଙ୍କା+ଦହ୍ ଧାତୁ+କର୍ତ୍ତରି ଇନ୍, ୧ମା ୧ବ)—ହନୁମାନ—The monkey hero Hanumān. ସଂ. ବିଣ. ପୁଂ—ଲଙ୍କାଦହନକାରୀ—Who set fire to Lankā.
Lankādāhī

ଲଙ୍କାଧିପ—ସଂ. ବି (୬ଷ୍ଠୀ ତତ୍; ଲଙ୍କା+ଅଧିପ)—ରାବଣ—The demon king Rābaṇa.
Lankādhipa
(ଲଙ୍କାଧିପତି, ଲଙ୍କାପତି, ଲଙ୍କାଧୀଶ, ଲଙ୍କାଧୀଶ୍ୱର, ଲଙ୍କାନାଥ, ଲଙ୍କାନାୟକ—ଅନ୍ୟରୂପ)

ଲଙ୍କା ପନ(ଣ)ସ—ଦେ. ବି—ସପୁରି—Pine-apple. [ଦ୍ର—ଏହା ପୂର୍ବେ ବିଦେଶରୁ ଆସିଥିବାରୁ ଏହି ନାମ]
Lankā pana(ṇa)sa
অনারস अनन्नास, विलायती कटहल

ଲଙ୍କା ପାଣ୍ଡୁ—ପ୍ରାଦେ. [ଗଞ୍ଜାମ] ବି.—ଲଙ୍କା ଆମ୍ବ [ଦେଖ]
Lankā pāṇḍu Lankā āmba (See)

ଲଙ୍କା(ଙ୍କୋ)ପିକା—ସଂ. ବି—(ବୈଦ୍ୟକ)—ଶୁଙ୍କା; ପିଡ଼ଙ୍ଗ ଶାଗ—A pot herb; Trigonella Corniculata. (ସଂ. ନାମ—ଶୁଙ୍କା, ଅସୃକ୍, ଦେବୀ, ମରୁନ୍ମାଳା, ଲତା, ଲଘୁ, ସମୁଦ୍ରାନ୍ତ, ବଧୂ, କୋଟି, ବର୍ଷା, ପୃକ୍କା, ପିଶୁନା, କୋଟି ବର୍ଷା, ଲତା ମରୁତ୍, ଲଙ୍କୋଦକ, ଭୁଟିଲା, ଦେବପୁତ୍ରିକା, ମାଳାଳିକା, ମାଳାମା, ଲଘ୍ୱୀ, ପଞ୍ଚଗୁପ୍ତିରସା, ଲଙ୍କୋଦକ, କୋଟୀ, ସମୁଦ୍ରକାନ୍ତା, ଜସ୍ତର, ଗୈରକ, ଚଣ୍ଡ, ଲତାମରୁତ୍, ଦେବପୁତ୍ରୀ, ବ୍ରାହ୍ମଣୀ ।)
Lankā (nko)pikā

ଲଙ୍କା ପୁର(ରୀ)—ସଂ. ବି—ରାମାୟଣ ବର୍ଣ୍ଣିତ ରାବଣର ରାଜଧାନୀ ସ୍ୱର୍ଣ୍ଣମୟୀ ଲଙ୍କା—The capital of Rābaṇa.
Lankā pura(rī)

ଲଙ୍କା ପୋଡ଼ା—ଦେ. ବିଣ—ଲଙ୍କା ଦହନକାରୀ (ବୀର ହନୁମାନ୍)—Who set fire to Lankā. ଦେ. ବି.—୧। ବୀର ହନୁମାନ୍—1. The monkey hero Hanumān. ୨। ହନୁମାନ୍‌ଦ୍ୱାରା ଲଙ୍କାଦାହ—2. The setting fire to Lankā by Hanumān.
Lankā porḍā
লঙ্কাপোড়া लङ्का जलानेवाला

ଲଙ୍କାପୋଡ଼ା ବାନ(ନ୍ଦ)ର—ଦେ· ବି. ପୁଂ—୧ । ହନୁ ମାକଡ଼—
Lanka pordā bāna(nda)ra 1. The black faced
মুখপোড়া বানর **लंगुर** monkey; Entellus; Hongoor.
[ଲଙ୍କାପୋଡ଼ୀ ବାନ(ନ୍ଦ, ନ୍ଦେ)ରୀ—ସ୍ତ୍ରୀ] ୨ । ଯେଉଁ ବ୍ୟକ୍ତିର ମୁହଁ ହନୁମାଙ୍କଡ଼ର ମୁହଁପରି ଅସୁନ୍ଦର ବା କଦାକାର—2. An ugly-faced man (like the black-faced monkey). ୩ । (ଲକ୍ଷଣାର୍ଥ) ଯେଉଁ ଲୋକ (ହନୁମାନ୍ ଲଙ୍କାପୁରୀକୁ ଛାରଖାର କଲା ପରି) କୌଣସି ଠାରେ ବିବାଦ ଆଦି ସୂତ୍ରପାତ କରି ସେ ସ୍ଥାନକୁ ବା ବଂଶକୁ ଛାରଖାର ବା ଧ୍ୱଂସ କରେ—3. A person who causes ruin of a place or family.

ଲଙ୍କା ପୋଡ଼ି—ଦେ. ବି.—ଲଙ୍କା ଦାହ (ଦେଖ)
Lankā pordi Lankā dāha (See)
লঙ্কা দাহ **लङ्काकादहन**

ଲଙ୍କା ପୋଥି(ଥା)—ଦେ. ବି.—(ସଂ. ଲଙ୍କା+ପୁସ୍ତିକା)—୧ । ରାମାୟଣ
Lankā pothi(thā) ଗ୍ରନ୍ଥ—1. The great book Rāmāyaṇa. ୨ । ଖୁବ୍ ବଡ଼ ଗ୍ରନ୍ଥ—2. A big volume.
পুঁথী **पोथा** [ଦ୍ର—କେତେ ଏହି ମତେ କେ ତା କହିବ, କହିଲେତ ଲଙ୍କା ପୋଥି ହୋଇବ । ବ୍ରଜନାଥ. ସମରତରଙ୍ଗ ।]

ଲଙ୍କା ଭାଲିଆ—ପ୍ରାଦେ. (ଗଞ୍ଜାମ) ବି.—୧ । ଲଙ୍କାପାଣ୍ଡୁ (ଦେଖ)
Lankā bhālia 1. Lankā pāṇḍu (See)
୨ । ଲଙ୍କାଅମ୍ବ ଗଛର ମଞ୍ଜି—2. The seed of cashew nut. ଦେ. ବି.—ଭଲ୍ଲାତକ—The marking nut; Semicarpus Anacardium.

ଲଙ୍କା ମ(ମା)ରିଚ—ଦେ. ବି.—[ସଂ. ଲଙ୍କା (ଦ୍ୱୀପ ନାମ)+(କଟୁ ସ୍ୱାଦ-
Lankā ma(mā)richa ଯୁକ୍ତ) ମରିଚ]—କଟୁ ସ୍ୱାଦଯୁକ୍ତ
ସ. ନାମ—କଟୁବୀର, ତୀକ୍ଷ୍ଣା, ତୀବ୍ରଶକ୍ତି, ଜ୍ୱାଳା ମରିଚ, ଲୁମରିଚ । ଫଳ ବିଶେଷ; ବଙ୍ଗଳାଦି ଦେଶରେ କୃଷିଜାତ ଶାକବିଶେଷର ଫଳ—Chilli; Cayenne pepper;
লঙ্কামরিচ, লালমরিচ, গাছমরিচ red pepper; Capsicum
लालमिरिचा, लालमरिच Frutescens (Kirtikar).
गाछमरिच
ତେ. ମିରପକାୟଲୁ, ତଞ୍ଚୀ, ମିରପକାୟଲୁ
ମ. ମରିଙ୍ଗା
[ଦ୍ର—ଏହି ନାମ ଆଧୁନିକ । ସଂସ୍କୃତରେ 'ମରିଚ'ର ଅର୍ଥ ଗୋଲମରିଚ । ଏହି ଶବ୍ଦର ନାମ ୩୦୦ ବର୍ଷ ପୂର୍ବର ପ୍ରାଚୀନ ବୈଦ୍ୟକ ଗ୍ରନ୍ଥମାନଙ୍କ (ଯଥା, ଭାବପ୍ରକାଶ)ରେ ନାହିଁ । ଆଧୁନିକ କେତେକ ବୈଦ୍ୟକ ଗ୍ରନ୍ଥରେ (ଯଥା—ବୈଦ୍ୟକ ଶବ୍ଦ ସିନ୍ଧୁକୋଷ) ଲୁମରିଚ ଓ ଜ୍ୱାଳାମରିଚ ଶବ୍ଦର ପ୍ରୟୋଗ ଦେଖାଯାଏ । ଏ ଗୁଳ୍ମର ଆଦି ନିବାସ ଆମେରିକା; ସେଠାରୁ ପର୍ତ୍ତୁଗୀଜ୍‌ମାନେ ପ୍ରଥମେ ଏହାକୁ ଦକ୍ଷିଣ ଭାରତର ଗୋଆ, କାଲିକଟ ଆଦି ସ୍ଥାନକୁ ଆଣିଲେ । ସେହିଠାରୁ ଏହାର କୃଷି ଭାରତରେ ବିସ୍ତୃତ ହେଲା । ବର୍ତ୍ତମାନ ମଧ୍ୟଭାରତର ଦକ୍ଷିଣ ଅଞ୍ଚଳରେ, ମାନ୍ଦ୍ରାଜରେ ଓ ଚଟ୍ଟଗ୍ରାମରେ ଏହାର ବିସ୍ତୃତ କୃଷି ହେଉଅଛି । ଏହା ଦକ୍ଷିଣ ଦିଗରୁ ଦରିଆପାରିରୁ ଏ ଦେଶକୁ ପ୍ରଥମେ ଆସିଥିବାରୁ ଓଡ଼ିଆ, ବଙ୍ଗାଳି ଓ ହିନ୍ଦୀମାନେ ଏହା ଲଙ୍କାରୁ ଆସିଥିବା ଅନୁମାନ କରି ଏହାକୁ ଲଙ୍କାମରିଚ ନାମ ଦେଇ ଅଛନ୍ତି । ଏହିପରି ପୂର୍ବେ ବିଦେଶରୁ ଆସିଥିବା ଲଙ୍କା ଅମ୍ବ, ଲଙ୍କା ସିଜୁ, ଲଙ୍କା ପଣସ, ଲଙ୍କା ଗବ ଶବ୍ଦମାନ ଭାଷାରେ ଚଳିଅଛି । ଏ ଗୁଳ୍ମର ଫଳ ଶାଗୁଆ, ନାଲିଆ, ବାଇଗଣି ଓ କଳାରଙ୍ଗର ଦେଖାଯାଏ । କେତେକ ଲଙ୍କାମରିଚ ଫଳ ଆକାରରେ ମୂଳା ଓ ବାଇଗଣ ପରି ବଡ଼ ବଡ଼, କିନ୍ତୁ ତହିଁର ରାଗ ଖୁବ୍ କମ୍ । ଆଉ ଅନ୍ୟ କେତେକ ଲଙ୍କାମରିଚରେ ଆଦୌ ରାଗ ନାହିଁ । ସାଧାରଣତଃ ଲଙ୍କାମରିଚ ଦୁଇପ୍ରକାର—ଲମ୍ବା ଓ ଛୋଟ । କେତେକ ଲଙ୍କାମରିଚର ଫଳ ଡେମ୍ଫରୁ ତଳକୁ ଝୁଲିଥାଏ ଓ କେତେକ ଫଳ ଡେମ୍ଫ ସହିତ ଆକାଶଆଡ଼କୁ ଟେକିଥାଏ । ଏହା ତୀବ୍ର, କଟୁରସ, ଉଷ୍ଣବୀର୍ଯ୍ୟ, ଅଗ୍ନିବର୍ଦ୍ଧକ ଓ ରୁଚିକର । ପ୍ରାୟ ସମସ୍ତ ରୋଗପକ୍ଷରେ ଏହା ଅନିଷ୍ଟକର; ଅତି ଛୋଟ (ପ୍ରାୟ ଅଧ ଇଞ୍ଚ ଲମ୍ବ) ଓ ଖୁବ୍ ରାଗୁଆ ଲଙ୍କାମରିଚକୁ ଧାନୁଆ (ଧାନ ପରି ସାନ) ଲଙ୍କାମରିଚ ବୋଲାଯାଏ ।]

ଲଙ୍କା ମରିଚ ଗୁଣ୍ଡ(ଣ୍ଡା)—ଦେ.ବି—ତରକାରି ଆଦିରେ ପକାଇବା ପାଇଁ
Lankā maricha guṇḍa(ṇḍā) ଆଗରୁ ଭଜା ହୋଇ ଗୁଣ୍ଡା
লঙ্কার গুঁড়ো କରାଯାଇ ରଖା ଯାଇଥିବା ଲଙ୍କା ମରିଚ—
लाल मिरचाका चूरा Powdered chilly.

ଲଙ୍କା ମରିଚ ବଟା—ଦେ. ବି—ପିଷ୍ଟ ଲଙ୍କା ମରିଚ; ତରକାରି ଆଦିରେ
Lankā maricha baṭā ପଡ଼ିବା ପାଇଁ ବଟା ଯାଇଥିବା ଲଙ୍କା
লঙ্কা বাটা ମରିଚ—Pounded and pasted chilly
पिसाहुआ लाल मिरचा used for mixing with curry.

ଲଙ୍କା ଯୁଦ୍ଧ—ସ. ବି. (ଲଙ୍କା+ଯୁଦ୍ଧ)—ରାମାୟଣ ବର୍ଣ୍ଣିତ ଲଙ୍କାରେ
Lankā juddha ଘଟିଥିବା ରାମରାବଣ ଯୁଦ୍ଧ—The war
(ଲଙ୍କା ସମର—ଅନ୍ୟରୂପ) between Rāma and Rābaṇa described in the Rāmāyaṇa.

ଲଙ୍କାୟି(ରି)କା—ସ. ବି. (ବୈଦ୍ୟକ)—ଲଙ୍କାପିକା (ଦେଖ)
Lankāyi(ri)kā Lankāpikā (See)

ଲଙ୍କାରି—ସ. ବି (୬ଷ୍ଠୀ ତତ୍; ଲଙ୍କା+ଅରି)—ରାମଚନ୍ଦ୍ର—
Lankāri Rāmachandra.

ଲଙ୍କା ସିଜୁ(ଝୁ)—ଦେ. ବି—ସ୍ନୁହୀ ଆଦି ବର୍ଗର ଗୀଣ୍ଠି ବୃକ୍ଷ ବିଶେଷ; ଖଣ୍ଡ
Lankā siju(jhu) ସିଝୁ—Euphorbia Tirucalli.
লঙ্কা সিজ, যোডা সিজ, লাটদাওনা, লঙ্কাশিরি
सेहुण्ड, थूहर, नरसोजा
[ଦ୍ର—ଏହା ୧୦।୧୨ ହାତ ଉଚ୍ଚ ହୁଏ । ଗଛରେ କଣ୍ଟା ନ ଥାଏ, ପତ୍ରମାନ ଅତି କ୍ଷୁଦ୍ର ଓ ପରିମାଣରେ ଅଳ୍ପ । ଡାଳଗୁଡ଼ିକ କାଠି ଓ ଅଙ୍ଗୁଳି ପରି ସରୁ । ଲଙ୍କା ସିଝୁ ଏ ଦେଶର ଗଛ ନୁହେଁ; କାରଣ, ବୈଦ୍ୟକ ଆଦି ଶାସ୍ତ୍ରରେ ଯେଉଁ 'ସେହୁଣ୍ଡ, ସିହୁଣ୍ଡ, ବଜ୍ରୀ, ବଜ୍ରଦ୍ରୁମ, ସୁଧା, ସମନ୍ତଦୁଗ୍ଧା, ସ୍ନୁକ, ସ୍ନୁହୀ, ନିଧାରି ଓ ଗୁଡ଼ା' ଦେଖାଯାଏ, ତାହା ତ୍ରିକଣ୍ଟା ବା ପତ୍ର ସିଝୁ ପ୍ରତି ପ୍ରଯୋଜ୍ୟ ।]

ଲଙ୍କିଣୀ—ଦେ. ବି. ସ୍ତ୍ରୀ (ସଂ. ଲଙ୍କିନୀ)—ଲଙ୍କାରେ ରାମାୟଣ ବର୍ଣ୍ଣିତ ଘଟନା
Lankini ସମୟରେ ପୂଜିତା ଗ୍ରାମଦେବତା—Name of a God-
लङ्केश्वरी dess who was worshipped in Lanka
लङ्किनी at the time of the events of the Rāmāyana.

ଲଙ୍କିନୀ—ସଂ. ବି. ସ୍ତ୍ରୀ. (ଲଙ୍କା+ଇନ୍+ସ୍ତ୍ରୀ. ଈ)—ଲଙ୍କେଶ୍ୱରୀ (ଦେଖ)
Lankini Lankeśwari (See)

ଲଙ୍କି(ଙ୍କ)ଲାଟ୍—ବୈଦେ. ବି. (ଇଂ. ଲଙ୍ଗ୍‌କ୍ଲଥ୍=ଦୀର୍ଘ ବସ୍ତ୍ର)—ଶୁକ୍ଳୀକୃତ
Lanki(nka)lāt ବା ଧଳାକରି ହୋଇଥିବା କଳକୁଣା ମାର୍କିନ୍ ଥାନ
(ଲ୍ଙ୍କ୍ଲାଟ୍, ଲଂ କଲାଟ୍, ଲଂ କ୍ଲଥ୍, ଲଂ କ୍ଲାଟ୍—ଅନ୍ୟରୂପ) ଲୁଗା; ନୟନ-
लंग कथ, लंग क्लाट ସୁଖ—Longcloth; mill-made
लंकलाट long pieces of bleached cotton fabric.

ଲଙ୍କେଶ—ସଂ. ବି. ପୁଂ (୬ଷ୍ଠୀ ତତ୍; ଲଙ୍କା+ଈଶ)—୧ । ଲଙ୍କାପତି
Lrnkesa ରାବଣ—1. The demon king Rābana.
(ଲଙ୍କେଶ୍ୱର—ଅନ୍ୟରୂପ) ୨। ବିଭୀଷଣ—2. Bibhishana.

ଲଙ୍କେଶ୍ୱରୀ—ସଂ.ବି. ସ୍ତ୍ରୀ (ଲଙ୍କା+ଈଶ୍ୱରୀ)—ରାବଣାଧିଷ୍ଠିତ ଲଙ୍କା ନଗରର
Lankeśwari ଅଧିଷ୍ଠାତ୍ରୀ ଦେବୀ—The Deity presiding over the mythological city of Lanka.
[ଦ୍ର—ହନୁମାନ୍ ସୀତାଙ୍କୁ ଠାବ କରିବା ପାଇଁ ପ୍ରଚ୍ଛନ୍ନ ରୂପ ଧରି ସନ୍ଧ୍ୟା ବେଳେ ଲଙ୍କାରେ ପ୍ରବେଶ କରିବା ସମୟରେ ତାଙ୍କୁ ଏ ଠାକୁରାଣୀ ବାଟ ଓଗାଳିଲେ । ତହୁଁ ହନୁମାନ୍ ତାଙ୍କୁ ମୁଷ୍ଟିଘାତ ମାରିବାରୁ ସେ ମୂର୍ଚ୍ଛିତା ହେଲେ; ତତ୍ପରେ ସଜ୍ଞା ପ୍ରାପ୍ତ ହୋଇ ହନୁମାନଙ୍କୁ ବର ଦେଲେ ଯେ, ତୋ କାର୍ଯ୍ୟ ସିଦ୍ଧ ହେଉ । କେତେକ ପଣ୍ଡିତଙ୍କ ମତରେ ଏ ରାବଣ ଦ୍ୱାରା ଲଙ୍କାପୁରକୁ ଜଗିବାରେ ନିଯୁକ୍ତା ଜଣେ ରାକ୍ଷସୀ ଥିଲେ । ହ. ର]

ଲଗ୍ (ଧାତୁ)—ସଂ—ଲାଗିଯିବା; ସଂଲଗ୍ନ ହେବା—
Lang (root) To be attached to; to stick to.
(ଲଗ୍ ଧାତୁ—ଅନ୍ୟରୂପ)

ଲଙ୍ଗ—ବୈଦେ· ବଣ. (ଇଂ)—ଲମ୍ବା—Long. [ଦ୍ର—ଏହା ଅନ୍ୟ
Lang ଶବ୍ଦମାନଙ୍କ ସହିତ ଯୁକ୍ତ ହୁଏ । ଯଥା—ଲଙ୍ଗ୍ କୋଟ୍,
लंग लङ्ग ଲଙ୍ଗ୍ ବୋଟ୍ ଇତ୍ୟାଦି ।]

ଲଙ୍ଗ୍ କଲାଟ୍—ବୈଦେ. ବି. (ଇଂ. ଲଙ୍ଗ୍ କ୍ଲଥ୍)—ନୟନ କଲାଟ୍ ଲୁଗା;
Lang kilāt ଶୁକ୍ଳୀକୃତ କଳକୁଣା ମାର୍କିନ୍ ପତଳା ଥାନ ଲୁଗା—
लंग कथ, लंग क्लाट Longcloth; lengths of bleached
लङ्कक(कि)लाट mill-made cotton cloth.

ଲଙ୍ଗ୍ କୋଟ୍—ବୈଦେ· ବି (ଇଂ)—ଅଣ୍ଟୁ ପର୍ଯ୍ୟନ୍ତ ଲମ୍ବିଥିବା ଗରମ ପାଟେଣ
Lang kot लंग कोट लङ्ककोट କୋଟାମ ଲଗା କୁର୍ତ୍ତା—
[ଲଂ କୋଟ୍, ଲଙ୍କୋଟ୍—ଅନ୍ୟରୂପ] Longcoat.

ଲଙ୍ଗ୍ ପଙ୍ଗ୍ ହେବା—ଦେ. କ୍ରି (ସଂ. ଲଙ୍ଗ୍ ଧାତୁ)—କୌଣସି ସ୍ଥାନରେ
Lang-pang hebā ବିନା ଗୁଢ଼ ଉଦ୍ଦେଶ୍ୟରେ ଇତସ୍ତତଃ
लेग लेग करा ବୁଲିବା; ଫେରଫାର୍ ହେବା—To loiter
लदफद होना about a place. [ଯଥା—ସୁବିଧା ଦେଖି କୌଣସି ଜିନିଷ ଘେନିଯିବା ନେବାକୁ ଯେବେ ଲଙ୍ଗ୍ ପଙ୍ଗ୍ ହେଉଥାଏ ।]

ଲଙ୍ଗ୍ ବୋଟ୍—ବୈଦେ. ବି (ଇଂ)—ଜାହାଜରେ ଥିବା ହୋଇଥିବା ବଡ଼
Lang bot ବୋଟ୍, ଯାହାକୁ ବିପଦ ବା ଅବଶ୍ୟକ ପଡ଼ିଲେ
लंबोट ଖୋଲିଦେଇ ବ୍ୟବହାର କରାଯାଏ—The longboat of
लंगबोट (ଲଂବୋଟ୍—ଅନ୍ୟରୂପ) a ship.

ଲଙ୍ଗଲଙ୍ଗ ହେବା—ଦେ. କ୍ରି—ଲଙ୍ଗ ଲଙ୍ଗ ହେବା (ଦେଖ)
Lang-lang hebā Langalanga hebā. (See)

ଲଙ୍ଗ—ସଂ. ବି (ଲଙ୍ଗ୍ ଧାତୁ=ଲାଗିଯିବା+ଭାବ· ଅ)—୧ । ସଙ୍ଗ;
Langa ସଙ୍ଗମ; ମିଳନ; ଭେଟ—1. Union, meeting.
[ଲଙ୍ଗକ—ଅନ୍ୟରୂପ] ୨ । (+କର୍ତ୍ତୃ. ଅ) ଜାର; ଉପପତି—
2. A paramour. ୩ । (+ଭାବ. ଅ) ଖଞ୍ଜତା—
3. Lameness.

ଲଙ୍ଗଟି—ଦେ. ବି—ଲାଙ୍ଗଟ (ଦେଖ)
Langati लाङ्गट लंगोटी Langat. (See)

ଲଙ୍ଗର୍—ବୈଦେ. ବି (ଫା; ତୁଳ, ସଂ ଲାଙ୍ଗଳ; ଏହା ଲଙ୍ଗଳାକୃତିବିଶିଷ୍ଟ
Langar ଅଟେ)—୧ । ଜାହାଜକୁ ଦରିଆ ମଝିରେ ବା ବନ୍ଦରରେ
लं(लं)गर ଅଟକାଇବା ପାଇଁ ବ୍ୟବହୃତ ଶୃଙ୍ଖଳଯୁକ୍ତ ଲୌହମୟ ଭାର
लं(न)गर ଯୁକ୍ତ ଲଙ୍ଗଳାକୃତି ଅଙ୍କୁଶ—1. Anchor. [ଦ୍ର—
ଏହି ଅଙ୍କୁଶ ଲମ୍ବ ଶିକୁଳିଦ୍ୱାରା ଜାହାଜରେ ସଲଗ୍ନ ଥାଏ । ଏହାକୁ ପାଣିକୁ ଫୋପାଡ଼ି ଦେଲେ ଲଙ୍ଗରର ଅଙ୍କୁଶଗୁଡ଼ିକ ତଳର ମାଟିକୁ କାମୁଡ଼ି ଧରେ । ଏଥିଯୋଗୁଁ ଜାହାଜ ଚଳଚଳ ନ ହୋଇ ଏକ ସ୍ଥାନରେ ଅବଦ୍ଧ ହୋଇ ରହେ । ପୁଣି ଲଙ୍ଗରକୁ ଜାହାଜ ଉପରକୁ ଉଠାଇ ଆଣିବା ପରେ ଜାହାଜକୁ ଚଳାଇବାକୁ ହୁଏ ।] ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ସହାୟକ ବା ଆଶ୍ରୟଦାତା ବ୍ୟକ୍ତି ବା ସ୍ଥାନ—2. (figurative) One's refuge or shelter; ୩ । (ଦରଜିଙ୍କ ଭାଷା) ଛାଟା ସିଲେଇ; ଟାଙ୍କା—3. (Tailor's) Rough stich in sewing. ୪ । ଲଙ୍ଗରଖାନା (ଦେଖ)—4. Langar-khānā. (See)

ଲଙ୍ଗର୍ ଉଠା(ଠେ)ଇବା—ଦେ କ୍ରି—୧ । ଲଙ୍ଗର୍ କରାଯାଇ ସ୍ଥିର
Langar uthā(the)ibā ଭାବରେ ରହିଥିବା ଜାହାଜକୁ
ଲଙ୍ଗର ଖୋଲିବା } ଅନ୍ୟରୂପ] ଚଳାଇବା ପୂର୍ବରୁ ଜଳର ତଳ
ଲଙ୍ଗର ଟେକିବା } ଦେଶରେ ସଲଗ୍ନ ଲଙ୍ଗରକୁ ପାଣି
लंगर तोलना ମଧ୍ୟରୁ ଜାହାଜ ଉପରକୁ ଉଠାଇ ଆଣିବା—1. To
लंगर उठाना weigh anchor. [ଉ—××ଜନ ଭୁଇ ପହର ସରତ ଚକାପାଠଣା ହାତୁ ବାହାରୁ ଲଙ୍ଗର ଉଠେଇ ଦେଲୁଁ । ଫକୀରମୋହନ, ଜନ୍ମସ୍ଥଳ ।] ୨ । (ଲକ୍ଷଣାର୍ଥ) କୌଣସି ସ୍ଥାନ ତ୍ୟାଗ କରିବାର ଆନୁପୂର୍ବିକ ବ୍ୟବସ୍ଥା କରିବା—2. (figurative) To make preliminary arrangements for removal from a place. ୩ । (ଲକ୍ଷଣାର୍ଥ) କାଜର ଲୁଚ୍ଚ ହୋଇଥିବା ଗତିକୁ ପୁଣି ଆରମ୍ଭ କରିବା—3. (figurative) To begin

to move away form a place of stoppage.

ଲଙ୍ଗର୍ କରିବା—ଦେ. କ୍ରି—୧ । ଚଳୁଥିବା ଜାହାଜର ଗତିକୁ ରୁଦ୍ଧ **Langar kariba** କରିବା ପାଇଁ ଓ ବୁଡ଼ଜଙ୍ଘବିଶିଷ୍ଟ ଜାହାଜକୁ **লংগর করা** ଏକ ସ୍ଥାନରେ ସ୍ଥିର ଭାବରେ ରଖିବା ପାଇଁ ଜାହାଜରେ **लंगर करना(डालना)** ରଖା ଯାଇଥିବା ଲଙ୍ଗରକୁ ପାଣିକୁ ଫିଙ୍ଗିବା,
ଲଙ୍ଗର୍ ଫୋପାଡ଼ିବା, ଲଙ୍ଗର୍ ପକା(କେ)ଇବା, ଲଙ୍ଗର୍ ପଡ଼ିବା } ଅନ୍ୟରୂପ] (ଯେପରିକି, ଲଙ୍ଗରର ଅଙ୍କୁଶ ଜଳର ତଳ ଦେଶରେ ଥିବା ଦୃଢ଼ ମାଟିକୁ ଜାବୁଡ଼ି ଧରିବ)—1. To anchor a ship or boat; to cast or let down the anchor. [ବ୍ୟ—ଲଙ୍ଗର କରିବା କ୍ରିୟାର ବ୍ୟବହାର—ଜାହାଜ ଅମୁକ ସ୍ଥାନରେ ଲଙ୍ଗର କଲା] ୨ । (ଲକ୍ଷଣାର୍ଥ) କୌଣସି ସ୍ଥାନରେ କିଛି-କାଳ ରହିବାର ବ୍ୟବସ୍ଥା କରିବା—2. (figurative) To make arrangements for staying at a place for some time. ୩ । (ଲକ୍ଷଣାର୍ଥ) ନିଜର ଗତିକୁ ରୁଦ୍ଧ କରିବା—3. (figurative) To stop one's own motion.

ଲଙ୍ଗରଖାନା—ବୈଦେ. ବି (ଫା)—୧ । ପାନ୍ଥନିବାସ; ଧର୍ମଶାଳା—**Langar-khānā** 1. A rest house for travellers. **লঙ্গরখানা** **लंगरखाना** ୨ । ଦରିଦ୍ରଶାଳା—An assylum for the poor. ୩ । ଯେଉଁ ସ୍ଥାନରେ ଦରିଦ୍ରମାନଙ୍କୁ ମାଗଣା ସଦ୍ଧାନ୍ନ ବଣ୍ଟାଯାଏ—3. A place where cooked food is distributed gratis to the poor.

ଲଙ୍ଗରଗା—ବୈଦେ. ବି (ଫା ଲଙ୍ଗରଗାହ୍)—୧ । ନଦୀର ବା ସମୁଦ୍ରର **Langargā** କୂଳସ୍ଥ ଯେଉଁ ସ୍ଥାନରେ ଜାହାଜମାନଙ୍କୁ ଲଙ୍ଗର **লঙ্গরগা** **लङ्गरगाह** କରାଯାଏ—1. Anchorage; a [ଲଙ୍ଗରଗାହ୍(ହା), ଲଙ୍ଗରଗାଃ—ଅନ୍ୟରୂପ] place where a ship can anchor ୨ । ବନ୍ଦର୍—2. A port.

ଲଙ୍ଗର୍ ପଙ୍ଗର ହେବା—ଦେ. କ୍ରି—ଲଙ୍ଗ୍ପଙ୍ଗ୍ ହେବା (ଦେଖ)—**Langar pangar hebā** **Langpang hebā.** (See) [ବ୍ୟ—ଲୁଙ୍ଗ୍ପୁଙ୍ଗ୍, ଲୁଙ୍ଗ୍ପୁଙ୍ଗ୍, ଲୁଙ୍ଗୁର୍ପୁଙ୍ଗୁର୍, ଲୁଙ୍ଗୁରୁ ଲୁଙ୍ଗୁରୁ ଶବ୍ଦମାନ ଏହି ଅର୍ଥବାଚକ । ତନ୍ମଧ୍ୟ ଲଙ୍ଗପଙ୍ଗ ଅପେକ୍ଷା କ୍ଷୁଦ୍ରତର ଭାବବ୍ୟଞ୍ଜକ ।]

ଲଙ୍ଗର୍ ହେବା—ଦେ. କ୍ରି—ଲଙ୍ଗର କରାଯିବା ଯୋଗୁଁ (ଜାହାଜ) ଏକ **Langar hebā** ସ୍ଥାନରେ ଅବଦ୍ଧ ହେବା—To be **নঙ্গর হওয়া[করা]** anchored or moved; to be at **लङ्गर होना** anchor.

ଲଙ୍ଗରି—ଦେ. ବିଣ (ଜାହାଜଅ ଭାଷା)—ଲଙ୍ଗର ହୋଇଥିବା **Langari** (ଜାହାଜ)—Anchored (ship) [ବ୍ୟ—**লঙ্গর ধ(ক)রা** ସମ୍ଭାଳ—ସମ୍ଭାଳ—ଲଙ୍ଗରି ଜାହାଜମାନଙ୍କରେ ମଣିଷ **लङ्गर हुआ** ପହରି ରହିଗଲେ । ଫକୀରମୋହନ. ଗଳ୍ପସ୍ବଳ୍ପ ।]

ଲଙ୍ଗଳ—ଦେ. ବି (ସ. ଲାଙ୍ଗଲ)—ଲାଙ୍ଗଳ; ହଳ କରିବାର ଯନ୍ତ୍ର; ଭୂମି **Langala** ଚଷିବାର ଲୌହମୁଖ ଯନ୍ତ୍ର—Plough. [ବ୍ୟ—ଏହି **লাঙ্গল, লাঙল** କୃଷିପକରଣ ତିନି ଅଂଶରେ ବିଭକ୍ତ, ଯଥା—୧ । **हल** ଲଙ୍ଗଳ=ଦୁଇ ଅଗ୍ରଯୁକ୍ତ କାଷ୍ଠ, ୨ । ଈଷ=ଲଙ୍ଗଳଦଣ୍ଡ ଓ ୩ । ଯୁଆଳି, ବା ଯୁଗ । ଏ ସମସ୍ତଙ୍କୁ ଏକତ୍ରରେ 'ହଳ' ବା ଲଙ୍ଗଳ ଶବ୍ଦ ବୋଲାଯାଏ । ପ୍ରଥମୋକ୍ତ ଲଙ୍ଗଳ ମଧ୍ୟ ଦୁଇ ଭାଗରେ ବିଭକ୍ତ । (କ) ବକ୍ରମୁଖାକୃତି ଉପର ଖଣ୍ଡ କଣ୍ଟି, (ଖ) ତଳଖଣ୍ଡ ମୁଣ୍ଡା; ଏହି ମୁଣ୍ଡାରେ ଲଙ୍ଗଳଲୁହା ପଶେ । ଲୋକେ ଏହି ସମସ୍ତ ଅଙ୍ଗବିଶିଷ୍ଟ ଯନ୍ତ୍ରକୁ ଲଙ୍ଗଳ ଶବ୍ଦ ବା ଲଙ୍ଗଳ କହିଥାନ୍ତି । ଲଙ୍ଗଳର ଭିନ୍ନ ଭିନ୍ନ ଅଂଶର ନାମ ଯଥା—ଯୁଆଳି, ମୁଣ୍ଡା, ଖିଲା, ଶଇଳ, ଈଷ, ମୁଠା, ଫାଳ, ଅନ୍ଧି, ଯୋଡ଼, ଖାଡ଼ୁଯୋଡ଼, ଅନ୍ଧକଣ୍ଟିଖିଲା, ପିଠିଖିଲା, କୋଳ, ଲୁହା ।]

ଲଙ୍ଗଳ ଅନ୍ଧି—ଦେ. ବି (ସ. ଅବନ୍ଧ; ଅଙ୍କୁର)—୧ । ଯୁଆଳିର ମଧ୍ୟ-**Langala āndhi** ଭାଗସ୍ଥ ଅନ୍ଧିଖିଲାରେ ସଲଗ୍ନ ଛୋଟ ଦଉଡ଼ି-**আঁদ্; আঙ্কুড়া, আঁধি** 1. A small string tied **हलकी छोटीरस्सी** round the middle of the yoke. ୨ । ଯୁଆଳିର ମଧ୍ୟଭାଗରେ ମରାଯାଇଥିବା ଦୁଇଟି ଖିଲ, ଯାହା ମଧ୍ୟରେ ଲଙ୍ଗଳର ଈଷକୁ ପୁରାଇ ଲଙ୍ଗଳଦଉଡ଼ିଦ୍ୱାରା ବନ୍ଧାଯାଏ—2. Two pins in the middle of the yoke used in securing the plough beam with the yoke.

ଲଙ୍ଗଳଈଷ—ଦେ.ବି (ସ.ଲାଙ୍ଗଲୀଷା)—ଲଙ୍ଗଳ ଦଣ୍ଡ—The beam **Langala isha** of a plough. [ବ୍ୟ—ଯେଉଁ ଦଣ୍ଡ ଲଙ୍ଗଳ **ঈষ** ମୁଣ୍ଡାରେ ସଲଗ୍ନ ହୋଇଥାଏ ଓ ଯାହା ଅନ୍ଧି ଦଉଡ଼ିଦ୍ୱାରା **ईष, हरिस** ଯୁଆଳିର ମଧ୍ୟ ଭାଗରେ ଥିବା ଅନ୍ଧିଖିଲା ସଙ୍ଗେ ବନ୍ଧା-ଯାଇ ଲଙ୍ଗଳକୁ ଭୂମିକର୍ଷଣର ଉପଯୋଗୀ କରେ ।]

ଲଙ୍ଗଳ କଣ୍ଟି—ଦେ. ବି (ସ. ଭୂଟକ)—ବକ୍ରଗ୍ରୀବାପରି ଲଙ୍ଗଳର ଯେଉଁ **Langala kanti** ଲମ୍ବ କାଷ୍ଠ ଖଣ୍ଡର ଊର୍ଦ୍ଧ୍ୱଭାଗସ୍ଥବେଣ୍ଟକୁ ହଳୁଆ **লাঙ্গলের খোঁটা** ହାତରେ ହାତରେ ମୁଠାଏ—The upper **लागन** piece of a plough; the plough tail.

ଲଙ୍ଗଳ କଣ୍ଟିଆ—ଦେ. ବିଣ—ଲଙ୍ଗଳର କଣ୍ଟି ପରି ଆକୃତିବିଶିଷ୍ଟ **Langala kantiā** (ଚଉଡ଼ା ଓ ଚେପଟା)—Shaped like the handle piece of a plough; broad and flat.

ଲଙ୍ଗଳକଣ୍ଟିଆ ଅମ୍ବ—ଦେ. ବି—ଏକ ଜାତୀୟ ବଡ଼ ଓ ଚେପଟା ଅମ୍ବ—**Langalakantiā āmba** A kind of big mango **চেপটা কলমী আম** fruit which is flat and broad. **चिपटा कलमी आम**

ଲଙ୍ଗଳ କରିବା—ଦେ. କ୍ରି—ଜମିକୁ ଲଙ୍ଗଳ ଦ୍ୱାରା କର୍ଷଣ କରିବା—**Langala kariba** To plough up a field. [ଲଙ୍ଗଳ ଦେବା, ଲଙ୍ଗଳ ବୁଲା(ଲେ)ଇବା—ଅନ୍ୟରୂପ] **লাঙ্গল করা, লাঙ্গল দেওয়া** **हल करना**

ଲଙ୍ଗଳ କିଳା—ଦେ. ବ (ସ. ଯୁଗକୀଲକ)—ଲ୍ ଅଳର ଦୁଇ ଅଗରୁ ଦୁଇ Langala kilā ଦୁଇ ଖଣ୍ଡ ଚଳଅଗ୍ର ମରାଯାଇଥିବା ଦୁଇ ଖଣ୍ଡ জোয়ালেরশলী; শলা କାଠ—The pins attached to कील the ends of the yoke to fasten the bullocks. [ବ୍ର—ଏଥିର ଅଗର ଛିଦ୍ରରେ ଖାଡ଼ଯୋଡ ବନ୍ଧାଯାଇ କୁଥଳର ମୁଣ୍ଡରେ କାନ୍ଧ ଦେଇଥିବା ବଳଦଙ୍କ କାନ୍ଧକୁ ଯୁଥଳ ସଙ୍ଗେ ସଂଲଗ୍ନ କରାଯାଏ ।]

ଲଙ୍ଗଳକୁ ଯିବା—ଦେ. କି (ଲଙ୍ଗଳ କରିବାକୁ ବା ହଳ କରିବାକୁ Langalaku jibā ଯିବା)—କୃଷି କରିବା ପାଇଁ ହଳ ଓ ବଳଦ হলকরিতে যাওয়া ସେଇ କ୍ଷେତକୁ ଯିବା—To go to the हलजोतने जाना field with the plough and bullocks to plough. [ପ୍ର—ସକାଳୁ ଉଠି ଲଙ୍ଗଳେ ଯାନ୍ତି; ଚୋଡ଼ାଣି ଦେମକାକର । ପଣ୍ଡି ଭଗ ଭଗ ।]

ଲଙ୍ଗଳ ଗାର—ଦେ. ବ—୧ । ଲଙ୍ଗଳ ପଦ୍ଧତି (ଦେଖ)— Langala gāra 1. Langala paddhati. (See) লাঙ্গলের দাগ ୨ । ଭୂମିରେ ସାମାନ୍ୟ ଭାବରେ ବା ଉପରଠାଉରିଆ सियाउर କରି ହଳ ବୁଲାଇ ଥିବା ଯୋଗେ ଭୂମି ଉପରେ ପଡ଼ିଥିବା ଲଙ୍ଗଳର ରେଖା ମାତ୍ର—2. Superficial lines made on the soil owing to light ploughing.

ଲଙ୍ଗଲଙ୍ଗଲିଆ—ପ୍ରାଦେ (ଗଞ୍ଜାମ) ବ—ଲହ ଲଙ୍ଗଳିଆ (ଦେଖ) Langalangalia Lahalānglia. (See)

ଲଙ୍ଗଲଙ୍ଗ ହେବା—ଦେ. କି (ଚଞ୍ଚଳତାବ୍ୟଞ୍ଜକ) —୧ । ଚଞ୍ଚଳ ହୋଇ Langalanga hebā ଇତସ୍ତତଃ ବୁଲିବା—1. To move চং বং করা up and down quickly. ୨ । ଚଞ୍ଚଳତାସହକାରେ चक्कुआना ଇତସ୍ତତଃ ଦୃଷ୍ଟି କ୍ଷେପ କରିବା—2. To look round restlessly; to cast restless glances round.

ଲଙ୍ଗଳ ତଡ଼ା—୧ । ପ୍ରଥମ ଓଡ଼ ହଳ କରାଯାଇଥିବା ପଡ଼ିଆ ଭୂମି, Langala tardā ଯହିଁରେ ଲଙ୍ଗଳ ଫାଳ ଦ୍ୱାରା ଭୂମିକୁ କର୍ଷିତ একবার লাঙ্গলদেওয়া জমি ହୋଇଥିବା ବଡ଼ ବଡ଼ ମାଟିଖଣ୍ଡମାନ ढेप ढेप, ढेला ढेला ଭାଙ୍ଗି ନ ଥାଏ—1. A fallow land which has been ploughed only once ant in which the big clods of earth have nod been reduced into dust by second or third ploughing. ୨ । ପ୍ରଥମ ଓଡ଼ ଲଙ୍ଗଳ ଦ୍ୱାରା କର୍ଷିତ ହୋଇ ଭୂମିରୁ ଅଲଗା ହୋଇଥିବା ବଡ଼ ବଡ଼ ମୃତ୍ତିକାଖଣ୍ଡମାନ— 2. Big clods of earth separated from the soil by the first ploughing, ଦେ.ବଣ—ଥରେ ହଳ ଦ୍ୱାରା ଚଷ ହୋଇଥିବା ବଡ଼ ବଡ଼ ଢେଲାଯୁକ୍ତ (ଭୂମି)- (land) Having big clods turned up by the first ploughing,

ଲଙ୍ଗଳ ତୁଳ(ଳା) ହେବା—ଦେ. ବ—ଲଙ୍ଗଳରେ ଇଷକୁ ପୂରାଇ ପଛ Langala tula(lā) hebā ଅଡ଼ୁ ପିଚକିଳା ମାରିବାର ଏକ हल तडक होना ବର୍ଣ୍ଣିଷ୍ଟତା ଯୋଗୁଁ ଲଙ୍ଗଳଫାଳର ତେରଛା ପଣ (ଲଙ୍ଗଳ ସଗା ହେବା—ବ୍ୟବସ୍ଥିତ) ଯୋଗୁଁ ଭୂମିକୁ ଗଭୀର କରି ଭାଡ଼ିବାର ଅବସ୍ଥା—The state of a plough-blade digging deep into the earth owing লাঙ্গল বাঁকা হওয়া to its incline.

ଲଙ୍ଗଳ ଧରିବା—ଦେ. କି—କୃଷି କରାଯିବା ପାଇଁ ସଜ୍ଜିତ ହୋଇଥିବା Langala dharibā ବଳଦଙ୍କ ଯୋଚ ଲଙ୍ଗଳର ମୁଠାକୁ ଧରି ଲଙ୍ଗଳରେ ମୁଠା ପକା(କେ)ଇବା } ଅନ୍ୟରୂପ ଭୂମି ଚଷ କରିବା- ଲଙ୍ଗଳ ମୁଠାରେ ହାତ ପକା(କେ)ଇବା } To put লাঙ্গল ধরা हल पकडना one's hand to the plough. [ପ୍ର—ବଳଦ ଠାଣିଥିବା ଲଙ୍ଗଳର ମୁଠାକୁ ହାତରେ ଧରି ମାତ୍ର ବସିଲେ ଭୂମି ଗଭୀର ହୋଇ ଚଷ ହୁଏ । ଲଙ୍ଗଳ ମୁଠା ଉପରେ ବେଶି ଚାପ ନ ଦେଲେ ଚଷ ଗଭୀର ହୁଏ ନାହିଁ । ଏଥିପାଇଁ ବହୁଆ ଲୋକ ଲଙ୍ଗଳ ଧରିବା କାମକୁ ଲୋଡ଼ା ହୁଅନ୍ତି ।]

ଲଙ୍ଗଳ ପକ୍ଷି(ଖି)—ଦେ. ବ. (ସ. ଲଙ୍ଗଳ+ପକ୍ଷ)—ଲଙ୍ଗଳ ମୁଣ୍ଡାର Langala pakshi(khi) ଦୁଇ ଡେଣା ପାର୍ଶ୍ୱ—The two [ଲଙ୍ଗଳ ପକ୍ଷି(ଖି)ଗୁ—ଅନ୍ୟରୂପ] flanks or blades of the লাঙ্গলের ফলা plough; ploughshare; share beam ठेंठाका बगल of a plough.

ଲଙ୍ଗଳ ପଶା—ଦେ. ବ—୧ । ଲଙ୍ଗଳ ଲୁହା—1. Plough-iron. Langala pasā ୨ । ଲଙ୍ଗଳ ଲୁହା ଦ୍ୱାରା ପ୍ରହାର— লাঙ্গলের লোহা 2. Stroke with a plough iron. फार(ल), फारसे मार [ପ୍ର—ଏଣେ ସୁବର୍ଣ୍ଣିତ ତେଜେଣ ଭଷା, କାହିଁକ ମାରିଲେ ଲଙ୍ଗଳ ପଶା । କାହ୍ନୁ ଗୀତ ।]

ଲଙ୍ଗଳ ପାହ(ହା)ଳ—ଦେ. ବ. (ସ. ଲଙ୍ଗଳ+ଫଳ)—୧ । ଲଙ୍ଗଳ Langala pāha(hā)la ମୁଣ୍ଡାର ମଝିରେ ଗଳି ହୋଇ ରହିଥିବା লাঙ্গলের ফাল କର ଯାଉଥିବା ଲୁହାର ତୀକ୍ଷ୍ଣାଗ୍ର ଫଳା— अगवासी, फार(ल) 1. Plough iron, coulter. [ପ୍ର—ଏହା ମାଟିକୁ ଖୋଳେ ।] ୨ । ଲଙ୍ଗଳ ପକ୍ଷି (ଦେଖ) 2. The blade of the plough.

ଲଙ୍ଗଳ ପିଚକିଳା—ଦେ. ବ (ସ. ଲଙ୍ଗଳ+କୀଲକ)—ଲଙ୍ଗଳ ମୁଣ୍ଡାର Langala pichikilā ଛିଦ୍ରରେ ଈଷର ମୂଳକୁ ରହି କରି ତାକୁ ଲଙ୍ଗଳ କୋଳ } ଅନ୍ୟରୂପ ଅଟକ କରି ରଖିବା ପାଇଁ ଓ ଲଙ୍ଗଳ ତପା } ଈଷକୁ ଲମ୍ବ ବା ଖେଡ଼ ଲଙ୍ଗଳ ଫାଳ କିଳା } କରିବା ପାଇଁ ବ୍ୟବହୃତ କିଳକ- আডচাল The wooden pin which tightens the हलका कील beam to the plough piece. [ପ୍ର—ଲଙ୍ଗଳରେ ଈଷ ଭରିକ କରି ଈଷର ବଗଣିତ ବଗରୁ ପିଚକିଳା ମରାଯାଏ ଓ ପିଚକିଳା ମାରିବା କୌଶଳରେ ଲଙ୍ଗଳ ସଗା (ଠିକା) ହୁଏ କମ୍ବା ତୁଳା (ତେରଛା) ହୁଏ ।]

ଲଙ୍ଗଳ ଫାଳ—ଦେ ବି (ସଂ. ଲଙ୍ଗଳ+ଫଳକ)—୧ । ଲଙ୍ଗଳ ପକ୍ଷୀ
Langala phala (ଦେଖ)—1. Langala pakshi
লাঙ্গলের ফাল (See) ୨ । ଲଙ୍ଗଳ ଲୁହା—2. Plough-
हलका फार iron.

ଲଙ୍ଗଳ ଫିଟା(ଟେ)ଇବା—ଦେ. କ୍ରି—୧ । ଯୁଆଳରୁ ଈଷକୁ କାଢ଼ି କୃଷି-
Langala phita(te)iba କାର୍ଯ୍ୟ ବନ୍ଦ କରି ଭୂମି ସଂଲଗ୍ନ ଲଙ୍ଗଳ-
লাঙ্গল খুলে দেওয়া ମୁଣ୍ଡାକୁ ଟେକି ଯୁଆଳ ଉପରେ ରଖିବା—
हल खोलना 1. To stop ploughing and take up the plough piece from the ground and put it on the yoke. ୨ । ଲଙ୍ଗଳରେ ଯୋଚି ହୋଇଥିବା ବଳଦଙ୍କୁ ଯୁଆଳରୁ ମୁକ୍ତ କରିବା—2. To unyoke the oxen from the plough.

ଲଙ୍ଗଳ ବଳଦ—ଦେ. ବି (ସହଚର)—କୃଷିର ଦୁଇ ମୋଟ ଉପକରଣ;
Langala balada ହଳ ଓ ବଳଦ—Plough and pair;
লাঙ্গল বলদ the plough and a pair of oxen
हल बैल necessary for ploughing.

ଲଙ୍ଗଳ ବେଣ୍ଟ(ମୁଠା)—ଦେ.ବି. (ସଂ. ଲଙ୍ଗଳ+ସଂ. ବୃନ୍ତ, ମୁଷ୍ଟି)--ଲଙ୍ଗଳର
Langala benta(mutha) ଯେଉଁ ଅଂଶକୁ ହାତରେ ମୁଠାଇ
লাঙ্গল মুঠি ହଳ ବୁଲାଇବାକୁ ହୁଏ—The handle of a
हलका मुठा plough.

ଲଙ୍ଗଳ ମରା—ଦେ. ବି—୧ । ଉପରେଠାଉପରଓ କରି, ଅର୍ଥାତ୍, ଅଗଭୀର
Langala mara ଭାବରେ କ୍ଷେତ୍ରକୁ ଚାଷ କରିବା—
লাঙ্গল মারা 1. Superficial ploughing. ୨ । ବେଉଷଣ-
हल मारना 2. The operation of puddling.
हल मारी हुई(जमीन) ଦେ. ବିଣ—ଅଗଭୀର ଭାବରେ ଚାଷ କରା ଯାଇଥିବା—Superficially ploughed.

ଲଙ୍ଗଳ ମାଡ଼ି ବସିବା—ଦେ. କ୍ରି—ବଳଦ ହଳକୁ ଟାଣୁଥିବା ବେଳେ
Langala mardi basiba (ଗଭୀର ଚାଷ କରିବା ପାଇଁ
লাঙ্গল চেপে ধরা ଲଙ୍ଗଳର ମୁଠା ଉପରେ ବିଶେଷ ଚାପ ପ୍ରୟୋଗ
हलको जोरसे दबाना କରିବା—To press the handle of the plough heavily; to exert one's whole pressure on the plough for deep cultivation.

ଲଙ୍ଗଳ ମାରିବା—ଦେ. କ୍ରି—୧ । ଲଙ୍ଗଳ ମୁଠାରେ ବେଶି ଚାପ
Langala mariba ପ୍ରୟୋଗ ନ କରିବା ଯୋଗୁଁ ଉପର-
লাঙ্গল মারা ଠାଉପରଓ କରି, ଅର୍ଥାତ୍ ଅଗଭୀର ଭାବରେ ଭୂମିକୁ
हल मारना, खुरखुराना ଚାଷ କରିବା—1. To plough a field superficially (by not giving sufficient pressure on the handle. ୨ । ବେଉଷଣ କରିବା—2. To puddle the paddy field.

ଲଙ୍ଗଳ ମୁଣ୍ଡା—ଦେ. ବି (ସଂ. ଲଙ୍ଗଳ+ମୁଣ୍ଡ; ସଂ. କାମ, କୁଠବ,
Langala munda କୟାଷ)—୧ । ଯେଉଁ କାଷ୍ଠରେ
লাঙ্গল মুড়া ଲଙ୍ଗଳ ଲୁହା ସଂଲଗ୍ନ କରାଯାଏ—1. The
ठेंठा blade-piece of a plough. ୨ । ବଢ଼େଇଦ୍ୱାରା ହଣାହଣି ଓ ଚଞ୍ଚାଚଞ୍ଚି କରି ଲଙ୍ଗଳର ମୁଣ୍ଡ ତିଆରି କରିବା ପାଇଁ ଯେଉଁ ତ୍ରିକୋଣାକାର କାଠ ରଖା ଯାଏ—2. An unhewn triangular and rough block of wood kept for being finished into a plough-piece.

[ଦ୍ର—କୃଷିର ଭିନ୍ନ ଭିନ୍ନ କର୍ମପାଇଁ ଲଙ୍ଗଳମୁଣ୍ଡାକୁ ସରୁ ବା ଓଉଡ଼ା କରାଯାଏ । ପଡ଼ିଆ ଭାଙ୍ଗିବା, ପ୍ରଥମ ଓଡ଼ ଚାଷ କରିବା, ଦ୍ୱିତୀୟ ଓଡ଼ ଚାଷ କରିବା ଓ ବେଉଷିବା ପାଇଁ ଭିନ୍ନ ଭିନ୍ନ ଆକାରର ଲଙ୍ଗଳମୁଣ୍ଡା ବ୍ୟବହୃତ ହୁଏ । ତାହାର ମଧ୍ୟ ଭିନ୍ନ ଭିନ୍ନ ନାମ ଅଛି । ଯଥା—

୧ । କଢ଼ାଣମୁଣ୍ଡା—ଯେଉଁ ଲଙ୍ଗଳଦ୍ୱାରା ପ୍ରଥମେ ପଡ଼ିଆ ଜମିକୁ ଚାଷ କରାଯାଏ; ଏହାର ଫଳକ ସରୁ ।

୨ । ଦୁହ୍ନ(ହା)ଡ଼ମୁଣ୍ଡା, ଦେଉ(ଓ)ଡ଼ମୁଣ୍ଡା, ଦୋଅ(ଓ)ଡ଼ମୁଣ୍ଡା—ଯେଉଁ ଲଙ୍ଗଳ ଦ୍ୱାରା ଥରେ ଚାଷ ହୋଇଥିବା ଜମିକୁ ଦ୍ୱିତୀୟଥର ଚାଷ କରାଯାଏ । ଏହା କଢ଼ାଣମୁଣ୍ଡା ଅପେକ୍ଷା ବେଶି ଓଉଡ଼ା ହୁଏ ।

୩ । ବୁଣାମୁଣ୍ଡା—ଯେଉଁ ଲଙ୍ଗଳମୁଣ୍ଡାଦ୍ୱାରା ପୂର୍ବରୁ ଦୁଇ ତିନିଥର ଚାଷ ହୋଇଥିବା କ୍ଷେତ୍ରରେ ସିଥର କରା ଯାଇ ଧାନ ବୁଣାଯାଏ ।

୪ । ଗୋଡ଼ଭିମୁଣ୍ଡା—କଙ୍କରମୟ ଜମିକୁ ଚାଷ କରିବାପାଇଁ ବ୍ୟବହୃତ ଅତି ସରୁ ଲଙ୍ଗଳମୁଣ୍ଡା ।

୫ । ବଅଡ଼ ବା ବେଉଡ଼ା ମୁଣ୍ଡା—ଯେଉଁ ସରୁ ଲଙ୍ଗଳମୁଣ୍ଡା ଦ୍ୱାରା ବିଲକୁ କାଦୁଅ କରି ବେଉଷିବାକୁ ବା ବେଉଷଣ କରିବାକୁ ହୁଏ ।]

ଲଙ୍ଗଳ ଯୁଆଳି—ଦେ. ବି (ସଂ. ଲଙ୍ଗଳ+ଯୁଗକାଷ୍ଠ)—୧ । ଯେଉଁ
Langala juali କାଠର ଦୁଇ ମୁଣ୍ଡରେ ବଳଦ ଯୋଚା
লাঙ্গল জোয়াল ଯାଆନ୍ତି—1. The yoke of a plough.
हलजुआ ୨ । ଲଙ୍ଗଳ ଓ ଯୁଆଳି—2. The plough and the yoke.

ଲଙ୍ଗଳ ଯୋଚ(ଛ)ବା—ଦେ. କ୍ରି (ସଂ. ଲଙ୍ଗଳ+ଯୁଜ ଧାତୁ)—୧ ।
Langala jochi(ti)ba ବିଲକୁ ଚାଷ କରିବାକୁ ଯିବା ପାଇଁ
লাঙ্গল যু(যো)তা ଘରେ ରଖାଯାଇ ଥିବା ଲଙ୍ଗଳ ମୁଣ୍ଡା
हलजोतना ସମେତ ଯୁଆଳିରେ ବଳଦଙ୍କୁ ଲଗାଇବା—1.
[ଲଙ୍ଗଳ ଯୋଚ(ତା)—କ୍ରିୟାବାଚକ ବିଶେଷ୍ୟ] To tie the oxen to the yoke to carry the plough to the field. ୨ । କୃଷି ନ ହେବା ସମୟରେ ଯୁଆଳି ଉପରେ ବନ୍ଧାହୋଇ ଥିବା ଲଙ୍ଗଳ ମୁଣ୍ଡାକୁ ଫିଟାଇ ହଳ କରିବା ପାଇଁ ଲଙ୍ଗଳର ଈଷକୁ ଯୁଆଳିରେ ବାନ୍ଧିବା —2. To tie the plough beam to the yoke for the purpose of ploughing.

ଲଙ୍ଗଳ ଯୋଳି—ଦେ. ବି—ଲଙ୍ଗଳ ମୁଣ୍ଡାର ତଳ ଅଂଶରେ ଖୋଳା
Langala joli ହୋଇଥିବା ଘର ଉପରେ ମରାଯାଇ ଥିବା
ফালের কাঁটা ଦୁଇଅଡ଼େ ଅଙ୍କୁଶଯୁକ୍ତ (⌐¬) ଲୁହାକଣ୍ଟା ।
फालकी कांटी (ଏହି କଣ୍ଟାର ତଳେ ଥିବା ଫାଳ କାଟେ ଲଙ୍ଗଳ ମୁଣ୍ଡାରେ ଫାଳକୁ ରଖିବାକୁ ହୁଏ)—The iron

hooks put over the groove in the plough blade through which the plough iron is thrust.
(ଲଙ୍ଗଳ କୁଲୁକ—ଅନୁରୂପ)

ଲଙ୍ଗଳ ଲୁହା—ଦେ. ବି—ଲଙ୍ଗଳ ପାହଳ ୧ (ଦେଖ)
Laṅgaḷa luhā Laṅgaḷa pāhaḷa 1 (See)
লাঙ্গল লোহা फाल(र)

ଲଙ୍ଗଳ ଶଇଳ—ଦେ. ବି (ସଂ. ଲାଙ୍ଗଳ + ଶଲ୍ୟ)—ଲଙ୍ଗଳଖିଲା
Laṅgaḷa śaiḷa (ଦେଖ)—Laṅgaḷa kiḷā (See)

ଲଙ୍ଗଳ ଶୋଭା—ପ୍ରାଦେ (ସମ୍ବଲପୁର) ବି—ଯୁଆଳି—
Laṅgaḷa śobhā Yoke.

ଲଙ୍ଗଳ ସିଆ(ହା)ର—ଦେ. ବି (ସଂ. ଲଙ୍ଗଳ+ସୀତା)—
Laṅgaḷa siā(hā)ra ଲଙ୍ଗଳଗାର (ଦେଖ)—
Laṅgaḷagāra (See)

ଲଙ୍ଗଳ ସଗ(ଗା)ହେବା—ଦେ. ବି—ଲଙ୍ଗଳର ଦେହରେ ଈଷକୁ
Laṅgaḷa saga(gā)hebā ପୁରାଇ ବିପରୀତ ଦିଗରୁ ପିଠଖିଲା
हल सेब होना ମାରିବା କୌଶଳରେ ଲଙ୍ଗଳର ଫଳିର ଭୂମିରେ
[ଲଙ୍ଗଳ ଭୁଜ (ଜା)ହେବା—ବିପରୀତ) ଗଭୀର ହୋଇ ପଶି ନ ପାରିବା ଅବସ୍ଥା—The state of the beam being so thrust into the plough blade and regu lated with the back pin that the blade will not plough deep. [ଦ୍ର—ଲଙ୍ଗଳ ସଗ(ଗା) ହେଲେ ତଦ୍ୱାରା ବେଶିମାଟି ଚାଷ ହୁଏ ନାହିଁ, କିନ୍ତୁ ଭୁଜା ହେଲେ ବେଶିମାଟି ଚାଷ ହୁଏ ।]

ଲଙ୍ଗଳ ସଜ—ଦେ. ବି (ସଂ. ଲାଙ୍ଗଳ ଓ ସଜ୍ଜା)—ସମସ୍ତ ଅଙ୍ଗ ସମ୍ପନ୍ନ
Laṅgaḷa saja ଲଙ୍ଗଳ; ଲଙ୍ଗଳର ଆବଶ୍ୟକ ସମୁଦାୟ
লাঙ্গল সাজ ଅବୟବ ବା ଉପକରଣ । (ଅର୍ଥାତ ହଳ
हलका सांगह କରିବା ବେଳେ ଯେପରି ଆଉ କିଛି ଲୋଡ଼ା ନ ହେବ)—A complete set of ploughing implements. [ଦ୍ର—ଯୁଆଳି, ମୁଣ୍ଡା, ଫାଳ, କଣ୍ଟି, ଈଷ, ଖଇଲ, ଯୋତ, ଖାଡ଼ିଯୋତ ଇତ୍ୟାଦି; ପ୍ରଧାନତଃ ଲଙ୍ଗଳ ସଜ ତିନୋଟି ଅଂଶରେ ବିଭକ୍ତ ଯଥା—୧ । ତଳରେ ମୁଣ୍ଡା ଓ ଉପରେ କଣ୍ଟିଯୁକ୍ତ ଲଙ୍ଗଳ; ୨ । ଈଷ; ୩ । ଯୁଆଳି । ଲଙ୍ଗଳମୁଣ୍ଡାରେ ଗାଡ଼ ଖୋଳାଯାଇଁ ତହିଁରେ ଲଙ୍ଗଳଲୁହା ପୂରାଯାଏ । ଲଙ୍ଗଳ ପରିଚାଳନାର୍ଥ ଦୁଇଟି ପଶୁ ଓ ଜଣେ ମନୁଷ୍ୟ ଦରକାର । ଏଥିପାଇଁ ପ୍ରହେଳିକା ଅଛି—"ଠକ ଠକ ଠକ ସା, ତିନି ମୁଣ୍ଡ ଦଶ ଗୋଡ଼, ଦେଖି ଆଇଲି ମଉସା"—ହଳ ବୁଲାଉ ଥିବା ମନୁଷ୍ୟ ଓ ବଳଦ ।]

ଲଙ୍ଗଳ ସିରା—(ସ. ସୀତା; ସ. ସୀର=ହଳ)—ଲଙ୍ଗଳଦ୍ୱାରା ଭୂମିରେ
Laṅgaḷa sirā ପଡ଼ିଥିବା ଗାର—Furrow.
লাঙ্গল সীরান हलाइ, सिरारड

ଲଙ୍ଗଳା—ଦେ. ବିଣ. ପୁଂ ଓ ସ୍ତ୍ରୀ—(ସ. ନଗ୍ନ)—୧ । ଯେ ଲୁଗା ପିନ୍ଧି
Laṅgaḷā ନ ଥାଏ; ବିବସ୍ତ୍ର; ନଗ୍ନ; ଯାହାର ଶରୀର ବସ୍ତ୍ରଦ୍ୱାରା
[ଲଙ୍ଗୁଳ, ଲଙ୍ଗଳ—ଅନ୍ୟରୂପ] ଆବୃତ ନ ଥାଏ—1. Naked;
নাঙ্গটা, ন্যাংটা, নাংটা; ন্যাটা লেঙ্গটা unclothed.
नागट, नंगटा, उघाड, नंगा [ଦ୍ର—ଲୁଗା ପିନ୍ଧି ଅଥବା ହେଉ
म. नागडा, नागडा ସେ ଲଙ୍ଗଳା, ତାଠାରେ ଏହା କହି କରିବା ସଙ୍ଗଳା । ବୃନ୍ଦାବ୍ନ. ମହାଭାରତ. ବନ ।] ୨ । ଅଳଙ୍କାରହୀନ ବର୍ଜ୍ଜିତ—2. Having no ornament (ଯଥା—ଲଙ୍ଗଳା ହାତ ।) ୩ । ଆବରଣଶୂନ୍ୟ—3. Un covered. [ଯଥା—ଲଙ୍ଗଳା ଖଣ୍ଡା ।] ୪ । (ଲକ୍ଷଣାର୍ଥ) ନିର୍ଲ୍ଲଜ୍ଜ; ବେଶରମ—4. (figurative) Shameless; indecent. ୫ । (ଲକ୍ଷଣାର୍ଥ) ଯାହାର ସ୍ତ୍ରୀ ପୁତ୍ରାଦି ପୋଷ୍ୟବର୍ଗ କେହି ନ ଥାଏ—(figurative) One who has got no family or dependent. ୬ । (ଲକ୍ଷଣାର୍ଥ) ଯାହାର ଏ ସଂସାରରେ କିଛି ମାୟାବନ୍ଧନ ନାହିଁ—6. (figurative) One who has no worldly attachment. [ଦ୍ର— ଲଙ୍ଗଳାକୁ ଜନପୁରରେ ଭୟ ନାହିଁ । ଢଗ ।]

ଲଙ୍ଗଳା କଟୁରି—ଦେ. ବି—ଯେଉଁ କଟୁରିର ବେଣ୍ଟ ନ ଥାଏ—
Laṅgaḷā kaṭuri A bill-hook having no handle.
যে কাটারীর বাঁট নাই लंगी कटारी

ଲଙ୍ଗଳା କ(କୁ)ଣ୍ଢା(ଣ୍ଢେ)ଇ—ଦେ. ବି—୧ । ନଗ୍ନ ପୁତ୍ତଳିକା—
Laṅgaḷā ka(ku)ṇḍhā(ṇḍhe)i 1. A naked doll.
ন্যাংটা পুতুল नंगा पुतला ୨ । ସୁବସ୍ତ୍ର ଓ ଅଳଙ୍କାର ବର୍ଜ୍ଜିତ ହୋଇ ଯେଉଁ ବ୍ୟକ୍ତି (ବିଶେଷତଃ ସ୍ତ୍ରୀ) ନଗ୍ନ ପୁତ୍ତଳିକା ପରି ଦିଶୁ ଥାଏ—2. A person having no ornaments or sufficient dress on the body.

ଲଙ୍ଗଳା କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଦେହରୁ ବିବାକ୍
Laṅgaḷā karibā ବସ୍ତ୍ର ଓ ଅଳଙ୍କାରମାନ କାଢ଼ି ପକାଇବା—
ন্যাংটা করা नंगा करना 1. To take off all the clothes and ornaments from the body of a person. ୨ । ବିବସ୍ତ୍ର କରିବା—2. To denude or divest a person of his clothes. ୩ । (ଲକ୍ଷଣାର୍ଥ) ସର୍ବସ୍ୱାନ୍ତ କରିବା; ନିଃସ୍ୱ କରିବା—3. To reduce a person to penury.

ଲଙ୍ଗଳା କୌତ୍ସ(ଚ୍ଛ)ସ—ଦେ. ବି.—(ଓ. ଲଙ୍ଗଳା+ସଂ. କୌତ୍ସ)—
Laṅgaḷā kautsa(chchha)sa କୌତ୍ସ ଗୋତ୍ର ସମ୍ଭୂତ ବୈଦିକ ବ୍ରାହ୍ମଣଙ୍କ ଶ୍ରେଣୀ ବିଶେଷ—A sect of high class Brāhmaṇas of Orissa [ଦ୍ର— ପୂର୍ବ କାଳରେ ଏହି ବଂଶରେ ଜଣେ ପଣ୍ଡିତ ଥିଲେ । ଓଡ଼ିଶା ରାଜଦ୍ୱାରରେ ତାଙ୍କର ଖ୍ୟାତି ଓ ପ୍ରତିପତ୍ତି ଥିଲା । ଦିନେ ରାଜା ଦିନେ ହେଲାବେଳେ ପଣ୍ଡିତେ ଦେହରୁ ମୁଣ୍ଡରୁ ଲୁଗା କାଢ଼ି ଯାଚୁ ଶୁଣାଉଥିଲେ । ସେହି ଦିନଠାରୁ ରାଜା ତାଙ୍କର ନାମ "ଲଙ୍ଗଳା କୌତ୍ସ" ରଖିଲେ ବୋଲି କିଂବଦନ୍ତୀ ଅଛି । ବର୍ତ୍ତମାନ ଏହା ବଂଶର ବ୍ରାହ୍ମଣ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ବାସ କରୁଛନ୍ତି ।]

ଲଙ୍ଗଳା ଖଣ୍ଡା—ଦେ. ବି.—[ସଂ. ନଗ୍ନଖଡ୍ଗ]—କୋଷହୀନ ଅନାବୃତ
Langalā khandā ଖଡ୍ଗ—Naked sword; un-
খোলা তলয়ার নংগী তলবার sheathed sword.

ଲଙ୍ଗଳା ଗାଣ୍ଡି—ଦେ. ବି.—(ଅଶ୍ଳୀଳ ଓ ବ୍ୟଙ୍ଗାର୍ଥ)—ବସ୍ତ୍ରହୀନ ଶରୀର
Langalā gāndi (ବିଶେଷତଃ ଦେହର ଅଧୋଭାଗ)—
খোলাপোদ নংগা নাঁগ Naked body.
ଦେ. ବିଣ. ପୁଂ ଓ ସ୍ତ୍ରୀ—(ବ୍ୟଙ୍ଗାର୍ଥ; ଅଶ୍ଳୀଳ)—
୧ । ଯାହାର ଶରୀରର ନିମ୍ନଭାଗ ବସ୍ତ୍ରାବୃତ ନୁହେଁ—
1. Wearing no cloth on the lower body.
୨ । ଲଗ୍ନ ଶରୀର—2. Having the body naked; naked bodied.
[ଲଙ୍ଗଳା ଗାଣ୍ଡିଆ (ପୁଂ)—ଅନ୍ୟ ରୂପ] (ଲଙ୍ଗଳାଗାଣ୍ଡୋଇ—ସ୍ତ୍ରୀ)

ଲଙ୍ଗଳା ପଣ—ଦେ. ବି.—୧ । ନିର୍ଲଜ୍ଜପଣିଆ—1. Shameless-
Langalā pana ness. ୨ । ନଗ୍ନତା—2. Nakedness.
ন্যাংটাপন নংগাপন (ଲଙ୍ଗଳାପଣିଆ—ଅନ୍ୟରୂପ)

ଲଙ୍ଗଳା ମୁକୁଳା—ଦେ. ବିଣ—(ସଂ ନଗ୍ନ ଓ ମୁକ୍ତ)—୧ । ଯେଉଁ
Langalā mukulā ବ୍ୟକ୍ତିର ଦେହରୁ ଲୁଗା ଖସି ପଡ଼ିଥାଏ ଓ ମୁଣ୍ଡରେ କେଶ ଫିଟି ଯାଇ ଥାଏ—1. With dishevelled hair and the body shorn of clothes. ୨ । (ଲକ୍ଷଣାର୍ଥ) ଅସ୍ତବ୍ୟସ୍ତ; ବ୍ୟସ୍ତ ସମସ୍ତ; ଯାହାର 'ବେଶ ବସନ ଅସମ୍ଭାଳ' ହୋଇଥାଏ—2. (figurative) Too much perturbed and consequently unable to arrange one's loosened or disordered dress and dishevelled hair. [ଦ୍ର—ଅତ୍ୟନ୍ତ ବ୍ୟସ୍ତ ବା ବ୍ୟତିବ୍ୟସ୍ତ ହେଲେ ମନୁଷ୍ୟ ଅପଣାର ବେଶଭୂଷା ପ୍ରତି ଦୃଷ୍ଟି ଦେଇ ନ ପାର ବହୁଡ଼ିବା ବେଳେ, ଫିଙ୍ଗିଥିବା ଲୁଗା ଖସି ପଡ଼ୁଥାଏ ଓ ବାଳ ମୁକୁଳା ହୋଇଯାଏ । ସେ ଏପରି ବିବ୍ରତ ହୋଇ ପଡ଼େ ଯେ, ଅସ୍ତ ହୋଇ ଲୁଗାକୁ ସଜାଡ଼ି ପିନ୍ଧିବା ଓ ମୁଣ୍ଡର ବାଳକୁ ସଂଯତ କରି ବାନ୍ଧି ପକାଇବାକୁ ତାକୁ ବେଳ ନ ଥାଏ । ଏପରି ଅବସ୍ଥାକୁ ଲଙ୍ଗଳା ମୁକୁଳା କୁହାଯାଏ । ଯଥା—ରାତରେ ମନୁଷ୍ୟ ଘରେ ଶୋଇ ଥିବା ଅବସ୍ଥାରେ ଯେବେ ତାକ ଶୁଣେ ଯେ,ଘର ପୋଡ଼ିଗଲା, ସେ ଲଙ୍ଗଳା ମୁକୁଳା ହୋଇ ବାହାରକୁ ଦଉଡ଼ି ବାହାରେ । କୌଣସି ବାଘୁଣି ଗୋଟିଏ ମନୁଷ୍ୟକୁ ଆକ୍ରମଣ କରି ଗୋଡ଼ାଇଲେ, ମନୁଷ୍ୟ ପ୍ରାଣଭୟରେ ଶତ୍ରୁମୁଖରୁ ପଳାଇବା ବେଳେ, ତା ଦେହରୁ ଖସି ପଡ଼ୁଥିବା ଲୁଗାକୁ ଓ ମୁକୁଳା ହୋଇ ଥିବା ବାଳକୁ ବାନ୍ଧିବାକୁ ତାକୁ ତର ନ ଥାଏ; ସେହି ଅବସ୍ଥାକୁ ଲଙ୍ଗଳା ମୁକୁଳା ଅବସ୍ଥା ବୋଲାଯାଏ ।]

ଲଙ୍ଗା—ଦେ. ବି ଓ ବିଣ—ଲଙ୍ଘା (ଦେଖ)
Langā Langhā (See)

ଲଙ୍ଗିଚୁଡ୍—ବୈଦେ. ବି (ଇଂ)—(ଭୂଗୋଳ ଓ ଜ୍ୟୋତିଷ ପରିଭାଷା)—
Langichud ଦ୍ରାଘିମାଂଶ ପୃଥିବୀଗୋଳକରେ କୌଣସି
লংগিচুড় লংগিচ্যুড ଦେଶର ଅବସ୍ଥିତି ନିର୍ଣ୍ଣୟାର୍ଥ କଳ୍ପିତ କେନ୍ଦ୍ର
ଦ୍ୟପର୍ଯ୍ୟନ୍ତ—ଲଟ୍ଟରୁତ୍) (ଯଥା—ଗ୍ରୀନ୍‌ଉଇଚ୍, ଲଙ୍କା, ଉଜ୍ଜୟିନୀ)
ଠାରୁ ପୂର୍ବ ବା ପଶ୍ଚିମଦିଗର ଦୂରତ୍ୱଜ୍ଞାପକ ରେଖା—
Longitude. [ଦ୍ର—ଏହା ଡଗ୍ରୀ, ମିନିଟ୍ ଓ ସେକେଣ୍ଡଦ୍ୱାରା ଲେଖାଯାଏ । ଯଥା—କଲ୍‌କତାର ସହରର ଲଙ୍ଗିଚୁଡ୍ ୮୪ ଡଗ୍ରୀ ପଶ୍ଚିମ । କଲ୍‌କତା ସହର ଦେଇ ଯାଇଥିବା ଦ୍ରାଘିମା ରେଖା ଓ ଗ୍ରୀନ୍‌ଉଇଚ୍ କେନ୍ଦ୍ର ଭେଦକରି ଯାଇଥିବା ଦ୍ରାଘିମା ରେଖା ମଧ୍ୟରେ ୮୪ ଡଗ୍ରୀ ବ୍ୟବଧାନ ଅଛି ଓ କଲ୍‌କତା ଗ୍ରୀନ୍‌ଉଇଚ୍‌ର ପଶ୍ଚିମରେ ଅବସ୍ଥିତ ।]

ଲଙ୍ଗୁଟି—ଦେ. ବି—ଲଙ୍ଗୋଟା (ଦେଖ)
Languti Langotā (See)

ଲଙ୍ଗୁଟିଆ—ଦେ. ବିଣ—ଲଙ୍ଗୋଟିଆ (ଦେଖ)
Langutiā Longotiā (See)

ଲଙ୍ଗୁଳ—ସଂ. ବି (ଲଙ୍ଗ୍ ଧାତୁ=ଗମନକରିବା+କର୍ତ୍ତୃ. ଲ)—ଲାଙ୍ଗୁଳ
Langula ଲାଙ୍ଗୁଡ଼; ପୁଚ୍ଛ; ଲାଞ୍ଜ—Tail.

ଲଙ୍ଗୁଳି—ଦେ. ବିଣ—ଲଙ୍ଗଳା (ଦେଖ)
Languli Langalā (See)

ଲଙ୍ଗୁଳିଆ—ଦେ. ବିଣ—ଲଙ୍ଗଳା (ଦେଖ)
Languliā Langalā (See)

ଲଙ୍ଗୁଳି ବଇଷମ—ଦେ. ବି—୧ । ନଗ୍ନ ବୈରାଗୀ; ଯେଉଁ ବୈରାଗୀ
Languli baishama ବସ୍ତ୍ର ପିନ୍ଧନ୍ତି ନାହିଁ; ନାଗା
(ଲଙ୍ଗୁଳ ବାବାଜି—ଅନ୍ୟରୂପ) (ବୈଷ୍ଣବସମ୍ପ୍ରଦାୟବିଶେଷ)—
ন্যাংটাবাবাজী নংগাবাবাজী 1. A naked ascetic; a class of ascetics who go about stark naked. [ଦ୍ର—ଏ ସମ୍ପ୍ରଦାୟର ବୈରାଗୀମାନେ ଦେହରେ କୌଣସି ବସ୍ତ୍ର ବ୍ୟବହାର କରନ୍ତି ନାହିଁ ।]
୨ । ନଗ୍ନ ସନ୍ନ୍ୟାସୀ; ଲଙ୍ଗଳା ବୌଦ୍ଧ ଯତି—
2. A stark naked Buddhist monk.

ଲଙ୍ଗୁଳୀ—ଦେ. ବିଣ. ସ୍ତ୍ରୀ—୧ । ଲଙ୍ଗଳାର ସ୍ତ୍ରୀଲିଙ୍ଗ—1. Feminine
Languli of Langalā. ପୁଂ ଓ ସ୍ତ୍ରୀ—୨ । ନଗ୍ନ—
ন্যাংটী নং(গ)গী 2. Naked. (ଯଥା—ଲଙ୍ଗୁଳୀ
নং(গ)গা ବଇଷମ ।) ଦେ. ବି. ପୁଂ ଓ ସ୍ତ୍ରୀ—ନଗ୍ନବ୍ୟକ୍ତି—
ন্যাংটা A stark naked person.

ଲଙ୍ଗୋଟା(ଟି)—ବୈଦେ. ବି (ହିନ୍ଦିରୁ ଅନୁକୃତ) (ସଂ. ଲିଙ୍ଗ+
Langotā(ti) ଓଷ୍ଠ)—ଲେଙ୍ଗୁଟି; କୌପୀନ—A strip of
নেংটি কপনী নেংটি, লেঙ্গটি rag tucked down the
লংগোটা(টী), লংগোট privities by means of a waist-chain or cord passed round the waist. [ଦ୍ର—ଏହା ମଲ୍ଲ ଓ ବାବାଜୀମାନେ ବ୍ୟବହାର କରନ୍ତି । ସାଧାରଣତଃ ଲଙ୍ଗୋଟା ଓ କୌପୀନ ଏକ ଅର୍ଥରେ ବ୍ୟବହୃତ ହୁଏ । କିନ୍ତୁ ଲଙ୍ଗୋଟା ଓ କୌପୀନ ମଧ୍ୟରେ କିଛି ପ୍ରଭେଦ ଅଛି । କୌପୀନ ୧୨ ହାତ ବା ୨ ହାତ ଲମ୍ବ ଓ ୬ ଅଙ୍ଗୁଳ ବା ୮ ଅଙ୍ଗୁଳ ଓସାରର ଖଣ୍ଡେ ଲୁଗା । ପ୍ରଥମେ ଅଣ୍ଟାରେ ଖଣ୍ଡେ ଡୋରି ଗୁଡ଼ାଇକରି

ହୋଇଯାଏ । ସେହି ଡୋରରେ କୌପୁନର ଗୋଟିଏ ମୁଣ୍ଡକୁ ନାଭିପାଖରେ ଖୋସି ଗୁହ୍ୟଦ୍ଵାରବାଟେ ବୁଲାଇଅଣି, ପିଠି-ପାଖେ ଉକ୍ତ ଡୋରରେ କୌପୁନର ଅନ୍ୟ ମୁଣ୍ଡକୁ ଖୋଷିବାକୁ ହୁଏ । ଏହାକୁ କୌପୁନ ବୋଲାଯାଏ ।

କିନ୍ତୁ ଲେଙ୍ଗୁଟ ତ୍ରିଭୁଜାକାର ଖଣ୍ଡିଏ କନା ଓ ଏହାର କୌପୁନ ଆକାରରେ ଖଣ୍ଡିଏ ଲାଞ୍ଜ ଥାଏ । ଉକ୍ତ ତ୍ରିଭୁଜାକାର କନାକୁ ଅଣ୍ଟାରେ ଗୁଡ଼ାଇ ବାନ୍ଧିବାକୁ ହୁଏ । ଏହା ଦ୍ଵାରା ଲାଞ୍ଜଟି ଗୁହ୍ୟଦ୍ଵାର ପଛରେ ଓହୋଳିଥାଏ । ତହିଁରେ ସେହି ଲାଞ୍ଜଟିକୁ ପଛଅଡ଼ୁ ଗୁହ୍ୟଦ୍ଵାରବାଟେ ବୁଲାଇଅଣି, ନାଭିପାଟେ ଖୋସିବାକୁ ହୁଏ, ଏହାକୁ ଲଙ୍ଗୋଠା ବା ଲେଙ୍ଗୁଟି ବୋଲାଯାଏ ।

କୌପୁନକୁ ନାଭିପାଖରୁ ପଛଅଡ଼କୁ ଅଣି ପଛଅଡ଼େ ଖୋସିବାକୁ ହୁଏ । ଲଙ୍ଗୋଠାକୁ ପଛଅଡ଼ୁ ଅଣି ଆଗଅଡ଼େ ନାଭି ପାଖେ ଖୋସିବାକୁ ହୁଏ । ବାବାଜି-ମାନେ କୌପୁନ ମାରନ୍ତି ଓ ମଲ୍ଲମାନେ ଲଙ୍ଗୋଠା ବା ଲେଙ୍ଗୁଟ ମାରନ୍ତି ।]

ଲଙ୍ଗୋଠା(ଟି) ଚଢ଼ା(ଢେ଼)ଇବା—ଦେ. କ୍ରି—କୌପୁନ ପିନ୍ଧିବା—
Laṅgoṭā(ṭi) chaṛhā(ṛhe)ibā To wear a strip
(ଲଙ୍ଗୋଠା(ଟ)ମାରିବା—ଅନ୍ୟରୂପ) of rag tucked
কপনীমারা, নেংটীমারা লংগোট(টা, টি)চঢ়ানা down along the privities.

ଲଙ୍ଗୋଟିଆ—ଦେ. ବଣ. ପୁଂ—୧ । ଯେଉଁ ବ୍ୟକ୍ତି ଲେଙ୍ଗୁଟ ମାରିଥାଏ—
Laṅgoṭiā 1. Wearing a strip of rag along
নেংটিমারা লংগোটিয়া the privities. ୨ । ଗୃହଶୂନ୍ୟ ଓ ବୈରାଗ୍ୟାବଲମ୍ବୀ (ବ୍ୟକ୍ତି)—2. (a person) Who is homeless and has renounced the world.

ଲଙ୍ଘ (ଧାତୁ)—ସଂ—୧ । ଉପବାସ କରିବା—1. To fast.
Laṅgh (root) ୨ । ଲମ୍ଫ ଦେବା; ଡେଇଁବା—
(ଲଂଘ, ଲଙ୍ଘ୍ ଧାତୁ—ଅନ୍ୟରୂପ) 2. To spring up; to jump. ୩ । (ସମୟ) ଅତିବାହିତ କରିବା—3. To pass (time). ୪। (ସ୍ଥାନ) ଅତିକ୍ରମ କରିବା—4. To pass over (place). ୫ । ସୀମା ଟପିବା 5. To go beyond the bounds of; to transgress.

ଲଙ୍ଘକ——ସ. ବଣ. ପୁଂ (ଲଙ୍ଘ ଧାତୁ+କର୍ତ୍ତୃ. ଅକ)—ଯେ ଲଙ୍ଘନ
Langhaka କରେ (ଲଙ୍ଘନର ଭିନ୍ନ ଭିନ୍ନ ଅର୍ଥ ଦେଖ)—
(ଲଙ୍ଘିକା—ସ୍ତ୍ରୀ) One who does Laghana (See)

ଲଙ୍ଘନ—ସ. ବି. (ଲଙ୍ଘ୍ ଧାତୁ—ଉପବାସ କରିବା ଇତ୍ୟାଦି+ଭାବ. ଅନ)
Langhana —୧ । ଉପବାସ: ଭୋଜନରୁ ବିରତି; ଓପାସ—
(ଲଂଘନ—ଅନ୍ୟରୂପ) 1. Fasting; abstention from food. [ଉ—ଲଙ୍ଘନ ଏକାଦଶୀ ଦିନେ । ଭୂପତି. ପ୍ରେମ ପଞ୍ଚାମୃତ ।) ୨ । ଅତିବାହନ—2. Passing over. ୩ । ସମୟ ଅତିକ୍ରମଣ—3. Exceeding the time limit. ୪ । ଲମ୍ଫନ; ଡେଇଁ ପଡ଼ିବା—4. Bounding or jumping over; overleaping. ୫ । ସୀମା ଅତିକ୍ରମଣ—5. Overstepping the bounds. ୬ । ଆକ୍ରମଣ—6. Attack. ୭ । ଦଂଶନ—7. Biting. ୮ । ଅଶ୍ଵର ଅତି ଦ୍ରୁତ ଗତି ବିଶେଷ—8. A sort of motion of a horse. ୯ । ଘୋଡ଼ାର ଲମ୍ଫା ଗତି—9. The gallop of a horse ୧୦। (+କରଣ. ଅନ) ଯେଉଁ ଉପାୟରେ କୌଣସି କାର୍ଯ୍ୟର ଲାଘବ ବା ସୁବିଧା ହୁଏ (ହି. ଶବ୍ଦସାଗର)—10. Means for making a work easier or more convenient. ୧୧ । (ନଦୀଆଦି) ପାର ହେବା 11. Crossing.

ଲଙ୍ଘନକ—ସ. ବଣ. (ଲଙ୍ଘନ+କ)—ଯାହା ଦ୍ଵାରା ଲଙ୍ଘନ କରାଯାଏ;
Langhanaka (ହି. ଶ)—Used as a means for going across or crossing. ସ. ବି—ସେତୁ ପୋଲ (ହି. ଶ)—Bridge.

ଲଙ୍ଘନ କରିବା—ଦେ. କ୍ରି—(ସଂ. ଲଙ୍ଘନ)—୧ । ଉପବାସ କରିବା
Laṅghana karibā କିଛି ନ ଖାଇବା—1. To observe
লঙ্ঘন করা লঙ্ঘন করনা fast; to abstain from food ୨ । ଅତିକ୍ରମ କରିବା—2. To pass over

ଲଙ୍ଘନ ଦେବା—ଦେ. କ୍ରି—ଜ୍ଵର ଆଦି ରୋଗର ଆରମ୍ଭରେ କିଛିକାଳ
Laṅghana debā କାଳ ଉପବାସ କରିବା—To abstain
লঙ্ঘন দেওয়া লঙ্ঘন করনা(দেনা) from food (during an illness.)

ଲଙ୍ଘନୀୟ—ସ. ବଣ (ଲଙ୍ଘ୍ ଧାତୁ+କର୍ମ ଅନୀୟ)—ଅତିକ୍ରମଣୀୟ
Laṅghaniya —Capable of being transgressed or exceede.

ଲଙ୍ଘନେଚ୍ଛା—ସ. ବି (୬ଷ୍ଠୀ ତତ୍)—ଲଙ୍ଘନ କରିବାର ଇଚ୍ଛା—
Laṅghanechchhā Intention to transgress.
(ଲଙ୍ଘନେଚ୍ଛୁ—ବଣ)

ଲଙ୍ଘା—ଦେ. ବଣ (ସ. ନଗ୍ନ)—୧ । ଖୋଳରୁ ମୁକ୍ତ (ଖଡ୍ଗାଦି);
Laṅghā ଉନ୍ମୁକ୍ତ—1. Naked; unsheathed
খোলা (sword etc); drawn; open. [ଉ—
নংগা ହାତରେ ଧକା ଧକା ଲଙ୍ଘା ତରବାରି । ଫକୀରମୋହନ
লম্বা ଗଳ୍ପସ୍ଵଳ୍ପ ।] ୨ । (ସ. ଲମ୍ବ)—ଦଣ୍ଡବତ୍ ଲମ୍ବୀଭୂତ—
লংবা 2. Straightened. (ଯଥା—ତତେ ମାଡ଼ମାରି
দুর্বল ଭୂଇଁରେ ଲଙ୍ଘା କରି ଶୁଆଇ ଦେବି ।) ୩ । (ସ
দুবলা ଲଙ୍ଘନ) ବହୁକାଳ ଉପବାସ ଯୋଗୁଁ ଶୀର୍ଣ୍ଣ; ହାଲିଆ—
খাড়া উপবাস 3. Reduced or weakened through
উপাসী long fasting. (ଯଥା—ମୁଁ ତିନିଦିନ ଉପବାସରେ ଲଙ୍ଘା ହୋଇ ଗଲିଣି ।) ୪ । ଉପବାସୀ—4. Fasting. ଦେ. ବି—୧ । ନଙ୍ଗା (ଦେଖ)—

ফ্রক 1. Nanghā (See) ୨ । ସ୍ତ୍ରୀମାନଙ୍କର ବେକଠାରୁ ଗୋଡ଼ ପର୍ଯ୍ୟନ୍ତ ଲମ୍ବିଥିବା କୁରୁତା; ଫ୍ରକ୍—
फराक 2. Frock, woman's gown.

ଲଙ୍ଘା(ଙ୍ଘେ)ଇବା—ଦେ. କି (ସଂ. ଲଂଘ୍ ଧାତୁ)—୧ । ଲଙ୍ଘିବା
Langhā(nghe)ibā (ଦେଖ)—1. Langhibā (See)
লংঘান ୨ । ଲଙ୍ଘିବା କ୍ରିୟାର ଣିଜନ୍ତରୂପ; ଅନ୍ୟ ଦ୍ୱାରା
लंघवाना ଲଙ୍ଘନ କ୍ରିୟା କରାଇବା—2. To cause another to jump, transgress, pass over etc.
(ଉ—ଲଙ୍ଘାଏ ଦୁର୍ଗ ଜୋଡ଼େ ଜଗାବଳ । ଜଗନ୍ନାଥ ଦାସ ବୃଗୀତ ।)

ଲଙ୍ଘା ଉପବାସ—ଦେ. ବ—ସଂପୂର୍ଣ୍ଣ ଉପବାସ; ନିର୍ଜଳ ଉପବାସ—
Langhā upabāsa A rigorous fast)
(ଲଙ୍ଘା ଉପାସ—ଅନ୍ୟରୂପ) খাড ়উপবস नंघा उपवास

ଲଙ୍ଘା ଉ(ଓ)ରା—ଦେ. ବ—ପାଞ୍ଚ ଖେଣିଆ ଘର ଘରର ସବୁ ତଳ ଉରା-
Langhā u(o)rā The lowest long cross beam
घरन of a thatched house having five roof-plates.

ଲଙ୍ଘା ଖଣ୍ଡା—ଦେ. ବ—ଉନ୍ମୁକ୍ତ ଅସି; ଖୋଳରୁ ବାହାର କରାଯାଇ
Langhā khandā ଥିବା ଖଡ଼ଗ; ଅନାବୃତ ଖଡ଼ଗ—
খোলা তর(রো)য়ার Unsheathed or naked sword;
नङ्गी तलवार a drawn sword.
[ଲଙ୍ଗା ତରୁ(ଲୁ)ଆର(ରି), ଲଙ୍ଗା ତରବାର—ଅନ୍ୟରୂପ]

ଲଙ୍ଘାଘୋଡ଼ା ପାଇଛା—ଦେ. ବ—୧ ଉନ୍ମୁକ୍ତ ଅସିଧାରୀ ଅଶ୍ୱାରୋହୀ ଶାର
Langhāghordā pāichhā ପୁରୁଷ—1. A rider
ঘোড়ায় চড়ে আসা holding a drawn sword. ୨ ।
घोडेपर चढेहुए आदमी (ଲକ୍ଷଣାର୍ଥ) ଯେଉଁ ବ୍ୟକ୍ତିର କେହି ଗଲଗ୍ରହ ନାହିଁ ଓ ଯେ ସର୍ବଦା ଯେ କୌଣସି କର୍ମ କରିବାକୁ ସ୍ୱାଧୀନ ଓ ପ୍ରସ୍ତୁତ—2. (figurative) A person who is not burdened with encumbrances and who is always ready for action. ୩ । (ଲକ୍ଷଣାର୍ଥ) ଏକାକୀ ଓ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରିବାକୁ ସ୍ୱାଧୀନ ବ୍ୟକ୍ତି—3. (figurative) A person who is his own master. ୪ । (ଲକ୍ଷଣାର୍ଥ) ଯେଉଁ ପଥିକ ବା ବ୍ୟକ୍ତିଙ୍କ ସଙ୍ଗେ ଚାକର, ଅନୁଚର ବା ସ୍ତ୍ରୀ, ପରିବାର ବା ସଙ୍ଗୀ ବା ଜିନିଷପତ୍ର ଆଦି କିଛି ନ ଥିବାରୁ ସେ ନିଜ ଇଚ୍ଛାମତେ ବିଚରଣ କରିବାକୁ ସମର୍ଥ—4. (figurative) A traveller or person who is free to travel, having no encumbrances or retinue or dependant or companion or luggage.

ଲଙ୍ଘା ପାଇକ—ଦେ. ବ—ଉନ୍ମୁକ୍ତ ଅସିଧାରୀ ପଦାତିକ ଯୋଦ୍ଧା—
Langhā pāika A foot soldier with a drawn
তরোয়ারিধরা পাইক नङ्गीतलवारवाला सैनिक sword.

ଲଙ୍ଘା ମାରିବା—ଦେ. କି—ସମକୋଣରେ ମିଳିତ ଦୁଇ ଘରର ଲଂଘାକୁ
Langhā māribā ବା ସନ୍ଧିକୁ ଘାସ ଆଦି ଦ୍ୱାରା ଉତ୍ତମରୂପେ ଭୁଞ୍ଜିଣି
मथौड मारना ଦେବା (ଯେପରିକି, ଘରର ସେହି ସନ୍ଧି ଜାଗାରେ ବର୍ଷାପାଣି ଚଳି ରହିବ ନାହିଁ କିମ୍ବା ତଳକୁ ଗଳିବ ନାହିଁ)—
To stuff with straw the langhā or concave angle of a right angled thatch (so that it will not leak).

ଲଙ୍ଘା ହତିଆର—ଦେ. ବ—କୋଷରୁ ଉନ୍ମୁକ୍ତ ଅସ୍ତ୍ର—
Langhā hatiāra An unsheathed or naked
খোলা হাতিআর नंगाहथियार weapon.

ଲଙ୍ଘିତ—ସଂ. ବିଣ—(ଲଙ୍ଘ ଧାତୁ=ଅତିକ୍ରମ କରିବା ଇତ୍ୟାଦି+
Langhita କର୍ମ. ତ)—ଅତିକ୍ରାନ୍ତ—Transgressed; crossed.

ଲଙ୍ଘିବା—ଦେ. (ପଦ୍ୟ) କି (ସଂ. ଲଙ୍ଘ. ଧାତୁ)—୧ । ଲଂଘନ କରିବା;
Langhibā ଅତିକ୍ରମ କରିବା—1. To pass over. [ଉ—
লংঘা ବିଧାତା ଯେଉଁ ମାର୍ଗ ବିଧାନ କରୁଛି, ତାହା ଲଙ୍ଘିବାକୁ ଶକତି
नां[लां]घना କାର ଅଛି । କୃଷ୍ଣସିଂ. ମହାଭାରତ. ଆଦି ।] ୨ । ଉପର ବାଟେ ଡେଇଁଯିବା—2. To leap over; to jump over. ୩ । (ସମୟର ସୀମା) ଅତିବାହିତ କରିବା—3. To exceed the time limit. ୪ ସୀମା ଟପିବା—4. To exceed or transgress limits. ୫ । (ଆଦେଶ ବା ନିୟମ) ପାଳନ ନ କରିବା ବା ଭଙ୍ଗ କରିବା—5. To infringe any rule or order. ୬ । ପାର ହେବା—6. To cross. ୭ । ଆଦେଶ ବା ଅଜ୍ଞା ଲଙ୍ଘନ କରିବା—7. To disobey an order. [ଉ—ଦୋଷ ମୁଁ କରଅଛୁ ଲଂଘିଲି ଯେବେ କିଛୁ, ତୋତେ ପଣ୍ଡିତା ଅଛଗାରଇ ରେ । ଜଗନ୍ନାଥ. ବୃଗୀତ ।] ୮ । ଉପବାସ କରିବା—8. To fast. ୯ । ବେଖାତିର କରିବା; ଅବଜ୍ଞା କରିବା—9. To disregard. [ଉ—ଲଂଘୁ ଥାନ୍ତି ତାହାଙ୍କୁ ପରିହରି ଦେଇ । କୃଷ୍ଣସିଂହ. ମହାଭାରତ. ବନ ।] ୧୦ । ଦଂଶନ କରିବା—10. To bite. ୧୧ । କଥା ନ ମାନିବା 11. Not to act according to one's express desire. (ଉ—ଦୁର୍ଯ୍ୟୋଧନ ବଚନରେ ଲଙ୍ଘିଲ ଯା ତୁମ୍ଭଙ୍କ ତହିଁର ଫଳ ବହି ଗଲେ ଅମ୍ଭକୁ । କୃଷ୍ଣସିଂହ. ମହାଭାରତ. ବନ ।] ୧୨ । ଆକ୍ରମଣ କରିବା—12. To attack. ୧୩ । ହଇରାଣ କରିବା—13. To put one to trouble. (ଉ—ଲଙ୍ଘି ଅଙ୍ଗରେ ଥିବା ଭୂଷଣିକୁ, ଲକ୍ଷ ଅଛ କେତେ ଦେଲେହେଁ ବିକୁ । ଜଗନ୍ନାଥ. କଣ୍ଠୋଚ୍ଚ- ଶମ୍ଭୁ ଲ ଗୀତ ।]

ଲଚ୍‌କା(କେ)ଇବା—ଦେ, କି—ନଚକାଇବା—
Lach-kā(ke)ibā Nachakāibā. (See)
নাচান लचकाना

ଲଚକିବା—ଦେ. କି—ନଚକିବା (ଦେଖ)
Lachkibā Nachakibā (See)
নাচা लचकना

ଲଚ୍‌ଲଚ୍—ଦେ. ଅ—ନଚନଚ (ଦେଖ)
Lach-lach   Nachanacha (See)
लकलक   लचलच

ଲଛ (ଧାତୁ)—ସଂ—ଲକ୍ଷ୍ୟ କରିବା; ଦେଖିବା—
Lachh (root)   To mark; to see)

ଲଛମନ୍—ଦେ. ବି. ପୁଂ (ଲକ୍ଷ୍ମଣ; ଲକ୍ଷ୍ମଣ ଶବ୍ଦର ହିନ୍ଦୀ ଉଚ୍ଚାରଣ)—
Lachh-man ୧ । ଲକ୍ଷ୍ମଣ; ଶ୍ରୀରାମଚନ୍ଦ୍ରଙ୍କ କନିଷ୍ଠ ଭ୍ରାତା—
लछमन   1. Lakshmana, a younger brother of
लक्ष्मन   Rāmachandra. ୨ । ଲୋକଙ୍କୁ ଡାକିବା ନାମ—
2. A name given to males. [ଦ୍ର—ଏ ନାମ ପଶ୍ଚିମା, ମାରବାଡ଼ୀ ଓ ରାଜପୁତ ଅଧିକ ମଧ୍ୟରେ ଦେଖି ଯାଏ ।]

ଲଛମନ୍ ଝୁ(ଝୋ)ଲା—ଦେ. ବି—ହରିଦ୍ୱାରଠାରୁ ବଦରିକାଶ୍ରମକୁ ଯିବା
Lachh-man jhu(jho)lā ପଥରେ ଗଙ୍ଗା ନଦୀ ଉପରେ ଥିବା
लछमन झोला   ଶିକୁଳିର ଦୋଳାୟମାନ ପୋଲ—The
लक्षमन झूला chain bridge on the Ganges between Hardwar and Badrinath.
[ଦ୍ର—ଲକ୍ଷ୍ମଣଜୀଙ୍କ ନାମାନୁସାରେ ଝୋଲାର ନାମ ଲଛମନ ଝୋଲା ହୋଇଅଛି । (ମଦନମୋହନ ତୀର୍ଥ ଦର୍ଶନ)
ଏଠାରେ ଗଙ୍ଗା ନଦୀର ଶଯ୍ୟା ଅତି ଗଭୀର ଓ ଏଠାରେ ଗଙ୍ଗାକୁ ପାର ହେବା ପାଇଁ ପୂର୍ବେ ଲୌହ ଶୃଙ୍ଖଳର ସେଉଁ ପୋଲ ଥିଲା, ତହିଁରେ ଯାତ୍ରୀମାନେ ଗୋଟିଏ ଶିକୁଳିକୁ ଧରି ଧରି ଆଉ ଗୋଟିଏ ଶିକୁଳି ଉପରେ ପାଦ ଦେଇ ଅତି ସାବଧାନ ହୋଇ ଗଙ୍ଗାକୁ ପାର ହେଉଥିଲେ । ପାଦ ତଳେ କେତେ ଶତ ହସ୍ତ ଗଭୀର ନଦୀ ଶଯ୍ୟା, ମୁଣ୍ଡ ଉପରେ କେତେ ଶତ ହସ୍ତ ଉଚ୍ଚ ପର୍ବତମାଳା; ସେହି ଶିକୁଳି ଉପରେ ଚାଲି ଗଙ୍ଗାକୁ ପାର ହେବା ସମୟରେ ଗୋଡ଼ତଳକୁ ଚାହିଁଲେ ଗଭୀର ନଦୀଶଯ୍ୟା । ତାହାକୁ ଦେଖିଲାକ୍ଷଣି ମଥା ଘୂରିବ ଓ ସେହି ଭ୍ରମରେ ଯାତ୍ରୀର ଗୋଡ଼ ଖସିଯିବ, ଏହି ଆଶଙ୍କାରେ ଯାତ୍ରୀମାନେ ତଳ ଆଡ଼କୁ ନ ଚାହିଁ, ଭଗବାନଙ୍କ ନାମ ସ୍ମରଣ କରି ସେ ପୋଲକୁ ପାର ହେଉଥିଲେ । ବର୍ତ୍ତମାନ ଇଂରାଜ ଗଭର୍ଣ୍ଣମେଣ୍ଟ ସେଠାରେ ଗୋଟିଏ ସୁଗମ୍ୟ ଝୁଲା ପୋଲ ପ୍ରସ୍ତୁତ କରି ଦେଇ ଅଛନ୍ତି ।]

ଲଛମନ ଭୋଜି—ଗ୍ରାଦେ· (ଗଞ୍ଜାମ) ବି—ଗ୍ରାମର ଭୋଜି ବିଶେଷ--
Lachh-man bhoji Name of a picnic of villagers.

ଲଛମନିଆ—ଦେ. ବି—୧ । ଲଛମନ୍ ନାମକ ବ୍ୟକ୍ତିର ଡାକ ନାମ—
Lachhamaniā 1. Name for calling Lachh-man.
ଲଛି, ଲଛି, ଲଛିଆ } ଅନ୍ୟରୂପ
ଲଛୁ, ଲଛୁଆ }
୨ । (ସ. ଲଶୁନୀୟ) ବଡ଼ାଲାକ୍ଷି ରତ୍ନ; ରତ୍ନ ବିଶେଷ—2. The
लछमनिया   लछमनिया   cat's eye (gem).

ଲଛମା(ମୀ)—ଦେ. ବି. (ସ. ଲକ୍ଷ୍ମୀର ହିନ୍ଦୁସ୍ତାନୀ ଉଚ୍ଚାରଣ)—
Lachhamā(mi) ୧। ସ୍ୱର୍ଗୀୟ ଫକୀରମୋହନଙ୍କ କୃତ ଉପନ୍ୟାସ
[ଲଛମା(ମୀ)—ଅନ୍ୟରୂପ] ବିଶେଷ—1. The title of a
लछमी   novel by Phakiramohana and name of
लछमी   its heroine. ୨ । ସ୍ତ୍ରୀମାନଙ୍କୁ ଡାକିବା ନାମ—
2. A name given to females.

ଲଛମୀ ନାରାୟଣ—ଦେ. ବି ପୁଂ (ସ. ଲକ୍ଷ୍ମୀ ନାରାୟଣର ହିନ୍ଦୁସ୍ତାନୀ
Lachhamī nārāyaṇa   ଉଚ୍ଚାରଣ)—ପଶ୍ଚିମାଙ୍କ ନାମ—
लछमी नारायण   Name given to upcountry males.
लछमी नारायण

ଲଛା—ଦେ. ବି. (ସ. ଲକ୍ଷ)—୧ । ତୁଳନା; ଉପମା—1. Comparison.
Lachhā   ୨। ସାଦୃଶ୍ୟ—2. Similarity. ୩ ।
तुलना   ନମୁନା; ନକ୍ସା—3. Sample. ୪ । ଲଛିବା; କଳଦ
लच्छ   ଆଦିଙ୍କ ଦେହରେ ତପ୍ତ ଲୌହ ଶଳାକା ଦ୍ୱାରା ଦାଗ
नमूना निशान, दागनी ଦେବା—4. Searing the bodies
दागी लच्छा   of cattle with hot iron. ୫ । ବନ୍ଧୁକ
बंधुक मारा   ମାରିବା—5. Shooting. ୬ । ବନ୍ଧୁକ ଦ୍ୱାରା ଲକ୍ଷ୍ୟ
दागना   କରିବା—6. Aiming with a gun at a
लक्ष करा   target. ୭ । (ପାନବରଜ ଭାଷା) ପାନକୁ ବିକ୍ରୟ ପାଇଁ
गोछा लच्छा   ସଜାଡ଼ି ରଖିବା କ୍ରିୟା—7. Sorting of betel leaves for sale. ୮। (ସ. ଗୁଚ୍ଛ) ସୂତା ଆଦିର ବଡ଼ା-
8. Bundle (of thread). ୯ । ଦୁଧ ଉପରେ ପଡ଼ିବା ସର—9. Cream. ଗ୍ରାଦେ· (ଗଞ୍ଜାମ) ବି—
ମେଷ (ବୈଶାଖ) ସଂକ୍ରାନ୍ତି ଦିନ ଶିଶୁମାନଙ୍କ ପେଟରେ ଚିହ୍ନ ଦେବା—Cauterising the belly of children on the 1st day of Baisākha. [ଦ୍ର—ଚଡ଼ୁ କାଠିକୁ ନିଆଁରେ ପୋଡ଼ି ଶିଶୁମାନଙ୍କ ପେଟରେ ଲଛି ଦେଲେ (ଚଡ଼ୁ ଦେଲେ) ପେଟରେ ପିତ୍ତ ଦୋଷ ଓ ନାଡ଼ୀ ଦୋଷ ଦେଖାଯାଏ ନାହିଁ । ଦୈନିକ ଆଶା—
मतन   ୨୭।୪।୩୪] ଦେ. ବିଣ—ସଦୃଶ—Similar.
बराबर   (ପଥା—ଏ ଆମ୍ବ ଲଛି ଆମ୍ବ ବଜାରରେ ମିଳନ୍ତି ନାହିଁ ।)
ଗ୍ରାଦେ. (ଗଞ୍ଜାମ) ବିଣ—ମେଷ ସଂକ୍ରାନ୍ତି ଦିନ ପେଟରେ ଚଡ଼ୁ ଦିଆ ଯାଇଥିବା (ଶିଶୁ)—Cauterized (child) on the first day of the month of Mesha.
(ଉ—ଲଛା ପିଲା କଥା—ଚଗ)

ଲଛା(ଛେ)ଇବା—ଦେ. କ୍ରି—୧ । (ଲଛିବା କ୍ରିୟାର ଣିଜନ୍ତ ରୂପ) ଅନ୍ୟ
Lachhā(chhe)ibā   ଦ୍ୱାରା ଲଛିବା କର୍ମ କରାଇବା—1. To
तुलना करान   cause to be compared. ୨ । ଲଛିବା-
लक्ष कराना   କ୍ରିୟାର ଣିଜନ୍ତ ରୂପ; ଲଛିବା (ଦେଖ)
दागान दगवाना   2. Causative of Lāchhibā (See)

ଲଛା ଲଛି—ଦେ. ବି. (ବହୁବଚନ ବ ବହୁ କ୍ରିୟା ସୂଚକ)—
Lachhā lachhi   ୧ । ଲଛିବା କ୍ରିୟା (ଦେଖ)—
तुलना लक्षालक्षी   1. The act of Laohhibā (See)
दागादागि   ୨ । ଲଛିବା କ୍ରିୟା (ଦେଖ)—2 The act of
दागादागी   Lāchhibā (See)

ଲଛି(ଚ୍ଛି)ବା—ଦେ. କ୍ରି. (ସ. ଲକ୍ଷ୍ ଧାତୁ; ପ୍ରା. ଲଚ୍ଛ୍ ଧାତୁ, ପରବର୍ତ୍ତୀ
Lachi(chchhi)bā   ସ. ଲକ୍ଷ୍ ଧାତୁ)—୧ । ତୁଳନା କରିବା—
तुलना करा   1. To compare.   ୨ । ଉପଲକ୍ଷ ଦେବା—

লক্ষনা 2. To allude to; to cite. ୩। ଅନୁମାନ କରିବା—লক্ষ্য করে বলা हवाला देना 3. To guess; to infer. অনুমান করা अटकल करना

ଲଛି(ଛି, ଛୁ, ଛୁ)—ଦେ. ବି. ସଂ (ଅବଜ୍ଞାର୍ଥକ)—ଲଛମନ ଓ ଲଛମୀ Lachhi(chchhi, chchhu, chhu) ନାରାୟଣ ନାମର ସଂକ୍ଷିପ୍ତ ଡାକ ନାମ—Names for calling লছু লচ্ছী(চ্ছু) Lachhamana and Lachhami Nārāyana. [ଲଛି(ଛି)ଅ, ଲଛୁ(ଛୁ)ଅ—ଅନାଦରସୂଚକ ରୂପ]

ଲଛିମାକୁ ଗଛିବା(ମା)—ଦେ. କ୍ରି—(ଉଚ)—୧। କୌଣସି ବସ୍ତୁକୁ Lachhi māku gachhibā(mā) ଅନ୍ୟ ଅସଦୃଶ ବସ୍ତୁ যেখানে যা সেখানে তা ସଙ୍ଗେ ତୁଳନା କରିବା—1. To जहाँ जो वहाँ सो compare two things which do not tally with each other. ୨। ମିଛକଥାକୁ ସତ୍ୟ ରୂପେ ପ୍ରମାଣ କରିବାର ଯତ୍ନ କରିବା—2. To describe a false thing so as it appears to be true. ୩। ଦୁଇଟି ବସ୍ତୁର ତୁଳନାରେ ସାଦୃଶ୍ୟ ଦେଖାଇବା—3. To succeed in making two things seem equal or similar to each other ୪। ଦୁଇଟି ବସ୍ତୁକୁ ପରସ୍ପର ସହିତ ମେଳ କରାଇ ଦେବା—4. To cause two things to coincide with one another ୫। କୌଣସି ସ୍ଥାନରେ ଉଚିତ ଉପଯୁକ୍ତ ବସ୍ତୁକୁ ସଜାଇଦେବା—5. To put a suitable thing at a suitable place.

[ଦ୍ର—ଏକ ବ୍ୟକ୍ତିର ଅଳଙ୍କାରମାନ ଅନ୍ୟ ଜଣକୁ ପିନ୍ଧାଇ, ତାକୁ ପ୍ରକୃତରୂପେ ସଜ୍ଜିତ କରି ଦେଲେ, ଯେବେ ସେ ବେଶଭୂଷା ଠିକ୍‌ରୂପେ ମେଳ ଖାଉନାହିଁ; ତେବେ ଲୋକେ କହନ୍ତି—"ଲଛିମାକୁ ଗଛିମା" ହୋଇଛି।]

ଲଛୀ(ଛୀ)—ଦେ. ବି. ସ୍ତ୍ରୀ—(ସଂ. ଲକ୍ଷ୍ମୀ)—ଲଛମୀ ନାମ୍ନୀ ସ୍ତ୍ରୀର ଡାକ Lachhī(chchhī) ନାମ—Name for calling লক্ষী লছী Lachhami

ଲଛେ(ଛେ)ଦାର—ଦେ. ବିଣ.—(ଧ୍ୱନିରୁ ଅନୁକୃତ)—ସର ପଡ଼ିଥିବା Lachhe(chchhe)dār (ଖାଦ୍ୟ)—(Food) which is লচ্ছেদার लच्छेदार covered with a layer of cream. [ଦ୍ର—କଟକରେ ରବଡ଼ି ବିକ୍ରି କରିବାକୁ ଆସିବା ଗଉଡ଼ମାନେ ବଜାରରେ ବୁଲି ଡାକ ଦିଅନ୍ତି—"ଲେ ରବଡ଼ି ଲଚ୍ଛେଦାର୍।]

ଲଜ୍ (ଧାତୁ)—ସ.—୧। ଲଜ୍ଜ୍ ଧାତୁ (ଦେଖ)। Laj (root) Lajj (root) (See) ୨। ନିନ୍ଦା କରିବା—2. To blame.

ଲଜ(ବ)ଞ୍ଚୁ(ଞ୍ଚୋ, ଞ୍ଜୁ, ଞ୍ଜୋ) ସ୍—ବୈଦେ.ବି.—(ଇଂ) ଲୋଜେଞ୍ଜେସ୍; Laja(ba)ñchu, ñcho,ñju,(ñjo)s ମୂଳ,ଅ. ଲୌଜ୍= ବାଦାମବର୍ଣ୍ଣ ରଞ୍ଜିତ ଶର୍କରାମୋଦକ ଲମ୍ବେଜ୍ ବା ବରଫି ଆକାରର ଚତୁଷ୍କୋଣ ମିଠାଇ)—ଶିଶୁମନୋହର ଚକ୍କି ମିଠେଇ—Lozenges.

ଲଜ(ଜ୍ଜ)ତ—ବୈଦେ. ବିଣ.—(ଧ୍ୱନିରୁ ଅନୁକୃତ)—(ଅ. ଲଜ୍ଜତ= Laj(jja)at ରସ लज्जत ସ୍ୱାଦ, ମଜା; ମୂଳ- ସ- ରୁର୍ ଧାତୁ—୧। ସୁସ୍ୱାଦୁ—1. Tasteful. ୨। ମୁଖରୋଚକ—2. Delicious. ୩। ରସଯୁକ୍ତ; ସରସ—3. Juicy. ୪। ଅଠାଳିଆ—4. Gummy; sticky. ୫। ଆର୍ଦ୍ର 5. Moist. ଦେ. ବି.—୧। ସୁସ୍ୱାଦ; ମୁଖରୋଚକତା 1. Good taste; deliciousness. ୨। ଅଠା 2. Gum. ୩। ଆର୍ଦ୍ରତା—3. Moisture ୪। ରସ—4. Juice; sap.

ଲଜଦକ୍(ଗ)—ବୈଦେ. ବି—ନଜଦକ୍ (ଦେଖ) Lajadik(g) Najadik (See)

ଲଜର (ଇତ୍ୟାଦି)—ଗ୍ରାଦେ. (କଟକ ସହର) ବି—ନଜର (ଦେଖ) Lajara (etc) Najara (etc) (See)

ଲଜିକ୍—ବୈଦେ. ବି.—(ଇଂ)—ନ୍ୟାୟଶାସ୍ତ୍ର—Science af logic. Lajik ଗ୍ରାଦେ. (କଟକ ସହର) ବୈଦେ. ଅ—ନଜିକ୍ (ଦେଖ) Najik. (See)

ଲଜିଙ୍ଗ—ଦବିଦେ. ବି.—(ଇଂ)—ବସା ଘର— Lajing Lodgings.

ଲଜିଙ୍ଗ୍ ହାଉସ୍—ବୈଦେ. ବି—(ଇଂ.)—ତୀର୍ଥମାନଙ୍କରେ ଯାତ୍ରୀ- Lajing hāus ମାନଙ୍କର ରହିବାପାଇଁ ଗଭର୍ଣ୍ଣମେଣ୍ଟଙ୍କ ଉଚ୍ଚାବଧାନରେ ପରିଚାଳିତ ଭଡ଼ାଘର—Lodging houses (licensed by the Government for accomodating pilgrims in religious centres.

[ଦ୍ର—ପୁରୀରେ ଲଜିଙ୍ଗହାଉସ୍‌ମାନଙ୍କରୁ ସରକାର ଯେଉଁ ଶୁଳ୍କ ଆଦାୟ କରନ୍ତି, ତଦ୍ୱାରା ଗୋଟିଏ ସ୍ୱତନ୍ତ୍ର ପାଣ୍ଠି (ଲଜିଙ୍ଗ୍‌ହାଉସ୍ ଫଣ୍ଡ) ପ୍ରତିଷ୍ଠା କରି, ସେହି ପାଣ୍ଠିରୁ ପୁରୀ ସହରରେ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ନାନା କାର୍ଯ୍ୟ କରନ୍ତି। ଏହି ଲଜିଙ୍ଗହାଉସ୍‌ମାନଙ୍କ ପରିଚାଳନାର୍ଥ ସରକାର ଗୋଟିଏ ଆଇନ୍ (ପୁରୀ ଲଜିଙ୍ଗ୍ ହାଉସ୍ ଏକ୍ଟ—୧୮୭୧ ସାଲର ବର୍ଗୀୟ ୪ ଆଇନ୍) ପ୍ରଣୟନ କରିଛନ୍ତି। ସେହି ଆଇନ ଅନୁସାରେ ଲଜିଙ୍ଗହାଉସ୍‌ର ମାଲିକମାନେ ସରକାରଙ୍କଠାରୁ, ସେମାନଙ୍କ ଲଜିଙ୍ଗ୍ ହାଉସ୍‌କୁ ଲାଇସନ୍ (ଇଂ- ଲାଇସେନ୍ସ୍ ବା ପାଶ୍) କରାଇ ସେଥିନିମନ୍ତେ ଲାଇସନ୍ ଫିଶ୍ (ଇଂ. ଲାଇସେନ୍ସ୍ ଫିସ୍) ଦିଅନ୍ତି। ସରକାରଙ୍କ ପ୍ରସ୍ତୁତ ନିୟମମାନ ଭଙ୍ଗ କଲେ ଲଜିଙ୍ଗ୍ ହାଉସ୍‌ର ଅଧକ୍ଷ ଓ ଜମାଦାର୍ ବ୍ୟକ୍ତିମାନେ ଅର୍ଥଦଣ୍ଡରେ ଦଣ୍ଡିତ ହୁଅନ୍ତି। ଏହି "ଲଜିଙ୍ଗହାଉସ୍" ସମ୍ପର୍କରେ କେତେଗୋଟିଏ ଇଂରାଜୀ ଶବ୍ଦ ଓଡ଼ିଆ ଭାଷାରେ ପ୍ରଚଳିତ ହେଉଅଛି। ଯଥା—ଲାଇସେନସ, ଫିସ, ପାସ୍, ଫଣ୍ଡ।]

ଲଜର୍(ରି)—ବୈଦେ. ବି· ପ୍ରାଦେ. (କଟକ ସଦର)—ନଜର୍ (ଦେଖ)
Lajir(ri) Najir (See)

ଲଜ୍ଜ(ସ୍ ଜ୍) (ଧାତୁ)—ସ. ୧ । ଲଜ୍ଜିତ ହେବା—
Lajja(s-j) (root) 1. To be ashamed.
୨ । ସଙ୍କୋଚବୋଧ କରିବା—2. To blush (Apte).

ଲଜ୍ଜମାନ—ସ. ବିଣ. ପୁଂ—(ଲଜ୍ଜ ଧାତୁ=ଲଜ୍ଜିତ ହେବା+କର୍ତ୍ତୃ. ଅନ)
Lajjamāna ୧ । ଲଜ୍ଜାଯୁକ୍ତ; ଲଜ୍ଜିତ—1. Ashamed.
[ଲଜ୍ଜମାନା—ସ୍ତ୍ରୀ] ୨ । ଲଜ୍ଜାଶୀଳ—2. Bashful; modest.

ଲଜ୍ଜା—ସ. ବି. ସ୍ତ୍ରୀ—(ଲସ୍ ଜ୍ ଧାତୁ=ଲଜ୍ଜିତ ହେବା+ଭାବ ଅ+ସ୍ତ୍ରୀ.
Lajjā ଆ)—୧ । ହୃଦୟର କୋମଳ ବୃତ୍ତିବିଶେଷ; ଯେଉଁ ବୃତ୍ତି
[ଲଜ୍ଜା ଶବ୍ଦର ଅନ୍ୟ ସ. ନାମ— ଯୋଗୁଁ ଅନ୍ୟ ବ୍ୟକ୍ତିର ସମକ୍ଷରେ
ସ୍ତ୍ରୀ, ତ୍ରପା, ବ୍ରୀଡ଼ା, ମନ୍ଦାସ୍ୟ(ଆ) ।] ବା ଜ୍ଞାତସାରରେ କେତେକ କାର୍ଯ୍ୟ
କରିବାକୁ ମନୁଷ୍ୟର ମନରେ ସଙ୍କୋଚ ଉପସ୍ଥିତ ହୁଏ;
ଅନୁଚିତ କାର୍ଯ୍ୟକଳାପର ପର ପରିଜ୍ଞାନ ଭୟ—1. Shame.
୨ । ବ୍ରୀଡ଼ା; ଘୃଣା; ସଙ୍କୋଚ—2. Modesty; coyness; bashfulness. ୩ । (ବୈଦ୍ୟକ) ଲଜ୍ଜାଳୁ
ଲତା (ଦେଖ)—3. Lajjālu latā (See)
୪ । କୌଣସି ନିନ୍ଦିତ କର୍ମକାରୀ ପ୍ରତି ଲୋକଙ୍କର
ଅବମାନନାଯୁକ୍ତ ବ୍ୟବହାର—4. Humiliation.
[ଦ୍ର—ଏଥିର ଅପଭ୍ରଂଶ—ଲାଜ, ଲଜ୍ୟା, ନାଜ, ନଜ୍ୟା,
ନାଜ୍ୟା, ଲାଜ୍ୟା । ଲଜ୍ଜା, ଘୃଣା, ବ୍ରୀଡ଼ା, ସଙ୍କୋଚ ଏକାର୍ଥ-
ବାଚକ । କିନ୍ତୁ ବ୍ୟବହାରରେ ଏହା ବିଶେଷ ବିଶେଷ ଭାବ-
ବ୍ୟଞ୍ଜିତ ହୁଏ ।
ନିନ୍ଦିତ କାର୍ଯ୍ୟ କଲେ ଲୋକେ ଏହା ଜାଣିଲେ ମୋତେ
ନିନ୍ଦା କରିବେ ବୋଲି ମନରେ ଯେଉଁ ଭୟ ହୁଏ, ତାହାକୁ
'ଲଜ୍ଜା' ବୋଲାଯାଏ । ନିନ୍ଦିତ କାର୍ଯ୍ୟ କରିବାକୁ ମନରେ
ଯେଉଁ ଅନିଚ୍ଛା ଜାତ ହୁଏ, ତାକୁ 'ଘୃଣା' ବୋଲାଯାଏ ।
ଗୁରୁଜନମାନଙ୍କ ନିକଟରେ ପ୍ରକାଶ୍ୟରେ ମୁହଁ ଦେଖାଇବା
ବା କଥା କହିବା ପାଇଁ ବିନୟ ଭାବ ମିଶ୍ରିତ ସଙ୍କୋଚକୁ
ବ୍ରୀଡ଼ା ବୋଲାଯାଏ । କାଳେ ଲୋକେ ଜାଣିଲେ ଏହା
ଅନୁମୋଦନ କରିବେ ନାହିଁ ଏଥିଯୋଗୁଁ କୌଣସି ଅନୁଚିତ
କାର୍ଯ୍ୟ କରିବାକୁ ମନରେ ଯେଉଁ ଇତସ୍ତତଃ ଭାବ ଉପସ୍ଥିତ
ହୁଏ, ତାକୁ ସଙ୍କୋଚ ବୋଲାଯାଏ—ଜ୍ଞାନେନ୍ଦ୍ର ।]

ଲଜ୍ଜାକର—ସଂ. ବିଣ—ଲଜ୍ଜାଜନକ (ଦେଖ)
Lajjākara Lajjājanaka (See)
[ଲଜ୍ଜାକରୀ(ରା)—ସ୍ତ୍ରୀ]

ଲଜ୍ଜା କରିବା—ଦେ· କ୍ରି—ଲଜ୍ଜା ବୋଧ କରିବା—To have a
Lajjā kariba feeling of shame; to feel shy.
লজ্জা করা लज्जा करना

ଲଜ୍ଜାକୁଳ—ସ. ବିଣ· ପୁଂ (ଷଷ୍ଠୀ ତତ୍; ଲଜ୍ଜା+ଆକୁଳ)—
Lajjākula ୧ । ଲଜ୍ଜିତ—1. Ashamed. ୨ । ଲଜ୍ଜାଳୁ;
(ଲଜ୍ଜାକୁଳିତ—ଅନ୍ୟରୂପ) ଲାଜକୁଳା—2. Bashful; modest;
(ଲଜ୍ଜାକୁଳା, ଲଜ୍ଜାକୁଳିତା—ସ୍ତ୍ରୀ) shy.

ଲଜ୍ଜାକୁଳୀ—ଦେ. ବି—ଲାଜକୁଳୀ ଲତା ଓ ଫୁଲ—Mimosa
Lajjākuli Pudica; a sensitive plant.
লাজুক (ଦ୍ର—ଉତ୍କଳ ଭାଷାରେ ମଦନା ମାଧବୀ
लजालू ସ୍ପର୍ଶଲଜ୍ଜା ଲଜ୍ଜାକୁଳୀ ଗୋ
ପ୍ରାଚୀ. ଋତୁସଂହାର ।)

ଲଜ୍ଜା ଜନକ—ସ. ବିଣ. (ଉପପଦ ତତ୍ ପୁରୁଷ; ଲଜ୍ଜା+ଜନକ)—
Lajjā janaka ଯାହା ଲଜ୍ଜା ଜନ୍ମାଏ; ଯେଉଁ କାର୍ଯ୍ୟ ଯୋଗୁଁ
ମନୁଷ୍ୟ ଲଜ୍ଜିତ ହୁଏ—Shameful (act).

ଲଜ୍ଜା ଜନିତ—ସ.ବିଣ. (ପଞ୍ଚମୀ ତତ୍; ଲଜ୍ଜା+ଜନିତ)—ଲଜ୍ଜାରୁ ଜାତ ବା
Lajjā janita ଉଦ୍ଭୂତ—Born of shame or modesty;
due to shyness.

ଲଜ୍ଜା ତ୍ୟାଗ—ସ. ବି. (ଷଷ୍ଠୀ ତତ୍; ଲଜ୍ଜା+ତ୍ୟାଗ)—ନିର୍ଲଜ୍ଜ ହେବା;
Lajjā tyāga ମନରୁ ଲଜ୍ଜାଭାବକୁ ଛାଡ଼ିବା—Casting
(ଲଜ୍ଜା ପରିତ୍ୟାଗ—ଅନ୍ୟରୂପ) off of the feeling of
shame or modesty.

ଲଜ୍ଜା ତ୍ୟାଗୀ—ସ. ବିଣ. ପୁଂ (ଲଜ୍ଜା+ତ୍ୟଜ୍ ଧାତୁ+କର୍ତ୍ତୃ. ଇନ୍;
Lajjā tyāgi ୧ମା. ୧ବ)—ନିର୍ଲଜ୍ଜ; ତ୍ୟକ୍ତଲଜ୍ଜ—Shameless; immodest.
(ଲଜ୍ଜାତ୍ୟାଗିନୀ—ସ୍ତ୍ରୀ)

ଲଜ୍ଜା ଦାତା—ସ· ବିଣ. ପୁଂ (ଲଜ୍ଜା+ଦାତା)—ଯେଉଁ ବ୍ୟକ୍ତି ଅନ୍ୟ
Lajjā dātā ବ୍ୟକ୍ତିକୁ ଲଜ୍ଜିତ କରାଏ—Putting another
(ଲଜ୍ଜାଦାତ୍ରୀ—ସ୍ତ୍ରୀ) to shame or humiliation.

ଲଜ୍ଜା ଦୂର କରିବା—ଦେ. କ୍ରି—୧ । (ଲଜ୍ଜେ) ଲଜ୍ଜା ତ୍ୟାଗ କରିବା—
Lajjā dūra kariba 1. To cast off shyness.
লজ্জা দূর করা ୨ । (ଅନ୍ୟଦ୍ର) ଲଜ୍ଜା ନିବାରଣ କରିବା (ଦେଖ)
लज्जा दूर करना 2. Lajjā nibāraṇa kariba (See)

ଲଜ୍ଜା ଦେବା—ଦେ· କ୍ରି—ଅନ୍ୟ ବ୍ୟକ୍ତିକୁ ଲୋକସମାଜରେ ଲଜ୍ଜିତ
Lajjā debā କରାଇବା—To put another to shame
লজ্জা দেওয়া लज्जा देना in the eyes of the public;
to humiliate.

ଲଜ୍ଜା ଧରମ—ଦେ. ବି. (ସ. ଲଜ୍ଜା ଧର୍ମ)—ଲଜ୍ଜା ଧର୍ମ (ଦେଖ)
Lajjā dharama Lajjā dharma (See)
লজ্জা ধরম लज्जा धरम

ଲଜ୍ଜା ଧର୍ମ—ସ.ବି (ରୂପକ; ଲଜ୍ଜା+ଧର୍ମ)—ଲଜ୍ଜାଶୀଳତା; ସାଧାରଣରେ
Lajjā dharma ଲଜ୍ଜାଯୁକ୍ତସ୍ୱଭାବ—Modesty.

ଲଜ୍ଜା ଧ୍ୱଂସ—ସ.ବି (ଷଷ୍ଠୀ ତତ୍ ଲଜ୍ଜା+ଧ୍ୱଂସ)—ମନରୁ ଲଜ୍ଜାରୂପ ଭାବର
Lajjā dhwaṁsa ସମ୍ପୂର୍ଣ୍ଣ ବିନାଶ—The disappear-
(ଲଜ୍ଜା ନାଶ—ଅନ୍ୟରୂପ) ance of the feeling of shame
or modesty

ଲଜ୍ଜାନତ(ମ୍ର)—ସ· ବିଣ (ପଞ୍ଚମୀ ତତ୍, ଲଜ୍ଜା+ଅନତ; ଅନମ୍ର)—
Lajjānata(mra) ୧ । ଲଜ୍ଜା ଯୋଗୁଁ ତଳକୁ ପୋତି
(ଲଜ୍ଜାବନତ, ଲଜ୍ଜାବନମ୍ର—ଅନ୍ୟରୂପ) ହୋଇ ଯାଇଥିବା (ମୁଣ୍ଡ
[ଲଜ୍ଜାନତା(ମ୍ରା), ଲଜ୍ଜାବନତା(ମ୍ରା)—ସ୍ତ୍ରୀ] ବା ମୁଖ)—
1. (Head) Downcast or hanging down through shame.

୨ । ଲଜ୍ଜା ଯୋଗୁଁ ଯାହାର ମୁହଁ ତଳକୁ ନତ ହୋଇଥାଏ- 2. (a person) With the face downcast through modesty or shame.

ଲଜ୍ଜା ନିବାରକ—ସ. ବିଣ. ପୁଂ (ଉପପଦ ତତ୍; ଲଜ୍ଜା+ନିବାରକ)—Lajjā nibāraka ଯେ ବା ଯାହା ମନୁଷ୍ୟକୁ ଲଜ୍ଜାରୁ ରକ୍ଷା କରେ—Saving a person from being put to shame or becoming bashful. (ଲଜ୍ଜାନିବାରିକା—ସ୍ତ୍ରୀ)

ଲଜ୍ଜା ନିବାରଣ—ସ. ବି (୬ଷ୍ଠୀ ତତ୍; ଲଜ୍ଜା+ନିବାରଣ)—ଲଜ୍ଜାରୁ Lajjā nibāraṇa ମନୁଷ୍ୟକୁ ରକ୍ଷା କରିବା—The preventing of a person from being ashamed. ସ. ବିଣ (ଲଜ୍ଜା+ନି+ବୃ ଧାତୁ ଣିଜନ୍ତ+କର୍ତ୍ତୃ ଅନ)--ଲଜ୍ଜାନିବାରକ (ଦେଖ)-Lajjānibāraka (See) ଦେ. ବି. (କାରଣ,ଏ ଲୁଗା ବୁଣି ଲୋକଙ୍କ ଲଜ୍ଜା-ନିବାରଣ କରନ୍ତି)—ତନ୍ତୁବାୟ ଜାତିର ଉପାଧିବିଶେଷ—A family title of some weavers.

ଲଜ୍ଜାନିବାରଣ ବାନା—ଦେ.ବିଣ (ଲଜ୍ଜାନିବାରଣ ଅଟେ ବାନା ଯାହାଙ୍କର) Lajjānibāraṇa bānā —ଲଜ୍ଜାନିବାରକ ବୋଲି ପ୍ରସିଦ୍ଧ(ବ୍ୟକ୍ତି) लज्जा निवारक Famous for preventing a person लज्जा निवारण करनेवाला from being put to shame or humiliation. [ଉ—ଲଜ୍ଜା-ନିବାରଣ-ବାନା-ତୁଭେ ଭଗବାନ । ଦୀନାନାଥ ବେଣୀସଂହାର ।]

ଲଜ୍ଜାନ୍ୱିତ—ସ. ବିଣ (୩ୟା ତତ୍; ଲଜ୍ଜା+ଅନ୍ୱିତ)—୧ । ଲଜ୍ଜିତ—Lajjānwita 1. Ashamed. ୨ । ଲଜ୍ଜାଳୁ—2. Bashful. (ଲଜ୍ଜାନ୍ୱିତା—ସ୍ତ୍ରୀ)

ଲଜ୍ଜା ପାଇବା—ଦେ. କ୍ରି—୧ । ଲଜ୍ଜିତ ହେବା—1. To be Lajjā pāibā ashamed. ୨ । ଲୋକ ସମକ୍ଷରେ ଅପମାନିତ लज्जा पाओना ହେବା—2. To be publicly dis-लज्जा पाना honoured or humiliated or put to shame.

ଲଜ୍ଜାପ୍ରଦ—ସ. ବିଣ. ପୁଂ (ଲଜ୍ଜା+ପ୍ର+ଦା ଧାତୁ+କର୍ତ୍ତୃ. ଅ)—Lajjāprada ଲଜ୍ଜାଜନକ (ଦେଖ)—Lajjājanaka.(See) (ଲଜ୍ଜାପ୍ରଦା—ସ୍ତ୍ରୀ)

ଲଜ୍ଜାବତୀ—ସ. ବି. ସ୍ତ୍ରୀ—ଲଜ୍ଜାଳୁ (ଦେଖ)—Lajjālu. (See) Lajjābati ସ. ବିଣ. ସ୍ତ୍ରୀ—ଲଜ୍ଜାବାନ୍ ଶବ୍ଦର ସ୍ତ୍ରୀଲିଙ୍ଗ—Feminine of Lajjābān.

ଲଜ୍ଜାବନତ ମୁଖ—ସଂ. ବିଣ. ପୁଂ (ବହୁବ୍ରୀହି; ଲଜ୍ଜାବନତ+ମୁଖ)—Lajjābanata mukha ଲଜ୍ଜାଯୋଗୁଁ ଅଧୋମୁଖ—[ଲଜ୍ଜାବନମ୍ରମୁଖ—ଅନ୍ୟରୂପ] Drooping down the head (ଲଜ୍ଜାବନତ[ମ୍ର]ମୁଖୀ—ସ୍ତ୍ରୀ) through shame or modesty.

ଲଜ୍ଜାବନ୍ତ-ଦେ. ବିଣ—ଲଜ୍ଜାଶୀଳ—Bashful. [ଉ—ଲଜ୍ଜାବନ୍ତ Lajjābanta ହୋଇଣ କହିଲ୍ଲ କଥାକୁ । କୃଷ୍ଣସିଂହ. लज्जामन्त लज्जावंत ମହାଭାରତ ଉଦ୍‌ଯୋଗ ।]

ଲଜ୍ଜାବହ—ସଂ. ବିଣ (ଲଜ୍ଜା+ଆବହ)—ଲଜ୍ଜାକର (ଦେଖ) Lajjābaha Lajjākara. (See) (Apte)

ଲଜ୍ଜାବାନ୍—ସଂ. ବିଣ. ପୁଂ (ଲଜ୍ଜାବତ୍ ଶବ୍ଦ, ଲଜ୍ଜା+ଅସ୍ତ୍ୟର୍ଥରେ Lajjābān ବତ୍; ୧ମା ୧ବ)—ଲଜ୍ଜାଶୀଳ; ଲାଜକୁଳି; (ଲଜ୍ଜାବତୀ—ସ୍ତ୍ରୀ) ଲାଜକୁଳୀ—Modest; coy; bashful.

ଲଜ୍ଜା ଭରମ—ଦେ. ବି (ସଂ. ଲଜ୍ଜା+ଭ୍ରମ)—ଲଜ୍ଜା ଭ୍ରମ (ଦେଖ) Lajjābharama Lajjā bhrama. (See) लज्जा शरम लज्जा भरम

ଲଜ୍ଜାଭ୍ରମ—ସଂ. ବି (ଦ୍ୱନ୍ଦ୍ୱ)—ଲଜ୍ଜା ଓ ସମ୍ମାନ; ଲଜ୍ଜା ସମ୍ଭ୍ରମ—Lajjābhrama Modesty and respectfulness.

ଲଜ୍ଜା ରହିତ—ସଂ.ବିଣ(୩ମା ତତ୍;ଲଜ୍ଜା+ରହିତ)—ଲଜ୍ଜାଶୂନ୍ୟ (ଦେଖ) Lajjā rahita Lajjāsūnya. (See) [ଲଜ୍ଜାରହିତା—ସ୍ତ୍ରୀ]

ଲଜ୍ଜାଳୁ—ସଂ. ବିଣ (ଲଜ୍ଜା+ଶୀଳାର୍ଥେ ଆଳୁ)—ଲଜ୍ଜାଶୀଳ (ଦେଖ)—Lajjālu Lajjāsiḷa, (See) ସଂ.ବି—ଲାଜକୁଳି ଲତା;ଲାଜ-କୋଳି ଲତା—A sensitive plant; Mimosa Pudica, [ଦ୍ର—ଏହା ବଣ୍ଟକମୟ ଲତାମୟ ୧।୧୍ୟ ହାତ ଲମ୍ବ କ୍ଷୁପ ବିଶେଷ; ପତ୍ରଗୁଡ଼ିକ ଛୋଟ ବରୁଳ ପତ୍ରପରି ଡାଙ୍ଗର ଦୁଇ ପାଖରେ ଥାଏ । ଏହାର ପତ୍ରକୁ ଛୁଇଁଲେ ପତ୍ର ଗୁଡ଼ିକ ମୁଦି ହୋଇଯାଏ ଓ ପତ୍ରର ଡେମ୍ଫଗୁଡ଼ିକ ସୋଇପଡ଼େ । ଏହାର ଛୁଇଁ ଲୋମଯୁ; ଫୁଲ ନାଲିଆ, ଗୋଲ ଓ କେଶରମୟ; ଝାଡ ଚେପଟା; ଏହାର ଡାଳ ଓ ଡେମ୍ଫ ନାଲିଆ । ଆଉ ଏକ ପ୍ରକାର ଲଜ୍ଜାଳୁ ଲତା ଅଛି, ତାହାର ଗଛ ଛୋଟ ଓ ପତ୍ର ବଡ଼ ବଡ଼ । ଏହାକୁ ଲଜ୍ଜାଳୁ ବୈପରୀତ୍ୟ କହନ୍ତି ।

ଲଜ୍ଜାଳୁଲତା, ଲଜ୍ଜିଶ, ଲଜ୍ଜାଷ୍ପର୍ଶ } ଅନ୍ୟରୂପ

ଅନ୍ୟ ସଂ. ନାମ—ରକ୍ତପାଦୀ, ଶମୀପତ୍ରା, ସ୍ପୃକ୍କା, ଖଦିରପତ୍ରିକା, ସଙ୍କୋଚକା, ଶଦରୀ, ସମଙ୍ଗା(ଙ୍ଗୀ), ନମସ୍କାରୀ, ପ୍ରସାରଣୀ,ସପ୍ତପର୍ଣ୍ଣୀ, ଗଣ୍ଡମାଳିକା, ଲଜ୍ଜା,ଲଜ୍ଜିଶ, ସ୍ପର୍ଶଲଜ୍ଜା, ଅସ୍ରରୋଧିନୀ, ରକ୍ତମୂଳା, ଲଜ୍ଜାବତୀ, ଲଜ୍ଜାସ୍ପର୍ଶ, ତାମ୍ରମୂଳା, ସୁଗୁପ୍ତା, ଅଞ୍ଜଳିକାରିକା, ମହାଭୀତା, ଖଣ୍ଡକାଲି,ବଶିନୀ,ମହୌଷଧ, ବାହ୍ୟହନ୍ତ୍ରୀ ।

ଅନ୍ୟ ଏକ ପ୍ରକାର ଲଜ୍ଜାଳୁଲତା ପାଣିକୂଳରେ ଜନ୍ମେ । ଏଥିରେ କଣ୍ଟା ନ ଥାଏ । ତାହାର ପତ୍ର ଓ ଡେମ୍ଫ ଅତି ହରିଦ୍‌ବର୍ଣ୍ଣ । ହାତ ଲଗାଇଲେ ତାହାର ପତ୍ର ବୁଜି ହୋଇଯାଏ । ତାକୁ "ପାଣି ଲାଜକୁଳି" (ସଂ ଅଲମ୍ବୁଷା) ବୋଲିଯାଏ ।

जावतीनता, नाजूकलता लजालु(क),छुईमुई ମ· ଲାଜାଳୁ, ଲାଜକ୍ସ, ସଂକୋଚଣୀ ଗୁ. ରିସାମଣୀ

ଅନ୍ୟ ଏକଜାତୀୟ ଲାଜକୋଳି ଲତା ଥିଲା, ତାକୁ "ରେବତଲାଜକୁଳି" କହନ୍ତି । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ ଓ ତିକ୍ତ କଷାୟ ରସ; ଏହା କଫ, ପିତ୍ତ, ରକ୍ତ ପିତ୍ତ, ଅତିସାର ଓ ଯୋନିରୋଗ, ଦାହ, ଶ୍ରମ, ଶ୍ୱାସ, ବ୍ରଣ, କୁଷ୍ଠନାଶକ । ଏଥିର ଚେର ଓ ଡାଙ୍ଗର ପାଚନ ଓ ଏଥିର ପତ୍ରର ଚୂର୍ଣ୍ଣ ପଥରି ଓ ଭଗନ୍ଦର ରୋଗ ପାଇଁ ସେବନ କରାଯାଏ । ସ୍ୱପ୍ରାସୃତିକ ପରୀକ୍ଷାଦ୍ୱାରା ଦେଖା ଯାଇଅଛି ଯେ

ଏ ଗଛରେ ଶତକଡ଼ା ୧୦ ଭାଗ କଷାୟ ଧାତୁ (Tannin) ଅଛି । ଏଥିର ଡାଙ୍ଗର ଚୂର୍ଣ୍ଣିକୁ ହୀରାକସ ସଙ୍ଗେ ମିଶାଇଲେ ଭଲ କାଳି ହୁଏ—ହି. ଶ]

ଲଜ୍ଜା ଶରମ—ଗ୍ରାଦେ. (ସ. ଲଜ୍ଜା ଓ ଫା. ଶରମ୍; ଏକାର୍ଥକ ସମାହାର)-
Lajjā śarama ଲଜ୍ଜା—Shame.
 লজ্জা শরম लज्जा शरम,

ଲଜ୍ଜାଶୀଳ—ସ. ବଣ. ପୁଂ (ବହୁବ୍ରୀହି; ଲଜ୍ଜା+ଶୀଳ)—ଲଜ୍ଜାଯୁକ୍ତ;
Lajjāśīla ଲଜ୍ଜାଳୁ; ଯେ ସର୍ବଦା ଲଜ୍ଜା କରେ—Modest;
(ଲଜ୍ଜାଶାଳୀ—ଅନ୍ୟରୂପ) shy; coy; bashful.
(ଲଜ୍ଜାଶୀଳା, ଲଜ୍ଜା ଶାଳିନୀ—ସ୍ତ୍ରୀ) (ଲଜ୍ଜାଶୀଳତା—ବିଶେଷ୍ୟ)

ଲଜ୍ଜା ଶୂନ୍ୟ—ସ. ବଣ. ପୁଂ (ଷଷ୍ଠୀ ତତ୍; ଲଜ୍ଜା+ଶୂନ୍ୟ)—ନିର୍ଲଜ୍ଜ;
Lajjā śūnya ଅଲଜ୍ଜୁକ—Shameless; immodest.
(ଲଜ୍ଜାରହିତ, ଲଜ୍ଜାହୀନ—ଅନ୍ୟରୂପ)
(ଲଜ୍ଜା ଶୂନ୍ୟା, ଲଜ୍ଜା ରହିତା, ଲଜ୍ଜାହୀନା—ସ୍ତ୍ରୀ)
(ଲଜ୍ଜା ଶୂନ୍ୟତା, ଲଜ୍ଜା ରାହିତ୍ୟ, ଲଜ୍ଜାହୀନତା—ବି)

ଲଜ୍ଜା ସମ୍ଭ୍ରମ—ସ. ବି. (ଲଜ୍ଜା+ସମ୍ଭ୍ରମ)—ଲଜ୍ଜା ଓ ସମ୍ମାନ—
Lajjā sambhrama Modesty and regard; modesty and respectfulness.

ଲଜ୍ଜା ସ୍ପର୍ଶ—ସ. ବି. (ବୈଦ୍ୟକ) (ବହୁବ୍ରୀହି)—ଲଜ୍ଜାଳୁ (ଦେଖ)
Lajjā sparśa Lajjālu (See)

ଲଜ୍ଜିତ—ସ. ବଣ (ଲଜ୍ଜା+ସ୍ୱାର୍ଥେ. ଇତ)—୧ । ଲଜ୍ଜାଯୁକ୍ତ—
Lajjita 1. Ashamed. ୨ । ଲଜ୍ଜାଶୀଳ—2. Modest;
লজ্জার लज्जित shy. ଗ୍ରା. ବଣ—ଲଜ୍ଜାଜନକ—Shame-
লাজ लजित ful. ଗ୍ରା. ବି—ଲଜ୍ଜା—Shame. [ଦ୍ର—ଶୁଣି ତା ଲଜ୍ଜିତେ ଲଭେନ୍ଦ୍ର ମୋହ୍ମ ମନ୍ତ୍ରେ ମନେ ସ୍ମରି ଭାବ ଭଯ ଦେଖେ ଦେ । ଭଞ୍ଜ. ପ୍ରେମସୁଧାନିଧି ।]

ଲଜ୍ଜିରୀ—ସ. ବି. (ବୈଦ୍ୟକ)—ଲଜ୍ଜାଳୁ (ଦେଖ)
Lajjirī Lajjālu (See)

ଲଜ୍ଜ୍ୟା—ସ. ବି. (ଲଜ୍ଜ୍ ଧାତୁ+ଭାବ. ଯ+ସ୍ତ୍ରୀ. ଆ)—ଲଜ୍ଜା (ଦେଖ)
Lajjyā Lajjā (See)

ଲଞ୍ଚ୍—ବୈଦେ. ବି. (ଇଂ)—ଷ୍ଟିମ ବୋଟ; ନୌକା—
Lañch লঞ্চ लञ्च Launch.
[ଦ୍ର—ଜାହାଜ ଓ ବୋଟ ଅପେକ୍ଷା ଲଞ୍ଚ୍ ଛୋଟ; ଯେଉଁ ଲଞ୍ଚ ବାଷ୍ପ ଦ୍ୱାରା ଚଳେ ତାକୁ ଷ୍ଟିମ୍ ଲଞ୍ଚ୍ ଓ ମଟର୍ ଯନ୍ତ୍ର ଚଳନ୍ତ ଲଞ୍ଚକୁ ମଟର୍ ଲଞ୍ଚ୍ ବୋଲାଯାଏ ।]

ଲଞ୍ଚା—ସ. ବି—୧ । ଉପହାର—1. A present (Apte).
Lañchā ୨ । ଉତ୍କୋଚ; ଲାଞ୍ଚ—2. Bribe (Apte).
[ଦ୍ର—ଓଡ଼ିଆ 'ଲାଞ୍ଚ' ଶବ୍ଦ ଏହି 'ଲଞ୍ଚା' ଶବ୍ଦର ଅପଭ୍ରଷ୍ଟ ରୂପ ।]

ଲଞ୍ଜ୍ (ଧାତୁ)—ସ—୧ । ବଳିଷ୍ଠ ହେବା—1. To be strong.
Lañj (root) ୨ । ଭର୍ତ୍ସନା କରିବା—2. To rebuke or
[ଲନ୍ଜ୍ (ଧାତୁ)—ଅନ୍ୟରୂପ) chide. ୩ । ନିନ୍ଦା କରିବା—3. To blame. ୪ । ଭାଜିବା—4. To roast; to fry (Apte). ୫ । ବେଷ୍ଟନ କରିବା—5. To surround.

ଲଞ୍ଜ—ସ. ବି. (ଲଞ୍ଜ୍ ଧାତୁ—ବଳିଷ୍ଠ ହେବା, ବେଷ୍ଟନ କରିବା
Lañja ଇତ୍ୟାଦି+କର୍ତ୍ତୃ. ଅ)—୧ । ପାଦ; ଚରଣ—
1. Leg; foot. ୨ । (+କରଣ. ଅ) କଚ୍ଛ; କଚ୍ଛ; କଛା—2. Tucked end of a loin cloth; the end of the loin cloth tucked down to the back side of the waist. ୩ । ଲାଞ୍ଜ, ଲାଙ୍ଗୁଡ଼; ପୁଚ୍ଛ—3. Tail. ୪ । ଅନିଦ୍ରା—4. Sleeplessness. ୫ । (+ଭାବ. ଅ) ଲାମ୍ପଟ୍ୟ—5. Lechery; adultery. ୬ । ସ୍ରୋତଃ—6. Current. ୭ । (ସ୍ତ୍ରୀ) ଲକ୍ଷ୍ମୀ (ହ. ଶ. ବର୍ଣ୍ଣକୋଷ)—7. The Goddess Lakshmi; prosperity affluence.

ଲଞ୍ଜା—ସ. ବି. ସ୍ତ୍ରୀ (ଲଞ୍ଜ+ସ୍ତ୍ରୀ. ଆ)—୧ । ସ୍ରୋତଃ—1. Current.
Lañjā ୨ । ଲକ୍ଷ୍ମୀ—2. The Goddess of fortune. ୩ । ନିଦ୍ରା—3. Sleep (Apte). ୪ । କୁଳଟା ସ୍ତ୍ରୀ—4. An adulteress (Apte). ଦେ. ବି (ସ. ଲଞ୍ଜ)
নেজ ୧ । ଲାଞ୍ଜ; ଲାଙ୍ଗୁଡ଼; ପୁଚ୍ଛ—1. Tail. ୨ । ଲଞ୍ଜା ତାରା;
लांगूर(ल), पूंछ ଧୂମକେତୁ—2. Comet. ୩ । ଗୁଡ଼ିର ଲମ୍ବ
নেজাল তারা ଭାଗରେ ଯୋଡ଼ି ଦିଆ ଯାଇଥିବା ଲମ୍ବ କାଗଜ ଖଣ୍ଡ—
पुच्छल तारा 3. A long piece of paper stuck to the lower end of a paper kite. [ଦ୍ର—ଦୁଇଖଣ୍ଡ କାଗଜ ଏକତ୍ର ଯୋଡ଼ି ଦିଆ ଯାଇଥିଲେ, ସେପରି ଗୁଡ଼ିକୁ
পালা "ଦୋ-ଲଞ୍ଜା" ଗୁଡ଼ି କହନ୍ତି ।] ୪ । ଉଞ୍ଚା—4. Frame-
मांखी work of twigs for trailing creepers.
(ଦ୍ର—ସିନ୍ଧୁ ଅଙ୍କୁ ବାଡ଼େ, ଲଞ୍ଜା ପିଢ଼ା ଡାଳେ, ଫୁଟେ ଚୋରୁ ଛଳି ଫୁଲ । ଜନକଣୋଭ. ଶର୍ମିଷ୍ଠା ।)

ଲଞ୍ଜା କୁକୁଡ଼ା—ଦେ. ବି (ସ. ଲଞ୍ଜା +କୁକ୍କୁଟ)—ଆମେରିକାଦେଶୀୟ
Lañjā kukuṛā ବୃହତ ପୁଚ୍ଛଯୁକ୍ତ ଏକପ୍ରକାର କୁକୁଡ଼ା—
নেজওয়ালা মুর্গী पेरु The cock turkey;
(ଲଞ୍ଜାମୁର୍ଗି—ଅନ୍ୟରୂପ) Meleagris Ocellata.

ଲଞ୍ଜା ଗୁଡ଼ି—ଗ୍ରାଦେ (ବାଲେଶ୍ୱର) ବି—ଲଞ୍ଜାଥିବା ଗୁଡ଼ି—The kite
Lañjā guṛi having a tail attached to it.
নেজাল ଦେ. ବଣ—୧ । ପୁଚ୍ଛଯୁକ୍ତ—1. Having tail. ୨ ।
पुंछल ବୃହତ ପୁଚ୍ଛଯୁକ୍ତ—1. Having a spreading tail.

ଲଞ୍ଜା ତ(ତା)ରା—ଦେ. ବି—(ସ. ଲଞ୍ଜ+ତାରା)—(ଏଥିରେ ଲାଞ୍ଜ ପରି
Lañjā ta(tā)rā ସୁଦୀର୍ଘ ଆଲୋକ ରେଖା ଥିବାରୁ) ଧୂମକେତୁ-
নেজাল তারা पुच्छल तारा Comet.
[ଦ୍ର—ସୁନେ ମହାଶୂନ ଲଞ୍ଜାତାରା ନ ଦେ ଜାଣିବାକୁ ବୈରି କୁଳ । ରାଧାନାଥ. ଯଯାତି ।]

ଲଞ୍ଜା ପାର୍‌—ଦେ. ବି.—(ସଂ. ଲଞ୍ଜ+ପାରାବତ)—ଲକ୍କା ପାର୍‌; ଲକ୍କା
Lanjā pārā ପାର୍‌ (ଦେଖ)—Lakkā pārā (See)
লক্কা পায়রা लक्का कबुतर

ଲଞ୍ଜା ମୟୂ[ୟୂ]ର—ଦେ. ବି. ପୁଂ—ବିସ୍ତୃତ ପୁଚ୍ଛଯୁକ୍ତ ଅଣ୍ଡିରା ମୟୂର—
Lanjā mayū(ya)ra A peacock (having a
নেজাল ময়ূর पूंछवाला मयूर spreading tail)
[ଲାଞ୍ଜି ୵ୟୂ(ୟୁ)ରି[ଣୀ]—ସ୍ତ୍ରୀ]

ଲଞ୍ଜିକା—ସଂ. ବି. ସ୍ତ୍ରୀ—[ଲିନ୍‌ଜ୍‌ ଧାତୁ=ଭର୍ତ୍ସନା କରିବା+କର୍ତ୍ତୃ. ଅକ
Lanjikā ସ୍ତ୍ରୀ. ଆ]—ଗଣିକା; ବେଶ୍ୟା—A prostitute.

ଲଟ୍‌[ଧାତୁ]—ସ.—୧ । ଚପଳତା ପ୍ରକାଶ କରିବା; ବାଳଭାବ ପ୍ରକାଶ
Lat (root) କରିବା—1. To act childishly; to act like a child. ୨ । ପିଲାଙ୍କ ପରି କଥା କହିବା; ଅସ୍ପଷ୍ଟ କଥା କହିବା—2. To prattle; to talk like a child (Apte); to lisp. ୩ । କ୍ରୀଡ଼ା କରିବା—3. To sport. ୪ । କାନ୍ଦିବା—4. To cry (Apte). ୫ । କହିବା—5. To speak; to talk. ଦେ.

ଲଟ୍‌—ଦେ. ବି.—ଲାଟ୍‌ (ଦେଖ)—Lāt (See) ପ୍ରାଦେ.—
Lat (ଯାଜପୁର) ବି.—ଥର—Time. [ଯଥା—ମୁଁ କେତେ ଲଟ୍‌ ଏଠାରୁ ଅଛିଲିଣି ।]

ଲଟ୍‌ କନା(ନି)ରି—ଦେ. କ୍ରି. ବିଣ—(ସଂ. ଲତା)—୧ । ଲମ୍ବାଳିଆରେ
Lat kinā(ni)ri নতকরে फटसे 1. Lengthwise. ୨ । ହଠାତ୍‌ ଭୂଇଁରେ ଶୋଇ ପଡ଼ିବା ବା ବସିଯିବା
[ଲଟ୍‌କିରି(କସ୍‌)—ଅନ୍ୟରୂପ] ପ୍ରକାରେ—2. All at once.

ଲଟ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । କୌଣସି ସ୍ଥାନରେ ଅଟକି
Lat-kibā ଯିବା—1. To be detained at a place.
(ଲଟ୍‌କି ଯିବା—ଅନ୍ୟରୂପ) ୨ । ଲାଗି ଯିବା—2. To become attached; to stick to a place.

ଲଟ୍‌ ପଟ୍‌—ପ୍ରାଦେ. (ସମ୍ବଲପୁର)—ଅ. (ତୁଳ· ହି. ଲଟ୍‌ ପଟ୍‌=
Lat-pat ଗୋଳମାଳ)—୧ । ଅତି କଷ୍ଟରେ—1. With much difficulty. ୨ । ଗୋଳମାଳ—2. Confusion.

ଲଟ୍‌ ପଟି—ପ୍ରାଦେ. (ସମ୍ବଲପୁର) ବି.—ଗାମୁଛା—
Lat-pati Napkin.

ଲଟ୍‌ ଲ(ଲା)ଟ୍‌—ଦେ. କ୍ରି. ବିଣ—(ବହୁ ବ୍ୟକ୍ତିଙ୍କ କ୍ରିୟାସୂଚକ)—
Lat-la(lā)t (ବହୁତ ଲୋକ ହଠାତ୍‌ ଭୂମିରେ ଲମ୍ବ ହୋଇ ଶୋଇ
নতনত फटफट ପଡ଼ିବା ପ୍ରକାରେ—(many people at a time to lie down) Prostrate

ଲଟ—ସଂ. ବି.—(ଲଟ ଧାତୁ=ଚପଳତା ବାଳଭାବ ପ୍ରକାଶ କରିବା+
Lata ଭାବ. ଅ)—୧ । ପ୍ରମାଦ ବଚନ; ଅନବହିତ ହୋଇ କଥା କହିବା—1. Foolish and careless talk. ୨ । (+କର୍ତ୍ତୃ. ଅ) ପାଗଳ ବ୍ୟକ୍ତି—2. A mad man. ୩ । ନିର୍ବୋଧ ବ୍ୟକ୍ତି—3. A fool; a blockhead (Apte). ୪ । ଚୋର—4. A thief; robber. ୫ । (+କରଣ· ଅ) ଦୋଷ; ଅପରାଧ—5. Fault; defect (Apte) ୬ । ଅନର୍ଥ; ଅକଷ୍ଟ; ଅତ୍ୟାଚାର—6. Oppression; injury. ସଂ. ବିଣ. ପୁଂ—ଲମ୍ପଟ—Adulterous. ଦେ. ବି.—(ସଂ. ଲଟ୍‌)—୧ । ଦୁର୍ଜନ ବ୍ୟକ୍ତି—1. A wicked person. ୨ । ଲମ୍ପଟ ବ୍ୟକ୍ତି—2. A lecher. ୩ । ଅସୁବିଧା—3. Difficulty; trouble. (ଉ—ଡହିର ବଳଲୁର ଲଟ ଲାଗି ରହିଛି । ଫକୀରମୋହନ. ଗଳ୍ପସ୍ବଳ୍ପ ।) ୪ । (ସ ଲଟ) କୌତୁକ—4. Fun. [ଉ—ଲାଗିଲା ରେ ରାବଣୀବଧର ଧ୍ୟାନ ଲଟ—ଭକ୍ତସୂର୍ଯ୍ୟ ସଙ୍ଗୀତ ।]
লটপ(ঘ)ট लटपट(टी) ୫ । (ସ ନୃତ୍ୟ) ସଂସାରଲୀଳା—5. Worldly concerns; worldly existence. [ଉ—ଯେବେ କୋଧେ ଯୁଦ୍ଧିବେ ଶ୍ରୀରାମ ବାଉଷ୍ଟ, ଜାଣ ସାଉଦେବେ ସେ ଦୁର୍ଯ୍ୟୋଧନ ଲଟ—କୃଷ୍ଣସିଂହ ମହାଭାରତ
লটপট लटपट ବନ ।] ୬ । ଗୋଳମାଲ; ଧନ୍ଦା; ଜଞ୍ଜାଳ—6. State of confusion. [ଉ—କୋହଲେ କୃଷ୍ଣଙ୍କୁ ଦେଖାଇ, ଅଧିକେ ଲଟ ନାହିଁ ଅଛି—ଭୂପତି ପ୍ରେମପଞ୍ଚାମୃତ ।] ୭ । ଗୁରୁ ଦାୟିତ୍ୱ—7. Grave responsibility.

ଲଟକ—ସଂ. ବି. ପୁଂ (ଲଟ୍‌ ଧାତୁ=ଚପଳତାବ ବାଳଭାବ ପ୍ରକାଶ କରିବା
Lataka +କର୍ତ୍ତୃ. ଅକ)—ଖଳ; ଦୁର୍ଜନବ୍ୟକ୍ତି; ଅସାଧୁ ବ୍ୟକ୍ତି-
(ଲଟକା—ସ୍ତ୍ରୀ) A wicked man; a rogue; a rascal (Apte).

ଲଟକଣ—ଦେ. ବିଣ (ସଂ. ଲଡ଼୍‌ ଧାତୁ=କମ୍ପନ)—ଲମ୍ବମାନ;
Latakana ଝୁଲୁଥିବା—Hanging down. ଦେ. ବି—
লটকন, লটকান लटकन, बेल ୧ । ବିମାନ ଅଗ୍ରରେ ଝୁଲା ଯାଉଥିବା କାରୁକାର୍ଯ୍ୟଯୁକ୍ତ କ୍ଷୁଦ୍ର କାଷ୍ଠଖଣ୍ଡ (କଣ୍ଢୁଣୀ ପରି)· 1. Small bits of wood hung to the edges of furniture. ୨ । ଯାହା ଝୁଲୁଥାଏ; ଝୁଲ—2. Hangings. ୩ । ହାରର ମଝିରେ
তক্তী, লকেট लकेट; लटकन ଓ କାନର ଦଣ୍ଡରେ ଓ କାନର ପାଖିଅରେ ଝୁଲୁଥିବା ଲୁଡ଼ୁକା; ସେହିଁ ଅଳଙ୍କାରମାନ ଝୁଲୁଥାଏ; ଲକେଟ୍‌—3. Pendents (in ornament); hanging locket. ୪ । ପାଗ ବା ଟୋପିରେ ଲମ୍ବିଥିବା ଗୁଛ ବା ଭୁଣ୍ଡିମାନ—4. Tassels hanging from turbans or caps. ୫ ।
লটকন লটকান ବିଦେଶୀୟ କ୍ଷୁଦ୍ର ପୁଷ୍ପ-ତରୁବିଶେଷ—5. A flower tree; Bixa Orellæa. [ଦ୍ର—ଏହା ଆମେରିକାରୁ ଏ ଦେଶକୁ ପ୍ରାୟ ୩୦୦ ବର୍ଷ ହେଲା ଆଗତ ହୋଇଅଛି । ଦକ୍ଷିଣ ଭାରତରେ ଏହା ବହୁତ ଦେଖାଯାଏ । ଗଛ ବଡ଼; ଫୁଲ ଧଳା ଓ ନାଲିଦେହରେ ଦୁଇପ୍ରକାର । ବର୍ଷା ଶେଷରେ ଗଛରେ ଫୁଲ ଧରେ । ଫୁଲରେ ୮।୧୦ଟା ପାଖୁଡ଼ା । ଫଳ କାଙ୍କଡ଼ ପରି । ଫଳ ପାଚିଲେ ଫାଟିଯାଏ ।

ଯାଇ ଅନେକ । ମଞ୍ଜି ଦେହରେ ସିନ୍ଦୁର ପରି ଏକପ୍ରକାର ନାଲି ଅସ୍ଥାୟୀ ରଙ୍ଗ (arnatto, annalto) ଥାଏ । ଏହି ମଞ୍ଜିକୁ ପାଣିରେ ଗୋଳି ଲୋକେ ଲୁଗା ଆଦି ରଙ୍ଗ କରନ୍ତି । ଏହି ଗଛକୁ ଆମ ଦେଶରେ ବଙ୍ଗାଳକୁଙ୍କୁମ ବା କୁଙ୍କୁମ ଗଛ ବୋଲି କହନ୍ତି ।] ବୈଦେ(ଇଂ ଲେଣ୍ଟନ ଲାଣ୍ଠେନ, লণ্ঠন लालटेन ଅଶୁଦ୍ଧ ଉଚ୍ଚାରଣ) ବ—ଲଣ୍ଠଣ (ଦେଖ) Lantana (See)

ଲଟକଣା—ଦେ. ବ—ଲଟକଣ ୫ (ଦେଖ); Latakanā Latakana 5 (See)

ଲଟକଣା ଫଳ—ଦେ. ବ—ତନ୍ତୀମାନେ ସୂତା ରଙ୍ଗ କରିବାପାଇଁ ଯେଉଁ Latakanā phala ଫଳବିଶେଷ ବ୍ୟବହାର କରନ୍ତି—A fruit with which weavers dye the yarn. ଲଟକଣ ୫ (ଦେଖ)—Latakana 5 (See)

ଲଟକଣୀ—ଦେ. ବ—ଲଟକଣ ୧ (ଦେଖ)—Latakana 1 (See) Latakani [ଉ—ଲଟକଣୀ ଯୁକ୍ତି ଯେ ହୋଇଅଛୁ କହ୍ନା, ଦେଖିଲେ ତାହା ଲୋକ ମନେ ଲାଗେ ଧନ୍ଦା—କୃଷ୍ଣଦାସ ମହାଭାରତ ଆଦି ।]

ଲଟକନ ଭାଜି—ଗ୍ରାଦେ (ସମ୍ବଲପୁର) ବ—କେଉଁ ପ୍ରକାର ଶାଗ— Latakan bhaji A pot-herb; Amaranthus Polygamus.

ଲଟକନ—ଦେ·ବ—ଶୁକସାରୀ ବର୍ଗର ୬।୭ ଅଙ୍ଗୁଳ ଦୀର୍ଘ ପକ୍ଷିବିଶେଷ— Latakana A kind of bird; Loriquet; Loriculis लटकान लालमन Vernatis [ବ୍ର—ଏମାନେ ଶୁଅଜାତୀୟ, କିନ୍ତୁ ଶୁଆଠାରୁ ଛୋଟ । ଏମାନେ ବୃକ୍ଷ ଉପରେ, କିନ୍ତୁ ବୃକ୍ଷ ଅପେକ୍ଷା ଏମାନଙ୍କ ଅଣ୍ଡା ଛୋଟ ଓ ଚେପଟା; ଲାଞ୍ଜ ଛୋଟ ଓ ପ୍ରାୟ ଗୋଲ; ମୁଣ୍ଡ ସାଗୁଆ; ପକ୍ଷ ରକ୍ତବର୍ଣ୍ଣ; ଏହାର ଅନ୍ୟ ନାମ "ଲାଲ୍‌ମନ୍ ତୋତା" ।]

ଲଟକା—ଦେ. ବ (ସଂ ଲଡ୍ ଧାତୁ=କମ୍ପନ; କିମ୍ବା ସଂ. ଲତା)— Latakā ଝୁଲିବା; ଲଟକିବା କର୍ମ ବା ଭାବ— लटका लटकना State of hanging or being suspended; suspension,

ଲଟକା(କେ)ଇବା—ଦେ. କ୍ରି (ସଂ. ଲତା; ଲତା ପରି ଲମ୍ବିତ କରିବା; Latakā(ke)ibā ଲଟକିବାର ଣିଜନ୍ତ) (ସକର୍ମକ) ଟାଙ୍ଗିଦେବା; लटकान लटकाना ଟଙ୍ଗାଇବା; କୌଣସି ପଦାର୍ଥକୁ ଉର୍ଦ୍ଧ୍ୱ ଅବସ୍ଥାର ତଳକୁ ଝୁଲାଇବା; ଲତା ପରି ଲମ୍ବାଇବା; ଓହଳାଇବା; ଝୁଙ୍କାଇବା—To hang down a thing; to keep a thing suspended.

ଲଟକା ଲଟକି—ଦେ.ବ. (ସହଚର)—ଅନେକଗୁଡ଼ିଏ ବସ୍ତୁକୁ ଝୁଲାଇବା- Latakā lataki Various acts of hanging or लटकाल्टकी लटकालटकी suspending.

ଲଟକାଳି—ଦେ. କ୍ରି. ବିଣ—ଲଟଗାଳି (ଦେଖ) Latakāli Latagāli (See)

ଲଟକିଣ(ନା, ରି)—ଦେ. କ୍ରି. ବିଣ—ଲଟଗାଳି (ଦେଖ) Latakini(nā, ri) Latagāli (See)

ଲଟକିବା—ଦେ· କ୍ରି. (ସଂ. ଲତା କିମ୍ବା ଲଡ୍ ଧାତୁ=କମ୍ପନ)— Latakibā ୧ । (ଅକର୍ମକ) (ଲତାର) ଲତା ପରି ତଳକୁ ଲମ୍ବିବା; लटका ଓହୋଳିବା—1. To hang down like a लटकना creeper. ୨ । ଝୁଲିବା—2. To be suspended.

ଲଟକୁ(ଖ, ଘ)ଟ—ଦେ. ବ. (ସଂ. ଲଟ=ଦୋଷ ଓ କୂଟ=କପଟ)— Latakũ(kha, gha)ta ନଟକୁଟ (ଦେଖ)—Natakūta न(ल)टखट, (लन)टखटी नटखट(टी) (See)

ଲଟକୁ(ଖ, ଘ)ଟିଆ—ଦେ. ବିଣ. ପୁଂ—୧ । ଯେ ଅଡୁଆ ଲଗାଏ; ଯେ Latakū(kha, gha)tiā ଅନର୍ଥ ଘଟାଏ—1. Meddle- [ଲଟକୁଟେଇ ଲଟଖ(ଘ)ଟେଇ—ସ୍ତ୍ରୀ] some. ୨ । ଗୋଳମାଳିଆ— न(ल)टखटे 2. Intricate. ୩ । ଚପଳ; ଅସ୍ଥିର—3. Hasty; लटखटिया restless.

ଲଟଖ(ଘ)ଟ—ଦେ. ବ. (ସଂ. ଲଟ ଧାତୁ ଓ ଘଟ୍ ଧାତୁ)—୧ । କଳି- Latakha(gha)ta କଜିଆ; ଅନର୍ଥ—1. Quarrel. ୨ । झटपट, नटघटि, लेटा ଗୋଳମାଳ—2. Complication. ୩ । लटखट (ସଂ. ଲଟ=ଲମ୍ପଟ) ପାପ ଦୋସ୍ତି; ପାପ ପ୍ରଣୟ— लटपट 3. Illict love; illict intercourse. ୪। ବ୍ୟଭି- लटपट ଚାର—4. Adultery.

ଲଟଖ(ଘ)ଟିଆ—ଦେ· ବିଣ. ପୁଂ—୧ । ବ୍ୟଭିଚାରସକ୍ତ—1. Adul- Latakha(gha)tiā terous; lecherous. ୨ । ଅବୈଧ [ଲଟଖ(ଘ)ଟେଇ—ସ୍ତ୍ରୀ] ପ୍ରଣୟ ଲିପ୍ତ—2. Lewd; लटघटे लम्पटिया licentious.

ଲଟଗା(କା)ଳି—ଦେ. କ୍ରି. ବିଣ (ସଂ. ଲତା)—୧ । (ଲତା ପରି) ଲମ୍ବ Latagā(kā)li ଭାବରେ—1. Lengthwise (like a लम्बा हये creeper). ୨ । ହଠାତ୍ (ଲମ୍ବ ହୋଇ ଭୂମିରେ फटकर, फटसे ଶୋଇବା ପ୍ରକାରେ)—2. All at once (falling prostrate on the ground). (ଯଥା—ସେ ଭୂଇଁରେ ଲଟଗାଳି ଶୋଇ ପଡ଼ିଲା ।)

ଲଟଘଟ ହେବା—ଦେ. କ୍ରି—(ସ୍ତ୍ରୀ ବା ପୁରୁଷ) ଅନ୍ୟ ବ୍ୟକ୍ତି ସଙ୍ଗେ ପାପ Lataghata hebā ପ୍ରଣୟରେ ଲିପ୍ତ ହେବା—(a male or लटपट हओया female) To commit adultery. लटपट होना

ଲଟ ଛିଣ୍ଡା(ଣ୍ଡେ)ଇବା—ଦେ· କ୍ରି—୧ । ଅଳଅ ସଫା କରିବା— Lata chindā(nde)ibā 1. To clear off any intri- [ଲଟ ଭୁଟା(ଟେ)ଇବା—ଅନ୍ୟରୂପ] cacy. ୨ । ସମ୍ପର୍କ ତୁଟାଇବା ନେ(ନ୍ୟା)ଟା(ଠା)চুকান —2. To cut off connection. लटपट तोड़ना ୩ । ଗୁରୁ ଦାୟିତ୍ୱରୁ କଷ୍ଟରୁ ମୁକ୍ତ ଦେବା— 3. To release a person from a grave responsibility.

ଲଟ ଛିଣ୍ଡିବା—ଦେ. ବ—୧ । ଅଡୁଆ ଛୁଟିଯିବା—1. Clearance Lata chhindibā of complications. ୨ । ସମ୍ପର୍କ ଲଟ ଛିଣ୍ଡିଯିବା / ଲଟ ଛୁଟିବା / ଲଟ ଯିବା }—ଅନ୍ୟରୂପ ଛୁଟିଯିବା—2. Severance of connection or relationship. ୩ । ଗୁରୁ ଦାୟିତ୍ୱରୁ କଷ୍ଟ ଭ

ন্যাটা চুকা,লেটা চুকা, লেঠা চুকে যাওয়া 3 Release from
लटपट टूटना a grave responsibility.

ଲଟପଟ—ଦେ. ବଣ (ସଂ. ଲୁଣ୍ ଧାତୁ ବା ଲଟ୍ ଧାତୁ)—୧ । ଧୂଳ
Laṭapaṭa ବା କାଦୁଅ ବୋଳ ହୋଇଥିବା; ସର୍ବାଙ୍ଗ—
লু(লু)টপুট लटपट, लदब(फ)द 1. Smeared (with dust or mud) all over the body. [ଉ—ଲୁଗାଟ ଗୋଟାସା ପଙ୍କରେ ପଡ଼ି ଲଟପଟ ହେଉଥିଲୁ—ଫକୀରମୋହନ, ଛମାଣ ଆଠଗୁଣ ।] ୨ । କାଦୁଅରେ ବା ଅଠାରେ ବା ଝାଳରେ ବିଶେଷଭାବରେ ବୋଳାଇ ହୋଇଥିବା—2. Bedaubed with mud or gum or slime. ୩ । (ଜଞ୍ଜାଳରେ) ଜଡ଼ିତ—3. Entangled. [ଉ—ହେବାରୁ ଭୂମ ବିମୂଢ଼େ ଲଟପଟ, ଉତ୍ତମ ପକ୍ଷ ଖଣ୍ଡିବାର ଘଟ—ଉପେନ୍ଦ୍ର ଭଞ୍ଜ ।] ୪ । କାଦୁଅ ଓ ପଙ୍କରେ ଲୁଣ୍ଠିତ—4. Wallowing in mud or dust. ଦେ. ବି—୧ । ଅଡୁଆ; ଜଞ୍ଜାଳ; ଗୋଳମାଳ— 1. Complication. ୨ । ଆସକ୍ତି; ଦୁଇଜଣଙ୍କ ମଧ୍ୟରେ ପ୍ରଣୟଜନିତ ସମ୍ବନ୍ଧ—2. Attachment due to love.

ଲଟପଟିଆ—ଦେ. ବଣ—୧ । କାଦୁଅ, ଅଠା, ପଙ୍କ ବା ଧୂଳି ବୋଳ
Laṭapaṭiā ହୋଇଥିବା—1. Smeared or bespattered
লু(লু)টপুট लदफदिया with mud, slime etc.
লটপটে लटपटिया ୨ । ଗୋଳମାଳିଆ—2. Intricate;
চিটচিট(টে) चिटपिट complicated. ୩ । ଅଠାଳିଆ—3. Gummy. ୪ । କାଦୁଅ;ଝାଳାମୟ—4. Slimy.

ଲଟଫରମ୍—ବୈଦେ. ବି—(ଇଂରେଜି ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)—
Laṭa pharam ରେଳ ଷ୍ଟେସନର ପ୍ଲାଟ୍‌ଫର୍ମ୍—The
প্ল্যাটফর্ম प्लैटफारम platform of a Railway station.
[ଲଟ ଫ(ଫା)ର୍ମ—ଅନ୍ୟରୂପ]

ଲଟଭ—ସଂ. ବଣ. ପୁଂ—ସୁନ୍ଦରବର୍ଣ୍ଣ; ସୁନ୍ଦର—Graceful; beauti-
Laṭabha (ଲଟଭା—ସ୍ତ୍ରୀ) ful; lovely (Apte).

ଲଟର ପଟର—ଦେ. ବଣ. (ସଂ. ଲଟ୍ ଧାତୁ)—୧ । ଲଟପଟ; ଭୂଇଁରେ
Laṭara paṭara ଗଡ଼େଇ ଗଡ଼େଇ ହୋଇଥିବା—
লটরপটর लोटपोट 1. Wallowing on the ground.
୨ । ଲଟପଟିଆ (ଦେଖ)—2. Laṭapaṭiā (See).

ଲଟରା—ଦେ. ବଣ—(ସଂ.ଲତା ବା ଜଟିଳ)—ଜଟିଳ; ଗୋଳମାଳିଆ;
Laṭarā ଅଡ଼ୁଆ—Intricate; complicated. ଦେ.ବି—
গোলমেলে लटपटिया ଲଟ ଇତ୍ୟାଦି (ଦେଖ)—Laṭa
লেটা, ন্যাটা, নাটা लटखट etc (See).

ଲଟରି—ବୈଦେ. ବି (ଇଂ. ଲଟେରି)—ଗୁଣ୍ଡି; ଅଦୃଷ୍ଟ ଉପରେ ନିର୍ଭର
Laṭari লটারী लाटरी କରି, ପଣ ରଖି ଖେଳିବା—Lottery.

ଲଟରେ ପଡ଼ିବା—ଦେ. କ୍ରି—ଅଡ଼ୁଆରେ ପଶିବା; ଗୋଳମାଳରେ
Laṭare paṛibā ପଡ଼ିବା—To be involved in
লেঠায় পড়া लटपटमें फसना trouble. (ଲଟାଙ୍ଗରେ ପଡ଼ିବା—ଅନ୍ୟରୂପ) [ଲଟରେ ପକା(କେ)ଇବା—ସକର୍ମକରୂପ]

ଲଟ ଲଗା(ଗେ)ଇବା—ଦେ. କ୍ରି—୧ । ଅଡ଼ୁଆ ଲଗାଇବା; କୌଣସି
Laṭa lagā(ge)ibā ଗୋଳମାଳ ଆରମ୍ଭ କରିବା—1. To
নাটা লাগান लटपट लगाना start complications; to
[ଲଟରେ—ଲଟ ଛୁଆ(ହେ)ଇବା] create confusion; to make matters intricate. ୨ । ସମ୍ପର୍କ ଆରମ୍ଭ କରିବା—2. To start a connection.

ଲଟଲ(ଲା)ଟ—ଦେ. ଅ—୧ । ହଠାତ୍ ଭୂମିରେ ଲମ୍ବ ଭାବରେ ପଡ଼ିବା ବା
Laṭa la(lā)ṭa ଶୋଇବା ପ୍ରକାରେ—1. Suddenly (lying
নতনত; পটপাট लटपट prostrate on the ground). [ଉ-ବନ୍ଧୁଲୋକ ଭୂମିରେ ଲମ୍ବ ହୋଇ ଶୋଇ ପଡ଼ିଲେ କମ୍ବା କେଶେ ଲୋକ ବନ୍ଧୁ ଥର ଭୂମିରେ ଲମ୍ବ ହୋଇ ପଡ଼ିଥିଲେ, "ସେମାନେ ଭୂଇଁରେ ଲଟ ଲଟ ଶୋଇ ପଡ଼ିଲେ" "ସେ ଲଟ ଲଟ ଶୋଇ ପଡ଼ୁଛି"; ବୋଲଯାଏ ।] ୨ । ଲଟପଟ (ଦେଖ)—2. Laṭa paṭa (See).

ଲଟଲି ପଡ଼ିବା—ପ୍ରାଦେ (ବାଲେଶ୍ୱର) କ୍ରି—ପେଞ୍ଚ ଖେଳୁଥିବା ଅବସ୍ଥାରେ
Laṭali paṛibā କୌଣସି ଗୋଟିଏ ଗୁଡ଼ିର ସୁତା ଛିଣ୍ଡିଯିବାରୁ ଗୁଡ଼ିଟି ତଳ ଆଡ଼କୁ ଝୁଲିପଡ଼ିବା—(said of a paper kite when its string snaps) To hang down; to come down.

ଲଟା—ସ.ବି—(ଲଟ୍ ଧାତୁ=ଶୈଶବାଦି ଭାବ ପ୍ରକାଶ କରିବା+କର୍ତ୍ତୃ. ଅ
Laṭā +ସ୍ତ୍ରୀ.ଆ)—୧। ଚୂର୍ଣ୍ଣ କୁନ୍ତଳ—1. Ringlet of hair on the forehead. ୨ । କୁସୁମ ଫୁଲ—2. Saf-flower. ୩ । ଲଟା କରଞ୍ଜ (ଦେଖ)—3 Laṭā Karañja (See). ୪ । କାମୁକୀ ସ୍ତ୍ରୀ—4 A lewd woman. ୫ । ଗ୍ରାମ୍ୟ ଚଟକ; ଘରଚଟିଆପକ୍ଷୀ—5 The sparrow. ଦେ. ବି—(ସ. ଲତା)—
লতা लतो,बेल ୧ । ଲତା—1 Creeper. ୨ । ନିବିଡ଼
জংগল; घनाजंगल ଜଙ୍ଗଲ—2 Dense forest. [ଉ—ଦେଖ ଅଛନ୍ତି ଅମ୍ଭେ ଭୂଲ ଭୂଲ ଲଟା କ ରଣ ଦେଉଅଛୁ ଦେବଙ୍କୁ ଛୁଟା । କୃଷ୍ଣସିଂ. ମହାଭାରତ. ବନପର୍ବ]
নে(ন্যা)টা(ঠা) लटपटी ୩ । (ସ. ଅନଷ୍ଟ) ଅନର୍ଥ; ଅନିଷ୍ଟ; ଅତ୍ୟାଚାର— . Oppression; injury. ୪ । ସଂଯୋଗ କରଣ—4 Connecting. ପ୍ରାଦେ (ସମ୍ବଲପୁର) ବି—ଘାସ—Grass. ଦେ.ବଣ—ସଂଯୁକ୍ତ—Connected.

ଲଟା ଅମ୍ବ—ଦେ. ବି. (ସ. ଲତା+ଅମ୍ର) ଅମ୍ରବୃକ୍ଷ ବିଶେଷ—1. A
Laṭā amba species of mango tree. whose branches spread on the ground.
লতিআম, লতানেআম लतियाआम [ଉ—ଏହାର ଡାଳ ଗଛ୍ ମାଡ଼େ; ଏହା ଲତା ନୁହେଁ, କିନ୍ତୁ ଏହାର ଶାଖାମାନଙ୍କର ଲତା ପରି ବିସ୍ତୃତ ଗୁଣ ଥିବାରୁ ଏହି ନାମ ।] ୨ । ଅମ୍ବ

ଜାତୀୟ ଲଟାଳଆ ବୃକ୍ଷ ବିଶେଷ—2 Name of a scandent plant producing mango like edible fruits; Willinghbein Edielis.

ଲଟା(ଟେ)ଇବା—ଦେ. କ୍ରି—(ସଂ, ଲତାଯୁମାନ)—୧। (ଅକର୍ମକ) Lata(te)iba (କୌଣସି ଉଦ୍ଭିଦ ଲତା) ବୃଦ୍ଧି ପାଇ ମାଡ଼ିବା ବା ଲତାନ ଚଢ଼ନା ବିସ୍ତୃତ ହେବା—1 (said of creeping plants) To creep; to trail on the ground or on supports. ୨। (ସକର୍ମକ) মিলান মিলানা, জটানা ଦୁଇ ବସ୍ତୁକୁ ମିଳିତ କରାଇବା; ଜୁଟାଇବା—2 To cause two things to meet together. ୩। ଏକ ପଦାର୍ଥକୁ ଅନ୍ୟ ପଦାର୍ଥ ସଙ୍ଗେ ଗୁଡ଼ାଇବା—3. To entwine a thing with another; to interlace.

ଲଟାଏ—ପ୍ରାଦେ (ସମ୍ବଲପୁର) ବଣ ଓ ବି—ଏକବିଡ଼ା ବନ୍ଧା ହୋଇଥିବା - Latae A bundle of. (ଯଥା—ଲଟାଏ ଲଇ)

ଲଟା କନିଅର—ପ୍ରାଦେ (ଗଡ଼ଜାତ) ବି—ଲଟାଳଆ ଗୁଳ୍ମ ବିଶେଷ— Lata kaniara Allamanda shrub. [ବି—ଏହା ଉଚ୍ଚରେ ୭।୮ ହାତ ବଢ଼େ । ଫୁଲ କନିଅର ଫୁଲ ପରି ଛୋଟ ଓ ହଳଦିଆ ବର୍ଣ୍ଣ; ଫେନ୍ଥା ଫେନ୍ଥା ହୋଇ ଫୁଟେ । ଏହାର ଡାଳକୁ ବାଡ଼ିକଲେ ଏହା ଜାଲବର୍ଣ୍ଣ ଦେଖାଯାଏ ।]

ଲଟା କରଞ୍ଜ—ଦେ. ବି—(ସଂ. କଣ୍ଟକରଞ୍ଜ, ପୂତିକରଞ୍ଜ)—ଲତା- Lata karanja କରଞ୍ଜ; କଣ୍ଟା କରଞ୍ଜ; ବଗୁଡ଼ୋଲି— নাটা করঞ্জ A creeping thorny plant; কটকরঞ্জ, কণ্টকরেজা Caesalpina Bonducella. ସଂ. ନାମ—ଲଟା, ଲଟ୍ୱା, କଣ୍ଟକରଞ୍ଜ, ପୂତିକରଞ୍ଜ, ଦୁସ୍ପର୍ଶ, ବାରଣ୍ୟ, ବଜ୍ରବୀଜକ, ଧନଦାକ୍ଷୀ, କଣ୍ଟା ଫଳ, ଭୁତେଶାକ୍ଷୀ, ସୋମ ବଲ୍ଲ । ତେ. କାନୁଗଚେଟ୍ଟୁ ଆ. ଅକଟ୍ ମକଟ୍ [ବି—ଏହା ବୃହତ୍ ଲଟାଳଆ କଣ୍ଟା ଗଛ,ଜଙ୍ଗଲରେ ଓ ବାଡ଼ରେ ମାଡ଼େ । ଏହାର ଡୁଇଁ କଣ୍ଟକମୟ ଓ ଚେପଟା; ଅଁକାବଙ୍କା ଟିକ ଡୁଇଁ ପତ୍ର ବହୁ ଛୋଟ । ଗିଲ ଗଛର ଫୁଲର ଦଳ ସମାନ, କିନ୍ତୁ ଏ ଗଛର ଫୁଲର ଦଳ ଅସମାନ । ଏହାର ଡୁଇଁ ଭିତରେ ଥିବା ବୀଜର ଶସ୍ୟ ଔଷଧରେ ଲାଗେ । ଏହାର ପତ୍ରକୁ ଚକଟି କରି ଖାଆନ୍ତି ଏହାର ଫଳକୁ ଅଙ୍କୁର କରନ୍ତି ।]

ଲଟା କସି—ଦେ. ବି—ଏକ ପ୍ରକାର ଲଟାଳଆ ବନ୍ୟ ବୃକ୍ଷ— Lata kasi Bridalia Stipuleris (wild tree).

ଲଟା ଗହଳ(ଳି)—ଦେ. ବି—(ସଂ. ଲତା ବହୁଳତା)—ପରସ୍ପରକୁ Lata gahala(li) ବେଷ୍ଟନ କରିଥିବା ଅନେକ ଲତା— ঘন লতা বহু লতা A mass of entangled creepers. [ଲଟା ଗହଳିଆ—ଅନ୍ୟରୂପ] ଦେ. ବଣ—(ସଂ. ଲତା ବହୁଳ)— ঘন লতাপূর্ণ ବହୁ ଲତାଦ୍ୱାରା ଛନ୍ଦା ଛନ୍ଦି ହୋଇଥିବା— জটালতিয়া Entangled with creepers

ଲଟା ଚରିବା—ଦେ. କ୍ରି.—(ମେଘ) ପର୍ବତରେ ବୁଲିବା—To roam Lata chariba or spread on mountains (said of চরা জটা বাধা clouds). [ଉ—ପର୍ବତ ଶିଖରେ ଲଟା ଚରି ମେଘ ମତ୍ତା ବେଗେ ଅଟ୍ଟେ ଧାଇଁ । ଜଗନ୍ନାଥପୋର. କିଙ୍କିଣୀ ।]

ଲଟା ଜଙ୍ଗଲ—ଦେ. ବି—(ସହଚର) ୧। ଘନ ଅରଣ୍ୟ— Lata jangala 1. Dense forest. ୨। ଲତାମୟ ঝোপজঙ্গল ଅରଣ୍ୟ—2. A forest overgrown with ঝাড় জঙ্গল creepers.

ଲଟା ଝଟା—ଦେ. ବି—(ସହଚର) (ସଂ. ଲତା ଓ ଜଟ)—ଅଡ଼ୁଆ Lata jhata ଜଡ଼ୁଆ ହୋଇ ଛନ୍ଦା ଛନ୍ଦି ହୋଇଥିବା ଗୁଳ୍ମ ଲତାର ঝাড় ଲତା—Tangled creepers. ଦେ. ବଣ— লতাঝাড়ী ଲଟା ପଟା (ଦେଖ)—Latapata (See)

ଲଟାଣି(ଳି)ଆ—ଦେ. ବଣ— ୧। ଲତାମୟ—1. Consisting of Latani(li)a লতানিয়া জটিয়া creepers. ୨। ଲତାପରି ଗୁଡ଼ାଇ ହୋଇ ଥିବା—2. Entangled like creepers. ୩। ଲତା ପରି; ଲତା ସଦୃଶ ଚାରି ଆଡ଼େ ମାଡ଼ିଥିବା—3. Spreading like creepers.

ଲଟା ପଟା—ଦେ. ଅ—ଲଟ ପଟ (ଦେଖ) Lata pata লতা বেষ্টিত জটিহা Latapata (See) ଦେ. ବଣ— ୧। ବହୁ ଲତାଦ୍ୱାରା ବେଷ୍ଟିତ ହୋଇ ଅଡ଼ୁଆ ହୋଇଥିବା —1. Entangled with creepers. ୨। ଛନ୍ଦଣି ମନ୍ଦଣି—2. Entangled. ୩। ଗୋଳ-ମାଳଆ; ଜଟିଳ—3. Complicated; intricate; confused. ଦେ. ବି—ଲତାଆଦି ଦ୍ୱାରା ଗୁଡ଼େଇ • ଜୁଡ଼େଇ ହୋଇଥିବା ଅବସ୍ଥା—Entangled condition. [ଉ— କି ଝାଡ଼ ? କଣ୍ଟା ବାଡ଼; କି କଣ୍ଟା ? ଜାନକୋଳ କଣ୍ଟା—ଯହିଁରେ ଲାଗିବ ଲଟାପଟା— କାହାଣୀର ଲଥା ।]

ଲଟା ପତର—ଦେ. ବି (ସହଚର) (ସଂ ଲତା ଓ ପତ୍ର)—ଲତା ଆଦି— Lata patara লতা পতা লতা পতর Creepers. [ଲଟା ପତ୍ର—ଅନ୍ୟରୂପ]

ଲଟା ପରୁ—ପ୍ରାଦେ. (ଗଡ଼ଜାତ) ବି—ଗୁଣି ବିଦ୍ୟା ବା ତାନ୍ତ୍ରିକ ଉପାୟ Lata paru ପ୍ରୟୋଗ ପୂର୍ବକ କୌଣସି ଲଟା ବା ଜଙ୍ଗଲକୁ ବାନ୍ଧିବା, ଅର୍ଥାତ୍ ଏପରି କରିବା ଯେ, ଉକ୍ତ ଜଙ୍ଗଲରେ ଥିବା ମୃଗାଦି ପଶୁ ଶିକାରୀକୁ ଦେଖାଯିବେ, କିନ୍ତୁ ଶିକାରୀ ସେ ଜନ୍ତୁମାନଙ୍କୁ ଶିକାର କରି ବେଳକୁ ଜନ୍ତୁମାନେ ଅଦୃଶ୍ୟ ହୋଇ ଯିବେ—A charm employed to make a portion of the forest so invulnerable that the games (animals) moving in it will be visible to the hunter but will not fall to his bow or rifle when he aims at them.

ଲଟା ବର—ଦେ. ବ (ସଂ. ଲତା+ବଟ)—ଲଟାଳଅ ବରଗଛ—
Latā bara A species of banyan tree with
লতানিয়া বটগাছ जतियावर(ड़) drooping branches.
ଲଟା ବରକୋଲି—ଦେ. ବ—ଭୁଇଁବରକୋଳି (ଏ ଗଛର ଡାଳ ଲଟା
Latā barakoli ପରି ଭୂଇଁରେ ମାଡ଼ିବାରୁ)—A sort of
লতাকুল लताबे(बे)र creeping jujube plant.
ଲଟା ବେଁଙ୍କୋଳି—ଦେ. ବ (ସଂ. ସ୍ପୃକ୍କା ଓ ଭୁଲୀ)—ବଡ଼ାକୁଡ଼ି;
Latā beñeñkoli ବାଇଗଣଜାତୀୟ କଣ୍ଟକମୟଲତାବିଶେଷ-
(ଲଟାବେଁକୋଳି—ଅନ୍ୟରୂପ) Solaniun Indicum;
ସଂ. ନାମ—ବାର୍ତ୍ତାକୀ, କ୍ଷୁଦ୍ରଭଣ୍ଟାକୀ, Solanium Diffusum;
ମହତୀ, ମହତୀ, ବୃହତୀ, ଭୁଲୀ, ହିଙ୍ଗୁଲୀ Solanium Tril°
ସ୍ପୃକ୍କା, ବଂସ୍ତୀ, ମହୋଷ୍ଟ, ଦୁଷ୍ପଧର୍ଷିଣୀ, batum (Haines).
ବହୁଫଲା, ପୁଷ୍ପପ୍ରଦା, କଣ୍ଟପତ୍ରିକା [ଦ୍ର—ଏ ଲତା ଭୂମିରେ
ব্যাকুড় ବା ବାଡ଼ରେ ମାଡ଼େ ।
बारहान्टा, बरहन्टा, कटाई ଏହାର ପତ୍ର ବାଇଗଣ
ତେ. ଭୁଲକମାଠୀ, ଉସ୍ତ ପତ୍ର ପରି କିନ୍ତୁ ଅକାରରେ
କା. ଡେରୁବୁଷ୍ଣ ଛୋଟ ଓ ପତ୍ରର ପିଠି
ଫା. ଭୁସ୍ତବଗାର, ବାଦଂଜନ୍ ଜଙ୍ଗଲି ପାଖରେ କଣ୍ଟା ଥାଏ ।
ମ. ଥୋରଭୋରଲୀ ଫଳ ଭେଜି ବାଇଗଣ ପରି
ଗୁ. ଭୟଭୋରଙ୍ଗଣୀ ଓ ଫୁଲ ବାଇଗଣ ଫୁଲ
ପରି ନାଲବର୍ଣ୍ଣ । ଏହାର ପତ୍ର ଓ ଫଳ କାଶ ରୋଗରେ ଓ
ଦଶମୂଳ ପାଚନ ଔଷଧରେ ବ୍ୟବହୃତ ହୁଏ । ଏହା ଧାରକ,
ପାଚକ, ହୃଦ୍ୟ, ଉଷ୍ଣବୀର୍ଯ୍ୟ; ଏହା କଫ, ବାୟୁ, ମୁଖର
ବିରସତା, ମଳ, ଅରୁଚି, କୁଷ୍ଠ, ଜ୍ୱର, ଶ୍ୱାସ, ଶୂଳ, କାଶ
ଓ ଅଗ୍ନିମାନ୍ଦ୍ୟନାଶକ ।]

ଲଟାଳ—ଦେ. ବଣ (ସଂ. ଲତା)—୧ । ଲତାମୟ;. ଲତାଯୁକ୍ତ—
Latāla 1, Consisting of creepers. ୨ । ଲତା
(ଲଟାଳଅ—ଅନ୍ୟରୂପ) ପରି—2. Like creepers. ୩ ।
লাতানিয়া, লতানে लतिया ଯାହା ଲତା ପରି ମାଡ଼େ—
3. Spreading like a creeper.

ଲଟାଲଟି ହେବା—ଦେ. କ୍ରି (ସଂ. ଲୁଣ୍ଠିତ) ପରସ୍ପର ଧସ୍ତାଧସ୍ତି ହୋଇ ଭୂମି
Latālati hebā ଉପରେ ଗଡ଼ିଯିବା—To hold each
জটাপটি হওয়া other and roll on the ground.
लेटालेटि होना लटपट होना

ଲଟି—ଦେ. ବ (ସଂ. ଲତାରୁ କ୍ଷୁଦ୍ରାର୍ଥେ)—କ୍ଷୁଦ୍ର ଲତା—Small
Lati creeper. ପ୍ରାଦେ (ସମ୍ବଲପୁର) ବ—ଜଙ୍ଗଲ—
ছোট লতা लती Jungle.

ଲଟିକା—ପ୍ରାଦେ (ଗଡ଼ଜାତ; ସଂ. ଲତିକା) ବ—ଏକାଧିକ ଗଛର ପୁଞ୍ଜ;
Latikā ବୋରେଇ—Clump; grove.

ଲଟିକାଳ—ଦେ. ବ (ସଂ. ନାରକେଳ) ନଡ଼ିଆ—
Latikāla নারকেল नारियल Cocoanut.

ଲଟି ପତ୍ର—ଦେ. ବ(ସଂ. ଲତା ଓ ପତ୍ର)—ଲତାପତ୍ର—Leaves and
Lati patra creepers. (ଦ୍ର—ସୁମ ଲକ୍ଷଣ ସେ ସବୁ
লতাপাতা लतापत्र ଲଟି ପତ୍ର ଶେଯ କରି କଞ୍ଜୁଳରେ
ଶୋଇଲେ । ନୀଳକଣ୍ଠ, ପିଲ୍ଲାଙ୍କସମାପୂର୍ଣ ।)

ଲଟିବା—ଦେ. କ୍ରି (ସଂ ଲତା)—ଲଟାଇବା—
Latibā লতান फैलना To creep; to trail.

ଲଟିବୁରେ—ପ୍ରାଦେ (ସମ୍ବଲପୁର) ବ [ମୂଳ ହୁ. ଲଉସ୍ୟାବେ(ବେ)ର,
Latiburo झाड़बेर]—ବର୍କଳ; ଭୂଇଁବରକୋଳି; ଲଟା
ବରକୋଳି—A sort of creeping jujube
plant.

ଲଟୁ(ଟ୍ଟୁ)—ଦେ. ବ (ସଂ. ଲଟ୍ଟୁ)—୧ । ଦଉଡ଼ିଦ୍ୱାରା ଘୁରାଇ, ଭୂମିରେ ଡଙ୍କ
Latu(ttu) ପରି ବୁଲାଇବା ପାଇଁ ପ୍ରସ୍ତୁତ ହୋଇଥିବା
লাটু, লাটিম लट्टू ଛୁଞ୍ଚାକାର ମୁନଥିବା ଗୋଲକବିଶେଷ—
1. A whirling top. ୨ । କୀଡ଼ନକ କନ୍ଦୁକ,
ଖେଳିବାର ପେଣ୍ଡୁ—2. A play ball. (ଦ୍ର—
ମସ୍ତକମାନ ଲଟୁ କରି, ହରଷେ ବୁଲନ୍ତି ବହୁତ—
ଜଗନ୍ନାଥ. ଭାଗବତ ।)

ଲଟୁଆ—ଦେ. ବଣ. ପୁଂ (ସଂ ଲଟ୍ଟୁ=ଖଳ)—୧ । ଲମ୍ପଟ—
Latuā 1, Lewed. ୨ ଅନର୍ଥକାରୀ—2 Trouble
(ସ୍ତ୍ରୀ—ଲଟୋଇ) some. ପ୍ରାଦେ (କଟକ ସହର)
লটুয়া लट्टा ବ—ନାଚୁଆ; ନର୍ତ୍ତକ—Dancer.

ଲଟୁକ—ସଂ. ବ (ବୈଦ୍ୟକ)—ଲେଉଟିଆ ଶାଗ (ବଡେକୃଷ୍ଣ ଦ୍ରବ୍ୟଗୁଣ)-
Latuka A pot-herb; Amaranthus Poly-
gamus.

ଲଟୁ ଖେଳ—ଦେ. ବ—୧ । ପେଣ୍ଡୁ ଦ୍ୱାରା ଖେଳ—1. A game
Latu khela with balls. ୨ । ଲଟୁକୁ ଦଉଡ଼ି ସାହାଯ୍ୟରେ
লাটু খেলা ଭୂମିରେ ଘୁରାଇବାର ଖେଳ—2. A play with
लट्टु खेल the whirling top.

ଲଟୁ ଚୋରି—ଦେ. ବ—ହରିବଂଶ ନାମକ ଶ୍ରୀକୃଷ୍ଣ ଲୀଳାତ୍ମକ ଗ୍ରନ୍ଥ ବର୍ଣ୍ଣିତ
Latu chori ଶ୍ରୀକୃଷ୍ଣଙ୍କର ଦୁଇଟି ପେଣ୍ଡୁକୁ ରାଧା ଚୋରାଇ ନେଇ
লাটু চোরী ଥିବାର ଅଭିଯୋଗରେ ଶ୍ରୀକୃଷ୍ଣ କୌତୁକ କରିଥିବା
लट्टु चोरी ଘଟଣା ଓ ତଦବଲମ୍ବନରେ ଲିଖିତ ଓଡ଼ିଆ ଭକ୍ତ
ଦୀନକୃଷ୍ଣ ଦାସଙ୍କର ପଦ୍ୟ ଗ୍ରନ୍ଥ—A small Oriya
poem by poet Dinakrushna describing
an incident of Srikrushnas accusation
against Rādhā that she had stolen his
play balls, though she had not actually
done so, but which two balls came
out of the folda of her dress.

ଲଟେଇ—ଦେ. ବ. (ସଂ. ନର୍ତ୍ତକୀ)—ନଟେଇ; ଅରଟରେ କଟା ଯାଇଥିବା
Latei ସୂତାକୁ ଗୁଡ଼େଇ ରଖିବା ପାଇଁ ବ୍ୟବହୃତ ଏକାଧିକ
নাটাই କାଠିଯୁକ୍ତ ଯନ୍ତ୍ର—A reel. [ଦ୍ର—ଏଥିର ଦେହରେ
घिरनी, लटवा ଅରଟରୁ ପିଉଁଥିବା ସୂତା ଗୁଡ଼େଇ ହେଲା ବେଳେ
ଏହା ଘୂରୁଥାଏ ବା ନାଚଲା ପରି ଦେଖା ଯାଉଥାଏ
ଏଥିପାଇଁ ଏପରି ନାମ ହୋଇଅଛି ।]

ଲଟେଇ ପଟେଇ—ଦେ. ବିଣ—ଲଟପଟ (ଦେଖ)
Laṭei paṭei — Laṭapaṭa (See)

ଲଟୋରା—ଦେ. ବି—ଶାଖାଶ୍ରୟୀ ବର୍ଗର ପକ୍ଷୀବିଶେଷ—Shrike, Lanius. [ବି—ଏମାନଙ୍କର ଚଞ୍ଚୁ ଦୃଢ଼ ଓ ପାର୍ଶ୍ୱ ଚେପଟା, ଅଗ୍ର ତଳ ଆଡ଼କୁ ନତ; ଡେଣା ଅପେକ୍ଷା ପୁଚ୍ଛ ଦୀର୍ଘ; ମସ୍ତକ ବଡ଼; ଏହାଙ୍କ ବେକ ଓ ମସ୍ତକ କଳା; ଡେଣା ନେଳବର୍ଣ୍ଣ ପାଉଁଶିଆ ଓ ଧଳା କଳା । ଦୁଧିଆ ଓ ଖୈର ବା ଲୁଟଙ୍ଗା ଭେଦରେ ଏ ପକ୍ଷୀ ଦୁଇ ପ୍ରକାର ଦେଖାଯାନ୍ତି । ଏମାନେ ସ୍ଥାୟୀ ଭାବରେ ପଡ଼ିଆରେ ଥାଆନ୍ତି । ଥରକେ ୫ ଠାରୁ ୬ ପର୍ଯ୍ୟନ୍ତ ଡିମ୍ବ ପାରନ୍ତି । ୧. ଦୁଧିଆ—୧୩।୧୪ ଅଙ୍ଗୁଳ ଦୀର୍ଘ, ଚକ୍ଷୁର ପାର୍ଶ୍ୱ କଳା, ଉପର ପାଖର ପକ୍ଷ ଶାଳ ଧୂସର ଓ ପୁଚ୍ଛ କୃଷ୍ଣଶ୍ୱେତ ବର୍ଣ୍ଣ (Grey shrike; Lanius Lahtora) ୨. ଖୈର ବା ଲୁଟଙ୍ଗା—ନଅ ଦଶ ଅଙ୍ଗୁଳ ଦୀର୍ଘ, ପିଠି ଖଇରି—2. Bay-backed shrike; Lanius Vittatus].
लटोरा
लटोरा

ଲଟ୍ଟ—ସଂ. ବି. ପୁଂ—ଲଟକ (ଦେଖ)
Laṭṭa — Laṭa (See)

ଲଟ୍ଠା—ଦେ॰ ବି—ଲଠା (ଦେଖ)
Laṭṭhā — Laṭhā (See)

ଲଟ୍ୱ—ସଂ. ବି. (ଲଟ୍ ଧାତୁ=ଶୁପଲ୍ୟାଦ ବାଲ ଭାବ ପ୍ରକାଶ କରିବା+କର୍ତ୍ତୃ. ବ)—୧ । ଅଶ୍ୱ; ଘୋଡ଼ା—1. Horse. ୨ । ଲଟୁ (ଦେଖ)—2. Laṭu (See) ୩ । ରାଗିଣୀ ବିଶେଷ—3. Name of a musical tune. ୪ । ସଙ୍ଗୀତର ସ୍ୱରର ପ୍ରକାର ବିଶେଷ—4. A kind of tone. ୫ । ବର୍ଣ୍ଣସଙ୍କର ଜାତି ବିଶେଷ—5. Name of a hybrid caste. ୬ । ଲମ୍ପଟ ବ୍ୟକ୍ତି—6. Adulterer.
Laṭwa
(ଲଟ୍ୱା—ସ୍ତ୍ରୀ) ସଂ. ବିଣ. ପୁଂ—ଦୁଶ୍ଚରିତ୍ର—Of bad character.

ଲଟ୍ୱା—ସଂ. ବି. ସ୍ତ୍ରୀ. (ଲଟ୍ୱ+ସ୍ତ୍ରୀ. ଆ)—୧ । ଲଟା କରଞ୍ଜ (ଦେଖ)
Laṭwā — 1. Laṭā karañja (See) ୨ । ଗ୍ରାମ୍ୟ ଚଟକ ପକ୍ଷୀ; ଘରଚଟିଆ ଚଢ଼େଇ—2. House-sparrow. ୩ । ମିଷ୍ଟାନ୍ନ ବିଶେଷ—3. A sort of sweet meat. ୪ । ଭ୍ରମର—Black bee. ୫ । ବାଦ୍ୟ ବିଶେଷ 5. A kind of musical instrument. ୬ । କୁସୁମ ଫୁଲ (ବୃ. ଶ)—6. Safflower. ୭ । ଅଳକ; ଚୂର୍ଣ୍ଣକୁନ୍ତଳ (ବୃ. ଶ)—7. Curls of hair on the forehead, ୮ । ଚିତ୍ରତୂଳିକା (ବୃ. ଶ)—8. Painter's brush. ୯ । ବ୍ୟଭିଚାରିଣୀ ସ୍ତ୍ରୀ (ବୃ. ଶ)—9. An adulteress; unchaste woman (Apte). ସଂ. ବିଣ. ସ୍ତ୍ରୀ—ଦୁଶ୍ଚରିତ୍ରା—Dissolute (woman).

ଲଠ୍—ଦେ॰ ବି—ଲଟ୍ (ଦେଖ)
Laṭh — Laṭ (See)

ଲଠା—ଦେ. ବି. (ସଂ. ଯଷ୍ଟି; ପ୍ରା. ଲଟ୍ଠି)—୧ । ଲମ୍ବ ଯଷ୍ଟି—
Laṭhā — 1. Long stick. ୨ । ଜମି ମାପ କରିବାର ପରିମାଣ (ଲଟ୍ଠା—ଅପଭ୍ରଂଶ) ବା ଦଣ୍ଡ—2. A long pole for measuring land. ୩ । (ସଂ. ଅଷ୍ଟୁ) ଅଠା—3. Gum.
লাঠি
लट्ठा, लग्गी
ଲଠା—ପ୍ରାଦେ. (ସମ୍ବଲପୁର) ବି—ଢିଙ୍କିରେ କୁଟା ହୋଇ ପିଣ୍ଡୀଭୂତ ମହୁଲ; ଢିଙ୍କିରେ କୁଟା ହୋଇଥିବା ମହୁଲ ମେଞ୍ଚା—A ball of Mahuā pestled with a ḍhiṅki [ବି—ମହୁଲକୁ ଭାଜ ମୁଢ଼ି ସଙ୍ଗେ ମିଶାଇ ଢିଙ୍କିରେ କୁଟିଲେ ତାହା ମେଞ୍ଚା ମେଞ୍ଚା ହୋଇଯାଏ । ତୋଷଳ ହୋଇଥିବାରୁ ଲୋକେ ତାକୁ ଜଳଖିଆ ରୂପେ ଖାଆନ୍ତି ।]
আঠা
गोंद

ଲଠା(ଠେ)ଇବା—ଦେ. କି—ଯଷ୍ଟି ଦ୍ୱାରା ପ୍ରହାର କରିବା—
Laṭhā(the)ibā — To strike with a stick.
লাঠান লঠিয়ানা

ଲଠା ଖୁରୁଡ଼(ଡ଼ୁ)—ପ୍ରାଦେ. (ପୁରୀ ଜିଲ୍ଲା) ବି—କଷୋର ନଡ଼ିଆରୁ ହୋଇଥିବା ଖୁରୁଡ଼—The dried kernel of half-ripe cocoanut. [ବି—ଯେଉଁ ଖୁରୁଡ଼ ନଡ଼ିଆକୁ ହାତରେ ହଲାଇ ବଜାଇଲେ ତହିଁ ମଧ୍ୟର ଅଣ୍ଡାକାର ଶସ ଖପୁରିରୁ ସମ୍ପୂର୍ଣ୍ଣ ରୂପେ ଛାଡ଼ି ନ ଥିବାରୁ ତାହା ଖଡ଼ଖଡ଼ ହୋଇ ବାଜେ ନାହିଁ, ତାକୁ ଲଠା ଖୁରୁଡ଼ କହନ୍ତି ।]
Laṭhā khururḏa(rḏu)

ଲଠା ଲଠି—ଦେ. ବି—ଲଠିଆ ଲଠି (ଦେଖ)
Laṭhā laṭhi — Laṭhiā laṭhi (See)
লাঠালাঠি लाठालाठी

ଲଠାଳିଆ—ଦେ. ବିଣ—ଅଠାଳିଆ—
Laṭhāḻiā — Gummy; sticky; glutinous.
আঠা আঠা चिपचिपा, लसलसा

ଲଠି—ଦେ. ବି. (ସଂ. ଯଷ୍ଟି; ପ୍ରା. ଲଟ୍ଠି)—୧ । ଯଷ୍ଟି—1. Stick; ୨ । ମୋଟା ବାଡ଼ି; ଠେଙ୍ଗା—2. A stout stick lathi; cudgel.
Laṭhi
লাঠি लट्ठी, लाठी, लठिया

ଲଠିଆଳ—ଦେ॰ ବି—୧ । ଯଷ୍ଟିଧାରୀ ବ୍ୟକ୍ତି; ଯଷ୍ଟି ପ୍ରହରଣାୟୁଧ ବ୍ୟକ୍ତି
Laṭhiāḻa — 1. A man armed with a stick as a weapon of offence. ୨ । ଯଷ୍ଟିଦ୍ୱାରା ପଥିକମାନଙ୍କୁ ଆକ୍ରମଣ କରିବା ଦସ୍ୟୁ—2. A robber who attacks travellers with sticks. ୩ । ଯଷ୍ଟିଦ୍ୱାରା ଅନ୍ୟ ବ୍ୟକ୍ତିକୁ ପ୍ରହାର କରି ଧନ ଉପାର୍ଜନ କରିବା ବ୍ୟକ୍ତି—3. A man who earns his living by striking persons with sticks
লাঠিয়াল, লেঠেল लठैत; लट्ठबाज

ଲଠିଆଲଠି—ଦେ. ବି—ପରସ୍ପରକୁ ଯଷ୍ଟି ସାହାଯ୍ୟରେ ଆଘାତ କରିବା-ଦ୍ୱାରା ଯୁଦ୍ଧ—A fight with sticks.
Laṭhiā laṭhi
লাঠা লাঠি लठालठी ଦେ. ବିଣ—ଯଷ୍ଟିଦ୍ୱାରା ପରସ୍ପରକୁ ଆକ୍ରମଣ କରି ଯୁଦ୍ଧ କରୁଥିବା—Fighting with sticks.

ଲଠି ଚଳା(ଳେ)ଇବା—ଦେ. କ୍ରି—ଲଠି ବୁଲାଇବା (ଦେଖ)
Lathi chala(le)iba Lathi bulaiba (See)
লাঠি চালান **लठी चलाना**

ଲଠିବାଜ—ଦେ. ବିଣ—ଲଠିଦ୍ୱାରା ଅଘାତକାରୀ—
Lathibaj Striking with a stick or cudgel.
লাঠিবাজ **लट्ठबाज**

ଲଠି ବାଜି—ଦେ. ବି—ଲଠିଦ୍ୱାରା ମାର ପଡ—
Lathi baji An affray with the help of sticks.
লাঠিবাজী **लठबाजी**

ଲଠି ବାଡ଼ି—ଦେ. ବି—(ସହଚର) (ବହୁବଚନ)—ବଡ଼ ଓ ସାନ ଯଷ୍ଟି-
Lathi bardi Sticks big and small.
লাঠি ঠেঙ্গা **लठी डंडा** [ଲଠି ଠେଙ୍ଗା—ଅନୀରୂପ]

ଲଠି ବୁଲା(ଲେ)ଇବା—ଦେ. କ୍ରି—ବିପକ୍ଷର ଅକ୍ରମଣରୁ ଅତ୍ମରକ୍ଷା କରିବା
Lathi bula(le)iba ପାଇଁ କିମ୍ବା ବିପକ୍ଷକୁ ଅକ୍ରମଣ କରିବା
लठी घुमाना ପାଇଁ କୌଶଳ ପୂର୍ବକ ହସ୍ତରୁ ଧୃତ ଯଷ୍ଟି ବା ବଂଶଦଣ୍ଡକୁ
ଇତସ୍ତତଃ ସଞ୍ଚାଳନ କରିବା—To brandish a
লাঠিঘোরান stick for self defence or attack.

ଲଠି ଲଠି ହେବା—ଦେ କ୍ରି—ଲାଠି ଲାଠି ହେବା—
Lathi lathi heba Lathi lathi heba (See)

ଲଠ୍ୟାଘାତ—ଦେ. ବି—(ପଣ୍ଡିତ ପ୍ରୟୋଗ)—ଯଷ୍ଟ୍ୟାଘାତ, ଯଷ୍ଟିଦ୍ୱାରା
Lathyaghata ପ୍ରହାର—Blow with the stick.
লাঠ্যাঘাত **लठ्याघात**

ଲଠୌଷଧ(ଧି)—ଦେ. ବି—(ପଣ୍ଡିତଙ୍କ ପ୍ରୟୋଗ)—(ବ୍ୟଙ୍ଗୋକ୍ତି)—
Lathyaushadha(dhi) ଶତ୍ରୁ ବା ଦୁର୍ବୃତ୍ତଙ୍କ ପ୍ରତି ପ୍ରଯୁକ୍ତ
ଯଷ୍ଟି ପ୍ରହାର ରୂପ ଔଷଧ—(Ironical) Stick used
as a medicine against an enemy. (ଯଥା—
ମୂର୍ଖସ୍ୟ ଲଠୌଷଧଂ । ଲଠୌଷଧ ଡଲେ ଠୀକା ହେବ ।)

ଲର୍ଡ୍ (ଧାତୁ)—ସଂ.—୧ । କମ୍ପିତ ହେବା—1. To vibrate. ୨ ।
Lard(root) କମ୍ପିବା—2. To tremble. ୩ ।
ଦୋହଲିବା—3. To shake to and fro. ୪ ।
ଉଦ୍‌ବେଳିତ ହେବା—4. To be anxious or restless.
୫। ଝୁଲିବା—5. To hang down; to be sus-
pended. ୬ । ସନ୍ତାନାଦି ଲାଳନ କରିବା—6. To
rear up (children).

ଲର୍ଡ଼(ର୍ଡ୍)—ବୈଦେ. ବି. (ଇଂ)—ଇଂଲଣ୍ଡର ସମ୍ଭ୍ରାନ୍ତ ବଂଶୀୟ ଜମିଦାର
Lard(rd) ମାନଙ୍କର ଉପାଧି ବିଶେଷ—Lord, (a title of
লর্ড **लार्ड** [ଲେଡ଼ି—ସ୍ତ୍ରୀ] landlords in England).
[ବି—ଲର୍ଡ଼ ଉପାଧିଧାରୀଙ୍କ ଅଧିକୃତ ଅଞ୍ଚଳର ନାମର ପୂର୍ବରେ
(ଯଥା—Lord Ripon ବା Lord of Ripon.)
କିମ୍ବା ଉକ୍ତ ବ୍ୟକ୍ତିଙ୍କ ବଂଶର ବା ଜମିଦାରୀର ବା ବାସସ୍ଥାନର
ନାମ ପୂର୍ବରେ ଏହି ଶବ୍ଦ ବ୍ୟବହୃତ ହୁଏ । ଏହି ଉପାଧି
ଇଂଲଣ୍ଡର ଜମିଦାରମାନଙ୍କ ବଂଶଗତ ଉପାଧି ଅଟେ । କେତେ
ବିଶେଷ ବିଶେଷ ବ୍ୟକ୍ତିଙ୍କୁ ମଧ୍ୟ ବିଲାତର ରାଜା ଏ ଉପାଧି
ଦିଅନ୍ତି । ଭାରତୀୟ ବ୍ୟକ୍ତିମାନଙ୍କୁ ମଧ୍ୟ ଇଂଲଣ୍ଡର ରାଜା ଏ
ଉପାଧିରେ ଭୂଷିତ କରିବାର ଦୃଷ୍ଟାନ୍ତ ଅଛି । ବାରିଷ୍ଟର ସ୍ୱର୍ଗୀୟ
ଶ୍ରୀ ସତ୍ୟେନ୍ଦ୍ର ପ୍ରସନ୍ନ ସିଂହଙ୍କୁ ଏହି ଉପାଧି ଦେଇ ଥିଲେ ।
(Lord S. P. Sinha ବା Lord Sinha) । ତାଙ୍କ
ଜନ୍ମସ୍ଥାନର ନାମ ପୂର୍ବରେ ଏ ଉପାଧି ଲଗା ହୋଇଥିଲା ।
ଯଥା—Lord of Raipur. ଲର୍ଡ଼ମାନଙ୍କ ସ୍ତ୍ରୀମାନଙ୍କ
ଉପାଧି ଲେଡ଼ୀ ।]

ଲଡ଼୍‌କା—ବୈଦେ. ବି. (ହିନ୍ଦିରୁ ଅନୁକୃତ) (ସଂ. ଲଡ଼୍ ଧାତୁ=ଲାଳନ
Lard-ka କରିବା; ସଂ. ଲଟ୍ ଧାତୁ—ପିଲା ପରି ଅଚରଣ
(ଲଡ଼କୀ—ସ୍ତ୍ରୀ) କରିବା)—୧ । ପୁତ୍ର—1. Son. (ଉ—ତାହା
(ପ୍ରାଚୀନ ବ. ଲେଡକା] ବାଦ୍ ଅଲ ମିଞ୍ଚ ଲଡ଼କାକୁ ପାଖରେ
(ଅଧୁନା ଅପ୍ରଚଳ) ବସାଇ ବୟସ୍ଥ ବର୍ମ ଚଳାଇବା ବିଷୟରେ ଅନେକ
लड़का ଉପଦେଶ ଦେଲେ । ଫକୀରମୋହନ. ଛମାଣ. ଅଠଗୁଣ୍ଠ) ।
୨ । ସନ୍ତାନ; ଶିଶୁ—2. Male child; infant.
(ଉ—ବାଡ଼ ଠୁକୁ ଠୁକୁ, କାଶେ ଲଡ଼କା, ବାଟେ ହୁଳବର
ଦେଖିବ ଏକା, ଖାଅବେ ଲୁମ୍ବାର, କୋଶଟକେ ତେଲ, ବାପ
ବେ ହେଲେ ନ ଯିବ ପେଲ । ଖନା ବଚନ ।] ୩ । ଲଡ଼୍‌କା;
নোলক, **बुलकी-बुलाकी,लौ,लटक** ନାକରୁ ବା କାନରୁ ଝୁଲୁଥିବା;
ଅଳଙ୍କାର—3. A pendant for the ear or
nose (ornament). ବିଂବିଣ—(ସଂ.ଲଡ଼୍ ଧାତୁ)—
নড়নড়ে **लड़लड़** ଲଡ଼ ଲଡ଼ ହେଉଥିବା; ଶ୍ଳଥ ବା ଢିଲା ହୋଇ
ଗର୍ତ୍ତରେ ବସାଯାଇଥିବା ବା ଝୁଲୁଥିବା- Hanging
loosely; set loosely.

ଲଡ଼(ର୍ଡ୍)ବିଶପ—ବୈଦେ. ବି. (ଇଂ)—ଖ୍ରୀଷ୍ଟିୟାନମାନଙ୍କର ପ୍ରଧାନ
Lard(rd) bisap ଧର୍ମଯାଜକ—Lord Bishop among
লাড় বিষপ **लड बिशप** the Christians. [ବି—ରାଜ୍ୟର
ପ୍ରଧାନ ପ୍ରଧାନ ନଗର ବା ରାଜଧାନୀରେ ଏମାନେ ଥାଆନ୍ତି
ଓ ଏମାନଙ୍କ ଅଧୀନ ଅନେକ ନିମ୍ନତର ଧର୍ମ ଯାଜକ
ଥାଅନ୍ତି ।]

ଲଡ଼ୁରା—ପ୍ରାଦେ (ସମ୍ବଲପୁର) ବିଣ—(ଲଡ଼ ହି. ଲାଡ଼ଲା)—ଗେହ୍ଲା
Lard-ra ଅତ୍ୟଧିକ ସ୍ନେହରେ ବର୍ଦ୍ଧିତ (ସନ୍ତାନାଦି)—
(child) Brought up with excessive fond
ness; too much fondled; pet.

ଲର୍ଡ଼(ର୍ଡ୍)ସ—ବୈଦେ ବି (ଇଂ)—୧ । ବିଲାତର ଜମିଦାର ଓ ସମ୍ଭ୍ରାନ୍ତ
Lard(rd)-s ବଂଶୀୟ ନାୟକଗଣ—1. The Lords.
লর্ডস্ **हाउस** ୨ । ବିଲାତ ପାର୍ଲିଅମେଣ୍ଟର ଗୋଟିଏ ଅଙ୍ଗ—
2. The House of Lords. [ବି—ଏମାନେ ଦୁଇ
ଶ୍ରେଣୀରେ ବିଭକ୍ତ । ଯଥା—ରାଜ୍ୟାଧିକାରୀ ଲର୍ଡ଼ସ୍—
Lords Temporal. ଓ ଧର୍ମ ଦୃଷ୍ଟିରେ ଉଚ୍ଚ
ପୁରୋହିତ—Lords Spiritual. ଏହି ଦୁଇଶ୍ରେଣୀର
ଲର୍ଡ଼ମାନଙ୍କ ଦ୍ୱାରା ବିଲାତର ଶାସକ ସଭା ବା ପାର୍ଲିଅମେଣ୍ଟର
ଗୋଟିଏ ଶାଖା House of Lords ଗଢ଼ା । ଏହି
ଲର୍ଡ଼ ଶବ୍ଦର ଅପଭ୍ରଂଶ ଲାଟ୍ । ଭାରତରେ ଗଭର୍ଣ୍ଣର

ଜେନରଲମାନଙ୍କ ଉପାଧି ଲର୍ଡ଼୍ ଥିବାରୁ ସାଧାରଣରେ ସେମାନଙ୍କୁ ବଡ଼ଲାଟ୍ ବା ଲାଟ୍ ବୋଲି ଭାଷାରେ ଅଭିହିତ କରାଯାଏ । ଯଥା—ଲର୍ଡ଼୍ ରିପନ୍, ଲର୍ଡ଼୍ କର୍ଜନ୍ ।]

ଲଡ଼(ର୍ଡ଼) ସଭା—ଦେ. ବି—(ଇଂ. ଲର୍ଡ଼ ଓ ସଂ. ସଭା)—ବିଲାତର Lard(rrd) sabhā ପାର୍ଲିଅମେଣ୍ଟର ଉଚ୍ଚତର ଶାଖା—ଲର୍ଡସଭା **लार्डसभा** The House of Lords.

ଲଡ଼କା ସିଝୁ—ପ୍ରାଦେ (ଗଡ଼ଜାତ.ଗଞ୍ଜାମ) ବି—କ୍ଷୀର ସମୁଦ୍ର (ଦେଖ)—Lardaka sijhu Kshirasamudra (See). (ସଂ. ନାମ—ସମଲଦୁଗ୍ଧୀ, ସମଲକଣ୍ଟକ; ଦ୍ରବ୍ୟଗୁଣ କଳ୍ପଦ୍ରୁମ) ।

ଲଡ଼କା(କେ)ଇବା—ଦେ. କ୍ରି—ଲଟକାଇବା—(ଦେଖ)—Lardakā(ke)ibā Latakaibā (See). लटकान, **लुटकाना, लटकाना**

ଲଡ଼କା ଲଡ଼କି—ଦେ. ବି (ହିନ୍ଦିରୁ ଅନୁକୃତ)—(ବ୍ୟଙ୍ଗ୍ୟ) ପୁତ୍ରକନ୍ୟା; Lardakālardaki ସନ୍ତାନ ସନ୍ତତି; **ଅପତ୍ୟାଦି**—Son and লেড়কালেড়কী **लड़कालड़की** daughter; children.

ଲଡ଼କି ପଡ଼ିବା—ଦେ. କ୍ରି—(ସଂ. ଲଡ଼—କମ୍ପିତ ହେବା)—Lardaki pardibā ୧ । ଲଟକିବା; ଝୁଲିପଡ଼ିବା; ଓହୋଳିବା—(ଲଡ଼କିବା—ଅନ୍ୟରୂପ) 1. To hang down. ୨ । ଶ୍ଳଥ লটকা, লটকেপড়া **लुटकना** ହେବା—2. To be loose.

ଲଡ଼ ଚଡ଼—ଦେ.ଅ—ନଡ଼ ଚଡ଼ (ଦେଖ)—Narda charda Larda charda (See).

ଲଡ଼ବଡ଼—ଦେ. ଅ—ନଡ଼ବଡ଼ (ଦେଖ)—Narda barda (See) Larda barda (ଲଡ଼ର ବଡ଼ର—ଅନ୍ୟରୂପ)

ଲଡ଼ବଡ଼ି—ଦେ. ବି—ନଡ଼ ବଡ଼ି (ଦେଖ)—Narda bardi (See) Larda bardi (ଲଡ଼ ବଡ଼ିଅ ଖୋଇ—ଅନ୍ୟରୂପ)

ଲଡ଼ ଲଡ଼—ଦେ. ଅ—ନଡ଼ ନଡ଼—(ଦେଖ)—Nardanarda Larda larda (See). [ଦ୍ରି—ଏଣ୍ଡା ବାଛ କାର ଛୁଟିଅଛୁ (ଲଡ଼ଲଡ଼ିଆ—ଅନ୍ୟରୂପ) ପିଠି ହାଡ଼ । ଉଠିଲେ ଏଣ୍ଡା ହେଉଛୁ ଲଡ଼ ଲଡ଼ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

ଲଡ଼ା—ପ୍ରାଦେ (କଟକ ସହର) ବି—ନଡ଼ା; ଛଣ—Straw. Lardā

ଲଡ଼ା(ଡ଼େ)ଇ—ଦେ. ବି.—ଲଢ଼ାଇ (ଦେଖ)—Lardhāi (See). Lardā(rde)i

ଲଢ଼ିଆ—ପ୍ରାଦେ (କଟକ ସହର) ବି—ନଡ଼ିଆ—Cocoanut. Lardiā

ଲଡ଼ିତ—ସଂ. ବିଣ—ଇତସ୍ତତଃ ଚଳୁଥିବା; ହଲୁଥିବା—Moving Ladita hither and thither (M. W).)

ଲଡ଼ୁ—ଦେ. ବି—(ସଂ. ଲଡ୍ଡୁକ)—ମିଷ୍ଟାନ୍ନ ଗୋଲକ ବିଶେଷ—A লাড়ু **लड्डु** kind of sweetmeat ball.

ଲଡ଼ୁଆ ଗୋପାଳ—ଦେ. ବି—ଅଣ୍ଠୁଆ ଗୋପାଳ (ଦେଖ) Larduā gopāla Ānthuā gopāla (See) লাড়ু গোপাল **लड्डुआं गोपाल**

ଲଡ଼ୁକେଶ ମହାପାତ୍ର—ଦେ. ବି—(ନାମ)—୧ । ଜନୈକ ସଂସ୍କୃତ Lardukesa mahāpātra ବ୍ରାହ୍ମଣ ପଣ୍ଡିତ—1. The name of a Brahmin Sanskrit pandit. [ଦ୍ରି—ଏହାଙ୍କ ଜନ୍ମସ୍ଥାନ-ନୂଆଗଡ଼ ମାଳଧାଡ଼ା ପୁର ଶାସନ । ଏ ସଂସ୍କୃତ ବ୍ୟାକରଣ ଉତ୍ତମରୂପେ ଜାଣି ଥିଲେ; ସଙ୍ଗୀତ ଓ କାମଦୁହା ଚଉତିଶାଦି ରଚନା କରିଥିଲେ ।] ୨ । ନୟାଗଡ଼ରେ ପ୍ରସିଦ୍ଧ ସ୍ୱର୍ଗୀୟ ବୈଦ୍ୟରାଜ—2. Name of the late Ladukesa Mahapatra a physician of Nayagarh Siba.

ଲଡ଼ୁକେଶ ମିଶ୍ର—ଦେ. ବି (ନାମ)—ଜନୈକ ସଂସ୍କୃତଜ୍ଞ Lardukesa misra ପଣ୍ଡିତ—A renowned Sanskrit scholar of the name of Orissa.

ଲଡ଼ୁ(ଡ୍ଡୁ) ଦାନା—ଦେ. ବି—କ୍ଷୁଦ୍ର କ୍ଷୁଦ୍ର ମିଷ୍ଟାନ୍ନଗୁଟିକା—Small লড়ুদানা **लड्डूदाना** sweetmeat bullets. [ଦ୍ରି—ଏଥିରୁ ଗୁଡ଼ାଏ ହାତରେ ଚକି ଲଡ଼ୁ କରା ଯାଏ ।]

ଲଡ଼ୁ ବାବା—ଦେ. ବି—ନୂଆଗଡ଼ ରାଜ୍ୟର କୁସୁମୀ ନଦୀ କୂଳ ଓ Lardu bābā ଭଣ୍ଡାର ପର୍ବତ ନାଶୀରେ ପ୍ରତିଷ୍ଠିତ ଛତାକାର ଶିବ ଲିଙ୍ଗ—A round-topped Siba linga situated on the peak of the Bhandāra hill on the bank of the Kusumi river in the Nayagarh oriya State.

ଲଡ୍ଡ—ସଂ. ବି. ପୁଂ—ଲଟକ(ଦେଖ) Ladda Lataka (See)

ଲଡ୍ଡୁ—ସଂ. ବି—(ଲଡ଼ ଧାତୁ=କମ୍ପିତ ହେବା+କର୍ତ୍ତୃ. ଡ଼)—Laddu ୧ । ମୋଦକ; ମିଠେଇ—1. Confectionery. ୨ । ଲଡ଼ୁ; ମିଷ୍ଟାନ୍ନ ଗୋଲକ—2. A ball of sweetmeat (Apte). [ଦ୍ରି—ବେଶନ (ବୁଟଚୁନା, ମୁଗଚୁନା) ବା ଚାଉଳଚୁନକୁ ପାଣିଅ କରି ପିଠଉ ପରି ଗୋଳାଇ କଡ଼ା ଉପରେ ବସିଥିବା ଘିଅ ବା ତେଲ ଫୁଟିଲେ କଡ଼େଇ ଉପରେ ଜାଲଡ଼ଙ୍କୁର ଛିଦ୍ର ବାଟେ ଉକ୍ତ ପିଠଉକୁ ଘଷିଲେ ତାହା କ୍ଷୁଦ୍ର କ୍ଷୁଦ୍ର ଦାନାରେ ପରିଣତ ହୁଏ । ତାକୁ କଡ଼େଇରୁ ଛାଣି ଆଣି ପୂର୍ବରୁ ପ୍ରସ୍ତୁତ ଥିବା ଶିରାରେ ପକାଇ ଚଳିବାକୁ ହୁଏ । ସେ ଦାନାମାନ ଶିରାରେ ବୁଡ଼ିର ଗଲେ ହାତରେ ଚକି ଲଡ଼ୁ କରା ଯାଏ ।]

ଲଡ୍ଡୁକ ସଂ. ବି (ଲଡ୍ଡୁ+ସ୍ୱାର୍ଥେ. କ)—୧ । ମୋଦକ—Ladduka 1. Confectiontery- ୨ । ଲଡ଼ୁ ମିଠାଇ—2. Rolled ball of sweet meat.

ଲଢ଼(ଢ଼ା)ଉ ମକଦ୍ଦମା—ଦେ. ବି—(ଉଭୟଥ)—ଯେଉଁ ମକଦ୍ଦମାରେ Lardha(rdhā)u makaddamā ବାଦୀ ପ୍ରତିବାଦୀଙ୍କ ମଧ୍ୟରେ ମଧ୍ୟରେ ବିଚାରାଳୟରେ ବାଦପ୍ରତିବାଦ ହୁଏ—ছুতরফা মোকদ্দমা **लड़ाऊ मुकद्दमा** Contested case.

ଲଢ଼ା—ଦେ. ବି. (ସଂ. ଲଡ଼ ଧାତୁ=ଉତ୍ପୀଡ଼ନ କରିବା)—ଲଢ଼ିବା—Lardhā লড়া **लड़ना** Fighting; contest.

लडाका ଦେ. ବିଣ—ଯେ ଲଢ଼େ; ଯୁଦ୍ଧକାରୀ—

लडाये Fighting (person).

ଲଢ଼ା(ଢ଼େ)ଇ—ଦେ. ବି. (ସଂ. ରଣନ)—୧ । ଯୁଦ୍ଧ—1. Battle.
Lar͟dha(r͟dhe)i ୨ । ସଂଘର୍ଷ—2. Contact. (ଉ—କଳକୁ
লড়াই ଲଢ଼ାଇ ଲେଉଡ଼ ଥାଉ । ରାଧାନାଥ. ସଙ୍ଗୀତ ।) ୩ ।
लड़ाई ପରସ୍ପର ପ୍ରତିଘାତ; ଠକ୍କର—3. Collision. ୪ ।
ବାକ୍‌ଯୁଦ୍ଧ (ଗ୍ରା, ଶ)—4. Wordy fight. ୫ । ପ୍ରତି-
ଯୋଗିତା—2. Rivalry; emulation.

ଲଢ଼ା(ଡ଼ା, ଢ଼େ, ଡ଼େ)ଇବା—ଦେ. କ୍ରି—୧ । ଲଢ଼ିବା କ୍ରିୟାର ଣିଜନ୍ତ
Lar͟dha(r͟da, r͟dhe, r͟de)iba ରୂପ—1. The causative form of Lar͟dhiba. (ଉ—
লড়ান ପୁଣ୍ଡରୀକ ବର ଯୋଗେ ଉଦୀବର ଯୁଗଳୀ ଲଢ଼ାଇବାକୁ ।
लड़ाना ରାଧାନାଥ. ସଙ୍ଗୀତ ।) ୨ । ଦୁଇ ଜଣଙ୍କୁ ପ୍ରତିଦ୍ୱନ୍ଦ୍ୱୀ
ରୂପେ ଠିଆ କରାଇବା—2. To cause two persons to emulate each other. ୩ । ଲଢ଼ାଇରେ
ପ୍ରବୃତ୍ତ କରାଇବା—3. To cause to fight.
୪ । ଦୁଇଟି ବସ୍ତୁକୁ ପରସ୍ପର ଠକ୍କର ଖୁଆଇବା—4. To cause two things to strike against each other. (ଯଥା—ନଡ଼ିଆ ଲଢ଼ାଇବା, ଗୁଡ଼ି ଲଢ଼ାଇବା ।)
୫ । ନିୟୋଜିତ କରିବା; ଖଟାଇବା—5. To apply.
(ଯଥା—ଏ ସମସ୍ୟାରେ ତୁମେ ବୁଦ୍ଧି ଲଢ଼ାଇଲେ ଅବଶ୍ୟ ମୀମାଂସା କରି ପାରିବ ।)

ଲଢ଼ା(ଡ଼ା)ଭିଡ଼ା—ଦେ. ବି—ଲଢ଼େଇ ଭିଡ଼େଇ (ଦେଖ)
Lar͟dha(r͟da) bhir͟da Lar͟dhei bhir͟dei (See)

ଲଢ଼ା(ଡ଼ା) ଲଢ଼ି(ଡ଼ି)—ଦେ. ବି.—୧ । ପରସ୍ପର ସଂଘର୍ଷ—
Lar͟dha(r͟da lar͟dhi(r͟di) 1. Mutual contact.
লড়ালড়ি ୨ । ପରସ୍ପର ଯୁଦ୍ଧ—2. Mutual fight. ୩ ।
लड़ालड़ी ପରସ୍ପର ସାଙ୍ଗ ପ୍ରତିଘାତ—3. Mutual collision.

ଲଢ଼ି(ଡ଼ି)ବା—ଦେ. କ୍ରି—(ସଂ. ରଣ ଧାତୁ)—୧ । ଯୁଦ୍ଧ କରିବା; ଶତ୍ରୁକୁ
Lar͟dhi(r͟di)ba ଆଘାତ କରିବା—1. To fight.
লড়া लड़ना ୨ । ଯୁକ୍ତି ପ୍ରଦର୍ଶନ କରି ନିଜ ପକ୍ଷ ସମର୍ଥନ କରିବା—
2. To support one's cause by reasoning or argument. [ଉ—ଅତି ଅପଣଙ୍କ ସକାଶେ ସାହେବଙ୍କ ଆଗରେ କପର ଲଢ଼ିଲି । ଫକୀରମୋହନ. ଛମାଣ ଆଠଗୁଣ୍ଠ ।] ୩ । ପରସ୍ପର ସହିତ ସଂଘର୍ଷ କରିବା—3. To come in mutual contact; to collide. ୪ । ବାକ୍‌ଯୁଦ୍ଧ କରିବା—4. To engage in wordy duel. ୫ । ମଲ୍ଲ ଯୁଦ୍ଧ କରିବା—4. To wrestle with a rival. ୬ । ତର୍କ କରିବା—6. To argue. ୭ । ମକଦମାରେ ନିଜର ପକ୍ଷ ସମର୍ଥନ କରି ବାଦୀର ବିପକ୍ଷରେ ମକଦମା ଚଳାଇବା—7. To contest a suit. ୮ । (ମେଣ୍ଢା, କୁକୁଡ଼ା, ଷଣ୍ଢ ଆଦି) ପରସ୍ପର ସହିତ ବଳ ପରୀକ୍ଷା ହେବା—8. oT fight (said of fighting rams, cocks and bulls).

ଲଢ଼େଇ ଗାରଡ଼ (ମେଣ୍ଢ)—ଦେ. ବି—ଲଢ଼ିବା ପାଇଁ ପୋଷା ହୋଇ
Lar͟dheigārar͟da (mendhā) ଥିବା ଅଣ୍ଡିରା ମେଣ୍ଢା—
লড়ায়ে ভেড়া लडाका मेंढा Fighting rams.

ଲଢ଼େ(ଢ଼ା)ଇ ଚାହିଁବା (ମାଗିବା)—ଦେ. କ୍ରି—ଯୁଦ୍ଧ କରିବା ପାଇଁ
Lar͟dhe(r͟dhā)i chāhibā (māgibā) ଆହ୍ୱାନ କରିବା—
লড়াই চাওয়া लड़ाई चाहना To call to battle.

ଲଢ଼େ(ଢ଼ା)ଇ ଦେବା—ଦେ. କ୍ରି—୧ । ଯୁଦ୍ଧ କରିବା—1. To
Lar͟dhe(r͟dhā)i debā fight with. [ଉ—ଏବେ ଆସ
লড়াই করা ସ୍ନାନକୁ ଲଢ଼ାଇ ଅମେ ଦେବା, ହାଡ଼ ଭୁଲେ ମାଉଁସ
लड़ाई देना ରକ୍ତ ଖାଇବା । କୃଷ୍ଣସିଂହ. ମହାଭାରତ ବନ ।]
লড়িয়ে দেওয়া ୨ । (ଲଢ଼ିବାର ପ୍ରୟୋଜକରୂପ) ଦୁଇ ଜଣଙ୍କୁ ବା
लड़ा देना ଜୀବଙ୍କୁ ଯୁଦ୍ଧରେ ପ୍ରବୃତ୍ତ କରାଇବା—2. To set to fight. (ଯଥା—ଦୁଇଟା ମେଣ୍ଢାଙ୍କୁ ଲଢ଼ାଇ ଦେବା)
୩ । ବିରୁଦ୍ଧାଚରଣ କରାଇବା—3. To make one act contrary to.

ଲଢ଼େ(ଢ଼ା)ଇ ନଡ଼ିଆ—ଦେ. ବି—ପରସ୍ପର ସଂଘର୍ଷ ପାଇଁ ବଛା ହୋଇଥିବା
Lar͟dhe(r͟dhā)i nar͟diā କଢ଼ା ନ ଥିବା ନଡ଼ିଆ—
লড়ায়ের নারকেল Cocoanuts used in sport for
लडाका नारियल dashing against each other.

ଲଢ଼େ(ଢ଼ା)ଇ ପାଲା—ଦେ. ବି—ବାଦୀ ପାଲା; ଯେଉଁ ପାଲାରେ ଏକାଧିକ
Lar͟dhe(r͟dhā)i pālā ପାଲାବାଲାଦଳ ଅପଣା ଅପଣାର
বাদী গান যୋଗ୍ୟତା ଦେଖାନ୍ତି—The performance by
वादी भजन 2 or more rival parties of Pālā-dancers.

ଲଢ଼େ(ଢ଼ା)ଇ ଭିଡ଼େଇ—ଦେ. ବି—ଉଭୟ ପକ୍ଷର ଭାର ଠାଣ ଧରି ବା
Lar͟dhe(rdhā)i bhir͟dei ଛାଡ଼ ଧରି କୌଣସି ବିଷୟରେ
[ଲଢ଼େଇ ଭିଡ଼େଇ—ଅନ୍ୟରୂପ] ନିଜସ୍ୱ ନ ଛାଡ଼ିବାର ଚେଷ୍ଟା—
লড়ালড়ি लडाई भिडाई Mutual fighting.

ଲଣ୍ଠନ(ଣ)—ବୈଦେ. ବି—ଲଣ୍ଠଣ (ଦେଖ)
Lan͟tan(n͟) Lan͟than͟. (See)

ଲନେଣ୍ଟିସ୍—ବୈଦେ. ଣ (ଇଂ) —ମଇଦାନରେ ଅଡ଼େଇ ବା ଚଉଡ଼ି ହାତ
Lanen͟tis କାଲବାଡ଼ ଲାଗି ତାହାର ଦୁଇ ପାଖରେ ଦୁଇ ଦଳ
(ଲନ୍‌ଟେନିସ୍—ଅନ୍ୟରୂପ) ଖେଳାଳିଙ୍କ ପକ୍ଷାଘେଣ୍ଡୁ ବାଡ଼ିଅ-
লন্ টেনিস ବାଡ଼େଇ ଖେଳ—The outdoor game of
लान टेनिस Lawn tennis. [ଦ୍ର—ଏ ଖେଳରେ ଘେଣ୍ଡୁକୁ ବାଡ଼େଇବା ପଥ । ଗୁଡ଼ଆଙ୍କ ଚତୁପର ମୁହଁ ପାଖେ ଚଟକା ହୋଇଥାଏ ଓ ସେ ଚଟକା ଅଂଶରେ ତାର ମାନ ଛନା ହୋଇଥାଏ ।]

ଲଣ୍ଠଣ(ନ୍)—ବୈଦେ. ବି (ଇଂ. ଲ୍ୟଣ୍ଟନ୍)—କାଚ ଆବରଣ ବେଷ୍ଟିତ
Lan͟than͟(n) ପ୍ରଦୀପ (ଯାହାକୁ ହାତରେ ଝୁଲାଇ କରି ନିଆଯାଇ
(ଲଣ୍ଠ(ଠ)ଣ୍(ନ୍), ଲନ୍‌ଠଣ୍(ନ୍)—ଅନ୍ୟରୂପ) ପାରେ)—
লণ্ঠন लालटेन Lantern.

ଲଣ୍(ଣ୍ଠ)ନ(ଣ୍)କାଚ—ଦେ. ବି. (ଇ. ଲ୍ୟାଣ୍ଟର୍ଣ୍ଣ ଓ ସଂ. କାଚ)—ଲଣ୍ଠନର
Lanṭha(ṇṭa)n(ṇ) kācha ଅବରକ ଗୋଲାକାର କାଚ—
लठेनेरकाँच लालटेनका शीशा Globes for lanterns.
(ଲଣ୍ଠନ୍ ଚିମ୍‌ନି[ଦ୍ରଷ୍ଟ୍ରା,ଗ୍ଲୋବ୍]—ଅନ୍ୟରୂପ)

ଲଣ୍ଠନ(ଣ୍) ଦେଖା(ଖୋ)ଇବା—ଦେ. କ୍ରି—ଲଣ୍ଠନର ଆଲୋକରେ
Lanṭhan[ṇ] dekhā(khe)ibā କୌଣସି ବ୍ୟକ୍ତିକୁ ରାସ୍ତା
लठेन देखान ଆଦି ଦେଖାଇବା—To show the lantern.
लालटेन दिखाना [ଦ୍ର—ଏହିପରି ଲଣ୍ଠନ୍ ଧରିବା, ଲଗାଇବା,
ଜାଳିବା, ପୋଛିବା, ଜଳାଇବା ଆଦି ହୁଏ ।]

ଲଣ୍ଠନ୍ ପୋଛା—ଦେ. ବି—ଲଣ୍ଠନର କାଚ ବା ଗ୍ଲୋବରେ ଲାଗିଥିବା
Lanṭhan pochhā କଳାକୁ କନାଆଦିରେ ପୋଛିବା--Wiping
लठेन पोँछा of the soot from the glass or globe of
लालटेन पोछना lanterns ଦେ. ବିଣ—ଯଦ୍ଦ୍ୱାରା ଲଣ୍ଠନ ପୋଛା
ଯାଏ—Used for wiping off the soot etc
from lanterns.

ଲଣ୍ଠନ୍ ଫିତା (ବତି)—ବୈଦେ. ବି (ଇଂ; ଫା)—ଲଣ୍ଠନରେ ଜଳିବାପାଇଁ
Lanṭhan phitā [bati] ବ୍ୟବହୃତ ଫିତା ବା ବତି—
लठेनेर फीता लालटेनकीवत्ती Tape or wick for
lanterns.

ଲଣ୍ଡ (ଧାତୁ)—ସଂ. ବି—୧ । ଉତ୍‌କ୍ଷେପଣ କରିବା—1. To throw
Laṇḍ (root) up; to toss about. ୨ । (କଷ୍ଟାଦି) ଉତ୍ସର୍ଗ
କରିବା; ତ୍ୟାଗ କରିବା—2. To give up; to
pass. ୩ । କହିବା—3. To speak. (Apte).

ଲଣ୍ଡ—ସଂ. ବି (ଲଣ୍ଡ୍ ଧାତୁ=ଉତ୍ସର୍ଗ କରିବା, ତ୍ୟାଗ କରିବା+ଭାବ.
Laṇḍa ଅ)—୧ । ଉତ୍‌କ୍ଷେପଣ; ଇତସ୍ତତଃ ଫୋପାଡ଼ିବା—
(ଲଣ୍ଡା—ଅନ୍ୟରୂପ) 1. Tossing. ୨ । (+କର୍ମ. ଅ) ବିଷ୍ଠା;
নেড়, লেণ্ড, ন্যাড় ଗୁହ—2. Ordure; excrement ୩ ।
लेंड କଠିନ ଲମ୍ବାକୃତି ବିଷ୍ଠାଖଣ୍ଡ—3. A long bit or roll of
night-soil. [ଭୂ—ଲଣ୍ଡିତ ଲଣ୍ଡ ବର୍ଣ୍ଣିମୂରତି ! ଓପରେ
ଧରିଛ ଶପରକାଳି; ଲଣ୍ଡ ! କିଏ କହିଲା ? କହିତ । ଗୀଶୁଗୀତ]
[ଦ୍ର—ଶ୍ଳେଷ ଲଣ୍ଡକୁ ଲଣ୍ଡି ବୋଲାଯାଏ ।] ବୈଦେ
ବି. (ଇଂ.ଲ୍ୟାଣ୍ଡ୍)—ଲ୍ୟାଣ୍ଡ୍—Land. [ଦ୍ର—ଏହା 'ଲ୍ୟାଣ୍ଡ୍'
(ଦେଶ) ବାଚକ ଅନ୍ୟ ଶବ୍ଦ ସଙ୍ଗେ 'ଲଣ୍ଡ' ରୂପରେ
ଓଡ଼ିଆରେ ଉଚ୍ଚାରିତ (ଯଥା—ଇଂଲଣ୍ଡ, ସ୍କଟଲଣ୍ଡ,
ଗ୍ରୀନଲଣ୍ଡ, ଲାପଲଣ୍ଡ, ଫିନ୍‌ଲଣ୍ଡ ।)]

ଲଣ୍ଡନ୍—ବୈଦେ. ବି (ଇ. ନାମ)—ଇଂରାଜମାନଙ୍କ ଜନ୍ମଭୂମି ଇଂଲଣ୍ଡ
Laṇḍan ଦେଶର ପ୍ରଧାନ ନଗର; ବିଲାତ (ଏହା ପୃଥିବୀର
लण्डन ସବୁ ପ୍ରଧାନ ନଗର ଓ ଭାରତ ସମ୍ରାଟଙ୍କ ବାସ ସ୍ଥାନ)—
लंडन London.

ଲଣ୍ଡ ଭଣ୍ଡ—ଦେ. ବିଣ. (ସଂ. ଲଣ୍ଡ୍ ଧାତୁ=ଉତ୍‌କ୍ଷେପଣ ଓ ଭଣ୍ଡନ=
Laṇḍa bhaṇḍa ଯୁକ୍ତ)—୧ । ବ୍ୟତିବ୍ୟସ୍ତ; ହଠାତ୍ ଉତ୍‌କ୍ଷିପ୍ତ ଓ
লণ্ডভণ্ড ବିପର୍ଯ୍ୟସ୍ତ; ଅସ୍ତବ୍ୟସ୍ତ—1.Confused; disorder-
लंडभंड ed; suddenly upturned and dis-
turbed. ୨ । ଓଲଟପାଲଟ—2. Topsy-turvied.
୩ । ତରତର—3. Hurried. ୪ । ଭୂବରଭୂତ; ଭୂବରି—
4. Hasty. ୫ । ଚପଳ—5. Restless; fickle.
୬ । ଅସ୍ଥିରୀକୃତ—6. Made restless. ୭ । ଉଜୁଡ଼ା;
ଧ୍ୱସ୍ତ—7. Ruined. ଦେ. ବି—୧ । ଭୂବର—
1. Haste; hurry ୨ । ଅସ୍ଥିରତା—2. Restless-
ness; fickleness. ୩ । ଅତ୍ୟାଚାର; ଧ୍ୱଂସ—3.
Depredation; ruin. କ୍ରି. ବିଣ—୧ । ଅସ୍ତବ୍ୟସ୍ତ
ଭାବରେ — 1. Confusedly; higgedly
piggedly. ୨। ଅତି ଭୂବର ସହକାରେ—2. Hastily
in haste; hurriedly.

ଲଣ୍ଡ ଭଣ୍ଡ କରିବା—ଦେ. କ୍ରି—୧ । ଅସ୍ତବ୍ୟସ୍ତ କରିବା; ବ୍ୟତିବ୍ୟସ୍ତ
Laṇḍa bhaṇḍa karibā କରିବା—1. To put in
লণ্ডভণ্ড করা confussion; to throw into disorder.
लथड मथड करना ୨ । ଭୂବରଭୂତ କରାଇବା—2. To put to
haste; to cause to hasten.

ଲଣ୍ଡ ଭଣ୍ଡିଆ—ଦେ. ବିଣ—୧ । ଭୂବରଭୂତ—1. Hasty; hur-
Laṇḍa bhaṇḍiā ried. ୨ । ଅସ୍ଥିର—2. Restless.
(ଲଣ୍ଡ ଭଣ୍ଡେଇ—ସ୍ତ୍ରୀ) ପୁଂ—୩ । ଚଞ୍ଚଳ; ଚପଳ—3. Fickle.
লণ্ডভণ্ড ୪ । ଯେ ଭୂବରଭୂତ କରାଏ—4. One who makes
लंडमंड haste; one who hurries matters.

ଲଣ୍ଡ ମୁଣ୍ଡ—ଦେ. ବି. (ସଂ. ଲଗ୍ନ ବା ଲୁନ ଓ ମୁଣ୍ଡ; ମୁଣ୍ଡିତମୁଣ୍ଡ)—
Laṇḍa muṇḍa ୧ । ମୁଣ୍ଡିତମୁଣ୍ଡ; ଲଣ୍ଡା ମୁଣ୍ଡା—1. One
নেডা মাথা whose head has been shaven clean;
लण्डा मुण्ड with clean-shaven head. ୨ । ଲୁନ-
କ୍ଷିଶ; ଯାହାର ମୁଣ୍ଡବାଳ ବହୁସ୍ଥଳରେ ଛୋଟ ଛୋଟ ହୋଇ
କଟା ହୋଇଅଛି—2. With hairs of the head
cropped short; tonsured; with the hair
clipped. ୩ । ଟାଙ୍ଗରା ମୁଣ୍ଡା—3. Bald-headed.
ଦେ. ବି—ଲଣ୍ଡା ମୁଣ୍ଡ (ଦେଖ)—Laṇḍā muṇḍa
(See)

ଲଣ୍ଡ ସଣ୍ଡ—ଦେ. ବିଣ—୧ । ଲଣ୍ଡ ଭଣ୍ଡ (ଦେଖ)—1. Laṇḍa
Laṇḍa saṇḍa bhaṇḍa (See) ୨ । ଧଣ୍ଡସଣ୍ଡ; ଅଶ୍ଲୀଳ
(ଲଣ୍ଡସଣ୍ଡିଆ—ଅନ୍ୟରୂପ) (ବାକ୍ୟ)—2. Obscene (words).
কুৎসিত फुहर ୩ । ପୂର୍ବାପର ସମ୍ବନ୍ଧହୀନ (ବାକ୍ୟ)—3. Inco-
আবুল তাবুল बेजोड herent (words). ଦେ. ବି—୧ ।
কুৎসিত কথা; ଅଶ୍ଳୀଳ ବାକ୍ୟ—1. Obscene words. ୨ ।
আবুল তাবুল কথা ପୂର୍ବାପର ସମ୍ବନ୍ଧହୀନ ବାକ୍ୟ—2. Inco-
कहर बात बेजोड बात herent words.

ଲଣ୍ଡା—ସଂ. ବି. (ଲଣ୍ଡ୍ ଧାତୁ=ଉତ୍ସର୍ଗ କରିବା, ତ୍ୟାଗ କରିବା+କର୍ମ.
Laṇḍā ଅ+ସ୍ତ୍ରୀ. ଆ)—ବିଷ୍ଠାର ଲଣ୍ଡ—Roll of ordure.
লেণ্ড, ন্যাড, ল্যাড় ଦେ. ବି. (ସଂ. ଲୁଣ୍ଠନ)—୧ । ବିଷ୍ଠାର,
लोंदा(दी), चोत ଗୋବରର ବା ଛେପ ଅଦିର ମେଦା ବା ବଡ଼
নেডা ଖଣ୍ଡ—1. A big lump of night soil, cow-
नंड़ा dung or spittle. (ଯଥା—ଲଣ୍ଡାଏ ଛେପ, ଗୋବର

ଲଣ୍ଡା ।) ୨ । (ସ. ମୁଣ୍ଡିତ, ଲୂନଶିଖ) ଲୂନକେଶ ବ୍ୟକ୍ତି—2. A person whose hairs have been cropped short; with tonsured head; with the hair clipped. ୩ । ଟାଙ୍ଗର ଲୋକ—3. Bald-headed person. ୪ । ମୁଣ୍ଡିତମୁଣ୍ଡ ବ୍ୟକ୍ତି—Shaven headed person. ୫ । ମୁସଲମାନ୍ (ଏମାନେ ଲଣ୍ଡା ଥିବାରୁ)—5. A Mahomedan. (ଭୃ—ପିଠା ଯାକରେ ମଣ୍ଡା ବଟୋଲ, ବୃଦ୍ଧଅବସ୍ଥାରେ ଝଣ୍ଡା ବଟୋଲ, କାନ୍ଥୁଣ ଯାକରେ ପଣ୍ଡା ବଟୋଲ, ମଶିଷ ଯାକରେ ଲଣ୍ଡା ବଟୋଲ । ଛନ ।) ୬ । ଅପତ୍ରିଅଣି ବାଳକର ନାମ—6. A name given to a boy whose elder died before his birth. ବେ. ବଣ. ପୁଂ—୧ । ଟାଙ୍ଗର—1. Bald. ୨ । ମୁଣ୍ଡିତ କେଶ—2. With shaven head. ୩ । ଲୂନ ଶିଖ—3. Having the hair cropped short. ୪ । ଶାଖାହୀନ; ସ୍ଥାଣୁ (ବୃକ୍ଷ); ମୁଣ୍ଡିତଶାଖ—4. Branchless; lopped off. ୫ । ଯେଉଁ କୂଅରେ ଯୋଡ଼ାଳନ୍ଦ ନ ଥାଏ—5. A well which has no outer earthen fencing ring at its mouth. ୬ । ଅଳଙ୍କାରହୀନ; ଅନଳଂକୃତ—6. Ornamentless; undecorated.

ଲଣ୍ଡା(ଣ୍ଡେ)ଇବା—ଦେ. କ୍ରି—(ସ. ମୁଣ୍ଡ୍ ଧାତୁ)—ମୁଣ୍ଡନ କରିବା—
Landā(ṇḍe)ibā To shave clean (the head)
ନେଡ଼ାନ ନଂଗା କରନା, मुंडाना

ଲଣ୍ଡାଏ—ଦେ. ବଣ ଓ ବି—ଚେନ୍ଦାଏ; ପୁଳାଏ; ଏକ ଚେନ୍ଦ; ଏକଥ
Landāe ରାଶୀକୃତ ପୁଳାଏ (ବିଷ୍ଠା, ଗୋବର ବା ଛେପ)—
এক নেড়, एकलौंद A mass of (cowdung, ordure
[ଲଣ୍ଡେ—ଅନ୍ୟରୂପ] or spittle). [ଯଥା—ଲଣ୍ଡାଏ ଛେପ, ଲଣ୍ଡାଏ ଗୋବର, ଲଣ୍ଡାଏ ଖଙ୍କାର ।]

ଲଣ୍ଡା କରିବା—ଦେ. କ୍ରି—୧ । ମସ୍ତକର କେଶକୁ ସମ୍ପୂର୍ଣ୍ଣରୂପେ ମୁଣ୍ଡିତ
Laṇḍā karibā ବା ନିର୍ମୂଳ କରିବା—1. To shave the
নেড়া করা नंगा करना head clean.
୨ । ମୁଣ୍ଡର ବାଳକୁ କଇଁଚିଦ୍ୱାରା ଛୋଟ ଛୋଟ କରି କାଟିବା—2. To crop up the hair of the head with scissors. ୩ । ବୃକ୍ଷର ଶାଖା ଅଗକୁ କାଟି ସ୍ଥାଣୁ କରିବା—3. To lop off the branches of a tree.

ଲଣ୍ଡା କାନ୍ଥ—ଦେ. ବି—ଯେଉଁ କାନ୍ଥ ଉପରେ ଖପର ବା ମୁଣ୍ଡାଳ ଅବ
Laṇḍā kāntha ଅବରଣ ଦିଆଯାଇ ନ ଥାଏ; ଖଣ୍ଡିଆ କାନ୍ଥ—
নেড়া দেবাল नंगादिवार(ल) Untopped wall.

ଲଣ୍ଡା କୂଅ—ଦେ. ବି—ଯେଉଁ କୂଅର ଉପରେ ଯୋଡ଼ାଳନ୍ଦ ନ ଥାଏ—
Laṇḍā kūa A well having no outer ring to
নেড়া কুঁআ नंगाकुआ protect it; unprotected well.

ଲଣ୍ଡା ଗଛ—ଦେ. ବି(ସ. ଲୂନ+ବୃକ୍ଷ)—ସ୍ଥାଣୁ ବୃକ୍ଷ—
Laṇḍā gachha A pollard; stump of a tree.
নেড়া গাছ ठुंठा, पेड

ଲଣ୍ଡା ଦେଉଳ—ଯେଉଁ ଦେଉଳର ମୁଣ୍ଡି ମଉ ନ ଥାଏ, ଅର୍ଥାତ୍, ଯହିଁର
Laṇḍā deula ଅଗ୍ରଭାଗ ସଂପୂର୍ଣ୍ଣରୂପେ ମୁଦା ହୋଇ ନ ଥାଏ—
নেড়া দেউল A temple the spire of which has not
नंगा मान्दिर been completed.

ଲଣ୍ଡା(ଣ୍ଡି)ବ(ବା)ଗୁ(ବୁ)ଲି—ଦେ. ବି—(ସଂ. ବର୍ବରୀ)—ଗନ୍ଧ ତୁଳସୀ;
Laṇḍā (ṇḍi) ba(bā) gu (bu) li ବଣ ତୁଳସୀ ବିଶେଷ—
রামতুলসী, গন্ধতুলসী; বন তুলসী A kind of Basil
बर्बरी, वनतुलसी plant; Ocymum Basilicum.
তোকমারী ୨ । ଏକ ପ୍ରକାର ବଣ ତୁଳସି ଗୁଳ୍ମ ଓ ତହିଁର ମଞ୍ଜି—
तोकमारी 2. Lallemantia Roybana; Hoolyhook;
[ଲଣ୍ଡିବା(ବା)ଗୁ(ବୁ)ଲି(ଲ)—ଅନ୍ୟରୂପ] Holly hock.

ସ. ନାମ—ବର୍ବରୀ, ବର୍ବୀ, ଅସୁରସା, କବରୀ, ଭୂଙ୍ଗୀ, ଖରପୁଷ୍ପା, ଅଜଗନ୍ଧିକା, କବରୀ, ଭୂକରୀ, ଭୂଙ୍ଗୀ, ପର୍ଣ୍ଣାଶ, କୁଠେରକ, ଅର୍ଜକ
ଫା. ତୁଖମେ ରିହାଁ, ପଲଂଗମୁଷ୍କ
ଆ. କରଂଜମୁଷ୍କ
ଗୁ. ଉକ ପରସ୍ବା, ବନ ତୁଲସୀ
ମ. ବନ ତୁଲସ
ତେ. କାରୁ ତୁଲସୀ, ଚଣ୍ଡଗବ୍ବେର ଚେଟ୍ଟୁ

[ଭୃ—ଏହାର ଗନ୍ଧ ସାମାନ୍ୟ ତୁଳସୀଗନ୍ଧଯୁକ୍ତ । ଏହାର ମଞ୍ଜି କଳାଖାର ଠାରୁ ଛୋଟ ଓ କଳା କଳା । ଏହି ମଞ୍ଜିକୁ ପାଣିରେ ବତୁରାଇ ଦେଲେ ଏହା ଧଳା ଧଳା ଓ କୋମଳ ଓ ନାଲ ନାଳୁଆ ହୋଇ ଫୁଲି ଯାଏ । ଲୋକେ ପ୍ରସ୍ରାବପୋଡ଼ା ରୋଗରେ ଏହି ମଞ୍ଜିକୁ ପାଣିରେ ବତୁରାଇ ପିଅନ୍ତି । ତୁଳସୀ ମଧ୍ୟ ଏହି ଜାତୀୟ । ବର୍ବରୀ ୩ ପ୍ରକାର—ଯଥା—(୧) ଲଣ୍ଡାବଗୁଲି (ବର୍ବରୀ) (୨) ତୁଳସୀ (କଠିଞ୍ଜର) (୩) ବଣତୁଳସୀ (ବଟପତ୍ର) । ବୈଦ୍ୟଶାସ୍ତ୍ର ମତରେ ଏହା ରୂକ୍ଷ, ଶୀତବୀର୍ଯ୍ୟ, କଟୁରସ, ବିଦାହୀ, ତୀକ୍ଷ୍ଣ, ରୁଚିକାରକ, ହୃଦୟଗ୍ରାହୀ, ଅଗ୍ନିଦୀପକ, ଲଘୁପାକୀ ଓ ପିତ୍ତବର୍ଦ୍ଧକ । ଏହା କଫ, ବାୟୁ, ରକ୍ତଦୁଷ୍ଟି, କଣ୍ଡୁ, କ୍ରିମି ଓ ବିଷନାଶକ —ଦ୍ରବ୍ୟଗୁଣ ।]

ଲଣ୍ଡା ମୁଣ୍ଡ—ଦେ. ବି—(ସ. ଲୂନ ବା ମୁଣ୍ଡିତ+ମୁଣ୍ଡ)—ମୁଣ୍ଡିତ ମସ୍ତକ—
Laṇḍa muṇḍa Clean shaven head.

ଲଣ୍ଡା ମୁଣ୍ଡା—ଦେ. ବଣ. ପୁଂ—(ସ. ମୁଣ୍ଡିତମୁଣ୍ଡ)—୧ । ମୁଣ୍ଡିତ-
Laṇḍā muṇḍā କେଶ—1. With the head
(ଲଣ୍ଡା ମୁଣ୍ଡିଆ—ଅନ୍ୟରୂପ) clean shaven;
୨ । ଲୂନକେଶ—2. with tonsured head.
ଲଣ୍ଡିମୁଣ୍ଡୀ } ସ୍ତ୍ରୀ ୩ । ଟାଙ୍ଗର—3. Bald headed. (ଭୃ—
ଲଣ୍ଡିମୁଣ୍ଡୀ } ଲଣ୍ଡାମୁଣ୍ଡା ଯୋଗିଁ ବେରେଣ୍ଡା, କିଏ ବୁଝିଅଛି ଥାଏ, ଅଇଠା ଘରକୁ ଖଣ୍ଡିଏ ପାଇଲେ ପାଣି ଛଡ଼େଇ ଖାଏ—ଛନ ।)

ଲଣ୍ଡି—ଦେ. ବି—(ସ. ଲେଣ୍ଡ+ କ୍ଷୁଦ୍ରାର୍ଥେ ଇ) – କଠିନ ବିଷ୍ଠାର କ୍ଷୁଦ୍ର
Laṇḍi କ୍ଷୁଦ୍ର ଗୋଳକ—Small globes of night-soil.
নেণ্ডী, নেদী [ଭୃ—ଛେଳି ଓ ଲମ୍ବ ବିଷ୍ଠାଖଣ୍ଡକୁ (ଯଥା—ମନୁଷ୍ୟ,
लीद, नेंडी କୁକୁର, ବିଲୁଆ ଆଦିଙ୍କର) ଲଣ୍ଡ ବୋଲାଯାଏ ।

ମୂଷା, ମୃଗ, ଛେଳି, ଘୋଡ଼ା, ଦେମିଣି ଚରେଇ ଅବଦଳ ର ଗୋ ଲାକାର ଷୁଦ୍ର ବସ୍ତାଖଣ୍ଡମାନଙ୍କୁ ଲଣ୍ଡି ବୋଲଯାଏ । ଲଣ୍ଡ ଅପେକ୍ଷା ବଡ଼ ଓ ବହୁ ପରିମିତ ବସ୍ତାଙ୍କୁ ଲଣ୍ଡା ଯଥା—ଗୋରୁଲଣ୍ଡ, ଦାଢଲଣ୍ଡ) ବୋଲଯାଏ । ଲଣ୍ଡମାନ ଲମ୍ବା; ଲଣ୍ଡାମାନ, ବୃହତ୍ତର ଓ ଗୋଲ; ଲଣ୍ଡିମାନ ଗୋଲ ଓ ଛୋଟ ।]

ଲଣ୍ଡିତ—ଦେ. ବଣ. (ସ. ମୁଣ୍ଡିତ; ଇଂ. ପଣ୍ଡିତଙ୍କ ଅକାର)—
Landita ମୁଣ୍ଡିତ—Shaven. (ଉ—ଅଇ ବଡ଼ ଘୋଷତ
लण्डित ଲଣ୍ଡିତ ମୁଣ୍ଡା, ଅଇ ବଡ଼ ଘୋଷତ ଖଣ୍ଡିତ ଭୁଣ୍ଡା
मुंडित ପଣ୍ଡିତଙ୍କ ଓଡ଼ିଆ ଲଭିତ ଶ୍ଳୋକ ।)

ଲଣ୍ଡିତ ମୁଣ୍ଡ—ଦେ. ବ. (ପଣ୍ଡିତଙ୍କ ଭାଷା)—ମୁଣ୍ଡିତଶିର ମସ୍ତକ—
Landita munda A clean shaven head.
लण्डित मुण्ड (ଉ—କସ୍ମିନ୍ ଗର୍ତେ ଲଣ୍ଡିତ ମୁଣ୍ଡଂ, ଯସ୍ମିନ୍ ଗର୍ତେ
मुण्डित मुण्ड ହୁଂ ହୁଂ ଭୁଣ୍ଡଂ । କାଳିଦାସଙ୍କ ସମ୍ବନ୍ଧେ ପଣ୍ଡିତଙ୍କ ପ୍ରବାଦ ।)

ଲଣ୍ଡିତ ମୁଣ୍ଡା—ଦେ. ବଣ. ପୁଂ (ପଣ୍ଡିତଙ୍କ ଭାଷା)—ମୁଣ୍ଡିତ ଶିର—
Landita munda With shaven or tonsured head.
लण्डित मुण्ड लंड मुंडा

ଲଣ୍ଡୁହା—ପ୍ରାଦେ. (ସମ୍ବଲପୁର) ବଣ—୧। ଅକର୍ମଣ୍ୟ-1.Worthless.
Landuha ୨ । ଅକାମି—2. Useless.

ଲଣ୍ଡେଇ ଭଣ୍ଡେଇ—ଦେ. ବଣ ଓ ବଣ—ଲଣ୍ଡ ଭଣ୍ଡ (ଦେଖ)
Landei bhandei Landa bhanda (See)

ଲଣ୍ଡ୍ର—ସ. ବ. (ଇଂ. ଲଣ୍ଡନ୍ ଓ ଫରାସୀ ଲଣ୍ଡ୍ରେରୁ ସଂସ୍କୃତୀକୃତ ଶବ୍ଦ)—
Landra ଲଣ୍ଡନ—London (Apte: M. W).

ଲଣ୍ଡ୍ରଜ—ସ. ବଣ—ଲଣ୍ଡନ ଜାତ; ଲଣ୍ଡନ ଦେଶଜାତ; ବ୍ରିଟେନଜାତ—
Landraja Produced or born in Britain; British-born,

ଲଣ୍ଡ୍ର ଦେଶ—ସ. ବ—ଇଂଲଣ୍ଡ ଦେଶ—
Landra desa England.

ଲଟ୍ (ଧାତୁ)—ସ—୧ । ଗୁଡ଼ାଇ ପର କୌଣସି ବସ୍ତୁକୁ ବେଷ୍ଟନ କରିବା-
Lat (root) 1, To entwine. ୨ । ଅଘାତ କରିବା—
2, To strike; to hurt.

ଲଟ—ପ୍ରାଦେ. (ସମ୍ବଲପୁର) ବ—ଗର୍ତ୍ତ—Hole. ଦେ. ବ. (ସ. ରଟ୍;
Lat ଅନୁକରଣ)—ମନ୍ଦ ଅଭ୍ୟାସ—Bad habit.
आदत लत

ଲଟଡ଼—ଦେ. ବ. (ସ. ଲତା)—ଲତା ପର ନିର୍ମିତ କାରୁକାର୍ଯ୍ୟ—
Latarda Artistic designs resembling creep-
लत ers wrought on wood, cloth or ornaments;
लतड् fret-work.

ଲଟପ(ଲ)ଟ—ଦେ. ବଣ.—(ସ. ନମ୍ର ଧାତୁଜ ଲଟରୁ)—କଅଳ;
Lata pa(la)ta ଯାହା ଚପି ଦେଲେ ଦବି ଯାଏ; ଲୁଗୁଲୁଗୁ;
नत नत लद नद पल पल ଲଟର; ଲୋଟର—Soft;which
(ଲଟର ପଟର, ଲଟର ଲଟର—ଅନ୍ୟରୂପ) yields to pressure; plastic; pliant. (ଉ—ଦାଷାରେ ଲଟପଟ ପାଚିଲାରେ ଥାଣ, ଏ ନାଅଁ ହ କହୁ ନ ପାରଲେ, ବାପ ଭାଇଙ୍କ ଗୁଣ—ଡ଼ାଣ୍ଡି;—ନାଅଁ ଲୁଅ ବା ପ୍ରହେଳିକା ।]
ବ--ଚପି ଦେଲେ ଦବ ଯିବା ଅବସ୍ଥା—Softness; the state of yielding to pressure; plasticity.
[ଦୃ—ଅମ୍ବ ଆଦ ଫଳ ପାଚ ଗଲେ ବା କାଦୁଅମେଣ୍ଟ ଶୁଖିବା ପୂର୍ବରୁ ଲଟପଟ ହୁଏ ।]

ଲଟପ (ଲ) ଟା (ଟେ) ଇବା—ଦେ. କ୍ରି—୧ । (ସକର୍ମକ)ଲୋଟରାଇବା;
Latapa (la) ta (te) iba କୌଣସି ପଦାର୍ଥକୁ ଚପାଚପି
लतलताना କରି କୋମଳ କରିବା—1. To soften a thing
पलपलना by pressing it repeatedly (ଯଥା—ଦଇ-
ପାଚିଲା ପଣସକୁ ଚପାଚପି କରି ଲଟପଟାଇବା) ୨ ।
(କଠିନ ପଦାର୍ଥ) କୋମଳ ହେବା—2. To become soft and yielding to pressure (ଯଥା—
ପାଚିଲା ଅମ୍ବକୁ ୨।୪ ଦିନ ରଖିଦେଲେ ତାହା ଲଟପଟାଇ
ଯାଏ) ୩ । (ଲକ୍ଷଣାର୍ଥ) ଭୟ ବା ଦୟା ଆଦି ଯୋଗୁଁ କୋମଳାନ୍ତଃକରଣ ହେବା; ହୃଦୟ ତରଳିଯିବା—
3 (Figurative) To melt (said of the heart of a person melting through fear or kindness) ୪ । (ଲକ୍ଷଣାର୍ଥ)—ଚଞ୍ଚଳହୃଦୟ ହେବା;
ଅସ୍ଥିରମତି ହେବା—4. (Figurative) To waver; not to remain constant; to become fickleminded, [ଲଟ ପଟାଇଯିବା—ଅନ୍ୟରୂପ]

ଲଟପ(ଲ)ଟିଆ—ଦେ. ବଣ—୧ । ଲଟର; କୋମଳ; କଅଁଳିଆ—
Latapa(la)tia 1. Soft; pliant; plastic; soft to
(ଲଟରପଟର, ଲଟରପଟରିଆ—ଅନ୍ୟରୂପ) pressure; yield-
[ଲଟପ(ଲ)ଟେଇ—ସ୍ତ୍ରୀ] ing to the touch. ୨ । (ଲକ୍ଷଣାର୍ଥ)
नरम पुं. ଅସ୍ଥିରମନା—2. (figurative) Fickle-minded.
पलपला ୩ । ଯେଉଁ ବ୍ୟକ୍ତିର ମନ ସହଜରେ ପରିବର୍ତ୍ତନ କରିଯାଇ ପାରେ; କୋମଳପ୍ରକୃତିକ—3. Flexible; soft-hearted. ୩ । ଶ୍ଳଥକର୍ମୀ—3. Of wrinkled skin.

ଲଟରା—ଦେ. ବଣ—ଲଟପଟିଆ; ଲୋଟରା—
Latara नर्म पलपला Pliant; soft to pressure.
[ଲଟରୀ—ସ୍ତ୍ରୀ]

ଲଟରା(ରେ)ଇବା—ଦେ. କ୍ରି (ସକର୍ମକ)—ଲୋଟରା କରାଇବା—
Latara(re)iba To make plastic.
नवान पलपल करना

ଲଟରା କଟରା—ଦେ. ବଣ (ସହଚର)—ଲୋଟରା (ଦେଖ) ;
Latara katara Lotara. (See)

ଲଟରା ଧଟରା—ଦେ. ବଣ—ଲୋଟରା ଧୋଟରା (ଦେଖ)
Latara dhatara Lotara dhotara, (See)
(ଲଟରଧଟରୀ—ସ୍ତ୍ରୀ)

ଲଟରିବା—ଦେ. କ୍ରି (ଅକର୍ମକ)—ଲଟପଟ ହେବା; ଲଟର ହେବା—Lataribā To become soft or pliant.
ଗଣା **ପଲପଲାନା** (ଲଟରିଯିବା—ଅନ୍ୟରୂପ)

ଲତା—ସଂ. ବି (ଲତ୍ ଧାତୁ=ବେଷ୍ଟନ କରିବା+କର୍ତ୍ତ୍ରୃ. ଅ, ସ୍ତ୍ରୀ. ଆ)—
Latā ୧ । ମୃଦୁବଲ୍ଲୀ; ବୃନ୍ତଗ; ଯେଉଁ ଉଦ୍ଭିଦ ସିଧା ହୋଇ ଠିଆ
ଲତା ହୋଇ ନ ପାରି ଭୂମିରେ ବା ଅନ୍ୟ କୌଣସି ବସ୍ତୁ ଅବଲମ୍ବନ
ବେଲ କରି ଅଗ୍ରସର ହୁଏ ବା ମାଡ଼େ—1. Creeper; creeping plant. ୨ । କୋମଳ କାଣ୍ଡ ବା ଶାଖା; (ଯଥା—ପଦ୍ମ ଲତା) (ହ୍ରଂ ଶ)—2. Soft stem of a plant or branch. [ଦ୍ର—ଲତା ଶବ୍ଦ ସୌନ୍ଦର୍ଯ୍ୟ, କୋମଳତା ଓ ସୁକୁମାରତାସୂଚକ ହେବାରୁ ବାହୁ ଓ ଭୂଜକୁ ଲତା ବୋଲି ବୋଲାଯାଏ; ଯଥା—ବାହୁଲତା; ସୁନ୍ଦରୀ ସ୍ତ୍ରୀ ପ୍ରତି ମଧ୍ୟ କନକଲତା ପ୍ରୟୋଗ କରାଯାଏ; ବକ୍ର ବସ୍ତୁ ପ୍ରତି ମଧ୍ୟ ଲତା ଶବ୍ଦ ପ୍ରଯୁକ୍ତ ହୁଏ ଯଥା—ଭ୍ରୂଲତା; ବହ୍ନ୍ୟଲତା ।] ୩ । ନାରୀ; ସ୍ତ୍ରୀ (ଏ ପୁରୁଷଙ୍କ ଆଶ୍ରୟ କରିବାରୁ, କାରଣ କଥିତ ଅଛି—ବନାଶ୍ରୟଂ ନ ବର୍ତ୍ତନ୍ତେ କବିତା ବନିତା ଲତା)—3. Woman (in general (Apte). ୪ । (ବୈଦ୍ୟକ) ଦ୍ରାକ୍ଷାଲତା; ଅଙ୍ଗୁରଲତା-4. Vine. ୫ । (ବୈଦ୍ୟକ) ମୁତ୍ରା; ପେଡ଼ଙ୍ଗ ଶାଗ—5. A pot herb; Triganella Corniculata. ୬ । (ବୈଦ୍ୟକ) ଦୂବା; ଦୂବଘାସ—6. The creeping grass: Cynoden; Dactylon. ୭ । (ବୈଦ୍ୟକ) କୈବର୍ତ୍ତିକ; କେଉଟିଆ ମୁଥା ଘାସ—7. A kind of fragrant creeping grass; Cyperus Rotundus; Panicum Dactyllon. ୮ । (ବୈଦ୍ୟକ) ଜ୍ୟୋତିଷ୍ମତୀ ଲତା; ଫୁଟ ଫଟକା—(ଏହା ଲତା ନୁହେଁ)—8. A plant; Cardiospermum Helicacabum; the staff tree. ୯ । (ବୈଦ୍ୟକ) ପ୍ରିୟଙ୍ଗୁ, (ଏହା କଳୁ ଲତା ନୁହେ, କମ୍ବାଦବର୍ଗର ନାଲବୃନ୍ତକ ଅବଶ୍ୟ ତରୁ)—9. Agalia Roxbur Ghiana (tree) ୧୦ । (ବୈଦ୍ୟକ) ଶ୍ୟାମଲତା; ଶୁଆଁଲଇ; କୃଷ୍ଣସାରିବା—10. medicinal creeper; Indian Sarsaparilla. ୧୧ । (ବୈଦ୍ୟକ) ଶ୍ୱେତ ଶାରିବା; ଚେମକ୍ଷ ଲଇ; ଗୁଅପାନ ମୂଳ ଲତା; ଅନନ୍ତ ମୂଳ—10. A medicinal creeper; Hemidesmus Indicus; Indian Sarsaparil ୧୨। (ବୈଦ୍ୟକ) ଶ୍ୟାମାକ; ତୃଣ ଧାନ୍ୟ ବିଶେଷ; ସୁଆଁ ଧାନ—(ଧାନକ୍ଷେତରେ ଏହା ମନକୁ ଉଠେ)—12. A kind of grain growing in paddy fields. ୧୩ । (ବୈଦ୍ୟକ) କଙ୍ଗୁ ଧାନ (ଏହାର ଗୁଣ୍ଡି ଖିଆଯାଏ)—13. A sort of fragrant grain Panicum Frumentaceum. ୧୪ । ମାଧବୀଲତା-Mādhabilatā) ୧୫ । ଜାତୀ ପୁଷ୍ପର ଗୁଳ୍ମ (ହ୍ର.ଶ.) 15. The plant of jāti flower. ୧୬ । ସୁନ୍ଦରୀ ସ୍ତ୍ରୀ (ହ୍ର. ଶ.)—16 A fine woman. ୧୭ । ସୁକୁମାର ସ୍ତ୍ରୀ—17. A slender woman (Apte). ୧୮ । ଚାବୁକର ଚମଡ଼ା ଅଗ—18. The thong or lash of a whip (Apte) ୧୯ । ମୁକ୍ତାମାଳା—19. A string of pearls (Apte) ୨୦ । ଏକ ପ୍ରକାର ସୁବାସିତ ଲତା କସ୍ତୁରୀ—20. The musk creeper. (Apte). ୨୧ । ସରଳରେଖା—21. Straight line (Apte). ୨୨ । ମହାସ୍ୱର୍ଗଲୋକରୁ ଅପ୍ସରୀ ବିଶେଷ—22. Name of a heavenly nymph (M. W.) ୨୩ । ଛନ୍ଦୋ ବିଶେଷ—23. A kind of metre (Apte). ୨୪ । ଶାଖା—24. Branch. [ଦ୍ର— କେଳି କଦମ୍ବ ଲତାର, କୋକିଳ ର ଶ୍ୟାମଳ ଛାର, ତେଜି ସେ ରହସ୍ୟତାର ସରେ । ଯଶୋବନ୍ତମ୍. ଲ ଗୀତ ।] ଦେ. ବି—୧ । ସଂପର୍କ—1. Connection. ୨ । ରକ୍ତ ବା ବିବାହ ସଂପର୍କ ଜନିତ ବନ୍ଧୁତା—2. Blood relationship. ୩ । ଶୁଭବାଦନ ବା ମନ୍ଦ ବସ୍ତୁର ନାମ ଉଚ୍ଚାରଣ ନ କରି ତତ୍ପରିବର୍ତ୍ତେ ବୋଲାଯିବା ଅନ୍ୟ ଗୋଟିଏ ଶବ୍ଦ ବା ବାକ୍ୟ—3. Euphemistic expressions; euphemism. [ଦ୍ର—'ସାପ' ନ କହି 'ଲମ୍ବ ଜନ୍ତୁ' ବା 'ଲଥ' ବା 'ବାଠି'; ଶିଶୁ 'ମରିବା' ନ କହି 'ବାହୁଡ଼ିବା', ହାତି 'ମରିଗଲା' ନ କହି, ବସିଗଲା; ସଧବାର ହାତରୁ ଖଡ଼ୁ କାଢ଼ିବା ନ କହି ଖଡ଼ୁ ଓହଳାଇବା ।; ଖାଇବା ଜିନିଷ 'ସରିକି ଯିବା' ନ କହି ବଢ଼ିଯିବା ଇତ୍ୟାଦି ଲତାର ଉଦାହରଣ ।] ୪ । କଥାର ଲଥା ବା ସହଚର ଶବ୍ଦ—4. A bye word; redundant or companion word. [ଦ୍ର—ଲତା ଫଟାଇ କହିଲେ ବଢ଼ିଯିବ ପୋଥା-ପ୍ରାଚୀ. କୃଷ୍ଣଚରଣ ଗୀତା ।] ୫। ଅବତରଣିକା-6. Introduction. ୬ । ବାହାଣୀର ଶେଷରେ ବୋଲାଯିବା ପଦ—6. A concluding couplet recited at the end of every folktale. ୭ । କଥାର ଉପକଥା ବା ଶାଖା—7. Branch or episode of a tale. ୮ । ସଳଖ ସୁନ୍ଦର ଗଛାଗଛ-8. A young tree having erect and long slender trunk. [ଦ୍ର—ସରଳ ଶସ୍ୟର ଶାଳ ଲତା ଲଭ । ରାଧାନାଥ. ନନ୍ଦକେଶରୀ ।] ୯ । ଧାରାବାହିକ ବଂଶାବତରଣ; ବଂଶ ବୃକ୍ଷ; କୁରି ନାମା—9. Genealogy; pedigree. [ଦ୍ର—କୃଷ୍ଣର ଯେତେ ବଂଶମାନ, ପୁଣ ଜାତ ଲତା ଯେସନ । ଜଗନ୍ନାଥ. ଭାଗବତ ।] [ଦ୍ର—ଘର ଘର ଉଦ୍ଭିଦର ନାମ ସଙ୍ଗେ 'ଲତା' ଶବ୍ଦ ଯୋଗ କରାଯାଇ ସେହି ସେହି ଲତା ବୁଝା ଯାଏ । ଯଥା—

ସୋମ ଲତା, ମାଧବୀ ଲତା, ଦ୍ରାକ୍ଷା ଲତା, ଶ୍ୟାମା ଲତା, କୁନ୍ଦ ଲତା, ପ୍ରସାରଣୀ ଲତା, ଲଜ୍ଜାଳୁ ଲତା ।] ୧୦ । ସ୍ତ୍ରୀଲୋକଙ୍କ ନାମ—10. A name given to females.

ଲତା(ତେ)ଇବା—ଦେ. କ୍ରି (ସଂ. ଲତା: ସଂ. ଲତାଯୁମାନ)—Latā(te)ibā ୧ । ଲଟାଇବା (ଦେଖ)—1. Laṭāibā. ନতান (See) ୨ । ଶାଖା ମେଲିବା—2. To spread the branches. लतडना

ଲତା କଟାଭି—ସଂ. ବ—ଫୁଟି ଫୁଟିକା (ଦେଖ) Latā kaṭābhi Phuṭi phuṭikā. (See) ସଂ. ନାମ—କୋଷାତକୀ, କଟଭି [ଦ୍ର—ଏହା ପ୍ରକୃତରେ ନতাফটকী; কটভী ଲତା ନୁହେଁ, ଗୁଳ୍ମ ଅଟେ ।] मालकांगुनी

ଲତା କଦମ୍ବ—ସଂ. ବ (ବୈଦ୍ୟକ)—କଦମ୍ବ ଫୁଲ ପରି ଗୋଲ, କେଶର Latā kadamba ଯୁକ୍ତ ଫଳଧାରୀ କଣ୍ଟକୀଲତା—A climbing species of nettle.

ଲତା କନା—ଦେ. ବ (ସଂ. ଲକୁଚ=ବସ୍ତ୍ର; ପ୍ରା. ଲଉଅ)—Lata kanā ୧ । ମଶାଲରେ ଗୁଡ଼ାଯାଇ ତେଲ ଢାଳି ଜାଳି ନେতা ଜଳାଯିବା ପାଇଁ ବ୍ୟବହୃତ ଚିରୁକନା—1. Rags used लत्ता for rolling up torches. ୨ । ଛିଣ୍ଡା କନା—2. Rags.

ଲତା କରଞ୍ଜ—ସଂ. ବ—ଲତାପରି ମାଡ଼ିବା ବରପୋଲ ନାମକ କଣ୍ଟକୀ Latā karañja ଗୁଳ୍ମ । (ଏହାର ଫଳ ତେଲ ଫଳପ୍ରଦ ସଂ. ଅନ୍ୟ ନାମ—ଘୃତପୂର୍ଣ୍ଣ କରଞ୍ଜ, କଣ୍ଟକମଯୁ)—A thorny ବଜ୍ରବୀଜକ, ପ୍ରକୀର୍ଯ୍ୟ, ଧନଦାକ୍ଷୀ, climbing plant; Caeପୁତ୍ତିକ, ଦୁଷ୍ପର୍ଶୀ, ପୂତିକରଞ୍ଜ, ଶାରଙ୍ଗ, salpinia Bonducella. ସୋମବଲ୍କ, କଣ୍ଟଫଳ, କୁବେରାକ୍ଷୀ, [ଦ୍ର—ଏଥିର ମଞ୍ଜି ଗେଲିପରି ଘୃତପର୍ଣ୍ଣୀ । ଟାଣୁଆ । ବୈଦ୍ୟକ ମତରେ নাটাকরঞ্জ, নতাকরঞ্জ ଏହା କଟୁ, ଉଷ୍ଣ ଓ ବାତ କଫ कसटकरैजा ନାଶକ ଅଟେ । ଏଥିର ସାର ମ. ସାଗର ଗୋଟୀ ପାଚକ ଓ ପଥ୍ୟ ଏବଂ ଗୁଳ୍ମ ଓ ଫା. ଖାୟୁଏଇବଲୀସ୍ ବିଷ ନାଶକ ।]

ଲତା କସ୍ତୁରି—ଦେ. ବ—ଲତା କସ୍ତୁରିକା (ଦେଖ) Latā kasūtri Latā kasturikā (See) লতা কস্তূরী लताकस्तुरी

ଲତା କସ୍ତୁରିକା—ସଂ. ବ (ବୈଦ୍ୟକ)—ଜବାଦବର୍ଗର ପ୍ରାୟ ଦୁଇ ହାତ Latā kastūrikā ଉଚ୍ଚ ଶାକଗୁଳ୍ମ ବିଶେଷ; କସ୍ତୁରୀ—The ଅନ୍ୟ ସଂ. ନାମ—କଟୁ, ଦକ୍ଷିଣ ଦେଶଜା; musk creeper; a ଲତା କସ୍ତୁରୀ creeper producing নতাকস্তূরী; কালকস্তরী musk-scented seeds; मुश्कदाना, मषकदाना musk mallow. ତେ. ଚନ୍ଦ୍ରୋଲିପଲମ୍, କର୍ପୂରବେଣ୍ଡମୁ [ଦ୍ର—ଏହାର ଫଳ ତା. କଟେକସ୍ତୁରୀ ମଧ୍ୟରେ ଥିବା ମଞ୍ଜିର ବାସନା କସ୍ତୁରୀପରି । ଏହା ଔଷଧରେ ବ୍ୟବହୃତ ହୁଏ । ଫଳ ପାଞ୍ଚକୋଣିଆ । ଫୁଲ ବଡ଼ ବଡ଼ ଓ ମଞ୍ଜି ରକ୍ତବର୍ଣ୍ଣ । ଏହା ତିକ୍ତ ମଧୁରରସ, ଶୁକ୍ରବର୍ଦ୍ଧକ, ଶୀତବୀର୍ଯ୍ୟ, ଲଘୁ, ଚକ୍ଷୁର ହିତକର, ଛେଦକ, ଶ୍ଳେଷ୍ମଘ୍ନ ଓ ପିପାସାନାଶକ । ଏହା ବସ୍ତିଗତରୋଗ ଓ ମୁଖରୋଗନାଶକ—ଦ୍ରବ୍ୟଗୁଣ ।]

ଲତା କୁଞ୍ଜ—ସଂ. ବ (ଷ. ତ. ସେ; ଲତାରଚିତ କୁଞ୍ଜ)—ଲତାବେଷ୍ଟିତ Latā kuñja କୁଞ୍ଜବନ—A bower formed by [ଲତାଗୃହ, ଲତାମଣ୍ଡପ—ଅନ୍ୟରୂପ] creepers.

ଲତା ଗଣ—ସଂ. ବ (ଷଷ୍ଠୀ ତତ୍)—ବୈଦ୍ୟକ ମତରେ ଲଟାଇବା ଉଦ୍ଭିଦ Latā gaṇa ବର୍ଗ—A class of creepers enumerated [ଲତାବର୍ଗ—ଅନ୍ୟରୂପ] in the Hindu medical treatises. [ଦ୍ର—ଲତାଗଣର ଅନ୍ତର୍ଗତ—ପାନ, ଗୁଳୁଚି, ସୋମବଲ୍ଲୀ, ବସ୍ତ୍ରକାନ୍ତା, ସ୍ୱର୍ଣ୍ଣବଲ୍ଲୀ, ବୃଦ୍ଧଦଣ୍ଡୀ, ଚର୍ମ୍ମଲୀ, କଟପର୍ଣ୍ଣୀ, ଦୁଗ୍ଧପର୍ଣ୍ଣୀ, ବଟପତ୍ରୀ, ବୃହଦଲା, ଅର୍କପୁଷ୍ପୀ, ସର୍ପାକ୍ଷୀ, ମୂଷାକାନୀ, ପୋଇ, ମୟୂରଶିଖା, କଳକଲତା, କାଗ ଓ ମାଧବୀ—ବୈ. ଶ.]

ଲତା ଗହଳ(ଳି)—ଦେ. ବଣ (ସଂ. ଲତାବହୁଳ)—ଯେଉଁ ସ୍ଥାନ ବା Latā gahaḷa(ḷi) ବଣରେ ବହୁତ ଲତା ଅଛି; ଲତାପୂର୍ଣ୍ଣ—নতাঘন Full of creepers. [ଉ—ଲତାଗହଳ ଗହନେ लताबाला ପଳାଅ । କବିସୂର୍ଯ୍ୟ. ବ୍ରଜଗୋପୀଗଣ୍ଡ ଲ. ଗୀତ ।] ଦେ.ବ-ଲତାପୂର୍ଣ୍ଣ ସ୍ଥାନ—A place full of creepers.

ଲତା ଗୁଳ୍ମ—ସଂ. ବ (ଲତା+ଗୁଳ୍ମ)—୧ । ଲଟାଳିଆ କ୍ଷୁଦ୍ର ଗଛ—Latā gulma 1. Creeper-like plants. ୨ । ଲତା ଓ ଗୁଳ୍ମ—2. Creepers and plants.

ଲତାଙ୍ଗୀ—ସଂ. ବ—କକଡ଼ା ଶୃଙ୍ଗୀ (ବୈ. ଶ) (ଦେଖ) Latāngi Kakaṛāsṛungi. (See)

ଲତା ଜାଳ(ଳି)—ସଂ. ବ—ଲତା ପାଶ (ଦେଖ) Latā jāḷa(ḷ) Latāpāśa. (See)

ଲତାଜିହ୍ୱ—ସଂ. ବ (ବହୁବ୍ରୀହି; ଲତା+ଜିହ୍ୱା)—ସର୍ପ; ସାପ—Latājihwā Serpent; snake. [ଲତାରସନ—ଅନ୍ୟରୂପ]

ଲତାଡ଼ି—ଦେ. ବ—(ଜାହାଜିଆ ଭାଷା)—ଜାହାଜକୁ ଲଙ୍ଗର କଲାବେଳେ ପଛ ଅଡ଼ୁ ସେଉଁ ଭାରଯୁକ୍ତ ଶିକୁଳି ଜଳ Latārdi ଜাহাজের পেছনের শিকল ମଧ୍ୟକୁ ପକା ଯାଏ—The chain लतर जंजीर with a weight attached to it which is thrown into the water behind the ship while anchoring. [ଉ—ଅଥ ଦୁଇ-ଲଙ୍ଗର ପଛ ଲତାଡ଼ି ପକେଇ ଦେଲି, ପଟାପଟ ଛିଡ଼ିଗଲା ଫଗୀରମୋହନ ଗଳ୍ପ ସ୍ୱଳ୍ପ ।] [ଦ୍ର—ଏହା ଦୁଇଟି ଅଟେ; ଏହା ଲତାପରି ପଚ୍ଛିଆକୁ ଉଚ୍ଚ ହୋଇ ଗୁଣକ ତଳ × ପରି ଜାହାଜର ପଛ ମଙ୍ଗରୁ ପାଣି ଘଡ଼ଉକୁ ପଡ଼ୁଥାଏ ।]

ଲତା ଡମି(ମ୍ବି)ର—ଦେ. ବ—(ଏହା ପ୍ରକୃତରେ ଲତା ନୁହେଁ; ଭୁଲ ଛଃ।ବର)—ଡମ୍ବିର ବୃକ୍ଷ ବିଶେଷ—
Latā dimi(mbi) ri
ସ—କାକୋଡୁମ୍ବରିକା Ficus Opposetifolia (tree).
काक डुमुर कठुमर

ଲତାଣିଆ—ଦେ. ବଣ—(ସ. ଲତାମୟୂ)—ଲକ୍ଷାଣିଆ (ଦେଖ)
Latania लतानिया लतिया Latania (See)

ଲତା ତରୁ—ସ. ବ—(ମ. ଘ. ଜ୍ଞେ ବା ବହୁବ୍ରୀହି; ଲତା+ତରୁ)—
Latā taru ୧। ଯେଉଁ ବୃକ୍ଷମାନଙ୍କରେ ଅନ୍ୟ ଲତାମାନ ମାଡ଼ନ୍ତି—1. Trees on which other creepers climb. ୨। କମଳାଲେମ୍ବୁ ଗଛ—2. The orange tree. ୩। ଶାଳ ଗଛ—3. The Sāla (a timber tree); Shorea Robusta). ୪। ତାଳ ବୃକ୍ଷ—4. Palm tree.

ଲତାନନ—ସ. ବ—ନୃତ୍ୟ କଲା ବେଳେ ହାତ ହଲାଇବାର ଏକ
Latānana ଢଙ୍ଗ (ହ.ଶ)—A kind of shaking of the hands during dancing.

ଲତା ତାଳ—ସଂ. ବ— ହିନ୍ତାଳ (ଦେଖ) (ହ. ଶ.)
Latā tāla Hintāla (See)

ଲତାନି ପତାନି—ଦେଦ — (ସ. ଲତାପତ୍ରାଣି)—୧। କୌଣସି ବ୍ୟକ୍ତିର
Latāni patāni ଦୂର ଓ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବଗଣ—
लता पाता लतापत्र 1. Near and distant relatives
[ଲତା ପତା—ଅନ୍ୟରୂପ] of a person. ୨। କୁଟୁମ୍ବ ଓ ବନ୍ଧୁମାନେ 2. Kinsmen and relatives. ୩। ଲତା ଓ ପତ୍ରଗଣ—3. Creepers and leaves. ୪। ବୃକ୍ଷଲତାଦି ଉଦ୍ଭିଦମାନ—4. All sorts of plants; trees and creepers.

ଲତାନ୍ତ—ସ. ବ—(ଲତାର ଅନ୍ତ=ଶେଷଭାଗ)—ପୁଷ୍ପ—
Latānta Flower.

ଲତା ପନସ—ସ. ବ—(ଲତାରେ ଫଳିବା ପନସ ଅକୃତିର ଫଳ)—
Latā panasa ତରଭୁଜ—The melon (creeper.)

ଲତାପର୍ଣ୍ଣ—ସ. ବ—ବିଷ୍ଣୁ (ହ. ଶ)—
Lataparṇṇa Bishṇu.

ଲତାପର୍ଣ୍ଣୀ—ସ. ବ—୧। ମଧୁରିକା; ପାନମହୁରି (ହ. ଶ.)—
Latā parṇṇi 1. Aniseed.
୨। ତାଳମୂଳୀ (ହ. ଶ) (ଦେଖ)—2. Tālamūli (See)

ଲତା ପାଶ—ସ.ବ.— (ଲତା+ସମୂହାର୍ଥେ ପାଶ; ଭୁଲ— କେଶପାଶ)—
Latā pāsa ୧। ଲତା ସମୂହ—1. A cluster of creepers. ୨। ବୃକ୍ଷାଦିକୁ ଛନ୍ଦିବା ଲତାମାନ—2. Creepers entwining a tree.

ଲତା ପୃକ୍କା—ସ. ବ—ପିଡ଼ଙ୍ଗ ଶାଗ
Latā pṛukkā A pot herb; Trigonella Corniculata.

ଲତାପ୍ରତାନ—ସ. ବ—(ଷଷ୍ଠୀତତ୍; ଲତା+ପ୍ରତାନ)—୧। ଲତାରୁ
Latā pratāna ବାହାରିବା ତନ୍ତୁ—Fibres of creepers.
୨। ଦଉଡ଼ି ବା ରଇରୂପେ ବ୍ୟବହୃତ ଲତା—
2. Creepers used as strings.

ଲତାପ୍ରତାନି(ପି)ନୀ—ସ. ବ. ସ୍ତ୍ରୀ—ଗୁଳ୍ମିନୀ; ବହୁଶାଖା ଦ୍ୱାରା ବିସ୍ତୃତ ଲତା
Lata pratāni(pi)ni A creeper consisting of many branches; a spreading creeper.

ଲତା ଫଳ—ସ. ବ—(ବୈଦ୍ୟକ)—୧। ପଟୋଳ; ପୋଟଳ—
Latā phala 1. A sort of kitchen vegetable; Trichasanthes Dioica. ୨। ଲତାରୁ ଉତ୍ପନ୍ନ ଫଳ—2. Fruits of creepers. (ଯଥା—କଖାରୁ ଲାଉ, କଲରା, ପୋଟଳ, କାକୁଡ଼ି, କଲରା)—

ଲତା ବୃକ୍ଷ—ସ. ବ—ଶଲ୍ଲକୀ ଗଛ; କୁନ୍ଦୁରୁଗନ୍ଧ ଗଛ (ହ. ଶ.)—
Latā bruksha Boswellia Serrata tree.

ଲତା ବୃତ—ସ. ବ—(ତୃତୀୟାତତ୍; ଲତା ଆବୃତ)—ଲତାଦ୍ୱାରା ଆବୃତ
Latā bruta ଲତାଦ୍ୱାରା ବେଷ୍ଟିତ—Covered
[ଲତା ବେଷ୍ଟିତ—ଅନ୍ୟରୂପ] or entwined with creepers.

ଲତା ବେଷ୍ଟ—ସ. ବ—୧। ଦେଶ ବିଶେଷ—
Latā beshṭa 1. Name of a country.

ଲତାବେଷ୍ଟନ }
ଲତା ବେଷ୍ଟିତ } —ଅନ୍ୟରୂପ
ଲତା ବେଷ୍ଟିତକ }

୨। ଆଲିଙ୍ଗନ ବିଶେଷ— 2. A sort of embrace (consisting of both the persons entwining each other.)
[ଦ୍ର—ଏଥିରେ ସ୍ତ୍ରୀ ପୁରୁଷ ଉଭୟେ ଉଭୟଙ୍କୁ ଲତା ବେଢ଼ିବା ପରି ସମ୍ପୂର୍ଣ୍ଣରୂପେ ଆଲିଙ୍ଗନ କରିଥାଆନ୍ତି।] ୨। କାମ ଶାସ୍ତ୍ରୋକ୍ତ ଷୋଡ଼ଶ ରତିବନ୍ଧ ମଧ୍ୟରୁ ତୃତୀୟ ବନ୍ଧ—2. The third of the 16 poses during coition laid down in the amatery books. [ଦ୍ର-ଏଥିରେ ରମଣୀକୁ ପୁରୁଷ ବାହୁଦ୍ୱୟ ଓ ପାଦଦ୍ୱୟ ଦ୍ୱାରା ବେଷ୍ଟନ ବା ଆଲିଙ୍ଗନ ପୂର୍ବକ ଲଘୁ ରମଣ କରେ।] ୩। ହରିବଂଶୋକ୍ତ ଦ୍ୱାରକାପୁରୀର ଦକ୍ଷିଣସ୍ଥ ପର୍ବତବିଶେଷ (ହ. ଶ.)—3. Name of a mountain mentioned in the Haribaṁsa.

ଲତା ଭବନ—ସ. ବ— (ମ. ଘ. ଜ୍ଞେ)—ଲତାକୁଞ୍ଜ—
Latā bhabana A bower of creepers.

ଲତା ମଣି—ସ. ବ—(ମ. ଘ. ଜ୍ଞେ; ଲତା+ମଣି)—ପ୍ରବାଳ; ପୋହଳା
Latā maṇi Coral.

ଲତା ମଣ୍ଡପ(ଳ)—ସ. ବ—(ମ. ଘ. ଜ୍ଞେ, ଲତା+ମଣ୍ଡପ)—ଲତାକୁଞ୍ଜ
Latā maṇḍapa(ḷa) A bower composed of creepers.

ଲତା ମରୁତ୍—ସ. ବ—ଛିକା; ପିଡ଼ଙ୍ଗ ଶାଗ (ହ. ଶ)—
Latā marut Trigonella Corniculata.

ଲତା ଯଷ୍ଟି—ସ. ବ—ମଞ୍ଜିଷ୍ଠା—
Latā jashṭi The Indian Madder plant.

ଲତା ଯାବକ—ସ. ବ (ଲତା+ଯାବକ=ଯବ ବା ତତ୍ତୁଲ୍ୟ ଶସ୍ୟ;
Latā jābaka ଅକୃତ୍ତି ସାମ୍ୟରୁ)--ପ୍ରବାଳ; ପୋହେଳା—Coral.

ଲତାର୍କ—ସ. ବ (ଲତା+ଅର୍କ ଧାତୁ=ଉତ୍ତପ୍ତ କରିବା+କର୍ତ୍ତୃ. ଅ)—
Latārka ହରିଦ୍‌ବର୍ଣ୍ଣ ପଳାଣ୍ଡୁ—Yellow onion.

ଲତାଳକ—ସ. ବ (ବହୁବ୍ରୀହି; ଲତା+ଅଳକ=ଚୂର୍ଣ୍ଣ କୁନ୍ତଳ ଯାହାର)-
Latālaka ହସ୍ତୀ—Elephant.

ଲତାଳିଆ—ଦେ. ବଣ—୧ । ଲତାମୟ—1. Consisting of
Latāliā creepers. ୨ । ଲତା ପରି—2. Resemb-
लतावाने, लतानिया ଲତିଯା ling creepers.

ଲତା ଶଙ୍ଖ—ସ.ବ—ଶାଳବୃକ୍ଷ; ଶାଳଗଛ—A timber tree; Sal;
Latā śankha Shorea Robusta.

ଲତା ସାଧନ—ସ. ବ (ତନ୍ତ୍ର) ତାନ୍ତ୍ରିକ ସାଧକର ବା ବାମମାର୍ଗର ସାଧନା-
Latā sādhana ବିଶେଷ—A kind of Tantrik
ritual. [ଦ୍ର—ଏଥିରେ ସାଧକ ଦେବୀଙ୍କୁ ନାୟିକା
ବା ସ୍ତ୍ରୀରୂପରେ ପାଇବା ପାଇଁ ତନ୍ତ୍ରୋକ୍ତ ସାଧନା
କରନ୍ତି ।]

ଲତିକା—ସ. ବ (ଲତା+ସ୍ୱାର୍ଥେ କ+ସ୍ତ୍ରୀ ଅ)—୧ । ଲତା—
Latikā 1. Creeper. ୨ । ଲତାଳିଆ ଗଛ—
2. A tree resembling a creeper; a tree
with drooping branches. ୩ । ଦ୍ରାକ୍ଷାଲତା—
3. Vine. ୪ । (+କ୍ଷୁଦ୍ରାର୍ଥେ କ+ସ୍ତ୍ରୀ ଅ) ଛୋଟ
ଲତା—4. Small or tender creeper.

ଲତିଫ୍—ବୈଦେ. ବ (ଅ; ଏଥିର ଅର୍ଥ=ସୁସ୍ୱାଦୁ, ମନୋହର)—
Latif ମୁସଲମାନ୍‌ମାନଙ୍କ ନାମ—A name given to
लतीफ ଲତିଫ Mahomedans.

ଲତିଫା—ବୈଦେ. ବ (ଅ)—୧ । ହାସ୍ୟରସପୂର୍ଣ୍ଣ ଗ୍ରେଟ କାହାଣୀ—
Latifā 1. A small comic tale. ୨ । ହାସ୍ୟମୟ
लतीफा ଲତିଫା ବାକ୍ୟ—2. Jocular words.
୩ । ଅଶ୍ଚର୍ଯ୍ୟଜନକ ବାକ୍ୟ—3. Wonderful
speech

ଲତ୍ତକ—ସ. ବ (ଲତ୍ ଧାତୁ=ଅଘାତକରିବା+କର୍ମ. ତକ)—
Lattaka ଛିଣ୍ଡାକନା—Rags.

ଲତ୍ତିକା—ସ. ବ (ଲତ୍ ଧାତୁ=ଅଘାତକରିବା+କର୍ତ୍ତୃ. ତ+ସ୍ତ୍ରୀ. ଅ)—
Lattikā ୧ । ଗୃହଗୋଧିକା; ଝିଟିପିଟି; ଢାଉଅଣି—
1. The small house-lizard. ୨ । କୃକଳାସ;
ଏଣ୍ଡୁଅ—2. Chameleon. ୩ । ଗୋଧା; ଗୋଧି
ସାପ (ଭୂ. ଷ)—3. Iguana.

ଲଥିକରି—ଦେ. କି. ବଣ—ଲଥିକନା (ଦେଖ)
Lath-kari Lath-kinā (See)
[ଲଥ୍ଦ(ଧ)ସ୍—ଅନ୍ୟରୂପ]

ଲଥିକନା(ନି,ରି)—ଦେ. କି. ବଣ (ଧ୍ୱନ୍ୟର୍ଥକ)—୧ । ଗୋଟିଏ ଭାରି
Lath-kinā(ni,ri) ଓ କୋମଳ ପଦାର୍ଥ ହଠାତ୍ ଭୂମିରେ
नथकरे लथसे ପଡ଼ି ବସି ଯିବା ପ୍ରକାରରେ—1. Suddenly
(said of a fleshy or soft mass being
put on the ground); with a thud.
(ଯଥା—ସେ କାକୁଡ଼ିପୁଳାକୁ ତାଳୁରେ ଲଥିକନା
ଥୋଇଦେଲା । ୨ । ଠିଆ ହୋଇଥିବା ବ୍ୟକ୍ତି ହଠାତ୍ ଭୂମିରେ
ସିଧାସଳଖ ବସିଯିବା ପ୍ରକାରରେ—2. Suddenly
(sitting down on the ground with the
buttocks. [ଯଥା—ସେ ଭୂଇଁରେ ଲଥିକନା
[ଲଥିକରି(ରି)କରି—ଗ୍ରାମ୍ୟରୂପ] ବସିଗଲା ।]

ଲଥିଲ(ଲା)ଥ୍—ଦେ. କି. ବଣ (ଧ୍ୱନ୍ୟର୍ଥକ; ବହୁ ଲୋକ ବା ବସ୍ତୁ-
Lath-la(lā)th ବାଚକ)—୧ । (ଅନେକ ବସ୍ତୁ ବା ବ୍ୟକ୍ତି)
नतनत फटफट ଭୂମିରେ ହଠାତ୍ ରଖାଯିବା ପ୍ରକାରରେ—
1. (many things) Being put on the
ground with a thumping sound. ୨ ।
ଥଲଥଲ—2. Soft, fleshy and loose.

ଲଥ—ଦେ. ବ (ସ. ନସ୍ତ=ନାସିକ; ନାଥ=ନାସାସ୍ରୋତ ରଜ୍ଜୁ; ବା
Latha ନଥ୍ ଧାତୁ=ଦୋଦୁଲ୍ୟମାନ ହେବା)—ନଥ; ନୋଥ;ନେଥ;
नथ ନଥ ସ୍ତ୍ରୀଲୋକମାନଙ୍କର ବାଆଁ ନାକର ପୁଡ଼ାରେ ପିନ୍ଧାଯିବା
ମ. ନଥ ଚକାକୃତି ସ୍ୱର୍ଣ୍ଣ ବଳୟ—A circular gold
ring worn by women on the left nostril.
[ଦ୍ର—ଏହି ଦେଶରେ ଓଡ଼ିଆଣୀମାନେ ନାକର ଡାହାଣ
ପୁଡ଼ାରେ ବେଶର ବା ଗୁଣା ଓ ବସୁଣୀ ଏବଂ ନାକର ବାଆଁ
ପୁଡ଼ାରେ ଲଥ ପିନ୍ଧନ୍ତି । କିନ୍ତୁ ବଙ୍ଗଦେଶରେ ଡାହାଣ
ପୁଡ଼ାରେ ଲଥ ଓ ବାଁଆ ପୁଡ଼ାରେ ବେଶର ପିନ୍ଧାଯାଏ । ଏ
ଲଥ ନାକର ଯେଉଁ ପୁଡ଼ାରେ ପିନ୍ଧାଯାଏ ସେହିପାଖର ଗାଲ
ଉପରେ ଏହା ଲାଗିକରି ରହେ । ହିନ୍ଦୁସ୍ଥାନୀ ରମଣୀମାନେ
ନାକର ବାଆଁ ପୁଡ଼ାରେ ଲଥ ପିନ୍ଧନ୍ତି । ଲଥର ଘନ ଅକୃତି
ଓ ଭାରିଗରିବିଶିଷ୍ଟ । ଯଥା—
୧ । କଡ଼(ଡ଼ି)ଲଥ—ଯେଉଁ ଲଥର ପରିଧିରେ
ଗ୍ରେଟ ଗ୍ରେଟ ଫୁଲକଡ଼ି ପରି ସୁନାର କଡ଼ିମାନ ବସିଥାଏ ।
୨ । ଦକ୍ଷିଣୀ ଲଥ—ଦାକ୍ଷିଣାତ୍ୟ ଅଞ୍ଚଳରୁ ଦେଖା-
ଦେଖି ଏ ଦେଶରେ ପ୍ରଚଳିତ ଚଉଡ଼ା ପରିଧିବିଶିଷ୍ଟ ଲଥ ।
୩ । ଡାଳ ଲଥ ବା ମୋତି ଲଥ—ଗୋଟିଏ
ତାରର ଚକ; ଏଥିର ମଝିରେ ଗୋଟିଏ ମୋତି ଲାଗିଥାଏ ।]

ଲଥା—ଦେ. ବ (ସ. ଲତା)—୧ । କଥାର ଲତା—1. Super-
Lathā fluous supplement to a word; a tail
लता added to a word. ୨ । ଲତା (ଦେ. ବ.
୧ ଠାରୁ ୮ ଦେଖ)—2. Latā (see from
ताग़ी; ताग़ी 1 to 8). ୩ । ଚିରିଲୁଗାରେ ପଡ଼ିବା ତାଳି—
चेपी, थेकड़ी, चिट 3. A patch put on the hole of
a torn cloth.

ଲଥା(ଥେ)ଇବା—ଦେ. କି (ସ. ଲତା)—୧ । ଲତାଇବା (ଦେଖ)
Lathā(the)ibā 1. Lataibā (See). ୨ ।
लताना ଗୋଟିଏ କଥାର ପ୍ରସଙ୍ଗରୁ ଅନେକସୂତ୍ର ବାହାରେ କଥା
फैलना ବା ଶାଖା ବାହାର କରିବା; ସାମାନ୍ୟ କଥାକୁ ଅତ-

ফেনান ରଞ୍ଜିତ କରି କହିବା; କଥାକୁ ଫେଣେଇବା— 2. To make large additions and exaggerations in a narrative; to exaggerate.
লাতিয়ানা
তালী দেওয়া
୩ । ଚିରାକୁଗାରେ ତାଳି ପକାଇବା—
চেপীলগানা 4. To patch up a torn cloth.

ଲଥି(ତ୍ଥି) (ଇତ୍ୟାଦି)—ଦେ॰ ବି—ନଥି ଇତ୍ୟାଦି (ଦେଖ)—
Lathi(tthi) (etc) Nathi etc (See)

ଲଥିବା—ଦେ. କ୍ରି—୧ । ବଡ଼ ବୋଝ ଉପରେ ଗୋଟିଏ ଛୋଟ ବୋଝ ଥୋଇବା—1. To add a small load to a bigger load.
Lathibā
বোঝার উপরশাকের আঁটি
আঁটিয়ানা
୨ । ଗୋଟିଏ କଥା ସଙ୍ଗେ ଉପକଥା ଲଗାଇବା—2. To add a tail to a tale,

ଲଦଉ—ଦେ. ବି (ଭୁଲ. ଇଂ. ଲୋଡ୍; ସଂ. ଲୁବ୍ଧ—ପ୍ରା. ଲଦ୍ଧ; ସଂ. ଲବ୍ଧ—ପ୍ରା. ଲଦ୍ଧ)—୧ । ଯେଉଁ ଡଙ୍ଗାରେ ମାଲ (ଲଦଉ ଡଙ୍ଗା—ପ୍ରଥମାର୍ଥର ଅନ୍ୟରୂପ) ବୋଝାଇ ହୁଏ—1. A boat for carrying load.
Ladau
মাল বোঝাই
୨ । ଗୃହ ବିଶେଷ; ଯହିଁର ଛାଜ ଉପରେ ଖଳ ସ୍ଥାପିତ ହୋଇଥାଏ—2. A kind of thatched house of which the thatch is put on the walls. [ବି—ଏ ଘରେ ଘାଉଅ ଖୁଣ୍ଟି ଦରକାର ହୁଏ ନାହିଁ । ଛାଜ ଉପରେ ଖେଣୀ ଓ ଭୁଅ ରଖି ଘର ଛାଆର କରାଯାଏ; ମଝିରେ କେବଳ ଗୋଟିଏ ଭୁଜଅ ଖୁଣ୍ଟି ଥାଏ ।] ୩ । ପକ୍କା ଛପର ବିଶେଷ—3. A kind of brick-built thatch.
লদৃত
যে ঘরে খুঁটী নাই
দিবালবালা ঘর
ଦେ. ବିଣ—୧ । (ଯେଉଁ ଗାଡ଼ିରେ ବା ଡଙ୍ଗାରେ) ବୋଝ ଭରା ହୋଇଥାଏ—1. Laden (cart or boat).
বোঝাই
লদাত
୨ । ଯହିଁରେ ପୂର୍ଣ୍ଣମାତ୍ରାରେ ବୋଝ ଲଦା ହୋଇଅଛି—2. Fully laden.

ଲଦକା—ଦେ. ବିଣ (ସଂ ଲମ୍ବ ଦେହ)—୧ । ଲମ୍ବୁବା; ଅତ୍ୟନ୍ତ ଭାରି ଓ ବୃହଦାକାର; ଭାରି ଓ ବେଢଙ୍ଗିଆ—1. Very heavy and large; cumbrous.
Ladakā
লদপদ
୨ । ଅତିରିକ୍ତଭାବରେ ବୋଝାଇ କରାଯାଇ ଥିବା— 2. Excessively laden.
ভদ্বা, লদাত, লদাবা
বোঝাই

ଲଦନ—ଦେ. ବି (ସଂ.ଲବ୍ଧ, ପ୍ରା.ଲଦ୍ଧ)—୧ । ହାତୀ ଉପରେ ପକାଯିବା ବାଡ଼ ନଥିବା ଗଦି—Armless cushion put on the back of elephants. [ଉ—ମାହୁନ୍ତ ଅଇଲେ ଲଦନ ପକାଇ ଯିବୁ ବଇଭାଳ ଅଣି । ଛୁଲିହାଣ ଛୁଲି—ଶିଶୁଗୀତ ।] ୨ । ବଳଦଙ୍କ ଉପରେ ପକାଯିବା ଥୋଉ; ପଲ୍ଲାଣ—2. Pack saddle put on bullocks. ୩ । ଭଜବରର ଛାତର ଉପକରଣ—3. The materials for the scaffolding of a thatched house. ୪ । ବୋଝ—4. Loading; load. ୫ । ପୂର୍ଣ୍ଣ-ବୋଝ—5. A full load.
Ladana
পালান
গদ্দী, ভাদী
সরঞ্জাম
লদন সাংগহ
লাদন
লদন, লদাবা

ଲଦ(ଜ)ର ନ(ଲ)ଲି—ପ୍ରାଦେ (କଟକ ସହର) ବି—ନଜର ନଳ
Lada(ja)ra na(la)li (ଦେଖ)—Najara nala (See)

ଲଦବଦ—ଦେ. ବି—ଲୁଦୁବୁଦୁ; ବସ୍ତୁର ଭାରଣ ଏକସ୍ଥାନରେ ଗୁଣ୍ଡ ହେବା ଅବସ୍ଥା—State of being overburdened; cumbrousness.
Lada bada
লদপদ
বোঝিলাপন
ଦେ. ବିଣ —ଲଦଦା—Cumbrous; awkward. (ଲଦର ବଦର—ଅନ୍ୟରୂପ) লদপদ বোঝিলা

ଲଦା—ଦେ. ବି (ସଂ. ଲବ୍ଧ; ପ୍ରା. ଲଦ୍ଧ)—୧ । ଭାର—
Ladā 1 Weight; load. ୨ । ନୌକା, ଯାନ, ବାହନାଦି ଉପରେ ବୋଝ ଲଦବା କର୍ମ—2. Loading of a boat or other conveyance.
নাদা
লাদনা
ପ୍ରାଦେ. (ସମ୍ବଲପୁର, ଗଡ଼ଜାତ) ବି—ଗୋଟିଆ ନାମକ ଶଗଡ଼ ଚକର ଅର୍ଦ୍ଧଚନ୍ଦ୍ରାକାର କାଠ—A semi-circular piece of wood put on the wheels of the Goṭiā cart.

ଲଦା(ଦେ)ଇବା—ଦେ. କ୍ରି (ସଂ. ଲଭ୍ ଧାତୁ—ଉତ୍‌କ୍ଷେପଣ କରିବା)—
Ladā(de)ibā ଲଦବା କ୍ରିୟାର ଣିଜନ୍ତରୂପ—The causative form of verb Ladibā. [ଉ—ଶ୍ୟାମ ରୂପ ମୂର୍ତ୍ତିକାରେ ଲଦାଇ, ଶ୍ୟାମ ବସନ ଅଙ୍ଗରେ ଘୋଡ଼ାଇ । ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।]
বোঝাই করা
লাদ্‌বানা

ଲଦାଣ—ଦେ. ବିଣ—ଲଦା (ଦେଖ)
Ladāṇa Ladā. (See)

ଲଦାମୁ—ପ୍ରାଦେ (ଗଞ୍ଜାମ) ବି—ଖଳ ଘର ଭଳି ଅଟୁ ଛାତ କରିବାପାଇଁ ଛାଜ ଉପରେ ପକାଯିବା କାଠ—Wood work laid on the walls to make an inner roof under a thatch.
Ladāmu

ଲଦାଲଦି—ଦେ. ବି (ସହଚର)—ଅନେକ ବସ୍ତୁ ଲଦବା—
Ladāladi Acts of lading many articles.
নাদা নাদি লাদনা ফাঁদনা

ଲଦ(ଦ୍ଦି)—ପ୍ରାଦେ (କଟକ ସହରର) ବି—ନଦୀ; ନଈ—
Ladi(ddi) River.

ଲଦିଅ—ପ୍ରାଦେ (ଗଡ଼ଜାତ) ବି—ଘରକରେ ଖଳ ଉଡ଼ି ନ ଯିବାପାଇଁ ଖଳ ଉପରେ ପ୍ରଥମେ ବତାର ଜାଲି ପକାଇ ଜାଲି ଉପରେ ଖଳର ଦୁଇ ପାଖକୁ ଲମ୍ବାଇ ମଧ୍ୟାନଠାରୁ ପକାଇ ଦିଆଯିବା ଉଭୟର ଛିଦ୍ର ବ୍ୟାସବିଶିଷ୍ଟ କାଠଯୋଡ଼ (ସେ ଗଣ୍ଡିର ଗୋଟିଏ ମୁଣ୍ଡକୁ ମଧ୍ୟାନ ଉପରେ ଅନ୍ୟ ପାଖର ଗଣ୍ଡିର ମୁଣ୍ଡ ସଙ୍ଗେ ଗଳେଇ ଦିଆଯାଏ)—Thick logs of wood laid on the thatch above the bamboo net work for protecting the straw of the thatch from being blown away by wind.
Ladiā

ଲଦିବା—ଦେ. କ୍ରି (ସଂ. ଲବ୍ଧ; ପ୍ରା. ଲଦ୍ଧ; ଭୁଲ ଇଂ. Load ଲୋଡ୍)—
Ladibā ୧ । କୌଣସି ପଦାର୍ଥ ଉପରେ ବୋଝ ବା ଭାର (ଲଦି ଦେବା—ଅନ୍ୟରୂପ) ରଖିବା; ବୋଝାଇ କରିବା—1. To load.
বোঝাই করা, বোঝাচাপা, লাদা, লাদনা
[ଉ—ଲଦିଲେ କଷ୍ଟ ଲୀ ତାହାର ଉପରେ । କୃଷ୍ଣସିଂହ. ମହାଭାରତ (ଲଦା ହେବା—କର୍ମବାଚ୍ୟ) ବନ ।] ୨ । ଇଚ୍ଛା ବିରୋଧରେ କୌଣସି ବ୍ୟକ୍ତି ଉପରେ କୌଣସି ଭାର ଲଦିବା—2. To put a load or weight on a person against his wish. [ଉ—ଅପଣ ଭାରୁ ହୋଇ ବସିଥିବା ଠାରେ, ଏଡ଼େ ଭାର କଷ୍ଟ ଲଦୁଛ ମୋହ ଠାରେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।] ୩ । ଉପର୍ଯ୍ୟୁପରି ପ୍ରହାର କରିବା—3. To give repeated blows.
লাগান লগানা
୪ । ଉପର୍ଯ୍ୟୁପରି ବୃଷ୍ଟି କରିବା—4. To rain profusely. (ଯଥା—ଦେହରେ ଗୁଡ଼ାଏ ବିଧା ଲଦିବା, ବର୍ଷା ଅସରାକୁ ଅସରା ଲଦିବା ।) ୫ । କୌଣସି ବସ୍ତୁ ଉପରେ ଅନ୍ୟ ବସ୍ତୁକୁ ରଖିବା ବା ସ୍ଥାପିତ କରିବା—5. To place a thing on another. [ଉ—ତରବସ୍ତ୍ରରୁ ପେଟ ହେବାକାଳେ ଶକଟ ହେଲଟ ଯାହା ସେ ବଳେଇ ମୃଦୁ, ନ ଥିଲା କିଛି ଜଣା, ଏବେ ଯାଉଛ ଶୁଣା ଭୁ ପୁଣି ତୃଷ୍ଣା ଚହିଁ ସୁନ ଲଦୁ । କବିସୂର୍ଯ୍ୟ ସଂଗୀତ]

ଲଦି ହେବା—ଦେ. କ୍ରି—୧ । ଆପଣା ଉପରେ ଗୁରୁତର ବୋଝ ଗ୍ରହଣ କରିବା—1. To be laden with a heavy load.
Ladi hebā
মাথায় লওয়া, লদে হোনা
[ଉ—ତରିଦ ହାବ ମାଳାମ୍ବରେ; ଲଦି ହୋଇଛନ୍ତି ଅଲଙ୍କାର । ଭୂପତି. ପ୍ରେମପଞ୍ଚାମୃତ ।] ୨ । ଅନ୍ୟ ବ୍ୟକ୍ତିର ଉପରେ ଆପଣାର ଶରୀରର ବୋଝକୁ ଚପାଇବା—2. To press one's own weight on another's person. (ଯଥା—ଏ ପିଲାଟା ସବୁବେଳେ ମୋ କାଖରେ ଲଦି ହେଉ, ବଳେ ତଳେ ବସିଲା ନାହିଁ ।)
গায়ে পড়া, লদা হোনা

ଲଙ୍ଗ୍ (ଧାତୁ)—ସ—୧ । ଲଗ୍ନ ହେବା—1. To be attached to; to stick to. ୨ । ଗମନ କରିବା—2. To go; to move.
Lan-g (root)

ଲନ୍ଦଫନ୍ଦ—ପ୍ରାଦେ (ସମ୍ବଲପୁର) ବିଣ. (ଭୁଲ. ହି. ଏହି ଅର୍ଥରେ ଏହି ଶବ୍ଦ)—ଅପ୍ରତିଭ; ଅପ୍ରସ୍ତୁତ—Nonplussed.
Land-phand

ଲନ୍ଦ୍‌ଫନ୍ଦ୍ କରିବା—ପ୍ରାଦେ (ସମ୍ବଲପୁର) କ୍ରି—କୌଣସି ବ୍ୟକ୍ତିକୁ ଅପ୍ରତିଭ କରିବା—To nonpluss a person.
Land-phand karibā
(ଲନ୍ଦ୍‌ଫନ୍ଦ୍ କରି ଛଡ଼ାଇ ଦେବା—ଅନ୍ୟରୂପ)

ଲନ୍ଦଫନ୍ଦିଆ—ପ୍ରାଦେ. (ସମ୍ବଲପୁର) ବିଣ—ଜଟିଳ; ଗୋଳମାଳିଆ—Intricate.
Land-phandiā

ଲନ୍ଦରା—ଦେ. ବି—ଲେଞ୍ଜରା; ଲେନ୍ଦରା (ଦେଖ)
Landarā Lenjarā; lendarā. (See)

ଲପ୍ (ଧାତୁ)—ସ. ବି—କହିବା—To speak.
Lap (root)

ଲୁପ୍ତିବା—ପ୍ରାଦେ (ସମ୍ବଲପୁର) କ୍ରି. (ସଂ. ଲୁପ୍ତ)—୧ । ଛପି କରି ରହିବା; ଲୁଚିକରି ରହିବା; ଲୁଚିକରି ଜଗିବା—1. To lie in ambush. ୨ । ଲପଟ୍ଟବା (ଦେଖ)—2. Lapatibā. (See) ଦେ· କ୍ରି—ଭୁଣ୍ଡାଇବା—To embrace.
Lap-tibā
লপটা, चिपटाना

ଲପ୍‌ଟେଇବା—ପ୍ରାଦେ (କାଳେଣ୍ଡ) କ୍ରି—କଟ ଯାଇଥିବା ଗୁଡ଼ିର ଦେହରେ ଲଟିଥିବା ସୂତା ସହିତ, କଟ କରାଇଥିବା ଗୁଡ଼ିର ସୂତାକୁ ଛନ୍ଦାଛନ୍ଦି କରି, ଦୁଇଟି ଗୁଡ଼ିକୁ ଟାଣି ହାତ ପାଖକୁ ନେଇ ଆସିବା—To draw the opponent's kite towards the victor with the help of the latter's kite-string.
Lap-ṭeibā

ଲପଲପ୍—ଦେ· ଅ (ଧ୍ୱନ୍ୟନୁକରଣ)—ଆହାର ସମୟରେ ଚର୍ବଣ ଓ ଲେହନ କରିବାର ଜିହ୍ୱାବ୍ୟାପାର ଜନିତ ଶବ୍ଦ—Smacking sound made by the tongu while eating or licking.
Lap-lap
লকলক, लपलप

ଲପ(ଫ)ଙ୍ଗା—ଦେ. ବି ଓ ବିଣ ପୁଂ (ଫା. ଲଫଙ୍ଗ୍; ଭୁଲ ଇଂ. ଲୋଫିଙ୍ଗ୍)—୧ (ମନ୍ଦ ଅର୍ଥ) ଅର୍ଥହୀନ ଓ ଅଣସୃ ଶୂନ୍ୟ ହୋଇ ଯେ ବୁଲୁଥାଏ—1. A loafer. ୨ । ବ୍ୟଭିଚାରୀ ବା ଦୁଷ୍ଟଚରିତ୍ର ବ୍ୟକ୍ତି—2. Lecher. adulterer. ୩ । ଲୁଙ୍ଗୁଚୁ; ଯେ ଛୋଟ ଛୋଟ ଜିନିଷ ଚୋରି କରେ—3. A pilferer.
Lapa(pha)ṅgā
(ଲଫଙ୍ଗୀ—ସ୍ତ୍ରୀ)
লোচ্চা, लफङ्गा

ଲପଟା—ଦେ. ବିଣ —(ସଂ. ଲମ୍ବ ଓ ପଟରୁ ଜନ୍ମ ଲପ୍ରବୁ)—ପୁଚ୍ଛବିଶିଷ୍ଟ ଓ ଲମ୍ବା (ପଗଡ଼ି)—(turban) Having a long tail. [ଉ—ଲପଟା ପାଗମାନ ଲୋଟୁଛି ପିଠିରେ । କୃଷ୍ଣସିଂହ. ମହାଭାରତ ଆଦି ।] ଦେ. ବି.—ବଡ଼ ଲମ୍ବା ପଗଡ଼ି—Long turban.
Lapaṭā
লপেটা লপটা

ଲପଟା(ଟେ)ଇବା—ଦେ· କ୍ରି. (ସଂ. ଲିପ୍ତ)—୧ । (ପାଗ ବା ବସ୍ତ୍ରକୁ) ମୁଣ୍ଡରେ ଜଡ଼ିତ କରି ଗୁଡ଼ାଇବା—1. To wind tightly round the hea d (said of a long turban or cloth) ୨ । ବସ୍ତ୍ରାଦିକୁ ଚଉଡ଼ି କରି ଭାଙ୍ଗିବା—2. To fold a cloth. ୩ । ଭୁଣ୍ଡାଇବା—3. To embrace.
Lapaṭā(ṭe)ibā
[ଲପା(ପେ)ଇବା—ଅନ୍ୟରୂପ]
লপটান, लपटाना

ଲପଟିବା—ଦେ. କ୍ରି (ସଂ. ଲିପ୍ତ)—୧ । ଲିପ୍ତ ହେବା; ଜଡ଼ିତ ହେବା—1. To be tightly attached to; to fit in tightly. ୨ । ଆଲିଙ୍ଗନ କରିବା 2. To embrace. ୩ । (ମନ୍ଦାର୍ଥ) କୌଣସି ବ୍ୟକ୍ତି ସଙ୍ଗେ ଅତ୍ୟନ୍ତ ପ୍ରଣୟାସକ୍ତ ହେବା—3. (bad sense) To be much addicted to a person. ୪ । ଛପି କରି ବସିବା—4. To lie concealed; to lie in ambush. ପ୍ରାଦେ. (ଗଡ଼ଜାତ) କ୍ରି—ଲଇଁ ଲଇଁ ଚାଲିବା ବା ଗୁରୁଣ୍ଡିବା; ଅଣ୍ଠେଇବା—To creep; to walk on the knees; to crawl.
Lapaṭibā
(ଲପ୍‌ଟିବା—ଅନ୍ୟରୂପ)
(ଲେପଟ୍ଟବା—ଅନ୍ୟରୂପ)
লপটা, লপ্‌টা, लपटना

ଲପନ—ସଂ. ବି. (ଲପ୍ ଧାତୁ=କହିବା+ଭାବ. ଅନ)—ଭାଷଣ; କଥନ
Lapana —1. Speaking; talking. ୨ । (କରଣ+ ଅନ)—ମୁଖ; ମୁହଁ—Face.

ଲପିତ—ସଂ. ବିଣ. (ଲପ୍ ଧାତୁ=କହିବା+କର୍ମ. ତ)—କଥିତ—
Lapita Spoken; told. ସଂ. ବି. (ଲପ୍ ଧାତୁ=କହିବା+ ଭାବ. ତ)—୧ । କଥନ—1. Speaking. ୨ । ବଚନ —2. Speech. ୩ । କଣ୍ଠ ସ୍ୱର—3. Voice (Apte).

ଲପିତା—ସଂ. ବି—ଶାର୍ଙ୍ଗିକା ନାମକ ଏକ ଜାତି ପକ୍ଷୀ (ହି. ଶ)—
Lapitā A kind of bird.

ଲପିବା—ଦେ. (ପଦ୍ୟ) କ୍ରି. (ସଂ. ଲପ୍ ଧାତୁ)—କହିବା—To speak.
Lapibā (ଉ—ପୁଲକ୍କୁ ଥାଏ ପରି, ମୁଁ ଲପୁ ଥିଲେ ଧୀରି । ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।]

ଲପ୍ସିକା—ସଂ. ବି—ମୋହନଭୋଗ; ହାଲୁଆ—Jelly prepared
Lapsikā by frying corn flour in ghee and
ମୋହনভোগ then adding milk and sugar and
सेरा, लुपसी boiling it. [ଦ୍ର—ସୁଜିକୁ ଉତ୍ତମ ରୂପେ
ଫା. ହଲୁଆ ଘିଅରେ ଭାଜି, ତହିଁରେ ଦୁଧ ଓ ଚିନି ପକା ମିଶାଇ ତାହା ନିଆଁ ଉପରେ ଫୁଟ୍ଟ କାଢ଼ିଆ ହେଲେ ତହିଁରେ ମସଲା ଗୁଣ୍ଡା ଅଳ୍ପ ଦିଆଯାଇ ଏହା ତିଆରି କରାଯାଏ । ବୈଦ୍ୟଶାସ୍ତ୍ର ମତରେ ଏହା ପୁଷ୍ଟିକର, ଶୁକ୍ରଜନକ, ବଳକର, ବାତପିତ୍ତ ବିନାଶକ, ସ୍ନିଗ୍ଧ, ଶ୍ଳେଷ୍ମକର, ରୁଚିଜନକ ଓ ତୃପ୍ତିକର ।]

ଲଫା—ବୈଦେ. ବି. (ଫା. ନଫା; ମୂଳ—ସଂ. ଲାଭ, ଲଭ୍ୟ)—
Laphā ବ୍ୟବସାୟରୁ ପ୍ରାପ୍ତ ଲାଭ—Profit.
লাভ नफा (ଉ—ଲଫା ଠାରୁଁ ଲଫା ନାହିଁ—ଲୋକ ।]

ଲଫାଫା(ପା)—ବୈଦେ. ବି (ଅ. ଲଫାଫାହ୍)—
Laphāphā(pā) ଚିଠିକୁ ବନ୍ଦ କରିବାର ପୁଡ଼ିଆ ବା ଖୋଳ—
লেফাফা लिफाफा Envelope; cover for letters.

ଲଫାଫା ଦୁ(ଦୋ)ରସ୍ତ—ବୈଦେ. ବି. (ଫା. ଲଫାଫା ଦୁରୁସ୍ତ)—
Laphāphā du(do)rasta ବହିଃସାଫସୁତ୍ୟ; ବାହାର
লেফাপা দুরস্ত ଅବସ୍ଥାକୁ ପରିପାଟୀ କରି ରଖିବା (ବସ୍ତୁ ପ୍ରକୃତରେ
लिफाफा दुरुस्त ଉତରେ ସେପରି ହୋଇ ନ ଥିବା)— Shipshape condition, keeping things outwardly clean. ବିଣ—ବାହ୍ୟ ପରିପାଟୀ ଯୁକ୍ତ—Ship shape; all right to outward appearances.

ଲଫେଇବା—ପ୍ରାଦେ. (ବାଲେଶ୍ୱର) କ୍ରି—ଖେଳିକି ପ୍ରଭୃତି ମାଛ ଧରିବା
Lapheibā ଅଶାରେ ଜୀଅନ୍ତା ମାଛ, କଳକଟସ୍ଥ ପତଙ୍ଗାଦି ବନଶୀ କଣ୍ଟାରେ ଗୁନ୍ଥି ତାକୁ ଜଳର ଉପରଭାଗରେ ଧୀରେ ଧୀରେ ନଚାଇବା—To dangle animal bait by means of the angling rod to allure fish for being caught.

ଲବ—ସଂ. ବି. (ଲୂ ଧାତୁ=ଛେଦନ କରିବା+ଭାବ. ଅ)—୧। ଛେଦନ—
Laba 1. Cutting. ୨। ଉଚ୍ଛେଦ; ବିନାଶ—2. Ruin, destruction. ୩। ଶସ୍ୟବୃକ୍ଷର ଛେଦନ— 3. Harvesting. ୪ । (+କର୍ମ. ଅ) ଚମରୀଗୋପୁଚ୍ଛର ଲୋମ—4. The hair of the yak's tail. ୫ । କଣା; କଣିକା; ଅଣୁ—5. Minute quantity; particle; atom

[ଉ—ବିବେକୋକ୍ତି ଲବକର ନ ଘେନିଲେ ଲବ ଉଣ୍ଡ. ବୈଦେହୀଶବିଳାସ ।] ୬ । ପୁଷ୍ପରେଣୁ—6. The pollen of flowers. ୭ । ସୂକ୍ଷ୍ମକାଳ; ସୂକ୍ଷ୍ମସମୟ ବିଶେଷ (୨ କାଷ୍ଠା ବା ୩୬ ନିମିଷ)—7. A moment. ୮ । ଚକ୍ଷୁର ନିମେଷର ଷାଠିଏ ଭାଗରୁ ଏକଭାଗ ବା ଷଷ୍ଟିତମାଂଶ—8. A minute portion of time; part of the time occupied by one winking of the eye. [ଦ୍ର—ଚକ୍ଷୁର ନିମେଷର ଷଷ୍ଟିତମାଂଶ ସମୟକୁ 'ଲବ' ବୋଲାଯାଏ ।

୬୦ ଲବ=୧ ନିମେଷ
୧୮ ନିମେଷ=୧ କାଷ୍ଠା
୩୦ କାଷ୍ଠା=୧ କଳା
୩୦ କଳା=୧ କ୍ଷଣ
୨ କଳା=୧ ଲେଶ ।
୧୦ ଗୋଟି ଗୁରୁବର୍ଣ୍ଣର ଉଚ୍ଚାରଣ କାଳ=୧ ପଳ
୧ ପଳ=୬୦ ବିପଳ
୬୦ ପଳ=୧ ଦଣ୍ଡ=୨୪ ମିନିଟ୍
୧ ଘଣ୍ଟା=୨½ ଦଣ୍ଡ
୨ ଦଣ୍ଡ=୧ ଘଡ଼ି=୪୮ ମିନିଟ ପ୍ରାୟ.
୩¾ ଘଡ଼ି=୧ ପ୍ରହର=୩ ଘଣ୍ଟା

ସାଧାରଣତଃ ଲୋକେ ୪ ଘଡ଼ିରେ ପହରେ ବୋଲି ଗଣନ କରନ୍ତି ।

୩୦ ଦଣ୍ଡ=୧୫ ଘଡ଼ି=୪ ପ୍ରହର=୧ ଦିନ=୧୨ ଘଣ୍ଟା ପ୍ରାୟ ।

୮ ପ୍ରହର=୧ ଅହୋରାତ୍ର=୨୪ ଘଣ୍ଟା ।]

୯ । ରାମଚନ୍ଦ୍ରଙ୍କର ଯମଜ ପୁତ୍ରଙ୍କ ମଧ୍ୟରୁ ଅନ୍ୟତର—9. Name of the younger of the twin sons of Rāmachandra. [ଦ୍ର—ଲଙ୍କାରୁ ଫେରିବା ପରେ ଲୋକନିନ୍ଦାକୁ ଡରି ରାମଚନ୍ଦ୍ର ଅନ୍ତଃସତ୍ତ୍ୱା ସୀତାଙ୍କୁ ନିର୍ବାସିତ କରିବାପରେ ସୀତା ବାଲ୍ମୀକି-ମୁନିଙ୍କ ଆଶ୍ରମରେ ବାସ କଲେ । ସେହିଠାରେ ତାଙ୍କ ଗର୍ଭରୁ ଯେଉଁ ଦୁଇଟି ଯମଜପୁତ୍ର ଜାତ ହେଲେ, ସେମାନଙ୍କ ମଧ୍ୟରୁ ଲବ କନିଷ୍ଠ ଓ କୁଶ ଜ୍ୟେଷ୍ଠ । ବାଲ୍ମୀକିମୁନି ଏ ଦୁହିଁଙ୍କୁ ରାଜକୁମାରୋଚିତ ସମସ୍ତ ବିଦ୍ୟା ଶିକ୍ଷା ଦେଲେ । ଋଷି ନିଜେ ରାମାୟଣ ରଚନା କରି ରାଜକୁମାରଦ୍ୱୟଙ୍କୁ ତାହା କଣ୍ଠସ୍ଥ କରାଇଲେ । ରାମଚନ୍ଦ୍ର ଅଶ୍ୱମେଧାର୍ଥ ମୋଚନ କରିଥିବା ଯଜ୍ଞାଶ୍ୱକୁ ଏ ଦୁହେଁ ଅଟକାଇ ରଖିବାରୁ ଲକ୍ଷ୍ମଣଙ୍କ ସହିତ ଏମାନଙ୍କର ବିବାଦ ଉପସ୍ଥିତ ହୁଅନ୍ତେ ବାଲ୍ମୀକି ଏ କୁମାର-

ହନୁଙ୍କୁ ବୁଝାଇ ଲକ୍ଷ୍ମଣଙ୍କୁ ପଞ୍ଚାଶ୍ୱ ପ୍ରତ୍ୟର୍ପଣ କଲେ । ଅଶ୍ୱମେଧକୁ ନିମନ୍ତ୍ରିତ ଋଷିଙ୍କ ସଙ୍ଗେ ରାଜକୁମାରଦ୍ୱୟ ଅଯୋଧ୍ୟାକୁ ଯାଇ, ସେଠାରେ ରାମାୟଣ ପାଠ କରିବାରୁ ରାମଚନ୍ଦ୍ର ସେମାନଙ୍କୁ ଆପଣାର ପୁତ୍ର ବୋଲି ଅନୁମାନ କରି ବାଲ୍ମୀକିଙ୍କଠାରୁ ସେମାନଙ୍କ ପରିଚୟ ପାଇ, ପରେ ବାଲ୍ମୀକିଙ୍କ ପରାମର୍ଶରେ ସୀତାଙ୍କୁ ଗ୍ରହଣ କରିବା ନିମନ୍ତେ ଅଣାଇ ପୁଣି ଥରେ ଅଗ୍ନି ପରୀକ୍ଷା କରିବାକୁ ପ୍ରସ୍ତାବ କରନ୍ତେ, ସୀତା ଏହା ଅସ୍ୱୀକାର କରି ପୃଥିବୀ ଗର୍ଭରେ ଲୀନା ହେଲେ । ରାମଚନ୍ଦ୍ର ପୁତ୍ରଦ୍ୱୟଙ୍କୁ ଗ୍ରହଣ କରି କୁଶଙ୍କୁ କୋଶଳ ରାଜ୍ୟର ଓ ଲବଙ୍କୁ ଉତ୍ତର କୋଶଳର ରାଜ-ପଦରେ ଅଭିଷିକ୍ତ କଲେ । ଲବ ନିଜ ନାମାନୁସାରେ ଲବକୋଟ (ଅଧୁନିକ ଲାହୋର) ନିର୍ମାଣ କରି ସେଠାରେ ରାଜଧାନୀ ସ୍ଥାପନ କଲେ (ହି. ଶ) ।] ୧୦ । (ଗଣିତ) ଭଗ୍ନାଂଶର ବିଭାଜ୍ୟ ରାଶି (ବିପରୀତ-ହର, denominator) 10. (Arithmetic) The numerator of a fraction. ୧୧ । ଜାଇଫଳ—11. Nutmeg. ୧୨ । ଲବଙ୍ଗ—12. Cloves. ୧୩ । ଲବଣ; ଲୁଣ—13. Salt. ୧୪ । ଲାବ ନାମକ ପକ୍ଷୀ; ବଟର ଭେଦ—14. A species of quail. ୧୫ । ଲାମଜ୍ଜକ (ହି. ଶ.) ଗନ୍ଧବେଣା—15, Juncus Odoratus. ୧୬ । (+କର୍ମ. ଅ) ଊର୍ଣ୍ଣା; ପଶମ—16. Wool. ଦେ. ଅ —ଅତି ସାମାନ୍ୟରେ; ଟିକିଏ ସୁଦ୍ଧା; ଟିକିଏ ମାତ୍ର —Very slightly. [ଉ—ତାରତମ୍ୟ ବିବେଚନା ଲବ ହୋଇ ନାହିଁ । କବିସୂର୍ଯ୍ୟ. ବଳୋରାମଦାସ୍ତ ଭ. ଗୀତ ।] ପ୍ରାଦେ. (କଟକ ସହର) ବି—ନବକୁମାର ନାମକ ବ୍ୟକ୍ତିର ଡାକ ନାମ—Name for callig Nabakumāra.

ଲବଙ୍ଗ—ସଂ. ବି (ଲୂ ଧାତୁ=ଛେଦନ କରିବା+କର୍ମ ଅଙ୍ଗ)—୧ । Labaṅga ଜାର; ଉପପତି—1. Paramour; a gallant of a woman. ୨ । ଦେବ କୁସୁମ—2. A sort of heavenly flower. ୩ । ଲବଙ୍ଗ ଗଛର ଶୁଷ୍କ ପୁଷ୍ପ ମୁକୁଳ—3. Cloves. ୪ । ଜମ୍ବୁଜାତି ବର୍ଗର ତରୁ ବିଶେଷ—4. Caryophyllus Aromaticus, Eugenia' Crayop; Yilata [ଦ୍ର—ଏହା ମାଲକ୍କା ଦ୍ୱୀପପୁଞ୍ଜ ଓ ମାଲୟ ଦେଶଜାତ ବୃକ୍ଷ । ଏହାର କଢ଼ିକୁ ଶୁଖାଇ ଲବଙ୍ଗରୂପରେ ଏ ଦେଶକୁ ପଠା-ଯାଏ । ମସଲା ଓ ଔଷଧରୂପେ ଏହା ବ୍ୟବହୃତ ହୁଏ । ମାଲୟଭାଷାରେ ଫୁଲର ନାମ ବୁଙ୍ଗା । ଲବଙ୍ଗ ଫୁଲର ନାମ ବୁଙ୍ଗାଚେଙ୍କେ । ବୈଦ୍ୟ ଶାସ୍ତ୍ରମତରେ ଏହା କଟୁତିକ୍ତରସ, ଲଘୁ, ଚକ୍ଷୁରହିତକର, ଶୀତବୀର୍ଯ୍ୟ, ଅଗ୍ନିଦୀପକ, ପାଚକ ଓ ରୁଚିକର । ଏହା କଫ, ପିତ୍ତ, ରକ୍ତଦୋଷ, ବମନ, ଉଦରାଧ୍ମାନ, ଶୂଳ, କାସ, ଶ୍ୱାସ, କ୍ଷୟ, ହିକ୍କା ରୋଗର ବିନାଶକ ଏହାକୁ ବାଟିକରି ବଟିକା କରି ଖାଇଲେ ଗ୍ରହଣୀ ଓ ଉଦରାମୟ ଆରୋଗ୍ୟ ହୁଏ । ଭାଙ୍ଗଆଦି ଖାଇ ଖୁବ୍ ନିଶା ହେଲେ ଲବଙ୍ଗ ବାଟି ପିଇଲେ ନିଶାର ପ୍ରକୋପ କମିଯାଏ ।] ଦେ. ବି—ତଳ କାନରେ ପିନ୍ଧାଯିବା ଲବଙ୍ଗ ଆକୃତିର ଅଳଙ୍କାର ବିଶେଷ—A sort of ornament shaped like the cloves for being worn on the bores in the lower part of the ears.

ଅନ୍ୟ ସଂ. ନାମ—ଦେବକୁସୁମ, ବରାଙ୍ଗ, ଶ୍ରୀପ୍ରସୂନକ, ଶ୍ରୀପୁଷ୍ପ, ଶ୍ରୀସଞ୍ଜ୍ଞଲବଙ୍ଗ, ଲବଙ୍ଗକଳିକା, ଗ୍ରହଣୀହରା, ତୋୟଧିପ୍ରିୟ, ବାରିପୁଷ୍ପ, ଭୃଙ୍ଗାର,ଗୀର୍ବାଣକୁସୁମ ଚନ୍ଦନପୁଷ୍ପ, ଦିବ୍ୟଗନ୍ଧ, ଶ୍ରୀପ୍ରସୂନ

ବଙ୍ଗ, লবঙ্গ লৌঙ্গ

ମ. ଲବଙ୍ଗ କଳିକା

ଗୁ. ଲବିଂଗ

ଆ କରନ୍‌ଫୁଲ୍

ଫା. ଲୌଙ୍ଗ, ମେହକ୍

ତେ. ଲବଙ୍ଗାଲୁ

ତା. କିରାମ୍ବୋର

ଲବଙ୍ଗକ—ସଂ. ବି—(ଲବଙ୍ଗ+ସ୍ୱାର୍ଥେ. କ)—ଲବଙ୍ଗ (ଦେଖ) Labaṅgaka Labaṅga (See)

ଲବଙ୍ଗ କଳିକା—ସଂ. ବି—ଲବଙ୍ଗ ଗଛର ଶୁଷ୍କ ପୁଷ୍ପ ମୁକୁଳ—Labaṅga kaḻikā Cloves.

ଲବଙ୍ଗ ତୈଳ—ସଂ. ବି—ଲବଙ୍ଗରୁ ବୈଜ୍ଞାନିକ ପ୍ରକ୍ରିୟାରେ ନିଷ୍କାଶିତ Labaṅga taiḻa ତୈଳ—The oil of cloves. [ଲବଙ୍ଗ ତେଲ - ଦେଶଜରୂପ]

ଲବଙ୍ଗ ଲତା—ସଂ. ବି—ନାରଙ୍ଗାଦି ବର୍ଗର ଲଟାଳିଆ ଏକ ପ୍ରକାର କଣ୍ଟା Labaṅga latā ଗଛ-A tree found in Chaṭṭagrāma [ଲବଙ୍ଗଲତିକା—ଅନ୍ୟରୂପ] and Śrihaṭṭā in (East Bengal); Luvunga Scandens; Limonia Scandens; Lavango Scandens (Kirtikar). [ଦ୍ର—ଏଥିର ପତ୍ର ତ୍ରିପର୍ଣ୍ଣୀ; ଫୁଲ ଧଳା, ସୁଗନ୍ଧ; ଗ୍ରୀଷ୍ମ କାଳରେ ଫୁଟେ । ଫଳ ବଡ଼ ବଡ଼ ଓ ଲେମ୍ବୁ ପରି । ଏହା ଶ୍ରୀହଟ୍ଟ ଓ ଚଟ୍ଟଗ୍ରାମରେ ଜାତ ହୁଏ ।] ୨ । (ଗୀତଗୋବିନ୍ଦରେ ବ୍ୟବହୃତ ଲବଙ୍ଗଲତା) ମଧୁମାଳତୀ ଲତା । (ଏହାର ଫୁଲ ଧଳା ଓ ନାଲି) [ସଂ. ବାସନ୍ତି]—2. A flowering hardy creeper; the Rangoon creeper. ୩ । ରାଧିକାଙ୍କ ଏକ ସଖୀଙ୍କ ନାମ (ହି. ଶ.)—3. A name of one of Rādhā's companions.

लवङ्गलता লবঙ্গলতিকা ଦେ. ବି—ମିଷ୍ଟାନ୍ନ ବିଶେଷ—A kind of sweetmeat packet pierced with clove. [ଦ୍ର—ଏହା ଘିଅରେ ଭଜା ହୋଇ ଚିନି ରସରେ ବୁଡ଼ି ହୋଇଥିବା ପୂର ଦିଆ ଲୁଚି । ଏହା ଭଙ୍ଗା ପାନ ପରି ପୁଡ଼ା ଭଙ୍ଗା ଯାଇ ସେଥି ଉପରେ ଗୋଟିଏ ଲବଙ୍ଗ ମରା ହୋଇଥାଏ ।]

ଲବଙ୍ଗାଦି ଚୂର୍ଣ୍ଣ—ସଂ. ବି.—ବୈଦ୍ୟଶାସ୍ତ୍ରୋକ୍ତ ଚୂର୍ଣ୍ଣ ବିଶେଷ (ସଂଗ୍ରହଣୀ ଓ Labaṅgādi chūrṇṇa ଅତିସାର ପାଇଁ ବ୍ୟବହୃତ)—A medicinal preparation (powder) for dysentery. [ଦ୍ର—ଲବଙ୍ଗ , ମୁଥା, ମୋଚ-ରସ, ଜାଇ, ଧାଇ ଫୁଲ, ଲୋଧ, ଇନ୍ଦ୍ରଯବ, କୁରୁବେଳ,

ଯବକ୍ଷାର, ସୈନ୍ଧବ ଲୁଣ, ରସାଞ୍ଜନକୁ ସମାନଭାଗରେ ଚୂର୍ଣ୍ଣ କରି ଏହା ପ୍ରସ୍ତୁତ ହୁଏ । ବୈ. ଶ.)

ଲବଜ୍—ବୈଦେ. ବି. (କଚରଥ) (ଫା. ଲଫ୍ଜ୍)—୧ । ଅକ୍ଷର—
Labaj वाक्य, लबज लफ्ज 1. Letter; alphabet.
(ଲବ୍ଜ—ଅନ୍ୟରୂପ) ୨ । ବୋଲ; କଥା; ଭାଷା—2. Speech; language. ୩ । ବାକ୍ୟ; ଶବ୍ଦ—3. Word. ୪ । (ଫାରସୀଠାରୁ ଭିନ୍ନ ଅର୍ଥ) ଥଟ୍ଟା; କୌତୁକ—4. Jest; sport.

ଲବଜ୍ ସୁମାର(ରି)—ବୈଦେ.ବି—(କଚରଥ) (ଫା. ଲଫ୍ଜ୍+ସୁମାର୍)
Labaja sumāra(ri) କୌଣସି ଦଲିଲରେ ବା ଲେଖାରେ ଥିବା
लबज सुमार(रि) ଶବ୍ଦ ବା ଅକ୍ଷରମାନଙ୍କର ସଂଖ୍ୟା ଗଣନା—
लफ्जसुमारि The counting of the number of
[ଲବ୍ଜସୁମାର(ରି)—ଅନ୍ୟରୂପ] letters or words in a document. [ଦ୍ର—କୌଣସି ସରକାରୀ ଦଲିଲର ନକଲ କରି ଗଲେ ତହିଁର 'ଲବ୍ଜ ସୁମାର' ଅନୁସାରେ ନକଲ ପ୍ରାର୍ଥୀ ବ୍ୟକ୍ତି ଦଲିଲନକଲ କରିବା ବ୍ୟକ୍ତିଙ୍କୁ ପାରିଶ୍ରମିକ ଦେବାକୁ ପଡ଼େ ।]

ଲବଣ—ସଂ. ବି—(ଲୂ ଧାତୁ=ଛେଦନ କରିବା+କର୍ତ୍ତୃ. ଅନ); ଏହା
Labaṇa ମଇଳାକୁ ଛେଦନ ବା ବିଶ୍ଳେଷଣ କରେ)—କ୍ଷାର ରସଯୁକ୍ତ ଦ୍ରବ୍ୟ ବିଶେଷ; ଲୁଣ—1. Salt
[ଦ୍ର—ବୈଦ୍ୟକ ମତରେ ଏହା ପାଞ୍ଚ ପ୍ରକାର ଯଥା—ସୌବର୍ଚ୍ଚଳ, ସୈନ୍ଧବ, ବିଟ, ଔଦ୍ଭିଦ ଓ ସାମୁଦ୍ର । ଏହି ସମସ୍ତଙ୍କୁ ପଞ୍ଚଲବଣ ବୋଲାଯାଏ ।

(୧) ସୌବର୍ଚ୍ଚଳ ଲବଣ—ଏହାକୁ ଦେଶଜ ଭାଷାରେ ସଚଳ ଲବଣ କୁହାଯାଏ । ଏହା 'ସୋଡ଼ା' (soda; unaqua sodium chloride) ଅଟେ ।

(୨) ସୈନ୍ଧବ ଲବଣ — ଏହା ଭାରତର ଉତ୍ତର ପଶ୍ଚିମ ଅଞ୍ଚଳର ସିନ୍ଧୁ ପ୍ରଦେଶର ଖଣିରୁ ଉତ୍ପନ୍ନ ହୁଏ ।

(୩) ବିଟ ଲବଣ—ଏହା କୃଷ୍ଣବର୍ଣ୍ଣ ଓ ଦୁର୍ଗନ୍ଧଯୁକ୍ତ ଏହା ଖଣିରୁ ବାହାରେ ଏବଂ ଖାଦ୍ୟ-ପାଚକ ରୂପେ ଔଷଧରେ ବ୍ୟବହୃତ ହୁଏ ।

(୪) ଔଦ୍ଭିଦ ଲବଣ—ଏହାର ଅନ୍ୟ ନାମ ପାଂଶୁ ଲବଣ । ଉଦ୍ଭିଦର ପାଉଁଶକୁ ପାଣିରେ ଗୋଳଲେ ପାଣି ତଳେ ଏହି ଲୁଣ ବସିଯାଏ ।

(୫) ସାମୁଦ୍ର ଲବଣ—ଏହାର ଅନ୍ୟ ନାମ କରକଚ ଲୁଣ ବା ପଙ୍ଗା ଲୁଣ । ସମୁଦ୍ର ପାଣିକୁ ଖରାରେ ଶୁଖାଇ ବା କଡ଼ାଇରେ ଫୁଟାଇ ଏହି ଲୁଣ ବାହାର କରାଯାଏ ।

ଏହି ପଞ୍ଚବିଧ ଲବଣ ଛଡ଼ା ଅନ୍ୟୁରି କେତେ ପ୍ରକାର ଲବଣ ମଧ୍ୟ ଅଛି । ଯଥା

(୧) କାଚ ଲବଣ-ଏହି ଲବଣ ଖଣିରୁ ଜାତ ଓ କୃଷ୍ଣବର୍ଣ୍ଣ ।
(୨) ଔଷର ଲବଣ—ଏହାର ଅନ୍ୟ ସଂସ୍କୃତ ନାମ ଦ୍ରୋଣି ଲବଣ ଏବଂ ଦେଶଜ ନାମ ଖାରିଲୁଣ । ଲୁଣିଆ ମାଟିରୁ ପୃଥକ୍ କରାଯାଇ ଏହି କ୍ଷାରସ୍ୱାଦ ଲବଣ ବାହାର କରାଯାଏ ।

(୬) ରୌମକ ଲବଣ ବା ଶାକମ୍ଭରୀ ଲବଣ—ଏହାର ଅନ୍ୟ ନାମ ଶାମ୍ଭରୀ ଲବଣ । ରାଜପୁତାନାର ଶମ୍ଭର ହ୍ରଦର ଲୁଣି ଜଳକୁ ଶୁଖାଇ ତହିଁରୁ ଏହି ଲବଣ ପ୍ରସ୍ତୁତ କରାଯାଏ । ଖଣିରୁ, ସମୁଦ୍ର ପାଣିରୁ, ପର୍ବତରୁ, ପାଉଁଶରୁ ଓ ଖାରି ମାଟିରୁ ଲବଣ ବାହାରେ । ରାସାୟନିକ ପ୍ରକ୍ରିୟାରେ ମଧ୍ୟ ଲବଣ ବାହାର କରାଯାଏ ।] ୨ । ଲବଣ ସମୁଦ୍ର—2. The salt sea [ଦ୍ର—ହିନ୍ଦୁ ପୁରାଣୋକ୍ତ ସପ୍ତ ସମୁଦ୍ର ମଧ୍ୟରୁ ଏହା ଏକତମ । ଏହାର ନାମ କ୍ଷାରସମୁଦ୍ର ବା ଲବଣ ସମୁଦ୍ର । ଏହା ଭାରତର ଦକ୍ଷିଣ ଭାଗରେ ଅବସ୍ଥିତ । ଏହି ସମୁଦ୍ରର ଶତ ଯୋଜନ ଦୂରରେ ପୌରାଣିକ ଲଙ୍କା ଅବସ୍ଥିତ ଥିଲା । ହନୁମାନ୍ ଲଙ୍ଘି ଦେଇ ଏହି ସମୁଦ୍ରକୁ ଡେଇଁ ସୀତାଙ୍କୁ ଠାବ କରିଥିଲା । ରାମଚନ୍ଦ୍ର ଏହି ସମୁଦ୍ରରେ ସେତୁ ବନ୍ଧନ କରିଥିଲେ । ଏହି ସମୁଦ୍ର ମଧ୍ୟରେ ମୈନାକ ପର୍ବତ ଅବସ୍ଥିତ ଥିବା ପୁରାଣ କଥିତ । ୩ । ରାକ୍ଷସ ବିଶେଷ; ଲବଣାସୁର—3. Name of a demon.
[ଦ୍ର—ଲବଣାସୁର ମଧୁରାକ୍ଷସର ଔରସରେ କୁମ୍ଭୀନସୀ ରାକ୍ଷସୀର ଗର୍ଭରୁ ଜାତ ହୋଇଥିଲା । ଏ ଆପଣା ପିତା ନିକଟରୁ ଶିବଦତ୍ତ ତ୍ରିଶୂଳ ପ୍ରାପ୍ତ ହୋଇ ତହିଁ ବଳରେ ଅତ୍ୟନ୍ତ ଅତ୍ୟାଚାରୀ ହୋଇ ଉଠିଲା ଏବଂ ଉକ୍ତ ଅସ୍ତ୍ରର ସହାୟତାରେ ମହାବୀର ମାନ୍ଧାତାଙ୍କୁ ସସୈନ୍ୟ ନଷ୍ଟ କଲା । ଏହାର ଦୌରାତ୍ମ୍ୟ କ୍ରମଶଃ ଅସହ୍ୟ ହେବାରୁ ଯମୁନାକୂଳବାସୀ ଚ୍ୟବନାଦି ମୁନିମାନେ ରାମଚନ୍ଦ୍ରଙ୍କର ଶରଣାପନ୍ନ ହେଲେ । ମଧୁ-କୈଟଭ ରାକ୍ଷସଙ୍କୁ ବଧ କରିବା ସମୟରେ ବିଷ୍ଣୁଙ୍କ ବ୍ୟବହୃତ ଶରମାନ ରାମଚନ୍ଦ୍ର ଶତ୍ରୁଘ୍ନଙ୍କୁ ଦେଇ ଏହାକୁ ବଧ କରିବା ପାଇଁ ପଠାଇଲେ । ଶତ୍ରୁଘ୍ନ ଏ ରାକ୍ଷସକୁ ମଧୁବନରେ ନିହତ କରି ସେହିଠାରେ ରାଜ୍ୟ ସ୍ଥାପନ କଲେ । ଏହି ଲବଣରାକ୍ଷସ ମଧୁପୁରୀ ସ୍ଥାପନ କରିଥିଲା । ପରେ ତାହା ମଥୁରା ନାମରେ ପ୍ରସିଦ୍ଧ ହେଲା—(ହି. ଶ) ।] ୪ । ଷଡ଼ରସ ମଧ୍ୟରୁ ଲୁଣିଆ ରସ—4. The saline taste. ସଂ. ବିଣ—୧। କ୍ଷାର ରସଯୁକ୍ତ; ଲୁଣିଆ—1. Saline; salted. ୨ । ଲାବଣ୍ୟଯୁକ୍ତ—2. Graceful; lovely; charming. ଦେ, ବି—ଲୁଣୀ ନଦୀ—A river in Cuttack district of Orissa. (ଉ—ଲବଣ ତଟକୁ ବେଢ଼ି ବରଗ୍ରାମ ନାମ । ପ୍ରାଚୀ. ଜଗନ୍ନାଥଭକ୍ତି ଗୀତା ।)

ଲବଣ କିଂଶୁକା—ସଂ. ବି (ବୈଦ୍ୟକ)—ମହା ଜ୍ୟୋତିଷ୍ମତୀ ଲତା; ଏକ
Labaṇa kiṃśukā ପ୍ରକାର ବଡ଼ ଫୁଟଫୁଟିକା—Name of
ଅନ୍ୟ ସଂସ୍କୃତ ନାମ—ତେଜୋବତୀ, ଅଗ୍ନିଗର୍ଭା, a phosphorescent
ଅଗ୍ନିଫଳା, ସୁବର୍ଣ୍ଣନକୁଲୀ, କଙ୍ଗୁ, କନକପ୍ରଭା creeper.
बड़ लता फटकी बड़ी माल कङ्गनी

ଲବଣ ଚାମରୀ—ଦେ. ବି—ଲୁଣ ଚଉଁରୀ (ଦେଖ)
Labaṇa chāmari Luṇa chauṁri (See)

ସ୍ତ୍ରୀ ଆଚାର ବିଶେଷ (ଉ—ଲବଣ ସମସ୍ତ ଦୂରେ ଲାବଣ୍ୟ କୋମଳା । ଲାଜା ପରଜନ ଭଞ୍ଜ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।)
(ଲବଣ ଛଲ୍ଲିଂ—ଅନ୍ୟରୂପ)

ଲବଣ ତୃଣ—ସଂ. ବି. (ବୈଦ୍ୟକ)—୧ । ଲୁଣି ଶାଗ; ଏକ ପ୍ରକାର Labana truna ଲୁଣା ତୃଣ; ଲୋଣୀ—1. A sort of ନୋନା ଘାସ, নুন নোড়া saline grass; Indian Purslane; ନୋନୀ, ଲୋନିଆ lane; Ionidicum Suffruticosum. ଅନ୍ୟ ସଂସ୍କୃତ ନାମ—ଲୋଣ ତୃଣ, [ବୃ—ଏହା ଅଶ୍ମମାନଙ୍କର ଭଣାନ୍ତ, ପଟୁତୃଣ, ଅମ୍ଳକାଣ୍ଡ ପୁଷ୍ଟିକର । ଏ ଶାଗ ୨ ପ୍ରକାର— ଲୋଣୀ ଓ ବୃହଲ୍ଲୋଣୀ ।]

ଲବଣ ତ୍ରୟ—ସଂ. ବି. (୬ଷ୍ଠୀ ତତ)—(ବୈଦ୍ୟକ) ସୈନ୍ଧବ, ବିଟ ଓ Labana traya ସଚଳ ଲବଣ—Three kinds of salt mentioned in Hindu medical tieatrses.

ଲବଣ ଧେନୁ—ସଂ. ବି. (ମଧ୍ୟପଦଲୋପୀ କର୍ମଧା)—ଦାନାର୍ଥ କଳ୍ପିତ ଲବଣ Labana dhenu ନିର୍ମିତ ଧେନ—The image of a cow made of salt and given to Brāhmaṇas. [ଦେ—ଗୋମୟ ଲିପ୍ତ ସ୍ଥାନରେ କୁଶାସନ ଉପରେ ୧୬ ଗୌଣୀ ଲୁଣ ଗଦା କରି ଏହାକୁ ଗାଈ ରୂପେ କଳ୍ପନା କରାଯାଏ । ଏହା ପାଖରେ ୪ ଗୌଣୀ ଲୁଣ ଅଲଗା ଗଦା କରି ତାକୁ ବାଛୁରୀ କଳ୍ପନା କରାଯାଏ । ୪ ଖଣ୍ଡ ଆଖୁ ରଖି ଗାଈର ଗୋଡ଼, ସୁନା ରଖି ମୁହଁ ଓ ଶିଂଘ, ରୂପା ରଖି ଖୁରା, ଫଳ ରଖି ଦାନ୍ତ, ଚନ୍ଦନ ରଖି ନାକ, ଗନ୍ଧ ଦ୍ରବ୍ୟକୁ ନାକ, ଲହୁଣୀକୁ ସ୍ତନ, ସୂତାକୁ ପୁଚ୍ଛ, ତମ୍ବା ପତ୍ରକୁ ଗୋଡ଼ ଚର୍ମ, କୁଶକୁ ଲୋମ ଓ କଂସାକୁ ଦୁଧ ଦୁହାଁ ଠେକ କଳ୍ପନା କରି ଏହାକୁ ପୂଜା କରି ବ୍ରାହ୍ମଣକୁ ଦାନ କରାଯାଏ । ଏ ଦାନର ମାହାତ୍ମ୍ୟ ବରାହ ପୁରାଣରେ ବର୍ଣ୍ଣିତ ହୋଇଅଛି—ହ. ଶ]

ଲବଣ ବର୍ଷ—ସଂ. ବି—ପୁରାଣ ମତରେ କୁଶ ଦ୍ୱୀପର ଅନ୍ତର୍ଗତ ବର୍ଷ ବା Labana barsha ଦେଶ—Name of a mythological country.

ଲବଣ ଭାସ୍କର—ସଂ. ବି—ଅଜୀର୍ଣ୍ଣର ଔଷଧ; ବୈଦ୍ୟଶାସ୍ତ୍ରୋକ୍ତ ଲବଣଯୁକ୍ତ Labana bhāskara ଦ୍ୱାରା ପ୍ରସ୍ତୁତ ଚୂର୍ଣ୍ଣ; ଭାସ୍କର ଲବଣ—A medicinal powder for indigestion.

ଲବଣ ମେଦ—ସଂ. ବି—ସାଧାରଣ ଲୁଣ (ହ. ଶ)
Labana meda Common salt.

ଲବଣ ମେହ—ସଂ. ବି—ସୁଶ୍ରୁତୋକ୍ତ ମେହ ରୋଗ ବିଶେଷ—
Labana meha A kind of gonorrohea.

ଲବଣ ଯନ୍ତ୍ର—ସଂ. ବି—ଦୁଇ ମୁହଁ ଥିବା ପାକ ଦୁଇଟିର ମୁହଁ ଯୋଡ଼ି କରି Labana jantra ତିଆର କରାଯିବା ଯନ୍ତ୍ର, ଯହିଁରେ କେତେକ ଔଷଧର ପାକ ହୁଏ ଓ ଯହିଁରୁ ଗୋଟିଏ ପାତ୍ରକୁ ଲୁଣରେ ପୂର୍ଣ୍ଣ କରାଯାଏ (ହ ଶ)—A kind of contrivance for preparing some medicine with the help of 2 double-mouthed pots one of which is filled with salt.

ଲବଣ ସମୁଦ୍ର—ସଂ. ବି—ଲବଣ ୨ (ଦେଖ)
Labana samudra Labana 2. (See)
(ଲବଣ ସାଗର—ଅନ୍ୟରୂପ)

ଲବଣା—ସଂ. ବି (ଲବଣ+ଆ)—୧ । ଲାବଣ୍ୟ—1. Charm; Labanā grace. ୨ । ଦୀପ୍ତି; ଉଜ୍ଜ୍ୱଲ୍ୟ—2. Lustre; brilliance. ୩ । ନଦୀ ବିଶେଷ—3. Name of a river. ୪ । ଯେ ଶତ୍ରୁ କର୍ତ୍ତୃକ ହତ ହୋଇଅଛି; ନିହତ ଶତ୍ରୁକ ବ୍ୟକ୍ତି—4. One who has been killed by the enemy. ୫ । ମହାଜ୍ୟୋତିଷ୍ମତୀ ଲତା—5. Cardiospermum Helicacabum. ୬ । ଅମ୍ଳ ଅବ ଖଟା ଫଳର ରସରେ ଲୁଣ ଦେଇ ପ୍ରସ୍ତୁତ କରାଯିବା ପାଚକ ପଦାର୍ଥ (ହ. ଶ)—6. A preparation for indigestion. ୭ । ଗୁଣ୍ଡୁଚ୍ଚ (ହ. ଶ)—7. Tray. ୮ । ଅମ୍ଳଲୋଣୀ ଶାକ (ହ. ଶ)—8. Purslane.

ଲବଣାକର—ସଂ. ବି (୬ଷ୍ଠୀ ତତ୍; ଲବଣ+ଆକର)—ଲୁଣର ଖଣି—
Labanakara Salt mine.

ଲବଣାକ୍ତ—ସଂ. ବିଣ (୩ୟା ତତ୍)—୧ । ଲୁଣ ଗୋଳିଆ—
Labanākta 1. Smeared with salt; salted. ୨ । ଲୁଣିଆ—2. Saline.

ଲବଣାଚଳ—ସଂ. ବି—ମତ୍ସ୍ୟପୁରାଣୋକ୍ତ ଲୁଣଗଦାର ଦାନ (ହ. ଶ)—
Labanāchaḷa A kind of gift to Brahmans of a heap of salt.

ଲବଣାତ୍ମକ—ସଂ. ବିଣ (ବହୁବ୍ରୀହି; ଲବଣ+ଆତ୍ମା+କ)—ଲବଣମୟ;
Labanātmaka ଲୁଣିଆ—Saline.

ଲବଣାମ୍ବୁ(ମ୍ଭଃ)—ସଂ. ବି (ଲବଣ+ଅମ୍ବୁ, ଅମ୍ଭଃ)—ଲୁଣିପାଣି—
Labanāmbu(mbhaḥ) Saline water.

ଲବଣାମ୍ବୁଧି—ସଂ. ବି (ଲବଣ+ଅମ୍ବୁଧି)—ଲବଣ ୨ (ଦେଖ)
Labanāmbudhi Labana 2. (See)

ଲବଣାଳୟ—ସଂ. ବି—ଲବଣ ରାକ୍ଷସଦ୍ୱାରା ସ୍ଥାପିତ ମଧୁପୁରୀ (ଯାହା ପରେ Labanālaya ମଥୁରା ନାମରେ ପ୍ରସିଦ୍ଧ ହେଲା)—Name of Madhupura which was afterwards known as Mathurā.

ଲବଣାଶ୍ୱ—ଦେ. ବି—ଜନୈକ ଋଷି—The name of a sage.
Labanāswa [ଉ—ସହସ୍ର ପାଦ ସ୍ଥୂଳକର୍ଣ୍ଣି ଲବଣାଶ୍ୱ । କୃଷ୍ଣସିଂହ. ମହାଭାରତ ବନ ।]

ଲବଣାସୁର—ସଂ. ବି (ମ ଷ. ଲୋ)—ଲବଣ ୩ (ଦେଖ)
Labanāsura Labana 3. (See)

ଲବଣିଆ—ଦେ. ବିଣ—ଲୁଣିଆ; ଲବଣଯୁକ୍ତ—Salted, saline.
Labaniā [ଉ—ବାଛି ଲବଣିଆ ନ ଭାଳୁ । ଭଞ୍ଜ. ବୈଦେହୀଶ-ନୋନିଯା ବିଳାସ ।]

ଲବଣିକା—ସଂ. ବି—ଲୁଣ ଲୁଣିଆ (ଦେଖ)
Labanikā Lunaluniā. (See)

ଲବଣୀ—ସଂ. ବି—ଏକ ପ୍ରକାର ଆତ, ନେଉଆ ଆତ—A sort of Labani apple; bullock's heart; Anona Reticulata-

ନୋନାଆତା ଦେ. ବ—୧ । (ସଂ. ନବନୀତ) ନବନୀତ;
ননী ଲହୁଣୀ—1. Butter. (ଉ—ଦଧି ଭାଣ୍ଡ ମଧ୍ୟେ ଲବଣୀ ଥିଲା
नैतन ପର ଅର୍ଥ ଧର୍ମ ଦୁଇରେ କାମଦଣ୍ଡଧାରୀ । କୃଷ୍ଣସିଂହ. ମହାଭାରତ
ଶାନ୍ତି ।) ୨ । (ସ୍ତ୍ରୀ) ଲାବଣ୍ୟବତୀ ନାମ୍ନୀ ସ୍ତ୍ରୀର ଡାକ ନାମ—
2. (Feminine) Name for calling ‹Lābanyabatī›

ଲବଣୀ ପିତୁଳା—ଦେ. ବ. (ସ. ନବନୀତ, ପୁତ୍ତଳିକା)—୧ । ନବନୀତ
Labaṇi pitulā ନିର୍ମିତ ପ୍ରତିମା—1. An image made
ননী পুতুল of butter. ୨ । (ଲକ୍ଷଣାର୍ଥ) ଅତି କୋମଳ ଶରୀର-
नैतनका पुतरा ବଶିଷ୍ଟ ବ୍ୟକ୍ତି—2. (figurative) A very
delicate or soft bodied person.

ଲବଣୋତ୍ତମ—ସ. ବ. (୭ମୀ ତତ୍)—ସୈନ୍ଧବ ଲବଣ—
Labaṇottama Rock salt.

ଲବଣୋତ୍ଥା—ସ. ବ—କ୍ଷୋଭଟ୍ଟେଙ୍ଗ ଲତା (ବୃ. ଶ)—Cardic-
Labaṇotthā spermum Helicacabum.

ଲବଣୋଦ—ସ. ବ. (ଲବଣ+ଉଦ)—୧ । ଲୁଣି ପାଣି—1. Salt
Labaṇoda water. ୨ । ଲବଣ ୨ (ଦେଖ)
(ଲବଣୋଦକ—ଅନ୍ୟରୂପ) 2. Labaṇa 2 (See)

ଲବଣୋଦଧି—ସ. ବ—ଲବଣ ୨ (ଦେଖ)
Labaṇodadhi Labaṇa 2 (See)

ଲବଧ—ଗ୍ରା. ବ ଓ ବଣ. (ପଦ୍ୟ) (ସଂ. ଲବ୍ଧ)—ଲବ୍ଧ (ଦେଖ)
Labadha लबध लबध Labdha (See)

ଲବନ—ସଂ. ବ. (ଲୂ ଧାତୁ+ଭାବ. ଅନ)—୧ । ଛେଦନ—
Labana 1. Cutting. ୨ । (+କରଣ. ଅନ) ଖଡ୍ଗାଦି
ଲବନୀୟ } ବଣ ଛେଦନାସ୍ତ୍ର—2. Cutting weapon. ୩ ।
ଲବ୍ୟ } (+ଭାବ. ଅନ) କ୍ଷେତ୍ରର ଶସ୍ୟ ଗଛ କାଟିବା
(ବୃ. ଶ)—3. Reaping; mowing or cutting
of ripe corn plants. ୪ । (+ସଂଜ୍ଞାର୍ଥ. ଅନ)
ଶସ୍ୟ କାଟିବା ମୂଲଅଲୁ ଦଅଯିବା ଧାନ୍ୟାଦି (ବୃ. ଶ)—
4. Wages in kind paid to reapers.

ଲବଣୀ—ସଂ. ବ—ଆତ ଫଳ ଓ ଗଛ (ବୃ. ଶ)—
Labanī Custard apple (tree and fruit).

ଲବନ୍ଧି(ନ୍ଧି)ଆ—ପ୍ରାଦେ. (ସମ୍ବଲପୁର) ବ. (ସଂ. ଅବଲମ୍ବକ)—
Labandi(ndhi)ā ଶିକୁଳିର ଓହୋଳା ହୋଇଥିବା ସାପ ପରି
ଅଲମ୍ବ ଦେବାର ଏକ ପ୍ରକାର ଦୀପକା ପାତ୍ର—An oil
lamp suspended with a chain.
[ଦ୍ର—ଏହାକୁ ଘରର ବା ଦେବାଳୟର ଛାତରୁ ଓହଳାଇ,
ଏଥିରେ ତେଲ ଓ ବଳତା ଦେଇ ଦୀପ ରୂପେ ବ୍ୟବହାର
କରନ୍ତି, ଅଥବା ଜଳନ୍ତା ଦୀପଟିଏ ଏହା ଉପରେ ଥୋଇ
ଦଅନ୍ତି ।]

ଲବ ମାତ୍ର(ରେ)—ଦେ. କ୍ରି. ବଣ. (ସଂ. ଲବ ମାତ୍ର)—୧ । ଅଣୁମାତ୍ର;
Laba mātra(re) ଲେଶ ମାତ୍ର—1. Very slightly; a
লব মাত্রে bit; a little. ୨ । କ୍ଷଣ ମାତ୍ର—2. For a
लव मात्र moment. ବଣ ଓ ବ—ଅଳ୍ପ ମାତ୍ର—A little;
(ଲବ ମାତ୍ରକ—ଅନ୍ୟରୂପ) a whit. (ଉ—ମୋର ଏଥିରେ
ଲବ ମାତ୍ର ଦୋଷ ନାହିଁ ।)

ଲବରଙ୍ଗ—ପ୍ରାଦେ. (କଟକ ସହର) ବ—ନବ ରଙ୍ଗ (ଦେଖ)
Labaraṅga Naba raṅga (See)

ଲବରା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବଣ—ଜାରଜ—A term
Labarā of abuse meaning base-born.

ଲବଲୀ—ସ. ବ—ନଅର କୋଳି—Phyllanthus Distichus;
Labalī Otaheite gooseberry; Cicca Disticha.
নোড়, নোয়াড়ি [ଦ୍ର—ଏହା ସ୍ଥୂଳ ଅତ ବର୍ଗର ଫଳବୃକ୍ଷ ।
हरफरी ଏହାର ଫଳ ଅଁଳା କୋଳି ପରି । ବର୍ଷକୁ ବର୍ଷ ଫଳ
(ଲବଳୀ ପାଣ୍ଡୁ—ଅନ୍ୟରୂପ) ଧରେ; ଫଳ ଅମ୍ଳ ଓ ଈଷତ୍ କଷା ।]
(ଅନ୍ୟ ସଂସ୍କୃତ ନାମ—ସୁଗନ୍ଧମୂଳା, କୋମଳବଲ୍କଲା, ପାଣ୍ଡୁ)

ଲବ ଲେଶ(ଶେ)—ସଂ. ଅ. (ଏକାର୍ଥକ ସବ୍ଦଦ୍ୱୟ)—୧ । କିଞ୍ଚିନ୍ମାତ୍ର;
Laba leśa(śe) ସାମାନ୍ୟ ମାତ୍ର; କ୍ଷଣ ମାତ୍ର—1. A little; a
bit; a whit. (ଉ—ନାନା ପ୍ରକାରେ କୃଷ୍ଣ ରସେ
ଦଣ୍ଡେ ଘଡ଼ିଏ ଲବ ଲେଶେ । ଭୂପତି. ପ୍ରେମପଞ୍ଚାମୃତ ।)
୨ । ଅତ୍ୟଳ୍ପ ସଂସର୍ଗ—2. Slightest concern.

ଲବା—ପ୍ରାଦେ (କଟକ ସହର) କ୍ରି—ନେବା—To take. ବ—
Labā ନବକିଶୋର ନାମକ ବ୍ୟକ୍ତିର ଡାକ ନାମ—A name
for calling Nabakiśora.

ଲବାକି—ବୈଦେ. ବ (ଫା)—ବାକ୍‌ଚାତୁରୀ—Bragging;
Labāki boasting. ଦେ. ବଣ (ପୁଂ ଓ ସ୍ତ୍ରୀ) (ସଂ.
लबाबी ଲପ ଧାତୁ)—୧ । ବକବାଦୀ; ଗପଡ଼ୀ—1.
डींग, लबाकी Boastful; bragging. ୨ । ଲମ୍ପଟ—
लबाबी(र) 2. Lecherous, ୩ । ମିଥ୍ୟାବାଦୀ—3.
Lying.

ଲବାଣକ—ସଂ. ବ (ଲୂ ଧାତୁ=ଛେଦନ କରିବା+କରଣ ଅଣକ)—
Labāṇaka ୧ । ଖଡ୍ଗାଦି ଛେଦନାସ୍ତ୍ର—1. A cutting
weapon. ୨ । ଦାଆ; ଦାଆ—2. Sickle. ୩ ।
କଟୁରୀ—3. Billhook.

ଲବା(ବେ)ଦା—ବୈଦେ. ବ.—[ଫା; କେନ୍ତୁ ଏହା ପର୍ତ୍ତୁଗୀଜ୍ ଲୋବା(=
Labā(be)dā ଢିଲା ପୋଷାକ) ଓ ଅବାଦା(=ଯେଉଁ ପୋଷାକର
लबदा लबादा ପ୍ରାନ୍ତ ଲେଉଟା ହୋଇଥାଏ) ରୁ ଆଗତ]—୧ ।
ଚୋଗା; ପୋଷାକ ଉପରେ ପିନ୍ଧା ଯିବା ଲମ୍ବ ଓ ଢିଲା ଜାମା;
ମୁସଲମାନମାନଙ୍କ ବ୍ୟବହୃତ ଲମ୍ବା ମୋଟା ଲୁଗା—
1. A long and loose overcoat worn by
Mahomedans; a cloak; toga. ୨ । ବର୍ଷା-
ପାଣିରୁ ଦେହକୁ ରକ୍ଷା କରିବା ପାଇଁ ବେକ ଠାରୁ ଗୋଡ଼
ପର୍ଯ୍ୟନ୍ତ ଲମ୍ବିଥିବା ବଡ଼ କୋଟ; ବର୍ଷାତି—
2. A waterproof coat.

ଲବାନ୍—ବୈଦେ. ବ—(ଫା. ଲୁବାନ୍)—ଲୋବାନ୍ (ଦେଖ)
Labān Lobān (See)

ଲବାବ୍—ପ୍ରାଦେ. (କଟକ ସହର) ବ—ନବାବ (ଦେଖ)
Labāb Nabāba (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଈୟ	ଉଅ	ଋ
୨	ଈ	ଊ	ରୁ	ଲୁ	ଏ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୠ	ନ୍ତ

ଲବାବି—ପ୍ରାଦେ. (କଟକ ସହର) ବି.—ନବାବି (ଦେଖ)
Labābi Nabābi (See)

ଲବା ଲବ୍—ବୈଦେ. ଅ. (ଫା.)—ମୁହଁ ପର୍ଯ୍ୟନ୍ତ ଭର୍ତ୍ତି ହୋଇଥିବା—
Labā lab Full to the brim.
କାନାୟ କାନାୟ **लबालब**

ଲବି—ସଂ.ବଣ—(ଲୂ ଧାତୁ=ଛେଦନ କରିବା+କର୍ମରେ ଇ)—ଛିନ୍ନ; ଛିଣ୍ଡା; ଜୀର୍ଣ୍ଣ; ଛିଦ୍ରଯୁକ୍ତ—Torn; worn out; perforated.
Labi

ଲବିକା—ସଂ. ବି—(ଲବ+କ+ଆ)—୧ । ଛେପ; ପାଟିର ଲାଳ—
Labikā 1. Saliva. ୨ । ଶରୀରର ବର୍ଣ୍ଣହୀନ ରସ; ନସା—2. Lymph.

ଲବିତ୍ର—ସଂ. ବି—(ଲୂ ଧାତୁ=ଛେଦନ କରିବା+କରଣ. ଇତ୍ର)—
Labitra କଟୁରି, ଦାଆ ଆଦି ଛେଦନାସ୍ତ୍ର—Cutting instrument, such as sickle, billhook. ବଣ—(+କର୍ତ୍ତୃ. ଅର୍ଥ)—ଛେଦନକାରକ—Cutting.

ଲବୀନ—ପ୍ରାଦେ. (କଟକ ସହର) ବି. ଓ ବଣ.—ନବୀନ (ଦେଖ)
Labina Nabina (See)

ଲବୀନା—ପ୍ରାଦେ. (କଟକ ସହର) ବି—ନବୀନା (ଦେଖ)
Labinā Nabinā (See)

ଲବେ(ବ୍ବେ)—ଦେ.କ୍ରି. ବଣ—(ସଂ. ଲବ)—ଲବ ମାତ୍ର; ଅଳ୍ପ ମାତ୍ର; ଅଣୁ ମାତ୍ର; ଟିକେ ମାତ୍ର—A little; at all.
Labe(bbe)
[ଦୃ—ଏଥିରେ ସନ୍ଦେହଟିଏ ନ କର ବାରୁ ଲବେ । କୃଷ୍ଣସିଂହ. ମହାଭାରତ. ଆଦି ।] ପ୍ରାଦେ. (କଟକ ସହର) ବ. ଓ ବଣ—ନବେ (ଦେଖ)—Nabe (See)

ଲବେଙ୍କୁର୍ଡ଼ି(ଳି)—ପ୍ରାଦେ (ଗଞ୍ଜାମ) ବି—ଲଟା ବେଙ୍କୋଳି (ଦେଖ)
Labeṅkurdi(li) Latā beṅkoli (See)
[ଲ ବେଙ୍କୋଳ(ଡ଼ି)—ଅନ୍ୟରୂପ]

ଲବେଜାନ୍—ବୈଦେ.ବଣ—(ଫା. ଲବ୍=ଓଷ୍ଠ+ଇ=ରେ+ଜାନ୍=
Labejān ପ୍ରାଣ)—୧ । ହଗା ଲଗା; ଓଷ୍ଠାଗତପ୍ରାଣ; ପ୍ରାଣାନ୍ତକ
लवेजान କଷ୍ଟ ପାଉଥିବା—1. Put to extremest trouble;
लबेजान suffering utmost trouble. ୨ । ବ୍ୟାକୁଳ; 2. Troubled; harassed.

ଲବେଜାନ କରିବା—ଦେ. କ୍ରି—୧ । ହଗାଲଗା କରିବା; କୌଣସି
Labejan karibā ବ୍ୟକ୍ତିଙ୍କୁ ପ୍ରାଣାନ୍ତକ କଷ୍ଟ ଦେବା—
लवेजान करा 1. To put a person to extre-
लबेजान करना mest trouble. ୨ । କୌଣସି ବ୍ୟକ୍ତିଙ୍କୁ ବ୍ୟାକୁଳ କରିବା; ଅତ୍ୟାଚାର କରିବା—2. To oppress or persecute a person.

ଲବେଦାର୍—ବୈଦେ. ବଣ—(ଫା. ଯେ ଲବାଦା ପିନ୍ଧିଅଛି)—ଫିଟ୍‌ଫାଟ୍;
Labedār ଲମ୍ବ ପାଟପଟାକୁରୁ; ପୋଷାକପରିଚ୍ଛଦଦ୍ୱାରା ଭୂଷିତ—
लवेदार **छैला** Gaily dressed; foppish.

ଲବେମାତ୍ର—ଦେ. ଅ—ଲବ ମାତ୍ର (ଦେଖ)
Labe mātra लवमात्र Laba mātra (See)
लव मात्र [ଦୃ—ଚଳେଶିଲେ ବେଢ଼ ସେନା ବେଳଙ୍କି ଭୂମିରେ ଲବେ ମାତ୍ର । ରାଧାନାଥ. ମହାଯାତ୍ରା ।]

ଲବ୍ଧ—ସଂ. ବଣ—(ଲଭ ଧାତୁ=ପ୍ରାପ୍ତ ହେବା+କର୍ମ. ତ)—୧ ।
Labdha ପ୍ରାପ୍ତ—1. Got; received; obtained; attained. ୨ । ଅର୍ଜିତ; ଉପାର୍ଜିତ—2. Acquired; earned; gained. ୩ । ଫଳରୂପେ ପ୍ରାପ୍ତ—3. Received or got as a result ୪ । ଲାଭରୂପେ ପ୍ରାପ୍ତ—4. Earned as profit. ସଂ. ବି (ଗଣିତ) ୧ ଭାଗଫଳ—1. (arithmetic) Quotient. ୨ । (ହିନ୍ଦୁ ସ୍ମୃତି) ପନ୍ଦର ପ୍ରକାର ଦାସଙ୍କ ମଧ୍ୟରୁ ଏକ ଶ୍ରେଣୀ—2. One of the 16 classes of slaves or servants mentioned in the Hindu codes.
[ଦାସ ତଳେ ଟୀକା ଦେଖ]
ଦେ. ବି—(ସଂ. ଲବ୍ଧି)—୧ । ଲବ୍ଧି; ଲାଭ—1. Profit. ୨ । ଆୟ—2. Income. ୩ । ଶେଷ ଫଳ—3. Final result.

ଲବ୍ଧ କାମ—ସଂ. ବଣ. ପୁଂ—(ବହୁବ୍ରୀହି; ଲବ୍ଧ ହୋଇଅଛି କାମ=
Labdha kāma କାମନା ଯାହାଦ୍ୱାରା)—ଯାହାର ବାସନା ବା
[ଲବ୍ଧକାମା—ସ୍ତ୍ରୀ] ଇଚ୍ଛା ପୂର୍ଣ୍ଣ ହୋଇଅଛି—One who has
[ଲବ୍ଧକାମୀ—ଦେ. ରୂପ] got what he desired;
(ଲବ୍ଧ କାମତା—ବି) having one's desires fulfilled.

ଲବ୍ଧ କୀର୍ତ୍ତି—ସଂ. ବଣ. ପୁଂ ଓ ସ୍ତ୍ରୀ—(ବହୁବ୍ରୀହି)—ବିଖ୍ୟାତ—
Labdha kirtti Celebrated.
(ଲବ୍ଧନାମା, ଲବ୍ଧ ଶବ୍ଦ, ଲବ୍ଧ ଯଶାଃ—ଅନ୍ୟରୂପ)

ଲବ୍ଧ ଚେତାଃ—ସଂ. ବଣ—(ବହୁବ୍ରୀହି; ଲବ୍ଧ+ଚେତସ୍; ୧ମା.
Labdha chetāh ୧ବ)—ଯେ ସଂଜ୍ଞା ବା ଚେତା ଲାଭ କରି
(ଲବ୍ଧସଂଜ୍ଞ—ଅନ୍ୟରୂପ) ଅଛି—Restored to consciousness; come to one's senses.

ଲବ୍ଧ ଜନ୍ମା—ସଂ. ବଣ—(ବହୁବ୍ରୀହି, ଲବ୍ଧ+ଜନ୍ମନ୍, ୧ମା. ୧ବ.)
Labdha janmā ଯେ ଜନ୍ମ ଲାଭ କରିଅଛି; ଜାତ—Born; produced.

ଲବ୍ଧ ନାଶ—ସଂ. ବି—(୬ଷ୍ଠୀ ତତ୍)—ମିଳିଥିବା ବସ୍ତୁର ନାଶ—
Labdha nāsa Loss of a thing acquired (Apte).

ଲବ୍ଧ ପୁତ୍ର—ସଂ. ବଣ. ପୁଂ (ବହୁବ୍ରୀହି; ଲବ୍ଧ+ପୁତ୍ର)—ଏକ ପୁତ୍ର
Labdha putra ବରିଷ୍ଠ—Having one son; blessed
(ଲବ୍ଧପୁତ୍ରୀ—ସ୍ତ୍ରୀ) with a son.

ସାଧାରଣ ସୂଚନା — ଅପର ପୃଷ୍ଠାରେ ମୁଦ୍ରିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୂଢ' ନ ମିଳିଲେ 'ମୂଢ଼' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଲବ୍ଧ ପ୍ରତିଷ୍ଠ—ସଂ. ବିଣ. ପୁଂ (ବହୁବ୍ରୀହି; ଲବ୍ଧ ହୋଇଅଛି ପ୍ରତିଷ୍ଠା ଯାହାଙ୍କର)—୧ । ଯାହାର ଖ୍ୟାତି ଲାଭ ହୋଇଅଛି; ବିଖ୍ୟାତ—1. One who has acquired celebrity or fame; known to fame; famous; celebrated. ୨ । ସମ୍ମାନିତ—2. Honoured.
Labdha pratishṭha
(ଲବ୍ଧ ପ୍ରତିଷ୍ଠା—ସ୍ତ୍ରୀ)

ଲବ୍ଧ ପ୍ରବେଶ—ସଂ. ବିଣ. ପୁଂ—୧ । ଯେଉଁ ବ୍ୟକ୍ତି ଭିତରକୁ ପ୍ରବେଶ କରିବାକୁ ସମର୍ଥ ହୋଇ ଅଛନ୍ତି—1. Having got admittance into a place. ୨ । ଯେଉଁ ବ୍ୟକ୍ତି କୌଣସି ବିଦ୍ୟାକୁ ଉତ୍ତମରୂପେ ବୁଝି ପାରି ଅଛନ୍ତି ବା ଅଭ୍ୟସ୍ତ କରି ଅଛନ୍ତି—2. Proficient; having been able to comprehend a matter.
Labdha prabeśa
(ଲବ୍ଧ ପ୍ରବେଶା—ସ୍ତ୍ରୀ)

ଲବ୍ଧ ପ୍ରଶମନ—ସଂ. ବି (୬ଷ୍ଠୀ ତତ୍)—୧ । ଲବ୍ଧ ପଦାର୍ଥକୁ ନିରାପଦ ରଖିବା—1. Securing or keeping safe of what has been acquired (Apte). ୨ । ଲବ୍ଧ ପଦାର୍ଥର ସତ୍ପାତ୍ରରେ ଦାନ (ହି. ଶ.)—2. Bestowing of an acquired thing on a worthy recipient.
Labdha praśamana

ଲବ୍ଧ ବର୍ଣ୍ଣ—ସଂ. ବିଣ. ପୁଂ (ବହୁବ୍ରୀହି; ଲବ୍ଧ ହୋଇଅଛି ବର୍ଣ୍ଣ=ବିଦ୍ୟା ବା ଯଶଃ ଯାହାଙ୍କ ଦ୍ୱାରା)—୧ ବିଖ୍ୟାତ; ଲବ୍ଧ ପ୍ରତିଷ୍ଠ—1. Celebrated. ୨ । ପଣ୍ଡିତ; ବିଦ୍ୱାନ୍—2. Learned; one who has acquired learning. ୩ । ବିଦ୍ୟାପ୍ରାପ୍ତ; ଶିକ୍ଷିତ—3. Literate; educated.
Labdha barṇṇa
(ଲବ୍ଧବର୍ଣ୍ଣା—ସ୍ତ୍ରୀ)

ଲବ୍ଧବିଦ୍ୟ—ସଂ. ବିଣ. ପୁଂ (ବହୁବ୍ରୀହି; ଲବ୍ଧ ହୋଇଅଛି ବିଦ୍ୟା ଯାହାଙ୍କ ଦ୍ୱାରା)—୧ । କୌଣସି ବିଦ୍ୟା ବା ବିଜ୍ଞାନକୁ ଯେ ଅଭ୍ୟସ୍ତ କରିଅଛନ୍ତି—1. One who has acquired mastery over a science or learning. ୨। ବିଦ୍ୱାନ୍—2. Learned. ୩ । ଯେଉଁ ବ୍ୟକ୍ତି କୌଣସି ଉପସ୍ଥିତ ବିଦ୍ୟାପାଠକୁ ଶେଷ କରିଅଛନ୍ତି—3. One who has completed a course of training in any science or branch of knowledge. ୪ । ଶିକ୍ଷିତ—4. Educated (Apte).
Labdhabidya
(ଲବ୍ଧବିଦ୍ୟା—ସ୍ତ୍ରୀ)

ଲବ୍ଧ ଲକ୍ଷ(କ୍ଷ୍ୟ)—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଯେ ନିଶାଣ ବା ଲକ୍ଷ୍ୟ ବିଦ୍ଧ କରିଅଛି—1. One who has hit the mark or target. ୨ । ଯାହାକୁ ଅଭିପ୍ରେତ ବସ୍ତୁ ମିଳିଅଛି (ହି. ଶ.)—2. One who has attained what he wanted. ୩ । ବିକ୍ଷୁତ ବା ଶରଅସ୍ତ୍ର ମାରିବା ବିଷୟରେ କୁଶଳ—3 Skilled in the use of missiles (Apte).
Labdha laksha(lakshya)
(ଲବ୍ଧ ଲକ୍ଷା[(କ୍ଷ୍ୟା)]—ସ୍ତ୍ରୀ)

ଲବ୍ଧ ସିଦ୍ଧି—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—୧ । ସଫଳକାମ—1. One who has attained his desired object. ୨ । ଯେ ସିଦ୍ଧିଲାଭ କରିଅଛି—2. One who has attained perfection (Apte).
Labdha siddhi

ଲବ୍ଧ ସୁଖ—ସଂ. ବିଣ. ପୁଂ (ବହୁବ୍ରୀହି; ଲବ୍ଧ ହୋଇଅଛି ସୁଖ ଯାହାର)—ଯେ ସୁଖ ପାଇଅଛି; ସୁଖୀ; ସୁଖଭୋଗକାରୀ—Happy; one who has got happiness
Labdha sukha
(ଲବ୍ଧସୁଖା—ସ୍ତ୍ରୀ)

ଲବ୍ଧା—ସଂ. ବିଣ. ସ୍ତ୍ରୀ—ଲବ୍ଧର ସ୍ତ୍ରୀଲିଙ୍ଗ—Feminine of Labdha. ବି. (ସ୍ତ୍ରୀ)—୧ । କାବ୍ୟାଦି-ବର୍ଣ୍ଣିତା ନାୟିକାବିଶେଷ; ବିପ୍ରଲବ୍ଧା ନାୟିକା—1. Name of a class of heroines; a woman whose husband or lover is faithless (Apte). ୨ । ଦୁର୍ଗା—2. Goddess Durgā.
Labdhā

ଲବ୍ଧାଂଶ—ସଂ. ବି—(ଗଣିତ) ଭାଗ ଫଳ—(arithmetie) Quotient.
Labdhāmśa

ଲବ୍ଧାଙ୍କ—ସଂ. ବି (ଗଣିତ)—ଗଣନା ଫଳରେ ପ୍ରାପ୍ତସଂଖ୍ୟା (ହି. ଶ.)—(arithmetic) A number got as a result of any calculation.
Labdhāṅka

ଲବ୍ଧାର୍ଥ—ସଂ. ବି (କର୍ମଧା; ଲବ୍ଧ+ଅର୍ଥ)—ମିଳିଥିବା ଧନ—Acquired wealth. ବିଣ.ପୁଂ (ବହୁବ୍ରୀହି)—୧ । ଯେ ଧନ ଲାଭ କରିଅଛି—1. One who has acquired or earned riches. ୨ । ଯେ କୌଣସି ବାକ୍ୟାଦିର ଅର୍ଥ ବୁଝି ପାରିଅଛି—2. One who has understood or comprehended the meaning. ୩ । ଲବ୍ଧକାମ (ଦେଖ)—3. Labdha kāma (See)
Labdhārthā
(ଲବ୍ଧାର୍ଥା—ସ୍ତ୍ରୀ)
(ଲବ୍ଧାର୍ଥତା—ବି)

ଲବ୍ଧି—ସଂ. ବି (ଲଭ୍ ଧାତୁ+କର୍ମ. କ୍ତି)—୧ । ଲାଭ—1. Profit; gain. ୨ । ଅୟ—2. Earning; income. ୩ । (+ଭାବ. କ୍ତି) ଗ୍ରହଣ; ପ୍ରାପ୍ତି—3. Getting; acquisition. ୪ । (ଗଣିତ) ଭାଗଫଳ—4. The quotient of a division. ୫ । ଲବ୍ଧାଙ୍କ (ଦେଖ)—Labdhaṅka (See)
Labdhi

ଲବ୍ଧୋଦୟ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଉତ୍ପନ୍ନ; ଜାତ; ସମ୍ଭୂତ—1. Born; produced. ୨ । ଉଦ୍ଗତ; ଉଦିତ ହୋଇଥିବା—2. Risen.
Labdhodaya

ଲବ୍ଧ୍ରିମ—ସଂ. ବିଣ (ଲଭ୍ ଧାତୁ+କର୍ମ. କ୍ରିମ)—ପ୍ରାପ୍ତ; ଲବ୍ଧ—Obtained, acquired. (Apte).
Labdhrima

ଲଭ୍ (ଧାତୁ)—ସଂ—୧ । ପାଇବା—1. To get. ୨ । ଅର୍ଜ୍ଜନ Labh (root) କରିବା—2. To earn; to acquire.

ଲଭନ—ସଂ. ବି (ଲଭ୍ ଧାତୁ+ଭାବ ଅନ)—ପ୍ରାପ୍ତି; ପାଇବା (ହି.ସ)—Labhana Acquisition; getting; receipt. (ଲବ୍ଧି; ଲଭ୍ୟ; ଲଭନୀୟ; ଲବ୍ଧବ୍ୟ—ବିଣ)

ଲଭସ—ସଂ. ବି (ଲଭ୍ ଧାତୁ+କର୍ତ୍ତୃ. ଅସ)—୧ । ଯାଚକ; ପ୍ରାର୍ଥକ—Labhasa 1. A suitor; a beggar. ୨ । (+କର୍ମ. ଅସ) ଧନ—2. Wealth. ୩ । (+କରଣ. ଅସ) ଅଶ୍ୱର ପାଦ-ବନ୍ଧନ ରଜ୍ଜୁ—3. A rope to fasten or tie the feet of a horse.

ଲଭା(ଭେ)ଇବା—ଦେ. କ୍ରି—୧ । ଲଭିବା କ୍ରିୟାର ଣିଜନ୍ତ ରୂପ—Labhā(bhe)ibā 1. The causative form of पाओयान, लभान Labhibā. ୨ । ଲଭିବା (ଦେଖ)—लभाना 2. Labhibā. (See)

ଲଭିତ—ଗ୍ରା. କ୍ରି (ଅତୀତକାଳ)—ଲାଭ କରିଥିବା; ଧାରଣ କରିଥିବା—Labhita Having assumed or obtained. [ଉ—ଯେ କରିଚନ୍ତି ସେ ପାଇଚନ୍ତି ତୁଷ୍ଟିଲଭିତ । ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।]

ଲଭିବା—ଦେ. କ୍ରି (ସଂ. ଲଭ୍ ଧାତୁ)—୧ । ଲାଭ କରିବା; ପ୍ରାପ୍ତ Labhibā ହେବା; ପାଇବା—1. To get; to acquire. लभा ୨ । ଅର୍ଜ୍ଜନ କରିବା—2. To earn. ୩ । ଅନୁଭବ लभना କରିବା—3. To experience.

ଲଭ୍ୟ—ସଂ. ବିଣ (ଲଭ୍. ଧାତୁ+କର୍ମ. ଯ)—୧ । ପ୍ରାପ୍ୟ—1. Ob-Labhya tainable. ୨ । ଯାହା ମିଳିବା ଉଚିତ; ଯାହା ଲାଭ (ଲଭ୍ୟା—ସ୍ତ୍ରୀ) ହେବ ବା ହେବାର ଉପଯୁକ୍ତ—2. To be got; fit to be got; due. ୩ । ଉଚିତ—3. Fit; लभ्य proper; suitable. (Apte) ଦେ. ବି—୧ । ଲାଭ; लभ्य ମୁନାଫା; ଲଫା—1. Gain; profit. ୨ । ପ୍ରାପ୍ତି—2. Acquisition. ୩ । ସୁଧ; ବୃଦ୍ଧି—3. Interest (on money lent). ୪ । (ଗଣିତ) ଭାଗଫଳ—4. (mathematics) Quotient. ୫ । ପାଉଣା; ପ୍ରାପ୍ୟ ଧନାଦି—5. Dues. ୬ । ଆୟ—6. Earning; income.

ଲଭ୍ୟକ—ଦେ. ବିଣ—ପ୍ରାପ୍ତ—Obtained. [ଉ—ବାସସ୍ଥାନ ନର Labhyaka ଦୁର୍ଦ୍ଦଶା ସମାନ ଲଭ୍ୟକ ସେ ଭଣସୁଛ । ଉଦ୍ଧ. ବୈଦେହୀଶବିଳାସ ।]

ଲଭ୍ୟାଂଶ—ସଂ. ବି (କର୍ମଧା)—୧ । କୌଣସି ବ୍ୟକ୍ତିର ପ୍ରାପ୍ୟ ଧନାଦିର Labhyāṁsa ଅଂଶ—1. Due share. ୨ । (ଗଣିତ) ଭାଗଫଳ—2. Quotient.

ଲଭ୍ୟାର୍ଥ—ସଂ. ବି (କର୍ମଧା)—ପ୍ରାପ୍ୟ ଧନ—Due amount. ବିଣ. Labhyārtha ପୁଂ (ବହୁବ୍ରୀହି, ଲଭ୍ୟ ହୋଇଅଛି ଅର୍ଥ ଯାହାର)—(ଲଭ୍ୟାର୍ଥା—ସ୍ତ୍ରୀ) ପାଉଣାଦାର; ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରୁ ଧନ ପାଇବାର ଉପଯୁକ୍ତ—A person to whom money is due.

ଲମ୍ପତ(ଲି)ମ୍—ଦେ. ଅ (ସଂ. ଲମ୍ବ)—ଲମ୍ବ ହୋଇ—Prostrate. Lam-ta(la)m [ଉ—× × ଶପ୍ କର ହାତଗୁ ଚେଉଁ ପଡ଼ି ଲମ୍ବାହୁଏ, ନମ୍ରତମ ଲମ୍ ତମ୍ ଗୋଡ଼ତଳେ ପଡ଼ଗଲୁ । ଫଗୀର- लम्बा होकर ମୋହନ. ଗଳ୍ପସ୍ୱଳ୍ପ ।]

ଲମକ—ସଂ. ବି. ପୁଂ (ରମ୍ ଧାତୁ=ରମଣ କରିବା+କର୍ତ୍ତୃ. ଅକ)—Lamaka ୧ । ଜାର; ଉପପତି—1. A paramour; an illicit lover. ୨ । ଲମ୍ପଟ ବ୍ୟକ୍ତି (ହି. ଷ)—2. Adulterer.

ଲମଞ୍ଚୁ(ଞ୍ଜୁ,ଞ୍ଚୋ,ଞ୍ଜୋ)ସ୍—ବୈଦେ. ବି (ଇଂ. ଲୋଜେଞ୍ଜେସ୍)—ଚିନି Lamanchu(ñju,ñcho,ñjo)s ଦ୍ୱାରା ନାନା ମନୋହର (ଲମନ୍‌ଚ[ସ୍,ଜୁ,ଚୋ]ସ୍—ଅନ୍ୟରୂପ) ଆକୃତିରେ ପ୍ରସ୍ତୁତ ଶିଶୁ-लमनचूस ମାନଙ୍କର ଲେହନୀୟ ମିଠାଇ—Sweet lozenges लमंचूस (for children).

ଲମ(ମୂ)ତା—ପ୍ରାଦେ. (ଜୟପୁର) ବି—ରାଜାଙ୍କ ଶରୀରରେ ତେଲ Lama(mū)tā ମର୍ଦ୍ଦନକାରୀ ଶୂଦ୍ର ଜାତି—A Śūdra ser-(ଲତ୍ରା—ଅନ୍ୟରୂପ) vant who anoints oil on the person of the Rājā.

ଲମିବା—ପ୍ରାଦେ. (ସମ୍ବଲପୁର) କ୍ରି—ଯାତ୍ରା କରିବା; ଯିବା—Lamibā To walk; to start. [ଉ—ମୁଁ ଲମିବାବେଳେ ପଛ ଅଡ଼ୁ ଡାକୁଛେ କାହିଁକି ?]

ଲମ୍ପ(ମ୍ଫ)—ବୈଦେ. ବି (ଇଂ. ଲ୍ୟାମ୍ପ୍)—୧ । କିରୋସିନ ତେଲ ଜଳିବା Lampa(mpha) ଉଦୀପ—1. A kerosene light. लम्प(फ) लांप(फ) ୨ । କାଚର ପ୍ରଦୀପ—2. Glass lamp.

ଲମ୍ପଝମ୍ପ—ଦେ. ବି (ସଂ. ଲମ୍ଫ+ଝମ୍ପ)—ଲମ୍ଫଝମ୍ପ (ଦେଖ) Lampa jhampa Lampha jhampa. (See)

ଲମ୍ପଟ—ସଂ. ବିଣ. ପୁଂ (ରମ୍ ଧାତୁ+କର୍ତ୍ତୃ. ଅଟ, ନିପାତନ)—Lampaṭa ୧ । କାମାସକ୍ତ; କାମୁକ—1. Lecherous; [ଲମ୍ପଟା—ସ୍ତ୍ରୀ] lascivious; lustful; lewd. ୨ । ପର-ସ୍ତ୍ରୀଲୋଲୁପ—2. Adulterous. [ଉ—ବଣ୍ଠରେ ଲମ୍ପଟ, ଏ କଷ୍ଟେ କପଟ, ବଡ଼େ ଅମଙ୍ଗଳ୍ୟ ଘଟମୁକୁଟ ଏ । ଉଦ୍ଧ. ବୈଦେହୀଶବିଳାସ ।] ୩ । ସ୍ନେହୀ; ଅନୁରାଗୀ—3. Loving. [ଉ—ଗୋକୁଳବଦ୍ୟା ବଦ୍ୟକ ବୃନ୍ଦଙ୍କ କହୁଛନ୍ତି ଭବତ ଲମ୍ପଟ କରୁଛୁ । ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୪ । ଲୋଲୁପ; ଲୋଭୀ; ଲୁବ୍ଧ—4. Covetuous. ୫ । କୌଣସି ବସ୍ତୁ ପାଇଁ ଅତି ଉତ୍ସୁକ—5. Hankering after anything. ବି. ପୁଂ—୧ । କାମୁକ ବ୍ୟକ୍ତି—1. A lecher. ୨ । ପରସ୍ତ୍ରୀ ଲୋଲୁପ ବ୍ୟକ୍ତି—2. Adulterer. ୩ । ଜାର; ଉପପତି (ହି. ଷ)—3. Paramour. ଦେ. ବି—ଲୋଭ—Avarice. [ଉ—ବଣିକ ଭାବ ଲମ୍ପଟ, ପ୍ରକଟ କର ମର୍କଟ, ଚଳକ କଟକ ଉଗ୍ର ଜାଲେ । ଉଦ୍ଧ. ବୈଦେହୀଶବିଳାସ ।] ଦେ. ବିଣ (ପୁଂ ଓ ସ୍ତ୍ରୀ)—୧ । ଲୁବ୍ଧ; ଲୋଭୀ—1. Avaricious; covetous. [ଉ—ତେବେ ନାସ୍ତି ହୋଇଣ କାମରେ ଲମ୍ପଟ, ପାଶେ ଥାଇ ପକାଉଅଛନ୍ତି

ଅଲଟ । କୃଷ୍ଣସିଂହ. ମହାଭାରତ. ବନ] ୨। ଲାଳାୟିତ—2. Hankering after. [ଉ—ମୁଁ ଥାଉଁ ଜାହିଁପାଇଁ କଣବାଙ୍କ ସୁତ, ହେଉଅଛ ସୀତାଙ୍କ ରତରେ ଲମ୍ପଟ । କୃଷ୍ଣସିଂହ. ମହାଭାରତ, ବନ ।] ୩ । ଇଚ୍ଛୁକ—3. Desirous. [ଉ—ଅଞ୍ଜନ ରୂପଟ, ଶ୍ରବଣରେ ଗମନ ଲମ୍ପଟ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।]

ଲମ୍ପଟତା(ତ୍ୱ)—ସଂ.ବି (ଲମ୍ପଟ+ଭାବେ. ତା, ତ୍ୱ)—ଲାମ୍ପଟ୍ୟ; କାମୁକତା; Lampaṭatā(twa) ପରସ୍ତ୍ରୀ ପ୍ରତି ଅନୁରକ୍ତି; ଉମତ୍ତେର—Libertinism; lewdness; adultery; lasciviousness.

ଲମ୍ପଟା—ସଂ.ବିଣ. ସ୍ତ୍ରୀ—ଲାଳସୀ; ଲାଳାୟିତା—(feminine) Hankering after. Lampaṭā [ଉ—ଭୂଷଣକୁ ତ ଶ୍ୟାମ ପ୍ରୀତି ଲମ୍ପଟା ବୋଲି ମୋ ଶ୍ୟାଳ । କବିସୂର୍ଯ୍ୟ. ସଙ୍ଗୀତ ।]

ଲମ୍ପଟାଚାର—ସଂ. ବି (୬ଷ୍ଠୀ ତତ୍)—ଲମ୍ପଟତା—Lampaṭāchāra Lewdness.

ଲମ୍ପଟାଚାରୀ—ସଂ. ବିଣ. ପୁଂ (ଲମ୍ପଟ+ଆ+ଚରଧାତୁ+କର୍ତ୍ତୃ.ଇନ୍)—Lampaṭāchārī ପରସ୍ତ୍ରୀ ପ୍ରତି ଅନୁରକ୍ତ—Adulterous.

ଲମ୍ପଟୀ—ଦେ. ବିଣ. (ସଂ· ଲମ୍ପଟ)—୧ । (ପୁଂ) ଲମ୍ପଟ; ଲମ୍ପଟା-ଶୟ; ଲଜ୍ଜାବର୍ଜିତ—1. Adulterous; lewd; Lampaṭī (ଲମ୍ପଟିଆ—ଅନ୍ୟରୂପ) lecherous. [ଉ—କପଟୀ ଲମ୍ପଟୀ ଯେ ଲୋକ, ସାକଟ ପରେ ଯେ ବିଂଶେକ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।] ୨ । (ପୁଂ) ପ୍ରତ୍ୟାଶୀ—2. Anxious to have. [ଉ—ବଶିରେ ଭୁଲା ଭୁଲା, ଚନ୍ଦ୍ରଭାଗା ବାଉଳା, ସେ କପଟୀ ବୋଧ ଲମ୍ପଟୀ ସେ । ଉପେ. ବୈଦେହୀଶବିଳାସ ।] ୩ । (ସ୍ତ୍ରୀ) କୁଟଣୀ; ଅସତୀ—3. Adulterous (woman). ଦେ. ବି—୧ । (ପୁଂ) ଲମ୍ପଟ ବ୍ୟକ୍ତି—1. Adulterer. ୨ । (ସ୍ତ୍ରୀ) କୁଟଣୀ ସ୍ତ୍ରୀ; ବେଶ୍ୟା—2. Adulteress.

लम्पटी
लंपटी

ଲମ୍ପାକ—ସଂ. ବି (ଲମ୍ ଧାତୁ+କର୍ତ୍ତୃ. ଅକ; ନିପାତନ)—୧ । (ପୁଂ) Lampāka ଲମ୍ପଟ ବ୍ୟକ୍ତି—1. Adulterer; lewd person. ୨ । କାବୁଲ ବା ଅଫଗାନସ୍ଥାନର ଅନ୍ତର୍ଗତ ପୌରାଣିକ ପ୍ରାଚୀନ ଦେଶ ବିଶେଷ—2. Name of an ancient tract of country in Afganistan. [ଦ୍ର—ଏ ଦେଶର ଅନ୍ୟ ନାମ ମୁରଣ୍ଡ; ଏ ଦେଶ ଭାରତର ଉତ୍ତର ପଶ୍ଚିମରେ ଥିଲା । ଏହା କାବୁଲର ଅଧୁନାତନ ଲମଘାନ ଜିଲ୍ଲା ବୋଲି କେହି କେହି କହନ୍ତି । M. W.]

ଲମ୍ପାଟହ—ସଂ. ବି (ଲମ୍ବ+ପଟହ; ନିପାତନ)—ବଡ଼ ଢୋଲ; ବଡ଼ ଢାଠ—A big and long drum. Lampāṭaha (M. W.)

ଲମ୍ଫ (ଧାତୁ)—ସ (ମୂଳ. ଲଗ୍ନନ୍. ରମ୍ଭା=ବରାହଅର୍ଥକ ଶବ୍ଦଯୁକ୍ତ ହେ-ଉଳ, ଇଂ. ଲିପ୍, ହପ୍, ଲେପକ୍)—Lamph (root) [ଲମ୍ପ୍(ଧାତୁ)-ଅନ୍ୟରୂପ] ଡେଇଁବା; କୁଦିବା—To jump; to leap.

ଲମ୍ଫ—ସଂ· ବି (ଲମ୍ଫ୍ ଧାତୁ+ଭାବ ଅ)—୧ । ଉଲ୍ଲମ୍ଫନ; କୁଦିବା—Lampha 1. Leaping; jumping. ୨ । ଡିଆଁ—2, Leap; high jump. ବୈଦେ. ବି (ଇଂ)—ଲମ୍ପ (ଦେଖ)—Lampa (See)

ଲମ୍ଫଝମ୍ପ—ଦେ. ବି (ସହଚର ଶବ୍ଦ; ଲମ୍ଫ=ଡେଇଁବା ଓ ଝମ୍ପ=ଝାମ୍ପିବା)—୧ । ଡିଆଁଡେଇଁ; ହାତ-Lamphajhampa ଗୋଡ଼ ପ୍ରସାରଣ ପୂର୍ବକ ବିକ୍ରମ ପ୍ରକାଶି କୁଦିବା; କୁଦାକୁଦି—1. Jumping and leaping. ୨ । ଏଣେ-ତେଣେ ଡେଇଁ ବୁଲିବା—2. Frisking about. ୩ । ମାଙ୍କଡ଼ଚାଳ—3. Capering; somersault.

ଲମ୍ଫ ଦାନ—ସଂ· ବି—ଡିଆଁ ମାରିବା; ଡେଇଁ ପଡ଼ିବା—Lampha dāna Jumping down; capering. (ଲମ୍ଫପ୍ରଦାନ—ଅନ୍ୟରୂପ)

ଲମ୍ଫ ଦେବା—ଦେ· କି (ସଂ· ଲମ୍ଫ୍ ଧାତୁ)—୧ । ଡେଇଁ ପଡ଼ିବା—Lampha debā 1. To jump down. ୨ । କୁଦିବା (ଲମ୍ଫମାରିବା—ଅନ୍ୟରୂପ)—2. To leap. ୩ । ମାଙ୍କଡ଼-ଚାଳ ମାରିବା—3. To cut capers.

लम्फदेओया, लम्फमारा, लाफदेओया
लम्फदेना

ଲମ୍ଫନ—ସଂ· ବି (ଲମ୍ଫ ଧାତୁ+ଭାବ ଅନ)—କୁଦିବା; ଡେଇଁବା—Lamphana Leaping; jumping (Apte).

ଲମ୍ବ୍ (ଧାତୁ)—ସଂ—୧ । ଲମ୍ବିତ ହେବା; ତଳକୁ ଓହଳିବା—1. To Lamb (root) hang down. ୨ । ଝୁଲିବା—2. To be [ଲିମ୍ବ୍(ଧାତୁ)—ଅନ୍ୟରୂପ] suspended; to dangle. ୩ । ତଳକୁ ଖସିବା—3. To go down (Apte). ୪ । ଲଗ୍ନହେବା—4. To rest on; to be attached to (Apte). ୫ । ବିଳମ୍ବ କରିବା—5. To delay; to tarry (Apte). ୬ । ପଛରେ ପଡ଼ିବା—6. To lag behind (Apte).

ଲମ୍ବରା ବୁଲା—ପ୍ରାଦେ· (ଗଡ଼ଜାତ) ବି· (ଶିକାରୀ) ବନ୍ଧୁକ ଧରି ଦୁଇ Lambarā bulā ଜଣ ଲୋକଙ୍କ ସଙ୍ଗେ ଚନ୍ଦ୍ରପକ୍ଷ ରାତିରେ ଲୁଚି ଲୁଚି ବାଘ ପ୍ରଭୃତି ଶିକାର ଖୋଜିବା—A hunter seeking game in moonlight accompanied by two persons.

ଲମ୍ବ—ସଂ ବିଣ (ଲମ୍ବ· ଧାତୁ+କର୍ତ୍ତୃ ଅ)—୧ । ଲମ୍ବିତ; ତଳକୁ Lamba ଓହଳିଥିବା—1 Hanging down. ୨ । ଲମ୍ବା; ଦୀର୍ଘ—2 Long. ୩ । ସିଧା; ସରଳ—3 Straight. ୪ । ଡେଙ୍ଗା—4. Tall. ୫ । ଦୋଳାୟମାନ—5. Pendulous; pendent. ୬ । ଦୁଇପାଖେ ଦୁଇଟି ସମକୋଣ ସୃଷ୍ଟି କରି ଅନ୍ୟରେଖା ସଙ୍ଗେ ମିଳିତ (ରେଖା)—6. Perpendicular. ୭ । ବିସ୍ତୃତ; ପ୍ରସାରିତ—7. Extended; spacious. ୮ । ଲମ୍ବିଭାବରେ ନ୍ୟସ୍ତ; ଗୁପ୍ତ—8. Hung down; suspended. ୯ । ବୃହତ୍; ବଡ଼—9. Great; large

(Apte). ସଂ. ବି—୧ । ଦୈର୍ଘ୍ୟ—1. Length. ୨ । ବିସ୍ତାର—2. Extent. ୩ । ଉଚ୍ଚ; ଉଚ୍ଚତା —3. Height. ୪ । (+ ଲମ୍ବ୍‌ ଅ)—ନଟ, ନର୍ତ୍ତକ—4. Dancer; actor. ୫ । କାନ୍ତ; ସ୍ୱାମୀ— 5. Husband. ୬ । (+କର୍ମ ଅ) ଉତ୍କୋଚ; ଘୁଷ —6. Bribe. ୭ । ଅକ୍ଷ; ପଶାକାଠି—7. Dice. ୮ । (+ଭାବ ଅ) ଅବଲମ୍ବନ; ଆଶ୍ରୟ—8. Shelter: dependence. ୯ । (+ଲମ୍ବ ଅ, ଜ୍ୟାମିତି) ଏକ ରେଖା ଉପରେ ଋଜୁଭାବରେ ଦଣ୍ଡାୟମାନ ରେଖା (ଯାହା ଦୁଇପାଖରେ ଦୁଇଟି ସମକୋଣ ସୃଷ୍ଟି କରେ)— 9. (Geometry) A perpendicular. ୧୦ । [ଜ୍ୟାମିତି] ତ୍ରିଭୁଜର ଲମ୍ବିତ ବାହୁଦ୍ୱୟ; ଭୂମି ଉପରେ ଠିଆହୋଇଥିବା ତ୍ରିଭୁଜର ରେଖାଦ୍ୱୟ—10. (Geometry) The two sides of a triangle. ୧୧ । (ଗଣିତ ଜ୍ୟୋତିଷ) ବିଷୁବରେଖାର ସମାନାନ୍ତର ରେଖା ବିଶେଷ (ହି. ଶ)—11. (Astronomy) A co-latitude. ୧୨ । ବଳଦେବଙ୍କଦ୍ୱାରା ନିହତ ପ୍ରଲମ୍ବାସୁର (ହି. ଶ)—12. A name of Pralambāsura killed by Balarāma. ୧୩ । ଗୁରୁ ଗୁଣବିଶେଷ (ହି. ଶ)—14. Name of a metre. ୧୪ । ଅଙ୍ଗ (ହି. ଶ)—13. Limb. ୧୫ । ମୁନି ବିଶେଷ (ହି. ଶ)—15. Name of a sage. ୧୬ । (ଗଣିତ ଜ୍ୟୋତିଷ; ସୂର୍ଯ୍ୟ ସିଦ୍ଧାନ୍ତ) କୌଣସି ସ୍ଥାନର ଶିରୋବିନ୍ଦୁଠାରୁ ମେରୁ ପର୍ଯ୍ୟନ୍ତ କଳ୍ପିତ ବୃତ୍ତଖଣ୍ଡ 16. (astrology) The arc between the the zenith of any place and the pole (Apte, M. W.) ୧୭ । ଗ୍ରହମାନଙ୍କର ଏକ ପ୍ରକାର ଗତି (ହି. ଶ.)—17. A kind of motion of the planets.

ଲମ୍ବ(ମ୍ବୁ)କ—ସଂ. ବି—(ଲମ୍ବ+କ) ୧ । ଲମ୍ବ ୯ (ଦେଖ)
Lamba(mbu)ka 1. Perpendicular (Apte)
୨ । ଲମ୍ବ ୧୧ (ଦେଖ)—2. Colatitude (Apte). ୩ । କୌଣସି ପୁସ୍ତକର ଏକ ଅଧ୍ୟାୟ (ହି. ଶବ୍ଦସାଗର)— 3. One chapter of a book. ୪ । ମୁଖରୋଗ-ବିଶେଷ (ହି. ଶ)—4. A kind of face disease. ୫ । ଜ୍ୟୋତିଷୋକ୍ତ ପଞ୍ଚଦଶ ଯୋଗ (ହି. ଶ.)— 5. The 15th astrological conjunction.

ଲମ୍ବ କରିବା—ଦେ. କ୍ରି—ଲମ୍ବା କରିବା (ଦେଖ)
Lamba kariba Lambā kariba (See)

ଲମ୍ବ କର୍ଣ୍ଣ—ସଂ. ବି—(କର୍ମଧା; ଲମ୍ବ+କର୍ଣ୍ଣ)—୧ । ଦୀର୍ଘ କାନ—
Lamba karnna 1. Long ear. ୨ । ଓହଳା କାନ; ଝୁଲୁଥିବା କାନ—2. Hanging ear. ୩ । (ବହୁବ୍ରୀହି) ଛାଗଳ; ଛେଳି—3. Goat. ୪ । ହସ୍ତୀ; ହାତୀ—4. Elephant. ୫ । ଶଶକ; ଠେକୁଆ— 5. Hare. ୬ । ଗର୍ଦ୍ଦଭ; ଗଧ—6. Ass. ୭ । ଗଣେଶ—7. God Ganesa. ୮ । ରାକ୍ଷସ— 8. A demon. ୯ । ଶ୍ୟେନ ପକ୍ଷୀ; ଛଞ୍ଚାଣ—9. Hawk; falcon. ୧୦ । ଅଙ୍କୋଲ ବୃକ୍ଷ (ହି.ଶ.)— 10. Alangium Hexapetallum (tree)
ବିଣ. ପୁଂ—୧ । (ବହୁବ୍ରୀହି, ଲମ୍ବ ବା ଦୀର୍ଘ କର୍ଣ୍ଣଯୁକ୍ତ— 1. Long-eared.
୨ । ଓହଳା କାନଯୁକ୍ତ—2. Having hanging ears.

ଲମ୍ବକାନ—ଦେ. ବି.— ଲମ୍ବକର୍ଣ୍ଣ; ଦୀର୍ଘ କର୍ଣ୍ଣ—
Lamba kāna Long ear.
लम्बा कानवाला ବିଣ—ଲମ୍ବ କାନା (ଦେଖ)
लंबाकान वाला Lambā kānā (See)

ଲମ୍ବକାନା—ଦେ ବିଣ. ପୁ.—ଲମ୍ବ କର୍ଣ୍ଣ ବିଶିଷ୍ଟ—
Lamba kānā लम्बाकान वाला Long eared.
लंबाकान वाला

ଲମ୍ବ କାନି—ଦେ. ବି.— ୧ । ଲମ୍ବ ପଣତ; ବସ୍ତ୍ରର ଦୀର୍ଘ ପ୍ରାନ୍ତ;
Lamba kāni ପିନ୍ଧାଲୁଗାକୁ ଅଣ୍ଟାରେ ଗୁଡ଼ାଇ ପିନ୍ଧିବା ପରେ [ଶେଷ କାନି—କପଡ଼ାର] ତହିଁରୁ ବଳି ପଡ଼ିବା ଲମ୍ବ ଅଂଶ—
लंबा कोंचा लंबाछोर 1. Long end of a cloth left
लम्बाकापड़ after the cloth is tucked round the
लंबा छोरवाला कपड़ा waist of the wearer. ୨ । ଲମ୍ବ ଲୁଗା (ଯାହାର ପିନ୍ଧିବା ଅଂଶ ଅଣ୍ଟାରେ ଗୁଡ଼ାହେବା ପରେ ତହିଁର ଦୀର୍ଘପ୍ରାନ୍ତ ବଳି ପଡ଼େ)—2. A long cloth of which a good length is left after one end of it is wound round the waist of the wearer

ଲମ୍ବକାନିଆ(ଆଁ)—ଦେ. ବିଣ.—ଲମ୍ବପ୍ରାନ୍ତ ବିଶିଷ୍ଟ (ବସ୍ତ୍ର); ଲମ୍ବ (ଲୁଗା)
Lamba kāniā(aṅ) Long (cloth for wearing);
लम्बा so long that a large length of it is left
लंबाछोरवाला after it is worn round the waist.
[ଯଥା—ଶୀତ ଦିନରେ ଲମ୍ବକାନିଆ ଲୁଗାର ଲମ୍ବ କାନିକୁ ମନୁଷ୍ୟ ଦେହରେ ଘୋଡ଼ି ହୋଇପାରେ)—ବିଣ.— ଲମ୍ବକାନା (ଦେଖ)—Lambakānā (See)

ଲମ୍ବ କେଶ—ସଂ. ବି—୧ । (କର୍ମଧା) ଲମ୍ବା ବା ଦୀର୍ଘକେଶ—
Lamba kesa 1 Long hair. ୨ । (ବହୁବ୍ରୀହି) ଦୀର୍ଘ (ଲମ୍ବ କେଶ—ସ୍ତ୍ରୀ) ଅଗ୍ର ବିଶିଷ୍ଟ କୁଶନିର୍ମିତ ଆସନ— 2. A mat made of long Kusa grass.
ବିଣ. ପୁଂ—(ବହୁବ୍ରୀହି)—ଦୀର୍ଘକେଶ ବିଶିଷ୍ଟ— Long-haired.

ଲମ୍ବ କେଶୀ—ସଂ. ବିଣ. ପୁଂ—(ଲମ୍ବକେଶିନ୍ ଶବ୍ଦ)—ଦୀର୍ଘକେଶ ବିଶିଷ୍ଟ
Lamba kesi Long haired.
ଦେ. ବିଣ. ସ୍ତ୍ରୀ—(ସଂ ଲମ୍ବକେଶା) ଲମ୍ବକେଶବିଶିଷ୍ଟା— (A woman) Having long hairs

ଲମ୍ବ ଗ୍ରୀବ—ସଂ. ବଣ. ପୁଂ (ବହୁବ୍ରୀହି; ଲମ୍ବ+ଗ୍ରୀବା)—ଯାହାର ବେକ
Lamba gribā ବଡ଼; ଦୀର୍ଘଗ୍ରୀବ—Long necked
(ଲମ୍ବଗ୍ରୀବା—ସ୍ତ୍ରୀ) ସଂ. ବ—ଉଷ୍ଟ୍ର (ହ୍ର. ଶ.)—Camel.

ଲମ୍ବ ଜନ୍ତୁ—ଦେ. ବ—(ସର୍ପର ନାମ ଉଚ୍ଚାରଣ ନ କରି ସର୍ପର ଗୋଟିଏ
Lamba jantu ବିଶିଷ୍ଟତା ଦ୍ୱାରା ଭାବବୋଧକ ଶୁଭବାଚକ ଶବ୍ଦ)-
লম্বা লংবজংতু ସର୍ପ—(Euphemism) Serpent; snake.

ଲମ୍ବ ଜାଂଘୀ—ସଂ. ବଣ—(ଲମ୍ବ ଜାଙ୍ଘାନ୍ ଶବ୍ଦ)—ଲମ୍ବପାଦ ବିଶିଷ୍ଟ—
Lamba jāmghi Long legged.

ଲମ୍ବଜାଲ୍ ହେବା—ଦେ.କି.—(ସଂ ଲମ୍ବାୟମାନ)—ଭୂମିରେ ଲମ୍ବ ହୋଇ
Lambajāl hebā ବା ଗୋଡ଼ ହାତ ଲମ୍ବାଇ ଶୋଇବା—
লম্বতম হওয়া লমজাল হোনা To lie down at length
[ଲମ୍ବଜାଲ ହୋଇ ପଡ଼ିବା—ଅନ୍ୟରୂପ) on the ground.

ଲମ୍ବ ଜିହ୍ୱ—ସଂ. ବଣ. ପୁଂ—(ବହୁବ୍ରୀହି)—୧ । ଯାହାର ଜିଭ ଲମ୍ବା ବା
Lamba jihwa ଝୁଲୁଥାଏ—1 Having a long
[ଲମ୍ବଜିହ୍ୱା—ସ୍ତ୍ରୀ) or lolling tongue. ୨ । ଯେ ଜିଭକୁ
ବାହାରକୁ କାଢ଼ିଛି—2. Letting the tongue
hang out (Apte).

ଲମ୍ବଡ଼ା—ଦେ. ବଣ—୧ । ଲମ୍ବ; ଲମ୍ବା—1. Long. ୨ । ପ୍ରାୟ
Lambardā ଲମ୍ବ; ଯେଉଁ ବସ୍ତୁର ଦୈର୍ଘ୍ୟ ପ୍ରସ୍ଥଠାରୁ ବେଶୀ—
লম্বাটে 2. Nearly long. ୩ । ଖୁବ୍ ଲମ୍ବା—3. Very
লংবাসা, লংবতগড়ং long. ୪ । ଲମ୍ବିତ—4. Elongated.

ଲମ୍ବଡ଼ା ମୁହଁ—ଦେ. ବ—ଲମ୍ବ ମୁଖ—Long face.
Lambardā muhan লম্বাটে মুখ লম্বমুহা

ଲମ୍ବଡ଼ା ମୁହାଁ—ଦେ. ବଣ—ଲମ୍ବ ମୁଖଯୁକ୍ତ—
Lambardā muhān Having a long face.
[ଲମ୍ବଡ଼ା(ଡ଼ୀ)ମୁହାଁ—ସ୍ତ୍ରୀ] লম্বাটে মুখো লংবমুহাঁ

ଲମ୍ବତା(ତ୍ୱ)—ସ. ବ (ଲମ୍ବ+ଭାବ. ତା, ତ୍ୱ)—ଦୀର୍ଘତା; ଦୈର୍ଘ୍ୟ—
La mbatā(twa) Length. ପ୍ରାଦେ (ଉତ୍ତରପୁର) ବ—
ରାଜାଙ୍କର ଖାସ ଲୋକ—Orderly of a Raja.

ଲମ୍ବ ଦନ୍ତ—ସଂ ବଣ. ପୁଂ (ବହୁବ୍ରୀହି, ଲମ୍ବ+ଦନ୍ତ)—ଦୀର୍ଘଦନ୍ତ-
Lamb danta ବିଶିଷ୍ଟ—Long toothed; having long
(ଲମ୍ବଦନ୍ତା—ସ୍ତ୍ରୀ) (ଲମ୍ବଦନ୍ତା, ଲମ୍ବଦାନ୍ତିଆ—ଦେ. ରୂପ) tusks.

ଲମ୍ବଦନ୍ତା—ସ. ବ (ବୈଦ୍ୟକ)—ସିଂହଳୀ ପିପ୍ପଳୀ—
ଦେ. ବଣ—ଲମ୍ବଦନ୍ତ ବିଶିଷ୍ଟ—Long-toothed.
Lambadantā Long pepper of Ceylon,

ଲମ୍ବ ଦାଢ଼ି—ଦେ. ବ—ଦୀର୍ଘ ଶ୍ମଶ୍ରୁ—
Lamba dārdhi লম্বাদাড়ী লংবাদাঢ়ী Long beard.

ଲମ୍ବଦାଢ଼ିଆ—ଦେ. ବଣ. ପୁଂ—୧ । ଦୀର୍ଘ ଶ୍ମଶ୍ରୁବିଶିଷ୍ଟ—
Lambadārdhia 1. Long bearded,
লংবাদাড়িওয়ালা লংবদাঢ়িয়া
୨ । (ମୁସଲମାନ୍ ମାନେ ଶ୍ମଶ୍ରୁ ରଖୁ ଥିବାରୁ) ମୁସଲମାନ୍
ଧର୍ମାବଲମ୍ବୀ—2. Mahomedan.

ଲମ୍ବଦାନ୍ତି(ନ୍ତୁ)ଆ—ଦେ.ବଣ.ପୁଂ—(ସ.ଲମ୍ବଦନ୍ତ)—ଦୀର୍ଘଦନ୍ତ ବିଶିଷ୍ଟ—
Lambadānti(ntu)ā Having long teeth.
দেঁতো লংবদংতা [ଲମ୍ବଦାନ୍ତି, ଲମ୍ବଦାନ୍ତେଇ—ସ୍ତ୍ରୀ]

ଲମ୍ବନ—ସ. ବ—(ଲମ୍ବ ଧାତୁ+ଭାବ. ଅନ)—୧ । ଲମ୍ବମାନ ହେବା;
Lambana ଝୁଲିବା—1. Act of hanging or being
suspended. ୨ । (ଲମ୍ବ ଧାତୁ, ଣିଚ+ଭାବ. ଅନ)
ଝୁଲାଇବା—2. Act of suspending. ୩ । ଅବ-
ଲମ୍ବନ; ଆଶ୍ରୟଗ୍ରହଣ—3. Taking shelter or,
dependingon. ୪ । ନାଭି ପର୍ଯ୍ୟନ୍ତ ଲମ୍ବିବା ହାର—
4. A long necklace reaching the navel,
୫ । (+କର୍ମ ଅନ) ଆଶ୍ରୟ; ଅବଲମ୍ବ; ସହାୟ (ହ୍ର.ଶ.)—
5. Shelter; refuge. ୬ । ଶିବ—6. Śiba
(Apte) ୭ । ଧଡ଼ି—7. Fringe (Apte). ୮ ।
(+କର୍ତ୍ତୃ ଅନ) କଫ (ହ୍ର. ଶ)—8. Phlegm. ୯ ।
ଶିବ—9. Siba. ୧୦ । ଏକ ପ୍ରକାର ଯୁଦ୍ଧ—10.
A kind of fighting (Apte).

ଲମ୍ବ ପହଣ୍ଡ—ଦେ. ବ—ଦୀର୍ଘ ପଦକ୍ଷେପ—
Lamba pahanda লম্বাপা লংবাডগ Long stept.

ଲମ୍ବ ପୟୋଧରା—ସ. ବଣ. ସ୍ତ୍ରୀ—(ବହୁବ୍ରୀହି)—ଯେଉଁ ସ୍ତ୍ରୀର ସ୍ତନ
Lamba payodharā ଝୁଲୁଥାଏ—(a woman) With
hanging or pendent breasts (Apte).
ସ—ବ. ସ୍ତ୍ରୀ—କାର୍ତ୍ତିକେୟଙ୍କର ଏକ ମାତୃକା [ହ୍ର. ଶ]—
Name of a foster mother of Kārttikeya.

ଲମ୍ବ ଫେର—ଦେ ବ.—ପୁରୁଷଙ୍କ ପିନ୍ଧା ଲୁଗାର ତଳକୁ ଝୁଲିଥିବା
Lamba phera ଲମ୍ବ କାଛ—Long corner of the
ল্বাকোঁচা লংবাকোঁছা cloth hanging down
from the navel of the wearer.

ଲମ୍ବ(ମ୍ବା)ବାଗରେ—ଦେ.କି—ଦୀର୍ଘ ଭାବରେ; ଲମ୍ବ ଅନୁସାରେ—
Lamba (mbā)bāgare Lengthwise; according to
ଲମ୍ବ ବାଗେ } —ଅନ୍ୟରୂପ length.
ଲମ୍ବ ଭାବରେ }
লম্বাদিগে লংবামে

ଲମ୍ବ ବାଳ—ସ. ବ—ଦୀର୍ଘ କେଶ—
Lamba bāla লম্বাচুল লংবা বাল Long hair.
[ଦ୍ର—ଚଙ୍ଗୁଡ଼ିଲେ ! ଚଙ୍ଗୁଡ଼ିଲେ ! ଛେଳିବାଳିକେ, ଲମ୍ବ
ବାଳ ଦେ । ଶିଶୁଗୀତ]

ଲମ୍ବ ବାଳୁଆ—ଦେ. ବଣ. ପୁଂ—ଦୀର୍ଘକେଶ ବିଶିଷ୍ଟ—
Lamba bāluā Long haired.
লম্বা চুলো লংবাবাল বালা
[ଲମ୍ବବାଳେ(ଳୋ)ଇ—ସ୍ତ୍ରୀ]

ଲମ୍ବମାନ—ସ. ବଣ—(ଲମ୍ବ ଧାତୁ+କର୍ତ୍ତୃ. ଅନ)—୧ । ଦୋଳାୟ-
Lambamāna ମାନ; ଝୁଲୁଥିବା—1. Hanging down.
(ଲମ୍ବମାନା—ସ୍ତ୍ରୀ) ୨ । ଲମ୍ବଭାବରେ ସ୍ଥାପିତ—
2. Placed perpendicularly.

ଲମ୍ବ ମୁଖ—ସଂ. ବି—(କର୍ମଧା) ଲମ୍ବ ବା ଦୀର୍ଘମୁଖ—Long face·
[ଲମ୍ବମୁଖୀ—ସ୍ତ୍ରୀ] ବିଣ. ପୁଂ—(ବହୁବ୍ରୀହି)—ଦୀର୍ଘ ମୁଖଯୁକ୍ତ—
Long faced.

ଲମ୍ବ ମୁଖା[ହାଁ]—ଦେ.ବିଣ - ଲମ୍ବ ବା ଦୀର୍ଘ ମୁଖଯୁକ୍ତ—
Lamba mukhā(hañ) Long faced.
लम्बा मुखो लंब मुंहा (ଲମ୍ବ ମୁହୀ—ସ୍ତ୍ରୀ) .

ଲମ୍ବ ଯୋଡ଼—ଦେ. ବି—ଦୀର୍ଘ ଲୁଗା ଓ ଚଦର—A pair consis-
Lamba jorda ting of a long wearing cloth and
a piece of sheet.

ଲମ୍ବର୍—ବୈଦେ. (ଦରବାରୀ)—[ଇଂ. ନମ୍ବର୍] ନମ୍ବର (ଦେଖ)
Lambar Nambara (See)

ଲମ୍ବର୍‌ଦାର୍—ପ୍ରାଦେ. (କଟକ ସମ୍ବଲ) ବି—୧ । ନମ୍ବରଦାର (ଦେଖ)
Lambar-dār Namaradāra (See)
୨ । (ସମ୍ବଲପୁର ମାହାଲର ସ୍ବତ୍ବାଧିକାରୀ ସମସ୍ତ ବ୍ୟକ୍ତିଙ୍କ ପ୍ରତିନିଧି ରୂପେ ସରକାରୀ ବିଷୟରେ ସମ୍ପର୍କ ଚଳାଇବା ପାଇଁ ଗଉନ୍ତିଆ ବା ମାଫିଦାର ମାଳଙ୍କ ମନୋନୀତ ଓ ଗଭର୍ଣ୍ଣମେଣ୍ଟଙ୍କ ଦ୍ବାରା ଅନୁମୋଦିତ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି । (ସେଣ୍ଟ୍ରାଲ୍ ପ୍ରୋଭିନ୍ସେସ୍ ଲାଣ୍ଡ ରେଭିନ୍ୟୁ ଆକ୍ଟ୍ ୧୮୮୧ ସାଲର ୮ ଆକ୍ଟ)—2. Lambardar; (Central Provinces Land Revenue Act).

ଲମ୍ବର୍‌ଦାର୍ ଗଉନ୍ତିଆ—ପ୍ରାଦେ. (ସମ୍ବଲପୁର) ବି—ଏକ ବଂଶର
Lrmbar-dār gauntiā ଅନେକଗୁଡ଼ିଏ ଗଉନ୍ତିଆଙ୍କ ମଧ୍ୟରୁ
ନିର୍ବାଚିତ ଲମ୍ବରଦାର—The elected head among the Gauntiās deseended from one common ancestor.

ଲମ୍ବର—ସଂ. ବି (ଲମ୍ବ+ର ଧାତୁ+କର୍ତ୍ତୃ. ଅ)—ଏକପ୍ରକାର ବାଦ୍ୟ
Lambara (ବୃହତ୍ ଆରଣ୍ୟକ ଉପନିଷଦ୍)—A kind
of drum (M. W.).

ଲମ୍ବରୀ—ବୈଦେ. ବିଣ (ଦରବାରୀ)—(ଫା) ନମ୍ବରୀ (ଦେଖ)
Lambari Nambari (See)
नम्बरी ବି—ଲମ୍ବରୀ ମକଦମା (ଦେଖ)
लंबरी Lambari makadamā (See)

ଲମ୍ବରୀ ମକଦ(ଦ୍ଦ)ମା—ବୈଦେ. (ଦରବାରୀ) ବି—ସ୍ବତ୍ବସ୍ବତ୍ବ ବିଷୟକ
Lambari makada(dda)mā ଦେବାନୀ ଅଦାଲତ·-Title-
नम्बरी मोकदमा suit [ଦୃ—ଟଙ୍କା ଆଦାୟ ପାଇଁ ଯେଉଁ ମକଦମା
लम्बरीमुकदमा ହୁଏ ତାହା ଏ ମୋକଦ୍ଦମାଠାରୁ ପୃଥକ୍ । ଲମ୍ବରୀ ମୋକଦ୍ଦମାର ଅର୍ଜି, ଜବାବ, ରାୟ ଓ ଫଇସଲା ତଦନ୍ତ ବହିରେ, କିନ୍ତୁ ଟଙ୍କା ସମ୍ବନ୍ଧୀୟ ମକଦମାର ସମସ୍ତ ନଥି କେବଳ ନିର୍ଦ୍ଦିଷ୍ଟ କାଳ ରଖାଯାଇ ତାପରେ ନଷ୍ଟ କରାଯାଏ ।]

ଲମ୍ବ ରେଖା—ସଂ. ବି—୧ । (ଜ୍ୟାମିତି)—ଯେଉଁ ସରଳରେଖା ଅପର
Lamba rekhā ସରଳରେଖା ଉପରେ ଏପରିଭାବରେ
ଦଣ୍ଡାୟମାନ ହୋଇଥାଏ ଯେ, ତାହାର ସନ୍ନିହିତ ପ୍ରତ୍ୟେକ କୋଣ ସମକୋଣ ହୁଏ—1. (Geometry) Perpendicular; a straight line which stands on another making each of the two adjacent angles a right angle. ୨ । ଦୀର୍ଘ ରେଖା—2. A long lime.

ଲମ୍ବ ଲ(ଲା)ମ୍ବ—ଦେ. ବିଣ (ବହୁବଚନାର୍ଥକ)—ଅନେକଗୁଡ଼ିଏ ଲମ୍ବ
Lamba la(lā)mba (ବସ୍ତୁ)—Numerous or many
लम्बा लम्बा long (things); ଦେ. କ୍ରି. ବିଣ—ଅନେକ-
लंबालंबा ଗୁଡ଼ିଏ ବସ୍ତୁ ଲମ୍ବଭାବରେ ପଡ଼ିବା ପ୍ରକାରେ—
(Said of many things) Lying straightly; lengthwise.

ଲମ୍ବ ଲାଞ୍ଜିଆ—ଦେ. ବିଣ (ସଂ. ଲମ୍ବ+ଲାଙ୍ଗୁଳ)—ଯେଉଁ ଜନ୍ତୁର
Lamba lañjiā ଲାଞ୍ଜ ଲମ୍ବ ଅଛି—(animal) Having
बड़ नेजवाला a long tail. ୨ । ଲମ୍ବ ଲାଞ୍ଜିଯୁକ୍ତ ହୋଇ
लंबालांजवाला ଅଙ୍କିତ (କଜ୍ଜଳରେଖା)—2 (a line of collyrium) Drawn with a long tail.

ଲମ୍ବ ସ୍ତନ(ନୀ)—ଦେ. ବିଣ. ସ୍ତ୍ରୀ (ସଂ. ଲମ୍ବିତସ୍ତନା)—ଯେଉଁ ସ୍ତ୍ରୀର
Lamba stanā(ni) ସ୍ତନ ଲମ୍ବମାନ—(Female) With
लम्बस्तना the breasts hanging down.

ଲମ୍ବ ହତା—ଦେ. ବି—ପ୍ରାଚୀର ବେଷ୍ଟିତ ବା ଘେରବନ୍ଦ ହୋଇଥିବା
Lamba hatā ବିସ୍ତୃତ ସ୍ଥାନ—Long compound. ପ୍ରାଦେ
लम्बाहाता (ଗଡ଼ଜାତ) ବି—୧ । ରାଜକର୍ମଚାରୀ ବିଶେଷ—
लंबाहत्ता 1. One of the officials of a Rājā. ୨ । ବଡ଼ ଲୋକଙ୍କ ଭୃତ୍ୟରୂପେ ଯେ ଗର୍ବ ସହକାରେ ଦୀର୍ଘ ପଦବିକ୍ଷେପରେ ଚାଲେ—2 A personal servant who follows his master with long steps in pride. ଦେ. ବିଣ (ପୁଂ ଓ ସ୍ତ୍ରୀ)—୧ ।
[ଲମ୍ବହାତିଆ—ଅନ୍ୟରୂପ] ୧ । (ଲକ୍ଷଣାର୍ଥ) ମୁକ୍ତ ହସ୍ତ—1.
लंबाहातवाला Open handed. ୨ । ଯାହାର ହାତ ଲମ୍ବା; ଦୀର୍ଘବାହୁ—2: Long armed.

ଲମ୍ବ(ମ୍ବା) ହେବା—ଦେ. କ୍ରି—୧ । ଗୋଡ଼ ହାତ ଲମ୍ବାଇ କରି
Lamba(mbā) hebā ଶୋଇବା—1. To sleep by
लम्बाहओया outstretching the hands and legs. ୨ ।
लंबाहोन ପ୍ରହାରାଦିଦ୍ବାରା ଧରାଶାୟୀ ହେବା—2 To be so severely beaten as to lie flat on the ground. ୩ । ବଢ଼ିବା; ବୃଦ୍ଧି ପ୍ରାପ୍ତ ହେବା; ଲମ୍ବିବା —3· To grow. ୪ । ଡେଙ୍ଗା ହେବା—4 To become tall.

ଲମ୍ବା—ସଂ. ବି. ସ୍ତ୍ରୀ (ଲମ୍ବ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ ଆ)—୧ । ଲକ୍ଷ୍ମୀ—
Lambā 1. The Goddess of wealth. ୨ । ପାର୍ବତୀ, ଗୌରୀ—2. Parbati. ୩ । ତିକ୍ତ ଅଲାବୁ; ପିତାଲାଉ —3. Bitter gourd. ୪ । ଉତ୍କୋଚ; ଲାଞ୍ଚ— 4. Bribe (M. W.). ୫ । ଉପହାର—5.
लंबा Present (M. W.). ଦେ. ବିଣ—(ସଂ. ଲମ୍ବ)
लंबा —୧ । ଲମ୍ବ; ଦୀର୍ଘ—1. Long; lengthy. ୨ ।
(ଓଡ଼ିଆ—ବିପରୀତ) ସରଳ; ସିଧା—2. Straight. ୩ । ଡେଙ୍ଗା—3. Tall. ୪ । ଭୂମିରେ ଦଣ୍ଡବତ୍ ଶାୟିତ

ଲମ୍ବାଇ —4. Lying prostrate. ବେ.ବି—୧ । ଦୈର୍ଘ୍ୟ
ଲଂବାଈ —1. Length. ୨ । (ଘୃଂ) ଢେଙ୍ଗା ବ୍ୟକ୍ତି —
ଲଂବା 2. Tall man. ୩ । (ବ୍ୟଙ୍ଗ) ବଡ଼ ଠେଙ୍ଗା—
[ଲମ୍ବୀ—ସ୍ତ୍ରୀ] 3. A big cudgel.

ଲମ୍ବା(ମ୍ବେ)ଇ—ଦେ. ବି (ସଂ. ଲମ୍ବ)—ଦୈର୍ଘ୍ୟ—Length.
Lambā(mbe)i ଦେ. କ୍ରି (ଅସମାପିକା) (ସଂ. ଲମ୍ବ୍ ଧାତୁ)
ਲংবাই ল'বায় —ଲମ୍ବ କରି—Stretching extending.
লংবাকরে ল'ম্বাকর

ଲମ୍ବା(ମ୍ବେ)ଇବା—ଦେ. କ୍ରି (ସଂ. ଲମ୍ବ୍ ଧାତୁ)—୧ । (ଲମ୍ବିବା କ୍ରିୟାର
Lambā(mbe)ibā ଣିଜନ୍ତ ରୂପ) କୌଣସି ବସ୍ତୁକୁ ଲମ୍ବିତ
লংবান କରାଇବା—1. To cause to increase in
লংবাকরনা length. ୨ । କ୍ଷୁଦ୍ର ବସ୍ତୁକୁ ଦୀର୍ଘ କରିବା—2. To make a small thing longer; to lengthen. [ଯଥା—କମାର ଲୁହାକୁ ପିଟି କରି ଲମ୍ବା କଲେ]—୩ । ସଙ୍କୁଚିତ ବସ୍ତୁକୁ ଖୋଲି ଦେବା; ମେଲାଇବା—3. To extend, to stretch. [ଭ୍ର— ବସିଛନ୍ତି ପାଦକୁ ଲମ୍ବାଇ ଦେଇ ଧୀରେ । କୃଷ୍ଣସିଂହ. ମହାଭାରତ ଆଦି ।] ୪ । ବିସ୍ତୃତ କରିବା—4. To spread. [ଯଥା—ବିଛଣା ଲମ୍ବାଇବା, ସପ ଲମ୍ବାଇବା, ଦେହ ଲମ୍ବାଇବା ଇତ୍ୟାଦି ।] ୫ । ଲମ୍ବ ବସ୍ତୁକୁ ଝୁଲାଇବା; ଓହଳାଇବା; ଲମ୍ବବସ୍ତୁକୁ ତଳକୁ ଛାଡ଼ି ଦେବା—2. To let loose; to let down a long thing. [ଯଥା—ବାଳ ଲମ୍ବାଇବା, ଓଦା ଲୁଗାକୁ ଶୁଖାଇବା ପାଇଁ ଲମ୍ବାଇବା ।] ୬ । ଅପେକ୍ଷାକୃତ ବଡ଼ କରିବା—9. To make bigger; to enlarge. [ଭ୍ର—ସ୍ୱର ଲମ୍ବାଇବା; ଗଳା ଲମ୍ବାଇବା; ଘାଟ ଲମ୍ବାଇବା ଇତ୍ୟାଦି ।] ୭ । ଲମ୍ବା ଭାବରେ ସ୍ଥାପନ କରିବା—7. To place lengthwise.

ଲମ୍ବା କଥା—ଦେ. ବି—୧ । ଦୀର୍ଘ ବାକ୍ୟମାଳ—1. Long speech.
Lambā kathā ୨ । ଅତ୍ୟୁଦ୍ଭଟ ବାକ୍ୟ; ବାଚାଡ଼ମ୍ବର—
লম্বা কথা 2. Bombast. ୩ । ଗର୍ବିତ ବାକ୍ୟ—
লংবীবাত 3. Arrogant speech.
(ଲମ୍ବା ଚଉଡ଼ା କଥା—ଅନ୍ୟରୂପ)

ଲମ୍ବା କରିବା—ଦେ. କ୍ରି—୧ । ପ୍ରହାରଦ୍ୱାରା କୌଣସି ବ୍ୟକ୍ତିକୁ ଦଣ୍ଡବତ୍
Lambā karibā ଧରାଶାୟୀ କରିବା—1. To cause a
লম্বা করা person to fall flat on the ground by
লম্বা করনা severely beating him. ୨ । କୌଣସି ବସ୍ତୁକୁ ଦୀର୍ଘ କରିବା—2. To lengthen; to elongate.

ଲମ୍ବା କରି ଶୋଇ (ଶୁଆଇ) ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ
Lambā kari śoi (śuāi) debā ଭୂପତିତ ଭାବରେ ପ୍ରହାର
[ଲମ୍ବା କରି ଖାଇ ଦେବା—ଅନ୍ୟରୂପ] କରି ଭୂତଳଶାୟୀ
লম্বা করে শুইয়ে দেওয়া କରିବା—1. To beat
লংবাকর সুলাদেনা one so severely as to make him unable to sit erect but lie prostrate on the ground. ୨ । ଲମ୍ବ ବା ଦିଘା ଭାବରେ କୌଣସି ବ୍ୟକ୍ତିକୁ (ଯଥା, ରୋଗୀକୁ ବା ଶିଶୁକୁ) ଶୁଆଇ ଦେବା —2.To lay one lie prostrate.

ଲମ୍ବା ଘାଟ—ଦେ. ବି—ନଦୀ ପାରି ହେବା କ୍ରମରେ ନଦୀକୁ ଅଡ଼ା
Lambā ghāṭa ଭାବରେ ପାରି ନ ହୋଇ ଲମ୍ବେ ଲମ୍ବେ
লম্বাঘাটী ଉଜାଣରେ କିଛି ଦୂର ଯାଇ ଘାଟରେ ଲୋକେ ପାରି ହୁଅନ୍ତି
লম্বাঘাট ପାରି ହୁଅନ୍ତି—A ferry where people instead of crossing the river straightly have to pass along the length of the river for some distance and then land on the opposite bank.

ଲମ୍ବା ଚଉଡ଼ା—ଦେ. ବିଣ (ସଂ. ଲମ୍ବ + ଚତୁଃ)—୧ । ଦୈର୍ଘ୍ୟ ଓ
Lambā chaurḍā ପ୍ରସ୍ଥରେ ବିସ୍ତୃତ ବା ବର୍ଦ୍ଧିତ—1, Ex-
লম্বা চওড়া panded in length and breadth; made
লম্বা চৌরা to extend in length and breadth; lengthened and flattened. [ଭ୍ର—ବଣିଆ ସୁନା ଶ୍ରେଣ ପିଟି ଲମ୍ବା ଚଉଡ଼ା କରି ଦେଲା ।] ୨ । ଦୀର୍ଘ ଓ ପ୍ରଶସ୍ତ; ବିସ୍ତୃତ—2, Extensive, long and
লম্বাই চওড়াই broad. ଦେ. ବି—ଦୈର୍ଘ୍ୟ ଓ ପ୍ରସ୍ଥ; ଦୀର୍ଘ ଓ
লংবাই চৌড়াই ପ୍ରସ୍ଥ—Length and breadth.

ଲମ୍ବା ଚଳି(ଲେ)ଇବା—ଦେ. କ୍ରି—୧ । ଲମ୍ବେ ଲମ୍ବେ ଗତି କରିବା—
Lambā chalā(le)ibā 1, To proceed straight-
লম্বাচলা forward. ୨ । ଲମ୍ବା ଠେଙ୍ଗା ଆଦି ଚାଳନ କରିବା ବା
লংবাচলনা ଲମ୍ବା ଠେଙ୍ଗାଦ୍ୱାରା ପ୍ରହାର କରିବା—2, To beat
লম্বাচালান লম্বাচলানা with long sticks,

ଲମ୍ବାଟିଆ—ଦେ. ବିଣ—ଲମ୍ବଡ଼ା (ଦେଖ)
Lambāṭiā Lambarḍā, (See)

ଲମ୍ବା ଦଉଡ଼—ଦେ. ବି—୧ । ଦୀର୍ଘ ପଥରେ ଏକଦମ୍ ଦଉଡ଼ିବା—
Lamdā daurḍa 1. Running straightforward.
(ଲମ୍ବା ଦୌଡ଼—ଅନ୍ୟରୂପ) ୨ । ଏକଦମ୍ ସ୍ଥାନତ୍ୟାଗପୂର୍ବକ
লম্বাদৌড় লংবাদৌড় ପଳାୟନ; ପଳାୟନ—2, Fleeing away; taking to one's heels.

ଲମ୍ବାଦଉଡ଼ ଦେବା—ଦେ. କ୍ରି—୧ । ଦୀର୍ଘ ପଥରେ ଏକଦମ୍ ଦୌଡ଼ି ହୋଇ
Lambādaurḍa debā ପଳାଇବା—1, To run away
(ଲମ୍ବାଦଉଡ଼ ମାରିବା—ଅନ୍ୟରୂପ) in a straight course.
লম্বাদউড়দেওয়া ୨ । ଚୁ ମାରିବା; ଚମ୍ପଟ ମାରିବା; ପଳାଇବା—
লম্বাদৌড় দেনা(মারনা) 2. To show one's heels; to flee away,

ଲମ୍ବା ଲମ୍ବା—ଦେ. ବିଣ—ଲମ୍ବ ଲମ୍ବ (ଦେଖ)—Lamba lamba,
Lambā lambā (See) [ଭ୍ର—ଲମ୍ବା ଲମ୍ବା ହାତକୁ ମାରି ଅଣୀଦାଦ କରି ସବ ଛଡ଼ନ୍ତି । ଫକୀରମୋହନ. ଛମାଣ ଅଠଗୁଣ ।]

ଲମ୍ବଲମ୍ବା କଥା—ଦେ. ବ (ବହୁବଚନାର୍ଥକ)—୧ । ଅଡ଼ମ୍ବରପୂର୍ଣ୍ଣ
Lambā lambā kathā କଥାମାଳ—1, Bombastic
লম্বালম্বা কথা speeches. ୨ । ବଢ଼େଇ କରି କହିବା—2. Tall
लम्बीलम्बी बातें talk.

ଲମ୍ବା ଲମ୍ବି—ଦେ. ବି—ଲମ୍ବାଇବା ଆଦି କ୍ରିୟା—Acts of
Lambā lambi lengthening or stretching etc.
লংবালংবী ବଣ—ବହୁତ ଲମ୍ବା—Very long; of great
लंबालंबी length. [ଦ୍ର—ଗ୍ରାମଟ ଲମ୍ବାଲମ୍ବି, କନ୍ଧ ସିଧା ସଳଖ ନୁହେଁ, ଅଠ ଅଙ୍କିଆ । ଫକୀରମୋହନ. ଛମାଣ ଅଠଗୁଣ୍ଠ ।] କ୍ରି. ବଣ—ଲମ୍ବେ ଲମ୍ବେ; ଲମ୍ବଦାଗରେ —Straightway; straightly; along; lengthwies.

ଲମ୍ବି—ଦେ. କ୍ରି. ବଣ—ଲମ୍ବେ ଲମ୍ବେ (ଦେଖ)
Lambi Lamba lamba (See)

ଲମ୍ବିକା—ସ. ବ. ସ୍ତ୍ରୀ (ଲମ୍ବ + କ + ସ୍ତ୍ରୀ. ଆ)—ଅଳଜିହ୍ଵା; ଘଣ୍ଟିକା
Lambikā '—The uvula the soft palate.

ଲମ୍ବି ଚଳି(ଲେ)ଇବା—ଦେ. କ୍ରି—ଲମ୍ବେ ଲମ୍ବେ ଗତି କରିବା—
Lambi chalā(le)ibā To proceed lengthwise,
লংবাদিকে যাওয়া लंबाचलना

ଲମ୍ବିତ—ସ. ବଣ (ଲମ୍ବ ଧାତୁ + କର୍ତ୍ତ୍ରି ତ)—୧ । ଦୋଳିତ—1.
Lambita Suspended hung. ୨ । ଦୋଳାୟମାନ; ଲମ୍ବ ହୋଇ ଝୁଲୁଥିବା ଓହୋଳଥିବା—2. Hanging. ୩ । ଆଶ୍ରିତ; ଅବଲମ୍ବିତ—3. Depending on hanging from.

ଲମ୍ବି ପଡ଼ିବା—ଦେ. କ୍ରି—ଓହଳ ପଡ଼ିବା; ଝୁଲି ପଡ଼ିବା—To hang
Lambi paṛibā down to descend to be
ঝুলেপড়া suspended. [ଦ୍ର—ଏହା କହିଣ ଯୁଧିଷ୍ଠିର ତା
नमडजाना ଗଳାରୁ, ରାତ୍ର ଲମ୍ବ ପଡ଼ିଲେ ଦେଖାଇ ବଳରୁ । କୃଷ୍ଣଦେବ. ମହାଭାରତ. ବନ ।]

ଲମ୍ବିବା—ଦେ. କ୍ରି (ସ. ଲମ୍ବ ଧାତୁ)—୧ । ଲମ୍ବିତ ହେବା;
Lambibā ଝୁଲି ଥିବା—1. To be hanging. ୨ ।
লম্বিত হওয়া, ঝুলা ଓହଳିବା—2. To remain suspen-
नमडना ded. ୩ । ଭୂଇଁରେ ବା ଶଯ୍ୟାରେ ଲମ୍ବ ହୋଇ
লংবা হওয়া ଶୋଇବା—3. To stsetch one's self on
लंबाहोना the bad or goound. ୪ । ଲମ୍ବ ବା ଦୀର୍ଘରେ ବୃଦ୍ଧି ପାଇବା—4. To increase in length. ୫ । ଲମ୍ବ ଦଗରେ ଗତି କରିବା—5. To froed along. ପ୍ରାଦେ (ସମ୍ବଲପୁର) କ୍ରି—ଦୁଇ ଚାରି ଜଣ ଏକତ୍ର ବସିଥିବା ସ୍ଥାନରୁ ଜଣେ ବ୍ୟକ୍ତି ହଠାତ୍ ଉଠି କରି ଚାଲିଯିବା—To leave a company of men and go away.

ଲମ୍ବିଯିବା—ଦେ. କ୍ରି—ଲମ୍ବି ଚାଲିବା (ଦେଖ)
Lambijibā Lambi chālibā (See)
ପ୍ରାଦେ (ସମ୍ବଲପୁର) କ୍ରି—ଲମ୍ବିବା (ଦେଖ)
Lambibā (See)

ଲମ୍ବୀ—ଦେ. ବଣ ଓ ବ. ସ୍ତ୍ରୀ—ଢେଙ୍ଗେଇ ସ୍ତ୍ରୀ—A tall woman.
Lanbī ঢেঙ্গী लंबी (ଲମ୍ବା—ପୁଂ)

ଲମ୍ବେ ଲମ୍ବେ—ଦେ. କ୍ରି. ବଣ—୧ । ସଳଖେ ସଳଖେ; ସିଧାଏ ସିଧାଏ
Lambe lambe —1. Straightforward. [ଦ୍ର—
লংবা ଏହା କହି ବଶିଷ୍ଠଙ୍କ ଆଉ ଗୁରୁ ଜଣ ସାଧୁ ସେନ ସହିତ
लंबेलंबे, सीधे ସେଠାରୁ ଲମ୍ବେ ଲମ୍ବେ ସମୁଦ୍ର ପାର ହୋଇ ଗ୍ରାମଙ୍କ ପାଖେ ଆସି ପହଁଚିଲେ । ଗାଙ୍ଗକଣ୍ଠ. ରେଣୁଙ୍କ ରାମାୟଣ ।] ୨ । ଲମ୍ବଭାଗରେ—2. Lengthwise.

ଲମ୍ବୋଦର—ସ. ବଂ. ପୁଂ (ବହୁବ୍ରୀହି; ଲମ୍ବ ଅଟେ ଉଦର ଯାହାର)
Lambodara ୧ । ସ୍ଥୂଳୋଦର; ଥଲ୍ଲଲପେଟଥିବା—1. Big-
(ଲମ୍ବୋଦରୀ—ସ୍ତ୍ରୀ) bellied. ୨ । ଦୀର୍ଘୋଦରବିଶିଷ୍ଟ—2. Long-bellied. ୩ । ଔଦରିକ; ପେଟୁ—3. Greedy; gluttonous; voracious. ସ. ବି—ଗଣେଶ; ଗଣନାଥ—The Deitv Ganeṣa (son of Mahādeba). [ଦ୍ର—ଏହାଙ୍କ ପେଟ ବଡ଼ ଥିବାରୁ ଏପରି ନାମ ହୋଇଅଛି ।] ଦେ. ବ. ପୁଂ—ଲୋକଙ୍କ ନାମ—A name given to males.

ଲମ୍ବୋ(ମ୍ବୌ)ଷ୍ଠ—ସ. ବଣ. ପୁଂ—(ବହୁବ୍ରୀହି; ଲମ୍ବ + ଓଷ୍ଠ = ଲମ୍ବୋଷ୍ଠ,
Lambo(mbau)stha ଲମ୍ବୌଷ୍ଠ)—ଯାହାର ଓଠ ବଡ଼—
(ଲମ୍ବୌଷ୍ଠୀ—ସ୍ତ୍ରୀ) (a man) Having long lips. ସ. ବି—୧ । (ଏହାର ଓଠ ବଡ଼ ଥିବାରୁ) ଉଷ୍ଟ୍ର; ଓଟ—1. Camel. ୨ । କ୍ଷେତ୍ରପାଳ ଦେବତା ବିଶେଷ—2. One of the Kshetrapāla Deities.

ଲମ୍ଭ (ଧାତୁ)—ସ.—୧ । ପ୍ରାପ୍ତ ହେବା;ପାଇବା—1.To get. ୨ ।
Lambh (root) ପ୍ରାପ୍ତ କରାଇବା —2. To cause to get; [ଣିଜନ୍ତ ଧାତୁ—ଅନ୍ୟରୂପ] to cause to be received. ୩ । ଶବ୍ଦ କରିବା; ଧ୍ଵନି କରିବା; ରବ କରିବା—3. To utter a sound. ୪ । ଗତି କରିବା—4. To move.

ଲମ୍ଭନ—ସ. ବି—(ଲମ୍ଭ ଧାତୁ + ଭାବ. ଅନ)—୧ । ପ୍ରାପ୍ତି—
Lambhana 1. Getting. ୨ । ପ୍ରାପଣ—2. Causing to be received. ୩ । ଧ୍ଵନି; ଶବ୍ଦ—3. Sound. ୪ । ଲାଞ୍ଛନା; ଅପମାନନା—4. Humiliation; insult. ୫ । ଗାଳିମନ୍ଦ—5. Abuse.

ଲମ୍ଭିତ—ସ.ବଣ—(ଲମ୍ଭ ଧାତୁ + କର୍ମିତ)—୧ । ଶବ୍ଦିତ – 1. Sounded. ୨ । ପ୍ରାପିତ—2. Caused to be received. ୩ । ବର୍ଦ୍ଧିତ; ପୋଷିତ—3. Beared; brought up. ୪ । ନିଯୋଜିତ—4. Engaged; commissioned. ୫ । ଲାଞ୍ଛିତ; ଅପମାନିତ—5. Humiliated; insulted. ୬ । ଗାଳି ଦିଆ ହୋଇଥିବା (ବ୍ୟକ୍ତି); ଭର୍ତ୍ସିତ—6. Abused. ୭ । ବିସ୍ତାରିତ—7. Expanded

ଲଜ୍‌ଦକ୍(ଗ୍)—ପ୍ରାଦେ. (କଟକ ସହର)—ବୈଦେ. ବ.—(ଫା.
Laj-dik(g) ନଜ୍‌ଦକ୍)—ନଜଦକ୍ (ଦେଖ)
Najadik (See)

ଲୟ—ସ. ବ—(ଲୀ ଧାତୁ=ଲୀନ ହେବା; ଅଶ୍ଳିଷ୍ଟ ହେବା+ଭାବ.
Laya ଅ)—୧ । ଜଳ ଆଦିରେ କୌଣସି ପଦାର୍ଥ ମିଳାଇ ଯିବା—1, Solution. ୨ । କୌଣସି ବସ୍ତୁରେ ଲୀନ ହେବା ବା ମିଶି ଯିବା— 2. Being merged in a thing; being dissolved; absorption. ୩ । ସୃଷ୍ଟିର ପ୍ରଳୟ; ବିନାଶ, ଧ୍ୱଂସ—3. Extinction; utter ruin;dissolution of the universe;destruction. ୪ । ସଂଶ୍ଳେଷ—4. Clinging. ୫ । ନୃତ୍ୟ-ଗୀତବାଦ୍ୟାଦିର ତାଳ ବା ସମାନ ସମୟ; ଗୀତ ସଙ୍ଗେ ବାଦ୍ୟାଦିର ମେଳ—5. Measured time in music or dance; equality of measure on music; union of vocal and instrumental music. ୬ । ବିଳାସ; କ୍ରୀଡ଼ା—6. Sport; play; enjoyment. ୭ । (+ଅଧି. ଅ) ଆବାସ—7. Home; habitation; residence. ୮ । ସୁଖ-ଭୋଗ—8. Felicity;enjoyment of pleasure. ୯ । କାଳର ଅବିଚ୍ଛେଦ ଗତି—9. Continuous passing of time; the speeding away of time. ୧୦ । ଈଶ୍ୱର (ଯାହାଙ୍କ ଠାରେ ପ୍ରଳୟକାଳରେ ସୃଷ୍ଟି ଲୀନ ହୁଏ)—10. God (in whom the creation merges at the time of dissolution.) ୧୧ । ଅଭିନିବେଶ; ସ୍ନେହ ଅନୁରାଗ—11. Attention; deep attachment. ୧୨ । କୌଣସି ବିଷୟ ପ୍ରତି ଏକାନ୍ତ ଧ୍ୟାନ ବା ମନୋଯୋଗ, ଏକାଗ୍ର ଚିତ୍ତରେ ଧ୍ୟାନ—12. Concentrated attention to a particular matter; contemplation. [ଯଥା—ହିରଦ ମନ୍ତ୍ରର ମନ୍ତ୍ରକ କର ନ ଦେଖିଛନ୍ତି ବାରତୁର, ନର୍ତ୍ତକୀ, 'ଲୟ' ଜୁର ମୂନିଙ୍କର । ଉପେ. ଭୋଷ ବ୍ରହ୍ମାଣ୍ଡସୁନ୍ଦରୀ ।) ୧୩ । କାର୍ଯ୍ୟର କାରଣରେ ପ୍ରବିଷ୍ଟ ହେବା ଓ ପୁଣି କାରଣରୂପେ ପରିଣତ (ହି. ଶ)—13 Merger of a matter in its cause and being turned into the cause itself. ୧୪ । ସ୍ଥିରତା; ବିଶ୍ରାମ (ହି.ଶ.)—14. Stillness; rest. ୧୫ । ମୂର୍ଚ୍ଛା (ହି. ଶ.)—15. Loss of consciousness; fainting ୧୬ । (ସଙ୍ଗୀତ) କୌଣସି ସ୍ୱରକୁ ବାହାର କରିବାକୁ ଯେତେ ସମୟ ଲାଗେ (ହି. ଶ.)—16. The time required to bring out a tune. [ଦ୍ରୁ—ଏହା ୩ ପ୍ରକାର, ଦ୍ରୁତ, ମଧ୍ୟ ଓ ବିଳମ୍ବିତ—ହି. ଶ.]—୧୭ । ବୈଦିକଯୁଗରେ ଚଷା ଜମିକୁ ସମତଳ କରିବା ପାଇଁ ବ୍ୟବହୃତ ଏକପ୍ରକାର ମଇ (ଶୁକ୍ଳ ଯଜୁର୍ବେଦ ବାଜସନେୟୀ ସଂହିତା)—17. A kind of ladderlike contrivance used in ancient times for levelling up ploughed up fields. ଦେ. ବ—୧ । ଗାଇବାର ସ୍ୱର—1. Tune of a song. ୨ । ଗୀତ ଗାଇବାର ଢଙ୍ଗ—2. Mode of singing. ୩ । ଅଭିନୟ; ନର୍ତ୍ତକର ହସ୍ତାଦିର ଭଙ୍ଗୀ—3. Gestures made by dencers during a song; gesticulations.

ଲୟ କରିବା—ଦେ. କ୍ରି—୧ । କୌଣସି ବିଷୟ ପ୍ରତି ଧ୍ୟାନ ବା
Laya karibā ମନୋଯୋଗ ଦେବା—1. To concentrate
लयकरना one's attention to a particular thing.
लयकरना ୨ । ଧ୍ୟାନ କରିବା—2. To contemplate. ୩ । ବିନାଶ କରିବା—3. To destroy.

ଲୟ କ୍ରିୟା—ସ. ବ—ପ୍ରଳୟ କାଳରେ (ଶିବ ରୂପରେ ବିଷ୍ଣୁଙ୍କ ଦ୍ୱାରା)
Laya kriyā ସୃଷ୍ଟିର ସଂହାର କ୍ରିୟା—The act of destruction of the creation by God (in the shape of Śiba.)

ଲୟ ଗତ—ସ. ବି—୧ । ମିଶ୍ରିତ—1. Absorbed. ୨ । ମିଳାଇ-
Laya gata ଯାଇଥିବା—2. Dissolved. ୩ । ଧ୍ୱଂସ ପ୍ରାପ୍ତ—3. Annihilated; ruined.

ଲୟ ଦେବା—ଦେ. କ୍ରି—କୌଣସି ବିଷୟ ପ୍ରତି ମନୋଯୋଗ ଦେବା—
Laya debā To concentrate one's attention
लयकरना on a particular; motter to turn one's
लयदेना attention to a matter.

ଲୟନ୍ (ଇତ୍ୟାଦି)—ବୈଦେ. ବ—ନୟନ ଇତ୍ୟାଦି (ଦେଖ)
Layan (etc) Nayan etc (See)

ଲୟନ—ସ. ବ—୧ । (ଲୀ ଧାତୁ+ଅଧିକରଣ ଅନ)—ଭବନ; ଗୃହ
Layana —1. Residence, house. ୨ । ବିଶ୍ରାମ ସ୍ଥାନ; ଆଶ୍ରୟ ସ୍ଥାନ—2. Place of shelter or rest. ୩ । (+ଭାବ ଅ) ବିଶ୍ରାମ—3. Rest. ୪ । ଆଶ୍ରୟ ଗ୍ରହଣ—4. Taking shelter.

ଲୟପୁତ୍ରୀ—ସ. ବ. ସ୍ତ୍ରୀ—ନଟୀ; ନର୍ତ୍ତକୀ—
Layaputri A dancing woman.

ଲୟ ରହିବା—ଦେ. ବ—କୌଣସି ବିଷୟ ପ୍ରତି ମନୋଯୋଗ ସ୍ଥିର
Laya rahibā ହୋଇ ରହିବା—Concentration or
[ଲୟ ହେବା—ଅନ୍ୟରୂପ] turning of one's attention
लय आना to a particular matter. (ଯଥା—ମୋର
लय रहना ଅମୁକ ବିଷୟ ପ୍ରତି ଲୟ ରହିପାରୁ ନାହିଁ ।)

ଲୟରେ—ଦେ. କ୍ରି. ବିଣ—ଖୁବ୍ ମନୋଯୋଗ ସହିତ—
Layare Very attentively.
लयसे लयमें

ଲୟସ୍—ଦେ. ବ (ସ. ଲୟ)—୧ । ଲହସ; ଧ୍ୟାନ—1. Attent-
Layas tion. (ଯଥା—ମୋର ଏହି ବିଷୟ ପତି ଲୟସ୍ ରହୁ
लय ପାରୁ ନାହିଁ) ୨ । (ସ. ଲୟ; ତୁଳ. ଫା. ଅୟସ୍)—ଅୟସ;

ଜଯ ବିଳାସ; ସୁଖଭୋଗ—2. Luxury; enjoyment
ଆୟସ (ଯଥା—ସାଥରେ ତାଙ୍କ ନାଠୁଅଠୋବାକୁ ଘର ଲସୁସ୍‌ରେ
ଲସ ରଖିଅଛନ୍ତି ।)

ଲର କୋଲି—ଦେ॰ ବି (ସଂ. ଲବଳୀ) — ନର କୋଳି (ଦେଖ)
Lara koli ନୋୟାଡ଼ି ହରଫେ Narakoli. (See)
(ଲଥ[ହ]ର ବୋଲ — ଅନ୍ୟରୂପ)

ଲରି—ବୈଦେ. ବି (ଇଂ)—ବହୁ ଲୋକ ବସିବା ପାଇଁ ବ୍ୟବହୃତ ଯନ୍ତ୍ରଚାଳିତ ଗାଡ଼ି ଜାନ—Lorry. ପ୍ରାଦେ (ସମ୍ବଲପୁର) ବିଣ—
Lari
ଲରି ୧ । ଛୋଟ (ଡାଳ ବା ଗଛ)—1. Small. (tree or
ଲରୀ,ଲୌରୀ branch). ୨ । କୋମଳ (ଡାଳବା ଗଛ)—2. Soft; tender (tree or branch). ବି —ଗୁଳ୍ମ—Plant.

ଲରି—ଦେ. ବି—ନରି (ଦେଖ)
Lari (ଲରଥ—ଅନ୍ୟରୂପ) Nari. (See)

ଲରିଆ(ହା)—ଦେ. ବି—୧ । ଏକ ପ୍ରକାର ବିକୃତ ହିନ୍ଦୁସ୍ଥାନୀ ଓ ଓଡ଼ିଆ
Lariā(hā) ମିଶା କଥ୍ୟ ଭାଷା—1. A spoken dialect
ଲରିୟା of a mixed language of Hindusthani and
ଲରିଆ Oriya; Lariā. [ଦ୍ର—ଏହା ଛତିଶଗଡ଼, ସମ୍ବଲପୁର ଓ ବିଳାସପୁର ଆଦି ସ୍ଥାନମାନଙ୍କରେ ପ୍ରଚଳିତ । ଏହାକୁ ଗ୍ରୀଅର୍‌ସନ୍ ହିନ୍ଦୁସ୍ଥାନୀର ଗୋଟିଏ ଭାଷା ବୋଲି କହିଅଛନ୍ତି; କିନ୍ତୁ ଏହା ଓଡ଼ିଆ ଭାଷା ପ୍ରଭାବରେ ବିଶେଷ ଭାବରେ ପ୍ରଭାବିତ ।ଲରିଆ ଭାଷାର ଗୋଟିଏ ଦୃଷ୍ଟାନ୍ତ :—"ଏକ୍‌ଠନ୍ ମନ୍‌ଖେକେ ଦୁଠନ୍‌ବେଟା ରହିନ୍ । ଓକର ମାନ୍‌ଲେ ଛୋଟେ ବେଟା ବାପ୍‌ଲା କହିସ୍, ଦଦାଗା ! ସମ୍ପତ୍‌ମ ମୋର୍ ଯତ୍‌କେ ବାଁଟା ପଡ଼୍‌ହି, ତତ୍‌କେ ମୋଲା ବାଁଟା ଦେ । ବାପ୍ ଏଲା ଶୁନ୍‌କେ ଓକର୍ ସମ୍ପତ୍‌ଲା ଅପନ୍ ଦୁନେ ବେଟାକେ ବଟ୍‌ମ ବାଁଟ୍ ଦଦିସ୍ । କେତେକ୍ ଦନ୍‌କେ ପଛୁ ଛୋଟେ ବେଟା ଓକର୍ ବାଁଟମ ଯତ୍‌ବା ସମ୍ପତ୍ ପଡ଼େ ରହିସ୍, ସବ୍‌ଲା ଏକଠୌରମ ସାଙ୍ଗ୍‌କେ ବଦେଶ୍ ଗଇସ୍ ଓ ମେର୍ ଯୌନ୍ ଚୌନ୍ ଖର୍ଚ୍ଚା କରକେ ଭୁଚ୍ ଦନ୍‌ମ ସବ୍ ସମ୍ପତ୍‌ଲା ଉଡ଼ାଏ ଦଦିସ୍ । ଏସ୍‌ନେ ବଖତ୍‌ମ ଓ ଦେଶ୍‌ମ ଦୁର୍ଭିକ୍ଷ୍ ପରିସ୍ ଓ ଲୌକା ଖାଏବ୍‌ର ନୈଖାଏକେ ଓପାସ୍‌ମ ଦୁଃଖ ପାଇସ୍ ।" (Grierson's Linguistic Survey of India)

ଏଥିର ଓଡ଼ିଆ ଅନୁବାଦ :—ଜଣେ ଲୋକର ଦୁଇଟି ପୁଅ ଥିଲେ । ତାଙ୍କ ମଧ୍ୟରୁ ସାନପୁଅ ବାପାକୁ କହିଲା, ବାପା ! ସମ୍ପତ୍ତିରେ ମୋର ଯେତେ ବାଣ୍ଟ ପଡ଼ିବ ସେତିକ ମୋତେ ବାଣ୍ଟି ଦିଅ । ବାପ ଏହା ଶୁଣି ତାର ସମ୍ପତ୍ତିକୁ ଦୁଇ ପୁଅଙ୍କ ମଧ୍ୟରେ ବାଣ୍ଟି ଦେଲା । କେତେ ଦିନ ପରେ ସାନ ପୁଅ ତା ବାଣ୍ଟରେ ଯେତେ ସମ୍ପତ୍ତି ପଡ଼ିଲା, ସବୁକୁ ଏକତ୍ର ରଖି ବିଦେଶ ଗଲା ଓ ସେ ଯା ଇଚ୍ଛା ତା ଖରଚ କରି ଅଳ୍ପ ଦିନେ ସବୁ ସମ୍ପତ୍ତି ଉଡ଼ାଇ ଦେଲା । ଏହି ସମୟରେ ସେ ଦେଶରେ ଦୁର୍ଭିକ୍ଷ ପଡ଼ିଲା ଓ ଲୋକେ ଖାଇବାକୁ ନ ପାଇ ଉପାସରେ ଦୁଃଖ ପାଇଲେ ।" ।]
୨ । ଶବର, ଅଘରିଆ ପ୍ରଭୃତି ଜାତିଙ୍କର ଗୋଟିଏ ଶ୍ରେଣୀ (ଅନ୍ୟ ଶ୍ରେଣୀ ଓଡ଼ିଆ)—2. A sect of the 'Śabara' caste and of the Aghariā caste. [ଦ୍ର—ଏ ଶ୍ରେଣୀର ଲୋକେ ଲରିଆ ଭାଷା ବ୍ୟବହାର କରନ୍ତି ଓ ଓଡ଼ିଆ ଶ୍ରେଣୀର ଲୋକେ ଓଡ଼ିଆ ଭାଷା ବ୍ୟବହାର କରନ୍ତି ।]

ଲଲ୍ (ଧାତୁ)—ସ—୧ । କଟାକ୍ଷାଦି ଭଙ୍ଗୀ ବା ବିଳାସ ପ୍ରଦର୍ଶନ କରିବା—
Lal (root) 1. To glance sportively. ୨ । କ୍ରୀଡ଼ା କରିବା—2. To sport; to play. ୩ । ଇଚ୍ଛା କରିବା—3. To wish or desire. ୪ । ପ୍ରାପ୍ତି ପାଇଁ ବାଞ୍ଛା କରିବା—4. To hanker after; to long for. ୫ । (ଜିଭ)ହଲାଇବା—5. To loll or wag (the tongue).

ଲଲ—ସ. ବି (ଲଲ୍ ଧାତୁ+ଭାବ.ଅ)—୧ । ପ୍ରାପ୍ତୀଚ୍ଛା—
Lala 1. Hankering after a thing. ୨ । ହଲାଇବା—2. Lolling; wagging. (M. W) ୩ । (+କର୍ତ୍ତୃ. ଅ) ପଲ୍ଲବ—3. Shoot; sprout. (M. W). ୪ । (+ଅଧି ଅ) ବଗିଚା—4. Garden. (M. W). ସ ବିଣ—୧ । କ୍ରୀଡ଼ାପ୍ରିୟ—1. Sportive; playful. (M. W) ୨ । ଇଚ୍ଛୁକ—2. Desirous; wishing (M. W)

ଲଲଜ୍ଜିହ୍ୱ—ସ. ବିଣ. ପୁଂ (ବହୁବ୍ରୀହି; ଲଲତ୍=ଦୋଲାୟମାନ+
Lalajjihwā ଜିହ୍ୱା)—୧ । ଯାହାର ଜିଭ ଲଡ଼ଲଡ଼ ବା
(ଲଲଜ୍ଜିହ୍ୱା—ସ୍ତ୍ରୀ) ଲହଲହ ହେଉଥାଏ; ଯାହାର ଜିଭ ନଡ଼ବା—1. Having a lolling or wagging tongue; with the tongue hanging out or lopping. ୨ । ରକ୍ତଲୋଲୁପ; ହିଂସ୍ର (ଜନ୍ତୁ); ଭୟଙ୍କର—2. Ferocious; blood thirsty; ravenous (animals). ବି—୧ । କୁକୁର—1. The dog. ୨ । ଉଷ୍ଟ୍ର; ଓଟ—2. The camel.

ଲଲତ୍‌କର୍ଣ୍ଣ—ସ. ବିଣ. ପୁଂ (ବହୁବ୍ରୀହି; ଲଲତ୍=ଝୁଲୁଥିବା+କର୍ଣ୍ଣ
Lalat-karnna ଯାହାର)—ଯାହାର କାନ ଲଡ଼ିକି ପଡ଼ିଥାଏ;
(ଲଲତ୍‌କର୍ଣ୍ଣୀ—ସ୍ତ୍ରୀ) କାନଲଡ଼ିବା; ଲଡ଼ିବା କାନଥିବା—Having hanging or drooping ears; lope-ared.

ଲଲାଟିଗିରି—ଦେ. ବି—ନଲାଟିଗିରି (ଦେଖ)
Lalatigiri Nalatigiri. (See)

ଲଲନ୍—ସ. ବିଣ. ପୁଂ (ଲଲତ୍ ଶବ୍ଦ; ଲଡ଼୍ ଧାତୁ=ବିଚଳିତ
Lalan ହେବା +କର୍ତ୍ତୃ. ଅତ୍)—୧ । କମ୍ପମାନ—1. Trembling; quaking. ୨ । ଦୋଲାୟମାନ; ଝୁଲୁଥିବା—2. Hanging; lopping; oscillating; hanging down. ୩ । ଲେଲିହାନ; ଚାଟୁଥିବା—3. Lick-

ing. ४ । ଲୋଲୁପ; ଲାଳସାଯୁକ୍ତ—4. Hankering. ୫ । ବିଳାସଯୁକ୍ତ—5. Sporting; amatory.

ଲଳନ—ସଂ. ବି (ଲଲ୍ ଧାତୁ+ଭାବ. ଅନ)—୧ । ବିଳାସ—
Lalana 1. Sport. ୨ । କେଳି—2. Amorous play; dalliance. ୩ । ଅସ୍ଥିରତା—3, Restlessness. ୪ । ଦୋଳନ; କମ୍ପନ; ଲଡ଼ଲଡ଼ ହେବା—4, Oscillating; shaking; lopping. ୫ । ଝୁଲିବା—5, Hanging. ୬ । (+କର୍ମ. ଅନ) ବାଳ;ବାଳକ—6, Boy. ୭ । ଗେହ୍ଲା ବାଳକ (ହ୍ରି. ଶ)—7, A much fondled boy. ୮ । (ସ୍ନେହସୂଚକ) ପ୍ରିୟ ପତି ବା ନାୟକ—8, Beloved husband or gallant. ୯ । ଅସନ ଗଛ—9, Buchanonia Latifolia (tree) (M, W). ୧୦ । ଶାଳ ଗଛ (ହ୍ରି. ଶ)—10, Shorea Roubsta (tree); Vatica Robusta (M, W),

ଲଳନା—ସଂ.ବି. ସ୍ତ୍ରୀ (ଲଲ୍ ଧାତୁ=କଟାକ୍ଷ ଭଙ୍ଗୀ ବା ବିଳାସ ପ୍ରଦର୍ଶନ
Lalanā କରିବା+କର୍ତ୍ତୃ. ଅନ+ସ୍ତ୍ରୀ. ଆ)—୧ । ନାରୀ, ସ୍ତ୍ରୀ—1. Woman. ୨ । ପତ୍ନୀ; ସ୍ତ୍ରୀ—2. Wife. ୩ । କାନ୍ତା—3, Mistress. ୪ । ସୁକୁମାରାଙ୍ଗୀ ନାରୀ—4, A tender or slender-bodied lady. ୫ । ଜିହ୍ୱା; ଜିଭ—5. Tongue. ୬ । ଚପଳା ସ୍ତ୍ରୀ—6. A wanton woman (M. W). ୭ । ଏକ ବର୍ଣ୍ଣବୃତ୍ତ (ଏଥିର ପ୍ରତ୍ୟେକ ଚରଣରେ ଭଗଣ, ମଗଣ ଓ ୨ସଗଣ ଥାଏ) (ହ୍ରି. ଶ)—7. Name of a metre.

ଲଳନା ପ୍ରିୟ—ସଂ. ବିଣ. ପୁଂ—୧ । ନାରୀପ୍ରିୟ—1. Loving
Lalanā priya women; fond of women. ୨ । ପତ୍ନୀଭକ୍ତ—2. Devoted to one's own wife; uxorious. ସଂ. ବି—୧ । କଦମ୍ବ—1. A tree; Neucles Kadamba. ୨ । ଭୂମିବେର; କୁରୁବେଲ—2. A plant; Pavonia Odorata. ୩ । ବଳା, ଗନ୍ଧଦ୍ରବ୍ୟ ବିଶେଷ;ବାଡ଼ିଅଁଳା ଗୁଳ୍ମ ('ବଳା' ଦେଖ)—3, Sida Cordifolia. ୪ । ପ୍ରସାରଣୀ ଲତା (ଦେଖ)-4. Prasārinī latā. (See)

ଲଳନିକା—ସଂ. ବି (ଲଳନା+କ+ଆ)—ଲଳନା; ସ୍ତ୍ରୀ—
Lalanikā Woman.

ଲଳନ୍ତିକା—ସଂ. ବି. ସ୍ତ୍ରୀ (ଲଳତ୍=ଝୁଲୁଥିବା+କ+ସ୍ତ୍ରୀ. ଆ,
Lalantikā କପାଳନ)—୧ । ନାଭି ଦେଶ ପର୍ଯ୍ୟନ୍ତ ଲମ୍ବିଥିବା ହାର—1, A neklace reaching the navel. ୨ । ଏଣ୍ଡୁଅ—2. Chameleon; lizard. (M. W) ୩ । ଗୋଧି (ହ୍ରି. ଶ)—3, Iguana.

ଲଲ୍ଲ—ସଂ. ବି (ଧ୍ୱନ୍ୟନୁକରଣ)—ଅସ୍ପଷ୍ଟ ବା ତତଲେଟ ଉଚ୍ଚାରଣ—
Lalalla Indistinct or lisping utterance (M. W).

ଲଲା—ଗ୍ରାଦେ. (ସମ୍ବଲପୁର) ବିଣ. (ସଂ. ଲାଲସା)—୧ । ଅତ୍ୟନ୍ତ
Lalā ଅତୃପ୍ତ—1, Very much dissatisfied. ୨। ଅତ୍ୟନ୍ତ ଲାଳାୟିତ—8. Hankering.

ଲଲାକ—ସଂ. ବି (ଲଲ୍ ଧାତୁ+ଭାବ. ଅକ)—୧ । ମୋହନ; ମୁଗ୍ଧ
Lalāka କରିବା—1. Charming; fascinating. ୨। (+କର୍ତ୍ତୃ. ଅକ) ଶିଶ୍ନ; ଲିଙ୍ଗ—2, Penis. ସ. ବିଣ. ପୁଂ—[ଲଲାକା—ସ୍ତ୍ରୀ] ମୋହକାରୀ—Fascinating.

ଲଲାଟ—ସଂ. ବି (ଲଲ୍ ଧାତୁ+ଅ=ଲଲ+ଅଟ୍ ଧାତୁ=ଗମନ
Lalāṭa କରିବା+ଅ)—୧ । କପୋଳ; ମସ୍ତକର ଭ୍ରୂପର୍ଯ୍ୟନ୍ତ ସମ୍ମୁଖ ଭାଗ; ଭାଲ—1. Brow; forehead. ୨ । ଅଦୃଷ୍ଟ; ଭାଗ୍ୟ; କର୍ମ—8, Fate, luck, destiny. [ଦ୍ର—'ଅଦୃଷ୍ଟ' ମନୁଷ୍ୟର କପାଳରେ ବିଧାତାଙ୍କଦ୍ୱାରା ଲେଖା ଥିବା ହିନ୍ଦୁମାନେ ବିଶ୍ୱାସ କରନ୍ତି ।]

ଲଲାଟକ—ସଂ. ବି (ଲଲାଟ+କ)—୧ । କପାଳ—1. Forehead.
Lalāṭka ୨ । ପ୍ରଶସ୍ତ କପାଳ—2. A broad or graceful forehead; broad brow (M. W).

ଲଲାଟ ତଟ—ସଂ. ବି (୬ଷ୍ଠୀ ତତ୍)—ଲଲାଟର ଗଡ଼ାଣିଆ ଅଂଶ—
Lalāṭa taṭa The slope of the forehead. (M.W)

ଲଲାଟ ଦେଶ—ସଂ. ବି (ରୂପକ)—ଲଲାଟ; କପାଳ—
Lalāṭa desa Brow; forehead.
[ଲଲାଟ ପଟଳ—ଅନ୍ୟରୂପ]

ଲଲାଟନ୍ତପ—ସଂ. ବିଣ (ଲଲାଟମ୍=ଲଲାଟକୁ+ତପ୍ ଧାତୁ=ତାପ
Lalāṭantapa ଦେବା+କର୍ତ୍ତୃ. ଅ)—ସାହାର୍ଦ୍ଦ କପାଳକୁ ତାପେ—Scorching the brow or forehead. ସ. ବି—ସୂର୍ଯ୍ୟ—The sun.

ଲଲାଟ ପଟ—ଦେ. ବି (ସଂ. ଲଲାଟ ପଟ୍ଟ)—ଲଲାଟପଟ୍ଟ (ଦେଖ)
Lalāṭa pata Lalāṭapaṭṭa. (See)
ললাটপট ललाटपट

ଲଲାଟପଟ୍ଟ—ସଂ. ବି (ରୂପକ କର୍ମଧାରୟ)—ଭାଲପଟ୍ଟ—Forehead
Lalāṭa paṭṭa compared to a tablet; the flat surface of the forehead (M. W). [ଲଲାଟପଟ୍ଟକ, ଲଲାଟଫଳକ—ଅନ୍ୟରୂପ] [ଦ୍ର—ଏହା ଉପରେ ବିଧାତା ଶିଶୁର ଜନ୍ମର ୬ଷ୍ଠଦିନ ଭବିଷ୍ୟତ୍ ଜୀବନର ଘଟନାବଳୀ ଲେଖିଦିଅନ୍ତି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ।]

ଲଲାଟ ରେ(ଲେ)ଖା—ସ.ବି (୬ଷ୍ଠୀ ତତ୍)—ଲଲାଟ ଲେଖନ (ଦେଖ)
Lalāṭa re(le)khā Lalāṭalikhana. (See)

ଲଲାଟ ଲି(ଲେ)ଖନ—ସଂ. ବି—୧ । କପାଳଲିଖନ; ଅଦୃଷ୍ଟଲିପି; ଯେଉଁ
Lalāṭali(le)khana ବିଷୟ ମନୁଷ୍ୟର କପାଳରେ ଲେଖାଥାଏ [ଲଲାଟଲିପି—ଅନ୍ୟରୂପ] ଓ ଯାହା ଅବଶ୍ୟ ଘଟିବ—1. The ordinance of destiny; the writings of Brahmā on one's forehead. ୨ । ଅବଶ୍ୟମ୍ଭାବୀ ଘଟଣା—2, An inevitable incident.

ଲଲାଟ ଲିଖିତ—ସଂ. ବିଣ (୭ମୀ ତତ୍)—ମନୁଷ୍ୟର କପାଳରେ ବ୍ରହ୍ମାଙ୍କ
Lalāṭa likhita ଦ୍ୱାରା ଲିଖିତ (ମନୁଷ୍ୟର ଭାଗ୍ୟ ଜୀବନର
ଶୁଭାଶୁଭ)—(one's fate) Written by Brahmā
on the forehead; preordained.

ଲଲାଟାକ୍ଷ—ସଂ. ବିଣ. ପୁଂ (ବହୁବ୍ରୀହି)—ଯାହା ଲଲାଟରେ ଅକ୍ଷି ଥାଏ—
Lalāṭākha Having an eye on the forehead,
[ଲଲାଟାକ୍ଷୀ—ସ୍ତ୍ରୀ] ସଂ. ବି. ପୁଂ—ଶିବ—Śiba.

ଲଲାଟାସ୍ଥି—ସଂ. ବି (ଶରୀର ବିଜ୍ଞାନ)—କପାଳର ସମ୍ମୁଖସ୍ଥ ହାଡ଼—
Lalāṭāsthi (Anatomy) The frontal bone,

ଲଲାଟିକା—ସଂ. ବି (ଲଲାଟକ+ଆ)—୧ । ଲଲାଟର ଅଳଙ୍କାର-
Lalāṭikā ବିଶେଷ; ମାଙ୍ଗଟୀକା—1. An ornament for
the forehead. ୨ । ତିଳକ; ଚିହ୍ନ—2. A mark
or painting done on the forehead. ୩ ।
ସ୍ତ୍ରୀମାନଙ୍କ କପାଳରେ ପିନ୍ଧାଯିବା ପଟୀ; ଅଳକା—
3. Tiara, fillet (M. W)

ଲଲାଟୂଳ—ସଂ. ବିଣ. ପୁଂ (ଲଲାଟ+ଊଳ)—ପ୍ରଶସ୍ତ ବା ଉଚ୍ଚକପାଳଯୁକ୍ତ-
Lalāṭula Having a high or protruding fore-
[ଲଲାଟୂଳା—ସ୍ତ୍ରୀ] head (M, W).

ଲଲାଟ୍ୟ—ସଂ. ବିଣ (ଲଲାଟ+ଯ)—୧ । ଲଲାଟ ସମ୍ବନ୍ଧୀୟ—
Lalāṭya 1, Belonging to the forehead; frontal
(M, W). ୨ । ଲଲାଟରେ ପିନ୍ଧାଯିବାର ବା ଦେଖାଯିବା
ପାଇଁ ଉପଯୁକ୍ତ—2, Suitable for the forehead
(M, W).

ଲଲାମ—ସଂ. ବି (ଲଲାମନ୍ ଶବ୍ଦ; ଲଲ୍ ଧାତୁ=କ୍ରୀଡ଼ା କରିବା+ଅମ;
Lalāma ଲଲାମ+ଅନ୍; ୧ମା. ୧ବ, ସଂସ୍କୃତରେ ଲଲାମ ଓ
ଲଲାମନ୍ ଦୁଇଟି ଶବ୍ଦ ଅଛି)—୧ । ଲଲାଟର ଭୂଷଣ;
ଲଲାଟିକା—1, An ornament for the fore-
head. ୨ । ଲଲାଟସ୍ଥିତ ତିଳକ ଚିହ୍ନ; ପୁଣ୍ଡ୍ର—A, A
painted mark on the forehed; a secta-
rian mark painted on the forehead. ୩ ।
ଅଶ୍ୱ ବା ବୃଷର ଲଲାଟସ୍ଥିତ ରଞ୍ଜିତ ଚିହ୍ନ—1. A colo-
ured mark on the forehead of an ox
or horse. ୪ । ଚିହ୍ନ—4, Mark. ୫ । ଶୃଙ୍ଗ—
5, Horn. ୬ । ପୁଚ୍ଛ—6, Tail (M, W). ୭ ।
ଧ୍ୱଜ; ପତାକା—7, Flag, ୮ । ପ୍ରଭାବ—8, Power,
୯ । ନାମ—9, Name. ୧୦ । ଶ୍ରେଣୀ—10, Row;
range. ୧୧ । ହାତୀର ଶୁଣ୍ଢ—11, Trunk of an
elephant. ୧୨ । ପ୍ରଧାନ ବ୍ୟକ୍ତି—12, A chief;
headman. ୧୩ । ରତ୍ନ (ହି. ଶ)—13, Gem,
୧୪ । ଘୋଡ଼ା (ହି. ଶ.)—14. Horse. ୧୫ ।
ଘୋଡ଼ାର ଗହଣା ବା ସାଜ (ହି. ଶ.)—15. The
trappings of a horse. ୧୬ । ଘୋଡ଼ାର ଓ ସିଂହର
ବେକ ଉପରର କେଶ; କେଶର—16. The mane
of the horse and the lion.
ବିଣ.—୧ । ଶ୍ରେଷ୍ଠ—1. Chief; prominent;
୨ । ମନୋଜ୍ଞ; ସୁନ୍ଦର; ରମ୍ୟ, ରମଣୀୟ—2. Beauti-
ful; charming; pleasing. ୩ । ନାଲିଆ—
3. Red. ୪ । ଲଲାଟରେ ଚିହ୍ନଯୁକ୍ତ—4. Having
a sign or mark on the forehead (M-W).

ଲଲାମକ—ସଂ. ବି—(ଲଲାମ+କ)—୧ । ଲଲାଟଶୋଭି ମାଲ୍ୟ—
Lalāmaka 1. A wreath worn round the brow;
a chaplet; ୨ । ଲଲାମ (ଦେଖ)
2. Lalāma (See)

ଲଲାମଗୁ—ସଂ. ବି—ଶିଶ୍ନ—
Lalāmagu Penis (M. W)

ଲଲାମଭୂତ—ସଂ.ବିଣ—ଯେ ଲଲାମ (ଶ୍ରେଷ୍ଠ ବା ମନୋଜ୍ଞ) ହୋଇଅଛି—
Lalāmabhūta One who has become prominent
(ଲଲାମଭୂତା—ସ୍ତ୍ରୀ) or graceful; occupying a posi-
tion of prominence or grace. (ଯଥା—
ସୀତା ଲଳନାମାନଙ୍କ ଲଲାମଭୂତା ଥିଲେ ।)

ଲଲାମୀ—ସଂ. ବି—(ଲଲ୍ ଧାତୁ+କର୍ତ୍ତୃ. ଅମ+ଈ)—୧ । ଦୋଳା-
Lalāmī ମାନ କର୍ଣ୍ଣଭୂଷଣ ବିଶେଷ; ଝୁମୁକା—1. A pendant
ear ring. ୨ । କୁଣ୍ଡୁକା—2. A pendant
for the upper ear. ୩ । ସୌନ୍ଦର୍ଯ୍ୟ (ହି. ଶ)—3.
Beauty; grace. ୪ । ନାଲି ରଙ୍ଗ (ହି. ଶ)—
4. Red colour. ସଂ. ବିଣ. ସ୍ତ୍ରୀ—(ଲଲାମ+ଈ)—
ଲଲାମର ସ୍ତ୍ରୀଲିଙ୍ଗ—Feminine of Lalāma
(See)

ଲଳିତ—ସଂ. ବିଣ—(ଲଲ୍ ଧାତୁ=ବିଳାସ କରିବା+କର୍ତ୍ତୃ ତ)—
Lalita ୧ । ମନୋହର; ସୁନ୍ଦର—1. Graceful; lovely;
(ଲଳିତା—ସ୍ତ୍ରୀ) charming. ୨ । କୋମଳ; ସୁକୁମାର—
2. Soft; gentle. ୩ । ପ୍ରିୟ—3. Dear. ୪ ।
ବାଞ୍ଛିତ; ଇପ୍ସିତ—4. Wished for; desired.
୫ । ଦୋଳାୟମାନ—5. Waving; hanging. ୬ ।
ଚଞ୍ଚଳ—5. Restless; fickle; wavering.
୭ । କମ୍ପମାନ—7. Quivering; tremulous
(M. W). ୮ । ନିର୍ଦ୍ଦୋଷ—8. Innocene
ବି.—୧ । ବିଳାସ—1; Sport; dalliance
୨ । କ୍ରୀଡ଼ା—2. Play; pastime. ୩ । ଲାସ୍ୟ
ସ୍ତ୍ରୀ ନୃତ୍ୟ—3. Dancing of females. ୪ ।
ଗତି; ଚଳନ—4. Movement, walking. ୫ ।
ହାର ବିଶେଷ—5. A sort of necklace. ୬ ।
ସ୍ତ୍ରୀ ଗୃହ; ଅନ୍ଦର ମହଲ—6, Female apartment.
୭ । ଷାଡ଼ବ ଜାତୀୟ ରାଗିଣୀ ବିଶେଷ—7. One of
the secondary musical tunes. [୯—

ଏହା ବୈଦିକ ସ୍ୱରର ପୁତ୍ର, ଏଥିରେ ନିଷାଦ ସ୍ୱର ଲାଗେନାହିଁ, ଓ ଧୈବତ ଏବଂ ଗାନ୍ଧାର ଛଡ଼ା ଅନ୍ୟ ସବୁ କୋମଳ ସ୍ୱର ଲାଗେ । ଏଥିର ଗାଇବା ସମୟ ପ୍ରାତଃକାଳ। (ହି. ଷ.) ୮ । ସ୍ତ୍ରୀମାନଙ୍କର ଶୃଙ୍ଗାର ଭାବ ବିଶେଷ; ସ୍ତ୍ରୀ ପୁରୁଷକୁ ଦେଖି ପ୍ରକାଶ କରିବା କାମ ଚେଷ୍ଟାସୂଚକ ମୁଖ, ବକ୍ଷ ଚେଷ୍ଟା; ହାବ ଭଙ୍ଗୀ ବିଶେଷ; ସ୍ତ୍ରୀ ଲୋକର ଶୃଙ୍ଗାରସୂଚକ କ୍ରିୟା ବିଶେଷ—8. Amourous or languid signs or gestures made by a woman towards a lover; a woman's expression of amorous inclination by signs. ୯ । ଏକ ବର୍ଣ୍ଣ ବୃତ୍ତ—8. Name of an irregular metre [ଦ୍ର—ଏଥିରେ ପ୍ରଥମ ଚରଣରେ ୧୦, ୨ୟ ଚରଣରେ ୧୦, ୩ୟ ଚରଣରେ ୧୨ ଓ ଚତୁର୍ଥରେ ୧୮ ବର୍ଣ୍ଣ ଥାଏ (ହି. ଷ.) ୯ । ସୌନ୍ଦର୍ଯ୍ୟ; ମନୋହାରିତା—2. Beauty; grace (Apte). ୧୦ । ସ୍ୱଭାବିକ କର୍ମ—10. Any natural or artless act (Apte). ୧୧ । ସରଳତା—11, Simplicity (Apte). ୧୨ । ନିର୍ଦ୍ଦୋଷତା—12. Innocence (Apte).

ଲଳିତ କଳା—ସଂ. ବି (ଅଧୁନିକ ପ୍ରୟୋଗ)—ସୂକ୍ଷ୍ମକଳା (ଦେଖ)—
Lalita kalā Sūkshmakalā (See)

ଲଳିତକାନ୍ତା—ସଂ. ବି. ସ୍ତ୍ରୀ—ମଙ୍ଗଳଚଣ୍ଡୀ; ଦୁର୍ଗାଙ୍କ ଅବତାର ବିଶେଷ
Lalita kāntā One of the incarnations or forms of Goddess Durgā.

ଲଳିତ କାମୋଦୀ—ଦେ. ବି—ସଙ୍ଗୀତ ରାଗ ବିଶେଷ—
Lalita kāmodi Name of a musical tune.
[ଦ୍ର—ରାଗ ତଳେ ନୋଟ ଦେଖ ।]

ଲଳିତ(ତି) ଗିରି—ଦେ. ବି—ନଳାଟିଗିରି (ଦେଖ)
Lalita(ti)giri Nalatigiri (See)
[ଦ୍ର—ଯୋଗାଏ ଚନ୍ଦନ-ଶ୍ରେଷ୍ଠ ଗାଇଡ଼ିବ, ଲଳିତଗିରି ଚନ୍ଦନ । ରାଧାନାଥ. ପାର୍ବତୀ ।]

ଲଳିତ ପଦ—ସଂ. ବି—୧ ।(କର୍ମଧା)—ମନୋହର ପଦ ବା ବାକ୍ୟ
Lalita pada 1. Graceful words. ୨ । (ବହୁବ୍ରୀହି) ଏକ ମାତ୍ରିକ ଛନ୍ଦ—2. A Sanscrit syllabic metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୧୬+୧୨=୨୮ ମାତ୍ରା ଥାଏ, ଅନ୍ତରେ ଦୁଇଟି ଗୁରୁ ବର୍ଣ୍ଣ ଥାଏ । (ହି. ଷ.)]. ସଂ. ବିଣ.—(ବହୁବ୍ରୀହି)—ଯହିଁରେ ସୁନ୍ଦର ପଦ ବା ଶବ୍ଦ ଥାଏ—Containing graceful words; elegantly composed (M.W.)

ଲଳିତ ବନିତା—ସଂ. ବି. ସ୍ତ୍ରୀ (କର୍ମ ଧା)—ସୁନ୍ଦରୀ ସ୍ତ୍ରୀ—
Lalita banita A lovely woman (M.W).

ଲଳିତ ବିସ୍ତର—ସଂ. ବି—ଖ୍ରୀଷ୍ଟ ପଞ୍ଚମ ଶତାବ୍ଦୀରେ ରଚିତ ବୌଦ୍ଧମାନଙ୍କ
Lalila bistara ଧର୍ମଶାସ୍ତ୍ର ବିଶେଷ—A religious book (ଲଳିତ ପୁରାଣ—ଅନ୍ୟନାମ) on Buddhism. [ଦ୍ର—ଏ ଗ୍ରନ୍ଥରେ ବୁଦ୍ଧଦେବଙ୍କ ଜୀବନଚରିତ ଓ ଭାରତର ବୌଦ୍ଧ ରାଜାମାନଙ୍କର କେତେକ ବିବରଣ ମଧ୍ୟ ଲେଖା ଅଛି ଏବଂ ଏଥିରେ ଭାରତବର୍ଷରେ ୬୪ ପ୍ରକାର ଲିପି ଓ ଭାଷାଥିବାର କଥିତ ଅଛି ।]

ଲଳିତରେ—ଦେ. (ପଦ୍ୟ) କ୍ରି. ବିଣ—ମଧୁର ଭାବରେ—
Lalitare ललिते ललित Sweetly; melodiously. (ଦ୍ର—ବେଦନ ରାଜି ଶେଷେ କହି ଦୁର୍ଯ୍ୟୋଧନ, ଅଗରେ ଲଳିତରେ କହିଲେ ବଚନ । କୃଷ୍ଣସିଂ. ମହାଭାରତ ।)

ଲଳିତ ଲୋଚନ—ସଂ. ବିଣ. ପୁଂ—(ବହୁବ୍ରୀହି) ସୁନ୍ଦର ନେତ୍ର ବିଶିଷ୍ଟ--
Lalita lochana Having lovely eyes (M.W).

ଲଳିତା—ସଂ. ବିଣ. ସ୍ତ୍ରୀ (ଲଳିତର ସ୍ତ୍ରୀଲିଙ୍ଗ)—ଲଳିତ (ଦେଖ)—
Lalitā Lalita (See) ବି. ସ୍ତ୍ରୀ—୧ । ଦୁର୍ଗା—1. Goddess Durgā. ୨ । ରାଧାଙ୍କ ଅଷ୍ଟ ସହଚରୀ ମଧ୍ୟରେ ପ୍ରଧାନା ସଖୀ—2. One of the female companions of Radhikā. [ଦ୍ର—ଶ୍ରୀକୃଷ୍ଣଙ୍କ ପ୍ରିୟତମା ରାଧିକାଙ୍କର ଅଠଜଣ ସହଚରୀ ମଧ୍ୟରୁ ଏ ଜଣେ ଥିଲେ ।] ୩ । ମୃଗନାଭି; କସ୍ତୁରୀ—3. Musk. ୪ । ପଦ୍ମପୁରାଣୋକ୍ତ ନଦୀ ବିଶେଷ—4. Name of a river. [ଦ୍ର—କାଳିକାପୁରାଣରେ ଲେଖା ଅଛି ଯେ, ବଶିଷ୍ଠଙ୍କ ଶାପରୁ ବଶିଷ୍ଠ ଦେହତ୍ୟାଗ କରିବା ସମୟରେ ସେ କାମରୂପ ଦେଶର ସନ୍ଧ୍ୟାଚଳ ପର୍ବତରେ ଘୋର ତପସ୍ୟା କଲେ । ଏଥିର ବିଷ୍ଣୁ ପ୍ରସନ୍ନ ହୋଇ ବର ଦେଲେ । ବରପ୍ରଭାବରୁ ବଶିଷ୍ଠ ଗୋଟିଏ ଅମୃତକୁଣ୍ଡ ନିର୍ମାଣ କଲେ । ଏହି କୁଣ୍ଡର ଦ୍ୱାରରେ ଲଳିତା ନାମରେ ଏକ ନଦୀ ଅଛି । ଏହି ନଦୀକୁ ଶିବ ମର୍ତ୍ତ୍ୟକୁ ଆଣିଥିଲେ । ବୈଶାଖ ଶୁକ୍ଳା ତୃତୀୟା ଦିନ ଏଥିରେ ସ୍ନାନ କରିବା ମହାପୁଣ୍ୟମୟ ଅଟେ (ହି. ଷ.)] —୫ । ଲଲନା; ନାରୀ—5. Woman; a female. ୬ । ରାଗିଣୀ ବିଶେଷ (ବସନ୍ତ ରାଗର ଓ ମତାନ୍ତରରେ ମେଘରାଗର ଭାର୍ଯ୍ୟା)—6. Name of a secondary musieal tune in Hindu music ୭ । ଏକ ବର୍ଣ୍ଣ ବୃତ୍ତ (ହି. ଷ.)—6. Name of a metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ତଗଣ, ଭଗଣ, ଜଗଣ ଓ ରଗଣ ଥାଏ ।] ଦେ. ବି. ସ୍ତ୍ରୀ—୧ । ସ୍ତ୍ରୀ ଲୋକଙ୍କୁ ଡାକିବା ନାମ—1. A name given to females. ୨ । (ସଂ. ନାଳିତା) ନଳିତା; ଝୋଟ ଗଛ—2. The jute plant.

ଲଳିତାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି) – ସୁନ୍ଦର ଅଙ୍ଗବିଶିଷ୍ଟ—
Lalitānga Having graceful limbs or body (ଲଳିତାଙ୍ଗୀ—ସ୍ତ୍ରୀ) (M. W.).

ଲଳିତା ପଞ୍ଚମୀ—ସଂ. ବି—ଆଶ୍ୱିନ ଶୁକ୍ଳା ପଞ୍ଚମୀ [ଦ୍ର—ଏଥିରେ ଦୁର୍ଗାଙ୍କର
Lalitā panchami ପୂଜା ହୁଏ (ହି. ଷ.)]—The 5th day of the bright lunar fortnight of Āswina.

ଲଳିତାଭିନୟ—ସଂ. ବି (କର୍ମଧା)—ପ୍ରେମ ସମ୍ବନ୍ଧୀୟ ଅଭିନୟ—
Lalitābhinaya Erotic performance; representation of love scenes (M. W.)

ଲଳିତାଷଷ୍ଠୀ—ସଂ. ବି—ଭାଦ୍ର କୃଷ୍ଣ ଷଷ୍ଠୀ—The 6th day of the
Lalitā shashṭhi dark lunar fortnight of Bhādra. [ଦ୍ର—ଏ ଦିନରେ ସ୍ତ୍ରୀମାନେ ପୁତ୍ର କାମନାରେ ଓ ପୁତ୍ରର ମଙ୍ଗଳାର୍ଥ ଦୁର୍ଗାଙ୍କର ପୂଜା କରନ୍ତି ଓ ଉପବାସ ଓ ବ୍ରତ କରନ୍ତି ।]

ଲଳିତାର୍ଥ—ସଂ. ବିଣ (ବହୁବ୍ରୀହି)—ପ୍ରେମମୟ ଅର୍ଥ ବିଶିଷ୍ଟ—
Lalitārtha Having amorous meaning (M. W.)

ଲଳିତା ସପ୍ତମୀ—ସଂ. ବି—ଭାଦ୍ର ଶୁକ୍ଳ ସପ୍ତମୀ ତିଥି ଓ ସେ ଦିନ
Lalitā saptami ଅନୁଷ୍ଠେୟ ବ୍ରତ; ଭୁକ୍ତାଭରଣ ବ୍ରତ; ଭୁକ୍ତାଭରଣ ସପ୍ତମୀ; କୋଜାଗର ବ୍ରତ—The 7th day of the bright lunar fortnight of Bhādra. [ଦ୍ର—ଏ ଦିନ ସ୍ତ୍ରୀମାନଙ୍କର ଓଷା । ବ୍ରତଧାରଣୀମାନେ ବାହୁରେ ଗୋଟିଏ ଡୋରି ବାନ୍ଧନ୍ତି । ଏହି ଦିନଠାରୁ ସୋମନାଥବ୍ରତ ଆରମ୍ଭ କରାଯାଏ ।]

ଲଳିତାସ୍ୟ—ସଂ. ବିଣ. ପୁଂ (ବହୁବ୍ରୀହି, ଲଳିତ ଅଟେ ଆସ୍ୟ=ମୁଖ
Lalitāsya ଯାହାର)—ସୁନ୍ଦର ମୁଖ ଯୁକ୍ତ—Fair-faced.
(ଲଳିତାସ୍ୟା—ସ୍ତ୍ରୀ)

ଲଳିତୋପମା—ସଂ. ବି—ଉପମାଲଙ୍କାର ବିଶେଷ—A figure of
Lalitopamā speech; a kind of simile.
[ଦ୍ର—ଏଥିରେ ଉପମେୟ ଓ ଉପମାନର ସମତା ଦେଖାଇବା ପାଇଁ ସମ, ସମାନ, ସଦୃଶ, ତୁଲ୍ୟ ଆଦି ଶବ୍ଦମାନ ନ ରଖି ଏପରି ଶବ୍ଦ ପ୍ରୟୋଗ କରାଯାଏ, ଯହିଁରୁ ସମାନତା, ମିତ୍ରତା, ନିରାଦର, ଈର୍ଷ୍ୟା ଆଦି ଭାବ ପ୍ରକଟିତ ହୁଏ—ହି. ଶ]

ଲଲେଇ—ପ୍ରାଦେ (ସମ୍ବଲପୁର, ଲଇଥି) ବିଣ—ଅତ୍ୟନ୍ତ ଲାଳାୟିତ—
Lalei Longing; hankering.

ଲଲେଇ ହେବା—ପ୍ରାଦେ (ସମ୍ବଲପୁର) କ୍ରି—ଗ୍ରାସାଚ୍ଛାଦନ ଅଭାବରୁ
Lalei hebā ଅନ୍ୟର ଦ୍ୱାରସ୍ଥ ହୋଇ ଲାଳାୟିତ ହେବା—To go to another's door and linger there for a morsel of food or a piece of cloth.

ଲଲ୍ଲ—ସଂ. ବି—ପ୍ରାଚୀନଭାରତର ଜଣେ ପ୍ରସିଦ୍ଧ ହିନ୍ଦୁ ଜ୍ୟୋତିଷୀ—
Lalla Name of a famous Hindu astronomer of ancient India. [ଦ୍ର—ଲଲ୍ଲସିଦ୍ଧାନ୍ତ ଏହାଙ୍କ ସଙ୍କଳିତ ଗ୍ରନ୍ଥ ଅଟେ ।]

ଲଲ୍ଲର—ସଂ. ବିଣ. ପୁଂ (ଧ୍ୱନ୍ୟନୁକରଣ)—ଖନା—
Lallara (ଲଲ୍ଲରା—ସ୍ତ୍ରୀ) Stammering (M. W).

ଲଲ୍ଲ ସିଦ୍ଧାନ୍ତ—ସଂ. ବି—ପ୍ରସିଦ୍ଧ ହିନ୍ଦୁ ଜ୍ୟୋତିଷୀ ଲଲ୍ଲଙ୍କ ରଚିତ
Lalla siddhānta ଜ୍ୟୋତିଷଗ୍ରନ୍ଥ ବିଶେଷ—Name of an astrological work by 'Lalla', the great Hindu astronomer.

ଲୱାଜିମା—ବୈଦେ. ବି (ଅ)—ଲଉଅଜିମା (ଦେଖ)
Lawājimā Lauājima (See)

ଲଶ୍ ପଶ୍—ଦେ. ବି (ସଂ. ଲଷ୍ ଧାତୁ=ଅଭିଳାଷ କରିବା; ବା ସଂ.
Laś paś ଲିପ୍ସା)—୧ । ଛାଇଁପାଇଁ; କୌଣସି ବସ୍ତୁକୁ ଲପପଶ; लिसपिस ଧରିବାର ବା ପାଇବାର ଅଭିଳାଷ—1. A ଲଲଚନା hankering or longing after a thing.
୨ । ଲୁଚ୍‌ପୁଚ୍ (ଦେଖ)—2. Luch-puch (See)

ଲଶଡ଼ା—ଦେ. ବି (ସଂ. ଶ୍ଲେଷ୍ମାନ୍ତକ)—ଏକପ୍ରକାର ବନ୍ୟ କୋଳ ଓ
Lasardā ଗଛ; ଗର୍ଭିଣୀ ଗଛ—A kind of edible ବହୁଯାର wild berry and its tree; Cordia Myxa ଲିସୋଡ଼ା (tree and berry). [ଦ୍ର—ପାଚିଲେ ଏହାକୁ ଲୋକେ ଖାଆନ୍ତି ।]

ଲଶମ—ଦେ. ବି (ସଂ. ଶ୍ଲେଷ୍ମା; ତୁଳ. ଇଂ. ଫ୍ଲେମ୍)—୧ ।
Lasama ଶ୍ଲେଷ୍ମା ରୋଗ; ସର୍ଦ୍ଦି; କଫ ରୋଗ; ଦେହରେ ଥଣ୍ଡା ସରଦ; शर्दी ବାଜିବା ହେତୁ ନାକରୁ ପାଣି ବୋହିବା ଓ କଫ ଶର୍ଦ୍ଦୀ, शर्दी ଧରିବା ରୋଗ—1. Catching cold; catarrh; (ଲଶ୍—ଅନ୍ୟରୂପ) phlegm. ୨ । ଅର୍ଦ୍ରତା—2. Wetness; moisture. [ଦ୍ର—ଜମିରୁ ଲଶମ ଛଡ଼ି ନାହିଁ ।]

ଲଶମ କ(ଧ)ରିବା [ତାକୁ]—ଦେ. ବି—କଫରୋଗ ଆକ୍ରମଣ କରିବା—
Lasama ka(dha)ribā (tāku) Catching cold; ସର୍ଦ୍ଦୀ ହওয়া शर्दी धरना attack of cold.

ଲଶମା—ଦେ. ବି. ପୁଂ—(ସଂ. ଶ୍ଲେଷ୍ମା)—୧ । ଶ୍ଲେଷ୍ମଯୁକ୍ତ; ସର୍ଦ୍ଦିଆ;
Lasamā ଶ୍ଲେଷ୍ମାରୋଗାକ୍ରାନ୍ତ—1. Suffering from cold. ଶର୍ଦ୍ଦିରଧାତ मंदा, कफी ୨ । ଯାହାର ଧାତୁ ଶ୍ଲେଷ୍ମଯୁକ୍ତ; ଶ୍ଲେଷ୍ମ-(ଲଶମୀ—ସ୍ତ୍ରୀ) ପ୍ରକୃତିକ (ଅର୍ଥାତ୍ ଯାହାକୁ ସାମାନ୍ୟ କାରଣରୁ ସର୍ଦ୍ଦି ଧରେ)—2. Having a phlegmatic constitution. ୩ । ମାଦା; ନେଶ୍ମା; ଲେଶ୍ମା; ଯେଉଁ ଲୋକର ଚଞ୍ଚଳତା ବା ସ୍ଫୂର୍ତ୍ତି ନ ଥାଏ; କଫପ୍ରକୃତି; ଜଡ଼-ସ୍ୱଭାବପନ୍ନ (ବ୍ୟକ୍ତି)—3. Phlegmatic, sluggish; dull. [ଦ୍ର—ଶରୀର ଥରିଲେ ରୋଗୀର ଚଞ୍ଚଳତା ଓ କାର୍ଯ୍ୟ-ତତ୍ପରତା ଶକ୍ତି କମିଯାଏ ।] ପ୍ରାଦେ (ଯାଜପୁର) ବିଣ—ମେଘୁଆ (ପାଗ)—Cloudy (weather).

ଲଶିବ—ବୈଦେ. ବି—ନସିବ (ଦେଖ)—Nasiba (See).
Lasiba

ଲଶୁ (ଶୂ)ନ—ସ.ବି. (ଅଶ୍ ଧାତୁ=ଭୋଜନ କରିବା + କର୍ମ ଉନ, ଊନ;
Lasu(sū)na କୃଦନ୍ତ)—ରଶୁଣ (ଦେଖ)—Rasuna (See).

ଲଶୁନା—ସ. ବି. (ଲଶୁନ + ଆ)—ରତ୍ନ ବିଶେଷ, ବୈଦୂର୍ଯ୍ୟ—(ର
Lasunā ତଳେ ଟୀକା ଦେଖ)—A precious gem; the लसुनिया; लहसुनिया cat's eye. [ଦ୍ର—ଏହା ନବରତ୍ନ (ଲଶୁନୀୟ—ଅନ୍ୟରୂପ) ମଧ୍ୟରୁ ଏକ, ଏହାର ଧୂମ୍ର ଛିଟ ବର୍ଣ୍ଣ । ଏହା ନାଲି, ହଳଦିଆ ଓ ସାଗୁଆ ବର୍ଣ୍ଣର ହୁଏ । ଯେଉଁ ରତ୍ନ

ଉପରେ ଏହି ଅକ୍ଷରଗୁଡ଼ିକ ଥାଏ ତାହା କ୍ରମେ ବଢ଼େଥିବ ହୁଏ ।

ଲଶୋଡ଼ା—ଦେ. ବି. (ସଂ ଶେଲୁ ବା ଶ୍ଳେଷ୍ମାନ୍ତକ)—ଗଛବିଶେଷ ଗଛ ଓ Lasorda ଏହାର ଫଳ—(ଗର୍ଣ୍ଣା ଦେଖ)—Cordia ଏହାର ନାମ—ବହୁବାର, ଶୀତ, Myxa; narrow leaved ଉଦ୍ଦାଳ, ବହୁବାରକ, ଶେଲୁ, Septistum. [ଦ୍ର—କେହି ଶ୍ଳେଷ୍ମାତକ, ପିଚ୍ଛିଲ, ଭୂତବୃକ୍ଷକ କେହି 'ବହୁବାର'କୁ ଓଡ଼ ବହୁସାର, ବୋୟାରିଆ କୋଲି କହନ୍ତି ।]
লসোড়া. लसोडा ତେ—ନାକେରୁ, କକଦେରୁ ଫା—ଶୁଗପିସ୍ତାନ, ସପିସ୍ତାଁ । ଗା—ବହୁ । ମ—ଭୋକର ।

ଲଷ(ଧାତୁ)—ସ.—୧ । କୌଣସି ପଦାର୍ଥ ପାଇବା ନିମନ୍ତେ ଇଚ୍ଛା ବା Lash(root) ଅଭିଳାଷ କରିବା—1. To long for or hanker after a thing. ୨ । ନୃତ୍ୟାଦିରେ ପଟୁତା ଦେଖାଇବା—2. To excel in dancing.

ଲଷିତ—ସ. ବିଣ. (ଲଷ୍ ଧାତୁ+କର୍ମ. ତ)—ବାଞ୍ଛିତ; ଅଭିଳଷିତ—Lashita Wished f r.

ଲଷ୍ଟି—ପ୍ରାଦେ. (କଟକ ସହର) ବି.—୧ । ନଷ୍ଟି; କ୍ଷୋକ୍‌ସାନ୍; କ୍ଷତି—Lashti · 1. Loss. ୨ । ବାଣିଜ୍ୟାଦିରେ କ୍ଷତି—2. Loss in trade.

ଲଷ୍ୱ—ସ. ବି.ପୁଂ (ଲଷ ଧାତୁ+କର୍ତ୍ତୃ ବ)—ନର୍ତ୍ତକ; ନଟ—Dancer; Lashwa (ଲଷ୍ୱୀ—ସ୍ତ୍ରୀ) actor.

ଲସ(ଧାତୁ)—ସ.—୧ । କ୍ରୀଡ଼ା କରିବା; ବିଳାସ କରିବା—1. To Las(root) sport. ୨ । ଦୀପ୍ତି ପାଇବା—2. To shine. ୩ । ଆଲିଙ୍ଗନ କରିବା—3. To embrace.

ଲସ୍କର—ବୈଦେ. ବି—(ଫା)—ଲସ୍କର (ଦେଖ)—Laskara Laskara (See).

ଲସ୍ଜ (ଧାତୁ)—ସ. ଲଜ୍(ଧାତୁ) (ଦେଖ)—Lajj (root) (See) Las-j(root)

ଲସ—ସ. ବି—(ଲସ୍‌ଧାତୁ+ଭାବ ଅ)—୧ । ଅନ୍ୟ ବସ୍ତୁରେ ଲାଗି-Lasa ଯିବା ଗୁଣ, ଅଠାଳିଆପଣ (ବ୍ରି. ଷ)—Stickiness; gumminess. ୨ । (+କର୍ତ୍ତୃ ଅ) ଅଠା (ବ୍ରି. ଷ)—2. Gum. ୩ । ଚିତ୍ତ ଆକର୍ଷଣ (ବ୍ରି. ଷ)—3. Attraction of the mind.

ଲସକ—ସ. ବି. ପୁଂ—(ଲସ୍‌ଧାତୁ+କର୍ତ୍ତୃ ଅକ)—ନର୍ତ୍ତକ—Dancer. Lasaka (ଲସିକା—ସ୍ତ୍ରୀ)

ଲସଡ଼ିବା—ଦେ. କ୍ରି—୧ । ଲେସିଡ଼ିବା; କାଦୁଅ ପଦାର୍ଥ, ଯଥା Lasardiba କାନ୍ଥରେ ଲଗା ହୋଇଥିବା କାଦୁଅ ମାଟି ପଶ୍ଚାଦ୍ଭୂତ ଖসেপড়া লসড়না, হুহলনা ହୋଇ ଲାଗି ନ ରହି ଖସି ପଡ଼ିବା—1. To give way instead of sticking গলে যাওয়া पलपलाना spoken of mud). ୨ । ଅତି ଲଡ଼ପଡ଼ ହେବା (ଯଥା ଅତି ପାଚିଲା ଅମ୍ବ)—2. To become flabby or flaccid. [ଦ୍ର—ହବ ନାହିଁ, ହେଲ କାର୍ଯ୍ୟରେ ହବ ନାହିଁ; ପାଚିଲା ଅମ୍ବ ଲସଡ଼ି ଯାଇଛି, ଅନ୍ତ ମହାଜନ ହବ ନାହିଁ । ଇତ]

ଲସଣି—ଦେ. ବି—(ସ୍ପ. ଲସ)—ଲସା (ଦେଖ)—Lasā (See). Lasani

ଲସନ—ସ. ବିଣ—(ଲସ୍ ଶବ୍ଦ; ଲସ୍ ଧାତୁ+କର୍ତ୍ତୃ ଅନ)—୧ । Lasan ବିଳାସକାରୀ—1. Sporting. ୨ । ଶୋଭମାନ—(ଲସନା—ସ୍ତ୍ରୀ) 2. Beautified. ୩ । ଉଲ୍ଲାସିତ—3. Cheerful. ୪ । ଉଜ୍ଜ୍ୱଳ; ଜାଜ୍ୱଲ୍ୟମାନ—4. Glittering; shining; bright. ୫ । ଚେଷ୍ଟାମାନ—5. Acting; endeavouring.

ଲସର ପ(ଫ)ସର—ଦେ. ବିଣ—(ଧ୍ୱନ୍ୟନୁକରଣ; ବଡ଼ ଲୁଗା ପିନ୍ଧିଥିବା Lasara pa(pha)sara ଲୋକ ଚାଲି ଚାଲିଗଲେ ଦେହରେ লড়বড়, লসরপসর फदडफदड ଲୁଗାପଟାର ଅଂଶର ପରସ୍ପର ଘର୍ଷଣରେ ଜାତ ଲସ୍ ଲସ୍ ଶବ୍ଦରୁ, ଇଂ. Rustling sound of new dress). ଲଣ୍ଡବଣ୍ଡ; ଚାଲି ଚାଲି ଚାଲିବା ପ୍ରକାରରେ—Moving or walking rapidly (and producing a rustling sound by the clothes worn). କ୍ରି. ବିଣ—ଲଣ୍ଡବଣ୍ଡ ବା ଅସ୍ଥିର ଭାବରେ—Restlessly. [ଦ୍ର—ଭୁକ ଧାଇ ଆଏ ଲସର ପସର, ମାଆ ଦୁଧ ଖାଇବାକୁ । ଶିଶୁଗୀତ ।]

ଲସରପସର ହେବା—ଦେ. କ୍ରି—୧ । ଇତସ୍ତତଃ ଚାଲି ଯିବା ଆସିବା Lasarapasara hebā କରିବା; ଜବର ଜବର ହେବା—লসরপসরকরা फदडफदडहोना I. To move briskly to and fro. ୨ । ବଡ଼ ଲୁଗା ପିନ୍ଧି ଲୁଗାର ଫେରକୁ ଇତସ୍ତତଃ ଚାଳନ କରିବା—2. To move to and fro by producing rustling sound of the big cloth a person is wearing. ୩ । ଶୀଘ୍ରଗତିରେ ଦଉଡ଼ିବା ବା ଚାଲିବା—3. To walk briskly.

ଲସଲସିଆ—ଦେ. ବିଣ—(ସ. ଲସାଳ; ଲସିକା)—୧ । ଅଠାଳିଆ—Lasa lasiā 1 Gummy. ୨ । ସନ୍ତସନ୍ତିଆ—2 Moist. আঠাআঠা लसदार,लसीला

ଲସା—ସ. ବି (ଲସ୍ ଧାତୁ+କର୍ମ. ଅ)—ହରିଦ୍ରା; ହଳଦୀ—Lasā Turmeric. ଦେ. ବି (ସଂ. ରସ; ଲସ; ଲସିକା)—নসা, রস ୧ । ଶରୀରସ୍ଥ ବର୍ଣ୍ଣହୀନ ରସ; ଘାଆ ଇତ୍ୟାଦିରୁ বঁক্তা ସ୍ରବିବା ଜଳୀୟ ପଦାର୍ଥ—1. Lymph; watery sub-আঠা stance oozing from wounds or sores. ୨ । লালা ଅଠା—2. Gum. ୩ । ଅମ୍ବ ଆଦି ଫଳକୁ ଚେମ୍ପରୁ ন(ন)সি ଭାଙ୍ଗି ଦେଲେ ସେଥିରୁ ବୋହିବା ରସ—3. Watery रस substance oozing from a fruit (e. g mango) when it is broken or plucked from its stem. ପ୍ରାଦେ (ସମ୍ବଲପୁର) ବି—ଗଛରୁ ବୋହିବା ଗାଢ଼ରସ ବା ଅଠା—Slimy or thick juice from a tree.

ଲସା[ସେ]ଇବା—ଦେ. କ୍ରି (ସ. ଲସିକା)—୧ । (ଲସିକା କ୍ରିୟାର Lasā(se)iba ଣିଜନ୍ତରୂପ) ତଳକୁ ଦବାଇବା—1. To চাপা press downwards; to suppress. ୨ । (ସ. ଉସ

लसाना ହର୍ଷେମନ) ଘାଅ ବା ବ୍ରଣ ଅବରୁ ଲସା ବୋହିବା—
रस देओया 2. To water; to discharge watery
पंछादेना substance or lymph (said of sores etc).
भय देखान ୩ । ଭୟରେ ଶଙ୍କିତ କରାଇବା—3. To frigh-
लसाना ten a person terribly. ୪ । ଦୂର କରିବା—
दूरकरा 4. To remove. [ଉ—ପାପୋପ୍ତାଇ ମନ୍ଦ କାକା
हटाना କଦଳ ଲସାଇ, ପୀଡୁ ଅସ୍ତ୍ର ବରଷାଇ ବୋ । କବିସୂର୍ଯ୍ୟ.
କପୋତ ଚମ୍ପୂ ପ. ଗୀତ ।]

ଲସା[ସି] ଦେବା—ଦେ. କ୍ରି—(ଘାଅ ଅବ) ରସଯୁକ୍ତ ହେବା—
Lasā(si) debā To become lymphatic; to exude
रसदेओया फंछादेना lymph.

ଲସି—ଦେ. ବି (ସଂ ରସ; ଲସିକା)—୧ । ଅମ୍ବ ଅବ ଫଳର ଭୁଣ୍ଡିରୁ
Lasi ବହୁବା ରସ—1. Sap or juice which is exuded
न(ल)सि from fruits freshly plucked from the
लसा stem. ୨ । (ସ. ଭାଷା) ନାସି; ଅମ୍ବ ଅବ ଫଳରେ
बोँटा ଲଗିଥିବା ଡେଙ୍ଗ—2. The stem attached to a
डंठल fruit; peduncle; petiole; pedicent. ୩ ।
बोँटा ସ୍ତନାଗ୍ର; ଚୁଚୁକ—3. Nipple. ପ୍ରାଦେ (ପୁରୀ) ବି—
चूच ନଡ଼ିଆକୁ ସିନ୍ଧୋଳିବା ପାଇଁ ପ୍ରତ୍ୟେକ ନଡ଼ିଆର କତାରୁ ସରୁ
କରି ବାହାର କରିବା ଅଂଶ—The thin strip of
the rind of cocoanut for stringing two
cocoanuts together.

ଲସିଆ—ଦେ. ବିଣ (ସ. ରସ, ଲସିକା)—୧ । ଯେଉଁ ଫଳରୁ ବେଶି
Lasiā ଲସା ବହେ (ଯଥା—ଅମ୍ବ)—1. Exuding much
लसिया juice (said of mango). ୨ । ଯେଉଁ ଫଳ ଉତ୍ତମ-
ରୂପେ ନ ପାଚି ସେମିତି ହୋଇ ଯାଇଥାଏ, ସ୍ଲେସିଆ—2. (a
लसिया(ला) fruit) Which become dwindled and
चोकड withered without fully ripening. ୩ । ଲସ
(लसियाला) ଲସିଆ; ଅଠାଳିଆ—3. Gummy.

ଲସିକା—ସଂ. ବି (ରସ୍ ଧାତୁ+କର୍ତ୍ତୃ. ଇକ+ଆ)—୧ । ଶରୀରସ୍ଥ
Lasikā ପୀତାଭ ସ୍ୱଚ୍ଛ ତରଳ ରସ—1. Lymph. ୨ । ଘାଅ
ଆଦରୁ ବହୁବା ଜଳୀୟ ପଦାର୍ଥ—2. Watery sub-
stance exuded from sores. ୩ । ଜଳ—
3. Water. ୪ । ପାଟିର ଲାଳ—4. Salvia.

ଲସିତ—ସଂ. ବିଣ (ଲସ୍ ଧାତୁ=ଶୋଭା ପାଇବା+କର୍ତ୍ତୃ. ତ)—
Lasita ୧ । ବିଳାସିତ—1. Sporting. ୨ । ଶୋଭମାନ;
ଶୋଭିତ—2. Shining. ୩ । ଦୀପ୍ତିମାନ୍—
3. Brilliant. ୪ । ଉଲ୍ଲସିତ; ହୃଷ୍ଟ—4. Delighted;
cheerful. ବି—୧ । ବିଳାସ; ସୁଖଭୋଗ—1. Sport;
dalliance; enjoyment. ୨ । ଲାସ୍ୟ, ସ୍ତ୍ରୀଲୋକର
ନୃତ୍ୟ—2. Dancing of females. ୩ । ଉଲ୍ଲାସ—
3, Delight; cheerfulness. ଦେ. ବିଣ—ଦବି
धँसीहुई ଗିବା—Suink; pressed down. [ଉ—ବାସୁକୀ
ଅଶକତ, ଅସ୍ତ ପୃଥ୍ୱୀ ଲସିତ, ଉମାପ୍ରଭୁ ସୁରୁ କମ୍ପିତ ।
ଉଞ୍ଜ. ବୈଦେହୀଶବିଳାସ ।]

ଲସି ଫିଟା(ଟେ)ଇବା—ଦେ. କ୍ରି—୧ । ନବ ପ୍ରସୂତର ସ୍ତନାଗ୍ର ଚୁଚୁକରେ
Lasi phiṭā(ṭe)ibā ଥିବା ମାଂସଳ ଖିଲକୁ ଚପି କରି ବାହାର
କରି ଦେବାଦ୍ୱାରା ଚୁଚୁକରୁ ସ୍ତନ୍ୟର ସ୍ରୋତ ବହିବାର
ଉପାୟ କରିବା—1. To cause the flow of
milk from the nipple of a newly con-
fined woman by pinching out of it the
fleshly pins. ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟର
ପ୍ରଥମ ଆରମ୍ଭ କରିବା—2. (figurative) To
begin or initiate a work. ୩ । (ଲକ୍ଷଣାର୍ଥ)
କୌଣସି ବ୍ୟକ୍ତିକୁ କୌଣସି ଅନୁଭବରେ ନୂତନ ଶିକ୍ଷା
ଦେବା—3. (figurative) To initiate a
person in any matter which is new to
him.

ଲସି ଫିଟିବା—ଦେ. ବି—(ସଂ. ରସ)—୧ । ନବ-ପ୍ରସୂତର ସ୍ତନର
Lasi phiṭibā ଚୁଚୁକର ଅଗ୍ରସ୍ଥ ରନ୍ଧ୍ରର ମୁଖରେ ଥିବା କଠିନ
ଖିଲ ବାହାର ଯିବାଦ୍ୱାରା ଶିଶୁ ପାନ କରିବା ପାଇଁ ସ୍ତନରୁ
ରସ ବା ଦୁଧ ବାହାରିବା; ସ୍ତନର ମୁହଁ ଫିଟିବା—1.
The coming out of juice or the flowing
of milk through the pores of the nipple
of a mother's breast after the fleshy
pin is pressed out of the pores. [ପ—
ପ୍ରଥମେ ସନ୍ତାନ ଜନ୍ମ କରିଥିବା ପ୍ରସୂତର ସ୍ତନର ଚୁଚୁକର
ଅଗ୍ରଭାଗସ୍ଥ ସୂକ୍ଷ୍ମ ଛିଦ୍ରମାନଙ୍କ ମୁଖ କାଠବଣରେ ଥିବା
ଖିଲ ପରି ଖିଲମାନଙ୍କଦ୍ୱାରା ଅବରୁଦ୍ଧ ଥାଏ । ସ୍ତନାଗ୍ର
ଚୁଚୁକକୁ ଉଭୟ ପାର୍ଶ୍ୱଦେଶରୁ ଅଙ୍ଗୁଠିଦ୍ୱାରା ଚପିଦେଲେ
ସେ ଖିଲଗୁଡ଼ିକ ବାହାରି ପଡ଼େ ଓ ସେହି ବାଟେ ଦୁଗ୍ଧ
ସ୍ରାବ ହୁଏ । ସେ ଖିଲ ବାହାର ନ କଲେ ନବଜାତ ଶିଶୁ
ସ୍ତନକୁ ଶୋଷିଲେ ଦୁଧ ବାହାରେ ନାହିଁ । ପ୍ରଥମ ଥର
ପ୍ରସବ କରିବା ସ୍ତ୍ରୀର ଲସି ଫିଟାଇବା ଆବଶ୍ୟକ ହୁଏ ।
ତତ୍ପରେ ଆଉ ଲସି ଫିଟାଇବା ଆବଶ୍ୟକ ହୁଏ ନାହିଁ ।]
୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟର ସ୍ରୋତ ବା ଗତି
ଆରମ୍ଭ ହେବା—2. (figurative) The beginn-
ing of the course of a business or work.
୩ । (ଲକ୍ଷଣାର୍ଥ) କୌଣସି ବିଷୟରେ ପ୍ରବୀଣତା ବା ଅଭିଜ୍ଞତା
ଲାଭ ହେବା—3. (figurative) The acqui-
sition of experience in any matter.

ଲସିବ—ଦେ. ବି—ନସିବ (ଦେଖ)
Lasiba Nasiba, (See)

ଲସିବା—ବୈ ଦେ. କ୍ରି—୧ । (ସଂ.ରସ)—ଲସା ଦେବା;ରସାଧିକ୍ୟ ହେତୁ
Lasibā ସ୍ରାବଯୁକ୍ତ ହେବା—1. To exude lymph. [ଉ—
रसा ଏ ଘାଅଟା ଲସିଲାଣି ।] ୨ । (ସ. ନମ୍ ଧାତୁ) ଫଳ ଅତି

पंछादेना ପାଚ ଯିବା ହେତୁ ଲତପତ ହେବା—2. To ripen
नसा, गला to softness; to become flabby being
पचपचाना, पलपलाना over ripe. ୩ । ସେମିତି ହୋଇଯିବା;
कुचुटजाना, शिकुडला ଫଳ ଅଦ ନ ପାଚ ସେମିତି ଯିବା—
दबेयाओया 3. To wither without being ripe (said
दबना of fruits). ୪ । ଦବିଯିବା; ବସିଯିବା—4. To become pressed; to settle down; to be suppressed. [ଉ—ଅଙ୍ଗ ଭାର ପାଇ ଲସିଲ୍ ବସୁମତୀ । କୃଷ୍ଣସିଂହ. ମହାଭାରତ. ଅଦ ।] ୫ । ନ୍ୟୂନ
हेँटमुख हओया ହେବା; ଅବନତ ହେବା; ନତମୁଖ ହେବା; ଲଜ୍ଜିତ
शिकुडजाना ହେବା—5. To be humbled or ashamed. [ଉ—ଲସିବ ଯେବେ ପାଇ ଲଜ୍ଜା ତାକୁ, ଲାଗିଲ ଆପଣଙ୍କୁ ହେତୁ ଅଛୁ । କବିସୂର୍ଯ୍ୟ. ବଳୋର ଚନ୍ଦ୍ରାବଳ ଚମ୍ପୂ ଲ ଗୀତ ।] ୬ । (ଲକ୍ଷଣାର୍ଥ) ଭୟ ଯୋଗୁଁ ଶକ୍ତିଯିବା; ଶଙ୍କିତ ହେବା— To be crest
दमे याओया fallen through fear. ୭ । ଭୟରେ ତରଳ
दबजाना ଯିବା—7. To melt or dwindle with fear.
୮ । ଲୀନ ହେବା—8. To disappear. ୯ । ମୃତ
मरा ହେବା; ବିନଷ୍ଟ ହେବା—9. To die; to be
मरना, व लसस destroyed.

ଲସୀକା—ସ. ବି. ସ୍ତ୍ରୀ (ଲସ୍ ଧାତୁ+କର୍ତ୍ତୃ. ଈକ+ଆ)—୧ । ଇକ୍ଷୁରସ;
Lasikā ତୋରୁଅ—1. Sugarcane juice. ୨ । ଶରୀରସ୍ଥ ରସ; ଜଳବତ୍ ତରଳ ପଦାର୍ଥ; ରକ୍ତର ଶିରା ପଥରେ ପ୍ରବିଷ୍ଟ ହେବା ପୂର୍ବର ଅବସ୍ଥା—2. Lymph.

ଲସେଇ ପଡ଼ିବା—ଦେ. କ୍ରି (ସଂ ଉଲ୍ଲସିତ)—ଉଲ୍ଲସି ଉଠିବା—
Lasei pardibā To be horripilated with joy.
उल्लसित हओया [ଉ—ମୋ ଦେହ ଲସେଇ ପଡ଼ଇ । କୁନ୍ତଳା-
रोमांच होना କୁମାରୀ. ନଅଭୁଣ୍ଡୀ ।]

ଲସ୍କର୍—ବୈଦେ. ବି (ଫା. ଲଶ୍‌କର୍)—୧ । ପଦାତି ସୈନ୍ୟ—
Laskar 1. Infantry; foot soldier. ୨ । ପିଅଦା—
लस्कर 2. A peon. ୩ । ଗୃହର ମାର୍ଜନାଦି ନୀଚକର୍ମ କରିବା
लशाकर ଚାକର; ଦାସ; ଭୃତ୍ୟ—3. A slave; a menial servant; a servant. ୪ । ସେନା; ପଲଟନ; ଯୋଦ୍ଧୃଦଳ—4. Army; a company of soldiers. [ଉ—କାହିଁପାଇଁ ପୃଥ୍ୱୀ ଜାଣିବେ ମୋର, ପଇସା ନେଇ ଫେରିଅ ଲସ୍କର । ବ୍ରଜନାଥ ବଡ଼ଜେନା. ସମରତରଙ୍ଗ ।] ୫ । ଜାହାଜର ଖଲାସି ଦଳ—5. Sailors; a ship's crew, menial servants of a ship. ୬ । ୟୁରୋପୀୟ ଜାହାଜରେ ନିଯୁକ୍ତ ଭାରତୀୟ ବା ଅସିଆବାସୀ ଖଲାସି—6. A native sailor; an Indian or Asiatic sailor in a European ship; lascar. ୭ । ସେନାଙ୍କ ସଙ୍ଗେ ଭୃତ୍ୟ କର୍ମ କରିବା ଲୋକଙ୍କ ଦଳ—7. A body of camp followers. [ଦ୍ର—ଏ ଫାରସୀ ଶବ୍ଦ ଇଂରାଜ ଭାଷାରେ ଚଳନ୍ତି ।]

ଲସ୍କରି—ବୈଦେ. ବି (ଫା. ଲଶ୍‌କର)—୧ । ଲସ୍କର ବୃତ୍ତି—1. The
Laskari profession of a lascar. ୨ । ନୀଚଭୃତ୍ୟ ବୃତ୍ତି;
लश्करी ଦାସତ୍ୱ—2. The profession of a menial
लशाकरी servant. ୩ । ଜାହାଜୀଅ ଭାଷା ବା ଶବ୍ଦ—
3. Nautical language or word. ବିଣ—
ଲସ୍କର ସମ୍ବନ୍ଧୀୟ—Relating to lascar.

ଲସ୍ତ—ସ. ବିଣ (ଲସ୍. ଧାତୁ+କର୍ମ. ତ)—୧ । ଆଲିଙ୍ଗିତ—
Lasta 1. Embraced. ୨ । (+କର୍ତ୍ତୃ. ତ) କ୍ରୀଡ଼ିତ;
ବିଳାସୀ—2. Frolicsome; sportive. ୩ । ଶିଳ୍ପ ନୈପୁଣ୍ୟ ପ୍ରଦର୍ଶନକାରୀ (ବ୍ୟକ୍ତି)—3. Showing or exhibiting skill in fine arts. ୪ । ଶୋଭାଯୁକ୍ତ—4. Shining.

ଲସ୍ତକ—ସ. ବି (ଲସ୍. ଧାତୁ+କରଣ. ତ+କ]—ଧନୁକର
Lastaka ମଧ୍ୟଭାଗ; ଧନୁର ମୁଠ—The middle part of the bow where it is held.

ଲସ୍ତକୀ—ସ. ବି. ସ୍ତ୍ରୀ (ଲସ୍ତକ+ଇନ୍; ୧ମା. ୧ବ)—ଧନୁକ; ଧନୁ—
Lastakī A bow.

ଲସ୍ତର୍ (ଇତ୍ୟାଦି)—ଗ୍ରା. ବି—ଅସ୍ତ୍ର ଇତ୍ୟାଦି (ଦେଖ)
Lastar (etc) Astra etc. (See)

ଲହ—ଦେ. ବି (ସଂ. ଲତା)—ସାପ—Serpent. ବିଣ-ଲତାମୟ—
Laha Consisting of creepers. (ଯଥା—ଲହବର)—
लता लाठी ପ୍ରାଦେ (ସମ୍ବଲପୁର) ବି—ଲତା
लता लतिया Creeper.

ଲହଁକିବା—ପ୍ରାଦେ (ସମ୍ବଲପୁର) କ୍ରି. (ଭୁଲ. ହି. ଲାଂଘନା)—
Lahankibā (ନଦୀକୁ) ପାର ହେବା—To cross (a river).

ଲହଁପିବା—ପ୍ରାଦେ. (ସମ୍ବଲପୁର) କ୍ରି (ଭୁଲ. ହି. ଲପକ କର୍ ଲେନା)—
Lahanpibā କୌଣସି ପଦାର୍ଥକୁ ହାତ ବଢ଼ାଇ ଆଣିବା—To
(ଲହମ୍ପିବା—ଅପଭ୍ରଂଶ) bring a thing by extending or lifting up one's arm.

ଲହକ—ଦେ. ବି—ଲହସ (ଦେଖ)
Lahaka Lahasa. (See)

ଲହକ ଲକ—ଦେ. ଅ—ଲକ୍ ଲକ୍ (ଦେଖ)
Lahaka laka Lak lak. (See)

ଲହକା—ଦେ. ବିଣ (ସଂ. ନମ୍. ଧାତୁ)—ନହକା (ଦେଖ)
Lahakā Nahakā. (See)

ଲହକା(କେ)ଇବା—ଦେ. କ୍ରି (ସଂ. ଲଘୁକ; ପ୍ରା. ଲହୁକ)—
Lahakā(ke)ibā ୧ । [ନହକା ବା ପତଳା ଓ ଲମ୍ବ ବସ୍ତୁ
लकलक करा (ଯଥା—ଖଣ୍ଡା; ସରୁବାଡ଼ି, ବାଉଁଶପାଛିଆ)କୁ] ଲକ୍
लहलहाना, लफलफाना ଲକ୍ କରିବା; ଲହଲହ କରିବା—
लहकाना 1. To brandish or wave a thin long

thing (e.g. a thin blade, a thin bough).
୬ । ଗଛର ସରୁ ଡାଳ ଅବକୁ ନୁଆଁଇବା—
2. To cause a slender bough to bend.

ଲହକାନି—ପ୍ରାଦେ (ଗଡ଼ଜାତ) ବି—ଲୋକେ ଯେଉଁ ପାଣିରେ ପଶି Lahakāni ପାର ହୋଇ ପାରନ୍ତି—Fordable water.

ଲହକିବା—ଦେ. କ୍ରି—୧ । ଲହରିବା; ଲକ୍ ଲକ୍ ହେବା—1. To Lahakibā wave to and fro (said of a long tender strip)— লিকলিক করা लपलपाना; लपलपाना ୨ । ଅବନତ ହେବା; ବାରମ୍ବାର ଲଇଁବା—2. To নুঁয়া नमना bend. [ଦ୍ର—ସରୁ ବାଡ଼ିଙ୍କର ଦୁଇ ପାଖରେ ଭାର ଝୁଲାଇ ଭାରୁ କାନ୍ଧରେ ବୋହି କରି ଚାଲିବାବେଳେ ସେ ବାଡ଼ିଟି ଲହକୁଥାଏ ।] ୩ । (ଲାକ୍ଷ) ଜଳ জ্বলেউঠা लहकना ଉଠିବା—3. To blaze up.

ଲହଙ୍କିବା—ପ୍ରାଦେ(ସମ୍ବଲପୁର) କ୍ରି । (ସଂ ଲଙ୍ଘନ)—୧ । ଅତିକ୍ରମ କରିବା Lahaṅkibā 1, To pass over. ୨ । (ପାଣି ବା ନଦୀ) ପାର ହେବା—2.To cross (a water or river). ୩ । ପାଣିରେ ପଶି ପାର ହେବା—3. To wade through water.

ଲହଙ୍ଗା—ଦେ. ବି—(ସଂ. ଲତାକରଞ୍ଜ)—୧ । ନହଙ୍ଗା; ଏକପ୍ରକାର Lahaṅgā ବଣ୍ୟ ଫୋଳ—1. A sort of edible wild নাটাকরঞ্জা कण्टकरेज berry. [ଦ୍ର—ଏହାର ଗଛ ୬।୭ ହାତ ଉଚ୍ଚ ହୁଏ । ଏହା ପାଚିଲେ ନାଲି ଓ ଈଷତ୍ ଅମ୍ଳ ଲାଗେ । ଲୋକେ ଏହାକୁ ଖାଆନ୍ତି ଓ ଅଗ୍ନିର କରନ୍ତି ।] ୨ । ଏକପ୍ରକାର ତୃଣ—2.A kind of grass or tare. [ଦ୍ର—ଏ ଗଛ କୋଳଥ ବିଲରେ ମନକୁ ଉଠେ । ଏହାର ଗାଢ଼ ଛୋଟ ପତ୍ର; ଗଛ ଏକହାତ ଉଚ୍ଚ ହୁଏ; ଫୁଲ ଲୋମଶ ଓ ଧଳା ।] ୩ । ସ୍ତ୍ରୀମାନଙ୍କର ଏକପ୍ରକାର ঘাঘরা लहंगा ପରିଧାନ ବସ୍ତ୍ର; ଘାଗରା—3. A sort of cloth for female wearing; gown for the lower person of the body. (ଦ୍ର—ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ସମସ୍ତ ଅଂଶ ଢାଙ୍କିବା ପାଇଁ ଏହା ଅଣ୍ଟାର ଚାରିପାଖେ ଡୋର ଦ୍ୱାରା ବନ୍ଧାଯାଏ । ଏଥିରେ ବହୁତ ଚୁନଟ୍ (କୁଞ୍ଚ) କାମ ହୋଇଥାଏ ।) (ଦ୍ର—ଅଛୁ ନେତଲେ ଲଚ୍ଚ ଦେଇ ବସ୍ତ୍ର ଡୋରରେ, ପକ୍କଚ୍ଛ ସେ ଅଚଳସ ଲହଙ୍ଗା ଉପରେ ସେ···ଭକ୍ତ. ଲାବଣ୍ୟବତୀ ।) ବଣ—(ସଂ. ନଗ୍ନ)— নেংগটা नंगा ଉଲଙ୍ଗ; ଲଙ୍ଗଳା—Naked. [ଦ୍ର—ନୋ ଲହଙ୍ଗା ବକ୍ଷକର ଗୁଣ୍ଠେ । ଅରମନ୍ଯୁ. ବଡ଼ଗୁଣ୍ଡାନ୍ତାମଣି] ।

ଲହଙ୍ଗୀ—ଦେ. ବିଣ—ଲହଙ୍ଗା (ଦେଖ) Lahaṅgā (See) Lahaṅgi

ଲହଙ୍ଗୀ ବଇଷମ—ଦେ. ବି—(ସଂ. ନଗ୍ନ ଓ ବୈଷ୍ଣବ)—୧ । ନାଗା; Lahaṅgi baishama ଲଙ୍ଗଳୀ ବାବାଜୀ—1. A class of নাগা नागा ascetics who go about naked. ୨ । ଲହଙ୍ଗୀ ବାବା } ଅନ୍ୟରୂପ ଲହଙ୍ଗୀ ବାବାଜୀ } ଲହଙ୍ଗୀ ବୈଷ୍ଣବ; ଯେଉଁ ବୈଷ୍ଣବମାନେ ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ (ଗୁପ୍ତ ବଇଷମ—ବ୍ରତସ୍ୱତ) ଅବଲମ୍ବନ କରନ୍ତି—2. A sect of নেঙ্গটাবাবাজী नागीबाबाजी ascetics who observe the vow of celibacy.

ଲହ ଛୁ(ଛୋ)ଇଁବା—ଦେ. ବି. (ଶୁଭବାଚନ)—ସର୍ପ ଦଂଶନ କରିବା— Laha chhu(chho)iñbā (Euphemism) snake লতাছোয়াঁ काठीछूना bite; the biting of a person by a snake.

ଲହଡ଼ା—ଦେ. ବି. (ସଂ. ଲହରୀ)—୧ । ଢେଉ; ଲହରୀ; ତରଙ୍ଗ— Lahardā 1. Wave (ଦ୍ର—କେତୁ ବୋଇଲା ରଥ লহর लहर ମାନଙ୍କ ପତାକା । ପବନରେ ଉଡ଼େ ଯା ଲହଡ଼ା ଏକା । କୃଷ୍ଣସିଂ. ମହାଭାରତ. ବନ) ୨ । ଲହଡ଼ି (ଦେଖ)— 2. Lahardi (See). ୩ । (ନାମ) ପାଲଲହଡ଼ା; ଓଡ଼ିଶା ଗଡ଼ଜାତ ବିଶେଷ—3 Name of an Oriya State. (ଦ୍ର—ମହୁରୀଙ୍କ ଶେଷ ସକାଶେ ପଲଙ୍କ ଯୋଗାଏ ଉପେନ୍ଦ୍ର ଲହଡ଼ା ।— ରାଧାନାଥ. ପାର୍ବତୀ)

ଲହଡ଼ା(ଡ଼େ)ଇବା—ଦେ. କ୍ରି—(ସଂ. ଲହରୀ)—୧ । ଜଳକୁ ହସ୍ତ ବା Lahardā(rde)ibā ଦେହ ଦ୍ୱାରା ଅଘାତପୂର୍ବକ ଲହରୀମୟ ঢেউতোলা लहरउठाना କରିବା—1. To produce waves by pushing the water. ୨ । ଲହରାଇବା (ଦେଖ)—2. Laharāibā (See)

ଲହଡ଼ା(ଡ଼ି) ଉଠା(ଠେ)ଇବା—ଦେ କ୍ରି—(ସମୁଦ୍ର) ଲହରୀମୟ ହେବା— Lahardā(rdi) uthā(the)ibā To wave (said of লহরউঠান लहरउठाना the sea); to become billowy.

(ଲହଡ଼ା(ଡ଼ି) ଉଠିବା—ବିଶେଷ୍ୟରୂପ) ବି—ସମୁଦ୍ର ତରଙ୍ଗାକୁଳ ହେବା লহরউঠা लहरउठना —The rising of waves.

ଲହଡ଼ିବା—ଦେ. କ୍ରି ୧ । ଲହଡ଼ି ମାରିବା (ଦେଖ) Lahardibā 1, Lahardi māribā (See)

ଲହଡ଼ି ଭଙ୍ଗା—ଦେ.ବି—ସମୁଦ୍ରରୁ ଉଠୁଥିବା ଲହରମାଳାକୁ ଛାତି ପତାଇ Lahardi bhaṅgā ସମ୍ମୁଖୀନ କ୍ରିୟା—The act of ঢেউভাঙ্গা लहरलेना breasting the waves

ଲହଡ଼ି ଭାଙ୍ଗିବା—ଦେ.କ୍ରି—୧ । ସମୁଦ୍ରରୁ ଅଗ୍ରସର ହେଉଥିବା ଢେଉକୁ Lahardi bhāṅgibā ଛାତି ପତାଇ ସମ୍ମୁଖୀନ ହେବା—1. To breast the waves ୨ । ସମୁଦ୍ରରୁ କୂଳ ଅଭିମୁଖେ ଅଗ୍ରସର ହେଉଥିବା ଢେଉ ଆସି ମନୁଷ୍ୟ ନିକଟରେ ঢেউভাঁগা लहरलेना ପହଞ୍ଚିବାବେଳେ ତାହା ମୁଣ୍ଡ ଉପର ଦେଇ ଚାଲି ଯିବାପାଇଁ ମୁଣ୍ଡ ପତାଇବା—2, To head the waves; to stoop down till the crest of an advancing wave passes a person over his head. [ଦ୍ର—ଏପରି କଲେ ମନୁଷ୍ୟର ମୁଣ୍ଡ ଉପର ଦେଇ ଲହରୀ ଚାଲିଯାଏ ଓ ମନୁଷ୍ୟକୁ ଉକ୍ତ ଲହରୀ ଅଘାତ କରିପାରେ ନାହିଁ ।]

ଲହଡ଼ି ମାରିବା—ଦେ. କ୍ରି.—୧ । (ସମୁଦ୍ର ବା ନଦୀର ଜଳ) ପବନାଦ୍ଵାରା
Lahardi māribā ଦ୍ୱାରା ଆନ୍ଦୋଳିତ ହୋଇ ଲହରୀମୟ ହେବା—
ଢେଉଁତୋଳା **लहरमारना** To rise in billows or waves; to become billowy.

ଲହଡ଼ି ମୁଦ (ଦା)—ଦେ. ବି(ସଂ. ଲହରୀ+ମୁଦ୍ରା)—ଏକ ସ୍ତର ପଥରର
Lahardi muda(dā) ଅଗକୁ ବଳାଇ ସ୍ତରକୁ ସ୍ତର ପଥର ମୁଣ୍ଡଠାରୁ କ୍ରମଶଃ ଉପର୍ଯ୍ୟୁପରି ଗଢ଼ିବା ଦ୍ୱାରା ଖିଲାଣ ତିଆରି କରିବାର କୌଶଳ ବା ପ୍ରଣାଳୀ—The mode of architecture by means of which an open space is spanned by setting layers of gradually projecting stone blocks, one over the other.

[ଦ୍ର—ପୂର୍ବେ ଓଡ଼ିଆ କାରିଗରମାନେ ଅଧୁନିକ ଖିଲାଣ ପ୍ରଣାଳୀରେ ଗୋଲ ଖିଲାଣ ରଚନା ନ କରି ଅଗକୁ ମଡ଼ାଇ କରି ଉପରିସ୍ଥ ଉଭୟ ପଥରମାନଙ୍କ ସ୍ତରକୁ କରି ଖିଲାଣ ଫାଙ୍କକୁ ପୂରଣ କରୁଥିଲେ ଓ ସର୍ବୋପରି ଖଣ୍ଡିଏ ପଥର ମଡ଼ାଇ ଦେଇ ସେ ଖିଲାଣକୁ ମୁଦ ଦେଉଥିଲେ ।

ଉତ୍କଳୀୟ ଶିଳ୍ପୀମାନେ 'ଖିଲାଣ' ଗଢ଼ିବା ପ୍ରଣାଳୀ ଜାଣୁ ନ ଥିଲେ; କିନ୍ତୁ ଏହି ଅଜ୍ଞତାକୁ ଏକ ଚମତ୍କାରୀ ବୁଦ୍ଧି-କୌଶଳଦ୍ୱାରା ପୂରଣ କରିଥିଲେ ଓ ଏହି କୌଶଳଦ୍ୱାରା ସେମାନେ ବଡ଼ ବଡ଼ ଦେଉଳମାନ ତିଆରି କରି ପାରୁଥିଲେ । ଭିତର ଖାଲିକୁ କ୍ରମଶଃ 'ଲହଡ଼ି'ଦ୍ୱାରା କମାଇ କମାଇ ଶେଷରେ ରହିଯିବା ଫାଙ୍କ ଉପରେ ଖଣ୍ଡିଏ ପଥର ଶୁଆଇ ଦେଇ ସେହି ଛିଦ୍ରକୁ ବନ୍ଦ କରି ଦେଉଥିଲେ । ଲମ୍ବିଣି ଭୂମି ସହିତ ଉଚିତ ଅନ୍ତରକୁ ସୂକ୍ଷ୍ମ କୋଣ ସୃଷ୍ଟି କରି ଦେଉଥିବା ହୁଏ; ଏ ଲହଡ଼ି ମୁଦରେ ବସାଯିବା ପଥରର ସ୍ତରମାନ ଓଲଟା ଲମ୍ବିଣିପରି ଉଚିତ ଅନ୍ତରକୁ ସ୍ଥୂଳ କୋଣ ସୃଷ୍ଟି କରି ସଜ୍ଜିତ କରି ଯାଉଥିଲା । ପ୍ରଥମେ ପଡ଼ୁଥିବା ପଥରର ଅଗ କ୍ରମଶଃ ପଦାକୁ ବାହାରି ଥାଏ, ଦ୍ୱିତୀୟ ପ୍ରସ୍ତର ପଥର ପ୍ରଥମ ସ୍ତରର ପ୍ରସ୍ତର ପଥର ଅପେକ୍ଷା ଅଳ୍ପକ କ୍ରମଶଃ ପଦାକୁ ବାହାରି ଥାଏ । (ଏହି ପଥରମାନଙ୍କୁ ଉଦର 'ଭାଟେଣୀ' କହନ୍ତି ।) ଏହିପରି ଦୁଇ ଅଡ଼ର କାନ୍ଥ ଉପରେ ପଥରମାନ କ୍ରମଶଃ ଅଗକୁ ଅଗକୁ ବଢ଼ାଇ ବଢ଼ାଇ ଯେତେବେଳେ ଉପରିସ୍ଥ ଉଭୟ ଖଣ୍ଡା ହେବା ପଥରର ମୁଣ୍ଡମାନ ଖୁବ୍ ସନ୍ନିକଟବର୍ତ୍ତୀ ହୋଇଯାଏ ଓ କେବଳ ଦୁଇ ପଥରର ମୁଣ୍ଡ ମଧ୍ୟରେ ଅଳ୍ପମାତ୍ର ସ୍ଥାନ ଫାଙ୍କ ରହେ, ସେହି ଫାଙ୍କ ଉପରେ ଦୁଇ ଅଡ଼ର ପଥରର ମୁଣ୍ଡ ଉପରେ ଗୋଟିଏ ମାତ୍ର ଲମ୍ବ ପଥର ଶୁଆଇ ଦେଇ ସେ ଫାଙ୍କକୁ ମୁଦ ଦିଆଯାଏ । ସର୍ବୋପରେ ସ୍ଥାପିତ ଉକ୍ତ ପଥରକୁ 'ଅଟ୍ଟେଣୀ' ବୋଲାଯାଏ ଓ ଏହି ପ୍ରଣାଳୀକୁ 'ଲହଡ଼ି ମୁଦ' ବୋଲାଯାଏ । ଓଡ଼ିଶାର ଦେଉଳମାନ ଓ ପ୍ରାଚୀନ ପୋଲ (ଯଥା—ପୁରୀର ଅଠର ନଳା ପୋଲ) ମାନ ଏହି 'ଲହଡ଼ି ମୁଦ' ପ୍ରଣାଳୀରେ ନିର୍ମିତ ହୋଇଅଛି । ହିନ୍ଦୁ କାରିଗରମାନେ ଅଧୁନିକ 'ଖିଲାଣ' ପ୍ରଣାଳୀ ଜାଣୁ ନ ଥିବାରୁ ଦେଉଳମାନଙ୍କର ଗର୍ଭ ବା ଗମ୍ଭୀରକୁ ବୃହତ୍ କରି ପାରୁ ନ ଥିଲେ; କିନ୍ତୁ ମୁସଲମାନ କାରିଗରମାନେ 'ଖିଲାଣ' ପ୍ରଣାଳୀ ଜାଣୁଥିବାରୁ ମସଜିଦମାନଙ୍କ ଗର୍ଭମାନ ଓ ଗମ୍ବୁଜମାନ ବଡ଼ ଅସ୍ତିଭବିଶିଷ୍ଟ କରି ପାରୁଥିଲେ । ଅଧୁନିକ ଖିଲାଣଯୁକ୍ତ ସେତୁମାନଙ୍କ ଅପେକ୍ଷା ଲହଡ଼ି ମୁଦ ସେତୁମାନ କୌଣସି କୌଣସି ଅଂଶରେ ଦୃଢ଼ତର ଥିବାର ସୁବିଜ୍ଞ ୟୁରୋପୀୟ ଇଞ୍ଜିନିଅର ସ୍ୱୀକାର କରିଅଛନ୍ତି ।]

ଲହଡ଼ି—ଦେ. ବି—(ସଂ. ଲହରୀ)—୧ । ଲହରୀ; ସମୁଦ୍ର ଅବର
Lahardi ତେଉ—1. Waves.
[ଦ୍ର—ସ୍ୱର୍ଗେରୁ ଶୁଣାଯାଏ କହି, ଦର୍ଶୁଛି ସମୁଦ୍ର ଲହଡ଼ି । ଭୂପତି. ପ୍ରେମପଞ୍ଚାମୃତ ।] ୨ । ଖିଲାଣ ପରିବର୍ତ୍ତରେ ଅଗକୁ ଅଗକୁ ମଡ଼ାଇ ସ୍ତର ସ୍ତର ଖଞ୍ଜାଯିବା ପଥରମାନ—2. Ascending layers of stone in old fashioned arches.

ଲହଣା—ଦେ. ବି.—୧ । ଲମ୍ବା ପଗଡ଼ୀ; ଭୂମିରେ ଖୋଳାଯିବା ଲମ୍ବ ଗାତ
Lahana ଜୁଲିଖାନା **खाई नहर** 1. Trench.
୨ । ବଢ଼ିଥିବା ନଦୀର ଛୋଡ଼ ଦ୍ୱାରା ଭୂମିରେ ଖୋଳ ହୋଇଯିବା ଲମ୍ବା ଗାତମାନ—2. Long holes made in the ground by flood water

ଲହଣୀ—ଦେ. ବି— ଲହୁଣୀ (ଦେଖ)
Lahani **ननि** **नेवन** Lahuni (See)

ଲହଣିଆ ମସୁ—ପ୍ରାଦେ. (ଗଡ଼ଜାତ) ବି—ବନ୍ୟ ଗୁଳ୍ମ ବିଶେଷ—
Lahaniā masu Pienos Suberosa (Haines).
बरचालि

ଲହଣ୍ଡା—ଦେ. ବି—ପଞ୍ଜାବ ପ୍ରଦେଶର କଥିତ ଭାରତର ଭାଷା ବିଶେଷ
Lahandā A dialect spoken in the Punjab.

ଲହପ—ପ୍ରାଦେ. (ଗଡ଼ଜାତ) ବି.—ବାଲଯା; ବର୍ଷା ଓ ଝଡ଼ ମିଶ୍ରିତ
Lahapa ପାଗ—Windy and rainy weather.

ଲହ ବିରି—ଦେ. ବି(ସଂ. ଲତା ବ୍ରୀହି)—ଲଅ ବିରି (ଦେଖ)
Lahabiri La-a biri (See)

ଲହମା—ବୈଦେ. ବି.—(ଅ. ଲହମ୍ହା)—ନିମିଷ; କ୍ଷଣକାଳ, ମୁହୂର୍ତ୍ତ
Lahamā **लहमा** **लहमा** A moment.
[ଦ୍ର—ମାତ୍ର ଲହମାକ ପରେ ଦେଖୁଛି ତାହାକୁ, ଭୁଞ୍ଜାଏ ସ୍ୱାଦ୍ୟ ଅର୍ଥ, ଏହା ପ୍ରାକୃତିକ । ଚନ୍ଦ୍ରାମଣି ବନ୍ଧମାଳିକା]
କ୍ରି. ବିଣ.—ଲହମାଏ (ଦେଖ)—
Lahamāe (See)

ଲହମାଏ(କେ)—ଦେ. କ୍ରି. ବିଣ—୧ । କ୍ଷଣକ ମଧ୍ୟରେ; ମୁହୂର୍ତ୍ତକେ
Lahamāe(ke) एक लहमामें 1. In a moment.
एक लहमाके ୨ । ଅତି ଶୀଘ୍ର—2. Very soon.

ଲହର୍-ଫଅ(ହ)ର—ପ୍ରାଦେ. (ସମ୍ବଲପୁର) ବିଣ—ଲହର ପହର;
Lahar pha-a(ha)r ଇତସ୍ତତଃ ଗମନ କରୁଥିବା—
Walking to and fro. [ଦ୍ର—ପରଧନେ ଲହର ପହର; ଛଡ଼ାଇ ନେଲେ ଲଜେ ମଧ । ଭଗ]

ଲହର—ଦେ· ବି· —(ସ· ଲହରୀ)—୧ । ପ୍ରବାହ; ସ୍ରୋତ—
Lahara लहर, ढेउ लहर 1. Current.
[ଯଥା—ବାୟୁ-ଲହର] ୨ । ଢେଉ—2. Wave.
୩ । କଥାର ଢେଉ; କଥା ଲହର; ଲହରୀପରି ବାକ୍ୟ-ସ୍ରୋତଃ—3. A wave of speech; continued speech. ୪ । ଅପନବେଶ; ମନୋଯୋଗ—4. Attention. ୫ । (ସଂ. ଯଷ୍ଟି; ପ୍ରା. ଲଟ୍ଠି) ହାରର ସର; ଲର୍—5. One of the strings of a necklace. ୬ । ବାରଂବାର ଶ୍ୱାସରୋଧପୂର୍ବକ ଅନୁଚ୍ଚ କନ୍ଦନ—6. Sobbings; subdued lamentation with sobbings.

ଲହର କୋଲି—ଦେ. ବି (ସ. ଲବଲ)—ନରକୋଲି (ଦେଖ)—
Laharakoḷi Narakoḷi (See)

ଲହର ପଥ(ହ)ର ହେବା—ଦେ. କ୍ରି—୧ । ଲଢ଼ବଢ଼ ହେବା; ଫେର-
Lahara pa(ha)ra hebā ଫାର ହେବା; ଲଙ୍ଗଳଙ୍ଗ ହେବା,
(ଲହର ପଥର—ଅନ୍ୟରୂପ) ବାରଂବାର ଏକସ୍ଥାନରେ ଯିବା ଆସିବା
लहरपहर करा କରିବା—1. To loaf about. [ଉ
लसफस करना —ଯାକେ ବରବଦା କରିବା ପାଇଁ ବାଣ୍ଡୁଅରେ ଲହର ପହର ହେଉଅଛନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ ।] ୨ । ଲଷର ପଷର ହେବା—2. To walk
फदड़ फदड़ होना rapidly.

ଲହରା—ଦେ. ବିଣ (ସ. ଲହରୀ)—୧ । ପିନ୍ଧିବା ବ୍ୟକ୍ତିର ମାପରୁ
Laharā ବଳାଇ ଥିବା (ଲୁଗା ବା ପୋଷାକ)—1.
(ଲହରଆ—ଅନ୍ୟରୂପ) (A cloth) Which is in
बड़ excess of the wearer's proportions.
भोंगा ୨ । ଲହରୀ ପରି ସ୍ତର ବା ଭାଙ୍ଗ ବିଶିଷ୍ଟ—2. (cloth)
कुंचित लहरवाला Having folds or layers like wave.

ଲହରା(ରେ)ଇବା—ଦେ. କ୍ରି—ଲହରୀ ପରି ଧାରାବାହିକରୂପେ କଥା
Laharā(re)ibā କହିବା ବା କାନ୍ଦିବା—To walk or
(ଲହରେଇବା—ଅନ୍ୟରୂପ) weep in a continuous strain
ढेउतोला लहराना (like a wave).

ଲହରି(ରୀ)—ସ. ବି (ଲ=ଇନ୍ଦ୍ରିୟ+ହୃ ଧାତୁ=ହରଣ କରିବା+
Lahari(rī) କର୍ତ୍ତୃ. ଇ; ଈ)—୧ । ଜଳାଦିର ତରଙ୍ଗ; ଢେଉ—
1. Wave; billow. ୨ । (ଲକ୍ଷଣାର୍ଥ) ତରଙ୍ଗ ପରି ଉଠିବା କୌଣସି ବିଷୟର ବୃଦ୍ଧି—2. (Figurative) Wave; strain (ଯଥା—ଗଳ୍ପଲହରୀ; ହାସ୍ୟ-ଲହରୀ ।)

ଲହରି(ରୀ)ଲୀଳା—ସ. ବି (୬ଷ୍ଠୀ ତତ୍, ଲହରି(ରୀ)+ଲୀଳା)—
Lahari(rī) līḷā ତରଙ୍ଗର କ୍ରୀଡ଼ା—The playing of the waves.

ଲହ ଲହ—ଦେ. ଅ (ଲହ୍ ଧାତୁ)—ଛଡ଼ା ବା ସର୍ପାଦି ସରୁ ଲମ୍ବ ବସ୍ତୁ
Laha laha ଇତସ୍ତତଃ ସଞ୍ଚାଳିତ ହେବା—Waving to
लक्‌लक् and fro(said of thin and long things).
लहलह (ଯଥା—ସାପ ଜିଭକୁ ଲହ ଲହ କରୁଅଛି ।)

ଲହ ଲହକା—ଦେ. ବିଣ—(ସରୁବସ୍ତୁ) ଇତସ୍ତତଃ ସଞ୍ଚାଳିତ—
Laha lahakā (Thin and slender thing)—
लकलकिया, लकलके लहलहा Waving to and fro.

ଲହଲା—ପ୍ରାଦେ (କଟକ ସହର) ବି—ନହଲା (ଦେଖ)
Lahalā Nahalā (See)

ଲହଲଙ୍ଗ(ଙ୍ଗୁ)ଲିଆ—ଦେ· ବି (ସ· ଲାଙ୍ଗଲୀ)—ଅଗ୍ନିଶିଖା;
Lahalaṅga(ṅgu)liā ବିଷଲାଙ୍ଗୁଲିଆ; ଏକପ୍ରକାର କ୍ଷୁଦ୍ର-
ସ. କଳିକାରୀ; କଳିହାରୀ, ଗୁଳ୍ମର ମୂଳ — Gloriosa
ହଳିନୀ, ଲାଙ୍ଗଲକୀ; ଶକ୍ରପୁଷ୍ପୀ, Superba; Methonica
ବିଶଲ୍ୟା; ଅଗ୍ନିଶିଖା, ଲାଙ୍ଗଲୀ, Superba (M. W.);
ବହ୍ନିଚୂଡ଼, ଅନନ୍ତା, ବହ୍ନିବକ୍ତ୍ରା, wolfsbane; Aconitum
ପୁଷ୍ପସୌରଭା, ବିଦ୍ୟୁତ୍‌ଜ୍ୱାଳା, Napellus; Hydroba
ଗର୍ଭପାତନୀ, ସୀରା, ସ୍ୱର୍ଣ୍ଣପୁଷ୍ପା, Zeylancia.
ଇନ୍ଦ୍ରପୁଷ୍ପିକା, ଅଗ୍ନିମୁଖୀ, ହଲୀ, [ଦ୍ର—ଏହା ଗୋଟିଏ ଉପବିଷ;
ନକ୍ତା, ଗର୍ଭଘାତିନୀ, ଗର୍ଭନୁତ୍ ଋତନୀଗନ୍ଧାଦିବର୍ଗର ଅରଣ୍ୟ
ईशलाङ्गली, विषलाङ्गला, ରୋହଣୀ । ବର୍ଷାଦିନେ ଚେରରୁ
विषलाङ्गलिया ଜନ୍ମେ, ଏବଂ ଶରତ୍‌କାଳରେ ଫଳ
करीहारी, कलिहारी, कलियारी ପାଚିଲେ ଗଛ ମରିଯାଏ ଓ ଗଛର
ତେ. ପେଣ୍ଡୁଦୁମ୍ପା ଚିହ୍ନମାତ୍ର ନ ଥାଏ । ଏହାର ପତ୍ର
ମ. ଖଡ୍‌ୟାନାଗ ଏକୋତ୍ତର, ମତ୍ସ୍ୟାକାର ଓ
ଗୁ. ଉଧ୍ୱଯୋ, ବଛନାଗ ଅଙ୍କୁଶଯୁକ୍ତ; ଫୁଲ ବଡ଼ ବଡ଼ ଓ
ଅଗ୍ନିବର୍ଣ୍ଣ । ଫୁଲରେ ୬ ଗୋଟି ପୁଂକେଶର ଥାଏ; ଗର୍ଭକେଶର ବଙ୍କେଇ ଯାଇ ପୁଂକେଶର ଉପରେ ପଡ଼େ ଓ ଦେଖିବାକୁ ଲଙ୍ଗଳର ଈଶ ପରି ଅଟେ । ଫୁଲର ବେଣ୍ଟ ଓ ଫୁଲ ଅଧୋମୁଖ; ଫଳ ପାଚିଲେ ଫାଟିଯାଏ । ବୈଦିକ-କାଳରୁ ଏହା ଗର୍ଭପାତର ଔଷଧରୂପେ ଜଣାତ । ଏହାକୁ ଔଷଧାର୍ଥ ବ୍ୟବହାର କରିବାକୁ ହେଲେ ଏକ ଦିବସ-କାଳ ଗୋମୂତ୍ରରେ ବୁଡ଼ାଇ ଦେଇ ଶୋଧନ କରିବାକୁ ହୁଏ ।

ଏହା ଦକ୍ଷିଣ ଭାରତରେ ବିଶେଷ ଦେଖାଯାଏ । ଏହା କଟୁତିକ୍ତକଷାୟ, ଉଷ୍ଣବୀର୍ଯ୍ୟ, ତୀକ୍ଷ୍ଣ, ସାରଗୁଣଯୁକ୍ତ, ସାରକ, ପିତ୍ତବର୍ଦ୍ଧକ, ଗର୍ଭପାତକ, କଫ, ଶୋଥ ଓ କ୍ରିମି-ନାଶକ ଅଟେ । ଏହା କୁଷ୍ଠ, ଶୋଥ, ଅର୍ଶ, ବ୍ରଣ, ଶୂଳ, କଫ ଓ କ୍ରିମି ନାଶକ—ଦ୍ରବ୍ୟଗୁଣ ।]

ଲହଲିବା—ଦେ· କ୍ରି (ସ· ଲହରୀ)—ଲହରୀପରି ଅବିଚ୍ଛିନ୍ନ କଥା
Lahaḷibā କହିବା ବା ଗୀତ ବୋଲିବା; ଗ୍ରାନ୍ଥିକରୂପେ
बकबक करा କହିବା ବା ଆବୃତ୍ତି କରିବା—To talk
लहरना glibly or without halt or interruption; to recite without interruption.

ଲହ ଲୁଅଣି—ଦେ. ବି—ଲଅଲୁଅଣି (ଦେଖ)
Lahaluāṇi La-aluāṇi (See).

ଲହ ଶାଗ୍—ପ୍ରାଦେ. (ସମ୍ବଲପୁର) ବି. (ସଂ.ଲତା+ଶାକ)—ପୋଇଶାଗ
Laha śāg —A potherb; Basella Alba.

ଲହସ—ଦେ.ବ—(ସଂ. ଲସ୍ୟ)—୧ । ଲସ୍ୟସ; ଲକ୍ଷ୍ୟ; ମନଯୋଗ; ଖିଅଲ
Lahasa ধেয়ান লক্ষ 1. Attention.
୨ । (ସଂ.ଲହରୀ) କଥାର ସ୍ରୋତ—2. Course of talk.
୩ । କଥାବାର୍ତ୍ତାରେ ବା କାର୍ଯ୍ୟରେ ସମ୍ପୂର୍ଣ୍ଣ ମଗ୍ନତା ହେତୁ ଅମନୋଯୋଗ—3 Want of attention on a matter, being wholly absorbed in the course of conversation or in another matter. ୪ । କାର୍ଯ୍ୟର ସ୍ରୋତ—4. A strain of any work; a stretch. (ଯଥା— ସେ ଏବେ (କ) ସ୍ରୋତ (ଖ) ଲହର ଲହସରେ ଚାଲିଗଲା ।)

ଲହସା—ଦେ. ବ—କଦଳୀଗଛର ରୋଗ ବିଶେଷ—
Lahasā A disease of plantain tree
ଲପେଟା হুআ ବଣ. ଲହସା; ଢିଲା; ଶ୍ଳଥ—Slack. [ଦ୍ର—
ঢিলা ଗାଲମେଞ୍ଚୀ ଶାଢ଼ୀ ଗଲା ପରେ ଉଡ଼ୁ ଏଯାଇ ଲହସା ଖୋସା ।
ଜବଦୂର୍ଗ୍ୟ. ସଙ୍ଗୀତ ।]

ଲହସା ଖୋସା—ଦେ. ବ—ବେଣୀଦ୍ୱାରା ବନ୍ଧା ହୋଇ ମୂଳେ ଝୁଲୁଥିବା
Lahasā khoshā ଏକ ପ୍ରକାର ଖୋସା—A kind of
ঢিলা খোঁপা chignon made by plaiting the hair.
লপেটা হুআ জুড়া into a braid and loosely winding it into a slack circlet touching the shoulder line. [ଦ୍ର - ଅଂଶ ଅଗତଂଶ ଲହସା ଖୋସାକ, ବ ବେଣୀ ଲୋଟଣୀ ଯୁଡ଼ା । ଜବଦୂର୍ଗ୍ୟ ସଙ୍ଗୀତ ।]

ଲହସି ପଡ଼ିବା—ଦେ. କ୍ରି—୧ । ଲସିଯିବା; ଭିତରକୁ ପଶିଯିବା—
Lahasi pardibā দবেযাওয়া 1. To sink down.
দ্বনা ধসেপড়া [ଦ୍ର—ହୃଦେ ପଡ଼ିଅଛଏର, ଯାଗମେଣ୍ଟାଏ ତା ଉପର, ଉଣଲେ ପଡ଼ଇ ଲହସି, ଅଳପ ସ୍ନେହ ମାନ ଭଣି ରାମଦାସ. ଦାଢ୍ୟତାଭକ୍ତି ।] ୨ । ପାଣିଆ ବା କାଦୁଅ ପଦାର୍ଥ ଅସ୍ତବ୍ୟସ୍ତଭାବେ ତଳକୁ ବୋହିପଡ଼ିବା—
2. To fall down (said of a clayey thing.

ଲହସିବା—ଦେ. କ୍ରି—ଲସିବା (ଦେଖ)
Lahesibā Lasibā (See)

ଲହୁ—ଦେ. ବ.—(ସ. ଲୋହ)—ରକ୍ତ; ଶୋଣିତ—
Lahu রক্ত লোহু Blood
[ଦ୍ର—କଟଇ ଅଧରୁ ଲହୁ ଧାର । ଉଧାନାଥ. ମହାଯାତ୍ରା]

ଲହୁଅ—ଗ୍ରା. ବ (ସ. ଲୌହର ଅଶୁଦ୍ଧ ଉଚ୍ଚାରଣ)—ଲୁହା—
Lahua লোহা लोहा (ଲହୁ—ଅନ୍ୟରୂପ) Iron.

ଲହୁଅଣା—ଦେ. ବଣ—(ସ. ଲୋହମୟ) ୧ । ରକ୍ତାକ୍ତ—1.
Lahuāṇa Besmeared with blood. ୨ । ରକ୍ତରଞ୍ଜିତ—
রক্তাক্ত लोहुआन 2. Coloured with blood.
(ଲହୁଅଳ—ଅନ୍ୟରୂପ)

ଲହୁ ଚିତା ଘେ(ଘି)ନିବା—ଦେ. କ୍ରି—ରକତ ଚିତା ଘେନିବା (ଦେଖ)
Lahu chitā ghe(ghi)nibā Rakata chitā
রক্তের টিকা নওয়া लहुकाटीका करना ghenibā. (See)

ଲହୁଛିଙ୍କା—ପ୍ରାଦେ (ସମ୍ବଲପୁର) ବ—ଲଘୁଶଙ୍କା (ଦେଖ)
Laghuchhiṅkā Laghuśaṅkā (See)

ଲହୁ ଜାରି—ଗ୍ରା. ବ (ଉଚରଥ) (ସ. ଲୋହ ଓ ଫା. ଜାରୀ—ପ୍ରକାଶ)—୧ । ରକ୍ତସ୍ରାବ—1. Bleeding;
Lahu jāri
রক্তারক্তি haemorrhage. ୨ । ରଜସ୍ରାବ—2. Menstrual
लहूजारी flow; menstruation. ଦେ. ବ—ରକ୍ତାକ୍ତ—
Bleeding.

ଲହୁଡ଼ା—ଗ୍ରା. ବ (ଅଶ୍ଳୀଳ; ହି. ଲୌଡ଼ା; ଲେଣ୍ଡ; ସଂ. ଲୁଲ ଧାତୁରୁ
Lahurdā ଉତ୍ପନ୍ନ ଲୋଳ; କମ୍ବା ସଂ. ଲଗୁଡ଼)—ମେଢ଼୍ର;
নেওড়া लौड़ा ଶିଶ୍ନ; ପୁରୁଷର ଲିଙ୍ଗ—Penis; male organ.

ଲହୁଡ଼ି—ଗ୍ରା. ବ—ନହୁଡ଼ି (ଦେଖ)
Lahurdi Naurdi. (See)

ଲହୁଣିଆ(ଆଁ)—ଦେ. ବଣ ଓ ବ—ନହୁଣିଆ (ଦେଖ)
Lahuniā ā̃) Nahuniā; (See)

ଲହୁଣିଆଁ ମାଠ—ପ୍ରାଦେ (ଯାଜପୁର) ବ—ସରୁ କୋମଳ ଚକ୍କଣ
Lahuniān mātha ଲୁଗା—Fine soft. [ଦ୍ର—ପୁରୁଷ କହେଇ କି ? ଲହୁଣିଆଁ ମାଠ କାଚରେ ପଡ଼ିଲେ, ମଇଁଷ ଚଢ଼ିଲେ କି ? ଇତ୍ୟାଦି ।

ଲହୁଣୀ—ଦେ. ବ (ସଂ. ନବନୀତ)—ନହୁଣୀ (ଦେଖ)
Lahuni Nahuni, (See)

ଲହୁ ନିକାଳିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ କ୍ଷତ କରି ତା ଦେହରୁ
Lahu nikālibā ରକ୍ତ ବାହାର କରାଇବା—To cause
রক্তপাত लहुनिकलना bleeding wound to a person.
(ଲହୁ ବହାଇବା—ଗ୍ରାମ୍ୟ ରୂପ)

ଲହୁ ନିକଳିବା—ଦେ. କ୍ରି—ଦେହରୁ ରକ୍ତ ସ୍ରବିବା—
Lahu nikilibā Bleeding from a wound.
রক্ত বেরিয়ে যাওয়া लहुनिकलना

ଲହୁରୁଣୀ—ଦେ. ବ (ସ. ନଖଚ୍ଛେଦନ)—ଭଣ୍ଡାରୀଙ୍କର ନଖାଗ୍ର ଛେଦ
Lahuruni ଅସ୍ତ୍ର; ନଖାଗ୍ର ଛେଦନ କରିବାର ଅସ୍ତ୍ର—A nail-
নরুন नहरनी clipper used by barbers; nail cutter.

ଲହୁଳି ବୟସ—ଦେ. ବ—ଯୁବାବୟସ—Young age; the
Lahuli bayasa prime of life.
যুবাবয়স नवयुवा उम्र

ଲହୁଲି—ଦେ. ବଣ. ସ୍ତ୍ରୀ (ସ. ନବବାଳା)—ନହୁଳି (ଦେଖ)—
Lahuli Nahuli (See) ବ (ସ. ଲୋଳା)—
নূতন বয়সী ଦୁର୍ଗାଙ୍କ ନାମ—Name of Goddess
नवयुवा Durga.

ଲହୁଲୁଅ(ହା)ଣି—ଦେ. ବଣ—୧ । ରକ୍ତାକ୍ତ—1. Blood
Lahulua(hā)ni stained. ୨ । କ୍ଷତ ହୋଇ ରକ୍ତ
রক্তাক্ত ସ୍ରବୁଥିବା (କ୍ଷତ)—2. Profusely blee-
लोहु लोहुआन ding. ବ—ଲହଲୁଅଣି; ସର୍ପାଦ ଜନ୍ତୁଗଣ—
Snakes; reptiles.

ଲହୁଲୁଆ(ହା)ଣିଆ—ଦେ. ବଣ—ଲହଲୁଅଣି (ଦେଖ)
Lahulua(hā)nia Lahaluāni (See)

ଲା (ଧାତୁ)—ସ—୧ । ଗ୍ରହଣ କରିବା—1. To accept; to receive. ୨ । ଛେଦନ କରିବା—2. To cut. ୩ । ଦୂରାଇବା; ଦୂର କରିବା—3. To remove.
La (root)

ଲା—ଦେ•—୧ । (ବି) ଲାହା (ଦେଖ)—1. Lāhā (See) ୨ । କ୍ରିୟାର ଅତୀତକାଳରେ ଅନାଦରାର୍ଥକ ତୃତୀୟ ପୁରୁଷ ଏକବଚନରେ ଲାଗିବା ପ୍ରତ୍ୟୟ (ଯଥା—ଗଲା, କଲା, ଖାଇଲା ଇତ୍ୟାଦି ।)—2. Letter or inflection aded to a verb in 3rd person, singular number, past tense. ୩ । (ବି) (କଟକିଆ)—'ଲାଖରାଜ' ଶବ୍ଦର ସାଙ୍କେତିକ—3. The abbreviation for Lākharāja. (ଯଥା—ଲା-ବାହେଲ, ଲା-ବାଜ୍ୟାପ୍ତି, ଲା-ମଉଜା, ଲା-ଦାର, ଲା-ଦେବୋତ୍ତର, ଲା-ବ୍ରହ୍ମୋତ୍ତର ଇତ୍ୟାଦି ।)—ବିଣ (କ୍ରିୟା ସଙ୍ଗେ ଯୁକ୍ତ ହୋଇ) ଯାହା ସମ୍ବନ୍ଧେ କୌଣସି କ୍ରିୟା କରାଯାଇଅଛି—In respect of which any verb has been applied. (ଯଥା—ଗଲା କଥା, ଖୋଇଲା ଘର, ଖାଇଲା କଂସା, ମଲାମନୁଷ୍ୟ ଇତ୍ୟାଦି ।) ପ୍ରାଦେ (ଗଞ୍ଜାମ) ବୈଦେ. ବି (ଇଂ)—ଆଇନ୍—Law. ପ୍ରାଦେ (ଉତ୍ତର ବାଲେଶ୍ୱର) ବି (ସଂ• ଲତା)—ଲଇ—Creeper used as string. ପ୍ରାଦେ (ଲଉଆ)—କର୍ମକାରକ ବା ଦ୍ୱିତୀୟା ବିଭକ୍ତିର ପ୍ରତ୍ୟୟ-କୁ The inflxion or suffix added to a noun to denote the accusative case. (ଯଥା—ଏ ବାଡ଼ିଲା [ବାଡ଼ିକୁ] ଭୁଟାଏଲ୍ ଭାଙ୍ଗିବାକୁ] ଶକ୍‌ବେ [ସମର୍ଥ ହେବୁ] ?)—ବୈଦେ• ଉପପଦ (ଫା)—ଶୂନ୍ୟ; ହୀନ—A Persian prefix denoting not, want of, without. (ଯଥା—ଲା+ଖିରାଜ୍=ଲାଖିରାଜ୍=କରଶୂନ୍ୟ; ଲା+ଵାରିସ୍=ଲାୱାରିସ୍=ଉତ୍ତରାଧିକାରୀ ହୀନ ।)
Lā
ନା
ଆ

ଲାଆ—ଦେ• ବି—ଲାହା (ଦେଖ)
Lā-ā Lāhā (See)

ଲାଆ(ଇ)କ୍—ଦେ. ବିଣ (ସଂ. ନାୟକ)—ଲାଏକ୍ (ଦେଖ)
Lā-ā(i)k Laek (See)

ଲାଇ—ଗ୍ରା. ବି—ନାହିଁ (ଦେଖ)
Lāi Nāhi (See)

ଲାଇଟ୍(ଟି)—ବୈଦେ• ବି (ଇଂ. ଲାଇଟ୍)—୧ । ଆଲୋକ—1. Light. ୨ । ପ୍ରଦୀପ—2. Lamp [ଦ୍ର—ଅନ୍ୟ ଇଂରାଜୀ ଶବ୍ଦ ସଙ୍ଗେ ବ୍ୟବହୃତ ହୋଇଥିବା ଏହି ଶବ୍ଦ ରୂପାରେ ଚଳେ । ଯଥା ସର୍ଚ୍ଚଲାଇଟ୍, ଇଲେକ୍‌ଟ୍ରିକ୍ ଲାଇଟ୍, ଲାଇଟ୍ ହାଉସ୍, ଗାସ୍ ଲାଇଟ୍]
Lāiṭ(ṭi)
ଲାଇଟ
ଲାଇଟ

ଲାଇଟ୍ ହାଉସ୍—ବୈଦେ. ବି (ଇଂ)—ସମୁଦ୍ରରେ ରାତିରେ ଜାହାଜମାନଙ୍କୁ ବାଟ ଦେଖାଇବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଉପକୂଳରେ ବା ଦ୍ୱୀପାଦିରେ ଅବସ୍ଥିତ ଉଚ୍ଚ ଆଲୋକସ୍ତମ୍ଭ ଥିବା ଗୃହ—Light house.
Lāiṭ hāus
ଲାଇଟ ହାଉସ
ଲାଇଟ ହାଉସ (ହୌସ)

ଲାଇ ଦେବା—ପ୍ରାଦେ. (ଗଞ୍ଜାମ) କ୍ରି—ଲାଇବା (ଦେଖ)
Lāi debā Laibā (See)

ଲାଇନ୍(ନି)—ବୈଦେ. ବି—୧ । (ଇଂ. ଲାଇନ୍)—ରେଳ ଗାଡ଼ି ଯିବା ଆସିବା ପାଇଁ ସମାନ୍ତର ରେଖାକାରରେ ପାତିତ ଲୌହ ବର୍ତ୍ମ ଯୁଗ୍ମ—1. A railway line (consisting of a pair of iron rails—(ଯଥା—ରେଲ୍‌ଲାଇନ୍, ଡବଲ୍ ଲାଇନ୍, ସିଙ୍ଗଲ୍ ଲାଇନ୍) ୨ । କୁଲି, ସେନା ବା ପୁଲିସ ଫଉଜଙ୍କ ରହିବାପାଇଁ ଧାଡ଼ି ଧାଡ଼ି ହୋଇ ନିର୍ମିତ ଗୃହଶ୍ରେଣୀ; ଲାଇନ୍; ଲାଇନ୍—2. Line; barracks; rows of houses erected for soldiers, coolies or police force. (ଯଥା- ପୁଲିସ୍ ଲାଇନ୍, ରିଜର୍ଭ୍ ଲାଇନ୍, ମିଲିଟେରି ଲାଇନ୍) ୩ । ରେଖା—3. Line. ୪ । ଶ୍ରେଣୀ; ଧାଡ଼ି—4 Row. ୫ । ଟେଲିଗ୍ରାଫ୍ ବା ଟେଲିଫୋନ୍ ସଂବାଦ ଯେଉଁ ତାର ଦ୍ୱାରା ପ୍ରେରିତ ହୁଏ—5. Tolegraphic or telephonic line. ୬ । (ଛାପାଖାନା) ମୁଦ୍ରିତ ବା ଟାଇପ୍ ଯୋଡ଼ା ଯାଇଥିବା ଅକ୍ଷର ମାନଙ୍କ ଧାଡ଼ି—6.(printing) A line of printed or composed types.
Lāin(ni)
ଲାଇନ୍ ଲାଇନ

ଲାଇନ୍ କ୍ଲିଅର୍—ବୈଦେ. ବି. (ଇଂ• ରେଲୱେ ଶବ୍ଦ)—ରେଳଗାଡ଼ି ଯେଉଁ ଲାଇନ୍ (ରେଳପଥ) ରେ ଯିବ ସେ ପଥରେ କୌଣସି ବାଧା ନାହିଁ, ଏହା ଜଣାଇବାର ସଂବାଦ ବା ସଙ୍କେତ—[ଦ୍ର—କୌଣସି ଷ୍ଟେସନରେ ରେଳଗାଡ଼ି ଆସି ପହଞ୍ଚିବା ପୂର୍ବରୁ ତହିଁର ପୂର୍ବବର୍ତ୍ତୀ ଗୋଟିଏ ଷ୍ଟେସନ୍ ଛାଡ଼ି ତତ୍‌ପୂର୍ବବର୍ତ୍ତୀ ଷ୍ଟେସନକୁ ପ୍ରଥମେ ଏହି ମର୍ମରେ ତାରଖବର ମିଳେ ଯେ, ପ୍ରଥମୋକ୍ତ ଷ୍ଟେସନରୁ ଗାଡ଼ି ଛାଡ଼ିଲା ଏବଂ ସମ୍ବାଦପ୍ରେରକ ଷ୍ଟେସନ୍ ଓ ଯାତ୍ରୀମାନେ ଅପେକ୍ଷା କରୁଥିବା ଷ୍ଟେସନ୍ ମଧ୍ୟସ୍ଥ ଲାଇନ୍‌ରେ କୌଣସି ଅବରୋଧ ନାହିଁ—'Line clear' signal given to a train which is about to start. [ଦ୍ର—ଯାତ୍ରୀମାନେ ରେଳଗାଡ଼ି ପାଇଁ ଅପେକ୍ଷା କରୁଥିବା ଷ୍ଟେସନ୍‌ରେ ତାରଦ୍ୱାରା ଏହି ସମ୍ବାଦ ପହଞ୍ଚିବା ମାତ୍ରେକେ ଷ୍ଟେସନ୍ ମୁଣ୍ଡରେ ଗୋଟିଏ ପତାକା ଭଳି ପଟା (signal) କୁ ତଳକୁ ମୁହଁ କରି ଦିଆଯାଏ । ଏହାକୁ ଲାଇନ୍‌କ୍ଲିଅର୍ ସିଗ୍‌ନାଲ୍ ବା ସିଗ୍‌ନଲ୍ (Line clear signal) ବୋଲାଯାଏ । ଏହି ଖବର ମିଳିବା ମାତ୍ରକେ ଷ୍ଟେସନ୍‌ବାଲା ଦୁଇଥର ଘଣ୍ଟା ପିଟି ଦେଇ ଏ ସମ୍ବାଦ ଯାତ୍ରୀମାନଙ୍କୁ ଜଣାଇଦିଅନ୍ତି । ଏହାକୁ ଲାଇନ କ୍ଲିଅର୍ ବେଲ୍ ବା ଘଣ୍ଟା ଦେବା (Giving the line clear bell) କହନ୍ତି । ଷ୍ଟେଶନର ପୂର୍ବବର୍ତ୍ତୀ ଷ୍ଟେସନରେ ରେଳଗାଡ଼ି ପହଞ୍ଚି ସେଠାରୁ ଗାଡ଼ି ଛାଡ଼ିଦେବା ପରେ ଆଉ ଗୋଟିଏ ଘଣ୍ଟା ବାଜେ, ତାକୁ ଆଉଟ୍ (out) ଘଣ୍ଟି ବୋଲାଯାଏ, ଏବଂ ରେଳଗାଡ଼ି ଆସି ପ୍ଲାଟ୍ ଫର୍ମରୁ ଦେଖାଗଲେ ଆଉଥରେ ଘଣ୍ଟା ଦିଆଯାଏ, ତାକୁ ଇନ୍‌ସାଇଟ୍ (In sight) ଘଣ୍ଟି ବୋଲାଯାଏ]
Lāin kliar
ଲାଇନ୍‌କ୍ଲିଅର୍ ଲାଇନ କ୍ଲିଅର

ଲାଇନ କ୍ଲିଅର୍ ବେଲ୍—ବୈଦେ.ବ (ଇଂ) (ରେଲ୍‌ଓ୍ୱେ ଶବ୍ଦ)—ଲାଇନ୍‌ରେ
Lāin-kliar bel କୌଣସି ଅବରୋଧ ନ ଥିବାସୂଚକ
[ଲାଇନ କ୍ଲିଅର୍ ଘଣ୍ଟା(ଣ୍ଟି)—ଦେ. ରୂପ] ଘଣ୍ଟାଧ୍ୱନି—Line
লাইন্‌ক্লিআর ঘণ্টা (বেল) clear bell. [ଦ୍ର—ଲାଇନ କ୍ଲିଅର୍
लाईनक्लिअरबेल (घण्टा,घण्टी) ଉଲେ ନୋଟ୍ ଦେଖ ।]

ଲାଇନ୍‌କ୍ଲିଅର୍ ସିଗ୍‌ନାଲ୍—ବୈଦେ.ବ (ଇଂ.ରେଲ୍‌ଓ୍ୱେଶବ୍ଦ)—ଲାଇନ୍‌ରେ
Lāin-kliar signāl କୌଣସି ଅବରୋଧ ନ ଥିବାସୂଚକ ଚିହ୍ନ
লাইনক্লিয়ার সিগনাল ବା ଷ୍ଟେସନର ପ୍ରାନ୍ତ ଭାଗରେ ଭଳମୁହାଁ
लाईनक्लिअर सिगनल ହୋଇ ପଡ଼ିବା ପତାକାଯୁକ୍ତ ପଟା—
Line clear signal.
[ଦ୍ର—ଲାଇନ କ୍ଲିଅର୍ ଉଲେ ନୋଟ୍ ଦେଖ ।]

ଲାଇନ ପରେଟ୍(ଡ୍)—ବୈଦେ. ବ (ଇଂ. ଲାଇନ୍ +ପାରେଡ୍)—
Lāin paret(d) କଯୁକ୍ ପରେଟ୍; ପଲଟଣମାନେ ଯେଉଁଠାରେ
(ଲାଇନ ପାରେଡ୍—ଅନ୍ୟରୂପ) ଶ୍ରେଣୀବଦ୍ଧ ହୋଇ ଠିଆ ହୋଇ
লাইন পারেড় ଗୁଳି ମାରିବା ଓ ଅଙ୍ଗଚାଳନାଦି ଅଭ୍ୟାସ କ୍ରିୟା କରନ୍ତି-
लाईन परेट Parading line of troops; a place
where parading of troops takes place.

ଲାଇନ୍ ମାନ୍—ବୈଦେ. ବ (ଇଂ. ରେଲୱେ ଶବ୍ଦ)—ରେଲର ଯେଉଁ
Lāin mān କର୍ମଚାରୀ ରେଲ ଲାଇନ୍‌କୁ ଜଗିଥାଏ ଓ
লাইনম্যান ଯାହାଠାରେ ଉକ୍ତ ଲାଇନକୁ ନୋଳଣ ପକାଇବାର ଭାର
लाईनमैन ଥାଏ—A lineman of a railway.

ଲାଇନିଙ୍ଗ୍—ବୈଦେ. ବ.(ଇଂ)—କୋଟ ଜାମାର ତଳେ ଦିଆଯିବା ଅନ୍ୟ
Lāining ଜରସା ଜାମାର ପ୍ରସ୍ତ; ଅସ୍ତର୍—Lining to the
লাইনিঙ্গ लाइनिंग upper layer of cloth in a coat.
(ଲାଇନିଂ—ଅନ୍ୟରୂପ)

ଲାଇଫ୍ ଇନ୍‌ସିଓର୍ କରିବା—ଦେ. କ୍ରି (ଇଂ.ଲାଇଫ୍ +ଇନସ୍ୟୋର୍)—
Lāiph-in sior karibā ଆପଣା ଜୀବନକୁ ବୀମା କରିବା;
লাইফইন্‌সিওর করা କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ
लाईफईन्स्योर करना ତାହାର ଉତ୍ତରାଧିକାରୀମାନେ ନିର୍ଦ୍ଦିଷ୍ଟ
ପରିମିତ ଟଙ୍କା କୌଣସି କୋମ୍ପାନୀରୁ ପାଇବେ ବୋଲି
ଚୁକ୍ତି କରିବା—To insure a person's life.
[ଦ୍ର—ଏହା ଆଧୁନିକ ସଭ୍ୟତା ପ୍ରବର୍ତ୍ତିତ ଏକପ୍ରକାର ଜୁଆ
ଖେଳ ମାତ୍ର । ଏ ସମ୍ବନ୍ଧୀୟ କେତେଗୁଡ଼ିଏ ଶବ୍ଦ ଭାଷାରେ
ଚଳିଅଛି ।]

ଲାଇଫ୍ ଇନ୍‌ସିଉ(ଓ)ରାନ୍ସ-ବୈଦେ. ବ (ଇଂ. ଲାଇଫ୍ ଇନ୍‌ସ୍ୟୁରାନ୍ସ)—
Lāiph insiu(o)rāns ଜୀବନବୀମା ସ୍ୱତ୍ୱ—
লাইফ্‌ ইন্‌স্যুরান্স लाईफ ईन्स्योरेन्स Life insurance.
(ଲାଇଫ୍ ଇନ୍‌ସ୍ୟୁରାନ୍ସ—ଅନ୍ୟରୂପ) [ଦ୍ର—ଏଥିପାଇଁ ଲୋକେ
ମାସକୁ ମାସ କମ୍ବା ବର୍ଷ ନିର୍ଦ୍ଦିଷ୍ଟ କିସ୍ତିରେ ଯେଉଁ ଟଙ୍କା
କମ୍ପାନୀକୁ ଦିଅନ୍ତି ତାକୁ ପ୍ରିମିଅମ (Premium) ଓ
କମ୍ପାନୀ ଉକ୍ତ ବ୍ୟକ୍ତିଙ୍କୁ ଯେଉଁ ଚୁକ୍ତିପତ୍ର ଲେଖି ଦିଅନ୍ତି
ତାକୁ ପଲିସି (Policy) ଓ ଟଙ୍କା ଦେବା ବ୍ୟକ୍ତି କମ୍ପାନୀକୁ
ଯେଉଁ ଚୁକ୍ତିପତ୍ର ଲେଖିଦିଏ ତାକୁ (Bond) ବୋଲାଯାଏ ।
ଯେଉଁ ବ୍ୟକ୍ତି ଟଙ୍କା ଦିଏ ତାକୁ ପଲିସି ହୋଲ୍‌ଡର୍
(Policy holder) ବୋଲାଯାଏ ।]

ଲାଇଫ୍‌ଇନ୍‌ସିଉ(ଓ)ରାନ୍ସ କୋମ୍ପାନୀ—ବୈଦେ. ବ (ଇଂ)—ଯୌଥ
Lāiph-insiu(o)rāns kompānī କୋମ୍ପାନୀ ବା ଦଳ
লাইফইনসিউরান্স কম্পানী ଲୋକଙ୍କଠାରୁ ନିର୍ଦ୍ଦିଷ୍ଟ ପରିମାଣରେ ଓ
लाईफईन्स्योरेन्स कम्पानी କିସ୍ତିରେ ଟଙ୍କା ନେଇ ଲୋକଙ୍କର
ଲାଇଫ୍ ଇନ୍‌ସିଓର୍ କରନ୍ତି—Life Insurance
Company.

ଲାଇଫ୍‌ଇନ୍‌ସିଉ(ଓ)ରାନ୍ସ ପ୍ରିମିଅମ୍—ବୈଦେ. ବ (ଇଂ)—ଉକ୍ତ ଦଳ
Lāiph-insiu(o)rānsa primiam ନିର୍ଦ୍ଦିଷ୍ଟ କିସ୍ତିରେ ଜୀବନ
লাইফইনসিউরান্স প্রিমিয়ম ବୀମା କୋମ୍ପାନୀକୁ ଦିଆଯିବା ଟଙ୍କା—
लाईफ ईन्स्योरेन्स प्रिमियम Life Insurance premium.

ଲାଇଫ୍‌ଇନ୍‌ସିଉରାନ୍ସ ବଣ୍ଡ୍—ବୈଦେ. ବ (ଇଂ)—ଟଙ୍କା ଦେବା
Lāiphinsiurānsa band ବ୍ୟକ୍ତିଙ୍କର ଜୀବନବୀମା କୋମ୍ପାନୀକୁ
লাইফইনসিউরান্স বণ্ড ଲେଖିଦେବା ଚୁକ୍ତିପତ୍ର—
लाईफईन्स्योरेन्स बण्ड Life Insurance bond.

ଲାଇଫ୍ ପଲିସି—ବୈଦେ. ବ (ଇଂ)—ଯେଉଁ ଚୁକ୍ତିପତ୍ର ଦ୍ୱାରା କମ୍ପାନୀ
Lāiph palisi କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ତାହାର
(ଏଣ୍ଡାଉମେଣ୍ଟ ପଲିସି—ରୂପାନ୍ତର) ଉତ୍ତରାଧିକାରୀଙ୍କୁ ନିର୍ଦ୍ଦିଷ୍ଟ ପରି-
লাইফ পলিসি ମାଣରେ ଧନ ଦେବାକୁ ଅଙ୍ଗୀକାର କରନ୍ତି—
लाईफपालिसी Life policy.

ଲାଇଫ୍ ବେଲ୍ଟ୍—ବୈଦେ.ବ (ଇଂ)—ସମୁଦ୍ରରେ ଜାହାଜରେ ଯାଉଥିବା
Lāiph belt ଯାତ୍ରୀମାନେ ଜାହାଜ ଅକସ୍ମାତ୍ ବୁଡ଼ିଗଲେ ଯେଉଁ
লাইফবেল্ট लाइफ बेल्ट ରବର୍ ନିର୍ମିତ ବାୟୁପୂର୍ଣ୍ଣ କମରପଟିକୁ
ଦେହରେ ବାନ୍ଧିବା ଦ୍ୱାରା ପାଣିରେ ବୁଡ଼ି ମରନ୍ତି ନାହିଁ—
Life-belt

ଲାଇଫ୍ ବୋଟ୍—ବୈଦେ. ବ—(ଇଂ)—ଯେଉଁ ଛୋଟ ଛୋଟ ଡଙ୍ଗା
Lāiph bot ସାହାଯ୍ୟରେ ଜାହାଜର ଯାତ୍ରୀମାନେ ବୁଡ଼ିଯିବା
ଜାହାଜରୁ କୂଳକୁ ପଳାଇ ଆସି ଜୀବନ ରକ୍ଷା କରନ୍ତି—
Life boat. [ଦ୍ର—ଏହି ପ୍ରକାରର କେତେଖଣ୍ଡ ଡଙ୍ଗା
ପ୍ରତ୍ୟେକ ଜାହାଜରେ ଲଟକା ହୋଇ ରଖା ଯାଇଥାଏ;
ବିପଦ ସମୟରେ ସେଠାପାଇ ବ୍ୟବହାର କରାଯାଏ ।]

ଲାଇ ଫୁଲା(ଲେ)ଇବା—ଗ୍ରା. କ୍ରି—ନାହି ଗଡ଼େଇବା (ଦେଖ)
Lāi phulā(le)ibā Nāhi gardeibā (See)
[ଲାଇଗଡ଼ା(ଡ଼େ)ଇବା—ଅନ୍ୟରୂପ]

ଲାଇବା—ଗ୍ରା. କ୍ରି—(ସଂ. ଲଗ୍ଧାତୁ=ଗ୍ରହଣ କରିବା)—୧ । (ପ୍ରାଚୀନ
Lāibā ପଦ୍ୟ) ସ୍ଥାପନ କରିବା—1. To place. [ଦ୍ର—
লাগান लाना ହୃଠେ ମଥାରେ କରଲାଇ । କହିଲା ବଚନ ବିନୟୀ ।
ରାମ ଦାସ. ଦାଢ଼ୀ୍ୟଭକ୍ତି ।] ୨ । (ପ୍ରାଚୀନ ପଦ୍ୟ)
ଧରିବା—2. To catch; to hold. [ଦ୍ର—ସୁବର୍ଣ୍ଣର
ବେତ ସବେ ଜନ୍ତ୍ରି ହସ୍ତେ ଲାଇ । ପ୍ରାଚୀ. ବ୍ରହ୍ମନିରୂପଣ.
ଗୀତା.] ୩ । ନାଇବା (ଦେଖ) 3. Nāibā (See)
[ଦ୍ର—ଯଶୋ ଦୁଇ ବାହୁ ସେ ଦୁଇ ହାତେ ଲାଇ । ବନ
ଶାଢ଼ୀ ଖଣ୍ଡେ ସେ ଦେହଲେ ଗୁଡ଼ାଇ । କୃଷ୍ଣସିଂହ.ମହାଭାରତ.

ବଗଠ] ପ୍ରାଦେ (ଗଞ୍ଜାମ) କ୍ରି—ଧାନ ଆଦିକୁ ଠୋକାଇ ଅଳ୍ପ ପାତ୍ରରେ ପୂରାଇବା ବା ଭରିବା—To fill up paddy etc in a basket.

ଲାଇବେଲ୍—ବୈଦେ. ବି (କଚେରୀ)—(ଇଂ)—ଅପବାଦ ଯୋଗୁଁ Lāibel Libel. লাইবেল लाइबेल ମାନହାନି—

ଲାଇବ୍ରେରିଆନ୍—ବୈଦେ. ବି (ଇଂ)—ପୁସ୍ତକାଗାରର ରକ୍ଷକ— Lāibrerian লাইব্রেরীআন্ लाइब्रेरियन Librarian.

ଲାଇବ୍ରେରି—ବୈଦେ. ବି—(ଇଂ)—ପୁସ୍ତକାଗାର; ପୁସ୍ତକ ଭଣ୍ଡାର— Lāibreri লাইব্রেরী लाइब्रेरी Library.

[ଲାଇବ୍ରେରୀ—ଗ୍ରାମ୍ୟରୂପ] (ଦ୍ର—ସ୍ଥାନବିଶେଷରେ ଲାଇବ୍ରେରିର ନାମ ଭିନ୍ନ ଭିନ୍ନ ହୋଇଥାଏ । ଯଥା—ବାର୍ ଲାଇବ୍ରେରି; କଲେଜ୍ ଲାଇବ୍ରେରି; ଲ୍ ଲାଇବ୍ରେରି, ହାଇକୋର୍ଟ ଲାଇବ୍ରେରି, ପବ୍ଲିକ୍ ଲାଇବ୍ରେରି, ଟାଉନ୍ ଲାଇବ୍ରେରି ଇତ୍ୟାଦି]

ଲାଇଲାବ ମୂଲିଆ—ପ୍ରାଦେ (ଗଡ଼ଜାତ) ବି—ଲହଲାଙ୍ଗୁଲିଆ (ଦେଖ) Lāilāba mūliā Lahalāngulia (See)

ଲାଇସେନ୍ସ—ବୈଦେ. ବି—(ଇଂ)—୧ । କୌଣସି ବିଶିଷ୍ଟ କାର୍ଯ୍ୟ Lāisens କରିବାକୁ ରାଜ ସରକାରଙ୍କ ବା କୌଣସି କର୍ତ୍ତୃପକ୍ଷଙ୍କ লাইসেন্স लाइसेन्स ପ୍ରଦତ୍ତ ଅନୁମତି—1. License procured from the Government or from any other authority. [ଲାଇସ(ସେ)ନ(ନ୍)—ଗ୍ରାମ୍ୟରୂପ] ୨ । ରାଜ ସରକାରଙ୍କ ଅନୁମତି ପତ୍ର—2. A deed of license got from the Government. ୩ । ଲାଇସେନ୍ସ ଫିସ୍—3. License fees. [ଦ୍ର- ମାଦକ ଦ୍ରବ୍ୟାଦି ବିକିବାପାଇଁ, ଭଡ଼ାଘରେ ଯାତ୍ରୀମାନଙ୍କୁ ଭଡ଼ାରେ ରଖାଇବାପାଇଁ, ଡାକ୍ତରୀ ଲୋକଙ୍କୁ ଚିକିତ୍ସା କରିବା ପାଇଁ ସରକାର ଲୋକଙ୍କ ଠାରୁ ଫିସ୍ ବା ଶୁଳ୍କ ଗ୍ରହଣ କରି ଲାଇସେନ୍ସ୍ ବା ଅନୁମତିପତ୍ର ଦିଅନ୍ତି ।]

ଲାଇସେନ୍ସ ଡିଉଟି—ବୈଦେ. ବି (ଇଂ)—କୌଣସି କାର୍ଯ୍ୟପାଇଁ Lāisens diuti ଅନୁମତି ପାଇବା ନିମନ୍ତେ ସରକାରଙ୍କୁ ଦିଆଯିବା লাইসেন্স ডিউটি लाइसेन्सड्यूटी ଶୁଳ୍କ—License fees; license duty; license tax.

ଲାଇସେନସ୍ ଟାକ୍ସ, ଲାଇସେନସ ଫିସ୍ } ଅନ୍ୟରୂପ

ଲାଇସେନ୍ସଦାର—ବୈଦେ. ବି (ଇଂ ଲାଇସେନ ଫା. ଦାର)—ଯେଉଁ Lāisensdār ଲୋକ ଫିସ ଦେଇ ସରକାରଙ୍କଠାରୁ ବା କର୍ତ୍ତୃପକ୍ଷଙ୍କଠାରୁ ଅପଣା ନାମରେ ଅନୁମତିପତ୍ର ହାସଲ କରିଥାଏ লাইসেন্সদার लाइसेन्सदार Licensee; license-holder.

ଲାଉ—ଦେ. ବି—(ସଂ. ଅଲାବୁ; ପ୍ରା. ଅଲାଉ; ଲାଉ)—୧ । କୁଷ୍ମାଣ୍ଡାଦି Lāu ବର୍ଗର କୃଷିଜାତ ଲତା ଓ ତହିଁର ଫଳ; ଭୂମ୍ବୀ—

ସଂ. ଅଲାବୁ, ତୁମ୍ବୀ
লাউ, লাহু
कद्दु तुंबी, लौआ
ତେ. ଅନ୍ନାବୁ, ଶଢ଼ାକାଯ୍
ତା. ଚୁରାଇ କ୍କାଏ
ଗୁ. ଦୁଧୀଯୁଁ, ଦୁଧଲୁଂ
ଫା. କୁଦୁ ଶୀରୀନ୍
ଆ. ଯୁକ୍ତି ଜେକୁଲ କରା

1. Bottle gourd; white gourd; pumpkin; Cucurbita Lagenaria; Lagenaria Vulgaris. [ଦ୍ର—ଲାଉ ଅନେକ ପ୍ରକାରର । ତହିଁ ମଧ୍ୟରୁ ଟିକିଆ ଲାଉ, ଧଳା ଲାଉ, କଳା ଲାଉ, ପିତାଲାଉ, ପ୍ରଧାନ । ଲାଉ ଲମ୍ବା ଓ ବର୍ତ୍ତୁଳ, ଏପରି ଦୁଇ ଶ୍ରେଣୀରେ ବିଭକ୍ତ । ଏହାରି ଫୁଲ ଧଳା; ବୈଦ୍ୟକ ମତରେ ଏହା ହୃଦ୍ୟ, ଗୁରୁପାକ, ବୃଷ୍ୟ, ରୁଚିକାରକ, ଧାତୁବର୍ଦ୍ଧକ, ପୁଷ୍ଟିକର ଓ ପିତ୍ତ ଶ୍ଲେଷ୍ମନାଶକ (ଦ୍ରବ୍ୟଗୁଣ)] ୨ । ଶିଶୁ ଓ ଅକ୍ଷମ ମାନଙ୍କର ଦୁଇହାତକୁ କାନ୍ଧବାଟେ ଧରି ବୟସ୍କ ବ୍ୟକ୍ତିମାନେ ତାଙ୍କୁ ପିଠିରେ ବହନ କରିବା ପ୍ରଣାଳୀ—2. The carrying of a child or invalid person on the back.

ଲାଉଆ—ଦେ. ବିଣ—୧ । ଲାଉପରି ଧଳା—1. White like Lāuā gourd. [ଯଥା—ଲାଉଆ ଶିରୀ ।] ୨ । ଲାଉପରି লাউর মতন, লেয়ে ବଡ଼ ବା ଲାଉ ଆକୃତି ବିଶିଷ୍ଟ—2 Sha- लाउके माफिक, लावा ped like a gourd or as big as gourd. (ଯଥା—ଲାଉଆ ଦୁଧ ।)

ଲାଉଆ ଦୁଧ—ଦେ. ବି—ସ୍ଥୂଳ ସ୍ତନ, ଲମ୍ବ ସ୍ତନ, ଲାଉ ପରି ବଡ଼ ବା Lāuā dudha ବର୍ତ୍ତୁଳ ସ୍ତନ—Female breasts as লেয়ে মাই लावा स्तन big or plump as gourds.

ଲାଉଆ ଦୁଧୀ—ଦେ. ବିଣ. ସ୍ତ୍ରୀ—ଅଳାବୁ ପରି ବର୍ତ୍ତୁଳ କୁଚବତୀ (ସ୍ତ୍ରୀ); Lāuā dudhi ପୀନ ସ୍ତନୀ—(A woman) With big যার লেয়ে মাই plump breasts (compared to लाउस्तनवाली pumpkins.)

[ଦ୍ର—ଲାଉଆଦୁଧୀ ସ୍ତ୍ରୀମାନଙ୍କ କୁଚମାନ ବଡ଼ ବଡ଼ ଥିବାରୁ ପୂର୍ଣ୍ଣ ଯୌବନାବସ୍ଥାର ଅଳ୍ପକାଳ ପରେ ଶିଥିଳ ଓ ଅଧୋମୁଖ ହୋଇଯାଏ]

ଲାଉଆ ପେଟ—ଦେ. ବି—ସ୍ଥୂଳୋଦର—Pot belly; a belly as Lāuā peta big as a pumpkin. লেয়ে পেট लावापेट

ଲାଉଆ ପେଟା—ଦେ. ବିଣ. ପୁଂ—ଲାଉପରି ବଡ଼ ପେଟଯୁକ୍ତ (ବ୍ୟକ୍ତି)— Lāuā petā Pot-bellied; big bellied. [ଲାଉଆ ପେଟା, ଲାଉଆପେଟେ(ଟୋ)ଇ—ସ୍ତ୍ରୀ] লেয়ে পেট लावा पेटवाला

ଲାଉ(ଓ)ଆରସ(ସି)—ବୈଦେ. ବି(ଫା; ଲା=ନାହିଁ+ୱାରିସ୍)— Lāu(o)ā rā(ri)s(si) ନାଉଆରସ (ଦେଖ)— [ଲାଓ୍ୱାର(ରି)ସ୍ (ସି)—ଅନ୍ୟରୂପ] Nāuāras (See)

ଲାଉଆ ସିଂଘୀ—ଦେ. ବି—ଲାଉଆସିଂଘୀ (ଦେଖ) Lāuā simghi Lāuā simghi (See)

ଲାଉ କରିବା—ଦେ. କ୍ରି—ଶିଶୁ ଓ ଅକ୍ଷମମାନଙ୍କୁ ପିଠିରେ ପକାଇ Lāu karibā ସେମାନଙ୍କର ଦୁଇହାତକୁ ବାହକ ଆପଣା କାନ୍ଧ লাউ করা बच्चोंकोपीठ ବାଟେ ଟାଣି କରି ଧରି ବହନ କରିବା- To carry a child or invalid on the back

[ଦ୍ର—ପିଲାମାନଙ୍କୁ ଲାଉ କରିବା ସମୟରେ ବୟସ୍କମାନେ ଏହି

ଶଶୁଗୀତ ବୋଲି ଥାଆନ୍ତି—ଲାଉ ଡଏ ନବ ଅସ । ଲାଉରେ ପଡ଼ଇ କପୁରବାସ, ଲାଉ ଖାଇଲେ ଯୁଡ଼ଇ ତାସ ।]

ଲାଉ କଷି—ଦେ. ବି—ଅପକ୍ୱ କଅଁଳ ଲାଉ ଫଳ—
Lāu kaṣi A raw or very young pumpkin.
लाउ कालि बतिया कद्दू

ଲାଉକା—ଗ୍ରା. ବି.—(ସଂ. ନୌକା)—ନୌକା—
Lāukā Boat.

ଲାଉ ଚି(ଚୁ)ଙ୍ଗୁଡ଼ି—ଦେ. ବି—ଲାଉଚିଙ୍ଗୁଡ଼ି (ଦେଖ)
Lāu chi(chu)ṅguṛḍi Lāu chiṅguṛḍi (See)

ଲାଉଡ଼ା—ଦେ. ବି—ଲାବୁଡ଼ା (ଦେଖ)
Lāuṛḍa Lāburḍa (See)

ଲାଉଡଙ୍କିଆ ସାପ—ଦେ.ବି—ଲାଉଡଙ୍କ ପରି ଶାଗୁଆ ବର୍ଣ୍ଣ ଓ ଆକାର-
Lāu ḍaṅkiā sāpa ଯୁକ୍ତ ଏକ ପ୍ରକାର ସରୁସାପ—A kind of small green serpent;Cyclopis Vernalis.
[ଦ୍ର—ଏମାନଙ୍କର ଦେହ ଶାଗୁଆ; ଦେହରେ ୨ । ୩ ଗୋଟି ଧଳା ଗାର ଦାଗଥାଏ । ଏମାନଙ୍କ ମୁଣ୍ଡ ଓ ଲାଞ୍ଜ ଲମ୍ବା; ଦେହ ଚେପ୍ଟା, ଲମ୍ବରେ ୩ ଫୁଟରୁ କମ୍, ଲାଉଡଙ୍କପରି ଅଧ ଇଞ୍ଚ ବ୍ୟାସ ବିଶିଷ୍ଟ; ଏମାନେ ବୃକ୍ଷମୂଳ ଓ ଗଛ ଓ ଲତା ଆଦିରେ ବିଚରଣ କରନ୍ତି ।]

ଲାଉତୁମ୍ବା(ମ୍ବୀ)—ଦେ. ବି—ନାଉତୁମ୍ବା (ଦେଖ)
Lāu tumbā(mbī) Nāutumbā (See)

ଲାଉ ଥାଳ—ଦେ. ବି—ବୁଢ଼ା ଲାଉକୁ ମୁଣ୍ଡିପାଖରୁ କାଟି ତହିଁ ମଧ୍ୟରୁ
Lāu thāḷa ଶସକୁ କୋରି କାଢ଼ିଦେଇ କଠିନ ଚୋପା ବା ଖୋଳପାରେ କରା ଯିବା ପାତ୍ର—A pot made by scarping off the kernel of a ripe pumkin,
[ଦ୍ର—ଆମଦେଶର ନାଥ(ଯୋଗୀ)ମାନେ ଏହି ଲାଉ ଥାଳ ସେବନ ଧରା କରନ୍ତି ଓ ସେଥିରେ ଭାତ ତୋରାଣି ଆଦିମଧ୍ୟ ଖାଆନ୍ତି ।]

ଲାଉଦଅଣା—ଦେ. ବି—ନାଉଦଅଣା (ଦେଖ)
Lāu da-aṇā Nāu da-aṇā (See)

ଲାଉ ବନ୍ଧ—ପ୍ରା. ଦେ— (ଅଳ) ବି.—ନାଗବନ୍ଧ ୧ (ଦେଖ)
Lāu bandha Nāgabandha 1 (See)

ଲାଉମୁଡ଼ା(ଣ୍ଡା)—ପ୍ରାଦେ.(ସମ୍ବଲପୁର) ବି.—୧ । ନାଗବନ୍ଧ ୧ । (ଦେଖ)
Lāu murḍā(ṇḍā) 1 Nāgabandha 1 (See)
୨ । ନାଗବନ୍ଧ ବା ଖଦ୍‌କାଠର ଉପର ଓ ତଳ କୋଣରେ କବାଟର ଦଣ୍ଡି ରହିବା ପାଇଁ କରା ଯାଇଥିବା ଛିଦ୍ର—2. The holes made on the upper and lover corners of a threshold to hold the corners of a door plate.

ଲାଉ ହେବା—ଦେ. କି.—ବୟଃସ୍ଥଙ୍କ ପିଠି ଉପରେ (ଶିଶୁ ବା
Lāu hebā ଅକ୍ଷମ ବ୍ୟକ୍ତି) ଓଳମ୍ବି ହାତଛନ୍ଦି ହୋଇ ଝୁଲି
लाउ हओया बक झों झों होना ରହିବା—To creep into the back of an elder in order to be carried.

ଲାଏକ—ବୈଦେ. ବିଣ—(ଅ; ଭୁଲ ସଂ. ଲାୟକ)—୧ । ଉପଯୁକ୍ତ;
Lāek ଯୋଗ୍ୟ—1. Fit; competent. [ଦ୍ର—ପୁଅକୁ ଲାଏକ୍ ଏବଂ ଇଲମ୍‌ଦାର୍ କରିବା ସକାଶେ ଦାରୋଗା ସାହେବଙ୍କର ଚେଷ୍ଟାମାତ୍ର ଫଳଯୁକ୍ତ ନଥିଲା—ଫକୀରମୋହନ ଛମାଣ ଆଠଗୁଣ୍ଠ ।] ୨ । ଗୁଣବାନ୍——2. Endowed. ୩ । ଉର୍ବର—3. Fertile. ୪ । କୃଷି-ଯୋଗ୍ୟ—4. Cultivable; culturable. ୫ । ଉତ୍କୃଷ୍ଟ——5. Excellent. ୬ । ଲାଖି; ସମ୍ପ୍ରୟୋଗ-ଯୁକ୍ତ—6. Befitting; becoming. ୭ । ସମର୍ଥ—7. Competent.

ଲାଏକ୍ ଜମି—ବୈଦେ. ବି—(ଅ, ଲାୟୁକ୍ + ପା. ଜମୀନ୍)—କୃଷି
Lāek jami ବିଷୟରେ ଉତ୍କୃଷ୍ଟ ଜମି; ଉର୍ବର ଜମି—
लायेक जमि Excelledt or fertile land.
लायक जमीन, अवल जमीन

ଲାଏକ୍ ପଡ଼ିଆ—ଦେ. ବି—(ସେଟ୍‌ଲମେଣ୍ଟରେ ବ୍ୟବହୃତ ଶବ୍ଦ)—
Lāek parḍiā ଯେଉଁ ପଡ଼ିଆ ଜମି କୃଷି ହେବାର ଉପଯୁକ୍ତ—
लायेक पतितभूमि लायक पडति Cultivable waste.

ଲାଏକତି—ଦେ. ବି—୧ । ଯୋଗ୍ୟତା—1. Fitness; compe-
Lāekatī लायेकती लायकी tence. ୨ । ଉତ୍କର୍ଷ—2. Excellence. [ଦ୍ର—ଲାଏକତି ହେଉଛି ତାର ବରଷ ହେଲା ଏକ କଲମରେ ଚେକ୍ ପଡ଼ା ଥାଉଛି ଅଛନ୍ତି । ଫକୀରମୋହନ. ଛମାଣ ଆଠଗୁଣ୍ଠ ।]

ଲାଏକା—ଗ୍ରା. ବି—ନାହାକା (ଦେଖ)
Lāekā Nāhākā (See)

ଲାଏଦ୍ ପୁଟା—ପ୍ରାଦେ.—(ସମ୍ବଲପୁର) ବି.—ଅନ୍ତ୍ରଭୁଡ଼ି—
Lāed puṭā Entrails; bowels.

ଲାକ (ଇତ୍ୟାଦି)—ପ୍ରାଦେ. (କଟକ ସହର) ବି.—ନାକ ଇତ୍ୟାଦି—
Laka (etc) Nāka etc (See)

ଲାକୁଟିକ—ସଂ. ବିଣ. ପୁଂ—(ଲକୁଟ + ପ୍ରହରଣଧାରୀ ଅର୍ଥରେ + ଇକ)
Lākuṭika
[ଲାକୁଟିକୀ—ସ୍ତ୍ରୀ] ଲଗୁଡ଼ଧାରୀ—Armed with a cudgel or club. (Apte) ସଂ. ବି. ପୁଂ—ପହରିଆଳ—Watchman; sentinel (Apte).

ଲାକ୍ଷକୀ—ସଂ. ବି. ସ୍ତ୍ରୀ—(ଲକ୍ଷ + କ + ଈ)—ସୀତା; ଜାନକୀ —
Lākshakī Sitā

ଲାକ୍ଷଣିକ—ସଂ. ବିଣ—୧ । (ଲକ୍ଷଣ + ସମ୍ବନ୍ଧାର୍ଥେ. ଇକ)—ଲକ୍ଷଣ
Lākshaṇika ସମ୍ବନ୍ଧୀୟ—1. Relating to Lakshaṇa.
୨ । (ଲକ୍ଷଣା + ଇକ) ଲକ୍ଷଣା ସମ୍ବନ୍ଧୀୟ—2. Relating to Lakshaṇā. ୩ । ଲକ୍ଷଣାଦ୍ୱାରା ପ୍ରତିପାଦ୍ୟ (ଅର୍ଥ)—3. Metaphorical (meaning); figurative or ascribed. ବି —୧ । ଲକ୍ଷଣଜ୍ଞ; ଲକ୍ଷଣଦ୍ୱାରା ଶୁଭାଶୁଭ ଫଳ ବା ତତ୍ତ୍ୱାଦି ନିରୂପଣ କରି ପାରିବା ବ୍ୟକ୍ତି—1, A person able to diagnise or ascertain a matter from signs or omens. ୨ । ଫଳିତ ଜ୍ୟୋତିଷବେତ୍ତା; ଦୈବଜ୍ଞ —2. Foreteller; one versed in

astrology; fortuneteller. ୩ । ପ୍ରତ୍ୟେକ ଚରଣରେ ୩୨ ମାତ୍ରାଯୁକ୍ତ ଛନ୍ଦୋବିଶେଷ (ହ୍ନ. ଶ)—3. Name of a Sanscrit metre.

ଲାକ୍ଷଣିକାର୍ଥ—ସଂ. ବି—(କର୍ମଧା)—ଲକ୍ଷଣାଦ୍ୱାରା ପ୍ରକାଶିତ ଅର୍ଥ—
Lākshaṇikārtha Metaphorical meaning.

ଲାକ୍ଷଣ୍ୟ—ସଂ. ବିଣ.—(ଲକ୍ଷଣ + ସମ୍ବନ୍ଧୀୟାର୍ଥେ ଯ)—୧ । ଲକ୍ଷଣ
Lākshaṇya ସମ୍ବନ୍ଧୀୟ—1. Relating to Lakshaṇa. ୨ । ଲକ୍ଷଣଯୁକ୍ତ—2. Having a distinctive mark or sign ୩ । ଲକ୍ଷଣଜ୍ଞ ଜାଣିଥିବା (ବ୍ୟକ୍ତି); ଦୈବଜ୍ଞ— . Versed in astrology.

ଲାକ୍ଷା—ସଂ. ବି (ଲକ୍ଷ ଧାତୁ—ଚିହ୍ନ କରିବା + କରଣ ଅ + ଆ)—
Lākshā ୧ । ଲାଖ; ଜଉ; ଅଶ୍ୱତ୍ଥ, ବବୁଲ, କୁସୁମ, ବଦରୀ ଆଦି ବୃକ୍ଷମାନଙ୍କ ଶାଖାରେ ପୁଞ୍ଜୀଭୂତ କ୍ଷୁଦ୍ର କୀଟବିଶେଷଙ୍କ ଦେହନିର୍ଗତ ନିର୍ଯ୍ୟାସ—1. Lac; shell lac. [ଦ୍ର—ଲାକ୍ଷା ଅମଦାନି କରିବା ବ୍ୟକ୍ତିମାନେ ବୈଶାଖ ମାସରେ ବୃକ୍ଷମାନଙ୍କ ଶାଖାରୁ ଏ କୀଟମାନଙ୍କୁ ସଂଗ୍ରହ କରି ଆଣନ୍ତି ଓ ସେମାନ ସିଝାଇ କରି ଲାକ୍ଷା ପ୍ରସ୍ତୁତ କରନ୍ତି । ଲାକ୍ଷା କେବଳ ଭାରତବର୍ଷରେ ଅମଦାନି ହୁଏ ଓ ଏଠାରୁ ସମସ୍ତ ଜଗତକୁ ରପ୍ତାନି କରାଯାଏ । ଏହାକୁ ଗନ୍ଧକ ଦ୍ରାବକ ମିଶ୍ରିତ ଜଳରେ ସିଦ୍ଧ କଲେ ଯେଉଁ ରକ୍ତବର୍ଣ୍ଣ ରଙ୍ଗ ପ୍ରସ୍ତୁତ ହୁଏ ତାହାକୁ ତୁଳାରେ ମଡ଼ାଇ ଅଳତା ତିଆରି ହୁଏ ଓ ସେଥିରୁ ଯେଉଁ ସିଠା ବାହାରେ ସେଥିରୁ ଜଉ ବା ଲାଖ ତିଆରି ହୁଏ । ଅଳତାଦ୍ୱାରା ସ୍ତ୍ରୀଲୋକମାନେ ପାଦକୁ ନାଲି ରଙ୍ଗରେ ରଞ୍ଜିତ କରନ୍ତି । ଲାଖକୁ ତରଳାଇ ଚିଠି ଆଦି ବନ୍ଦ କରାଯାଏ ଓ ଫମ୍ପା ଅଳଙ୍କାର ମଧ୍ୟରେ ଭର୍ତ୍ତି କରାଯାଏ; ଲାକ୍ଷାରୁ ଅନେକ ପ୍ରକାର ରଙ୍ଗ, ବାର୍ଣ୍ଣିସ୍, ତେଲ ତିଆରି ହୁଏ ଓ ଏଥିରେ ଖେଳଣା ତିଆରି ହୁଏ । ଭାରତରେ ବହୁ ପ୍ରାଚୀନକାଳରୁ ଲାକ୍ଷା ଦ୍ୱାରା ରଙ୍ଗ ପ୍ରସ୍ତୁତ ହୋଇ ଆସୁଅଛି । ବୈଦ୍ୟକ ମତରେ ଏହା କଟୁ, ସ୍ନିଗ୍ଧ, କଷାୟ, ହାଲୁକା, ଶୀତଳ, ବଳକାରକ ଓ କଫ, ରକ୍ତ, ପିତ୍ତ, ହିକ୍କା, କାଶ, ଜ୍ୱର, ବିସର୍ପ, କୁଷ୍ଠ, ରକ୍ତବିକାରନାଶକ ଅଟେ—ହ୍ନ. ଶ ।] ୨ । ଅଳତା—2. Red colour from shell lac. ୩ । (ବୈଦ୍ୟକ) ଶତପର୍ଣ୍ଣୀ; ଶ୍ୱେତ ଗୋଲାପ—3. Cabbage rose; Rosa Centifloria. ୪ । ଲାକ୍ଷାକୀଟ (ଦେଖ)—4. Lākshākīṭa (See)

ଅ. ସଂ.—ରକ୍ଷା, ଜତୁ,
ଅଲକ୍ତକ, ଦ୍ରୁମାମୟ, ଅଲକ୍ତ,
ରକ୍ତ ମାତୃକା, କୀଟଜା, କୃମିଜା,
ରକ୍ତମାତା, ରକ୍ତା, ପଲଙ୍କଷା,
ଯାବ, ବୃକ୍ଷାମୟ, ଜନ୍ତୁକା,
ଗନ୍ଧର୍ଷିକା, ଖଦିରିକା, ରଙ୍ଗମାତା,
କୃମିହା, ଦ୍ରୁମବ୍ୟାଧି, ପଳାଶୀ,
ସୁଦର୍ଶନୀ, ପତ୍ରୀ,
ଗନ୍ଧନାଦିନୀ, ନୀଳା, ଦ୍ରବରସା,
ପିତ୍ତାରି, ଜତୁକା, ଶତଘ୍ନୀ,
ଗନ୍ଧର୍ଷିକା, ଗନ୍ଧିଧିକା ।
ହିନ୍ଦୀ. ଲାଖ, ଲା, ଲାଓ
ବଙ୍ଗ. ଲାକ୍ଷା, ଲାହୀ
ପା. ଲାକ୍
ଆ. ଲୁକ୍, ଲାକ୍
ତେଲି. ଲକ୍ଷୁକ୍, ଲାକା, ଲକ୍କ
ମ. ଲାଖ
ଗୁ. ଲାଖ

ଲାକ୍ଷା କୀଟ—ସଂ. ବି—ଜଉ ପୋକ; ଲାହା ପୋକ—
Lākshā kīṭa Coccus Lacca; shell lac insect; Tachardia Lacca.
(ଲାକ୍ଷାକୃମି—ଅନ୍ୟରୂପ)
[ଦ୍ର—ଏହି ପୋକ ଅଶ୍ୱତ୍ଥ, ବଦରୀ, ବବୁଲ, ପଳାଶ, କୋଶାମ୍ର ଆଦି ବୃକ୍ଷର ଡାଳରେ ପୁଞ୍ଜୀଭୂତ ହୋଇ ବସନ୍ତି ଓ ସେମାନଙ୍କ ପେଟରୁ କ୍ଷୁଦ୍ର କ୍ଷୁଦ୍ର ରକ୍ତବର୍ଣ୍ଣ କୀଟ ଜାତ ହୋଇ ଡାଳ ତମାମ ଲେଶି ହୋଇ ଯାଆନ୍ତି, ଏମାନଙ୍କ ବର୍ଣ୍ଣ ନାଲି । ସେହି କୀଟ ମାନେ ମରିଯିବାରୁ ସେହି ନାଲି ସ୍ତରକୁ ଗଛର ଡାଳରୁ ଚାଞ୍ଛି ଆଣି କର୍ଷ୍ଟି ପ୍ରକ୍ରିୟା ଦ୍ୱାରା ଅଲତାରଙ୍ଗ, ଲାଖ ବା ଜଉ, ରଙ୍ଗ, ବାର୍ଣ୍ଣିସ ଆଦି କରାଯାଏ ।]

ଲାକ୍ଷା ଗୃହ—ସଂ. ବି (ମ. ଘ. ଲୋ)—ଜତୁଗୃହ; ଯେଉଁ ଗୃହରେ ଲାକ୍ଷା
Lākshā gṛuha ବୋଳାଯାଇ ଥାଏ (ଏହା ସହଜରେ ନିଆଁ ଲାଗିଯାଏ)—A house daubed with lac.
[ଦ୍ର—ପାଣ୍ଡବମାନଙ୍କୁ ପୋଡ଼ି ମାରିବା ପାଇଁ ଦୁର୍ଯ୍ୟୋଧନ ଲାକ୍ଷାଗୃହ ତିଆରି କରାଇଥିଲେ ।]

ଲାକ୍ଷା ତରୁ—ସଂ. ବି (ବୈଦ୍ୟକ)—୧ । ପଳାଶବୃକ୍ଷ—1. A tree;
Lākshā taru Butea Frondosa. ୨ । ସତ୍ୟାମ୍ଳା—
(ଲାକ୍ଷାବୃକ୍ଷ—ଅନ୍ୟରୂପ) 2. A sort of tree; Cocum Butter tree. ୩ । କୋଶାମ୍ର; କୁସୁମଗଛ—3. Schleicheria Trijuga (tree).

ଲାକ୍ଷା ତୈଳ—ସଂ. ବି (ମ. ପ. ଲୋ)—ବୈଦ୍ୟକ ପ୍ରକ୍ରିୟାରେ ସାଧାରଣ
Lākshā taila ତେଲ ସଙ୍ଗେ ଲାଖ, ହଳଦୀ ଓ ମଞ୍ଜିଷ୍ଠା ମିଶାଇ ତିଆରି କରାଯିବା ତେଲ—A medicinal oil of which shell lac is an ingredient. [ଦ୍ର—ଏହା ଦାହ ଓ ଜ୍ୱରନାଶକ (ହ୍ନ. ଶ) ।]

ଲାକ୍ଷାଦି ତୈଳ—ସଂ. ବି (ମ. ପ. ଲୋ)—ସାଧାରଣ ତେଲରେ ଲାଖ,
Lākshādi taila ଦୁଧ ବା ଦହି, ରକ୍ତଚନ୍ଦନ, ଅଶ୍ୱଗନ୍ଧା, ହଳଦୀ, ଦାରୁହଳଦ, ଯଷ୍ଟିମଧୁ, କଟୁକୀ, ରେଣୁକା ଆଦି ମିଶାଯାଇ ଯାଇ ପ୍ରସ୍ତୁତ ତେଲ—A medicinal oil.
[ଦ୍ର—ଏହା ଜୀର୍ଣ୍ଣଜ୍ୱର, ରାଜଯକ୍ଷ୍ମା ଆଦି ଦୂର କରେ ଓ ବଳବର୍ଦ୍ଧକ (ହ୍ନ. ଶ)]

ଲାକ୍ଷା ଦ୍ୱୀପ—ସଂ. ବି (ସଂ. ଲକ୍ଷଦ୍ୱୀପ: ବୋଧ ହୁଏ ପୂର୍ବେ ମାଲଦ୍ୱୀପପୁଞ୍ଜ ଓ
Lākshā dwīpa ଏ ଦ୍ୱୀପପୁଞ୍ଜ ଶ୍ରେଣୀବଦ୍ଧ ଭାବେ ଥିବାରୁ ବହୁ ସଂଖ୍ୟକ କ୍ଷୁଦ୍ର ଦ୍ୱୀପରୁ ଏ ନାମ ହୋଇଅଛି, କିମ୍ବା ଏହା ପ୍ରବାଳ ଦ୍ୱୀପ ଥିବାରୁ ଏହାର ଲାକ୍ଷା ପରି ରକ୍ତବର୍ଣ୍ଣ ଦେଖି ବଣିକମାନେ ଏହି ନାମ ଦେଇଛନ୍ତି—ବିଶ୍ୱକୋଷ)—ଭାରତ ମହାସାଗରର ଆରବସାଗରର ଦ୍ୱୀପପୁଞ୍ଜ—The Lacadive Islands in the Arabian Sea of the Indian Ocean. [ଦ୍ର—ଏହା ମାଲବାର ଉପକୂଳର କାଲିକଟର ପଶ୍ଚିମରେ ୧୦ ଡିଗ୍ରୀ ଉତ୍ତର ଅକ୍ଷାଂଶ ଓ ୭୨ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ । ଏହା ୧୯ଟି ଦ୍ୱୀପରେ ଗଠିତ ।]

ଲକ୍ଷା ପ୍ରସାଦ—ସଂ. ବି—ପଟ୍ଟିକାଲୋଧ୍ର (ଦେଖ)
Lākshā prasāda Paṭṭikā lodhra. (See)
(ଲକ୍ଷା ପ୍ରସାଦନ—ଅନ୍ୟରୂପ)

ଲକ୍ଷା ରଞ୍ଜିତ—ସଂ. ବିଣ (ଅନ୍ତ୍ୟା ଲତ୍ତ)—ଅଳତା ରଙ୍ଗଦ୍ୱାରା ରଙ୍ଗ କରା
Lākshā rañjita ଯାଇଥିବା—Lac-dyed.

ଲକ୍ଷା ରସ—ସଂ. ବି—ଅଳତା—Red dye obtained from
Lākshā rasa shell-lac.

ଲକ୍ଷା ରାଗ—ସଂ. ବି—ଅଳତାରୁ ବାହାରବା ରଙ୍ଗ—
Lākshā rāga Red dye from lac.

ଲାକ୍ଷିକ—ସଂ. ବିଣ—୧ । (ଲକ୍ଷ+ଇକ)—ଲକ୍ଷ ସଂଖ୍ୟା ପରମିତ—
Lākshika 1. Numbering 100 thousand.
୨ । (ଲକ୍ଷା+ଇକ) ଲକ୍ଷା ସମ୍ବନ୍ଧୀୟ—
2. Relating to shell lac.

ଲକ୍ଷ—ଦେ. ବି (ସ. ଲକ୍ଷ)—୧ । ଲକ୍ଷ ସଂଖ୍ୟା—1. A lakh; one
Lākh hundred thousand. ୨ । ତୁଳନା—2. Com-
লাখ parison. ସ. ବିଣ—୧ । ଲକ୍ଷ ସଂଖ୍ୟକ—1. Number-
लख ing one hundred thousand. ୨ । ଅସଂଖ୍ୟ—
2. Innumerable.

ଲକ୍ଷ ଦେବା—ଦେ. କ୍ରି—୧ । ଲକ୍ଷ ମାରିବା (ଦେଖ)—1. Lākha
Lākh debā māribā. (See) ୨ । କୌଣସି ବସ୍ତୁକୁ ଅନ୍ୟ
তুলনাকরা বস্তু ସଙ୍ଗେ ତୁଳନା କରିବା—2. To compare
लाख देना one thing with another.

ଲକ୍ଷପତି—ଦେ. ବି—(ସଂ. ଲକ୍ଷପତି)—୧ । ଲକ୍ଷପତି; ଖୁବ୍ ଧନୀ ବ୍ୟକ୍ତି
Lākh-pati 1. Very rich man. ୨ । ଲକ୍ଷ ପରିମିତ
ନଗଦ ଦ୍ରବ୍ୟ ରଖିଥିବା ବ୍ୟକ୍ତି—2. A millionaire.
[ଦ୍ର—ବହୁଧନ ରଖିଥିବା ବ୍ୟକ୍ତିକୁ ଲକ୍ଷପତି, କୋଟିପତି
ବା କୋଡ଼ପତି ବୋଲାଯାଏ ।]

ଲକ୍ଷପୋଷ(ଷା,ଷି)—ଦେ. ବିଣ (ପୁଂ. ଓ ସ୍ତ୍ରୀ) (ସଂ. ଲକ୍ଷ+ପୋଷକ)—
Lākh-posha(shā,shi) ଯେ ଲକ୍ଷ ଲକ୍ଷ ବା ଅସଂଖ୍ୟ ବ୍ୟକ୍ତିଙ୍କ
লক্ষপোষ ଅନ୍ନ ସଂସ୍ଥାନ କରେ—A person who is in-
लाखपोषी strumental in maintaining lakhs and
lakhs of people.

ଲକ୍ଷବତି—ସଂ. ବି (ସଂ. ଲକ୍ଷା ଓ ବର୍ତ୍ତି)—ଯେଉଁ ଅଳତାକୁ ମୁଦ୍ରାକାର
Lākh-bati ବ୍ୟବହୃତ ଲମ୍ବା ଲାଉକଣ୍ଡ, ଲକ୍ଷବାଠି—
লাখবাতী लाखबत्ती Sticks of shell lac.

ଲକ୍ଷଲକ୍ଷ—ଦେ. ବି ଓ ବିଣ—ଲକ୍ଷଲକ୍ଷ ସଂଖ୍ୟକ; ଅସଂଖ୍ୟ; ଅସୁମାର—
Lākh-lākh Innumerable; myriads
লাখলাখ लाखलाख

ଲକ୍ଷ—ଦେ. ବି (ସଂ. ଲକ୍ଷା)—୧ । ଲକ୍ଷା; ଜଉ—1. Shell lac;
Lākha sealing wax. ୨ । (ସଂ. ଲକ୍ଷ୍ୟ) ଲକ୍ଷ୍ୟ; ଶରବ୍ୟ—
লাখ लाख 2. Aim; target. [ଦ୍ର—ବଜ୍ରଜ ଯେ ପଥର ଖଣ୍ଡେ
লক্ষ लक्ष କରି ଲକ୍ଷ । କୃଷ୍ଣସିଂହ ମହାଭାରତ] ୩ । ତୁଳନା; ଉପମା—
চিহ্ন निशाना 3. Comparison. ୪ । ପ୍ରଭେଦବାଚକ ଚିହ୍ନ—
লাখ लाख 4. Distinguishing mark. ୫ (ସ.ଲକ୍ଷ)ଏକୋ
ହଜାର ବା ଦଶ ଅଯୁତ ସଂଖ୍ୟା—5. One hundred
thousand. ୬ । ଲକ୍ଷ୍ୟ ସ୍ଥଳରେ ଅସ୍ତ୍ର ପ୍ରହାରର ଆଘାତ—
6. Hit of a weapon at the target. [ଦ୍ର—
ବାଜଇ ନ ଲାଖ, ବଳୀଷ୍ଠ ହେବ ଗୁଣଶିଳୀମୁଖ । ଉକ୍ତ.
লায়েক लायक ବୈଦେହୀଶବିଳାସ ।] ବିଣ—୧ । (ସଂ. ଲାଘ୍ୟକ)
তুলনীয় लाख ଲାଏକ (ଦେଖ)—1. Lāek. (See) ୨ । (ସଂ.
ଲକ୍ଷ୍ୟ) ତୁଳନୀୟ—2. Comparable. ୩ । ତୁଳନାରେ
ସମାନ—3. Equal in comparison.

ଲାଖ କରିବା—ଦେ. କ୍ରି—କୌଣସି ଲକ୍ଷ୍ୟ ପ୍ରତି ଶର ଅବା ବନ୍ଧୁକ
Lākha karibā କରିବା—To aim (an arrow or
লক্ষ করা gun) at a target. [ଦ୍ର—ଯୁଧିଷ୍ଠିର ରଜାଙ୍କ ଗଣ୍ଡି କ
लक्ष्यबांधना କରି ଲାଖ, ବାଣିଲେ ବଜାଇଣ ଦୃଢ଼ମ ବଳିଷ ।
କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।]

ଲାଖ ବାଜିବା—ଦେ. ବି—ଲକ୍ଷ୍ୟଭେଦ; ଲକ୍ଷ୍ୟ ସ୍ଥଳରେ ଅସ୍ତ୍ରପ୍ରହାରର
Lākha bājibā ଶେଷ ପହଞ୍ଚିବା—Striking at a
লক্ষভেদ target. [ଦ୍ର—ବାଜଇ ନ ଲାଖ, ବଳୀଷ୍ଠ ହେବ ଗୁଣ
लक्ष्यवार होना ଶିଳୀମୁଖ । ଉକ୍ତ. ବୈଦେହୀଶବିଳାସ ।]

ଲାଖବନ୍ଧା—ଦେ. ବି (ସ. ଲକ୍ଷ୍ୟବେଧନ)—୧ । ଲକ୍ଷ୍ୟ ଭେଦନ—
Lākhabindhā 1. Shooting at a target. [ଦ୍ର—
লক্ষবিংধা ଦ୍ରୌପଦୀଙ୍କ ସ୍ୱୟମ୍ବର କାଳରେ ରାଜ ପିତାଙ୍କ ନିର୍ଦ୍ଦିଷ୍ଟ
लक्ष्यवेधना ଲକ୍ଷ୍ୟକୁ ବନ୍ଧିବାକୁ ସମର୍ଥ ହେବା ଯାରଧ୍ରୁପ ଦ୍ରୁତ
କନ୍ୟାଙ୍କୁ ବିବାହ କରିବେ ବୋଲି ପଣ କରାଯାଇଥିଲା ଓ
ସେହି ଲାଖ ବନ୍ଧିବାରେ ଯେଉଁ ବୀର ସମର୍ଥ ହେଲେ ସେ
ଦ୍ରୁପ କନ୍ୟାଙ୍କୁ ଲାଭ କଲେ ।] ୨ । ଲାଖବନ୍ଧା ସଭା
(ଦେଖ)—2. Lākhabindhā sabhā. (See)
ପ୍ରାଦେ. (ଯାଜପୁର) ବି—ମହାଳୟମୀ ଦିନ ବିରଜାଙ୍କର
ଲାଖବନ୍ଧା ପଡ଼ିଆରେ ଲକ୍ଷ୍ୟଭେଦ ହେବା—Hitting at
the mark in Birajā's target field (at
Jajpur) on the 9th day of the bright
fortnight of Āswina.

लाखबिंधा ଦେ. ବିଣ—ଯେଉଁଠାରେ ଲାଖବନ୍ଧା ହୁଏ—
लाखबिंधा (place) Where target shoting takes
[ଯଥା—ଲାଖବନ୍ଧା ପଡ଼ିଆ ।] place.

ଲାଖ ବନ୍ଧ (ନ୍ଧେ)ଇବା—ଦେ. କ୍ରି (ଲାଖ ବନ୍ଧିବାର ପ୍ରଯୋଜକରୂପ)—
Lākha bindhā(ndhe)ibā ଅନ୍ୟ ବ୍ୟକ୍ତିଦ୍ୱାରା ଲକ୍ଷ୍ୟଭେଦ
লক্ষবিংধান କରାଇବା—To cause another to hit at a
लक्ष्यवेधवाना target.

ଲାଖବନ୍ଧା ପଡ଼ିଆ—ପ୍ରାଦେ (ଯାଜପୁର) ବି—ବିରଜାଙ୍କଠାରେ ମହାଳୟମୀ
Lākhabindhā pardiā ଦିନ ଯେଉଁ ପଡ଼ିଆରେ ଲାଖ
ବନ୍ଧାଯାଏ—A field near Birajās temple at
Jājpur where a target is aimed at on
the ninth day of the bright fortnight of
Āswina. ଦେ. ବି—ଯେଉଁ ପଡ଼ିଆରେ ଦଶହରା
लक्ष्यवेधनेकामैदान ସମୟରେ ରାଜା ଓ ସର୍ଦ୍ଦାରମାନେ ଲକ୍ଷ୍ୟଭେଦ

ଲାଖବିଂଧା ମୟଦାନ କରନ୍ତି—A field where Rajas and Kshatriyas shoot at targets during the Daśaharā festival.

ଲାଖବିନ୍ଧା ସଭା—ଦେ. ବି—ଯେଉଁ ସ୍ୱୟମ୍ବର ସଭାରେ କନ୍ୟାପ୍ରାର୍ଥୀ ପ୍ରତି-
Lākhabindhā sabhā ଦ୍ୱନ୍ଦୀମାନଙ୍କ ସମ୍ମୁଖରେ ନିର୍ଦ୍ଦିଷ୍ଟ
लक्षभेद सभा ଲକ୍ଷ୍ୟଭେଦରୂପ ପଣ ସ୍ଥାପିତ ହୋଇଥାଏ—An
लक्ष्यवेधकी सभा assembly where the suitors for the hands of a damsel are required to pass the test of hitting at a fixed target.

ଲାଖ ବିନ୍ଧିବା—ଦେ. କି (ସଂ. ଲକ୍ଷ୍ୟ+ବିଧ୍ ଧାତୁ)—ଲକ୍ଷ ବା ଶରବ୍ୟକୁ
Lākha bindhibā ବାଣ ବା ଗୁଳିଦ୍ୱାରା ଭେଦ କରିବା—
लक्षविंधा To shoot at a target; to hit a target.
लक्ष्यवेधना (ଲାଖ ଭେଦିବା—ଅନ୍ୟରୂପ) [ଲାଖ ବିନ୍ଧା ଯି(ହେ)ବା—କର୍ମବାଚ୍ୟ ରୂପ]

ଲାଖ ମାରିବା—ଦେ. କି (ସଂ. ଲାକ୍ଷା)—୧ । ଲାଖ ବା ଜଉଦ୍ୱାରା
Lākha māribā ମୁଦିବା—1. To seal with sealing
गालामोहर करा wax. ୨ । (ସଂ. ଲକ୍ଷ) କୌଣସି ପଦାର୍ଥ ଉପରେ
लाखसेमूंदना, लाहटदेना ପ୍ରଭେଦଜ୍ଞାପକ ଚିହ୍ନ ଲଗାଇବା—
चिह्न देओया 2. To put a distinguishing mark on
निशाना लगाना a thing. ୩ । ଶରବ୍ୟ ସ୍ଥାପନ କରିବା—
लक्ष्यस्थापन करा लक्ष्य मारना 3. To set up or fix a target.

ଲାଖ ମୁଦ(ଦା)—ଦେ. ବି (ସଂ. ଲାକ୍ଷା ଓ ମୁଦ୍ରା)—୧ । ଜଉମୁଦ; ଲାଖ
Lākha muda(dā) ଦ୍ୱାରା କୌଣସି ବସ୍ତୁକୁ (ଯଥା—
गालामोहरकरा ଚିଠି ଥଳିକୁ) ବନ୍ଦ କରିବା—1. Sealing
लाहटसे मूंदना with shell lac. ୨ । ଲାଖ ମୋହର; ଗାଲା
गालामोहर करा ମୋହର—2. Sealing of a cover. ବିଣ—
ଯାହା ଜଉମୁଦ ଦ୍ୱାରା ବନ୍ଦ କରା ଯାଇଥାଏ—
लाहटसेमूंदा Sealed with the sealing wax.

ଲାଖ ମୋହ(ହୋ)ର—ଦେ. ବି (ସଂ. ଲାକ୍ଷା+ଫା. ମୋହର୍)—
Lākha moha(ho)ra ବନ୍ଦ କରା ଯାଇଥିବା ଚିଠି ଉପରେ
गालामोहर ଲଗା ଯାଇଥିବା ଲାଖ ଉପରେ ବସାଯିବା ନାମାଙ୍କିତ
सीलमोहर ମୁଦ୍ରା; ଗାଲା ମୋହର—Wax or seal on the cover of a closed letter.

ଲାଖ(ଖି)ରାଜ୍(ଜୀ)—ବୈଦେ. ବି (ଫା. ଲା=ନାହିଁ+ଖିରାଜ୍=କର
Lākha(khi)rāj(jī) ଅର୍ଥାତ୍ ରାଜସ୍ୱ; କର ରହିତ)—ନିଷ୍କରଜମି;
लाखेराज ଯେଉଁ ଜମି ପାଇଁ ରାଜସ୍ୱ ମାଫ୍ କରା ଯାଇଅଛି—
लाखराज Revenue-free tenure. [ଦ୍ର—ହିନ୍ଦୁ, ମୁସଲମାନ୍ ଓ ମରହଟ୍ଟା ରାଜାମାନେ ଦେବସେବାପାଇଁ, ବ୍ରାହ୍ମଣମାନଙ୍କ ଭରଣପୋଷଣ ପାଇଁ, ଭଦ୍ର ପରିବାରଙ୍କ ଭରଣପୋଷଣ ପାଇଁ, ପୀର୍‌ମାନଙ୍କ ସେବା ପାଇଁ ଓ ଦରିଦ୍ର ଅତିଥିଙ୍କ ଖଇରାତ୍ କରିବା ପାଇଁ ଯେଉଁ ଜମିମାନ ଚିରକାଳ ସକାଶେ ବ୍ୟକ୍ତିବିଶେଷଙ୍କୁ ଦାନ କରିଥିଲେ ଓ ଚିରକାଳ ପାଇଁ ଉକ୍ତ ଭୂମିମାନ ରାଜସ୍ୱ ଦାୟିରୁ ମୁକ୍ତ କରି ସନନ୍ଦ ଦେଇ-ଥିଲେ, ତାକୁ ଲାଖରାଜ ବୋଲାଯାଏ । ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ଅନୁସାରେ ସେ ସବୁର ଭିନ୍ନ ଭିନ୍ନ ନାମକରଣ ହୋଇଥିଲା, ଯଥା—ଦେବୋତ୍ତର ଲାଖରାଜ, ବ୍ରହ୍ମୋତ୍ତର ଲାଖରାଜ, ଖାନହସ୍ପାଲ ବା ମଦଦ୍‌ମାସ୍ ଲାଖରାଜ, ପିରୋତ୍ତର ଲାଖରାଜ, ଖଏରାତ୍ ଲାଖରାଜ । ଯେଉଁ ଲାଖରାଜ ଜମିମାନ ପୁରୀର ଶ୍ରୀ ଜଗନ୍ନାଥ ଦେବଙ୍କ ଭୋଗ ପାଇଁ ଖଞ୍ଜା ହୋଇଥିଲା ସେମାନ ଅମୃତମଣୋହି ଲାଖରାଜ । ଯେଉଁ ଜମିମାନଙ୍କୁ ପୁରୀର ସ୍ୱାଧୀନ ରାଜାମାନେ କାନ୍ୟକୁବ୍ଜାଗତ ବ୍ରାହ୍ମଣ ଉପନିବେଶୀମାନଙ୍କୁ ଓ ଦେବତାମାନଙ୍କୁ ତାମ୍ରପତ୍ର (ଟଙ୍କୀ) ଜମାରେ ଦାନ କରିଥିଲେ, ସେମାନଙ୍କୁ ଯଥାକ୍ରମେ ବ୍ରହ୍ମୋତ୍ତର ଟଙ୍କି ଲାଖରାଜ ଓ ଦେବୋତ୍ତର ଟଙ୍କି ଲାଖରାଜ ବୋଲାଯାଏ । ଯେଉଁ ଦାନପତ୍ର ଦ୍ୱାରା ଉକ୍ତ ଲାଖରାଜ ଜମିମାନ ସୃଷ୍ଟି ହୋଇଥିଲା ବା ଦାତାଙ୍କ ପରବର୍ତ୍ତୀ ରାଜା ବା ଦେଶାଧିପମାନଙ୍କଦ୍ୱାରା ଅନୁମୋଦିତ ହୋଇଥିଲା, ସେହି ନିଦର୍ଶନ ପତ୍ରମାନଙ୍କୁ ଲାଖରାଜ ସନନ୍ଦ ବୋଲାଯାଉଥିଲା ।

ଇଂରାଜମାନେ ଓଡ଼ିଶାକୁ ଆସି ସମସ୍ତ ଲାଖରାଜଦାରଙ୍କୁ ସନନ୍ଦମାନ ତଲବ କରି ସେମାନ ସରକାରୀ ରେଜିଷ୍ଟ୍ରୀ ବହିରେ ଲେଖି ନେଲେ ଓ ଓଡ଼ିଶାର ରାଜସ୍ୱ ବନ୍ଦୋବସ୍ତ ସମୟରେ ଦେଖାଗଲା ଯେ, ଅନେକଗୁଡ଼ିଏ ଲୋକ ଅନେକ ଜମିକୁ 'ଲାଖରାଜ'ରୂପେ ଭୋଗ କରୁଅଛନ୍ତି । ଏହା ଦେଖି ଭିନ୍ନ ଭିନ୍ନ ମହଜାର ଲାଖରାଜ ଜମିମାନଙ୍କ ସମ୍ବନ୍ଧେ ସରକାର ବାହାଦୁର ବାଦୀ ହୋଇ ଜମିକୁ ନିଷ୍କରରୂପେ ଭୋଗ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରତିବାଦୀ କରି ଗୁଡ଼ିଏ ମକଦ୍ଦମା ଦାଏର୍ କଲେ । ପ୍ରତିବାଦୀମାନଙ୍କ ଦାଖଲ ସନନ୍ଦର ପ୍ରତ୍ୟେକ ମଉଜା ବା ଅଞ୍ଚଳ ବା ସନନ୍ଦଭୁକ୍ତ ସମସ୍ତ ଜମି ପାଇଁ ଦାଏର ହେବା ମକଦ୍ଦମାକୁ ଗୋଟିଏ ଲେଖାଏଁ କ୍ରମିକ ସଂଖ୍ୟା (ଜେନେରାଲ୍ ନମ୍ବର୍ General number) ଦ୍ୱାରା ଚିହ୍ନିତ କରାଗଲା ଏବଂ ଉକ୍ତ ଏକ 'ଜେନେରାଲ୍'ଭୁକ୍ତ ଜମିର ଅଂଶମାନଙ୍କୁ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ସଂଖ୍ୟା (ସ୍ପେଶାଲ୍ ନମ୍ବର—Special number) ଦ୍ୱାରା ଚିହ୍ନିତ କରାଗଲା । ଏହି ମକଦ୍ଦମାମାନଙ୍କର ନଥିର ନାମ 'ଲାଖରାଜ ରୁବ୍‌କାରୀ' ।

ପୂର୍ବୋକ୍ତରୂପେ ବେଶୀର ନିଷ୍କର ଜମିମାନ ସଂଖ୍ୟାଦ୍ୱାରା ଚିହ୍ନିତ ହୋଇ ମକଦ୍ଦମା ଦାଏର୍ (start) କରା ଗଲାରୁ ଉକ୍ତ ଜମିମାନଙ୍କୁ ନିଷ୍କରରୂପେ ଭୋଗ କରିବାକୁ ଦାବି କରୁଥିବା ବ୍ୟକ୍ତିମାନଙ୍କୁ ସେମାନେ ଯେଉଁ ସନନ୍ଦ ବା ସରକାରୀ ନିଦର୍ଶନ ବଳରେ ଏ ଜମିକୁ 'ଲାଖରାଜ' ବୋଲି ଦାବି କରୁଅଛନ୍ତି ତାହା ତଲବ କରାଗଲା । ତଦନୁସାରେ ପକ୍ଷମାନେ ଓଡ଼ିଶାର ସାବେକ୍ ରାଜା ବା ମୁସଲମାନ ରାଜା ବା ମରହଟ୍ଟା ରାଜାଙ୍କ ଅମଳର ସନନ୍ଦମାନ ଦାଖଲ କଲେ ଓ ଦଖଲ ସମ୍ବନ୍ଧେ ପ୍ରମାଣ ମଧ୍ୟ ଉପସ୍ଥାପିତ କଲେ । ରାଜସ୍ୱ ବନ୍ଦୋବସ୍ତକାରୀ ହାକିମ ଉକ୍ତ ସନନ୍ଦ ଓ ପ୍ରମାଣମାନ

ଜମିର ପରୀକ୍ଷା କରି ଓ ସନନ୍ଦ ଲିଖିତ ପରିମାଣ (କ୍ଷେତ୍ରଫଳ) ସଙ୍ଗେ ଦଖଲ ହେଉଥିବା ଜମିର କ୍ଷେତ୍ରଫଳ (ଏରିଆ)କୁ ମିଳାଇ ଦେଖିବା ପରେ, ଯେଉଁ ଯେଉଁ ସନନ୍ଦମାନ କୃତ୍ରିମ ବା ସନ୍ଦେହଜନକ ଥିବା ଦେଖାଗଲା ସେହି ଜମିମାନଙ୍କୁ 'ବାଜଯାପ୍ତି' ବା ନାମଞ୍ଜୁର କଲେ ଓ ତହିଁ ଉପରେ କର ଧାର୍ଯ୍ୟ କଲେ । ଯେଉଁ ଜମିମାନ ସନନ୍ଦ ଲିଖିତ ଜମି ଅପେକ୍ଷା ବେଶୀ ଥିବାର ଦେଖାଗଲା ସେହି ଅଧିକା ଜମିମାନଙ୍କୁ 'ତଉଫିର୍' ବା 'ତରମିମ୍' କଲେ, ଅର୍ଥାତ୍ ତାକୁ ଲାଖରାଜ ଜମିର ହିସାବରୁ କାଟିଦେଇ ତହିଁ ଉପରେ କର ଧାର୍ଯ୍ୟ କଲେ । ଯେଉଁ ଜମିମାନ ସନନ୍ଦ ଅନୁସାରେ ଠିକ୍ ଥିବା ଦେଖାଗଲା ଓ ଯେଉଁ ଜମିମାନଙ୍କ ସମ୍ବନ୍ଧେ ସନନ୍ଦମାନ ନିଃସନ୍ଦେହରୂପେ ପ୍ରମାଣିତ ହେଲା ତାକୁ 'ବାହେଲ୍' ବା ଫଲବତ୍ କଲେ । ପ୍ରତ୍ୟେକ ନମ୍ବର୍ ମକଦମାରେ ଯେଉଁ 'ରାଏ' ବା ଆଦେଶ ଦେଲେ ତାହାକୁ 'ବହେଲ୍ ଫଏସଲା' ବୋଲାଗଲା । ମକଦମାର ନମ୍ବର ଅନୁସାରେ ଉକ୍ତ ଲାଖରାଜ ଜମିମାନ ସେହି ସେହି 'ଜେନେରଲ୍' ଓ 'ସ୍ପେଶାଲ୍' ନମ୍ବରମାନଙ୍କ ଦ୍ୱାରା ଚିହ୍ନିତ ହେଲା । ବନ୍ଦୋବସ୍ତ କର୍ମଚାରୀ ସମସ୍ତ ଜମି ସମ୍ବନ୍ଧେ ପ୍ରୋସିଡିଙ୍ଗ୍ ବା ମକଦମା ଦାଏର କରି ଫଏସଲ କରିଥିବା ସମସ୍ତ 'ବାହେଲ୍', 'ତଉଫିର' ଓ 'ବାଜ୍ୟାପ୍ତି' ଜମିମାନଙ୍କର ଗୋଟିଏ ଲେଖାଏଁ ତାଲିକା (ଷ୍ଟେଟମେଣ୍ଟ, Statement) ପ୍ରସ୍ତୁତ କରି ତାଙ୍କ ଉପରସ୍ଥ ହାକିମ (ଖାସ୍ କମିସନର., Special Commissioner)ଙ୍କ ନିକଟକୁ ପ୍ରେରଣ କଲେ ଓ ଖାସ୍ କମିସନରଙ୍କର ଶେଷ ହୁକୁମଦ୍ୱାରା ଲାଖରାଜମାନ ବାହେଲ, ବାଜ୍ୟାପ୍ତି ଓ ତଉଫୀର୍ ହେଲା, ଲାଖରାଜ ବାହେଲ୍ ଜମିର ଖଜଣା ଚିରକାଳ ସକାଶେ ମାଫ୍ ହେଲା; ଏବଂ ବାଜ୍ୟାପ୍ତି ଜମି ଉପରେ କ୍ରମଶଃ ଦେଶକାଳଅବସ୍ଥା ବିବେଚନାରେ ଭବିଷ୍ୟତରେ ଜମାବୃଦ୍ଧି ହୋଇ ପାରିବ ବୋଲି ସ୍ଥିର କରାଗଲା ଓ ପକ୍ଷମାନଙ୍କୁ ଉକ୍ତ ରୋବକାରୀ ଓ ଫଏସଲାର ନକଲ ମିଳିଲା । ଏସବୁ ମକଦମାର ତଦନ୍ତ, ବିଚାର ଓ ପ୍ରମାଣଆଦି ସମ୍ବନ୍ଧେ ୧୮୧୯ ସାଲର ୨ କାନୁନ୍ (Regulation 2 of 1819), ୧୮୨୨ ସାଲର ୭ କାନୁନ, ୧୮୨୫ ସାଲର ୯ କାନୁନ୍, ୧୮୨୮ ସାଲର ୩ କାନୁନମାନ ପ୍ରଧାନ ଅଟେ । ଉକ୍ତ ଲାଖରାଜ୍‌ବାହେଲ୍ ଓ ଲାଖରାଜ ବାଜ୍ୟାପ୍ତି ଫଏସଲାମାନଙ୍କରେ ତତ୍‌କାଳପ୍ରଚଳିତ ଅନେକ ପାରସୀ ଶବ୍ଦ ବ୍ୟବହୃତ ହୋଇଅଛି । ଯେଉଁ ଜମିମାନଙ୍କୁ ରାଜା ବା ବାଦସାହାମାନେ କୌଣସି ବ୍ୟକ୍ତିର ଜୀବନକାଳ ପର୍ଯ୍ୟନ୍ତ ନିଷ୍କରରୂପେ ଦାନ କରିଥିଲେ ସେସବୁକୁ ଛାଡ଼ିଦେଇ ଓ ଯାହା ପୁରୁଷାନୁକ୍ରମେ ଚିରସ୍ଥାୟୀ ନିଷ୍କରରୂପେ ଦାନ କରିଥିଲେ ସେ ସବୁକୁ ବାଦସାହୀ ଲାଖରାଜ ବୋଲାଯାଏ । ଯେଉଁ ଲାଖରାଜମାନ ୧୪ ତାରିଖ ଅକ୍ଟୋବର ୧୮୦୩ ସାଲ (ଇଂରାଜଙ୍କର ଓଡ଼ିଶା ଦଖଲ କରିବାର ସନ) ପୂର୍ବରୁ ଦିଲ୍ଲୀର ମୋଗଲ ସମ୍ରାଟ ବା ବଙ୍ଗ, ବିହାର, ଓଡ଼ିଶାର ମୁସଲମାନ୍ ସୁବାଦାର ଓ ବେରାରର ମରହଟ୍ଟା ରାଜା ବା ସୁବାଦାରମାନେ ନିଷ୍କରରୂପେ ଦାନ କରିଥିଲେ କିମ୍ବା ଯେଉଁ ଦାନମାନଙ୍କୁ ମଞ୍ଜୁର କରିଥିଲେ ସେହିମାନଙ୍କୁ ଇଂରାଜଗଭର୍ଣ୍ଣମେଣ୍ଟ ସ୍ୱୀକାର ବା ବାହେଲ୍ କଲେ (୧୭୯୩ ସାଲର ୩୭ କାନୁନ୍, ୧୮୦୫ ସାଲର ୧୨ କାନୁନ୍ ଓ ୧୮୨୫ ସାଲର ୧୪ କାନୁନ୍ ଦେଖ) । ବାଦସାହୀ ଲାଖରାଜ ଛଡ଼ା ଯେଉଁ ଜମିମାନଙ୍କୁ ଦଖଲକାରୀମାନେ ବହୁକାଳରୁ ପୁରୁଷାନୁକ୍ରମେ ନିର୍ବିରୋଧେ ଅବଚ୍ଛିନ୍ନରୂପେ ୧୭୯୦ ସାଲ ପୂର୍ବରୁ ଦଖଲ କରିବାର ପ୍ରମାଣ ମିଳିଲା, ସେମାନଙ୍କ ସମ୍ବନ୍ଧେ ଦଖଲକାରୀମାନେ ବାଦସାହୀ ସନନ୍ଦମାନ ଦର୍ଶାଇ ନ ପାରିଲେ ମଧ୍ୟ ସେମାନ ତତ୍‌କାଳୀନ ରାଜସ୍ୱକର୍ମଚାରୀମାନଙ୍କ ହୁକୁମରେ ନିଷ୍କର ରୂପେ ଗଣ୍ୟ କରାଗଲା । ସେ ଜମିମାନ 'ହୁକୁମୀ ଲାଖରାଜ' ବୋଲି ବାହେଲ କରାଗଲା । ଦେବତାମାନଙ୍କ ସେବା ପାଇଁ ଖଞ୍ଜାଥିବା ଜମିମାନଙ୍କ ସମ୍ବନ୍ଧେ (୧୭୯୩ ସାଲର ୧୯ କାନୁନ୍), ଜଗନ୍ନାଥଙ୍କ ସେବାପାଇଁ ଖଞ୍ଜାଥିବା ଅମୃତମଣୋହି ଜମିସମ୍ବନ୍ଧେ (୧୮୦୫ ସାଲର ୧୨ କାନୁନ୍) ମଧ୍ୟ ଇଂରାଜ ସରକାର ଆଇନ୍ ପ୍ରଚାର କରିଥିଲେ । ଜିଲ୍ଲାର ନିଷ୍କର ବା ଲାଖରାଜୀ ଜମିମାନଙ୍କ ନିମନ୍ତେ ଓ ରାଜସ୍ୱଦାୟୀ ବା ମାଲ୍‌ଗୁଜାର୍ ଜମିମାନଙ୍କ ନିମନ୍ତେ କଲେକ୍ଟରଙ୍କ ସିରସ୍ତାରେ ଦୁଇଗୋଟି ସ୍ୱତନ୍ତ୍ର ରେଜିଷ୍ଟର (Registe) ଅଛି । ଲାଖରାଜୀ ବାହେଲ ଜମିମାନ ଯେଉଁ ରେଜିଷ୍ଟରରେ ଲେଖା ରହେ ତାକୁ ସି. ରେଜିଷ୍ଟରୀ (C. Register) ବୋଲାଯାଏ ।

ଜିଲ୍ଲାର ସମସ୍ତ ଜମିଦାରୀ ସବୁର ତାଲିକା ଏ. ରେଜିଷ୍ଟରୀ (A. Register), ପ୍ରତ୍ୟେକ ପ୍ରକାରର ଜମିଦାରର ତାଲିକା ବି ରେଜିଷ୍ଟରୀ (B. Register), ପ୍ରତ୍ୟେକ ପ୍ରକାରର ଲାଖରାଜର ତାଲିକା (ସି. ରେଜିଷ୍ଟରୀ) C. Register ଓ ପୂର୍ବ ମାଲିକ ପରିବର୍ତ୍ତରେ ନୂତନ ମାଲିକମାନଙ୍କ ନାମ ଦାଖଲଖାରଜର ସଂଶୋଧିତ ତାଲିକା—ଡି. ରେଜିଷ୍ଟର୍ (D. Register.)ନାମରେ କଲେକ୍ଟରଙ୍କ ମହାଫିଜ୍‌ଖାନାରେ ରଖା ଯାଇଅଛି । ରାଜସ୍ୱଦାୟୀ ମହାଲ ବା ଜମିଦାରୀମାନ 'ତଉଜି' ବା ସରକାରଙ୍କର ରାଜସ୍ୱଦାୟୀ ଜମିର ତାଲିକାରେ ଥିବା କ୍ରମିକ ନମ୍ବରଦ୍ୱାରା ଚିହ୍ନିତ ହୁଏ ।

ଲାଖରାଜ ଜମିମାନ ଜେନେରଲ୍ ନମ୍ବର ଓ ସ୍ପେଶିଆଲ୍ ନମ୍ବର୍‌ଦ୍ୱାରା ଚିହ୍ନିତ ହୁଏ । ଇଂରାଜସରକାର ଲାଖରାଜ ଜମି ଉପରେ ରାଜସ୍ୱ ଚିରକାଳ ସକାଶେ ବସାଇ ପାରିବେ ନାହିଁ ବୋଲି ଆଇନ୍ କରିଅଛନ୍ତି; କିନ୍ତୁ ଲାଖରାଜ ଉପରେ ପଥକର (Road cess) ଆଦି କର ବସିଣି ହୋଇଥାଏ ।]

ଲଖରାଜ ତଉଫିର—ବୈଦେ. ବି(ଫା) (କରରହିତ)—ସାଦର ସନଦ ଅପେକ୍ଷା ଅଧିକରୂପେ ଦେଖାଯିବା ଲାଖରାଜ ଜମି, ଯାହା କରଧାର୍ଯ୍ୟ ଯୋଗ୍ୟ ବୋଲି ଇଂରାଜ ସରକାର ସ୍ଥିର କରିଅଛନ୍ତି—Lands found in excess of the areas granted by the original revenue—free grant and assessed to revenue or resumed by the British Government.
Lākharāj taupbir

ଲଖରାଜ୍‌ଦାର୍—ବୈଦେ. ବି.—(ଫା. ଲାଖିରାଜଦାର୍)—ଲଖରାଜ ଜମିର ଅଧିକାରୀ—Holder of rent-free tenure.
Lākharāj-dār
লাখেরাজদার **लाखिराजदार**

ଲଖରାଜ୍ ବାଜ୍ୟା(ଜା)ପ୍ତି—ବୈଦେ. ବି— (ଫା. ଲାଖିରାଜ୍ ବାଜ୍ୟାପ୍ତ)—ଯେଉଁ ଲଖରାଜ ଜମିକୁ ଇଂରାଜ ଗଭର୍ଣ୍ଣମେଣ୍ଟ ମଞ୍ଜୁର ନ କରି ତହିଁ ଉପରେ କର ଧାର୍ଯ୍ୟ କରି ଅଛନ୍ତି—Resumed revenue-free tenure.
Lākharāj bājyā(jā)pti
লাখেরাজ বাজ্যাপ্তি **लाखिराज बाजयाप्ति**
[ଲଖରାଜ୍(ଜ) ବାଜଅପ୍ତ—ଗ୍ରାମ୍ୟରୂପ]

ଲଖରାଜ୍ ବାହି(ହେ)ଲ୍(ଲି)—ବୈଦେ. ବି.—(ଫା. ଲାଖିରାଜ୍ ବହାଲ୍)—ଯେଉଁ ଲଖରାଜ ସମ୍ପତ୍ତିକୁ ଇଂରାଜ ଗଭର୍ଣ୍ଣମେଣ୍ଟ ଅନୁମୋଦନ କରିଅଛନ୍ତି—Cofirmed revenue-free tenures.
Lākharāj bāhi(he)l(li)
লাখেরাজ বাহেল **लाखिराज बहाल**
(ଲଖରାଜ ତଳେ ଦେଖ ।)

ଲଖରାଜ୍ ମଉଜା—ବୈଦେ. ବି.—(ଫା. ଲାଖିରାଜ+ମୌଜା)—ଯେଉଁ ମଉଜାର ବା ଗ୍ରାମର ସମସ୍ତ ଜମି ଲଖରାଜ ଅଟେ—A revenue free village.
Lākharāj maujā
লাখেরাজী মৌজা **लाखिराजी मौजा**
[ଦୃ—ପୁରୀ ଜିଲ୍ଲାର ରାହାଙ୍ଗ ପରଗଣାର କେତେକ ଶାସନ ଲଖରାଜ ମଉଜା ଅଟେ ।]

ଲଖରାଜ୍ ମାହାଲ୍—ବୈଦେ. ବି—(ଫା. ଲାଖିରାଜ ମହାଲ୍)—ଯେଉଁ କେତେଗ୍ରାମ ବିଶିଷ୍ଟ ଜମିମାନ ଲଖରାଜ ଅଟେ—A revenue-free estate.
Lākharāj māhāl
লাখেরাজ মাহাল **लाखिराज महाल**
[ଦୃ—କଟକ ଜିଲ୍ଲାର ବିଷ୍ଣୁ ପଟ୍ଟଅ ଗୋଟିଏ ଲଖରାଜ୍ ମାହାଲ୍ ଅଟେ ।]

ଲଖସାଜ(ଜି)—ଦେ. ବି—(ସଂ. ଲକ୍ଷ ଓ ସଜ)—ଲକ୍ଷ୍ୟ ଭେଦିବା ନିମନ୍ତେ ନିପୁଣତା—Skill in hitting at a target.
Lākha sāja(ji)
লক্ষভেদ **लक्ष्यभेदका सामर्थ्य**
ଦେ. ବି.—ଲକ୍ଷ୍ୟ ଭେଦନରେ ନିପୁଣ—Skilful at hitting at a target.

ଲଖ ସିଲ୍—ଦେ. ବି—(ସଂ. ଲକ୍ଷ+ଇଂ. ସୀଲ୍)—ସିଲ୍ (ଦେଖ)—Sil (See)
Lākha sil

ଲଖି—ଦେ. ବି—(ସଂ. ଲକ୍ଷ୍ୟ)—ତୁଳନା—Comparison.
Lākhi
তুলনা **लायक**
ବିଣ.—୧ । କୌଣସି ବସ୍ତୁ ସଙ୍ଗେ ତୁଳନୀୟ—1. Comparable with anything.
লায়েক
୨ । ସମକକ୍ଷ; ସଦୃଶ; ସମାନ—2. Equal; similar.
लायक
୩ । ଯଥୋପଯୁକ୍ତ; ଉପଯୁକ୍ତ—3. Befitting; becoming. (ଯଥା—କନ୍ୟାଲକ୍ଷ୍ମୀ ବର ନିକଟଲଖି)

ଲଖି ଦେବା—ଦେ. କ୍ରି(ସଂ.ଲକ୍ଷ)—ଉପମା ଦେବା; କୌଣସି ବସ୍ତୁ ସଙ୍ଗେ ତୁଳନା କରିବା—To compare a thing with another.
Lākhi debā
তুলনা করা **लक्ष्य देना**

ଲଖିବା—ଦେ. କ୍ରି—(ସଂ. ଲକ୍ଷ ଧାତୁ)—୧ । ତୁଳନା କରାଯିବା—1.To to compared.
Lākhibā
তুলনা করা **तुलना करना**
[ଲଖାଇବା—ପ୍ରଯୋଜକରୂପ] ୨ । ତୁଳନା ଦ୍ୱାରା ସମକକ୍ଷ ବା ଯୋଗ୍ୟ ହେବା—2. To befit; to be equal or fitting.
লাগা **लगना**
লগ জানা **चिपक जाना**
୩ । (ସଂ. ଲଗ୍ ଧାତୁ) ଦୃଢ଼ରୂପେ ସଂଲଗ୍ନ ହେବା; ଲାଗିବା—3. To adhere or stick to; to become fixed to. [ଦୃ—ସନ୍ତୋଷ ତବ ତନୁ କାନ୍ତିରେ ଲଖି । ତବସୂର୍ଯ୍ୟ ସଙ୍ଗୀତ କଳ୍ପଲତା ।] ୪ । କୌଣସି ସ୍ଥାନରେ ସ୍ଥାୟୀଭାବରେ ଅବସ୍ଥାନ କରିବା—4. To stay permanently at a place. ୫ । ପ୍ରେମଦ୍ୱାରା ଆସକ୍ତ ହେବା—5. To become attached to by virtue of love. [ଦୃ—ଅସମ୍ଭାଳେ ତାର ମନ ଲଖି ଗଲା ମୋହନାର ମୁରୁଧାନନେ । ରାଧାନାଥ ପଥାରୁ ।] ୬ । ଆଶାନୁରୂପ ଫଳପ୍ରଦ ହେବା—6. To bear the expected result. [ଯଥା-ତାଙ୍କଠାରେ ମୋ ପ୍ରାର୍ଥନାଥା ଲଖିଲା ନାହିଁ ।] ୭ । ଖଟିବା; ପ୍ରଯୋଜ୍ୟ ହେବା—7. To apply to.

ଲଖି ଯିବା—ଦେ. କ୍ରି.—୧ । ଦୃଢ଼ରୂପେ ଲାଗିଯିବା—1. To be attached firmly; to stick firmly.
Lākhi jibā
লেগে যাওয়া **चिपकजाना**
୨ । ଉତ୍ତମରୂପେ ପ୍ରଯୋଜ୍ୟ ହେବା; ଉପଯୁକ୍ତ ହେବା ଖାପ ଖାଇବା—2. To be fitting; to be suitable. [ଯଥା—ଏ ଚଉପଟ ଏ କଥାକୁ ଠିକ୍ ଲଖି ଗଲା ।]
लग जाना

ଲଖି ରହିବା—ଦେ. କ୍ରି—୧ । ଲଖିଯିବା ୧ (ଦେଖ)—1. Lākhi jiba 1 (See)
Lākhi rahibā
লেগে থাকা **लगजाना**
୨ । ପ୍ରୀତି ବା ଶ୍ରଦ୍ଧାରେ ଆସକ୍ତ ହେବା—2. To be attached to by ties of affection or love.

ଲଖି ହେବା—ଦେ. କ୍ରି—(ସଂ. ଲକ୍ଷ)—ତୁଳନାରେ ସମକକ୍ଷ ହେବା—To be equal in comparison.
Lākhi hebā
লায়েক হওয়া **लायक होना**

ଲଖୁ(ଖୁଁ)—ବୈଦେ. ବିଣ. ଓ ବି—(ସଂ. ଲକ୍ଷ)—(ହିନ୍ଦୀରୁ ଅନୁକୃତ, ହି. ଲଖୋଁ ଲଖ୍)—ଲକ୍ଷ ଲକ୍ଷ; ଅସଂଖ୍ୟ—Innumerable; countless; multitudinous; in myriads.
Lākhu(khuṅ)
লাখ লাখ **लाखों लाख**
ଲଖ(ଖୁଁ)ଲଖ୍ } —ଅନ୍ୟରୂପ
ଲଖୋ(ଖୋଁ)ଲଖ୍ }

ଲଗ୍—ଦେ. ବି—(ସଂ. ଲଗ୍ ଧାତୁରୁ ଉତ୍ପନ୍ନ ଲାଗିବାର ଅଦ୍ଧକ୍ଷରରୂପ)—(ଗ୍ରାମ୍ୟଶ୍ୟାମଙ୍କ ପ୍ରବର୍ତ୍ତିତ ଡ଼ିଲ୍ ସମ୍ବନ୍ଧୀୟ ଆଦେଶ-ବଚନ-ବିଶେଷ); ସମସ୍ତେ ପରସ୍ପରକୁ ଲାଗି କରି ଠିଆ ହୁଅ—
Lāg

(A term of drill) Close up! ଗ୍ରାବେ.—(ସମ୍ବଲପୁର) ବି—ଋଣ—Debt. [ଯଥା—ମୋର ଘରେ ଟଙ୍କା ଲାଗ୍ ଅଛି ।]

ଲାଗ୍ ଖାଇବା—ଗ୍ରାବେ.—(ସମ୍ବଲପୁର) କି—୧ । ଋଣ କରିବା—Lāg khāibā 1. To borrow. ୨ । ଋଣଦ୍ୱାରା ବ୍ୟୟ ନିର୍ବାହ କରିବା—2. To meet one's expenses by borrowing. ଦ୍ର—ଲାଗ୍ ଖାଇଁ, ଲଗେଇ ନାଇ ହୁଇଁ । ଲଗ=ବର୍ଗ ଋଣ କରିବ ବଲୁ ଘର ଖାଇଁ ଜମିନ୍ ହେଉ ନାହିଁ ।)

ଲାଗ୍ ଲାଗ୍—ଦେ. କ୍ରି. ବିଣ—ହିଁ ଲଗେ ଲଗେ; ପରେ ପରେ; ପୁନଃ Lāg lāg परे परे पुनः—1. Repeatedly; in quick बारबार, लग लग कर succession. ୨। ଗୋଟିକ ପରେ ଗୋଟିଏ—2. One after the other.

ଲାଗ—ଦେ· ବି.- (ସଂ. ଲଗ୍ ଧାତୁ; ଲଗ୍ନ)—୧ । ଲଗ୍ନ; ମୁହୂର୍ତ୍ତ କ୍ଷଣ—Lāga लग्न लगन 2. Moment; instant. (ଯଥା—ଏହିଲାଗେ=ଏହିଲାଗରେ=ଏହି କ୍ଷଣରେ ।) लागाव; लाग ୨ । ନୈକଟ୍ୟ; ନିକଟବର୍ତ୍ତିତା—2. Contiguity; proximity. ୩ । ସମ୍ପର୍କ—3. Connection. लगाव लागाव लगाव କି. ବିଣ—ନିକଟ—Near. ବିଣ—ନିକଟବର୍ତ୍ତୀ—Contiguous; adjacent. ଗ୍ରାବେ (କଟକସହର) ବି—ନାଗ (ଦେଖ) —Nāga (See) ।ଦେ (ସମ୍ବଲପୁର) ବି—୧ । ଋଣ—1. Loan. ୨ । ମହାଜନି—2. Money lending.

ଲାଗଣ—ଦେ. ବି (ସଂ. ଲଗ୍ନ)—୧ । ସଲଗ୍ନ ହେବା—1. Lāgana Adherence; being attached. ୨ । लागा; लाग କାର୍ଯ୍ୟରେ ଲାଗିବା—2. Being engaged in लगना, लगाव a work. ୩ । ବନ୍ଧୁ ସମ୍ପର୍କ—3. लागान Relationship. ୪ । ଲାଭ ବା ସୁଧଆଦି लगाना ଲୋଭରେ ଟଙ୍କା ଅଗରୁଆ ଦେବା; ଲାଭ ଉଦ୍ଦେଶ୍ୟରେ ଧାନ ବା ଟଙ୍କାକୁ ଖଟାଇବା—4. Advancing money or paddy on loan; investment. [ଦ୍ର—ଧାନ ଫସଲ ଅମଦାନି ହେଲେ ଗାଉଁର ମହାଜନକୁ ସେହିକାଳର ଦାଣ୍ଡ ଦରରୁ ଅପେକ୍ଷା କିଛି ବେଶି ପରିମାଣରେ ଧାନ ଦେବାର ଚୁକ୍ତି କରି ମହାଜନଠାରୁ ଫସଲ ଅମଦାନିର ପୂର୍ବରୁ ଯେଉଁ ଟଙ୍କା ଅଗରୁଆ ନିଅନ୍ତି ତାକୁ 'ଲାଗଣ' 'ଦାଦନ' ବା 'ଦାଦ୍‌ନି' କହନ୍ତି ।

କୌଣସି ମୂଲିଆ ପରେ ପରିଶ୍ରମ କରି ବା ମଲ ଲାଗି ସେହି ମୂଲକୁ ବର୍ତ୍ତମାନ ନେଉଥିବା ଟଙ୍କାରେ କ୍ରମେ କ୍ରମେ ସୁଝାଇ ଦେଇ ସୁଝିବାର କଥା କରି ମହାଜନ ବା ମାଲିକଙ୍କଠାରୁ ଅଗରୁଆ ଯେଉଁ ଟଙ୍କା ନିଏ ତାକୁ 'ଲାଗଣି' ବା 'ଦାଦନ' କହନ୍ତି ।

ଫଳତଃ କୌଣସି ଲାଭ ଉଦ୍ଦେଶ୍ୟରେ ଟଙ୍କା ବା ଧାନକୁ 'ଲଗାଇବା'କୁ 'ଲାଗଣ' ବୋଲାଯାଏ ।] ଦେ. ବି ଓ ବିଣ—ଲାଗଣା (ଦେଖ)—Lāganā (See) ଗ୍ରାବେ (ଗଡ଼ଜାତ) ବିଣ—ଖୁବ୍ ଶିକାରୀ (କୁକୁର) Very skilful as a hunter (said of a dog).

ଲାଗଣା(ଣି)—ଦେ. ବି—(ସଂ. ଲଗ୍ନିକ)—୧ । ବନ୍ଧୁତାଦ୍ୱାରା ନିକଟ Lāganā(ni) ସମ୍ବନ୍ଧ—1. Relationship. ୨ । ନିକଟ (ଲାଗଣିକ—ଅପଭ୍ରଂଶ) ସମ୍ପର୍କୀୟ ବନ୍ଧୁ; ଲଗ୍ନିକ—2. Near लागाव relation. ବିଣ—ବନ୍ଧୁତାଦ୍ୱାରା ସବନ୍ଧ; ଲଗ୍ନିକ—लाग, लगाव लागाव लागी Closely related.

ଲାଗପାଟ—ଦେ. ବିଣ—୧ । ନିକଟ—1. Near. ୨ । ନିକଟବର୍ତ୍ତୀ । Lāga pāta —2. Adjacent; contiguous. लागाव लगाव

ଲାଗ ମୂଲିଆ—ଗ୍ରାବେ (ଯାଜପୁର) ବି—ପ୍ରତିଦିନ ଗାମିକଙ୍କର କାମ Lāga mūliā କରୁଥିବା ମୂଲିଆ—A fixed day-labourer.

ଲାଗରେ—ଦେ. କ୍ରି. ବିଣ—ନିକଟରେ—Lāgare Near.

ଲାଗ ଲଖତ—ଗ୍ରାବେ (କଟକସହର) ବି (ନ ସ୍ଥାନରେ ଲ ଉଚ୍ଚାରଣ) Lāga lakhatra —ନାଗ ନକ୍ଷତ୍ର (ଦେଖ)—Nāga nakshatra (See)

ଲାଗା—ଗ୍ରାବେ (କଟକସହର) ବି—ନାଗା (ଦେଖ) Lāgā Nāgā (See)

ଲାଗି—ଦେ. ଅ (ସଂ. ଲଗ୍ ଧାତୁ)—୧ । (ଅନୁକର) ହେତୁରୁ; Lāgi ପାଇଁ; ନିମନ୍ତେ; କାରଣରୁ—1. For; owing to; because of; on account of. [ଦ୍ର—ଲାଗି, ପାଇଁ, ନିମନ୍ତେ, ଯୋଗୁଁ, ଯୋଗୁରୁ, ଯୋଗେ, ହେତୁ, ହେତୁରୁ ଅବ ପଦଦ୍ୱାରା ଭାବ ଓ ଅଭାବ ଉଭୟ ଅର୍ଥ ସୂଚିତ ହୁଏ । ସାଧାରଣତଃ ଏହା ବିଭକ୍ତିସୂଚକ ଅବ୍ୟୟରୂପେ ଷଷ୍ଠୀ ବିଭକ୍ତି ବିଶିଷ୍ଟ ପଦ ପରେ ବ୍ୟବହୃତ ହୁଏ; ଯଥା, ଗୋବିନ୍ଦ ଲାଗି, ଗୋବିନ୍ଦର ଲାଗି, କାହାଲାଗି, କାହାର ଲାଗି; ତୋଲାଗି, ତୋର ଲାଗି ।] [ଦ୍ର—ଶ୍ୟାମ କେଉଁ ଅନୁଷ୍ଠାନ, ତାଲାଗି ଯିବ ଏ ପ୍ରାଣ । ଜଗନ୍ନାଥ ସଙ୍ଗୀତ ।] ୨ । ଉପସ୍ଥିତି ଯୋଗୁଁ—2. On account of the presence of. [ଦ୍ର—ଟଗା ଲାଗି ଗୋଷ ଦାଣ୍ଡ ମନା ରେ, କାଳିଆ ସୁଜା । ସଙ୍ଗୀତ । लागि, लागिया, जन्य ୩ । (ଅନୁକର) ପକ୍ଷରୁ; କୌଣସି ବ୍ୟକ୍ତିଙ୍କର लिये ପ୍ରତିନିଧିରୂପେ—3. On behalf of; as a representative of. ୪ । (ଅନୁକର) ପରିବର୍ତ୍ତରେ—4. In lieu of. ୫ । ନିମନ୍ତେ; (ନିର୍ଦ୍ଦିଷ୍ଟକାଳ ବା ସମୟ) ପାଇଁ—5. For (a space of time). (ଯଥା—ମୁଁ ଦିନକ ଲାଗି ଏଠାକୁ ଆସିଛି) କ୍ରି. ବିଣ (ଲାଗିବା

ଲେଗେ କ୍ରିୟାର ଅସମାପିକାରୂପ)—୧ । ସଲଗ୍ନ ହୋଇ—
लगकर 1. Adhering to; closely engaged in.
୨ । ଲାଗିପଡ଼ି; ଅଧ୍ୟବସାୟସହକାରେ—2. With
perseverance. ଦେ. ବଣ—୧ । ଗୃହୀତ—
উৎসর্গ 1. Accepted. ୨ । ଉପଭୁକ୍ତ—2. Enjoyed ୩ ।
लगाहुआ ପରିହିତ; ପିନ୍ଧାଯାଇଥିବା—3. Put on, worn.
[ଉ—ଶ୍ରୀ ସୂର୍ଯ୍ୟଙ୍କୁ ଦିଲ୍ଲାଇ ସ୍ୱର୍ଣ୍ଣପଟ୍ଟ, ଅପେ ପିନ୍ଧିବା ତାହା
ଲାଗି ପଟ୍ଟ । କବିସୂର୍ଯ୍ୟ. ବଳଦେ ।] ୪ । ନିକଟବର୍ତ୍ତୀ—
লাগাও 4. Adjoining; adjacent. ୫ । ସଲଗ୍ନ—5. At-
लागी tached to; adhering. ୬ । ପରିଧାନକାରୀ—
5. Wearing. (ଯଥା—ଆଜ୍ଞ ମହାପ୍ରଭୁଙ୍କର ପୀତପଟ୍ଟ-
ଲାଗି ବେଶ ହୋଇଅଛି) ୭ । ଉପଭୋଗକାରୀ —
উৎসর্গ 7. Enjoying. ୮ । (ନୈବେଦ୍ୟାଦି) ଅର୍ପିତ—
चढ़ाहुआ 8. Offered. (ଉ—ମୂଳକୁ ପୂଜିଲେ ଅମୃତ ହୋଇ,
ଲିଙ୍ଗ ପୂଜିଲେ ଅମୃତ ଲାଗି ହୋଇ । ଗ୍ରାମୀ. ପରିତେ
ଗୀତା ।) ବ—୧ । (ବେଶ ଆଦି) ଅଙ୍ଗରେ ପିନ୍ଧିବା;
পরা ଧାରଣ—1. Putting on the body (e. g. dress,
लगाना ornaments etc). [ଉ—ବଣରଣ୍ଣାଙ୍କର ଲବେ
ଅଲଙ୍କାର ଲାଗି । ବ୍ରଧାନାଥ. ମହାଯାତ୍ରା] [ବ୍ର—ସ୍ୱକା
ଓ ଦେବତା ଆଦିଙ୍କର ଅଲଙ୍କାର, ବେଶ ଆଦି ଧାରଣ
କରିବା ପ୍ରତି 'ଲାଗି' ବୋଲାଯାଏ ।] ୨ । ମାଦକତା;
নেশা ନିଶା; ମତ୍ତତା—2. Intoxication; intoxicating
नशा quality. ୩ । ନିଶା ବା ମାଦକତା ଜନ୍ମାଇବା ଗୁଣ—
3. The quality of causing intoxication.
[ଉ—ଗଞ୍ଜାଇବ ନିଶା ଲାଗି ଭାର ପୁଣି । କବିସୂର୍ଯ୍ୟ.
ଚଣ୍ଡୋପାଖ୍ୟାନ ଗୀତ ।] ୪ । ଉପଭୋଗ କରଣ—
4. Enjoyment.

ଲାଗି ଆସିବା—ଦେ. କ୍ରି—ଲାଗିବାକୁ ଆରମ୍ଭ କରିବା—
Lāgi āsibā To begin to lāgibā. (See)
লেগে আসা लगनेको शुरूकरना

ଲାଗି କରିବା—ଦେ. କ୍ରି—ଦେବତାଙ୍କଠାରେ ପୁଷ୍ପ ଆଦି ଅର୍ପଣ କରିବା;
Lāgi karibā ପିନ୍ଧାଇବା; ଚଢ଼ାଇବା—To put (flowers
চড়ান etc) on the body of a king or Deity.
चढ़ाना

ଲାଗି ଖାଇବା—ଦେ. କ୍ରି—ମୂଲ ଲାଗି କମ୍ପା ପରିଶ୍ରମ କରି ଆପଣା ପେଟ
Lāgi khāibā ପୋଷିବା—To earn one's livelihood by
(ମାଡି ଖାଇବା—ବ୍ୟବସାୟ) labour; to earn one's bread
খেটে খাওয়া by the sweat of one's brow. [ଉ—ଯେ
लागकर खाना ଲାଗିଖାଏ, ସେ ମାଗିଖାଏ ନାହିଁ, ଯେ ମାଗିଖାଏ
ସେ ଲାଗିଖାଏ ନାହିଁ । ରଗ ।]

ଲାଗି ଚନ୍ଦନ—ଦେ. ବ—୧ । ଦେବତା ଆଦିଙ୍କ ନିମନ୍ତେ ଅଭିପ୍ରେତ
Lāgi chandana ଚନ୍ଦନ—1. Sandal paste intend-
চড়ান চন্দন ed for being put on a Deity. ୨ । ଯେଉଁ
चढ़ाहुआ चन्दन ଚନ୍ଦନ ଦେବତାଙ୍କଠାରେ ବୋଳା ହୋଇଥାଏ
(ଓ ପରେ ତାହା ତାହାଙ୍କ ଦେହରୁ କଢ଼ାଯାଇ ଥାଏ)—
2. Sandal paste once put on the body of
a Deity (and afterwards taken off).
[ବ୍ର—ଏହିପରି ଲାଗିମାଳ, ଲାଗି ବେଲପତ୍ରୀ ଆଦି
ହୁଏ ।]

ଲାଗି ଡକା(କେ)ଇତ—ଦେ. ବ—ମାଦକତାରୂପ ଡକାଇତ—
Lāgi dakā(ke)ita Intoxication compared to a
robber. [ଉ—ଲୁପ୍ତମୋହିବ ବଢ଼େଇ ସୁର୍ଯ୍ୟ, ଲାଗି
ଡକାଇତ ଲାଗୁ ଲାଗୁ । କବିସୂର୍ଯ୍ୟ. ସଙ୍ଗୀତ]

ଲାଗି ପଡ଼ି (କୌଣସି କାର୍ଯ୍ୟ କରିବା)—ଦେ. କ୍ରି. ବଣ—(ସହିତର
Lāgi pardi ଅର୍ଥ)—୧ । ଶରୀରଶକ୍ତି ମନ ଓ ଦେହକୁ ଲଗାଇ
লেগেপড়ে (কোন কাজ করা) (କୌଣସି କାର୍ଯ୍ୟ କରିବା)—
लगपडके 1. (to do any work) With full force of
one's body and mind. ୨ । ବହୁ ପରିଶ୍ରମ
ସହକାରେ—2. With great labour; very
laboriously. ୩ । ଅବିଚ୍ଛିନ୍ନରୂପେ (କୌଣସି କାର୍ଯ୍ୟ
କରିବା)—3. (to do any work) Uninterrup-
tedly; continuously.

ଲାଗି ପଡ଼ିବା—ଦେ. କ୍ରି—କାଯ୍ମନୋବାକ୍ୟରେ କୌଣସି କାର୍ଯ୍ୟରେ
Lāgi pardibā ନିବିଷ୍ଟ ହେବା—To be closely enga-
লেগেপড়া ged in a piece of work. [ବ୍ର—ଏହା
लगपडना ଅସମାପିକା ରୂପରେ ଅନ୍ୟକ୍ରିୟା ସହିତ ସଯୁକ୍ତ
ହୁଏ ।]

ଲାଗିପାଗି—ଦେ. କ୍ରି. ବଣ (ନିରର୍ଥକ ସହିତର)—ଲାଗିପଡ଼ି (ଦେଖ)—
Lāgipāgi Lāgipardi. (See) [ଉ—ସ୍ୱାଭଯାକ ଲାଗିପାଗି
ସାଙ୍ଗିଲି ଅଳଥ । ଉକାଶ୍ରୀ ଗୀତଲହରୀ ।]

ଲାଗି ପାରିବା—ଦେ. କ୍ରି—୧ । ସମାନ ହୋଇ ପାରିବା—1. To be
Lāgi pāribā equal to. [ଉ—ତୁମ୍ଭେ ଏକା ଲାଗିପାର
সমকক্ষ হওয়া ତାହାଙ୍କ ସାଥ । କୃଷ୍ଣସିଂହ. ମହାଭାରତ ବନ ।]
समकक्ष होना ୨ । (କୌଣସି ବସ୍ତୁ) ପରିହିତ ବା ଅର୍ପିତ ହେବାର
ଯୋଗ୍ୟ ହେବା—2. To be suitable or conve-
nient for being put on. (ଯଥା—ବଡ଼ସିଂହାର
ପରେ ଠାକୁରଙ୍କ ଶ୍ରୀଅଙ୍ଗରେ ଏ ମାଳାମାନ ଲାଗି ପାରିବ
ନାହିଁ ।)

ଲାଗିବା—ଦେ. ବ—ଲାଗିବା କାର୍ଯ୍ୟ—Act of Lāgiba, (See
Lāgiba below) (ଯଥା—ଦୁଇଜଣ ବନ୍ଧୁଙ୍କ ମଧ୍ୟରେ କଳି
লাগা ଲାଗିବା ଅସୁନ୍ଦର କଥା) ଦେ: ବଣ—୧ । ଯାହା ବା ଯେ
लगना ଲାଗିଥାଏ—1. That which has done the act
of Lāgibā (See below) (ଯଥା, ଘର ଛାଆରରେ
ଲାଗିବା ବ୍ୟକ୍ତି) ୨ । ଯାହା ବା ଯେ ଲାଗିବ—2. That
which will do the act of Lāgibā. (See
below) (ଯଥା—ଆଗାମୀ ବର୍ଷ ବଜାହରେ ଲାଗିବା
ବ୍ୟକ୍ତି) ଦେ. କ୍ରି (ସ୍ୱସ୍ତ ଲଗ୍ ଧାତୁ)-୧ । (ଅକର୍ମକ) ଅନ୍ୟ

ବସ୍ତୁ ସଙ୍ଗେ ଯୁକ୍ତ ହେବା; ଲଗ୍ନ ହେବା; ଲାଖିବା; ସଂଲଗ୍ନ ହେବା; ଜଡ଼ିତ ହେବା—1. To be attached to another thing; to stick to; to adhere to. [ଦୃ—ବାଳୁସ୍ତମାନେ ଅଙ୍ଗ ଉଦରରୁ ଲାଗି ରହନ୍ତି ଜଳ। ବକ୍ତୃତରଙ୍ଗ. ମଥୁରାମଙ୍ଗଳ।] ୨। (ଅକର୍ମକ) (ପଶୁ ଅର୍ଥ) ଶକଟରେ ଯୋତ୍ରିହେବା—2. (beasts) To be yoked to a cart or plough. (ଯଥା—ଏ ଶଗଡ଼ରେ ବଡ଼ବଳଦ ସଙ୍ଗେ ବାଛୁରିଟାଏ ଲାଗିଛି) ୩। (ଅକର୍ମକ) (ଜାହାଜ, ଡଙ୍ଗା, ଅର୍ଥ) ପହଞ୍ଚିବା; ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା—3. A boat or conveyance; To touch (the shore); to reach the destination. [ଦୃ—ବେଳାରେ ଲାଗିଲା ନାବ ତମ୍ବାଳଙ୍କ ପୁରେ। ଉପ. ବୈଦେହୀଶବିଳାସ ।] ୪। (ଅକର୍ମକ) (ଦେହରେ) ବୋଳାଯିବା; ଲିପାଯିବା—4. To be smeared over; to be anointed. [ଦୃ—ଦେହେ ଲାଗିଲା ପଙ୍କ ଯେତେ; ନ ଯାଉ ପଙ୍କ ପ୍ରକ୍ଷାଳନେ। ଜଗନ୍ନାଥ. ଭାଗବତ]। ୫। (ଅକର୍ମକ) କୌଣସି ବିଷୟର ସମ୍ପର୍କ ଅନ୍ୟ ବ୍ୟକ୍ତି ବା ବସ୍ତୁଠାରେ ଯୁକ୍ତ ହେବା; ବ୍ୟାପିବା—5. To overtake; to spread over. [ଦୃ—ସେ ଦୋଷ ନ ଲାଗଇ ତାର, ଜଗତ ପକ୍ଷେ ଯେତେ କାର। ଜଗନ୍ନାଥ. ଭାଗବତ।] ୬। (ଅକର୍ମକ) ବୁଜି ହେବା; ମୁଦ୍ରି ହେବା; ମୁଦ୍ରିତ ହେବା—6. To be closed or shut. (ଯଥା—ସ୍ୱର ଅନିଦ୍ରାଯୋଗୁଁ ମୋ ଆଖି ଲାଗିଯାଉଛି; ଆଖି ଧୋଇବାରୁ ଆଖିପତା ଲେଟେରିରେ ଲାଗିଯାଇଛି।) ୭। (ଅକର୍ମକ) (ଜିଭ, ପାଟି, ତୁଣ୍ଡ) ଅଟକି ଯାଇବା; ସ୍ପଷ୍ଟରୂପେ ବାକ୍ୟର ଉଚ୍ଚାରଣ କରି ନ ପାରିବା—7. To stammer (said of the tongue or mouth); not to be able to utter words properly. (ଯଥା—ତା ଜିଭ ଲାଗୁଛି; ତା ତୁଣ୍ଡ ଲାଗୁଛି; ତା ପାଟି ଲାଗୁଛି) ୮। (ଅକର୍ମକ) (ଭାତ, ଖାଦ୍ୟ ବା ଶ୍ଳେଷ୍ମା) କଣ୍ଠନଳିରେ ଅଟକିବା—8. To stick in the throat (said of particles of food or phlegm). (ଯଥା—ତଣ୍ଟିରେ ମାଛକଣ୍ଟା, ଭାତ, କଫ ଲାଗୁଛି।) [ଦ୍ର—ସାଧାରଣ ଲୋକେ ବିଶ୍ୱାସ କରନ୍ତି ଯେ, କେହି ଦୂରସ୍ଥ ବନ୍ଧୁ ତୁମ୍ଭକୁ ଦୂରରେ ଥାଇ ମନେ ପକାଇଲେ ବା ସ୍ମରଣ କଲେ ଠିକ୍ ସେହି ସମୟରେ ତୁମେ ଖାଇ ବସିଥିଲେ ତୁମ ତଣ୍ଟିରେ ଭାତ ଲାଗିବ ।] ୯ । (ଅକର୍ମକ; ବିଶେଷତଃ ରାଜା ଓ ଦେବତାଙ୍କଠାରେ ପ୍ରଯୋଜ୍ୟ) ବସ୍ତ୍ର ଅଳଙ୍କାରର ଦେହରେ ପରିହିତ ହେବା; ପିନ୍ଧାଯିବା; ଲାଗି ହେବା—9. To be put on the body; to be worn. [ଦୃ—ଜୋର ଲାଗି ଘେର ପଡ଼ିବ ହେବଟି ସ୍ୱେଚ୍ଛାପର ଅତରଣ୍ଡ। ଜଗନ୍ନାଥ. ଭାଗବତ. ଦଶମସ୍କନ୍ଧ. ଓ ଗୀତ ।] ୧୦। (ଅକର୍ମକ) (କାର୍ଯ୍ୟରେ) ନିଯୁକ୍ତ ହେବା; ବ୍ୟାପୃତ ହେବା; ରତ ହେବା—10. To be engaged in a work. [ଦୃ—ଲାଗିଥିଲେ ନବାଧନ୍ତୀ ସେବାରେ। ଧନ-ଞ୍ଜୟ. ଜନନୀ] ୧୧। (ଅକର୍ମକ) ଏକାଦିକ୍ରମେ ଚଳିବା; (କାର୍ଯ୍ୟର ସ୍ରୋତ) ଅବିଚ୍ଛିନ୍ନ ଭାବରେ ଚାଲିବା; ଜମିବା—11. To continue; to go on. [ଦୃ—ଭବେ ଲୀଳା ଲାଗିଛି ଦେଖ ଏମନ। ରାମଶଙ୍କର. ଲୀଳାବତୀ।] ୧୨। (ଅକର୍ମକ) (ପ୍ରଦୀପ ଅର୍ଥ) ଆଲୋକିତ ବା ଅଗ୍ନିଯୁକ୍ତ ହେବା; ଜଳିବା—12. To be lighted; to burn. (ଯଥା—ଏ ଓଦା କାଠଗୁଡ଼ାକ ଜମାରୁ ଲାଗୁ ନାହିଁ) [ଦ୍ର—ଚୂଲ ଲାଗିବାର ଅର୍ଥ ଚୂଲରେ ନିଆଁ ଲାଗିବା] ୧୩। (ଅକର୍ମକ) କୌଣସି ପଦାର୍ଥରେ କୌଣସି ଅଙ୍ଗ ବା ଅଂଶ ସଂଯୋଜିତ ହେବା—13. To attached to. (ଯଥା—ବଟୁଆରେ ଝୁମ୍ପା ଲାଗିଛି, କଣ୍ଠିରେ ବେଣ୍ଟ, ଟୋପିରେ ଝାଲର ଲାଗିଛି) ୧୪। (ଅକର୍ମକ) (କୌଣସି କର୍ମ ପାଇଁ ଧନ ବା ପଦାର୍ଥ) ବ୍ୟୟିତ ହେବା—14. To be spent. (ଯଥା—ଏ ଭାଷାକୋଷ ମୁଦ୍ରଣ ପାଇଁ ଲକ୍ଷାଧିକ ଟଙ୍କା ଲାଗିବ) ୧୫। (ଅକର୍ମକ) କୌଣସି କର୍ମ ପାଇଁ ଲୋଡ଼ା ହେବା; ଆବଶ୍ୟକ ହେବା—15. To be required for any work. [ଦୃ—ଦ୍ୱାଦଶ ସମ୍ବତ୍ସର ପୃଥ୍ୱୀପାଏ ମୁହିଁ, ଯେତେ ଅନ୍ନ ଲାଗିବ ତୁମ୍ଭର ଦେବଇଁ। କୃଷ୍ଣସିଂହ. ମହାଭାରତ. ବନ।] ୧୬। (ଅକର୍ମକ) ମୂଲ, ମଜୁରି, ଦରମା ବା ପାରିଶ୍ରମିକ ପାଇଁ କାମ କରିବା; ଖଟିବା—16. To work for wages or for pay. [ଦୃ—ଯେ ଲାଗେ ଖାଏ ସେ ମାଗେ ଖାଏ ନାହିଁ, ଯେ ମାଗି ଖାଏ ସେ ଲାଗି ଖାଏ ନାହିଁ—ଢଗ ।] ୧୭। (ଅକର୍ମକ) (ଗଛ ଅର୍ଥ) ରୋପିତ ହେବା—17. To be planted. (ଯଥା—ସଡ଼କ ପାଖେଯାକ ବରଗଛ ଲାଗିଛି; ମୋ ବଗିଚାରେ ବହୁତ ମଲ୍ଲୀଗଛ ଲାଗିଛି ।) ୧୮। (ଅକର୍ମକ) ଉପୁଜିବା; ଜାତ ହେବା—18. To arise; to ensue. (ଯଥା—ଦୁଇ ଭାଇଙ୍କ ମଧ୍ୟରେ ବିଷୟ ସମ୍ପତ୍ତି ପାଇଁ ମକଦ୍ଦମା ଲାଗିଲା) ୧୯। (ଅକର୍ମକ) ଫଳବତ୍ ହେବା; ଈପ୍ସିତ ଫଳପ୍ରଦାନ କରିବା—19. To be effective; to produce the desired effect; to result in. (ଯଥା—ମୁଁ ଯେତେ ଘିଅ ଦୁଧ ଖାଇଲି ମୋ ଦେହରେ ଜମାରୁ ଲାଗିଲା ନାହିଁ ।) ୨୦। (ଅକର୍ମକ) ଅଧିକା ହୋଇ ଯୁକ୍ତ ହେବା; ବୃଦ୍ଧି ପାଇବା—20. To be added to; to increase. (ଯଥା—ବନା ପରିଶ୍ରମରେ ମାଗଣା ଭୋଜନ ପଡ଼ିବାରୁ ତାଠେଇଁ ମାଉଁସ ଲାଗିଲାଣି ।) ୨୧। (ଅକର୍ମକ) ଅଣ୍ଡିରା ପଶୁ ମାଈ ପଶୁକୁ ସଙ୍ଗମ କରିବା;

ଯୋଡ଼ ପଡ଼ିବା—21. To pair; to cohabit (said of male beasts). (ଯଥା—ହାତୀମାନଙ୍କୁ ବଣରୁ ଧରିଆଣି ଘରେ ପାଳିଲେ ଦେଖାଯାଏ, ସେମାନେ ହାତୁଣୀ ସଙ୍ଗେ ଲାଗନ୍ତି ନାହିଁ ।) ୨୨ । (ଅକର୍ମକ) ଚିହ୍ନ ବା ଦାଗରୂପେ ରହିବା; ଦାଗ ଅଡ଼ ନ ଲିଭିବା—22. To be left as a mark or stain; not to be erased; to tarnish. (ଯଥା—ଯେତେ ଚେଷ୍ଟା କଲେ ମଧ୍ୟ ତା ଲୁଗାରେ ଲାଗିଥିବା ରକ୍ତ ଦାଗ ତାକୁ ଧରି ପକାଇ ଦେଲା ।) ୨୩ । (ଅକର୍ମକ) ଶତ୍ରୁ ଭା ଅଚରଣ କରିବା; ଶତ୍ରୁରୂପେ କୌଣସି ବ୍ୟକ୍ତିକୁ ହିଂସ୍ରା କରିବା; ବିବାଦ କରିବା—23. To act inimically towards a person. [ଉ—ମୋ ସଙ୍ଗରେ ଲାଗିଲେ ବସିବୁ ଯମ ପାଶ । କୃଷ୍ଣସିଂହ. ମହାଭାରତ. ସଭା ।] ୨୪ । (ଅକର୍ମକ) କୌଣସି ବ୍ୟକ୍ତିକୁ ଧରିବା ବା ଜଗିବା ବା ଆକ୍ରମଣ କରିବା-ପାଇଁ ତାହା ପ୍ରତି ଅନ୍ୟ ବ୍ୟକ୍ତି ନିଯୁକ୍ତ ବା ମୁତୟନ୍ ହେବା—24. To be employed or commissioned after; to be deputed. (ଯଥା—ଛନ୍ଦନ ହେଲା ଶାତକଠାରେ ମହାଜନଙ୍କର ପିଆଦା ଲାଗିଛି ।) ୨୫ । (ଅକର୍ମକ) ଆକ୍ରମଣ କରିବା ଉଦ୍ଦେଶ୍ୟରେ ପଛରେ ଗୋଡ଼ାଇବା—25. To chase; to pursue. (ଯଥା—ବାଲ୍ୟରୁ ପଛରେ ଲୁକଟା ଡାହାଣକୁଡ଼ା ଲାଗି ଦଶ ଖୋଜାରେ ତାକୁ ମାଡ଼ି ବସିଲେ ।) ୨୬ । (ଅକର୍ମକ ଓ ସକର୍ମକ) ପ୍ରସ୍ତାବିତ ହେବା; କୌଣସି ପଦାର୍ଥ ବା ବିଷୟ ପାଇଁ କଥାବାର୍ତ୍ତା ବା ପ୍ରସଙ୍ଗ ଉତ୍ଥାପିତ ହେବା—26. To be proposed; to be talked about in connection with any matter. [ଉ—କାଲିରେ ନାକର ଗୁଅ; ଯେବେଳେଇ ନାଗର ବର ଲାଗିଛି ଆଉ ସାଇ ବଇଭୂଅ—ରଚ ।] ୨୭ । (ଅକର୍ମକ) (ଖାଦ୍ୟଦ୍ରବ୍ୟ) ଖାଇବା ପତ୍ରରେ ଦିଆଯିବା; ପରିବେଷଣ କରାଯିବା—27. To be served on the plate (said of food). (ଯଥା—ସନ୍ଧ୍ୟା ସଭାରେ ଖିରିପିଠା ଲାଗିଲାଣି; ଏ ଧାଡ଼ିର ଦଶଖଣ୍ଡ ପତ୍ରର ମଧ୍ୟରୁ ଛଅଖଣ୍ଡ ପତ୍ରରେ ମାଛ ବେସର ଲାଗି ନାହିଁ ।) ୨୮ । (ଅକର୍ମକ ଓ ସକର୍ମକ) ବାଧିବା; ବାଧା ଦେବା; ପୀଡ଼ା ଦେବା (ଏ ଅର୍ଥର ବଙ୍ଗଳା ଭାଷାରେ ବେଶି ପ୍ରୟୋଗ ହୁଏ ।)—28. To give pain; to affect painfully. [ଉ—ସକର୍ମକ—ତୋରେ ଶରଣ ଯେ ପଶଇ, ସଂସାର ତାକୁ ନ ଲାଗଇ—ଜଗନ୍ନାଥ. ଭାଗବତ; ଅକର୍ମକ—ତାଙ୍କ ମନ୍ତବ୍ୟ ମୋ ହୃଦରେ ଖୁଉଁ ବନା ଲାଗିଗଲା ।]

୨୯ । (ଅକର୍ମକ ଓ ସକର୍ମକ) କୌଣସି ବିଷୟ ସ୍ମୃତି ବା ହୃଦୟ ପଟରେ ସ୍ଥାୟିଭାବରେ ଅଙ୍କିତ ହେବା—29. To be permanently impressed on the tablet of the mind. [ଉ—ସକର୍ମକ—ପ୍ରିୟସଖି ! ମୋ ବେଦନା ନ ଲାଗଇ କାହା ଚୋଟେ ବକ୍ଷତରେ । କବିସୂର୍ଯ୍ୟ. ଚମ୍ପୋଇଚନ୍ଦ୍ର ଠ. ଗୀତ—ସକର୍ମକ । ଅକର୍ମକ—ଜଗବନ୍ଧୁର ଦରେଷ୍ଟ କଥା ମୋ କାନରେ ଲାଗି ଯାଇଛି ।] ୩୦ । (ଅକର୍ମକ) ଅଟକିବା—30. To stick to. (ଯଥା—ନଈରେ ଅଳ୍ପ ପାଣି ଥିବାରୁ ବୋଇତର ଡଙ୍ଗା ଠାଏ ଠାଏ ଲାଗୁଛି ।) ୩୧ । (ଅକର୍ମକ) ଆଘାତ ପାଇବା; ବାଜିବା—31. To strike; to collide with; to hit at. (ଯଥା—ଜାହାଜ ବୁଡ଼ା ପଥରରେ ଲାଗି ଫାଟିଗଲା ।) ୩୨ । (ଅକର୍ମକ) କୌଣସି ବିଷୟରେ ଏକାଗ୍ରଚିତ୍ତରେ ରତ ହେବା; ଆସକ୍ତ ହେବା; ଏକାନ୍ତ ମନରେ ନିଯୁକ୍ତ ହେବା; ମଜ୍ଜିବା—32. To be attached to a matter; to be after a thing; to be addicted to a thing. [ଉ—ସଞ୍ଜବେଳରୁ କଞ୍ଜ ଫୁଟିବା ଯାଏ କୁଞ୍ଜରେ ତୋ ଭୁଲେ ପରି ଲାଗେ ନେ—କବିସୂର୍ଯ୍ୟ. ସଙ୍ଗୀତ ।] ୩୩ । (ଅକର୍ମକ) (କୌଣସି କର୍ମ) ଆରମ୍ଭ ହେବା—33. To be begun; to set in; to be commenced. (ଯଥା—ଦିନ ୧୦ଟା ବେଳେ କଚେରି ଲାଗେ, ୫ଟା ବେଳେ ଭାଙ୍ଗେ ।) ୩୪ । (ଅକର୍ମକ) କୌଣସି କର୍ମ କରିବାକୁ ଆରମ୍ଭ କରିବା—34. To begin or set to some work. (ଏ ବ୍ୟବହାର ବଙ୍ଗଳାରେ ବେଶି ଚଳେ) (ଯଥା—ସଭାରେ ଆମ୍ଭମାନଙ୍କ ଉପସ୍ଥିତି ମାତ୍ରକେ ବକ୍ତା ବକ୍ତୃତା ଦେବାକୁ ଲାଗିଲେ ।) ୩୫ । (ଅକର୍ମକ) (ମୀମାଂସିତ ହୋଇ-ଥିବା ବିଷୟ ବା ପ୍ରସଙ୍ଗ) ପୁନରୁତ୍ଥାପିତ ହେବା; ଉଠିବା—35. (a matter) To be reopened. (ଯଥା—ଭଲଲୋକେ ବସି ସେ ଦୁହିଙ୍କ ବିବାଦ ତ ଭାଙ୍ଗି ଦେଇଥିଲେ, ପୁଣି ଆଜ ସେ କଥା କିଆଁ ଲାଗିଲା ।) ୩୬ । (ଅକର୍ମକ) ଘଟିବା—36. To happen. (ଉ—ଲାଗିଛି ମିଳନରେ ହାଟ—ଭଜନ ।) ୩୭ । (ଅକର୍ମକ) ବହୁକାଳ ବ୍ୟାପିବା—37. To extend over a long period of time. (ଯଥା—କେଉଁଙ୍କ ଜାବଅଣ ସଂଖ୍ୟା ବରଷର ଚଳେ ସ୍ୱରବନ ଲାଗିଲାଣି, ତେବେ ଦୁଃଖ ତାଙ୍କ ଅଡ଼ୁଆ ଛୁଟୁ ନାହିଁ ।] ୩୮ । (ଅକର୍ମକ) ବହୁଦୂର ବା ସ୍ଥାନ ବ୍ୟାପିବା; ଅଧିକାର କରିବା—38. To extend over a long distance; to occupy a long space. (ଯଥା—ଆମ ଗାଁଅଁ ରହୁଜୋଡ଼ ହ୍ରଦ ମାଇଲିଏ ଯାଏ ଲାଗିଛି ।) ୩୯ । (ଅକର୍ମକ) ମହାଜନ ବା ବ୍ୟବସାୟରେ (ଧନଆଦି) ଖଟା ହେବା ବା ନିୟୋଜିତ ହେବା—39. To be invested on loan or business. (ଯଥା—

ଥିମ ଜମିଦାରରେ ଅମର ଭଲ ଶବ୍ଦ ହରଣ ଧ୍ୟାନ ଦେଉଛିରେ ଲାଗିଛି ।) ୪୦ । (ଅକର୍ମକ) ସମାପ୍ତ ନ ହେବା—40. Not to be finished. (ଯଥା—ସତ୍ତ ବାଉଟା-ବେଳଯାଏଁ ସୁଦ୍ଧା ତାଙ୍କ ଘରେ ଖିଅଣ ପିଅଣ ଲାଗିଥାଏ ।) ୪୧ । (ଅକର୍ମକ) ସ୍ପର୍ଶ କରିବା—41. To come in contact with; to touch. [ଉ—କୁସୁମ ଫଳ ଅଞ୍ଚଳରେ, ବିଟପୀ ଲାଗନ୍ତି ଭୂମିରେ । ଜଗନ୍ନାଥ. ଭାଗବତ ।) ୪୨ । (ଅକର୍ମକ) ଅନ୍ୟ ବସ୍ତୁ ସଙ୍ଗେ ଜଡ଼ିତ ହେବା; ଛନ୍ଦ ହେବା—42. To be entangled in. [ଉ—କସ୍ କଣ୍ଟା ? କାକଟୋଲ କଣ୍ଟା; ଯହିଁରେ ଲାଗିବ ଲଟାପଟା । ଡାହାଣିର କଥା ।] ୪୩ । (ଅକର୍ମକ) ଯଥୋପଯୁକ୍ତ କର୍ମରେ ନିଯୋଜିତ ବା ବ୍ୟବହୃତ ହେବା—43. To be employed or used in the proper work. (ଯଥା—ଗାଈର ବାଛୁରୀ ମରିଯିବାରୁ ସ୍ତ୍ରୀ ଠେଇଁ ଅଉ ଗୋଟିଏ ବାଛୁରୀ ଲାଗିଛି ।) ୪୪ । (ଅକର୍ମକ) ସ୍ପର୍ଶ କରିବା; ଛୁଇଁବା—44. To touch. (ଉ—ମାଟ୍ଟି ନ ଲାଗେ ଯାର ଚରଣେ, ସେ ଯଯୋଜନ ତାର ଗଣେ—ଜଗନ୍ନାଥ. ଭାଗବତ ।) ୪୫ । (ଅକର୍ମକ) ଗୋଡ଼ାଇବା; ଆକ୍ରମଣ କରିବା—45. To overtake; to attack. (ଉ—ବ୍ୟାଧିର ପରିଭବ ନାହିଁ, ଦେହରେ ରୋଗ ନ ଲାଗଇ । ଜଗନ୍ନାଥ. ଭାଗବତ ।) ୪୬ । (ସକର୍ମକ) (ଭୂତ ଆଦି) ମନୁଷ୍ୟଠାରେ ଆବିଷ୍ଟ ହେବା—46. To posses a person (said of a ghost or spirit). [ଉ—ଲାଗିଲାରେ ଲାବଣ୍ୟ-ନିଧିକ ଶ୍ୟାମଳଟ । ଜବସୂର୍ଯ୍ୟ. ରତ୍ନାକର ଚମ୍ପୂ ।] ୪୭ । (ସକର୍ମକ) ବ୍ୟାକୁଳ କରିବା—47. To agitate. [ଉ—କରବ ଭାଗବତ ଧର୍ମ, ଯେଷଣେ ନ ଲାଗେ ଭବ ଭ୍ରମ । ଜଗନ୍ନାଥ. ଭାଗବତ ।] ୪୮ । (ଅକର୍ମକ) କଳ୍ପନାଦ୍ୱାରା ବୋଧ ହେବା; ଅନୁମିତ ହେବା; ଏକ ବିଷୟ ଅନ୍ୟ ବିଷୟ ପରି ଜଣାଯିବା—48. To seem; to be felt as if. [ଉ—ଛଣା ସୁଧା ସର ପଣାରୁ ମଧୁର ଲାଗୁଥିଲା ଶ୍ୟାମପ୍ରୀତି ଗୋ । କବିସୂର୍ଯ୍ୟ. ସଙ୍ଗୀତ ।] ୪୯ । (ଅକର୍ମକ) ଅନୁଭୂତ ହେବା—49. To be experienced. [ଉ—ନାନା ଦୁର୍ନିମିତ୍ତ ନବ ନବ ଦେଖି, ମନେ ଲାଗେ ବଡ଼ ଡର; ରାଧାନାଥ. ପାର୍ବତୀ ।]

ଜଲେପ ଯୋଗୀ ସେ ଯୁଗତେ,

ବିଷୟ ଲାଗେ ମୋର ଚିତ୍ତେ—ଜଗନ୍ନାଥ. ଭାଗବତ ।

୫୦ । (ସକର୍ମକ ଓ ଅକର୍ମକ) (ନାଡ଼ୀର ଗତି ବା ସ୍ପନ୍ଦନ) ହାତକୁ ଜଣା ପଡ଼ିବା—50. (pulse) To be felt by touch. [ଉ—ଲାଗୁ ନ ଥିଲା ମୋ କରକୁ ନାଡ଼ିକା, ସଙ୍ଗୀମାନେ ଦେଖି ହେଲେ ଡାହୁକା । କବିସୂର୍ଯ୍ୟ.ସଙ୍ଗୀତ ।] ୫୧ । (ସକର୍ମକ ଓ ଅକର୍ମକ) ପଞ୍ଚ ଇନ୍ଦ୍ରିୟ-ଦ୍ୱାରା ଅନୁଭୂତ ହେବା—51. To be felt by the different organs of sense. [ଦ୍ର—୧ । ରସନେନ୍ଦ୍ରିୟଦ୍ୱାରା, ଯଥା—ଖଟା ଲାଗିବା, ମିଠା ଲାଗିବା, ପିତ ଲାଗିବା, ୨ । ସ୍ପର୍ଶେନ୍ଦ୍ରିୟ ଦ୍ୱାରା, ଯଥା—ଏ କଉପଟା ହାତକୁ ଭାରି ଟାଆଁସା ଲାଗୁଛି, ୩ । ଶ୍ରବଣେନ୍ଦ୍ରିୟଦ୍ୱାରା, ଯଥା—ଏ ସ୍ୱର ମୋ କାନକୁ ଭାରି କଡ଼ା ଲାଗୁଛି, ୪ । ଦର୍ଶନେନ୍ଦ୍ରିୟଦ୍ୱାରା ଯଥା—ଏ ରୂପ ଦେଖିବାକୁ ଭାରି ସୁନ୍ଦର ଲାଗୁଛି, ୫ । ଘ୍ରାଣେନ୍ଦ୍ରିୟ ଦ୍ୱାରା, ଯଥା—ଏ ଅତରର ସୁବାସ ଭାରି ମିଠା ଲାଗୁଛି ।] ୫୨ । (ସକର୍ମକ) ଶାସ୍ତ୍ର ବିଧାନ ଅନୁସାରେ କୌଣସି ବ୍ୟକ୍ତିଠାରେ (ଦୋଷ ବା ପାପ) ପ୍ରବର୍ତ୍ତିତ ହେବା—52. (any sin or fault) To apply to; to be attributed to person. [ଉ—ମୁଁ ମଲେ ହ ଭୂମିର ହେବ ଏଥି ପକ୍ଷ; ନ ଲାଗିବ ନବ ସ୍ତ୍ରୀହତ୍ୟା ଦୋଷ ।

କୃଷ୍ଣସିଂହ. ମହାଭାରତ. ବନ]

୫୩ । (ସକର୍ମକ) ଅଭିଭୂତ କରିବା; ପ୍ରଭାବିତ କରିବା—53. To influence; to affect. [ଉ—ଅସ୍ୱାବନ୍ତ; ତାଙ୍କୁ ନ ଲାଗିବ ସୁଖଦୁଃଖ । କୃଷ୍ଣସିଂହ. ମହାଭାରତ, ବନ । ଉ—ତାଙ୍କୁ ନ ଲାଗେ ଭବବାଧା । ଜଗନ୍ନାଥ. ଭାଗବତ ।] ୫୪ । (ସକର୍ମକ) କୌଣସି ବସ୍ତୁ (ଯଥା—ଅଲଙ୍କାର) ଅନ୍ୟ ବସ୍ତୁ ବା ଉଦ୍ଦେଶ୍ୟ (ଯଥା—ପିନ୍ଧିବା ବ୍ୟକ୍ତିର ଦେହ) ପ୍ରତି ଯଥୋପଯୋଗୀ ହେବା—54. To exactly fit in; to suit; to be suitable for the required purpose. (ଯଥା—ଏ ହାର ମୁଠିକ ଠାକୁରାଣୀଙ୍କ ହାତକୁ ଭଲ ଲାଗିଗଲା) ୫୫ । (ସକର୍ମକ) କୌଣସି କର୍ମ କୌଣସି ବ୍ୟକ୍ତିକୁ ନିଯୁକ୍ତ ବା ବ୍ୟାପୃତ କରି ରଖିବା—55. To keep a person engaged. (ଯଥା—ତାଙ୍କୁ ଦିନ ରାତି ଘର ଧନ୍ଦା ଲାଗିଛି) ୫୬ । (ସକର୍ମକ) କୌଣସି ସ୍ଥାନ ଅନ୍ୟସ୍ଥାନର ସୀମା-ବର୍ତ୍ତୀ ହେବା; ନିକଟରେ ଅବସ୍ଥିତ ହେବା; ନିକଟବର୍ତ୍ତୀ ହେବା—56. To be contiguous to. (ଉ—ଇନ୍ଦ୍ରଙ୍କର ସର ସେଠାରୁ ଲାଗିଛି । କୃଷ୍ଣସିଂହ. ମହା-ଭାରତ. ବନ ।) ୫୭ । (ସକର୍ମକ) (ନଈ, ସଡ଼କ, ରାସ୍ତା ଆଦି) ଏକାଦି ମେ ବା ଅବିଚ୍ଛିନ୍ନ ଭାବରେ ସ୍ଥିତ ହେବା; ଦୁଇ ସ୍ଥାନ ବା ଦୁଇ ବସ୍ତୁକୁ ଯୋଗ କରିବା—57. To join two things or two places; to extend continuously upto a place, to continue from one place to another. [ଯଥା-ଜଗନ୍ନାଥ ସଡ଼କ ପୁରୀଠାରୁ କଲିକତାକୁ ଲାଗିଛି ।) [ଦ୍ର—ସବାର୍ କାହିଁଅ ଗଡ଼ଡ଼ମାନେ ଯାଉ ଯାଉ କୌଣସି ସ୍ଥାନର ନିକଟବର୍ତ୍ତୀ ହେଲେ ସବାରିଜାକରେ କହନ୍ତି—ପୁରାଖିଅ ପର ଲାଗି ରହିଛି ।] ୫୮ । (ସକର୍ମକ) ଦେବତା ଆଦିଙ୍କୁ (ଭୋଗ ବା ନୈବେଦ୍ୟରୂପେ) ଅର୍ପିତ ହେବା—58. To be offered to a Deity as

offering. (ଯଥା—ଏ ପାଚିଲା କଦଳୀଟିକ ହୋଇଥିଲେ, ଭୋଗ ଲାଗିବ)—୫୯ । (ସକର୍ମକ) ଅନ୍ୟ ସ୍ଥାନ ସଙ୍ଗେ ମିଳିତ ହେବା—59. To meet; to be joined with. (ଯଥା—ଏ ନଈଟି ସମୁଦ୍ରକୁ ଲାଗିଛି) ୬୦ । (ସକର୍ମକ) କୌଣସି କାର୍ଯ୍ୟର ଭାର ବା ଦାୟିତ୍ୱ କୌଣସି ବ୍ୟକ୍ତିଠାରେ ଅର୍ପିତ ହେବା-60. (a responsibility) To devolve upon a person; to be entrusted to a person. [ଉ—ଲାଗିଲା ତୁମ୍ଭଙ୍କୁ ଏ ରଘୁକୁଳ, ପୁଣ୍ୟ ଅଯୋଧ୍ୟାର ଯଶ ବିପୁଳ । ମଧୁସୂଦନ. ଶ୍ରୀରାମବନବାସ ।] ୬୧ । କୌଣସି ବ୍ୟକ୍ତିର ଭଲ ମନ୍ଦର ତତ୍ତ୍ୱ ନେବାର ଭାର କୌଣସି ବ୍ୟକ୍ତିଠାରେ ନ୍ୟସ୍ତ ହେବା—61. (the looking after a person) To devolve upon a person, [ଉ—ସୁଗ୍ରୀବଙ୍କ ଗଳାରେ ନେଇ ଲମ୍ବାଇଲେ, ଲାଗିଲା ତୋତେ ବାଳି ଅଙ୍ଗଦ ବୋଇଲେ । କୃଷ୍ଣସିଂହ. ମହାଭାରତ. ବନ ।] ୬୨ । ଦୃଢ଼ରୂପେ ସଂଲଗ୍ନ ହେବା—62. To be firmly fixed to. (ଯଥା—ନୂଆ ଗଛଟିରେ ଚେର ଲାଗିଲାଣି, ଏଥର ବଞ୍ଚିବ) ୬୩ । ମୂଲିଆରୂପେ କାମ କରିବା—63. To work for daily wages. [ଦ୍ର—ଲାଗିବା (ସଂ. ଲଗ୍ ଧାତୁ) ର ଅର୍ଥ - ଏକବସ୍ତୁ ଅନ୍ୟ ବସ୍ତୁର ଦେହକୁ ସ୍ପର୍ଶ କରିବା ବା ଅନ୍ୟ ବସ୍ତୁରେ ଲଗ୍ନ ହେବା ବା ମିଳିତ ହେବା; କିନ୍ତୁ ଏହା ମିଳନର ଦୈହିକ, ବାହ୍ୟ, ଆନ୍ତରିକ, କାଳ୍ପନିକ, ସନ୍ନିଷ୍ଟ, ସାମୟିକ, ସ୍ଥାୟୀ, ପ୍ରକାରଭେଦରେ ନାନା ଲକ୍ଷଣାର୍ଥ (Metaphorical sense) ରେ ଲାଗିବା କ୍ରିୟା ନାନା ପ୍ରକାରରେ ବ୍ୟବହୃତ ହୁଏ; ଯଥା—ଆକ୍ରମଣ କରିବା,ଆଘାତ କରିବା,ବୋଧଶକ୍ତି ଜନ୍ମାଇବା;ଅବିଚ୍ଛିନ୍ନ ବା ଅବିରତ ଭାବରେ ଥିବା ବା ରହିବା, ଅଟକିବା, ଧାରାବାହିକରୂପେ ସ୍ଥିତ ହେବା, ଜୁଟିବା, ଜଡ଼ିତ ହେବା, ପ୍ରବେଶ କରିବା, ଉପଯୋଗୀ ହେବା, ଫଳପ୍ରଦ ହେବା, ଘଟିବା, ଗତି କରିବା, ଯୁକ୍ତ ହେବା ସଂଯୁକ୍ତ ହେବା, ନିଯୁକ୍ତ ହେବା, ନିୟୋଜିତ ହେବା, ପ୍ରବର୍ତ୍ତିତ ହେବା, ଅନୁଷ୍ଠିତ ହେବା, ବ୍ୟୟିତ ହେବା, ଆବଶ୍ୟକ ହେବା, ଲୋଡ଼ା ଯିବା, ସହବାସ କରିବା; ମିଳିତ ହେବା । ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଅନ୍ୟ କ୍ରିୟାର ବ୍ୟବହାର;—ଲାଗି ଆସିବା, ଲାଗିଥିବା, ଲାଗି ପଡ଼ିବା, ଲାଗିଯିବା, ଲାଗି ରହିବା । ଅନ୍ୟ ଅସମାପିକା କ୍ରିୟା ସଙ୍ଗେ ଏ କ୍ରିୟାର ବ୍ୟବହାର; ଯଥା—କହି ଲାଗିବା, ଖାଇଲାଗିବା ।] ପ୍ରାଦେ. (ଗଡ଼ଜାତ ଓ

[ଲଗା(ଗେ)ଇବା—ଣିଜନ୍ତରୂପ] ସମ୍ବଲପୁର) କ୍ରି—ଧାରିବା; ଋଣ (ଲଗାଯି[ହେ] ହେବା—କର୍ମବାଚ୍ୟରୂପ) କରିବା—

[ବିପରୀତ—ଶୁଝିବା] To borrow.

(ଲଗାଲଗି—ପରସ୍ପର ଲାଗିବା କର୍ମ)

ଲାଗିବା ନ ଲାଗିବା—ଦେ. କ୍ରି—ସ୍ପର୍ଶ କରିବା ନ କରିବାପରି ଜଣାଯିବା; Lāgibā na lāgibā ଅତି ସୂକ୍ଷ୍ମରୂପେ ସ୍ପର୍ଶ କରିବା—To seem লাগা না লাগা to touch and not to touch; लगना न लगना to touch very slightly. [ଉ—ସେ (ଲାଗେ କି ନ ଲାଗେ—ଅନ୍ୟରୂପ) ଘୋଡ଼ାଙ୍କର ବେଗ ପବନକୁ ବଳିଲା, ଅବନୀରେ ରଥ ଲାଗିଲା ନ ଲାଗିଲା ।

କୃଷ୍ଣସିଂହ. ମହାଭାରତ. ବନ ।]

ଲାଗିବା ମାଗିବା—ଦେ. କ୍ରି (ବିପରୀତ ସହଚର ଶବ୍ଦ)—ପରିଶ୍ରମ କରି Lāgibā māgibā ପେଟ ପୋଷିବା ଓ ଭିକ୍ଷା କରି ପେଟ খাটা ও ভিক্ষা করা ପୋଷିବା—To earn by one's personal लागना मांगना labour and to earn by begging.

ଲାଗିମନ୍ତ—ପ୍ରାଦେ (ଯାଜପୁର) ବୈଦେ. ବି. (ଫା. ଲୌଜିମା)—ଲଉଜିମା Lāgimanta ଲଉଜମା (ଦେଖ)—Laujimā. (See)

ଲାଗି ଯିବା—ଦେ. କ୍ରି (ସଂ.ଲଗ୍ ଧାତୁ)—୧ । ସଂଲଗ୍ନ ବା ସମ୍ମିଶ୍ରିତରୂପେ Lāgi jibā ମିଳିତ ହେବା—1. To become merged in. লেগেযাওয়া ୨ । ଯୋଡ଼ି ହୋଇଯିବା – 2. To become joined लगजाना to. ୩ । (କୌଣସି କାର୍ଯ୍ୟ) କ୍ରମାଗତ ଚାଲିବା—3. To continue. [ଉ—ଉତ୍ସବ ଉପରେ ଉତ୍ସବ ଅପର ଲାଗି ଗଲା ମାଳାଚଳେ । ରାଧାନାଥ. ପାର୍ବତୀ ।]

ଲାଗି ରହିବା—ଦେ. କ୍ରି—୧ । ବହୁକାଳ ପାଇଁ ସଂଲଗ୍ନ ହେବା—Lāgi rahibā 1. To be attached for a long লেগে থাকা time;tolinger. [ଉ—ଏବେ ସୁଦ୍ଧା ଲାଗି ରହିଛି लगारहना ଶ୍ରବଣେ ଅମାନୁଷୀ ସେ ସହ୍ଵ ବାଣୀ । ରାଧାନାଥ. ପାର୍ବତୀ ।] ୨। ବହୁକାଳ ପାଇଁ ବ୍ୟାପିବା—2. To continue for a long time. ୩ । କୌଣସି କାର୍ଯ୍ୟରେ ବହୁକାଳ ନିଯୁକ୍ତ ରହିବା—3.To be engaged in a work for a long time.

ଲାଗି ହେବା—ଦେ. କ୍ରି—୧ । (ଦେହରେ (ବସ୍ତ୍ର ଅଳଙ୍କାର ଆଦି) Lāgi hebā ପିନ୍ଧିବା—1.To put on (dress or ornaপরা ments) [ଉ—ଦିବ୍ୟ ବାସ ଲାଗି ହୋଇ ହୁଅନ୍ତି ବେଶ । पहनना, लगाना ଘନକୃଷ୍ଣ. ରସବିନୋଦ ।] ୨ । (ଅଳଙ୍କାର ଆଦି) ଦେହରେ ପିନ୍ଧା ଯିବା; ପରିହିତ ହେବା—2. To be put on. (ଯଥା—ଏତକ ଚମ୍ପାଫୁଲ ମହାଦେବଙ୍କଠାରେ ଲାଗି ହେଲେ ଭଲ ହୁଅନ୍ତା)

ଲାଗୁଆ—ଦେ. ବି (ସଂ. ଲଗ୍ ଧାତୁ, ଏହା ଲାଗେଲାଗେ, ଅର୍ଥାତ୍ ଏକାଦି Lāguā କ୍ରମେ ହୋଇଥିବାରୁ)—(କୌଣସି ବ୍ୟକ୍ତିଙ୍କର ଦୈନିକ বন্দেজী, বাঁধাবন্দোবস্ত ଆବଶ୍ୟକ ଅପକ୍ୱ ଖାଦ୍ୟ ସାମଗ୍ରୀ ଆଦି) ଜିନିଷ लगार, बंधेज ଦ୍ରବ୍ୟ ବିକ୍ରୟକାରୀ ବ୍ୟକ୍ତି ପ୍ରତିଦିନ ଆଣି ତାଙ୍କୁ ଅବିଚ୍ଛିନ୍ନରୂପେ ବା ନିୟମମତେ ଯୋଗାଇବାର ବନ୍ଦୋବସ୍ତ—The system or arrangement of supplying articles daily to a customer; regular daily supply of provisions or arti-

cles of every-day necessity to a person by a particular trader or supplier. (ଯଥା—ସାଆନ୍ତଙ୍କ ଘିଅସବୁ ପ୍ରତିଦିନ ଦଶାଏ ମାଛ ଲାଗୁଆ ହୋଇଅଛି ।) ବଣ.—୧ । ପ୍ରତିଦିନ ନିୟମିତ-
বন্দেজী, বাঁধা ରୂପେ ଯୋଗାଇବା ପାଇଁ ଜଣେ ବ୍ୟକ୍ତି ସଙ୍ଗେ
बंधेज ବନ୍ଦୋବସ୍ତ
କରାଯାଇଥିବା (ବସ୍ତୁ)—1. (Necessaries) Arranged to be supplied regularly every day by a tradesman or hawker to a house-holder. ୨ । ଯେଉଁ
বন্দেজ, বংধেজ দেনেবালা ବ୍ୟକ୍ତି ପ୍ରତିଦିନ ଲାଗୁଆ ଜିନିଷ ଗୃହସ୍ଥଙ୍କୁ
लगारवाला ଯୋଗାଏ—2. (Trader) Supplying articles of everyday use regularly to a person. (ଯଥା—ଲାଗୁଆ କେଉଟୁଣୀ; ଲାଗୁଆ ଗଉଡୁଣୀ ଇତ୍ୟାଦ) ୩ । ଲାଗୁଆ ବସ୍ତୁ ଗ୍ରହଣକାରୀ;
বংধেজ बंधेजलेनेवाला ଯେଉଁ ବ୍ୟକ୍ତିଙ୍କ କୌଣସି ବେପାରୀ ପ୍ରତିଦିନ ଲାଗୁଆ ଜିନିଷ ଯୋଗାଏ—3. (Person) Getting a regular supply of daily necessaries from a supplier; being a regular customer of a trader. [ଦ୍ର—ଜଣେ ବ୍ୟକ୍ତି ଜଣେ ଗୃହସ୍ଥଙ୍କୁ ପ୍ରତିଦିନ କୌଣସି ଗୋଟିଏ ବସ୍ତୁ ନିୟମିତରୂପେ ବା ଲାଗେଲାଗେ ଯୋଗାଇବାର ବନ୍ଦୋବସ୍ତ ବା ପ୍ରଣାଳୀକୁ ଲାଗୁଆ ବୋଲାଯାଏ । ଏତଦ୍ଵାରା ଏହି ପଦାର୍ଥର ମୂଲ୍ୟ ପ୍ରତିଦିନ ନଗଦ ବୁଝି ନେଇ ପାରେ, କିମ୍ବା ମାସକରେ ଥରେ ହିସାବ କରି ନେଇ ପାରେ, କିମ୍ବା ଅଗତୁରା ନେଇପାରେ, କିମ୍ବା ସେଥିପାଇଁ ଯାଗିର ଭୋଗ କରିପାରେ । ଜଣେ ବ୍ୟକ୍ତି ଗୃହସ୍ଥର ଅବଶ୍ୟକ ତାବତୀୟ ପଦାର୍ଥ ଯୋଗାଇ ପାରେ କାହିଁ; ତେଣୁ କେଉଟ ଲାଗୁଆରେ ମାଛ ଦିଏ, ଗଉଡ଼ ଦୁଧ ଦିଏ, ତେଲି ତେଲ ଦିଏ, ଗୁଡ଼ିଆ ମିଠା ଦିଏ ଓ ମଣ୍ଡ ଦୈନିକ ଲେଖା ସବୁଦା ଘିଏ ଦିଏ ।] ଗ୍ରାଦେ (ସମ୍ବଲପୁର) ବଣ—ଋଣଗ୍ରସ୍ତ—Indebted; heavily involved in debt.

ଲାଗୁଆ କରିବା—ଦେ. କି—୧ । (କୌଣସିବ୍ୟକ୍ତି ତାଙ୍କ) କୌଣସି
Lāguā kariba ଦ୍ରବ୍ୟ-ନିୟମିତରୂପେ ଅର୍ଣ୍ଣ ଯୋଗାଇବା ପାଇଁ
বাঁধাবন্দোবস্তকরা लगारकरना କୌଣସି ଦ୍ରବ୍ୟବିକ୍ରେତା ସଙ୍ଗେ ବନ୍ଦୋବସ୍ତ କରିବା—1. To arrange or contract with a trader or seller of any provision or commodity, that he should regularly supply a particular article to a person daily. ୨ । (କୌଣସି ବିକେତା) କୌଣସି ଦ୍ରବ୍ୟ ନିୟମିତରୂପେ ପ୍ରତିଦିନ ଯୋଗାଇବା ପାଇଁ କୌଣସି କେତାଙ୍କ ସଙ୍ଗେ ଚୁକ୍ତି କରିବା—2. To contract or promise to supply a particular provision regularly to any customer every day.

ଲାଗୁଆ ଗ୍ରାହକ—ଦେ. ବି—ଯେଉଁ ଗ୍ରାହକ କୌଣସି ବେପାରୀଠାରୁ
Lāguā grāhaka ନିୟମିତରୂପେ ପ୍ରତିଦିନ ସବୁଦା କିଣେ—
বাঁধা গ্রাহক लगार ग्राहक A regular customer of a trader.
ଲାଗୁଆ ଗ(ଗେ)ରା କ(ଣ) } ଗ୍ରାମ୍ୟରୂପ
ଲାଗୁଆ ଗହକ

ଲାଗୁଆଣି—ଦେ. ସ—ଚୁଲିରେ ପ୍ରଥମେ ନିଆଁ ଲଗାଇବା ପାଇଁ ଯେଉଁ
Lāguāṇi ଶୁଖିଲା କାଠ ବା ଅନ୍ୟ ସହଜଦାହ୍ୟ ପଦାର୍ଥ
আগুন ধরাবার জিনিস आग पजारनेकी चीज ବ୍ୟବହୃତ ହୁଏ—Any dry or inflammable article (dry chips of wood or straw or paper) used for igniting fire in an oven.

ଲାଗୁଆ ଦେବା—ଦେ. କି—(ବେପାରୀ ବା ଦ୍ରବ୍ୟ ବିକେତା)—
Lāguā debā କୌଣସି ବ୍ୟକ୍ତିଙ୍କୁ ପ୍ରତିଦିନ ନିୟମିତରୂପେ
বন্দেজী দেওয়া लगारदेना କୌଣସି ବସ୍ତୁ ଯୋଗାଇବା—(A trader or sellor) To supply daily any article to a customer.

ଲାଗୁଆ ନେବା—ଦେ. କି—କୌଣସି ବିକ୍ରେତାଠାରୁ 'ଲାଗୁଆ ରୂପରେ
Lāguā nebā କୌଣସି ବସ୍ତୁ ପ୍ରତିଦିନ ଗ୍ରହଣ କରିବା—
বন্দেজী নওয়া लगार लेना (A house holder) To take a daily supply of any article from a sellor under the 'Lāguā' arrangement.

ଲାଗୁଆ ମୂଲିଆ—ଦେ. ବ. ପୁଂ—୧ । ଯେଉଁ ମୂଲିଆ ଚୁକ୍ତି କରି ପ୍ରତିଦିନ
Lāguā mūliā ଜଣେ ବ୍ୟକ୍ତିଙ୍କ ନିକଟରେ ମୂଲ ଲାଗେ—
বাঁধামজুর, লাগমইঠা 1. A day-labourer who works
लगार मजदूर for a particular person every-
(ଲାଗୁଆ ମଜୁରିଆ—ଅନ୍ୟରୂପ) day. ୨ । ଯେଉଁ ମୂଲିଆ ଏକ-
(ଲାଗୁଆ ମୂଲିଆଣୀ—ସ୍ତ୍ରୀ) ବର୍ଷ ପାଇଁ ମାଲିକଙ୍କ କୃଷିକାମ କରେ 2. A labourer who contracts to work for wages for a master for one year.

ଲାଗୁଡ଼ିକ—ସ. ବଣ ଓ ବ. ପୁଂ (ଲଗୁଡ଼+ପ୍ରହରଣାର୍ଥ ଇକ)—
Lagurdika ଲାକୁଟିକ (ଦେଖ)—
(ଲାଗୁଡ଼ିକା—ସ୍ତ୍ରୀ) Lākuṭika (See)

ଲାଗୁଣି—ଦେ. ବ—୧ । ଗଠ; ଚୁଗୁଲି—1. Backbiting.
Lāguṇi ୨ । ଲାଗୁଆଣି (ଦେଖ)—2. Lāguāṇi
লাগানী নো) चुगली (See)

ଲାଗୁଣିଆ(ଆ)—ଦେ.ବ. ପୁଂ—୧ । ମୂଲିଆ; ଦିନ ମଜୁରିଆ—1. Day-
Lāguṇiā(ā) laboure. ୨ । ଲାଗୁଆ ମୂଲିଆ (ଦେଖ)
লাগানিয়া 2. Lāguā mūliā (See) ୩ । ଯେ
लगार ଚୁଗୁଲି କରେ; ଗଠୁଆ—3. A backbiter.
লাগানো ୪ । ଯେଉଁ ବ୍ୟକ୍ତି ତନ୍ତ୍ର ମନ୍ତ୍ରାଦି ପ୍ରୟୋଗ ପୂର୍ବକ
লুতরা উগলখোর ଅନ୍ୟ ବ୍ୟକ୍ତିଠାରେ ଡାହାଣୀ. ଭୂତ, ରୋଗଆଦି
ওঝা ଲଗାଏ—4. A person who employs
टोनिया Tantric means or black magic to

make other people possessed with evil
লাগানিয়া, লাগাঅ(ও) spirits. ଦେ. ବଣ—ଅବଶ୍ରାନ୍ତ;
लगातार ଅବଚ୍ଛିନ୍ନ—Uninterrupted.

ଲଗୁଣିଆ ଭାଙ୍ଗୁଣିଆ—ଦେ. ବ (ସହଚର ଶବ୍ଦ)—ଏଠୁଅ ଓ କାର୍ଯ୍ୟରେ
Lāguṇiā bhāṅguṇiā ବନ୍ଧକାରୀ—A backbiter
লাগানিয়া ভাঙ্গানিয়া and a person who puts obsta-
लुतरा उतरा cles in the performance of a work.

ଲଗୁଣି କରିବା—ଦେ. କି—ପରୋକ୍ଷରେ କୌଣସି ବ୍ୟକ୍ତି ନାମରେ
Lāguṇi karibā ଖଟ କହିବା—To backbite a
লাগান चुगली खाना person.

ଲଗୁଣି ଭାଙ୍ଗୁଣି—ଦେ. ବ—ଖଳ; ଚଗୁଲ—Backbiting.
Lāguṇi bhāṅguṇi

ଲଗୁଣୀ—ଦେ. ବ. ସ୍ତ୍ରୀ—୧ । ମୂଲିଆଣୀ—1. A female day-
Lāguṇi labourer. ୨ । ବନ୍ଧା ମୂଲିଆଣୀ; ଯେଉଁ
বাংধা মজুরনী ମୂଲିଆଣୀ ପ୍ରତିଦିନ ପ୍ରବୃତ୍ତ କାମ କରେ—2. A
बंधेजी मजुरनी regular female day-labourer. ପ୍ରାଦେ.
(କଟକସହର) ବ—ନାଗୁଣୀ; ମାଈ ନାଗସାପ—
A female 'Nāga' serpent.

'ଲଗୁତି—ଦେ. ବ—ଲଗଉତି (ଦେଖ)
Lāguti Lagauti (See)

ଲଗୁ ଲଗୁ—ଦେ. ଅ (ଲାଗିବା କ୍ରିୟାର ଅସମାପିକାରୂପର ଦ୍ୱିରୁକ୍ତି);
Lāgu lāgu —ଅନୁଭୂତ ହେବାର ବା ଲାଗିବାର ଆରମ୍ଭରେ;
লাগতে লাগতে ଆରମ୍ଭ ହେଉ ହେଉ—While beginning;
लगते लगते at the beginning. [ଉ—ଲୁପ୍ତମୋସ୍ତର
ବଢ଼େଇ ଯୁଗ୍ମ, ଲାଗି ଉଡ଼ାଇତ ଲାଗୁ ଲାଗୁ । ଜନସୂର୍ଯ୍ୟ.
ସଙ୍ଗୀତ ।]

ଲାଗେ—ଦେ. କି. ବଣ. (ସ. ଲଗ୍ନେ) [ଏହି ଓ ସେହି ଶବ୍ଦ ସଙ୍ଗେ
Lāge ଯୁକ୍ତ ହୋଇ ବ୍ୟବହୃତ ହୁଏ, ଯଥା—ଏହି ଲାଗେ
क्षने ଏଇ ଲାଗେ, ଇ ଲାଗେ=ବର୍ତ୍ତମାନ; ସେହି ଲାଗେ,
वखत ସେଇ ଲାଗେ, ସି ଲାଗେ=ତତ୍ କ୍ଷଣାତ୍]—
କ୍ଷଣରେ—At a particular moment. ଅ—
লাগে ୧ । କୁକୁରମାନଙ୍କୁ ବଳିଆ, ମାକଡ଼ଅବା ଶିକାରଙ୍କ ପଛରେ
लागे, लगेलगे ଲଗାଇବା ବ୍ୟକ୍ତିର ଉଚ୍ଚାରଣ କରିବା ଶବ୍ଦ—1.
(Interjection) A word or halloo uttered
by persons to encourage or exhort
dogs set on a prey. ୨ । ନିକଟରେ; ପାଖରେ;
পাশে ସନ୍ନିକଟରେ—2 Near; by the side of.
पासमे [ଉ—ମିଳିଲା ଭୂଅଣ୍ଡ ଲାଗେ । ଯଶୋବନ୍ତ,
ବ୍ରହ୍ମଗୀତା ।] ୩ । ଦେହରେ; ସଙ୍ଗେ—3. In the
সঙ্গে, গায়ে body of; in the company of. [ଉ—
बदनमे ବଳୁକି ଯେତେ ବଳାମେଘେ, ହଲେ ଗୋବିନ୍ଦର
ଲାଗେ । ଜଗନ୍ନାଥ. ଭାଗବତ ।] ଦେ. କି.
লাগে (ଲାଗିବା କ୍ରିୟାର କର୍ତ୍ତୃବାଚ୍ୟ ବର୍ତ୍ତମାନକାଳ ଅନ୍ୟ
लगताहै ପୁରୁଷ ଏକବଚନ) (ସେ, ତାହା)—ଲାଗଇ—
(that) Does devolve on.

ଲାଗେ ଲାଗେ—ଦେ. କି. ବଣ—୧ । ଘୁରାଇ ଘୁରାଇ; ଉପର୍ଯ୍ୟୁପରି
Lāge lāge —1. Repeatedly; successively.
একনা(লা)গাড়ে ୨ । ଅବଶ୍ରାନ୍ତ ଭାବରେ—2. Constantly;
लगातार without rest. ୩ । ତତ୍କ୍ଷଣାତ—3.
Immediately; at once. ଅ—୧ । ଲାଗିବା
ପ୍ରାୟ; ଅସଲ; ସ୍ପର୍ଶ ହେବା ପରି—1. Almost
touching; almost clinging. [ଉ—ବନ-
ପଦ୍ମର ବେଳେ ଭୁଲ ଜାହାଜ, ଭେଟାଭେଟ; ଠୋକର
নাগেলাগে ଲାଗେ ଲାଗେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।] ୨ ।
সঙ্গেসঙ্গে ସଙ୍ଗେ ସଙ୍ଗେ; ପାଖେ ପାଖେ; ସାନ୍ନିଧ୍ୟରେ—2. Near
लगातार; साथेसाथ about; by the side of. [ଉ—
ଆମ୍ଭେ ସକଳେ ତୋର ସଙ୍ଗେ, ସ୍ୱରୂ ତୋ ରଥ ଲାଗେ
ଲାଗେ । ଜଗନ୍ନାଥ. ଭାଗବତ ।]

ଲାଗେ ଶିର୍—ଦେ. ବ (ଜାହାଜିଆ ଭାଷା)—ନମସ୍କାର—(Nuatical
Lāge sir term) Good morning ! I bow my
লাগেসীর head. [ଉ—ଉଡ଼େଇଲ—ଲାଗେଶିର; ଖଲାସି-
लागेसीर ଏଁ, ସ୍ୱୀ । ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ଲାଘ୍ (ଧାତୁ)—ସ—୧ । ସଙ୍ଗେ ସମାନ ହେବା—1. To be equal
Lāgh (root) to. ୨ । ଯଥେଷ୍ଟ ହେବା—2. To
suffice (Apte). ୩ । ସମର୍ଥ ହେବା—3. To
be competent (Apte).

ଲାଘବ—ସ. ବ—(ଲଘୁ+ଭାବ. ଅ)—୧ । ଲଘୁତା; ଲଘୁଭାବ—
Lāghaba 1. Lightness; levity. ୨ । କ୍ଷୁଦ୍ରତ୍ୱ—
2. Smallness; insignificance. ୩ । କ୍ଷିପ୍ରତା;
ଶୀଘ୍ରତା—3. Haste; swiftness; agility.
୪ । ଗୌରବହାନି; ଅପମାନ—4. Dishonour;
diminution of honour. ୫ । ସୁସ୍ଥତା; ଆରୋଗ୍ୟ
5. Convalescence. ୬ । କମି ଯିବା—6.
Becoming less, becoming diminished.
୭ । କ୍ଷୀଣ ହେବା—7. Becoming small. ୮ ।
କ୍ଳୈବ୍ୟ; କ୍ଳୀବତା—8. Impotence; eunochism.
ଦେ. ବ—୧ । ଲଘୁହସ୍ତତା—1. Lighthanded-
ness; agility; dexterity. [ଉ—ସ୍ୱର୍ଣ୍ଣ ଧର
ଯୁଝିବା ଲାଘବ ଦେଖି କର । କୃଷ୍ଣସିଂହ. ମହାଭାରତ
ଅଦି ।] ୨ । କୌଶଳ—2. Skill. [ଉ—
ଭୁଜର ବାହୁବା ଲାଘବେ ଅର୍ଜୁନଙ୍କ, ରଥ କଲେ ଗଡ଼ରେ
ଉଡ଼ି ପବନଙ୍କ । କୃଷ୍ଣସିଂହ ମହାଭାରତ ବିରାଟ ।]

ଲାଘବକାରୀ—ସ.ବଣ—୧ । ଯାହା ହାଲୁକା କରେ—1. Lighten-
Lāghabakāri ing. ୨ । ଆରୋଗ୍ୟକାରୀ—
2. Alleviating; curing.

ଲଘବିକ—ସଂ. ବି—(ଲଘୁ+ଇକ)—ସଂକ୍ଷିପ୍ତ (ଶବ୍ଦକୋଷ)—
Lāghabika Succinct.

ଲାଘବୀ—ସଂ. ବିଣ. ପୁଂ—(ଲାଘବ+ଇନ୍; ୧ମା. ୧ବ)—୧ । ମିତ-
Lāghabī ବ୍ୟୟୀ—1. Frugal; sparing. ୨ । କଠିନ—
2. Hard.

ଲାଙ୍କିଆ—ଦେ. (ପ୍ରାଚୀନ) ବି.—କଳା ବାହାରିଥିବା ଶସ୍ତ୍ର ବିଶେଷ—
Lāṅkiā A forked weapon.
[ଦ୍ର—ଏହାର ରୂପର ଗ୍ରସ ବିଲୁପ୍ତ ।]

ଲାଙ୍ଗ ଲାଙ୍ଗ—ପ୍ରାଦେ (ସମ୍ବଲପୁର) କ୍ରି. ବିଣ—ଲମ୍ବ ଲମ୍ବ ହୋଇ
Lāṅglāṅg (ଶୋଇବା)—Prostrate (lying down).

ଲାଙ୍ଗଡ଼ ପାଙ୍ଗଡ଼ ହେବା—ଦେ. କ୍ରି—(ସଂ. ଲାଙ୍ଗୁଳ)—ଲାଙ୍ଗୁଡ଼ାଇବା
Lāṅgarda pāṅgarda hebā Lāṅgurdāibā (See)
ଲାଙ୍ଗଡ଼ ପାଙ୍ଗଡ଼ ହେବା,
ଲାଙ୍ଗଡ଼େଇବା
ଲାଙ୍ଗଡ଼େଇ ପାଙ୍ଗଡ଼େଇ ହେବା
ଲାଙ୍ଗ ପାଙ୍ଗ ହେବା
}—ଅନ୍ୟରୂପ

ଲାଙ୍ଗଡ଼ିଆ—ପ୍ରଦେ.—(ଗଞ୍ଜାମ) ବି—ଲାଙ୍ଗୁଡ଼ା ପୋକ (ଦେଖ)
Lāṅgardiyā Lāṅgurdā poka (See)

ଲାଙ୍ଗଣୀ—ସଂ. ବି—(ବୈଦ୍ୟକ)—ପୃଶ୍ନିପର୍ଣ୍ଣୀ (ଦେଖ)
Lāṅganī Pṛuśni parṇṇī (See)

ଲାଙ୍ଗଳ—ସଂ. ବି—(ଲଙ୍ଗ୍ ଧାତୁ=ଗମନ କରିବା+କର୍ତ୍ତୃ. ଅଳ)—
Lāṅgaḷa ୧ । ଯୁଗବାହ୍ୟ ଭୂମିକର୍ଷଣ ଯନ୍ତ୍ର ବିଶେଷ; ଲଙ୍ଗଳ; ହଳ—1. Plough. ୨ । ଲହ ଲାଙ୍ଗଳିଆ (ଦେଖ)—2. Wolfsbane (plant) ୩ । ତାଳବୃକ୍ଷ—3. Palm tree. ୪ । ପ୍ରାଚୀନ ଭାରତରେ ବ୍ୟବହୃତ ଲାଙ୍ଗଳାକୃତି ଯୁଦ୍ଧାସ୍ତ୍ର—4. A plough-shaped weapon used in war in ancient India. [ଦ୍ର—ଏହା ୩ ହାତ ଦୀର୍ଘ ଓ ମସୃଣ; ଏହା ଦୁଇସ୍ଥାନରେ ବକ୍ର ଓ ଶିଖାଶୂନ୍ୟ ଏହାର ମୂଳାଂଶ ଓ ମୁଖ ଲୌହବଦ୍ଧ । ଏହା ଲାଙ୍ଗଳସର ଅନୁରୂପବିଶିଷ୍ଟ; ବଳରାମଙ୍କର ଏହା ଓ ମୁଷଳ ଅସ୍ତ୍ର ଥିଲା] ୫ । ଲିଙ୍ଗ; ଶିଶ୍ନ—5. Male organ. ୬ । ଚନ୍ଦ୍ରଙ୍କର ଅର୍ଦ୍ଧ ଠାରୁ କମ ହେବା ଖଣ୍ଡିତାବସ୍ଥା—6. The crescent shape of the moon (Apte) (which is less than half-moon). ୭ । ପୁଷ୍ପ ବିଶେଷ (ହ୍ରୁ. ଶ.)—7. A kind of flower (Apte). ୮ । ଗୃହ ନିର୍ମାଣରେ ବ୍ୟବହୃତ ଏକ ପ୍ରକାର କାଷ୍ଠ—8. A bit of wood used in building houses (Apte).

ଲାଙ୍ଗଳକ—ସଂ. ବି—ସ୍ଫୀତ ମଳରେ ଭଗନ୍ଦର ରୋଗରେ ଶସ୍ତ୍ରଦ୍ୱାରରେ
Lāṅgaḷaka ଶସ୍ତ୍ର ଚିକିତ୍ସାଦ୍ୱାରା କରାଯିବା ଛେଦ (ହ୍ରୁ. ଶ)—
A plough-shaped incision made in the anus for curing fistula.

ଲାଙ୍ଗଳକୀ—ସଂ. ବି.—ଲହ ଲାଙ୍ଗଳିଆ ଗଛ—
Lāṅgaḷakī Wolfsbane (plant).

ଲାଙ୍ଗଳଗ୍ରହ—ସଂ. ବି. ପୁଂ—(ଲାଙ୍ଗଳ+ଗ୍ରହ ଧାତୁ+କର୍ତ୍ତୃ. ଅ)—୧ ।
Lāṅgaḷa graha ହଳୁଆ; ଯେ ହଳବୁଲାଏ—1. Ploughman. ୨ । ଚଷା; କୃଷକ—2. Cultivator.

ଲାଙ୍ଗଳ ଚକ୍ର—ସଂ. ବି—ଫଳିତ ଜ୍ୟୋତିଷୋକ୍ତ ଲାଙ୍ଗଳାକାର ଚକ୍ରବିଶେଷ,
Lāṅgaḷa chakra ଯଦ୍ଦ୍ୱାରା ଆଗାମୀ ଫସଲ ସମ୍ବନ୍ଧୀୟ ଶୁଭାଶୁଭ ଫଳ ନିର୍ଣ୍ଣୀତ ହୁଏ [ହ୍ରୁ. ଶ.]—A plough-shaped astrological figure drawn for calculating the future of thi next crop.

ଲାଙ୍ଗଳ ଦଣ୍ଡ—ସଂ. ବି—[୬ଷ୍ଠୀ ତତ୍]—ଲାଙ୍ଗଳୀଷା; ଈଷ; ଯେଉଁ ଦଣ୍ଡ
Lāṅgaḷa daṇḍa ଲଙ୍ଗଳକୁ ଯୁଆଳି ସଙ୍ଗେ ସଂଯୁକ୍ତ କରେ—
The beam of a plough; plough-staff.

ଲାଙ୍ଗଳ ଧ୍ୱଜ—ସଂ. ବିଣ. ପୁଂ—(ବହୁବ୍ରୀହି) ବଳରାମ—
Lāṅgaḷa dhwaja A name of Baḷarāma.

ଲାଙ୍ଗଳ ପଦ୍ଧତି—ସଂ. ବି (ମ.ପ.ଲୋ)—ହଳଦ୍ୱାରା ଚଷିବା ଯୋଗୁଁ ଭୂମିରେ
Lāṅgaḷa paddhati ଯେଉଁ ଲମ୍ବ ରେଖା ଖୋଳ ହୋଇଯାଏ; ସିଅର; ସୀତା ରେଖା—The forrow or deep line left on the ground ploughing by.

ଲାଙ୍ଗଳ ଫଳା—ସଂ. ବି—ଫଳକ; ଫାଳ; ଲଙ୍ଗଳଲୁହା—
Lāṅgaḷa phaḷā Ploughing iron; ploughshare.

ଲାଙ୍ଗଳାକ୍ଷ—ସଂ. ବି.—(ବହୁବ୍ରୀହି)—ଲହଲାଙ୍ଗଳିଆ (ହ୍ରୁ. ଶ.)—
Lāṅgaḷāksha Wolfsbane.

ଲାଙ୍ଗଳାସ୍ତ୍ର—ସଂ. ବି—ଲାଙ୍ଗଳ ୪ (ଦେଖ)
Lāṅgaḷāstra Lāṅgaḷa 4 (See)

ଲାଙ୍ଗଳି—ସଂ. ବି—(ଲାଙ୍ଗଳ+ଇ)—୧ । ଲାଙ୍ଗଳୀ ୧ (ଦେଖ)—
Lāṅgaḷi 1. Lāṅgaḷī 1 (See) ୨ । ହ୍ରସ୍ୱ ଈଷଯୁକ୍ତ ଲଙ୍ଗଳ—2. A plough with a short beam. ୩ । ମଞ୍ଜିଷ୍ଠା—(ହ୍ରୁ. ଶ)—3. Indian madder. ୪ । ଜଳପିପ୍ପଳୀ (ହ୍ରୁ. ଶ.)—4. Purple lippia (plant) ୫ । ପୃଶ୍ନିପର୍ଣ୍ଣୀ (ହ୍ରୁ. ଶ.)—5. Pruśni parṇṇī. ୬ । ଗଜପିପ୍ପଳୀ [ହ୍ରୁ. ଶ.] (ଦେଖ)—6. Gajapippaḷī. ୭ । ଚବ୍ୟ; ଗୁଳି କାଠ (ହ୍ରୁ. ଶ.) 7. Piper Chaba. ୮ । ମହାଶ୍ୱେତା ନାମକ ଲତା (ହ୍ରୁ. ଶ.)—8. A kind of creeper. ୯ ଋଷଭକ ନାମକ ଔଷଧି—9. A kind of rare herbarious plant.

ଲାଙ୍ଗଳିକ—ସଂ. ବି. ପୁଂ—(ଲାଙ୍ଗଳ+ଇକ)—୧ । ହଳୁଆ; ଯେ ହଳ
Lāṅgaḷika ବୁଲାଏ—1. Ploughman; a tiller. ୨ । ଲାଙ୍ଗଳୀ ୧ (ଦେଖ)—2. Lāṅgaḷī 1 (See) ବିଣ.—ଲାଙ୍ଗଳସମ୍ବନ୍ଧୀୟ—Relating to a plough.

ଲାଙ୍ଗଳିକା—ସଂ. ବି—(ଲାଙ୍ଗଳ+ଇକ+ଆ)—୧ । ଫଳକ; ଲଙ୍ଗଳ-
Lāṅgaḷikā ଲୁହା—1. Ploughshare. ୨ । କଳିହାରୀ; ଗୁଞ୍ଜା; କାଇଁଚକୋଳି (ଲତା ଓ ଗଛ)—2. A creeper; Abrus Precatorius. ୩ । ମୟୂର ଚୂଳ—3. The

uft of a peacock. ୪ । ମୟୂର ପୁଚ୍ଛ—4. The tail feathers of a peacock

ଲାଙ୍ଗଳିକୀ—ସଂ. ବିଣ. ସ୍ତ୍ରୀ—ଲାଙ୍ଗଳିକର ସ୍ତ୍ରୀଲିଙ୍ଗ—
Lāṅgaḷiki Feminine of Lāṅgalika
ସଂ. ବି. ସ୍ତ୍ରୀ—୧ । ଲାଙ୍ଗଳିକର ସ୍ତ୍ରୀଲିଙ୍ଗ—1. Feminine of Lāṅgaḷika. ୨ । ଲଙ୍ଗଳାଙ୍ଗଳିଆ—2, Wolfsbane.

ଲାଙ୍ଗଳିନୀ—ସଂ. ବି—ଲଙ୍ଗଳାଙ୍ଗଳିଆ [ହି. ଶ.]—
Lāṅgaḷini Wolfsbane.

ଲାଙ୍ଗଳୀ—ସଂ. ବି. ପୁଂ—(ଲାଙ୍ଗଳ+ଇନ୍; ୧ମା. ୧ବ)— ୧ । ଲାଙ୍ଗଳ-
Lāṅgaḷi ଧାରୀ; ହଳୁଆ; କୃଷକ;—Cultivator, ploughman. ୨ । ଲାଙ୍ଗଳାସ୍ତ୍ରଧାରୀ—2. One who is armed with the Lāṅgaḷa weapon. ୩ । (ଲାଙ୍ଗଳ ଏହାଙ୍କ ଅସ୍ତ୍ର ଥିବାରୁ) ଶ୍ରୀକୃଷ୍ଣଙ୍କ ଭାଇ ବଳରାମ—3. Baḷarāma (elder step-brother of Śrikṛushṇa). ୪ । ସର୍ପ; ସାପ—4. Serpent. ୫ । (ବୈଦ୍ୟକ) ଲଙ୍ଗଳାଙ୍ଗଳିଆ (ଦେଖ)—5. Wolfsbane. ୬ । (ବୈଦ୍ୟକ) ଲାଙ୍ଗଳୀଶାକ (ଦେଖ)—6. Lāṅgaḷiśāka. (See) ୭ । (ବୈଦ୍ୟକ) ନାରିକେଳ; ନଡ଼ିଆ—7. Cocoanut. ୮ । (ବୈଦ୍ୟକ) ଶୁକଶିମ୍ବୀ; କପିକଚ୍ଛୁ; ବାଇଡଙ୍କ—8. Cowhage; Mucuna Pruriens. ୯। ଈଶ୍ୱରମୂଳ (ଦେଖ)—9. Isaramūḷa, (See). ୧୦ । (ସ୍ତ୍ରୀ) ପୌରାଣିକ ନଦୀ ବିଶେଷ (ହି. ଶ)—10. Name of a mythological river. ୧୧ । ମଞ୍ଜିଷ୍ଠା (ହି. ଶ)—11. Indian madder. ୧୨ । ପୃଶ୍ନିପର୍ଣ୍ଣୀ (ହି. ଶ) (ଦେଖ)—12. Pṛuśniparṇni. (See) ୧୩ । ଜଳପିପ୍ପଳୀ (ହି. ଶ)—13. Plantago Amplexicaulis. ୧୪। ଚବ୍ୟ (ହି. ଶ)—14. Piper Chaba. ୧୫ । ମହାବାଣ୍ଡୀ ନାମକ ଲତା (ହି. ଶ)—15. Name of a wild creeper. ୧୬ । ବୃଷଭକ (ହି. ଶ)—16. Name of a rare herb.

ଲାଙ୍ଗଳୀ(ଳି) ବିଷ—ସଂ. ବି (ବୈଦ୍ୟକ)—ଲଙ୍ଗଳାଙ୍ଗଳିଆ (ଦେଖ)
Lāṅgaḷi(ḷi) bisha Wolfsbane.

ଲାଙ୍ଗଳୀ(ଳି) ଲତା—ସଂ. ବି—ଲାଙ୍ଗଳୀ ୫,୬, ୮, ୧୩ ଓ ୧୫ (ଦେଖ)
Lāṅgaḷi(ḷi) latā Lāṅgaḷi 5, 6, 8 and 13, 15 & (See)

ଲାଙ୍ଗଳୀଷା—ସଂ. ବି (ଲାଙ୍ଗଳ+ଈଷା; ନିପାତନ ସିଦ୍ଧ)—ଲଙ୍ଗଳର
Lāṅgaḷishā ଈଷ—The pole or beam of a plough,
ହରିସ

ଲାଙ୍ଗଳୀ(ଳି) ଶାକ—ସଂ. ବି—ଜଳପିପ୍ପଳୀ; ଏକପ୍ରକାର କଲମ ଶାଗ—
Lāṅgaḷi(ḷi) śāka Purple Lippia; Lippia Nodiflora; Convolvulus Ripens; Ipomœa Reptans.
ଅନ୍ୟ ସଂ. ନାମ—ତୋୟପିପ୍ପଳୀ, ଜଳାଶ୍ରୀ, ପିଲ୍ଲିକା, ଶ୍ୟାମାଦନା, ଶାରଦୀ, ଶକୁଳାଦନୀ, ମତ୍ସ୍ୟାଦନୀ, ମତ୍ସ୍ୟଗନ୍ଧା ।
କଲମୀଶାক, কাঁচড়াশাক
पनसिगा, गङ्गतिरिया,
जलपिपर, करेम्बु
ପା. ପିପଲଅସା
ଅ. ଫେଲ୍‌ଫିଲ୍‌ମାୟୂ
ତେ. ବୋମବଚଲ୍‌ଲେଚ୍ଚୁ
ମ. ଜଲପିମ୍ପଲୀ
ଗୁ. ରତବେଲିଯୋ

[ବି—ଏହା ପାଣି ଉପରେ ଲତାଇବାର ମାଡ଼େ; କିନ୍ତୁ ଏଥିର ଡେର ଜଳକୂଳରେ ଭୂମିରେ ଅଳ୍ପ ଥାଏ । ଏହାର ଲତା ରକ୍ତାଭ କୃଷ୍ଣବର୍ଣ୍ଣ, ପତ୍ର ତ୍ରିକୋଣ । ଏହାର ରସ ଶସ୍ତ୍ରଦତ୍ତ ବିଷ ଓ ରକ୍ତ ଦୋଷକୁ ନାଶ କରେ । ଏହାର ପତ୍ରକୁ ଗରିବ ଲୋକମାନେ ଶାଗ କରି ଖାଆନ୍ତି । ବୈଦ୍ୟଶାସ୍ତ୍ର ମତରେ ଏହା ହୃଦ୍ୟ, ଗ୍ରାହୀ, ଚକ୍ଷୁର ହିତକର, ଶୁକ୍ର ବର୍ଦ୍ଧକ, ଲଘୁ, ଧାରକ, ଶୀତବୀର୍ଯ୍ୟ, ରୁକ୍ଷ, କଟୁକଷାୟରସ, କଟୁବିପାକ, ରୁଚିକର, ଅଗ୍ନି ବର୍ଦ୍ଧକ ଏବଂ ରକ୍ତଦୋଷ, ଦାହ ଓ ବ୍ରଣନାଶକ—ଦ୍ରବ୍ୟଗୁଣ ।]

ଲାଙ୍ଗଳେଶ୍ୱର—ଦେ. ବି-୧। ମହାଦେବଲିଙ୍ଗ ବିଶେଷ—1. Name of Laṅgaḷeśwara a Śiba-liṅga. ୨ । ବାଲେଶ୍ୱର ଜିଲ୍ଲାରେ ଥିବା ସ୍ୱନାମପ୍ରସିଦ୍ଧ ଶିବଲିଙ୍ଗଙ୍କ ନାମରେ ନାମିତ ସ୍ଥାନ—2. Name of a place in Balasore, named according to the Śiba Lāṅgaḷeśwara established there.
[ଭୂ—ଉଙ୍ଗଣେ ରଞ୍ଜିତ ସିକତିଳ ସ୍ଥଳୀ ଲାଙ୍ଗଳେଶ୍ୱର । ବିଧାନାଥ. ଚମ୍ପୂ ।]

ଲାଙ୍ଗୁଡ଼—ଦେ. ବି (ସଂ. ଲାଙ୍ଗୁଲ)—୧ । ଲାଙ୍ଗୁଳ; ପଶୁ ଅଙ୍ଗର ଲମ୍ବ
Lāṅgurḍa ପୁଚ୍ଛ; ଲାଞ୍ଜ—1. The long tail of beasts.
লেঙ্গুড়, লেজুড়, লেজ, ল্যাঁজ ୨ । (ଲକ୍ଷଣାର୍ଥ) ପଶୁର ପଛେ ପଛେ
पुँछ, दुम ପୁଚ୍ଛ ଲଗିଥିବା ପରି କୌଣସି ବ୍ୟକ୍ତିକୁ ସର୍ବଦା ଅନୁସରଣ କରୁଥିବା ବସ୍ତୁ ବା ବ୍ୟକ୍ତି—2. (figurative) A thing or person constantly accompaning following a person; an accompaniment; appurtenance. [ଦ୍ର—କୌଣସି ପଥିକଙ୍କ ସଙ୍ଗରେ ଶିଶୁ ବା ଅକ୍ଷମ ବ୍ୟକ୍ତି ଥିଲେ କହନ୍ତି ଯେ, ସେ ଲୋକ ସାଙ୍ଗରେ ଗୋଟିଏ ଲାଙ୍ଗୁଡ଼ ଅଛି । ସ୍ତ୍ରୀମାନ ପଛରେ ଖଣ୍ଡେ ଦୁଇ ଖଣ୍ଡ ଠଣାବୋଝ ବନ୍ଧା ହୋଇଥିଲେ କହନ୍ତି ଯେ, ସେ ସ୍ତ୍ରୀମାନ ପଛରେ ୨ଖଣ୍ଡ ଲାଙ୍ଗୁଡ଼ ବନ୍ଧା ହୋଇଛି ।] ୩ । (ଲକ୍ଷଣାର୍ଥ) ଯେଉଁ ଭାର ବା ଦାୟିତ୍ୱକୁ କୌଣସି ବ୍ୟକ୍ତି ନିଜର ଇଚ୍ଛା ବିରୁଦ୍ଧରେ ମଧ୍ୟ ସର୍ବଦା ବହନ କରିବାକୁ ବାଧ୍ୟ ହୁଏ—3. (figurative) An encumbrance.

ଲାଙ୍ଗୁଡ଼ ଖଣ୍ଡି—ଦେ.ବିଣ ଓ ବି.(ପୁଂ ଓ ସ୍ତ୍ରୀ)—(ସଂ. ଖଣ୍ଡିତ ଲାଙ୍ଗୁଳ)—
Lāṅgurḍa khaṇḍi ୧ । ଖଣ୍ଡିତପୁଚ୍ଛ (ଜନ୍ତୁ); ଯେଉଁ ପଶୁର
ল্যাজকাটা, লেজকাটা, লেঙ্গুড়কাটা ଲମ୍ବ ଲାଞ୍ଜର ଅଗଭାଗର ଅଂଶ
दुमकटा, बंडा ଛିଣ୍ଡି ଯାଇଥାଏ; ଯେଉଁ ପଶୁର ଲାଙ୍ଗୁଡ଼ରୁ ଖଣ୍ଡେ (ଲାଙ୍ଗୁଡ଼ ଖଣ୍ଡିଅ—ପୁଂ, ରୂପ) ମାତ୍ର ଅବଶିଷ୍ଟ ଥାଏ—1. Having the end of the tail lopped off; having

lost a part of the tail, ୨ । (ଲକ୍ଷଣାର୍ଥ, ମନ୍ଦାର୍ଥ) ଅପଣା ଦଳ ମଧ୍ୟରୁ ବାହାର ଯାଇଥିବା ବା ବାହାରେ ରହିଥିବା ଲୋକ; ଯେଉଁ ବ୍ୟକ୍ତି ଲଙ୍ଗୁଡ଼କଣ୍ଡି ଜନ୍ତୁପରି ଦଳସ୍ଥ ଅନ୍ୟ ବ୍ୟକ୍ତିଙ୍କ ସହିତ ମିଶେ ନାହିଁ; ଘୋଠ-ଛଣ୍ଡିଆ—2. (Bad sense) A person who does not mix with the members of his party or sect; a renegade.

ଲଙ୍ଗୁଡ଼ ଗୁଞ୍ଜିବା—ଦେ. କି—(ଭୟରେ କୁକୁର ଅପଣା ଲଙ୍ଗୁଡ଼କୁ Lāngurda gunjibā ଉପରକୁ ନ ଟେକି ଦୁଇ ଜଙ୍ଘ ମଧ୍ୟରେ ଲେଜଗୁটান **দুমসিকুড়ানা** ଗୁଞ୍ଜିବାରୁ) (ଲକ୍ଷଣାର୍ଥ) ଭୟଗ୍ରସ୍ତ ହେବା—(figurative) To be overcome with fear.

ଲଙ୍ଗୁଡ଼ ଟେକିବା—ଦେ. କି—୧ । ଦୌଡ଼ିବା ସମୟରେ (ପଶୁ) ନିଜର Lāngurda tekibā ଲଙ୍ଗୁଡ଼କୁ ଉର୍ଦ୍ଧ୍ୱକୁ ଉଠାଇବା—লেজতোলা **पूंछउठाना** 1. To raise the tail while running (said of a beast). ୨ । (ଲକ୍ଷଣାର୍ଥ) ଉଦ୍‌ବେଗ ସହିତ ପ୍ରସ୍ତୁତ ରହିବା—2. (figurative) To be ready with eagerness. ୩ । ଉଦ୍‌ବିଗ୍ନ ହୋଇ କୌଣସି ବିଷୟକୁ ଅପେକ୍ଷା କରିବା—3. To wait for any matter with eagerness. ୪ । (ଲକ୍ଷଣାର୍ଥ: ପଶୁମାନେ ଆନନ୍ଦରେ ଲଙ୍ଗୁଡ଼ ଟେକି ଦଉଡ଼ୁଥିବାରୁ) ଆନନ୍ଦରେ ମତ୍ତ ହେବା—4. (figurative) To be mad with joy.

ଲଙ୍ଗୁଡ଼ ବାନ୍ଧିବା—ଦେ. କି—୧ । ପଶୁର ଲଙ୍ଗୁଡ଼ପରି ଗୋଟିଏ ଲଙ୍ଗୁଡ଼ Lāngurda bāndhibā ଅପଣାର ପଛରେ ଯୁକ୍ତ କରିବା ବା লেঙ্গুড়(লেজ)বান্ধা **पूंछबांधना** ପିନ୍ଧିବା—1. To wear a tail as a dress; to tie a tail to one's hind parts. ୨ । (ଲକ୍ଷଣାର୍ଥ) ଅପଣା ସଙ୍ଗେ ପୁରୁଣ ଅକାମିକା ବ୍ୟକ୍ତି ରଖିବା (ଯାହାଙ୍କୁ ଅପଣାକୁ ଟାଣିବାକୁ ପଡ଼େ)—2. (figurative) To be encumbered লেজুড়ে বাঁধা **दुममे बांधना** with useless dependants or hangers on.

ଲଙ୍ଗୁଡ଼ ବିଛାଇବା—ପ୍ରାଦେ 'ଉତ୍ତର ବାଲେଶ୍ୱର) କି—ଲଙ୍ଗୁଡ଼କୁ Lāngurda bichhāibā. ଇତସ୍ତତଃ ସଞ୍ଚାଳନ କରିବା—লেজনাড়া, **पुंछहिलाना** To wag the tail.

(ଲଙ୍ଗୁଡ଼ ହଲା(ଲେ)ଇବା—ଦେ. ରୂପ)

ଲଙ୍ଗୁଡ଼ା—ଦେ. ଣ—(ସଂ. ଲଙ୍ଗୁଳ ଯୁକ୍ତ)—୧ । ଲଙ୍ଗୁଳଯୁକ୍ତ—Lāngurdā 1. Having a tail; tailed. ୨ । ଯେ লেজো **पुंछवाला** ଅପଣା ପଛରେ ଗୋଟିଏ ଲମ୍ବ ଲଙ୍ଗୁଡ଼ ପୋଷାକ ରୂପେ ବାନ୍ଧିଥାଏ—2. Wearing a tail as a dress. [ଦ୍ର—ଯାତ୍ରାରେ ହନୁମାନ ସ୍ୱାଙ୍ଗ ସାଜିବା ବ୍ୟକ୍ତି ଅପଣା ପଛ ପଟେ ଗୋଟିଏ ଲଙ୍ଗୁଡ଼ ବାନ୍ଧିଥାଏ ।] ୩ । ଲଙ୍ଗୁଡ଼ି (ଦେଖ)—3. Lāngurdi (See).

ବ—ଲଙ୍ଗୁଡ଼ା ପୋକ (ଦେଖ)—Lāngurdā poka (See).

ଲାଙ୍ଗୁଡ଼ା(ଡ଼େ)ଇବା—ଦେ. କି—(ସଂ. ଲାଙ୍ଗୁଳ)—୧ । (ପଶୁର Lāngurdā(rde)ibā ପଛରେ ଲଙ୍ଗୁଡ଼ ଥିବା ପରି)—କୌଣସି পেঁাদে পেঁাদে যাওয়া ବ୍ୟକ୍ତିର ପଛେ ପଛେ ରହି ସେ ବ୍ୟକ୍ତି **लार्गलाना, पीछलगा रहोना** ଯେଉଁଆଡ଼େ ଯାଉଥାଏ, ତାହା ପଛେ ପଛେ ଯିବା—1. To follow a person persistently; to hang on the sleeves of a person.

ଲାଙ୍ଗୁଡ଼(ଡ଼ି, ଡ଼ୁ) ପାଙ୍ଗୁଡ଼(ଡ଼ି, ଡ଼ୁ) ହେବା } ଅନ୍ୟରୂପ
ଲାଙ୍ଗୁଡ଼େଇ ପାଙ୍ଗୁଡ଼େଇ ହେବା

୨ । ମନରେ କୌଣସି ଗୁପ୍ତ ଉଦ୍ଦେଶ୍ୟ ରଖି ବାହାରେ ঘুরেবেড়ান **लंगडाना** ଅନ୍ୟ ଛଳନା ଦେଖାଇ କୌଣସି ସ୍ଥାନରେ ଅପେକ୍ଷା କରି ରହି ଇତସ୍ତତଃ ହେବା; ଲୁଙ୍ଗ ପୁଙ୍ଗ ହେବା—2. To loiter at a place on some pretext; to loiter about; to hover about; to haunt about a place. ୩ । (କୌଣସି ବିଷୟରେ ଅପଣାର ଚିତ୍ତ ବା ମନ)—ସନ୍ଦେହଯୁକ୍ତ ହୋଇ କର୍ତ୍ତବ୍ୟ ନିର୍ଦ୍ଧାରଣ କରି ନ ପାରି ଇତସ୍ତତଃ ହେବା; ଦୋଦୋପାଞ୍ଚ ହେବା—3. To ইতস্তত করা vacillate; to be restless in mind **उधेड़बुन होना** regarding a matter; not to be able to settle what to do; to be unable to settle whether to do or not to do a thing [ଏସ୍ୱ ଅର୍ଥରେ ପ୍ରୟୋଗ—ମୁଁ ଲାଙ୍ଗୁଡ଼େଇ ହେଉଛି, ବା ମୋମନ ଲାଙ୍ଗୁଡ଼େଇ ହେଉଛି ।]

ଲଙ୍ଗୁଡ଼ା କର—ପ୍ରାଦେ· (ଗଡ଼ଜାତ) ବ—ଗଡ଼ଜାତରେ ଗୋରୁମାନେ Lāngurdā kara ରାଜକୀୟ ଜଙ୍ଗଲରେ ଚରିବା ପାଇଁ ଗୋସ୍ୱାମୀମାନଙ୍କଠାରୁ ଅଦାୟ ହେବା କର—A cess realised from owners of cattle for grazing in the state forests.

ଲଙ୍ଗୁଡ଼ା ତ(ତା)ରା—ଦେ· ବ (ସଂ· ଲଙ୍ଗୁଳ ଓ ତାରା)—ପୁଚ୍ଛଯୁକ୍ତ Lāngurdā ta(tā)rā ତାରା; ଧୂମକେତୁ—Comet. লেজোতারা **पुंछलतारा**

ଲଙ୍ଗୁଡ଼ା ନରସିଂହ ଦେବ—ଦେ· ବ—ଲାଙ୍ଗୁଲା ନରସିଂହ ଦେବ Lāngurdā narasimha deba (ଦେଖ)—Lāngulā narasimha deba (See)

ଲଙ୍ଗୁଡ଼ା ପୋକ—ଦେ· ବ—ଏକପ୍ରକାର କୃମି ବା ଅଂଶେଇ—Lāngurdā poka Larva of Eristalis Tenax; লেজুড়ে পোকা rat-tailed larvae; Pupigerous **लंगाडिया पिलुआ** larva. [ଦ୍ର—ଏମାନଙ୍କ ଦେହ କୋମଳ, ମାଂସଳ ଓ ଗୋଲ । ଏମାନେ ପଦହୀନ ଓ ଏମାନଙ୍କର ଗୋଟିଏ ଲଙ୍ଗୁଡ଼ ଥାଏ । ଏମାନେ ପଶୁ ସଢ଼ା ଖାଆନ୍ତି, ନର୍ଦ୍ଦମା ପଙ୍କରେ ଓ ମୂତ୍ରନଳୀର ପାଣିରେ ଜନ୍ମନ୍ତି ।]

ପ୍ରକୃତରେ ଏମାନେ ଏକ ଜାତୀୟ ଷଟ୍‌ପଦଯୁକ୍ତ ପୋକଙ୍କର (Drone fly) କୃମି (larva ଅବସ୍ଥା ।]

ଲାଙ୍ଗୁଡ଼ି—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତି
Lāṅgurḍi ସଙ୍ଗେ ସଙ୍ଗେ ଗୋଡ଼ାଇ ଥାଏ; ଅନୁସରଣିଆ—
(ଲାଙ୍ଗୁଡ଼ିଆ—ପୁଂ. ରୂପ) 1. One who hangs on the
[ଲାଙ୍ଗୁଡ଼େଇ—ସ୍ତ୍ରୀ] sleeves of another person. ୨ ।
लेजुड़ ପରାନ୍ନଭୋଜୀ—2. A hanger on; a toady.
पिठलग्गु, लागु ୩ । ଲୁଚୁଡ଼ା; ଯେଉଁ ବ୍ୟକ୍ତି ଓର ଉଣ୍ଡି ବୁଲୁ
छिंचके ଥାଏ ଓ ବସ୍ତୁର ମାଲିକଙ୍କ ଅମନୋଯୋଗୀ ଥିବା ସମୟରେ
उठाईगीरा; अंटीबाज; उचक्का ବା ଅନୁପସ୍ଥିତି ସମୟରେ ସୁଯୋଗ
ଦେଖି ଚୋରି କରେ—3. A pilferer; one who loiters about a place and seeks proper opportunity to steal or pilfer things when there is none to watch them.

ଲାଙ୍ଗୁଳ—ସଂ. ବି (ଲଗ୍ ଧାତୁ+କର୍ତ୍ତୃ. ଊଲ)—୧ । (ପଶୁର) ପୁଚ୍ଛ;
Lāṅgula ଲାଞ୍ଜ—1. The tail (of a beast). ୨ । ଶିଶ୍ନ-
2. Membrum virile. (Apte)

ଲାଙ୍ଗୁଳ(ଳି,ଳୁ) ପାଙ୍ଗୁଳ(ଳି,ଳୁ) ହେବା—ଦେ. କ୍ରି—ଲାଙ୍ଗୁଡ଼ାଇବା
Lāṅgula(li,lu) pāṅgula(li,lu) hebā (ଦେଖ)—
(ଲାଙ୍ଗୁଳେଇବା,ଲାଙ୍ଗୁଳେଇ ପାଙ୍ଗୁଳେଇ ହେବା-ଅନ୍ୟରୂପ) Lā-ṅgurḍaibā. (See)

ଲାଙ୍ଗୁଳା (ଇତ୍ୟାଦି)—ଲାଙ୍ଗୁଡ଼ା ଇତ୍ୟାଦି (ଦେଖ)
Lāṅgulā (etc) Lāṅgurḍā etc. (See)

ଲାଙ୍ଗୁଳା ନରସିଂହ ଦେବ—ଦେ. ବି (ନାମ)—ଖ୍ରୀଷ୍ଟୀୟ ତ୍ରୟୋଦଶ
Lāṅgulā narasimha deba ଶତାବ୍ଦୀର ଉତ୍କଳର ଗଙ୍ଗ-
(ଲାଙ୍ଗୁଳିଆ ନରସିଂହ ଦେବ—ଅନ୍ୟରୂପ) ବଂଶୀୟ ଜଣେକ ସ୍ୱାଧୀନ
ରାଜା—Name of an independent king of Orissa (1237 to 1282 A D) who built the sun temple of Koṇārka in the Puri district. [ଦ୍ର—ଏହାଙ୍କ ରାଜବେଶ ମଧ୍ୟରେ କଟିଦେଶର ପଛଆଡ଼ୁ ଲାଙ୍ଗୁଳ ପରି ଗୋଟିଏ ରତ୍ନବନ୍ଧ ଭୂଷଣ ଝୁଲୁଥିଲା; ତେଣୁ ସେ 'ଲାଙ୍ଗୁଳା', 'ଲାଙ୍ଗୁଳିଆ' ବା 'ସପୁଚ୍ଛ' ନରସିଂହ ଦେବ ନାମରେ ପରିଚିତ । ଏ ବିଶେଷ ବଳଶାଳୀ ଥିଲେ । ଦାକ୍ଷିଣାତ୍ୟର ତଦାନୀନ୍ତନ ରାଜାମାନଙ୍କ ସଙ୍ଗେ ଏ ଯୁଦ୍ଧରେ ଜୟୀ ହୋଇଥିଲେ ବୋଲି ପ୍ରବାଦ ଅଛି ।

କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିରର ନିର୍ମାଣ ଏହାଙ୍କ ରାଜତ୍ୱର ପ୍ରଧାନ ଘଟଣା । ଉକ୍ତ ମନ୍ଦିରରେ ଓଡ଼ିଶାର ଦ୍ୱାଦଶ ବର୍ଷର ରାଜସ୍ୱ ନିୟୋଜିତ ହୋଇଥିଲା । ଏହାଙ୍କ ମନ୍ତ୍ରୀ ଶିବେଇ ସାନ୍ତରା ଏ ମନ୍ଦିରରେ କାର୍ଯ୍ୟ କରୁଥିବା ବାରଶହ (ମତାନ୍ତରରେ ୧୨୦୦) ବଢ଼େଇ ବା ପଥୁରିଆ କାରିଗରଙ୍କ କାର୍ଯ୍ୟର ତତ୍ତ୍ୱାବଧାରକ ନିଯୁକ୍ତ ଥିଲେ । ଏହାଙ୍କ ରାଜତ୍ୱ ସମୟରେ ବଙ୍ଗଳାର ମୁସଲମାନ ଶାସନକର୍ତ୍ତା ତୋଗାନ୍‌ଖାଁ ଏକ ଥର ଓ ତାଙ୍କ ପରେ ତୋଗ୍ରଲଖାଁ ଦ୍ୱିତୀୟ ଥର ଓଡ଼ିଶା ଆକ୍ରମଣ କରିଥିଲେ ଓ ଶେଷରେ ପରାଜିତ ହୋଇ ପଳାଇ ଯାଇଥିଲେ ।]

ଲାଙ୍ଗୁଳି—ଦେ. ବିଣ—ଲାଙ୍ଗୁଡ଼ି (ଦେଖ)
Lāṅguli Lāṅgurḍi. (See)

ଲାଙ୍ଗୂଳ—ସଂ. ବି (ଲଙ୍ଗ ଧାତୁ+କର୍ତ୍ତୃ. ଊଲ; ଯାହା ଜୀବର ପୃଷ୍ଠ
Lāṅgūla ଶେଷରେ ଲାଗିଥାଏ)—୧ । ପଶୁ ଆଦିଙ୍କର ପୁଚ୍ଛ;
ଲାଞ୍ଜ; ଲମ୍ବପୁଚ୍ଛ—1. Long tail of beasts. ୨ ।
ଲୋମଶ ପୁଚ୍ଛ—2. Hairy tail. ୩ । ଶସ୍ୟାଗାର;
ଅମାର—3. A granary (Apte). ୪ । ଶିଶ୍ନ, ଲିଙ୍ଗ-
4. Membrum virile.

ଲାଙ୍ଗୂଳହୀନ—ସଂ. ବିଣ. ପୁଂ (ଅନ୍ୟ ତତ)—୧ । ପୁଚ୍ଛବିହୀନ—
Lāṅgūlahina 1. Tailless. ୨ । ଲାଙ୍ଗୁଡ଼କଣ୍ଡି—
(ଲାଙ୍ଗୂଳହୀନା—ସ୍ତ୍ରୀ) 2. Shorn of its tail.

ଲାଙ୍ଗୂଳା—ସଂ. ବି—୧ । ପୃଶ୍ନିପର୍ଣ୍ଣୀ (ବୃ. ଗ)—1. Hemionites
Lāṅgūlā Cordifolia. ୨। କପିକଚ୍ଛୁ; ବାଇଡଙ୍କ (ବୃ. ଗ)—
2. Cowhage.

ଲାଙ୍ଗୂଳିକା—ସଂ. ବି (ଲାଙ୍ଗୂଳ+ଇକ+ଆ)—ପୃଶ୍ନିପର୍ଣ୍ଣୀ ନାମକ
Lāṅgūlikā ଲତା—A creeper; Hemionites Cordi-folia.

ଲାଙ୍ଗୂଳୀ—ସଂ. ବିଣ. ପୁଂ (ଲାଙ୍ଗୂଳ+ଇନ୍; ୧ମା. ୧ବ)—ପୁଚ୍ଛଯୁକ୍ତ—
Lāṅgūli Having a tail. ବି. ପୁଂ—୧ । ବାନର;
(ଲାଙ୍ଗୂଳିନୀ—ସ୍ତ୍ରୀ) ମର୍କଟ—1. Monkey. ୨। ଋଷଭକ ନାମକ
ଔଷଧ—2. Name of a rare medicinal root.
୩ । ପୃଶ୍ନିପର୍ଣ୍ଣୀ (ବୃ. ଗ)—3. Henionites Cordi folia. ୪ । ବାଇଡଙ୍କ (ବୃ. ଗ)—4. Cowhage.

ଲାଙ୍ଗେଇବା—ଦେ. କ୍ରି—ଲାଙ୍ଗୁଡ଼ାଇବା (ଦେଖ)
Lāṅgeibā Lāṅgurḍaibā. (See)
(ଲାଙ୍ଗେଇ ପାଙ୍ଗେଇ ହେବା—ଅନ୍ୟରୂପ)

ଲାଚ (ଇତ୍ୟାଦି)—ପ୍ରାଦେ (କଟକ ସଦର) ବି—ନାଚ ଇତ୍ୟାଦି (ଦେଖ)
Lācha (etc) Nācha etc (See)

ଲାଚାର—ବୈଦେ. ବି. (ପା)—୧ । ନାଚାର; ଅକ୍ଷମ—1. Unfit;
Lāchār unable. ୨ । ଦୁର୍ବଳ; ନିର୍ବଳ—2. Weak. ୩ ।
ना(ला)चार ନିରୁପାୟ—3. Having no remedy; resour-
लाचार celess ୪ । ନିରାଶ୍ରୟ—4. Helpless.

ଲାଚାରି—ଗ୍ରା. ବି—ପରସ୍ପର ମିଶ୍ରଣ; ଏକୀଭାବ—Unity. [ଉ—ମିଶିଲୁ
Lāchāri ଯାଉ, ଲୋଚନ ବାରି-ରୁହ ମଦନ୍ ଲଭ ଲାଚାରି ।
ना(ला)चारी କବିସୂର୍ଯ୍ୟ. କଳୋସ୍ତରଙ୍ଗ ମଗୀତ] ବୈଦେ. ବି—
लाचारी (ପା.) ବିବଶତା; ନିରାଶ୍ରୟତା; ନିରୁପାୟତା)—
Helplessness; resourcelessness.

ଲାଛ—ଦେ, ବି—ଦେ. ବି (ସଂ. ନସ୍ୟ)—୧ । ନାସ—1. Snuff.
Lāchha ୨ । (ସଂ. ଲକ୍ଷ) ତୁଳନା; ଉପମା—2. Compari-
नस्य लक्ष son. ୩ । (ସଂ. ଲକ୍ଷ ଓ ପ୍ରା. ଲଛ୍ ଧାତୁ) ପଶୁମାନଙ୍କ
लाछ ଦେହରେ ତପ୍ତଲୌହଶଲାକାଦ୍ୱାରା ଚିହ୍ନିତ ଦାଗ—3. Mark
लछ put on the skin of cattle and horse with

দাগ searing iron. ୪ । ଚଳ ବା ବନ୍ଧୁକ ଲାଛିବା—
दाग 4. Firing of a gun. ୫। ଘରେ ଶଳିତା ଲଗାଇବା—
দাগা फैरकरना 5. Lighting of the wick in a lamp.
সলিতালাগান बत्तीबालना

ଲାଛି କା(କୁ,ଲୁ)ଛି ଲୁଗା ପିନ୍ଧିବା—ଦେ. କ୍ରି—ଖେଣ୍ଟି ଖାଣ୍ଟି ଲୁଗାକୁ
Lāchhi kā(ku,lu)chhi lugā pindhibā ପିନ୍ଧିବା; ବଡ଼
জড়িয়েসড়িয়েকাপড়পরা ଲୁଗାକୁ ଏହିପରି ଗୋଟିଗାଟି କରି ପିନ୍ଧିବା,
ओछकरकेकपड़ापहनना, खोंसखांसकरपहनना ଯେପରିକି ତାହା
ଅଣ୍ଟୁକୁ ବା ଗୋଡ଼କୁ ବା ଜଙ୍ଘକୁ ପାଇ ନଥାଏ—
To wear a big cloth in such a manner
that it does not reach the knees.

ଲାଛିବା—ଦେ. କ୍ରି—(ସଂ. ଲକ୍ଷ୍ ଧାତୁ; ପ୍ରା. ଲଚ୍ଛ୍ ଧାତୁ)—୧ । (ଲକ୍ଷ୍ୟ
Lāchhibā ଭେଦ କରିବାକୁ ବନ୍ଧୁକ) ଫାୟର୍ କରିବା—
দাগা फैरकरना 1. To fire a gun at a target; to
shoot at a target. ୨ । ବନ୍ଧୁକ ଫୁଟାଇବା;
ବନ୍ଧୁକ ମାରିବା—2. To fire a gun; to shoot.
[ଉ—ବେଢ଼ି ମୁରୁଗ୍ ଗାଡ଼ିରେ ଚଳ, ସଜାଡ଼ିଛନ୍ତି
ଧାତୁକ ଧାଡ଼ି, କୁପି ଅଛନ୍ତି ଲାଛିଲେ ଛାଡ଼ିଯିବ ନାଡ଼ି ଯେ ।
ବ୍ରଜନାଥ. ସମରତରଙ୍ଗ ।] ୩ । (ସଂ. ଲାଞ୍ଛ ଧାତୁ=
দাগা दागना ଚିହ୍ନ କରିବା)—ଗୋରୁ ଓ ଘୋଡ଼ାଙ୍କ ଦେହରେ
ଉତ୍ତପ୍ତ ଲୌହ ଶଳାକା ଦ୍ୱାରା ଦାଗ କାଟିବା—
3. To sear or scorch lines on the body
of cattle and horse with hot iron.
সলিতালাগান बत्तीबालना ୪ । ପ୍ରଦୀପର ବତିରେ ଅଗ୍ନି
ସଂଯୋଗ କରିବା—4. To light the wick of
a lamp. ୫ । ବାଣ ପ୍ରଭୃତିରେ ଅଗ୍ନି ସଂଯୋଗ
আগুন দেওয়া बालना କରିବା—5. To set fire to a
[ଲାଛି ହେ(ଯି)ବା—କର୍ମବାଚ୍ୟରୂପ ।] firework.

ଲାଛି ହେବା—ଦେ.କ୍ରି—୧। ନିଜେ ନିଜକୁ ଗୁଳିକରି ଆତ୍ମହତ୍ୟା କରିବା-
Lāchhi hebā 1. To shoot one's self to die; to
গুলিখেয়েমরা फैरकरकेखुदमरना commit suicide by
shooting one's self. ୨ । ଦେହ ତମାମ୍ ଲାଛିବାର
দাগান दगाहोना ଦାଗ ଯୁକ୍ତ ହେବା—2. To have searing
দাদা लदजाना;लदाहोना marks on the whole body.
୩ । (ମନୁଷ୍ୟ) ଅଳଙ୍କାରଦ୍ୱାରେ ବା (ଗଛ) ଫଳରେ
ପୂର୍ଣ୍ଣ ହେବା; ଲଦି ହେବା—2. To be laden with;
to be overladen with.

ଲାଜ୍ (ଧାତୁ)—ସ.—୧ । ଭାଜିବା—1. To fry. ୨ । ନିନ୍ଦା
Lāj (root) କରିବା—2. To blame; to censure(Apte).

ଲାଜ—ସ. ବି—(ଲାଜ୍. ଧାତୁ+କର୍ମ ଅ); (ସଂ. ନିତ୍ୟ ବହୁବଚନରେ
Lāja ବ୍ୟବହୃତ ଶବ୍ଦ ଲାଜାଃ)—୧ । ଖଇ; ଲିଆ; ଭଜା ଶସ୍ୟ—
1.Fried paddy; fried and parched grain.
[ଦ୍ର—ଧାନକୁ ସିଝା ନ ଭଜାଇ ଭାଜିଲେ ତହିଁରୁ ଖଇ
(ଲିଆ) ବା ଖଇ ହୁଏ; ସିଝା ଭଜାଇ ଭାଜିଲେ ତାହା ମୁଢ଼ି
ବା ଖୁର୍ଦ୍ଦିଳବଡ଼ା ହୁଏ ।] ୨ । ଅରୂପ ଚଣ୍ଡୁଳ; ଅରୁଆ
ଚାଉଳ; ଢ଼ିଅଚାଉଳ—2. Rice prepared from
dried paddy (without par-boiling
it). ୩ । ବଡୁଣ୍ଟି ଚାଉଳ ବା ଶସ୍ୟ—3.
Moistened rice; wetted grain. ୪ । ଶସ୍ୟ—
4. Grains. ୫ । ଉଶୀର; ବେଣାମୂଳ—
5. The fragrant root of 'Beṇā' grass
Andropogen Muricatus. ଦେ. ବି—(ସ;
ଲଜ୍ଜା)—୧ । ଲଜ୍ଜା—1 Shame; modesty.
লাজ लाज shyness. [ଉ—ଗଣ୍ଡେ ଅଧରେ ଲାଜ,
ପାଠକମା ଫୁଟିଲା କମାଧରୀର । ଗ୍ରଧାଜାଥ ପାବ୍ୟଙ୍ଗୀ ।]
୨ । ଦୁର୍ନାମ;ଲୋକ ଲଜ୍ଜା—2 Scandal;ignominy.
୩ । ଲଜ୍ଜାଜନକ ବିଷୟ—3.A matter of shame.
ବିଣ—ଲଜ୍ଜାଜନକ—Shameful. [ଉ—ଧରଣୀ-
ଦେବଙ୍କ ଚରଣ ଭଜ, ଯିବେ ଯେତେବା ପେତେ ହେବ-
ଲାଜ । କବିସୂର୍ଯ୍ୟ. ଜଳଡା ।]

ଲାଜ କଥା—ଦେ. ବି—୧ । ଲଜ୍ଜାଜନକ ବିଷୟ—1 Shameful
Lāja kathā matter. [ଉ—ଲାଜ କଥା ଲୋକେ
ଦେଖିଲେ ବାଣ୍ଡେ । କବିସୂର୍ଯ୍ୟ. କପୋଳ ଚମ୍ପୂ. ଛ.ଗୀତ ।]
লাজের কথা लाजकी बात्
୨ । ଅଶ୍ଳୀଳ ବାକ୍ୟ; ଖେଦାର କଥା (ଯେଉଁ କଥା ଜନ
ସମାଜରେ କହିବାକୁ ଲଜ୍ଜା ବୋଧ ହୁଏ)—2. Indecent
words

ଲାଜ କରିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କ ଆଗରେ ଛିଡ଼ା ହେବା
Lāja karibā ପାଇଁ ବା ମୁହଁ ଦେଖାଇବା ପାଇଁ ବା କଥା
କହିବାପାଇଁ କୁଣ୍ଠା ବା ଲଜ୍ଜା ବୋଧ କରିବା—
লাজকরা लाजकरना To feel shy.

ଲାଜକୁ—ଦେ. କ୍ରି. ବିଣ—ଲୋକଲଜ୍ଜାକୁ ଭୟ କରି (କୌଣସି କାର୍ଯ୍ୟ
Lājaku କରିବା ବା ନ କରିବା)—Through fear
[ଲାଜକୁ ତ(ମ)ରୁ—ଅନ୍ୟରୂପ] of public scandal.
লজ্জার খাতিরে (ଯଥା—ମୁଁ କିନ୍ତା ଲାଜକୁ ଏ କଥା କରୁଛି,
লজ্জারক্ষা করার জন্য କିନ୍ତୁ ମୋ ଅଗ୍ନା ଏ କଥାକୁ ଭାଲୁ ନାହିଁ ।)
लाजके मारे

ଲାଜକୁ ଖାଇବା—ଦେ. କ୍ରି—ଲଜ୍ଜାତ୍ୟାଗ କରିବା; ନିର୍ଲଜ୍ଜତା ଅଚରଣ
Lājaku khāibā କରିବା—To be dead to all;
লাজ খাওয়া, লাজপুড়ে খাওয়া feelings of shame; to
लाजकोपीना act shamelessly.

ଲାଜ କୁ(କୋ)ରା(ଳା)—ଦେ. ବିଣ (ସଂ. ଲଜ୍ଜାଳୁକ)—ଲଜ୍ଜାବାନ୍;
Lāja ku(ko)rā(ḷā) ଲଜ୍ଜାଳୁ; ଲଜ୍ଜାଶୀଳ; ଯେ ଅନ୍ୟବ୍ୟକ୍ତିଙ୍କ
[ଲାଜକୁ(କୋ)ରି(ଳି)—ସ୍ତ୍ରୀ] ସାମନାରେ ଠିଆ ହେବାକୁ ବା କଥା
লাজুক କହିବାକୁ ଲଜ୍ଜାବୋଧ କରେ—Modest; shy;
लाजवंत bashful.

ଲାଜକୁ(କୋ)ରି(ଳି)—ଦେ.ବିଣ (ସଂ.ଲଜ୍ଜାଳୁକା)—ଲାଜକୁରାର ସ୍ତ୍ରୀଲିଙ୍ଗ;
Lājaku(ko)ri(ḷi) ଲଜ୍ଜାବତୀ—The feminine of
লজ্জাবতী Lājakurā. ଦେ. ବି (ସଂ. ଲଜ୍ଜାଳୁ) ଲଜ୍ଜାଳୁ

লজ্জাবতী (ଦେଖ) Lajjālu (See) [ଦ୍ର—
लाजवंती; लजालू ମହୁଲର ମୃତପ୍ରାୟେ ପରଶର୍ଶେ ଯଥା ଲାଜକୁଳୀ ଲତା । ରାଧାନାଥ. ଯଯାତି ।]

ଲାଜକୁ(କୋ)ରି(ଲି)ବଦନ—ଦେ. ବି (ନାମ)—ଏକପ୍ରକାର ସରୁ
Lājaku(ko)ri(li)badana ଶାରଦ ଧାନ—Name of a fine-grained winter paddy. [ଦ୍ର—ଏହା ଏକପ୍ରକାର ଲଘୁ ଧାନ । ଏହାର ଚାଉଳ ଧଳା; କିନ୍ତୁ ଖୁବ୍ ବାରିକ୍ ନୁହେଁ ।]

ଲାଜ ଖାଇବା—ଦେ. କ୍ରି—ଲଜ୍ଜାବୋଧ ହେବା—Feeling of
Lāja khāibā shame. [ବ୍ୟବହାର—ତାକୁ ତ
লজ্জাহওয়া ଲାଜ ଖାଉଛି, ସେ ଗୀତ ଗାଇବ କାହିଁ ?]
लाजआना

ଲାଜ ଛାଡ଼ିବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ ମନରୁ ଲଜ୍ଜା
Lāja chhāṛibā ତ୍ୟାଗ କରିବା—1. To shake off
লজ্জাছাড়া one's modesty. ୨। ନିର୍ଲଜ୍ଜ ହେବା—
लाजछोड़ना 2, To become shameless.

ଲାଜ ଥୋମଣା—ଗ୍ରା. ବିଣ. ପୁଂ—ଅତି ଲଜ୍ଜିତ; ଲଜ୍ଜାବନତମୁଖ—
Lāja thomaṇā Very much ashamed, crest-
[ଲାଜ ଥୋମଣିଆ(ଆଁ)—ଅନ୍ୟରୂପ) fallen. (ଯଥା—ସେ ଲାଜ
(ଲାଜ ଥୋମଣୀ—ସ୍ତ୍ରୀ) ଥୋମଣା ହୋଇ ଏଠାରୁ ପଳାଇଲା ।)
লজ্জায় মরা शरमा जाना

ଲାଜ ଦେବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଲଜ୍ଜିତ କରାଇବା—
Lāja debā To put a person to shame.
(ଲାଜ ଦିଆଇବା—ପ୍ରଯୋଜକରୂପ) লজ্জা দেওয়া शरमाना

ଲାଜପତ ରାୟ(ଲାଲା)—ଦେ. ବି (ନାମ)—ଭାରତର ସ୍ୱର୍ଗୀୟ ପ୍ରଧାନ ଜନ-
Lājapata rāya(lālā) ନାୟକଙ୍କ ମଧ୍ୟରୁ ଏକତମ—One
লাজপত রায় of the late prominent leaders of
लाजपत राय India; Lala Lajput Rai.

[ଦ୍ର—ଲାଲା ଲାଜପତ ରାୟ ୧୮୬୫ ମସିହାରେ ପଞ୍ଜାବ ଅନ୍ତର୍ଗତ ଲୁଧିଆନା ଜିଲ୍ଲାର ଜାଗାରାଓନ ନାମକ ଏକ କ୍ଷୁଦ୍ର ପଲ୍ଲୀରେ ଜନ୍ମଗ୍ରହଣ କରିଥିଲେ । ପଞ୍ଜାବୀ ଅଗରୱାଲ୍ ବୈଶ୍ୟ ସମ୍ପ୍ରଦାୟର ଏକ ଗରିବ, ଅଥଚ ଭଦ୍ର ପରିବାରରେ ତାଙ୍କର ଜନ୍ମ । ତାଙ୍କ ବାପ ରାଧାକିଶନ୍ ଏକ ସରକାରୀ ସ୍କୁଲର ଉର୍ଦ୍ଦୁ ଶିକ୍ଷକ ଥିଲେ ଏବଂ ୧୮୭୭ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଧର୍ମମତରେ ପ୍ରଭାବାନ୍ୱିତ ହୋଇଥିଲେ । ସେ ସେହି ସମୟଠୁ କଂଗ୍ରେସ ଭକ୍ତ ହେଲେ । କୋହିନୂର ନାମକ ଉର୍ଦ୍ଦୁ ପତ୍ରିକାରେ ରାଧାକିଶନ୍‌ଙ୍କ ଲେଖା ପଞ୍ଜାବରେ ନାମଯଶ ଜାଗ୍ରତ କରିଥିଲା । ଲାଲାଜୀଙ୍କ ମାତାଙ୍କ ପ୍ରଭାବ ମଧ୍ୟ ତାଙ୍କ ଉପରେ ଖୁବ୍ ପଡ଼ିଥିଲା । ମାତାଙ୍କ ସରଳତା ଓ ବ୍ୟୟସଙ୍କୋଚ ପ୍ରଭୃତି ସତ୍‌ସ୍ୱଭାବ ଲାଲାଜୀ ଉତ୍ତରାଧିକାରରେ ପାଇଥିଲେ । ପିତା ରାଧାକିଶନ୍‌ଙ୍କ ଯତ୍ନରେ ଲାଲାଜୀ ଉତ୍ତମ ଶିକ୍ଷାଲାଭ କରିଥିଲେ । ଲାହୋର ଗଭର୍ଣ୍ଣମେଣ୍ଟ କଲେଜ୍‌ରେ ଲାଲାଜୀ ମନୋଯୋଗ ସହକାରେ ଅଧ୍ୟୟନ କରି ଯୋଗ୍ୟତା ଯୋଗୁଁ ଛାତ୍ରବୃତ୍ତି ପାଇଥିଲେ । ତତ୍ପରେ ଆଇନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ହିସାର ନାମକ ଛୋଟ ସହରରେ ଓକାଲତି ଆରମ୍ଭ କଲେ । ଏ ଜଣେ କର୍ମବୀର, ସମାଜ ସଂସ୍କାରକ, ବକ୍ତା ଓ ଲେଖକ ଥିଲେ । ଆର୍ଯ୍ୟ ସମାଜ ସମ୍ପର୍କରେ ସେ ଯାହା ଯାହା କହିଛନ୍ତି, ତାହା ସମସ୍ତ ହିନ୍ଦୁ ସମାଜର ସଂସ୍କାର ଓ ଗଠନରେ ବିଶେଷ ସହାୟତା କରିଅଛି । ଅସ୍ପୃଶ୍ୟତା ଦୂରୀକରଣ, ବିଧବାବିବାହ, ବାଲ୍ୟବିବାହନିରୋଧ, ଜନସେବା ପ୍ରଭୃତି ସାମାଜିକ କାର୍ଯ୍ୟରେ ହାତ ଦେଇ ସେ ଯାହା ଦେଖାଇ ଯାଇ ଅଛନ୍ତି, ତାହା ପ୍ରତ୍ୟେକ ରାଜନୀତିକଙ୍କ ଆଦର୍ଶ ।

ଭାରତର ବକ୍ତା ଓ ଲେଖକମାନଙ୍କ ମଧ୍ୟରେ ଲାଲାଜୀଙ୍କର ସ୍ଥାନ ଅତି ଉଚ୍ଚ ଥିଲା । ତାଙ୍କ ଲିଖିତ 'ଆର୍ଯ୍ୟ ସମାଜ', ଆମେରିକା ଯୁକ୍ତରାଜ୍ୟର କୁମାରୀ ମେୟୋଙ୍କ ଭାରତମାତାର ପ୍ରତିବାଦ ସ୍ୱରୂପ 'ଅସୁଖୀ ଭାରତ' ତାଙ୍କ ଭାଷା ଓ ଭାବର ପରିଚାୟକ । ଇଂରେଜି, ଉର୍ଦ୍ଦୁ ଓ ହିନ୍ଦି ଭାଷାରେ ଲାଲାଜୀ ବଡ଼ ଯୁକ୍ତିପୂର୍ଣ୍ଣ ଓଜସ୍ୱିନୀ ବକ୍ତୃତା ଦେଇ ପାରୁଥିଲେ । ତାଙ୍କର ଏ ସମସ୍ତ ଗୁଣ ଗୌରବରେ ମୁଗ୍ଧ ହୋଇ ନିଖିଳ ଭାରତ ଜାତୀୟ କଂଗ୍ରେସର ୧୯୨୦ ସାଲର ବିଶିଷ୍ଟ ଅଧିବେଶନରେ ସଭାପତି ନିର୍ବାଚିତ କରିଥିଲା ।

ସାଇମନ୍ କମିଶନ୍ ଆଗମନ ବେଳେ ଲାହୋର ରେଲ୍ ଷ୍ଟେସନ୍‌ଠାରେ ଲାଲାଜୀଙ୍କ ଛାତି ଉପରେ ଗୋରା ପୁଲିସ ଅଫିସରଙ୍କ ଠେଙ୍ଗା ପ୍ରହାର ହେବା ହେତୁ ସେ ପୀଡ଼ିତ ହୋଇ ପଡ଼ିଥିଲେ ଏବଂ ୧୭।୧୧।୨୮ ସକାଳ ୭ଟା ବେଳେ ୬୪ ବର୍ଷ ବୟସରେ ଉକ୍ତ ସହରରେ ଇହଧାମ ତ୍ୟାଗ କଲେ ।

—ତା ୨୦।୧୧।୧୯୨୮ ଦୈନିକ ଆଶାରୁ ସଂଗୃହୀତ ।]

ଲାଜ ପାଇବା—ଦେ. କ୍ରି—ବହୁଲୋକଙ୍କ ମଧ୍ୟରେ ଅପମାନିତ ହେବା—
Lāja pāibā To be put to shame in the pre
লাজ পানা लाज पाना sence of many persons.
[ଦ୍ର—ଲାଜ କରିବାର ଅର୍ଥ ନିଜେ ଲଜ୍ଜା ବୋଧ କରିବା, କିନ୍ତୁ ଲାଜ ପାଇବାର ଅର୍ଥ ବହୁଲୋକଙ୍କ ମଧ୍ୟରେ ଅପମାନିତ ବା ଲଜ୍ଜିତ ହେବା ।]

ଲାଜ ପାଣି—ଦେ. ବି—ନବଜାତ ଶିଶୁକୁ ଷଷ୍ଠିଅର ଦିନ (୭ମ ଦିନ)
Lāja pāṇi ସ୍ନାନ କରାଇବା ସମୟରେ ତା ମୁହଁକୁ ଧୋଇବାପାଇଁ ବ୍ୟବହୃତ ପ୍ରଥମ ଅଞ୍ଜଳି ପାଣି—The first handful of water applied to the face of a child on its first bath on the 7th day of its birth.
[ଦ୍ର—ଲୋକ ବିଶ୍ୱାସ ଯେ, ଯେଉଁ ଶିଶୁର ମୁହଁରେ ତାହାର ମାତା ଲାଜ ପାଣି ମାରି ନ ଥାନ୍ତି ସେ ଭବିଷ୍ୟତରେ ନିର୍ଲଜ୍ଜ ହୁଏ । ଏଥିପାଇଁ କୌଣସି ନିର୍ଲଜ୍ଜ ବ୍ୟକ୍ତିକୁ ଲକ୍ଷ୍ୟ କରି ଲୋକେ କହିଥାନ୍ତି 'ତା ମାଆ ତା ମୁହଁରେ କଅଣ ଲାଜପାଣି ମାରି ନ ଥିଲା କି ?']

ଲାଜ ପେୟା—ସଂ. ବି.—ଖଇର ପତଳା ମଣ୍ଡ; ଖଇକୁ ପାଣିରେ ଚକଟି
Lāja peyā ତାକୁ ଲୁଗାରେ ଛାଣି ପାଣିଆ କରି ତିଆରି କରା-
ଯିବା ପାନୀୟ—A thin paste or gruel made by kneading fried paddy in water and then passing it through cloth. [ଦ୍ର—ଏହା ଲଘୁପାକ, ପିପାସାନାଶକ ଓ ଗ୍ଲାନିନାଶକ; ଏହା ସଙ୍ଗେ ସୈନ୍ଧବ ଲବଣ, ଶିକଟୁ ଓ ଅଳାଇଚ ଗୁଣ୍ଡା ମିଶାଇଲେ ଏହା ଅଧିକତର ଗୁଣଯୁକ୍ତ ହୁଏ ।]

ଲାଜ(ଜା)ବନ୍ଧନ—ସଂ. ବି—(ନ୍ୟାୟ)—ବୃଥା ଲୋଭ ପ୍ରତ୍ୟାଶାକାରୀ
Lāja(jā) bandhana ପ୍ରତି ପ୍ରଯୋଜ୍ୟ ନ୍ୟାୟ ବା ଦୃଷ୍ଟାନ୍ତ—An analogical reference made to a foolish person who, while standing behind a post, extended both his palms round the post and took in his folded palms some fried rice which was being distributed to people; but while he wanted to eat the fried rice he would not bring his palms to the mouth on account of the intervening post, nor could he release his palms, as the fried paddy in the hollow of the folded palms would fall down. [ଦ୍ର—ଜଣେ ନିର୍ବୋଧ ବ୍ୟକ୍ତି ଗୋଟିଏ ଖମ୍ବର ପଛଅଡ଼େ ଠିଆ ହୋଇ ଖମ୍ବକୁ ବେଢ଼ାଇ ହାତ ଦୁଇଟିକୁ ଆଗକୁ ବଢ଼ାଇ ଅଞ୍ଜୁଳା କରି ଅଞ୍ଜୁଳାରେ ଅଞ୍ଜୁଳାଏ ଖଇ ପାଇଲା । ସେ ଅବସ୍ଥାରେ ଲୋକଟି ତାହା ଖାଇ ପାରିଲା ନାହିଁ । ଅଥଚ ତାକୁ ଖାଇବା ପାଇଁ ଅଧୀର ହୋଇ ହାତକୁ ଆଗରେ ଖମ୍ବ ଥିବାରୁ ଅଞ୍ଜୁଳାରେ ଥିବା ଖଇକୁ ମୁହଁ ବଢ଼ାଇ ଖାଇ ପାରିଲା ନାହିଁ, ଏଣେ ହାତକୁ ପାଖ ପାଖକୁ ଆଣିଲା ବେଳକୁ ଅଞ୍ଜୁଳା ଫିଟି ଗଲେ ଖଇତକ ଭୂଇଁ ଯିବ, ଏଥିଯୋଗୁଁ ଅଞ୍ଜୁଳା ନ ଫିଟାଇ, ଅତୋଭ୍ରଷ୍ଟ ତତୋଭ୍ରଷ୍ଟ ହୋଇ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ତାକୁ ବନ୍ଧନରେ ପଡ଼ିବାକୁ ହେଲା, ଏହି ନ୍ୟାୟ ।]

ଲାଜ ବର୍ଦ୍ଦ—ବୈଦେ. ବି. (ଫା.)—ବୈଦୁର୍ଯ୍ୟ ମଣି ପରି ଭୂରିସ ବେଶର
Lāja bardda ମଣି ବିଶେଷ—Lapis lazuli (gem). ସଂ. ନାମ—ରାଜବର୍ତ୍ତକ, ରାଜାବର୍ତ୍ତ ମଣି ।
লাজবদ লাজবর্দ

ଲାଜ ଭକ୍ତ—ସଂ. ବି—(ବୈଦ୍ୟକ)—ଖଇ ସିଝା; ଖଇ ଭାତ; ଗରମ
Lāja bhakta ପାଣିରେ ସିଦ୍ଧ ଖଇ—Fried paddy boiled in water. [ଦ୍ର—ଏହା ଲଘୁପାକ, ଶୀତଳ, ଅଗ୍ନିବର୍ଦ୍ଧକ ଓ ରୁଚିକର ।]

ଲାଜଭର—ଦେ. ବି.—ଲଜ୍ଜିତ; ଲଜ୍ଜାପୂର୍ଣ୍ଣ—
Lāja bhara Ashamed; modest.
লজ্জিত लजाया हुआ

ଲାଜଭର ବଶୁଁ—ଦେ. ଅ—ଲଜ୍ଜିତ ହୋଇ; ଲଜ୍ଜା ଯୋଗୁଁ
Lājabhara basun Due to modesty; on account of modesty.

ଲାଜ(ଜା)ମଣ୍ଡ—ସଂ. ବି.—(ବୈଦ୍ୟକ)—ଖଇ ମଣ୍ଡ, ଗରମ ପାଣିରେ
Lāja(jā)manda ସିଝାଠ ଖଇକୁ ଚକଟି ତାହା କପଡ଼ା ଛାଣି କରି ପ୍ରସ୍ତୁତ କରାଯିବା ଘନ ପାନୀୟ; ଲାଜପେୟ—A gruel made by sifting boiled fried paddy through cloth. [ଦ୍ର—ଏହା ଅଗ୍ନି-ବର୍ଦ୍ଧକ, ଅମଦୋଷନାଶକ, ଜ୍ୱରାତିସାରନାଶକ ଓ ପଥ୍ୟ ।]

ଲାଜ ମାଡ଼ିବା—ଦେ. କ୍ରି—୧ । ଲଜ୍ଜିତ ହେବା—1. Being
Lāja mārdibā ashamed; ufeeling of shame.

ଲାଜ ମାଡ଼ିବା—ଦେ. କ୍ରି—୧ । ଲଜ୍ଜିତ ହେବା—1. Being
Lāja mārdibā ashamed; feeling of shame.
লাজপাওয়া लाजलगना ୨ । ଲଜ୍ଜା ବୋଧ କରିବା—2. Feeling shy. (ଦ୍ର—ତାହାକୁ ବଡ଼ ହେଲୁ ଲାଜ କ ମାଡ଼ିଲା—କୃଷ୍ଣସିଂହ ମହାଭାରତ. ସଭା ।)

ଲାଜ ମୁଣ୍ଡ ପୋଡ଼ି ଖାଇବା—ଦେ. କ୍ରି—ଲାଜକୁ ଖାଇବା (ଦେଖ)
Lāja munda pordi khāibā Lājaku khāibā (See)
[ଲାଜମୁଣ୍ଡ ପୋଡ଼ିଖାଇବା, ଲାଜର ମଥାଖାଇବା, ଲାଜରମୁଣ୍ଡ(ହଁ)ପୋଡ଼ି ଖାଇବା—ଅନ୍ୟରୂପ]
লাজের মাথা খাওয়া, লাজের মাথা পুড়িয়ে খাওয়া
लाजको फूंक खाना

ଲାଜମୁଷ୍ଟି—ସ. ବି (୬ଷ୍ଠୀ ତତ୍)—ମୁଠାଏ ଖଇ—
Lājamushti A handful of fried paddy.

ଲାଜରେ ବୁଡ଼ିଯିବା—ଦେ. କ୍ରି—ଅତ୍ୟନ୍ତ ଲଜ୍ଜା ଯୋଗୁଁ ମ୍ରିୟମାଣ
Lājare burdijibā ହେବା; ଅତ୍ୟଧିକ ଲଜ୍ଜିତ ହେବା—
ଲାଜରେ ମରିଯିବା(ମରିବା) } ଅନ୍ୟରୂପ— To die with shame.
ଲାଜରେ ପଶି(ଭ)ଯିବା
লাজেডুবেযাওয়া, লাজে মরে যাওয়া, লাজেমরা (ଦ୍ର—ସତକ
लाजमेमरजाना ଲୋ ଲାଜରେ ଗଲ ଅଙ୍ଗ—ସଙ୍ଗୀତ ।)

ଲାଜଲାଜ—ଦେ. କ୍ରି. ବିଶ ଓ ବିଶେ—ଈଷତ୍ ଲଜ୍ଜିତଭାବରେ—
Lājalāja A little shyly; bashfully.
লজ্জালজ্জাকরা लजायाहुआ (ଦ୍ର—ଲୋପାମୁଦ୍ରା ଶୁଣିଣ ଲାଜ ଲାଜ ହୋଇ, ବୋଇଲେ କିମ୍ପାଇ ତାକୁଛ ପ୍ରାଣସାଇଁ—କୃଷ୍ଣସିଂହ ମହାଭାରତ. ବନ ।)

ଲାଜ ସରମ—ଦେ. ବି (ଏକାର୍ଥକ ସହଚର; ସଂ. ଲଜ୍ଜା ଓ ଫା. ସରମ୍)—
Lāja sarama ଲଜ୍ଜା—Shame.
লাজসরম लाजशरम

ଲାଜ(ଜା)ହୋମ—ସଂ. ବି—ବିବାହବେଦୀରେ ପାଣିଗ୍ରହଣ ଓ ଧୃତ ହୋମ
Lāja(jā)homa ଶେଷ ହେବା ପରେ ଓ ଅଶୀର୍ବାଦପର (ଲାଜାହୁମ—ଦେ. ରୂପ) (ଗର୍ଭାଧାନ ବା ଦ୍ୱିରାଗମନ) ହିତ କରାଯିବା ହୋମରେ ବର ବୋଡ଼ିରେ କନ୍ୟା ଠିଆ ହୋଇ ଦୁଇହାତ ଏକତ୍ର ଅଞ୍ଜଳିବଦ୍ଧ କରି ସେହି ସଂଯୁକ୍ତ

ଅଞ୍ଜଳରେ ଅଞ୍ଜଳା ଏ ଖଇ ଅଗ୍ନିରେ ଅର୍ପଣକରିବାରୂପ କର୍ମ- The ceremony of the newly married couple jointly presenting a handful of fried paddy to the sacrificial fire after the completion of the marriage-sacrifice and on the day of consummation of marriage.

ଲାଜା—ସଂ. ବି (ସଂସ୍କୃତ ଲାଜ ଶବ୍ଦ ନିତ୍ୟବହୁବଚନାନ୍ତ 'ଲାଜାଃ'ରୂପେ
Lājā ବ୍ୟବହୃତ ହୁଏ, ଏଥିପାଇଁ ଭାଷାରେ ମଧ୍ୟ ଶବ୍ଦକୁ ଲାଜା ବୋଲି ବ୍ୟବହାର କରାଯାଏ; କେହି କେହି ଲାଜା ଶବ୍ଦକୁ ଆକାରାନ୍ତ ସ୍ତ୍ରୀଲିଙ୍ଗ କହନ୍ତି ।) ୧ । ଖଇ— 1. Fried paddy. ୨ । ଚାଉଳ (ହ୍ର. ଶ.)—
ମଜା, আঠা लज्जत 2. Rice. ଦେ. ବି—୧ ।
(ସଂ.ଲସଜ୍ ଧାତୁ)—ଅଠାଳିଆ ପଣ—1. Gumminess, stickiness. ୨ । ଲଜ୍ଜତ୍; ମୃତ୍ତିକାରେ ଥିବା ରସ ବା ଆର୍ଦ୍ରତା—2. Wetness or moisture of the soil. ୩ । ମଜା; ମାଧୁର୍ଯ୍ୟ—3. Daintiness.

ଲାଜିଆ—ଦେ. ବିଣ—ଲାଙ୍ଗୁଳଯୁକ୍ତ—
Lājiā Having a tail.
ন্যেজো पुंछल ଗ୍ରା. ବି—ଲଜ୍ଜା—Shame-

ଲାଜିଆ ତରା—ଦେ. ବି—ଲଞ୍ଜାତରା (ଦେଖ)
Lājiā tarā Lanjātārā (See)

ଲାଜିମାତ୍—ବୈଦେ. ବି (ଫା. ଲଜ୍ୱାଜିମା)—ଲଉଆଜିମା (ଦେଖ)
Lājimāt Lauājimā (See)

ଲାଜୁଆ—ଦେ. ବିଣ. ପୁଂ—ଲାଜକୁଳ'; ଲଜ୍ଜାଶୀଳ— Modest; shy.
Lājuā (ଉ—ଲାଜୁଆ ବ୍ରାହ୍ମଣ, ଖାଉଁଆ ବେଶ୍ୟା,
[ଲାଜେ(ଜୋ)ଇ—ସ୍ତ୍ରୀ] ଗାଆଁ ମଝିରେ ଯେବେ ଥାଇ ଘୋଡ଼ା,
লাজুক लजखोर, लजीला କମାରର ଯେବେ ମୁହଁରେ ଥୋଡ଼ା, ଏ ଚାରିଙ୍କର ମୁହଁ ପୋଡ଼—ଡାକ ।)

ଲାଜୁକ—ଦେ. ବିଣ. ପୁଂ (ବଙ୍ଗଳାରୁ ଅନୁକୃତ)—ଲଜ୍ଜାଶୀଳ—
Lājuka Modest; coy. [ଦ୍ର—ଓଡ଼ିଆରେ ଲାଜୁକ ଶବ୍ଦର (ଲାଜୁକୀ—ସ୍ତ୍ରୀ) ବ୍ୟବହାର କ୍ୱଚିତ୍ ଦେଖାଯାଏ; କିନ୍ତୁ ଏହାର [ଅଲାଜୁକ—ବିପରୀତ] ବିପରୀତ ଅଲାଜୁକ ଶବ୍ଦର ଅବାଧ ବ୍ୟବହାର
লাজুক্ लजीला ଦେଖାଯାଏ ।]

ଲାଜେ—ଦେ. କ୍ରି. ବିଣ—ଲୋକଲଜ୍ଜାକୁ ଡରି—Through fear
Lāje of being put to shame; for fear of igno-
(ଲାଜେ ଲାଜେ—ଅବ୍ୟୟରୂପ) miny. [ଉ—ବେଶ୍ୟା ମା ଲାଜେ ନ
লাজে ଲାଜେ, ଯେବେ ଲାଜେ ଡୁଆର ଦେଇ ଲାଜେ । ଡାକ ।]
लाजकेमारे

ଲାଜ୍ୟା—ଗ୍ରା. ବି (ସଂ. ଲଜ୍ଜା, ଲଜ୍ଜ୍ୟା)—ଲଜ୍ଜା; ଲାଜ—
Lājyā Shame; modesty.

ଲାଞ୍ଚ—ଦେ. ବି (ସଂ ଲଞ୍ଚା—ଉତ୍କୋଚ, ପାଲି. ଲଞ୍ଚ=ଉତ୍କୋଚ)—
Lāncha ୧ । ଉତ୍କୋଚ—1. Bribe. [ଉ—ଲାଞ୍ଚ ଦେଇ
ঘু(ঘুঁ)ষ ଥିଲେ କାଞ୍ଚନ କେତେ ବ ପାଞ୍ଚ ପାଣ୍ଡୁ ରାଜ ସୁତେ । କବି-
लांच ସୂର୍ଯ୍ୟ. କବିତା] ୨ । ପୁରସ୍କାର—2. Reward.
[ଉ— ନଢ ଲାଞ୍ଚ ମାଗୁ ଥାଉ ଲବଣୀ କେମନ୍ତେ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।]

ଲାଞ୍ଚ ଖଚ—ଦେ. ବି (ସହଚର ଶବ୍ଦ)—ଉତ୍କୋଚ ଓ ପରୋକ୍ଷରେ ଅନ୍ୟ
Lāncha khacha ବ୍ୟକ୍ତି ନାମରେ ଅଭିଯୋଗ—Bribe and
ঘুষওলাগানো लांचचुगल backbiting.

ଲାଞ୍ଚ ଖାଇବା—ଦେ. କ୍ରି—ପରଠାରୁ ଉତ୍କୋଚ ଗ୍ରହଣ କରିବା—To
Lāncha khāibā accept bribe. [ଉ—ସୁଯୋଧନଠାରୁ
ঘুষলয়ো ସମସ୍ତେ ଲାଞ୍ଚ ଖାଇ, ସେ କାଳେ ତା ଦେଖି ରହିଲେ ଭୁଲି
लांचखाना ହୋଇ । କୃଷ୍ଣସିଂ. ମହାଭାରତ. ଉଦ୍ଯୋଗ ।]

ଲାଞ୍ଚଖିଆ—ଦେ. ବିଣ—ଲାଞ୍ଚୁଆ (ଦେଖ)—
Lānchakhiā Lānchuā. (See)
ঘুষখোর [ଉ—ପୁରୁଣା ପୋଲିସ ଭାରି ଲାଞ୍ଚଖିଆ ଥିଲେ ।
लांचखोर ଫକୀରମୋହନ. ଛମାଣ ଅଠଗୁଣ୍ଠ ।]
ଦେ. ବି—ଉତ୍କୋଚଗ୍ରହଣ— Taking of bribe.

ଲାଞ୍ଚ ଖୋଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ଉତ୍କୋଚ ଦେବା—
Lāncha kheibā To bribe a person.
(ଲାଞ୍ଚଖିଆଇବା, ଲାଞ୍ଚ ଦେବା —ଅନ୍ୟରୂପ)
ঘুষখাওয়ান लांच देना

ଲାଞ୍ଚ ମିଛ—ଦେ.ବି.(ସହଚର ଶବ୍ଦ)--ଉତ୍କୋଚଗ୍ରହଣ ଓ ମିଥ୍ୟାବାଦିତା —
Lāncha michha Bribery and falsehood.
ঘুষ ও মিথ্যা लांचझूठा

ଲାଞ୍ଚୁଆ—ଦେ. ବିଣ. ପୁଂ—୧ । ଉତ୍କୋଚଗ୍ରାହୀ—1. Bribe-taker.
Lānchuā [ଉ—ଲାଞ୍ଚୁଆ କେତେ ହେଲେ ହେ ବନ୍ଧୁ ।
[ଲାଞ୍ଚୋ(ଞ୍ଚୋ)ଇ—ସ୍ତ୍ରୀ] କବିସୂର୍ଯ୍ୟ. ଚଉପଦୀ. ଲ. ଗୀତ ।]
ঘুষখোর लांचखोर ୨ । ଉତ୍କୋଚଦାତା—2. Bribe-giver.

ଲାଞ୍ଚୁଆ ଖଚୁଆ—ଦେ. ବିଣ. ପୁଂ (ସହଚର ଶବ୍ଦ)—ଉତ୍କୋଚଗ୍ରାହୀ ଓ
Lānchuā khachuā ପରୋକ୍ଷରେ ଅଭିଯୋଗକାରୀ—A
ঘুষখোর ও লাগানে bribe-taker and backbiter.
लांचखोर चुगलखोर (ଲାଞ୍ଚୋଇ ଖଚେଇ—ସ୍ତ୍ରୀ)

ଲାଞ୍ଚୁଆ ମିଛୁଆ—ଦେ. ବିଣ. ପୁଂ (ସହଚର ଶବ୍ଦ)—ଉତ୍କୋଚଗ୍ରାହୀ ଓ
Lānchuā michhuā ମିଥ୍ୟାବାଦୀ—A bribe-taker and
ঘুষখোর ও মিথ্যাবাদী लांचखोर झूठा liar.
(ଲାଞ୍ଚୋଇ ମିଛେଇ —ସ୍ତ୍ରୀ)

ଲାଞ୍ଛ୍ (ଧାତୁ)—ସ—୧ । ଚିହ୍ନଦେବା—1. To put a mark.
Lānchh (root) ୨ । ଦାଗଦେବା—2. To stain with a mark. ୩ । କଳଙ୍କିତ କରିବା—3. To stain; to blemish; to tarnish.

ଲାଞ୍ଛନ—ସ. ବି (ଲାଞ୍ଛ୍ ଧାତୁ+କର୍ମ. ଅନ) —୧ । ଚିହ୍ନ; ଦାଗ—1.
Lānchhana A spot; a mark. ୨ । (+କରଣ ଅନ) ଉପାଧି—2. Title. ୩ । ନାମ—3. Name; appellation. ୪ । ଅପବାଦ; କଳଙ୍କ—4. Stain; blemish; stigma. ୫ । (+କର୍ମ ଅନ) ଧ୍ୱଜା ପତାକାଦି ଉପରେ

ଅଙ୍କିତ ବିଶିଷ୍ଟ ଚିହ୍ନ—5. A distinctive sign on a flag. ୬ । ରବି ଫସଲ—6. Cereals; summer crops. ୭ । (+ ଗ୍ରନ୍. ଅନ)—ଅଙ୍କନ—7. Drawing.

ଲାଞ୍ଛନା—ସ. ବି (ଲାଞ୍ଛନ+ଆ)—ଲାଞ୍ଛନ (ଦେଖ)—
Lānchhanā Lānchhana (See) ଦେ. ବି—୧ ।
লাঞ্ছনা ଅପମାନ—1. Dishonour; disgrace;
लांछना humiliation. ୨ । ଭର୍ତ୍ସନା—2. Rebuke; reproach. ୩ । ଦୋଷାରୋପ—3. Finding fault with; attributing of a fault.

ଲାଞ୍ଛନା କରିବା—ଦେ. କ୍ରି—ଅପମାନିତ କରିବା—
Lānchhanā kariba To humiliate or disgrace
লাংছনাকরা(দেওয়া) लांछना लगाना a person.
(ଲାଞ୍ଛନା ଦେବା—ଅନ୍ୟରୂପ)

ଲାଞ୍ଛନା ଭୋଗ—ସ. ବି (୬ଷ୍ଠୀ ତତ୍)—ଅପମାନିତ ହେବା—
Lānchhanā bhoga Being disgraced; humiliation.

ଲାଞ୍ଛନାର ଏକଶେଷ—ଦେ. ବି (ବଙ୍ଗଳାରୁ ଅନୁକୃତ)—ସର୍ବଶେଷ-
Lānchhanāra ek-sesh ଜାତି ଅପମାନ—Utter dis
লাংছনার একশেষ लांछना का हद grace.
(ଲାଞ୍ଛନାର ପରାକାଷ୍ଠା—ଅନ୍ୟରୂପ)

ଲାଞ୍ଛିତ—ସ. ବିଣ (ଲାଞ୍ଛ ଧାତୁ+କର୍ମ. କ୍ତ)—୧ । ଚିହ୍ନିତ—
Lānchhita 1. Marked. ୨ । କଳଙ୍କିତ—2. Stained;
(ଲାଞ୍ଛିତା—ସ୍ତ୍ରୀ) stigmatised. ୩ । ନାମାଙ୍କିତ—3. Bearing a name. ଦେ. ବି—୧ । ଭର୍ତ୍ସିତ—1. Rebuked. ୨ । ଅପମାନିତ—2. Humiliated.

ଲାଞ୍ଜ (ଇତ୍ୟାଦି)- ଦେ. ବି (ସ. ଲଞ୍ଜ)—ଲାଙ୍ଗୁଡ଼ ଇତ୍ୟାଦି (ଦେଖ)
Lānja (etc) Langurda etc (See) [ବି—
লে(নে)জ(জা) ତାକୁ ଦେଖିଲେ ହନୁମାନ, ଲାଞ୍ଜ କରିବି ଘଡ଼ୁ
दुम, पूंछ ଅବାର, ବୋଲେ କାହିଁଥିଲେ ଲଙ୍କେଶ୍ୱର । ବିଶ୍ୱନାଥ. ବିଚିତ୍ରରାମାୟଣ ।] [ବି—ପଶୁଙ୍କର ଲୋମ-ଯୁକ୍ତ ପୁଚ୍ଛକୁ ଲାଙ୍ଗୁଡ଼ ବୋଲଯାଏ, କିନ୍ତୁ ପଶୁ, ପକ୍ଷୀ, ସରୀସୃପଙ୍କର ପୁଚ୍ଛକୁ ଲାଞ୍ଜ ବୋଲାଯାଏ ।]

ଲାଞ୍ଜକଟା—ଦେ. ବିଣ—ଛିନ୍ନପୁଚ୍ଛ; ଲାଙ୍ଗୁଡ଼ ଖଣ୍ଡିଆ—
Lānja kaṭā Having its tail cut off.
লেজকাটা; নেজকাটা दुमकटा(दुम्मा नंढा, लंडुरा

ଲାଞ୍ଜଗୋବର—ଦେ. ବିଣ. ପୁଂ—(ଗାଈ ଓ ଅନ୍ୟାନ୍ୟ ପ୍ରାଣୀ ଗୋଟି
Lānja gabara ଗୋମେଷାଦିଙ୍କର ଭୟରେ ମଳ ତ୍ୟାଗ
লেজেগোবরে डरपोक କରୁଥିବା ଭାବ ଲାଙ୍ଗୁଡ଼ ଭିତ୍ତି ମଳରେ
(ଲାଞ୍ଜ ଗୋବରିଆ—ଅନ୍ୟରୂପ) ଲେପିତ ହେବାରୁ) (ଲକ୍ଷଣାର୍ଥ)—
(ଲାଞ୍ଜ ଗୋବରି; ଲାଞ୍ଜ ଗୋବରେଇ—ସ୍ତ୍ରୀ) ୧ । ଚେଙ୍କୁଆ ଭୟଭୀତ—1. Frightened. ୨ । ଭୀରୁ—2. Cowards

ଲାଞ୍ଜା—ଦେ. ବିଣ—ପୁଚ୍ଛଯୁକ୍ତ—
Lānja লেং(লাং)জা पुंछल Having tail.
(ଲାଞ୍ଜିଆ—ଅନ୍ୟରୂପ)

ଲାଞ୍ଜି—ଦେ. ବି—(ସ. ଲଞ୍ଜ)—୧ । ଚୋଚ୍ଚ ବା ଲମ୍ବ ଜଳାଶୟର
Lānji শেষ छोर ସୂକ୍ଷ୍ମ ମୁଣ୍ଡ ବା ଶେଷଭାଗ—1. The pointed end or apex of a long tank.
রেখা नोक ୨ । ସୂକ୍ଷ୍ମ ରେଖା—2. A thin line. (ଯଥା—କଜଳ ଲାଞ୍ଜି)—୩ । ପାଗର କମ୍ବା ପିନ୍ଧା ବସ୍ତ୍ରର ତଳକୁ
নে(লে)জ छोर ଓହଳିଥିବା ଲମ୍ବ ଅଂଶ—3. The long end of a turban or cloth which hangs down. ୪ । ଢିଙ୍କିର ପୁଚ୍ଛ ବା ଶେଷଭାଗ; ଢିଙ୍କିର
ঢেংকীর লেজ पैतल ଯେଉଁ ଅଂଶରେ କୁଟାଳୀ ଗୋଡ଼ ଦିଅନ୍ତି—4. The back or tail end or pedal of a Dhenki (husking jack). ଦେ. ବିଣ—ଲାଞ୍ଜା (ଦେଖ)—Lānja (See). ପ୍ରାଦେ (ବାଲେଶ୍ୱର) ବି—୧ । କଟା ହୋଇଥିବା ମାଛର ଲାଞ୍ଜ ସହିତ ଲାଗି-ଥିବା ଅଂଶ ଖଣ୍ଡ—1. The cut part of a fish with its tail attached. ୨ । ଗୁଡ଼ିର ତଳେ ବନ୍ଧା ଯାଇଥିବା କାଗଜର ସୂକ୍ଷ୍ମ ପଟର ବା ଲାଞ୍ଜ—
লেজ दुम 2. The paper tail of a kite.

ଲାଞ୍ଜିଆ ବଳଦ—ପ୍ରାଦେ (ସମ୍ବଲପୁର) ବି—ବେଙ୍ଗଳାର ଶେଷ ମୁଣ୍ଡରେ
Lānjia balada ଯୋଚା ହୋଇଥିବା ବଳଦ—The outer-
শেষবলদ परियाबैल most ox of a Bengala.
(ବିପରୀତ—ମେଟିଆ ବଳଦ)

ଲାଞ୍ଜିକା—ଦେ. ବି—ଜୁଳୁଜୁଳିଆ ପୋକ—Firefly
Lānjikā জোনাকী, জোনিপোকা पटबिजना, जुगनू

ଲାଞ୍ଜିତାରା—ଦେ.ବି—(ସଂ.ଲାଞ୍ଜ ଓ ତାରକା)—ଲାଞ୍ଜତାରା; ଧୂମକେତୁ—
Lānji tārā Comet.
লেজাতারা पुंछलतारा

ଲାଞ୍ଜିମୁଠା—ପ୍ରାଦେ (ବାଲେଶ୍ୱର) ବି—ଲାଞ୍ଜି ୧ (ଦେଖ)
Lānjimuṭhā Lānji 1. (See)

ଲାଞ୍ଜୁଆ—ଦେ. ବିଣ—ଲାଞ୍ଜା (ଦେଖ)
Lānjua Lānja. (See)

ଲାଟ୍—ବୈଦେ. ବି (ଇଂ. ଲର୍ଡ୍; ଇଂରାଜ ଅଧିକୃତ ଭାରତବର୍ଷକୁ
Lāṭ ବିଲାତରୁ ପ୍ରେରିତ ଶାସନକର୍ତ୍ତାମାନେ ବିଲାତର ଲର୍ଡ୍‌ବଂଶୀୟ
লাট ଥିବାରୁ ଓ ଲର୍ଡ୍ ଉପାଧିଧାରୀ ଥିବାରୁ)—୧ । ଇଂରାଜଶାସିତ
लाट କୌଣସି ପ୍ରଦେଶର ବା ଭାରତବର୍ଷର ସର୍ବୋଚ୍ଚ ଶାସନକର୍ତ୍ତା—
1. The Provincial Governor or the Viceroy of India. [ବି—ପ୍ରାଦେଶିକ ଗଭର୍ଣ୍ଣରଙ୍କୁ ଲାଟ୍ ବା ଛୋଟଲାଟ୍; ଭାରତର ଗଭର୍ଣ୍ଣର୍ ଜେନେରଲଙ୍କୁ ବଡ଼ଲାଟ୍ ଓ ସେନାପତିଙ୍କୁ ଜଙ୍ଗୀଲାଟ୍ ବୋଲଯାଏ ।]
লাট ୨ । (ଇଂ. ଲଟ୍) ଅଂଶ; ଭାଗ—2. Part; share;
लाट lot. ୩ । ପୁଞ୍ଜ—3. Group; union. ୪ । ନିଲାମରେ ଉଠିଥିବା ସମ୍ପତ୍ତିର ଗୋଟିଏ ଗୋଟିଏ ପୁଞ୍ଜ ବା ସମଷ୍ଟି ବା

ଦଫା—4. A lot of any property brought to sale. ୫। ସମ୍ପତ୍ତି ବା ଜମିଦାରୀ ଆଦି ଗୋଟିଏ ଗୋଟିଏ କରି ନିଲାମ କରାଯିବା ପ୍ରଥା—5. Auction sale of properties by lots. [ଦ୍ର—ଅନେକଗୁଡ଼ିଏ ସମ୍ପତ୍ତି ନିଲାମରେ ଉଠିଥିଲେ ତାକୁ ଭିନ୍ନ ଭିନ୍ନ ଅଂଶ ବା ପୁଞ୍ଜ ବା ଦଫାରେ ବିକ୍ରି କରାଯାଏ, ଉକ୍ତ ଅଂଶମାନଙ୍କୁ ଲାଟ୍ (ଇଂ. ଲଟ୍ lot) ବୋଲାଯାଏ। ଗୋଟିଏ ଲାଟ୍‌ର ସମ୍ପତ୍ତିର ନିଲାମ ଶେଷ ହେଲେ ତତ୍‌ପରବର୍ତ୍ତୀ ଲାଟ୍‌ର ସମ୍ପତ୍ତି ନିଲାମ କରାଯାଏ। ଏହି କ୍ରମିକ ସଂଖ୍ୟାଯୁକ୍ତ ସମ୍ପତ୍ତିକୁ ଯଥାକ୍ରମେ ୧ ନମ୍ବର ଲାଟ୍, ୨ ନମ୍ବର ଲାଟ୍, ୩ ନମ୍ବର ଲାଟ୍ ବୋଲାଯାଏ। ଏହିପରି ଲାଟ୍ ଲାଟ୍ ହୋଇ ନିଲାମ କରାଯିବା ପ୍ରଥାକୁ ମଧ୍ୟ ଲାଟ୍ ବା ଲାଟନିଲାମ ବୋଲାଯାଏ।]

ଲାଟ୍‌କଣ—ବୈଦେ. ବି (ଇଂ. ଲାଣ୍ଠର୍)—ଲଣ୍ଠନ୍ (ଦେଖ)
Lāṭ-kaṇ Lanṭhan. (See)
লাণ্ঠন लालटेम(न)

ଲାଟ୍ କମନ୍‌ସ—ବୈଦେ. ବି (ଇଂ. ଲର୍ଡ୍ସ ଓ କମନ୍ସ)—ଲର୍ଡ୍ ଓ
Lāṭ kaman-s କମନ୍ସ୍ ସଭ୍ୟମାନଙ୍କଦ୍ୱାରା ଗଢ଼ା ବିଲାତର ପାର୍ଲିଆ-
লাটকমন্স ମେଣ୍ଟ ସଭା—The British Parliament of
लाटकमन्स the Commons and the Lords.

ଲାଟ୍ କମିସନର୍—ବୈଦେ. ବି (ଇଂ. ସହିତର ଅବ)—ପ୍ରାଦେଶିକ
Lāṭ kamisanar ଶାସନକର୍ତ୍ତା ବା ବିଭାଗୀୟ ଶାସନକର୍ତ୍ତା—
লাট কমিসনর Provincial head and divisional head
लाटकमिस्नर of administration.

ଲାଟ୍ କାଉନ୍‌ସିଲ୍—ବୈଦେ. ବି (ଇଂ. ଲର୍ଡ୍ ଓ କାଉନ୍‌ସିଲ୍)—
Lāṭ kāun-sil ଭାରତବର୍ଷର ମକଦ୍ଦମାମାନ ହାଇକୋର୍ଟରେ
লাট কাউন্সিল ନିଷ୍ପତ୍ତି କରାଯିବା ପରେ ହାଇକୋର୍ଟର ବିଚାର
लाटकौंसिल ବିରୁଦ୍ଧରେ ଅପିଲ୍ ଶୁଣି ମୀମାଂସା କରିବା ପାଇଁ ବିଲାତରେ ସମ୍ରାଟଙ୍କ ପ୍ରତିଷ୍ଠିତ ବିଚାରପତି ଦଳଙ୍କ ଦ୍ୱାରା ସଂଗଠିତ ସଭା—The Privy Council of England (which hears appeals from the decision of Indian High Courts)

ଲାଟ୍ ଗଭ(ବ)ର୍ଣ୍ଣର—ବୈଦେ. ବି (ଇଂ. ଲର୍ଡ୍ ଓ ଗଭର୍ଣ୍ଣର)—ଲାଟ
Lāṭ gabha(ba)rṇnar ସାହେବ (ଦେଖ)—Laṭ-sāheb.
লাটগবর্ণর लाटगवर्नर (See)

ଲାଟ୍‌ଗୀର୍ଜା—ବୈଦେ. ବି (ଇଂ. ଲର୍ଡ୍+ପର୍ତ୍ତୁ ଗୀଜ୍. ଇଗ୍ରୀଜା)—
Lāṭ girja ଭାରତର ଯେଉଁ ଗୀର୍ଜା ବା ଖ୍ରୀଷ୍ଟିୟାନ୍ ଉପାସନା-
লাট গীর্জা ଲୟରେ ଲାଟ୍‌ସାହେବ ଓ ବଡ଼ ବଡ଼ ସରକାରୀ କର୍ମଚାରୀ
लाटगीर्जा ସାହେବମାନେ ଉପାସନା କରନ୍ତି ଓ ଯେଉଁଠାରେ ସରକାରୀ ପାଦ୍ରୀ ଉପାସନା କରନ୍ତି—A church reserved for high Government officials in India. [ଦ୍ର—ଏଥିରେ ସରକାରଙ୍କ ନିଯୁକ୍ତ ଚ୍ୟାପ୍ଲେନ୍ ବା ଲାଟ୍‌ପାଦ୍ରୀ ପୌରୋହିତ୍ୟ କରନ୍ତି।]

ଲାଟ୍ ନିଲାମ—ବୈଦେ. ବି—ନିଲାମ କରାଯିବା ଦ୍ରବ୍ୟମାନଙ୍କୁ ଦଫା ଦଫା
Lāṭ nilāma କରି ବିକ୍ରି କରି କ୍ରମାନ୍ୱୟରେ ଗୋଟିଏ ଗୋଟିଏ
লাটনিলেম लाटनिलाम ପୁଞ୍ଜ ବା ଦଫାକୁ ନିଲାମ କରାଯିବା ପଦ୍ଧତି—Auction sale of properties by lots.

ଲାଟ୍‌ପସନ୍ଦ—ଦେ. ବି—ଏକ ପ୍ରକାର ଉତ୍କୃଷ୍ଟ କଲମୀ ଆମ୍ବର ଅଧିକର
Lāṭ pasanda ନାମ—Name given to a kind of
লাটপসন্দ लाटपसन्द excellent mango imported to this country.

ଲାଟ୍‌ପାଦ୍ରୀ—ବୈଦେ. ବି—(ଇଂ ଲର୍ଡ୍+ପର୍ତ୍ତୁ ଗୀଜ୍. ପାଦ୍ରି)—୧।
Lāṭ pādrī ଲାଟ୍ ବିଶପ୍ (ଦେଖ)—1. Lāṭ bisap (See)
লাটপাদ্রী लाटपाद्री ୨। ଲାଟ ଗୀର୍ଜାରେ ଉପାସନାର୍ଥ ନିଯୁକ୍ତ ପାଦ୍ରୀ—2. Chaplain. (ଲାଟପାଦରୀ—ଅନ୍ୟରୂପ)

ଲାଟ୍ ଫାରମ୍—ବୈଦେ. ବି—(ଇଂ ପ୍ଲାଟ୍ ଫର୍ମ)—ପ୍ଲାଟ୍ ଫର୍ମ୍ (ଦେଖ)
Lāṭ phāram Plāṭ phorm (See).

ଲାଟ୍‌ବନ୍ଦି—ଦେ.ବି—୧। ନିଲାମ ନିମନ୍ତେ ସମ୍ପତ୍ତିମାନଙ୍କୁ ଗୁଡ଼ିଏ ଲାଟ୍‌ରେ
Lāṭ-bandi ବା ପୁଞ୍ଜରେ ବିଭକ୍ତ କରିବା—1. Parcelling of
লাটবন্দী लाटबन्दी properties into different lots for the purpose of auction. ୨। ଲାଟ୍ ନିଲାମ—2. Auction by lots.—୩। ଜମିଦାରମାନଙ୍କ ପାଇଁ ସରକାରଙ୍କୁ ଦେୟ ରାଜସ୍ୱକୁ ଖଜଣାଖାନାରେ ଜମିଦାରମାନେ ଦାଖଲ କରିବା ନିମନ୍ତେ ବର୍ଷକ ମଧ୍ୟରେ ସରକାରଙ୍କର ନିର୍ଦ୍ଧାରିତ ଦିବସ—3.The day fixed by the Government for the payment of revenue of zamindaries to the Government treasury. [ଦ୍ର—ଓଡ଼ିଶାରେ ବର୍ଷ ମଧ୍ୟରେ ଗଭର୍ଣ୍ଣମେଣ୍ଟ ଲାଟ୍‌ବନ୍ଦିର ଦୁଇଟି କିସ୍ତି ଦିବସ ଧାର୍ଯ୍ୟ କରିଅଛନ୍ତି। ଓଡ଼ିଆ ସନର ବୈଶାଖ = ଏପ୍ରିଲ ୨୮ ତାରିଖ କିସ୍ତି; ଏଥିରେ ଉକ୍ତ ସନର ଦେୟ ରାଜସ୍ୱର ଅଧେ ଦାଖଲ କରାଯାଏ ଓ କାର୍ତ୍ତିକ କିସ୍ତି = ନଭେମ୍ବର ୮ ତାରିଖ; ଏଥିରେ ଉକ୍ତ ସନର ଦେୟ ରାଜସ୍ୱର ବାକି ଅଧେ ଦାଖଲ କରାଯାଏ। ଏହି ଦୁଇ କିସ୍ତିରେ ରାଜସ୍ୱ ଦାଖଲ ନ ହେଲେ ଉକ୍ତ ଜମିଦାରି 'ସୈଯୁଲତାକ ନିଲାମ' କରାଯାଏ, ଅର୍ଥାତ୍ ଲାଟ୍‌ରେ ଉଠେ।] ୪। ସୈଯୁଲତାକ ନିଲାମ; ନିର୍ଦ୍ଧାରିତ କିସ୍ତିରେ ରାଜସ୍ୱ ଦିଆଯାଇ ନ ଥିବା ଜମିଦାରମାନଙ୍କର ନିଲାମ—4. Auction sale af zamindāries for arrears of revenue. [ଦ୍ର—ନିଲାମରେ ଉଠିଥିବା ସମ୍ପତ୍ତିମାନଙ୍କୁ ପୃଥକ୍ ପୃଥକ୍‌ରୂପେ ଭିନ୍ନ ଭିନ୍ନ ଦଫାରେ ଡାକିବା କରାଯିବାକୁ 'ଲାଟ୍‌ବନ୍ଦି' ବୋଲାଯାଏ; (୧ ଅର୍ଥ)। ଏହିପରି 'ଲାଟବନ୍ଦି' କରାଯାଇ ନିଲାମ କରାଯିବା ପଦ୍ଧତିକୁ ଲୋକେ 'ଲାଟବନ୍ଦି' କହନ୍ତି (୨ୟ ଅର୍ଥ)। ନିର୍ଦ୍ଦିଷ୍ଟ କିସ୍ତିର ତାରିଖ ଦିନ ରାଜସ୍ୱ ଦାଖଲ ନ କଲେ ଜମିଦାରୀମାନ ନିଲାମ କରାଯାଏ, ଏଥିପାଇଁ ଲୋକେ ଉକ୍ତ ନିର୍ଦ୍ଧାରିତ କିସ୍ତିକୁ ମଧ୍ୟ 'ଲାଟବନ୍ଦି' କହନ୍ତି; (୩ୟ ଅର୍ଥ)। ରାଜସ୍ୱ ଦିଆଯାଇ ନ ଥିବା ଜମିଦାରମାନ

ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ନିଲାମ କରାଯିବାକୁ ଯଥା 'ଲାଟବନ୍ଦି'; ବନ୍ଦୋବସ୍ତ (୪ର୍ଥ ଅର୍ଥ) ।]

ଲାଟ୍ ବାନ୍ଧିବା—ଦେ. କି—୧ । ନିଲାମରେ ଅସିଥିବା ସମ୍ପତ୍ତିମାନ ଯଥା-
Lāṭ bāndhibā କ୍ରମରେ ବିକ୍ରୟ କରିବା ଉଦ୍ଦେଶ୍ୟରେ
लाटबाँधा **लाटबांधना** ସେମାନଙ୍କୁ ଗୋଟିଏ ଗୋଟିଏ ଦଫା ବା ପୁଞ୍ଜରେ ବିଭକ୍ତ କରିବା—1. To separate or apportion the properties brought to sale into separate lots. ୨ । ଅନେକ ସମ୍ପତ୍ତିକୁ ଭିନ୍ନ ଭିନ୍ନ କ୍ରମିକ ପୁଞ୍ଜରେ ବିଭକ୍ତ କରିବା ବା ତାଲିକା କରିବା—2. To separate or make a list of several properties into different or successive lots.

ଲାଟ୍ ବାହାଦୁର୍—ବୈଦେ. ବି (ଇଂ. ଲର୍ଡ୍+ଫା. ବାହାଦୁର୍)—
Lāṭ bāhādur ଲାଟ୍ ୧ (ଦେଖ)—Lāṭ 1 (See)

ଲାଟ୍ ବିକିରି—ଦେ. ବି—ବିକ୍ରି କରାଯିବା ଦ୍ରବ୍ୟମାନଙ୍କୁ ଭିନ୍ନଭିନ୍ନ
Lāṭ bikiri ଗୁଡ଼ିଏ ପୁଞ୍ଜରେ ବିଭକ୍ତ କରି କ୍ରମାନୁସାରେ ଗୋଟିଏ
(ଲାଟ୍ ବିକ୍ରି—ଅନ୍ୟରୂପ) ଗୋଟିଏ ପୁଞ୍ଜକୁ ବିକ୍ରି କରିବା—
लाटबिक्री **लाटबिक्री** Sale by lots.

ଲାଟବିଶପ୍—ବୈଦେ. ବି (ଇଂ. ଲର୍ଡ୍ ବିଶପ୍)—ଯେଉଁ ପାଦ୍ରୀ (ବା
Lāṭ-bisap ଖ୍ରୀଷ୍ଟିୟାନ ଧର୍ମ ଯାଜକ) ପ୍ରଦେଶିକ ଅନ୍ୟ
लाटबिषप ସମସ୍ତ ପାଦ୍ରୀଙ୍କ ଉପରେ ପ୍ରଧାନ—Lord Bishop
लाटविशप (of Calcutta, Bombay, Madras etc)

ଲାଟ୍ ଭବନ—ଦେ. ବି—ବଡ଼ଲାଟ ବା ଛୋଟଲାଟଙ୍କ ବାସସ୍ଥାନ—
Lāṭ bhabana Viceroy's or Provincial Governor's residence.
लाटभवन **लाटभवन**

ଲାଟ୍‌ରେ ଅସିବା—ଦେ. କି—କୌଣସି ଜମିଦାରର ସ୍ୱତ୍ୱ ଲାଟବନ୍ଦି ହେବା
Lāṭ-re āsibā 'ଲାଟବନ୍ଦି' ଦିନ ସରକାରଙ୍କଠାରେ ଦାଖଲ ନ
ଲାଟରେ ଉଠିବା } ଅନ୍ୟରୂପ ହେବାଯୋଗୁଁ ବାକି ସ୍ୱତ୍ୱ
ଲାଟରେ ଚଢ଼ିବା ଅଦାୟ କରିବାପାଇଁ ଉକ୍ତ
लाटेआसा लाटेउठा ଜମିଦାରୀ ସରକାରଙ୍କ ଦ୍ୱାରା ନିଲାମ କରାଯିବା
लाटमेंआना, लाटमेंउठना ବିଷୟ ସର୍ବସାଧାରଣରେ ବିଜ୍ଞାପିତ ହେବା—To be advertised for sale for arrears of revenue (said of a defaulting zamindari).

ଲାଟ୍‌ରେ ଯିବା—ଦେ. କି—୧ । ସ୍ୱତ୍ୱ ବାକି ରହିବାରୁ ଜମିଦାରୀ
Lāṭ-re jibā ବନ୍ଦୋବସ୍ତଦାର ନିଲାମ ହୋଇଯିବା—1. To be
लाटे यावा sold by auction for arrears of
लाटमेंजाना revenue (said of Zamindaries).
୨ । ଲାଟ୍‌ନିଲାମଦ୍ୱାରା କୌଣସି ସମ୍ପତ୍ତି ନିଲାମ ହୋଇଯିବା 2. To be sold by auction in lots (said of any property sold by auction sale).

ଲାଟ୍ ସଭା—ଦେ. ବି (ଇଂ. ଲର୍ଡ+ସଂ. ସଭା)—୧ । ବ୍ରିଟିଶ
Lāṭ sabhā ପାର୍ଲିଅମେଣ୍ଟର ହାଉସ୍ ଅଫ୍ ଲର୍ଡ୍ସ—1. The
लाटसभा House of Lords of the British
लाटसभा Parliament. ୨ । ଭାରତର ବା ପ୍ରାଦେଶିକ ଲାଟ୍‌ସାହେବଙ୍କୁ ଶାସନସମ୍ବନ୍ଧୀୟ ପରାମର୍ଶ ଓ ସାହାଯ୍ୟ ଦେବାପାଇଁ ଗଠିତ ମନ୍ତ୍ରିସଭା—2. The Excutive Council of a Governor General or of a Governor. ୩ । ଲାଟ୍‌ସାହେବଙ୍କୁ ଅଇନ୍ ପ୍ରଣୟନ ସମ୍ବନ୍ଧେ ପରାମର୍ଶ ଦେବା ନିମନ୍ତେ ଗଠିତ ସଭା—3. The Legislative Assembly of the Governor General or of a Governor. [ଦ୍ର—ଭାରତର ବଡ଼ଲାଟଙ୍କ ସଭାକୁ 'ବଡ଼ଲାଟ ସଭା' ଓ ପ୍ରାଦେଶିକ ଲାଟମାନଙ୍କ ସଭାକୁ 'ଛୋଟଲାଟ ସଭା' ବୋଲାଯାଏ ।]

ଲାଟ୍ ସାହେ(ହି)ବ—ବୈଦେ. ବି (ଇଂ. ଲର୍ଡ୍+ଫା. ସାହବ୍)—
Lāṭ sāhe(hi)ba ଲାଟ୍ ୧ (ଦେଖ)—Lāṭ 1 (See)
लाटसाहेब **लाटसाहब**

ଲାଟ୍‌ସାହେବ ବନିବା—ଦେ. କି (ବ୍ୟଙ୍ଗ୍ୟ; ଲକ୍ଷଣାର୍ଥ)—କୌଣସି
Lāṭ-sāheba banibā ସ୍ଥାନରେ ସର୍ବେସର୍ବା ବନିବା;କୌଣସି
लाटसाहेब हओया ସ୍ଥାନରେ ଏକାଧିପତ୍ୟ ଦେଖାଇବା; ଶଣ୍
लाटसाहब बनना ବନିବା—To unduly assume
(ଲାଟ୍ ହେବା—ଅନ୍ୟରୂପ) over-lordship of a place.
[ଦ୍ର—ସାଧାରଣ ଲୋକଙ୍କର ବିଶ୍ୱାସ ଯେ, 'ଲାଟ୍' ହେଲେ ମନୁଷ୍ୟ ସ୍ୱର୍ଗ ଓ ଶାସ୍ତ୍ରରେ ଅଛନ୍ତି, ତାହାର ଯାହା ମନ ହୁଏ ସେ ତାହା କରେ, ସେ କୌଣସି ନିୟମ ବା ଅଇନ୍ ମାନେ ନାହିଁ । ତାହା ଉପରେ କିଛି ଅଙ୍କୁଶ ନ ଥାଏ । ଏଥିପାଇଁ ଉପରୋକ୍ତ ଅର୍ଥରେ ଏ ବାକ୍ୟ ପ୍ରୟୋଗ କରାଯାଏ ।]

ଲାଟ୍ ସୁନ୍ଦରୀ—ଦେ. ବି—ଦାକ୍ଷିଣାତ୍ୟରୁ ଏ ଦେଶକୁ ଆସୁଥିବା ଏକପ୍ରକାର
Lāṭ sundari ଲାଲ୍‌ରଙ୍ଗ ଜିନ୍ତକ ଆମ୍—The name of a
लाटसुन्दरी kind of red mango fruit imported
लाटसुंदरी to this country from South India.

ଲାଟ—ସଂ. ବି (ଲଟ୍ ଧାତୁ=ବିଳାସ କରିବା' ଇତ୍ୟାଦ+ଅଧି. ଅ)—
Lāṭa ୧ । ପ୍ରାଚୀନ ଦେଶବିଶେଷ; ଅଧୁନିକ ଗୁଜୁରାଟର ଅଂଶ—1. Name of an ancient country; a part of modern Gujarat. [ଦ୍ର—ଏହା ବର୍ତ୍ତମାନ ଭରୋଚ (Broach), ଅହମଦାବାଦ ଅଦି ଅଞ୍ଚଳ; ଅଟେ (ହ. ଶ.) ।] ୨ । ଲାଟ ଦେଶ ପ୍ରଚଳିତ ରୀତି—2. The costom or usage of the Lāṭa country. ୩ । ଦୋଷ—3. Fault; guilt; blemish. ୪ । ବୃଥା ବାକ୍ୟ—4. Foolish talk; idle talk. ୫ । ବସ୍ତ୍ର—5. Cloth. ୬ । ପୋଷାକ—6. Dress. ୭ । କନ୍ଥା, ଜୀର୍ଣ୍ଣ ବସ୍ତ୍ର—7. Torn cloth, rag; worn-out cloth. ୮ । ପଣ୍ଡିତ ଓ ରସିକ ବା ବିଦଗ୍ଧ ବ୍ୟକ୍ତି—8. A learned and gallant or witty person ୯ । ଲାଟ ଦେଶବାସୀ ବ୍ୟକ୍ତି (ହ. ଶ.)—9. An in-

habitant of the ancient Lāṭa country. ୧୦। ଲାଟାନୁପ୍ରାସ (ଦେଖ)—10. Lāṭānuprāsa. (See) ୧୧। କୌଣସି ପଡ଼ିଆର ବର୍ଷାପାଣିକୁ ଅଟକାଇ ରଖିବା ପାଇଁ ରଚିତ ବନ୍ଧ (ପ୍ର.ଶ.)—11. A dam thrown to keep back the rain water of a meadow. ୧୨। ଲାଟ ଦେଶର ରାଜା—10. A king of the Lāṭa country (Apte) ୧୩। ପାଲଟା ଲୁଗା ବା ଅଳଙ୍କାର—13. Put off or discarded cloth or ornament. ୧୪। ଶିଶୁମାନଙ୍କ ଭାଷା ବା ବୋଲି—14. Childish language (Apte); childish prattle.
ସଂ. ବିଣ.—୧। ବ୍ୟବହୃତ; ଉପଭୁକ୍ତ—1. Used already; enjoyed. ୨। ପାଲଟା (ଲୁଗା)—2. Put off (clothes); worne. ୩। ପୁରାତନ—3. Old (M.W.) ୪। ଜୀର୍ଣ୍ଣ—4. Worn out out; shabby. ୫। ମଳିନ—5. Filthy; dirty; pale. ୬। ବିଶ୍ରୀ—6. Ugly ୭। ଶିଶୁଜନୋଚିତ 7. Childish (M. W.) ଦେ. ବି—ଭାରତର ଭିନ୍ନ ଭିନ୍ନ ସ୍ଥାନ [ଅଲ୍ଲାହାବାଦ, ଗାଜିପୁର, ଦିଲ୍ଲୀର ଫିରୋଜସ୍ତମ୍ଭ ଓ ଲୌହସ୍ତମ୍ଭ, ଯମୁନାତୀରବର୍ତ୍ତୀ ଜଗମରୋଧ, କାଶି, ଭରତପୁର, ଧୌଲି, କୁମାର, ଗିର୍ଣ୍ଣାର, ଜଉଗଡ଼ ଆଦି]ରେ ପ୍ରାଚୀନ ଅକ୍ଷର ଖୋଦିତ ସ୍ତମ୍ଭମାନ (ବିଶ୍ୱକୋଷ); ଲାଟଲିପି (ଦେଖ)—The pillars found in several places of India in which some archeological inscriptions are found. Lāṭalipi (See)
ବୈଦେ.—ବି. (ଇଂ)—ଲାଟ୍ (ଦେଖ)—Lāṭ (See) (ଦ୍ର—'ଲାଟ୍' ଶବ୍ଦସଙ୍ଗେ ବ୍ୟବହୃତଶବ୍ଦ ଓ ବାକ୍ୟ ଗୁଡ଼ିକ ଲେଖାରେ 'ଲାଟ' ସଙ୍ଗେ ମଧ୍ୟ ଲେଖାଯାଏ)। ପ୍ରାଦେ (କଟକ ସହର) ବି.— ନାଟ (ଦେଖ)— Nāṭa (See)

ଲାଟକ—ସଂ. ବିଣ—ଲାଟ ଦେଶ ସମ୍ବନ୍ଧୀୟ—Relating to the Lāṭaka (ଲାଟକା—ସ୍ତ୍ରୀ) Lāṭa country (Apte).

ଲାଟ ମନ୍ଦିର—ପ୍ରାଦେ. (କଟକ ସହର) ବି.—ନାଟ ମନ୍ଦିର (ଦେଖ) Lāṭa mandira Nāṭa mandira (See)

ଲାଟ ମୋହର—ଦେ. ବି.—(ମୁସଲମାନୀ ଭାଷା)—ମୟୂର ବସା ଗୁଣା—Lāṭa mohara A nose flower with a dancing मयूरबसान नाकफूल नाचमौर peacock set on it.

ଲାଟଲିପି—ଦେ. ବି—ଭାରତରଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥିତ ସ୍ତମ୍ଭର Lāṭa lipi लाटलिपि लाटलिपि ସ୍ତମ୍ଭମାନଙ୍କ ଦେହରେ (ଲାଟ ବର୍ଣ୍ଣମାଳା—ଅନ୍ୟରୂପ) ପାଲି ଓ ସଂସ୍କୃତ ଭାଷାର ମିଶ୍ରଣରେ ଖୋଦିତ ଅକ୍ଷରମାନ—The script found in ancient pillars in many places of India. [ଦ୍ର—ପାଶ୍ଚାତ୍ୟ ପଣ୍ଡିତ ଜେମ୍ସ୍ ପ୍ରିନ୍ସେପ୍ ଏହି ବର୍ଣ୍ଣମାଳା ଉଦ୍ଧାର କରିଥିଲେ। ଏହା ପ୍ରାଚୀନ ବ୍ରାହ୍ମୀଲିପି ସଙ୍ଗେ ସମାନ। ଅଶୋକଙ୍କ ପ୍ରତିଷ୍ଠିତ ୧୪ଟ ଲାଟ-ସ୍ତମ୍ଭରେ ୧୪ଟ ଅଶୋକ ଅନୁଶାସନ ଲିପିବଦ୍ଧ ହୋଇ ଅଛି। ଏ ଲିପି ମାନଙ୍କ ପାଠ ଦ୍ୱାରା ବହୁ ପ୍ରତ୍ନତତ୍ତ୍ୱ ଓ ପ୍ରାଚୀନ କୀର୍ତ୍ତି ମାନଙ୍କ ବିଷୟ ଜଣା ପଡ଼ିଅଛି—ବିଶ୍ୱକୋଷ]

ଲାଟାନୁପ୍ରାସ—ସଂ. ବି.—(ଲାଟ=ଲାଟୀ ରୀତି ପ୍ରଚଳିତ+ଅନୁପ୍ରାସ)—Lāṭānuprāsa ଶବ୍ଦାଳଂକାର ବିଶେଷ; ଅନୁପ୍ରାସ ବିଶେଷ; ଲାଟୀରୀତି ସମ୍ମତ ଅନୁପ୍ରାସ ଅଳଂକାର; ତାତ୍ପର୍ଯ୍ୟ ଭେଦ ଥାଇ ଶବ୍ଦଦ୍ୱୟର ପୁନରୁକ୍ତି—A kind of alliteration; a figure of speech in composition in which words derived from the same root are repeatedly used in different meanings. [ଦ୍ର—ଯେଉଁ ଶବ୍ଦାଳଙ୍କାରରେ ଶବ୍ଦମାନଙ୍କର ପୁନରୁକ୍ତି ହୁଏ, ପରନ୍ତୁ ଅନ୍ୱୟକୁ ବଦଳାଇଲେ ତାତ୍ପର୍ଯ୍ୟ ଭିନ୍ନ ଭିନ୍ନ ହୁଏ, ତାକୁ ଲାଟାନୁପ୍ରାସ ବୋଲି-ଯାଏ।

ଲାଟିକା—ଗ୍ରା. ବି—(ସଂ. ନାଟିକା)—ହାତର ବା ଗୋଡ଼ର ନାଡ଼ୀ—Lāṭikā Pulse. नाड़ी

ଲାଟିରୀତି—ସଂ. ବି (ଲାଟ+ତି+ଷ୍ଟ୍ରୀ. ଅ)—ଲାଟୀରୀତି (ଦେଖ) नाड Lāṭiriti; (See)

ଲାଟିନ୍(ନି)—ବୈଦେ. ବି. (ଇଂ. ଲାଟିନ୍)—ପ୍ରାଚୀନ ରୋମ୍ ବା Lāṭin(ni) ଇଟାଲୀରେ ପ୍ରଚଳିତ ଭାଷା—The Latin ल्याटिन लैटिन language. [ଦ୍ର—ସଂସ୍କୃତ ଯେପରି ଅଧିକାଂଶ ଭାରତୀୟ କଥ୍ୟ ଭାଷାର ମାତୃଭାଷା ଅଟେ, ସେହିପରି ଲାଟିନ୍ ଭାଷା ଅଧିକାଂଶ ୟୁରୋପୀୟ କଥ୍ୟ ଭାଷାର ମାତୃଭାଷା ଅଟେ। ଲାଟିନ୍ ଓ ସଂସ୍କୃତ ମଧ୍ୟ ଏକ ଆଦିମ ଭାଷାର ଭିନ୍ନ ଭିନ୍ନ ଶାଖା ଥିବା ବିଷୟ ଭାଷାବିତ୍ ପଣ୍ଡିତମାନେ ସ୍ଥିର କରି ଅଛନ୍ତି। ଏ ମୂଳ ଭାଷା Aryan ଆର୍ଯ୍ୟ ଭାଷାର ଭୁକ୍ତ ଶାଖା ମାତ୍ର।]

ଲାଟିମ—ଦେ. ବି.—୧। (ସଂ. ଲଟ୍ଟୁ)—ଲଟୁ (ଦେଖ)—Lāṭima लाट्टू लट्टू 1. Latu (See) [ଲାଟୁ(ଟ୍ଟୁ)—ଅନ୍ୟରୂପ] ୨। (ସଂ. ଯଷ୍ଟି); ପିଲାଙ୍କ ଖେଳନା ରଙ୍ଗିତ ଛୋଟ ବାଡ଼ି—2. Toy stick.

ଲାଟୀ—ସଂ. ବିଣ. ସ୍ତ୍ରୀ—(ଲାଟ+ସମ୍ବନ୍ଧାର୍ଥେ. ଅ+ଈ)—ଲାଟ ଦେଶ Lāṭī ପ୍ରଚଳିତ—Current in the Lāṭa country. ସଂ. ବି—୧। ଲାଟୀରୀତି (ଦେଖ)—1. Lāṭī riti (See) ୨। ପ୍ରାକୃତ ଭାଷା ବିଶେଷ—2. Name of a Prākṛuta dialect (Apte).

ଲାଟୀ ରୀତି—ସଂ. ବି.—୧। ଲାଟ ଦେଶ ପ୍ରଚଳିତ ପଦ୍ଧତି—1. Usage Lāṭī riti of the Lāṭa country. ୨। ସଂସ୍କୃତ ରଚନାର ରୀତି ବିଶେଷ—2. Name of a mode of composition in Sanskrit. [ଦ୍ର—ରୀତି

ଚଳେ ଟୀକା ଦେଖ; ଏଥିରେ ବୈବସ୍ୱର୍ତ୍ତ ଓ ପାଣ୍ଡାଳୀ, ଏ ଦୁଇ ଖଣ୍ଡର ବହୁ ବହୁ ଅଂଶ ଅନୁସୃତ ହୁଏ । ଏଥିରେ ଛୋଟ ଛୋଟ ପଦ ଓ ଛୋଟ ଛୋଟ ସମାସ ଥାଏ—ହି. ଶ., ମୃଦୁ ଓ ଲଳିତ ପଦ ବନ୍ଦାସସ୍ତୁକ୍ତ ଓ ସମାସସୂଚକ ଓ ବର୍ଣ୍ଣନୀୟ ବସ୍ତୁ ସହିତ ପ୍ରଯୁକ୍ତ ବିଶେଷଣମାନଙ୍କ ସଙ୍ଗତ-ସମ୍ପୃକ୍ତ ରଚନା ରୀତିକୁ ଲାଟୀରୀତି ବୋଲାଯାଏ (ଶବ୍ଦକୋଷ) ।]

ଲଟୁ (ଟ୍ଟୁ)—ଦେ. ବି—ଲଟୁ (ଦେଖ)—
Lāṭu (ttu) Latu (See)

ଲଟୁଆ—ପ୍ରାଦେ (କଟକସହର) ବି—ନାଟୁଆ (ଦେଖ)
Lāṭuā Nāṭuā (See)

ଲଟ୍ରିନ୍—ବୈଦେ. ବି (ଇଂ. ଲଟ୍ରିନ୍)—ପାଇଖାନା—
Lāṭrin ল্যাট্রিন্ लैट्रिन् Latrine.

ଲଟ୍ରିନ୍ ଟା(ଟି, ଟେ)କସ—ବୈଦେ. ବି—ଲେଟ୍ରିନ୍ ଟାକସ (ଦେଖ)
Lāṭrin ṭā(ṭi,ṭe)kasa Letrin ṭākas (See)
ল্যাট্রিন টেক্স लैट्रिनटैकस
[ଲଟ୍ରିନ୍ ଟା(ଟେ)କ୍ସ—ଅନ୍ୟରୂପ]

ଲାଠି—ଦେ. ବି (ସଂ. ଯଷ୍ଟି; ପ୍ରା. ଲଠ୍ଠୀ)—୧ । ମନୁଷ୍ୟର ଉଚ୍ଚତାବିଶିଷ୍ଟ ମୋଟ ଯଷ୍ଟି; ଠେଙ୍ଗା—1. Cudgel; a thick stick. [ବି—ଇଂରାଜୀରେ ମଧ୍ୟ ଏ ଶବ୍ଦ (Lathi) ଚଳନ୍ତି । ଏହି ସ୍ୱରପ୍ରସୂ ଶବ୍ଦ 'ଲାଠି'କୁ ବର୍ଜ୍ଜିତ ଇଂରେଜ ଭାଷା ଏବେ ଗ୍ରହଣ କରଅଛି । ଲାଠି ଅପେକ୍ଷା ବାଡ଼ି ସରୁଆ ଓ ଲମ୍ବରେ ସାନ । ଲାଠି ଓ ଠେଙ୍ଗା ପ୍ରାୟ ଏକ । ଲାଠି ଅପେକ୍ଷା ସୋଟା ସ୍ଥୂଳତର, କିନ୍ତୁ ଦୀର୍ଘତାରେ ଛୋଟ । ଅଶାବାଡ଼ିର ମୁଣ୍ଡରେ ସମକୋଣ ହୋଇ ଖଣ୍ଡିଏ କାଠ ଲାଗିଥାଏ ।]
Lāṭhi
লাঠি লাঠী, লাঠিয়া
୨ । ଯୋଗୀ ଓ ବାବାଜୀମାନେ ଧରିଥିବା ଯଷ୍ଟି; ଅଶାବାଡ଼ି—2. An ascetic's staff or wand. [ବି—ଏହାର ମୁଣ୍ଡକୁ କାଖତଳେ ରଖି ବସିଲାବେଳେ ବିଶ୍ରାମ କରି ଯାଇପାରେ ।] ୩ । ମାଛ ଧରିବା ପାଇଁ ଥୋପଯୁକ୍ତ ଦଉଡ଼ି ବନ୍ଧା ଯାଇଥିବା ବଡ଼ ଯଷ୍ଟି; ବନ୍ଶୀଖଡ଼ା—3. A big and thick rod to which is fastened a rope with a bait for catching fishes; angling rod. ୪ । ତୁଳା ଧୁନିବା ପାଇଁ ବ୍ୟବହୃତ ଧନୁ—
আছাড় धुनकी
লাঠির মত শক্ত লাঠী, কড়া 4. Cotton carder's bow. ଦେ. ବିଣ—ଯଷ୍ଟି ପରି ଲମ୍ବ, ଟାଣ ଓ ଅନମନୀୟ (ଦେହ) (body) Become hard and inflexible as a stick; rigid. [ବି—ତା ଦେହ ଲାଠି ହୋଇଗଲାଣି ।]

ଲଠିଆ—ଦେ. ବିଣ—୧ । ଯଷ୍ଟି ପରି ଲମ୍ବା, ସ୍ଥୂଳ ଓ ଟାଣ—
Lāṭhiā 1. Long, stout and hard as a stick.
লাঠির মত লেঠেড়া লাঠী, লাঠিয়ল ୨ । ଯଷ୍ଟିଧାରୀ—2. Staff-bearing. ଦେ. ବି.—ଲାଠିଆଲ (ଦେଖ)
Lāṭhiāḷa (See).

ଲାଠିଆରା(ଲ)—ଦେ. ବିଣ—ପ୍ରହରଣରୂପେ ଯଷ୍ଟିଧାରୀ—Bearing cudgel as a weapon; armed with cudgel. ଦେ. ବି—୧ । ଲାଠି ଦ୍ୱାରା ପଥିକମାନଙ୍କୁ ଆଘାତ କରି ଲୁଣ୍ଠନ କରୁଥିବା ଦସ୍ୟୁ—1. Robbers who loot after attacking travellers with lathis. ୨ । ପ୍ରହରଣରୂପେ ଯଷ୍ଟିଧାରୀ ବ୍ୟକ୍ତି—2. Cudgel-bearer; a person armed with a cudgel. ୩ । ଲାଠି ଖେଳରେ ଦକ୍ଷ ବ୍ୟକ୍ତି—3. A person who is proficient in the act of using cudgels skilfully.
Lāṭhiārā (ḷa)
লাঠিয়াড়া(ল), লেঠেড়া(ল) लठैत

ଲାଠିଆ ଲାଠି—ଦେ. ବି—୧ । ଅନ୍ୟୋନ୍ୟରେ ଯଷ୍ଟି ପ୍ରହାର—
Lāṭhiā lāṭhi 1. Fighting with cudgels; cudgelling. ଦେ. ବିଣ—ପରସ୍ପରକୁ ଲାଠିଦ୍ୱାରା ଆଘାତ କରୁଥିବା—Fighting with cudgels.
লাঠালাঠি লাঠালাঠী

ଲାଠି ଖେଳ—ଦେ.ବି—ଲାଠିକୁ ନାନା ପ୍ରକାରେ ବୁଲାଇବାର କୌଶଳ ପୂର୍ଣ୍ଣ କ୍ରୀଡ଼ା ବା ବ୍ୟାୟାମ—The art of brandishing cudgel in defence and attack.
Lāṭhi kheḷa
লাঠিখেলা লাঠীখেল লকড়ীলখেল

ଲାଠି ଖେ(ଖ୍ୟା)ଳିବା—ଦେ. କ୍ରି.—ବ୍ୟାୟାମ, ଆତ୍ମରକ୍ଷା ଓ ଆକ୍ରମଣପାଇଁ ଯଷ୍ଟିକୁ ନାନା କୌଶଳରେ ଚାଳନ କରିବା—To brandish a lathi as exercise, in self-defence and in attack.
Lāṭhi khe(chā)ḷiba
লাঠিখেলা, লাঠিচালান, লাঠি ঘোরান লাঠী(লকড়ী)খেলনা
[ଲାଠି ବୁଲା(ଲେ)ଇବା ଲାଠି ଘୁରା(ରେ)ଇବା ଲାଠି ଚଳା(ଲେ)ଇବା—ଅନ୍ୟରୂପ ।]

ଲାଠି ଠେଙ୍ଗା—ଦେ.ବି. (ସହଚର; ବହୁବଚନ ସୂଚକ)—ଲାଠି ଆଦି; ଭିନ୍ନ ଭିନ୍ନ ଦୈର୍ଘ୍ୟ ଓ ସ୍ଥୂଳତାର ଯଷ୍ଟିମାନ—Cudgels; various sorts of sticks.
Lāṭhi ṭheṅga
লাঠি ঠেঙা लाठीठेंगा
ଲାଠି ବାଡ଼ି } ଅନ୍ୟରୂପ
ଲାଠି ସୋଟା(ଠା) }
[ବି—ଲାଠି ପରି ଠେଙ୍ଗା ମୋଟା; ଓ ଦୀର୍ଘ; ଲାଠିଠାରୁ ବାଡ଼ି ସରୁଆ ଓ ଅଦୀର୍ଘ; ସୋଟା ଲାଠିଠାରୁ ମୋଟା ଓ କମ୍ ଦୀର୍ଘ ।]

ଲାଠି ପାହାର—ଦେ. ବି (ସଂ. ଯଷ୍ଟିପ୍ରହାର)—ଯଷ୍ଟିଦ୍ୱାରା ପ୍ରହାର—
Lāṭhi pāhāra Stroke with a lathi.
লাঠি মার लाठी मार (ଲାଠି ବାଡ଼ି, ଲାଠି ମାଡ଼—ଅନ୍ୟରୂପ)

ଲାଠି ବୁଲା—ଦେ. କ୍ରି—କୌଶଳ ପୂର୍ବକ ଯଷ୍ଟିକୁ ଇତସ୍ତତଃ ଚାଳନ କରିବା—Brandishing a lathi with skill.
Lāṭhi bulā
লাঠি ঘোরান लाठी घुमाना
[ଲାଠି ବୁଲା(ଲେ)ଇବା—ବି ସ୍ୱରୂପ]

ଲଠି ଲଠି ହେବା—ଦେ. କ୍ରି—୧ । ଏକ ଅବସ୍ଥାନରେ ଅଙ୍ଗ ପ୍ରତ୍ୟଙ୍ଗ
Lāṭhi lāṭhi hebā ବହୁକାଳ ରହିଲାରେ ରଖିବାଯୋଗୁଁ
लाठि लाठि करा ଚଳି ନ ହେବା—1. (the limbs)
लाठीजैसा होना To become rigid (like a stick)
(ଲଠି ହେବା—ଅନ୍ୟରୂପ) on account of being kept long in one position. ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ କରିବାକୁ ଦେହଭଙ୍ଗୀ ଅବଦ୍ୱାରା (ବାକ୍ୟଦ୍ୱାରା ନୁହେଁ) ଅନିଚ୍ଛା ପ୍ରକାଶ କରିବା—2. (figurative) To show (by bodily expressions and not by words) unwillingness to do any work.

ଲଠେ(ଠ୍ୟା)ଇବା—ଦେ. କ୍ରି—୧ । ଯଷ୍ଟିଦ୍ୱାରା ପ୍ରହାର କରିବା—1. To
Lāṭhe(ṭhyā)ibā beat with a cudgel. ୨ । ଦେହକୁ
लाठि दियेमारा, लाठान ଯଷ୍ଟି ପରି ଲମ୍ବାଇବା—2. To stretch
लठियाना one's body straight like a stick.

ଲଠ୍ୟାଘାତ—ଦେ. ବି (ପଣ୍ଡିତିଆ ପ୍ରୟୋଗ; ଦେଶଜ ଶବ୍ଦ ସଙ୍ଗେ
Lāṭhyāghāta ସଂସ୍କୃତ ଶବ୍ଦର ସନ୍ଧି)—ଯଷ୍ଟ୍ୟାଘାତ; ଯଷ୍ଟି
लाठ्याघात ଦ୍ୱାରା ପ୍ରହାର—Striking with a lathi.
लठ्ठाघात [ଦ୍ର—ଏହିପରି ସନ୍ଧି ବ୍ୟବହାର ଓ ସମାସ ଅଶୁଦ୍ଧ ହେଲେହେଁ, କେତେକ ଲୋକ ଅଶୁଦ୍ଧ ପରିହାସ ସ୍ଥଳରେ ଏପରି ବ୍ୟବହାର କରିଥାଆନ୍ତି । ଯଥା—ଲଠ୍ୟୌଷଧ, ଲଠ୍ୟୌଷଧି, ଲଠ୍ୟାଘାତ ଇତ୍ୟାଦି ।]

ଲାଠ୍ୟୌଷଧ—ଦେ. ବି (ପଣ୍ଡିତିଆ ପ୍ରୟୋଗ; ଦେଶଜ ଲଠି ଶବ୍ଦ
Lāṭhyaushadha ସଙ୍ଗେ ସଂ. ଔଷଧର ସନ୍ଧି)—(ବ୍ୟଙ୍ଗ୍ୟ)—ମୂର୍ଖର ମୂର୍ଖତାରୂପ ରୋଗର ଉପଶମନାର୍ଥ ତତ୍ପ୍ରତି ପ୍ରଯୁକ୍ତ ଲଠି ବା ଯଷ୍ଟ୍ୟାଘାତରୂପ ଔଷଧ—(Ironical) The appliance of the stick or cudgel to remove a stupid person's malady of stupidity. [ଦ୍ର—ଉଦ୍ଭଟଶ୍ଳୋକ ଗୋଟିଏ ଉଦ୍ଭଟ ଶ୍ଳୋକଅଛି—"ଶକ୍ୟୋ ବାରୟିତୁଂ ଜଲେନ ହୁତଭୁକ୍ ଛତ୍ରେଣ ସୂର୍ଯ୍ୟାତପୌ, ନାଗେନ୍ଦ୍ରୋ ନିଶିତାଙ୍କୁଶେନ ସମଦୋ ଦଣ୍ଡେନ ଗୋଗର୍ଦଭୌ । ବ୍ୟାଧିର୍ଭେଷଜ ସଂଗ୍ରହୈଶ୍ଚ ବିବିଧୈର୍ମନ୍ତ୍ରପ୍ରୟୋଗୈର୍ବିଷମ୍, ସର୍ବସ୍ୟୌଷଧ ମସ୍ତିଶାସ୍ତ୍ର ବିହିତଂ ମୂର୍ଖସ୍ୟ ନାସ୍ତ୍ୟୌଷଧଂ" ଏ ଶ୍ଳୋକର ଶେଷ ଚରଣର ପ୍ରାନ୍ତରେ ଥିବା 'ମୂର୍ଖସ୍ୟ ନାସ୍ତ୍ୟୌଷଧଂ' ସ୍ଥାନରେ କେହି ରସଗ୍ରାହୀ ପଣ୍ଡିତ 'ମୂର୍ଖସ୍ୟଲାଠ୍ୟୌଷଧଂ' ଅଂଶଟି ଲଗାଇ ଅଛନ୍ତି । ସୁବଳଚନ୍ଦ୍—ଅପ୍ରଧାନ ।]

ଲାଡ଼୍ (ଧାତୁ)—ସଂ.—୧ । କମ୍ପନ କରିବା—1. To shake. ୨ ।
Lāṛ (root) ସ୍ନେହ ଓ ଯତ୍ନ ପୂର୍ବକ ଲାଳନ କରିବା—2. To bring up with extreme fondness; to maintain with love and care. ୩ । ସ୍ଥାନାନ୍ତରକରଣ—3. To remove a thing from a place. ୪ । (ପୁଚ୍ଛ ଅବ) ଇତସ୍ତତଃ ସଞ୍ଚାଳନ; ଡୁଲାଇବା (ତୁଳ. ବ. ଲାଡ଼ା, ନାଡ଼ାନ)—4. To wag (the tail).

ଲାଡ଼୍(ଡ୍)—ପ୍ରାଦେ (ଗଞ୍ଜାମ) ବୈଦେ. ବି (ଇଂ ଲର୍ଡ୍)—ଇଂଲଣ୍ଡର
Lāṛ(rd) ଜମିଦାର ବଂଶର ଉପାଧି—(English title) Lord.

ଲାଡ଼୍ କରିବା—ପ୍ରାଦେ (ସମ୍ବଲପୁର) କ୍ରି (ତୁଳ. ହି. ଲାଡ଼୍ କରନା)
Lāṛ kariba —ଗେହ୍ଲା କରିବା; ମୁହଁ ଦେବା—To treat with excessive fondness; to fondle excessively. [ଦ୍ର—କୁକୁରକୁ ଲାଡ଼୍ କଲେ ମୁହଁ ଚାଟିଦିଏ । ଢଗ]

ଲାଡ଼୍ରା—ପ୍ରାଦେ (ସମ୍ବଲପୁର) ବିଣ. (ତୁଳ. ହି. ଲାଡ଼ଲା)—ଗେହ୍ଲା
Lāṛ-rā (ପିଲା)—Too much fondled (child).

ଲାଡ଼—ଗ୍ରା. ବି—ନାଡ଼ (ଦେଖ)—Narda. (See) ଦେ. ବିଣ—
Lāṛa (ସଂ. ଲାଳନ) ଗେହ୍ଲା—Too much fondled. [ଦ୍ର—ନୋହିଲେ ଅବା ନେଇ ବରତକୁ ଦେବୁ, ଭାଇ ପଣରେ ଲାଡ଼ ହୋଇ ବହ ହବୁ । କୃଷ୍ଣସିଂହ. ମହାଭାରତ ବନ ।]

ଲାଡ଼କ୍(ଖ୍)—ଦେ. ବି—୧ । (ନାମ) ତିବ୍ବତ ଦେଶର ଗୋଟିଏ
Lārdak(kh) ନଗର—1. Ladakh; a town of
लाड़(द)क(ख) Tibbet. ୨ । (ନାମ) କାଶ୍ମୀର ରାଜ୍ୟସ୍ଥ ପର୍ବତ-
लाडक ମାଳା ଓ ପ୍ରଦେଶ—2. Name of a range of hills and province in Kashmere. [ଦ୍ର—ଲଡ଼କ୍ କାଶ୍ମୀର ମହାରାଜଙ୍କ ଅଧିକୃତ ହିମାଳୟ ସୀମାନ୍ତବର୍ତ୍ତୀ ଗୋଟିଏ ବିଭାଗ ଅଟେ । ଏହା କାଶ୍ମୀରର ପୂର୍ବାଂଶରେ ଅବସ୍ଥିତ ଓ ଏହା କାଶ୍ମୀର ରାଜ୍ୟର ଜଣେ ସ୍ୱତନ୍ତ୍ର ଶାସନକର୍ତ୍ତାଙ୍କଦ୍ୱାରା ଶାସିତ । କୈଲାସଗିରି ଓ ଅସଲ ହିମାଳୟ ପର୍ବତ ମଧ୍ୟରେ ଲାଡ଼କ୍ପର୍ବତମାଳା ଅବସ୍ଥିତ ଓ ଏହି ପର୍ବତମାଳାର ଉଚ୍ଚଦେଶରେ ମାନସ ସରୋବର ଅବସ୍ଥିତ । ଲାଡ଼କ୍ପ୍ରଦେଶ ବାଟେ ସିନ୍ଧୁ ନଦ ଓ ତାହାର କେତେକ ଶାଖା ପଶ୍ଚିମ ଦିଗକୁ ପ୍ରବାହିତ ହୋଇଅଛି । ଏହି ପ୍ରଦେଶ ପରି ଏତେ ଉଚ୍ଚତାରେ ପୃଥିବୀରେ ଅନ୍ୟତ୍ର ଲୋକବସତି ନାହିଁ । ଏଠାର ଉପତ୍ୟକା ଓ ଅଧିତ୍ୟକାମାନ ସମୁଦ୍ରପୃଷ୍ଠରୁ ୯ ହଜାରଠାରୁ ୧୭ ହଜାର ଫୁଟ୍ ଉଚ୍ଚ ଓ ଏଥିର କେତେକ ପର୍ବତଶୃଙ୍ଗର ଉଚ୍ଚତା ୨୫ ହଜାର ଫୁଟ୍ । ବିଭାଗରେ ଏଠାରେ ଦାରୁଣ ଗ୍ରୀଷ୍ମ ଓ ରାତ୍ରରେ ମର୍ମଭେଦୀ ଶୈତ୍ୟ ଅନୁଭୂତ ହୁଏ । ଲାଡ଼କ୍ ବାସୀମାନଙ୍କ ପାଳିତ ମେଣ୍ଢାଙ୍କ ଲୋମରେ ଉତ୍କୃଷ୍ଟ ଶାଲ ପ୍ରସ୍ତୁତ ହୁଏ ଓ ଛେଳିଙ୍କ ପିଠିରେ ପଣ୍ୟଦ୍ରବ୍ୟମାନ ବାହିତ ହୁଏ; ଅଧିବାସୀମାନେ ବଳିଷ୍ଠ, ଶାନ୍ତାକୃତି ଓ ଦୃଢ଼ଶରୀର । ଏମାନେ ବୌଦ୍ଧଧର୍ମାବଲମ୍ବୀ । ପ୍ରତି ପରିବାରର କିଛି କିଛି ଜମି ଅଛି ଓ ତହିଁରେ ଯବ ଫସଲ ହୁଏ । ସ୍ତ୍ରୀଲୋକମାନେ ପୁରୁଷଙ୍କ ପରି ବଳିଷ୍ଠ ଓ କର୍ମିଷ୍ଠ । ସ୍ତ୍ରୀମାନଙ୍କ ମଧ୍ୟରେ ଅବରୋଧ ପ୍ରଥା ନାହିଁ । ଧନବାନ୍ ବ୍ୟକ୍ତିଙ୍କ ଛଡ଼ା

ସାଧାରଣତଃ ରମଣୀମାନଙ୍କର ଏକାଧିକ ସ୍ୱାମୀ ଦୃଷ୍ଟହୁଅନ୍ତି । ପ୍ରାୟ ପ୍ରତି ଗ୍ରାମ ପ୍ରାନ୍ତରେ ବୌଦ୍ଧ ମଠ ଅଛି । ପୂର୍ବେ ଏହା ତିବ୍ବତ୍ ରାଜ୍ୟର ଅଧିକାରଭୁକ୍ତ ଥିଲା । ଲଡ଼ାକ୍‌ର ବର୍ତ୍ତମାନ ଶାସନକର୍ତ୍ତା ମୁସଲମାନ୍ ଧର୍ମାବଲମ୍ବୀ ଓ କାଶ୍ମୀର ମହାରାଜଙ୍କୁ କର ଦିଅନ୍ତି । ୧୮୭୦ ସାଲଠାରୁ କାଶ୍ମୀର ମହାରାଜ ଓ ଇଂରାଜ ରାଜପ୍ରତିନିଧି ଲର୍ଡ଼୍ ମେୟୋଙ୍କ ସଙ୍ଗେ ହୋଇଥିବା ସନ୍ଧି ଫଳରେ ଏ ଅଞ୍ଚଳର ବାଣିଜ୍ୟପରିଦର୍ଶନାର୍ଥ ଜଣେ ଇଂରାଜ ଓ ଜଣେ ଦେଶୀୟ କମିଶନର୍ ନିଯୁକ୍ତ ହୋଇଥାଆନ୍ତି—ବିଶ୍ୱକୋଷ ।)

ଲାଡ଼ନ(ଣ)—ଦେ. ବି (ସଂ. ଲଡ଼୍=କମ୍ପନ କରିବା)—୧ । (ପୁଚ୍ଛ Lardana(na) ଆଦି) ହଲାଇବା; ଇତସ୍ତତଃ ସଞ୍ଚାଳନ—1. Wa- নাড়ন, নাড়া ving; wagging. ୨ । କମ୍ପନ; ଇତସ୍ତତଃ हिलाना ସଚାଳନ—2. Oscillating; swinging. ୩ । ଗେହ୍ଲା କରିବା—୩. Fondling; caressing. (M. W)

ଲାଡ଼ି (ଧାତୁ)—ସଂ.—ଯତ୍ନପୂର୍ବକ ପାଳିବା— Lardi (root) To bring up with care.

ଲାଡ଼ିଅ—ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ବି—କାଠ ବା ବାଉଁଶରେ Lardia ତିଆରି ଟୋକେଇ—A basket made of wood or bamboo.

ଲାଡ଼ିବା—ଦେ. କ୍ରି (ସଂ. ଲଡ଼୍ ଧାତୁ)—୧ । (ଅକର୍ମକ) ଇତସ୍ତତଃ Lardiba ଝୁଲିବା; ହଲିବା—1. To oscillate; to নাড়া dangle; to wave to and fro. [ଉ—ବେଙ୍ଗୁଲି हीलना କାମାର ଲୁଥ ନେଲା । ଗୋଡ଼ ଦଉଁଟି ଲଡ଼ୁଥିବ—ଡଗ] ୨ । নাড়ান ହଲାଇବା; (ପୁଚ୍ଛ ଆଦି) ଇତସ୍ତତଃ ସଂଚାଳନ କରିବା— लाडना 2. To wag; to wave to and fro. [ଉ-ଘଟୋତ୍କଚ ଭଗଦତ୍ତଙ୍କ ବନ୍ଧକାଣ୍ଡ. ତାହିଁ ଯିବ ବୋଲିଟି ଲଡ଼ବେଲ ମୁଣ୍ଡ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।]

ଲାଡ଼ି ହେବା—ଦେ. କ୍ରି (ସଂ. ଲାଡ଼ଧାତୁ=କମ୍ପନ କରିବା)—୧ । Lardi heba ଅସ୍ଫାଳନ କରିବା—1. To boast; to ঘাড়ানেড়ে কথাবলা brag. ୨ । ମୁଣ୍ଡ, ଦେହ ଓ ହସ୍ତାଦିକୁ लंबीचौडी हाँकना ଇତସ୍ତତଃ ସଞ୍ଚାଳନ ବା କମ୍ପନ କରି ଅସ୍ଫାଳନ ବା ଗର୍ବ ପ୍ରକାଶ ପୂର୍ବକ କଥା କହିବା; ହଲେଇ ହୋଇ କଥା କହିବା—2. To arrogantly or vehemently speak out by shaking or moving the head, the hands and the body.

ଲା(ଲାଁ)ଡ଼ୁ—ପ୍ରାଦେ (ସମ୍ବଲପୁର) ବଣ—(ଅସ୍ପୃଶ୍ୟ ଜାତିଙ୍କ ବ୍ୟବହୃତ La(lān)rdu ଶବ୍ଦ)—ଲାଣ୍ଡିଅ—Bald-headed.

ଲାଡ଼ୁ ଲାଡ଼ୁ—ଦେ. କ୍ରି. ବିଣ—ନାଡ଼ୁ ନାଡ଼ୁ (ଦେଖ) Lārdu lārdu Nārdu nārdu. (See)

ଲାଢ଼—ଦେ. ବି (ସଂ. ଲବ୍ଧକ)—ଅଧୁନାତନ ମୟୁରଭଞ୍ଜ ଓ ସିଂହଭୂମି, ଏ Lardha ଦୁଇ ଅଞ୍ଚଳର ପ୍ରାଚୀନ ନାମ—The ancient name of modern Mayurbhanj and Singhbhum. [ଦ୍ର—ପଣ୍ଡିତ ଲୋକଙ୍କ ଜୈନ ଗ୍ରନ୍ଥରେ ଅଛି ଯେ, ଜୈନଧର୍ମପ୍ରବର୍ତ୍ତକ ପାର୍ଶ୍ୱନାଥ ଏହି ଦେଶ ବୁଲି ପ୍ରଥମେ ଜୈନଧର୍ମ ପ୍ରଚାର କରିଥିଲେ ।]

ଲାଣ୍ଟ(ଣ୍ଟି,ଣ୍ଟେ,ଣ୍ଠ,ଣ୍ଠି,ଣ୍ଠେ)ଣ୍(ନ୍)—ବୈଦେ. ବି (ଇଂ, ଲାଣ୍ଟର୍ଣ୍ଣ, Lanta(nti,nte,ntha,nthi,nthe)n(n) ଲାଣ୍ଟର୍ଣ୍ଣ)— লাণ্টন, লাণ্ঠন ଲଣ୍ଠଣ୍ (ଦେଖ)—Lantan. (See) लालटेन(म) [ଲାଣ୍ଟି(ଣ୍ଠି)ଣି(ନି)—ଅନ୍ୟରୂପ]

ଲାଣ୍ଠନୀ—ସଂ. ବି. ସ୍ତ୍ରୀ—କୁଳଟା ସ୍ତ୍ରୀ— Lānthani An unchaste woman. (Apte)

ଲାଣ୍ଡ୍—ବୈଦେ. ବି (ଇଂ. ଲାଣ୍ଡ୍)—ଲଣ୍ଡ୍ (ଦେଖ)—Land. Lānd (See) [ଦ୍ର—କେତେକ ସ୍ଥାନବାଚକ ଇଂରେଜି ଶବ୍ଦର ল্যাণ্ড ଶେଷରେ ଏହି ଲାଣ୍ଡ୍ ଶବ୍ଦ ଲାଗିଥାଏ; ଯଥା—ଇଂଲାଣ୍ଡ୍, लैंड ସ୍କଟଲାଣ୍ଡ୍, ଗ୍ରୀନ୍‌ଲାଣ୍ଡ୍, ସୋମାଲିଲାଣ୍ଡ୍ ଇତ୍ୟାଦି ।]

ଲାଣ୍ଡ୍ ଅକ୍ୱିଜିସନ୍—ବୈଦେ. ବି (ଇଂ. ଲାଣ୍ଡ୍ ଅକ୍ୱିଜିସନ୍)— Lānd ākwijisan (ରେଳ, ସଡ଼କ, କେନାଲ, ସ୍କୁଲ, ল্যাণ্ড ল্যাণ্ডক্বিজিসন ଡାକ୍ତରଖାନା ଆଦି) ସାଧାରଣ ହିତକର लैंडएक्वीजिसन କାର୍ଯ୍ୟପାଇଁ ଜମିର ମାଲିକଙ୍କୁ ଜମିର ମୂଲ୍ୟ, (ଲାଣ୍ଡ୍ ଅକୁଇଜସନ୍—ଅନ୍ୟରୂପ) ଦେଇ ଗବର୍ଣ୍ଣମେଣ୍ଟଙ୍କର ଘରୁଜମିକୁ ଖରିଦ କରିବାର ପଦ୍ଧତି— Land acquisition; acquisition of land by Government for public purposes.

ଲଣ୍ଡ୍ ସେସ୍—ପ୍ରାଦେ. (ଜୟପୁର) ବୈଦେ. ବି. (ଇଂ. ଲାଣ୍ଡ୍+ସେସ୍) Lānd ses ପଥକର—Road cess. [ଲ୍ୟେସିସ୍ (ସ୍ତୁ)—ଅନ୍ୟରୂପ]

ଲଣ୍ଡିକୋଟଲ୍—ବୈଦେ. ବି (ନାମ) (ପା)—ଭାରତର ଉତ୍ତର ପଶ୍ଚିମ Lāndikotal ସୀମାନ୍ତରେ ଅବସ୍ଥିତ ଖାଇବାର୍ ଗିରିସଙ୍କଟସ୍ଥ লান্দীকোতল ସର୍ବୋଚ୍ଚ ଶୃଙ୍ଗ (୩୩୭୮ ଫୁଟ)—The highest लांडीकोटल mountain peak in the Khaiber pass. [ଦ୍ର—ଏହା ଅଫଗାନିସ୍ଥାନ ଓ ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ମଧ୍ୟରେ ଅବସ୍ଥିତ ଓ ଜଣେ ଇଂରେଜ ରାଜପ୍ରତିନିଧିଙ୍କ ଦ୍ୱାରା ଏ ଗିରିସଙ୍କଟ ରକ୍ଷିତ । ଏହା କାବୁଲ ରାଜ୍ୟର ଅନ୍ତର୍ଗତ ।]

ଲଣ୍ଡିଖାନା—ବୈଦେ. ବି (ନାମ) (ପା)—ଖାଇବାର୍ ଗିରିସଙ୍କଟର Lāndikhānā କଠିନ ଓ ଦୁର୍ଗମ ଅଂଶ—Name of the লান্দীখানা most difficult portion of the Khaiber लांडीखाना pass.

ଲଣ୍ଡିଆ—ଦେ. ବଣ. ପୁ. (ସଂ. ମୁଣ୍ଡିତ; ସୁନ୍ଦର ମନୁଷ୍ୟର ମୁଣ୍ଡଟି ଲଣ୍ଡା ବା Lāndiā ଟାଙ୍ଗରା ହେଲେ ଅସୁନ୍ଦର ଦେଖାଯାଏ ।)—୧ । କୌଣସି নেড়ে ବିଶେଷ ଅଳଙ୍କାର ବା ଅଙ୍ଗନଥିବା ଯୋଗୁଁ ଅସୁନ୍ଦର ଦେଖା- नण्डा, नंगा ଯାଉଥିବା—1. Looking ungraceful for (ଲାଣ୍ଡେଇ—ସ୍ତ୍ରୀ) want of some limb or ornament. ୨ । ଅସୁନ୍ଦର; ସୌଷ୍ଠବହୀନ; ଲାବଣ୍ୟହୀନ—2. Un-

graceful; inelegant; unsymmetrical. ୩ । ଶୂନ୍ୟ; ଖାଲି—3. Empty. ୪ । ଶାଖାହୀନ (ବୃକ୍ଷ)—4. Branchless. ୫ । ଅଳଙ୍କାର ବର୍ଜିତ—5. Unadorned. [ଦ୍ର—ଘର ଉପରେ ଛପର ନ ଥିଲେ, କୋଠା ଉପରେ ଛାତ ନଥିଲେ, ମନୁଷ୍ୟ ମୁଣ୍ଡରେ ଟୋପି ନ ଥିଲେ, ସ୍ତ୍ରୀଲୋକ ଦେହରେ ଅଳଙ୍କାର ନ ଥିଲେ, ଗଛରେ ଡାଳ ନ ଥିଲେ, କୂଅ ଉପରେ ଘେରାବାନ୍ଧ ନ ଥିଲେ ଲୋକେ କହନ୍ତି—ଏହା ଲଣ୍ଡିଆ ଦିଶୁଛି ।] ପ୍ରାଦେ (ଗଡ଼ଜାତ) ବି—ଯୋଗଡ଼; ଯେଉଁ ସ୍ଥୂଳଯଷ୍ଟି ନିକ୍ଷେପ କରି ଗଛରୁ ଫଳ ଝଡ଼ାଇବାକୁ ହୁଏ—A piece of stout stick thrown at high trees in order to bring down fruits therefrom.

ଲଣ୍ଡୀ—ଦେ. ବିଣ. ସ୍ତ୍ରୀ (ସଂ. ନଗ୍ନ ବା ମୁଣ୍ଡିତ)—୧ । ମୁଣ୍ଡିତ କେଶା
Lāṇḍī (ସ୍ତ୍ରୀ)—1. (woman) With shaven
ନେଡୀ, ନେଁଡୀ head. ୨ । ଠାଙ୍କରମୁଣ୍ଡୀ; ଟାଙ୍ଗସ୍ରା (ସ୍ତ୍ରୀ)—
नंढी 2. Bald headed (woman). ୩ ।
(ଲଣ୍ଡା—ପୁଂ) ଅଳଙ୍କାର ବର୍ଜିତା—3. Shorn of ornaments. ୪ । ପୁଚ୍ଛହୀନା—4. Tailless. (ଦ୍ର—ଲଣ୍ଡୀ ମୟୂର ।) ୫ । ଶାଖାହୀନ (ବୃକ୍ଷ); ସ୍ଥାଣୁ (ବୃକ୍ଷ)—5. (A tree) Whose branches have been cut off or lopped. [ଉ—ଲଣ୍ଡୀ ବରଗଛ ଛାଇ, ଲଣ୍ଡୀ ବ ସିନ ମୁଁ ଘର କରିବି; ଲଣ୍ଡୀର ବନ୍ଧଣା ଗାଇ—ଇତି ।] ଦେ. ବି. ସ୍ତ୍ରୀ—୧ । ଲଣ୍ଡାମୁଣ୍ଡୀ ବା ଠାଙ୍କରମୁଣ୍ଡୀ ସ୍ତ୍ରୀ—1. A woman with shaven or bald head. ୨ । ସ୍ତ୍ରୀମାନଙ୍କୁ ଦିଆ-ଯିବା ନାମ—2. A name given to women. [ଦ୍ର—କାହାଣୀରେ ବର୍ଣ୍ଣିତ ଅଛି ଯେ, ପୂର୍ବେ ରାଜାମାନେ ରାଣୀ ଅଦିଙ୍କୁ ଲଣ୍ଡୀ କରି ଅର୍ଥାତ୍ ମୁଣ୍ଡିତମୁଣ୍ଡ କରି ଘୋଡ଼ା ଶାଳ ବା ଘୋଡ଼ାଶାଳର ମଇଳା ସଫା କରିବା କାର୍ଯ୍ୟରେ ନିଯୁକ୍ତ କରି ଦଣ୍ଡ ଦେଉଥିଲେ । ସ୍ତ୍ରୀଲୋକ ପକ୍ଷରେ କେଶ ପ୍ରଧାନ ଶୋଭା ଓ ଅଳଙ୍କାର ଥିବାରୁ ସ୍ତ୍ରୀମାନଙ୍କୁ ଲଣ୍ଡା କରିବାଦ୍ୱାରା ଦଣ୍ଡ ଦିଆଯାଉ ଥିଲା । ଏବେ ମଧ୍ୟ ଭାରତର କେତେକ ଅଞ୍ଚଳରେ ସ୍ତ୍ରୀମାନେ ବିଧବା ହେଲେ ସେମାନଙ୍କୁ ମୁଣ୍ଡିତ କରାଯାଏ ।]

ଲଣ୍ଡୀ କୂଅ—ଦେ. ବି—ଯେଉଁ କୂଅର ଘେରାବାନ୍ଧ ନ ଥାଏ; ଲଣ୍ଡା କୂଅ
Lāṇḍī kūa —A well unprotected by a
ନେଡ଼ାକୁଆ **नंढा कुँआ** high earthen ring.

ଲଣ୍ଡୀ ଗଛ—ଦେ. ବି—ଲଣ୍ଡା ଗଛ; ସ୍ଥାଣୁ—A pollard.
Lāṇḍī gachha ନେଡ଼ାଗାଛ **नंढापेड**

ଲଣ୍ଡୀ ବଗୁଲି—ଦେ. ବି—ଲଣ୍ଡା ବଗୁଲି (ଦେଖ)
Lāṇḍī baguli Laṇḍā baguli (See)

ଲଣ୍ଡୀ ମୟୂ(ୟୂ)ର(ରୀ)—ଦେ. ବି. ସ୍ତ୍ରୀ—ପୁଚ୍ଛହୀନା ମୟୂରୀ—The
Lāṇḍī maya(yū)ra(rī) tailless peahen. [ଦ୍ର
ନେଡ଼ୀ ମୟୂର —ମୟୂରୀମାନଙ୍କର ଲାଞ୍ଜ ନ ଥିବାରୁ ସେମାନଙ୍କୁ ଲଣ୍ଡୀ
नंढी मयूर ମୟୂର କହନ୍ତି ଓ ପୁଚ୍ଛବିଶିଷ୍ଟ ପୁଂ. ମୟୂରଙ୍କୁ ଲଞ୍ଜା ମୟୂର କହନ୍ତି ।]

ଲଣ୍ଡୀ ମୁଣ୍ଡୀ—ଦେ. ବିଣ. ସ୍ତ୍ରୀ—୧ । ମୁଣ୍ଡିତ କେଶା (ସ୍ତ୍ରୀ)—1.
Lāṇḍī muṇḍī (a woman) With a shaven
ନେଁଡ଼ି ମୁଁଡ଼ି **नंढी मुंडी** head.
(ଲଣ୍ଡା ମୁଣ୍ଡା—ପୁଂ)

ଲଣ୍ଡୀ ମୁଣ୍ଡୀ ପୁ(ପୋ)ଇ(ଇଁ) କ(କେ)ରାଣ୍ଡି—ଦେ. ବି. ସ୍ତ୍ରୀ (ଗାଳି ଓ
Lāṇḍī muṇḍī pu(po)i(iṅ) ka(ke)rāṇḍi ଭର୍ତ୍ସନାର୍ଥରେ
ନେଡ଼ୀ ମୁଁଡ଼ୀ ବ୍ୟବହୃତ)—ଅସୁନ୍ଦରୀ ଓ ନୀଚ ସ୍ତ୍ରୀ—An
नंढी मुंडी ugly and low woman. [ଦ୍ର—
(ଲଣ୍ଡାମୁଣ୍ଡା ପୁ[ପୋ]ଇ କେରେଣ୍ଡା—ପୁଂ) ଏଥିର ସଂକ୍ଷିପ୍ତ ପଦ—ଲାଣ୍ଡୀମୁଣ୍ଡୀ (ଲଣ୍ଡାମୁଣ୍ଡା) ପୁଇକେରାଣ୍ଡୀ (ପୁଇକେରେଣ୍ଡା) ସିଂହଭୂଅରେ ଥାଏ, ଅଗଁଠାରେ କାଣିଏ ପାଇଲେ ଗୃହ ଚ୍ୟୁତ ଖାଏ । ଇତି]

ଲଣ୍ଡୁ—ଦେ. ବିଣ. ପୁଂ (ସଂ. ମୁଣ୍ଡିତ)—୧ । ଲଣ୍ଡା (ଦେଖ)—
Lāṇḍu 1. Laṇḍā (See). ୨ । ଲାଣ୍ଡିଆ (ଦେଖ)
ନେଡ଼ା —2. Lāṇḍiā (See) ୩ । (ସଂ. ଲୁଞ୍ଚିତ)
(ଲାଣ୍ଡୋଇ, ଲାଣ୍ଡେଇ—ସ୍ତ୍ରୀ) —ଲଣ୍ଡା—3. With the hair
नंढा of the head cropped up or shaven. ୪ । ଅଳଙ୍କାରହୀନ—4. Shorn of ornaments. ୫ । ଧନହୀନ—5. Shorn of riches. ୬ । ଅପତ୍ୟ ବା ସନ୍ତାନାଦି ହୀନ; ଅଣ୍ଟୁକୁଡ଼ା—6. Issueless. ୭ । ପରିବାରହୀନ—7. Having no family. ୮ । ସ୍ଥାଣୁ (ବୃକ୍ଷ)—8. Pollard (tree); with its branches lopped off.

(ଲଣ୍ଡୋ—ଅନ୍ୟରୂପ) ବୈଦେ. ବି (ଇଂ. ଲଣ୍ଡୋ)—ଏକ-
ଲାଣ୍ଡୋ ପ୍ରକାର ଚାରିଚକିଆ ଘୋଡ଼ାଗାଡ଼ି, ଯାହାର ଛାତ
लैंडौगाडो ଉପରର ଝପିକୁ ଭୁଇଁପାଖ କରି ତଳକୁ ଖସାଇ ଦିଆଯାଇ ଗାଡ଼ିକୁ ମେଲା କରାଯାଇ ପାରେ—A landau.

ଲଣ୍ଡୁ କରିବା—ଦେ. କ୍ରି—୧ । ଗଛରେ ଥିବା ଶାଖାକୁ କାଟିବାଦ୍ୱାରା
Lāṇḍu karibā ଗଛକୁ ଶାଖାଶୂନ୍ୟ କରିବା—1. To lop
[ଲଣ୍ଡୁ କରା(ରେ)ଇବା—ଅନ୍ୟରୂପ] off the branches
ନେଡ଼ାକରା from a tree. ୨ । ପିନ୍ଧିଥିବା ଅଳଙ୍କାରକୁ
नंढा करना କାଢ଼ିବାଦ୍ୱାରା ମନୁଷ୍ୟକୁ ଅଳଙ୍କାରବର୍ଜିତ କରିବା—2. To divest a person of all the ornaments. ୩ । ମୁଣ୍ଡରେ ଥିବା କେଶକୁ କ୍ଷୌର କରିବାଦ୍ୱାରା ଲଣ୍ଡା କରିବା—3. To shave the head of a person clean. ୪ । ପୁତ୍ର କନ୍ୟାଙ୍କୁ ହତ୍ୟା କରିବାଦ୍ୱାରା ମନୁଷ୍ୟକୁ ଅପତ୍ୟହୀନ କରିବା।

—4. To kill all the offsprings of a person. ୫ । କୌଣସି ବ୍ୟକ୍ତିର ପାଖରେ ଥିବା ସମସ୍ତ ଧନକୁ ଅପହରଣ କରିବାଦ୍ୱାରା ତାହାକୁ ନିର୍ଧନ କରିବା—5. To deprive a person of all his wealth. ୬ । ମେଣ୍ଢାର ବାଳସବୁ କାଟିନେବାଦ୍ୱାରା ମେଣ୍ଢାକୁ ଲଙ୍ଗଳା କରିବା—6. To shear wool from a sheep.

ଲାଣ୍ଡୁ ମୁଣ୍ଡା—ପ୍ରାଦେ (ସମ୍ବଲପୁର) ବିଣ. ପୁଂ—୧ । ଲଣ୍ଡାମୁଣ୍ଡା, ମୁଣ୍ଡିତ-**Lāndu mundā** ମୁଣ୍ଡ—1. Having the hairs (ଲାଣ୍ଡୁମୁଣ୍ଡୀ—ସ୍ତ୍ରୀ) cropped or shavern. ୨ । ଟଙ୍କା-ନେଡ଼ା মাথা **নেড়ামুণ্ডা** ମୁଣ୍ଡିଆ—2. Bald-headed.

ଲାତ—ଦେ. ବି (ସଂ. ଲତ୍ତା=ପଦାଘାତ, ଗୋଇଠା)—ନାତ (ଦେଖ) **Lāt** Nāta (See). ପ୍ରାଦେ (ସମ୍ବଲପୁର) ବି—ମନୁଷ୍ୟର লাৎ(থ, থি) ଗୋଇଠା—Kick of man. [ଯଥା—ପଣ୍ଡିତ **कथाए** ଉକ୍ତିରୁ ଯେ ମାନିଛି ଲାତ, ପୁତ୍ରଠାରୁ ସେ ଶୁଦ୍ଧ ହାତ । ଛାଃ ।]

ଲାତ—ସଂ. ବିଣ (ଲା ଧାତୁ+କର୍ମ. ତ)—ଗୃହୀତ—Taken. **Lāta** ପ୍ରାଦେ (କଟକ ସହର) ବି—ନାତ—Kick (ଲାତ—ସଂ. ବିଶେଷ୍ୟ) of beasts.

ଲାତା(ତେ)ଇବା—ଦେ. କ୍ରି—ନାତାଇବା (ଦେଖ)—**Lātā(te)ibā** Nātaibā (See)

ଲାତି—ପ୍ରାଦେ (କଟକ ସହର) ବି. ପୁଂ—ନାତି (ଦେଖ)—**Lāti** Nāti (See). ସଂ. ବି (ଲା ଧାତୁ+ଭାବ ତି)—(ଲାତୁଣୀ—ସ୍ତ୍ରୀ) ଗ୍ରହଣ—Taking.

ଲାତୁଆ—ପ୍ରାଦେ (କଟକ ସହର) ବିଣ. ପୁଂ—ନାତୁଆ (ଦେଖ)—**Lātuā** যেলাথিমারে **लथराहा** Nātuā (See) [ଲାତୋ(ତୋ)ଇ—ସ୍ତ୍ରୀ]

ଲାତୁଣୀ—ପ୍ରାଦେ. (କଟକ ସହର) ବି—ନାତୁଣୀ (ଦେଖ) **Lātuni** Nātuni (See).

ଲାଥି—ଦେ. ବି (ସଂ. ଲତ୍ତା; ବଙ୍ଗଳାରୁ ଅନୁକୃତ) ନାତ; **Lāthi** ଗୋରୁର ପାଦ ଦ୍ୱାରା କରିବା ଅଘାତ—Kick. লাথী **लात**

ଲାଥୁ ଲାଥୁ—ଦେ. ବିଣ—ମାଂସଳ; ମାଂସାଧିକ୍ୟ ଯୋଗୁଁ ଥଲଥଲିଆ, **Lāthu lāthu** ଥାଉଳିଆ—Corpulent; fatty. নাদুস নুদুস **लदबद, थलथल**

ଲାଥୁରା—ଦେ. ବିଣ. ପୁଂ—ମାଂସଳ; ଯେଉଁ ବ୍ୟକ୍ତିର ଦେହରେ **Lāthurā** ମାଂସାଧିକ୍ୟ ଯୋଗୁ ମାଂସପିଣ୍ଡମାନ ଥଳ ଥଳ লাফরা **बड़ा मोटा** ହୋଇଥାଏ—Corpulent; fat; (ଲାଥୁରୀ—ସ୍ତ୍ରୀ) hauing excessive flesh.

ଲାଦ—ଦେ. ବି (ସଂ. ଲଡ଼୍ ଧାତୁ=ଉତ୍କ୍ଷେପଣ କରିବା; ତୁଳ. ଇଂ. **Lāda** ଲେଡ୍)—କୌଣସି ବସ୍ତୁ ଉପରେ ହାତୁଡ଼ା ଆଦି ঠেসান, খোঁটা **नाद, गर** ଦ୍ୱାରା ପ୍ରହାର କରିବାକୁ ହେଲେ ସେ ମାଡ଼ ଉକ୍ତ ଜିନିଷ ଉପରେ ଦୃଢ଼ଭାବରେ ବସିବା ପାଇଁ ଜିନିଷର ତଳେ ଦିଆଯିବା ଠେକା; ନାଦ—A fulcrum or support put below a thing in order that the thing may be soundly beaten with a hammer.

ଲାଦାନ(ନି)—ବୈଦେ. ବିଣ (ଫା. ଲାଦାନ୍, ଲାଉଆନ୍; ତୁଳ. ସଂ. **Lādān(ni)** କର୍ଦ୍ଦନ)—ଅତି ଗରିବ—Very poor, নাতোয়ান **लादान** indigent. (ଲାଦାନୀ—ବିଶେଷ୍ୟ)

ଲାଦାନ(ନି) ଛଅ ବିଶ୍ୱା—ଦେ. ବି—ଅତି ଗରିବ ଅବସ୍ଥା—**Lādān(ni) chha-a biswā** Utter poverty. অতি গরীব অবস্থা **लादानछौबिस्वा, आखरोहालत**

ଲାଦାବି—ବୈଦେ. ବି (ଉଚ୍ଚାରଣ; ଫା. ଲାଦାବୀ)—ନାଦାବି (ଦେଖ) **Lādābi** নাদাবী **लादावी** Nadābi (See)

ଲାଦିବା—ଦେ. କ୍ରି (ସଂ. ଲଡ୍ଡ; ପ୍ରା. ଲଦ୍ଦ)—୧ । ଲଦିବା (ଦେଖ) **Lādibā** 1. Ladibā (See). ୨ । କୌଣସି ବସ୍ତୁ লাদা **लादना** ଉପରେ ବହୁତ ବୋଝ ଲଦିବା—

ଲାଦ ଦେବା
ଲାଦ ପକା(କେ)ଇବା } ଅନ୍ୟରୂପ—2. To put too much load on a thing.

୩ । ବୋଝ ତୋଳାଇବା—3. To load. ୪ । ଅତ୍ୟଧିକଭାବରେ ବୃଷ୍ଟି କରିବା—4. To shower copiously. (ଯଥା—ମାଡ଼ ଲାଦିପକାଇବା; ବର୍ଷା ଲାଦିବା; ବୋଲୁଅ ଲାଦିବା ଇତ୍ୟାଦି ।)

ଲାଦ ପକା(କେ)ଇବା—ଦେ. କ୍ରି—ଅତ୍ୟଧିକରୂପେ ଖଦା କରିବା **Lādi pakā(ke)ibā** ବା ବୃଷ୍ଟି କରିବା—To rain, লাদা, গাদাকরা **लाददेना** to deal out profusely.

ଲାଦୁଅ(କା)—ଦେ. ବିଣ (ତୁଳ ସଂ. ଲଦ୍ଦା=ଷ୍ଟେଃ ମାଠିଆ)—୧ । **Lādua(kā)** ପୃଥୁଳ; ମାଂସଳ—1. Corpulent; fat. নাদুসনুদুস ୨ । ଖୁବ୍ ଭାରି—2. Very heavy; cumbrous. **लदलद** ୩ । ଭାରି ହେବା ଯୋଗୁଁ ବ୍ୟବହାର କରିବାକୁ [ଲାଦୁ(ଦେ, ଦୋ)ଇ, ଲାଦୁକୀ—ସ୍ତ୍ରୀ] ଅସୁବିଧା ଜନକ—3. Awkward; very heavy and so inconvenient to carry or use; cumbrous and unmanageable.

ଲାଦୁ ବାଦୁ—ଦେ: ବିଣ—୧ । ଉପର୍ଯ୍ୟୁପରି ଗଦା ହୋଇଥିବା—1. **Lādu bādu** Huddled together. ୨ । ବହୁ ପଦାର୍ଥ

ଲାଦୁର୍ ବାଦୁର୍
ଲାଦୁରୁ ବାଦୁରୁ
ଲାଦୁରା ବାଦୁରା } ଅନ୍ୟରୂପ] ଏକତ୍ର ସମାବେଶ ହେବା ଯୋଗୁଁ ଅସୁନ୍ଦର ଓ ଅସୁବିଧାଜନକ—2. Cumbrous; awkward.

জা(জো)বড়া **लदबद** [ଯଥା—କେତେକ ସ୍ତ୍ରୀଲୋକ ନାକରେ, କାନରେ, ବେକରେ, ହାତରେ ଲାଦୁବାଦୁ କରି ଅଳଙ୍କାର ପିନ୍ଧନ୍ତି ଓ ସିନ୍ଦୂର, କଜ୍ଜଳଆଦି ଘିନନ୍ତି; ସେଥିପାଇଁ ସେସବୁଡ଼ାକ ବଡ଼ ଲାଦୁବାଦୁ ଦେଖାଯାଏ ।]

ଲାଦୁରା—ଦେ. ବିଣ. ପୁଂ—ଲାଦୁଆ—Cumbrous. **Lādurā** (ଲାଦୁରୀ—ସ୍ତ୍ରୀ)

ଲାଧ ଦେଶ—ଦେ. ବି (ସଂ. ଲୁଣ୍ଠକ; ରାଢ଼ ଦେଶ)—ରାଢ଼ ଦେଶ
Lādha desa (ଦେଖ)—Rārdha desa (See)
রাঢ় राढ

ଲାପ୍—ବୈଦେ. ବିଣ ଓ ବି (ଇଂ. ଲାପ୍)—ଲାପ୍‌ଲାଣ୍ଡ ବାସୀ ବ୍ୟକ୍ତି—
Lāp The Lapps; inhabitant of Lapland.
ল্যাপ लैप

ଲାପ୍ ଲ(ଲା)ଣ୍ଡ—ବୈଦେ. ବି (ନାମ) (ଇଂ. ଲାପ୍‌ଲାଣ୍ଡ)—
Lāp la(lā)ṇḍ ୟୁରୋପୀୟ ରୁଷିଆ ଦେଶର ଉତ୍ତର-ପଶ୍ଚିମ
ল্যাপল্যাণ্ড କୋଣରେ ଅବସ୍ଥିତ ଭୂଭାଗବିଶେଷ ପ୍ରଦେଶ—
लैपलैंड Lapland. [ଦ୍ର—ନରୱେ, ସ୍ୱିଡେନ୍ ଓ ଫିନ୍‌ଲାଣ୍ଡର ଉତ୍ତରାଂଶ ଏବଂ ଉତ୍ତରୟୁରୋପୀୟ ରୁଷିଆର ଉତ୍ତର ପୂର୍ବକୋଣ, ଏ ସମସ୍ତ ଅଞ୍ଚଳକୁ ଲାପ୍‌ଲାଣ୍ଡ ବୋଲାଯାଏ ।]

ଲା(ଲା)ପ—ସଂ. ବି (ଲପ୍ ଧାତୁ=କହିବା+ଭାବ. ଅ)—କଥନ;
Lā(lā)pa ଭାଷଣ; କହିବା—Speaking; talking.

ଲାପତା(ତ୍ତା)—ବୈଦେ. ବିଣ (ଅ. ଲା+ପତା)—ଯେଉଁ ବ୍ୟକ୍ତିର
Lāpatā(ttā) କୌଣସି ପତ୍ତା ବା ଉଦ୍ଦେଶ ମିଳୁ ନାହିଁ;
নিরুদ্দেশ लापता ଅନିର୍ଦ୍ଦିଷ୍ଟ—Untraceable.

ଲାପନୀୟ—ସଂ. ବିଣ (ଲପ୍ ଧାତୁ+କର୍ମ. ଅନୀୟ)—କଥନୀୟ—
Lāpanīya Fit to be spoken.
(ଲାପ୍ୟ—ଅନ୍ୟରୂପ)

ଲାପରବାଇ(ୟ)—ବୈଦେ. ବିଣ (ଅ. ଲା+ଫା. ପର୍‌ୱାହ୍)—
Lāparabāi(y) ବେପରୁଆ; ଯାହାର କୌଣସି ବିଷୟ ପାଇଁ
ଲାପରୁଆ } ଅନ୍ୟରୂପ ଚିନ୍ତା ନାହିଁ—Free from all
ଲାପରୱେ(ୱୋ)ଇ } cares and anxieties. ବୈଦେ.
বেপরবায় ବି (ଫା)—ବେପରୁଆପଣ; ନିଶ୍ଚିନ୍ତତା—Free-
लापरवाहा dom from care or anmely.
বেপরবাভাব लापरवाही

ଲାପ(ଫ)ରା—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଭୋଗପକ୍ୱ ବ୍ୟଞ୍ଜନ
Lāpa(pha)rā ବିଶେଷ (ଜଗନ୍ନାଥ ପ୍ରାଚୀନ ଉତ୍କଳ)—
লাফরা A kind of curry prepared for Lord Jagannath of Puri.

ଲାପିକା—ସଂ. ବି (ଲପ ଧାତୁ+କର୍ମ. ଅକ+ଆ)—ଏକପ୍ରକାର
Lāpikā ପ୍ରହେଳିକା—A kind of riddle or enigma (Apte).

ଲାପୀ—ସଂ. ବିଣ. ପୁଂ (ଲପ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Lāpī କଥନଶୀଳ (ଶବ୍ଦକୋଷ)—Habituated to speak.
(ଲାପିନୀ—ସ୍ତ୍ରୀ)

ଲାପୁ—ସଂ. ବି—ରୁଦନ୍ତୀ ଦେଖ)—(ହି. ଶ)—
Lāpu Rudanti (See)

ଲାପେ—ପ୍ରାଦେ. (ଦକ୍ଷିଣ) ବିଣ—ଅନେକ; ବେଶୀ; ବହୁତ—
Lāpe Many; much; too much.

ଲାଫ୍—ପ୍ରାଦେ (ଉତ୍ତର ବାଲେଶ୍ୱର ଓ ମେଦିନୀପୁର) (ସ.ଲମ୍ଫ)—
Lāph ଲମ୍ଫ; ଡେଇଁ; ଡିଆଁ—A jump; leap.
লাফ उछलकूद

ଲାଫେଇବା—ଦେ. ବି [ସ. ଲମ୍ଫ) (ବଙ୍ଗଳାରୁ ଅନୁକୃତ)—୧ ।
Lāpheibā ଡେଇଁବା; ଡିଆ ମାରିବା—1. To jump;
লাফান to leap. ୨ । ଆନନ୍ଦରେ ଡିଆଁବା—2. To
कूदना (ଲାଫିବା—ଅନ୍ୟରୂପ) leap with joy.

ଲାବ—ସଂ. ବି (ଲୂ ଧାତୁ=ଛେଦନ କରିବା+ଭାବ ଅ)—୧ ।
Lāba ଛେଦନ—1. Act of cutting ୨ । (+କର୍ତ୍ତୃ.
(ଲାବା—ସ୍ତ୍ରୀ) ଅ)—ବର୍ତ୍ତିର ବର୍ଗର ପକ୍ଷିବିଶେଷ; ବତର ଚଢ଼େଇ
বটের —2. A species of quail; Perdix
लावा Chinensis; the grey quail; Coturnix
ଅନ୍ୟ ସଂ ନାମ— Communis. [ଦ୍ର—ବୈଦ୍ୟଶାସ୍ତ୍ର
ବର୍ତ୍ତି, ବର୍ତ୍ତିକ ଅନୁସାରେ ଲାବପକ୍ଷୀ ୪ ପ୍ରକାର—ପାଂଶୁଳ, ଗୌର, ପୌଣ୍ଡ୍ରକ ଓ ଦର୍ଭର । ପାଂଶୁଳ ଲାବର ମାଂସ ଶ୍ଳେଷ୍ମକର, ଉଷ୍ଣବୀର୍ଯ୍ୟ ଓ ବାୟୁନାଶକ । ଗୌର ଲାବର ମାଂସ ଅତିଶୟ ଲଘୁ, ରୁକ୍ଷ, ଅଗ୍ନିକାରକ ଓ ତ୍ରିଦୋଷ-ନାଶକ । ପୌଣ୍ଡ୍ରକ ଲାବର ମାଂସ ପିତ୍ତକାରକ, ଲଘୁ ଓ ବାତ ଶ୍ଳେଷ୍ମନାଶକ । ଦର୍ଭର ଲାବର ମାଂସ ଶୀତବୀର୍ଯ୍ୟ, ରକ୍ତପିତ୍ତ ଓ ହୃଦ୍‌ରୋଗ ନାଶକ । ବୈଦ୍ୟଶାସ୍ତ୍ର ଅନୁସାରେ ଲାବ ଓ ବର୍ତ୍ତିକ ପକ୍ଷୀ ଭିନ୍ନ ଭିନ୍ନ ।] ୩ । ଲବଙ୍ଗ (ହି. ଶ.)—3. Cloves. ଦେ. ବି. ସ୍ତ୍ରୀ (ନାମ)

ଲାବଣ(ନ, ଣୀ, ଣା, ନ୍ୟ) } ନାମବାଚକ ଅନ୍ୟ ସ୍ତ୍ରୀଲିଙ୍ଗରୂପ]
[ଲାବନ୍ୟବତୀ, ଲାବା(ବୁ) }
—୧ । ଲାବଣ୍ୟବତୀ ନାମ୍ନୀ ସ୍ତ୍ରୀର ଡାକ ନାମ—1. (feminine) Name for calling Lābaṇya-bati. ୨ । (ପୁଂ) ଲାବଣ୍ୟ ନାମକ ପୁରୁଷର ଡାକ
[ଲାବଣ(ନ, ନ୍ୟ)—ନାମବାଚକ ଅନ୍ୟ ପୁଂଲିଙ୍ଗରୂପ] ନାମ—
2. (masculine) Name for calling Labaṇya.

ଲାବକ—ସଂ. ବି.- ଲାବ ୨ (ଦେଖ)—Lāba 2. (See)
Lābaka

ଲାବଜ—ସଂ. ବି—ପ୍ରାଚୀନକାଳର ଅନକ ବାଦ୍ୟ ବିଶେଷ (ହି. ଶ)—
Lābaja A kind of drum used in ancient India.

ଲାବଡ଼(ଡ଼ା)—ଦେ. ବିଣ—ଲାବାଡ଼ (ଦେଖ)
Lābarḍa(rḍā) Lābārḍa (See).

ଲାବଡ଼—ପ୍ରାଦେ. ବି—୧ । (ସମ୍ବଲପୁର, ଗଡ଼ଜାତ) କାଠ ବା ବାଉଁଶର
Lābarḍa ଟୋକେଇ—1. A basket made of sticks or bamboo. ୨ । (କଳାହାଣ୍ଡି) ଆମ୍ବ ଗଛରୁ ଆମ୍ବ ଝଡ଼ାଇବା ପାଇଁ ମାରିବା ବାଡ଼ି; ଫୋପଡ଼—
2.A stick thrown at fruit trees to bring down fruits.

ଲାବଣ—ସଂ. ବିଣ (ଲବଣ+ସମ୍ବନ୍ଧାର୍ଥେ. ଅ)—୧ । ଲବଣସମ୍ବନ୍ଧୀୟ—
Lābaṇa 1. Relating to salt. ୩ । ଲବଣମିଶ୍ରିତ—
(ଲାବଣକ—ଅନ୍ୟରୂପ) 3. Mixed with salt. ସ. ବି—
୧ । (ଲବଣ+ଅ; ଲବଣସମୁଦ୍ରରେ ସ୍ଥିତ)—ଲଙ୍କା ଆଦି ଦେଶ—1. Country of Ceylon and other

adjoining countries. ୨ । ନସ୍ୟ; ନାସ (ଗ୍ରା. ପ୍ର.)-
2. Snuff.

ଲାବଣିକ—ସଂ. ବିଣ (ଲବଣ+ଇକ)—ଲାବଣ (ଦେଖ)—
Lābaṇika Lābaṇa (See). ସଂ. ବି—୧ । ଲବଣ-
ବ୍ୟବସାୟୀ—1. Salt merchant; one who trades in salt; a salt dealer. ୨ । ଲୁଣିଆ; ଯେଉଁ ବ୍ୟକ୍ତି ଲବଣ ପ୍ରସ୍ତୁତ କରେ—2. One who manufactures or extracts salt. ୩ । ଲୁଣ ରଖାଯିବା ପାତ୍ର (ଗ୍ରା. ପ୍ର.); ଲୁଣ ହାଣ୍ଡି—
3. A pot for keeping salt.

ଲାବଣ୍ୟ—ସଂ. ବି (ଲବଣ+ଭାବ. ଯ)—୧ । ଲବଣତ୍ୱ; ଲୁଣିଭାବ—
Lābaṇya 1. Saltiness, salineness; the quality or condition of being saline. ୨ । ଅତ୍ୟନ୍ତ ସୌନ୍ଦର୍ଯ୍ୟ—2. Beauty; grace; elegance. ୩ । କାନ୍ତି; ଦ୍ୟୁତି—3. Splendour. ୪ । ରୂପର ମାଧୁରୀ; ମନୋମୋହକାରିତା—4. Loveliness; agreeableness; sweetness of appearance. ୫ । ଚିକ୍କଣତ୍ୱ—5. Glitter; brightness. [ଦ୍ର—ମୁକ୍ତାର ଅଭ୍ୟନ୍ତରରୁ ଯେଉଁପରି ତରଳ ଆଭା ଦୃଷ୍ଟ ହୁଏ, କୌଣସି ବ୍ୟକ୍ତିର ଅଙ୍ଗରେ ସେହିପରି ତରଳ ମନୋମୋହକର ଆଭା ପ୍ରତିଭାତ ହେଲେ ତାହାକୁ ଲାବଣ୍ୟ କହନ୍ତି—(ଶବ୍ଦକଳ୍ପଦ୍ରୁମ) ।
ଲବଣ ମିଶ୍ରିତ ନ ହେଲେ କୌଣସି ଖାଦ୍ୟ ସ୍ୱାଦୁ ଲାଗେ ନାହିଁ ଓ ଲବଣ ଜୀବ ଦେହର ଗୋଟିଏ ଅତି ଆବଶ୍ୟକ ଉପାଦାନ । ଦେହ ମଧ୍ୟକୁ ଖାଦ୍ୟ ସହିତ ଲବଣ ନ ଯୋଗାଇଲେ ଦେହ ଲବଣହୀନ ହୋଇଯାଏ; ଫଳରେ ଜୀବନୀ ଶକ୍ତି ସହ ଦେହର ସୌନ୍ଦର୍ଯ୍ୟ ଓ ମାଧୁରୀ ନଷ୍ଟ ହୁଏ । ଏହିହେତୁ ଲାବଣ୍ୟର ଏପରି ଅର୍ଥ ହୋଇଅଛି ।]
ଦେ.ବି—୧ । (ପୁଂ) ପୁରୁଷଙ୍କ ନାମ—1. (Masculine) A name given to male persons. ୨ । (ସ୍ତ୍ରୀ) ଲାବଣ୍ୟବତୀର ଡାକନାମ—2. (feminine) A name for calling Lābaṇyabatī. ଦେ. ବିଣ—
ମନୋହର; ସୁନ୍ଦର; ଲାବଣ୍ୟବିଶିଷ୍ଟ—Charming; agreeable. (ଉ—ଲାବଣ୍ୟ ରୂପ ଲକ୍ଷ୍ମୀଧର, ଲସୁ କରନ୍ତି ସୁର ନର—କମଳଲୋଚନ ଚଉତିଶା ।)

ଲାବଣ୍ୟଗର୍ବିତ—ସଂ. ବିଣ. ପୁଂ (କର୍ମ୍ମ ତତ୍)—ନିଜର ସୌନ୍ଦର୍ଯ୍ୟ ହେତୁ
Lābaṇya garbita ଗର୍ବଯୁକ୍ତ—Proud of one's
(ଲାବଣ୍ୟଗର୍ବିତା—ସ୍ତ୍ରୀ) (ଲାବଣ୍ୟଗର୍ବ—ବି) beauty.

ଲାବଣ୍ୟଜନକ—ସଂ. ବିଣ (ଉପପଦ ତତ୍ପୁରୁଷ)-ସୌନ୍ଦର୍ଯ୍ୟର ଉତ୍ପାଦକ—
Lābaṇyajanaka Producing beauty or grace of form or elegance.

ଲାବଣ୍ୟଧାମା—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ଲାବଣ୍ୟ+ଧାମନ୍; ୧ମା
Lābaṇya dhāmā ୧ବ)—ଲାବଣ୍ୟମୟ; ଲାବଣ୍ୟର ସ୍ଥାନସ୍ୱରୂପ-
(ଲାବଣ୍ୟଧାମ-ଦେ ରୂପ) Graceful; repository of grace.
(ଉ—ବସିଷ୍ଠ ସ୍ୱାମୀ ଏ ଲାବଣ୍ୟଧାମାଏ ନାନା ଚରିତ୍ର ସର-ଭଞ୍ଜ. ବୈଦେହୀଶବିଳାସ ।)

ଲାବଣ୍ୟନିଧି—ସଂ. ବି—ମୋତି; ମୁକ୍ତା—Pearl. ଦେ. ବି ସ୍ତ୍ରୀ—୧ ।
Lābaṇyanidhi ସୁନ୍ଦରୀ ସ୍ତ୍ରୀ—1. A beautiful lady.
लावण्यनिधि (ଉ—ସାର୍ଥକ କଲୁ ଏ ବୟସ ଭୁଞ୍ଜି ଲାବଣ୍ୟନିଧି—ରାଧାନାଥ. ଚନ୍ଦ୍ରଭାଗା ।) ୨ । ରାଧିକା—2. Rādhā.

ଲାବଣ୍ୟ ପିତୁଳା—ଦେ.ବି (ସଂ. ଲାବଣ୍ୟ+ପୁତ୍ତଳିକା) ୧ । ସୁନ୍ଦରପ୍ରତିମା-
Lābaṇya pituḷā 1 A beautiful image. ୨ ।
(ଲାବଣ୍ୟପ୍ରତିମା—ଅନ୍ୟରୂପ) ଲାବଣ୍ୟବତୀ ସ୍ତ୍ରୀ—2. A beautiful lady.
लावण्यपुतुल सुन्दरपुतरा

ଲାବଣ୍ୟବତୀ—ସଂ. ବିଣ. ସ୍ତ୍ରୀ (ଲାବଣ୍ୟ+ଅସ୍ତି ଅର୍ଥରେ ବତ୍+ଈ)—
Lābaṇyabatī ସୁନ୍ଦରୀ; ଲାବଣ୍ୟମୟୀ (ସ୍ତ୍ରୀ)—Beautiful
(ଲାବଣ୍ୟବାନ୍—ପୁଂ) (lady). ଦେ. ବି. ସ୍ତ୍ରୀ—୧ । (ନାମ) ସ୍ତ୍ରୀ-ଲୋକଙ୍କର ନାମ 1. A name given to females. ୨ । କବିବର ଉପେନ୍ଦ୍ର ଭଞ୍ଜଙ୍କ ରଚିତ କାବ୍ୟବିଶେଷ—2. An Oriya epic composed by Upendra Bhañja. [ଦ୍ର—'ଲାବଣ୍ୟବତୀ' ୪୮ ଛାନ୍ଦବିଶିଷ୍ଟ ଗୋଟିଏ ପ୍ରସିଦ୍ଧ କାବ୍ୟ । ଏହାର କଥାବସ୍ତୁ ଏହିପରି—
ଥରେ କୈଳାସରେ ମହାଦେବଙ୍କ ଅନୁପସ୍ଥିତିରେ ପାର୍ବତୀ ଏକାକିନୀ ବସିଥିଲେ । ତାଙ୍କ ସଙ୍ଗେ ପଶା ଖେଳିବା ପାଇଁ କେହି ସଙ୍ଗିନୀ ନ ଥିବାରୁ ସେ ମନରୁ ଗୋଟିଏ ଦିବ୍ୟସୁନ୍ଦରୀ କନ୍ୟା ଜାତକଲେ; ସେହି କନ୍ୟାର ନାମ ବାଞ୍ଛାବତୀ । ଦୁହେଁ ଯାକ ବସି ପଶା ଖେଳୁଥିଲେ, ଏହି ସମୟରେ ମହାଦେବଙ୍କର ଡମରୁ ଶବ୍ଦ ଦୂରରୁ ଶୁଣାଗଲା ।
ପାର୍ବତୀ କହିଲେ, ଯେବେ ମହାଦେବ ଏଠାରେ ପହଞ୍ଚି ଏ ସୁନ୍ଦରୀକୁ ଦେଖି ମୁଗ୍ଧ ହୁଅନ୍ତି, ତେବେ ମୋ 'ସୁହାଗୀପଣ ଭାଙ୍ଗିଯିବ ।' ଏହା ବିଚାରି ସେହି କନ୍ୟାକୁ ମହାଦେବଙ୍କ ଚକ୍ଷୁର ଅନ୍ତରାଳରେ ରଖିବାପାଇଁ ସେଠାରୁ ଗୋଟିଏ ଅଗମ୍ୟ ଅରଣ୍ୟସ୍ଥ ପ୍ରାସାଦରେ ବାସ କରିବାକୁ ପଠାଇଦେଲେ ଏବଂ କହିଲେ, "ଯେବେ ତୁ ଏ ପ୍ରାସାଦର ଦ୍ୱାର ଲଙ୍ଘନ କରିବୁ, ତେବେ ପଞ୍ଚତ୍ୱପ୍ରାପ୍ତ ହେବୁ । ଆଉ ଯେବେ କୌଣସି ପୁରୁଷ ତୋର କର ଧରିବ, ତେବେ ସେ ଆଉ ଜଳରେ ତତେ ଲାଭ କରିବ ।"
ଏହିରୂପେ ବାଞ୍ଛାବତୀ ଯାଇ ସେହି ଅରଣ୍ୟସ୍ଥ ପ୍ରାସାଦରେ ବାସକଲା । କିଛିକାଳ ପରେ ପ୍ରଭାକର ନାମକ ଜଣେ ରାଜକୁମାର ରମଣୀରତ୍ନ ଲାଭ କରିବା ଆଶାରେ ତପଃସାଧନ କରି କେଦାରେଶ୍ୱର ତୀର୍ଥକୁ ଯିବା ପଥରେ ଏହି ସୁନ୍ଦରୀ ବାଞ୍ଛାବତୀକୁ ଦେଖି ମୁଗ୍ଧ ହେଲେ ଏବଂ ବାଞ୍ଛାବତୀ ମଧ୍ୟ ଏହି କୁମାରଙ୍କୁ ଦେଖି ତାହାଙ୍କ ରୂପରେ ବିମୋହିତା ହୋଇ ତାଙ୍କ ପାଖକୁ ଆସିବା ସମୟରେ ଦ୍ୱାରର ଦେହଳୀକୁ ଅତିକ୍ରମ କରି ତାଙ୍କ ସଙ୍ଗେ ମିଳିତ ହେବାରୁ ପାର୍ବତୀଙ୍କ ବାକ୍ୟାନୁସାରେ ସଙ୍ଗେ ସଙ୍ଗେ ସେଠାରେ ତାହାର ମୃତ୍ୟୁ ହେଲା ।

ଏହି ଦାରୁଣ ଦୃଶ୍ୟ ଦେଖି ଷଡ଼ିଯୃଭୁମର ଦୁଃଖରେ ବିଳାପ କଲେ। ଏହି ସମୟରେ ଆକାଶରୁ ଶୂନ୍ୟ ବାଣୀ ହେଲା—"ତୁ ଗଙ୍ଗା ସାଗର ସଙ୍ଗମରେ ପ୍ରାଣ ଦେଲେ ପର ଜନ୍ମରେ ଏହି ରମଣୀଟିକୁ ପ୍ରିୟତମାରୂପେ ଲାଭ କରିବୁ।" ଭୁମର ତାହାହିଁ କଲେ।

ପର ଜନ୍ମରେ ଉକ୍ତ ଷଡ଼ିଯୃଭୁମର କର୍ଣ୍ଣାଟ ଦେଶର କାଞ୍ଚୀ ନଗରର ରାଜା ଶଶିଶେଖରଙ୍କ ଔରସରେ ରାଣୀ ଶଶିରେଖାଙ୍କ ଗର୍ଭରୁ ଯୁବରାଜରୂପେ ଜନ୍ମଗ୍ରହଣ କଲେ ଓ ତାଙ୍କର ନାମ ହେଲା ଚନ୍ଦ୍ରଭାନୁ। ଏଣେ ସିଂହଳ ଦ୍ୱୀପର ରାଜା ରତ୍ନେଶ୍ୱର ଓ ରାଣୀ ବିଦ୍ୟୁତ୍ପ୍ରଭାଙ୍କର କନ୍ୟାରୂପରେ ବାସ୍ତାବତୀ ଜନ୍ମ ପରିଗ୍ରହ କଲେ ଏବଂ ତାଙ୍କ ନାମ ହେଲା ଲାବଣ୍ୟବତୀ।

ଲାବଣ୍ୟବତୀ ଅସାଧାରଣ ରୂପବତୀ ହୋଇ ଜଗନ୍ମୋହିନୀ ହୋଇ ଉଠିଲେ। ଯଥାକାଳରେ ତାଙ୍କ କଳେବରରେ ଯୌବନର ସଞ୍ଚାର ହେବାରୁ ତାଙ୍କ କାନ୍ତି ଶତ ଗୁଣରେ ପ୍ରକାଶ ଉଠିଲା। ରାଜା ରତ୍ନେଶ୍ୱର କନ୍ୟାଙ୍କ ବିବାହ ପାଇଁ ଆୟୋଜନ କଲେ ଏବଂ ତାଙ୍କ ଚିତ୍ରପଟଟିକୁ ଦେଶ ଦେଶାନ୍ତର ପଠାଇ ବର ଅନ୍ୱେଷଣ କରାଇଲେ। ଚନ୍ଦ୍ରଭାନୁ ଲାବଣ୍ୟବତୀଙ୍କ ସେହି ପରମ ରମଣୀୟ ଚିତ୍ରପଟ ଦେଖି ତାହାଙ୍କଠାରେ ଚିତ୍ତ ସମର୍ପଣ କଲେ। ଦେବମାୟାରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀ, ଉଭୟଙ୍କର ସ୍ୱପ୍ନରେ ଭେଟ ହେଲା ଏବଂ ଦୁହେଁ ଦୁହିଁଙ୍କି ବରଣ କଲେ। ଉପୁରେ ତାଙ୍କ ପରସ୍ପର ମଧ୍ୟରେ ପ୍ରେମ ପତ୍ରର ଆଦାନ ପ୍ରଦାନ ହେଲା ଓ ଦୁହିଁଙ୍କର ଏକ ଦେବମନ୍ଦିରରେ ଭେଟ ହେଲା। ଶେଷରେ ସିଂହଳ ରାଜପୁରରେ ଉଭୟଙ୍କର ଯଥାବିଧି ବିବାହ ଉତ୍ସବ ଅନୁଷ୍ଠିତ ହେଲା। ନବୀନ ଦମ୍ପତି ପରମ ପ୍ରେମରେ ଓ ଆନନ୍ଦରେ କିଛି କାଳ ଅତିବାହିତ କଲା ପରେ ଦେବତାଙ୍କ ଶାପରୁ ଦୁହିଁଙ୍କର ବିଚ୍ଛେଦ ଘଟିଲା। ଶେଷରେ ଚନ୍ଦ୍ରଭାନୁ ଅସୁରମାନଙ୍କୁ ଜୟ କରି ସ୍ୱୀୟ ରାଜଧାନୀକୁ ବାହୁଡ଼ି ବିରହିଣୀ ଲାବଣ୍ୟବତୀ ସଙ୍ଗେ ମିଳିତ ହେଲେ। କର୍ଣ୍ଣାଟରାଜ ପୁତ୍ରଙ୍କୁ ରାଜସିଂହାସନରେ ଅଧିଷ୍ଠିତ କରାଇ ନିଜେ ପୁରୁଷୋତ୍ତମରେ ତୀର୍ଥ ବାସ କଲେ। ଚନ୍ଦ୍ରଭାନୁ ସସ୍ତ୍ରୀକ ପରମସୁଖରେ ଓ ଶାନ୍ତିରେ ରାଜ୍ୟ ପାଳନ କଲେ।]

ଲବଣ୍ୟ ବର୍ଜି(ର୍ଜ୍ଜି)ତ—ସଂ. ବିଣ. ପୁଂ (ଅସ୍ମା ତତ୍)—ଲବଣ୍ୟହୀନ; Lābaṇya barji(rjji)ta ସୌନ୍ଦର୍ଯ୍ୟହୀନ—Devoid or (ଲବଣ୍ୟ ବର୍ଜିତା—ସ୍ତ୍ରୀ) shorn of beauty or grace.

ଲାବଣ୍ୟମୟ—ସଂ. ବିଣ.ପୁଂ—(ଲବଣ୍ୟ+ପ୍ରାଚୁର୍ଯ୍ୟେ. ମୟ)—ସୌନ୍ଦର୍ଯ୍ୟ-Lābaṇyamaya ଶାଳୀ—Full of grace, beautiful. (ଲବଣ୍ୟମୟୀ—ସ୍ତ୍ରୀ)

ଲାବଣ୍ୟମୂର୍ତ୍ତି—ସଂ. ବି.—(ମ. ପ. ଲୋ)—ସୁନ୍ଦର ରୂପ—Beautiful Lābaṇya murtti or elegant form. ସଂ. ବିଣ. ପୁଂ (ବହୁବ୍ରୀହି)—ସୁନ୍ଦର ମୂର୍ତ୍ତି ବିଶିଷ୍ଟ—Of graceful form.

ଲାବଣ୍ୟ ରହିତ—ସଂ. ବିଣ.ପୁଂ. (ଅସ୍ମା ତତ୍)—ଅସୁନ୍ଦର; କଦାକାର—Lābaṇya rahita Ungraceful; graceless. (ଲାବଣ୍ୟହୀନ—ଅନ୍ୟରୂପ) (ଲାବଣ୍ୟ ରହିତା, ଲାବଣ୍ୟହୀନା—ସ୍ତ୍ରୀ)

ଲାବଣ୍ୟ ରୂପ—ସଂ. ବି. (ମ. ପ. ଲୋ)—ସୁନ୍ଦର ରୂପ—Graceful Lābaṇya rūpa form. ସଂ. ବିଣ. ପୁଂ—(ବହୁବ୍ରୀହି)—ସୁନ୍ଦର ରୂପ ଯୁକ୍ତ—Of graceful form. [ଉ—ଲାବଣ୍ୟରୂପ ଲକ୍ଷ୍ମୀଧର। ଜୟ କରନ୍ତୁ ସୁର ନର। —କମଳଲୋଚନ ଚଉତିଶା]

ଲାବଣ୍ୟ ସଦନା—ସଂ. ବିଣ. ସ୍ତ୍ରୀ—ଯାହାର ସର୍ବାଙ୍ଗରେ ଲାବଣ୍ୟ Lābaṇya sadanā ଉଦ୍ଦୀପିତ ହେଉଥାଏ; ଲାବଣ୍ୟବତୀ—Most beautiful; supremely graceful. (ଲାବଣ୍ୟ ସଦନ—ପୁଂ) [ଉ—ସଂସାର ସାର ଲାବଣ୍ୟସଦନା। ଉଷ. କୋଟିଚନ୍ଦ୍ରାଣ୍ଡସୁନ୍ଦରୀ]

ଲାବଣ୍ୟ ହାନି—ସଂ.ବି. (ଷଷ୍ଠୀ ତତ୍)—ସୌନ୍ଦର୍ଯ୍ୟ ହାନି—Detriment Lābaṇya hāni of beauty or elegance.

ଲାବଣ୍ୟା—ସଂ. ବି—ବ୍ରାହ୍ମୀଶାକ (ଦେଖ) (ବୃ. ଶ) Lābaṇyā Brāhmi (See).

ଲାବଣ୍ୟାର୍ଜି(ର୍ଜ୍ଜି)ତ—ସଂ. ବି (ଅସ୍ମା ତତ୍)—ବିବାହ ପରେ ଶ୍ୱଶୁର ଓ Lābaṇyārji(rjji)ta ଶାଶୁ ନବବଧୂର ମୁଖ ଦେଖି ସେଉଁ ଧନ মুখদেখানী मुंहदेखावन ଉପହାର ଦିଅନ୍ତି; ମୁହଁଦେଖା—Cash presented by the father-in-law and mother-in-law to the bride when they see her face for the first time after marriage.

ଲାବନ(ନ୍ୟ,ଣୀ)—ଦେ. ବି—୧। (ପୁଂ) ଲାବଣ୍ୟ ନାମକ ପୁରୁଷର Lābana(nya,ni) ଡାକନାମ—1. (masculine) Name लावण्य for calling "Lābaṇya." ୨। (ସ୍ତ୍ରୀ) (ଲାବଣ୍ୟବତୀ—ଅନ୍ୟରୂପ) 'ଲାବଣ୍ୟବତୀ'ର ଡାକନାମ—2. (feminine) Name for calling "Lābaṇyabati."

ଲାବରାନ୍—ବୈଦେ. ବି. (ଜାହାଜର ଭାଷା) ମାସ୍ତୁଲକୁ ଦୃଢ଼ରୂପେ ଟାଣି Lābarān ଧରିବାପାଇଁ ମାସ୍ତୁଲର ଉଭୟପାର୍ଶ୍ୱସ୍ଥ ରଜ୍ଜୁ—Ropes fastened to both sides of the mast of a ship.

ଲାବା—ସଂ. ବି. ସ୍ତ୍ରୀ (ଲାବ+ସ୍ତ୍ରୀ. ଆ)—ଲାବ ପକ୍ଷିଣୀ—Lābā A female quail (bird).

ଲାବାଣକ—ସଂ. ବି—ଏକପ୍ରକାର ଧାନ (ବୃ. ଶ)—Lābākshaka A kind of paddy.

ଲାବାଡ଼—ଦେ. ବିଣ (ସଂ. ଲମ୍ପଟ; ଭୁଲ. ସଂ. ଲପନ=କହିବା)—୧। Lābarda ଲମ୍ପଟ—1. Lecherous. ୨। ଶଠ—লাবারা,ড়ব लाबर, लबाड़, नेबड 2. Deceitful. ୩। ନିର୍ଲଜ୍ଜ; ଲଜ୍ଜାହୀନ—3. Shameless. ୪। ଦୁଷ୍ଟ—4. Wicked. ୫। ନିର୍ବୋଧ—5. Foolish. ୬। ମିଥ୍ୟାବାଦୀ—6. Liar; lying. ୭। ବାଚାଳ—7. Talkative.

ଲାବାଣକ—ସଂ. ବି (ନାମ)—ମଗଧ ନିକଟସ୍ଥ ପ୍ରାଚୀନ ଦେଶବିଶେଷ (ହି.ଶ)
Lābāṇaka Name of an ancient country near Magadha.

ଲାବାଣ୍ଡି—ପ୍ରାଦେ (ଗଞ୍ଜାମ) ବି—ନାଗବନ୍ଧ (ଦେଖ)
Lābāṇḍi Nāgabandha (See)

ଲାବା(ୱା)ରି(ରି)ସ୍(ସି)—ବୈଦେ.ବିଣ [ଆରବୀ;ଫା.ଲାୱାରିସ(ସି)]—
Lābā(wā)ra(ri)s(si) ୧ । ନାଉଆରସ୍ (ଦେଖ)—1. Nā-
ଲାওয়ারিস লাবারিস uāras (See). ୨ । ଉତ୍ତରାଧିକାରହୀନ—2. Heirless.

ଲାବିକ—ସଂ. ବି (ଲୂ ଧାତୁ =ଛେଦନ କରିବା + କର୍ତ୍ତୃ. ଇକ)—
Lābika ମହିଷ; ମଇଁଷି—Buffalo.

ଲାବିକା—ସଂ. ବି—(ଲାବ+କ+ଆ)—ଲାବ ପକ୍ଷୀ (ଦେଖ)
Lābikā Lāba bird (See)

ଲାବି(ବୁ)—ଗ୍ରା. ବି. ସ୍ତ୍ରୀ—ଲାବଣ୍ୟବତୀର ଡାକନାମ—
Lābi(bu) Name for calling Lābaṇyabatī.

ଲାବୁ(ବୂ)—ସଂ. ବି (ଲୂ ଧାତୁ=ଛେଦନ କରିବା+କର୍ମ. ଉ, ଊ)—୧ ।
Lābu(bū) ଲାଉ; ଅଲାବୁ—1. Pumpkin; gourd ୨ ।
ତୁମ୍ବା—2. A pot made from gourd.

ଲାବୁକ—ସଂ. ବି (ଲାବୁ+ସ୍ୱାର୍ଥେ କ)—ଲାଉ—
Lābuka Gourd.

ଲାବୁକୀ—ସଂ. ବି (ଲାବୁକ+ଈ) ଏକପ୍ରକାର ବୀଣା—
Lābukī A kind of lute (Apte).

ଲାବୁକେଶ୍ୱର—ସଂ. ବି (ନାମ)—ଭୁବନେଶ୍ୱରର ବିନ୍ଦୁସାଗରକୂଳସ୍ଥ
Lābukeśwara ଶିବଲିଙ୍ଗବିଶେଷ—Name of an image of Śiba at Bhubaneswar.

ଲାବୁ(ୱ)ଲଦ୍—ବୈଦେ. ବିଣ (ଆରବୀ; ଫା. ଲାୱଲଦ୍)—
Lābu(wa)l-d ସନ୍ତାନହୀନ; ନିଃସନ୍ତାନ—Heirless;
লাওয়ালিদ লাবলদ্ issueless.
[ଲାବୁ(ୱ)ଲଦୀ—ସନ୍ତାନାଭାବ ବିଶେଷ୍ୟ]

ଲାବେଣୀ—ଗ୍ରା. ବି. ସ୍ତ୍ରୀ (ନାମ)—ଲାବଣ୍ୟବତୀର ଡାକନାମ—
Lābeni Name for calling "Lābaṇyabatī".

ଲାବେଲ୍—ବୈଦେ. ବି (ଇଂ. ଲାବେଲ୍)—କୌଣସି ଦ୍ରବ୍ୟକୁ ଚିହ୍ନିତ
Label କରିବାପାଇଁ ତହିଁ ଉପରେ ମରାଯିବା କାଗଜର ଟୁକୁଡ଼ା—
ল্যা(লে)বেল্ লেবেল Label.

ଲାଭ—ସଂ. ବି (ଲଭ୍ ଧାତୁ+ ଭାବ ଅ)—୧ । ପାଇବା; ମିଳିବା;
Lābha ଲଭିବା; ପ୍ରାପ୍ତି—1. Receipt; getting; attainment. ୨ । ଉପାର୍ଜନ; ଅର୍ଜନ—2. Acquisition; earning. ୩ । (+କର୍ମ ଅ ବାଣିଜ୍ୟାଦିଦ୍ୱାରା ମୂଳଧନଠୁଁ ଅଧିକା ମିଳିବା ଧନ; ମୁନାଫା—3. Profit; gain. ୪ । ସୁଧ—4. Interest. ୫ । ବୃଦ୍ଧି—5. Increase. ୬ । ଉପସ୍ୱତ୍ୱ; ଅସୂ—6. Income. ୭ । ଉପରି ଲାଭ; ଫାଉ; ମୂଲ୍ୟ ଦେଇ କିଣିବା ଦ୍ରବ୍ୟ ଅପେକ୍ଷା ବିକ୍ରେତାଠାରୁ ନେଇ ଯେଉଁ ଅଧିକା ଦ୍ରବ୍ୟ ପାଏ—7. Extra thing received by a purchaser from a vendor in addition to the quantity purchased and paid for. ୮ । ଧନ—8. Wealth; riches. ୯ । ଉପକାର (ହି. ଶ)—9. Benefit.

ଲାଭଃ ପରଂ ଗୋବଧଃ—ସଂ(ପ୍ରବଚନ)—ଯେଉଁ ସ୍ଥଳରେ କିଛିମାତ୍ର ଲାଭ
Lābhaḥ paraṁ gobadhaḥ ନ ହୋଇ ଓଲଟି ଲୋକକୁ ପାପଭାଗୀ ବା କ୍ଷତିଗ୍ରସ୍ତ ହେବାକୁ ହୁଏ, ସେ ସ୍ଥଳରେ ଏହି ପ୍ରବଚନ ବୋଲାଯାଏ—An analogical sentence used when instead of attaining any benefit for doing an act, one commits sin to boot or incurs loss. [ଦ୍ର—ହରିହର ନାମକ ଜଣେ ପ୍ରସିଦ୍ଧ ବୈଦ୍ୟ ଏକ ମୂର୍ଖ ରୋଗୀକୁ ଶୁଣ୍ଠି ଓ ଗୋକ୍ଷୁରର ପାଚନ ସେବନ କରିବାକୁ ବ୍ୟବସ୍ଥା କରିଥିଲେ । ମୂର୍ଖ ଗୋକ୍ଷୁରର ଅର୍ଥ 'ଗୋଷର ନାମକ ଷଣ୍ଢ' ନ ବୁଝି ଗୋଟିଏ ଗୋରୁ ବଧ କରି ତା ଖୁରା ସଙ୍ଗେ ଶୁଣ୍ଠିର ପାଚନ କରି ଖାଇଲା । ଫଳତଃ ଏତଦ୍ୱାରା ରୋଗୀର ରୋଗ ଅପନୋଦ ହେଲା ନାହିଁ; ବୈଦ୍ୟଙ୍କ ଯଶୋହାନି ହେଲା ଓ ବୈଦ୍ୟଙ୍କୁ ଗୋବଧରୂପ ପାପରେ ଭାଗୀ ହେବାକୁ ହେଲା । କିନ୍ତୁ ବୈଦ୍ୟ ଏହା ଜାଣିପାରି ମନୋଦୁଃଖରେ ବୋଲିଥିବା ନିମ୍ନଲିଖିତ ଶ୍ଳୋକର ଶେଷ ପାଦ 'ଲାଭଃ ପରଂ ଗୋବଧଃ' :—

ଶୁଣ୍ଠୀ ଗୋକ୍ଷୁରସ୍ୟୋର୍ବିଧିର୍ମମ ମତସା କଲ୍ପାଖଳଂ ପନ୍ଥସ୍ୱା
ଭୁକ୍ତଂ ତଦ୍‌ବ୍ରପସ୍ୟ ତତଂ କୃତମହୋ ଗୋକ୍ଷୁରମାଂସଂ ଦଦୌ
ଜାତୋମୂର୍ଖଜନାଜୟେ ନ ତ ସୁଖଂ କୋବା ଯଶୋ ଲଭ୍ୟତେ
ସଦ୍‌ବୈଦ୍ୟୋ ହରିରୂପତୌ ହରିହରେ ଲାଭଃ ପରଂ ଗୋବଧଃ
—ସୁବଳଚନ୍ଦ୍ର]

ଲାଭକର—ସଂ. ବିଣ (ଲାଭ+କୃ ଧାତୁ+କର୍ତ୍ତୃ. ଅ)—୧ । ଲାଭ-
Lābha kara ଜନକ; ଅସୂଜନକ—1. Profitable.
(ଲାଭକରୀ—ସ୍ତ୍ରୀ) ୨ । ସୁବିଧାଜନକ—2. Advantageous.
(ଲାଭକାରକ; ଲାଭକାରୀ—ଅନ୍ୟରୂପ) ୩ । ମଙ୍ଗଳକର—3.
লাভকর Beneficial. ସଂ. ବି (ଆଧୁନିକ)—ଅସୂକର;
লাভকর মনুষ্ୟର ଲାଭ ଉପରେ ସରକାରଙ୍କ ନେବା ଶୁଳ୍କ;
ଇନ୍‌କମ୍‌ଟିକସ—Income tax.

ଲାଭ କରିବା—ଦେ. କ୍ରି—୧ । ଅର୍ଜନ କରିବା—1. To earn.
Lābha karibā ୨ । ପାଇବା—2. To get. ୩ । ଧନାଦି
লাভকরা ଅସୂ କରିବା—3. To make a profit.
লাভকরনা ୪ । ଅସୂ ପାଇବା—4. To get a profit.

ଲାଭ କ୍ଷତି—ସଂ. ବି (ଦ୍ୱନ୍ଦ୍ୱାର୍ଥକ ସମାସ)—ବ୍ୟବସାୟର ଅସୂ ଓ
Lābha kshati ଲୋକସାନ—Profit and loss.

ଲାଭ ଖାଇବା—ଦେ. କ୍ରି—ବାଣିଜ୍ୟାଦିର ଅସୂକୁ ଭୋଗ କରିବା—
Lābha khāibā To enjoy the profits. [ଯଥା—
লাভ খাওয়া ଓଡ଼ିଆନାଳ ଗାଁ ପଦଅ ଭଳି, ଲାଭ ଖାଇଗଲେ
লাভ উঠানা ମାଧ ମାହାନ୍ତି । ତଗ ।]

ଲାଭ ଗୃହ—ସଂ. ବି (ଜ୍ୟୋତିଷ)—ମନୁଷ୍ୟର ଜନ୍ମ ଲଗ୍ନଠାରୁ ଏକାଦଶ
Lābha gṛuha ସ୍ଥାନ—(astrology) The eleventh place from one's Lagna. [ଦ୍ର—ଜନ୍ମ କୁଣ୍ଡଳୀରେ ଲଗ୍ନର ୧୧ଶ ଗୃହରୁ ଜାତକର ଧନ ସମ୍ପତ୍ତି, ସନ୍ତାନ, ଆୟୁଃ ଓ ବିଦ୍ୟା ସ୍ଥିର କରାଯାଏ ।]

ଲାଭ ଜନକ—ସଂ. ବିଣ (ଉପପଦ ତତ୍)—ଯହିଁରୁ ଲାଭ ମିଳେ—
Lābha janaka Profitable.

ଲାଭ ଜନ୍ୟ—ସଂ. ବିଣ (୫ମୀ ତତ୍)—ଲାଭରୁ ଜନ୍ମିବା—
Lābha janya Arising from gain or profit.
(ଲାଭଜାତ—ଅନ୍ୟରୂପ)

ଲାଭଦାୟକ—ସଂ. ବିଣ. ପୁଂ—ଯାହା ଲାଭ କରାଏ; ଲାଭକର (ଦେଖ)
Lābhadāyaka Lābhakara (See)
(ଲାଭଦ, ଲାଭଦାତା, ଲାଭଦାୟୀ—ଅନ୍ୟରୂପ)
(ଲାଭଦାୟିକା, ଲାଭଦା, ଲାଭଦାତ୍ରୀ, ଲାଭଦାୟିନୀ—ସ୍ତ୍ରୀ)

ଲାଭ ନଷ୍ଟି—ସଂ. ବି (ବିପରୀତାର୍ଥକ ସହଚର)—ଲାଭ ଓ କ୍ଷତି—
Lābha nashṭi Profit and loss.

ଲାଭ ପ୍ରଦ—ସଂ. ବିଣ (ଉପପଦ ତତ୍ପୁରୁଷ)—ଲାଭଜନକ—
Lābha prada Profitable.

ଲାଭ ମୂଳ—ଦେ. ବି—ବାଣିଜ୍ୟାଦିରୁ ଉତ୍ପନ୍ନ ଲାଭ ଓ ମୂଳଧନ—
Lābha mūḷa Profit and capital (of a trade).

ଲାଭ ମୂଳକ—ସଂ. ବିଣ (ବହୁବ୍ରୀହି)—ଯହିଁର ମୂଳରେ ଲାଭ ଅଛି;
Lābha mūḷaka ଲାଭରୁ ଉତ୍ପନ୍ନ—Originating from profit; which has profit as its cause.

ଲାଭର ପିଆରା—ଦେ. ବିଣ (ସଂ. ଲାଭ+ପ୍ରିୟ)—ଯେଉଁ ବ୍ୟକ୍ତି
Lābhara piārā ଲାଭ ହେଉଥିବା ସମୟରେ କେବଳ
ଲাভের পিয়ারা ମନୁଷ୍ୟକୁ ଭଲ ପାଏ—One who loves
लाभका प्यारा a person only while the latter is making profit.

ଲାଭର ସାଥୀ—ଦେ. ବିଣ—ଯେଉଁ ବ୍ୟକ୍ତି ଲାଭ ବେଳରେ ସଙ୍ଗରେ
Lābhara sāthi ରହେ, ବିପଦ ବେଳରେ ଦୂରେଇ ପଳାଏ—
লাভের সাথী One who keeps company of a
लाभका साथी person while he is earning profit.

ଲାଭ ଲ(ନ)ଫା—ଦେ. ବି (ଏକାର୍ଥକ ସହଚର; ସଂ. ଲାଭ+ଫା. ନଫା)
Lābha la(na)phā ଲାଭ ଇତ୍ୟାଦି—Profit or gain.
লাভটাভ लाभनफा

ଲାଭ ଲେଶ—ଦେ. ବି—୧ । ସାମାନ୍ୟ ମାତ୍ର ଲାଭ; ଅଳ୍ପମାତ୍ର ଲାଭ—
Lābha leśa 1. A little profit. ୨ । ବିକେତାଠାରୁ
লাভের লেশ ମୂଲ୍ୟାନୁଯାୟୀ ଦ୍ରବ୍ୟ କିଣିବା ପରେ କ୍ରେତାର
लाभलेश ଅଣିବା ସାମାନ୍ୟ ମାତ୍ର ଅଧିକା ଦ୍ରବ୍ୟ—2. The extra thing taken by the purchaser in addition to what is purchased by him, by way of grace.

ଲାଭ ଲୋକ୍‌ସାନ୍(ନି)—ଦେ. ବି (ବିପରୀତାର୍ଥକ ସହଚର; ସଂ. ଲାଭ
Lābha lok-sān(ni) +ଫା. ନୁକ୍‌ସାନ୍)—ଲାଭ ଓ କ୍ଷତି;
লাভলোকসান ଲାଭାଲାଭ—Profit and loss.
लाभ नुकसान

ଲାଭ ସ୍ଥାନ—ସଂ. ବି [ଜ୍ୟୋତିଷ)—ଲାଭଗୃହ (ଦେଖ)
Lābha sthāna Labhagṛuha (See)

ଲାଭ ହେତୁକ—ସଂ. ବିଣ (ବହୁବ୍ରୀହି)—ଲାଭମୂଳକ (ଦେଖ)
Lābha hetuka Labhamūḷaka (See)

ଲାଭା—ବୈଦେ. ବି (ଇଂ)—ଆଗ୍ନେୟ ଗିରିରୁ ନିର୍ଗତ ଗଳିତ ଧାତୁ
Lābhā লাভা लावा Lava.

ଲାଭାର୍ଦ୍ଦି—ପ୍ରାଦେ (ପୁରୀ) ବି (ଗାଳିରେ ବ୍ୟବହୃତ) (ସଂ. ଲାଭ
Lābhārdi ଲୋଲୁପ)—୧ । ଅତି ଲୋଭୀ (ବ୍ୟକ୍ତି)—
1. Very avaracious. ୨ । ଲାଭ ପାଇବା ପାଇଁ ଅତ୍ୟଧିକ ବ୍ୟଗ୍ର (ବ୍ୟକ୍ତି)—2. Hankering after profit.

ଲାଭାଧିପ—ସଂ. ବି (ଫଳିତ ଜ୍ୟୋତିଷ)—ଲାଭଗୃହ ବା ଲଗ୍ନର
Lābhādhipa ଏକାଦଶ ସ୍ଥାନର ଅଧିପତି ଗ୍ରହ—(astrology) The planet who rules the 11th house in one's horoscope.
ଲାଭାଧିପତି } ଅନ୍ୟରୂପ
ଲାଭାଧୀଶ

ଲାଭାର୍ଥୀ—ସଂ. ବିଣ. ପୁଂ (ଉପପଦ ତତ୍)—ଯେ ଲାଭ କରିବାକୁ
Lābhārthi ଇଚ୍ଛୁକ—Desirous of profit or gain.
(ଲାଭାର୍ଥିନୀ—ସ୍ତ୍ରୀ)

ଲାଭାର୍ହ—ସଂ. ବିଣ. ପୁଂ—ଲାଭ କରାଯିବାର ଉପଯୁକ୍ତ; ପ୍ରାପ୍ତିଯୋଗ୍ୟ—
Lābhārha Fit or proper to be gained; obtainable.
(ଲାଭାର୍ହା—ସ୍ତ୍ରୀ)

ଲାଭାଲାଭ—ସଂ. ବି (ଦ୍ୱନ୍ଦ୍ୱ; ଲାଭ+ଅଲାଭ)—ଲାଭ ଓ କ୍ଷତି—
Lābhālābha Profit and loss.

ଲାଭି—ଗ୍ରା. ବି (ସଂ. ନାଭି)—ନାଭି (ଦେଖ)—
Lābhi Nābhi (See)
[ଦ୍ର—ତ ଅବା ସେ ଲଙ୍କଙ୍କ ଲାଭିର ଉପରେ ଥାଟି. ବ୍ରହ୍ମଭକ୍ତରୂପଣଗୀତା ।]

ଲାଭି କମଳ—ଗ୍ରା. ବି (ସଂ. ନାଭି କମଳ)—ନାଭିକମଳ (ଦେଖ)
Lābhi kamaḷa Nābhikamaḷa (See)

ଲାଭେଚ୍ଛା—ସଂ. ବି—(୬ଷ୍ଠୀ ତତ୍)—ଲାଭ କରିବାର ଅଭିଲାଷ—
Lābhechchā Desire of profit or gain.
(ଲାଭୈଷଣା—ଅନ୍ୟରୂପ)

ଲାଭେଚ୍ଛୁ—ସଂ. ବିଣ. ପୁଂ—ଲାଭ କରିବାକୁ ଅଭିଳାଷୀ—Desirous
Lābhechchu of gaining (ଲାଭେଚ୍ଛୁକ—ଅନ୍ୟରୂପ)

ଲାଭେଣ୍ଡର୍—ବୈଦେ. ବି. (ଇଂ ଲାଭେଣ୍ଡର)—ଲାଭେଣ୍ଡର ନାମକ
Lābhendar ସୁଗନ୍ଧ ସୁବାସିତ ଅରକ—Lavender water
লেভেণ্ডর जैवेंडर [ଦ୍ର—ଏହା ଏକ ପ୍ରକାର ବିଦେଶୀୟ ଫୁଲ
(ଲାଭେଣ୍ଡର୍ ଵାଟର୍—ଅନ୍ୟରୂପ) ଲାଭେଣ୍ଡରର ସୁବାସିତ ପତ୍ର ଓ ପୁଷ୍ପର ଅର୍କ ଦ୍ୱାରା ସୁଗନ୍ଧିତ ସୁବାସମୟ ଦ୍ରବ୍ୟ । ଏ ଫୁଲର ନାମ—Lavendula Spika]

ଲାଭୈଷୀ—ସଂ. ବଣ, ପୁଂ. (ଲାଭ+ଇଷୀ)—ଲାଭ କରିବାକୁ ଇଚ୍ଛୁକ—
Lābhaishi (ଲାଭୈଷିଣୀ—ସ୍ତ୍ରୀ) Desirous of gaining.

ଲାମଜ୍ଜକ—ସଂ. ବ [ଲାଧାତୁ=(ଉତ୍ତାପ ଅତ) ଗ୍ରହଣ କରିବା ବା
Lāmajjaka ଘୁଞ୍ଚାଇବା+ମଜ୍ଜା=ସାର+କ; ଯାହା ଦେହର ଉତ୍ତାପ ଘୁଞ୍ଚାଏ।]—୧। ଗନ୍ଧତୃଣ (ଦେଖ)—1. Gandha truṇa (See). ୨। ଉଶୀର; ବେଣାମୂଳ—2. The fragrant root of Beṇā grass; Andropogen Muricatus. ୩। ଗନ୍ଧବେଣା—3. Juncus Odoratus. [ଦ୍ର—ଏ ତୃଣଯୁକ୍ତ ପ୍ରଦେଶ, ପଞ୍ଜାବ ଓ ସିନ୍ଧ ପ୍ରଦେଶରେ ବର୍ଷାର ସବୁ ଋତୁରେ ମିଳେ। ଏହା ବେଣା ପରି, କିନ୍ତୁ ଈଷତ୍ ହଳଦିଆ। ଏହାର ମୂଳ ନିକଟସ୍ଥ ଅଂଶ ମୋଟା ଓ ତହିଁରେ ରୋମ ଥାଏ। ଏହାର ଦଣ୍ଡ ସିଧା ଓ ଦଣ୍ଡରେ ତନ୍ତୁ, ପତଳା ଓ ଲମ୍ବ ପତ୍ର ହୁଏ। ବୈଦ୍ୟକ ମତରେ ଏହା ଉତ୍ତେଜକ, ଘର୍ମ ନିଃସାରକ, ରକ୍ତ ପରିଷ୍କାରକ, ଅଗ୍ନିବୃଦ୍ଧି ଓ କାଶ ନାଶକ ଓ ବସନ୍ତକାଳରେ ଓ ଜ୍ୱରରେ ଉପକାରୀ—(ହି. ଶ)—ଏହା ଶୀତବୀର୍ଯ୍ୟ, ତିକ୍ତରସ, ଲଘୁ ଓ ତ୍ରିଦୋଷ ନାଶକ ଓ ରକ୍ତ ଦୋଷ, ଚର୍ମରୋଗ, ଘର୍ମ, ମୂତ୍ରକୃଚ୍ଛ୍ର, ଦାହ ଓ ରକ୍ତପିତ୍ତନାଶକ—ଦ୍ରବ୍ୟଗୁଣ)

ଗନ୍ଧବେଣା
लामज, पीलावाला
ତେ—ଭେଟ୍ଟିବେରୁ
ମ. ଲାବଜ, ପୀବଲାବାଲା
ଗୁ. ସୁଗନ୍ଧ ଘାଲୁ, ଖଡ୍ଡାଜଲ, ଜଲବାଲୋ
ଅନ୍ୟ ସଂ. ନାମ—ଶୁଦ୍ଧାଳ, ଅମୃଣାଳ, ଲଘୁ, ସେବ୍ୟ, ଇଷ୍ଟକାପଥ୍ୟ, ବଳଦ, ଅବଦାହକ]

ଲାମା—ବୈଦେ. ବ. (ନାମ)—୧। (ତିବ୍ବତୀୟ ଭାଷା) ତିବ୍ବତ ଦେଶୀୟ
Lāmā ବୌଦ୍ଧ ପୁରୋହିତ—1. A Buddhist priest of
লামা लामा Tibet. [ଦ୍ର—ତିବ୍ବତର ବୌଦ୍ଧ ମଠର ମହନ୍ତ; ବୌଦ୍ଧ ବାବାଜୀମାନେ ଦୁଇ ଶ୍ରେଣୀର ଅଟନ୍ତି—(୧) ଜାବା ଲାମା (ସନ୍ନ୍ୟାସୀ) ଓ (୨) ଜାବା (ବ୍ରାହ୍ମଣ)। ଏମାନେ ମୁଣ୍ଡିତ ମସ୍ତକ, ରକ୍ତବସନଧାରୀ, ଚିରକୌମାର ବ୍ରତୀ। ଲାମାମାନେ ରାଜ୍ୟର ଧର୍ମ ଓ ରାଜନୀତିର ଅଧ୍ୟକ୍ଷ। ଏମାନେ ଭୋଜନ ପୂର୍ବରୁ ସ୍ତବ ପାଠ କରନ୍ତି ଓ ଡମରୁ ବଜାନ୍ତି। ଭୋଜନ ପୂର୍ବରୁ ଓ ଭୋଜନ ସମୟରେ ଇନ୍ଦ୍ର, ବରୁଣ ଓ ବାୟୁ ପ୍ରଭୃତି ଦେବଗଣଙ୍କର ସ୍ତବ ହୁଏ। ମଧ୍ୟେ ମଧ୍ୟେ ମହାକାଳୀ, ତାରା ଓ ଶିବଙ୍କର ସ୍ତୁତି ଦ୍ୱାରା ଭଜନ ସହ ଭୋଜନ ଶେଷ ହୁଏ। ଲାମାମାନଙ୍କ ଦେବାଳୟରେ ନିତ୍ୟ ଉପାସନା ପ୍ରଣାଳୀ ତିନି ପ୍ରକାର; ଯଥା—(୧) ବୈଦିକ ଦେବଗଣଙ୍କର ସ୍ତୁତି; (୨) ପୌରାଣିକ ଓ ତାନ୍ତ୍ରିକ ଦେବଗଣଙ୍କର ଆରାଧନା; (୩) ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ସ୍ତୁତି।

ଲାମାମାନଙ୍କର ଦେବସ୍ଥାନରେ ଯନ୍ତ୍ର ବା କାଳୀମୂର୍ତ୍ତି ପ୍ରତିଷ୍ଠିତ। ମଠାଧୀଶ ଏକ ଲାମାଙ୍କର ଆସନ ଅନ୍ୟ ଜଣେ ଲାମା ଗ୍ରହଣ କରିପାରନ୍ତି ନାହିଁ। ପ୍ରଧାନ ଲାମାଙ୍କର ମୃତ୍ୟୁ ହେଲେ ତାହାଙ୍କ ପୁନର୍ଜନ୍ମ ଓ ପୁନରାଗମନ ପର୍ଯ୍ୟନ୍ତ ତାଙ୍କ ଆସନକୁ ଶୂନ୍ୟ ରଖାଯାଏ। ପୁନର୍ଜନ୍ମପରେ ୩ ବର୍ଷଠାରୁ ୭ ବର୍ଷ ବୟସ ମଧ୍ୟରେ ସେହି ମୃତଲାମାଙ୍କ ଦେହାନ୍ତ ପରେ ମଠର ଆୟ ବ୍ୟୟ, ସ୍ଥିତି, ପଶୁ, ସମ୍ପତ୍ତି କେଉଁଣ ସ୍ଥଳ ଏବଂ ବର୍ତ୍ତମାନ କେଉଁଣ ଅଛି, ଯେଉଁ ଶିଶୁ ତାହା କହିପାରେ ସେ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୁଏ। ତହିଁ ଉତ୍ତାରୁ ତାଙ୍କ ମଠର ଅନ୍ୟ ଲାମାମାନେ ଶୂନ୍ୟ ମହନ୍ତଙ୍କ ଆସନରେ ବସାନ୍ତି।]

୨। (ସ୍ପେନ୍ ଦେଶୀୟ ଭାଷା—ଲାଏମା; ଇଂ. ଲ୍ଲାମା)—ଦକ୍ଷିଣ ଆମେରିକାର ଏକପ୍ରକାର ରୋମନ୍ଥକ ଉଷ୍ଟ୍ରଜାତୀୟ ପଶୁ—2. Llama; Auchenia Lama; south American beast of the camel family. [ଦ୍ର—ଏମାନେ ଓଟଠାରୁ ଛୋଟ, ଏମାନଙ୍କର କୁଜ ନାହିଁ। ଏମାନେ ଆମ ଦେଶର ଗଧ ପରି ଗୃହପାଳିତ ହୋଇ ବୋଝ ବୁହନ୍ତି। ଏମାନଙ୍କ କୋମଳ ଲୋମରୁ କୋମଳ ଶୀତବସ୍ତ୍ର ପ୍ରସ୍ତୁତ ହୁଏ ଓ ଚମଡ଼ାରୁ ନାନା ବ୍ୟବହାର୍ଯ୍ୟ ବସ୍ତୁ ନିର୍ମିତ ହୁଏ। ଏ ଜନ୍ତୁଙ୍କୁ କଞ୍ଚା ଘାସ ମିଳିଲେ ଏମାନଙ୍କର ପାଣି ପିଇବା ଦରକାର ହୁଏ ନାହିଁ। ଏମାନଙ୍କ ଗୋଡ଼ର ଅଙ୍ଗୁଳମାନ ପୃଥକ୍ ଓ ପ୍ରତି ଅଙ୍ଗୁଳରେ ଛୋଟ ଦୃଢ଼ ନଖ ଅଛି। ଏମାନେ ମଧ୍ୟ ବନ୍ୟ ଅବସ୍ଥାରେ ମିଳନ୍ତି ଓ କୁକୁରଙ୍କ ସାହାଯ୍ୟରେ ଏମାନଙ୍କୁ ଶିକାର କରାଯାଏ। ଏମାନେ ଆକ୍ରମଣକାରୀ ଉପରକୁ ଛେପ ପକାନ୍ତି। ବନ୍ୟ ଅବସ୍ଥାରେ ଏହାକୁ ଗୁଆନା ଓ ଗୃହପାଳିତ ଅବସ୍ଥାରେ ଲାମା ବୋଲାଯାଏ। ହି. ଶ]
লামা लामा

ଲାମ୍ପ (ମ୍ଫ)—ବୈଦେ. ବ.(ଇଂ. ଲାମ୍ପ)—୧। କାଚ ନିର୍ମିତ ପ୍ରଦୀପ—
Lāmp(mph) 1. Glass lamp. ୨। ଲମ୍ଫ; ଲମ୍ପ;
ল্যা(লে)ম্প(ম্ফ) लैंप କିରାସିନି ତେଲ ଜଳିବାର ଡିବିରି—
2. A kerosene lamp.

ଲାମ୍ପ ଫିତା(ବତି)—ଦେ. ବ—କାଚ ପ୍ରଦୀପରେ ଜଳିବା ବର୍ତ୍ତୀ—
Lāmp phitā(bati) Lamp wick.
ল্যা(লে)ম্প ফিতে (বাতি) लैंपकीबत्ती

ଲାମ୍ପଟ୍ୟ—ସଂ. ବ. (ଲମ୍ପଟ+ଭାବ ଯ)—ଲମ୍ପଟତା; କାମୁକତା;
Lāmpatya ରଣ୍ଡିବାଜି; ବ୍ୟଭିଚାର—Lasciviousness; fornication; adultery.

ଲାୟ(ୟେ)କ୍—ବୈଦେ. ବଣ. (ଅ. ଲାୟକ୍) ଲାଏକ୍ (ଦେଖ)—
लायक লায়েক (ନାଲାୟକ—ବିପରୀତ) Laek (See).

ଲାୟ(ୟେ)କତି—ବୈଦେ. ବ. (ଫା)—ଲାଏକତି (ଦେଖ)
Laya(ye)kati Lāekati (See).

ଲାୟାର୍—ବୈଦେ. ବ (ଇଟାଲୀୟ)—ଇଟାଲିରେ ପ୍ରଚଳିତ ମୁଦ୍ରାବିଶେଷ-
Lāyār Lire; a current silver coin of Italy; lira—
(ଇଂ—ଅନ୍ୟରୂପ) (ଦ୍ର—ଏହା ୧୦୦ଟି ସେଣ୍ଟେସିମି (centesimi) ରେ ବିଭକ୍ତ ଓ ଏଥିର ଆଧୁନିକ ମୂଲ୍ୟ ବିଲାତ ପ୍ରଚଳିତ ଏକ ପାଉଣ୍ଡର ୮୨ ଭାଗରୁ ଏକ ଭାଗ, ଅର୍ଥାତ୍ ପାଉଣ୍ଡକୁ ୧୫ ଟଙ୍କା ଧରିଲେ ଏହି ଭାରତ ମୁଦ୍ରାରେ ପ୍ରାୟ ତିନି ଅଣା ହେବ। ଷ୍ଟେଟ୍ସମାନ୍ ପତ୍ରିକାର ବିଜ୍ଞାପନ ୨୭।୧।୩୭]

ଲାରଣ୍ (ନ୍)—ପ୍ରାଦେ॰ (ଉତ୍ତର ସଦର) ବି॰ (ନାମ)—ନାରାୟଣ ନାମର
Lāraṇ (n) ବ୍ୟକ୍ତିର ଡାକ ନାମ—Name for calling
(ଲାର, ଲାରଅ, ଲାରୁ, ଲାରୁଅ—ଅନ୍ୟରୂପ) Nārāyaṇa.

ଲାରି—ପ୍ରାଦେ. (ସମ୍ବଲପୁର) ବି.—କୁଡ଼ିଆ ଘର—Cottage; hut.
Lāri

ଲାର୍ଡ(ଡ୍) ପ୍ରାଦେ॰ (ଗଞ୍ଜାମ) ବୈଦେ॰ ବି॰ (ଇଂ. ଲର୍ଡ୍)—ଲର୍ଡ଼,
Lārḍ (rḍ) (ଦେଖ)—Lard (See).

ଲାଲ୍—ପ୍ରାଦେ. (ସମ୍ବଲପୁର) ବଣ. (ଭୁଲ. ହି. ଲାଲ୍)—ନାଲିଆ; ରକ୍ତ
Lāl ବର୍ଣ୍ଣ ବିଶିଷ୍ଟ—Red coloured.

ବୈଦେ. ବଣ. [ଫା. ଲାଲ୍=ପ୍ରିୟ, ରକ୍ତବର୍ଣ୍ଣ; ତୁଳନା କର
ସଂ. ଲଲ୍ (ଡ଼) ଧାତୁ=ଇଚ୍ଛା କରିବା, ବା ସଂ. ଲୋହିତ]—
लाल লাল ରକ୍ତ ବର୍ଣ୍ଣ ବିଶିଷ୍ଟ; ନାଲିଆ; ଲୋହିତ—Red.
लालमुनिया লাল ବି.—୧ । (ଫା. ଲାଲ୍) ଏକପ୍ରକାର କ୍ଷୁଦ୍ର
ଗାୟକ ପକ୍ଷୀ—1. A small singing bird; the
bull finch; Fringilla; Amandava or
Pyrhulla Vulgaris; Sporæginthus
Amandava. [ବି.—ଏହା ଘର ଚଟିଆ ଅପେକ୍ଷା
ଛୋଟ । ଏହାର ଦେହ ଅଧିକ ମାଟିଆ ଓ ଶୀତ ଋତୁରେ
ଏହାର ଦେହରେ ଫୁଟଫୁଟକିଆ ଦାଗ ହୁଏ । ଏମାନଙ୍କର
ଶବ୍ଦ ଅତି ମଧୁର ଥିବାରୁ ଲୋକେ ଏମାନଙ୍କୁ ପାଳନ୍ତି ।]
୨ । (ଫା. ଲାଲ୍) ରକ୍ତବର୍ଣ୍ଣ ରତ୍ନବିଶେଷ; ମାଣିକ—
2. Ruby. ୩ । ନାଲି ରଙ୍ଗ; ରକ୍ତବର୍ଣ୍ଣ—3. Red
colour. ୪ । ନାଲି କାଇଞ୍ଚ—4. The black
tipped seeds of 'Kāiñcha'. ୫ । (ଫା. ନାଲ୍)
नाल নাল ନାଲ୍; ଘୋଡ଼ା ଓ ଗୋରୁଙ୍କ ଖୁରରେ ମରାଯିବା ଲୁହାର
ପାଢ଼ଅ—5. Shoes put below the hoofs of
horses and bullocks; horse shoe. ଦେ.
ବି.—୧ । ରାଜାଙ୍କର ୩ୟ ବା ୪ର୍ଥ ରାଜକୁମାରଙ୍କ ଉପାଧି—
लाला লাল 1. The title of the 3rd or 4th son of
a Raja. ୨ । ବିହାରର ଲାଲ କାୟସ୍ଥମାନଙ୍କର
लाला লালা ବଂଶଗତ ଉପାଧି—2. The family title of
the 'Lālā Kāyasthas' of Bihar. ୩ ।
ହିନ୍ଦୁସ୍ଥାନୀ ବ୍ୟକ୍ତିମାନଙ୍କ ନାମ ସଙ୍ଗେ ଯୁକ୍ତ ପଦ—3. A
word attached to the name of Hindu-
stanee persons. [ବି—ଆମ ଦେଶରେ ଲୋକଙ୍କ
ନାମ ସଙ୍ଗେ ଯେପରି 'ଚନ୍ଦ୍ର' ଶବ୍ଦ ଯୁକ୍ତ ହୁଏ (ଯଥା—
ରାମଚନ୍ଦ୍ର, କୃଷ୍ଣଚନ୍ଦ୍ର), ସେହିପରି ପଶ୍ଚିମ, ହିନ୍ଦୁସ୍ଥାନ ଆଦି
ଅଞ୍ଚଳରେ 'ଲାଲ୍' ଶବ୍ଦ ଯୁକ୍ତ ହୁଏ । ଯଥା—ମୋହନ
ଲାଲ୍, ଗିରିଧାରୀ ଲାଲ୍, ରାମ ଲାଲ୍, କମଳଲାଲ୍, ବ୍ରଜଲାଲ୍
ଇତ୍ୟାଦି । ଏଥିର ଅର୍ଥ ପ୍ରିୟ; କମଳ ଲାଲ=ଶ୍ରୀକୃଷ୍ଣଙ୍କ
ପ୍ରିୟ ବ୍ୟକ୍ତି ।]

ଲାଲ୍ କରବୀ—ଦେ॰ ବି—(ସଂ. ଲୋହିତ କରବୀର)—ନାଲି କରବୀ;
Lāl karabī ରଙ୍ଗ କରବୀ ଫୁଲ—The red-flowered
लाल करवी লাল করবীর oleander.

ଲାଲ୍ ଗୁଲ୍(ଲୁ) ଗୁଲ୍(ଲୁ)—ପ୍ରାଦେ. (ସମ୍ବଲପୁର) ବଣ॰—ଲାଲ୍‌ଗୁଲାଲ୍
Lāl gul-(lu)gul(lu) (ଦେଖ)— Lālgulāl (See).
[ବି—ଲାଲ୍ ଗୁଲ୍ ଗୁଲ୍ ଅବନ୍ ଝୁଙ୍କା (ଫୁଲ)—
ସମ୍ବଲପୁରୀ ବଚନ ।]

ଲାଲ୍ ଗୁ(ଗୋ)ଲାଲ୍—ବୈଦେ. ବଣ. (ଫା). ୧ । ରଙ୍ଗ ଟହ ଟହ;
Lāl gu(go)lāl ନାଲି ଟୁକୁ ଟୁକୁ;ରକ୍ତ ରଞ୍ଜିତ ଓ ମନୋହର—
टकटकेलाल লাল টকটকে 1, Red coloured and
charming. ୨ । ଖୁବ୍ ରକ୍ତବର୍ଣ୍ଣ ବିଶିଷ୍ଟ—2. Very
red; bright red.

ଲାଲ୍ ଚଢ଼ା(ଢ଼େ)ଇ—ଦେ. ବି—ଲାଲ୍ ୧ (ଦେଖ)
Lāl chardhā(rdhe)i Lal 1 (See)

ଲାଲ୍ ଚହଚ—ଦେ. ବଣ—ଲାଲ୍‌ଗୁଲାଲ୍ (ଦେଖ)—
Lāl chahacha Lāl gulāl (See)
लाल टकटक टकेटकलाल লাল চহচহ, লাল দপ দপ
[ଲାଲ୍ ଚହ ଚହ; ଲାଲ୍ ଟକ ଟକ; ଲାଲ ଟହଟହ, ଲାଲ ଟହ ଟହ
ଲାଲି ଟୁକୁଟୁକୁ, ଲାଲ ଟୁକୁଟୁକୁ, ଲାଲ ଟୁକ୍‌ଟୁକ୍—ଅନ୍ୟରୂପ]

ଲାଲ୍ ଚାନ୍ଦି—ଦେ॰ ବି—ଚେପ୍ଟା ଗୋଲ ଓ ଲୋହିତାଭ ଏକ ମାଛ
Lāl chāndi ଏକପ୍ରକାର ଛୋଟ ମାଛ—A species of
लालचाँदी flat, round and reddish small
লালচান্দী fish; Chanda Lala (of Hamilton's
fishes of the Ganges.)

ଲାଲ୍ ଚିତା—ଦେ॰ ବି (ସଂ. ରକ୍ତଚିତ୍ରକ)—ରକ୍ତଚିତ୍ରକ (ଦେଖ)
Lāl chitā Raktachitraka (See)
लालचिता লালচিতা

ଲାଲ୍ ଜର୍‌ଜର୍—ପ୍ରାଦେ (ସମ୍ବଲପୁର) ବଣ—ନାଲି ଟହଟହ; ରଙ୍ଗ
Lāl jar-jar ଟହଟହ; ରକ୍ତାକ୍ତ—Bright red.
(ଲାଲ୍ ଜର୍ଜର୍—ଅନ୍ୟରୂପ)

ଲାଲ୍ ଟ(ଟି)ଣ(ନ୍)—ବୈଦେ॰ ବି. (ଇଂ. ଲଣ୍ଠନ୍) —ଲଣ୍ଠନ୍ (ଦେଖ)
Lāl ṭa(ṭi)ṇ(n) Lanṭan (See)
लठेन লাজটেন

ଲାଲ୍ ପଗଡ଼ି—ଦେ. ବି (ଫା. ଲାଲ୍+ସଂ. ପ୍ରଗଡ଼)—୧ । ମୁଣ୍ଡର
Lāl pagarḍi ନାଲି ପାଗ—1. Red turban. ୨
लालपागड़ी ଲାଲ୍‌ପଗଡ଼ିଆ (ଦେଖ)—2. Lāl pagarḍiā
লালপগড়ী (See)

ଲାଲ୍ ପଗଡ଼ିଆ—ଦେ. ବଣ—ଯେ ମୁଣ୍ଡରେ ନାଲି ପାଗ ଗୁଡ଼ାଇ ଥାଏ—
Lāl pagarḍiā Wearing a red turban. ଦେ. ବି
लालपागड़ी वाला (ପୁଲିସ କନଷ୍ଟବଲ ଆଦି ମୁଣ୍ଡରେ ନାଲି
লালপাগড়ীবালা ପଗଡ଼ି ପିନ୍ଧିଥିବାରୁ)—ପୁଲିସ୍ କନଷ୍ଟବଲ ଆଦି
—Police constable.
(ଲାଲ୍‌ପଗଡ଼ିଧାରୀ, ଲାଲ୍‌ପଗଡ଼ିବାଲା, ଲାଲ୍‌ପାଗିଆ—ଅନ୍ୟରୂପ)

ଲାଲ୍ ପଟା(ଟ୍ଟା)—ଦେ॰ ବି—ନାଲି ପଟା (ଦେଖ)
Lāl paṭā(ṭṭā) Nāla paṭā (See)

ଲାଲ୍ ପାଣୀ—ଦେ॰ ବି—ମଦ—Wine.
Lāl-pāṇī लालपानी, লালপানী

ଲାଲ୍ ପୋଷ୍—ବୈଦେ• ବଣ (ଫା)—ଲୋହିତବର୍ଣ୍ଣ ପରିଚ୍ଛଦଧାରୀ—
Lāl posh Wearing red dress.
লালপোষ लालपोष

ଲାଲ୍ ବନ୍ଦ(ନ୍ଦି)—ବୈଦେ. ବ (ଫା• ନାଲ୍‌ବନ୍ଦ୍)—ନାଲବନ୍ଦ; ଯେଉଁ
Lāl banda(ndi) ବ୍ୟକ୍ତି ଘୋଡ଼ାଅଶ୍ୱଙ୍କ ଗୋଡ଼ରେ ନାଲ
নালবন্দ ମାରେ—A person who shoes horses; a
नालबन्द farrier.

ଲାଲ୍ ବନ୍ଦି—ବୈଦେ. ବ (ଫା. ନାଲବନ୍ଦୀ)—ଘୋଡ଼ାଅଶ୍ୱଙ୍କ
Lāl bandi ଗୋଡ଼ରେ ନାଲମାରିବା କ୍ରିୟା—The process
নালবন্দী of attaching iron shoes to the
नालबन्दी hoofs of horses etc.

ଲାଲ୍ ବାଗ୍—ବୈଦେ. ବ (ନାମ) (ଫା. ଲାଲ୍=ସୁନ୍ଦର+ବାଗ୍= Lāl bāg ଉଦ୍ୟାନ)—କଟକ ସହରର କାଠଯୋଡ଼ି କୂଳରେ
লালবাগ ଓଡ଼ିଶା ପ୍ରଦେଶର ରେଭିନ୍ୟୁ କମିଶନରଙ୍କ କୋଠି
लालबाग —The bungalow of the Revenue Commissioner of Orissa situate in Cuttack town on the bank of the Kathjori river. [ଦ୍ର—ପୂର୍ବେ ମୋଗଲ ଓ ମରହଟ୍ଟା ରାଜତ୍ୱକାଳରେ ଶାସନକର୍ତ୍ତାମାନେ ଏହିଠାରେ ରହୁଥିଲେ ଏବଂ ଏଠାରେ ସେମାନଙ୍କର ବଗିଚା ଥିଲା ।]

ଲାଲ ବି(ବେ)ହାରି -ଦେ. ବ. ପୁଂ—ଲୋକଙ୍କ ନାମ—
Lāl bi(be)hāri Name given to males.
লালবিহারী लालविहारी

ଲାଲ୍ ଭଜି—ପ୍ରାଦେ (କଟକ) ବ—୧ । କୋଶଳା ଶାଗ—1. A
Lāl bhāji sort of pot herb. ୨ । ମାଂସ ଭଜା—
2. Fried bits of meat. ୩ । ଖାଦ୍ୟାର୍ଥ ବ୍ୟବହୃତ ମାଂସ—3. Meat.

ଲାଲ୍(ଲ୍)ଲାଳ—ଦେ• ବ (ସ. ଲାଳା)—ଲାଳାମୟ—
Lāl(l)-lāla লেললেলে लारलार Slimy.
[ଲାହାଳ, ଲାଲ୍‌ଲାଳୁଅ, ଲାହାଳୁଅ—ଅନ୍ୟରୂପ]

ଲାଲ୍ ସାହେବ—ବୈଦେ• ପ୍ରାଦେ (ଗଡ଼ଜାତ) (ଫା. ଲାଲ୍+ସାହେବ)
Lāl sāheba —ରାଜାଙ୍କର ୩ୟ ବା ୪ର୍ଥ ରାଜକୁମାରଙ୍କ
লাল সাহেব ଉପାଧି—The title of the 3rd or 4th
लालसाहब son of a Raja.

ଲାଳ—ଦେ• ବ (ସ. ଲାଳା)—୧ । ଲାଳା; ପାଟିରୁ ବୋହିବା ଝୋଳ;
Lāla ମୁଖର ସ୍ରାବ—1. Saliva; slaver. [ଦ୍ର—
লাল(লা) लार, राल, लाला ବାଳୁଙ୍ଗମାନେ ଅପରିଷ୍କାରଙ୍କରେ ଲାଗିରହନ୍ତି ଲାଳ—ରତ୍ନାକରଣ. ମଧୁସୂଦନ ।] ୨ । ଚିକ୍କଣରସ—2 Slime. ୩ । ଅମ; ପେଟ ମଧ୍ୟରେ ଥିବା ଅମ (ଯାହା ଝାଡ଼ା ସଙ୍ଗେ ବାହାରେ)—
3. Mucus.

(ପାଟିରୁ) ଲାଳ ଉଠିବା—ଦେ. ବ—ପାଟି ଲାଳାଇବା—
Lāla uṭhibā Salivation (said of the mouth).
লালাউঠা पानीपानीहोना, मुहं आना

(ପାଟିରୁ) ଲାଳ ଗଡ଼ିବା—ଦେ. ବ—ମୁହଁ ଅବରୁ ଲାଳାର ଧାର
Lāla gaḍibā ପ୍ରବାହିତ ହେବା ବା ଉଦ୍‌ଗତ ହେବା—
লালপড়া लारबहना(टपकना) The flowing of
ଲାଳବ(ବୋ)ହିବା } —ଅନ୍ୟରୂପ saliva or slime
ଲାଳ ଝରିବା } from the month.
[ଦ୍ର—ସ୍ତ୍ରୀମାନଙ୍କ ମଧ୍ୟରେ ଗୋଟିଏ ବିଶ୍ୱାସ ଅଛି ଯେ, ଯେଉଁ ଶିଶୁ ଗର୍ଭରେ ଥିଲାବେଳେ ମାତାର ଦୋହଦ-ଲାଳସା ଅପୂର୍ଣ୍ଣ ରହିଥାଏ, ଅର୍ଥାତ୍ ମାତା ଯେଉଁ ପଦାର୍ଥ ଖାଇବାକୁ ମନ କରିଥାଏ, ତାହା ସବୁ ଖାଇବାକୁ ପାଇ ନ ଥାଏ, ତେବେ ଉକ୍ତ ଶିଶୁର ପାଟିରୁ ଲାଳ ଗଡ଼େ ।]

ଲାଳ(ଲି)ଚ(ଚି)—ବୈଦେ• ବ (ଫା. ନାଲିସ୍) —୧ । ନାଲିସ; କୌଣସି
Lāla(la)cha(chi) ବ୍ୟକ୍ତି ବିରୁଦ୍ଧରେ କର୍ତ୍ତୃପକ୍ଷଙ୍କ ନିକଟରେ
নালিস नालिस ଅଭିଯୋଗ କରିବା ବା ମକଦ୍ଦମା ଦାଏର କରିବା—1. Complaint; filing of a case or suit against a person. ୨ । ମକଦ୍ଦମା—
2. Case; suit.

ଲାଳଚ(ଚା)—ଦେ. ବ (ସଂ. ଲାଳସା)—୧ । ଲାଳସା (ଦେଖ)—
Lālacha(chā) 1. Lālasā See). ୨ । ଲୁବ୍ଧତା;
লালসা(চা) लालच କୌଣସି ବସ୍ତୁ ପ୍ରତି ଅତ୍ୟଧିକ ଲୋଭ; ଲୋଲୁପତା—2. Inordinate desire for a
নাইদেওয়া लाड़ thing. ୩ । (ସଂ. ଲାଳନ) ଶିଶୁକୁ ଅତି ଗେହ୍ଲାପଣରେ ବଢ଼ାଇବା—
3. Bringing up of a child with excessive fondling.

ଲାଳଚୁ—ଦେ• ବଣ. ପୁଂ—୧ । ଲାଳସାଯୁକ୍ତ —1. Having an
Lālachā inordinate hankering. ୨ । ଲାଳାୟିତ-
(ଲାଳଚିଆ—ଅନ୍ୟରୂପ) 2. Hankering. ୩ । ଖାଦ୍ୟ-
(ଲାଳଚୀ, ଲାଳଚେଇ—ସ୍ତ୍ରୀ) ଦ୍ରବ୍ୟପ୍ରତି ବିଶେଷ ଲୋଭୀ—
লোভী लालचि 3. Hankering after dainty food. ୪ । ଖୋସାମଦିଆ—4. Flattering.
୫ । (ସଂ. ଲାଳ) ଲାଳୁଅ; ଲାଳାମୟ—5. Slimy
୬ । ପାଟିରୁ ସବୁବେଳେ ଲାଳ ବହୁଥାଏ—6. Emitting
যারমুখথেকে লালা পড়ে लारहा saliva or slime.
লালচিয়া, লাল চো लालगुलाबी ବୈଦେ. ବଣ (ଫା. ଲାଲ୍ ସା) ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ—Reddish.

ଲାଳଚୁ(ଚେ)ଇବା—ଦେ. କ୍ରି (ସଂ. ଲାଳସା)—୧ । ଲାଳାୟିତ ବା
Lālachā(che)ibā କୌଣସି ଦ୍ରବ୍ୟପ୍ରତି ଲାଳସାଯୁକ୍ତ ହେବା—
লালায়িত হওয়া ललचाना 1. To be eagerly hankering after a thing.

ଲାଳ(ଲ)ଚୁ ଖୋଇ—ଦେ. ବ—ଖାଦ୍ୟାଦି ପ୍ରତି ଲାଳସାଯୁକ୍ତ ପ୍ରକୃତି—
Lala(li) chā khoi Natural or habitual hanker
লালসা लालचीस्वभाव ing after dainties.
(ଲାଳଚଅଖୋଇ, ଲାଳଚଅ ପ୍ରକୃତି, ଲାଳଚୁପ୍ରକୃତି—ଅନ୍ୟରୂପ)

ଲାଲ ଚିତା—ଦେ. ବି (ସଂ. ରକ୍ତଚିତ୍ରକ)—୧ । ଗୁଳ୍ମ ବିଶେଷ—
Lalachitā 1. Plumbago Rosea. ୨ । ରକ୍ତ
लालचिता लालचिता ଚନ୍ଦନର ଚିତା—2. Mark of
red sandal paste.

ଲାଳନ—ସଂ. ବି (ଲାଡ଼ ଧାତୁ—ଯତ୍ନପୂର୍ବକ ପାଳନ କରିବା+ଭାବ.
Lāḻana ଅନ) ।୧ । ଯତ୍ନପୂର୍ବକ ପାଳନ—1. Tending;
(ଲାଳନୀୟ, ଲାଳ୍ୟ, ଲାଳିତ—ବିଣ) bringing up with care.
୨ । ଶିଶୁମାନଙ୍କୁ ସ୍ନେହପୂର୍ବକ ବା ତାଡ଼ନା ନ କରି
ବଢ଼ାଇବା—2. Bringing up of a child
without strictness; laxity in regulating
a child's actions.

ଲାଳନ ପାଳନ—ସଂ. ବି—ଶିଶୁମାନଙ୍କୁ ଆଦର ଓ ଯତ୍ନସହିତ ପାଳିବା—
Lāḻana pāḻana Bringing up of a child with
care and affection.

ଲାଳନା—ସଂ. ବି (ଲାଳନ+ଆ)—ଆଦର; ସ୍ନେହ—Love;
Lāḻana affection; fondness. [ଉ—ଏମନ୍ତ ହେଲେହେଁ
ତ ତାଠାରୁ ଲାଳନା, ନ ତୁଟେ କେବେ ବିଦୁର ମହାମନା-
କୃଷ୍ଣସିଂହ ମହାଭାରତ ଉଦ୍‌ଯୋଗ ।]

ଲାଲ ପଗଡ଼ି—ଦେ. ବି—୧ । ପୁଲିସ କର୍ମଚାରୀଙ୍କର ରଙ୍ଗ ପାଗ—
Lāla pagaṟdi 1. The red turban of police
लालपागड़ी लालपगडी officers. ୨ । ରଙ୍ଗ ପାଗ
ପରିଧାନକାରୀ ବ୍ୟକ୍ତି—2. One wearing a red
turban. ୩ । ପୁଲିସ କର୍ମଚାରୀ—3. Police
officer. [ଉ—ଲାଲପଗଡ଼ିକି ନ ଡରନ୍ତି କିଏ—
(ଲାଲ ପାଗ—ଅନ୍ୟରୂପ) ରାଧାନାଥ ଦରବାର ।]

ଲାଳ ପଟପଟ—ଦେ. ବିଣ—ଲାଳ ଦ୍ୱାରା ଜର୍ଜରିତ; ଲାଳୁଆ; ଲାଳାମୟ—
Lāḻa paṭa paṭa Slimy.
[ଲାଳ ପାଟ ପାଟ—ଅନ୍ୟରୂପ] लालसानी लारलतपत

ଲାଲ(ଲ)ପ୍ୟମାନ—ସଂ. ବିଣ [ଲପ୍ ଧାତୁର ଯଙ ଲୁଗନ୍ତ—ପୁନଃ
Lāḻa(la)pyamāna ପୁନଃ କହିବା+କର୍ମ ଅନ]—ପୁନଃ ପୁନଃ
କଥିତ—Repeatedly said.

ଲାଲ ବତୀ—ଦେ. ବି—୧ । ରକ୍ତବର୍ଣ୍ଣର ମହମବତୀ—1. Red-
Lālabati coloured candle. ୨ । ରକ୍ତବର୍ଣ୍ଣର ଆଲୋକ-
लालबाती लालबत्ती 2. Red light. [ଦ୍ର—ରେଳ ଓ
ଜାହାଜରେ ବିପଦ ଆପଦର ଚିହ୍ନ ସ୍ୱରୂପ ନାଲି ଆଲୁଅ ଓ
ନାଲି ପତାକା ଦେଖାଇ ଦିଆଯାଏ । ଦୂରରୁ ରକ୍ତବର୍ଣ୍ଣର
ଆଲୋକ ବା ପତାକା ଦେଖାଗଲେ ଜଣାଯିବ ଯେ, ରେଳ
ଲାଇନ୍‌ରେ କିଛି ବିପଦ ଘଟିବାର ସମ୍ଭାବନା । ନାଲି ଆଲୁଅ
ଆଦି ଦେଖିବାମାତ୍ରେ ରେଲଗାଡ଼ି ଓ ଜାହାଜର ଗତି ବନ୍ଦ
କରାଯାଏ ।]

ଲାଲଭଜା—ପ୍ରାଦେ [ଗଡ଼ଜାତ] ବି—ମୃଗ, ଛେଳି ଆଦିଙ୍କ ମାଂସ—
Lālabhaji Meat of the deer or goat.

ଲାଲମନ୍—ଦେ. ବି—୧ । (ଫା. ଲାଲ୍=ରକ୍ତବର୍ଣ୍ଣ+ମୋହନ=
Lālaman ମନୋହର)—ଦୁଧ ଛେନାରୁ ପ୍ରସ୍ତୁତ ଘିଅରେ
लालमोहन ରନ୍ଧାଯାଇଥିବା ରସଗୋଲା—1. A sweet-
लालमन meat made from milk-cheese. ୨ ।
ଲାଲମ(ମୋ)ହନ୍ } —ଅନ୍ୟରୂପ
ଲାଲ୍‌ମୋହନ }
ବୋର୍ଣ୍ଣିଓ ଆଦି ଦ୍ୱୀପର ଏକ ପ୍ରକାର କ୍ଷୁଦ୍ର ଶୁଆ—2. A
ଲାଲମୋହ(ହୋ)ନ୍
ଲାଲମନ ତୋତା } —ଅନ୍ୟରୂପ
ଲାଲମୋହ(ହୋ)ନ ତୋତା
species of red-bodied parrot-
like bird; Cornwurs Carolinus. [ଦ୍ର—
ଏମାନଙ୍କର ଶରୀର ଗାଢ଼ ରକ୍ତବର୍ଣ୍ଣ ଓ ପକ୍ଷ ଶାଗୁଆ, ଥଣ୍ଟ
ଗୋଲାପୀ ଓ ପୁଚ୍ଛ କଳା । ଏମାନେ ଶୁଆଙ୍କଠାରୁ ସାନ;
ଲମ୍ବ ଏକ ବିଗଣ୍ଡ ମଧ୍ୟରେ । ଲୋକେ ଏହି ପକ୍ଷୀଙ୍କୁ
ଯତ୍ନରେ ପାଳନ୍ତି ।].

ଲାଲ ମେଖ—ଦେ. ବି.—ଘୋଡ଼ାର ସାଜ ବିଶେଷ—One of the
Lāla mekha fittings of a riding horse.
[ଉ—ସାଜଲେ ସବୁ ସମ୍ଭାର, ଜିନ ଜିନସ ଲାଲମେଖ
ଦରିଦ୍ର ଗୁରଜାମା କଢ଼ିଥିଲ—ବ୍ରଜନାଥ ବଡ଼ ଜେନା
ସମର ତରଙ୍ଗ ।]

ଲାଲ(ଳି)ସ୍(ସି) (ଇତ୍ୟାଦି)—ବୈଦେ. ବି—ନାଲିସ୍ ଇତ୍ୟାଦି
Lāla(li)s(si) (etc) Nalis etc (See)

ଲାଳସ—ସଂ. ବିଣ. ପୁଂ—(ଲାଳସା+ଅ)—୧ । ଲୋଲୁପ—
Lāḻasa 1. Hankering after (Apte) ୨ । ଅତି
अतिलोभी लालची ଲୋଭୀ 2. Very covetuous.
[ଲାଳସୀ—ସ୍ତ୍ରୀ] ଦେ. ବିଣ—ଲାଳାୟିତ; ଲାଳସା-
ପରିପୂର୍ଣ୍ଣ—Hankering after. [ଉ—
ବଜାଇ ଚିତ୍ତ ଅନବରତ, ଭୃଙ୍ଗେ ଗ୍ରହଣ ତାରକା ମନ୍ତ୍ର,
ସୀତା ଶ୍ରୀରାମ ଚରିତ ଗୀତ, ଶୁଣେ ଲାଳସ ଚିତ୍ତ । ଉପେ.
ବୈଦେହୀଶବିଳାସ ।] ଦେ.ବି.—ଲୋଭ; ପ୍ରବଳଇଚ୍ଛା—
Avarice; eager desire. [ଉ—ତୋହର ତ
ହୋଇଛି ବାଳକ ବୟସ, ତପସ୍ୟାରେ ଅତି ତୁ କରୁଛୁ
लोभ लालच ଲାଳସ । କୃଷ୍ଣସିଂହ. ମହାଭାରତ. ଆଦି ।]

ଲାଳ ସରସର—ଦେ. ବିଣ.—ଲାଳ ପଟ ପଟ (ଦେଖ)
Lāḻa sara sara Lāḻa paṭa paṭa (See)

ଲାଳସା—ସଂ. ବି.—[ଲସ୍ ଧାତୁ (ଯଙ ଲୁଗନ୍ତ)+ଭାବ. ଅ+ଆ]—
Lāḻasā ୧ । ଲୋଭ; ସ୍ପୃହା—1. Hankering; cove-
ting after a thing. ୨ । ଅତ୍ୟଧିକ ଇଚ୍ଛା—
2. Excessive desire. ୩ । ଔତ୍ସୁକ୍ୟ—3.
Eagerness. ୪ । କୌଣସି ବସ୍ତୁ ପାଇଁ ପ୍ରାର୍ଥନା—
4. Solicitation; entreaty (Apte) ୫ ।
ଶୋଚନା; ଅନୁଶୋଚନା—5. Sorrow; regret
(Apte). ୬ । ଗର୍ଭିଣୀର ଦୋହଦ; ଗର୍ଭିଣୀର
କୌଣସି ବିଶେଷ ଖାଦ୍ୟପ୍ରତି ବାଞ୍ଛା—6. The long-
ing of a pregnant woman after some
लोभी लालची particular food. ଦେ. ବିଣ. (ପଦ୍ୟ)
ଲୋଭାସକ୍ତ; ଲାଳସାଯୁକ୍ତ—Hankering after a

thing. [ଉ—ଦେଖିଲେ ଲୋକେ ତାଙ୍କ ହୋଇବେ ଲାଳସା । କୃଷ୍ଣସିଂ. ମହାଭାରତ. ବନ ।]

ଲାଳସା(ସେ)ଇବା—ଦେ. କ୍ରି—ଲାଳସୁଇବା (ଦେଖ)
Lālasā(se)ibā Lālachāibā (See)

ଲାଳସିଆ—ଦେ. ବିଣ. ପୁଂ—ଲାଳସାଯୁକ୍ତ—
Lālasiā लालसी Having a hankering.
[ଲାଳସେଇ—ସ୍ତ୍ରୀ]

ଲାଳସୀ—ଦେ. ବିଣ. ପୁଂ—(ଲାଳସା+ଅସ୍ତ୍ୟର୍ଥରେ ଇନ୍; ୧ମା. Lālasi ୧ବ.)—୧ । ଲାଳାୟିତ—1. Hankering [ଲାଳସୀନୀ—ସ୍ତ୍ରୀ] after; covetuous for. [ଉ—ମୁଁ ଗଲେ ମୋ ପ୍ରୀତିରେ ହୋଇଣ ଲାଳସୀ । କୃଷ୍ଣସିଂହ. ମହାଭାରତ. ବନ ।] ୨ । ଇଚ୍ଛୁକ—2. Desirous of. [ଉ—ଅଶ୍ୱତ୍ଥାମା କୃପ କୃତବର୍ମା ମିଳି, ହୋଇଲେ ଭୂମି ରଣରେ ଲାଳସୀ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।]

ଲାଳସୀକ—ସଂ. ବିଣ—୧। (ଲାଳା+ଇକ, ସ ଆଗମ)—୧। ପିଚ୍ଛିଳ—
Lālasika 1. Slimy. ୨ । ବାଞ୍ଛିତ; ଈପ୍ସିତ—2. Wished for; desired. ସଂ. ବି—୧ । ଚଟ୍ଣୀ—1. Sauce (Apte). ୨ । ଏଣ୍ଡେ; ମାଂସର ସୁରୁଆ—2. Gravy (M. W.)

ଲାଳା—ସଂ. ବି—(ଲଲ୍ ଧାତୁ+କର୍ମ. ଅ+ସ୍ତ୍ରୀ. ଆ)—ଲାଳ; ମୁହଁରୁ
Lālā ନିଃସୃତ ପିଚ୍ଛିଳ ଜଳୀୟ ପଦାର୍ଥ—Saliva.

ଲାଲା—ବୈଦେ. ବି (ପା. ଲାଲ୍=ସୁନ୍ଦର)—୧ । ବିହାର ଓ ଉତ୍ତର-
Lālā ପଶ୍ଚିମ ଦେଶୀୟ କାୟସ୍ଥମାନଙ୍କର ବଂଶୋପାଧି—1. A
लाला title prefixed to the name of Kāyasthas
লালা of Bihar. [ଦ୍ର—ଏହା ନାମ ପୂର୍ବରେ ଲଗେ । ଯଥା—ଲାଲା ରାମମୋହନ ରାୟ ।] ୨ । ହିନ୍ଦୁସ୍ଥାନ ନାମ ପୂର୍ବରେ ଯୁକ୍ତ ସମ୍ମାନାର୍ହ ଉପାଧି—2. A. honorific title prefixed to names. [ଦ୍ର—ବଙ୍ଗଳାରେ ଏହି ଅର୍ଥରେ 'ବାବୁ' ବା 'ଶ୍ରୀଯୁକ୍ତ' ଏବଂ ଓଡ଼ିଆରେ 'ଶ୍ରୀ' ଲେଖାଯାଏ ।] ୩ । (ହିନ୍ଦିରୁ ଅନୁକୃତ) ମୋହରିର୍; କିରାଣି; ସେହିଁ ବ୍ୟକ୍ତି ର ବ୍ୟବସାୟ ଲେଖାଲେଖି—3. Professional scribe. ୪ । (ହିନ୍ଦିରୁ ଅନୁକୃତ) ପୁଂ—ପ୍ରିୟ ବ୍ୟକ୍ତି ପ୍ରତି ସମ୍ବୋଧନ—4. An address used towards one's dearest person (male).

ଲାଲା କଇ(ଏ)ଥ—ଦେ. ବି—ବିହାରର କାୟସ୍ଥ ଶ୍ରେଣୀ—
Lālā kāi(e)tha The Kāyasthas of Bihar.
लालाकायस्थ লালাকায়স্থ (ଲାଲା କାୟସ୍ଥ—ଅପଭ୍ରଂଶ)

ଲାଳାକ୍ଲିନ୍ନ—ସଂ. ବିଣ (ତୃତୀୟା ତତ୍)—ଲାଳସରସର; ଲାଳୁହାର
Lālāklinna କ୍ଳେଦଯୁକ୍ତ—Soiled with saliva; slimy.

ଲାଲାଜୀ ଦେ. ବି (ହିନ୍ଦୀ)—ବଡ଼ ଓ ଶିକ୍ଷିତ ବ୍ୟକ୍ତିମାନଙ୍କ ପ୍ରତି
Lālāji ସମ୍ମାନସୂଚକ ସମ୍ବୋଧନ—An honorific term
लालाजी used in addressing educated gentle-
লালাজী [ଲାଲାସାହେବ—ଅନୁରୂପ] men.

ଲାଲାଟିକ—ସଂ. ବିଣ. ପୁଂ (ଲଲାଟ+ଇକ)—୧ । ଲଲାଟ ସମ୍ବନ୍ଧୀୟ—
Lālāṭika 1. Relating to the forehead. ୨ । ଅଦୃଷ୍ଟ
(ଲାଲାଟିକୀ—ସ୍ତ୍ରୀ) ବାଦୀ; ଭାଗ୍ୟାପେକ୍ଷୀ—2. Fatalist; depending upon fate. ୩ । ଅଳସ (ବ୍ୟକ୍ତି)—3. Idle (man). ୪ । ଭାଗ୍ୟଲବ୍ଧ—4. Acquired by luck. ବି—ଲଲାଟର ଅଳଂକାର; ମାଙ୍ଗଟୀକା—An ornament for the forehead.

ଲାଲାଟୀ—ସଂ. ବି (ଲଲାଟ+ସ୍ୱାର୍ଥେ ଈ)—ଲଲାଟ; କପାଳ—
Lālāṭi The forehead.

ଲାଲା ବାବୁ—ଦେ. ବି (ନାମ)—୧ । ବୃନ୍ଦାବନ ଆଦି ଅଞ୍ଚଳରେ ସମ୍ଭ୍ରାନ୍ତ
Lālā bābu କାୟସ୍ଥମାନଙ୍କ ଡାକ ନାମ—1. Name by
लालाबाबु which respectable Kayasthas of
লালাবাবু Bṛundābana called. ୨ । ବୃନ୍ଦାବନାଦି ଅଞ୍ଚଳରେ ପ୍ରିୟବ୍ୟକ୍ତିଙ୍କ ପ୍ରତି ସମ୍ବୋଧନ—2. An address directed to dear persons in Bṛundāban etc. ୩ । କଲିକତା ପାଇକପଡ଼ା ଷ୍ଟେଟର ସ୍ୱର୍ଗୀୟ ପ୍ରସିଦ୍ଧ ଜମିଦାର କୃଷ୍ଣଚନ୍ଦ୍ର ସିଂହ—3. The late Kṛushṇa Chandra Sinha, Zamindar of Paikpara estate of Calcutta. [ଦ୍ର—ଏ ଦେୱାନ ଗଙ୍ଗା ଗୋବିନ୍ଦଙ୍କ ପୁତ୍ର । ଏହାଙ୍କର ପ୍ରଥମ ଯୌବନରେ ପିତାଙ୍କ ସହିତ ମନୋମାଳିନ୍ୟ ହେବାରୁ ଏ ପ୍ରଥମେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ବର୍ଦ୍ଧମାନ ଜିଲ୍ଲାରେ ସିରସ୍ତାଦାର ହୋଇଥିଲେ । ପରେ ଇଂରାଜମାନେ ଓଡ଼ିଶାକୁ ଆସିବା ସମୟରେ ଏ ୧୮୦୩ ସାଲରେ ଇଂରାଜଙ୍କ ଅଧୀନ ମୋଗଲବନ୍ଦୀ ମହାଲର ଦେୱାନ ପଦରେ ନିଯୁକ୍ତ ହେଲେ ଏବଂ ପୁରୀ ଜିଲ୍ଲାର ଅନେକଗୁଡ଼ିଏ ଭୂସମ୍ପତ୍ତି ସରକାରଙ୍କ ନିଲାମ ଡାକମରେ ଧରିଲେ । ସେ ସବୁ ସମ୍ପତ୍ତି ବର୍ତ୍ତମାନ ପ୍ରଜାମାନଙ୍କ ମୁହଁରେ ଲାଲା ବାବୁଙ୍କ ଜମିଦାରୀ ବୋଲି ଖ୍ୟାତ । ତତ୍ପରେ ସେ ସରକାରୀ କାର୍ଯ୍ୟ ଛାଡ଼ି ଘରକୁ ଗଲେ । ଦିନେ ଗୋଟିଏ ଧୋବଣୀ ତା ବାପକୁ "ବାବା । ବାସନାଯୂ (କଦଳୀ ବାସୁଙ୍ଗାରେ) ଆଗୁନ୍ ଦାଓ, ବେଲା ଯେ ଗଲେ"—ଏହି କଥା କହୁଥିବାର ଶୁଣି ବାହାର ଅର୍ଥ ସଂସାର ବାସନା ବୋଲି ଗ୍ରହଣ କରି ଏହାଙ୍କ ମନରେ ବୈରାଗ୍ୟର ଉଦୟ ହେଲା । ସେତେବେଳେ ଏହାଙ୍କ ବୟସ ୩୦ ବର୍ଷ । ଏ ସଂସାର ତ୍ୟାଗ କରି ମଥୁରାବାସୀ ହେଲେ ଏବଂ ବୃନ୍ଦାବନରେ ୨୫ ଲକ୍ଷ ଟଙ୍କା ବ୍ୟୟ କରି "କୃଷ୍ଣଚନ୍ଦ୍ରମା" ନାମକ ବିଗ୍ରହ ସ୍ଥାପନ ପୂର୍ବକ ଗୋଟିଏ ଚତୁଷ୍କୋଣ ମନ୍ଦିର ନିର୍ମାଣ କରାଇଲେ । ସେ ଏହି ବିଗ୍ରହଙ୍କର ସେବାପାଇଁ ବାର୍ଷିକ ବାଇଶି ହଜାର ଟଙ୍କା ଆୟର ଜମିଦାରୀ ଗୋଟିଏ ଅର୍ପଣ କରିଥିଲେ । ଏ ୪୦ ବର୍ଷ ବୟସରେ ବୈରାଗ୍ୟ ଅବଲମ୍ବନ କରି ବୃନ୍ଦାବନରେ ମାଧୁକରୀ ଭିକ୍ଷା କରି ଜୀବନଯାତ୍ରା ନିର୍ବାହ କଲେ । ୪୨ ବର୍ଷ ବୟସରେ ଦିନେ ଏ ବାଟରେ ଯାଉଥିବା ବେଳେ ଏହାଙ୍କ ନିକଟକୁ ନମସ୍କାର

— ଉଡ଼ିବାକୁ ଗୋସ୍ୱାମୀପୁର ମହାସ୍ୱାମୀଙ୍କ ଅସିବା ସମୟରେ ଏ ବାଟରୁ ଅଡ଼େଇଗଲେ । ସେହିକ ବେଳେ ପାର୍ଶ୍ୱରେ ଅଶ୍ୱାରୋହୀମାନଙ୍କ ମଧ୍ୟରୁ ଜଣେକ ଅଶ୍ୱର ଖୁର ଏହାଙ୍କ ଶରୀରରେ ବାଜିବାରୁ ସେହି ଆଘାତରେ ଏ ଦେହତ୍ୟାଗ କଲେ । ତାଙ୍କ ସ୍ତ୍ରୀ ପାଇକପଡ଼ାର ପ୍ରସିଦ୍ଧା ରାଣୀ କାତ୍ୟାୟନୀ । ଏହାଙ୍କୁ ବୃନ୍ଦାବନ ଅଞ୍ଚଳରେ ଲୋକେ ଲାଲା ବାବୁ ନାମରେ ଡାକୁଥିଲେ । ସୁବଳଚନ୍ଦ୍ର]

ଲାଳା ବିଷ—ସଂ. ବି (ବହୁବ୍ରୀହି; ଲାଳାରେ ବିଷ ଯାହାର)—ମାକଡ଼ସା
Lālā bisha ପ୍ରଭୃତି ଜୀବ—Spider etc. (whose
(ଲାଳାସ୍ରାବ—ଅନ୍ୟରୂପ) saliva is poisonous).

ଲାଳାୟମାନ—ସଂ. ବିଣ. ପୁଂ (ଲାଳାଶବ୍ଦରୁ ଲାଳାୟ ନାମ ଧାତୁ+କର୍ତ୍ତୃ.
Lālāyamāna ଅନ)—ଯାହାର ପାଟିରୁ ବା ଦେହରୁ ଲାଳ
(ଲାଳାୟମାନା—ସ୍ତ୍ରୀ) ବୋହୁଥାଏ—Emitting slime; salivating; slobbering; drivelling.

ଲାଳାୟିତ—ସଂ. ବିଣ. ପୁଂ (ଲାଳାୟ ନାମ ଧାତୁ+କର୍ତ୍ତୃ. ତ)—୧ ।
Lālāyita ଲାଳାଯୁକ୍ତ—1. Slimy. ୨ । ଯାହାଠାରୁ ଲାଳ
(ଲାଳାୟିତା—ସ୍ତ୍ରୀ) ବୋହୁଥାଏ—2. Emitting slime; salivating. [ଉ—ବହୁଲେ ଅନଳ୍ପ, ଅନଳ୍ପ ଲପନ, ବର୍ଷି ଅଣଲେ ଲାଳାୟିତ । ଉପ. ବୈଦେହୀଶ-ବିଳାସ ।] ୩ । ଲାଳସୀ; କୌଣସି ବସ୍ତୁ ପାଇବା କାମନାରେ ଅତ୍ୟଧିକ ଉତ୍ସୁକ—3. Eagerly hankering after a thing.

ଲାଲ୍ ଲାଜପତ୍ ରାଏ(ୟ)—ଦେ. ବି (ନାମ)—ଭାରତର ଅଧୁନିକ
Lālā lājapat rāe(ya) ଯୁଗର ସ୍ୱର୍ଗୀୟ ପ୍ରସିଦ୍ଧ ରାଜନୀତିକ
लाला लाजपत राय ନାମ—The late famous politician
লালা লাজপত রায় of modern India. [ବି—ଏହାଙ୍କର ଜନ୍ମ ଖ୍ରୀ ୧୮୬୫ ଓ ମୃତ୍ୟୁ ୧୭।୧୧।୧୯୨୮ ରେ । ଏ ପଞ୍ଜାବର ଲୁଧିଆନାରେ ଜନ୍ମଗ୍ରହଣ କରିଥିଲେ; ଜାତିରେ ଏ ଅଗରୱାଲା ବୈଶ୍ୟ । ଏ ଭାରତର ଜଣେ ପ୍ରଧାନ ଦେଶସେବକ, ନିଷ୍ଠାପର କର୍ମୀ ଓ ନିର୍ଭୀକ ବୀର । ଏ ଦେଶହିତକର ବହୁ ପୁସ୍ତକ ପ୍ରଣୟନ କରିଥିଲେ ଏବଂ ବହୁ ବାର ରାଜନୀତିକ ଅପରାଧରେ ଦଣ୍ଡ ମଧ୍ୟ ଭୋଗ କରିଥିଲେ । ଏ ମହାତ୍ମା ଗାନ୍ଧୀଙ୍କର ଅନନ୍ୟ ସହକର୍ମୀ ଥିଲେ ।]

ଲାଳାଳୁ—ସଂ. ବିଣ. (ଲାଳା+ଆଳୁ)—ଯାହାଠାରୁ ଲାଳ ବହୁଥାଏ—
Lālālu Drivelling (M; W.).

ଲାଲି—ବୈଦେ. ବି ଓ ବିଣ—ନାଲି (ଦେଖ)
Lāli लाल লাল Nāli (See)
(ଲାଲିଆ—ଅନ୍ୟରୂପ)

ଲାଳି—ଦେ. (ପ୍ରାଚୀନ ପଦ୍ୟ) ବି.—(ସଂ. ଲାଳସା)—ଲାଳସା—
Lāli Hankering. [ଉ—ସ୍ୱପତି ହେବ ପରମାତ୍ମା ପ୍ରୀତି । लालचा লালচ ଏମନ୍ତ ମତରେ ଲାଳି ବୋଲନ୍ତି । ପ୍ରାଚୀ. ପରଚେ ଗୀତା]

ଲାଳିକ—ସଂ. ବି. (ଲାଳା+ଇକ)—ମହିଷ—Buffalo.
Lālika

ଲାଳିକା—ସଂ. ବି. (ଲଲ୍ ଧାତୁ+କରଣ ଅକ+ସ୍ତ୍ରୀ. ଆ)—୧ ।
Lālikā ଅମୋଦଜନକ ଉତ୍ତର; ରହସ୍ୟ ପୂର୍ଣ୍ଣ ଉତ୍ତର—1. A witty or amusing reply. ୨ । ପରିହାସ ଉତ୍ତର—2. A jestful reply; a jesting reply (Apte). ୩ । ଦୁଇ ଅର୍ଥଯୁକ୍ତ ରହସ୍ୟ—3. A riddle with two meanings.

ଲାଲିଚ୍ (ଚି, ସ, ସି)—ବୈଦେ. ବି—ନାଲିସ୍ (ଦେଖ)
Lālich (chi, s, si) Nālis (See)
ଦେ. ବି.—ଲାଳସା (ଦେଖ)—Lalasa (See).
लालसा লালচ

ଲାଲି(ଲି,ଲ)ଚିଆ—ଦେ. ବିଣ.—(ସଂ. ଲାଳସୀ) ଅତି ଲାଳସାଯୁକ୍ତ—
Lāli(li,l)chia लालची লালচী Very desirous;

ଲାଲିତ—ଦେ. ବି—ଧିକ୍କାର—Abuse; reproch.
Lālita धिक्कार ফটকারা

ଲାଳିତ—ସଂ.ବିଣ.ପୁଂ.(ଲଲ୍ଧାତୁ=ସ୍ନେହରେ ପାଳିବା+କର୍ମ. ତ)—
Lālita ୧ । ଯତ୍ନରେ ପ୍ରତିପାଳିତ—1 Carefully nouri-
(ଲାଳିତା—ସ୍ତ୍ରୀ) shed; brought up with care. ୨ । ପ୍ରଲୋଭିତ କରି ନିଆଯାଇଥିବା—2. Seduced (Apte). ୩ । ଅତ୍ୟନ୍ତ ଗେହ୍ଲା; ଅତ୍ୟନ୍ତ ସ୍ନେହପାଳିତ—3. Excessively or unduly fondled; caressed. ସ. ବି (+ଭାବ. ତ)—୧ । ପ୍ରେମ—1. Love. (Apte) ୨ । ସୁଖ; ଆନନ୍ଦ—2. Pleasure; joy. (Apte)

ଲାଳିତକ—ସଂ. ବି. ପୁଂ (ଲାଳିତ+କ)—ଗେହ୍ଲାପୁଅ—A fond-
Lālitaka ling; a darling; a little favourite; a
(ଲାଳିତକା—ସ୍ତ୍ରୀ) pet. (Apte)

ଲାଳିତ ପାଳିତ—ସଂ. ବିଣ. ପୁଂ (ସହଚର) ବାଲ୍ୟକାଳରୁ ଯତ୍ନ ସହିତ
Lālita pālita ବର୍ଦ୍ଧିତ—Brought up with care
[ଲାଳିତ (ତା) ପାଳିତା—ସ୍ତ୍ରୀ] from childhood.

ଲାଳିତ୍ୟ—ସଂ. ବି (ଲଳିତ+ଭାବାର୍ଥେ. ଯ)—୧ । ଲାବଣ୍ୟ;
Lālitya ସୌନ୍ଦର୍ଯ୍ୟ—1. Beauty; grace. ୨ । କୋମଳତା—2. Softness. ୩ । ମାଧୁର୍ଯ୍ୟ—3. Sweetness. ୪ । ରମଣୀୟତା; କମନୀୟତା; ମନୋହାରିତ୍ୱ—4. Pleasantness; charm; loveliness.

ଲାଳିନୀ ସ. ବି. ସ୍ତ୍ରୀ (ଲାଳିନ୍+ସ୍ତ୍ରୀ. ଈ)—ଅସଚ୍ଚରିତ୍ରା ସ୍ତ୍ରୀ—
Lālini A wanton woman. (Apte)

ଲାଳୀ(ଳୀ)—ସ. ବି. ପୁଂ (ଲଲ୍ ଧାତୁ+କର୍ତ୍ତୃ. ଇନ୍+୧ମା. ୧ବ)—
Lāli(li) ୧ । ଯେ ପ୍ରଲୋଭିତ କରି ସଙ୍ଗ ଲୋକଙ୍କୁ ନେଇଯାଏ—
(ଲାଳିନୀ—ସ୍ତ୍ରୀ) 1. A seducer. (Apte). ୨। ଭୂତ ପ୍ରେତାଦିଙ୍କ ଆବେଶ—2. The being possessed by a demon. (M. W)

ଲାଲିଳ—ସଂ. ବି [ଲଲ୍ ଧାତୁ=(ଣିଜ୍)ଲାଳନ କରିବା + କର୍ତ୍ତୃ. ଇଳ]
Lāliḷa —ଅଗ୍ନି (ବୈ. ଶ)—Fire. (M. W)

ଲାଲୁ—ଦେ ବି (ନାମ)—୧ । ଲାଲବିହାରୀର ଡାକ ନାମ—
Lālu 1. Name for calling Lālabihārī. ୨ । ରାଜ
[ଲାଲ—ଶବ୍ଦର ଅର୍ଥ] ପରିବାରର ଲାଲ୍ ସାହେବମାନଙ୍କ ଡାକ
ନାମ—2. A name for calling rajkumars
who are styled as Lal Sahebs.

ଲାଳୁଅ—ଦେ. ଗ୍ରା. ପୁଂ (ସଂ. ଲାଳାମୟ)—ନାଳୁଅ (ଦେଖ)
Lāḷua Nāḷuā, (See)
[ଦେଶଜ(ଶୋ)ଷ—ଶ୍ଳୀ] লালাময়, লেল্লেলে सतपत, जसिका

ଲାଳୁକ—ଦେ. ବି ପୁରୁଣା ଓ ପତଳା ଧାତୁବାସନ ଅବ ଠାଷା ଦ୍ରବ୍ୟ—
Lāḷuka Brittle things like old metal utensils.
লকলকে नाजुक, लचलचा

ଲାଳୁ(ଳୁ)କା—ସଂ ବି—ଏକ ପ୍ରକାର ହାର—
Lāḷu(ḷu)kā A kind of necklace, (M, W)

ଲାଳେଇବା—ଦେ· କି (ସଂ. ଲାଳାୟ ଧାତୁ)—୧ । (କୌଣସି ବସ୍ତୁ)
Lāḷeibā ଦେହରୁ ଲାଳ ବାହାର କରିବା—1, To emit
লালাযুক্ত হওয়া slime; to become slimy. ୨ । (ସଂ.
लारसेलतपत होना ଲାଳାୟିତ) ଲାଳାମୟ ହେବା—3. To
লালায়িত হওয়া be slimy. [ଉ—ଅବ ଅବ ପାଣି
ललचाना ହୋଇଗଲେ ତାହା ଲାଳେଇଯାଏ ।] ୩ । ଲାଳାୟିତ
চাটা ହେବା—3. To hanker after a thing. ୪ । ଜିଭ
चाटना ଦ୍ୱାରା ଚାଟିଲ ଖୁଣ୍ଟ ଖାଇବା—4. To lick up any
লালফেলা thing. ୫ । ମୁହଁରୁ ଲାଳ ବୁହାଇବା—5, To
लार बहाना slaver; to drivel. [ଉ—ଏ ଶବ୍ଦ ଜିଭ,
ଓଷ୍ଠ, ମୁହଁ, ଭୁଣ୍ଡ ଅବ ଶବ୍ଦ ପରେ ବ୍ୟବହୃତ ହୁଏ ।]

ଲାଲେ ଲାଲ—ବୈଦେ· ଵିଣ (ପା·)—୧ । ଆଦ୍ୟନ୍ତରୂପେ ରକ୍ତ ବର୍ଣ୍ଣ;
Lāle lāl ସର୍ବାଙ୍ଗ ରକ୍ତରଞ୍ଜିତ—1, Coloured red
লালেলাল throughout. ୨ । ଲାଲ୍ ଗୁଲାଲ୍ (ଦେଖ)—
लालेलाल 2, Lāl-gulāl, (See)

ଲାଶ୍—ବୈଦେ. ବି (ଦରବାରୀ ଭାଷା, ତୁର୍କି ଶବ୍ଦ)—୧ । ମୃତ ଦେହ;
Laś ଶବ; ମୁର୍ଦ୍ଦାର—1, Dead body; corpse. ୨ ।
লাশ ଶରୀର; ଦେହ—2, The body. ୩ । (ଇଂ. ଲାଷ୍ଟ)
लाश ଜୋତା ତିଆରି କରିବା ପାଇଁ ମୋଚିମାନେ କାଠର ଯେଉଁ
লাস ଫର୍ମା ବ୍ୟବହାର କରନ୍ତି—3, Shoe-maker's last.
जुतेकाफर्मा

ଲାଶ ଉଠା(ଠେ)ଇବା—ଦେ. କି—ଶବକୁ ସ୍ଥାନାନ୍ତରିତ କରିବା—
Lāś uṭhā(ṭhe)ibā To remove a corpse or dead
লাশউঠান लाशउठाना body from a place,

ଲାଶ୍ କଟା—ଦେ. ବି.—ମୃତ୍ୟୁର କାରଣାଦି ଜାଣିବାର୍ଥ ପରୀକ୍ଷା କରିବା-
Lāś kaṭā ପାଇଁ ଶବ ବ୍ୟବଚ୍ଛେଦ—Dissection.
লাশ কাটা लाश्का चीरफाड

ଲାଶ୍ କାଟିବା—ଦେ· କି—ଶବ ବ୍ୟବଚ୍ଛେଦ କରିବା—To dis-
Lāś kāṭibā লাশ কাটা sect a dead body.
लाश काटना

ଲାଶ୍ କାଢ଼ିବା—ଦେ. କି.—୧ । ଶବକୁ ପୋତିବା ବା ପୋଡ଼ିବାପାଇଁ
Lāś kāṛhibā ସ୍ଥାନାନ୍ତରକୁ ନେବା—1. To remove
লাশ বাহিরকরা लाश काढ़ना a dead body for in-
[ଲାଶ କଢ଼ାଯି(ହେ)ବା—କର୍ମବାଚ୍ୟରୂପ) terment or cre-
mation. ୨ । (ବ୍ୟଙ୍ଗ) ଅଶୋଭ ସ୍ଥୂଳ ଶରୀର
ভুঁড়ীবেরকরেবসা लाशलगाना ବାହାର କରିବା—2. To
exhibit one's fat body.

ଲାଶ ଖାନା—ବୈଦେ. ବି. (ତୁର୍କୀ + ପା.)—ଡାକ୍ତରଖାନାର ଯେଉଁ
Lāś khānā ପ୍ରକୋଷ୍ଠରେ ଶବ ବ୍ୟବଚ୍ଛେଦ ଓ ପରୀକ୍ଷା କରାଯାଏ;
লাশ খানা लाशखाना ମୁର୍ଦ୍ଦାରଖାନା—
(ଲାଶ୍ ଘର—ଅନ୍ୟରୂପ) Dissection room.

ଲାଶ୍ ଚ(ଚା)ଲାଣ(ଣି)—ଦେ. ବି. (ଦରବାରୀ ଶବ)—(ତୁର୍କୀ.ଲାସ୍ +
Lāś cha(chā)lāṇ(ṇi) ସ. ଚଲନ)—ଅପମୃତ୍ୟୁଘଟିତ
লাশচালান (নি) लाशचालान ଅପମୃତ୍ୟୁ ଦ୍ୱାରା ମୃତ ବ୍ୟକ୍ତିର ଶବ-
ପରୀକ୍ଷାର୍ଥ ପୁଲିସ୍ ଦ୍ୱାରା ଉକ୍ତ ଶବ ଡାକ୍ତରଖାନାକୁ ପ୍ରେରଣ
କରିବା—Sending up by the Police to a
hospital for examination of the dead
body of a person in respect whom an
offence seems to have been committed.

ଲାଶ ଚ(ଚା)ଲାଣ(ଣି) ଫର୍ଦ(ର୍ଦ୍ଦ)—ଦେ. ବି (ଦରବାରୀ ଭାଷା)—
Lāś cha(chā)lāṇ(ṇi) pha rda(rdda) ଅପମୃତ୍ୟୁଘଟିତ
লাশচালানি ফর্দ लाशचालानी फर्द ଶବକୁ ପୁଲିସ ଡାକ୍ତର-
ଖାନାକୁ ପଠାଇବା ବେଳେ ଶବବାହକଙ୍କ ହସ୍ତରେ ଶବର
ଲକ୍ଷଣମାନ ବର୍ଣ୍ଣନା ପୂର୍ବକ ଯେଉଁ କାଗଜ ପଠାନ୍ତି—
The descriptive report or paper accom-
panying a dead body which is sent up
by the Police for post mortem exa-
mination.

ଲାଶ୍ ଚେହେରା—ବୈଦେ. ବି. (ଦରବାରୀ ଭାଷା)—(ତୁର୍କୀ.ଲାସ୍ +ପା,
Lāś cheherā ଚେହରା)—୧ । ଶବରେ ପରିଲକ୍ଷିତ ଲକ୍ଷଣ ଓ
লাস চেহারা ଚିହ୍ନମାନ; ସୁରତ୍ ହାଲ୍—1. Marks and
लाशकी सुरतहाल, लाश चेहरा signs observed on a
dead body; appearance of a dead body.
୨ । ଶବରେ ପରିଲକ୍ଷିତ ଚିହ୍ନମାନ ପୁଲିସ୍ ଯେଉଁ
(ଲାଶ ଚେହେରା ଫର୍ଦ-୨ୟ ଅର୍ଥର ଅନ୍ୟରୂପ) କାଗଜରେ ଲେଖିଥାନ୍ତି—
লাস চেহারা 2. Inquest report of the Police.
लाशकीतहकीकातकी रिपोर्ट

ଲାଶ୍ ଜଳା(ଳେ)ଇବା—ଦେ. କି. (ଦରବାରୀ ଭାଷା)—ଶବକୁ
লাশজালান পোଡ଼ିଦେବା—To burn a dead body.
लाशजलाना [ଲାଶ୍ ଜଳା(ଳେ)ଇ ଦେବା—ଅନ୍ୟରୂପ]

ଲାଶ୍ ତଦାରକ (ଖ)—ବୈଦେ. ବି. (ଦରବାରୀ ଭାଷା) (ତୁର୍କୀ.ଲାସ୍ +
Lāś tadārak(kh) ପା.ତଦାରୁକ୍)—୧ । ଶବଦେହ ପରୀକ୍ଷା

ଲାଶଓଦାରିକ লাহাশবাহক 1. Inquest.—୬ । ଶବ ଦେହର ଲକ୍ଷଣମାନ ପରୀକ୍ଷା କରିବା—2. Holding of an inquest.

ଲାଶ୍ ବୋହିବା—ଦେ. କ୍ରି—୧ । (ଲୋକର) ମୋଟାଏ ପୃଥୁଳ ଶରୀର
Lās bohibā ଧାରଣ କରିବା—1. To move about
লাশবহা লাহাবহন করনা, লাহাঢোনা with a fat body.
୬ । ମୃତ ବ୍ୟକ୍ତିର ଶବକୁ ଯାନାଦରେ ସ୍ଥାନାନ୍ତରକୁ ନେବା—2. To carry a corpse away from a place in a conveyance.

ଲାଶ୍ ଭାରି—ଦେ. ବଣ—୧ । ମୋଟା ଓ ଭାରି ଦେହ ବିଶିଷ୍ଟ (ବ୍ୟକ୍ତି)—
Lās-bhāri 1. (A person) Having a fat and
লাসভারী লাহাভারী heavy body. ୬ । ପୃଥୁଳ—
[ଲାଶ୍ ହାଲ୍(ଲୁ)କା—ବିପରୀତ] 2. Fat; corpulent.

ଲାଶ୍ ମ(ମା)ଇ(ଏ)ନା—ବୈଦେ. ବି. (କଚେରୀଅ ଭାଷା) (ତୁର୍କି.ଲାସ୍+ଅ
Lās ma(mā)i(e)na ମାଅଏନାହ୍)—୧ । ଲାଶ୍ ତଦାରଖ—
লাশমায়না লাহামাযনাহ 1 Inquest. ୬ । ଡାକ୍ତରଙ୍କ ଦ୍ୱାରା ଶବଦେହର ପରୀକ୍ଷା—2. Medical examination of a dead body; postmortem examination ୩ । ଶବ ବ୍ୟବଚ୍ଛେଦ ପୂର୍ବକ ପରୀକ୍ଷା—3 Examination of a dead body after dissection.

ଲାଶ୍ ହାଲ୍(ଲୁ)କା—ବୈଦେ. ବଣ (ତୁର୍କି ଲାସ୍+ଫା. ହଲ୍‌କା)—କ୍ଷୀଣ-
Lās hāl(lu)kā ବା ଲଘୁ ଅଳ୍ପ ଓଜନ ଯୁକ୍ତ ଶରୀର ବିଶିଷ୍ଟ
লাসপাতলা (ବ୍ୟକ୍ତି)—(A person) Having a
लाशहलका light body.

ଲାଷୁକ—ସ. ବଣ. ପୁଂ (ଲଷ୍ ଧାତୁ=ଇଚ୍ଛା କରିବା+କର୍ତ୍ତୃ. ଉକ)—
Lāshuka ଲୋଲୁପ—Covetuous (M. W.).
(ଲାଷୁକା—ସ୍ତ୍ରୀ) ଲୁବ୍ଧ, ଲୋଭୀ—Greedy (M. W.).

ଲାଷ୍ଟ—ବୈଦେ. ବଣ (ଇଂ. ଲାଷ୍ଟ)—ଶେଷ ସ୍ଥାନୀୟ; ନିମ୍ନତମ—
Lāsht Last; lowest. [ଦ୍ର—ଏହି 'ଲାଷ୍ଟ' ଶବ୍ଦ ସଙ୍ଗେ
লাষ্ট ଅନେକ ଇଂରେଜୀ ଓ ଦେଶୀୟ ଶବ୍ଦ ଯୁକ୍ତ ହୋଇ ଆମ
लास्ट ଭାଷାରେ ବ୍ୟବହୃତ ହୁଏ । ଯଥା—ଲାଷ୍ଟ ଡେଲା, ଲାଷ୍ଟ କ୍ଲାସ୍, ଲାଷ୍ଟ ଟିଚର୍ ଇତ୍ୟାଦି ।] ବୈଦେ. ବି (ଇଂ) ଲାଶ୍ ୩ (ଦେଖ) Las 3 (See)

ଲାଷ୍ଟ କ୍ଲାସ୍—ବୈଦେ. ବି (ଇଂ. ଲାଷ୍ଟ କ୍ଲାସ୍)—ବିଦ୍ୟାଳୟର ନିମ୍ନତମ
Lāsht klās ଶ୍ରେଣୀ—Last class of a school.
লাষ্টক্লাস लास्टक्लास (ଲାଷ୍ଟ ଡେଲାହ୍—ଗ୍ରାମ୍ୟରୂପ)
[ଲାଷ୍ଟ ଫ(ଫା)ରମ୍, ଲାଷ୍ଟ ଫ(ଫା)ର୍ମ—ଅନ୍ୟରୂପ]

ଲାଷ୍ଟ ଟିଚ(ଚା)ର୍—ବୈଦେ. ବି (ଇଂ. ଲାଷ୍ଟ ଟିଚର୍)—ବିଦ୍ୟାଳୟର
Lāsht ticha(chā)r ନିମ୍ନତମ ଶ୍ରେଣୀର ଶିକ୍ଷକ; ବିଦ୍ୟାଳୟର
লাষ্টটিচার ସବୁଠାରୁ ଅଳ୍ପ ବେତନ ପ୍ରାପ୍ତ ବା ନିମ୍ନତମ ଶିକ୍ଷକ
लास्टटिचर —Last teacher of a school.
(ଲାଷ୍ଟ ମାଷ୍ଟର୍—ଅନ୍ୟରୂପ)

ଲାସ—ସ. ବି (ଲସ୍ ଧାତୁ=ନୃତ୍ୟ କରିବା+ଭାବ. ଅ)—୧ ।
Lāsa ନୃତ୍ୟ; ନାଚ; କ୍ରୀଡ଼ା—1. Dancing, sporting (M. W.). ୬ । ସ୍ତ୍ରୀ ଲୋକଙ୍କର ନୃତ୍ୟ—2. A dancing of females; dancing as practised by women. [ଦ୍ର—ପୁରୁଷଙ୍କର ନୃତ୍ୟକୁ 'ତାଣ୍ଡବ' ବୋଲାଏ ।] ୩ । ବିଳାସ; ରଙ୍ଗ —3. Sportiveness; dalliance. ୪ । ଅଙ୍ଗ-ପ୍ରତ୍ୟଙ୍ଗର ନାନାପ୍ରକାର ଲକ୍ଷଣ-ବ୍ୟଞ୍ଜକ ଭଙ୍ଗୀ—4. Various deportments or postures of the limbs denoting various intentions. ୫ । ଡିଆଁ; ଡେଉଁବା—5. Jumping (M. W.); skipping about (Apte). ୬ । (...+ କରଣ. ଅ)—ଯୂଷ; ସୋରୁଆ; ଯୂଷ—6. Soup; broth (Apte). ୭ । ଲାଳ—7. Saliva (M. W.).

ଲାସକ—ସ. ବି. ପୁଂ (ଲସ୍ ଧାତୁ+କର୍ତ୍ତୃ. ଅକ)—୧ । ନର୍ତ୍ତକ;
Lāsaka ନାଚୁଆ—1. A male dancer. ୬ ।
(ଲାସିକା—ସ୍ତ୍ରୀ) ଅଭିନେତା; ନଟ—2. An actor. ୩ । ମୟୂର—3. Peacock. ସ. ବଣ. ପୁଂ—୧ । ନୃତ୍ୟକାରୀ—1. Dancing (M. W.). ୬ । କ୍ରୀଡ଼ାକାରୀ—2. Gambling; sporting (M. W.). ୩ । ପ୍ରଦୀପ୍ତକାରକ (ହ. ଶ.). 3. Dazzling.

ଲାସକୀ—ସ. ବି (ଲାସକ+ଈ)—୧ । ନର୍ତ୍ତକୀ—1. A dancing
Lāsakī girl (M. W.) ୬ । ଚନ୍ଦ୍ରଶାଳା—2. A turret; room on the top of a building (M. W.).

ଲାସନ—ସ. ବଣ. ପୁଂ (ଲସ୍ ଧାତୁ+କର୍ତ୍ତୃ. ଅନ)—ଇତସ୍ତତଃ
Lāsana ଚଳୁଥିବା—Moving hither and thither, (M. W.). ସ. ବି. ଗମନ; ଚଳନ—Movement.

ଲାସ ବେଶ—ସ. ବି (ସ. ପ. ଲୋ.)—୧ । ନାଚୁଆର ବେଶ ବା
Lāsa besa ସାଜସଜ୍ଜା—1. The accoutrements or toilet of a dancer. ୬ । ବିଳାସବେଶ; ରସିକ ରସିକାଙ୍କର ସାଜସଜ୍ଜା—2. Toilet of a gallant or beau.

ଲାସା—ଦେ. ବି (ସ. ରସ; ଲାସ=ଯୂଷ୍)—୧ । ଚଟଚଟା ଚୂନର
Lasa ଅଠାଳିଆ ଅବସ୍ଥା; ଚଟ; ଲାଳ—1 Clammi-
লাসা लासा ness (as of mortar or lime)
[ଦ୍ର—ନୂଆ ଚୂନରେ ଲାସା ଥାଏ; ବହୁ କାଳ ପଡ଼ିଲେ ବାତାସଲେ ସେ ଚୂନରୁ ଲାସା ନଷ୍ଟ ହୁଏ, ଅର୍ଥାତ୍ ଚଟ ଛାଡ଼ିଯାଏ । ଏହି ଲାସା ନଥି ଥାଉଥିବା ଚୂନ ଇଟା ଆଦିକୁ ପରସ୍ପର ସହିତ ଦୃଢ଼ଭାବରେ ବାନ୍ଧି ପାରେନାହିଁ ।]
୬ । ବିରି ବଟା—2. Biri paste. ୩ । ଭୂମିରେ

ଶସ୍ୟ ଉତ୍ପାଦକ ସାର ବସ୍ତୁ ବା ରସ—3. The productive juice which makes lands productive. ୪ । ରସ—4. Juice. ୫ । ସାର—5. Essence. ୬ । ଅଠା—6. Gum; birdlime. ବୈଦେ. ବି—ତିବ୍ବତର ରାଜଧାନୀ—Lhasa; capital of Tibet.

ଲାସି—ଦେ. ବି—ନାସି (ଦେଖ)
Lāsi Nāsi (See)

ଲାସିକ—ସ. ବି. ପୁଂ (ଲାସ+ଇକ)—୧ । ନର୍ତ୍ତକ; ନାଚୁଆ—
Lāsika 1. Dancer. ୨ । ନଟ—2. An actor.
[ଲାସିକା(କୀ)—ସ୍ତ୍ରୀ] ସ. ବଣ. ପୁଂ—ନୃତ୍ୟକାରୀ—Dancing (M. W.)

ଲାସିକା—ସ. ବି (ଲସ ଧାତୁ+କର୍ତ୍ତୃ ଅକ+ଆ)—୧ । ନର୍ତ୍ତକୀ—
Lāsikā 1. A female dancer. ୨ । ବେଶ୍ୟା—2. A prostitute (Apte). ୩ । ଅସଚ୍ଚରିତ୍ରା ସ୍ତ୍ରୀ—3. An unchaste women (Apte). ୪ । (+ଭାବ ଅକ+ଆ)—ଏକପ୍ରକାର ନାଟକାଭିନୟ—4. A kind of dramatic performance (Apte).

ଲାସିଙ୍ଗ୍—ବୈଦେ. ବି (ଇଂ)—ଜାହାଜ ବାନ୍ଧିବା ମୋଟ ଦଉଡ଼ି—
Lasing Lashing; stout rope for a ship.
নাসিঙ্গ लासन

ଲାସିବା—ଦେ. କ୍ରି—ଉପାଡ଼ି ପକାଇବା—To uproot. [ଉ—
উপড়ান उखाडना ପୁରୁଷ ହୃଦୟ-ତରଙ୍ଗିଣୀ ପରି ଶର ପ୍ରେମ-ପଲ୍ଲବୀ ଲାସିଲ୍ ବଢ଼୍ହୋଇଲେ ଦୁଇ ଶର - ଅନନ୍ତଦେବ ଭକ୍ତ ପ୍ରହ୍ଲାଦ ।]

ଲାସୀ—ସ. ବଣ. ପୁଂ (ଲସ୍ ଧାତୁ+କର୍ତ୍ତୃ ଇନ୍)—୧ । ନୃତ୍ୟକାରୀ—
Lāsi 1. Dancing (M. W.) ୨ । ଇତସ୍ତତଃ ଚଳନ୍—
(ଲାସିନୀ—ସ୍ତ୍ରୀ) 2. Moving to and fro (M. W.)

ଲାସ୍ଫୋଟନୀ—ସ. ବି (ଲାସନ=ଗମନ+ଅଷ୍ଫୋଟନ=ଭେଦନ, ଏହିରେ ଯେ; ଉପପଦ)—୧ । ଫୋଡ଼ଣୀ; ବେଧନୀ—
Lāsphoṭani
(ଲାସ୍ଫୁର୍ଣ୍ଣୀ—ଅନ୍ୟରୂପ) 1. Awl. ୨ । ଛୁଞ୍ଚି; ତୀକ୍ଷ୍ଣ—2. Needle; a large needle. ୩ । ବଢ଼େଇଙ୍କ ଭିଅଁଚ; ଅଗର—2. Gimlet; auger (M. W)

ଲାସ୍ୟ—ସ. ବି (ଲସ୍ ଧାତୁ=କ୍ରୀଡ଼ାକରିବା+ଭାବ ଯ)—୧ । ନୃତ୍ୟ;
Lāsya ନାଚ—1. Dancing. ୨ । ସ୍ତ୍ରୀଲୋକଙ୍କର ନୃତ୍ୟ-
(ଲାସ୍ୟକ—ଅନ୍ୟରୂପ) 2. A dancing by females.
[ଉ—ନାନା ମଣ୍ଡିବ କେଶରେ ପ୍ରବର୍ତ୍ତିଥିବ ହାସରେ ପଦର୍ତ୍ତିବ ଏ ଲାସ୍ୟରେ ରଭ ବଶରେ—ଉତ୍କ. ପ୍ରେମ-ସୁଧାକର ।] [ଉ—ପୁରୁଷଙ୍କ ନୃତ୍ୟକୁ ତାଣ୍ଡବ ବୋଲାଯାଏ ।] ୩ । ତାଳଲୟାଶ୍ରିତ ନୃତ୍ୟ—3. A dancing to time or measure.
[ଦ୍ର—ଲାସ୍ୟ ଏକପ୍ରକାର ନୃତ୍ୟ, ଯାହା ତାଳ, ଭାବ, ବାଦ୍ୟ ଓ ଗୀତ ଓ ଅଙ୍ଗାଦିର ଭଙ୍ଗୀ ଓ ପଦବିନ୍ୟାସ ସହକାରେ କରାଯାଏ ଓ ଯଦ୍ଦ୍ୱାରା ନାଟକୀୟ ରସରେ ଶୃଙ୍ଗାରାଦିରସର ଉଦ୍ଦୀପନ ହୁଏ । ସାଧାରଣତଃ ସ୍ତ୍ରୀମାନଙ୍କ ନୃତ୍ୟକୁ ଲାସ୍ୟ ବୋଲାଯାଏ; ପୁରୁଷଙ୍କ ଉଦ୍ଦଣ୍ଡ ଓ ଉଦ୍ଧତମୟ ନୃତ୍ୟକୁ ତାଣ୍ଡବ ବୋଲାଯାଏ । ଶିବ ତାଣ୍ଡବର ସୃଷ୍ଟିକାରକ ଓ ପାର୍ବତୀ ଲାସ୍ୟର ସୃଷ୍ଟି । ଲାସ୍ୟ ମଧ୍ୟ ଦୁଇ ପ୍ରକାରର; ଛୁରିତ ଓ ଯୌବତ । ଭରତ ଓ ସାହିତ୍ୟ-ଦର୍ପଣକାର ଅବଙ୍କ ବର୍ତ୍ତିତାରେ ଲାସ୍ୟର ଦଶ ରୂପ ବର୍ଣ୍ଣିତ ହୋଇଅଛି, ଯଥା—ଗେୟପଦ, ସ୍ଥିତପାଠ(ଠ୍ୟ), ଆସୀନ, ପୁଷ୍ପଗଣ୍ଡିକା, ପ୍ରଚ୍ଛେଦକ, ତ୍ରିଗୂଢ଼ ବା ତ୍ରିମୂଢ଼କ, ସୈନ୍ଧବ, ଦ୍ୱିମୂଢ଼କ ବା ଦ୍ୱିମୂଢ଼କ, ଉତ୍ତମୋତ୍ତମକ ଓ ଉକ୍ତ(ପ୍ର)ତ୍ୟୁକ୍ତ]
(ଲାସ୍ୟା—ସ୍ତ୍ରୀ) (ବୃ. ଶ, M. W) ୪ । (ପୁଂ) ନର୍ତ୍ତକ—3. (masculine) Dancer.

ଲାସ୍ୟ ବେଶ—ସ. ବି—ଲାସବେଶ (ଦେଖ)
Lāsyabesa Lāsabesa (See)

ଲାସ୍ୟହାସ୍ୟ(ସ)—ସ. ବି (ଦ୍ୱନ୍ଦ୍ୱ)—ନୃତ୍ୟ ଓ ହସ—
Lāsyahāsya(sa) Dance and laughter; dancing accompanied with smiles.

ଲାସ୍ୟା—ସ. ବି. ସ୍ତ୍ରୀ (ଲସ୍ ଧାତୁ+କର୍ତ୍ତୃ ଯ+ଆ)—ନର୍ତ୍ତକୀ—
Lasya A dancing girl (M. W)

ଲାହକ୍—ବୈଦେ. ବଣ.—(ଫା.ନାହକ୍)—ନାହକ୍ (ଦେଖ)—
Lāhak নাহক नाहक Nāhak (See)
କ୍ରି. ବଣ—ଅନ୍ୟାୟରୂପେ—Unjustly.

ଲାହା—ଦେ· ବି.—୧ । (ସ. ଲାକ୍ଷା) ଲାଖ; ଜତୁ—1. Shell.
Lāhā লাহা लाह(ही) lac. ୨ । ଲାସା (ଦେଖ)—2. Lāsā (See) [ଉ—ବିଶେଷ କଲଙ୍କ ଦେହଲାହା
লাহা କରିଯୁଣ ବଣୋଇତନ୍ନ ନନ୍ଦ ତମ୍ଭ ଉ. ଗୀତ ।] ୩ । (ସଂ. ଲାକ୍ଷାକର) ବଙ୍ଗୀୟ ଶୂଦ୍ର ଜାତିର ବଂଶୋପାଧି ବିଶେଷ—3. A family title of śūdras in Bengal. ୪ । ଦେହର ବଳ—4. Bodily strength. ଗ୍ରାଦେ. (କଟକ ସହର) ବି.—ନାବ; ନୌକା—A boat. [ଉ—ଲାହା ପାହା ସବୁ ମିଳବ ତ ?—ଘରୋଇକଥନ. କଟକ ଜିଲ୍ଲା ।] ବୈଦେ. ଗ୍ରାଦେ. (ଗଞ୍ଜାମ) ବି.—(ଇଂ.ଲ)—କାନୁନ; ଆଇନ; ଲ—Law.

ଲାହାକ—ଗ୍ରାଦେ. (କଟକ ସହର) ବି. ପୁଂ—ନାହାକ (ଦେଖ)—
Lāhāka Nāhāka (See)
[ଲାହାକାଣୀ, ଲାହାକଅଣୀ—ସ୍ତ୍ରୀ]

ଲାହାକା—ଗ୍ରାଦେ. (କଟକ ସହର) ବି.—ନାହାକା (ଦେଖ)
Lāhākā Nāhākā (See)

ଲାହା(ହି)ଡ଼ି—ଦେ. ବି.—ବଙ୍ଗଦେଶୀୟ ବଂଶୋପାଧି ବିଶେଷ—
Lāhā(hi)rdi A family title of Bengal; Lāhiri.
লাহিড়ী लाहिडी

ଲାହାମା—ଗ୍ରାଦେ.—(ବାଲେଶ୍ୱର) ବି.—ନଈ ମୁହାଣରେ ଧରା ଯିବା
Lāhāma ଏକ ପ୍ରକାର ଲୁଣି ମାଛ—A kind of salt water fish caught in the mouths of rivers.

ଲହାରି—ପ୍ରାଦେ. (ବାଲେଶ୍ୱର) ବି.—୧ । ଜଉ ବା ଲାଖରେ ଚୁଡ଼ି
Lāhāri ତିଆରି କରିବାଲୋକ—1. Maker of lac bangles.
লাহারী, শাঁখারী लहेरी, लहेरिया ୨ । ଚୁଡ଼ିର ଜାତି—2. A caste which manufactures lac bangles.

ଲହାଳିବା—ଦେ. କି.—ନାହାଳିବା (ଦେଖ)
Lahāḷibā Nābāḷibā (See)

ଲହି (ଇତ୍ୟାଦି)—ଦେ. ବି.—(ସଂ. ନାଭି)—ନାହି ଇତ୍ୟାଦି (ଦେଖ)
Lābi (etc) Nāhi etc (See)

ଲହିଆ—ଦେ. ବି.—ନାହିଆ (ଦେଖ)
Lābiā Nābiā (See)

ଲହୁଡ଼—ଦେ. ବି.—(ସଂ. ଅଳ)—ବିଛା ଆଦିଙ୍କର ବିଷାକ୍ତ ଅଗ୍ରଯୁକ୍ତ
Lāhurḍa ପୁଚ୍ଛ; ନାହୁଡ଼—The sting of scorpions
হুল डंक and other animals.

ଲାହୋର—ଦେ. ବି.—(ନାମ)—[ସଂ. ଲବକୋଟ ବା ଲବ କୋଟ
Lāhora লাহোর लाहोर ବା ଲବାରଣ୍ୟ,—ଭାରତର ପଞ୍ଜାବ ପ୍ରଦେଶର ଜିଲ୍ଲା ଓ ରାଜଧାନୀ—A district and capital of the Province of Punjab in India.
[ଦ୍ର—ଏହା ପୂର୍ବେ ଶିଖମାନଙ୍କର ରାଜଧାନୀ ଥିଲା । ଏଠାରେ ହାଇକୋର୍ଟ, ବିଶ୍ୱବିଦ୍ୟାଳୟ ଓ ପ୍ରାଦେଶିକ ଲାଟ ସାହେବଙ୍କ ଅବାସ ଆଦି ଅଛି । ଏଠାରେ ଉତ୍କୃଷ୍ଟ ପଶମର ଧୁଷା ଓ ଲୋହ ତିଆରି ହୁଏ । ରାମଚନ୍ଦ୍ର ତାଙ୍କ ପୁତ୍ର କୁଶଙ୍କୁ କୋଶଳ ରାଜ୍ୟର ଏବଂ ଲବଙ୍କୁ ଉତ୍ତର କୋଶଳ ରାଜ୍ୟର ରାଜପଦରେ ଅଭିଷିକ୍ତ କରିଥିଲେ । ଲବ ନିଜ ନାମ ଅନୁସାରେ ଲବକୋଟ (ବର୍ତ୍ତମାନ ଲାହୋର) ନଗର ନିର୍ମାଣ କରି ସେଠାରେ ରାଜଧାନୀ ସଂସ୍ଥାପନ କରିଥିଲେ—(ସୁବଳଚନ୍ଦ୍ର) । ଲବଙ୍କର ପ୍ରତିଷ୍ଠିତ ଏ ନଗରର ନାମ ଲବାବାଡ଼ ଥିଲା । କେତେକ ପ୍ରାଚୀନ ସଂସ୍କୃତ ଗ୍ରନ୍ଥରେ ଏହି ସ୍ଥାନ ଲବାରଣ୍ୟ ନାମରେ ଉଲ୍ଲିଖିତ ହୋଇ ଅଛି—ବିଶ୍ୱକୋଷ ।]

ଲାହୋରୀ—ଦେ. ବିଣ.—ଲାହୋରରେ ପ୍ରସ୍ତୁତ (ଉତ୍ପନ୍ନବସ୍ତୁ)—
Lāhori লাহোরী Manufactured in Lahore.
लाहोरी [ଦ୍ର— ଲାହୋରୀ ଧୁଷା, ଲୋହ, ଶାଲ ଇତ୍ୟାଦି ।]

ଲାହ୍ୱା—ସଂ. ବି.—(ମୂଳ. ଇଂ ଅଉଲ୍)—ପେଚକ; ଉଲୂକ (ହି. ଶ.)
Lahwā Owl.

ଲାହ୍ୟା—ଦେ. ବି.—ନାହିଆ (ଦେଖ)
Lāhyā Nāhiā (See)

ଲି—ଦେ.—୧ । (କଡ଼ରଥ)—(ସାଙ୍କେତିକ) 'ଲିଖିତଂ'ର ସଙ୍କେତକ
Li লি लि 1. Abbreviation of 'Likhitam', meaning, Written by (so and so)
নাম যা
[ଦ୍ର—ଦଲିଲ ଆଦି ଲେଖିବା ବା ସଂପାଦନ କରିବା ବ୍ୟକ୍ତିର ନାମ ପୂର୍ବେ ଏହି ସାଙ୍କେତିକ ବ୍ୟବହୃତ ହୁଏ । ଯଥା— । ଲି । ଗୋପାଳଚନ୍ଦ୍ର—ଅର୍ଥାତ୍, ଏ ପତ୍ରର ଲେଖକ ଗୋପାଳଚନ୍ଦ୍ର । ୨ । ବର୍ତ୍ତମାନକାଳର ସମୀପ ଅତୀତ ବା ଅଦ୍ୟତନ ଅତୀତ କାଳରେ ଅନାଦରାର୍ଥେ ପ୍ରଥମ ପୁରୁଷ ଏକ ବଚନ 'ମୁଁ' ପରେ ବ୍ୟବହୃତ କ୍ରିୟାରେ ଲାଗିବା ଚିହ୍ନ । (ଯଥା—କଲି, ଖାଇଲି, ଗଲି ।)—2. Inflection used with verbs in the past tense first person singular. ବୈଦେ. ବି.—(ଚୀନ ଦେଶୀୟ ଭାଷା; ବୌଦ୍ଧ ସାହିତ୍ୟରେ ବ୍ୟବହୃତ) ଚୀନ ଦେଶରେ ବ୍ୟବହୃତ ଦୂରତ୍ୱ ପରିମାଣ ବିଶେଷ—
লী ली A measure of distance of places used in China. [ଦ୍ର—ଏହା ଏକ କୋଶର ୧୨ ଭାଗରୁ ପ୍ରାୟ ଏକ ଭାଗ । ୪୦୦୦ ଲି = ୩୩୩ କୋଶ । (ଜ୍ଞାନ ଭୂ)]

ଲିଅ(ୟ,ହ)ଣ—ଦେ. ବି.—(ସଂ. ଛିଦ୍ରାଣୀ, ଲୌହକୃନ୍ତ, ଲୟନ)—
Lia(ya,ha)ṇa ବେଣ୍ଟଶୂନ୍ୟ ଲୁହାର ବଟାଳି—An unhandled iron chisel.

ଲିଅଣ୍ଟ—ପ୍ରାଦେ. (କଟକ ସଦର) ବିଣ—ନିଅଣ୍ଟ (ଦେଖ)
Lianṭa Nianṭa (See)

ଲିଅତ—ପ୍ରାଦେ. (କଟକ ସଦର) ବି.—ନିଅତ (ଦେଖ)
Liata Niata (See)

ଲିଆ—ଦେ. ବି (ସଂ. ଲାଜା)—ଲାଜା; ଖଇ; ଭୃଷ୍ଟ ଧାନ୍ୟାଦି—
Liā Grain fried while inside the chaff.
খই লাবা [ଦ୍ର—ଏହା ବାହାରେ ଲିଆମାନଙ୍କୁ ଅଞ୍ଜଳି, ଭରି ଖିପ୍ର ଦେହରେ ପକାଇଲେ ବାଳୀ । କୃଷ୍ଣସିଂହ. ମହାଭାରତ. ଖିପ୍ର ।] [ଦ୍ର—ଯେଉଁ ଶସ୍ୟକୁ ଭାଜି ଲିଆ କରାଯାଏ, ତହିଁର ନାମ ଲିଆ ଶବ୍ଦ ପୂର୍ବେ ଯୁକ୍ତ ହୁଏ । ଯଥା—ଧାନ ଲିଆ, ବାଜରାଲିଆ, ମକାଲିଆ, କଇଁବଣ୍ଡ ଲିଆ ଇତ୍ୟାଦି ।]

ଲିଆଇ—ଦେ. ବି—ଲିହାଇ (ଦେଖ)
Liāi Lihāi (See)

ଲିଆକତ(ତି)—ବୈଦେ. ବି (ଅ. ଲିୟାକତ୍=ଯୋଗ୍ୟତା)—୧ ।
Liākata(ti) ମର୍ଯ୍ୟାଦା; ସମ୍ମାନ—1. Dignity; honour;
লেয়াকত लियाकत respect. ୨ । ଯୋଗ୍ୟତା—2. Ability; merit; fitness. ୩ । ବୁଦ୍ଧି—3. Intelligence. ୪ । ପଟୁତା—4. Skill. ୫ । ସାମର୍ଥ୍ୟ— Power; strength. ବୈଦେ.
লেয়াকতি, লায়েক लियाकती, लायक ବିଣ (ଅ. ଲାୟକ୍)—
୧ । ଯୋଗ୍ୟ—1. Able; worthy. ୨ । ପଟୁ—2. Skilful; meritorious. ୩ । ବୁଦ୍ଧିମାନ୍—3. Intelligent. ୪ । ମର୍ଯ୍ୟାଦାଯୁକ୍ତ; ସମ୍ମାନଯୁକ୍ତ—4. Respected; respectable.

ଲିଅ ଖିଆ—ଦେ.ବି—୧। (ସଂ.ଲାଜା+ଖାଦ ଧାତୁ)—ଲିଅ ଖାଇବା—
Liā khiā 1. Eating of fried corn. ୨ । (ନାମ)
খইখাওয়া लावा खाना କୋଣାର୍କର ଅଦୂରରେ ସମୁଦ୍ରରେ ପଡ଼ିଥିବା କ୍ଷୁଦ୍ର ନଦୀ—2. A small river falling into the ocean near Konarak in Puri-district. [ଦ୍ର—ପୁରୀଠାରୁ କୋଣାର୍କକୁ ଗଲେ ଏହି

ନଗରର ମହାଣ ନିକଟରେ ଏହାକୁ ଧାଉଁଦୋଇ ଘିବାକୁ ପଡ଼େ । ଉପର ଅଂଶରେ ଏହାର ନାମ ଲୁପ୍ତନଦୀ ।]

ଲିଅଖିଅ ବେଲା—ପ୍ରାଦେ (ସମ୍ବଲପୁର) ବି—ସକାଳ ୮ଟା ବେଳ—
Liākhiā belā About 8 A. M. [ବ୍ର—ସମ୍ବଲପୁରରେ ମୂଲିଆମାନେ ସକାଳେ ୭ଟାବେଳେ ହଳ ଅବା କାମ କରିବାକୁ ଯାଆନ୍ତି ଏବଂ ଦୁଇ ଘଣ୍ଟା କାର୍ଯ୍ୟ କରିବା ପରେ କାର୍ଯ୍ୟକ୍ଷେତ୍ରରେ ବିଶ୍ରାମ କରି ଲିଅ ବା ମୁଢ଼ି ଅଳ୍ପ ଜଳଯୋଗ କରିଥାଆନ୍ତି । ଏହି ପ୍ରଥା ଯୋଗୁଁ 'ଲିଅଖିଅ ବେଲା' ବ୍ୟବହୃତ ହୋଇଅଛି ।]

ଲିଅ ଚଡ଼ା (ଇତ୍ୟାଦି)—ଦେ. ବି—ଖଇଚଡ଼ା ଇତ୍ୟାଦି (ଦେଖ)
Liā charḍā (etc) Khaicharḍā etc (See)

ଲିଅ ଚଲା—ଦେ. ବି—ଖଇଚଲା (ଦେଖ)
Liā chalā Khaichalā (See)

ଲିଅ ଚଲା(ଲେ)ଇବା—ଦେ. କ୍ରି—ଖଇ ଚଳେଇବା (ଦେଖ)
Liā chalā(le)ibā Khai chaleibā (See)

ଲିଅ(ହା)ଜ (ଇତ୍ୟାଦି)—ବୈଦେ. ବି (ଅ.)—ନିଅଜ ଇତ୍ୟାଦି (ଦେଖ)
Liā(hā)ja (etc) Niāja etc (See)
ଲିହାଜ लिहाज

ଲିଅ(ହା)ଣ—ଦେ. ବି—ଲିଅଣ [ଦେଖ]
Lia(hā)ṇa Liaṇa [See]

ଲିଅ ଦିଆ—ପ୍ରାଦେ (କଟକ ସହର) ବି—ନିଅ ଦିଅ; ନେବା ଓ
Liā diā ଦେବା; ନେଣ ଦେଣ; ଅଦାନ ପ୍ରଦାନ—
লেন্ দেন लेन देन Taking and giving; mutual exchange. ଦେ. ବି—ଲୋକଙ୍କୁ ଲିଅ ବାଣ୍ଟିବା—2. Distribution of fried corn (to people).

ଲିଅ ଧାନ—ଦେ. ବି—ଯେଉଁ ଧାନକୁ ଭାଜିଲେ ଭଲ ଖଇ ଫୁଟେ—
Liā dhāna Species of paddy which produce
খইরধান্ लावाकाधान good Liā when fried. [ବ୍ର—ସବୁପ୍ରକାର ଧାନକୁ ଭାଜିଲେ ସୁନ୍ଦର ଖଇ ହୁଏ ନାହିଁ । କେତେକ ପ୍ରକାର ଧାନ ଭାଜିଲେ ବହିଁରୁ ବଡ଼ ବଡ଼ ଖଇ ହୁଏ ।]

ଲିଅ ଫୁଟିବା—ଦେ. କ୍ରି—ଖଇ ଫୁଟିବା (ଦେଖ)
Liā phuṭibā Khai phuṭibā (See)

ଲିଅ ଭାଜିବା—ଦେ. କ୍ରି—ଖଇ ଭାଜିବା; ଶସ୍ୟକୁ ଭାଜି ଲିଅରେ
Liā bhājibā ପରିଣତ କରିବା—To fry grains into
খইভাজা लावाभूनना Liā. [ବ୍ର—ଧାନ ଅବକୁ ଭାଜି 'ଲିଅ' କୁହାଯାଏ; ଲିଅକୁ ଭଜାଯାଏ ନାହିଁ । ତଥାପି କଥାରେ କହନ୍ତି—ଲିଅ ଭାଜିବା, ମୁଢ଼ି ଭାଜିବା, ଇତ୍ୟାଦି । ସେହିପରି ଭାତ ରାନ୍ଧିବା ।]

ଲିଅ ମଣ୍ଡ—ଦେ. ବି — ଲାଜାମଣ୍ଡ (ଦେଖ)—Lājā maṇḍa
Liā maṇḍa খইরমণ্ড लावाकमांड

ଲିଆର—ପ୍ରାଦେ. (କଟକ ସହର) ବିଣ.—ନିଅର (ଦେଖ)
Liārā Niārā (See).

ଲିଆରି—ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମରେ ଥିବା ଓଡ଼ିଆ ଶୂଦ୍ର ଜାତି ବିଶେଷ—A class of Śūdras in Ganjam.
Liāri [ବ୍ର—ଏମାନଙ୍କର ପୁରୁଷ ଓ ସ୍ତ୍ରୀ ଉଭୟେ ବାଣିଜ୍ୟ ବେପାର କରନ୍ତି । ଏମାନେ ଓଡ଼ିଶାର ଅନ୍ୟ ଅଞ୍ଚଳର କେଳୁଟ ଶ୍ରେଣୀର ଅଟନ୍ତି ଓ ଲିଅ ଭାଜନ୍ତି ।]

ଲିଆ ହୁ(ହୋ)ମ—ଦେ. ବି.—(ସଂ. ଲାଜା ହୋମ)—ଲାଜାହୋମ
Liā hu(ho)ma (ଦେଖ)—Lājā homa (See).
লাজহোম लावाहोम

ଲିଉକ—ବୈଦେ. ବି. (ଇଂ ଲିଉକ୍)—୧ । ବାଇବଲ୍ ଧର୍ମପୁସ୍ତକର
Liuk ଅଂଶ ବିଶେଷର ପ୍ରଣେତା—1. Luke; name of the
ল্যুক लूक compiler of a portion of the Bible.
୨ । ବାଇବଲ୍ ଗ୍ରନ୍ଥର ଅନ୍ତର୍ଗତ ଲିଉକ୍ ଲିଖିତ ସୁସମାଚାର—2. The part of the Bible containing the Gospels of Saint Luke.

ଲିଏ—ଦେ. ଅ.—ଶିକାର ପଛରେ କୁକୁରମାନଙ୍କୁ ଲଗାଇବାର ଧ୍ୱନି—
Lie A halloo made by a hunter to the
লিএ लगे dog chasing a prey. [ବ୍ର—ଏହା 'ଧୋ ଧୋ ।' ସଙ୍ଗେ ମଧ୍ୟ ବ୍ୟବହୃତ ହୁଏ । ଯଥା—ଧୋ ଧୋ ! ଲିଏ ଲିଏ !]

ଲିକ(କ୍କ)—ଗ୍ରା. ବିଣ.—ନିକ (ଦେଖ)—Nika (See).
Lika(kka)

ଲିକା(କେ)ଇବା—ଗ୍ରା. କ୍ରି—ନିକାଇବା (ଦେଖ)—
Likā(ke)ibā Nikāibā (See)

ଲିକୁଚ—ସଂ. ବି—ଲକୁଚ (ଦେଖ)
Likucha Lakucha. (See)

ଲିକୋ—ପ୍ରାଦେ (ବସ୍ତର) ବିଣ—ନିକ (ଅଖଣ୍ଡ)—
Liko Fine whole (rice).

ଲିକ୍ଷ(କ୍ଷା)—ସଂ. ବି (ଲିଖ୍ ଧାତୁ=ଚିତ୍ର କରିବା+କର୍ତ୍ତୃ. ଅ; +ଆ;
Likha(khā) କର୍ମାଚକ)—୧ । କ୍ଷୁଦ୍ର ଉକୁଣି—1. Very
(ଲିଖିକା—ଅନ୍ୟରୂପ) small louse. ୨ । ଉକୁଣିଙ୍କର କ୍ଷୁଦ୍ର ଡିମ୍ବ—2. The eggs of lice. ୩ । ପରିମାଣ-ବିଶେଷ—3. A sort of measure. [ବ୍ର—୪ ଅଣୁ=୧ ଲିକ୍ଷା; ମତାନ୍ତରରେ ୮ ପରମାଣୁ=୧ ରଜ; ୮ ରଜ=୧ ବାଲାଗ୍ର; ୮ ବାଲାଗ୍ର=୧ ଲିକ୍ଷା, ମତାନ୍ତରରେ ୨ ଲିକ୍ଷା=୧ ସର୍ଷପ ଓଜନ—ହେ. ଯ

ମତାନ୍ତରରେ ସୂର୍ଯ୍ୟକିରଣ କୌଣସି ଜାଲାବାଟେ ପଡ଼ିଲେ ସେଥିରେ ଉଡ଼ୁଥିବା ଧୂଳିର ଗୋଟିଏ କଣାର ନାମ ଅଣୁ; ଏପରି ୫୪ ଅଣୁରେ ଗୋଟିଏ ଲିକ୍ଷା ହୁଏ ।

ଜାଲାନ୍ତରଗତେ ଭାନୌ ଯତ୍ସୂକ୍ଷ୍ମଂ ଦୃଶ୍ୟତେ ରଜଃ
ତୈସ୍ତୁର୍ଭିର୍ବେଦିତା ଲିକ୍ଷା ତେଷାଂ ଷଡ଼୍ରୁଷ୍ଟ ସର୍ଷପଃ ।]

ଲିଖ୍ (ଧାତୁ)—ସ—୧ । ଲେଖିବା—1 To write. ୨ । ଚିତ୍ର
Likh (root) କରିବା—2. To paint. ୩ । ଅଙ୍କନ କରିବା—3. To draw.

ଲିଖ୍‌ରୀ—ପ୍ରାଦେ (ସମ୍ବଲପୁର) ବିଣ—ଅତି ସାମାନ୍ୟ—
Likh-ri Very insignificant.

ଲିଖା (ଖା,ଖି)—ଦେ. ବି (ସ. ଲିକ୍ଷ)—୧ । ଛୋଟ; ଶ୍ୱେତ ଉକୁଣି—
Likha(khā,khi) 1. Small louse. [ଉ—ଯେସନେକ
নিকি, লিকি ମଥାର କେଶରେ ଥାଇ ଲିଖ । ପ୍ରାଚୀ. ବୃକ୍ଷକୁଣ୍ଡଶ
लीख गीठा ।] ୨ । ଉକୁଣିଙ୍କ ଡିମ୍ବ—2. Eggs of lice. ୩ ।
একটুকু ଅତି କ୍ଷୁଦ୍ର ପଦାର୍ଥ—3. Very small thing. ୪ ।
जरा ଅତି କ୍ଷୁଦ୍ର ପରିମାଣ—4. Minute quantity. ୫ ।
একটুকু (ପୁଂ ଓ ସ୍ତ୍ରୀ) ଲୋକଙ୍କ ନାମ—5. A name given to
जरासा males and females. ଦେ. ବିଣ—ଅତି କ୍ଷୁଦ୍ର—
Very small.

ଲିଖ ଗଜି—ଦେ. ବି (ସମାହାର)—ଉକୁଣିଙ୍କର ଡିମ୍ବ ଓ ଛୁଆ—
Likha gaji Minute eggs and young ones of
নিকীওউকুনের ডিম लीखऔर ढील lice.

ଲିଖଣା—ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ବି—ଲିହଣ (ଦେଖ)
Likhaṇa Lihaṇa. (See)

ଲିଖନ—ସ. ବି (ଲିଖ୍ ଧାତୁ+ଭାବ. ଅନ)—୧ । ଲେଖିବା; ଅକ୍ଷର-
Likhana ବିନ୍ୟାସକରଣ—1. Writing. ୨ । ରେଖା
ଟାଣିବା—2. Drawing of lines. ୩ । ଚିତ୍ର-
କରଣ—3. Painting. ୪ । ଅଙ୍କନ କରିବା—
4. Drawing. ୫ । (+କର୍ମ. ଅନ) ଲେଖା; ମସୀଦ୍ୱାରା
କଲମରେ ଲେଖାଯିବା ବିଷୟ—5. A writing
done with ink and pen. ୬ । ପତ୍ର—
6. Letter. ୭ । (+ଅଧିକରଣ. ଅନ) ଦଲିଲ—
7. A document; deed. ୮ । ଭାଗ୍ୟ ଲେଖା;
ମନୁଷ୍ୟର ଭାଗ୍ୟରେ ବିଧାତାଙ୍କ କଳ୍ପିତ ଲେଖା—
8. Preordained thing.

ଲିଖନ ପଠନ—ସ. ବି (ସମାହାର)—୧ । ଲେଖିବା ଓ ପଢ଼ିବା—
Likhana paṭhana 1. Writing and reading.
୨ । ଲେଖା ପଢ଼ା; ବିଦ୍ୟାଭ୍ୟାସ କରିବା—2. Studying.

ଲିଖନ ପଦ୍ଧତି—ସ. ବି (୬ଷ୍ଠୀ ତତ୍)—ଲେଖିବାର ଢଙ୍ଗ—
Likhana paddhati The style of writing.
(ଲିଖନପ୍ରଣାଳୀ, ଲିଖନ ରୀତି—ଅନ୍ୟରୂପ)

ଲିଖନ ଯୋଗ୍ୟ—ସ. ବିଣ (୬ଷ୍ଠୀ ତତ୍)—ଲେଖା ଯିବାର ଉପଯୁକ୍ତ—
Likhana jogya Fit to be written.

ଲିଖନାର୍ହ—ସ. ବିଣ (୬ଷ୍ଠୀ ତତ୍; ଲିଖନ+ଅର୍ହ)-ଲେଖନୋପଯୁକ୍ତ—
Likhanārha Fit to be written.
(ଲିଖନୀୟ—ଅନ୍ୟରୂପ)

ଲିଖା(ଖି)ରା(ରେ)ଇବା-ଦେ. କ୍ରି—ନିଖାରିବା (ଦେଖ)
Likha(khi)rā(re)ibā Nikhāribā (See)

ଲିଖା—ଦେ. ବି. ପୁଂ—ଲିଖ ନାମକ ପୁରୁଷର ଡାକ ନାମ—
Likhā Name for calling Likha.

ଲିଖା(ଖେ)ଇ—ଦେ. ବି. ସ୍ତ୍ରୀ—ଲିଖ ନାମ୍ନୀ ସ୍ତ୍ରୀର ଡାକ ନାମ—
Likhā(khe)i Name for calling a woman
(ଲିଖୀ—ଅନ୍ୟରୂପ) named Likha.

ଲିଖାରିବା—ଦେ. କ୍ରି—ନିଖାରିବା (ଦେଖ)—
Likhāribā Nikhāribā (See)

ଲିଖି—ପ୍ରାଦେ (ଯାଜପୁର) ବି—ଲିଖ—
Likhi Small louse.

ଲିଖିଏ—ଦେ. ବିଣ ଓ ବି (ସ. ଲିକ୍ଷା)—୧ । ଟିକିଏ; ସ୍ୱଳ୍ପମାତ୍ର;
Likhie ଛିଟିଏ—1. A little; a minute quantity.
(ଲିଖେ—ଅନ୍ୟରୂପ) ୨ । ଅତି କ୍ଷୁଦ୍ର—2. Very small;
একটুকু जरासा, लीखकेबराबर, मिसिया thing.

ଲିଖିତ—ସ. ବିଣ (ଲିଖ ଧାତୁ+କର୍ମ. ତ)—୧ । ଯାହା ଲେଖା
Likhita ହୋଇଅଛି—1. Written. ୨ । ଅଙ୍କିତ—
2. Drawn. ୩ । ଚିତ୍ରିତ—3. Painted. ସ.
ବି—୧ । (+ଭାବ. ତ) ଲେଖା—1. Writing.
୨ । ହିନ୍ଦୁଧର୍ମଶାସ୍ତ୍ରପ୍ରଣେତା ମୁନି ବିଶେଷ—2. Name
of a Hindu law-giver of ancient India.
୩ । (+କର୍ମ ତ) ଲେଖ୍ୟ ପତ୍ର; ଦଲିଲ—3. Deed;
document; letter.

ଲିଖିତଂ—ଦେ. ବିଣ (ତତ୍ସମ ଭାଷା) (ସ. ଲିଖିତଂ)—ଏହା
Likhitam ଅମୁକଙ୍କ ଦ୍ୱାରା ଲେଖା ହେଲା, ଅମୁକ ଏହି ଦଲିଲ
লিখিতং ସମ୍ପାଦନ କରୁଅଛନ୍ତି—(This deed is)
लिखितं Written by or executed by. [ଦ୍ର—
ସଂସ୍କୃତରେ 'ମୟା ଲିଖିତଂ' ମୋଦ୍ୱାରା ଲିଖିତ । ଅମୁକଦ୍ୱାରା
ଲିଖିତଂ ସ୍ଥଳରେ ଓଡ଼ିଆ ଦଲିଲ ଲେଖାରେ ଲିଖି ଯାଇଅଛି
ଲିଖିତଂ ଅମୁକ । ଏଥିରେ ସାଙ୍କେତିକ । ଲି ।; କେହି
କେହି ମଧ୍ୟ ପତ୍ର ଶେଷରେ । ଲି । ଲେଖି ଆପଣା ନାମ
ସ୍ୱାକ୍ଷର କରନ୍ତି ।]

ଲିଖିତ ଜବାବ—ଦେ. ବି (ତତ୍ସମ)—୧ । ବାଦୀର ଅର୍ଜିର
Likhita jabāba ଉତ୍ତରରେ ପ୍ରତିବାଦୀର ଦାଖଲ କରିବା
(ମୌଖିକ ଜବାବ—ବିପରୀତ) ଲିଖିତ ବର୍ଣ୍ଣନାପତ୍ର 1.
লিখিত জবাব Written statement filed by a
लिखित जवाब defendant in a suit. ୨ । ଅଭିଯୋଗ
ବିରୁଦ୍ଧରେ ଦୋଷୀର ଦାଖଲ କରିବା ଲିଖିତ ଉତ୍ତର—
2. A written statement filed by an
accused. ୩ । କୌଣସି ବିଷୟର ଲିଖିତ ଉତ୍ତର—
3. A written reply.

ଲିଖିତ ପ୍ରମାଣ—ଦେ. ବି (ତତ୍ସମ)—କୌଣସି ବିଷୟ ପ୍ରମାଣ
Likhita pramāṇa କରିବା ପାଇଁ ଲେଖା ହୋଇଥିବା
লিখিত প্রমাণ ବିଷୟ; ଦଲିଲ ପ୍ରମାଣ—Documentary
लिखित प्रमाण evidence; evidence in the shape
(ମୌଖିକ ପ୍ରମାଣ, ଜବାନପ୍ରମାଣ—ବିପରୀତ) of a writing.

ଲିଖିତବ୍ୟ— ସଂ. ବିଣ (ଲିଖ୍ ଧାତୁ + କର୍ମ. ତବ୍ୟ)—୧ । ଲେଖାଯିବାର
Likhitabya ଉପଯୁକ୍ତ—1. Fit to be written.
୨ । ଯାହା ଲେଖା ଯିବ—2. To be written.

ଲିଗ୍— ବୈଦେ ବି (ଇଂ. ଲିଗ୍)—୧ । ଇଉରୋପୀୟ ସାମୁଦ୍ରିକ
Lig ଦୂରତ୍ୱର ମାପ ପରିମାଣ ବିଶେଷ (୨୪ଠାରୁ ୩୫ ମାଇଲ୍)—
लीग 1. A standard of measurement of oceanic
लीग distance. [ଦ୍ର—ଇଂଲଣ୍ଡର ସ୍ଥଳ ମାପର ଲିଗ୍= ୩ ସ୍ଥଳ ମାଇଲ=୩+୫୨୮୦ ଫୁଟ୍=୧୫୮୪୦ ଗଜ । ଇଂଲଣ୍ଡର ସମୁଦ୍ର ମାପର ଲିଗ୍=୩ ସାମୁଦ୍ରିକ ମାଇଲ= ୩×୬୦୮୦ ଫୁଟ=୬୦୮୦ ଗଜ ।] ୨ । ଦଳ;
ଗୋଷ୍ଠୀ—2. League; society.

ଲିଗ୍ ଅଫ୍ ନେସନ୍ ସ୍(ନ୍)— ବୈଦେ. ବି (ଇଂ. ଲିଗ୍ ଅଫ୍ ନେସନ୍ସ୍)—
Lig aph nesans(n) ବିଗତ ମହାସମର ପରେ ଗଠିତ
लीगअफनेसन्स लीगअफनेसन्स ପାଶ୍ଚାତ୍ୟ ଶକ୍ତିମାନଙ୍କ ଅଧିନାୟକ
ଅନ୍ତର୍ଜାତିକ ସଂଘ—The League of
Nations.

ଲିଗା(ଘା,ଙ୍ଗା,ଙ୍ଘା) (ଇତ୍ୟାଦି)—ବୈଦେ. ବି—ନିଗା ଇତ୍ୟାଦି (ଦେଖ)
Ligā(ghā,ṅgā,ṅghā (etc) Nigā etc (See)

ଲିଙ୍କ୍— ବୈଦେ. ବି (ଇଂ. ଲିଙ୍କ୍)—୧ । କଡ଼ାଦ୍ୱାରା ୧୦୦ ଖଣ୍ଡ ଲୁହା କାଠି
Link ଗଣ୍ଠା ହୋଇଥିବା ଶିକୁଳିଦ୍ୱାରା ଭୂମି ମାପ କରିବାରେ
लिङ्क लिंक ବ୍ୟବହୃତ ଚେନ୍ (ଲୁହା ଶିକୁଳି)ର ୧୦୦
ଭାଗରୁ ୧ ଭାଗ ବା ଖଣ୍ଡ—1. Link of a chain
used in surveying land. ୨ । ଭୂମି ମାପର
ପରିମାଣବିଶେଷ ($\frac{66}{100}$ ଫୁଟ = $\frac{3}{5}$ ଫୁଟ = ୭$\frac{9}{10}$ ଇଞ୍ଚ)—
2. Three fifth of a foot. ୩ । କମିଜର
ହାତ ବୋତାମର ଦୁଇ ଖଣ୍ଡକୁ ଯୋଗ କରିଥିବା ଧାତୁର
କଡ଼ା—3. The link of a cuff button of a
shirt.

ଲିଙ୍ଗ୍ (ଧାତୁ)—ସଂ—ଗମନ କରିବା—
Ling (root) (ଲିଙ୍ଗେ ଧାତୁ—ଅଚଳରୂପ) To go.

ଲିଙ୍ଗ୍ବୁର୍ଡ଼ା— ଦେ. ବି. ଓ ବିଣ—ଲିଙ୍ଗିବୁର୍ଡ଼ା (ଦେଖ)
Ling-burdā Lingiburdā (See)

ଲିଙ୍ଗ୍ଲିଙ୍ଗିଆ— ପ୍ର ଦେ (ସମ୍ବଲପୁର) ବିଣ—ଅତି କ୍ଷୀଣ ବା କୃଶକାୟ—
Ling-lingiā Very lean.

ଲିଙ୍ଗ— ସଂ. ବି (ଲିଙ୍ଗ୍ ଧାତୁ+କର୍ତ୍ତୃ.ଅ) —୧ । ଚିହ୍ନ; ଲକ୍ଷଣ; ସୂଚକ—
Linga 1. Mark; indication; token; symbol;
emblem; indication. [ଦ୍ର—ନ୍ୟାୟଦର୍ଶନ
ମତରେ ଲିଙ୍ଗ ୪ ଶ୍ରେଣୀରେ ବିଭକ୍ତ । ଯଥା—
ସଂଯୁକ୍ତ—ଯଥା, ଧୂମ ଅଗ୍ନିର ଲିଙ୍ଗ ଅଟେ । ନିତ୍ୟ—
ଯଥା, ଶୃଙ୍ଗ ଗାଈର ଲିଙ୍ଗ । ସହବର୍ତ୍ତୀ—ଯଥା, ଭାଷା
ମନୁଷ୍ୟର ଲିଙ୍ଗ । ବିପରୀତ—ଯଥା, ଜଳ ଦାହ ସଙ୍ଗେ
ଥାଏ—ଦ୍ର. ଶ. ।] ୨ । ହେତୁ; କାରଣ—2. Cause.
୩ । ମହାଦେବଙ୍କ ପ୍ରତୀକ; ଶିବଙ୍କର ମୂର୍ତ୍ତିବିଶେଷ—
3. The phallic emblem of God Śiba.
[ଦ୍ର—୧ । ଏହା ଦୁଇ ହସ୍ତାଦି ଅଙ୍ଗବର୍ଜିତ ଲମ୍ବ ପ୍ରସ୍ତର
ବା ଧାତୁଖଣ୍ଡ ଓ ଏହା ଯୋନିମଧ୍ୟସ୍ଥ ଗର୍ତ୍ତରେ ପ୍ରୋଥିତ
ହୋଇଥାଏ । ମହାଦେବଙ୍କର ମୂର୍ତ୍ତି ଲିଙ୍ଗ (ଉପସ୍ଥ)ରୂପରେ ଓ
ପାର୍ବତୀଙ୍କ ମୂର୍ତ୍ତି ଶକ୍ତି (ଯୋନି) ରୂପରେ ପୂଜିତ ହୁଏ ।
ଶିବ ଶକ୍ତି ଓ ଲିଙ୍ଗମୂର୍ତ୍ତିଦ୍ୱୟ (ପ୍ରକୃତି ଓ ପୁରୁଷ) ଦ୍ୱାରା
ବ୍ରହ୍ମାଣ୍ଡର ସୃଷ୍ଟି ସୂଚିତ ହୁଏ ।

୨ । ପୂର୍ବେ ପଞ୍ଚମୁଖଯୁକ୍ତ ଲିଙ୍ଗବିଗ୍ରହରୂପେ ଶିବ ପୂଜା
ପାଉଥିଲେ । ଖ୍ରୀଷ୍ଟୀୟ ୧ମ ଓ ୨ୟ ଶତାବ୍ଦୀରେ ଲିଙ୍ଗ-
ବିଗ୍ରହର ପୂଜା ଭାରତରେ ଅନାର୍ଯ୍ୟମାନଙ୍କଠାରୁ ଅଣାଯାଇ
ହିନ୍ଦୁ ଧର୍ମର ଅନ୍ତର୍ଭୁକ୍ତ କରାଯାଇଅଛି—(ହରପ୍ରସାଦ ଶାସ୍ତ୍ରୀଙ୍କ
ଗବେଷଣା) । ଲିଙ୍ଗପୁରାଣରେ ଲେଖାଅଛି ଯେ ଶିବଙ୍କର
ଦୁଇ ରୂପ; ଅଲିଙ୍ଗ ଓ ଲିଙ୍ଗ । ନିଷ୍କ୍ରିୟ ଓ ନିର୍ଗୁଣ ଶିବ
ଅଲିଙ୍ଗ ଅଟନ୍ତି । ଜଗତ୍କାରଣରୂପ ଶିବ ଲିଙ୍ଗ ଅଟନ୍ତି ।
ଅଲିଙ୍ଗ ଶିବଙ୍କଠାରୁ ଲିଙ୍ଗଶିବଙ୍କର ଉତ୍ପତ୍ତି । ଶିବଙ୍କୁ ଲିଙ୍ଗୀ
ବୋଲାଯାଏ, ଅତଏବ ଲିଙ୍ଗ ବା ପ୍ରକୃତି ଶିବଙ୍କରହିଁ
ଅଟେ । ଏରୂପେ ଲିଙ୍ଗ ଜଗତ୍କାରଣରୂପ ଶିବଙ୍କ ପ୍ରତୀକ
ଅଟେ । ପ୍ରାଚୀନ ମିଶର, ଆରବ, ଯିହୁଦା, ଯୁନାନ୍, ରୋମ୍
ଆଦି ଦେଶରେ ଜଗତ୍କାରଣରୂପେ ଦେବତାଙ୍କର ବା
ଈଶ୍ୱରଙ୍କ ଉପାସନା ପରି 'ଲିଙ୍ଗ'ର ମୂର୍ତ୍ତି ପୂଜିତ
ହେଉଥିଲା । ପ୍ରାଚୀନ ଯୁନାନୀମାନେ ଲିଙ୍ଗକୁ ଲାଟିନ୍
ଫାଲସ୍ (Phallus) କହୁଥିଲେ । ଯିହୁଦୀମାନେ
ବାଅଲ୍ (Baal) ଦେବତାଙ୍କ ପ୍ରତିଷ୍ଠା ଲିଙ୍ଗ-
ରୂପରେ କରୁଥିଲେ । ପ୍ରାଚୀନ ବାବିଲନ୍‌ର
ଭଗ୍ନାବଶେଷରୁ ମନ୍ଦିରମାନଙ୍କ ମଧ୍ୟରୁ ଅନେକ ଲିଙ୍ଗ
ମିଳି ଅଛନ୍ତି; ଏ ଲିଙ୍ଗମାନ ଭାରତୀୟମାନଙ୍କ
ଶିବଲିଙ୍ଗ ପରି । କିନ୍ତୁ ପ୍ରାଚୀନ ଆର୍ଯ୍ୟମାନଙ୍କ ମଧ୍ୟରେ
ଲିଙ୍ଗରୂପୀ ଶିବଙ୍କ ଉପାସନାର ସୂଚନା ମିଳେ ନାହିଁ ।
ବୈଦିକକାଳରେ କେତେକ ଅନାର୍ଯ୍ୟ ଜାତିଙ୍କ ମଧ୍ୟରେ
ଲିଙ୍ଗପୂଜା ପ୍ରଚଳିତ ଥିଲା । ଅନାର୍ଯ୍ୟ ଜାତିଙ୍କର 'ଶିଶ୍ନ-
ଦେବାଃ'ରୂପେ ଘୋଷଣା ନାମ ବେଦମନ୍ତ୍ରରେ ଅଛି—ହି ଶ]
୪ । ପୁରୁଷର ଉପସ୍ଥ; ଶିଶ୍ନ—4. Penis; male
organ of generation. (ଲିଙ୍ଗର ଅନ୍ୟ ସମ୍ପୃକ୍ତ
ପ୍ରତିଶବ୍ଦ—ଉପସ୍ଥ, ମଦନାଙ୍କୁଶ, ମେହନ, ମେଢ୍ର, କନ୍ଦର୍ପ-
ମୁଷଳ, ଶେଫ, ଧ୍ୱଜ, ସାଧନ—(ହି. ଶ.)—୫ ।
ଅନୁମାନ—5 Inference. ୬ । (ନ୍ୟାୟ ଦର୍ଶନ)
ଅନୁମାନସାଧନ—6 (logic) Premises
leading to a conlusion. ୭ । (ବ୍ୟାକରଣ)
ପଦାର୍ଥ ବା ଜୀବାଦିଙ୍କର ପୁରୁଷ, ସ୍ତ୍ରୀ ବା ନପୁଂସକ ଥିବାର
ସୂଚନା—7. (Grammar) Gender. ୮ ।
(ସାଂଖ୍ୟ ଦର୍ଶନ) ପ୍ରକୃତି—8. (Samkhya philo-
sophy) Nature; matter; crude matter.
୯ । ଶବ୍ଦର ଅର୍ଥ ପ୍ରକାଶକ ସାମର୍ଥ୍ୟ—9. The power

of a word to make its meaning manifest. ୧୦ । ସନ୍ନ୍ୟାସୀ—10. An anchorite. ୧୧ । ସନ୍ନ୍ୟାସୀର ବେଶ—11. The dress or marks of an anchorite. ୧୨ । ଲିଙ୍ଗ ଶରୀର (ଦେଖ)—12. Linga śarira (See). [ଉ—ପ୍ରକୃତି ଯାହେ ଗୁଣ ଲିଙ୍ଗ, ସ୍ଥୂଳ ଶରୀର ସଙ୍ଗଭଙ୍ଗ । ଜଗନ୍ନାଥ. ଭାଗବତ ।] ୧୩ । (ସାଂଖ୍ୟଦର୍ଶନ) ମୂଳ ପ୍ରକୃତି—13, (Sānkhya philosophy) Original Nature. [ଦ୍ର—ବିକୃତି ପୁଣି ପ୍ରକୃତିରେ ଲୟ ପ୍ରାପ୍ତ ହୁଏ; ଏଥିପାଇଁ ପ୍ରକୃତିକୁ ଲିଙ୍ଗ ବୋଲିଯାଏ—ହି. ଶ.] ୧୪ । (ମୀମାଂସା ଦର୍ଶନ)—ଛଅ ଲକ୍ଷଣ, ଯହିଁ ଅନୁସାରେ ଲିଙ୍ଗ ନିର୍ଣ୍ଣୀତ ହୁଏ (ହି. ଶ.)—(Mimāmsā philosophy) Six attributes or indications from which sex is ascertained. [ଉ—ଲକ୍ଷଣ ଯଥା—ଉପକ୍ରମ, ଉପସଂହାର, ଅଭ୍ୟାସ, ଅପୂର୍ବତା, ଅର୍ଥବାଦ ଓ ଉପପତ୍ତି—ହି. ଶ.] ଦେ. ବି—ବସ୍ତ୍ରାଞ୍ଚଳର ଧଡ଼ିରେ ଅଙ୍କିତ ରଙ୍ଗିନ ଚିତ୍ର ବା ରେଖା—Coloured figure or line on the hem of a cloth. [ଉ—ବାହାର କଲେ ନାଲ ଛିଟ ଶାଢ଼ୀ, ସିନ୍ଦୂରି ଧଡ଼ି ଫୁଲ ଲିଙ୍ଗ ପଡ଼ି । ଉ. ଲାବଣ୍ୟବତୀ ।]

ଲିଙ୍ଗକ—ସଂ. ବି—କପିତ୍ଥ ବୃକ୍ଷ—The wood apple tree; Lingaka Feronia Elephantum.

ଲିଙ୍ଗକୁ(ରେ) ବାଜିବା—ଦେ. କ୍ରି—ପୁରୁଷତ୍ୱ ଶକ୍ତିର ହାନି ଘଟିବା—Lingaku(re) bajiba Loss of potency. पुरुषत्वहानि हवा [ଦ୍ର—ମୁଷାକୁ ମାରିଲେ ଲିଙ୍ଗକୁ(ରେ) पुरुषत्वहानि होना ବାଜେ । ପ୍ରବାଦ ।]

ଲିଙ୍ଗ ଚକ୍ର—ସଂ. ବି (ତନ୍ତ୍ର)—ତନ୍ତ୍ରସାଧନାର୍ଥ ଶରୀର ମଧ୍ୟରେ କଳ୍ପିତ Linga chakra ଛଅଟି ଚକ୍ର ମଧ୍ୟରୁ ଏକତମ—One of the 6 mystic circles inside the body on which the mind of a Tantric devotee has to be concentrated while engaged in Tantric exercise. [ଦ୍ର—ଏଥିର ସ୍ଥାନ ଲିଙ୍ଗମୂଳ ।]

ଲିଙ୍ଗଚ୍ଛେଦ—ସଂ. ବି (ଷଷ୍ଠୀ ତତ୍; ଲିଙ୍ଗ+ଛେଦ; ସଙ୍କ୍ଷେପାର୍ଥ ଛ ସ୍ଥାନରେ Lingachchheda ଚ୍ଛ)—ଶିଶ୍ନ ଛେଦ; ଖାସି କରିବା—(ଲିଙ୍ଗଚ୍ଛେଦନ—ଅନ୍ୟରୂପ) Castration; excision of the male organ.

ଲିଙ୍ଗଜା—ସଂ. ବି—ଲିଙ୍ଗିକା (ଦେଖ) Lingajā Lingikā. (See)

ଲିଙ୍ଗ ଜ୍ଞାନ—ସଂ. ବି—ଶବ୍ଦର ବା ବସ୍ତୁର ଲିଙ୍ଗ ସମ୍ବନ୍ଧରେ ଅଭିଜ୍ଞତା—Linga jñāna Knowledge about the gender of a word or thing.

ଲିଙ୍ଗ ଦେହ—ସଂ. ବି (ମ. ପ. ଲୋପ; ଲିଙ୍ଗବିଶିଷ୍ଟ ଦେହ)—(ଦର୍ଶନ Linga deha ଶାସ୍ତ୍ର) ଅସ୍ଥା ଅବସ୍ଥାନ କରୁଥିବା ଜୀବର ସୂକ୍ଷ୍ମ (ଲିଙ୍ଗ ଶରୀର—ଅନ୍ୟରୂପ) ଦେହ—(Philosophy) The subtle frame in which the soul is settled. [ଉ—ଶବଦ ଅଦି ମାତ୍ରା ପଞ୍ଚ
ଅପରେ ବିଂଶୁଣ ପ୍ରପଞ୍ଚ ।
ଦଶ ଇନ୍ଦ୍ରିୟ ପଞ୍ଚ ପ୍ରାଣ
ସେ ମନ ବୁଦ୍ଧି ସଙ୍ଗେ ତେଣ ।
ଏହାକୁ ଲିଙ୍ଗ ଦେହ କହି
ଯାବତ ଚେତନା ଏ ବହି ।
ଜଗନ୍ନାଥ. ଭାଗବତ]
[ଦ୍ର—ଯେଉଁ ସୂକ୍ଷ୍ମ ଶରୀର ପ୍ରାଣୀର ସ୍ଥୂଳଶରୀର ନଷ୍ଟ ହେବା ପରେ ମଧ୍ୟ ସଂସ୍କାରଜନ୍ୟ କର୍ମଫଳ ଭୋଗ କରିବା ପାଇଁ ଜୀବାତ୍ମା ସଙ୍ଗେ ଲାଗି ରହିଥାଏ ତାକୁ ଲିଙ୍ଗଦେହ କହନ୍ତି । ଏଥିରେ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟମାନଙ୍କର ସବୁ ବୃତ୍ତିମାନ ବିଦ୍ୟମାନ ଥାଏ; କେବଳ ଏ ମାନଙ୍କ ସ୍ଥୂଳରୂପ ନ ଥାଏ । ଏ ଦେହରେ ୧୭ଟି ତତ୍ତ୍ୱ କଳ୍ପିତ ହୋଇଅଛି; ଯଥା—୧୦ ଇନ୍ଦ୍ରିୟ, ମନ, ପଞ୍ଚତନ୍ମାତ୍ର ଓ ବୁଦ୍ଧି—(ହି. ଶ) ।]

ଲିଙ୍ଗନ—ସଂ. ବି (ଲିଙ୍ଗ୍ ଧାତୁ+ ଭାବ. ଅନ)—ଆଲିଙ୍ଗନ; କୁଣ୍ଢାଇବା—Lingana Embracing. (Apte)

ଲିଙ୍ଗ ନାଶ—ସଂ. ବି (ବହୁବ୍ରୀହି; ଯହିଁରେ ବସ୍ତୁମାନଙ୍କ ଲିଙ୍ଗ ବା ଲକ୍ଷଣ Linga nāśa ଜଣା ପଡ଼େ ନାହିଁ)—୧ । ଅନ୍ଧକାର (ହି.ଶ)—1. Darkness. ୨ । ଚକ୍ଷୁରୋଗ ବିଶେଷ (ହି. ଶ); ନୀଳକା—2. A kind of eye-disease; glaucoma. [ଦ୍ର—ଏ ରୋଗରେ ଅଖିକୁ କେତେବେଳେ ଅନ୍ଧାର, କେତେବେଳେ ନାଲି, କେତେବେଳେ ହଳଦିଆ ବର୍ଣ୍ଣ ଆଦି ଦେଖାଯାଏ । ସୁଶ୍ରୁତ ଅନୁସାରେ ଅଖିର ୪ର୍ଥ ପଟଳର ବିକାର ଯୋଗୁଁ ଏ ରୋଗ ଜନ୍ମେ । ବାତ ପିତ୍ତ କଫ ଭେଦରେ ଏ ରୋଗ ୩ ପ୍ରକାର—(ହି. ଶ) ।]
୩ । ଶିଶ୍ନର ନାଶ—3. Loss of penis. (Apte)

ଲିଙ୍ଗ ପରାମର୍ଶ—ସଂ. ବି (ନ୍ୟାୟଶାସ୍ତ୍ର)—ପ୍ରସ୍ତାବ ବା ପକ୍ଷ ମଧ୍ୟରେ ଲିଙ୍ଗକୁ Linga parāmarśa ଚିହ୍ନିବା—(Logic) The recognition of the premises on a subject.

ଲିଙ୍ଗ ପୁରାଣ—ସଂ. ବି—ବ୍ୟାସ ପ୍ରଣୀତ ମହାପୁରାଣ ବିଶେଷ (ପୁରାଣ Linga purāna ଦେଖ)—One of the 18 Purānas of the Hindus. [ଦ୍ର—ଏଥିର ଶ୍ଳୋକ ସଂଖ୍ୟା ୧୧ ହଜାର; ବ୍ରହ୍ମା ମୁଖ୍ୟ ବକ୍ତା; ଏଥିରେ ଶିବଙ୍କୁ ବ୍ରହ୍ମା ଓ ବିଷ୍ଣୁଙ୍କର ଅଧିଷ୍ଠାନ ଥିବା ବର୍ଣ୍ଣିତ । ଶିବ ସ୍ୱୟଂ ତାଙ୍କର ୨୮ ଅବତାରର ବର୍ଣ୍ଣନ କରିଅଛନ୍ତି । ଏହା ଏକ ସାଂପ୍ରଦାୟିକ ପୁରାଣ; ଶିବଙ୍କ ଦ୍ୱାରା ଶିବଭକ୍ତ ଦଧୀଚ ମୁନିଙ୍କ ରକ୍ଷା, ପଦ୍ମକଳ୍ପରେ ସୃଷ୍ଟିର ଉତ୍ପତ୍ତି, ବୈବସ୍ୱତ ମନ୍ୱନ୍ତରର

ସ୍ଥାନମାନଙ୍କ ବଣାବଳ, ଲିଙ୍ଗ ପ୍ରକାର ସୁବ୍ୟାର୍ଥ ଏଥିରେ ବର୍ଣ୍ଣିତ ହୋଇଅଛି ।]

ଲିଙ୍ଗ, ବଚନ, ପୁରୁଷ, କାରକ—ସଂ. ବ (ବ୍ୟାକରଣ) ବିଶେଷ୍ୟ Linga, bachana, purusha, kāraka ଶବ୍ଦର ବର୍ଣ୍ଣିଷ୍ଟ ଚତୁଷ୍ଟୟ—(grammar) The gender, number, person and case of a noun.

ଲିଙ୍ଗ ବର୍ଦ୍ଧକ—ସଂ. ବ (ବୈଦ୍ୟକ)—କପିତ୍ଥ— Linga barddhaka The wood apple.

ଲିଙ୍ଗ ବର୍ଦ୍ଧନ—ସଂ. ବଣ (ବହୁବ୍ରୀହି)—ଯଦ୍ୱାରା ଲିଙ୍ଗ ଉଦ୍ଧୃତ ହୁଏ— Linga barddhana Causing erection of the male organ (Apte).

ଲିଙ୍ଗବସ୍ତି—ସଂ. ବ—ଲିଙ୍ଗାର୍ଶ ନାମକ ରୋଗ (ସ୍ତ୍ରୀ. ଷ.)—A kind Lingabasti of disease of the penis. [ଦ୍ର— (ଲିଙ୍ଗାର୍ଶ—ଅନ୍ୟରୂପ) ଏଥିରେ ଲିଙ୍ଗ ବାଟେ ରକ୍ତସ୍ରାବ ହୁଏ ।]

ଲିଙ୍ଗବାନ୍—ସଂ. ବଣ. ପୁଂ—ଲକ୍ଷଣଯୁକ୍ତ— Lingabān Having characteristics.

(ଲିଙ୍ଗବତୀ—ସ୍ତ୍ରୀ) ସଂ. ବ—ଲିଙ୍ଗାଇତ୍ (ଦେଖ) Lingāit (See)

ଲିଙ୍ଗ ବୁଡ଼ା—ଦେ. ବ—ଲିଙ୍ଗିବୁଡ଼ା (ଦେଖ) Ling burdā Lingiburdā (See)

ଲିଙ୍ଗ ବୃତ୍ତି—ସଂ. ବ (ବହୁବ୍ରୀହି; ଲିଙ୍ଗ=ବେଶ, ତାହା ଅଟେ ବୃତ୍ତି= Linga brutti ଜୀବିକା ଯାହାର)—ସନ୍ନ୍ୟାସୀ ବେଶଧାରୀ; କପଟ ସନ୍ନ୍ୟାସୀ; ଧର୍ମଧ୍ୱଜୀ—A hypocritical religious mendicant; a religious hypocrite. ୨. ବଣ—କପଟବୃତ୍ତି—Hypocritical (See).

ଲିଙ୍ଗବେଦି—ସଂ. ବ—ଶିବ ଲିଙ୍ଗର ମୂଳ ଭାଗ—The base or Lingabedī pedestal of a Linga (Apte).

ଲିଙ୍ଗ ଭଙ୍ଗନ—ଦେ. ବ (ସଂ. ଲିଙ୍ଗ+ଭଙ୍ଗ)—ଲିଙ୍ଗ ଶରୀରର ବିନାଶ Linga bhangana —The annihilation of the subtle body. [ଦ୍ର—ଯୋଗେଶ୍ୱରଙ୍କ ଗତି ଯେତେ, ଲିଙ୍ଗ ଭଙ୍ଗନ ମୋକ୍ଷପଥେ । ଜଗନ୍ନାଥ. ଭାଗବତ ।]

ଲିଙ୍ଗ ଭେଦ—ସଂ. ବ—ସ୍ତ୍ରୀ, ପୁରୁଷ ଓ କ୍ଲୀବଲିଙ୍ଗ ମଧ୍ୟରେ ପ୍ରଭେଦ— Linga bheda Difference of gender.

ଲିଙ୍ଗରାଜ—ସଂ. ବ (୭ମୀ ତତ୍)—ଭୁବନେଶ୍ୱରସ୍ଥ ଶିବଲିଙ୍ଗଙ୍କ ନାମ— Lingarāja Name of the image of Siba at লিঙ্গরাজ Bhubaneswara. ଦେ. ବ. ପୁଂ—ଲୋକଙ୍କ ନାମ लिङ्गराज —A name given to males.

ଲିଙ୍ଗରାଜଙ୍କ ଚତୁର୍ଦ୍ଦଶ ଯାତ୍ରା—ଦେ. ବ—ଭୁବନେଶ୍ୱରସ୍ଥ ଲିଙ୍ଗରାଜ Lingarājanka chaturdasa jātrā ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ লিঙ্গরাজ ঠাকুরের চতুর্দশ পর্ব ବର୍ଷ ମଧ୍ୟରେ ହେଉଥିବା ଚଉଦଟି लिङ्गराज ठाकुरका यात्रा ଯାତ୍ରା ('ଯାତ୍ରା' ଶବ୍ଦ ଦେଖ) The fourteen festivals of Lord Lingaraj held during the year at Bhubaneswar.

ଲିଙ୍ଗ ଶରୀର—ସଂ. ବ—ଲିଙ୍ଗଦେହ (ଦେଖ)— Linga sarira Lingadeha (See)

ଲିଙ୍ଗ ସମ୍ଭୂତା—ସଂ. ବ—ଲିଙ୍ଗିକା (ଦେଖ)— Linga sambhūtā Lingikā (See)

ଲିଙ୍ଗସ୍ଥ—ସଂ. ବ. ପୁଂ—ବ୍ରହ୍ମଚାରୀ (ମନୁ ୮।୧୬୫) (ସ୍ତ୍ରୀ. ଷ.)— Lingastha A religious student (M. W.); a person observing the vow of continence.

ଲିଙ୍ଗା—ଦେ. ବ (ସଂ. ଲିଙ୍ଗ)—୧ । ବଳଦଙ୍କ କାନ୍ଧରେ ବାହାରିବା Lingā ମାଂସପିଣ୍ଡ ବା ଅବୁ—1. A fleshy tumour or বলদের ঘাড়ের ঝঁাটিল wart formed on the shoulder मस्सा of a bullock. [ଦ୍ର—ଏହାର ଆକୃତି ଶିବଲିଙ୍ଗ ପରି ।] ୨ । (ଅନାଦରାର୍ଥକ) ଲିଙ୍ଗରାଜଙ୍କ ଡାକ ନାମ —2. Name for calling Lingarāja. ଟିପ୍ପଣୀ—ଲିଙ୍ଘା (ଦେଖ)—Linghā (See) ପ୍ରାଦେ. (ପୁରୀ) ବ—ଡୋଙ୍ଗ; ଲମ୍ବା ଜଳାଶୟ—A long narrow pool. ଦେ. ବଣ—ଯେଉଁ ବଳଦର যে বলদের ঘাড়েঅঁাটিল আছে କାନ୍ଧରେ ଲିଙ୍ଗା ବାହାରିଥାଏ— मस्सावाला (बैल) (Bullock) Having a tumour or wart growing on the shoulder. [ଦ୍ର —ଯେଉଁ ବଳଦର କାନ୍ଧ ଉପରେ ଲିଙ୍ଗା ଉଠିବାର ଦେଖାଯାଏ, ଲୋକେ ଉକ୍ତ 'ଲିଙ୍ଗା'କୁ ମହାଦେବ ବୋଲି ବିଶ୍ୱାସ କରି ସେହି ବଳଦକୁ ହଳ ଜମ୍ପା ଶଗଡ଼ ଆଦି କାର୍ଯ୍ୟରେ ଆଉ ବ୍ୟବହାର କରନ୍ତି ନାହିଁ ।]

ଲିଙ୍ଗାଇ(ଏ,ୟା)ତ୍—ଦେ. ବ (ସଂ. ଲିଙ୍ଗାଙ୍କିତ, ତୁଳ. ସେବାଏତ୍)— Lingāi(e,ya)t ଦାକ୍ଷିଣାତ୍ୟରେ ଶିବଲିଙ୍ଗଉପାସକ ସମ୍ପ୍ରଦାୟବିଶେଷ- লিঙ্গায়ত লিংगायत A sect of Hindus in S. India who are devotees of Siba. [ଦ୍ର—ଏମାନେ ଶିବଙ୍କର ଏକନିଷ୍ଠ ଉପାସକ ବ୍ରାହ୍ମଣପ୍ରିୟ ଭକ୍ତ; ଏମାନେ ସୁନାର ବା ରୂପାର କଣ୍ଠରେ ଶିବଲିଙ୍ଗକୁ ରଖି ବାହୁରେ ବା ଗଳାରେ ପିନ୍ଧନ୍ତି, ଏମାନଙ୍କୁ ଜଙ୍ଗମୀ ମଧ୍ୟ ବୋଲାଯାଏ । କିନ୍ତୁ ଏମାନଙ୍କ ମଧ୍ୟରେ କେତେଗୁଡ଼ିଏ ଭୂଷିତ ପ୍ରଚଳିତ ଅଛି, ଯାହା ଭାରତର ଅନ୍ୟତ୍ର ଦୃଷ୍ଟ ହୁଏ ନାହିଁ । ଏମାନେ ବେଦର ଓ ବ୍ରାହ୍ମଣଙ୍କ ପ୍ରାଧାନ୍ୟ ଓ ଜାତିଭେଦ ସ୍ୱୀକାର କରନ୍ତି ନାହିଁ । (ବିଶ୍ୱକୋଷ)]

ଲିଙ୍ଗାଗ୍ର—ସଂ. ବ (୬ଷ୍ଠୀତତ୍)—ଲିଙ୍ଗର ଅଗ୍ରଭାଗ; ଲିଙ୍ଗର ମୁଣ୍ଡାର— Lingāgra Glans penis (Apte)

ଲିଙ୍ଗାଙ୍କିତ—ସଂ. ବଣ. ପୁଂ (୩ୟା ତତ୍)—ଚିହ୍ନଦ୍ୱାରା ଚିହ୍ନିତ— Lingānkita Marked with a sign ବ. ଲିଙ୍ଗାଇତ୍ (ଦେଖ)—Lingāit (See)

ଲିଙ୍ଗାନୁଶାସନ—ସଂ. ବ (ବ୍ୟାକରଣ)—ଲିଙ୍ଗ ସମ୍ବନ୍ଧେ ବ୍ୟାକରଣର Lingānusasana ନିୟମମାନ—The laws governing the gender in grammar; the laws of grammatical gender (M.W).

ଲିଙ୍ଗାର୍ଚ୍ଚକ—ସଂ. ବି. ପୁଂ (ଉପପଦ ତତ୍ପୁରୁଷ)—୧ । ପୌତ୍ତଳିକ—
Lingārchchaka 1. Idolator. ୨ । ଲିଙ୍ଗୋପାସକ; ଶୈବ—2. A devotee of Śiba.

ଲିଙ୍ଗାର୍ଶଃ—ସଂ. ବି ପୁଂ(୬ଷ୍ଠୀ ତତ୍)—୧ । ଲିଙ୍ଗରୁ ରକ୍ତସ୍ରାବ ରୋଗ—
Lingārśah 1. Bloody discharge from the male organ. ୨ । ଉପଦଂଶ ରୋଗ; ଗରମି ବେମାର—2. Syphilis.

ଲିଙ୍ଗାଳିକା—ସଂ. ବି (ଲିଙ୍ଗ+ଅଳ+କ+ଆ)—କ୍ଷୁଦ୍ର ମୂଷିକ; ଛୁଞ୍ଚୋର
Lingālikā ମୂଷା—A small species of mouse;
নেণ্টিইন্দুর ছোটাচূহা a kind of mouse(M.W).

ଲିଙ୍ଗିକା(ଙ୍ଗୀ)—ସଂ. ବି (ଲିଙ୍ଗ+କ+ସ୍ତ୍ରୀ. ଆ; ଲିଙ୍ଗିନ୍+ଈ)—୧ ।
Lingikā(ni) (ବୈଦ୍ୟକ) ଶିବଲିଙ୍ଗୀଲତା—A creeper.
(ଲିଙ୍ଗସମ୍ଭୂତା, ଲୈଙ୍ଗୀ—ଅନ୍ୟରୂପ) ୧ । [ଦ୍ର—ଏହା ଓଡ଼ିଶା
শিবলিঙ্গিনী, শিবলিঙ্গী ଜଙ୍ଗଲରେ ଜନ୍ମେ । ଏଥିର
ଫଳ ଶିବଲିଙ୍ଗାକାର; ଏହାର
ଅନ୍ୟ ସଂ. ନାମ—ଶିବବଲ୍ଲୀ, ଶିବବଲ୍ଲିକା କ୍ଷୁଦ୍ର, କୃଷ୍ଣବର୍ଣ୍ଣ ଓ ବହୁପର୍ଣ୍ଣୀ, ଈଶ୍ୱରୀ, ସ୍ୱୟମ୍ଭୂ, ଚଣ୍ଡଫଳା, ଶୃଙ୍ଗାଲୀ ଅତଏବ । ଏହା ଦୁର୍ଗନ୍ଧ-ବୀଜା, ଚଣ୍ଡା, ଅପସ୍ମାରିଣୀ, ଶିବଦା ନାଶକ, କଟୁରସ, ଉଷ୍ଣ-ବୀର୍ଯ୍ୟ, ରସାୟନ ଓ ସର୍ବସିଦ୍ଧି କାରକ ଅଟେ ।] ୨ । ଧର୍ମ-ଧ୍ୱଜୀ ସ୍ତ୍ରୀ—2. A hypocrite woman. ୩। ହସ୍ତିନୀ-3. A female elephant. ସଂ. ବିଣ. ସ୍ତ୍ରୀ—ଲିଙ୍ଗୀର ସ୍ତ୍ରୀଲିଙ୍ଗ—Feminine of Lingi.

ଲିଙ୍ଗିବୁଡ଼ା—ଦେ. ବି—୧ । ପାଣିତୋରାଣିପୂର୍ଣ୍ଣ କୁଣ୍ଡରେ ନାକକୁ
Lingiburdā ବୁଡ଼ାଇ କେତେକ ବଳଦ ଓ ଗାଈଙ୍କର କୁଣ୍ଡରୁ
মুখডুবিয়ে খাওয়া मुंहडबाकर खाना ଦାନା ଅଦ ଖାଇବା—
1. The act of some bullocks and cows dipping their nose into the manger
সুসম্পন্নকায পুরাহোনা which is full of liquid food.
୨ । କୌଣସି ବସ୍ତୁ ସମ୍ପୂର୍ଣ୍ଣରୂପେ ଭରିଯିବା ଅବସ୍ଥା, ଅର୍ଥାତ୍ ଯହିଁରେ କିଛି ଅପୂର୍ଣ୍ଣ ରହି ନ ଥାଏ—2.A condition
মাথাডুবাঅবস্থা of being filled up or completed.
लाचारी ୩ । କୌଣସି କାର୍ଯ୍ୟପାଇଁ ଯାହା ଆବଶ୍ୟକ, ତାହା ପୂର୍ଣ୍ଣ ହୋଇ ତହିଁରୁ ବଳିପଡ଼ିବା ଅବସ୍ଥା—
3. A condition or state of things where the maximum has already been attained and which will bear no further strain.
[ଦ୍ର—ଅମୁକ ଲୋକ ଦେଣାରେ ଲିଙ୍ଗିବୁଡ଼ା ହୋଇ
যে মুখডুবিয়ে খায় मुँहडुबाकरखानेवाला ଦେ. ବିଣ—
୧ । ଯେଉଁ ଗୋରୁ ନାକକୁ ସମ୍ପୂର୍ଣ୍ଣରୂପେ କୁଣ୍ଡରେ ବୁଡ଼ାଇ ଦାନାପାଣି ଖାଏ—1. (A cow or bullock) Which dips its nose into the liquid
সুসম্পন্ন food in the crator. ୨ । ସମ୍ପୂର୍ଣ୍ଣରୂପେ ସମ୍ପାଦିତ (କୌଣସି ବସ୍ତୁ)—2. Done to completion or fulfilment; complete; full; done to the fill. [ଦ୍ର—ଶିବଲିଙ୍ଗକୁ ଜଳାଶାୟୀ କରିବା ସମୟରେ ପାଣି ପୂର୍ଣ୍ଣରୂପେ ଢାଳି ଲିଙ୍ଗକୁ ପାଣିରେ ବୁଡ଼ାଇ ଦେବାର ପ୍ରଥାରୁ ଏ ଶବ୍ଦର ବ୍ୟବହାର ଭାଷାରେ ଚଳିଅଛି । କୌଣସି କାର୍ଯ୍ୟ ପୂର୍ଣ୍ଣରୂପେ କରାଗଲେ ତାକୁ ଲିଙ୍ଗିବୁଡ଼ା ବୋଲାଯାଏ, ଅର୍ଥାତ୍ କୌଣସି କାର୍ଯ୍ୟ ପୂର୍ଣ୍ଣରୂପେ କରା ଗଲା, ଆଉ ଅଧିକ ଆବଶ୍ୟକ ନାହିଁ ।]
যে দেনায় ডুবেছে ୩ । ଅତ୍ୟନ୍ତ ଋଣଗ୍ରସ୍ତ—3. Over head
दिवालिया and ears in debt.

ଲିଙ୍ଗୀ—ସଂ. ବିଣ. ପୁଂ—(ଲିଙ୍ଗ+ଇନ୍, ୧ମା. ୧ବ)—୧ ।
Lingi ସନ୍ନ୍ୟାସୀ ବେଶଧାରୀ—1. Assuming or wear-
(ଲିଙ୍ଗିନୀ—ସ୍ତ୍ରୀ) ing the garb of a sannyāsi. ୨ । ଧର୍ମଧ୍ୱଜୀ—2. Religious hypocrite. ପୁଂ. ବି.-ହସ୍ତୀ—Elephant.

ଲିଙ୍ଗେନ୍ଦ୍ରିୟ—ସଂ. ବି—(ରୂପକ)—ପୁରୁଷର ଶିଶ୍ନ ବା ମୂତ୍ରେନ୍ଦ୍ରିୟ—
Lingendriya The male urinary organ.

ଲିଙ୍ଗୋତ୍ଥାନ—ସଂ. ବି.—(୬ଷ୍ଠୀ ତତ୍)—କାମ ପ୍ରବୃତ୍ତିର ଉତ୍ତେଜନା-
Lingotthāna ଜନିତ ଶିଶ୍ନର କାଠିନ୍ୟ ଭାବ—Erection of the penis through amorous excitement.

ଲିଙ୍ଗୋଦ୍ଧାର—ସଂ. ବି—(୬ଷ୍ଠୀ ତତ୍)—ଲିଙ୍ଗଚ୍ଛେଦନ—Excision
Lingoddhara or removal of the male organ. (M. W.)

ଲିଙ୍ଗୋପଦଂଶ—ସଂ. ବି—ଲିଙ୍ଗାର୍ଶଃ (ଦେଖ)
Lingopadamsa Lingarśah (See) (M. W)

ଲିଙ୍ଗୋପାସକ—ସଂ. ବି. ପୁଂ—ଶୈବ; ଶିବଲିଙ୍ଗ ପୂଜକ—
Lingopāsaka A devotee of Śiba.
[ଲିଙ୍ଗୋପାସିକା—ସ୍ତ୍ରୀ]

ଲିଙ୍ଘା—ବୈଦେ. ବି—(ଫା. ନିଗାହ୍)—ନିଗା (ଦେଖ)
Lingha Nigā (See)

ଲିଚ—ଗ୍ରା. ବି.—ଲିଞ୍ଚ (ଦେଖ)
Licha Lincha (See)

ଲିଚ(ଚୁ)—ବୈଦେ. ବି.—(ଚୀନ ଦେଶୀୟ ଭାଷା 'ଲି ଚି')—ଚୀନ୍
Lichi(chu) ଦେଶରୁ ଏ ଦେଶକୁ ଆନୀତ ହୋଇ ସୁସ୍ୱାଦ୍ୟ
লিচু लिचु ଫଳ ଉତ୍ପାଦନ କରୁଥିବା ଏକ ପ୍ରକାର ବୃକ୍ଷ ଓ ତହିଁର ସୁସ୍ୱାଦ୍ୟ ଫଳ—Lichi fruit and tree; Nephelium Litchi; Scytalia Litchi. [ଦ୍ର—ଏହି ଫଳର ଉପରେ କ୍ଷୁଦ୍ର କୋମଳ କଣ୍ଟକଯୁକ୍ତ ଖୋସା ଥାଏ ଓ ଖୋସା ଛଡ଼ାଇଲେ କୋମଳ ଶୁକ୍ଳ ସୁସ୍ୱାଦ୍ୟ ଶସ ଥାଏ; ତହିଁ ମଧ୍ୟରେ କଳା ମଞ୍ଜି ଥାଏ । ଏ ଫଳ ପାଚିଲେ ନାଲି ହୁଏ ଓ ଏହାର ସୁସ୍ୱାଦ୍ୟ ଶସ ଧଳା; ସ୍ଥାନଗୁଣରେ ଏହି ଶସ ସୁସ୍ୱାଦୁ ବା ଅସ୍ୱାଦୁ ହୁଏ । ଆସାମ, ବଙ୍ଗଦେଶ ଓ ସାହାରନପୁରରେ ଏହି ଫଳ ଉତ୍କୃଷ୍ଟ ହୁଏ । ଏ ଫଳ ବସନ୍ତ କାଳରେ ଫଳେ । ଏହାର ପତ୍ର ଆମ୍ବପତ୍ର ପରି, କିନ୍ତୁ ଛୋଟ । ଏହି ଗଛ ଆମ୍ବ ଗଛପରି ବଡ଼ହିଁ ଧରେ ।]

ଲି(ଲେ)ଞ—ଗ୍ରା. ବଣ.—(ସଂ. ନୀଚ)—୧ । ନୀଚ (ବ୍ୟକ୍ତି)—
Li(le)ñcha नीच नीच 1. Low; mean (man)
୨ । ନୀଚ ଜାତୀୟ—2. Of low caste.
୩ । ନୀଚମନା।—3. Mean-minded.

ଲିଞ୍ଚିଙ୍ଗ୍—ବୈଦେ. ବ.—(ଇଂ. ଲିଞ୍ଚିଙ୍ଗ୍)—ସମାଜ ବିରୁଦ୍ଧରେ ଘୃଣ୍ୟ
Liñching ଅପରାଧ କରିଥିବା ବ୍ୟକ୍ତିର ଅପରାଧ ଅଦାଲତରେ ବିଚାର କରା ନ ଯାଇ, ଅପରାଧୀକୁ ସର୍ବସାଧାରଣ ଲୋକେ ଧରି ନେଇ ଗାଛରେ ଝୁଲାଇବା, ମାଡ଼ ମାରିବା, ହତ୍ୟା କରିବା ଆଦି ଦ୍ୱାରା ଦଣ୍ଡ ଦେବା ରୂପ ଜଘନ୍ୟ ବର୍ବର ପ୍ରଥା—The practice of lynching or inflicting punishment on an offendar by an infuriated mob. [ଦ୍ର—ଦେଶର ଶାସକ ଦୁର୍ବଳ ହେଲେ ଏହିପରି ଲିଞ୍ଚିଙ୍ଗ ସମ୍ଭବ ଥାଏ । ଆମେରିକା ବାସୀ ଶ୍ୱେତାଙ୍ଗମାନେ ସ୍ଥାନେ ସ୍ଥାନେ ଅପରାଧୀ ନିଗ୍ରୋମାନଙ୍କୁ ଏହିପରି ଦଣ୍ଡ ଦେଉଥିବା ଶୁଣାଯାଏ ।]

ଲିଟ୍—ସ.—(ବ୍ୟାକରଣ)—କ୍ରିୟାର ଅତୀତ କାଳ—
Lit The past tense of a verb. ପ୍ରାଦେ. (କଟକ ସହର) ବଣ.—ନିଟ୍ (ଦେଖ)—Nit (See)

ଲିଟ—ସ. ବ (ଲିଟ୍ ଧାତୁ; +କ୍ତ ପ୍ର—ଲିଟ୍; ୧ମା. ୧ଗ—ଲିଟ୍ ଅନ୍ୟ
Lita ଶବ୍ଦ ହେଁ ବ୍ୟବହୃତ)—ଲୋଭୀ; ଲାଳସାଭିଭୂତ—A varicious; coveteous; extremely desirous. [ଦ୍ର—ନନ୍ଦର ତନୟ ପୁରନ୍ଦର ମଣି, ମନ୍ଦରକ ଲିଟ ଭୁ ଅରବିନ୍ଦ, ସୁଦୃଗ୍ସ ସୁନ୍ଦରୀ । କବିସୂର୍ଯ୍ୟ ସଙ୍ଗୀତ ।]

(ଲର୍ଡ଼) **ଲିଟନ୍**—ଦେ. ବ. (ନାମ) (ଇଂ. ଲିଟ୍ଟନ୍)—୧ । ଇଂଲଣ୍ଡର
(Lard) Litan ପ୍ରସିଦ୍ଧ ଉପନ୍ୟାସକାର, ନାଟକକାର, କବି ଓ
लिटन ରାଜନୀତିଜ୍ଞ—1. Edward Bulwar Lord
लिटन Lytton. [ଦ୍ର—ଏ ୧୮୦୩ ରୁ ୧୮୭୩ ପର୍ଯ୍ୟନ୍ତ ଜୀବିତ ଥିଲେ । ଏହାଙ୍କ ଗ୍ରନ୍ଥ ସଂଖ୍ୟା ୬୦ ରୁ ବେଶୀ ହେବ । ଏହାଙ୍କର ପୁତ୍ର ଭାରତର ବଡ଼ଲାଟ ହୋଇଥିଲେ ।] ୨ । ପ୍ରଥମୋକ୍ତ ଲର୍ଡ ଲିଟନଙ୍କ ପୁତ୍ର ଓ ଭାରତର ବଡ଼ଲାଟ—2, Edward Robert, Earl of Lytton. [ଦ୍ର—ଏହାଙ୍କ ଜନ୍ମ ଖ୍ରୀ ୧୮୩୧ ଓ ମୃତ୍ୟୁ ୧୮୯୧ । ଏ ମଧ୍ୟ ଜଣେ ସୁକବି ଓ ରାଜନୀତିଜ୍ଞ ଥିଲେ । ଏ ଭାରତକୁ ୧୮୭୬ ସାଲରେ ବଡ଼ଲାଟ ହୋଇ ଆସିଥିଲେ । ଏହାଙ୍କ ଅମଳରେ ମହାରାଣୀ ଭିକ୍ଟୋରିଆ ୧୮୭୭ ସାଲରେ ଭାରତର ସମ୍ରାଜ୍ଞୀ ଉପାଧି ଗ୍ରହଣ କରିଥିଲେ । ଏହାଙ୍କ ଅମଳରେ ଆଫଗାନ୍ ଯୁଦ୍ଧ ହୋଇଥିଲା; ଦେଶୀୟ ଭାଷାରେ ସମ୍ପାଦିତ ସମ୍ବାଦପତ୍ରମାନଙ୍କର ସ୍ୱାଧୀନତା ଲୋପ ଓ ଅସ୍ତ୍ରଶସ୍ତ୍ର ସମ୍ବନ୍ଧରେ କାଇଦା ଆଇନ୍ଦ୍ୱାରା ଜାରି ହୋଇଥିଲା । ଇଂଲଣ୍ଡ ଯାଇ ଭାରତବାସୀ ବିଲାତରେ ସିଭିଲ୍ ସର୍ଭିସ୍ ପରୀକ୍ଷା ନ ଦେଇ ବଡ଼ ଚାକିରି ପାଇବାର ବିଧାନ ଏହାଙ୍କ ରାଜତ୍ୱର ଅନ୍ୟତମ ସ୍ମରଣୀୟ ବିଷୟ । ଏ ଭାରତରୁ ଫେରି ଯାଇ ଫ୍ରାନ୍ସ ରାଜଧାନୀ ପାରିସ୍ ନଗରରେ ଇଂରାଜ ରାଜାଙ୍କ ପକ୍ଷରୁ ଦୂତରୂପେ ରହିଥିଲେ ଓ ସେହିଠାରେ ଏହାଙ୍କର ପରଲୋକ ପ୍ରାପ୍ତି ହୋଇଥିଲା ।]

ଲିଟରେଟ୍ କନ(ନି)ଷ୍ଟବଲ୍—ବୈଦେ. ବ (ଇଂ. ଲିଟରେଟ୍
Litaret kana(ni)shtabal କନଷ୍ଟେବଲ୍)—ଲେଖାପଢ଼ା
लिटरेट कनष्टेबल ଜାଣିଥିବା ପୁଲିସ୍ କନଷ୍ଟେବଲ; ଭାରତୀୟ
लिटरेट कानष्टेबुल କନଷ୍ଟେବଲ୍—A literate constable of the Indian Police force. [ଦ୍ର—ଏମାନେ ସାଧାରଣ କନଷ୍ଟେବଲଙ୍କ ଅପେକ୍ଷା ବେଶୀ ଦରମା ପାଆନ୍ତି ଓ ଥାନାର ଡାଏରି ଆଦି ଲେଖାପଢ଼ା କରନ୍ତି ।]

ଲିଟି—ଦେ. ବ (ସ. ମଧୁଲିଟ୍)—କ୍ଷୁଦ୍ର ପକ୍ଷିବିଶେଷ—A species
Liti of bird; the humming bird; sun bird.
टुनी [ଦ୍ର—ଏମାନେ ଅତି ଛୋଟ ଓ ପୁଷ୍ପରୁ ମଧୁ ଖାଆନ୍ତି ।
शक्करखोरा, मंगा ଏମାନଙ୍କ ଥଣ୍ଟ ଲମ୍ବ ଓ ବଙ୍କା ।] ପ୍ରାଦେ; (ବସ୍ତର) ବ—ସାହାଡ଼ା ଗଛ—A kind of tree; Streblus Asper.

ଲିଡର—ବୈଦେ. ବ (ଇଂ ଲିଡର)—୧ । ଦଳପତି; ନେତା—
Lidar 1. The leader of a gang. ୨ । ଜାତୀୟ ବା
लिडार ସାମାଜିକ ନେତା—2. Social or national
लिडर leader. ୩ । ସମ୍ବାଦ ପତ୍ରର ସମ୍ପାଦକୀୟ ସ୍ତମ୍ଭରେ ଲିଖିତ ପ୍ରଧାନତମ ସାର୍ଗ ପ୍ରବନ୍ଧ ବା ଅଗ୍ରଲେଖ—3. Leader or leading article in a newspaper.

ଲିଣ୍ଟ—ବୈଦେ. ବ (ଇଂ)—ତୁଳାଦ୍ୱାରା ବୁଣା ହୋଇ ତହିଁ ଉପରେ
Lint ତୁଳା ଛଟା ହୋଇ ପ୍ରସ୍ତୁତ ଏକପ୍ରକାର କନା—
लिंट Lint (used by surgeons in dressing
लिण्ट wounds). [ଦ୍ର—ଏହା ଘାଅ ଆଦି ଉପରେ ବନ୍ଧାଗଲେ ଘାଅରୁ ପାଣି ପ୍ରଭୃତି ଶୀଘ୍ର ଶୋଷିନିଏ । ଏଥିପାଇଁ ଡାକ୍ତରମାନେ ଘାଅ ଓ କ୍ଷତ ଆଦି ଉପରେ ଏହାକୁ ପଟ୍ଟି ପକାଇ ବାନ୍ଧନ୍ତି ।]

ଲିଣ୍ଢୁ—ସଂ. ବଣ (ବୈଦିକ)—ପିଚ୍ଛିଳ—
Lindhu Slippery; slimy (Apte).

ଲିତା(ତ୍ୟା)—ଦେ. ବ (ସ. ଲିପ୍ତା) ଏକଦଣ୍ଡର ୬୦ ଭାଗରୁ ଏକ
Lita(tya) ଭାଗ; ଅତି ଅଳ୍ପକାଳ; ପଳମାତ୍ର; କ୍ଷଣମାତ୍ର—1. A moment; a minute portion of time. [ଦ୍ର—ବର୍ଷ ମାସ ଦିନ ଲିତ୍ୟାର ମୂଳ ଅଟେ ଅଧିପ । ରାଧାନାଥ ଚନ୍ଦ୍ରଭାଗା ।] ୨ । ଅତ୍ୟଳ୍ପମାତ୍ର—2, A little portion, a little. ପ୍ରାଦେ (ସମ୍ବଲପୁର) ବ—ଅଇଁଠା; ଅଇଣ୍ଠା; କୌଣସି ବ୍ୟକ୍ତି ଖାଇ ସାରିବା ପରେ ଖାଇବା ସ୍ଥାନରେ ପଡ଼ିଥିବା ବାସନ ବା ପତର ଓ ଭୁକ୍ତ ଖାଦ୍ୟାଂଶ—Leavings and uncleaned dishes left after meal. ୬ । (କଟକ ସହର)
[ଲିତା(ତେ)ଇ, ଲିତଅ—୧ମ ଅର୍ଥର ଅନ୍ୟରୂପ] (ନାମ)—

'ନିତ୍ୟାନନ୍ଦ'ର ଡାକ ନାମ—2. Name for calling Nityānanda.

ଲିତାଏ-ଦେ. ବି-(ଲବ୍ଧ) ୧ । କ୍ଷଣମାତ୍ର—1. A moment. ୨ । ଈଷତ୍-
Litāe ମାତ୍ର—2. A slight portion. ଦେ. କ୍ରି. ବିଣ—
एकदण्ड ୧ । କ୍ଷଣମାତ୍ର—1. Even for a moment. ୨ ।
एकदंड ଈଷନ୍ମାତ୍ର—2. Slightly [ଦୃ—ବଂଶୀର ରବେଣି ଗୁଣୀ ରଥି ଉତ୍କାଳ ଚୋଳ୍ପ ନ ଚଳେ ଲିତାଏ । ଉଞ୍ଜ. ବୈଦେହୀଶବିଳାସ ।]

ଲିତା ଲଗାଇବା—ଗ୍ରାଦେ, (ସମ୍ବଲପୁର) କ୍ରି—ଅଇଣ୍ଠା ପୋଛିବା; ସଙ୍ଗୁଡ଼ି
Litā lagāibā ପୋଛିବା; ଲୋକ ଖାଇଥିବା ସ୍ଥାନରୁ ଅଇଣ୍ଠା
[ଲିତା ଉଠାଇବା—ଅନ୍ୟରୂପ] ସଫା କରିବା—To cleanse the ground where a person has taken his food.

ଲିଥ(ଥୋ)—ବୈଦେ. ବି (ଇଂ. ଲିଥୋ; ଲିଥୋଗ୍ରାଫି)—ଶିଳ୍ପ କଳା-
Litha(tho) ବିଶେଷ; ଯେଉଁ ବିଦ୍ୟାଦ୍ୱାରା ଚିତ୍ରକୁ ବା ଅକ୍ଷର-ମାନଙ୍କ ପଥର ଉପରେ ଖୋଳ ସେହି ଖୋଦିତ ପ୍ରସ୍ତରରୁ
(ଲିଥୋଗ୍ରାଫ୍, ଲିଥ(ଥୋ)ଗ୍ରାଫି—ଅନ୍ୟରୂପ) କାଗଜ ଉପରେ ଛପା
लिथो लिथो ଉଠାଯାଏ—Litho; lithography.

ଲିଥ(ଥୋ) ଛାପା—ଦେ. ବି (ଇଂ. ଲିଥୋପ୍ରିଣ୍ଟିଙ୍ଗ୍)—ଚିତ୍ରାଦି ଖୋଦିତ
Litha(tho) chhāpā ପଥରରୁ ଉଠୁଥିବା ମୁଦ୍ରାଙ୍କନ—
लिथोछापा लिथोछापा Litho printing.
(ଲିଥ[ଥୋ]ପ୍ରିଣ୍ଟିଙ୍ଗ୍, ଲିଥ(ଥୋ)ଗ୍ରାଫ୍ ଛପା, ଲିଥ(ଥୋ)ଗ୍ରାଫ୍ ପ୍ରିଣ୍ଟିଙ୍ଗ୍—ଅନ୍ୟରୂପ)

ଲିଥ(ଥୋ) ନକ୍ସା—ବୈଦେ. ବି (ଇଂ. ଲିଥୋ ମ୍ୟାପ୍)—ଲିଥୋ
Lith(tho) nak-sā ଯନ୍ତ୍ରରେ ଛପା ହୋଇଥିବା ନକ୍ସା—
लिथोनक्शा लिथोनक्शा Litho map; lithographed map.
ଲିଥ(ଥୋ) ଗ୍ରାଫ୍ ନକ୍ସା, ଲିଥ(ଥୋ) ଗ୍ରାଫ୍ ମେ(ମ୍ୟା)ପ୍, ଲିଥ(ଥୋ) ମେ(ମ୍ୟା)ପ୍ } ଅନ୍ୟରୂପ

ଲିଥ(ଥୋ) ପ୍ରେସ୍—ବୈଦେ. ବି (ଇଂ. ଲିଥୋ ପ୍ରେସ୍)—ଯେଉଁ
Litha(tho) pres ମୁଦ୍ରାଯନ୍ତ୍ରରେ ଲିଥୋ ପ୍ରଣାଳୀରେ ପୁସ୍ତକାଦି
[ଲିଥ(ଥୋ) ଗ୍ରାଫ୍ ପ୍ରେସ୍—ଅନ୍ୟରୂପ] ଛପା କରାଯାଏ—
लिथोप्रेस लिथोप्रेस Litho press.

ଲିଦ—ଗ୍ରାଦେ (କଟକ ସହର) ବି—ଲଦ (ଦେଖ)—Nida, (See)
Lida [ଦୃ—ନାହିଁକି ! ମଲ୍ଲ ! ଅଙ୍ଗର ଏତେବେଳଯାଏ ଲିଦ ଭାଙ୍ଗିବାକୁ ନାହିଁ । ରକାରଚରଣ. କଟକବଜୟ ।]

ଲିନି(ଲି)ମେଣ୍ଟ—ବୈଦେ. ବି (ଇଂ. ଲିନିମେଣ୍ଟ)—ବେଦନାଦି
Lini(li)ment ନିବାରକ ବିବିଧ ଉପାଦାନ ମିଶ୍ରିତ ତୈଳ ବା
लिनिमेंट ଲେପ—Liniment. [ଦୃ—ଏହାକୁ ବେଦନାସ୍ଥଳ
लिनिमेंट ଅଙ୍ଗରେ ମାଲିସ୍ କରାଯାଏ ।]

ଲିନେ(ଲେ)ନ୍—ବୈଦେ. ବି (ଇଂ. ଲିନେନ୍)—କ୍ଷୌମ ଓ ଛଣପଟରୁ
Line(le)n ଅତି ସୂକ୍ଷ୍ମ ତନ୍ତୁ ବାହାର କରାଯାଇ ତଦ୍ୱାରା ବୁଣା ହୋଇ
लिनेन थिबा शुक्ल, घन ओ सरु कना—
लिनेन Linen.

ଲିପ (ଧାତୁ)—ସଂ.—୧ । କୌଣସି ପଦାର୍ଥ ଉପରେ ତରଳ ପଦାର୍ଥ
Lip (root) ଘଷିଲା କରି ବୋଳିବା; ଲେପିବା—1. To plaster; to smear; to anoint. [ଦୃ—ଏଥି ପୂର୍ବରେ 'ପ୍ର', ଅନୁ, ସମ୍ ଆଦି ଉପସର୍ଗ ଯୁକ୍ତ ହୁଏ ।] ୨ । ଘୋଡ଼ାଇବା; ଆବୃତ କରିବା—2, To cover; to overspread. ୩ । କଳଙ୍କିତ କରିବା—3. To stain; to contaminate. ୪ । (ଲାକ୍ଷ) ଜାଳିବା—4. To enkindle; to inflame (Apte)

ଲିପ୍ ଇୟ(ୟା)ର୍—ବୈଦେ. ବି (ଇଂ. ଲିପ୍ ୟିଅର୍)—୩୬୬ ଦିନ
Lip iya(yā)r ବିଶିଷ୍ଟ ଇଂରେଜୀ ବର୍ଷ—Leap year.
[ଲିପ୍ ୟି(ୟା)ର୍—ଅନ୍ୟରୂପ] [ଦୃ—ଯେଉଁ ବର୍ଷକୁ ୪ ଦ୍ୱାରା
लिप ईयर ଭାଗ କଲେ ଭାଗଶେଷ ରହେ ନାହିଁ ତାହାକୁ
लीप इयर ଲିପ୍‌ଇଅର କହନ୍ତି—ଏହି ବର୍ଷର ଫେବ୍ରୁଆରୀ ମାସରେ ୨୮ ଦିନ ନ ହୋଇ ୨୯ ଦିନ ହୁଏ । ଏହି ବର୍ଷ ମଧ୍ୟରେ ଖ୍ରୀଷ୍ଟିୟ ପର୍ବମାନ ନିର୍ଦ୍ଧାରିତ ଦିନରେ ନ ପଡ଼ି ଏକଦିନ ପରେ ପଡ଼େ । ଇ. ଲିପ୍=ଡେଇଁବା—ଅର୍ଥାତ୍ ଗୋଟିଏ ଦିନ ଡେଇଁ ପର୍ବ ପଡ଼େ । ଏଣୁ ଏ ବର୍ଷର ନାମ ଖ୍ରୀଷ୍ଟିଆନ୍ ରାଜ୍ୟମାନଙ୍କରେ ଲିପ୍‌ଇଅର୍ ନାମରେ ଖ୍ୟାତ ।]

ଲିପ—ସଂ. ବି (ଲିପ୍ ଧାତୁ+ଭାବ. ଅ)—ଅଲିମ୍ପନ; ଲିପିବା—
Lipa Smearing; plastering; anointing (Apte).

ଲିପତ୍ତି—ଗ୍ରା (ପଦ୍ୟ) ବିଣ—(ସଂ. ଲିପ୍ତ)—ଲିପ୍ତ (ଦେଖ)
Lipat Lipta (See)

ଲିପା—ଦେ. ବି (ସଂ. ଲିପ୍ ଧାତୁ)—୧ । ଅଲିମ୍ପନ; ଲେପନ—1.
Lipā Smearing. ୨ । ଘର ଆଦିର କାନ୍ଥରେ ବା ତଳରେ
लेपा ଚୂନ, ଗୋବର ଓ ମାଟି ଆଦିର ଲେପ ବୋଳିବା—
लीपना 2. Smearing the wall or floor or ground with water and clay or cowdung.
लि(ले)पा water. ଦେ. ବିଣ—ଲେପିତ—Smeared.
लिपाहुआ (ଯଥା—ଲିପାଘର ।)

ଲିପା(ପେ)ଇବା—ଦେ. କ୍ରି—(ଲିପିବା କ୍ରିୟାର ଣିଜନ୍ତରୂପ) ଅନ୍ୟଦ୍ୱାରା
Lipā(pe)ibā ଲେପିବା କ୍ରିୟା କରାଇବା—To cause to
लेपान लिपवाना smear.

ଲିପା ଝୋଟି—ଦେ. ବି (ସହଚର) (ସଂ. ଅଲେପନା)—ଘରର
Lipā jhoti କାନ୍ଥ ଆଦିକୁ ଲିପିବା ଓ ଲିପିବା ସ୍ଥାନରେ ପିଠଉରେ
आल(लि)पना ବା ଚୂନରେ ଚିତ୍ର କରିବା—Smearing of
अहिपन the walls and painting them with a white liquid.

ଲିପା ପୋଛା—ଦେ. ବି (ସହଚର)—ଗୃହ ଆଦିକୁ ମାର୍ଜନ କରି ଓ
Lipā pochhā ଓଳାଇ କାନ୍ଥ ଆଦିରେ ମାଟି ବା ଗୋବର ଆଦି
लेपापोंछा ଲେପିବା—Cleansing and smearing the
लिपा पोछा, लिपापोता house with water etc.
(ଲିପାଲିପି—ଅନ୍ୟରୂପ) [ଦୃ—ଲିପାପୋଛା କରି ଦେଉଛ କୋଠା ଖରକୁଛ । ପ୍ରାଚୀ. ବହୁକଲପ୍ରଶଂସା ।]
ଦେ. ବିଣ—ମାର୍ଜିତ ଓ ଲେପିତ (ଗୃହାଦି)—Cleansed and smeared.

ଲିପା ମୁରୁଜ—ଦେ. ବି (ସହଚର)—ଘରର ତଳକୁ ଲିପିବା ଏବଂ Lipā muruja ଲିପିବା ପରେ ଲିପା ଜାଗାରେ ମୁରୁଜ ବା ଆଲିପନା, ଆଲପନା ଚିତ୍ରାଙ୍କିତ ଚିତ୍ର ଅଙ୍କନ କରିବା—अहिपन Cleansing or smearing a floor and drawing figures with powder over it.

ଲିପାରି—ଦେ. ବି (ନାମ) (ଇଂ. ଲିପାରି ଅଇଲ୍ୟାଣ୍ଡ୍ସ)—ସିଠାଲିର Lipāri ଦକ୍ଷିଣସ୍ଥ ସିସିଲି ଦ୍ୱୀପର ଉତ୍ତରପୂର୍ବ କୋଣବର୍ତ୍ତୀ (ଲିପାରି ଦ୍ୱୀପପୁଞ୍ଜ—ଅନ୍ୟରୂପ) ଦ୍ୱୀପପୁଞ୍ଜ—The Lipari लिपारी islands to the north-east of Sicily. लिपारी [ଦ୍ର—ଏଠାରେ ଷ୍ଟ୍ରମ୍ବୋଲି ନାମରେ ପ୍ରସିଦ୍ଧ ଅଗ୍ନେୟଗିରି ଅଛି ।]

ଲିପା ଲେସା—ଦେ. ବି—କାନ୍ଥ ଆଦିକୁ ଲିପିବା ଏବଂ ତହିଁରେ ଥିବା Lipā lesā ଫାଟ ଓ ଛିଦ୍ରମାନଙ୍କରେ ମାଟିଗିଣ୍ଡ ବୋଳିବା—लेपापोंछा Filling up the cracks with clay जीपना तोपना and smearing the walls with (ଲେସାଲିପା—ଅନ୍ୟରୂପ) water.

ଲିପି(ପୀ)—ସଂ. ବି (ଲିପ୍ ଧାତୁ+ଭାବ. ଇ; ଈ)—୧ । ଲେଖନ; Lipi(pī) ଲେଖା—1. Writing. ୨ । (+କର୍ମ. ଇ) ଲିଖିତ ପତ୍ର—2. A written letter. ୩ । ଦଲିଲ୍—3. Document. ୪ । (+ଭାବ. ଇ) ଅଙ୍କନ; ଚିତ୍ରକରଣ—4. Drawing. ୫ । (+ କର୍ମ. ଇ) ଅକ୍ଷର—5. Letter; alphabet; script. ୬ । (+କରଣ.ଇ) ବର୍ଣ୍ଣମାଳା ଅଙ୍କିତ କରିବା ପଦ୍ଧତି ବା ପ୍ରଣାଳୀ—6. The mode of writing the alphabet.

ଲିପିକ(କା)ର—ସଂ. ବି. ପୁଂ—(ଲିପି+କୃ ଧାତୁ+କର୍ତ୍ତୃ. ଅ)—୧ । Lipika(kā)ra ଲେଖକ—1. Writer; scribe; a penman. ୨ । ଯେ ନକଲ ଲେଖେ; [ଲିପିକରୀ, ଲିପିକାରଣୀ—ସ୍ତ୍ରୀ] ନକଲ ନବିସ୍—2. A copyist. ୩ । ଚିତ୍ରକର—3. Painter. ୪ । ଯେ ଘରର କାନ୍ଥ ଆଦିରେ ଚୂନ ଲିପେ ଓ ସଫେଦ କରେ—4. A whitewasher, a plasterer (Apte). ଦେ. ବି. ପୁଂ—୧ । ଯେ ଛପା ଅକ୍ଷରମାନଙ୍କୁ ଏକତ୍ର ବସାଏ—1. A compositor in a printing press. ୨ । ଯେ ଅକ୍ଷରକୁ ମୁଦ୍ରାଯନ୍ତ୍ରଦ୍ୱାରା କାଗଜ लिपिकर लिपिकर ଉପରେ ଛପେ—2. A printer.

ଲିପିକର ପ୍ରମାଦ—ସଂ. ବି.—ଲେଖିବା ଲୋକର ଲେଖିବା ବେଳେ Lipikara pramāda ହେବା ଭୁଲ; ଲେଖକର ଲିଖନକାଳୀନ ଲିପିକର ଭ୍ରମ } ଲିପିକର ଦୋଷ }—ଅନ୍ୟରୂପ ଭ୍ରମ—Mistake or slip of the pen committed by a writer or copyist ଦେ. ବି.—ଛାପାଖାନାରେ ଅକ୍ଷର ଯୋଡ଼ିବାବାଲାର ଦୋଷ ବା ଭ୍ରମ—Printer's mistake; लिपिकर प्रमाद लिपिकर प्रमाद printing mistake.

ଲିପି କଳା—ସଂ. ବି. (ରୂପକ)—ଲିପି ବିଦ୍ୟା (ଦେଖ) Lipi kalā Lipi bidyā (See)

ଲିପିକା—ସଂ. ବି—(ଲିପି+ସ୍ୱାର୍ଥେ+କ+ଆ)—ଲେଖା; ଦଲିଲ—Lipikā A writing.

ଲିପି କୁଶଳ—ସଂ. ବିଣ, ପୁଂ—(୭ମୀ ତତ୍)—୧ । ଲେଖିବା ବିଷୟରେ Lipi kuśala ପଟୁ—1. Expert in writing. ୨ । [ଲିପି କୁଶଳା—ସ୍ତ୍ରୀ] ଚିତ୍ର ବିଦ୍ୟାରେ ଦକ୍ଷ—2. Expert [ଲିପି କୁଶଳତା, ଲିପିକୌଶଳ—ବି] in drawing.

ଲିପି କୌଶଳ—ସଂ. ବି—(୬ଷ୍ଠୀ ତତ୍ ବା ୭ମୀ ତତ୍)—ଲେଖିବାରେ Lipi kauśala ଚାତୁରୀ—Skill in writing; excellence in writing or painting; penmanship

ଲିପି ଚତୁରତା(ର୍ଯ୍ୟ)
ଲିପି ଚତୁରତା
ଲିପି ପଟୁତା
ଲିପି ନୈପୁଣ୍ୟ) —ଅନ୍ୟରୂପ

ଲିପିତ—ଦେ. ବିଣ. (ପ୍ରାଚୀନ ପଦ୍ୟ)—(ସଂ. ଲିପ୍ତ)—ଲିପ୍ତ; ଜଡ଼ିତ—Lipita लिप्त लिप्त Involved; attached; addicted. [ଦ୍ର—କର୍ମରେ ସେ ଲିପିତ ନୋହିବେ ନୁହନ୍ତି । କୃଷ୍ଣସିଂହ: ମହାଭାରତ ଶାନ୍ତି ।]

ଲିପିନ୍ୟାସ—ସଂ. ବି.—(୬ଷ୍ଠୀ ତତ୍)—ଲେଖିବାର କଳା ବା କୌଶଳ Lipi nyāsa The art of writing (Apte).

ଲିପି ଫଳକ—ସଂ. ବି.—[ମ. ପ. ଲୋ]—୧ । ଲେଖିବା ପାଇଁ Lipi phalaka ବ୍ୟବହୃତ ପଟା—1. Writing tablet or board. ୨ । (ଅଧୁନିକ) କଳା ପଟା—2. Blackboard.

ଲିପିବଦ୍ଧ—ସଂ. ବିଣ.—(୩ୟା ତତ୍)—୧ । ଲିଖିତ—1. Written; Lipi baddha noted. ୨ । ଲେଖା ହୋଇ ରଖାଯିବା—2. Reduced to writing.

ଲିପିବା—ଦେ. କି—(ସଂ. ଲିପ୍ ଧାତୁ)—ଲେପିବା; କୌଣସି ବସ୍ତୁ Lipibā ଉପରେ କୌଣସି ତରଳ ବସ୍ତୁକୁ ପତଳା କରି ବୋଳିବା लेपना लिपना To anoint; to smear a liquid substance over a thing; to lay a thin layer of any liquid over a thing. [ଦ୍ର—ଏ କ୍ରିୟାର ସହଚରରୂପେ ଲେଖିବା, ପୋଛିବା, ଝୋଟି ଦେବା, ମୁରୁଜ ଦେବା ଆଦି କିମ୍ବା ବ୍ୟବହୃତ ହୁଏ । ଘନ ଘନ ପଦାର୍ଥ ଦେହ ଓ ସ୍ଥାନ ଆଦିରେ ଲିପାଯାଏ ଯଥା—(ଦେହରେ) ଚନ୍ଦନ ଲିପିବା; (କାନ୍ଥରେ) ଗୋବର, ମାଟି ଗୋବର, ଚେରୁ, କାଦମାଟି, ରଙ୍ଗ ଆଦି ଲିପିବା । [ଲିପାସି(ହେ)ବା—କର୍ମବାଚ୍ୟରୂପ]

ଲିପି ବାହୁଲ୍ୟ—ସଂ. ବି—(୬ଷ୍ଠୀତତ୍)—ଲେଖାର ଆଧିକ୍ୟ—Lipi bāhulya Excess in writing.

ଲିପି ବିଦ୍ୟା—ସଂ. ବି—୧ । ଲେଖିବାର କଳା—1. The art Lipi bidyā of writing; penmanship. ୨ । ଚିତ୍ରବିଦ୍ୟା —2. The art of drawing or painting.

ଲିପିଶାଳା—ସଂ. ବି—୧ । ଯେଉଁ ବିଦ୍ୟାଳୟରେ ହସ୍ତାକ୍ଷର ଶିକ୍ଷା
Lipiśālā ଦିଆଯାଏ—1. A writing school (Apte). ୨ । ଚିତ୍ର ବିଦ୍ୟାଳୟ—A school for painting.

ଲିପିସଜ୍ଜା—ସଂ. ବି—ଲେଖିବାର ସାମଗ୍ରୀ (ଯଥା—କାଗଜ, କଲମ,
Lipisajjā କାଳି, ଦୁଆତ)—Writing materials or apparatus (Apte).

ଲିପୀ—ସଂ. ବି—ଲିପି (ଦେଖ)
Lipī Lipi (See)

ଲିପେଇ—ଦେ. ବି—୧ । ଗୃହ ଅଙ୍ଗକୁ ଲିପିବା କାମରେ ମୂଲିଆଙ୍କୁ
Lipei ଦିଆଯିବା ପାରିଶ୍ରମିକ—1. Wages paid to
লেপাই लिपाई labourers for smearing the floor and walls of a house. ୨ । ଲେପନକର୍ମ—2. The act of smearing.

ଲିପ୍ତ—ସଂ. ବିଣ (ଲିପ୍ ଧାତୁ+କର୍ମ. ତ)—୧ । ଉପରେ ବୋଳା
Lipta ହୋଇଥିବା—1. Covered with a thin layer.
(ଲିପ୍ତା—ସ୍ତ୍ରୀ) ୨ । (ପୁଂ) କୃତଲେପନ; ଚର୍ଚ୍ଚିତ—2. Anointed; smeared. ୩ । ସଂଯୁକ୍ତ; ସମ୍ମିଳିତ—3. Connected; joined; united. ୪ । ସଂଲଗ୍ନ; ଜଡ଼ିତ—4. Closely connected. ୫ । କୌଣସି ବିଷୟ ସଙ୍ଗେ ଦୃଢ଼ଭାବରେ ସମ୍ପୃକ୍ତ—5. Involved or complicated in a matter; concerned. ୬ । ପରସ୍ପର ସହିତ ସଂଯୁକ୍ତ—6. Conjoined to each other. ୭ । ବିଷ ବୋଳା ହୋଇଥିବା; ବିଷାକ୍ତ—7. Envenomed; poisoned. ୮ । ଖିଆ ହୋଇଥିବା; ଭୁକ୍ତ—8. Eaten (Apte). ସଂ. ବି—(ଲିପ୍ତା ଦେଖ)—Liptā (See).

ଲିପ୍ତକ—ସଂ. ବି (ଲିପ୍ତ+ସଂଜ୍ଞାର୍ଥେ. କ)—ବିଷଦିଗ୍ଧ ଶର—
Liptaka Poisoned arrow; envenomed shaft (Apte).

ଲିପ୍ତ ପ(ପା)ଦ—ସଂ. ବିଣ. ପୁଂ (ବହୁବ୍ରୀହି)—ଯାହାର ପାଦର ଅଙ୍ଗୁଳି-
Lipta pa(pā)da ମାନ ଚର୍ମଦ୍ୱାରା ପରସ୍ପର ସହିତ ସଂବଦ୍ଧ—
[ଲିପ୍ତ ପ(ପା)ଦା—ସ୍ତ୍ରୀ] Web-footed. ସଂ. ବି—ହଂସପଦ ପ୍ରାଣୀ-Web-footed animal.

ଲିପ୍ତ ହସ୍ତ—ସଂ. ବିଣ. ପୁଂ—୧ । ଯାହାର ହାତର ଅଙ୍ଗୁଠିମାନ ଚର୍ମ
Liptahasta ଦ୍ୱାରା ଅବଦ୍ଧ—1. Having the
(ଲିପ୍ତହସ୍ତା—ସ୍ତ୍ରୀ) fingers of the hand conjoined with skin; having the fingers of the hand woven together or lightly held together (either from birth or through spasms), ୨ । ଯାହାର ହାତରେ ରଙ୍ଗ ଆଦି ବୋଳା ଯାଇଅଛି—2. Having the hands smeared and stained (M. W).

ଲିପ୍ତା—ସଂ. ବି—ଏକ ଛୋଟ ସମୟ; ଏକ ଦଣ୍ଡର ୬୦ ଭାଗରୁ ଏକ
Liptā ଭାଗ; ଅତି ସୂକ୍ଷ୍ମ କାଳ; ଏକ ପଳ; ୨୪ ସେକେଣ୍ଡ—
(ଲିପ୍ତିକା—ଅନ୍ୟରୂପ) (ଓଡ଼ିଆ 'ଲିତା' ଶବ୍ଦ ଏହି ଶବ୍ଦରୁ ଅପଭ୍ରଷ୍ଟ) A minute portion of time; 24 seconds.
[ଦ୍ର—୧ ଦଣ୍ଡ=୨୪ ମିନିଟ୍ ।
୧ ଦଣ୍ଡ=୬୦ ଲିପ୍ତା ବା ପଳ ।
୧ ଲିପ୍ତା=୬୦ ବିଲିପ୍ତା ବା ବିପଳ ।]

ଲିପ୍ସା—ସଂ. ବି (ଲଭ୍ ଧାତୁ=ପାଇବା+ଇଚ୍ଛାର୍ଥେ. ସନ୍+ଭାବ.+ଅ
Lipsā ଆ)—୧ । ଲାଭ କରିବାର ଇଚ୍ଛା; ଲାଭେଚ୍ଛା—1. A desire to gain or acquire a thing ୨ । ଲାଳସା—2. Hankering after a thing. ୩ । କାମନା—3. Desire; wish. ୪ । ଲୋଭ—4. Covetousness; cupidity.

ଲିପ୍ସିତ—ସଂ. ବିଣ (ଲିପ୍ସା+ସଂଜ୍ଞାର୍ଥେ. ଇତ)—୧ । ବାଞ୍ଛିତ—
Lipsita 1. Desired; wished for; coveted after. ୨ । ଅଭିଲଷିତ—2. Eagerly sought after, longed for. ୩ । ଅଭିଲାଷବିଶିଷ୍ଟ; ଲାଳାୟିତ—3, Hankering after.

ଲିପ୍ସୁ—ସଂ. ବିଣ (ଲଭ୍ ଧାତୁ+ଇଚ୍ଛାର୍ଥେ. ସନ୍+କର୍ତ୍ତୃ. ଉ)—କୌଣସି
Lipsu ବସ୍ତୁ ଲାଭ କରିବାକୁ ଇଚ୍ଛୁକ—Desirous of getting a thing; longing for; hankering after.

ଲିଫି ଲିଫା(ଫି)—ଦେ. ବି—ଝିପି ଝିପି ବର୍ଷା; ଛୋଟ ଛୋଟ ଟୋପାରେ
Liphi liphā(phi) ବର୍ଷା—Drizzling rain; drizzle.
ঝিপঝিপ বৃষ্টি [ଦ୍ର—୮ ଚୁମ୍ବାଳି ୧୬ ଅଧ୍ୟାୟ, ୩୨ ଲିଫି ଲିଫି,
फुहारा. झीसी ୨୪ କୁଣ୍ଡଳୀରେ, ତେବେ ଯାଇ ତଣ୍ଟାର ପେଟ ଭରିଏ ମୁଁ । ବୃଷିବତନ ।] ଦେ. ବିଣ—ଝିପୁରୁ ଝିପୁରୁ; ଝିପୁରୁ ଝିପୁରୁ (ବର୍ଷା)—Drizzling (rain).

ଲିଵ(ଵା,ଭ,ଭା)ର୍ ପୁଲ୍—ବୈଦେ. ବି (ଇଂ. ଲିଭର୍‌ପୁଲ୍)—ଇଂଲଣ୍ଡର
Liba(bā,bha,bhā)r pul ପଶ୍ଚିମସ୍ଥ ଲାଙ୍କାସାୟାର୍ ଜିଲ୍ଲାର
লিভারপুল ନଗର ଓ ବନ୍ଦର ବିଶେଷ—The town and
लिवरपूल port of Liverpool in England.
[ଦ୍ର—ଏହା ସୂତା ଲୁଗା ଓ ଲୁଣ ଆଦିର ଗୋଟିଏ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଓ ବନ୍ଦର ।]

ଲିବର(ରା)ଲ୍—ବୈଦେ. ବି (ଇଂ. ଲିବରାଲ ପାର୍ଟି)—ଇଂଲଣ୍ଡର
Libara(rā)l ରାଜନୀତିକ ଦଳ ବିଶେଷ; ଉଦାରନୀତିକ ଦଳ—
লিবারাল लिबरल The Liberal party of England.
(ଲିବର[ରା]ଲ ଦଳ—ଅନ୍ୟରୂପ) (କନ୍‌ସର୍‌ଭେଟିଭ୍—ବିପରୀତ)

ଲିବା—ଦେ. ବି—ଲିଭା (ଦେଖ)
Libā Libhā. (See)

ଲିବା(ବେ)ଇବା—ଦେ. କ୍ରି—ଲିଭାଇବା (ଦେଖ)
Libā(be)ibā Libhāibā. (See)

ଲିବି(ବୀ)—ସଂ. ବି (ଲିପ୍ ଧାତୁ+ଭାବ. ଇ,ଈ; ବ୍ୟାକରଣ)-ଲିପି (ଦେଖ)
Libi(bī) Lipi. (See)

ଲିଭିବା—ଦେ. କ୍ରି—ଲିଭିବା (ଦେଖ)—Libhibā. (See)[ଉ—
Libibā ଉଦ୍ଭବାଳ ଅବସ୍ଥା ତର୍କଣରେ ଲିବ। ଭକ୍ତ.
ବୈଦେହୀଶବିଳାସ।]

ଲିଭ'ଗା'ର୍—ବୈଦେ. ବି—୧। (ଇଂ. ଲିଭର୍) ଯକୃତ୍; କଳାଯୁକ୍ତ—
Libha(bhā)r 1. Liver. ୨। (ଇଂ. ଲେଭର୍) ଅଳ୍ପ ଶ୍ରମ
लिभार ପ୍ରୟୋଗ ଦ୍ୱାରା ଖୁବ୍ ଭାରୀ ବସ୍ତୁକୁ ଉଠାଇବାର ଯନ୍ତ୍ର; ତଳେ
लिभर ଆଧାର ଦେଇ କପଶ୍ଚାତ୍ ଉପରେ ଭାର ପ୍ରୟୋଗ ପୂର୍ବକ ଭାରୀ
ବସ୍ତୁକୁ ଉଠାଇବା ପାଇଁ ବ୍ୟବହୃତ ଲମ୍ବା ଦଣ୍ଡ—
2. Lever.

ଲିଭା—ଦେ. ବି (ସଂ. ନିର୍ବାହ)—ନିର୍ବାହ—
Libhā Conducting.

ଲିଭା(ଭେ)ଇବା—ଦେ. କ୍ରି (ସଂ. ନିର୍ବାପ)—୧ । ଲିଭିବା କ୍ରିୟାର
Libhā(bhe)ibā ଣିଜନ୍ତ ରୂପ—1. Causative of
निभा(वा)न Libhibā. ୨। ନିଭାଇବା (ଦେଖ)—2. Nibhā-
बुझाना, निभाना ibā. (See) ୩। (ଲକ୍ଷଣାର୍ଥ) (ନାମ) ଲୋପ
କରିବା—3. (figurative) To cause to dis-
appear; to wipe out. [ଉ—ତୋ ନାମ ଲିଭାଇ
ଦେବ ଅଦ୍ୟ ପୃଥିବୀରୁ। ମଧୁସୂଦନ. ବାଳସ୍ମୃତି।]
୪। ଅଗ୍ନି ବା ଆଲୋକକୁ ନିର୍ବାଣ କରାଇବା; ନିର୍ବାପିତ
କରିବା—4. To extinguish a light or fire.
[ଉ—କି ବାଇ ହୋଇଲି ଲିଭାଇବ ବୋଲି ସ୍ମର
ଧନଞ୍ଜୟ ହେଉ ଚୋ। ଉପେନ୍ଦ୍ରଭଞ୍ଜ. ସଙ୍ଗୀତ।] ୫।
ଲେଖା ଅକ୍ଷର ପୋଛି ଦେବା—5. To wipe out a
अनुभव करना writing. ୬। (ସଂ. ନିର୍ବାହ) କୌଣସି କାର୍ଯ୍ୟକୁ
निबाहना, निभाना ନିର୍ବାହିତ କରିବା—6. To conduct a
work. ୭। ଅନୁଭବ କରିବା—7. To experi-
चालाना ence. ୮। କୌଣସି ବ୍ୟକ୍ତିକୁ ପାଳିବା, ପୋଷିବା ବା
ଚଳାଇ ନେବା—8. To maintain or cherish a
person; to enable a person to get on.

ଲିଭାଲିଭି କରିବା—ଦେ. କ୍ରି—ନିଭାନିଭି କରିବା (ଦେଖ)
Libhālibhi karibā Nibhānibhi karibā. (See)

ଲିଭା ହେବା—ଦେ. କ୍ରି—୧ । (ସଂ. ନିର୍ବାହ) କୌଣସି ସ୍ଥାନରେ
Libhā hebā ଚଳିବା—1. To get on at a place. ୨।
निर्वाह होना ଜୀବିକା ନିର୍ବାହ କରିବା—2. To get on with
निबहना one's living; to eke out one's existence.
निभाना होना ୩। (ସଂ. ନିର୍ବାପିତ) ଲିଭାଇବାର କର୍ମବାଚ୍ୟ—
निभाहुआ, बुझाहुआ 2. To be extinguished by some
one.

ଲିଭିବା—ଦେ. କ୍ରି—୧ । (ସଂ. ନିର୍ବାପିତ) ପ୍ରଦୀପ ଅଗ୍ନି ନିର୍ବାପିତ
Libhibā ହେବା—1. To be extinct; to go out
निभा(वा) (said of light or fire). ୨। (ଲେଖା ଅକ୍ଷର)
बुझना, मिटना ପୋଛି ହୋଇ ଅଦୃଶ୍ୟ ହେବା—2. To be
निर्वाह होना नवहना wiped out; to disappear.
୩। (ସଂ. ନିର୍ବାହ) ଚଳିବା; ଚଳପ୍ରଚଳ ହେବା; ଜୀବନ-
यात्रा ନିର୍ବାହ କରିବା—3. To live; to get on;
to move and have one's being.

ଲିଭିଯିବା—ଦେ. କ୍ରି—୧ । ମୁଦ୍ରିତ ହୋଇଯିବା; ବୁଜିହେବା—
Libhijibā 1. To be closed. (ଉ—ନେତ୍ର ଲିଭିଯିବା
झलसेजाना चकाचौंधीआना ବୃଦ୍ଧ ରୂପକୁ ଗ୍ରହିଲେ—
निभेजाना निमजाना ପ୍ରାଚୀ. ବୃନ୍ଦାବନରୂପଶୀଳା।]
୨। (ଆପ ମନକୁ) ନିର୍ବାପିତ ହେବା—(a light)
To go out of itself.

ଲିଭିଲା—ଦେ. ବିଣ—ନିଭିଲା (ଦେଖ)
Libhilā Nibhilā (See)

ଲିମ୍—ପ୍ରାଦେ (କଟକ) ବି—ନିମ୍ବ (ଦେଖ)
Lim Nimba (See)

ଲିମ(ମ)ନେଟ୍(ଡ୍)—ବୈଦେ. ବି (ଇଂ. ଲେମୋନେଡ୍)—ଲେମନେଡ଼
Lim(ma)net(d) (ଦେଖ)—Lemaned(See)

ଲିମ—ଦେ. ବି (ସଂ. ନିମ୍ବ) ନିମ (ଦେଖ)
Lima Nima (See)

ଲିମକଣ୍ଟା—ଦେ. ବି—ନିମକଣ୍ଟା (ଦେଖ)
Limakaṇṭā Nimakaṇṭā (See)

ଲିମଞ୍ଚୁ(ଞ୍ଜୁ)ସ୍—ବୈଦେ. ବି (ଇଂ. ଲେଜେଞ୍ଚେସ୍)—ଲଜଞ୍ଚୁସ୍ (ଦେଖ)
Limañchu(ñju)s Lajañchus (See)

ଲିମିଟେଡ୍ କମ୍ପାନୀ—ବୈଦେ. ବି (ଇଂ. ଲିମିଟେଡ୍ କମ୍ପାନୀ)—ଯେଉଁ
Limited kampānī ଯୌଥ ବ୍ୟବସାୟରେ ଅଂଶୀଦାର-
लिमिटेड्कम्पानी लिमिटेडकंपानी ମାନଙ୍କ ଅଂଶ (ସେୟର୍)ର
ପରିମାଣ ଅନୁପାତରେ ସେମାନଙ୍କୁ ଦାୟୀ ହେବାକୁ ହୁଏ—
Limited company.

ଲିମ୍ପ—ସଂ. ବି (ଲିପ୍ ଧାତୁ+କର୍ତ୍ତୃ. ଅ)—୧ । ଲେପନକାରୀ—
Limpa 1. One who smears or plasters
୨। (+ଭାବ. ଅ) ଲେପନ—2. Smearing
plastering (M.W)

ଲିମ୍ପଟ—ସଂ. ବିଣ. ପୁଂ (ଲିପ୍ ଧାତୁ+କର୍ତ୍ତୃ. ଅଟ)—ଲମ୍ପଟ; କାମୁକ—
Limpaṭa Lascivious; libidinous. ସଂ. ବି. ପୁଂ.
ଲମ୍ପଟ ବ୍ୟକ୍ତି—A lecher (Apte)

ଲିମ୍ପାକ—ସଂ. ବି (ଲିପ୍ ଧାତୁ+କରଣ. ଅକ)—୧ । ଲେମ୍ବୁ ଗଛ—
Limpāka 1. Lemon tree. ୨। କାଗଜିଲେମ୍ବୁ—
2. Citrus Acida; lime fruit. ୩। ଗର୍ଦ୍ଦଭ;
ଗଧ—3. The ass.

ଲିମ୍ପା ଫଳ—ସଂ. ବି—ଲେମ୍ବୁ (ଦେଖ)—Lembu (See)
Limpā phaḷa (କବିରାଜ ହରେକୃଷ୍ଣ ମିଶ୍ରଙ୍କ ପ୍ରଣୀତ
"ଦ୍ରବ୍ୟଗୁଣ"।)

ଲିମ୍ପି—ସଂ. ବି (ଲିପ୍ ଧାତୁ+ଭାବ, କର୍ମ. ଇ)—ଲିପି (ଦେଖ)
Limpi Lipi (See)

ଲମ୍ଫ—ବୈଦେ. ବ (ଇଂ. ଲିମ୍ଫ)—ପୂଜ; ବସନ୍ତ ଅବର ବଟ୍ଟୋଟକ
Limph ମଧ୍ୟରୁ ସଂଗୃହୀତ ପୂଜ; ବସନ୍ତ ଅବର ବଟ୍ଟୋଟକ
লিম্ফ লিংফ ମଧ୍ୟରୁ ସଂଗୃହୀତ ପୂଜ ବା ସାଜ—
Lymph.

ଲମ୍ବ(ଇତ୍ୟାଦି)—ଦେ. ବ (ସଂ. ନିମ୍ବ)—ନିମ୍ବ ଇତ୍ୟାଦି (ଦେଖ)
Limba (etc) Nimba etc (See)

ଲମ୍ବକଡ଼ି—ପ୍ରାଦେ. (ଯାଜପୁର) ବ—ଶିଶୁମାନଙ୍କର ଅଣ୍ଟାରେ ପିନ୍ଧାଯିବା
Limba kardhi ଗହଣାବିଶେଷ—A kind of waist chain worn by infants.

ଲିୟ(ୟା)ଣ—ଦେ. ବ—ଲିଅଣ (ଦେଖ)
Liya(yā)na Liana (See)

ଲିୟତ—ପ୍ରାଦେ (କଟକ ସହର) ବ—ଲିଅତ [ଦେଖ]
Liyata Liata (See)

ଲିୟା (ଇତ୍ୟାଦି)—ଦେ. ବ—ଲିଆ ଇତ୍ୟାଦି (ଦେଖ)
Liyā (etc) Liā etc (See)

ଲିୟାକତ୍—ବୈଦେ. ବ—ଲିଅକତ୍ (ଦେଖ)
Liyākat Liākat. (See)

ଲିୟାଜ—ବୈଦେ. ବ—ଲିହାଜ (ଦେଖ)
Liyāja Lihāja. (See)

ଲିୟାର—ପ୍ରାଦେ (କଟକ ସହର) ବଣ—ନିଆର (ଦେଖ)
Liyārā Niārā. (See)

ଲିୟେ—ଦେ. ଅ—ଲିଏ (ଦେଖ)
Liye Lie. (See)

ଲିଲମ(ମି) (ଇତ୍ୟାଦି)-ପ୍ରାଦେ. (କଟକ ସହର) ବ-ନିଲମ ଇତ୍ୟାଦି (ଦେଖ)
Lilām(mi) (etc) Nilāma. etc (See)

ଲିଶ୍ (ଧାତୁ)—ସ—୧ । ଅଳ୍ପ ହେବା—1. To become little.
Lis (root) ୨ । କମିଯିବା—2. To dwindle.

ଲିଶି(ଶୁ)ଣୀ—ଦେ. ବ (ସଂ. ନିଃଶ୍ରେଣୀ)—ନିଶୁଣୀ (ଦେଖ)
Lisi(su)ni Nisuni. (See)

ଲିଶୁର୍ଡିବା—ଦେ. ବ—ଲେଶର୍ଡିବା (ଦେଖ)
Lisurdibā Lesardibā. (See)

ଲିଷ୍ଟ(ଷ୍ଟି)—ବୈଦେ. ବ (ଇଂ. ଲିଷ୍ଟ)—୧ । ତାଲିକା; ଫର୍ଦ୍ଦ—
Lisht(shti) 1. List. ୨ । ଧାରା; ନିୟମ—2. Rule;
লিষ্ট(ষ্টি) regularity. ୩ । ନିର୍ଦ୍ଦିଷ୍ଟ ନିୟମ—3. Unchange-
লিষ্ট able rule. ୪ । ନିର୍ଦ୍ଦିଷ୍ଟ ସମୟ—4. Fixed time.
লিষ্টি, নিষ্টি ୫ । (ଇଂ. ନେଷ୍ଟ) ଏକ ପ୍ରକାର ଧାଡ଼ିର ଭିନ୍ନ ଭିନ୍ନ ଲମ୍ବ ଓ ଓସାରର କଳ ଲୁଗା- 5. Mill-made cloths of the same border but of different sizes.

ଲିଷ୍ଟି କଣ୍ଟା—ଦେ. ବ—ବାଡ଼ ପାଇଁ ରୋପିତ ଏକପ୍ରକାର କଣ୍ଟାଗୁଳ୍ମ;
Lishti kantā ମେହେନ୍ଦି (ଦେଖ)—A kind of thorny plant grown on hedges, Tylophora Asthamatica.

ଲିଷ୍ୱ—ସଂ. ବି. ପୁଂ (ଲିଶ୍ ଧାତୁ=ନୃତ୍ୟ କରିବା+କର୍ତ୍ତୃ. ବନ୍)—
Lishwa ନଟ; ନର୍ତ୍ତକ; ନୃତ୍ୟବ୍ୟବସାୟୀ—A professional
[କନ୍ଦ୍ରା—ସ୍ତ୍ରୀ] dancer; an actor. (Apte)

ଲିସ୍-ବନ୍—ବୈଦେ. ବ (ନାମ)—ପର୍ତ୍ତୁଗାଲ ରାଜ୍ୟର ପ୍ରଧାନ ନଗର—
Lisban . The capital of Portugal.
লিস্‌বন্ লিস্‌বন

ଲିହ୍ (ଧାତୁ)—ସ—୧ । ଚାଟିବା—1. To lick. ୨ । ଚାଖିବା—
Lih (root) 2. To taste.

ଲିହଙ୍ଗ(ଙ୍ଗୀ)—ଦେ. ବ—ନିହଙ୍ଗ (ଦେଖ)
Lihanga (ngi) Nihanga. (See)

ଲିହଣ—ଦେ. ବ (ସଂ. ଲିଖନ, ଲୌହବୃନ୍ତ, ନିହାଣ)—
Lihana କାଠବେଣ୍ଟ ନ ଥିବା ବଢ଼େଇଙ୍କର ବଟାଳି—
নিয়া(হা)নি A chisel without a wooden handle;
निहानी, रुखानी iron chisel. [ଦ୍ର—ଏଥିର କାଷ୍ଠଚ୍ଛେଦନକାରୀ [ଲୌହଣ—ଅନ୍ୟରୂପ] ଲୌହଫଳକ ବଟାଳିର ଫଳକ ଅପେକ୍ଷା ଶ୍ରେଷ୍ଠ ଓ ସ୍ଥୂଳତର ।]

ଲିହମା—ଦେ. ବ—ଲହିମା (ଦେଖ)
Lihamā Lahimā. (See)

ଲିହାଇ—ଦେ. ବ—୧ । (ସଂ. ଲୀନ ବା ଲୌହ; ସଂ. ନାମ ଚୁଣା)—
Lihai ନେହି; ନିହାଇ; କମାର ଯେଉଁ ଲୌହପିଣ୍ଡ ଉପରେ
নিয়া(হা)(ই, নে,না)ই ତାତିଲା ଲୁହାକୁ ରଖି ହାତୁଡ଼ିରେ
निहाइ ପିଟନ୍ତି—1. Anvil. ୨ । (ସଂ. ଲେହ) ଲେହ; ମଇଦାକୁ
ସ. ଔରଠ] ପାଣିରେ ସିଝ କରି ତିଆରି କରାଯିବା ଅଠା—
লেই 2. Gum or sticking paste made by boiling
लेइ flour in water,

ଲିହାଜ—ବୈଦେ. ବ (ଫା. ଲିହାଜ)—୧ । ନିଅଜ (ଦେଖ)—
Lihāja 1. Niāja (See) ୨ । ସ୍ମରଣ—2. Recollec-
স্মরণ tion; memory. ୩ । ଦୃଷ୍ଟି—3. View. ୪ । ବିଚାର—
लीहाज 4. Consideration. [ଦ୍ର—ଜମିଦାର ଏ ସବୁ ପୁଣ୍ୟ କାଳର ତହସିଲଦାରଙ୍କ ଉପରେ ଅର୍ପି ଉଠାଇ ଦେଇ କର୍ମ ଲିହାଜରେ ଦରମା ବେଶୀ କରି ଦେଇଅଛନ୍ତି ।
ଫକୀରମୋହନ, ମାମୁଁ ।]

ଲିହାଜ କରିବା (ରଖିବା)—ଦେ. କି.—ନିଅଜ କରିବା (ଦେଖ)
Lihāja karibā (rakhibā) Niāja karibā (See)
মনেরাখা, স্মরণরাখা लिहाजकरना (रखना)

ଲିହାଣ—ଦେ. ବ.—ଲିହଣ (ଦେଖ)—Lihana (See)
Lihāna [ଦ୍ର—ଲିହାଣରେ ଦନ୍ତ ଘଷିଣ କ୍ଷୁର ଧର, ଛର ଚର ବସ୍ତୁକୁ କରୁ ନ ଦ୍ୟର । କୃଷ୍ଣସିଂହ. ମହାଭାରତ ବନ ।]

ଲିହାତି—ପ୍ରାଦେ. କଟକ ସହର ଅ.—ନିହାତି (ଦେଖ)
Lihāti Nihāti (See)

ଲିହିତ—ଦେ. (ପଦ୍ୟ) ବଣ—(ସଂ. ଲିଖିତ)—ଲିଖିତ—
Lihita লিখিত लिखित Written.

ଲିହିବା—ଦେ. (ପଦ୍ୟ) କି.—୧ । (ସଂ. ଲିଖ୍ ଧାତୁ; ପ୍ରା. ଲିହ୍ ଧାତୁ)
Lihibā লেখা लिखना, लिहना ଲେଖିବା—1. To write. [ଦ୍ର—ଲିହିଲେ ତଥାକୁ, "ଧନ୍ୟ ଅଯୋଧ୍ୟା ଈଶ୍ୱର ।" ମଧୁସୂଦନ. ବାଳ ରାମାୟଣ ।] ୨ । (ସଂ.

ଲିହ୍ ଧାତୁ) ଗ୍ରହବା—2. To lick. [ଉ—ପ୍ରଳୟ ଅଗ୍ନି ପର ଜଳୁଛ ନୟନ, ଦେଖୁଛ ଇଚ୍ଛେ ଲିହ ଲିହକା ଦ୍ବନ୍ଦଣ। କୃଷ୍ଣସିଂହ. ମହାଭାରତ ବନ।]

ଲିହମା—ଦେ. ଓ ବୈଦେ. ବ—(ସଂ. ନିମିଷ; ଅ. ଲହମହ୍)—୧।
Lihimā लहमा **लहमा** ନିମିଷ—1. A moment.
୨। କ୍ଷଣ ମାତ୍ର—2. A twinkle of the eye.

ଲିହମାଏ(କେ)—ଦେ. ଅ.—ନିମିଷକେ—
Lihimāe(ke) एक लहमाए **एकनिमेषमे** In a moment.

ଲୀ (ଧାତୁ)—ସଂ.—ଲୀନ ହେବା—1. To merge in. ୨।
Lī (root) ଆଲିଙ୍ଗନ କରିବା—2. To embrace.

ଲିକ୍ଷା(କ୍ଷା)—ସ. ବ.—(ଲିଷ୍ ଧାତୁ+କର୍ମ. ଅ+ଆ, ନିପାତନ)—
Likkā(kshā) ନିଶ; ଉକୁଣିର ଡିମ୍ବ—A nit; the egg of louse.

ଲୀଢ଼—ସଂ. ବିଣ—(ଲିହ୍ ଧାତୁ+କର୍ମ. ତ)—୧। ଯାହା ଚଟା
Lirdha ହୋଇଅଛି—1. Licked. ୨। ଆସ୍ୱାଦିତ—2. Tasted. ୩। ଭକ୍ଷିତ—3. Eaten; devoured. ୪। ସ୍ପୃଷ୍ଟ—4. Touched. ୫। ବିନାଶିତ 5. Destroyed (M. W)

ଲୀନ—ସଂ. ବିଣ.—(ଲୀ ଧାତୁ+କର୍ତ୍ତୃ. ତ)—୧। କୌଣସି ବସ୍ତୁର
Lina ଦେହରେ ଲୟ ପ୍ରାପ୍ତ; ମିଳାଇ ଯାଇଥିବା; ଅନ୍ତର୍ହିତ—1. Dissolved in; absorbed in. ୨। ମୃତ; ଧ୍ୱଂସ ପ୍ରାପ୍ତ; ବିନଷ୍ଟ—2. Destroyed. [ଉ—ବିଧା ବିଧାନେ ସୁଷେଣ କାଳ କାଳ କାଳସଙ୍ଗ ଧ୍ୱନି ଲୀନ। ଉକ୍ତ. ବୈଦେହୀଶ ବିଳାସ।] ୩। ସମ୍ମିଳିତ—3. Intimately mixed. ୪। ଲୁପ୍ତ—4. Disappeared; extinguished. ୫। ଆଲିଙ୍ଗିତ—5. Embraced. ୬। ଶୟିତ—6. Laid; sleeping. ୭। ଲଗ୍ନ—7. Attached to. ୮। ମଗ୍ନ; ତନ୍ମୟ—8. Absorbed in. ୯। ପୂର୍ଣ୍ଣରୂପେ ଲଗ୍ନ—9. Clinging.

ଲୀୟମାନ—ସଂ. ବିଣ. ପୁଂ—(ଲୀ ଧାତୁ+କର୍ତ୍ତୃ. ଅନ)—ଲୟପ୍ରାପ୍ତ
Liyamāna ହେଉଥିବା—Going to be absorbed in. [ଲୀୟମାନା—ସ୍ତ୍ରୀ]

ଲୀଳା—ସଂ. ବ.—(ଲୀ ଧାତୁ=ଆଲିଙ୍ଗନ କରିବା+ଭାବ. କ୍ୱିପ୍ =
Lilā ଲୀ; ଲୀ+ଲା ଧାତୁ=ଗ୍ରହଣ କରିବା+ଭାବ. ଅ+ଆ)—
୧। ଶୃଙ୍ଗାରଭାବଜନିତ କିମ୍ବା ବିଶେଷ; ବିଭ୍ରମ; ହାବଭାବ; ଶୃଙ୍ଗାରରସର ଭଙ୍ଗୀ—1. Amorous sport; dalliance; lascivious exhibitions. ୨। ଖେଳ; କ୍ରୀଡ଼ା; କେଳି—2 Play; sport. ୩। ଶୋଭା—3 Beauty. ୪। ଅଭିନୟ—4 Acting. ୫। ଭଙ୍ଗୀ—5. Posture. ୬। ନାନାବିଧ କାର୍ଯ୍ୟକଳାପ ଓ ବ୍ୟାପାର—6. Various acts and doings and events. ୭। କୌତୁକ; ମଜ୍ଜକ; ବିଳାସ—7. Enjoyment; merriment; amusement; mirth. ୮। ଅଙ୍ଗ, ବେଶ, ଅଳଙ୍କାର, ପ୍ରୀତି ଓ ବାକ୍ୟାଦିର (ନାୟକଙ୍କ ଅପଣାର ପ୍ରିୟତମର) ଅନୁକରଣ—8. Act of (a woman) imitating the lover's actions, gait, dress, ornament and postures. ୯। ସଂସାରରେ ମନୁଷ୍ୟର ବା ଅବତାରଙ୍କର କାର୍ଯ୍ୟକଳାପ—9. The doings of a man or of an incarnation in this world. ଦେ. ବ—୧। ସ୍ତ୍ରୀଲୋକର ନାମ—1. Name of females. ୨। ଲୀଳାବତୀ ବା ନୀଳମଣି ଆଦି ସ୍ତ୍ରୀଙ୍କର ଡାକ ନାମ—2. Names for calling Lilābati or Nilamani. ୩। ଲୋକନାଦ ଦ୍ୱାରା ଉତ୍ସବ—3. A festival. ୪। ମହାଭାରତ, ଭାଗବତ, ରାମାୟଣର ଚରିତ ବର୍ଣ୍ଣନ ପୂର୍ବକ ନୃତ୍ୟଗୀତାଦି ଓ ଅଭିନୟ—4. Acting of the events of Rāmāyaṇa, Māhābhārata etc. by [dancing and music. ୫। (ସ. ନୀଳମଣି) ନୀଳ ମଣି—5. Sapphire (gem).

ଲୀଳାଏ—ଦେ. ଅ. (ପଦ୍ୟ)—ଅବଲୀଳା କ୍ରମେ; ଅକ୍ଳେଶରେ;
Lilāe ସହଜରେ—With ease; without any exertion. [ଉ—ବଳେ ହରଲେ ପାରିଜାତ, ଲୀଳାଏ ଜିଣି ଶଚୀନାଥ। ଜଗନ୍ନାଥ. ଭାଗବତ।]

ଲୀଳା କମଳ—ସ. ବ.—(ମ. ପ. ଲୋ)—ଯେଉଁ ପଦ୍ମଫୁଲକୁ ଧରି
Lilā kamala ଓ ହାତରେ ବୁଲାଇ ଲୋକେ କ୍ରୀଡ଼ା କରନ୍ତି—A toy lotus; a lotus held for sport. [ଉ—କରେ ଶୋଭଇ ଯହିଁ ଲୀଳାକମଳ। ରାଧାନାଥ. ମେଘଦୂତ।]

ଲୀଳାକର—ସଂ. ବିଣ. ପୁଂ—(ଲୀଳା+କୃ ଧାତୁ+କର୍ତ୍ତୃ. ଅ)—କ୍ରୀଡ଼ା-
Lilākara କାରକ—Sporting; dallying. (ଲୀଳାକରୀ—ସ୍ତ୍ରୀ)

ଲୀଳା କଳ୍ପ—ଦେ. ବ—ଚେଷ୍ଟା ସମୂହ—
Lilā kalpa Attempts.
ଦେ. ବିଣ.—ଲୀଳା ଯୋଗୁଁ କଳ୍ପିତ—Contrived for sport. [ଉ—କଳ୍ପ ରଚନା କରନ୍ତି ସେ ଲୀଳାକଳ୍ପ ଯେ। ପ୍ରାଚୀ ସମାଚାର।]

ଲୀଳା କାନନ—ସ. ବ.—(ମ. ପ. ଲୋ; ଲୀଳାର୍ଥ ବ୍ୟବହୃତ କାନନ)
Lilā kānana ବିଳାସ କାନନ; ଉପବନ; ବିହାରୋଦ୍ୟାନ—A grove; a pleasure garden.

ଲୀଳାକ୍ଷେତ୍ର (ଭୂମି)—ସ. ବ.—(୬ଷ୍ଠୀ ତତ୍)—କ୍ରୀଡ଼ା ଭୂମି; କ୍ରୀଡ଼ାର୍ଥ
Lilā kshetra (bhūmi) ବ୍ୟବହୃତ ଭୂମି—The arena or ground of sports.

ଲୀଳାକ୍ରମେ—ଦେ. କ୍ରି. ବିଣ (ସ. ଲୀଳାକ୍ରମେଣ)—ଅକ୍ଳେଶରେ—
Lilā krama Easily.

ଲୀଳା ଖେଳ—ସଂ. ବି—୧୫ ଅକ୍ଷର ବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—**Lila khela** Name of a Sanscrit metre consisting of 15 letttrs. ବିଣ. ପୁଂ—୧। (ବହୁବ୍ରୀହି) ବିଳାସୀ—1. Sportive. ୨। କ୍ରୀଡ଼ାଶୀଳ—2. Playful. ଦେ. ବି—ଲୀଳାଖେଳା [ଲୀଳା ଖେଳା—ସ୍ତ୍ରୀ] (ଦେଖ)—Lilākhelā (See)

ଲୀଳା ଖେଳା—ଦେ. ବି—(ଏକାର୍ଥକ ସହଚର ଶବ୍ଦ)—୧। ଲୀଳା ଓ **Lilā khelā** କ୍ରୀଡ଼ା; ଆମୋଦ ପ୍ରମୋଦ—1. Various লীলাখেলা sports and pastimes; amusements. लिलाखेला ୨। ଜୀବନଯାତ୍ରା; ଇହଲୀଳା—2. The doings of a person from birth till death; earthly existence. [ଉ—ସଂସାରର ଲୀଳାଖେଳା ସରିଲା ଅମୂଳ। ରାଧାନାଥ. ମହାଯାତ୍ରା ।]

ଲୀଳାଗତି—ସଂ. ବି.—ମ. ପ. ଲେ;—ନାନା ମନୋହର ଭଙ୍ଗୀ ସହିତ **Lilā gati** ଗମନ—Sportive movements.

ଲୀଳା ନିବୃତ୍ତି—ସଂ. ବି (୬ଷ୍ଠୀ ତତ୍)—ଲୀଳା ସମାପନ (ଦେଖ) **Lilā nibrutti** Lilā samāpana. (See)

ଲୀଳା ପୁରୁଷୋତ୍ତମ—ସଂ. ବି—ଶ୍ରୀକୃଷ୍ଣ (ହି. ଶ) **Lilā purushottama** Srikrushna. [ଦ୍ର—ରାମ ଓ ଶ୍ରୀକୃଷ୍ଣ ଏ ଦୁଇ ପ୍ରଧାନ ଅବତାରଙ୍କ ମଧ୍ୟରେ ରାମଙ୍କୁ ମର୍ଯ୍ୟାଦାପୁରୁଷୋତ୍ତମ ଓ କୃଷ୍ଣଙ୍କୁ ଲୀଳାପୁରୁଷୋତ୍ତମ ବୋଲାଯାଏ—ହି. ଶ.]

ଲୀଳାବତୀ—ସଂ. ବିଣ. ସ୍ତ୍ରୀ—୧। ବିଳାସବତୀ—1. Sportful **Lilābati** (woman); playful. ୨। ଶୃଙ୍ଗାରଭାବ (ଲୀଳାବାନ୍—ପୁଂ) ଚେଷ୍ଟାନ୍ୱିତା—2. Dallying; exhibiting amorous symptoms; lascivious. ବି. ସ୍ତ୍ରୀ—୧। ନ୍ୟାୟଗ୍ରନ୍ଥ ବିଶେଷ—1. Name of Sanscrit work on logic. ୨। ଏକ ଜାତୀୟ ବେଶ୍ୟା—2. Name of a class of prostitutes. ୩। (ନାମ) ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟ ଭାସ୍କରାଚାର୍ଯ୍ୟଙ୍କ କନ୍ୟା (କାହାରି କାହାରି ମତରେ ପତ୍ନୀ)—3. Name of the daughter (or wife according to some) of the great Indian astronomer Bhāskarāchārjya. [ଦ୍ର—କଥିତ ଅଛି ଯେ, ଲୀଳାବତୀ ଭାସ୍କରାଚାର୍ଯ୍ୟଙ୍କର ଏକମାତ୍ର କନ୍ୟା ଥିବାରୁ ପିତା ତାଙ୍କୁ ଅତି ଆଦର ଓ ସ୍ନେହରେ ବଢ଼ାଇଥିଲେ। ଭାସ୍କରାଚାର୍ଯ୍ୟ ଅଦ୍ୱିତୀୟ ଜ୍ୟୋତିଃଶାସ୍ତ୍ର-ବେତ୍ତା ଥିଲେ। ସେ ଲୀଳାବତୀଙ୍କ ଜନ୍ମପତ୍ରିକାକୁ ଗଣନା କରି ଦେଖିଲେ ଯେ ଲୀଳାବତୀ ପତି-ପୁତ୍ର ବର୍ଜିତା ହେବେ। ଏଥିପାଇଁ ସେ ସ୍ଥିର କଲେ ଯେ କନ୍ୟାକୁ ସେ ଏପରି ଶୁଭ ଲଗ୍ନରେ ବିବାହ ଦେବେ ଯେ, କନ୍ୟା ବିଧବା ହେବେ ନାହିଁ ଓ ସନ୍ତାନବତୀ ହୋଇ ପାରିବେ। ବହୁ ଗଣନା ପରେ ଗୋଟିଏ ଶୁଭଲଗ୍ନ ସ୍ଥିର କରି ସେ ଲୀଳାବତୀଙ୍କ ପାଇଁ ବର ଠିକ୍ କଲେ। ଏଣେ ବିବାହର ଲଗ୍ନ (ଶୁଭ ମୁହୂର୍ତ୍ତ) ନିର୍ଣ୍ଣୟାର୍ଥ ଗୋଟିଏ ସଚ୍ଛିଦ୍ର ପାତ୍ର ଜଳ ଉପରେ ଭସାଇ ଦେଲେ ଓ ଗଣନାଦ୍ୱାରା ସ୍ଥିର କଲେ ଯେ ଛିଦ୍ରବାଟେ ପାଣି ପଶି ପଶି ପାତ୍ରଟି ପୂର୍ଣ୍ଣହୋଇ ବୁଡ଼ି ଯିବା ମୁହୂର୍ତ୍ତରେ ପାଣିଗ୍ରହଣ ପାଇଁ ନିର୍ଦ୍ଦିଷ୍ଟ ଶୁଭକ୍ଷଣ ଉପସ୍ଥିତ ହେବ। କିନ୍ତୁ ଦୈବର ଗତି ଅତି ବିଚିତ୍ର। ଲୀଳାବତୀ ବାଳସ୍ୱଭାବ ବଶତଃ ସେହି ଭାସମାନ ଜଳପାତ୍ର ଉପରେ ମସ୍ତକ ଅବନତ କରି ସେହି ପାତ୍ର ମଧ୍ୟକୁ ଛିଦ୍ର ବାଟେ ପଶୁଥିବା ଜଳକୁ ଚାହିଁ ବସିଲେ। ଏହି ସମୟରେ ଦେଖାଗଲା ଯେ ବେଳ ବହୁତ ଉତ୍ତୀର୍ଣ୍ଣ ହେଲାଣି, ଅର୍ଥାତ୍ ପାତ୍ରଟି ଜଳପୂର୍ଣ୍ଣ ହେଲା ନାହିଁ ବା ବୁଡ଼ିଲା ନାହିଁ ଓ ପୂର୍ବରୁ ସ୍ଥିରୀକୃତ ବିବାହ ଲଗ୍ନଟି ଗଡ଼ିଗଲା। ଏହା ଦେଖି ଭାସ୍କରାଚାର୍ଯ୍ୟ ବିଳମ୍ବର କାରଣ ଅନୁସନ୍ଧାନ କରି ଦେଖିଲେ ଯେ ଲୀଳାବତୀ ସେ ପାତ୍ର ଉପରେ ମୁଣ୍ଡକୁ ନୁଆଁଇ ଚାହିଁବାବେଳେ ତାଙ୍କ ଲଲାଟର ଅଳଙ୍କାର (ଅଳକା)ରୁ ଗୋଟିଏ ମୁକ୍ତା ଝଡ଼ି ପଡ଼ି ଅଜ୍ଞାତ ଭାବରେ ସେହି ପାତ୍ରର ଛିଦ୍ରକୁ ବନ୍ଦ କରିଥିବାରୁ ପାତ୍ରଟି ନିରୂପିତ ସମୟରେ ଜଳପୂର୍ଣ୍ଣ ହେଲା ନାହିଁ, ଫଳତଃ ବିବାହ ଲଗ୍ନଟି ଅତୀତ ହୋଇଗଲା। ଭାସ୍କରାଚାର୍ଯ୍ୟ ଏହା ଦେଖି ବିସ୍ମିତ ହେଲେ ଓ ଦୈବବିଧାନ ଅନିବାର୍ଯ୍ୟ, ଏହା ବିଚାର କରି କନ୍ୟାଙ୍କୁ ଲଗ୍ନ ଗଡ଼ିଯିବା ପରେ ସେ ଦିନ ବିବାହ ଦେଲେ। କିଛି ଦିନ ପରେ କନ୍ୟା ବିଧବା ହେଲେ। ତତ୍‌ପରେ ଭାସ୍କରାଚାର୍ଯ୍ୟ ଅତି ଯତ୍ନ ସହକାରେ ଲୀଳାବତୀଙ୍କୁ ପାଟୀଗଣିତ ଓ ବୀଜଗଣିତ ଶାସ୍ତ୍ର ଶିକ୍ଷା ଦେଲେ ଓ ଲୀଳାବତୀଙ୍କ ନାମକୁ ଚିରସ୍ମରଣୀୟ କରିବା ସକାଶେ ସ୍ୱପ୍ରଣୀତ ସିଦ୍ଧାନ୍ତ ଶିରୋମଣି ନାମକ ଗ୍ରନ୍ଥର ପାଟୀଗଣିତ ବିଷୟକ ପ୍ରଥମ ଅଧ୍ୟାୟଟିକୁ 'ଲୀଳାବତୀ' ନାମ ଦେଲେ। କେହି କେହି କହନ୍ତି ଯେ ଭାସ୍କରାଚାର୍ଯ୍ୟଙ୍କ ଦ୍ୱାରା ଉପଦିଷ୍ଟା ହୋଇ ଲୀଳାବତୀ ଏ ଗ୍ରନ୍ଥ ରଚନା କରିଥିଲେ।

(ସୁବଳଚନ୍ଦ୍ର. ବଙ୍ଗଳା ଅଭିଧାନ)

କେହି କେହି କହନ୍ତି ଲୀଳାବତୀ ଭାସ୍କରଙ୍କ ବିଧବା କନ୍ୟା। ପୁଣି କେହି କେହି କହନ୍ତି ଲୀଳାବତୀ ତାଙ୍କ ସ୍ତ୍ରୀ ଓ ସ୍ତ୍ରୀଙ୍କ ମନୋରଞ୍ଜନାର୍ଥ ଭାସ୍କର 'ଲୀଳାବତୀ' ରଚନା କରିଥିଲେ। କିନ୍ତୁ ଉକ୍ତ ଗ୍ରନ୍ଥର ସ୍ଥାନେ ସ୍ଥାନେ ବ୍ୟବହୃତ 'ବାଲେ' 'ବାଲ କୁରଙ୍ଗ ଲୋଲନୟନେ !' 'ସଖି' ଆଦି ସମ୍ବୋଧନ ଆପଣା କନ୍ୟାଁ ପ୍ରତି ଓ 'ବତ୍ସେ' ଓ 'ଗଣକ' ଆପଣାର ସ୍ତ୍ରୀ ପ୍ରତି ବ୍ୟବହୃତ ହେବା ଅସମ୍ଭବ।

ଯୋଗେଶଚନ୍ଦ୍ର. ଆମାଦେର ଜ୍ୟୋତିଷୀ।

୪। ଭାସ୍କରାଚାର୍ଯ୍ୟ ରଚିତ ପାଟୀଗଣିତ ଓ ବୀଜଗଣିତ ସମ୍ବନ୍ଧୀୟ ପ୍ରସିଦ୍ଧ ଗ୍ରନ୍ଥ ସିଦ୍ଧାନ୍ତ ଶିରୋମଣିର ପ୍ରଥମ ଅଧ୍ୟାୟର ନାମ—4. Title of the first chapter of a famous work on algebra and arithmetic named Siddhāntaśiromaṇi by Bhāskarāchārjya. [ଦ୍ର—ଏ ଗ୍ରନ୍ଥରେ ଭାସ୍କରାଚାର୍ଯ୍ୟ ଲୀଳାବତୀଙ୍କ ପ୍ରଶ୍ନର ଉତ୍ତର ଛଳରେ

ପାଠୀଗଣିଭଲ ସ୍ୱଛ୍ଦ ଛଟଳ ସମସ୍ୟା ସୂଷମାନଙ୍କଦ୍ୱାର ସମାଧାନ କରଥିଲେ ।] ୫ । ସଙ୍ଗୀତ ଶାସ୍ତ୍ରର ଏକ ରାଗିଣୀ —5. Name of a secondary tune in Hindu music. [ଦ୍ର—ଏଥିରେ ସବୁ ଶୁଦ୍ଧସ୍ୱର ଲାଗେ । ଏ ରାଗିଣୀ ଲଳତ, ଜୟନ୍ତଶ୍ରୀ ଓ ଦେଶକାର ରାଗିଣୀମାନଙ୍କ ମିଶ୍ରଣରେ ହୁଏ । କେହି କେହି ଏହାକୁ ଦୀପକ ରାଗର ପୁତ୍ରବଧୂ କହନ୍ତି – ହି. ଷ)—୬ । ସଂସ୍କୃତ ଛନ୍ଦୋବିଶେଷ —6. Name of a Sanscrit metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୧୦, ୮, ୧୪ ର ବିରାମରେ ୩୨ ମାତ୍ରା ଥାଏ ଓ ଶେଷରେ ଏକ ଜଗଣ ଥାଏ—ହି. ଷ.] ଦେ. ବି. ସ୍ତ୍ରୀ—(ନାମ) ସ୍ତ୍ରୀଲୋକଙ୍କ ନାମ-A name given to females.

ଲୀଳାମୟ—ସ. ବିଣ. ପୁଂ (ଲୀଳା+ପ୍ରାଚୁର୍ଯ୍ୟାର୍ଥେ ମୟ)—ଲୀଳାପୂର୍ଣ୍ଣ; **Lilāmaya** କ୍ରୀଡ଼ାଯୁକ୍ତ—Full of sports; sportive; (ଲୀଳାମୟୀ—ସ୍ତ୍ରୀ) playful.

ଲୀଳାୟମାନ—ସଂ. ବିଣ ପୁଂ(ଲୀଳାଶବ୍ଦର ଲୀଳାୟ ନାମ ଧାତୁ+କର୍ତ୍ତୃ. **Lilāyamāna** ଆନ)—କ୍ରୀଡ଼ା କରୁଥିବା—Sporting; (ଲୀଳାୟମାନା—ସ୍ତ୍ରୀ) playing.

ଲୀଳା ଯାତ୍ରା—ଦେ. ବି (ସ. ଲୀଳା+ଯାତ୍ରା)—ମହାଭାରତ, ରାମାୟଣ, **Lilā jātrā** ଭାଗବତଆଦିର ଉପାଖ୍ୟାନ ଅବଲମ୍ବନରେ କରାଯିବା (ଲୀଳାଯୁଅଙ୍ଗ—ଅନ୍ୟରୂପ) ନାଟ ଓ ନୃତ୍ୟ—Acting and লীলারযাত্রা dancing made on the basis of लीलायात्रा some of the episodes of the sacred lores (just like the passion plays of the middle ages in Europe.)

ଲୀଳାଯାନ—ସଂ. ବି (ଲୀଳା+ଯାନ)—ସଲୀଳ ଗମନ; ଧୀର ମନ୍ଥର **Lilājāna** ଗମନ—Gracefwl gait; short slow and leisurely walk. [ଦ୍ର—ସେବେ ସ୍ୱବ ଲଜ ଭୂତବ କ ରାଜହଂସ ଗଜରାଜ ଲୀଳାଯାନ । କବିସୂର୍ଯ୍ୟ. ସଙ୍ଗୀତ ।]

ଲୀଳାୟିତ—ସଂ. ବିଣ (ଲୀଳାଶବ୍ଦରୁ ଲୀଳାୟ ଧାତୁ+କର୍ମ. ତ)—**Lilāyita** କ୍ରୀଡ଼ିତ—Played with.

ଲୀଳାରବିନ୍ଦ—ସଂ. ବି—ଲୀଳାକମଳ (ଦେଖ)—**Lilārabinda** Lilākamala (See)

ଲୀଳାରେ—ଦେ. କ୍ରି. ବିଣ—ଅକ୍ଲେଶରେ; ଅବଲୀଳାକ୍ରମେ—**Lilāre** Easily. [ଦ୍ର—ଏହାକୁ ଲୀଳାରେ ସଂହାର, ପଶୁଙ୍କୁ ସେସନେ କେଶରୀ । ଜଗନ୍ନାଥ. ଭାଗବତ ।] লীলাক্রমে लीलाक्रमे

ଲୀଳାସଉଧ—ଦେ. ବି (ସଂ. ଲୀଳା ସୌଧ)—କେଳି ମନ୍ଦିର—**Lilāsaudha** A room where lovers enjoy amorous sports. [ଦ୍ର—ଲୀଳା ସଉଧରେ ଅବଶ୍ୟ ଥିଲେ ତ କହାସ । କବିସୂର୍ଯ୍ୟ. ସଙ୍ଗୀତ ।]
(ଲୀଳାସୌଧ, ଲୀଳାଭବନ, ଲୀଳାମନ୍ଦିର } ସଂ. ରୂପ]

ଲୀଳା ସମାପନ—ସଂ. ବି (୬ଷ୍ଠୀ ତତ୍)—୧ । ଖେଳର ଶେଷ; **Lilā samāpana** କ୍ରୀଡ଼ାର ସମାପ୍ତି—1. The end or finis of sport. ୨ । (ଲକ୍ଷଣାର୍ଥ) ମୃତ୍ୟୁ—2. Death.
(ଲୀଳା ସମାପ୍ତି, ଲୀଳା ସମ୍ବରଣ, ଲୀଳା ସାଙ୍ଗ } ଅନ୍ୟରୂପ)

ଲୀଳାସ୍ଥାନ—ସଂ. ବି. ସ୍ତ୍ରୀ—ଲୀଳାକ୍ଷେତ୍ର (ଦେଖ)—**Lilāsthāna** Lilākshetra (See) (ଲୀଳାସ୍ଥଳ—ଅନ୍ୟରୂପ)

ଲୀଳୋଦ୍ୟାନ—ସଂ. ବି (ମ. ପ. ଲୋ.)—ପ୍ରମୋଦକାନନ; ଉପବନ **Lilodyāna** —Pleasure garden.

ଲୁ—ଦେ. ବି—ଅତୀତକାଳର କ୍ରିୟା ସଙ୍ଗେ ମଧ୍ୟମ ପୁରୁଷ ଅନାଦରାର୍ଥ ବା **Lu** ଅତି ସ୍ନେହାର୍ଥ ଏକବଚନ (ତୁ) ପରେ ଯୁକ୍ତ ହେବା ଅକ୍ଷର (ଯଥା—କଲୁ, ଗଲୁ)—Inflection affixed to a verb in the past tense লি after 'Thou', as in, "Thou didst". ଦେ. ବି—

লু (ହିନ୍ଦୀରୁ ଅନୁକୃତ; ସ. ଲୁକ୍ ଧାତୁ=ଜଳିବା) ଖୁବ୍ ଗରମ পবন; ଝାଞ୍ଜି—Hot wind; the simoon.[ଦ୍ର—लू ଗୁଜରାଟ ଓ ମରୁଭୂମି ଅଞ୍ଚଳରେ ଗ୍ରୀଷ୍ମ ଦ୍ୱିପହରେ ଲୁ ବହେ ଓ ସମୟ ସମୟରେ ଏଥିରେ ଲୋକେ ମରି ଯାଆନ୍ତି ।]

ଲୁଅ—ଗ୍ରା. ଅ—ଲୋ—Interjection 'Oh'. [ଦ୍ର—ଏହା ପଦ **Lua** ଶେଷରେ ଲାଗେ; ଯଥା ବାବୁଜଲୁଅ, ଧନ ଲୁଅ ।] ଦେ. ବି ଲୋ (ସ. ଲୋତ)—ଲୁହ—Tear. [ଦ୍ର—କେ କେବେ ଲୁଅ লো, লো, জো ପକାଏ । ଗାନକୃଷ୍ଣ. ରସକଲ୍ଲୋଳ ।] চোখের জল নোর

ଲୁଅ(ଅଁ)ଇବା—ଦେ. କ୍ରି (ସ. ନମ୍ ଧାତୁ)—୧ । ଲଇଁବା କ୍ରିୟାର **Luā(ān)ibā** ଣିଜନ୍ତ ରୂପ)—1. The causative form নোয়ান, নোআন of Lainbā. ୨ । ନତ କରାଇବା—2. To नवा(मा)ना cause to bend. [ଦ୍ର—ଯଶୋଦା ଭୁମର ଶିରେ ଗନ୍ଧ ଶିର ଲୁଆଇଁଲେ ଲଜ୍ଜାଭରେ । କବିସୂର୍ଯ୍ୟ. କଳୋଗ୍ର ଚମ୍ପୂ: ଯ ଗୀତ ।]

ଲୁଅଁଣ—ଦେ. ବିଣ—୧ । ଈଷତ୍ ନତ—1. Slightly bent. ୨ । **Luāṇa** ଯେଉଁ ଘରର ଛାତର ଉଚ୍ଚତା ହେତୁ ମୁଣ୍ଡ ଲୁଅଇଁ କରି [ଲୁଅଣି, ଲୁଅଁଣିଆ—ଅନ୍ୟରୂପ] ସେ ଘରେ ପଶିବାକୁ ହୁଏ—नीचु 2. Low-roofed (house) where a person has নমা(বা)হুয়া to bend his head before entering.

ଲୁଇ—ଦେ. ବି (ସ. ଲୋମୀୟ)—ଲେହ; ଭାରତର ଉତ୍ତର ପଶ୍ଚିମରେ **Lui** ତିଆର ପଶମୀ ମୋଟ ଶୀତ ଚଦର—A coarse লুই woolen wrapper made in N. W. India. लुई ବୈଦେ. ବି (ଫ୍ରେଞ୍ଚ—ଲୁଇସ୍ ଶବ୍ଦର ଲୁଇ ଉଚ୍ଚାରଣ)— লুই ୧ । (ଫ୍ରାନ୍ସରେ ରାଷ୍ଟ୍ରବିପ୍ଳବ ହେବା ପୂର୍ବେ) ଫ୍ରାନ୍ସର ପ୍ରାଚୀନ लुई ରାଜାଙ୍କର ବଂଶଗତ ଉପାଧି—1. Luis; the family title of the kings of France before the

French revolution. ୨ । ପୂର୍ବେ ଫ୍ରାନ୍ସରେ ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରା ବିଶେଷ—2. Name of a gold coin formerly current in France. ପ୍ରାଦେ (ସମ୍ବଲପୁର) ବି—କଅଁଳା ବାଛୁରି—
A very young calf.

ଲୁଇଁବା—ଦେ. କ୍ରି (ସଂ. ଜମ୍ ଧାତୁ)—ଲୁଅଁଇବା (ଦେଖ)
Luiñbā Luāiñbā, (See)

ଲୁଓ—ଦେ· ଅ—ଲୋ !
Luo ଲো ଓଗୋ (Interjection) Oh !

ଲୁଁ—ଦେ· ବି—ଅତୀତ କାଳରେ କ୍ରିୟା ସଙ୍ଗେ ପ୍ରଥମ ପୁରୁଷ
Luñ ମାନାର୍ଥକ ଏକବଚନ (ଅମ୍ଭେ) ଓ ବହୁବଚନ (ଅମ୍ଭେମାନେ) ଲাম ପରେ ଯୁକ୍ତ ହେବା ଅକ୍ଷର—Inflection suffixed to ये a verb in the past tense after I and we.

ଲୁଁଚ୍ଛ—ଦେ. ସର୍ବ (ଅନାଦରାର୍ଥ)—ଲୁଚ୍ଚ; ପ୍ରଭାବ—
Luñchā গুচ্ছের थोड़ाबहुत, थोड़ी Many; much.
(ଲୁଁଚ୍ଛବ, ଲୁଁଚ୍ଛକ—ଅନ୍ୟରୂପ)

ଲୁକ୍ (ଧାତୁ)—ସଂ—ଲୁଚିବା; ପ୍ରଚ୍ଛନ୍ନ ହେବା—
Luk (root) To be concealed or hidden.

ଲୁକ୍—ସଂ. ପ (ଲୁକ୍ ଧାତୁ + ଭାବ. କ ପ୍ର)—୧ ଲୋପ—
Luk 1. Disappearance. ୨ । ଲୁଚିବା; ପ୍ରଚ୍ଛନ୍ନତା—
2. Concealment.

ଲୁକଡ଼ି—ପ୍ରାଦେ (ସମ୍ବଲପୁର) ବି—ଛୋଟ ମହୁମାଛି—
Luk-rdi A tiny species of bees; Apis Florea.

ଲୁକ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି—ଲୁଚିବା—
Luk-bā To be concealed; to be in hiding.

ଲୁକଲ(ଲୁ)କାନି—ପ୍ରାଦେ. (ସମ୍ବଲପୁର) ବି—ଲୁଚକାଳି ଖେଳ—
Luk lā(lu)kāni The play of hide and seek.

ଲୁକ୍‌ଶାନ(ନି)—ବୈଦେ· ପ୍ରାଦେ. (ସମ୍ବଲପୁର) ବି (ଫା. ନୁକସାନ୍)—
Luk-śān(ni) ନୋକସାନ୍; କ୍ଷତି—Loss; damage.

ଲୁକ—ପ୍ରାଦେ (କଟକ, ବାଲେଶ୍ୱର) ବି—(କୁ ସ୍ଥାନରେ ଓ ଉଚ୍ଚାରଣ)—
Luka ଲୋକ—A man.

ଲୁକା(କେ)ଇବା—ପ୍ରାଦେ (ବାଲେଶ୍ୱର ଉତ୍ତରାଞ୍ଚଳ ଓ ମୟୂରଭଞ୍ଜ)—
Lukā(ke)ibā କ୍ରି. (ସଂ. ଲୁକ୍ ଧାତୁ; ତୁଳ ବଂ. ଲୁକାନ)—
ଲୁଚାଇବା; ଗୋପନ କରିବା—To hide; to conceal. [କ୍ରି—କଷ୍ଟେ ସେ ସବୁ ଲୁକାଇ ସେ ସ୍ଥାନେ ନ ରହି, ଯାଇ ସମସ୍ତଙ୍କ ମଧ୍ୟେ ବସିଲ୍ ସୁନ୍ଦମୁନ୍ଦି ।
ତୁଳସୀ. ଉତ୍ତମ ରାମାୟଣ ।]

ଲୁକାଏବା—ପ୍ରାଦେ (ସମ୍ବଲପୁର) କ୍ରି. (ସଂ. ଲୁକ୍କାୟିତ; ତୁଳ· ବଂ ଲୁକାନ)—ଲୁଚାଇବା—To conceal; to
Lukāebā hide.

ଲୁକାଲୁକି—ପ୍ରାଦେ (ବାଲେଶ୍ୱର ଉତ୍ତରାଞ୍ଚଳ) ବି—ଲୁଚାଲୁଚି (ଦେଖ)
Lukā luki Luchāluchi. (See)

ଲୁକିଦେବା—ପ୍ରାଦେ (ସମ୍ବଲପୁର, ବାଲେଶ୍ୱର) କ୍ରି—ନିଜେ ଲୁଚିଯିବା—
Lukidebā To hide one's self.

ଲୁକିବା—ପ୍ରାଦେ (ବାଲେଶ୍ୱର ଉତ୍ତରାଞ୍ଚଳ, ସମ୍ବଲପୁର ଓ ଗଞ୍ଜାମ; ତୁଳ
Lukibā ବଂ. ଲୁକା, ହି. ଲୁକ୍‌ନା) କ୍ରି—ଲୁଚିବା (ଦେଖ)—
Luchibā. (See) [କ୍ରି—ମୋ ପାଇଁ ତୁ ଲୁକ ଯତନେ ଥିଲୁକ ଲାବଣ୍ୟ ପୀୟୂଷପୂର । କବିସୂର୍ଯ୍ୟ. ସଙ୍ଗୀତ]

ଲୁକୁଡ଼ି—ପ୍ରାଦେ. (ସମ୍ବଲପୁର, ସଡ଼ଜାତ) ବି—ବୃକ୍ଷ କୋଟରରେ ସଞ୍ଚିତ
Lukurdi ମହୁ—Honey collected in the hollows of trees.

ଲୁକୁବା—ପ୍ରାଦେ (ସମ୍ବଲପୁର) କ୍ରି—ଲୁଚିବା—
Lukubā To conceal one's self.

ଲୁକ୍କାୟିତ—ସଂ. ବିଣ (ଲୁକ୍=ଲୋପ+କାୟ=ଶରୀର=ଲୁକ୍କାୟ;
Lukkāyita ଲୁକ୍‌କାୟ ନାମ ଧାତୁ=ଲୁପ୍ତ ଶରୀର ପରି ଅଚରଣ କରିବା+କର୍ମ. କ୍ତ)—୧ । ଲୁପ୍ତ; ପ୍ରଚ୍ଛନ୍ନ; ଦୃଷ୍ଟିପଥରୁ ଅନ୍ତର୍ହିତ—Concealed from view; hidden; latent.

ଲୁକ୍କାୟିତ ହେବା—ଦେ· କ୍ରି—ଅପେ ଲୁଚିବା; ଅଦୃଶ୍ୟ ହେବା—
Lukkāyita hebā To hide one's self from view;
লুক্কায়িত হওয়া लुक्कायितहोना to disappear.

ଲୁଖା—ଦେ· ବିଣ (ସଂ. ରୁକ୍ଷ ଓ ଶୁଷ୍କ)—ରୁଖା ଶୁଖା (ଦେଖ)
Lukhā রুখা रूखा Rukhā śukhā. (See)
[ଲୁଖା ଶୁଖା—ଅନ୍ୟରୂପ]

ଲୁଖୁରା (ଇତ୍ୟାଦ)—ଦେ· ବିଣ (ସଂ· ରୁକ୍ଷ)—ନୁଖୁରା ଇତ୍ୟାଦ (ଦେଖ)
Lukhurā (etc) Nukhurā etc (See)
(ଲୁଖୁରୀ—ସ୍ତ୍ରୀ)

ଲୁଗଡ଼ା—ପ୍ରାଦେ (ବସ୍ତର) ବି—ଶାଢ଼ୀ—
Lugardā Long cloth worn by females.

ଲୁଗା—ଦେ· ବି· (ସଂ. ଲଗ୍ନ; ତୁଳ. ଅ. ଲୁଙ୍ଗ୍)—୧ । ବସ୍ତ୍ର—
Lugā 1. Cloth. ୨ । ପୋଷାକ—2. Dress. ୩ ।
কাপড় ଧୋତି; ଅଧୋବାସ; ଯାହାକୁ ଅଣ୍ଟାରେ ଗୁଡ଼ାଇ ପିନ୍ଧାଯାଏ—3. Piece of cloth worn
कपड़ा, लुगा, धोती round the waist. ପ୍ରାଦେ (ସମ୍ବଲପୁର) ବି.
(ତୁଳ. ହିନ୍ଦିରେ ସ୍ତ୍ରୀମାନଙ୍କ ବ୍ୟବହୃତ ବସ୍ତ୍ରକୁ ଲୁଗା ବୋଲାଯାଏ)—ସ୍ତ୍ରୀଲୋକଙ୍କ ପିନ୍ଧାଲୁଗା; ବଡ଼ଶାଢ଼ୀ—
Long cloth worn by females. [ବ୍ୟ—ପୁରୁଷଙ୍କ ଲୁଗାକୁ ଧୋତି କହନ୍ତି ।]

ଲୁଗା ଅଣ୍ଟି—ଦେ. ବି-ପିନ୍ଧିଥିବା ଲୁଗାର ଲୁଣ୍ଠରେ ଥିବା ଅଂଶକୁ ଗୋଞ୍ଜି
Lugā anti ଗୋଟି କରି ତହିଁ ମଧ୍ୟରେ କିଛି ପଦାର୍ଥ ରଖିବା ପାଇଁ
কাপড়ের কোঁচড় କରାଯିବା ଥଳି—A bag or pouch
धोतीकी धोकरी formed by tucking up the front portion of the loin cloth (which a man wears and which hangs down in front), so that it might contain something in it.

ଲୁଗା କାନି—ଦେ. ବି—ବସ୍ତ୍ରାଞ୍ଚଳ; ବସ୍ତ୍ରର ଏକପ୍ରାନ୍ତସ୍ଥ କୋଣ—One
Lugā kāni of the corners of a cloth. [ବ୍ୟ—

কাপড়ের কানি(খুঁট) ଧିଲା ଲୁଗାର ସାମନା ପାଖ କାଛକୁ କୁଞ୍ଚକାଛ
धोतीका छोर ବା ପେଛକାଛ ଓ ପଛପାଖ କାଛକୁ କଚ୍ଛକାଛ
ବୋଲିଯାଏ ।]

ଲୁଗା କଚ୍—ଦେ. ବ—ବସ୍ତ୍ରକୁ ଖାର ବା ସାବୁନ ଦେଇ ଧୋଇ କାଚିବା
Lugā kachā କର୍ମ—Washing and rinsing of the
কাপড়কাচা cloth for cleaning it.
कपड़ा फौं(खौं)चना

ଲୁଗାକଚ୍ ସାବି(ବୁ, ବା)ନ୍—ଦେ. ବ—ଯେଉଁ ସାବୁନଦ୍ୱାରା ମଇଳା
Lugākachā sābi(bu. bā)n ଲୁଗା ସଫା କରାଯାଏ—
কাপড়কাচা সাবান Soap for washing cloth.
कपड़ाधोनेका साबुन

ଲୁଗା କାଚିବା—ଦେ. କ୍ରି—ମଇଳା ଲୁଗାକୁ ସଫା କରିବା ପାଇଁ ଖାର ଓ
Lugā kāchibā ସାବୁନ ଆଦି ଦେଇ ପାଣିରେ ବତୁରାଇ କାଠ
কাপড়কাচা ବା ପଥର ଉପରେ ବାରଂବାର ବାଡ଼େଇବା—
कपड़ा खौं(फौं)चना, To beat a soiled cloth on
कपड़ा कछारना stone or wood after drenching
[ଲୁଗାକଚ୍(ଚେ)ଇବା—ପ୍ରଯୋଜକରୂପ] it with soap etc.

ଲୁଗା କୁଞ୍ଚ—ଦେ· ବ (ସ. କୁଞ୍ଚନ)—ପରିହିତ ଧୋତିର ସମ୍ମୁଖସ୍ଥ
Lugā kuncha ଅଂଶ, ଯାହା କୁଞ୍ଚିତ ହୋଇ ନାଭି ପାଖରେ
কাপড়ের কোঁচা ଖୋସାଯାଏ—The front part of the
कपड़ाका कोंचा cloth worn round the loins
which is curled into folds and tucked
into the part adjoining the navel.

ଲୁଗା କୁଞ୍ଚା—ଦେ. ବ (ସ. କୁଞ୍ଚନ)—ପିନ୍ଧିବା ସମୟରେ ସୁନ୍ଦର ଓ
Lugā kunchā ସଜ୍ଜିତ ଦେଖାଯିବା ଉଦ୍ଦେଶ୍ୟରେ ସିଝାଯିବା
কাপড় কোঁচান ଲୁଗାକୁ ନାନାପ୍ରକାର କୌଶଳପୂର୍ବକ କୁଞ୍ଚିତ
कपड़ाका कोंचियाना କରିବା କ୍ରିୟା—The act of curling
and twisting the cloth into various
artistic folds, so that it will look nice
when worn. [ଦ୍ର—ଅମ ଦେଶରେ ଲୁଗାକୁ
ନାନାପ୍ରକାରରେ କୁଞ୍ଚିବାର ପ୍ରଣାଳୀ ଅଛି ଯଥା—ସରୁକୁଞ୍ଚ,
ଗିଲକୁଞ୍ଚା ଓ ପାଟଅଙ୍ଗୁଠିଆ କୁଞ୍ଚ ଇତ୍ୟାଦି ।]

ଲୁଗା କୁଞ୍ଚା(ଞ୍ଚେ)ଇବା—ଦେ. କ୍ରି (ସ. କୁଞ୍ଚ୍ ଧାତୁ ଣିଚ୍)—ପରିଧେୟ
Lugā kunchā(nche)ibā ବସ୍ତ୍ରକୁ ଅନ୍ୟଦ୍ୱାରା କୁଞ୍ଚିତ
অন্যেরদ্বারা কাপড়কোচকান କରାଇବା—To have the
कपड़ा कोंचियवाना cloth twisted into artistic
curls by another.

ଲୁଗା କୁଞ୍ଚିବା—ଦେ. କ୍ରି (ସ. କୁଞ୍ଚ ଧାତୁ)—ପରିଧେୟ ବସ୍ତ୍ରକୁ ଅଙ୍ଗୁଳି-
Lugā kunchibā ଦ୍ୱାରା କୁଞ୍ଚିତ କରିବା—To twist cloth
কাপড় কোঁচান into curls and small folds.
कपड़ा कोंचियाना

ଲୁଗା ଗଣ୍ଠି(ଣ୍ଡି)ରି—ଦେ. ବ—ଅନେକଗୁଡ଼ିଏ ଲୁଗା ଏକତ୍ର ହୋଇ
Lugā ganthi(ndi)rā ବନ୍ଧାଯାଇ ଥିବା ବଡ଼ ଗଣ୍ଠିରି—
কাপড়ের গাঁঠ A large packet of clothes.
कपड़ाका गांठ [ଦ୍ର—ଗଣ୍ଠିର ବା ଗଣ୍ଡିରି, ଗଣ୍ଠିଲି ଅପେକ୍ଷା
ବଡ଼ ଓ ଗାଣ୍ଠି ଅପେକ୍ଷା ସାନ । ଗଣ୍ଠିରି ଅପେକ୍ଷା ବୋଜକ୍
ସାନ । ବୋଜକ୍ ଅପେକ୍ଷା ବୁଜୁଲା ସାନ । ବୁଜୁଲା
ଅପେକ୍ଷା ବୁଜୁଲି ସାନ । ବୁଜୁଲା ଅପେକ୍ଷା ପୁଡ଼ା ସାନ ।
ପୁଡ଼ା ଅପେକ୍ଷା ପୋଟଳା ବା ପୁଟୁଳା ସାନ । ପୁଟୁଳା ଅପେକ୍ଷା
ପୁଟୁଳି ସାନ ।]

ଲୁଗା ଗଣ୍ଠିରି—ଦେ. ବ—ଅନେକଗୁଡ଼ିଏ ବସ୍ତ୍ର ଏକତ୍ର ବନ୍ଧା ହୋଇଥିବା
Lugā ganthiri ପୁଳା—A bundle of clothes
কাপড়েরগাঠরি कपड़ाकीगठरी tied into one
pack.

ଲୁଗା ଗାଣ୍ଠି—ଦେ. ବ—ନୂଆ ଲୁଗା ଏକତ୍ର ଦୃଢ଼ଭାବରେ ବନ୍ଧା
Lugā gānthi ହୋଇଥିବା ବଡ଼ ପୁଳା—A bale of
কাপড়েরগাঁঠরী कपड़ाकागट्ठर new clothes.
[ଦ୍ର—ଗଣ୍ଠିର ଅପେକ୍ଷା ଗଣ୍ଠିରି ବଡ଼ ଓ ଗଣ୍ଠିରି ଅପେକ୍ଷା
ଗାଣ୍ଠି ଖୁବ୍ ବଡ଼ ।]

ଲୁଗା ଚଉତିବା—ଦେ. କ୍ରି—ଲୁଗାକୁ ପ୍ରଥମେ ଦୁଇ ପ୍ରସ୍ଥ, ତା ପରେ
Lugā chautibā ଚାରି ପ୍ରସ୍ଥ, ଏହିପରି କ୍ରମାନ୍ୱୟରେ
কাপড়পাটকরা कपड़ाचौपतना, कपड़ाको तहलगाना ଛଅଡ଼ିର
ପ୍ରସ୍ଥଯୁକ୍ତ କରିବା—To fold up a cloth.
[ଲୁଗାଚଉତା(ତେ)ଇବା—ପ୍ରଯୋଜକରୂପ]

ଲୁଗା ଚ(ଚ୍ଚା)ଦର—ଦେ. ବ (ସଂସ୍କୃତ ଶବ୍ଦ)—ଅଧୋବାସ ଓ ଉତ୍ତରୀୟ;
Lugā cha(chā)dara ପରିଧେୟ ବସ୍ତ୍ର ଓ ଉତ୍ତରୀୟ—
ধোতিচদর धोतीचादर The piece of cloth
worn round the waist and that put
[ଲୁଗା ପାଚୁଡ଼ା—ଅନ୍ୟରୂପ] round the upper part
of the body.

ଲୁଗା ଛାଡ଼ିବା—ଦେ.କ୍ରି(ବଙ୍ଗଳାରୁ ଅନୁକୃତ)—ଲୁଗା ପାଲଟିବା (ଦେଖ)
Lugā chhardibā Lugā pālaṭibā (See)
কাপড়ছাড়া कपड़ाउतारना

ଲୁଗା ଠେସିବା—ପ୍ରାଦେ (ବୌଦ୍ଧ) କ୍ରି—ଲୁଗା କାଚିବା (ଦେଖ)
Lugā ṭhesibā Lugā kāchibā (See)

ଲୁଗା ଦି(ଦେ)ହ—ଦେ. ବ—ବସ୍ତ୍ରର ଉପରଭାଗ ବା ବୁଣା (ଯାହା ନ
Lugādi(de)ha ଟାଣି ଓ ଭରଣୀ ସୂତାଦ୍ୱାରା ପ୍ରସ୍ତୁତ)—
কাপড়ের জমি, কাপড়ের গা कपड़ाकीजमीन The texture
of a cloth; the body or ground of a cloth.

ଲୁଗା ଦୋକାନି—ଦେ. ବ—ବସ୍ତ୍ର ବ୍ୟବସାୟୀ—The keeper
Lugādokāni of a cloth-shop.
কাপড় দোকানি कपडाके दुकानदार

ଲୁଗା ଧଡ଼ି—ଦେ. ବ—ବସ୍ତ୍ରର ଲମ୍ବ ଦିଗର ଶେଷ ଭାଗ—
Lugā dhaṛi The border of a cloth.
কাপড়ের পাড় कपड़ाकी पाड़ी(कोर)

ଲୁଗାପଟା—ଦେ. ବ (ସଂସ୍କୃତ ଶବ୍ଦ; ଲୁଗା ଓ ସ. ପଟ୍ଟ)—ସବୁପ୍ରକାରର
Lugāpaṭā ପରିଧେୟ ବସ୍ତ୍ର—All sorts of cloths;
কাপড়চোপড় कपड़ालत्ता clothes

ଲୁଗା ପାଇବା—ଦେ. କ୍ରି—(ଲୁଗା) ପିନ୍ଧିବାପାଇଁ ଯଥେଷ୍ଟ ଲମ୍ବା ଓ
Lugā paibā ଓସାରିଆ ହେବା—(a cloth) Being

কাপড়পাওয়া **कपडापाना** of sufficient length or breadth for a man's wear. [ଯଥା—ଏ ଲୁଗା ମତେ ପାଉନାହିଁ ।] ଦେ. କ୍ରି—ପିନ୍ଧିବା
কপড়পাওয়া **कपडापाना** ପାଇଁ ନୂତନ ବସ୍ତ୍ର ପ୍ରାପ୍ତହେବା—To get a piece of new cloth (as gift, present or by purchase)

ଲୁଗା ପାଲ(ଲି,ଲେ)ଟିବା—ଦେ. କ୍ରି—ବସ୍ତ୍ରାନ୍ତର ପରିଧାନ କରିବାପାଇଁ
Lugā pāla(li,le)ṭibā ପରିହିତ ବସ୍ତ୍ର ତ୍ୟାଗ କରିବା—
কাপড়ছাড়া **कपडाबदलना** To change one's
[ଲୁଗାପାଲଟା(ଟେ)ଇବା—ପ୍ରଯୋଜକ ରୂପ] cloth for
[ଲୁଗା ପାଲ(ଲି,ଲେ)ଟା-ବିଶେଷ୍ୟ] wearing another.

ଲୁଗା ପିନ୍ଧିବା—ଦେ. କ୍ରି—ବସ୍ତ୍ର ପରିଧାନ କରିବା—To put
Lugā pindhibā on or wear a cloth.
কাপড় পরা **कपडा पहनना**

ଲୁଗା ପୁଟୁଳା—ଦେ. ବି—ଲୁଗାର କ୍ଷୁଦ୍ର ପୁଡ଼ା—A small packet
Lugā puṭuḷā কাপড়ের পোঁটলা of cloths.
[ଲୁଗାପୋଟଳା—ଅନ୍ୟରୂପ] **कपडाका पुटला**

ଲୁଗା ପୁଟୁଳି—ଦେ. ବି—ପୁଟୁଳାଠାରୁ କ୍ଷୁଦ୍ର ପୁଡ଼ା—
Lugā puṭuḷi A smaller packet of cloth
কাপড়ের পুটলি **कपडाका पुटली** (smaller than puṭuḷā).

ଲୁଗା ପୁଡ଼ା—ଦେ. ବି—କେତେଖଣ୍ଡ ବସ୍ତ୍ରର କ୍ଷୁଦ୍ରପୁଡ଼ା—
Lugā puṛā A tiny packet of cloths.
কাপড়ের পোটলি **कपडाकी पोटलि**

ଲୁଗା ଫେର—ଦେ. ବି—୧ । ଦେହର ଅଣ୍ଟାପାଖରେ ଥିବେ ଗୁଡ଼ା
Lugā phera ହେବାଭଳି ପିନ୍ଧା ଲୁଗାର ଅଂଶ—1. The part of the cloth worn, which is taken round the waist. ୨ । ଲୁଗାକୁଞ୍ଚ (ଦେଖ) Lugā kuñcha (See)

ଲୁଗା ବଦଳିବା—ଦେ. କ୍ରି—ପରିହିତ ବସ୍ତ୍ର ତ୍ୟାଗ କରି ବସ୍ତ୍ରାନ୍ତର
Lugā badaḷibā ପରିଧାନ କରିବା—To change
কাপড়বদলান **कपडा बदलना** one's worn cloth for a fresher one.
[ଲୁଗାବଦଳା(ଳେ)ଇବା—ପ୍ରଯୋଜକରୂପ]

ଲୁଗା ବୁ(ବୋ)କ(କି,କୁ)ଚା—ଦେ.ବି—ଲୁଗା ବନ୍ଧା ହୋଇଥିବା ବଡ଼ପୁଡ଼ା
Lugā bu(bo)ka (ki,ku)chā —A big packet of
কাপড়ের বুকচী কাপড়ের বোচকা clothes.
कपडाका बुकचा
[ଲୁଗା ବୁ(ବୋ)କ(କି,କୁ)ଚି—କ୍ଷୁଦ୍ର ଲୁଗା ବୋଚକା]

ଲୁଗା ବୁଜୁଳା—ଦେ. ବି—ବୋଚକା ଅପେକ୍ଷା କ୍ଷୁଦ୍ର ପୁଡ଼ା—
Lugā bujuḷā A small packet of clothes.
কাপড়ের পুঁটলী **कपडाका पुटला**

ଲୁଗା ବୁଜୁଳି—ଦେ. ବି—ବୁଜୁଳା ଅପେକ୍ଷା କ୍ଷୁଦ୍ର ପୁଡ଼ା—
Lugā bujuḷi A smaller packet of cloth
কাপড়েরপুংটলী **कपडाकीपुटलि** than bujuḷā.

ଲୁଗା ବୁଣା—ଦେ. ବି (ସଂ. ବୟନ)—ବସ୍ତ୍ରବୟନ—Weaving of
Lugābuṇā cloth. [ଦୃ—ଏହା ଦୁଇପ୍ରକାରର,
কাপড়বোনা **कपडाबुनाई** ଚଲନ୍ତି ବୁଣା ଓ କଳବୁଣା ।]

ଲୁଗା ବୁଣା(ଣେ)ଇବା—ଦେ.କ୍ରି—(ଲୁଗା ବୁଣିବା କ୍ରିୟାର ଣିଜନ୍ତରୂପ)—
Lugā buṇā(ṇe)ibā Causative of Lugābuṇibā.)
কাপড় বোনান **कपडा बुनवाना** —ଅନ୍ୟଦ୍ୱାରା ବସ୍ତ୍ର ବୟନ କରାଇବା--To cause a cloth to be woven.

ଲୁଗା ବୁଣିବା—ଦେ. କ୍ରି (ସଂ. ବୟନ)—ବସ୍ତ୍ର ବୟନ କରିବା—
Lugā buṇibā To weave a cloth.
কাপড়বোনা **कपडाबुनना**

ଲୁଗା ବେଣ୍ଟା—ପ୍ରାଦେ (ବାମଣ୍ଡା) ବି—ଏକପ୍ରକାର ଖେଳ—
Lugā benṭā A kind of out-door game.

ଲୁଗା ଭାଙ୍ଗିବା—ଦେ. କ୍ରି—ବସ୍ତ୍ରକୁ ଅନେକ ପ୍ରସ୍ଥ କରି ଉପର୍ଯ୍ୟୁପରି
Lugā bhāṅgibā ସଜାଡ଼ିବା—To make a cloth
কাপড় ভাঁজকরা, কাপড় তো করা into folds.
कपडाको तहलगाना(चडपेतना)

ଲୁଗା ମାପି କୁର୍ତ୍ତା କାଟିବା—ଦେ. ପ୍ରବଚନ (ଦ୍ରଂ. ଅନୁକରଣ)—
Lugā māpi kurttā kāṭibā ଅଧୃ ଦେଖି ବ୍ୟୟ କରିବା—
কাপড়বুঝে কোটকরা To cut your coat according to
कापडानापकरकुर्ता काटना the cloth.

ଲୁଗା ମୁହଁ—ଦେ. ବି—ବସ୍ତ୍ରର ଏକ ପ୍ରାନ୍ତର ସମସ୍ତ ପରସର—The whole
Lugā muhañ breadth of the end of a
[ଲୁଗା ମୁଣ୍ଡ—ଅନ୍ୟରୂପ] cloth.
কাপড়েরমুখ [ଦୃ—ପୁରୁଷ ପରିଧେୟ ବସ୍ତ୍ରର ମୁହଁରେ ଥିବା
कपडाकाछोर ରଙ୍ଗୀନ ଅଂଶ ଅଳ୍ପ ଓସାର ଥାଏ, କିନ୍ତୁ ଶାଢ଼ୀର ମୁହଁ ବେଶି ଓସାର ଥାଏ । ଓସାର ମୁହଁକୁ ମୁଣ୍ଡ କୋଲଯାଏ ।]

ଲୁଗାରେ ହଗି ପକା(କେ)ଇବା—ଦେ. କ୍ରି—(ଲକ୍ଷଣାର୍ଥ) ଅତି ଭୟଭୀତ
Lugāre hagi pakā(ke)ibā ହେବା—(figurative)
কাপড়ে হওয়া To be terrified; to be so terrified as
कपडामे झाडा फीरना to sit on the cloth. [ଦୃ—ଲୋକେ
ଲୁଗାରେ ହଗି ମୁତି ପକା(କେ)ଇବା } ଅନ୍ୟରୂପ
ଲୁଗାରେ ଝାଡ଼ା ଫେରିବା }
ଅତି ଭୟ ଭୀତ ହେଲେ ବା ଖୁବ ମାଡ଼ ଖାଇଲେ ବା ରୋଗାଦିରେ ବିବଶ ହୋଇ ପଡ଼ିଲେ ଅନିଚ୍ଛା ସତ୍ତ୍ୱେ ଲୁଗାରେ ହଗି ମୁତି ପକାଇବା ଦେଖାଯାଏ ।]

ଲୁଗାରେ ହେ(ହ)ବା—ଦେ. କ୍ରି (ସ୍ତ୍ରୀଲୋକମାନେ) ଋତୁ ହେବା; ରଜ-
Lugāre he(ha)bā ସ୍ୱଳା ହେବା—To have the
ছোঁয়া হওয়া **कपडामे होना** menses.

ଲୁଗୁ(ବୁ)ଦି(ଧି)—ପ୍ରାଦେ (ଯାଜପୁର) ବି—ମରିଚ ଅଧ ସଙ୍ଗେ ଏକତ୍ର
Lugu(bu)di(dhi) ବଟା ଯାଇଥିବା ଗଞ୍ଜାର ଚେଲା—A ball of the paste prepared by pounding hemp (Ganja) leaves with black pepper etc

ଲୁଙ୍ଗଡ଼ା (ଇତ୍ୟାଦି)—ଦେ. ବିଣ. ପୁଂ—ଲୁଙ୍ଗୁଡ଼ା ଇତ୍ୟାଦି (ଦେଖ)
Luṅg-ṛā (etc) Luṅguṛā etc (See)

ଲୁଙ୍ଗଡ଼ା(ଡ଼େ)ଇବା—ଦେ. କି—ଲୁଙ୍ଗୁଡ଼ାଇବା (ଦେଖ)
Lung-rdā(rde)ibā Lungurdāibā (See)

ଲୁଙ୍ଗ ପୁ(ଲୁ)ଙ୍ଗ ହେବା—ଦେ. କି—ଲୁଙ୍ଗୁ ପୁଙ୍ଗୁ ହେବା (ଦେଖ)
Lung pu(lu)ng hebā Lungupungu hebā (See)
[ଦ୍ର-ବଳଖ ଖାଲ୍ ସାହେବଙ୍କ ଦୁଅରେ ଦେଉଳ ପର ଲୁଙ୍ଗ ଲୁଙ୍ଗ ହେବାକୁ ନାହିଁ। ଫକୀରମୋହନ- ଛମାଣ ଅଠଗୁଣ୍ଠ।]

ଲୁଙ୍ଗ୍ରା—ଦେ. ବି. ଓ ବଣ—ଲୁଙ୍ଗୁରା (ଦେଖ)
Lung-rā Lungurā (See)

ଲୁଙ୍ଗ—ସଂ. ବି.—ମାତୁଲଙ୍ଗ ବୃକ୍ଷ [ଦ୍ର. ଷ.]—Citron tree.
Lunga [ଲୁଂଗ—ଅନ୍ୟରୂପ]

ଲୁଙ୍ଗା—ଦେ. ବଣ—୧। ମାନସିକ ବଳଶୂନ୍ୟ—1. Having no
Lungā strength of mind. ୨। କ୍ଷୁଦ୍ର ପଦାର୍ଥ ଅପହରଣକାରୀ—2. Pilfering. ୩। ଚୋର କରିବା ଉଦ୍ଦେଶ୍ୟରେ ଯେ ସୁବିଧା ଖୋଜୁଥାଏ—3. Loitering at a place seeking for opportunities to steal. ୪। ଲୁଙ୍ଗୁଡ଼ା [ଦେଖ]
4. Lungurdā (See)

ଲୁଙ୍ଗି—ବୈଦେ. ବି (ଫା)—ମୁସଲମାନ ପୁରୁଷମାନଙ୍କର ପିନ୍ଧିବା ଅଳ୍ପ
Lungi ଲମ୍ବ ରଙ୍ଗିନ ବସ୍ତ୍ର—A small coloured
लुङ्गी cloth worn by Mahomedans. [ଦ୍ର—
लुंगी ଏହା ପ୍ରାୟ ଗୁରହାତ ଲମ୍ବ; ଏହାକୁ କେବଳ ଅଣ୍ଟା ଘେର ପାଖେ ଗୁଡ଼ାଇବାକୁ ହୁଏ, କଛ ବା ଲୁଙ୍ଗ ମାର ହୁଏ ନାହିଁ।]

ଲୁଙ୍ଗୁଡ଼ା—ଦେ. ବଣ—୧। ଯେ ସାମାନ୍ୟ ବସ୍ତୁ ଚୋର କରେ—
Lungurdā 1. Pilfering; pilfery. ୨। ଦୁଷ୍ଟ
(ଲୁଙ୍ଗୁଡ଼ିଆ—ଅନ୍ୟରୂପ) —2. Wicked; wanton. ୩।
(ଲୁଙ୍ଗୁଡ଼ୀ, ଲୁଙ୍ଗୁଡ଼େଇ—ସ୍ତ୍ରୀ) ଲମ୍ପଟ—3 Adulterous.
छिंचके लुंगाड़ा ୪। ନୀଚମନା—4. Mean-minded.
(ଲୁଙ୍ଗୁଡ଼ାପଣ ଲୁଙ୍ଗୁଡ଼ାପଣିଆଁ - ବି)

ଲୁଙ୍ଗୁଡ଼ା(ଡ଼େ)ଇବା—ଦେ. କି—୧। ସୁବିଧା ପାଇଲେ ସାମାନ୍ୟ ଦ୍ରବ୍ୟ
Lungurdā(rde)ibā ଚୋର କରି ନେବା ଉଦ୍ଦେଶ୍ୟରେ
भुङ्गभुङ्ग करा କୌଣସି ସ୍ଥାନରେ ବୁଲିବା—1. To loiter
घपाना at a place seeking for an opportunity to pilfer. ୨। ଲଙ୍ଗଡ଼ ପାଙ୍ଗଡ଼ ହେବା (ଦେଖ)—2. Lāngarda pāngarda hebā (See)

ଲୁଙ୍ଗୁଡ଼ା ଚୋର—ଦେ. ବି—ଯେ ଲଡ଼ପ୍ପଡ଼ଃ ବୁଲୁଥାଏ ଓ ସୁବିଧା
Lungurda chora ପାଇଲେ କ୍ଷୁଦ୍ର ବସ୍ତୁମାନ ଚୋର କରି ନିଏ
(ଲୁଙ୍ଗାଚୋର—ଅନ୍ୟରୂପ) —Pilferer; one who loiters
छिंचके चोर at a place seeking opportunity to
लुङ्गाड़ा चोर pilfer.

ଲୁଙ୍ଗୁ ପୁ(ଲୁ)ଙ୍ଗୁ ହେବା—ଦେ. କି—ଲଙ୍ଗଡ଼ ପାଙ୍ଗଡ଼ ହେବା ୨
Lungu pu(lu)ngu hebā (ଦେଖ)—Lāngarda pāngarda hebā 2 (See)

(ଲୁଙ୍ଗୁର ପୁଙ୍ଗୁର ହେବା, ଲୁଙ୍ଗୁରୁ ପୁଙ୍ଗୁରୁ ହେବା—ଅନ୍ୟରୂପ)

ଲୁଙ୍ଗୁରା—ଦେ. ବଣ (ସଂ. ନ୍ୟକ୍, ନ୍ୟକ୍କାର=ଘୃଣା)—୧। ମଇଳା;
Lungurā ଅପରିଷ୍କୃତ (ସ୍ଥାନ)—1. Unclean (place.)
नोडंगरा,नोंगरा ୨। ଅପରିଷ୍କୃତ ଅପରିଚ୍ଛନ୍ନ (ପୁରୁଷ)—2.
गंदा Unclean; untidy (person). ୩। ଯାହାର ଘର
(ଲୁଙ୍ଗୁରୀ—ସ୍ତ୍ରୀ) ଓ ଦେହ ଅତି ମଇଳା ରହିବାର ଅଭ୍ୟାସ—3. Of unclean habit. ୪। ଲୁଙ୍ଗୁଡ଼ା (ଦେଖ)—
4 Lungurdā (See)

ଲୁଚ(ଚି, ଚୁ)କାଳି—ଦେ. ବି [ସଂ. ଲୁକ୍ ଧାତୁ]—ଶିଶୁମାନଙ୍କର
Luch-(chi, chu) kāḷi ଏକ ପ୍ରକାର ଖେଳ—The
लुका(को)चूरी children's game-hide and seek.
लुकालुकी, आंखमिचौनी [ଦ୍ର—ଲୁଚକାଳି ଏବା ଖେଳର
[ଲୁଚ(ଚୁ)ଲୁଚୁଣୀ—ଅନ୍ୟରୂପ] ତାରକା ଖାଉଦ ଘନେ ବ୍ରଧାନାଥ- ଭ୍ରମ।]
[ଦ୍ର—ଏ ଖେଳରେ ପ୍ରଥମେ ଭାଗ୍ୟ ପରୀକ୍ଷାଦ୍ୱାରା ଜଣକୁ 'ଚୋର' କରାଯାଏ। ଅନ୍ୟ ଜଣେ ବୁଢ଼ୀଅଣୀ ବା ବୁଢ଼ୀମାଉସୀ ହୁଏ। ବୁଢ଼ୀମାଉସୀ ଚୋରର ଆଖିକୁ ବୁଜି ଧରେ; ଇତ୍ୟବସରେ ଅନ୍ୟ ଶିଶୁମାନେ ନିକଟବର୍ତ୍ତୀ ସ୍ଥାନରେ ଲୁଚି ଯାଆନ୍ତି। ଚୋରର ଆଖି ଫିଟାଯିବା ପରେ ଚୋର ସେମାନଙ୍କୁ ଖୋଜି ବୁଲେ। ଚୋର ଲୁଚିଥିବା ପିଲାମାନଙ୍କୁ ଖୋଜୁଥିବା ସମୟରେ ସେମାନେ ଗୋଟି ଗୋଟି ହୋଇ ଚୋରକୁ ଲୁଚି ଲୁଚି ଆସି ବୁଢ଼ିଅଣୀକୁ ଛୁଇଁ ଦେଇ ଜିତନ୍ତି ହୁଅନ୍ତି। ସେମାନଙ୍କ ମଧ୍ୟରୁ ଯେଉଁ ପିଲା ବୁଢ଼ିଅଣୀକୁ ଛୁଇଁ ପକାଇବା ପୂର୍ବରୁ ଚୋରର ହାତରେ ପଡ଼ିଯାଏ, ସେହି ଦ୍ୱିତୀୟ 'ଚୋର' ହୁଏ ଏବଂ ସେ 'ଚୋର' ପ୍ରତି ପୁଣି ପୂର୍ବକଥିତ ବିଧି ଚଳେ।]

ଲୁଚ୍(ଚି, ଚୁ)କାଳି ଖେଳିବା—ଦେ. କି—୧। ଲୁଚକାଳି କ୍ରୀଡ଼ା କରିବା
Luch-(chi, chu)kāḷi kheḷibā—1. To play the
ल कोचूरी खेला game of hide and seek. ୨।
आंख मिचौनी खेलना ଜଣକୁ ଦେଖା ଦେଇ ଲୁଚିଯିବା ପୁଣି
लुकालुकी खेलना ଦେଖାଦେଇ ଲୁଚିଯିବା,ଏହିପରି କ୍ରମାନ୍ୱୟରେ ଗୁପ୍ତ ହେବା ଓ ଦୃଶ୍ୟ ହେବା—2. To alternately hide oneself from another's view and then appear to him.

ଲୁଚ(ଚୁ)ପୁଚ(ଚୁ) ହେବା—ଦେ. କି (ସଂ. ଲୁଳସଂଯୁକ୍ତ)—୧।
Luch-(chu)puch-(chu) hebā ଛଟପଟ ହେବା; ହାଇଁପାଇଁ
हाँफाई करा ହେବା; ଧକଧକ ହେବା; କୌଣସି କାର୍ଯ୍ୟ ବା
ललचाना, लुसपुस होना ବସ୍ତୁ ପ୍ରତି ଲାଳାୟିତ ହେବା—
भड़केंपा 1. To hanker after a thing ୨।
डरकेमारे कांपना ଭୟରେ କମ୍ପିବା—2. To tremble with
इतस्तत करा fear. ୩। ସନ୍ଦେହାକୁଳ ହୋଇ
लुसपुस होना ଇତସ୍ତତଃ ହେବା—3. To waver through doubt or indecision.

ଲୁଚ(ଚୁ) ପୁଚିଆ—ଦେ. ବଣ—୧। ଭୟାଳୁଭୟ;ଭୀତ—1. Coward; timid. ୨। ସନ୍ଦେହାକୁଳ—2. Suspicious. ୩। ଅସ୍ଥିର ମନା—3. Wavering; fickle. ୪। ପତଳା ଓ କୋମଳ (ଖାଦ୍ୟ)—4. Soft and thin (food).
Luch-(chu) puchiā · ভীতু কাযর · সন্দিগ্ধ शङ्की · [ଲୁଚ(ଚୁ)ପୁଚେଇ—ସ୍ତ୍ରୀ] · অস্থির झिमकनेवाला · পাকী पलपलहा

ଲୁଚା—ଦେ. ବ (ସଂ. ଲୁକ୍ ଧାତୁ)—୧। ଲୁଚିବା—1. Hiding oneself. ୨। ଲୁଚାଇବା—2.Concealing anything. ଦେ. ଅ—ଲୁଚାଏ (ଦେଖ)—Luchāe (See) ଦେ. ବଣ—୧। ଲୁଚା (ଦେଖ)—1. Luchhā (See) [ଭୂ—ଓହୋ। କାନ୍ଦୁଥିଲ ଦେଖିବା ପାଇଁ କ ପର ! କଳଙ୍କ ବେଢାଯା ଲୁଚା। ଉକାସ—ବନମାଳୀ।] ୨। ଗୁପ୍ତ—2. Hidden; concealed. ୩। ଅପ୍ରକାଶ୍ୟ—3. Secret.
Luchā · লুকা लुका · লোচ্চা लीच्चा · লুকান छिपा

ଲୁଚାଇ ଦେବା—ଦେ. କ୍ରି—(କୌଣସି ବସ୍ତୁକୁ) ଅଦୃଶ୍ୟ କରିଦେବା; ଲୁକ୍କାୟିତ କରିବା—To conceal; to hide.
Luchāi debā · লুকিয়ে দেওয়া लुका देना

ଲୁଚା(ଚେ)ଇବା—ଦେ. କ୍ରି (ସଂ. ଲୁକ୍ ଧାତୁ; ଲୁଚିବା କ୍ରିୟାର ଣିଜନ୍ତରୂପ)—୧। ଗୁପ୍ତ କରିବା; ଗୋପନ କରିବା—1. To conceal; to hide. [ଭୂ—ରେ। ଲୁଚାଇ ନଣ ଛଳେ। ଉପେନ୍ଦ୍ର• ପ୍ରେମସୁଧାନିଧି।] ୨। ଆବୃତ କରିବା; ଘୋଡ଼ାଇବା—2. To cover. (ଯଥା—ମେଘ ଚନ୍ଦ୍ରକୁ ଲୁଚାଇଛି।) ୩। ଅନ୍ୟର ଦୃଷ୍ଟି ପଥର ଅନ୍ତରାଳରେ ରଖିବା—3. To hide from another's view. (ଯଥା—ବାଘ ପର ଜନ୍ତୁ ଲୁଚାଇକରି ଖାଏ।) ୪। ବାହାରେ ପ୍ରକାଶ ନ କରିବା—4. Not to publish a matter. (ଯଥା—ପାପକୁ କେତେ ଦିନ ଲୁଚାଇବ?) ୫। ଲୋକଙ୍କୁ ଦେଖାଇ ନ ଦେବା—5. Not to allow persons to see. (ଯଥା—ନୂଆ ବୋହୂକୁ ଶାଶୁ ଆଉ କେତେଦିନ ଲୁଚାଇ ରଖିଲେ?)
Luchā(che)ibā · লুকান लुकाना

ଲୁଚା(ଚ୍ଚା, ଛା)ଏ(କ)—ଦେ. ବ• ଓ ବଣ—(ଅନାଦରାର୍ଥ) ଗୁଡ଼ାଏ—Many a. [ଦ୍ର—ଯେଉଁ ପରି ଗୁଡ଼ାଏ ଓ ଗୁଡ଼ାକର ଅନାଦରାର୍ଥକ ଅକାରଗୁଡ଼ାଏ ଓ ଗୁଡ଼ାକ, ସେହିପରି ଲୁଚାଏ ଓ ଲୁଚାକର ଅନାଦରାର୍ଥକ ଅକାର ଲୁଚାଏ ଓ ଲୁଚାକ।]
Luchā(chchā, chchhā)e(ka) · গুচ্ছের ढीठी

ଲୁଚା(ଚା)କୁ(କୋ)ଚା—ଦେ. ବଣ (ସଂ. ଲୁଞ୍ଚିତ କୁଞ୍ଚିତ)—୧। ସଙ୍କୁଚିତ—1. Contracted and curled. ୨। ଗୋଡ଼ ହାତ ସଙ୍କୁଚିତ କରିଥିବା; ପିଣ୍ଡୀକୃତଶରୀର—2. With the hands and legs contracted or drawn together. ୩। ଯାହାର ସମସ୍ତ ଅବୟବ ସଙ୍କୁଚିତ ହୋଇଥାଏ—3. Curled and contracted. (ଯଥା—ମୁଁ ଏକସ୍ଥାନରେ ୪ ଘଣ୍ଟା ବସିଥିବାରୁ ମୋ ଗୋଡ଼ ହାତ ଲୁଚାକୁଚା ହୋଇ ଗଲାଣି; ଜର ଲୁଗା ପୁରୁଣା ହୋଇଗଲେ ଲୁଚାକୁଚା ହୋଇ ଯାଏ।)
Luchā(chchā)ku(ko)chā · জড়সড়, কাঁচুমাচু · सिकुड़ाहुआ

ଲୁଚା ଚୋରା—ଦେ. ବଣ (ସହଚର)—୧। ଗୁପ୍ତ—1. Concealed. ୨। ସାଧାରଣରେ ଅପ୍ରକାଶିତ; ସାଧାରଣଙ୍କ ଦୃଷ୍ଟିର ଅଗୋଚର—2. Hidden from public view. ଦେ. ବ—ଗୋପନ କରିବା—Concealmentl
Luchā chorā · লুকাচোরা लुकाछिपा · [ଲୁଚାଚ(ଚୁ)ପା—ଅନ୍ୟରୂପ] · লুকোচুরি

ଲୁଚା ପ୍ରୀତି—ଦେ. ବ—ଗୁପ୍ତପ୍ରଣୟ; ଗୁପ୍ତପ୍ରୀତି—Secret love; making love in secret.
Luchā priti · গুপ্তপ্রেম छिपाहुआ प्रेम

ଲୁଚା(ଚ୍ଚା) ଲୁଙ୍ଗ(ଙ୍ଗୁ)ଡ଼ା(ରା)—ଦେ. ବଣ. ପୁଂ (ସହଚର)—ଲୋଚା ଲୁଙ୍ଗୁଡ଼ା (ଦେଖ)। Lochchā luṅgurdā (See)
Luchā(chchā) luṅg-(ṅgu)rdā(rā) · [ଲୁଚ(ଚ୍ଚା)ଲୁଙ୍ଗ(ଙ୍ଗୁ)ଡ଼ୀ(ରୀ)—ସ୍ତ୍ରୀ]

ଲୁଚାଲୁଚି—ଦେ. ବ (ସଂ. ଲୁକ୍ ଧାତୁ)—୧। ଅନ୍ୟୋନ୍ୟରେ ଲୁଚାଇବା କ୍ରିୟା—1. Act of mutuay concealing. ୨। ବହୁବସ୍ତୁ ଲୁଚାଇବା କର୍ମ—2. Concealment of many things. ଦେ. ବଣ (କରଥକ ସହଚର)—ଲୁକ୍କାୟିତ; ଲୁଚାହେବା—Concealed; hidden from view or public gaze. (ଯଥା—ଲୁଚା ଲୁଚି କାରବାର।)
Luchāluchi · লুকালুকি लुकालुकी

ଲୁଚି—ଦେ. ବ (ହି. ଲୋଚ୍ଚୀ; ସଂ. ଲୋଚକ=ମାଂସପିଣ୍ଡ; ଶ୍ଳକ୍ଷ୍ଣଚର୍ମ; ଭ୍ରୂଲଲାଟର ସଂ. ରୁଚ)—ମଇଦାରେ ପ୍ରଥମେ ଘିଅ (ମୟାନ) ଦେଇ ପରେ ପାଣି ମିଶାଇ ଚକଟି ପିଣ୍ଡ କରି ତାକୁ ପିଣ୍ଡୁକୁ ବେଲଣାରେ ଖୁବ୍ ପତଳାଭାବରେ ଗୋଲାକାର କରି ବେଲି ଘିଅରେ ଛାଣି ପ୍ରସ୍ତୁତ କରାଯିବା ପିଷ୍ଟକ; ପତଳା ପୁରି—Thin cakes made of flour and fried in ghee. [ଦ୍ର—ଏ ଶବ୍ଦ ବଙ୍ଗଦେଶରେ ବ୍ୟବହୃତ। ଅଧୁନା ପଶ୍ଚିମରେ ଓ ଓଡ଼ିଶାରେ ଏ ଶବ୍ଦ ବିଶେଷ ରୂପେ ଚଳି ନାହିଁ। ଅଟା ବା ସୁଜିକୁ ଚକଟି,ବେଲି ତାଅ ଉପରେ ସେକଲେ ତାହା ରୁଟି ହୁଏ। ତାକୁ ନ ସେକି ଘିଅରେ ଛାଣିଲେ ପୁରି ହୁଏ। ମଇଦା(ସୂକ୍ଷ୍ମଅଟା)କୁ ବେଲି ପୁରି ଅପେକ୍ଷା ପତଳାକରି ଘିଅରେ ଛାଣିଲେ ତାହା ଲୁଚି ହୁଏ। ଲୁଚି ପୁରିଠାରୁ ପତଳା ଓ କୋମଳ। ପୁରି ଓ ରୁଟିକୁ ବେଲିବା ପୂର୍ବରୁ ଅଟା ବା ମଇଦା ସଙ୍ଗେ ପାଣି ଗୋଳାଇ ଚକଟିବାକୁ ହୁଏ, କିନ୍ତୁ ମଇଦାକୁ
Luchi · লুচি; লুচী · लुचि, चुई

ଚକଟି ଲୁଚି ବେଲିବା ପୂର୍ବରୁ ଶୁଖିଲା ମଇଦା ସଙ୍ଗେ ସାମାନ୍ୟ ଘିଅ (ମୟାନ୍) ଗୋଳାଯାଏ ଏଥିରୁ ଭାଜିବାଯୋଗୁଁ ଲୁଚି ଫୁଲିଉଠେ ଓ ମସକା ହୁଏ । ଲୁଚି ଖୁବ୍ ପତଳା ଥିବାରୁ ବଙ୍ଗାଳୀମାନେ କାଗଜର ଦସ୍ତାପରି ୨୫ଖଣ୍ଡ ଲୁଚିକୁ ଏକଦସ୍ତା ଲୁଚି ବୋଲି କହନ୍ତି । ବୈଦ୍ୟଶାସ୍ତ୍ରରେ ଅଛି :—ସମିତାଯା ଘୃତାକ୍ତାୟା ଲୋପ୍ତ୍ରୀଂ କୃତ୍ୱାଚ ବେଲୟେତ୍ । ଅଙ୍ଗେଂଗାଂ ଭର୍ଜୟେତ୍ ସିଦ୍ଧାଂସ୍ପୁଲୀ ଫେନକା ଗୁଣା । ଅର୍ଥାତ୍ ଘୃତାକ୍ତ ମଇଦାକୁ ପାଣିରେ ଗୋଳ ତାକୁ ବେଲି ଲୁଚିକରି ଘିଅରେ ଭାଜିଲେ ତାହା ଶଷ୍କୁଲୀ ହୁଏ ଓ ତାହା ଫେନକା (ଖଜା) ପରି ଗୁଣକର । ଶଷ୍କୁଲୀ ଖାସ୍ତା ଲୁଚି ଅଟେ ।)

ଲୁଚଥା କୁଚଥା—ଦେ. ବିଣ—(ସଂ. ଲୁଣ୍ଠିତ କୁଣ୍ଠିତ)—ଲୋଚଥା
Luchiā kuchiā କୁଚଥା (ଦେଖ)—Lochiā kuchiā (See)

ଲୁଚିଏ(କ)—ଦେ. କ୍ରି. ଓ ବିଣ (ଆଦରସୂଚକ)—ଟିକିଏ—
Luchie(ka) किछू थोडा A small quantity.
(ଉ—ଶୁଣି ଭୂପତି ହେଲେ ତୁହିଁ ସବୁ ଲୁଚିଏ ଦେଲେ ଜେଇ । ଜଗନ୍ନାଥ—ଭାଗବତ) [ଦ୍ର. ଲୁଚିଏ ବସ୍ତୁର ପରିମାଣ ଓ ଅନାଦର ଓ ଲୁଚିଏ ଅଳ୍ପ ପରିମାଣ ଓ ଆଦର ସୂଚକ ।]

ଲୁଚି କା(କୁ)ଞ୍ଚି(ଛି) ହେବା—ଦେ. କ୍ରି—(ସଂ. ଲୁଞ୍ଚିତ କୁଞ୍ଚିତ)—୧ ।
Luchi kā(ku)chi(chhi) hebā କୁଞ୍ଚିତ ହେବା—
কাঙ্কু মাঙ্কু হওয়া জড় সড় হওয়া 1. To be curled.
सिकुडना ୨ । ସଙ୍କୁଚିତ ହେବା—2. To be contracted into a small compass.

ଲୁଚି ଛାଙ୍କି(ଣି)ବା—ଦେ. କ୍ରି—ବେଲି ହୋଇଥିବା ଲୁଚିକୁ କାଥି
Luchi chhāṅki(ṇi)bā ଉପରେ ଫୁଟୁଥିବା ଘିଅରେ ପକାଇ
লুচিছাঁকা, লুচিভাজা ସିଦ୍ଧ ହେବା ପରେ ତାହା ଉଠାଇ
लुचीछानना ଆଣିବା—To roast Luchi. [ଦ୍ର—
(ଲୁଚିଭାଜିବା—ଅନ୍ୟରୂପ) କଡ଼େଇରେ ବେଶି ଘିଅ ଥାଇ ଲୁଚି ତହିଁରେ ଭାସିବା ପରି ହେଲେ ତାକୁ ଛାଙ୍କିବା ବା ଛାଣିବା କହନ୍ତି ଓ ଅଳ୍ପ ଘିଅ ଥିଲେ ତାକୁ ଭାଜିବା କହନ୍ତି ।]

ଲୁଚି ପୁରି—ଦେ. ବି (ଏକାର୍ଥକ ସହଚର)—ଲୁଚିଆଦି—
Luchi puri लुचीपुरी লুচিটুচি Luchi etc.

ଲୁଚିବା—ଦେ. କ୍ରି.—(ସଂ. ଲୁକ୍ ଧାତୁ)—୧ । ଲୁକ୍କାୟିତ ହେବା;
Luchibā লুকান, লুকান ପ୍ରଚ୍ଛନ୍ନ ହେବା—1. To be
लुकना छिपना hidden or concealed. ୨ । ଦେଖା ନ ଯିବା; ଅଦୃଶ୍ୟ ହେବା—2. To be invisible; to disappear. ୩ । ଲୋପ ପ୍ରାପ୍ତ ହେବା—3. To be annihilated. ୪ । ଅନ୍ୟ ବ୍ୟକ୍ତିର ଦୃଷ୍ଟିରୁ ନିଜର ମୁହଁକୁ ଗୁପ୍ତ କରିବା—4. To hide one's face from the view of another [ଉ—ଲୁଚନ୍ତି । ଗୋଡ଼ ଦେଖନ୍ତି ଦଶନ୍ତି । ଢଗ ।] (ଦ୍ର—ଅବରୋଧ ପ୍ରଥା ଯୋଗୁଁ ସ୍ତ୍ରୀମାନେ ପୁରୁଷମାନଙ୍କୁ ଲୁଚନ୍ତି, ଅର୍ଥାତ ପୁରୁଷମାନଙ୍କ ଆଗରେ ଦେଖା ଦିଅନ୍ତି ନାହିଁ । ବିଶେଷତଃ ନବାଗତ ବଧୂମାନେ ଶ୍ୱଶୁ ମାନଙ୍କଛଡ଼ା ଅନ୍ୟ ସମସ୍ତଙ୍କୁ ପହିଲେ ପହିଲେ ଲୁଚନ୍ତି ଓ କ୍ରମେ ବଧୂମାନେ ପୁତ୍ର କନ୍ୟାଙ୍କର ଜନନୀ ହେବାପରେ ତାଙ୍କର ଏ ଲୁଚିବାର ମାତ୍ରା କେତେକ ପରିମାଣରେ କମିଯାଏ; ତଥାପି ସ୍ତ୍ରୀଲୋକ ମାନେ ଆପଣାର ଦେଢ଼ଶୁର, ମଉଳାଶୁର, ଭଉଣୀଜୋଇଁ, ମାନଙ୍କୁ ଚିରକାଳ ଲୁଚନ୍ତି; ଅର୍ଥାତ୍ ସେମାନଙ୍କ ସମ୍ମୁଖରେ ଆପଣାର ମୁହଁ ଦେଖାନ୍ତି ନାହିଁ । ଷଣ୍ଡିଆ ଓ କରଣମାନଙ୍କ ଘରେ କନ୍ୟା ଋତୁମତୀ ହେବାପରେ ଆପଣାର ପିତା ଓ ବଡ଼ ଭାଇଙ୍କୁ ମଧ୍ୟ ଲୁଚନ୍ତି ।] ୫ । ଲୁଛିବା (ଦେଖ) 5. Luchhibā (See)

ଲୁଚି ବେଲିବା—ଦେ. କ୍ରି—(ସଂ. ବେଲ,ବେଲ୍ଲ ଧାତୁ=ଚାଳନ କରିବା)
Luchi belibā ମଇଦାକୁ ପାଣିରେ ଗୋଳ ଚକଟି ପିଣ୍ଡମାନ
लुचीबेलना ତିଆରି କରି ସେହି ପେଣ୍ଡକୁ ପଟା ଉପରେ ପକାଇ
লুচিবেলা ବେଲଣା କାଠିଦ୍ୱାରା ପ୍ରସାରିତ କରିବା—To roll balls into thin sheets for preparing Luchi

ଲୁଚି ମିଠା(ଠେ)ଇ—ଦେ.ବି—(ସହଚର ଶବ୍ଦ)—(ସଂ. ଲୋପ୍ତ୍ରୀ,ମିଷ୍ଟାନ୍ନ)
Luchi miṭhā(ṭhe)i ଲୁଚି ଓ ତହିଁ ସଙ୍ଗେ ଖିଆ ଯିବା
লুচি সন্দেস, লুচিমণ্ডা ମିଷ୍ଟାନ୍ନ—Luchi accompanied
लुचिमिठाई with sweets.
[ଲୁଚି ଭାଜି,ଲୁଚି ତରକାରି
ଲୁଚି ମହନଭୋଗ, ଲୁଚି ସନ୍ଦେଶ]} —ଲୁଚି ସଙ୍ଗେ ବ୍ୟବହୃତ ଅନ୍ୟ ପ୍ରକାରର ଉପକରଣମାନ

ଲୁଚି ଯିବା—ଦେ. କ୍ରି.—୧ । ପ୍ରଥମେ ଦେଖା ଦେଇ ପରେ ଦୃଷ୍ଟି
Luchi jibā ପଥରୁ ଅନ୍ତର ହେବା—1. To hide one-
লুকিয়ে যাওয়া लुक जाना self or to disappear
(ଲୁଚି ହୋଇଯିବା—ଅନ୍ୟରୂପ) after once being seen
(ଉ—ଥରେ ଥରେ ଦେଖା ଦେଇଣ ଲୁଚି ଯିରୁ । କୃଷ୍ଣସିଂହ ମହାଭାରତ ବନ ।) ୨ । ସମ୍ପୂର୍ଣ୍ଣରୂପେ ଅଦୃଶ୍ୟ ହେବା—2. To be completely hidden from view. ୩ । ଲୁଛିବା (ଦେଖ)
3. Luchhibā (See)

ଲୁଚି ରହିବା—ଦେ. କ୍ରି—ଲୁକ୍କାୟିତ ହୋଇ କୌଣସି ସ୍ଥାନରେ କିଛି-
Luchi rahibā କାଳ ଅପେକ୍ଷା କରିବା—To lie hidden
লুকীয়েবসা for sometime; to be ambushed;
लुक रहना to lie hidden and in waiting.
(ଲୁଚି ବସିବା—ଅନ୍ୟରୂପ)

ଲୁଚା—ଦେ. ବିଣ (ସଂ. ଲୁକ୍ ଧାତୁ; ତୁଳ. ଇଂ. ଲେଚର୍=ଲମ୍ପଟ)—
Luchchā ୧ । ଲୋଚା; ଲମ୍ପଟ—1. Lecherous.
ଲୁଚାପଣ } libidinous. ୨ । ଚୋରକରିବା ସ୍ୱଭାବଯୁକ୍ତ—
ଲୁଚାପଣିଆ } 2. Thievish. ୩ । ଖେଚଡ଼ା; ଦୁଷ୍ଟ—
লোচ্চা लुच्चा 3. Wicked; wanton. ୪ । (ସଂ. ଲୁଞ୍ଚିତ) ଅକୁଞ୍ଚିତ; ସଙ୍କୁଚିତ—4. Contracted. ୫ । (ସଂ. ଲୁଞ୍ଚିତ) କୁଞ୍ଚିତ—5. Cured.

ଲୁଚା କୁ(କୋ)ଚା—ଦେ. ବ—ଲୁଚ୍‌କୁଚ୍ (ଦେଖ)
Luchcha ku(ko)chcha Luchakucha (See)

ଲୁଚା ଲୁଙ୍ଗ(ଙ୍ଗୁ)ଡ଼ା(ଗ୍ର)—ଦେ. ବଣ.ପୁଂ.(ସହଚର)—୧ । ଦୁଷ୍ଟ ଓ ନଷ୍ଟ-
Luchcha lung-(ngu)rda(ra) ଚରିତ୍ର—1. Wicked
লোচ্চানোঙ্গরা(ড়া) लुच्चा लुंगाड़ा and immoral.
[ଲୁଚ ଲୁଙ୍ଗ(ଙ୍ଗୁ)ଡ଼ୁଆ—ଅନ୍ୟରୂପ] ୨ । ଲମ୍ପଟ ଓ ଚୋର—
ଲୁଚ ଲୁଙ୍ଗ(ଙ୍ଗୁ)ଡ଼ୀ(ଗ୍ରୀ) } 2.Lecherous and thievish.
ଲୁଚାଲୁଙ୍ଗ(ଙ୍ଗୁ)ଡ଼େ(ରେ)ଇ } —ସ୍ତ୍ରୀ

ଲୁଛା(ଛେ)ଇବା—ଦେ.କ୍ରି—୧ । ଦୁଇ ପଦାର୍ଥକୁ ଗଢ଼ିବା;ତୁଳନା କରିବା.
Luchha(chhe)iba তুলনাকরা 1.To compare 2 things.
मिलाना;मुकाबला करना, रंगमाड़ता ୨ । ଅନ୍ୟ ନିମନ୍ତେ ଅଭିପ୍ରେତ ନୂଆ ବସ୍ତ୍ରକୁ ପ୍ରଥମେ ପରିଧାନ କରିବା;ବ୍ୟବହାର କରିବା—To wear a new cloth intended for another. [ବ୍ର—କେତେକ ବର୍ଣ୍ଣିମ୍ବାନ ଲୋକ ପ୍ରଥମେ ନୂଆ ଲୁଗାକୁ ପିନ୍ଧନ୍ତି ନାହିଁ, ତାକୁ ନୂଆ ଲୁଗାକୁ ଅନ୍ୟ ଜଣେ ବ୍ୟକ୍ତି (ଅପଣାର ପୁଅ, ଭାଇ ଇତ୍ୟାଦି) ତାକୁ ପ୍ରଥମେ 'ଲୁଛିବା' ପରେ ପ୍ରଥମୋକ୍ତ ବ୍ୟକ୍ତି ସେହି ଲୁଗାକୁ ପିନ୍ଧନ୍ତି ।]

ଲୁଛିବା—ଦେ. କ୍ରି (ସଂ. ସଙ୍କୁଚିତ)—୧ । ଲଜ୍ଜାଆଦି ଦ୍ୱାରା ସଙ୍କୁଚିତ
Luchhiba ହେବା—1. To be contracted through
ଲୁଛିଯିବା } ଅନ୍ୟରୂପ— shame or modesty.
ଲୁଛି ହେବା } [ଉ—ଲୁଛିଯାଉ ତାହାର ହୃଦପଣ,
জড়সড়হওয়া सिकुड़ना ମୋ ଜୀବନ ଜୀବନ ଧନ ପ୍ରାଣ—
ପ୍ରାଚୀ. ରହସ୍ୟମଞ୍ଜରୀ]—୨ । ଲଜ୍ଜିତ ହେବା—
লজ্জিতহওয়া शरमाना 2. To be ashamed; to become crestfallen; to blush; to be
মরেযাওয়া लट्टू होना modest. ୩ । ଅନ୍ୟର ଶୋଭାଆଦିଦ୍ୱାରା ମୁଗ୍ଧ ହେବା—3. To be charmed with another's beauty. ୪ । କୌଣସି ବ୍ୟକ୍ତିଠାରେ ବା ବିଷୟରେ ସମ୍ପୂର୍ଣ୍ଣରୂପେ ଆସକ୍ତ ହେବା—4.To be completely attached to a matter,
মরেযাওয়া मरजाना thing or person. ୫ । ଦୁଃଖରେ ଅଭିଭୂତ ହୋଇପଡ଼ିବା—5. To be overwhelmed with grief. [ଉ—ଲୁଛି ହୋଇଯିବ ଉଠ ମୋ ବାପା—
মিলেযাওয়া मिलना ପ୍ରାଚୀ. ରହସ୍ୟମଞ୍ଜରୀ ।] ୬ । ଅନ୍ୟ ବୋଉଁ ସଙ୍ଗେ ରୂପ, ଗୁଣ ଓ ଆକାର ଆଦିରେ ସମ୍ପୂର୍ଣ୍ଣରୂପେ ସମାନ ହେବା—6.To coincide with another; to fit in with a thing; to fully tally. [ଯଥା—ଏ ଅଳଙ୍କାରଗୁଡ଼ିକ ବୋହୂ ଦେହକୁ ଲୁଛି ଯାଇଛି ।]

ଲୁଛି ଯାଏଁ—ଦେ. ଅ (ଶିଶୁ ଆଦିଙ୍କ ରୂପ ଗୁଣାଦିରେ ମୁଗ୍ଧ ହୋଇଯିବା
Luchhi jaen ବୟସ୍କମାନଙ୍କର ସମ୍ବୋଧନବାକ୍ୟ)-ଅହା ! ମୁଁ
মরেযাই बाहबाह ମରିଯାଏଁଟି ।

ଲୁଛିଲା(କା)ଛି ହେବା—ଦେ. କ୍ରି—ଲୁଚକାଛି ହେବା (ଦେଖ)
Luchhila(ka)chhi heba Luchikachi heba (See)
[ଲୁଛିଲୁଛି ହେବା—ଅନ୍ୟରୂପ]

ଲୁଞ୍ଚ(ଧାତୁ)—ସଂ.—୧ । ଛିଣ୍ଡାଇପକାଇବା—1. To tear off; to
Lunch(root) pluck out. ୨ । ପରିତ୍ୟାଗକରିବା—
[ଲୁଂଚ୍ ଧାତୁ—ଅନ୍ୟରୂପ] 2.To abandon;to relinquish. ୩ । କାଟିବା—3.To cut down. ୪ । ଜୋରପୂର୍ବକ ଉପାଡ଼ିବା—4. To uproot with force; to pull out. ୫ । ଚୋପା ଛଡ଼ାଇବା—To peel (Apte)

ଲୁଞ୍ଚନ—ସଂ. ବି. (ଲୁଞ୍ଚ ଧାତୁ+ଭାବ. ଅନ)—୧ । ଅଙ୍ଗଠାରେ ଧରି
Lunchana ବଳପୂର୍ବକ ଉତ୍ପାଟନ କରିବା (ହି. ଶ)—
1. Uprooting with force. ୨ । କାଟିବା; କର୍ତ୍ତନ—2. Cutting. ୩ । ଛିଣ୍ଡାଇବା—3. Tearing off; plucking. ୪ । ଚୋପା ଛଡ଼ାଇବା 4. Peeling off.

ଲୁଞ୍ଚିତ—ସଂ. ବି (ଲୁଞ୍ଚ ଧାତୁ+କର୍ମ ତ)—୧ । ଛିନ୍ନ; ଛିଦ୍ରିତ—
Lunchita 1. Torn to pieces; perforated. ୨ । ପରିତ୍ୟକ୍ତ—2.Abandoned; relinquished. ୩ । ଭିନ୍ନ—3. Separated. ୪ । କର୍ତ୍ତିତ; ଲୂନ—4. Cut off. ୫ । ଉତ୍ପାଟିତ—5. Uprooted; plucked. ୬ । ଚୋପା ଛଡ଼ାଯାଇଥିବା—6. Peeled.

ଲୁଟ୍(ଠ) (ଧାତୁ)—ସଂ.—୧ । ଭୂମିରେ ଗଡ଼ିବା—1. To roll
Lut(th)(root) on the ground; to wallow, to welter. ୨ । ଲୁଟକରିବା; ଡକାଇତି କରିବା—To rob; to plunder (Apte) ୩ । ବାଧା ଦେବା—3. To resist; to oppose;to impede (Apte). ୪ । ଉଜ୍ଜ୍ୱଳ ହେବା—4. To shine (Apte). ୫ । ଦୁଃଖ ପାଇବା—5. To suffer pain (Apte). ୬ । କହିବା—6. To speak (Apte). ୭ । ଆନ୍ଦୋଳନ କରିବା—7. To agitate(Apte). ୮ । ଇତସ୍ତତଃ ହେବା; ଚଳିବା; ଚଳଚଳ ହେବା— 8. To move; to stir (Apte).

ଲୁଟ(ଠ)—ଦେ. ବ (ସଂ. ଲୁଣ୍ଠ ଧାତୁ)—ଲୁଟ; ବହୁବ୍ୟକ୍ତିଙ୍କ ଦ୍ୱାରା
Lut(th) ଦ୍ରବ୍ୟ ଅପହରଣ; ଡକାଇତି—Looting;
লুট लुट robbery; dacoity;theft accompanied by the use of force.

ଲୁଟ୍ କରା(ରେ)ଇବା—ଦେ.କ୍ରି—ଲୁଟାଇବା (ଦେଖ)
Lut kara(re)ibba Lutaiba (See)

ଲୁଟ୍ କରିବା—ଦେ. କ୍ରି—ଦ୍ରବ୍ୟାଦି ବଳପୂର୍ବକ ଅପହରଣ କରିବା—
Lut kariba লুটকরা लुटकरना To loot; to plunder

ଲୁଟ୍(ଟୁ)କୁ(ଖ,ଘୁ)ଟ୍(ଟ)—ଦେ. ବ (ସଂ.ନଟ ଓ କୁଟ) ନଟକୂଟ (ଦେଖ)
Lut(tu)ku(khu, ghu)t(tu) Natakuta (See)

ଲୁଠ୍(ଠୁ)କୁ(ଖୁ,ଘୁ)ଟିଆ—ଦେ. ବଣ. [ପୁଂ—ନଃ] କୁଟିଆ (ଦେଖ)
Luṭ(ṭu)ku(khu,ghu)ṭiā Naṭakuṭiā (See)
[ଲୁଠ୍(ଠ)କୁ(ଖୁ,ଘୁ)ଟେଇ—ସ୍ତ୍ରୀ]

ଲୁଠ୍ ତରଜ(ଜୁ)—ଦେ. ବ (ଏକାର୍ଥକ ସହଚର) (ସଂ. ଲୁଣ୍ଠନ+ଫା.
Luṭ tarāja(ju) ତରାଜ୍=ଧ୍ୱଂସ)—୧ । କୌଣସି ସ୍ଥାନ
(ଲୁଠ୍‌ପାଠ୍—ଅନ୍ୟରୂପ) (ଯଥା—ଦୋକାନ, ହାଟ, ଗୃହ)ର
लूटपाट, लूटतराज ସମସ୍ତ ଧନ ଦ୍ରବ୍ୟ ବହୁଲୋକଙ୍କ ଦ୍ୱାରା
लुटपाट, लुटखूँद, लुटमार ଅତ୍ୟାଚାର ଓ ବଳପ୍ରୟୋଗପୂର୍ବକ ଲୁଣ୍ଠନ; ଡକାଇତି—Plunder; rapine; dacoity; forcible removal of everything from a place by many people accompanied with violence. [ଉ—ସାହେବ ସବୁ ହୁକୁମ ଦେଇଛନ୍ତି ଯେ କେହି କୋଉଁଠି ଲୁଠ୍‌ପାଠ୍ କରିବେ ନାହିଁ । ଉତ୍କଳ. ବାଟକ ବିଜୟ ।]

ଲୁଠ୍‌ପୁଠ୍—ପ୍ରାଦେ (ସମ୍ବଲପୁର) ବଣ—ଲଟେଇ ପଟେଇ (ଦେଖ)
Luṭ-puṭ Laṭei paṭei (See)

ଲୁଠ(ଠୁ)ଣି—ଦେ. ବ ଓ ବଣ—ଲୋଟଣି (ଦେଖ)
Luṭa(ṭu)ṇi Loṭaṇi (See)

ଲୁଟା—ଦେ. ବ.—(ସଂ. ଲୁଣ୍ଠ୍ ଧାତୁ)—ଦ୍ରବ୍ୟ ଲୁଣ୍ଠନ କ୍ରିୟା;
Luṭā ଡକେଇତି—Dacoity. ପ୍ରାଦେ (ବାଲେଶ୍ୱର)ବ ଲୋଟା
लूट लूटना (ଦେଖ)—Loṭā (See)

ଲୁଠା(ଠା)ଇବା—ଦେ. କି (ସଂ. ଲୁଠ୍, ଲୁଠ୍, ଲୁଣ୍ଠ ଧାତୁ; ଲୁଟିବାର
Luṭā(ṭhā)ibā ଣିଜନ୍ତରୂପ)—୧ । ଅନ୍ୟମାନଙ୍କ ଦ୍ୱାରା
लूटकरान କୌଣସି ବ୍ୟକ୍ତିର ଧନ ଦ୍ରବ୍ୟାଦି ଲୁଣ୍ଠିତ କରାଇବା
लुटवाना —1. To cause others to loot a
(ଲୁଠାଇ ଦେବା—ଅନ୍ୟରୂପ) person's property. ୨ ।
लूटिए देओया (ଲକ୍ଷଣାର୍ଥ)—ଅପବ୍ୟୟିତ କରିବା—2. (fig)
लुटाना To waste; squander. [ଉ—ତା
लूटान ଗଚ୍ଛାଇତ ଗଚ୍ଛାଘରକୁ ଲୁଠାଇ । କୃଷ୍ଣସିଂହ.
लोटाना ମହାଭାରତ. ବନ ।] ୩ । (ଅନ୍ୟ ବ୍ୟକ୍ତି ବା ବସ୍ତୁକୁ) ଭୂମିରେ ଲୁଣ୍ଠିତ କରାଇବା—3. To cause to roll or wallow on the ground. [ଉ—ଧରାରେ ତରୁଣ ଶିର ଅଙ୍ଗ ବଣ ଲୁଠାଇଲେ ନ ପଚାରିବାର । କବିସୂର୍ଯ୍ୟ. ସଙ୍ଗୀତ ।]

ଲୁଠାଲୁଟି—ଦେ. ବ (ସହଚର)—୧ । ଲୁଠ୍ ତରାଜ (ଦେଖ)—
Luṭāluṭi 1. Luṭ tarāja (See). ୨ । ବହୁବ୍ୟକ୍ତି
लूटालूटि ଭୂମିରେ ଗଡ଼ାଗଡ଼ି ହେବା—2. Many people
लुटपाट गड़ागड़ि rolling on the ground.
लोटालोटी

ଲୁଟି—ଦେ. ବ (ସଂ.ଲୁଣ୍ଠନ)—୧ । ଦ୍ରବ୍ୟାଦିର ଲୁଣ୍ଠନ; ଡକାଇତି—
Luṭi 1. Looting; dacoity; plunder; rapine.
लूट ୨ । ଲଟେଇ; ସୂତା ଗୁଡ଼ିଆ ହେବାର ଯନ୍ତ୍ର—2. A
लूटि contrivance or reel for winding thread
नाटाइ [ଉ—ଅରେ ଗୁଣ୍ଡିଆଗୁଣ୍ଡିଲେ ବୁଢ଼ି ! ତୋ ସୁତା ଲୁଟି
रील କାହିଁ, ସୁତା ଲୁଟି ନାହିଁରେ ବୁଢ଼ା ! କହି ହାଟକୁ ଯାଇ ।
लुटी ଅଟେ ଗୀତ ।] ସୁତା ଗୁଡ଼ା ହୋଇଥିବା ଗୋଲାକ—
पेचक 3. A skein or ball of thread.

ଲୁଟିଆ—ଦେ. ବ—ଲୁଣ୍ଠନକାରୀ; ବଳ ଓ ଅତ୍ୟାଚାର ପୂର୍ବକ ଦ୍ରବ୍ୟ
Luṭiā ଅପହରଣକାରୀ ବ୍ୟକ୍ତି; ଡକେଇତ—Plun-
लूटेरा, लूटेरु, लूटेल derer; freebooter; dacoit;
लूटेरा robber. [ଉ—ବସନ ଲୁଟିଆ, ରସବଚୋରିଆ
[ଲୁଟିଆରି(ଳି)—ଅନ୍ୟରୂପ] ରସରେ ନ ଥିଲେ ରସି । କବିସୂର୍ଯ୍ୟ—ସଙ୍ଗୀତ ।] ପ୍ରାଦେ (ଯାଜପୁର ଓ ବାଲେଶ୍ୱର ଅଡ଼ ଅଞ୍ଚଳ) ବ—ଲୋଟିଆ; ଘୋଟଣାଳ—
A small water-pot of metal.

ଲୁଟି କରିବା—ଦେ. କି—୧ । ଦ୍ରବ୍ୟାଦି ବଳପୂର୍ବକ ଅପହରଣ କରିବା
Luṭi karibā —1. To loot; to plunder; to
लूटकरा, लूटेनेओया commit dacoity. [ଉ—ଯେ
लूट करना(लेना) ପୁଣି କପଟେ ଲୁଟ ନଖ ଛଟେ ଲୁଚଇ
(ଲୁଟିନେବା—ଅନ୍ୟରୂପ) ପାଲଟା ବାସ ଗୋ । କବିସୂର୍ଯ୍ୟ. ସଙ୍ଗୀତ ।] ୨ । (ଲକ୍ଷଣାର୍ଥ) ଲୋପ କରିବା—
2. (figurative) To destroy. [ଉ—ଜ୍ଞାନ ଘର ଗୋଟିକ କରିଦେଲ ଲୁଟି । କୃଷ୍ଣସିଂହ. ମହାଭାରତ ସଭା ।]

ଲୁଟିକାଠା—ଦେ. ପ୍ରାଦେ (ଗଞ୍ଜାମ; ତେ.)—ଯାତ୍ରାକାଳୀନ ସଙ୍ଗରେ
Luṭikāṭā ନଅଯିବା ଆବଶ୍ୟକ ଜିନିଷ; ପଥିକର ପାଖରେ ଥିବା
ଜିନିଷ ପତ୍ର—Luggage; bag and baggage.

ଲୁଟି ତରଜ(ଜୁ)—ଦେ. ବ—ଲୁଠ୍ ତରଜ (ଦେଖ)
Luṭi tarāja(ju) Luṭ tarāja (See)
(ଲୁଟିପାଟ—ଅନ୍ୟରୂପ)

ଲୁଟି ପଡ଼ିବା—ଦେ. ବ—କୌଣସି ସ୍ଥାନରେ ଦ୍ରବ୍ୟାଦିର ଲୁଣ୍ଠନ କ୍ରିୟା;
Luṭi paṛibā ଲୁଣ୍ଠନ ଘଟିବା—Promiscuous
लूटपड़ा, लूटहओया looting or plunder taking
लूटपड़ना place; a state of plunder and confusion. (ଯଥା—ଏତେ ଲୋକ ଏଠି ଜମା ହୋଇଛ, ଏଠାରେ କଅଣ ଲୁଟି ପଡ଼ିଛି କି ?)

ଲୁଟିପା(ଲା)ଟି ନେବା—ଦେ. କି—କୌଣସି ସ୍ଥାନରୁ ସମସ୍ତ ଦ୍ରବ୍ୟ
Luṭipā(lā)ṭi nebā ବଳପୂର୍ବକ ଓ ନିଃଶେଷ କରି ଅପହରଣ
लूटपाटकरे नेओया; କରିବା—To plunder and sack
लूटेपुटे नेओया everything from a place.
लूटपाट लेना

ଲୁଟିପିଟି ନେବା—ଦେ. କି (ସହଚର)—ମନୁଷ୍ୟମାନଙ୍କୁ ପ୍ରହାର
Luṭipiṭi nebā କରି ସମସ୍ତ ପଦାର୍ଥ ଲୁଣ୍ଠନ କରିବା—
लूटेपिटे नेओयाol To loot away everything by
टमार लेना assaulting the people.

ଲୁଟି(ଠି)ବା—ଦେ. କ୍ରି (ସ. ଲୁଟ୍ ଧାତୁ)—୧ । ଦ୍ରବ୍ୟାଦି ଲୁଣ୍ଠନ କରିବା—1. To plunder; to loot
Luṭi(ṭhi)bā
ଲୁଟକରା
ଲୁଟନା
ଗଡ଼ା
ଲୋଟନା
ଲୁଟେ ନେଓୟା
ଲୁଟନା
[ଉ—ଗଲେ ହେଲେ ତାହି ମହତ୍ତ୍ୱ ସମ୍ପତ୍ତିଙ୍କି ଲୁଟି ଲୁଟି ଯାଇ । କବିସୂର୍ଯ୍ୟ. ସଙ୍ଗୀତ ।] ୨ । ଭୂମିରେ ଲୁଣ୍ଠିତ ହେବା—2. To roll or wallow on the ground; to welter. [ଉ—ଦେବ-ରାଜଙ୍କ ପାଦତଳରେ ଲୁଟିଲେ । କୃଷ୍ଣସିଂହ. ମହାଭାରତ. ବନ ।] ୩ । (ଲକ୍ଷଣାର୍ଥ) ପୂର୍ଣ୍ଣରୂପେ ଉପଭୋଗ କରିବା—3. (figurative) To enjoy to the fill. [ଉ—ଲଗାଇଛ ହଟ ଯେଉଁ ରସରେ, ଲୁଟିବ ଦିଶା ତାଇ ପ୍ରଦୋଷରେ । କବିସୂର୍ଯ୍ୟ. କଳୋଶୋଗଣ୍ଡ ଲ. ଗୀତ ।] ପ୍ରାଦେ॰ (ସମ୍ବଲପୁର) କ୍ରି—କୌଣସି ବ୍ୟକ୍ତିଠାରୁ କୌଣସି ପଦାର୍ଥ ଜବରଦସ୍ତି ଛଡ଼ାଇ ନେବା —To forcibly snatch away a thing from a person.

ଲୁଠ୍ (ଧାତୁ)—ସ.—୧ । ଭୂମିରେ ଗଡ଼ିବା; ଲୋଟିବା—
Luṭh (root) 1. To wallow or roll on the ground. ୨ । ଡକାଇତି କରିବା—2. To rob; to plunder (Apte ୩ । ଜୋରରେ ଭୂମିରେ ପକାଇ ଦେବା—3. To knock down (Apte). ୪ । ଗତି କରିବା—4. To go; to move (Apte). ୫ । ବାଧା ଦେବା—5. To resist; to oppose (Apte). ୬ । ଆନ୍ଦୋଳନ କରିବା—6. To agitate (Apte). ୭ । ହଲଚଲ ହେବା—7. To stir (Apte).

ଲୁଠ୍ (ଇତ୍ୟାଦି)—ଦେ. ବି.—ଲୁଟ୍ ଇତ୍ୟାଦି (ଦେଖ)
Luṭh (etc) Luṭ etc (See)
[ଉ—ଗୋଟାଏ ଲୁଠ୍ ତସ୍କର ମାମଲା ରୁଜୁ ହେବାର ଖୁବ୍ ସମ୍ଭାବନା ଥିଲା । ଫକୀରମୋହନ. ଛମାଣ ଆଠଗୁଣ୍ଠ ।]

ଲୁଠନ—ସ. ବି.—(ଲୁଠ୍ ଧାତୁ + ଭାବ. ଅନ)—ଭୂମିରେ ଗଡ଼ିବା—
Luṭhana Rolling on the ground

ଲୁଠିତ—ସ. ବିଣ. (ଲୁଠ୍ ଧାତୁ + କର୍ତ୍ତୃ. ତ)—୧ । ଭୂମିରେ ଲୁଣ୍ଠିତ; ଭୂମିରେ ଗଡ଼ୁଥିବା—1. Wallowing; rolling on the ground. ୨ । (+ କର୍ମ. ତ)—ବଳପୂର୍ବକ ଅପହୃତ—2. Looted; plundered.
Luṭhita

ଲୁଡ୍ (ଧାତୁ)—ସ.—୧ । ମନ୍ଥନ କରିବା—1. To churn.
Luṛd(root) ୨ । ଆନ୍ଦୋଳନ କରିବା—2. To agitate. ୩ । ଲାଗିବା—3. To adhere (Apte). ୪ । ଘୋଡ଼ାଇବା—4. To cover (Apte).

ଲୁଡୁ(ଡ଼ୁ)କା(କି)— ଦେ. ବି—(ସ. ଲୁଲ୍ ଧାତୁ; କମ୍ବା ଲୁଡ୍ ଧାତୁ)—
Luṛd(ṛdu)kā(ki) ନୁଡୁକା; ସ୍ତ୍ରୀଲୋକମାନଙ୍କର କାନର ଝୁଲକ୍, ନୋଲକ୍, ଝୁଲକୀ ଉପର ଭାଗରେ ଛିଦ୍ର କରାଯାଇ ତହିଁରେ ଓ ନାକର ଛିଦ୍ରରେ ଗଳଥିବା ଫାଶିଆ ଓ ଉକ୍ତ ଫାଶିଆରୁ ଝୁଲୁଥିବା ଝୁଲ ବା ପେଣ୍ଡୀ—A pendant attached to a ring which is put into a bore on the upper part of the ear or in the septum of the nose. ଦେ॰ ବିଣ.—୧ । ନଡ଼ନଡ଼ିଆ; ଶ୍ଳଥ—1. Slackened. ୨ । ଶ୍ଳଥଭାବରେ ଝୁଲୁଥିବା—2. Hanging loosely. [ଦ୍ର—ଲଡ଼ୁକା ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୋଇ ବିଶେଷଣରେ ହାତଲଡ଼ୁକା (ଯାହାର ହାତ ଝୁଲୁଥାଏ) ଓ କାନ ଲଡ଼ୁକା(ଯାହାର କାନ ଝୁଲୁଥାଏ);ଓ ବିଶେଷ୍ୟରେ କାନ ଲଡ଼ୁକା(କାନର ଉପର ଭାଗରେ ଛିଦ୍ର ମଧ୍ୟ ଦେଇ ଝୁଲୁଥିବା ଅଳଙ୍କାର ବିଶେଷ) ଅର୍ଥ ଶବ୍ଦ ହୁଏ ।]
ଝୁଁପା ଝୁନକା
ନଡ଼ନଡ଼େ
ଲଡଲଡ

ଲୁଡ଼ୁ(ଡ୍ରୁ)ବୁ(ଲୁ)ଡ଼ୁ(ଡ୍ରୁ)—ଦେ. ଅ (ସ. ଲୁଲ କମ୍ବା ଲଡ୍ ଧାତୁ)
Luṛd-(ṛdu)bu(lu)ṛd(ṛdu) ନଡ଼ବଡ଼ (ଦେଖ)—Naṛdabaṛda (See) [ଉ—ବାହୁମାନଙ୍କରେ ଯେ ସାପମାନେ ଖଡ଼୍ଗ ହୋଇ ହେଉଛନ୍ତି ସ୍ୱଜନ୍ ଲୁଡୁବୁଡୁ କୃଷ୍ଣସିଂହ ମହାଭା‚ତ ଶଲ୍ୟ ।]

ଲୁଡ଼(ଡ୍ରୁ)ବୁଡ଼ି—ଦେ. ବିଣ—ନଡ଼ବଡ଼ି (ଦେଖ)
Luṛd-(ṛdu)bu(lu)ṛdi Naṛdabaṛdi (See)

ଲୁଡ଼(ଡ୍ରୁ)ବୁ(ଲୁ)ଡ଼ିଆ—ଦେ. ଅ—ନଡ଼ନଡ଼ (ଦେଖ)—
Luṛd(ṛdu)lbuṛdiā Naṛda naṛda (See)
ଦେ. ବିଣ—ନଡ଼ବଡ଼ି (ଦେଖ)—Naṛdabaṛdi (See)

ଲୁଡ(ଡୋ)—ବୈଦେ. ବି—ଏକପ୍ରକାର ବିଦେଶୀ ଖେଳ—
Luḍa(ḍo) An indoor game on a board; ludo.
ଲୁଡ଼େ ଲୁଡୋ
[ଦ୍ର—ଚୌକୋଣିଆ ଗୋଟିଏ ପଟାଉପରେ ଧଳା ପାଲପର ବିଭିନ୍ନ ବର୍ଣ୍ଣର ଛୋଟ ଛୋଟ ଚତୁଷ୍କୋଣିଆ ଘରମାନ କଟା ଯାଇଥାଏ । ଏଥିରେ ୪ ଜଣ ଖେଳାଳି ଖେଳନ୍ତି; ଗୋଟିଏ ଛୋଟ ସମଚତୁଷ୍କୋଣ କାଷ୍ଠଫଳକକୁ (ଯହିଁରେ ୪ ପାଖରେ ଭିନ୍ନଭିନ୍ନ ସଂଖ୍ୟକ ଠୋପି ଦିଆଯାଇଥାଏ ତାକୁ) ଖେଳାଳିମାନେ ଗୋଟିଏ କାଠର ଖୋଳରେ ପୁରାଇ ହାତରେ ଧରି ତାକୁ ହଲାଇ ଦେଇ ଭୂମିରେ ପକାନ୍ତି ଓ ଫଳକର ଯେଉଁ ପାଖ ଉପରକୁ ହୋଇ ଭୂମିରେ ପଡ଼େ, ସେହି ପାଖରେ ଅଙ୍କିତ ଚିହ୍ନର ସଂଖ୍ୟା ଅନୁସାରେ ଭିନ୍ନ ଭିନ୍ନ ଖେଳାଳିଙ୍କ ଗୋଟିମାନ ଚଳେ । ଏ ଖେଳ ବିଦେଶରୁ(ସମ୍ଭବତଃ ଚୀନ ବା ଜାପାନରୁ) ଆମ ଦେଶକୁ ଆସିଅଛି ।]

ଲୁଡା(ଢା)—ପ୍ରାଦେ(ସମ୍ବଲପୁର,ଗଡ଼ଜାତ) ବି (ସ.ଅଲୋଡ଼ନ;ହି.ଲୋଢ଼ା
Luṛdā(ṛdhā) ତୁଳ. ବ॰ ନୋଢ଼ା)—ଶିଳପୁଅ—Pestle-stone.

ଲୁଡୁର ଲଇ—ପ୍ରାଦେ (ଗଡ଼ଜାତ) ବି (ସ॰ ଲୁଳତଳତା)-ପହିଲି
Luṛdura lai ଅଷାଢ଼ବେଳେ ଭୂଇଁରେ ଥିବା ତେଲରୁ ଗଛା ବାହାର ପଥର ଓ ଗଛ ଉପରେ ମାଡ଼ିବା ବନ୍ୟ

ଲତାବିଶେଷ; କାଣ୍ଡି କାଣ୍ଡିଅ ଦେଖ)—A wild
(ଲୁଡ଼ରୁ, ଲୁଡ଼ରୁ—ଗଡ଼ଜାତ ଅଞ୍ଚଳରୂପ) creeper.
[ଦ୍ର—ଏ ଲତାର ଅଗ ବା ଡଙ୍କ ଅତି କୋମଳ ଓ ଲଡ଼ଲଡ଼ିକା; ଏଣୁ ଏହି ନାମ; ଡଙ୍କ ଶଗ, ମାଛ ପୋଡ଼ା ଓ ଅମ୍ବିଲ ଭଅଣରେ ପଡ଼େ । ଏହି ଡଙ୍କ ଉପରେ ଥିବା ଅତି ପତଳା ଚୋପାକୁ କାଢ଼ି ଏଥିର ସବୁ ଭଅଣ କରନ୍ତି ।]

ଲୁଣ—ଦେ. ବି. (ସଂ. ଲବଣ; ପ୍ରା. ଲୋଣ)—ଲବଣ; ଖଣି ଓ
Luṇa ନୁନ୍ ସମୁଦ୍ରରୁ ଜାତ କ୍ଷାର ରସଯୁକ୍ତ ଦ୍ରବ୍ୟ—Salt.
निमक, रामरस, नून, लून ମ. ମୀଠ
[ଦ୍ର—ଲୁଣର ପ୍ରଧାନ ଉତ୍ପତ୍ତି ସ୍ଥାନ ସମୁଦ୍ର; ଏହା ମଧ୍ୟ ଖଣିରୁ ମିଳେ ଓ ରାଜପୁତାନାର ସମ୍ବର ଆଦି କେତେକ ହ୍ରଦରୁ ମିଳେ । କେତେକ ଉଦ୍ଭିଦର ପାଉଁଶରୁ ମଧ୍ୟ ଲୁଣ ବାହାରେ ଓ କେତେକ ସ୍ଥଳରେ ମାଟି ଉପରେ ଲୁଣର ସ୍ତର ପଡ଼ିଥାଏ । ଲୁଣ ଅତି ସହଜରେ ଜଳସଙ୍ଗେ ମିଳାଇ ଯାଏ ଏବଂ ବାୟୁରୁ ଜଳ ଗ୍ରହଣ କରିବାର ଶକ୍ତି ଲୁଣର ଅଛି; ଏଥିପାଇଁ ଲୁଣ ସମ୍ବନ୍ଧେ ନାଆଁଦିଅ (ପ୍ରହେଳିକା) ଅଛି । "ହୁଲ ଚଢ଼େଇ । ହୁଲକ ପାଣିରେ ବୁଡ଼ି ମରଇ" । କାନ୍ଥ ଆଦିରେ ଲୁଣ ପାଣି ବା ଲୁଣି ହାଉଅ ଲାଗିଲେ ସେ କାନ୍ଥରୁ ମାଟି ଓ ଚୂନ ଆଦି ଝୁରୁଝୁରୁ ହୋଇ ଝଡ଼ିପଡ଼େ ।
ଲୁଣ ଅନେକ ପ୍ରକାର ଅଛି ଯଥା—କରକଚଲୁଣ,ପଙ୍ଗା ଲୁଣ, ଚଟଲୁଣ, ସଇନ୍ଧବ ଲୁଣ, ଫୁଲ ଲୁଣ; ଖାମ୍ବସ ଲୁଣ ସର ବା ଝଡ଼ଲ ଲୁଣ ଓ ଖାଡ଼ି (ରି)ଲୁଣ ।]

ଲୁଣ କାଠୁଆ—ଦେ. ବି.—କାଠର ବେଣ୍ଟ ଲଗା ଯେଉଁ ଛୋଟ ଅଧାରରେ
Luṇa kāṭhuā ରୋଷାଇର ପାକଶାଳାରେ ଆବଶ୍ୟକ ଲୁଣ
নুনের কেঠো ରଖାଯାଏ—A wooden receptacle with
नुनका डोरिया a handle for keeping the salt required for cooking.

ଲୁଣ କୋଳି (ସଂ. ଲୋଣୀ) ଲୁଣଲୁଣିଆ ଗୁଳ୍ମର କୋଳି—
Luṇa koli Berry of Suaeda Fruticosa plant.
নুনেশাকেরফল **लुनुककाफल** [ଦ୍ର—ଏ କୋଳି ପାଚିଲେ ହଳଦିଆ ହୁଏ ଓ ଖାଇବାକୁ ଈଷତ୍ ଲବଣାକ୍ତ ଲାଗେ ।]

ଲୁଣ ଖାଇ—ଦେ. ବି. (ଘିଅ ସଙ୍ଗେ ଖାଇବାପାଇଁ ଏ ପାତ୍ରରେ ଲୁଣ ବଢ଼ା
Luṇa khāi ହେବାରୁ)—ଏକପ୍ରକାର ଛୋଟ ରେକାବି ବା ଥାଳିଆ-
নুনখাবার রেকাবী **रिकाबी** A small plate.

ଲୁଣ ଖାଇ ଗୁଣ ଗାଇବା—ଦେ. ବାକ୍ୟ—୧ । ପ୍ରତ୍ୟୁପକାର କରିବା—
Luṇa khāi guṇa gāibā 1. To do good to
নুনখেয়েগুনগাওয়া **नूनखाकरगुनगाना** a person in return for a favour shown. ୨ । କୃତଜ୍ଞତା ପ୍ରକାଶ କରିବା—2. To express gratitude.

ଲୁଣ ଖାଇବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କ ଅଧୀନରେ ଚାକିରି କରି
Luṇa khāiba ଖାଦ୍ୟ ଉପାର୍ଜ୍ଜନ କରିବା—To eat the
নুনখাওয়া **नमकखाना** salt of a person; to serve under a person.
[ଦ୍ର—ଲୁଣ ଖାଇବ ଯାହାର, ଗୁଣ ଗାଇବ ତାହାର—ଢଗ ତୋ ଲୁଣ ମୁଁ ଖାଇବ ନାହିଁ, ବା, ତୋ ଗୁଣ ମୁଁ ଗାଇବ
নুনালাগা(ধরা),নুনখেয়েযাওয়া **नुनोलगना** ନାହିଁ—ଢଗ ।]
ଦେ. ବି—କୌଣସି ପଦାର୍ଥର ଅଂଶ ଲବଣ ଦ୍ୱାରା ଗ୍ରସ୍ତ ହେବା; ଲୁଣମାରିବା—Being eaten or corroded by the effect of salt.

ଲୁଣ ଗୋଜି—ପ୍ରାଦେ (ଗଡ଼ଜାତ ଓ ସମ୍ବଲପୁର) ବି-ଲୁଣ ରଖିବାର ଡାଲା-
Luṇa goji —A tray for salt.

ଲୁଣ ଗୋଲା—ଦେ. ବି—ଯେଉଁଠାରେ ବହୁ ପରିମାଣରେ ଲବଣ
Luṇa golā ବାଣିଜ୍ୟାର୍ଥ ଜମା ହୋଇଥାଏ —Salt gola;
নুন গোলা **नमकगोला** a place where salt is stored in large quantities for wholesale sale.

ଲୁଣ ଚଉ(ଉଁ)ରି—ଦେ. ବି—ଲବଣ ଚାମରୀ (ଦେଖ)
Luṇa chau(uṅ)ri Labaṇa chāmarī (See)

ଲୁଣ ଚୋର(ରି)—ପ୍ରାଦେ (ବାମଣ୍ଡା) ବି—ଭୂଇଁରେ ୧୨।୧୩ ଘର କାଟି
Luṇa chora(ri) ଦୁଇ ଦଳ ମଧ୍ୟରେ ଖେଳାଯିବା ଖେଳବିଶେଷ-
An outdoor game, played by two parties by marking out 12 or 13 encircled places on the ground.

ଲୁଣ ପାଣି—ଦେ. ବି—ଯେଉଁ ପାଣିରେ ଲୁଣ ଗୋଳା ହୋଇଥାଏ—
Luṇa pāṇi Salt dissolved in water; water
নুনজল **नुनपानी** to which salt has been added. [ଦ୍ର—କଥା ଗାଥିରେ ଲୁଣପାଣି ମାରିବା—ଢଗ ।]

ଲୁଣ ପୁଡ଼ା—ଦେ. ବି (ସଂ. ଲବଣ+ପୁଟ)—କନା ମଧ୍ୟରେ ପୁରାଏ ଲୁଣ
Luṇa puḍā ଭର୍ତ୍ତିକରି ବନ୍ଧାଯିବା ପୋଟଳା (ଏହାକୁ ନିଆଁ
নুনেরপুটুলী **नुनकी (पु)पोटली** ଉପରେ ଉତ୍ତପ୍ତ କରି ବେଦନାଯୁକ୍ତ ଅଙ୍ଗକୁ ସେକାଯାଏ)—A packet of salt enclosed in a bit of cloth and used in dry-fomenting affected limbs.

ଲୁଣ ପୋକ୍(ଖ୍)ତାନି—ଦେ. ବି (ସଂ. ଲବଣ+ଫା. ପୋଖ୍‌ତାନ୍)-ସମୁଦ୍ର
Luṇa pok-(kh)tāni ପାଣିରୁ ଲବଣ ପ୍ରସ୍ତୁତ କରିବା ପ୍ରକ୍ରିୟା-
নুনপোকতানি **नमकपोखतान** The process for
[ଲୁଣପୋଖ୍ତା(ଖ୍ତା)ନି—ଅନ୍ୟରୂପ] the manufacture of salt from the sea water.

ଲୁଣ ମର୍ଦ୍ଦା(ର୍ଦ୍ଦେ)ଇବା—ଦେ. କ୍ରି—(ଶୁଖୁଆ ଓ ଅଗୁର ଆଦି) କୌଣସି
Luṇa mardā(rde)ibā ପଦାର୍ଥ ଉପରେ ଲୁଣର ସ୍ତର
নুনমাখান **नमकबिछाना** ବସାଇବା—To salt; to season with a layer of salt (e g. fish, pickle, hide).

ଲୁଣ ମନ୍ତ୍ର(ନ୍ତୁ)ରା(ରେ)ଇବା—ଦେ. କ୍ରି (ସଂ. ଲବଣ+ମନ୍ତ୍ର ଧାତୁ)—
Luṇa manta(ntu)rā(re)ibā (ପେଟଫୁଲା ଆଦି) ରୋଗ

ନୁନେମନ୍ତ୍ରପଡା **निमकमंतराना** କରିବା ଉଦ୍ଦେଶ୍ୟରେ ବ୍ୟବହାର
[ଲୁଣ ମନ୍ତୁରିବା—ଅନ୍ୟରୂପ] କରିବାପାଇଁ ମନ୍ତ୍ର ପାଠପୂର୍ବକ ଲୁଣକୁ ଫୁଙ୍କିବା—To hallow or consecrete a quantity of salt with mystic incanta-
(ଲୁଣ ମନ୍ତୁରି—ବି) tions to be used as medicine.

ଲୁଣ ମାରିବା—ଦେ. କି—ସମୁଦ୍ର ପାଣିରୁ, ଲୁଣିମାଟିରୁ କମ୍ବା ପାଙ୍କିଣରୁ
Luṇa māribā ଉପାୟ ପ୍ରକ୍ରିୟାଦ୍ୱାରା ଲବଣକୁ ପୃଥକ୍ କରିବା-
ନୁନ୍‌ମାରା **निमकमारना** To manufacture salt.

ଲୁଣ ଲଙ୍କା—ଦେ. ବ—ଭାତ ଆଦି ଖାଇବାପାଇଁ କମ୍ବା ତରକାରୀରେ
Luṇa laṅkā ପକାଇବାପାଇଁ ବ୍ୟବହୃତ ଲବଣ ଓ ଲଙ୍କା
ଲଙ୍କା **निमकमिरची** ମରିଚ—Salt and chilies
ଲୁଣମରିଚ
ଲୁଣଲଙ୍କ(କା)ମ(ମା)ରିଚ } ଅନ୍ୟରୂପ— used in food.

ଲୁଣି(ଣି,ଣୁ)ଲୁଣିଆ—ଦେ. ବ (ସଂ ଲେଣ)—ଏକପ୍ରକାର ଗୁଳ୍ମ ଶାକ
Luṇa(ṇi,ṇu)luṇiā n ଗୁଳ୍ମ; କାକମାରୀ; କୁଣୁକୁଣିଆ—
লোনী, লোনিয়া, নুনেশাগ Suaeda Fruticosa;
लुनुक, छोटीलोनीशाग Porsulacea. ଦେ ବଣ.
ଲୁଣିଲୁଣି (ଦେଖ)—Luṇiluṇi (See)

ଲୁଣ(ଣୁ)ଶଗଡ଼ ପଥରଗଡ଼—ଗ୍ରା ବ—ପିଲାମାନଙ୍କର ଏକପ୍ରକାର
Luṇa(ṇu) śagaḍ pathara gaḍa ଖେଳ—
A kind of boy's game named after the cry uttered by 2 boys while carrying a 3rd boy on a seat improvised by entwining their two palms. [ବ୍ର— ଦୁଇଜଣ ଯଥାକ୍ରମେ ଜଣକର ବାମ ଓ ଡାହାଣ ହାତ ସଙ୍ଗେ ଅନ୍ୟର ଡାହାଣ ହାତର କରତଳକୁ ଧରନ୍ତି ଓ ତୃତୀୟ ପିଲା ଉକ୍ତ କରତଳଦ୍ୱୟଦ୍ୱାରା ରଚିତ ଆସନରେ ଅଣ୍ଟ ଭର ଦେଇ ହାମୁଡ଼େଇ ପଡ଼େ ଓ ଉକ୍ତ ଦୁଇଜଣଙ୍କ କାନ୍ଧରେ ଦୁଇ ହାତକୁ ପକାଏ। ଉକ୍ତ ଦୁଇଜଣ ବୁଲୁଥାଆନ୍ତି ଓ ମୁହଁରେ ବୋଲୁ ଥାଆନ୍ତି 'ଲୁଣ ଶଗଡ଼ ପଥର ଗଡ଼'।]

ଲୁଣା—ଦେ. ବଣ [ସ. ଲବଣାକ୍ତ]—ଲବଣାକ୍ତ—Saline. ଦେ. ବ
Luṇā ୧। ଲବଣାକ୍ତ ମୃତ୍ତିକା—1. Saline soil.
নোনা, লেণা ୨। ଲବଣାକ୍ତ ସ୍ୱାଦ—2. Saline
নুনী মটি **नोनीमिट्टी** taste ୩। ଖାର ମାଟି—
নোনা **नमक नस्वाद** 3. Rhesoil.

ଲୁଣା(ଣେ)ଇବା—ଦେ. କି (ସଂ ଲବଣାକ୍ତ)—୧। (ପାଟି) ଲବଣାସ୍ୱାଦ-
Luṇā(ṇe)ibā ଯୁକ୍ତ ହେବା—(the mouth) To feel
নুননুনলাগা **नमकीनहोना** a saline taste. ୨। ଲବଣାକ୍ତ
ହେବା—2. To become saline.

ଲୁଣା(ଣି) ଉଠିବା—ଦେ. ବ—ଲୁଣାଉଠିବା;(କୌଣସି ସ୍ଥାନର ମୃତ୍ତିକା)
Luṇā(ṇi) uṭhibā ଲବଣମୟ ହେବା—Becoming
নুনাধরা **नोनीउठना** saline or impregnated with salt.

ଲୁଣା(ଣି)ଘାସ—ଦେ. ବ (ସ. ଲବଣ+ଘାସ)—ଲବଣ ତୃଣ (ଦେଖ)
Luṇā(ṇi) ghāsa Labaṇa truṇa (See)
নোনাঘাস **नोनीघास**

ଲୁଣା(ଣି) ମାଛ—ଦେ. ବ (ସଂ ଲବଣ+ମତ୍ସ୍ୟ)—ସାମୁଦ୍ରିକ ମାଛ—
Luṇā(ṇi) māchha Sea-fish. [ବ୍ର-ଅନେକପ୍ରକାର
সমুদ্রের মাছ ଲୁଣୀ ମାଛ ସମୁଦ୍ରରେ ଓ ଚୁଣା ଜଳର ଚିଲିକା
समुंद्री माछ ହ୍ରଦରେ ମିଳନ୍ତି। ଏମାନଙ୍କ ମଧ୍ୟରେ ଖଙ୍ଗା, ଶାହାଳ,
(ମଧୁର ମାଛ—ବିପରୀତ) କଲମ୍ବୁଖିଣି, ବଉଳାଳିଆ ଚିଙ୍ଗୁଡ଼ି, ଭାହାଙ୍କିର ଓ ଗି ଗୁନ୍ଦିଆ ପ୍ରଧାନ।]

ଲୁଣା(ଣି) ମାଟି—ଦେ. ବ (ସଂ ଲବଣ+ମୃତ୍ତିକା)—୧। ଲବଣାକ୍ତ
Luṇā(ṇi) māṭi ମୃତ୍ତିକା—1. Saline soil ୨। ଖାର
লোণামাটি, নোনামাটি ମାଟି—2. Rhesoil; fuller's larth.
नोनी मिट्टी

ଲୁଣା(ଣି) ମାରିବା—ଦେ. କି—(ଜମି) ଲବଣାକ୍ତ ହେବା; ଲୁଣା
Luṇā(ṇi) māribā ମାରିବା—(the soil) To be unpregnated with salt.
নোনা মারা **नोनी मारना**

ଲୁଣା(ଣି) ହାଉଆ—ଦେ. ବ. (ସ. ଲବଣାକ୍ତ+ଫା. ହବା)—
Luṇā(ṇi) hāuā ଲୁଣି ହାଉଆ—Saline breeze; sea
নোনা হাওয়া breeze; breeze impregnated with
नमकीन हवा, समुद्री हवा salt.

ଲୁଣି—ଦେ. ବଣ (ସଂ ଲବଣାକ୍ତ)—୧। ଲବଣାକ୍ତ—1. Saline.
Luṇi ୨। ଲବଣସ୍ୱାଦ ବିଶିଷ୍ଟ—2. Having a saline
নোনা **नोनी** taste. [ଉ—ଲୁଣି ମଣିଲ ମୁଁ ମଧୁ ସରିକୁ— କବିସୂର୍ଯ୍ୟ. ସଙ୍ଗୀତ।] ୩। ଯହିଁର ଜଳ ଲୁଣିଆ
(ଯଥା—ନଦୀ)—3. Having saline water
୪। ଜୁଆରିଆ (ନଦୀ)—4. Tidal (river).
୫। ସାମୁଦ୍ରିକ (ମାଛ)—5. Of the sea (fishes).

ଲୁଣିଆ(ଆଁ)—ଦେ.ବଣ(ସ. ଲବଣାକ୍ତ)—୧। ଲବଣାକ୍ତ—1.Saline.
Luṇiā(āṅ) ୨। ଲବଣ ମିଶ୍ରିତ—2. Impregnated with
নোনা, লোনতা salt. ୩। ଲବଣାସ୍ୱାଦବିଶିଷ୍ଟ—3. Having
नमकीन, नोनिया the taste of salt. ଦେ. ବ—୧। ଚର୍ମ-
नोनिया ରୋଗବିଶେଷ; ଦେହରେ ପଦ୍ମକଣ୍ଟକ ପରି ଦୃଢ଼ ବ୍ରଣଗୁଡ଼ିଏ ବାହାରିଥିବା ରୋଗ—1. A sort of skin disease cosisting of hard bristling pimples. ୨। ଲୁଣି ଶାଗ
লূণীয়া,লুনাতি, নোনা
नोनिया शाग (ଦେଖ)—2. Luṇi śāga (See)
নুনের ব্যবসায়ী ୩। ଲବଣ ବ୍ୟବସାୟୀ—3. Salt-
नोनिया trader. ୪। ଯେ ଲବଣ ପ୍ରସ୍ତୁତ କରେ—4. Salt-manufacturer.

ଲୁଣିଅଘର ଝିଅ—ଦେ. ବ (ବ୍ୟଙ୍ଗ୍ୟ)—ମହାଲକ୍ଷ୍ମୀ—Goddess
Luṇiāghara jhia Lakshmi. [ବ୍ର—ସମୁଦ୍ରର ଦେବତା
नोनिया घरकी लड़की ବରୁଣ ଥିବାରୁ ଓ ଲକ୍ଷ୍ମୀ ସମୁଦ୍ରରୁ ଜାତ

(ଲୁଣିଆ ଝିଅ—ଅନ୍ୟରୂପ) ହୋଇଥିବାରୁ ପୁରାଣରେ ଲକ୍ଷ୍ମୀଙ୍କ 'ଲୁଣିଆ ଝିଅ' ବୋଲି କଥା ଚଳିଲେ ଲୁହା ଯାଇଅଛି ।]

ଲୁଣିଆ ଧଣ୍ଡ—ଦେ. ବି—୧ । (ବ୍ୟଙ୍ଗ୍ୟ) ବରୁଣ ଦେବତା—1. The
Luniā dhanda God of ocean. [ଦ୍ର—ବାପ ସେ ଲୁଣିଆ ଧଣ୍ଡ ଗଲ୍ପି ମରୁଥାଇ—ଲକ୍ଷ୍ମୀପୁରାଣ ।] ୨ । ସାମୁଦ୍ରିକ ସର୍ପ—2. Sea serpent.

ଲୁଣି କୋଳି—ଦେ. ବି—ଲୁଣି ଲୁଣିକା କୋଳି (ଦେଖ)
Luni koli Luni lunikā koli (See)

ଲୁଣି ଚି(ଚୁ)ଙ୍ଗୁଡ଼ି—ଦେ. ବି—ସମୁଦ୍ରର ଚିଙ୍ଗୁଡ଼ି; ଲବଣାକ୍ତ ଚିଙ୍ଗୁଡ଼ି—
Luni chi(chu)ṅgurdi Sea-shrimp. [ଦ୍ର—ଏହା
নুনী চিংড়ি समुद्री झिंगा ଖାଇବାକୁ ଖବ୍ ସୁସ୍ୱାଦୁ ।]
(ମଧୁର ଚିଙ୍ଗୁଡ଼ି—ବିପରୀତ)

ଲୁଣି ନଈ—ଦେ. ବି (ସଂ. ଲବଣାକ୍ତ+ନଦୀ)—୧ । ଯେଉଁ ନଦୀର
Luni nai ଜଳ ଲୁଣିଆ—1. A river full of salt
নোনা নদী water. ୨ । ଜୁଆରଥିବା ନଦୀ—2. A tidal
नोनिया नदी river. ୩ । କଟକ ଜିଲ୍ଲାର ମହାନଦୀର ଶାଖା ଚିତ୍ରୋତ୍ପଳାର ଗୋଟିଏ ଶାଖାନଦୀ—3. Name of a small branch river of the Chitrotpalā, a branch of the Mahānadī in the district of Cuttack.

ଲୁଣି ପାଣି—ଦେ. ବି (ସଂ.ଲବଣାକ୍ତ+ପାନୀୟ)—୧ । ଲବଣାକ୍ତ ଜଳ—
Luni pāni 1. Saline water. ୨ । ସମୁଦ୍ର ଜଳ—
নোনা জল, লোণা জল नमकीन जल 2. Sea water.

ଲୁଣି ମାଡ଼ିବା—ଦେ. ବି—ସମୁଦ୍ରର ଲୁଣା ଜଳ ଭୂମି ଉପରେ ବ୍ୟାପିବା—
Luni mārdibā The spreading or flooding of
নোনা জলের বান the salt water over the fields.
नोनी जल फैलना [ଦ୍ର—ଭୂମିରେ ଲୁଣି ମାଡ଼ିଗଲେ ଜମିର ଉର୍ବରତା ନଷ୍ଟ ହୁଏ ।]

ଲୁଣି ଲାଣି—ଗ୍ରା. ବିଣ—ଲବଣାକ୍ତ—Saline. [ଦ୍ର—ଅଳ୍ପ ପାଣି
Luni lāni ନୁନେ नोना ଲୁଣି ଲାଣି, କାଲି ପାଣି ଘୋଳତୁଣି—ଶିଶୁ ଗୀତ ।]

ଲୁଣି(ଣୁ) ଲୁଣି—ଦେ. ବିଣ—ଈଷତ୍ ଲବଣାସ୍ୱାଦବିଶିଷ୍ଟ—Having
Luni(nu) luni অল্প নুনে a slightly saline taste.
थोडा नामकीन (ଲୁଣି[ଣୁ]ଲୁଣିଆ—ଅନ୍ୟରୂପ)

ଲୁଣି(ଣୁ)ଲୁଣିକା(ଆଁ) କୋଳି—ଦେ. ବି (ସଂ. ଲୋଣିକା; ଲୋଣୀ)—
Luni(nu)lunikā(āṅ)koli ୧ । ଲୋଣୀ (ଦେଖ)—
(ଲୁଣଲୁଣିକା କୋଳି—ଅନ୍ୟରୂପ) 1. Lonā (See) ୨ । ଲୋଣୀ ଗୁଳ୍ମର କୋଳି—2. The berry of Indian Parslane.

ଲୁଣି ଶାଗ—ଦେ. ବି—୧ । ଲୋଣୀ (ଦେଖ)—1. Lonā (See)
Luni sāga ୨ । ପାର୍ଶ୍ୱସ୍ଥ ବହୁଶାଖ କ୍ଷୁଦ୍ର ଶାକ
ସଂ. ନାମ—ଲବଣ ତୃଣ ବିଶେଷ—2. Ionidicum Suff-
নুনবোডা नोनीशाग ruticosum (shrub). [ଦ୍ର—ଏହା ଘାସ ମଧ୍ୟରେ ଜନ୍ମେ । ଫଳ ଗୋଲାକୃତି, ପଞ୍ଚଦଳ, ଫଳ ତ୍ରିକୋଷ—ଯୋଗେଶଚନ୍ଦ୍ର ।]

ଲୁଣି ଶୁକୁ(ଖୁ)ଆ—ଦେ. ବି—ସାମୁଦ୍ରିକ ମାଛର ଶୁଖୁଆ—Dried
Luni suku(khu)ā sea fish. ପ୍ରାଦେ. (ବାଲେଶ୍ୱର)
সমুদ্র মাছের শুকো ବି—ଲୁଣ ଦିଆ ହୋଇ ପ୍ରସ୍ତୁତ ହୋଇ-
समुद्री सुखा मांछ ଥିବା ଶୁଖୁଆ—Dried and salted fish.

ଲୁଣୁ (ଇତ୍ୟାଦି)—ଗ୍ରା. ବି—ଲୁଣ ଇତ୍ୟାଦି (ଦେଖ)—Luna
Lunu (etc) etc (See) [ଦ୍ର—ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ଲୁଣ ଶବ୍ଦରେ ଥିବା 'ଣ' ଉଚ୍ଚାରଣବେଳେ ଲୁ'ରେ ଥିବା ଉକାରର ପ୍ରଭାବରେ 'ଣୁ' ହୁଏ; ଯଥା—ଲୁଣୁ କୋଳି; ଲୁଣୁକାଠିଆ; ଲୁଣୁଖାଇ; ଲୁଣୁଲୁଣିଆ ।]

ଲୁଣ୍ଟ୍(ଣ୍ଡ) [ଧାତୁ]—ସଂ.—୧ । ତଳେ ଗଡ଼ିବା—1. To roll on
Lunt(nd) (root) the ground. ୨ । ବଳପୂର୍ବକ ଅପହରଣ କରିବା—2. To rob; to plunder. ୩ । ଛୋଟା ହେବା—3. To be lame or crippled (Apte). ୪ । ଅଳସ ହେବା—4. To be idle (Apte).

ଲୁଣ୍ଟକ—ସ. ବି.—(ଲୁଣ୍ଟ୍ ଧାତୁ+କର୍ତ୍ତୃ. ଅକ)—ଲେଉଟିଆ ଶାଗ—
Luntaka A kind of potherb; Amaranthus Polygumus.

ଲୁଣ୍ଟନ—ସ. ବି—(ଲୁଣ୍ଟ୍ ଧାତୁ+ଭାବ.ଅନ)—ଲୁଣ୍ଠନ (ଦେଖ)
Luntana Lunthana (See)

ଲୁଣ୍ଠା(ଣ୍ଠା)—ସ. ବି—(ଲୁଣ୍ଠ ଧାତୁ+ଭାବ.ଅ+ଆ)—ଭୂମିରେ
Luntā(nthā) ଲୋଟିବା—Rolling (M. W.)

ଲୁଣ୍ଟାକ—ସ.ବି.—(ଲୁଣ୍ଟ୍ ଧାତୁ+କର୍ତ୍ତୃ. ଆକ)—ତସ୍କର; ଲୁଣ୍ଠନକାରୀ;
Luntāka ଲୁଟିଆରୁ; ଡକାଇତ—Robber; freebooter; dacoit (M. W.)

ଲୁଣ୍ଟିତ—ସ. ବିଣ.—(ଲୁଣ୍ଟ ଧାତୁ+କର୍ମ. ତ)—ଲୁଣ୍ଠିତ; ବଳପୂର୍ବକ
Luntita ଅପହୃତ—Robbed; plundered (M. W.)

ଲୁଣ୍ଠ୍ (ଧାତୁ)—ସ.—୧ । ଭୂମିରେ ଗଡ଼ିବା—1. To wallow.
Lunth (root) ୨ । ବଳପୂର୍ବକ ଅପହରଣ କରିବା—2. To rob. ୩ । ଘାଣ୍ଟିବା—3. To stir; to agitate (M, W). ୪ । ଆଳସ୍ୟଯୁକ୍ତ ହେବା—4. To be idle (M. W.) ୫ । ଛୋଟା ହେବା—5. To be lame (M. W.)

ଲୁଣ୍ଠକ—ସ. ବିଣ.—(ଲୁଣ୍ଠ୍ ଧାତୁ+କର୍ତ୍ତୃ. ଅକ)—୧ । ବଳପୂର୍ବକ
Lunthaka ଅପହରଣକାରୀ—1. Plundering. ୨ । ଲୁଣ୍ଠମାନ; ତଳେ ଗଡ଼ୁଥିବା—2. Wallowing.
ସ. ବି.—୧ । ତସ୍କର; ଡକାଇତ; ଲୁଟିଆରୁ—1. Dacoit; plunderer. ୨ । ଯେ ତଳେ ଗଡ଼ୁଥାଏ—2. One who rolls on the ground. ୩ । ମାଂସ ପେଶୀ ବିଶେଷ—3. Name of the muscle which serves to draw up the testicle; cremaster.

ଲୁଣ୍ଠନ—ସଂ. ବି.—(ଲୁଣ୍ଠ୍ ଧାତୁ+ଭାବ. ଅନ)—୧ । ଭୂମିରେ
Lunṭhana ଲୋଟିବା; ତଳେ ଗଡ଼ିବା—1. Wallowing;
[ଲୁଣ୍ଠା—ଅନ୍ୟରୂପ] rolling on the ground. ୨ ।
ବଳପୂର୍ବକ ଅପହରଣ—2. Plundering.

ଲୁଣ୍ଠମାନ—ସଂ. ବିଣ. ପୁଂ.—(ଲୁଣ୍ଠ୍ ଧାତୁ+କର୍ତ୍ତୃ. ଅନ)—ତଳେ
Lunṭhamāna ଗଡ଼ୁଥିବା—Wallowing.
[ଲୁଣ୍ଠମାନା—ସ୍ତ୍ରୀ]

ଲୁଣ୍ଠାକ—ସଂ. ବି ପୁଂ(ଲୁଣ୍ଠଧାତୁ=ଚୋରକରିବା+କର୍ତ୍ତୃ. ଅକ)—୧ ।
Lunṭhāka ବାୟସ; କାକ—1. Crow; raven. ୨ ।
(ଲୁଣ୍ଠାକୀ—ସ୍ତ୍ରୀ) ଲୁଣ୍ଠନକାରୀ—2. A plunderer (M.W.)

ଲୁଣ୍ଠିତ—ସଂ.ବିଣ. (ଲୁଣ୍ଠ୍ ଧାତୁ+କର୍ମ ତ)—୧। ବଳପୂର୍ବକ ଅପହୃତ—
Lunṭhita 1. Plundered. ୨ । (ପୁଂ+କର୍ତ୍ତୃ. ତ)
(ଲୁଣ୍ଠିତା—ସ୍ତ୍ରୀ) ତଳେ ଗଡ଼ୁଥିବା—2. Rolling on the ground.

ଲୁଣ୍ଠିତା—ସଂ. ବିଣ. ସ୍ତ୍ରୀ—୧ ଲୁଣ୍ଠିତର ସ୍ତ୍ରୀଲିଙ୍ଗ—1. Feminine
Lunṭhitā. of Lunṭhita ୨ । ବଳପୂର୍ବକ ଧରନେଇ ଯାହା
ସଙ୍ଗରେ ରମଣ କରା ଯାଇଥାଏ; ଧର୍ଷିତା—2. Ravished (woman).

ଲୁଣ୍ଠିବା—ଦେ. କ୍ରି (ସଂ. ଲୁଣ୍ଠ୍ ଧାତୁ)—୧ । ଲୁଣ୍ଠନ କରିବା—
Lunṭhibā 1. To plunder. [ଦ୍ର—ଧୂଳି
ଲୁଟ୍‌କରା ଲୁଟନା ସମ୍ପଦର ଖଣ୍ଡ ଲୁଣ୍ଠେ ଅଙ୍କୁଶିତେ—
ରାଧାନାଥ. ମହାଯାତ୍ରା ।] ୨ । କୌଣସି ବସ୍ତୁକୁ
ନିଃଶେଷ କରିନେବା—2. To exhaust a thing
ଗଡ଼ା ଲୋଟନା by removing it. ୩ । ଭୂମିରେ
ଗଡ଼ିବା—3. To wallow on the ground.

ଲୁଣ୍ଠିଲଣ୍ଠି ନେବା—ଦେ. କ୍ରି (ଲୁଣ୍ଠି ସଙ୍ଗେ ନିରର୍ଥକ ଓ ସମଧ୍ୱନିକ ଲଣ୍ଠି
Lunṭhilānṭhi nebā ଶବ୍ଦର ପ୍ରୟୋଗ)-ସମସ୍ତ ଦ୍ରବ୍ୟ ନିଃଶେଷ
ଲୁଟେପୁଟେ ନେଓୟା ପୂର୍ବକ ବୋହି ନେବା—To exhaust a
ଲୁଟପାଟ କରලେନା thing without leaving any thing.

ଲୁଣ୍ଠୀ(ଣ୍ଠି)—ସଂ. ବି (ଲୁଣ୍ଠ୍ ଧାତୁ+ଭାବ. ଅ+ଈ; ଇ)—ଲୁଣ୍ଠନ
Lunṭhī(ṇṭhi) (ଦେଖ)—Lunṭhana (See)

ଲୁଣ୍ଡ୍ (ଧାତୁ)—ସଂ—ଲୁଣ୍ଠନ କରିବା—
Lunḍ (root) To plunder; to pillage.

ଲୁଣ୍ଡ—ସଂ. ବି (ପୁଂ) (ଲୁଣ୍ଡ ଧାତୁ+କର୍ତ୍ତୃ. ଅ)—ଚୋର (ହି. ଶ.)
Lunḍa Thief; robber.

ଲୁଣ୍ଡା—ଦେ. ବି (ସଂ. ଲୁଣ୍ଡିକା)—୧ । ନିଆଁ ନେବାପାଇଁ କୁଟା
Lunḍā ଆଦିର ନୁଣ୍ଡା ବା ଗେଣ୍ଡି କରିଥ—1. Wisp of
ଝୁଡା(ଡୋ) straw or other inflammable material.
ଉକ ୨ । ଲିପାପୋଛା କନା ପୁଡ଼ା—2. A mass of rags
ନେତାକାନୀ used for besmearing cowdung water
ନୁଟ mixed with clay on the wall or
floor for washing them.
[ଦ୍ର—କୁଠାର ଲୁଣ୍ଡା କରି ଲୋକେ ପିଲାଙ୍କ ଝାଡ଼ାଫେରିଥିବା
କପଡ଼ାକୁ ପୋଛି ନଥିଲେ । ତାକୁ ଗୁହଲୁଣ୍ଡା ବୋଲାଯାଏ ।
ନିଆଁ ଲଗାଇବା ପାଇଁ କୁଟା ଆଦିରେ ଯେଉଁ ଲୁଣ୍ଡା ବ୍ୟବହୃତ
ହୁଏ ତାକୁ ନିଆଁ ଲୁଣ୍ଡା କହନ୍ତି ।]

ଲୁଣ୍ଡା(ଣ୍ଡେ)ଇବା—ଦେ. କ୍ରି—୧ । ଘରର ତଳକୁ ଓ କାନ୍ଥକୁ ଗୋବର-
Lunḍā(ṇḍe)ibā ଗୋଳା ପାଣିରେ ବୁଡ଼ା ହୋଇଥିବା କନା-
ନା(ନେ)ତା ଦେଓୟା ପୁଡ଼ାରେ ଲିପିବା—1. To wash the
ନୁଟ देना floor and walls of a house
with cowdung water
by immersing a wisp
of rags and drawing
it over the walls
ଲୁଣ୍ଡାଦେବା
ଲୁଣ୍ଡାବୁଲା(ଲେ)ଇବା } ଅନ୍ୟରୂପ
ଲୁଣ୍ଡିଦେବା
ଲୁଣ୍ଡିବୁଲା(ଲେ)ଇବା
୨ । ଲୁଣ୍ଡାଇ ପୁଣ୍ଡାଇ ନେବା (ଦେଖ)
2. Lunḍāi punḍāi nebā (See)

ଲୁଣ୍ଡା(ଣ୍ଡେ)ଇ ପୁଣ୍ଡା(ଣ୍ଡେ)ଇ ନେବା—ଦେ. କ୍ରି (ସଂ. ଲୁଣ୍ଡ ଧାତୁ)—
Lunḍā(ṇḍe)i punḍā(ṇḍe)i nebā କୌଣସି ଘରୁ ସମସ୍ତ
ଲଟେପୁଟେ ନେଓୟା ପଦାର୍ଥ ଗୋଟି ଗୋଟି କରି ନିଃଶେଷ କରି
ଲୁଟପାଟ କରලେନା ବୋହି ନେବା; ଗୃହର ସମସ୍ତ ଅଂଶରେ
(ଲିପିଲା ପରି) ହାତ ବୁଲାଇ
ଯେଉଁଠାରେ ଯାହା ଅଛି ତାହା
ସମସ୍ତ ନେଇଯିବା; ଘରେ
କଳାକନା ବୁଲାଇ ଦେବା—
ଲୁଣ୍ଡାଲୁଣ୍ଡି କରିନେବା
ଲୁଣ୍ଡା ବୁଲା(ଲେ)ଇବା } ଅନ୍ୟରୂପ
ଲୁଣ୍ଡିଲୁଣ୍ଡି ନେବା
ଲୁଣ୍ଡେଇ ନେବା
To collect everything from every corner
of a place or house and remove the
same. (ଯଥା—ତା ଘରୁ ଚୋରମାନେ ସବୁ ପଦାର୍ଥ ଯାକ
ଲୁଣ୍ଡାଇ ପୁଣ୍ଡାଇ ନେଇଗଲେ ।)

ଲୁଣ୍ଡା ହାଣ୍ଡି—ଦେ. ବି—ଲିପା ପୋଛା ହାଣ୍ଡି—The pot used in
Lunḍā hānḍi making Lipāpo chhā. [ଦ୍ର—
ନେ(ନା)ତା ହାଁଡୀ ମନ ହୋଇଅଛି ସେ ମନ୍ଦିରେ ଲୁଣ୍ଡା ହାଣ୍ଡି ।
गोबरौर ପ୍ରାଚୀ. କୃଷ୍ଣକରୁଣ ଗୀତ ।]

ଲୁଣ୍ଡି—ଦେ. ବି (ସଂ. ଲୁଣ୍ଡିକା)—୧ । ଲୁଣ୍ଡିକା (ଦେଖ)—1.
Lunḍi Lunḍikā (See). ୨ । ତନ୍ତୁର ମଣ୍ଡଦିଆ ସୂତା
ମାଡଦେଓୟା ସୂତା —2. The yarn moistened with
मडियायाहुआ सूता boiled rice paste. [ଦ୍ର—ଲୁଣ୍ଡି-
କାଟିବା, ଭାଗୀ କରିବା, ଲଟାଏ କର୍ମ ତାହାରେ ହୁଏ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।]

ଲୁଣ୍ଡିକା—ସଂ. ବି—୧ । ପାତ୍ରାଦି ମାର୍ଜନ ଓ ଘର ଲିପିବା ପାଇଁ ବ୍ୟବହୃତ
Lunḍikā ତୃଣର ବା କନାର ଗୋଳକ—1. A wisp of
straw or rags used for smearing the
floor and walls of a house and for
rinsing utensils. ୨ । ଗୋଲ; ଗୋଲକ; ପିଣ୍ଡ
—2. A ball; round mass of anything
(M. W.). ୩ । ସମୁଚିତ ବ୍ୟବହାର—3.
Proper conduct (Apte).

ଲୁଣ୍ଡୀ—ସଂ. ବି—୧ । ଉଚିତ ବ୍ୟବହାର—1. Proper behaviour
Lunḍī (M. W.). ୨ । ସମୁଚିତ ବିବେଚନା ଓ କର୍ମ—

2. Acting and judging rightly (M. W.).

ଲୁଣ୍ଡୀକୃତ—ସଂ. ବଣ—ଯାହାକୁ ଗୋଲ୍ଲ କରାଯାଇ ଥାଏ; ପିଣ୍ଡୀକୃତ—
Lundikruta Made into a ball; rolled up together (M. W.).

ଲୁତୁ(ତ୍ତୁ)ପୁ(ଲୁ)ତୁ(ତ୍ତୁ)—ଦେ. ବଣ—ଲତପତ (ଦେଖ)
Lut-(tu)pu(lu)t(tu) Latapata (See)
[ଲୁଟୁର୍(ତ୍ତୁ)ପୁ(ଲୁ)ଟୁର୍(ତ୍ତୁ)—ଅନ୍ୟରୂପ]

ଲୁତୁ ପୁ(ଲୁ ତା(ତେ)ଇବା—ଦେ. କ୍ରି—ଲତପତାଇବା (ଦେଖ)
Lut pu(lu)tā(te)ibā Latapatāibā (See)

ଲୁତୁ ପୁ(ଲୁ)ତିଆ—ଦେ. ବଣ—ଲତପତିଆ (ଦେଖ)
Lutu pu(lu)tiā Latapatiā (See)

ଲୁତୁରା—ଦେ. ବଣ—ଲୋତରା (ଦେଖ)
Luturā (ଲୁତୁରୀ—ସ୍ତ୍ରୀ) Lotarā (See)

ଲୁତୁରା କୁ(କୋ)ତୁରା—ଦେ. ବଣ—ଲୋତରା କୋତରା (ଦେଖ)
Luturā ku(ko)turā Lotarā kotarā (See)

ଲୁତୁରା ଧୁ(ଧୋ)ତୁରା—ଦେ. ବଣ—ଲୋତରା ଧୋତରା (ଦେଖ)
Luturā dhu(dho)turā Lotarā dhotarā (See)

ଲୁତୁରିବା—ଦେ. କ୍ରି—ଲୋତରିବା (ଦେଖ)
Luturibā Lotaribā (See)

ଲୁଦ୍(ଦୁ)କା—ଦେ. ବଣ—ଲାଦୁଆ (ଦେଖ)
Lud-(du)kā Lāduā (See)

ଲୁଦ୍(ଦୁ)ବୁଦ୍(ଦୁ)—ଦେ. ବଣ—ମାଂସଳ ଶରୀର ବିଶିଷ୍ଟ; ସ୍ଥୂଳକାୟ—
Lud-(du)bud(du) Fat; corpulent.
ନାହুস নুহুস লদ্বদ্

ଲୁଦ୍(ଦୁ)ବୁଦ୍(ଦୁ) ବ୍ୟାଧି—ଦେ. ବ—ନୁଦ୍‌ବୁଦ୍ ବ୍ୟାଧି (ଦେଖ)
Lud-(du) bud(du) byādhi Nud-bud byādhi (See)
মোটাহওয়া রোগ लदबदी बयाधि

ଲୁଦର୍—ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ବ—ଉଦର; ଲୁଦ୍ର; ଧାନଆଦି
Ludar ବୋହିବା ପାଇଁ ଶଗଡ଼ ଉପରେ ରଖାଯିବା ଲମ୍ବ ଟୋକାଇ-
A long deep basket for carrying grains and small loose things on a cart.

ଲୁଦୁଲୁଦୁଲୁଦୁ—ଦେ. ବଣ—୧। ନରମନରମ—1. Soft; tender.
Luduluduludu ୨। ଅତି ସ୍ଥୂଳକାୟ—2. Very
মোটা लदलदिया corpulent. [ଉ—ଲଦୁ ଲଦୁ ଲଦୁ ଦିଶା ଅଟଇ ସେ ପୁଅ। ପ୍ରାଚୀ—ବ୍ରହ୍ମନିରୂପଣ ଗୀତା।]

ଲୁଧିଆନା—ଦେ. ବ—ଦିଲ୍ଲୀର ଉତ୍ତର ପଶ୍ଚିମରେ ପଞ୍ଜାବର ଗୋଟିଏ
Ludhiānā ଜିଲ୍ଲା ଓ ତହସିଲ ଓ ନଗର (ପଞ୍ଜାବର ରାଜ୍ୟର
লুধিআনা लुधियाना ଉତ୍ତର)—Ludhiana, name of a district, Tahasil and town in the Punjab, noted for its woolen goods.
[ଉ—ଏହି ନଗର ଶାଲ, ଲୋମ ଆଦି ପଶମୀ ବସ୍ତ୍ରପାଇଁ ପ୍ରସିଦ୍ଧ; ଏଠା ମହାରାଜ ରଣଜିତଙ୍କ ସମ୍ବନ୍ଧ ହିନ୍ଦୁ ରାଜଧାନୀ ମହମ୍ମଦୀୟ ଥିବା ପ୍ରତ୍ନତତ୍ତ୍ୱବିଦ୍‌ମାନେ କହନ୍ତି—ବିଶ୍ୱକୋଷ]

ଲୁପ୍ (ଧାତୁ)—ସ.—୧। ଲୋପକରିବା—1. To destroy; to
Lup (root) suppres. ୨। ଗୋଳମାଳ କରିବା—
2. To confound; to perplex; to bewilder (Apte) ୩। ଆନ୍ଦୋଳିତ କରିବା—2. To stir. ୪। ଲୁପ୍ତହେବା—4. To be suppressed or destroyed (Apte). ୫। ଲୋଭ କରିବା—5. To covet after. ୬। ଲୁଣ୍ଠନ କରିବା—6. To rob; to plunder (Apte). ୭। ମାଡ଼ିବସିବା—7. To sieze; to pounce upon (Apte.

ଲୁପ୍—ସ. ବ. (ଲୁପ୍ ଧାତୁ+ଭାବ କ୍ୱିପ୍)—୧। ବିନାଶ—
Lup 1. Destruction. ୨। ଲୋପ—
2. Annihilation. ୩। ଅଭାବ—3. Want; absence.

ଲୁପ୍ ଲାଇନ୍—ବୈଦେ. ବ (ଇଂ. ଲୂପ୍ଲାଇନ୍)—ଏକ ସ୍ଥାନରୁ ଅନ୍ୟ
Lup lāin ସ୍ଥାନକୁ ବଙ୍କାହୋଇ ଯାଇଥିବା ରେଲ ଲାଇନ ବା
লুপলাইন लुपलाईन ଟେଲିଗ୍ରାଫ୍ ଲାଇନ୍—Loop line;
(କର୍ଡ୍ ଲାଇନ—ବିପରୀତ) rved line of a railway or telegraph line.

ଲୁପତ—ଗ୍ରା. ବଣ (ପଦ୍ୟରେ ବ୍ୟବହୃତ) (ସ. ଲୁପ୍ତ)—ଲୁପ୍ତ;
Lupata ଲୋପପ୍ରାପ୍ତ—Destroyed. (ଉ—ନାନା
লুপত लुपत ନାଦର ଶବ୍ଦ ଅନ୍ତରେ ପୂରିତ, ହୋଇଣ କରେ ତୂର୍ଯ୍ୟକରକୁ ଲୁପତ—କୃଷ୍ଣସିଂହ. ମହାଭାରତ. ସଭା।)

ଲୁପ୍ତ—ସ. ବଣ (ଲୁପ୍ ଧାତୁ+କର୍ତ୍ତୃ. ତ)—୧। ଲୋପପ୍ରାପ୍ତ—
Lupta 1. Extinct; annihilated. ୨। ବିନଷ୍ଟ.
2. Ruined; destroyed; spoiled; effaced. ୩। ଗୁପ୍ତ; ଅଦୃଶ୍ୟ ହୋଇଥିବା—3. Disappeared; concealed. ୪। (+କର୍ମ. ତ) ଅପହୃତ—
4. Stolen; robbed; plundered. ୫। ବହୁକାଳରୁ ଯାହା ବ୍ୟବହାରରେ ନାହିଁ—5. Obsolete; disused. ୬। ଅଚ୍ଛନ୍ନ; ଆବୃତ-
6. Covered. ୭। ହଜି ଯାଇଥିବା—7. Lost. ୮। (ବ୍ୟାକରଣ) ଲୋପ ପ୍ରାପ୍ତ (କୌଣସି ଅକ୍ଷର)—
8. (Grammar); Dropped; elided (letter). ୯। ବାଦ୍‌ଦିଆ ଯାଇଥିବା-9. Omitted. ସ. ବ(+କର୍ମ. ତ) ଚୋରି ଯାଇଥିବା ପଦାର୍ଥ; ଅପହୃତ ଧନ; ଚୋରମାଲ—
9. Stolen article.

ଲୁପ୍ତ ଅକାର—ସ. ବ (ଲୁପ୍ତ+ଅକାର)—ଖଣ୍ଡଅକାର (ଦେଖ)—
Lupta akāra Khanda akāra (See). [ଉ—ଏଥିର ଚିହ୍ନ ଽ ଅଟେ। ଯଥା—ତତୋଽଧିକ।]

ଲୁପ୍ତ ଚକ୍ଷୁଃ—ସଂ. ବିଣ (ବହୁବ୍ରୀହି)—ଯାହାର ଚକ୍ଷୁ ଲୋପ ହୋଇଅଛି
Lupta chakshuḥ —One who has lost his eyes.

ଲୁପ୍ତ ପିଣ୍ଡୋଦକକ୍ରିୟ—ସଂ. ବିଣ. ପୁଂ (ଲୁପ୍ତ+ପିଣ୍ଡ+ଉଦକ+କ୍ରିୟା,
Lupta piṇḍodakakriya ଦ୍ୱନ୍ଦ୍ୱ, ଷଷ୍ଠୀତତ୍ ଓ ବହୁବ୍ରୀହି)—
(ଲୁପ୍ତପିଣ୍ଡୋଦକ କ୍ରିୟା—ସ୍ତ୍ରୀ) କେହି ବଂଶଧର ନ ଥିବାରୁ ଯେଉଁ ମୃତବ୍ୟକ୍ତିର ପିଣ୍ଡ ଓ ତର୍ପଣକ୍ରିୟା ଲୁପ୍ତ ହୋଇଅଛି—(Deceased ancestors) Who are deprived of the offering of funeral cakes and water, having left no issue after them.

ଲୁପ୍ତପ୍ରାୟ—ଦେ. ବିଣ—ପ୍ରାୟ ବିନଷ୍ଟ; ପ୍ରାୟଶଃ ଲୋପପ୍ରାପ୍ତ—
Luptaprāya Nearly gone; nearly destroyed;
ଲୁପ୍ତପ୍ରାୟ all but destroyed; almost ruined.
লুপ্তপ্রায

ଲୁପ୍ତ ବୁଦ୍ଧି—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ଯାହାର ବୁଦ୍ଧି ନଷ୍ଟ
Lupta buddhi ହୋଇଅଛି; ହତବୁଦ୍ଧି; କିଂକର୍ତ୍ତବ୍ୟବିମୂଢ଼—One who has lost his wits; bewildered.

ଲୁପ୍ତ ରତ୍ନ—ସଂ. ବି (କର୍ମଧା)—୧ । ଚୋର ଯାଇଥିବା ମଣି—1.
Lupta ratna Stolen gem. ୨ । ହଜିଥିବା ରତ୍ନ—2. Lost gem. ୩ । ବିନଷ୍ଟ ହୋଇଥିବା ଉତ୍କୃଷ୍ଟ ବସ୍ତୁ—3. An excellent thing which has been lost.

ଲୁପ୍ତ ରତ୍ନୋଦ୍ଧାର—ସଂ. ବି (କର୍ମଧା ଓ ଷଷ୍ଠୀ ତତ୍)—ବିନଷ୍ଟ ହୋଇ-
Lupta ratnoddhāra ଥିବା ଉତ୍କୃଷ୍ଟ ବସ୍ତୁର ପୁନଃ ପ୍ରାପ୍ତି—Recovery of a lost gem.

ଲୁପ୍ତ ସାହସ—ସଂ. ବିଣ. ପୁଂ (ବହୁବ୍ରୀହି)—ଯାହାର ସାହସ ଲୁପ୍ତ
Lupta sāhasa ହୋଇଅଛି—One who has lost
(ଲୁପ୍ତସାହସା—ସ୍ତ୍ରୀ) his courage; disheartened.

ଲୁପ୍ତାକ୍ଷର—ସଂ. ବି (ବ୍ୟାକରଣ)—ଲୋପକ୍ରିୟା-ପ୍ରାପ୍ତ ଅକ୍ଷର; ଦୁଇଟି ଶବ୍ଦ
Luptākshara ବା ପଦ ସଙ୍ଗେ ପ୍ରତ୍ୟୟାଦି ଯୁକ୍ତ ହେଲେ ବ୍ୟାକରଣର ନିୟମ ଅନୁସାରେ ଯେଉଁ ଅକ୍ଷରଟି ଲୋପପାଏ (ଯଥା—ଗମ୍+ତ=ଗତ; ଏଠାରେ 'ମ୍' ଲୁପ୍ତାକ୍ଷର ହୋଇଅଛି ।)—(Grammar) A letter which is dropped on the formation of a word.

ଲୁପ୍ତୋପମା—ସଂ. ବି—ଅର୍ଥାଳଙ୍କାର ବିଶେଷ; ଯେଉଁ ଅଳଙ୍କାରରେ
Luptopamā ଉପମାବାଚକ ଶବ୍ଦାଦିର ଉଲ୍ଲେଖ ନ ଥାଏ—
(ପୂର୍ଣ୍ଣୋପମା—ବିପରୀତ) A figure of speech; a simile where words indicating comparison are not expressly written; a mutilated or elliptical simile. [ଉ—ତାହା ସେ ଶିରୀଷ ମୃଦୁ ଅଙ୍ଗିମା, ତାହା ସେ ଗିରୀଶଯୋଗ ଭଙ୍ଗିମା । ଉଡ଼ି. ରସିକହାରାବଳୀ ।] [ଦ୍ର—ଏଥିରେ ଉପମାର ଏକ ବା ଏକାଧିକ ଅଙ୍ଗ ପ୍ରକାଶିତ ହୋଇ ନ ଥାଏ ।]

ଲୁପ୍ୟ—ଗ୍ରା. ବିଣ (ସଂ. ଲୁପ୍ତ)—ଲୁପ୍ତ—
Lupya Extinct; disappeared.
ଲୁପ୍ତ লুপ্ত, লুপ্তহান (ଲୁପ୍ୟାର୍—ଅନ୍ୟରୂପ)

ଲୁବ୍‌ଲୁବ୍—ଗ୍ରାଦେ. (ଖଡ଼ିଆଲ) ବିଣ—ଲାଳାୟିତ—
Lub-lub Hankering.

ଲୁବ(ବୁ)ଧ—ଗ୍ରା. ବିଣ (ପଦ୍ୟ)—ଲୁବ୍ଧ (ଦେଖ)—
Luba(bu)dha ଲୁବ୍ଧ লুব্ধ Lubdha (See)
[ଉ—ତେଣେ ଲୁବଧ ଭୃଙ୍ଗଗଣେ, ଭ୍ରମନ୍ତି ତାର ସନ୍ନିଧାନେ । ଜଗନ୍ନାଥ—ଭାଗବତ ।] ଗ୍ରା. ବି—
लोभ ଲୋଭ—Covetousness; avarice. [ଉ—
লোভ ଅଧା ଲୁବୁଧରେ ପୂରିଲା କାଳ, ଶଣ୍ଢ ଷଡେ଼ ଧାଇଁ ମଲା ଶିଆଳ । ଢଗ ।]

ଲୁବାନ୍—ବୈଦେ. ବି (ଫା. ଲୁବାନ୍)—ଲୋବାନ୍ (ଦେଖ)
Lubān Lobān (See)

ଲୁବୁଧି(ଧ)—ଗ୍ରା. ବିଣ (ପଦ୍ୟ) (ପ୍ରାଚୀନ ପ୍ରୟୋଗ) (ସଂ. ଲୁବ୍ଧ)—
Lubudhi(dha) ଲୁବ୍ଧ (ଦେଖ)—Lubdha (See)
ଲୁବ୍ଧ [ଉ—ଏ ରୂପ ଦେଖି ଅମ୍ଭ ବୁଦ୍ଧି, ହରଷେ ହୋଇଣ
লুব্ধ ଲୁବୁଧି । ପ୍ରାଚୀ. ପୁରୁଷୋତ୍ତମ ଚନ୍ଦ୍ରୋଦୟ ।]

ଲୁବ୍ଧ—ସଂ. ବିଣ. ପୁଂ (ଲୁଭ୍ ଧାତୁ =ଲଳିବାକୁ ଇଚ୍ଛା କରିବା+କର୍ତ୍ତୃ.
Lubdha ତ)—୧ । ମୁଗ୍ଧ; ପ୍ରଲୋଭିତ—1. Allured;
(ଲୁବ୍ଧା—ସ୍ତ୍ରୀ) tempted; enchanted. ୨ । ଲୋଭଗ୍ରସ୍ତ;
(ଲୁବ୍ଧତା—ବି) ଲୋଲୁପ; ଲାଳାୟିତ—2. Coveting; hankering after; longing for. ୩ । ଲୋଭୀ—3. Covetous; avaricious. ୪ । ଲମ୍ପଟ—4. Lecherous. ୫ । କାମୁକ—5. Amorous; lustful. ସଂ. ବି—୧ । ନକ୍ଷତ୍ର ବିଶେଷ; ଶ୍ୱା—1. Name of a star; the dog star. ୨ । ଲୁବ୍ଧକ; ବ୍ୟାଧ—2. A hunter. ୩ । କାମୁକବ୍ୟକ୍ତି—3. A lecher; a libertine (Apte). ୪ । ଲୋଭୀ ବା ପେଟୁ ବ୍ୟକ୍ତି—4. A covetous or greedy man.

ଲୁବ୍ଧକ—ସଂ. ବିଣ (ଲୁବ୍ଧ+କ)—୧ । ଲମ୍ପଟ—1.
Lubdhaka Lecherous. ୨ । ଲୋଭୀ—2. Covetous; avaricious. ସଂ. ବି—୧ । ବ୍ୟାଧ—1. Hunter. ୨ । ମୃଗ୍ୟାନକ୍ଷତ୍ର—2. The star Sirius. ୩ । ପାୟୁ ଇନ୍ଦ୍ରିୟ—3. Anus. [ଉ—ବୈଦେହ ବିଷୟକୁ ଯାଇ, ଲୁବ୍ଧକ ମନ୍ତ୍ରୀ ସଙ୍ଗେ ଥାଇ । ଜଗନ୍ନାଥ—ଭାଗବତ ।] ୪ । ପିଚ୍ଛ; ପଶ୍ଚାଦ୍‌ଭାଗ—4. The hinder part (Apte). ୫ । ଲୋଭୀ ବା ପେଟୁବ୍ୟକ୍ତି—5. A covetous or greedy man (Apte). ୬ । କାମୁକ ବ୍ୟକ୍ତି 6. A libertine (Apte),

ଲୁବ୍ଧ ଚିତ୍ତ—ସଂ. ବି (କର୍ମଧା)—ଲୋଭଯୁକ୍ତ ହୃଦୟ—
Lubdhachitta Covetous heart. ସଂ. ବିଣ. ପୁଂ
(ଲୁବ୍ଧଚିତ୍ତା—ସ୍ତ୍ରୀ) (ବହୁବ୍ରୀହି)—ଲୁବ୍ଧାଶୟ (ଦେଖ)—
Lubdhāsaya (See)

ଲୁବ୍ଧଚେତାଃ—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି) (ଲୁବ୍ଧଚେତସ
Lubdha chetāh ଶବ୍ଦ, ୧ମା. ୧ବ.)—ଲୁବ୍ଧାଶୟ (ଦେଖ)
Lubdhāsaya (See)

ଲୁବ୍ଧ ନେତ୍ର—ସଂ. ବି. (କର୍ମଧା)—ଲାଳସାପୂର୍ଣ୍ଣ ଦୃଷ୍ଟି—Covetous
Lubdha netra look; lustful eyes. ସଂ ବିଣ. ପୁଂ.
(ଲୁବ୍ଧ ଲୋଚନ—ଅନ୍ୟରୂପ) (ବହୁବ୍ରୀହି)—ଲାଳସାପୂର୍ଣ୍ଣ ଦୃଷ୍ଟି-
ଲୁବ୍ଧ ନେତ୍ରା } ସ୍ତ୍ରୀ ଯୁକ୍ତ—Casting covetous glan-
ଲୁବ୍ଧ ଲୋଚନା } ces; eying lustfully.

ଲୁବ୍ଧାଶୟ—ସଂ. ବି (କର୍ମଧାରୟ)—ଲୋଭଯୁକ୍ତ ହୃଦୟ—Covetous
Lubdhāsaya mind. ସଂ. ବିଣ. ପୁଂ. (ବହୁବ୍ରୀହି)—
(ଲୁବ୍ଧାଶୟା—ସ୍ତ୍ରୀ) ଯାହାର ଚିତ୍ତ ଲୁବ୍ଧ ହୋଇଅଛି—Having
a covetous or hankering mind.

ଲୁଭ୍ (ଧାତୁ)—ସଂ.—୧ । ଲଭିବାକୁ ଅଭିଳାଷ କରିବା; ଲୋଭ କରିବା—
Lubh (root) 1. To covet after a thing; to
hanker after. ୨ । ଗୋଳମାଳିଆ କରିବା—
2. To bewilder; to confound; to perplex
(Apte). ୩ । ପ୍ରଲୋଭିତ କରିବା—3. To
allure; to entice (Apte).

ଲୁଭ୍ (ଇତ୍ୟାଦି)—ପ୍ରାଦେ. (ଉତ୍ତର ଓଡ଼ିଶା) ବି—ଲୋଭ ଇତ୍ୟାଦି (ଦେଖ)
Lubh (etc) Lobha etc (See)

ଲୁଭ୍‌ଲୁଭ୍‌ନା—ପ୍ରାଦେ. (ଉତ୍ତର ଓଡ଼ିଶା) ବିଣ—ଲୋଭନୀୟ—
Lubh-lubh-nā Alluring.

ଲୁଭାନ୍—ବୈଦେ. ବି (ଫା. ଲୁବାନ୍)—ଲୋବାନ୍ (ଦେଖ)
Lubhān Lobān (See)

ଲୁଭିଆ—ପ୍ରାଦେ. (ଜୟପୁର) ବି—ଝୁରୁଡ଼ଙ୍ଗ (ଦେଖ)—Jhurdanga
Lubhiā (ଲୁଭୁକା—ଅନ୍ୟରୂପ) (See)

ଲୁଭିତ—ସଂ. ବିଣ. ପୁଂ—ବ୍ୟାକୁଳିତ; ଘାବରାଇ ଯାଇଥିବା (ବ୍ୟକ୍ତି)—
Lubhita Perplexed; disturbed (Apte).
(ଲୁଭିତା—ସ୍ତ୍ରୀ)

ଲୁମ୍—ସଂ. ବି—ରାଗିଣୀ ବିଶେଷ—A sort of secondery
Lum tune in music. [ଦ୍ର—ଏହା ସପ୍ତସ୍ୱର ଓ ସମ୍ପୂର୍ଣ୍ଣ
ଲୁମ ଲୁମ ଜାତିର ରାଗ, ଏଥିର ସବୁ ଶୁଦ୍ଧ ସ୍ୱର ଲାଗେ; ରାତି ୨ୟ
ପ୍ରହରରେ ଗେୟ; ଏହା ମେଘରାଗର ପୁତ୍ର ।] ବୈଦେ.
ଲୁମ ଲୁମ ବି (ଇଂ. ଲୁମ୍)—ତନ୍ତ୍ର—Loom.

ଲୁମ୍‌ଲୁମ୍—ପ୍ରାଦେ. (ଉତ୍ତର ଓଡ଼ିଶା) ବି—ଉପର୍ଯ୍ୟୁପରି ଖୋଲିବା ଓ ବନ୍ଦ
Lum-Lum ହେବା—Twinkling.

ଲୁମ—ଦେ. ବି (ସଂ. ଲୋମ)—ରୋମ; ଲୋମ—Fur.
Luma রোঁআ, লোম रोआँ, लोम

ଲୁର୍କି—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ହି. ଏହି ଅର୍ଥରେ ଏହି
Lur-ki ଶବ୍ଦ)—କାନର ଲୁଡ଼ୁକା; ପାରିଶ୍ୱରେ ଝୁମ୍ପ ଲାଗିଥିବା
ଉପର କାନର ଅଳଙ୍କାର—A ring with pendant
for the upper part of the ear.

ଲୁଲ୍ (ଧାତୁ)—ସଂ—୧ । ଦୋଳିବା—1. To hang down; to
Lul (root) dangle. ୨ । ବିଲୋଡ଼ିତ କରିବା—2. To
agitate ୩ । ଘୃଷିବା; ମଳିବା—3. To crush;
(ତୁଳ. ଇଂ. ଲୋଲ୍, loll) to press down (Apte).

ଲୁଲ୍—ପ୍ରାଦେ. (ସମ୍ବଲପୁର) ବି—ଖାଇବା ଜିନିଷ (ଯଥା, ଲୁଣ;
Lula ଶାଗ ଆଦି) ବାଡ଼ିବା ପାଇଁ ଲୋଡ଼ା ହେବା ପତ୍ର (ଯଥା,
ଶାଳ, ମହୁଲ, ପଳାଶ) ଆଦିର ଠୋଲପତ୍ରମାନ
ଭବିଷ୍ୟତରେ ବ୍ୟବହାର କରିବା ନିମନ୍ତେ ସାଇତି ରଖିବା
ଲାଗି ଝୁଲାଯାଇଥିବା ମାଳ—A string of cups
made of leaves hung up for future use.
[ଦ୍ର—ବ୍ୟବହାର କରିବା ପାଇଁ ଏଥିରୁ ଠୋଲପତ୍ରମାନଙ୍କୁ
ଗୋଟି ଗୋଟି କରି ଟାଣି ଆଣିବାକୁ ହୁଏ ।]

ଲୁଲନ—ସଂ. ବି (ଲୁଲ ଧାତୁ + ଭାବ. ଅନ)—ଇତସ୍ତତଃ ଝୁଲିବା—
Lulana Dangling.

ଲୁଲା—ଦେ. ବିଣ—ନୁଲା (ଦେଖ)—Nulā (See) ପ୍ରାଦେ.
Lulā (ଗଞ୍ଜାମ) ବି—ଓଲୁ ଲୋକ—Simpleton.

ଲୁଲାପ(ୟ)—ସଂ. ବି. ପୁ. (ଲୁପ୍ ଧାତୁ=ଆଲୋଡ଼ନ କରିବା + ଅ;
Lulāp(ya) ଦ୍ୱିତ୍ୱ; ବାଲ୍ଯ ଲୁଲ୍=ବିଲୋଡ଼ନ + ଆପ ଧାତୁ
(ଲୁଲାପୀ[ୟୀ]—ସ୍ତ୍ରୀ) + ଅ; ଦ୍ୱିତ୍ୱ)—ମହିଷ; ମଇଁଷି—
Buffalo. [ଦ୍ର—ବଶିଷ୍ଠ ବ ଧୂମ୍ରାକ୍ଷ କାହିଁ ଲକ୍ଷ୍ୟ
ଯା ଲକ୍ଷ ଲୁଲାପ ରଥେ ଯୋଚ ଯେ—ଉଛ. ବୈଦେହୀଶ-
ବିଳାସ ।]

ଲୁଲାପ କାନ୍ତା—ସଂ. ବି. ସ୍ତ୍ରୀ—ମାଈ ମଇଁଷି—
Lulāpa kāntā A cow-buffalo.

ଲୁ(ନୁ)ଲି—ପ୍ରାଦେ. (ଜୟପୁର) ବି—କାନର ଝୋଲ; କାନର
Lu(nu)li ଅଳଙ୍କାର ବିଶେଷ—An ornament for the
ear; ear-ring.

ଲୁଲି—ଦେ. ବିଣ. ପୁଂ—ଶିଶୁମାନଙ୍କୁ ସ୍ନେହ ସମ୍ବୋଧନ—A term
Luli endearment addressed to male children.
খোকা, খোকন लाला; ललन (ଲୁଲିଆ—ଅନ୍ୟରୂପ)

ଲୁଳିତ—ସଂ. ବିଣ (ଲୁଲ୍ ଧାତୁ + କର୍ତ୍ତୃ. ତ)—୧ । ଦୋଳିତ;
Lulita ଆନ୍ଦୋଳିତ; ଲମ୍ବିଥିବା—1. Hanging down.
୨ । ଇତସ୍ତତଃ ଚାଳିତ—2. Dangling; waving.
୩ । କମ୍ପିତ—3. Trembling. ୪ । (+କର୍ମ. ତ)
ବିଲୋଡ଼ିତ—4. Agitated. ୫ । ଲୋଳ; ସାହା
ପତଳା ହୋଇ ବା ଶ୍ଳଥ ହୋଇ ଝୁଲୁଥାଏ—
5. Wrinkled. ୬ । ରମ୍ୟ—6. Pleasing;
elegant; beautiful (Apte). ୭ । ପରିତ୍ୟକ୍ତ—
7. Relinquished, deserted. ୮ । ମୁକୁଳା ବା
ଅଡୁଆ ହୋଇଥିବା (କେଶ)—8. Dishevelled
(hair) (Apte). ୯ । ଦଳିତ—9. Pressed

୧	ଇ	ଉ	ଋ,ୠ	ଔ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ୟ
୨	ଈ	ଊ	ରୁ	ଲୁ	ଯ୍ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଵ	ନ୍ନ

down; crushed (Apte). ୧୦ । କ୍ଳାନ୍ତ—10. Fatigued; drooping (Apte).

ଲୁଳିତ ଚର୍ମ—ସଂ. ବି (କର୍ମଧା)—ବୃଦ୍ଧାବସ୍ଥା ଯୋଗୁ ଶ୍ଳଥ ହୋଇ ଝୁଲି ପଡ଼ିଥିବା ଚର୍ମ—Wrinkled skin due to old age).
Lulita charma

ଲୁଳିତ ଚର୍ମା—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି, ଲୁଳିତ+ଚର୍ମନ୍) —ବାର୍ଦ୍ଧକ୍ୟାଦିଯୋଗୁ ଯାହାର ଚର୍ମ ଝୁଲି ପଡ଼ିଅଛି—With wrinkled skin.
Lulita charmā

ଲୁଲି ଧରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଟେକୁରେ ଦଉଡ଼ି ବଳିବା; ସରୁଲି ବଳିବା—To twist thread into rope.
Luli dharibā

ଲୁଳି ପଡ଼ିବା—ଦେ. କ୍ରି (ସଂ. ଲୁଳ ଧାତୁ)—ଝାଉଁଳି ପଡ଼ିବା—To droop down. [ଉ—ଲୁଳିପଡ଼ୁ ଭୁଜ ପଲ୍ଲବଲେ ମୃଦୁଳ ତୁଳୀ ତଳପରେ କ୍ଷଣେ—କବିସୂର୍ଯ୍ୟ. ସଙ୍ଗୀତ ।]
Luli pardibā
ঝামলে যাওয়া
লুল জানা

ଲୁଳିବା—ଦେ. (ପଦ୍ୟ) କ୍ରି.—(ସଂ. ଲୁଳ୍ ଧାତୁ)—୧ । ଶ୍ଳଥ ହୋଇ ଝୁଲିବା; ଲଟକିବା—1. To dangle; to be wrinkled.
Lulibā
লুলা, দোলা
लुलना, डोलना
୨ । ଦୋହଲିବା—2. To hang to and fro. [ଉ—ସୁବର୍ଣ୍ଣ ନାସାପୁଟେ ଲୁଳେ ଗଜମୋତି । ପ୍ରାଚୀ ଘିଣୁ-ଶଙ୍କର. ଉଷା ଅଭିଳାଷ ।] ୩ । କ୍ଳାନ୍ତ ହେବା; ଥକି ଯିବା—3. To be exhausted. [ଉ—ଲୁଳି ନଳିନ, ନିକୁଞ୍ଜ ସଞ୍ଚାରୁ ଚରଣ କଞ୍ଜ । କବିସୂର୍ଯ୍ୟ. ରତ୍ନାକର ଚମ୍ପୂ ।] ୪ । ମଉଳିବା; ମ୍ଳାନହେବା—4. To fade, to wither. [ଉ—ଜଦାପେ ଲୁଳନ୍ତି ନବୀନ ମଞ୍ଜରୀ ପରି କମ୍ପି ମୋର ଉରରେ । କବିସୂର୍ଯ୍ୟ. ସଙ୍ଗୀତ ।] ୫ । ଝାଉଁଳିବା—5. To droop down. [ଉ—ଲୁଳିଲା ଝଞ୍ଜାବାତେ ଲତିକା ପରାୟେ । କୃଷ୍ଣସିଂହ ମହାଭାରତ. ବନ ।]
ক্লান্ত হওয়া
थकना
শুকিয়ে যাওয়া
सूखना
ঝামলে যাওয়া
मुरझाना

ଲୁଳୁର(ରୁ) ଲଇ—ଦେ. ବି.—କାଞ୍ଜି କାଞ୍ଜିଆ (ଦେଖ)
Lulur(ru) lai Kānjikānjiā (See)

ଲୁଶ(ଶୁ)ପୁଶ(ଶୁ)—ଦେ. ଅ—ଲୁଚ୍ ପୁଚ୍ (ଦେଖ)
Luś(śu) puś(śu) Luch puch (See)

ଲୁଶୁର(ରୁ) ପୁ(ଲୁ)ଶୁର(ରୁ)—ଦେ. ଅ.—ଲଶର ପଶର (ଦେଖ)
Luśur(ru) pu(lu)śur(ru) Laśara paśara (See)
[ଦ୍ର—ବଡ଼ ମନୁଷ୍ୟ ହେଲେ 'ଲଶର ପଶର' ବ୍ୟବହୃତ ହୁଏ ଓ ଛୋଟ ବ୍ୟକ୍ତି ପ୍ରତି ଲୁଶୁରୁ ପୁଶୁରୁ ବ୍ୟବହୃତ ହୁଏ ।]

ଲୁଷ (ଧାତୁ)—ସଂ.—୧ । ହିଂସା କରିବା—1. To try to kill. ୨ । ଚର୍ବଣ କରିବା—2. To chew.
Lush (root)

ଲୁଷଭ—ସଂ. ବି. ପୁଂ—(ଲୁଷ ଧାତୁ=କ୍ରୁଦ୍ଧ ହେବା+କର୍ତ୍ତୃ. ଅଭ) ମତ୍ତହସ୍ତୀ—An infuriated male elephant; an elephant in rut.
Lushabha

ଲୁସ ଲୁ(ଲା)ସ—ଦେ. ଅ. (ଧ୍ୱନ୍ୟନୁକରଣ) —ଆମ୍ବ ଆଦି ଫଳ କ୍ରମାଗତ ଝଡ଼ିବା ବେଳେ ହେବା ଶବ୍ଦ—The sound produced by continuous dropping down of fruits, such as mangoes. (ଯଥା—ଗୋଟି ଗୋଟି ହୋଇ ଗଛରୁ ଆମ୍ବ ଲୁସଲୁସ ଝଡ଼ୁଛି ।)
Lus lu(lā)s
হুড়হুড়
गदगद् लदलद्

ଲୁସଲୁସା—ପ୍ରାଦେ (ଗଡ଼ଜାତ) ବିଣ—ଲଚପଚ; କଅଁଳ—Soft; yielding to touch.
Luslusā
(ଲସ ଲସା—ଅନ୍ୟରୂପ)

ଲୁସୁଡ଼ି—ପ୍ରାଦେ (ଯାଜପୁର) ବିଣ.—୧ । ବିଶେଷ ଭାବରେ ସଡ଼ି ଯାଇଥିବା (ଆମ୍ବ, ଆଦି)—1. Badly putrified (fruit). ୨ । ଲୁଳିତ (ଚର୍ମ)—Wrinkled (skin).
Lusurdi

ଲୁସୁଡ଼ି ପଡ଼ିବା—ଦେ. କ୍ରି—ପାଣିଆ ହେବାହେତୁ କାହୁଥ କାନ୍ଥରେ ଲାଗି ନ ରହି ବୋହିପଡ଼ି ଖସିପଡ଼ିବା—(clay) Not to sustain itself on account of its being a little watery.
Lusurdi pardibā
খসেপড়া
लथलथ गीरना
(ଲସୁଡ଼ିବା—ଅନ୍ୟରୂପ)

ଲୁହ—ଦେ. ବି. (ସଂ ଲୋଚକ, ପ୍ରା. ଲୋଅ)—ଅଶ୍ରୁ; ଲୋତକ—Tear. (ଉ—ଏହା କହି ଅଖିରୁ ଯାଉଛି ଲୁହ ବହି—କୃଷ୍ଣସିଂହ ମହାଭାରତ ଆଦି ।) [ଦ୍ର—ଶୋକ ଯୋଗୁଁ କିମ୍ବା କଷ୍ଟ ପାଇ ମନୁଷ୍ୟ କାନ୍ଦିଲେ ତା ଅଖିରୁ ଲୁହ ଗଡ଼େ; ଅଖିରେ ଧୂଆଁ ବା ଉଗ୍ର ଦ୍ରବ୍ୟ ଲାଗିଲେ କିମ୍ବା ରୋଗ ହେଲେ ଅଖିରୁ ପାଣି ଗଡ଼େ ।]
Luha
লো, চোখের জল
आंसु

ଲୁହ ଗଡ଼ିବା—ଦେ. କ୍ରି—ଲୋତକ ପାତ ହେବା—The trickling of tears.
Luha gardibā
চোখের জল পড়া
आंसू बहना, आंसू गीरना, आंसू टपकना
[ଲୁହ ପଡ଼ିବା, ଲୁହ ବା(ବୋ)ହିବ.—ଅନ୍ୟରୂପ]

ଲୁହ ଟୋପା—ଦେ. ବି—ଲୋତକ ବିନ୍ଦୁ—Drops of tear.
Luha ṭopā
চোখের জলের ফোঁটা
आंसूकी बूंद

ଲୁହ ଧାର(ରା)—ଦେ. ବି (ସଂ. ଲୋତକଧାରା)—ଲୋତକଧାରା—Flow or rill of tears.
Luha dhāra(rā)
চোখের জলের ধারা
आंसूकी धारा

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ'ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଆଗ୍ୟା' ନ ପାଇଲେ'ଆଜ୍ଞା' ଦେଖିବେ;'ଅଲବତ' ନ ପାଇଲେ 'ଅଲ୍‌ବତ୍‌'ଦେଖିବେ।

ଲୁହ ନ କାନ୍ଦି ରକ୍ତ କାନ୍ଦିବା—ଦେ.କ୍ରି—ଅତ୍ୟନ୍ତ ମନୋବେଦନା ପ୍ରକାଶ ପୂର୍ବକ କାନ୍ଦିବା—To shed tears (literally blood) in utter grief or pain. [ଦ୍ର—ମନକୁ ବିଶେଷ ବାଧା ହେଲେ ଲୋକେ ଏହା କହିଥାଆନ୍ତି, ଅର୍ଥାତ୍ ମୁଁ କାନ୍ଦିବା ଦ୍ୱାରା ମୋ ଆଖିରୁ ଯେଉଁ ଲୁହ ଟୋପାମାନ ପଡ଼ୁଛି ତାହା ପ୍ରକୃତରେ ମୋ ହୃତ୍‌ପିଣ୍ଡରୁ ରକ୍ତ ବୋହିବା ପରି ମୋ ପ୍ରାଣକୁ କଷ୍ଟ ଦେଉଛି ।]
Luha na kāndi rakta kāndibā
চোখ দিয়ে জল না বেরিয়ে রক্ত বের(রু)ন
आंसू न गीराकर लोहू गीराना

ଲୁହ ପୋଛିବା—ଦେ. କ୍ରି—ହସ୍ତ ଓ ବସ୍ତ୍ରାଦିଦ୍ୱାରା ଲୋତକକୁ ପୋଛି ପକାଇବା—To wipe off tears.
Luha pochhibā
চোখের জল পোঁছা **आंसू पोछना**

ଲୁ(ଲୋ)ହ(ହୁ)ରା—ପ୍ରାଦେ. (ଗଡ଼ଜାତ; ଖଡ଼ିଆଲ) ବି—(ସଂ ଲୋହାକାର, ତୁଳ. ହି. ଲୁହର)—କମାର—Blacksmith.
Lu(lo)ha(hu)rā

ଲୁହା—ଦେ. ବି (ସଂ. ଲୌହ, ଲୋହ)—୧ । କଠିନ ଖନିଜ ଧାତୁ-ବିଶେଷ; ଲୌହ (ଧାତୁ)—1. Iron (Ferrum). ୨ । ଲୁହା ପରି ଟାଣ ବସ୍ତୁ—2. Any thing as hard as iron. [ଦ୍ର—ସଂସାରରେ ବହୁ ଧାତୁ ସଙ୍ଗେ ମିଶ୍ରିତ ଅବସ୍ଥାରେ ଲୁହାର ଗୁଡ଼ିଆ (ore) ଖଣିରୁ ମିଳେ । ଲୁହାର ବର୍ଣ୍ଣ କଳା । ବାୟୁ ଓ ଜଳ ସଂସର୍ଗରେ ଏଥିରେ କଳଙ୍କି ଲାଗେ । ଭାରତରେ ବୈଦିକକାଳରୁ ଏ ଧାତୁର ଜ୍ଞାନ ଚଳି ଆସିଅଛି । ବେଦରେ ଲୁହାକୁ ସଫା କରିବା ବିଧି ଅଛି ଓ ଲୁହାରେ ନିର୍ମିତ କଠିନ ଓ ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ରମାନଙ୍କ ବିଷୟ ଉଲ୍ଲେଖ ଅଛି । ବୈଦ୍ୟଶାସ୍ତ୍ର ମତରେ ଲୁହା ପାଞ୍ଚ ପ୍ରକାର :—୧ କାଂଗୀ, ୨ ପାଣ୍ଡି, ୩ କାନ୍ତ, ୪ କାଳିଙ୍ଗ ଓ ୫ ବଜ୍ରକ । ପୂର୍ବେ କାଞ୍ଚୀଦେଶରୁ କାଞ୍ଚୀ,ପାଣ୍ଡ୍ୟ ଦେଶରୁ ପାଣ୍ଡି ଓ କଳିଙ୍ଗ ଦେଶରୁ କାଳିଙ୍ଗ ଲୁହା ଖଣିରୁ ବାହାରୁ ଥିଲା । ଯେଉଁ ଲୁହା ଆକାଶରୁ ଉଲ୍‌କାପିଣ୍ଡରୂପେ ପଡ଼ୁଥିଲା ତାକୁ ବଜ୍ରକ କହୁଥିଲେ । ଶୁଦ୍ଧୀକୃତ ଲୁହାକୁ କାନ୍ତ ବୋଲାଯାଏ । ଏ ପାଞ୍ଚ ପ୍ରକାର ଲୁହାର ପ୍ରୟୋଗ ବୈଦ୍ୟ ଶାସ୍ତ୍ରରେ ଅଛି । ଲୁହା ବଳପ୍ରଦ ଏବଂ ଶୋଥ, ଶୂଳ, ଅର୍ଶ, କୁଷ୍ଠ, ପାଣ୍ଡୁ, ପ୍ରମେହ, ମେଦ ଓ ବାୟୁନାଶକ; ଅଗ୍ନିର ତେଜୀକର ଓ ଆୟୁର୍ବୃଦ୍ଧିକର, ଗୁରୁ ଓ ସାରକ ବୋଲି ବୈଦ୍ୟ ଶାସ୍ତ୍ରରେ ଅଛି । ବୈଦ୍ୟକରେ ଲୁହାର ଭସ୍ମର ପ୍ରସ୍ତୁତ କରିବା ପ୍ରକ୍ରିୟା ଓ ଭସ୍ମର ପ୍ରୟୋଗ ଅଛି । ପ୍ରାଚୀନ କାଳରେ ଭାରତର ଲୋକେ ଲୁହାକୁ କଳଙ୍କିରୁ ବହୁଶତ ବର୍ଷ ରକ୍ଷା କରିବା ଉପାୟ ଜାଣୁଥିଲେ । ଦିଲ୍ଲୀର ଲୌହସ୍ତମ୍ଭରେ ୧୫ଶତ ବର୍ଷରେ କଳଙ୍କି ଧରି ନାହିଁ । ପୁରାଣମତରେ ଦେବତା-ମାନଙ୍କଦ୍ୱାରା ନିହତ ଲୋମକ ଦୈତ୍ୟର ଶରୀରରୁ ଲୁହା ଉତ୍ପନ୍ନ ହୋଇଥିଲା । ଲୌହ ଅର୍ଣ୍ଣବ ଶାସ୍ତ୍ରରେ ୩ପ୍ରକାର ଥିବା ଲେଖାଯାଇଅଛି । ତୀକ୍ଷ୍ଣାୟସର ପର୍ଯ୍ୟାୟ ତୀକ୍ଷ୍ଣ, ଶସ୍ତ୍ରାୟସ, ଶସ୍ତ୍ୟ, ପିଣ୍ଡ, ଶଠ,ଆୟସ, ନୀଳିତ, ତୀବ୍ର, ଖଡ଼୍ଗ, ଚିତ୍ରାୟସ, ମୁଣ୍ଡଜ । ମୁଣ୍ଡାୟସର ପର୍ଯ୍ୟାୟ—ମୁଣ୍ଡ, ଦୃଷତ୍‌ସାର, ଶିଳାତ୍ମଜ, ଅଶ୍ମଜ, କୃଷିଲୌହ । କାନ୍ତାୟସର ପର୍ଯ୍ୟାୟ—କାନ୍ତ । ହି. ଶ]
Luhā
ସ. ଲୋହ, ଲୋହକ, ଲୌହ, ଜୋଙ୍ଗକ, ଅୟସ, ଶଠ, ନୀଳିତ, ତୀବ୍ର, ଖଡ଼୍ଗ, ଅୟସ, ଶସ୍ତ୍ରକ, ତୀକ୍ଷ୍ଣ, କାଳାୟସ
লোআ, লোহা
लोहा
ତେ. ଇନୁମୁ
ଅ. ହଦୀଦ୍
ଫା. ଆହନ୍

୩ । ବଳଦ ଓ ଘୋଡ଼ାଙ୍କ ଦେହରେ ତତାଇ କରି ଦାଗ ଦେବା ପାଇଁ ବ୍ୟବହୃତ ଲୌହ ଶଳାକା; ତଡ଼ୁକାଠି—3. Searing iron. ଦେ. ବିଣ—୧। ଲୌହ ନିର୍ମିତ—1. Made of iron. ୨ । ଲୁହାପରି ଟାଣ—2. Hard as iron. ୩। କଷ୍ଟସହ (ହୃଦୟ)—3. Callous (heart). ୪ । କଠୋର, ନିଷ୍ଠୁର—4. Hard; cruel.

ଲୁହା ଅଗୁଆ—ଦେ. ବି—ଲୌହନିର୍ମିତ ବଳୟ ବା ମୁଦି—Ring made of iron. [ଦ୍ର—ବଳା ଖୁବ୍ ବଡ଼, ବଳାଠାରୁ କଡ଼ା ଛୋଟ, କଡ଼ାଠାରୁ ମୁଦିଆ ଛୋଟ, ମୁଦିଆଠାରୁ ମୁଦି ଛୋଟ ଓ ମୁଦିଠାରୁ ଅଗୁଆ ବା କଡ଼ି ଛୋଟ ।]
Luhā aguā
লোহা আংগঠী
लोहा कीअंगुठी
ଲୁହାମୁଦି, ଲୁହାମୁଦିଆ } ଅନ୍ୟରୂପ
ଲୁହାକଡ଼ା, ଲୁହାବଳା }

ଲୁହାକଡ଼ି—ଦେ. ବି—୧ । କୋଠା ଛାତର ଲୌହ ନିର୍ମିତ କଡ଼ି—1. Iron beam. [ଦ୍ର—କୋଠାର ଛାତ ଓ ପୋଲ ଆଦିରେ ଆଡ଼ଧାରଣା ପାଇଁ କଡ଼ି ବ୍ୟବହୃତ ହୁଏ ।] ୨ । ଲୌହନିର୍ମିତ ଛୋଟ ମୁଦିଆ—2. Small iron ring.
Luhā karḍi
লোহারকড়ি
लोहाकाघरन

ଲୁହା କଣ୍ଟା—ଦେ. ବି(ସ. ଲୋହକଣ୍ଟକ)—ମୁନିଆ, ଅଳ୍ପ ଲମ୍ବ ଓ ସରୁଆ ଲୌହଖଣ୍ଡ—Iron nail. [ଦ୍ର—ଲୁହା କଣ୍ଟାର ଆକାର ଓ ବ୍ୟବହାର ଅନୁସାରେ ଲୁହାକଣ୍ଟାର ଭିନ୍ନ ଭିନ୍ନ ନାମ ଅଛି ଯଥା— ପିରିକ, ଗୁଳିମେଖ, ବାଗିଆ, ଛତିବାଲି, ଗୋଡ଼ଖାଲି, ମେଖ, ପଜା, ପୀନ ଓ ହଜାରମେଖ ।]
Luhā kaṇṭā
লোহার কাণ্ট
लोहाकीकांटा(टी)

ଲୁହା କରିବା—ଦେ.କ୍ରି-(ଲକ୍ଷଣାର୍ଥ)-(ଦେହକୁ ବା ଛାତିକୁ)—ଲୁହାପରି କଠିନ ବା କଷ୍ଟସହ କରିବା—To harden (one's heart or the body) (ଯଥା—ମୁଁ ପ୍ରତିଦିନ କୁସ୍ତି ଖେଳି ମୋ ଦେହକୁ ଲୁହା କରି ଦେଲିଣି ।]
Luhā karibā
লোহারমতশক্ত করা
लोहाबनाना, पत्थरबनाना
[ଲୁହା ବନା(କେ)ଇବା—ଅନ୍ୟରୂପ]

ଲୁହା କଳଙ୍କ(ଙ୍କି)—ଦେ. ବି (ସଂ. ଲୌହ+କଳଙ୍କ)—ବହୁକାଳ
Luhā kalaṅk(ṅki) ଅବ୍ୟବହୃତ ଅବସ୍ଥାରେ ରହିଲେ
ଲোহার মড়িচা ବାୟୁର ଅମ୍ଳଜାନ (oxygen) ର
लोहाका जंग ପ୍ରଭାବରେ ଲୁହା ଉପରେ ପଡ଼ୁଥିବା ସ୍ତର ବା ମଇଳା—
(ଲୁହା ମ ରୁଗ୍—ଅନ୍ୟରୂପ) Iron-rust.

ଲୁହା କାମ—ଦେ. ବି (ସଂ. ଲୌହ+ କର୍ମ)—ଲୌହକର୍ମ ଓ ତନ୍ନିର୍ମିତ ବସ୍ତୁ—
Luhā kāma Iron-works; hard ware.
লোহারকাজ लोहाका काम (ଯଥା—ଲୁହାସଂ; ଲୁହାକଢ଼)

ଲୁହା ଖଡ଼ିକା—ଦେ. ବି—ପିଠାଖଡ଼ିକା;କଡ଼ାଇ ଉପରେ ପିଠାକୁ ଓ ଭଜା
Luhā khardikā ଅଦିକୁ ଲେଉଟାଇବା ପାଇଁ ବ୍ୟବହୃତ ସରୁ
খুনতী ଓ ଲମ୍ବା ଲୌହଯଷ୍ଟି—A thin stick made of
झेलनी iron used in frying or turning things on a
a frying pan over fire. [ଦ୍ର—ଏହିପରି ଲୁହା
କରଚୁଲ୍, ଲୁହାଜାଲଚଟୁ, ଲୁହାକରେଇ ଓ ଲୁହାବେଣ୍ଟ
ଅଦି ନୁଏ ।]

ଲୁହା ଗୁଣା[ଲି]—ପ୍ରାଦେ. (ଗଡ଼ଜାତ) ବି.—ଧାନ ବିଲରେ ହେବା
Luhāguṇā (li) ଏକ ପ୍ରକାର ଘାସ—A kind of weed
growing in the paddy field. [ଦ୍ର—ଏହାର
ଚେର ଏପରି ଅଣ୍ଟ ଯେ, ଏହାକୁ ବଳୁଆ ମନୁଷ୍ୟ ମଧ୍ୟ
ଓପାଡ଼ି ପାରେ ନାହିଁ ।]

ଲୁହା ଗୁହ(ମଳି)—ଦେ. ବି.—(ସଂ. ମଣ୍ଡୁର, ଲୌହମଳ)—ଲୌହ-
Luhā guha (mali) ମଳ; ଲୁହାକୁ ଅଗ୍ନିରେ ଉତ୍ତପ୍ତ କଲେ
লোহার চর ତହିଁରୁ ବାହାରିବା ମଳ; ମଣ୍ଡୁର—
लोहाकामैल Scoriae.

ଲୁହା ଚଣା—ପ୍ରାଦେ. (ଯାଜପୁର) ବି.—ଲୁହାର ବଡ଼ଚଣା ବା ଛରଗୁ-
Luhā chaṇā Iron shots.

ଲୁହାଚଣା ଖାଇବା—ପ୍ରାଦେ. (ଯାଜପୁର)—କ୍ରି.—(ଭୁଲନା କର, ହି.
Luhā chaṇā khāibā लोहाका चना चबाना)—ଲୁହାର
ବଡ଼ ଚଣା ଖାଇବା [ଦେଖ]—
Luhāra barḍa chaṇā khāibā (See)

ଲୁହାଚଣା ଖିଆ(ଚୋବା)—ପ୍ରାଦେ. [ଯାଜପୁର ବି.—ଏକାଦଶାହ ଶ୍ରାଦ୍ଧ
Luhāchaṇā khiā(chobā) ପରେ କର୍ମକର୍ତ୍ତା ଘରକୁ ଅସି
ଭଜା ଚଣ ଚାଉଳ ଅଦ ଚୋବାଇବା—The chewing
of fried rice and other grains by the
principal mourner on the eleventh night
of a relative's death after finishing the
night śrāddha.

ଲୁହାଚଣା ଚୋବାଇବା—ପ୍ରାଦେ. (ଯାଜପୁର) କ୍ରି—ଏକାଦଶାହ
Luhāchaṇā chobāibā ରାତିରେ ଶ୍ରାଦ୍ଧ ପରେ କର୍ମକର୍ତ୍ତା ଘରକୁ
ଅସି ଭଜା ଚଣ ମୁଗ ଚର୍ବଣ କରିବା—To chew fried
rice and other grains after finishing
the night śrāddha on the eleventh day
of a relative's death.

ଲୁହା ଚୂନା—ଦେ. ବି (ସଂ. ଲୌହ ଚୂର୍ଣ୍ଣ)—ଲୌହ ଚୂର୍ଣ୍ଣ; ଲୁହାକୁ
Luhā chūnā କରତିଲେ ତହିଁରୁ ବାହାରିବା କ୍ଷୁଦ୍ର କ୍ଷୁଦ୍ର ଲୌହ-
লোহারখুঁড়ো लोहाका बुरादा ଖଣ୍ଡମାନ—Iron filings

ଲୁହା ଚେନ୍—ଦେ. ବି (ସଂ. ଲୌହ+ଇଂ. ଚେନ୍)—ଲୌହ
Luhā chen ଶୃଙ୍ଖଳ; ଲୁହା ଶିକୁଳି—Iron-chain.
লোহার চেন लोहाका चेन

ଲୁହା ଛାତି—ଦେ. ବି (ଲକ୍ଷଣାର୍ଥ)—୧ । ଲୁହା ପରି କଷ୍ଟସହ ଅର୍ଥାତ୍
Luhā chhāti ଧୈର୍ଯ୍ୟଶୀଳ ଓ ବିପଦରେ ଅଟଳ ହୃଦୟ—
লোহার হৃদয় 1. Patient and callous heart.
लोहाकी छाती ୨ । ନିର୍ଦ୍ଦୟ ହୃଦୟ—2. Hard heart.
(ଲୁହାର ଛାତି—ଅନ୍ୟରୂପ)

ଲୁହା ଜାଣି ପାଣି ଦେବା—ଦେ. ବାକ୍ୟ (ଲକ୍ଷଣାର୍ଥ)—ସମୟ ଓ
Luhā jāṇi pāṇi debā ସୁବିଧା ଦେଖି କୌଣସି ବ୍ୟକ୍ତି ବା
ঝোপ বুঝে কোপ দেওয়া କୌଣସି ବିଷୟ ପ୍ରତି ଉପଯୁକ୍ତ ପ୍ରୟୋଗ
लोहा देखकर पानी देना କରିବା; ଦେଶକାଳପାତ୍ର ବିବେଚନା
କରି କାର୍ଯ୍ୟ କରିବା; ଶୀଘ୍ର ଉଣ୍ଡି ତଡ଼ୁ ଦେବା—
(figurative) To strike the iron while
it is hot; to catch time by the forelock;
to make the best use of an opportunity.

ଲୁହାଣ(ଣି)—ଦେ. ବିଣ—୧ । ଲୁହାଁଣିଆ (ଦେଖ)—1. Luāṅṅia
Luhāṇa(ṇi) (See) ୨ । ଲୁହା ପରି ଟାଣ—2. Hard
লোহার মতন as iron. ୩ । ରକ୍ତ ଜର୍ଜରିତ—3. Bes-
लोहासा (ଲୁହାଣିଆ—ଅନ୍ୟରୂପ) meared with blood.

ଲୁହା ଦି(ଦେ)ହ—ଦେ. ବି—ଲୁହା ପରି ଟାଣ ଦେହ—A body as
Luhā di(de)ha hard as iron; iron constitu-
লোহার শরীর लोहाका शरीर tion.
୨ । କଠୋର ବା ନିଷ୍ଠୁର ହୃଦୟ—2. Hard heart.
୩ । ଅତ୍ୟନ୍ତ ଧୈର୍ଯ୍ୟଶୀଳ ମନ—3. Very patient
mind.

ଲୁହା ଦେବା—ଦେ. କ୍ରି—ବଳଦ, ଗାଈ ଓ ଘୋଡ଼ାଙ୍କ ଦେହରେ
Luhā debā ତାତିଲା ଲୁହା ଦ୍ୱାରା ଦାଗ ଦେବା—
দাগা, লোহার দাগ দেওয়া लोहासे दागना To singe
or mark the body of cattle and horse
with a searing iron.

ଲୁହା ପତର—ଦେ. ବି (ସଂ. ଲୌହପତ୍ର)-ଲୋହାର ପତଳା ଖଣ୍ଡ—
Luhā patara Thin iron sheet.
লোহার পাতা लोहाका पत्तर
[ଲୁହାପତ୍ର,ଲୁହା ଫରଦ, ଲୁହା ଫର୍ଦ—ଅନ୍ୟରୂପ]

ଲୁହା ପାତ—ଦେ. ବି—ଲୌହର ଖଣ୍ଡ ପତଳା ବା ସରୁ ପଟି—
Luhāpata Thin strip of iron.
লোহারপাত लोहाकापतलापत्तर
[ଲୁହାପାତମ ଲୁହାପାଉଥ—ଅନ୍ୟରୂପ]

ଲୁହାଭସ୍ମ—ଦେ. ବି (ସଂ. ଲୌହଭସ୍ମ)-ଲୌହଭସ୍ମ (ଔଷଧରେ ବ୍ୟବହୃତ)
Luhā bhasma ଅଧୁନିକ ବୈଜ୍ଞାନିକ ଉପାୟରେ କିମ୍ବା
লোহাভস্ম लोहाभसम ଆୟୁର୍ବେଦୋକ୍ତ ବିଧିରେ ଉତ୍ପନ୍ନ
ହୋଇ ଭସ୍ମୀକୃତ ଲୌହ—Iron oxide.

ଲୁହାଭିଡ଼ା—ଦେ. ବିଣ—ଲୌହବଳୟସ୍ୱବେଷ୍ଟିତ—Girt with iron
Luhābhirdā rings. (ଉ—ଧଇଲେ ଟେକି କରେ
লোহাবান্ধান लोहाजड़ाहुआ ସଦା ଲୁହାଭିଡ଼ା—କୃଷ୍ଣସିଂହ
ମହାଭାରତ ବନ ।)

ଲୁହାର—ପ୍ରାଦେ (ମେଦିନୀପୁର) ବି (ଭୁଲ ବ. ଲୋହାର)—କମାର—
Luhāra Black-smith.

ଲୁହାର ବଡ଼ଚଣା ଖାଇବା—ଦେ. କ୍ରି—[ଲକ୍ଷଣାର୍ଥ] ଶରୀରକୁ ଓ
Luhārabardachanākhāibā ହୃଦୟକୁ ଲୌହ ପରି
লোহায়েযাওয়া लोहाकाचनाचबाना କଠିନ, କଠୋର
ବା କଷ୍ଟସହ କରିବା—To make one's body and mind callous against rough treatment or use. (ଯଥା—ଲୁହାର ବଡ଼ଚଣା ଖାଇଲେ ଯାଇ ମଣିଷ ଏ ସଂସାର ଦାଉ ସମ୍ଭାଳ କ୍ଷମ ହେବ)

ଲୁହା ରୁଖ—ଦେ. ବି—ଲୁହାଚୁନା (ଦେଖ)
Luhā rukha Luhāchūnā (See)

ଲୁହାରେ ପାଣି ଦେବା—ଦେ. କ୍ରି—ଅଭିପ୍ରେତ କାର୍ଯ୍ୟପାଇଁ ସନ୍ଧାନକୁ
Luhāre pāṇi debā ଦୃଢ଼ ଓ କଷ୍ଟସହ କରିବା ଉଦ୍ଦେଶ୍ୟରେ
লোহাতে জলদেওয়া लोहामे पानी देना ଉତ୍ତପ୍ତ ଲୌହକୁ
ଜଳଦ୍ୱାରା କ୍ରମଶଃ ଥଣ୍ଡା କରିବା—To temper iron. [ଦ୍ର—ଏହି 'ପାଣି ଦେବା'ର କୌଶଳ ସବୁ କାରିଗରମାନେ ଜାଣନ୍ତି ନାହିଁ । ଏକପ୍ରକାର ଲୁହାରେ ତିଆରି ଯନ୍ତ୍ର 'ପାଣି ଦେବା'ର କୌଶଳ ବା ଭେଦ ଅନୁସାରେ କଷ୍ଟସହ ବା ଭଙ୍ଗପ୍ରବଣ ହୁଏ । ଗରମ ହୋଇଥିବା ଲୁହାକୁ ହଠାତ୍ ପାଣିରେ ବୁଡ଼ାଇ ଦେଇ ଥଣ୍ଡା କରାଯାଏ, କିମ୍ବା କ୍ରମଶଃ ଧୀରେ ଧୀରେ ଅଳ୍ପ ଅଳ୍ପ ଜଳ ଦେଇ ଥଣ୍ଡା କରାଯାଏ କିମ୍ବା ବାୟୁ ଦ୍ୱାରା କ୍ରମଶଃ ଥଣ୍ଡା କରାଯାଏ । ଏହି ପ୍ରକ୍ରିୟାକୁ 'ପାଣିଦେବା' ବୋଲାଯାଏ ।]

ଲୁହା ଶିକୁଳା(ଳି)—ଦେ.ବି(ସଂ.ଲୌହଶୃଙ୍ଖଳ)—ଲୌହଶୃଙ୍ଖଳ—Iron
Luhā śikulā(li) chain. [ଦ୍ର—ଭିନ୍ନ ଭିନ୍ନ କାମ ପାଇଁ ଲୁହା
লোহারশিকল ଶିକୁଳିର କଡ଼ାମାନ ବଡ଼ ବା ସାନ ଏବଂ ମୋଟା ବା ସରୁ
लोहाकीशिकली(री) କରାଯାଏ । ଘଡ଼ିମାନଙ୍କରେ ଲଗ୍ନ ଶିକୁଳା
(ଚେନ୍) ଛୋଟ, ବନ୍ଦୀମାନଙ୍କର ଓ ପଶୁମାନଙ୍କ ହାତରେ ଗୋଡ଼ରେ ଦିଆଯିବା ଶିକୁଳା (ବେଡ଼ି) ତହିଁ ମୋଟ, ଜମି ମାପ କରିବା ପାଇଁ ବ୍ୟବହୃତ ଶିକୁଳା (ଚେନ୍) ତହିଁ ମୋଟ ଓ ଭାରି ପଥର ଆଦି ଉଠାଇବା ପାଇଁ ବ୍ୟବହୃତ ଶିକୁଳା ସବୁଠାରୁ ମୋଟ କରି ଗଢ଼ାଯାଏ ।]

ଲୁହି(ଇ)—ପ୍ରାଦେ. (ଗଡ଼ଜାତ, ଖଡ଼ିଆଳ) ବି—ଲୋହି (ଦେଖ)
Luhi(i) Lohi. (See)

ଲୁହୁକି—ପ୍ରାଦେ (ଯାଜପୁର) ବି—ଝଡ଼ ବର୍ଷା ପାଗ—
Luhuki Windy and rainy weather.

ଲୁହୁରା—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ, ଭୁଲ. ହି. ଲୋହରା) ବି—
Luhurā କମାର; ଲୋହାର—Black-smith.

ଲୁହ୍ଲୁଆ ଫୁଲ—ଦେ. ବି (କଣିଆ ଶବ୍ଦ)—ରୁପା ବା ସୁନା ଅଳଙ୍କାରରେ
Luhluā phula ଲାଗିବା ଧାତୁ ନିର୍ମିତ ଫୁଲ ବିଶେଷ—Any
ফুল metal flower used as ornament when
ফুল set on another gold or silver ornament.

ଲୂ (ଧାତୁ)—ସଂ—୧ । ଛେଦନ କରିବା; କାଟିବା—1. To cut.
Lū (root) ୨ । (ସୂତା) କାଟିବା—2. To spin (thread).
୩ । ବିନଷ୍ଟ କରିବା—3. To destroy; to annihilate. (Apte).

ଲୂଆ—ପ୍ରାଦେ (କଟକ ସହର ଭିତର, ବ୍ୟବହୃତ) ବିଣ—ନୂଆ;ନୂତନ—
Lūā New.

ଲୂତା—ସଂ. ବି. ସ୍ତ୍ରୀ (ଲୂ ଧାତୁ+କର୍ତ୍ତୃ. ତ+ଆ)—୧ । ବୁଢ଼ିଆଣି;
Lūtā ମାକଡ଼ସା; ଊର୍ଣ୍ଣନାଭ—1. Spider. [ଉ—ଜହ୍ନ ବସିଲେ, ହେବ ଏ ଲୂତା ସୂତା ପ୍ରାୟେ । ଦୀନକୃଷ୍ଣ. ରସ କଲ୍ଲୋଳ ।] ୨ । ପିମ୍ପୁଡ଼ି (ହି. ଶ)—2. Ant. (Apte) ୩ । କ୍ଷତ; ମର୍ମବ୍ରଣ; ମନୁଷ୍ୟର ଦେହରେ ବୁଢ଼ିଆଣି ମୁତିଲେ ଯେଉଁ ବ୍ରଣ ହୁଏ (ହି. ଶ)—3. Sores appearing on the body due to a spider urinating on one's body. [ଦ୍ର—ବୈଦ୍ୟକ ଗ୍ରନ୍ଥରେ ଲୂତା ରୋଗ କେତେ ପ୍ରକାରର ଉଲ୍ଲେଖ ଅଛି ଓ କେତେ ପ୍ରକାରର ବିଷାକ୍ତ ମାକଡ଼ସାଙ୍କ ନାମ ମଧ୍ୟ ଅଛି, ଯଥା—ତ୍ରିମଣ୍ଡଳା, ଶ୍ୱେତା, କପିଳା, ପୀତଲୂତା । ମାକଡ଼ସାଙ୍କ ମୂତ୍ର, ଛେପ, ନଖ, ରକ୍ତ, ଶୁକ୍ର ଓ ପୁରୀଷଦ୍ୱାରା ବିଷ ସଞ୍ଚାରିତ ହେବା ଲେଖାଅଛି, ଲୂତାରୋଗ ମାରାତ୍ମକ—ହି. ଶ]

ଲୂତା ଜାଲ—ସଂ. ବି (ମ. ପ. ଲୋ)—ମାକଡ଼ସାର ଜାଲ—
Lūtājāla Cobweb.

ଲୂତାଜାଲବତ୍ତ୍ୱକ୍—ସଂ. ବି (ଅଧୁନିକ ଦେହ ବିଜ୍ଞାନ)—ଚକ୍ଷୁର ମଧ୍ୟସ୍ଥିତ
Lūtājālbattwak ମାକଡ଼ସାର ଜାଲପରି ପତଳା ଚମଡ଼ା ବିଶେଷ—(anatomy) One of the thin tunics or membranes inside the eye; Tunica Arachnoides.

ଲୂତା ତନ୍ତୁ—ସଂ. ବି (ଷଷ୍ଠୀ ତତ୍)—୧ । ମାକଡ଼ସାର ସୂତା—
Lūtā tantu 1. Spider's thread. ୨ । ମାକଡ଼ସାର ଜାଲ—2. Spider's web; cobweb.

ଲୂତାତନ୍ତୁନ୍ୟାୟ—ସଂ. ବି—ମାକଡ଼ସା ଯେଉଁପରି ନିଜ ଦେହରୁ ସୂତା
Lūtātantu nyāya ବାହାର କରି ଜାଲବୁଣେ, ପୁଣି ସଂହରଣ କରେ ବା ଗିଳିଯାଏ ସେହିପରି ନ୍ୟାୟ (ଏ ବ୍ରହ୍ମାଣ୍ଡକୁ ଈଶ୍ୱର ନିଜ ଦେହରୁ ଉତ୍ପାଦନ କରନ୍ତି ପୁଣି ପ୍ରଳୟକାଳରେ ଏ ସୃଷ୍ଟିକୁ ଆପଣାର ଗର୍ଭରେ ପ୍ରବିଷ୍ଟ ବା ବିନାଶ କରନ୍ତି ଏହି ପ୍ରକ୍ରିୟାକୁ ହିନ୍ଦୁ ଶାସ୍ତ୍ରକାରମାନେ 'ଲୂତାତନ୍ତୁ' ନ୍ୟାୟ ତୁଳନା କରିଅଛନ୍ତି)—An analogy of God's creating

the world and dissolving it like the spider weaving the cobweb out of its body and again drawing it in or destroying it.

ଦେ. ବି—ମାକଡ଼ସା ଜାଲ ବୁଣି ମାଛି ମଶା ପୋକଆଦି ଜୀବଙ୍କୁ ଅପେକ୍ଷା କରି ଲୁଚିକରି ରହିଥାଏ ଓ ସେ ଜାଲରେ ମାଛିଆଦି ଆସି ଅଟକି ଗଲେ ସେ ଉକ୍ତ ଜାଲରେ ଛନ୍ଦନି ମନ୍ଦନି ହୋଇଯାଏ ଓ ସେ ଜାଲରୁ ମୁକ୍ତିଲାଭକୁ ଯେତିକି ଛଟପଟ ହେଉଥାଏ ତା ଦେହରେ ଜାଲ ସେତିକି ଦୃଢ଼ ହୋଇ ଗୁଡ଼ାଇ ହୋଇ ଯାଉଥାଏ ଓ ଶେଷରେ ସେ ମାଛିଟି ଗୁଡ଼ିଆଣି ଜାଲ ଘରେ ବାନ୍ଧ ହୋଇ ମାକଡ଼ସାର ଆହାରରେ ପରିଣତ ହୁଏ,ସେହିପରି ନ୍ୟାୟ—Like a fly involved in a spider's web.

ଲୂତାତନ୍ତୁ ବିତାନ—ସଂ. ବି—ସୂତ୍ରରୂପ ବା ଛିଟା ଆକାରରେ ବିସ୍ତୃତ
Lūtātantu bitāna ମାକଡ଼ସାର ଜାଲ—A sheet of spider's web.

ଲୂତା ମର୍କଟକ—ସଂ. ବି—୧ । ପାତିମାକଡ଼—1. Ape (Apte).
Lūtā markaṭaka ୨ । ଏକ ଜାତି ମଲ୍ଲିଫୁଲ—2. A kind of jasmine (Apte).

ଲୂତିକା—ସଂ. ବି. ସ୍ତ୍ରୀ (ଲୂତା+କ+ସ୍ତ୍ରୀ. ଆ)—ସାନ ଲୂତା; ଛୋଟ
Lūtikā ମାକଡ଼ସା—Small spider.

ଲୂନ—ସଂ. ବିଣ (ଲୂ ଧାତୁ+କର୍ମ ତ)—୧ । ଛିନ୍ନ; କର୍ତ୍ତିତ—1.
Lūna Cut; torn; plucked. ୨ । ଅଗ କଟାଯାଇ ଥିବା; କଟୁରା ହୋଇଥିବା—2. Lopped; cropped up (Apte). ୩ । ଆହତ—3. Wounded (Apte)

ଲୂନକ—ସଂ. ବିଣ (ଲୂନ+କ)—କର୍ତ୍ତିତ; ଛେଦିତ—Cut off.
Lūnaka ସଂ. ବି—୧ । ପଶୁ; ଚତୁଷ୍ପଦ ଜନ୍ତୁ—1. Beast; quadruped. ୨ । ଅମ୍ଳଲୋଣୀ ଶାକ (ହି. ଶ.)—2. A kind of acid and saline pot herb. ୩ । ଛେଦ; କ୍ଷତ—3. A cut; a wound (Apte). ୪ । ଜୀବ—4. An animal (Apte).

ଲୂନକ ଶିଖ—ସଂ. ବିଣ. ପୁଂ (ଲୂନ ହୋଇଅଛି ଶିଖା ଯାହାର;
Lūnaka śikha ବହୁବ୍ରୀହି)—ଯାହାର ମୁଣ୍ଡର ଶିଖା ବା
(ଲୂନଶିଖ—ଅନ୍ୟରୂପ) ଚୁଟି କଟା ହୋଇଅଛି; ଲଣ୍ଡା—One
(ଲୂନକଶିଖା—ସ୍ତ୍ରୀ) the long hair of whose head has been cut or cropped.

ଲୂନ ପକ୍ଷ—ସଂ. ବିଣ. ପୁଂ (ବହୁବ୍ରୀହି)—ଯେଉଁ ପକ୍ଷୀଙ୍କର ଡେଣା
Lūna paksha କଟା ହୋଇଅଛି—(a bird) Whose
(ଲୂନପକ୍ଷା—ସ୍ତ୍ରୀ) wings have been cut off.

ଲୂନଶାଖ—ସଂ. ବିଣ (ଲୂନ+ଶାଖା; ବହୁବ୍ରୀହି)—ଯେଉଁ ବୃକ୍ଷର ଅଗ
Lūna śākha ଡାଳମାନ କଟା ହୋଇଥିଲୁ—Having the branches (of a tree) lopped off.

ଲୂନି—ସଂ. ବି (ଲୂ ଧାତୁ+ଭାବ. ତି)—କର୍ତ୍ତନ; ଛେଦନ—
Lūni Cutting off.

ଲୂମ—ସଂ. ବି (ଲୂ ଧାତୁ=ଛେଦନ କରିବା+କର୍ମ. ମ)—
Lūma ଲାଙ୍ଗୁଡ଼; ପୁଚ୍ଛ—Tail of an animal.

ଲୂମ ବିଷ—ସଂ. ବିଣ (ବହୁବ୍ରୀହି; ଲୂମରେ ଅଛି ବିଷ ଯାହାର)
Lūma bisha —ଯେଉଁ ଜୀବ (ଯଥା—ମାକଡ଼ସ, କଙ୍କଡ଼ାବିଛା, ତେନ୍ତୁଳିଆ ବିଛାଆଦି)ଙ୍କର ଲାଙ୍ଗୁଡ଼ରେ ବିଷ ଅଛି—(animal) Having poison in the tail. ସଂ. ବି—ମାକଡ଼ସା, କଙ୍କଡ଼ାବିଛା ଓ ତେନ୍ତୁଳିଆ ବିଛାଆଦି ବିଷଲାଙ୍ଗୁଡ଼ିଆ ଜନ୍ତୁ—Scorpion, centepede and spider (carrying poisoned stings in the tail).

ଲେ—ଦେ. ବିଣ. (କଚେରୀ ପ୍ରୟୋଗ, ସାଙ୍କେତିକ)—(ଲେଖିତଂ
Le ର ସାଙ୍କେତିକ; ଲେଖିତଂ ଅମୁକ ବା ଲେଖକ ଅମୁକ
ଲି ଅର୍ଥରେ ବ୍ୟବହୃତ ଲେଖିତଂ ଶବ୍ଦର ସାଙ୍କେତିକ)—
ଲି (ଅମୁକ)ଙ୍କ ଦ୍ୱାରା ଲିଖିତ—An abbreviation corresponding to 'w' or 'written by' (so and so). ଦେ. ଅ—୧ । ବିସ୍ମୟ ଓ ଆନନ୍ଦ
ଲେ ! ଲେ ! ପ୍ରକାଶାର୍ଥକ ଅବ୍ୟୟ—1. Interjection expres-
ଲଗେ sing gladness and wonder. ୨ । କୁକୁରକୁ
ଲେନ ଶିକାରର ପଛରେ ଲଗାଇବା ପାଇଁ ସମ୍ବୋଧନ; ଲୁ ! —
ଯେ 2. An interjection or halloo used to set dogs on a game. ୩ । (ବ୍ୟାକରଣ) ଦେ. କ୍ରି—ଅତୀତକାଳରେ ଅନ୍ୟ ପୁରୁଷ, ସମ୍ମାନାର୍ଥକ ଏକବଚନ (ସେ) ଓ ବହୁବଚନ (ସେମାନେ) ଓ ମଧ୍ୟମ ପୁରୁଷ ସମ୍ମାନାର୍ଥକ ଏକବଚନ (ଆପଣ) ଓ ବହୁବଚନ (ଆପଣମାନେ) ସଙ୍ଗେ କ୍ରିୟାରେ ଯୁକ୍ତ ଅକ୍ଷର, ଯଥା—ସେ ଗଲେ, ଆପଣମାନେ ଆସିଲେ)—Inflection used in the past tense third person singular and plural and 2nd person singular and plural. ପ୍ରାଦେ (କଟକ ସହର) ଅ—୧ । (କଟକ ସହରଅଞ୍ଚଳର ନ ସ୍ଥାନରେ ଲ ଉଚ୍ଚାରଣ) ହର୍ଷ ଓ ଉତ୍ସାହାର୍ଥକ ଅବ୍ୟୟ—(Cuttack slang) An inlerjection used in slang by Cuttack townspeople expressing gladness and buoyancy of spirits. [ଉ—ଲେଲେ ମଜା !] ୨ । କ୍ର ନେବାକ୍ରିୟାର ଅନାଦରାର୍ଥକ ଅନୁଜ୍ଞା ଏକବଚନ (ତୁ) ନେ; ଗ୍ରହଣ କର—2. (you) Do take.

ଲେ ଆଣ—ପ୍ରାଦେ. (କଟକ ସହର) କ୍ରି—ନେ ଆଣ (ଦେଖ)
Le āṇa Ne āṇa (See)

ଲେଇ—ଦେ. ବି (ହି. ଲେହ) —୧ । ଲଅଇ; ଲେହ; ଚୁଡ଼ା, ଅଟା,
Lei ମଇଦା, ଖଇ ଆଦି ସିଝା ପାଣି ବା ରସ । ହୋଇ ପ୍ରସ୍ତୁତ
ଲେଈ ଲେ ହେବା ମଣ୍ଡ ବା ଅଠା — 1. Gum-paste prepared

ନେଇ from boiled flour. ୬ । (ସଂ. ନାଗ ବା ଲୋହ)
ନेहाई (କମାରମାନେ ଯେଉଁ ଲୌହପିଣ୍ଡ ଉପରେ ଲୁହା ଅବଳୁ ରଖି ହାତୁଡ଼ିରେ ପିଟନ୍ତି—2. Anvil.

ଲେଇ ଅଣିବା—ପ୍ରାଦେ· (କଟକ ସହର) କ୍ରି—ନେଇ ଅଣିବା (ଦେଖ)
Lei ānibā Nei ānibā (See)

ଲେଇ ଅସିବା—ପ୍ରାଦେ. (କଟକ ସହର) କ୍ରି—ନେଇ ଅସିବା (ଦେଖ)
Lei āsibā Nei āsibā (See)

ଲେଉଆ—ଦେ· ବ—ନେଉଆ (ଦେଖ)
Leuā Neuā (See)

ଲେଉଆର୍—ବୈଦେ· ବ (ଫା. ନେୱାର୍)—ଖଟ୍ଟ ଓ ମଶୁରିରେ
Leuār ଲଗାଯିବା ଚଉଡ଼ା ଫିତା—Tapes for bedsteads
ନେଓ୍ୟାର नेवार and mosquito nets; cotton-tape.
[ଲେୱା(ବା)ର୍—ଅନ୍ୟରୂପ]

ଲେଉଟ—ଦେ. ବ ଓ ବଣ (ସଂ. ନିବର୍ତ୍ତନ) —ନେଉଟ (ଦେଖ)—
Leuṭa Neuṭa (See) [ଉ—ଉଠନ ଲେଉଟ ଗ୍ରାସ, ବସିକା କର ପ୍ରକାଶ, ଉସିବେ ବସ୍ତ୍ର ଦେଇ ଲେଖା ଗୃହ ପେଷିଲ୍ଲ ଗୋବନ ପାଶ—ଅଭିମନ୍ୟୁ ସାମନ୍ତସିଂହାର ବିଦଗ୍ଧ ଚିନ୍ତାମଣି ।]

ଲେଉଟ ଉତ(ତ୍ତ)ର—ଦେ· ବ-୧। ପ୍ରତ୍ୟୁତ୍ତର; କୌଣସି ବ୍ୟକ୍ତି ନିକଟକୁ
Leuṭa uta(tta)ra ପ୍ରେରିତ ସମ୍ବାଦର ବା ପ୍ରଶ୍ନର ସେ ଯେଉଁ ଉତ୍ତର
ପାଲଟା ଜବାବ ଦିଏ—1. A reply in return; a rejoinder.
लौटता उत्तर ୨ । ପ୍ରତିଧ୍ୱନି—2. Echo.

ଲେଉଟ ଉପାୟ—ଦେ. ବ—ପ୍ରତିପ୍ରୟୋଗ; ପ୍ରୟୋଗ କରାଯାଇଥିବା
Leuṭa upāya କୌଣସି ମନ୍ତ୍ରାଦିର ବା ଔଷଧାଦିର ଫଳର
উল্টো উপায় ପ୍ରତିଷେଧକ ଉପାୟ; ଉତ୍ତାର—Means employ-
लौटता उपाय ed to counteract the effect of mystic applications or applied medicines.

ଲେଉଟ କରିବା—ଦେ· କ୍ରି—କୌଣସି ବ୍ୟକ୍ତି ପ୍ରତି ପ୍ରୟୋଗ କରା-
Leuṭa karibā ଯାଇଥିବା ମନ୍ତ୍ର ଅମ୍ବା ଔଷଧର ଫଳକୁ ନିବାରଣ
উল্টো উপায় করা ବା ପ୍ରଶମନ କରିବା ପାଇଁ ପ୍ରତିଷେଧକ
उलटा करना ଉପାୟ ପ୍ରୟୋଗ କରିବା—
To employ counteracting means against the effects of a medicine or a mystic application.

ଲେଉଟ ଖବର—ଦେ. ବ—ଫେରନ୍ତା ଖବର; ପ୍ରତ୍ୟୁତ୍ତର; ପ୍ରେରିତ
Leuṭa khabara ସମ୍ବାଦର ଉତ୍ତରରେ ମିଳିବା ସମ୍ବାଦ—
ফেরতা খবর Return news; a news which
लौटती खबर is received in reply to the news sent.

ଲେଉଟ ଚକୁଳି—ଦେ· ବ—ଏକପ୍ରକାର ମୋଟ ଚକୁଳି (ଯାହାର
Leuṭa chakuli ଦୁଇଟି ପାଖକୁ ଜୁଇ ଉପରେ ପାଳମରେ
মোটা চাকলী পিঠা ଲେଉଟା ଯାଇଥାଏ)—A kind of
ओलटी चपाती, thick pastry cake, both faces of which have been turned over the fire. [ଦ୍ର—ସାଧାରଣତଃ ଚକୁଳିମାନ ଖୁବ୍ ପତଳା ଥିବାରୁ ଏହାକୁ ଜୁଇ ଉପରେ ଲେଉଟାଇବାକୁ ହୁଏ ନାହିଁ, ଅର୍ଥାତ୍ ଜୁଇଁରେ ବସିଥିବା କଡ଼େଇରେ ବା ପାଳମରେ ପିଠଉକୁ ପତଳା କରି ଢାଳି ଦେଇ ସାର କିଛିକ୍ଷଣ ପରେ ତାହାକୁ ଉଠାଇ ଅଣିବାକୁ ହୁଏ । ଏପରି ପତଳା ଚକୁଳିକୁ 'ସରୁ ଚକୁଳି' ବୋଲାଯାଏ । କିନ୍ତୁ ପିଠଉକୁ ବହଳିଆ କରି ଢାଳି ଦେହି ମୋଟ ଚକୁଳିକୁ ନ ଲେଉଟାଇଲେ ତାହା ଉତ୍ତମରୂପେ ସିଝି ପାରେ ନାହିଁ । ଏଥିପାଇଁ ତାହାର ତଳପାଖକୁ ପାଳମରେ ଲୁହାଖଣ୍ଡିକର ସାହାଯ୍ୟରେ ଲେଉଟାଇ ଦେବାକୁ ହୁଏ; ତାହାହେଲେ ଚକୁଳିଟି ଉତ୍ତମରୂପେ ସିଝିଯାଏ । ଏଥିପାଇଁ ଏହାକୁ ଲେଉଟ ଚକୁଳି ବୋଲାଯାଏ । ପରିବାରର କୌଣସି ବ୍ୟକ୍ତି ବିଦେଶକୁ ଯାତ୍ରା କରିବା ପୂର୍ବରୁ ତାଙ୍କ ମାଆ, ଭଉଣୀ, ବା ସ୍ତ୍ରୀ ଉକ୍ତ ବ୍ୟକ୍ତିଙ୍କୁ ଲେଉଟ ଚକୁଳି ଖାଇବାକୁ ଦିଅନ୍ତି । ଏଥିର ଉଦ୍ଦେଶ୍ୟ ଓ ଆଶା ଏହିଯେ, ବିଦେଶକୁ ଯାତ୍ରା କରୁଥିବା ବ୍ୟକ୍ତି ବିଦେଶରେ ବେଶି ଦିନ ନ ରହି ଶୀଘ୍ର ଘରକୁ ଲେଉଟି ଅସିବ ।]

ଲେଉଟ ଜନ୍ମ—ଦେ. ବ—୧ । ପୁନର୍ଜନ୍ମ; ମୃତ୍ୟୁ ପରେ ଅଉ ଥରେ
Leuṭa janma ଜନ୍ମିବା— . Rebirth; birth after
পুনর্জন্ম दुसरा जनम death. ୨ । ପୁନରବତାର—
2. Reincarnation. [ଉ—ସେ ଅବତାର ଅନ୍ତେ ଯିବେ ବୈକୁଣ୍ଠପୁର, ଲେଉଟ ଜନ୍ମ ଶୁଣ କହିବା ପ୍ରଭୁଙ୍କର— ପୀତାମ୍ବର. ନୃସିଂହପୁରାଣ ।]

ଲେଉଟ ଜବାବ—ଦେ· ବ—୧ । ଲେଉଟ ଉତର (ଦେଖ)—
Leuṭa jabāba 1. Leuṭa utara (See) ୨ । ଶିଶୁ
মুখে মুখে জবাব ବା ଭୃତ୍ୟ, ଗୁରୁଜନ ବା ପ୍ରଭୁଙ୍କର ଶାସନ
लौटता जवाब ବାକ୍ୟ ଉତ୍ତରରେ ଯେଉଁ ଅବାଧ୍ୟତାସୂଚକ
ଉତ୍ତର ଦିଅନ୍ତି—2. Insubordinate reply given to one's elder's or master's words of advice or rebuke

ଲେଉଟ ଜର—ଦେ. ବ—୧ । ଛାଡ଼ି ଯାଇଥିବା ଜ୍ୱରର ପୁନରାକ୍ରମଣ—
Leuṭa jara 1. A relapse of fever. ୨ । ଦ୍ୱୈଜ୍ୱର
পালটা জর ଜ୍ୱର—2. Remittent fever; inter-
दोहरौआ जर mittent fever.

ଲେଉଟ ଡାକ—ଦେ. ବ—୧ । ପ୍ରେରିତ ଚିଠି ପାଇବା ପରେ ଉକ୍ତ
Leuṭ dāka ଚିଠିର ଉତ୍ତର ପଠାଇବା ପାଇଁ ତତ୍ପରବର୍ତ୍ତୀ ଡାକ
ফেরতা ডাক ବା ପୋଷ୍ଟ—1. Return of post; retur-
लौटती डाक ning post. ୨ । ପ୍ରତିଧ୍ୱନି—2. Echo.
୩ । ଦୂରରେ ଥିବା କୌଣସି ବ୍ୟକ୍ତିଙ୍କୁ ବଡ଼ ପାଟି କରି ଡାକିଲେ, ଉକ୍ତ ଡାକ ଶୁଣିବାର ନିଦର୍ଶନରୂପେ ସେ ଯେଉଁ ଡାକ ମାରନ୍ତି—3. A loud sound made by a

distant person in response to a loud call made to him.

ଲେଉଟଣ—ଦେ. ବ—ଲେଉଟିବା କର୍ମ—The act of turning up or returning.
Leuṭaṇa

ଲେଉଟ ପଡ଼ିବା—ଦେ. କ୍ରି—କୌଣସି ସ୍ଥାନକୁ ଯାଇ ସେଠାରୁ ଫେରିବା—To return from a place; to make a return journey.
Leuṭa paṛibā
ফিরেআসা लौट पडना

ଲେଉଟ ପାଉଟ—ଦେ. ବ (ନିରର୍ଥକ ଧ୍ୱନ୍ୟନୁକାରୀ ଦ୍ୱିରୁକ୍ତ ଶବ୍ଦ) —୧ । ଓଲଟ ପାଲଟ; ଉତ୍ତମରୂପେ ଏପାଖ ସେପାଖ ଲେଉଟିବା—1. Thorough turning up of both sides. ୨ । ଇତସ୍ତତଃ ଯିବା-ଆସିବା; ବାହୁଡ଼ ପହଞ୍ଚ—2. Repeated coming and going along a place. ବଣ—୧ । ବିପର୍ଯ୍ୟସ୍ତ—1. Turned topsy turvy; thoroughly overhauled. ୨ । ଅଣୁଆ ତଣୁଆ—2. Disorderd; tangled.
Leuṭa pāuṭa
ওলট পালট
लौट पौट

ଲେଉଟ ପାଣି—ଦେ. ବ—ସ୍ରୋତଦ୍ୱାରା କୌଣସି ସ୍ଥାନରେ ପହଞ୍ଚି ସେଠାରୁ ଫେରି ଆସିବା ନଦୀର ବଢ଼ି ପାଣି, ପଛୁଆଣି ପାଣି—Backwater which turns back on meeting an obstruction.
Leuṭa pāṇi
ফেরতা জল
लौटता पानी

ଲେଉଟ ବଚନ—ଦେ. ବ (ସଂ. ନିବର୍ତ୍ତିତ ବଚନ)—୧ । ପ୍ରତ୍ୟୁତ୍ତର—1. Reply; answer. ୨ । ମୌଖିକ ଉତ୍ତର—2. Oral reply.
Leuṭa bachana
लौटता वचन পাল্টাবচন
(ଲେଉଟ ବାଚନୀ, ଲେଉଟ ଭାଷା—ଅନ୍ୟରୂପ)

ଲେଉଟ ବେଭାର—ଦେ. ବ—ଉତ୍ସବାଦି ଉପଲକ୍ଷରେ ପ୍ରେରିତ ବେଭାରର ପ୍ରତିବଦଳରେ ପଠାଯିବା ବେଭାର—Return gift; the gift sent in return for a gift presented to or received by a relative on ceremonial or festive occasions. [ଦ୍ର—ଆମ ସମାଜରେ 'ଲେଉଟ ବେଭାର' ଗୋଟିଏ ବିଚିତ୍ର ପ୍ରଥା । କୌଣସି ବ୍ୟକ୍ତିଙ୍କର ପରିବାରରେ ବିବାହ, ବ୍ରତ ଆଦି ଉତ୍ସବ ହେଲେ ଉକ୍ତ ଉତ୍ସବରେ ଯୋଗ ଦେବା ପାଇଁ ସେ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରନ୍ତି । ଉକ୍ତ ନିମନ୍ତ୍ରଣ ପାଇ ନିମନ୍ତ୍ରିତ ବନ୍ଧୁ ଉକ୍ତ ବ୍ୟକ୍ତିଙ୍କ ଠାରୁ ଏହି ଉପଲକ୍ଷରେ ନଗଦ ଟଙ୍କା ବା ଲୁଗାପଟା ବେଭାର ପଠାନ୍ତି ଓ ନିଜେ ମଧ୍ୟ ଆସି ଉପସ୍ଥିତ ହୁଅନ୍ତି । ଉକ୍ତ ବେଭାରକୁ ଦେବାବାଲା ନିଜେ ନିମନ୍ତ୍ରଣକାରୀଙ୍କୁ ନ ଦେଇ ନିଜର ଭଣ୍ଡାର ବା ଭୃତ୍ୟ ହାତରେ ଦାଖଲ କରନ୍ତି । ଉତ୍ସବ ସମାପ୍ତ ହେଲାରୁ ଉତ୍ସବ କର୍ତ୍ତାଙ୍କୁ ନିମ୍ନଲିଖିତ ଲେଉଟ ଭଣ୍ଡ ଦେବାକୁ ହୁଏ ୧ । ବେଭାର ଆଣିଥିବା ବ୍ୟକ୍ତିଙ୍କୁ ବିଦାକ,୨ । ଲେଉଟ ବେଭାର, (ଏ ଦୁଇ ବିଷୟ ବେଭାରର ପରିମାଣ ଅନୁସାରେ ସ୍ଥିରୀକୃତ ହୁଏ ।) ୩ । ନିମନ୍ତ୍ରିତ ଓ ସମାଗତ ବନ୍ଧୁଙ୍କ ମର୍ଯ୍ୟାଦା (ବସ୍ତ୍ର), ୪ । ଉକ୍ତ ବ୍ୟକ୍ତିଙ୍କୁ ବାଟ ଖରଚ, ଓ ୫ । ଉକ୍ତ ବ୍ୟକ୍ତିଙ୍କୁ ବିଶ୍ଚ ନଗଦ ବିଦାକ । ଫଳତଃ ଏ ବେଭାର ପ୍ରଥାଦ୍ୱାରା ଉତ୍ସବକର୍ତ୍ତାଙ୍କୁ ଉତ୍ସବର ବ୍ୟୟ ଚଳାଇବା ପାଇଁ ବନ୍ଧୁମାନଙ୍କଠାରୁ 'ସାହାଯ୍ୟ' ନ ମିଳି ଏହି ଉପଲକ୍ଷରେ ତାଙ୍କୁ ଗୁଡ଼ାଏ ଭଣ୍ଡ ଦେବାକୁ ହୁଏ ।]
Leuṭa bebhāra
তত্ত্বের বদল তত্ত্ব
विदाई

ଲେଉଟ ମଣ(ଣି, ନି)ଷ—ଦେ. ବ (ସଂ. ନିବୃତ୍ତ ମନୁଷ୍ୟ)—ପ୍ରେରିତ ପତ୍ର ବା ସମ୍ବାଦ ଅଭିପ୍ରେତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ପରେ ସେଠାରୁ ଯେଉଁ ଲୋକ ଲେଉଟି ଆସେ—A man returning from a place after delivering the letter or news sent through him.
Leuṭa maṇa(ṇi,ni)sha
ফিরতা লোক
लौटता आदमी
ଲେଉଟ ମନୁଷ୍ୟ } ଅନ୍ୟରୂପ
ଲେଉଟ ଲୋକ }

ଲେଉଟା—ଦେ. ବ. (ସଂ. ନିବର୍ତ୍ତନ)—ନିବର୍ତ୍ତନ; ପ୍ରତ୍ୟାବର୍ତ୍ତନ—Returning; coming back. [ଉ—ସହାର ନେଲା ତା କି ଛଟାରେ ଖେଳା-ଝଞ୍ଜନ ଲେଉଟା ଅଣି—ରାଧାନାଥ. ଯଯାତି ।]
Leuṭā
ফিরা लौटा हुआ

ଲେଉଟା(ଟେ)ଇବା—ଦେ. କ୍ରି (ସଂ. ନିବର୍ତ୍ତନ) —୧ । ନେଉଟାଇବା (ଦେଖ)—1. Neuṭāibā. (See) [ଉ—ଲେଉଟାଇ ଦୁଃଖୀକୁ ସେ ମାଡ଼ଣ ବସିଲା । ରାଧାନାଥ; ବେଣୀସଂହାର ।] ୨ । (ଗାଈ) ସଙ୍ଗମ ପରେ ଗର୍ଭଧାରଣ ନ କରିବା—2, (a cow) Not to conceive after intercourse with a bull.
Leuṭā(ṭe)ibā
উলটান
उलटाना

ଲେଉଟା ଜର—ଦେ. ବ—ଲେଉଟ ଜର (ଦେଖ)
Leuṭā jara Leuṭa jara, (See)

ଲେଉଟାଣି—ଦେ. ବ (ସଂ. ନିବର୍ତ୍ତନ)—ଲେଉଟାଇବା କ୍ରିୟା—Act of reversing.
Leuṭāṇa
উলটান लौटाना

ଲେଉଟାଣି—ଦେ. ବ (ସଂ. ନିବର୍ତ୍ତନ)—୧ । କୌଣସି ସ୍ଥାନରୁ ଲେଉଟି ଫେରି ଆସିବା; ଯାଇଥିବା ସ୍ଥାନରୁ ଫେରି ଆସିବା—1. Coming back from a place. ୨ । କୌଣସି ସ୍ଥାନରୁ ଫେରିବା ବେଳର ଭ୍ରମଣ ବା ଯାତ୍ରା—2. Return trip; return journey. କ୍ରି. ବଣ—୧ । କୌଣସି ସ୍ଥାନରୁ ଫେରିବା ସମୟରେ—1. While returning. ୨ । ଲେଉଟି ଆସିବା-ବେଳେ—2. In the course of the return trip. (ଯଥା—ବାବା ! କଟକ ଲେଉଟାଣି ମୋ ପାଇଁ ହଳେ ଯୋଡ଼ା ଆଣିବା)
Leuṭāṇi
ফেরতী
लौटानी

ଲେଉଟି—ଦେ. କ୍ରି. ବଣ—୧ । ଆଉ ଥରେ—1. Once again. ୨ । ପୁଣି; ପୁନରପି—2. Again. ୩ । ପକ୍ଷାନ୍ତରେ—3. On the other hand.
Leuṭi
অবার फिर

ଲେଉଟିଆ—ଦେ. ବ—୧ । (ସଂ. ଲୁଞ୍ଚକ] ଏକପ୍ରକାର ଶାଗ; ଖରଡ଼ (ହରେକୃଷ୍ଣ—ଦ୍ରବ୍ୟଗୁଣ)—1. A pot-herb Amaranthus Polygamus; Hermaphrodite
Leuṭiā
ସଂ. ତଣ୍ଡୁଲୀୟ, ମେଘନାଦ, ଲୁଞ୍ଚକ, କାଣ୍ଡେର, ତଣ୍ଡୁଲେରକ,

ଭଣ୍ଡୀର, ତଣ୍ଡୁଲୀୟକ, ବହୁପତ୍ର, ଅଳ୍ପମାରିଷ । Amarant; Amaranthus Tenifolius. [ଦ୍ର—ଏହା
নটেশাক, চাঁপানটিয়া ମାଇଷାଇ (ଖଡ଼ା) ବର୍ଗର
चौलाई; चवलाई ବର୍ଷାୟୁଶାକ । ଏହା ଖଡ଼ାଗଛ
ମ. ତାଂଦୁଳଜା ଠାରୁ ଛୋଟ, ଏକପ୍ରକାର ବନ୍ୟ
ତେ. ମୋଲାକୁର ଲେଉଟିଆ ଗୁଳ୍ମରେ କଣ୍ଟା ଥାଏ
ତା. ମଣ୍ଟୁକ୍କୀରଇ (କଣ୍ଟା ଲେଉଟିଆ); ଆଉ ଏକ
ଗୁ. ତାଂଦଲଜୋ ପ୍ରକାର ଛୋଟ ଅକଣ୍ଟକୀ ଗୁଳ୍ମ
ଫା. ସ୍ପେଦ୍‌ମର୍ଜ୍ ମଳକୁ ଭୁଟେ (କାଣିଲେଉଟିଆ)।
ଅ. ବୁକଲେଯୂମାମାସ୍ ବୈଦ୍ୟକମତରେ ଏହା ହାଲ୍‌କା, ଶୀତଳ, ରୁକ୍ଷ, ପିତ୍ତକଫନାଶକ, ମଳମୂତ୍ରନିଃସାରକ, ବିଷନାଶକ ଓ ପାଚକ ଅଟେ ।

କାଣୀଲେଉଟିଆ, କଣ୍ଟାଲେଉଟିଆ, ବାଡ଼ଲେଉଟିଆ, ବଣଲେଉଟିଆ; ନାନାପ୍ରକାର ଲେଉଟିଆ ଶାଗ ଅଛି ।]

ফিরেআই ୨ । କ୍ରିୟା [ଲେଉଟି ଅସିବା କ୍ରିୟାର ଅନୁଜ୍ଞା
लौटआओ ଅନାଦରାର୍ଥକ ଏକବଚନରେ (ତୁ-କର୍ତ୍ତା ସଙ୍ଗେ) ବ୍ୟବହୃତ ଆକାର] (ତୁ) ଫେରିଆ—2. (verb; you) Do come back.

ଲେଉଟି ଆସିବା—ଦେ. କ୍ରି—୧ । କୌଣସି ସ୍ଥାନରୁ ଫେରି ଆସିବା;
Leuṭi āsibā ପ୍ରତ୍ୟାବୃତ୍ତ ହେବା—1. To come back
ফিরেআসা from a place; to return. ୨ । ପୁନର୍ବାର
लौटआना ପୂର୍ବାବସ୍ଥା ପ୍ରାପ୍ତ ହେବା—2. To revert to the
(ଲେଉଟାଣି ଆସିବା—ଅନ୍ୟରୂପ) former condition.
[ଦ୍ର—ହଜିଗଲା ଧନ, ହଜିଗଲା ମନ ଲେଉଟି ଆସେ କି ଆଉ ? ଇତି] ୩ । ପୁନଃପ୍ରାପ୍ତ ହେବା—3. To be got back; to be recovered.

ଲେଉଟି ଦାସେ ଘୋଡ଼ା ଚଢ଼ିବା—ଓଲଟି ଦାସେ ଘୋଡ଼ା ଚଢ଼ିବା
Leuṭi dāse ghorḍā chaṛḍhibā (ଦେଖ)—Olaṭi
উলটোদিগে ঘোড়াচড়া dāse ghorḍā chaṛḍhibā. (See)
ओलटकरचढना; उलटे चोर, कोतवालको डाँटे

ଲେଉଟି ପଡ଼ିବା—ଦେ. କ୍ରି—୧ । ଫେରି ଆସିବା—1. To come
Leuṭi paṛḍibā back. ୨ । ଉଚ୍ଚ ସ୍ଥାନରୁ ତଳକୁ ହଠାତ୍
ফিরেপড়া ଝୁଣ୍ଟି କରି ଚିତପଟାଙ୍ଗ ହୋଇ ପଡ଼ିଯିବା—2. To
लौटपडना suddenly fall down on the ground by stumbling. ୩ । ବିପର୍ଯ୍ୟସ୍ତ ହେବା—3. To be upturned or reversed.

ଲେଉଟିବା—ଦେ. କ୍ରି (ସଂ. ନିବର୍ତ୍ତନ)—୧ । ଓଲଟିବା; ବିପର୍ଯ୍ୟସ୍ତ
Leuṭibā ହେବା—1. To be upturned. ୨ ।
ফিরা लौटना, उलटना ବାହୁଡ଼ିବା; କୌଣସି ସ୍ଥାନରୁ ଫେରିବା ବା ନିବର୍ତ୍ତନ କରିବା—2. To come back; to return. [ଦ୍ର—ଶ୍ରମଙ୍କର ବଚନେ ପୁରେ ଲେଉଟିଲି—ବୃନ୍ଦାବନ ମହାଗ୍ୱରତ ସଭା ।] ୩ । ଶରୀରର ଅବସ୍ଥାନକୁ ପରିବର୍ତ୍ତନ କରିବା; କଡ଼
ଲେଉଟାଇବା—3. To change one's position or sides. (ଦ୍ର—ଶଯ୍ୟାରେ ଲେଉଟି ନାହିଁ ବର୍ଷେକ ଅଶେ—ପ୍ରାଚୀ ଶିଶୁଗଣଙ୍କର କ୍ରୀଡ଼ାଅଭିଳାଷ ।) ୪ । ମନଷ୍ୟ ଯେଉଁ ଦିଗକୁ ମୁହଁ କରି ଯାଉ ଥାଏ ସେ ଆଡ଼କୁ ପିଠି କରିବା; ମୁହଁ ଫେରାଇବା; ପଛକୁ ଫେରିବା; ବୁଲିପଡ଼ିବା—4. To turn back; to turn back one's face.
উলটান ୫ । (ମାଛ ପାଣିରେ) ମାଡ଼ହୋଇ ଏ ପାଖ ସେ ପାଖ ହେବା—5. To turn on the sides in water (said of fishes) ୬ । (ଛାଡ଼ିଯାଇଥିବା ଜ୍ୱର ଓ ରୋଗ ଆଦି) ପୁନରପି ଘଟିବା—6. To relapse; to revert. ୭ । (ମକଦ୍ଦମା) ପୁନର୍ବିଚାର ନିମନ୍ତେ ନିମ୍ନ ଅଦାଲତକୁ ପଠାଯିବା—7. (case) To be remanded; to be sent back to the lower court for retrial. ୮ । ମଲା ପରେ ପୁଣି ସଂସାରରେ ଜନ୍ମ ହେବା—8. To revert to the world by rebirth after death; to be reborn after death. ୯ । ଜଳ ଉପରେ ଦୁଧ, ଭାତ ଆଦି ଫୁଟି ଏ ପାଖ ସେ ପାଖ ଓଲଟିବା—9. To turn (said of boiling rice or milk.
ଖବ୍‌କନା ୧୦ । (କଥା) ପରିବର୍ତ୍ତିତ ହେବା—10. To be changed ୧୧ । ପ୍ରତ୍ୟାହୃତ ହେବା—11. To be withdrawn. ୧୨ । [ପାଗ, ନାଟୁଆ] ବାଜି ଭାଙ୍ଗିବା—12. To cut capers or somersaults. ଦ୍ର— ଲେଉଟିବା ଶବ୍ଦ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣରୂପେ ମଧ୍ୟ ବ୍ୟବହୃତ ହୁଏ ।]

ଲେଉଟେନ୍—ପ୍ରାଦେ (ସମ୍ବଲପୁର) ବି (ହି.ଲଉଟନା)—ଲେଉଟାଣି—
Leuṭen Return.

ଲେଉଟେନ୍ ଅସିବା—ପ୍ରାଦେ (ସମ୍ବଲପୁର) କ୍ରି— ଯୁବପ୍ରାପ୍ତା ବଡ଼ିଲା
Leuṭen āsibā କନ୍ୟା ଶାଶୁଘରକୁ ପହିଲିପାଳି ଯାଇ ସେଠାରେ କିଛୁକାଳ ସ୍ୱାମୀଙ୍କ ସଙ୍ଗେ ରହିବା ପରେ ବାପଘରକୁ ପୁଣି କିଛି ଦିନ ପାଇଁ ଫେରି ଆସିବା—Returning of a bride to her paternal home after living for some time with her husband after attaining puberty.

ଲେଉଡ଼ା—ଦେ. ବି—ନେହୁଡ଼ା (ଦେଖ)
Leurḍa Nehurḍā (See)

ଲେଉ ଡ଼ା(ଡ଼େ)ଇବା—ଦେ. କ୍ରି (ଲେଉଡ଼ିବା କ୍ରିୟାର ଣିଜନ୍ତରୂପ)
Laurḍā(rḍe)ibā ନେହୁଡ଼ାଇବା (ଦେଖ) Nehurḍaibā (See)

ଲେଉଡ଼ିବା—ଦେ. କ୍ରି—ନେହୁଡ଼ିବା (ଦେଖ)
Leurḍibā Nehurḍibā (See)

ଲେଉଣା ଦେଉଣା—ଦେ. ବି—ଲେଣ ଦେଣ (ଦେଖ)
Leuṇā deuṇā Leṇa deṇa (See)

ଲେଉଣ୍ଡ ଛେଉଣ୍ଡ—ଦେ.ବଣ. ଓ ବ. (ପୁଂ ଓ ସ୍ତ୍ରୀ) ରଣ୍ଡ ଛେଉଣ୍ଡ; Leunda chheunda ବାପମାଆ ମାରିଦିଅ ଅନାଥ ବାଳକ—दीनहीन टुगर Helpless orphan.

ଲେଉଣ୍ଡୀ—ଦେ. ବ (ସ. ରଣ୍ଡା; ଭଲରୁ ଅନୁକୃତ)—୧ । ସ୍ତ୍ରୀ—Leundi 1. Woman. ୨ । ଦାସୀ—2. Maid-दासी लौंडी servant.

ଲେଉଣ୍ଡୀ ଛେଉଣ୍ଡୀ—ଦେ. ବ. ଓ ବଣ (ସ୍ତ୍ରୀ)—ରାଣ୍ଡୀଖଣ୍ଡୀ [ଦେଖ] Leundi chheundi Rāndikhandi (See)

ଲେଏଣ (ଣା,ଣି)—ଦେ. ବ (ସ. ଲା ଧାତୁ=ନେବା)—୧ । ନେଏଣ; Le-ena(nā,ni) ନେବା—1. Taking. ୨ । ଗ୍ରହଣ—लेन(ना) लेन 2. Accepting; getting. ୩ । ଅନ୍ୟଠାରୁ ପ୍ରାପ୍ୟ ଧନ—3. Dues. ଦେ. ବଣ. ୧ । ନେୟ—1. Fit to be taken ୨ । ଗ୍ରହଣୀୟ-2. Acceptable ୩ । ଆଦାୟ କରାଯିବା ଯୋଗ୍ୟ—3. Realisable.

ଲେଏଣ(ଣା, ଣି) ଦେଏଣ(ଣା, ଣି)—ଦେ. ବ. (ସ. ଲୟନ+ଦାନ; Le-ena(nā, ni) de-ena(nā, ni) ନେୟ ଓ ଦେୟ)—लेन देन ୧ । ନେବା ଦେବା—1. Taking and लेन(ना) देन(ना) giving. ୨ । ଆଦାନ ପ୍ରଦାନ—2, Exchange; barter. ୩ । ବକ୍ରିତ ପଦାର୍ଥର ମୂଲ୍ୟର ଆଦାନ ପ୍ରଦାନ—3. The passing of consideration for a thing sold. ୪ । ପ୍ରାପ୍ୟ ଓ ଦେୟ ଧନ—4. Assets and liabilities. ୫ । ଦୁଇ ଜଣଙ୍କର ପରସ୍ପରର ପାଉଣା ଓ ଦେଣା—5. Dues and debts. ୬ । ଧନ ବା ପଣ୍ୟାଦିର ଆଦାନ ପ୍ରଦାନରୂପେ କାରବାର—6. Business transactions.

ଲେଁଡ—ପ୍ରାଦେ. (ସମ୍ବଲପୁର) ବ—ପାଚିଲା ଅମ୍ବ—Lenti Ripe mango.

ଲେକ୍‌ଚ(ଚା)ର୍—ଦେ. ବ (•ଇ. ଲେକ୍‌ଚର୍)—୧ । ବକ୍ତୃତା—Lek-cha(chā)r 1. Lecture. ୨ । କଲେଜରେ ପ୍ରୋଫେସର୍-लेकचार ମାନେ ଛାତ୍ରମାନଙ୍କୁ ପାଠ ପଢ଼ାଇବା ପାଇଁ ଦେବା लेकचर ବକ୍ତୃତା—2. Lectures delivered in college-classes by professors. [ଦ୍ର—ଆଇନ୍ ପରୀକ୍ଷା ଓ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧି ପରୀକ୍ଷା ଦେବା ନିମନ୍ତେ କଲେଜ୍‌ରେ ନ୍ୟୁନ ସୀମାର ନିର୍ଦ୍ଦିଷ୍ଟ ସଂଖ୍ୟକ ଲେକ୍‌ଚର୍ ହୋଇଥିବା ସମୟରେ ଛାତ୍ରମାନଙ୍କର ଉପସ୍ଥିତ ହେବାର ବିଧାନ ଅଛି । ସେହି ଛାତ୍ର କ୍ଲାସ୍‌ରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଲେକ୍‌ଚର୍ ଶୁଣି ନ ଥିବେ, ସେ ପରୀକ୍ଷାରେ ଉପସ୍ଥିତ ହୋଇ ପାରିବେ ନାହିଁ । କ୍ଲାସ୍‌ରେ ଛାତ୍ର ଯେଉଁ ଯେଉଁ ବିଷୟରେ ଲେକ୍‌ଚର୍ ଶୁଣନ୍ତି, ସେହି ସେହି ବିଷୟ ଅନୁସାରେ ଲେକ୍‌ଚର୍‌ମାନଙ୍କ ନାମ ହୁଏ । ଯଥା—ଲଅ(ଲ) ଲେକ୍‌ଚର୍—Law lecture. ସାଏନ୍ସ ଲେକ୍‌ଚର୍—Science lecture. ବୋ(ବ)ଟାନି ଲେକ୍‌ଚର୍—Botany lecture. କେମିଷ୍ଟ୍ରି ଲେକ୍‌ଚର୍—Chemistry lecture.]

ଲେକ୍‌ଚର୍ ଅଟେଣ୍ଡ୍ କରିବା—ବୈଦେ. କ୍ରି—କଲେଜର ଲେକ୍‌ଚରର Lek-char ātend karibā କ୍ଲାସ୍‌ରେ ଛାତ୍ରମାନଙ୍କୁ ନିର୍ଦ୍ଦିଷ୍ଟ लेकचार आटेंड करा ବିଷୟରେ ବକ୍ତୃତା ଦେଉଥିବା ବେଳେ ଉକ୍ତ लेकचर अटेंड करना ବକ୍ତୃତା ସମୟରେ (ଛାତ୍ର)ର ଉପସ୍ଥିତ ରହିବା—To attend a lecture in a college class.

ଲେକ୍‌ଚର୍ କରିବା (ଦେବା)—ଦେ. କ୍ରି—ବକ୍ତୃତା କରିବା—To Lek-char karibā (debā) lecture; to deliver लेकचार देओया लेकचर करना a lecture.

ଲେକ୍‌ଚର୍ ଝାଡ଼ିବା—ଦେ. କ୍ରି (ବ୍ୟଙ୍ଗ)—ବକ୍ତୃତା କରିବା—Lek-char jhārdibā (ironical) To lecture. लेकचार झाडा लेकचर झाड़ना

ଲେକ୍‌ଚରବାଜି—ବୈଦେ. ବ (ଇ. ଲେକ୍‌ଚର୍+ଫା. ବାଜି)—Lek-char-bāji (ବ୍ୟଙ୍ଗ)—୧ । ଖୁବ୍ ବକ୍ତୃତା ଦେବା କ୍ରିୟା—लेकचारबाजी (ironical) The act of giving very लेकचरबाजी many lectures. ୨ । ବକ୍ତୃତା ଦେବା (ଲେକ୍‌ଚର୍‌ବାଜ୍—ବଣରୂପ) ଅଭ୍ୟାସ—2. The habit of giving lectures.

ଲେକ୍‌ଚ(ଚା)ର(ରା)ର୍—ଦେ. ବ (ଇ. ଲେକ୍‌ଚରର୍)—Lek-cha(chā)ra(rā)r ୧ । ବକ୍ତା; ବକ୍ତୃତାକାରୀ—लेकचरार लेकचरर 1. A person who delivers a lecture; lecturer. ୨ । କଲେଜର ଛାତ୍ରମାନଙ୍କୁ ନିର୍ଦ୍ଧାରିତ ବିଷୟରେ କ୍ଲାସ୍‌ରେ ବକ୍ତୃତା ଦେବା ଅଧ୍ୟାପକ ବା ଶିକ୍ଷକ—2. A lecturer of a college. [ଦ୍ର—ସ୍କୁଲର ଶିକ୍ଷକମାନଙ୍କୁ ଟିଚର୍ (Teacher) ଓ ମାଷ୍ଟର (Master) ବୋଲାଯାଏ; କଲେଜ୍‌ର ଶିକ୍ଷକମାନଙ୍କୁ ଲେକ୍‌ଚରର୍ (Lecturer) ଓ ପ୍ରୋଫେସର (Professor) ବୋଲାଯାଏ । ଲେକ୍‌ଚରରମାନଙ୍କ ଅପେକ୍ଷା ପ୍ରୋଫେସର୍‌ମାନଙ୍କ ସମ୍ମାନ ଓ ଦରମା ବେଶୀ । ଯେଉଁ ଲେକ୍‌ଚରର ଯେଉଁ ବିଷୟରେ ଛାତ୍ରମାନଙ୍କୁ ବକ୍ତୃତା ଦଅନ୍ତି ସେହି ବିଦ୍ୟାର ନାମ ଅନୁସାରେ ସେ ଲେକ୍‌ଚରର୍‌ଙ୍କ ନାମକରଣ ହୁଏ । ଯଥା, ଲଅ ଲେକ୍‌ଚରର୍(Law lecturer); ସାଏନ୍ସ ଲେକ୍‌ଚରର୍ (Science lecturer); ଫିଲଜଫି ଲେକ୍‌ଚରର୍ (Philosophy lecturer); ସାନ୍‌ସ୍କ୍ରିଟ୍ ଲେକ୍‌ଚରର୍ (Sanskrit lecturer) ।]

ଲେକ୍‌(ଙ୍କ, ଙ୍କୁ, ଙ୍କେ)ଡ଼ା(ଡ଼ି) (ଇତ୍ୟାଦ)—ଦେ. ବ—ଲେକଡ଼ା Lek-(nka, nku, nke)rdā(rdi) (etc) ଇତ୍ୟାଦି (ଦେଖ) Lekardā etc (See)

ଲେକ୍‌ନଜର—ବୈଦେ. ବ—ନେକ୍‌ନଜର (ଦେଖ) Lek-najara Nek-najara (See)

ଲେକ୍‌ନାମ୍(ମି)—ବୈଦେ. ବ—ନେକ୍‌ନାମ୍ (ଦେଖ) Lek-nām(mi) Nek-nām (See)

ଲେକ୍‌(କି)ବଢ଼—ବୈଦେ. ବ—ନେକିବଢ଼ (ଦେଖ)—Nekibadi Lek-(ki)badi (ଲେକିବଢ଼େଇ—ଅନ୍ୟରୂପ) (See)

ଲେକା—ପ୍ରାଦେ. (ଉତ୍ତରଭାଷା) ବି—ପିଲା—
Lekā Child.

ଲେକାପ—ଦେ. ବି—ମେକାପ (ଦେଖ)
Lekāpa Mekāpa (See)

ଲେକି(ଖି)ନ୍(ନି)—ବୈଦେ. ଅ (ପା.)—୧ । କିନ୍ତୁ—1. But.
Leki(khi)n(ni) [ଦୃ—ଲେକିନ୍ ଉକାଇଲା ନ ହେବ ଅନେକ—
किन्तु, लेकिन ଫକୀରମୋହନ. ଛମାଣ ଆଠଗୁଣ୍ଠ ।] ୨ । ପରନ୍ତୁ —2. On the other hand.

ଲେକିବଢ଼ି—ବୈଦେ. ବି—ନେକିବଢ଼ି (ଦେଖ)—Nekibadi
Lekibadi (ଲେକେଇ ବଢ଼େଇ—ଅନ୍ୟରୂପ) (See)

ଲେଖ—ସ. ବି (ଲିଖ ଧାତୁ+କର୍ମ. ଅ)—୧ । ଦେବତା—1. Deity.
Lekha ୨ । ଲିଖିତ ଆଜ୍ଞା—2. A written order. ୩ । ଲିଖିତ ପତ୍ର; ଦଲିଲ; ପାଣ୍ଡୁଲିପି ପ୍ରଭୃତି—3. A written order; letter; document; manuscript. ୪ । ଚିଠି; ଚିଟାଉ—4. Epistle; a letter. ୫ । (+ଭାବ. ଅ) ଲିଖନ—5. Writing. ୬ । (+କର୍ମ. ଅ)ରେଖା—6. Line. ୭ । (+ଭାବ.ଅ) ଅଙ୍କନ; ଚିତ୍ରକରଣ —7. Drawing; painting. ୮ । (+କର୍ମ. ଅ) ଚିହ୍ନ—8. Mark. ୯ । ଅକ୍ଷର; ଲିପି—9. Script; letter; alphabet. ୧୦ । ସ୍ଥାନ—10. A place.
गण्यमान्य लेख ଦେ. ବିଣ—ଲେଖା; ଉଲ୍ଲେଖଯୋଗ୍ୟ; ଯୋଗ୍ୟମାନଙ୍କ ମଧ୍ୟରେ ପରିଗଣିତ—Counted as one fit. ଦେ.
मत लेख ବି—ଜାତି; ସାଦୃଶ୍ୟ—Type. [ଦୃ—ତା ଲେଖରେ ଲୋକ ମିଳିବେ ନାହିଁ ।]

ଲେଖକ—ସ. ବି. ପୁଂ (ଲିଖ୍ ଧାତୁ+କର୍ତ୍ତୃ. ଅକ)—୧ । ପୁସ୍ତକର ଗ୍ରନ୍ଥକାର—1. Author of a
Lekhaka (ଲେଖିକା—ସ୍ତ୍ରୀ) book. ୨ । ଲିପିକର—2. Writer. ୩ । ଦଲିଲର କଚିଦା—3. Scribe of a document. ୪ । ଚିତ୍ରକର—4. Painter. ୫ । ମୁନସୀ; କରଣା; ମୋହରିର—5. A clerk. [ଦ୍ର—ଏଥିର ସାଙ୍କେତିକ 'ଲେ' ବା 'ଲି' । ଦଲିଲମାନଙ୍କ ଅନ୍ତ୍ୟରେ ଦଲିଲ ସମ୍ପାଦନକାରୀ ବ୍ୟକ୍ତିର ନାମ ପୂର୍ବରେ 'ଲେ' କିମ୍ବା 'ଲି' ଲେଖାଯାଏ ଓ ଦଲିଲ ଲେଖାର ଶେଷରେ ଦଲିଲ ଲେଖିଥିବା ଲୋକର ନାମ ପୂର୍ବରେ 'ଲେ' କିମ୍ବା 'ଲି' ଲେଖାଯାଏ ।]

ଲେଖକତ୍ୱ(ତା)—ସ. ବି (ଲେଖକ+ଭାବ. ତ୍ୱ ତା)—୧ ।
Lekhakatwa(tā) ଲେଖିବାର ଶକ୍ତି—1. Penmanship. ୨ । କଚିଦାଗିରି—2. Writership; clerkship. ୩ । ପୁସ୍ତକର ଲେଖକ ବା ଗ୍ରନ୍ଥକାର ହେବା ଏହାର ସ୍ଥିରତା —3. Authorship of a book.

ଲେଖନ—ସ. ବି (ଲିଖ୍ ଧାତୁ+ଭାବ. ଅନ)—୧ । ଲିଖନ; ଅକ୍ଷର
Lekhana ବିନ୍ୟାସ—1. Act of writing. ୨ । ଅଙ୍କନ ବା ଅଙ୍କିବା—2. Drawing. ୩ । ଅକ୍ଷର ବିନ୍ୟାସ —3. Scribbling. ୪ । ଚିତ୍ରକରଣ—4. Painting. ୫ । ରେଖାଙ୍କନ—5. Drawing of a line. ୬ । ଦାନ୍ତ ଘଷିବା ବେଳେ ଜିଭ ଛେଲିବା—6. Act of scraping the tongue while cleansing the mouth. ୭ । (+ଅଧି ଅନ) କାଗଜ; ଯାହା ଉପରେ ଅକ୍ଷରାଦି ଲେଖାଯାଏ—7. Paper. ୮ । (+କର୍ମ ଅନ) ଚିଠି—8. Letter. ୯ । ଦଲିଲ—9. Document. ୧୦ । (+ଅଧି ଅନ) ଭୂର୍ଜପତ୍ର—10. The bark of the birch tree. ୧୧ । (+କରଣ ଅନ) ଯାହାଦ୍ୱାରା ଲେଖାଯାଏ; କଲମ; ଲେଖନୀ—11. Pen; pencil. ୧୨ । ତୂଳୀ—12. Painter's brush. ଦେ. ବି—
लेखन लोहाकी लेखनी ତାଳପତ୍ର ଉପରେ ଲେଖିବା ପାଇଁ ବ୍ୟବହୃତ ଲୁହାର ସୂକ୍ଷ୍ମମୁନ ଲେଖନୀ—A pointed iron pen used for writing upon palm leaves; a stylus. [ଦ୍ର—ତାଳପତ୍ର ଉପରେ ଲେଖନଦ୍ୱାରା ଅକ୍ଷରମାନ ଲେଖିବା ପାଇଁ ତାଳପତ୍ରକୁ ଲେଖନଦ୍ୱାରା ଫୋଡ଼ିବାକୁ ହୁଏ ଓ ଏଥିପାଇଁ ମସୀ ଦରକାର ହୁଏ ନାହିଁ । ଲେଖନର ଅଗ୍ରଭାଗକୁ (ଯେଉଁ ସୂଚ୍ୟଗ୍ରଦ୍ୱାରା ଲେଖାଯାଏ ତାକୁ) ଲେଖନର ମୁନ କୁହାଯାଏ ଓ ଲେଖନର ଅପର ଦିଗର ଚଟକା ଓ ବ୍ୟଞ୍ଜନାକୃତି ଅଂଶକୁ ଲେଖନର ପକ୍ଷୀ ବୋଲାଯାଏ । ସେହି ପକ୍ଷୀର ଦୁଇପାଖ ଛୁରୀପରି ଧାରୁଆ ଓ ସେହି ଛୁରୀଦ୍ୱାରା ତାଳପତ୍ରକୁ ପ୍ରୟୋଜନୀୟ ଆକାରରେ କଟାଯାଏ । ଓଡ଼ିଶାର କରଣମାନେ ଲେଖନୀଜୀବୀ ବା (ଅଙ୍କଜୀବୀ) ମସୀଜୀବୀ ଥିବାରୁ ସେମାନଙ୍କ ସଙ୍କେତ ଲେଖନ ଅଟେ ।]

ଲେଖନକାର—ସ. ବି—୧ । ଲେଖକ—1. Writer. ୨ । ଯେଉଁ
Lekhanakāra ବ୍ୟକ୍ତି କୌଣସି ଲେଖାକୁ ତାଳପତ୍ରରେ ବା କାଗଜରେ ଲେଖିଥାଏ—2. Scribe; penman. ୩ । ନକଲନବିଶ; ଲିପିକର—3. Copyist. ୪ । ଯେ ଲେଖାଲେଖି କରି ଜୀବିକା ନିର୍ବାହ କରେ—4. A professional scribe, writer or author. [ଦୃ—ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ, ଲେଖନକାର ଦୋଷ ନ ଧରିବ । ରଘ ।]

ଲେଖନ କୋଳି—ଦେ. ବି—ଗଡ଼ଜାତର ଏକପ୍ରକାର ଜଙ୍ଗଲି କୋଳି
Lekhana koḷi —A sort of edible wild berry; Wvaria Hamiltonia (Haines). [ଦ୍ର—ଏହା ପେନ୍ଥା ପେନ୍ଥା ହୋଇ ଗଛରେ ଫଳେ ଓ ଏହା ଉପରେ ସାମାନ୍ୟ ଧଳା ଲୋମଯୁକ୍ତ ନାଲି ଚୋପା ଥାଏ । ଚୋପା ମଧ୍ୟର ରସ ଧଳା ଓ କୋମଳ ଏବଂ ଈଷତ ଅମ୍ଳମିଶ୍ରିତ ମଧୁର ।]

ଲେଖନ ଚଳା(ଳେ)ଇବା—ଦେ. କ୍ରି—ଲେଖନୀ ପରିଚାଳନ କରିବା; ଲେଖିବା—To write.
Lekhana chaḻā(ḻe)ibā
କলমচালান लेखनी चलाना

ଲେଖନ ଛୁ(ଛୋ)ଇଁବା—ଦେ. କ୍ରି—୧ । (ଦ୍ର—ଯେଉଁ ବ୍ୟକ୍ତି ଆପଣାର ନାମ ଦସ୍ତଖତ୍ କରି ଜାଣେ ନାହିଁ, ତାହାର ଅନୁମତି ଅନୁସାରେ ତାପାଇଁ ଅନ୍ୟ ଜଣେ 'ବ କଲମ୍' [ଫା॰ ବକଲମ୍=କଲମଦ୍ୱାରା] ଦସ୍ତଖତ କରେ । ଅଶିକ୍ଷିତ ବ୍ୟକ୍ତି ଲେଖକର ଲେଖନକୁ ସ୍ପର୍ଶ କରିବାଦ୍ୱାରା ଆପଣା ନାମ ଲେଖିବାପାଇଁ ଲେଖକକୁ ଅନୁମତି ଦିଏ ।)—କୌଣସି ଦଲିଲରେ ଆପଣାର ନାମ ବକଲମ ଦସ୍ତଖତ କରିବା ପାଇଁ ଲେଖକକୁ ଅନୁମତି ପ୍ରଦାନପୂର୍ବକ ଲେଖନକୁ ସ୍ପର୍ଶ କରିବା—1, To touch the stylus or pen (said of an illiterate person who does not know to sign and who by touching the pen authorises the scribe to sign for him). ୨ । ଲେଖାପଢ଼ା ଶିକ୍ଷାମାତ୍ର ଆରମ୍ଭ କରିବା—2, To begin to learn. to read and write.
Lekhana chhu(chho)iñbā
কলমছোঁয়া
कलम(लेखनी)छूना

ଲେଖନ ଟାଣ—ଦେ. ବି—ଲେଖିବାର ଶକ୍ତି; ଲେଖକର ଯେଉଁ ଲେଖନ-ସାମର୍ଥ୍ୟର ଫଳରେ ଲିଖିତ ବିଷୟ ଅବଶ୍ୟ ସିଦ୍ଧ ହୁଏ—The power or might of one's pen. ଦେ. ବିଣ—ଲେଖନ ଟାଣୁଆ (ଦେଖ)—Lekhana tāṇuā (See)
Lekhana tāṇa
কলমের জোর
कलमका जोर
(ଲେଖନ ଜୋର୍—ଅନ୍ୟରୂପ)

ଲେଖନ ଟାଣୁଆ—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତିର ଲେଖାରେ ଶକ୍ତି ଅଛି—Weilding the pen strongly
Leknana ṭāṇuā
কলমজোর कलम जोर
[ଲେଖନଟାଣେ(ଣୋ)ଇ—ସ୍ତ୍ରୀ]
(ଲେଖନ ବଳୁଆ, ଲେଖନ ଜୋର୍ଦାର୍—ଅନ୍ୟରୂପ)

ଲେଖନ ତଳେ—ଦେ. କ୍ରି. ବିଣ—୧ । (ଲକ୍ଷଣାର୍ଥ)—କୌଣସି ବ୍ୟକ୍ତିଙ୍କର କର୍ତ୍ତୃତ୍ୱାଧୀନତାରେ—1. Under the control of.
Lekhan taḻe
কলমেরনীচে कलमकेनीचे
(ଲେଖନ ତାବେରେ—ଅନ୍ୟରୂପ)
[ଦ୍ର—ପୂର୍ବେ ସମସ୍ତ ଲେଖା କାର୍ଯ୍ୟ ଲେଖନଦ୍ୱାରା ଚାଲୁଥିବାରୁ କୌଣସି ଅଫିସର ବା ସେରସ୍ତାର ଉଚ୍ଚତମ କର୍ମଚାରୀ ଓ ତାଙ୍କର ନିମ୍ନସ୍ଥ କର୍ମଚାରୀମାନେ ସମସ୍ତେ ଲେଖନ ଧରୁଥିଲେ । ଉଚ୍ଚତମ କର୍ମଚାରୀଙ୍କ "ଲେଖନର ତଳେ" ଅର୍ଥାତ୍ ତାଙ୍କ କର୍ତ୍ତୃତ୍ୱାଧୀନ ହୋଇ ଅଧସ୍ତନ କର୍ମଚାରୀମାନେ କାର୍ଯ୍ୟ କରୁଥିଲେ । ସେଥିପାଇଁ କୁହାଯାଉଥିଲା—ତାଙ୍କ ଲେଖନ ତଳେ ୧୦ ଜଣ ଚଳୁଛନ୍ତି ।] ୨ । (ଲକ୍ଷଣାର୍ଥ) ଲେଖନର ଶକ୍ତିଦ୍ୱାରା, ଅର୍ଥାତ୍ ଲେଖାର କ୍ଷମତା ଯୋଗୁଁ; ବିଦ୍ୱତ୍ତା ଯୋଗୁଁ—2. Under the penmanship of; by the might of the pen of; by the learning of (so and so). [ଦ୍ର—ଅମୁକର ଲେଖନ ତଳେ କେତେ ରାଜାରାଜୁଡ଼ା ବନ୍ଧା ହୋଇଅଛନ୍ତି, ଅର୍ଥାତ୍ ଅମୁକର ଲେଖାର ଶକ୍ତିଯୋଗୁଁ ତା ନିକଟରେ କେତେ ରାଜା ଅନୁଗତ । ତା ଲେଖନ ତଳେ ୫୦ ଜଣ ପ୍ରତିପୋଷିତ ହେଉ ଅଛନ୍ତି; ଅର୍ଥାତ୍ ତାହାର ଲେଖା ପଢ଼ାର ଶକ୍ତି ବା ଅର୍ଜନଦ୍ୱାରା ସେ ୫୦ ଜଣଙ୍କୁ ପୋଷୁଛି ।]

ଲେଖନ ଧରିବା—ଦେ. କ୍ରି—୧ । ତାଳପତ୍ର ଉପରେ ଲେଖିବା ପାଇଁ ଲେଖନକୁ ନିୟମିତଭାବରେ ଅଙ୍ଗୁଠିଦ୍ୱାରା ଚାପି ଧରିବା—1. To hold the stylus (iron-pen) properly to write upon palm leaf. ୨ । (ଲକ୍ଷଣାର୍ଥ) ଲେଖନଦ୍ୱାରା ଲେଖିବା—2. To write with a stylus. [ଦ୍ର—କାଗଜ ଉପରେ କଲମ ଆଦିଦ୍ୱାରା ଲେଖିବା ସହଜ, କିନ୍ତୁ ତାଳପତ୍ର ଉପରେ ଲେଖନଦ୍ୱାରା ଲେଖିବା କଷ୍ଟକର । କାଗଜକୁ ତଳେ ପକାଇ ତା ଉପରେ କଲମଦ୍ୱାରା ଲେଖି ହୋଇପାଏ, କିନ୍ତୁ ତାଳପତ୍ରକୁ ବାଆଁ ହାତଦ୍ୱାରା ଧରି ଆଣ୍ଠୁ ଉପରେ ଥୟ କରି ରଖି ଡାହାଣ ହାତର ୪ଟି ଅଙ୍ଗୁଠିଦ୍ୱାରା ଲେଖନକୁ ଧରି ଚଳାଇବାକୁ ହୁଏ । ଲେଖନକୁ ଏକପାଖରେ ଯଥାକ୍ରମେ ତର୍ଜନୀଅଙ୍ଗୁଠି, ମଝିଅଙ୍ଗୁଠି ଓ ପରିଅଙ୍ଗୁଠି ଓ ଅନ୍ୟ ପାଖରେ ବୁଢ଼ାଅଙ୍ଗୁଠିଦ୍ୱାରା ଦୃଢ଼ରୂପେ ଧରିବାକୁ ହୁଏ ଓ ତାଳପତ୍ର ଉପରେ ଲେଖିବା ସମୟରେ ଲେଖକର ବାଆଁ ହାତର ବୁଢ଼ାଅଙ୍ଗୁଠି ଲେଖନର ମୂନକୁ ତାଳପତ୍ର ଉପରେ ନିୟନ୍ତ୍ରିତ କରୁଥାଏ । ଚିପ ଟାଣ କରି ଲେଖନର ମୂନକୁ ନିୟନ୍ତ୍ରିତ ନ କଲେ ତାଳପତ୍ରରେ ଅକ୍ଷର ଲେଖି ହୁଏ ନାହିଁ । ଓଡ଼ିଶାରେ ତାଳପତ୍ର ଓ ଲେଖନଦ୍ୱାରା ସମସ୍ତ ଲେଖା କାମ ଚାଲୁଥିଲା ଓ ଉତ୍କଳର ସମସ୍ତ ପ୍ରାଚୀନ ପୋଥିମାନ ତାଳପତ୍ରରେ ଲେଖନଦ୍ୱାରା ଲେଖା । ଚିଠିପତ୍ର, ହିସାବପତ୍ର ସମସ୍ତ ତାଳପତ୍ରରେ ଲେଖା ହେଉଥିଲା ଓ ଏବେ ମଧ୍ୟ କେତେକ ପୁରୁଣାକାଳିଆ ଲୋକ ଲେଖନ ପତର ଛାଡ଼ି ନାହାନ୍ତି । ସଂସ୍କୃତରେ ଦେବନାଗର ଅକ୍ଷରମାନଙ୍କର ଶିରୋଭାଗରେ ଲମ୍ବ ସରଳରେଖା ରହେ, (ଯଥା—क, म, व) । ବଙ୍ଗଳା ଓ ଓଡ଼ିଆ ଭାଷାର ଅକ୍ଷର ଦେବନାଗର ଲିପିରୁ ଜାତ । କିନ୍ତୁ ବଙ୍ଗଳା ଭାଷାରେ ଅକ୍ଷରମାନଙ୍କ ଶିରୋଭାଗରେ ସରଳରେଖା ରହେ (ଯଥା—ক, ম, ব) କିନ୍ତୁ ଓଡ଼ିଆ ଅକ୍ଷରମାନଙ୍କ ଶିରୋଭାଗ ଅର୍ଦ୍ଧଚନ୍ଦ୍ରାକାର ଟୋପିଯୁକ୍ତ (ଯଥା—କ, ମ, ବ) । ଏଥିର କାରଣ ଏହି କି, ବଙ୍ଗଦେଶରେ ଭୂର୍ଜପତ୍ରରେ ଓ କାଗଜରେ ଲେଖା ଚଳୁଥିବାରୁ ଅକ୍ଷରମାନଙ୍କ ମୁଣ୍ଡରେ ଦେବନାଗର ପରି ସରଳରେଖା ରହିଗଲା; କିନ୍ତୁ ଓଡ଼ିଶାରେ ଲେଖନଦ୍ୱାରା ତାଳପତ୍ରଉପରେ ଲେଖାଯିବାରୁ ଅକ୍ଷରମାନଙ୍କ ମୁଣ୍ଡ ଉପରେ ସରଳରେଖାମାନ କାଟିଲେ ତାଳପତ୍ରର ଅଂଶୁମାନ ସମାନ୍ତରାଳ ରେଖାମାନଙ୍କଦ୍ୱାରା ଚିରିଯିବ; ଏଥିପାଇଁ ଅକ୍ଷରମାନଙ୍କ ମସ୍ତକକୁ ସରଳରେଖାଦ୍ୱାରା ନ ଯୋଡ଼ାଇ ସେହି ସରଳରେଖାମାନଙ୍କ ସ୍ଥଳରେ ବୃତ୍ତାକାର ଟୋପି ଦିଆଯାଇଅଛି ।]
Lekhana dharibā
লেখনধরা
कलमपकड़ना(धरना)

ତାଳପତ୍ର ଲେଖା ଏ ଦେଶରେ ବିଶେଷଭାବରେ ଚଳ ନ ଥିବା ସମୟରେ ଓଡ଼ିଆ ଅକ୍ଷରମାନଙ୍କର ମସ୍ତକରେ ପୂର୍ବତନ ଶିଳାଲିପିରେ ଟେକି ନ ଥାଇ ସରଳରେଖାମାନ ଥିବା ଅନେକ ଲିପିରୁ ଦେଖାଯାଏ ।]

ଲେଖନ ପକ୍ଷି(କ୍ଷୀ)—ଦେ. ବି—ଲେଖନର ଊର୍ଦ୍ଧ୍ବାଂଶ,ଯେଉଁ ଅଂଶ Lekhana pakshi(khi) ଚାଟଫଣା ପରି ଚଉଡ଼ା ଓ ଗୋଲ লেখনের পাখা ହୋଇଥାଏ—The flat and fan-shaped upper end of a stylus. [ଦ୍ର—ଏହି ଚଉଡ଼ା ଅଂଶର ଗୋଟିଏ ପାଖ ଧାରୁଆ ଛୁରି ପରି ଓ ସେ ଛୁରିଦ୍ବାରା ତାଳପତ୍ରମାନଙ୍କୁ କାଟିବାକୁ ହୁଏ ।]

ଲେଖନ ପଠନ—ସ. ବି (ଦ୍ବନ୍ଦ୍ବ)—ଲେଖାପଢ଼ା—Lekhana paṭhana Reading and writing.

ଲେଖନ ପତର—ଦେ. ବି—ପୂର୍ବକାଳରେ ଲେଖିବାର ଦୁଇଗୋଟି Lekhana patara ଉପକରଣ, ଲୌହ ଲେଖଣୀ ଓ ତାଳ লেখন ও তালপাতা ପତ୍ରର ପତ୍ର—Iron stylus and palm leaf, the two materials of writing in ancient Orissa.

ଲେଖନ ପତ୍ର
ଲେଖନ ତାଳ ପତର } ଅନ୍ୟରୂପ
ଲେଖନ ତାଳପତ୍ର

ଲେଖନ ବସ୍ତି—ସ. ବି—ଉପାଦ ସପ୍ତ ଧାତୁ ଓ ବାତାଦି ତ୍ରିଦୋଷ ଓ Lekhana basti ବମନ ଆଦିକୁ ପତଳା କରିବାବାଲା ପିଚକାରୀ (ବୈ. ଶ.)—A syringe which makes the hard things inside the system thin or soft.

ଲେଖନ ବୁଲିବା—ଦେ. ବି—୧ । ଲେଖନଦ୍ବାରା ତାଳପତ୍ର ଉପରେ Lekhana buliba ଲେଖିବା କାର୍ଯ୍ୟ ଚଳିବା—1. Act of কলম চলা writing on palm leaf with कलम जारी होना iron-stylus. ୨ । (ଲକ୍ଷଣାର୍ଥ) ଲେଖକମାନେ କାର୍ଯ୍ୟରେ ବ୍ୟାପୃତ ହେବା—2. Act of the writers being engaged in writing. [ଦ୍ର—ପୂର୍ବକାଳରେ ଜମିଦାରମାନଙ୍କ ସିରସ୍ତାରେ ଲେଖନ ଓ ତାଳପତ୍ରଦ୍ବାରା ଜମିଦାରର ହିସାବପତ୍ର ଲେଖାଯାଉଥିବାରୁ କର୍ମଚାରୀମାନେ ସମସ୍ତେ ଲେଖନଦ୍ବାରା ଲେଖୁଥିଲେ । ଏଥିପାଇଁ କୌଣସି ଜମିଦାରଙ୍କ ଇଲାକାରେ ଯେତେଜଣ କର୍ମଚାରୀ ରହୁଥିଲେ ତାଙ୍କ ସିରସ୍ତାରେ ସେତେଗୋଟି ଲେଖନ ବୁଲୁଥିଲା । ଅମୁକଙ୍କର ପାଞ୍ଚଗୋଟି ଲେଖନ ବୁଲୁଛି ବୋଲି କହିଲେ ବୁଝାଯାଉଥିଲା ଯେ, ତାଙ୍କର ସିରସ୍ତାରେ ଲେଖାପଢ଼ି କାମ କରିବାକୁ ପାଞ୍ଚଜଣ ଲେଖକ ବ୍ୟାପୃତ ଅଛନ୍ତି । ପୁରୀ ଜିଲ୍ଲାର କନପଡ଼ାର ପୂର୍ବତନ ପ୍ରସିଦ୍ଧ କ୍ଷତ୍ରିୟ ଜମିଦାର (ସବଂହି ହୋ)ଙ୍କର ଅନେକ ଭୂସମ୍ପତ୍ତି ଥିବାରୁ ବହୁ ଶତ ଲେଖକ କର୍ମଚାରୀ ତାଙ୍କ ଇଲାକାରେ ନିଯୁକ୍ତ ଥିଲେ; ଏଥିପାଇଁ ଲୋକେ କହୁଥିଲେ ଯେ, ସବଂହି ହିବଂର ଲକ୍ଷେ ଲେଖନ ବୁଲୁଅଛି, ଅର୍ଥାତ୍ ତାଙ୍କ ଇଲାକାରେ ଲକ୍ଷେ ଲେଖକ ନିଯୁକ୍ତ ଅଛନ୍ତି ।]

ଲେଖନ ମାରିବା—ଦେ. କି (ଲକ୍ଷଣାର୍ଥ)—ଲେଖିବା—Lekhana māribā To write. কলম মারা कलम मारना

ଲେଖନ ମୁନ—ଦେ. ବି—ଲେଖନର ସୂକ୍ଷ୍ମ ଅଗ୍ରଭାଗ—Lekhana muna The point of an iron stylus. কলমের ডগা कलमका नोक

ଲେଖନମୁନ ବୁ(ଚ୍ଚା)ଲିବା—ଦେ. କି—ଲେଖନ ବୁଲିବା (ଦେଖ) Lekhanamuna bu(chā)libā Lekhana bulibā (See)

ଲେଖନମୁନ ମାରିବା—ଦେ. କି—ଲେଖିବା—To write. [ଦ୍ର—Lekhana muna māribā ଭାରତର ଭାଗ୍ୟରେ ବିଧାତା কলম চালান ଏହିପରି ଲେଖନ ମୁନ ମାରିଛନ୍ତି । ପଣ୍ଡାରମୋହନ- कलमकानोक मारना ଛମାଣ. ଆଠଗୁଣ୍ଠ ।]

ଲେଖନିକ—ସ. ବି. ପୁଂ (ଲେଖନ+ଇକ)—୧ । ହରକରା; ଲେଖ- Lekhanika ବାହକ; ପତ୍ରବାହକ—1. Beaerr or carrier (ଲେଖନିକା—ସ୍ତ୍ରୀ) of a letter. ୨ । ଡାକ ହରକରା; ପତ୍ରବାହକ—2. Postman; a postal runner. ୩ । ଲେଖକ—3. Writer. ୪ । ଚିତ୍ରକର—4. Painter. ୫ । ଲିପିକର—5. Scribe; copyist. ୬ ।ଯେ ନିଜ ହାତରେ ଲେଖେ—6. A person who writes with his own hand. ୭ । ଯେଉଁ ବ୍ୟକ୍ତି ନିଜର ନାମ ଦସ୍ତଖତ କରି ଜାଣି ନ ଥିବାରୁ ଆପଣାର ଚିହ୍ନକ କାଟି ଦିଏ ଓ ତାହାର ବକଲମ ଦସ୍ତଖତ ଅନ୍ୟ ଜଣେ କରିଦିଏ—7. An illiterate person who puts his mark on a paper and whose signature is written by the pen of the scribe.

ଲେଖଣୀ—ସ. ବି. ସ୍ତ୍ରୀ (ଲିଖ୍ ଧାତୁ+କରଣ. ଅନ+ସ୍ତ୍ରୀ. ଈ)—Lekhani ୧ । କଲମ; ଲେଖଣୀ; ବର୍ତ୍ତିତୂଳିକା—1. Pen. ୨ । ଯେଉଁ ଯନ୍ତ୍ରଦ୍ବାରା କାଗଜ ଆଦି ଉପରେ ଲେଖାଯାଏ—2. Material or instrument for writing. (ଯଥା—ପେନ୍‌ସିଲ୍, ଲେଖନ ଇତ୍ୟାଦି) ୩ । ଚିତ୍ରକରର ତୂଳିକା—3. Painter's brush. ୪ । ଲେଖିବାର ଢଙ୍ଗ ବା ପଦ୍ଧତି—4. The style of writing. ୫ । ଖଡ଼ିମାଟି; ଖଡ଼ି; ଚକ୍‌ଖଡ଼ି—5. Chalk; pipe clay.

ଲେଖଣୀ ଚାଳନ—ସ. ବି (୬ଷ୍ଠୀ ତତ୍)—ଲେଖିବା କ୍ରିୟା—Act of Lekhani chālana writing; taking up of the (ଲେଖନୀଧାରଣ, ଲେଖଣୀ ପରିଚାଳନ—ଅନ୍ୟରୂପ) pen to write

ଲେଖଣୀ ପ୍ରସୂତ—ସ. ବିଣ (୫ମୀ ତତ୍)—(ଅମୁକଦ୍ବାରା) ଲେଖା Lekhani prasūta ହୋଇଥିବା—Coming from the pen of; written by.

ଲେଖନୀୟ—ସଂ ବଣ (ଲିଖ୍ ଧାତୁ+କର୍ମ ଅନୀୟ)—୧ । ଯାହା ଲେଖା
Lekhaniya ହେବା ଯୋଗ୍ୟ—1. Fit to be written.
୨ । ବର୍ଣ୍ଣନୀୟ—2 Describable.

ଲେଖ ପତ୍ର—ସଂ ବି (ମ. ପ. ଲୋ)—ଲିଖିତ କାଗଜ; ଦସ୍ତାବିଜ (ହି.ଶ)
Lekha patra Document.

ଲେଖ ପ୍ରଣାଳୀ—ସ ବି (୬ଷ୍ଠୀ ତତ୍)—ଲେଖିବାର ଢଙ୍ଗ; ଲେଖିବାର
Lekha pranāli ଶୈଳୀ—Style of writing.
[ଲେଖ ଶୈଳୀ—ଅନ୍ୟରୂପ]

ଲେଖର୍ଷଭ—ସ. ବି (୭ମୀ ତତ୍; ଲେଖ=ଦେବତା; ସେମାନଙ୍କ ମଧ୍ୟରେ
Lekharshabha ଋଷଭ=ଶ୍ରେଷ୍ଠ)—ଦେବରାଜ; ଇନ୍ଦ୍ର—
Indra; the king of the gods.

ଲେଖ ହାର (ହାରକ)—ସଂ ବି ପୁଂ (ଲେଖ+ହୃ ଧାତୁ+କର୍ତ୍ତୃ ଅ;
Lekhahāra (hāraka) ଅକ)—ଯେଉଁ ଲୋକ ଏକ
ସ୍ଥାନରୁ ସ୍ଥାନାନ୍ତରକୁ ପତ୍ରାଦି ନିଏ; ପତ୍ରବାହକ; ହରକରା
—Letter-carrier; the bearer of a letter.

ଲେଖା—ସଂ ବି. ସ୍ତ୍ରୀ (ଲିଖ୍ ଧାତୁ+ଭାବ ଅ+ସ୍ତ୍ରୀ. ଆ)—୧ । ଲେଖିବା
Lekhā କ୍ରିୟା; ଲିଖନ—1. Act of writing. ୨ । (+
କର୍ମ ଅ+ଆ)ହସ୍ତାକ୍ଷର; ହସ୍ତଲିପି—2. Handwriting.
୩ । ପତ୍ର; ଚିଠି—3. Letter. ୪ । ଦସ୍ତାବିଜ;ଦଲିଲ—
4. Document; deed. ୫ । ରେଖା—5. Line.
୬ । ଚିତ୍ର—6. Painting. ୭ । ଅକ୍ଷରମାଳା; ଲିପି—
7. Alphabet; script. ୮ । ଧାଡ଼ି—8. Row.
୯ । ଗଣନା—9. Calculation. (ଉ—ଏ
ଦୁଃଖକୁ ତୁମ୍ଭେ କରିବ କେଣ୍ଠା ଲେଖା—କୃଷ୍ଣସିଂହ
ମହାଭାରତ ବନ ।) ୧୦ । ବର୍ଣ୍ଣନା; ଚିତ୍ରଣ—
10. Delineation; description; act of painting; depicting.
ଦେ. ବି—୧ । କୌଣସି ବ୍ୟକ୍ତିର ଲିଖିତ ଗ୍ରନ୍ଥ—
লেখা लेखा 1. The writings of a person;
the works of an author. ୨ । ଲେଖିବାର
ପଦ୍ଧତି ବା ପ୍ରକାର—2. Style of writing.
୩ । ଲିଖିତ ବିଷୟ—3. Anything committed
to writing. [ଉ—ଶହେ ଟଙ୍କା, ଏକ
ଲେଖା—ଚଳ ।] ୪ । ସାଦୃଶ୍ୟ; ସମାନତା—
4. Similarity; equality. ୫ । ରକ୍ତ, ବିବାହ
ବା ଧର୍ମଦ୍ୱାରା ପ୍ରତିଷ୍ଠିତ ସମ୍ପର୍କ—5. Relationship
(by blood, marriage or religion).
(ଉ—ସେ ଲେଖାରେ ମୋର ଭାଇ ହେବେ ।
"କାହିଁ ଲେଖା ମୋହର ଅଟ ତ ସଦଏ"—କୃଷ୍ଣସିଂହ
ମହାଭାରତ ଉଦ୍ୟୋଗପର୍ବ ।) ୬ । କପାଳଲେଖନ—
6. The dispensation of fate. ୭ । ତୁଳନାକରଣ
7. Comparison. ୮ । ବିଚାର; ବିବେଚନା—
8. Consideration; view opinion.
୯ । ଅନୁମାନ—9. Inference. (ଉ—ଅଙ୍କ
ଲେଖାରେ ଚନ୍ଦ୍ର, ସୂର୍ଯ୍ୟ କାହାନ୍ତି—ଚଳ ।) ଦେ. ବିଣ—
লিখিত, লেখ্য लिखाहुआ ୧ । ଲିଖିତ—1. Written.
মতন, লক্ষ্য लहार ୨ । ସଦୃଶ; ତୁଲ୍ୟ; ସମ—2. Equal;
similar. ୩ । (ସ. ଲକ୍ଷ୍ୟ) ତୁଳନୀୟ—
3. Comparable. (ଉ—ଦେଖିଲେ ସର୍ଗୀ ତାର
ମଧ୍ୟେ ଚନ୍ଦ୍ରରେଖା, ଶୋଭାରେ ଦମୟନ୍ତୀ ହୋଇଅଛି
ଲେଖା—କୃଷ୍ଣସିଂହ ମହାଭାରତ ବନ ।) ୪ । ଯେଉଁ
(ଅଲେଖା—ବିପରୀତ) କାଗଜ ଉପରେ ଲେଖା ଯାଇଥାଏ—
4. (paper) On which something has been written. ୫ । ବନ୍ଧୁତାଦ୍ୱାରା ସଂଯୁକ୍ତ—
5. Related. (ଉ—ସେ ମୋର ଭାଇ ଲେଖା ।)
সম্পর্ক ୬ । ଯୋଗ୍ୟ; ଯୋଗ୍ୟମାନଙ୍କ ଭିତରେ ପରିଗଣିତ—
গণ্য 6. Fit; worth notice; worth mention.
(ଉ—ଏକ ପୁଅ କି ପୁଅରେ ଲେଖା ?—ଚଳ ।)
লেখা ୭ । କପାଳରେ ଲେଖା ହୋଇଥିବା (ବିଷୟ); ଅବଶ୍ୟମ୍ଭାବୀ
7.—Inevitable. ୮ । ପୂର୍ବରୁ ନିର୍ଦ୍ଦିଷ୍ଟ ବା ସ୍ଥିରୀକୃତ—
8. Preordained, settled beforehand.
[ଯଥା—ତୋ ପାଇଁ(ତୋ କପାଳରେ) ଦୁଃଖ ମାତ୍ର ଲେଖା
ହେଲାଣି ।] ୯ । ରୂପେ ପରିଗଣିତ; ବିବେଚିତ—
গণ্য गण्य 9. Counted as; considered as.
(ଉ—ଠେକା ବହେ ବେକା ରେ ! ତୁ କୋଉ ମଣିଷରେ
ଲେଖାରେ—ଚଳ । ସେ ଲେଖା ହୋଇ
ଲକ୍ଷ୍ମୀମନ୍ତମାନଙ୍କରେ—କୃଷ୍ଣସିଂହ ମହାଭାରତ ବନ ।)
করে ଦେ. ଅ—ଲେଖାଏଁ—At the rate of. ପ୍ରାଦେ
वाले (ଗଡ଼ଜାତ, ଗଞ୍ଜାମ) ଅ—ପରି; ସମାନ—Like. [ଉ—
ମୋ ଦେହରେ ସିନ୍ଦୂରଲେଖା ବଳ ଥିଲା ।)

ଲେଖା(ଖେ)ଇ ନେବା—ଦେ. କ୍ରି—ସମ୍ପତ୍ତି ପ୍ରଭୃତିକୁ କାହାଠାରୁ ଦଲିଲ
Lekhā(khe)i nebā ଦସ୍ତାବିଜ ଅବଦ୍ୱାରା ହସ୍ତାନ୍ତରିତ କରାଇ
লিখিয়েনেওয়া लिखालेना ନେବା—To get a deed executed by another conveying some landed property in one's favour.

ଲେଖା(ଖେ)ଇବା—ଦେ. କ୍ରି (ଲିଖ୍ ଧାତୁର ଣିଜନ୍ତ ଲେଖି ଧାତୁ)—
Lekhā(khe)ibā ଅନ୍ୟ ବ୍ୟକ୍ତିଦ୍ୱାରା ଲେଖିବାକ୍ରିୟା ସମ୍ପାଦିତ
লেখান କରାଇବା—To cause to be written by
लिखवाना another.

ଲେଖାଏ(ରେ)—ଦେ. ବି—୧ । (କୌଣସି ବ୍ୟକ୍ତିର) ବିବେଚନାରେ;
Lekhāe(re) ଗଣନାରେ—1. According to one's
মতে calculation, knowledge or belief. ୨ ।
लेखामे ଅନୁମାନରେ—2. According to one's
করে inference. [ଉ—ତା ଲେଖାରେ ଇନ୍ଦ୍ର,
लेखा ଚନ୍ଦ୍ର, କାହାନ୍ତି ।] ୩ । ଲେଖାଏଁ; ପ୍ରତ୍ୟେକକୁ

—3. Each. [ଉ—ଶକୁନଙ୍କୁ ପାର୍ଥ ତୋଷିବ ପ୍ରହାରଲେ, ଜଣକେ ଏକ ଏକ ଲେଖାରେ ବାନ୍ଧଲେ। କୃଷ୍ଣସିଂ. ମହାଭାରତ. ଦ୍ରୋଣ ।]

ଲେଖାଏଁ—ଦେ. ଅ—୧ । କରି; ପ୍ରତ୍ୟେକ ବ୍ୟକ୍ତିଙ୍କୁ; ପ୍ରତ୍ୟେକ ବିଷୟରେ—1. (adverb) To each; in the case of each; in each case.
Lekhaeñ
(ଲେଖେଁ—ଅନ୍ୟରୂପ)
କରେ
ଲେଖା
୨ । ପ୍ରତ୍ୟେକଙ୍କୁ ସମ ପରିମାଣରେ—2 In equal quantities to each. ୩ । ପ୍ରତ୍ୟେକରେ—3. Each. [ଉ— ନଈ ମୁଁ ସାଥିଙ୍କ ଘରେ କାମ କରି ଭଲଅଣା ଲେଖାଏଁ ମୂଲ ପାଏଁ ।
ପ୍ରତ୍ୟେକ କୋଠରିରେ ୩ ଜଣ ଲେଖାଏଁ ମନୁଷ୍ୟ ରହିବେ ।
ପିଲାମାନେ ଗଣ୍ଡିଏ ଲେଖାଏ ଭାତ ଖାଇ ସ୍କୁଲକୁ ଦଉଡ଼ିଲେ ।]
मतन
माफिक
୪ । ପରି; ପ୍ରକାରେ—4. As; like. [ଉ—ସେ ଗରିବ ଲେଖେଁ କଷ୍ଟରେ ଚଳୁଛି । ଗଡ଼ଜାତ ଓ ସମ୍ବଲପୁରରେ ଏହି ଅର୍ଥରେ ଲେଖା । ମଧ୍ୟ ବ୍ୟବହୃତ ହୁଏ ।]

ଲେଖା କପି—ଦେ. ବି (ସଂ. ଲିଖିତ+ଇଂ. କପି) ପ୍ରେସ୍‌ରେ ଛାପା ହେବା ନିମନ୍ତେ ପ୍ରସ୍ତୁତ ହସ୍ତଲିଖିତ ଲେଖ୍ୟ—(printing) Manuscript meant for being printed at a press; copy for the press.
Lekha kapi
ଟାଇପ୍‌କପି } ଛାପ(ଛ)ାପାକପି } ବିପରୀତ
লেখাকপী
लिखाकौपी

ଲେଖା କରିବା—ଦେ କି (ଅନ୍ୟ ସମ୍ପର୍କବାଚକ ଶବ୍ଦ ପରେ ଯୁକ୍ତ; ଯଥା—ଭାଇ ଲେଖା କରିବା, ପୁଅ ଲେଖା କରିବା)—କୌଣସି ବ୍ୟକ୍ତି ସଙ୍ଗେ ନିଜର ରକ୍ତ ସମ୍ପର୍କୀୟ ବ୍ୟକ୍ତି ପରି ବ୍ୟବହାର କରିବା; ଅନ୍ତରଙ୍ଗରୂପେ ଗଣନ କରିବା; ଅନୁକ ପରି ବ୍ୟବହାର କରିବା—To treat or look upon a person as one's blood-relation. [ଉ—ସ୍ତ ଦେବ ଶିଷ୍ୟମାନଙ୍କୁ ପୁଅ ଲେଖା କରନ୍ତି ।]
Lekha kariba
মতদেখা
लेखाकरना

ଲେଖା କାରକ—ସ. ବି—ଲେଖକ; ଲିପିକର—Writer; scribe; copyist.
Lekhā kāraka

ଲେଖା ଜବାବ୍—ଦେ. ବି (ଜବରଥ)—ମକଦ୍ଦମାରେ ପ୍ରଥମ ପକ୍ଷର ଅରଜାର ବା ଅଭିଯୋଗର ଉତ୍ତରରେ ଦାଖଲ କରାଯିବା ଲେଖା ବା ବର୍ଣ୍ଣନା ପତ୍ର—A written statement filed in reply to a plaint or charge.
Lekhā jabāb
লিখিতজবাব
लिखाजबाब

ଲେଖା ଜୋ(ଯୋ)ଖା—ଦେ. ବି (ସବୁଭର) (ଲିଖ୍ ଧାତୁ ଓ ଯୁକ୍ତ ଧାତୁ) ୧ । ହିସାବ ପତ୍ର—1. Accounts. ୨ । ଲେଖିବା ଓ ଗଣନା କରିବା—2. Writing and calculating. ୩ । ହିସାବ ପତ୍ର କରିବା—3. Making up of accounts. ୪ । ହିସାବ ମିଳାଇବା—4. Squaring up of accounts. ୫ । ଗଣନା—5. Calculation.
Lekhā(jo)jokhā
লেখাজো
लेखाजोखा
ଦୂର—ଦୂର ସମ୍ପର୍କରେ ସମ୍ପୃକ୍ତ—Distantly related. [ଉ—ଆମ ଅଇ ଲେଖାଜୋଖାରେ ଦେଉଛନ୍ତି ପିଉସୀ । ପଦ୍ମାବମୋହନ—ଗଳ୍ପ ସ୍ୱଳ୍ପ]
দূরসম্পর্কীয়
लेखाजोखा

ଲେଖାଧିପ—ସ. ବି (୬ଷ୍ଠୀ ତତ୍; ଲେଖ=ଦେବତା+ଅଧିପ)—୧ । ଇନ୍ଦ୍ର; ଦେବରାଜ—Indra, the king of the gods.
Lekhādhipa
୨ । ରାଜା—2. King [ଉ—ଲେଖାଧିପ ଅଷ୍ଟଦିଗର ଭଣେ । କବିସୂର୍ଯ୍ୟ—ବଣେ ସ୍ତରଭ ଲ. ଗୀତି ।]

ଲେଖା ପଢ଼ା(ଢ଼ି)—ଦେ. ବି (ସବୁଭର) (ସଂ. ଲେଖା ଓ ପଠନ)—୧ । ଲେଖିବା ଓ ପଢ଼ିବା—1. Writing and reading. ୨ । ବିଦ୍ୟାକୁ ଶିକ୍ଷା; ବିଦ୍ୟାଚର୍ଚ୍ଚା; ପାଠପଢ଼ା—2. Learning education; studies. ୩ । କୌଣସି ଦଲିଲ ଲେଖିବା ଓ ତାହା ପଢ଼ିକରି ଶୁଣାଇବା—3. Writing and reading out of a document. ୪ । ଲିଖିତ ଦଲିଲ୍ ବା ପତ୍ର; ଦସ୍ତାବିଜ୍—4. Document; written deed; record
Lekha pardha (rdhi)
লেখাপড়া(ঢা)
लिखापढा

ଲେଖାପଢ଼ା(ଢ଼ି) କରିନେବା—ଦେ. କି—କୌଣସି ମୌଖିକ ବିଷୟ ସମ୍ବନ୍ଧେ ଦଲିଲ ଲେଖାଇ ନେବା—To have a document executed in respect of any matter; to have a matter reduced to writing.
Lekhapa<u>rdh</u>a(<u>rdh</u>i) karineba
[ଲେଖାପଢ଼ା(ଢ଼ି) କରା(ରେ)ଇ ନ(ନେ, ବା—ଅନ୍ୟରୂପ]
লেখাপড়াকরে নেওয়া
लिखापढा कर(रा)लेना

ଲେଖା ପୁସ୍ତକ—ଦେ. ବି—ହସ୍ତଲିଖିତ ପୁସ୍ତକ—Manuscript; written book.
Lekha pustaka
(ଲେଖାବହି—ଅନ୍ୟରୂପ) লখাপুস্তক, লেখাবই **लिखीपुस्तक**
[ଛା(ଛ)ପାବହି—ବିପରୀତ]

ଲେଖା ପ୍ରମାଣ—ଦେ. ବି: (ସଂ. ଲିଖିତ+ପ୍ରମାଣ)—ଲେଖାଦ୍ୱାରା କୌଣସି ବିଷୟର ପ୍ରମାଣ—Documentary evidence; evidence consisting of writing.
Lekhā pramāṇa
লিখিত প্রমাণ
लिखितप्रमाण, लिखाप्रमाण
(ମୁହଁପ୍ରମାଣ—ବିପରୀତ)

ଲେଖା ପ୍ରମାଣେ—ଦେ. କି. ବିଣ—ଲେଖାର ଅନୁସାରେ—According to the writing
Lekhā pramāṇe
(ଲେଖା ମାଫିକେ—ଅନ୍ୟରୂପ) লোখাযোতাবেক
लोखकामाफिक

ଲେଖା ମଡ଼ା(ଡ଼େ)ଇବା—ଦେ. କି—ଲେଖା ହୋଇଥିବା ଅକ୍ଷର ଉପରେ ବାରମ୍ବାର ଲେଖି ହାତ ଲେଖାର ଅଭ୍ୟାସ କରିବା—To write on letters (already written) in order to improve one's handwriting.
Lekhā ma<u>rd</u>a(<u>rd</u>e)ibā
লেখা মকস করা
लिखा पक्का करना

ଲେଖା ଯିବା—ଦେ. କ୍ରି.—ଲେଖା ହେବା (ଦେଖ)
Lekhā jibā Lekhā hebā (See)

ଲେଖାର୍ହ—ସଂ. ବିଣ.—(ଲେଖ+ଅର୍ହ)—ଲେଖନୀୟ—
Lekhārha Fit to be written.
ବି.—ଶ୍ରୀତାଳ ବୃକ୍ଷ; ମଳୟ ଦେଶ ପ୍ରସିଦ୍ଧ ତାଳବୃକ୍ଷ—
A kind of palm tree of the Malaya peninsula (South India).

ଲେଖାଳି—ଦେ. ବିଣ ଓ ବି—ଲେଖକ—
Lekhāḷi লেখক लेखनेवाला Writer.

ଲେଖା ଲେଖି—ଦେଦ. ବି—(ସଦୃଶ)—୧ । ଲେଖିବାର ପ୍ରକ୍ରିୟା—
Lekhā lekhi 1. Acts of writing; writings
লেখালেখি, লিখালিখি ୨ । ପରସ୍ପରକୁ ପତ୍ରାଦି ଲେଖିବା—
लिखा लिखि 2. Mutual correspondence. ୩ ।
ବାରଂବାର ଲେଖନ—3. Repeated writings.
ବିଣ.—ପରସ୍ପର ସହିତ ପତ୍ରାଳାପ କରୁଥିବା—
Corresponding with each other.

ଲେଖା ହେବା—ଦେ. କ୍ରି—ଲେଖିବା କ୍ରିୟାର କର୍ମବାଚ୍ୟ ରୂପ)—୧ ।
Lekhā hebā (କୌଣସି ବ୍ୟକ୍ତିଦ୍ୱାରା) ଲିଖିତ ହେବା—
লেখা হওয়া लिखा होना 1. To be written.
୨ । ଶାସ୍ତ୍ରାଦିରେ ବର୍ଣ୍ଣିତ ହେବା—2. To be described in books. ୩ । (ଅନ୍ତର୍ଭୁକ୍ତରୂପେ) ପରିଗଣିତ ହେବା—3. To be counted as.

ଲେଖି—ସମାପିକାକ୍ରିୟା. (ପଦ୍ୟ)—କୌଣସି ଶ୍ରେଣୀରେ ଗଣନା କରି; ଗଣି;
Lekhi গণ্যহয় लेखाहित ଗଣ୍ୟହୋଇ—Counted as.
[ଉ—ଠେକ ଉଦେ ବେଙ୍ଗରେ ।
ଉଦେ କୋଣ୍ଠ ମଣିଷରେ ଲେଖି ରେ ? ଛଗ ।]
ଗ୍ରାଦେ. (ମେଦିନୀପୁର) ବି.—ଲିକ୍ଷ—Egg of lice.

ଲେଖି (ଧାତୁ)—ସଂ.—ଲିଖ୍ ଧାତୁର ଣିଜନ୍ତ—
Lekhi (root) Causative of the root Likh.

ଲେଖିଅ(ଆ)—ଗ୍ରା. ବି—(ସଂ. ଲେଖକ)—ଲେଖକ—
Lekhia (ā) Scribe; copyist; writer.

ଲେଖି ଅଛି—ଦେ. କ୍ରି.—୧ । ଲିଖିତ ହୋଇଅଛି—
Lekhi achhi লেখা আছে 1. Is written.
लिखा हुआहै ୨ । ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଅଛି—2. Is prescribed in the holy books. [ଉ—ବ୍ରାହ୍ମଣଙ୍କୁ ସିନା ଲେଖିଅଛି ଯଜ୍ଞ । କୃଷ୍ଣସିଂହ. ମହାଭାରତ. ବନ ।]

ଲେଖିତ—ସଂ. ବିଣ—(ଲିଖି ଧାତୁର ଣିଜନ୍ତ ଲେଖି ଧାତୁ+କର୍ମ. ତ)
Lekhita ୧ । ଯାହା ଲିପିବଦ୍ଧ ହୋଇଅଛି—1. Which has been taken down in writing. ୨ । ଲିଖିତ—2. Written. ୩ । ଚିତ୍ରିତ—3. Painted. ୪ । ଅଙ୍କିତ—4. awn..,

ଲେଖିତଂ—ଦେ. ବି (ଦଲିଲ)—ଲିଖିତଂ (ଦେଖ)—
Lekhitaṁ Likhitaṁ (See) [ଉ—ଏହାର ସାକ୍ଷୀଙ୍କର । ଲେ ।]

ଲେଖିତବ୍ୟ—ସଂ. ବିଣ (ଲେଖି ଧାତୁ+କର୍ମ ତବ୍ୟ)—ଲେଖା
Lekhitabya ହେବାର ଉପଯୁକ୍ତ—Fit to be written.

ଲେଖିଥିବା—ଦେ. କ୍ରି—୧ । ପୂର୍ବରୁ ନିର୍ଦ୍ଦିଷ୍ଟ କରିଥିବା—1. To
Lekhithibā have preordained. [ଉ—ଈଶ୍ୱର ଯାହା
লিখেথাকা ହାତେ ତାହାର ମରଣ । ଲେଖିଥାଏ ତାହାର ଭାଗ୍ୟ
लिखता होना ଦୁଏ ଜାଣ—କୃଷ୍ଣସିଂହ. ମହାଭାରତ. ବନ ।]
୨ । ପୂର୍ବରୁ ଲେଖିବା—2. To have written before.

ଲେଖି ଦେବା—ଦେ.କ୍ରି (ସଂ. ଲିଖ୍ ଧାତୁ)—୧ । ଲେଖିବା କ୍ରିୟା
Lekhi debā ସମ୍ପାଦନ କରିବା—1. To finish writing
লিখে দেওয়া (something). ୨ । ହିସାବ ଚୁକ୍ତି କରିବା—
2. To settle up accounts, [ଉ—ଧୃତରାଷ୍ଟ୍ର ରାଜା ତ ସେ ବନକଲେ । ଦେଉଅଛନ୍ତି ଲେଖି ବର୍ତ୍ତିଲେ—କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।]
୩ । ଦଲିଲଦ୍ୱାରା କୌଣସି ସମ୍ପତ୍ତି ଦେବା—3. To give away a thing by executing adocument.

ଲେଖିନ୍(ନି)—ବୈଦେ. ଅ—ଲେକିନ୍ (ଦେଖ)
Lekhin(ni) Lekin (See)

ଲେଖି ନେବା—ଦେ. କ୍ରି—୧ । କୌଣସି ବିଷୟକୁ ଲିପିବଦ୍ଧ କରିବା;
Lekhi nebā କୌଣସି ବିଷୟର ନୋଟ୍ କରିବା—1. To
লিখে নেওয়া write down; to take note of; to
लिख देना reduce to writing. ୨ । ଉତାରି ନେବା—2. To copy out a matter.

ଲେଖି ପକା(କେ)ଇବା—ଦେ. କ୍ରି—ଅତିଶୀଘ୍ର କୌଣସି ବିଷୟ ଲେଖିବା
Lekhi pakā(ke)ibā To note down (soon or
লিখে ফেল लिख डालना hastily)

ଲେଖି ପଢ଼ି ଦେବା—ଦେ. କ୍ରି—କୌଣସି କାରବାର ବା ଚୁକ୍ତି ସମ୍ବନ୍ଧେ
Lekhi paṛhi debā ଅନ୍ୟ ବ୍ୟକ୍ତିଙ୍କୁ ଦଲିଲ ସମ୍ପାଦନ
লিখে পড়ে দেওয়া କରିଦେବା—To execute a docu-
लिख पढ़कर देना ment in favour of anothe- (embodying certain transaction or agreement.

ଲେଖି ପଢ଼ି ନେବା—ଦେ. କ୍ରି—କୌଣସି କାରବାର ସମ୍ବନ୍ଧେ ଆପଣା
Lekhi paṛhi nebā ନାମରେ ଅନ୍ୟ ବ୍ୟକ୍ତିଠାରୁ ଦସ୍ତାବିଜ
লিখে পড়ে নেওয়া ଲେଖାଇ କରି ଗ୍ରହଣ କରିବା—To take
लिख पढ़कर लेना or accept a document in one's favour from another person regardin certain transactions

ଲେଖିବା—ଦେ. କ୍ରି (ସଂ. ଲିଖ୍ ଧାତୁ)—୧ । ଲିପିବଦ୍ଧ କରିବା—
Lekhibā 1. To write; to reduce to writing

ଲି(ଲେ)ଖା ୨ । ଗଣନା କରିବା—2. To calculate.
लिखना [ଉ—ବୋଲେ ଉପେନ୍ଦ୍ର, ମାସ ଲେଖି ଦ୍ରୁମ ବୈଦେହୀ ଶୋକରେ ସାଜ୍—ଉପେ. ବୈଦେହୀଶବିଳାସ ।] ୩ । କୌଣସି ବ୍ୟକ୍ତି ବା ପଦାର୍ଥକୁ କୌଣସି ଶ୍ରେଣୀରେ ଗଣ୍ୟ କରିବା; ଗଣନା କରିବା—3. To count as. [ଉ—ଶ୍ରବଣେ ଶୁଦ୍ଧ ହୋଇ ସୁଖୀ, ଭକତ ମଧ୍ୟେ ତାକୁ ଲେଖି—ଜଗନ୍ନାଥ. ଭାଗବତ ।] ୪ । (ସଂ. ଲକ୍ଷ ଧାତୁ) ତୁଳନା କରିବା—4. To compare. ୫ । ରେଖା ଟାଣିବା—5. To draw a line. ୬ । ରଙ୍ଗାଇବା; ରଞ୍ଜିତ କରିବା—6 To paint. [ଉ—ଯାହା ପାଦେ ଲକ୍ଷ ଲେଖିଥିଲେ ଶିଖିଜାହା ପଦ ଭୃଙ୍ଗ ଭଇ—ଉପେନ୍ଦ୍ର. ସଙ୍ଗୀତ ।] ୭ । ଚିତ୍ର ଅଙ୍କନ କରିବା—7. To draw a picture. [ଉ—ଲିଖିଥିବ ଭୁରୁ-ମଧ୍ୟଭଳକ, ଲେଖି ନଥ ବେଳେ ନ ଦେଖୁ ଲୋକ—ଉପେନ୍ଦ୍ରଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୮ । ବିଚାରିବା;ଭାବିବା; ବିବେଚନା କରିବା—8. To consider, to think. ୯ । କୌଣସି ବ୍ୟକ୍ତି ନିକଟକୁ ଚିଠି ଦେବା; ପତ୍ର ପଠାଇବା—9. To write a letter to a person. ୧୦ । ନକଲ କରିବା—10 To copy down. ୧୧ । ଲିଖିତ ମତ ପ୍ରକାଶ କରିବା—11. To express an opinion in writing.

ଲେଖି ରଖିବା—ଦେ. କ୍ରି—କୌଣସି ବିଷୟକୁ ଭବିଷ୍ୟତରେ କାର୍ଯ୍ୟରେ
Lekhi rakhibā ଆସିବା ପାଇଁ ଲେଖି ଅପଣା ନିକଟରେ
লিখে রাখা ରଖିବା—To note down for future
लिखरखना reference.

ଲେଖିଲେଖି ନେବା—ଦେ. କ୍ରି—କୌଣସି ବିଷୟ ଆମୂଳଚୂଳ ବା କ୍ରମାନୁସାରେ ଲେଖିବା—To take down
Lekhilākhi nebā
লেখে টু(টো)কে নেওয়া anything fully or completely.
लिखडख लेना

ଲେଖୁଣିଆ—ଗ୍ରା. ବି (ସଂ. ଲେଖକ)—୧ । ଲେଖକ—1. Writer.
Lekhuṇiā ୨ । ଲେଖା ବ୍ୟବସାୟୀ—2. Writer by
লেখক लिखनेवाला profession.

ଲେଖୁ ଲେଖୁ କରଣ ହଗୁ ହଗୁ ମରଣ—ଦେ. ଢଗ—ମନୁଷ୍ୟ ବହୁ-
Lekhu lekhu karaṇa hagu hagu maraṇa
লিখিতে লিখিতে কীরাণী କାଳ ଲେଖିବା ଅଭ୍ୟାସ କଲେ
लिखते लिखते लिखंत पढ़ते पढ़ते पढ़ंत ଶେଷରେ କରଣ ବା ସୁଲେଖକ ହୁଏ ଓ ମନୁଷ୍ୟ ଝାଡ଼ା ରୋଗରେ ଅନେକ ଦିନ ପଡ଼ିଲେ ଶେଷରେ ମୃତ୍ୟୁ ମୁଖରେ ପଡ଼େ—(A person becomes an expert by practising writing for a long time and a man meets death by being attacked with diarrhoea or dysentery for long.

ଲେଖେ(ଖେଁ)—ଦେ. ଅ.—୧ । ଲେଖାଏଁ (ଦେଖ)—1. Lekhāen
Lekhe (khen) କରେ लेखा [ଲେଖେ—ଅନ୍ୟରୂପ] (See) [ଉ—ଏକ ବର୍ଷ ଗୁଡ଼ିକେ ଅଛୁ ପୁତ୍ରଙ୍କେ ଲେଖେ ବାଣ ପ୍ରାପ୍ତି. ବୃନ୍ଦାବନରୂପଜ ଗୀତା ।] ୨ । ମତରେ; ମତେ तेरामते ବିବେଚନାରେ—2. In the opinion of. [ଉ—ଧର୍ମ ବେଦର ମୀମାଂସକେ, ଜଗତ ସତ୍ୟ ତାଙ୍କ ଲେଖେ—ଜଗନ୍ନାଥ. ଭାଗବତ ।]

ଲେଖ୍ୟ—ସଂ. ବିଣ (ଲିଖ୍ ଧାତୁ + କର୍ମ. ଯ)—ଲେଖନୀୟ; ଲେଖନ-
Lekhya ଯୋଗ୍ୟ—Fit to be written. ବି—୧ । ଅକ୍ଷର—1. Letter; figure. ୨ । ଅକ୍ଷରମାଳା—2. Script; alphabet. ୩ । ଲିଖିତପତ୍ର—3. Written letter. ୪ । ଦଲିଲ—4. Document. ୫ । ଚିତ୍ର—5. Painting. ୬ । ଦଲିଲ ପ୍ରମାଣ—6. Documentary evidence.

ଲେଖ୍ୟଚୂର୍ଣ୍ଣିକା—ସଂ. ବି (ଲେଖ୍ୟ=ଚିତ୍ରାଦି + ଚୂର୍ଣ୍ଣ ଧାତୁ=ପେଷଣ
Lekhyachūrṇṇikā କରିବା + କରଣ ଅକ + ଆ)—ଚିତ୍ରକରର ତୂଳିକା—A painter's brush.

ଲେଖ୍ୟ ପତ୍ର—ସଂ. ବି (କର୍ମଧା)—୧ । ଲିଖିତ ପତ୍ରାଦି—1.
Lekhya patra Letter. ୨ । ଦସ୍ତାବିଜ—2. Document. ୩ । ଲେଖାଯିବା ପାଇଁ ବ୍ୟବହୃତ ତାଳପତ୍ର—3.Palm leaves used to write on. ୪ । (ବହୁବ୍ରୀହି) ତାଳଗଛ (ଶବ୍ଦକୋଷ)—4. Palm tree.

ଲେଖ୍ୟ ପ୍ରମାଣ—ସଂ. ବି—ଲିଖିତ ପ୍ରମାଣ; ଦଲିଲ ପ୍ରମାଣ—
Lekhya pramāṇa Documentary evidence.[ଦ୍ର—ହିନ୍ଦୁ ଧର୍ମଶାସ୍ତ୍ରରେ ଲେଖ୍ୟ ପ୍ରମାଣର ଦୁଇ ପ୍ରକାରରୁ (ମୌଖିକ, ଲେଖ୍ୟ) ଏକ । ଲେଖ୍ୟ ପ୍ରମାଣ ମଧ୍ୟ ୨ ପ୍ରକାର—ଶାସନ ଓ ଜାନପଦ—ହି. ଶ. ।]

ଲେଖ୍ୟସ୍ଥାନ—ସଂ.ବି (ମ.ପ.ଲୋ)—୧ । କାର୍ଯ୍ୟାଳୟ; ଅଫିସ; କଚେରୀ—
Lekhyasthāna 1. An office; writer's building. ୨ । ଦପ୍ତରଖାନା; ସିରସ୍ତା; ମୁନ୍‌ସୀଖାନା; କିରାଣୀଖାନା—2. A place where clerks are engaged in writing.

ଲେଙ୍କ(ଙ୍କୁ, ଙ୍କେ)ଡ଼ା(ଡ଼ି)—ଦେ. ବି (ସଂ. କଲ୍ପବ, ଲମ୍ବକ)—ଛିଣ୍ଡା ବସ୍ତ୍ର;
Leṅka(ṅku, ṅke)rdā(rdi) ଛିଣ୍ଡାଲୁଗା ବା କନା—Rag, torn bit of cloth; a shred of cloth. ବିଣ—ଚିର; ଛିଣ୍ଡା
ଲେଙ୍କଡ଼ିଆ } ଅନ୍ୟରୂପ
ଲେଙ୍କୁ(ଙ୍କେ)ଡ଼ି }
ন্যাকড়া चिथड़ा (ବସ୍ତ୍ର)—Ragged; torn (cloth).

ଲେଙ୍କ(ଙ୍କେ)ଡ଼ା(ଡ଼ଆ)—ଦେ. ବି (ସଂ. ତରକ୍ଷୁ)—ଗଧିଆ; ହେଟାବାଘ;
Leṅka(ṅke)rdā(rdā) ବାଘେଟା—Hyena; wolf; [ଲେଙ୍କ(ଙ୍କେ)ଡ଼ା(ଡ଼ଅ)ବାଘ—ଅନ୍ୟରୂପ] the Indian

ନେকড়া, নেকড়াবাঘ, নেকড়িআবাঘ, নেকড়েবাঘ wolf; Canis
हुंडार, भेड़िया Pallipes; the striped Hyena; Hyana Striata. [ଦ୍ର—ଏମାନେ ମଂ ଲଣ୍ଡ୍ରା] ଦେଖିବାକୁ କୁକ୍କୁରଠାରୁ ବଡ଼; ଲାଙ୍ଗୁଡ଼ ସାନ ପୁଚ୍ଛ । ଏମାନଙ୍କର ବର୍ଣ୍ଣ ପାଣ୍ଡୁର ଓ ଏମାନଙ୍କ ଦେହରେ ଖୀଣ କଳା କଳା ପଟା ଦାଗମାନ ଥାଏ । ଏମାନେ ଗୁହାଚର । ମେଣ୍ଢା, ଛେଳି ପ୍ରଭୃତି ଜୀବ ଏମାନଙ୍କ ଖାଦ୍ୟ । ଏମାନେ ମନୁଷ୍ୟକୁ ଆକ୍ରମଣ କରନ୍ତି ନାହିଁ; କିନ୍ତୁ ମଡ଼ାମାଂସ ଖାଆନ୍ତି ।]

ଲେଙ୍କ(ଙ୍କୁ, ଙ୍କେ)ଡ଼ିଆ—ଦେ. ବିଣ. ପୁଂ (ଗାଳିରେ ବ୍ୟବହୃତ)—
Lenka(nku, nke)rdiā ମାଙ୍କଡ଼ିଆ; ମର୍କଟିଆ; ଖିଣ୍ଡି—
[ଲେଙ୍କ(ଙ୍କୁ, ଙ୍କେ)ଡ଼ୀ—ସ୍ତ୍ରୀ] Feeble; emaciated.
রোগাপটকা मरा, पतला

ଲେଙ୍କା—ଦେ. ବି—୧ । ଶୂଦ୍ର ବା ଚଷା ଜାତିର ବଂଶୋପାଧି ବିଶେଷ—
Lenkā 1. A family title of Śūdras. ୨ । ରାଜାଙ୍କର ଓ ଦେବତାଙ୍କର ଶୂଦ୍ର ସେବକ ବିଶେଷ—2. A class of śūdra sebakas of Rajas or deities. ୩ । କଉଡ଼ି ଖେଳରେ ଦୁଇକଡ଼ି କଉଡ଼ି ଚିତ ହୋଇ ପଡ଼ିବାର ଦାନ; ଦୁଗା-3. The state of the cowrie shells falling on the ground with the dorsal side up in the game of cowries. [ଦ୍ର—କଉଡ଼ିଖେଳରେ ପ୍ରଥମେ ଛକା, ଅର୍ଥାତ୍ ଛଅକଡ଼ି କଉଡ଼ି ଚିତ ହୋଇ ପଡ଼ିଥିଲେ, ତତ୍ପରେ ଲେଙ୍କା, ଅର୍ଥାତ୍ ଦୁଇକଡ଼ି କଉଡ଼ି ଚିତ ହୋଇ ପଡ଼ିଲେ, ଛଅ ଦାନର ଦୁଇ ବା ମାର ହୁଏ ।]

ଲେଙ୍କାପ—ଦେ. ବି—ମେକାପ (ଦେଖ)
Lenkāpa ekāpa (See)

ଲେଙ୍କୁଡ଼ି ଶେଙ୍କୁଡ଼ି—ଗ୍ରା. ବି (ସହଚର)—ଗୁଡ଼ାଏ ଛିଣ୍ଡାକନାର ସମୂହ
Lenkurdi śenkurdi —A collection of rags
ন্যাকড়া খোকড়া गुदड़ा चिथड़ा and torn clothes,

ଲେଙ୍କେଇ—ପ୍ରାଦେ (ପୁରୀ) ବି. ପୁଂ—ପୁରୀ ଜିଲ୍ଲାରେ ଲୋକଙ୍କୁ ଦିଆଯିବା
Lenkei ବ୍ୟକ୍ତିଗତ ନାମ—A name given to males in the district of Puri in Orissa; (ଯଥା—ଲେଙ୍କେଇ ପ୍ରଧାନ ।)

ଲେଙ୍ଗ୍ଟା—ପ୍ରାଦେ (ବାଲେଶ୍ୱର) ବିଣ—(ଭୁଲ ବ. ନେଂଟା)—
Leng-ṭā ଲଙ୍ଗଳା; ନଗ୍ନ—Naked.

ଲେଙ୍ଗଟ—ଦେ. ବି—ଲଙ୍ଗୋଟା (ଦେଖ)—Langoṭā (See)
Lengaṭa [ଦ୍ର—ଲେଙ୍ଗଟ ଲଜ୍ଜା ଦୂର କର, ଦାନେ ପକାଇଲେ ଛିଡ଼ିଯି । ପ୍ରାଚୀ. ନବ୍ରୁଣମାହାତ୍ମ୍ୟ ।]

ଲେଙ୍ଗ(ଙ୍ଗୁ, ଙ୍ଗେ, ଙ୍ଗୋ)ଟା(ଟି)—ଦେ. ବି—ଲଙ୍ଗୋଟା । (ଦେଖ)
Lenga(ngu, nge, ngo)ṭā(ṭi) Langoṭā (See)
লেঙট लंगोट(टी)

ଲେଙ୍ଗ(ଙ୍ଗୁ, ଙ୍ଗେ, ଙ୍ଗୋ)ଟା(ଟି) ଚଢ଼ା(ଢ଼େ)ଇବା—ଦେ. କ୍ରି—
Lenga(ngu, nge, ngo)ṭā(i) chardhā(rdhe)ibā
[ଲେଙ୍ଗ(ଙ୍ଗୁ, ଙ୍ଗେ, ଙ୍ଗୋ)ଟା(ଟି) ମାରିବା—ଅନ୍ୟରୂପ] ଲଙ୍ଗୋଟା
লেঙ্গটমারা ମାରିବା (ଦେଖ)—Langoṭa māribā
लंगोट(टी) मारना (See).

ଲେଙ୍ଗ(ଙ୍ଗୁ,ଙ୍ଗେ,ଙ୍ଗୋ)ଟିଆ—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଲେଙ୍ଗୁଟି
Lenga(ngu, nge, ngo)ṭiā ପିନ୍ଧିଥାଏ; କୌପୀନଧାରୀ—
[ଲେଙ୍ଗ(ଙ୍ଗୁ, ଙ୍ଗେ, ଙ୍ଗୋ)ଟି ମାର—ଅନ୍ୟରୂପ] Wearing a
ন্যাঙটা लंगोटिया strip for loin-cloth. ଦେ. ବି—
[ଲେଙ୍ଗ(ଙ୍ଗ, ଙ୍ଗେ, ଙ୍ଗୋ)ଟେଇ—ସ୍ତ୍ରୀ] ୧। ବାବାଜୀ; ବୈଷ୍ଣବ—1. An ascetic. ୨। (ଲକ୍ଷଣାର୍ଥ) ସମ୍ବଳହୀନ ଗୃହତ୍ୟାଗୀ ବ୍ୟକ୍ତି—2. A poor homeless person. ୩ । ପରିବାର ହୀନ ବ୍ୟକ୍ତି—3. A person having no family.

ଲେଙ୍ଗ(ଙ୍ଗେ)ଡ଼ା—ଦେ. ବିଣ. ପୁଂ (ସ. ଲଙ୍ଗ; ଭୁଲ. ଫା. ଲଙ୍ଗ =
Lenga(nge)rdā ଖଞ୍ଜ)—ଖଞ୍ଜ; ଛୋଟା—Lame. ବି—
[ଲେଙ୍ଗ(ଙ୍ଗେ)ଡ଼ୀ, ଲେଙ୍ଗଡ଼େଣ୍ଡି—ସ୍ତ୍ରୀ] ୧ । ଖଞ୍ଜ ବ୍ୟକ୍ତି—1. Lame
নেঙ্গড়া person. ୨ । ଏକପ୍ରକାର ବର୍ତ୍ତୁଳ ଅମ୍ବ
लंगड़ (ଏହା ମାଲଦହ ଅଞ୍ଚଳରୁ ଏ ଦେଶକୁ ପାଚିଲା ଅବସ୍ଥାରେ ଆମଦାନି ହୁଏ)—2. Langra mango; an excellent species of ripe mangoes imported from Māldā in Bengal,

ଲେଙ୍ଗ(ଙ୍ଗେ)ଡ଼ା ଆମ୍ବ—ଦେ.ବି—୧ । ଏକପ୍ରକାର ଉତ୍କୃଷ୍ଟ ଅମ୍ବ—1. A
Lenga(nge)rdā āmba species of excellent
নেঙ্গড়া আম लंगड़ा आम mango. ୨ । ଲେଙ୍ଗଡ଼ା (୨) [ଦେଖ]—2. Lengardā (2) (See)

ଲେଙ୍ଗ(ଙ୍ଗୁ,ଙ୍ଗେ)ଡ଼ା(ଡ଼େ)ଇବା—ଦେ. କ୍ରି.—(ସ. ଲଙ୍ଗ୍ ଧାତୁ)—
Lenga(ngu,nge)rdā(rde)ibā ୧ । ଛୋଟାଇବା; ଖଞ୍ଜ
নেঙ্গচান लंगड़ाना ଗତି କରିବା—1. To limp; to walk lamely. ୨ । (ସ. ଲଙ୍ଗୁଳ)—ଲଙ୍ଗଡ଼ ପାଙ୍ଗଡ଼ ହେବା (ଦେଖ)—2. Lāngarda pāngarda hebā (See)

ଲେଛ୍ଛ୍‌ବା—ପ୍ରାଦେ.—(ସମ୍ବଲପୁର) କ୍ରି.—ଲେପିବା—To give a
Lechchh-bā coating over; to daub.

ଲେଚ୍ଛା(ଛା)—ଦେ. ବି—ତ୍ୟାଗ କରଣ—
Lechchhā(chhā) ত্যাগ করা छोड़ना Abandonment.

ଲେଚ୍ଛି(ଛି)ବା—ଦେ. କ୍ରି.—୧ । (ସ. ଲକ୍ଷ୍ ଧାତୁ)—ଲଛିବା (ଦେଖ)
Lechchhi(chhi)bā ত্যাগ করা छोड़ना 1. Lāchhibā (See) ୨ । (ସ. ତ୍ୟଜ୍ ଧାତୁ) ତ୍ୟାଗ କରିବା—2. To abandon; to relinquish, to give up. [ଦ୍ର—ତାଙ୍କୁ କେମନ୍ତ କରି ମୁରୁଛିବା, ପୋଡ଼ୁ ପୋଡ଼ୁ ଏ ଜୀବନ ଲେଛିବା । ଦନାଇ ଦାସ ଗୋପୀଭାଷା]

ଲେଚ୍ଛି(ଛି) ହେବା—ଦେ. କ୍ରି.—୧ । ଲେପି ବ୍ୟାପିବା; ଦେହ ତମାମ
Lechchhi(chhi) hebā ବ୍ୟାପିବା—1. To cover the
ছেয়ে যাওয়া ढँक जाना whole body with some-
[ଲେଛି ହୋଇଯିବା—ଅନ୍ୟରୂପ] thing (like a layer of smallpox eruptions). [ଦ୍ର—ତା ଦେହଯାକ 'ବସନ୍ତ' ଲେଛି ହୋଇ ଯାଇଥି ; ତାକୁ ଚିହ୍ନିଅ ତା

ହବ ମୁଣ୍ଡରେ ଲେଜ ହୋଇଅଛି ।] ୬ । ଲାଛି ହେବା (ଦେଖ)—2. Lāchhi hebā (See)

ଲେଜ(ଜା)ର୍—ବୈଦେ. ବି.—(ଇଂ. ଲେଜର୍)—ବ୍ୟବସାୟୀଙ୍କର Leja(jā)r ଖାତାଥିଲା ବହି; ଯେଉଁ ଖାତାରେ ପ୍ରତ୍ୟେକ ପଣ୍ୟ ଲେଜার লেজর ଦ୍ରବ୍ୟ ସମ୍ବନ୍ଧେ ବା ପ୍ରତ୍ୟେକ ବ୍ୟକ୍ତି ସମ୍ବନ୍ଧେ ତାରିଖୱାର ହିସାବମାନ ଏକାଠି ଗୋଟିଏ ଗୋଟିଏ ହେଡିଙ୍ଗ୍ ତଳେ ସଂଗୃହୀତ ହୋଇ ଲେଖା ଥାଏ— A trader's ledger book.

ଲେଜିସ୍ଲେଟିଭ୍ ଆସେମ୍ବ୍ଲୀ—ବୈଦେ.ବି. (ଇଂ)—୧ । ସନ୍ ୧୯୩୫ ସାଲର Lejislatibh āsembli ଭାରତ ଶାସନ ସଂସ୍କାର ଆଇନର ପ୍ରବର୍ତ୍ତନ ହେବାରୁ ପ୍ରଦେଶମାନଙ୍କର ବ୍ୟବସ୍ଥାପକ ସଭାମାନଙ୍କ ନାମ—1. Provincial Legislative Assembly (under the Government of india Act 1935.) ୨ । ଭାରତ ଶାସନ ସଂସ୍କାର ଆଇନର ପ୍ରବର୍ତ୍ତନ ପୂର୍ବରୁ ଇଂରାଜ ଶାସିତ ସମଗ୍ର ଭାରତର କେନ୍ଦ୍ରିକ ବ୍ୟବସ୍ଥାପକ ସଭା—2. Central Legislative Assembly for the whole of India before the Government of India Act লেজিস্‌লেটিভ আসেম্ব্লি लेजिसलेटिव आसेम्बली 1935.

ଲେଜିସ୍ଲେଟିଭ୍ କାଉନ୍ସିଲ୍—ବୈଦେ. ବି.—(ଇଂ)—କୌଣସି Lejis-letibh kāun-sil ପ୍ରଦେଶ ପାଇଁ ଆଇନ ପ୍ରସ୍ତୁତ କରିବା ଲେଜିସ୍‌ଲେଟିଭ କାଉନସିଲ ବା ସଭା; ପ୍ରାଦେଶିକ ବ୍ୟବସ୍ଥାପକ ସଭା— लेजिस्लेटिव कौनसिल Provincial Legislative Council(which is no longer in existence after the Government of India Act, 1935). [ଦ୍ର—ପୂର୍ବେ ପ୍ରାଦେଶିକ ବ୍ୟବସ୍ଥାପକ ସଭାକୁ ଲେଜିସ୍ଲେଟିଭ୍ କାଉନ୍ସିଲ୍ ଓ ଭାରତର କେନ୍ଦ୍ର ବ୍ୟବସ୍ଥାପକ ସଭାକୁ ଲେଜିସ୍ଲେଟିଭ୍ ଆସେମ୍ବ୍ଲୀ ବୋଲି ଯାଉଥିଲା । ୧୯୩୫ ସାଲର ଭାରତ ସଂସ୍କାର ଆଇନର ପ୍ରବର୍ତ୍ତନ ସଙ୍ଗେ ପ୍ରାଦେଶିକ ବ୍ୟବସ୍ଥାପକ ସଭାମାନଙ୍କୁ ଲେଜିସ୍ଲେଟିଭ ଆସେମ୍ବ୍ଲୀ ଓ ସମଗ୍ର ଭାରତୀୟ ରାଷ୍ଟ୍ର ସଂଘର ବ୍ୟବସ୍ଥାପକ ସଭାକୁ ଫେଡେରାଲ୍ ଆସେମ୍ବ୍ଲୀ ବୋଲାଗଲା। ଫେଡେରାଲ ଆସେମ୍ବ୍ଲୀରେ ବ୍ରିଟିସ ଭାରତର ଓ ଦେଶୀୟ ରାଜ୍ୟମାନଙ୍କର ପ୍ରତିନିଧିମାନେ ରହିବାର କଥା ବ୍ୟବସ୍ଥା ହୋଇଅଛି ।]

ଲେଞ୍ଚ—ଗ୍ରା. ବିଣ (ସଂ. ନୀଚ)—୧ । ନୀଚଶ୍ରେଣୀସ୍ଥ—1. Of low Lencha class. ୨ । ନୀଚମନା—2. Mean-minded. নীচ नीच ୩ । ନମ୍ର—3. Low. [ଦ୍ର—ଅପେ ଉଚ୍ଚ ଅପେ ଲେଞ୍ଚ ଅପେ ସର୍ବ ସମ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।]

ଲେଞ୍ଜ—ପ୍ରାଦେ (ସିଂହଭୂମ ଓ କଳାହାଣ୍ଡି) ବି (ଭୁଲ. ବ. ଲେଂଜ)— Lenja ୧ । ଲାଙ୍ଗୁଡ଼; ଲାଞ୍ଜ—1. Tail. ୨ । ଢିଙ୍କି ଲାଞ୍ଜି— 2. The tail end of a husking pedal.

ଲେଞ୍ଜ(ଞ୍ଜେ)ରା—ଦେ. ବି (ସଂ. ଲାଞ୍ଜ=ଲାଙ୍ଗୁଡ଼; ପଶୁର ପଛରେ ଲାଙ୍ଗୁଡ଼ Lenja(nje)rā ଯେପରି ଲାଗି ରହେ, ପଦାର୍ଥରେ ଲାଗିଥାଏ)—୧ । ଅଳିଆ জঞ্জাল कूड़ा करकट 1. Rubbish; sweepings. ୨ । পিচুটি कांची, कीचड़ ଆଖିର ଲେଟବି; ପିଚୁଟି; ଚକ୍ଷୁର ମଳ— 2. Concrete rheum of the eye; mucus of the eye; exudation from the eye. ୩ । ପଦାର୍ଥର ଦେହରେ ଲାଗିଥିବା ସୂତା ଅବା ଅଳଅ— 3. Tangles sticking to a thing. ୪ । ଜଞ୍ଜାଳ; ଗୋଳମାଳ; ଅଡୁଆ; ଝଞ୍ଝଟ—4. Complications; confusion; entanglement. ୫ । ଦୁର୍ନାମ; ଅପବାଦ—5. Evil name; scandal. ଦେ. ବିଣ— নোংরা ୧ । ଅଳିଆଯୁକ୍ତ—1. Full of refuse or rubbish. मैला ୨ । ଅଡୁଆ ଓଡ଼ୁଆ—2. Tangled; confused. ୩ । ଅପରିଷ୍କୃତ—3. Unswept; uncleansed.

ଲେଞ୍ଜ(ଞ୍ଜେ)ରା ମେଞ୍ଜ(ଞ୍ଜେ)ରା—ଦେ. ବିଣ—୧ । ଅବ୍ୟବହାରଯୋଗ୍ୟ— Lenja(nje)rā menja(nje)rā 1. Clumsy; awkward. নোংরা कूड़ा करकटवाला ୨ । ଅଡୁଆ ଓଡ଼ୁଆ—2. Tangled.

ଲେଞ୍ଜରା ଲଗା କାମ—ଦେ. ବି—ଯେଉଁ କାମରେ ଦୁର୍ନାମ ମିଳେ ବା Lenjarā lagā kāma ଯେଉଁ କାମ ସହଜରେ ଛିଣ୍ଡେ ନାହିଁ— জংজাল A work which brings bad name or बदनामी काम dees not come to an easy conclusion.

ଲେଞ୍ଜା—ପ୍ରାଦେ. (ସମ୍ବଲପୁର, ବାମଣ୍ଡା) ବି—୧ । ହେଟା ବାଘ— Lenjā 1. Hyena; wolf. ୨ । ରାମଶିଆଳ (ଦେଖ)— 2. Rāmasiāla (See)

ଲେଞ୍ଜା ଲେପ୍ଟା—ପ୍ରାଦେ. (ଗାଙ୍ଗପୁର) ବିଣ—କାଠପଟାଳ ପରି ଲଗା- Lenjā leptā ଲଗି ହୋଇ ଶୋଇ ପଡ଼ିଥିବା (ଲୋକ ବା ବସ୍ତୁ)—Sleeping or placed together densely like logs in a rafter.

ଲେଟ୍—ବୈଦେ. ବିଣ (କଚେରିଆ) (ଇଂ. ଲେଟ୍)—ପରଲୋକଗତ; Let ସ୍ୱର୍ଗୀୟ—The late; the deceased. [ଦ୍ର— লেট মୃତ ବ୍ୟକ୍ତିର ନାମ ପୂର୍ବରେ ଓଡ଼ିଆ ସାହିତ୍ୟିକ ଭାଷାରେ लेट ସ୍ୱର୍ଗୀୟ ଅମୁକ ଲେଖାଯାଏ ବଙ୍ଗଳାରେ ଏବଂ ବଙ୍ଗଳାର ଅନୁକରଣରେ କେହି କେହି ଓଡ଼ିଆରେ ୰ ଅମୁକ ବୋଲି ଲେଖନ୍ତି । ଇଂରାଜୀ The late so & so ର ଅନୁକରଣରେ ଗଞ୍ଜାମରେ କଚେରିଆ ଲେଖାରେ ଲେଟ୍ ଅମୁକ ଚ ଲେଖାଯାଏ । ଓଡ଼ିଆ କଚେରିଆ ଭାଷାରେ লেট ନାମ ପରେ । ମୃ । (=ମୃତୋପି) ଲେଖାଯାଏ, लेट ଯଥା—ଅମୁକ । ମୃ ।] ବୈଦେ. ବି (ଇଂ. ଲେଟ୍)— ୧ । ନିର୍ଦ୍ଦିଷ୍ଟ ସମୟ ଗଡ଼ିଯିବା ଅବସ୍ଥା; ଡେରି; କାଳବିଳମ୍ବ 1. Lateness of time; delay. ବିଣ—୨ । କାଳ ବିଳମ୍ବଯୁକ୍ତ; ବିଳମ୍ବିତ—2. Late; delayed. ୩ । ବିଳମ୍ବରେ ଚାଲୁଥିବା (ଘଣ୍ଟା)—3. Going late (clock or watch).

ଲେଟ୍ କରିବା—ଦେ. କ୍ରି—୧ । ନିର୍ଦ୍ଦିଷ୍ଟ ସମୟରେ ନ ପହଞ୍ଚି କାଳବିଳମ୍ବ କରିବା—1. To exceed the fixed time. ୨ । କୌଣସି ଘଣ୍ଟାର କଣ୍ଟାକୁ ପଛଅଡ଼କୁ ଚଳାଇ ଦେଇ ଘଣ୍ଟାଦ୍ୱାରା ଜ୍ଞାପିତ ସମୟକୁ ବିଳମ୍ବିତ କରିବା—2. To make a watch or clock become or go late.
Let kariba
লেট করা
लेट करना

ଲେଟ୍ ପେନ୍ସିଲ—ବୈଦେ· ବି (ଇଂ.)—ଲେଡ୍ ପେନ୍‌ସିଲ୍ (ଦେଖ)
Let pensil Led pensil (See)

ଲେଟ୍ ପ୍ରେଜେଣ୍ଟ—ବୈଦେ. ବି (ଇଂ. ଲେଟ୍ ପ୍ରେଜେନ୍ସ)—କର୍ମଚାରୀଙ୍କର ବା ଛାତ୍ରର ନିର୍ଦ୍ଧାରିତ ସମୟ ଗଡ଼ିଯିବା ପରେ ବିଦ୍ୟାଳୟରେ, କାରଖାନାରେ ବା କାର୍ଯ୍ୟାଳୟରେ ଉପସ୍ଥିତ ହେବା ଅବସ୍ଥା—Late presence at the school, office or factory.
Let prejent
লেট প্রেজেন্ট
लेट प्रेजेण्ट

ଲେଟ୍ ଫିସ୍ (ଫୀ)—ବୈଦେ· ବି (ଇଂ)—ଡାକଘରେ ଚିଠି ଡେରିରେ ପକାଇ ତାହା ସେହି ଦିନର ଡାକରେ ପଠାଯିବା ପାଇଁ ପ୍ରେରକଙ୍କୁ ଦେବାକୁ ପଡ଼ିବା ଅଧିକା ଖର୍ଚ୍ଚ ବା ଜରିମାନା—Late fees paid to the post. office for a letter posted late
Let phis(phi)
লেট ফিজ
लेट फीस

ଲେଟ୍ ହେବା—ଦେ· କ୍ରି—୧ । କାଳ ବିଳମ୍ବ ଘଟିବା—1. Being late in point of time. (ଯଥା—ମୁଁ ଅଳ୍ପ କେତେକ ଥର ଥର ଲେଟ୍ ହୋଇଗଲି ।) ଦେ. କ୍ରି—୧ । (ବିଦ୍ୟାଳୟରେ ଛାତ୍ର)ବିଳମ୍ବରେ ଉପସ୍ଥିତ ହେବା—1. To be late in attending school (said of a student). ୨ । (ଘଣ୍ଟା) ଠିକ୍ ସମୟ ନ ରଖି ବିଳମ୍ବରେ ନିର୍ଦ୍ଦିଷ୍ଟ ସମୟ ଦେଖାଇବା—2. The state of a clock or watch being late. ୩ । ନିର୍ଦ୍ଦିଷ୍ଟ ସମୟରୁ ଏତେ ସମୟ ବିଳମ୍ବ କରିବା—3. To be late (by so much time). (ଯଥା—ଆଜି ମୁଁ ପାଞ୍ଚମିନିଟ୍ ଲେଟ୍ ହେଲି; ଅଜି ମାନ୍ଦ୍ରାଜ ମେଲ୍ ଘଣ୍ଟାଏ ଲେଟ୍ ହେଲା ।)
Let heba
লেট হওয়া
लेट होना

ଲେଟ—ସଂ. ବି—ବର୍ଣ୍ଣସଙ୍କର ଜାତିବିଶେଷ (ଶବ୍ଦକୋଷ)—Name of a hybrid caste.
Leta

ଲେଟର୍—ବୈଦେ. ବି (ଇଂ. ଲେଟର୍)—୧ । ଚିଠିପତ୍ର—1. Letter. ୨ । ଛାପାଖାନାରେ ଛାପିବା ପାଇଁ ବ୍ୟବହୃତ ହେବା ଅକ୍ଷରର କାଠି; ଟାଇପ୍—2. (Printing) Type.
Letar
লেটার
लेटार

ଲେଟର୍ ଅଫ୍ କ୍ରେଡିଟ୍—ବୈଦେ. ବି (ବହୁବଚ) (ଇଂ.)—ଯେଉଁ କାରବାରୀ ଚିଠିଦ୍ୱାରା ଜଣେ ବ୍ୟବସାୟୀ ଅନ୍ୟ ଜଣେ ବ୍ୟବସାୟୀଙ୍କ ନିକଟକୁ ପତ୍ରବାହକଙ୍କ ସଙ୍ଗେ କାରବାର ଚଳାଇବା ନିମନ୍ତେ ସୁପାରସ କରନ୍ତି; ଖାତିର ଚିଠି—Letter of credit. [ବି—ଏଥିରେ ପତ୍ର ଲେଖକ ଟଙ୍କାର ମୋଟ୍ ଉର୍ଦ୍ଧ ସୀମା ଲେଖି ଦେଇଥାନ୍ତି, ଅର୍ଥାତ୍ ଉକ୍ତ ଚିଠିରେ ଯେଉଁ ବ୍ୟକ୍ତିଙ୍କ ନାମ ଲେଖାଥାଏ ସେ ବ୍ୟକ୍ତିଙ୍କୁ ଏତେ ଟଙ୍କା ଉଚ୍ଚତମ ସୀମା ମଧ୍ୟରେ ଖାତିରରେ ଉଧାର (credit) ଦିଆ ଯାଇପାରେ, ଏହା ଲେଖାଥାଏ ।]
Letar aph kredit
লেটার অফ ক্রেডিট
लेटर अफ क्रेडिट

ଲେଟର୍ ପେପର୍—ବୈଦେ. ବି (ଇଂ.)—ଚିଠି ଲେଖିବା ପାଇଁ ବ୍ୟବହୃତ କାଗଜ—Letter paper; note. paper.
Letar pepar
লেটার পেপার
लेटर पेपर

ଲେଟର୍ ପ୍ରେସ୍—ବୈଦେ. ବି (ଇଂ)—୧ । ବ୍ୟକ୍ତିବିଶେଷଙ୍କ ଦ୍ୱାରା ବ୍ୟବହୃତ ଯେଉଁ ଚିଠି କାଗଜରେ ତାଙ୍କର ନାମ, ଠିକଣା, ଉପାଧି ପ୍ରଭୃତି ମୁଦ୍ରିତ ହୋଇଥାଏ—1. Letter press. ୨ । ଏକ ପ୍ରକାର ଛପା; ପ୍ଲେଟରୁ ଛପା ନ କରି ଅକ୍ଷର (ଟାଇପ୍)ରୁ ଛପା କରିବା ପ୍ରକ୍ରିୟା—2. Letter press printing.
Letar pres
লেটার প্রেস
लेटरप्रेस

ଲେଟର୍ ବ(ବା)କସ—ବୈଦେ· ବି (ଇଂ. ଲେଟର୍‌ବକସ)—୧ । ଗୁଡ଼ ପଡ଼ିଥିବା ଯେଉଁ ବାକ୍ସରେ ଡାକଘରକୁ ପଠାଯିବା ଚିଠିମାନ ଲୋକେ ପକାଇ ଦିଅନ୍ତି ଓ ଡାକ ବିଭାଗର କର୍ମଚାରୀମାନେ ନିର୍ଦ୍ଦିଷ୍ଟ ସମୟରେ ଆସି ସେହି ବାକସର ଗୁଡ଼ ଫିଟାଇ ତହିଁରେ ପଡ଼ିଥିବା ଚିଠିମାନ ସଂଗ୍ରହ କରନ୍ତି—1. Postal letter-box. ୨ । ବଡ଼ଲୋକମାନଙ୍କ ଦାଣ୍ଡ ପାଖେ ଥିବା ଗୁଡ଼ ପଡ଼ିଥିବା ଡାକବାକ୍ସ, ଯହିଁରେ ଗୃହସ୍ୱାମୀଙ୍କ ପାଇଁ ଅଭିପ୍ରେତ ଚିଠିମାନ ଲୋକେ ପକାଇ ଦିଅନ୍ତି ଓ ଗୃହସ୍ୱାମୀ ସୁବିଧାକ୍ରମେ ସେ ବାକ୍ସ ଫିଟାଇ ଚିଠିଗୁଡ଼ିକ ନିଅନ୍ତି—2. A letter-box attached to the outside of a rich perosn's house.
Letar ba(ba)kasa
[ଲେଟର ବ(କା)କ୍ସ—ଅନ୍ୟରୂପ]
লেটারবাক্স
लेटरबाक्स

ଲେଟର୍ସ ଅଫ୍ ଅ(ଏ)ଡ଼ମିନିଷ୍ଟ୍ରେଶନ୍—ବୈଦେ. ବି. (ଇଂ) (ବହୁବଚ)—ବିନା ଉଇଲ୍ ସମ୍ପାଦନ କରି ମୃତ ହୋଇଥିବା ବ୍ୟକ୍ତିଙ୍କର ସମ୍ପତ୍ତିକୁ ରକ୍ଷା ଶୃଙ୍ଖଳା କରିବା ପାଇଁ ଜଜ ସାହେବଙ୍କ ଦସ୍ତଖତରେ କୌଣସି ବ୍ୟକ୍ତିଙ୍କୁ ଦିଆଯିବା ହୁକୁମନାମା—Letters of administration.
Letar-s aph a(e)d-minishtresan
লেটার্স অফ আডমিনিস্ট্রেসান
लेटर्स अफ आडमिनिस्ट्रेशन

ଲେଟର୍ସ ପେଟେଣ୍ଟ—ବୈଦେ· ବି (ବହୁବଚ) (ଇଂ.)—ଖୋଲା ଚିଠାଲୁ; ରାଜାଙ୍କର ଶୀଲମୋହର ମୁଦ୍ରାଙ୍କିତ ହୁକୁମନାମା, ସନନ୍ଦ, କୌଣସି ବ୍ୟକ୍ତିଙ୍କୁ ବା ସଙ୍ଘକୁ କୌଣସି ବିଶେଷ ଅଧିକାର ବା ସ୍ୱତ୍ୱ ପ୍ରଦତ୍ତ ହୋଇଥାଏ—Letters Patent. [ବି—ଭାରତର ହାଇକୋର୍ଟମାନ ଇଂଲଣ୍ଡେଶ୍ୱର ଭାରତ ସମ୍ରାଟଙ୍କ ଲେଟର୍ସ-ପେଟେଣ୍ଟ (Letters Patent) ଅନୁସାରେ ସ୍ଥାପିତ ଓ ହାଇକୋର୍ଟର ବିଚାର ବିରୁଦ୍ଧରେ ପକ୍ଷମାନେ ଅପିଲ କରିବା ପାଇଁ ଯେଉଁ ସାଧାରଣ ନିୟମମାନ ଅଛି ତାହା ଛଡ଼ା ଏହି ଲେଟର୍ସପେଟେଣ୍ଟ ଦ୍ୱାରା କେତେକ ଅଧିକା ଅଧିକାର ହାଇକୋର୍ଟକୁ ଦିଆଯାଇଅଛି । ସେହି ଅଧିକାର ଅନୁସାରେ ହାଇକୋର୍ଟର ଜଜମାନଙ୍କ ବିଚାର ବିରୁଦ୍ଧରେ ପୁଣି ଉକ୍ତ ହାଇକୋର୍ଟରେ ଯେଉଁ ଅପିଲ ଦାଏର୍ କରାଯାଏ;
Letar-s petent
লেটার্স পেটেন্ট
लेटर्स पेटेण्ट

ତାକୁ ଲେଟର୍ସ୍ ପେଟେଣ୍ଟ୍ ଅଫ୍ଲ କୋଲାଯାଏ ।
ଇଂଲଣ୍ଡର ରାଣୀ ଏଲିଜାବେଥ୍‌ଙ୍କଠାରୁ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତରେ ବାଣିଜ୍ୟ କରିବାକୁ 'ଲେଟର୍ସ୍-ପେଟେଣ୍ଟ' ପାଇଥିଲେ ।
କୌଣସି ବ୍ୟକ୍ତି କୌଣସି ନୂତନ କଳ ଅବିଷ୍କାର କଲେ ଓ ତାହା 'ପେଟେଣ୍ଟ' ବା ଏକଚାଟିଆ କରିବାକୁ ପ୍ରାର୍ଥୀ ହେଲେ ସରକାରଠାରୁ ପ୍ରାର୍ଥୀଙ୍କୁ 'ଲେଟର୍ସ୍-ପେଟେଣ୍ଟ'ମିଳେ, ଅର୍ଥାତ୍ ସେ କଳକୁ ଅନ୍ୟ କେହି କମ୍ପିଣ କରି ବ୍ୟବସାୟ କରି ପାରିବେ ନାହିଁ ବୋଲି ଉପ୍ସୁ ଆଦେଶ ହୁଏ ।]

ଲେଠା—ଦେ. ବ—ଲଟରା (ଦେଖ)
Leṭā Laṭarā. (See)
লেঠা लष्टमफष्टम (ଲେଠ[ଠେ]ରା—ଅନ୍ୟରୂପ)

ଲେଠା ଛିଣ୍ଡା(ଣ୍ଡେ)ଇବା—ଦେ. କି—କୌଣସି ଅଡ଼୍‌ଚଳକୁ ମୀମାଂସା
Leṭā chhiṇḍā(ṇḍe)ibā କରିବା—To settle any
লেঠাচুকান लष्टमफष्टम छुड़ाना complication.

ଲେଣ୍ଟି—ଦେ. ବ—ଲେଣ୍ଟା (ଦେଖ)
Leṇṭi Leṇṭā. (See)

ଲେଟୁସ୍—ବୈଦେ. ବ (ଇଂ)—କୋବପରି ଏକପ୍ରକାର ବଦେଶୀଶାଗ(ଏ. ଗଛର ପତ୍ର ତରକାରୀରେ ବ୍ୟବହୃତ ହୁଏ)—Lettuce
Leṭus
লেটুস लेट्टुस

ଲେଟ୍ରିନ୍—ବୈଦେ. ବ (ଇଂ)—ପାଇଖାନା—
Leṭrin Latrine,
ল্যাট্রিন লঁট্রন

ଲେଟ୍ରିନ୍ ଟା(ଟି,ଟେ) କସ(କ୍ସ)—ବୈଦେ.ବ (ଇଂ)—ପାଇଖାନାଟିକସ; ସହରର ଲୋକମାନଙ୍କ ପାଇଖାନାକୁ ମେହେନ୍ତରଦ୍ୱାରା ସଫାକରିବା ଯୋଗୁଁ ଉକ୍ତ ପାଇଖାନାର ମାଲିକଙ୍କଠାରୁ ମିଉନସିପାଲିଟି ଯେଉଁ ଟିକସ ଆଦାୟ କରନ୍ତି—Latrine tax; tax paid by the owner of a latrine to the Municipality for cleansing it-
Leṭrin ṭa(ṭi,ṭe) kasa(ks)
ল্যা(লা)ট্রিনটাক্স লাট্রিনটৈক্স

ଲେଡ୍—ବୈଦେ. ବ (ଇଂ)—୧। ସୀସା ଧାତୁ—1. Lead (metal.. ୨। (ଛାପାଖାନା) ପ୍ରାୟ ତୁଳ ଅଙ୍ଗୁଳ ଉଚ୍ଚତା ସୀସାର ପଟଳ) ଯାହା ଛପା ଅକ୍ଷରର ଟାଇପ୍‌ମାନଙ୍କ ପଂକ୍ତି, ମଝିରେ ରଖାଯାଏ—2. (printing) Thin plate of lead separating the lines of type.
Leḍ
লেড लैड

ଲେଡ୍ ପି(ପେ)ନ୍‌ସିନ୍( ) - ଦେ. ବ (ଇଂ ଲେଡ୍‌ପେନସିଲ୍)—କାଠର ଛଡ଼ ଭିତରେ ଥିବା ସୀସାର ପେନସିଲ୍; କାଠର ପେନସିଲ୍—Lead pencil, woodene pencil.
Led pi(pe)nsin(l)
লেড়পেনসিল लेडपैनसिल

ଲେଡ୍‌ମୋଲ୍ଡ୍—ବୈଦେ. ବ (ଇଂ) (ଛାପାଖାନା)—ଛାପାଖାନାରେ ବ୍ୟବହୃତ ଲେଡ୍ [ସୀସା] ପାଇଁ ଢାଳିବାର ଛାଞ୍ଚ—(printing),Lead mould
Led mo-ld
লেডমোল্ড लेडमोल्ड

ଲେଡ଼(ଡ଼)—ଦେ. ବ—୧ । (ସ. ଲେଣ୍ଡ)—ଲଣ୍ଡ [ଦେଖ]— Landa (See) ୨ । [ସ. ଅଭ୍ର୍ବ] ରକ୍ତ—ଋତୁସ୍ରାବକାଳୀନ ରକ୍ତ; ନେଡ଼; ଅଭ୍ର୍ବ ଶୋଣିତ—Menstrual blood.
Lerda(da)
রক্ত रज

ଲେଡ଼ଖିଆ—ଦେ. ବଣ. ପୁଂ [ଅଶ୍ଳୀଳ ଗାଳି]—ଅଭ୍ର୍ବ ରୁଧିରପାନକାରୀ (a term of vile abuse) One who drinks the mentstrual blood.
Lerdakhiā
রক্তখেকো रजपीनेवाला
(ଲେଡ଼ଖିଆ ପୁଅ—ଅନ୍ୟରୂପ)

ଲେଡ଼[ଡ଼]ପାଣି—ଦେ. ବ—ଲେଡ଼ ୨ ଦେଖ)
Lerda(da)pāṇi Lerda 2 (See)

ଲେଡ଼ା—ଦେ.ବ—କରତଳର ମୂଳ ବା ଲେଢ଼ଦ୍ୱାରା ଅଘାତ; ଠେଲା—A push with the base of the palm of the hand.
Lerdā
চেটোরধাকা हथेलिसेमार
[ବ୍ର—କରତଳର ଅଙ୍ଗୁଠି ଅଂଶ ଓ ସମସ୍ତ କରତଳଦ୍ୱାରା ଅଘାତକୁ (ଗୁସ୍ସା) ବୋଲାଯାଏ ଓ କରତଳର ମୂଳଭାଗ ଦ୍ୱାରା ଠେଲାକୁ ଲେଡ଼ା ବୋଲାଯାଏ ।]

ଲେଡ(ଢ଼)—ଦେ. ବ—୧। କରତଳ—1. Palm of the hand.
Ledi(rdi) [ବ୍ର—ପ୍ରସାରିତ କରତଳର ଅଙ୍ଗୁଠିମାନଙ୍କ ମୂଳଠାରୁ
চেটো तरहती କରମୂଳ ପର୍ଯ୍ୟନ୍ତ ଅଂଶକୁ ଲେଡଭୁହାଯାଏ]
হথেলী (ଢ଼—ଲେଢର ଗୁଡ଼ କନ୍ଦୁଣିକ ଗଲେ, କେମନ୍ତ ଘଟଣ ହୁଅଇ ଭଲେ—ବ୍ରଜନାଥ, ସମରତରଙ୍ଗ ।) ୨ । ଲେଢ଼ (ଦେଖ)—2. Lerda (See) ବୈଦେ. ବ (ପା)—
গোড়ালী ଏଁଡୀ,ଏଡୀ ୧ । ପାଦର ଗୋଇଠି; ଲେଢ଼; ଗୁଲ୍ଫର ଶେଷଭାଗ—I. Heel of the foot; the end
এড়ি of the heels. ୨ । ଲେଢ଼ ବା ଗୋଇଠିର ଶେଷଭାଗଦ୍ୱାରା ଘୋଡ଼ାଙ୍କ ଛାତିର ପାର୍ଶ୍ୱରେ ଅଘାତ—2. Blows given by a rider on the flanks of a horse with the end of
জুতোরকাঁটা ऐड his heels. ୩ । ଲେଢ଼ ଘୋଡ଼ସବାରର ଗୋଇଠରେ ପିନ୍ଧିବା କଣ୍ଟା—3. Spur used by a rider. (ଢ଼—କେ ଘୋଡ଼ା ଅଢ଼; ରହନ୍ତେ ଲେଡ; ଘୋଡ଼ ଲଗାଇ ଯେ ବ୍ରଜନାଥ ସମରତରଙ୍ଗ ।)
୪ । (ସ୍ତ୍ରୀ) (ଇଂ. ଲେଡୀ)—ଇଂରେଜୀ ଲର୍ଡ୍ ଉପାଧି ଭୂଷିତ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ଉପାଧି; ସମ୍ଭ୍ରାନ୍ତା ନାରୀଙ୍କ ଉପାଧି—Lady (title of females of a Lord family).
লেডী
लेडी

ଲେଢ଼ଏ—ଦେ. ବଣ—ହାତର ଲେଢ଼ର ମଧ୍ୟଭାଗସ୍ଥ ଖାଲରେ ଯେତେ ପରିମିତ ତରଳ ବା ଚୂର୍ଣ୍ଣ ଦ୍ରବ୍ୟ ସମ୍ଭାଇ ପାରେ—As much of a powder or liquid as can be held in the hollow of the palm of the hand.
Lerdie
একচেটো
एकचुल्लू

ଲେଡି କେଣି(ନିଙ୍ଗ)—ଦେ. ବି (ଇଂ. ଲେଡୀ କାନିଙ୍ଗ୍—ଭାରତର Ledi keni(ning ଭୂତପୂର୍ବ ବଡ଼ଲାଟ ପତ୍ନୀଙ୍କ ନାମରୁ)—
ଲେଡିକେନିଂ ଏକପ୍ରକାର ବଡ଼ ଗୋଲାକାର ନାଲି ଅବରଣଯୁକ୍ତ
लेडीकेनि ଘିଅରେ ଭଜା ମିଠା—A sort of sweetmeat named after Lady Canning.[ବି—ଏହା ଦୁଧଛେନା ଓ ଚିନିରେ ତିଆରି ହୋଇ ଘିଅରେ ଭଜା ହୋଇ ଶିରାରେ ବତୁରା ଯାଇଥାଏ । ଛୋଟ ଆକୃତିବିଶିଷ୍ଟ ଏ ଶ୍ରେଣୀର ମିଷ୍ଟାନ୍ନକୁ ଗୋଲାପଜାମୁ ବା ପାନ୍ତୁଆ ବୋଲାଯାଏ ଓ ଦୁଇଇଞ୍ଚ ବ୍ୟାସ ବିଶିଷ୍ଟ ମିଷ୍ଟାନ୍ନ ଗୋଲକକୁ ଲେଡିକେନିଙ୍ଗ୍ ବୋଲାଯାଏ । ଘିଅରେ ଭଜା ହୋଇ ନ ଥିବା ଏହି ଶ୍ରେଣୀର ଶ୍ରେଷ୍ଠ ମିଷ୍ଟାନ୍ନକୁ ରସଗୋଲା ଓ ବଡ଼ ଆକୃତି ବିଶିଷ୍ଟ ମିଷ୍ଟାନ୍ନକୁ କ୍ଷୀରମୋହନ ବୋଲାଯାଏ । ଲେଡିକେଣିର ଉପରେ ପୁର ବା କସମିସ ଦିଆ ହୋଇଥାଏ ।

ଭାରତର ଭୂତପୂର୍ବ ବଡ଼ଲାଟ ଲର୍ଡ଼କାନିଙ୍ଗ୍ Lord Canningଙ୍କର ପତ୍ନୀ Lady Canning କଲିକତାରେ ୧୮୬୧ ସାଲ ନଭେମ୍ବରମାସରେ ଜ୍ୱରରୋଗରେ ପରଲୋକ ଗମନ କରିଥିଲେ । ସମ୍ଭବତଃ ତାଙ୍କ ନାମକୁ ଚିରସ୍ମରଣୀୟ କରିବା ପାଇଁ, କମ୍ପା ଏ ପ୍ରକାର ନବାବିଷ୍କୃତ ମିଷ୍ଟାନ୍ନ ତାଙ୍କର ପ୍ରିୟଖାଦ୍ୟସାମଗ୍ରୀ ଥିବାରୁ ଏହି ନାମକରଣ ହୋଇଅଛି ।]

ଲେଡ଼ି ଗୁଡ଼ କହୁଣିକି(କୁ)ବୋହି ଆସିବା(ଯିବା)—ଦେ. ପ୍ରବଚନ—Lerdi gurda kahuniki(ku) bohi āsibā(jibā) ଲେଡ଼ି
ঘটনা অনেক দূর গড়ান ଗୁଡ଼ କହୁଣିକି ବୋହିଯିବା
गुड़आया केहुनीतक अवमी चाटतेही हैं (ଦେଖ)—Nerdi gurda kahuniki bohijibā (See)

ଲେଡି ସୁ(ସୁଜ୍)—ବୈଦେ. ବି (ଇଂ. ଲେଡୀସୁ)—ସ୍ତ୍ରୀମାନଙ୍କ Ledi sū(sūj) ବ୍ୟବହୃତ ଜୋତା—Shoes worn by
লেডীস্ সুজ women, lady shoes. [ଉ—ବହୁର
लेडीसूज ଗୋଡ଼ରେ ଲେଡି, ଜୋତା ଏତେ ଠକ୍ ଠକ୍ ଶବ୍ଦ ଶୁଣି ଚମକ ପଡ଼ ଠିଆ ହୋଇଗଲେ । ଫକୀରମୋହନ: ଗଳ୍ପସ୍ୱଳ୍ପ ।]
[ଲେଡ଼ି ଜୋ(ଜ୍ଞ)ତା—ଅନ୍ୟରୂପ]

ଲେଡ଼(ଡ଼, ଡ୍ଡ଼ି)ବହଳ—ଦେ. ବିଣ—ନେଡ଼ି ବହଳ (ଦେଖ)
Lerdi(di, ddi)bahala Nedi bahala (See)

ଲେଡ଼ିରେ ବାଳ ହେବା—ଦେ. ବାକ୍ୟ—ଅସମ୍ଭବ ବିଷୟ ସମ୍ବନ୍ଧେ Lerdire bāla hebā ବ୍ୟବହୃତ ବାକ୍ୟ—A sheer impossibility; a palpable absurdity;
চেটোতে চুল উঠা
तलहत्थीमे बालहोना (an expression for imposible things). [ଉ—ଲୋକେ କଥାରେ କହନ୍ତି କାହା ଲେଡିରେ ବାଳ ହେଲାଣି ଯେ, ସେ ମୋତେ ମାରିବ ? କାହା ଜିଭରେ ହାଡ଼ ହେଲାଣି, ସେ ମୋ ନାମରେ ମିଛ କଥା କହିବ ବା ସାକ୍ଷ ଦେବ ? ଅର୍ଥାତ୍ ଲେଡିରେ କେଶ ଉଠିବା ଓ ଜିଭରେ ହାଡ଼ ହେବା ଯେପରି ଅସମ୍ଭବ, ଏ କାର୍ଯ୍ୟମାନ ମଧ୍ୟ ସେହିପରି ଅସମ୍ଭବ ।]

ଲେଣ୍(ଣା, ଣୀ)—ଦେ. ବି (ସଂ. ଲା ଧାତୁରୁ ଜାତ)—୧ । ନେବା Len(nā; ni) କ୍ରିୟା—1. The act of taking. ୨ । (ଦେଣା—ଜାପଣା) ପ୍ରାପ୍ୟ ପଦାର୍ଥ ବା ଧନ—2. Dues.
লেন लेन(ना)

ଲେଣ(ଣା, ଣୀ) ଦେଣ(ଣା, ଣୀ)—ଦେ. ବି.—(ସହଚର) ସଂ. ନୟନ Len(nā, ni) den(nā, ni) ଓ ଦାନ)—୧ । ନେବ
লেন(না) দেনান ଓ ଦେବା; ଦିଆ ନିଆ—1. Giving and
लेनना देनानग taking. ୨ । ବ୍ୟବସାୟଗତ ଅଦଳ ବଦଳ—2. Exchange; barter. ୩ । ବାଣିଜ୍ୟ; ବ୍ୟବସାୟ; କାରବାର (ଯହିଁରେ ପଣ୍ୟ ଓ ଧନାଦିର ଆଦାନ ପ୍ରଦାନ ହୁଏ)—3. Business transaction; trade; mercantile transaction. ୪ । ବିକୀ ଖରିଦ 4. Sale and purchase of a property. ୫ । ବିକୀ ସମ୍ପତ୍ତି ପାଇଁ କେତା ବିକେତାଙ୍କ ମଧ୍ୟରେ ମୂଲ୍ୟର ଆଦାନପ୍ରଦାନ—5. Passing of consideration for a property sold. ୬ । ପାଉଣା ଦେଣା; କୌଣସି ବ୍ୟକ୍ତିର ଅନ୍ୟଠାରୁ ପ୍ରାପ୍ୟ ବା ଅନ୍ୟକୁ ଦେୟ ଧନ ବା ବସ୍ତୁ—6. Dues or debts of a person; assets and liabilities of a person.

ଲେଣ୍ଟା—ଦେ. ବି—ଲେଟା (ଦେଖ)
Lentā Letā (See)

ଲେଣ୍ଟା(ଣ୍ଡା,ଣ୍ଟି,ଣ୍ଡି)—ଦେ. ବିଣ. ପୁଂ ଓ ସ୍ତ୍ରୀ—(ଅନାଦରାର୍ଥକ)—(ସଂ. Lenta(ndā,nti,ndi) ନିକୃଷ୍ଟ) ଅପକୃଷ୍ଟ—1. Inferior. ୨ । ହେୟ ବା ନଗଣ୍ୟ—2. Insignificant.
লেডী ছোটা ୩ । ଘୃଣ୍ୟ—3. Hateful; contemptible. ୪ । ଅଯୋଗ୍ୟ—4. Unfit. (ଉ—ଲେଣ୍ଟା କୁକୁର=ନିକୃଷ୍ଟ ଓ ଦୁଷ୍ଟ କୁକୁର—Pariah dog) ବି.—ଅଯୋଗ୍ୟ ବ୍ୟକ୍ତି—1. An unfit person. (ଉ—ଏ ଲେଣ୍ଟା ଗୁଡ଼ାକ ମୋ ସାଙ୍ଗରେ ଲଢ଼ିବା କଣ ମୋର କିଛି କରି ପାରିବେ ନାହିଁ ।)

ଲେଣ୍ଡ୍ ଏ(ଆ)କୁଇ(କ୍ୱି)ଜସନ୍—ବୈଦେ. ବି-(ଇଂ)—ଲାଣ୍ଡ୍ ଅକୁଇଜସନ Lend e(ā)kui(kwi)jisan Lānd ākuijisan (See)

ଲେଣ୍ଡ—ସଂ. ବି.—(ଲଣ୍ଡ୍ ଧାତୁ=ତ୍ୟାଗ କରିବା+କର୍ମ ଅ)—Lenda ବିଷ୍ଠାର ଲଣ୍ଡ; ବଦ୍ଧ ମଳଖଣ୍ଡ—Excrement; ordure; a long stiff bit of ordure.

ଲେଣ୍ଡା—ଦେ. ବି (ସଂ. ଲେଣ୍ଡ)—ଲେଣ୍ଡ (ଦେଖ)
Lendā Lend. (See)

ଲେଣ୍ଡି—ଦେ. ବି—୧ । ଲେଣ୍ଟା (ଦେଖ)—1. Lentā, (See)
Lendi ୨ । (ସଂ. ଲେଣ୍ଡ) ଲଣ୍ଡି; ଛେଳି ଆଦିଙ୍କର କ୍ଷୁଦ୍ର ଖଣ୍ଡ-
লেদী(ড়ী) ବିଶିଷ୍ଟ ମଳ—2. Tiny bits of dung of sheep, deer, mouse etc.
लेंडी

ଲେଣ୍ଡୁ(ଣ୍ଡୋ)—ବୈଦେ. ବି (ଇଂ)—ଲାଣ୍ଡୋ (ଦେଖ)
Lendu(do) Lāndo. (See)

ଲେଣ୍ଡୁଆ—ପ୍ରାଦେ (ବାଲେଶ୍ୱର)—ଲୁଣ୍ଡା (ଦେଖ)
Lendua Lunda. (See)

ଲେତ୍‌ରା—ପ୍ରାଦେ (ଶଢ଼ଖଲ) ବି—ଅକାଛଆ ଶଣିଅ ଚୋଡ଼ି ମାଛ—
Let-ra A kind of scaleless slender fish; Belone Bansila.

ଲେତ—ସଂ. ବି—ଲୋତକ (ଶବ୍ଦକୋଷ)—
Leta Tears.

ଲେଟି—ପ୍ରାଦେ (ସମ୍ବଲପୁର, ଗଡ଼ଖଳ)—୧। ପାଚିଲା ଅମ୍ବ—1. Ripe
Leti mango. ୨। ନଟୁର ଡୋର—2. The string of a spinning top.

ଲେଟ୍ରା—ପ୍ରାଦେ (ସମ୍ବଲପୁର) ବିଣ—ଅଛୁଁଆ—
Letra Untouchable.

ଲେଥା—ଦେ. ବି—ଲେନ୍ଥା (ଦେଖ)—Lentha. (See) ପ୍ରାଦେ
Letha (ସମ୍ବଲପୁର)ବି—୧। ଶାଗର ତରକାରୀ—1. Curry made from potherbs. ୨। (ସମ୍ବଲପୁର ବରଗଡ଼, ବଲାଙ୍ଗିର) ବାସି ତୋରାଣି, ହୁଦ, ହଳଦୀବଟା ଖଟା (ତେନ୍ତୁଳ ବା ଅମ୍ବୁଲ) ସଙ୍ଗେ ସିଝ କରାଯାଇ ଭାତର କରାଯିବା ପାଣିଆ ତରକାରୀ—2. Watery curry made by boiling stale rice-water with, particles of rice, turmeric paste and, tamarind etc and taken with boi led rice. [ଦ୍ର—ଖଟା ଓ ମସଲା ଦିଆ ନ ଯାଇ ଭାତର କରା ଯାଇଥିବା ବାସି ତୋରାଣିକୁ ରାବ (ଅମ ଭାତର କାଞ୍ଜି) କହନ୍ତି। ଗରିବ ଲୋକେ ଭାତ ସଙ୍ଗେ ଏହାକୁ ଭାତ ଶରୂପେ ଖାଆନ୍ତି।] ୩। (ଅପଭ୍ରଂଶ) କାଞ୍ଜି—3. Sour gruel.

ଲେଥାଏ—ଦେ. ବି ଓ ବିଣ—ଲେନ୍ଥାଏ (ଦେଖ)—
Lethae Lenthae (See)

ଲେଥା ରାଵ(ବ)—ପ୍ରାଦେ.(ସମ୍ବଲପୁର, ବଲାଙ୍ଗିର, ପଶ୍ଚିମ ଗଡ଼ଜାତ)—
Letha rawa(ba) ବି—ଖୁଦ, ଖଟା, ହଳଦ, ମସଲା ମିଶାଯାଇ ସିଝା ଯାଇଥିବା ବାସି ତୋରାଣି (ଲେଥା) ଓ କିଛି ମିଶା ନ ଯାଇ ସିଝା ଯାଇଥିବା ବାସି ତୋରାଣି (ରାବ)—Stale rice-water boiled into a gruel mixed with particles of rice, turmeric, sour thing and spices and stale rice-water boiled without mixing any such thing with it. [ଦ୍ର—ଗରିବ ଲୋକେ ଏ ଦୁଇ ବସ୍ତୁକୁ ଭାତ ସଙ୍ଗେ ଖାଇ ଭାତର ଅଭାବ ଦୂର କରନ୍ତି।]

ଲେଥି—ଦେ. ବି—ଲେନ୍ଥି (ଦେଖ)
Lethi Lenthi (See)

ଲେଦ(ଦା)—ଦେ. ବି (ସଂ. ଲେଣ୍ଡ)—ନେଦ (ଦେଖ)
Leda(da) Neda, (See)
नादा लेद लीद्

ଲେଦା(ଦି)—ଦେ. ବି ଓ ବିଣ—ଲେଧ୍‌କା (ଦେଖ)
Leda(di) Ledh-ka, (See)

ଲେଦା—ପ୍ରାଦେ—୧। (ଗଡ଼ଜାତ)ବି—ଲାଡ଼ୁଆ(ଦେଖ)—1.Lardia
Leda (See) ୨। (ସମ୍ବଲପୁର)ବି—ପୋଟେଙ୍ଗ—A stout rod u sed for throwing on to trees to bring down fruits. ୩। (ଦକ୍ଷିଣଖଳ) ଲେଞ୍ଚର—3. Rheum of the eye.

ଲେଦା ପୋକ—ଦେ. ବି—ଧାନ ଓ ରବି ଗଛରେ ଲାଗିବା ଏକ ପ୍ରକାର
Leda poka ପୋକ ବା କୃମି। (ଏମାନେ ଦିନବେଳେ ଦେଖା· लेदापोक ଯାଆନ୍ତି ନାହିଁ, ଗଛମୂଳେ ମାଟିତଳେ ଲୁଚି ରହନ୍ତି; धानकाकीड ରାତି ହେଲେ ଗଛକୁ ଚଢ଼ି ପତର ଓ କଢ଼କୁ ଚରିଯାଆନ୍ତି। ଏମାନଙ୍କ ପ୍ରଜାପତି ଧଳା)—Cut-worms; (Noctuide),

ଲେଦାଏ—ଦେ. ବିଣ ଓ ବି (ଅନାଦରାର୍ଥକ)—ବେଶୀ; ପୁଳାଏ (ବିଷ୍ଠା);
Ledae ମେଦାଏ (ବିଷ୍ଠା ବା ଗୋବର); ବଡ଼ ଲଣ୍ଡେ (ଗୁହ)—
एकनादा एकचोता A large mass or bit (of (ଲେଦେ, ଲେଦାକ—ଅନ୍ୟରୂପ) ordure)·

ଲେଦି—ଦେ. ବି—ଘୋଡ଼ା ଲଣ୍ଡି—Bits of horse dung.
Ledi लेदी(ण्डी) लीद्

ଲେଦିଏ—ଦେ· ବିଣ ଓ ବି—(ଅଦରାର୍ଥକ) ଅଳ୍ପ ପୁଳାଏ; ମେଦିଏ—
Ledie A small mass or bit (of ordure).
एकनेद एकचोत (ଲେଦିକ—ଅନ୍ୟରୂପ)

ଲେଦି କାଢ଼ିବା—ଦେ. କ୍ରି—ନେଦି କାଢ଼ିବା (ଦେଖ)
Ledi kardhiba Nedi kardhiba(See)

ଲେଧ୍‌କା—ଦେ. ବିଣ. ପୁଂ-(ଅନାଦରାର୍ଥକ)-୧। ଅଳସୁଆ—1. Lazy;
Ledh-ka idle. ୨। ମୋଟା ଓ ଅକାମିକା (ମନୁଷ୍ୟ)—
मोटा मोटाताजा 2. Fat and lazy (man). ୩। ମେଧା, [ଲେଧା—ଅନ୍ୟରୂପ; ଲେଧୀ, ଲେଧ୍‌କୀ—ସ୍ତ୍ରୀ] ସ୍ଥୂଳକାୟ—3. Fat; corpulent. ୪। ଯେଉଁ ଗଛ ବା ଲତା ଏଣେ ତେଣେ ଢୋଇ ପଡ଼ିଥାଏ—4. (Any tree or creeper) Which does not creep erect but inclines to a side. ୫। ଝାମ୍ପୁଡ଼ା (ଗଛ)—5. Spreading (tree). ୬। ବଙ୍କା (ଗଛ)—6. Over luxuriant (tree).

ଲେନ୍ତା(ଥା)—ଦେ. ବି ସଂ.ସଂକ୍ଷି; ତୁଳ ସଂ. ଲଣ୍ଠକ=ଚକ୍ରକଳା, କନ୍ଥା)
Lenta(tha) —୧। ପେଣ୍ଡା; ଗୁଚ୍ଛ; ପେନ୍ଥା—1. Cluster;
एकराश; थाबा,गुप्‌फा bunch. ୨। କୌଣସି ବସ୍ତୁର ପୁଳା; ମେଣ୍ଟା—2. A mass (of something)— ୩। ପୁଞ୍ଜ—3, Collection. ୪। ଏକତ୍ର ଧରାଯିବା ପଦାର୍ଥର ଗୋଛା—4. A bundle or cluster of something held together, (ଯଥା—ଲେନ୍ଥାଏ କାଗଜ; ଲେନ୍ଥାଏ ବାଉଁଶ।)

ଲେନ୍ଥାଏ—ଦେ. ବିଣ. ଓ ବି—(ଅନାଦରାର୍ଥକ)—ଗୋଛାଏ; ଏକପେନ୍ଥା
Lenthae একরাশ,গুচ্ছের एकगुप्‌फा;एकगुच्छा A cluster of.

ଲେନ୍ଥିଏ—ଦେ· ବିଣ ଓ ବି (ଅଦରାର୍ଥକ)—ଲେନ୍ଥାଠାରୁ କ୍ଷୁଦ୍ରତର
Lenthie एकराश ଏକଗୋଛା—A smal cluster of.

ଲେନ୍ଦ୍‌କି ଛୁଆ—ପ୍ରାଦେ (ସମ୍ବଲପୁର) ବି—ଅପୋଗଣ୍ଡ ଶିଶୁ, ଅତି ଶିଶୁ-
Lend-ki chhuā Infant; very young child.

ଲେନ୍ଦ(ନ୍ଦେ,ନ୍ଧ,ନ୍ଧୁ,ନ୍ଧେ)ରା—ଦେ. ବି—ଲେଞ୍ଜରା (ଦେଖ)
Lenda(nde,ndha,ndhu, ndhe)rā Lenjarā (See)
ଦେ. ବିଣ. ପୁଂ—ଯାହା ଆଖିରୁ ଲେନ୍ଦରା ବହୁଥାଏ—
Having rheuming eyes.
କାଚୀବାଲା ପିচুটিওয়ালা [ଲେନ୍ଦ(ନ୍ଦେ)ରୀ—ସ୍ତ୍ରୀ]

ଲେନ୍ଦ(ନ୍ଦେ,ନ୍ଧ,ନ୍ଧୁ,ନ୍ଧେ)ରା ଆଖି—ଦେ. ବି—ମଳଯୁକ୍ତ ଆଖି—
Lenda(nde,ndha,ndhu,ndhe)rāākhi Eyes full of exhudations rheuming eyes.
পিচুটিপড়াচোখ କାଚୀବାଲୀଆଁଖ
[ଲେନ୍ଦରା ଅଖିଆ(ଅଖେଇ)—ବିଣ]

ଲେନ୍ଦ(ନ୍ଦୁ,ନ୍ଦେ)ରା(ରେ)ଇବା—ଦେ. କ୍ରି(ସକର୍ମକ)—୧। କୌଣସି ବିଷୟ
Lenda(ndu,nde)rā(re)ibā ଗୋଳମାଳ କରିବା; କୌଣସି
[ଲେନ୍ଦା(ନ୍ଦେ)ରା ଲଗା(ଗେ)ଇବା] ବିଷୟକୁ ଜଟିଳ କରିବା—
গোলকরা লেথরানা 1. To entangle or confuse a matter. ୨। କୌଣସି ଲେଖାକୁ କାଳି ଇତ୍ୟାଦିଦ୍ୱାରା ଅସ୍ପଷ୍ଟ କରି ଲେଖିବା—2. To write clumsily or in a manner blurred by ink.
୩। ଲେନ୍ଦରା ଦେବା (ଦେଖ)—3. Lendarā debā (See)

ଲେନ୍ଦ(ନ୍ଦେ)ରା ଦେବା—ଦେ. କ୍ରି (ଅକର୍ମକ)—(ଚକ୍ଷୁ) ମଳଯୁକ୍ତହେବା-
Lenda(nde)rā debā (The eyes) To exhude rheum.
পচুটিদেওয়া কচিয়ানা

ଲେନ୍ଦୁ(ନ୍ଧୁ)—ଦେ. ବି—ଲେନ୍ଦରା (ଦେଖ)

ଲେନ୍ଡି—ପ୍ରାଦେ (ଗଡ଼ଜାତ). ବି—କ୍ଷେତର ହୁଡ଼ା—
Leudi Ridge of fields.
Lendu(ndhu) Lendarā (See)

ଲେନ୍ଦୁ(ନ୍ଧୁ)ଆ—ଦେ. ବିଣ. ପୁଂ—୧। ଯାହା ଆଖିରୁ ଲେନ୍ଦରା
Lendu(ndhu)ā ବୋହୁଥାଏ—1. Having eyes exhuding rheum.
[ଲେନ୍ଦ(ନ୍ଦେ,ନ୍ଦୋ,ନ୍ଧୁ,ନ୍ଧୋ)ଇ—ସ୍ତ୍ରୀ]
পিচুটিচোখো কাঁচিবালা ୨। ଲେନ୍ଦରା ବୋହୁଥିବା (ଚକ୍ଷୁ)
2 Rheuming (eyes).

ଲେନ୍‌ସ୍—ବୈଦେ. ବି [ଇଂ]—ନ୍ୟୁବ୍ଜପୃଷ୍ଠ ଗୀରୋଦର କାଚ; ସ୍ଥୂଳ-
Len-s ମଧ୍ୟ ବା କ୍ଷୀଣମଧ୍ୟ କାଚ, ଯାହା ମଧ୍ୟଦେଇ ଦେଖିଲେ ପଦାର୍ଥ-
লেনস লেঁস ମାନ ବଡ଼ ବା ସାନ ଦେଖାଯାଏ ଓ ଯେଉଁ କାଚ
ଅଣୁବୀକ୍ଷଣଯନ୍ତ୍ର ଓ ଚଷମା ଓ ଦୂରବୀକ୍ଷଣ ଯନ୍ତ୍ରରେ ଲଗେ—
Lens [ଦ୍ର—ଯେଉଁ କାଚର ପୃଷ୍ଠ ପଦାକୁ ବାହାରି ଥାଏ (ନ୍ୟୁବ୍ଜପୃଷ୍ଠ), ତାକୁ convex ଓ ଯେଉଁ କାଚର ହୃଦର ଭିତରକୁ ପଶି ଯାଇଥାଏ (ଗୀରୋଦର) ତାକୁ concave ଲେନ୍‌ସ୍ ବୋଲାଯାଏ।

ଲେପ୍‌ଚା(ଚୀ)—ଦେ. ବି—ହିମାଳୟବାସୀ ନେପାଳୀ ପାର୍ବତ୍ୟ ଜାତି-
Lep-chā(chi) ବିଶେଷ—Name of a class of wild Nepalese people in the Himālayas.
ল্যাপচাচী লপচাচী

ଲେପ୍‌ଟି—ପ୍ରାଦେ (ଗଡ଼ଜାତ) ବିଣ—ବଙ୍କା—
Lep-ti Curved.

ଲେପ—ସଂ. ବି (ଲିପ୍ ଧାତୁ+ଭାବ ଅ)—୧। ଲେପନ; ବିଲେପନ—
Lepa 1 Plaster ing; smearing. ୨। (+କର୍ମ ଅ)—ପ୍ରଲେପ; ମଲମ—2. Ointment; unguent.
୩। ରଙ୍ଗର ସ୍ତର—3. A coating of paint (M.W)
୪। (+ଭାବ ଅ) ପଲସ୍ତରା କରିବା—4 Plastering.
୫। (+କରଣ ଅ । ପଲସ୍ତରା କରିବା ଦ୍ରବ୍ୟ—5. A plaster ୬। ଭକ୍ଷ୍ୟଦ୍ରବ୍ୟ—6 Food; victuals.
୭। (+କରଣ ଅ) ଚୂର୍ଣ୍ଣ—7. Powder. ୮। ଚୂନ—8. Lime. ୯। ବନ୍ଧନ—9 Binding; fastening ୧୦। ଭୋଜନ—10. Eating. ୧୧। କରତଳରୁ ପୋଛି ଯିବା ଅନ୍ନ; ପିତୃଲୋକଙ୍କୁ ଦିଆଯିବା ପିଣ୍ଡ ସଙ୍ଗେ ଦିଆଯିବା ଛୋଟ ପିଣ୍ଡ; ଲେପଭାଗ—11. A small ball of rice given with a larger ball as offering to the manes; "the wipings of the hand.
୧୨। [କର୍ମ. ଅ]—ବଟା ଜିନିଷ—12. Paste. ୧୩। [+କରଣ. ଅ] ସମ୍ବନ୍ଧ—13. Connection. ୧୪। ପାକପାତ୍ରରେ ଲାଗିଥିବା ଅଇଣ୍ଠା ବା ମଳ—14. Any grease or dirt sticking to cooking vessels (M. W). ୧୫। ମଇଳା—15 Impurity (M. W). ୧୬। କଳଙ୍କ; ଦାଗ—16 Stain (M. W). ପ୍ରାଦେ (ବାଲେଶ୍ୱର ମେଦିନୀପୁର; ଭୁଲ. ବି ଲେପ) ରେଜେଇ—Quilt.

କୁଟିକୁଟି ଦେ. ବିଣ (ସଂ. ଲିପ୍ତ)—ସଙ୍କୁଚିତ; ସଲଗ୍ନ—
সিকুড়াহুআ Contracted. [ଦ୍ର—ହସି ହସି ଚ ସେ ଲେପ ହେଇ ଗଲାଣି।]

ଲେପ ଉହାଡ଼—ପ୍ରାଦେ (ବାଲେଶ୍ୱର) ବି (ଭୁଲ ବି. ଲେପେର
Lepa uhārdā ଓଯାଡ଼୍)—ଲେପର ଖୋଳ—A quilt-case.
(ଲେପଖୋଳ—ଅନ୍ୟରୂପ)

ଲେପକ—ସଂ. ବିଣ. ପୁଂ—ଲେପନକାରୀ; ଯେ ଲେପେ—Plastering;
Lepaka smearing. ୧। ଯେ ପଲସ୍ତରା କରେ;
(ଲେପିକା—ସ୍ତ୍ରୀ) ରାଜମିସ୍ତ୍ରୀ—1. A plasterer; a mason.
୨। ଚିତ୍ରକର ଜାତି ବିଶେଷ—2. Name of a caste of painters. ୩। ଯେ ଛାଞ୍ଚ ବା ଆଦର୍ଶମାନ ତିଆରି କରେ—3. A maker of moulds or models (Apte).

ଲେପଟା(ଟେ)ଇବା—ଦେ. କ୍ରି (ସଂ. ଲିପ୍ତ)—(ଜୀବ ଜନ୍ତୁ) ଭୂମିରେ
Lepatā(te)ibā ସଲଗ୍ନ ହେବା; ଅପଣା ଦେହକୁ ଭୂମିକୁ
ଲେପଟିବା } ଅନ୍ୟରୂପ ସଲଗ୍ନ କରି ଅବସ୍ଥାନ କରିବା ବା
ଲେପଟେଇ ପଡ଼ିବା } ଗତି କରିବା—To crouch on
লেপটে পড়া the ground (said of an animal
ঘপানা bringing its body close to the ground). [ଦ୍ର—ବାଘ ଓ ବିରାଡ଼ି ଶିକାରକୁ ଧରିବାବେଳେ ଲେପଟାଇ ପଡ଼ନ୍ତି ଓ ଲେପଟାଇ କରି ଗତି

କରନ୍ତି; ମନୁଷ୍ୟ ଲୁଚିବା ପାଇଁ ଲେପଟେଇ ପଡ଼େ । ଏପରି ହେଲେ ହଠାତ୍ ତାଙ୍କୁ ଅନ୍ୟ ଲୋକ ବାରି ପାରେ ନାହିଁ ।];

ଲେପତ—ଦେ. ବି (ସଂ. ଲୁପ୍ତ)—ଲୁପ୍ତ (ଲୁଚ୍ଚ)—Disappeared.
Lepata (ଯଥା—ତା ଅକ୍ଷି ଲେପତ ହୋଇ ଗଲାଣି ।)
ଲୁପ୍ତ ଦେ. ବି (ସଂ. ଲିପ୍ତ)—ଲିପ୍ତ (ଦେଖ)—Lipta
ଲୁପ୍ତ (See)

ଲେପତ ପାଦ—ଦେ. ବି—ଲିପ୍ତ ପାଦ (ଦେଖ)—
Lepata pāda Lipta pāda (See)

ଲେପ ଦେବା—ଦେ. କ୍ରି—କୌଣସି ବସ୍ତୁ ଉପରେ କୌଣସି ଦ୍ରବ ପଦାର୍ଥ ବୋଳିବା—To smear or plaster; to anoint.
Lepa debā
লেপদেওয়া लेपदेना

ଲେପନ—ସଂ. ବି (ଲିପ୍ ଧାତୁ+ଭାବ ଅନ)—୧ । ଲିପିବା କର୍ମ; ବୋଳିବା—1. Act of smearing or anointing. ୨ । ମସଣ—2. Plastering. ୩ । କାନ୍ଥ ଲିପିବା—3. Plastering of a wall. ୪ । ଚୂନ ସଫେଦ କର୍ମ; ଧଉଳାଇବା—4.. White-washing (M. W.). ୫ । (+କର୍ମ. ଅନ) ମଲମ—5. Ointment. ୬ । ମାଂସ—6. Flesh (Apte)
Lepana

ଲେପନକାରୀ—ସଂ. ବିଣ. ପୁଂ—ଯେ ଲିପେ—Smearing; plastering (ଲେପନକାରିଣୀ—ସ୍ତ୍ରୀ)
Lepanakārī

ଲେପନୀୟ—ସଂ. ବିଣ (ଲିପ୍ ଧାତୁ+କର୍ମ. ଅନୀୟ)—ଯେଉଁ ପଦାର୍ଥ ବୋଳାଯିବାର ଉପଯୁକ୍ତ—(a thing) Fit to be smeared or anointed. ପୁଂ—ଯାହା ଦେହରେ ଚନ୍ଦନାଦି ବୋଳାଯିବା ଯୋଗ୍ୟ—(person) Requiring to be smeared over with ointment.
Lepaniya
(ଲେପ୍ୟ—ଅନ୍ୟରୂପ)
(ଲେପନୀୟା—ସ୍ତ୍ରୀ)

ଲେପ ଭାକ୍—ସଂ. ବି (ଲେପ+ଭଜ ଧାତୁ+କର୍ତ୍ତୃ କ୍ୱିପ୍; ଲେପଭାକ୍; ୧ମା. ୧ବ.)—ଅପଣାର ଚତୁର୍ଥ, ପଞ୍ଚମ ଓ ଷଷ୍ଠ ପୂର୍ବପୁରୁଷ; ଯେଉଁମାନଙ୍କୁ ଲେପ ଭାଗ ଅର୍ପିତ ହୁଏ—One's ancestors in the fourth, fifth and sixth lines of ascent.
Lepa bhāk
ଲେପଭାଗୀ }
ଲେପଭୁକ୍ } ଅନ୍ୟରୂପ
ଲେପଭାଗଭୁକ୍ }

ଲେପ ଭାଗ—ସଂ. ବି (କରତଳରୁ ପୋଛାଯିବା ଅନ୍ନ)—ଶ୍ରାଦ୍ଧକାଳରେ (୧) ଅପଣାର ପିତୃ, ପିତାମହ, ପ୍ରପିତାମହ (୨) ମାତୃ, ପିତାମହୀ, ପ୍ରପିତାମହୀ (୩) ମାତାମହ, ପ୍ରମାତାମହ, ବୃଦ୍ଧ ପ୍ରମାତାମହଙ୍କୁ ଦିଆଯିବା ପିଣ୍ଡମାନଙ୍କ ସଙ୍ଗେ ତାଙ୍କ ଉପରର ତିନି ପୁରୁଷଙ୍କୁ ଯେଉଁ ଛୋଟ ପିଣ୍ଡ ଦିଆଯାଏ — Smaller rolled balls of rice offered to the ancestors in the fourth, fifth and sixth degrees of ascent along with the larger cakes offered to one's ancestors upto three degrees of ascent during Srāddha. [ଦ୍ର—ପିଣ୍ଡଦାତାର ଉପରସ୍ଥ ୩ ପୁରୁଷଙ୍କୁ ବଡ଼ ପିଣ୍ଡ ଦିଆଯିବାପରେ ହାତରେ ଯେଉଁ ଅନ୍ନାଦି ଲାଗିଥାଏ ତାକୁ ପୋଛିପୋଛି କରି ଯେଉଁ ଛୋଟ ପିଣ୍ଡ ଉକ୍ତ ୩ ପୁରୁଷଙ୍କ ଉପରର ୩ ପୁରୁଷଙ୍କୁ ଅର୍ପିତ ହୁଏ ତାକୁ ଲେପଭାଗ ବୋଲାଯାଏ ।]
Lepa bhāga

ଲେପମୟୀ—ସଂ. ବି. ସ୍ତ୍ରୀ (ଲେପ+ମୟ+ଈ)—୧ । କାଠଅଦି ନିର୍ମିତ ଯେଉଁ ପିତୁଳା ଉପରେ ରଙ୍ଗ ବୋଳା-ଯାଇ ଥାଏ; ଚିତ୍ର କଣ୍ଢେଇ—1. A painted wooden doll. ୨ । କାଷ୍ଠ ମୃତ୍ତିକା ନିର୍ମିତ ବିଗ୍ରହ; ପିତୁଳା—2 Image; idol.
Lepamayī

ଲେପର୍—ପ୍ରାଦେ ସମ୍ବଲପୁର ଅଞ୍ଚଳ ବିଣ ୧ । ନିଡର—1 Fearless ୨ । ଅଲାଜୁକ—2 Shameless ।
Lapar

ଲେପ(ପ୍ୟ)ସ୍ତ୍ରୀ—ସଂ. ବି. ସ୍ତ୍ରୀ—୧ । (ଲେପ=ଲେପନଦ୍ୱାରା ସୁବାସିତ-ଶରୀର ସ୍ତ୍ରୀ, ମ. ପ. ଲୋ.)—ଯେଉଁ ସ୍ତ୍ରୀର ଦେହ ଚନ୍ଦନାଦି ଲେପନଦ୍ୱାରା ସୁବାସିତ—1 A woman whose body is made fragrant with ointmerits and pastes. ୨ । ଛାଞ୍ଚରେ ଢଳା ହୋଇଥିବା ସ୍ତ୍ରୀ ମୂର୍ତ୍ତି—2 A moulded figure of a woman (M. W.). ୩ । ସ୍ତ୍ରୀ ମୂର୍ତ୍ତି—3 An image of a woman.
Lepa(pya)strī
ଲେପ(ପ୍ୟ) କାମିନୀ }
ଲେପ(ପ୍ୟ) ନାରୀ } ଅନ୍ୟରୂପ

ଲେପା—ଦେ. ବିଣ (ସଂ ଲିପ୍ତ)—ଲିପ୍ତ (ଦେଖ)—
Lepā Lipta (See)

ଲେପା(ପେ)ଇବା—ଦେ. କ୍ରି.—ଲିପାଇବା (ଦେଖ)—
Lepā(pe)iba Lipāibā (See)

ଲେପାକ—ଦେ. ବି. —ମେକାପ (ଦେଖ)—
Lepāka Mekāpa (See)

ଲେପାପା(ଫା)—ବୈଦେ. ବି—ଲେଫାଫା (ଦେଖ)
Lepāpā(phā) Lephāphā (See)

ଲେପାଳି ବାଘ—ନେପାଳି ବାଘ (ଦେଖ)
Lepālibāgha Nepāli bāgha (See)

ଲେପି(ଧାତୁ)—ସଂ. ଲିପ ଧାତୁ ଣିଜନ୍ତ—ଅନ୍ୟଦ୍ୱାରା ଲିପିବା କ୍ରିୟା କରାଇବା
Lepi (root) To cause others to plaster or smear,

ଲେପିତ—ସଂ. ବିଣ [ଲେପି ଧାତୁ+କର୍ମ ତ]—ଅନ୍ୟଦ୍ୱାରା ଲିପା ହୋଇଥିବା—Caused to be plastered over or anointed.
Lepita

ଲେପିବା—ଦେ. କ୍ରି (ସଂ ଲିପ ଧାତୁ—ଲିପିବା (ଦେଖ)
Lepibā লেপা लिपना Lipibā (See)

ଲେପୀ—ସଂ. ବିଣ. ପୁଂ ଲିପ ଧାତୁ+କର୍ତ୍ତୃ ଇନ୍—ଲେପକ (ଦେଖ Lepaka (See) ସଂ. ବି—ଲେଖକ; ଲିପିକାର ହି. ଶ Writer; scribe.
Lepī
ଲେପିନୀ—ସ୍ତ୍ରୀ

ଲେପ୍ୟ—ସଂ ବଣ (କର୍ମ. ଲିପ ଧାତୁ+ଯ)—ଲେପନୀୟ (ଦେଖ)
Lepya [ଲେପ୍ୟା—ସ୍ତ୍ରୀ] Lepanīya (See)

ଲେଫ୍‌ଟେନା(ନେ)ଣ୍ଟ୍—ବୈଦେ. ବ. (ଇଂ. ଲେଫ୍‌ଟେନାଣ୍ଟ)—୧ । ଉଚ୍ଚ-
Leph-ṭenā(ne)nṭ କର୍ମଚାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚଳାଇବା
ଲେଫ୍‌ଟେଣ୍ଟ—ଅନ୍ୟରୂପ ପାଇଁ ନିଯୁକ୍ତ ବ୍ୟକ୍ତି—1. A lieutenant.
लेफटेनेन्ट **लेफ्टिनेंट**
୨ । ଇଂରାଜ ସୈନ୍ୟଙ୍କର ଦଳପତିବିଶେଷ (ଏମାନେ କାପ୍ତାନ୍ Captainଙ୍କ ନିମ୍ନ ରେ)—2 A title of officers below Captains in the English army [ଦ୍ର—ନୌ ସେନା, ବାୟୁଯାନସେନା ଓ ସ୍ଥଳ ସେନାଙ୍କ ମଧ୍ୟରେ ଲେଫ୍‌ଟେନେଣ୍ଟ ଅଛନ୍ତି । ଏହି ଶବ୍ଦ ସଙ୍ଗେ ବ୍ୟବହୃତ ଲେଫ୍‌ଟେନାଣ୍ଟ କର୍ନେଲ୍ (Lieutenant colonel) ମଧ୍ୟ ଏଥି ଭାଷାରେ ଚଳିଅଛି ।]

ଲେଫ୍‌ଟେନା(ନେ)ଣ୍ଟ୍ ଗଭର୍ଣ୍ଣର୍—ବୈଦେ. ବ (ଇଂ)—ପ୍ରାଦେଶିକ
Leph-ṭenā(ne)nṭ gabharṇṇar ଶାସନକର୍ତ୍ତା; ଶାସନ-
(ଲେଫନେଣ୍ଟ ଗଭର୍ଣ୍ଣର—ଅନ୍ୟରୂପ) କର୍ତ୍ତାଙ୍କ ପ୍ରତିନିଧି—Lieutenant Governor. [ଦ୍ର— ପୂର୍ବେ ବ୍ରିଟିଶ
लेफ टेनेन्ट गवर्नर **लेफ्टिनेंट गवर्नर** ଭାରତରେ ବଡ଼ ବଡ଼ ପ୍ରଦେଶର ଶାସକଙ୍କୁ ଗଭର୍ଣ୍ଣର ଓ ଛୋଟ ପ୍ରଦେଶର ଶାସକଙ୍କୁ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର୍ ବୋଲି ପାଉଥିଲି । ଏବେ ସ୍ୱାଧୀନ ଭାରତର ସବୁ ପ୍ରଦେଶର ଶାସନକର୍ତ୍ତାଙ୍କୁ ଗଭର୍ଣ୍ଣ ର୍ ବୋଲି ଯାଉଅଛି ।]

ଲେଫେରା କାନ—ପ୍ରାଦେ (ଖଡ଼ଅଞ୍ଚଳ) ବ—ଓସାର ଲମ୍ବ କାନ—
Leph-erā kān Broad and long ear.

ଲେଫ୍‌ରା ମାରି ବସିବା—ପ୍ରାଦେ (ଖଡ଼ଅଞ୍ଚଳ) କ୍ରି—ପ୍ରସାରିତହୋଇବସିବା-
Leph-rā māri basibā To sit by spreading the limbs.

ଲେଫ(ଫେ)ଡ଼ା—ଦେ. ବ—୧ । ଏକପ୍ରକାର ବନଜାତ ଲତାଫଳ;
Lepha(phe)rdā (ଏହା ପଟୋଳ ବା ମଟମଟିକା ପରି ଭଜା ଓ
लाफडा ଭକ୍ଷଣ ହୋଇ ଖିଆଯାଏ)—1. A kind of
दँतोहासी edible wild fruit. ୨ । ବନ୍ୟ ଗୁଳ୍ମ ବିଶେଷ—
किलकिला; दांतदिखाना 2. Capparis Brevispina.
[ଲେଫ(ଫେ)ଡ଼ୀ—ସ୍ତ୍ରୀ] ୩ । (ଦାନ୍ତ ଶବ୍ଦ ପରେ ବ୍ୟବହୃତ)
दांतदिखानेवाला ଦରହସା; ଦାନ୍ତ ଦେଖାଇ ହସିବା—3. Grinning. ଦେ. ବଣ. ପୁଂ—ଦରହସା; ଯେ ସବୁବେଳେ ହସେ—Laughing; grinning.

ଲେଫ(ଫେ)ଡ଼ା(ଡ଼େ)ଇବା—ଦେ. କ୍ରି (ଭୁଲ. ଇଂ. ଲଫ୍‌ଟର୍)—
Lepha(phe)rdā(rde)ibā (ଦାନ୍ତ ଓ ମୁହଁ ଶବ୍ଦ ପରେ ଏ
[ଲେଫ(ଫେ)ଡ଼ିବା—ଅନ୍ୟରୂପ] ଅର୍ଥରେ ବ୍ୟବହୃତ ହୁଏ)—
(दांत)केलान ୧ । ଓଠକୁ ଫାଡ଼ିଦେଇ ଦାନ୍ତକୁ ଦେଖାଇ
दांतदिखाना ହସିବା—1. To grin; to laugh by exhibiting the teeth and opening the lips. ୨ । ମୁହଁକୁ କଲୁଷିବା ବା ବିକୃତ କରିବା—
(ଲେଫଡ଼ା[ଡ଼ି] ହେବା—କର୍ମବାଚ୍ୟ) 2. To make faces.
[ଦ୍ର—ଦାନ୍ତ ଓ ମୁହଁ ଦୁଇ ପ୍ରକାର ଲେଫଡ଼ି ହୁଏ—୧ । କାନ୍ଦିଲେ; ୨ । ହସିଲେ । ଜ୍ୱରଗ୍ରସ୍ତ ବିସ୍ଥାରେ ଓଠ ଉଚ୍ଚଡ଼ା ହୋଇ ମେଲିଯାଏ ଓ ଦାନ୍ତମାନ ଦେଖାଯାଇ ମୁହଁ ବିକୃତ ଦେଖାଯାଏ । ଦାନ୍ତୁରୀ ମାନଙ୍କର ଦାନ୍ତ ସବୁବେଳେ ପଦାକୁ ବାହାରି ଥିବାରୁ ତାଙ୍କ ମୁହଁ ଲେଫଡ଼ି ହୋଇ ଯାଇଥାଏ । ଏଥିପାଇଁ କଥାରେ କହନ୍ତି ଦାନ୍ତୁରୀର କାନ୍ଦିବା ହସିବା ସମାନ ।]

ଲେଫ(ଫେ)ଡ଼ା ମୁହାଁ—ଦେ. ବଣ. ପୁଂ (ଉକ୍ତାର୍ଥ)—ବିକୃତ ମୁଖଯୁକ୍ତ;
Lepha(phe)rdā muhāṅ ଯାହାର ଦାନ୍ତ ଲେଫଡ଼ା ହୋଇ ମୁଖ
[ଲେଫ(ଫେ)ଡ଼ା(ଡ଼ୀ)ମୁହାଁ—ସ୍ତ୍ରୀ] ବିକୃତ ଦେଖାଯାଏ—Having
दँता **दंतबिदड़ा मुँहा** a grinning face.

ଲେଫାପା(ଫା)—ଦେ. ବ (ଅ. ଲଫାଫାହ୍)—ଚିଠିର ଆବରଣ ବା
Lephāpā(phā) ଖୋଳ; ଯେଉଁ ଖୋଳ ମଧ୍ୟରେ ଚିଠି ବନ୍ଦ
लिफाफा କରାଯାଏ—Envelope; a cover for a letter.
लिफाफा

ଲେବ୍‌ରି—ପ୍ରାଦେ (ଖଡ଼ଅଞ୍ଚଳ) ବଣ—ବଙ୍କା ଓ ସରୁ—Curved and
Leb-ri slender. (ଯଥା—ଲେବରି ଅଞ୍ଚା = ବଙ୍କା ଓ ସରୁ କଟି)

ଲେବଡ଼(ର)—ଦେ. ବଣ ଓ ବ—ଲେଭଡ଼ ୧ (ଦେଖ)
Lebarda(ra) Lebharda 1 (See)

ଲେବଡ଼(ଡ଼ା, ର, ରା)—ଦେ. ବଣ. ପୁଂ—ଲେଭଡ଼ ୨ (ଦେଖ)
Lebarda(rdā, ra, rā) Lebharda 2 (See)

ଲେବଡ଼(ଡ଼ା, ର, ରା)ମୁଖା(ମୁହାଁ)—ଦେ. ବଣ—ଲେଭଡ଼ ମୁଖ
Lebarda(rdā; ra; ra)mukhā(muhāṅ) (ଦେଖ)
[ଲେବଡ଼(ଡ଼ା, ର, ରା)ମୁଖୀ(ମୁହାଁ)—ସ୍ତ୍ରୀ] Lebharda mukhā (See)

ଲେବର୍—ବୈଦେ. ବ (ଇଂ. ଲେବର୍ =ଦୈହିକ ଶ୍ରମ)—୧ । ବିଲାତ
Lebar ପାର୍ଲିଅମେଣ୍ଟ ସଭାରେ ଶ୍ରମଜୀବୀମାନଙ୍କ ପ୍ରତିନିଧିମାନଙ୍କ
ଲେବର୍‌ଦଳ } ଅନ୍ୟରୂପ ଦ୍ୱାରା ଗଠିତ ଦଳ—1, The Labour
ଲେବର୍‌ପାର୍ଟି } Party of the British
लेबार **लेबर** Parliament. ୨ । ଦେଶର ଶ୍ରମଜୀବୀମାନଙ୍କ ସମାହାର—2. The body of labourers in a country.

ଲେବର୍ ଗଭର୍ଣ୍ଣମେଣ୍ଟ—ବୈଦେ. ବ (ଇଂ)—ଶ୍ରମଜୀବୀମାନଙ୍କ ପ୍ରତିନିଧି-
Lebar gabharṇṇamenṭ ମାନଙ୍କ ଦ୍ୱାରା ଗଠିତ ବିଲାତର
लेबार गभर्मेन्ट ଶାସକ ଦଳ—Labour Government
लेबर गवर्नमेंट of England.

ଲେବଲ୍—ବୈଦେ. ବ—୧ । (ଇଂ ଲେଭ୍‌ଲ୍) ଲେଭଲ୍ (ଦେଖ)—
Lebal 1. Lebhal (See)
लेवेल ୨ । ଲାବେଲ୍ (ଦେଖ)—
लेबुल 2. Lābel (See)

ଲେବା—ପ୍ରାଦେ (କଟକସହର) କ୍ରି—ନେବା (ଦେଖ)—
Lebā Nebā See
ବ—ନିଅ (ଦେଖ)—Niā See

ଲେବା ଦେବା—ଗ୍ରାଦେ [କଃକସର୍ବଲ] କି [ସବ୍ଦରର]—
Lebā debā ନେବାଦେବା [ଦେଖ]—Nebādebā
See ବ—ନିଆଦିଆ [ଦେଖ]—Niādiā (See)

ଲେବାର୍—ବୈଦେ. ବ—ନେଉଆର୍ (ଦେଖ)
Lebār Neuār (See)

ଲେବେଲ୍—ବୈଦେ. ବ (ଇଂ)—ଲାବେଲ୍ (ଦେଖ)
Lebel Lābel (See)

ଲେବୋରେଟରି—ବୈଦେ. ବ (ଇଂ)—ବୈଜ୍ଞାନିକ ପରୀକ୍ଷାଗାର—
Leboretari ল্যাবোরেটারী Laboratory.
लेबोरेटरी

ଲେଭଡ଼(ର)—ଦେ. ବ—୧ । ଦନ୍ତମଳ; ଦାନ୍ତରେ ଲାଗିଥିବା ଛଡଅ
Lebharda(ra) —1. Tartar and foul crust on
দাঁতেরছাতা the teeth. ଦେ. ବଣ—ଲେଭଡ଼ା (ଦେଖ)
दाँतकामैल Lebhardā (See)

ଲେଭ(ଭେ)ଡ଼ା—ଦେ. ବଣ. ପୁଂ (ସ. ଅନାଦରାର୍ଥ, ସ. ଲମ୍ପଟ,
Lebha(bhe)rdā ବା ଲପ୍ ଧାତୁ=ଗପିବା, ଭୁଲ; ଇଂ.
না(লা)বড় ଲିବଡିନସ୍)—୧ । ନିର୍ଲଜ୍ଜ—1. Shameless.
बेहया ୨ । ଯେ ନିର୍ଲଜ୍ଜଭାବରେ ଗପେ ବା ହସେ—
[ଲେଭ(ଭେ)ଡ଼ୀ—ସ୍ତ୍ରୀ] 2. Talking or laughing
shamelessly. ୩ । ଲମ୍ପଟ—3. Libidinous.

ଲେଭଡ଼(ର, ଡ଼ା, ରା) ମୁହାଁ(ହାଁ)—ଦେ. ବଣ. ପୁଂ—୧ । (ଅନାଦରାର୍ଥକ)
Lebharda(ra, rdr, rā) mukhā(hān) ଦାନ୍ତ ଦ ଘଷି
অপরিস্কার মুখো मैला दांतवाला ଥିବାରୁ ଯାହାର ଦାନ୍ତପାଟରେ
(ଲେଭେଡ଼[ର] ମୁହାଁ—ଅନ୍ୟରୂପ) ଛଡଅ ବସିଥାଏ—1. Hav-
[ଲେଭଡ଼(ର, ଡ଼ା, ରା) ମୁହୀ(ହାଁ)—ସ୍ତ୍ରୀ] ing the mouth or
teeth full of tartar. ୨ । ଅଧୁଆ ପାଟିଥ—
2. Not having the face and mouth
washed. ୩ । ନିର୍ଲଜ୍ଜ ମୁହାଁ—3. Having a
shameless face; brazen-face. ୪ । ଲେଫଡ଼ା-
ମୁହାଁ (ଦେଖ)—4. Lepharḍā muhān
(See)

ଲେଭ(ଭେ)ଡ଼ା(ରା)—ଦେ. ବଣ (ସ. ଲେହିତ)—୧ । ମୁହଁରେ
Lebha(bhe)rdā(rā) ସିନ୍ଦୁର କଜ୍ଜଳ ଆଦ ଲେସି ହୋଇ
জোবড়া ଯାଇଥିବା ଯୋଗୁଁ ଅସୁନ୍ଦର ଦେଖାଯିବା; ଗୁଡ଼ାଏ ଅଳଙ୍କାର
जिहाडा ପିନ୍ଧିବା ଯୋଗୁ ଅସୁନ୍ଦର ଦେଖାଯିବା—1. Looking
awkward on account of excess of dress
বেহায়া or overdone toiletee. ୨ । ନିର୍ଲଜ୍ଜ—
बेहया 2. Shameless. ୩ । (ସ. ଲେଲୁପ) ନିର୍ଲଜ୍ଜଭାବରେ
লোভী ଲୋଭୀ—3. Shamelessly greedy. [ଯଥା—
बड़ा लालची ସ୍ୱଯୋଧନ ରାଜା ତ ରାଜନ ଲେଭଡ଼ା । ହୋଇଛନ୍ତି,
ଏଣୁ ସେ ହୋଇଛନ୍ତି ଛୁଡ଼ା—କୃଷ୍ଣସିଂ. ମହାଭାରତ.
ଶଲ୍ୟ ।]

ଲେଭ(ଭେ)ଲ୍—ବୈଦେ. ବ (ଇଂ. ଲେଭେଲ୍=ସମତଳ)—୧ ।
Lebha(bhe)l କୌଣସି ସ୍ଥାନର ସମତଳତା ସ୍ଥିର କରିବା
লেভল ନିମନ୍ତେ ବ୍ୟବହୃତ ଯନ୍ତ୍ର—1. A level; a levelling
लेभल insrtument. [ଦ୍ର—ଏହି ଲେଭଲ୍ ଯନ୍ତ୍ର ମଧ୍ୟରେ ଜଳ
ବା ସ୍ପିରିଟ୍ ବା ପାରଦ ବ୍ୟବହାର କରାଯାଇ
ସ୍ଥାନର ସମତଳତା ନିର୍ଣ୍ଣୟ କରାଯାଏ । ଏଣୁ ଏହି
ଦ୍ରବ୍ୟମାନଙ୍କ ନାମାନୁସାରେ ଯନ୍ତ୍ରକୁ water-level,
spirit-level ଓ mercury-level କୁହାଯାଏ ।]
୨ । ସମୁଦ୍ର ପୃଷ୍ଠର ବା ଅନ୍ୟସ୍ଥାନର ଅପେକ୍ଷିକ ଉଚ୍ଚତା—
2. The mean level of the sea or
of any place. ବଣ—ସମତଳ—Level.

ଲେଭ(ଭେ)ଲ୍ କ୍ରସିଙ୍ଗ—ବୈଦେ. ବ (ଇଂ. ଲେଭେଲ୍ କ୍ରସିଙ୍ଗ୍)—ରେଳ
Lebha(bhe)l krasiṅg ଲାଇନ ଯେଉଁଠାରେ ରାଜପଥକୁ
লেভল ক্রাসিঙ্গ କାଟି କରି ଯାଇଥାଏ—Level crossing
लेभल क्रसिं (where a railway line crosses a
road).

ଲେଭେଣ୍ଡର—ବୈଦେ. ବ—ଲାଭେଣ୍ଡର୍ (ଦେଖ)
Levendar Lābhendar (See)

ଲେମଉ(ଊ)—ପ୍ରାଦେ (ଗଡ଼ଜାତ) ବ—ଲେମ୍ବୁ—Lemon.
Lemau(ū)

ଲେମଉ ଚିହ୍ନିବା—ପ୍ରାଦେ (ଗଡ଼ଜାତ)—ବ—ଭୟଭୀତ ହେବା—
Lemau chinibā Being terrified.

ଲେମଞ୍ଚୁ(ଞ୍ଜୁ)ସ୍—ବୈଦେ. ବ (ଇଂ. ଲେଜେଙ୍କେସ୍)—ଲେଜଞ୍ଚସ୍
Lemachu(ñju)s (ଦେଖ)—Lejañchus (See)

ଲେମନ୍ ସିରପ୍—ବୈଦେ. ବ (ଇଂ. ଲେମନ୍ ସିରପ୍)—ଲେମ୍ବୁ
Leman sirap ରସଦ୍ୱାରା ସୁଗନ୍ଧୀକୃତ ସରବତ—Lemon
লেমন সিরাপ लेमन सिराप syrup.

ଲେମ୍(ମ,ମୋ)ନେଟ୍(ଡ୍)—ବୈଦେ. ବ (ଇଂ. ଲେମନେଡ୍)—ଲେମ୍ବୁ
Lem-(ma,mo)net(d) ରସଦ୍ୱାରା ସୁବାସିତ ସୋଡା ମିଶ୍ରିତ ପାନୀୟ;
লেমনেড लेमनेड ଶର୍ବତକାରକ ପାନୀୟ ବିଶେଷ—Lemonade.

ଲେମା(ମ୍ବା)ଲ—ଦେ. ବ. ନାମ (ଇ. ଲମ୍ବାଲିସ=Inland
Lemā(mbā)la carriers; ଯେଉଁମାନେ ସମୁଦ୍ରରୁ ପଣ୍ୟଦ୍ରବ୍ୟ
ଦେଶ ମଧ୍ୟକୁ ବହି ଆଣନ୍ତି । ପୂର୍ବେ ଏହା ସାମୁଦ୍ରିକ
ବାଣିଜ୍ୟର କେନ୍ଦ୍ର (maritime area) ଥିବା
ଅନୁମିତ ହୁଏ-ଲକ୍ଷ୍ମୀନାରାୟଣ ସାହୁଙ୍କ ଲିଖିତ ଇଂରାଜୀ ଗ୍ରନ୍ଥ ।]
—କଟକ ଜିଲ୍ଲାର ସାଲେପୁର ଥାନା ଅନ୍ତର୍ଗତ ଲୁଣୀ ନଦୀ
କୂଳସ୍ଥ ଗୋଷ୍ଠବ ପ୍ରସିଦ୍ଧ ଗ୍ରାମ—[ଦ୍ର—ଏଠାରେ କରଣ
ବୈଷ୍ଣବଙ୍କର ଗୋଷ୍ଠବ ଗାଦି ଅଛି । ଏହି ଗାଦି ଉତ୍କଳର
ପାଞ୍ଚଟି ପ୍ରସିଦ୍ଧ ଗଦି (ଚୈତନ୍ୟ ଦେବଙ୍କ ପଞ୍ଚସଖା)ଙ୍କ
ମଧ୍ୟରୁ ଏକତମ ଅଚ୍ୟୁତାନନ୍ଦ ଦାସଙ୍କର । ଏ ଅନେକଗୁଡ଼ିଏ
ବୈଷ୍ଣବ ଧର୍ମପୁସ୍ତକ ଓ ମାଳିକା ରଚନା କରିଥିଲେ । ଏ
ମଠର ମହନ୍ତମାନେ ଓଡ଼ିଶାର ଗୋପାଳମାନଙ୍କର ଧର୍ମଗୁରୁ ।]
Name of a village in the Cuttack
district in which is situated the seat
of the religious head of the cowherds
of Orissa.

ଲେମା(ମ୍ବା)ଲ ଗାଡ଼—ଦେ. ବ—ଲେମାଲ ଗ୍ରାମରେ ଥିବା ସ୍ୱର୍ଗୀୟ ଭକ୍ତ
Lemā(mbā)la gādi ଅଚ୍ୟୁତାନନ୍ଦ ଦାସଙ୍କ ମଠ—
[ଲେମା(ମ୍ବା)ଲ ମଠ—ଅନ୍ୟରୂପ] The math of the late saint Achyutānanda Dāsa Goswāmi at Lemāla.

ଲେମା(ମ୍ବା)ଲ ବଟ—ଦେ. ବ.—ଲେମ୍ବାଲ ଗ୍ରାମରେ ଥିବା ଅଚ୍ୟୁତାନନ୍ଦ
Lemā(mbā)la bata ଦାସଙ୍କ ମଠ ସଲଗ୍ନ ବଡ଼ ବରଗଛ [ଦ୍ର—ଏହା ମୂଳରେ ଜ୍ୟୈଷ୍ଠ ପୂର୍ଣ୍ଣିମା(ଅଚ୍ୟୁତାନନ୍ଦଙ୍କ ଦେହତ୍ୟାଗ ଦିବସ) ଦିନ ଅଚ୍ୟୁତାନନ୍ଦ ଦାସଙ୍କ ଭକ୍ତମାନଙ୍କର ଗୋଷ୍ଠୀ ମେଳା ବା ଉତ୍ସବ ହୁଏ—Name of a banyan tree near the Math of village Lemāla where devotees of Achyutānand a congregate on the full moon day of the month of jyaistha.

ଲେମ୍ବୁ—ପ୍ରାଦେ (ଷ ଅଳ) ବ—ଲେମ୍ବୁ—
Lemu Lemon

ଲେମ୍ବା(ମ୍ବା)ଉ—ଗ୍ରା. ବ.—ଲେମ୍ବୁ (ଦେଖ)
Lembā(mbhā)u Lembu See)
(ଲେମ୍ବୁଆ—ଅନ୍ୟରୂପ) [ଦ୍ର—ଟଭା, ଲେମ୍ବାଉ, କମଳା,ଚାକୁଆ ପ୍ରାଚୀ. ପ୍ରତାପ ଷଷ୍ଠିସେଣା ।]

ଲେମ୍ବୁ—ଦେ.ବ.—(ସ ଜମ୍ବୁ;)—ଲେମ୍ବୁ; ଅମ୍ଳରସମୟ କୋଷପୂର୍ଣ୍ଣ ଫଳ ଓ
Lembu ତହିଁର କଣ୍ଟକଯୁକ୍ତ ବୃକ୍ଷ—Lemon; citrus; Citron
ସ. ଜମ୍ବୁ, ଜମ୍ବୁକ, ଦନ୍ତ ହର୍ଷଣ, Medica (Haines); Citrus
ବସ୍ତ୍ରଶୋଧକ Medica (Kirtikar) [ଦ୍ର—
ନେବୁ नीबु ଏ ଶବ୍ଦ ଏହି ଜାତୀୟ ନାନା
ମ. ଲିମ୍ବୁ ଫଳକୁ ବୁଝାଏ । ଓଡ଼ିଆରେ ଲେମ୍ବୁ
ଫା. ଲିମୁ କହିଲେ ସାଧାରଣତଃ କମଳା
ତେ. ନିମକାୟା ଲେମ୍ବୁକୁ ବୁଝାଏ । ବଙ୍ଗଳାରେ ନେବୁ
କହିଲେ କାଗଜି ଲେମ୍ବୁକୁ ବୁଝାଏ । ଲେମ୍ବୁ ଅନେକ ପ୍ରକାରର । ଅମର କୋଷରେ ଲେମ୍ବୁ ୩ ଶ୍ରେଣୀରେ ବିଭକ୍ତ ହୋଇଅଛି; ୧ । ନାଗରଙ୍ଗ = ନାରଙ୍ଗ, ୨ ।—ଜମ୍ବୀର = ଜମ୍ବୀରି; ୩ । ମାତୁଲିଙ୍ଗ = ଟଭା । ଫଳତଃ ଲେମ୍ବୁ ଅନେକ ଶ୍ରେଣୀର ଓ ଆକାରର । ସବୁ ଜାତୀୟ ଲେମ୍ବୁ ଗଛରେ କମ୍ବା କଣ୍ଟା ଥାଏ ଓ ସବୁ ଜାତୀୟ ଲେମ୍ବୁ ଗଛର ପତ୍ରରମଞ୍ଜିରିମାନଙ୍କରୁ ପତ୍ର ସବୁ ଓ ସବୁଥିର ଫୁଲ ଧଳା ଓ ସୁଗନ୍ଧ । ଏ ବୃକ୍ଷ ଚିର ଶ୍ୟାମଳ (evergreen) । ଫଳ ମଧ୍ୟରେ କୋଷାଥାଏ ଓ କୋଷା ମଧ୍ୟରେ ଖଟା, ଖଟା ମିଠା ବା ମିଠା ଦାନା ବା ରସମାନ ଥାଏ ।

ଅମ୍ଭେମାନେ ନିମ୍ନ ଲିଖିତ ବିଭିନ୍ନ ପ୍ରକାରର ଲେମ୍ବୁ ସହିତ ପରିଚିତ ।

୧ । କାଗଜୀ ଲେମ୍ବୁ;—୨ । ଜାଗଜୀ ଲେମ୍ବୁ;—୩ । ଜମ୍ବିର ବା ଚାକୁଆ ଲେମ୍ବୁ;—୪ । ଟଭା ବା ଭୁରଙ୍ଗ ଲେମ୍ବୁ; ୫ । ଅତାପୀ ବା ବାତାପୀ ଲେମ୍ବୁ;—୬ । କମ(ମ୍ବ)ଳା; ୭ । ନାଗପୁର କମଳା ବା ଶିଲ୍ହଟୀ କମଳା ବା ସୁରଙ୍ଗୀ କମଳା—୮ । ନାରଙ୍ଗ ବା ନାରଙ୍ଗୀ ଲେମ୍ବୁ ।]

ଲେମ୍ବୁ ଲୁଣ—ଦେ. ବ.—(ସହଚର)—୧ । ଲେମ୍ବୁ ଓ ଲୁଣ—
Lembu luna 1. Lemon and salt.
୨ । (ଅବଜ୍ଞାସୂଚକ; ଲକ୍ଷଣାର୍ଥ; ଗାଳିରେ ବ୍ୟବହୃତ ଉଭୟାର୍ଥକ ଶବ୍ଦ) ଫଳତଃ କିଛି ନାହିଁ—2. (An abusive or disdainful expression) Trash; next to nothing etc. [ଯଥା,—ଏତେବେଳକୁ ଆସିଲୁ ଯେ, ସମସ୍ତେ ଖାଇ ପିଇ ସାରିଲେଣି, ତୁ ଲେମ୍ବୁ ଲୁଣ ଖାଇବୁ ।]

ଲେୟ—ସ.ବି.—(ଲୀ ଧାତୁ=ଗମନ କରିବା + କର୍ତ୍ତୃ.ଯ) —(ଜ୍ୟୋତିଷ)
Leya ସିଂହ ରାଶି—The sign of Leo or Lion in the Zodiac.

ଲେର—ପ୍ରାଦେ (ଖଡ଼ଅଳ) ବ—ଅକ୍ଷିର ଲେତେଇସ୍ତ—
Lera The rheum of the eye,

ଲେଲ୍ହା—ପ୍ରାଦେ [ଖଡ଼ଅଳ] ବଣ. ପୁଂ—ଦୁର୍ବଳ—Weak
Lel-hā [ଲେଲ୍ହୀ—ସ୍ତ୍ରୀ]

ଲେଲାଇବା—ପ୍ରାଦେ [ଖଡ଼ଅଳ] କ୍ରି—'ଲେଲେଲେଲେ' ଧ୍ୱନି କରି
Lelāiba ଉତ୍ସାହସୂଚକ ଡାକ ଡାକିବା—To shout 'Lelelele !' to incite persons or animals.

ଲେଲିହ—ସ. ବ—(ଲିହ ଧାତୁ ଯଙ୍ ଲୁଗନ୍ତ ଲେଲିହ ଧାତୁ + କର୍ତ୍ତୃ. ଅ
Leliha ୧ । ଉକୁଣୀ (ଦ୍ର. ଶ)—1. Louse. ୨ । ସାପ— 2. Serpent.

ଲେଲିହାନ—ସ.ବଣ.ପୁଂ—(ଲେଲିହ ଧାତୁ + କର୍ତ୍ତୃ.ଆନ)-୧। ଜିହ୍ୱାଦ୍ୱାରା
Lelihāna ଓଠକୁ ବାରମ୍ବାର ଚାଟୁଥିବା—(କୁକୁର ବିଲୁଆଙ୍କପରି)
(ଲେଲିହାନା—ସ୍ତ୍ରୀ) — 1. Repeated icking the lips with t… tongue (said of dogs, cats etc)
୨ । ବାରମ୍ବାର ଚାଟୁଥିବା ବା ଆସ୍ୱାଦନ କରୁଥିବା— 2. Repeatedly tasting or licking a thing.
୩। ଯେ ଜିଭ ଲହ ଲହ କରୁଥାଏ(ସର୍ପାଦି)—3. Waving the tongue to and fro;lolling the tongue.
(ଉ—ପିଙ୍ଗଳ କେଶେ ଲେଲିହାନ ନାଗମାନେ, ରହି ଗରଜନ କରନ୍ତି ଅବିଚ୍ଛିନ୍ନେ—କୃଷ୍ଣସିଂହ. ମହାଭାରତ ବନ ।)
ସ. ବ—ସର୍ପ—Serpent (Apte).

ଲେଲିହ୍ୟମାନ—ସ. ବଣ. ପୁଂ (ଲେଲିହ୍ ଧାତୁ + କର୍ମ. ଅନ)—
Lelihyamāna ଯାହାକୁ ପୁନଃ ପୁନଃ ଚଟା ଯାଉଥାଏ—
[ଲେଲିହ୍ୟମାନା—ସ୍ତ୍ରୀ] Repeatedly being licked.

ଲେଲେଲେଲେ—ପ୍ରାଦେ [ଖଡ଼ଅଳ] ଅ—ମନୁଷ୍ୟଙ୍କୁ ବା ଅନ୍ୟ ଜୀବକୁ
elelele କୌଣସି କାର୍ଯ୍ୟରେ ଉତ୍ସାହିତ ବା ଲଗାଇବା ପାଇଁ ବ୍ୟବହୃତ ଧ୍ୱନି—A shouting uttered for inciting a person or animal to do something.

ଲେଶ—ସ. ବ (ଲିଶ୍ ଧାତୁ=ଅଳ୍ପ ହେବା + କର୍ତ୍ତୃ. ଅ)—୧ ।
Lesa ଈଷନ୍ମାତ୍ର; ସାମାନ୍ୟମାତ୍ର; ଅଳ୍ପମାତ୍ର—1. A little; a very little quantity; a small portion.
(ଉ—ଚନ୍ଦ୍ର ହୃଦେ ହେଲେ ଅକର୍ମଶୀଳା ସେ ଲେଶେ

ଦୃଶ୍ୟବୃତ୍ତ କୋଡ଼େ—ସାକଲକୃଷ୍ଣ. ଭଗବୋଦ୍ଧବ ଛନ୍ଦ । । ୨ । ବିନ୍ଦୁ—2. Drop. ୩ । ଚିହ୍ନମାତ୍ର—3. A trace, faint mark. ୪ । କଣା; ଅଣୁ—4. Atom; a minute particle. ୫ । ସମ୍ପର୍କ; ସମ୍ବନ୍ଧ (ହ୍ର. ଶ)—5. Connection. ୬ । ସାହିତ୍ୟରେ ଅର୍ଥାଲଙ୍କାର-ବିଶେଷ (ହ୍ର. ଶ)—6. A figure of speech. [ଦ୍ର—ଏଥିରେ କୌଣସି ବସ୍ତୁର ବର୍ଣ୍ଣନରେ କେବଳ ଏକଅଂଶରେ ଦୋଷ ବା ଗୁଣ ଥାଏ—ହ୍ର. ଶ ।] ୭ । ଏକ-ପ୍ରକାର ଗୀତ ବୋଲ (ହ୍ର. ଶ.)—7. A kind of singing. ବଣ—୧ । ଈଷନ୍ମାତ୍ର—1. A trace of; a faint ray of. ୨ । ଅଳ୍ପ; ସାମାନ୍ୟ—2. Little. ଦେ. କ୍ରି. ବଣ—ଈଷନ୍ମାତ୍ର—Slightly; faintly.

ଲେଶ ଦୃଷ୍ଟି—ସଂ. ବି—୧ । ସୂକ୍ଷ୍ମଦୃଷ୍ଟି—1. Discernment; Leśa drushṭi acute observation. ୨ । ସାମାନ୍ୟମାତ୍ର ଦୃଷ୍ଟି—2. A slight vision; a glance; a sweeping glance.

ଲେଶ ମାତ୍ର—ସଂ. ବି—ଈଷନ୍ମାତ୍ର—A minute particle; a Leśa mātra trace; a bit. ବଣ—ଈଷନ୍ମାତ୍ର; ଝିଟିଏମାତ୍ର—a very little of; a particle of; a trace of; a bit of. (ଦ୍ର—ଲେଶମାତ୍ର ଦୋଷ ତବ ନାହିଁ ଏଥି ସାର !—ଜଗବନ୍ଧୁ ସୀତାହରଣ) କ୍ରି. ବଣ—ସାମାନ୍ୟରେ—Slightly.

ଲେଶମାତ୍ର ଆଶା—ଦେ. ବି—କ୍ଷୀଣତମ ଆଶା—
Leśamātra āśā A ray of hope; the least hope
লেশমাত্র আশা लेशमात्र आशा

ଲେଶମାତ୍ର ସତ୍ୟ(ତ)—ଦେ. ବି—କଣିକାଏ ସତ—
Leśamātra satya(ta) An iota of truth.
লেশমাত্র সত্য लेशमात्र सच्चाई

ଲେଶମାତ୍ର ସନ୍ଦେହ—ଦେ. ବି—ସାମାନ୍ୟ ମାତ୍ର ସନ୍ଦେହ—
Leśamātra sandeha The slightest doubt.
লেশমাত্র সন্দেহ लेशमात्रसन्देह

ଲେଶେ—ଦେ. କ୍ରି. ବଣ (ସଂ. ଲେଶ)—ଲେଶମାତ୍ର—Slightly.
লেশমাত लवमात [ଦ୍ର—ସାଣ ବାଦ୍ୟ ଶିଙ୍ଗା ବେଣୁ ଅଶେଷେ, ଅକାଳ କ୍ଷମା ବୋଲାଇଲେ ଲେଶେ—ଦଣ୍ଡିସୁର୍ଯ୍ୟ କବିତା ।]

ଲେଶ୍ୟା—ସଂ. ବି—୧ । ଅଲୋକ—1. Light (Apte) ୨ । Leśya (ଜୈନ ମତରେ) କର୍ମଦ୍ୱାରା ଜୀବର ବନ୍ଧନାବସ୍ଥା (ହ୍ର. ଶ)—2. The state of the life being bound by one's acts.

ଲେଷ୍ଟୁ—ସଂ. ବି (ଲିଶ୍ ଧାତୁ + କରଣ. ତୁ) —ଲେଷ୍ଟୁ; ଟେକା; Leshṭu ଢେଲା—A clod of earth.

ଲେଷ୍ଟୁଭେଦନ—ସଂ. ବି—୧ । ଟେକା ଭାଙ୍ଗିବାର ହାତୁଡ଼ୀ—Leshṭu bhedana 1. A hammer for breaking clods. ୨ । ମଇ; ଚଷା ମାଟିକୁ ଚୂନା କରିବା ପାଇଁ ବ୍ୟବହୃତ ଜଣୁଣୀ ଆକାରର ଯନ୍ତ୍ର—2. A ladder used for breaking the clods of a ploughed field; a clod-crusher. ୨ । ଚଷା ମାଟିକୁ ଚୂନା କରିବାର ଯନ୍ତ୍ର—2. A harrow.

ଲେସ୍—ବୈଦେ. ବି (ଇଂ. ଲେସ୍)—୧ । ଲୁଗା ଅବା ଧଡ଼ିରେ Les ଲଗାଯିବା ଚଉଡ଼ା ଫିତା—1. Lace. ୨ । କାରୁ-লেস लेस କାର୍ଯ୍ୟଯୁକ୍ତ ଫିତା—2. Worked lace. ୩ । ଜୋତାରେ ବନ୍ଧାଯିବା ଫିତା—3. Shoe-lace. ୪ । (ପ୍ରା.)—ଘୋଡ଼ାର ଦାନ୍ତ—Tooth of a horse. ଦେ. ବି (ସଂ. ଲେଶ)—ଲେଶ (ଦେଖ)—Leśa (See)

ଲେସ୍ ଉଠିବା—ଦେ. ବି—[ଘୋଡ଼ା ଛୁଆର] ଦାନ୍ତ ଉଠିବା; [ଘୋଡ଼ାର]
Les uṭhibā ଯୁବା ଅବସ୍ଥା ହେବା—Teething of a colt,
দান্ত উঠা दांत निकलना

ଲେସ୍ କାମ—ଦେ. ବି—ଫିତାରେ ବୁଣା ହୋଇଥିବା କାରୁକାର୍ଯ୍ୟ—
Les kāma Lace work; embroidery.
লেসের কায লेसका काम

ଲେସ୍ ଧଡ଼ି—ଦେ. ବଣ—ଯେଉଁ ଲୁଗାର ଧଡ଼ି ଫିତା ପରି—(A Les dhaṛdi cloth) Having a lace border; লেশ পেড়ে (cloth) embroidered with lace.
लेसका कोरवाला (ଲେସ୍ ଧଡ଼ିଆ—ଅନ୍ୟରୂପ)

ଲେସ୍ ପିନ୍—ବୈଦେ. ବି (ଇଂ)—ଏକପ୍ରକାର ଗୋଞ୍ଜିକାଠି—
Lesh-pin A kind of hairpin.

ଲେସ୍ ବୁଣିବା—ଦେ. କ୍ରି—ଲୁହା କାଠିଦ୍ୱାରା ଭୁଲାର ସୂତାଦ୍ୱାରା ବା Les bunibā ରେଶମ ସୂତା ଦ୍ୱାରା ଫିତା ବୁଣିବା—To spin or
লেস বোনা लेस बुनना plait lace.

ଲେସ(ସେ)ଡ଼ା—ଦେ. ବଣ. ପୁଂ—୧ । ଲେରଡ଼ା; ନିର୍ଲଜ୍ଜ—
Lesa(se)ṛdā 1. Shameless; impudent. ୨ । ଦୈନ୍ୟ
নেবড়া ଭାଷୀ; ଯାହାକୁ ନାହିଁ ନାହିଁ କରୁଥିଲେ ସୁଦ୍ଧା ଯେ କଥା
खेखनिया ଉପରେ କଥା କହୁଥାଏ—2. Pugnacious; im-
[ଲେଶ(ଶେ)ଡ଼ୀ—ସ୍ତ୍ରୀ] portunate; pertinacious. ୩ । କୃପଣ—3. Close-fisted. ୪ । ଦରହସା; ଯେ ସବୁବେଳେ ବୃଥାରେ ହସୁଥାଏ—4. Given to grinning; given to 'vacant laughter' or indecent laughter. ୫ । ପାଣିଆ (କାଦୁଅ ଅବ); ଯାହା ଚୋବି ପଡ଼େ—5. Watery and unsticking (clay). ବି—୧ । ଲେସଡ଼ିବା (ଦେଖ)—1. Lesaṛdibā(See). ୨ । ଦୈନ୍ୟ ପ୍ରକାଶପୂର୍ବକ ପୁନଃ ପୁନଃ ପ୍ରାର୍ଥନା—2. Importunity.

ଲେସ(ସି, ସେ)ଡ଼ି ପଡ଼ିବା—ଦେ. କ୍ରି—ଲେସଡ଼ି ପଡ଼ିବା—
Lesa(si,se)ṛdi paṛdibā Lesaṛdi paṛdibā.
[ଲେସ(ସି,ସେ)ଡ଼ି ଯିବା (ପଡ଼ିଯିବା)—ଅନ୍ୟରୂପ]

ଲେସ(ସି,ସେ)ଡ଼ିବା—ଦେ. କ୍ରି—୧ । ପାଟିକୁ ଓ ଦାନ୍ତକୁ ଲେଫଡ଼ିବା—
Lesa(si,se)rdibā 1. To spread out one's
(দান্ত) বার করা **खिदोडना** mouth; to grin. ୨ । ଦୈନ୍ୟ
ପ୍ରକାଶପୂର୍ବକ ପୁନଃ ପୁନଃ ପ୍ରାର୍ଥନା କରିବା—2. To
importune. ୩ । ଲେସଡ଼ିବା (ଦେଖ)—3. Losa-
rdibā (See) ୪ । କୌଣସି କାର୍ଯ୍ୟ ସଙ୍କଳ୍ପ ଅଗତ
ହେଲେ ସୁଦ୍ଧା ସେହି କାର୍ଯ୍ୟରେ ସାଧ୍ୟମତ ଲାଗି ରହିବା
সাধ্যমত করা —4. To persist in a work. [ଉ—
लगना ଦାନବେ ଦେବତାଙ୍କ ପ୍ରଭାବ ନ ସହି । ଲେସଡ଼ି ଯୁଦ୍ଧ
କଲେ ମୃତ୍ୟୁ ଇଚ୍ଛା ବହି ।]

ଲେସନ୍—ବୈଦେ. ବି(ଇଂ. ଲେସ୍‌ସନ୍)—ପାଠ; ପୁସ୍ତକର ଯେଉଁ ଅଂଶ
Lesan ଥରକପାଇଁ ସନ୍ତୁଦ୍ଧ ଅଯାଏ—A lesson of a book.
লেসন **लेसन**

ଲେସରା ମେସରା—ଦେ. ବଣ—ଲେନ୍ଦରା ମେନ୍ଦରା (ଦେଖ)
Lesarā mesarā Lendarā mendarā (See)

ଲେସା—ଦେ. ବି (ସଂ. ଶ୍ଲିଷ୍‌ ଧାତୁ=ଦୃଢ଼ କରିବା)—୧ । ବହଳ କରି
Lesā ବୋଳିବା; ଘନଲେପନ—1 Smearing thickly. ୨ ।
লেপা କାଦୁଅ ଅବା ପାଣିଆ ଚୂନକୁ କାନ୍ଥର ଛିଦ୍ରରେ ବା ଫାଟରେ
तोपाना ବହଳକରି ବୋଳିବା-2. Thick smearing of clay
etc on holes and cracks of a wall
[ଦ୍ର—ପତଳା କରି ବୋଳିବାକୁ ଲିପିବା ବା
ଲେପିବା ଏବଂ ବହଳ କରି ବୋଳିବାକୁ
ଲେସିବା କହନ୍ତି । ଘରର କାନ୍ଥରେ ଚୂନ ଲିପାଯାଏ;
କାଦୁଅ ଲେସାଯାଏ । କାନ୍ଥ ଦେହକୁ ଦୂରରୁ କାଦୁଅ
ପିଣ୍ଡୁଳାକୁ ଫୋପାଡ଼ିବାକୁ ଛିଟା ବା ଛାଟିବା ବୋଲାଯାଏ ।]

লেপা ବିଣ—୧ । ଘନରୂପେ ଲିପ୍ତ; ବହଳିଆ ହୋଇ ବୋଳା-
तोपाहुआ ହୋଇଥିବା—1. Thickly smeared over
শাণ দেওয়া with clay etc; covered with a thick
सानाहुआ coating of. ୨ । ଶାଣ ହୋଇଥିବା—2. Whet-
ted; sharpened. [ଉ—ସେ ଶରରୁ କେତେ
ହୋଇଛି ଶିଳାଘଷା, କେତେକ ହୋଇଅଛି ସାହାଣରେ
ଲେସା । କୃଷ୍ଣସିଂହ. ମହାଭାରତ. ବିରାଟ ।]

ଲେସା(ସେ)ଇବା—ଦେ. କ୍ରି—ଲେସିବା କ୍ରିୟାର ଣିଜନ୍ତରୂପ—
Lesā(se)ibā Causative form of the verb Lesibā.
লেপান **तोपवाना**

ଲେସାଲେସି—ଦେ. ବି (ସହଚର)-ଅନେକ ସ୍ଥାନକୁ ଲେସିବା କ୍ରିୟା—
Lesālesi Acts of coating thickly,
লেপালেপি **तोपातोपी**

ଲେସା ହେ(ଯି)ବା—ଦେ. କ୍ରି—ବହଳିଆ ହୋଇ ଲିପା ହେବା; ଘନ
Lesā he(ji)bā ଭାବେ ଲେପିତ ହେବା—To be laid
লেপা হওয়া **तोपा होना** thickly over. (ଯଥା-ତା ଦେହରେ
ଚନ୍ଦନବସନ୍ତ ଲେସା ହୋଇ ଯାଇଛି)

ଲେସିକ—ସଂ. ବି. ପୁଂ—ହାତୀ ଚଢ଼ିଥିବା ବ୍ୟକ୍ତି—
Lesika A rider on an elephant (Apte)

ଲେସିବା—ଦେ. କ୍ରି (ସଂ ଶ୍ଲିଷ୍‌ ଧାତୁ)—୧ । ଘନ ଭାବରେ ଲେପିବା;
Lesibā ବୋଳିବା—1. To lay a thick layer or
লেপা crust; to smear thickly. ୨ । ପଲସ୍ତରା କରିବା—
तोपना 2. To plaster. [ଦ୍ର—ଘରର ମାଟିକାନ୍ଥ କରିବାକୁ
ହେଲେ ପ୍ରଥମେ ଭୂଇଁ ଉପରେ ମାଟି ପିଣ୍ଡମାନ ଉପର୍ଯ୍ୟୁପରି
ରଖାଯାଏ (ଏହାକୁ ମାଟି ଦେବା କହନ୍ତି)। କମ୍ପା ଯୋଡ଼ା
ହୋଇଥିବା ବାଉଁଶର ବାଡ଼ର ଦେହରେ ମାଟି ଛାଟିବାକୁ
ହୁଏ, ଅର୍ଥାତ୍ ମାଟି ପିଣ୍ଡୁଳାମାନ ଜଣେ ଦୂରରୁ ଉକ୍ତ ବାଡ଼
ଦେହକୁ ଫୋପାଡ଼ିବାକୁ ହୁଏ ଓ ଉକ୍ତରୂପେ ଛିଟା ହେବା
ମାଟିମାନ ଘନ ହୋଇଥିଲେ ତାହା ସେ ବାଡ଼ରେ ଲାଗିରହେ;
ନଚେତ୍ ପାଣିଆ ହୋଇଥିଲେ ଲେସଡ଼ି ପଡ଼େ ବା କାନ୍ଥ
ଦେହରୁ ତଳକୁ ବୋହିପଡ଼େ ବା ଖସିପଡ଼େ । କାନ୍ଥରେ
ମାଟି ଛିଟା ସରିଲେ ସେ ଛିଟା ମାଟିରେ ଯେଉଁଠାରେ ଖାଲ
ବା ଫାଟ ଥାଏ, ସେହି ଛିଦ୍ର ଓ ଫାଟମାନଙ୍କରେ ବହଳିଆ
କାଦୁଅ ବା ଗୋବର ଲେସିବାକୁ ହୁଏ; ଅର୍ଥାତ୍ ବହଳ
କରି ବୋଳିବାକୁ ହୁଏ । ଏହାପରେ ଲେସିବାଦ୍ୱାରା କାନ୍ଥର
ଛିଦ୍ର ଓ ଫାଟମାନ ମୁନ୍ଦ ହୋଇଯାଏ, ତପ୍ପରେ ତାହା
ଉପରେ ମାଟିକୁ ବା ଗୋବରକୁ ପାଣିଆ କରି ହାତଦ୍ୱାରା
ଲିପିବାକୁ ହୁଏ । ଲିପିବାଠାରୁ ବୋଳିବା ବହଳିଆ,
ବୋଳିବାଠାରୁ ଲେସିବା ବହଳିଆ । ଦେହରେ ଚନ୍ଦନ
ଲିପାଯାଏ, ହଳଦୀ ବୋଳାଯାଏ । କିନ୍ତୁ ହଳଦୀକୁ
ଦେହରେ ବହଳଭାବରେ ବୋଳିଲେ ତାକୁ ଦେଖି ଲୋକେ
କହନ୍ତି,—ସେ ଦେହରେ ହଳଦୀଗୁଡ଼ାକ ଲେସିଛି । ଇଟା
କାନ୍ଥରେ ଇଟାର ଫାଙ୍କ ଅବା ମୁନ୍ଦିବା ପାଇଁ ମୋଟ ଚୂନ
ଲେସିବାକୁ ହୁଏ । ତପ୍ପରେ ମୋଟ ଚୂନକୁ ପଲସ୍ତରା କରି
ମସୃଣ କରାଯାଏ ଓ ପଲସ୍ତରା ସରିଲେ ତା ଉପରେ
ସଫେଦା ଚୂନ ବା କଳିଚୂନର ପାଣି ଲିପାଯାଏ]

ଲେସି ହେବା—ଦେ. କ୍ରି—୧ । ଘନ ଭାବରେ ଆବରଣ କରିବା—
Lesi hebā 1. To cover with a thick layer.
(ଲେସିହୋଇଯିବା—ଅନ୍ୟରୂପ) (ଯଥା—ତା ହାତପାଦ ବସନ୍ତ
ছেয়েযাওয়া **पसरजाना, पसरना** ଲେସି ହୋଇ
ଯାଇଅଛି । ତା ମୁଣ୍ଡରେ ସିନ୍ଦୂର ବିନ୍ଦୁଲ ଲେସି ହୋଇ
ଯାଇଅଛି । ହସ୍ତାକ୍ଷର ବହିରେ କାଳି ଲାଗି ଅକ୍ଷରଗୁଡ଼ାକ
ଲେସି ହୋଇ ଯାଇଅଛି । ଆକାଶରେ ତାରାଗୁଡ଼ାକ
ଲେସି ହୋଇଅଛନ୍ତି ।) ୨ । କୌଣସି ବସ୍ତୁ ଉପରେ
ଘନଭାବରେ ସଂଶ୍ଳିଷ୍ଟ ହେବା—2. To be crusted
in a thick layer over a thing.

ଲେସୁନ୍—ପ୍ରାଦେ (ସମ୍ବଲପୁର, ଗଡ଼ଜାତ) (ସଂ ଲସୁନ)—ରସୁଣ—
Lesun Garlic.

ଲେହ—ସଂ. ବି (ଲିହ୍‌ ଧାତୁ=ଚାଖିବା, ଚାଟିବା+ଭାବ. ଅ)—
Leha ୧ । ଚାଟିବା—1. Licking. ୨ । ଚାଖିବା—
2. Tasting. ୩ । (+କର୍ମ. ଅ) ଅବଲେହ—
3. An electuary; a lambative (Apte).
୪ । ଖାଦ୍ୟ—4 Food (Apte). ୫ । ସ୍ତବଣର

ପ୍ରକାରଭେଦ; ଯହିଁରେ ରାହୁ ବା ପୃଥିବୀର ଛାୟା ସୂର୍ଯ୍ୟବିମ୍ବକୁ ବା ଚନ୍ଦ୍ରବିମ୍ବକୁ ଉପରେ ଚାଟିଲା ପରି ଜଣା ପଡ଼େ (ବୃ. ସ.)—5. A kind of eclipse in which the shadow seems to lick the solar or lunar orb. ବିଣ—୧ । ସ୍ୱାଦୁ—1. Agreeable to the taste. ୨ । ଖାଦ୍ୟ; ଭକ୍ଷ୍ୟ—2. Edible. ୩ । ଆସ୍ୱାଦନୀୟ—3. Fit to be tasted. ଦେ. ବି (ସ: ଅବଲେହ; ଲେହ୍ୟ)—ଯେଉଁ ପଦାର୍ଥକୁ ଚାଟି କରି ଖାଇବାକୁ ହୁଏ; ଚଟଣି—A thing which can be taken by licking; salad.
चाटनी
चटनी

ଲେହକ—ସ. ବିଣ. ପୁଂ (ଲିହ୍ ଧାତୁ+କର୍ତ୍ତୃ ଅକ)—ଯେ ଚାଟେ—
Lehaka [ଲେହିକା—ସ୍ତ୍ରୀ] Licking.

ଲେହନ—ସ. ବି (ଲିହ୍ ଧାତୁ+ଭାବ. ଅନ)—୧ । ଚାଟିବା—
Lehana 1. Licking; sipping with the lips. ୨ । ଚାଟିବା; ସ୍ୱାଦ ଗ୍ରହଣ—2. Tasting. ୩ । ଭକ୍ଷଣ 3. Eating.

ଲେହନୀୟ—ସ. ବିଣ (ଲିହ୍ ଧାତୁ+କର୍ମ ଅନୀୟ)—ଲେହ୍ୟ (ଦେଖ)
Lehaniya Lehya (See)

ଲେହରା—ପ୍ରାଦେ (ବସ୍ତର) ବି—ପବନ—Wind. ପ୍ରାଦେ (ଖଡ଼ିଆଳ)
Leharā ବି ଓ ବିଣ—ନେହୁରା (ଦେଖ)—Nehurā (See).

ଲେହରାଇବା—ପ୍ରାଦେ (ଖଡ଼ିଆଳ) କି—ନେହୁରାକରିବା—
Leharāibā To supplicate.

ଲେହାଇ—ଦେ. ବି (ସ. ଲେହ୍ୟ)—୧ । ନିହାଇ (ଦେଖ)
Lehāi 1. Nihāi (See) ୨ । ଲିହାଇ (ଦେଖ)—2. Lihāi (See)

ଲେହି(ହିଁ)ବା—ଦେ. କି (ସ ଲିହ୍ ଧାତୁ)—ଚାଟିବା—
Lehi(hin)bā चाटा चाटना To lick.
[ଉ—ବହିବା ରକତ ଦେଉଛୁ ଲେହି । ଉଷ. ବୈଦେହୀଶବିଳାସ ।]

ଲେହି—ସ. ବିଣ. ପୁଂ (ଲିହ୍ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ)—
Lehī ଯେ ଚାଟେ; ଲେହନକାରୀ—Licking. ସ. ବି—(ଲେହିନୀ—ସ୍ତ୍ରୀ) ଟଙ୍କଣ; ସୁହାଗା; ଠାଙ୍ଗାଣା—Borax. ଦେ. ବି—ଲେହାଇ (ଦେ ଖ)—Lehāi (See).
ପ୍ରାଦେ (ଖଡ଼ିଆଳ). ବି—ରୋଗୀର ପଥ୍ୟପାଇଁ ଚାଉଳର ଯାଉ-
Gruel of rice used as an invalid's diet.

ଲେହୁ—ପ୍ରାଦେ (ଗଡ଼ଜାତ) ବି—ବନ୍ୟଲତା ବିଶେଷ—
Lehu A sort of wild creeper.
[ବି—ଏଥିର ଫଳ ବଇଁଚ ଅପେକ୍ଷା ବଡ଼ ଓ ଚେପଟା; ଏହାକୁ ସିଝାଇ ଖିଆଯାଏ ।]

ଲେହୁଆ—ଦେ. ବି—ନେହୁଆ (ଦେଖ)—
Lehuā Nehuā (See)

ଲେହୁଡ଼ା—ଦେ. ବି—ଅଣ୍ଟୁମାଡ଼ି ବସିବା—Kneeling down.
Lehurdā हाँटुगेड़ेबसा घुटने झुकाना, ठेहुनिया

ଲେହୁଡ଼ା(ଡ଼େ)ଇବା—ଦେ. କି—ଲେହୁଡ଼ିବା କ୍ରିୟାର ଣିଜନ୍ତରୂପ—
Lehurdā(rde)ibā To cause to kneel down.
हाँटुगेड़े बसान घुटनेके बल वैठाना

ଲେହୁଡ଼ିବା—ଦେ. କି—ଅଣ୍ଟୁମାଡ଼ି ବସିବା—
Lehurdibā To kneel down.
हाँटु गेड़े बसा घुटनेके बल वैठना, ठेहुनीया देना

ଲେହୁଣିଆ(ଅଁ)—ପ୍ରାଦେ (ଗଞ୍ଜାମ) ବି—୧ । ମୁଣ୍ଡକୁ ଭୂଇଁରେ ରଖି
Lehuniā(an) ମାଙ୍କଡ଼ଚଢ଼ ମାରିବା—1. Somersault. ୨ । (ଲକ୍ଷଣାର୍ଥ) କୌଣସି ବିସ୍ମୟକର କାର୍ଯ୍ୟ ଦେଖାଇବା —2. Exhibition of a wonderful feat. [ଉ—ଜଣ୍ଟିସ୍‌ଦଳର ଉପୁଜି ଅବଧିରୁ ସେମାନେ ଯେଉଁ ଦେଶଦ୍ରୋହ କାର୍ଯ୍ୟ କରି ଆସୁଅଛନ୍ତି, ସବୁଠାରୁ ଏଥର ଲେହୁଣିଅଟା ବଳପଡ଼ିଛି । ଦୈନିକଆଶା (୨।୩।୨୯ ୨୯)]

ଲେହୁଣିଆ ଛାଟିବା—ପ୍ରାଦେ (ଗଞ୍ଜାମ) କି—ମାଙ୍କଡ଼ଚଢ଼ ମାରିବା—
Lehunia chhātibā To cut a somersault.

ଲେହେଣ୍ଟା—ପ୍ରାଦେ (ଖଡ଼ିଆଳ)—ବିଣ. ଓ ବି—୧ । ଓଲଟା (ଦେଖ)
Lehentā 1. Olatā (See) ୨ । ଲେଉଟା (ଦେଖ) 2. Leutā (See).

ଲେହେଁଟାଇବା—ପ୍ରାଦେ (ଖଡ଼ିଆଳ) କି—୧ । ଓଲଟାଇବା—
Lehentāiba 1. To turn upside down. ୨ । ଲେଉଟାଇବା—2. To return.

ଲେହେଁଟିଆ ଶାଗ—ପ୍ରାଦେ [ଖଡ଼ିଆଳ] ବି—ଲେଉଟିଆଶାଗ—
Lehentiā śaga Amaranth pot herb.

ଲେହେଁଟିବା—ପ୍ରାଦେ (ଖଡ଼ିଆଳ] କି—୧ । ଓଲଟିବା—
Lehentibā 1. To turn upside down. ୨ । ଲେଉଟିବା—2. To turn back; to come back; to revert.

ଲେହେଣା(ଣା)—ଦେ. ବି (ସ. ଲେହନ)—ଲାଞ୍ଚ ନେବା ଅଭ୍ୟାସ—
Lehenā(na) Habit to taking bribe. [ଯଥା—
घुस नेबार अभ्यास ପିଲ୍ଲଠାକୁ ମୁଁ ଅଛା ଲେହେଣା ଲଗେଇଲି ।]
घूस लेनेकी आदत ଦେ. ବିଣ—ଲାଞ୍ଚୁଆ—Habituated to taking bribe.

ଲେହେବଡ଼(ର)—ଦେ. ବି—ଲେଭଡ଼ (ଦେଖ)
Leahebarda(ra) Lebhard.a (See)

ଲେହେବଡ଼(ର) ମୁଖା[ହାଁ]—ଦେ. ବିଣ—ଲେଭଡ଼ମୁଖା (ଦେଖ)
Lehebarda(ra)mukhā (hān) Lebhardamukhā. (See)
[ଲେହେବଡ଼(ର) ମୁଖୀ—ସ୍ତ୍ରୀ]

ଲେହେବଡ଼ା(ରା)—ଦେ. ବିଣ—ଲେଭଡ଼ା (ଦେଖ)
Lehebardā(rā) Lebhardā. (See)

ଲେହେବଡ଼ା(ରା)ମୁହାଁ—ଦେ ବିଣ. ପୁଂ—ଲେଭେଡ଼ାମୁହାଁ (ଦେଖ)
Lehebardā(rā)muhān Lebhrdāmuhān. (See).
(ଲେହେବଡ଼ା[ର;ଡ଼,ର]ମୁହିଁ—ସ୍ତ୍ରୀ)

ଲେହେରା—ପ୍ରାଦେ [ବସ୍ତର] ବି—ପବନ—
Leherā Wind.

ଲେହ୍ୟ—ସଂ ବଣ (ଲିହ୍‌ ଧାତୁ+କର୍ମ. ଯ)—୧ । ଲେହନୀୟ; ଯାହାକୁ
Lehya ଚାଟି କରି ଖିଆଯାଏ—1. Fit to be licked; eatable by being licked. ୨ । ଆସ୍ୱାଦନୀୟ—2. Fit to be tasted. ୩ । ସୁସ୍ୱାଦୁ—3. Sweet to the taste. ବ—୧ । ଅମୃତ—1. Nectar; ambrosia. ୨ । ଚଟଣି—2. Salad. ୩ । ଅବଲେହ: ଚାଟି କରି ଖାଇବା ଦ୍ରବ୍ୟ—3. A lambative. ୪ । ଖାଦ୍ୟ—4. Food (Apte).

ଲେହ୍ୟ ପେୟ—ସଂ. ବ (ସହଚର)—ଯାହା ଚାଟି କରି ଖିଆଯାଏ ଓ
Lehya peya ଯାହା ପିଇ କରି ଖିଆଯାଏ—Things which can be licked and those which can be drunk.

ଲୈ—ଦେ. ବ—ଲଇ (ଦେଖ]
Lai Lai (See)

ଲୈଖା(ଷ)ଣ—ଗ୍ରା. ବ—ଲଇଖଣ [ଦେଖ]
Laikha(ksha)ṇa Laikhaṇa, (See).
[ଲୈଖ ଷି,ଖି ଣଥ—ଅନ୍ୟରୂପ]

ଲୈଙ୍ଗ—ସଂ ବଣ (ଲିଙ୍ଗ+ଅ)—ଲିଙ୍ଗ ସମ୍ବନ୍ଧୀୟ—
Lainga Relating to Linga.
ବ—ଲିଙ୍ଗ ପୁରାଣ (ଦେଖ)—
Linga purāṇa (See)

ଲୈଙ୍ଗିକ—ସ. ବଣ (ଲିଙ୍ଗ+ସମ୍ବନ୍ଧାର୍ଥେ ଇକ)—୧ । ଚିହ୍ନ ସମ୍ବନ୍ଧୀୟ
Laingika —1. Depending on or relating to a
[ଲୈଙ୍ଗିକୀ—ସ୍ତ୍ରୀ) sign or mark (Apte). ୨ । ଅନୁମିତ —2. Inferred. ସ. ବ—୧ । ମୂର୍ତ୍ତି ନିର୍ମାତା—1. A maker of images; statuary (Apte). ୨ । (ବୈଶେଷିକ ଦର୍ଶନ) ଅନୁମାନ ପ୍ରମାଣ; ଲକ୍ଷଣ ବା ଚିହ୍ନଦ୍ୱାରା ପ୍ରାପ୍ତ ଅନୁମାନ—2. (Baiseshika Philosophy) Inference by means of symptoms or marks.

ଲୈନ(ନେ)ନ୍—ବୈଦେ. ବ (ଇଂ. ଲିନେନ୍)—କାର୍ପାସ ବସ୍ତ୍ର—
Laina(ne)n লিনেন লিনেন Linen.

ଲୋ—ଦେ. ଅ—(ସ୍ତ୍ରୀଲୋକମାନଙ୍କ ସମ୍ବୋଧନ) ଅଲୋ ! ହେ !—
Lo (Interjection used in addressing
গো, ও females) Oh ! [ଦ୍ର—ଯାହାଙ୍କ ସଙ୍ଗେ
गो, ओ ଘନିଷ୍ଠତା ଥାଏ ସେମାନଙ୍କୁ ଓ ଆପଣାର ସମଶ୍ରେଣୀର ଓ ଆପଣାଠାରୁ ନିମ୍ନଶ୍ରେଣୀର ସ୍ତ୍ରୀମାନଙ୍କୁ 'ଲୋ' ଶବ୍ଦଦ୍ୱାରା ସମ୍ବୋଧନ କରାଯାଏ । ଇତର ଶ୍ରେଣୀର ଲୋକମାନେ ବାପ ପୁଅ ଆଦିଙ୍କୁ ମଧ୍ୟ ଏହି 'ଲୋ' ଶବ୍ଦଦ୍ୱାରା ସମ୍ବୋଧନ କରନ୍ତି। ସ୍ଥାନବିଶେଷରେ ପ୍ରେମିକା ମଧ୍ୟ ପ୍ରେମିକଙ୍କୁ ଲୋ ଦ୍ୱାରା ସମ୍ବୋଧନ କରିବା ଦେଖାଯାଏ। କଥାରେ ମଧ୍ୟ 'ମାଆଲୋ ବାପଲୋ ହେବା' (=ଅତି ଆର୍ତ୍ତ ହେବା)ର ବ୍ୟବହାର ଅଛି । ଏହି ଶବ୍ଦ ଅସଲ ଶବ୍ଦର ପୂର୍ବରେ ଓ ପରେ ବ୍ୟବହୃତ ହୁଏ; ଯଥା—ଭଉଣି ଲୋ ! ଲୋ ଭଉଣି !]

ଲୋଅର୍ ପ୍ରାଇମେରି—ବୈଦେ. ବଣ (ଇଂ)—ନିମ୍ନପ୍ରାଥମିକ ଶିକ୍ଷା,
Loar'prāimeri ବିଦ୍ୟାଳୟ, କ୍ଲାସ)—Lower Primary
লোয়ারপাইমেরি लोअरपाईमेरी (education, school examination, class).

ଲୋଇ—ଦେ. ବ—ଲୋହି (ଦେଖ)—
Loi Lohi (See)

ଲୋକ୍ (ଧାତୁ)—ସ—ଦେଖିବା—To see; to look at. [ଦ୍ର—
Lok (root) ତୁଳ ଇଂ. ଲୁକ୍ ଏବଂ ଜର୍ମାନ୍ ଲୁଗେନ୍ ।]

ଲୋକ—ସଂ ବ (ଲୋକ୍ ଧାତୁ+କର୍ତ୍ତୃ. ଅ)—୧ । ମନୁଷ୍ୟ; ମାନବ
Loka —Man. ୨ । (+କର୍ମ ଅ) ଭୁବନ; ଜଗତ୍; ପୃଥିବୀ; ସଂସାର—2 The world; the earth; the creation. ୩ । ତ୍ରିଲୋକ; ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—3. The heaven, the earth and the nether regions. ୪ । ସପ୍ତଲୋକ; ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟ; ସପ୍ତ ବ୍ୟାହୃତି—[ଦ୍ର—କେତେକ ଆଧୁନିକ ପଣ୍ଡିତ ଏହି ସପ୍ତଲୋକଙ୍କୁ ନିମ୍ନଲିଖିତରୂପେ ଆଧୁନିକ ଭୂଗୋଳ ଅନୁସାରେ ନିର୍ଦ୍ଧାରଣ କରିଅଛନ୍ତି, ଯଥା—ଭୂର୍ଲୋକ = ଭାରତ = ଆର୍ଯ୍ୟାବର୍ତ୍ତ, ଦାକ୍ଷିଣାତ୍ୟ ଓ ପୂର୍ବୋପଦ୍ୱୀପ, ବ୍ରହ୍ମଦେଶ । ଭୁବର୍ଲୋକ= ଅନ୍ତରୀକ୍ଷ=ତୁରସ୍କ, ପାରସ୍ୟ ଓ (ଅଯୋଗସ୍ଥାନ=) ଆଫଗାନସ୍ଥାନ । ସ୍ୱର୍ଲୋକ=ତ୍ରିନାକ=ତିବ୍ବତ, ତାତାର ଓ ମାଙ୍ଗୋଲିଆ । ମହର୍ଲୋକ, ତପୋଲୋକ ଓ ବ୍ରହ୍ମଲୋକ ବା ସତ୍ୟଲୋକ=ତ୍ରିଦିବ=ସମସ୍ତ ଇଉରୋପୀୟ ଓ ଆସିରିୟ ସାଇବେରିଆ । ଜନର୍ଲୋକ=ଚୀନସାମ୍ରାଜ୍ୟ । "ମାନବେର ଆଦି ଜନ୍ମଭୂମି" ନାମକ ବଙ୍ଗଳା ଗ୍ରନ୍ଥ]—4. The seven worlds of the Hindu mythology. ୫ । ଚତୁର୍ଦ୍ଦଶଲୋକ—ସପ୍ତସ୍ୱର୍ଗ; ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟ ଏବଂ ସପ୍ତପାତାଳ; ଅତଳ, ବିତଳ, ସୁତଳ, ତଳ, ତଳାତଳ, ରସାତଳ, ପାତାଳ (ପାତାଳ ତଳେ ଟୀକା ଦେଖ)—5. The seven upper regions and the seven nether regionn of the Hindu mythology. ୬ । ସମୂହ—6. Multitude; collection; group; company. ୭ । ଦୃଷ୍ଟି—7. Vision; sight; prospect. ୮ । ଜନ; ବ୍ୟକ୍ତି—8. An individual; person. ୯ । ବ୍ରହ୍ମାଣ୍ଡ—9. The universe. ୧୦ । ନିବାସ ସ୍ଥାନ; ସ୍ଥାନ ହି. ଶ—10. Place; dwelling place; residence. ୧୧ । ପ୍ରଦେଶ; ଅଞ୍ଚଳ (ହି. ଶ)—11. Region; tract; province; locality. ୧୨ । ରାଜ୍ୟର ପ୍ରଜାମଣ୍ଡଳ—12. The people or the subjects (as opposed to the king), (Apte) ୧୩ । ସମାଜ (ହି. ଶ)—13. Society; community. ୧୪ । ପ୍ରାଣୀ (ହି. ଶ)—14. Living being. ୧୫ । ଯଶଃ; କୀର୍ତ୍ତି

(ବ୍ର. ସ)—15. Fame. ୧୬ । ସଂସାରର ସାଧାରଣ ସ୍ଥିତି ବା ବ୍ୟବହାର—16. The ordinary practice of the world, worldly usage (Apte). ୧୭ । ସାତ ସଂଖ୍ୟା—17. The number seven (Apte) ୧୮ । ଚଉଦ ସଂଖ୍ୟା—18. The number fourteen, (Apte) ୧୯ । ଇହଲୋକ—19, Earthly existence, ଦେ. ବ—୧ । ଭୃତ୍ୟ; ଅନୁଚର; ଚାକର—1. Servant; attendant.

ଲୋକ
लोक

[ଯଥା—ଯେବେ ଦୃଢମୂଳ ହେବ ଏ ରାଜ୍ୟଭାର, ତେବେ ପାଣ୍ଡୁପୁତ୍ରେ ଇହିବେ ହୋଇ ଲୋକ ।] ୨ । କାମ କରିବା ବ୍ୟକ୍ତି—2. A working hand. ୩ । ମୂଲିଆ; ମଜୁରିଦାର, କୁଲି—3, A day-labourer; coolie; workman. [ଯଥା—ନୃପଙ୍କର ଲୋକ ସବୁଏ କରି ଯେତ, ଅସିଲେ ଯୁଧିଷ୍ଠିରଙ୍କ ସଭାଧାମ । କୃଷ୍ଣସିଂହ ମହାଭାରତ· ସଭାପର୍ବ] ୪ । ନିଜେ; ସ୍ୱୟଂ (ଅପଣାକୁ ତୃତୀୟ ପୁରୁଷରେ ବ୍ୟବହାର କରି ବାକ୍ୟରେ) ବ୍ୟବହୃତ—

ମାନୁଷ
आदमी

4, One's self; one [ଯଥା—ଦିନ ସଞ୍ଜ ହେଲା ବସି ବସି ଲୋକ ବଲକୁ ହେଲାଣି, ତେବେ ସୁଦ୍ଧା ତାଙ୍କ ମନରେ ଦୟା ଉପୁଜୁ ନାହିଁ] ୫ । ଜନସମାଜ; ସର୍ବସାଧାରଣ—5. The public; the human society; the society of human beings, ୬ । ରକ୍ଷିତା ସ୍ତ୍ରୀ—6, Concubine. [ଯଥା—ଲୋକ ରଖିବା]

ଲୋକ ଅଗ୍ରର—ଦେ. ବ (ସ. ଲୋକାଗ୍ରର)—ଲୋକାଗ୍ରର (ଦେଖ)
Loka-āchāra Lokāchāra (See) (ଯଥା—ବାହୁଡି
লোকাচার लोकाचार ମାଡଳ ଯାଇ, ରଥଚେସନ ଅଙ୍ଗାଗାଇ, ଦ୍ୱାରୀଷଣ ଶୋକ କହି, ଲୋକ ଅଗ୍ରରେ—ଉଛ· ବୈଦେହୀଶବିଳାସ ।)

ଲୋକ କଣ୍ଟକ—ସ. ବ (୬ଷ୍ଠୀ ତତ)—୧ । ସମାଜର ହାନିକାରକ ବ୍ୟକ୍ତି
Loka kaṇṭaka 1. Atroublesome or wicked person; the curse of mankind (Apte) ୨ । ରାବଣ—2. An epithet of Rābaṇa(Apte) ସ. ବଣ—ସମାଜର ହାନିକାରକ-Injurious to the society.

ଲୋକ କଥା—ସ. ବ (୬ଷ୍ଠୀ ତତ)—କିମ୍ବଦନ୍ତୀ—
Loka kathā Popular legend (Apte)

ଲୋକକର(କୃତ୍)—ସ. ବ (ଲୋକ+କୃ ଧାତୁ+କର୍ତ୍ତୃ.ଅ+କ୍ୱିପ୍)—
Lokakara(krut) ସୃଷ୍ଟିକର୍ତ୍ତା—The Creater of the world (Apte),

ଲୋକ କାନ୍ତ—ସ. ବଣ (୬ଷ୍ଠୀ ତତ)—ଲୋକସମାଜରେ ଆଦୃତ;
Loka kānta ଲୋକପ୍ରିୟ—Liked by the people; popular (Apte).

ଲୋକ କାନ୍ତା—ସ. ବ (ବୈଦିକ)—ଲୃଙ୍କି ନାମକ ଔଷଧି ଜନ—
Loka kāntā A kind of rare medicinai root,

ଲୋକ କ୍ଷିତି—ସ ବଣ—୧ । ସ୍ୱର୍ଗଲୋକନିବାସୀ (ବ୍ର. ସ)—
Loka kshiti Inhabiting the heaven.

ଲୋକ ଗଣତି—ଦେ. ବ (ସ. ଲୋକ ଗଣନା)—କୌଣସି ସ୍ଥାନରେ
Loka gaṇati ଲୋକଙ୍କ ସଂଖ୍ୟା ସ୍ଥିରୀକରଣ; ସେନ୍‌ସସ୍—
লোক গ(গু)নতী लोक गिनती Counting of people of a place; census.

ଲୋକ ଗଣନା—ସ. ବ (୬ଷ୍ଠୀ ତତ୍)—ଲୋକ ପ୍ରମାଣ; ଲୋକ ସଂଖ୍ୟା
Loka gaṇanā ସ୍ଥିର କରିବା; କେତେ ମନୁଷ୍ୟ ଅଛନ୍ତି ତାହା ଗଣିକି କରିବା—Census. (ସପ୍ତମୀ ତତ୍)—ସାଧାରଣ ଲୋକଙ୍କ ଅଭିମତ—Popular estimation.

ଲୋକ ଗହଳ(ଳି)—ଦେ. ବ—ଲୋକ ସମାଗମ; ଜନତା; ଭିଡ—
Loka gahaḷa(ḷi) ভীড় भीड Crowd.

ଲୋକ ଗାଥା—ସ. ବ (୬ଷ୍ଠୀ ତତ୍)—ସାଧାରଣ ଜନସମାଜରେ ବହୁ
Loka gāthā କାଳରୁ ଚଳି ଅସୁଥିବା ଗୀତ—A song handed down among people (Apte). a popular song handed down from father to son;

ଲୋକ ଚକ୍ଷୁଃ—ସ. ବ—୧ । (୬ଷ୍ଠୀ ତତ୍) ସାଧାରଣ ବ୍ୟକ୍ତିଙ୍କ ଦୃଷ୍ଟି;
Loka chakshuḥ ଲୋକସମାଜର ଦୃଷ୍ଟି—1. Public
লোকচক্ষু लोक चक्षु gaze; the sight or the public, [ଲୋକ ଲୋଚନ—ଅନ୍ୟରୂପ] the eyes of the public [ଲୋକ ଚକ୍ଷୁ—ଦେଶଜରୂପ] [ଯଥା—ସେ ଲୋକଚକ୍ଷୁ ଅନ୍ତରାଳରେ ନାନା ଅନ୍ୟାୟ କରୁଅଛି ।] ୨ । (ଲୋକ=ଜଗତର +ଚକ୍ଷୁଃ=ଅକ୍ଷିସ୍ୱରୂପ] ସୂର୍ଯ୍ୟ—2, The sun.

ଲୋକ ଚକ୍ଷୁର ଅଗୋଚର—ଦେ· ବଣ—ଯାହା ସର୍ବସାଧାରଣଙ୍କ ଦୃଷ୍ଟିରେ
Loka chakshura agochara ପଡ଼େ ନାହିଁ—Not
লোক চক্ষুর অগোচর visible to the eyes of the world,
लोक चक्षुके अगोचर

ଲୋକ ଚକ୍ଷୁର ଅଗୋଚରରେ—ଦେ· କ୍ରି. ବଣ—ମନୁଷ୍ୟଙ୍କ ଦେଖା ନ
Loka chakshura agocharare ଯିବ ବା ଲୋକେ ନ
লোক চক্ষুর অগোচরে ଦେଖିବେ, ଏପରି ଭାବରେ କୌଣସି କାର୍ଯ୍ୟ
लोक चक्षुके अगोचरमे କରିବା ପ୍ରକାରେ; ଗୋପନରେ—(To do [ଲୋକ ଚକ୍ଷୁର ଅନ୍ତରାଳରେ—ଅନ୍ୟରୂପ] a thing) In secret or away from the gaze of the public.

ଲୋକ ଚରିତ୍ର—ସ. ବ(୬ଷ୍ଠୀ ତତ୍)—ମନୁଷ୍ୟ ଚରିତ୍ର; ମାନବ ପ୍ରକୃତି—
Loka charitra Human nature; man's nature

ଲୋକ ଚରିତ—ସ. ବ—ସଂସାରର ଢଙ୍ଗ—
Loka charitra The ways of the world (Apte).

ଲୋକ ଜଣ(ନ)—ଦେ. ବ—ଏକାଧିକ ଲୋକ; ଲୋକବାତ—Many
Loka jaṇa (na) persons; more than one person.
লোকজন आदामी लोग

ଲୋକ ଜନନୀ—ସ. ବ (୬ଷ୍ଠୀ ତତ୍)—ଲକ୍ଷ୍ମୀ—
Loka janani An epethet of Lakshmi.

ଲୋକଜିତ୍—ସଂ. ବି (ଲୋକ+ଜି. ଧାତୁ+କ୍ୱିପ୍)—ଲୋକଜୟକାରୀ;
Lokajit ପୃଥିବୀଜୟକାରୀ—Victorious in the
[ଲୋକ ଜେତୃ—ଅନ୍ୟ ବି. ରୂପ] world. ବି—ବୁଦ୍ଧଦେବ—
A name of the Buddha.

ଲୋକତଃ—ସଂ. କ୍ରି. ବିଣ (ଲୋକ+ତସ୍)—୧ । ସାଧାରଣତଃ—
Lokataḥ 1. Popularly. ୨ । ମନୁଷ୍ୟ ସମାଜର ବ୍ୟବହାର
ବା ବ୍ୟବହାର ଅନୁସାରେ—2. According to
common usage.

ଲୋକ ତୁଷାର—ସଂ. ବି (ମ. ପ. ଲୋ)—କର୍ପୂର—
Loka tushāra Camphor.

ଲୋକତ୍ରୟ(ୟୀ)—ସଂ. ବି (ସମାହାର ଦ୍ୱନ୍ଦ)—ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ
Lokatraya (yī) ଏ ତିନି ଲୋକର ସମାହାର—The heaven,
the earth and the nether regions taken
collectively.

ଲୋକ ଦୃଷ୍ଟି—ସଂ. ବି (୬ଷ୍ଠୀ ତତ୍)—୧ । ଲୋକ ଚକ୍ଷୁଃ (ଦେଖ)—
Loka drushṭi 1. Loka chakshuḥ (See). ୨ । ସାଧାରଣଙ୍କଦ୍ୱାରା କୌଣସି ବସ୍ତୁ ଦୃଷ୍ଟ ହେବା—2. Public
view. ୩ । ଜନସାଧାରଣଙ୍କ ଆଦର—3. Public
estimation.

ଲୋକ ଦେଖାଣି(ଣିଆ)—ଦେ. ବିଣ—ଲୋକମାନଙ୍କୁ ଦେଖାଇବା ପାଇଁ
Lokadekhāṇi(ṇiā) ବାହ୍ୟକ (କ୍ରିୟାମାନ)—(Action
लोक देखानी Done to draw public gaze or
লোকদেখান notice to one's own self.

ଲୋକଧାରିଣୀ—ସଂ. ବି—(ଉପପଦ)—ପୃଥିବୀ (ହି. ସ)—
Lokadhāriṇī The earth.

ଲୋକ ଧ୍ୱନି—ସଂ. ବି (୬ଷ୍ଠୀ ତତ୍)—ଜନରବ—
Loka dhwani Rumour.

ଲୋକନ—ସଂ. ବି (ଲୋକ୍ ଧାତୁ+ଭାବ.ଅନ)-୧। ଦର୍ଶନ; ଅବଲୋକନ;
Lokana ଦେଖିବା—1. Seeing; viewing. ୨ ।
ଦୃଷ୍ଟି—2. Vision. ଦେ. ବି—ଲୋକନ(ନି) (ଦେଖ)—
Lokana(ni) (See)

ଲୋକନ(ନି)—ଦେ. ବି (ଅଦରାର୍ଥକ) ଲୋକନାଥର ଡାକନାମ—
Lokanani Name for calling Lokanātha.

ଲୋକା(କୋ)ଇ, ଲୋକ, ଲୋକୁ, ଲୋକେଇ —ଅନ୍ୟରୂପ; ଲୋକା, ଲୋ ଅ, ଲୋକୁଅ —ଅନାଦରାର୍ଥକ ରୂପ

ଲୋକ ନ(ଲ)ଉକର—ଦେ. ବି (ଏକାର୍ଥକ ସହଚର, ସଂ. ଲୋକ; ଫା. ନୌକର)—ଲୋକବାକ; ଚାକରବାକର;
Loka na(la)ukara
ଲୋକନୌକର, ଲୋକନୱର —ଅନ୍ୟରୂପ
ଲୋକନସ୍ୱର—Servants and labourers a person's;
লোকনোকর, চাকর বাকর attendants and servants.
आदमी नौकर

ଲୋକନ କରିବା—ଦେ (ପଦ୍ୟ) କ୍ରି—ଦେଖିବା—To see. [ଉ—
Lokana kariba ମାଲତେ ହମରଗୁ ଲୋକନ କରି,
লোকন করা लोकन करना ଏକାଳେ ବଦେଶ ତ
ଲୋକ ନ କର ଉ. ଲାବଣ୍ୟବତୀ ।]

ଲୋକନାଥ—ସଂ. ବି [୬ଷ୍ଠୀ ତତ୍; ଲୋକ+ନାଥ]—୧ । ଜଗତ୍ପତି;
Lokanātha ପରମେଶ୍ୱର—1. God. ୨ । ଶିବ;
ମହାଦେବ—2. Śiba, ୩ । ବ୍ରହ୍ମା—3. Brahmā.
୪। ବିଷ୍ଣୁଙ୍କର ନାମ-4. A name of Bishṇu(ଯଥା—
ଲୋକବନ୍ଧୁର୍ଲୋକନାଥଃ ମାଧବୋ ଭକ୍ତବତ୍ସଲଃ-ସହସ୍ରନାମ)
୫ । ବୁଦ୍ଧ ଦେବ—5. The Buddha. ୬ । ନର-
লোকনাথ ନାଥ; ରାଜା—6. A king. ଦେ. ବି. ପୁଂ—୧ ।
लोकनाथ ମନୁଷ୍ୟଙ୍କର ନାମ—1. A name given to
males. ୨ । ପୁରୁଷୋତ୍ତମ ସୀମାମଧ୍ୟସ୍ଥ ଶିବଲିଙ୍ଗଙ୍କ
ନାମ—2. Name of an idol of Śiba in the
town of Purī. [ଦ୍ର—ଏ ଶିବଙ୍କ ଜଗନ୍ନାଥ
ମହାପ୍ରଭୁଙ୍କ ମନ୍ଦିରଠାରୁ ୧ ମାଇଲ୍ ଦୂରରେ ଅବସ୍ଥିତ । ଏ
ଅନାଦି ଶିବଲିଙ୍ଗ । ବୈଶାଖମାସ ସବୁ ସୋମବାର ଓ
ଶିବରାତ୍ରି ଦିନ ଏଠାରେ ବଡ଼ ମେଳା ହୁଏ ।]

ଲୋକନାଥ ଦାସ—ଦେ. ବି. (ନାମ)—ଉଦ୍ଦିଷ୍ଟ ନିବାସୀ ବୈଦେହୀଶ
Lokanātha dāsa ବିଳାସର ପ୍ରସିଦ୍ଧ ଟୀକାକାର—One of
the well-known commentators of
Baidehīśabilāsa of Upendra bhañja.

ଲୋକନାଥ ନାୟକ—ଦେ. ବି. (ନାମ)—ପ୍ରାଚୀନ ଉତ୍କଳର ଜଣେ
Lokanātha nāyaka ପ୍ରସିଦ୍ଧ ଗଣିତଜ୍ଞ; [ଏ ଖଡ଼ି ଲୀଳାବତୀ
ନାମକ ଗଣିତ ପୁସ୍ତକର ପ୍ରଣେତା—ତାରଣୀ. ଉ. ସା.
ଇତିହାସ ।]—A celebrated mathematician of ancient Utkal; author of
Khaṛdi Līlābatī.

ଲୋକନାଥ ବିଦ୍ୟାଧର—ଦେ. ବି. (ନାମ)—ପ୍ରସିଦ୍ଧ ଓଡ଼ିଆ କବି—
Lokanātha bidyādhara [ଦ୍ର—ଏହାଙ୍କ ବାସସ୍ଥାନ
ଖୋରଧା ବାଣପୁର । ଚନ୍ଦ୍ରକଳା, ସର୍ବାଙ୍ଗସୁନ୍ଦରୀ, ଚନ୍ଦ୍ରପ୍ରଭା,
ପଦ୍ମକଳା ଓ ରସକଳା ଏହାଙ୍କ ରଚିତ କାବ୍ୟ—ତାରଣୀ.
ଉ. ସା. ଇତିହାସ ।] An ancient Oriya poet
and author of a number of romances
in poetry.

ଲୋକ ନାୟକ—ସଂ. ବି. ପୁଂ (ଆଧୁନିକ ପ୍ରୟୋଗ, ୬ଷ୍ଠୀ ତତ୍)—
Loka nāyaka ଲୋକମାନଙ୍କର ନେତା; ଜନସମାଜର ନେତା—
[ଲୋକନେତା—ଅନ୍ୟରୂପ] A leader of men; a
[ଲୋକନାୟିକା, ଲୋକନେତ୍ରୀ—ସ୍ତ୍ରୀ] a social leader.

ଲୋକ ନିନ୍ଦା—ସଂ. ବି (ମ. ପ. ଲୋ; ଲୋକସମାଜରେ ପ୍ରଚଳିତ
Loka nindā ନିନ୍ଦା)—ଲୋକସମାଜରେ ମନୁଷ୍ୟ ନାମରେ
ରଟିବା କଳଙ୍କ ବା ଅପବାଦ—Public scandal;
public censure; calumny.

ଲୋକନୀୟ—ସ. ବଣ (ଲୋକ୍ ଧାତୁ + କର୍ମ. ଅନୀୟ)—୧ । ଦର୍ଶନୀୟ;
Lokaniya ଦର୍ଶନଯୋଗ୍ୟ—1. Fit to be seen visible. ୨ । ମନୋଜ୍ଞ; ସୁନ୍ଦର—2. Agreeable to the sight; beautiful.

ଲୋକନ୍ଦର—ସ. ବଣ. ପୁ° (ଲୋକ°=ସମାଜକୁ + ଦୃ ଧାତୁ; ବଦାରଣ
Lokandara କରିବା + କର୍ତ୍ତୃ. ଅ)—କାମୁକ; ଲମ୍ପଟ; ନଷ୍ଟ-
(ଲୋକନ୍ଦରା—ସ୍ତ୍ରୀ) ଚରିତ୍ର—Lascivious; immoral; adulterous; libidinous.

ଲୋକପ—ସ. ବ. ପୁ° (ଲୋକ + ପା ଧାତୁ + କର୍ତ୍ତୃ. ଅ)—୧ । ବ୍ରହ୍ମା
Lokapa (ହ୍ର. ଶ)—1. Brahmā. ୨ । ଲୋକପାଳ
[ଲୋକପତି—ଅନ୍ୟରୂପ] (ଦେଖ) (ହ୍ର. ଶ)—2. Lokapāla (See) ୩ । ରାଜା (ହ୍ର. ଶ.)—3. A king.

ଲୋକ ପାବନ—ସ. ବଣ. ପୁ°—ଯେ ତ୍ରିଲୋକ ବା ଜଗତକୁ ପବିତ୍ର
Loka pābana କରେ ବା ଉଦ୍ଧାର କରେ—Purifying the three worlds.
[ଲୋକ ପାବନୀ—ସ୍ତ୍ରୀ]

ଲୋକ ପାଳ—ସ. ବ (ଲୋକ + ପାଳ ଧାତୁ + କର୍ତ୍ତୃ. ଅ)—୧ । ରାଜା
Loka pāla 1. A king. ୨ । ଦିକ୍‌ପାଳ; ପୃଥିବୀର ଆଠ ଦିଗରେ ପୃଥିବୀକୁ ଜଗିଥିବା ଆଠଜଣ ଦେବତା—2. Eight Deities considered as the regents of the eight quarters of the earth. [ଯଥା—ଇନ୍ଦ୍ର, ପୂର୍ବଦିଗର, ଅଗ୍ନି. ଦକ୍ଷିଣ ପୂର୍ବକୋଣର, ଯମ. ଦକ୍ଷିଣଦିଗର, ବରୁଣ. ପଶ୍ଚିମଦିଗର, ସୂର୍ଯ୍ୟ ନୈର୍‌ତ ବା ଦକ୍ଷିଣ ପଶ୍ଚିମ କୋଣର, ବାୟୁ. ଉତ୍ତର ପଶ୍ଚିମ କୋଣର, କୁବେର. ଉତ୍ତରଦିଗର, ଶିବ. ବା ସୋମ ବା ଈଶାନ ଉତ୍ତର ପୂର୍ବର ଦିକ୍‌ପାଳ ଅଟନ୍ତି ।] ୩ । ଅବଲୋକିତେଶ୍ୱର ବୋଧିସତ୍ତ୍ୱଙ୍କ ଏକ ନାମ (ହ୍ର. ଶ)—3. A name of Abalokiteśwara Buddha.

ଲୋକ ପାଳକ—ସ. ବ (୬ଷ୍ଠୀ ତତ୍)—ରାଜା—
Loka pālaka King.

ଲୋକ ପାଳନ—ସ. ବ (୬ଷ୍ଠୀ ତତ୍)—୧ । ଜଗତ୍ ପ୍ରାଣୀପାଳନ—
Loka pālana 1. Maintaining the created beings. ୨ । ରାଜାଙ୍କଦ୍ୱାରା ପ୍ରଜାପାଳନ; ରାଜ୍ୟର ସୁଶାସନ—2. The good governance of people by a king. ୩ । ବ୍ରହ୍ମା—3. Brahmā. ୪ । ବିଷ୍ଣୁ—4. Bishnu. ୫ । ରାଜା—5. A king.

ଲୋକ ପିତାମହ—ସ°. ବ. ପୁ° (୬ଷ୍ଠୀ ତତ୍)—ବ୍ରହ୍ମା—
Loka pitāmaha God Brahmā.

ଲୋକ ପୀଡ଼ା—ସ°. ବ (୬ଷ୍ଠୀ ତତ୍)—ଅତ୍ୟାଚାର—Oppression.
Loka pirdā [ଉ—ଲୋକ ପୀଡ଼ା ନ କର ଅରଜନ ଧନ—କୃଷ୍ଣସିଂହ. ମହାଭାରତ. ବନ ।]

ଲୋକ ପ୍ରବାଦ—ସ. ବ (୬ଷ୍ଠୀ ତତ୍ ବା ମ. ପ. ଲୋ)—୧ । ଜନ-
Loka prabāda ଶ୍ରୁତି—1. Rumour; tradition. ୨ । ସାଧାରଣ ବିଶ୍ୱାସ—2. A popular belief

ଲୋକ ପ୍ରବାହ—ସ. ବ (୬ଷ୍ଠୀ ତତ୍)—୧ । ଜନସ୍ରୋତ; ଧାଡ଼ି । ଧାଡ଼ି
Loka prabāha ଲାଗିଥିବା ମନୁଷ୍ୟ—1. Rush of people; people passing like a current. ୨ । ଜନତା 2. A crowd of men.

ଲୋକ ପ୍ରସିଦ୍ଧ—ସ°. ବଣ.ପୁ°(୭ମୀ ତତ୍)—ଜଗଦ୍‌ବିଖ୍ୟାତ; ବିଶ୍ୱବିଶ୍ରୁତ
Loka prasiddha —World-renowned,

ଲୋକ ପ୍ରସିଦ୍ଧି—ସ°. ବ (୭ମୀ ତତ୍)—ଜଗତରେ ଖ୍ୟାତି—
Loka prasiddhi World-wide celebrity,

ଲୋକ ପ୍ରିୟ—ସ°. ବଣ. ପୁ° (୬ଷ୍ଠୀ ତତ୍)—ଜନପ୍ରିୟ; ସାଧାରଣଙ୍କର
Loka priya ପ୍ରୀତିଭାଜନ—Beloved of the people; loved by the public; popular.
[ଲୋକପ୍ରିୟା—ସ୍ତ୍ରୀ)
[ଲୋକ ପ୍ରିୟତା—ବ]

ଲୋକ ପ୍ରୀତି—ସ°. ବ—ଲୋକାନୁରାଗ (ଦେଖ)
Loka priti Lokānurāga (See

ଲୋକ ଫୁଲ—ପ୍ରାଦେ (ଯାଜପୁର) ବ—ବବାହ ମୁକୁଟର ମୂର୍ଦ୍ଧାପାଖେ
Loka phula ଓହଳଥିବା ସୋଲଫୁଲର ମାଳ—The garland of cork-flowers attached to a bridal coronet.

ଲୋକ ବଚନ—ଦେ° ବ—ଲୋକନିନ୍ଦା; ଜନାପବାଦ—Slander;
Loka bachana calumny. [ଉ—କେବଳ ଲୋକ ବଚନକୁ ଭୋ ଦେବ ! କଲ ମୁଁ କାରୁଣ୍ୟ—ବିଶ୍ୱନାଥ ଖୁଣ୍ଟିଅ. ବିଚିତ୍ର ରାମାୟଣ ।] ସ°. ବ—ଜନରବ —Rumour (Apte)
লোক নিন্দা
लोक निंदा
[ଲୋକବାର୍ତ୍ତା—ଅନ୍ୟ ସ. ରୂପ]

ଲୋକ ବତ୍ସଳ—ସ. ବଣ. ପୁ°—୧ । ପ୍ରଜାଙ୍କ ପ୍ରତି ସ୍ନେହଶୀଳ; ପ୍ରଜା-
Loka batsala ବତ୍ସଳ—1. Loving the subjects.
[ଲୋକ ବତ୍ସଳା—ସ୍ତ୍ରୀ] loving the people. ୨ । ଲୋକ ବନ୍ଧୁ—2. Philanthropic. ବ—ବିଷ୍ଣୁଙ୍କ ନାମ—Name of Bishṇu.
ଲୋକ ବତ୍ସଳତା } ବ
ଲୋକବାତ୍ସଲ୍ୟ }

ଲୋକ ବନ୍ଧୁ—ସ. ବଣ (୬ଷ୍ଠୀ ତତ୍) ବିଶ୍ୱହିତୈଷୀ—Philanthrop-
Loka bandhu ic. ବ—୧ । ବିଷ୍ଣୁଙ୍କର ନାମ—1. A name of Bishṇu. ୨ । ସୂର୍ଯ୍ୟ—2. A name of the sun. ୩ । ଶିବ (ହ୍ର. ଶ)—3. Śiba. ୪ । ବିଶ୍ୱହିତୈଷୀ ବ୍ୟକ୍ତି—4. Aphilantheropist.

ଲୋକ ବହିର୍ଭୂତ—ସ. ବ—ଲୋକାତୀତ (ଦେଖ)
Loka bahirbhūta Lokātita (See)

ଲୋକ ବାକ—ଦେ. ବ (ଅନର୍ଥକ ଧ୍ୱନ୍ୟନୁକାରୀ ୨ୟ ଶବ୍ଦ)—
Loka bāka ୧ । ଏକାଧିକ ଲୋକ—1. Many people. [ଉ—ଶରଣ୍ଟିସ୍ ଜାତ ପ୍ରାୟେ ବାଣ୍ଟେ ଲୋକବାକ—ମଧୁସୂଦନ ।] ୨ । ସଙ୍ଗେ ଥିବା ଏକାଧିକ ଚାକର; ଚାକର ବାକର—2. Attendants; retinue; a body of attendants.
গোকজন
आदमी उदमी

ଲୋକ ବାଦ—ସ°. ବ (୬ଷ୍ଠୀ ତତ୍)—୧ । ଲୋକ ପ୍ରବାଦ (ଦେଖ)
Loka bāda 1. Loka prabāda (See) ୨ । ଲୋକାପ-

ବାଦ; ଜନାପବାଦ—2. Calumny; scandal. [ଉ—ଏ ଲୋକବାଦ ମହାଭୟେ । କରନ୍ତି କେବଳ ଉପାୟେ—ଜଗନ୍ନାଥ. ଭାଗବତ ।]

ଲୋକ ବାନ୍ଧବ—ସଂ. ବି (୬ଷ୍ଠୀ ତତ୍)—ଦିନବାନ୍ଧବ; ସୂର୍ଯ୍ୟ—
Loka bāndhaba The sun.

ଲୋକ ବାହିତ—ସଂ. ବି (୩ୟା ତତ୍)—ଯାହା (ଯେଉଁ ଯାନ)କୁ
Loka bāhita ମନୁଷ୍ୟମାନେ ବହନ କରନ୍ତି-(a conveyance) Drawn or carried by men.

ଲୋକ ବାହ୍ୟ—ସଂ. ବିଣ—୧ । (୫ମୀ ତତ୍) ଲୋକବହିର୍ଭୂତ;
Loka bāhya ନୃଷ୍ଟିଛଡ଼ା—1. Contrary to established custom. ୨। ଧର୍ମଭ୍ରଷ୍ଟ—2. Apostatised. ୩ । (୩ୟା ତତ୍) ମନୁଷ୍ୟଦ୍ୱାରା ବହନୀୟ (ଯାନ)— 3. (conveyance) Fit to be borne or drawn by men.

ଲୋକ ବିଗର୍ହିତ—ସଂ. ବିଣ (୩ୟା ତତ୍)—୧ । ଲୋକାଚାରର ବିରୁଦ୍ଧ
Loka bigarhita 1. Contrary to custom. ୨। ଲୋକମତର ବିପରୀତ—2. Contrary to public opinion.

ଲୋକ ବିଦ୍ୱିଷ୍ଟ—ସଂ. ବିଣ. ପୁଂ (୩ୟା ତତ୍)—ଜନସାଧାରଣ ଯାହାକୁ
Loka bidwishta ଘୃଣା ପାଆନ୍ତି ନାହିଁ—Universally (ଲୋକ ବିଦ୍ୱିଷ୍ଟା—ସ୍ତ୍ରୀ) disliked (Apte).

ଲୋକ ବିଦ୍ୱେଷ—ସଂ. ବି (—୧ । (୬ଷ୍ଠୀ ତତ୍) ଜନ ସାଧାରଣଙ୍କର
Loka bidwesha ବିରାଗ—1. Dislike of the [ଲୋକବିରାଗ—ଅନ୍ୟରୂପ] general public. ୨। (୪ର୍ଥୀତତ୍) ଲୋକଙ୍କ ପ୍ରତି ବିରାଗ ଭାବ—2. Misanthropy.

ଲୋକବିଦ୍ୱେଷୀ—ସଂ. ବିଣ ଓ ବି. ପୁଂ (୬ଷ୍ଠୀ ତତ୍)—ଯେଉଁ ବ୍ୟକ୍ତି
Lokabidweshī ଲୋକଙ୍କୁ ଘୃଣା କରେ—Misanthropic; (ଲୋକବିରାଗୀ—ଅନ୍ୟରୂପ) a misanthrope. [ଲୋକବିଦ୍ୱେଷିଣୀ, ଲୋକବିରାଗିଣୀ—ସ୍ତ୍ରୀ]

ଲୋକ ବିମୋହନ—ସଂ. ବି (୬ଷ୍ଠୀ ତତ୍)—ଲୋକମାନଙ୍କୁ ମୁଗ୍ଧ
Loka bimohana କରିବା—Fascinating the people. ବିଣ. ପୁଂ—ଲୋକମୁଗ୍ଧକର—Fascinating the people.

ଲୋକ ବିରାଗ—ସଂ. ବି (୬ଷ୍ଠୀ ତତ୍)—ଲୋକସାଧାରଣଙ୍କର କୌଣସି
Loka birāga ବ୍ୟକ୍ତିପ୍ରତି ଅପ୍ରୀତି—Displeasure of the public.

ଲୋକ ବିଶ୍ରୁ(ଖ୍ୟା)ତ—ସଂ. ବିଣ (୭ମୀ ତତ୍)—ଲୋକ ପ୍ରସିଦ୍ଧ (ଦେଖ)
Loka bisru(khyā)ta Loka prasiddha. (See) (ଲୋକବିଶ୍ରୁତ—ବି)

ଲୋକ ବୃତ୍ତ—ସଂ. ବି (୬ଷ୍ଠୀ ତତ୍)—୧ । ସଂସାରରେ ଚଳୁଥିବା ରୀତି—
Loka brutta 1. The ways of the world; custom prevailing in the world. (Apte) ୨ । ବୃଥା ଗପ—2. Gossip; idle talk. (Apte)

ଲୋକ ବ୍ୟବହାର—ସଂ. ବି (୬ଷ୍ଠୀ ତତ୍)—୧ । ଲୌକିକାଚାର—
Loka byabahāra 1. A popular usage or (ଲୋକ ବୃତ୍ତାନ୍ତ—ଅନ୍ୟରୂପ) custom. ୨ । ସଂସାରର ରୀତି-ଗତି—2. The ways of the world; course of events. (Apte) ସଂ. ବିଣ—ସାଧାରଣତଃ ପ୍ରଚଳିତ—Universally current. (Apte)

ଲୋକ ବ୍ରତ—ଦେ. ବି—୧ ଲୋକସେବାରୂପ ବ୍ରତ—1. A vow
Loka brata of serving the public. ୨ । ନରନାରୀଙ୍କ
लोकसेवा व्रत କର୍ତ୍ତବ୍ୟ ଧର୍ମାନୁଷ୍ଠାନ—2. Any religious
लोकसेवाव्रत vow to be observed by men. ୩
ସଂସାରର ରୀତି—3. General practice or way of the world. (Apte)

ଲୋକ ବ୍ରାତ—ସ.ବି(୬ଷ୍ଠୀ ତତ୍)—ଲୋକସମୂହ—The people.
Loka brāta [ଉ—ପ୍ରବୁଧ ହେଲେଣି ସେ ଦେଶ ଲୋକବ୍ରାତ । କୃଷ୍ଣସିଂହ. ମହାଭାରତ. ସଭା ।]

ଲୋକ ଭୟ—ସଂ. ବି (୫ମୀ ତତ୍)—ଜନାପବାଦର ଭୟ—
Loka bhaya Fear of public opinion.

ଲୋକ ଭୁଲାଣିଆ—ଦେ. ବିଣ—ଲୋକଙ୍କୁ କଥାରେ ଭୁଲାଇ ଦେବାପାଇଁ
Loka bhulānia ଉଦ୍ଦିଷ୍ଟ ବା ଅଭିପ୍ରେତ—Meant to
লোক ভুলান mislead people; misleading.
लोकभुलानेवाला

ଲୋକ ମଣ୍ଡଳ—ସଂ. ବି (୬ଷ୍ଠୀ ତତ୍) —୧ । ସଂସାରମଣ୍ଡଳ; ସମସ୍ତ
Loka mandala ପୃଥିବୀ—1. The whole world. ୨ । ଜନସମାଜ—2. The human society; the mankind. ୩ । ଲୋକସମୂହ; ଜନତା—3. A gathering of people.

ଲୋକ ମତ—ସଂ. ବି (୬ଷ୍ଠୀ ତତ୍)—ଜନସାଧାରଣଙ୍କ ଅଭିମତ—
Loka mata Public opinion, popular opinion, (ଲୋକାଭିମତ—ଅନ୍ୟରୂପ) people's voice.

ଲୋକମତ ବିରୋଧୀ—ସଂ. ବିଣ (୬ଷ୍ଠୀ ତତ୍)—ଜନ ସାଧାରଣଙ୍କ
Lokamata birodhī ଅଭିମତର ପ୍ରତିକୂଳ—Contrary (ଲୋକମତ ବିରୁଦ୍ଧ—ଅନ୍ୟରୂପ) to public opinion, done in violation of public opinion.

ଲୋକ ମର୍ଯ୍ୟାଦା—ସଂ. ବି (୬ଷ୍ଠୀ ତତ୍)—ଲୋକ ସମାଜରେ ପ୍ରଚଳିତ
Loka marjyādā ରୀତି—Established custom (ଲୋକମାର୍ଗ—ଅନ୍ୟରୂପ) or ways. (Vpte)

ଲୋକ ମାତା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍, ଲୋକମାତୃ, ୧ମା· ୧ବ]—
Loka mātā କମଳା; ମହାଲକ୍ଷ୍ମୀ—The Goddess of wealth.

ଲୋକ ମୁକୁଟ-ପ୍ରାଦେ. (ସାକ୍ଷୀଗୋପାଳ) ବି—ଯେଉଁ ପ୍ରକୋଷ୍ଠରେ ବିଗ୍ରହଙ୍କ
Loka mukuta ଅଙ୍ଗର ବର୍ଣ୍ଣ ହୋଇଥାଏ ତହିଁର କାନ୍ଥରେ ପଥରରେ କଳା ଲଗାଯାଇ ତା ଉପରେ ବଣାଯିବା ଚିତା ବା ଝୋଟି—
The paint or jhoti which is put on

a wall of the room in which marriage or sacred thread rites are to be performed.

ଲୋକ ମୁଖ—ସଂ. ବି (୬ଷ୍ଠୀ ତତ୍)—୧ । ସର୍ବସାଧାରଣଙ୍କ ମୁଖ ବା ମତ; ଜନମତ—1. The mouth of the public; public opinion. Loka mukha ୨ । ଲୋକଙ୍କ ମୁହଁରୁ ଶୁଣାଯିବା ମତ—2. Report; verbal report.

ଲୋକ ଯାତ୍ରା—ସଂ.ବି.—୧। (୭ମୀ ତତ୍) ଜୀବନ ଯାତ୍ରା;ସଂସାର ଯାତ୍ରା—Loka jātrā 1. Livelihood ୨ । ସଂସାରରେ ଚଳିବା—2. Living; course of life; to live, move and have one's being. ୩ । (୬ଷ୍ଠୀ ତତ୍) ଶୋଭାଯାତ୍ରା; କୌଣସି ଉତ୍ସବାଦି ଉପଲକ୍ଷେ ବହୁଲୋକଙ୍କର ଏକତ୍ର ଗମନ—A public procession.

ଲୋକଯାତ୍ରା ନିର୍ବାହ—ସଂ. ବି (୭ମୀ ତତ୍; ୬ଷ୍ଠୀ ତତ୍)—ଜୀବନଯାତ୍ରା Lokajātrā nirbāha ଚଳାଇବା—Eking out of one's (ଲୋକଯାତ୍ରା ନିର୍ବର୍ତ୍ତନ—ଅନ୍ୟରୂପ) existence.

ଲୋକଯାତ୍ରା ବିଧାନ—ସଂ. ବି (୭ମୀ ତତ୍; ୬ଷ୍ଠୀ ତତ୍)—୧ । ଲୋକ-Lokajātrā bidhāna ଯାତ୍ରା ନିର୍ବାହ—1. Eking out of one's existence. ୨ । ଲୋକଯାତ୍ରା ନିର୍ବାହର ବିଧି ନିର୍ଦ୍ଦେଶକ ନୀତିଶାସ୍ତ୍ର ବିଶେଷ—2. The science of political economy.

ଲୋକ ରକ୍ଷ—ସଂ. ବି. ପୁଂ (ଲୋକ+ରକ୍ଷ୍‌ଧାତୁ+କର୍ତ୍ତୃ. ଅ)—ରାଜା—Lokaraksha (ଲୋକରକ୍ଷକ—ଅନ୍ୟରୂପ) King (Apte)

ଲୋକ ରଖିବା—ଦେ. କ୍ରି.—୧ । ଅପଣାର କାର୍ଯ୍ୟ କରିବାର୍ଥ ଚାକର Loka rakhibā ନିଯୁକ୍ତ କରିବା—1 To entertain or ଲୋକ ରାখা आदमी रखना employ servants or hands for getting one's work done. ୨ । ଦାସୀ ବା ରକ୍ଷିତା ସ୍ତ୍ରୀ ରଖିବା—2. To retain a concubine.

ଲୋକ ରଞ୍ଜକ—ସଂ. ବିଣ. ପୁଂ—ଯେ ପ୍ରଜାଙ୍କୁ ସନ୍ତୁଷ୍ଟ କରେ; Loka rañjaka Pleasing the people; popular.

ଲୋକ ରଞ୍ଜନ—ସଂ. ବି (୬ଷ୍ଠୀ ତତ୍)—ଲୋକ ସାଧାରଣଙ୍କର ପ୍ରୀତି-Loka rañjana ସାଧନ—Act of pleasing the public; popularity (Apte). ସଂ. ବିଣ—ଲୋକରଞ୍ଜକ (ଦେଖ)—Lokarañjaka (See)

ଲୋକ ରବ—ସଂ. ବି (୬ଷ୍ଠୀ ତତ୍)—ଜନରବ—Rumour. Loka raba

ଲୋକ ଲ(ନ)ଉକର(ରି)—ଦେ.ବି(ସଦ୍ଧତବ);ସଂ.ଲୋକ; ଫା. ନୌକର୍) Laka la(na)ukara(ri) ଲୋକବାକ; ଚାକର ବାକର—চাকরবাকর आदमी नौकर Servants and labourers.

ଲୋକ ଲଗା(ଗେ)ଇବା—ଦେ. କ୍ରି—କୌଣସି କାର୍ଯ୍ୟ କରିବାକୁ Loka lagā(ge)ibā ମୂଲିଆଙ୍କୁ ନିଯୁକ୍ତ କରିବା—To engage লোক লগান आदमी लगाना labourers to execute any work

ଲୋକ ଲଜ୍ଜା—ସଂ. ବି—(ମ. ପ. ଲୋ; ଲୋକାପବାଦଜନିତ ଲଜ୍ଜା) Loka lajjā ୧। ଲୋକାପବାଦ—1 Calumny. ୨। ଲୋକାପବାଦ ପ୍ରତି ମନରେ ଭୟ—2, Fear of scandal.

ଲୋକଲଜ୍ଜାର ଭୟ—ଦେ. ବି—ଲୋକାପବାଦ ଭୟ—Fear of Lokalajjāra bhaya public scandal লোকলজ্জার ভয় लोकलज्जाका भय

ଲୋକ ଲସ୍କର—ଦେ. ବି. (ସଂ ଲୋକ ଓ ଫା. ଲସ୍କର୍)—ଲୋକବାକ; Loka laskara ଚାକର ବାକର—Attendants and লোক লস্কর लोक लसकर servants

ଲୋକଲା(ଲ)ଜ୍ୟା—ଦେ. ବି (ସଂ. ଲୋକଲଜ୍ଜା)—Loka lā(la)jyā ଲୋକଲଜ୍ଜା (ଦେଖ)—Loka lajjā (See) লোকলজ্জা लोकल

ଲୋକ ଶିକ୍ଷକ—ସଂ. ବି. ପୁଂ [୬ଷ୍ଠୀ ତତ୍] ୧। ଜନସମାଜର ଶିକ୍ଷାଦାତା Loka śikshaka ବା ଉପଦେଷ୍ଟା—1. A teacher of the society. [ଯଥା—ବୁଦ୍ଧ; ଶଙ୍କରାଚାର୍ଯ୍ୟ; ଖ୍ରୀଷ୍ଟ; ମହମ୍ମଦ; ଶ୍ରୀକୃଷ୍ଣ; ରାମଚନ୍ଦ୍ର ଓ ଚୈତନ୍ୟ] ୨। ଉପଦେଶଦ୍ୱାରା ଧର୍ମପ୍ରବର୍ତ୍ତକ—2. A great religious teacher.

ଲୋକ ଶିକ୍ଷା—ସଂ. ବି [୬ଷ୍ଠୀ ତତ୍] ୧ । ଲୋକଙ୍କୁ ଉପଦେଶ ଦେବା—Loka śikshā 1. Teaching the people. ୨ । ସାଧାରଣ ଲୋକଙ୍କର ବିଦ୍ୟାଶିକ୍ଷା—2. Popular education; mass education ୩ । ଜଣକୁ ଦଣ୍ଡ ଦିଆଯିବା ଦ୍ୱାରା ଜନସାଧାରଣଙ୍କର ଶିକ୍ଷା—3.The lesson learnt by the public by seeing another person's punishment [ଦୃ—ରାମଚନ୍ଦ୍ର ପ୍ରଜାରଞ୍ଜନାର୍ଥ ସୀତାଙ୍କୁ ନିର୍ବାସନ କରିବାଦ୍ୱାରା ଲୋକଶିକ୍ଷା ଦେଲେ । ଅପରାଧୀ ଦଣ୍ଡ ପାଇବାର ଉଦାହରଣ ଦେଖିଲେ ଲୋକଶିକ୍ଷା ହୁଏ, ଅର୍ଥାତ୍ ଲୋକେ ସେହି ଉଦାହରଣ ଦେଖି ଶିଖିପାରନ୍ତି ଯେ, ଅପରାଧ କଲେ ଦଣ୍ଡ ପାଇବାକୁ ହେବ ।

ଲୋକ ଶୂନ୍ୟ—ସଂ. ବିଣ (୬ଷ୍ଠୀ ତତ୍) ୧ । ଯେଉଁଠାରେ କେହି ମନୁଷ୍ୟ Loka śūnya ନ ଥାନ୍ତି—1. Emptied of people. ୨ । ଅଧିବାସୀଶୂନ୍ୟ—2. Depopulated; uninhabited.

ଲୋକ ଶ୍ରେଣୀ—ସଂ. ବି (୬ଷ୍ଠୀ ତତ୍)—୧ । ଲୋକସମୂହ—1. A Loka śreṇī collection of men ୨ । ମନୁଷ୍ୟମାନଙ୍କ ଧାଡ଼ି—2. A row of men.

ଲୋକ୍‌ଶ୍ରୁତି—ସଂ. ବି (ମ. ପ. ଲୋ)—ଜନଶ୍ରୁତି; ପ୍ରବାଦ (ହ୍ର. ଶ) Loka śruti Rumour.

ଲୋକ ସଂଗ୍ରହ—ସଂ ବି—୧। (୬ଷ୍ଠୀ ତତ୍) ସଂସାରର ମଙ୍ଗଳ ବା କଲ୍ୟାଣ Loka saṃgraha 1. The welfare of the world (Apte). ୨ । ସଂସାରର ଲୋକଙ୍କୁ ପ୍ରସନ୍ନ କରିବା [ହ୍ର. ଶ]—2. Pleasing the people.

ସଂ. ବଣ [ବହୁବ୍ରୀହି] ସଂସାରର କଲ୍ୟାଣକାମୀ [ଦ୍ବି. ଗ].
2. Wishing the good of the world.

ଲୋକ ସଂସୃତି—ସଂ. ବି.—ଭାଗ୍ୟ—
Loka samsruti Destiny; fate (Apte).

ଲୋକ ସମାକୀର୍ଣ୍ଣ—ସଂ. ବଣ (୩ୟା ତତ୍)—ଲୋକ ମନୁଷ୍ୟଙ୍କ ଦ୍ଵାରା
Loka samākirnna ପୂର୍ଣ୍ଣ (ସ୍ଥାନ)—Filled with people; crowded(place).

ଲୋକ ସମାଗମ—ସଂ. ବ (୬ଷ୍ଠୀ ତତ୍)—ଜନସମାଗମ; ଜନତା; ଭିଡ଼—
Loka samāgama Crowd; rush; a gathering of people.
[ଲୋକସଙ୍ଘ (ସଙ୍ଘେ)ଇନ—ଅନ୍ୟରୂପ]

ଲୋକ ସମାଜ—ସଂ ବ (୬ଷ୍ଠୀ ତତ୍)—ଜନସମାଜ; ଲୋକସମୂହ-
Loka samāja The human society.

ଲୋକସାକ୍ଷିକ—ସଂ. ବଣ—(ହିନ୍ଦୁ ଆଇ) ଯେଉଁ ଦଲିଲରେ ସାକ୍ଷୀ ପଡ଼ି
Lokasākshika ଅଛନ୍ତି—(Hindu law) (a deed) Attested by witnesses (Apte).

ଲୋକ ସାକ୍ଷୀ—ସଂ. ବ (୬ଷ୍ଠୀ ତତ୍)—୧ । ସୂର୍ଯ୍ୟ—1. The sun. ୨ ।
Loka sākshi ଅଗ୍ନି—2. Fire (Apte) ୩ । ବ୍ରହ୍ମା—3. Brahmā (Apte)

ଲୋକ ସାଧାରଣ—ଦେ. ବ (କର୍ମଧା)—ସର୍ବସାଧାରଣ; ଲୋକମାନେ—
Loka sādhārana The general public.

ଲୋକସାନ୍(ନି)—ବୈଦେ' ବ (ଫା ନୁକ୍ସାନ୍)—କ୍ଷତି—Loss.
Lokasān(ni) নোকসান নুকসান

ଲୋକ ସାମାନ୍ୟ—ସଂ.ବଣ (୭ମୀ ତତ)—ସାଧାରଣ; ଯାହା ସଚରାଚରରେ
Lokasāmānya ଲୋକସମାଜରେ ଦେଖାଯାଏ ବା ଚଳେ—Human; usual; common.

ଲୋକ ସିଦ୍ଧ—ସଂ ବ (୭ମୀ ତତ୍)—୧ । ସଂସାରରେ ପ୍ରଚଳିତ—
Loka siddha 1. Current among the people; usual (Apte). ୨ । ବ୍ୟବହାର ସିଦ୍ଧ—2. Customary (Apte). ୩ । ସାଧାରଣତଃ ସ୍ଵୀକୃତ ବା ଗୃହୀତ—3. Generally received or accepted (Apte)

ଲୋକ ସୁମାର୍(ରି)—ଦେ. ବ—(ସଂ. ଲୋକ, ଓ ଫା. ସୁମାର୍)—
Loka sumār(ri) ରାଜ୍ୟର ଲୋକମାନଙ୍କ ଗଣନା କରି ଲୋକସଂଖ୍ୟା ସ୍ଥିରୀକରଣ—Census.

ଲୋକସେବକ ସମାଜ—ସଂ.ବ. (ନାମ) (ଅଧୁନିକ)—(ଯେଉଁ ଲୋକସେବା-
Loka sebaka samāja ସାଧାରଣ ହିତକର କାର୍ଯ୍ୟରେ ବ୍ରତୀ ହୁଅନ୍ତି)—ଲାଲା ଲଜପତ୍ ରାୟଙ୍କଦ୍ଵାରା ବିଂଶ ଶତାବ୍ଦୀର ପ୍ରଥମଭାଗରେ ପ୍ରତିଷ୍ଠିତ ସମାଜ—'The Servants of the People Society' founded by the late Lala Lajpat Rai.

ଲୋକ ସେବା—ସଂ ବ.—(୬ଷ୍ଠୀ ତତ୍)—ସାଧାରଣଙ୍କ ଉପକାର
Loka sebā କରିବା—Serving the public; doing public good.

ଲୋକ ସଂଖ୍ୟା—ସଂ. ବ—(୬ଷ୍ଠୀ ତତ)—୧ । କୌଣସି ସ୍ଥାନର
Loka samkhyā ଅଧିବାସୀମାନଙ୍କର ସଂଖ୍ୟା—1. The population or number of people of a place. ୨ । ଲୋକମାନଙ୍କର ସଂଖ୍ୟା—2. The number of people. ଦେ. ବ.—କୌଣସି ସ୍ଥାନର ଲୋକ ଗଣନା—Taking the census of a place.

[ଦ୍ର—୧୯୨୧ ଖ୍ରୀଷ୍ଟାବ୍ଦରେ କରା ଯାଇଥିବା ଲୋକ ସୁମାରରେ ସ୍ଥୂଳତଃ ସ୍ଥିର ହୋଇଥିଲା ଯେ ସମଗ୍ର ପୃଥିବୀର ଲୋକ ସଂଖ୍ୟା ୧୬୨ କୋଟି; ତହିଁ ମଧ୍ୟରୁ ଖ୍ରୀଷ୍ଟିଅନ୍ ୪୮ କୋଟି, ଇହୁଦୀ ୨ କୋଟି, ମୁସଲମାନ୍ ୧୨୨ କୋଟି, ହିନ୍ଦୁ ୨୧୫ କୋଟି, ବୌଦ୍ଧ ୩୨୫ କୋଟି, କନ୍ କନ୍‌ଫିଉକସ୍ ଓ ତା ଓ ଧର୍ମାବଲମ୍ବୀ ୧୩ କୋଟି, ଯାପାନ ସିଣ୍ଟୋ ଧର୍ମାବଲମ୍ବୀ ୧୫ କୋଟି ଓ ଅନ୍ୟ ଧର୍ମାବଲମ୍ବୀମାନେ ୩୨ କୋଟି ।

୧୯୩୧ ସାଲର ଜନ ଗଣନା ଅନୁସାରେ ଭାରତର ଲୋକ ସଂଖ୍ୟା ୩୫ କୋଟି ୨୯ ଲକ୍ଷ ୮୨ ହଜାର ୮୭୬; ତହିଁ ମଧ୍ୟରୁ ହିନ୍ଦୁ ୨୩ କୋଟି ୯୧ ଲକ୍ଷ ୯୩ ହଜାର ୨୨୫, ମୁସଲମାନ୍ ୭ କୋଟି ୭୭ ଲକ୍ଷ ୭୮ ହଜାର ୪୫୫, ଶିଖ ୪୩ ଲକ୍ଷ ୩୫ ହଜାର ୭୭୨, ଜୈନ ୧୨ ଲକ୍ଷ ୫୨ ହଜାର ୧୦୫, ବୌଦ୍ଧ ୧ କୋଟି ୨୭ ଲକ୍ଷ ୮୭ ହଜାର ୮୦୬, ଟ୍ରାଇବାଲ୍ ବା ଅସଭ୍ୟଜାତି ୮୩ ଲକ୍ଷ ୫୧ ହଜାର ୬୫, ଜୋରଷ୍ଟ୍ରିଅନ୍ ବା ପାର୍ସୀ ୧ ଲକ୍ଷ ୧୨ ହଜାର ୮୬୩, ଇହୁଦି ୨୪ ହଜାର ୧୪୧, ଅନ୍ୟାନ୍ୟ ୪ ଲକ୍ଷ ୫୧ ହଜାର ୮୭୩ । ଗଡ଼ଜାତବାସିଙ୍କ ଓ ଲାଲା ନଗେନ୍ଦ୍ରକୁମାରଙ୍କ ବିବିଧ ସଂଗ୍ରହ)]

ଲୋକସ୍ଥିତି—ସଂ. ବ (୬ଷ୍ଠୀ ତତ୍)—୧ । ସଂସାରର ସ୍ଥାୟିତ୍ଵ ବା ରକ୍ଷା—
Loka sthiti 1. The preservation or stability of the world. ୨ । ମନୁଷ୍ୟବାସ—2. Human residence. ୩ । ମନୁଷ୍ୟସମାଜ—3. Human society. ୪ । ବିଶ୍ଵଜନୀନ ବିଧି—4. An universal law (Apte) ୫ । ସଂସାରର ଅବସ୍ଥିତି—5. Worldly existence (Apte).

ଲୋକହସା—ଦେ. ବ (ସଂ. ଲୋକହାସ୍ୟତା)—୧ । ସର୍ବସାଧାରଣଙ୍କର
Loka hasā ବିଦ୍ରୂପ—1. Public disgrace; public scorn or derision.
লোকহসা लोकहंसी
୨ । ଲୋକାପବାଦ—2. Scandal. ୩ । ହଟହଟା—3. Condition of being subjected to public scorn. (ଉ—ଉପାଲମ୍ଭା ରେ । ଲଭି ପୁଣି ଏ କ ଲୋକହସା ରେ—କବିସୂର୍ଯ୍ୟ.ଉଷୋଶ୍ଵରଙ୍କୁ ଲଗାଇ) । ବଣ. (ସଂ.ଲୋକହାସ୍ୟ) ଲୋକସମାଜରେ ଉପହାସାସ୍ପଦ;
लोकहंसा ହଟହଟା—Becoming the butt-end of public scorn; scandalised; publicly disgraced; Derided by the world.

ଲୋକ ହସା(ସେ)ଇବା—ଦେ. କ୍ରି—୧ । ଅନ୍ୟ ଲୋକମାନଙ୍କ
Loka hasā(se)ibā ଉପହାସାସ୍ପଦ ହେବାଭଳି କାର୍ଯ୍ୟ କରିବା—
লোক হাসান लोकहँसाना 1. To do something by
[ଲୋକ(କେ)ହସିବା—ବି. ରୂପ] which one will become scandalised. ୨ । ଲୋକହସା କରାଇବା—
2. Lokahasā karāibā (See)

ଲୋକହସା କରା(ରେ)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତି ଲୋକମାନଙ୍କର
Lokahasā karā(re)ibā ଉପହାସାସ୍ପଦ ହେବାଭଳି କାର୍ଯ୍ୟକରିବା—
লোক হসান, লোক হাসাকরান लोकहंसि कराना To do something for which another person (not the doer) will be scandalised.

ଲୋକହସା ହେବା—ଦେ. କ୍ରି—ଜନସମାଜରେ ହାସ୍ୟାସ୍ପଦ ହେବା—
Lokahasā hebā হাস্যাস্পদ হওয়া To be the butt
लोकहंसाहोना end of public laughter or derision.

ଲୋକହାସ୍ୟ—ସଂ. ବିଣ. ପୁଂ (ବହୁବ୍ରୀହି)—ସାଧାରଣଙ୍କଦ୍ୱାରା ଉପହସିତ;
Lokahāsya ଲୋକହସା—Derided by the world;
(ଲୋକହାସ୍ୟା—ସ୍ତ୍ରୀ) being the butt of general
(ଲୋକହାସ୍ୟତା—ବି) rediculo (Apte)

ଲୋକ ହିତ—ସଂ.ବି (୬ଷ୍ଠୀ ତତ୍)—୧ । ମନୁଷ୍ୟସମାଜର ମଙ୍ଗଳ, ଇଷ୍ଟ
Loka hita ବା ଉପକାର—1. The good of the people. ୨ । ବିଶ୍ୱହିତ; ଜଗତର ମଙ୍ଗଳ—
2. The good of the world; universalgood.
୩ । ସର୍ବସାଧାରଣଙ୍କ ମଙ୍ଗଳ—3. Public weal.
ସଂ. ବିଣ—ଲୋକହିତକର—Beneficial to the mankind (Apte).

ଲୋକ ହିତକର—ସଂ. ବିଣ (୬ଷ୍ଠୀ ତତ୍) ସର୍ବସାଧାରଣଙ୍କର ମଙ୍ଗଳଜନକ
Loka hitakara —Beneficial to the public or to the mankind.

ଲୋକହିତ ବ୍ରତ—ସଂ. ବି (୬ଷ୍ଠୀତତ୍, ରୂପକ)—ସର୍ବସାଧାରଣଙ୍କ
Loka hitabrata ଉପକାରସାଧନରୂପ ବ୍ରତ—
The vow of performing acts of public
(ଲୋକହିତବ୍ରତୀ—ବିଣ. ପୁଂ) benefit.

ଲୋକ ହିତୈଷଣା—ସଂ. ବି (୬ଷ୍ଠୀ ତତ୍)—ଲୋକମାନଙ୍କର ମଙ୍ଗଳ-
Loka hitaishanā କାମନା; ଲୋକହିତ କରିବାର ଇଚ୍ଛା—
Desire or wish for public good; public spirit; public-spiritedness.

ଲୋକ ହିତୈଷୀ—ସଂ.ବିଣ. ପୁଂ (୬ଷ୍ଠୀ ତତ୍; ଲୋକ+ହିତୈଷିନ୍; ୧ମା
Loka hitaishī ୧ବ)-ଲୋକମାନଙ୍କର ବା ଜନସମାଜର ମଙ୍ଗଳକାମୀ
(ଲୋକହିତୈଷିଣୀ—ସ୍ତ୍ରୀ) —Wishing public weal;
(ଲୋକହିତୈଷିତା—ବି) desirous of seeing the people benefitted. ବି—ଦେଶହିତୈଷୀ—
Patriot; a public spirited person.

ଲୋକା—ଦେ. ବି. ପୁଂ.—(ଅନାଦରାର୍ଥକ)—ଲୋକନାଥଙ୍କ ଡାକନାମ-
Lokā Name for calling Lokanātha.
লোকা लोकना (ଲୋକଆ—ଅନ୍ୟରୂପ)

ଲୋକାଇ(ଏ)ତ—ଦେ. ବିଣ—(ସଂ. ଲୌକିକ)—ଲୌକିକ (ଦେଖ)
Lokāi(e)ta লৌকীক लौकिक 1. Laukika (See)
୨ । ସାମାଜିକ—2. Social. ୩ । ଲୋକ ବ୍ୟବହାର-
ସିଦ୍ଧ—3 Hallowed by custom or usage.
୪ । ଜନସାଧାରଣଙ୍କଦ୍ୱାରା ଆଦୃତ—
4. Popular.

ଲୋକାଇ(ଏ)ତ ବେଭାର—ଦେ. ବି—ଲୌକିକ ବ୍ୟବହାର; ଲୋକାଚାର
Lokāi(e)ta bebhāra —Customary usage.
লৌকিক ব্যবহার लौकिक बेवहार

ଲୋକାଇ(ଏ)ତ ମତ—ଦେ. ବି.—ଜନସାଧାରଣଙ୍କର ମତ—
Lokāi(e)ta mata Popular opinion; popular
লোকমত लौकिक मत view.

ଲୋକାକୀର୍ଣ୍ଣ—ସଂ. ବିଣ.—(୩ୟା ତତ୍)—ଜନାକୀର୍ଣ୍ଣ—
Lokākirnna Crowded

ଲୋକାଚାର—ସଂ. ବି. (୬ଷ୍ଠୀ ତତ୍)—ଦେଶାଚାର; ଲୌକିକାଚାର—
Lokāchāra The usage of a country; custom of a country.

ଲୋକାଚାର ବହିର୍ଭୂତ—ସଂ.ବିଣ. (୫ମୀ ତତ୍)—ଦେଶାଚାରର ବିପରୀତ-
Lokāchāra bahirbhūta Contrary to the customs of a country.
ଲୋକାଚାର ବିଗର୍ହିତ }
ଲୋକାଚାର ବିରୁଦ୍ଧ } —ଅନ୍ୟରୂପ

ଲୋକାଚାର ବିହିତ—ସଂ. ବିଣ. (୩ୟା ତତ୍)—ଦେଶାଚାର ଅନୁସାରେ
Lokāchāra bihita କରାଯିବା—Conforming to the local customs.
[ଲୋକାଚାର ସିଦ୍ଧ, ଲୋକାଚାର ସଙ୍ଗତ (ସମ୍ମତ)—ଅନ୍ୟରୂପ]

ଲୋକାଟ୍—ବୈଦେ. ବି.—(ଚୀନ ଦେଶୀୟ ଭାଷାର ଶବ୍ଦ; ଇଂରାଜୀ
Lokāt ଭାଷାରେ ଗୃହୀତ)—ଗୋଲାପଜାମ ଜାତୀୟ ବୃକ୍ଷ ଓ ଫଳ-
লকট लोकट ବିଶେଷ—Loquat.
[ଦ୍ର—ଏ ଗଛ ଚୀନ୍ ଓ ଜାପାନ୍ ଦେଶରୁ ଭାରତକୁ ଅଣା
ଯାଇ ଉଦ୍ୟାନରେ ଲଗା ଯାଇଅଛି ଓ ଏଥିର କୃଷି ହେଉଅଛି ।
ଏଥିର ପତ୍ର ଲମ୍ବ ଓ ମୋଟା, କେନ୍ଦୁପତ୍ରର ଆକାର; କିନ୍ତୁ
କେନ୍ଦୁପତ୍ର ଅପେକ୍ଷା ବଡ଼ । ଏ ଗଛ ୨୦।୨୫ ହାତ ପର୍ଯ୍ୟନ୍ତ
ଉଚ୍ଚ ହୁଏ । ଫଗୁଣ ଚୈତ୍ରରେ ଏ ଗଛ ବଉଳେ ଓ
ବୈଶାଖରେ ଫଳେ । ଏଥିର ଫଳ ବଡ଼ ବରକୋଳି ପରି;
ଏହା ପାଚିଲେ ହଳଦିଆ ଓ ଏଥିର ଶସ ମିଠା ଓ ରୁଚିକର
ହୁଏ । ଖାଦ୍ୟାରକପୁରର ଲୋକାଟ ଉତ୍କୃଷ୍ଟ ଓ ମିଷ୍ଟ ଅଟେ ।]

ଲୋକାତୀତ—ସଂ. ବିଣ.—(୫ମୀ ତତ୍)—୧ । ଲୋକ ବିଗର୍ହିତ—
Lokātita 1. Contrary to customaryusage.
ଲୋକାତିଶାୟୀ, }
ଲୋକାଧିକ } —ଅନ୍ୟରୂପ]
ଲୋକାତିଗ }
୨ । ଅଲୌକିକ; ଯେଉଁ କଥା ସଂସାରର ଜାତ୍ୟ ଘଟଣାର ବହିର୍ଭୂତ; ସୃଷ୍ଟି ଛଡ଼ା; ଦୁନିଆରୁ ବାହାର—
2, Unusual; extraordinary.

ଲୋକାଧିପ—ସଂ. ବି.—(୬ଷ୍ଠୀ ତତ୍)—୧ । ଲୋକପାଳ (ଦେଖ)
Lokādhipa 1, Lokapāla (See)
୨ । ବୁଦ୍ଧଦେବ (ଷ.)—2, The Buddha.

ଲୋକାଧ୍ୟକ୍ଷ—ସଂ. ବି.—(୬ଷ୍ଠୀ ତତ୍)—୧ । ଲୋକନାୟକ—
Lokādhyaksha 1. Leader of men. ୨ । ବିଷ୍ଣୁ; ଭଗବାନ; ଈଶ୍ୱର—2. Bishnu; God.

ଲୋକାନୁରାଗ—ସଂ. ବି.—ଲୋକସାଧାରଣଙ୍କ ପ୍ରତି ସ୍ନେହ—
Lokānurāga Love for all people.

ଲୋକାନ୍ତ—ଦେ. ବି.—(ସଂ. ଲୋକାନ୍ତ ରଗତ)—ମୃତ୍ୟୁ—
Lokānta লোকান্ত देहान्त Death.

ଲୋକାନ୍ତର—ସଂ.ବି (ଅବ୍ୟୟୀଭାବ; ଅନ୍ୟ+ଲୋକ)—୧ । ପରଲୋକ;
Lokāntara ମୃତ୍ୟୁର ପରବର୍ତ୍ତି ସଂସାର—1. Another world; the next world after death. ୨ । ଏ ସଂସାର ଛଡ଼ା ଅନ୍ୟ ସ୍ଥିତି—2. Another sphere of existence. ଦେ' ବି (ସଂ. ଲୋକାନ୍ତର ଗତି) ମୃତ୍ୟୁ—Death

ଲୋକାନ୍ତର ଗତ—ସଂ.ବିଣ. ପୁଂ (୨ୟା ତତ୍)—୧ । ମୃତ—1. Dead
Lokāntara gata ୨ । ପରଲୋକଗତ—2. Gone to the next world.
[ଲୋକାନ୍ତରିତ—ଅନ୍ୟରୂପ]
[ଲୋକାନ୍ତରଗତା, ଲୋକାନ୍ତରିତା—ସ୍ତ୍ରୀ]

ଲୋକାନ୍ତର ଗତି—ସଂ. ବି—ପରଲୋକପ୍ରାପ୍ତି; ମୃତ୍ୟୁ—Death;
Lokāntaragati departure for the next world.
[ଲୋକାନ୍ତର ଗମନ, ଲୋକାନ୍ତର ପ୍ରାପ୍ତି—ଅନ୍ୟରୂପ]

ଲୋକାପବାଦ—ସଂ. ବି (ମ. ପ. ଲୋ)—ଲୋକନିନ୍ଦା; ଜନସମାଜରେ
Lokāpabāda କୌଣସି ବ୍ୟକ୍ତି ନାମରେ ରଟିଥିବା କଳଙ୍କ—Public opprobrium; infamy.

ଲୋକାପବାଦ ଭୟ—ସଂ. ବି (ମ. ପ. ଲୋ, ୫ମୀ ତତ୍)—ଲୋକ
Lokāpabāda bhaya ନିନ୍ଦାକୁ ଭୟ—Fear of public disgrace or scandal.

ଲୋକାଭାବ—ସଂ. ବି (୬ଷ୍ଠୀ ତତ୍)—୧ । ଆବଶ୍ୟକୀୟ ଲୋକଙ୍କର
Lokābhāba ଅପ୍ରତୁଳତା—1. Want of men. ୨ । କର୍ମସୃଷ୍ଟ ବା ସାହାଯ୍ୟକାରୀ ଲୋକ ନ ମିଳିବା ଅବସ୍ଥା—2. Want of the required hands.

ଲୋକାଭିରାମ—ସଂ. ବିଣ. ପୁଂ—୧ । (୬ଷ୍ଠୀ ତତ) ଲୋକମାନଙ୍କ ପ୍ରୀତି-
Lokābhirāma ଜନକ—1. Pleasing to the people. ୨ । ଲୋକମାନଙ୍କ ଚକ୍ଷୁକୁ ମନୋହର—2. Looking graceful to the eyes of men. ୩ । ଲୋକ-ପ୍ରିୟ—3. Popular; loved by the people. ୪ । (୭ମୀ ତତ୍) ଅତି ସୁନ୍ଦର—4. Very beautiful.

ଲୋକାୟତ—ସଂ. ବିଣ (ଲୋକ+ଆ+ଯତ୍ ଧାତୁ=ଯତ୍ କର୍ ଘଞ୍+
Lokāyata କର୍ତ୍ତୃ. ଅ)—ଚାର୍ବାକମତାବଲମ୍ବୀ; ନାସ୍ତିକମତାବ-ଲମ୍ବୀ—Following the school of philosophy propounded by Chārbāka; atheist; materialist. [ଦ୍ର—ଏମାନେ ପରଲୋକ ମାନନ୍ତି ନାହିଁ ।] ବି—୧ । ଚାର୍ବାକ ମୁନିଙ୍କ ମତ—1. The tenets of sage Chārbāka. ୨ । ନାସ୍ତିକ ଦର୍ଶନଶାସ୍ତ୍ର—2. The philosophy of atheism. ୩ । ନାସ୍ତିକତା—3. Atheism. ୪ । ଯେଉଁ ବ୍ୟକ୍ତି ଇହଲୋକ ଛଡ଼ା ପରଲୋକ ସ୍ୱୀକାର କରେ ନାହିଁ (ସ୍ତ୍ରୀ. ଶ.)—4. A person who dose not believe in an after life. ୫ । ଇହଲୋକ ଛଡ଼ା ଅନ୍ୟ ଲୋକ ନାହିଁ ଏପରି ମତବାଦ—5. Materialism (Apte). ୬ । ଇହଲୋକ ଛଡ଼ା ଯେ ଲୋକାନ୍ତର ମାନେ ନାହିଁ—6. A materialist (Apte).

ଲୋକାୟତିକ—ସଂ. ବିଣ. ପୁଂ (ଲୋକାୟତ+ଇକ)—୧ । ଚାର୍ବାକ
Lokāyatita ମତାବଲମ୍ବୀ—1. Holding the atheistic view of sage Chārbāka. ୨ । ନାସ୍ତିକ—2. Atheistic. ବି—ଚାର୍ବାକ ମୁନି—The sage Chārbāka who preached the atheistic system of philosophy. [ଦ୍ର—ଚାର୍ବାକଙ୍କ ଦର୍ଶନ ନାସ୍ତିକତା ଉପରେ ପ୍ରତିଷ୍ଠିତ । ଏହାଙ୍କର ମତ—"ଯାବଜ୍ଜୀବେତ୍ ସୁଖଂ ଜୀବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍; ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ?" ଅର୍ଥାତ୍ ସଂସାରରେ ଜନ୍ମ ଲଭି ଋଣ କରି ମଧ୍ୟ ଘିଅ ଖାଅ । ଖାଅ, ପିଅ, ମଉଜ କର; ଏ ଜୀବର ପୁନର୍ଜନ୍ମ ନାହିଁ । ଏହାଙ୍କ ମତ ସଙ୍ଗେ ଗ୍ରୀସ୍ ଦେଶର ପଣ୍ଡିତ ଏପିକ୍ୟୁରସଙ୍କ ମତର ସାମଞ୍ଜସ୍ୟ ଅଛି । ତାଙ୍କର ଉପଦେଶ ମଧ୍ୟ ଖାଅ, ପିଅ, ମଉଜ କର = Eat, drink and be merry. ଚାର୍ବାକ ପରଲୋକ ସ୍ୱୀକାର କରୁ ନ ଥିଲେ ।]

ଲୋକାୟିତ—ଦେ. ବିଣ—ଲୋକାଇତ (ଦେଖ)
Lokāyita Lokāita (See)

ଲୋକାରଣ୍ୟ—ସଂ. ବି (୬ଷ୍ଠୀ ତତ୍)—୧ । ବହୁ ଲୋକର ସଙ୍ଗମ;
Lokāraṇya ଜନତା; ଭିଡ଼—Crowd. ଦେ. ବିଣ—
লোকারণ্য ବହୁ ଲୋକରେ ପୂର୍ଣ୍ଣ—Thickly crowded.
आदमीयोंसे भरा

ଲୋକାରାମ—ସଂ. ବି—ଈଶ୍ୱର; ଭଗବାନ୍; ବିଷ୍ଣୁଙ୍କର ଏକ ନାମ—
Lokārāma A name of Bishṇu.

ଲୋକାଲ୍—ବୈଦେ. ବିଣ (ଇଂ)—୧ । ସ୍ଥାନୀୟ—1. Local. ୨ ।
Lokāl ପ୍ରାଦେଶିକ—2. Proivincial. [ଏହି ଇଂରାଜୀ
লোক্যাল ଶବ୍ଦଯୁକ୍ତ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ଭାଷାରେ ଚଳୁଅଛି ।]
लोकल

ଲୋକାଲ୍ ଗଭର୍ଣ୍ଣମେଣ୍ଟ—ବୈଦେ. ବି (ଇଂ) —ଇଂରାଜ ଶାସିତ ଭାରତ-
Lokāl gabharṇnament ବର୍ଷର ଏକ ଏକ ପ୍ରଦେଶର
লোক্যাল গভর্ণমেণ্ট ସ୍ୱତନ୍ତ୍ର ଶାସନ ବିଭାଗ—The Local
लोकल गवर्नमेंट Government of a Province of British India. [ଦ୍ର—ପ୍ରତ୍ୟେକ ଭାରତୀୟ ପ୍ରଦେଶର ଶାସନ ପାଇଁ ଜଣେ ରାଜପ୍ରତିନିଧି ଅଛନ୍ତି । ତାଙ୍କର ଭିନ୍ନ ଭିନ୍ନ ଉପାଧି ଅଛି । ଯଥା—ଗଭର୍ଣ୍ଣର୍ ବା ଲାଟ୍ (Governor). ଏହାଙ୍କୁ ଶାସନ କାର୍ଯ୍ୟରେ ପରାମର୍ଶ ଦେବା ପାଇଁ ସରକାର

ଗୋଟିଏ ଶାସନସଭା (Executive Council) ନିଯୁକ୍ତ କରିଅଛନ୍ତି ଓ ସ୍ୱାୟତ୍ତଶାସନ କାର୍ଯ୍ୟରେ ପରାମର୍ଶ ଦେବା ପାଇଁ ଜଣ କେତେ ସାଧାରଣ ନିର୍ବାଚିତ ମନ୍ତ୍ରୀ (Ministers) ଅଛନ୍ତି ଓ ପ୍ରଦେଶର ଆଇନ୍ ପ୍ରଣୟନ କାର୍ଯ୍ୟରେ ପରାମର୍ଶ ଦେବା ପାଇଁ ବ୍ୟବସ୍ଥାପକ ସଭା ଅଛି ।]

ଲୋକାଲ୍ ଟାଇମ୍—ବୈଦେ. ବି (ଇଂ)—କୌଣସି ସ୍ଥାନରେ ସୂର୍ଯ୍ୟୋଦୟ Lokāl ṭāim ଓ ସୂର୍ଯ୍ୟାସ୍ତଦ୍ୱାରା ନିର୍ଣ୍ଣିତ ସମୟ—Local time লোক্যাল টাইম (as opposed to standard time). लोकल टाइम [ଦ୍ର—ଭାରତବର୍ଷରେ ସବୁ ରେଲଷ୍ଟେସନମାନଙ୍କରେ ଏକ ନିର୍ଦ୍ଧାରିତ ଟାଇମ୍ ଅନୁସାରେ ସମୟ ଗଣା ହୁଏ । କଟକରେ ମଧ୍ୟ ଷ୍ଟାଣ୍ଡାର୍ଡ଼ ଟାଇମ୍ ଅନୁସାରେ ସବୁ କାର୍ଯ୍ୟାଳୟମାନ ପରିଚାଳିତ ହୁଏ । ରେଲ ପ୍ରଚଳିତ ଷ୍ଟାଣ୍ଡାର୍ଡ଼ ଟାଇମ୍ କଲିକତାର ଲୋକାଲ୍ ଟାଇମ୍ ଅପେକ୍ଷା ୨୪ ମିନିଟ୍ ସ୍ଲୋ ବା ବିଳମ୍ବ ବା ପଛ । ଅର୍ଥାତ, କଲିକତାର ଲୋକାଲ୍ ଟାଇମ୍ ସକାଳ ୭ଟା ବେଳେ ଷ୍ଟାଣ୍ଡାର୍ଡ଼ ଟାଇମ୍ ୬ଟା ବାଜି ୨୪ ମିନିଟ୍ । ଷ୍ଟାଣ୍ଡାର୍ଡ଼ ଟାଇମ୍ ମାନ୍ଦ୍ରାଜର ଲୋକାଲ୍ ଟାଇମ୍ ଅପେକ୍ଷା ୯ ମିନିଟ୍ ଫାଷ୍ଟ ବା ଆଗ, ଦିଲ୍ଲୀର ଲୋକାଲ ଟାଇମ ଅପେକ୍ଷା ୨୨ ମିନିଟ୍ ଆଗ, ବମ୍ବେ ଟାଇମ ଅପେକ୍ଷା ୩ ମିନିଟ୍ ଆଗ ଓ ବିଲାତର ଗ୍ରିନ୍‌ଉଇଚ୍‌ର ଲୋକାଲ୍ ଟାଇମ୍ ଅପେକ୍ଷା ୫½ ଘଣ୍ଟା ପଛ—ରେଲଓ୍ୱେ. ଟାଇମ୍ ଟେବଲ୍ ।]

ଲୋକାଲ୍ ଟ୍ରେନ୍—ବୈଦେ. ବି (ଇଂ) (ରେଲୱେ ଶବ୍ଦ)—କୌଣସି Lokāl ṭren ମଝି ଷ୍ଟେସନରୁ ଅନ୍ୟ କୌଣସି ଷ୍ଟେସନକୁ লোক্যাল ট্রেন लोकल ट्रेन ଯିବା ଆସିବା କରୁଥିବା ରେଳ ଗାଡ଼ି—Local train of any Railway.

ଲୋକାଲ୍ ବୋର୍ଡ୍(ର୍ଡ)—ବୈଦେ. ବି (ଇଂ)—ଦେଶର ଜନସାଧାରଣଙ୍କ Lokāl bord(rd) ଦ୍ୱାରା ସ୍ୱାୟତ୍ତଶାସନ ପଦ୍ଧତି ଅନୁସାରେ লোক্যালবোর্ড लोकलबोर्ड ଇଂରାଜ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ଗଠିତ କୌଣସି ସବ୍‌ଡିଭିଜନର ମଫସଲର ସ୍ଥାନୀୟ ପ୍ରତିନିଧିମାନଙ୍କଦ୍ୱାରା ଗଠିତ ସମିତି—Local Boards formed by the selected representatives of the inhabitants of a Subdivision, known in Madras as Taluqua Boards. [ଦ୍ର—ମାନ୍ଦ୍ରାଜ ଆଦି ଅଞ୍ଚଳରେ ଏହି ସମିତିମାନଙ୍କ ନାମ ତାଲୁକା ବୋର୍ଡ । ଏହି ବୋର୍ଡ଼ମାନ ଡିଷ୍ଟ୍ରିକ୍ଟ ବୋର୍ଡ଼ ବା ଜିଲ୍ଲା ବୋର୍ଡ଼ର ଅଧୀନ । ଗୋଟିଏ ଜିଲ୍ଲାରେ ଯେତେଗୋଟି ସବ୍‌ଡିଭିଜନ ବା ମହକୁମା ଥାଏ, ସେହି ଜିଲ୍ଲାବୋର୍ଡ଼ ଅଧୀନ ସେତେଗୋଟି ଲୋକାଲବୋର୍ଡ଼ ଥାଏ । ଏହି ବୋର୍ଡ଼ମାନ ଜିଲ୍ଲାବୋର୍ଡ଼ର ତତ୍ତ୍ୱାଧୀନତାରେ ଆପଣାର ଇଲାକା ମଧ୍ୟସ୍ଥ କଚ୍ଚା ରାସ୍ତା, ଗ୍ରାମ୍ୟ ରାସ୍ତା, ନଈ ଘାଟ, ଡାକବଙ୍ଗଳା ଓ ପ୍ରାଥମିକ ବିଦ୍ୟାଳୟମାନଙ୍କ ତଦାରଖ କରନ୍ତି । ପୂର୍ବେ ଗଭର୍ଣ୍ଣମେଣ୍ଟ ଏ ବୋର୍ଡ଼ର ମେମ୍ବର ବା ସଭ୍ୟମାନଙ୍କ ନିଯୁକ୍ତ କରୁଥିଲେ । ବର୍ତ୍ତମାନ ସବଡିଭିଜନର ଭିନ୍ନ ଭିନ୍ନ ଥାନାର କରଦାତାମାନେ ଆପଣାର ପ୍ରତିନିଧିସ୍ୱରୂପ ଜଣେ ବ୍ୟକ୍ତିଙ୍କୁ ଲୋକାଲ୍ ବୋର୍ଡ଼ର ସଭ୍ୟ ନିର୍ବାଚିତ କରି ୩ ବର୍ଷ ଲେଖାଏଁ ପାଇଁ ପଠାନ୍ତି । ଏପରି ସବୁ ଥାନାରୁ ଜଣେ ଜଣେ ମେମ୍ବର ଯାଇ ଲୋକାଲବୋର୍ଡ଼ ଗଠନ କରନ୍ତି । ଏହି ମେମ୍ବରମାନେ ଆପଣା ମଧ୍ୟରୁ ଜଣଙ୍କୁ ସଭାପତି (ଚେଆର୍‌ମ୍ୟାନ) ଓ ସହକାରୀ ସଭାପତି (ଭାଇସ୍‌ଚେଆର୍‌ମ୍ୟାନ) ନିର୍ବାଚିତ କରନ୍ତି । ସଭାପତି ଓ ସହକାରୀ ସଭାପତି ମାସକୁ ମାସ ସବୁ ମେମ୍ବରମାନଙ୍କୁ ଆହ୍ୱାନକରି ଗୋଟିଏ ଗୋଟିଏ ମିଟିଂ କରନ୍ତି ଓ ଅଧିକାଂଶ ମେମ୍ବରଙ୍କ ମତ ଅନୁସାରେ ବୋର୍ଡ଼ର କାର୍ଯ୍ୟମାନ ଚଳାନ୍ତି । ଜିଲ୍ଲା ଓ ସବଡିଭିଜନର ମଫସଲ ପାଇଁ ଯଥାକ୍ରମେ ଡିଷ୍ଟ୍ରିକ୍ଟବୋର୍ଡ଼ ଓ ଲୋକାଲବୋର୍ଡ଼ ଗଠିତ ହୋଇଅଛି । ବଡ଼ ବଡ଼ ସହରକୁ ପରିଷ୍କାର ରଖିବାପାଇଁ ସହରବାସୀଙ୍କ ନିର୍ବାଚିତ କମିସନର୍ ବା ସଭ୍ୟମାନଙ୍କଦ୍ୱାରା ଗଠିତ ମିଉନିସିପାଲିଟି ପ୍ରତିଷ୍ଠିତ ହୋଇଅଛି ଓ ମଫସଲର ବଡ଼ ବଡ଼ ଗ୍ରାମ ପରିଷ୍କୃତ ରଖିବାପାଇଁ ଜିଲ୍ଲାବୋର୍ଡ଼ଙ୍କ ଅଧୀନତାରେ ଗ୍ରାମବାସୀମାନଙ୍କ ପ୍ରତିନିଧିମାନଙ୍କଦ୍ୱାରା ଇଉନିଅନ୍ କମିଟି ଓ ଇଉନିଅନ ବୋର୍ଡ଼ମାନ ଗଠିତ ହୁଏ ।]

ଲୋକାଲ୍‌ବୋର୍ଡ଼ ଚେଆର୍‌ମା(ମ୍ୟା)ନ୍—ବୈଦେ. ବି (ଇଂ)—ଲୋକାଲ୍ Lokāl bord cheār-ma(myā)n ବୋର୍ଡ଼ ମେମ୍ବରମାନଙ୍କ লোকাল বোর্ডচেআরম্যান लोकलबोर्डचेअरमैन ଦ୍ୱାରା ନିର୍ବାଚିତ ସଭାପତି—Chairman of a Local Board.

ଲୋକାଲ୍ ବୋର୍ଡ଼୍ ଭାଇସ୍‌ଚେଆର୍‌ମା(ମ୍ୟା)ନ୍—ବୈଦେ ବି (ଇଂ)—Lokāl bord bhāis-cheār-mā(myā)n ଲୋକାଲ୍ লোকালবোর্ডভাইসচেআরম্যান ବୋର୍ଡ଼ର ମେମ୍ବରମାନଙ୍କ ଦ୍ୱାରା लोकलबोर्डभाइसचेअरमैन ନିର୍ବାଚିତ ସହକାରୀ ସଭାପତି (ଏ ସଭାପତିଙ୍କ ଅନୁପସ୍ଥିତିରେ ବା ତାଙ୍କ ଅନୁମତିକ୍ରମେ ବୋର୍ଡ଼ର କାର୍ଯ୍ୟ ଚଳାନ୍ତି)—Vice-chairman of a Local Board.

ଲୋକାଲ୍ ବୋର୍ଡ଼ ମିଟିଂ—ବୈଦେ. ବି (ଇଂ)—ସାଧାରଣତଃ ମାସକେ Lokāl bord miting ଥରେ ବୋର୍ଡ଼ର କାର୍ଯ୍ୟ ପରିଚାଳନ (ଲୋକାଲବୋର୍ଡ଼ ସଭା—ଦେ. ରୂପ) ଓ ସଭାପତିଙ୍କୁ ପରାମର୍ଶ লোকালবোর্ডমিটিঙ্ लोकलबोर्डमिटिंग ଦେବାପାଇଁ ଆହୂତ ଲୋକାଲ୍‌ବୋର୍ଡ୍ ମେମ୍ବରମାନଙ୍କ ସମ୍ମେଳନ ବା ଅଧିବେଶନ—A meeting of a Local Board. [ଦ୍ର—ମାସିକ ସାଧାରଣ ମିଟିଂକୁ ଇଂରାଜୀ ଶବ୍ଦ ପ୍ରୟୋଗପୂର୍ବକ ଅର୍ଡ଼ିନେରି ମିଟିଂ (ordinary meeting) ଏବଂ ବିଶେଷ କାର୍ଯ୍ୟ ଉପଲକ୍ଷରେ ଆହୂତ ମିଟିଂକୁ ସ୍ପେସଲ (special) ଓ ପ୍ରତି ବର୍ଷ ମିଟିଂ ଆୟ ବ୍ୟୟର ଆଟକଳ ଫର୍ଦ୍ଦ (Budget) ଆଲୋଚନା କରିବା ପାଇଁ ଆହୂତ ଅଧିବେଶନକୁ ବଜେଟ୍ (Budget) ମିଟିଂ କୋହାଯାଏ ।]

ଲୋକାଲ୍ ବୋଡ଼୍ ମେମ୍ବର୍—ବୈଦେ• ବ (ଇଂ.)—ସବ୍‌ଡିଭିଜନ୍‌ରେ
Lokāl bord membar ପ୍ରତ୍ୟେକ ଥାନାର ଭୋଟର୍
লোক্যাল বোড় মেম্বর ମାନଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧି—
लोकल बोर्ड मेंबर Member of the Local
[ଲୋକାଲ ବୋଡ଼ ସଭ୍ୟ—ଦେ• ରୂପ] Board elected by the voters of every police station.

ଲୋକାଲ୍ ବୋଡ଼୍ ରୋଡ଼୍—ବୈଦେ• ବ (ଇଂ)—ଯେଉଁ କଚା ରାସ୍ତା ଓ
Lokāl bord rod ଗ୍ରାମ୍ୟ ରାସ୍ତାମାନ ଲୋକାଲ୍ ବୋଡ଼୍
লোক্যাল বোড় রোড় ପ୍ରସ୍ତୁତ କରନ୍ତି ଓ ମରାମତ କରନ୍ତି—
लोकल बोर्ड रोड Village roads maintained
[ଲୋକାଲ ବୋଡ଼ ରାସ୍ତା—ଅନ୍ୟରୂପ] by the Local Boards.

ଲୋକାଲ୍ ସେଲ୍ଫ୍ ଗଭର୍ଣ୍ଣମେଣ୍ଟ—ବୈଦେ• ବ (ଇଂ.)—ଇଂରାଜ
Lokāl selph gabharnnament ସରକାରଙ୍କ ଜନସିରେ
লোক্যাল সেল্‌ফ গবর্ণমেণ্ট ଓ ପ୍ରଣୀତ ବିଧି ଅନୁସାରେ ଦେଶର
लोकल सेल्फ गवर्नमेंट ଲୋକେ ଆପଣାର ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ଦେଶର କେତେଗୁଡ଼ିଏ ସାଧାରଣ ହିତକର କାର୍ଯ୍ୟ (ଯଥା—ପ୍ରାଥମିକ ବିଦ୍ୟାଶିକ୍ଷା, ଦେଶବାସୀଙ୍କ ସ୍ୱାସ୍ଥ୍ୟ, ରାସ୍ତା, ନଇ, ଘାଟ) ଚଳାଇବାର ଯେଉଁ ସ୍ୱତ୍ୱ ଓ ଅଧିକାରକୁ ଇଂରେଜ ଗଭର୍ଣ୍ଣମେଣ୍ଟ ଜନସାଧାରଣଙ୍କୁ ଦେଇଅଛନ୍ତି—Local self-Government. [ଦ୍ର—ଇଂରାଜ ଗଭର୍ଣ୍ଣମେଣ୍ଟ ଭୂମିକର ଛଡ଼ା ଦେଶର ପଥକର (ରୋଡ୍ ସେସ୍) ଆଦାୟ କରି ତାହା ଏବଂ ଭୂମିକରରୁ ସରକାରଙ୍କ ଇଚ୍ଛାମତେ କେତେକ ଟଙ୍କା ମଫସଲର ରାସ୍ତା, ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଜିଲ୍ଲା ବୋଡ଼୍‌ଙ୍କ ଜିମା ଦିଅନ୍ତି । ଜିଲ୍ଲା ବୋଡ଼୍ ମଫସଲର କେତେଗୁଡ଼ିଏ କାମ ନିଜେ ବୁଝନ୍ତି ଓ କେତେଗୁଡ଼ିଏ କାର୍ଯ୍ୟର ଭାର ଲୋକାଲ୍ ବୋର୍ଡ଼୍ ଏବଂ ମଫସଲର ଇଉନିଅନ କମିଟିଙ୍କ ବା ଇଉନିୟନ୍ ବୋଡ଼୍‌ଙ୍କ ଉପରେ ଦିଅନ୍ତି । ବଡ଼ ବଡ଼ ସହରର ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ଓ ପାଇଖାନାସଫା କାର୍ଯ୍ୟ ପାଇଁ ସହରବାସୀଙ୍କ ଉପରେ ଟାକସ୍ ବସାଇ ସେହି ଟାକସ୍ ବ୍ୟୟ କରିବା ପାଇଁ ସହରବାସିମାନଙ୍କ ପ୍ରତିନିଧି (କମିଶନର୍) ମାନଙ୍କଦ୍ୱାରା ଗଠିତ ନାଗରିକ ସଭା (ମ୍ୟୁନିସିପାଲିଟି) ମଧ୍ୟ ସରକାର ଗଠିତ କରିଅଛନ୍ତି । ଏହି ଡିଷ୍ଟ୍ରିକ୍ଟ ବୋଡ଼୍ ଓ ମିଉନିସିପାଲିଟିମାନଙ୍କଦ୍ୱାରା ଦେଶର ଯଥୋକ୍ତ ବିଷୟମାନ ବୁଝିବା ରୀତିକୁ ସ୍ଥାନୀୟ ସ୍ୱାୟତ୍ତଶାସନ (ଲୋକାଲ୍ ସେଲ୍ଫ ଗଭର୍ଣ୍ଣମେଣ୍ଟ୍) ବୋଲାଯାଏ । ଏ ଅନୁଷ୍ଠାନ ପାଇଁ ପ୍ରତିନିଧିମାନେ କିପରି ନିର୍ବାଚିତ ହେବେ, କେତେକାଳ ପାଇଁ କାର୍ଯ୍ୟ କରିବେ, ସେମାନେ କି କି କାର୍ଯ୍ୟ କି କି ନିୟମରେ ଚଳାଇବେ, ଏ ବିଷୟମାନଙ୍କ ପାଇଁ ଇଂରାଜୀ ସରକାର ଆଇନ୍ ପ୍ରଣୟନ କରିଅଛନ୍ତି ।]

ଲୋକାଲ୍ ସେଲ୍ଫ୍ ଗଭର୍ଣ୍ଣମେଣ୍ଟ ଆଇନ୍—ବୈଦେ• ବ(ଇଂ.)—ସରକାରଙ୍କ
Lokāl selph gabharnnament āin ଦ୍ୱାରା ବିଧିବଦ୍ଧ
লোক্যাল সেলফ গবর্ণমেণ্ট আইন ଯେଉଁ ଆଇନଦ୍ୱାରା ସହର ଓ
लोकल सेल्फ गवर्नमेंट आइन ମଫସଲବାସୀ ଜନସାଧାରଣଙ୍କ
[ଲୋକାଲ୍ ସେଲ୍ଫ ଗଭର୍ଣ୍ଣମେଣ୍ଟ ଆକ୍ଟ୍—ଅନ୍ୟରୂପ] ପ୍ରତିନିଧିମାନେ କେତେକ ନିର୍ଦ୍ଦିଷ୍ଟ ବିଷୟ ବୁଝାସୁଝା କରନ୍ତି—Local self-Government Act. [ଦ୍ର—ପୂର୍ବେ ଏ ସବୁ କାର୍ଯ୍ୟ ଗଭର୍ଣ୍ଣମେଣ୍ଟ ନିଜ କର୍ମଚାରୀଙ୍କଦ୍ୱାରା ଚଳାଉଥିଲେ । ଭାରତବର୍ଷରେ ଲୋକବତ୍ସଳ ବଡ଼ଲାଟ ଲର୍ଡ଼ ରିପନ୍ (ଖ୍ରୀ• ୧୮୮୦-୮୪) ପ୍ରଥମେ ଦେଶବାସୀଙ୍କୁ ଏମାନ ଚଳାଇବାର ଭାର ଅର୍ପଣ କରିବା ପାଇଁ ଆଇନ୍ ପ୍ରଣୟନ କଲେ । ଏହି ସମୟରୁ ଏହି ଆଇନ୍ କ୍ରମଶଃ ସଂଶୋଧିତ, ପରିବର୍ତ୍ତିତ, ପରିବର୍ଦ୍ଧିତ, ବିସ୍ତୃତ ଓ ବିକୃତ ହୋଇ ତଦ୍ୱାରା ଦେଶର ମଫସଲର ଡିଷ୍ଟ୍ରିକ୍ଟ ବୋଡ଼୍ ଓ ସହରର ମିଉନିସିପାଲିଟିମାନ ପରିଚାଳିତ କରି ବା ବାଟନ କାମମାନ ଶିଖିବା ବିଷୟରେ ଶିକ୍ଷା ଦେଉଅଛନ୍ତି ମାତ୍ର ।]

ଲୋକାଳୟ—ସଂ• ବ (୬ଷ୍ଠୀ ତତ୍)—୧ । ଲୋକମାନଙ୍କର ବାସସ୍ଥାନ
Lokālaya ବା ବସତି—1. Human residence. ୨ । ଜନପଦ; ଗ୍ରାମ—2. Village. ୩ । ସହର—3. A town.

ଲୋକାଲୋକ—ସଂ• ବ (୬ଷ୍ଠୀ ତତ୍) (ଲୋକ ଧାତୁ=ଦେଖିବା+
Lokāloka ଭାବ. ଅ=ଲୋକ=ଦେଖାଯିବା+ଅଲୋକ=ଅଦର୍ଶନ—ଦେଖା ନ ଯିବା; ସୂର୍ଯ୍ୟକିରଣ ପଡ଼ିବା ଯୋଗୁ ଯହିଁର ଏକପାଖ ଦେଖାଯାଏ ଓ ସୂର୍ଯ୍ୟକିରଣ ନ ପଡ଼ିବା ଯୋଗୁ ଯହିଁର ଅପର ପାଖ ଦେଖାଯାଏ ନାହିଁ)—୧ । ସୂର୍ଯ୍ୟକିରଣଦ୍ୱାରା ଏକ ଦିଗ ଆଲୋକିତ ଓ ସୂର୍ଯ୍ୟକିରଣ ନ ପଡ଼ିବାରୁ ଅନ୍ୟ ଦିଗ ଅନ୍ଧକାରାଚ୍ଛନ୍ନ ବ୍ରହ୍ମାଣ୍ଡବେଷ୍ଟନକାରୀ ହିନ୍ଦୁ ପୁରାଣୋକ୍ତ ପର୍ବତମାଳା—1. A mythological chain of mountains which surrounds the universe and the inner face of which is lighted by sunshine and the outer face is dark for not getting the rays of the sun. [ଦ୍ର—ଏ ପର୍ବତ ସପ୍ତଦ୍ୱୀପା ପୃଥିବୀକୁ ବେଷ୍ଟନ କରିଥିବା ଓ ସପ୍ତସମୁଦ୍ରର ଶେଷ ସୀମାର ଚାରିପାଖରେ ରହିଥିବା କଥା ପୁରାଣରେ ବର୍ଣ୍ଣିତ ହୋଇଅଛି । ଏ ପର୍ବତମାଳାର ଉପତ୍ୟକା ଦେବତାମାନଙ୍କର କ୍ରୀଡ଼ାସ୍ଥଳ । ବୃତ୍ରାସୁରକୁ ବଧ କରି ଇନ୍ଦ୍ର ବ୍ରହ୍ମହତ୍ୟା ପାତକଗ୍ରସ୍ତ ହୋଇ ଏହି ପର୍ବତ ଅତିକ୍ରମ ପୂର୍ବକ ଅନ୍ଧକାରମୟ ପ୍ରଦେଶକୁ ପଳାୟନ କରିଥିଲେ ।] ୨ । (ବୌଦ୍ଧଗ୍ରନ୍ଥ ମତ) ଚକ୍ରବାଳ—2. Horizon.

ଲୋକାଷ୍ଟ୍—ବୈଦେ• ବ (ଇଂ.)—ହିନ୍ଦୁ ସମାଜର ଅନ୍ତ୍ୟଜ ଶ୍ରେଣୀ;
Lo kāsht ଶ୍ରେଷ୍ଠ ଜାତି; ହିନ୍ଦୁମାନଙ୍କ ମଧ୍ୟରେ ନୀଚ ଶ୍ରେଣୀ ବା ନୀଚ ଜାତି, ଅସ୍ପୃଶ୍ୟ ଜାତିମାନ (ଯଥା—ବାଉରି, କଣ୍ଡରା,

ପାସୀ, ଡମ, ପାଣ, ହାଡ଼ି ଇତ୍ୟାଦି)—The depressed classes and the untouchable castes; the low castes amongst the Hindus. (ଦ୍ର—ଦାକ୍ଷିଣାତ୍ୟରେ ଏମାନଙ୍କୁ ପଞ୍ଚମା ବୋଲାଯାଏ ।)

ଲୋ କାଷ୍ଟ୍ ସ୍କୁଲ—ବୈଦେ. ବି(ଇଂ.)—ଅନ୍ତ୍ୟଜ ଜାତୀୟ ବାଳକମାନଙ୍କ Lo kāsht skul ପଢ଼ିବା ପାଇଁ ସରକାରଙ୍କ ସ୍ଥାପିତ ବା ଅନ୍ତ୍ୟଜ ଇସ୍କୁଲ **दलित स्कूल** ସାହାଯ୍ୟପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ—
ଲୋ କାଷ୍ଟ୍ ବିଦ୍ୟାଳୟ } ଅନ୍ୟରୂପ
ଲୋ କାଷ୍ଟ୍ ଇସ୍କୁଲ
(Primary) Low caste schools established or aided by the Government or District Board etc for imparting elementary education to the depressed class boys amongst the Hindus.

ଲୋକି—ଦେ. ବି (ଆଦରାର୍ଥକ)—ଲୋକନାଥର ଡାକ ନାମ—
Loki Abbreviation for Lokanātha.
ଲୋକୀ **लोकन**
(ଲୋକିଆ, ଲୋକା[କେ]ଇ, ଲୋକିନ, ଲୋକୁ—ଅନ୍ୟରୂପ)
(ଲୋକା, ଲୋକିଆ, ଲୋକୁଆ—ଅନାଦରାର୍ଥକ ରୂପ)

ଲୋକିତ—ସଂ. ବିଣ (ଲୋକ୍ ଧାତୁ+କର୍ମ. ତ)—ଦୃଷ୍ଟ—Seen.
Lokita [ଦ୍ର—ଜାଲବାଟେ ବି ହାସ ଲୋକିତ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।]

ଲୋକିତ କରିବା—ଦେ. (ପଦ୍ୟ) କି (ସଂ. ଲୋକ୍ ଧାତୁ)—
Lokita karibā ଦେଖିବା; ଗୁହିଁବା—To see; to look
লোকিত করা at. [ଦ୍ର—ସ୍ମରିତ ତନୁକୁ ଲୋକିତ କରି ଦ୍ୱିଜାସ୍ୟା
लोकित करना ବୋଲେ । ଉଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ]

ଲୋକିବା—ଦେ. (ପଦ୍ୟ) କି—ଦେଖିବା—To see. [ଦ୍ର—ବିଦ୍ୟା
Lokibā ଲୋକିରେ ପ୍ରିୟକ ମାଧବା ସଘାତ । ଉଞ୍ଜ. ବୈଦେହୀଶ-
দেখা **निगाह करना** ବିଳାସ ।]

ଲୋକେ—ଦେ. ବି (ବହୁବଚନ)—(ସଂ. ଲୋକ ଶବ୍ଦର ପ୍ରଥମାବିଭକ୍ତି
Loke ବହୁବଚନ ଲୋକାଃ; ୭ମୀ ବିଭକ୍ତି ଏକବଚନ ଲୋକେ)—
লোকেরা ୧ । ମନୁଷ୍ୟମାନେ; ଲୋକମାନେ—1. Men. ୨ ।
सब लोग ସଂସାରର ଲୋକେ; ସର୍ବସାଧାରଣ—2. The general public. ୩ । କେତେକ ବ୍ୟକ୍ତି—3.Some people. ୪ । ଲୋକ ସମାଜ—4. The society. [ଦ୍ର—ଲୋକେ କହନ୍ତି ମୁଁ ବାୟା, ଜାନି ମୁଁ ଜାଣେ ମୁଁ ବାୟା ନୁହେଁ । ଲୋକେ ମୋ ନାଆଁରେ କେତେ କଥା ରଟନା କରୁଅଛନ୍ତି । ଭୂ ଶେଷରେ ଭ୍ରାସ ହଟହଟା ହେବ ଲୋକେ ଦେଖିବେ । ମାଇପେ ଗାଳ ଦିଅନ୍ତି 'ତୋ ଠେଇଁ ଗୋବର ପଡ଼ୁ, ଲୋକେଇ ଦେଖନ୍ତୁ ।']

ଲୋକେଇ—ଦେ. ବି—୧ । ଲୋକନାଥର ଡାକ ନାମ—
Lokei 1. Name for calling Lokanātha.
লোকু **लोकन** ୨ । ଲୋକମାନେହିଁ—2. The people.

ଲୋକେଇତ(ତ)—ଦେ. ବିଣ (ସଂ. ଲୌକିକ)—ଲୋକାଇତ (ଦେଖ)
Lokeika(ta) Lokāita. (See)
লৌকিক **लौकिक**

ଲୋକେ ଜାଣିବାକୁ—ଦେ. କ୍ରି. ବିଣ—ଜନ ସାଧାରଣଙ୍କ ଦୃଷ୍ଟିରେ;
Loke jānibāku ବାହ୍ୟ ଭାବରେ ଦେଖିବାରେ—To all
লোকে জানতে **लोगों के जानते** outward appearances.

ଲୋକେଶ—ସଂ. ବି. (୬ଷ୍ଠୀ ତତ୍, ଲୋକ+ଈଶ)—୧ । ଲୋକପାଳ;
Lokesa ରାଜା—1. A king. ୨ । ବ୍ରହ୍ମା—2. God Brahmā, the Creator. ୩ । ଜଗଦୀଶ୍ୱର—3. God, the Lord of the universe. ୪ । ବୁଦ୍ଧଦେବ—4. The Buddha. ୫ । ପାରଦ—5. Mercury.

ଲୋକେଶ୍ୱର—ସଂ. ବି (୬ଷ୍ଠୀ ତତ୍)—୧ । ଜଗଦୀଶ୍ୱର—1. God.
Lokeśwara ୨ । ବ୍ରହ୍ମା—2. God Brahmā. ୩।ରାଜା—3. A king.

ଲୋକୈଷଣା—ସଂ. ବି—୧ ।ସାଂସାରିକ ଅଭ୍ୟୁଦୟର କାମନା (ହି.ଶ)—
Lokaishanā 1. Desire for worldly prosperity. ୨ । ପ୍ରତିଷ୍ଠାର ବା ଯଶର କାମନା (ହି. ଶ)—2. Desire for attaining celebrity. ୩ । ସ୍ୱର୍ଗଲାଭ ବା ସ୍ୱର୍ଗ ସୁଖ ପା କାମନା (ହି. ଶ)—3. Desire for heaven or heavenly bliss. (Apte).

ଲୋକୋ—ବୈଦେ. ବି (ଇଂ) (ରେଲ ଶବ୍ଦ)—ରେଲ୍ ଇଲାକାର
Loko ରେଲ୍‌ଗାଡ଼ି ସମ୍ବନ୍ଧୀୟ ବିଭାଗ—Loco (Department
লোকো **लोको** of the Railway) [ଦ୍ର—ଏହି 'ଲୋକୋ'
(ଲୋକୋ ଡିପାର୍ଟମେଣ୍ଟ—ଅନ୍ୟରୂପ) ଶବ୍ଦ ଇଂରାଜୀ ଲୋକୋମୋଟିଭ୍ ଡିପାର୍ଟମେଣ୍ଟ ଶବ୍ଦର ସଂକ୍ଷିପ୍ତ ଆକାର । ରେଲକମ୍ପାନୀ ରେଳ ଚଳାଇବା ସମ୍ବନ୍ଧରେ କେତେଗୁଡ଼ିଏ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରି ଭିନ୍ନ ଭିନ୍ନ ବିଭାଗ ମଧ୍ୟରେ ଭିନ୍ନ ଭିନ୍ନ କାର୍ଯ୍ୟ ବଣ୍ଟନ (Division of labour) କରିଅଛନ୍ତି । ତହିଁ ମଧ୍ୟରୁ ଲୋକୋ (Loco) ଗୋଟିଏ ବିଭାଗ; ଏ ବିଭାଗର କାର୍ଯ୍ୟ ରେଲଗାଡ଼ି ବା ଡବ୍ବା ଓ ଇଞ୍ଜିନ୍‌ମାନଙ୍କ ରକ୍ଷଣାବେକ୍ଷଣ,ମରାମତି ଆଦି । ଏହିପରି ଯାତ୍ରୀ ଓ ମାଲପତ୍ର ବୋହିବା ବିଭାଗ, ଟ୍ରାଫିକ୍ ବିଭାଗ, ପୋଲ ସଡ଼କ ପ୍ରଭୃତି ଇଞ୍ଜିନିୟରିଙ୍ଗ୍ ବିଭାଗ ଯ ନ୍ତ୍ରିମାନଙ୍କୁ ଖାଦ୍ୟ ଯୋଗାଇବା ବା କାଟରିଙ୍ଗ୍ ବିଭାଗ, ଜିନିଷପତ୍ର କିଣିବା ବା ଷ୍ଟୋର୍ ଆଣ୍ଡ ପର୍ଚ୍ଚେଜ୍ ବିଭାଗ, ରେଲ୍ ପୁଲିସ୍ ବିଭାଗ, ଏହିପରି ଅନେକ ବିଭାଗ ରହିଅଛି । ଏହି ଲୋକୋ ବିଭାଗସମ୍ବନ୍ଧୀୟ ଅନେକଗୁଡ଼ିଏ ଲୋକୋ ଶବ୍ଦଯୁକ୍ତ ବିଦେଶୀ ଶବ୍ଦ ଭାଷାରେ ଚଳିଗଲାଣି । ଯଥା—
Loco workshop=ଲୋକୋ ବିଭାଗର କାରଖାନା;
Loco fireman=ଲୋକୋ ବିଭାଗୀୟ ଇଞ୍ଜିନମାନଙ୍କରେ କୋଇଲା ଦେବା ଲୋକ;
=ଲୋକୋ ବିଭାଗ ପାଇଁ ଦରକାର କୋଇଲା;

Loco Department=ଲୋକୋ ବାର୍ଯ୍ୟବିଭାଗ;
Loco Engineer=ଲୋକୋ ବିଭାଗର ଇଞ୍ଜିନିଅର୍;
Loco Superintendent=ଲୋକୋ ବିଭାଗର ଅଧ୍ୟକ୍ଷ;
Loco shed=ଲୋକୋ ବିଭାଗର ଗୃହରେ ଥିବା ରେଳଗାଡ଼ିମାନ ରହିବା ଘର ।

ଲୋକୋକ୍ତି—ସଂ. ବି.—(୬ଷ୍ଠୀ ତତ୍)—୧ । ପ୍ରବଚନ (ହି. ଶ)—
Lokokti 1. Proverb; popular saying (Apte), ୨ । ଜନମତ; ଲୋକମତ—2. Public opinion; common talk (Apte). ୩ । କାବ୍ୟାଲଙ୍କାର ବିଶେଷ—A figure of speech. [ଦ୍ର—ଏଥିରେ ପ୍ରବଚନମାନ ପ୍ରୟୋଗ ପୂର୍ବକ ରଚନାକୁ ଲୋକପ୍ରିୟ କରାଯାଏ । ହି. ଶ.];

ଲୋକୋତ୍ତର—ସଂ. ବିଣ—(୫ମୀ ତତ୍; ଲୋକରୁ ଉତ୍ତର=ଅତୀତ)—
Lokottara ୧ । ଲୋକ ସାମାନ୍ୟ; ଲୋକାତୀତ; ଅଲୌକିକ; ଅସାଧାରଣ; ଯାହା ସାଧାରଣତଃ ଦେଖା ଯାଏ ନାହିଁ—1. Extra-ordinary; uncommon; unusual; unparallelled. ୨ । ଲୋକମାନଙ୍କ ମଧ୍ୟରେ ଶ୍ରେଷ୍ଠ 2. Excellent amongst men. ସଂ. ବି—ଲୋକମାନଙ୍କ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତି; ଅସାଧାରଣ ବ୍ୟକ୍ତି—A superman; an extra-ordinary person; a paragon,

ଲୋକୋଶା(ଶ୍ୟା)ନ(ଣି)—ବୈଦେ. ବି. ଓ ବିଣ.—ଲୋକସାନ୍ ଇତ୍ୟାଦି
Lokośā(śyā)ni(ṇi) (ଦେଖ)—Lokasān etc (See)

ଲୋଗ୍—ପ୍ରାଦେ.(ଶମ୍ବଲପୁର ଓ ହିନ୍ଦି ଭାଷା) ବି.—(ଭୂଳ.ହି. ଲୋଗ୍)—
Log ଲୋକ; ମନୁଷ୍ୟ—Man; person.

ଲୋଗ—ସଂ. ବି—୧ । ଲୋଷ୍ଟ୍ର; ମାଟିର ଢେଲା—
Loga 1. A clod of earth; a lump of earth. (Apte). ୨ । କାଦୁଅର ପିଣ୍ଡ—2. A lump of clay (M. W.)

ଲୋଗେଷ୍ଟକ—ସଂ. ବି.—(ମ. ପ. ଲୋ; ଲୋଗ+ଇଷ୍ଟକ)—୧ ।
Logeshṭaka କାଦୁଅରେ ତିଆରି ଇଟା—1. Brick made from a lump of clay. ୨ । କଞ୍ଚା ଇଟା—2. Unbaked brick,

ଲୋଚ୍ (ଧାତୁ)—ସଂ.—୧ । ଦୀପ୍ତି ପାଇବା—1. To shine; to
Loch (root) be dazzling. ୨ । ଦେଖିବା—2, To see. ୩ । କହିବା—3. To speak (Apte),

ଲୋଚ—ସଂ. ବି.—(ଲୋଚ ଧାତୁ+କର୍ତ୍ତୃ. ଅ)—ଅଶ୍ରୁ; ଲୋତକ—
Locha Tear.

ଲୋଚକ—ସଂ. ବି—(ଲୋଚ୍ ଧାତୁ+କର୍ତ୍ତୃ. ଅକ)—୧ । ନୟନମଣି;
Lochaka ଚକ୍ଷୁର ତାରା; ଅକ୍ଷିର ପୁଅ—1. The pupil of the eye. ୨ । ଆଖିରେ ଘେନା ଯିବା କଜ୍ଜଳ—collyrium. ୩ । ମାଂସ ପିଣ୍ଡ—3. A lump of flesh. ୪ । ଶ୍ଳଥ ମାଂସର ଚର୍ମ—4. Loose flesh; wrinkled skin. ୫ । କଦଳୀ ଗଛ—5. Plantain tree (M. W.) ୬ । ନିର୍ମୋକ; ସାପ କାତି—6. The slough or outer skin of a serpent (M. W) ୭ । ଲଲାଟଭୂଷଣ—ମାଙ୍ଗ ଟୀକା; ଅଳକା; ମଥାମଣି—7. An ornament or pendant worn on the forehead. ୮ । କର୍ଣ୍ଣଭୂଷଣ — . Earring. ୯ । ନୀଳ ବସ୍ତ୍ର—9, Blue cloth. ୧୦ । ଭ୍ରୂଭଙ୍ଗି—10, Frown; contracted eyebrow (M. W.) ୧୧ । ପ୍ରଦୀପ ଶିଖାରୁ ଉତ୍ପନ୍ନ କଳା—11. Lamp black (M, W) ୧୨ । କଳା ପୋଷାକ—12. A black dress (M. W.) ୧୩ । ଧନୁର୍ଗୁଣ—13. Bowstring (M. W.) ସଂ. ବିଣ. ପୁଂ—୧ । ଦୁଗ୍ଧ-
[ଲୋଚକା—ସ୍ତ୍ରୀ] ଜୀବକ— 1. Subsisting on milk (M. W.) ୨ । ନିର୍ବୋଧ (ଯେ ଲୋଚକ କର ଶୁଣି ଥାଏ)—2. Stupid; senseless (M. W.)

ଲୋଚନ—ସଂ. ବି.—(ଲୋଚ୍ ଧାତୁ+କରଣ. ଅନ)—୧ । ନୟନ;
Lochana ଚକ୍ଷୁ—1. The eye. ୨ । (+ଭାବ. ଅନ)—ଦର୍ଶନ; ଦେଖିବା—2, Seeing; view; looking. ୩ । (+କର୍ତ୍ତୃ. ଅନ)—ସୂର୍ଯ୍ୟ—3. The sun. ୪ । (+ଭାବ. ଅନ) ଆଲୋଚନା—4. Criticism; discussion, ସଂ. ବିଣ.—ଉଜ୍ଜ୍ୱଳକାରୀ—Illuminating; brightening (M, W),
ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

ଲୋଚନ କୋଣ—ସଂ. ବି.—(୬ଷ୍ଠୀ ତତ୍)—ଅକ୍ଷିର କୋଣ ଦେଶ;
Lochana koṇa ଅକ୍ଷିର ଯେଉଁ ପ୍ରାନ୍ତ ନାକର ମୂଳକୁ ଲାଗିଥାଏ—The corner of the eye,

ଲୋଚନ ଗୋଚର—ସଂ. ବିଣ.—(୭ମୀ ତତ୍)—୧ । ଯାହା ଦୃଷ୍ଟିର
Lochana gochara ସୀମା ମଧ୍ୟରେ ଥାଏ; ଦୃଶ୍ୟ—Being within the range of vision; visible. ସଂ. ବି.—ଦୃଷ୍ଟିର ସୀମା—The range or horizon of the eye (M. W.)
[ଲୋଚନ ପଥ, ଲୋଚନ ମାର୍ଗ—ଅନ୍ୟ ବି. ରୂପ]

ଲୋଚନ ଜଳ—ସଂ. ବି.—(୬ଷ୍ଠୀ ତତ୍)—ନୟନ ଜଳ; ଅଶ୍ରୁ—
Lochana jala Tears.

ଲୋଚନ ପୁର—ଦେ. ବି. (ନାମ)—ଓଡ଼ିଶା ଉପକୂଳର ପ୍ରାଚୀନ ବନ୍ଦର
Lochana pura ବିଶେଷ—An ancient port on the Orissa coast.

ଲୋଚନ ପ୍ରାନ୍ତ—ସଂ. ବି.— (୬ଷ୍ଠୀ ତତ୍)—ଚକ୍ଷୁର ଶେଷଭାଗ
Lochana prānta ଚକ୍ଷୁର ଯେଉଁ ପ୍ରାନ୍ତ କାନ ଆଡ଼କୁ ଥାଏ—

The end of the eye; the corner of the eye towards the ear.

ଲୋଚନ ରଞ୍ଜନ—ସଂ. ବି.—(୬ଷ୍ଠୀ ତତ୍)—ନେତ୍ରପ୍ରୀତିକର; ସୁନ୍ଦର- Lochana ranjana Graceful; beautiful.

ଲୋଚନ ଲୋଭନ—ସ. ବଣ (୬ଷ୍ଠୀ ତତ୍)—ଲାଳସାବର୍ଦ୍ଧକ (ବସ୍ତୁ); Lochana lobhana ଯାହାକୁ ଦେଖିଲେ ପୁନଃ ପୁନଃ (ଲୋଚନଲୋଭନୀୟ—ଅନ୍ୟରୂପ) ଦେଖିବାକୁ ମନ ବଳେ; ଅତି ଲୋଚନଲୋଭନା / ଲୋଚନଲୋଭନୀୟା }—ସ୍ତ୍ରୀଲିଙ୍ଗ ସୁନ୍ଦର (ପଦାର୍ଥ)—Very beautiful or charming; tempting to the eye.

ଲୋଚନହିତା—ସ. ବି (ବହୁବ୍ରୀହି; ଲୋଚନ + ହିତ + ଆ)-ତୁତିଆ— Lochanahitā Blue vitriol (Apte.)

ଲୋଚନା—ଦେ. ବି—(ଅନାଦରାର୍ଥକ) ଲୋଚନ ନାମକ ବ୍ୟକ୍ତିର ଡାକ- Lochanā ନାମ—Name for calling Lochana. (ଲୋଚନ—ଅଦରାର୍ଥକ ଦେ. ରୂପ) ସ. ବି—ସମାଲୋଚନା Discussion. ସ. ବଣ. ସ୍ତ୍ରୀ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ଯଥା ସୁଲୋଚନା) ଲୋଚନଯୁକ୍ତା—Eyed; having eyes (used in a compound) (ଉ— ସୁଲୋଚନା ସୁଲୋଚନେ ହରବୁ ଚନ୍ଦ୍ର ସୁମନେ ସୁମନେ ପୂଜ ସୁମନେ ସୁମନହାରେ—ଗୋଲୋକ ଇନ୍ଦୁରେଖା ।)

ଲୋଚନାଞ୍ଚଳ—ସ. ବି (୬ଷ୍ଠୀ ତତ୍) ନେତ୍ରକୋଣ— Lochanānchala The corner of the eye.(M.W)

ଲୋଚନାନନ୍ଦ—ସ. ବି (୬ଷ୍ଠୀ ତତ୍)—ନେତ୍ରର ତୃପ୍ତି— Lochanānanda Delight of the eye. (M. W) (ଲୋଚନାନନ୍ଦକର—ବଣ)

ଲୋଚନାଭିରାମ—ସ. ବଣ. ପୁଂ—ସୁନ୍ଦର— Lochanābhirāma Beautiful; graceful. (ଲୋଚନାଭିରାମା—ସ୍ତ୍ରୀ) [ଲୋଚନାଭିରାମତା—ବି]

ଲୋଚନି—ଦେ. ବି—(ଅଦରାର୍ଥକ) ଲୋଚନର ଡାକନାମ— Lochani Name for calling Lochana.

ଲୋଚମସ୍ତକା—ସ. ବି—ଅଜମୋଦା; ବଣଯୁଆଣି (ଦ୍ରବ୍ୟଗୁଣ) Lochamastakā Seseli Indicum (plant and seed.)

ଲୋଚମାଲକ—ସ. ବି—ମଧ୍ୟରାତ୍ର ପୂର୍ବରୁ ଦେଖାଯିବା ସ୍ୱପ୍ନ— Lochamālaka A dream seen before midnight.

ଲୋଚା—ଦେ. ବଣ (ସ. ଲୋଚ=ନ୍ଥ, ବା ଲୁଞ୍ଚିତ ଚର୍ମ)—୧ । କୁଞ୍ଚିତ- Lochā 1. Crisp; wrinkled; curled. କୋଁଚାନ ନୋଚା ୨ । ସଙ୍କୁଚିତ—2. Contracted. নোচ্চা লুচ্চা ୩ । ଲିଚା; ଲମ୍ପଟ—3. Adulterous; লুকান লুক্কাযাহুআ lascivous; libidinous. গুচ্ছের মহা ୪ । ଲୁଚ; ଲୁକାୟିତ—4.Concealed; ক্ষমতাহীন অক্ষম, असमर्थ hidden ୫ । (ଅନାଦରାର୍ଥକ.) ସମୂହ; ଗୁଡ଼ାଏ—5. A collection. ୬ । (ସ. ସଙ୍କୁଚିତ) ଅକ୍ଷମ; ଅଶକ୍ତ; ଅସମର୍ଥ—6. Disabled; powerless. (ଉ—ଅର୍ଜୁନଙ୍କର ଅସ୍ତ୍ରଘାତକୁ ଡରାଇ, ନ ପାର ସେ ଅସ୍ତ୍ରେ ରହିଲେ ଲୋଚା ହୋଇ— କୃଷ୍ଣସିଂହ ମହାଭାରତ. ବନ ।) ୭ । ସ୍ୱଳ୍ପ ସୀମ ମଧ୍ୟରେ ଏକତ୍ରୀକୃତ—7. Gathered together in a small compass. [ଉ—ସବୁ ଶିର ସାକ ବେକରେ ଲୋଚା—ଚଗ ।]

ଲୋଚା (ଇତ୍ୟାଦି)—ଦେ. ବଣ—ଲୋଚା ଇତ୍ୟାଦି (ଦେଖ) Lochā (etc) Lochchā etc (See)

ଲୋଚା(ଚେ)ଇବା—ଦେ. କ୍ରି—୧ । (ହସ୍ତପଦାଦିକୁ) ସଙ୍କୁଚିତ କରିବା— Lochā(che)ibā 1. To contract. ୨ । (ସ. ଲୁକ୍ ଗুটান नोचना ଧାତୁ) ଲୁଚାଇବା—2. To লুকান लुकाना conceal.

ଲୋଚାଏ(କ)—ଦେ. ବି ଓ ବଣ—୧ । ଲୁଚାଏ; ଲୁଚାକ (ଦେଖ)— Lochāe(ka) 1. Luchāe; luchāka (See) গুচ্ছের वाहियात ୨ । (ଅନାଦରାର୍ଥ) ଗୁଡ଼ାଏ— [ଲୋଚଏ(କ)—ଅଦରାର୍ଥକ ରୂପ] 2. Many; many a; much. (ଉ—ଭୂଷା ଲୋଚାଏ ସେ କହନ୍ତି ନାହିଁ- ପ୍ରାପ୍ତି ଅଭଚେଗୀତା ।)

ଲୋଚା ଚୋରା—ଦେ. ବି ଓ ବଣ—ଲୁଚା ଚୋରା (ଦେଖ) Lochā chorā Luchā chorā (See) (ଲୋଚାଛପା, ଲୋଚାଛୁପା—ଅନ୍ୟରୂପ)

ଲୋଚାଣ(ଣି)—ଦେ. ବି (ସଂ. ସଙ୍କୋଚନ; ଲୁଞ୍ଚନ)—ସଙ୍କୁଚନ— Lochāna(ni) Act of contracting or curling. গুটান नोचना

ଲୋଚା ଯିବା—ପ୍ରାଦେ,—(ଗଡ଼ଜାତ) କ୍ରି.—ଚେପା ହୋଇଯିବା; Lochā jibā ଆଘାତ ଲାଗି ଦବି ଯିବା—To be pressed down by a stroke.

ଲୋଚା ଲୋ(ଲୁ)ଚି—ଦେ. ବଣ (ସଂ. ସଙ୍କୋଚନ; ଲୁଞ୍ଚନ)— Lochā lo(lu)chi ସଙ୍କୁଚିତ—Contracted. সংকুচিত नोचा

ଲୋଚିଆ—ଦେ. ବଣ (ସଂ. ସଙ୍କୁଚିତ, ଲୁଞ୍ଚିତ)-ବିଶେଷଭାବରେ ସଙ୍କୁଚିତ- Lochiā Much contracted or curled. [ଲୋଚିଆଲୁ(ଲୋ)ଚିଆ—ଅନ୍ୟରୂପ] (ଯଥା—ଲୁଗାଟାକୁ গুটিএযাওয়া नोचा न ମୋଡ଼ିମାଡ଼ି ଲୋଚିଆ କରି ଦେବା ।

ଲୋଚିଏ(କ)—ଦେ. ବଣ. ଓ ବି (ଅଦରାର୍ଥକ)—ଲୁଚିକ (ଦେଖ) Lochie(ka) Luchika (See) খানিকটা थोड़ासा

ଲୋଚିକା—ସଂ. ବି (ଲୋଚ୍ ଧାତୁ + କର୍ତ୍ତୃ. ଅକ + ଆ)—ଲୋପ୍ତ୍ରୀ; ଲୁଚି (ଦେଖ)—Luchi (See) Lochikā

ଲୋଚି କା(କୁ)ଚି(ଛି)ହେବ—ଦେ. କ୍ରି—ଲୁଚିକାଚି ହେବା (ଦେଖ) Lochi kā(ku)chi(chhi)hebā Luchikāchi hebā(See)

ଲୋଚିବା—ଦେ. କ୍ରି—୧ । ସ. ଲୁକ୍କାୟିତ) ଲୁଚିବା (ଦେଖ)— Lochibā 1. Luchibā, (See) ୨ । (ସ. ସଙ୍କୁଚିତ; ଲୁଞ୍ଚିତ) লু(লু)কান କୁଞ୍ଚିତ କରିବା—2. To cause to be wrinkled to curl. लुकना, सकुचाना

ଲୋଚଲ (ଲୋ)ଚ ହେବା—ଦେ. କି (ସଂ. ସଙ୍କୋଚନ)—ସଙ୍କୁଚିତ
Lochilā (lo)chi hebā ହେବା—To be contracted.
কুংচকে যাওয়া [ଉ—ଲଜ୍ଜେ ଲୋଚ ଲାଚ ହୋଇ ବହିଲେ ତରୁଣୀ·
नोचनाच होना ପ୍ରାଚୀ. ଉଦ୍ଧବମଲ୍ଲିକା ।]

ଲୋଚି ଲୁ(ଲୋ)ଚି—ଦେ. ବିଣ (ସଂ ସଙ୍କୁଚିତ; ଲୁଞ୍ଚିତ)—Curled;
Lochi lu(lo)chi crisp; wrinkled. [ଉ—ଦେହ ଚର୍ମ
কুংচকে କେବେ ହୋଇଛି ଲୋଚି ଲୋଚି । କୃଷ୍ଣସିଂହ. ମହା-
नोचनाच ଭାରତ ଅନ୍ଦ ।]

ଲୋଚି ହେବା—ଦେ. କି (ସଂ. ସଙ୍କୁଚିତ; ଲୁଞ୍ଚିତ)—ସଙ୍କୁଚିତ
Lochi hebā ହେବା—To become crisp or
কুংচকে যাওয়া wrinkled. [ଉ—ରବିରୁ ପଦ୍ମିନୀଙ୍କ ମଧ୍ୟେ
सकुचना ହୋଇ ଲୋଚି । କୃଷ୍ଣସିଂହ. ମହାଭାରତ ଉଦ୍‌ଯୋଗ]

ଲୋଚ୍ଚା—ଦେ. ବିଣ. ପୁଂ (ସଂ. ଲୁଚ୍ ଧାତୁ ଗୋପନକରିବା; ସଂ. ଲୁଞ୍ଚନ=
Lochchā ସଙ୍କୁଚିତ କରିବା) (ପଦାର୍ଥ)—୧ । ଲମ୍ପଟ—
নো(লো)চ্চা 1. Adulterous; licentious. ୨ । ନଷ୍ଟ-
लुच्चा ଚରିତ୍ର—2. Immoral. ୩ । ଗୁପ୍ତପ୍ରଣୟକାରୀ—3. (a
person) Given to secret and
illicit amour. ୪ । ଗୁଣ୍ଡ ଅ—4. Pilfering. ବି—
୧ । ନଷ୍ଟଚରିତ୍ର ବ୍ୟକ୍ତି—1. A profligate; a
wencher. ୨ । ଗୁଣ୍ଡି—2. A pilferer.

ଲୋଚ୍ଚା ଚେ(ଚ୍ଚେ)ଇବା—ଦେ. କି—ଲୋଚାଇବା (ଦେଖ)
Lochchā(chche)ibā Lochāibā. (See)

ଲୋଚାକୁ(କୋ)ଚ୍ଚା(ଚ୍ଚା)—ଦେ. ବିଣ—ଲୁଚାକୁଚା (ଦେଖ)
Lochchāku(ko)chā(chchā) Luchākuchā. (See)

ଲୋଚ୍ଚା ଗୁଞ୍ଜା—ଦେ. ବିଣ—(ପଦାର୍ଥ) ଲୁଚ୍ଚା ନୁଙ୍ଗୁଡ଼ା (ଦେଖ)
Lochchā guñjā Luchā nuṅgurḍā. (See)
লোচ্চা নোঙরা **लुच्चा लफङ्गा**
[ଲୋଚ୍ଚା ଲଫ(ଫ)ଙ୍ଗା—ଅନ୍ୟରୂପ]

ଲୋଜଞ୍ଚ ଞ୍ଚି,ଞ୍ଚୁ,ଞ୍ଚେ,ସ୍—ବୈଦେ.ବି (ଇଂ. Lozenges ଲୋଜେଞ୍ଜେସ୍)-
Lojañcha(ñchi,ñchu,ñche)s ଲଜଞ୍ଚୁସ୍ (ଦେଖ)—
[ଲୋଜଞ୍ଚ,(ଞ୍ଚି,ଞ୍ଚୁ,ଞ୍ଚେ)ସ୍—ଅନ୍ୟରୂପ] Lajañchus. (See)

ଲୋଟ୍—ସଂ. (ବ୍ୟାକରଣ)— ଧାତୁର ଅନୁଜ୍ଞା ରୂପ
Loṭ Imperative mood of a verb.

ଲୋଟ୍(ଡ୍) (ଧାତୁ)—ସଂ.—ପାଗଳ ହେବା; ଉନ୍ମତ୍ତ ହେବା—
Loṭ(d) (root) To be mad. (Apte)

ଲୋଟ୍(ଟ) (ଇତ୍ୟାଦି)—ବୈଦେ. ବି (ଇଂ. ନୋଟ୍)—ନୋଟ୍ ଇତ୍ୟାଦି
Loṭ(ṭa) (etc) (ଦେଖ)—Noṭ etc. (See)
নোট **नोट**

ଲୋଟ୍‌ଣି (ଇତ୍ୟାଦି)—ପ୍ରାଦେ.—(ସମ୍ବଲପୁର; ଗଡ଼ଜାତ)—ବି. ଓ ବିଣ.
Loṭ-ṇi (etc) ଲୋଟଣି ଇତ୍ୟାଦି (ଦେଖ)—
Loṭaṇi etc (See)

ଲୋଟ—ଦେ. ବି—୧ । (ସଂ. ଲୋଟ୍) ପାଟଳିଆ ଲୋଧ୍ର (ଦେଖ) (ବରେ
Loṭa କୃଷ୍ଣ. ଦ୍ରବ୍ୟଗୁଣ)—1. Paṭaḷiā lodhra (See).
୨ । (ସଂ ଲୁଣ୍ଠନ) ଲୁଟ; ଡକାଇତି—
2. Loot; dacoity.

ଲୋଟ(ଟି) ତରାଜ(ଜୁ)—ଦେ. ବି—ଲୁଟ୍‌ତରାଜ (ଦେଖ)
Loṭa(ṭi) tarāja(ju) Luṭ taraj. (See)
[ଲୋଟ୍‌ପାଟ୍—ଅନ୍ୟରୂପ]

ଲୋଟଣ ଦେ. ବି (ସଂ. ଲୁଣ୍ଠ, ଲୁଟ୍ ଧାତୁ; ପ୍ରା. ଲୋଟ୍ ଧାତୁ)—
Loṭaṇa ୧ । ଭୂମିରେ ଗଡ଼ିବା—1. Wallowing or
লোটন rolling on the ground; grovelling. ୨ ।
लोटना, ବିଶେଷ ଶାରୀରିକ ଜ୍ୱାଳାପୋଡ଼ାରେ ଭୂଇଁରେ ଗଡ଼ିବା—
2. Rolling on the ground on account of
extreme physical pain or anguish. ୩ ।
ବଜି ଭାଙ୍ଗିବା—3. Capering; cutting somer-
saults. ୪ । ଏ ପାଖ ସେ ପାଖ ଗଡ଼ିବା ବା ଲେଉଟିବା
—4. Turning on the sides.

ଲୋଟଣୀ—ଦେ. ବି (ସଂ. ଲୁଠ୍ ଧାତୁ; ପ୍ରା. ଲୋଟ୍ ଧାତୁ)—ଲୋଟଣ
Loṭaṇi (ଦେଖ)—Loṭaṇa, (See) ବିଣ—୧ । ଯାହା
লোটন ଲୋଟୁଥାଏ—1. Rolling. ୨ । ଯେ ବଜି ଭାଙ୍ଗୁଥାଏ—
लोटनी,लोटनेवाला, लोटन 2. Tumbling, rolling the
body; capering; turning somersaults.
୩ । ଭୂମିରେ ମାଡ଼ିଥିବା (ଲତା ଅର୍ଥ)—
3. (plants) Spreading about or creeping
on the ground.

ଲୋଟଣି ଖଡ଼ା—ଦେ. ବି—କାଞ୍ଜିକାଞ୍ଜିକା (ଦେଖ)
Loṭaṇi khardā Kāñjikāñjikā (See)

ଲୋଟଣି ଜୁଡ଼ା(ଖୋସା)—ଦେ. ବି—ବଙ୍ଗାଳିଅଙ୍କ ଜୁଡ଼ା; ସ୍ତ୍ରୀ ଲୋକମାନ-
Loṭaṇi jurdā(khosā) ଙ୍କର ଏକପ୍ରକାର ଜୁଡ଼ା; ଯେଉଁ
লোটন খোঁপা; ফিরিঙ্গীলোটন, লোটন ଜମ୍ପୁରୁଷ ଜୁଡ଼ା ବେକ
लोटन जुडा ଧାଡ଼ରେ ଲୋଟୁଥାଏ—A kind of chignon
which is so framed as to touch the
neck. (ଉ—ଅଂସ ଅବଲମ୍ବ ଲହରୀ ଖୋସାର ଭୁ-
ବେଣୀ ଲୋଟଣି ଜୁଡ଼ାରେ—ବିକ୍ରମ. ସଙ୍ଗୀତ ।)

ଲୋଟଣି ପାର—ଦେ. ବି—ଯେଉଁ ପାରାମାନେ ଭୂଇଁରେ ବା ଶୂନ୍ୟରେ
Loṭaṇi pārā ଲେଉଟି ଲେଉଟି ବଜି ଭାଙ୍ଗନ୍ତି—Tumbler;
লোটন পায়রা **लोटन कबूतर** tumbling pigeon; ground
tumbler.

ଲୋଟଣି ବନ୍ଧ—ଦେ. ବି.—ଭୂମିରେ ଗଡ଼ି ଗଡ଼ି ବା ଶୂନ୍ୟରେ ଲମ୍ଫ
Loṭaṇi bandha ଦେଇ ଶରୀରକୁ ଲେଉଟାଇବା ବଜି ବା
লোটন খাওয়া **उलटापलटा** ବ୍ୟାୟାମ—Tumbling about
on the ground or on the air (a sort of
gymnastics).

ଲୋଟଣି ଭଦଭଦଳିଆ—ଦେ. ବିଣ.—ଏକ ପ୍ରକାର ଭଦଭଦଳିଆ
Loṭaṇi bhadabhadaḷiā ପକ୍ଷୀ—A kind of
লোটন নীলকণ্ঠ **लोटन नीलकंठ** Indian roller (bird).

ଲୋଟ(ଡ଼)ର ଲଇ—ଦେ. ବ—ଅମ୍ବିଲା ଲତା ବିଶେଷ; କାଣ୍ଡି କାଣ୍ଡିଆ ଲତା—A kind of sour creeper; Vitis Auriculata. [ଦ୍ର—ଏହାର ଡରକାରିରେ ବ୍ୟବହୃତ ହୁଏ; ଅମ୍ଳବେତସ ପରିବର୍ତ୍ତରେ କବିରାଜମାନେ ଏହାକୁ ଔଷଧରେ ବ୍ୟବହାର କରନ୍ତି ।)
Lot(rda)ra lai

ଲୋଟା—ଦେ. ବ. (ସଂ. ଲୁଣ୍ଠନ)—୧ । ଭୂମିରେ ଲୁଣ୍ଠନ; ଲୋଟଣ—
Lota 1. Wallowing; rolling; tumbling about.
ଗଡ଼ା ଲୋଟନା [ଦ୍ର—ଏହି ସକାଶରୁଁ ଦୈତ୍ୟେ କୋଟି କୋଟି; ମରଣ ଦେଲେ ଭୂମିଦେଶରେ ଲୋଟାଟି । କୃଷ୍ଣସିଂହ ମହାଭାରତ—ସଭା]। ୨ । (ସଂ. ଲୋଡ଼; ଲୋପ୍ତ୍ର= ଗୋଡ଼ିମାଲ; ଲୋଟା ଗୋଟିଏ ବସ୍ତୁ ଥିବାରୁ ତାକୁ ଗୋଡ଼ି ଗୋଡ଼ି କରି କହନ୍ତି; ଏହି ଅର୍ଥସମ୍ଭୂତ)—୨ । ଗାଲ; ଗୋଟିଏ ମୁହଁ
ଲୋଟା, ଘটি ଲୋଟା ଓ ବଡ଼ ପେଟ ଥିବା ଧାତୁ ନିର୍ମିତ ଜଳପାତ୍ର (ଏହା ଗଡ଼ୁଆଠାରୁ ଛୋଟ)—2. A small metal jug. [ଦ୍ର—ଅଥବା ସଂ. ଲୁଣ୍ଠ ଧାତୁ=ଭୂମିରେ ଲୋଟିବାରୁ; ତୁଳନା କର ଇଂ. Tumble =ଟଂବ୍ଲର୍=ପାଣିପିଆ ଗ୍ଲାସ୍; ଇଂ. ଟମ୍ବ୍ଲର ଅର୍ଥ ଲୋଟଣି ।)

ଲୋଟା(ଟେ)ଇବା—ଦେ. କ୍ରି (ସଂ. ଲୁଣ୍ଠ ଧାତୁ)—୧ । ଲୋଟିବା କ୍ରିୟାର ଣିଜନ୍ତରୂପ—2. Causative form of the verb Lotiba:
Lota(te)iba
ଲୋଟାନ ଲୋଟବାନା
ଲୁଟାନ ଲୁଟବାନା (ଉ—ଲୋଟାଅ ଭୂମି ପାଦପଦ୍ମରେ ମୋ ମାଥ—କୃଷ୍ଣସିଂହ ମହାଭାରତ ସଭା ।) ୨ । ଲୁଟିବା କ୍ରିୟାର ଣିଜନ୍ତରୂପ—2. Causative form of the verb Lutiba.

ଲୋଟା କଂସା—ଦେ.ବ(ସମାହାର ଶବ୍ଦ)—ଲୋଟା ଓ ଅନ୍ୟ ଧାତୁପାତ୍ରମାନ—
Lota kamsa Jug and other metal-made utensils.
ଘଟୀବାଟୀ ଲୋଟା କାଁସା,
(ଲୋଟା ଗିନା, ଲୋଟା ଘଡ଼ା, ଲୋଟା ଥାଳ, ଲୋଟା ଗିନା, ଲୋଟାପିତଳ ଲୋଟା ଗିଲାସ—ଅନ୍ୟରୂପ)
ଲোটা কাঁসা, লোটা ঘড়া (গগরা), লোটা ঘটি, লোটা বাটী লোটাপিতল
लोटा गिलास; लोटागगरा; लोटालोटिया; लोटाबाटि; लोटा तसला

ଲୋଟା ଦେବା—ଦେ. କ୍ରି (ସଂ. ଲୁଣ୍ଠ ଧାତୁ)—ଭୂମିରେ ଗଡ଼ିବା—
Lota deba To roll on the ground. [ଉ—
ଗড়াগড়ি দেওয়া लटादेना ଏହି ସକାଶରୁଁ ଦୈତ୍ୟକୋଟି କୋଟି, ମରଣ ଦେଲେ ଭୂମିଦେଶରେ ଲୋଟାଟି— [କୃଷ୍ଣସିଂହ ମହାଭାରତ ବନ ।)

ଲୋଟାଲୁଟି—୧ । ଲୁଟାଲୁଟି (ଦେଖ)—1. Lutaluti (See)
Lotaluti ୨ । ଲୋଟାଲୋଟି (ଦେଖ)—Lotaloti (See)

ଲୋଟାଲୋଟି—ଦେ. ବ [ସମାହାର]—ବଡ଼ ଓ ସାନ ଗାଲମାନ—
Lotaloti Water jugs, big and small.
ବড়ঘটীছোটঘটী लोटालोटिया

ଲୋଟି—ଦେ. ବ—୧ । ଗୋଟି ଲୋଟା; ଗୋଟି ଗାଲ—
Loti 1. Small jug ୨ । ଲୁଟି (ଦେଖ)—
ଆବখোরা लोटी 2. Luti (See).

ଲୋଟିଆ—ଦେ. ବ—୧ । ଗୋଟି ଲୋଟା; ଲୋଟି—
Lotia ଆবখোরা लोटिया 1. Small jug.
যে ঘটী ধরে যায় ୨ । ଯେଉଁ ଭୃତ୍ୟ ପାଣି ଲୋଟା ଧରି ପ୍ରଭୁଙ୍କ ସାଙ୍ଗରେ ଥାଏ—2. A personal servant
खवास who is the jug-bearer of a master. ୩ ।
লুটেরা लूटेरा ଲୁଟିଅଗ; ଡକାଇତ-3. Pillager; plunderer.

ଲୋଟିଆଇବା—ଦେ. କ୍ରି—ଲୁଟାଇବା (ଦେଖ)
Lotiaiba লোটান लुटवाना Lutaiba (See)

ଲୋଟିଆର(ଲ)—ଦେ. ବ (ସଂ. ଲୁଣ୍ଠନକାରୀ)—ଲୁଣ୍ଠନକାରୀ;
Lotiara(la) ଡକାଇତ—Plunderer, dacoit.
লুটেরা लूटेरा

ଲୋଟି କରିବା—ଦେ. କ୍ରି—ଲୁଟି କରିବା (ଦେଖ)
Loti kariba Luti kariba (See)

ଲୋଟିକା—ସଂ. ବ—ଖଟାପାଳଙ୍ଗ ଶାଗ—
Lotika Sorrel (M. W).

ଲୋଟି ତରଜ(ଜା)—ଦେ. ବ—ଲୁଟ୍ ତରଜ (ଦେଖ)
Loti taraja(ja) Lut taraja (See)

ଲୋଟି ପଡ଼ିବା—ଦେ. କ୍ରି—ଲୁଟି ପଡ଼ିବା (ଦେଖ)—Luti
Loti pardiba pardiba (See) (ଯଥା—ପରଶ୍ରମ ନ କରି ତୁ ଏଠାରୁ ପୁଲାଏ ମାରି ନେବୁ ବୋଲି ବସିଛୁ ! ଏଠାରେ କଅଣ ଲୋଟି ପଡ଼ୁଛି ?)

ଲୋଟି ପା(ଲା)ଟି ନେବା—ଦେ. କ୍ରି—ଲୁଟିପାଟି ନେବା; ସମସ୍ତ ଦ୍ରବ୍ୟ
Loti pa(la)ti neba ଲୁଣ୍ଠନପୂର୍ବକ ଅପହରଣ କରିବା—
লুটে পুটে নেওয়া To loot away every thing.
लूटपाट लेना

ଲୋଟିବା—ଦେ. କ୍ରି (ସଂ. ଲୁଣ୍ଠ; ପ୍ରା. ଲୋଟ)—୧ । ଲୁଣ୍ଠିତ ହେବା—
Lotiba 1. To roll; to wallow. [ଉ—ସେ ବନ
লোটা लोटना ପର୍ଯ୍ୟନ୍ତ କୃଷ୍ଣକୁଞ୍ଜକୁ । ଲୋଟଇ ତା ଶିରେ ବନ
লুট করা ଲତିକା—ନନ୍ଦକିଶୋର. କର୍ଣ୍ଣଶଣୀ ।] ୨ । ଲୁଟିନେବା;
लूटना ଡକାଇତି କରି ବସ୍ତୁ ଅପହରଣ କରିବା—2. To take things by robbery or dacoity.

ଲୋଟିସ୍ (ଇତ୍ୟାଦି)—ଗ୍ରା. ବୈଦେ. ବ—ନୋଟିସ୍ ଇତ୍ୟାଦି (ଦେଖ)
Lotis (etc) Notis (etc) (See)

ଲୋଟି ସାଉ(ଉଁ)ଟି ହେବା—ଦେ. କ୍ରି—ଅତ୍ୟନ୍ତ ବିକଳ ହୋଇ ଭୂଇଁରେ ଲୁଟିବା ବା ଗଡ଼ିବା—
Loti sau(un)ti heba
গড়াগড়ি দেওয়া लोटना, तडपना To roll on the ground
[ଲୋଟି ସାଉ(ଉଁ)ଟି ହୋଇଯିବା—ଅନ୍ୟରୂପ] in excessive pain.

ଲୋଟିସୁ—ଗ୍ରାଦେ. (ଗଞ୍ଜାମ) ବ—ନୋଟିସୁ (ଦେଖ)—Notisu
Lotisu (See) [ଦ୍ର—ଅଜ୍ଞମାନଙ୍କ ଉଚ୍ଚାରଣ ଦୋଷ ଅନୁସାରେ ଗଞ୍ଜାମର ଓଡ଼ିଆମାନେ କେତେକ ବୈଦେଶିକ

ହଲନ୍ତ ଶବ୍ଦମାନଙ୍କୁ ସ୍ୱରବର୍ଣ୍ଣାନ୍ତ କରି ଉଚ୍ଚାରଣ କରନ୍ତି । ତୁଳନା କର ଜଳ୍ ସ୍ଥଳରେ ଜଳଜା ।]

ଲୋଟି ହୋଇ ପଡ଼ିବା—ଦେ. କ୍ରି—ଆନନ୍ଦରେ ବା ଦୁଃଖରେ ବା ଦୁଃଖରେ ଅଭିଭୂତ ହେବା—To be
Loṭi hoi paṛibā
गड़ागड़ि देओया लोट जाना overwhelmed either with joy or sorrow.
[ଲୋଟିଯିବା—ଅନ୍ୟରୂପ]

ଲୋଠ—ସଂ. ବ (ଲୁଠ୍ ଧାତୁ+ଭାବ. ଅ)—ଭୂମିରେ ଲୋଟିବା; ଗଡ଼ିବା—Rolling; wallowing on the ground (M. W).
Loṭha

ଲୋଠନ—ସଂ. ବ (ଲୁଠ୍ ଧାତୁ+ଭାବ. ଅନ)—୧ । ଭୂମିରେ ଗଡ଼ିବା—
Loṭhana 1. Rolling on the ground. ୨ । ମୁଣ୍ଡକୁ ହଲାଇବା; ଶିରଃ କମ୍ପନ—2. Wagging of the head (M. W).

ଲୋଠଭୂ—ସଂ. ବ (ବହୁବ୍ରୀହି; ଲୋଠ+ଭୂ)—ଯେଉଁ ସ୍ଥାନରେ ଭୂମିରେ
Loṭhabhū ବା ଧୂଳିରେ ଘୋଡ଼ା ଗଡ଼ୁଥାଏ—A place where a horse is rolling in dust (M. W).

ଲୋଡ୍(ଧାତୁ)—ସଂ-୧ । ଉନ୍ମତ୍ତ ହେବା—1. To be maddened.
Loḍ (root) ୨ । ମାତିବା—2. To be excited.

ଲୋଡ୍—ବୈଦେ. ବ (ଇଂ)—୧ । ବୋଝ—1. Load. ୨ ।
Lod ଶଗଡ଼ ବା ଡଙ୍ଗା ଆଦିର ବୋଝ—2. The load of a
लोड लोड cart or boat.

ଲୋଡ(ଡ଼)ନ—ସଂ. ବ (ଲୁଡ୍ ଧାତୁ+ଭାବ. ଅନ)—ଆଲୋଡନ;
Loḍa(ṛḍa)na ଆନ୍ଦୋଳନ—Agitation; agitating.

ଲୋଡ଼ନ୍ତା—ଦେ. ବଣ.—୧ । ଖୋଜୁଥିବା; ଅନ୍ୱେଷଣକାରୀ—
Lorḍantā ये खुजे 1. Searching; seeking after.
ढुंढनेवाला [ଉ—ଛଡ ଛଡ଼ ସଖି ! ମୁଁ ବଡ଼ କର୍ମୀଣୀ, କେ ମୋତେ ଲୋଡ଼ନ୍ତା ଅଛି । ପ୍ରାଚୀ. ରହସ୍ୟମଞ୍ଜରୀ ।]
୨ । ଯେ ଲୋଡ଼ୁଥାଏ; ଯାହାର ଦରକାର ଥାଏ—
2. Requiring; needing.

ଲୋଡ଼ା—ଦେ. ବ.—(ସଂ. ଲୋଡ୍ ଧାତୁ=ଉନ୍ମତ୍ତ ହେବା; ଅଥବା ସଂ.
Lorḍā ଲୁଡ୍ ଧାତୁ=ମନ୍ଥନ କରିବା; କୌଣସି ସ୍ଥାନରେ ଯେଉଁ
दरकार दरकार ପଦାର୍ଥକୁ ମନୁଷ୍ୟ ଖୋଜୁଥାଏ ସେଥିପାଇଁ ସେ
खुजा ढुंढा ଉକ୍ତ ସ୍ଥାନକୁ ଦଉଡ଼ି ମନ୍ଥି ପକାଏ)—୧ । ପ୍ରୟୋଜନ—
निमन्त्रण न्यौता 1. Necessity. [ଉ—ପଦ୍ମିଣ ଛାର ନ ଲୋଡ଼ାରେ ସଙ୍ଗାତ । କବିସୂର୍ଯ୍ୟ. ସଙ୍ଗୀତ ।] ୨ । ଅନ୍ୱେଷଣ କରିବା; ଖୋଜିବା; ଧୁଣ୍ଡିବା—2. Searching for a thing; search. ୩ । ବନ୍ଧୁ ଆଦିଙ୍କ ବିବାହ ଉତ୍ସବରେ ନିମନ୍ତ୍ରଣ—3. Invitation of relatives to a festival. ୪ । (ପାନବରଜିଆ ଭାଷା) ତୋଳା; ଲତାରୁ ପାନ ଛିଣ୍ଡାଇବା ବା ତୋଳିବା—4. (Technical term of betelgrowers) Plucking of betel
निमन्त्रित -leaves from the creepers. ବଣ.—ବିବାହାନ୍‌ଯୋତାदिआ हुआ दरकारी दरकारी ବନ୍ଧୁ ନିମନ୍ତ୍ରିତ—
याके खुजे ढुंढा हुआ 1. Invited to a festival. ୨ । ପ୍ରୟୋଜନୀୟ, ଦରକାରୀ—2. Necessary. [ଉ—ବନ୍ଧୁ ! ଅଛି ନ ଲୋଡ଼ା, ନୃତ୍ୟ ନାଅଲି କର୍ମିତ ଚଢ଼ା । କବିସୂର୍ଯ୍ୟ. ସଙ୍ଗୀତ ।] ୩ । ଖୋଜା; ଯେଉଁ ଦ୍ରବ୍ୟକୁ ମନୁଷ୍ୟ ଖୋଜୁଥାଏ; ଅନ୍ୱେଷିତ—3. Searched after. [ଉ—ପୁଷ୍ପକରେ ତୀର୍ଥରେ ଯେ ସ୍ନାନ କରିଅଛି, ତାହାର କେଉଁ ପୁଣ୍ୟ ଆଉ ଲୋଡ଼ା ଅଛି କୃଷ୍ଣଙ୍କ. ମହାଭାରତ. ବନ ।] ୪ । ବାଞ୍ଛିତ; ଇପ୍ସିତ-
दरकारी चाहा हुआ 4. Wished for.

ଲୋଡ଼ା ଅଲୋଡ଼ା—ଦେ. ବଣ (ବିପରୀତାର୍ଥ ସହଚର)—ଦରକାରୀ ଓ
Lorḍā alorḍā ବେଦରକାରୀ (ପଦାର୍ଥ)—Necessary
दरकारी बेदरकारी and unnecessary (things).
दरकारी बेदरकारी

ଲୋଡ଼ା(ଡ଼େ)ଇବା—ଦେ. କ୍ରି—ଲୋଡ଼ିବା କ୍ରିୟାର ଣିଜନ୍ତ ରୂପ—
Lorḍā(rḍe)ibā Causative form of the verb Lorḍibā.

ଲୋଡ଼ା କରିବା—ଦେ. କ୍ରି—ଲୋଡ଼ିବା (ଦେଖ)—Lorḍibā (See)
Lorḍā karibā [ଉ—ସେ ଗୋରୀ ଯୁବା ଛବି ଜ୍ଞାନ ବୁଡ଼ା; ସେହି ବକତେ ବକଳ ହୋଇ ମନ, ଅନ ନ କରଇ ଲୋଡ଼ା । ଉପେ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।]

ଲୋଡ଼ାକୁ ଆସିବା—ଦେ. କ୍ରି—ଲୋଡ଼ା ଯିବା; ଲୋଡ଼ା ପଡ଼ିବା (ଦେଖ)
Lorḍāku āsibā Lorḍā paṛibā. (See)
दरकारे आसा काममें आना

ଲୋଡ଼ା ଚିଜ—ଦେ. ବ—୧ । ଦରକାରୀ ପଦାର୍ଥ, ପ୍ରୟୋଜନୀୟ ବସ୍ତୁ—
Lorḍā chija 1. Necessary thing; useful article.
दरकारी जिनिष ୨ । ଯାହା ଭବିଷ୍ୟତରେ ଆବଶ୍ୟକ ହେବ—
दरकारी चीज 2. (that) Which may be of use in future.

ଲୋଡ଼ା ପଡ଼ିବା (ଯିବା, ହେବା)—ଦେ. କ୍ରି—୧ । (କୌଣସି ପଦାର୍ଥ)
Lorḍā paṛibā (jibā, hebā) ଦରକାର ପଡ଼ିବା—1. (A
दरकार हओया thing) To be wanted; to be required,
दरकार होना ୨ । ଖୋଜା ଯିବା—2. To be sought for; to be searched after.

ଲୋଡ଼ା ଲୋଡ଼ି—ଦେ. ବ—ପରସ୍ପର ବନ୍ଧୁ ନିମନ୍ତ୍ରଣ କରିବା—
Lorḍā lorḍi Mutual invitation.
डाका डाकि न्यौतान्यौती

ଲୋଡ଼ା ସଙ୍ଖୁ(ଙ୍ଖୋ)ଳା—ଦେ. ବ(ଏକାର୍ଥକ ସହଚର)—ବନ୍ଧୁ ବାନ୍ଧବଙ୍କୁ
Lorḍā saṅkhu ṅkho)lā ଲୋଡ଼ିବା ଓ ସଙ୍ଖୁଳିବା—
निमन्त्रण तत्त्व Inviting relatives and enquiring
न्यौतान्यौती after their weal.

ଲୋଡ଼ି ଅଣିବା—ଦେ. କ୍ରି—୧ । ବରଣ କରିବା—1. To court
Lorḍi āṇibā (something). [ଉ—କାପୁରୁଷ ଲୋକେଙ୍କ

निमन्त्रण करे आना ସିନା ବାପଭାଇ, ଭଉଣୀ ଭାଇ ଲୋଡ଼ି ଅଣନ୍ତି ।
ख़रीदना ମଣ୍ଡଳ । କୃଷ୍ଣସିଂହ. ମହାଭାରତ. ବନପର୍ବ ।]
୨ । କୌଣସି ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରି ଅଣିବା—
2, To bring a persons by inviting;

ଲୋଡ଼ିତ—ସଂ. ବିଣ (ଲୁଡ଼୍ ଧାତୁ ଣିଚ+କର୍ମ. ତ)—୧ । ଆଲୋଡ଼ିତ; Lordita ଆନ୍ଦୋଳିତ—1. Agitated (M. W). ୨ ।ଚକିତ; ଦୁଃଖପ୍ରାପ୍ତ—2. Troubled (M. W).

ଲୋଡ଼ିବା—ଦେ. କି (ସର୍ବନାମ, ସଂ. ଲୁଡ଼୍ ଧାତୁ)—୧ । (କୌଣସି Lordiba ପଦାର୍ଥ) ଖୋଜିବା—1 To search after. खूँजा [ଉ—ବଣେଗୋର । ଲୋଡ଼ିଲେ ଅଛି କେ ଦେବ । କବିସୂର୍ଯ୍ୟ ढूंढ़ना ସଙ୍ଗୀତ ।] ୨ । ଦରକାର କରିବା—2. To want; चाहना to require. [ଉ—ମାର ସ ! ମାରି, ନ ପୁଣ चाहना କଷ୍ଟାଇ ତାରି ଲୋଡ଼ିଲ ଏହା ସୁନ୍ଦର ମର । ଭଞ୍ଜ ପ୍ରେମ. [ଲୋଡ଼ା ଯି(ହେ)ବା—କର୍ମବାଚ୍ୟ ରୂପ] ସୁଧାନିଧି] ୩ । ବାଞ୍ଛା କରିବା—3. To wish for. ୪ । କୌଣସି ବିଷୟ ପ୍ରତି ଲାଳାୟିତ ହେବା—4. To hanker after something; to long for. [ଉ—ଲୋଡ଼ି ଶ୍ୟାମ ପ୍ରୀତିକି ସଜଣ ଯୁବତୀ କ କେ କହୁନାହିଁ ଧର ଦଶନେ ଡାକ ଗାଇ ! କବିସୂର୍ଯ୍ୟ. ସଙ୍ଗୀତ ।] ୫ । ବିବାହାଦି ଉତ୍ସବରେ ବନ୍ଧୁଙ୍କୁ न्यौता करना ନିମନ୍ତ୍ରଣ କରିବା—5. To invite relatives on special festivals. ୬ । (ପାନବରଜଅଙ୍କ ଭାଷା) ପାନ ଲଟାରୁ ପାନ ତୋଳିବା—6. To pluck betel leaves from creepers. ଗ୍ରାଦେ. (ଗଞ୍ଜାମ)—୧ । ଅନୁରୋଧ କରିବା—1. To request. ୨ । ଡାକିବା—2. To call. [ଉ—ଦୁଃଖସ୍ୱ ସେବଣି କହିଲ ବହୁରଙ୍କୁ, ଲୋଡ଼ ଛନ୍ତି ରଜା ତୁମ୍ଭଙ୍କୁ ଦେଖିବାକୁ—କୃଷ୍ଣସିଂହ. ମହାଭାରତ. ସଭା ।]

ଲୋଣା—ଦେ. ବିଣ.—(ସଂ. ଲବଣାକ୍ତ)—ଲୁଣା, ଲବଣାକ୍ତ, ଲୁଣି, Lona ନୋ(ଲୋ)ନା ଲୁଣିଆ—Saline; salted; im-
नमकीन, नोनी, लोणी pregnated with salt
ସ. ବି.—ଲୋଣୀ (ଦେଖ)—Loni (See)

ଲୋଣାମ୍ଳା—ସଂ. ବି.—ଲୋଣୀ ଦେଖ)
Lonamla Loni (See)

ଲୋଣୀ—ସଂ. ବି.—(ବୈଦ୍ୟକ)—ଛୋଟ ଲୁଣି ଶାଗ, ଏକ ପ୍ରକାର Loni ଶାକ ବା ବର୍ଷାୟୁ କ୍ଷୁଦ୍ର ଗୁଳ୍ମ; ଲୁଣି ଲୁଣିଆ ଶାକ ଗୁଳ୍ମ—
ସଂ. ଲୋଣା, ଲୋଣୀ(ଛୋଟ ଲୁଣୀ), ବୃହଲ୍ଲୋଣୀ, ଘୋଟିକା ବୃହଲ୍ଲୋଣୀ
ଦେ. ଲୁଣୀ,
ତା. କୋଉଲକୀରେ
ଫା. ଖୁରଫା
ଅ, ବକ୍ଲିଲୁଲ, ହୁମକା
ବ. ଲୁଣୀଛିଣୀ, ଲୁଣୀ ମୋଛ୍ଠୀ
हुनी, लोनी, नुनेशाक
लुनिआ शाक, नोनिआ, लोणी, कुलफा
[ଲୋଣିକା—ଅନ୍ୟରୂପ]
Indian Parslane; Protulaca oleracea; oxalis. [ଦ୍ର—ଏହାର ପତ୍ର କ୍ଷୁଦ୍ର, ଈଷତ୍ ଅମ୍ଳାକ୍ତ ଏବଂ ଏ ଦୋଳିର ମଞ୍ଜି ଅତି ଛୋଟ ଛୋଟ ଓ କଳାବର୍ଣ୍ଣ । ଏ ଗୁଳ୍ମ ୨ ପ୍ରକାର, ବୃହଲ୍ଲୋଣୀ ଓ କ୍ଷୁଦ୍ରଲୋଣୀ । ଏ ଘର ଉପରେ ୨ ହାତ ବଢ଼େ ଓ ବହୁ ଶାଖାଯୁକ୍ତ । ଛୋଟ ଲୋଣୀ ରୁକ୍ଷ, ଗୁରୁ, ଅଗ୍ନିଦୀପକ, ଅମ୍ଳ ରସ, ଲବଣ ସ୍ୱାଦ ଓ ଏହା ଅର୍ଶଃ, ବାୟୁ, ଶ୍ଳେଷ୍ମା, ଅଗ୍ନିମାନ୍ଦ୍ୟ ଓ ବିଷଦୋଷ ନାଶକ । ବଡ ଲୋଣୀ—ଅମ୍ଳ ରସ, ସାରକ, ବାତବର୍ଦ୍ଧକ, ଓ ଏହା ଶୋଥ, ନେତ୍ରରୋଗର ହିତକର । ଏହାଦ୍ୱାରା କଫ, ପିତ୍ତ, ଚର୍ମରୋଗ ବ୍ରଣ, ଗୁଳ୍ମ, ଶ୍ୱାସ, କାଶ, ପ୍ରମେହ ରୋଗର ଶାନ୍ତି ହୁଏ ଦ୍ରବ୍ୟଗୁଣ ।]

ଲୋତ—ସଂ. ବି.—(ଲୁ ଧାତୁ=ଛେଦନ କରିବା+କର୍ମ. ତ)—୧ । Lota ଲୋପ୍ତ; ଚୋର ମାଲ—1. A stolen article. ୨ । ଲୁଣ୍ଠିତ ଧନ, ଅପହୃତ ଦ୍ରବ୍ୟ—2. Booty; plunder. ୩ । ଲୋତକ; ଅଶ୍ରୁ ; ଲୁହ—3. Tears. ୪ । ଚିହ୍ନ-4. Sign; mark. ୫ । ରଣ—5, Battle.

ଲୋତକ—ସଂ. ବି.—(ଲୋତ+ସ୍ୱାର୍ଥେ. କ)—ଲୁହ; ଅଶ୍ରୁ — Lotaka Tears.
[ଉ—ଝରୁଛି ଲୋତକ ନେତ୍ରେ କରୁଛି ପ୍ରେମଯାଚକ । ଗୋଲୋକ—ଭକ୍ତରେଖା ।]

ଲୋଟର—ଦେ. ବିଣ — (ସଂ. ଲୁଳିତରେ)—୧ । କୋଟର; ଲଟପଟ; Lotara ଲୋଟପଡ଼ା; ନରମ; ଅତି କୋମଳ—1. Very soft; अत्यन्त नरम चिप चिपा, पल पल yielding to the souch. [ଦ୍ର—ଆମ୍ବ ଅତି ପଲ ଅତି ପାଚି ଗଲେ ଲୋଟର ହୋଇଯାଏ ।] ୨ । ଜୀର୍ଣ୍ଣ—
2. Worn out. ୩ । ପତଳ ଚର୍ମ; ଲୁଳିତ (ଚର୍ମ)—
3. Flabby-skinned; having wrinkled or
लोल सिकुड़ा हुआ corrugated skin.

ଲୋଟର କୋଟର—ଦେ. ବିଣ.—(ପୁଂ ଓ ସ୍ତ୍ରୀ)—୧ । ହସି ହସି Lotara kotara ଅବଶ ହୋଇଯିବା—1. Overcome कुटि पाटि लोट पोट or overpowered by laughing [ଲୋଟରୀ କୋଟରୀ—ସ୍ତ୍ରୀ] much; laughing to the bursting point. ୨ । ଅତ୍ୟନ୍ତ ବଢ଼ି ଯାଇଥିବା (ଫଳ)—2. Rotten (fruit.)

ଲୋଟରୀ—ଦେ. ବିଣ. ସ୍ତ୍ରୀ—୧ । ଲୋଟରର ସ୍ତ୍ରୀଲିଙ୍ଗ—
Lotari लोलचम लंबी हुई 1. Feminine of lotara. ୨ । ବାର୍ଦ୍ଧକ୍ୟ ଯୋଗୁଁ ଯେଉଁ ସ୍ତ୍ରୀର ସ୍ତନ ଓ ଅବୟବାଦିର ଦୃଢ଼ତା ଲୋପ ହୋଇଥାଏ ଓ ଚର୍ମ ଅତି ଢିଲା ପଡ଼ିଥାଏ; ପତଳ ଚର୍ମଯୁକ୍ତା ଓ ଲୁଳିତସ୍ତନା (ସ୍ତ୍ରୀ)—2. (woman) Soft-skinned and flabby owing to old age; flabby-breasted and flabby-skinned (old woman).

ଲୋଟର(ରେ)ଇବା—ଦେ. କି.—(ଲୋଟରବାର ଣିଜନ୍ତ ରୂପ)— Lotara(re)iba ଲଟପଟ କରିବା; ପାଚିଲା ଫଳକୁ ହାତଦ୍ୱାରା

ଲୋଟରି କରିବା } —ଅନ୍ୟରୂପ ଚିପିଚିପି ଅତି ନରମ
ଲୋଟରି ହୋଇରିକରିବା କରି ଦେବା;
ଲ(ନ)ତ ଲ(ନ)ତାନ ନଷାଇବା—To soften a ripe fruit
पल पलाना by repeatedly pressing it with one's fingers.

ଲୋଟରିବା—ଦେ. କ.—(ସଂ. ଲୁଣ୍ଠନ)—ଲୋଟଣ୍ଡ ଯିବା—
Lotaribā To become very soft and flabby
খুব নরম হওয়া पल पलाना (said of over ripe
[ଲୋଟରି ଯିବା—ଅନ୍ୟରୂପ] fruits.)

ଲୋଟା—ଦେ. ବଣ.—(ସଂ. ଲୋତ୍ର)—ଚୋରି (ମାଲ); ଗୁପ୍ତ (ଧନ)—
Lotā পোতা; লুকান Stolen or hidden (property).
गड़ा हुआ ବି.—ଗୁପ୍ତ ଧନ—Hidden treasure;
পোঁতা ধন् गाड़ाहुआ धन treasure trove.

ଲୋଟେକ—ସ୍ତ୍ରୀ. ବି.—(ସଂ. ଲୋତକ)—ଲୋତକ; ଲୁହ—
Loteka লো, নোতক नोर Tears.
[ଦ୍ର—ଭାଗ୍ୟ ଏଟେକ, କଲ୍ଲ ଲୋଟେକ, ଭାବ ଯେତେକ ଚନ୍ଦ୍ର। ଭଞ୍ଜ. ପ୍ରେମସୁଧାନିଧି।]

ଲୋତ୍ର—ସଂ. ବି.—(ଲୁ ଧାତୁ+କର୍ମ. ତ୍ର)—୧। ଚୋର୍ଯ୍ୟ ଧନ; ଚୋରି
Lotra ମାଲ—1. Booty; stolen article. ୨।
ଲୋତକ; ଲୁହ—2. Tears (M. W.)

ଲୋଥ—ଦେ. ବି.—ନୋଥ (ଦେଖ)
Lotha Notha (See)

ଲୋଥ(ଥୁ)ରା—ଦେ. ବି. ଓ ବଣ. ପୁଂ.—(ସଂ. ସ୍ଥୂଳକାୟ)—୧।
Lotha(thu)rā ନପୁଂସକ ବ୍ୟକ୍ତି; ହେଣ୍ଡୋଡ଼ା—1. An
নপুংসক impotent person; eunoch. ୨। ଅଧିକରୁ ବୟସ୍କ
हिजड़ा ହୋଇ ସୁଦ୍ଧା ଯେ ବିବାହ କରି ନ ଥାଏ—2. (A
বুড়ো, আইবুড়ো person) Who is still a bachelor in
कुँवारा an advanced age. ୩। ଅତି ସ୍ଥୂଳକାୟ ବ୍ୟକ୍ତି—
मोटा মোটা 3. A fat or corpulent person.

ଲୋଥ(ଥି,ଥୁ,ଥେ)ରୀ—ଦେ. ବି ଓ ବଣ—ସ୍ତ୍ରୀ—୧। ସ୍ତ୍ରୀସ୍ୱଭାବରହିତା
Lotha(thi,thu,the)rī ସ୍ତ୍ରୀ; ହେଣ୍ଡୋଡ଼ୀ—1. A woman
হিজড়া showing no external signs of femini-
हिजड़ा[ड़ी] nity. ୨। ବୟସ୍କା କୁମାରୀ; ଅରଅଢ଼ୀ; ବଢ଼ବୁଢ଼ୀ—
বুড়ীকন্যা 2. Grown up maid. ୩। ଅତି ସ୍ଥୂଳକାୟା ସ୍ତ୍ରୀ—
कुँवारी 3. Very corpulent woman.
মোটা मोटी

ଲୋଦର—ଦେ. ବି—ଓଦର (ଦେଖ)
Lodara Odara. (See)

ଲୋଦା—ଦେ. ବି—ନୋଦା (ଦେଖ)
Lodā Nodā. (See)

ଲୋଦି(ଦୀ)—ଦେ. ବି—ପ୍ରାଚୀନ ଭାରତବର୍ଷର ଏକ ମୁସଲମାନ ରାଜବଂଶର
Lodi(dī) ନାମ—Name of a Mahomedan dynasty
লোদী लोदी of kings of ancient India.

[ଦ୍ର—ଏ ରାଜବଂଶର ପ୍ରତିଷ୍ଠାତା ବହ୍ଲୁଲ୍ ଲୋଦୀ ଖ୍ରୀ ୧୪୫୦ରୁ ୧୪୮୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ସୈୟଦ୍ ରାଜବଂଶର ଶେଷ ସମ୍ରାଟ ଅଲାଉଦ୍ଦିନ୍ ଏହାଙ୍କୁ ନିଜର ରାଜ୍ୟାଧିକାର ଅର୍ପଣ କଲେ। ଏ ପୂର୍ବେ ସରହିନ୍ଦ୍ ପ୍ରଦେଶର ଶାସନକର୍ତ୍ତା ଥିଲେ। ଏହାଙ୍କ ପୁତ୍ର ନିଜାମ୍ ସେକନ୍ଦର୍ ଶାହ ନାମ ଧାରଣ କରି ଏହାଙ୍କ ପରେ ୧୪୮୦ରୁ ୧୫୧୭ ପର୍ଯ୍ୟନ୍ତ ରାଜା ହେଲେ। ଏ ବଙ୍ଗର ରାଜାମାନଙ୍କଠାରୁ ବିହାର ଜୟ କଲେ ଓ ଦିଲ୍ଲୀଠାରୁ ଆଗ୍ରାକୁ ରାଜଧାନୀ ଉଠାଇ ନେଲେ। ଏ ହିନ୍ଦୁବିଦ୍ୱେଷୀ ଥିଲେ। ଏହାଙ୍କ ପରେ ଏହାଙ୍କ ପୁତ୍ର ଇବ୍ରାହିମ୍ ଲୋଦୀ ରାଜା ହେଲେ। ଏହାଙ୍କ ଗର୍ବ ଓ ନିଷ୍ଠୁରତା ଯୋଗୁଁ ଚିତୋରର ରାଣା ସଂଗ୍ରାମସିଂହ ଓ ପଞ୍ଜାବର ଶାସନକର୍ତ୍ତା ଦୌଲତ୍‌ଖାଁ ଲୋଦୀ ବିଦ୍ରୋହୀ ହେଲେ ଓ ଦୌଲତ୍‌ଖାଁଙ୍କ ନିମନ୍ତ୍ରଣ ଅନୁସାରେ କାବୁଲର ସୁଲତାନ୍ ବାବର ଭାରତ ଆକ୍ରମଣ କଲେ ଓ ୧୫୨୬ରେ ପ୍ରଥମ ପାଣିପଥ ଯୁଦ୍ଧରେ ଇବ୍ରାହିମ୍ ଲୋଦୀଙ୍କୁ ପରାସ୍ତ କରି ଭାରତରେ ମୋଗଲ ସାମ୍ରାଜ୍ୟ ସ୍ଥାପନ କଲେ। ଏହି ଲୋଦୀ ବଂଶୀୟ ରାଜାମାନଙ୍କ ଅମଳରେ ଚୈତନ୍ୟ ଦେବ (୧୪୮୬-୧୫୨୭) ଙ୍କ ଅବିର୍ଭାବ ହୋଇଥିଲା। ପ୍ରୋଥେରୋ ସାହେବଙ୍କ ସ୍କୁଲପାଠ୍ୟ ଇଂରାଜି ଭାରତ ଇତିହାସ)

ଲୋଧ(ଧ୍ର)—ସଂ. ବି (ରୁଧ୍ ଧାତୁ=ଆବରଣ କରିବା+କର୍ତ୍ତୃ. ଅ; ରୁଧ୍.
Lodha(dhra) ଧାତୁ+କର୍ତ୍ତୃ. ର)—ଏକ ପ୍ରକାର ଔଷଧ ବୃକ୍ଷ;
(ଲୋଧ୍ରକ—ଅନ୍ୟରୂପ) ଲୋଧ—Symplocus Racemosa;
লোধ, পাঠানীলোধ Symplocus Crataegoides. [ଦ୍ର—
लोध; पठानीलोध ଶ୍ୱେତ ଓ ରକ୍ତ ଭେଦରେ ଏହା ଦୁଇ ପ୍ରକାର।
ତେ. ଲେଣ୍ଟୁଗେ ତୁଗଚେଟ୍ଟୁ, ଲୋଧ୍ରମୁ] ରକ୍ତଲୋଧ୍ରର ନାମ ପଟ୍ଟିକା
ଗୁ. ଲୋଦର; ପଠାଣୀଲୋଦର ଲୋଧ୍ର ବା ପାଠକଲଥି ଲୋଧ।
ଅ. ମୁକାମ୍ ଶ୍ୱେତ ଲୋଧର ନାମ ଶାବର
ମ. ଲୋଧ୍ର ଲୋଧ। (ଏହାର ସଂସ୍କୃତ
ଅନ୍ୟ ସଂ. ନାମ—ତିଲ୍ୱ, ତିରୀଟ, ଶାବର, ଜୀର୍ଣ୍ଣପତ୍ରୀ, ବୃହତ୍ପର୍ଣ୍ଣୀ,
ଗାଲବ, ରୋଧ୍ର, ହସ୍ତିଲୋଧ୍ର, ମାର୍ଜ୍ଜନ, ସ୍ଥୂଳ।) ଏ ବୃକ୍ଷ ଭାରତର
ବନପ୍ରିୟ, ବାକଶୋଧନ, ତିଲକ; ଜଙ୍ଗଲରେ ଉତ୍ପନ୍ନ ହୁଏ। ଏ
କାଣ୍ଡକୀଲକ, ହସ୍ତିଲୋଧ୍ରକ, ତିଲକ, ଗଛର ଛାଲ ରଙ୍ଗ ପାଇଁ,
କାଣ୍ଡମାଲ, ହେମପୁଷ୍ପ, ଉଚ୍ଚ, ଚମଡ଼ା ଡିଆର ଓ ଔଷଧରେ
ତିଲ୍ୱକ, କାଠକୀଲକ, ଶମ୍ବର, ଲାଗେ। ଛାଲକୁ ଗରମ
ଜୀର୍ଣ୍ଣପତ୍ରୀ, ବୃହତ୍ପର୍ଣ୍ଣୀ, ସ୍ଥୂଳବଲ୍କଲ। ପାଣିରେ ବତୁରାଇଲେ
ହଳଦିଆ ରଙ୍ଗ ବାହାରେ। ଛାଲକୁ ସାଜିମାଟି ସଙ୍ଗେ ପାଣିରେ ସିଝାଇଲେ ନାଲି ରଙ୍ଗ ବାହାରେ। ଏ ରଙ୍ଗରେ ଲୁଗା ରଙ୍ଗା ଯାଏ। ବୈଦ୍ୟକ ମତରେ ଏଥିର ଛାଲ କଷାୟ ଓ ଉଦରାମୟ ରୋଗରେ ଉପକାରୀ। ଏଥିର କାଠର ସିଝା ପାଣିରେ କୁଳୁକୁଳା କଲେ ଦାନ୍ତ ଦୃଢ଼ ହୁଏ। ଏଥିର କାଠ ଫାଟି ଯାଏ, କିନ୍ତୁ ଦୃଢ଼ (ବୃ. ଷ)।

ଏହା ନାତିବୃହତ୍ ଚିରଶ୍ୟାମଳ ତରୁ; ପତ୍ର ଚିକ୍କଣ, ଏକୋତ୍ତର; ଫୁଲ ଅପୀତ, ସୁଗନ୍ଧ ଓ ବହୁ କେଶର;

ଫୁଲ ଶୀତ କାଳରେ ଫୁଟେ । ଲୁଗା ରଙ୍ଗାଇବା ପାଇଁ ଏହି ଗଛର ଛାଲ ଓ ପଳାଶ ଫୁଲ ବା ବକମ କାଠ ସଙ୍ଗେ ଲୋଧ ଛାଲ ମିଶା ଯାଏ (ଯୋଗେଶଚନ୍ଦ୍ର)

ଏହା ଧାରକ, ଲଘୁ, ଶୀତ ବୀର୍ଯ୍ୟ ଓ ଚକ୍ଷୁର ହିତକର । ଏହା କଫ, ପିତ୍ତ, ରକ୍ତପିତ୍ତ, ରକ୍ତ ଦୋଷ, ଜ୍ୱର, ଅତିସାର ଓ ଶୋଥବିନାଶକ—ଦ୍ରବ୍ୟଗୁଣ ।]

ଲୋଧା—ଦେ. ବି.—୧ । ନୋଦା (ଦେଖ)—
Lodhā पौंटी 1. Nodā (See)

୨ । (ସଂ. ବ୍ୟାଧ) ବ୍ୟାଧ; ବାଉଁଶ; ଶିକାରୀ—
শিকারী शिकारी 2. Hunter; fowler.

ଲୋଧୁ—ଦେ. ବି.—(ସଂ. ଲୋଧ୍ର)—ଲୋଧ (ଦେଖ)
Lodhu Lodha (See)

ଲୋଣ୍ଡୀ—ପ୍ରାଦେ. (ବସ୍ତର) ବି.—ସିଝୁଲା—Curry consisting
Londi of water-boiled pot-herbs.

ଲୋପ—ସଂ. ବି.—(ଲୁପ୍ ଧାତୁ+ଭାବ. ଅ)—୧ । ନାଶ; ବିନାଶ; ଧ୍ୱଂସ—
Lopa 1. Spoliation; obliteration; cessation; destruction; annihilation. ୨ । ଲୁପ୍ତି; ତିରୋଧାନ; ଅନ୍ତର୍ଦ୍ଧାନ; ଲୁଚି ଯିବା—2. Disappearance; effacement. ୩ । ଅଭାବ; ଅଦର୍ଶନ—3. Absence. ୪ । (ବ୍ୟାକରଣ) ଶବ୍ଦ ଅଥବା କୌଣସି ଅକ୍ଷରର ତିରୋଧାନ—4. The elision or obliteration of a letter or syllable. [ଯଥା—ଅପିଧାନ ଶବ୍ଦର 'ଅ' ଲୋପ ହୋଇ ପିଧାନ ଶବ୍ଦ ହୁଏ, ଅବଗାହ ଶବ୍ଦର ଅ ର ଲୋପ ହୋଇ ବଗାହ ଶବ୍ଦ ହୁଏ ।] ୫ । ନଷ୍ଟ ଖାଦ୍ୟ; ପଚା ମାଂସ—5. Spoiled or rotten food; rotten meat.

ଲୋପକ—ସଂ. ବିଣ. ପୁଂ—(ଲୁପ୍ ଧାତୁ+କର୍ତ୍ତୃ. ଅକ)—ବିନାଶକ—
Lopaka [ଲୋପିକା—ସ୍ତ୍ରୀ] Destroying.

ଲୋପ କରିବା—ଦେ. କ୍ରି.—ବିନାଶ କରିବା—
Lopa karibā To destroy; to expunge; to
লোপ করা लोप करना, लोपना cause to disappear.

ଲୋପତ—ଗ୍ରା. ବିଣ.—(ସଂ. ଲୁପ୍ତ)—ଲୁପ୍ତ (ଦେଖ)
Lopata লুপ্ত लुपत Lupta (See)

ଲୋପନ—ସଂ. ବି.—(ଲୁପ୍ ଧାତୁ+ଭାବ. ଅନ)—୧ । ଲୋପକରଣ; ବିନାଶନ—Destroying. ୨ । ନଷ୍ଟକରଣ—
Lopana 2. Spoiling.

ଲୋପନୀୟ—ସଂ. ବି.—(ଲୁପ୍ ଧାତୁ+କର୍ମ. ଅନୀୟ)—ଯାହା ଲୁପ୍ତ
Lopaniya ହେବାର ଯୋଗ୍ୟ—Capable of becoming obsolete; fit to be expunged.

ଲୋପ ପାଇବା—ଦେ. କ୍ରି.—ଲୁପ୍ତ ହେବା; ବିନାଶପ୍ରାପ୍ତ ହେବା—
Lopa paibā To cease; to disappear.
লোপ পাওয়া लोप पाना

ଲୋପ ପ୍ରାପ୍ତ—ସଂ. ବିଣ.—ଲୁପ୍ତ—
Lopa prāpta Disappeared; obliterated; elided..

ଲୋପ ହେବା—ଦେ. କ୍ରି—ଲୁପ୍ତ ହେବା—
Lopa hebā To cease; to disappear.
লোপ হওয়া लोप होना

ଲୋପା—ସଂ. ବି. ସ୍ତ୍ରୀ—(ଲୁପ୍ ଧାତୁ ଣିଚ=ଲୁପ୍ତ କରାଇବା+କର୍ତ୍ତୃ. ଅ
Lopā +ଆ; ଯେ ନିଜ ରୂପଦ୍ୱାରା ନାରୀମାନଙ୍କର ରୂପାଭିମାନକୁ ଲୁପ୍ତ କରାଇଥିଲେ ।)—ଲୋପାମୁଦ୍ରା (ଦେଖ)
Lopāmudrā (See)

ଲୋପାକ—ସଂ. ବି. ପୁଂ—(ଲୋପ=ନାଶ=ବିନଷ୍ଟ ବା ପଚା ମାଂସ+
Lopāka ଅକ; ଯେ ପଚା ମାଂସ ଖାଏ ।)—ଶୃଗାଳ; ବିଲୁଆ—
(ଲୋପାକୀ—ସ୍ତ୍ରୀ) Jackal.

ଲୋପାକୀ—ସଂ. ବି.—(ଲୋପାକ+ଈ)—୧ । କୋକଶିଆଳି—
Lopāki 1. A fox. ୨ । ମାଈ ବିଲୁଆ—
2. A she-jackal.

ଲୋପାପତ୍ତି—ସଂ. ବି.—(୭ମୀ ତତ୍)—୧ । ଅଭାବ ବିଷୟରେ ଆପତ୍ତି
Lopāpatti ବା ବାଧା—1. Objection regarding on expunged matter. ୨ । କୌଣସି ବସ୍ତୁ ଲୁପ୍ତ ହୋଇ ଅଛି ବା ଲୋପ ପାଇଅଛି ବୋଲି ଆପତ୍ତି କରିବା—2. Objection that a matter has been expunged or has become obsolete.

ଲୋପା ମୁଦ୍ରା—ସଂ. ବି. ସ୍ତ୍ରୀ—୧ । [ଲୁପ୍ ଧାତୁ ଣିଚ୍ ଲୋପି ଧାତୁ=
Lopā mudrā ଲୁପ୍ତ କରାଇବା+ଭାବ. ଅ=(ନାରୀମାନଙ୍କର ରୂପାଭିମାନ) ଲୋପ; ଅ=ନୁହେ+ମୁଦ=ହର୍ଷ+ର ଧାତୁ =ଦାନ କରିବା+କର୍ତ୍ତୃ. ଅ+ଆ=ଯାହା ହର୍ଷ ପ୍ରଦାନ କରେ ନାହିଁ । ଲୋପ+ଅମୁଦ୍ରା । ଯେ ନିଜର ରୂପଦ୍ୱାରା ନାରୀମାନଙ୍କର ରୂପାଭିମାନ ଲୋପ କରିଥିଲେ ଓ ଯେ ପତିଙ୍କ ଶୁଶ୍ରୂଷାର ଲୋପ ହେଲେ (ଅର୍ଥାତ୍ ପତିଙ୍କର ସେବା ଶୁଶ୍ରୂଷା ନ କଲେ) ହର୍ଷଲାଭ କରୁ ନ ଥିଲେ]—ଲୋପା; ମହର୍ଷି ଅଗସ୍ତିଙ୍କ ପତ୍ନୀ—1. The wife of the sage Agasti. [ଲୋପାମୁଦ୍ରାଙ୍କ ଅନ୍ୟ ନାମ—ଲୋପା, କୌଶୀତକୀ, ବରପ୍ରଦା—ହେ. ଶ ।] [ଦ୍ର—ବିଧାତା ହୁଦ ସମ୍ମୁଖେ । ବୋଲିବା ଲୋପାମୁଦ୍ରା ତାରୁ—ଉଛ. ବୈଦେହୀଶବିଳାସ ।] [ଦ୍ର—ଅଗସ୍ତ୍ୟ ମନୋମତ ପତ୍ନୀ ପାଇବା ଆଶାରେ ସକଳ ପ୍ରାଣୀଙ୍କର ଉତ୍କୃଷ୍ଟ ଅଂଶମାନ ଗ୍ରହଣ କରି ଏହି କନ୍ୟାଙ୍କୁ ସୃଷ୍ଟି କରି ଏହାଙ୍କୁ ପାଳନ କରି ବଢାଇବା ପାଇଁ ବିଦର୍ଭ ରାଜାଙ୍କ ନିକଟରେ ରଖିଥିଲେ ଓ ଯଥା ସମୟରେ ଉକ୍ତ କନ୍ୟାର ପାଣିଗ୍ରହଣ କଲେ । କଥିତ ଅଛି, ଯେ ଲୋପାମୁଦ୍ରା ସ୍ୱାମୀଙ୍କ ନିକଟରେ ଧନ ପ୍ରାର୍ଥନା କରିବାରୁ ଅଗସ୍ତି ଦୈତ୍ୟରାଜ ଇଲ୍ୱଲକୁ ବଧ କରି ପ୍ରଭୂତ ଧନରାଶି ଆଣି ଏହାଙ୍କୁ ଦାନ କରିଥିଲେ ।] ୨ । ଅଗସ୍ତି ନାମକ ତାରାର ଦକ୍ଷିଣ ପୂର୍ବ ପାଖରେ ଅବସ୍ଥିତ ଏକ କ୍ଷୁଦ୍ର ତାରା (ହି. ଶ) (ନକ୍ଷତ୍ର ତଳେ କୋଷ୍ଟ ଦେଖ)—2. A small star to the south east of Canopus (star).

ଲୋପାୟିତ—ପ୍ରାଦେ. (ଗଞ୍ଜାମ) ବଣ (ଭୁଲ. ସଂ. ଗୋପାୟିତ)—ଗୁପ୍ତ—
Lopāyita Concealed; secret.

ଲୋପାଶକ—ସଂ. ବି, (ଲୋପ=ପଶୁ ମାଂସ+ଅଶ୍ ଧାତୁ=ଖାଇବା+
Lopāsaka କର୍ତ୍ତୃ. ଅକ)—ଶୃଗାଳ (ହି. ଶ)—Jackal.

ଲୋପି (ଧାତୁ)—ସଂ. (ଲୁପ୍ ଧାତୁ+ଣିଚ୍)—ଲୁପ୍ତ କରାଇବା—
Lopi (root) To cause to disappear; to destroy.

ଲୋପିବା—ଦେ. (ପଦ୍ୟ) କ୍ରି—ଲୋପ କରିବା—To destroy.
Lopiba लोपकरा लोपना [ଉ—ଲୋପିଲେ ହୋଇଣ
କାଳର ବଶ—ସୁଧାନାଥ ।]

ଲୋପୀ—ସଂ. ବି (ଲୁପ୍ ଧାତୁ+କର୍ତ୍ତୃ. ଇନ୍=ଲୋପିନ୍ ଶବ୍ଦ, ୧ମା.
Lopi ୧ବ)—ଯେ ଲୋପ କରେ—Destroying; discontinuing.
(ଲୋପିନୀ—ସ୍ତ୍ରୀ)

ଲୋପ୍ତ—ସଂ. ବି (ଲୁପ୍ ଧାତୁ+କର୍ମ. ତ)—୧ । ଚୋରି ମାଲ—
Loptra 1. Stolen property. ୨ । ଡକାଇତି ମାଲ—
2. Booty; proceeds of a loot.

ଲୋପ୍ତ୍ରୀ—ସଂ. ବି—ମଇଦାର ଲୁଚି ବା ପୁରି—Wheaten rolls of
Loptri bread. [ଦ୍ର—ଲୋପ୍ତ୍ରୀ ପ୍ରସ୍ତୁତ କରିବା ସମ୍ବନ୍ଧେ
ବୈଦ୍ୟକ ଗ୍ରନ୍ଥରେ ନିମ୍ନଲିଖିତରୂପେ ଲେଖା ଅଛି—
ଧଳା ଗହମକୁ ଧୋଇ, ଭୁଞ୍ଜି, ଶୁଖାଇ, ପେଷି,
ସୂକ୍ଷ୍ମ ଚାଲଣୀରେ ଚାଳିଲେ ଯେଉଁ ଦ୍ରବ୍ୟ ହୁଏ ତାକୁ ସମିତା
(ମଇଦା) କହନ୍ତି । ଏହାକୁ ଜଳଦ୍ୱାରା କୋମଳ କରି
ତାକୁ ଉତ୍ତମରୂପେ ମର୍ଦ୍ଦନ କରିବ (ଚକଟିବ)। ଏହି
ଖଣ୍ଡକୁ ହାତ ସାହାଯ୍ୟରେ ବିସ୍ତୃତ କରି ଲୋପ୍ତ୍ରୀ ବା ପିଠା
ପରି କରିବ । ଅଧୋମୁଖ ଘଟକୁ ନିଆଁ ଉପରେ ରଖି
ତାହାର ପୃଷ୍ଠଦେଶରେ ଏ ପିଠାକୁ ପାରି ଦେବ ଓ ମୃଦୁ
ବହ୍ନିରେ ଏହାକୁ ସିଦ୍ଧ କଲେ ଏହା 'ମଣ୍ଡକ' ହେବ । ଏହି
ମଣ୍ଡକ (ଲୋପ୍ତ୍ରୀ)କୁ ଦୁଗ୍ଧ, ଘୃତ ଓ କନ୍ଦ ସଙ୍ଗେ
କିମ୍ବା ସିଦ୍ଧ ମାଂସ ସଙ୍ଗେ କିମ୍ବା ଦହିବରା ସଙ୍ଗେ ଖାଇବ ।
ଏହା ପୁଷ୍ଟିକାରକ, ଶୁକ୍ରବର୍ଦ୍ଧକ, ବଳକାରକ, ଅତ୍ୟନ୍ତ
ରୁଚିଜନକ, ମଧୁରରସ, ମଧୁରବିପାକ, ମଳରୋଧକ, ଲଘୁ
ଓ ତ୍ରିଦୋଷନାଶକ—ଦ୍ରବ୍ୟଗୁଣ ।]

ଲୋପ୍ୟ—ସଂ. ବଣ (ଲୁପ୍ ଧାତୁ+କର୍ମ ଯ)—ଲୁପ୍ତ ହେବା ଯୋଗ୍ୟ—
Lopya Expungeable; capable of being obliterated.
लोप ated. ଦେ. ବି—ଲୋପ—Extinction; obliteration.
लोप tion. ଦେ. ବଣ—ଲୁପ୍ତ—Extinct. [ଉ—ସବୁ ଭୂମି
ଯେବେ ଲୋପ୍ୟ ଦେବରେ । ପ୍ରାଚୀ. ପରରେ ଗୀତ]

ଲୋପ୍ୟାନ୍—ପ୍ରା. ବଣ (ସଂ. ଲୋପ୍ୟ)—ଲୁପ୍ତ—
Lopyān Obliterated.
लुप्त लुप्तवान

ଲୋଃ ପ୍ରାଃ—ବୈଦେ. ବଣ. (ଇଂ. 'ଲୋଅର ପ୍ରାଇମେରୀ'ର ସାଙ୍କେତିକ
Lo: prā ରୂପ)—ନିମ୍ନପ୍ରାଥମିକ—Lower Primary.
लोः प्रा लोः प्राः (ଯଥା, ଲୋଃ ପ୍ରାଃ ସ୍କୁଲ)

ଲୋଫ୍—ବୈଦେ. ବି (ଇଂ. ଲୋଫ୍)—ଫୁଲୁକା ରୁଟି—
Loph Loaf.
लोफ लोफ

ଲୋବା(ଭା)ନ୍—ବୈଦେ. ବି (ଅ. ଲୋବାନ; ଫା. ଲୁବାନ୍)—୧ ।
Lobā(bhā)n ଝୁଣାପରି ଗୁଗ୍ଗୁଳ ବିଶେଷ । ଶାଲଜାତୀୟ ଏକ ପ୍ରକାର
ल(लो)वान ବୃକ୍ଷର ନିର୍ଯ୍ୟାସ—1. Olibanum.
लोबान [ଦ୍ର—ହିନ୍ଦୁମାନେ ଝୁଣାକୁ
ସଂ. ପର୍ଯ୍ୟାୟ—ଶିଳାରସ, ଶିହ୍ଲକ] ଧୂପରେ ବ୍ୟବହାର କରନ୍ତି;
ତୁରସ୍କ, କପିତୈଳ, କପିଜାତକ, ମୁସଲମାନ୍‌ମାନେ ଏହାକୁ
କପି, ଯାବନକଳ୍କ ଧୂପରେ ବ୍ୟବହାର କରନ୍ତି]
शिलारस ୨ । ଶିଳାରସ । [ଦ୍ର—ବୈଦ୍ୟକ
शीलरस ମତେ ଏହା ମଧୁରରସ, ସ୍ନିଗ୍ଧ-
ଫା. ଶଲ୍ଲରସ ଉଷ୍ଣବୀର୍ଯ୍ୟ, ଶୁକ୍ରଜନକ, କାନ୍ତି,
ଅ. ଉଷାରକମିସ୍ତା, ବର୍ଦ୍ଧକ, ପୁଷ୍ଟିକାରକ ଓ କଣ୍ଠ
ମୋଅଇଚୋଶାଇଲା ଶୋଧକ । ଏହା ଘର୍ମ, କୁଷ୍ଠ-
ଜ୍ୱର, ଦାହ ଓ ଗ୍ରହଦୋଷ ନାଶକ]—2. Benzoin;
styrax; liquid amber,

ସଂ. କୁନ୍ଦୁରୁ, ଶଲ୍ଲକୀନିର୍ଯ୍ୟାସ, ୩ । କୁନ୍ଦୁର—[ଦ୍ର—ବୈଦ୍ୟକ
ମୁକୁନ୍ଦ, କୁନ୍ଦ, କୁନ୍ଦୁର, ମତରେ ଏହା ମଧୁରତିକ୍ତକଟୁରସ,
ତୀକ୍ଷ୍ଣଗନ୍ଧ, ବଳୀସୌଗନ୍ଧ୍ୟ, ଶିଖରୀ] ତୀକ୍ଷ୍ଣ ଓ ଚର୍ମର ହିତକର । ଏହା
କୁନ୍ଦକ, ଶୋଫରକ ବହୁଗନ୍ଧ, ଜ୍ୱର, ଘର୍ମ, ଗ୍ରହଦୋଷ, ଅଲକ୍ଷ୍ମୀ,
ଖ୍ରୀପଣ । ମୁଖରୋଗ, କଫ, ବାୟୁ ପିତ୍ତଜ
ଓ. କୁନ୍ଦରୁ ରୋଗ, ଦାହ ଓ ପ୍ରଦର ନଷ୍ଟ
कुन्दुरु, कुन्द्‌रखुटि କରେ । ଏହାର ଲେପନ
बेरोजा, कुन्दुरु, कुन्दुरलोबान ସୌନ୍ଦର୍ଯ୍ୟୋତ୍ପାଦକ; ଏହାକୁ ତଳ
ଗୁ. କନ୍ଦରୁ, ଶେଷ ଗୁନ୍ଦର ସହିତ ପ୍ରୟୋଗ କଲେ ମେହ ଓ
ଫା. କନ୍ଦୁରରୁମୀ, ଖୋଚୀମସ୍ତକୀ, କୋଷବେଦନା ନଷ୍ଟ ହୁଏ]—
ମ. ଅବଲଗୁଦର, ସାଲଇଢ଼ିକ The resin of Boswellia Thurifera.
ଅ. କୁନ୍ଦ୍ରେଭୁକର୍, କୁସୁକ୍
ତେ. କୁନ୍ଦୁରୁମ୍

ସଂ. ନାମ—ଶଲ୍ଲକୀ, ଗଜଭକ୍ଷ୍ୟା, ୪ । ଶଲ୍ଲକୀ—4. Indian
ସୁବହା, ସୁରଭି, ରସା ମହେରୁଣା olibanum; Boswelli
କୁନ୍ଦରୁକୀ, ସଲ୍ଲକୀ, ବହୁସ୍ରବା Serrata; frankincense
शलई [ଦ୍ର—ଏହା ଭାରତବର୍ଷର ବୃକ୍ଷ
शालई, सलई, कुन्दुर, म ନୁହେଁ । ଏ ବୃକ୍ଷ ଆଫ୍ରିକାର
ମ. ଶାଲଇ ଧୂପ ପୂର୍ବ ଉପକୂଳ ସୋମାଲିଲାଣ୍ଡରେ
ତା. କୁଂଲି ଓ ଆରବର ଦକ୍ଷିଣ ସମୁଦ୍ରତଟରେ
ଅ. ଅଲ୍ଲୁବାନ୍, ଲୁବାନ୍ ହୁଏ ଓ ସେଠାରୁ ଭାରତକୁ ଆସେ ।
ଗ୍ରୀ. ଶାଲେକ୍ଟ୍ରଂ, ଧୂପେଡ୍ରୋ ଶିଳାରସର ଅନ୍ୟ ସଂସ୍କୃତ ନାମ
ତୁରସ୍କ ଥିବାରୁ ଓ ଏହାକୁ
ଭାରତର ପଶ୍ଚିମ ଦେଶୀୟ ମୁସଲମାନମାନେ ଧୂପପାଇଁ
ବ୍ୟବହାର କରୁଥିବାରୁ ସମ୍ଭବତଃ ଏହା ଲୋବାନ୍=
(Storax ବା Benzoin) ହୋଇ ପାରେ । ଅବଶ୍ୟ

ଭାଷାରେ ଏହାର ଅନ୍ୟ ନାମ ଲୋବାନ୍‌ଯାଓ୍ୱା=ଯାବା ଦ୍ୱୀପର ଲୁବାନ । ଏ ବୃକ୍ଷ ସୁମାତ୍ରା ଯାବା ଆଦି ଦ୍ୱୀପରେ ହୁଏ । ଫଳତଃ ଇଣ୍ଡୋଚୀନ, ଆମେରିକା, ଭାରତବର୍ଷ ଓ ଭାରତୀୟ ଦ୍ୱୀପପୁଞ୍ଜରେ ଶାଲଜାତୀୟ ଅନେକ ପ୍ରକାର ବୃକ୍ଷର ନିର୍ଯାସରୁ ଝୁଣା ଭଳି ଯେଉଁ ଜିନିଷ ବାହାରେ ତାହା ଧୂପରେ ବ୍ୟବହୃତ ହୁଏ ଓ ସ୍ଥାନବିଶେଷରେ ଲୋବାନ୍‌ର ଝୁଣା, ଶିଳାରସ, ଅମ୍ବର, କୁନ୍ଦୁରୁ ନାମମାନ ବ୍ୟବହୃତ ହୁଏ—ଇଣ୍ଡୋଚୀନରେ ଏଥିରୁ ଏକପ୍ରକାର ଅମ୍ଳରସ ପ୍ରସ୍ତୁତ ହୁଏ, ଯାହାକୁ Benzoic acid ବେନ୍‌ଜୋଇକ୍ ଏସିଡ୍ କହନ୍ତି । ଏହାକୁ ନିଆଁରେ ପକାଇଲେ ସୁଗନ୍ଧ ଧୂଆଁ ବାହାରେ । ବୈଦ୍ୟକମତରେ ଏହା କଷାୟରସ, ଶୀତବୀର୍ଯ୍ୟ ଓ ସ୍ତମ୍ଭିକାରକ । ଏହା ପିତ୍ତ, କଫ ଅତିସାର, ରକ୍ତପିତ୍ତ ଓ ବ୍ରଣନାଶକ ।]

[ଦ୍ର—ଲୋବାନ୍ ଶବ୍ଦ ଏହି ୪ଟି ପ୍ରାୟ ସମଗୁଣସମ୍ପନ୍ନ ଦ୍ରବ୍ୟକୁ ବୁଝାଏ ।]

ଲୋବିଆ—ପ୍ରାଦେ (ସମ୍ବଲପୁର,ସିଂହଭୂମି) ବି—(ସଂ. ଲୋଭ୍ୟ, ଭୂଲ.ଅ. ଲୋଭଯୁକ୍ତ)—୧ । ମୁଗଜାତୀୟ ଏକପ୍ରକାର ଲତା ଓ ତହିଁର ଛୁଇ ଓ ଶସ୍ୟ; ବରଗୁଡ଼ି—
Lobiā
ବରବଟୀ ଲୋବିୟା
1. A species of kidney-bean; Dolichos Sinensis. ୨ । ମୁଗ—2. Phaseolus Mungo; a kind of pulse.

ଲୋଭହା—ପ୍ରାଦେ (କଟକ) ବିଣ—ଲୋଭୀ—
Lobh-hā Greedy; avaricious.

ଲୋଭ—ସଂ. ବି (ଲୁଭ୍ ଧାତୁ=ଲଭିବାକୁ ଇଚ୍ଛା କରିବା+ଭାବ. ଅ)—
Lobha ୧ । କୌଣସି ବସ୍ତୁ ଲଭିବାର ଇଚ୍ଛା; ଲାଳସା ବା ଲିପ୍ସା—1. Covetousness; eager desire or hankering; longing for a thing.
[ଲୋଭ ଶବ୍ଦର ଅନ୍ୟ ସଂ. ପ୍ରତିଶବ୍ଦ ତୃଷ୍ଣା, ଲିପ୍ସା, ସ୍ପୃହା, କାଙ୍କ୍ଷା, ଶଂସ, ଗର୍ଦ୍ଧ, ଇଚ୍ଛା, ବାଞ୍ଛା, ଅଭିଲାଷ ।]
୨ । ପରଦ୍ରବ୍ୟ ଗ୍ରହଣ କରିବାକୁ ବାଞ୍ଛା—2. Avarice; cupidity.
[ଦ୍ର—ଲୋଭ ନାନାବିଧ ପଦାର୍ଥ ଓ ବିଷୟପ୍ରତି ଜନ୍ମେ । ଯଥା—ଖାଦ୍ୟ ପ୍ରତି—Greed; ନିଜ ଧନ ପ୍ରତି—avarice; ସ୍ତ୍ରୀଭୋଗପ୍ରତି—Lust; ପର ଧନପ୍ରତି—Covetuousness; ଆପଣାର ଜୀବନପ୍ରତି—Attachment) ୩ । ମମତା; କୌଣସି ପଦାର୍ଥ ବା ବ୍ୟକ୍ତିପ୍ରତି ପ୍ରବଳ ଅନୁରାଗ; ମାୟାକର୍ଷଣ—3. Attachment.
[ଦ୍ର—ଆପଣାର ବା ଆପଣା ଅଧିକାରରେ ଥିବା ବସ୍ତୁ ଆଦି ପ୍ରତି ମନରେ ଲୋଭ ଜନ୍ମିଲେ ତାହା ଛାଡ଼ିବାକୁ ମନ ହୁଏ ନାହିଁ, ଏହାକୁ ମମତାବନ୍ଧନ ବା ମାୟାବନ୍ଧନ ବୋଲାଯାଏ । ପରର କିମ୍ବା ପର ଅଧିକାରରେ ଥିବା ଧନ ଆଦିପ୍ରତି ମନରେ ଲୋଭ ଜନ୍ମିଲେ ତାହା ନିଜର ଅଧିକାରାଧୀନ କରିବାକୁ ମନ ହୁଏ—ଏହାକୁ ଲୋଭ ବୋଲାଯାଏ । ଲୋଭକୁ ଦମନ କରିବାପାଇଁ ସବୁ ଦେଶର, ସବୁ ଧର୍ମର, ସବୁ କାଳର ଓ ସବୁ ସମାଜର ଉପଦେଶକମାନେ ଉପଦେଶ ଦେଇ ଯାଇଅଛନ୍ତି ।) ୪ । କୃପଣତା—4. Miserliness.

ଲୋଭ ଉପୁଜା(ଜେ)ଇବା—ଦେ. କ୍ରି (ସଂ. ଲୋଭ ଉପଜାତ)—ଲୋଭ ଜନ୍ମାଇବା [ଦେଖ]—Lobha janmāiba (See)
Lobha upujā(je)ibā
ଲୋଭ ଜନ୍ମାନ ଲୋଭ ଉପଜାନା

ଲୋଭ ଉପୁଜିବା—ଦେ. କ୍ରି (ସଂ. ଲୋଭ+ଉପଜାତ)—ଲୋଭ ଜନ୍ମିବା [ଦେଖ]—Lobha Janmibā (See)
Lobha upujibā
ଲୋଭଜନ୍ମାନ ଲୋଭଉପଜନା

ଲୋଭକର—ସଂ. ବିଣ—ଲୋଭଜନକ [ଦେଖ]
Lobhakara Lobhajanaka (See)
[ଲୋଭକାରୀ—ସ୍ତ୍ରୀ]

ଲୋଭ କରିବା—ଦେ. କ୍ରି—୧ । କୌଣସି ଦ୍ରବ୍ୟ ପାଇବାକୁ ବା ନ ଛାଡ଼ିବାକୁ ମନରେ ପ୍ରବଳ ବାସନା କରିବା—
Lobha karibā
ଲୋଭକରା ଲୋଭକରନା
1. To have an inordinate hankering after; to covet; to long for ୨ । କୌଣସି ବସ୍ତୁପ୍ରତି ବିଶେଷ ଆସକ୍ତ ହେବା—2 To have a strong attachment to or for anything.

ଲୋଭ ଛଡ଼ା(ଡ଼େ)ଇବା—ଦେ. କ୍ରି—ଉପଦେଶଆଦିଦ୍ୱାରା କୌଣସି ବ୍ୟକ୍ତିର ମନରୁ ଲୋଭକୁ ଦୂର କରାଇବା—To cause a man to shake off lust or avarice by good advice.
Lobha chhardā(rde)ibā
ଲୋଭ ଛାଡ଼ାନ ଲୋଭ ଛୁଡାନା

ଲୋଭ ଛାଡ଼ିବା—ଦେ. କ୍ରି—୧ । ମନରୁ କୌଣସି ବସ୍ତୁ ବା ବିଷୟ ପ୍ରତି ଲାଳସା ବା ମାୟା ତ୍ୟାଗ କରିବା—(ଲୋଭ ତେଜିବା, ଲୋଭ ଛାଡ଼ିଦେବା—ଅନ୍ୟରୂପ) 1. To shake off the feeling of lust or avarice from the mind; to relinquish the desire for something. ୧ । ଲୋଭ ତ୍ୟାଗ—1. Relinquishment of avarice. ୨ । କୌଣସି ବିଷୟ ବା ବ୍ୟକ୍ତି ପ୍ରତି ମାୟା କମିଯିବା—2. Relinquishment of the tie or attachment towards anything. (ଯଥା—ସାଆନ୍ତାଣୀଙ୍କର ମୋଠାରୁଁ ଲୋଭ ଛାଡ଼ି ଗଲାଣି, ତାର ପୁଅ ମାଇଅଙ୍କଠାରୁଁ ଲୋଭ ଛାଡ଼ି ଗଲାଣି)
Lobha chhārdibā
ଲୋଭ ଛାଡ଼ା ଲୋଭ ଛୋଡ଼ନା

ଲୋଭଜନକ—ସଂ. ବିଣ (ଷଷ୍ଠୀ ତତ୍)—୧ । ଯାହା ମନରେ ଲୋଭଜାତ କରାଏ; ଲୋଭୋଦ୍ଦୀପକ—1. Exciting cupidity; exciting avarice. ୨ । ପ୍ରଲୋଭନକର—2. Tempting; alluring.
Lobhajanaka
(ଲୋଭଜନିକା—ସ୍ତ୍ରୀ)

ଲୋଭଜନିତ—ସଂ. ବିଣ (ତୃତୀୟା ତତ୍)—ଲୋଭରୁ ଉତ୍ପନ୍ନ (ପାପକର୍ମାଦି)—
Lobhajanita Sins or acts arising from avarice.
(ଲୋଭଜନ୍ୟ, ଲୋଭଜାତ—ଅନ୍ୟରୂପ)

ଲୋଭ ଜନ୍ମା(ନ୍ମେ)ଇବା—ଦେ. କ୍ରି (ସଂ. ଲୋଭ+ଜନ୍)—୧ । ଅନ୍ୟ ବ୍ୟକ୍ତି ମନରେ ଲୋଭ ବା ପ୍ରାପ୍ତି ଆଶାକୁ ଉଦ୍ରେକିତ କରିବା—1. To excite lust or avarice in another person.
Lobha janmā(nme)ibā
ଲୋଭଜନ୍ମାନ ଲୋଭ ପଦାକରନା

(ଯଥା—ଏ ସୁନ୍ଦର ବସ୍ତୁଟି ମୋ ମନରେ ଲୋଭ ଜନ୍ମାଇଲାଣି) ୨ । ଅନ୍ୟ ବ୍ୟକ୍ତିଙ୍କୁ ପ୍ରଲୋଭିତ କରାଇବା—
2. To excite a person's lust; to tempt or seduce a person.

ଲୋଭ ଜନ୍ମିବା—ଦେ. କ୍ର—ଲୋଭ ବା ପ୍ରବଳ ଆକାଙ୍କ୍ଷା ଉତ୍ପନ୍ନ ହେବା—The state of being overpowered by greed.
Lobha janmibā
লোভ হওয়া **लोभ पैदा होना**

ଲୋଭ ତେଜିବା—ଦେ. କ୍ରି (ଲୋଭ+ତ୍ୟଜ୍ ଧାତୁ)—ଲୋଭ ଛାଡ଼ିବା।
Lobha tejibā (ଦେଖ)—Lobha chhāṟḍibā. (See)
লোভত্যাগ করা **लोभत्यजना (त्यागना)**

ଲୋଭ ତ୍ୟାଗ—ସଂ.ବି (ଷଷ୍ଠୀ ତତ୍)—କୌଣସି ବସ୍ତୁ ପ୍ରତି ଆକାଙ୍କ୍ଷାର ପରିତ୍ୟାଗ—Relinquishment of the desire for anything.
Lobha tyāga

ଲୋଭ ଦେଖା(ଖେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ପ୍ରଲୋଭିତ କରିବା; କୌଣସି ବ୍ୟକ୍ତିର ଲୋଭ ଉଦ୍ରେକ କରାଇବା—To tempt or allure a person; to put temptations before a person.
Lobha dekhā(khe)ibā
লোভ দেখান **लोभ दिखाना**

ଲୋଭନ—ସଂ. ବି (ଲୁଭ୍ ଧାତୁ+ଣିଚ୍=ଲୋଭି ଧାତୁ+ଭାବ. ଅନ)—
Lobhana ୧ । କୌଣସି ଦ୍ରବ୍ୟ ପ୍ରତି ଅନ୍ୟର ମନରେ ଲୋଭ ଜନ୍ମାଇବା; ପ୍ରଲୋଭନ—1. Tempting; temptation; allurement. ୨ । (+କର୍ତ୍ତୃ. ଅନ) ସ୍ୱର୍ଣ୍ଣ—
(ଲୋଭନା—ସ୍ତ୍ରୀ) 2. Gold. (Apte) ସଂ. ବିଣ. ପୁଂ (+କର୍ତ୍ତୃ. ଅନ)—ପ୍ରଲୋଭନକାରୀ—Alluring; tempting. (Apte)

ଲୋଭନୀୟ—ସଂ. ବିଣ (ଲୁଭ୍ ଧାତୁ+କର୍ମ. ଅନୀୟ)—୧ । ଈପ୍ସଣୀୟ—
Lobhanīya 1. Desirable. ୨ । ମନରେ ଲୋଭର
(ଲୋଭନୀୟା—ସ୍ତ୍ରୀ) ଉତ୍ପାଦକ;ଯାହା ଦେଖିଲେ ମନରେ ଲୋଭର ଉତ୍ପନ୍ନେ—2. Tempting; exciting; longing in the mind. ୩ । ଅତି ସୁନ୍ଦର; ମନୋହର—
3. Charming.

ଲୋଭବନ୍ତ—ଦେ. ବିଣ (ସଂ. ଲୋଭବାନ୍)—ଲୋଭୀ—Greedy;
Lobhabanta avaricious. [ଉ—ଲୋଭବନ୍ତ ଗୁରୁମାନେ
লোভী **लोभी** କଳରେ ପ୍ରବଳ—ପ୍ରାଚୀ. ଗୁରୁଭକ୍ତି ଗୀତା]

ଲୋଭରହିତ—ସଂ. ବିଣ. ପୁଂ—ଯାହା ମନରେ ଲୋଭ ନ ଥାଏ; ଆକାଙ୍କ୍ଷା ରହିତ—Free from covetousness or avarice. [ଦ୍ର—ଏହିପରି
Lobharahita
ଲୋଭବର୍ଜିତ, ଲୋଭହୀନ, ଲୋଭଶୂନ୍ୟ—ଅନ୍ୟରୂପ] ଲୋଭଯୁକ୍ତ; ଲୋଭବାନ୍; ଲୋଭମୁକ୍ତ; ଲୋଭରହିତ ଅର୍ଥ ଶବ୍ଦ ହୁଏ ।]
(ଲୋଭରହିତା—ସ୍ତ୍ରୀ) (ଲୋଭ ରାହିତ୍ୟ—ବି)

ଲୋଭରା—ପ୍ରାଦେ (ଗଡ଼ଜାତ) ବିଣ. ପୁଂ—ଲୋଭୀ—
Lobharā Avaricious; covetous.
(ଲୋଭରୀ—ସ୍ତ୍ରୀ)

ଲୋଭରୁ ପାପ ପାପରୁ ମୃତ୍ୟୁ—ଦେ. ପ୍ରବଚନ (ସଂ. ଲୋଭାତ୍ ପାପଃ, ପାପାତ୍ ମୃତ୍ୟୁଃ)—
Lobharu pāpa pāparu mrutyu
লোভেপাপ পাপেমৃত্যু **लोभसेपाप पापसे मृत्यु** ମନୁଷ୍ୟର ମନରେ ଲୋଭ ଜନ୍ମିଲେ ମନୁଷ୍ୟ ଉକ୍ତ ବସ୍ତୁ ପାଇବା ପାଇଁ ପାପ କର୍ମ କରେ ଓ ପାପକର୍ମର ପରିଣାମ ମୃତ୍ୟୁ ଅଟେ—(a proverb) Avarice begets sin and sin leads to death.

ଲୋଭରେ ପଡ଼ିବା—ଦେ. କ୍ରି—କୌଣସି ବସ୍ତୁ ପ୍ରତି ଅତ୍ୟନ୍ତ ଲୋଭ-ଯୁକ୍ତ ହେବା—To fall a victim to temptation; to surrender one's self to tempation.
Lobhare paṟḍibā
লোভে পড়া
लोभमें पडना

ଲୋଭଲୋଭନା—ପ୍ରାଦେ (ଗଡ଼ଜାତ) ବିଣ—୧ । ଲୋଭନୀୟ—
Lobhalobh-nā 1.Tempting; alluring.
୨ । ମନୋହର—2. Beautiful; charming.

ଲୋଭ ସମ୍ବରଣ—ସଂ. ବି (ଲୋଭ+ସମ୍+ବୃ ଧାତୁ+ଭାବ. ଅନ)—
Lobha sambaraṇa ଲୋଭ ତ୍ୟାଗ; କୌଣସି ବସ୍ତୁ ପାଇଁ ମନରେ ଜାତ ହେବା ଲୋଭକୁ ସମ୍ଭାଳିବା ବା ନିୟନ୍ତ୍ରିତ କରିବା—Checking of one's greed or avarice for a thing.
(ଲୋଭସମ୍ଭାଳା—ଦେ. ରୂପ)

ଲୋଭ ସମ୍ଭାଳିବା—ଦେ. କ୍ରି. (ସଂ. ଲୋଭ ସମ୍ବରଣ)—କୌଣସି ବସ୍ତୁ ପ୍ରତି ମନରେ ଜାତ ହେବା ପ୍ରବଳ ଲୋଭକୁ ନିୟନ୍ତ୍ରିତ କରିବା—To check or control one's avarice or greed.
Lobha sambhāḻibā
লোভ সামলান
लोभ संभालना

ଲୋଭୀ—ଦେ. ବିଣ. ପୁଂ (ସଂ. ଲୋଭିତ)—୧ । ଲୋଭଗ୍ରସ୍ତ; ଲୋଭୀ—
Lobhī 1. Covetous; avaricious. ୨ । ଆକର୍ଷିତ
লোভী ଲୋଭିତ; ଲୁବ୍ଧ; ମୁଗ୍ଧ—2. Coveting;
लुभाया हुआ; लालचा, लोभी charmed. ୩ । ପେଟୁ—
[ଲୋଭେଇ—ସ୍ତ୍ରୀ] 3. Greedy. ୪ । ପ୍ରଲୋଭିତ—
4. Tempted; allured. [ଉ—ସେ ସଖୀଙ୍କୁ ସୁଧର୍ମୀ ସଖୀ ବୁଝା ସଖୀ । ସବୁ ଚୋହେ ଦେବେ ଦେଖିଲେ ହେବେ ଲୋଭୀ—କୃଷ୍ଣସିଂହ. ମହାଭାରତ. ସଭା ।]

ଲୋଭା(ଭେ)ଇବା—ଦେ. କ୍ରି (ସଂ. ଲୋଭ ଶବ୍ଦରୁ ନାମ ଧାତୁ ଲୋଭାୟ
Lobhā(bhe)ibā ଧାତୁ)—୧ । ଅନ୍ୟ ବ୍ୟକ୍ତିଙ୍କୁ କୌଣସି
লোভ দেখান ବ୍ୟକ୍ତି ପ୍ରତି ପ୍ରଲୋଭିତ କରିବା—1. To tempt
लुभाना or allure a person towards a thing.
[ଉ—ଇନ୍ଦ୍ରଙ୍କର ମନ ଯେ ଲୋଭାଇବା ପାଇଁ—
লোভিয়ে যাওয়া କୃଷ୍ଣସିଂହ. ମହାଭାରତ. ବନ ।] ୨ । କୌଣସି ବସ୍ତୁ ବା ବ୍ୟକ୍ତି ପ୍ରତି (ଆପଣାର ମନ) ଲୁବ୍ଧ ହେବା—
2. To covet for a thing; to run after a thing or object. ୩ । ପ୍ରଲୋଭିତ ହେବା—
3. To be tempted or allured.

ଲୋଭାନ୍—ବୈଦେ. ବି—ଲୋବାନ୍ (ଦେଖ)
Lobhān Lobān (See)

ଲୋଭାନ୍ୱିତ—ସ. ବଣ. ପୁଂ (ଙ୍ଖ୍ୟା ଇତ୍)—ଲୁବ୍ଧ; ଲାଳାୟିତ—
Lobhānwita Coveting.
(ଲୋଭାବିଷ୍ଟ—ଅନ୍ୟରୂପ) (ଲୋଭାନ୍ୱିତା—ସ୍ତ୍ରୀ)

ଲୋଭାଭିଭୂତ—ସ. ବଣ. ପୁଂ (ଙ୍ଖ୍ୟା ଇତ୍)—ଲାଳାୟିତ; ପ୍ରବଳ
Lobhābhibhūta ଲାଳସାଦ୍ୱାରା ଉଦ୍‌ବେଳିତ— Overtaken
[ଲୋଭାର୍ତ୍ତି—ଅନ୍ୟରୂପ] by greed, lust or avarice;
ଲୋଭାଭିଭୂତା } ସ୍ତ୍ରୀ eagerly longing for an
ଲୋଭାର୍ତ୍ତା } object.

ଲୋଭାର୍ତ୍ତି—ଦେ. ବଣ (ସ. ଲୋଭାର୍ତ୍ତ)—ଲୋଭାଭିଭୂତ (ଦେଖ)
Lobhārtti Lobhābhibhūta (See)

ଲୋଭାର୍ଥୀ—ଦେ. ବଣ. (ସ. ଲୋଭାର୍ଥ)—କୌଣସି ବିଷୟ ପାଇବା
Lobhārthī ପାଇଁ ପ୍ରବଳ ଲୋଭଯୁକ୍ତ ହୋଇ କୌଣସି ସ୍ଥାନରେ
ଉପସ୍ଥିତ—Come to a place with a strong
longing to get a thing.

ଲୋଭାର୍ହ—ସଂ. ବଣ. ପୁଂ (ଲୋଭ+ଅର୍ହ ଧାତୁ+କର୍ତ୍ତୃ. ଅ)—ଯାହା
Lobhārha ଲୋଭ କରିବାର ଯୋଗ୍ୟ; ଲୋଭନୀୟ—
[ଲୋଭାର୍ହା—ସ୍ତ୍ରୀ] Fit to be coveted for.

ଲୋଭି (ଧାତୁ)—ସ. (ଲୁଭ୍ ଧାତୁ+ଣିଚ୍)—ଲୋଭାଇବା; ଅନ୍ୟକୁ
Lobhi (root) ଲୁବ୍ଧ କରାଇବା—To allure or tempt
a person.

ଲୋଭିଆ—ଦେ. ବଣ. ପୁଂ—(ସ. ଲୋଭିନ୍) ଲୋଭ ପ୍ରକୃତିବିଶିଷ୍ଟ—
Lobhiā Of a covetous nature. ପ୍ରାଦେ (ଗଡ଼ଜାତ.
ଲୋଭୀ **लोभी** ସିଂହଭୂମି. ବାଲେଶ୍ୱର) ବି (ଭୁଲ. ସ. ଲୋଭ୍ୟ;
(ଲୋଭେଇ—ବଣ. ସ୍ତ୍ରୀ) ସଂ. ଲୋଭ୍ୟ)—ବରଗୁଡ଼ି (ଦେଖ)—
Baragurdi (See)

ଲୋଭିଆ ଛୁଇଁ—ପ୍ରାଦେ. (ବାଲେଶ୍ୱର; ଗଡ଼ଜାତ; ସିଂହଭୂମି) ବି—
Lobhiā chhuin ବରଗୁଡ଼ି ଛୁଇଁ—The beans of Dolichus Sinensis.

ଲୋଭିତ—ସଂ. ବଣ (ଲୋଭ ଧାତୁ+କର୍ମ. ତ)—୧ । ପ୍ରଲୋଭିତ;
Lobhita ଲୁବ୍ଧ; ଯାହା ମନରେ ପ୍ରବଳ ଆକାଂକ୍ଷା ଜନ୍ମିଅଛି—
(ଲୋଭିତା—ସ୍ତ୍ରୀ) 1. Tempted; allured. ୨ । ଲଭିବାକୁ
ଇଚ୍ଛୁକ; ଲାଳାୟିତ—2. Desirous; hankering
after a thing. ୩ । ମୁଗ୍ଧ—3. Charmed.
[ଉ—ସରସୀ ଶୋଭିତ ଅନାଇଁ ମନ ନେବ ଲୋଭିତ
ଡଃ ପାଠକା ବିଦ୍ରୁମରେ ପକ୍ଷୀଚଞ୍ଚୁ ବମ୍ଭିତ—ଭଞ୍ଜ
ଲାବଣ୍ୟବତୀ ।]

ଲୋଭିତା—ଦେ. ବଣ (ସଂ. ଲୋଭିତ)—ଲୋଭିତ ୨,୩ (ଦେଖ)—
Lobhitā Lobhita 2,3 [ଉ—ହା ହା ଶୋଭିତା !
ଲୋଭୀତ **लोभित** ଦେଖି କେ ନୋହିବ ଲୋଭିତା—ଭଞ୍ଜ. ପ୍ରେମ
ସୁଧାନିଧି ।] ସଂ. ବଣ. ସ୍ତ୍ରୀ (ଲୋଭିତ+ଆ)—
ଲୋଭିତର ସ୍ତ୍ରୀଲିଙ୍ଗ—Feminine of Lobhita.

ଲୋଭିବା—ଦେ. କ୍ରି (ସଂ. ଲୁଭ ଧାତୁ)—୧ । ଲୁବ୍ଧ ହେବା; ଲୋଭା-
Lobhibā କ୍ରାନ୍ତ ହେବା—1. To be tempted for
ନ୍ ଭିଯେ ଯାଓ୍ୟା, ଲୋଭା (someting). ୨ । ପାଇବାକୁ
लुभना ଅଭିଳାଷ କରିବା—2. To long for; to hanker
after; to desire to get. (ଉ—କୃଷ୍ଣା ନାମରେ
ମୋହିତ ଅଛୁ ହିଅଛୁ । ସୁନ୍ଦରପଣେ ତାଙ୍କୁ ଲୋଭିଲୁ
ସବୁଏ—କୃଷ୍ଣସିଂହ. ମହାଭାରତ. ବନ ।)

ଲୋଭୀ—ସଂ. ବଣ. ପୁଂ (ଲୋଭ+ଇନ୍, ୧ମା ୧ବ)—୧ । ଲୋଭଯୁକ୍ତ;
Lobhī ଲୋଲୁପ—1. Covetous; avaricious.
(ଲୋଭିନୀ—ସ୍ତ୍ରୀ) ୨ । ପେଟୁ—2. Gluttonous, ୩ । ଲୋଭ
ପ୍ରକୃତିଯୁକ୍ତ—3. Greedy by nature. [ଦ—ଯେଉଁ
ଦ୍ରବ୍ୟ ପ୍ରତି ମନୁଷ୍ୟ ଲୋଭଯୁକ୍ତ ହୁଏ ସେହି ଶବ୍ଦ ସଙ୍ଗେ
ଲୋଭୀ ଶବ୍ଦ ଯୁକ୍ତ ହୁଏ, ଯଥା—ଅର୍ଥଲୋଭୀ, ଧନଲୋଭୀ,
ଖାଦ୍ୟଲୋଭୀ, ବିଷୟ ଲୋଭୀ, ସଂସାର ଲୋଭୀ ଇତ୍ୟାଦି ।)

ଲୋଭ୍ୟ—ସଂ. ବଣ (ଲୁଭ୍ ଧାତୁ+କର୍ମଃ ଯ)—ଲୋଭନୀୟ (ଦେଖ)
Lobhya Lobhaniya (See)

ଲୋଭ୍ୟମାନ—ସଂ. ବଣ. ପୁଂ (ଲୁଭ୍ ଧାତୁ+କର୍ମ. ଅନ)—୧ ।
Lobhyamāna ଆକୃଷ୍ୟମାଣ—1. Attracted. ୨ । କୌଣସି
ବସ୍ତୁ ପ୍ରତି ଆସକ୍ତ—2. Having an attachment
or hankering for a thing. ୩ । କୌଣସି
ବସ୍ତୁ ପ୍ରତି ଲାଳାୟିତ—3. Coveting; hankering
(ଲୋଭ୍ୟମାନା—ସ୍ତ୍ରୀ) after; longing for.

ଲୋମ—ସ. ବି.—(ଲୂ ଧାତୁ=ଛେଦନ କରିବା+କର୍ମ. ମନ୍; ଲୋମନ୍
Loma ଶବ୍ଦ ୧ମା. ୧ବ)—୧ । ଦେହର ସର୍ବାଙ୍ଗରେ ଉଠିବା
କେଶ; ରୋମ (ଇତ୍ୟାଦି) (ଦେଖ)—1. Hair over
the body; Roma (etc). (See) [ଦ—ରୋମ
ଶବ୍ଦ ପୂର୍ବେ ବା ପରେ ଲଗାଯାଇ ଯେଉଁ ଶବ୍ଦ ବ୍ୟବହୃତ
ହୁଏ, ସେମାନ ଲୋମ ଶବ୍ଦ ସଙ୍ଗେ ମଧ୍ୟ ବ୍ୟବହୃତ ହୁଏ ।]
୨ । ପୁଚ୍ଛ; ଲାଞ୍ଜ—2. Tail. ୩ । ପଶୁମାନଙ୍କ ଦେହ
ଉପରେ ଉଠିଥିବା କେଶ; ପଶମ—3. Fur; wool.
୪ । ପକ୍ଷୀଙ୍କ ଦେହରେ ଉଠିଥିବା ଛୋଟପର—4. Down
on the body of birds. ୫ । ଭୂତକେଶୀ
(ଦେଖ)—(ଦ୍ରବ୍ୟଗୁଣ)—5. Bhūtakesī (See)

ଲୋମ ଉଖା(ପା)ଡ଼ିବା—ଦେ. କ୍ରି.—(ସ. ଲୋମ ଉତ୍ପାଟନ)—ରୋମ
Loma ukhā(pā)rdibā ଉଖାଡ଼ିବା (ଦେଖ)—Roma
ukhārdibā (See)

ଲୋମ ଉଖୁ(ପୁ)ଡ଼ିବା—ଦେ. କ୍ରି.—ରୋମ ଉଖୁଡ଼ିବା (ଦେଖ)
Loma uku(pu)rdibā Roma ukhurdibā (See)
[ଲୋମ ଉଠିଯିବା—ଅନ୍ୟରୂପ]

ଲୋମ ଉଠିବା(ଉଠିଯିବା)—ଦେ. କ୍ରି—ରୋମ ଉଠିବା (ଉଠିଯିବା)
Loma uṭhibā(uṭhijibā) (ଦେଖ)—Roma uṭhibā
(uṭhijbā) (See)

ଲୋମକ—ସ. ବଣ.-(ଲୋମ+ସ୍ୱାର୍ଥେ. କ)—ଲୋମଶ; ଲୋମଯୁକ୍ତ—
Lomaka Hairy; downy; furry

ଲୋମ କରଣୀ—ସଂ. ବି.—ଜଟାମାଂସୀ (ଦେଖ)
Loma karaṇī Jaṭāmaṁsī (See)

ଲୋମ କର୍କଟୀ—ସଂ. ବି.—ଅଜମୋଦା (ଦେଖ)
Loma karkaṭī Ajamodā (See)

ଲୋମ କର୍ଣ୍ଣ—ସଂ. ବିଣ—(ବହୁବ୍ରୀହି; ଲୋମଯୁକ୍ତ କର୍ଣ୍ଣ ଯାହାର)—
Loma karṇṇa ୧। ଯାହାର କର୍ଣ୍ଣ ଲୋମମୟ—
1. Having ears covered with hair. ୨। ଶଶା; ଠେକୁଆ—2. Hare. ୩। ମୂଷା—3. Rat.

ଲୋମ କୂପ—ସଂ. ବି.—(୬ଷ୍ଠୀ ତତ୍)—ରୋମ କୂପ (ଦେଖ)
Loma kūpa Roma kūpa (See)

ଲୋମ ଗୁଚ୍ଛ—ସଂ. ବି.—(୬ଷ୍ଠୀ ତତ୍)—ରୋମ ଗୁଚ୍ଛ (ଦେଖ)
Loma guchchha Roma guchchha (See)

ଲୋମଘ୍ନ—ସଂ ବିଣ.—(ଲୋମ+ହନ୍ ଧାତୁ+କର୍ତ୍ତୃ.ଅ)—ଲୋମନାଶକ;
Lomaghna ଯେଉଁ ବସ୍ତୁର ପ୍ରୟୋଗ ବା ପ୍ରଲେପ ଦ୍ୱାରା ଲୋମ ଉଠିଯାଏ—
Destroying the hair; causing baldness; depilatory. ବି.—୧। ଇନ୍ଦ୍ରଲୁପ୍ତ; ରୋଗବିଶେଷ [ଏଥିରେ ମୁଣ୍ଡରୁ ଲୋମ ଉଠି ଯାଏ]—1. Baldness. ୨। ଶିଆଳୀ ଖାଇବା ରୋଗ—2. A disease which causes the hairs of parts of the body to fall down.

ଲୋମଜ—ସଂ ବିଣ.—(ଲୋମ+ଜନ୍ ଧାତୁ+କର୍ତ୍ତୃ. ଅ)—ରୋମଜ
Lomaja Romaja (See)

ଲୋମ ଟ(ଟା)ଙ୍କୁ(ଙ୍ଗୁ)ରିବା—ଦେ. କ୍ରି—ରୋମ ଟଙ୍କୁରିବା (ଦେଖ)
Loma ṭa(ṭā)ṅku(ṅgu)ribā Roma ṭāṅkuribā
ଲୋମ ଠାଙ୍କିବା } (See)
ଲୋମ ଠାଙ୍କୁ(ଙ୍ଗୁ)ର ଉଠିବା } —ଅନ୍ୟରୂପ

ଲୋମ ଟ(ଟା)ଙ୍କୁ(ଙ୍ଗୁ)ରା—ଦେ. ବି.—(ସଂ. ଲୋମୋଦ୍ଗମ)—ରୋମ
Loma ṭa(ṭā)ṅku(ṅgu)rā ଟାଙ୍କୁରା [ଦେଖ] Roma ṭāṅkurā (See)

ଲୋମ ନାଶନ(କ)—ସଂ. ବି ଓ ବିଣ.—ଲୋମଘ୍ନ ଔଷଧ—
Loma nāśana(ka) A depilatory.
[ଲୋମ ଶାତନ—ଅନ୍ୟରୂପ]

ଲୋମ ପତା—ଦେ. ବି—ଅକ୍ଷିପତା—
Loma patā চোখের পাতা पपनी Eye-lid.
[ଉ—ବାଲକ ବନ୍ଧୁ ଦିଗମ୍ବାଗା, ନୟନ ବନ୍ଧୁ ଲୋମ ପତା। ଜଗନ୍ନାଥ. ଭାଗବତ।]

ଲୋମ ପାଦ—ସଂ.ବି.—(ନାମ)—ରାମାୟଣ ବର୍ଣ୍ଣିତ ଅଙ୍ଗଦେଶର ରାଜା—
Loma pāda Name of a king of Aṅga country of ancient India. [ଦ୍ର—ଏ ଋଷ୍ୟଶୃଙ୍ଗଙ୍କ ମହାନ୍ ଶ୍ୱଶୁର। ଏକଦା ଏ ବ୍ରାହ୍ମଣମାନଙ୍କୁ ଅପମାନ ଦେବାରୁ ବ୍ରାହ୍ମଣମାନେ ରାଜ୍ୟ ଛାଡ଼ି ଚାଲିଗଲେ। ଏହାଙ୍କ ସମୟରେ ବାରବର୍ଷ ବର୍ଷା ନ ହେବାରୁ, ଏ ଚରିତା ଆଦି ବାର-ନାରୀଙ୍କୁ ପଠାଇ ବିଭାଣ୍ଡକ ଋଷିଙ୍କ ପୁତ୍ର ଋଷ୍ୟଶୃଙ୍ଗଙ୍କୁ ଅଣାଇ ଯଜ୍ଞ କରିବାରୁ ବର୍ଷା ହେଲା ଓ ଋଷ୍ୟଶୃଙ୍ଗ ଲୋମପାଦଙ୍କ ପାଳିତା ଦଶରଥଙ୍କ କନ୍ୟା ଶାନ୍ତାଙ୍କୁ ବିବାହ କଲେ।]

ଲୋମପାଦ ପୁର—ସଂ. ବି.—ଚମ୍ପାନଗରୀ; ଲୋମପାଦ ରାଜାଙ୍କ
Lomapāda pura ରାଜଧାନୀ; ପ୍ରାଚୀନ ଅଙ୍ଗଦେଶର ରାଜଧାନୀ, (ଅଧୁନାତନ ଭାଗଲପୁର)—Ancient capital of the Aṅga country (corresponding to Bhagalpur in Bihar).

ଲୋମ ବିଲ—ସଂ. ବି.—(୬ଷ୍ଠୀ ତତ୍)—ଲୋମ କୂପ—
Loma bila Loma kūpa (See)

ଲୋମ ବିଲୋମ—ଦେ. ବିଣ.—(ସଂ. ଅନୁଲୋମ ବିଲୋମ)—୧।
Loma biloma ଅସଂଯତ; ଅସମ୍ବଦ୍ଧ—1. Unarranged; ওলট পালট लोम बिलोम disarranged. ୨। ଓଲଟ-ପାଲଟ—2. Topsyturvy. ବି.—୧। ଆଗ କଥା ପଛ ଓ ପଛ କଥା ଆଗ ହେବା ଅବସ୍ଥା—1. Want of arrangement or system; inversion of the sequence. ୨। କାବ୍ୟାଲଙ୍କାର ବିଶେଷ—2. A figure of speech. [ଦ୍ର—ଏ ଅଳଙ୍କାର ଅନୁସାରେ ରଚିତ ପଦର ଆରମ୍ଭରୁ ପଢ଼ିଲେ ଏକ ଅର୍ଥ ଓ ପଦର ଶେଷ ଅକ୍ଷରୁ ଓଲଟାଇ ପଢ଼ିଲେ ଆଉ ଏକ ଅର୍ଥ ହୁଏ।]

ଲୋମ ବିଷ—ସଂ. ବିଣ—(ବହୁବ୍ରୀହି; ଲୋମରେ ବିଷ ଅଛି ଯାହାର)—
Loma bisha ଯେଉଁ ଜୀବର ଲୋମ ବିଷମୟ—(animal) Having poison in the hairs. ବି.—ବ୍ୟାଘ୍ର Tiger.

ଲୋମ ଭ୍ରମୀ—ସଂ. ବି.—(୬ଷ୍ଠୀ ତତ୍)—ଲୋମର ଆବର୍ତ୍ତ ବା ଭଉଁରୀ—
Loma bhramī A whorl of the furs of the body.

ଲୋମ ରାଜି—ସଂ. ବି.—(୬ଷ୍ଠୀ ତତ୍)—ରୋମରାଜି (ଦେଖ)
Loma rāji Roma rāji (See)
[ଲୋମ ଶ୍ରେଣୀ, ଲୋମ ଲତା, ଲୋମାବଳି—ଅନ୍ୟରୂପ]

ଲୋମଶ—ସଂ. ବିଣ (ଲୋମ+ଯୁକ୍ତାର୍ଥେ ଶ)—ରୋମଶ (ଦେଖ)—
Lomaśa Romaśa (See) ସଂ. ବି—୧। ମୁନିବିଶେଷ—(ଲୋମଶା—ସ୍ତ୍ରୀ) 1. Name of a sage. [ଦ୍ର—ଏ ମାର୍କଣ୍ଡେୟ ଋଷିଙ୍କର କନିଷ୍ଠ ଭ୍ରାତା। ପାଣ୍ଡବମାନଙ୍କ ବନବାସ କରିବା ସମୟରେ ଏ ସେମାନଙ୍କୁ ସେଣି ନାନା ତୀର୍ଥ ଭ୍ରମଣ କରିଥିଲେ ଓ ପାଣ୍ଡବମାନଙ୍କୁ ବିବିଧ ଉପଦେଶମୟ ପୌରାଣିକ ଉପାଖ୍ୟାନମାନ ଶୁଣାଇଥିଲେ। ଏ ଅମର ବୋଲି କଥିତ।] ୩। ମେଷ; ମେଣ୍ଢା (ହି. ଶ)—3. Sheep; ram.

ଲୋମଶକାଣ୍ଡା—ସଂ. ବି (ବହୁବ୍ରୀହି, ଲୋମଯୁକ୍ତ ଅଟେ କାଣ୍ଡ ଯାହାର)
Lomaśa kāṇḍā (ବୈଦ୍ୟକ)—କର୍କଟୀ; କାକୁଡ଼ି—Cucumber.

ଲୋମଶପର୍ଣ୍ଣୀ—ସଂ. ବି (ବୈଦ୍ୟକ)—ମାଷପର୍ଣ୍ଣୀ—
Lomaśa parṇṇī Termanus Lebialis.
(ଲୋମଶପର୍ଣ୍ଣିକା—ଅନ୍ୟରୂପ)

ଲୋମଶ ପୁଷ୍ପକ—ସଂ. ବି (ବୈଦ୍ୟକ)—ଶିରିଷ ବୃକ୍ଷ—
Lomaśa pushpaka Name of a tree; Acacia Lebbec.

ଲୋମଶ ମାର୍ଜ୍ଜାର—ସଂ. ବି—ଗନ୍ଧମାର୍ଜାର; ଗନ୍ଧମାର୍ଜ୍ଜାର; ଖାଳଅଗଉଳା; ଗନ୍ଧ
Lomaśa mārjjāra ଗୋଖୁଳା—The civet; Vivera Gunda.
(ଅନ୍ୟ ସଂ. ନାମ—ପୂତିକ, ମାର୍ଜାରକ, ସୁଗନ୍ଧା, ମୃଗଯାତକ)

ଲୋମଶା—ସଂ. ବି (ବୈଦ୍ୟକ)—୧। କାକଜଙ୍ଘା—1. Leea Hirta
Lomaśā (a herb) ୨। ବଚ; ବଚ—2. The sweet flag. ୩। ଶୁକଶିମ୍ବୀ; ବାଇଡଙ୍କ—3. Cowhage. ୪। ବୈଦିକଯୁଗର ମନ୍ତ୍ରଦ୍ରଷ୍ଟ୍ରୀ ବିଦୁଷୀ ସ୍ତ୍ରୀ—4. Name of a very learned woman of the vedic age. ୫। ଅତିବଳା—(ବୃ. ଶ)—5, Indian mallow. ସଂ. ବିଣ (ସ୍ତ୍ରୀ)—ଅତ୍ୟଧିକ ଲୋମଯୁକ୍ତା—Profusely hairy (woman).

ଲୋମ ଶାତନ—ସଂ. ବି—ହରିତାଳ (ବୃ. ଶ)—
Loma śātana Yellow orpiment.
ସଂ. ବି ଓ ବିଣ—ଲୋମନାଶନ (ଦେଖ)—Loma nāśana (See)

ଲୋମ ଶ୍ରେଣୀ—ସଂ.ବି—ବକ୍ଷଃସ୍ଥଳଠାରୁ କ୍ରମଶଃ ନିମ୍ନକୁ ଯାଇଥିବା ଲୋମ-
Loma śreṇi ରେଖା—The row of furs extending from the breast to the navel.

ଲୋମ ହର୍ଷ—ସଂ. ବି—ରୋମ ହର୍ଷ (ଦେଖ)
Loma harsha Roma harsha (See)

ଲୋମହର୍ଷକ—ସଂ. ବିଣ—ରୋମହର୍ଷକ (ଦେଖ)—
Lomaharshaka Romaharshaka (See)

ଲୋମ ହର୍ଷଣ—ସଂ. ବି (୬ଷ୍ଠୀ ତତ୍; ଲୋମ+ହର୍ଷଣ)—୧। ରୋମାଞ୍ଚ;
Loma harshaṇa ରୋମ ଠାଙ୍କୁରିବା—1. Horripilation; bristling of the hairs of the body. ୨। (ବହୁବ୍ରୀହି) ଋଷିବିଶେଷ; ବ୍ୟାସ ମୁନିଙ୍କର ପ୍ରିୟ ଶିଷ୍ୟ (ଏହାଙ୍କର ଅନ୍ୟ ନାମ ସୂତ)-2. Name of a sage. [ଦ୍ର—ଏ ସୂତଜାତୀୟ ପୁତ୍ର। ବ୍ୟାସ ଏହାଙ୍କଠାରେ ପ୍ରୀତହୋଇ ଏହାଙ୍କୁ ସମସ୍ତ ପୁରାଣମାନ ଅର୍ପଣ କରିଥିଲେ ଓ ଇନ୍ଦ୍ର ପୁରାଣ ଏ ସମସ୍ତଙ୍କୁ ଶୁଣାଇଥିଲେ। ପୁରାଣ ବକ୍ତୃତାଦ୍ୱାରା ଏ ଶ୍ରୋତାମାନଙ୍କର ଲୋମହର୍ଷଣ ଜାତ କରାଉଥିବାରୁ ଏହାଙ୍କର ଏହି ନାମ ହୋଇଥିଲା ବୋଲି କୂର୍ମ ପୁରାଣରେ ଉକ୍ତ ହୋଇଅଛି। ପରେ ଏହି ନାମ ବଂଶଗତ ହେଲା ଓ କଳ୍କିପୁରାଣରେ ଏହାଙ୍କର ପୁତ୍ରଙ୍କୁ ମଧ୍ୟ ଲୋମହର୍ଷଣ ବିଶେଷଣ ଦିଆ ଯାଇଥିଲା।] ବିଣ—୧। ଲୋମହର୍ଷଣକାରୀ-1. Producing or causing horripilation thrilling. ୨। ଭୟଙ୍କର—2. Terrific.

ଲୋମହର୍ଷଣ କାଣ୍ଡ—ସଂ. ବି (କର୍ମଧା)—୧। ଭୟାନକ କାଣ୍ଡ—
Lomaharshaṇa kāṇḍa 1. Terrific matter

ଲୋମହର୍ଷଣ ବ୍ୟାପାର
ଲୋମହର୍ଷଣ ଘଟଣା } —ଅନ୍ୟରୂପ ୨। ଭୟପ୍ରଦ ଘଟଣା—2. A horrible event.

ଲୋମହୃତ୍—ସଂ. ବିଣ (ଲୋମ+ହୃ ଧାତୁ=ହରଣ କରିବା+କର୍ତ୍ତୃ
Lomahṛut ବାଚ୍ୟ ଦ୍ୱିପ୍)—ଲୋମନାଶକ—Depilatory.
ବି(ବୈଦ୍ୟକ)—ହରିତାଳ—Sulphate of arsenic; yellow orpiment.

ଲୋମା—ଦେ ବିଣ—ରୋମା (ଦେଖ)—Romā (See)
Lomā ସଂ. ବି—ବଚ, ବଚ(ବୃ. ଶ)—The sweet flag.

ଲୋମାଞ୍ଚ—ସଂ. ବି—ରୋମାଞ୍ଚ (ଦେଖ)
Lomāncha Romāncha (See)

ଲୋମାଞ୍ଚିତ—ସଂ. ବିଣ—ରୋମାଞ୍ଚିତ (ଦେଖ)
Lomānchita Romānchita (See)

ଲୋମାଞ୍ଚିତ ତନୁ—ସଂ. ବି—ରୋମାଞ୍ଚିତ ତନୁ (ଦେଖ)
Lomānchitatanu Romānchita tanu (See)

ଲୋମାଞ୍ଚିବା—ଦେ. କ୍ରି (ସଂ.ଲୋମାଞ୍ଚ)—ରୋମାଞ୍ଚିତ ହେବା—To have
Lomānchibā horripilation; to have the রোমাঞ্চহওয়া रोंगटे खड़ा होना रोमांचहोना hairs standing on ends, (ଭ—ତନୁ ଲୋମାଞ୍ଚିଲା ସର୍ବାଙ୍ଗ ବହିଲା ସ୍ୱେଦନୀର ଦରଦରେ—ରାଧାନାଥ ଯଯାତି।)

ଲୋମାବଳି—ସଂ. ବି (୬ଷ୍ଠୀ ତତ୍)—ରୋମରାଜି (ଦେଖ)
Lomābali Romarāji (See)
(ଲୋମାଳି—ଅନ୍ୟରୂପ)

ଲୋମାଳି(ଶି)କା—ସଂ. ବି. ସ୍ତ୍ରୀ (ଲୋମାଳ+କ+ଆ, ଲୋମାଳ ଅଛି
Lomāli(śi)kā ଯାହାର)—୧। କୋକଶିଆଳି—1, Fox ୨। ଶୃଗାଳୀ—2. She-jackal.

ଲୋମେ—ଦେ. ଅ.—ରୁମେ (ଦେଖ)
Lome Rume (See)

ଲୋମୋତ୍ପାଟନ—ସଂ. ବି.—(୬ଷ୍ଠୀ ତତ୍)—ଶରୀରରେ ଲୋମ ଉପାଡ଼ିବା
Lomotpāṭana Uprooting the hairs of the body.

ଲୋମୋତ୍ପାଦନ—ସଂ. ବି. (୬ଷ୍ଠୀ ତତ୍)—ଶରୀରରେ ଲୋମ ଜନ୍ମାଇବା-
Lomotpādana Causing the growth of the hairs on the body.

ଲୋମୋଦ୍‌ଗମ—ସଂ. ବି.—(୬ଷ୍ଠୀ ତତ୍)—ରୋମୋଦ୍‌ଗମ (ଦେଖ)
Lomodgama Romodgama (See)
[ଲୋମୋଦ୍ଭେଦ—ଅନ୍ୟରୂପ]

ଲୋୟ—ଗ୍ରା. ବି.—(ପ୍ରାଚୀନ ପଦ୍ୟ)—(ସଂ. ଲୋତ)—ଲୁହ;
Loya লো লো(নো)র ଲୋତକ—Tear. [ଭ—ଲୋୟେ ଭଣା ଦଶିଲାକ ଭୂରଙ୍ଗମା ତତ୍କୁ। ପ୍ରତାପ. ଶଶିସେଣା।]

ଲୋୟ(ୟା)ର୍ (ଇତ୍ୟାଦି)—ବୈଦେ. ବିଣ—(ସଂ. ଲୋଅର)
Loya(ya)r (etc) ଲୋଅର୍ ଇତ୍ୟାଦି (ଦେଖ)
[ଲୋଚ୍—ଅନ୍ୟରୂପ] Loar etc. (See)

ଲୋର—ଗ୍ରା. ବି.—(ସଂ. ଲୋଚ)—ଲୋତକ; ଲୁହ; ଅଶ୍ରୁ—
Lora Tears.

ଲୋ(ଲୁ)ରା—ପ୍ରାଦେ (ଗଡ଼ଜାତ)—ବିଣ—ଅବଶ୍ୟକ; ଲୋଡ଼ା—
Lo(lu)rā Necessary. ବି—ଆବଶ୍ୟକତା—Necessity; need.

ଲୋରି—ପ୍ରାଦେ (ଗଡ଼ଜାତ) ବି—ସାଇଲୋରି ଗୀତ (ଦେଖ)
Lori [ଲୋରିଅ—ଅନ୍ୟରୂପ] Sāinlori gita (See)

ଲୋ(ଲୁ)ରିବା—ପ୍ରାଦେ (ଗଡ଼ଜାତ) କ୍ରି—ଲୋଡ଼ିବା (ଦେଖ)
Lo(lu)ribā Lordibā (See)

ଲୋଲ୍(ଲା)—ପ୍ରାଦେ (ଗଡ଼ଜାତ) ବି—ନୋଳା; ବେତ ଆଦିର ପ୍ରହାର
Lol(lā) ଯୋଗୁଁ ଶରୀରରେ ଉଠିଥିବା ଲମ୍ବ ଦାଗ—
Long marks left on the body by the stripes of caning.

ଲୋଳ—ସଂ. ବିଣ.—(ଲୋଡ୍ ଧାତୁ+କର୍ତ୍ତୃ. ଅ)—୧ । ଅସ୍ଥିର; ଚଞ୍ଚଳ;
Loḷa ଚପଳ—1. Restless; unsteady; fickle;
(ଲୋଳା—ସ୍ତ୍ରୀ) wavering. ୨ । ଲୋଲୁପ; ଲୋଭୀ;
[ଲୋଳତା(ତ୍ୱ)—ବି] ତୃଷ୍ଣାଳୁ—2. Covetous; cupidous; hankering after; longing for. ୩ । ଇଚ୍ଛୁକ—3. Desirous; wistful. ୪ । (ଲୁଲ୍ ଧାତୁ+କର୍ତ୍ତୃ. ଅ)—ଶ୍ଳଥ; ଶିଥିଳ—4. Slack; loose; flaccid. ୫ । କମ୍ପମାନ—5. Trembling; oscillating. ୬ । ଲମ୍ବିତ; ଯାହା ଲଡ଼ଲଡ଼ ହୋଇ ଝୁଲୁଥାଏ—6. Hanging loosely. ୭ । ଦୋହୋଲୁଥିବା—7. Swinging. ୮ । ପରିବର୍ତ୍ତନଶୀଳ—8. Changeable. ୯ । କ୍ଷଣିକ; କ୍ଷଣଭଙ୍ଗୁର—9. Transient. ସଂ. ବି—ଲିଙ୍ଗେନ୍ଦ୍ରିୟ (ହି. ଶ)—Male organ.

ଲୋଳକ—ସଂ. ବିଣ (ଲୁଲ୍ ଧାତୁ+କର୍ତ୍ତୃ. ଅକ)—୧ । ଯାହା ଶ୍ଳଥ-
Loḷaka ଭାବରେ ଝୁଲୁଥାଏ—1. Hanging loosely.
(ଲୋଳକା—ସ୍ତ୍ରୀ) ୨ । ଦୋଳାୟମାନ—2. Swinging.
ସଂ. ବି—୧ । ନୋଳକ (ଦେଖ)—1. Nolaka (See)
୨ । ତନ୍ତରେ ଝୁଲୁଥିବା ଏକ ଲଟୁ (ହି.ଶ)—2. A ball hanging loose from a loom. ୩ । ଲଟକଣ-3. Pendant.

ଲୋଳକର୍ଣ୍ଣ—ସଂ. ବିଣ. ପୁଂ (ବହୁବ୍ରୀହି)—କାନପତଳା (ଲୋକ); ଯେଉଁ
Loḷakarṇṇa ବ୍ୟକ୍ତି ସମସ୍ତଙ୍କ କଥା ଶୁଣେ—Listening
(ଲୋଳକର୍ଣ୍ଣୀ—ସ୍ତ୍ରୀ) to every body (M. W)

ଲୋଳକୁଣ୍ଡଳ—ସଂ. ବିଣ. ପୁଂ (ବହୁବ୍ରୀହି)—ଯାହା କାନର କୁଣ୍ଡଳ
Loḷakuṇḍaḷa ଝୁଲୁଥାଏ—Having dangling or
[ଲୋଳକୁଣ୍ଡଳା—ସ୍ତ୍ରୀ] pendent earings (M. W.)

ଲୋଳଚର୍ମ୍ମ—ସଂ. ବି (କର୍ମଧା)—ଯେଉଁ ଚମ ଝୁଲୁଥାଏ—
Loḷacharmma Flaccid skin.

ଲୋଳଚର୍ମ୍ମା—ସଂ. ବିଣ (ବହୁବ୍ରୀହି)—ଲୁଳିତଚର୍ମ୍ମ—
Loḷacharmmā Having flaccid skin.

ଲୋଳଜିହ୍ୱ—ସଂ. ବିଣ. ପୁଂ [ବହୁବ୍ରୀହି, ଲୋଳ ଅଟେ ଜିହ୍ୱା ଯାହାର]—
Loḷajihwa ୧ । ଯାହାର ଜିଭ ଲହଲହକା—1. Having
[ଲୋଳରସନ-ଅନ୍ୟରୂପ] a waving or hanging tongue.
ଲୋଳଜିହ୍ୱା } ସ୍ତ୍ରୀ— ୨ । ଯେ ଜିଭକୁ କାଢ଼ି ଲହ ଲହ କରୁଥାଏ-
ଲୋଳରସନା } 2. Moving the tongue; lolling the tongue.

ଲୋଳଜିହ୍ୱା—ସଂ. ବି (କର୍ମଧା)—ଲହକା ଜିଭ—Lolling tongue.
Loḷajihwā ସଂ. ବିଣ. ସ୍ତ୍ରୀ—ଲୋଳଜିହ୍ୱର ସ୍ତ୍ରୀଲିଙ୍ଗ—
[ଲୋଳରସନା—ଅନ୍ୟରୂପ] Feminine of Loḷajihwa.

ଲୋଳଦ୍‌ଭୁଜ—ସଂ. ବିଣ. ପୁଂ (ବହୁବ୍ରୀହି; ଲୋଳତ୍=ଲୋଳୁଥିବା+
Loḷad-bhuja ଭୁଜ)—ଯାହାର ହାତ ଝୁଲୁଛି—
[ଲୋଳଦ୍‌ଭୁଜା—ସ୍ତ୍ରୀ] Having swinging arms (M. W.)

ଲୋଳମ୍ବ—ସଂ. ବି—ରୋଲମ୍ବ (ଦେଖ)
Lolamba Rolamba (See) (M. W)

ଲୋଳା—ସଂ. ବିଣ ସ୍ତ୍ରୀ (ଲୋଳ+ଆ)—"ଲୋଳ"ର ସ୍ତ୍ରୀଲିଙ୍ଗ—
Loḷā 1 Feminine form of the word Loḷa.)
[ଦ୍ର—କାଦମ୍ବିନୀ ଶୋଭେ ଗଗନେ ଧୀରସମୀରଲୋଳା-ସୁଧାକାଥ ଚନ୍ଦ୍ରଭାଗା ।] ୨ । ଉତ୍ସୁକା—2 Eager for; desirous of. [ଦ୍ର—ବର୍ଷା ନଳସୁ ବହାରଲୋଳା —କବିସୂର୍ଯ୍ୟ: ସଙ୍ଗୀତ] ସଂ. ବି. ସ୍ତ୍ରୀ-୧ । ଚଞ୍ଚଳା; ଲକ୍ଷ୍ମୀ—1. Goddess Lakshmī. [ଦ୍ର--ଲକ୍ଷ୍ମୀ ଚଞ୍ଚଳା ଥିବାରୁ, ଅର୍ଥାତ୍ ଜଣେ ବ୍ୟକ୍ତି ପାଖରେ ଚିରକାଳ ସ୍ଥିର ହୋଇ ରହୁ ନ ଥିବାରୁ ।] ୨ । ଜିହ୍ୱା;ଜିଭ—2. The tongue. ୩ । ବିଦ୍ୟୁତ୍; ଚପଳା—3. Lightning. ୪ । (ନାମ) ମଧୁଦୈତ୍ୟର ମାତା 4. Name of the mother of Demon Madhu. ୫ । (ନାମ) ଯୋଗିନୀବିଶେଷ—5. Name of a Jogini. ୬ । ଏକ ବର୍ଣ୍ଣବୃତ୍ତ—6. Name of [ଦ୍ର—a metre. ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ମଗଣ, ସଗଣ, ମଗଣ, ଭଗଣ ଓ ଶେଷରେ ଦୁଇ ଗୁରୁ ବର୍ଣ୍ଣ ଥାଏ । ଏଥିରେ ସାତ ଅକ୍ଷର ବାଦ୍ ଯତି ପଡ଼େ—ହି. ଶ) ଦେ. ବି—୧ । ନୋଳା (ଦେଖ)—1 Nolā (See). ୨ । ପ୍ରାଚୀନ ଅର୍ଣ୍ଣବପୋତବିଶେଷ (ଜଗବନ୍ଧୁ ପ୍ରାଚୀନ ଉତ୍କଳ) 2 A variety of sea-going vessels in ancient Orissa.

ଲୋଳା—ପ୍ରାଦେ (ଗଡ଼ଜାତ) କ୍ଳୀବ—ଯେଉଁ ଚଷିବାବେଳେ ଲଙ୍ଗଳରେ
Lolā ଲାଗିଯିବା ଜମିର ଘାସ—Grass clinging to the plough during ploughing.

ଲୋଳାକ୍ଷ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଯାହାର ଆଖି ଚଞ୍ଚଳ
Loḷāksha ହୋଇ ବୁଲୁଥାଏ—1. Having rolling eyes. ୨ । କାମାସକ୍ତ ବା ଖଳ-
ଲୋଳାକ୍ଷୀ } —ସ୍ତ୍ରୀ
ଲୋଳାକ୍ଷି } ଦୃଷ୍ଟି ବସିଷ୍ଟ—2. Looking wan

ଲୋଲଦୃଷ୍ଟି } ଅନ୍ୟ ପୁଂ ଓ ସ୍ତ୍ରୀ tonly upon (M W.)
ଲୋଲଚକ୍ଷୁଃ }
(ଲୋଳନୟନ, ଲୋଳନେତ୍ର, ଲୋଳଲୋଚନ, ଲୋଳେକ୍ଷଣ—ଅନ୍ୟରୂପ)

ଲୋଳାପାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି)—ଚଞ୍ଚଳ ଅପାଙ୍ଗବିଶିଷ୍ଟ—
Lolāpānga Having tremulous outer eye corners (M. W.)
(ଲୋଳାପାଙ୍ଗା—ସ୍ତ୍ରୀ)

ଲୋଳାର୍କ—ସଂ. ବ (ଲୋଳ+ଅର୍କ)—ସୂର୍ଯ୍ୟଙ୍କ ଏକ ଆକାର (ହି. ଶ)
Lolārka A form of the sun (M. W.)
(ଲୋଲବଦକେଶ—ଅନ୍ୟରୂପ)

ଲୋଳାୟମାନ—ସଂ. ବିଣ. ପୁଂ (ଲୁଲ୍‌ରୁ ଲୋଳାୟ ନାମ ଧାତୁ+କର୍ତ୍ତୃ. ଅନ)—ଦୋଳାୟମାନ—Hanging loosely.
Lolāyamāna
(ଲୋଳାୟମାନା—ସ୍ତ୍ରୀ)

ଲୋଳି—ଦେ. ବ (ସ. ଲୋଳକା)—ନୋଳି (ଦେଖ)
Loli Noli (See)

ଲୋଳ (ଧାତୁ)—ସଂ. (ଲ୍‌ଳ ଧାତୁ ଣିଜନ୍ତ)—ଦୋହୋଲ୍‌ଇବା—
Loli (root) To wave; to rock.

ଲୋଳିଆ—ଦେ. ବ ଓ ବିଣ—ନୋଳିଆ (ଦେଖ)
Loliā Noliā (See)

ଲୋଳିକା—ସି. ବ (ଲୋଳକ+ସ୍ତ୍ରୀ. ଆ)—୧ । କାନର ନୋଳି—
Lolikā 1. Earing. ୨ । ଉଦ୍; ଶଠାପାଳଙ୍ଗ ଶାଗ (ଏହାର ପତ୍ର କଅର ଅଙ୍କୁରର ଥିବାରୁ)—2. Rumex Vasicarius; Oxalis Pussilla; (a pot-herb) ୩ । ଗୁଙ୍ଗଡ଼ା; ଗୁଙ୍ଗୁଡ଼ି—3. A flat basket or tray of wicker work.

ଲୋଳିତ—ସ. ବିଣ (ଲୋଳ ଧାତୁ+କର୍ମ. ତ)—୧ । ଦୋହୋଲୁଥିବା; ଦୋଳାୟମାନ—1. Hanging; pendent; oscillating.
Lolita ୨ । ଚଞ୍ଚଳ; ଅସ୍ଥିର—2. Fickle; wavering. ୩ । କମ୍ପମାନ—3. Trembling. ୪ । ଶ୍ଲଥ—4. Flaccid; flabby. ସ. ବ—ସଙ୍ଗୀତର ରାଗିଣୀ ବିଶେଷ—A particular musical air.

ଲୋଳିବା—ଦେ. ବ (ସ. ଲୁଲ ଧାତୁ)—ଦୋହୋଲିବା; ଝୁଲିବା—
Loliba To hang; to wave. [ଉ—ବିବିଧ ବର୍ଣ୍ଣ ପୁଷ୍ପମାଳ, ଦୋଳା ମାନେ ଲୋଳନ୍ତି ଉଚ୍ଚ ସ୍ଥାନେ । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ର
ডোলনা; দোলনা [ଲୋଳାଇବା—ଣିଜନ୍ତ] ଚନ୍ଦ୍ରୋଦୟ ।]

ଲୋଲୁପ(ଭ)—ସ. ବିଣ. ପୁଂ (ଲୁଭ ଧାତୁ, ଯଙ୍ଲୁଗନ୍ତ=ଲୋଲୁଭ ଧାତୁ+କର୍ତ୍ତୃ. ଅ)—୧ । ଅତି ଲୋଭୀ—
Lolupa(bha)
(ଲୋଲୁପା[ଭା]—ସ୍ତ୍ରୀ) 1. Very avaricious, greedy. [ଲୋଲୁପତା(ତ୍ୱ)—ବ] ୨ । କୌଣସି ଦ୍ରବ୍ୟ ପ୍ରତି ଅଭିଳାଷୀ; ଲାଳସାଯୁକ୍ତ—2. Hankering after; longing for. ୩ । ଅତି ଆସକ୍ତ—3. Too much attached. [ଉ—ପଦଠାରେ ମୋର ମନ ଲୋଲୁପ, ଗୋଲୋକ. ଇନ୍ଦୁରେଖା] [ଦ୍ର—ଲୋଲୁପ ଶବ୍ଦ ଯୋଗରେ ମାଂସଲୋଲୁପ, ଧନଲୋଲୁପ, ଅର୍ଥଲୋଲୁପ, ଖାଦ୍ୟଲୋଲୁପ ଆଦି ସମାସଯୁକ୍ତ ପଦମାନ ଗଢ଼ାଯାଏ ।]

ଲୋଲୁପା—ସଂ. ବ (ଲୁଭ ଧାତୁ, ଯଙ୍ଲୁଗନ୍ତ=ଲୋଲୁଭ୍ ଧାତୁ+ଭାବ. ଅ+ଆ)—ଲାଳସା—Eager desire; longing for (M. W)
Lolupā

ଲୋ'ଲୋ—ପ୍ରାଦେ (ଗଡ଼ଜାତ)—ବିଣ—୧ । ପୁଷ୍ଟ ଶରୀର ଅଥଚ ଦୁର୍ବଳ—1. Fat but not strong. ୨ । ନପୁଂସକ—2. Impotent.
Lolo

ଲୋଲୋ(ଲୌ)ଷ୍ଠ—ସଂ. ବିଣ. ପୁଂ—ଚଞ୍ଚଳ ଓଷ୍ଠ ବିଶିଷ୍ଟ—Having
Lolo(lau)shtha moving or restless lips (M,W)
[ଲୋଲୋ(ଲୌ)ଷ୍ଠୀ—ସ୍ତ୍ରୀ]

ଲୋଶ୍‌କାନ୍(ନି)—ଦେ. ବ—ଲୋକସାନ୍ (ଦେଖ)
Loskān(ni) Loksān. (See)

ଲୋଶଡ଼ା—ଦେ. ବିଣ (ସଂ. ଲୁଳିତ, ଶ୍ଲଥ)—୧ । ଯାହା ଲୋସଡ଼ ପଡ଼ି ଥାଏ; ଶ୍ଲଥ; ଲୋଳିତ—1. Flaccid; flabby.
Losardā
ঢিলে ୨ । (ପୁଂ.) ଯାହାର ଦେହର ଚର୍ମ ଶ୍ଲଥ ହୋଇଥାଏ—
पिलपिला 2. Flabby-skinned. [ଦ—ଅମ୍ବ ଆଦି ଫଳ
ঢিলে চামড়া ପାଚଗଲେ କେତେକ ସମୟ ପରେ ନରମା ବା
चमड़ालटका हुआ ଲୋଶଡ଼ା ହୋଇଯାଏ ବା ଘୋଳିଯାଏ ।
(ଲୋଶଡ଼ୀ—ସ୍ତ୍ରୀ) ପାଣିଆ କାଦୁଅ ଲୋଶଡ଼ ପଡ଼େ, ଅର୍ଥାତ୍ ରଖି ଦେଲେ ବୋହି ପଡ଼େ । ଲୋଶଡ଼ା କାଦୁଅକୁ କାନ୍ଥରେ ଘଷିଲେ ତାହା କାନ୍ଥରେ ଲାଗି ନ ରହି ଲୋଶଡ଼ ପଡ଼େ । ଲାଉଅଦୁଧୀ ସ୍ତ୍ରୀମାନଙ୍କ ସ୍ତନ ପୂର୍ଣ୍ଣଯୌବନର ଅଳ୍ପକାଳ ପରେ ଲୋଶଡ଼ ପଡ଼େ । ମୋଟା ବା ଅତି ପୃଥୁଳ ବ୍ୟକ୍ତିଙ୍କର ପେଟର ଚମ ଲୋଶଡ଼ ପଡ଼ିଥାଏ ।]

ଲୋଶଡ଼ା(ଡ଼େ)ଇବା—ଦେ. କି—ଲୋଶଡ଼ିବା କ୍ରିୟାର ଣିଜନ୍ତରୂପ; ଲୋଶଡ଼ା କରିବା—To cause to become flabby.
Losardā(rde)ibā
ঢীলে করা लटकाना

ଲୋଶଡ଼ି ପଡ଼ିବା—ଦେ. କ୍ର—୧ । (ପାଣିଆ କାଦୁଅ) ବୋହି ପଡ଼ିବା—
Losardi pardibā 1. (said of watery clay) To become unstable or unsettled.
লথলথ করে পড়া
लथलथ गीरना ୨ । (ପାଚିଲା ଅମ୍ବ ଆଦି) ଲୋଳିତ ହେବା—
(ଲୋଶଡ଼ିବା—ଅନ୍ୟରୂପ) 2. (said of ripe mango etc) To become flaccid. ୩ । (ସ୍ଥୂଳ ଦେହ ଓ ଚର୍ମ)
নসে যাওয়া, নসা
पच पचाना ଓହୋଳି ପଡ଼ିବା; ଶ୍ଲଥ ହେବା—3. (said of the skin of a fat person) To hang flabbily. ୪ । (ବିଗତ ଯୌବନା ସ୍ତ୍ରୀମାନଙ୍କ ସ୍ତନ) ଝୁଲିବା—4. (said of woman's breasts) To hang flabbily, to become flabby.
ঝুলে পড়া
लटकजाना

ଲୋଶଡ଼ୀ—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀର ପୂର୍ଣ୍ଣ ଯୌବନର ଅଳ୍ପ ଦିନପରେ ସ୍ତନମାନ ଝୁଲିପଡ଼େ; ଶ୍ଲଥସ୍ତନା—
Losardi (women) Whose breasts become flabby very soon after youth.
लड़काहुआस्तनवाली

ଲୋଷନ୍—ବୈଦେ. ବ (ଇଂ)—ପୀଡ଼ିତ ଅଙ୍ଗରେ ମାଲିସ କରିବାରେ ବା Losan ପୀଡ଼ିତ ଅଙ୍ଗକୁ ଓଦା ରଖିବାରେ ବା ଧୋଇବାରେ ବ୍ୟବହୃତ ଲোসন ଲୋଶନ ଔଷଧ ଗୋଳା ହୋଇଥିବା ଡାକ୍ତରୀ ଦ୍ରବ—Lotion.

ଲୋଷ୍ଟ(ଷ୍ଟ୍ର) (ଧାତୁ)—ସଂ—ରାଶି କରିବା; ଗଦା କରିବା—Loshta(shtra) (root) To heap up.

ଲୋଷ୍ଟ(ଷ୍ଟ୍ର,ଷ୍ଠ,ଷ୍ଟ)—ସଂ. ବ (ଲୋଷ୍ଟ୍ ଧାତୁ+କର୍ମ. ଅ; କ୍ତ; ଋ; ୦)—Loshta(shta,shtra,sht ୧ । ଢେଲା; ଟେକା—(ଲୋଷ୍ଟ୍ର[ଷ୍ଟ]କ—ଅନ୍ୟରୂପ) 1. Clod; a hard lump of earth. ୨ । ଧାତୁ ଦ୍ରବ୍ୟର କଲଙ୍କୀ; ମୁରୁଚ୍ଚ—2. Rust on metal. ୩ । ଲୌହମଳ; ଲୁହାଗୁହ—3. Scoria; dross

ଲୋଷ୍ଟକ କୃଶ—ସଂ. ବଣ (ବହୁବ୍ରୀହି, ଯହିଁର ଲୋଷ୍ଟକମାନ ଲୁଣି Loshtaka kruśa ମାରିଯିବା ବା ଖାଣ୍ଡିହେବା ହେତୁ କୃଶ ହୋଇଅଛି) ଇଷ୍ଟକାଦଖଣ୍ଡପର କ୍ଷୀଣ (ଗୃହ ବା କାନ୍ଥ) (ମୃତ୍ତକଣ୍ଟକ)—Emaciated as regards the bricks and other m aterials (said of a house or wall containing bricks etc) which have become pulverised.

ଲୋଷ୍ଟ(ଷ୍ଟ୍ର) ଗୁଟିକା—ସଂ. ବ (୬ଷ୍ଠୀ ତତ୍)—କାଦୁଅରେ ତିଆର ଗୁଳା; Loshta(shtra) gutikā ବାଟୁଳ—A pellet of clay (M. W.)

ଲୋଷ୍ଟ(ଷ୍ଟ୍ର)ଘାତ—ସଂ. ବ (୩ୟା ତତ୍)—ଟେକା ମାଡ଼—A blow Loshta(shtra)ghāta with a clod (M. W.

ଲୋଷ୍ଟ(ଷ୍ଟ୍ର)ଘ୍ନ—ସଂ. ବ—୧ । ହିଦା—1. A harrow (M. W). Loshta(shtra)ghna ୨ । ପଟାମଇ—2. A plank (ଲୋଷ୍ଟ ଭଞ୍ଜନ, ଲୋଷ୍ଟଭେଦନ—ଅନ୍ୟରୂପ) used to reduce the clods of a ploughed field into powder,

ଲୋଷ୍ଟ୍ର ଖଣ୍ଡ—ସଂ. ବ—ଢେଲା ବା ଟେକାର ଖଣ୍ଡ—Loshtra khanda A clod of earth.

ଲୋଷ୍ଟ୍ର ନିକ୍ଷେପ—ସଂ. ବ (୬ଷ୍ଠୀ ତତ୍)-କୌଣସି ବସ୍ତୁ ବା ଜୀବ ଅଭିଙ୍କୁ Loshtra nikshepa ଲକ୍ଷ୍ୟ କରି ଟେକା ମାରିବା—Aiming a clod at an object.

ଲୋଷ୍ଟ୍ରବତ୍—ସଂ. ବ—ଲୋଷ୍ଟ୍ରଖଣ୍ଡ ପରି ହେୟ, ମୂଲ୍ୟହୀନ ବା Loshtrabat ଅନାଦରଣୀୟ—Valuless like a clod of earth. (ଯଥା—ପରଦ୍ରବ୍ୟକୁ ଲୋଷ୍ଟ୍ରବତ୍ ଜ୍ଞାନ କରିବ ।)

ଲୋଷ୍ଠ—ଙ. ବ—ଲୋଷ୍ଟ (ଦେଖ)—Loshta. (See) [ଉ—Loshtha କେ ବୋଲେ ଲୋଷ୍ଟ ମେରୁ ହେଲା ସବୁ । ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।]

ଲୋହ—ସଂ. ବ [ଲୁ ଧାତୁ=ଛେଦନ କରିବା+କର୍ତ୍ତୃ. ହ; କିମ୍ବା Loha (ପ୍ରାଚୀନ ରୁଧ୍ ଧାତୁ=ଲାଲ ହେବାରୁ ଉତ୍ପନ୍ନ) ରୁହ ଧାତୁ+କର୍ତ୍ତୃ. ଅ]—୧ । ଶୋଣିତ; ରକ୍ତ; ଲହୁ—1. Blood. [ଉ—ଏ ମହାକାଳଙ୍କ ଯାଇ ପ୍ରକ୍ଷାଳିବା ଥରେ, ରଣଶେଷରେ ରିପୁଲୋହେ ଅବା ଜଳ ଲେ ।ହେ । ସୁଧାକାଥ. ମହାଯାତ୍ରା] ୨ । ଅଗୁରୁ—2. Agallochum; eaggle-wood. ୩ । ରକ୍ତ ଚନ୍ଦନ—3. Red sandal; Pteracarpus Santalinus. ୪ । ଲୁହା; ଲୌହ—4. Iron. [ଉ—ଚନ୍ଦନାଦ ଉପସ୍କର, ହେଉଛି ତପତ ଲୋହ ଜମ୍ବାଳ ପ୍ରକାର । ଭଞ୍ଜ. ପ୍ରେମସୁଧାନିଧି ।] ୫ । ତୈଜସ; ଖଣିଜ ଧାତୁ— . Metal. (in general). ୬ । ଲୁହା ନିର୍ମିତ ଅସ୍ତ୍ର ଶସ୍ତ୍ରାଦ—6. Weapons and instruments made of iron. ୭ । ବନଶି କଣ୍ଟା-7. A fish hook. (M. W). ୮ । ଲାଲ ବର୍ଣ୍ଣର ଛେଳି (ହ୍ର. ଘ)—8. The red goat (M. W) ୯ । ଅସ୍ତ୍ର ଶସ୍ତ୍ର; ହତିଆର—9. Weapon (M. W) ସଂ. ବଣ—୧ । ରକ୍ତବର୍ଣ୍ଣ ବଶିଷ୍ଟ; ଲାଲିଆ—1. Red (M. W) ୨ । ରକ୍ତାଭ—2. Reddish (M. W) ୩ ।ତମ୍ବାଳିଆ—3. Copper-coloured (M. W) ଦେ. ବ—(ସଂ. ଲୋତକ)—ଲୋତକ; ଲୁହ—Tears.

ଲୋହ କଣ୍ଟକ—ସଂ. ବ—ମଦନ ବୃକ୍ଷ (ଦେଖ) Loha kantaka Vanguera Spinosa (tree).

ଲୋହକାନ୍ତ—ସଂ. ବ—ଅୟସ୍କାନ୍ତମଣି; ଚୁମ୍ବକପଥର—Lohakānta Magnetic iron; loadstone.

ଲୋହକାର—ସଂ. ବ—କମାର—Lohakāra Blacksmith. (ଲୋହକାରକ, ଲୋହଘାତକ—ଅନ୍ୟରୂପ)

ଲୋହ କିଟ୍ଟ—ସଂ. ବ—୧ । ଲୌହମଳ—Scoria. ୨ । ଲୁହାର Lōha kitta କଳଙ୍କୀ—2. Rust of iron.

ଲୋହଘ୍ନ—ସଂ. ବ—ମଦରଙ୍ଗା (ଦେଖ) Lohaghna Madarangā (See)

ଲୋହ ଚୂର୍ଣ୍ଣ—ସଂ. ବ (୬ଷ୍ଠୀ ତତ)—୧ । ଲୁହାର ଗୁଣ୍ଡ; ଭୁଷ—Loha chūrnna 1.Iron filings. ୨ । ଲୁହାର କଳଙ୍କି-2. Rust of iron.

ଲୋହଜ—ସଂ. ବ—୧ । ଲୌହମଳ—1. Scoria. ୨ । ଇସ୍ପାତ Lohaja ଲୁହା—2. Steel from Damuscus (M. W) ୩ । ପିତ୍ତଳ; କଂସା—3. Brass; bell-metal (M. W) ୪ । ଲୁହାର କଳଙ୍କି—4. Rust of iron (M. W).

ଲୋହଜାଲ—ସଂ. ବ—୧ । ଲୁହାର ଜାଲି—1. Iron-netting Loha jāla (M.W). ୨ । ଲୁହାର ଜାଲର ସାଞ୍ଜୁ ବା କବଚ—2. A coat of mail (M. W)

ଲୋହ ଦଣ୍ଡ—ସଂ. ବ—୧ । ଲୁହାର ଛଡ଼ ବା ଛଡ଼ି—1. An iron Loba danda staff. ୨ । ପରଶୁ; ଯୁଦ୍ଧ କୁଠାର—1, A battle axe (M. W

ଲୋହ ଦ୍ରାବୀ—ସଂ.ବ (ଲୋହଦ୍ରାବିନ୍ ଶବ୍ଦ)—୧ । ଟଙ୍କନ; ଝାଙ୍ଗଣା;
Loha drābī ସୋହାଗା—1. Borax. ୨ । ଅମ୍ଳ ବେତସ (ଢୁ. ଶ)—2. A kind of potherb.

ଲୋହ ନାଳ—ସଂ. ବ—ଲୌହର ବାଣ ବା ନାରାଚ—
Loha nāla Iron arrow or shaft.

ଲୋହ ପଟ୍ଟିକା—ସଂ ବ—ଲୁହାର ମୋଟ ପାତଅ—
Loha pattikā An iron plate (M,W)

ଲୋହ ପୃଷ୍ଠ—ସଂ. ବ (ବହୁବ୍ରୀହି; ଲୋହବତ୍ ପୃଷ୍ଠ ଯାହାର) କଙ୍କ
Loha prushṭha ପକ୍ଷୀ; ବଗ୍ଡ଼ିଅକାକ୍—Heron (M. W) [ଭି—କଙ୍କବେ ଲୋହପୃଷ୍ଠେ, ଶବାଙ୍ଗ ସାଙ୍ଗ ହ୍ରୁଷ୍ଟେ, କଙ୍କମ୍ମ ମନ୍ଦୋଦର ଯେ—ଭଞ୍ଜ. ବୈଦେହୀଶବିଳାସ ।] ସଂ. ବଣ-ଲୌହମୟ ପୃଷ୍ଠଯୁକ୍ତ—Having the back made of iron.

ଲୋହ ପ୍ରତିମା—ସଂ. ବ—୧ । ଲୁହାର ମୂର୍ତ୍ତି—1. An iron
Loha pratimā image. ୨ । ନିହାଇ—2. Anvil (M. W)

ଲୋହ ବର—ସଂ. ବ (ଲୋହ=ଧାତୁ; ଧାତୁମାନଙ୍କ ମଧ୍ୟରେ ବର=
Loha bara ଶ୍ରେଷ୍ଠ)—ସ୍ୱର୍ଣ୍ଣ—Gold (M. W)

ଲୋହ ବର୍ମ—ସଂ. ବ—ଲୁହାର କବଚ ବା ସାଞ୍ଜୁ—
Loha barma An iron armour; mail (M. W)

ଲୋହ ମୟ—ସଂ. ବଣ—ଲୌହନିର୍ମିତ—
Lohamaya Made of iron.
(ଲୋହମୟୀ—ସ୍ତ୍ରୀ)

ଲୋହ ମାରକ—ସଂ. ବ—ମଦରଙ୍ଗା;ଶାଳଃଶାକ; ଜଳଜାତଶାକବିଶେଷ
Loha māraka An aquatic vegetable; Alternanthera Cessilis; Achyranthes Triandra (M. W).

ଲୋହ ମୁକ୍ତିକା—ସଂ ବ (କର୍ମଧା)— ନାଲିଆ ମୋତି—
Loha muktikā Red pearl (M.W)

ଲୋହ ରଜଃ—ସଂ. ବ—୧ । ଲୁହାର ଗୁଣ୍ଡ—1. Iron filings
Loha rajaḥ (M.W.) ୨ । ଲୁହାର କଳଙ୍କି—2. Rust of iron (M. W)

ଲୋହର—ପ୍ରାଦେ(ଗଡ଼ଜାତ ଓ ଖଡ଼ଅଳ ପୁଂ. ବ (ଭୁଲ. ହି. ଲୋହର)-
Lohara (ଲୋହରେଣ୍—ସ୍ତ୍ରୀ) (କମାର)—Blacksmith.

ଲୋହରାଜକ—ସଂ. ବ—ରୁପା—
Loharājaka Silver (M W)

ଲୋହଳ—ସଂ. ବ (ଲୋହ+ଲା ଧାତୁ=ପାଇବା+କର୍ତ୍ତୃ. ଅ)—୧ ।
Lohaḷa ଲୋହକାର; କମାର—1.Ironsmith. ୨ । ଶୃଙ୍ଖଳର ପ୍ରଧାନ ମୁହଁଅ—2. The principal link in a chain. ସଂ. ବଣ—୧ । ଖନ—1. Lisping. ୨ । ଅସ୍ଫୁଟବାକ୍; ଅବ୍ୟକ୍ତଭାଷୀ; ଦୁର୍ବୋଧ କଥା କହୁଥିବା—2. Speaking inarticulately. ୩ । ଲୌହନିର୍ମିତ —3. Made of iron (M, W)

ଲୋହ ଶଙ୍କୁ—ସଂ. ବ—୧ । ଲୁହାର ଖିଲା ବା ଶୂଳ—1. An iron
Loha śanku stake or spike. ୨ । ଏକୋଇଶି ନରକ ମଧ୍ୟରୁ ଏକ (ଏଥିରେ ପାପୀଙ୍କୁ ଶୂଳ ଉପରେ ବସାଇ ଦିଆଯାଏ)—2. One of the 21 hells of the Hindus.

ଲୋହ ଶ୍ଳେଷ୍ମକ—ସଂ. ବ—ଝାଙ୍ଗଣା; ସୁହାଗା (ଢୁ. ଶ)
Loha śleshmaka Borax (M. W).
ଲୋହସଂଶ୍ଳେଷ୍ମକ
ଲୋହଶୁଦ୍ଧିକର } —ଅନ୍ୟରୂପ

ଲୋହସାରକ—ସଂ. ବ (ବୈଦ୍ୟକ)—ଶାଳଞ; ମଦରଙ୍ଗା ଶାଗ (ଦେଖ)
Lohasāraka Madarangā śāga (See)
(ଲୋହସାର—ଅନ୍ୟରୂପ)

ଲୋହା—ଦେ. ବ (ସଂ. ଲୋହ)—ଲୌହ; ଲୁହା—
Lohā লোহা लोहा Iron.

ଲୋହାଖ୍ୟ—ସଂ. ବ (ଲୋହ+ଆଖ୍ୟା+ଅ)—୧ । ଅଗୁରୁ—
Lohākhya 1. Agallochum; eaglewood ୨ । ଗୋଲମରିଚ—2. Black pepper (M. W)

ଲୋହାଭିହା(ସା)ର—ସଂ. ବ (ଲୋହ=ଅସ୍ତ୍ରଶସ୍ତ୍ର+ଅଭିସାର; ଅଭିହାର
Lohābhihā(sā)ra ୧ । ଅସ୍ତ୍ର ଶସ୍ତ୍ରାଦିକୁ ମାର୍ଜନା—1. Cleaning of weapons and instruments. ୨ । ଯୁଦ୍ଧଯାତ୍ରା ପୂର୍ବରୁ ରାଜାମାନଙ୍କଦ୍ୱାରା ଅସ୍ତ୍ରଶସ୍ତ୍ରର ନୀରାଜନା ବିଧି—2. Lustration of arms.

ଲୋହାର—ପ୍ରାଦେ (ସମ୍ବଲପୁର) ବ (ଭୁଲ. ହି. ଲୋହାର) (ସଂ)
Lohār ଲୋହକାର) କମାର—Ironsmith. ପ୍ରାଦେ (ଗଡ଼ଜାତ) ବ (ସଂ ଲୋହକାର)—ଯେଉଁ ଲୋକ ଖଣିଜ ଲୁହାକୁ ତରଳାଇ ଖଣ୍ଡ ଖଣ୍ଡ କରନ୍ତି—One who smelts iron ore and produces iron bars.

ଲୋହାର୍ ଖାନା—ପ୍ରାଦେ (ସମ୍ବଲପୁର, ଗଡ଼ଜାତ) ବ—କମାରଶାଳ—
Lohārakhānā A smithy; blacksmith's workshop.

ଲୋହି—ଦେ. ବ—ସଂ ବ.—ଏକପ୍ରକାର ଝାଙ୍ଗଣା—A kind of
Lohi borax (M, W) ୧ । (ସଂ ଲୋମୀୟ) ପଶମ
লোই लोई ନିର୍ମିତ ମୋଟ ଶୀତବସ୍ତ୍ର—1. Thick woollen wrapper. ୨ । (ସଂ ଲୋପ୍ତ୍ରୀ) ଦଳା ହୋଇଥିବା ଅଟାରୁ କାଟିବା ରୋଟିଏ ରୁଟି ପାଇଁ ଯଥେଷ୍ଟ ପରିମିତ ଗୁଳା—2. A ball of kneaded flour
पेड़ी sufficient for one roll of bread.

ଲୋହିଆ—ଦେ. ବ (ସଂ ଲୋହିତ)—ଧାନ ଗଛ ଅନ୍ଦର ଏକପ୍ରକାର ରୋଗ
Lohiā A sort of paddy-pest (consisting of red insects attacking
ধানের রোগবিশেষ the stalks) [ବି—ଗଛରେ ଏକପ୍ରକାର ନାଲି କୀଟ ବସି ଗଛକୁ ନଷ୍ଟ କରନ୍ତି ।] ବଣ (ସଂ ଲୋହିତାଭ)
लालसा ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ—Reddish

ଲୋହିକା—ସଂ ବ (ଲୋହ+କ+ଅ)—୧ । ଲୌହନିର୍ମିତ ପାତ୍ର—
Lohikā 1. Iron vessel. ୨ । କଟାହ; କରେଇ—2. Cauldron. ୩ । ଶୃଙ୍ଖଳ ଧୋଇବା ଜମକ୍ରେ

କାଠର ଓ ବଡ଼ ଅଗଭୀର ପାତ୍ର, ଯହିଁର ମୁହଁ ଲୁହାରେ ବନ୍ଧା ହୋଇଥାଏ—3. A large shallow bowl usually of wood and bound with iron, used for washing rice (M.W).

ଲୋହିତ—ସ ବି(ରୁହ୍ ଧାତୁ=ଉତ୍ପନ୍ନହେବା+କର୍ତ୍ତୃ ଇତ) ୧। ରକ୍ତବର୍ଣ୍ଣ) Lthita 1 Red colour. ୨। ନଦବିଶେଷ—2. Name of a river. ୧। ରୋହିମାଛ (ଦେଖ) 3. Rohi machha (see) ୪। ମୃଗବିଶେଷ—4. Red deer. ୫। ସର୍ପ—5. Snak ୬। ମସୁର—6. A leguminous plant Ervum; Hersutum; Cicer Lens. ୭। ମଙ୍ଗଳ ଗ୍ରହ—7 Planet Mars. ୮। ମାଣିକ୍ୟ—8 Ruby ୯। ରକ୍ତ; ରୁଧିର—9. Blood. ୧୦। (ବୈଦ୍ୟକ) କାଶ୍ମୀରଦେଶୀୟ ଗନ୍ଧତୃଣ; ଭୂଣକୁଙ୍କୁମ—10 A sort of fragrant grass of Kashmere. ୧୧। କୁଙ୍କୁମ—11. Saffron. ୧୨। ଯୁଦ୍ଧ—12. War. ୧୩। ରକ୍ତଚନ୍ଦନ—13. Pterocarpus Santalinus. ବିଣ—ରକ୍ତବର୍ଣ୍ଣବିଶିଷ୍ଟ—Red coloured.

ଲୋହିତକ—ସଂ ବି ଲୋହିତ+ସଜ୍ଞାର୍ଥେ କ)—୧। ଶୋଣରତ୍ନ; Lohitaka ପଦ୍ମରାଗମଣି—1. Ruby. ୨। ମଙ୍ଗଳଗ୍ରହ—2. The planet Mars. ୩। ପିତ୍ତଳ—3. Brass. ୪। (ବୈଦ୍ୟକ) ଏକପ୍ରକାର ଶାଳ ଧାନ; ନାଲିଚୁଲିର ଧାନ—4. A kind of red winter paddy. ୫। ତମ୍ବା—5. Copper. ୬। କଂସା—6. Bell metal. ୭। ପଞ୍ଜାବର ଆଧୁନିକ ରୋହତକ ନଗରର ପ୍ରାଚୀନ ନାମ (ହି. ସ)—7. Ancient name of the modern Rohtak town in the Panjab.

ଲୋହିତ ଚନ୍ଦନ—ସଂ ବି—୧। ରକ୍ତଚନ୍ଦନ (ଦେଖ)-1 Rakta Lohita chandana chandana (See) ୨। କୁଙ୍କୁମ—2. Saffron.

ଲୋହିତ ନଦୀ—ଦେ. ବି—୧। ଉତ୍ତର ଅମେରିକାର କାନାଡ଼ାଦେଶର Lohita nadi ନଦୀବିଶେଷ—1. The Red river; name লোহিত নদী लोहित नदी of a river in Manitoba of Canada in North America (Lat 48 N and Long 97 W) [ଦ୍ର—ଏହା ଇଉନାଇଟେଡ଼୍ ଷ୍ଟେଟସ୍‌ରୁ ଉତ୍ତରମୁଖ ହୋଇ କାନାଡ଼ାର ମାନିଟୋବା ପ୍ରଦେଶର ଭିନିପେଗ୍ ହ୍ରଦରେ ପଡ଼ୁଅଛି।] ୨। ଆମେରିକାର ଯୁକ୍ତରାଜ୍ୟର ମିସିସିପି ନଦୀର ଗୋଟିଏ ଉପନଦୀ—2. The Red river, a tributary of the Mississipi river in the United States of America. [ଦ୍ର—ଏହା ରକି ପର୍ବତର ପଶ୍ଚିମପାର୍ଶ୍ୱରୁ ବାହାରି ମିସିସିପି ନଦୀରେ ପଡ଼ୁଅଛି।]

ଲୋହିତ ନୟନ—ସଂ. ବି ଓ ବିଣ. ପୁଂ—ଲୋହିତଲୋଚନ (ଦେଖ) Lohita nayana Lohita lochana (See) [ଲୋହିତନୟନା—ବିଣ. ସ୍ତ୍ରୀ]

ଲୋହିତପୁଷ୍ପକ—ସଂ. ବି (ବୈଦ୍ୟକ)—ଡାଳିମ୍ବ; ଡାଳମ୍ବ— Lohita pushpaka Pomegranate.

ଲୋହିତ ବରଣ(ନ)—ଦେ. ବି (ପଦ୍ୟରେ ବ୍ୟବହୃତ)—ରକ୍ତବର୍ଣ୍ଣ; ନାଲି Lohita barana(na) ରଙ୍ଗ—Red colour. লোহিতবরণ लोहितवरन ବିଣ—ନାଲିରଙ୍ଗବିଶିଷ୍ଟ—Red-coloured.

ଲୋହିତ ବର୍ଣ୍ଣ—ସଂ. ବି—ନାଲିରଙ୍ଗ—Red colour. ସଂ. ବିଣ Lohita barnna (ବହୁବ୍ରୀହି) ନାଲିଆ—Red. [ଲୋହିତବର୍ଣ୍ଣା—ସ୍ତ୍ରୀ. ବିଣ]

ଲୋହିତ ବସନ—ସଂ. ବି—ନାଲି ଲୁଗା—Red cloth. ସଂ. ବିଣ Lohita basana ପୁଂ—ଯେ ନାଲି ଲୁଗା ପିନ୍ଧିଥାଏ—Wearing red cloth ଲୋହିତବସନା } ସ୍ତ୍ରୀ. ବିଣ ଲୋହିତବସ୍ତ୍ରା } (ଲୋହିତ ବସ୍ତ୍ର—ଅନ୍ୟରୂପ)

ଲୋହିତ ମତ୍ସ୍ୟ—ସଂ. ବି—୧। ରୋହିତ ମତ୍ସ୍ୟ (ଦେଖ)—1. Rohita Lohita matsya matsya (See) ୨। ନାଲିଆ ମାଛ—2. Red fish.

ଲୋହିତ ମୁଖ—ସଂ. ବି (କର୍ମଧା)—ନାଲି ମୁହଁ—Red face. ବିଣ. Lohita mukha ପୁଂ (ବହୁବ୍ରୀହି)—୧। ନାଲିଆମୁହାଁ—1. Red-faced. ୨। [ଲୋହିତମୁଖା(ଖୀ)—ସ୍ତ୍ରୀ. ବିଣ] ରାଗାନ୍ୱିତ ହେବାରୁ ଯାହା ମୁହଁ ନାଲି ପଡ଼ିଥାଏ—2. Having the face flushed red with anger.

ଲୋହିତ ମୃଗ—ସଂ. ବି—ରକ୍ତବର୍ଣ୍ଣ ମୃଗବିଶେଷ— Lohita mruga Red deer.

ଲୋହିତ ଲୋଚନ—ସଂ ବି (କର୍ମଧା)—ରକ୍ତବର୍ଣ୍ଣ ଚକ୍ଷୁ—Red eye. Lohita lochana ବିଣ. ପୁଂ (ବହୁବ୍ରୀହି)—ରକ୍ତବର୍ଣ୍ଣ (ଲୋହିତଲୋଚନା—ସ୍ତ୍ରୀ) ଚକ୍ଷୁବିଶିଷ୍ଟ—Having red eye

ଲୋହିତ ସମୁଦ୍ର—ଦେ. ବି, ନାମ—ଆରବର ପଶ୍ଚିମରେ ଓ ମିଶରଦେଶର Lohita samudra ପୂର୍ବରେ ଥିବା ଲମ୍ବ ଓ ସରୁଆ ସମୁଦ୍ର (ଲୋହିତସାଗର—ଅନ୍ୟରୂପ) Red sea (between Asia লোহিতসাগর लालसागर and Africa) (Latitude 24. N and longi tude 39. E) [ଦ୍ର—ଏହା ଭାରତ ମହାସାଗରର ଅଂଶ। ପୂର୍ବେ ଏହା ଭୂମଧ୍ୟସାଗରଠାରୁ ପୃଥକ୍ ଥିଲା। ସୁଏଜ୍ କାନାଲ ଖୋଳାହେବାଦ୍ୱାରା ଏହା ଭୂମଧ୍ୟ ସାଗର ସଙ୍ଗେ ସଂଯୁକ୍ତ ହେଲା ଓ ଏହି ବାଟେ ଭାରତ ମହାସାଗରରୁ ଭୂମଧ୍ୟସାଗରକୁ ଜାହାଜମାନ ଯିବା ଆସିବା କରୁଅଛି। ଏହା ଦକ୍ଷିଣରେ ବାବଲମାଣ୍ଡବପ୍ରଣାଳୀଠାରୁ ଉତ୍ତରରେ ସୁଏଜ କାନାଲ ପର୍ଯ୍ୟନ୍ତ ଲମ୍ବିଅଛି। ଏହା ପ୍ରାୟ ୧୪୦୦ ମାଇଲ ଲମ୍ବା ଓ ଏହାର ପ୍ରଶସ୍ତତମ ଅଂଶର ବସ୍ତୃତି ୨୩୦ ମାଇଲ। ଏହାର ଗର୍ଭରେ ଅନେକ ସାନ ଟାପୁ ଓ

ପ୍ରବାଳ ଦ୍ୱୀପ ଥିବାରୁ ଏ ବାଟେ ବାଷ୍ପ ଚାଳିତ ଜାହାଜ କେବା ଅଣିବା ବିଶେଷ କଷ୍ଟସାଧ୍ୟ ଅଟେ । ଏହାର ପାଣିରେ ଥିବା ଏକପ୍ରକାର କ୍ଷୁଦ୍ର କୀଟାଣୁଙ୍କ ଯୋଗୁଁ ଏହାର ଜଳ ଈଷତ୍ ରକ୍ତାଭ ଦେଖାଯାଏ । ଏଥିପାଇଁ ଏହାର ଏହି ନାମ ହୋଇଅଛି ।]

ଲୋହିତାକ୍ଷ—ସଂ. ବି—(କର୍ମଧା ଲୋହିତ+ଅକ୍ଷି)—୧ ନାଲି ଅକ୍ଷି— Lohitākshya 1. Red eyes. ୨ । ବିଷ୍ଣୁ—2. Bishnu. ୩ । କୋକିଳ— Cuckoo. ସଂ ବିଣ. ପୁଂ (ବହୁବ୍ରୀହି)—ରକ୍ତବର୍ଣ୍ଣ ଚକ୍ଷୁର୍ବିଶିଷ୍ଟ— (ଲୋହିତାକ୍ଷୀ—ସ୍ତ୍ରୀ ବିଣ) Red eyed.

ଲୋହିତାଙ୍ଗ—ସଂ. ବି (କର୍ମଧା, ଲୋହିତ+ଅଙ୍ଗ)—ରକ୍ତବର୍ଣ୍ଣ ଦେହ— Lohitanga Red coloured body. ବିଣ. ପୁଂ. (ଲୋହିତାଙ୍ଗୀ—ସ୍ତ୍ରୀ ବିଣ) (ବହୁବ୍ରୀହି)—ରକ୍ତବର୍ଣ୍ଣ ଦେହ ବିଶିଷ୍ଟ—(ଯଥା ଆମେରିକାର ଆଦିମ ଅଧିବାସୀମାନେ) Having red or copper coloured body. ସ. ବି. ଅଙ୍ଗାରକ ଗ୍ରହ; ମଙ୍ଗଳ ଗ୍ରହ— The planet Mars. [ଦ୍ର—ଏହା ପୃଥିବୀରୁ ରକ୍ତାଭ ଦେଖା ଯାଏ ।]

ଲୋହିତାୟମାନ—ସ. ବିଣ. ପୁଂ—(ଲୋହିତ ଶବ୍ଦରୁ ଲୋହିତାୟ ନାମ Lohitāyamāna ଧାତୁ+କର୍ତ୍ତୃ.ଆନ)—୧। ରକ୍ତାୟମାନ; ଯାହା (ଲୋହିତାୟମାନା—ସ୍ତ୍ରୀ) ରକ୍ତବର୍ଣ୍ଣ ଧାରଣ କରୁଥାଏ; ଯାହା କ୍ରମଶଃ ନାଲିଆ ହେଉଥାଏ—Assuming red colour, reddening.

ଲୋହିତାୟଃ (ସ୍)—ସ. ବି—(ଲୋହିତ+ଅୟସ୍)—ତମ୍ବା; ତାମ୍ର— Lohitāyah(s) Copper.

ଲୋହିତାଳୁ—ସ. ବି.—ରକ୍ତବର୍ଣ୍ଣ ଆଳୁ—Red yam, Dioscorea रङ्गाआलू लाल अरुई Purpurea. [ଦ୍ର—ଏହାର ଅପର ସଂସ୍କୃତ ନାମ ରକ୍ତାଳୁ; ଆଳୁକୀ ।]

ଲୋହିତୋଦ—(ବହୁବ୍ରୀହି; ଲୋହିତ+ଉଦ)—ପୁରାଣ ଅନୁସାରେ ୨୧ Lohitoda ନରକରୁ ଏକ—One of the 21 hells of the Hindus

ଲୋହିତ୍ୟ—ସ. ବି—୧ । ବାଲ୍ମୀକି ରାମାୟଣରେ କପିବର୍ଣ୍ଣ ନଦୀର Lohitya କୂଳରେ ଅବସ୍ଥିତ ନଗର ବିଶେଷ (ହି. ଶ.)— 1. Name of an ancient town. ୨ । ବ୍ରହ୍ମପୁତ୍ର ନଦ (ହି. ଶ.)—2. The river Brahmaputra. ୩ । ପୌରାଣିକ ସମୁଦ୍ର ବିଶେଷ (ହି. ଶ.)— 3. Name of a mythlogical sea (See) [ଦ୍ର—ଏହା କୁଶ ଦ୍ୱୀପ ନିକଟରେ ଅବସ୍ଥିତ ।]

ଲୋହିତ୍ୟା—ସ. ବି. ସ୍ତ୍ରୀ—୧ । ନଦୀବିଶେଷ (ହି. ଶ)— Lohityā 1. Name of a river. ୨ । ଏକ ଅପ୍ସରାର ନାମ (ହି. ଶ.)— 1. Name of a heavenly nymph

ଲୋହି ଧୁଷା—ଦେ. ବି—(ସହଚର ଶବ୍ଦ)—ଲୋହି ଓ ଧୁଷା; ଦୁଇ Lohi dhushā ପ୍ରକାରର, ଅର୍ଥାତ୍ ନାଲି ଓ ଧୂସର ପଶମୀ ବସ୍ତ୍ର— लईधुषा लहिधूसा Two kinds of woollen wrapper (red and ashy in colour).

ଲୋହିନୀ—ସ. ବି. ସ୍ତ୍ରୀ—(ଲୋହିତ+ସ୍ତ୍ରୀ. ଈ; ନିପାତନ)—ରକ୍ତବର୍ଣ୍ଣା ସ୍ତ୍ରୀ Lohini A red-bodied woman. ବିଣ. ସ୍ତ୍ରୀ— ରକ୍ତବର୍ଣ୍ଣ ବିଶିଷ୍ଟା—Red coloured (woman.)

ଲୋହି ମାରିବା—ଦେ. କ୍ରି.—(ସ. ଲୋହିତ)—ମୃତ୍ତିକାରେ ପାଣି ଜମି Lohi māribā ତହିଁରୁ ନାଲି ରସ ନିର୍ଗତ ହୋଇ ମାଟିର ଉର୍ବରା (ଲୋହି ମାରିଯିବା—ଅନ୍ୟରୂପ) ଶକ୍ତି କମିଯିବା—The state of a soil becoming depreciated in productive power by a red juice coming out of it, by its being always moistened with stagnant water or underground लोही मारना spring water.

ଲୋହୁ—ଦେ. ବି—(ସ. ଲୋହିତ)—ରକ୍ତ— Lahu লহু लहु Blood.

ଲୋହୁଆ—ଦେ. ବିଣ—(ସ. ଲୋହ=ରକ୍ତ)—ବିଶେଷ ଭାବରେ Lahuā ରକ୍ତାକ୍ତ ବା ରକ୍ତରଞ୍ଜିତ—Copiously tinged [ଲୋହୁଲୁହାଣ(ଣି;ଣଅ)—ଅନ୍ୟରୂପ] with blood.

ଲୋହୁଣୀ—ପ୍ରାଦେ. (ଯାଜପୁର) ବି—ଲହୁଣୀ (ଦେଖ) Lohuni Lahuni (See)

ଲୋହୁରେନ୍—ପ୍ରାଦେ. (ଖଡ଼ିଆଳ) ବି—ନଖରୁଣି— Lohuren Barber's nail-cutter.

ଲୋହୋତ୍ତମ—ସ. ବି—(୭ମୀ ତତ୍; ଲୋହ=ଧାତୁ ମଧ୍ୟରେ ଉତ୍ତମ Lohottama =ଶ୍ରେଷ୍ଠ)—ଧାତୁ ଶ୍ରେଷ୍ଠ; ସ୍ୱର୍ଣ୍ଣ—Gold.

ଲୌ—ଦେ. ବି.—(ସ. ଲୋହ)—ଲହୁ; ରକ୍ତ— Lau Blood.

ଲୌକତା—ଦେ. ବି. ଲୌକିକ ଅଗ୍ରର ବ୍ୟବହାର— Laukatā Popular or customary usage.

ଲୌକର (ଇତ୍ୟାଦି)—ବୈଦେ. ବି—ନୌକର ଇତ୍ୟାଦି (ଦେଖ) Laukara (etc) Naukara etc (See)

ଲୌକରି—ବୈଦେ. ବି.—ଚାକିରି; ଭୃତ୍ୟପଣ— Laukari নোকরী नौकरी Service.

ଲୌକା—ଦେ. ବି.—(ସଂ. ନୌକା)—ନୌକା; ଡଙ୍ଗା— Laukā নৌকা नाव Boat.

ଲୌକାୟତିକ—ସ. ବିଣ. ପୁଂ (ଲୋକାୟତ+ଇକ)—୧ । ଚାର୍ବାକ Laukāyatika ମତାବଲମ୍ବୀ—1. Holding the tenets of sage Chārbāka; Epicurean. ୨ । ନାସ୍ତିକ— 2. Atheistic. ବି. ପୁଂ—ନାସ୍ତିକ ବ୍ୟକ୍ତି—An (ଲୋକାୟତିକା—ସ୍ତ୍ରୀ) atheist; an infidel.

ଲୌକିକ—ସ. ବିଣ (ଲୋକ+ସମ୍ବନ୍ଧାର୍ଥେ ଇକ)—୧ । ଜନ Laukika ସାଧାରଣଙ୍କ ସମ୍ବନ୍ଧୀୟ—1, Popular. ୨ । ସାଂସାରିକ—2. Worldly. ୩ । ସାମାଜିକ—

3. Social. ୪ । ଜନ ସମାଜରେ ପ୍ରଚଳିତ; ଲୋକବ୍ୟବହାରରେ ସିଦ୍ଧ—4. Customary; commonly practised. ୫ । ସାଧାରଣ ଲୋକଙ୍କ ବ୍ୟବହୃତ—5. Used by the common people. ୬। ପ୍ରାକୃତ; ଜନ ସାଧାରଣଙ୍କ କଥ୍ୟ (ଭାଷା)—6. Spoken; (language); used by the common people. ୭ । ଯାହା ଲୋକେ ଦେଖିବାକୁ କରାଯାଏ; ବାହ୍ୟ (ଆନ୍ତରିକର ବିପରୀତ)—7. Done for show; done for the sake of outward appearance. ୮ । ଅସଂସ୍କୃତ—8. Unrefined. ସ. ବି—ସାତ ମାତ୍ରାର ଛନ୍ଦୋବିଶେଷ (ହି. ଶ)—Name of a Sanscrit metre. [ଦ୍ର—ଏହା ୨୧ ପ୍ରକାର—(ହି. ଶ) ।]

ଲୌକିକତା(ତ୍ୱ)—ସ. ବି—୧ । ଦେଶାଚାର; ଦେଶ ବା ସମାଜ ପ୍ରଚଳିତ
Laukikatā(twa) ବ୍ୟବହାର—1. Usage common or peculiar to a country or society. ୨ । ଲୋକ ବ୍ୟବହାର—2. Popular usage. ୩ । ସାମାଜିକ ରୀତିନୀତି—3. Social usages. ୪ । ମର୍ଯ୍ୟାଦା; ବେଭାର; ଜନ ସମାଜରେ ଚଳୁଥିବା ଭାର ବେଭାର ଆଦି—4. Customary gifts and presents current in society; social amenities and exchanges. [ଦ୍ର—ବିବାହ ଓ ବ୍ରତ ଆଦି ପାରିବାରିକ ଉତ୍ସବରେ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରିବା ଓ ବନ୍ଧୁବାନ୍ଧବମାନଙ୍କ ମଧ୍ୟରେ 'ବେଭାର' ଦିଆ ନିଆକୁ "ଲୌକିକତା" ବୋଲାଯାଏ ।] ୨।ସାଂସାରିକତା—2. Worldliness.

ଲୌକିକ ବ୍ୟବହାର—ସ. ବି—ଲୌକିକାଚାର (ଦେଖ)
Laukika byabahāra Laukikāchāra. (See)

ଲୌକିକ ଭାଷା—ସଂ. ବି—ପ୍ରାକୃତଭାଷା; ଜନସମାଜରେ ଚଳୁଥିବା ଭାଷା;
Laukikg bhāshā ଘରୋଇ ଭାଷା (ଅର୍ଥାତ୍ ଯାହା ସାହିତ୍ୟ-
[ସଂସ୍କୃତ ଭାଷା—ବିପରୀତ] ଗତ ଭାଷା ନୁହେଁ)—Popular language; popular dialect; language used in common parlance; spoken language; vernacular. (as opposed to literary language) [ଦ୍ର—ସାଧାରଣ ଲୋକଙ୍କ ବ୍ୟବହୃତ ଭାଷା ପ୍ରାକୃତ ବା ଲୌକିକ ଭାଷା । ସଭ୍ୟ, ଶିକ୍ଷିତ ଲୋକମାନେ ଯେଉଁ ସାହିତ୍ୟଗତ ଭାଷା ବ୍ୟବହାର କରନ୍ତି ତାହା ସଂସ୍କୃତ ଭାଷା ବା ସାହିତ୍ୟିକଭାଷା ଅଟେ । ଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ ଯେଉଁ ଭାଷା ବ୍ୟବହୃତ ହୁଏ ତାକୁ ଲୌକିକଭାଷା ବା (dialect) ବୋଲାଯାଏ ଏବଂ ଯେଉଁ ଭାଷା ମାର୍ଜିତ ହୋଇ ସାହିତ୍ୟରେ ବ୍ୟବହୃତ ହୁଏ ତାକୁ ସଂସ୍କୃତଭାଷା ବୋଲାଯାଏ; ଯଥା—ଭାରତବାସୀ ଆର୍ଯ୍ୟମାନେ ଭିନ୍ନ ଭିନ୍ନ ଅଞ୍ଚଳରେ କଥାବାର୍ତ୍ତାରେ ଯେଉଁ ଭାଷାବ୍ୟବହାର କରୁଥିଲେ ବା କରନ୍ତି ତାହା ଲୌକିକ ଭାଷା, ଯଥା—ପ୍ରାକୃତ, ପାଲି, ମାଗଧୀ, ବଙ୍ଗଳା, ଓଡ଼ିଆ, ହିନ୍ଦୀ, ଗୁଜରାଟି ଓ ମରହଟ୍ଟୀ ଇତ୍ୟାଦି ଓ ଯାହା ଲେଖାରେ ଓ ସାହିତ୍ୟରେ ବ୍ୟବହୃତ ହେଉଥିଲା ବା ହୁଏ ତାହା ସଂସ୍କୃତଭାଷା । ଭାଷାର ଉତ୍ପତ୍ତି ସମ୍ବନ୍ଧେ ନାନା ମତ ଦେଖାଯାଏ । କେହି କେହି କହନ୍ତି ଲୌକିକ ବା ପ୍ରାକୃତ ଭାଷାମାନ ସଂସ୍କୃତରୁ ଉତ୍ପନ୍ନ; କେହି କେହି କହନ୍ତି ଲୌକିକ ଭାଷାମାନ ମାର୍ଜିତ ଓ ସଂସ୍କୃତ କରାଯାଇ ସେଥିରୁ ସଂସ୍କୃତଭାଷା ଉତ୍ପନ୍ନ । ସଂସ୍କୃତ ନାଟକ ଆଦିରେ ଦୁଇଟି ଭାଷା ବ୍ୟବହୃତ ହୋଇଥିବା ଦେଖାଯାଏ; ଯଥା—ରାଜା ଓ ପଣ୍ଡିତମାନଙ୍କ ମୁଖରେ ସଂସ୍କୃତଭାଷା ଏବଂ ଭୃତ୍ୟ, ସ୍ତ୍ରୀ ଓ ଇତର ବ୍ୟକ୍ତିଙ୍କ ମୁହଁରେ ଲୌକିକ ବା ପ୍ରାକୃତ ଭାଷା । ଲୌକିକ ଭାଷାମାନ ଭିନ୍ନ ଭିନ୍ନ ଅଞ୍ଚଳରେ ପୃଥକ୍ ପୃଥକ୍; କିନ୍ତୁ ସଂସ୍କୃତ ଭାଷା ସବୁ ଅଞ୍ଚଳରେ ଏକ । 'ପ୍ରାକୃତ'ରୁ ସଂସ୍କୃତ ଜାତ, କି ସଂସ୍କୃତରୁ ପ୍ରାକୃତ ଜାତ, ଏ ସମସ୍ୟାଟି 'ପ୍ରଥମେ ବୀଜରୁ ବୃକ୍ଷ ଜାତ ? କିମ୍ବା ବୃକ୍ଷରୁ ବୀଜ ଜାତ ?' ପରି ଗୋଟିଏ ଜଟିଳ ସମସ୍ୟା ଅଟେ । କେହି କେହି କହନ୍ତି ଯେ, ଓଡ଼ିଆ ଭାଷାର ମାତା ସଂସ୍କୃତଭାଷା, ପୁଣି କେହି କେହି କହନ୍ତି ଓଡ଼ିଆଭାଷା ପ୍ରାକୃତରୁ ଜାତ ହୋଇଅଛି । ଫଳତଃ ଦେଖାଯାଏ ଯେ, 'ପ୍ରାକୃତ' ଭାଷା ସଙ୍ଗେ ଓଡ଼ିଆ ଭାଷାର ଯେତେ ସାଦୃଶ୍ୟ ଅଛି, ସଂସ୍କୃତ ସଙ୍ଗେ ସେତେ ନାହିଁ । ସୂକ୍ଷ୍ମ ଦୃଷ୍ଟିରେ ବିଚାର କଲେ ଦେଖାଯିବ ଯେ ସଂସ୍କୃତଭାଷା ଯେଉଁ 'ପ୍ରାକୃତ' ଭାଷାର ମାର୍ଜିତ ରୂପ ଓଡ଼ିଆ ଆଦି କଥ୍ୟ ଭାଷା ସେହି 'ପ୍ରାକୃତ' ଭାଷାର କ୍ରମଶଃ ପରିବର୍ତ୍ତିତରୂପ ।]

ଲୌକିକ ସଂସ୍କୃତ—ସ. ବି—ଲୋକସମାଜରେ ପ୍ରଚଳିତ ସଂସ୍କୃତ ଭାଷା—
Laukikasaṁskṛuta The Sanskrit language in
(ବୈଦିକ ସଂସ୍କୃତ—ବିପରୀତ) ordinary use (as opposed to vedic Sanskrit). [ଦ୍ର—ବୈଦିକ ସଂସ୍କୃତ ବା ବୈଦିକ ଯୁଗରେ ଚଳୁଥିବା ସଂସ୍କୃତ ଭାଷାର ବ୍ୟାକରଣ ଓ ସୂତ୍ରମାନ ଲୌକିକ ସଂସ୍କୃତ ବା ପରବର୍ତ୍ତୀ ଯୁଗର ସାହିତ୍ୟରେ ବ୍ୟବହୃତ ସଂସ୍କୃତ ଭାଷାଠାରୁ ପୃଥକ୍ ଅଟେ ।]

ଲୌକିକତା ଗ୍ରହଣ—ସଂ. ବି—ବିବାହାଦି ଉତ୍ସବରେ ବନ୍ଧୁବାନ୍ଧବ-
Laukikatā grahaṇa ମାନଙ୍କଠାରୁ ବେଭାର ନେବା—Acceptance of customary gifts or presents from relatives on occasions of family fesivals and ceremonies.

ଲୌକିକ ନ୍ୟାୟ—ସଂ. ବି (କର୍ମଧା)—ଲୋକସାଧାରଣରେ ପାଳିତ
Laukika nyāya ନିୟମ (ହି. ଶ)—Rules observed by the people generally.

ଲୌକିକାଗ୍ନି—ସଂ. ବି—ଅସଂସ୍କୃତାଗ୍ନି; ଯେଉଁ ଅଗ୍ନିକୁ ମନ୍ତ୍ରାଦିଦ୍ୱାରା
Laukikāgni ସଂସ୍କୃତ କରାଯାଇ ନାହିଁ—Fire which has not been hallowed or consecrated by means of mystic rites.

[ଦ୍ର—ସାଧାରଣ ଲୋକେ ଯେଉଁ ଅଗ୍ନି ବ୍ୟବହାର କରନ୍ତି ତାହାକୁ ଲୌକିକାଗ୍ନି ବୋଲାଯାଏ । ଉକ୍ତ ଅଗ୍ନିକୁ ମନ୍ତ୍ର ଓ ହୋମାଦିଦ୍ୱାରା ସଂସ୍କୃତ ଓ ପବିତ୍ରୀକୃତ କଲେ ତାହା ସଂସ୍କୃତାଗ୍ନି ହୁଏ, ଏବଂ ଏହି ସଂସ୍କୃତାଗ୍ନିଦ୍ୱାରା ବୈଦିକ ହୋମ ଓ ପାକ ଆଦି କରାଯାଏ । ହିନ୍ଦୁଶାସ୍ତ୍ର ମତରେ ବ୍ରାହ୍ମଣ ସଂସ୍କୃତାଗ୍ନିଦ୍ୱାରା ପାକାଦି କରିବେ । ଭିନ୍ନ ଭିନ୍ନ ମନ୍ତ୍ରାଦିଦ୍ୱାରା ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ସଂସ୍କୃତ ଅଗ୍ନିମାନଙ୍କର ଭିନ୍ନ ଭିନ୍ନ ନାମ ଅଛି ଯଥା—ଗାର୍ହପତ୍ୟ, ଆହବନୀୟ, ଦକ୍ଷିଣ, ଅବସଥ୍ୟ ବା ସଭ୍ୟାସଭ୍ୟ । ଗୃହସ୍ଥ ବ୍ରାହ୍ମଣ ତାହାଙ୍କ ଗୃହରେ ସର୍ବଦା ସଂସ୍କୃତାଗ୍ନିକୁ ରକ୍ଷା କରିବେ ଓ ତଦ୍ୱାରା ଦୈନିକ ପାକ ଓ ଯଜ୍ଞକ୍ରିୟାଦି କରିବେ ବୋଲି ଶାସ୍ତ୍ରରେ ଆଦେଶ ଅଛି ।]

ଲୌକିକାଚାର—ସଂ. ବି.—(କର୍ମଧା)—୧ । ଲୋକାଚାର; ଦେଶ ବା **Loukikāchāra** ସମାଜ ପ୍ରଚଳିତ ଆଚାର—1. Customary usage. ୨ । ଲୌକିକତା (ଦେଖ) 2. Loukikatā (See).

ଲୌକ୍ୟ—ସଂ. ବିଣ—(ଲୋକ + ଯ)—୧ । ସାଂସାରିକ— **Laukya** 1. Worldly (Apte) ୨ । ପାର୍ଥିବ—2. Terrestrial (Apte). ୩ । ମାନୁଷିକ—3. Human (Apte). ୪ । ସାଧାରଣ—4. Common (Apte).

ଲୌଜାରି—ଦେ. ବି.—୧ । ରକ୍ତସ୍ରାବ—1. Blooding; hae- **Laujāri** morrhage. ୨ । ଋତୁସ୍ରାବ—2. Menstrual flux; menstruation. ରକ୍ତପାତ ଲହୁଜାରୀ

ଲୌଠ—ଦେ. ବି ଓ ବିଣ—ଲେଉଠ (ଦେଖ)
Lauṭa Leuṭa (See)

ଲୌଠା [ଇତ୍ୟାଦି]—ଦେ. ବି ଓ ବିଣ.—(ସଂ. ଲବର୍ତ୍ତନ)—ଲେଉଠା **Lauṭā** (etc) ଇତ୍ୟାଦି (ଦେଖ) Leuṭā etc (See)

ଲୌଟିବା—ଦେ. କ୍ରି.—ଲେଉଟିବା (ଦେଖ)
Lauṭibā Leuṭibā (See)

ଲୌଡ଼ା—ଦେ. ବି—ଲହୁଡ଼ା ଦେଖ)
Laurdā Lahurdā (See)

ଲୌଡ଼ି—ଦେ. ବି—ନଉଡ଼ି (ଦେଖ)
Laurdi Naurdi (See)

ଲୌତନ—ଗ୍ରା. ବିଣ.—(ସଂ. ନୂତନ)—ନୂତନ; ନୂଆ
Lautana নোতুন नवतन New.

ଲୌତି—ପ୍ରାଦେ· (କଟକ ସହର) ବି—ନଉତି (ଦେଖ)
Lauti Nauti (See)

ଲୌତେୟ—ସଂ. ବି (ଲୂତା+ଏୟ)—ଲୂତାବର୍ଗ; ଭିନ୍ନ ଭିନ୍ନ ପ୍ରକାରର **Lauteya** ମାକଡ଼ସା ଶ୍ରେଣୀର ଜୀବଗଣ—The arachnida; the class of insects consisting of different species of spiders.

ଲୌନି—ପ୍ରାଦେ· (ବସ୍ତର) ବି—ଲହୁଣୀ (ଦେଖ)
Launi Lahuṇi (See)

ଲୌମହର୍ଷଣି—ଦେ. ବି (ପଦ୍ୟ)—ଲୋମହର୍ଷଣଙ୍କ ପୁତ୍ର ଉଗ୍ରଶ୍ରବା— **Laumaharashaṇi** The sage Ugraśrbā; the son of Lomaharshaṇa. [ଦ୍ର—କହିଲେ ସର୍ବ ମଧ୍ୟେ ଲୌମହରଷଣି । କୃଷ୍ଣସିଂହ. ମହାଭାରତ. ଆଦି ।]

ଲୌଲି—ଦେ. ବିଣ—ଲଉଲି (ଦେଖ)
Lauli Lauli (See)

ଲୌଲ୍ୟ—ସଂ. ବି (ଲୋଲ+ଭାବ. ଯ)—୧ । ଚଞ୍ଚଳତ୍ୱ; ଚପଳତା— **Laulya** 1. Fickleness; unsteadiness. ୨ । ଲୋଭ; ପ୍ରବଳ ବାସନା—2. Appetite; lust. ୩ । ଲହରାପଣ—3. Waving; wavering quality. ୪ । ଦୀନତା; ପ୍ରଭୁଙ୍କ ନିକଟରେ ପ୍ରାର୍ଥୀତାର ପ୍ରକାଶ କରିବା ଦୈନ୍ୟଭାବ—4. Humility.

ଲୌହ—ସଂ. ବି (ଲୋହ + ଅ)—୧ । ଲୁହା—1. Iron. ୨ । **Lauha** ଶସ୍ତ୍ରାସ୍ତ୍ର (ହି. ଶ) 2 Weapons. [ଦ୍ର—ଲୋହ ଶବ୍ଦ ବିଶିଷ୍ଟ ଶବ୍ଦମାନ ଲୌହ ଶବ୍ଦ ବିଶିଷ୍ଟ ହୋଇ ମଧ୍ୟ ବ୍ୟବହୃତ ହୁଏ ।] ବିଣ—୧ । ଲୁହାରେ ତିଆରି; ଲୌହ ନିର୍ମିତ—1. Made of iron. ୨ । ଲୁହା ପରି ଟାଣୁଆ—2. Hard as iron. ୩ । ଧାତୁମୟ; ଧାତବ—3. Metallic Apte). ୪ । ତମ୍ବାଳିଆ; ନାଲିଆ—4. Copper coloured; red (Apte).

ଲୌହକାର—ସଂ. ବି—କମାର—
Lauhakāra Blackimith.

ଲୌହ କିଟ୍ଟ—ସଂ. ବି (୬ଷ୍ଠୀ ତତ୍)—ଲୁହା ମଳ (ଦେଖ)—Luhā **Lauha kiṭṭa** (ଲୌହମଳ—ଅନ୍ୟରୂପ) maḷa (See).

ଲୌହ କୀଲ—ସଂ. ବି—ଲୁହାର ବଡ଼କଣ୍ଟା—
Lauha kila An iron bolt (M.W).

ଲୌହ ଘଟିତ—ସଂ. ବିଣ—ଯେଉଁ ଔଷଧାଦିରେ ଲୌହ ଉପାଦାନ **Lauha ghaṭita** ରୂପେ ବ୍ୟବହୃତ ହୁଏ—Medicine one of whose ingredients is iron. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଲୌହଭସ୍ମ ଘଟିତ ଔଷଧଦ୍ୱାରା ଦେହର ରକ୍ତବିକୃତି ନାଶ ହୁଏ ଓ ରକ୍ତର ତେଜ ବଢ଼େ । ପାଶ୍ଚାତ୍ୟ ବିଜ୍ଞାନର ମତରେ ମଧ୍ୟ ଲୌହ ରକ୍ତର ଗୋଟିଏ ପ୍ରଧାନ ଉପାଦାନ ଓ ରକ୍ତହୀନତା ପାଇଁ ଲୌହଘଟିତ ଔଷଧ ପ୍ରୟୋଗ କରାଯାଏ । ଶରୀରର ରକ୍ତରୁ ଲୌହର ଅଂଶ କମିଗଲେ ରକ୍ତ ଫିକା ପଡ଼ିଯାଏ ।]

ଲୌହ ଚର୍ମ—ସଂ. ବି—ଯୁଦ୍ଧାସ୍ତ୍ରବିଶେଷ—A kind of weapen. **Lauha charma** [ଦ୍ର—ଶତଘ୍ନୀ, ଯେସ୍ତେ ଲୌହଚର୍ମ ଗଦା ଶୂଳ—କୃଷ୍ଣସିଂହ. ମହାଭାରତ. ବନ ।]

ଲୌହଚାରକ—ସଂ. ବି—ନରକବିଶେଷ—Name of a parti- **Lauhachāraka** cular division of the hell according to the Hindus.

ଲୌହଜ—ସ. ଣ—ଲୌହ ନିର୍ମିତ—Made of iron. ସ. ବ—
Lauhaja ଲୁହାର କଳଙ୍କି—Rust of iron (Apte).
(ଲୌହଜାତ—ଅନ୍ୟରୂପ)

ଲୌହ ନିର୍ମିତ—ସ. ଣ (୩ୟା ତତ୍)—ଲୁହାରେ ତିଆରି; ଯହିଁର
Lauha nirmita ଉପାଦାନ ଲୌହ ଅଟେ—Made of iron.

ଲୌହ ବନ୍ଧ—ସ. ବ—ଲୁହାର ବେଡ଼ି—
Lauha bandha Fetters; irons (Apte).

ଲୌହ ବର୍ତ୍ମ—ସ. ବ (ଅଧୁନିକ ପ୍ରୟୋଗ)—ଲୁହାରେ ତିଆରି ରାସ୍ତା;
Lauha barttma ଯେଉଁ ଲୁହାର ରାସ୍ତା ଉପରେ ରେଲଗାଡ଼ି ଓ ଟ୍ରାମ ଗାଡ଼ି ଆଦର ଚକ ଚଳେ—Iron line of rails railway or tram line.

ଲୌହ ଭସ୍ମ—ସ. ବ (ଔଷଧାର୍ଥରେ ବ୍ୟବହୃତ)—ରସାୟନିକ ବା
Lauha bhasma ବୈଦ୍ୟଶାସ୍ତ୍ରୋକ୍ତ ଉପାୟରେ ପାଂଶୁରୂପରେ ପରିଣତ ଲୌହ—Oxide of iron; ferric oxide.
[ଦ୍ର—ଆଧୁନିକ ଚିକିତ୍ସାଶାସ୍ତ୍ର ଅନୁସାରେ ମଧ୍ୟ ଲୌହ-ସଂଯୁକ୍ତ ଔଷଧଦ୍ୱାରା ଦେହସ୍ଥ ରକ୍ତର ତେଜ ବୃଦ୍ଧି ପାଏ । ଆୟୁର୍ବେଦୋକ୍ତ ଶୋଧନ, ମାରଣ ବା ଜାରଣ କ୍ରିୟାଦ୍ୱାରା ଲୌହର ଭସ୍ମ ପ୍ରସ୍ତୁତ କରି ଔଷଧାର୍ଥରେ ବ୍ୟବହାର କରାଯାଏ । ଅଜାରିତ ଲୌହଦ୍ୱାରା ରୋଗ ଓ ମୃତ୍ୟୁ ପର୍ଯ୍ୟନ୍ତ ଘଟେ । ଲୁହାକୁ ଟିକଟିକ ପାତଆ ବା ଚୂର୍ଣ୍ଣ (ଗୁଣ୍ଡ) କରି ନିଆଁରେ ତତାଇ ତେଲ, ଦହି, କାଞ୍ଜି, ଗୋମୂତ୍ର ଓ କୋଳଥ କ୍ୱାଥରେ କବୁରାଇ, ପୁଣି ଦୁଧ, କାଞ୍ଜି, ଗୋମୂତ୍ର ଓ କୋଳଥ କ୍ୱାଥରେ କବୁରାଇ, ପୁଣି ଦୁଧ, କାଞ୍ଜି ଓ ତ୍ରିଫଳା ପାଣିରେ ସିଝାଇ, ଗୋମୂତ୍ର ସଙ୍ଗେ ମର୍ଦ୍ଦିତ କରି ଗଜପୁଟଦ୍ୱାରା ଦଗ୍ଧ କରି ଭସ୍ମ ପ୍ରସ୍ତୁତ କରାଯାଏ । ବାରମ୍ବାର ଥରେ 'ଗଜପୁଟ' ପ୍ରକ୍ରିୟାରେ ଦଗ୍ଧ ଲୌହଭସ୍ମ ବିଶେଷ ଫଳପ୍ରଦ । ଅନ୍ତତଃ ୫୦୦ ଥର ପୁଟଦଗ୍ଧ ଲୌହଭସ୍ମ ବ୍ୟବହାର କରିବା ଉଚିତ । ଏହି ଲୌହଭସ୍ମ ନାନା ଅନୁପାନ ସହିତ ଶୂଳରୋଗ, ବାତ, ପୁରାତନ ଜ୍ୱର, ଶ୍ୱାସ ଓ ସନ୍ଧିପାତରେ ବ୍ୟବହୃତ ହୁଏ । ଏହାର ମାତ୍ରା ଏକ ରତି ।]

ଲୌହ ଭାଣ୍ଡ—ସ. ବ—୧ । ଲୁହାର ହାଣ୍ଡି—1. Pot made of
Lauha bhanda iron. ୨ । ହାମାମଦସ୍ତା—2. A mortar made of iron.

ଲୌହଭୂ—ସ. ବ—ଲୌହ ନିର୍ମିତ ପାକ ପାତ୍ର—
Lauhabhū Kettle; boiler; cauldron (Apte).

ଲୌହମୟ—ସ. ଣ—ଲୌହ ନିର୍ମିତ—
Lauhamaya Made of iron.

ଲୌହ ମଳ—ସ. ବ—ମଣ୍ଡୁର; ଲୁହା ଗୁହ—
Lauha maḷa Scoria.

ଲୌହ ମାରଣ—ସ. ବ (ବୈଦ୍ୟକ)—ବୈଦ୍ୟଶାସ୍ତ୍ରୋକ୍ତ ବିଧିଦ୍ୱାରା
Lauha mārana ଭସ୍ମ ପ୍ରସ୍ତୁତ କରିବା ପାଇଁ ଲୌହକୁ (ଲୌହ ଶୋଧନ—ଅନ୍ୟରୂପ) ଗୋମୂତ୍ର ଆଦି ଦ୍ୱାରା ବିଶେଷୀକୃତ କରିବା ବିଧି—The act of refining iron for preparing oxide.

ଲୌହ ଯୁଗ—ସ. ବ—୧ । (ଆଧୁନିକ ପ୍ରୟୋଗ) ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କ-
Lauha juga ଦ୍ୱାରା ନିର୍ଦ୍ଧାରିତ ସୃଷ୍ଟିକାଳରୁ ଆଜି ପର୍ଯ୍ୟନ୍ତ ସଂଘଟିତ
ଲୋହ ଯୁଗ ଭିନ୍ନ ଭିନ୍ନ ଯୁଗମାନଙ୍କ ମଧ୍ୟରୁ ଏକତମ (ଯେଉଁ ଯୁଗରେ
लौह युग ଅଶ୍ମ ପ୍ରସ୍ତର ନିର୍ମିତ ଅସ୍ତ୍ର ଶସ୍ତ୍ରମାନଙ୍କ ପରବର୍ତ୍ତୀରେ ଲୋକେ ଲୌହର ବ୍ୟବହାର କରିବାକୁ ଶିଖି ଥିଲେ)—
1. The iron age of the world. ୨ । କଳିଯୁଗ (ଯେଉଁ ଯୁଗରେ ଲୋକେ ପୂର୍ବକାଳ ଅପେକ୍ଷା ବେଶୀ କଠୋର ହୃଦୟ ହୋଇଅଛନ୍ତି)—2. The iron age; the Kaḷi juga (during which men have become harder in heart than before).
୩ । ଲୌହମୟ ଯୁଆଳି; ଲୁହାର ଯୁଆଳି—
3 Yoke made of iron.

ଲୌହ ଶଙ୍କୁ—ସଂ. ବ—ବଡ଼ ଲୁହା କଣ୍ଟା ବା ଖିଲା—
Lauha śaṅku An iron spike (Apte).

ଲୌହ ସାର—ସଂ. ବ—୧ । ଇସ୍ପାତ; ବୈଜ୍ଞାନିକ ପ୍ରକ୍ରିୟାଦ୍ୱାରା କଠିନୀ-
Lauha sāra କୃତ ଟାଣ ଲୁହା—1. Steel; hardened iron. [ଦ୍ର—ଏଥିରେ ପୂର୍ବକାଳୀନ ଶତଘ୍ନୀ ଆଦି ଯୁଦ୍ଧାସ୍ତ୍ର ନିର୍ମିତ ହେଉଥିଲା ।] ୨ । (ବୈଦ୍ୟକ) ଲୌହରୁ ଉତ୍ପାଦିତ ଏକପ୍ରକାର ଲବଣ (ହ୍ର. ଶ)—
2. A kind of medicinal salt prepared from iron.

ଲୌହସାରକ—ସଂ. ବ—ଲୋହସାରକ (ଦେଖ)
Lauhasāraka Lohasāraka (See)

ଲୌହା—ସଂ. ବ—ପାଣି ଫୁଟାଇବା ପାଇଁ ବ୍ୟବହୃତ ଲୁହାର ପାତ୍ର—
Lauhā Kettle (Apte).

ଲୌହାଚାର୍ଯ୍ୟ—ସଂ. ବ (୬ଷ୍ଠୀ ତତ୍)—ଧାତୁମାନଙ୍କ ତତ୍ତ୍ୱଜ୍ଞ ଆଚାର୍ଯ୍ୟ;
Lauhāchārjya ଧାତୁତତ୍ତ୍ୱବିଦ୍ (ହ୍ର. ଶ)—A person versed in the science of metals; a metallurgist.

ଲୌହାୟସ—ସଂ. ବ—ଲୁହା ଓ ତମ୍ବାରେ ନିର୍ମିତ—
Lauhāyasa Made of iron and copper.

ଲୌହାସବ—ସଂ. ବ (ବୈଦ୍ୟକ)—ଲୁହା ସାହାଯ୍ୟରେ ପ୍ରସ୍ତୁତ ଏକ-
Lauhāsaba ପ୍ରକାର ସୁରା—A kind of spirits made with the help of iron.

ଲୌହିତ—ସଂ. ବ—ମହାଦେବଙ୍କ ତ୍ରିଶୂଳ (ହ୍ର. ଶ)—
Lauhita The trident of Siba.

ଲୌହିତ୍ୟ—ସଂ. ବ (ଲୋହିତ+ଯ)—୧ । ରକ୍ତବର୍ଣ୍ଣତା—1. Red-
Lauhitya ness. ୨ । ରକ୍ତବର୍ଣ୍ଣ—2. Red colour. ୩ । ବ୍ରହ୍ମପୁତ୍ର ନଦ—3. The river Brahmaputra.
୪ । ରକ୍ତସମୁଦ୍ର; ଯେଉଁଠାରେ ରକ୍ତନଦୀ ବୋହୁଥାଏ—
4. A sea of blood; a place where blood flows like the sea. ୫ । ନାଲି ଚାଉଳ ବିଶିଷ୍ଟ ଏକ ପ୍ରକାର ଧାନ (ହ୍ର. ଶ)—5. A kind of paddy with red rice. ୬ । ପର୍ବତ ବିଶେଷ (ହ୍ର. ଶ)—
6. Name of a mountain

ଲୌହିତ୍ୟା—ସଂ. ବି ସ୍ତ୍ରୀ (ଲୌହିତ୍ୟ+ଅ)—ଆସାମର କାମରୂପ ଦେଶର
Lauhityā ଉତ୍ତର ଦିଗରେ ଥିବା ନଦୀ ବିଶେଷ—Name of a river in the Kāmarūpa country of Assam. [ଦ୍ର—ଲୌହିତ୍ୟା ଉତ୍ତରେଣ ଯୌତି ପ୍ରାଗ୍ ଜ୍ୟୋତିଷପୁରୀ । ରାଧାନାଥ. ମହାଯାତ୍ରା ।]

ଲ୍ୟାଙ୍ଗୋଟା—ପ୍ରାଦେ (ଗଞ୍ଜାମ) ବି—କାଛ—
Lyāngoṭā The loin-cloth of a Sannyāsi.

ଲ୍ୟାଣ୍ଡ (ଇତ୍ୟାଦି)—ବୈଦେ. ବି. (ଇଂ)—ଲ୍ୟାଣ୍ଡ ଇତ୍ୟାଦି (ଦେଖ)
Lyāṇḍ (etc) Lāṇḍ etc (See)

ୱ

ୱ—ଅନ୍ତଃସ୍ଥ ବା ଅବର୍ଗ୍ୟ ୱ । ବ୍ୟଞ୍ଜନ ବର୍ଣ୍ଣମାଳାର ଊନତ୍ରିଂଶ ଅକ୍ଷର ଓ
Wa ଅବର୍ଗ୍ୟ ବର୍ଣ୍ଣମାନଙ୍କ ମଧ୍ୟରୁ ଚତୁର୍ଥ ଅକ୍ଷର । ଏହାର ଉଚ୍ଚାରଣ
ବ ଦନ୍ତ ଓ ଓଷ୍ଠସାହାଯ୍ୟରେ ହେଉଥିବାରୁ ଏହାକୁ ଦନ୍ତୌଷ୍ଠ୍ୟ ମଧ୍ୟ
ଯ ବୋଲାଯାଏ । ଉପର ପାଟିର ଦାନ୍ତକୁ ତଳ ଓଠ ଉପରେ ଲଘୁ ଭାବରେ ଲଗାଇ ପର କର ଉଚ୍ଚାରଣ କଲେ ଏହା ଉଚ୍ଚାରିତ ହୁଏ । ଏହି ଅନ୍ତଃସ୍ଥ ୱର ଉଚ୍ଚାରଣ ଇଂରାଜୀ W (ଡବ୍‌ଲ୍ୟୁ) ଅକ୍ଷର ଓ ଫାର୍‌ସୀ 'ୱାଓ' ଅକ୍ଷରର ଉଚ୍ଚାରଣ ସଙ୍ଗେ ସମକକ୍ଷ ଏବଂ ଇଂରାଜୀ V (ଭି) ଅକ୍ଷରର ଉଚ୍ଚାରଣ ସଙ୍ଗେ କେତେକ ଅଂଶରେ ସମାନ । ବର୍ଗ୍ୟ ବ ଓ ଅବର୍ଗ୍ୟ ୱ ମଧ୍ୟରେ ଲକ୍ଷିତ ଆକାରଗତ ପ୍ରଭେଦ ଓଡ଼ିଆରେ ନ ଥିବାରୁ ଭାଷାରେ କ୍ରମଶଃ ଅବର୍ଗ୍ୟ ବ ଯୁକ୍ତ ଶବ୍ଦମାନ ବର୍ଗ୍ୟ ବ [ଇଂରାଜୀ B (ବି), ଫାରସୀ ବେ] ପରି ଉଚ୍ଚାରିତ ହୋଇ, ମୂଳତଃ ଯେଉଁ ଶବ୍ଦମାନଙ୍କରେ ସଂସ୍କୃତରେ ଅବର୍ଗ୍ୟ ୱ ଅଛି, ସେଗୁଡ଼ିକ ବର୍ଗ୍ୟ ବ ରୂପେ ଉଚ୍ଚାରିତ ହୋଇ ସାରି ଅଛି ।

ବର୍ଗ୍ୟ ବ ର ଉଚ୍ଚାରଣ 'ଅମ୍ବା, ଲମ୍ବ, ଉଦ୍‌ବୃତ୍ତ' ଆଦିରେ ଲକ୍ଷିତ ହୁଏ । ଅବର୍ଗ୍ୟ ୱର ଉଚ୍ଚାରଣ 'ଅନ୍ୱୟ, ପକ୍ୱ, ଈଶ୍ୱର, ଦ୍ୱିତୀୟ' ଆଦିରେ ଲକ୍ଷିତ ହୁଏ । ସଂସ୍କୃତରେ ବର୍ଗ୍ୟ ବ ଓ ଅବର୍ଗ୍ୟ ୱର ଉଚ୍ଚାରଣରେ ସ୍ୱାତନ୍ତ୍ର୍ୟ ରକ୍ଷିତ ହେଉଥିଲା । ଏବେ ମଧ୍ୟ ହିନ୍ଦୀ, ଓ ମରହଟ୍ଟୀ ଆଦି କେତେକ ଆଧୁନିକ ଭାଷାରେ ଏହି ଉଚ୍ଚାରଣଦ୍ୱୟର ସ୍ୱାତନ୍ତ୍ର୍ୟ ରକ୍ଷିତ ହୋଇ ଆସୁଅଛି, କିନ୍ତୁ ଓଡ଼ିଆ ଭାଷା ଓ ବଙ୍ଗ ଭାଷାରେ ଏହା ରକ୍ଷିତ ହୋଇ ନ ଥିବାରୁ ଓଡ଼ିଆ ଭାଷାରେ ବ ଅକ୍ଷର ଯୁକ୍ତ ସଂସ୍କୃତ ଭାଷାଗତ ଗୋଟିଏ ଶବ୍ଦକୁ ପାଇବା ନିମନ୍ତେ ସଂସ୍କୃତ ଓ ଓଡ଼ିଆ ଅଭିଧାନରେ ବର୍ଗ୍ୟ ବ ଓ ଅବର୍ଗ୍ୟ ୱ ତଳେ ଖୋଜିବାକୁ ପଡ଼େ । ଅଧିକନ୍ତୁ ମଧ୍ୟ ସଂସ୍କୃତରେ କେଉଁ ନିୟମ ଅନୁସାରେ ଶବ୍ଦରେ ଥିବା ବ ବର୍ଗ୍ୟ ବା ଅବର୍ଗ୍ୟ ବୋଲି ଜାଣିବାକୁ ହେବ, ତହିଁପାଇଁ ସୁସ୍ପଷ୍ଟ ବିଧି ମିଳୁ ନାହିଁ । ସଂସ୍କୃତ ବ୍ୟାକରଣରେ ନିମ୍ନଲିଖିତ ସୂତ୍ରଟି ଦେଖାଯାଏ—

"ଉଦୁଔ ଯସ୍ୟ ବିଦ୍ୟେତେ
ଯୋ ବଃ ପ୍ରତ୍ୟୟ ସନ୍ଧିଜଃ
ଅନ୍ତଃସ୍ଥଂ ତଂ ବିଜାନୀୟାତ୍
ଅନ୍ୟୋ ବର୍ଗୀୟ ଉଚ୍ୟତେ"—

ସଂ. ବ୍ୟାକରଣ ଚନ୍ଦ୍ରିକା ।

ଅର୍ଥାତ୍, ସନ୍ଧିଦ୍ୱାରା ବଳେ ପରିଣତ ଉ, ଓ ପ୍ରତ୍ୟୟମାନଙ୍କରେ ଥିବା ବ ଏବଂ 'ଉ'ରୁ ଉତ୍ପନ୍ନ ବ ଅବର୍ଗ୍ୟ ଅଟେ । ସଂସ୍କୃତ କୋଷକାରମାନେ ମଧ୍ୟ ଏ ସମ୍ବନ୍ଧରେ ଅଣ୍ଡାଅରେ ଭୁଲ୍ କରିଥିବା ଦେଖାଯାଏ । କାରଣ, ରାଜା ସର୍ ରାଧାକାନ୍ତ ଦେବଙ୍କ ଶବ୍ଦକଳ୍ପଦ୍ରୁମରେ 'ବକ' ଓ 'ବକଯୁକ୍ତ' ଶବ୍ଦରୁ କେତେକ ବର୍ଗ୍ୟ ବ ତଳେ, କେତେକ ଅନ୍ତଃସ୍ଥ ବ ତଳେ ଲେଖାଯାଇଅଛି ଓ ଲବଙ୍ଗ, ଲବଣରେ ଥିବା ବକୁ ବର୍ଗ୍ୟ ଓ ଅବର୍ଗ୍ୟ ଉଭୟ ବ-ରୂପେ ଲେଖାଯାଇଅଛି । ଓଡ଼ିଆ ଅଭିଧାନକାର ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ବର୍ଗ୍ୟ ବ ତଳେ ଦେଶଜ ଶବ୍ଦଗୁଡ଼ିକ ଦେଇଅଛନ୍ତି ଓ ସଂସ୍କୃତ ଶବ୍ଦକୋଷ ଅନୁସାରେ ସଂସ୍କୃତ ଶବ୍ଦମାନଙ୍କୁ ଯଥାକ୍ରମେ ବର୍ଗ୍ୟ ବ ଓ ଅବର୍ଗ୍ୟ ବ ତଳେ ରଖିଅଛନ୍ତି ।

ଓଡ଼ିଆ ଭାଷାରେ ବର୍ଗ୍ୟ ଓ ଅବର୍ଗ୍ୟ ବ ର ଉଚ୍ଚାରଣରେ ପ୍ରଭେଦ ରକ୍ଷା ହେଉ ନ ଥିବାରୁ ବ୍ୟବହାରରେ 'ବର୍ଗ୍ୟ ବ' ରୂପେ ଉଚ୍ଚାରିତ ସମସ୍ତ ସଂସ୍କୃତ ଶବ୍ଦମାନଙ୍କୁ କେତେକ ବଙ୍ଗୀୟ କୋଷକାର ବର୍ଗ୍ୟ ବ ତଳେ ଦେଇଅଛନ୍ତି । ମୁଁ ମଧ୍ୟ ତାହାହିଁ କରିଅଛି; ତଥାପି ଏହା କରି ମଧ୍ୟ ଅବର୍ଗ୍ୟ ୱ ର ମୌଳିକ ଉଚ୍ଚାରଣରୁ ଆମ ଭାଷା ରକ୍ଷା ପାଇ ନାହିଁ । ଫାରସୀରୁ ଓ ଇଂରାଜୀରୁ W (ଡବ୍‌ଲ୍ୟୁ) ଅକ୍ଷରର ଉଚ୍ଚାରଣଯୁକ୍ତ ଯେଉଁ ଶବ୍ଦମାନ ଆମ ଭାଷାରେ ଚଳୁଅଛି, ତାକୁ ବ ଦେଇ ଲେଖିଲେ ଲୋକେ ଅବର୍ଗ୍ୟ ୱ ଉଚ୍ଚାରଣ କରିବେ ନାହିଁ । ଏଥିପାଇଁ ତାକୁ କେହି କେହି ଉଅ [ଯଥା—ଉଅରଣ୍ଟ], କେହି କେହି ଓ୍ୱ [ଯଥା—ଓ୍ୱାରେଣ୍ଟ], କେହି କେହି ଓ୍ୟ [ଯଥା—

ଓ୍ୱାରଣ୍ଟ] ଓ କେହି କେହି ଉ୍ୱ [ଯଥା—ଉ୍ୱାରଣ୍ଟ] ଲେଖୁଅଛନ୍ତି ଏବଂ ବଙ୍ଗଦେଶରେ ଓୟ୍ [ଯଥା—ଓୟାରଣ୍ଟ] ଦ୍ୱାରା ପ୍ରକାଶ କରୁଅଛନ୍ତି । ଡକ୍ଟର ଶ୍ରୀରାଧାନାଥ ତାଙ୍କ ଦରବାର ପଦ୍ୟରେ 'warrant' [ୱାରଣ୍ଟ]କୁ ବାରେଣ୍ଟ କରିଅଛନ୍ତି ଓ ପାଠକ ତାକୁ ବର୍ଗ୍ୟ ବ ର ଉଚ୍ଚାରଣ କରି ପଢ଼ୁଅଛନ୍ତି । ଦେଖିବାକୁ ଗଲେ, ଅବର୍ଗ୍ୟ ୱ ର 'ଉ୍ୱ' ଉଚ୍ଚାରଣ 'ଉ' ଓ 'ଅ' ରୂପକ ଦୁଇଟି ଅକ୍ଷରର ପୃଥକ୍ ସନ୍ନିବେଶଦ୍ୱାରା ପ୍ରତିଭାତ ହୋଇପାରୁ ନାହିଁ, କିମ୍ବା ବଙ୍ଗଳାର 'ଓୟ୍' ଦ୍ୱାରା ପ୍ରତିଭାତ ହେଉ ନାହିଁ । ଓ ରେ ବ ଫଳା (ଓ୍ୱ) କିମ୍ବା ଓ ରେ ଯ ଫଳା (ଓ୍ୟ) ଦେବାଦ୍ୱାରା କେବଳ ଯେ ଅବର୍ଗ୍ୟ ୱ ର ପ୍ରକୃତ ଉଚ୍ଚାରଣ ପ୍ରତିଫଳିତ ହେଉ ନାହିଁ, ତାହା ନୁହେଁ; କିନ୍ତୁ ସ୍ୱରବର୍ଣ୍ଣରେ ଫଳା ଯୋଗ କରିବା ଦ୍ୱାରା ସଂସ୍କୃତ ବ୍ୟାକରଣ ରୀତି-ବିରୁଦ୍ଧ କର୍ମ କରାଯାଉଅଛି । ଯେବେ ସ୍ୱରବର୍ଣ୍ଣରେ ଫଳା ଯୋଗ କରି ବ୍ୟାକରଣବିରୁଦ୍ଧ ଓ ରୀତିବିରୁଦ୍ଧ ନୂଆ ପାଠ କାଢ଼ିବାକୁ ହେଲା, ତେବେ ଅବର୍ଗ୍ୟ ବ ଉ ରୁ ଉତ୍ପନ୍ନ ହେଉଥିବାରୁ ତାହାର ପ୍ରକୃତ ଉଚ୍ଚାରଣକୁ ପ୍ରତିଫଳିତ କରିବା ପାଇଁ ଉ ରେ ବ ଫଳା (ଉ୍ୱ) ଦେଲେ ତାହା ଓ୍ୱ ବା ଓ୍ୟ ଅପେକ୍ଷା ସ୍ପଷ୍ଟତର ଓ ଶୁଦ୍ଧତର ଉଚ୍ଚାରଣ ହେବ । ଏହା ହେଲେ ମଧ୍ୟ ସ୍ୱରବର୍ଣ୍ଣ ଉ ରେ ବ ଫଳା ଦେବା ସଂସ୍କୃତ ବ୍ୟାକରଣର ରୀତିବିରୁଦ୍ଧ ହେବ । ଏତେ ଗୋଳକଧନ୍ଦାରୁ ରକ୍ଷା ପାଇବାର ଏକମାତ୍ର ଉପାୟ ଏହି କି, 'ୟ' ଲେଖିବାଦ୍ୱାରା ଯେପରି 'ଇଅ' ଉଚ୍ଚାରଣକୁ 'ଯ' ଠାରୁ ପୃଥକ୍ ରଖା ଯାଇଅଛି 'ବ' ରେ ସେହିପରି ଗୋଟିଏ କିଛି ପ୍ରଭେଦଜ୍ଞାପକ ଚିହ୍ନ ଯୋଗ କରି ତାକୁ ବର୍ଗ୍ୟ ବ ଠାରୁ ପୃଥ ଅବର୍ଗ୍ୟ ବ ରେ ପରିଣତ କରିବାଦ୍ୱାରା ଏ ସମସ୍ୟା ସାଧନ କରିବାକୁ ହେବ । ଦେବନାଗରରେ ବ (व)ରେ ଗୋଟିଏ କଲଣୀ (ब) ଦେବାଦ୍ୱାରା ବର୍ଗ୍ୟ ଓ କଲଣୀ ନ ଦେଇ (व) ଅବର୍ଗ୍ୟ ବ କରି ଦୁହିଁଙ୍କ ପ୍ରଭେଦ ରକ୍ଷା କରା ଯାଇଅଛି । ବଙ୍ଗଳାରେ ମଧ୍ୟ (ব) ତଳେ ଗୋଟିଏ ବିନ୍ଦୁ ଦେଇ ଅବର୍ଗ୍ୟ ବ କରାଯାଉଅଛି । ଆଧୁନିକ ବଙ୍ଗୀୟ ଭାଷାର ଲେଖକମାନେ ବଙ୍ଗଳା ବ (ব) ର ନିମ୍ନସ୍ଥ ପାର୍ଶ୍ୱରେଖାଦ୍ୱୟର ସର୍ବ ନିମ୍ନ କୋଣ ତଳେ ଗୋଟିଏ ବିନ୍ଦୁ ଦେଇ (ব়) ଅବର୍ଗ୍ୟ ବ କୁ ଚଳାଉ ଅଛନ୍ତି । ଶ୍ରୀଯୁକ୍ତ ଜ୍ଞାନେନ୍ଦ୍ରମୋହନ ଦାସଙ୍କ 'ବାଙ୍ଗ୍‌ଲା ଭାଷାର ଅଭିଧାନ'ରେ ଏହି ପଦ୍ଧତି ଅବଲମ୍ବିତ ହୋଇଅଛି । କିନ୍ତୁ ଲେଖିଲାବେଳେ ଟିକିଏ ଅସାବଧାନତା ଯୋଗୁଁ ଉକ୍ତ ବିନ୍ଦୁଟି ବାଆଁ ଆଡ଼କୁ ଘୁଞ୍ଚି ଆସିଲେ ତାହା ବଙ୍ଗୀୟ ବର୍ଣ୍ଣମାଳାର ର (র) ଅକ୍ଷର ହୋଇଯିବ; ଏହି ଆଶଙ୍କା ଥିବାରୁ କେହି କେହି ବଙ୍ଗଳା (ব) ର ନିମ୍ନତମ ପାର୍ଶ୍ୱରେଖା ତଳେ ଗୋଟିଏ ଗାର ଟାଣି ଦେଇ (ব) ଅବର୍ଗ୍ୟ ବ କୁ ଚଳାଉ ଅଛନ୍ତି । ଆଚାର୍ଯ୍ୟ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ 'ବାଙ୍ଗାଲା ଶବ୍ଦକୋଷ'ରେ ଏହି ପଦ୍ଧତି ଅବଲମ୍ବିତ ହୋଇ-ଅଛି; ତଥାପି ଏହି ପ୍ରସ୍ତାବିତ ପରିବର୍ତ୍ତନ ଅଦ୍ୟାପି ବଙ୍ଗୀୟ ସାହିତ୍ୟରେ ଓ ଲେଖାବଳରେ ସର୍ବବାଦିସମ୍ମତରୂପେ ଗୃହୀତ ହୋଇ ନାହିଁ ।

ମୋ କ୍ଷୁଦ୍ର ମତରେ ଯ ସଙ୍ଗେ ୟର ଯେଉଁ ସମ୍ପର୍କ, ବ ସଙ୍ଗେ ଅବର୍ଗ୍ୟ ବ ର ସେହି ସମ୍ପର୍କ ବିଦ୍ୟମାନ ଥିବା ଦୃଷ୍ଟିରେ ଅବର୍ଗ୍ୟ ବ କୁ 'ୱ' ଏପରି ଚଳାଇଲେ ବ୍ୟବହାରରେ ବିଶେଷ ସୁବିଧା ଘଟନ୍ତା । ଏହା ଓଡ଼ିଆ ଲିପିର ରୀତିବିରୁଦ୍ଧ ହେବ ନାହିଁ ଓ ଏଥିପାଇଁ 'ୟ' ର ନଜିର ଆମ ଆଗରେ ଥୁଆ ହୋଇଅଛି । ଏ ପ୍ରସ୍ତାବ ମୋର କେତେକ ବିଶିଷ୍ଟ ସାହିତ୍ୟରସିକ ବନ୍ଧୁଙ୍କ ମନକୁ ଘେନିଥିଲା; ପକ୍ଷାନ୍ତରରେ କେତେକ ବିଶିଷ୍ଟ ବନ୍ଧୁ ବଙ୍ଗଳା ଭାଷାରେ ବ ତଳେ ବିନ୍ଦୁ (ব়) ଦିଆ ଯିବାର ନଜିର ଦେଇ ଅବର୍ଗ୍ୟ ବ କୁ ବ଼ ରୂପେ ଚଳାଇବା ପାଇଁ ମତ ଦେଲେ ଓ ଏଥିପାଇଁ ଅକ୍ଷର ତଳେ ବିନ୍ଦୁ ଦେଇ ଉଚ୍ଚାରଣର ପ୍ରଭେଦ ଦେଖାଇବାରେ ବ୍ୟବହୃତ ଡ (ଡ଼) ଓ ଢ (ଢ଼)ର ନଜିର ମଧ୍ୟ ଦେଲେ । କେହି କେହି ବନ୍ଧୁ ଲ ଠାରୁ ପ୍ରଭେଦ ଜ୍ଞାପକ (ଳ) ପୁଚ୍ଛଯୁକ୍ତ ଲ ର ଦୋହାଇ ଦେଇ ବ କୁ ପୁଚ୍ଛଯୁକ୍ତ କରି (ବ୍) ଅବର୍ଗ୍ୟ ବ କୁ ଚଳାଇବା ପାଇଁ ମତ ପ୍ରକାଶ କଲେ । କିନ୍ତୁ ଏପରି କରିବାଦ୍ୱାରା ଲେଖାର ଶିଥିଳତା ଯୋଗୁ ଏହା 'ହ' ଆକାର ଧାରଣ କଲେ ସମୟରେ (ହ୍ୱ) ସଙ୍ଗେ ଗୋଳମାଳ ହୋଇପାରେ—ଏପରି ଆଶଙ୍କା ଅଛି ।

ଯାହା ହେଉ, ବର୍ତ୍ତମାନ ଅବର୍ଗ୍ୟ ବ ର ଉଚ୍ଚାରଣକୁ ଚଳାଇବା ପାଇଁ ବ ରେ ଗୋଟିଏ ସ୍ୱାତନ୍ତ୍ର୍ୟବୋଧକ ଚିହ୍ନ ଓଡ଼ିଆ ଲିପିରେ ପ୍ରବର୍ତ୍ତିତ କରିବା ଆବଶ୍ୟକ ବୋଲି ଉପଲବ୍ଧି କରି ତାହା ପ୍ରବର୍ତ୍ତାଇବା ନିମନ୍ତେ ମୁଁ ଏ ଭାଷାକୋଷରେ ଅବର୍ଗ୍ୟ ବ ପାଇଁ ଗୋଟିଏ ନୂଆ ଅକ୍ଷର 'ୱ' ଉଦ୍ଭାବନ କଲି । ସଂସ୍କୃତ ମୂଳକ ଉଆଡ଼ ଶବ୍ଦ ଛଡ଼ା ଫାରସୀ ଓ ଇଂରାଜୀରୁ ଆନୀତ ହୋଇ ଓଡ଼ିଆରେ ଚଳୁଥିବା ଏହି ଅବର୍ଗ୍ୟ ୱ ଉଚ୍ଚାରଣଯୁକ୍ତ ଶବ୍ଦମାନ କେତେକ ଉଅ [ଯଥା—ଉଆରଣ୍ଟ, ଉଅଲ୍‌ଲମ୍ପ୍] ତଳେ ଓ କେତେକ ଓ ତଳେ [ଯଥା—ଓକିଲ, ଓକାଲତନାମା], କେତେକ ଅ ତଳେ [ଯଥା—ଅସୁଲ], କେତେକ ଉ ତଳେ [ଯଥା—ଉଜିର] ଓ କେତେକ ବ ତଳେ (ଯଥା—ବକ୍ସ୍) ଏ ଭାଷାକୋଷରେ ସନ୍ନିବେଶିତ ହୋଇଅଛି ଏବଂ ବର୍ତ୍ତମାନ ସେଗୁଡ଼ିକ ଧାରାବାହିକରୂପେ ଏହିଠାରେ ଅବର୍ଗ୍ୟ 'ୱ' ତଳେ ପ୍ରଦତ୍ତ ହେଲା ।

ସଂସ୍କୃତର ବର୍ଗ୍ୟ ବ ଯୁକ୍ତ ଶବ୍ଦମାନ ଭାଷାରେ ବର୍ଗ୍ୟ ବ ଉଚ୍ଚାରଣରେ ବ୍ୟବହୃତ ହେଉଥିବାରୁ ତାହା ବର୍ଗ୍ୟ ବ ତଳେ ଦିଆ ଯାଇଅଛି । ସାଧାରଣତଃ ଶିକ୍ଷିତମାନେ 'ଅବର୍ଗ୍ୟ ବ ସ୍ଥଳରେ 'ଓ୍ୱ' ଲେଖିବା ଦେଖା ଯାଉଥିବାରୁ (ଯଥା-ଓକିଲ ମୁକ୍ତାରମାନଙ୍କ ଲିଖିତ ବା ଅନୁମୋଦିତ ଅରଜି, ଜବାବ୍ ଆଦି) 'ଅବର୍ଗ୍ୟ ବ ସ୍ଥଳରେ 'ଓ୍ୱ' ରୂପକ convention ବା ସାଧାରଣାନୁମୋଦିତ (ପ୍ରଚଳିତ) ରୀତିକୁ ରକ୍ଷା

କର ଏହି 'ୱ' ଅକ୍ଷର ଲେଖାଗଲା । କେହି କେହି 'ୱ' ପରିବର୍ତ୍ତରେ 'ଓ୍ୟ' ବା 'ଉ୍ୱ' ବ୍ୟବହାର କରନ୍ତି ଓ କେହି କେହି 'ଉଅ' ଲେଖି ସବୁ ବିବାଦ ମେଣ୍ଟାଇବାର ପ୍ରୟାସ କରନ୍ତି; କିନ୍ତୁ ସେ ବ୍ୟବହାର ଅନ୍ୟ ଭାଷାର ଓ ସଂସ୍କୃତର ରୀତିବିରୁଦ୍ଧ ହେବା କଥା ମୁଁ ପୂର୍ବରେ ସୂଚନା କରିଅଛି । ଜୟପୁର ସାହିତ୍ୟ ସମ୍ରାଟ୍ ମହାରାଜ ବିକ୍ରମଦେବ ବର୍ମା, ଡି. ଲିଟ୍, ଅବର୍ଗ୍ୟ ୱ କୁ ବର୍ଗ୍ୟ ବଠାରୁ ସ୍ୱତନ୍ତ୍ର ରଖାଇବା ପାଇଁ 'ୱ' ର ବ୍ୟବହାର କରିଥାଆନ୍ତି । ଏହା ମଧ୍ୟ ଯୁକ୍ତିଯୁକ୍ତ ବୋଧ ହେଉଅଛି । କିନ୍ତୁ ମହାରାଜଙ୍କର ଏ ବ୍ୟବହାରପ୍ରତି ମୋ ଦୃଷ୍ଟି ଆକୃଷ୍ଟ ହେବା ବହୁ ପୂର୍ବରୁ ଅବର୍ଗ ୱ ପାଇଁ ଗୋଟିଏ ସ୍ୱତନ୍ତ୍ର 'ଟାଇପ୍' ୱ ପ୍ରସ୍ତୁତ ହୋଇ ଏ ଭାଷାକୋଷର ବହୁ ସ୍ଥାନରେ ବ୍ୟବହୃତ ହୋଇଥିବାରୁ ମହାରାଜଙ୍କ ବ୍ୟବହୃତ 'ୱ' ଆକାର ଏ ଭାଷାକୋଷରେ ଚଳାଇବା ଦୁଷ୍କର ହୋଇଅଛି।]

ୱକ୍(କ)ଫ୍(ଇତ୍ୟାଦି)—ବୈଦେ. ବି (କଚିରଥ)—ୱାକ୍ଫ୍ (ଇତ୍ୟାଦି)
Wak-(ka)ph (etc) (ଦେଖ) Wāk-ph (etc) (See)

ୱକାଲତ୍(ତି)—ବୈଦେ. ବି (କଚିରଥ) (ଫା. ୱକାଲତ୍)—୧ । ଓକାଲତି; ଓକିଲତି; ଓକିଲର କାର୍ଯ୍ୟ—
Wakālat(ti) উ(ও)কালত(তী) वकालत Pleading; the work of a pleader. ୨ । ଅନ୍ୟ ବ୍ୟକ୍ତିର ପକ୍ଷାବଲମ୍ବନ ବା ପକ୍ଷ ସମର୍ଥନ—2. Advocacy for a certain person.

ୱକାଲତ୍‌ନାମା—ବୈଦେ. ବି (କଚିରଥ) (ଫା. ୱକାଲତ୍‌ନାମହ୍)—
Wakālat-nāmā ଓକାଲତନାମା; ଓକିଲଙ୍କୁ ପକ୍ଷମାନେ দস্তখত্ করিদেবা
উ(ও)কালতনামা वकालतनामा ଦସ୍ତଖତ୍ କରିଦେବା କ୍ଷମତାପତ୍ର—Vakalatnama; a written power of authority given to a pleader by a party in a Court.

ୱକିଲ୍—ବୈଦେ. ବି—(ଫା)—ଓକିଲ (ଦେଖ)
Wakil উকীল वकील Okila (See)

ୱକୁ—ବୈଦେ. ବି ଓ ବିଣ (କଚିରଥ)—(ଅ. ୱକୁଅ—ଘଟିବା)—
Waku ଉକୁ (ଦେଖ)—Uku (See)
অকূ वक़ूअ

ୱକୁ ସ୍ଥଳ(ସ୍ଥାନ,ଜାଗା)—ଦେ.. ବି [କଚିରଥ]—ଘଟନାର ସ୍ଥାନ—
Waku sthaḻa(sthāna,jāgā) Place of occurrence.
অকুস্থল वक़ुजगह

ୱକ୍ତ୍(ଖ୍‌ତ)—ବୈଦେ. ବି (ଫା. ୱଖ୍‌ତ୍)—୧ । ବକତ; ଥର—
Wakt(kh-t) 1. Time, occasion. ୨ । ବକ୍ତ; ସମୟ—2. Time. ୩ । ସୁଯୋଗ—3. Opportune moment.
[ବକ(ଖ)ତ୍—ଅନ୍ୟରୂପ]
(ବିପରୀତ—ବେୱକ୍ତ)
ওক্ত, ওকত वख़्त

ୱଗୈର(ର୍)—ବୈଦେ. ଅ (କଚିରଥ) (ଫା. ୱଗୈରହ୍)—ଅଟେରି;
Wagairā(r) ଓଗର; ଓଗେର; ଇତ୍ୟାଦି—Etcetera; etc.
ওগয়রহ, ত্তগৈর वग़ैरह

ୱଜ୍‌ବ(ବୁ)କ୍—ବୈଦେ. ବି (ତୁର୍କୀ. ଉଜ୍‌ବକ୍)—ତାତାର ବା ଅସିରୀୟ
Waj-ba(bu)k ତୁର୍କିସ୍ଥାନର ମୁସଲମାନ୍ ଜାତିବିଶେଷ—
উজবুক उजबक A Turkish clan of Tartars in Turkestan; the Uzbegs.
(ୱଜ୍‌ବେଗ୍—ଅନ୍ୟରୂପ)
[ଦ୍ର—ଏମାନେ କେତେକ ସ୍ଥାନରେ ତାତା(ର)ର ବା ଆର୍ଯ୍ୟ ରକ୍ତ ଓ କେତେକ ଅଞ୍ଚଳରେ ତାପ୍‌ଚକ୍, କାଲ୍‌ମାକ୍ ଓ କର୍‌ଗୀଜ୍ ଜାତୀୟ ରକ୍ତ ମିଶ୍ରଣରେ ସଙ୍କର ଜାତିରେ ପରିଣତ ହୋଇଅଛନ୍ତି—ଗ୍ଲାଡେନ୍‌ଙ୍କ ଉଦ୍ଧୃତ ଜାଇଭିସନ ସାହେବ ।]

ୱଜନ୍ (ଇତ୍ୟାଦି)—ବୈଦେ. ବି (ଅ)—ଓଜନ ଇତ୍ୟାଦି (ଦେଖ)
Wajan (etc) ওজন वजन Ojana etc (See)

ୱଜନୀ—ବୈଦେ. ବିଣ (ଅ)—ଭାରି—
Wajani ওজনী वजनी Heavy; weighty

ୱଜିର୍—ବୈଦେ. ବି (ଅ. ୱଜୀର୍)—ଉଜିର; ମନ୍ତ୍ରୀ—
Wajir উজীর वज़ीर Minister.

ୱଜିରି—ବୈଦେ. ବି—(ଅ. ୱିଜାରତ୍)—ମନ୍ତ୍ରୀପଣ—
Wajiri উজীরী वज़ारत Ministership, ministry.

ୱଜୁ—ବୈଦେ. ବି (ଅ. ଯୁଜୁ ; ୱଜୁ)—ନମାଜ୍ ପଢ଼ିବା ପୂର୍ବରୁ ମୁସଲମାନଙ୍କର ଶୌଚାର୍ଥ ହାତ ଗୋଡ଼ ଆଦି ଧୁଆ—
Waju উজূ वज़ु Washing of the hands and feet of a Mahomedan before saying his daily Namaj (prayers). [ଦ୍ର—ୱଜୁ କରିବାର ନିୟମ ଏହି :—ନମାଜ୍ ପଢ଼ିବା ପୂର୍ବରୁ ପ୍ରଥମେ ୩ ଥର ହାତ ଧୋଇବ, ପୁଣି ୩ ଥର କୁଳୁକୁଞ୍ଚା କରି ନାକରେ ପାଣି ମାରିବ, ପୁଣି ମୁହଁ ଧୋଇ ଦୁଇ ହାତର କହୁଣି ପର୍ଯ୍ୟନ୍ତ ଧୋଇବ, ପୁଣି ମୁଣ୍ଡ ଉପରେ ଓଦା ହାତକୁ ବୁଲାଇ ଆଣିବ, ଓ ଶେଷରେ ଗୋଡ଼ ଧୋଇବ—ହୁ. ଶ)

ୱଜୁହାତ୍—ବୈଦେ. ବି (କଚିରଥ) (ଅ. ୱଜୁହାତ୍—କାରଣସମୂହ)—
Wajuhāt ଉଜୁହାତ୍ (ଦେଖ)—Ujuhāt (See)
অ(ও)জুহাত वजूहात

ୱତନ୍(ନ)—ବୈଦେ. ବି (ଅ—ବାସସ୍ଥାନ)—ଓତନ (ଦେଖ)—ଭିଟା
Watan(na) Otana (See) (ଉ—କଥାରେ
ভিটা वतन ଲୋକେ କହୁଥାଆନ୍ତି—ତୁ ଏଠାକୁ ଦଉଡ଼ି ଆସିଲୁ, ଏଠେଇଁ କଅଣ ତୋ ବାପର ଓତନ ଅଛି ?)

ୱରାଶତ୍—ବୈଦେ. ବି (କଚିରଥ)—(ଫା)—ଓରାସତ୍; ମୃତବ୍ୟକ୍ତିର ଉତ୍ତରାଧିକାରୀଙ୍କ ଭୋଗ କରିବା ପୈତୃକ ସମ୍ପତ୍ତି—
Warāśat ওরাশত वराशत Heritage.

ୱରାଶତ୍‌ନାମା—ବୈଦେ. ବି (କଚିରଥ) (ଫା)—ଓରାସତ୍‌ନାମା; ମୃତବ୍ୟକ୍ତିର ସମ୍ପତ୍ତିକୁ ଉତ୍ତରାଧିକାରୀରୂପେ କିଏ ପାଇବ, ଏହା ଯେଉଁ ଦଲିଲ ଦ୍ୱାରା ଲେଖାପଢ଼ି ହୁଏ—
Warāśat-nāmā ওরাশতনামা वरासतनामा Deed of inheritance,

ୱରାଶତି—ବୈଦେ. ବି (କଚିରଥ) (ଫା. ୱିରାଶତ)—ଉତ୍ତରାଧିକାରିତ୍ୱ; ମୃତ ବ୍ୟକ୍ତିର ସମ୍ପତ୍ତିକୁ ଉତ୍ତରାଧିକାରୀରୂପେ ପ୍ରାପ୍ତ ହେବାର ଅବସ୍ଥା—Inheritance, succession to a heritage.
Warāśati ওরাশতি विराशती

ୱ୍ରସତ ସାର୍ଟି(ର୍ଟି)ପି(ଫି)କ(କେ)ଟ୍ —ବୈଦେ. ବ (କଚେରୀ) (ଫା. Warāsati sāṭi(rṭi)pi(phi)ka(ke)t ୱୁରାସତ+ଇଂ. ওরাসতি সার্টিফিকেট ସର୍ଟିଫିକେଟ୍)—ମୃତ ବ୍ୟକ୍ତିର ସମ୍ପତ୍ତି ଓ ବିরাসত सार्टिफिकेट ପ୍ରାପ୍ୟ ଅଦାୟ କରିବା ନିମନ୍ତେ ହକ୍‌ଦାର, ଉତ୍ତରାଧିକାରୀଙ୍କୁ ଜଜ୍‌ସାହେବ ଯେଉଁ ହୁକୁମନାମା ବା ନିଦର୍ଶନ ପତ୍ର ଦଅନ୍ତି ଓ ଯହିଁର ବଳରେ ଉତ୍ତରାଧିକାରୀ ମୃତ ବ୍ୟକ୍ତିର ଦେଣଦାରମାନଙ୍କଠାରୁ ପାଉଣାମାନ ଅଦାୟ କରେ—Succession certificate; a certificate granted by the District Judge authorising an heir to realise money etc. due to a deceased.

ୱଲି—ବୈଦେ. ବ (ଅ. ୱଲୀ)—୧ । ସାଧୁ; ପୀର; ସିଦ୍ଧପୁରୁଷ—1. A Wali saint. ୨ । (କଚେରୀ; ନାବାଳଗର) ଅଭିଭାବକ—অলি वली 2. Guardian (of a minor).

ୱଲି ୱଶି—ବୈଦେ. ବ (କଚେରୀ; ଅ. ୱଲି=ଅଭିଭାବକ+ୱଶି=Wali waśi ଟ୍ରଷ୍ଟୀ)—ନାବାଳଗର ଅଭିଭାବକ ଓ ତା ସମ୍ପତ୍ତିର অলিঅছি ମାରଫତ୍‌ଦାର ବା ଟ୍ରଷ୍ଟୀ—Guardian of a minor वलीवसी and trustee of his property.

ୱଲି ୱାର(ରି)ସ—ବୈଦେ. ବ (କଚେରୀ) (ଅ. ୱଲି+ୱାରିସ୍)—Wali wāra(ri)s ୱାଲିୱାରସ୍ (ଦେଖ)—অলিওয়ারিস वलीवारिस Wāliwāras (See)

ୱଲି ୱାର(ରି)ସ୍ ଉତ୍ତରାଧିକାରୀ—ଦେ. ବ (କଚେରୀ) ଅ. ୱଲି+) Wali wāra(ri)s uttarādhikārī ୱାରିସ୍+ସଂ. ଉତ୍ତରା- অলিওয়ারিস উত্তরাধিকারী ଧିକାରୀ)—ୱାଲିୱାରସ୍ ଉତ୍ତରାଧିକାରୀ वलीवारिस उत्तराधिकारी (ଦେଖ)—Wāliwāras uttarādhikārī. (See)

ୱଶି—ବୈଦେ. ବ (କଚେରୀ) (ଅ. ୱଶୀ)—୧ । ଧର୍ମ କାର୍ଯ୍ୟ ନିମନ୍ତେ Wasi ବା ଅନ୍ୟ ବ୍ୟକ୍ତି ପାଇଁ ନ୍ୟସ୍ତ ସମ୍ପତ୍ତିର ମାରଫତ୍‌ଦାର; ও(অ)ছী वशी ଟ୍ରଷ୍ଟୀ—1. A trustee of any trust property. ୨ । ମୃତବ୍ୟକ୍ତିର ସମ୍ପତ୍ତିର ପର୍ଯ୍ୟବେକ୍ଷଣାର୍ଥ ଅଦାଲତନିଯୁକ୍ତ ବ୍ୟକ୍ତି—2. Executor or administrator to the estate of a deceased person

ୱଶିଅ(ୟ)ତ—ବୈଦେ. ବ (କଚେରୀ)—(ଅ. ୱସୀୟତ୍)—ଉଇଲ Wasia(ya)t ଦ୍ୱାରା ପ୍ରଦତ୍ତ ସମ୍ପତ୍ତି—Legacy. ওছিয়ত वशियत

ୱଶିଅ(ୟ)ତ୍‌ନାମା—ବୈଦେ. ବ (କଚେରୀ)—(ଫା. ୱସୀୟତ୍‌ନାମାହ୍) Wasia(ya)t-nāmā ଉଇଲ୍; ମନୁଷ୍ୟ ମରିବା ପୂର୍ବରୁ ওছিয়তনামা वशियतनामा ଆପଣା ସମ୍ପତ୍ତି ସମ୍ବନ୍ଧେ ଲେଖିଦେବା ଅବସ୍ୟାରେ କାର୍ଯ୍ୟକାରୀ ହେବା ଦାନପତ୍ର—Will; testament

ୱଶିନାମା—ବୈଦେ. ବ (କଚେରୀ) –(ଫା)—୧ । ୱକ୍‌ଫ୍‌ନାମା ଓ ଟ୍ରଷ୍ଟଡିଡ Wasināmā ଦଲିଲ—1. Trust deed. ୨ । ପ୍ରୋବେଟ ও(অ)ছিনামা वशियतनामा ବା ଲେଟର୍ସ ଅଫ୍ ଆଡ଼ମିନିଷ୍ଟ୍ରେସନ୍— 2. Probate or Letters of administration.

ୱସୁଲ(ଲି) [ଇତ୍ୟାଦି]---ବୈଦେ.ବ ଓ ବଣ [ଅ]--ଅସୁଲ(ଲି)ଇତ୍ୟାଦି Wasul(li) (etc) (ଦେଖ)—Asul(li) etc (See) উস্থল वसूल

ୱାହାବୀ—ବୈଦେ.ବ—ଅବଦୁଲ ୱହାବ୍ ନଜ୍‌ଦୀଙ୍କ ପ୍ରବର୍ତ୍ତିତ ମୁସଲମାନ୍ Wahābī ଧର୍ମର ଏକ ସମ୍ପ୍ରଦାୟ—The Wahbis; a ওহাবী वहाबी sect of Mahamedans. [ଦ୍ର—ଅବଦୁଲ୍ ୱହାବ୍‌ଙ୍କର ଆରବ୍‌ଦେଶର ନଜ୍‌ଦ୍ ନାମକ ସ୍ଥାନରେ ଜନ୍ମ ହୋଇଥିଲା । ସେ ହଜ୍‌ରତ୍ ମହମ୍ମଦଙ୍କର ସର୍ବୋଚ୍ଚ ପଦକୁ ଅସ୍ୱୀକାର କରୁଥିଲେ । ଏହି ମତାବଲମ୍ବୀମାନେ କୌଣସି ବ୍ୟକ୍ତିର ବା ସ୍ଥାନର ପବିତ୍ରତା ସ୍ୱୀକାର କରନ୍ତି ନାହିଁ । ଅବଦୁଲ ୱହାବ୍ ଅନେକ ମସ୍‌ଜିଦ୍ ଓ ପବିତ୍ର ସ୍ଥାନକୁ ଭାଙ୍ଗିଥିଲେ ଓ ହଜ୍‌ରତ୍ ମହମ୍ମଦ୍‌ଙ୍କ କବରକୁ ଗୋଳ ପିଙ୍ଗିଦେବାକୁ କହିଥିଲେ । ଆରବ ଓ ପାରସ୍ୟରେ ଏହି ମତାବଲମ୍ବୀଙ୍କ ସଂଖ୍ୟା ଅନେକ ଅଛି — ହି. ଶ.]

ୱା (ଇତ୍ୟାଦି)—ଦେ. ବ. ଓ ବଣ (ସ. ଅତପାର୍କ)—ଉଆ; ଅରୁଆ Wā (etc) ଇତ୍ୟାଦି (ଦେଖ)—Uā; Aruā etc (See) আতপ अरवा (ଯଥା—ୱା ଗୁହଳ, ୱା ଚୂଡ଼ା, ୱା ଧାନ, ୱା ଭାତ ।)

ୱାଇନ୍—ବୈଦେ. ବ (ଇଂ. ୱାଇନ୍)—ଦ୍ରାକ୍ଷାରସ; ବିଲାତି ମଦ—Wāin ওয়াইন वाइन Wine.

ୱାଇନ୍ ଗ୍ଲାସ—ବୈଦେ. ବ. (ଇଂ. ୱାଇନଗ୍ଲାସ)—ମଦ ଖାଇବା Wāin glās ପାଇଁ ବ୍ୟବହୃତ କାଚର ଗାସ—Wine glass. ওয়াইন গ্লাস वाइन ग्लास

ୱାଇଫ—ବୈଦେ. ବ (ଇଂ. ୱାଇଫ୍)—ପତ୍ନୀ—Wāif ওয়াইফ वाइफ Wife.

ୱାଉ—ଦେ.ବ (ସ.ଭବ୍ୟ; ବହୁବାର)—ଔଉ—Dillenia Indica; Wāu Dillenia Speciosa. চালতা; চালিতা चलता, चलतू

ୱାଃ—ବୈଦେ. ଅ [ଆ]—ବାଃ ! ବାହାବା ! ବେଶ୍ ! ଶାବାସ୍ !—Wāh (Interjection) Well done ! Bravo ! বাঃ वाः (ୱାଃୱାଃ—ଅନ୍ୟରୂପ)

ୱାଁସ—ଗ୍ରା. ବ (ସ. ଅମାବାସ୍ୟା) —ଅମାବାସ୍ୟା; ଉଆଁସ—The day Wāṅsa of the lunar fortnight on which অমাবোস্তে अंवावस,अमावस there is no moon the day on which the moon comes in between the sun and the earth.

ୱାଁସୀ—ଗ୍ରା. ବଣ. ସ୍ତ୍ରୀ—[ସ. ଅମାବାସ୍ୟାଜାତା]—ଉଆଁସୀ [ଦେଖ] Wāṅsi Uāṅsi (See)

ୱାଁସୀ କନ୍ୟା—ଗ୍ରା. ବ. ସ୍ତ୍ରୀ—ଉଆଁସୀ କନ୍ୟା [ଦେଖ] Wāṅsi kanyā Uāṅsikanya (See)

ୱାକ [କ]ଫ [ପ]—ବୈଦେ. ବି (ଜଚଉଅ)—୧ । [ଅ. ୱକ୍ଫ୍]—
Wāk-(ka)ph(p) ମୁସଲମାନ ଧର୍ମସ୍ଥାନ ରକ୍ଷାର୍ଥ ବା ଖଇରାତ
ওয়াকফ वक़्फ़ ପାଇଁ ସମ୍ପତ୍ତି ଲେଖା କରିବା—
1. Waqf; religious or charitable endowment by a Mahomedan. [ଦ୍ର—
ୱାକ୍ଫ୍ ସମ୍ପତ୍ତିର ମାଲିକ ଲୋକଙ୍କୁ ମତୱାଲି ବା ମତଓଲି
ବୋଲାଯାଏ ।] ୨ । ୱାକ୍ଫ୍ (ଦେଖ)—
वकीफ charitable purposes. 2. Wāk-f. (See) ବଣ—ୱାକପ୍ (ଦେଖ)—
Wākap. (See)

ୱା'କ(କା)ଫ(ପ) ନାମା—ବୈଦେ. ବି (ଜଚଉଅ; ଅ. ୱାକ୍ଫ୍+
Wāk(ka)f(p) nāmā ଫା. ନାମା)—ଯେଉଁ ଦଲିଲ ଦ୍ୱାରା
ওয়াকফ নামা କୌଣସି ସମ୍ପତ୍ତି ଧର୍ମାର୍ଥ ଲେଖା କରାଯାଏ—ମୁସଲମାନ
वकफ नामा ମାନଙ୍କ ଧର୍ମାର୍ଥ ସମର୍ପଣ ପତ୍ର—Waqfnama.

ୱାକ(କି)ଫ(ଫ,ବ)—(ଜଚଉଅ) ବୈଦେ.ବଣ (ଅ.ୱାକଫ୍)—୧ । ଯେ
wāka(ki)p(ph,b) ଜାଣେ; ଅବଗତ; ଜ୍ଞାତ—
ওয়াকিফ वाक़िफ 1. Cognisant; aware, informed. ୨ । ଅଭିଜ୍ଞ—2. Thoroughly conversant with a matter. ୩ । ଦକ୍ଷ—
3. Skilful.

ୱାକ(କି)ଫ(ଫ,ବ)କା(ଦା)ର—ବୈଦେ. ବଣ (ଜଚଉଅ; ଫା. ୱାକଫ୍-
Wāka(ki)p(f,b)kā(dā)r ହାଲ୍; ଫା. ୱାକଫକାର୍)—
ওয়াকিফ হাল ୧ । କୌଣସି ବିଷୟରେ ଅଭିଜ୍ଞ—
वाक़िफकार 1. Thoroughly conversant with a matter. [ଉ—ମୁନସି ଚନ୍ଦ୍ରଧର ଦାସ ମଧ୍ୟ ଜଣେ
ଓଆକଫକାର ପୁଲିସ ଅମଲା । ଫକୀରମୋହନ. ଛମାଣ
ଆଠଗୁଣ ।] ୨—କୌଣସି ବିଷୟରେ ଦକ୍ଷ (ବ୍ୟକ୍ତି)—
An expert; one in the know of things.

ୱାକ(କି)ଫ(ଫ,ବ)କା(ଦା)ରି—ବୈଦେ. ବି (ଫା)—ଅଭିଜ୍ଞତା—
Wāka(ki)p(f,b)kā(dā)ri Experience in any
ওয়াকিফদারী वाक़िफदारी matter.

ୱାକ(କି)ଫ୍ କରିବା(ହେବା)—ଦେ. କ୍ରି (ଜଚଉଅ)—ଜାଣିବା; ଜ୍ଞାତ
Wāka(ki)f kaгibā(hebā) ହେବା; ଅବଗତ ହେବା—
ওয়াকফ হওয়া To come to know; to be congnisant of.
वाकिफ होना

ୱାକ(କି)ଫ(ପ,ବ) ହାଲ୍—ବୈଦେ. ବଣ (ଜଚଉଅ; ଅ. ୱାକଫ୍
Wāka(ki)f(p,b)hāl ହାଲ୍)—ଅବସ୍ଥାଭିଜ୍ଞ; ଯେ କୌଣସି
ওয়াকিফ হাল ବିଷୟର ଅବସ୍ଥା ବା ସମ୍ବାଦ ଜାଣେ—Cogni-
वाकिफ हाल sant of the circumstances or news about a matter.

ୱାକିଙ୍ଗ୍ ଷ୍ଟିକ୍—ବୈଦେ. ବି (ଇଂ. ୱାକିଙ୍ଗ୍ ଷ୍ଟିକ)—ବୁଲିଯିବାବେଳେ
Wāking shtik ସଙ୍ଗରେ ହାତରେ ଯେଉଁ ବାଡ଼ି ଧରାଯାଏ—
ওয়াকিং ষ্টিক वाकिंग स्टिक Walking stick.

ୱାକଫ—ବୈଦେ. ବି (ଜଚଉଅ)—୧ । (ଅ. ୱାକିଫ୍) ଯେଉଁ ବ୍ୟକ୍ତି
Wākif ଅପଣା ସମ୍ପତ୍ତିକୁ ଧର୍ମାର୍ଥ କାର୍ଯ୍ୟ ପାଇଁ ଲେଖନ୍ତି—1. A
ওয়াকিফ dedicator of a property for religious or

ୱାଗ(ଗି)ନ(ନି)—ବୈଦେ. ବି (ଇଂ. ୱାଗନ)—ରେଲର ମାଲଗାଡ଼ି—
Wāga(gi)n(ni) Railway waggon.
ওয়াগন वाग(गि)न

ୱାଚ—ବୈଦେ. ବି (ଇଂ. ୱାଚ୍)—ପକେଟ୍ ଘଡ଼ି; ଛୋଟ ଘଣ୍ଟା;
Wāch ଯାହା ପକେଟ ଅବଦରେ ରଖାଯାଇ ପାରେ—Watch.
ওয়াচ [ଦ୍ର—ଏହି ୱାଚ୍ ଶବ୍ଦ ସଙ୍ଗେ ଅନେକ ଗୁଡ଼ିଏ ଇଂରାଜୀ ଶବ୍ଦ
वाच ଭାଷାରେ ଚଳୁ ଅଛି; ଯଥା—Keyless, self winding, Railway regulater, Lever watch, Repeater, Chronometer ଇତ୍ୟାଦି ।]

ୱାଚ୍ ଚେ(ଚୈ)ନ୍—ବୈଦେ.ବି (ଇଂ. ୱାଚ୍ ଚେନ୍)—ୱାଚ୍କୁ ପକେଟ
Wāch che(chai)na ଅବଦରେ ଝୁଲାଇ ରଖିବା ପାଇଁ ଧାତୁ
ওয়াচ চেন वाच चेन ଅବଦର ଶିକୁଳି—Watch Chain.

ୱାଚ୍ ଟାୱାର—ବୈଦେ. ବି (ଇଂ. ୱାଚ୍ ଟାୱାର୍)—ଦୂରସ୍ଥ ଶତ୍ରୁମାନଙ୍କ
Wāch ṭawār ଗତିବିଧି ନିରୀକ୍ଷଣ କରିବା ଉଦ୍ଦେଶ୍ୟରେ ଦୁର୍ଗାଦିର
ওয়াচ টাওয়ার ଶିରୋଦେଶରେ ପହରାବାଲାଙ୍କର ଦଣ୍ଡାୟମାନ ହୋଇ
वाच टावार ରହିବା ପାଇଁ ନିର୍ମିତ ଘର—
Watch tower.

ୱାଚ୍ ଡଗ୍—ବୈଦେ. ବି (ଇଂ. ୱାଚ୍ ଡଗ୍)—ଯେଉଁ କୁକୁର ଗୃହ
Wāch dag ଆଦିକୁ ସବୁବେଳେ ଜଗିବା ପାଇଁ ରଖାଯାଇଥାଏ—
ওয়াচ ডগ वाच डग Watch dog.

ୱାଚ୍ ପ(ପା)କି(କେ)ଟ୍(ଟି)—ବୈଦେ, ବି (ଇଂ. ୱାଚ୍ ପକେଟ୍)—
Wāch pa(pā)ki(ke)ṭ(ṭi) ୱାଚ୍ ରଖିବା ପାଇଁ କୋଟ୍
ওয়াচ পকেট ଅବଦର ଛାତି ପାଖରେ ଥିବା ମୁଣା—
वाचपाकि(के)ट Watch pocket.

ୱାଚ୍ ମରାମତ(ତି)—ବୈଦେ. ବି (ଇଂ. ୱାଚ; ଅ. ମରମତ୍)—
Wāch marāmat(ti) ବିଗିଡ଼ି ଯାଇଥିବା ପକେଟ୍ ଘଡ଼ିର
ওয়াচ মেরামত ସଂସ୍କାର—Watch repair; repairing of
वाच मरम्मत watches which have gone out of order

ୱାଚ୍ ମା(ମେ,ମ୍ୟା)ନ—ବୈଦେ. ବି (ଇଂ. ୱାଚ୍ମାନ୍)—ଚୌକିଦାର;
Wāch mā(me,myā)n ପହରାବାଲା; ଜଗୁଆଳ—
ওয়াচম্যান वाचमैन Watchman

ୱାଚ୍ ମେକର(ର)—ବୈଦେ. ବି (ଇଂ. ୱାଚ୍ମେକର୍)—୧ । ୱାଚ
Wāch mekar(ra) ପ୍ରସ୍ତୁତକାରୀ ବ୍ୟକ୍ତି—1. Watch
ওয়াচমেকার वाचमेकर maker. ୨ । ୱାଚ
ମରାମତ କରିବା ବ୍ୟକ୍ତି—2. Watch repairer.

ୱା ଚାଉଳ—ଦେ. ବି—ଉଷୁନା ଚାଉଳ; ଅରୁଆ ଚାଉଳ (ଦେଖ)—
Wā chāula Uā chāula; Aruāchāula (See)
আতপচাল अरवाचावल

ୱା ଚୁଡ଼ା—ଦେ. ବ—ଧାନକୁ ନ ଉଷାଇଁ ସାମାନ୍ୟ ଗରମ ପାଣିରେ Wā churdā କିଛିକ୍ଷଣ ବତୁରାଇ କରାଯିବା ଚୁଡ଼ା— আতপচিড়ে अरवाचूड़ा Parched rice from moistened (and not parboiled) paddy.

ୱାଜ୍(ଇତ୍ୟାଦ)—ବୈଦେ. ବ (ଫା. ଅୱାଜ୍)—୧ । ଆୱାଜ୍; ଶବ୍ଦ— Wāj(etc) 1. Sound. ୨ । ଉଚ୍ଚ ଶବ୍ଦ— আওয়াজ आवाज 2. High sound. ୩ । ବନ୍ଧୁକ ଆଦର ଶବ୍ଦ—3. Report of a gun. ୪ । (ଅ. ওয়াজ বাজ ୱାଜ୍)—ଉପଦେଶ—4. Advice ୫ । ଧର୍ମ ବ୍ୟାଖ୍ୟା—5. Religious discourse.

ୱାଜ୍‌ଦାର୍—ବୈଦେ. ବ (ଫା. ଅୱାଜ୍‌ଦାର)—ଉଆଜଦାର (ଦେଖ) Wāj-dār ওয়াজদার आवाजदार] Uājadār (See)

ୱାଜବ(ବ)—ବୈଦେ. ବଣ [ଜଜଉଅ; ଅ. ୱାଜାବ୍(ବା)]—୧ । ହକ୍; Wājib(bi) ନ୍ୟାଯ୍ୟସଙ୍ଗତ—1. Equitable; just; ওয়াজি(জে)ব वाजिब rightful. ୨ । ଠିକ୍; ପ୍ରକୃତ—2. Actual. (ଯଥା—ତାଙ୍କର ମୋ ଠାରେ ୫୦ଙ୍କା ୱାଜବ୍ ପାଉଣା ହେଉଅଛି । ଅପର ଶୁଣ ନ ଶୁଣ, ମୁ ୱାଜବ୍ କଥା କହିବ ।) ୩ । ଉଚିତ— 3. Proper. ବ—୧ । ହକ୍ କଥା; ନ୍ୟାଯ୍ୟସଙ୍ଗତ ମନ୍ତବ୍ୟ—1.Rightful words; just remarks. ୨ । ନ୍ୟାଯ୍ୟସଙ୍ଗତ ପାଉଣା—2. Just dues.

ୱାଜବ୍-ଉଲ୍-ଅରଜ୍(ଅର୍ଜ୍)-ପ୍ରାଦେ (ସମ୍ବଲପୁର,ସଡ଼ଜାତ)ବୈଦେ.ବ— Wājib-ul-araj(arj) (ଫା) ଜମିରେ ରଇତ ଓ ଅନ୍ୟାନ୍ୟ ওয়াজিবউলঅর্জ वाजिबउलअर्ज स्वत्वाधिकारीमानଙ୍କ ସ୍ୱତ୍ୱ ଓ ଅଧିକାର ଲେଖାଥିବା ସରକାରୀ ଲେଖ— Wajib-ul-urz; a document in which the rights of different classes of tenants and tenure-holders and rules relating thereto are recorded and published. [ଦ୍ର—ପାଟଣା [ବଲଙ୍ଗିର] ଷ୍ଟେଟ୍‌ରେ ମହାରାଜାଙ୍କ ପକ୍ଷରୁ ୱାଜବ-ଉଲ୍-ଅରଜ୍ ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି ।]

ୱାଜରୀ—ବୈଦେ.ବ(ଫା)—ଭାରତର ଉତ୍ତର ପଶ୍ଚିମ ସୀମାନ୍ତପ୍ରଦେଶରେ Wājiri ବାସ କରୁଥିବା ମୁସଲମାନ୍ ଜାତିବିଶେଷ— ওয়াজীর वाजीरी The Wazirs. [ଦ୍ର—ଏମାନଙ୍କ ବାସସ୍ଥାନ ଅଞ୍ଚଳକୁ ୱାଜରସ୍ଥାନ୍ କୋଲାଯାଏ ।]

ୱାଟ୍—ବୈଦେ. ବ (ଇଂ. ୱାଟ୍ ନାମକ ପ୍ରସିଦ୍ଧ ବୈଜ୍ଞାନିକ ଆବିଷ୍କାରକଙ୍କ Wāt ନାମରୁ)—ବିଦ୍ୟୁତ୍‌ଦ୍ୱାରା ଆଲୁଅ, ପଙ୍ଖା ଓ କଳ ଆଦ ওয়াট वाट ଚଳାଯିବା ଉପଲକ୍ଷରେ ବ୍ୟବହୃତ ବୈଦ୍ୟୁତିକ ଶକ୍ତିର କର୍ମାଦିତ ପରମାଣବିଶେଷ—A standard unit of electric energy used in driving electric contrivances.

ୱାଟ୍‌ନଟ୍—ବୈଦେ. ବ (ଇଂ. ହ୍ୱାଟ୍‌ନଟ୍)—ଥାକ ଥିବା ଏକପ୍ରକାର Wāt-nat ଖୋଲା ଅଲମାରି, ଯହିଁରେ ବହି, ଅଳଙ୍କାର ଓ হোয়াটনট छोटीआलमारी ବାସନ ଆଦ ଥାକଥାକ କରି ରଖାଯାଏ—A whatnot.

ୱାଟର୍—ବୈଦେ. ବ (ଇଂ. ୱାଟର୍)—୧ । ଜଳ—1. Water. Wātar ୨ । ତରଳପଦାର୍ଥ; ଦ୍ରବ—2. Liquid. ওয়াটর वाटर

ୱାଟରପ୍ରୁଫ—ବୈଦେ.ବଣ—(ଇଂ. ୱାଟରପ୍ରୁଫ୍)-ଯେଉଁ ବସ୍ତ୍ରାଦିର ମଧ୍ୟ Wātar-pruph ଦେଇ ପାଣି ଭେଦ ପାରେ ନାହିଁ— ওয়াটারপ্রুফ वाटरप्रुफ Waterproof. (ଯଥା—ୱାଟରପ୍ରୁଫ୍ ଛତା, ପୋଷାକ, ଜୋତା, କନା, ଟୋପି, କପଡ଼ା ଇତ୍ୟାଦ ।) ବୈଦେ. ବ (ଇଂ) ଯେଉଁ ପୋଷାକର ମଧ୍ୟଦେଇ ବର୍ଷା ପାଣି ଭେଦ ପାରେ ନାହିଁ ବର୍ଷାତି; ମହମକନାମାର ପୋଷାକ ବା କୁର୍ତ୍ତି— A waterproof dress or coat.

ୱାଟରମାର୍କ୍—ବୈଦେ.ବଣ (ଇଂ.ୱାଟରମାର୍କ୍)୧ । ନଦୀର ବା ସମୁଦ୍ରର Wātar mārk କୂଳରେ ବା ତହିଁ ଗର୍ଭରେ ପୋତା ଥିବା ওয়াটারমার্ক वाटरमार्क ଖୁଣ୍ଟିରେ ଲେଖାଯାଇଥିବା ଚିହ୍ନ ଓ ରେଖା, ଯହିଁରୁ ଉକ୍ତ ନଦୀରେ ବା ସମୁଦ୍ରରେ ବଢ଼ିପାଣି ବା ଜୁଆର ପାଣି କେଉଁ ପର୍ଯ୍ୟନ୍ତ ଉଚ୍ଚତାକୁ ଉଠିଥିଲା,ତାହ, ଜଣାପଡ଼େ—1. Water mark. ୨ । କଳରେ କାଗଜ ତିଆର ହେଉଥିବାବେଳେ କୌଣସି ଚିହ୍ନ ବା ନାମ ଆଦ ଉକ୍ତ କାଗଜର ଗର୍ଭରେ ବାରହେବା ପାଇଁ କାଗଜ ମଧ୍ୟରେ ଅଙ୍କିତ ସାଧା ଚିହ୍ନ—2.Water-mark in paper. [ଦ୍ର—ୱାଟର୍‌ମାର୍କ୍‌ ବିଶିଷ୍ଟ ଅଲେଖା କାଗଜକୁ ଆଲୁଅ ଆଡ଼କୁ ଟେକିକରି ଧରଲେ, ସେ କାଗଜ ମଧ୍ୟରେ ଥିବା ୱାଟରମାର୍କ୍ ବାରି ହୁଏ । କାଗଜ ତିଆରି କରୁଥିବା ଘରଘର କମ୍ପାନୀମାନଙ୍କର ଟ୍ରେଡ୍ ମାର୍କ, ନାମ ପ୍ରଭେଦ ଓ କାଗଜର ପ୍ରଚାରକ୍ଷାପକ ଇଂରାଜୀ ୱାଟର ମାର୍କ ଉକ୍ତ କାଗଜରେ ଚହ୍ନିତ ହୋଇଥାଏ ।]

ୱାଟର ମିଲ—ବୈଦେ. ବ (ଇଂ. ୱାଟର୍‌ମିଲ୍)—ଜଳ ସୋତର ବଳରେ Wātar mil ଚକଦ୍ୱାରା ପରିଚାଳିତ ଯନ୍ତ୍ର— Water mill. ওয়াটারমীল वाटरमील [ଦ୍ର—ପବନଦ୍ୱାରା ପରିଚାଳିତଯନ୍ତ୍ରକୁ ୱିଣ୍ଡ୍‌ମିଲ୍ [wind mill] କୁହାଯାଏ ।]

ୱାଟର୍ ୱ (ୱା)ର୍କ୍‌ସ—ବୈଦେ. ବ—(ଇଂ.ୱାଟର୍ ୱର୍କ୍‌ସ୍)—ଜଳକଳ Wātar wa(wā)rkas ବସିଥିବା ନଗରରେ ନଳ ଆଦ ଦ୍ୱାରା ওয়াটরওয়ার্কস ଏକ ସ୍ଥାନରୁ ଜଳ ବାଣ୍ଟିବାର କଳ କାରଖାନା; वाटर वर्कस पाଣି କଳ—Water works.

ୱାଟର୍ ରେଟ୍—ବୈଦେ. ବ—(ଇଂ. ୱାଟର୍ ରେଟ୍)—କୌଣସି ଜମିକୁ Wātar ret ବା ଗୃହକୁ ଅବଶ୍ୟକ ଜଳ ଯୋଗାଇବା ବ୍ୟକ୍ତି ଉକ୍ତ ওয়াটর রেট ଭୂସ୍ୱାମୀ ବା ଗୃହସ୍ୱାମୀଙ୍କଠାରୁ ଯେଉଁ କର ନଅନ୍ତି— वाटर रेट Water rate.

ୱାଟର୍ ଲାଇନ୍(ନ)—ବୈଦେ. ବ (ଇଂ. ୱାଟର ଲାଇନ୍)—ଜାହାଜର
Wāṭar lāin(ni) ବାହାର ପାଖରେ ଯେଉଁ ନିର୍ଦ୍ଦିଷ୍ଟ ରେଖା
ওয়াটার লাইন ପର୍ଯ୍ୟନ୍ତ ଜାହାଜ ପାଣିରେ ବୁଡ଼ି ରହିବାଯାଏ
वाटर लाइन ବୋଝାଇ କରାଯାଇ ପାରେ ଓ ଯେଉଁ ରେଖା ପର୍ଯ୍ୟନ୍ତ ପାଣି ଲାଗିଲେ ଜାହାଜରେ କେତେ ବୋଝ ଲଦା ହେଲା ବୋଲି ଜଣାଯାଏ—(Nautical) Water line.

ୱାଟରଲୁ—ବୈଦେ. ବ (ଇଂ. ନାମ)—ଇଉରୋପର ପ୍ରସିଦ୍ଧ ଯୁଦ୍ଧକ୍ଷେତ୍ର—
Wāṭar-lu Name of a famous battlefield;
ওয়াটার্লু Waterloo. [ଦ୍ର—ଏହି ବେଲଜିଅମ୍ ରାଜ୍ୟର
वाटर्लू ବ୍ରୁସେଲସ୍ ନଗରର ଦକ୍ଷିଣ ପୂର୍ବରେ ଅବସ୍ଥିତ । ଏଠାରେ ଖ୍ରୀ ୧୮୧୫ ରେ ଇଂରାଜ ସେନାପତି ଆର୍ଥର ୱେଲେସ୍ଲି, ଡିଉକ୍ ଅଫ୍ ୱେଲିଙ୍ଗ୍ଟନ୍ଙ୍କଦ୍ୱାରା ନବାପନରୁ ପ୍ରତ୍ୟାବୃତ୍ତ ମହାବୀର ନେପୋଲିଅନ୍ ଯୁଦ୍ଧରେ ପରାସ୍ତ ହୋଇ ଇଂରାଜମାନଙ୍କ ହସ୍ତରେ ଅସ୍ତ୍ର ସମର୍ପଣ କରିଥିଲେ ।]

ୱାଟର୍ ଲେବ(ବୁ,ଭ,ଭୁ,ଭେ)ଲ—ବୈଦେ. ବ (ଇଂ. ୱାଟର୍
Wāṭar leba(bu,bha,bhu,bhe)l ଲେଭଲ୍)—୧।ନଦୀରେ
ওয়াটার লেভল ବା ଜଳାଶୟରେ ଥିବା ଜଳର ଉପରିଭାଗର ସମୁଦ୍ର
वाटर लेवल ସଙ୍ଗେ ତୁଳନାରେ ଅପେକ୍ଷିକ ଉଚ୍ଚତା—1. Water-level of a place in comparison with the sea level. [ଦ୍ର—ସବୁ ସ୍ଥାନରେ ସମୁଦ୍ରର ଉଚ୍ଚତା ପ୍ରାୟ ଏକ ଥିବାରୁ ସମୁଦ୍ରଜଳର ଉଚ୍ଚତାକୁ ମୂଳ କରି ଧରାଯାଏ ଓ ସମୁଦ୍ରର ଉଚ୍ଚତା (ସି-ଲେଭ୍ଲ—Sea level) ଠାରୁ ନଦୀ ଜଳାଶୟାଦିରେ ଥିବା ଜଳର ଉଚ୍ଚତା ବେଶି କି କମ୍, ତାହିର ହିସାବ ଧରିବାକୁ ହୁଏ । ଏହି ଅପେକ୍ଷିକ ଉଚ୍ଚତାକୁ ୱାଟର ଲେଭଲ୍ ବୋଲାଯାଏ ।] ୨ । ରାଜମିସ୍ତ୍ରୀମାନଙ୍କର ସମତଳତ୍ୱ ପରୀକ୍ଷକ ଏକ ପ୍ରକାର ଯନ୍ତ୍ର, ଯହିଁଦ୍ୱାରା କୌଣସି ସ୍ଥାନ ବା କାନ୍ଥ ଆଦି ସମତଳ ଅଛି କି ନାହିଁ, ଏହା ସ୍ଥିର କରାଯାଏ—2. Mason's water-level (instrument). [ଦ୍ର-ଏହି ଯନ୍ତ୍ର ଗୋଟିଏ ନଳୀ ଅଟେ । ଏ ନଳୀ ମଧ୍ୟରେ ପାଣି ଭର୍ତ୍ତି ହୋଇଥାଏ ଓ ଗୋଟିଏ ମାତ୍ର ବାୟୁର ବୁଦ୍ବୁଦ ଥାଏ । ନଳୀକୁ ଭୂମିରେ ବା କାନ୍ଥ ଉପରେ ଲମ୍ବ ଭାବରେ ଶୁଆଇ ଦେଲେ ଯେବେ ନଳ ମଧ୍ୟସ୍ଥ ଜଳରେ ଥିବା ବାୟୁ ବୁଦ୍ବୁଦଟି ନଳର ଠିକ ମଝିରେ ରହିବାର ଦେଖାଯାଏ, ତେବେ ଜଣାଯାଏ ଯେ, ଉକ୍ତ ଜମି ବା କାନ୍ଥ ଠିକ୍ ସମତଳ ଅଛି । ଯେଉଁ ନଳରେ ପାଣି ପଡ଼ିଥାଏ, ତାକୁ ୱାଟର୍ ଲେଭଲ (water level), ଯହିଁରେ ପାରଦ ପଡ଼ିଥାଏ, ତାକୁ ପାରା ଲେଭଲ୍ (Mercury level), ଯହିଁରେ ସ୍ପିରଟ୍ ବା ଅରକ୍ଷି ପଡ଼ିଥାଏ, ତାକୁ ସ୍ପିରଟ୍ ଲେଭଲ୍ (Spirit level) ବୋଲାଯାଏ । ବିସ୍ତୀର୍ଣ୍ଣ ଭୂଭାଗର ସମତଳତା ଜାଣିବା ପାଇଁ ଆଉ ଏକପ୍ରକାର ଯନ୍ତ୍ର ବ୍ୟବହୃତ ହୁଏ, ତାକୁ ଥିଓଡୋଲାଇଟ୍ (Theodolite) ଓ ଡମ୍ପି ଲେଭଲ(Dumpy level) ବୋଲାଯାଏ ।]

ୱାଟରିଙ୍ଗ୍ ଷ୍ଟେସନ୍—ବୈଦେ. ବ (ରେଲୱେ ଶବ୍ଦ; ଇଂ. ୱାଟରିଙ୍ଗ
Wāṭaring shṭesan ଷ୍ଟେସନ୍)—ଯେଉଁ ଷ୍ଟେସନଠାରେ ରେଲ-
(ୱାଟରିଙ୍ଗ ଇଷ୍ଟେସନ—ଅନ୍ୟରୂପ ଗାଡ଼ିର ଇଞ୍ଜିନ୍ ଚଳାଇବା ପାଇଁ
ওয়াটরিঙ্গ ষ্টেসন ଆବଶ୍ୟକ ପାଣି ସଂଗୃହୀତ ହୋଇ ରେଲ ଗାଡ଼ିର
वाटरिंग स्टेसन ଇଞ୍ଜିନ୍ ସଂଲଗ୍ନ ଜଳାଧାର ମଧ୍ୟରେ ପୂରାଇ ରଖିବାକୁ ହୁଏ—Watering station for a railway engine. [ଦ୍ର—ଏହି ପାଣିକି ତତାଇ ଦେଲେ ତହିଁରୁ ଯେଉଁ ବାଷ୍ପ ବାହାରେ, ତଦ୍ୱାରା ରେଲ ଗାଡ଼ିର ଇଞ୍ଜିନ୍ ଚାଳିତ ହୁଏ । ଭଣ୍ଡାରରୁ ସେ ପାଣିଯାକ ସରିଗଲେ ପୁଣି ଅନ୍ୟ ୱାଟରିଙ୍ଗ୍ ଷ୍ଟେସନ୍‌ରେ ରେଲ ଗାଡ଼ିରେ ପାଣି ପୂରାଇବାକୁ ହୁଏ ।]

ୱାର୍ଡ୍(ଡ଼)—ବୈଦେ. ବ (ଇଂ. ୱାର୍ଡ୍)—୧ । ମିଉନିସିପାଲିଟି-ଶାସିତ
Wārḍ(rḍ) ନଗରର ଭିନ୍ନ ଭିନ୍ନ ଅଂଶ ବା ବିଭାଗ—
ওয়াড वाड 1. Ward of a Municipal town. [ଦ୍ର—ମିଉନିସିପାଲିଟିର ଶାସନକାର୍ଯ୍ୟର ସୁବିଧା ପାଇଁ ଗୋଟିଏ ସହରକୁ କେତେଗୁଡ଼ିଏ ୱାର୍ଡ଼ରେ ବିଭକ୍ତ କରା ଯାଇଥାଏ ଓ ୱାର୍ଡ଼ମାନ ପୃଥକ୍ ପୃଥକ୍ ସଂଖ୍ୟା ଦ୍ୱାରା ଚିହ୍ନିତ ହୋଇଥାଏ । ୨ । ଡାକ୍ତରଖାନାରେ ଭିନ୍ନ ଭିନ୍ନ ଶ୍ରେଣୀର ରୋଗୀମାନଙ୍କ ଅବସ୍ଥିତି ନିମିତ୍ତ ନିର୍ଦ୍ଦିଷ୍ଟ ଭିନ୍ନ ଭିନ୍ନ ଅଂଶ ବା ବିଭାଗ—2. Ward of a hospital. [ଦ୍ର—ଭିନ୍ନ ଭିନ୍ନ ୱାର୍ଡ଼୍‌ରେ ରୋଗର ବା ଚିକିତ୍ସାର ବିଭିନ୍ନତା ଅନୁସାରେ ୱାର୍ଡ଼ମାନଙ୍କ ନାମକରଣ ହୁଏ । ଯଥା—ସର୍ଜିକାଲ୍ ୱାର୍ଡ଼୍, ମେଡ଼ିକାଲ ୱାର୍ଡ଼, ଫିମେଲ ୱାର୍ଡ଼ ।] ୩ । ଅଭିଭାବକଙ୍କ ଅଧୀନ ବା ସରକାରୀ କୋର୍ଟ୍ ଅବ୍ ୱାର୍ଡ଼ସ୍ (Court of Wards) ଙ୍କ ତତ୍ତ୍ୱାଧୀନ ନାବାଳଗ୍—3. A ward (under a guardian or under the Court of Wards). ୪ । ଜେଲଖାନାରେ ଅବରୁଦ୍ଧ ଭିନ୍ନ ଭିନ୍ନ ଶ୍ରେଣୀର କଏଦୀମାନଙ୍କ ରହିବା ପାଇଁ ନିର୍ଦ୍ଦିଷ୍ଟ ଭିନ୍ନ ଭିନ୍ନ ଗୃହପୁଞ୍ଜ—4. Ward of a jail. ୫ । (ଇଂ. ୱର୍ଡ଼୍) ଶବ୍ଦ;
वर्ड ବାକ୍ୟରେ ଥିବା ପଦ—5. Word.

ୱାର୍ଡ଼୍(ଡ଼୍) କମିସନର୍—ବୈଦେ. ବ (ଇଂ. ୱାର୍ଡ଼ କମିସନର)—
Wārḍ(rḍ) kamisanar ମିଉନିସିପାଲିଟିର ବିଭିନ୍ନ ୱାର୍ଡବାସୀ
ওয়ার্ড কমিসনার କରଦାତାମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି—
वार्ड कमिसनर Ward commissioner of a municipality. [ଦ୍ର—ୱାର୍ଡକମିଶନରମାନେ କରଦାତାମାନଙ୍କ ପକ୍ଷରୁ ମିଉନିସିପାଲିଟିର ପରିଚାଳନ କାର୍ଯ୍ୟରେ ଚେଅରମାନଙ୍କୁ ସାହାଯ୍ୟ ଓ ପରାମର୍ଶ ପ୍ରଦାନ କରନ୍ତି ।]

ୱାର୍ଡ଼୍(ଡ୍)ସ୍—ବୈଦେ. ବ (ବହୁବଚନ) (ଇଂ. କୋର୍ଟ ଅଫ୍ ୱାର୍ଡସ୍)—
Wārḍ(rḍ)s କୋର୍ଟ ଅଫ୍ ୱାର୍ଡସ୍ (ଦେଖ)—Koṭ aph wārḍs. (See)

ୱାର୍ଡ୍(ର୍ଡ୍)ସ୍ ଡେପୁଟୀ କଲେକ୍ଟର୍—ବୈଦେ. ବି (ଇଂ.)-କଲେକ୍ଟରଙ୍କ
Wārd(rd)s deputi kalektar ଅଧୀନ ୱାର୍ଡ୍ସ୍ ଷ୍ଟେଟ-
ওয়ার্ডস ডেপুটী কলেক্টর ମାନଙ୍କ ତତ୍ତ୍ୱାବଧାନକାରୀ ଡେପୁଟି
वार्ड्स डेपुटी कलेक्टर କଲେକ୍ଟର—Court of Wards Deputy Collector.

ୱାର୍ଡ୍(ର୍ଡ୍)ସ୍ ମା(ମେ)ନୁଅ(ଆ, ଏ)ଲ୍—ବୈଦେ. ବି (ଇଂ. ୱାର୍ଡ୍ସ୍
Wārd(rd)s mā(me)nua(ā,e)l ମାନୁଅଲ୍)—କୋର୍ଟ ଅଫ୍
ওয়ার্ডস মানুয়েল ୱାର୍ଡ୍ସ୍‌ଙ୍କ ଅଧୀନରେ ପରିଚାଳିତ ସମ୍ପତ୍ତିମାନ
वार्ड्स मैनुयल ସୁଶୃଙ୍ଖଳ କରିବାର ଆଇନ୍ ଓ ସରକାରୀ
ଉପଦେଶମାନ ଯେଉଁ ବହିରେ ସଂଗୃହୀତ ହୋଇଥାଏ—The Court of Wards manual. [ଦ୍ର—ଉକ୍ତ ସମ୍ପତ୍ତି ପରିଚାଳନ ସମ୍ବନ୍ଧୀୟ କୌଣସି ସମସ୍ୟା ଉପସ୍ଥିତ ହେଲେ ଏହି ମାନୁଅଲ୍‌କୁ ଦେଖି ତଦନୁସାରେ ତହିଁର ମୀମାଂସା କରାଯାଏ ।

ୱାର୍ଡ୍(ର୍ଡ୍)ସ୍ ଷ୍ଟେଟ୍—ବୈଦେ. ବି (କଦାଚିତ୍) (ଇଂ. କୋର୍ଟ ଅଫ୍
Wārd(rd)s shtet ୱାର୍ଡ୍ସ୍ ଏଷ୍ଟେଟ୍)—ଯେଉଁ ରାଜ୍ୟର ବା
[ୱାର୍ଡ୍(ର୍ଡ୍)ସ୍ ଇ(ଏ)ଷ୍ଟେଟ୍—ଅନ୍ୟରୂପ] ଜମିଦାରୀର ସ୍ୱାମୀ
ওয়ার্ডস ষ্টেট ନାବାଳକ ବା ଅକ୍ଷମ ଥିବାରୁ ତାହା ସରକାରଙ୍କ ଦ୍ୱାରା
वार्ड्स इस्टेट ପରିଚାଳିତ ହେଉଥାଏ—State or Estate under the management of the Court of Wards.

ୱାର୍ଡ୍(ର୍ଡ୍)ର୍—ବୈଦେ. ବି (ଇଂ)—ଜେଲ୍‌ଖାନାରେ କଏଦୀମାନଙ୍କୁ
Wārda(rda)r ଜଗିବା ସିପାହୀ—Warder of a jail.
ওয়ার্ডার **वार्डर**

ୱାପସ୍—ବୈଦେ. ବି [ଫା. ୱାପସ(ସୀ)=ପ୍ରତ୍ୟାବର୍ତ୍ତିତ; ପ୍ରତ୍ୟାବୃତ୍ତ]—
Wāpas ୧ । ଲେଉଟାଣି; ଫେରି ଆସିବା; ଫେରସ୍ତ;
ওয়াপস ପ୍ରତ୍ୟାବର୍ତ୍ତନ—1. Returning; coming back.
वापस ୨ । ରଖାଯାଇଥିବା ପଦାର୍ଥକୁ ବା ଧନକୁ ଫେରାଇ ଦେବା—2. Refunding. ୩ । ନେଇଥିବା ଦ୍ରବ୍ୟାଦିକୁ ଫେରାଇବା—3. Giving back of a thing taken. ବିଣ—ପ୍ରତ୍ୟାବୃତ୍ତ; ଫେରନ୍ତା—Returned; come back.

ୱାପସ୍ ଆଣିବା—ଦେ. କ୍ରି—୧ । ଅପେ ଅନ୍ୟ ବ୍ୟକ୍ତିକୁ ଦେଇଥିବା
Wāpas āṇibā କୌଣସି ଦ୍ରବ୍ୟକୁ ତାଙ୍କଠାରୁ ଫେରାଇ
ওয়াপস আনা ଆଣିବା—1. To bring back a thing.
वापस लाना ୨ । ଚାଲିଯାଇଥିବା ବ୍ୟକ୍ତିଙ୍କୁ ବାଟରୁ ପ୍ରତ୍ୟାବୃତ୍ତ କରାଇ ସଙ୍ଗରେ ଆଣିବା—2. To bring back a person who had gone away.
[ୱାପସ୍ ଅଣାଯି(ହେ)ବା—କର୍ମବାଚ୍ୟରୂପ]

ୱାପସ୍ ଆସିବା—ଦେ. କ୍ରି—୧ । କୌଣସି ସ୍ଥାନରୁ (କୌଣସି ବ୍ୟକ୍ତି)
Wāpas āsibā ଫେରି ଆସିବା; ବାହୁଡ଼ି ଆସିବା; ପ୍ରତ୍ୟାବୃତ୍ତ
ওয়াপস আসা ହେବା; ଲେଉଟି ଆସିବା—1. To come back
वापस आना from a place; to return. ୨ । (କୌଣସି ବ୍ୟକ୍ତି ନିକଟରୁ କୌଣସି ପ୍ରେରିତ ବସ୍ତୁ) ଲେଉଟାଇ ଦିଆଯିବା—2. To be sent back; to be returned.

ୱାପସ୍ କରିବା—ଦେ. କ୍ରି—ଲେଉଟାଇ ଦେବା; (ଅନ୍ୟ ବ୍ୟକ୍ତିଠାରୁ
Wāpas karibā ନେଇଥିବା ଧନ ବା ଦ୍ରବ୍ୟାଦି ତାହାକୁ) ଫେରାଇ
ওয়াপস করা; ওয়াপস দেওয়া ଦେବା—To return a
वापस करना thing or to refund a sum taken from a person.
(ୱାପସ ଦେବା—ଅନ୍ୟରୂପ)

ୱାପସ(ସୀ) ଖବର—ବୈଦେ. ବି—(ଫା. ୱାପସ୍+ଅ. ଖବର୍)—
Wāpas(si) khabara ଲେଉଟାଣି ଖବର; ଫେରନ୍ତା ସମ୍ବାଦ;
ফেরন্তা উতর ପ୍ରେରିତ ସମ୍ବାଦର ଉତ୍ତର; କୌଣସି ସ୍ଥାନକୁ ପଠା
वापसी खबर ଯାଇଥିବା ଖବରର ପ୍ରତ୍ୟୁତ୍ତରରେ ଯେଉଁ ଖବର ଆସେ—Return news; the news or reply sent in return for the news received.

ୱାପସ(ସୀ) ଚିଠି—ଦେ. ବି- (ଫା. ୱାପସ+ସଂ. ଚଟ୍ ଧାତୁ=ପଠାଇବା)
Wāpas(si) chithi ୧ । ମାଲିକର ଠିକଣା ନ ମିଳିବାରୁ ବା
ওয়াপস চিঠি ମାଲିକ ଚିଠିକୁ ଗ୍ରହଣ ନ କରିବା ଯୋଗୁଁ ଯେଉଁ ଚିଠି
वापसी चिट्ठी ପ୍ରେରକଙ୍କ ନିକଟକୁ ଫେରି ଆସେ—1. Returned letter; refused letter or unclaimed letter. ୨ । ପ୍ରତ୍ୟୁତ୍ତର ପତ୍ର; ଲେଉଟା ଚିଠି—2. A letter in reply.

ୱାପସ୍ ଡାକ—ଦେ. ବି—(ଫା. ୱାପସ୍+ଦେ. ଡାକ)—୧ ।
Wāpas ḍāka ଫେରନ୍ତା ଡାକ; ଲେଉଟାଣି ଡାକ—1. Re-
ফেরতা ডাক **वापसी डाक** turn of post. [ଦ୍ର—ଏହି-ପରି ୱାପସ୍ ଟେଲିଗ୍ରାମ ଓ ୱାପସ୍ ଜବାବ ଆଦି ହୁଏ ।]
୨ । ପ୍ରତିଧ୍ୱନି—2. Echo.

ୱାପସ୍ ନେବା—ଦେ. କ୍ରି.—ଫେରାଇ ନେବା—
Wāpas nebā To take back.
ওয়াপস নেওয়া **वापस लेना**

ୱାପସ୍ ପାଇବା—ଦେ. କ୍ରି—ଫେରି ପାଇବା; ଫେରସ୍ତ ପାଇବା—
Wāpas pāibā To get back.
ওয়াপস পাওয়া **वापस पाना**

ୱାପସ୍ ମିଳିବା—ଦେ. କ୍ରି.—ଫେରସ୍ତ ମିଳିବା—To be got back
Wāpas milibā ওয়াপস মিলা or refunded.
वापस मिलना

ୱାପସୀ—ବୈଦେ. ବିଣ.—(କଦାଚିତ୍) (ଅ.)—ଲେଉଟା, ଫେରାଇ
Wāpasi ଦିଆ ଯାଇଥିବା—Returned; given back;
ওয়াপসী **वापसी** refunded. [ଯଥା—ୱାପସୀ ଦଲିଲ, ୱାପସୀ ଡିପାଜିଟ୍ ଓ ୱାପସୀ ଚିଠି ।]

ୱାର୍—ବୈଦେ. ବି—(ଇଂ. ୱାର)—ଯୁଦ୍ଧ—
Wār ওয়ার **वार** War.

ୱାର୍ ବଣ୍ଡ୍—ବୈଦେ. ବି—ଇଂ. ୱାର୍ ବଣ୍ଡ୍)—ଗତ ୟୁରୋପୀୟ
Wār band ମହାଯୁଦ୍ଧ (୧୯୧୪-୧୮)ର ବ୍ୟୟ ଚଳାଇବା ପାଇଁ
ওয়ারবণ্ড **वारबण्ड** ଇଂରେଜ ସରକାର ପ୍ରଜାଙ୍କ ଠାରୁ ନେଇଥିବା

ଋଣ (ୱାର ଲୋନ୍)ର ନିଦର୍ଶନ ରୂପେ ପ୍ରଜାଙ୍କୁ ଦେଇଥିବା ବେଣ୍ଡ ନୋଟ୍—War bond.

ୱର୍ ଲୋନ୍—ବୈଦେ. ବି. (ଇଂ)—ବିଗତ ଖ୍ରୀ. ୧୯୧୪-୧୮ ବ୍ୟାପୀ
War lon ଯୁଦ୍ଧ ବ୍ୟୟ ନିର୍ବାହାର୍ଥ ସରକାର ଲୋକଙ୍କ ଠାରୁ କରି
ওয়ার লোন্ **वारलोन** ଥିବା ଋଣ—War loan.

ୱାର୍ଡ (ଇତ୍ୟାଦି)—ବୈଦେ. ବି—ୱାର୍ଡ଼ ଇତ୍ୟାଦି (ଦେଖ)
Ward (etc) ward etc (See)

ୱାର୍ଡ଼ସ୍—ବୈଦେ. ବି—(ଇଂ. ୱାର୍ଡ଼ସ୍)—କୋର୍ଟ ଅଫ୍ ୱାର୍ଡ଼ସ୍—
Ward-s Court of Wards.

ୱାର୍ଡ଼େନ୍—ବୈଦେ. —ଉଆର୍ଡ଼େନ୍ (ଦେଖ)
Warden ওয়াড়েন **वार्डेन** Uarden (See)

ୱାର(ରା)ଣ୍ଟ—ବୈଦେ. ବି--(କଚେରୀ)-(ଇଂ. ୱାରେଣ୍ଟ)—୧ । ଉଅରେଣ୍ଟ;
Wara(rā)nt ଅଭିଯୁକ୍ତ ଅସାମୀ ବା ଦୋଷୀ ବ୍ୟକ୍ତିଙ୍କୁ ଧରି ଆଣି
ওয়ারণ্ট **वारंट** ମାଜିଷ୍ଟ୍ରେଟ୍ ବା ହାକିମଙ୍କ ନିକଟରେ ହାଜର କରାଇବା ପାଇଁ ପୁଲିସ କର୍ମଚାରୀଙ୍କୁ ଦିଆ ଯାଇଥିବା ଆଦେଶ ବା ହୁକୁମନାମା—1. A warrant of arrest. [ଉ—ଜଣେ ଅସାମୀକୁ ହାତକଡ଼ି ଦେଇ ଜେଲ୍ ଖାନାରୁ ଜେଲ୍ ୱାରଣ୍ଟ୍ ଧରି ବାହାରିଲେ । ଫକୀରମୋହନ. ଛମାଣ ଆଠଗୁଣ । (ଦ୍ର—ରାଧାନାଥ ଏହି ଶବ୍ଦକୁ 'ବାରେଣ୍ଟି'ରେ ପରିଣତ କରି ତାଙ୍କର ଦରବାର ପଦ୍ୟରେ ବ୍ୟବହାର କରି ଅଛନ୍ତି ।
୨ । ଗିରଫଦାରି—2, Arrest.

ୱାରଣ୍ଟ ଅଫ୍ ପ୍ରେସିଡେନସ୍—ବୈଦେ. ବି—(ଇଂ)—ଦରବାରରେ
Warant of presidens କିଏ କାହା ପରେ ଆସନ ପାଇବେ,
ওয়ারণ্ট অব প্রেসিডেনস ତତ୍ସମ୍ବନ୍ଧୀୟ ସରକାରୀ ତାଲିକା—
वारण्ट अफ प्रेसिडेन्स Warrant of precedence.

ୱାରଣ୍ଟ କରିବା—ଦେ. କ୍ରି (କଚେରୀ)—୧ । କୌଣସି ବ୍ୟକ୍ତିକୁ ଧରି
Warant kariba ଆଣିବାପାଇଁ ଲିଖିତ ହୁକୁମ ଦେବା—
ওয়ারণ্টকরা **वारंटकरना** 1. To issue a warrant of arrest.
୨ । ହାକିମଙ୍କଠାରୁ ପ୍ରାପ୍ତ ୱାରଣ୍ଟ ବଳରେ କୌଣସି ବ୍ୟକ୍ତିକୁ (ରାଜକର୍ମଚାରୀ) ଧରିକରି ନେବା—2. To arrest a person on a warrant.

ୱାରଣ୍ଟ ଗିରଫ୍ଦାର(ରୀ)—ବୈଦେ. ବି (କଚେରୀ; ଇଂ ୱାରେଣ୍ଟ+ଫା.
Warant giraph-dār(ri) ଗିରଫ୍ତାର୍)—କୌଣସି ବ୍ୟକ୍ତିକୁ
ওয়ারণ্ট গ্রেপ্তার(রী) **वारंटगिरफतारी** ଧରି ହାକିମଙ୍କ ପାଖରେ ଉପସ୍ଥାପିତ କରିବାପାଇଁ କୌଣସି କର୍ମଚାରୀଙ୍କୁ ଅଦାଲତରୁ ମିଳିବା ହୁକୁମନାମା—Warrant of arrest. ବୈଦେ ବିଣ (କଚେରୀ) ୱାରଣ୍ଟ ଅନୁସାରେ ଧୃତ—Arrested
(ୱାରେଣ୍ଟ ଗ୍ରେପ୍ତାର—ଅନ୍ୟରୂପ) under a warrant of arrest.

ୱାରଣ୍ଟ ଜାରି—ଦେ. ବି (କଚେରୀ;ଇଂ ୱାରେଣ୍ଟ+ଫା. ଜାରୀ)—୧ ।
Warant jāri କୌଣସି ବ୍ୟକ୍ତିକୁ ଧରିବାପାଇଁ ହାକିମଙ୍କଠାରୁ
ওয়ারণ্টজারি **वारंटजारी** ୱାରଣ୍ଟ ହୁକୁମ ବାହାରିବା—
1. Issue of a warrant of arrest. ୨ । ହାକିମଙ୍କ ନିକଟରୁ ବାହାରିଥିବା ୱାରଣ୍ଟ ହୁକୁମକୁ ପାଳନ କରି ଉକ୍ତ ବ୍ୟକ୍ତିକୁ ଉକ୍ତ ହୁକୁମକୁ ଦେଖାଇ ତାକୁ ଧରିବା—2. Service of a warrant on a person; i.e. arresting him after showing him the warrant of arrest.

ୱାରଣ୍ଟ ପର୍ୱା(ବା)ନା—ବୈଦେ. ବି (କଚେରୀ; ଇଂ ୱାରେଣ୍ଟ+ଫା.
Warant parwā(bā)nā ପର୍ୱାନା)—କୌଣସି ଅସାମୀକୁ
(ୱାରେଣ୍ଟପର୍ୱାନା—ଅନ୍ୟରୂପ) ଧରି ଆଣିବାପାଇଁ ମାଜିଷ୍ଟ୍ରେଟଙ୍କ
ওয়ারণ্টপরবানা **वारंटपरवाना** ସ୍ୱାକ୍ଷରରେ କୌଣସି ରାଜକର୍ମଚାରୀଙ୍କ ନିକଟକୁ ପ୍ରେରିତ ଲିଖିତ ଆଦେଶ—A warrant of arrest (issued to a particular police officer or bailiff) against a person.

ୱାରଣ୍ଟ ପ୍ରାର୍ଥନା—ଦେ. ବି (କଚେରୀ; ଇଂ ୱାରେଣ୍ଟ+ସ. ପ୍ରାର୍ଥନା)—
Warant prārthanā କୌଣସି ବ୍ୟକ୍ତିକୁ ଧରିବାପାଇଁ
ওয়ারণ্টপ্রার্থনা **वारंटप्रार्थना** ହାକିମଙ୍କ ନିକଟରେ ପ୍ରାର୍ଥୀର ଦରଖାସ୍ତ—A petition filed before a Court for the issue of a warrant against a person.

ୱାରଣ୍ଟ ବାହାରିବା—ଦେ. ବି (କଚେରୀ)—କୌଣସି ବ୍ୟକ୍ତିକୁ ଧରି
Warant bāhāribā ଆଣିବା ପାଇଁ ହାକିମଙ୍କ ଦସ୍ତଖତରେ ୱାରଣ୍ଟ
ওয়ারণ্টবেরুন **वारंटनिकलना** କୌଣସି ରାଜକର୍ମଚାରୀଙ୍କ ନିକଟକୁ ପ୍ରେରିତ ହେବା—Issue of a warrant of arrest of a person.

ୱାରଣ୍ଟ ମିଆଦି (କଚେରୀ)—ବୈଦେ. ବି (ଇଂ. ୱାରେଣ୍ଟ+ଅ. ମିଆଦୀ)
Warantmiādi କୌଣସି ବ୍ୟକ୍ତିକୁ ୱାରଣ୍ଟରେ ଧରି ଆଣିବା
ওয়ারণ্টমেয়াদি **वारंटमिआदी** ପାଇଁ ନିଯୁକ୍ତ କର୍ମଚାରୀଙ୍କ ଖର୍ଚ୍ଚସ୍ୱରୂପ ହାକିମଙ୍କ ନିକଟ ପ୍ରାର୍ଥୀର ଦାଖଲ କରିବା ନିର୍ଦ୍ଦିଷ୍ଟ ମୂଲ୍ୟର କୋର୍ଟଫି ସ—Process fees filed by a party for the issue of a warrant of attachment of the person of any body.

ୱାରଣ୍ଟରେ ଧରିବା—ଦେ. କ୍ରି—ହାକିମଙ୍କଠାରୁ ପ୍ରାପ୍ତ ୱାରଣ୍ଟ ହୁକୁମ
Warantre dhariba ବଳରେ (ରାଜକର୍ମଚାରୀ) କୌଣସି
ୱାରଣ୍ଟରେ ଗିରଫଦାର କରିବା }
ୱାରଣ୍ଟରେ ଗ୍ରେପ୍ତାର କରିବା } —ଅନ୍ୟରୂପ ବ୍ୟକ୍ତିର ଶରୀରକୁ ଅଧିକାର କରିବା-
ওয়ারণ্টে ধরা, ওয়ারণ্টে গ্রেপ্তার করা To arrest a person
वारंटमे गिरफतार करना in pursuance of a warrant of arrest.

ୱାରଣ୍ଟ ହୁକୁମ—ବୈଦେ. ବି—[କଚେରୀ]—(ଇଂ. ୱାରେଣ୍ଟ+ଫା.
Warant hukuma ହୁକୁମ୍) କୌଣସି ବ୍ୟକ୍ତିକୁ ଗିରଫଦାର
ওয়ারণ্ট হুকুম କରିବା ପାଇଁ ହାକିମଙ୍କର କୌଣସି କର୍ମଚାରୀଙ୍କ

वारंट गिरफतारी वारंट‌हुकुम ପ୍ରଭୃ ଆଦେଶ—An order issued or recorded by a court for the issue of a warrant of arrest against a person.

ୱାର(ରେ)ନ୍ ହେଷ୍ଟିଙ୍ଗ୍ସ—ବୈଦେ. ବି (ନାମ)—ବଙ୍ଗର ଗଭର୍ଣ୍ଣର୍ ଓ
Wāra(re)n heshtings ଭାରତର ପ୍ରଥମ ଗଭର୍ଣ୍ଣର୍ ଜେନେରାଲ୍ (୧୭୭୨—୧୭୮୫) Warren Hastings. [କ୍ଲାଇଭଙ୍କ ପରେ ଏ ବଙ୍ଗର ଗଭର୍ଣ୍ଣର୍ ହୋଇ ଆସିଲେ । ଏହାଙ୍କ ଅମଳରେ ବଙ୍ଗ ବିହାର ଓଡ଼ିଶାର ରାଜସ୍ୱ ଆଦାୟ ଓ ବିଚାର ଭାର ଇଂରାଜମାନଙ୍କ ହସ୍ତଗତ ହେଲା । ମୁର୍ଶିଦାବାଦ୍‌ରୁ କଲିକତାକୁ ରାଜଧାନୀ ଉଠି ଆସିଲା; ୧ମ ମହାରାଷ୍ଟ୍ର ଯୁଦ୍ଧ, ରୋହିଲା ଯୁଦ୍ଧ ଓ ୧ମ ମହୀଶୂର ଯୁଦ୍ଧ ହୋଇଥିଲା । ବିଲାତ ପାର୍ଲିଆମେଣ୍ଟରେ ଏହାଙ୍କ ବିରୁଦ୍ଧରେ ନାନା ଅତ୍ୟାଚାରର ଅଭିଯୋଗ ଦାଏର୍ ହୋଇଥିଲା ଓ ଶେଷରେ ଏ ତହିଁରୁ ମୁକ୍ତିଲାଭ କଲେ ।]
वारनहेष्टिंस

ୱାର(ରି)ସ୍—ବୈଦେ. ବି (କଚେରୀ) (ଫା. ୱାରସ୍)—୧ । ମୃତ
Wāra(ri)s ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତିର ଉତ୍ତରାଧିକାରୀ—
ଓୟାରିସ 1. Heir; successor to the property of a
वारिस deceased person. ୨ । କୌଣସି ସମ୍ପତ୍ତିକୁ ଅଧିକାର କରିବା ମାଲିକ; ସମ୍ପତ୍ତିର ଅଧିକାରୀ ବା ସ୍ୱାମୀ—2. Proprietor of a property. ୩ । କୌଣସି ସମ୍ପତ୍ତିର ଦାବିଦାର୍—3. Claimant to a property.

ୱାରଶ୍‌ଦାର୍—ବୈଦେ. ବି (କଚେରୀ) (ଫା. ୱାରଶ୍ ଶବ୍ଦସଙ୍ଗେ ଯୁଥାରେ
Wāraś-dār ଓ ଉପରେ ଫା. ଦାର୍ ପ୍ରତ୍ୟୟ)—୧ । ୱାରଶ୍—
ଓୟାରିସ 1. Heir; successor. ୨ । ସମ୍ପତ୍ତିରେ ଦାବିଦାର୍—
वारिस 2. Claimant to a property.

ୱାରଶ୍‌ଦାରି—ବୈଦେ. ବି କଚେରୀ)—୧ । ଉତ୍ତରାଧିକାରିତା—
Wāraś-dāri 1. Heirship. ୨। ଦାବିଦାର୍ ହେବା ଅବସ୍ଥା—
ଓୟାରିଶଦାରି **वारिसपन** 2. Claimantship,

ୱାର(ରି)ଶାନ୍—ବୈଦେ. ବି (କଚେରୀ) (ଫା. ୱାରଶ୍ ଶବ୍ଦର ବହୁ
Wāra(ri)śān ବଚନ ୱାରିଶାନ୍)—ୱାରଶ୍ ମାନେ; ଉତ୍ତରାଧିକାରୀଗଣ—The whole body heirs or successors.
ଓୟାରିଶାନ
वारिसान

ୱାରା—ଦେ. ବିଣ (ସଂ. ବାରଣ)—୧ । ଶସ୍ତା; ସସ୍ତା—1. Cheap.
Wārā ୨ । ଲାଭଯୁକ୍ତ—2. Profitable. ୩। ବଳି ପଡ଼ିଥିବା—
ଓୟାରା 3. Remaining over. ୪ । ଅତିରିକ୍ତ—4. Extra;
वारा supernumerary. ଦେ. ବି—୧ । ବ୍ୟୟ ବଞ୍ଚିବା—1. Saving of expense. ୨ । ଲାଭ—2. Profit.

ୱାରିଜା—ବୈଦେ. ବି (ଫା) (କଚେରୀ)—ଲାଓୱାରିଜା (ଦେଖ)
Wārijā Wārijā. (See)

ୱାଲ—ବୈଦେ. ବି (ଇଂ. ୱାଲ୍)—କାନ୍ଥ—
Wāl Wall.
ଦେওয়াল **वाल, दिवाल**

ୱାଲ୍ କା(କ୍ୟା,କେ)ଲେଣ୍ଡର୍—ବୈଦେ. ବି (ଇଂ. ୱାଲ୍ କାଲେଣ୍ଡର)—
Wāl kā(kyā,ke)leṇḍar ମାସର ତାରିଖ ଓ ଦିନମାନ ବଡ଼ ବଡ଼ ଅକ୍ଷରରେ ଛପା ହୋଇ ସର୍ବଦା ଦୃଷ୍ଟି ପଡ଼ିବା ପାଇଁ କାନ୍ଥରେ ଟଙ୍ଗାଯିବା କାଗଜ ପଦ—Wall calendar.
ওয়ালক্যালেণ্ডর
वालकैलेंडर

ୱାଲ୍‌ଟା(ଟେ,ତେ)ୟାର୍—ଦେ. ବି - ବିଶାଖାପାଟଣା ନିକଟବର୍ତ୍ତୀ
Wāl-ṭā(ṭe,te)yār ବେଙ୍ଗଲ ନାଗପୁର ରେଲକମ୍ପାନୀର ଗୋଟିଏ ପ୍ରଧାନ ଜଙ୍କସନ୍ ଓ ବନ୍ଦର—
ওয়ালটেয়ার
वालतेर Waltair.
(a port and principal railway junction near Vizag).

ୱାଲ୍‌ତେର୍—ପ୍ରାଦେ. (ଗଞ୍ଜାମ) ବି—ୱାଲ୍‌ଟାୟାର—
Wāl-ter Waltair.

ୱାଲ୍‌ଦେଁ—ବୈଦେ. ବି (କଚେରୀ) (ଅ. ୱାଲଦୈନ, ୱାଲିଦ୍‌ର ବହୁ
Wāl-deñ ବଚନ)—ମାତାପିତା—Parents.
ওয়ালদেঁ **वालदैन**

ୱାଲ୍ ପେପର୍—ବୈଦେ. ବି—(ଇଂ. ୱାଲ୍ ପେପର୍)—ଘର
Wāl pepar ସଜାଇବା ପାଇଁ କାନ୍ଥରେ ମଡ଼ାଯିବା ନାନା ବର୍ଣ୍ଣର
ওয়াল পেপার ରଞ୍ଜିତ କାଗଜ—Wall paper.
वाल पेपर

ୱାଲ୍ ମା(ମ୍ୟା, ମେ)ପ୍—ବୈଦେ. ବି—(ଇଂ. ୱାଲ୍ ମାପ୍)—
Wāl mā(myā,me)p କାନ୍ଥରେ ଟଙ୍ଗା ହେବାର ଉପଯୋଗୀ
ওয়াল ম্যাপ ଭିନ୍ନଭିନ୍ନ ଦେଶର ବଡ଼ ବଡ଼ ନକ୍ସା—Wall map.
वालमैप

ୱାଲ୍ ଲା(ଲ୍ୟା,ଲେ)ମ୍ପ୍—ବୈଦେ. ବି—(ଇଂ. ୱାଲ୍ ଲାମ୍ପ୍)—କାନ୍ଥରେ
Wāl lā(lyā, le)mp ମରାଯିବା କାଚ ଦୀପ; ଦେ. ୱାଲ୍‌ଗିରି—
ওয়াল ল্যাম্প **वालटैंक** Wall lamp.

ୱାଲା—ବୈଦେ. ପ୍ରତ୍ୟୟ ପୁଂ.—(ଫା)—ବାଲା (ଦେଖ)
Wālā ওয়ালা **वाला** Bālā (See)
[ୱାଲୀ—ସ୍ତ୍ରୀ]

ୱାଲି—ବୈଦେ. ବି—(କଚେରୀ)—(ଫା. ୱଲୀ)—୧ । ସମ୍ପତ୍ତିର ସ୍ୱାମୀ—
Wāli অলি **वलि** 1. Proprietor. ୨ । ଅଭିଭାବକ—2. Patron; guardian. ୩ । ସମ୍ପତ୍ତିର ରକ୍ଷକ—3. Protector or custodian of a property. ୪ । ରାଜା; ଶାସକ; ପ୍ରଭୁ—4. Lord; king; ruler. ୫ । (ଫା ୱଲଦ୍‌ଯୁକ୍ତ) ଭାବୀ ବଂଶଧର—5. Descendant.

ୱାଲିଦ୍—ବୈଦେ. ବି. ପୁଂ—(କଚେରୀ, ଅ. ୱାଲିଦ୍)—ପିତା—
Wālid ওয়ালিদ **वालिद** Father.

ୱାଲିଦା—ବୈଦେ. ବି. ସ୍ତ୍ରୀ—(କଚେରୀ, ଅ. ୱାଲିଦା)—ମାତା—
Wālidā ওয়ালিদা **वालिदा** Mother.

ୱାଲିଦେଁ—ବୈଦେ. ବି.—କଚେରୀ (ଅ. ୱାଲଦୈନ)—(ୱାଲିଦ୍
Wālideñ ଶବ୍ଦର ଦ୍ୱିବଚନ)—ମାତା ଓ ପିତା—Parents.
(ତୁଳ. ସଂ. ପିତରୌ ।) ওয়ালদে **वालदें**

ୱାଲି ୱାର(ରି)ଶ୍—ବୈଦେ. ବ—(କଚରଥ)—(ସହଚର), (ଅ. ୱଲୀ Wāli wāra(ri s +ୱାରସ୍)—(ଫା. ୱାଲି=ଧନର ସ୍ୱାମୀ ଅଲି ওয়ারিস +ୱାରଶ=ଉତ୍ତରାଧିକାରୀ)—୧ । ସମ୍ପତ୍ତିର **বলি বারিস** ମାଲିକ ଓ ଉତ୍ତରାଧିକାରୀ—1. Proprietor and successor in respect of any property. ୨ । କୌଣସି ବ୍ୟକ୍ତିର ଅନ୍ତେ ତାହାର ଡ଼ବ୍ୟକୁ ସମ୍ପତ୍ତିକୁ ଭୋଗ କରିବା ବଂଶ ବା ଉତ୍ତରାଧିକାରୀ—Successor or heir to a person.

ୱାଲି ୱାର(ରି)ଶ୍ ଉତ୍ତରାଧିକାରୀ—ଦେ. ବ. (କଚରଥ)—(ଏକାର୍ଥ Wāli wār(ri)s uttarādhikārī ସହଚର)-(ଅ. ୱଲି, ୱାଡ ୱ ର(ରି)ଷ ଉତ୍ତରାଧିକାରୀ ସୁଲାଡଞ୍ଜିକୁ }—ଅନ୍ୟରୂପ ୱାରସ୍+ସଂ. ଉତ୍ତରାଧିକାରୀ) ଅলিওয়ারিস উত্তরাধিকারী କୌଣସି ବ୍ୟକ୍ତିର ଅନ୍ତେ ତାହାର **বলিবারিস উত্তরাধিকারী** ବଂଶଧର,ପୁତ୍ର ପୌତ୍ରାଦି, ଉତ୍ତରାଧିକାରୀ ବା ତାଙ୍କ ସ୍ଥାନରେ ପ୍ରତିଷ୍ଠିତ ବା ନିଯୁକ୍ତ ବ୍ୟକ୍ତି—Heirs, administrators, successors or representatives in interest succeeding to the property of a person after his death; descendants, heirs, successors, representatives in interest coming after a person.

ୱାଶ୍ କୋଟ୍—ବୈଦେ. ବ—(ଇଂ. ୱେଷ୍ଟ କୋଟ୍)—ୱେଷ୍ଟ କୋଟ୍ Wās koṭ (ଦେଖ)—Wesht koṭ (See) ওয়েষ্ট কোট **বাসকোট**

ୱାଶ୍ ଟବ୍—ବୈଦେ.ବ—[ଇଂ]—ଲୁଗା ଆଦି ଧୋଇବାର ବଡ଼କୁଣ୍ଡ—Wās ṭab Wash tub. ওয়াশটব **বাশ টব**

ୱାଶ୍ ବେଶିନ୍(ପଟ୍)—ବୈଦେ. ବ—(ଇଂ. ୱାଶ୍ ବେସିନ୍; ପଟ୍)—Wās besin (pat) ଆଧୁନିକ କାଇଦା ମୁତାବକ ମୁହଁହାତ ওয়াশ বেসিন ଧୋଇବା ପାଇଁ ମେଜ ଉପରେ ରଖା ଯାଇଥିବା କୁଣ୍ଡ **বাশ বেসিন** ବା ପଲମ—Wash basin; wash pot.

ୱାଶ୍ ଷ୍ଟାଣ୍ଡ୍—ବୈଦେ. ବ—(ଇଂ. ୱାଶ୍ ଷ୍ଟାଣ୍ଡ୍)—ଅଧୁନିକ କାଇଦା Wās shṭāṇḍ ମୁତାବକ ମୁହଁ ହାତ ଧୋଇବା ପାଇଁ କୁଣ୍ଡ ରଖା ওয়াশ ষ্টাণ্ড **বাস ষ্টাণ্ড** ଯାଇଥିବା ଟେବୁଲ—Wash stand.

ୱାସ—ଦେ. ବ—(ସ. ଅବାସ)—୧ । ଅନ୍ତଃପୁର; ରାଜାମାନଙ୍କ ଅନ୍ତଃପୁର—Wāsa 1. The harem or female apartments of a রাজ মহল **রাজমহল** Rājā. ୨ । ରାଜପ୍ରାସାଦ—2 Palace.

ୱାଁସ—ଦେ. ବ—(ସଂ. ଅମାବାସ୍ୟା)—ଉଅଁସ; ଅମାବାସ୍ୟା—The Wāṅsa change of moon; the darkest night of the lunar fortnight.

ୱାସର୍—ବୈଦେ. ବ—(ଇଂ. ୱାଶର୍)—ଲୁହାର ପେଚର ଅଗରେ Wāsar ବୋଲ୍ଟ ଲଗା ହେବା ପୂର୍ବରୁ ଦିଆଯିବା ଲୁହାର,ଚମଡ଼ାର ବା ରବରର ଚକତି—A washer (metal or leather ring) set between the head of the screw and the nut. [ବି—ସେଉଁ ବସ୍ତୁ ଦେହରେ ଉକ୍ତ ପେଚ ଲଗାହୋଇ ଥାଏ, ସେ ବସ୍ତୁ ସଙ୍ଗେ ବୋଲ୍ଟକୁ ଦୃଢ଼ କରିବା ପାଇଁ ବୋଲ୍ଟ ଓ ଉକ୍ତ ବସ୍ତୁର ମଝିରେ ୱାସର୍ ଦିଆଯାଏ ।]

ୱାସିଙ୍ଗ୍ଟନ୍—ବୈଦେ. ବ(ଇଂ)—(ନାମ)—୧ । ଆମେରିକା ଯୁକ୍ତରାଜ୍ୟ Wāsing-ṭan ସଙ୍ଗେ ଇଂରାଜଙ୍କର ଯୁଦ୍ଧ ସମୟରେ ଆମେରିକାର ଜାତୀୟ ସାର ଓ ସେନାପତି—1. General Washington of the United States of America during the War of Independence. [ବି—ଏହାଙ୍କର ନାମ ଅନୁସାରେ ଯୁକ୍ତରାଜ୍ୟର ପଶ୍ଚିମ ଉତ୍ତର କୋଣରେ ଗୋଟିଏ ପ୍ରଦେଶ ଓ ଯୁକ୍ତରାଜ୍ୟର ମେରିଲାଣ୍ଡ୍ ପ୍ରଦେଶର ଗୋଟିଏ ନଗରର ନାମ ହୋଇଅଛି ।] ୨ । ଆମେରିକା ଯୁକ୍ତରାଜ୍ୟର ଗୋଟିଏ ପ୍ରଦେଶ ଓ ନଗରର ନାମ—2. Name of a state and town in the United States of America.

ୱସିଲ୍—ବୈଦେ. ବ (କଚରଥ) (ଅ. ୱାସିଲ୍=ପ୍ରାପ୍ତ; ମିଳିଥିବା; Wāsil ଅସୁଲ ହୋଇଥିବା)—ପ୍ରଜା ଅଧିକଙ୍କଠାରୁ ଖଜଣା ଓ ওয়াসিল ଧନ ଆଦି ଅସୁଲ ହୋଇଥିବା—Realised (money, **বাসিল** rent etc).

ୱାସିଲ୍ ବାକି—ବୈଦେ. ବ (କଚରଥ) (ଫା. ୱାସିଲ୍ ବାକୀ)—Wāsil bāki ୧ । ଆଦାୟ ଓ ଅନାଦାୟ ଧନ—1 Realised ওয়াসিল বাকী and unrealised (money). ୨ । ଧନ **বাসিল বাকী** ଆଦାୟ କରାଯିବା ଓ ବାକି ରହିଯିବା—2. Realisation of money and non-realisation. ୩ । ହିସାବ ଫର୍ଦ, ଯହିଁରେ ପ୍ରତ୍ୟେକ ପ୍ରଜା ଉପରେ ଜମିଦାରଙ୍କର ପ୍ରାପ୍ୟ ଖଜଣାରୁ କେତେ ଆଦାୟ ହୋଇଅଛି ଓ କେତେ ବାକି ଅଛି, ଏହା ଲେଖାଥାଏ—3. A zemindary account which shows the amounts due, amounts realised from and amounts outstanding against each tenant. [ବି—ଜମିଦାରର ପ୍ରତ୍ୟେକ ପ୍ରଜାଠାରୁ ଜମିଦାରଙ୍କର ପ୍ରାପ୍ୟ ବାର୍ଷିକ ଖଜଣା ଓ ଗତ ବରଷ ତାଠାରେ କେତେ ବାକି ଥିଲା, ଏସବୁ ମୋଟ ପ୍ରାପ୍ୟ ଲେଖା ଯାଇ ତହିଁ ମଧ୍ୟରୁ ତାହାଠାରୁ ଚଳିତ ବର୍ଷ ମଧ୍ୟରେ ଯେତେ ଖଜଣା ଅସୁଲ (ୱାସିଲ୍) ହୋଇଅଛି, ତାହା ବାଦ୍ ଯାଇ ବର୍ଷ ଶେଷରେ ଉକ୍ତ ପ୍ରଜା ଉପରେ ଜମିଦାରଙ୍କର ଯାହା ବାକି ରହୁଛି, ଏହାସବୁ ଯେଉଁ ହିସାବରେ ଲେଖା ଯାଏ, ଉକ୍ତ ହିସାବକୁ ୱାସିଲ୍ ବାକି ବା ଜମା ୱାସିଲ୍ ବାକି ବୋଲାଯାଏ । ପ୍ରତି ବର୍ଷ ଜମିଦାରଙ୍କର ପ୍ରତ୍ୟେକ ପ୍ରଜା ପାଇଁ ଏହିପରି ହିସାବ ଗଢ଼ାଯାଇ ଲେଖାଯାଏ ।]

ୱାସିଲାତ୍—ବୈଦେ. ବି (କଚେରୀ) (ଅ. ୱାସିଲାତ୍—ଅଦାୟ ହୋଇ-
Wāsilāt ଥିବା ଧନ; ଅଦାୟ ହୋଇଥିବା ଧନର ପ୍ରୟୋଗ)—
ওয়াসিলাৎ ୧ । ମୋଟ ଅଦାୟ ହୋଇଥିବା ଧନ—1. Total
वासिलात realisation. ୨ । ତହବିଲର ଭାରପ୍ରାପ୍ତ କୌଣସି କର୍ମଚାରୀ ମଫସଲରୁ ଅସୁଲ ବା ଅଦାୟ କରିଥିବା ଟଙ୍କା ମଧ୍ୟରୁ, ସେ ବ୍ୟୟ କରିଥିବା ବା ମାଲିକ ନିକଟକୁ ପଠାଇ ଥିବା ଟଙ୍କାର ହିସାବ ବାଦ ଦିଆଯାଇ ତାହା ଉପରେ ମାଲିକଙ୍କର ପାଇବା ପାଉଣା ଟଙ୍କା—2. Amount found due from a person entrusted with collection, after giving credit for amounts properly spent or remitted by him to the master.

ୱାସ୍ତେ—ବୈଦେ. ଅ (ଅ. ୱାସ୍ତା=କାରଣ, ୱାସ୍ତେ=କାରଣରୁ)—
Wāste ୧ । ପାଇଁ; ନିମିତ୍ତ—1. For. ୨ । (ଅମୁକ) କାରଣରୁ—
ওয়াস্তে वास्ते 2. On account of.

ୱିକ୍—ବୈଦେ. ବି (ଇଂ. ୱିକ୍)—ସପ୍ତାହ; ସାତ ଦିନର ସମାହାର—
Wik উইক वीक Week.

ୱିକ୍ ଏଣ୍ଡ୍—ବୈଦେ ବି (ଇଂ. ୱିକ୍ ଏଣ୍ଡ୍)—ସପ୍ତାହର ଶେଷ ସମୟ
Wik eṇḍ ଅର୍ଥାତ୍ ଶନିବାର ଓ ପର ଦିନ ଓ ରବିବାର, ଯେଉଁ
উইক এণ্ড, উইকেণ্ড ସମୟରେ ସପ୍ତାହକ ଯାକ କାର୍ଯ୍ୟ କରିଥିବା
विक एण्ड ଲୋକେ ଅବସର ଗ୍ରହଣ କରନ୍ତି)—Week end.

ୱିକ୍ଏଣ୍ଡ୍ ରିଟର୍ଣ୍ଣ(ନ୍) ଟିକେ(କ)ଟ୍—ବୈଦେ. ବି—(ରେଲୱେ ପଦ)—
Wikeṇḍ rṭiarṇṇ(n) ṭike(ka)ṭ (ଇଂ.) ସପ୍ତାହର ଶେଷ
উইকেণ্ড টিকেট ସମୟରେ ଯାତ୍ରୀମାନେ ରେଳରେ କୌଣସି
विकएण्ड रिटर्न टिकेट ସ୍ଥାନକୁ ଯାଇ ଗୋଟିଏ ନିର୍ଦ୍ଦିଷ୍ଟ ଦିବସ
[ୱିକେଣ୍ଡ୍ ରିଟର୍ଣ୍ଣ(ନ୍) ଟିକେ(କ)ଟ୍—ଅନ୍ୟରୂପ] ପୂର୍ବରୁ ଫେରି ଆସିବା ପାଇଁ ଶସ୍ତା ଦରରେ ଦିଆଯିବା ରେଳ ଟିକେଟ୍—Week end return ticket (granted by the Railway Companies to intending passengers.) [ଦ୍ର—ବେଙ୍ଗଲ ନାଗପୁର ରେଲ କମ୍ପାନୀରେ ଏହି ୱିକ୍ ଏଣ୍ଡ୍ ରିଟର୍ଣ୍ଣ ଟିକେଟ୍ ପ୍ରତି ସପ୍ତାହରେ ଗୁରୁବାର ଦିନ ରାତି ବାରଟା ପରଠାରୁ କିଣିବାକୁ ମିଳେ । ଯେଉଁମାନେ ଏହି ଟିକେଟ୍ କିଣନ୍ତି, ସେମାନଙ୍କୁ ଆଗାମୀ ମଙ୍ଗଳବାର ରାତି ୧୨ଟା ବେଳକୁ, ବା ତତ୍ପୂର୍ବରୁ ଯାତ୍ରା ଶେଷ କରିବାକୁ ହୁଏ । ଯାତ୍ରା ପଥ ଅନ୍ତତଃ ୫୦ ମାଇଲ କିମ୍ବା ତହିଁରୁ ଊର୍ଦ୍ଧ୍ୱ ନ ହେଲେ ସାଧାରଣତଃ ଏହି ଟିକେଟ କିଣିବାକୁ ମିଳେ ନାହିଁ ।]

ୱିକେଟ—ବୈଦେ. ବି (ଇଂ. ୱିକେଟ୍)—କ୍ରିକେଟ୍ ଖେଳରେ ବାଟ୍
Wiket ଧରିଥିବା ଖେଳାଳି ଭୂଇଁରେ ପୋତା ହୋଇଥିବା
উইকেট ଯେଉଁ କାଠି ତିନି ଖଣ୍ଡକୁ ଅପର ପକ୍ଷର ପେଣ୍ଡୁର
विकेट ବାଡ଼ିରୁ ଜଗିଥାଏ—Wicket.

ୱିକେଟ୍ କିପ(ପା)ର୍—ବୈଦେ. ବି (ଇଂ. ୱିକେଟ୍ କୀପର୍)—
Wiketkipa(pā)r ୱିକେଟ୍ ପଛରେ ଯେଉଁ ଖେଳାଳି ଠିଆ
উইকেট কীপার विकेट कीपार ହୋଇ ୱିକେଟ୍କୁ ଜଗିଥାଏ—Wicket keeper.

ୱିକେଟ ଡୋର୍—ବୈଦେ. ବି (ଇଂ)—ଫାଟକ ଅବରେ ଲଗାଯିବା
Wiket ḍor ଏକପ୍ରକାର ଘୁଣ୍ଟିଯୁକ୍ତ ଦ୍ୱାର; ଯହିଁରେ ଲୋକେ
উইকেট ডোর ଯିବା ଆସିବା କରି ପାରନ୍ତି, ଜନ୍ତୁ ଗୋମେଷାଦି
विकेट डोर ଯାଇ ପାରନ୍ତି ନାହିଁ—Wicket door.

ୱିକ୍ଲି ରିପୋର୍ଟ(ଟ୍)—ବୈଦେ. ବି (ଇଂ. ୱିକ୍ଲି ରିପୋର୍ଟ)—ସାପ୍ତାହିକ
Wikli riporṭ(ṭ) ରିପୋର୍ଟ—Weekly report.
উইকি রিপোর্ট विकली रिपोर्ट

ୱିକ୍ଲି ରିପୋର୍ଟ(ଟା)ର୍—ବୈଦେ. ବି (କଚେରୀ) (ଇଂ. ୱିକ୍ଲି
Wikli ripoṭ(ṭā)r ରିପୋର୍ଟର୍)—ପୂର୍ବେ କଲିକତା ଅବର
উইক্লী রিপোর্টার ହାଇକୋର୍ଟ ଓ ପ୍ରିଭି କାଉନ୍ସିଲରେ ନିଷ୍ପତ୍ତି
विकली रिपोर्टर ହେବା ମକଦ୍ଦମାର ରାୟ ଅବ ପ୍ରତି ସପ୍ତାହରେ ପ୍ରକାଶିତ ହେଉଥିବା ଲ-ରିପୋର୍ଟ—Weekly Report; weekly report of cases decided by the High Court and Privy Council.

ୱିଙ୍ଗ୍—ବୈଦେ. ବି (ଇଂ)—ରଙ୍ଗଭୂମିର ପାର୍ଶ୍ୱ—The wing
Wing উইঙ্গ विङ्ग of a pandal or stage.

ୱିଣ୍ଡ୍ ମିଲ୍—ବୈଦେ. ବି (ଇଂ. ୱିଣ୍ଡ୍ ମିଲ୍)—ବାୟୁଦ୍ୱାରା ଗତି ପ୍ରାପ୍ତ
Wiṇḍ mil ଚକଦ୍ୱାରା ପରିଚାଳିତ କଳ—Wind mill.
উইণ্ড মিল विंड मिल

ୱିଣ୍ଡ୍ ଶର୍—ବୈଦେ. ବି (ଇଂ. ନାମ)—ଲଣ୍ଡନର ପଶ୍ଚିମରେ
Wiṇḍ-śar ବର୍କସ୍ ସାୟାର୍‌ରେ ଥିବା ଗୋଟିଏ ନଗର,
উইণ্ড সর विंड सर ଯେଉଁଠାରେ ଭାରତ ସମ୍ରାଟଙ୍କ ଉଆସ ଅଛି-
[ୱିଣ୍ଡ ଶର(ହା)ର—ଅନ୍ୟରୂପ] Windsor. [ଦ୍ର—ଏହା ଟେମସ୍ ନଦୀକୂଳରେ ଅବସ୍ଥିତ । ଏଠାରେ ଭାରତ ସମ୍ରାଟ-ଙ୍କର ଗୋଟିଏ ବୃହତ୍ ଆବାସ ଅଛି ।]

ୱିଣ୍ଡୋ—ବୈଦେ. ବି (ଇଂ. ୱିଣ୍ଡୋ)—ଝରକା; ପଞ୍ଜର—
Wiṇḍo উইণ্ডো विण्डो Window.

ୱିଣ୍ଡୋ ଡେଲିଭରି—ବୈଦେ. ବି (ଡାକବିଭାଗ ପଦ) (ଇଂ. ୱିଣ୍ଡୋ
Wiṇḍo ḍelibharī =ଝରକା + ଇଂ. ଡେଲିଭର=ଅର୍ପଣ)—
উইণ্ডো ডেলিভারী ଡାକଘରର ଝରକା ପାଖେ ଚିଠି ଆଦି ମାଲିକଙ୍କୁ
विण्डो डेलिभरी ଅର୍ପଣ କରିବା ପଦ୍ଧତି—Window delivery. [ଦ୍ର—ବଡ଼ଲୋକ ଓ ବଡ଼ ବଡ଼ ବ୍ୟବସାୟୀମାନଙ୍କ ନାମରେ ଆସିବା ଡାକ ଜିନିଷ ଓ ଚିଠିପତ୍ରମାନ ଡାକ ପିଅନ୍ ତାଙ୍କ କୋଠିକୁ ନ ନେଇ, ତାଙ୍କର ଚାକର ଡାକଘରକୁ ଆଣିବା ଗୋଟିଏ ଦୋହରି ଚାବିଦିଆ ବାକ୍ସକୁ ଫିଟାଇ ତହିଁରେ ପୋଷ୍ଟମାଷ୍ଟର ଡାକଘରର ଝରକା ପାଖରେ ଚିଠି ଇତ୍ୟାଦି ଭରି ଚାବି ପକାଇ ଦିଅନ୍ତି । ଚାକର ସେ ଚାବିଦିଆ ବାକ୍ସକୁ ମାଲିକଙ୍କ ନିକଟକୁ ନେଲାରୁ ମାଲିକ ତାଙ୍କ ପାଖରେ ଥିବା ଦୋହରି ଚାବିକାଠିରେ ସେ ବାକ୍ସକୁ ଫିଟାଇ ତହିଁରୁ ଆପଣା ଚିଠିପତ୍ରକୁ କାଢ଼ନ୍ତି । ଏ ପ୍ରଥାଦ୍ୱାରା ଚାକର ବା ଡାକ ପିଅନଙ୍କ ଦ୍ୱାରାରେ ଚିଠି ଆଦି ହଜିବାର ସମ୍ଭାବନା ରହେ ନାହିଁ ।]

ୱିଲ୍(ଲ୍)—ବୈଦେ. ବ (ଇଂ. ୱିଲ୍)—ଉଇଲ୍; କୌଣସି ବ୍ୟକ୍ତିଙ୍କର
Wil(li) ମୃତ୍ୟୁ ପରେ ତାଙ୍କ ତ୍ୟକ୍ତ ସମ୍ପତ୍ତିକୁ କଏ ଭୋଗ କରିବ,
উইল বিল বା ତାହା କିପରି ବ୍ୟବହୃତହେବ, ଏ ସମ୍ବନ୍ଧେ ଲାଗି
(ୱିଲ୍[ଲି]ନାମା—ଅନ୍ୟରୂପ) ବ୍ୟକ୍ତିଙ୍କ ଲେଖି ରଖିଯିବା ଦଲିଲ-
Will; testament.

ୱିଲ୍(ଲ୍) କରିବା—ଦେ. କ୍ରି—ଆପଣାର ମୃତ୍ୟୁ ପରେ ଆପଣାର ସମ୍ପତ୍ତି
Wil(li) kariba କିପରି ଓ କିଏ ଭୋଗ କରିବ, ତାହା ପୂର୍ବରୁ
উইল করা বিল করনা ଲେଖି ଦସ୍ତଖତ୍ କରିବା—To execute a testament or will in respect of one's property; to will away one's property.

ୱିଲ୍ ପ୍ର(ପ୍ରୋ)ବା(ବେ)ଟ୍—ବୈଦେ. ବ (ଲଡ଼ଉଥ) (ଇଂ. ୱିଲ୍+
Wil pra(pro)bi(be)t ପ୍ରୋବେଟ)—ୱିଲ୍ ଲଡ଼ଥିବା
উইল প্রোবেট বিল প্রবেট ବ୍ୟକ୍ତିର ମୃତ୍ୟୁ ପରେ ଉକ୍ତ ଦଲିଲରେ ମୃତ ବ୍ୟକ୍ତି ଯାହାକୁ ଭାର ଦେଇଥାଆନ୍ତି, ସେ ଜଜ୍ ସାହେବଙ୍କ ନିକଟରେ ଦରଖାସ୍ତ କରି ଉକ୍ତ ଦଲିଲକୁ ପ୍ରମାଣିତ କରି, ସେହି ଦଲିଲ ଅନୁସାରେ ସମ୍ପତ୍ତିକୁ ପରିଚାଳନ କରିବା ପାଇଁ ଜଜ୍‌ସାହେବଙ୍କଠାରୁ ଯେଉଁ ହୁକୁମନାମା ପାଆନ୍ତି—Probate of a will. [ଦ୍ର—ଉକ୍ତ ଭାରପ୍ରାପ୍ତ ବ୍ୟକ୍ତିକୁ ଏକ୍‌ଜିକ୍ୟୁଟର୍ (Executor) ବୋଲାଯାଏ ଓ ଉକ୍ତ ଦଲିଲ ବଳରେ ଯେଉଁ ବ୍ୟକ୍ତିମାନେ ମୃତ ବ୍ୟକ୍ତିର ସମ୍ପତ୍ତି ପାଆନ୍ତି ତାଙ୍କୁ ଲେଗେଟୀ (Legatee) ବୋଲାଯାଏ ।]

ୱିଲାୟତ୍—ବୈଦେ. ବ (ଅ. ୱିଲାୟତ୍=ବିଦେଶ; ଦୂର ଦେଶ)—
Wilayat ୧ । ୟୁରୋପ—1. Europe. ୨ । ବିଦେଶ—
বিলায়ত বিলাযত 2. Foreign country.
୩ । ରାଜ୍ୟ—3. Kingdom. ୪ । ରାଜ୍ୟର ଶାସନ ବିଭାଗ; ପ୍ରଦେଶ—4. A province. ୫ । ଇଂଲଣ୍ଡ—5. England. [ଦ୍ର—ଏହି ୱିଲାୟତ୍ ଶବ୍ଦରୁ ଭାଷାରେ ଇଂଲଣ୍ଡ ଅର୍ଥରେ ବ୍ୟବହୃତ ବିଲାତ୍, ବିଲାଏତ୍ ଶବ୍ଦମାନ ହୋଇଅଛି ।]

ୱିଲାୟତି—ବୈଦେ. ବଣ. (ଅ)—୧ । ଇଉରୋପୀୟ—
Wilayati 1. European. ୨ । ବିଲାତି; ଇଂଲଣ୍ଡୀୟ.
বিলায়তী, বিলা(তি)তী 2. English. ୩ । ବିଦେଶରୁ
বিলাযতী ଏ ଦେଶକୁ ଆସିଥିବା—3. Introduced to this country from a foreign country.

ୱିଲାୟତି ସନ—ବୈଦେ. ବ—ବିଲାୟତି ସନ; ଫସଲି ସନ; ହିନ୍ଦୁସ୍ତାନ;
Wilayati sana ଓଡ଼ିଶାରେ ପ୍ରଚଳିତ ଅବ୍ଦ—
বিলায়তীসন বিলাযতীসন The year current in Orissa. [ଦ୍ର—ଏ ସନ ମୋଗଲସମ୍ରାଟମାନେ ଏ ଦେଶରେ ଚଳାଇଥିବାରୁ ଏହା ବିଲାୟତି (ବିଦେଶୀୟ) ସନ ନାମରେ ଖ୍ୟାତ । ଏହା ସୌରମାନ ଗଣନାକ୍ରମେ ଚଳେ ଓ ସଂକ୍ରାନ୍ତି ଦିନ ସୌର ମାସର ପ୍ରଥମ ଦିନ ଗଣନା କରାଯାଏ । ଏହି ସନ ସ୍ୱନ ଭାଦ୍ର ଶୁକ୍ଳ ଦଶମୀ ଦିନ (ସୂଚିତ) ଆରମ୍ଭ ହୁଏ; କିନ୍ତୁ ଏଥିର ଗଣନା ସୌରମାସ ଗଣନାକ୍ରମେ ଚଳୁଥାଏ । ସ୍ୱନ ଭାଦ୍ର ଶୁକ୍ଳ ପକ୍ଷ ଏକାଦଶୀ ଦିନ ଯେଉଁ ସନ (ଯଥା, ୧୩୧୧ ସାଲ କନ୍ୟା ୭ ଦିନ) ହୋଇଥିବ, ତହିଁ ପରଦିନ ଅର୍ଥାତ୍ ଭାଦ୍ର ଶୁକ୍ଳ ଦ୍ୱାଦଶୀ ଦିନ ତତ୍‌ପରବର୍ତ୍ତୀ ସନ ହେବ (ଯଥା—୧୩୧୨ ସାଲ କନ୍ୟା ୭ ଦିନ) । ଇଂରାଜୀ ସାଲରୁ ୫୯୩ ବାଦଦେଲେ ଏହି ସନ ଅଟେ । ଏହି ସନ ଅନୁସାରେ ଓଡ଼ିଶାର ଜମିଦାରି କାଗଜପତ୍ର ଲେଖାହୁଏ । ବଙ୍ଗଦେଶ ପ୍ରଚଳିତ ସନରେ ସୌର ମାସର ଶେଷ ଦିନ ସଂକ୍ରାନ୍ତି । ଓଡ଼ିଶା ପ୍ରଚଳିତ ସନରେ ସୌର ମାସର ଆଦ୍ୟ ଦିନ ସଂକ୍ରାନ୍ତି ଅଟେ । ବଙ୍ଗାବ୍ଦ ସୌର ବୈଶାଖ ୧ ଦିନରୁ ଆରମ୍ଭ ହୁଏ । ସେତେବେଳକୁ ଓଡ଼ିଆ ସନର ଅଠ ମାସ ପ୍ରାୟ ଭୋଗ ହୋଇ ୪ ମାସ ବାକି ଥାଏ । ସନ ଚଳେ ଜେଠି ଦେଖ ।]

ୱିଲିଙ୍ଗଡନ୍—ବୈଦେ. ବ—ଲର୍ଡ଼ ୱିଲିଙ୍ଗଡନ୍, ଭାରତର ପୂର୍ବତନ
Wilingdan ବଡ଼ଲାଟ—Lord Willingdon, the
উইলিঙ্গড়ন যিলিগডন late Viceroy of India

ୱେଟର୍—ବୈଦେ. ବ (ଇଂ)—ବଡ଼ଲୋକଙ୍କ ପାଖ ଲୋକ; ଅର୍ଦ୍ଦଳି
Wetar ଖିଦ୍‌ମତ୍‌ଗାର—Waiter of rich men.
উয়েটার বেটর

ୱେଟିଙ୍ଗ୍ ରୁମ—ବୈଦେ.—(ଇଂ. ୱେଟିଙ୍ଗ୍‌ରୁମ୍)—ଯେଉଁ କୋଠରୀରେ
Weting rum ରେଳଯାତ୍ରୀମାନେ ରେଳଗାଡ଼ିର ଅପେକ୍ଷାରେ ବା
ওয়েটিং রুম ରେଳଗାଡ଼ିରୁ ଓହ୍ଲାଇ କିଛି ସମୟ ବିଶ୍ରାମ କରନ୍ତି—
বেটিং রূম Waiting room at a Railway Station, a rest house at a Railway station;

ୱେଦର୍ କକ୍—ବୈଦେ. ବ—(ଇଂ. ୱେଦର୍ କକ୍)—(କୋଠା-
Wedar kak ଉପରେ ଲଗା ଯାଇଥିବା) ବାୟୁ ପ୍ରବାହର ଗତି
ওয়েদার কক ଓ ଦିଗ ନିର୍ଣ୍ଣାୟକ ଯନ୍ତ୍ର—Weathercock.
বেদরকক

ୱେବ୍‌ଷ୍ଟ(ଷ୍ଟା)ର—ବୈଦେ. ବ—(ନାମ, ଇଂ. ୱେବ୍‌ଷ୍ଟର୍)—ଆମେରିକା
Web-shta(shta)r ବାସୀ ପ୍ରସିଦ୍ଧ ଇଂରାଜୀ ଅଭିଧାନର
ওয়েবষ্টার ସ୍ୱର୍ଗୀୟ ସଙ୍କଳୟିତା—The late Dr. Noah
বেবসটর Webster, the American author of the famous English Dictionary.
ଦ୍ର—ଏ ଅଭିଧାନକାରଙ୍କର ଜନ୍ମ ୧୭୫୮ ଖ୍ରୀ. ମୃତ୍ୟୁ ୮୫ ବର୍ଷ ବୟସରେ ଖ୍ରୀ. ୧୮୪୩ରେ; ଇଂରାଜୀ ଅଭିଧାନର ସଙ୍କଳନ କର୍ମର ଆରମ୍ଭ ଖ୍ରୀ. ୧୮୦୭; ପ୍ରଥମ ସଂସ୍କରଣର ପ୍ରକାଶ ଖ୍ରୀ. ୧୮୨୮; ୨ୟ ସଂସ୍କରଣ ଖ୍ରୀ. ୧୮୪୦—୪୧]

ୱେ ବିଲ୍—ବୈଦେ. ବ—(ଇଂ. ୱେ ବିଲ୍)—ରେଲବେ ଚାଲାଣ
We bil ହେବା ମାଲର ତାଲିକା—Waybill.
ওয়েবিল বৈবিল

ୱେଲସ୍—ବୈଦେ. ବ (ନାମ)—(ଇଂ. ୱେଲ୍‌ସ୍—ଇଂଲଣ୍ଡର ପଶ୍ଚିମାଞ୍ଚଳସ୍ଥ
Wels ওয়েলস বেল্স ପ୍ରଦେଶ—Wales
[ଦ୍ର—ଇଂଲଣ୍ଡର ରାଜାଙ୍କ ପ୍ରଥମ ପୁତ୍ର ବା ଯୁବରାଜଙ୍କୁ ପ୍ରିନ୍ସ୍ ଅଫ୍ ୱେଲ୍‌ସ୍ ବୋଲାଯାଏ ।]

ୱେଲ(ଲ୍ଲ)ର୍—ବୈଦେ. ବ.—(ଇଂ. ୱେଲର୍)—ଅଷ୍ଟ୍ରେଲିଆ ଦେଶରୁ
Wela(lā)r ଆନୀତ ଏକ ପ୍ରକାର ଉତ୍କୃଷ୍ଟ ଘୋଡା (ଏମାନେ
ওয়েলার वेलर ଖୁବ୍ ବେଗଗାମୀ)—Waler (horse).
[ୱେଲ(ଲ୍ଲ)ର୍ ଘୋଡା—ଅନ୍ୟରୂପ]

ୱେଲିଙ୍ଗଟନ—ବୈଦେ.ବ.—(ନାମ)—ଇଂଲଣ୍ଡର ପ୍ରସିଦ୍ଧ ସେନାପତି—
Welingtan Duke of Wellington.
[ଦ୍ର—ଏ ୱାଟର୍ଲୁ ଯୁଦ୍ଧକ୍ଷେତ୍ରରେ ୧୮୧୫ ଖ୍ରୀଷ୍ଟାବ୍ଦରେ ନେପୋଲିଅନ୍‌ଙ୍କୁ ପରାସ୍ତ କରିଥିଲେ । ଏହାଙ୍କ ଜନ୍ମ ଖ୍ରୀ ୧୭୬୯; ମୃତ୍ୟୁ ୧୮୫୨ ।]

ୱେଲେସ୍ଲି—ବୈଦେ. ବ (ନାମ) ଇଂ—ଲର୍ଡ ୱେଲେସ୍‌ଲୀ ଭାରତର
Welesli ଗଭର୍ଣ୍ଣର୍ ଜେନେରାଲ୍ (ଜନ୍ମ ୧୭୬୦ ଖ୍ରୀ । ଭାରତର
ওয়েলেসলী वेलेसली ଶାସନକାଳ ୧୭୯୮—୧୮୦୫;
ମୃତ୍ୟୁ ୧୮୪୨ଖ୍ରୀ)—Marquis of Wellesley. [ଦ୍ର—ଏହାଙ୍କ ଭାରତ ଶାସନକାଳରେ ମହୀଶୂରର ଟିପୁ ସୁଲତାନଙ୍କ ପରାଜୟ ଓ ମୃତ୍ୟୁ ପରେ ମହୀଶୂରର ପୂର୍ବତନ ହିନ୍ଦୁ ରାଜବଂଶଙ୍କୁ ମହୀଶୂରପ୍ରତ୍ୟର୍ପଣ, ନିଜାମଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ, କର୍ଣ୍ଣାଟ ପ୍ରଦେଶରେ ଇଷ୍ଟଇଣ୍ଡିଆକୋମ୍ପାନୀଙ୍କ ଅଧିକାର, ମରହଟ୍ଟା ଶକ୍ତିର ଖର୍ବୀକରଣ, କଲିକତାରେ ଫୋର୍ଟ ୱିଲିଅମ୍ କଲେଜ ସ୍ଥାପନ, ରଦବାରକୁ ବଶ୍ରାମସ୍ଥବସରୂପେ ଗ୍ରହଣ—(ସୁବଲରକ୍ଷ) । ଏ ଲର୍ଡ ୱେଲିଙ୍ଗଟନ୍‌ଙ୍କ ବଡ ଭାଇ ଥିଲେ ।]

ୱେଶିସ—ବୈଦେ. ବ (ଇଂ ଅ. ଓଏସିସ୍)—ମରୁଭୂମି ମଧ୍ୟସ୍ଥ ଉର୍ବର
Weśis ଭୂଖଣ୍ଡ—Oasis.
ওয়েশীষ ओएसिस

ୱେଷ୍ଟ ଇଣ୍ଡିଜ୍—ବୈଦେ. ବ (ଇଂ ୱେଷ୍ଟ ଇଣ୍ଡିଜ୍)—ଆଟଲାଣ୍ଟିକମହା-
Wesht indij ସାଗର ଉତ୍ତର ଅମେରିକାର ମେକ୍ସିକୋ
ওয়েষ্টইণ্ডিজ वेस्ट इंडिज ରାଜ୍ୟର ପୂର୍ବରେ ଥିବା ଦ୍ୱୀପପୁଞ୍ଜ—
West Indies. [ଦ୍ର—ପୃଥିବୀ ଗୋଲାକାର ଥିବାରୁ ଇଉରୋପରୁ ପଶ୍ଚିମବାଟେ ସମୁଦ୍ରେ ସମୁଦ୍ରେ ଗଲେ ଭାରତବର୍ଷ (ଇଣ୍ଡିଆ. India)ରେ ପହଞ୍ଚିବ ବୋଲି ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଇଉରୋପୀୟମାନଙ୍କର ବିଶ୍ୱାସ ଥିଲା । କାରଣ, ମଝିରେ ଅମେରିକା ମହାଦେଶ ଥିବା ସେମାନେ ଆଦୌ ଅନୁମାନ କରି ନ ଥିଲେ । ଅତଏବ ଯେଉଁ ନାବିକମାନେ ଇଉରୋପରୁ ପଶ୍ଚିମଅଭିମୁଖୀ ଜାହାଜରେ ଯାଉଥିଲେ ସେମାନେ ଦକ୍ଷିଣଅମେରିକାର ଉତ୍ତରପଶ୍ଚିମ କୋଣରେ ଓ ଉତ୍ତର ଅମେରିକାର ମେକ୍ସିକୋ ରାଜ୍ୟର ପୂର୍ବରେ ଥିବା ଦ୍ୱୀପପୁଞ୍ଜକୁ ଇଣ୍ଡିଜ୍ (ଭାରତ) ବୋଲି ମନେକଲେ ଓ ଅମେରିକାର ଅଧିବାସୀମାନଙ୍କୁ ଇଣ୍ଡିଅନ୍ (ଭାରତୀୟ) ବୋଲି ମନେକଲେ । କିନ୍ତୁ ପରେ ଆଫ୍ରିକାର ଦକ୍ଷିଣସ୍ଥ ଉତ୍ତମାଶା ଅନ୍ତରୀପ ବାଟେ ଭାରତ ଆବିଷ୍କୃତ ହେବାରୁ ଇଉରୋପୀୟ ନାବିକମାନେ ଆପଣା ଭ୍ରମ ବୁଝିପାରି ଭାରତମହାସାଗରରେ ଥିବା ଦ୍ୱୀପପୁଞ୍ଜକୁ ଇଷ୍ଟଇଣ୍ଡିଜ (East Indies)—ପୂର୍ବ ଭାରତ) ଓ ଅମେରିକାର ଦ୍ୱୀପପୁଞ୍ଜକୁ ୱେଷ୍ଟଇଣ୍ଡିଜ (West Indies)—ପଶ୍ଚିମଭାରତ ନାମ ଦେଲେ ଏବଂ ଭାରତବାସୀଙ୍କୁ Indian (ଭାରତୀୟ) ଓ ଅମେରିକାବାସୀଙ୍କୁ ରେଡ୍‌ଇଣ୍ଡିଅନ୍ Red Indian (ରକ୍ତବର୍ଣ୍ଣ ଭାରତୀୟ) ନାମ ଦେଲେ । ପ୍ରଶାନ୍ତମହାସାଗରରେ ଅଷ୍ଟ୍ରେଲିଆର ଉତ୍ତର ଓ ଉତ୍ତରପୂର୍ବରେ ଅବସ୍ଥିତ ନିଉଗିନି, ଫିଲିପାଇନ୍, ସେଲିବିସ୍, ବୋର୍ଣ୍ଣିଓ, ଯାବା ଓ ସୁମାତ୍ରା ଦ୍ୱୀପମାନ ଇଷ୍ଟ ଇଣ୍ଡିଜ୍ ଦ୍ୱୀପପୁଞ୍ଜର ଅନ୍ତର୍ଗତ । ଆଟଲାଣ୍ଟିକ ମହାସାଗରରେ ମେକ୍ସିକୋର ପୂର୍ବରେ ଏବଂ ଦକ୍ଷିଣ ଅମେରିକାର ଉତ୍ତର ପଶ୍ଚିମରେ ଅବସ୍ଥିତ ପୋର୍ଟୋରିକୋ, ହାଇଟୀ, ଜାମାଇକା, କ୍ୟୁବା, ବାହାମା ଦ୍ୱୀପମାନ ୱେଷ୍ଟ ଇଣ୍ଡିଜ୍ ଦ୍ୱୀପପୁଞ୍ଜର ଅନ୍ତର୍ଗତ ଅଟେ ।]

ୱେଷ୍ଟ କୋଟ୍—ବୈଦେ. ବ (ଇଂ. ୱେଷ୍ଟ କୋଟ୍)—କୋଟ ତଳେ ଓ
Wesht-kot କାମିଜ ଉପରେ ପିନ୍ଧାଯିବା ହାତ ନ ଥିବା ଓ ଅଣ୍ଟା
(ୱେଶ୍‌କ(କୋ)ଟ—ଅନ୍ୟରୂପ) (ୱେଷ୍ଟ) ପର୍ଯ୍ୟନ୍ତ ଲମ୍ବ ଫତେଇ—
ওয়েষ্টকোট वासकोट Waiste coat.

ୱେଷ୍ଟ ପେପର୍ ବାସ୍କି(ସ୍କେ)ଟ୍—ବୈଦେ. ବ (ଇଂ. ୱେଷ୍ଟ ପେପର୍
Wesht pepar bāsk:t ବାସ୍କେଟ୍)—ଯେଉଁ ଟୋକେଇରେ
ওয়েষ্টপেপার বাস্কেট ରଦ୍ଦି କାଗଜ ଆଦି ପକାଯାଏ—
वेस्टपेपरबास्केट Waste paper basket.

ଶ

ଶ—ବ୍ୟଞ୍ଜନବର୍ଣ୍ଣମାଳାର ତ୍ରିଂଶ ବର୍ଣ୍ଣ । ଏହାର ଉଚ୍ଚାରଣ ସ୍ଥାନ ତାଳୁ (କଣ୍ଠ ଓ ମୂର୍ଦ୍ଧାର ମଧ୍ୟସ୍ଥଳ), ଏଥିପାଇଁ ଏହାକୁ 'ତାଲବ୍ୟ ଶ' କୁହାଯାଏ । ଏହା ମହାପ୍ରାଣ ବର୍ଣ୍ଣ, ଏଥିର ଉଚ୍ଚାରଣପାଇଁ ପାଟି ବାଟେ ଉଷ୍ମା ବା ଶ୍ୱାସ ବାୟୁର ଆଧିକ୍ୟ ଆବଶ୍ୟକ ହୁଏ, ତେଣୁ ଏହାକୁ ଉଷ୍ମବର୍ଣ୍ଣ କୁହାଯାଏ । ଭାଷାରେ ତାଲବ୍ୟ ଶ, ମୂର୍ଦ୍ଧନ୍ୟ ଷ ଓ ଦନ୍ତ୍ୟ ସର ଉଚ୍ଚାରଣରେ ପ୍ରଭେଦ ଦେଖାଯାଏ ନାହିଁ । ଅଭ୍ୟନ୍ତର ପ୍ରଯତ୍ନଦୃଷ୍ଟିରେ ଏହା ଈଷତ୍‌ ସ୍ପୃଷ୍ଟବର୍ଣ୍ଣ । ସଂସ୍କୃତାଭିଜ୍ଞ ଲେଖକମାନେ ଶ, ଷ, ସ ମଧ୍ୟରେ ପ୍ରଭେଦ ନ ରଖି ସଂସ୍କୃତ ଓ ସଂସ୍କୃତମୂଳକ ଶ, ଷ, ସ ବିଶିଷ୍ଟଶବ୍ଦମାନଙ୍କୁ ଯଥେଚ୍ଛାଭାବରେ ଲେଖନ୍ତି ଓ ଅଧିକାଂଶ ସ୍ଥଳରେ 'ଶ' 'ଷ' 'ସ' ସ୍ଥଳରେ 'ସ' ଲେଖିଦିଅନ୍ତି । ମରହଟ୍ଟିଆ ପଣ୍ଡିତମାନେ 'ଶ'କୁ 'ଶ୍ୟ'ରୂପେ ଉଚ୍ଚାରଣ କରିବା ଦେଖାଯାଏ । ଯଥା—

ଶ
श

ଶକ୍ତି ସ୍ଥାନରେ—'ଶ୍ୟକ୍ତି'
ଶବ୍ଦ ସ୍ଥାନରେ—'ଶ୍ୟବ୍ଦ'
ଶମ୍ଭୁ ସ୍ଥାନରେ—'ଶ୍ୟମ୍ଭୁ'
ଶକଟ ସ୍ଥାନରେ 'ଶ୍ୟକଟ'
ଶାକାମ୍ବ ସ୍ଥାନରେ 'ଶ୍ୟାକାମ୍ବ'

କେହି କେହି ମଧ୍ୟ 'ଶେ' ଉଚ୍ଚାରଣ କରନ୍ତି । ଯଥା— ଶକ୍ତି ସ୍ଥଳରେ ଶେକ୍ତି, ଶଙ୍କା ସ୍ଥଳରେ 'ଶେଙ୍କା' ।

ପ୍ରକୃତରେ 'ଶ' ଉଚ୍ଚାରଣ ଇଂରାଜୀରେ 'c' ବା 's' ପର ଲୁକ୍‌ ଲଘୁ (ଯଥା—Nice), ଷ ର ଉଚ୍ଚାରଣ ଇଂରାଜୀ sh (ଯଥା—cash) ଓ ସ ର ଉଚ୍ଚାରଣ ଇଂରାଜୀ ss ପର (ଯଥା—Hiss) । ପ୍ରାକୃତ ଭାଷାରେ କେବଳ ଗୋଟିଏ 'ସ' ର ବ୍ୟବହାର ଦେଖାଯାଏ । ସାଧାରଣତଃ ଓଡ଼ିଆ ଭାଷା-ଲେଖାରେ ଏ ତିନି 'ଶ, ଷ, ସ' ର ପ୍ରଭେଦ ନ ମାନି ଅଧିକାଂଶ ଲୋକ ଦେଶଜ ସଂସ୍କୃତମୂଳକ ଓ ଅନ୍ୟ ଭାଷାରୁ ଆଗତ ଶବ୍ଦମାନଙ୍କୁ 'ସ' ଲେଖନ୍ତି । ଯଥା—

ସଜ (ଫା), ସଜାଦ (ଫା), ସାଦା (ଫା—ସାଦାହ୍‌), ସରକାର (ଫା), ସାଗ (ସଂ—ଶାକ), ସାଇକଲ (ଇଂ—ଶାଇକ୍‌ଲ୍‌ (Cycle), ସାହାଡ଼ା (ସଂ—ଶାଖୋଟ) ।

ଏଥିପାଇଁ କେବଳ ସଂସ୍କୃତ ଓ ସଂସ୍କୃତମୂଳକ ଦେଶଜ ଶବ୍ଦମାନ ଏ ଭାଷାକୋଷରେ 'ଶ' ତଳେ ଦିଆଗଲା । ପାଠକ-ମାନେ କୌଣସି ଦେଶଜ, ସଂସ୍କୃତମୂଳକ ଓ ଅନ୍ୟଭାଷାଗତ 'ଷ','ଶ' ଯୁକ୍ତ ଶବ୍ଦ କୌଣସିଠାରେ ଲେଖାରେ ଦେଖିଲେ ଓ ତାହା ଏ ଶବ୍ଦକୋଷର ଭିତରୁ ଷ ଓ ଶ ତଳେ ନ ପାଇଲେ 'ସ' ତଳେ ମଧ୍ୟ ଦେଖିବେ । 'ସ' ତଳେ ଯେଉଁ ଦେଶଜ ସଂସ୍କୃତମୂଳକ ଓ ବିଦେଶାଗତ ଶବ୍ଦମାନ ଦିଆଗଲା, ସେଗୁଡ଼ିକୁ 'ସ' ସ୍ଥଳରେ 'ଶ' ଓ 'ଷ' ଯୁକ୍ତ କରି ମଧ୍ୟ ଲୋକେ ଲେଖିଥାଆନ୍ତି ।)

ଶ—ସଂ. ବି (ଶୀ ଧାତୁ=ଶୋଇବା+କର୍ତ୍ତୃ. ଅ)—୧ । ବିଷ୍ଣୁ—
Śa 1. Bishnu. ୨ । ଶିବ; ମହାଦେବ—2. Siba ୩ । (+ଭାବ. ଅ) ସୁଖ— 3. Happiness. ୪ । (+କର୍ତ୍ତୃ. ଅ) ଶାସିତା; ଶାସକ ବ୍ୟକ୍ତି—4. Ruler; controller; regulator. ୫ । (+ଅଧିକରଣ. ଅ) ମଙ୍ଗଳ; କଲ୍ୟାଣ; ଶୁଭ—5. Good; weal. (ଉ—'ବହିଥିବ ଥିବ ମନ ମନ କପି କପୀଶ ଶ-ବଶବର—ଉପେ. ବୈଦେହୀଶବିଳାସ ।) ୬ । (+ଅଧି. ଅ) ସୀମା— 6. Boundary. ୭ । (+ଭାବ. ଅ) ଶୟନ— 7. Sleeping. ୮ । (ଅଧିକରଣ. ଅ) ଧର୍ମ— 8. Righteousness. ୯ । (ଶୋ ଧାତୁ=ଶାଣ ଦେବା+କର୍ମ. ଅ) ଶସ୍ତ୍ର—9. Weapon.

ଶ—ଦେ. ବି (ସଂ. ଶତ)—୧ । ଶତ ସଂଖ୍ୟା—1. Hundred. ୨ ।
Śa ୨୮୮ ଗୋଟି ନଡ଼ିଆ, ଅର୍ଥାତ୍‌ ୩ ପଣ ୧୨ ଗଣ୍ଡା (ପୁରୀ ଜିଲ୍ଲା)—2. 288 cocoanuts (Puri district) ଦେ. ବିଣ—ଶତସଂଖ୍ୟକ— Numbering one hundred.
ଶଅ }
ଶହ } —ଅନ୍ୟରୂପ
শ सौ; सओ

ଶଅଁବର—ଗ୍ରା. ବି (ସଂ.ଶମ୍ବର)—ଶମ୍ବର (ଦେଖ)—Sambara (See)
Śa-aṅbara (ଉ—ଶଅମ୍ବର ଶଙ୍ଗ, ଶୃଗାଳ ନେଉଳ ନେପାଳ ମୂଷା—ପ୍ରାଚୀ. ପ୍ରତାପ ଶଶିରେଖା ।)
(ଶଅମ୍ବର—ଅନ୍ୟରୂପ)
শম্বর साँभर

ଶଅଁବର ଦଶମୀ—ଗ୍ରା. ବି—ଶମ୍ବର ଦଶମୀ (ଦେଖ)
Śa-aṅbara daśamī Śambaradaśamī (See)
(ଶଅଁବର ଦଶେଇଁ—ଗ୍ରାମ୍ୟରୂପ) (ଶଅମ୍ବର ଦଶମୀ—ଅନ୍ୟରୂପ)
শম্বরদশমী शांबरदशमी

ଶଅଁବରି—ଗ୍ରା. ବିଣ—ଶମ୍ବରମୃଗସମ୍ବନ୍ଧୀୟ; ଶମ୍ବର—Relating to
Śa-aṅbari the Sambar deer.
[ଶଅମ୍ବରି(ରୀ)—ଅନ୍ୟରୂପ] (ଯଥା—ଶଅମ୍ବରି ଚମଡ଼ା)
শম্বরের सांभरी

ଶଅଁବରି ଚମଡ଼ା—ଗ୍ରା. ବି—ଶମ୍ବରି ଚମଡ଼ା (ଦେଖ)
Śa-aṅbari(ri) chamarḍā Śambari chamārḍā
[ଶଅମ୍ବରି ଚମଡ଼ା—ଅନ୍ୟରୂପ] (See)
শম্বরের চামড়া सांभरी चमड़ा

ଶଅଁବାଲ(ଲି,ଲୁ)—ଦେ. ବି (ସଂ. ଶୂକ)—ଶମ୍ବାଳି; ଶମ୍ବାଳୁଆ (ଦେଖ)
Śa-aṅbāla(li,lu) Śambāli; Śambāluā
(ଶଅଁବାଳୁଆ—ଅନ୍ୟରୂପ) (See)
শূয়া পোকা, সুঁয়া भूआ

ଶଅକ—ଦେ. ବି—୧ । (ସଂ. ଶତକ)—ଏକ ଶତ ମାତ୍ର—
Śaaka 1. One hundred only. ୨ । (ସଂ. ଶକ୍ର)
একশ एकसौ ସକ୍‌ (ଦେଖ) 2. Sak (See)
ভয় शक

ଶଅ(ଇ,ଏ)କଡ଼ା(ଡ଼ା) —ଦେ. ବି—ଶତକଡ଼ା (ଦେଖ)—Śatakarā
Śa-a(i,e)karda(rā) (See) ବିଣ—୧ । ବହୁସଂଖ୍ୟକ—
শতকরা सौकडा 1. Many. ୨ । ପ୍ରାୟ ଏକ ଶତ—
শতেক सौ 2. About one hundred.

ଶଅକା(କୁ)ଶଅ(ହ)—ଦେ, ବି ଓ ବିଣ (ସଂ.ଶତ ଶତ)—ଶତ ଶତ (ଦେଖ)
Śa-aka(ku)śa-a(ha) Śataśata (See)
শত শত सौका सौ

ଶଅ(ହ)ର—ଦେ. ବି. ପୁଂ (ସଂ. ଶବର)—୧ । ଶବର (ଦେଖ)—
Śa-a(ha)ra 1. Śabara (See) ୨ । ଗଡ଼ଜାତର
ଶଅ(ହ)ରୁଣୀ—ସ୍ତ୍ରୀ] ପାର୍ବତ୍ୟ ଅନାର୍ଯ୍ୟ ଜାତିବିଶେଷ—
শবর शबर 2. A caste of aborigines of the Garjats. [ଉ—ଏମାନେ ମଧ୍ୟ ମୋଗଲବନ୍ଦୀରେ ଅସ୍ପୃଶ୍ୟଜାତିରୂପେ ଗଣ୍ୟ ।]
୩ । ସହର (ଦେଖ)—3. Sahara (See)

ଶଅର(ରା) ପଲି(ଲ୍ଲି)—ଦେ. ବି (ସଂ. ଶବରପଲ୍ଲୀ)—ଶବରମାନଙ୍କ କ୍ଷୁଦ୍ର
Śa-ara(rā) pali(li) ଗ୍ରାମ—A hamlet consisting
শবর পল্লী शबर पल्ली of the huts of Śa-ara people.

ଶଅରା—ଦେ. ବି—ଶହରା [ଦେଖ]
Śa-arā Śaharā (See)

ଶଅରାଡ଼ି(ଳି)—ଦେ. ବି [ସଂ. ଶରାଟି, ଶରାଳ]—ଶରାଟି (ଦେଖ)
Śa-arārdi(li) Sarāṭi (See)

ଶଅରୁଣୀ—ଦେ. ବି. ସ୍ତ୍ରୀ—ଶଅର ଜାତୀୟ ସ୍ତ୍ରୀ—
Śa-aruṇi A female of the śa-ara caste.
[ଉ—ଶଅରୁଣୀଙ୍କର ଜାମୁଡ ଲ ନାହିଁ—କେଲାର ବାରୁଡ଼ା ଗୀତ ନନ୍ଦକିଶୋର ବଳ୍ପରଣୀ ।]

ଶଅଲ—ବୈଦେ. ବି—ଶହଲ (ଦେଖ)
Śa-ala Sahala (See)

ଶଅ(ଇ,ଉ,ହ)ଲ—ଦେ. ବି—(ସଂ. ଶଲ୍ୟ)—ଲଙ୍ଗଳର ଅଂଶବିଶେଷ;
Śa-a(i,u,ha)la ହଳର ଯୁଆଳରେ ବଳଦଙ୍କ କାନ୍ଧ ରହିବା
[ଶିହଳ, ଶିଅଳ—ଅନ୍ୟରୂପ] ଅଂଶର ଉଭୟ ଅଗ୍ରକୁ ଭଳ ଅଗ୍ର ଲଗିଥିବା କାଠର ଖିଲକ; ଯୁଗ ଖିଲକ—Pins set near both the ends of the yoke of a plough within which and the ends of the yoke the bullocks are yoked.

ଶଅ ଶଅ—ଦେ. ବି. ଓ ବିଣ—ଶତ ଶତ, ଅସଂଖ୍ୟ—
Śa-a śa-a শত শত सौ सौ Innumerable.

ଶଅ ଶଅ, ହଅ ହଅ—ଦେ. ବି—ଅଜସ୍ର ଧନ—
Śa-a śa-a, ha-a ha-a Plenty of money or
শ শ, হাজার হাজার wealth (literally hundreds
सौ सौ, हजार हजार and thousands.

ଶଇଁ—ଦେ. ବି—(ସଂ. ଶମୀ)—ଶମୀ (ଦେଖ)
Śaiṅ Śami (See)

ଶଇତା(ତ ତି)—ଗ୍ରା. ବି ପୁଂ—ଶତ୍ରୁଘ୍ନ ନାମଧାରୀର ଡାକ ନାମ—
Śaita(tā,ti) Names of
শতু शतरू calling Satrughna

ଶଇତାନ (ନି,ନୀ)[ଇତ୍ୟାଦି]—ବୈଦେ ବି ଓ ବିଣ—(ଆ.ଶୈତାନ ଇଂ.
Śaitān(ni;niā) (etc) ଶାଇତାନ୍ ସଇତାନ୍(ନି,ନୀ) [ଇତ୍ୟାଦି].
সয়তান शैतान (ଦେଖ) Saitān (ni;niā) etc (See)

ଶଇଥିଲ(ଲ)—ଗ୍ରା. ବି—(ସଂ. ଶୈଥିଲ୍ୟ)—ଶୈଥିଲ୍ୟ (ଦେଖ)
Śaithila(la) Śaithilya (See)
শৈথিল্য मन्दी

ଶଇଥିଲ ଲି)ଆ(ଯ୍ୟା)—ଗ୍ରା ବିଣ.—(ସଂ. ଶିଥିଳ)—୧ । ଶିଥିଳ—
Śaithili(li)ā(yā) 1. Śithila (See)
୨ । ଅବସର ବିଶିଷ୍ଟ—2. Having leisure.
ଗ୍ରା. ବି.—ଅବସର—Leisure.

ଶଇବାଳ—ଗ୍ରା. (ପଦ୍ୟ) ବି—ଶୈବାଳ (ଦେଖ)
Śaibāla Śaibāla (See)
[ଉ—ବୁଡ ଶଇବାଳେ କମଳ ବନ—ଭଞ୍ଜ. ବୈଦେହୀଶ-ବିଳାସ ।]

ଶଇଲ—ଗ୍ରା. ବି.—୧ । (ସଂ. ଶୈଳ)—ଶୈଳ (ଦେଖ)
Śaila শইল शइल Śaila (See)
୨ । (ସଂ. ଶୈଳ)—ଶୟଳ (ଦେଖ)—
Śayala (See) ୩ । (ସଂ. ଶଲ୍ୟ)—ଶଅଳ (ଦେଖ)—Śa-ala (See)

ଶଇଲି—ଦେ. ବି.—(ସଂ. ଶୈଳୀ)—ଭାଷାର ଓ ଭାବପ୍ରକାଶର ଢଙ୍ଗ
Śaili ବା ରୀତି—The diction and style of
শৈলী शैली writing.

ଶଓଆର—ବୈଦେ. ବି—(ଫା. ସୱାର, ଭୁଲ. ସଂ. ଅଶ୍ୱବାର)—ସବାର
Śawāra সওয়ার सवार (ଦେଖ)—Sabāra (See)

ଶଓଆରି—ଦେ. ବି—ସବାରି (ଦେଖ)
Sawāri पालकी सवारी Sabāri (See)

ଶଉଚ (ଇତ୍ୟାଦି)—ଗ୍ରା. ବି—ଶୌଚ ଇତ୍ୟାଦି (ଦେଖ)
Śaucha (etc) Saucha etc (See)
[ଉ—ଶଉଚ କର୍ମ ବଧି ସାର—ପ୍ରାଚୀ ପ୍ରେମଭକ୍ତି ଗୀତା ।]

ଶଉଧ—ଗ୍ରା. (ପଦ୍ୟ) ବି.—(ସଂ. ଶୁଦ୍ଧ)—ଶୁଦ୍ଧ (ଦେଖ)
Śaudha Suddha (See) [ଉ—ବହୁର ସଉଧ ସଦନେ ବହୁର ଶଉଧ ସଦନେ ଧନ—ଭଞ୍ଜ. ବୈଦେହୀଶବିଳାସ ।]

ଶଉନକ—ଗ୍ରା. (ପଦ୍ୟ) ବି—ଶୌନକ ନାମଧେୟ ଋଷି—
Śaunaka Sage Saunaka. [ଉ—ଅହେ ଶଉନକ ସେ ମନ୍ତ୍ର ପ୍ରଶ୍ନବରେ । କୃଷ୍ଣସିଂହ. ମହାଭାରତ. ଅବ ।]

ଶଉପ—ଦେ. ବି—୧ । (ସଂ. ଶତପୁଷ୍ପ) ଯାକମଧ୍ୟସ୍ଥ ଜାତୀୟ ବୃକ୍ଷଜାତ
Śaupa ଶାକ ବିଶେଷ ଓ ତାହାର ବୀଜ—1. Dill seed;
ସଂ. ନାମ—ଶତାହ୍ୱା, ମିଶି, Peucedanum Gravelens;
କାରବୀ, ଅଭି ଛତ୍ରା, Anethum Sowa(Kirtikar).
ଶିତଚ୍ଛତ୍ରା, ସଙ୍ଘାତପତ୍ରିକା [ଉ—ଏହାର ପତ୍ର ବହୁଛିଦ୍ର, ଫଳ

ମାଧବୀ, ଶତପୁଷ୍ପା, ମିଶ୍ରେୟା । ଜାଗ୍ର ପତ୍ର; କନ୍ଦ ଚେପା ଓ ମସୃଣ,
শুলফা, সবা, শলপ କାଣ୍ଡଳ ଓ ବଲ୍କର ମସଲାରୂପେ ଓ
सोआ,सोफ ଔଷଧରେ ଏହା ବ୍ୟବହୃତ ହୁଏ ।
ମ. ଶୋଫ, ଶେପୁ, ଏହି ଜାତୀୟ ଏକପ୍ରକାର ବନ
ବାଲ୍ଂତଶୋପ ଶାକକୁ ବଣ ଶଉପ ବା ସାବଣୀ
ଗୁ. ଶୁବାଜୀଭାଜୀ, ଶୁବ'ଦାନା କହନ୍ତି । ତାହାର ଫଳ ଶଉପଠାରୁ
ତେ. ଯେଦସବାପରେଟ୍ଟୁ, ସଦାପା ଛୋଟ, କିନ୍ତୁ ଗନ୍ଧ ଶଉପ ଗନ୍ଧ ପରି ।
ଫା. ଶୁଭ; ଭୁଣ୍ ମେଶୁଭ୍ Fumaria Parviflova.
ଆ. ଶୀବତ୍; ଶୀଯତ୍ ବତ୍ଲର [ଏହାର ଅନ୍ୟ ଏକ ଜାତି ପାରସ୍ୟ
ଦେଶରେ ଜନ୍ମେ ଫା ଶାହତାର୍, ହି ପିତ୍‌ପାପଡ଼ା—
Fumaria Officinalis; Fumatory], ୨ ।
(ସ. ଶପ୍ତ) ଶପ; ସଉପ (ଦେଖ)—Saupa (See)

ଶଉର(ରା) (ଇତ୍ୟାଦି)—ଦେ. ବି. ପୁଂ (ସ. ଶବର)—ଶବର ଇତ୍ୟାଦି
Śaura(ra) etc (ଦେଖ)—Śabara etc. (See)
[ଶଉରୁଣୀ—ସ୍ତ୍ରୀ]

ଶଉରା ପଲି(ଲୀ)—ଦେ. ବି (ସ. ଶବରପଲ୍ଲୀ)—ଶଅରପଲି (ଦେଖ)
Śaurāpali(li) Śa-ara pali. (See)
[ଶଉରାପାଲ—ପ୍ରାଦେ(ସମ୍ବଲପୁର)ରୂପ]

ଶଉରି—ଗ୍ରା. ବି. (ପୁଂ) (ସଂ. ଶୌରି)—୧ । ଲୋକଙ୍କ ନାମ—
Śauri 1. Name given to males. ୨ । (ସ୍ତ୍ରୀ) ସ୍ତ୍ରୀଙ୍କ
ନାମ—2. Name given to females. ୩ । ଶନି
ଗ୍ରହ—3. The planet Saturn. [ଉ—ପୁଣି
ଉନ୍ଦ୍ରଭୋଗ କରେ ଏ କନ୍ୟା ଶଉରି ସଙ୍ଗରେ ସଦେଦ
କୃତ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୪ । ବିଷ୍ଣୁ—
4. Bishnu. ୫ । ରାମାୟଣବର୍ଣ୍ଣିତ ମର୍କଟଯୂଥପତି—
5. Name of a monkey leader in
Rāmāyaṇa. [ଉ—ବାଳକର୍ଷି ଦାଶରଥି ଶଉରି—
ଭଞ୍ଜ. ବୈଦେହୀଶବିଳାସ ।]

ଶଉରି ବାର—ଗ୍ରା. ବି (ସ. ଶୌରିବାର)—ଶନିବାର—
Śauri bāra Saturday.
শনিবার शनिवार

ଶଉରି ବେତ—ଦେ. ବି—ଏକପ୍ରକାର ମୋଟ ବେତ । (ବେତ ତଳେ
Śauri beta କୋଷ୍ଠ ଦେଖ)—A kind of thick
cane.

ଶଉଲ୍—ପ୍ରାଦେ (ଉତ୍ତରାଞ୍ଚଳ) ବି—ଶକୁଳ (ଦେଖ)
Śaul Śakula. (See)

ଶଉଳ—ଗ୍ରା. ବି—୧ । (ସ. ଶକୁଳ) ଶକୁଳ (ଦେଖ)—1. Śakula
Śaula (See). ୨ । (ସ. ଶଲ୍ଲ) ଶଅଳ (ଦେଖ)—
শোল, শউল सौरो 2. Sa-aḷa. (See)
শলী कनैल

ଶଉଳ କଡ଼ା(ଢ଼ା)—ଗ୍ରା. ବି—ସେଉଳ କଡ଼ା (ଦେଖ)
Śauḷa karḍā(rḍhā) Seuḷa karḍhā. (See)
ছোটশোল মাছ सौरीका बच्चा

ଶଏ—ଗ୍ରା (ପଦ୍ୟ) ବି. ଓ ବିଣ (ସ. ଶତ)—ଏକଶତ—A hundred.
Śae (ଶତକ ତଳେ କୋଷ୍ଠ ଦେଖ) [ଉ—ମୋ ଶଏ ବନ୍ଧୁଙ୍କରେ
একশ सौ ବଡ଼ବନ୍ଧୁ ତୁହି । କୃଷ୍ଣସିଂହ. ମହାଭାରତ. ସଭା ।]

ଶଏ କଡ଼ା(ରା)—ଦେ. ବି—ଶଅ କଡ଼ା (ଦେଖ)
Śae karḍā(rā) Śa-akarḍā. (See)

ଶଏତାନ୍ (ନି,ନିଆ) (ଇତ୍ୟାଦି)—ଦେ. ବି (ଆ. ଶୈତାନ)—ସଇତାନ
Śaetān(ni,niā) etc (ନି,ନିଆ) ଇତ୍ୟାଦି (ଦେଖ)—
শয়তান शैतान Saitān(ni,niā) etc. (See)

ଶଏ ଅଷ୍ଟଉତ୍ତର—ଦେ. ବି ଓ ବିଣ (ସ.ଅଷ୍ଟୋତ୍ତର ଶତ)—୧୦୮;ଏକ
Śae ashṭauttara ଶତ ଅଠ—One hundred and
[ଶଏ ଅଠ—ଅନ୍ୟରୂପ] eight. [ଉ—ଅଙ୍ଗ ଯେ ଶଏ ଅଷ୍ଟ]
একশ আট ଉତ୍ତର ତୋମର, କଲା କାଳୁଳକୁ ସେ ଯୁଦ୍ଧରେ ପ୍ରହାର ।
एकसौ आठ କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।]

ଶଏବାନ—ଦେ. ବି (ସ. ଶାତକୁମ୍ଭ, ସୁବର୍ଣ୍ଣ—ସୁନା)—ଆଠଥର ଶାଣିତ
Śaebāna ସ୍ୱର୍ଣ୍ଣ—Gold which has been polished eight
times. [ଉ—ଅଷ୍ଟାବନ ବୋଇଲେ ଆଠବାର ଶାହାଣ—
ଦେଲେ ସୁନା ଶଏବାନ ହୁଏଟି ଜାଣ । କୃଷ୍ଣସିଂହ.
ମହାଭାରତ. ବନ ।]

ଶଂ—ସ. ବି—୧ । କଲ୍ୟାଣ; ମଙ୍ଗଳ—1. Weal. ୨ । ସୁଖ—
Śaṁ 2. Happiness. ୩ । ଶାନ୍ତି—3. Peace. ୪ । ଅନ୍ତ-
ରଙ୍ଗର ଅଭାବ;ବୈରାଗ୍ୟ—4. Apathy for worldly
things. ୫ । ଶାସ୍ତ୍ର—5. Religious book;
Scripture. ବିଣ—ଶୁଭ—Auspicious.

ଶଂକୀ(ଖୀ)—ଦେ. ବି (ସ. ଶଙ୍ଖ)—ଶଙ୍ଖୀ (ଦେଖ)
Śaṁki(khi) Śaṅkhi. (See)

ଶଂପିବା—ଦେ. କ୍ରି—ଶମ୍ପିବା (ଦେଖ)—Śampibā. (See)
Śampibā [ଉ—ଦେବା ବସ୍ତୁ ତା ଅମଙ୍ଗଳେ, ଦୋତେ ଶଂପିଲା
ବାକ୍ୟ ବଳେ । ଜଗନ୍ନାଥ. ଭାଗବତ ।]

ଶଂବ—ସ. ବିଣ (ଶମ୍=କଲ୍ୟାଣ+ବ, ଯୁକ୍ତାର୍ଥେ)—୧ । କଲ୍ୟାଣ—
Śamba ଯୁକ୍ତ—1. Prosperous. ୨ । ଭାଗ୍ୟବାନ୍—
2. Blessed. ୩ । ସୌଭାଗ୍ୟଶାଳୀ—3. Fortu-
nate. ୪ । ସୁଖୀ—4. Happy. ବି—୧ । ସୌଭାଗ୍ୟ—
1. Good fortune. ୨ । କଲ୍ୟାଣ—2. Pros-
perity. ୩ । ସର୍ପବିଶେଷ—3. Name of a
snake. ୪ । ଇନ୍ଦ୍ରଙ୍କ ବଜ୍ରାସ୍ତ୍ର—4. Thunderdolt,
the weapon of Indra. ୫ । ଅଣ୍ଟା ଚାରିପାଖେ
ପିନ୍ଧାଯିବା ଲୁହା ଜଞ୍ଜିର (ହି. ଶ)—5. An iron
chain worn round the waist. ୬ । ପ୍ରାଚୀନ
କାଳର ଏକପ୍ରକାର ମାପ (ହି. ଶ)—6. A kind of
measure used in ancient times. ୭ । କ୍ରମନିୟମିତ
ରୂପେ ହଳ କରିବା କର୍ମ (ହି. ଶ)—7. The act
of ploughing regularly.

ଶଂବର—ସ. ବି (ଶମ୍=କଲ୍ୟାଣ+ବୃ ଧାତୁ=ବରଣ କରିବା,
Śambara ଅଥବା ବରଣ କରିବା+କର୍ତ୍ତୃ. ଅ)—୧ । ସଲିଳ; ଜଳ—

1. Water. ୨ । ବଦୋଦାସଙ୍କ ଶତ୍ରୁ ଦୈତ୍ୟବିଶେଷ (ହ୍ର. ଶ)—2. Name of demon. [ଦ୍ର— ବଦୋଦାସଙ୍କୁ ରକ୍ଷା କରିବା ପାଇଁ ଇନ୍ଦ୍ର ଏହାକୁ ପର୍ବତରୁ ତଳକୁ ଫିଙ୍ଗି ମାରି ଦେଲେ । ରାମାୟଣ ଓ ମହାଭାରତରେ ଏହାଙ୍କୁ କାମଦେବଙ୍କ ଶତ୍ରୁ ବୋଲି ଯାଇଅଛି—ହ୍ର. ଶ ।] ୩ । ପ୍ରାଚୀନ କାଳର ଶସ୍ତ୍ରବିଶେଷ (ହ୍ର. ଶ)—3. An ancient weapon. ୪ । ଯୁଦ୍ଧ; ସମର (ହ୍ର. ଶ.)—4. War; battle. ୫ । ଏକପ୍ରକାର ମୃଗ; ଶମ୍ବର ହରିଣ (ହ୍ର. ଶ)—5. The Sambhar deer. ୬ । ମାଛ (ହ୍ର. ଶ)—6. Fish. ୭ । ପର୍ବତବିଶେଷ (ହ୍ର. ଶ)—7. Name of a mountain. ୮ । ଚିତ୍ରକ ବୃକ୍ଷ (ହ୍ର. ଶ)—8. Plumbago Zeylanica (plant). ୯ । ଲୋଧ ବୃକ୍ଷ (ହ୍ର. ଶ)—9. Simplocus Racemosa (tree). ୧୦ । ଅର୍ଜୁନ ବୃକ୍ଷ (ହ୍ର. ଶ)—10. Terminalia Arjuna (tree). ୧୧ । ତାଳ ବୃକ୍ଷ (ହ୍ର. ଶ)—11. Palm tree. ୧୨ । ଶବର ଚନ୍ଦନ (ଦ୍ରବ୍ୟଗୁଣ) (ଦେଖ)— 12. Śabara chandana (See). ସଂ. ବିଣ. ପୁଂ—୧ । ଅତି ଉତ୍ତମ (ହ୍ର. ଶ)—1. Very good. ୨ । ଭାଗ୍ୟବାନ୍ (ହ୍ର. ଶ)—2. Fortunate. ୩ । [ଶଂବରୀ—ସ୍ତ୍ରୀ] ସୁଖୀ (ହ୍ର. ଶ)—3. Happy.

ଶଂଯୁ—ସଂ. ବି ଓ ବିଣ (ଶମ୍ = କଲ୍ୟାଣ + ଯୁ: ଯୁକ୍ତାର୍ଥେ)—ଶଂବ Śamju (ଦେଖ)—Śamba (See)

ଶଂସ୍ (ଧାତୁ)—ସଂ—୧ । କହିବା—1. To speak. ୨ । ସୂଚନା Śams (root) କରିବା—2. To indicate; to hint, [ଶଲ୍ଲ—ଅନ୍ୟରୂପ] ୩ । ପ୍ରଶଂସା କରିବା—3. To praise.

ଶଂସ(ସା)—ସଂ. ବି (ଶଂସ୍ ଧାତୁ + ଭାବ. ଅ; ଆ)—୧ । ପ୍ରତିଜ୍ଞା Śamsa(sā) (ହ୍ର. ଶ)—1. Promise. ୨ । ଶପଥ (ହ୍ର. ଶ)—2. Oath. ୩ । କୁହୁକ (ହ୍ର. ଶ)—3. Magic. ୪ । ପ୍ରଶଂସା (ହ୍ର. ଶ)—4. Praise. ୫ । ଇଚ୍ଛା (ହ୍ର. ଶ)—5. Desire. ୬ । ସ୍ତୁତି (ହ୍ର. ଶ)—6. Flattery. ୭ । ଘୋଷଣା (ହ୍ର. ଶ)—7. Declaration. ୮ । ବକ୍ତୃତା (ହ୍ର. ଶ)—8. Speech; lecture.

ଶଂସନ—ସଂ. ବି (ଶଂସ୍ ଧାତୁ + ଭାବ. ଅନ)—୧ । କଥନ— Śamsana 1. Speaking; utterance. ୨ । ସୂଚନ— 2. Indicating; hinting. ୩ । ନିଶ୍ଚୟ କରି କହିବା—3. Assurance. ୪ । ଅଭିଳାଷ; ଇଚ୍ଛା; ବାଞ୍ଛା—4. Wish; desire; inclination. ୫ । ଶ୍ଲାଘା; ପ୍ରଶଂସା—5. Praise; eulogy. ୬ । ଆଶୀର୍ବାଦ—6. Blessing.

ଶଂସିତ—ସଂ. ବିଣ (ଶଂସ ଧାତୁ + କର୍ମ. ତ)—୧ । କଥିତ— Śamsita 1. Spoken. ୨ । ସୂଚିତ—2. Indicated; hinted; prefaced to. ୩ । ଅଭିଲଷିତ; ବାଞ୍ଛିତ— 3. Wished for; desired. ୪ । ସ୍ତୁତ; ପ୍ରଶଂସିତ— 4. Praised; extolled; applauded. ୫ । ନିଶ୍ଚିତ— 5. Certain; assured; sure. ୬ । କୁତ୍ସିତ— 6. Ugly; homely. ୭ । ଅନୁଷ୍ଠିତ; ସମ୍ପାଦିତ— 7. Performed; done; accomplished.

ଶଂସିତ ବ୍ରତ—ସଂ. ବିଣ. ପୁଂ—(ବହୁବ୍ରୀହି; ଶଂସିତ ହୋଇଅଛି ବ୍ରତ Śamsita brata ଯାହାର)—ଯାହାର ବ୍ରତ ପୂର୍ଣ୍ଣ ହୋଇଅଛି— (ଶଂସିତବ୍ରତା—ସ୍ତ୍ରୀ) Whose vows have been performed or accomplished.

ଶଂସୀ—ସଂ. ବିଣ. ପୁଂ—(ଶଂସ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ.) Śamsī ୧ । ସୂଚନାକାରୀ; ସୂଚକ—1. Indicating; [ଶଂସିନୀ—ସ୍ତ୍ରୀ] making known. ୨ । କଥନକାରୀ— 2. Speaking. ସଂ. ବି. ପୁଂ—କଥକ ବ୍ୟକ୍ତି— Speaker.

ଶଂସ୍ତା—ସଂ. ବି. ପୁଂ—(ଶଂସ୍ ଧାତୁ + କର୍ତ୍ତୃ. ତୃ; ଶଂସ୍ତୃ ଶବ୍ଦର ୧ମା. Śamstā ୧ବ.)—୧ । ସ୍ତୋତା; ସ୍ତୁତିପାଠକ—1. An [ଶଂସ୍ତ୍ରୀ—ସ୍ତ୍ରୀ] eulogist, a panegyrist. ୨ । ସ୍ତାବକ; ତୋଷାମଦିଆ; ଚାଟୁକାର—2. Flatterer. ୩ । ହୋତା—3. A priest officiating at a sacrifice.

ଶଂସ୍ଥ—ସଂ. ବିଣ. ପୁଂ—(ଶମ୍ = କଲ୍ୟାଣ + ସ୍ଥା ଧାତୁ + କର୍ତ୍ତୃ. ଅ)— Śamstha ଶୁଭାନ୍ୱିତ; କଲ୍ୟାଣଯୁକ୍ତ; ଭାଗ୍ୟବାନ୍—Blessed, (ଶଂସ୍ଥା—ସ୍ତ୍ରୀ) fortunate; prosperous.

ଶଂସ୍ୟ—ସଂ. ବିଣ—(ଶଂସ୍ ଧାତୁ + କର୍ମ. ଯ)—୧ । ବାଞ୍ଛନୀୟ— Śamsya 1. Desirable; wished for. ୨ । ବାଚ୍ୟ— (ଶଂସ୍ୟା—ସ୍ତ୍ରୀ) 2. Expressible; predicable. ୩ । କଥନୀୟ—3. Fit to be spoken; utterable. ୪ । ପ୍ରଶଂସନୀୟ—4. Commendable; praiseworthy. ୫ । ହିଂସନୀୟ—5. Fit to be injured. ୬ । ଗୁଣବାନ୍—6. Qualified; virtuous. ସଂ. ବି—ଅଗ୍ନି (ହ୍ର. ଶ)—Fire.

ଶକ୍ (ଧାତୁ)—ସଂ—୧ । ପାରିବା; ପାରଗ ହେବା—1. To be Śak (root) able or competent. ୨ । ବାକ୍ୟଦ୍ୱାରା ସନ୍ତୁଷ୍ଟ କରିବା—2. To please with words.

ଶକ୍—ଦେଶଜ. ବି—(ଅ: ଶକ୍; ଜୁଲ. ସଂ. ଶଙ୍କା)—୧ । ସନ୍ଦେହ— Śak 1. Doubt. ୨ । ଶଙ୍କା—2. Apprehension.

ଶକ—ସଂ. ବି—(ଶକ ଧାତୁ + କର୍ତ୍ତୃ. ଅ)—୧ । ଅବ୍ଦ ପ୍ରବର୍ତ୍ତକ ରାଜା Śaka ଶାଳିବାହନ—1. Name of a king who introduced a calendar year. ୨ । ଶକାବ୍ଦ; ଶାଳିବାହନ ରାଜାଙ୍କ ପ୍ରବର୍ତ୍ତିତ ଅବ୍ଦ—2. Śālibāhana era; the year introduced by king Śālibāhana

[ଦ୍ର—ଏହା ଖ୍ରୀଷ୍ଟାବ୍ଦ ସଂଖ୍ୟା ଅପେକ୍ଷା ୭୮ ବର୍ଷ କମ୍, ଅର୍ଥାତ ଖ୍ରୀଷ୍ଟ ଜନ୍ମର ୭୮ ବର୍ଷ ପରେ ଶକର ଗଣନା ଆରମ୍ଭ ହୋଇଥିଲା ।] ୩ । ମଧ୍ୟଅସିଆବାସୀ ପ୍ରାଚୀନ ଜାତି ବିଶେଷ—3 Name of an ancient nation of Central Asia; Scythians. [ଦ୍ର,—ଏହି ଜାତି ପ୍ରଥମେ ଗୋଟିଏ ଜାତି ନ ଥିଲେ । ଏମାନେ ଏକାଧିକ ଜାତି ଥିବାରୁ ସଂସ୍କୃତରେ ମଧ୍ୟ ଏମାନେ 'ଶକାଃ' (ବହୁବଚନରେ ଶକ ଜାତିମାନେ) ବୋଲି କଥିତ । ଏମାନେ ମଧ୍ୟଅସିଆର ଯାଯାବର ଯୁଦ୍ଧପ୍ରିୟ ଜାତି ଥିଲେ । ଗ୍ରୀକ୍‌ମାନେ ଏମାନଙ୍କୁ Scythian,(ସିଥିଅନ) ଜାତି ବୋଲି ନାମ ଦେଇଥିଲେ । ଏମାନେ ଖ୍ରୀଷ୍ଟ ଜନ୍ମର ପୂର୍ବ ପ୍ରଥମ ଶତାବ୍ଦୀଠାରୁ ଖ୍ରୀଷ୍ଟଜନ୍ମର ପରବର୍ତ୍ତୀ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଭାରତକୁ ଦଳଦଳ ହୋଇ ଆକ୍ରମଣ କରୁଥିଲେ । ଏମାନେ କାଶ୍ମୀର, ଅଫଗାନିସ୍ଥାନ, ପଞ୍ଜାବ, ସିନ୍ଧୁ ପ୍ରଦେଶ, ଗୁଜୁରାଟ ଏବଂ ବମ୍ବେଇ ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିଲେ । ଖ୍ରୀଷ୍ଟଜନ୍ମର ପ୍ରଥମ ଶତାବ୍ଦୀରେ ଏମାନଙ୍କ ରାଜା ଶାଳିବାହନ ଭାରତରେ ରାଜତ୍ୱ କରୁଥିଲେ ଏବଂ ଏହାଙ୍କ ରାଜତ୍ୱ କାଳ (୭୮ ଖ୍ରୀଷ୍ଟାବ୍ଦ)ରେ ଶକାବ୍ଦ ଭାରତରେ ପ୍ରଚଳିତ ହୋଇଥିଲା ଓ ତାହା ମଧ୍ୟ ଅଦ୍ୟାବଧି ଭାରତରେ ଚଳୁଅଛି । ଏମାନେ ଭାରତରୁ ଗ୍ରୀକ୍ ରାଜାଙ୍କୁ ତଡ଼ି ଆପଣାର ରାଜ୍ୟ ବିସ୍ତାର କରିଥିଲେ । ସିନ୍ଧୁ, ମାଳବ ଓ ପଶ୍ଚିମ ଭାରତରେ ଏମାନେ ବହୁକାଳ (ପ୍ରାୟ ୪୦୦ ବର୍ଷ) ରାଜତ୍ୱ କରିଥିଲେ ଓ ଉଜ୍ଜୟିନୀ ଏମାନଙ୍କର ରାଜଧାନୀ ଥିଲା । ଏମାନଙ୍କୁ ପରାକ୍ରମୀ ହିନ୍ଦୁ ରାଜା ବିକ୍ରମାଦିତ୍ୟ ପରାଜିତ କରି ଭାରତରେ ହିନ୍ଦୁ ରାଜ୍ୟ ବିସ୍ତାର କରିଥିଲେ । ଏହି ଶକଜାତି ମଧ୍ୟରୁ ଗୋଟିଏ ଜାତିର ରାଜା କନିଷ୍କ ଉତ୍ତରଭାରତ, ତୁର୍କୀସ୍ଥାନ ଓ ଅଫଗାନିସ୍ଥାନର ରାଜା ହୋଇଥିଲେ ଏବଂ ପୁରୁଷପୁର (ଆଧୁନିକ ପେଶୱାର) ତାଙ୍କ ରାଜଧାନୀ ଥିଲା । ଏ ୧୪୦ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିଲେ ଏବଂ ମଧ୍ୟଅସିଆରେ ଓ ଚୀନଦେଶରେ ବୌଦ୍ଧଧର୍ମର ପ୍ରଚାର କରାଇଥିଲେ । ଏହାଙ୍କ ସମୟର ମୁଦ୍ରା ଏବେ ମଧ୍ୟ ଭୂଗର୍ଭରୁ ମିଳୁଅଛି । ପୁରାଣରେ ସୂର୍ଯ୍ୟବଂଶୀ ରାଜା ନରିଷ୍ୟନ୍ତଙ୍କଠାରୁ ଏହି ଜାତିର ଉତ୍ପତ୍ତି ହୋଇଥିବା ବର୍ଣ୍ଣିତ ଅଛି । ରାଜା ସଗର ରାଜା ନରିଷ୍ୟନ୍ତଙ୍କୁ ରାଜ୍ୟଚ୍ୟୁତ ଓ ନିର୍ବାସିତ କରିଥିଲେ । ବର୍ଣ୍ଣାଶ୍ରମ ଆଦି ନିୟମ ପାଳନ ନ କରିବାରୁ ଓ ବ୍ରାହ୍ମଣମାନଙ୍କଠାରୁ ପୃଥକ୍ ରହିବାରୁ ନରିଷ୍ୟନ୍ତ ମ୍ଳେଚ୍ଛ ହୋଇ ଯାଇଥିଲେ; ତାହାଙ୍କ ବଂଶଧରମାନେ ଶକ ନାମରେ ଅଭିହିତ ହେଲେ । ଆଧୁନିକ ପଣ୍ଡିତମାନେ କହନ୍ତି ଯେ ମଧ୍ୟ-ଅସିଆ ପ୍ରାଚୀନକାଳରେ ଶକଦ୍ୱୀପ ନାମରେ ପ୍ରସିଦ୍ଧ ଥିଲା । ୟୁନାନୀମାନେ ଏ ଦେଶକୁ ସିଥିଆ କହୁଥିଲେ; ଏହି ମଧ୍ୟ-ଅସିଆବାସୀଙ୍କୁ ଶକ୍ କୁହାଯାଉଥିଲା । ଏକ ସମୟରେ ଏ ଜାତି ଅତି ପ୍ରତାପଶାଳୀ ହୋଇଥିଲେ । ଖ୍ରୀଷ୍ଟପୂର୍ବ ୬୦୦ ବର୍ଷରେ ଏ ଜାତି ମଥୁରା ଓ ମହାରାଷ୍ଟ୍ର ଦେଶ ଅଧିକାର କରିଥିଲେ । ଏମାନେ ଆପଣାକୁ ଦେବପୁତ୍ର କହୁଥିଲେ । ଏମାନେ ୧୯୦ ବର୍ଷ ଭାରତରେ ରାଜତ୍ୱ କରିଥିଲେ । କନିଷ୍କ ଓ ହୁବିଷ୍କ ଏହିମାନଙ୍କ ରାଜା ଥିଲେ—(ହି. ଶ) ।] ୪ । ଦେଶ ବିଶେଷ—4. Name of a country; Scythia (ଶକମାନଙ୍କ ଅଧ୍ୟୁଷିତ ଦେଶ, ଅସିଆର ମଧ୍ୟଭାଗ) ୫ । ଯେଉଁ ରାଜାଙ୍କ ନାମରେ କୌଣସି ସଂବତ୍ ଚଳେ (ହି. ଶ)—5. A king in whose name any era is started. ୬ । ଶକାବ୍ଦ; ରାଜା ଶାଳିବାହନଙ୍କ ପ୍ରବର୍ତ୍ତିତ ସନ—6. The era started by Sāḷibāhana. ୭ । ତାତାର ଦେଶ (ହି. ଶ)—7. Tartary. ୮ । ଜଳ (ହି ଶ)—8. Water. ୯ । ମଳ (ହି. ଶ)—9. Dirt. ୧୦ । ପଶୁ ବିଶେଷ (ହି. ଶ)—10. A kind of beast.

ଶକଟ—ସଂ. ବି (ଶକ ଧାତୁ—ଧାରଣ ହେବା+କରଣ. ଅଟ, Śakaṭa ସଂଜ୍ଞାର୍ଥେ)—୧ । ଶଗଡ଼; ଗାଡ଼ି; ଦ୍ୱିଚକ୍ର ଯାନ—1. Cart; two wheeled vehicle. ୨ । ଭାର; ବୋଝ (ହି. ଶ)—2. Load; weight. ୩ । କଂସାନୁଚର ଅସୁର ବିଶେଷ; ଶକଟାସୁର (ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ)—Name of a demon killed by Śrikrushṇa. ୪ । ତିନିଶ ବୃକ୍ଷ (ହି. ଶ)—4 Dalbergia Ouigenensis (tree). ୫ । ଧବ ବୃକ୍ଷ (ହି. ଶ)—5. Conocarpus Latifolia (tree). ୬ । ଶରୀର; ଦେହ (ହି ଶ)—6. Body. ୭ । ଦୁଇ ହଜାର ପଳ ଓଜନ (ହି. ଶ)—7. A standard of weight. ୮ । ରୋହିଣୀ ନକ୍ଷତ୍ର (ତାହାର ଆକୃତି ଶକଟପରି) (ହି. ଶ)—8. The 4th asterism.

ଶକଟ କର୍ମ—ସଂ. ବି (ମ. ପ. ଲୋ)-ଶଗଡ଼ ଚଳାଇବାରୂପ କର୍ମ (ହି: ଶ:)- Śakaṭa karma The act of plying a cart. [ଶକଟ ଚାଳନ, ଶକଟବାହନ—ଅନ୍ୟରୂପ]

ଶକଟକା—ଦେ. ବି—ଶକଟାସୁର (ଦେଖ) Śakaṭakā Śakaṭāsura. (See) [ଦ୍ର—ଶ୍ରୀକୃଷ୍ଣ ଶକଟକା ନାଶ କଲେ । ରସକଲ୍ଲୋଳ ।]

ଶକଟ ଚାଳକ—ସଂ. ବିଣ. ସଂ ଓ ବି.—ଶଗଡ଼ିଆ; (ପୁ°)ଯେ ଗାଡ଼ି ଚଳାଏ— Śakaṭa chāḷaka Cartman; cart-driver. [ଶକଟବାହକ—ଅନ୍ୟରୂପ]

ଶକଟ ଧୂମ—ସଂ. ବି—୧ । ଗୋବର ବା ଘସିଆଁର ଧୂଆଁ (ହି.ଶ)— Śakaṭa dhūma 1. The smoke arising from the fire of cowdung cakes. ୨ । ନକ୍ଷତ୍ର ବିଶେଷ (ହି. ଶ)—2. Name of a star.

ଶକଟବାହୀ—ସଂ. ବିଣ. ପୁଂ (ଶକଟ ବହନ କରେ ଯେ—ଉପପଦ
Śakaṭabāhī ତତ୍)—ଶକଟକୁ ବହନ କରିବା ବା ଟାଣିବା
(ପଶୁ)—(beast) Driving the cart.

ଶକଟବାହ୍ୟ—ସଂ. ବିଣ (ଶକଟ ଦ୍ୱାରା ବାହ୍ୟ—ତୃତୀୟା ତତ୍)—ଶଗଡ଼
Śakaṭabāhya ଦ୍ୱାରା ବୁହାଯିବା (ପଦାର୍ଥ); ଶକଟଦ୍ୱାରା ବହନ-
ଯୋଗ୍ୟ (ଦ୍ରବ୍ୟ)—(thing) Which can be
carried or removed by a cart.

ଶକଟ ବ୍ୟୂହ—ସଂ. ବି—ଶକଟ ଆକାରରେ ସେନା ସନ୍ନିବେଶ—
Śakaṭa byūha A kind of battle array.
[ଦ୍ର—ଏ ବ୍ୟୂହରେ ସେନାଙ୍କ ସମ୍ମୁଖଭାଗ ସରୁଆ ଓ ପଛ
ପାଖ ମୋଟ କରିବାକୁ ହୁଏ ଓ ଏହା ଦେଖିଲେ ଶକଟପରି
ଜଣାଯାଏ ।]

ଶକଟହା—ସଂ. ବି (ଶକଟ=ଶକଟାସୁର+ହନ୍ ଧାତୁ=ବଧ କରିବା+
Śakaṭahā କର୍ତ୍ତୃ. ଅ, ଶକଟାସୁରର ହନ୍ତା)—ଶ୍ରୀକୃଷ୍ଣ—An
[ଶକଟାରି—ଅନ୍ୟରୂପ] epithet of Śrikrushṇa.

ଶକଟା—ସଂ. ବି—ନନ୍ଦରାଜାଙ୍କ ମନ୍ତ୍ରୀ; ଶକଟାର (ଦେଖ)—Name
Śakaṭā of the minister of king Nanda. (ଶକଟାର
ଓ ଚନ୍ଦ୍ରଗୁପ୍ତ ଦେଖ)—ଦେ. ବି—(ସଂ. ଶକଟ; ଏଥିରେ
ଶକଟର ଚିହ୍ନଯୁକ୍ତ ପଟ ଥିବାରୁ)—ଏକପ୍ରକାର ଦେଶୀ
କ୍ରୀଡ଼ା—A kind of country card game.
[ଉ—ଖେଳାଇଲା ପଶା ଶକଟା ନଇଲ୍ଲରେ । କୃଷ୍ଣସିଂହ.
ମହାଭାରତ. ବନ ।] [ଦ୍ର—ଏଥିରେ ତାସ୍ ଓ ଗଞ୍ଜପାପର
ଚିହ୍ନପଟମାନଙ୍କ ଦ୍ୱାରା ଖେଳ ହୁଏ; ବାଜି ଲଗାଯାଏ ।]
ପ୍ରାଦେ (ସମ୍ବଲପୁର) ବି—ପାଳୁଅ ବା ହଳଦୀ ଜାତୀୟ
ଗୁଳ୍ମ—A shrub resembling Pālua or
turmeric. [ଦ୍ର—ଏହାର ମୂଳକୁ ଯୋଉ ପାଳୁଅ
ସଙ୍ଗେ ମିଶାନ୍ତି । ଖାଇବାକୁ ଏହା କଷା ଲାଗେ ।]

ଶକଟାକ୍ଷ—ସଂ. ବି (ଷଷ୍ଠୀ ତତ୍)—୧ । ଶଗଡ଼ର ଅଖ (ବୃ. ଷ)—
Śakaṭāksha 1. The axle of a cart. ୨ । ଶକଟାକ୍ଷକ
(ଦେଖ)—2. Śakaṭākshaka. (See)

ଶକଟାକ୍ଷକ—ସଂ. ବି—ଧବ ବୃକ୍ଷ (ବୃ. ଷ)
Śakaṭākshaka Conocarpas Latifolia. (tree)

ଶକଟାର—ସଂ. ବି (ନାମ)—ସଂସ୍କୃତ ମୁଦ୍ରାରାକ୍ଷସ ନାଟକ ବର୍ଣ୍ଣିତ
Śakaṭāra ରାଜା ମହାନନ୍ଦଙ୍କ ପ୍ରଧାନ ମନ୍ତ୍ରୀ—Name of
the Prime minister of Raja Mahānanda
of the Sanscrit drama Mudrā
Rākshasa. [ଦ୍ର—ରାଜାଙ୍କ ପ୍ରଦତ୍ତ ଅପମାନର
ପ୍ରତିଶୋଧ ନେବାପାଇଁ ଏ ଚାଣକ୍ୟଙ୍କ ସଙ୍ଗେ ମିଳି ଷଡ଼ଯନ୍ତ୍ର
କରି ନନ୍ଦରାଜବଂଶର ଉଚ୍ଛେଦ ସାଧନ କରି ଚନ୍ଦ୍ରଗୁପ୍ତଙ୍କୁ ରାଜା
କରାଇଥିଲେ ।]

ଶକଟାସୁର—ସଂ. ବି—କଂସର ଅନୁଚର ଅସୁର ବିଶେଷ—Name of
Śakaṭāsura a demon who assumed the shape
of a cart and tried to kill Śrikrushṇa
but was killed by him. [ଉ—ତହିଁପରୁ
ପେଟ ହେବାକାଳେ ଶକଟ ହୋଇଣ ଯାହା ସେ ବଧିଲେ
ମୁଦୁ । କବିସୂର୍ଯ୍ୟ. ସଙ୍ଗୀତ ।] [ଦ୍ର—ଏ କଂସଦ୍ୱାରା
ଗୋପପୁରକୁ ପ୍ରେରିତ ହୋଇ ସେଠାରେ ଶକଟ ରୂପ ଧାରଣ
କରି ଶ୍ରୀକୃଷ୍ଣଙ୍କ ମାରିପକାଇବାକୁ ବସିଥିଲେ; କିନ୍ତୁ ଶ୍ରୀକୃଷ୍ଣ
ତାଙ୍କୁ ବଧ କଲେ ।]

ଶକଟାହ୍ୱା—ସଂ. ବି (ଶକଟ+ଆ+ହ୍ୱେ. ଧାତୁ+କର୍ମ. ଅ+ଆ)—
Śakaṭāhwā (ଜ୍ୟୋତିଷ) * ଗୋଟି ତାରାବିଶିଷ୍ଟ ରୋହିଣୀ
ନାମକ ନକ୍ଷତ୍ର—The 4th lunar mansion of
the Hindu astronomy. [ଦ୍ର—ଏହାର କଳ୍ପିତ
ଆକୃତି ଶକଟପରି । ନକ୍ଷତ୍ର ଚଳେ ଟୀକା ଦେଖ ।]

ଶକଟିକା—ସଂ. ବି. ସ୍ତ୍ରୀ (ଶକଟ+କ+ଆ)—୧ । ମୃତ୍ତିକଶକଟା; ପିଲାଙ୍କ
Śakaṭikā ଖେଳିବାର ଗାଡ଼ି—1. Joy-cart. ୨ । ଛୋଟ
[ଶକଟୀ—ଅନ୍ୟରୂପ] ଶକଟ—2. A small cart.

ଶକଡ଼ା—ଦେ. ବି ଓ ବିଣ—ଶଅକଡ଼ା (ଦେଖ)—Śa-a karḍā.
Śakarḍā (See) [ଉ—ଗାଁ ଖାନ୍ ବଡ଼, ଶକଡ଼ା ଘର, ହେଥିରୁ
शतकरा ଅଧାଅଧି କଲାଗ୍ରାମଗୋଷ୍ଠୀ । ଫକୀରମୋହନ ଗଳ୍ପସ୍ୱଳ୍ପ ।]
सैकड़ा

ଶକତ୍—ଦେ. (ପଦ୍ୟ) ବିଣ—ଶକ୍ତ (ଦେଖ)—Śakta. (See)
Śakat ବୈଦେ. ବିଣ ଓ କ୍ରି. ବିଣ (ଅ. ସଖତ୍)—୧ । ଶକ୍ତ;
शक्त सख्त ଅତ୍ୟନ୍ତ—1, Very; much.
୨ । ଦୃଢ଼—2 Strong.

ଶକତା—ଦେ. ବି (ପଦ୍ୟ; ସଂ. ଶକ୍ତ)—କାର୍ଯ୍ୟ କରିବାକୁ ସମର୍ଥ—
Śakatā समर्थ समर्थ Able to do a thing; capable.
[ଉ—ଶୁଣି ସୁମୁଖ ଯୋ କହି ତା ନୋହେ ଶକତା ।
ପ୍ରାଚୀ. ରହସ୍ୟମଞ୍ଜରୀ ।]

ଶକତାନ୍ (ନି)—ବୈଦେ. ବିଣ—ଶକ୍ତ (ଦେଖ)
Śakatān(ni) Śakta. (See)
[ଶକତାନଅ(ସ୍ଥା), ଶକତଅ(ସ୍ଥା)—ଅନ୍ୟରୂପ]

ଶକତି—ଗ୍ରା. ବି (ପଦ୍ୟ)—ଶକ୍ତି (ଦେଖ)—Śakti (See)
Śakati [ଉ—ମେଘ ଅନ୍ଧାର କଲେ ଭରି; ସେ ନିଜ ଶକତି
शकति शक्ति ସୁମରି—ଭୂପତି. ପ୍ରେମପଞ୍ଚାମୃତ ।]

ଶକର—ଦେ. ବିଣ (ସଂ. ଶର୍କରା=ଗୁଡ଼)—ଗୁଡ଼ଅ; ମିଠା—Sweet
Śakara शकर शक्कर ଦେ. ବି—ଗୁଡ଼—Molasses.

ଶକର କନ୍ଦ—ଦେ. ବି (ସଂ. ଶର୍କରା+କନ୍ଦ)—୧ । ଏକପ୍ରକାର ମିଠା
Śakara kanda ମୂଳ; ଟପ୍ପିଓ ଅଳୁ—1. A kind of
गय्याआलू sweet edible root; cassava; tapioca;
शकरकंद Manihot Utilissema. [ଦ୍ର—ଏହାର ମୂଳ
ମିଠା ଓ ଖାଦ୍ୟରୂପେ ବ୍ୟବହୃତ ହୁଏ । ଏହା ଅଳୁ ପରି
ଲତା ନୁହେଁ; ଏହିଁରୁ ଦାଇ ଏହା ଏକଜାତୀୟ ଗଛ ଓ
ଏହାର ପତ୍ର ଶିମିଳପତ୍ର ପରି । ଏହାର ମୂଳ ଧଳା ଓ
ଏହାକୁ କଞ୍ଚା ଖିଆଯାଏ । ଏହାର ମୂଳରୁ ଶୁଖାଇ
ଗୁଣ୍ଡ ଏକପ୍ରକାର ସୁଖାଦ୍ୟ ମଇଦା ତିଆରି କରାଯାଏ ।]
शकरकन्द आलू ୨ । କନ୍ଦମୂଳ ନାମକ ଲତା କନ୍ଦ;ମିଠା ଅଳୁ —
शकरकन्द 2. A species of sweet patato; Ipomœa
Batatas. [ଦ୍ର—ଏହା ଲତାର ମୂଳ; କଞ୍ଚା ଖାଇ

ହୁଏ ନାହିଁ । ଏଥିରେ ଶର୍କରାର ଦଗ୍‌ଧାର ଗୁଣ ଶର୍କରା ଥାଏ । ଏହା ଧୂଇ ବର୍ଣ୍ଣର, ଧଳା ଓ ନାଲ ।] ପ୍ରାଦେ. (ବସ୍ତୁର) ବ (ସଂ. ଶର୍କରା+କନ)—କନ; ନବାତ—Sugar.

ଶକଳ—ସଂ. ବି (ଶକ୍ ଧାତୁ=ପାରଗ ହେବା+କରଣ. ଅଳ)—Śakaḷa ୧ । ଖଣ୍ଡ; ଅଂଶ—1. Part; share. ୨ । ଚର୍ମ; ଚମଡ଼ା; ଜୀବର ଛାଲ—2. Skin of an animal. ୩ । ମାଛର କାତି—3. Scale of fish. ୪ । ଶକଜାତି—4. The Scythians. ୫ । ଏକପ୍ରକାର ରଙ୍ଗ ବା ବର୍ଣ୍ଣ—5. A kind of colour. ୬ । ଛଲବା—6. Upper slice. ୭ । ମନୁଙ୍କ ବର୍ଣ୍ଣିତ ପ୍ରାଚୀନ ଦେଶର ନାମ (ବୃ. ଶ)—7. Name of an ancient country. ୮ । ଲବଙ୍ଗ (ବୃ. ଶ)—8. Cloves. ୯ । ଅଁଳା (ବୃ. ଶ)—9. Embellic myrobalan. ୧୦ । କମଳନାଳ (ବୃ. ଶ)—10. The stem of lotu . ୧୧ । ଶର୍କରା; ଗୁଡ଼ (ବୃ. ଶ)—11. Molasses.

ଶକଳାନ୍ତ—ସଂ. ବି (ଶକଳ+ଅନ୍ତ)—ଶକଜାତିସୁ ରାଜାଙ୍କୁ ପରାସ୍ତ କରି ଭାରତରେ ହିନ୍ଦୁରାଜ୍ୟ ସ୍ଥାପନ କରିଥିବା Śakaḷānta (ଶକଳାନ୍ତକ—ଅନ୍ୟରୂପ) ବିକ୍ରମାଦିତ୍ୟ ରାଜା—King Bikramāditya who defeated the Scythians and established Hindu kingdom in N. W. India.

ଶକଳୀ—ସଂ. ବି (ଶକଳ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—କାତିଥିବା; Śakaḷi ଯେଉଁ ମାଛର କାତି ଅଛି—Scaly (fish). ବି—୧ । ମାଛ—1. Fish. ୨ । ମିରିକାଳି ମାଛ—2. A short of scaly sweet water medium-sized fish; Cirrhina Mrigala. ୩ ଶାଲମାଛ—3. A big species of Śeula; Oppecephalus Wrhal. ୪ । ଶଙ୍କରମାଛ (ବୃ. ଶ)—4. Trigon Narnak (fish); the stingray.

ଶକଵ—ସଂ. ବି—ରାଜହଂସ (ବୃ. ଶ)—Śakawa Swan.

ଶକସ—ବୈଦେ. ବି (ଅ)—ଶକ୍ଷ (ଦେଖ) Śakas Śakhsa (See

ଶକାନ୍ତକ—ସଂ. ବି (୬ଷ୍ଠୀ ତତ୍)—ଶକାରି (ଦେଖ) Śakāntaka Śakāri (See)

ଶକାବ୍ଦ(ବ୍ଦା)—ସଂ. ବି (ଶକ+ଅବ୍ଦ; ସଂସ୍କୃତରେ ଏହା ପ୍ରାୟଶଃ ବହୁବଚନରେ ପ୍ରଯୁକ୍ତ ହୁଏ)—ଶକଜାତୀୟ Śakābda(bdā) ରାଜାଙ୍କଦ୍ୱାରା ପ୍ରବର୍ତ୍ତିତ ସମ୍ବତ୍ସର—The era introduced by a Saka king. [ବ୍ୟୁ—ଶକରାଜା କନିଷ୍କ ୭୮ ଖ୍ରୀଷ୍ଟାବ୍ଦରେ ପେଶାବର ବା ପୁରୁଷପୁରରେ ରାଜତ୍ୱ ଆରମ୍ଭ କରିଥିଲେ । ସେହି ଦିନଠାରୁ ଶକାବ୍ଦ ଆରମ୍ଭ ହୋଇଅଛି । ଭଗବଦ୍ଧୀ ପ୍ରାଚୀନ ଭୂଗୋଳ । ଏ ଅବ୍ଦ ଖ୍ରୀଷ୍ଟଜନ୍ମର ୭୮ ବର୍ଷ ପରେ ଆରମ୍ଭ ହୋଇଥିଲା ଓ ବର୍ତ୍ତମାନ ମଧ୍ୟ ଭାରତରେ ଚଳୁଅଛି । (ସନ ଦେଖ) । କେହି କେହି କହନ୍ତି ଶାଲିବାହନ ଏ ଅବ୍ଦ ଚଳାଇଥିଲେ । (ଶକ ତଳେ ଟୀକା ଦେଖ) ।]

ଶକାର—ସଂ., ବି—୧ । ବର୍ଣ୍ଣମାଳାର ତାଲବ୍ୟ 'ଶ' ଅକ୍ଷର—1. The Śakāra letter 'Śa' of the alphabet. ୨ । (ନାଟକୀୟ ଭାଷା) ମୂର୍ଖ, ଅଧମାଗ ଓ ଦୁଷ୍ଟ ଲକ୍ଷଣ ବ୍ୟକ୍ତି ଏବଂ ଐଶ୍ୱର୍ଯ୍ୟଶାଳୀ ରାଜାଙ୍କର ରକ୍ଷିତା ସ୍ତ୍ରୀ (ଫୁଲବାଇ)ର ଭାଇ—2. (a dramatic term) A term used for an illiterate and low born person, a person prone to take offence at small things and the brother of a king's concubine. [ବ୍ୟୁ—ନାଟକରେ ଏ ପାତ୍ରକୁ କର୍କଶଭାଷୀ ଚପଳ, ଗର୍ବୀ, ନୀଚ ଓ କଠୋରହୃଦୟରୂପେ ଚିତ୍ରିତ କରାଯାଏ । ଯଥା—ମୃଚ୍ଛକଟିକରେ ସଂସ୍ଥାନକ ।] ସଂ. ବଣ ପୁଂ—ଶକଜାତୀୟ (ବୃ. ଶ)—Relating to the Saka tribe.

ଶକାର ବକାର—ଦେ. ବି (ଶଳା ଓ ବାହାଘୋଡ଼ ଗାଳିର ଆଦ୍ୟ ଅକ୍ଷର) Śakāra bakāra (ଦ୍ୱ୍ୟର୍ଥ)—ଅଶ୍ଳୀଳ ଗାଳି—
শকার বকার; বকার শকার Calling of ugly names to
शकार बकार a person.

ଶକାର ବକାର କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଶଳା ବାହାଘୋଡ଼ Śakāra bakāra karibā ଆଦି ଅଶ୍ଳୀଳ ଭାଷା ପ୍ରୟୋଗପୂର୍ବକ
বকার শকার করা ଗାଳି ଦେବା—To call ugly names
शकार बकार करना to a person.

ଶକାର ବକାର ପଢ଼ିବା, ଶକାର ବକାର ପ୍ରୟୋଗ କରିବା, ଶକାର ବକାର ଲଗାଇବା, ଶକାର ବକାର ଚଳେଇବା } ଅନ୍ୟରୂପ

ଶକାରି—ସଂ. ବି (ଶକମାନଙ୍କର ଅରି; ୬ଷ୍ଠୀ ତତ୍)—ଉଜ୍ଜୟିନୀର Śakāri ହିନ୍ଦୁରାଜା ବିକ୍ରମାଦିତ୍ୟ—The Hindu king (ଶକାନ୍ତକ—ଅନ୍ୟରୂପ) Bikramāditya of Ujjayini who defeated the Scythians. [ବ୍ୟୁ—ଏ ଶକମାନଙ୍କୁ ପରାସ୍ତ କରି ଭାରତରେ ହିନ୍ଦୁରାଜ୍ୟର ପୁନଃସ୍ଥାପନ କରିଥିଲେ ।]

ଶକି(କୀ)—ବୈଦେ. ବଣ—ସକି (ଦେଖ) Śaki(ki) Saki (See)

ଶକି ପାରିବା—ଦେ. କ୍ରି—(ସଂ. ଶକ୍ ଧାତୁ=ପାରିବା)—କୌଣସି Śaki pāribā କାର୍ଯ୍ୟକୁ କରି ପାରିବା; ସମର୍ଥ ହେବା—[ଶକିବା—ଅନ୍ୟରୂପ] 1. To be able to do a work. [ବ୍ୟୁ—ଯେଉଁ କାର୍ଯ୍ୟ ପାଇଁ ଯେଉଁ ଶକ୍ତି ଦରକାର, ସେ ଶକ୍ତିଯୁକ୍ତ ବ୍ୟକ୍ତି କେବଳ କାର୍ଯ୍ୟକୁ ଶକି ପାରେ । ଯଥା—ସେ ଏ ମକଦ୍ଦମା ଖରଚକୁ ଶକିପାରିବ ନାହିଁ; ମୁଁ ଏ ବୋଝକୁ ଶକି ପାରିବି ନାହିଁ—ଇତ୍ୟାଦି ।]

ଶକୁନ—ସଂ. ବି. ପୁଂ—(ଶକ୍ ଧାତୁ=ପାରିବା + କର୍ତ୍ତୃ. ଉନ)—
Sakuna ୧। ପକ୍ଷୀ—1. Bird. ୨। ଗୃଧ୍ର; ଶାଗୁଣା—2 Vulture. ୩। ଶଙ୍ଖଚିଲ—3 The white-headed kite. ୪। ଉତ୍ସବାଦି ସମୟର ଗୀତ; ମଙ୍ଗଳ ଗାନ—4. Invocatory songs sung on auspicious occasions and festivals. ୫। ନିମିତ୍ତ; ଶୁଭାଶୁଭ ସୂଚକ ପୂର୍ବ ଲକ୍ଷଣ (ଯଥା—ବାହୁ ସ୍ପନ୍ଦନ, ଚକ୍ଷୁଃସ୍ଫୁରଣ, ଯାତ୍ରା ଅନୁକୂଳ ସମୟରେ ପଶୁ ପକ୍ଷୀ ଆଦି ଦର୍ଶନ)—5 Omen; augery; auspicious premonitory indications (e. g. throbbing of the arms and eyes, seeing particular birds and beasts while starting on a journey). ୬। ଶୁଭସୂଚକ ପୂର୍ବ ଲକ୍ଷଣ—6 A lucky omen (M W). ସଂ. ବିଣ—ଶୁଭଲକ୍ଷଣଯୁକ୍ତ—Auspicious; indicating good luck (M. W).

[ଦ୍ର—କେତେକ ଚିହ୍ନ ଓ ଲକ୍ଷଣରୁ ଭାବୀ ଶୁଭାଶୁଭ ଜଣାପଡ଼ିବାର ବିଶ୍ୱାସ ଅଳ୍ପ ବହୁତ ସବୁ ଜାତି ମଧ୍ୟରେ ଆବହମାନ କାଳରୁ ଚଳି ଆସୁଅଛି। ହିନ୍ଦୁମାନଙ୍କର ବିଶ୍ୱାସ ଅନୁସାରେ ପୁରୁଷ ପକ୍ଷରେ ଦକ୍ଷିଣ ବାହୁ ସ୍ପନ୍ଦନ, ଦକ୍ଷିଣ ଚକ୍ଷୁ ସ୍ଫୁରଣ ଓ ସ୍ତ୍ରୀ ପକ୍ଷରେ ବାମ ବାହୁ ଓ ବାମ ଚକ୍ଷୁ ସ୍ଫୁରଣ ଶୁଭ ଶକୁନ ଅଟେ। ମନୁଷ୍ୟର ବାମ ଭାଗରେ ଶୂନ୍ୟ ଉପରୁ ଝିଟିପିଟି ଖସି ପଡ଼ିବା, ଯାତ୍ରା ଅନୁକୂଳ ସମୟରେ କଳସପୂର୍ଣ୍ଣ ଭୃତ୍ୟ, ବାମ ପାଖରେ ଶବ, ବିଲୁଆ ଓ ଯାତ୍ରା କାଳରେ ଶଙ୍ଖଚିଲ, ଭରଦ୍ୱାଜ ପକ୍ଷୀ, ନେଉଳ, ମାଛ ଓ ଦଧି ଦେଖିବା ଶୁଭ ଶକୁନ ଅଟେ। ପୁରୁଷର ବାମ ବାହୁ ଓ ବାମ ଚକ୍ଷୁ ସ୍ଫୁରଣ, ଦକ୍ଷିଣ ଅଙ୍ଗରେ ପଲ୍ଲୀପତନ, ଯାତ୍ରା ଅନୁକୂଳ ସମୟରେ ଆଗରେ ସାପ, ତେଲିଭଣ୍ଡ ବାଘ୍ର ତେଲ, ଡାହାଣ ପାଖରେ ବିଲୁଆ ଓ ଶବ, ଭୁଚ୍ଛା ମାଠିଆ, ହାଣ୍ଡି ବୋହି ଯେଉଁ ଅସୁଥିବା କୁମ୍ଭାର, ଯାତ୍ରା ସମୟରେ ମାର୍ଜାର ସ୍ୱର, କୁଟୁମ୍ବଙ୍କ ମଧ୍ୟରେ କଳହ, କ୍ରନ୍ଦନ ଓ ଏକାକୀ ଯାଉଥିବା ବୃଦ୍ଧ ବ୍ରାହ୍ମଣ ଦେଖିବା, ରାତିରେ ଘର ପାଖେ ପେଚା ବୋବାଇବା, ଅପଣା ମୁଣ୍ଡରେ ପେଚା ବା କୁଆ ବସିଯିବା, ଘର ଚାଳ ଉପରେ ଶାଗୁଣା ବସିଯିବା, ସକାଳୁ ଉଠି କୁଣି ଓ ଅଣ୍ଟୁଭିଡ଼ା ଲୋକର ମୁହଁ ଚାହିଁବା ଇତ୍ୟାଦି ସମସ୍ତଙ୍କ ପକ୍ଷରେ ଅଶୁଭ ଶକୁନ। ଶୁଭାଶୁଭ ଶକୁନ ସମ୍ବନ୍ଧରେ କେତେଗୁଡ଼ିଏ ପ୍ରବାଦ ଓ ଶ୍ଳୋକ ଅଛି। ଶକୁନର ଅର୍ଥ ପକ୍ଷୀ। ପୂର୍ବେ ପକ୍ଷୀମାନଙ୍କର ଗତିବିଧିରୁ ଲୋକେ ଶୁଭାଶୁଭ ନିର୍ଣ୍ଣୟ କରୁଥିବାରୁ ଶକୁନର 'ଶୁଭାଶୁଭ ଜ୍ଞାପକ ଚିହ୍ନ' ଅର୍ଥ ଚଳି ଅଛି। କାକମାନଙ୍କର ରାବ ଓ ଗତିବିଧି ଦେଖି ଭବିଷ୍ୟତ୍ ନିର୍ଣ୍ଣୟ କରାଯାଏ ଓ ଶକୁନ ଦେଖି ଭବିଷ୍ୟତ ବିଷୟ ଆଗରୁ ଜାଣି ପାରିବା ବିଦ୍ୟାକୁ 'କାକଚରିତ୍ର' ବୋଲାଯାଏ। ଏମନ୍ତ କି, ଅପଣାର ମୃତ୍ୟୁକାଳ ଜାଣିବାର ମଧ୍ୟ କେତେଗୁଡ଼ିଏ ଶକୁନ ହିନ୍ଦୁ ଶାସ୍ତ୍ରରେ ଅଛି।]

ଶକୁନଜ୍ଞ—ସଂ. ବିଣ. ପୁଂ (ଶକୁନ + ଜ୍ଞାଧାତୁ=ଜାଣିବା + କର୍ତ୍ତୃ. ଅ)—
Sakunajña ନିମିତ୍ତଜ୍ଞ; ଚିହ୍ନଜ୍ଞ; କାକଚରିତ୍ରଜ୍ଞ—Versed in
[ଶକୁନଜ୍ଞା—ସ୍ତ୍ରୀ] the art of reading omens. [ଦ୍ର—ସାଧାରଣ ଲୋକେ ଏପରି ବ୍ୟକ୍ତିଙ୍କୁ 'ସର୍ବଜ୍ଞ' ବୋଲି ଡାକନ୍ତି।]

ଶକୁନଜ୍ଞା—ସଂ. ବି. ସ୍ତ୍ରୀ (ଶକୁନଜ୍ଞ + ସ୍ତ୍ରୀ. ଆ)—୧। ଶକୁନ ପକ୍ଷୀ;
Sakunajñā ମାଈ ଶାଗୁଣା; ଚୂଳିଶାଗୁଣା—1. A she-vulture. ୨। ଝିଟି; ଝିଟିପିଟି; ବାଡ଼ିଅଣି—2. The common house lizard. ସଂ. ବିଣ. ସ୍ତ୍ରୀ—ଶକୁନଜ୍ଞର ସ୍ତ୍ରୀଲିଙ୍ଗ—Feminine of Śakunajña.

ଶକୁନ ବିଦ୍ୟା—ସଂ. ବି.-ଶକୁନ ବା ପୂର୍ବ ଲକ୍ଷଣମାନ ଦେଖି ଭବିଷ୍ୟତ୍
Sakuna bidyā କଥା ଜାଣିବାର ଶାସ୍ତ୍ର—The art or
(ଶକୁନ ଶାସ୍ତ୍ର—ଅନ୍ୟରୂପ) knowledge of omens or augury.

ଶକୁନା—ସଂ. ବି. ସ୍ତ୍ରୀ (ଶକୁନ + ସ୍ତ୍ରୀ. ଆ)—ଝିଟିପିଟି—
Sakunā A small house lizard (M. W).

ଶକୁନାହୃତ—ସଂ. ବି—୧। ଏକପ୍ରକାର ସରୁ ଚାଉଳ (ବି. Sakunāhruta ଦାଦଖାନି ଚାଉଳ) (ହି. ଶ)—1. A kind of fine rice. ୨। ଏକପ୍ରକାର ମାଛ (ହି. ଶ)—2. A kind of fish. ୩। ଏକପ୍ରକାର ବାଳରୋଗ; ଶକୁନଗ୍ରହ—3. A kind of infantile disease.

ଶକୁନି—ସଂ. ବି. ପୁଂ (ଶକ୍ ଧାତୁ=ପାରିବା + କର୍ତ୍ତୃ. ଉନି)—୧। ଗୃଧ୍ର
Sakuni ପକ୍ଷୀ; ଶାଗୁଣା—1. The vulture. ୨। ଚିଲ—2. The white headed red kite; Falco Ater; the Pondichery eagle (M. W). ୩। ପକ୍ଷୀ—3. Bird. ୪। ଜ୍ୟୋତିଃଶାସ୍ତ୍ରୋକ୍ତ କରଣବିଶେଷ—4. Name of one of the 11 astrological conjunctions (considered as auspicious); name of the eigth Karaṇa (M W). [ଦ୍ର—ଜ୍ୟୋତିଷ ଶାସ୍ତ୍ରୋକ୍ତ ୧୧ ଗୋଟି କରଣ ମଧ୍ୟରୁ ଅଷ୍ଟମ। ଏହା ଶୁଭ।] ୫। ବିକୁକ୍ଷି ରାଜାଙ୍କ ପାଞ୍ଚ ପୁତ୍ରରୁ ଏକ—5. Name of one of the 5 sons of king Bikukshi. ୬। ସୁବଳ ରାଜାଙ୍କ ପୁତ୍ର; ସୌବଳ; ଦୁର୍ଯ୍ୟୋଧନଙ୍କ ମାମୁଁ; ଧୃତରାଷ୍ଟ୍ର ପତ୍ନୀ ଗାନ୍ଧାରୀଙ୍କ ଭାଇ। (ଏହାର ଅପଭ୍ରଂଶ ଶକୁନ୍ତ)—6. Name of the maternal uncle Durjyodhana. ୭। କୁକୁଡ଼ା—7. A cock (Apte). ୮। ଶ୍ରୀକୃଷ୍ଣଙ୍କଦ୍ୱାରା ନିହତ ଅସୁରବିଶେଷ—8. Name of a demons killed by Śrikṛushṇa. ୯। ନାଗବିଶେଷ (ହି. ଶ)—9. Name of a mythological serpent. ୧୦। ହିରଣାକ୍ଷର ପୁତ୍ର ଓ ବୃକର ପିତା; ଦୈତ୍ୟବିଶେଷ (ହି. ଶ)—10. Name of a mythOlgical

शकुनि
शाकुनि
demon. ଦେ. ବି (ଲକ୍ଷଣାର୍ଥ)—ପର ଘରେ କଳହ ଓ ଅନର୍ଥ ଅଗ୍ନିର ବୀଜ ବୁଣିବା ବ୍ୟକ୍ତି—A person who sows dissension amongst other persons. [ଦ୍ର—ଦୁର୍ଯ୍ୟୋଧନଙ୍କ ମାମୁଁ ଶକୁନି ଅଧିକାଂଶ ସମୟ ହସ୍ତିନା ନଗରରେ ରହୁଥିଲେ ଓ କୌରବଙ୍କର ମନ୍ତ୍ରିତ୍ୱ କରୁଥିଲେ । ଏ ଅସତ୍ ପ୍ରକୃତିକ ଏବଂ ପରର ଅନିଷ୍ଟ ସାଧନରେ ସର୍ବଦା ଆସକ୍ତ ରହୁଥିଲେ । ଗାନ୍ଧାର (ଅଧୁନିକ କାନ୍ଦାହାର) ଦେଶାଧିପତି ସୁବଳ ଏହାଙ୍କ ପିତା । ଗାନ୍ଧାରୀ 'ଋଷ୍ୟଂଶୀ କନ୍ୟା' ଥିବାରୁ ତାଙ୍କର ବୈଧବ୍ୟ ଯୋଗ ଅନିବାର୍ଯ୍ୟ ଦେଖି ପିତା ସୁବଳ ପ୍ରଥମେ ତାଙ୍କୁ ଗୋଟିଏ ଶାହାଡ଼ା (ଶାଖୋଟ) ଗଛ ସଙ୍ଗେ ବିବାହ କରାଇ ଦେଲେ । କିନ୍ତୁ ସଙ୍ଗେ ସଙ୍ଗେ ସେ ଶାହାଡ଼ା ଗଛଟି ମରିଗଲା । ଏହିପ୍ରକାରେ ଗାନ୍ଧାରୀଙ୍କର ବୈଧବ୍ୟ ଦଶା କଟିଯିବା ପରେ ଧୃତରାଷ୍ଟ୍ରଙ୍କ ସହିତ ତାଙ୍କର ବିବାହ ହେଲା । ଦୁର୍ଯ୍ୟୋଧନଙ୍କ ସଙ୍ଗେ ଭୀମଙ୍କର କଳହ ହେବାରୁ ଏବଂ ଦୁର୍ଯ୍ୟୋଧନ ଭୀମଙ୍କୁ ଅପମାନ ଦେବାରୁ ଭୀମ ଦୁର୍ଯ୍ୟୋଧନଙ୍କୁ ଗୋଳକ ପୁତ୍ର (ବିଧବା ପୁତ୍ର) ବୋଲି କହିଲେ । ଦୁର୍ଯ୍ୟୋଧନ ଏଥିରେ ମର୍ମାହତ ହୋଇ ଏଥିର କାରଣ ଅନୁସନ୍ଧାନ କଲେ, ଏବଂ ମାତାଙ୍କଠାରୁ ତାଙ୍କ ବିବାହପ୍ରସଙ୍ଗୀୟ ପୂର୍ବୋକ୍ତ କଥା ଅବଗତ ହୋଇ ପ୍ରତିହିଂସାସାଧନାର୍ଥ ସୁବଳ ରାଜା ଓ ତାଙ୍କର ପରିବାରବର୍ଗଙ୍କୁ ଧ୍ୱଂସ କରିବା ନିମିତ୍ତ ଉପାୟ ଚିନ୍ତାକଲେ । ପରେ ସେମାନଙ୍କୁ କପଟରେ ନିମନ୍ତ୍ରଣ କରିଆଣି ଗୋଟିଏ ଅନ୍ଧାରି ଘରେ ପୂରାଇ ଅନାହାରରେ ମାରିପକାଇଲେ । ଶେଷକୁ କେବଳମାତ୍ର 'ଶକୁନି' ବଞ୍ଚି ରହିଲେ । ଶକୁନି ସର୍ବଜ୍ଞ ଥିଲେ ଏବଂ ଦୁର୍ଯ୍ୟୋଧନ ତାଙ୍କର ବିଚକ୍ଷଣତା ସମ୍ବନ୍ଧେ ନାନା ପ୍ରମାଣ ପାଇ ତାଙ୍କୁ କାରାରୁ ମୁକ୍ତି ଦେଇ ମନ୍ତ୍ରି-ପଦରେ ବରଣ କଲେ । ଶକୁନି ଆପଣାର ମୃତ ପିତାଙ୍କ ଅସ୍ଥିରୁ ସଂଗ୍ରହ କରି ସେହି ଅସ୍ଥିରେ ପଶାକାଠି ତିଆରିକରି ରଖିଲେ । ସେ ପଶାକାଠିର ଏହି ଅସାଧାରଣ ଗୁଣ ଥିଲା ଯେ, ଶକୁନି ଯାହା ଦାନ ଡାକୁଥିଲେ ତହିଁରେ ସେ ଦାନ ପଡ଼ୁଥିଲା । ଦୁର୍ଯ୍ୟୋଧନ ଶକୁନିଙ୍କର ବଂଶ ନାଶ କରିଥିବାରୁ ସେ ଦୁର୍ଯ୍ୟୋଧନଙ୍କର ବଂଶ ନିର୍ମୂଳ କରିବେ ବୋଲି ମନେ ମନେ ଦୃଢ଼ସଙ୍କଳ୍ପ କଲେ ଏବଂ ଉପରେ କପଟ ବନ୍ଧୁତାର ଛଳନା କରି ଦୁର୍ଯ୍ୟୋଧନଙ୍କୁ ମନ୍ତ୍ରଣା ଦେଲେ । ତାଙ୍କର ମନ୍ତ୍ରଣାରେ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କର ଅନିଷ୍ଟ ସାଧନ କରିବାକୁ ଉତ୍ତେଜିତ ହେଲେ । ଶକୁନି ଦ୍ୟୂତକ୍ରୀଡ଼ାରେ (ପଶା-ଖେଳରେ) ଅତ୍ୟନ୍ତ ନିପୁଣ ଥିଲେ । ତାଙ୍କର ପ୍ରରୋଚନାରେ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ପଣ ରଖି ପଶା ଖେଳିବାକୁ ଡାକିଲେ । ଉପର୍ଯ୍ୟୁକ୍ତ ପଶାକାଠିଦ୍ୱାରା 'କପଟଦ୍ୟୂତ' ଖେଳି ଶକୁନି ଯୁଧିଷ୍ଠିରଙ୍କୁ ପରାଜିତ କରି ପାଣ୍ଡବମାନଙ୍କୁ ରାଜ୍ୟଚ୍ୟୁତ ଓ ବନବାସୀ କରାଇଲେ । ପାଣ୍ଡବମାନେ ବନବାସରୁ ଫେରି ଆସିବା ପରେ ଏହାଙ୍କ ପ୍ରରୋଚନାରେ ଦୁର୍ଯ୍ୟୋଧନ ସେମାନଙ୍କୁ ବିନା ଯୁଦ୍ଧରେ ପାଞ୍ଚଖଣ୍ଡି ଗ୍ରାମ ତ ଦୂରର କଥା, ସୂଚ୍ୟଗ୍ର-ପରିମିତ ସ୍ଥାନ ସୁଦ୍ଧା ଛାଡ଼ିଦେବାକୁ ରାଜି ହେଲେ ନାହିଁ । ଏହାର ଫଳସ୍ୱରୂପ ମହାଭାରତ ଯୁଦ୍ଧ ଆରମ୍ଭ ହେଲା ଓ ସେଥିରେ ଶକୁନିଙ୍କ ପିତୃହନ୍ତା ଦୁର୍ଯ୍ୟୋଧନ ନିହତ ହେଲେ ଓ ଶେଷରେ କୁରୁକୁଳ ଓ ପାଣ୍ଡୁକୁଳ ଧ୍ୱଂସ ହେଲେ । ଏହି-ରୂପେ ଶକୁନି ନିଜର ପିତୃଋଣ ପରିଶୋଧ କଲେ । କିନ୍ତୁ କୁରୁକ୍ଷେତ୍ର ଯୁଦ୍ଧର ଅଷ୍ଟାଦଶ ଦିବସରେ ସେ ନିଜେ କନିଷ୍ଠ ପାଣ୍ଡବ ସହଦେବଙ୍କ ଦ୍ୱାରା ନିହତ ହେଲେ । ଶକୁନିଙ୍କ ଚରିତ୍ରର ଏହି ଦୁର୍ଗୁଣ ଏପରି ବିଖ୍ୟାତ ଯେ, ଯେଉଁ ବ୍ୟକ୍ତି ପରର ଅନିଷ୍ଟ ଘଟାଏ ଓ ପର ଘରେ କଳି ଅନର୍ଥ ଲଗାଏ, ଲୋକେ ତାକୁ 'ଶକୁନି' ବା 'ଶକୁନି' ବୋଲି ନାମ ଦିଅନ୍ତି । ଓ କଥାରେ କହନ୍ତି—'ତାକୁ ଆସି ଶକୁନି ମାମୁଁ ମିଳିଛି' ଅର୍ଥାତ୍ ବାହ୍ୟ ବନ୍ଧୁତା ଦେଖାଇ ଭିତରେ ଭିତରେ ଏ ତାହାର ଅନିଷ୍ଟ ସାଧନ କରୁଛି ।]

ଶକୁନିଗ୍ରହ—ସଂ. ବି—୧ । ବାଳରୋଗବିଶେଷ—1. A kind of
Śakunigraha infantile disease. [ଦ୍ର—ବନଜାତ ଶକୁନି ଗ୍ରହ ବୋଲାଇଲେ, ଗର୍ଭରୁ ଡିମ୍ବଙ୍କୁ ସେ କାଢ଼ିଣ ଖାଇଲେ— କୃଷ୍ଣସିଂହ ମହାଭାରତ, ବନ ।] ୨। ସ୍କନ୍ଦଙ୍କ ଏକ ଅନୁଚରଙ୍କ ନାମ—Name of a companion of Skanda

ଶକୁନିପ୍ରପା—ସଂ. ବି (୬ଷ୍ଠୀ ତତ୍)—ଯେଉଁ ଘରେ ପକ୍ଷୀମାନଙ୍କ ଜଳପାନ
Śakuniprapā କରିବାପାଇଁ ପାତ୍ର ରଖାଯାଏ—A shed containing a reservoir for birds to drink water; a reservoir in an oviary.

ଶକୁନିବାଦ—ସଂ. ବି (୬ଷ୍ଠୀ ତତ୍)—୧ । ପକ୍ଷୀମାନଙ୍କର କାକଳି ବା
Śakunibāda ଶବ୍ଦ—1. The cry or sound of birds. ୨ । କୁକୁଡ଼ା ଡାକ ବା ଶବ୍ଦ—2. The crowing of a cock. ୩ । ଉଷାକାଳରେ ପକ୍ଷୀଙ୍କ ରବ—3. The cry of birds in the early morning.

ଶକୁନି ମାମୁ(ମୁଁ)-ଦେ. ବି.—(ଲକ୍ଷଣାର୍ଥ)—(ଦୁର୍ଯ୍ୟୋଧନଙ୍କ ମାମୁଁ ଶକୁନି
Śakuni māmu(mnñ) କପଟ ବନ୍ଧୁତା ଦେଖାଇ ଆପଣା ଭଣଜାର ସର୍ବନାଶ ଘଟାଇଲା ପରି) ଯେଉଁ ଲୋକ ଆପଣାର ହିତୈଷୀ ହୋଇ ଭିତରେ ଭିତରେ ଅନିଷ୍ଟ ସାଧନ କରେ; ଅଣ୍ଟିରେ ଥାଇ ଗଣ୍ଠି କାଟିବା ଲୋକ—A relative or friend who feigns friendship but who brings
शकुनिमामा शाकुनिमामा about the ruin of a person.

ଶକୁନୀ—ସଂ. ବି. ସ୍ତ୍ରୀ—(ଶକୁନି+ଈ, ସ୍ତ୍ରୀ)—୧ । ମାଈ ଶାଗୁଣା—
Śakunī 1. A she-vulture. ୨ । ଶ୍ୟାମା ପକ୍ଷୀ—2. A bird (a whistling bird); Cittocincla Macura. ୩ । ମାଈ ଘରଚଟିଆ—3. A hen-sparrow (Apte). ୪ । ସୁଶ୍ରୁତ ଅନୁସାରେ ବାଳଗ୍ରହ ବିଶେଷ—Name of an infantile disease

personified. [ଦ୍ର—ଯେଉଁ ବାଳକକୁ ଏହା ଆକ୍ରମଣ କରେ ତାହାର ଅଙ୍ଗ ଶିଥିଳ ହୁଏ, ଦେହ ଜଳା ପୋଡ଼ା କରେ, ବ୍ରଣ ଆଦି ହୁଏ, ଦେହରୁ ପକ୍ଷୀମାନଙ୍କ ଗନ୍ଧ ପରି ଗନ୍ଧ ବାହାରେ ଓ ସେ ମଝିରେ ମଝିରେ ଚମକେ—ହି. ଶ.]

ଶକୁନି ମାତୃକା—ଏକ ପ୍ରକାର ବାଳରୋଗ—
Śakunī mātṛukā A kind of infantile disease.
[ଦ୍ର—ଏ ବ୍ୟାଧି ପିଲାଙ୍କୁ ଜନ୍ମର ୬ଷ୍ଠ ଦିନ, ୬ଷ୍ଠ ମାସ ବା ୬ଷ୍ଠ ବର୍ଷରେ ଧରେ । ଏଥିରେ ଜ୍ୱର ଓ କମ୍ପ ହୁଏ ଓ ଊର୍ଦ୍ଧ୍ୱଦୃଷ୍ଟି ହୁଏ । ଏହା ବଡ଼ ପୀଡ଼ାଦାୟକ । ହି. ଶବ୍ଦସାଗର ।]

ଶକୁନୀଶ୍ୱର—ସଂ. ବି—(୬ଷ୍ଠୀ ତତ୍; ଶକୁନି=ପକ୍ଷୀମାନଙ୍କର+ଈଶ୍ୱର
Śakunīśwara =ରାଜା)—ପକ୍ଷିରାଜ; ଗରୁଡ଼—The king of birds in the Hindu mythology.

ଶକୁନ୍ତ(ନ୍ତି)—ସଂ. ବି. ପୁଂ—(ଶକ ଧାତୁ+କର୍ତ୍ତୃ. ଉନ୍ତ; ଉନ୍ତି)—୧ ।
Śakunta(nti) ପକ୍ଷୀ—1. Bird. ୨ । ଶକୁନ; ଗୃଧ୍ର—(ଶକୁନ୍ତା, ଶକୁନ୍ତୀ—ସ୍ତ୍ରୀ) 2, Vulture. ୩ । ଭାସନାମକ ଗୃଧ୍ରଜାତୀୟ ପକ୍ଷୀ—3 A species of vulture. ୪ । ଏକ ପ୍ରକାର କୀଟ—4. A species of insects ୫ । ବିଶ୍ୱାମିତ୍ରଙ୍କ ପୁଅର ନାମ (ହି. ଶ.)—5. Name of the son of Biśwāmitra

ଶକୁନ୍ତକ—ସଂ. ବି—(ଶକୁନ୍ତ+କ)—ଏକ ପ୍ରକାର ଛୋଟ ପକ୍ଷୀ (ହି.ଶ.)
Śakuntaka A small species of birds.

ଶକୁନ୍ତଳା—ସଂ. ବି. ସ୍ତ୍ରୀ—(ଶକୁନ୍ତ=ପକ୍ଷୀ+ଲା ଧାତୁ=ଲାଳନ କରିବା
Śakuntalā +କର୍ମ. ଅ+ଆ, ସ୍ତ୍ରୀ; ଯେ ଶିଶୁକାଳରେ ପକ୍ଷୀଦ୍ୱାରା ଲାଳିତ ହୋଇଥିଲେ)—ଗାନ୍ଧର୍ବ ବିଧାନାନୁସାରେ ରାଜା ଦୁଷ୍ୟନ୍ତଙ୍କର ପରିଣୀତା ମହିଷୀ, ରାଜା ଭରତଙ୍କ ମାତା—Name of the chosen wife of King Dushyanta and mother of king Bharata of India

[ଦ୍ର—ଏ ବିଶ୍ୱାମିତ୍ର ଋଷିଙ୍କ ଔରସରେ ଅପ୍ସରା ମେନକାଙ୍କ ଗର୍ଭରୁ ଜାତ ହୋଇଥିଲେ । ଏ ବିଶ୍ୱାମିତ୍ରଙ୍କ ଗୁପ୍ତ ପ୍ରଣୟରୁ ଜାତ ହୋଇଥିବାରୁ ଏହାଙ୍କୁ ଜନ୍ମ କରି ମେନକା ଜଙ୍ଗଲରେ ଫୋପାଡ଼ି ଦେଇଗଲେ । ସେତେବେଳେ ଗୋଟିଏ ପକ୍ଷୀ ଏହି ନବପ୍ରସୂତା କନ୍ୟାକୁ ସ୍ୱୀୟ ପକ୍ଷଦ୍ୱାରା ଆଚ୍ଛାଦନକରି ରକ୍ଷା କରିଥିଲା । ମହର୍ଷି କଣ୍ୱ ଏହି ଅବସ୍ଥାରେ କନ୍ୟାଟିକୁ ଦେଖି ଦୟାର୍ଦ୍ର ହୋଇ ସ୍ୱୀୟ ଆଶ୍ରମକୁ ନେଇ ଆସି ନିଜ କନ୍ୟାପରି ଲାଳନପାଳନ କଲେ ଓ ଏ ଯୁବତୀ ହେଲେ । ରାଜା ଦୁଷ୍ୟନ୍ତ ମୃଗୟାକୁ ଯାଇ ତାହାଙ୍କୁ ଦେଖିଲେ ଏବଂ ତାଙ୍କ ରୂପ ମାଧୁରୀରେ ଏକାନ୍ତ ମୁଗ୍ଧ ହୋଇ ଗାନ୍ଧର୍ବ ବିଧି ଅନୁସାରେ ତାହାଙ୍କୁ ବିବାହ କଲେ । ଆଶ୍ରମରେ କଣ୍ୱ ମୁନିଙ୍କ ଅନୁପସ୍ଥିତିରେ ଏ ଦୁହିଙ୍କର ମିଳନ ହେଲା ଏବଂ ଶକୁନ୍ତଳା ଅନ୍ତଃସତ୍ତ୍ୱା ହେଲେ । ଏହା ପରେ ଦୈବଗତ୍ୟା ଥରେ ମହର୍ଷି ଦୁର୍ବାସା କଣ୍ୱଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଦୁଷ୍ୟନ୍ତଗତପ୍ରାଣା ଶକୁନ୍ତଳା ପ୍ରିୟଙ୍କ ଚିନ୍ତାରେ ସେତେବେଳେ ଏପରି ଅଭିଭୂତା ହୋଇଥିଲେ ଯେ, ସେ ମହର୍ଷିଙ୍କ ସତ୍କାର ପ୍ରତି ଦୃଷ୍ଟି ଦେଇ ପାରିଲେ ନାହିଁ । ଏଥିରେ ଦୁର୍ବାସା କୁପିତ ହୋଇ ପୂଜ୍ୟ ପୂଜା ବ୍ୟତିକ୍ରମ ପାଇଁ ତାହାଙ୍କୁ ଅଭିଶାପ ଦେଇ କହିଲେ—"ଯାହାର ଚିନ୍ତାରେ ତୁ ମଗ୍ନ, ସେ ତୋତେ ଚିହ୍ନିବ ନାହିଁ ।" ସଖୀମାନେ ଏ ଅଭିଶାପ ଶ୍ରବଣ କରି ମହର୍ଷିଙ୍କ ନିକଟରେ ବହୁ ଅନୁନୟ ବିନୟ କଲେ । ଫଳରେ ଦୁର୍ବାସାଙ୍କ କ୍ରୋଧ ଶାନ୍ତ ହେଲା ଏବଂ ସେ କହିଲେ—"ପ୍ରଣୟର କୌଣସି ଅଭିଜ୍ଞାନ ବା ଚିହ୍ନ ଦେଖାଇ ପାରିଲେ ଦୁଷ୍ୟନ୍ତ ଶକୁନ୍ତଳାଙ୍କୁ ଚିହ୍ନି ପାରିବେ ।" ଏଥିରେ ସଖୀମାନେ କିଛିଏ ଆଶ୍ୱସ୍ତ ହେଲେ କାରଣ, ଦୁଷ୍ୟନ୍ତ ନିଜ ପ୍ରଣୟର ଓ ବିବାହର ସାକ୍ଷୀ ପରିଚୟସୂଚକ ରୂପେ ସ୍ୱନାମାଙ୍କିତ ଗୋଟିଏ ମୁଦ୍ରିକା ଶକୁନ୍ତଳାଙ୍କୁ ପ୍ରଦାନ କରିଥିଲେ । ଏହାପରେ ଦୁଷ୍ୟନ୍ତ ସ୍ୱରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ । ତେଣେ ଶକୁନ୍ତଳା ପ୍ରିୟ ବିରହରେ ମ୍ରିୟମାଣା ହୋଇ ଆଶ୍ରମରେ ରହିଲେ । ସଖୀମାନେ ଦୁର୍ବାସାଙ୍କ ଅଭିଶାପ ବୃତ୍ତାନ୍ତ ତାହାଙ୍କୁ ନ ଶୁଣାଇ ଗୋପନରେ ରଖିଥାଆନ୍ତି । ମହର୍ଷି କଣ୍ୱ ଯେତେବେଳେ ଆଶ୍ରମକୁ ଫେରି ଆସିଲେ, ସେତେବେଳେ ଏ ସକଳ ବୃତ୍ତାନ୍ତ ଅବଗତ ହେବା ପାଇଁ ତାଙ୍କୁ ବେଶି ସମୟ ଲାଗିଲା ନାହିଁ । ଧ୍ୟାନ ବଳରେ ସେ ସମସ୍ତ କଥା ଜାଣି ପାରି ଅତ୍ୟନ୍ତ ସୁଖୀ ହେଲେ ଏବଂ ବିଶାଳପରାକ୍ରମ ବୀର ତନୟର ଜନନୀ ହେବା ନିମିତ୍ତ କନ୍ୟାକୁ ଆଶୀର୍ବାଦ କଲେ । ଏହା ପରେ ଶକୁନ୍ତଳାଙ୍କଠାରେ ଗର୍ଭଲକ୍ଷଣମାନ କ୍ରମେ ପ୍ରକାଶିତ ହେଲା । କଣ୍ୱ ତାଙ୍କୁ ଆଶ୍ରମର ଜଣେ ବୃଦ୍ଧା ତପସ୍ୱିନୀ ଏବଂ ଦୁଇଜଣ ମୁନି କୁମାରଙ୍କ ସହିତ ସ୍ୱାମିଗୃହକୁ ପ୍ରେରଣ କଲେ । ସଖୀମାନେ ଦୁର୍ବାସାଙ୍କ ଅଭିଶାପ କଥା ସ୍ମରଣ କରି ବିଦାୟ ସମୟରେ ଦୁଷ୍ୟନ୍ତଙ୍କ ପ୍ରଦତ୍ତ ମୁଦ୍ରିକାଟି ଶକୁନ୍ତଳାଙ୍କ କାନିରେ ବାନ୍ଧି ଦେଇଥିଲେ । ପଥ ମଧ୍ୟରେ ଶଚୀତୀର୍ଥ ଘାଟରେ ସ୍ନାନ କରିବା ସମୟରେ ସେହି ମୁଦ୍ରିକା ତାଙ୍କ ଅଜ୍ଞାତସାରେ ପଣତ କାନିରୁ ନଦୀରେ ଖସି ପଡ଼ିଲା ଏବଂ ଗୋଟିଏ ମାଛ ତାହାକୁ ପାଇ ଖାଦ୍ୟ ଜ୍ଞାନରେ ଗିଳି ଦେଲା । ଏଣେ ଶକୁନ୍ତଳା ଯେତେବେଳେ ଦୁଷ୍ୟନ୍ତଙ୍କ ନିକଟରେ ଉପସ୍ଥିତ ହେଲେ ସେତେବେଳେ ଦୁର୍ବାସାଙ୍କ ଅଭିଶାପ ଫଳରେ ରାଜା ତାହାଙ୍କ କଥା ଭୁଲି ଯାଇଥିଲେ । ଅଭିଜ୍ଞାନମୁଦ୍ରିକାଟି ହଜି ଯାଇଥିବାରୁ ଶକୁନ୍ତଳା ତାହା ମଧ୍ୟ ଦେଖାଇ ପାରିଲେ ନାହିଁ । ଫଳରେ ଦୁଷ୍ୟନ୍ତଙ୍କର ଶକୁନ୍ତଳାଙ୍କ ସହିତ ପ୍ରଣୟ ଏବଂ ଗାନ୍ଧର୍ବ ବିଧାନ ଅନୁସାରେ ବିବାହ ଆଦି କୌଣସି କଥା ମନେ ପଡ଼ିଲା ନାହିଁ । ତେଣୁ ଅନ୍ତଃସତ୍ତ୍ୱା ଶକୁନ୍ତଳାଙ୍କୁ ସେ କୌଣସି ମତେ ଗ୍ରହଣ କରିବାକୁ ସ୍ୱୀକୃତ ହେଲେ ନାହିଁ । ଶକୁନ୍ତଳା ଏହିରୂପେ ଦୁଷ୍ୟନ୍ତଙ୍କ

ଦ୍ୱାରା ପ୍ରତ୍ୟାଖ୍ୟାତା ହୋଇ ଶୋକାକୁଳଚିତ୍ତରେ ରାଜାଙ୍କ ସମୀପରୁ ଫେରି ଆସୁଥିଲା ବେଳେ ତାଙ୍କ ମାତା ମେନକା ଆକାଶ ମାର୍ଗରେ ଆସି ହଠାତ୍ ତାଙ୍କୁ ଉଡ଼ାଇ ନେଇଗଲେ । ଏହା ପରେ ମାତାଙ୍କ ସହିତ ଶକୁନ୍ତଳା ଇନ୍ଦ୍ରଙ୍କ ରାଜଧାନୀରେ ରହିଲେ ଏବଂ ଏହିଠାରେ ଯଥାସମୟରେ ଗୋଟିଏ ପୁତ୍ର ସନ୍ତାନ ପ୍ରସବ କଲେ ।

ଏଣେ ଦୈବକ୍ରମେ ସେ ଅଭିଜ୍ଞାନ ମୁଦ୍ରାଟି ଯେଉଁ ମାଛ ଗିଳି ଦେଇଥିଲା, ତାକୁ ଜଣେ କେଉଟ ଧରି ଆଣି କାଟିଲା ବେଳକୁ ମାଛ ପେଟରୁ ମୁଦିଟି ପାଇଲା । ଉକ୍ତ କେଉଟଠାରେ ରାଜାଙ୍କ ନାମାଙ୍କିତ ମୁଦିକୁ ଦେଖି ନଗରର ରକ୍ଷୀଗଣ ତାକୁ ଚୋର ବୋଲି ମନେ କରି ରାଜାଙ୍କ ସମ୍ମୁଖକୁ ମୁଦି ସହିତ ଧରି ଆଣିଲେ ଏବଂ ଏ ମୁଦିକୁ ଦେଖିଲା ମାତ୍ରେ ରାଜାଙ୍କର ସବୁ କଥା ମନେ ପଡ଼ିଗଲା । ଶକୁନ୍ତଳାଙ୍କ ପ୍ରତି ନିଜର ରୂଢ଼ ବ୍ୟବହାର କଥା ମନେ ପକାଇ ସେ ଏକାନ୍ତ ଅନୁତପ୍ତ ହେଲେ ଏବଂ ତାଙ୍କ ଅନ୍ୱେଷଣପାଇଁ ବହୁ ଯତ୍ନ କଲେ; କିନ୍ତୁ କୌଣସିଠାରେ ତାଙ୍କର ସନ୍ଧାନ ପାଇ ପାରିଲେ ନାହିଁ । ଏହିପରି ଅବସ୍ଥାରେ କେତେଣେ ସ୍ୱର୍ଗରେ ଦେବାସୁର ଯୁଦ୍ଧ ଲାଗିଲା । ସେହି ଯୁଦ୍ଧରେ ଦେବତାମାନଙ୍କୁ ସାହାଯ୍ୟ କରିବା ପାଇଁ ଦୁଷ୍ୟନ୍ତ ଇନ୍ଦ୍ରଙ୍କଦ୍ୱାରା ଆହୂତ ହୋଇ ସ୍ୱର୍ଗକୁ ଗଲେ ଏବଂ ଅସୁରମାନଙ୍କୁ ପରାଜିତ କରି ସ୍ୱରାଜ୍ୟକୁ ଫେରି ଆସୁଥିଲା ବେଳେ ବାଟରେ ଗୋଟିଏ ବାଳକକୁ ଦେଖିଲେ । ସେ ବାଳକଟି ଏପରି ନିର୍ଭୀକ ଯେ, ଗୋଟିଏ ସିଂହ ଛୁଆକୁ ଅତି ଉତ୍ପାତ ଭାବରେ ତା ମାତା ନିକଟରୁ ଆକର୍ଷଣ କରୁଥାଏ ଏବଂ ତାହା ସଙ୍ଗେ ମନଇଚ୍ଛା କ୍ରୀଡ଼ା କୌତୁକ କରୁଥାଏ । ବାଳକଟିକୁ ଦେଖି, କେଜାଣି କାହିଁକି, ଦୁଷ୍ୟନ୍ତଙ୍କ ହୃଦୟରେ ଅପାର ପୁଲକ ଜାତ ହେଲା । ଏହା ପରେ ସେ ସେଠାରେ ଶକୁନ୍ତଳାଙ୍କୁ ଦେଖି ଚିହ୍ନି ପାରିଲେ ଏବଂ ଉକ୍ତ ବାଳକଟିକୁ ନିଜର ପୁତ୍ର ବୋଲି ଜାଣିଲେ; ସଙ୍ଗେ ସଙ୍ଗେ ମାତା ଓ ପୁତ୍ର ଉଭୟଙ୍କୁ ସଙ୍ଗରେ ଆଣି ରାଜଧାନୀକୁ ଆସିଲେ ଏବଂ ଜୀବନର ଅବଶିଷ୍ଟ ସମୟ ସୁଖରେ ସେମାନଙ୍କ ସହିତ କଟାଇଲେ । ସେହି ରାଜକୁମାର ପରେ ଭରତ ନାମରେ ଖ୍ୟାତ ହୋଇ ପିତୃ ସିଂହାସନର ଅଧିକାରୀ ହେଲେ ଏବଂ ତାଙ୍କର ନାମ ଅନୁସାରେ ଏ ଦେଶର ନାମ ଭାରତବର୍ଷ ହେଲା ।

ଶକୁନ୍ତଳାଙ୍କ ବୃତ୍ତାନ୍ତକୁ ଅବଲମ୍ବନ କରି ମହାକବି କାଳିଦାସ ସଂସ୍କୃତ ଭାଷାରେ ଅଭିଜ୍ଞାନଶକୁନ୍ତଳମ୍ ନାମକ ଏକ ନାଟକ ରଚନା କରିଅଛନ୍ତି ।]

ଦେ. ବି—(ସଂ.—ଅଭିଜ୍ଞାନ ଶକୁନ୍ତଳମ୍)—୧ । ମହାକବି କାଳିଦାସଙ୍କ ବିରଚିତ ନାଟକ ବିଶେଷ—1. Name of a Sanskrit drama by the great Sanskrit poet Kāḷidāsa.

ଶକୁନ୍ତଳାଖ୍ୟାନ—ସଂ. ବି—(ଷଷ୍ଠୀ ତତ୍; ଶକୁନ୍ତଳା+ଆଖ୍ୟାନ)—୧
Śakuntaḷākhyāna କଣ୍ୱଋଷିଙ୍କ ପାଳିତା କନ୍ୟା ଶକୁନ୍ତଳାଙ୍କ ବୃତ୍ତାନ୍ତ—1. The stor y of Śakuntaḷā, the foster daughter of Kaṇva. ୨ । କାଳିଦାସଙ୍କ ରଚିତ ନାଟକ—2. A drama by Kāḷidāsa named ଅଭିଜ୍ଞାନ ଶକୁନ୍ତଳମ୍ or the story of the lost ring. [ଦ୍ର-ଏହାର ପୂର୍ଣ୍ଣ ନାମ ଅଭିଜ୍ଞାନ ଶକୁନ୍ତଳମ୍ । ଏଥିରେ କଣ୍ୱମୁନିଙ୍କ ଅନୁପସ୍ଥିତିରେ ମହାରାଜ ଦୁଷ୍ୟନ୍ତ ମୃଗୟାର୍ଥେ ଆଶ୍ରମରେ ଉପସ୍ଥିତ ହେବାଠାରୁ ଆରମ୍ଭ କରି ଶକୁନ୍ତଳାଙ୍କ ସଙ୍ଗେ ତାଙ୍କର ମିଳନ, ଗାନ୍ଧର୍ବ ମତରେ ବିବାହ, ଦୁର୍ବାସାଙ୍କ ଅଭିଶାପ, ଶକୁନ୍ତଳାଙ୍କର ଗର୍ଭଧାରଣ, ମୁଦ୍ରିକା ପ୍ରସଙ୍ଗ ଓ ଦୁଷ୍ୟନ୍ତଙ୍କ ରାଜଧାନୀକୁ ଶକୁନ୍ତଳାଙ୍କ ଗମନ ଓ ସେଠାରେ ଦୁଷ୍ୟନ୍ତଙ୍କଦ୍ୱାରା ପ୍ରତ୍ୟାଖ୍ୟାତା ହୋଇ ସେଠାରୁ ପ୍ରସ୍ଥାନ, ଏବଂ ଶେଷରେ ଇନ୍ଦ୍ରଙ୍କ ରାଜଧାନୀରେ ଦୁଷ୍ୟନ୍ତଙ୍କ ସହିତ ଶକୁନ୍ତଳା ଓ ସ୍ୱ ତନୟ ଭରତଙ୍କ ମିଳନ ଆଦି ବୃତ୍ତାନ୍ତ ଅତ୍ୟନ୍ତ ମଧୁର ଓ ପ୍ରାଣସ୍ପର୍ଶୀ ଭାଷାରେ ବର୍ଣ୍ଣିତ ହୋଇଅଛି । କାଳିଦାସଙ୍କର ଏହି ନାଟକକୁ ପାଠ କରି ବିଖ୍ୟାତ ଜର୍ମାନ୍ ପଣ୍ଡିତ ମାକ୍ସ୍ ମୁଲର୍ ଓ ଗେଟେ ଅତ୍ୟନ୍ତ ମୁଗ୍ଧ ହୋଇ ପୃଥିବୀର ସାହିତ୍ୟରେ ତାହାକୁ ଅତି ଉଚ୍ଚ ସ୍ଥାନ ପ୍ରଦାନ କରିଅଛନ୍ତି । ଗେଟେ କହିଅଛନ୍ତି—'ସ୍ୱର୍ଗର ଅନୁପମ ମାଧୁରୀ ଓ ପବିତ୍ରତା ଅନୁଭବ କରିବାକୁ ଇଚ୍ଛା କଲେ 'ଶକୁନ୍ତଳା'—ଏହି ଶ୍ରେଷ୍ଠ ଅକ୍ଷର ଉଚ୍ଚାରଣ କର । ଶକୁନ୍ତଳା ତଳେ ଟୀକା ଦେଖ ।]

ଶକୁନ୍ତିକା—ସଂ. ବି.—(ଶକୁନ୍ତ+କ+ଆ)—୧ । ଛୋଟ ପକ୍ଷୀ—
Śakuntikā 1. A small bird. ୨ । ପ୍ରଜା (ହି. ଶ.)—2. Subject of a king.

ଶକୁନ୍ଦ—ସଂ. ବି—ଧଳା କରବୀ ଫୁଲ—The white variety
Śakunda of scented oleander.

ଶକୁ(କୂ)ଳ(ଳୀ)—ସ. ବି (ଶକ୍ ଧାତୁ+କର୍ତ୍ତୃ. ଉଳ, ଊଳ)—ଶେଉଳ
Śaku(kū)ḷa(ḷī) ମାଛ—A species of scaly fish;
[ସକୁଳ—ଅନ୍ୟରୂପ] Ophicephalus Striatus. [ଦ—
শোলমাছ ଏହା କର୍ଦ୍ଦମଚର, ସର୍ପବତ୍ ମୁଣ୍ଡବିଶିଷ୍ଟ, ଶକଲୀ ମାଛ ।
सौरीमाछ ଏହା ଦୁଇ ହାତ ପର୍ଯ୍ୟନ୍ତ ଲମ୍ବ ହୁଏ ଓ ଏହାର ଦେହ ଗୋଲ, ପିଠି ଫିକା କଳା ଓ ପେଟ ହଳଦିଆ ମିଶା ଧଳା । ଏମାନେ ପଙ୍କ ଓ ଦଳ ମଧ୍ୟରେ ରହନ୍ତି ଓ ସ୍ଥିର-ଜଳାଶୟରେ ବାସ କରନ୍ତି । ଏମାନଙ୍କର ଡାଆଁଳମାନେ ସିନ୍ଦୂରପରି ନାଲିଆ ।

ଶାଳମାଛ ଏହି ଜାତୀୟ; କିନ୍ତୁ ଏମାନଙ୍କଠାରୁ ବଡ଼ ଓ ଗାଢ଼ତର କୃଷ୍ଣବର୍ଣ୍ଣ । ଶାଳମାଛଙ୍କ ଲାଞ୍ଜ ପାଖରେ କୃଷ୍ଣ ବର୍ଣ୍ଣ ଚକଚକ ଥାଏ । ଶକୁଳକୁ ଭାଷାରେ ଶଉଳ, ଶେଉଳ, ସଉଳ, ସେଉଳ ବୋଲାଯାଏ ଓ ଛୋଟ ସେଉଳମାଛଙ୍କୁ ସେଉଳକଡ଼ା (ଶ ଡ଼ିଆ) ବୋଲାଯାଏ । ଗଡ଼ିଶାମାନେ ଏହି ଜାତୀୟ;କିନ୍ତୁ ଏମାନଙ୍କଠାରୁ ଛୋଟ ଓ ବର୍ଣ୍ଣରେ ଫିକା ।

ଏମାନଙ୍କର ଦେହ ଖାର ଲାଳଲଗ୍ନ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁରରସ, ମଳସଂଗ୍ରାହକ, ରୁକ୍ଷ, ରକ୍ତ ପିତ୍ତନାଶକ ଓ ଗୁରୁପାକ ।

ଏମାନଙ୍କର ଜୀବନୀଶକ୍ତି ଅନ୍ୟ ମାଛଙ୍କ ଅପେକ୍ଷା ବେଶୀ; ଏମନ୍ତ କି, ଏମାନଙ୍କୁ ଧରି ଅଣି ଦେହରୁ କାତି ଛଡ଼ାଇ ଲୁଣ ଓ ଗାଲସି କାଟି ପାଣିରେ ଧୋଇବାକୁ ନେବା ସମୟରେ ଏମାନେ ଧୋଇବା ବ୍ୟକ୍ତିର ହାତରୁ ଖସିଯାଇ ପାଣିରେ ବଞ୍ଚି ରହିବାର ଶୁଣା ଅଛି । ଶେଉଳର ଜୀବନ ଉପରେ ଟାଣ, ଏ ସମ୍ବନ୍ଧରେ ମଧ୍ୟ ଗୋଟିଏ ଋଗ ଅଛି—'ସାତ ଉକଟା, ପୋଡ୍ରହପଣ୍ଡା, ବଭୂତିଭୂଷଣ, ଗାଲସି କଟା, ଚାଲ ପ୍ରସାଦରୁ ସରଗ ଦେଖିଲି, ମତେ ଭରଉଛି ବନସି କଣ୍ଟା'—ଅର୍ଥାତ୍ ମୁଁ ପେଣ୍ଠି କର୍ଦ୍ଦମାକ୍ତ ଜଳାଶୟରେ ଥିଲି, ତାକୁ ଲୋକେ ମାଛ ଧରିବା ପାଇଁ ସାତଥର ଉଳଟିଲେ; ତା ପରେ ପୋଲୁହରେ ପାଣ୍ଡି ମୋତେ ଧରିଲେ ଓ ତା ପରେ ମୋ ଦେହରେ ପାଉଁଶ ବୋଳି କାତି ଛଡ଼ାଇ ମୋର ଗାଲସିକି କାଟି ପୋଖରୀକି ଧୋଇବା ପାଇଁ ନେଲେ । ସେଠାରୁ ଗୋଟାଏ ଚାଲ ଧୋଇଲାବାଲା ହାତରୁ ମୋତେ ଝାମ୍ପି ନେଲା । ତା ଫଳରେ ମୁଁ ସ୍ୱର୍ଗ (ଆକାଶ) ଦେଖିଲି ଏବଂ ଶେଷରେ ଚାଲର ମୁଠାରୁ ଖସି ପଡ଼ି ପୁଣି ପାଣିରେ ପଡ଼ି ବଞ୍ଚିଛି । ଏପରି ଅବସ୍ଥାରେ ଭି ଏବେ ମୋତେ ବନସି ପକାଇ ଧରିବାକୁ ବସିଛୁ । ତୋର ବାଞ୍ଛା କେବେ ପୂର୍ଣ୍ଣ ହେବ ନାହିଁ ।

ଲୋକେ ବଡ଼ ଶେଉଳ ମାଛଙ୍କୁ ଧରିବା ପାଇଁ ବନସି କଣ୍ଟାରେ କେଉଣ୍ଡି ମାଛ ଗୁନ୍ଥି ପାଣିରେ ପକାନ୍ତି ଓ ଶେଉଳ ମାଛ ବନସି କଣ୍ଟା ସହିତ ସେହି କେଉଣ୍ଡିକୁ ଗିଳି ପକାଇବାରୁ ବନସି କଣ୍ଟା ଶେଉଳର ତଣ୍ଟିରେ ଲାଗି ଶେଉଳ ଧରା ପଡ଼େ । ଏଥିପାଇଁ ବେଶୀ ଲାଭର ଆଶା ରଖି ପ୍ରଥମେ ସାମାନ୍ୟ ବ୍ୟୟ କରିବା ସମ୍ବନ୍ଧେ 'କେଉଣ୍ଡି ଗୁନ୍ଥୁଛି ଶେଉଳ ପାଇଁ' ପ୍ରବଚନ ଲୋକେ ବୋଲନ୍ତି ।]

ଶକୁଳା—ସଂ. ବି—କଟୁକୀ (ହି. ଶ.)—
Śakuḷā Black Hellebore.

ଶକୁଳାକ୍ଷ(କ୍ଷା)—ସଂ. ବି.—(ଶକୁଳ+ଅକ୍ଷି; ଶେଉଳମାଛ ପରି ଅକ୍ଷି
Śakuḷaksha(kshā) ଯାହାର)—୧ । ଶ୍ୱେତ ଦୁର୍ବା; ଧଳା
সাদা দুব ଦୁବ; ଛେଡ ଦୁବ—1. Creeping cynodon.
सफेद दुब [ଦ୍ର—ଏହାର ଚେର ଗୋରୁମାନଙ୍କ ପକ୍ଷରେ ଅତ୍ୟନ୍ତ
ସଂ. ଶ୍ୱେତଦୁର୍ବା, ଶତବୀର୍ଯ୍ୟା, ପୁଷ୍ଟିକାରୀ ଏବଂ ପୁଷ୍ଟିକର । ଏହା
ଗୋଲୋମୀ କଷାୟ ତିକ୍ତ ମଧୁର ରସ, ବ୍ରଣନାଶକ,
ତେ. ଶୁକ୍ଳ ଦୁର୍ବାଲୁ ତେଜୋବର୍ଦ୍ଧକ ଓ ଶୀତବୀର୍ଯ୍ୟ । ଏହା
[ଶକୁଳାକ୍ଷକ—ଅନ୍ୟରୂପ] ବିସର୍ପ, ରକ୍ତଦୋଷ, ପିତ୍ତ, କଫ, ତୃଷ୍ଣା ଓ ଦାହନାଶକ ।]

ଶକୁଳାକ୍ଷୀ—ସଂ. ବି—(ଶକୁଳାକ୍ଷ+ଈ)—ଗଣ୍ଡଦୁର୍ବା—
Śakuḷakshī A kind bulb-rooted grass.

ଶକୁଳାଦନୀ—ସଂ. ବି.—(ଶକୁଳ=ଶେଉଳମାଛ+ଅଦନ=ଭକ୍ଷଣ+
Śakuḷādanī ଈ; ଶେଉଳମାଛର ଖାଦ୍ୟ)—୧ । କେଞ୍ଚୁଅ;
কাচড়াদাম; কানশিরে ଗଣ୍ଡୁପଦ—1. Earthworm. ୨ ।
जलचौलाई କଞ୍ଚଟ; କଳଶିରୁ ଲଟା—2. A sort of creeper; Commolyna Bengalensis. ୩ । ଜଳପିପ୍ପଳୀ; ଜଳମ ଶାଗ—3. An aquatic creeper, the pond weed; purple Lippia.) ୪ । କଟଫଳ; କାଫଳ—4. A medicinal bark, Myrica Sapida; Myrica Nagi. ୫ । କଟୁକୀ (ହି. ଶ.)- 5. Black hellebore. ୬ । ଗଜପିପ୍ପଳୀ (ହି. ଶ.) 6. Scidapus Officinalis. ୭ । ଗଣ୍ଡଦୁର୍ବା (ହି.ଶ) 7. Dactylon cynoden. ୮ । ଜଟାମାଂସୀ (ହି.ଶ) 8. Indian spikenard.

ଶକୁଳାର୍ଭକ—ସଂ. ବି.—(ଶକୁଳ=ଶେଉଳ+ଅର୍ଭକ=ଶିଶୁ; ୬ଷ୍ଠୀ
Śakuḷārbhaka ତତ୍)—୧ । ଶେଉଳ ଛୁଆ; ଶେଉଳଶାବଥ-
গড়ই গজুই 1. Small śeuḷa fish. ୨ । ଗଡ଼କ; ଗଡ଼ିଶା; ଗଡ଼େଇ ମାଛ—2. Ophicephalus Punctatus. [ଦ୍ର—ଏହି ମାଛମାନେ ଦୈର୍ଘ୍ୟରେ ୧ ଫୁଟ୍ ପର୍ଯ୍ୟନ୍ତ ବଢ଼ନ୍ତି, ଆକାର ଶେଉଳ ମାଛ ପରି; କିନ୍ତୁ ଅଧିକ ଫିକା । ପିଠି ଈଷତ୍ ଶାଗୁଆ ଓ ପେଟ ଧଳା; ମୁଣ୍ଡ ପାଖରେ କଳା ଚୋବ ଥାଏ ।]

ଶକୁଳାହନୀ—ସଂ. ବି—ଜଳ ପିପ୍ପଳୀ (ହି. ଶ)—Lippia Nodi-
Śakuḷāhanī flora (aquatic plant)

ଶକୁଳୀ—ସଂ. ବି.—୧ । ଶାଙ୍କୁଚ ମାଛ (ହି. ଶ)—1. Stingray.
Śakuḷī fish; the sea-devil fish. ୨ । ପୌରାଣିକ ନଦୀ ବିଶେଷ (ହି. ଶ)—2. Name of a mythological river. ୩ । ଶେଉଳମାଛ—3. Ophicephalus Striatus (fish).

ଶକୃତ୍—ସଂ. ବି.—(ଶକ୍ ଧାତୁ=ଅସମର୍ଥ ହେବା+କର୍ତ୍ତୃ. ଋତ୍)—
Śakṛut ୧ । ପୁରୀଷ;ମଳ;ବିଷ୍ଠା—1. Night soil; foecus; excrement. ୨ । ଗୋବର (ହି. ଶ)—2. Cowdung.

ଶକୃତ୍କରି—ସଂ. ବି. ପୁଂ—(ଶକୃତ୍+କୃ ଧାତୁ+କର୍ତ୍ତୃ ଇ;)—
Śakṛutkari (ଶକୃତ୍କରୀ—ସ୍ତ୍ରୀ) ଗୋବତ୍ସ; ବାଛୁରୀ—Calf.

ଶକୃଦ୍ଦ୍ୱାର—ସଂ. ବି.—(୬ଷ୍ଠୀ ତତ୍; ଶକୃତ୍+ଦ୍ୱାର)—ମଳ ଦ୍ୱାର—
Śakṛuddwāra (ଶକୃଦେଶ—ଅନ୍ୟରୂପ)—The anus.

ଶକୃନ୍ମୂତ୍ର—ସଂ. ବି—(ଶକୃତ୍+ମୂତ୍ର; ଦ୍ୱନ୍ଦ୍ୱ)—ମଳ ମୂତ୍ର—Faces
Śakṛunmūtra and urine.

ଶକେଇବା—ଦେ. କ୍ରି—(ଧ୍ୱନ୍ୟନୁକରଣ)—ଶ୍ୱାସରୋଧ ପୂର୍ବକ
Śakeibā କନ୍ଦନର ଧାରାକୁ ମଝିରେ ମଝିରେ ବନ୍ଦ କରି କାନ୍ଦିବା; (ଶକେଇ ହେବା—ଅନ୍ୟରୂପ) କାତର କନ୍ଦନ ଧ୍ୱନି କରିବା—
क(को)कान सिसकना To sob; to cry with sobs.

ଶକେଇ—ଦେ. ବି. ସ୍ତ୍ରୀ—ଯେଉଁ ବାଳିକା ବା ସ୍ତ୍ରୀ ଶକେଇ କରି
Śakeī କାନ୍ଦେ—A sobbing girl or woman.

काँहुने सिसकनेवाली ଦେ. ଵଣ ସ୍ତ୍ରୀ—Sobbing (woman or girl).

ଶକେଇ ନାନି—ଦେ. ବ.—(ବ୍ୟଙ୍ଗ୍ୟ)—ଶକେଇ (ଦେଖ)—
Sakei nani Sakei (See).

ଶକ୍କର୍—ଦେ.ବି.—(ସଂଶର୍କରା)—୧ । ଗୁଡ଼; ଗୁଡ—1. Molasses.
Sakkar ୨ । ଗୁଣ୍ଡ—2. Powdered sugar.

ଶକ୍କର (ରି)—ସଂ. ବ. ପୁଂ—(ଶକ୍ ଧାତୁ+କର୍ତ୍ତୃ. କର)—୧ । ବୃଷ;
Sakkara(ri) ଷଣ୍ଢ—1. Bull. ୨ । ଶକ୍କର୍ (ଦେଖ)—
2. Sakkar (See).

ଶକ୍କରୀ—ସଂ. ବ. ସ୍ତ୍ରୀ—(ଶକ୍କର+ଈ)—୧ । ଚଣ୍ଡାଳୀ; ଚଣ୍ଡାଳୁଣୀ—
Sakkari 1. A woman of the Chandala caste.
[ଦ୍ର—ଶୂଦ୍ର ପିତା ଓ ବ୍ରାହ୍ମଣୀ ମାତାଠାରୁ ଉତ୍ପନ୍ନ ଜାତି]—
୨ । କେତେକ ସଂସ୍କୃତ ଛନ୍ଦର ନାମ—2. Name of some Sanskrit metres. [ଦ—ଏହା ୧୪ ଅକ୍ଷର ବିଶିଷ୍ଟ ଛନ୍ଦ; ବସନ୍ତତିଲକା, ଅସମ୍ବାଧା, ଅପରାଜିତା, ପ୍ରହରଣ କଳିକା, ବାସନ୍ତୀ, ମ ଞ୍ଜରୀ, କୁଟିଳ, ଇନ୍ଦୁବଦନା, ଚକ୍ର, ନାନ୍ଦୀମୁଖ, ଲଳି, ଅଳକ । ଏହି ଛନ୍ଦମାନଙ୍କ ମଧ୍ୟରେ ବସନ୍ତ ତିଳକା ପ୍ରସିଦ୍ଧ—ହ୍ରୁ. ଷ ।] ୩ । ମେଖଳା; ଚନ୍ଦ୍ରହାର—3. Waist-chain; a girdle. ୪ । ପ୍ରାଚୀନ ନଦୀ ବିଶେଷ (ହ୍ରୁ. ଷ)—4. Name of an ancient river.

ଶକ୍କୀ—ବୈଦେ.ଵଣ (ଅ°ଶକ୍କୀ)—ସନ୍ଦେହପ୍ରବଣ—Of a suspect-
Sakki शक्की ing nature.

ଶକ୍ତ—ସଂ. ଵଣ. ପୁଂ—(ଶକ୍ ଧାତୁ+କର୍ତ୍ତୃ. ତ)—୧ । ପାରଗ—
Sakta 1. Competent. ୨ । ସମର୍ଥ—2. Able. ୩ ।
(ଶକ୍ତା—ସ୍ତ୍ରୀ) କର୍ମଠ; ପରିଶ୍ରମୀ—3. Laborious; diligent.
୪ । ଦୃଢ଼; ଟାଣୁଆ; କଠୋର; କଠିନ—4. Strong; hardy; muscular; hard; tight; tough.
୫ । ପ୍ରିୟଂବଦ; ମିଷ୍ଟଭାଷୀ —5. Of sweet speech.
୬ । ଶକ୍ତି ଯୁକ୍ତ; ଶକ୍ତିମାନ୍; ବଳବାନ୍; ପରାକ୍ରମୀ; କ୍ଷମତାଶାଳୀ; ବଳୁଆ—6. Powerful; potent. ବୈଦେ.
शक्त सख्त ଵଣ (ଫା. ସଖ୍ତ) ୧ । ଖୁବ୍ ବଡ଼—1. Very big.
(ଯଥା—ଶକ୍ତ ମାଛ) । ୨। ଅତ୍ୟଧିକ—2. Excessive.
(ଯଥା—ଶକ୍ତ ପରିଶ୍ରମ) । ୩ । ଗୁରୁତର—3. Very serious; critical. (ଯଥା—ଶକ୍ତ ବେମାର) । ୪।
ଶ୍ରମସାଧ୍ୟ—4 Involving labour. (ଯଥା—
ଶକ୍ତ ସଜା)—୫ । ଦୃଢ଼; କଠିନ—5. Hard
ଦେ. କ୍ରି. ଵଣ ଓ ଵଣର ଵଣ—୧ । ଅତି; ଅତ୍ୟନ୍ତ—
शक्त सख्त 1 Very. (ଯଥା—ଶକ୍ତବଡ଼) ୨ । ଦୃଢ଼ରୂପେ-
2 Strongly.

ଶକ୍ତ କଥା—ଦେ. ବ. (ଅ. ଶଖ୍ତ+ସଂ. କଥା)—୧ । ଗୁରୁତର ବିଷୟ
Sakta katha 1. Serious matter. ୨ । ଅସାଧ୍ୟ ବା କଷ୍ଟ-
शक्तकथा शख्तबात् ସାଧ୍ୟ ବିଷୟ—2. A difficult matter.

ଶକ୍ତତା—ସଂ. ବ.—(ଶକ୍ତ+ତା, ଭାବାର୍ଥେ)—୧ । ଦୃଢ଼ତା; କାଠିନ୍ୟ;
Saktata କଠୋରତା—1. Hardness; toughness. ୨ ।
ବଳ; ସାମର୍ଥ୍ୟ—2. Ability; strength; competence.

ଶକ୍ତ ଦଣ୍ଡ—ଦେ. ବ.—ଗୁରୁତର ଦଣ୍ଡ; କଠୋର ଦଣ୍ଡ—Hard or
Sakta danda severe punishment.
शक्तदण्ड सख्त दंड

ଶକ୍ତ ପରିଶ୍ରମ—ଦେ. ବ.—କଠିନ ପରିଶ୍ରମ—Hard labour.
Sakta parisrama शक्त परिश्रम सख्त परिश्रम
(ଶକ୍ତ ପରିଶ୍ରମୀ—ଵଣ)

ଶକ୍ତ ବଡ଼—ଦେ. ଵଣ.—ଅତି ବଡ଼; ଖୁବ୍ ବଡ—Very big.
Sakta barda शक्तबड़ बहुतबडा

ଶକ୍ତ ବେମାର୍—ବୈ ଦେ. ଵଣ—୧ । ଗୁରୁତର ଭାବରେ ପୀଡ଼ିତ—
Sakta bemar शक्तबेमार सख्तबीमार Seriously ill.
(ଶକ୍ତ ବେରାମ—ଦେ. ରୂପ)

ଶକ୍ତ ବେମାରି—ବୈଦେ. ବ (ଫା. ସଖ୍ତ ବିମାରି)—ଗୁରୁତର ପୀଡ଼ା-
Sakta bemari (ଶକ୍ତ ବେରାମି—ଦେ. ରୂପ) Serious
शक्तबेमारी सख्तबिमारी illness.

ଶକ୍ତର ଭକ୍ତ—ଦେ.ବ.—(ପ୍ରବଚନ; ବଙ୍ଗଳାରୁ ଅନୁକୃତ)—ସଂସାରରେ
Saktara bhakta ସମସ୍ତେ ଶକ୍ତିଶାଳୀ ଲୋକଙ୍କୁ ପୂଜା କରନ୍ତି
शक्तेर भक्त शक्तकाभक्त ବା ଡରନ୍ତି । (Proverb) The world worships power.

ଶକ୍ତ ମି(ମେ)ହନ୍ତ—ବୈ ଦେ. ବ—(ଫା. ସଖ୍ତ ମିହନତ୍)—ଶକ୍ତ
Sakta mi(me)hanta ପରିଶ୍ରମ (ଦେଖ) Sakta
शक्त मेहनत शख्तमिहनत parisrama (See)
(ଶକ୍ତମେହନତ—ଅନ୍ୟରୂପ)

ଶକ୍ତ ଲୋକ—ଦେ. ବ.—୧ । କ୍ଷମତାଶାଳୀ ବ୍ୟକ୍ତି; ପରାକ୍ରମୀ ବ୍ୟକ୍ତି—
Sakta loka शक्तलोक शख्तआदमी 1. Powerful person. ୨ । ଯାହା ସଙ୍ଗେ ବ୍ୟବହାର କରିବା ବା ଚଳିବା କଷ୍ଟକର—2. Difficult or hard to deal with.

ଶକ୍ତ ସଜା—ବୈଦେ. ବ. (ଫା. ଶଖ୍ତ+ସଜା)—କଠିନ ଦଣ୍ଡ—
Sakta saja Severe punishment.
शक्तसाजा शख्तसज़ा

ଶକ୍ତାଇ—ଦେ. ବ.—(ଅ° ଶଖ୍ତ୍)—କଠିନତା; ଦୃଢ଼ତା—Hard-
Saktai कठिनता सख्ताई ness.

ଶକ୍ତି—ସ°. ବ.—(ଶକ୍ ଧାତୁ=ପାରିବା, ସମର୍ଥ ହେବା+ଭାବ ତି)—
Sakti ୧ । କ୍ଷମତା; ଅଧିକାର 1. Power; control.
୨ । ତତ୍ତ୍ୱ (୧୪) (ଦେଖ)—2. Tattwa (14) (See). [ହ୍ରୁ—ଅମୂଲ୍ୟ ସିଂହାସନେ ସ୍ଥିତ, ବେଷ୍ଟିତ ପଞ୍ଚଦଶ ଶକ୍ତି ଭକ୍ତେ ଅ—ଭାଗବତ] ୩ । ସାମର୍ଥ୍ୟ; ପାରିବା ପଣ—3. Ability; energy; effeciency.
୪ । ପରାକ୍ରମ; ବଳ, 4. Strength; potency; might; force. ୫ । ଶାରୀରିକ ବଳ । 5. Phy-

sical strength. ୬ । ରାଜଶକ୍ତି; ରାଜାଙ୍କର ଯେଉଁ ପରାକ୍ରମ ବଳରେ ସେ ଶତ୍ରୁଙ୍କୁ ଜୟ କରନ୍ତି । 6. Majesty; kingly power derived from energy, good counsel and courage. [ଦ୍ର—ପ୍ରଭୁଶକ୍ତି ବା ପ୍ରଭାବଜ ଶକ୍ତି; ମନ୍ତ୍ର ଶକ୍ତି ବା ମନ୍ତ୍ରଜ ଶକ୍ତି ଓ ଉତ୍ସାହ ଶକ୍ତି ବା ଉତ୍ସାହଜ ଶକ୍ତି ଭେଦରେ ରାଜଶକ୍ତି ତିନି ପ୍ରକାର; କୋଷ ଓ ଦଣ୍ଡ ସମ୍ବନ୍ଧୀୟ ଶକ୍ତି ପ୍ରଭୁ ଶକ୍ତି; ସନ୍ଧି ଓ ବିଗ୍ରହାଦି ସମ୍ବନ୍ଧୀୟ ଶକ୍ତି ମନ୍ତ୍ର ଶକ୍ତି; ପରାକ୍ରମ ପ୍ରକଟିତ କରିବା ଓ ବିଜୟ ଲାଭ କରିବା ଶକ୍ତି ଉତ୍ସାହ ଶକ୍ତି ଅଟେ] ୭ । ବଳ ଓ ପରାକ୍ରମୀ ରାଜ୍ୟ; ଯେଉଁ ରାଜ୍ୟର ପ୍ରବଳ ଧନ ବଳ ଓ ସେନା ବଳଅଛି (ହି ଶ) 7. Power; powerful state. ୮ । ଲୌହ ନିର୍ମିତ ମୁନିଆ ଅସ୍ତ୍ର ବିଶେଷ--8. A pointed iron weapon.

[ଦ୍ର—ଶକ୍ତି ପ୍ରାଚୀନ ଭାରତରେ ପ୍ରଚଳିତ ଯୁଦ୍ଧାସ୍ତ୍ର-ବିଶେଷ । ଏହା ଦୁଇ ହାତରୁ ଅଧିକ ଲମ୍ବ ନୁହେଁ । ଦେଖିବାକୁ ଏହା ସିଂହମୁଖାକୃତି, ତୀକ୍ଷ୍ଣନଖର ଓ ଜିହ୍ୱା-ବିଶିଷ୍ଟ । ମୁଠାଇ କରି ଧରିବାପାଇଁ ଏହାର ବଡ଼ ବେଣ୍ଟ ଥାଏ । ଏଥିରେ ଘଣ୍ଟି ମଧ୍ୟ ଲାଗିଥାଏ । ଏହାକୁ ବୁଲାଇଲା-ବେଳେ ଘଣ୍ଟି ବାଜେ । ଦୁଇ ହାତରେ ଏହାକୁ ବୁଲାଇ ଶତ୍ରୁ ଉପରକୁ ଫୋପାଡ଼ିବାକୁ ହୁଏ । ସେତେବେଳେ ଏହା ତିର୍ଯ୍ୟକ୍ ଭାବରେ ଗତି କରେ । ଇନ୍ଦ୍ରଜିତର ଏହି ଶକ୍ତି ଦ୍ୱାରା ବିଦ୍ଧ ହୋଇ ଲକ୍ଷ୍ମଣ ରଣଭୂମିରେ ମୂର୍ଚ୍ଛିତ ହୋଇ ପଡ଼ିଥିଲେ ।] ୯ । ଲୌହର ଶାବଳ—9. A crow-bar of iron. ୧୦ । (ନ୍ୟାୟ) ଚେଷ୍ଟାର ହେତୁଭୂତଧର୍ମ; କାର୍ଯ୍ୟୋତ୍ପାଦନଯୁକ୍ତ ଧର୍ମ--10.(Hindu philosophy) Energy which results in action. ୧୧ । (ପଦାର୍ଥ ବିଜ୍ଞାନ) ଜଡ଼ ପଦାର୍ଥର ଅନ୍ୟ ପଦାର୍ଥ ଉପରେ ପ୍ରଭାବ ବିସ୍ତାରକ କାର୍ଯ୍ୟକାରୀ ପ୍ରଭାବ—11. (physics) The energy or latent power or potentiality which is existent in a thing ୧୨ । (ନ୍ୟାୟ ଦର୍ଶନ) ପ୍ରକୃତି, ଯାହା ପୁରୁଷ ସଙ୍ଗେ ମିଳିତ ହେବାରୁ ଏ ସୃଷ୍ଟି ହୋଇଅଛି—12. (Nyāya philosophy) The prime energy of matter from which the world was created, the nature. ୧୩ । (ବ୍ୟାକରଣ) ଶବ୍ଦର ବୃତ୍ତିବିଶେଷ; ଶବ୍ଦବିଶେଷର ଅର୍ଥବିଶେଷ ବୋଧ କରାଇବାର କ୍ଷମତା—13. (Grammar) The potency of a word to convey a certain meaning; the import of a word. [ଦ୍ର—ଶବ୍ଦାଳଙ୍କାରରେ ଏହା ତ୍ରିବିଧ; ଯଥା—ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା । ଅଭିଧା ଶକ୍ତି ଦ୍ୱାରା ଶବ୍ଦର ବ୍ୟୁତ୍ପତ୍ତିମୂଳକ ଅର୍ଥ ଜଣାଯାଏ । ଲକ୍ଷଣାଦ୍ୱାରା ଲକ୍ଷିତ ଅର୍ଥ ଏବଂ ବ୍ୟଞ୍ଜନାଦ୍ୱାରା ବ୍ୟଙ୍ଗ୍ୟାର୍ଥ ଜଣାଯାଏ ।] ୧୪ । ଦୁର୍ଗା—14. Goddess Durgā.

୧୫ । ତନ୍ତ୍ରମତରେ ଗୌରୀ ବା ପାର୍ବତୀଙ୍କର ଭିନ୍ନ ଭିନ୍ନ ରୂପ—15. The differnt incarnations of Pārbatī as worshipped according to Tantras. [ଦ୍ର—ତନ୍ତ୍ରମତାନୁସାରେ ପାର୍ବତୀଙ୍କର ବିଭିନ୍ନରୂପ ବା ଅବତାର ଶକ୍ତି ନାମରେ ଅଭିହିତ; ଯଥା—ଦଶ ମହାବିଦ୍ୟା, ଚଣ୍ଡୀ, କାଳୀ ଓ ଦୁର୍ଗା ଇତ୍ୟାଦି ।] ୧୬ । ସ୍ତ୍ରୀ ଯୋନି ଆକୃତିବିଶିଷ୍ଟ ଗୌରୀପଟ୍ଟ, ଯହିଁର ମଧ୍ୟସ୍ଥ ଛିଦ୍ରରେ ଶିବଲିଙ୍ଗ ସ୍ଥାପିତ ହୁଏ—16. The phallus or a representation of the female organ in which the Linga of Śiba is erected. [ଦ୍ର—ହିନ୍ଦୁମାନଙ୍କ ମତରେ ଲିଙ୍ଗରୂପୀ ଶିବ ବା ଈଶ୍ୱର ପୁରୁଷ ଓ ଯୋନିରୂପିଣୀ ଶକ୍ତି ପ୍ରକୃତି । ଏହି ଦୁହିଙ୍କ ସଙ୍ଗମରେ ସୃଷ୍ଟିର ଉତ୍ପତ୍ତି । ଏହାହିଁ ଶକ୍ତି ମଧ୍ୟସ୍ଥିତ ଶିବ ଲିଙ୍ଗର ଆଧ୍ୟାତ୍ମିକ ଅର୍ଥ । ହିନ୍ଦୁଶାସ୍ତ୍ର ଅନୁସାରେ ଶକ୍ତି ବିଷ୍ଣୁଙ୍କ ଅଙ୍ଗ-ସମ୍ଭୂତା ଦେବୀ । ପ୍ରକୃତିରୂପିଣୀ ଏହି 'ଶକ୍ତି'ଙ୍କ ଦ୍ୱାରା ଭଗବାନ୍ (ପୁରୁଷ) ଜଗତ୍ ସୃଷ୍ଟି କରିଅଛନ୍ତି, ମାୟା-ରୂପିଣୀ ଏହି 'ଶକ୍ତି'ଙ୍କ ଦ୍ୱାରା ଜଗତକୁ ପାଳନ କରୁଅଛନ୍ତି ଏବଂ ସଂହାରରୂପିଣୀ ଏହି 'ଶକ୍ତି'ଙ୍କ ଦ୍ୱାରା ଜଗତକୁ ବିନାଶ କରୁଅଛନ୍ତି । ଏହି ସୃଷ୍ଟି ସ୍ଥିତି ପ୍ରଳୟ ଅବିଚ୍ଛିନ୍ନକାଳରୁ ଲାଗିଅଛି ଓ ଲାଗିଥିବ । ଫଳତଃ ଏକହିଁ ଈଶ୍ୱରଙ୍କର ସୃଷ୍ଟି-କାରିଣୀ ଶକ୍ତି—ବ୍ରହ୍ମା, ପାଳନକାରିଣୀ ଶକ୍ତି—ବିଷ୍ଣୁ ଓ ସଂହାରକାରିଣୀ ଶକ୍ତି ଶିବ ଅଟନ୍ତି । ଅତଏବ ଏହି ଶକ୍ତିଙ୍କୁ 'ଆଦ୍ୟା ଶକ୍ତି' ବୋଲାଯାଏ ଏବଂ ଏ ମହାଦେବଙ୍କ ସ୍ତ୍ରୀରୂପେ କଳ୍ପିତା । ସୃଷ୍ଟି ସ୍ଥିତି ପ୍ରଳୟ ଏହି ଶକ୍ତିଙ୍କଦ୍ୱାରା ଘଟିଅଛି । 'ତନ୍ତ୍ର' ପ୍ରବର୍ତ୍ତନ ଦ୍ୱାରା ଭାରତରେ ଶକ୍ତି ଉପାସନା ବିଶେଷ ଭାବରେ ପ୍ରଚଳିତ ହୋଇଥିଲା ଓ କ୍ରମଶଃ ତାନ୍ତ୍ରିକ ଶକ୍ତି—ଉପାସନାର ଦ୍ୱାହି ଦେଇ ଶାକ୍ତମାନେ ମଦ୍ୟ, ମାଂସ, ମୈଥୁନ, ମତ୍ସ୍ୟ ଓ ମୁଦ୍ରା ଅତିଭକ୍ତ ହୋଇ ଉଠିଲେ । ଉତ୍କଳର କୁଳୀନ ବ୍ରାହ୍ମଣମାନେ ଏହି ଶକ୍ତିଙ୍କ ଉପାସକ ବା ଶାକ୍ତ ମତାବଲମ୍ବୀ ଅଟନ୍ତି ।] ୧୭ । ଲକ୍ଷ୍ମୀ—17. Goddess Lakshmī. ୧୮ । ସ୍ତ୍ରୀ ଦେବତା; ଦେବୀ—18. A female Deity; Goddess. ୧୯ । କୌଣସି ବିଶିଷ୍ଟ ଧର୍ମସାଧନାର୍ଥ ବିଶିଷ୍ଟ ଦେବତାଙ୍କ ପରାକ୍ରମ (ଯଥା—ବୈଷ୍ଣବୀଶକ୍ତି; ରୌଦ୍ରୀଶକ୍ତି)—19. The particular power of a particular Deity; the powers of individual Deities personified. [ଦ—ହିନ୍ଦୁପୁରାଣରେ ଭିନ୍ନ ଭିନ୍ନ ଦେବତାଙ୍କର ଭିନ୍ନ ଭିନ୍ନ ଶକ୍ତି ଓ ଶକ୍ତିମାନଙ୍କର ଭିନ୍ନ ଭିନ୍ନ ଆକାର ଓ ବାହନ କଳ୍ପିତ ହୋଇଅଛି । ଏମାନଙ୍କୁ ଦେବୀ ରୂପରେ କଳ୍ପନା କରାଯାଇ ଅଛି । ଚଣ୍ଡୀ ପୁରାଣର ଅଷ୍ଟମ ଅଧ୍ୟାୟରେ ୧୩ଶଠାରୁ ୨୧ଶ ଶ୍ଳୋକ ପର୍ଯ୍ୟନ୍ତ ବିଷ୍ଣୁ ଶକ୍ତି, ବା ବୈଷ୍ଣବୀ ଶକ୍ତି, ଐନ୍ଦ୍ରୀଶକ୍ତି, ମାହେଶ୍ୱରୀ ଶକ୍ତି, କୌମାରୀଶକ୍ତିଙ୍କର ଯଥାକ୍ରମେ ରୂପ, ଅସ୍ତ୍ର

ଓ ବାହନର ବର୍ଣ୍ଣନା ଅଛି ।] ୨୦ । ତନ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ପୀଠର ଅଧିଷ୍ଠାତ୍ରୀ ଦେବୀ, ଶାକ୍ତମାନେ ଯାହାଙ୍କ ଉପାସନା କରନ୍ତି (ହି. ଶ)—20. The presiding Goddesses of different Pīthas. (ପୀଠ ତଳେ ଟୀକା ଦେଖ; See notes under Pītha) ୨୧ । (ତାନ୍ତ୍ରିକ ପରିଭାଷା) ନଟୀ, କାପାଳକୀ, ବେଶ୍ୟା, ଧୋବଣୀ, ଚଣ୍ଡାଳୁଣୀ, ବ୍ରାହ୍ମଣୀ, ଶୂଦ୍ରା, ଗଉଡ଼ୁଣୀ, ମାଳୁଣୀ, ଯୁବତୀ, ରୂପବତୀ, ସୌଭାଗ୍ୟବତୀ ସ୍ତ୍ରୀ, ଯାହାଙ୍କୁ ତାନ୍ତ୍ରିକମତରେ ଦେବୀରୂପେ କଳ୍ପନା କରି ପୂଜା କରାଯାଏ (ହି. ଶ)—21. Some classes of females worshipped by Tāntrikas as Deities. ୨୨ । (ତନ୍ତ୍ର) ସ୍ତ୍ରୀ ଜନନେନ୍ଦ୍ରିୟ; ଭଗ (ହି. ଶ)—22. The female organ. ୨୩ । ଖଡ୍ଗ (ହି. ଶ)—23. Sword. ୨୪ । (ପୁଂ) ପରାଶରଙ୍କ ପିତା (ହି. ଶ)—24. Name of the father of sage Parāśara. ଦେ. ବ—କୌଣସି ଦେଶର ରଜା ବା ଶାସକଙ୍କର ସୈନ୍ୟ ବା ବଳ—The army or force of a country. (ଯଥା—ମିତ୍ରଶକ୍ତିମାନେ ମିଳିତ ହୋଇ ଯୁଦ୍ଧ କଲେ ।)

ଶକ୍ତିଆ(ୟା)—ଦେ. ବଣ.—(ସ. ଶକ୍ତିମାନ୍) ୧ । ଶକ୍ତିଶାଳୀ—
Śaktiā(yā) 1. Powerful; energetic. ୨ । ଶକ୍ତ; ମଜବୁତ—2. Very strong.

ଶକ୍ତି ଉପାସକ—ଦେ. ବଣ. ପୁଂ—(ସ. ଶକ୍ତ୍ୟୁପାସକ)—ଶାକ୍ତ (ଦେଖ)
Śakti upāsaka Śakta (See)
[ଶକ୍ତିଉପାସିକା—ସ୍ତ୍ରୀ]

ଶକ୍ତି ଉପାସନା—ଦେ. ବ. (ସ. ଶକ୍ତ୍ୟୁପାସନା) – ତନ୍ତ୍ର ମତାନୁସାରେ
Śakti upāsanā ଦୁର୍ଗାଙ୍କ ପୂଜା—The worship of Durgā according to the tantric rites.

ଶକ୍ତିକ—ଦେ. ବ—ଗନ୍ଧକ—Sulpher. [ବ—ପୁରାଣମତରେ
Śaktika ପାର୍ବତୀ ଶିବଙ୍କ ବୀର୍ଯ୍ୟ ଓ ଗନ୍ଧକ ପାର୍ବତୀ(ଶକ୍ତି)ଙ୍କ ରଜଃ ।]

ଶକ୍ତିକର—ସ ବଣ (ଶକ୍ତି+କୃ ଧାତୁ+କର୍ତ୍ତୃ. ଅ)—ବଳପ୍ରଦ—
Śaktikara Giving strength.
(ଶକ୍ତିକରୀ—ସ୍ତ୍ରୀ) (ଶକ୍ତିକାରକ—ଅନ୍ୟରୂପ)

ଶକ୍ତି କ୍ଷୟ—ସ. ବ.—(୬ଷ୍ଠୀତତ୍)-- ଶକ୍ତିର ବା ବଳର ବିନାଶ—
Śakti kshaya Loss of power or energy.
[ଶକ୍ତିନାଶ, ଶକ୍ତିହାନି, ଶକ୍ତିଲୋପ—ଅନ୍ୟରୂପ]

ଶକ୍ତି ଗ୍ରହ—ସ. ବଣ—(ଶକ୍ତି+ଗ୍ରହ୍ ଧାତୁ+କର୍ତ୍ତୃ. ଅ)—ଶକ୍ତିନାମକ
Śakti graha ଯୁଦ୍ଧାସ୍ତ୍ରଧାରୀ—Armed with the weapon śakti. ସ. ବ—୧ । ଶିବ; ମହାଦେବ—1. Lord Śiba. [ବ—ମହାଦେବ 'ଶକ୍ତିଗ୍ରହ' ନାମରେ ଅଭିହିତ; କାରଣ ଏ ଶକ୍ତିରୂପିଣୀ ଦୁର୍ଗାଙ୍କୁ ଧାରଣ କରି ଅଛନ୍ତି ।] ୨ । ଶବ୍ଦର ଅଥବା ବାକ୍ୟର ଭାବର ବା ଶକ୍ତିର ଉପଲବ୍ଧି—2. The realisation of the import of a word. ୩ । କାର୍ତ୍ତିକେୟ—3. Kārttikeya, the son of Śiba. [ବ—ଏ ଶକ୍ତି ଅସ୍ତ୍ର ଧାରଣ କରି ଦେବାସୁର ଯୁଦ୍ଧରେ ଦେବ ସେନାଙ୍କର ନାୟକତ୍ୱ ଗ୍ରହଣ କରିଥିଲେ ।]

ଶକ୍ତିଧର—ସ. ବଣ. ପୁଂ.—(ଶକ୍ତି+ଧୃ ଧାତୁ+କର୍ତ୍ତୃ. ଅ)—୧ । ଶକ୍ତି
Śaktidhara ନାମକ ଅସ୍ତ୍ରଧାରୀ—1. Armed with the weapon Śakti. ୨ । ଶକ୍ତିଶାଳୀ—2. Powerful. ସ. ବ. ପୁଂ—୧ । କାର୍ତ୍ତିକେୟ—1. Kārtikeya, the son of Śiba. ୨ । ଶିବ; ମହାଦେବ—2. Śiba.

ଶକ୍ତି ଧ୍ୱଜ—ସ. ବ.—(ବହୁବ୍ରୀହି)—କାର୍ତ୍ତିକେୟ (ହି. ଶ.)—
Śakti dhwaja Kārttikeya.

ଶକ୍ତିପର୍ଣ୍ଣ—ସ. ବ.—ଛତିଅନା; ସପ୍ତପର୍ଣ୍ଣ ବୃକ୍ଷ (ହି. ଶ)—
Śaktiparnna Echites Scholaris (tree).

ଶକ୍ତି ପାଇବା—ଦେ. କି—କ୍ଷମତାଦ୍ୱାରା ଭୂଷିତ ହେବା—To be
Śakti pāibā endowed with power or force. ଦେ. ବ.—କୌଣସି କାର୍ଯ୍ୟ କରିବା ପାଇଁ ସମର୍ଥ ହେବା—Ability to do a thing. [ଯଥା—୫ ମହଣିଆ ବୋଝ ଉଠାଇବାକୁ ମୋର ଶକ୍ତି ପାଉ ନାହିଁ । ଏତେ ଟଙ୍କା ଖର୍ଚ୍ଚ କରିବାକୁ ମୋର ଶକ୍ତି ପାଉ ନାହିଁ ।]

ଶକ୍ତି ପାଣି—ସ. ବଣ. ଓ ବ.—(ବହୁବ୍ରୀହି)—ଶକ୍ତିଧର (ଦେଖ)—
Śakti pāni Śaktidhara (See)

ଶକ୍ତିପୂଜକ—ସ. ବ. ପୁଂ. (୬ଷ୍ଠୀତତ୍)—ଶାକ୍ତ; ଦୁର୍ଗାଦେବୀଙ୍କ ଭକ୍ତ—
Śakti pūjaka A devotee or worshipper of Durgā.
(ଶକ୍ତି ପୂଜକା—ସ୍ତ୍ରୀ) (ଶକ୍ତ୍ୟୁପାସକ—ଅନ୍ୟରୂପ)

ଶକ୍ତିପୂଜା—ସ. ବ. (୬ଷ୍ଠୀତତ୍) ୧ । ଦୁର୍ଗାଦେବୀଙ୍କର ପୂଜା—
Śakti pūjā 1. Worship of Goddess Durgā. (ଶକ୍ତ୍ୟୁପାସନା—ଅନ୍ୟରୂପ) ୨ । ତାନ୍ତ୍ରିକମତରେ କାଳୀ ଓ ଚଣ୍ଡୀଆଦି ଠାକୁରାଣୀଙ୍କ ପୂଜା (ତନ୍ତ୍ର ଦେଖ)—2. Worship of Deity Durgā according to Tantric rites.

ଶକ୍ତିପୂର୍ବ—ସ. ବ.—ପରାଶରଙ୍କ ଏକନାମ (ହି. ଶ)—A name of
Śakti pūrba sage Parāśara.

ଶକ୍ତିପ୍ରଦର୍ଶନ—ସ. ବ. (ଷଷ୍ଠୀ ତତ୍)--କ୍ଷମତା ଦେଖାଇବା—Show of
Śakti pradarśana force; exhibition of one's power or might.

ଶକ୍ତିପ୍ରୟୋଗ—ସ. ବ.—(୬ଷ୍ଠୀ ତତ୍)—ବଳ ପ୍ରୟୋଗ—
Śakti prayoga Application of force.

ଶକ୍ତିବନ୍ତ—ଦେ. ବଣ—(ସ. ଶକ୍ତିମତ୍)—ଶକ୍ତିମନ୍ତ (ଦେଖ)
Śakti banta शक्तिमन्त शक्तिमन्त Śaktimanta (See)

ଶକ୍ତିବର୍ମନ୍—ଦେ. ବ.– (ନାମ) କଳିଙ୍ଗର ଜଣେକ ରଜା—Name
Śaktibarman of a King of Kalinga [ବ-ପିଷ୍ଟପୁରର ନାମକ ସ୍ଥାନରୁ ତାଙ୍କ ପ୍ରଦତ୍ତ ତାମ୍ରପଟ୍ଟ ମିଳିଅଛି—କେଦାରନାଥ ମହାପାତ୍ର]

ଶକ୍ତିବାଦୀ—ସଂ. ବି. ପୁଂ—ଶାକ୍ତ (ହି. ଶ)—A worshipper of
Śaktibādi (ଶକ୍ତିବାଦିନୀ—ସ୍ତ୍ରୀ) Śakti

ଶକ୍ତିବିଦ୍ଧ—ସଂ. ବିଣ. ପୁଂ—(ଶକ୍ତିଦ୍ୱାରା ବିଦ୍ଧ; ୩ୟା ତତ୍)—ଶକ୍ତି
Śakti bidha ନାମକ ଅସ୍ତ୍ର ଯାହାର ଦେହକୁ ଭେଦ କରିଥାଏ—
Pierced by the Śakti weapon.
(ଶକ୍ତିବିଦ୍ଧା—ସ୍ତ୍ରୀ) (ଶକ୍ତିବେଧ—ବିଶେଷ୍ୟ)

ଶକ୍ତିବିହୀନ—ସଂ ବିଣ. ପୁଂ—(୩ୟା ତତ୍)—ଅସମର୍ଥ—Impotent.
Śakti bihīna (ଶକ୍ତିବିହୀନା—ସ୍ତ୍ରୀ)

ଶକ୍ତିବୋଧ—ସ.ବି—(୬ଷ୍ଠୀ ତତ୍)—ଶବ୍ଦର ଅର୍ଥର ବୋଧ (ହି. ଶ)—
Śakti bodha Comprehension of the meaning of a word.

ଶକ୍ତିଭୃତ୍—ସ. ବିଣ. ପୁଂ—(ଶକ୍ତି+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)
Śakti bhrut ଶକ୍ତିଶାଳୀ—Powerful; energetic.
ବି—ଦେବତାଙ୍କ ସେନାପତି କାର୍ତ୍ତିକେୟ—Kārttikeya the commander-in-chief of the forces of the Gods.

ଶକ୍ତିଭେଦ—ସ.ବି.—(୩ୟା ତତ୍) ବାଣ ଯୋଗେ ଦ୍ୱାରା ପ୍ରେରିତ ଶକ୍ତି
Śakti bheda ନାମକ ଅସ୍ତ୍ର ବିପକ୍ଷର ଶରୀରରେ ବିଦ୍ଧ ହେବା—
The piercing of the Śakti weapon into the body of a person against whom it is thrown.
[ଦ୍ର—ରାବଣପୁତ୍ର ଇନ୍ଦ୍ରଜିତ୍ ଲକ୍ଷ୍ମଣଙ୍କ ପ୍ରତି ଏହି ଶକ୍ତି ଅସ୍ତ୍ର ପ୍ରୟୋଗ କରିଥିଲା । ଶକ୍ତିଭେଦ ଫଳରେ ଲକ୍ଷ୍ମଣ ମୂର୍ଚ୍ଛିତ ଏବଂ ମୃତପ୍ରାୟ ହୋଇଥିଲେ । ହନୁମାନ୍ ରାତିକ ଘଡ଼ରେ ଗନ୍ଧମାଦନ ପର୍ବତକୁ ଲଙ୍କାକୁ ବହି ଆଣିବାରୁ ତହିଁରେ ଥିବା ଅମର ମହୌଷଧି ଲକ୍ଷ୍ମଣଙ୍କଠାରେ ପ୍ରୟୋଗ କରାଗଲା ଏବଂ ତହିଁ ବଳରେ ସେ ବଞ୍ଚିଲେ । ଏହି ଘଟଣାକୁ ଲକ୍ଷ୍ମଣଙ୍କ ଶକ୍ତିଭେଦ ବୋଲାଯାଏ]

ଶକ୍ତିମତ୍—(ଶତ) ସଂ. ବିଣ—(ଶକ୍ତି+ଅସ୍ତି ଅର୍ଥରେ ମତ୍)—୧ ।
Śaktimat କାର୍ଯ୍ୟଦକ୍ଷ—1 Competent. ୨ । ବଳବତ୍;
(ଶକ୍ତିମାନ୍—ପୁଂ;ଶକ୍ତିମତୀ ସ୍ତ୍ରୀ) କ୍ଷମତାଶାଳୀ; ଯାହାର ଶକ୍ତି ଅଛି—
2. Potential; powerful; energetic

ଶକ୍ତିମତ୍ତା(ତ୍ତ୍ୱ)—ସଂ. ବି.—(ଶକ୍ତିମତ୍+ଭାବାର୍ଥେ ତା)—୧। କାର୍ଯ୍ୟଦକ୍ଷତା'
Śaktimattā(ttwa) 1 Competence. ୨ । ଶକ୍ତିଶାଳିତା—
2. The state or condition of being powerful; potentiality.

ଶକ୍ତିମନ୍ତ—ଦେ. ବିଣ—(ସ. ଶକ୍ତିମତ୍)—୧ । ଶକ୍ତିଶାଳୀ;
Śaktimanta କ୍ଷମତାଶାଳୀ—1. Powerful; energetic.
শক্তিমন্ত शक्तिमत [ଦ୍ର—ମହାଶକ୍ତିମନ୍ତ ତ ଅଟନ୍ତି ଦାନବେ—
କୃତ୍ତିବାସ. ମହାଭାରତ ବନ । ୨ । ଧନଶାଳୀ; ଯେଉଁ ବ୍ୟକ୍ତି ଧନ ସାହାଯ୍ୟରେ ନାନା କାର୍ଯ୍ୟ କରିବାକୁ ସମର୍ଥ—
2. Rich (person); capable of performing many works with the help of money

ଶକ୍ତିମୟ—ସ. ବିଣ—(ଶକ୍ତି+ପ୍ରାଚୁର୍ଯ୍ୟାର୍ଥେ ମୟ)—କ୍ଷମତା ବା
Śaktimaya ସାମର୍ଥ୍ୟଯୁକ୍ତ; ଶକ୍ତିଶାଳୀ—Full of energy;
(ଶକ୍ତିମୟୀ—ସ୍ତ୍ରୀ) potential.

ଶକ୍ତିମାନ୍—ସ. ବିଣ. ପୁଂ –(ଶକ୍ତି+ମତ୍; ୧ମା ୧ବ)—ଶକ୍ତିଶାଳୀ,
Śaktimān ବଳଶାଳୀ—Powerful; potent; strong.

ଶକ୍ତିମୂଳକ—ସ. ବିଣ—(ବହୁବ୍ରୀହି, ଶକ୍ତି+ମୂଳ+କ)—ଶକ୍ତି ବା
Śaktimulaka ବଳ ଉପରେ ପ୍ରତିଷ୍ଠିତ—Founded on or originating from energy or power.

ଶକ୍ତିଯୁକ୍ତ—ସ. ବିଣ—(ଶକ୍ତି ଦ୍ୱାରା ଯୁକ୍ତ; ୩ୟା ତତ୍)—ଯାହାଠାରେ
Śakti jukta ଶକ୍ତି ବା କ୍ଷମତା ସଂଯୋଜିତ ହୋଇଅଛି—
(ଶକ୍ତିଯୁକ୍ତା—ସ୍ତ୍ରୀ) To whom or which energy has been joined; endowed with energy or power.

ଶକ୍ତିରହିତ—ସ ବିଣ (ଶକ୍ତି+ରହିତ; ୩ୟା ତତ୍)—
Śakti rahita ସାମର୍ଥ୍ୟହୀନ; କ୍ଷମତାହୀନ; ଦୁର୍ବଳ—Power-
(ଶକ୍ତିରହିତା—ସ୍ତ୍ରୀ) less; impotent; shorn or
(ଶକ୍ତିରହିତ୍ୟ—ବିଶେଷ୍ୟ) devoid of energy.

ଶକ୍ତିଲୋପ—ସ. ବି—(ଶକ୍ତି ଲୋପ; ୬ଷ୍ଠୀ ତତ୍)—ଶକ୍ତିର ବିନାଶ—
Śakti lopa Loss of energy; cessation of power or energy.

ଶକ୍ତିଶାଳୀ—ସ.ବିଣ.ପୁଂ –(ଶକ୍ତି+ଅସ୍ତି ଅର୍ଥରେ ଶାଳିନ୍; ୧ମା ୧ବ)—
Śaktiśāli କ୍ଷମତାଶାଳୀ; ପରାକ୍ରମଶାଳୀ; କ୍ଷମତା ବା ସାମର୍ଥ୍ୟ
(ଶକ୍ତିଶାଳିନୀ—ସ୍ତ୍ରୀ) ବିଶିଷ୍ଟ—Powerful,energetic; having
(ଶକ୍ତିଶାଳିତା—ବି) the necessary ability.

ଶକ୍ତିଶୂନ୍ୟ—ସ. ବିଣ. ପୁ—(ଶକ୍ତିଦ୍ୱାରା ଶୂନ୍ୟ; ୩ୟା ତତ୍)—ଶକ୍ତି
Śakti śunya ରହିତ (ଦେଖ)—Śaktirahita (See).
(ଶକ୍ତିଶୂନ୍ୟା—ସ୍ତ୍ରୀ) (ଶକ୍ତିଶୂନ୍ୟତା—ବି)

ଶକ୍ତିଶେଲ—ଦେ. ବି—ଶକ୍ତିଭେଦ (ଦେଖ) (ଶକ୍ତିଙ୍କ ଦ୍ୱାରା ପ୍ରଦତ୍ତ
Śakti śela ଶେଲ, 'ଶେଲ' ସଂସ୍କୃତ ଶଲ୍ୟ ବା ଶୂଳ ଶବ୍ଦଜ ?
ମଧ୍ୟପଦ ଲୋପୀ; ବା ଶକ୍ତିରୂପକ ଶେଲ, ରୂପକ କର୍ମଧାରୟ)—ରାବଣ ପୁତ୍ର ଇନ୍ଦ୍ରଜିତ୍‌କୁ ଦୁର୍ଗାଙ୍କ ପ୍ରଦାନ କରିଥିବା ଶକ୍ତି ନାମକ ଅସ୍ତ୍ର ବା ବାଣ । [ଦ୍ର—ଏହାକୁ ଇନ୍ଦ୍ରଜିତ୍ ଲକ୍ଷ୍ମଣଙ୍କ ଉପରକୁ ନିକ୍ଷେପ କରିବାରୁ ତାଙ୍କର ଶକ୍ତିଭେଦ ହୋଇଥିଲା ।] The very powerful shaft or dart or weapon given by Goddess Durgā to Rābaṇa's son Indrajit which he threw at Laksmana and which pierced his heart and made him swoon.

ଶକ୍ତିଶୋଧନ—ସ. ବି (୬ଷ୍ଠୀ ତତ୍)—କୌଣସି ସ୍ତ୍ରୀକୁ ଶକ୍ତିରୂପେ
Śakti śodhana ପୂଜା କରିବା ପୂର୍ବରୁ ତାଙ୍କୁ ଶୁଦ୍ଧ କରିବାରୂପ ତାନ୍ତ୍ରିକ ବିହିତ କ୍ରିୟା (ହି. ଶ)—Purificatory rites performed in respect of the female whom a Tāntrika worshipper worships as incarnation of Śakti.

ଶକ୍ତିଷ୍ଠ—ସଂ. ବିଣ.ପୁ (ଶକ୍ତି+ସ୍ଥାଧାତୁ+କର୍ତ୍ତୃ ଅ)—ଶକ୍ତିମାନ୍(ଦ୍ବ.ଶ)—
Śaktishtha Powerful; strong; mighty.

ଶକ୍ତିସଂକେତ (ସନ୍ଦର୍ଭ)—ଦେ. ବି—କୌଣସି ଦେଶର ବା ଜାତିର ଶକ୍ତିର ସଙ୍କେତସୂଚକ ଚିହ୍ନ; ଜାତୀୟ ନିଶାଣ—Coat of arms: the heraldic bearing or igsignia or embroidered surcoat worn over the coat of mail of the warrior of a country or state, or nation. [ଦ୍ର—ଶ୍ରୀଯୁକ୍ତ ନରସିଂହ ଗନ୍ତାଏତ, ବି.ଇ. ଓଡ଼ିଶାର 'ଶକ୍ତି ସଙ୍କେତ' ରୂପେ ଜମ୍ଭଲିଖିତ ଚିହ୍ନଟି ଉଦ୍ଭାବନ କରିଅଛନ୍ତି: ଏ ଚିହ୍ନରେ ବ୍ରହ୍ମପୁରର 'ନିଉ ଓଡ଼ିଶା' ନାମକ ଇଂରାଜୀ ଦୈନିକ ସମ୍ବାଦପତ୍ରର କପି ରାଇଟ୍ (ମୁଦ୍ରଣାଧିକାର) ଥିବାରୁ ତହିଁର ସମ୍ପାଦକ ଭାଷାକୋଷରେ ଏହା ପ୍ରକାଶ କରିବାକୁ ଅନୁମତି ଦେଇ ଅଛନ୍ତି ,—(ଶକ୍ତିସଙ୍କେତ—ଅନ୍ୟରୂପ)

ନିଉଓଡ଼ିଶାର ସମ୍ପାଦକଙ୍କ ପ୍ରଦତ୍ତ ବ୍ଲକ୍‌ରୁ ତାଙ୍କ ଅନୁମତି କ୍ରମେ ପ୍ରକାଶିତ ।

Published with the courtesy of the Editor "The New Orissa"

ORISSA COAT OF ARMS.



'Once risen never sets'

Orissa Coat of Arms.

(ଓଡ଼ିଶାର ଶକ୍ତିସଂକେତ ବା ଜାତୀୟ ନିଶାଣ)

Orta non occidit
or
Once Risen Never Sets.

This is the motto of the Orissa Coat of Arms designed by Mr. Narasinha Gantayat, Apprentice Civil Engineer, Orissa Central Civil Works. Late Reverend Father Bertram, Ex. Vice chancellor Madras University and Principal Layala College, Madras made its study as follows :—

1. Field—sky-blue.

2. At the bottom,—the sea with a barge (all natural colour), to signify the special features of Orissa,—extensive sea board. The barge is the symbol of the achievements of the Oriyas on the sea. The Oriyas were once a sea-faring race.

3. A silver chevron,—to separate the bottom of the shield from the upper part of it and to prevent the shield looking empty.

4. The two symbols representing two special features of Orissa :—

(i) Barabati fort, the stronghold of the kings of Orissa where the Oriyas saw a glorious past.

(ii) The famous Puri temple—a great social and religious centre. The cult of Jagannath is the symbol of Oriya culture which is a form of universal brotherhood. It is this peculiar trait of Oriya culture that makes the historic race distinguished among the races of India.

5. The gold star is the symbol of Orissa, its glory, the genius of its race etc. This star rises but does not set. It is the central object of the shield and gives it its significance. Hence the motto 'Orta non occidit' which means 'Risen once, it never sets.'

6. The cusp with two crossed swords is the symbol of the warlike character of the Oriyas and of their military glory. The two swords are fastened together to show unity; hence U. O.—United Orissa.

7. The fresh green leaves—sign of hope. The Oriyas will start revival of their past glory with full hope and confidence ;

Briefly, the different symbols of the cusp signify the past glory, the present hope and the future determination of the Oriyas.

Note :—The objects on the shield are only symbols; they need not necessarily be real pictures.

(Sd.) N. Gantayet, B. E.
Apprentice Engineer,
Nauapara
Dt. Sambalpur.

ଶକ୍ତି ସଙ୍କେତ (ଅନୁବାଦ)

ବା

ଓଡ଼ିଶାର ଜାତୀୟ ନିଶାଣ (Orissa Coat of Arms)

'Orta non occidit' (once risen never sets)

ହୋଇଛି ବାରେ ଭବେ ଯାର ଉଦୟ
ଘଟିବ ନାହିଁ କେବେ ତାର ବିଲୟ ।

ଏହା ହେଉଛି 'ଓଡ଼ିଶାର ଜାତୀୟ ନିଶାଣ' ବା 'ଓଡ଼ିଶା ଶକ୍ତି ସଙ୍କେତର ଅଭୀଷ୍ଟ ମନ୍ତ୍ର । ଶ୍ରୀମାନ ନରସିଂହ ଗନ୍ତାୟତ ଏପ୍ରେଣ୍ଟିସ୍ ସିଭିଲ୍ ଇଞ୍ଜିନିଅର୍ (Apprentice Civil Engineer), ଓଡ଼ିଶା ସେଣ୍ଟ୍ରାଲ୍ ସିଭିଲ୍ ୱାର୍କ୍‌ସ୍ ଏହାର ଶିଳ୍ପୀ;ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଭୂତପୂର୍ବ ଭାଇସ୍ ଚାନ୍ସେଲର୍ ଓ ମାନ୍ଦ୍ରାଜ ଲୟୋଲା କଲେଜର ଭୂତପୂର୍ବ ପ୍ରଧାନ ଅଧ୍ୟାପକ ସ୍ୱର୍ଗତ ରେଭରେଣ୍ଡ୍ ଫାଦର୍ ବେଟ୍ରାମ୍ ନିମ୍ନ ମର୍ମରେ ଏହାର ସଂକ୍ଷିପ୍ତ ବ୍ୟାଖ୍ୟା କରିଅଛନ୍ତି ।

ଉକ୍ତ 'ଓଡ଼ିଶାର ଜାତୀୟ ନିଶାଣ'ର ସଂକ୍ଷିପ୍ତ ବର୍ଣ୍ଣନା ନିମ୍ନରେ ଦିଆଗଲା—

୧ । ପଟ୍ଟର ଦେହର ବର୍ଣ୍ଣ—ସୁନୀଳ ଆକାଶର ବର୍ଣ୍ଣ ।

୨ । ତଳର ଡାଳ ଭାଗରେ ସମୁଦ୍ର ଉପରେ କ୍ଷୁଦ୍ର ନୌକାଟିଏ ଭାସମାନ । (ସମଗ୍ର ଅଙ୍କିତ ରଙ୍ଗ ବିଶେଷ ପ୍ରାକୃତିକ ବୋଧ ହୁଏ) । ଓଡ଼ିଶାର ବିଶେଷତ୍ୱ ସୁବିସ୍ତୀର୍ଣ୍ଣ ଉପକୂଳ, ସମୁଦ୍ର ଓ ନଦୀ ନୌକାଦ୍ୱାରା ସୂଚିତ । ଦିନେ ଓଡ଼ିଆ ଜାତି ସମୁଦ୍ର ଯାତ୍ରାରେ ଅତୀବ ପାରଦର୍ଶୀ ଥିଲା । ସେହି ଜଳଯାତ୍ରାକୁଶଳ ଓଡ଼ିଆର କୃତିତ୍ୱ—ସୂଚକ ସଙ୍କେତ ପଟ୍ଟରେ କ୍ଷୁଦ୍ର ନୌକା ରୂପେ ପ୍ରଦର୍ଶିତ । (ଅତୀତରେ ଉତ୍କଳୀୟମାନେ ଜଳଯାତ୍ରା ଯୋଗେ ସୁମାତ୍ରା, ବୋର୍ଣ୍ଣିଓ, ଯାଭା ଓ ଅନ୍ୟାନ୍ୟ ଦ୍ୱୀପସହ କାରବାର କରି ଅଜସ୍ର ଧନ ଉପାର୍ଜନ କରୁଥିବାର ପ୍ରମାଣ ଓଡ଼ିଶା ଇତିହାସରୁ ଯଥେଷ୍ଟ ମିଳେ । ଶ୍ରୀମତୀ ଚନ୍ଦ୍ରମଣି ଦେବୀଙ୍କ କୃତ 'ନୀଳଗଗନ ତାରା'ରେ ଲିଖିତ ଅଛି—

ହେଉଥିଲା କାରବାର ରେ, ନୀଳଗଗନ ତାରା !
ସୁମିତ୍ରା, ବୋର୍ଣ୍ଣିୟୁ,ଜାବାଦ୍ୱୀପ ସହ ଅମର ଧନ ଭଣ୍ଡାରରେ,
ନୀଳଗଗନ ତାରା !
ସାତ ସଉଦାଗ ଠାଳ ରେ, ନୀଳଗଗନ ତାରା !
ମୁଣ୍ଡାମୁଣ୍ଡା ସୁନା ଆଣୁଥିଲେ ନାବେ ବିଦେଶୁ ପାଳିକ ପାଳରେ,
ନୀଳଗଗନ ତାରା !

୩ । ଶିଖରବିଶିଷ୍ଟ ଶୁଭ୍ର ବନ୍ଧନୀର କଟିବନ୍ଧଟି ପଟ୍ଟର ତଳଭାଗକୁ ତାହାର ଉର୍ଦ୍ଧ୍ୱ ଭାଗଠାରୁ ପୃଥକ୍ କରି ଛବିର ନଗ୍ନତା ଲୋପ କରିଅଛି ।

୪ । ଓଡ଼ିଶାର ଦୁଇଟି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଦୁଇଟି ସଙ୍କେତ ଦ୍ୱାରା ଚିହ୍ନିତ ହୋଇଅଛି—

ପ୍ରଥମଟି—ଓଡ଼ିଶାର ଅତୀତ ଗୌରବର ମୂକ ସାକ୍ଷୀ ଓ ଉତ୍କଳ ନରପତି ବୃନ୍ଦଙ୍କ ଅଭେଦ୍ୟ ଦୁର୍ଗ ବାରବାଟି ।

ଦ୍ୱିତୀୟଟି—ଧର୍ମ-ପୀଠ ଜଗତ୍‌ପ୍ରସିଦ୍ଧ ପୁରୀମନ୍ଦିର । ଓଡ଼ିଆଙ୍କ ସାର୍ବଜନୀନମୈତ୍ରୀଭାବ ଓ ସଭ୍ୟତା ପ୍ରଭୁ ଜଗନ୍ନାଥଙ୍କ ପ୍ରବର୍ତ୍ତିତ ଦୀକ୍ଷାରେ ଅନୁପ୍ରାଣିତ; ବିଶ୍ୱଭ୍ରାତୃତ୍ୱଭାବ ଓଡ଼ିଆ ସଭ୍ୟତାର ଏକ ବିଶେଷତ୍ୱ, ପୁଣି ଏହି ବୈଶିଷ୍ଟ୍ୟଗୁଣ ଯୋଗୁଁ ଭାରତର ଅନ୍ୟାନ୍ୟ ଜାତି ମଧ୍ୟରେ ଓଡ଼ିଆ ଜାତି ଅତି ଇତିହାସ ପ୍ରସିଦ୍ଧ ।

୫ । ଓଡ଼ିଶାର ଜାତୀୟ ପ୍ରତିଭା ଓ ଯଶଃକୀର୍ତ୍ତି ସ୍ୱର୍ଣ୍ଣ ନକ୍ଷତ୍ରଟି ଦ୍ୱାରା ସୂଚିତ ହୋଇଅଛି । ଏ ନକ୍ଷତ୍ର ଉଦୟ ହୋଇଅଛି କିନ୍ତୁ କଦାଚ ଅସ୍ତ ହେବ ନାହିଁ । ନକ୍ଷତ୍ରଟି ପଟ୍ଟର ପ୍ରଧାନ ବସ୍ତୁରୂପେ ସର୍ବୋଚ୍ଚ ହୋଇ ପଟ୍ଟଟିକୁ ଭାବରଞ୍ଜିତ କରିଅଛି । ଅତଏବ ପଟ୍ଟର ଅନ୍ତର୍ନିହିତ ମନ୍ତ୍ର—"ହୋଇଛି ବାରେ ଭବେ ଯାର ଉଦୟ, ଘଟିବ ନାହିଁ କେବେ ତାର ବିଲୟ" । ଅର୍ଥାତ୍ ଉତ୍କଳର ଗୌରବ ଥରେ ଉଦିତ ହୋଇ କଦାପି ଅସ୍ତ ହେବ ନାହିଁ ।

୬ । ପଟ୍ଟର ଶିରୋଭାଗରେ ଯେଉଁ ଦୁଇଟି ଶାଣିତ କୃପାଣ ମୁହାଁମୁହିଁ ହୋଇ ତେରେଛା ଭାବରେ ପରସ୍ପର ଛନ୍ଦା ହୋଇଅଛି, ତାହା ଓଡ଼ିଆ ଜାତିର ସମରକୁଶଳତା ଓ ରଣକୀର୍ତ୍ତି ଘୋଷଣା କରୁଅଛି । ଦୁଇଟି ଖଡ୍ଗ ଏକାଠି ବନ୍ଧାହୋଇ ଏକତାର ପରିଚୟ ଦେଉଅଛି; ଅତଏବ ଇଂରାଜୀ ଅକ୍ଷରଦ୍ୱୟ U O (ୟୁ ଓ) (ସମ୍ମିଳିତ ଓଡ଼ିଶା) ସଂକ୍ଷିପ୍ତଭାବେ ଅଙ୍କିତ ହୋଇଅଛି ।

୭ । ସତେଜ ସବୁଜ ରଙ୍ଗର ପତ୍ର ଗୁଚ୍ଛଟି-ଆଶାର ଚିହ୍ନ ମାତ୍ର । ଓଡ଼ିଆମାନେ ପୂର୍ଣ୍ଣ ଆଶା ଭରସାରେ ଅତୀତ ଗୌରବର ପୁନରୁଦ୍ଧାର କରିବାକୁ ଉଦ୍ୟତ ହେବେ ।

ସ୍ଥୂଳତଃ—ଓଡ଼ିଶାର ଏହି ଜାତୀୟ ନିଶାଣରେ ସମସ୍ତ ଓଡ଼ିଆ ଜାତିର ଅତୀତ ଗୌରବ, ବର୍ତ୍ତମାନ ଆଶା ଓ ଭବିଷ୍ୟତ ସଂକଳ୍ପ ଏକାଧାରରେ ସୂଚିତ ହୋଇଅଛି ।

ବିଶେଷ ଦ୍ରଷ୍ଟବ୍ୟ—ପଞ୍ଚ୍ଚରେ ଅଙ୍କିତ ପଦାର୍ଥଗୁଡ଼ିକ ସାଙ୍କେତିକ ଭାବେ ସନ୍ନିବିଷ୍ଟ । ସେ ଗୁଡ଼ିକ ପ୍ରକୃତ ପ୍ରତିକୃତି ବୋଲି ଧରାଯିବା ଉଚିତ ନୁହେଁ ।]

ଶକ୍ତି ସମ୍ପନ୍ନ—ସଂ ବିଣ—(ଶକ୍ତିଦ୍ୱାରା ସମ୍ପନ୍ନ; ତୃତୀୟାତତ୍ପୁ)—ଶକ୍ତିଶାଳୀ
Śakti sampanna (ଦେଖ) Śaktiśāli (See)
(ଶକ୍ତି ସମ୍ପନ୍ନା—ସ୍ତ୍ରୀ)

ଶକ୍ତି ସାମର୍ଥ୍ୟ—ସ. ବି.—(ଏକାର୍ଥବାଚକ ଶବ୍ଦଦ୍ୱୟ)—କୌଣସି କାର୍ଯ୍ୟ
Śakti sāmarthya କରିବାପାଇଁ ଶରୀରର ବଳ ଓ ସାମର୍ଥ୍ୟ—Strength and ability to do a thing.

ଶକ୍ତି ସାର—ଦେ.ବି.—(ବିଜ୍ଞାନ ପରିଭାଷା)—ଖାଦ୍ୟାଦିର ସାରବାନ୍ ବା
Śakti sāra ପୁଷ୍ଟିକର ଅଂଶ—Vitamin.
শক্তিসার शक्तिसार

ଶକ୍ତି ହାନି—ସ. ବି.—(ଷଷ୍ଠୀତତ୍ପୁ)—ଶକ୍ତି ବା ସାମର୍ଥ୍ୟ କମିଯିବା—
Śakti hāni Detriment of power or energy; loss of energy.

ଶକ୍ତି ହାନିକର—ସ. ବିଣ.—ଯାହାଦ୍ୱାରା ଶକ୍ତିହାନି ଘଟେ—Detri-
Śaktihānikara mental to energy; that which causes loss of energy.
(ଶକ୍ତି ହାନିଜନକ—ଅନ୍ୟରୂପ)

ଶକ୍ତି ହୀନ—ସ. ବିଣ. ପୁ.—(ତୃତୀୟାତତ୍ପୁ)—ଦୁର୍ବଳ; ସାମର୍ଥ୍ୟଶୂନ୍ୟ; କ୍ଲୀବ—
Śakti hīna Weak; powerless; impotent.
(ଶକ୍ତି ହୀନା—ସ୍ତ୍ରୀ; ଶକ୍ତି ହୀନତା—ବିଶେଷ୍ୟ)

ଶକ୍ତି ହେତିକ—ସ.ବି. ଓ ବିଣ.ପୁ.—(ଶକ୍ତି+ହେତି+କ; ଶକ୍ତି—ଅସ୍ତ୍ର
Śakti hetika ବିଶେଷ ଅଟେ ହେତି=ପ୍ରହରଣ ଯାହାର; ବହୁବ୍ରୀହି—ଶକ୍ତି ଅସ୍ତ୍ରକୁ ପ୍ରହରଣ ବା ଅସ୍ତ୍ରରୂପେ ବ୍ୟବହାର କରିବା ଯୋଦ୍ଧା; ଶକ୍ତି ଅସ୍ତ୍ରଧାରୀ ଯୋଦ୍ଧା—A warrior using the Śakti as his weapon or armed with the Śakti weapon.
(ଶକ୍ତିପ୍ରହରଣ—ଅନ୍ୟରୂପ; ଶକ୍ତି ହେତିକା, ଶକ୍ତି ପ୍ରହରଣା—ସ୍ତ୍ରୀ)

ଶକ୍ତିହେତୁକ—ସ. ବି.—(ଶକ୍ତି ଅଟେ ହେତୁ ବା ମୂଳ ଯାହାର;
Śakti hetuka ବହୁବ୍ରୀହି) ୧ । ଶକ୍ତିମୂଳକ—1. Originating from power or energy. ୨ । ଶକ୍ତି ବା ବଳ ଉପରେ ପ୍ରତିଷ୍ଠିତ—2. Based on strength or power or force.

ଶକ୍ତି ହ୍ରାସ—ସ. ବି (ଶକ୍ତିର ହ୍ରାସ; ଷଷ୍ଠୀ ତତ୍ପୁ)—ଶକ୍ତି ବା କ୍ଷମତା
Śakti hrāsa କମିଯିବା—Detriment or lessening of energy.

ଶକ୍ତୀ—ସ. ବି—ମାତ୍ରିକ ଛନ୍ଦୋବିଶେଷ—Name of a syllabic
Śakti metre. ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୧୮ ମାତ୍ରା ଥାଏ । ଏଥିରେ ପ୍ରଥମ, ୬ଷ୍ଠ, ୧୧ଶ ଓ ୧୬ଶ ଲଘୁ । ଏହି ଛନ୍ଦ ଭୁଜଙ୍ଗୀ ଓ ଚନ୍ଦ୍ରିକା ବୃତ୍ତର ଢଙ୍ଗରେ ଚଳେ । ଏହି ଛନ୍ଦ ପାର୍ସୀଭାଷାର 'କଶ୍ମା କରଶ୍ମାସ୍ତୁ କରବାଲମା' ବହ୍ରମ୍ ଅସୀରେ କମଦେ ହବା' ବୃତ୍ତ ସଙ୍ଗେ ମିଳେ—ହି. ଶ.]

ଶକ୍ତୁ—ସ. ବି (ଶକ୍ ଧାତୁ=ବୋଲିବା+କର୍ମ. ତୁ)—ଛତୁ; ଛତୁଆ;
Śaktu ଯବ ଗୋଧୂମାଦିର ଚୂର୍ଣ୍ଣ, ଯାହା ଖାଦ୍ୟରୂପେ
ଛାତୁ सत्तु ବ୍ୟବହୃତ ହୁଏ—Corn meal. [ଦ୍ର—
(ସକ୍ତୁ—ଅନ୍ୟରୂପ) କଞ୍ଚା ଶସ୍ୟାଦିର ଚୂର୍ଣ୍ଣକୁ ଚୂନା ବା ଅଟା ବୋଲାଯାଏ । ଏ ଚୂନା ବା ଅଟାକୁ ଅଗ୍ନି ସାହାଯ୍ୟରେ ସିଦ୍ଧ କଲେ ଖିଆଯାଏ । କିନ୍ତୁ ଶସ୍ୟାଦିକୁ ପ୍ରଥମେ ଭାଜି ପରେ ଚୂନା କଲେ ଉକ୍ତ ଚୂନାକୁ ଶକ୍ତୁ ବା ଛତୁଆ ବୋଲାଯାଏ । ଏହାକୁ ନ ରାନ୍ଧି ପାଣିରେ ଚକଟି ଖିଆ ଯାଇ ପାରେ । ଯେଉଁ ଶସ୍ୟରୁ ଛତୁ କରାଯାଏ, ତାକୁ ସେହି ଶସ୍ୟର ଶକ୍ତୁ ବୋଲାଯାଏ । ଯଥା—ଯବ ଶକ୍ତୁ, ମୁଦ୍ଗ ଶକ୍ତୁ, ଗୋଧୂମ ଶକ୍ତୁ, ଇତ୍ୟାଦି ।]

ଶକ୍ତୁକ—ସ. ବି(ଶକ୍ତୁ+କ)—ଉଗ୍ରବିଷବିଶେଷ—A sort of acute
Śaktuka poison. [ଦ୍ର—ଏହାକୁ ଚୂରିଲେ ଏହା
(ସକ୍ତୁକ—ଅନ୍ୟରୂପ) ଶକ୍ତୁ ପରି ଚୂନା ହୋଇଯାଏ ।]

ଶକ୍ତୁଫଲା—ସଂ. ବି (ଶକ୍ତୁ=ଶସ୍ୟାଦିର ଚୂର୍ଣ୍ଣ ପରି ଫଳ ଯାହାର—
Śaktuphalā ବହୁବ୍ରୀହି; ଶକ୍ତୁ+ଫଳ+ଅ+ଆ,
(ଶକ୍ତୁଫଳକା, ଶକ୍ତୁଫଳୀ—ଅନ୍ୟରୂପ) ସ୍ତ୍ରୀ)—ଶମୀବୃକ୍ଷ; ସାଇଁ ଗଛ—Prosopis Specigera; Acasia Suma; the spung tree. [ଦ୍ର—ଏହାର ଛୁଇଁମଧ୍ୟରେ ଥିବା ଫଳରେ ଶକ୍ତୁ ବା ଛତୁଆ ପରି ଗୁଣ୍ଡା ଗୁଣ୍ଡା ଇଷତ୍ ମିଷ୍ଟ ମନୁଷ୍ୟର ଖାଦ୍ୟୋପଯୋଗୀ ଦ୍ରବ୍ୟ ଜନ୍ମୁଥିବାରୁ ଏପରି ନାମ ହୋଇଅଛି ।]

ଶକ୍ତ୍ୟର୍ଦ୍ଧ—ସଂ. ବି—ବିଶେଷ କାୟିକ ପରିଶ୍ରମ ଯୋଗୁ ଦେହରୁ ବାହାରିବା
Śaktyarddha ଘର୍ମ ଓ ଦୀର୍ଘ ନିଶ୍ୱାସ—Sweat and long gasping breath due hard labour. ସ.ବିଣ—ପରିଶ୍ରମ ବା କ୍ଲାନ୍ତି ଯୋଗୁଁ ଘର୍ମିକ୍ତ ଓ ଘନ ନିଶ୍ୱାସ ମାରୁଥିବା—Perspiring and panting through fatigue or exertion (Apte).

ଶକ୍ତ୍ରି—ସଂ. ବି. ପୁଂ—ବଶିଷ୍ଠ ମୁନିଙ୍କର ଜ୍ୟେଷ୍ଠ ପୁତ୍ର ଓ ପରାଶରଙ୍କ
Śaktri ପିତା—The eldest son of sage Baśishtha. [ଦ୍ର—ଏହାଙ୍କ ପତ୍ନୀଙ୍କ ନାମ ଅଦୃଶ୍ୟନ୍ତୀ । ଏକଦା ରାଜା କଲ୍ମାଷପାଦ ମୃଗୟାରୁ ଫେରିବା ସମୟରେ ବାଟରେ ଏହାଙ୍କୁ ଦେଖିଲେ । ଏ ରାଜାଙ୍କୁ ବାଟ ଛାଡ଼ି ନ ଦେବାରୁ ରାଜା ଏହାଙ୍କୁ କଶାଘାତ କଲେ । ତହୁଁ ଏ କ୍ରୁଦ୍ଧ ହୋଇ ରାଜାଙ୍କୁ ଅଭିଶାପ ଦେବାରୁ ରାଜା ରାକ୍ଷସ ହୋଇଗଲେ ଏବଂ ସଙ୍ଗେ ସଙ୍ଗେ ଏହାଙ୍କୁ ଗ୍ରାସ କଲେ । ସେହି ସମୟରେ ଏହାଙ୍କର ପତ୍ନୀ ଅଦୃଶ୍ୟନ୍ତୀ ଗର୍ଭବତୀ ହୋଇଥିଲେ ଓ ସେହି ଗର୍ଭରୁ ପରାଶର ମୁନି ଜାତ ହେଲେ ।]

ଶକ୍ୟ—ସ. ବିଣ—(ଶକ୍ ଧାତୁ=ପାରିବା+କର୍ମ.ଯ)—୧ । ସମ୍ଭବପର;
Śakya ଯାହା ହୋଇପାରେ ବା ଘଟିପାରେ; ଘଟିବାଯୋଗ୍ୟ—1. Feasible; possible; probable. ୨ । ସାଧ୍ୟ; ଯାହା ସାଧିତ ହୋଇ ପାରେ—2. Performable, accomplishable; capable of being

୧	ଇ	ଉ	ଋ,ଊ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଡ	ଶ,ଷ	ଜ୍ଞ	ଇଯ୍	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରଯୁକ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ନ

performed; practicable. ୩ । ଶକ୍ତିଦ୍ୱାରା ବୋଧ—3. Capable of being understood by one's ability. ୪ । ବାଚ୍ୟ; ବଚନଦ୍ୱାରା ପ୍ରକାଶିତ ହେବା ଯୋଗ୍ୟ—4. Expressible. ୫ । ଅଭିଧାବୃତ୍ତି ଦ୍ୱାରା ବୋଧ (ଶବ୍ଦ); ବାଚ୍ୟ (ଶବ୍ଦ)—5. Predicable (word);(a word) which can be understood from its derivation or import. ସଂ. ବି—ଶବ୍ଦଶକ୍ତି ଦ୍ୱାରା ପ୍ରକଟିତ ଅର୍ଥ (ହି. ଶ)—The connotative meaning of a word. (ଯଥା—'ଅଗ୍ନି' ଶବ୍ଦରୁ ଅଭିଧା ବୃତ୍ତିଦ୍ୱାରା 'ଅଙ୍ଗାର'ର ବୋଧ ହୁଏ । ଅତଏବ 'ଅଗ୍ନି' ଶବ୍ଦର 'ଅଙ୍ଗାର'ଶବ୍ଦ 'ଶକ୍ୟ' ବା ବାଚ୍ୟ ଅଟେ—ହି. ଶ) ଦେ. ବି—କୌଣସି କାର୍ଯ୍ୟ ସାଧିବାର ଶକ୍ତି; କ୍ଷମତା; ଶକ୍ୟତା; ସାମର୍ଥ୍ୟ—
ଶକ୍ତି ଶକ Power or ability to do a thing; strength. [ଯଥା—ଏ ବୁଢ଼ା ବୟସରେ ମୋର ବିଛଣାରୁ ଉଠିବାର ଶକ୍ୟ ନାହିଁ । ଜି—ଅଟ୍ଟ ପର ଚଢ଼ିବ ଯିବା ଶକ୍ୟ ନାହିଁ—କୃଷ୍ଣସିଂହ- ମହାଭାରତ ବନ ।] ଦେ ବିଣ—କ୍ଷମ; ସମର୍ଥ—Competent; able. [ଜି—ସୁତ କହେଣେ ଶକ୍ୟ ନୋହେ; କଣ୍ଠ ଗଦ୍‌ଗଦେ ବାକ୍ୟ କହେ—ଜଗନ୍ନାଥ. ଭାଗବତ ।]

ଶକ୍ୟ ପାଇବା—ଦେ. କ୍ରି.—ସମର୍ଥ ହେବା; କୌଣସି କାର୍ଯ୍ୟ କରିବାକୁ Śakya pāibā ସାମର୍ଥ୍ୟଯୁକ୍ତ ହେବା—Being able to
ଶକ୍ତି ହଓୟା शक्तिहोना [ଯଥା—ରୋଗ ଯୋଗୁଁ ଚାଲିବାକୁ ମୋର ଶକ୍ୟ ପାଉନାହିଁ ।] do a thing.

ଶକ୍ୟ ପ୍ରାପ୍ତି—ସଂ. ବି—ନ୍ୟାୟଦର୍ଶନ ଅନୁସାରେ ପ୍ରମାତାର ଯେଉଁ Śakya prāpti ପ୍ରମାଣ ଦ୍ୱାରା ପ୍ରମେୟ ସିଦ୍ଧ ହୁଏ (ହି. ଶ)—(Logic) The proof by which a proposition to be proved is established.

ଶକ୍ର—ସ. ବଂ ପୁଂ—(ଶକ୍ ଧାତୁ+କର୍ତ୍ତୃ. ର)—୧ । ଇନ୍ଦ୍ର—Sakra 1. Indra. ୨ । ପେଚକ—2. Owl. ୩ । କୁଟଜ ଗୁଳ୍ମ; ପିଚାକୋଳୁଅ—3. A plant; Wrightia Antidysenterica. ୪ । ଅର୍ଜ୍ଜୁନ ବୃକ୍ଷ-4. A tree; Terminalia Alata Glabra. [ଜି—(୧, ୩, ୪)—ବରୁଣ ଶକ୍ରାଦି ସୁମନସ ଶ୍ରୁତି ଯହିଁ । ଉକ୍ତ. ବୈଦେହୀଶବିଳାସ ।] ୫ । (ଜ୍ୟୋତିଷ)
(ଶଚୀଶ—ସ୍ତ୍ରୀ) ଜ୍ୟେଷ୍ଠା ନକ୍ଷତ୍ର (ଇନ୍ଦ୍ର ଏହାର ଅଧିଷ୍ଠାତା)—5. (Hindu astrology) The 18th lunar mansion. ୬ । ମହାଦେବଙ୍କ ନାମ—6. A name of Śiba. (Apte). ୭ । ଚଉଦ ସଂଖ୍ୟା—7. The number fourteen. (Apte) ଦେ ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—Name given to male persons.

ଶକ୍ର କାର୍ମୁକ—ସଂ. ବି (୬ଷ୍ଠୀ ତତ୍)—ଇନ୍ଦ୍ରଧନୁ—Śakra kārmuka Rainbow.

ଶକ୍ରକ୍ରୀଡ଼ାଚଳ—ସଂ. ବି (ଶକ୍ର ବା ଇନ୍ଦ୍ରଙ୍କର କ୍ରୀଡ଼ାଚଳ ବା କ୍ରୀଡ଼ା Śakra krīdāchala ପର୍ବତ)—(ପୌରାଣିକ) ସୁମେରୁ ପର୍ବତ—The mythological Sumeru mountain range.

ଶକ୍ର ଗୋପ—ସଂ. ବି (ଶକ୍ର=ଇନ୍ଦ୍ର+ଗୁପ୍ ଧାତୁ=ରକ୍ଷା କରିବା+ Śakra gopa କର୍ମ ଅ)—ଇନ୍ଦ୍ରଗୋପ; ସାଧବଘର ବୋହୂ ପୋକ— मखमलीपोका बीरबहूटी—A sort of red insect; the coccinila insect.

ଶକ୍ରଜ—ସ. ବିଣ ପୁଂ—(ଶକ୍ର=ଇନ୍ଦ୍ର+ଜନ୍‌ଧାତୁ=ଜାତହେବା+ Śakraja କର୍ତ୍ତୃ ଅ)-ଇନ୍ଦ୍ରଙ୍କଠାରୁ ଉତ୍ପନ୍ନ—Born of Indra. ବି. ପୁଂ-୧ । ଇନ୍ଦ୍ରଙ୍କ ପୁତ୍ର—1. The son of Indra. ୨ । କାକ—2. A crow. (Apte).

ଶକ୍ରଜା—ସ. ବି.—ଇନ୍ଦ୍ରବାରୁଣୀ ଲତା (ହି.ଶ)—Colocynth Śakrajā creeper.

ଶକ୍ର ଜାଲ—ସ. ବି.—ଇନ୍ଦ୍ରଜାଲ (ହି. ଶ) Śakra jāla Magic.

ଶକ୍ରଜିତ୍—ସ. ବି.—(ଶକ୍ର=ଇନ୍ଦ୍ର+ଜି=ଜିଣିବା+କର୍ତ୍ତୃ କ୍ୱିପ୍; ଯେ Śakrajit ଇନ୍ଦ୍ରଙ୍କୁ ଜୟ କରିଥିଲେ)—ମେଘନାଦ; ଇନ୍ଦ୍ରଜିତ୍; ରାବଣର ପୁତ୍ର—The son of Rābaṇa. ବିଣ—ଇନ୍ଦ୍ର ଜୟକାରୀ—Victorious over Indra.

ଶକ୍ର ତରୁ—ସ. ବି.—ଗଞ୍ଜେଇ ଗୁଳ୍ମ (ହି. ଶ) Śakra taru Cannabis Indica (plant).

ଶକ୍ର ଦାରୁ—ସ.ବି.—୧ । ଦେବଦାରୁ (ହି.ଶ) 1. Pinus Deodar Śakra dāru (tree) ୨ । ଶାଳଗଛ (ହି.ଶ) 2. Shorea Robusta (tree).

ଶକ୍ର ଦିକ୍—ସ. ବି.—ପୂର୍ବଦିଗ (ସହିଁର ଦିକ୍‌ପାଳ ଇନ୍ଦ୍ର) Śakra dik The East.

ଶକ୍ର ଦୈବତ—ସ. ବି. (ବହୁବ୍ରୀହି)—ଜ୍ୟେଷ୍ଠା ନକ୍ଷତ୍ର Śakra daibata The 18th asterism.

ଶକ୍ର ଦ୍ରୁମ—ସ.ବି. (ଶକ୍ରନାମକ ଦ୍ରୁମ; ମ.ପ.ଲୋ.କର୍ମଧା)-୧। ଦେବଦାରୁ Śakra druma 1. The Deodār tree; the pine; Pinus Longifolia; Cedras Deodar. ୨ । ବଉଳଗଛ (ହି.ଶ)—2.The Bakula tree.

ଶକ୍ର ଧନୁ (ନୁଃ)—ସ. ବି.—(ଶକ୍ରଙ୍କ ଧନୁ; ୬ଷ୍ଠୀତତ୍)—ଇନ୍ଦ୍ର ଧନୁ—Śakra dhanu(nuḥ) Rainbow.

ଶକ୍ର ଧ୍ୱଜ—ସ ବି.—(ଶକ୍ରଙ୍କ ପୂଜା ନିମିତ୍ତ ନିର୍ମିତ ଧ୍ୱଜ;ମ. ପ.ଲୋ.)-ପତାକା Śakra dhwaja ବିଶେଷ—A flag set up in honour of Indra; a pillar worshipped on the

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ'ଖୋଜିବେ; 'ମୂଢ଼' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ'ଅର୍ଘ୍ୟ' ଦେଖିବେ;'ଅଲବତ' ନ ପାଇଲେ 'ଅଲବତ୍'ଦେଖିବେ

12th. day of the bright fortnight of the month of Bhādra. [ଦ୍ର—ଭାଦ୍ରମାସ ଶୁକ୍ଳ ଦ୍ୱାଦଶୀ (ବାମନ ଜନ୍ମ) ଦିନଠାରୁ ପାଞ୍ଚଦିନ ପର୍ଯ୍ୟନ୍ତ ଇନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପୂଜା କରାଯିବା ପାଇଁ ନିର୍ମିତ ଧ୍ୱଜାକାରସ୍ତମ୍ଭ ଏହି ନାମରେ କଥିତ ।]

ଶକ୍ର ନନ୍ଦନ—ସ.ବି.— (୬ଷ୍ଠୀ ତତ୍) ତୃତୀୟ ପାଣ୍ଡବ;ଅର୍ଜୁନ--Arjuna, Śakra nandana the 3rd Pāṇḍaba brother.

ଶକ୍ର ନେମି—ସ. ବି.—୧ । ଦେବଦାରୁ ଗଛ (ବୃ. ଶ)—1. Pinus Deodar ୨। ମେଷଶୃଙ୍ଗୀ (ବୃ. ଶ) 2. Mesha Śṛuṅgi (See) ୩ । କୁଟଜ ଗୁଳ୍ମ (ବୃ. ଶ) 3. Wrightea Antidysenterica (plant).
Śakra nemi

ଶକ୍ର ପର୍ଯ୍ୟାୟ—ସ.ବି.—କୁଟଜ ଗୁଳ୍ମ—Wrightea Antidysenterica (plant)
Śakra parjyāya

ଶକ୍ର ପାଦପ—ସ. ବି.—୧ । ଶକ୍ରପର୍ଯ୍ୟାୟ (ଦେଖ) 1. Sakra parjyāya (See) ୨ । ଦେବଦାରୁ ବୃକ୍ଷ—2. The Debadāru tree (Apte)
Śakra pādapa

ଶକ୍ର ପୁର(ରୀ)—ସ. ବି.(୬ଷ୍ଠୀତତ)-ଇନ୍ଦ୍ରପୁରୀ; ଅମରାବତୀ-The capital of Indra in heaven.
Śakra pura (purī)

ଶକ୍ର ପୁଷ୍ପ – ସ.ବି—ଇନ୍ଦ୍ରଯବ; କୁଟଜ ବୀଜ (ବୃ.ଶ)—The seeds of Holarrhena Antidysenterica.
Śakra pushpa

ଶକ୍ରପୁଷ୍ପୀ(ଷ୍ପା)—ସ. ବି (ଶକ୍ର+ପୁଷ୍ପ+ଇନ୍+ଆ)—୧। ଲାଙ୍ଗଲୀ; ଲଙ୍ଗୁଳିଆ ନାମକ ଲତା; ଅଗ୍ନିଶିଖା—Wolfsbane; Aconitum Napellus; Gloriosa Superbă; Menispermum Cordifolium. ୨ । ନାଗଦମନୀ (ବୃ. ଶ)—2. Indian wormwood.
Śakrapushpī(shpā)
(ଶକ୍ରପୁଷ୍ପିକା—ଅନ୍ୟରୂପ)

ଶକ୍ର ପ୍ରସ୍ଥ—ସ. ବି—ଇନ୍ଦ୍ରପ୍ରସ୍ଥ ନଗର—The ancient town of Indraprastha.
Śakra prastha

ଶକ୍ର ବଲ୍ଲୀ—ସଂ. ବି (ବୈଦ୍ୟକ)—ଇନ୍ଦ୍ରବାରୁଣୀ; ପାଚିଅଙ୍ଗୁଳିଆ ବା ମହାକାଳ ଲତା—The colocynth creeper.
Śakra ballī
(ଶକ୍ରଭୂ; ଶକ୍ରଭବା—ଅନ୍ୟରୂପ)

ଶକ୍ରବାହ—ସଂ. ବି—(ଶକ୍ର+ବହ୍ ଣିଚ୍.ଧାତୁ+କର୍ତ୍ତୃ. ଅ)—(ଇନ୍ଦ୍ରଙ୍କ ବାହନ) ମେଘ—The clouds.
Śakrabāha
(ଶକ୍ରବାହନ—ଅନ୍ୟରୂପ)

ଶକ୍ର ବୀଜ—ସଂ. ବି (ବୈଦ୍ୟକ)—ଇନ୍ଦ୍ରଯବ; କୁଟଜ ବା ପିତାକୋରୁଆ ଗଛର ମଞ୍ଜି—The seed of Hollarhena Antidysenterica.
Śakra bīja
(ଶକ୍ରଯବ—ଅନ୍ୟରୂପ)

ଶକ୍ର ଭ(ଭୁ)ବନ—ସଂ. ବି [ଶକ୍ରଙ୍କ ଭ(ଭୁ)ବନ; ୬ଷ୍ଠୀ ତତ୍]—(ଇନ୍ଦ୍ରଙ୍କ ଘର) ସ୍ୱର୍ଗ—The heaven.
Śakra bha(bhu)bana
(ଶକ୍ରବାସ—ଅନ୍ୟରୂପ)

ଶକ୍ରଭିତ୍(ଦ୍)—ସଂ. ବି (ଶକ୍ର+ଭିଦ୍ ଧାତୁ+କ୍ୱିପ୍; ଯେ ଅସ୍ତ୍ର ଦ୍ୱାରା ଇନ୍ଦ୍ରଙ୍କୁ ଭେଦ କରିଥିଲେ)—ରାବଣ ପୁତ୍ର ଇନ୍ଦ୍ରଜିତ୍—The eldest son of Rābaṇa.
Śakrabhit(d)

ଶକ୍ର ଭୂରୁହ—ସଂ. ବି—କୁଟଜ; ପିତାକୋରୁଆ (ବୃ. ଶ) Holarrehena Antidysenterica.
Śakra bhūrūha
(ଶକ୍ରବୃକ୍ଷ—ଅନ୍ୟରୂପ)

ଶକ୍ରମାତୃକା—ସଂ. ବି—୧। ଭାର୍ଗୀ (ବୃ. ଶ)—1. Clerodendron Syphonanthus. ୨ । ଇନ୍ଦ୍ରଧ୍ୱଜ—2. A banner consecreted to Indra.
Śakramātṛukā
(ଶକ୍ରମାତା—ଅନ୍ୟରୂପ)

ଶକ୍ରମୂର୍ଦ୍ଧା—ସଂ. ବି—୧ । ବଲ୍ମୀକ; ଉଇ ହୁଙ୍କା—1. Anthill. ୨ । ଯାହାଡ଼—2. A hillock. (Apte)
Śakramūrddhā

ଶକ୍ର ଲୋକ—ସଂ. ବି—୧। ଇନ୍ଦ୍ରପୁରୀ—1. The town of Indra. (Apte). ୨ । ଇନ୍ଦ୍ରଲୋକ; ସ୍ୱର୍ଗ—2. Heaven.
Śakra loka

ଶକ୍ର ଶରାସନ—ସଂ. ବି (ଶକ୍ର+ଶରାସନ=ଧନୁ; ୬ଷ୍ଠୀ ତତ୍)-ଇନ୍ଦ୍ରଧନୁ-The rainbow.
Śakra śarāsana

ଶକ୍ରଶାଖୀ—ସଂ. ବି (ବୈଦ୍ୟକ)—କୁଟଜଗୁଳ୍ମ; ପିତାକୋରୁଆ ଗଛ—Wrightea Antedysenterica plant.
Śakraśākhī

ଶକ୍ରଶାଳା—ସଂ. ବି. —ଯଜ୍ଞଶାଳା; ହୋମଗୃହ—A house where offerings are made to the Gods unto a sacrificial fire; a sacrificial ground. (Apte)
Śakraśāḷā

ଶକ୍ରଶିରଃ—ସଂ. ବି—ବଲ୍ମୀକ; ଉଇହୁଙ୍କା—Anthill. [ଦ୍ର—ତୁଳନା କର ମେଘଦୂତର ଶ୍ଳୋକ, ବଲ୍ମୀକାଗ୍ରାତ୍ ପ୍ରଭବତି ଧନୁଃ ଖଣ୍ଡମାଖଣ୍ଡଳସ୍ୟ=ଇନ୍ଦ୍ରଧନୁ ହୁଙ୍କା ଅଗରୁ ବାହାରୁଅଛି ।]
Śakraśiraḥ

ଶକ୍ର ସାରଥି—ସଂ. ବି (ଶକ୍ରଙ୍କ ସାରଥି; ୬ଷ୍ଠୀ ତତ୍)—ମାତଲି; ଇନ୍ଦ୍ରଙ୍କ ରଥଚାଳକ ବା କୋଚୁଆନ—The charioteer of Indra, an epithet of Mātaḷi.
Śakra sārathi

ଶକ୍ର ସୁତ—ସଂ. ବି—୧ । ଇନ୍ଦ୍ରଙ୍କ ପୁତ୍ର—1. Son of Indra. ୨ । ଜୟନ୍ତ—2. An epithet of Jayanta. ୩ । ଅର୍ଜୁନ—3. An epithet of Arjuna. ୪ । ବାଳି—4. An epithet of Bāḷi.
Śakra suta
(ଶକ୍ରାତ୍ମଜ—ଅନ୍ୟରୂପ)

ଶକ୍ର ସୁଧା—ସଂ. ବି—କୁନ୍ଦୁରୁ; (ବୃ. ଶ) ଲୋବାନ୍—Olibanum.
Śakra sudhā

ଶକ୍ରସୃଷ୍ଟା—ସଂ. ବି—ହରୀତକୀ; ହରିଡା (ବୃ. ଶ) Myrobalan.
Śakrasṛushṭā

ଶକ୍ରା—ଦେ. ବ. ପୁଂ. (ଅନାଦରାର୍ଥ) ଶକ୍ର ନାମକ ବ୍ୟକ୍ତିର ଡାକନାମ—
Śakrā A name for calling Śakra, a name given to males.
(ଶକ୍ରିଆ—ଅନ୍ୟରୂପ)
[ଶକ୍ରି(କ୍ରୁ)—ଅନାଦରାର୍ଥକ]

ଶକ୍ରାଖ୍ୟ—ସଂ. ବ (ଶକ୍ର+ଆଖ୍ୟା=ନାମ ଯାହାର; ବହୁବ୍ରୀହି)—
Śakrākhya ପେଚକ; ପେଚା—An owl.

ଶକ୍ରାଗ୍ନି—ସଂ. ବ (ବହୁବ୍ରୀହି)—ବିଶାଖା ନକ୍ଷତ୍ର (ଇନ୍ଦ୍ର ଓ ଅଗ୍ନି ଏ ନକ୍ଷତ୍ରର ସ୍ୱାମୀ) (ହି. ଶ)—The 16th asterism.
Śakrāgni

ଶକ୍ରାଣୀ—ସଂ. ବି.ସ୍ତ୍ରୀ (ଶକ୍ର+ଈ ସ୍ତ୍ରୀ ଅର୍ଥରେ; ଆନୁକ)—୧ । ଇନ୍ଦ୍ରାଣୀ; ଶଚୀ—1. The wife of Indra. ୨ । କର୍ଣ୍ଣିକା (ହି. ଶ); ବେଗୁନିଆ—The five leaved chaste tree.
Śakrāṇī

ଶକ୍ରାଦନ—ସଂ. ବ—ଭଙ୍ଗ (ହି. ଶ)—A drink made from the leaves of Indian hemp.
Śakrādana

ଶକ୍ରାବତୀ—ସଂ. ବ—କୃଷ୍ଣଙ୍କ ଅଷ୍ଟ ପଟ୍ଟମହିଷୀଙ୍କ ମଧ୍ୟରୁ ଜଣେ—
Śakrābatī One of the eight queens of Lord Krushṇa. [ଭ—ମିତ୍ରାବିନ୍ଦା ସୁନନ୍ଦା ଶକ୍ରାବତୀ—ସାତୀ. ରହସ୍ୟମଞ୍ଜରୀ ।]

ଶକ୍ରାରି—ସଂ. ବ (ଶକ୍ରଙ୍କ ଅରି=ଶତ୍ରୁ; ୬ଷ୍ଠୀ ତତ୍)—୧ । ଇନ୍ଦ୍ରଙ୍କ ଶତ୍ରୁ—1. Enemy of Indra. ୨ । ଇନ୍ଦ୍ରଜିତ୍—2. Indrajit, the son of Rābaṇa.
Śakrāri
[ଭ—ବିଷାଦ ଅସହ୍ୟ ଜଣେ ବସ୍ତୁ ଧରଣ ଶକ୍ରାରି ଯେମନ୍ତ କୃପାଣ—ଉତ୍କ. ବୈଦେହୀଶବିଳାସ ।]

ଶକ୍ରାଶନ—ସଂ. ବ (ଶକ୍ର+ଅଶନ=ଭକ୍ଷଣୀୟ ପଦାର୍ଥ)—୧ । କୁଟଜ ବୃକ୍ଷ; ପିତାକୋରୁଆ ଗଛ—1. Hollarhena Antidysenterica plant. ୨ । ସିଦ୍ଧି; ପତ୍ର; ଗଞ୍ଜେଇ ଗଛର ପତ୍ର—2. The leaves of the Indian hemp (an intoxicant). ୩ । ବିଜୟା; ଭାଙ୍ଗ (ହି. ଶ)—3. A drink made with the leaves of Indian hemp. [ଭି—ଏହା ଇନ୍ଦ୍ରଙ୍କ ଭକ୍ଷଣୀୟ ପଦାର୍ଥ । ରାବଣ ସହିତ ଯୁଦ୍ଧରେ ଯେଉଁ ବାନର-ସେନାମାନେ ହତ ହୋଇଥିଲେ, ସେମାନଙ୍କୁ ଅମୃତ ସେଚନଦ୍ୱାରା ବଞ୍ଚାଇବାବେଳେ ସେମାନଙ୍କ ଶରୀରରେ ପତିତ ଅମୃତବିନ୍ଦୁର ଛିଟାରୁ ଏହାର ଗଛ ଉତ୍ପନ୍ନ ହୋଇଥିବା ପ୍ରସିଦ୍ଧ ଅଛି ।]
Śakrāśana

ଶକ୍ରାସନ—ସଂ. ବ (୬ଷ୍ଠୀ ତତ୍)—୧ । ଇନ୍ଦ୍ରଙ୍କ ଆସନ—1. The seat of Indra. ୨ । ସିଂହାସନ (ହି.ଶ)—2. Throne.
Śakrāsana

ଶକ୍ରାହ୍ୱ(ହ୍ୱା)—ସଂ. ବ—୧ । ଇନ୍ଦ୍ରଯବ; ପିତାକୋରୁଆ ଗଛର ମଞ୍ଜି—1. The seeds of Hollarhena Antidysentrica. ୨ । କୁଟଜ ବୃକ୍ଷ—2. The above plant.
Śakrāhwa(hwā)

ଶକ୍ରି—ସଂ. ବ—୧ । ମେଘ (ହି. ଶ)—1. Cloud. ୨ । ବଜ୍ର(ହି.ଶ)—2. Thunder. ୩ । ହାତୀ (ହି. ଶ.)—3. Elephant. ୪ । ପର୍ବତ (ହି. ଶ.)—4. Mountain.
Śakri

ଶକ୍ରି(କ୍ରୁ)—ଦେ. ବ.—(ଅଦରାର୍ଥକ)—ଶକ୍ର ନାମକ ବ୍ୟକ୍ତିର ଡାକ ନାମ—Name for calling Śakra.
Śakri(kru)

ଶକ୍ରେନ୍ଦ୍ର—ସଂ. ବ.—ଇନ୍ଦ୍ରଗୋପକୀଟ (ହି. ଶ.)—Cochineal insect.
Śakrendra

ଶକ୍ରୋତ୍ଥାନ—ସଂ. ବ (ଶକ୍ର+ଉତ୍ଥାନ)—ଭାଦ୍ର ଶୁକ୍ଳ ଦ୍ୱାଦଶୀଠାରୁ ଇନ୍ଦ୍ରଧ୍ୱଜ ସ୍ଥାପନପୂର୍ବକ ଇନ୍ଦ୍ରଙ୍କ ପୂଜାରୂପ ଉତ୍ସବ—The festival consisting of setting up a flag and worshipping Indra for 5 days from the 12th day of the bright fortnight of the month of Bhādra.
Śakrotthāna
(ଶକ୍ରୋତ୍ଥାପନ, ଶକ୍ରୋତ୍ସବ—ଅନ୍ୟରୂପ)
[ଦ୍ର—ଭାଦ୍ର ଶୁକ୍ଳ ଦ୍ୱାଦଶୀ ଦିନ ଓଡ଼ିଶାରେ ଜମିଦାର-ମାନଙ୍କର ପୁରାତନ ଉତ୍ସବ ଓ ଜମିଦାରୀ ବର୍ଷ ବା ପୁସ୍ତକ ଗଡ଼ପତି ରାଜାଙ୍କ ନୂଆ ଅଙ୍କର ଆରମ୍ଭ ହୁଏ ।]

ଶକ୍ୱର—ସଂ. ବ (ଶକ୍ ଧାତୁ+କର୍ତ୍ତୃ ବର)—୧ । ବଳଦ (ହି. ଶ)—1. Bullock. ୨ । ଆକାଶ (ହି. ଶ)—2. The sky.
Śakwara

ଶକ୍ୱରୀ—ସଂ. ବ (ଶକ୍ ଧାତୁ+କର୍ତ୍ତୃ ବର+ଈ)—୧ । ଅଙ୍ଗୁଳି (ହି. ଶ)—1. Finger. ୨ । ପ୍ରାଚୀନ ନଦୀ ବିଶେଷ (ହି. ଶ)—2. Name of an ancient river. ୩ । ମେଖଳା (ହି. ଶ)—3. Girdle. ୪ । ଗାଈ (ହି. ଶ)—4. Cow. ୫ । ଛନ୍ଦୋବିଶେଷ (ହି. ଶ)—5. Name of a metre.
Śakwarī

ଶକ୍ୱା—ସଂ. ବ (ଶକ୍ ଧାତୁ+କର୍ତ୍ତୃ. ବନ୍; ୧ମା. ୧ବ)—ହାତୀ (ହି. ଶ)—Elephant.
Śakwā

ଶଖତ୍—ବୈଦେ. ବଣ (ଅ. ଶେଖ୍)—ଶକ୍ତ (ଦେଖ)
Śakhat Śakta. (See)
(ଶଖତିଆ, ଶଖତାଇ, ଶଖତାଇଆ—ଦେ. ରୂ)

ଶଖସ୍—ବୈଦେ. ବ. (ଅ. ଶେଖ୍)—ଶଖ୍ସ (ଦେଖ)
Śakhas Śakhs. (See)

ଶଖି ପାରିବା—ଦେ. କ୍ରି (ସଂ. ଶକ୍ ଧାତୁ)—ଶକି ପାରିବା (ଦେଖ)
Śakhi pāribā ପାରା ସକ୍ରଣା Śaki pāribā. (See)
(ଶଖିବା—ଅନ୍ୟରୂପ)

ଶଖ୍ୟ(କ୍ଷ)—ଦେ. ବଣ ଓ ବ (ସଂ. ଶକ୍ୟତା)—ଶକ୍ୟ (ଦେଖ)
Śakhya(ksha) Śakya. (See)

ଶଖ୍ସ—ବୈଦେ. ବ (ଅ.ଶଖ୍ସ=ବ୍ୟକ୍ତି)—୧ । ବ୍ୟକ୍ତି; ଜନ—1. Person. ୨ । ଶକ୍ତି—2. Power. ୩ । ଶଖସ ସହନଶୀଳତା—3. The state of bearing much; forbearance. ୪ । ଧୈର୍ଯ୍ୟ—4. Patience.
Śakhsa

ଶଗଡ଼—ଦେ.ବି (ସଂ.ଶକଟ)—୧ । ଦ୍ୱିଚକ୍ରଯୁକ୍ତ ଗୋଯାନ;ବଳଦଗାଡ଼ି—
Sagarda 1. Bullock cart. ୨ । ଗୋଟିଏ ଗାଡ଼ିରେ
শগড় ବୋଝାଇ ହେବା ପରିମିତ (ଧାନ ଆଦି) ବସ୍ତୁ—2. A cart-
গরুর গাড়ি load, (of grains etc) ୩ । ଶକଟାସୁର
छकड़ा (ଦେଖ)—3. Śakaṭāsura. (See) ୪ । ଶକଟାସୁର
ପରି ବିଶାଳକାୟ ବ୍ୟକ୍ତି—4. A person as big as the demon Śakaṭā.

[ଉ—'ଅଗଡ଼ ବଗଡ଼ ଖାଏ ଯେ, ଶଗଡ଼ପରି ହୁଏ ସେ'—ଢଗ । (ଅର୍ଥାତ୍ ଯେ ଗୁରୁ ଗୁଡ଼ାଏ ଖାଏ, ସେ ଶକଟାସୁର ପରି ବିଶାଳକାୟ ହୁଏ ।] ପ୍ରାଦେ. (ଗଞ୍ଜାମ)—୧ । ଗଞ୍ଜାମରେ ପ୍ରଚଳିତ ଧାନ୍ୟାଦି ଶସ୍ୟର ମାପ ବିଶେଷ—1. A unit of measure of grain equal to three bharaṇas. [ଦ୍ର—୧ ଶଗଡ଼=୩ ଭରଣ=୬୦ କୌଡ଼ି=୨୪୦ ପୌଣି=୯୬୦ ଅଢ଼ା; ୭୪ ତୋଳା ଓଜନ ପରିମିତ ସେରକୁ ଗଞ୍ଜାମରେ ଅଢ଼ା ବୋଲାଯାଏ ।] ୨ । ଯେଉଁ ଜମିରୁ ୧ ଶଗଡ଼ ଧାନ ଉତ୍ପନ୍ନ ହୁଏ—2. An area of land which produces one cart load of paddy in an ordinary year. [ଦ୍ର—ଦୁଇ ଖଣ୍ଡି ଲମ୍ବ ବାଉଁଶ ବା କାଠ ଦଣ୍ଡା(=ସଂ. ଦଣ୍ଡ) ଏକ ମୁଣ୍ଡରେ ଏକତ୍ର ସଂଲଗ୍ନ ହୋଇ ଥାଏ ଓ ଅନ୍ୟ ମୁଣ୍ଡରେ ଦୁଇ ହାତ ଛଡ଼ା ହୋଇ କାଠ (ପଟା) ଦ୍ୱାରା ସଂଲଗ୍ନ ହୋଇଥାଏ । ଏହି ଲମ୍ବ ତ୍ରିକୋଣାକାର କାଷ୍ଠ ଦ୍ୱୟ ଏକତ୍ର ହୋଇଥିବା ମୁଣ୍ଡ (ଝୁରି ମୁଣ୍ଡି)ରେ ଯୁଗକାଷ୍ଠ (ଯୁଆଳି) ସଂଲଗ୍ନ ହୋଇଥାଏ । ଏହି ଯୁଆଳିର ଦୁଇ ମୁଣ୍ଡରେ ବଳଦ ଯୋଚା ହୁଅନ୍ତି । ଶଗଡ଼ର ଦଣ୍ଡାଦ୍ୱୟର ମଧ୍ୟଭାଗ ଗୋଟିଏ ଅଖ (ଅକ୍ଷ) ଉପରେ ସ୍ଥାପିତ ହୁଏ ଓ ଅଖର ଦୁଇ ମୁଣ୍ଡରେ ଚକ ଲାଗିଥାଏ । ଯୁଆଳିର ଦୁଇ ମୁଣ୍ଡରେ ବଳଦ ଯୋଚା ହୋଇ ଗତି କଲେ ସେ ଚକମାନ ଚଳେ । ଶଗଡ଼ ସାଧାରଣତଃ ଦୁଇଚକ ବିଶିଷ୍ଟ ହୁଏ ଓ ଦୁଇଟି ବଳଦ ବା ମଇଁଷି ଶଗଡ଼କୁ ଟାଣନ୍ତି; କିନ୍ତୁ ଉତ୍ତର-ପଶ୍ଚିମ ଭାରତରେ (ବୃନ୍ଦାବନ ଅଞ୍ଚଳରେ) ଶଗଡ଼ମାନ ଚାରି ଚକ ବିଶିଷ୍ଟ ହୁଏ ଓ ଚାରୋଟି ବଳଦ ସେଭଳି ଶଗଡ଼କୁ ଟାଣନ୍ତି । ମାନ୍ଦ୍ରାଜ ଅଞ୍ଚଳରେ ପୂର୍ବେ ଚଳୁଥିବା ଓ ବର୍ତ୍ତମାନ କଟକରେ ଚଳୁଥିବା ଏକପ୍ରକାର ଶଗଡ଼କୁ ଗୋଟିଏ ବଳଦ ମଝିରେ ଲାଗି ଟାଣେ । ଶଗଡ଼ଟଣା କାର୍ଯ୍ୟରେ ସାଧାରଣତଃ ବଳଦମାନେ ଲାଗନ୍ତି । କେତେକ ସ୍ଥାନରେ ମଇଁଷିମାନେ ମଧ୍ୟ ଶଗଡ଼ ଟାଣିବା ଦେଖାଯାଏ ।

ଶଗଡ଼ର ଭିନ୍ନ ଭିନ୍ନ ଅଙ୍ଗ ଏବଂ ଉପକରଣମାନଙ୍କ ନାମ ଏବଂ ପ୍ରକାରଭେଦ—

(୧) ଝୁରିମୁଣ୍ଡି—ଦୁଇ ଦଣ୍ଡାର ତ୍ରିକୋଣାକାର ଅଗ୍ରଭାଗ । (୨) ଝୁରି ବା ମୁହଁଣ୍ଡା—ଦୁଇଟି ଦଣ୍ଡା ଏକତ୍ର ହୋଇଥିବା ସ୍ଥାନ,ଯାହା ଯୁଆଳିର ମଧ୍ୟସ୍ଥଳରେ ସଂଲଗ୍ନ ହୁଏ; ଦଣ୍ଡାର ଅଗମୁଣ୍ଡ । (୩) ନଡ଼ା, ନଡ଼ା ଦଉଡ଼ି—ଯୁଗବନ୍ଧନ ରଜ୍ଜୁ;ଯେଉଁ ଦଉଡ଼ି ଦ୍ୱାରା ଝୁରିକୁ ଯୁଆଳିର ମଧ୍ୟଭାଗ ସଙ୍ଗେ ବନ୍ଧାଯାଏ । (୪) ଚଉଳ; ଚଉଳ ଖିଲ—ଦୁଇଟି ଦଣ୍ଡାକୁ ଝୁରି ପାଖରେ ମେଣ୍ଟାଣି ସଙ୍ଗେ ଏକତ୍ର ଯୋଖିଥିବା ଖିଲ । (୫) ଯନ୍ତା—ଶଗଡ଼ର ଦୁଇ ଦଣ୍ଡାକୁ ପୃଥକ୍‌ଭୂତ କରି ରଖିବା ପାଇଁ ଶଗଡ଼ର ଅଗ ଓ ପଛ ପାଖରେ ବ୍ୟବହୃତ ଲମ୍ବା ପାଟିଆର ବଳୟ । (୬) ଯୋକଅ—ଦୁଇ ଅଡ଼ରେ ଦାନ୍ତ ବାହାରିଥିବା କଣ୍ଟା, ଯାହା ଓଲଅର ଦାନ୍ତକୁ ଲାହୁଅରେ ସଂଲଗ୍ନ କରି ଚାପି ରଖିବା ପାଇଁ ହାଣ୍ଡିରେ ବାନ୍ଧଅଯାଏ—(୭) ଯୁଆଳି—ଝୁରିରେ ବନ୍ଧା ହେବା ଦଣ୍ଡ, ଯାହାର ଦୁଇ ପାଖ ବଳଦଙ୍କ କାନ୍ଧରେ ରହେ । (୮) ବାଲୁଙ୍ଗି—ଯୁଆଳିର ଦୁଇ ମୁଣ୍ଡରେ ଥିବା ଛିଦ୍ରରେ ପଳିଥିବା କାଠର ଖିଲ । ଏଥିରେ ବଳଦଙ୍କ ବେକରେ ଲାଗିଥିବା ଦଉଡ଼ିକୁ ବାନ୍ଧି ଦିଆଯାଏ । ଏହି ଖିଲ ଦୁଇଟି ବଳଦଙ୍କ କାନ୍ଧର ବାହାର ପାଖକୁ ରହେ । ହଳର ଯୁଆଳିରେ ଏହି ଖିଲକୁ 'ଶଅଳ' ବୋଲାଯାଏ ଏବଂ ଏହା ବଳଦଙ୍କ କାନ୍ଧର ଭିତର ପାଖକୁ ରହେ । (୯) ଦଣ୍ଡାକାଟି—ଶଗଡ଼ର ଦଣ୍ଡାର ପଛରେ ଥିବା ଅଗ୍ରଭାଗ, ଯାହାକୁ ମୁଠାଦ୍ୱାରା ଧରି ଶଗଡ଼ର ଗତିକୁ ନିୟନ୍ତ୍ରିତ କରାଯାଏ । (୧୦) ପଟ୍ଟ ବା ପଟା—ଦୁଇଟି ଦଣ୍ଡାର ମଝିରେ ଦିଆ ଯାଇଥିବା କାଷ୍ଠଫଳକ । (୧୧) ପାଞ୍ଚଫଳିଆ—ତ୍ରିଭୁଜାକାର ଶଗଡ଼ଦଣ୍ଡା ଦ୍ୱୟର ଅଗପାଖର ଅର୍ଦ୍ଧାଂଶ,ଯେଉଁ ଅଂଶରେ ଘନ ସନ୍ନିବିଷ୍ଟ ପାଞ୍ଚ ଗୋଟି ପଟା ଥାଏ ଓ ଯେଉଁଠାରେ ଗାଡ଼ି ଅଡ଼ାଇବା ଲୋକ ବସେ ।

(୧୨) ପଘା—ବଳଦଙ୍କ ବେକରେ ଲାଗିଥିବା ରଜ୍ଜୁ । ଯାହା ବାଲୁଙ୍ଗି ସଙ୍ଗେ ଗୁଡ଼ିଆ ହୋଇ ଝୁରିରେ ବନ୍ଧାଯାଏ । (୧୩) ପ(ପା)ଗୁଣ୍ଠି—ପଘାର ଯେଉଁ ବଳୟାକୃତ ଅଂଶ ବଳଦଙ୍କ ବେକ ଚାରିପାଖେ ବୁଲିଥାଏ । (୧୪) ଭୁଣ୍ଡୀ—ବଳଦଙ୍କ ମୁହଁରେ ପଡ଼ିଥିବା ଦଉଡ଼ିର ତୋଳ ବା ଫମ୍ପୀ । (୧୫) ପଘାଦଣ୍ଡା—ପଘାର ଯେଉଁ ଲମ୍ବ ଅଂଶ ପଗୁଣ୍ଠିଠାରୁ ଲମ୍ବ ହୋଇ ବାହାରିଥାଏ । (୧୬) ମୁଠା ବା ମୁଠି—ଦଣ୍ଡା ଦ୍ୱୟର ପଛମୁଣ୍ଡ, ଯାହାକୁ ହାତଦ୍ୱାରା ମୁଠାଇ ଶଗଡ଼ର ଗତିକୁ ନିୟନ୍ତ୍ରିତ କରାଯାଏ । (୧୭) ତନ୍ତ୍ରି ବା ତେନ୍ତ୍ରି—ଶଗଡ଼ର ଦଣ୍ଡାତଳେ ଦିଆଯିବା ଲମ୍ବକାଠ ଦୁଇ ଖଣ୍ଡ । ଏହି କାଠରେ ଘର ହୋଇ ତା ମଧ୍ୟରେ ଅଖ ପଶେ ଓ ଦଣ୍ଡା ସହିତ ଖିଲ ବା ଦଉଡ଼ି ଦ୍ୱାରା ଏହା ସଂଲଗ୍ନ ହୁଏ । (୧୮) ତ(ତେ)ନ୍ତ୍ରି ଖିଲ—ତେନ୍ତ୍ରିକୁ ଦଣ୍ଡାରେ ସଂଲଗ୍ନ କରିବା ପାଇଁ ବ୍ୟବହୃତ ଖିଲ । (୧୯) ତେନ୍ତ୍ରି ଘର—ଦଣ୍ଡା ସଂଲଗ୍ନ ତେନ୍ତ୍ରିର ମଝିରେ ଯେଉଁ ଗାତ ବା ନାଳ ଖୋଳାଯାଇଥାଏ ଓ ଯହିଁରେ ଶଗଡ଼ର ଅଖ ପଶେ । (୨୦) ଅଖ—ଯେଉଁ ଦଣ୍ଡ ଉପରେ ଦଣ୍ଡା ରହେ ଓ ଯାହାର ଦୁଇ ମୁଣ୍ଡରେ ଚକ ଲାଗେ । (୨୧) ଅଖ ଛିଦ୍ର—ଅଖ ମୁଣ୍ଡରେ ଅଣକିଳ ପଶିବା ପାଇଁ ଖୋଳାଯାଇଥିବା ଛିଦ୍ର; ଅକ୍ଷାଗ୍ରଚ୍ଛିଦ୍ର । (୨୨) ଅଣକିଳ—ଅଖର ଦୁଇ ମୁଣ୍ଡରେ ଚକ

ଲାଗିବା ପରେ ଅଖର ଯେଉଁ ଅଂଶ ଚକର ହାଣ୍ଡିର ସୀମାରୁ ବାହାରିଥାଏ, ତହିଁରେ ଥିବା ଛିଦ୍ରରେ ପଡ଼ିଥିବା ଖିଲା; ଯାହା ଚକକୁ ଅଖ ସଙ୍ଗେ ଅଟକାଇ ରଖେ; ଅଖାଗ୍ର-କୀଲକ । (୨୩) ପଟରି(ରୀ)ଖିଲ—ଶଗଡ଼ର ପୁଟି ଓ ହାଲକୁ ମଜଭୁତ୍ ରଖିବା ପାଇଁ ମରାଯିବା ଖିଲ ।

(୨୪) ଚକ—ଅଖର ଦୁଇ ମୁଣ୍ଡରେ ଲାଗିଥିବା ଚକ୍ର । (୨୫) ହାମ, ହାମା ବା ହାଲ—ଚକର ପରିଧିରେ ବାହାରେ ଚତୁର୍ଦ୍ଦିଗରେ ଘେରିହୋଇଥିବା ଲୁହାର ମୋଟ ପଟିଆ । (୨୬) ପହିଅ(ୟା) ବା ପହ୍ୟା—ଚକର ଅନ୍ୟ ନାମ । ପହିଆ ତିନିପ୍ରକାର । ଯଥା—(କ) କଟଙ୍ଗା—ଏଥିର ପହି ଓ ଅର ମୋଟା । (ଖ) ଦକ୍ଷିଣୀ—ଏଥିର ପହି ଓ ଅର ସରୁଆ । (ଗ) ପଟାଳିଆ—ଅର ନ ଥିବା ଚକ । ଏହା ଗୁଡ଼ିଏ ମୋଟ ପଟାର ସମଷ୍ଟି ମାତ୍ର । ଏପରି ଚକ ଗଡ଼ଜାତ ଶଗଡ଼ ବା ଗୋଷ୍ଠିଆରେ ବ୍ୟବହୃତ ହୁଏ ।

(୨୭) ପହି—ଚକର ପରିଧି । (୨୮) ପୁଟି(ଠୀ)—ଚକର ପରିଧିର ଅଂଶମାନ । ଏହା ବୃତ୍ତଖଣ୍ଡାକାର କାଷ୍ଠ ଅଟେ । ସାଧାରଣତଃ ଆମ ଦେଶରେ ଶଗଡ଼ ଚକ(ପହି)ରେ ୬ ଖଣ୍ଡି ପୁଠୀ ଲାଗେ ଓ ୩ଯୋଡ଼ା ବା ୬ଟି ଅର ବ୍ୟାସରୂପେ ବ୍ୟବହୃତ ହୁଏ । ଶଗଡ଼ର ବ୍ୟାସ-ଅର ୬ ଖଣ୍ଡି ଓ ବ୍ୟାସାର୍ଦ୍ଧ ଅର ୧୨ ଖଣ୍ଡି ଅଟେ । ପୁଠୀର ଶେଷରେ ଗୋଟିଏ ଲେଖାଏଁ ଛିଦ୍ର ହୋଇଥାଏ ସେହି ଛିଦ୍ରରେ ସମ୍ଭାଇବା ଭଳି ଖଣ୍ଡିଏ ଖିଲ (ପଟରି) ଉକ୍ତ ଦୁଇ ଛିଦ୍ର ମଧ୍ୟରେ ପୂରାଯାଏ ଓ ଖିଲ ପୂରାଯିବା ପରେ ୨ଟି ପୁଠୀକୁ ଦୃଢ଼ଭାବରେ ବାନ୍ଧେଇ ଦେଲେ ତାହା ଜୋଡ଼୍ ଖାଇଯାଏ । (୨୯) ଅର—ଶଗଡ଼ର ଲାହିଅଠାରୁ ପରିଧି ବା ପୁଟି ବା ପହି ପର୍ଯ୍ୟନ୍ତ ଲାଗିଥିବା କାଠଖଣ୍ଡ (ବ୍ୟାସାର୍ଦ୍ଧ) ମାନ । (୩୦) ପଟରି, ପୋଟରି, ପିଟଚଲା ବା ଫୁସିଅର—ଶଗଡ଼ ଚକର ପୁଟିରେ ଥିବା ଛିଦ୍ରରେ ଅରର ଅଗ୍ରଭାଗକୁ ପୂରାଇ ତାହାକୁ ପୁଟି ସହିତ ଦୃଢ଼ଭାବରେ ଜଡ଼ିତ କରି ରଖିବା ପାଇଁ ବ୍ୟବହୃତ ହେଉଥିବା ଖିଲ । (୩୧) ମେଣ୍ଢାଗିଦ(ଧା)—ଶଗଡ଼ର ଯୁଆଳର ମଝିରେ ଯୋଡାଯିବା ଖିଲ; [ଦଣ୍ଡାର ଅଗ ମୁଣ୍ଡ ବା ଝୁମ୍ପର ଅଗର ତଳେ ଲଗାଯାଇ ଏହି ଖିଲ ଗୁରପାଖେ ଦଉଡ଼ି ଗୁଡ଼ାଯାଇ ଯୁଆଳ ଓ ଝୁମ୍ପ ଏକତ୍ର ଦୃଢ଼ରୂପେ ବନ୍ଧା-ଯାଏ ଓ ଶଗଡ଼ରେ ଯୋଚାଯିବା ବଳଦଙ୍କ ପଘାଦଉଡ଼ିର ଶେଷ ମୁଣ୍ଡ ଏହି ଖିଲରେ ବନ୍ଧାଯାଏ । (୩୨)ମେଣ୍ଢି(ଣ୍ଢୀ)—ଅଖର ଅଗ୍ରଭାଗ ଚକର ଲାହିଅର ଛିଦ୍ରଠାରୁ ସରୁ ହେଲେ ତାକୁ ଲାହିଅର ଛିଦ୍ରକୁ ଗୁହିଁ ମୋଟା କରିବା ପାଇଁ ଅଖରେ ଯେଉଁ କାଷ୍ଠଖଣ୍ଡ ମରାଯାଏ । (୩୩)ଶଟ୍ ବା ଶାଟ୍—ଦୁଇ ଦଣ୍ଡାକୁ ଯୋଖିଥିବା ଶଗଡ଼ ପଛପାଖର ଶେଷ ଫଳ । (୩୪) ଶାଟ୍ କିଲା ବା ଶାଟ୍ ଖିଲ—ଶଗଡ଼ ପଛପାଖରେ ଦୁଇ ଦଣ୍ଡାକୁ ଭେଦକରି ଯେଉଁ ଫଳ ରହିଥାଏ, ତାହା ଖୁସୁଳି ନ ଯିବା ପାଇଁ ତା ଅଗରେ ମରା ଯାଇଥିବା କାଠର ଖିଲ । (୩୫) ଶଟ୍ଦଉଡ଼ା(ଡ଼) ବା ଶାଟ୍ଦଉରି(ରି)—ଦଣ୍ଡାର ଦୁଇ ପଛ ମୁଣ୍ଡକୁ ଶେଷ ଫଳ ସହିତ ଭିଡ଼ି ରଖିବା ଦଉଡ଼ି । (୩୬) ଶଠ୍ଭ ବା ଶଠକ ଦଉଡ଼ା—ଶଗଡ଼ରେ ଯୋଚାଯିବା ବଳଦଙ୍କ ବେକର ପଘାକୁ ବାହୁଳାରେ ଅଟକାଇ ରଖିବାପାଇଁ ପଘାରେ ଲାଗିଥିବା ଶେଷ ବଳୟାକୃତି ଦଉଡ଼ି । (୩୭) ସନ୍ଧିଅ(ୟା), ସଣ୍ଢି(ଣ୍ଢ)ଅ(ୟା) ବା ସଣ୍ଢି(ଣ୍ଢୀ)ଅ(ୟା)ଚଳା—ଦୁଇ ପୁଟିକୁ ବୃତ୍ତାକାରଭାବରେ ଯୋଡ଼ିଥିବା ଖିଲ । ପୁଟିମାନଙ୍କ ସନ୍ଧି ମଧ୍ୟରେ ଏହା ରହିଥାଏ । (୩୮) ହାଣ୍ଡି ବା ଭୁମ୍—ଚକର କେନ୍ଦ୍ରସ୍ଥ ସ୍ଥୂଳ କାଷ୍ଠପିଣ୍ଡ, ଯହିଁରେ ପରିଧିର ଏକ ମୁଣ୍ଡରେ ଲାଗିଥିବା ଅରମାନଙ୍କର ଅନ୍ୟ ମୁଣ୍ଡ ସନ୍ନିବିଷ୍ଟ ହୋଇଥାଏ ଓ ଯାହାର ମଧ୍ୟସ୍ଥ ଛିଦ୍ର (ଲାହିଅ)ରେ ଅଖ ପଶେ । (୩୯) ବଳି ବା ଲାହିଅ ବେ—ହାଣ୍ଡିର ଦୁଇପାଖର ପରିଧିରେ ପିଟା ଯାଇଥିବା ଲୁହାର ପାଟିଆ । (୪୦) ଲାହିଅ—ଚକର ହାଣ୍ଡିମଧ୍ୟସ୍ଥ ଛିଦ୍ର, ଯାହା ମଧ୍ୟଦେଇ ଅଖ ପଡ଼ିଥାଏ । (୪୧) ଓଲୁଅ—ଅଖଦ୍ୱାରା ଲାହିଅ ଘୋରି ହୋଇ ନ ଯିବ ବୋଲି ତହିଁରେ ଯେଉଁ ଲୌହନିର୍ମିତ ବଳୟ ବଅଯାଏ । ଏହା ଚିକ୍କି ସମା ପରି; କିନ୍ତୁ ଏହାର ପରିଧିରେ ଦୁଇଟି ଦାନ୍ତ ଥାଏ । ଯୋଚଅଦ୍ୱାରା ସେ ଦାନ୍ତକୁ ହାଣ୍ଡିରେ ବସାଯାଏ । (୪୨)ଦାଳ—ଶଗଡ଼ର ଅଖ ଲାହିଅ ମଧ୍ୟରେ ଘୂରି ତାକୁ ଘଷି ଖାଇ ନ ଯିବ ବୋଲି ଅଖର ମୁଣ୍ଡରେ ଦିଅଯିବା ତେଲର କାଣ୍ଡି । (୪୩) ଟପେଇ—ଶଗଡ଼ର ଝୁମ୍ପକୁ ଭୂମିରୁ ଉଠାଇ ଶଗଡ଼ର ଦଣ୍ଡାକୁ ଭୂମି ସଙ୍ଗେ ସମାନ୍ତରାଳ କରିବାପାଇଁ ଝୁମ୍ପ ତଳେ ଡେରି ହେବା ତ୍ରିକୋଣାକାର କାଷ୍ଠ । (୪୪) ବତା ବା ପାରେଣି ବତା—ଶଗଡ଼ ଦଣ୍ଡାର ତ୍ରିକୋଣାକାର ଅଂଶର (ଯହିଁରେ ମଝିରେ ମଝିରେ ଖଣ୍ଡିଏ ଲେଖାଏଁ ଫଳ ଅଡ଼ବାଗରେ ମରିଥାଏ ସେ ଫଳମାନଙ୍କ) ମଧ୍ୟରେ ଥିବା ଫାଙ୍କକୁ ବନ୍ଦ କରିବା ପାଇଁ ଫଳ ମଧ୍ୟରେ ଲମ୍ବଭାବରେ ଗଳା ଯାଇଥିବା ବତା ବା ବାଉଁଶ । (୪୫) ଉଦର, ଓଦର ବା ବୁଦ୍ର—ଧାନ ଆଦି ପଦାର୍ଥ ଶଗଡ଼ରେ ବୁହାଯିବା ପାଇଁ ବାଉଁଶ ପାତିଆରେ ବୁଣା ହୋଇଥିବା ବଡ଼ ଓ ଲମ୍ବ ଟୋକାଇ । (୪୬) ଛାଟ(ଟି) ବା ଛପର(ରୀ)—ମନୁଷ୍ୟ ବସିବା ପାଇଁ ଶଗଡ଼ ଉପରେ ସଂଲଗ୍ନ କରାଯିବା ବୃତ୍ତାକାର ଛପ୍ପର । ଏହା ତାଳପତ୍ର କିମ୍ବା ବାଉଁଶପାତିଆ, ଅଥବା ତଲେଇରେ ନିର୍ମିତ ହୁଏ । (୪୭) ନୋଥର—ଶଗଡ଼ ଉପରେ ଭାଟିକୁ ବାନ୍ଧିବା ନିମନ୍ତେ ବ୍ୟବହୃତ କାଠର ବା ବାଉଁଶର ଫର୍ମା । (୪୮) ନୋଥର ପଟା—ନୋଥରର ନିମ୍ନତମ ଅଂଶର କାଠ, ଯାହା ଶଗଡ଼ର ଦଣ୍ଡା ଉପରେ ବସା ଯାଇ ଥାଏ । (୪୯) ଉଦର (ଓଦର, ବୁଦ୍) ଶଗଡ଼—ଯେଉଁ ଶଗଡ଼ ଉପରେ ଜିନିଷ ପତ୍ର ବୋହିବା ପାଇଁ ବୁଦ ବା ଲମ୍ବ ଟୋକାଇ ରଖା ଯାଇଥାଏ । (୫୦) ଛାଟ (ଛାଟି, ଛପର, ଛପରି) ଶଗଡ଼—ଯେଉଁ ଶଗଡ଼ ଉପରେ ଆଚ୍ଛାଦନ ଥାଏ । (୫୧) ଏକବଳଦିଆ ଶଗଡ଼—ଯେଉଁ ଶଗଡ଼ରେ ଗୋଟିଏ ବଳଦ ବା ଘୋଡ଼ା ଲାଗିଥାଏ

ଗଞ୍ଜାମ ଅଞ୍ଚଳରେ ଏହା ବଣ୍ଡି ବା ବାଣ୍ଡି ଶଗଡ଼ ଓ ଝଟକା ନାମରେ ଅଭିହିତ ହୁଏ । ଉତ୍ତର ଭାରତରେ ଏହାର ନାମ ଏକ୍କା (୫୨) ଖାଲି ଶଗଡ଼— ବୋଝାଇ ହୋଇ ନ ଥିବା ଶଗଡ଼ । (୫୩) ବୋଝାଇ ବା ଲଦନ୍ତ ଶଗଡ଼— ଯେଉଁ ଶଗଡ଼ରେ ବୋଝ ଲଦା ହୋଇଥାଏ । (୫୪) ଉଲ୍ଲର ବା ଟପାଳିଆ ଶଗଡ଼— ଯେଉଁ ଶଗଡ଼ରେ ଲଦା ହୋଇଥିବା ବୋଝର ଭାର ଅଖର ପଛ ପାଖକୁ ବେଶି ଥାଏ ଓ ଏଥିଯୋଗୁ ଶଗଡ଼ର ଅଗ ପଟ ଟେକି ଉଠି ଯାଉଥାଏ । (୫୫) ଦବଉ ବା ଝୁରା ଶଗଡ଼— ଯେଉଁ ଶଗଡ଼ରେ ଲଦା ହୋଇଥିବା ବୋଝର ଭାର ଅଖର ଅଗ ପାଖକୁ ବେଶି ଥାଏ ଓ ଏଥିପାଇଁ ଶଗଡ଼ର ଝୁରା ତଳକୁ ଦାବ ହେଉଥାଏ । (୫୬) ଗୋଷ୍ଠିଆ ଶଗଡ଼—ଚଢ଼ଉଡ଼ାଣର ପାହାଡ଼ିଆ ଓ ଅସମ ଭୂମି ଉପରେ ଚଳିବା ପାଇଁ ବ୍ୟବହୃତ ଏକ ପ୍ରକାର ଛୋଟ ଶଗଡ଼ । ଏହାର ଚକରେ ଲହିଆ, ପୁଟି ବା ଅର ଦିଆ ନ ଯାଇ କେବଳ ମୋଟା ପଟାକୁ ଗୋଲାକାର କରି ତାକୁ ଦ୍ୱାରା କବାଟ ପରି ସଂଲଗ୍ନ କରାଯାଇଥାଏ । (୫୭) କେରେଞ୍ଚି ଶଗଡ଼—କାଠର ପ୍ରକୋଷ୍ଠଯୁକ୍ତ ଏକପ୍ରକାର ଗାଡ଼ି । ଗଞ୍ଜାମ ଅଞ୍ଚଳରେ ଏହା ବାଣ୍ଡି ଶଗଡ଼ ନାମରେ ଅଭିହିତ । (୫୮) ସବାରି ଶଗଡ଼—ଯେଉଁ ଗାଡ଼ିରେ ମନୁଷ୍ୟ ବସନ୍ତି । କେରେଞ୍ଚି ଶଗଡ଼ ମଧ୍ୟ ଏହି ନାମରେ ଅଭିହିତ ହୁଏ । (୫୯) ଭଡ଼ା ଶଗଡ଼—ଯେଉଁ ଗାଡ଼ି କେରେସ୍ତାରେ ବୁହାଯାଏ ।]

ଶଗଡ଼ ଅଡ଼ା—ଦେ. ବି.—[ସ. ଶକଟ+ଆ. ଅଡ୍ଡା]—ଶଗଡ଼ମାନ ଏକତ୍ର ରଖାଯିବା ସ୍ଥାନ—A cart-stand; a garage for carts.
Śagarḍa arḍā
গরুর গাড়ির আড্ডা
छकडा का अड्डा

ଶଗଡ଼ ଅଡ଼ା(ଡ଼େ)ଇବା—ଦେ. କ୍ରି.—ଗାଡ଼ି ଚଳେଇବା—To drive a cart.
Śagarḍa arḍā (rḍe)ibā
গাড়ি চালান छकडा हांकना [ଦ୍ର—ଶଗଡ଼ିଆ ଶଗଡ଼କୁ ଅଡ଼ାଏ ନାହିଁ; ଶଗଡ଼ରେ ଯୋଚା ହୋଇଥିବା ବଳଦଙ୍କୁ ଅଡ଼ାଏ ।]

ଶଗଡ଼ ଅଣ୍ଟା(ଣ୍ଟେ)ଇବା—ଦେ. କ୍ରି—କାଦୁଅରେ ବା ବାଲିରେ ବଳଦ ଟାଣି ପାରୁ ନଥିବା ଶଗଡ଼ର ଦଣ୍ଡା ପାଖରେ ମନୁଷ୍ୟ ହାତ ଓ ଅଣ୍ଟାଦ୍ୱାରା ବଳ ପ୍ରୟୋଗ କରିବା—To push a heavily laden cart (which the bullocks are drawing with difficulty through sand or mud) with one's hands and waist to accelerate its movement.
Śagarḍa anṭā(nṭe)ibā
গরুর গাড়ী ঠেলা
छकडा ठेलना

ଶଗଡ଼ କଟା(ଟେ)ଇବା—ଦେ. କ୍ରି.—ବିପରୀତ ଦିଗରୁ ଆସୁଥିବା ଶଗଡ଼ ଆଦି ସଙ୍ଗେ ଧକ୍କା ନ ଲାଗିବା ଉଦ୍ଦେଶ୍ୟରେ ଶଗଡ଼ର ବଳଦଙ୍କୁ ନିୟନ୍ତ୍ରିତ କରି ଶଗଡ଼କୁ ଏକପାର୍ଶ୍ୱିଆ କରାଇବା—To cause a cart to swerve to one side, so as not to collide with another cart or conveyance coming from the opposite direction.
Śagarḍa kaṭā(ṭe)ibā
গাড়ির পথকটা छकडा कटाना

ଶଗଡ଼ ଗାଡ଼ି—ଦେ. ବି.—୧ । ଛାଞ୍ଚ ଶଗଡ଼—1. A thatched cart. ୨ । (ସଙ୍କରର) ଶକଟ ଇତ୍ୟାଦି । 2. Carts etc.
Śagarḍa gārḍi
গরুরগাড়ী छकडागाडी

ଶଗଡ଼ ଗୁଳା—ଦେ. ବି.—ଶଗଡ଼ର ଚକ ଯାଇଥିବା ଭୂମିରେ ଅଙ୍କିତ ସମାନ୍ତରାଳ ରେଖାଚିହ୍ନଦ୍ୱୟ—The parallel lines left or traced on the ground by the wheels of a cart; cart track.
Śagarḍa guḷā
গরুরগাড়ীর চাকারদাগ
छकडाकी पौटी

ଶଗଡ଼ ଘଣି(ଣୀ)—ଦେ. ବି.—କାଦୁଅ ବା ପଙ୍କମୟ ସ୍ଥାନରେ ଅନେକ ଶଗଡ଼ ଯିବା ଆସିବା କରିବାରୁ ଭୂମିରେ ସୃଷ୍ଟ ଯାଇଥିବା ଗଭୀର ଗର୍ତ୍ତ—Deep ruts made in clayey soil by heavy cart traffic.
Śagarḍa ghaṇi (ṇi)
গাড়ীর চাকারগর্ত্ত
छकडा पौट(टो)

ଶଗଡ଼ ଘିଡ଼ିଘିଡ଼େଇବା—ଦେ. ବି. ଶକଟ ଘଡ଼ ଘଡ଼ ଶବ୍ଦ କରି ଚଳିବା—A cart moving with a rattling sound; the rattling sound made by a moving cart.
Śagarḍa ghirḍi ghirḍeibā
গাড়ী ঘড়ঘড় করে যাওয়া
छकडा घडघडना

ଶଗଡ଼ ଚକ—ଦେ. ବି.—ବଳଦ ଗାଡ଼ିର ଚକ—The wheels of a cart.
Śagarḍa chaka
গাড়ীর চাকা छकड़ा पहिया

ଶଗଡ଼ ଝୁରା—ଦେ. ବି.— ଶଗଡ଼ର କୁଥଳର ମଧ୍ୟ ସ୍ଥଳରେ ଦୁଇ ଦଣ୍ଡାର ଅଗ ମୁଣ୍ଡର ସଂଯୁକ୍ତ ହେବା ସ୍ଥାନ—The middle of the yoke where the beams of a cart meet.
Śagarḍa jhurā
छकडा की मुहडा
গাড়ির মাথা

ଶଗଡ଼ ଯୁଆଳି—ପ୍ରାଦେ· (ଗଡ଼ଜାତ)—ବି.—ଶଗଡ଼ଝୁରା (ଦେଖ)
Śagarḍa juāḷi Śagarḍa jhurā (See)
ଦେ. ବି.—ଶଗଡ଼ର ଯୁଗକାଷ୍ଠ—The yoke of a cart.

ଶଗଡ଼ ଯୁ(ଯୋ)ଚ(ତ)ିବା—ଦେ.କ୍ରି.—(ସ ଶକଟ+ଯୁଜ ଧାତୁ)-ଶକଟର ଯୁଗରେ ପଶୁଙ୍କୁ ଲଗାଇବା—To yoke beasts to a cart.
Śagarḍa ju(jo)chi(ti)bā
গাড়ী যোতা छकडा जोतना
(ଦ୍ର—ପ୍ରକୃତରେ ଶଗଡ଼ ଯୋଚା ଯାଏ ନାହିଁ, ଶଗଡ଼ରେ ବଳଦ ଯୋଚା ଯାଆନ୍ତି ।)

ଶଗଡ଼ ଢିପିଢିପେଇବା—ଦେ. କ୍ରି.—ଗାଡ଼ିର ଦଣ୍ଡାର ପଛମୁଣ୍ଡରେ ପର୍ଯ୍ୟାୟକ୍ରମେ ଭାର ପ୍ରୟୋଗ ଓ ଭାରକୁ ଉଠାଇ ନେବା ଦ୍ୱାରା ଶଗଡ଼ର ଏ ମୁଣ୍ଡ ସେ ମୁଣ୍ଡ ଅଖ ଉପରେ ଉଠୁଥିବା ଓ ପଡୁଥିବା—The state of a cart moving like a see-saw by alternately applying load and lessening it on the back end.
Śagarḍa ḍhipiḍhipeibā
छकडा हुचुर हुचुर होना

ଶଗଡ଼ ଢିପିଢିପେଇଲା; ଓପର (ତଳ) ପାଟିରେ ଦାନ୍ତ ନାହିଁ, ଅଇଁଠା ଚଟେଇଲା — ଯେଉଁ ବାଳକ ବା ବାଳିକାଙ୍କର ଦୁଧ ଦାନ୍ତ ପଡ଼ିଯାଇ ନୂଆ ଦାନ୍ତ ଉଠି ନ ଥାଏ, ତାକୁ ସାଙ୍ଗ ପିଲାଏ ଏହି ଗୀତ ପଦକ ବୋଲି ଚିଡ଼ାନ୍ତି
Śagarḍa ḍhipiḍhipeilā; Opara (taḷa) pāṭire dānta nāhiṅ, aiṅṭhā chaṭeilā
A doggerel used by children to those of them who have lost their milk teeth.

ଶଗଡ଼ ଦଉଡ଼ା(ଡ଼ି)—ଦେ. ବି.—ଶଗଡ଼ରେ ବୁହାଯିବା ଜାଠ ଅବା ଜିନିଷକୁ ଶଗଡ଼ ସଙ୍ଗେ ମଜଭୁତ କରି ବାନ୍ଧିବା ପାଇଁ ବ୍ୟବହୃତ ୧୫।୨୦ ହାତ ଲମ୍ବା ମୋଟା ଦଉଡ଼ା
Śagarḍa daurḍā (rḍi)
छकड़ा का रस्सा
A thick long rope which is kept in a cart to tie any thing to be carried on it.

ଶଗଡ଼ ଦଣ୍ଡା—ଦେ. ବି (ସଂ. ଶକଟ+ଦଣ୍ଡ)—୧ । ଶଗଡ଼ର ଯେଉଁ ଦୁଇଟି ଦଣ୍ଡ ଅଗ ପାଖରେ ଯୁଆଳରେ ମିଳିଥାଏ ଓ ପଛରେ ଦ୍ୱିଭୁଜ ହୋଇ ବାହାରିଥାଏ—1. The beams or arms of a cart.
Śagarḍa daṇḍā
गाड़ीर डाण्डा
छकडा डंडा
୨ । ଶଗଡ଼ର ଦଣ୍ଡ ଦ୍ୱୟର ପୃଷ୍ଠଭାଗସ୍ଥ ଶେଷାଂଶ; ମୁଠା—2. The back ends of the beams of a cart. [ଦ୍ର—ଏହାକୁ ହାତରେ ଧରି ବଳ ପ୍ରୟୋଗ କଲେ ଶଗଡ଼ର ଅଗ ପାଖର ଗତି ବିପରୀତ ଦିଗକୁ ନିୟନ୍ତ୍ରିତ ହୁଏ ।]

ଶଗଡ଼ ନନ୍ଧା—ଦେ. ବି—ଶଗଡ଼ର ଝୁଲିକୁ ଯୁଆଳର ମଧ୍ୟସ୍ଥଳ ସହିତ ଦଉଡ଼ାଦ୍ୱାରା ବାନ୍ଧିବା—Tying the front end of the beams of a cart securely to the middle of the yoke.
Śagarḍa nandhā
छकडाका मुहडा बाँधना
(ଶଗଡ଼ ନନ୍ଧିବା - କ୍ରିୟାରୂପ)

ଶଗଡ଼ ପଛକେ କିଆବାଡ଼ (ଗୋହିରି)ରେ ପଡ଼ୁ (ପଶୁ), ଶଗଡ଼ିଆର ମୂଲ (ଭଡ଼ା) ମାରା ହେବ ନାହିଁ—ପ୍ରବଚନ—କୌଣସି ବ୍ୟକ୍ତି କୌଣସି ଦ୍ରବ୍ୟକୁ ସ୍ଥାନାନ୍ତରକୁ ନେବା ପାଇଁ କୌଣସି ଶଗଡ଼ିଆ ସଙ୍ଗେ ଭଡ଼ାର ଚୁକ୍ତି କରି ଉକ୍ତ ପଦାର୍ଥକୁ ଶଗଡ଼ରେ ବୋଝାଇ କରି ବାଟରେ ଯାଉଥିଲାବେଳେ ବା ନେଉଥିଲାବେଳେ ଅକସ୍ମାତ୍ ଯେବେ ଉକ୍ତ ଗାଡ଼ି ଶଗଡ଼ସହିତ ଗଡ଼ିପଡ଼ି ସଡ଼କ ପାର୍ଶ୍ୱସ୍ଥ କିଆବାଡ଼ରେ ପଡ଼ିଯାଏ ଓ ତନ୍ନିବନ୍ଧନ ବାହିତ ଦ୍ରବ୍ୟମାନ ନଷ୍ଟ ହୋଇଯାଏ, ତେବେ ସେ କ୍ଷତି ଦ୍ରବ୍ୟସ୍ୱାମୀ ସହେ । କିନ୍ତୁ ଶଗଡ଼ିଆ ସଙ୍ଗେ ଚୁକ୍ତି ହୋଇଥିବା ଭଡ଼ା ଶଗଡ଼ିଆ ଛାଡ଼େ ନାହିଁ । ଅର୍ଥାତ୍, ଲୋକସାନ ହେଲେ ଦ୍ରବ୍ୟସ୍ୱାମୀ ତାହା ସହେ ଓ ଶଗଡ଼ିଆକୁ ଚୁକ୍ତି ହୋଇଥିବା ଭଡ଼ା ଦେବାକୁ ସେ ବାଧ୍ୟ ହୁଏ । କାରଣ, ଲାଭ ଖାଇଥାଆନ୍ତା ଦ୍ରବ୍ୟସ୍ୱାମୀ, କ୍ଷତି ସହିବ ସେହି । କିନ୍ତୁ ଶଗଡ଼ିଆ ଲାଭର ଭାଗୀ ନୁହେଁ, କ୍ଷତିର ଭାଗୀ ହେବ ଅବା କାହିଁକି ?—
Śagarḍa pachhake kiābārḍare parḍu (paśu), śagarḍiāra mūla (bharḍā) mārā heba nāhiṅ
तेरे भोजमे आग लगे हमे जो पुरोसे काम
A proverb meaning 'A carrier must be given his hire even if the cart overturns on the roadside and the articles are spoiled thereby. The owner of the article has to suffer the loss occasioned by the mishap and not the cartman. This is applied to cases where out of two persons engaged in a transaction, one person takes the risk and the other takes no risk but gets his wages.

ଶଗଡ଼ ପହି(ହୀ)—ଦେ. ବି (ସଂ ଶକଟ+ପଦ୍ଧି)—୧ । ଶଗଡ଼ର ଚକ—1.The wheel of a cart. ୨। ଶଗଡ଼ ଚକର ପରିଧି—2. The rim of a cart-wheel.
Śagarḍa pahi(hī)
गाड़िर चाका
छकड़ाका पहिया
(ଶଗଡ଼ପହିଅ[ଯ଼ା], ଶଗଡ଼ ପହ୍ୟା—ଅନ୍ୟରୂପ)

ଶଗଡ଼ ଫିଟା(ଟେ)ଇବା—ଦେ. କ୍ରି—ଶଗଡ଼ରେ ଯୋଚା ହୋଇଥିବା ବଳଦଙ୍କୁ ଯୁଆଳରୁ ମୁକ୍ତ କରିବା—To unyoke the beasts of a cart.
Śagarḍa phiṭā(ṭe)ibā
गाड़ि खुला
बैल खोलना

ଶଗଡ଼ ବଟି—ଦେ. ବି (ସଂ. ଶକଟ+ଫା. ବଟ୍ଟା)—ଅନ୍ୟ ବ୍ୟକ୍ତିର ଜମି ଉପରେ କିଛି କାଳ ପାଇଁ ଶଗଡ଼କୁ ରଖିବାକୁ ହେଲେ ଶଗଡ଼ିଆର ଜମି ମାଲିକକୁ ଦେବା କର ବା ଶୁଳ୍କ—A fee paid to the owner of a land by a cartman for keeping the cart on it for some time.
Śagarḍa baṭi
गाड़िर माशुल
छकडाकाबटा
[ଶଗଡ଼ ମାଶୁ(ସ୍ତା)ଲ-ଅନ୍ୟରୂପ]

ଶଗଡ଼ ବଳଦ—ଦେ. ବି.—(ସହଚର)—୧ । ଶଗଡ଼ ଓ ଶଗଡ଼ବୁହା ବଳଦ—1. Cart and its bullocks. ୨ । ଶଗଡ଼ ବୁହାରେ ଅଭ୍ୟସ୍ତ ବଳଦ; ଶଗଡ଼ିଆ ବଳଦ—2. Bullocks broken to the cart; draught bullocks.
Śagarḍa baḷada
गाड़ीर बलद
छकड़ाका बैल

ଶଗଡ଼ ବାଟ—ଦେ. ବି.—ଯେଉଁ ରାସ୍ତାରେ ଶଗଡ଼ ଯିବା ଆସିବା କରି ପାରେ; ଶକଟ ଗମନାଗମନର ଉପଯୋଗୀ ପ୍ରଶସ୍ତ ରାସ୍ତା—Cart road; a road for cart traffic.
Śagarḍa bāṭa
गरुर गाड़ीर रास्ता
[ଶଗଡ଼ ରାସ୍ତା—ଅନ୍ୟରୂପ]

ଶଗଡ଼ ବାଟୁଆ—ଦେ. ବି—ଏକପ୍ରକାର ସୁଗନ୍ଧି ବନ୍ୟଗୁଳ୍ମ—A kind of wild tree with aromatic flowers; Eugenia Bractiata.
Śagarḍa bāṭuā
[ଦ୍ର—ଏହାର କୋଳ ଲୋକେ ଖାଆନ୍ତି, ଏହାର ଫୁଲ ଅତ୍ୟନ୍ତ ସୁବାସିତ ।] [ଢ଼—ବାଳ ସୁଖ ଶୋଇଲେ ଚଙ୍ଗେ ଯହିଁ ପ୍ରଜାପତିଙ୍କ ଥାଟ, ଧୂରେ ଶଗଡ଼ ବାଟୁଆ ନକ୍ଷେ କରନ୍ତି ନାଟ । ରାଧାନାଥ ରାୟ ।]

ଶଗଡ଼ ବୁହାଇବା—ଦେ. କ୍ରି—ଶଗଡ଼ ଟାଣୁଥିବା ପଶୁମାନଙ୍କୁ ପାଳଥିରୁ ପରିଚାଳିତ କରି ଶଗଡ଼କୁ ଗତିଶୀଳ କରିବା—To drive a cart.
Śagarḍa buhāibā
गाड़िचालान
छकडाहाँकना

ଶଗଡ଼ ବୋହିବା—ଦେ. କ୍ରି—୧ । (ପଶୁ) ଶକଟକୁ ଟାଣିବା—
Śagarḍa bohibā 1. (oxen) To draw a cart.
গাড়ীকেবহা ୨ । ଶଗଡ଼ ବୁହାଇବା (ଦେଖ)—2. Śagarda
छकडाकोखींचना buhāibā (See)

ଶଗଡ଼ ଭଡ଼ା—ଦେ. ବି (ସଂ. ଶକଟ+ଭାଟକ)—ଅନ୍ୟ ବ୍ୟକ୍ତିଙ୍କ ବା
Śagarḍa bharḍā ଅନ୍ୟ ବ୍ୟକ୍ତିଙ୍କ ପଦାର୍ଥକୁ ଶଗଡ଼ରେ ନେବା
গাড়িভাড়া छकडामाडा ପାଇଁ ଶଗଡ଼ିଆର ନେବା ମୂଲି
ବା କେରାୟା—Cart hire.

ଶଗଡ଼ ସରି—ଦେ. ବି (ସଂ. ଶକଟ ଓ ସୃ ଧାତୁ)—ଶଗଡ଼ ଗୁଳା—
Śagarḍa sari Tracks left by cart wheels on
গাড়ির চাকার দাগ the ground; cart-track.
छकडाकी पौटी

ଶଗଡ଼ା—ପ୍ରାଦେ (ଉତ୍ତର ବାଲେଶ୍ୱର) ବି—ଦୋଳା—
Śagarḍā Cradle; a swing.

ଶଗଡ଼ି—ଦେ. ବି (ସଂ. ଶକଟୀ)—୧ । ଶକଟ; ଶଗଡ—1. Cart. ୨ ।
Śagarḍi ଭାରି ଦ୍ରବ୍ୟକୁ ଅଳ୍ପ ବଳପ୍ରୟୋଗପୂର୍ବକ ରଜ୍ଜୁଦ୍ୱାରା
কপিকল घिरनी, चरखी ଉପରକୁ ଉଠାଇବା ପାଇଁ
ବ୍ୟବହୃତ ଏକପ୍ରକାର କଳ—2. A pulley (consisting of a grooved wheel). [ଦ୍ର—ଏହି
କଳରେ ଗୋଟିଏ ମାତ୍ର ଚକ ଥାଏ ଏବଂ ତାହା ଗୋଟିଏ
ଦୃଢ଼ ଅକ୍ଷ ଉପରେ ଘୂରୁଥାଏ । ଏହି ଚକର ପରିଧିରେ
ଗୋଟିଏ ଖାଲ ଖୋଳାହୋଇ ତା ଭିତରେ ରଜ୍ଜୁ ଗଳିଥାଏ ।
ରଜ୍ଜୁର ଏକ ମୁଣ୍ଡରେ ଭାରି ଦ୍ରବ୍ୟକୁ ବାନ୍ଧି ରଜ୍ଜୁଟିକୁ
ଶଗଡ଼ିର ପରିଧିବାଟେ ଘୂରାଇ ଆଣି ଦଉଡ଼ିର ବିପରୀତ ମୁଣ୍ଡକୁ
ତଳଆଡ଼କୁ ଟାଣିଲେ ଅନ୍ୟ ମୁଣ୍ଡରେ ସଂଲଗ୍ନ ଥିବା ବସ୍ତୁ
ଉପରକୁ ଉଠେ ଓ ଏ ମୁଣ୍ଡରେ ବଳପ୍ରୟୋଗକୁ ଅଳ୍ପ
କରିଦେଲେ ଅନ୍ୟ ମୁଣ୍ଡରେ ଭାରି ବସ୍ତୁ ତଳକୁ ଖସେ ।]

ଶଗଡ଼ିଆ—ଦେ. ବିଣ (ସଂ. ଶାକଟିକ)—୧ । ଶକଟସମ୍ବନ୍ଧୀୟ—
Śagarḍiā 1. Relating to the cart ୨ । ଶକଟ
ଟାଣିବାରେ ନିଯୁକ୍ତ (ବ୍ୟକ୍ତି ବା ପଶୁ)—2. Engaged
in work in connection with a cart.
(ଯଥା—ଶଗଡ଼ିଆ ବଳଦ, ଶଗଡ଼ିଆ ପୋଢ଼ୁଆ) ଦେ. ବି—
গরুরগাড়ীরগাড়োয়ান गाडिवान, छकडावाला ୧ । ଗାଡ଼ିଆନ;
ଶକଟବାହି; ସାରଥି—1. A cart driver; cart man.
୨ । ଯେଉଁ ବ୍ୟକ୍ତି ଶଗଡ଼ଦ୍ୱାରା ଜୀବିକା ନିର୍ବାହ କରେ—
2. A person who earns his living by
carrying things in carts; a carrier
of things and men by cart. (ଉ—ଉଖାର
କେଲା, ଶଗଡ଼ିଆ, ଉଜମତ୍ତ; ଲୋକେ ଗଲେ ସ୍ଥାନ ନ ଦେବ
କଦାଚିତ—କୃଷ୍ଣସିଂହ ମହାଭାରତ ଶାନ୍ତି ।) ପ୍ରାଦେ
(ବାଲେଶ୍ୱର) ବି—ଶଗଡ ସରି—A cart
track.

ଶଗଡ଼ିଆ ପଶିଲେ (ଆସିଲେ) ମୁଣ୍ଡବୋଝିଆ ପଳାନ୍ତି—ପ୍ରବଚନ—
Śagarḍiā paśile (āsile) muṇḍabojhiā paḷānti.
ঘোড়া দেখলে খোঁড়াহওয়া गाडोकालामनेमोटियाभागजाताहै
କୌଣସି କାର୍ଯ୍ୟ ପାଇଁ ଯୋଗ୍ୟତର ବ୍ୟକ୍ତି ପହଞ୍ଚିଲେ ପୂର୍ବ-
ନିଯୁକ୍ତ ଅପେକ୍ଷାକୃତ ଅଯୋଗ୍ୟ ବ୍ୟକ୍ତିମାନେ ସେ କ୍ଷେତ୍ରରୁ
ବିଦାୟ ଗ୍ରହଣ କରନ୍ତି—ଏପରି ସ୍ଥଳରେ ଲକ୍ଷଣାର୍ଥରେ ଏ
ପ୍ରବଚନ ବାକ୍ୟଟି ବ୍ୟବହୃତ ହୁଏ ।
A sentence used to mean—Less useful
people give place to more useful
people
[ଦ୍ର—ମୁଣ୍ଡରେ ବୋଝଦ୍ୱାରା ଅଳ୍ପ ପରିମିତ ପଦାର୍ଥ ନେବା
ଆଣିବା କରାଯାଇ ପାରେ । କିନ୍ତୁ ଶଗଡ଼ଦ୍ୱାରା ବହୁତ
ପଦାର୍ଥ ବୁହାଯାଏ । ଏଥିପାଇଁ କୌଣସି ପଦାର୍ଥକୁ
ସ୍ଥାନାନ୍ତରକୁ ବୁହାଇବାକୁ ହେଲେ ଲୋକେ
ମୁଣ୍ଡବୋଝିଆଙ୍କ ଅପେକ୍ଷା ଶଗଡ଼ିଆଙ୍କୁ ଅଧିକ ପସନ୍ଦ କରନ୍ତି ।
କୌଣସି ପଦାର୍ଥକୁ ବୁହାଇବା ଆଗରୁ ମୁଣ୍ଡ ବୋଝିଆଙ୍କ
ଦ୍ୱାରା କାମ ଚାଲୁଥିବା ସ୍ଥାନରେ ଯଦି ଶଗଡ଼ିଆମାନେ
ଉପସ୍ଥିତ ହୁଅନ୍ତି, ତେବେ ଲୋକେ ମୁଣ୍ଡ ବୋଝିଆଙ୍କୁ
ଆଉ ନିଯୁକ୍ତ ନ କରି ଶଗଡ଼ିଆଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ କରାନ୍ତି ।
ଏଥିପାଇଁ ମୁଣ୍ଡବୋଝିଆମାନେ ସେଠାରେ ଜୀବିକା ନିର୍ବାହର
ଉପାୟ ନ ଦେଖି ସେ ସ୍ଥାନ ପରିତ୍ୟାଗ କରନ୍ତି । ଏହି
ପ୍ରକାରେ ଆମ ଦେଶରେ ରେଳ ହେବାରୁ ଶଗଡ଼ିଆଙ୍କର
ଦାନା ମରି ।]

ଶଗଡ଼ିଆ ବଳଦ—ଦେ. ବି—ଯେଉଁ ବଳଦମାନେ ଶଗଡ଼ ଟାଣିବା
Śagarḍiā baḷada ପାଇଁ ମଣ ହୋଇଥାନ୍ତି—Bullocks
গাড়ীরবলদ छकडाकाबैल broken to the
cart; bullocks trained to draw carts

ଶଗଡ଼େ—ଦେ. ବିଣ ଓ ବି—୧ । ଭଡ଼ାଏ; ଏକଗାଡ଼ି ପରିମିତ—
Śagarḍe 1. One cart-load of. ୨ । ବହୁ ପରିମିତ—
একগাড়ী एकगाडी 2. Large quantity of. [ଯଥା—
ତା ପେଟରେ ଶଗଡ଼େ ବିଦ୍ୟା ଅଛି]

ଶଙ୍କ୍ ବା ଶନ୍‌କ୍ (ଧାତୁ)—ସଂ.—୧ । ଭୀତ ହେବା—1. To
Śaṅk or śan-k (root) dread; to be afraid. ୨ ।
ଆଶଙ୍କା କରିବା—2. To fear; to apprehend.
୩ । ସନ୍ଦେହ କରିବା—3. To doubt; to
suspect. [ଦ୍ର—ଏହି ଧାତୁ ପୂର୍ବେ ଆ, ପରି ଆଦି
ଉପସର୍ଗମାନ ଯୁକ୍ତ ହୁଏ ।]

ଶଙ୍କ—ସଂ. ବି (ଶକ୍ ଧାତୁ+କର୍ତ୍ତୃ. ଅ)—ଶକଟବାହୀ ବୃଷ; ଶଗଡ଼ିଆ
Śaṅka ବଳଦ—A cart-ox; an ox for drawing
cart. ପ୍ରା. (ଗଞ୍ଜାମ) ବି—ଶଙ୍କ; ପୋଲ—Bridge.

ଶଙ୍କନୀୟ—ସଂ. ବିଣ (ଶଙ୍କ୍ ଧାତୁ+କର୍ମ. ଅନୀୟ)—୧ । ଯାହାକୁ ଶଙ୍କା
Śaṅkanīya କରାଯାଏ—1. To be feared. ୨ । ଶଙ୍କାର
(ଶଙ୍କନୀୟା—ସ୍ତ୍ରୀ) ବିଷୟୀଭୂତ—2. Apprehensible. ୩ ।
ଯାହା ସମ୍ବନ୍ଧରେ ସନ୍ଦେହ ହୁଏ—3. Doubtful;
questionable.

ଶଙ୍କର—ସଂ. ବଣ. ପୁଂ (ଶମ୍=ମଙ୍ଗଳ+କୃ ଧାତୁ+କର୍ତ୍ତୃ. ଅ; ଯେ Śaṅkara ମନୁଷ୍ୟର ମଙ୍ଗଳବିଧାନ କରେ)—ମଙ୍ଗଳ-ଜନକ; (ଶଙ୍କରୀ—ସ୍ତ୍ରୀ) ଶୁଭଙ୍କର—Auspicious. ବି—୧। ମହାଦେବ; ଶିବ—1. Śiba. ୨। ଶଙ୍କରାଚାର୍ଯ୍ୟ (ଦେଖ)—2. Śaṅkarāchārjya (See). ୩। ଭୀମସେନୀ କର୍ପୂର (ହି. ଶ)—3. Barus camphor. ୪। ପାରାବତ (ହି. ଶ)—4. Pigeon. ୫। ଏକ ମାତ୍ରିକ ଛନ୍ଦ (ହି. ଶ)—5. A syllabic metre. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୧୬ ଓ ୧° ବିରାମରେ ୨୬ ମାତ୍ରା ଥାଏ ଓ ଅନ୍ତରେ ଗୁରୁ ଲଘୁ ବର୍ଣ୍ଣ ଥାଏ—(ହି. ଶ)।] ୬। ମେଘ ରାଗର ଅଷ୍ଟମପୁତ୍ର, ରାଗ ବିଶେଷ (ହି. ଶ)—6. Name of a secondary musical tune.

ଦେ. ବି—୧। ହାଙ୍କର ପରି ଏକ ପ୍ରକାର ବଡ଼ ସାମୁଦ୍ରିକ ମାଛ; ମଣ୍ଡାମଗର ବା ଖଣ୍ଡା ମଗର—1. Saw-fish; Pristis Perrotteti; Pristis Pectinatus. [ଦ୍ର—ଏହି ସାମୁଦ୍ରିକ ମାଛ ୫।୬ ହାତ ଲମ୍ବ ଓ ଏହାର ଥୋମଣି ୬ ହାତ ପର୍ଯ୍ୟନ୍ତ ଓ କରତ ବା ପାନିଆ ପରି ଦାନ୍ତ ବିଶିଷ୍ଟ। ଏ ଦାନ୍ତଦ୍ୱାରା ସେ ଜୀବମାନଙ୍କୁ ଆକ୍ରମଣ କରେ ଓ ଖଣ୍ଡ କରି ମାରି ପକାଏ।] ୨। ଶାଙ୍କୁଚ ମାଛ—2. Ray fish. ୩। ପୁରୁଷଲୋକଙ୍କ ନାମ—3. A name given to males. ୪। ବୈଷ୍ଣବ ଜଣେ ନାମରେ ଏକ ଗଣକ ଗ୍ରନ୍ଥ ରଚୟିତା। (ଦ୍ର—ଏ ୧୬୮୮ ଶକାବ୍ଦରେ ସେ ବିଦ୍ୟମାନ ଥିଲେ। ରୈବତକ ପର୍ବତରେ ତାଙ୍କର ନିବାସ ଥିଲା)—4. Name of the author of an astronomical treatise.

ଶଙ୍କରଗୁଡ଼ିଆ ପାଲି—ଦେ. ବି—ଉତ୍କଳ ଦେଶ ପ୍ରଚଳିତ ୧୬ ପାଲି ମଧ୍ୟରୁ ଏକତମ—Name of a Śaṅkaragurdiā pālā Pālā out of the sixteen pālās prevalent in Orissa.

ଶଙ୍କର ଚିଲ—ସ. ବି.—ଶଙ୍ଖଚିଲ (ଦେଖ)
Śaṅkara chilla Śaṅkha chila (See)

ଶଙ୍କର ଚୂଡ଼—ସ. ବି—ବିଷଧର ସର୍ପ ବିଶେଷ—
Śaṅkara churda A kind of poisonous snake.
[ଦ୍ର—ଏହା ଲମ୍ବରେ ୧୨।୧୦ ହାତ ହୁଏ। ଏହାର ବିଷ ଦାନ୍ତ ବଡ଼ ଓ ଏହାର ଦଂଶନ ସାଂଘାତିକ। ବଙ୍ଗଦେଶର ସୁନ୍ଦର ବଣରେ କେବଳ ଏ ସର୍ପ ଦେଖା ଯାଆନ୍ତି। ଏହାକୁ ଧରିବା ବଡ଼ କଷ୍ଟକର (ହି.ଶ).

ଶଙ୍କର ଜଟା—ସ. ବି.—ରୁଦ୍ରଜଟା (ଦେଖ)
Śaṅkara jaṭā Rudrajaṭā (See)

ଶଙ୍କର ଦାସ—ଦେ. ବି. (ନାମ)—ଜଣେକ ପ୍ରାଚୀନ ଓଡ଼ିଆ କବି।
Śaṅkara dāsa Name of an ancient Oriya poet.
[ଦ୍ର—ବାରମାସୀ କୋଇଲି ଏହାଙ୍କ ଦ୍ୱାରା ରଚିତ—ଜନାସୂକ, ଉତ୍କଳ ସାହିତ୍ୟର ଇତିହାସ।]

ଶଙ୍କର ଦିଗ୍‌ବିଜୟ—ସ.ବି.—ବିଦ୍ୟାରଣ୍ୟ ମୁନିଙ୍କ ରଚିତ କାବ୍ୟ ବିଶେଷ
Śaṅkara dig-bijaya —An epic composed by sage Bidyāranya.
[ଦ୍ର—ଏହି କାବ୍ୟ ଖଣ୍ଡିକରେ ଶଙ୍କରାଚାର୍ଯ୍ୟଙ୍କ ଜୀବନ ବୃତ୍ତାନ୍ତ ଓ ଦିଗ୍‌ବିଜୟ ବର୍ଣ୍ଣିତ ହୋଇଅଛି। ୧୬ ଗୋଟି ସର୍ଗରେ ପୁସ୍ତକଟି ପରିସମାପ୍ତ। ଏଥିର ପ୍ରଥମ ଚାରୋଟି ସର୍ଗ (ଭୁବନସୁନ୍ଦରଶର୍ମା) ପୁରୀ ଶଙ୍କରାନନ୍ଦ ବା ଶ୍ୱେତ ବର୍ତ୍ତିତ ମଠାଧୀଶ ଜଗଦ୍‌ଗୁରୁ ଶଙ୍କର ଶ୍ରୀ ୧୧୦୮ ଦଣ୍ଡୀ ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମୀ ଓଡ଼ିଆ ପଦ୍ୟରେ ଅନୁବାଦ କରି ପ୍ରକାଶ କରିଛନ୍ତି।]

ଶଙ୍କରପାଟିଆ(ୟା) ଭାଲୁ—ପ୍ରାଦେ. (ଗଡ଼ଜାତ) ବି (ସ. ଶଙ୍ଖ)—ଏକ-
Śaṅkarapāṭiā(yā) bhālu ପ୍ରକାର ଭାଲୁ—A kind of bear, the skin of whose snout and the fur of whose belly are as white as conch shell. (ଦ୍ର—ଏମାନଙ୍କ ମୁହଁର ବା ଥୋଡ଼ର ଚମ ଓ ପେଟର ଲୋମ ଶଙ୍ଖ ପରି ଧଳା ହୁଏ।)

ଶଙ୍କର ପାଲି—ପ୍ରାଦେ. (ଯାଜପୁର) ବି.—ସତ୍ୟନାରାୟଣ ପୂଜାରେ
Śaṅkara pālā ନୈବେଦ୍ୟ ଉଦ୍ଦେଶ୍ୟରେ ଘିଅରେ ଛଣା ହୋଇ ପ୍ରସ୍ତୁତ ହୋଇଥିବା ମିଷ୍ଟାନ୍ନ ଗୁଳିକା ବିଶେଷ—A ball of flour kneaded and fried in ghee, and meant to be offered at the worship of Satya nārāyaṇa.

ଶଙ୍କର ପ୍ରିୟ—ସ. ବି.—(ଶଙ୍କର ପ୍ରିୟ ଯାହାର; ବହୁବ୍ରୀହି)—୧।
Śaṅkara priya ତିତିର ପକ୍ଷୀ—1. The partridge. ୨। ଧାତୁରା (ହି. ଶ.)—2. Datura Fustosa. ୩। ଦ୍ରୋଣ ପୁଷ୍ପୀ ଗୟସ ଫୁଲ (ଦେଖ)—3. Gayasa (See) ସ. ବଣ—ଶିବଙ୍କର ପ୍ରିୟ; ଶିବ ବଲ୍ଲଭ—Favourite of Śiba.

ଶଙ୍କର ପ୍ରିୟା—ସ. ବି.—(ଶଙ୍କରଙ୍କର ପ୍ରିୟା, ଷଷ୍ଠୀ ତତ୍)—୧।
Śaṅkara priyā ପାର୍ବତୀ; ଦୁର୍ଗା—1. Goddess Pārbati. ୨। ଶଙ୍ଖଚିଲ (ଦେଖ)—2. Śaṅkhachila (See)

ଶଙ୍କର ବୀର୍ଯ୍ୟ (ଶୁକ୍ର, ରେତଃ)—ସଂ. ବି—ପାରଦ—
Śaṅkara birjya (śukra, retaḥ) Quicksilver.

ଶଙ୍କର ମତ୍ସ୍ୟ—ସଂ. ବି.—୧। ଶଙ୍କୁଚ; ଶାଙ୍କୁଚ ମାଛ—
Śaṅkara matsya 1. The sting ray; sea devil.
୨। ଖଣ୍ଡା ମଗର—2. The sawfish.

ଶଙ୍କର ଶୈଳ—ସଂ. ବି.—(ମ. ପ. ଲୋ)—କୈଳାଶ ପର୍ବତ (ହି.ଶ)
Śaṅkara śaila A name of the Kailāsa mountain.

ଶଙ୍କରା—ଦେ. ବି. ପୁଂ—(ଅନାଦରାର୍ଥକ)—ଶଙ୍କର ନାମକ ବ୍ୟକ୍ତିର
Śaṅkarā ଡାକ ନାମ—Name for calling Śaṅkara.
[ଶଙ୍କ—ଅନ୍ୟରୂପ]

ଶଙ୍କରାଚାର୍ଯ୍ୟ—ସଂ. ବି—(ନାମ)—ବେଦାନ୍ତ ଭାଷ୍ୟକାର ଅଦ୍ୱୈତବାଦୀ **Saṅkarāchārjya** ଆଚାର୍ଯ୍ୟ ବିଶେଷ—Name of a famous commentator of the Upanishads. and religious reformer. [ଦ୍ର—ଦାକ୍ଷିଣାତ୍ୟ ଅନ୍ତର୍ଗତ କେରଳ ଦେଶର ଚିଦମ୍ବର ବା କାଲଡି ଗ୍ରାମ ଏହାଙ୍କ ଜନ୍ମସ୍ଥାନ । ୭୮୮ ଖ୍ରୀଷ୍ଟାବ୍ଦରେ ସେ ଭୂମିଷ୍ଠ ହୋଇଥିଲେ ଏବଂ ୮୨୦ ଖ୍ରୀଷ୍ଟାବ୍ଦରେ ୩୨ ବର୍ଷ ବୟସରେ କେଦାରନାଥ ନିକଟରେ ପ୍ରାଣ ତ୍ୟାଗ କରିଥିଲେ । ଏହାଙ୍କ ପିତାଙ୍କ ନାମ ଶିବଗୁରୁ ଓ ମାତାଙ୍କ ନାମ ସୁଭଦ୍ରା ଥିଲା । ବାଲ୍ୟକାଳରେ ୩ ବର୍ଷ ବୟସରେ ଏ ପିତାଙ୍କୁ ହରାଇ ମାତାଙ୍କ ଲାଳନ ପାଳନରେ ବଢ଼ିଥିଲେ । ୬ ବର୍ଷ ବୟସରେ ଏ ମହାପଣ୍ଡିତ ହୋଇଥିଲେ ଓ ୮ ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କଲେ । ୧୬ ବର୍ଷ ବୟସରେ ମାତାଙ୍କୁ ଛାଡ଼ି ଏ ଭାରତର ନାନା ସ୍ଥାନରେ ଭ୍ରମଣ କରିଥିଲେ ଏବଂ ଭ୍ରମଣ ଶେଷରେ ପୁନର୍ବାର ଗୃହକୁ ଫେରି ଆସି ବୃଦ୍ଧା ମାତାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । କିଛିଦିନ ପରେ ମାତାଙ୍କର ପରଲୋକ ପ୍ରାପ୍ତି ଘଟିବାରୁ ସେ ଗୃହତ୍ୟାଗ କରି ପୁଣି ଧର୍ମପ୍ରଚାରାର୍ଥେ ଭାରତ ଭ୍ରମଣରେ ବହିର୍ଗତ ହୋଇଥିଲେ । ତାଙ୍କ ବୟସ ଯେତେବେଳେ ୧୬ ବର୍ଷ ହେଲା, ସେତେବେଳେ ସେ ପରମହଂସତ୍ୱ ଲାଭ କରିଥିଲେ । ସେ ସମୟରେ ଭାରତରେ ବ୍ରାହ୍ମଣ୍ୟ ଧର୍ମର ଅଧୋଗତି ଘଟିଥିଲା ଏବଂ ବୌଦ୍ଧ ଧର୍ମ ପ୍ରବଳ ହୋଇ ଉଠିଥିଲା । କିନ୍ତୁ ଶଙ୍କର ବୌଦ୍ଧ ପଣ୍ଡିତମାନଙ୍କୁ ଯୁକ୍ତି ଦ୍ୱାରା ପରାସ୍ତ କରି ଅଦ୍ୱୈତ ବ୍ରାହ୍ମଣ୍ୟ ଧର୍ମର ପୁନଃ ସଂସ୍ଥାପନ କଲେ ଏବଂ ଭାରତର ସ୍ଥାନେ ସ୍ଥାନେ ଶିବମନ୍ଦିର ଓ ମଠମାନ ସ୍ଥାପନ କରି ସେ ସ୍ଥାନମାନଙ୍କୁ ହିନ୍ଦୁଧର୍ମର ତଥା ହିନ୍ଦୁ ଶାସ୍ତ୍ରାଲୋଚନାର କେନ୍ଦ୍ରରେ ପରିଣତ କରିଥିଲେ । ଭାରତର ଚାରି ଦିଗରେ ଏହାଙ୍କ ପ୍ରତିଷ୍ଠିତ ଚାରି ଗୋଟି ମଠ ଆଜି ପର୍ଯ୍ୟନ୍ତ ଶିଷ୍ୟ ପ୍ରଶିଷ୍ୟାନୁକ୍ରମେ ମଠଧାରୀମାନଙ୍କଦ୍ୱାରା ପରିଚାଳିତ ହୋଇ ଆସୁଅଛି । ପଶ୍ଚିମରେ ଦ୍ୱାରକାସ୍ଥିତ ଶାରଦା ମଠରେ ପୀଠାଧିକାରୀଙ୍କ ନାମ ହସ୍ତାମଲକାଚାର୍ଯ୍ୟ । ଦଶନାମୀ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ତୀର୍ଥ ଓ ଆଶ୍ରମ ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉଦ୍ଦିଷ୍ଟ । ଉତ୍ତରରେ ବଦରିକାଶ୍ରମସ୍ଥିତ ଯୋଶୀ(ଶୀ) ମଠ ବା ଜ୍ୟୋତିଃ ମଠରେ ପୀଠାଧିକାରୀଙ୍କ ନାମ ତୋଟକାଚାର୍ଯ୍ୟ । ଗିରି, ପର୍ବତ ଓ ସାଗର ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉଦ୍ଦିଷ୍ଟ । ପୂର୍ବରେ ପୁରୀସ୍ଥିତ 'ଗୋବର୍ଦ୍ଧନ' ମଠରେ ପୀଠାଧିକାରୀଙ୍କ ନାମ ପଦ୍ମପାଦାଚାର୍ଯ୍ୟ । ବନ ଓ ଅରଣ୍ୟ ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉଦ୍ଦିଷ୍ଟ । ଦକ୍ଷିଣରେ ମାନ୍ଦ୍ରାଜ ପ୍ରଦେଶସ୍ଥିତ ଶୃଙ୍ଗେରୀ (ଋଷ୍ୟଶୃଙ୍ଗାଶ୍ରମ) ମଠରେ ପୀଠାଧିକାରୀଙ୍କ ନାମ ମଣ୍ଡନମିଶ୍ର ବା ସୁରେଶ୍ୱରାଚାର୍ଯ୍ୟ । ପୁରୀ, ଭାରତୀ ଓ ସରସ୍ୱତୀ ନାମଧାରୀ ସନ୍ନ୍ୟାସୀମାନଙ୍କ ବାସାର୍ଥେ ଏହା ଉଦ୍ଦିଷ୍ଟ ।

ଶଙ୍କରାଚାର୍ଯ୍ୟଙ୍କ ବିରଚିତ ବେଦାନ୍ତଭାଷ୍ୟ, ଭଗବଦ୍‌ଗୀତା ଭାଷ୍ୟ ଓ ମୋହମୁଦ୍ଗର ଆଦି ଗ୍ରନ୍ଥ ଭାରତରେ ସର୍ବତ୍ର ଆଦୃତ । ଜ୍ୟୋତିଷ ଶାସ୍ତ୍ରରେ ଏହାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା; କିନ୍ତୁ ଘଟନାକ୍ରମେ ତହିଁରୁ ତାଙ୍କର ଆସକ୍ତି ହ୍ରାସ ପାଇଥିଲା । ତାଙ୍କ ଧର୍ମମତ ବେଦାନ୍ତର ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ; କିନ୍ତୁ ସର୍ବସାଧାରଣଙ୍କ ପାଇଁ ସେ ଶୈବଧର୍ମ ପ୍ରଚାର କରିଥିଲେ । ଏହାଙ୍କ ସମ୍ବନ୍ଧରେ କେତେଗୁଡ଼ିଏ କିଂବଦନ୍ତୀ ପ୍ରଚଳିତ ଅଛି । ଏ ସଂସାରୀ ନ ଥିଲେ; ଅଥଚ ସଂସାରର ଭୋଗ ସମ୍ବନ୍ଧରେ ଅଭିଜ୍ଞତା ଲାଭ କରିବା ପାଇଁ ପରକାୟ ପ୍ରବେଶ ବିଦ୍ୟାବଳରେ ଜଣେ ରାଜାଙ୍କ ଶରୀରରେ କିଛିକାଳ ପାଇଁ ପ୍ରବେଶ କରିଥିଲେ । ଥରେ ଶିଷ୍ୟମାନଙ୍କୁ ପରୀକ୍ଷା କରିବା ପାଇଁ ସେ ଗୋଟିଏ ଧୋବା ଘରେ ପଶି ସେଠାରେ ଧୋବାର ପାକରେ ପ୍ରସ୍ତୁତ ମଣ୍ଡା ପିଠା ଖାଇଲେ ଓ ତାଙ୍କ ଶିଷ୍ୟମାନେ ମଧ୍ୟ ଗୁରୁଙ୍କ ଦେଖା ଦେଖି (ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ) ମଣ୍ଡା ପିଠା ଖାଇ ଦେଲେ । ପରେ କିଛି ଦୂର ଯାଇ ଶଙ୍କର କହିଲେ ଯେ, ଧୋବା ଘରେ ପିଠା ଖାଇଥିବାରୁ ଶରୀର ଅପବିତ୍ର ହେଲା । ତଦନନ୍ତର ସେ ଶରୀରକୁ ଶୁଦ୍ଧ କରିବା ବ୍ୟାଜରେ ଗୋଟିଏ ଧାତୁଶାଳରେ ଥିବା ଉତ୍ତପ୍ତ ଗଳିତ ଲୁହାଗୁଡ଼ିଏ ପିଇ ଦେଲେ । ଶିଷ୍ୟମାନେ ଏହା ଦେଖି ତାଳି ପାଟି ପୋଡ଼ିଯିବ ଏହି ଭୟରେ ଗୁରୁଙ୍କ ଅନୁକରଣ କଲେ ନାହିଁ । ଏହା ଦର୍ଶନ କରି ଶଙ୍କର ସେହି ଶିଷ୍ୟମାନଙ୍କୁ ତ୍ୟାଗ କଲେ ଏବଂ ସେହିଦିନଠାରୁ ଉକ୍ତ ଶିଷ୍ୟ ଓ ସେମାନଙ୍କ ଶିଷ୍ୟାନୁଶିଷ୍ୟମାନେ 'ଦଶନାମୀ' (ଗିରି, ପୁରୀ, ଭାରତୀ ଆଦି) ନାମରେ ପରିଚିତ ।

ଶଙ୍କରାଚାର୍ଯ୍ୟ ପରିବ୍ରାଜକ ସନ୍ନ୍ୟାସୀ ଥିଲେ ଓ ତାଙ୍କର ଶିଷ୍ୟମାନେ ତାଙ୍କୁ ସାକ୍ଷାତ୍ ଶିବ ବୋଲି ବିଶ୍ୱାସ କରୁଥିଲେ ଏବଂ କହୁଥିଲେ 'ଶଙ୍କରଃ ଶଙ୍କରଃ ସାକ୍ଷାତ୍' । ଭାରତର ସର୍ବତ୍ର ଓ ତିବ୍ବତ ଦେଶରେ ସେ ଧର୍ମପ୍ରଚାରାର୍ଥେ ଭ୍ରମଣ କରିଥିଲେ । ତାଙ୍କର ଏହି ଧର୍ମପ୍ରଚାରର ଫଳରେ ଭାରତରୁ ବୌଦ୍ଧ ଧର୍ମର ପ୍ରଭାବ ହ୍ରାସ ପାଇଥିଲା ଏବଂ ଶୈବ ଧର୍ମ କ୍ରମେ ପ୍ରବଳ ହୋଇ ଉଠିଥିଲା । ସେ ୩୨ ବର୍ଷ ବୟସରେ କେଦାରନାଥ ତୀର୍ଥରେ ପରଲୋକ ଗମନ କଲେ ।

ଶଙ୍କରାଚାର୍ଯ୍ୟ ୬୦୮ ଶକାବ୍ଦ ବୈଶାଖ ଶୁକ୍ଳ ତୃତୀୟା ଦିବସ ଦକ୍ଷିଣ ଭାରତର ପଶ୍ଚିମ ସମୁଦ୍ର ତୀରସ୍ଥ କେରଳ ଦେଶାନ୍ତଃପାତୀ କାଲଡ଼ି ଗ୍ରାମରେ ପରମବୈଦିକ ଶିବଗୁରୁ ନାମା ଜନୈକ କୁଳୀନ ବ୍ରାହ୍ମଣଙ୍କ ଔରସରେ ଆଦର୍ଶ ରମଣୀ ସନ୍ତାନାଭିକାଂକ୍ଷିଣୀ ସତୀ ସୁଭଦ୍ରାଦେବୀଙ୍କ ଗର୍ଭରୁ ଜନ୍ମ ପରିଗ୍ରହ କରିଥିଲେ । ଶଙ୍କରଙ୍କ ଆବିର୍ଭାବର ଅଳ୍ପ ବର୍ଷ ଶିବଗୁରୁ ପରଲୋକାନ୍ତରିତ ହେବାରୁ ଶଙ୍କରଙ୍କର ଶୈଶବାସ୍ଥ ଶିକ୍ଷା

ବିଧବା ଜନନୀଙ୍କ ଉପରେ ନିର୍ଭର କରିଥିଲା । ଶଙ୍କର ପଞ୍ଚମ ବର୍ଷରେ ଉପନୀତ ହୋଇ ମାତାଙ୍କର ନିର୍ଦ୍ଦେଶାନୁସାରେ ଗୁରୁ ଗୃହରେ ବାସକରି ଦୁଇବର୍ଷ ମଧ୍ୟରେ ଗୁରୁଙ୍କ କୃପାରୁ ସକଳ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ । ମହାତ୍ମା ଶଙ୍କର ଜ୍ଞାନାଲୋକରେ ଆଲୋକିତ ହୋଇ ଅସାଧାରଣ ଭଗବଦ୍‌ଭକ୍ତିର ନିଦର୍ଶନ ପ୍ରଦର୍ଶନ ସଙ୍ଗେ ସଙ୍ଗେ ସନ୍ନ୍ୟାସ ଗ୍ରହଣର ପ୍ରୟାସ ପ୍ରକାଶ କଲେ । କିନ୍ତୁ ତାଙ୍କର ଏକାପତ୍ୟା ବିଧବା ମାତା ସେଥିରେ ଅନଭିମତ ପ୍ରକାଶ କରିବାରୁ ବାଧ୍ୟ ହୋଇ ଶଙ୍କରଙ୍କୁ ସ୍ୱଳ୍ପ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା । ବିଧାତାଙ୍କ ଅଭିକ୍ଲିଷ୍ଟ ଇଚ୍ଛା ପ୍ରଭାବରେ ଶଙ୍କର ଏକଦା ମାତାଙ୍କ ସଙ୍ଗେ ନଦୀ ପାରି ହେବା ସମୟରେ ନକ୍ରଗ୍ରସ୍ତ (କୁମ୍ଭୀରଦ୍ୱାରା ଆକ୍ରାନ୍ତ) ହୋଇ କୌଣସି ପ୍ରକାରେ ସେଥିରୁ ମୁକ୍ତ ହୋଇ ନ ପାରିବାରୁ ଏ ବିପଦରୁ ରକ୍ଷା ମିଳିଲେ ତାଙ୍କର ସନ୍ନ୍ୟାସ ଗ୍ରହଣୀୟ ବୋଲି ମାଆଙ୍କୁ ଅନୁମତି ପ୍ରାର୍ଥନା କରିବାରୁ ମାଆ ଅନନ୍ୟଗତିକା ହୋଇ ଅନୁମତି ପ୍ରଦାନ କରିଥିଲେ । ଅନନ୍ତର ସନ୍ନ୍ୟାସୀ ଶଙ୍କର ଗୋବିନ୍ଦ ଯୋଗୀ ରୂପେ ଅବତୀର୍ଣ୍ଣ ପତଞ୍ଜଳି ଦେବଙ୍କର ଶିଷ୍ୟତ୍ୱ ଗ୍ରହଣକରି ତତ୍ ପ୍ରସାଦରୁ ପରଂବ୍ରହ୍ମ ସାକ୍ଷାତ୍‌ପ୍ରଦ ବିନ୍ଦୁ ଉପଦେଶ ସହ ସମାଧିବିଧି ଶିକ୍ଷା କଲେ । ତଦନନ୍ତର ମହାଯୋଗୀ ଶଙ୍କର ସ୍ୱକୀୟ ଗୁରୁପାଦଙ୍କ ଆଜ୍ଞାନୁସାରେ ବାରଣାସୀରେ କିୟତ୍‌କାଳ ଅବସ୍ଥାନକରି ନିତ୍ୟନୈମିତ୍ତିକ କର୍ମକାଣ୍ଡାନୁଷ୍ଠାନ ଏବଂ ଶାସ୍ତ୍ରାଲୋଚନା ସହକାରେ ବ୍ରହ୍ମସୂତ୍ରର ଭାଷ୍ୟ ପ୍ରଣୟନକରି ଆଚାର୍ଯ୍ୟତ୍ୱ କରିବାରେ ଲାଗିଲେ । ଆଚାର୍ଯ୍ୟତ୍ୱର ପ୍ରାରମ୍ଭରେହିଁ ସନନ୍ଦନାଦି ଭକ୍ତିମାନ୍ ବ୍ୟକ୍ତି ଶଙ୍କରଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ଘଟନାକ୍ରମେ ଏହିଠାରେ ସ୍ୱାମୀପାଦଙ୍କର ସାକ୍ଷାତ୍ ଶଙ୍କର(ଶିବ) ଦର୍ଶନ ହୋଇଥିଲା । ଅନନ୍ତର ଛଦ୍ମବେଶ-ଗତ ବ୍ୟାସଦେବଙ୍କ ସଙ୍ଗେ ଶଙ୍କରଙ୍କର ସାକ୍ଷାତ୍‌କାର ଏବଂ ଦୀର୍ଘକାଳବ୍ୟାପୀ ଶାସ୍ତ୍ର ଚର୍ଚ୍ଚା ହେବାପରେ ବ୍ୟାସ ସ୍ୱୟଂ ଶଙ୍କରଙ୍କୁ ଆୟୁର୍ବୃଦ୍ଧ୍ୟାଶୀର୍ବାଦ ପ୍ରଦାନପୂର୍ବକ ଉପନିଷଦ୍ ଗୀତା ପ୍ରଭୃତି ଗ୍ରନ୍ଥର ଭାଷ୍ୟ ପ୍ରଣୟନାର୍ଥ ଉତ୍ସାହ ଦାନ କରି ଦିଗ୍‌ବିଜୟ ନିମନ୍ତେ ଆଦେଶ ପ୍ରଦାନ କଲେ ।

ମହାଯୋଗୀ ଶଙ୍କର ବ୍ୟାସାଦେଶରେ ଦିଗ୍‌ବିଜୟ ବ୍ୟାପାରରେ ସଂଲଗ୍ନ ହେଲେ । ନାନା ସ୍ଥାନରେ ନାନା କୁଣ୍ଠ ବୁଦ୍ଧି, ତୀକ୍ଷ୍ଣ ବୁଦ୍ଧି, ପ୍ରତିଭାଶାଳୀ ବୌଦ୍ଧ ମତାଗ୍ରହୀମାନଙ୍କ ସଙ୍ଗେ ଶଙ୍କରଙ୍କର ମହାଯୁଦ୍ଧ ହୋଇଗଲା । କିନ୍ତୁ ସର୍ବତ୍ର ଶଙ୍କରଙ୍କର ଜୟବୈଜୟନ୍ତୀ ଉଡ୍ଡୀନ ହେଲା, ସର୍ବତ୍ର ଜୟ ଡଙ୍କା ନିନାଦିତ ହେଲା । ବେଦାନ୍ତ ବିରୋଧୀ ବୌଦ୍ଧମତାଗ୍ରହୀ ଏବଂ ନାସ୍ତିକ ପନ୍ଥୀମାନେ ସ୍ୱାମୀପାଦଙ୍କର ଅମୋଘ ଅଲୌକିକ ଜ୍ୱଳନ୍ତ ଶାସ୍ତ୍ର ପ୍ରଭାବରେ ବିଧ୍ୱସ୍ତାହଂକାର ହୋଇ ସ୍ୱସ୍ୱ ଭ୍ରମ ପ୍ରମାଦ ଦୂର କରିବାର ସୁବର୍ଣ୍ଣ ସୁଯୋଗ ଲାଭ କଲେ । ଆଚାର୍ଯ୍ୟ ଦେବଙ୍କର ପ୍ରତିପକ୍ଷବୃନ୍ଦ ମଧ୍ୟରେ ମଣ୍ଡନ ମିଶ୍ରଙ୍କ ସମ୍ବାଦ କୌତୂହଳୋଦ୍ଦୀପକ ଏବଂ ମଣ୍ଡନମତଖଣ୍ଡନ ଶଙ୍କରଙ୍କର ଚରମ ବାଗ୍‌ବୈଭବବ୍ୟଞ୍ଜକ ।

ଶଙ୍କର ତତ୍‌କାଳୀନ ପ୍ରୟାଗତୀର୍ଥବାସୀ ତପସ୍ୱୀ ଭଟ୍ଟପାଦ କୁମାରିଲଙ୍କର ଅସାଧାରଣ ପ୍ରତିଭା, ପ୍ରବଳ ଧର୍ମାନୁରାଗ ଓ ଅସମ୍ଭାବିତ କାର୍ଯ୍ୟକଳାପରେ ଆକୃଷ୍ଟ ହୋଇ ତାହାଙ୍କ ଦ୍ୱାରା ସ୍ୱରଚିତ ଭାଷ୍ୟର ବାର୍ତ୍ତିକସୂତ୍ର ପ୍ରଣୟନୋଦ୍ଦେଶ୍ୟରେ ଭଟ୍ଟଙ୍କ ନିକଟରେ ଉପଗତ ହୋଇଁ ସ୍ୱାଭିପ୍ରାୟ ଜ୍ଞାପନ କଲେ । କିନ୍ତୁ ସେତେବେଳେ ଭଟ୍ଟପାଦ ମହୋଦୟ ତନୁତ୍ୟାଗ ନିମନ୍ତେ ଅନଳୋପବିଷ୍ଟ ହୋଇଥିବାରୁ ଶଙ୍କରଙ୍କର ଅଭିପ୍ସିତ ଜାଣି ପାରିଲେହେଁ ପ୍ରତିଜ୍ଞାଭଙ୍ଗ ଭୟରେ ଅନଳ ସମାଧିରୁ ନିଃସୃତ ନ ହୋଇ ମାହିଷ୍ମତୀପୁରୀନିବାସୀ ସ୍ୱକୀୟ ପଟ୍ଟଶିଷ୍ୟ ମଣ୍ଡନ ମିଶ୍ରଙ୍କ ସହ ମଣ୍ଡନ ପତ୍ନୀ ପରମ ବିଦୁଷୀ ଶାପଭ୍ରଷ୍ଟା ସରସ୍ୱତୀ ଉଭୟଭାରତୀଙ୍କ ମାଧ୍ୟସ୍ଥ୍ୟରେ ଯୁକ୍ତି ତର୍କର ଉତ୍କର୍ଷତା ନିରୂପଣ କରି ମଣ୍ଡନଙ୍କର ଜୟ ପରାଜୟରେ ସ୍ୱୟଂ ଫଳଭାଗୀ ହେବେ ବୋଲି ସ୍ୱୀକୃତ ହୋଇ ଶଙ୍କରଙ୍କୁ ବିଦାୟ ଦେଇ ସ୍ୱୟଂ ତୁଷାନଳରେ ପ୍ରବେଶ କରି ତନୁତ୍ୟାଗ କଲେ ।

ଶଙ୍କର ମଣ୍ଡନଙ୍କର ପରାକ୍ରମରେ ତତ୍‌କାଳୀନ ଅଦ୍ୱିତୀୟ ମୀମାଂସକ କୁମାରିଲଙ୍କର ପରାଜୟ ଧ୍ରୁବ ଜାଣି ସ୍ୱକୀୟ ଦିଗ୍‌ବିଜୟର ପ୍ରଥମ ଏବଂ ପ୍ରଧାନ ଯୁଦ୍ଧସ୍ଥଳ ମାହିଷ୍ମତୀ ପୁରୀରେ ପଦାର୍ପଣ କରି ମଣ୍ଡନଙ୍କ ମନ୍ଦିରରେ ଉପସ୍ଥିତ ହେଲେ । କିନ୍ତୁ ପରମ ପଣ୍ଡିତ ମଣ୍ଡନ ମିଶ୍ର ସେତେବେଳେ ଗୃହର ପ୍ରବେଶଦ୍ୱାର ରୁଦ୍ଧ କରି ପିତୃଶ୍ରାଦ୍ଧରେ ବ୍ୟସ୍ତ ଥିବାରୁ ଶଙ୍କର ମାର୍ଗାନ୍ତର ନ ପାଇ ଯୋଗବଳରେ ଆକାଶ ମାର୍ଗରେ ମଣ୍ଡନମନ୍ଦିରରେ ପ୍ରବେଶ କରି ମଣ୍ଡନଙ୍କ ନିକଟରେ ସ୍ୱାଭିପ୍ରାୟ ଜ୍ଞାପନ କଲେ । ଶ୍ରାଦ୍ଧାନ୍ତେ ମଣ୍ଡନ ପତ୍ନୀଙ୍କ ମଧ୍ୟସ୍ଥତାରେ ଅଷ୍ଟାଦଶ ଦିବସବ୍ୟାପୀ ଶାସ୍ତ୍ର ବିଚାରରେ ମଣ୍ଡନ ପରାଭୂତ ହେବାରୁ ସର୍ତ୍ତାନୁସାରେ ମଣ୍ଡନଙ୍କୁ ସନ୍ନ୍ୟାସ ଗ୍ରହଣ କରିବାକୁ ହେବ ଜାଣି ତତ୍ପତ୍ନୀ ଉଭୟଭାରତୀ ଶଙ୍କରଙ୍କୁ କହିଲେ, "ଯତିରାଜ ! ପତ୍ନୀ ପତିର ଅର୍ଦ୍ଧାଙ୍ଗ, ସୁତରାଂ ମୋତେ ପରାସ୍ତ ନ କରିବା ପର୍ଯ୍ୟନ୍ତ ଆପଣଙ୍କର ଜୟ ଅପୂର୍ଣ୍ଣାଙ୍ଗ, ବୋଲି ଜାଣିବେ ।" ଏଥିରେ ଶଙ୍କର ଏକମତ ହେବାରୁ ଉଭୟଭାରତୀ ତାହାଙ୍କୁ କାମଶାସ୍ତ୍ର ବିଷୟକ କେତେକ ସମସ୍ୟାର ସମାଧାନପାଇଁ ଆମନ୍ତ୍ରଣ କଲେ । କିନ୍ତୁ ଆକୁମାର ସନ୍ନ୍ୟାସୀ ଶଙ୍କର ତତ୍‌କ୍ଷଣାତ୍ ତହିଁର ସମାଧାନରେ ପ୍ରବୃତ୍ତ ନ ହୋଇ ମାସାନ୍ତେ ସମସ୍ୟାର ଉତ୍ତର ଦେବାକୁ ପ୍ରତିଶ୍ରୁତ ହୋଇ ପ୍ରତ୍ୟାବୃତ୍ତ ହେଲେ । ଶଙ୍କର ପରକାୟ ପ୍ରବେଶ ବିଷୟରେ ସିଦ୍ଧିଲାଭ କରିଥିଲେ । କେବଳ କୌଣସି ସଦ୍ୟୋମୃତ ଭୋଗୀ ବ୍ୟକ୍ତିର ଶବ ଲାଭ କରିପାରିଲେ ତଦ୍ଗତ ହୋଇ କାମଶାସ୍ତ୍ରାବବୋଧ କରି ମଣ୍ଡନପତ୍ନୀକୃତ ସମସ୍ୟା ସମାଧାନ କରି ପାରିବେ ବୋଲି ଭାବି ସଶିଷ୍ୟ ହୋଇ ଶଙ୍କର ତତ୍‌ବିଷୟାନୁସନ୍ଧାନ କରିବାରେ ଲାଗିଲେ । ଦୈବାତ୍ କୌଣସି ରାଜଶବ ତାଙ୍କର ଦୃଷ୍ଟିଗୋଚର ହେବାରୁ ଶଙ୍କର ତଦ୍ଗତ ହୋଇ କାମଶାସ୍ତ୍ରର ଅବବୋଧ କଲେ । ତଦନନ୍ତର ଆଚାର୍ଯ୍ୟଦେବ ଯଥାସମୟରେ ମଣ୍ଡନ ମନ୍ଦିରରେ ସଶିଷ୍ୟ ଉପସ୍ଥିତ ହେଲେ । କିନ୍ତୁ ମଣ୍ଡନପତ୍ନୀ ଏତତ

ଢଂରୁ ଶଙ୍କରଙ୍କ ଅଦ୍ଭୁତ କୌଶଳ ଅବଗତ ହୋଇଥିବାରୁ ବିଶ୍ୱର ବ୍ୟକ୍ତିବେକେ ପରାଜୟ ସ୍ୱୀକାର କରି ଶାପାନ୍ତ ସମ୍ପୂର୍ଣ ହେବାରୁ ସ୍ୱଧାମ ପ୍ରସ୍ଥାନପାଇଁ ଇଚ୍ଛାପ୍ରକାଶ କଲେ । ଆଚାର୍ଯ୍ୟଦେବ ଯୋଗବଳରେ ମଣ୍ଡନ ପତ୍ନୀଙ୍କୁ ସାକ୍ଷାତ୍ ସରସ୍ୱତୀ ଦେବୀ ବୋଲି ଜାଣିପାରି ବନ୍ଧନ ମୁକ୍ତ କଲେ । ଦେବୀ ଭକ୍ତର ସ୍ତୁତିରେ ପ୍ରସନ୍ନା ହୋଇ ତତ୍ପ୍ରତିଷ୍ଠିତ ଶୃଙ୍ଗେରୀମଠରେ ଅଧିଷ୍ଠାନ କରିବାକୁ ପ୍ରତିଶ୍ରୁତି ଦେଲେ । ମଣ୍ଡନ ଏହି ବିସ୍ମୟକର ଅପାର୍ଥିବ ଘଟନା ଦର୍ଶନରେ ସ୍ତମ୍ଭିତ ହୋଇ ସନ୍ନ୍ୟାସବେଶରେ ଆଚାର୍ଯ୍ୟଙ୍କର ଅନୁଗମନ କଲେ ।

ସର୍ବଜ୍ଞ ଶଙ୍କର ଅଙ୍ଗ, ବଙ୍ଗ, କଳିଙ୍ଗ, ଗୌଡ଼, ମିଥିଳା, ନେପାଳ, କାଶ୍ମୀର, ସୌରାଷ୍ଟ୍ର, ବାହ୍ଲିକ, ନୈମିଷ, କୁରୁ, ପାଞ୍ଚାଳ ପ୍ରଭୃତି ପ୍ରଦେଶମାନ ଭ୍ରମଣକରି ନିଜର ପାଣ୍ଡିତ୍ୟ ଏବଂ ଶକ୍ତି ସାହାଯ୍ୟରେ ନାନା ଅମାନୁଷିକ ଘଟଣା ପ୍ରଦର୍ଶନ ତଥା ଉନ୍ନ ମହାବଳୀ ଦିଗ୍‌ବିଜୟୀ ପଣ୍ଡିତମାନଙ୍କୁ ପରାସ୍ତ ଏବଂ ନିରସ୍ତ କରି ଭାରତର ସର୍ବତ୍ର ଅଦ୍ୱୈତବାଦର ପୁନଃ ପ୍ରତିଷ୍ଠା କରି ଶାନ୍ତି ସଂସ୍ଥାପନ କଲେ ।

ମହାତ୍ମାମାନଙ୍କର ମୁହୂର୍ତ୍ତ ସୁଦ୍ଧା ମୂଲ୍ୟବାନ୍ । କର୍ତ୍ତବ୍ୟ ସାଙ୍ଗ ହେଲେ ସେମାନଙ୍କର ଅନ୍ତର୍ଧାନ ପ୍ରାକୃତିକ । ପୁଣି ଇତର ସାଧାରଣଙ୍କ ପକ୍ଷରେ ଯାହା ଅସମ୍ଭବ ବା ଅସାଧ୍ୟ, ସେମାନଙ୍କ ପକ୍ଷରେ ତାହା ଅକିଞ୍ଚିତ୍କର ଓ ଅଳ୍ପସମୟସାଧ୍ୟ । ଶଙ୍କର ୩୨ ବର୍ଷ ବୟଃକ୍ରମ ମଧ୍ୟରେ ମହତ୍ତ୍ୱଭାବର ସମ୍ପୂର୍ଣ୍ଣ ଶାସ୍ତ୍ର ଅନୁଶୀଳନ କରିପାରିଥିଲେ । ତେଣୁ ସେହି ନିରୂପିତ କାଳର ପରିସମାପ୍ତି ହୋଇ ଆସିବାରୁ ସହସ୍ର ସହସ୍ର ଶିଷ୍ୟ ମଧ୍ୟରେ ପ୍ରିୟତମ ସନନ୍ଦନଙ୍କୁ ପଦ୍ମପାଦାଚାର୍ଯ୍ୟ ନାମରେ ଶ୍ରୀଜଗନ୍ନାଥ କ୍ଷେତ୍ର ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠରେ, ସରସ୍ୱତୀପତି ମଣ୍ଡନମିଶ୍ରଙ୍କୁ ସୁରେଶ୍ୱରାଚାର୍ଯ୍ୟ ନାମରେ ଋଷ୍ୟଶୃଙ୍ଗାଶ୍ରମ ପ୍ରତିଷ୍ଠିତ ଶୃଙ୍ଗେରୀ ପୀଠରେ, ଶ୍ରୀବେଲି ନିବାସୀ ପ୍ରଭାକର ମୂକପୁତ୍ରଙ୍କୁ ବାକପଟୁତା ପ୍ରଦାନ କରି ହସ୍ତାମଲକାଚାର୍ଯ୍ୟ ନାମରେ ଦ୍ୱାରକା ପ୍ରତିଷ୍ଠିତ ଶାରଦା ପୀଠରେ ଏବଂ ଅନ୍ୟତମ ମହାମୂର୍ଖ ଶିଷ୍ୟ ଗିରିଙ୍କୁ ଦିବ୍ୟଜ୍ଞାନ ଦାନ କରି ତୋଟକାଚାର୍ଯ୍ୟ ନାମରେ ବଦରିକାକ୍ଷେତ୍ର ପ୍ରତିଷ୍ଠିତ ଜ୍ୟୋତିଃ ପୀଠରେ ଅଧ୍ୟକ୍ଷତା ପ୍ରଦାନ କରି ସ୍ୱୟଂ କୈଳାସ ଯାତ୍ରାକରି ସେଠାରେ ସ୍ୱଦେହରେ ଶଙ୍କର ମୂର୍ତ୍ତିରେ ଲୀନ ହେଲେ-ଶ୍ରୀଜଗଦ୍‌ଗୁରୁ ଭୋଗବର୍ଦ୍ଧନ ପୀଠାଧୀଶ ଶ୍ରୀ ୧୧୦୮ ଦଣ୍ଡୀ ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମୀଙ୍କ ପ୍ରକାଶିତ ଶଙ୍କର ଦିଗ୍‌ବିଜୟର ଓଡ଼ିଆ ଅନୁବାଦ, ପ୍ରଥମ ଖଣ୍ଡର ମୁଖବନ୍ଧରେ ଶ୍ରୀଜଗନ୍ନାଥ ରଥ କାବ୍ୟତୀର୍ଥଙ୍କ ସନ୍ଦର୍ଭ ।

ଶଙ୍କରାଦି—ସଂ. ବି—ଧଳା ଅରଖ ଗଛ (ବୃ. ଶ.)—The white flowered variety of Calotropis Gigantea plant.
Śaṅkarādi

ଶଙ୍କରାନନ୍ଦ ମଠ—ଦେ. ବି—ପୁରୀରେ ପ୍ରତିଷ୍ଠିତ ଭୋଗବର୍ଦ୍ଧନ ମଠ—Bhogabarddhana math established at Puri.
Śaṅkarānanda maṭha
শঙ্করানন্দ মঠ शङ्करानन्द मठ

[ଦ୍ର—ବ୍ରହ୍ମଚାରୀ ବାଳବ୍ରହ୍ମାନନ୍ଦ ସରସ୍ୱତୀ ନାମରେ ଜଣେ ବ୍ରହ୍ମଚାରୀ ଓଡ଼ିଶାର ରାଜା ଅନଙ୍ଗଭୀମଦେବଙ୍କ ଅମଳରେ ପୁରୀରେ ଗୋଟିଏ ମଠ ସ୍ଥାପନ କରି ତାହାକୁ ନିଜର ଶିଷ୍ୟ ଶଙ୍କରାନନ୍ଦଙ୍କ ତତ୍ତ୍ୱାବଧାନରେ ଛାଡ଼ି ଦେଇଥିଲେ । ଉକ୍ତ ଶିଷ୍ୟଙ୍କର ନାମାନୁସାରେ ତହିଁର ନାମ 'ଶଙ୍କରାନନ୍ଦ ମଠ' ହୋଇଅଛି । ଅଦ୍ୟାପି ଏହା ସେହି ନାମରେ ପରିଚିତ । ଶ୍ରୀମଦ୍‌ଭାଗବତର ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀ ଏହି ଶଙ୍କରାନନ୍ଦ ମଠ ବା ଭୋଗବର୍ଦ୍ଧନ ମଠର ଶିଷ୍ୟ । ଗଙ୍ଗବଂଶାବତଂସ ଅନଙ୍ଗଭୀମ ନରେଶଙ୍କ ରାଜତ୍ୱକାଳରେ ପୁନର୍ନବ-ପ୍ରତିଷ୍ଠିତ ଶ୍ରୀ ଜଗନ୍ନାଥଦେବଙ୍କର ବୈଧ ଅର୍ଚ୍ଚନା ବିଧି ପର୍ଯ୍ୟବେକ୍ଷଣ ନିମନ୍ତେ ଉପଯୁକ୍ତ ନୈଷ୍ଠିକ ବ୍ରହ୍ମଚାରୀଙ୍କର ଅଭାବ ପରିଲକ୍ଷିତ ହେବାରୁ ପରମ ଭାଗବତ ଉତ୍କଳ ଅଧୀଶ୍ୱର ଅନଙ୍ଗଭୀମ ଚିନ୍ତାକୁଳ ହେଲେ । ସୁତରାଂ ଭକ୍ତଚିନ୍ତାମଣିଙ୍କର ସ୍ୱପ୍ନାଦେଶରେ ନୃପଶିରୋମଣି ଶୃଙ୍ଗେରୀ ସରସ୍ୱତୀ ପୀଠରୁ ଆଗତ ଭଗବଦ୍‌ଦର୍ଶନାଭିଳାଷୀ ପରମନୈଷ୍ଠିକ ବାଳବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ଦର୍ଶନ କରି କୃତାର୍ଥ ହୋଇ ଜଗନ୍ନାଥମନ୍ଦିରର ତାବତୀୟ ଭାର ତାହାଙ୍କଠାରେ ଅର୍ପଣ କଲେ । ଅନନ୍ତର ତଚ୍ଛିଷ୍ୟ ଶ୍ରୀ ଶଙ୍କରାନନ୍ଦ ସରସ୍ୱତୀ ଜ୍ଞାନବିଜ୍ଞାନରେ ତଥା କର୍ମୋପାସନାମାର୍ଗରେ ଅନନ୍ୟସାଧାରଣ ହୋଇ ଭୋଗବର୍ଦ୍ଧନ ସ୍ୱନାମ ପ୍ରସିଦ୍ଧ ଶଙ୍କରାନନ୍ଦ ପୀଠର ପଣ୍ଡିତ ରୂପେ ଭୁବନେଶ୍ୱର ପ୍ରତିଷ୍ଠିତ କୋଟି ଲିଙ୍ଗଙ୍କର ସମସ୍ତ ସୁପରିଚାଳନ ବ୍ୟବସ୍ଥାଦାତୃତ୍ୱ ଲାଭ କଲେ । କ୍ରମେ ଶ୍ରୀକ୍ଷେତ୍ରସ୍ଥ ଶ୍ରୀ ଲୋକନାଥ ମନ୍ଦିରାଧିକାର ଏବଂ ପାର୍ବତ୍ୟାଞ୍ଚଳୀୟ କପିଳାସ କ୍ଷେତ୍ରାଦିର ଅଧିକାର ଶଙ୍କରାନନ୍ଦ ମଠାଧିକୃତ ହେଲା । ଫଳତଃ ଉତ୍କଳ ପ୍ରଦେଶସ୍ଥ ତାବତୀୟ ବଶିଷ୍ଟ ହରହର କ୍ଷେତ୍ର ଶଙ୍କରାନନ୍ଦ ମଠାଧୀନ ହେଲା ଏବଂ ତାହା ଅଦ୍ୟାପି ଅକ୍ଷୁଣ୍ଣ ରହିଅଛି । ଇଦୃଶ ଖ୍ୟାତିପ୍ରତିପତ୍ତି ପ୍ରଭାବଶାଳୀ ଶଙ୍କରାନନ୍ଦପୀଠରେ ପ୍ରାୟ ଶତାଧିକ ମହାତ୍ମାଙ୍କର ପଟ୍ଟାନ୍ତର ହୋଇଯାଇ ଅଛି । ବୈକୁଣ୍ଠଗତ ପରମକୀର୍ତ୍ତିମାନ୍ ନିଷ୍ଠାପର ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ପରେ ରାମକୃଷ୍ଣାନନ୍ଦ ଏବଂ ଶିବାନନ୍ଦଙ୍କର ତିରୋଧାନ ହୋଇ ଯାଇଅଛି । ବର୍ତ୍ତମାନ ଶଙ୍କର ୧୧୦୮ ଶ୍ରୀ ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମିପାଦ ପ୍ରୋକ୍ତ ପୀଠର ଅଧୀଶରୂପେ ଅଧିଷ୍ଠିତ ହୋଇଅଛନ୍ତି ।]

ଶଙ୍କରାବାସ—ସଂ. ବି (ଶଙ୍କର + ଆବାସ; ୬ଷ୍ଠୀ ତତ୍)—୧ । ମହାଦେବ-ପୁର; କୈଳାସ—1. The Kailāsa mountain. ୨ । (କୈଳାସ ପର୍ବତ ପରି ଶୁଭ୍ର) କର୍ପୂର—2. Camphor.
Śaṅkarābāsa
(ଶଙ୍କରାଳୟ—ଅନ୍ୟରୂପ)

ଶଙ୍କରାଭରଣ—ଦେ. ବି—ରାଗିଣୀବିଶେଷ—Name of a metre.
Śaṅkarābharaṇa (ରାଗ ତଳେ ନୋଟ୍ ଦେଖ)

[ଦ୍ର—ଏହାର ପ୍ରଥମ ପାଦ ୧୪ ଅକ୍ଷର, ୨ୟ ପାଦ ୧୪ ଅକ୍ଷର, ତୃତୀୟ ପାଦ ୮ ଅକ୍ଷର ଓ ୪ର୍ଥ ପାଦ ୧୪ ଅକ୍ଷର ଅଟେ । ଏହା ଆନନ୍ଦଭୈରବୀ ରାଗର ଅନୁରୂପ । ଲାବଣ୍ୟବତୀର ସପ୍ତଦଶ ଛାନ୍ଦ ଏହି ରାଗିଣୀରେ ରଚିତ ।

ଯଥା—

ବହୁତ ଲଗିଲି ଯାଇ ଶଙ୍କରାବାସରେ
ସାଧବସୁନ୍ଦରୀମାନେ ଅତି ପ୍ରମୋଦରେ
ଗଲେ ବହୁତ ବଜାଇ
ଅର୍ଘ୍ୟସ୍ଥାଳୀମାନ କରେ ହୁଳହୁଳି ଦେଇ ।]

ସଂ. ବି—ସଙ୍ଗୀତ ଶାସ୍ତ୍ରର ଏକପ୍ରକାର ରାଗ—A kind metre. [ଦ୍ର—ଏ ନଟନାରାୟଣ ରାଗର ସ୍ତ୍ରୀ । ଏହା ଗାଇବାର ସମୟ ପ୍ରଭାତ ଓ ମତାନ୍ତରରେ ସାୟଂକାଳରେ ୧୬ ଠାରୁ ୨୦ ଦଣ୍ଡ ପର୍ଯ୍ୟନ୍ତ ସମୟ ।]

ଶଙ୍କରାହ୍ୱା—ସଂ. ବି—ଶମୀ ବୃକ୍ଷ (ହ. ଶ)—
Śankarāhwā The spung tree.

ଶଙ୍କରୀ—ସଂ. ବି. ସ୍ତ୍ରୀ—(ଶଙ୍କର+ଈ) ୧ । ପାର୍ବତୀ—1. Goddess Śankarī Pārbatī. ୨ । (ବୈଦ୍ୟକ) ଶମୀକ ଗଛ (ଦେଖ) 2. Śamīka gachha (See); Prosopis Spicigera (tree). ୩ । ମଞ୍ଜିଷ୍ଠା—3. Indian madder (tree) ୪ । ମାଳବକୋଶ ରାଗର ସହଚରୀ ରାଗିଣୀ ବିଶେଷ--4.Name of a secondary tune.
ସଂ. ବଣ. ସ୍ତ୍ରୀ—ଶଙ୍କରର ସ୍ତ୍ରୀ—Feminine of Śankara.
ଦେ. ବି. ସ୍ତ୍ରୀ—ଶୁଭଦାୟିନୀ ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—A name given to females.

ଶଙ୍କ(ଙ୍କୁ)ରୁ—ଦେ. ବି. ପୁଂ—(ଆଦରାର୍ଥକ) ଶଙ୍କର ନାମର ଡାକ ନାମ । Śanka(nku)ru Name given to male persons. शंकर शङ्कर [ଶଙ୍କୁ—ଅନ୍ୟରୂପ]

ଶଙ୍କର୍ଷଣ—ସଂ. ବି—୧ । ବିଷ୍ଣୁ (ହ.ଶ) 1. Bishṇu ୨ । ରୋହିଣୀଙ୍କ Śankarshaṇa ପୁତ୍ର (ହ. ଶ) 2. Name of the son of Rohiṇī.

ଶଙ୍କା—ସଂ. ବି. ସ୍ତ୍ରୀ—(ଶଙ୍କ୍ ଧାତୁ+ଭାବ. ଅ+ଆ)—ତ୍ରାସ; ଭୟ—Śankā Dread; fear; apprehension. ୨ । ଆଭି; ହଠାତ୍ ଭୟ—2. Alarm; fright; panic. ୩ । ସଂଶୟ; ସନ୍ଦେହ—3. Doubt; suspicion. ୪ । ବିତର୍କ—4. Conjecture; inference. ୫ । ସମ୍ଭାବନା—5. Possibility; probability. (ଉ—ଯେଉଁଠାରେ ଶତ୍ରୁକ ଭୂମି ହୋଇଥିଲା, ସେହିଠାରେ ତାଙ୍କର ଜୟାଶଙ୍କା ହେଲା । କୃଷ୍ଣସିଂହ. ମହାଭାରତ-ସଭା.) ୬ । ସାହିତ୍ୟରେ ସଞ୍ଚାରଭାବ ବିଶେଷ; ଆପଣାର କୌଣସି ଅନୁଚିତ ବ୍ୟବହାର ବା ଅନ୍ୟାୟାଚରଣରୁ ଉତ୍ପନ୍ନ ଇଷ୍ଟହାନିର ଚିନ୍ତା (ହ. ଶ)—6. Fear or apprehension of injury or loss on account of one's improper act.

ଶଙ୍କା(ଙ୍କେ)ଇବା—ଦେ. କି (ସଂ. ଶଙ୍କ୍ ଧାତୁ ଣିଚ୍; ଶଙ୍କିବାର ଣିଜନ୍ତ Śankā(nke)ibā ରୂପ)—୧ ଶଙ୍କିତ କରାଇବା; ଡରାଇବା—ভয় দেখান 1. To frighten. [ଉ—ଉନ୍ମା । ମେରୁ शङ्का कराना ଉପମା ଶଙ୍କାଇବ । ଉଷ. ପ୍ରେମସୁଧାନିଧି ।] ୨ । ସନ୍ଦେହ ଜନ୍ମାଇବା; ସନ୍ଦେହ କରାଇବା—2. To raise suspicion; to cause doubt.

ଶଙ୍କାକର—ସଂ. ବଣ (ଶଙ୍କା+କୃ. ଧାତୁ+କର୍ତ୍ତୃ. ଅ;)—Śankākara ୧ । ଭୟଜନକ—1. Producing fear; alarming. ୨ । ସନ୍ଦେହଜନକ—2. Producing doubt.

ଶଙ୍କା କରିବା—ଦେ. କି—୧ । ଶଙ୍କିତ ହେବା; ମନରେ ଭୀତହେବା—Śankā karibā 1. To fear; to apprehend; to শঙ্কা করা शङ्का करना dread. ୨ । ସନ୍ଦେହ କରିବା—2. To suspect.

ଶଙ୍କାକୁଳ—ସଂ. ବଣ. ପୁଂ—(ଶଙ୍କା+ଆକୁଳ; ୩ୟାତତ୍)—ଭୟାକ୍ରାନ୍ତ Śankākula ଶଙ୍କିତ—Alarmed; filled with panic; (ଶଙ୍କାକୁଳିତ—ଅନ୍ୟରୂପ) apprehensive.
ଶଙ୍କାକୁଳା, ଶଙ୍କାକୁଳିତା—ସ୍ତ୍ରୀଲିଙ୍ଗ

ଶଙ୍କା ଜନକ—ସଂ. ବଣ—(ଶଙ୍କା+ଜନକ; ଉପପଦ ତତ୍ ପୁରୁଷ)—Śankā janaka ଭୀତି ଉତ୍ପାଦକ—Alarming.

ଶଙ୍କା ଦାତା—ସ. ବଣ. ପୁଂ—୧ । ଯେ ମନରେ ଭୟ ଜନ୍ମାଏ—Śankā dātā 1. Raising fear in anothr's mind; alarming. ୨ । ଯେ ସନ୍ଦେହ ଜାତ କରାଏ—2. Raising doubt or suspicion.
(ଶଙ୍କାଦାତ୍ରୀ—ସ୍ତ୍ରୀ)

ଶଙ୍କା ଦେବା—ଦେ. କି—ଅନ୍ୟର ମନରେ ଭୟ ଉତ୍ପାଦନ କରିବା—Śankā debā শঙ্কা দেওয়া शङ्का देना To alarm a person.

ଶଙ୍କାନ୍ୱିତ—ସ. ବଣ. ପୁଂ—(ଶଙ୍କା+ଅନ୍ୱିତ=ଯୁକ୍ତ, ୩ୟାତତ୍)—Śankānwita ୧ । ଭୟାନ୍ୱିତ; ଭୀତ; ତ୍ରସ୍ତ—1. Alarmed; filled with fear. ୨ । ସନ୍ଦିହାନ—2. Doubting; suspecting.
(ଶଙ୍କାନ୍ୱିତା—ସ୍ତ୍ରୀ)

ଶଙ୍କା ଭୂମି—ସ. ବି. (୬ଷ୍ଠୀତତ୍) ୧ । ଭୟଜନକ ଦ୍ରବ୍ୟ—1. Object Śankā bhūmi of fear. ୨ । ଶଙ୍କାର ସ୍ଥାନ ବା ବିଷୟ; ଭୟଜନକ ସ୍ଥାନ—2. A ground of fear.

ଶଙ୍କା ଯୁକ୍ତ—ସ.ବଣ ପୁଂ—(ଶଙ୍କା+ଯୁକ୍ତ; ୩ୟାତତ୍)—ଶଙ୍କାନ୍ୱିତ—Śankā jukta (ଶଙ୍କାଯୁକ୍ତା—ସ୍ତ୍ରୀ) Alarmed.

ଶଙ୍କା ରହିତ—ସ. ବଣ—(ଶଙ୍କା+ରହିତ; ୩ମୀତତ)—୧ । ନିଃଶଙ୍କ; Śankā rahita ନିର୍ଭୟ—1. Fearless. ୨ । ସନ୍ଦେହରହିତ; 2. Doubtless; free from doubt.
(ଶଙ୍କା ରହିତା—ସ୍ତ୍ରୀ) (ଶଙ୍କାରାହିତ୍ୟ—ବି)

ଶଙ୍କାରି—ପ୍ରାଦେ.(ଗଞ୍ଜାମ)ବି.—ଗଞ୍ଜାମ ଜିଲ୍ଲାର ଶୂଦ୍ର ଜାତି ବିଶେଷ—Śankāri A caste of Śūdras in the district of Ganjām

ଶଙ୍କାଶୀଳ—ସ. ବଣ.—ଶଙ୍କିତ ପ୍ରକୃତି ବିଶିଷ୍ଟ — Timorous Śankāśīla (ଶଙ୍କାଶୀଳା—ସ୍ତ୍ରୀ) timid.

ଶଙ୍କା ସୂଚକ—ସ.ବଣ (୬ଷ୍ଠୀତତ୍) ୧ । ଭୀତିବ୍ୟଞ୍ଜକ—1. Indicating fear. ୨ । ଭୟଜ୍ଞାପକ—Śankā sūchaka 2. Signifying danger.

ଶଙ୍କାସ୍ପଦ—ସଂ. ବି.—(ଶଙ୍କା+ଆସ୍ପଦ; ୬ଷ୍ଠୀତତ୍)—୧ । ଶଙ୍କାଭୂମି; Śaṅkāspada ଯାହାକୁ ଭୟ କରାଯାଏ—1. Object of fear or dread. ୨ । ଯାହା ସମ୍ବନ୍ଧରେ ସର୍ବଦା ଶଙ୍କିତ ହେବାକୁ ହୁଏ; ଶଙ୍କାମୟ ବିଷୟ ବା ବ୍ୟକ୍ତି—2. Object of suspicion.

ଶଙ୍କା ହର—ସଂ.ବିଣ ପୁଂ—(ଶଙ୍କା+ହୃ ଧାତୁ=ହରଣ କରିବା+କର୍ତ୍ତୃ.ଅ) Śaṅkā hara ଭୟ ନାଶକ—Dispelling fear or suspicion; freeing a person from dread or doubt.
ଶଙ୍କାହରା—ସ୍ତ୍ରୀ

ଶଙ୍କା ହରଣ—ସଂ.ବି.—(ଶଙ୍କା+ହରଣ; ୬ଷ୍ଠୀ ତତ୍)—ଶଙ୍କା ବା ଭୟର Śaṅkā haraṇa ନାଶ—Dispelling of doubt.

ଶଙ୍କାହୀନ—ସଂ. ବିଣ. ପୁଂ—(ବହୁବ୍ରୀହି) ଭୟଶୂନ୍ୟ—Fearless. Śaṅkāhina (ଶଙ୍କାହୀନା—ସ୍ତ୍ରୀ ଶଙ୍କାହୀନତା—ବି)

ଶଙ୍କି—ଦେ. ବି.—ଶଙ୍ଖି (ଦେଖ) Śaṅki Śaṅkhi (See)

ଶଙ୍କିତ—ସଂ. ବିଣ. ପୁଂ—(ଶଙ୍କା+ଇତ; ସଞ୍ଜାତାର୍ଥେ)—୧ । ଭୀତ; Śaṅkita ତ୍ରସ୍ତ—1. Terrified; alarmed; frightened; afraid. ୨ । ସନ୍ଦିଗ୍ଧ—2. Doubting; doubtful; suspecting. ୩ । ଅବିଶ୍ୱସ୍ତ—3. Untrustworthy ୪ । (ଶଙ୍କ୍ ଧାତୁ+କର୍ମ.ତ)—ବିତର୍କିତ-4. Suspected; conjectured. ୫ । ଅନିଶ୍ଚିତ; ସନ୍ଦେହଯୁକ୍ତ (ହ୍ର.ଶ)—5. Uncertain; doubtful. (ବୈଦ୍ୟକ)—ବି—ଚୋର ନାମକ ଗନ୍ଧଦ୍ରବ୍ୟ—A scented herb; Andropogen Acicularis.

ଶଙ୍କିତ ବର୍ଣ୍ଣ—ସଂ. ବି. (ଶଙ୍କିତ=ଭୀତ+ବର୍ଣ୍ଣ=ଜାତି;ଯେଉଁ ଶ୍ରେଣୀର Śaṅkita barṇṇa ବ୍ୟକ୍ତି ସର୍ବଦା ଧରା ପଡ଼ିବାର ଶଙ୍କାଦ୍ୱାରା ତ୍ରସ୍ତ; ଅଥବା ଶଙ୍କିତ=ଭୟଯୁକ୍ତ+ବର୍ଣ୍ଣ=ବାକ୍ୟ ଯାହାର; ଯେ ଡର ଡର କଥା କହେ ବା ପାଠ କରେ ନାହିଁ)—ଚୌର, ତସ୍କର; ଚୋର—Thief.

ଶଙ୍କିଣି(ନି)—ଦେ. ବି. ପୁଂ—(ସଂ. ଶକୁନି)—ଦୁର୍ଯ୍ୟୋଧନଙ୍କ ମାମୁଁ; Śaṅkiṇi(ni) শকুনি शकुनि ଶକୁନି (ଦେଖ)—The maternal uncle of King Durjyodhana Śakuni (See)—;

ପୁଂ ଓ ସ୍ତ୍ରୀ—ପରଘରେ ଅଶାନ୍ତି ଲଗାଇବା ବ୍ୟକ୍ତି—A person শকুনিমামা शकुनिमामा who foments quarrel in another's family.

ସ୍ତ୍ରୀ—(ସଂ. ଶାକିନୀ)—୧ । (ଗାଳି) ଡାଆଣୀ; ନୀଚ ସ୍ତ୍ରୀ ଲୋକ । শাকিনী शंखिनी 1. (abuse) A mean or wicked woman; a witch. ୨ । ଉପଦେବତା ବିଶେଷ—2. A class of wicked female ghosts.

ଶଙ୍କିତବ୍ୟ—ସଂ.ବିଣ. ପୁଂ (ଶଙ୍କ୍ ଧାତୁ+କର୍ମ. ତବ୍ୟ)—ଶଙ୍କନୀୟ—Śaṅkitabya Deserving to be feared or (ଶଙ୍କିତବ୍ୟା—ସ୍ତ୍ରୀ) suspected.

ଶଙ୍କିବା—ଦେ. କ୍ରି.—(ସଂ.ଶଙ୍କ୍ ଧାତୁ)—୧ । ଭୟ କରିବା; ଭୀତହେବା—Śaṅkibā শঙ্কা করা शंक करना 1. To fear; to dread. [ଉ—ତାଙ୍କର ସାମର୍ଥ୍ୟକୁ ଜାଣିଣ ଶଙ୍କିଲେ—କୃଷ୍ଣସିଂହ, ମହାଭାରତ, ବନପର୍ବ] ୨ । ସନ୍ଦେହ କରିବା—2. To শঙ্কিত হওয়া suspect. ୩ । (ସଂ. ସଙ୍କୋଚ)—କୌଣସି କାର୍ଯ୍ୟ सकुचना କରିବାକୁ ପଛଘୁଞ୍ଚା ଦେବା; ସଙ୍କୋଚ ବୋଧ କରିବା ବା ପଶ୍ଚାତ୍‌ପଦ ହେବା—3. To shrink from doing a thing; to fight shy of a matter.

(ଉ—ବନ୍ଦ କହେ ବନ୍ଦୀ କପି ଇନ୍ଦ୍ରଜିତ ଶଙ୍କି—ବିଶ୍ୱନାଥ, ବିଚିତ୍ରରାମାୟଣ) ୪ । ଲଜ୍ଜାବୋଧକରିବା—4. To feel shy.

ଶଙ୍କି ଯିବା—ଦେ. କ୍ରି—ଶଙ୍କିବା (ଦେଖ)—Śaṅkibā (See). Śaṅki jibā (ଉ—ଦେଖି ଶଙ୍କିଯାନ୍ତି ଗ୍ରାମ୍ୟଲୋକେ ଡରମର ভয়পাওয়া ପଳାଇଯାନ୍ତି ଥୋକେ—ଫକୀରମୋହନ, ଛମାଣ ଅଠଗୁଣ୍ଠ)

ଶଙ୍କୁ—ସଂ. ବି (ଶ ଧାତୁ+ଅଧାବାନେ ଉ; ଯାହାଯୋଗୁ ଲୋକେ ଭୀତ Śaṅku ହୁଅନ୍ତି)—୧ । ମୁନିଆ ଅସ୍ତ୍ରବିଶେଷ; ତେଶ୍ଳା; ମୁନା—1. A pointed weapon; harpoon. ୨ । ଶେଲ; ଠେଲ; ବର୍ଚ୍ଛା; ଭାଲ—2. Spear. javelin. ୩ । ଶଲ୍ୟ; ବାଣ—3. Arrow; dart. ୪ । କୀଳକ; ଖିଲ; ଖିଳା; ମେଖ—4. A peg; a stake. ୫ । ଖୋଜଣା; ମୁନିଆଖୁଣ୍ଟ; ଶୂଳ—5. A pointed stake. ୬ । ବାର ଅଙ୍ଗୁଳ ଲମ୍ବର କାଠି; ମାପିବାରେ ବ୍ୟବହୃତ ମାପ କାଠି—6. A rod measuring 12 digits or about 10 inches; a measuring rod. ୭ । ଘଣ୍ଟାଯନ୍ତ୍ରର ସମୟ-ଜ୍ଞାପକ କଣ୍ଟା—7. The index or hand of a timepiece; the hands of a dial. ୮ । ସ୍ଥାଣୁ; ଥୁଣ୍ଟା ଗଛ—8. The stump of a lopped-off tree; pollard. ୯ । ଶିବ; ମହାଦେବ—9. God Śiba. ୧୦ । ବିକ୍ରମାଦିତ୍ୟ ରାଜାଙ୍କ ସଭାର ନବରତ୍ନ (ପଣ୍ଡିତ) ମଧ୍ୟରୁ ଜଣେ—10. Name of one of the 9 poet-laureates or Jewels of the court of king Bikramāditya ୧୧ । (ଗଣିତ) ସଂଖ୍ୟାବିଶେଷ; ଲୀଳାବତୀ ଅନୁସାରେ ଦଶ ଲକ୍ଷ କୋଟି ସଂଖ୍ୟା; ୧ର ପରେ (ହ୍ର. ଷ)—11. Name of a mathematical number; 10 trillions. [ଦ୍ର—୧ ସଂଖ୍ୟା ପରେ ୧୩ଟି ଶୂନ୍ୟ ଦେଲେ ଏ ସଂଖ୍ୟା ହେବ] ୧୨ । ଶଙ୍କୁଚ, ମତ୍ସ୍ୟବିଶେଷ; ଶାଙ୍କୁଚମାଛ—12. The stinging ray; the sea devil; uraria Picta. ୧୩ । ପାପ, କଳୁଷ—13. Sin. ୧୪ । ପୁଂ ଚିହ୍ନ, ଲିଙ୍ଗ, ମେଢ୍ର 14. Penis; the male organ of generation; Pudendum oirile.

୧୫ । ଶ୍ୱେତ ନାମକ ଗନ୍ଧଦ୍ରବ୍ୟ; ଶ୍ୱେତଭ— 15. A scented herb; Andropogen Aciculates. ୧୬--ବଲ୍ମୀକ; ଢୁଙ୍କ । 16. Ant-hill. ୧୭ । ଭୂତ—17. Ghost; goblin; gnome. ୧୮ । ହଂସ (ହ୍ର. ଶ)—18. A swan; gander. ୧୯ । କନ୍ଦର୍ପ—19. Cupid. ୨୦ । ଶିବଙ୍କ ଅନୁଚର ଗଣଙ୍କ ବିଶେଷ । 20. Name of an attendant of God Śiba; a demigod. ୨୧ । (+ଭୀ.ତ୍ର) ଶଙ୍କା; ଭୟ; ତ୍ରାସ—21. Fear; fright; alarm. ୨୨ । ପତ୍ରର ଶିରା—22. The fibres or ridges of a leaf. ୨୩ । ବିକ୍ରମାଦିତ୍ୟଙ୍କ ବଡ଼ ଭାଇ— 23. Name of a king; elder brother of King Bikramāditya.

[ଦ୍ର—ଏ ମହାରାଜ ବିକ୍ରମାଦିତ୍ୟଙ୍କ ବଡ଼ଭାଇ । ଏ ପ୍ରଥମେ ରାଜା ହୋଇଥିଲେ; କିନ୍ତୁ ପରେ ଅତ୍ୟନ୍ତ ପାପାସକ୍ତ ଓ ଅତ୍ୟାଚାରୀ ହୋଇ ଉଠିଲେ ଓ ବିକ୍ରମାଦିତ୍ୟଙ୍କୁ ମାରି ପକାଇବାକୁ ଚେଷ୍ଟା କରି ତାଙ୍କର ହସ୍ତରେ ଶେଷରେ ନିହତ ହେଲେ ।]

୨୪ । ତ୍ରିଶଙ୍କୁ ନାମକ ରାଜା; ସୂର୍ଯ୍ୟବଂଶୀୟ ରାଜା ହରିଶ୍ଚନ୍ଦ୍ରଙ୍କ ପିତା—24. Name of the father of King Harischandra of the solar dynasty of ancient Oudh. ୨୫ । କଣ୍ଟୀ ନାମକ ଗନ୍ଧଦ୍ରବ୍ୟ— (ହ୍ର. ଶ) 25. Shell of fasciolaria. ୨୬ । ଜୁଆ ଖେଳର ବାଜି (ହ୍ର. ଶ)—26. A stake in a game at hazard. ୨୭ । ଉଗ୍ରସେନଙ୍କ ଏକପୁତ୍ର (ହ୍ର. ଶ)—27. Name of a son of Ugrasena. ୨୮ । ଶୂଳ; ଅଗ ସରୁ ଓ ମୂଳ ମୋଟଥିବା ଖୁଣ୍ଟି (ହ୍ର. ଶ) 28. A post with a tapering top. ୨୯ । ବୃକ୍ଷ ଅବର ଭୂମିରୁ ରସ ଶୋଷିବା ଶକ୍ତି (ହ୍ର. ଶ)— 29. The power of vegetables to draw juice from the ground. ୩୦ । ଖୁଣ୍ଟି; ଛୋଟ ଖୁଣ୍ଟ (ହ୍ର. ଶ)—30. Small pillar; post. ୩୧ । ରାକ୍ଷସ (ହ୍ର. ଶ)—31. Demon ୩୨ । ବିଷ (ହ୍ର. ଶ)—32. Poison. ୩୩ । ପ୍ରାଚୀନକାଳର ବାଦ୍ୟବିଶେଷ (ହ୍ର. ଶ)—33. Name of an ancient musical instrument.

ଶଙ୍କୁ ଶଙ୍କୁ ଦେ. ବି.—୧ । ଭୂମିକୁ ଚିହ୍ନଟ କରିବା ପାଇଁ ଭୂଇଁରେ ପୋତା ଯିବା ଖୁଣ୍ଟି—1. A peg driven into the ground as a landmark. ୨ । କୌଣସି ଜମି ମାପ କରି ଚିହ୍ନଟ କରିବା ପାଇଁ ସ୍ଥିର କରାଯିବା ସ୍ଥାନର ଅଳ୍ପ ଦୂରରେ ସ୍ଥିତ କୌଣସି ସ୍ଥାୟୀ ଚିହ୍ନ, ଯେଉଁ ଚିହ୍ନଠାରୁ ମାପ କରି ଖୋଜା ଯାଉଥିବା ଜମିକୁ ନିର୍ଣ୍ଣୟ କରାଯାଏ— 2. A permanent object or landmark (e. g. a temple, an old tree) which is taken to be the starting point of measurement to find out the identity of any plot of land. ୩ । କୌଣସି ବସ୍ତୁକୁ ଅନ୍ୟ ବସ୍ତୁଠାରୁ ଚିହ୍ନାଇବା ପାଇଁ ତହିଁରେ ଥିବା ବିଶେଷ ଚିହ୍ନ— 3. A distinguishing mark attached to a thing. ୪ । ଦୁଇ ଜମିର ସୀମା ଚିହ୍ନାଇବା ପାଇଁ ପୋତା ଯାଇଥିବା ସ୍ତମ୍ଭ ବା ପ୍ରସ୍ତରଖଣ୍ଡ—4. Boundary post. ୫ । ଯେଉଁ ନିର୍ଦ୍ଦିଷ୍ଟ ଚିହ୍ନରୁ ଜମିର ମାପ ଆରମ୍ଭ କରାଯାଏ ।—5. The starting point in a surveying.

ଶଙ୍କୁଅ—ଦେ.ବି.—(ସଂସଙ୍କ୍ରମ)—ନଦୀ ଓ ଗୋଡ଼ଣ୍ଡା ଅବରୁ ପାଣି ବୋହି Śankua ଯିବା ପାଇଁ ଓ ଉପରେ ଲୋକ ଯିବ ଆସିବା ପାଇଁ সাংকো পুল, সাঁকু ନିର୍ମିତ ହୋଇଥିବା ପୋଲ; ସେତୁ—A bridge; culvert.

ଶଙ୍କୁକର୍ଣ୍ଣ—ସଂ. ବି—(ଶଙ୍କୁ=ଖିଳକ ପରି ଠିଆ ହୋଇଥାଏ କର୍ଣ୍ଣ Śanku karnna ଯାହାର; ବହୁବ୍ରୀ)—୧ । ଗର୍ଦ୍ଦଭ; ଗଧ— [ଶଙ୍କୁକର୍ଣ୍ଣୀ—ଅନ୍ୟରୂପ] 1. The ass. ୨ । ରାକ୍ଷସବିଶେଷ— 2. Name of a demon. ୩ । ମହାଦେବ ଲିଙ୍ଗ ବିଶେଷ—3. The name of a Śiba Linga. [ଭି—ଶଙ୍କୁକର୍ଣ୍ଣ ମହାଦେବଙ୍କୁ ଯେ ପୂଜନ୍ତି ଦଶ ଅଶ୍ୱମେଧର ଫଳ ସେ ଲଭନ୍ତି । କୃଷ୍ଣସିଂହ, ମହାଭାରତ ବନ ।] ସଂ. ବିଣ. ପୁଂ—ଯାହାର କାନ ଖିଲା ପରି ଠିଆ ହୋଇଥାଏ—Having the ears standing erect like pegs.

ଶଙ୍କୁଚି—ସଂ. ବି.—(ଶଙ୍କ୍ ଧାତୁ+ଅପାଦାନେ. ଉଚି)—ଶାଙ୍କୁଚ ମାଛ Śankuchi (ଦେଶ)—The ray or sea-devil fish trygon; stingray.

ଶଙ୍କୁଚ୍ଛାୟା—ସଂ. ବି—ପ୍ରାଚୀନକାଳର ୧୨ ଅଙ୍ଗୁଳ ଲମ୍ବ ଏକ ସୂକ୍ଷ୍ମ Śankuchchhāyā ଖୁଣ୍ଟି, ଯାହାର ଛାୟାଦ୍ୱାରା ସମୟର ପରିମାଣ ଜଣା ଯାଉଥିଲା [ହ୍ର. ଶ.]—A pointed stake 12 digits long with the help of the shadow of which, the time of the day could be ascertained in ancient India.

ଶଙ୍କୁଡ଼ି—ଦେ. ବି. ଓ ବିଣ—ଶଙ୍ଖୁଡ଼ି (ଦେଖ) Śankurdi Śankhurdi (See)

ଶଙ୍କୁଣି(ନି)—ଦେ. ବି.—ଶଙ୍କିନି (ଦେଖ) Śankuni(ni) Śankini (See)

ଶଙ୍କୁତରୁ—ସଂ. ବି.—ଶାଳବୃକ୍ଷ (ହ୍ର. ଶ.) Śanku taru Shorea Robusta (tree). [ଶଙ୍କୁ ବୃକ୍ଷ—ଅନ୍ୟରୂପ]

ଶଙ୍କୁଦ୍ୱାର—ସଂ. ବି (ନାମ)—ଗୁଜରାଟ ସମୀପସ୍ଥ ଏକ କ୍ଷୁଦ୍ର ଦ୍ୱୀପ, Śanku dwāra ଯେଉଁଠାରେ ଶଙ୍କୁ ନାମକୃଷ୍ଣଙ୍କ ମୂର୍ତ୍ତି ଅଛି [ହ୍ର. ଶ.]—Name of an islet off the coast

of Gujerat where an image of Bishṇu is worshipped.

ଶଙ୍କନ—ଦେ. ବି—(ସଂ. ଶକୁନ)—ଶକୁନ; ଶୁଭାଶୁଭସୂଚକ ଚିହ୍ନ— Śaṅkuna शकुन Omen; premonitory signs or indications. [ଦ୍ର—ଛିଙ୍କ ପଡ଼ିଲା ଆଗମନ, ମୋର କହିବା ଏ ଶଙ୍କୁନ । ବୃହତ. ପ୍ରେମପଞ୍ଚାମୃତ ।]

—ନାରାୟଣ—ସଂ. ବି.—(ନାମ)—ଶଙ୍କୁଦ୍ୱାର ଦ୍ୱୀପରେ ପ୍ରତିଷ୍ଠିତ Śaṅku nārāyaṇa ନାରାୟଣ ମୂର୍ତ୍ତି (ହ୍ରି. ଶ.)—The image of Bishṇu in the islet of Śaṅkudwāra.

ଶଙ୍କୁ(ଙ୍କି)ଣୀ—ଦେ. ବି—୧ । (ପୁଂ) ଶକୁନି; ଦୁର୍ଯ୍ୟୋଧନଙ୍କ ମାମୁଁ— Śaṅku(ṅki)ṇi 1. The maternal uncle of Durjyodhana. ୨ । (ସ୍ତ୍ରୀ) ଶଙ୍ଖିନୀ ୨ (ଦେଖ) 2. Śaṅkhinī 2 (See)

ଶଙ୍କୁଣୀ ଡ(ଡା)ଙ୍କୁଣୀ—ଦେ. ବି. (ସ୍ତ୍ରୀ)—(ଗାଳିରେ ବ୍ୟବହୃତ—ସଂ. Śaṅkuni ḍa(ḍā)ṅkuṇi ଶଙ୍ଖିନୀ+ଡାକିନୀ)—କଳ ପିଶାଚୀ— A female devil.

ଶଙ୍କୁନ୍ୟ—ଗ୍ରା. ବି.—(ସଂ. ଶକୁନ)—ଶକୁନ (ଦେଖ) Śaṅkunya Śakuna (See)

ଶଙ୍କୁ ପଟ୍ଟ—ସଂ. ବି—୧ । ଶଙ୍କୁ ଯନ୍ତ୍ରର ବା ସୂର୍ଯ୍ୟଘଟିକାର ଉପରେ ଥିବା Śaṅku patta ପଟ୍ଟା—The dial or face of a sundial. ୨ । ସୂର୍ଯ୍ୟ ଘଟିକା—2. The sundial.

ଶଙ୍କୁ ଫଣୀ—ଗ୍ରା. ବି—(ସଂ. ଶଙ୍କୁଫଣୀନ୍)—ଜଳଚର (ହ୍ରି. ଶ.)= Śaṅku phaṇi An aquatic animal.

ଶଙ୍କୁଫଲୀ—ସଂ. ବି (ଶଙ୍କୁ+ଫଲ+ଇନ୍; ୧ମା. ୧ବ)—ସଫେଦ Śaṅkuphali ବବୁର ଗଛ (ହ୍ରି. ଶ)—The white (ଶଙ୍କୁଫଲିକା—ଅନ୍ୟରୂପ) variety of Acacia Arabica.

ଶଙ୍କୁ ମୁଖ—ସଂ. ବି (ବହୁବ୍ରୀହି)—୧ । କୁମ୍ଭୀର (ହ୍ରି. ଶ)— Śaṅku mukha 1. Alligator. ୨ । ମୂଷା (ହ୍ରି. ଶ)— 2. Mouse.

ଶଙ୍କୁମୁଖୀ—ସଂ. ବି (ଶଙ୍କୁ+ମୁଖ+ଇନ୍)—ଜୋକ (ହ୍ରି. ଶ) Śaṅkumukhi Leech.

ଶଙ୍କୁ ଯନ୍ତ୍ର—ସଂ. ବି—ସୂର୍ଯ୍ୟଘଟିକା—The sundial. [ଦ୍ର—ଏହି Śaṅku jantra ଘଟିକାର ପଟ୍ଟ ଉପରେ ଗୋଟିଏ କାଠି (ଶଙ୍କୁ) ଠିଆଭାବରେ ଯୋଡ଼ା ହୋଇଥାଏ ଓ ଏହି ଶଙ୍କୁର ଛାଇ ପଟ୍ଟ ଉପରେ ଚିହ୍ନିତ ସ୍ଥାନରେ ପଡ଼ିତ ହୋଇ ସମୟ ଜ୍ଞାପନ କରେ ।]

ଶଙ୍କୁର—ସଂ. ବିଣ. ପୁଂ (ଶଙ୍କ୍ ଧାତୁ+୫ମୀ. ଉର)—ଭୟଙ୍କର— Śaṅkura Terrific. ସଂ. ବି—ପୌରାଣିକ ଦାନବ ବିଶେଷ (ହ୍ରି. ଶ)—Name of a demon.

ଶଙ୍କୁରି—ଗ୍ରା. ବି ଓ ବିଣ (ଟୁଡ଼ିଙ୍କ ବ୍ୟବହୃତ ଶବ୍ଦ)—ଶଙ୍ଖୁଡ଼ି Saṅkuri (ଦେଖ)—Śaṅkhuṛdi. (See)

ଶଙ୍କୁଲା—ସଂ. ବି (ଶଙ୍କ୍ ଧାତୁ+ ଅପାଦାନେ. ଉଳ; କର୍ମା ଶଙ୍କୁ+ Śaṅkulā ସ୍ୱାର୍ଥେ. କ;+ଆ)—ଗୁଆକାତି—A nutcracker.

ଶଙ୍କୁଲିବା—ଦେ. କ୍ରି—ଶଙ୍ଖୁଳିବା (ଦେଖ) Śaṅkuḷibā Śaṅkhuḷibā. (See)

ଶଙ୍କୋଚ—ସଂ. ବି (ଶଙ୍କ୍ ଧାତୁ+ଅପାଦାନେ. ଓଚ)—ଶାଙ୍କୁଚ ମାଛ Śaṅkocha (ଦେଖ)—Śāṅkucha māchha. (See)

ଶଙ୍କୋଶିକ—ସଂ. ବିଣ—(ସାଂଖ୍ୟ ଦର୍ଶନ)—ନୈମିତ୍ତିକ (ହ୍ରି. ଶ) Śaṅkośika (Sāṅkhya philosophy) Casual.

ଶଙ୍ଖ—ସଂ. ବି (ଶମ୍ ଧାତୁ=ଶାନ୍ତ କରିବା+କର୍ତ୍ତୃ. ଖ; ଯେ ଆପଣାର Śaṅkha ମଧୁର ଶବ୍ଦ ଦ୍ୱାରା ଜଗତକୁ ଶାନ୍ତ କରେ)—

ଅନ୍ୟ ସଂ. ନାମ—ମୁଖର, କମ୍ବୁନାଦ, ପାର୍ବଣନାଦ, ବାରିଭବ, ହରିପ୍ରିୟ, କମ୍ବୁ, କମ୍ବୋଜ, ପାବନଧ୍ୱନି, ଅବ୍ଜ, ଅନ୍ତଃକୁଟିଳ, ସୁନାଦ, ମହାନାଦ, ଜଳଜ, ଅର୍ଣ୍ଣୋଭବ, ଶ୍ୱେତ, ପୂତ ।
शांख
शाख

୧ । ଗେଣ୍ଡାଜାତୀୟ, ଜଳୁ ଅଦେଗୋଡ଼ିଆ ବଡ଼ ସାମୁଦ୍ରିକ ପ୍ରାଣୀର କଠିନ ଶୁକ୍ଳବର୍ଣ୍ଣ ଆବରଣ ବା ଖୋଳ—1. A marine conch shell; Turbinella Rapa.

[ଦ୍ର—ଏହା ମଧ୍ୟରୁ ମାଂସ-ଗୁଡ଼ିକ ସଢ଼ିଗଲେ ଏହା ଜଳପାତ୍ରରୂପେ ବ୍ୟବହୃତ ହୁଏ ଏବଂ ହିନ୍ଦୁମାନେ ଦେବାରାଧନାଦିରେ ବ୍ୟବହୃତ ଜଳ ଏଥିରେ ରଖନ୍ତି । ଏହାର ପୃଷ୍ଠଭାଗର ଏକମୁଣ୍ଡରେ ଆବର୍ତ୍ତ ବା ଭଉଁରୀ ଥାଏ । ସେହି ଭଉଁରୀର ମୁଣ୍ଡକୁ ଛିଦ୍ର କରି ସେହି ବାଟେ ଫୁଙ୍କିଲେ ଉଚ୍ଚ ଓ ଗମ୍ଭୀର ସ୍ୱର ହୁଏ । ହିନ୍ଦୁମାନଙ୍କ ବିବାହାଦି ମଙ୍ଗଳ କାର୍ଯ୍ୟରେ ଓ ଦେବାଳୟରେ ଏହା ବଜାଯାଏ । ଏହା ପୂର୍ବେ ଯୁଦ୍ଧରେ ତୂରୀରୂପେ ବ୍ୟବହୃତ ହେଉଥିଲା । ଭିନ୍ନ ଭିନ୍ନ ଯୋଦ୍ଧାଙ୍କର ଶଙ୍ଖର ଭିନ୍ନ ଭିନ୍ନ ନାମ ଥିଲା ଯଥା—ଶ୍ରୀକୃଷ୍ଣଙ୍କ ଶଙ୍ଖର ନାମ ପାଞ୍ଚଜନ୍ୟ, ଅର୍ଜୁନଙ୍କର ଦେବଦତ୍ତ, ଭୀମଙ୍କର ପୌଣ୍ଡ୍ର, ଯୁଧିଷ୍ଠିରଙ୍କର ଅନନ୍ତବିଜୟ, ନକୁଳଙ୍କର ସୁଘୋଷ ଓ ସହଦେବଙ୍କର ମଣିପୁଷ୍ପକ । ସିଂହଳ ଓ ଚଟ୍ଟଗ୍ରାମନିକଟବର୍ତ୍ତୀ ସମୁଦ୍ରରୁ ସାଧାରଣତଃ ଶଙ୍ଖ ମିଳେ । ପୁରୀର ଉପକୂଳ ସମୁଦ୍ରରେ କ୍ଷୁଦ୍ର କ୍ଷୁଦ୍ର ଶଙ୍ଖ ମିଳେ । ଶଙ୍ଖକୁ କାଟି ହାତରେ ବଳୟ (ଶଙ୍ଖା) ତିଆରି କରନ୍ତି । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଉପରସ ମଧ୍ୟରେ ଗଣ୍ୟ । ଶଙ୍ଖର ଭସ୍ମ ଔଷଧରେ ଲାଗେ । ଶଙ୍ଖ ପୋଡ଼ିଲେ ଚୂନ ହୁଏ । ଶଙ୍ଖର ବର୍ଣ୍ଣ ଧଳା । କେତେକ ଶଙ୍ଖର ଆବର୍ତ୍ତ ଡାହାଣ ଅଡ଼କୁ ବୁଲିଥାଏ । ଏହାକୁ ଦକ୍ଷିଣାବର୍ତ୍ତିକ ଶଙ୍ଖ କୁହାଯାଏ । ସେହିପରି କେତେକ ଶଙ୍ଖ ବାମାବର୍ତ୍ତିକ । ଦକ୍ଷିଣାବର୍ତ୍ତିକ ଶଙ୍ଖ କ୍ୱଚିତ୍ ମିଳେ ଓ ଦକ୍ଷିଣାବର୍ତ୍ତିକ ଶଙ୍ଖ ଯାହାର ଥାଏ, ସେ ଆପଣାକୁ ଭାଗ୍ୟବାନ୍ ମନେ କରେ । ସମୁଦ୍ରରେ ନାନାଜାତୀୟ ଓ ନାନା ଆକାରର ତଥା ବର୍ଣ୍ଣର ଶଙ୍ଖ ଦେଖାଯାଆନ୍ତି । ସାଧାରଣତଃ ଶଙ୍ଖର ଆବର୍ତ୍ତ (ଭଉଁରୀ)ମାନ ବାମ ଅଡ଼କୁ ବୁଲିଥାଏ; ଏହାକୁ ବାମାବର୍ତ୍ତ ଶଙ୍ଖ ବୋଲାଯାଏ । କୌଣସି କୌଣସି ଶଙ୍ଖର ଆବର୍ତ୍ତ ଡାହାଣ ଅଡ଼କୁ ବୁଲିଥାଏ, ଏହାକୁ ଦକ୍ଷିଣାବର୍ତ୍ତ ଶଙ୍ଖ ବୋଲାଯାଏ ଓ ଏହା ଅତି ଶୁଭଦାୟକ ଓ ଧନବର୍ଦ୍ଧକ ବୋଲି ବିବେଚିତ । ବୈଦ୍ୟକ-

ମତରେ ଶଙ୍ଖ ନେତ୍ରହିତକର, ପିତ୍ତ, କଫ, ରୁଧିରବିକାର, ବିଷଦୋଷ, ବାୟୁ, ଶୂଳ, ଶ୍ୱାସ, ଅଜୀର୍ଣ୍ଣ, ସଗ୍ରହଣୀ ରୋଗର ଉପକାରକ । ଦକ୍ଷିଣାବର୍ତ୍ତ ଶଙ୍ଖର ଗୁଣ ବାମାବର୍ତ୍ତ ଶଙ୍ଖ ଅପେକ୍ଷା ବେଶି ।

ଶଙ୍ଖ ଭସ୍ମ ଜ୍ୱର, କାଶ, ଶ୍ୱାସ, ଅତିସାର ଆଦି ରୋଗରେ ଉପକାରୀ । ଏହା ସ୍ତମ୍ଭକ ଓ କାଶୀକରଣରୂପେ ଗଣ୍ୟ । ବିଲ, ପୋଖରୀ, ନଇରେ ଯେଉଁ ଗେଣ୍ଡା (Snail) ଦେଖା ଯାଆନ୍ତି ଓ ଯେଉଁ କୀଟକୁ ଆମ୍ଭେମାନେ ବ୍ୟବହାର କରୁଁ, ଶଙ୍ଖମାନେ ସେହି ଶ୍ରେଣୀର ସାମୁଦ୍ରିକ ଜୀବ; ତନ୍ତୁ ଏମାନଙ୍କ ଅସ୍ଥି ମୋଟା । ଇଂରାଜୀଭାଷାରେ ଓ ନାନାକାରେ ନାନା-ବର୍ଣ୍ଣିତ ଶଙ୍ଖର ନାମ ଅଛି । ଯଥା—

Queen conch—ଗୋମୁଖୀ ଶଙ୍ଖ, Pujrula—ଏକପ୍ରକାର ଶଙ୍ଖ । Music shell—ଯେଉଁ ଶଙ୍ଖର ମୁଣ୍ଡିରେ ଛିଦ୍ର କରି ଲୋକେ ବଜାନ୍ତି । Harp shell-ପିଠିରେ ଲମ୍ବ ଲମ୍ବ ରେଖା ଥିବା ଚକିତ ଶଙ୍ଖ । Drill shell—ଫୋଡ଼ ଥିବା ଶଙ୍ଖ । Periwinkle—ବଡ ଗେଣ୍ଡା ପରି ଶଙ୍ଖ । Scalaria—କାତବିଶିଷ୍ଟ ଶଙ୍ଖ । Earsnail—ଛୋଟ ଓ ଚଡ଼ିତ ଶଙ୍ଖ । Nassa—ଛୋଟ ଓ ରେଖାଙ୍କିତ ଶଙ୍ଖ । Margimellia—ଛୋଟ, ମସୃଣ ଓ ନାଲିଡୋରିଯୁକ୍ତ ଶଙ୍ଖ । Cone—ବଡ଼ ଓ ଛିଟପଡ଼ା ଶଙ୍ଖ । Mitershell—ଖୁବ୍ ଲମ୍ବ ଗୋଳିଆ ଓ ଛିଟପଡ଼ା ଶଙ୍ଖ । Oliva—ମାଟିଆ ବିନ୍ଦୁ ଓ ଅତି ସୁନ୍ଦରରୂପେ ଚିତ୍ର ବିଚିତ୍ରିତ ଶଙ୍ଖ । Nautilus—ଗୋଲ ଭଙ୍ଗା ଓ ଆବର୍ତ୍ତମୟ ଶଙ୍ଖ । Unicorn shell—ଏକଶିଙ୍ଗା ଶଙ୍ଖ । Univalve shell—ଏକପାଖଢ଼ିଆ ଶଙ୍ଖ । Tulip shell—ବନ୍ଧୁପାଙ୍ଗୁଭାବବିଶିଷ୍ଟ ଶଙ୍ଖ । Triton shell—ବଡ ଶଙ୍ଖ । Turritella—ଲମ୍ବ ଗୋଳିଆ ଶଙ୍ଖ । Turbenella—ଯେଉଁ ଶଙ୍ଖର ମୁହଁ ଗୋଳିଆ] । ୨ । ଲଲାଟାସ୍ଥି; ମୁଣ୍ଡର ଖପୁରିର ହସ୍ତ ଖାଂଶ 2. The bone of the forehead; the temporal or frontal bone. (ଉ—ଶଙ୍ଖ ଶୋଣିତେ ଭର୍ଣେ କଲ୍ପିତେ—ପ୍ରାଗୀ. ରସକାରଙ୍କ) ୩ । ସ୍ତ୍ରୀମାନଙ୍କର ଶଙ୍ଖନିର୍ମିତ କରବଳୟ; ଶଙ୍ଖା—3. Conch shell bracelets. ୪ । ଗଳଦେଶ; ବେକର ସମ୍ମୁଖଦିଗର ନଳି; ଶଙ୍ଖି—4. The gullet; throat. ୫ । କୁବେରଙ୍କର ନିଧିବିଶେଷ—5. Name of one of the gems of Kubera. ୬ । ଲକ୍ଷ କୋଟି ସଂଖ୍ୟା—(ଏକ ସଂଖ୍ୟାର ଡାହାଣରେ ୧୨ଟି ଶୂନ୍ୟ ଦେଲେ ଏହି ସଂଖ୍ୟା ହୁଏ) 6. Ten thousand millions; a billion. (ଉ—ବଳ ବେଳେ ବୋଲ ଯେତେ ଶଙ୍ଖ ସେହି, ବାରସିରେ ଜନନ ଯେତେ ଶଙ୍ଖ କାହିଁ—ଉପେ. ବୈଦେହୀଶବିଳାସ) [ଦ୍ର—ସଂଖ୍ୟା ଗଣନ ସମ୍ବନ୍ଧରେ ବ୍ରହ୍ମାଣ୍ଡପୁରାଣୋକ୍ତ ନିମ୍ନଲିଖିତ ଶ୍ଳୋକଟି ପ୍ରଯୁକ୍ତ—

ଏକଂଦଶଂ ଶତଞ୍ଚୈବ ସହସ୍ରମୟୁତଂ ତଥା
ଲକ୍ଷଂ ଚ ନିୟୁତଞ୍ଚୈବ କୋଟିରର୍ବୁଦମେବ ଚ
ବୃନ୍ଦଃଖର୍ବୋନିଖର୍ବଶ୍ଚ ଶଙ୍ଖପଦ୍ମୌ ଚ ସାଗରଃ
ଅନ୍ତ୍ୟଂମଧ୍ୟଂ ପରାର୍ଦ୍ଧଂ ଚ ଦଶବୃଦ୍ଧ୍ୟାଯଥାକ୍ରମଂ—ଶବ୍ଦକୋଷ]

୭ । ସର୍ପବିଶେଷ; ଶଙ୍ଖଚୂଡ—7. Name of a species of serpents. [ଦ୍ର—ଏହା ଅଷ୍ଟ ନାଗ ମଧ୍ୟରୁ ଏକ । ଅଷ୍ଟ ନାଗଙ୍କ ନାମ—ଅନନ୍ତ, ବାସୁକି, ପଦ୍ମ, ମହାପଦ୍ମ, ତକ୍ଷକ, କୁଳୀର, କର୍କଟ, ଶଙ୍ଖ—ଶବ୍ଦକୋଷ] ୮ । ଶଙ୍ଖାସୁର (ଦେଖ)—8. Name of a demon Śaṅkhāsura (See) ୯ । ଧର୍ମଶାସ୍ତ୍ରପ୍ରଣେତା ଋଷି-ବିଶେଷ—9. Name of a Hindu lawgiver. ୧୦ । ହସ୍ତିଦନ୍ତଦ୍ୱୟର ମଧ୍ୟଭାଗ ଅଂଶ—10. The part of the elephant's head between the two tusks. ୧୧ । ଗନ୍ଧଦ୍ରବ୍ୟ ବିଶେଷ—11. A fragrant substance. ୧୨ । ନଖୀନାମକ ଔଷଧି—12. Fasciolaria; Onyx Unguis; Odoratus; shell. [ଦ୍ର—ଏହା ସମୁଦ୍ରଜାତ ଶମ୍ବୁକବିଶେଷର ମୁଖର ଘୋଳ । ଏହାକୁ ଉତ୍ତପ୍ତ କଲେ ଏଥିରୁ ସୁବାସ ବାହାରେ ଏବଂ ଏହାକୁ ତେଲରେ ଭିଜାଇଲେ ତେଲ ସୁଗନ୍ଧ ହୁଏ ।] ୧୩ । ରଣବାଦ୍ୟବିଶେଷ—13. Name of a martial musical instrument. ୧୪ । ଶଙ୍ଖ ବିଷ; ଶଙ୍ଖ ଗ୍ରୀ—
14. White arsenic.
୧୫ । କାନମୁଣ୍ଡା (ହି. ଶ.)—15. The part of the face near the ears. ୧୬ । ଚରଣ ଚିହ୍ନ (ହି. ଶ.)—16. Footmarks. ୧୭ । ରାଜା ବିରାଟଙ୍କ ପୁତ୍ର (ହି. ଶ.)—17. A son of King Birāṭa. [ଦ୍ର—ବିରାଟଙ୍କ ଅନ୍ୟ ପୁତ୍ରର ନାମ ଉତ୍ତର ।] ୧୮ । ଚମ୍ପକପୁରର ରାଜା ହଂସଧ୍ୱଜଙ୍କ ପୁରୋହିତ ଓ ଲିଖିତଙ୍କ ଭାଇ (ହି. ଶବ୍ଦସାଗର)—18 Name of a priest of king Haṁsadhwaja. ୧୯ । ରାଜା ବିକ୍ରମାଦିତ୍ୟଙ୍କ ବଡ଼ଭାଇ (ଧାରାନଗର ରାଜା ଗନ୍ଧର୍ବସେନଙ୍କ ବଡ଼ପୁଅ; ଯାହାଙ୍କୁ ମାରି ପରେ ବିକ୍ରମାଦିତ୍ୟ ରାଜା ହୋଇଥିଲେ) (ହି.ଶ.)—19. Name of the elder brother of Bikramāditya. ୨୦ । ବର୍ଣ୍ଣବୃତ୍ତ ବିଶେଷ—20. Name of a metre. [ଦ୍ର—ଏଥିରେ ୨ ତଗଣ ଓ ୧୪ ରଗଣ ଥାଏ । ଏହା ଦଣ୍ଡକ ବୃତ୍ତର ଅନ୍ତର୍ଗତ—ହି. ଶ.) ।] ୨୧ । ବାୟୁ ଚଳିବା ଶବ୍ଦ (ହି. ଶ.)—21. The sound of blowing of wind.

ଦେ. ବି—ସଙ୍ଘ; ଛୋଟ ପୋଲ—Culvert.

ଶଙ୍ଖକ—ସଂ. ବି—(ଶଙ୍ଖ+ସ୍ୱାର୍ଥେ. କ)—୧ । ଶଙ୍ଖ; କମ୍ବୁ—
Śaṅkhaka 1. Conch. ୨ । ଶଙ୍ଖା; ଶଙ୍ଖ ନିର୍ମିତ ବଳୟ—2. Bracelets made of conch shell. ୩ । କପାଳ; ଲଲାଟ—3. Brow; forehead; temple. ୪ । ଶିରୋରୋଗ ବିଶେଷ; କପାଳରେ ଭୀଷଣ ବେଦନା; ଅଧକପାଳ କଥା—4. Violent pain in the forehead; migrim. ୫ । ମସ୍ତକ (ହ୍ର. ଶ.)—5. Head. ୬ । ସ୍ୱାସ୍ତିକଷ (ଦେଖ)—(ହ୍ର. ଶ.)—6. Copperas; green vitriol. ୭ । କଙ୍କଣ (ହ୍ର. ଶ.)—7. Wristlet. ୮ । ଶଙ୍ଖନିଧି (ହ୍ର. ଶ)—8. Name of a rare gem.

ଶଙ୍ଖ କନ୍ଦ—ସ. ବି—୧ । ଶଙ୍ଖସାରୁ (ଦେଖ) (ଚରେନ୍ଦ୍ର ଦ୍ରବ୍ୟଗୁଣ)—
Śaṅkha kanda 1. Śaṅkhasāru. (See) ୨ । ଶଙ୍ଖାଳୁ (ଦେଖ) (ହ୍ର. ଶ)—2. Śaṅkhālu: (See)

ଶଙ୍ଖକାର(ରୀ)—ସ. ବି—ଶଙ୍ଖାରି; ଯେ ଶଙ୍ଖର ଦ୍ରବ୍ୟମାନ ନିର୍ମାଣ
Śaṅkhakāra(ri) କରେ—A manufacturer of shell bracelets and other articles. [ଦ୍ର—ପୁରାଣ ଅନୁସାରେ ବିଶ୍ୱକର୍ମା ପିତା ଓ ଶୂଦ୍ରା ମାତାଠାରୁ ଏ ସଙ୍କର ଜାତିର ଉତ୍ପତ୍ତି । (ହ୍ର. ଶ) ।]

ଶଙ୍ଖକୁସୁମା—ସ. ବି—୧ । ଶଙ୍ଖପୁଷ୍ପୀ (ଦେଖ) (ହ୍ର. ଶ)—1. Śaṅkha
Śaṅkhakusumā pushpi. (See) ୨ । ଧଳା ଅପରାଜିତା (ହ୍ର. ଶ)—2. The white flowered variety of the clitoris creeper.

ଶଙ୍ଖକୂଟ—ସ. ବି (ବହୁବ୍ରୀହି)—୧ । ନାଗ ବିଶେଷ (ହ୍ର. ଶ)—
Śaṅkhakūṭa 1. Name of a Nāga. ୨ । ପୌରାଣିକ ପର୍ବତ ବିଶେଷ—2. Name of a mythological mountain.

ଶଙ୍ଖ କ୍ଷୀର—ସଂ. ବି (୬ଷ୍ଠୀ ତତ୍)—(ଶଙ୍ଖର ଦୁଗ୍ଧପରି) ଅସମ୍ଭବ ବିଷୟ
Śaṅkha kshira (ହ୍ର. ଶ)—An impossibility; an (ଶଙ୍ଖ ଦୁଗ୍ଧ—ଅନ୍ୟରୂପ) improbable thing.

ଶଙ୍ଖ କ୍ଷେତ୍ର—ସ. ବି—ଶଙ୍ଖକ୍ଷେତ୍ର; ପୁରୀ—Puri town. [ଦ୍ର—ଶଙ୍ଖ
Śaṅkha kshetra କ୍ଷେତ୍ରେ ଅଣୁଅଛୁ ରଙ୍କ ରେଖା ଏ ବାରତା ସ୍ୱଶପ୍ରଦ । ଗ୍ଧାନାଥ. ପାବଳୀ ।] [ଦ୍ର—ଉତ୍କଳଖଣ୍ଡ ନାମକ ଗ୍ରନ୍ଥରେ ପୁରୁଷୋତ୍ତମ ଶଙ୍ଖକ୍ଷେତ୍ରରୂପେ ବର୍ଣ୍ଣିତ ହୋଇଅଛୁ ।]

ଶଙ୍ଖ ଚକ୍ର ଗଦା ପଦ୍ମଧାରୀ—ସଂ. ବି—ଚାରିହାତରେ ଯଥାକ୍ରମେ
Śaṅkha chakra gadā padmadhāri ଚାରିଧାରୀ ବିଷ୍ଣୁ—Bishṇu. [ଦ୍ର—ନାରାୟଣଙ୍କ ଚତୁର୍ଭୁଜ ମୂର୍ତ୍ତି । ଏହାଙ୍କ ଶଙ୍ଖର ନାମ ପାଞ୍ଚଜନ୍ୟ । ଚକ୍ରର ନାମ ସୁଦର୍ଶନ । ଗଦାର ନାମ କୌମୋଦକୀ ଓ ପଦ୍ମର ନାମ ପଦ୍ମ ଅଥବା ପଦ୍ମ-ନାଭ ।]

ଶଙ୍ଖଚରୀ(ର୍ଚ୍ଚୀ)—ସ. ବି—(ଶଙ୍ଖ=ଲଲାଟ+ଚର ଧାତୁ+କର୍ତ୍ତୃ. ଅ+ଈ;
Śaṅkhachari(rchchi) ଚର୍ଚ୍ଚ ଧାତୁ+କର୍ତ୍ତୃ. ଈ)—୧ । ଲଲାଟିକା(ଦେଖ)—1.Lalāṭikā (See) ୨ । ଭ୍ରୂ;ଲଲାଟ (ହ୍ର. ଶ)—2. Brow. ୩ । ଚନ୍ଦନଦ୍ୱାରା ଲଲାଟରେ ଅଙ୍କିତ ଚିହ୍ନ—3. A mark on the forehead made with sandal (Apte).

ଶଙ୍ଖଚିଲ—ଦେ. ବି.—(ସ. ଶଙ୍ଖର ଚିହ୍ନ)—ପ୍ରସିଦ୍ଧ ବର୍ଣ୍ଣରେ ବିବାଚର
Śaṅkhachila ମତ୍ସ୍ୟପ୍ରିୟ ପକ୍ଷୀବିଶେଷ । [ଦ୍ର—ଏହାର ମୁଣ୍ଡ,
शङ्खचिल सौमेर चील ଗଳା ଓ ପେଟ ଶଙ୍ଖ ପରି ଧଳା । ଏହା ପ୍ରାୟ ଏକ ହାତ ଲମ୍ବ ଏବ ଏହାର ପିଠି ଓ ପୁଚ୍ଛ ଦେଖିବାକୁ ନାଲି । ଏହାର ଚଞ୍ଚୁ ବଙ୍କା ଓ ଟେଙ୍ଗା ଏବ ଗୋଡ଼ ଶୋଟ ଓ ନଖ ବଙ୍କ] The Brahmini kite; Haliastus Indus.
[ଦ୍ର—ତନ୍ତ୍ରରେ ଏହି ପକ୍ଷୀ ଦୁର୍ଗାଙ୍କ ଅଂଶ ବୋଲି ବର୍ଣ୍ଣିତ ହୋଇଅଛି । ଦେଶୀ ପୁରାଣରେ ଏହାକୁ ଶଙ୍କରପ୍ରିୟା ନାମରେ ଅଭିହିତ କରାଯାଇଅଛି । କୌଣସି ଉଦ୍ଦେଶ୍ୟରେ ଯାତ୍ରା ବା ଅନୁକୂଳ କରିବା ସମୟରେ ହିନ୍ଦୁମାନେ ଶଙ୍ଖଚିଲ ଉଡ଼ିବା ଦେଖିଲେ ତାହାକୁ ଶୁଭସୂଚକ ଶକୁନ ବୋଲି ଜ୍ଞାନ କରନ୍ତି । ପୋଖରୀରେ ଲୋକେ ମାଛ ଧରିଲେ ଉପରେ ଶଙ୍ଖଚିଲମାନେ ଉଡ଼ନ୍ତି ଓ ପାଣିରୁ ନଖଦ୍ୱାରା ଛୋଟ ଛୋଟ ମାଛ ଝାମ୍ପି ନେଇ ଖାଆନ୍ତି । ଏମାନଙ୍କର ବୋବାଳି ମନୁଷ୍ୟର ବିକଳ କାନ୍ଦଣା ପରି ଶୁଣାଯାଏ ।]

ଶଙ୍ଖଚୂଡ଼—ଦେ. ବି.—(ସ ଶଙ୍ଖଚୂଡ଼)—୧ । ଅହିରାଜ ସର୍ପ 1. A
Śaṅkhachurda species of asp; Naia Bungarus.
शङ्खचूड़ शंखचूड [ଦ୍ର—ଶଙ୍ଖଚୂଡ଼ ଶୁକ୍ଳ ଫଣା ବିଶିଷ୍ଟ ନାଗଜାତୀୟ ବିଷଧର ସର୍ପ ବିଶେଷ । ଏହାର ଲମ୍ବ ୮ ହାତଠାରୁ ୧୦ ହାତ ପର୍ଯ୍ୟନ୍ତ ହେବାର ଦେଖାଯାଏ; ଫଣା ନାଗ ସାପର ଫଣାଠାରୁ ଟିକିଏ ଛୋଟ ।] ୨ । ଏକ ପ୍ରକାର ସାମୁଦ୍ରିକ ସାପ, ଶୁକ୍ଳ ଫଣା ବିଶିଷ୍ଟ ସମୁଦ୍ରବାସୀ ସର୍ପ ବିଶେଷ-2. A species of sea snakes.

ଶଙ୍ଖ ଚୁଡ଼ି—ଦେ. ବି.—ଶଙ୍ଖ ନିର୍ମିତ ହସ୍ତ ବଳୟ—Bracelet
Śaṅkha churdi or wristlet made of
শাঁখা शंखकी चूड़ी conch.

ଶଙ୍ଖ ଚୂନ—ଦେ. ବି.—(ସ. ଶଙ୍ଖଚୂର୍ଣ୍ଣ)—ଯେଉଁ ଚୂନ ଶଙ୍ଖ ପୋଡ଼ା
Śaṅkha chuna ହେବାଦ୍ୱାରା ପ୍ରସ୍ତୁତ ହୁଏ—Quicklime
শাঁখের চুন शङ्ख चून produced by burning conches.

ଶଙ୍ଖଚୁନି—ପ୍ରଦେ. (ବାଲେଶ୍ୱର) ବି—ଶଙ୍ଖଚିଲ (ଦେଖ)
Śaṅkhachuni Śaṅkhachila (See)

ଶଙ୍ଖଚୂଡ଼—ସଂ. ବି. ୧ । ଶଙ୍ଖଚୂଡ଼ (ଦେଖ)—1 Śaṅkhachurda
Śaṅkhachūrda (See)—୨ । ଅସୁର ବିଶେଷ—2 Name of a demon. [ଦ୍ର—ଏହାଙ୍କ ପତ୍ନୀଙ୍କ ନାମ ତୁଳସୀ । କଠୋର ତପସ୍ୟା ଦ୍ୱାରା ଏ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା ତୁଳସୀ ନାମ୍ନୀ ପରମ ରୂପବତୀ ସାଧ୍ୱୀ ପତ୍ନୀ ପ୍ରାପ୍ତ ହୋଇଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣ ମତରେ ବହୁକାଳ ରାଜତ୍ୱ କରିବାପରେ ଦେବତାମାନଙ୍କ ସଙ୍ଗେ ଏହାଙ୍କର ବିବାଦ ଉପସ୍ଥିତ ହେଲା ଏବ ଦେବତାମାନେ ତାଙ୍କ ସହିତ ଯୁଦ୍ଧରେ ପରାଜିତ

ହେଲେ । ଶେଷରେ ମହାଦେବ ଏହାଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲେ । ଏହି ଯୁଦ୍ଧ ଲାଗିଥିଲାବେଳେ ସାଧ୍ୱୀ ତୁଳସୀ ଏଣେ ପତିଙ୍କ ମଙ୍ଗଳ କାମନାକରି ବିଷ୍ଣୁଙ୍କ ଅର୍ଚ୍ଚନା କରିବାରୁ ଶଙ୍ଖଚୂଡ଼କୁ ମହାଦେବ ବଧ କରିପାରିଲେ ନାହିଁ । ପରେ ଦେବତାମାନଙ୍କ ସକରୁଣ ଅନୁରୋଧରେ ନିଜେ ବିଷ୍ଣୁ କୁହୁକରି ଶଙ୍ଖଚୂଡ଼ଙ୍କ ରୂପ ଧାରଣ କରି ତପୋନିଷ୍ଠା ତୁଳସୀଙ୍କର ତପସ୍ୟାଭଙ୍ଗ କଲେ ଓ ତହିଁ ଫଳରେ ଶଙ୍ଖଚୂଡ଼ ଉଦ୍ଦେଶ୍ୟରେ ଶିବଙ୍କ ଦ୍ୱାରା ନିହତ ହେଲେ । ତୁଳସୀ ଏହା ଜାଣିପାରି ବିଷ୍ଣୁଙ୍କୁ ଶାପ ଦେବାକୁ ଉଦ୍ୟତା ହୁଅନ୍ତେ ବିଷ୍ଣୁ ତାଙ୍କୁ ନାନା ପ୍ରବୋଧ ବାକ୍ୟରେ ସାନ୍ତ୍ୱନା ଦେଇ ପତିଙ୍କ ସହିତ ସହମୃତା ହେବାକୁ ପ୍ରବର୍ତ୍ତାଇଲେ ଓ ସାଧ୍ୱୀ ପରଜନ୍ମରେ ତୁଳସୀ ବୃକ୍ଷ ରୂପରେ ପୃଥିବୀରେ ଜନ୍ମ ଲଭି ତପସ୍ୟାଚରଣ ବଳରେ ବିଷ୍ଣୁଙ୍କ ଶିରରେ ସ୍ଥାନ ପାଇବେ ବୋଲି ବର ଦେଲେ । ଏହି ଶଙ୍ଖଚୂଡ଼ ଅସୁରର ଅନ୍ୟ ନାମ ଜଳନ୍ଧର । ପୁରାଣାନ୍ତର ମତରେ କୃଷ୍ଣଙ୍କୁ ମାରିବାପାଇଁ କଂସ ଏହାଙ୍କୁ ପଠାଇଥିଲେ କିନ୍ତୁ ଏହାଙ୍କୁ କୃଷ୍ଣ ବଧ କଲେ । ସୁଦାମା ନାମକ ଗୋପ ରାଧାଙ୍କ ଶାପରେ ଏହି ଅସୁର ହୋଇଥିଲେ । (ହି. ଶ)] ୩ । (ନାମ) କୁବେରଙ୍କ ଦୂତ ଓ ସଖା (ହି.ଶ) 3 Name of a messenger and friend of Kubera. ୪ । (ନାମ) ଯକ୍ଷ ବିଶେଷ—(ହି. ଶ) 4. Name of a Jaksha ୫ । (ନାମ) ପୁରାଣାନୁସାରେ ଦ୍ୱାରକାନିବାସୀ ଏକ ଗୃହସ୍ଥ—5 Name of an inhabitant of Dwārakā [ଦ୍ର—ଏହାଙ୍କ ପୁତ୍ରମାନେ ଜନ୍ମ ହେବା ପରେ ଅଦୃଶ୍ୟ ହୋଇ ଯାଉଥିଲେ—ହି.ଶ] ୬ । ତୀର୍ଥ-ସ୍ଥାନ ବିଶେଷ (ହି.ଶ)—6.Name of a holy place.

ଶଙ୍ଖ ଚୂର୍ଣ୍ଣ—ସ. ବି—ଶଙ୍ଖକୁ ପୋଡ଼ି ପ୍ରସ୍ତୁତ କରାଯିବା ଚୂନ [ଦ୍ର—
Sankha churnna ଏହା ଔଷଧ୍ ଲବଣ ରସ ଓ କୃମି, ଶୂଳ, ପ୍ଳୀହା ଆଦି ରୋଗରେ ଉପକାରକ]—Quicklime got by burning conch.

ଶଙ୍ଖଚୂଳ—ଦେ. ବି. (ସ. ଶଙ୍ଖଚୂଡ଼)—ଏକ ଜାତୀୟ ସାପ—Nam
Sankhachūla of a class of cobra.

ଶଙ୍ଖଚୂର୍ଣ୍ଣୀ—ସ. ବି. ସ୍ତ୍ରୀ—ଉପଦେବତା ବିଶେଷ; ଶଙ୍ଖିନୀ, ଡାକିନୀ ପରି
Sankhachūrnni ଦୁଷ୍ଟ ଦେବତା—A demi-goddess
शंखचूर्नी said to be wicked. [ଦ୍ର—ଏ ଉପଦେବତା ସ୍ତ୍ରୀ-
शंखिनी ଜାତି; କେହି କହନ୍ତି ବାହାରେ ପିଷ୍ଟକାଦି ଲେହ୍ୟଜାତୀୟ ପଦାର୍ଥ ନେଇ କରି ଗଲେ ଏ ତାହାକୁ ପଥିଭ୍ରାନ୍ତ କରି ଭୁଆଁ ବୁଲାଇ, ସେ କ୍ଳାନ୍ତ ହେଲେ ତାଠାରୁ ସେମାନ ଛଡ଼ାଇ ନେଇ ଯାଏ ଓ ଶେଷରେ ପଥିକର ରକ୍ତ ଶୋଷି ପ୍ରାଣ ନିଏ । ଯୋଗେଶ୍ୱର ।]

ଶଙ୍ଖଜ—ସ. ବିଣ—ଶଙ୍ଖରୁ ଜାତ—Born or produced from
Sankhaja conch. ସ. ବି—କପୋତ ଡିମ୍ବପରି ବୃହଦାକାର ମୁକ୍ତା, ଯାହା ଶଙ୍ଖ ମଧ୍ୟରୁ ମିଳେ—A large pearl shaped like a pigeon's egg got from conch shell.

ଶଙ୍ଖଜୀରା—ସ. ବି (ତୁଳ. ଫା. ସଙ୍ଗ୍ ଜରାହତ୍)—ଏକ ପ୍ରକାର ଧଳା ଚିକ୍କଣ
Sankhajirā ପଥର, ଯହିଁର ଚୂର୍ଣ୍ଣ ଘାଆ ପୂରିବା ପାଇଁ ଔଷଧ
शंखजीरा. संगजराहत. ରୂପେ ବ୍ୟବହୃତ ହୁଏ—A kind of white smooth stone, the powder of which is used for healing sores; pumice stone. [ଦ୍ର—ହିନ୍ଦୀ ଶବ୍ଦସାଗର ଲେଖିଅଛନ୍ତି ଯେ ଏ ଶବ୍ଦ ଫା. ସଙ୍ଗ୍ ଜରାହତ୍ର ସଂସ୍କୃତରୂପ । ଏଥିରେ ମୂର୍ତ୍ତି ଆଦି ତିଆରି ହୁଏ । ଏହା ପାଣିରେ ବତୁରିଲେ ଫୁଲିଯାଏ ଓ ଶୁଖିଲେ କଠିନ ହୁଏ । ଏହା ମୂର୍ତ୍ତି ଆଦି ତିଆରି କରିବାରେ ବ୍ୟବହୃତ ହୁଏ । ହି. ଶ]

ଶଙ୍ଖଣ—ସଂ. ବି (ନାମ)—ପ୍ରବୁଦ୍ଧ ରାକ୍ଷସର ପୁତ୍ର (ହି. ଶ)—
Sankhana Name of the son of Prabruddha demon.

ଶଙ୍ଖତୀର୍ଥ—ସଂ. ବି—ଶଙ୍ଖକ୍ଷେତ୍ର (ଉତ୍କଳ ଖଣ୍ଡ ଗ୍ରନ୍ଥ ଦ୍ରଷ୍ଟବ୍ୟ)—
Sankha tīrtha Sankha kshetra (See) (See Utkala khanda).

ଶଙ୍ଖ ଦାରକ—ସଂ. ବି—ଶଙ୍ଖକାର (ଦେଖ) (ହି. ଶ)
Sankha dāraka Sankhakāra (See)

ଶଙ୍ଖଦ୍ରାବ—ସଂ. ବି (ବୈଦ୍ୟକ)—ଏକପ୍ରକାର ଅର୍କ, ଯହିଁରେ ଶଙ୍ଖ
Sankhadrāba ମିଳେଇ ଯାଏ (ହି. ଶ)—A kind of
(ଶଙ୍ଖଦ୍ରାବକ—ଅନ୍ୟରୂପ) acid which dissolves conch shell. [ଦ୍ର—ଅଧସେର ସ୍ଫଟିକଶ, ଏକସେର ଲବଣ, ଏକସେର ସୈନ୍ଧବଲବଣ, ଏକସେର ସୋରାକୁ ଚୂର୍ଣ୍ଣ କରି ଭୂଷି କରି ଏଥିରୁ ରସ ବାହାର କରାଯାଏ । ଏଥିର ସେବନରେ ଶୂଳ, ଗୁଳ୍ମ, ଅର୍ଶ, ପ୍ଳୀହା, ଉଦରରୋଗ, ଅଗ୍ନିମାନ୍ଦ୍ୟ ଓ ବାତରୋଗ ଦୂର ହୁଏ । ଏହାକୁ କାଚ ବା ଚିନାମାଟି ଶିଶିରେ ରଖିବାକୁ ହୁଏ । ଏହାକୁ ସେବନ କରିବାବେଳେ ମୁହଁରେ ବାଆ ଲଗାଇବା ଦରକାର । ନଚେତ୍ ଜିଭର ଓ ଦାନ୍ତର କ୍ଷତିହୁଏ—ହି.ଶ ।] ସ. ବିଣ—ଯହିଁରେ ଶଙ୍ଖ ମିଳାଇଯାଏ (ହି. ଶ) (କୌଣସି ରସ ବା ସାର)—(a juice or liquid) Able to dissolve conch shell.

ଶଙ୍ଖଦ୍ରାବୀ—ସଂ. ବି (ବୈଦ୍ୟକ)—ଅମ୍ଳ ବେତସ ନାମକ ଏକପ୍ରକାର
Sankhadrābi ଖଟା ଶାଗ; ପାଳଙ୍ଗଜାତୀୟ ଶାକ ବିଶେଷ—The common sorrel (a potherb); country sorrel; Rumex Viesicarius.

ଶଙ୍ଖଦ୍ୱୀପ—ସଂ. ବି—ପୁରାଣୋକ୍ତ ଦ୍ୱୀପ ବିଶେଷ (ହି. ଶ)
Sankhadwipa Name of a mythological island.

ଶଙ୍ଖଧର—ସଂ. ବି. ପୁଂ (ଶଙ୍ଖ+√ଧୃ ଧାତୁ+କର୍ତ୍ତୃ. ଅ)—ବିଷ୍ଣୁ,
Sankhadhara (ହି. ଶ)—Bishnu.

ଶଙ୍ଖଧରା—ସଂ. ବି (ବୈଦ୍ୟକ)—ହଳମୋଚିକା; ହିଞ୍ଚିମିଞ୍ଚ ଶାଗ—
Śaṅkhadharā A sort of vegetable whose leaves are cooked and eaten; Exhydra Hingcha.

ଶଙ୍ଖ ଧ୍ୱନି—ସ. ବି.—(ଷଷ୍ଠୀ ତତ୍) ୧। ଶଙ୍ଖ ଫୁଙ୍କିଲେ ତହିଁରୁ ଉତ୍ପନ୍ନ
Śankha dhwani ଶବ୍ଦ—1. The sound produced by blowing a conch. ୨। ଭୟ ସୂଚକ ବା ହତାଶବ୍ୟକ୍ତିର ଉଚ୍ଚାରିତ ଶବ୍ଦ— 2. A cry of alarm or despair (Apte).

ଶଙ୍ଖଧ୍ମା(ଧ୍ମ) ସ. ବି.—(ଶଙ୍ଖ + ଧ୍ମା ଧାତୁ+କର୍ତ୍ତୃ କ୍ୱିପ୍)—ଶଙ୍ଖବାଦକ;
Śaṅkhadhmā(dhma) ଶଙ୍ଖୁଆ— One who blows through a conch (as a horn): a conch blower (Apte)

ଶଙ୍ଖନ—ସ. ବି. ପୁଂ ୧। (ନାମ)—ଅଯୋଧ୍ୟାର ରାଜା କଳ୍ମାଷପାଦଙ୍କ
Śankhana ଏକପୁତ୍ର—(ହି. ଶ.)—1. Name of a son of king Kaḷmāshapada ୨। (ନାମ)—ବଜ୍ରନାଭର ପୁତ୍ର (ହି. ଶ.)—2 Name of the son of Bajrānābha.

ଶଙ୍ଖ ନଖ (ଖୀ, ଖା) ସ. ବି.—୧। କ୍ଷୁଦ୍ର ଶଙ୍ଖ—1. Tiny conch
Śankha nakha(khi, khā) shell. ୨। ଗେଣ୍ଡା—2. Snail. ୩। ନଖୀ ନାମକ ଗନ୍ଧଦ୍ରବ୍ୟ—3. Shell or onyx

ଶଙ୍ଖନାଭି—ସ.ବି.—୧। ଏକ ପ୍ରକାର ଶଙ୍ଖ (ହି. ଶ.)—A kind of
Śankhanābhi conch shell ୨। ଏକ ପ୍ରକାର ଗନ୍ଧଦ୍ରବ୍ୟ (ହି. ଶ)—A kind of scent.

ଶଙ୍ଖନାଭି ମଣ୍ଡଳ—ଦେ. ବି.—ପୁରୀ ଜଗନ୍ନାଥଙ୍କର ରତ୍ନ ସିଂହାସନ—
Śankha nābhi maṇḍaḷa The raised platform or pulpit on which the idols Jagannātha, Baḷabhadra and Subhadrā are set.

ଶଙ୍ଖନାମ୍ନୀ—ସଂ. ବି. ସ୍ତ୍ରୀ.—ଶଙ୍ଖପୁଷ୍ପୀ (ଦେଖ) (ହି. ଶ.)—
Śankhanāmnī Śankhapushpī (See)

ଶଙ୍ଖ ନିଧି—ସଂ. ବି.—କୁବେରଙ୍କ ନିଧି ବିଶେଷ (ଏହା ସମୁଦ୍ରରୁ ଜାତ)
Śankha nidhi Name of a gem said to be in the possession of Kubera, the God of riches. [ଦ୍ର—ମାର୍କଣ୍ଡେୟ ପୁରାଣ ୬୮ ଅଧ୍ୟାୟରେ ଲେଖାଅଛି ଯେ, ୮ ପ୍ରକାର ନିଧି ମଧ୍ୟରେ ଶଙ୍ଖ ଅଷ୍ଟମ ନିଧି । ଏହା ରଜଃ ଓ ତମୋଗୁଣ ବିଶିଷ୍ଟ । ଏହାର ଅଧୀଶ୍ୱର ରଜଃ ଓ ତମୋଗୁଣ ବିଶିଷ୍ଟ ହୁଏ । ସେ ସର୍ବଦା କେବଳ ଆତ୍ମ ପରିପୋଷଣରତ; ଏ ମନ୍ତ୍ରୀ, ସୁହୃଦ୍, ଭାର୍ଯ୍ୟା, ଭ୍ରାତା, ପୁତ୍ର, ପୁତ୍ରବଧୂ ଆଦି ସ୍ୱଜନଙ୍କ ଅନ୍ନବସ୍ତ୍ରାଦି ପ୍ରତି କିଛି ମାତ୍ର ଦୃଷ୍ଟିପାତ କରେ ନାହିଁ, କେବଳ ଆତ୍ମପରିତୃପ୍ତି ପାଇଁ ବ୍ୟସ୍ତ ଥାଏ ।—ବିଶ୍ୱକୋଷ]

ଶଙ୍ଖନିଧି ପଦ୍ମନିଧି—ସ. ବି.—(ଦ୍ୱନ୍ଦ୍ୱ)—କୁବେରଙ୍କର ଦୁଇଟି ନିଧି—
Śankha nidhi padma nidhi Name of two rare gems of God Kubera. [ଉ—ଶଙ୍ଖନିଧି ଓ ପଦ୍ମନିଧି ଦୁହେଁ, କୁବେରଙ୍କ ସେବା ସେ କରୁଥାନ୍ତି ବଳେ । କୃଷ୍ଣସିଂହ. ମହାଭାରତ ସଭା ।] [ଦ୍ର—ଲୋକଙ୍କର ବିଶ୍ୱାସ ଯେ, ଭାଗ୍ୟକ୍ରମେ ଯେଉଁ ବ୍ୟକ୍ତିଙ୍କ ହାତରେ ଶଙ୍ଖନିଧିର ଓ ପଦ୍ମନିଧିର ଚିହ୍ନ ଥାଏ, ସେ ଯେଉଁ ବସ୍ତୁକୁ ଛୁଏଁ, ତାହା ସୁନା ପାଲଟି ଯାଏ, ଓ ସେ ଲୋକର ଅତଳାତଳ ସମ୍ପତ୍ତି ମାଡ଼ି ଯାଏ । ତାହାର ଭଣ୍ଡାରରୁ ଯେତେ ବ୍ୟୟ ହେଲେ ସୁଦ୍ଧା ତାର ଭଣ୍ଡାର ଅସରନ୍ତି ହୋଇ ରହେ । ଏଥିପାଇଁ ଖୁବ୍ ଧନୀବ୍ୟକ୍ତିଙ୍କ ଲୋକେ କହୁଥାଆନ୍ତି—ତା ହାତରେ ଶଙ୍ଖନିଧି ପଦ୍ମନିଧି ଅଛି ।]

ଶଙ୍ଖ ପାଣି—ସଂ. ବି—(ବହୁବ୍ରୀହି)—ବିଷ୍ଣୁ—
Śankha pāṇi Bishṇu.

ଶଙ୍ଖ ପାଳ—ସଂ. ବି—୧। ସୂର୍ଯ୍ୟ—1. The sun (Apte).
Śankha pāḷa ୨। (ଭୂଳ. ଫା. ଶକ୍ର ପାର୍)—ଏକପ୍ରକାର ମିଠାଇ ବା ଗଜା (ହି. ଶ.)—2. A kind of sweetmeat. [ଦ୍ର—ଏହା ଚାରିକୋଣିଆ ହୋଇ ଘିଅରେ ଛଣା ହୋଇ ତିଆରି ହୁଏ । ଏହା ମିଠା ଓ ନିମକି, ଦୁଇ ପ୍ରକାର ହୁଏ । ମଇଦାରେ ଘିଅ ମିଶାଇ ପାଣିରେ ବା ଦୁଧରେ ଚକଟି ଏହାକୁ ମୋଟା ରୁଟି ପରି ବେଲି ଛୁରିଦ୍ୱାରା ଚାରି କୋଣିଆ କରି କଟାଯାଏ । ନିମକି କରିବାକୁ ହେଲେ ମଇଦା ସଙ୍ଗେ ଲୁଣ ଓ ଜୁଆଣି ଆଦି ମିଶାଇ ଚକଟା ଯାଏ । ମିଠା କରିବାକୁ ହେଲେ ଘିଅରେ ଛାଣି ଶିରାରେ ପାଗିବାକୁ ହୁଏ । (ହି. ଶ.) ।] ୩। ଏକପ୍ରକାର ସାପ (ହି.ଶ.) 3. A kind of serpent. ୪। ଏକ ନାଗର ନାମ (ହି. ଶ.)—4. Name of a Nāga. ୫। କର୍ଦ୍ଦମ ଋଷିଙ୍କ ପୁତ୍ର—5. Name of a son of sage Karddama.

ଶଙ୍ଖ ପାଷାଣ—ସଂ. ବି—ଶଙ୍ଖିଆ (ହି. ଶ.)—
Śankha pāshāṇa Arsenic.

ଶଙ୍ଖ ପୁର—ଦେ ବି.—(ପିଠାରେ ବ୍ୟବହୃତ) ଯେଉଁ ନଡ଼ିଆକୋରାର
Śankha pura ପୁରରେ ଅଳ୍ପ ଗୁଡ଼ ଗୋଳିଆ ହୋଇଥିବାରୁ ତାହା (ଶଙ୍ଖପୁର) ଧଳା ଦିଶେ—Scraped cacoanut mixed with very little sugar for being put inside sandwich cakes.

ଶଙ୍ଖପୁଷ୍ପୀ(ଷ୍ପା)—ସଂ. ବି—୧। ଏକପ୍ରକାର ବର୍ଷାୟୁଃ ବୃକ୍ଷ ଶାକ; ଶ୍ୱେତ
Śankha pushpī(shpā) ବଳବଳା (ହରେକୃଷ୍ଣ. ଦ୍ରବ୍ୟଗୁଣ)—1. Canscora Decussata; Evalvulus Erecta. [ଦ୍ର—ଏହା ତିକ୍ତକଷାୟ ରସ ବିଶିଷ୍ଟ ଦେଖିବାକୁ ସଦୃଶ ଗଛ ପରି । ଏହାର କାଣ୍ଡ ଚତୁଷ୍କୋଣ, ପତ୍ର ଅଧୋମୁଖୀ; ଫୁଲ ଅଳ୍ପ ଶ୍ୱେତ ଓ ସୁଗନ୍ଧି ଦଳ-ବିଶିଷ୍ଟ; ଏହାର

ସଂ. ନାମ—ଶଙ୍ଖାହ୍ୱା, ଶଙ୍ଖିନୀ, ମାଙ୍ଗଲ୍ୟକୁସୁମା, କେଶିନୀ ଦଣ୍ଡୋତ୍ପଳ, ମେଧ୍ୟା, ଅଧଃପୁଷ୍ପୀ, ଅମରପୁଷ୍ପୀ, ସୁଙ୍କା, ଶଙ୍ଖାହୁଳୀ
डानकुनि, शंखाहुलुई
शंखाहोली, कोडियाल
[ଶଙ୍ଖପୁଷ୍ପିକା—ଅନ୍ୟରୂପ]

ପାଖୁଡ଼ା ଗୁଚ୍ଛର ଏକକ ଯୁକ୍ତ । ଫଳ ଦ୍ୱିକୋଷବିଶିଷ୍ଟ ଏବଂ ବୀଜ ବକ୍ରକୋଣବିଶିଷ୍ଟ । ଶୀତକାଳରେ ସାଧାରଣତଃ ଏହି ଫଳ ପାଚିବା ଦେଖାଯାଏ । ପୁଣି ଜୁଳଅ ଯେଉଁରେ ଏହି ଗଛ ଜନ୍ମେ । ଏହା ଅଗ୍ନିବର୍ଦ୍ଧକ, ସାରକ, ବଳକାରକ, କାନ୍ତି-ଜନକ, ମେଧା ଓ ସ୍ମୃତିକାରକ, ରସାୟନ, ସ୍ୱର ପରିଷ୍କାରକ ଓ କ୍ରିମି କୁଷ୍ଠାଦିନାଶକ, ଲୋକଦୋଷ, ବିଷ-ଦୋଷ, ଅପସ୍ମାର ଓ ଭୂତାବେଶନାଶକ ଏବଂ ଜ୍ୱରନାଶକ ।] ୨ । ଶ୍ୱେତ ଅପରାଜିତା (ହି· ଶ.)—2. The white flowering clitoris creeper. ୩ । ଯୂଥିକା (ହି. ଶ)—3. Jasminum Auriculatum (plant.)

ଶଙ୍ଖ ପ୍ରସ୍ଥ—ସଂ. ବି.—ଚନ୍ଦ୍ରଙ୍କ ମଧ୍ୟରେ ଦେଖାଯିବା ଚିହ୍ନ ବା କଳଙ୍କ—
Śaṅkha prastha The marks or spots noticed inside the disc of the moon.

ଶଙ୍ଖ ଫୁଙ୍କିବା—ଦେ. କି—୧ । ଶଙ୍ଖର ପଛ ଛିଦ୍ରକୁ ମୁଖଦ୍ୱାରା ଫୁଙ୍କିବା—
Śan·ha phunkibā 1. To blow a conch shell.
[ଶଙ୍ଖ ବଜା(ଜେ)ଇବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ବଡ଼ପାଟି କରି କରୁଣ ସ୍ୱର କରି କାନ୍ଦିବା—2. To weep with a loud and continuous tune.
୩ । (ଲକ୍ଷଣାର୍ଥ)--ବିବାହାଦି ମଙ୍ଗଳ ଉତ୍ସବରେ ଶଙ୍ଖ ବଜା-ଇବା ଶଙ୍ଖୁଆ ବାହୁଡ଼ି ପରି ଉତ୍ସବର ଆମୋଦ ଅନ୍ୟମାନେ ଭୋଗ କରିବା ଅବସ୍ଥାରେ ଅପେ ନିଷ୍ଫଳ ହୋଇ ଫେରିବା-(figurative) To return without gain from a place where others reap fruit.

ଶଙ୍ଖ ବଣିକ୍— ସଂ. ବି.—ଶଙ୍ଖାରି (ଦେଖ)
Śaṅkha baṇik Śaṅkhāri (See)

ଶଙ୍ଖ (ଙ୍ଖା)ବର—ପ୍ର ଦେ (ଗଡ଼ଜାତ) ବି—ବଡ଼ ବର ଗଛ
Śaṅkha (ṅkhā)bara Big banian tree.

ଶଙ୍ଖ ବଳୟ— ସ. ବି—ଶଙ୍ଖନିର୍ମିତ ହାତଖଡ଼ୁ—A bracelet or
Śaṅkha balaya wristlet made of conch.

ଶଙ୍ଖ ବ(ପ)ଲିତା—ଦେ·ବି--ଅଗ୍ନେୟଗିରିରୁ ଉତ୍ପନ୍ନ ଏକପ୍ରକାର ଅଦାହ୍ୟ
Śaṅkha ba(pa)litā ତନ୍ତୁମୟ ପଦାର୍ଥ—Asbestos.
আসবেষ্টস শাঁখপলীতা [ଦ୍ର—ଏହା ଏକପ୍ରକାର ତନ୍ତୁମୟ ଖଣିଜ ବସ୍ତୁ; ଅଗ୍ନେୟଗିରିରୁ ବାହାରେ । ଏଥିର ରଙ୍ଗ ଧଳା ଓ ଧୂସରିଆ; ଏହା ରେଶମ ପରି ଚକଚକିଆ, ଏହା ନିଆଁ ଧରେ ନାହିଁ । ଏଥିପାଇଁ ଗାଡ଼ିର ଛାତରେ ଏହା ଲଗାଯାଏ । ଏହା ମଧ୍ୟ ଉତ୍ତାପ ଓ ବିଦ୍ୟୁତର ପରିଚାଳକ (conductor)ନୁହେ । ଏହା ବସ୍ତ୍ରାକାରରେ ବୁଣାଯାଏ । ନିଆଁ ଲାଗି ନ ଯିବା ପାଇଁ ଏଥିରେ ଏକ ପ୍ରକାର ଲୁଗା ତିଆରି କରାଯାଏ । କଳମାନଙ୍କ ଜୋଡ଼ ଜାଗାରେ ଓ ଅଗ୍ନିର ଅଭେଦ୍ୟ (fire proof) ଲୁହା ସିନ୍ଦୁକମାନଙ୍କ କାନ୍ଥରେ ଏହା ବ୍ୟବହୃତ ହୁଏ । ଏହା କର୍ସିକା ଦ୍ୱୀପ, ସ୍କଟଲଣ୍ଡ, କାନାଡା, ଇଟାଲି ଆଦି ଦେଶରେ ମିଳେ—ବିଶ୍ୱକୋଷ]

ଶଙ୍ଖ ବଟୀ—ସଂ. ବି —ସଂଗ୍ରହଣୀ, ଶୂଳ, ବାୟୁରୋଗ ଆଦିର ଆରୋଗ୍ୟାର୍ଥ
Śaṅkha baṭī ବ୍ୟବହୃତ ଆୟୁର୍ବେଦିକ ବଟିକା—
(ଶଙ୍ଖବଟିକା—ଅନ୍ୟରୂପ) A kind of medicinal pill prepared from oxide of conch-shell as an antidote against dysentery,colic,wind.
[ଦ—ଶଙ୍ଖ ଭସ୍ମ ଏକ ତୋଳା ସଙ୍ଗେ ଯବକ୍ଷାର, ହେଙ୍ଗୁ, ପଞ୍ଚ ଲବଣ, ଶୁଣ୍ଠି, ମରିଚ, ପିପଳୀ, ଶୋଧିତ ମହୁରି,ଶୋଧିତ ପାରଦ, ଶୋଧିତ ଗନ୍ଧକରକଜ୍ଜଳୀ ପ୍ରତ୍ୟେକ ୧୦ ତୋଳା ମିଶାଇ ଲେମ୍ବୁରସରେ ଖଳ କରାଯାଇ ବଟିକା ତିଆରି କରାଯାଏ । ଏ ବଟିକାକୁ ଲବଙ୍ଗ ବତୁରା ପାଣି ସଙ୍ଗେ ସେବନକଲେ ସଂଗ୍ରହଣୀ, ଶୂଳ ଓ ବାୟୁରୋଗ ଭଲ ହୁଏ—(ହି.ଶ)]

ଶଙ୍ଖବଟୀ ରସ—ସଂ. ବି—ଶୂଳରୋଗନିବାରକ ବଟିକାବିଶେଷ—
Śaṅkhabaṭī rasa A kind of medicinal pill.
[ଦ୍ର—ଗୋଟିଏ ବଡ଼ ଶଙ୍ଖକୁ ପୋଡ଼ି ୧୧।୧୨ ଟି ଲେମ୍ବୁ ରସରେ ଏହାକୁ ଥଣ୍ଡା କରାଯାଏ । ଏହି ଶଙ୍ଖର ଚୂର୍ଣ୍ଣରେ ଏକ ତୋଳା ତେନ୍ତୁଳିକ୍ଷାର, ୫ ତୋଳା ସଇନ୍ଧବ ଲବଣ, ଏକ ତୋଳା ସେନ୍ଧବ, ଏକ ତୋଳା ସାମ୍ଭର ଲବଣ, ଏକ ତୋଳା କାଚଲବଣ, ଏକ ତୋଳା ବିଟ୍‌ଲବଣ, ୨ ମଷା ଶୁଣ୍ଠି, ୨ ମଷା ମରିଚ, ୨ ମଷା ପିପଳୀ, ଏକ ତୋଳା ହେଙ୍ଗୁ, ଶୋଧିତ ପାରଦ, ଗନ୍ଧକ ଓ ମହୁରି ଏକ ତୋଳା-ଲେଖାଁଏ ଏକତ୍ର ଚୂନ ପାଣିରେ ଖଲ କରିକୋଳ ପରି ଗୋଳା ପ୍ରସ୍ତୁତ କରାଯାଏ (ହି. ଶ)]

ଶଙ୍ଖବାତ—ସ. ବି—ଶଙ୍ଖକ ୪ (ଦେଖ) (ହି. ଶ)
Śaṅkhabāta Śaṅkhaka 4 (See)

ଶଙ୍ଖ ବିଷ—ସ. ବି—ଶଙ୍ଖିଆ—White arsenic; Arseniou m
Śaṅkha bisha Album. [ଦ୍ର—ଏହା ଏକପ୍ରକାର
শেঁকো(খো),শিমুলক্ষার ଖଣିଜ ସ୍ଥାବର ବିଷ; ଦେଖିବାକୁ
সঁখিয়া ଏହା ଧଳା ଓ ବଡ଼ ବଡ଼
ତେ. ତେଲ୍ଲପାଷାଣମ୍ ଦାନାଯୁକ୍ତ । ଟିକି ଟିକି ଭଙ୍ଗା
ତା. ବେଲ୍ଲେଇପାଷାଣମ୍ ଶଙ୍ଖଖଣ୍ଡ ପରି ଏହା ଦେଖାଯାଏ । ଏହା ସ୍ୱାଦବର୍ଜିତ, ଉଷ୍ଣବୀର୍ଯ୍ୟ, ତୀକ୍ଷ୍ଣ, ଅଗ୍ନିବର୍ଦ୍ଧକ, ପାଚକ, ବଳକାରକ ଓ ଜ୍ୱରନାଶକ । ରତିର ୧/୬୪ ଠାରୁ ୧/୧୬ ପର୍ଯ୍ୟନ୍ତ ମାତ୍ରାରେ ସାବଧାନତା ସହିତ ଏହାକୁ ଔଷଧରୂପେ ପ୍ରୟୋଗ କରାଯାଏ । ମାତ୍ରା ବଢ଼ିପଡ଼ିଲେ ହିକ୍କା, ଆକ୍ଷେପ, ଧନୁଷ୍ଟଙ୍କାର, ମୂର୍ଚ୍ଛା, ପ୍ରଳାପ, ଶ୍ୱାସକୃଚ୍ଛ୍ରତା, ଉଦରଶୀତ, ପିପାସା, ଦାହ ଓ ଶେଷରେ ମୃତ୍ୟୁ ଘଟାଏ । ଏହାର ବର୍ଣ୍ଣ ଚୂନ ପରି ଥିବାରୁ ଓ ଏହା ଚୂନଠାରୁ ବାରି ହେଉ ନ ଥିବାରୁ ଲୋକେ ଚୂନ ସଙ୍ଗେ ଖାଦ୍ୟରେ ଏହାକୁ ଗୋଳାଇ ଲୋକଙ୍କୁ ଓ ପ୍ରାଣୀଙ୍କୁ ବିଷ ପ୍ରୟୋଗ କରି ମାରିପକାନ୍ତି ।]

ଶଙ୍ଖବେଳା ନ୍ୟାୟ—ସଂ. ବ—ଯେଉଁଠାରେ ବେଳା ବଶେଷରେ ଶଙ୍ଖ **Śaṅkhabeḷā nyāya** ଫୁଙ୍କିବାର ନିୟମ ଅଛି (ଅଳକାଳ କେତେକ ସହରରେ କର୍ଟିଷ୍ଟ ବେଳାରେ ତୋପ ପଡ଼ିବା-ପରି), ସେଠାରେ ଶଙ୍ଖର ଧ୍ୱନି ଶୁଣିଲେ ସମୟ ନିରୂପଣ କରିଯିବାପରି ନ୍ୟାୟ—An analogy of a locality where the time of the day or night is known to the public by the blowing of a conch.

ଶଙ୍ଖ ଭସ୍ମ—ସଂ. ବ (ଷଷ୍ଠୀତତ୍)—୧। ବୈଦ୍ୟଶାସ୍ତ୍ରୋକ୍ତ ବଧିରେ ଶଙ୍ଖକୁ **Śaṅkha bhasma** ପ୍ରଥମେ ନିମ୍ବୁ ଲେମ୍ବୁରସରେ ବୁଡ଼ାଇ ଶୋଧନ କରି ଅଗ୍ନିରେ ପୋଡ଼ି କରିଯିବା ପାଉଁଶ। [ଏହା ଆର ଗୁଣଯୁକ୍ତ ଓ ଅମ୍ଳପିତ୍ତ, ଶୂଳ, ଗୁଳ୍ମ, କୃମିଆଦି ରୋଗରେ ବ୍ୟବହୃତ।]—The ashes of conch used as medicine.

୨। ଚୂନ (ଗ୍ରା. ଶ)—2. Quicklime.

ଶଙ୍ଖଭୃତ—ସ.ବ.—(ଶଙ୍ଖ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ କ୍ୱିପ୍) **Śaṅkhabhrut** (ଶଙ୍ଖଧାରୀ) ବିଷ୍ଣୁ—Name of Bishnu. ସ. ବଣ—ଯେ ଶଙ୍ଖ ଧରିଥାଏ—Holding a conch.

ଶଙ୍ଖମଲ୍—ବୈଦେ. ବ—(ପା ସଂଗ ମର୍ମର) ଶଙ୍ଖମର୍ମର ପଥର— **Śaṅkhamal** সাদা মার্বেল পাথর संगमरमर Marble stone. (ଦ୍ର—ଯୋଗୀଙ୍କ ହାତରେ ଶଙ୍ଖମଲ, ଯୋଗୀ ନ ବୁଝନ୍ତି ବଲିଚଲି—ଢଗ)

ଶଙ୍ଖ ମଲ୍ ମଲ୍—ବୈଦେ. ବ.—(ପା.ସଂଗ ମର୍ମର୍)—୧। ଧଳା ମାର୍ବଲ **Śaṅkha mal-mal** ପଥର—Whtte marble. ୨। ଶଙ୍ଖ সাদা মার্বেল संगमरमर ମର୍ମର ବାସନ—2. Utensils made of white marble.

ଶଙ୍ଖ ମର୍ମର—ବୈଦେ. ବ. (ପା. ସଂଗମର୍ମର୍; ପା ସଂଗ=ପଥର+ଅ. **Śaṅkha marmara** ମର୍ମର; ତୁଳ୍ୟ ସଂ ଶଙ୍ଖ+ଇଂ ମାର୍ବଲ; ତୁଳ. ଲାଟିନ୍ ମାର୍ମୋରସ୍, ଗ୍ରୀକ୍ ମର୍ମରସ୍; ଫ୍ରେଞ୍ଚ ମାର୍ବରେ; ତୁଳ. ଇଂ. ମାର୍ବ୍ଲ; ଇ. ମାର୍ମୋରିଅନ୍=ମାର୍ବ୍ଲ ପ୍ରସ୍ତର ନିର୍ମିତ)—

শঙ্খমর্মর, সাদামার্বেল ଧଳା ମାର୍ବଲପଥର—(ଏହା ଶଙ୍ଖତୁଲ୍ୟ ଶ୍ୱେତ संगमर्मर ବର୍ଣ୍ଣ ମାର୍ବଲ୍ ଥିବାରୁ) White marble, calcium carbonate. [ଦ୍ର—ଭାରତରେ ଜୟପୁର ରାଜ୍ୟ, ଅଜମୀର, ଜବଲପୁର, ଯୋଧପୁର ଓ ମଧ୍ୟପ୍ରଦେଶର ଜଙ୍ଗଲ ପ୍ରଭୃତିରେ ଏ ପଥରର ଖଣି ଓ ପାହାଡ଼ମାନ ଅଛି। ଶଙ୍ଖ ମର୍ମର ପଥର ଏକପ୍ରକାର ଚୂନମିଶା କଡ଼ା ପଥର (lime stone). ଏଥିରେ କାଲସିଅମ୍ (calcium) ନାମକ ମୌଳିକ ବସ୍ତୁ ବେଶି ପରିମାଣରେ ଥାଏ। ଏହା ଖୁବ ପାଲିସ୍ ହୁଏ ଓ ଏଥିରେ ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଇପାରେ। ଧଳା, କଳା, ହଳଦିଆ, ନାଲି ଓ ଶାଗୁଆ, ଏପରି ନାନାବର୍ଣ୍ଣର ଶଙ୍ଖ ମର୍ମର ପଥର ପାହାଡ଼ରୁ ଓ ଖଣିରୁ ମିଳେ। ଏକ ପ୍ରକାର ମର୍ମର (Shell marble) ପଥରରେ ଶଙ୍ଖ (shell) ର ଅଂଶ ଥାଏ। ମର୍ମର ବା ମାର୍ବଲ ପଥରରେ ମୂର୍ତ୍ତି, ଟାଇଲ୍, ବାସନ, ଘଉଡ଼, ଟେବଲ ଆଦି ହୁଏ।]

ଶଙ୍ଖ ମହୁରି—ଦେ. ବ (ଦ୍ୱନ୍ଦ୍ୱ)—ବିବାହାଦି କାର୍ଯ୍ୟରେ ବଜାଯିବା ଶଙ୍ଖ **Śaṅkha mahurī** ଓ ମହୁରି—Conch and flute শ াখসানাই शंख पिपही, शंखसहनाई blown on festivities.

ଶଙ୍ଖ ମାଳା—ସଂ. ବ—(ଷଷ୍ଠୀ ତତ୍)—କ୍ଷୁଦ୍ର ଶଙ୍ଖମାନ ଗୁନ୍ଥା ହୋଇ **Śaṅkha māḷā** ତିଆରି ହୋଇଥିବା ମାଳା (ଏହା ଘୋଡ଼ା ବେକରେ (ଶଙ୍ଖମାଳକା—ଅନ୍ୟରୂପ) ଝୁଲାଯାଏ)—A garland made of small conches strung together (put on the neck of horses.)

ଶଙ୍ଖ ମାଳିନୀ—ସଂ. ବ—ଶଙ୍ଖପୁଷ୍ପୀ (ଦେଖ) **Śaṅkha māḷinī** Śaṅkhapushpī (See)

ଶଙ୍ଖ ମୁଖ—ସଂ. ବ—(ଶଙ୍ଖ ପରି ଧଳା ମୁହଁ ଯାହାର; ବହୁବ୍ରୀହି)—କୁମ୍ଭୀର **Śaṅkha mukha** Crocodile.

ଶଙ୍ଖ ମୁଗୁନି—ଦେ. ବ—ଈଷତ୍ ହରିତ୍ ବା କଳା ମର୍ମର ପଥର— **Śaṅkha muguni** Greenish or black marble. শাখমুগুনী संगमुसा

ଶଙ୍ଖ ମୂଳକ—ସଂ. ବ—(ବହୁବ୍ରୀହି)—ମୂଳା (ଗ୍ରା. ଶ.)— **Śaṅkha mūḷaka** Radish.

ଶଙ୍ଖଲନା—ଦେ. ବ—ଶଙ୍ଖଲା; କୁଶଳ ପ୍ରଶ୍ନ—Enquiring **Śaṅkhaḷanā** about one's health and দেখতেআসা कुशलपुछना prosperity. [ଦ୍ର—ମୋର ପର ବନ୍ଧୁର ମୁଖ ଚାହଁନ୍ତି ଅସୁଅନ୍ତି ଶଙ୍ଖଲନା କରିବାକୁ। କୃଷ୍ଣସିଂହ. ମହାଭାରତ ବନ।]

ଶଙ୍ଖଳା—ଦେ. ବ—(ସଂ. ଶଙ୍ଖ)—୧। ଶଙ୍ଖାଳ; ପ୍ରିୟବସ୍ତୁ ବା ବ୍ୟକ୍ତି— **Śaṅkhaḷā** One's dearest thing or person. ୨। କୁଶଳାଦି ପ୍ରଶ୍ନ—2. Enquirings about a person's weal.

ଶଙ୍ଖ ଲିଖିତ—ସ. ବଣ—ନିର୍ଦ୍ଦୋଷ (ଗ୍ରା. ଶ)—Faultless; flaw- **Śaṅkha likhita** less. ସ. ବ. ପୁଂ—୧। ନ୍ୟାୟଶୀଳ ରାଜା (ଗ୍ରା. ଶ)—1. A righteous king. ୨। ଶଙ୍ଖ ଓ ଲିଖିତ ନାମକ ଦୁଇ ଋଷି, ଯେଉଁମାନେ ମିଳି କରି ଗୋଟିଏ ସ୍ମୃତିଗ୍ରନ୍ଥ ସଙ୍କଳନ କରିଥିଲେ—2. Śaṅkha and Likhita, two sages, the joint authors of a treatise on Hindu law. ୩। ଶଙ୍ଖ ଓ ଲିଖିତଙ୍କ ସଙ୍କଳିତ ସ୍ମୃତିଗ୍ରନ୍ଥ—3. Title of a treahse on Hindu Land by Sankha and Likhita.

ଶଙ୍ଖ ଶିଳା—ସ. ବ.—ଶଙ୍ଖ ମୁଗୁନି ପଥର— **Śaṅkhaśiḷā** Marble.

ଶଙ୍ଖ ଶୁକ୍ତିକା—ସ. ବ—ସିପ (ଗ୍ରା. ଶ) **Śaṅkha śuktikā** Bivalve shell.

ଶଙ୍ଖସ—ସ. ବ.—ଶଙ୍ଖରେ ନିର୍ମିତ ଚୁଡ଼ି ବା ଖଡ଼ୁ (ଗ୍ରା. ଶ) **Śaṅkhasa** Bangle made of conch

ଶଙ୍ଖ ସଙ୍କାଶ—ସ. ବି—ଶଙ୍ଖାଳୁ (ଦେଖ) (ଦ୍ର. ଶ)
Śaṅkha saṅkāśa   Śaṅkhāḷu (See)

ଶଙ୍ଖ ସାରୁ—ଦେ. ବି—(ସ. ଶଙ୍ଖକନ୍ଦ; ଶଙ୍ଖର ଆକୃତି ପରି ଏହାର ଆକୃତି ଥିବାରୁ) ୧ । ଏକ ପ୍ରକାର ସାରୁ—
Śaṅkha sāru
मानकचु साँकालु 1. A species of arum Arum Indicum; Alocacia Indica. [ଦ୍ର—ଏହାର ମୂଳ ଲମ୍ବ ଓ ଏହା ସାଧାରଣ ମିଷ୍ଟ, ପାଣିସାରୁ ଜାତୀୟ । ଏଥିର ଗୁଣ୍ଡ କରାଯାଏ ଓ ଏହାର ଗଛ ସାରୁ ଗଛପରି ।]
शाङ्कालु ୨ । ଏକପ୍ରକାର ଅଳୁ; ମିଠା ଅଳୁ; ଚିନା ବା ଶେଣି ଅଳୁ—
शंखालु 2. Pachyrhizus Angulatus [ଦ୍ର—ଏହା
(ଅନ୍ୟ ସ—ଶଙ୍ଖାଳୁ) ଲତାକନ୍ଦ । ଶିମ୍ବ ଲତା ପରି ଏହାର ଲତା ତ୍ରିପର୍ଣ୍ଣୀ । ଏହି ଅଳୁର ଆକାର ଶଙ୍ଖପରି ଏବଂ ବର୍ଣ୍ଣ ଧଳା । ଏହା ମିଠା ଏବଂ ଏଥିରେ ଜଳ ଭାଗ ଅଧିକ । ସାଧାରଣ ଅଳୁ ପରି ଏଥିରେ ଗ୍ଲୁଟେନ ଥାଏ ଓ ଏହା କଞ୍ଚା ଖାଇ ହୁଏ ।]

ଶଂଖା—ଦେ. ବି.—(ସ ଶଙ୍ଖକ)—୧ । ଶଙ୍ଖନିର୍ମିତ ଭୂଜର ବଳୟ—
Śaṅkhā 1 Bracelets made of conch shell.
शाँखा ୨। ଜଉରେ ତିଆରି ଏକପ୍ରକାର କାଚ ବଳୟ । (ଏହା ମଧ୍ୟରେ
शङ्ख की चूडी କାଚ ଥାଏ ଓ ଉପରେ ଜଉ ଲଗାଯାଇଥାଏ ଏବଂ ସେହି ଜଉ ଉପରେ ଖଣ୍ଡ ଖଣ୍ଡ ଦର୍ପଣ ଓ ଶଙ୍ଖ ମଧ୍ୟ ବସାଯାଇଥାଏ) । 2. Bracelet made of glass bangles covered with shell lac to which bits of looking glass and conch-shell are stuck. ୩ । ସୁନା କିମ୍ବା ରୂପାରେ ନିର୍ମିତ ବଳୟ—3. Bracelet made of gold or silver.
[ଦ୍ର—ବଙ୍ଗ ଦେଶରେ ହାତରେ ଲୌହ ବଳୟ ବା ଶଙ୍ଖ ନିର୍ମିତ ବଳୟ ଓ ସିନ୍ଥିରେ ସିନ୍ଦୂର କଳି ଯେପରି ଅନ୍ୟ ସ୍ତ୍ରୀମାନଙ୍କର ସଧବା ଚିହ୍ନ, ଆମ ଦେଶରେ ସେହିପରି ହାତରେ ଶଙ୍ଖା ଓ କପାଳରେ ସିନ୍ଦୂର ଟୋପି ଅନ୍ୟମାନଙ୍କର ଚିହ୍ନ । ଅବିବାହିତା କନ୍ୟାମାନେ ମଧ୍ୟ ଏହା ପରିଧାନ କରନ୍ତି, କିନ୍ତୁ ସଧବା ସ୍ତ୍ରୀର ଏହା ପ୍ରଧାନ ଚିହ୍ନ । ବିବାହ କାଳରେ ପ୍ରତ୍ୟେକ ବାଳିକା ଏହା ପରିଧାନ କରନ୍ତି । ବଡ଼ଲୋକ ଘରର କନ୍ୟା ଓ ବଧୂମାନେ ହାତରେ ସୁନା ରୂପାର ଖଡୁ ଓ ଚୁଡ଼ି ପିନ୍ଧିଲେ ମଧ୍ୟ ବିବାହ କାଳରେ ହାତରେ ଦୁଇପଟ ଶଙ୍ଖା ପିନ୍ଧିବାର ବିଧି ଅଛି । ଶୂଦ୍ର ଓ ହାଟୁଆ ଜାତୀୟ ସ୍ତ୍ରୀମାନଙ୍କ ମଧ୍ୟରେ ଶଙ୍ଖାର ବିଶେଷ ପ୍ରଚଳନ ଅଛି । ଏକ ହାତରେ ପିନ୍ଧିବା ପାଇଁ କେତେଗୁଡ଼ିଏ ଖୋଳୁ ମୁଠାଏ ଶଙ୍ଖା ବୋଲାଯାଏ ଓ ଦୁଇହାତର ଶଙ୍ଖାକୁ ଦମୁଠା ଶଙ୍ଖା ବୋଲାଯାଏ । ବିବାହ ସମୟରେ ବର କନ୍ୟା ହାତରେ ଶଙ୍ଖା ପିନ୍ଧାଇଦେବାର ବିଧି ଅଛି । ଶୂଦ୍ରମାନେ (ଯେଉଁମାନଙ୍କ ସମାଜରେ ବିଧବା ବା 'ଦୁତିଅ' ପ୍ରଥା ଚଳେ) ଯେଉଁ ଦୁତିଅ-ସ୍ତ୍ରୀକୁ ବିବାହ କରନ୍ତି, ତାକୁ ଶଙ୍ଖା ଦୁଇମୁଠା ପିନ୍ଧାଇ ଦେଲେ ଦୁତିଅ ବିବାହ ବିଧି ସମାପ୍ତ ହୁଏ । 'ତୋ ଶଙ୍ଖା ବଜ୍ର ହେଉ'(ତୋ ହାତର ଶଙ୍ଖା ବଜ୍ର ପରି ଦୃଢ଼ ବା ଚିରସ୍ଥାୟୀ ହେଉ, ଅର୍ଥାତ୍, ତୁ ଚିରକାଳ ସଧବା ହୋଇ ଥିବୁ) ଏହା ସଧବା ସ୍ତ୍ରୀ ଓ ବାଳିକାମାନଙ୍କ ପକ୍ଷରେ ଗୋଟିଏ ଆଶୀର୍ବାଦ । ଆମ ଦେଶରେ ଶଙ୍ଖା ନାମରେ ଜଉମଡ଼ା କାଚ ପ୍ରଚଳିତ, କିନ୍ତୁ ମେଦିନୀପୁର ଆଦି ଅଞ୍ଚଳରେ ସ୍ତ୍ରୀମାନେ ଶଙ୍ଖରୁ ତିଆରି ବଳୟ (ପ୍ରକୃତ ଶଙ୍ଖା) ପିନ୍ଧନ୍ତି ।]
୪ । (ଅନାଦରାର୍ଥକ) ଶଙ୍ଖାସୁର—4. Name of Śaṅkhāsura. [ଦ୍ର—ବେଦ ଚୋରିକରି ସମୁଦ୍ରରେ ଲୁଚିଥିବା ଶଙ୍ଖାସୁରକୁ ଭଗବାନ ମୀନରୂପରେ ମାରିଥିଲେ ଓ ବେଦ ଉଦ୍ଧାର କରିଥିଲେ ।] (ଉ—ପ୍ରଥମେ ମୀନରୂପ ଧରି, ବେଦ ଆଣିଲୁ ଶଙ୍ଖା ମାରି—ଭୂପତି ପ୍ରେମପଞ୍ଚାମୃତ ।) ଦେ.
सादा उजला ବିଣ. ପୁଂ—ଶଙ୍ଖ ପରି ଶୁକ୍ଳ—White as
(ଶଙ୍ଖୀ—ସ୍ତ୍ରୀ) conch. (ଯଥା—ଶଙ୍ଖା କୁମ୍ଭୀର; ଶଙ୍ଖୀ ବିରାଡ଼ି ।)

ଶଙ୍ଖା(ଙ୍ଖେ)ଇ—ଦେ. ବି (ସ. ଶଙ୍ଖିନୀ)—ଗ୍ରାମଦେବୀଙ୍କ ନାମ ବିଶେଷ—
Śaṅkhā(ṅkhe)i Name of a village-goddess
शाङ्खचुनी शंखिनी

ଶଙ୍ଖା ପିନ୍ଧା(ନ୍ଧେ)ଇବା—ଦେ. କ୍ରି—୧ । ସ୍ତ୍ରୀଲୋକର ହାତରେ 'ଶଙ୍ଖା' ଅଳଙ୍କାର ପରିଧାନ
Śaṅkhā pindhā(ndhe)ibā
[ଶଙ୍ଖାମୁଠା ପିନ୍ଧା(ନ୍ଧେଇବା)—ଅନ୍ୟରୂପ] କରାଇବା—
शाँखापरान चूडीपहनाना 1. To put on śaṅkhā into the hands of a woman. ୨ । ଯେଉଁ ସମାଜରେ 'ଦୁତିଅ' ପ୍ରଥା ଚଳେ ସେହି ସମାଜର କୌଣସି ପୁରୁଷ କୌଣସି ବିଧବାକୁ ଦୁତିଅ ପ୍ରଥା ଅନୁସାରେ ବିବାହ କରିବା—2. To marry a widow by the Dutia form of widow-marriage. [ଦ୍ର—ଓଡ଼ିଶାରେ ଯେଉଁମାନଙ୍କ ସମାଜରେ 'ଦୁତିଅ' ବିବାହ ପ୍ରଥା ଚଳେ ସେ ସମାଜରେ ବିବାହକାରୀ ପୁରୁଷ ଦୁତୀୟ ହେଉଥିବା ସ୍ତ୍ରୀର ହାତରେ ଶଙ୍ଖା ପିନ୍ଧାଇଦେବାଦ୍ୱାରା ଦୁତିଅ ବିବାହର ପାଣିଗ୍ରହଣ କାର୍ଯ୍ୟ ସାଙ୍ଗ ହୁଏ ।]

ଶଙ୍ଖା ବଜର(ବଜ୍ର) ହେଉ—ଦେ. ବ (ସଧବା ସ୍ତ୍ରୀମାନଙ୍କ ପ୍ରତି ଆଶୀର୍ବଚନ)-
Śaṅkhā bajara (bajra) heu ତୋର ଶଙ୍ଖା ବଜ୍ର ପରି
लोहावजहउक चूडीयजहो ଦୃଢ଼ ବା ଚିରସ୍ଥାୟୀ ହେଉ, ଅର୍ଥାତ୍ ତୁ ଚିରକାଳ ସଧବା ହୋଇଥାଅ—A blessing to females meaning 'May your husband live long'. [ଦ୍ର—ଏହିପରି ମଧ୍ୟ 'ତୋ ଖଡ଼ୁ ବଜର ହେଉ' 'ତୋ କାଚ ବଜର ହେଉ', 'ତୋ ସୁନା ଖଡ଼ୁ ବଜର ହେଉ' 'ତୋ ମଥାର ସିନ୍ଦୂର ବଜର ହେଉ' ଆଦି ଆଶୀର୍ବଚନ ବ୍ୟବହାର କରାଯାଏ ।]

ଶଙ୍ଖାବର୍ତ୍ତ—ସ. ବି (ବହୁବ୍ରୀହି; ଶଙ୍ଖର ଆବର୍ତ୍ତ ପରି ଆବର୍ତ୍ତ ଯାହାର)।
Śaṅkhābarta ଏକପ୍ରକାର ଭଗନ୍ଦର ରୋଗ (ବୈ. ଶା)—
A kind of fistula.

ଶଙ୍ଖା ମୁଠା—ଦେ. ବି – ସ୍ତ୍ରୀର ଏକ ହାତରେ ପିନ୍ଧାଯିବା ଏକାଧିକ ଶଙ୍ଖା-
Śaṅkhā muṭhā A set of conch-bracelets
একসেটশাঁখা ऐकमुट्ठीचूडी for one hand.
(ଦ୍ର—ଏହିପରି କାଚମୁଠା, ଚୁଡ଼ିମୁଠା, ଖଡ଼ୁମୁଠା ଅବର ବ୍ୟବହାର ଅଛି ।)

ଶଙ୍ଖାମୁଠିଆ—ଦେ. ବି—୧ । ଜଣାଜାତୀୟ ବିଷଧର ସାପ—ଚନ୍ଦ୍ର
Śaṅkhāmuṭhiā ଜଣାଠାରୁ ବଡ଼ । [ଦ୍ର—
শাঙ্কিনী শঙ্খিনী गनगोआर ଏମାନେ ପାଞ୍ଚ ଛ ହାତ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ ଦେହରେ ଶଙ୍ଖାମୁଠା ପରି ଧଳା ଓ କଳା ଚୁଡ଼ି (rings) ଚିହ୍ନିତ; କୃଷ୍ଣବର୍ଣ୍ଣ ଦେହରେ ହଳଦିଆ ଶଙ୍ଖା ପରି ଦାଗ; ଜିହ୍ୱା କାଳି; ମୁଣ୍ଡ ଓ ଗଳା ହଳଦିଆ; ଲାଞ୍ଜର ଅଗ ମୋଟା ।] 1. Bungarus Fasciatus (a snake) ୨ । ଏକଜାତୀୟ ଲୁଣୀମାଛ —2 A sort of sea fish.

ଶଙ୍ଖାମେରୀ—ଦେ. ବି—ଓଡ଼ିଆ ଗଡ଼ଜାତ ବଡ଼ମ୍ବାରାଜ୍ୟସ୍ଥିତ ଦେବୀ
Śaṅkhāmeri ବିଶେଷ—Name of a Goddess in the State of Baramba in Orissa Feudatory States (on the bank of the river Mahānadī). [ଦ୍ର—ମହାନଦୀ କୂଳରେ ଏହି ଦେବୀଙ୍କ ପୀଠ ଅବସ୍ଥିତ । ନଈ ବଢ଼ି ସମୟରେ ମହାନଦୀରେ ଚଳୁଥିବା ଡଙ୍ଗାର ବାହକମାନେ ଏହାଙ୍କୁ ପୂଜା ଓ ମାନସିକ କଲେ ଡଙ୍ଗା ବିପଦଗ୍ରସ୍ତ ହୁଏ ନାହିଁ ବୋଲି ଲୋକଙ୍କର ବିଶ୍ୱାସ । ଏଠାରେ ମହାନଦୀ ସ୍ରୋତର ଭୀଷଣ ମୋଡ଼ ଅଛି ଓ ସେ ମୋଡ଼କୁ ନିର୍ବିପଦରେ ପାର ହୋଇ ଯିବା ପାଇଁ କେଉଟମାନେ ଶଙ୍ଖାମେରୀଙ୍କର ଆଶ୍ରା କରନ୍ତି ।]

ଶଙ୍ଖାରି—ସଂ. ବି (ଶଙ୍ଖ=ଶଙ୍ଖାସୁର+ଅରି)—ଶଙ୍ଖାସୁରର ହନ୍ତା;
Śaṅkhāri ବିଷ୍ଣୁ—Bishṇu. ଦେ. ବି. ପୁଂ (ସଂ. ଶଙ୍ଖକାର)
শাংকারি —ଯେ ଶଙ୍ଖା ତିଆରି କରି ବିକି କରି ଜୀବିକା ନିର୍ବାହ
शांखरी କରେ (ଭୂଲକାକର ଓଡ଼ିଆ—କଂସାରି)—
(ଶଙ୍ଖାରୁଣୀ - ସ୍ତ୍ରୀ) Manufacturer or seller of Śaṅkhā or shell lac bracelets.

ଶଙ୍ଖାଳି—ସଂ. ବି (ଶଙ୍ଖ+ଆଳି)—ଶଙ୍ଖସମୂହ—A collection
Śaṅkhāḷi of conch shells. ଦେ. ବି—୧ । କୌଣସି
মুলধন मूलधन ବ୍ୟକ୍ତିର ମୂଳଧନ—1. The capital or
রতন; পিয়র stock of a person. ୨ । (ପ୍ରିୟ ବ୍ୟକ୍ତିଙ୍କୁ
रतन, लाल, पयार ସମ୍ବୋଧନ) ଧନ ପରି ପ୍ରିୟତମ ବ୍ୟକ୍ତି—
2. One's dearest person.

ଶଙ୍ଖାଳୁ(ରୁ)—ସଂ. ବି—ଚେଙ୍ଗି ଆଳୁ; ଚଇ ଆଳୁ; ମିଠା ଆଳୁ—
Śaṅkhālu(ru) Pachyrhizus Angulatus (a sort
(ଶଙ୍ଖାଳୁକ—ଅନ୍ୟରୂପ) of sweet yam). [ଦ୍ର—ଏହା ଶ୍ୱେତବର୍ଣ୍ଣ ଲତାକନ୍ଦ ବିଶେଷ । ଏହା ଶିମ୍ବଜାତୀୟ କଂପର୍ଣ୍ଣୀ ଲତା ଓ ଏହାର ମୂଳରେ ଥିବା କନ୍ଦ ଶଙ୍ଖ ପରି ଧଳା । ଏହାକୁ କଞ୍ଚା ଖାଇ ହୁଏ ।]

ଶଙ୍ଖାସୁର—ସଂ. ବି—୧ । ମତ୍ସ୍ୟାବତାରରେ ବିଷ୍ଣୁଙ୍କଦ୍ୱାରା ହତ ସମୁଦ୍ର-
Śaṅkhāsura ବାସୀ ଅସୁରବିଶେଷ—1. Name of a demon who had stolen and concealed the Bedas in the deep sea and after killing whom Bishṇu in his first incarnation of the fish recovered the scriptures. [ଦ୍ର—ସୃଷ୍ଟି ପ୍ରଳୟସମୁଦ୍ରରେ ମଗ୍ନ ହେବା କାଳରେ ଏ ଅସୁର ବେଦକୁ ଚୋରାଇ ନେଇ ସମୁଦ୍ରର ଗମ୍ଭୀରତମ ପ୍ରଦେଶରେ ଲୁଚାଇ ରଖିଥିଲା । ବିଷ୍ଣୁ ପ୍ରଥମ ବା ମତ୍ସ୍ୟ ଅବତାର ଗ୍ରହଣ କରି ପ୍ରଳୟ ପୟୋଧିର ଜଳ ମଧ୍ୟରେ ପ୍ରବେଶ କରି ଶଙ୍ଖାସୁରକୁ ବଧ କରି ତାଠାରୁ ବେଦ ଛଡ଼ାଇ ଆଣି ବେଦକୁ ରକ୍ଷା କଲେ ।] ୨ । ମୁର ଦୈତ୍ୟର ପିତା (ହ୍ର. ଶ.)—2. Name of the father of demon Mura.

ଶଙ୍ଖାସ୍ଥି—ସଂ. ବି.—୧ । ମୁଣ୍ଡର ହାଡ଼ (ହ୍ର. ଶ.)—1. Skull.
Śaṅkhāsthi ୨ । ପୃଷ୍ଠାସ୍ଥି ବେଁଶିର ହାଡ଼ (ହ୍ର. ଶ.)—
2. Backbone.

ଶଙ୍ଖାହୁଳୀ—ସଂ. ବି—ଶଙ୍ଖପୁଷ୍ପୀ (ହ୍ର. ଶ.) (ଦେଖ)
Śaṅkhāhuḷī Śaṅkha pushpī (See)
[ଶଙ୍ଖାହ୍ୱା—ଅନ୍ୟରୂପ]

ଶଙ୍ଖି—ଦେ. ବି—(ସଂ. ଶଙ୍ଖ)—୧ । ଗଳା; ତୋଣ୍ଟି; ଗଣ୍ଠି—
Śaṅkhi গলার নালী नरेटी, कंठ 2. Throat.
୨ । କଣ୍ଠନାଳ; ଶ୍ୱାସ ନାଳ—2. Gullet.
[ଦ୍ର—ବେକର ସମ୍ମୁଖ ଭାଗରେ ଥିବା ଉର୍ମିବୃତ ଶ୍ୱାସ ନଳୀକୁ ଶଙ୍ଖି ବୋଲାଯାଏ ଓ ଏହି ଶଙ୍ଖିର ମଧ୍ୟଭାଗରେ ଉଚ୍ଚା ହୋଇ ଗୋଟିଏ ହାଡ଼ ବାହାରି ଥାଏ । ସେହି ସ୍ଥାନକୁ ଚିପି ଦେଲେ ବା ମୋଡ଼ି ଦେଲେ ଶ୍ୱାସ ରୁଦ୍ଧ ହୋଇ ପ୍ରାଣୀ ମରିଯାଏ ।] [ଦ୍ର—ଏ ବାହାରେ ପିଲାମାନଙ୍କ ଶଙ୍ଖି ଚିପି ଦିଅନ୍ତି ପାଣିକି ସେ ପିଲେ ହୋଇ କୋପୀ । କୃଷ୍ଣସିଂହ. ମହାଭାରତ. ବନ ।] ବି. ଣ—
শাংখের মত,সাদা ଶଙ୍ଖ ପରି ଶୁକ୍ଳ ବର୍ଣ୍ଣ—White as a conch.
उजली ବି. ସ୍ତ୍ରୀ—(ପୁଂ. ଶଙ୍ଖା)–ଶଙ୍ଖ ପରି ଶୁକ୍ଳବର୍ଣ୍ଣା—
সাদা उजला White as a conch (female.)

ଶଙ୍ଖିଆ—ଦେ. ବି—ଶଙ୍ଖ ବିଷ (ଦେଖ)—Śaṅkhabisha (See)
Śaṅkhiā শেকো संखिया

ଶଙ୍ଖିକା—ସଂ. ବି (ଶଙ୍ଖ+କ+ସ୍ତ୍ରୀ. ଆ)—ଶ୍ୱେତ ତୃଣ ବିଶେଷ; ଶ୍ୱେତ
Śaṅkhikā ପୁଷ୍ପୀ; ଗୁଗୁଚିଆ (ଦେଖ)—A sort of white grass; Lone thorn; Andropogen Aciculatus.

ଶଙ୍ଖି ଚିଙ୍ଗୁଡ଼ି—ପ୍ରାଦେ (ବାଲେଶ୍ୱର) ବି—ଏକ ଜାତୀୟ ଶ୍ୱେତବର୍ଣ୍ଣ
Śaṅkhi chiṅguṛi ଚିଙ୍ଗୁଡ଼ି ମାଛ—A white variety of shrimps.

ଶଙ୍ଖି ଚିପିବା—ଦେ. କ୍ରି—ପ୍ରାଣୀକୁ ହତ୍ୟା କରିବା ପାଇଁ ତଣ୍ଟିକୁ ଚିପିବା—To strangle an animal by pressing its throat or gullet.
Śaṅkhi chipibā
ଗଳାଟି(ଟେ)ପା ଗଲାଘୋଁଟନା

ଶଙ୍ଖିନ—ସଂ. ବି—ଶିମ୍ବିଷ ବୃକ୍ଷ (ହି. ଶ)
Śaṅkhina Acacia Arabica,

ଶଙ୍ଖିନଳା(ଳୀ)—ଦେ. ବି (ସଂ. ଶଙ୍ଖ ଓ ନାଳ)—ତଣ୍ଟିର ନଳୀ; ଯେଉଁ ବାଟେ ପେଟକୁ ଖାଦ୍ୟ ଯାଏ ଓ ପେଟରୁ ବାୟୁ ଅଧ ଆସେ—The gullet; wind pipe.
Śaṅkhinaḷā(ḷi)
ଗଳାର ନାଳୀ
ନରେଟୀ, टेंटुवा

ଶଙ୍ଖିନିକା—ସଂ. ବି—ଗ୍ରନ୍ଥିପର୍ଣ୍ଣୀ; ଗଣ୍ଠିଅନା (ହି. ଶ)
Śaṅkhinikā A kind of shrub.

ଶଙ୍ଖିନୀ—ସଂ. ବି. ସ୍ତ୍ରୀ (ଶଙ୍ଖ+ଇନ୍+ସ୍ତ୍ରୀ. ଈ)—୧ । କାମଶାସ୍ତ୍ର ଅନୁସାରେ ସ୍ତ୍ରୀଜାତି ମଧ୍ୟରୁ ଏକ ଜାତୀୟା ସ୍ତ୍ରୀ—1. One of the 4 classes of females classified according to the Hindu erotic works. [ଦ୍ର—ସ୍ତ୍ରୀଜାତିର ସ୍ତ୍ରୀ ଯଥା—ପଦ୍ମିନୀ, ଚିତ୍ରିଣୀ, ଶଙ୍ଖିନୀ, ହସ୍ତିନୀ । ଶଙ୍ଖିନୀର ଲକ୍ଷଣ-ଦୀର୍ଘକାୟା, ଦୀର୍ଘକେଶା, ନାତିସ୍ଥୂଳା, ନାତିକୃଶା, କୋପନା, ସଲୋମ ଶରୀର ବିଶିଷ୍ଟା, କୋପନ ସ୍ୱଭାବା ଓ ରକ୍ତସମ୍ଭୂତ ସ୍ତନା, କ୍ଷାର ଗନ୍ଧଯୁକ୍ତା, ବୃହତ୍ ନେତ୍ରବିଶିଷ୍ଟା, ଲଜ୍ଜା ଓ ଶଙ୍କା ରହିତା ଓ ଅଧୀରା । ପୁରୁଷମାନେ ମଧ୍ୟ ହିନ୍ଦୁଶାସ୍ତ୍ରକାରମାନଙ୍କ ଦ୍ୱାରା ଚାରି ଶ୍ରେଣୀରେ ବିଭକ୍ତ । ଯଥା—ଶଶ, ମୃଗ, ବୃଷ ଓ ଅଶ୍ୱ । ଏହା ମଧ୍ୟରୁ ବୃଷ ଜାତୀୟ ପୁରୁଷ ଶଙ୍ଖିନୀଜାତୀୟା ସ୍ତ୍ରୀର ଉପଯୁକ୍ତ ସହଚର ବା ସ୍ୱାମୀ ବୋଲି କାମଶାସ୍ତ୍ରରେ ଲିଖିତ ହୋଇଅଛି ।
Śaṅkhinī

ଶଙ୍ଖିନୀ ଜାତୀୟା ସ୍ତ୍ରୀର ଲକ୍ଷଣ ଃ—

ଦୀର୍ଘାତିଦୀର୍ଘ ନୟନା ବରସୁନ୍ଦରୀ ଯା
କାମୋପଭୋଗରସିକା ଗୁଣଶୀଳଯୁକ୍ତା
ରେଖାତ୍ରୟେଣ ଚ ବିଭୂଷିତ କଣ୍ଠଦେଶା
ସମ୍ଭୋଗ କେଳିରସିକା କିଲ ଶଙ୍ଖିନୀ ସା ।
ଶଶକେ ପଦ୍ମିନୀ ତୁଷ୍ଟା, ଚିତ୍ରିଣୀ ରମତେ ମୃଗମ୍
ବୃଷଭେ ଶଙ୍ଖିନୀ ତୁଷ୍ଟା ହସ୍ତିନୀ ରମତେ ହୟଂ ।
ପଦ୍ମିନୀ ପଦ୍ମଗନ୍ଧା ଚ ମୀନଗନ୍ଧା ଚ ଚିତ୍ରିଣୀ
ଶଙ୍ଖିନୀ କ୍ଷାରଗନ୍ଧାସ୍ୟାତ୍ ମଦଗନ୍ଧାଚ ହସ୍ତିନୀ ।
ଶବ୍ଦକୋଷ ଉଦ୍ଧୃତ ରସମଞ୍ଜରୀ]

୨ । ଉପଦେବତା ବିଶେଷ; ଡାକିନୀଙ୍କ ପରି ଦୁଷ୍ଟ ଉପଦେବତା—2. Female goblin; a class of wicked demigod or ghost. [ଦ୍ର—ଏମାନେ ରାତିରେ ନିର୍ଜନ ପ୍ରାନ୍ତର ଓ ବୃକ୍ଷତଳେ ଶୋଇଥିବା ଏକାକୀ ପଥିକର ଶଙ୍ଖି ଚିପି ରକ୍ତ ପିଅନ୍ତି ବୋଲି ପ୍ରବାଦ ଅଛି । ଏମାନେ ସଧବା ନାରୀର ପ୍ରେତ ବୋଲି ଲୋକ-ବିଶ୍ୱାସ । ଏହି ଉପଦେବତା ଶାହାଡ଼ା ଗଛରେ ବାସ କରନ୍ତି ବୋଲି ଶାସ୍ତ୍ରରେ ଲିଖିତ ଅଛି; ଏଥିପାଇଁ ଶାହାଡ଼ା ଗଛକୁ ଶଙ୍ଖିନୀବାସ ବୋଲଯାଏ) ୩ । (ବୈଦ୍ୟକ) ଶ୍ୱେତ ପୁଷ୍ପୀ; ଗୁଗୁଚିଅ—3. A sort of herb; lone thorn. ୪ । (ବୈଦ୍ୟକ) ଶ୍ୱେତ ବା ଯବତିକ୍ତା, ଶ୍ୱେତ [ଅନ୍ୟ ସଂ. ନାମ—ଯବତିକ୍ତା, ବନକନା; ଭୂଇଁ ନିମ୍ବ; ଏକପ୍ରକାର ମହାତିକ୍ତା, ସୂକ୍ଷ୍ମପୁଷ୍ପୀ, ଭଦ୍ରତିକ୍ତା,] ବର୍ଷାୟୁଃ ବନ୍ୟ ଶାକ (ଏହାର ଫୁଲ ଦୁଇ ପାଦା, ବିସର୍ପିଣୀ, ନାକୁଳୀ] ଧଳା ହୋଇଥିବା ହେତୁ ଏପରି ନେତ୍ରମୀଳା, ଅକ୍ଷପୀଡ଼ା, ନାମକରଣ ହୋଇଅଛି ।) ଭଦ୍ରତିକ୍ତା ମାହେଶ୍ୱରୀ, ତିକ୍ତା, ଯାମା (ଦେଖ)—4. Andrographis Paniculata. [ଦ୍ର—ଏହାର ଲତା ଓ ଫଳ ଶିବଲିଙ୍ଗୀ (ସଂ. ଶିବ ବଲ୍ଲୀ, ଲିଙ୍ଗିନୀ) ପରି; ଶିବଲିଙ୍ଗର ଫଳ ଉପରେ ଧଳା ବିନ୍ଦୁମାନ ଥାଏ; ଶଙ୍ଖିନୀ ଫଳ ଉପରେ ଏହା ନ ଥାଏ । ଏଥିର ବୀଜ ଶଙ୍ଖ ପରି । ବୀଜରୁ ତେଲ ବାହାରେ; ଏହା ବୈଦ୍ୟକ ମତରେ ସ୍ନିଗ୍ଧ, କଟୁ, ଗୁରୁ, ତୀକ୍ଷ୍ଣ, ଉଷ୍ଣ, ଅଗ୍ନିଦୀପକ, ବଳକର, ରୁଚିକାରୀ, ଓ ବିଷଦୋଷ, ଆମଦୋଷ, କ୍ଷୟ, ରୁଧିର ବିକାର, ଉଦର ଦୋଷ ଆଦିର ଶାନ୍ତିକର । ହି. ଶ.] ୫ । (ବୈଦ୍ୟକ) ଶ୍ୱେତ ପୁନ୍ନାଗ—5. A species of Alexandrian laurel. ୬ । ବୌଦ୍ଧମାନଙ୍କ ପୂଜିତା ଶକ୍ତି ବିଶେଷ (ହି. ଶ)—6. A female Deity worshipped by the Buddhists. ୭ । ଶରୀରସ୍ଥ ଦଶ ନାଡ଼ି ମଧ୍ୟରୁ ଗୋଟିଏ ନାଡ଼ି—(ଦଶନାଡ଼ି ତଳେ କୋଠ ଦେଖ)—ଗୁହ୍ୟଦ୍ୱାରର ନାଡ଼ୀ—7. The vein near the anus. ୮ । ମୁହଁର ନାଡ଼ି (ହି. ଶ.)—8. Vein of the face or mouth. ୯ । ଶିପ—9. Bivalve shell ୧୦ । ଅପ୍ସରାବିଶେଷ (ହି. ଶ) 10. Name a heavenly nymphs. ୧୧ । ତୀର୍ଥ ବିଶେଷ; ଶଙ୍ଖ ତୀର୍ଥ (ଦେଖ)—11. Śaṅkha tīrtha (See) ୧୨ । ଶଙ୍ଖ ପୁଷ୍ପୀ (ଦେଖ) (ହି. ଶ.)—12. Śaṅkhapushpī (See) ୧୩ । ଶ୍ୱେତପୁଷ୍ପୀ; ଗୁଗୁଚିଅ (ଶବ୍ଦକୋଷ)—13. Andropogen Aciculatus. ୧୪ । ରକ୍ତଚନ୍ଦନ (ଶବ୍ଦକୋଷ); ମାଂସରୋହିଣୀ—14. Red wood tree; Soymida Febrifuga. ୧୫ । ଶ୍ୱେତ ଅପରାଜିତା (ଶବ୍ଦକୋଷ)—15. The white flowered variety of Clitoria Terratia creeper. ୧୬ । ଶ୍ୱେତବୃନ୍ଦା (ଶବ୍ଦକୋଷ)—16. Name of a plant. ୧୭ । ଶ୍ୱେତ ଚୁକା (ଶବ୍ଦକୋଷ)—17. The white variety of Bladder dock. ସଂ. ବିଣ. ସ୍ତ୍ରୀ—(ଶଙ୍ଖିନ୍+ସ୍ତ୍ରୀ. ଈ)—ଶଙ୍ଖଧାରିଣୀ—(a female) Holding a conch.

ଶଙ୍ଖିନୀ ଡଙ୍କିନୀ—ସଂ. ବି.—ଏକପ୍ରକାର ଉନ୍ମାଦ (ହି. ଶ.)—
Śaṅkhinī ḍaṅkinī A kind of insanity.

[ଦ୍ର—ଏଥିର ଲକ୍ଷଣ, ସର୍ବାଙ୍ଗରେ ପୀଡ଼ା, ନେହ୍ ବ୍ୟଥା, ମୂର୍ଚ୍ଛା, କମ୍ପ, କ୍ରନ୍ଦନ, ହାସ୍ୟ, ପ୍ରଳାପ, ଅରୁଚି, ସ୍ୱରରୋଧ, ବଳ ଓ କ୍ଷୁଧା ନାଶ, ଜ୍ୱର ଓ ଶିରୋଭ୍ରମ ହ· ଶ.]

ଶଙ୍ଖିନୀ ଫଳ—ସଂ. ବି.—(ବୈଦ୍ୟକ)—ଶିରୀଷ ଗଛ—
Sankhini phala — Acacia Lebbec.

ଶଙ୍ଖିନୀ ବାସ—ସଂ. ବି.—(ଶଙ୍ଖିନୀ=ଉପଦେବତାବିଶେଷ+ବାସ=
Sankhini basa ଆବାସ)—ଶାଖୋଟ ବୃକ୍ଷ; ଶାହାଡ଼ା ଗଛ; (ଶାହାଡ଼ାର ଅନ୍ୟ ନାମ ଭୂତାବାସ)—Streblus Asper (tree).

ଶଙ୍ଖିପିତା(ତେ)ଇ—ଦେ. ବିଣ (ପୁଂ. ଓ ସ୍ତ୍ରୀ) (ସଂ. ଶଙ୍ଖ ଓ ପୀତରୁ)—
Sankhipita(te)i ଧଳା ଓ ହଳଦିଆ ବର୍ଣ୍ଣ ମିଶ୍ରିତ—
ফ্যাকাসে হলদে Of mixed white and yellow colour.
उजला पीला (ଯଥା—ଶଙ୍ଖିପିତେଇ ବିରାଡ଼ି ।)

ଶଙ୍ଖି ବିରାଡ଼ି—ଦେ. ବି (ପୁଂ. ଓ ସ୍ତ୍ରୀ)—ଧଳା ବିରାଡ଼ି—A white
Sankhi birardi cat.
সাদা বেরাল उजला बिलाव(र)

ଶଙ୍ଖି ମୋଡ଼ିବା—ଦେ. କ୍ରି—ପ୍ରାଣୀକୁ ବଧ କରିବା ପାଇଁ ତା ଗଳାକୁ
Sankhi mordiba ମୋଡ଼ିବା—To wring out the
গলা মোড়া neck of an animal with a view to
नरेटि मसोडना taking away his life.

ଶଙ୍ଖୀ—ସଂ. ବିଣ. ପୁଂ (ଶଙ୍ଖ+ଇନ୍; ୧ମା.; ୧ବ)—୧ । ଶଙ୍ଖଯୁକ୍ତ—
Sankhi 1. Having a conch; connected with
(ଶଙ୍ଖିନୀ—ସ୍ତ୍ରୀ) conch. ୨ । ଶଙ୍ଖଧାରୀ—2. Having a couch. ସଂ. ବି—୧ । ବିଷ୍ଣୁ—1. Bishnu. ୨ । ସମୁଦ୍ର—2. The Ocean. ୩ । ଶଙ୍ଖାରି—3. A trader in or manufacturer of conch shell bangles or shell-lac bangles. ୪ । ଏକପ୍ରକାର ବୃକ୍ଷ—4. Vinca Pusilla Murr (Kirtikar). ୫ । ସର୍ପବିଶେଷ (ହ· ଶ)—5. A kind of snake. ପ୍ରାଦେ. (ବାଲେଶ୍ୱର) (ଶଙ୍ଖୀଭୁଅଡ଼—ଅନ୍ୟ ପ୍ରାଦେ. ରୂପ) ବି—ସାମୁଦ୍ରିକ ମତ୍ସ୍ୟବିଶେଷ— A kind of sea fish. [ଦ୍ର—ଏହା ଦେଖିବାକୁ ମନୋହର ବା ବେଶ୍ଣି ମାଛ ପରି ।]

ଶଙ୍ଖୋଦଧି ମଳ—ସଂ. ବି—ସମୁଦ୍ର ଫେନ (ହ· ଶ)—
Sankhodadhi mala The bone of cuttle fish.

ଶଙ୍ଖୋଦରୀ—ସଂ. ବି—ଉଦ୍ୟାନର ଶୋଭା ପାଇଁ ଲଗା ଯିବା ଏକପ୍ରକାର
Sankhodari ନାତି ବୃହତ ଓ ନାତି କ୍ଷୁଦ୍ର ତରୁ—A kind
गुलप(तु)री of mediumsized tree planted in gardens for show. [ଦ୍ର—ଏହାର ପତ୍ର ଗୁଲୁଣ୍ଡା ପତ୍ର ପରି । ହଳଦିଆ ଓ ନାଲି ଫୁଲ ଭେଦରେ ଏ ଗଛ ଦୁଇ ପ୍ରକାର । ଏଥିର କଣ୍ଟକମାନ ଅଙ୍ଗୁଠି ପରି ମୋଟ, ଚେପଟା ଓ ୩।୪ ଅଙ୍ଗୁଳ ଲମ୍ବ । ଏଥିର ଫୁଲ ଗୋଛ ହୋଇ ବାରମାସ ଫୁଟେ; କିନ୍ତୁ ଅଷାଢ଼ ମାସରେ ବେଶି ଫୁଟେ । ଫୁଲ ଗନ୍ଧହୀନ । ଏଥିର କାଠ ଟାଣୁଆ; ଏ ଗଛ ମଞ୍ଜିରୁ ଓ କଲମରୁ ଉତ୍ପନ୍ନ ହୁଏ । ବୈଦ୍ୟକମତରେ ଏହା କଫ, ବାତଶୂଳ ଓ କୋଷ୍ଠରୋଗ ଦୂର କରେ—ହ· ଶ ।]

ଶଙ୍ଖୁ—ଦେ. ବି (ସଂ. ଶଙ୍କୁ)—ଶଙ୍କୁ (ଦେଖନ୍ତୁ ଅର୍ଥ ଦେଖ)
Sankhu Sanku (See)

ଶଙ୍ଖୁଆ—ଦେ. ବିଣ (ସ ଶଙ୍ଖ)—୧ । ଶଙ୍ଖାକୃତିବିଶିଷ୍ଟ—1. Conch-
Sankhua shaped. (ଯଥା—ଶଙ୍ଖୁଆ ଆମ୍ବ ।) ୨ । ଶଙ୍ଖ
শাঁখের মতন ବର୍ଣ୍ଣବିଶିଷ୍ଟ—2. Conch coloured. (ଯଥା—
शंखके ऐसा ଶଙ୍ଖୁଆ କିମ୍ଭୀର ।) ୩ । ଶଙ୍ଖ ପରି ଧଳା—
যে শাঁখ বাজায় 3. White as couch ଦେ. ବି—୧ । ଦେବ
शंख फुकनेवाला ମନ୍ଦିରରେ ଓ ବିବାହାଦି ଶୁଭ କାର୍ଯ୍ୟ ଉପଲକ୍ଷରେ ଯେ ଶଙ୍ଖ ବଜାଏ; ଶଙ୍ଖବାଦକ—1. A person who blows the conch on occasion of festivals. (ଦ୍ର—ମଧୁପ ଶଙ୍ଖୁଆ ମଲ୍ଲିକଳି ଚୁମ୍ବିବାରୁ ପ୍ରତେ ଦେଉଛି—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।) [ଦ୍ର—ହିନ୍ଦୁର ପ୍ରତ୍ୟେକ ଶୁଭକର୍ମରେ ଓ ଦେବ ମନ୍ଦିରରେ ଓ ବିଶେଷ ଘଟନା ଉପଲକ୍ଷରେ ଶଙ୍ଖ ବଜାଯାଏ ଏବଂ ଏହା
শেঁকো ମଙ୍ଗଳ ବାଦ୍ୟ ବୋଲି ପରିଚିତ ।] ୨ । ଶଙ୍ଖବିଷ—
शंखिया 2. Arsenic. ୩ । ଏକପ୍ରକାର ଧଳାବର୍ଣ୍ଣ କୁମ୍ଭୀର—
সাদা কুমীর उजला मगर 3 A kind of alligator with white hide and snout.

ଶଙ୍ଖୁଆ ମହୁରା—ଦେ. ବି (ସହଚର) (ସ. ଶଙ୍ଖବିଷ+ମଧୁର)—
Sankhua mahura ଦୁଇଟି ବିଷାକ୍ତ ଦ୍ରବ୍ୟ; ଶଙ୍ଖିଆ ଶଙ୍ଖୁଆ
শেঁকো ও মেড়াশিংঘা ଓ ଭିକ୍ଷ ମହୁରା—Arsenic and
शंखिया महुरा aconite.

ଶଙ୍ଖୁଆ ମହୁରିଆ—ଦେ. ବି (ସହଚର)—ବିବାହାଦି ମଙ୍ଗଳ କାର୍ଯ୍ୟରେ
Sankhua mahuria ଶଙ୍ଖ ବଜାଇବା ବ୍ୟକ୍ତି ଓ ମହୁରୀ
যে শাঁখ বাজায় ও যে সানাই বাজায় ବଜାଇବା ବ୍ୟକ୍ତି—
शंख बजानेवाला और सहनाई बजानेवाला The blower of a conch and the blower of a flute on any social festival.

ଶଙ୍ଖୁଡ଼ି—ଦେ. ବି (ସ. ସଙ୍କର; ସମ୍ଭ. ସଙ୍କର=ଅବର୍ଜନା କିମ୍ବା
Sankhurdi ସକ୍ଷାର=ଲବଣ ମିଶ୍ରିତ)—୧ । ଜଳପକ୍ୱ ଖାଦ୍ୟ—
সকড়ী 1. Any food boiled in water (e. g. rice,
सखरी curry etc). (ଯଥା—ଭାତ, ଡାଲି, ତିଅଣ, ଜଳପକ୍ୱ ପିଠା ।) ୨ । ଉଚ୍ଛିଷ୍ଟ ଖାଦ୍ୟ—2. Part of any food left after having been tasted or partaken of. ଦେ. ବିଣ—୧ । ଜଳଦ୍ୱାରା ପକ୍ୱ ହୋଇଥିବା (ଖାଦ୍ୟ)—1. (food) Boiled with water. ୨ । ଉଚ୍ଛିଷ୍ଟ (ଖାଦ୍ୟ)—2. (food) Already tasted and left. [ଦ୍ର—ସାଧାରଣତଃ ଜଳରେ ସିଦ୍ଧ ଖାଦ୍ୟକୁ ଶଙ୍ଖୁଡ଼ି ଓ ଜଳରେ ସିଦ୍ଧ ହୋଇ ନ ଥିବା ଏବଂ ଘିଅ ଓ ତେଲରେ ପକ୍ୱ ହୋଇଥିବା ଖାଦ୍ୟକୁ ଅଶଙ୍ଖୁଡ଼ି ବୋଲାଯାଏ । ଉଦାହରଣ ସ୍ୱରୂପ ଭାତ, ଡାଲି, ତିଅଣ, ମଣ୍ଡା, ଏଣ୍ଡୁରି, ଚକୁଳି, ଚାଉଳର କ୍ଷୀରି ଅନ୍ନ

ଶଙ୍ଖୁଡ଼ି ଓ ମିଠାଇ, କାକରା, ପିଠା, ଅରିସା, ଗହମ ଖିର, ଚୁଡ଼ାଭଜା, ଗହମ ଖଇର ଘିଅପକ୍ୱ ପିଠା, ଲଡ଼ୁ ଆଦି ଚଳନ୍ତିଆ ସାମଗ୍ରୀ ନିଶଙ୍ଖୁଡ଼ି। ଶଙ୍ଖୁଡ଼ି ଜିନିଷକୁ ଅନ୍ୟ ଲୋକ ବା ଶୂଦ୍ର ଛୁଇଁ ଦେଲେ ତାହା ମାରି ହୋଇଯାଏ; କିନ୍ତୁ ନିଶଙ୍ଖୁଡ଼ି ପଦାର୍ଥରେ ସ୍ପର୍ଶ ଦୋଷ ଲାଗେ ନାହିଁ। ଏ ଶଙ୍ଖୁଡ଼ି ନିଶଙ୍ଖୁଡ଼ିର କାରଣ ସମ୍ବନ୍ଧରେ କେତେଗୁଡ଼ିଏ ଦେଶାଚାର ମଧ୍ୟ ଚଳେ। ଯଥା—ଭଜା କମ୍ବା ତରକାରି ଲୁଣ ପଡ଼ି ରନ୍ଧା ହୋଇଥିଲେ ତାହା ଶଙ୍ଖୁଡ଼ି ହୋଇଯାଏ। କିନ୍ତୁ ଲୁଣ ପଡ଼ି ନ ଥିଲେ ତାହା ନିଶଙ୍ଖୁଡ଼ି ଥାଏ। ଗୁଡ଼ଲଡ଼ ଓ ବରର ପିଠା ଶଙ୍ଖୁଡ଼ିରେ ଗଣ୍ୟ ହୁଏ; କିନ୍ତୁ ଗହମ ଅଟାର ପିଠା ଓ ରୁଟି ନିଶଙ୍ଖୁଡ଼ି ଅଟେ। ଶଙ୍ଖୁଡ଼ି ପଦାର୍ଥକୁ ଖାଇବା ପୂର୍ବରୁ ବ୍ରାହ୍ମଣ ଚଳୁ କରେ; କିନ୍ତୁ ନିଶଙ୍ଖୁଡ଼ି ଖାଦ୍ୟ ପାଇଁ ଚଳୁ କରିବା ଦରକାର ହୁଏ ନାହିଁ। ଶଙ୍ଖୁଡ଼ି ହେଉ ବା ନିଶଙ୍ଖୁଡ଼ି ହେଉ, କୌଣସି ଖାଦ୍ୟକୁ ଜଣେ ବ୍ୟକ୍ତି ଖାଇଲେ ଅବଶିଷ୍ଟ ଖାଦ୍ୟ ଅଇଁଠା (ଉଚ୍ଛିଷ୍ଟ) ହୁଏ। କିନ୍ତୁ ଶଙ୍ଖୁଡ଼ି ପଦାର୍ଥ ଅଇଁଠା ହେବାର ନିୟମ ବଡ଼ କଡ଼ା। ଶଙ୍ଖୁଡ଼ି ପଦାର୍ଥକୁ ଇତର ଜାତୀୟ ବ୍ୟକ୍ତି ଛୁଇଁ ଦେଲେ ତାହା ଖାଇ ଯୋଗାଏ ନାହିଁ; କିନ୍ତୁ ନିଶଙ୍ଖୁଡ଼ି ପଦାର୍ଥ ସମ୍ବନ୍ଧରେ ସେତେ କଡ଼ା ନିୟମ ପ୍ରତିପାଳିତ ହୁଏ ନାହିଁ; ନିଶଙ୍ଖୁଡ଼ି ପଦାର୍ଥକୁ ଇତର ବ୍ୟକ୍ତି ଛୁଇଁଲେ ତାହା ମାରି ବା ଅଖାଦ୍ୟ ହୁଏ ନାହିଁ। ସମ୍ଭବତଃ ଲବଣ (ଖାର) ମିଶାଯାଇ ପକ୍ୱ ହୋଇଥିବା (ସଖାର) ଖାଦ୍ୟକୁ ନୀଚଜାତିର ଲୋକ ଛୁଇଁଲେ ତାହା ମାରି ହେବାର ଧାରଣାରୁ ଏ ଶଙ୍ଖୁଡ଼ି ଶବ୍ଦର ଉତ୍ପତ୍ତି ହୋଇଅଛି। ହିନ୍ଦୁସ୍ଥାନୀ ଓ ମାରବାଡ଼ୀମାନଙ୍କ ଦୃଷ୍ଟିରେ 'ରୁଟି' ମଧ୍ୟ ଶଙ୍ଖୁଡ଼ି ରୂପେ ଗଣ୍ୟ; କିନ୍ତୁ ଓଡ଼ିଶାରେ 'ରୁଟି' ନିଶଙ୍ଖୁଡ଼ି ରୂପେ ଗଣ୍ୟ; 'ଶଙ୍ଖୁଡ଼ି' ବସ୍ତୁ ସ୍ପର୍ଶ ଦୋଷ ଦୂଷିତ ହୁଏ, କିନ୍ତୁ 'ନିଶଙ୍ଖୁଡ଼ି'ରେ ସ୍ପର୍ଶ ଦୋଷ ଲାଗେ ନାହିଁ।]

ଶଙ୍ଖୁ(ଙ୍ଖୋ)ଳା—ଦେ. ବି—(ସଂ. ଶଙ୍ଖ; କାରଣ ପୂର୍ବେ ବନ୍ଧୁଘରକୁ Śaṅkhu(ṅkho)ḷā ଶଙ୍ଖୁଳା ପଠାଯିବା ବୋଝ ଓ ବ୍ୟକ୍ତି ସଙ୍ଗେ ଜଣେ ଶଙ୍ଖୁଆ ଶଙ୍ଖ ବଜାଇ ବଜାଇ ଯାଉଥିଲା। ବିବାହାଦି ମଙ୍ଗଳ କାର୍ଯ୍ୟ ଉପଲକ୍ଷରେ ଜୋଇଁ, ଭଣଜା ଓ ମାମୁ ଆଦିଙ୍କ ନିକଟକୁ ପଠା ଯାଉଥିବା ନିମନ୍ତ୍ରଣ ପତ୍ର ଓ ତାଙ୍କୁ ନେଇଯିବା ଭଣ୍ଡାର ଓ ପଣ୍ଡା ସଙ୍ଗେ ସଙ୍ଗେ ଜଣେ ଶଙ୍ଖୁଆ ଶଙ୍ଖ ବଜାଇ ବଜାଇ ଯାଉଥିବା ପ୍ରଥାରୁ ଏ ଶବ୍ଦ ଜାତ ହୋଇଅଛି)।

নিমন্ত্রণ ন্যোঁতা ୧। ବଶିଷ୍ଟ ବନ୍ଧୁବାନ୍ଧବଙ୍କ ନିକଟକୁ ବିବାହାଦି ଉତ୍ସବ ଉପଲକ୍ଷେ ପ୍ରେରିତ ସବିଶେଷ ନିମନ୍ତ୍ରଣ—1. Formal or ceremonial invitation sent to particular relatives (e. g. maternal uncle, sister's son, son-in-law on occasions of marriage etc. ୨। ବନ୍ଧୁବାନ୍ଧବଙ୍କୁ ବିବାହାଦି ଉପଲକ୍ଷେ ନିମନ୍ତ୍ରଣ—2. Invitation sent to relatives on ceremonial occasions.

তত্ত্ব সংদেশ ୩। ଝିଅ, ବୋହୂ ଓ ବନ୍ଧୁବାନ୍ଧବଙ୍କ କୁଶଳାଦିର ତତ୍ତ୍ୱ ନେବାପାଇଁ ପ୍ରେରିତ ଦ୍ରବ୍ୟ ସମ୍ଭାର—3. Presents sent along with formal enquiries to one's relatives. ୪। ଶାଶୁଘରେ ଥିବା ଝିଅ ନିକଟକୁ ପିତା ମାତାଙ୍କ ନିକଟରୁ ପଠାଯିବା ତତ୍ତ୍ୱ ବା ବୋଝ ଓ ଭାର—4. Presents sent by the parents to the daughter who has gone to her husband's house. ୫। ପିତ୍ରାଳୟକୁ ଯାଇଥିବା ବଧୂ ନିକଟକୁ ଶାଶୁ ଶ୍ୱଶୁରଙ୍କ ଘରୁ ପଠାଯିବା ତତ୍ତ୍ୱ ଓ ଭାର—5. Presents sent by the husband's family for making enquiries a bout the health of the daughter-in-law who has gone to her father's house—

কুশলপ্রশ্ন জিজ্ঞাসা ୬। କୌଣସି ବ୍ୟକ୍ତିର କୁଶଳ ପ୍ରଶ୍ନ କରଣ—6. Enquiry about a person's health etc.

আদর আদর ୭। ଆଦର; ଅଭ୍ୟର୍ଥନା—7. Regard.

ଦେ. ବିଣ—ବିବାହାଦିକୁ ନିମନ୍ତ୍ରିତ (ବନ୍ଧୁ)—

নিমন্ত্রিত ন্যৌতা হুআ Invited to a social occasion.

[ଦ୍ର—ଜୋଇଁଙ୍କ ଘରକୁ ଓ ବଧୂ ପିତୃଗୃହରେ ଥିବା ସମୟରେ ତା ସ୍ୱାମୀଙ୍କ ଘରୁ ତା ପିତୃଗୃହକୁ ପଠାଯିବା ତତ୍ତ୍ୱକୁ ସାଧାରଣତଃ ଶଙ୍ଖୁଳା ବୋଲାଯାଏ। ଏଥିର ଉଦ୍ଦେଶ୍ୟ ସେଠାରେ ଥିବା ଆପଣାର ଜୋଇଁ ବା ଝିଅ ବା ବୋହୂଙ୍କ କୁଶଳସମ୍ବାଦ ବୁଝିବା। ଝିଅ ବା ବୋହୂଙ୍କ ଠାକୁ କଣ୍ଠା ହଳଦୀ, ଫୁଲମାଳ, ସିନ୍ଦୂର, ପାନଅ, ଶାଢ଼ୀ, ମେଞ୍ଚିଖୁଣ୍ଟା, ଶୁଖୁଆ, ଫରୁଆ ଆଦି ଓ ନାନା ପ୍ରକାର ମୁଆଁ (ବର୍ତ୍ତମାନ ସଭ୍ୟତାଶ୍ରିତ୍ୟନୁସାରେ ଲାଭେଣ୍ଡର୍, ଏସେନ୍ସ, ସାବୁନ୍, ବାସନା ତେଲ ଓ ମିଠାଇ ଆଦି) ପ୍ରଭୃତି ସ୍ତ୍ରୀ-ବ୍ୟବହାର୍ଯ୍ୟ ପଦାର୍ଥମାନ ପଠାଯାଏ। ଜୋଇଁ ଘରକୁ ପାନ ଗୁଆ, ମାଛ, ଲୁଗାଯୋଡ଼ା ଆଦି ପୁରୁଷ-ବ୍ୟବହାର୍ଯ୍ୟ ପଦାର୍ଥମାନ ପଠାଯାଏ। ଝିଅ ପ୍ରଥମେ ଶାଶୁଘରକୁ ଯିବାର କେତେ ଦିନପରେ ତା ବାପ ଘରୁ ଶଙ୍ଖୁଳା ପଠାଯାଏ ଓ ବିବାହପରେ ନବବଧୂ କେତେକ ଦିନ ଶାଶୁଘରେ ରହି ବାପ ଘରକୁ ଫେରି ଯିବାର କେତେକ ଦିନ ପରେ ଶାଶୁଘରୁ ବଧୂ ନିକଟକୁ ବଧୂର ପିତ୍ରାଳୟକୁ ଶଙ୍ଖୁଳା ପଠାଯାଏ। ଏ ଶଙ୍ଖୁଳା ପଠାଯିବା ଗୋଟିଏ ଲୌକିକ ଆଚାର ଅଟେ। କୌଣସି ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭସଞ୍ଚାରର ୮।୯ ମାସ ପରେ ପିତ୍ରାଳୟରୁ ଓ ବନ୍ଧୁବାନ୍ଧବମାନଙ୍କ ଘରୁ ପଠାଯିବା ଶଙ୍ଖୁଳାକୁ 'ଚାଉଳ-ଖିଆ' (ବଙ୍ଗଳା-'ସାଧ') ବୋଲାଯାଏ। ଝିଅର ଉଦ୍ଦେଶ୍ୟରେ ପଠାଯିବା ବୋଝକୁ 'ଝିଅ-ଶଙ୍ଖୁଳା' ବୋଲାଯାଏ। ଏହିପରି ବୋହୂ-ଶଙ୍ଖୁଳା ଓ ଜୋଇଁ ଶଙ୍ଖୁଳା ଶବ୍ଦମାନ ବ୍ୟବହୃତ ହୁଏ।]

ଶଙ୍ଖୁଳା ବେଭାର—ଦେ. ବି.—ନିମନ୍ତ୍ରଣ ସଙ୍ଗେ ନ୍ଥିଅ, କୋଇଁ ଓ Sankhuḷā bebhāra ବୋହୂଙ୍କ ନିକଟକୁ ପଠାଯିବା ଉପଢୌକନ तत्व सन्देश —Presents sent on occasions of formal invitations or enquiries issued to relatives [ଦ୍ର—ସାଧାରଣତଃ ଭଣ୍ଡାରୀଙ୍କ ଦ୍ୱାରା ଶଙ୍ଖୁଳା ବୋଝ ପଠାଯାଏ ।] (ଶଙ୍ଖୁଳା ବୋଝ—ଅନ୍ୟରୂପ)

ଶଙ୍ଖୁଳିଆ—ଦେ. ବି—୧ । ଯେଉଁ ଭଣ୍ଡାରୀ ଶଙ୍ଖୁଳା ବୋଝ ନେଇ Sankhuḷiā ବହୁ ଯାଏ—1. The bearer of presents जो तत्वनियें जाय and formal invitations to relatives. ୨ । ରାଜାଙ୍କର ଭଣ୍ଡାରୀ ଜାତ୍ୟ ବିଶେଷ— 2. A class of Raja's barber servants.

ଶଙ୍ଖୁଳିବା—ଦେ. କ୍ରି (ସଂ. ଶଙ୍ଖ; ଶଙ୍ଖୁଳା ବୋଝ ସଙ୍ଗେ ଶଙ୍ଖ ଥାଇ Sankhuḷibā ଥିବାରୁ)—୧ । ବନ୍ଧୁବାନ୍ଧବମାନଙ୍କୁ ବିଶେଷ निमन्त्रण करना ଦ୍ରୁତବାଦ ଉପଲକ୍ଷରେ ନିମନ୍ତ୍ରଣ କରିବା—1. To न्यौतादेना send formal invitations to relatives on special festive occasions. ୨ । ନ୍ଥିଅ କୋଇଁ तत्व पाठान ପ୍ରଭୃତିଙ୍କ ନିକଟକୁ ଶଙ୍ଖୁଳା ବୋଝ ପଠାଇବା— सन्देश भेजना 2. To send formal presents to the son-in-law and daughter. ୩ । କୌଣସି कुशल प्रश्नकरा ବନ୍ଧୁଙ୍କର କୁଶଳ ସମ୍ବାଦ ବୁଝିବା ବା ତତ୍ତ୍ୱ जिज्ञासा करना ନେବା—3. To make enquiries about the health of one's relative or friend. (ଉ—ପାଣ୍ଡବେ ଦୁର୍ଯ୍ୟୋଧନ ଜାଣିବୁ ଭାଗିଲେ, ଧୃତରାଷ୍ଟ୍ର ନୃପଙ୍କୁ ଶଙ୍ଖୋଳ ବାହୁଡ଼ିଲେ । କୃଷ୍ଣସିଂହ. ମହାଭାରତ. ଆଦି ପର୍ବ ।) [ଦ୍ର - ବନ୍ଧୁ ଓ ସ୍ୱଜନମାନଙ୍କ ନିକଟେ ଯାଇ ବା ଲୋକ ପଠାଇ ଶଙ୍ଖୁଳିବାକୁ ହୁଏ ।] ୪ । ଖୋଜିବା; ଲୋଡ଼ିବା-1. To search after; to seek. (ଉ— खोंजा ढूंढ़ना ତେଣୁ ସେ ସ୍ୱାମୀଙ୍କ ଶଙ୍ଖୁଳେ, ତା ଯୋଗ୍ୟବର (ଶଙ୍ଖୁଳା ଯି[ବେ]ବା—କର୍ମବାଚ୍ୟରୂପ) ନାହିଁ ମିଳେ । ଜଗନ୍ନାଥ ଭାଗବତ ।)

ଶଙ୍ଖେ - ଦେ. ବିଣ—୧ । ଶଙ୍ଖ ମଧ୍ୟରେ ପୂର୍ଣ୍ଣ ହେବା ପରିମିତ (ଜଳ)— Sankhe 1. A conch-full of (water). ୨ । ଅତି ଅଳ୍ପ एकशंख ପରିମିତ—2. Very little in quantity. एकशंख (ଉ—ସମୁଦ୍ରକୁ "ଶଙ୍ଖେ ପାଣି—ନ୍ୟାୟବଚନ; ଅର୍ଥାତ୍ ଯେଉଁଠାରେ ଜଳ ଅପ୍ରମେୟ, ସେଠାରେ ଏକ ଶଙ୍ଖପୂର୍ଣ୍ଣ ଜଳ ଢାଳିବା ଓ ନ ଢାଳିବା ସମାନ । ଧନୀକୁ ଧନ ଦେବା ନ୍ୟାୟ ଓ ତେଲିଆ ମୁଣ୍ଡରେ ତେଲ ଢାଳିବା ନ୍ୟାୟ)

ଶଙ୍ଖେଇ—ଦେ. ବି. ସ୍ତ୍ରୀ—ଗ୍ରାମଦେବୀ ବିଶେଷଙ୍କ ନାମ— Sankhei Name of a village Goddess. (ଶଙ୍ଖେଶ୍ୱରୀ—ଅନ୍ୟରୂପ)

ଶଙ୍ଖୋଦଧି ମଳ—ସଂ. ବି—ସମୁଦ୍ର ଫେଣ (ହି. ଶ) Sankhodadhi maḷa The bone of cuttle fish; cuttle bone.

ଶଙ୍ଖୋଦରୀ—ସଂ. ବି (ବୈଦ୍ୟକ)—ବୋମ୍ବାଇ ପ୍ରଦେଶରେ ଗୁଳ୍ମଭୂମି Sankhodari ନାମରେ ପରିଚିତ ନାତିବୃହତ୍ ବୃକ୍ଷ ବିଶେଷ— गुलप(तु)री, सिष्धेकर A sort of tree. [ଦ୍ର—ଏହା ମଧ୍ୟମାକାର ବୃକ୍ଷ, ଏହାକୁ ଲୋକେ ବଗିଚାରେ ଶୋଭାପାଇଁ ଲଗାନ୍ତି । ଏହାର ପତ୍ର ଗୁଚ୍ଛଣ୍ଡା ଋଜୁପତ୍ର; ହଳଦିଆ ଓ ନାଲି ଫୁଲ ଭେଦରେ ଏ ଗଛ ଦୁଇ ପ୍ରକାର । ଏହାର କଢ଼ିମାନ ଅଙ୍ଗୁଠି ପରି ମୋଟା, ଚେପଟା ଓ ଚାରି ଅଙ୍ଗୁଳ ଲମ୍ବ ହୁଏ ଓ ଏଥିରେ ୬।୮ ଦାନା ଥାଏ । ଏହାର ଫୁଲ ଗୁଚ୍ଛ ଗୁଚ୍ଛ ହୋଇ ବାରମାସ ଫୁଟେ । ଅନ୍ୟ ମାସମାନଙ୍କ ଅପେକ୍ଷା ଆଷାଢ଼ ମାସରେ ବେଶି ଫୁଲ ଫୁଟେ । ଫୁଲ ଗନ୍ଧହୀନ । ଏହାର କାଠ ଦୃଢ଼ । ଏ ବୃକ୍ଷ ମଞ୍ଜିରୁ ଓ କଲମରୁ ଉତ୍ପନ୍ନ ହୁଏ । ଏଥିର କାଥ କେତେ ରୋଗରେ ଦିଆଯାଏ । ବୈଦ୍ୟକ ମତରେ ଏହା ଗରମ ଓ କଫ, ବାତ, ଶୂଳ ଆମବାତ ଓ କେନ୍ଦ୍ର ରୋଗରେ ହିତକର । ହି. ଶ]

ଶଙ୍ଖୋଳା—ଦେ. ବି—ଶଙ୍ଖୁଳା (ଦେଖ) Sankhoḷā Sankhuḷā. (See)

ଶଙ୍ଖୋଳିବା—ଦେ. କ୍ରି—ଶଙ୍ଖୁଳିବା (ଦେଖ) Sankhoḷibā Sankhuḷibā. (See) (ଉ—ପୁତ୍ରପତି ବନ୍ଧୁ ଲେଖା କୁଟୁମ୍ବ ଶଙ୍ଖୋଳ । ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା ।)

ଶଙ୍ଖୋଳି ଯିବା—ଦେ. ବି—କୁଶଳ ସମ୍ବାଦ ଜାଣିବା ନିମିତ୍ତ ବନ୍ଧୁ- Sankhoḷi jibā ବାନ୍ଧବଙ୍କ ଘରକୁ ସ୍ୱୟଂ ବୁଲିଯିବା—To call देखते जाओ at the house of a person to enquire देखने जाना how he is doing. (ଉ—ବଜାଇ ବୀଣାରେ ନାରଦ ଗ୍ରାମରେ ଶଙ୍ଖୋଳ ଯାଇ କି । ଉଞ୍ଜ. ବୈଦେହୀଶବିଳାସ ।)

ଶଚ(ଧାତୁ)—ସଂ.— କହିବା— Śach (root) To speak.

ଶଚି(ଚୀ)—ସଂ. ବି. ସ୍ତ୍ରୀ (ଶଚ୍ ଧାତୁ=କହିବା+କର୍ତ୍ତୃ ଅ+ସ୍ତ୍ରୀ ଇ, ଈ; Śachi(chi) ଯେ ମଧୁର ବାକ୍ୟ କହନ୍ତି)—୧ । ଇନ୍ଦ୍ରଙ୍କ ପତ୍ନୀ; (ଅନ୍ୟ ସଂ ନାମ—ଇନ୍ଦ୍ରାଣୀ, ଐନ୍ଦ୍ରୀ, ପୁଲୋମଜା, ମାହେନ୍ଦ୍ରୀ, ଜୟବାହିନୀ) इन्द्राणी—1. The wife of Indra, the king of gods. [ଦ୍ର—ଏ ଦାନବରାଜ ପୁଲୋମାଙ୍କ କନ୍ୟା । ଇନ୍ଦ୍ରଙ୍କ ଔରସରେ ଏହାଙ୍କର ଯେଉଁ ପୁତ୍ର ହୋଇଥିଲା ତାର ନାମ ଜୟନ୍ତ । ଇନ୍ଦ୍ର ପଦ ତପସ୍ୟାଦ୍ୱାରା ଲଭ୍ୟ, ଅତଏବ କାଳକ୍ରମେ ଅନେକଙ୍କ ଭାଗ୍ୟରେ ଇନ୍ଦ୍ରତ୍ୱ ମିଳେ । କିନ୍ତୁ ଯେ ଇଚ୍ଛା ସେ ଇନ୍ଦ୍ର ହୁଅନ୍ତୁ, ଶଚୀ ଇନ୍ଦ୍ରଙ୍କର ପଦସମ୍ପର୍କୀୟା (official) ପତ୍ନୀ । ଏଥିପାଇଁ ତିନି ଅଛି— ଜେତେ ଇନ୍ଦ୍ର ଗଲେଣି ଏକା ଶଚୀ ବସିଛି ।] ୨ । ଶତମୂଳୀ; ଶତାବରୀ; ଛତ୍ରରୁହା—2. The climbing asparagus; Asparagus Racemosus. ୩ । ଶୁକ୍ଳା; ପିଡ଼ଙ୍ଗଶାଗ (ହି. ଶ)—3. Trigonella Corniculata. ୪ । ବଲ୍ଲରୀ ଶକ୍ତି; ବାଗ୍ମିତା

(ବ୍ର. ଶ)—4. Eloqence. ୫ । ପ୍ରଜ୍ଞା; ବୁଦ୍ଧି; ଅକଲ (ବ୍ର. ଶ)—5. Intelligence. ଦେ. ବି—

ଶଚୀଦେବୀ **शचीदेवी** ୧ । ଶ୍ରୀଚୈତନ୍ୟଦେବଙ୍କର ମାତା ଓ ଜଗନ୍ନାଥ ମିଶ୍ରଙ୍କର ପତ୍ନୀ—1. The name of the mother of Śrī Chaitanya. [ଦ୍ର—ଶ୍ରୀଚୈତନ୍ୟଙ୍କ ମାତା ଶଚୀଦେବୀଙ୍କ ସାଂସାରିକ ଜୀବନ ସୁଖମୟ ନ ଥିଲା । ଏକାଦିକ୍ରମେ ତାଙ୍କର ଅଠଗୋଟି କନ୍ୟା ଜନ୍ମି ଗୋଟିକ ପରେ ଗୋଟିଏ ସମସ୍ତେ ଶିଶୁ ଅବସ୍ଥାରେ ମରି ଯାଇଥିଲେ; ନବମ ଗର୍ଭରେ ବିଶ୍ୱରୂପ ଜନ୍ମିଥିଲେ ଓ ସେ ବାଲ୍ୟକାଳରେ ସନ୍ନ୍ୟାସୀ ହୋଇ ଗୃହତ୍ୟାଗପୂର୍ବକ କେଉଁଆଡ଼େ ଚାଲିଗଲେ; ଦଶମ ଗର୍ଭରେ ଶ୍ରୀଚୈତନ୍ୟ ଜନ୍ମଗ୍ରହଣ କଲେ । ଶଚୀଦେବୀ ଚୈତନ୍ୟଙ୍କର ବାଲ୍ୟକାଳରେ ବିଧବା ହେଲେ । ଶଚୀଦେବୀ ଚୈତନ୍ୟଙ୍କ ବିବାହ କରାଇଲେ ଓ ପ୍ରଥମା ପୁତ୍ରବଧୂ ମୃତା ହେବାରୁ ମାତା ପୁତ୍ରକୁ ପୁନର୍ବାର ବିଷ୍ଣୁପ୍ରିୟାନାମ୍ନୀ ବାଳିକାଙ୍କ ସହିତ ବିବାହିତ କରାଇଲେ । କିନ୍ତୁ ଏହାର ଅଳ୍ପ ଦିନ ପରେ ଚୈତନ୍ୟ ସନ୍ନ୍ୟାସୀ ହୋଇ ଗୃହତ୍ୟାଗ କଲେ ଏବଂ ଶଚୀଦେବୀ ପୁତ୍ରବଧୂଙ୍କ ସହିତ ପୁତ୍ର ବିରହ-ଦୁଃଖରେ କାଳାତିପାତ କଲେ । ଚୈତନ୍ୟଦେବଙ୍କ ପୂର୍ବପୁରୁଷ ମଧୁକର ମିଶ୍ର ଉତ୍କଳାଧିପତି କପିଳେନ୍ଦ୍ରଦେବଙ୍କ ଭୟରେ ଯାଜପୁରରୁ ଯାଇ ବଙ୍ଗଦେଶର ଶ୍ରୀହଟ୍ଟରେ ବାସ କରିଥିଲେ । ଶ୍ରୀହଟ୍ଟରେ ଚୈତନ୍ୟଦେବଙ୍କ ପିତା ଜଗନ୍ନାଥ ମିଶ୍ର ଜନ୍ମଗ୍ରହଣ କରିଥିଲେ ।] ୨ । (ସ୍ତ୍ରୀ)—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—2. A name given to females. ୩ । (ପୁଂ)—ଶଚୀନ୍ଦ୍ରର ଡାକନାମ—3. A name for calling a male named Śachīndra.

ଶଚ(ଚୀ)ତନୟ—ସଂ. ବି (୬ଷ୍ଠୀ ତତ୍) —ଇନ୍ଦ୍ର ପୁତ୍ର; ଜୟନ୍ତ— Śachi(chī)tanaya Jayanta, the son of Indra. [ଶଚ(ଚୀ)ନନ୍ଦନ—ଅନ୍ୟରୂପ] ଦେ. ବି—ଶ୍ରୀଚୈତନ୍ୟଦେବ— Śrī Chaitanya.

ଶଚ(ଚୀ)ତୀର୍ଥ—ସଂ. ବି—ପ୍ରାଚୀନ ତୀର୍ଥବିଶେଷ (ବ୍ର. ଶ)— Śachi(chī)tīrtha Name of an ancient holy bathing place. [ଦ୍ର—କାଳିଦାସଙ୍କ ଅଭିଜ୍ଞାନ ଶାକୁନ୍ତଳମ୍ ନାଟକର ପଞ୍ଚମାଙ୍କରେ ଅନ୍ତଃସତ୍ତ୍ୱା ଶକୁନ୍ତଳା ଦୁଷ୍ୟନ୍ତଙ୍କ ରାଜଧାନୀକୁ ଆସିବାବେଳେ ଶଚୀତୀର୍ଥର ଉପକଣ୍ଠରେ ବା ଇନ୍ଦ୍ରଘାଟରେ ସ୍ନାନ କଲାବେଳେ ତାଙ୍କ ହାତରେ ବନ୍ଧାଥିବା ଦୁଷ୍ୟନ୍ତଙ୍କ ପ୍ରଦତ୍ତ ଅଭିଜ୍ଞାନମୁଦ୍ରିକାଟି ହଜି ଯାଇଥିବା କଥା ପ୍ରକାଶ କରିଥିବା ଉଲ୍ଲେଖ ଅଛି । ଏହା ଗଙ୍ଗାନଦୀର ଗୋଟିଏ ଅବତରଣ ଘାଟ ବୋଲି ଟୀକାକାର ଲେଖିଅଛନ୍ତି ।]

ଶଚ(ଚୀ) ନାଥ—ସଂ ବି—(୬ଷ୍ଠୀ ତତ୍)—୧ । ଇନ୍ଦ୍ର; ଦେବରାଜ— Śachi(chī)nātha 1. Indra, the king of the gods. ଶଚିନାଥ **शचीनाथ** ଦେ. ବି. ପୁଂ—୧ । ପୁରୁଷଙ୍କ ନାମ— (ଶଚୀ[ଚୀ]ପତି—ଅନ୍ୟରୂପ) 1. A name given to males. ୨ । ଶ୍ରୀ ଚୈତନ୍ୟଦେବଙ୍କ ପିତା ଜଗନ୍ନାଥ ମିଶ୍ର— 2. The father of Chaitanya.

ଶଚ(ଚୀ) ନାହା—ଦେ. ବି—(ସଂ. ଶଚୀନାଥ)—ଇନ୍ଦ୍ର— Śachi(chī) nāhā Indra; the king of the gods. ଶଚୀନାହା **शचिनाहा** [ଦ୍ର—ଯାହା ପଦେ ଲକ୍ଷ୍ମୀ ଲେଖୁଥିଲେ, ଶଚୀନାହା ପଦ ଭୁଞ୍ଜୁ କରି । ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ. ସର୍ଗାଙ୍କ ।]

ଶଚନ୍ଦ୍ର—ଦେ. ବିଣ.—ଛଚନ୍ଦ୍ର (ଦେଖ) Śachindra Chchachindra (See)

ଶଚ(ଚୀ) ମାତା—ଦେ. ବି. ସ୍ତ୍ରୀ—ଶଚୀ ଦେବୀ; (ସେ ଚୈତନ୍ୟଦେବଙ୍କ Śachi(chī) mātā ମାତା ଥିବାରୁ ଭକ୍ତମାନଙ୍କଦ୍ୱାରା ଜଗନ୍ମାତା ଶଚିମାତା ରୂପେ ଅଭିହିତା)—Mother Śachi, the mother of Śrī Chaitanya.

ଶଚୀନ୍ଦ୍ର—ସଂ. ବି (ଶଚୀ+ଇନ୍ଦ୍ର)—୧ । (ଦ୍ୱନ୍ଦ୍ୱ) ଶଚୀ ଓ ଇନ୍ଦ୍ର— Śachīndra 1. Śachi and her husband Indra. ୨ । (୬ଷ୍ଠୀ ତତ୍, ଶଚୀଙ୍କର ଇନ୍ଦ୍ର ବା ସ୍ୱାମୀ) ଦେବରାଜ ଇନ୍ଦ୍ର—2. Indra, the husband of Śachi. ଶଚୀନ୍ଦ୍ର ଦେ. ବି. ପୁଂ—ପୁରୁଷଙ୍କ ନାମ—A name given **शचीन्द्र** to males. ଦେ. ବିଣ—୧ । ବିଦ୍ୟା ଅଧ୍ୟୟନରେ ମନୋଯୋଗୀ ଓ ଅଧ୍ୟବସାୟୀ (ଇନ୍ଦ୍ରଙ୍କ ସଙ୍ଗେ ତୁଳନା)—1. Attentive to and persevering in one's studies. ୨ । ବାହାଦୁର; ପ୍ରଶଂସାଯୋଗ୍ୟ— Praiseworthy. ବାହାଦୁର **बहादुर**

ଶଜ—ଦେ. ବି—(ସଂ ଶସ୍ୟ)—୧ । ଅପକ୍ୱ ତାଳ ଓ ନଡ଼ିଆ ଆଦିର Śaja ଖୋଳ ମଧ୍ୟରେ ଥିବା କୋମଳ ପଦାର୍ଥ—1 The soft शांस कोआ kernel inside the stone of raw palm and cocoanut fruits. ୨ । ସଜ (ଦେଖ) 2. Saja (See).

ଶଜନା—ଦେ. ବି.—(ସଂ ଶୋଭାଞ୍ଜନ)—ନାତିଦୀର୍ଘ ଗ୍ରାମ୍ୟ ଗାଛବିଶେଷ—The drumstick plant; the horse radish; Hyparanthera Moringa; Moringa Pterygosperma. [ଦ୍ର—ଏହି ଗଛର ଡାଳ ଧଳା ଓ ଲଘୁ, ଡାଳ ନରମ; ଗଛରୁ ଅଠା ବାହାରେ । ପତ୍ର ବହୁପର୍ଣ୍ଣୀ; ଫଳ (ଛୁଇଁ)ର ମଧ୍ୟରେ ପକ୍ଷଯୁକ୍ତ ତିକୋଣବୀଜ ଥାଏ । ଏହାର ପତ୍ର, ଛୁଇଁ ଓ ଫୁଲକୁ ଲୋକେ ଖାଆନ୍ତି । ଏହାର ମୂଳ ଗୁଗୁଡ଼ ଓ ଔଷଧରେ ବ୍ୟବହୃତ ହୁଏ । ଏଥିର ଛାଲ ପଥ୍ୟ ଔଷଧରେ ଲାଗେ । ଛୁଇଁ ରୋଗୀର ପଥ୍ୟ ଓ ରେଚକ । ଡାଳ ପୋତିଲେ ଗଛ ହୁଏ । ଗଛ ମୂଳେ ପାଣିଁ ସି

ସଂ. ନାମ—ଶିଗ୍ରୁ, ଶୋଭାଞ୍ଜନ, ତୀକ୍ଷ୍ଣଗନ୍ଧକ, ଅକ୍ଷୀବ; ମୋଚକ, ମୂଳକପର୍ଣ୍ଣୀ (ରକ୍ତ ଶଜନାର ସଂ. ନାମ—ମଧୁଶିଗ୍ରୁ)
ଶଜିନା
सहजन, सहिंजन
ମ. କାଳସେଗୁଳା
ଶେବଗା
ତେ ମୁନଗା, ମୁନଗା, ମୁରଙ୍ଗା
ତା. ମୋରୁଙ୍ଗ, ମୋରୁଙ୍ଗାଇ
ଗୁ. ସର୍ଗନା, ସରଗବୋ

ଲୁହାଇଲେ ଗଛରେ ଶୁଅଁ ବାଳ ପୋକ ଲାଗନ୍ତି ନାହିଁ । ପ୍ରତିବର୍ଷ ଏ ଗଛର ଗଣ୍ଡିରେ ଓ ଡାଳରେ ଶୁଅଁ ବାଳ ପୋକ ବ୍ୟାପିଯାଇ ଏ ଗଛର ପତ୍ରସବୁ ଖାଇଯାଆନ୍ତି । ଏ ଛୁଇଁର ମଞ୍ଜିରୁ ଏକପ୍ରକାର ତେଲ(Ben oil) ବାଲାତରେ ପ୍ରସ୍ତୁତ ହୋଇ ଘଣ୍ଟା ଘଡ଼ି କଳ ଅନ୍ଦରେ ଦିଆଯାଏ । ଡାଳ ପୋଡ଼ିଲେ ଯେଉଁ ଗଛ ହୁଏ, ତାହାକୁ ଶଜନା ଓ ମଞ୍ଜିରୁ ଯେଉଁ ଗଛ ହୁଏ, ତାହାକୁ ମୁଗୁନା (ବ. ନାଜନା) ବୋଲାଯାଏ । ମୁଗୁନାଛୁଇଁ ଶଜନାଛୁଇଁ ପରି ସୁସ୍ୱାଦୁ ନୁହେଁ । ମୁଗୁନା ଛୁଇଁ ବାରମାସୀ ଫଳେ । ଶଜନାଛୁଇଁ ଶୀତ, ବସନ୍ତ ଓ ଗ୍ରୀଷ୍ମ କାଳରେ ଫଳେ । ଏ ଗଛର ଗଣ୍ଡିରୁ ଏକପ୍ରକାର ଅଠା ବାହାରେ । ବୈଦ୍ୟଶାସ୍ତ୍ରମତେ ଶଜନା ଅର୍ଗପ୍ରସାଦକ ଓ ବାୟୁ, କୃମି, ବ୍ରଣ, ପ୍ଲୀହା, ଗୁଳ୍ମ ଉଦର ନାଶକ । ଏହାର ମଞ୍ଜି ଚକ୍ଷୁର ହିତକର । ବୈଦ୍ୟଶାସ୍ତ୍ରମତରେ ଏହା କଟୁ-ମଧୁର-ତିକ୍ତ-ରସ, କଟୁବିପାକ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ଲଘୁ, ଅଗ୍ନିଦୀପକ, ରୁଚିକର, ବଦାଗ୍ନି, ଧାରକ, ଶୁକ୍ରବର୍ଦ୍ଧକ, ରକ୍ତପିତ୍ତ-ପ୍ରକୋପକ ଓ ଚକ୍ଷୁର ହିତକର । ଏହା କଫ, ବାୟୁ, ବିଦ୍ରଧି, ଶୋଥ, କୃମି, ମେଦୋଦୋଷ, ଅପଚୀ, ବ୍ରଣ, ପ୍ଲୀହା, ଗୁଳ୍ମ, ଗଳଗଣ୍ଡ ଓ ବ୍ରଣ ପ୍ରଭୃତି ନାଶକ । ଶଜନାର ବଲ୍କଲ ଓ ପତ୍ରର ରସ ବେଦନାପ୍ରଶମକ । ଶଜନାର ମଞ୍ଜି ଚକ୍ଷୁର ହିତକର, ବିଷଘ୍ନ ଓ ଅବୃଷ୍ୟ । ରକ୍ତ ଶଜନା ପତ୍ରର ରସର ନାସ ନେଲେ ଶିରୋରୋଗ ଭଲ ହୁଏ । ଶଜନାର ମଞ୍ଜିକୁ 'ଶ୍ୱେତ ମରିଚ' ବୋଲାଯାଏ । ବୈଦ୍ୟଶାସ୍ତ୍ରମତରେ ଶ୍ୟାମ, ଶ୍ୱେତ ଓ ରକ୍ତବର୍ଣ୍ଣ ଭେଦରେ ଶଜନା ତିନି ପ୍ରକାର ।]

ଶଜନା ଅଠା—ଦେ. ବି—ଶଜନା ଗଛର ଗଣ୍ଡିର ଖତରୁ ବାହାରିବା Śajanā athā ନିର୍ଯ୍ୟାସ—Gum exuded from the শজনা আঠা सहिजन गोंद trunk of Śajanā

ଶଜନା ଗଛ ମୂଳେ କୁଡ଼େଇଲି ପାଉଁଶ, ତତେ ଦେଖି ମୋର ଭାରି ଶରଧା—ଦେ. ଢଗ (ବ୍ୟଙ୍ଗ୍ୟ)—ଉତ୍ପ୍ରେକ୍ଷ, ଛନ୍ଦୋଭଙ୍ଗ, ଯତିଭଙ୍ଗ, Śajanā gachha mūḷe kuṛheili pāunśa, ଅମିତ୍ରାକ୍ଷର tate dekhi mora bhāri Śaradhā କବିତା ପ୍ରତି ବ୍ୟଙ୍ଗ—টেবিলের সূত্রধর কাপড়িল তাঁতি An ironical couplet spoken in travesty of poetasters composing blank verse.

ଶଜନା ଛୁ(ଛୋ)ଇଁ—ଦେ. ବି—ଶଜନା ଗଛରେ ଫଳିବା ଛୁଇଁ—Śajanā chhu (chho)iṅ The pods of horse শজিনা ডাঁটা सहिंजनका छिमी radish. ଚେ.—ମୁନଗ ପାଣ୍ଡୁ

ଶଜନା ଫୁରୁ ଫୁରି—ଦେ.ବି—ଶଜନା ଗଛରଗଣ୍ଡିରୁ ମନକୁ ଝଡ଼ି ପଡ଼ିଥିବା Śajanā phuru phuri ଶୁଖିଲା ଛେଲି ବା ବକଳ—(ଏହା শজিনার শুকনো ছাল ଔଷଧରେ ଲାଗେ)—Dry peelings सहजन बकलोइया of the bark of a Śajanā tree. [ଶଜନା ଛଲି—ଅନ୍ୟରୂପ]

ଶଜନା ଶାଗ—ଦେ. ବି—ଶାଗରୂପେ ବ୍ୟବହୃତ ଶଜନାଗଛର ପତ୍ର—Śajanā śāga The leaves of Śajanā tree fried শজিনার শাক सहिजनाका शाक and eaten as potherb. [ବି—ଏହା ରୁଚିକର ଓ ଜାଣ୍ଡିକାରକ ।]

ଶଜାରୁ—ପ୍ରାଦେ.—(ମେଦିନୀପୁର)—ବି—(ସ. ଶଲ୍ଲକୀ;ଭୂକ. ବ. ସଜାରୁ Śajāru ଓ ଝେଦାରୁ)—ଝିଙ୍କ—Porcupine.

ଶଜିନା (ଇତ୍ୟାଦି)—ଦେ. ବି—ଶଜନା ଇତ୍ୟାଦି (ଦେଖ) Śajinā (etc) Śajanā etc (See)

ଶଞ୍ଚାଣ—ଦେ. ବି—(ସ. ଶ୍ୟେନ; ସଞ୍ଚାନ)—ଛଞ୍ଚାଣ, ଶ୍ୟେନ ପକ୍ଷୀ, Śañchāṇa ବାଜପକ୍ଷୀ—Hawk (bird). বাজ; শ্যেন পাখী बाज; शिकरा

ଶଟ୍ (ଧାତୁ)—ସ.—୧ । ଗମନ କରିବା—1. To go. ୨ । ଗତି Śaṭ (root) କରିବା—2. To move. ୩ । ବୃଦ୍ଧି ପାଇବା—3. To grow; to increase. ୪ । ଅବସନ୍ନ ହେବା—4. To be pulled down or spent up; to become exhausted. ୫ । ଭେଦକରିବା। 5. To pierce.

ଶଟ୍—ଦେ. ଅ—(ଧ୍ୱନ୍ୟନୁକରଣ)—୧ । ହଠାତ୍ ଗତି କରି ବାହାରି Śaṭ ଯିବା ପ୍ରକାରରେ—1. Suddenly (going off). শট্, শট করে शट, शट करके ୨ । ଶଟ୍ ଶବ୍ଦ କରି (ଯଥା, ଦୃଢ଼ ଶଟ୍‌କନା, ଶଟ୍‌କନ୍, ଶଟ୍‌କର ଶଟ୍‌କର—ଅନ୍ୟରୂପ ହୋଇ ମରା ଯାଇଥିବା ଠିପି ବୋତଲରୁ ବାହାରି ଯିବା ଶବ୍ଦ)—2. With a loud jerking or snapping sound like that of a cork coming out of a bottle to which it had been tightly fitted. ଦେ. ବି.—(ସ. ଶଠ; ଶାଠ୍ୟ)—୧ । ମେଳ; ଯୋଗ ସାଜସ—1. Collusion; combination. শাট सट ୨ । ଦୁମନ୍ତ୍ରଣା; ଷଡ଼ଯନ୍ତ୍ର—2. Conspiracy; plot. ୩ । ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ—3. Fraud. ୪ । ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଅବୈଧ ବା ଗୁପ୍ତ ପ୍ରଣୟ; ପାପ ଦୋସ୍ତି—Illicit or secret love between two lovers. ୫ । ପରସ୍ପରଙ୍କ ମଧ୍ୟରେ ଠାରଠେରରେ ଭାବ ବିନିମୟ; ଠାର—5. Mutual exchange of messages by secret gestures. ୬ । ଅଭିସାର—6. Assignation for the secret meeting of two lovers; love tryst. ୭ । ଗୁପ୍ତ ପରାମର୍ଶ—7. Secret consultation. ଦେ. ବି.—ଶାଟ୍ (ଦେଖ)—Śāṭ (See)

ଶଟ୍(ଟ୍)କଟ୍—ବୈଦେ. ବି—(ଇଂ. ଶର୍ଟ୍ କଟ୍)—୧ । କୌଣସି Śaṭ(rt)-kaṭ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ପଡ଼ିଥିବା ରାସ୍ତା সট কট सट कट ମାନଙ୍କ ମଧ୍ୟରୁ ସିଧା ରାସ୍ତା—1. Straight road from one place to another. ୨ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାପାଇଁ ସବୁଠାରୁ କମ ଦୂରତ୍ୱର

ବାଟ—Shortest route. ବଣ.—୧ । ସବୁଠାରୁ ଅଳ୍ପ ଦୂରତାବିଶିଷ୍ଟ—1. Shortest. ୨ । ସିଧା (ରାସ୍ତା)—2. Straight (road).

ଶଟ୍(ର୍ଟ୍)କଟ୍ ନିଶ (ମୁଛ)—ଦେ.ବି—୧। ଛୋଟ ଛୋଟ ହୋଇ କଟା ଯାଇ-
Ṡat(rt)-kat niṡa (muchha) ଥିବା ନିଶ—1. Short-cut mustaches. ୨ । ଶେଷ ଭାଗରୁ କଟା ହୋଇ-ଥିବା ନିଶ—2. Mustaches cropped at the ends.

ଶଟକି(କ)ରି—ଦେ. ଅ—ଶଟ୍ (ଦେଖ)
Ṡat-ki(ka)ri Sat (See)
[ଶଟକା(କି),ଶଟ୍‌ଦ(ଧ)ସ୍—ଅନ୍ୟରୂପ]

ଶଟ୍‌କା—ଦେ. ବି—(ଶଟ୍ ଧାତୁ=ଶବ୍ଦ କରିବା; ହୁକାରୁ ଯେଉଁ ବାଟେ
Ṡat-kā शटका सटक ଧୂଆଁ ଶବ୍ଦ କରେ)—୧ । ହୁକାର ତଳମୂରୁ ନଳୀଷ୍ଟ କଳପାକୁ ଧୂଆଁ ଆସିବାର ନଳ—1. The main tube or cylinder of a hubble bubble. ୨ । ବନ୍ଶୀରେ ମାଛ ଧରିବା ପାଇଁ ବ୍ୟବହୃତ ଧନୁସାକାର ଯନ୍ତ୍ର ବିଶେଷ । [ଦ୍ର—ଏହା ଧନୁର ଆକାରରେ ବନଶିର ଲମ୍ବ ସୂତ ସଙ୍ଗେ ଏପରି ବନ୍ଧା ହୋଇ ଭୂମିରେ ପୋତା ହୋଇ ଥାଏ ଯେ, ସୂତ୍ରର ଅଗରେ କଣ୍ଟାରେ ଲାଗିଥିବା ଟୋପକୁ ମାଛ ଖାଇବା ମାତ୍ରକେ କଣ୍ଟା ଓ ବନ୍ଧନ ଶଟ୍‌କା ଛେଇଁ ଉଠି ମାଛକୁ ଉପରକୁ ଫିଙ୍ଗି ସ୍ଥଳ ଭାଗରେ ଆଣି ପକାଇ ଦିଏ ।]—A bow-like contrivance joined to the angling string, which starts with a jerk as soon as the fish swallows the bait attached to an angling hook.

ଶଟ୍‌କା(କେ)ଇବା—ଦେ. କ୍ରି—(ସଂ ଶଟ୍ ଧାତୁ=ଶବ୍ଦ କରିବା;
Ṡat-kā(ke)ibā ଶଟକବା କ୍ରିୟାର ଣିଜନ୍ତ ରୂପ)—କୌଣସି
शटकाना सटकाना ଦ୍ରବ୍ୟର ଦୃଢ଼ ସଂଲଗ୍ନ ହୋଇଥିବା ବସ୍ତୁକୁ (ଯଥା—ବୋତଲରୁ ଠିପିକୁ) ହଠାତ୍ କାଢ଼ି ଦେବା; ଶଟ୍ ଧ୍ୱନି ପୂର୍ବକ କୌଣସି ଗର୍ତ୍ତରୁ ଠିପିକୁ ହଠାତ୍ କାଢ଼ି ଦେବା—To suddenly take out a thing from inside another (as a cork from a bottle) with a jerk and snapping sound.

ଶଟ୍‌କି—ଦେ. ବି—ଶଗଡ଼ରେ ଯୋଖି ଯିବା ବଳଦର ବେକର ପଘାକୁ
Ṡat-ki ଯାଙ୍ଗଳରେ ଅଟକାଇବା ପାଇଁ ବ୍ୟବହୃତ ପଘାରେ
दड़ीर फाँस ଲାଗିଥିବା ଛୋଟ ଚକ୍ର-ବଳୟ—A small rope-
जोता ring attached to the neck-rope of a
(ଶଟ୍‌କ[କା]ଦଉଡ଼ା[ଡ଼ୀ]—ଅନ୍ୟରୂପ) bullock yoked to a cart and which is slipped into the pin at the end of the yoke

ଶଟ(ର୍ଟ୍)ହାଣ୍ଡ୍—ବୈଦେ. (ଇଂ.) ବି—ବକ୍ତାଙ୍କ ଉଚ୍ଚାରିତ ପ୍ରତ୍ୟେକ
Ṡat(rt)-hānd ଶବ୍ଦକୁ ଓ ଅକ୍ଷରକୁ ସଙ୍ଗେ ସଙ୍ଗେ ଟିପିନେବା ପାଇଁ
सर्टह्याण्ड ବ୍ୟବହୃତ ଏକପ୍ରକାର ସାଙ୍କେତିକ ରେଖାଯୁକ୍ତ ବର୍ଣ୍ଣିଷ୍ଟ
सॉर्टहैंड ବର୍ଣ୍ଣମାଳା; ସଂକ୍ଷିପ୍ତ ଲେଖା ।—Short-hand. [ଦ୍ର—ଏହା ଏବେ ଅବଲମ୍ବିତ ହୋଇଅଛି । ବକ୍ତାଙ୍କୁ ଶଟ୍‌ହାଣ୍ଡ୍ (ରେଖାକ୍ଷର)ରେ ଟିପି ନେଇ ପରେ ତାକୁ ସାଧାରଣ ଭାଷାରେ ତର୍ଜମା କରାଯାଏ]

ଶଟ—ସଂ. ବି (ଶଟ୍ ଧାତୁ=ଭେଦ କରିବା+କର୍ତ୍ତୃ. ଅ)—୧ । ଅମ୍ଳ
Ṡata ରସ—1. Acid or sour taste. ୨ । ଏକ ପ୍ରାଚୀନ ଦେଶର ନାମ (ବୃ. ଶ)—2. Name of an ancient country. ଦେ. ବି—ଶଟ୍ (ଦେଖ)—Ṡat (See)

ଶଟ(ଟି)କିବା—ଦେ. କ୍ରି (ସଂ. ଶଟ୍ ଧାତୁ)—୧ । ହଠାତ୍ ଜୋର୍
Ṡata(ti)kibā ଶବ୍ଦ କାହାରିଯିବା (ଯଥା—ବୋତଲ ମୁହଁରୁ
सटकाना ଠିପି); ଉମକିଯିବା—1. To go off with a
सटकना snapping sound. ୨ । ପଳାୟନ କରିବା; ଦ୍ରୁତଗତି କରିବା—2. To move with a great force; to run away; to flee away. ୩ । ମୃତ ହେବା—3. To die. (ଯଥା—ଅମୁକ ଲୋକ ବସନ୍ତରେ ଶଟକି ଗଲେ ।)

ଶଟପଟା(ଟେ)ଇବା—ପ୍ରାଦେ. (ବାଲେଶ୍ୱର) କ୍ରି—(ସଂ. ଶଟ୍ ଧାତୁ=
Ṡatapatā(te)ibā ବିଶୀର୍ଣ୍ଣ ହେବା ଓ ପଟ୍ ଧାତୁ କ୍ଲେଶକ; ଭୁଲ
शिटपिटाना ମ. ସଙ୍କଟପନ୍ନ)—୧ । ଲଜ୍ଜା ଓ ଭୟ ଯୋଗୁଁ ଲୁପ୍ତ
शिटपिटाना ହେବା; ଅପ୍ରତିଭ ହେବା; ହତ୍ତବୁଦ୍ଧି ଯିବା—1. To be unnerved through fear. ୨ । ଭୟ-କମ୍ପିତ ହେବା—2. To tremble; through fear.

ଶଟର୍ ପ(ବ)ଟର୍—ଦେ. ବି—ଶଟାବଟା (ଦେଖ)
Ṡatar pa(ba)tar Ṡatābatā (See)

ଶଟା—ସଂ. ବି (ଶଟ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ଅ+ଆ)—୧ ।
Ṡatā ସିଂହ ଓ ଘୋଟକ ଆଦିଙ୍କ ମସ୍ତକ ଓ ବେକ ଆଦି କେତେକ ସ୍ଥାନରେ ବଢ଼ିଥିବା କେଶ; କେଶର—1. Manes (of horse or lion). ୨ । ମନୁଷ୍ୟ ମୁଣ୍ଡର ଜଟା—2. Clotted or matted hair grown on the head. ୩ । ଅଣ୍ଡିରା ଗଛର (ଯଥା—ତାଳ ଗଛର) ଜଟା—3. The long flower-stalks of some trees (e. g. male palm tree); ament: catkin.

ଶଟାଟ୍(ଙ୍ଗ୍, ନ୍)—ଦେ. କ୍ରି. ବିଣ (ସଂ. ଝଟିତି; ହଠାତ୍)—୧ । ଝଟ୍;
Ṡatāt(ṅg, n) ଭୂମିରେ ହଠାତ୍ ଲମ୍ବ ହୋଇ ଦଣ୍ଡବତ୍ ଶୋଇ
शटान, शटान करे ପଡ଼ିବା ପ୍ରକାରେ; ଲଟ୍‌କନା—1. (to lie
हटात, सटसे the ground) Prostrate and suddenly. (ଯଥା—ସେ ଶଟାଙ୍ଗ୍ ଶୋଇ ପଡ଼ିଲା ।) ୨ । କୌଣସି ସ୍ଥାନରୁ ହଠାତ୍ ଚାଲିଯିବା ପ୍ରକାରେ—2. (to leave a place) All on a sudden. (ଯଥା—ସେ ସେଠାରୁ ଶଟାଙ୍ଗ୍ ଚାଲି ଗଲା ।) ୩ । କୌଣସି ସ୍ଥାନକୁ ହଠାତ୍ ପଶିଯିବା

[ଶଟା°, ଶଟାଙ୍ଗ୍, ଶଟାସ୍ { କନା, କନ, କର, କରି, ଦସ୍, ଧସ୍ } ଅନ୍ୟରୂପ]

ପ୍ରକାରେ—3. (to enter a place) All on a sudden, (ଯଥା—ସେ ଘର ଭିତରକୁ ଷଟାକ୍ ପଶି ଗଲା ।) ४ । ସିଧାଏ ସିଧାଏ କୌଣସି ବାଟରେ ଗତି କରିବା ପ୍ରକାରେ—4. Straightway. (ଯଥା—ମୁଁ କଟକରୁ ଷଟାଙ୍କ୍ ପୁରୀ ଗଲି ।)

ଷଟାପ(ସ)ଟ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଷଟ୍ ଷଟ୍ ଶବ୍ଦ କରି—
Ṣaṭāpa(sa)ṭ 1. By making cracking sound.
शटानुं सटापट २ । (ସ. ସ୍ଫଟ) ସ୍ଫଟ୍; ଶୀଘ୍ର—2. Sharp

ଷଟା(ଠା)ବଟା—ଦେ. ବ (ସ. ଶଠ୍ ଧାତୁ ଓ ବଞ୍ଚନ)—୧ । ଭଣ୍ଡାମି; Ṣaṭā(ṭha)baṭā ଠକାମି—1. Inveigling, cheating.
যেমন তেমন, টেনেটুনে [ଯଥା—କହିଲି କଥା ମୋ ମଣିଷ ଷଟା-
अँटाबँटाः जोसो ବଟା—କୃଷ୍ଣସିଂହ, ମହାଭାରତ. ସଭା ।]
୨ । (ସ. ଷଟ୍ ଧାତୁ=ଗତି ଗଲିବା ଓ ବଟ୍ ଧାତୁ=ବେଷ୍ଟନ କରିବା) ଯେନ ତେନ ପ୍ରକାରେ କୌଣସି କାର୍ଯ୍ୟର ସମାଧାନ—2. Accomplishment of any matter by any means whatever. ୩ । କୌଣସି କାର୍ଯ୍ୟକୁ ଅଳ୍ପ ବସ୍ତୁରେ ଅତି କଷ୍ଟରେ ସମାଧାନ କରିବା—3. Accomplishment of any work anyhow i. e. with great
হাএরান difficulty. ४ । ଗୋଳମାଳ; ଜଞ୍ଜାଳ—4. Con-
ঝঞ্ঝট fusion. [ଯଥା—ସେ ସ୍ଥାନରେ ନ ଅଛି ଏତେ ଷଟା ବଟା—କୃଷ୍ଣସିଂହ. ମହାଭାରତ. ବନ ।] ୫ । ହଇରାଣ—
তুচ্ছ 5. Trouble. ଦେ. ବଣ—୧ । ତୁଚ୍ଛ; ହେୟ—
सटर पटर 1. Negligible. ୨ । ଅପ୍ରୟୋଜନ—2. Unnecessary. ୩ । ହଇରାଣିଆ—3. Troubled.

ଷଟା(ଠା)ବଟା କରିବା—ଦେ. କି—୧ । ଭଣ୍ଡାମି କରିବା—
Ṣaṭā(ṭhā)baṭā kariba 1 To inveigle; to cheat.
টেনেটুনে কাষ করা ୨ । କଷ୍ଟେ ସୃଷ୍ଟେ କୌଣସି କାର୍ଯ୍ୟକୁ ସମାଧାନ
अँटाबँटा करना କରିବା—2. To accomplish a work anyhow. ୩ । ଯେ କୌଣସି ଉପାୟରେ କୌଣସି କାମକୁ ଶେଷ କରିବା—3. To accomplish a work by means fair or foul. (ଯଥା—ମୋ ଭାଗରେ ପୁରୁଷ କହିଛ ନ ଥିଲା, ଏଣେ କନ୍ୟା ଦାୟରୁ ମୁକ୍ତି ନ ପାଇଲେ ରକ୍ଷା ନାହିଁ । ଏଥିପାଇଁ
হাএরান করা ଷଟାବଟା କରି ଟଙ୍କାଆଣି ବାହାଘରଟି କରିଦେଲି ।]
हैरान करना ४ । ହଇରାଣ କରିବା—4. To trouble; to harass.

ଷଟିତ—ସ. ବଣ—(ଷଟ୍ ଧାତୁ+କର୍ମ କ୍ତ)—ପର୍ଯ୍ୟୁଷିତ; ବାସି—
Ṣaṭita Stale; musty.

ଷଟି(ଠି)ବା—ଦେ. କି. ୧ । (ଷଟ୍ ଧାତୁ=ଗତି କରିବା)-ମୃତ ହେବା—
Ṣaṭi(ṭhi)bā 1. To die. ୨ । (ସ. ଶଠ୍ ଧାତୁ)—ଭଣ୍ଡିବା;
সটকান খতমহোনা ଠକାଇବା—2. To cheat; to in-
ঠকান ফুসলানা veigle.

ଶଟୀ(ଟି,ଠି)—ସ. ବି.—ବୈଦ୍ୟକ—(ଶଟ୍ ଧାତୁ+କର୍ତ୍ତୃ+ଇ, ଈ)—୧ ।
Śaṭī(ṭi,ṭhi) ଗନ୍ଧଶୁଣ୍ଠି—1.Curcuma Zeodaria; Zeodary
শঠী, গন্ধশঠী [ଦ୍ର—ଏହି ହରିଦ୍ରାବ ବର୍ଗର ବନ୍ୟ ଶାକ
कचुर, कपुरकचुरि ବିଶେଷର ମୂଳ; ହିମାଳୟ ଓ ଠ
काली हलदी ଓଡ଼ିଶାର ଗଡ଼ଜାତମାନଙ୍କରେ ବହୁଳ ଭାବରେ

ଅନ୍ୟ ସ. ନାମ—ଗନ୍ଧମୂଳା, ଗନ୍ଧମୂଳୀ, ବେଧମୁଖ୍ୟ, ଗନ୍ଧ, କଚୁର, କର୍ଚୂର, ସୁଗନ୍ଧା, ଷଟୀ, ଷଟିକା, ଦ୍ରାବିଡ଼, କଲ୍ପକ, ପଲାଶ, କର୍ବୁର, କର୍ଚ୍ଚୂର, ଷଡ୍ଗ୍ରନ୍ଥିକା, ସୁଭଦ୍ରା, ଷଡ୍ଗ୍ରନ୍ଥା, ପୃଥୁପଲାଶିକା
ପା—ଜରଂବାଦ, ଜଡବାର
ଅ—ଅରଭୁଲ୍କା ଫୁଟ୍
ତେ—କାଚ୍ଚୋଲମ୍

ଜନ୍ମେ । ଏହା କର୍ପୂର ଗନ୍ଧୀ; ଏହାକୁ କୁଟି ଧୋଇ ଶୁଖାଇଲେ ଏଥିରୁ ଏକ ପ୍ରକାର ପାଳୁଅ ହୁଏ । ପୂର୍ବେ ବକମ କାଠର ରଙ୍ଗରେ ଏହି ପାଳୁଅକୁ ରଙ୍ଗାଇ ଅବିର କରି ଯାଉଥିଲା । ପାଳୁଅ ଅଗ୍ନିଦୀପକ, ରୁଚିକର, କଟୁ-ତିକ୍ତରସ, ସୁଖ ଗନ୍ଧଯୁକ୍ତ, ଉଷ୍ଣବୀର୍ଯ୍ୟ ଓ ଲଘୁପାକ । ଏହାଦ୍ୱାରା ଗଳଗଣ୍ଡ, ଗଣ୍ଡମାଳା, ବ୍ରଣ, କାଶ, ବାୟୁ, କଫ ଓ ମୁଖର ଜଡ଼ତା ଦୂରହୁଏ]

ଷଟିକା } ଅନ୍ୟରୂପ ।
ଶଟିକା }

୨ । ଆମ୍ବ ଅଦା (ହି. ଶ); ଆମ୍ବ କଷିଅ ଗଦ—2. Curcuma Amada. ୩ । ସୁଗନ୍ଧବାଳା; କୁରୁବେଲ (ହି. ଶ) 3. Pavonia Odorata. ४ ଗନ୍ଧପଲାଶୀ (ହି. ଶ)- 4. A species of Zeodary.

ଶଟ୍ଟକ—ସ. ବି.—(ବୈଦ୍ୟକ)—ଶାଳିତଣ୍ଡୁଳ ଚୂର୍ଣ୍ଣ, ଘୃତ ଓ ଜଳ ମିଶ୍ରିତ
Śaṭṭaka ଲେପ ବିଶେଷ; ପିଠଉ । [ଦ୍ର—ଏହାକୁ ରୁଟି ଉପରେ ଲେପି ପୁଣି ସେଇଟିକୁ ଉଲଟାଇ କରି ବେଲି ଘିଅରେ ଛାଣିଲେ ଫେଣୀ ତିଆରି ହୁଏ]—A liquid made of rice-flour mixed with ghee and water.

ଶଠ୍ୟ—ଦେ. ବି.—ଶାଠ—
Śaṭya Practice; formal rites and acts.

ଶଠ୍ (ଧାତୁ)—ସ.—ବଞ୍ଚନା କରିବା—
Śaṭh (root) To cheat.

ଶଠ—ସ. ବଣ. ପୁଂ—(ଶଠ୍ ଧାତୁ+କର୍ତ୍ତୃ. ଅ)—୧ । ବଞ୍ଚନାକାରୀ;
Śaṭha ପ୍ରତାରକ; ଧୂର୍ତ୍ତ—1. Sly; cheating; knavish; fraudulent; deceitful; crafty; treacherous. ୨। ପାପୀ; ଖଳ—2. Wicked; wily. ୩ । ଜଡ଼ ବୁଦ୍ଧି (ହି. ଶ)—3. Stupid. ४ । ଅଳସୁଆ (ହି. ଶ)—4. Idle. ବି. ପୁଂ—୧ । ଦୁର୍ଜ୍ଜନ ବ୍ୟକ୍ତି—1. A wicked person ୨ । ଧୂର୍ତ୍ତ ବ୍ୟକ୍ତି; ଠକ—2. A cheat; swindler. ୩ । ଗୂଢ଼ ବିପ୍ରିୟକାରୀ ନାୟକ; ଯେଉଁ ନାୟକ ବାହାରେ ଜଣେ ସ୍ତ୍ରୀ ପ୍ରତି ପ୍ରେମ ଦେଖାଏ ଓ ଅନ୍ତରରେ ଅନ୍ୟ ଜଣଙ୍କୁ ପ୍ରେମ କରେ—3. A lover who professes love for a woman while loving another in his heart; a wily lover ४ । ଉଦାସୀନ ବ୍ୟକ୍ତି—4. An unconcerned person; an indifferent person. ୫ । କୁଙ୍କୁମ; କାଶ୍ମୀର—5. Saffron.

୬ । ତଗର; ଟଗର (ଫୁଲ ଗଛ)—6. Taberna Montana; Coronaria(flower-tree)-୭। ଲୌହ-7. Iron. ୮ । ଧୁସ୍ତୁର;ଧାଭୁର—8.Thorn apple. ୯ । ଇସ୍ପାତ (ହୃ. ଶ)—9. Steel. ୧୦ । ଚିତ୍ରକଗଛ (ହୃ. ଶ)—10 Plumbago Zeylanica. ୧୧ । ତାଳ ବୃକ୍ଷ (ହୃ.ଶ)—11. Palmyra. ୧୨ । ଅଁଳା-12. Embelic Myrobalan (tree) ୧୩ । ମଧ୍ୟସ୍ଥ ବ୍ୟକ୍ତି (ହୃ. ଶ)—13 A mediator

ଦେ. ବି—ଶଠ୍ (ଦେଖ)—Śat (See)

ଶଠ କରିବା—ଦେ. କ୍ରି—(ସଂ.ଶଠ) ୧ । ପାପ ପ୍ରଣୟ କରିବା—1.To
Śatha kariba have illicit love. ୨ । ଠକାଠ କରିବା;
সাটকরা **सटकरना** ଠାରିଦ୍ୱାରା ପରସ୍ପର ଭାବ ବିନିମୟ କରିବା—
2. To exchange messages by means of secret gestures ୩ । ଅଭିସାର କରିବା—3.To make an amatory assignment for meeting a lover; to tryst.

ଶଠତା(ତ୍ୱ)—ସଂ. ବି (ଶଠ+ଭାବାର୍ଥେ ତା; ତ୍ୱ)—୧ । ଖଳତା—
Śathatā(twa) 1. Wickedness; knavery.
୨ । ପ୍ରତାରଣା; ଠକାମି—2. Cheating; deception; deciet; craftiness. ୩ । ବିଶ୍ୱାସଘାତକତା—3. Treachery.

ଶଠତାଚରଣ—ସଂ. ବି (୬ଷ୍ଠୀ ତତ୍)—ପ୍ରତାରଣାପୂର୍ଣ୍ଣ ବ୍ୟବହାର—
Śathatācharana Fraudulent conduct; practice of deceit.

ଶଠତାଚାରୀ—ସଂ. ବି. ପୁଂ—ପ୍ରତାରକ—
Śathatāchāri Practising fraud; deceiving.
(ଶଠତାଚାରିଣୀ—ସ୍ତ୍ରୀ; ଶଠତାଚାରିତ, ଶଠତାଚାରିତା—ବିଶେଷ୍ୟ)

ଶଠ ନାୟକ—ସଂ. ବି—ଶଠ ୩ (ଦେଖ)
Śatha nāyaka Śatha 3. (See)

ଶଠାଙ୍ଗା(ଙ୍ଗ୍ୱା)—ସଂ. ବି—ପାଠା; ଅକାନବିନ୍ଧ ଲତା (ହୃ. ଶ)
Śathāngā(nwā) Stephania Hernandifolia (creeper).

ଶଠାବଟା—ଦେ. ବି—ଶଟାବଟା (ଦେଖ)
Śathābatā Śatābatā. (See)

ଶଠି(ଠୀ)—ସଂ. ବି—ଶଟୀ (ଦେଖ)—Śati. (See) ଦେ. ବି—
Śathi(thi) ଷଠି (ଦେଖ)—Shathi. (See)
(ଶଟିକା, ଶଠୀକା—ଅନ୍ୟ ସଂ. ରୂପ)

ଶଠିବା—ଦେ. ବି—ଶଟିବା (ଦେଖ)
Śathibā Śatibā. (See)

ଶଠୋଦରକ—ସଂ. ବିଣ. ପୁଂ—ଧୂର୍ତ୍ତ (ହୃ. ଶ)
Śathodaraka Crafty.
(ଶଠୋଦରକା—ସ୍ତ୍ରୀ)

ଶଡ଼(ଢ଼)—ଦେ. ବି (ସଂ. ଶଠ ଧାତୁ)—୧ । ଷଡ଼୍ଯନ୍ତ୍ର; ଗୋପନ
Śarda(rdha) ପରାମର୍ଶ—1. Secret consultation.
সড় ୨ । ଗୋପନରେ ମେଳ—2. Secret combination.
স্লুপ ୩ । ଏକ ବା ଦୁଇ ମାସ୍ତୁଲ ଥିବା ଛୋଟ ଜାହାଜ—
स्लुप 3. Sloop. ଦେ.ବିଣ—(ସଂ.ଶଠ ଧାତୁ—ଭେଦ କରିବା)—
পাকা ଯେଉଁ ମାଟିର ପାତ୍ରରେ ଦୁଧ, ଘିଅ ବା ତେଲ ଆଦି ବହୁଦିନ
पोसा ରହି ତହିଁର ଛିଦ୍ରମାନ ଭେଦ କରିଥିବାରୁ ସେଥିରେ ପରେ ଘିଅ ଆଦି ରଖିଲେ ଉକ୍ତ ଘିଅ ଆଦିକୁ ଉକ୍ତ ପାତ୍ର ଶୋଷି ନିଏ ନାହିଁ—3. (an earthen pot) Which has been used for keeping oil etc. and the pores of which are well saturated; impermeable (earthen pot); (a pot) rendered impervious to ghee or oil. (ଦୃ—ଶଢ ଘଡ଼ିରେ ବା ଶଢ଼ ହାଣ୍ଡିରେ ଘିଅ ଓ ତେଲ ରଖାଯାଏ) ।

ଶଡ଼କ—ଦେ. ବି—(ସଂ. ଶଠ ଧାତୁ ଗତି କରିବା)—ସଡ଼କ (ଦେଖ)
Śardaka Sardaka. (See)

ଶଡ଼ କରିବା—ଦେ. କ୍ରି—କୌଣସି ପାତ୍ରରେ ଘିଅ ବା ତେଲ ଆଦି
Śarda kariba ପୂରାଇ ଏହାକୁ ପରିବାରର ଅଦରକାରୀ କରିବା—
পাকান To put oil or ghee etc in an earthen
पोसा करना pot,so that it will not soak further oil etc in future; to render an earthen pot impervious to ghee, oil etc.

ଶଡ଼କା—ଦେ. ବିଣ (ସଂ. ଶୀର୍ଣ୍ଣାଙ୍ଗ ଲମ୍ବା ସଂ. ଯଷ୍ଟିରୁ; ଯଷ୍ଟ୍ୟଙ୍ଗ)—
Śardakā ୧ । ଶୀର୍ଣ୍ଣ ଓ ସରୁ ହୋଇ ବଢ଼ି ଯାଇଥିବା (ଗଛ)—
রোগাপটকা; লিকলিকে 1. Slender and tall (tree)
सड़ंग; सुडुङ्ग ୨ । (ପୁଂ.) ଶୀର୍ଣ୍ଣ ଦେହ ଓ ଡେଙ୍ଗା (ବ୍ୟକ୍ତି)—
(ଶଡ଼କୀ—ସ୍ତ୍ରୀ) 2.Weak and tall (person). (ଦୃ—ଗଛ ଓ ମନୁଷ୍ୟ ଶଡ଼କା ହୋଇ ବଢ଼ିଗଲେ ଅସୁନ୍ଦର ଦେଖାଯାଆନ୍ତି) ।
চুমুক ଦେ. ବି—(ଧ୍ୱନ୍ୟନୁକରଣ; ବାୟୁଭିତର ଧ୍ୱନିରୁ) ଏକ
सुड़क ବାୟୁରେ (ତରକାରି ଓ ଡାଲି ଆଦି ତରଳ ଖାଦ୍ୟଦ୍ରବ୍ୟର) ପରିମିତ; ଚୋଷଣ; ଶୋଷିବା—One big sip of a liquid food.

ଶଡ଼ଙ୍ଗ(ଙ୍ଗା)—ଦେ. ବିଣ—ଶଡ଼କା (ଦେଖ)
Śardanga(ngā) Śardak. (See)

ଶଡ଼ଦଆଲି—ଦେ. ବି (ସଂ. ଶାର୍ଦ୍ଦୂଳ; ଏଥିରେ ଶାର୍ଦ୍ଦୂଳର ଚିତ୍ର ଲେଖା
Śardadiāli ଥିବାରୁ)—ଦୁଆରର ମୁହଁର ଚଉକାଠ ଉପରେ ପଡ଼ିବା ପଥର—Lintel. ଦେଦେ. ବି—ଶଡ଼ଦିବାଲ (ଦେଖ)—Sarda dibāla. (See)

ଶଢ଼ା(ଢ଼ା)—ଦେ. ବିଣ (ସଂ. ଶଦ୍ ଧାତୁ—ଅବସନ୍ନ ହେବା, ବା ଶଠ—
Śardā(rdhā) ଅସ୍ଥିର, ଅଳ ଆଦି ଶଢ଼ା ହେଲେ ଅମ୍ଳ
পচা सड़ा ହୁଏ)—୧ । ବିକୃତ; ପର୍ଯ୍ୟୁଷିତ (ଅନ୍ନ ବ୍ୟଞ୍ଜନାଦି)-
1. Become stale or musty; decomposed.
୨ । ପୋଚଥା; ପୋଚା; ପୋଚରା; ପଚା (ଫଳାଦି)—
2. Rotten; putrefied. ୩ । ଦୁର୍ଗନ୍ଧପୂର୍ଣ୍ଣ; ପଚା

(ଘାଅ, କ୍ଷତ)—3. Putrid; gangrened; gangrenous; full of pus; purulent.
(ଶଢ଼ୀ—ସ୍ତ୍ରୀ) ପୁଂ—ଯେଉଁ ବ୍ୟକ୍ତିର ଦେହରେ କ୍ଷତ ଅବ
ପচা ସଡ଼ାହୁଆ ପାଚିବା ଯୋଗୁଁ ଦେହ ଜର୍ଜର ହୋଇଥାଏ-
(a person) Whose body is full of rotten sores.

ଶଡ଼ା(ଢ଼େ)ଇ—ଦେ. ବ—ଶଢ଼ାଇ (ଦେଖ)
Ṡarḍā(rḍe)i Ṡarḍhai (See)

ଶଡ଼ା(ଢ଼ା,ଡ଼େ,ଢ଼େ)ଇବା—ଦେ. କ୍ରି—୧। ଶଡ଼ିବା କ୍ରିୟାର ଣିଜନ୍ତରୂପ-
Sarḍā(rḍha,rḍe,rḍhe)ibā 1. To cause to rot.
ପচান ସଡ଼ାନା ୨। କୌଣସି ବସ୍ତୁକୁ (ଯଥା—ଜଳଜା, ଛଣପଟ ଅବର ଶଲସୁକ୍ତ ଡାଙ୍ଗକୁ) ଜଳରେ କେତେ ଦିନ ବୁଡ଼ାଇବା—2. To keep a thing, such as jute stem, hemp, immersed in water for some days. [ଦ୍ର—ଜଳଜା, ଛଣପଟ, ବାଉଁଶ ଗଛକୁ କିଛିଦିନ ପାଣିରେ ଶଢ଼ାଇଲେ ତାହାର ଛାଲ ଶଢ଼ିଯାଏ ଓ ତନ୍ତୁମାନ ଶଢ଼ି ଜଳାଇ ହୋଇଯାଏ।] ୩।
ପାକান ପୋସନା (ପାଚ ଅବକୁ) ଶଢ଼ କରିବା (ଦେଖ)
সর্বনাশকরা ସତ୍ୟାନାଶକରନା 3. Ṡarḍa kariba (See)
୪। (ଲକ୍ଷଣାର୍ଥ) ବିନାଶକରିବା; ଲୋପକରିବା—
4. To destroy. (ଭ—ସଡ଼ାଇବାକୁ ତା ବଢ଼ାଇ କହି, ଦୁର୍ଗନ୍ଧ ଯେବେ ଶୈବାଳବ ଘଷି—ଉପେନ୍ଦ୍ରସଂଗୀତ।)

ଶଡ଼ା(ଢ଼ା) କାନ—ଦେ.ବ—ପାଚିଥିବା ବା ପୂଜମୟ କାନ—Ear full
Ṡarḍā(rḍha) kāna ପচা কান ସଡ଼ା କାନ of pus.
[ଶଡ଼ା(ଢ଼ା)କାନା, ଶଡ଼ା(ଢ଼ା)କାନିଆଁ—ପୁଂ. ବିଣ.—ଶଡ଼ା(ଢ଼ା)-କାନୀ, ଶଡ଼ା(ଢ଼ା) କାନେଇ—ସ୍ତ୍ରୀ. ବିଣ।]

ଶଡ଼ା ଗନ୍ଧ—ଦେ. ବ (ସଂ. ଶଟ+ଗନ୍ଧ)—ପଚା ପଦାର୍ଥର ଦୁର୍ଗନ୍ଧ—
Ṡarḍā gandha Putrid smell; foul smell.
পচাগন্ধ ସଡ଼ାଗଂଧ

ଶଡ଼ା ଘା—ଦେ. ବ—ଯେଉଁ କ୍ଷତର ମାଂସ ଶଢ଼ି ଯାଇଥାଏ—
Ṡarḍā ghā Putrid or rotten sore.
(ଶଡ଼ା ଘାଅ—ଅନ୍ୟରୂପ) [ଦ୍ର—ଏହିପରି ଶଡ଼ା ଫଳ,
পচা ঘা ସଡ଼ା ଘାବ ଶଡ଼ା ପଙ୍କ, ଶଡ଼ା ଅମ୍ବ ଅବ ଶବ୍ଦ ହୁଏ।]

ଶଡ଼ା ପଙ୍କ—ଦେ. ବ—୧। ଯେଉଁ ପଙ୍କରେ ପତ୍ର, ଗଛ ଓ ଫଳ ଅବ
Ṡarḍā Panka ପଡ଼ି ଶଢ଼ି ଯାଇଅଛି—1. Slime or
পচা পাঁক ସଡ଼ା କୀଚଡ଼ mud full of decomposed matter. ୨। ବହୁକାଳରୁ ଅପରିଷ୍କୃତ ଥିବା ନଳା ଅବର ଦୁର୍ଗନ୍ଧ ଓ ଶାଟସୁକ୍ତ ପଙ୍କ—2. Foul slime of long uncleansed cesspools and gutters.

ଶଡ଼ା ପ(ପୋ)ଚର—ଦେ.ସ.ବିଣ(ଅନ୍ତଚର; ଶଟ ଓ ପର୍ଯ୍ୟୁଷିତ)-ପର୍ଯ୍ୟୁଷିତ
Ṡarḍā pa(po)charā ଓ ଗନ୍ଧ—Musty and putrid.
[ଶଡ଼ାପଚ୍ଚ, ଶଡ଼ାପୋଚ୍ଚ; ଶଡ଼ାପୋଚଅ(ସ୍ଥା)—ଅନ୍ୟରୂପ]
পচাগলা ସଡ଼ାପଚା

ଶଡ଼ା ମାଛ—ଦେ. ବ—ଯେଉଁ ମାଛ ଏକାଧିକ ଦିନ ରହିବାରୁ
Ṡarḍā māchha ପର୍ଯ୍ୟୁଷିତ ହୋଇଥାଏ—Rotten fish.
পচা মাছ ସଡ଼ା ମାଛ (ଦ୍ର—ଏହିପରି ଶଡ଼ା ମାଂସ ଅବ ଶବ୍ଦ ହୁଏ।)

ଶଡ଼(ଢ଼ି)ଙ୍ଗ—ଦେ. ବ (ସ. ଶୀର୍ଣ୍ଣାଙ୍ଗ ଜମ୍ମା ସ. ସଙ୍କୀର୍ଣ୍ଣାଙ୍ଗ ଜମ୍ମା ଶଲ୍ୟ)—
Ṡarḍi(rḍhi)ṅga ୧। କଣ୍ଡା; ମାକୁ; କେଉଟମାନେ ଜାଲ
কাঁড়িয়া; কেঁড়ে; মাকু ବୁଣିବା ସମୟରେ ସୂତା ଗୁଡ଼ାଇ ଯାଇଥିବା
নারী ଯେଉଁ ମୁନିଆ କାଠି ଧର ଯେଉଁଥିରୁ ସୂତା ଫିଟାଇ ଜାଲ ବୁଣନ୍ତି—[ଦ୍ର—ଏ କାଠିର ଦୁଇ ମୁଣ୍ଡ ମୁନିଆ ଓ ଚଉଡ଼ା,ମଝିରେ ଛିଦ୍ର ହୋଇ ଏଥିରେ ସୂତା ଗୁଡ଼ାଅ ହୋଇଥାଏ।)—
A rod in which thread is twisted in such a manner that the thread can be used gradually in weaving a fishing net; shuttle for weaving net. ୨।
তাকুড়, তাফিস কେଉଟମାନେ ବାଆଁ ହାତରେ ଯେଉଁ କାଠଖଣ୍ଡିକ
ढरकी ଧର ଡାହାଣ ହାତରେ କଣ୍ଡାଦ୍ୱାରା ଜାଲର ସବୁ ଫାଶ ଦେଇ ବୁଣନ୍ତି—2. A slender rod held by the left hand while a net is woven by the shuttle held in the right hand.
ଗ୍ରାଦେ. (ଶଡ଼ିଙ୍ଗ) ବ.—ଶାଳଗଛର ଫଳ—The fruit or berry of Shorea Robusta.

ଶଡ଼ିଙ୍ଗା—ଦେ. ବିଣ—୧। ଶଡ଼କା (ଦେଖ)—1. Ṡarḍakā (See)
Ṡarḍiṅga ୨। ଛଡ଼ିନ୍ଦା (ଦେଖ)—2. Chhardindā (See). (ଯଥା—ଟୋକାଟା ଶଡ଼ିଙ୍ଗା ହୋଇ ବଢ଼ିଛି।)

ଶଡ଼ିଙ୍ଗା ବାଉଁଶ—ଦେ. ବ.—ଲମ୍ବ ଓ ସରୁ ବାଉଁଶ—Long and
Ṡarḍiṅgā bāuṅsa slender bamboo; Bambusa
বাশনী বাঁশ ସୁନହଲାବାଂସ Vulgaris.

ଶଡ଼(ଢ଼ି)ପଡ଼ିବା—ଦେ. କ୍ରି—(ସ ଶଟ୍ ଧାତୁ=ଅବସନ୍ନ ହେବା)—
Ṡarḍi(rḍhi)parḍibā ବ୍ରଣ ବା କ୍ଷତସୁକ୍ତ ସ୍ଥାନରେ) ବେଦନା
খসেপড়া ଅନୁଭୂତ ହେବା; ଫାଟି ପଡ଼ିବା—To have a
दर्दकरना sensation of aching or bursting in a
फटजाना part of the body where there is a big sore or ulcer.

ଶଡ଼(ଢ଼ି)ବା—ଦେ. କ୍ରି (ସଂ. ଶଟ୍ ଧାତୁ=ଅବସନ୍ନ ହେବା, ଛେଦ
Ṡarḍi(rḍhi)bā କରିବା; ସଂ. ଶଟ=ଅମ୍ଳରସ; ଶଡ଼ା ପଦାର୍ଥ
পচা ଅମ୍ଳ ହୁଏ, ପ୍ରା. ସଡ଼୍ ଧାତୁ=ପଚିବା)—୧। (ଖାଦ୍ୟାଦି)
सड़ना ପଚିବା; ପର୍ଯ୍ୟୁଷିତ ହେବା—1. To rot; to ferment; to putrefy; to be
(ଶଡ଼[ଢ଼ି]ଯିବା—ଅନ୍ୟରୂପ)
decomposed. ୨। (କ୍ଷତ ଅବ) ପୂଜସୁକ୍ତ ହେବା—

2. To fester; to rankle; to be full of pus or purulent. ୩ । (ଫଳ ଅର୍ଥ) ପକ୍ୱ ହେବା ପଚିକି ନଷ୍ଟ ହେବା—3. To rot (said of ripe fruits) ୪ । (ଲକ୍ଷଣାର୍ଥ) ଅତି ଦୁଃଖ ବା କ୍ଳେଶ ଦ୍ୱାରା ଅଭିଭୂତ ହେବା; କଷ୍ଟପାଇବା; ବଡ଼ଯନ୍ତ୍ର ହେବା—4. To be afflicted with pain. [ଉ—ଜ୍ୱାଳାକଣ୍ଠ ହେ ! ଲୋକେ ମୁଁ ଶଡ଼ୁଛି ସଡ଼ି । କବିସୂର୍ଯ୍ୟ. କଣୋଗୋ. ଚମ୍ପୂ, ଲ ଗୀତ]

୫ । ଦୁଃଖରେ ଶୀର୍ଣ୍ଣ ହେବା—5. To become emaciated through grief. [ଉ—ଫୁଙ୍କି ଦେଲେ ଉଡ଼ି ଯିବା ପରି ଶଡ଼ି ଅଛୁଁଟି ତନୁ କହୁଛି । କବିସର୍ଯ୍ୟ. କଣୋଗୋଚମ୍ପୂ ।] ୬ । ନଷ୍ଟ ହେବା; ବିନାଶପ୍ରାପ୍ତ ହେବା—6. To be ruined. [ଉ—ନାସ୍ତିକ ଭାବ ନରେ ଇଷ୍ଟ କଥା ଶଡ଼, ଅନିଷ୍ଟ କଥା କର ଯାଆନ୍ତି ଶଡ଼ି—କୃଷ୍ଣସିଂ. ମହାଭାରତ. ବନ ।] ୭ । ମୁଗ୍ଧ ହେବା; ପ୍ରୀତ ହେବା—7. To be charmed or enamoured. [ଉ—ତୋ ବଦନସୁ ବଚନେ ଶଳିଣୀ ମୁଁ ଶଡ଼ି । କୃଷ୍ଣସିଂ. ମହାଭାରତ ବନ ।]

[ଶଢ଼ିଯିବା—ଅନ୍ୟରୂପ]

ଶଡ଼େଇ—ଦେ. ବ—ଶଢ଼ାଇ (ଦେଖ)
Sar̤dei — Sar̤hai. (See)

ଶଢ଼—ଦେ. ବ—ଶଡ଼ (ଦେଖ)
Sar̤ha — Sar̤da. (See)

ଶଢ଼ କରିବା—ଦେ. କ୍ରି—କୌଣସି ମାଟିର ନୂଆ ପାତ୍ରରେ ପ୍ରଥମେ ଘୃତ ବା ତୈଳ ଆଦି ରଖିବା ଦ୍ୱାରା ତାହାର ଛିଦ୍ରମାନଙ୍କୁ ଉକ୍ତ ଦ୍ରବ ଦ୍ୱାରା ଏପରି ପୂର୍ଣ୍ଣ କରାଇବା, ଯେ, ସେହି ପାତ୍ରରେ ଭବିଷ୍ୟତରେ ଘୃତ ଆଦି ରଖିଲେ ତାହା ଆଉ ଶୋଷି ନେବ ନାହିଁ—To cause the pores of a new earthen pot to be saturated with ghee etc, so that in future it will not soak up any such thing to be kept in it.
Sar̤ha karibā
পাকান
পোসনা

ଶଢ଼ା—ଦେ. ବିଣ—ଶଡ଼ା (ଦେଖ)
Sar̤hā — Sar̤dā. (See)

ଶଢ଼ାଇ—ଦେ. ବ.—(ସ ଶତ୍ରୁ ଧାତୁ ଭେଦ କରିବା; ଯାହାକୁ ଭେଦ କଲେ ନଡ଼ିଆର କୋମଳାଂଶ ପାଇବାକୁ ହୁଏ)—ନଡ଼ିଆ ଫଳର ଖୋଳପା; ନଡ଼ିଆର ଭିତରେ ଥିବା ଓ କୋମଳାଂଶକୁ ଆବୃତ କରିଥିବା ଦୃଢ଼ ଆବରଣ—Cocoanut shell; the hard cover round the kernel of cocoanuts. [ଦ୍ର—ଏହା ପାନପାତ୍ରରୂପେ ବ୍ୟବହୃତ ହୁଏ ଏବଂ ଏଥିରେ ବେଣ୍ଟ ଲଗାଇ ଅଣଟ କରାଯାଏ । ଅଳ୍ପ କାଳ ଶଢ଼େଇଦ୍ୱାରା ହୁକା ପାତ୍ର ଓ ବୋତାମ ଆଦି ତିଆର କରାଯାଉଅଛି । ଗୋଟିଏ ନଡ଼ିଆର ଦୁଇଟି ଫାଳରୁ ଦୁଇଟି ଶଢ଼େଇ ବାହାରେ । ଯହିଁରେ ଅକ୍ଷି ବା ଛିଦ୍ର ଥାଏ ତାକୁ 'ଅକ୍ଷି ଶଢ଼େଇ' ବା 'ମାଈ ଶଢ଼େଇ' ଅଥବା 'ମୁହଁ ଶଢ଼େଇ' ବା 'ମୁଣ୍ଡ ଶଢ଼େଇ' ବୋଲାଯାଏ । ଯହିଁରେ ଅକ୍ଷି ନ ଥାଏ ତାକୁ 'ଗାଣ୍ଡି ଶଢ଼େଇ' ବା 'ଅଣିଗ୍ର ଶଢ଼େଇ' ବୋଲାଯାଏ । ମୁହଁ ଶଢ଼େଇରେ ଅଣଟ ତିଆରି ହୁଏ ଓ ଗାଣ୍ଡି ଶଢ଼େଇରେ ଗୁଡ଼, ପାଣି ଇତ୍ୟାଦି ତରଳ ପଦାର୍ଥ ରଖାଯାଏ । ଗୋଟିଏ ବା ଅଖଣ୍ଡିତ ନଡ଼ିଆ ଖୋଳ ବା ଶଢ଼େଇକୁ ଲୋକେ ତୈଳାଧାର, ଗୁଣ୍ଡି ରଖିବା ପାତ୍ର, ଗୁଡ଼ାଖୁ ଖାଇବା ହୁକାର ଜଳାଧାର ରୂପେ ବ୍ୟବହାର କରନ୍ତି ଓ ତାହାକୁ ଭୁମ୍ବା ନାମରେ ଅଭିହିତ କରନ୍ତି । ଅଖଣ୍ଡିତ ନଡ଼ିଆଖୋଳର ମୁଣ୍ଡରୁ ଖଣ୍ଡିଏ ଛୋଟ ତନ୍ତ କାଟି ଦେଇ ସେଥିରେ ବେଣ୍ଟ ଲଗାଇ ତାକୁ ବାବାଜୀମାନେ କମଣ୍ଡଳୁ କରନ୍ତି । ଅଖଣ୍ଡିତ ବଡ଼ ଶଢ଼େଇକୁ ଭୁମ୍ବା, ଛୋଟକୁ ଭୁମ୍ବୀ ଓ ଅତି ଛୋଟହେଲେ ତାକୁ କଣ୍ଟି ବୋଲାଯାଏ । କଣ୍ଟିରେ ନାସ ଓ ଔଷଧ ବାଟିବା ଆଦି କରାଯାଏ ।]
Sar̤hai
নারকেলের খোল (মালা)
नारीयल की गुठली, खड़ाई

ଶଢ଼ା(ଢ଼େ)ଇ କଲା—ଦେ. ବ.—ଓଡ଼ିଶାର ଉତ୍ତରାଞ୍ଚଳ ସ୍ଥିତ ଏକ ଓଡ଼ିଆ ଗଡ଼ଜାତ । (ଏହା ଉତ୍କଳଭାଷୀ ଅଞ୍ଚଳ ଅଟେ)—Name of an Oriya-speaking State situated in the north of Orissa.
Sar̤hā(r̤he)ikalā

ଶଢ଼ା(ଢ଼େ)ଇ ଝାଳ—ଦେ. ବ.—ଶଢ଼େଇ ଜଳୁଥିବା ଅବସ୍ଥାରେ ତା ଉପରେ ଗୋଟିଏ ଧାତୁ ପାତ୍ର ଉବୁଡ଼ାଇ ଦେଲେ ସେ ଧାତୁ ପାତ୍ରର ଗାତ୍ରରେ ଲାଗି ଯିବା କୃଷ୍ଣବର୍ଣ୍ଣ ସ୍ୱେଦ—[ଦ୍ର—ଏହା ଯାଦୁର ଔଷଧ ରୂପେ ବ୍ୟବହୃତ ହୁଏ)—Perspiration or black liquid deposit left on the inside of a metal pot upturned over a burning cocoanut-shell.
Sar̤hā(r̤he)i jhāḷa
নারকেলের মালার ঘাম
नारीयलकी गुठलीका पसीना

ଶଢ଼ା(ଢ଼େ)ଇ ଫୋଡ଼ିବା—ଦେ. କ୍ରି.—ଅଣଟ ପ୍ରସ୍ତୁତ କରିବା ନିମିତ୍ତ ବେଣ୍ଟ ଲଗାଇବା ପାଇଁ ମାଈ ଶଢ଼େଇରେ ଛିଦ୍ର କରିବା—To make a hole in a cocoanut shell to attach a handle for making a ladle or spoon.
Sar̤hā(r̤he)i phor̤ibā
নারকেলের মালা ছেঁদা করা
नारीयलकी गुठली छेदना

ଶଢ଼ା(ଢ଼େ)ଇ ବାଲିଆ—ଦେ. ବିଣ—ପୁରୀ ଜିଲ୍ଲାରେ ନଡ଼ିଆ ବେପାର କରୁଥିବା ଏକ ଶ୍ରେଣୀର ବ୍ରାହ୍ମଣ; [ଦ୍ର—ଶାସନୀ ବ୍ରାହ୍ମଣମାନଙ୍କ ଅପେକ୍ଷା ସମାଜରେ ଏମାନଙ୍କ ସ୍ଥାନ ନ୍ୟୂନ ।] A title of some Brāhmaṇa traders who trade in cocoanuts in the district of Puri, having settled there after removing from two villages of these names of the Cuttack district [ଦ୍ର—ଏମାନଙ୍କର ଆଦିମ ନିବାସ ସ୍ଥାନ କଟକ ଜିଲ୍ଲାର କୁଜଙ୍ଗ ପରଗଣାର 'ଶଢ଼େଇ ଓ 'ବାଲିଆ' ନାମକ ଦୁଇଟି ଗ୍ରାମ । ଏ ଗ୍ରାମ
Sar̤hā(r̤he)i bāliā

ଦୁଇଟି ଜଂକ ସହରଠାରୁ ୨୦ ମାଇଲ ଦୂରରେ ପୂର୍ବରେ ଅବସ୍ଥିତ । ଏବେ ମଧ୍ୟ ସେଠାରେ ଏହି ମହାଜନମାନଙ୍କର ପୂଜିତ ଇଷ୍ଟ ଦେବତା ଅଛନ୍ତି । ଏହି ମହାଜନମାନଙ୍କ ମଧ୍ୟରେ ସତ୍ୟବାଦୀର 'ଓଡ଼ା' ବଂଶ ପ୍ରଧାନ ଅଟନ୍ତି ।]

ଶଡ଼ିଙ୍ଗ(ଙ୍ଗା, ଙ୍ଗି)—ଦେ. ବି.—ଷଡ଼ଙ୍ଗ (ଙ୍ଗା, ଙ୍ଗି) (ଦେଖ)
Śaṛdhiṅga(ṅgā, ṅgi) Śarḍiṅga (ṅgā, ṅgi) (See)

ଶଡ଼େଇ—ଦେ. ବି.—ଶଢ଼ାଇ (ଦେଖ)
Śaṛdhei Śaṛdhāi (See)

ଶଢ଼େଇଏ—ଦେ. ବଣ—୧ । ଏକ ଶଢ଼େଇ ପୂର୍ଣ୍ଣ (ଗୁଡ଼ ଆଦି) 1. Śaṛdheie (Molasses etc) One cocoanut half shell full of. ୨ । ଅଳ୍ପ ପରିମିତ—2. Small in quantity. [ଦ୍ର—ଗୁଡ଼ ଅଣିଥିଲି ଶଢ଼େଇଏ; ପୁଅ ଖାଇଲାକ, ଝିଅ ଖାଇଲାକ, ଅଛି ଗଣ୍ଡାଏ ଶଢ଼େଇଏ । —ଛଗ]

ଶଢ଼େଇବା—ଦେ. କ୍ରି.—୧ । ଶଢ଼ାଇବା (ଦେଖ)—1. Śaṛdhāibā Śaṛdheibā (See). ୨ । ଦାନ କରିବା—2. To give; to bestow.

ଶଣ୍ (ଧାତୁ)—ସଂ—୧ । ସୂତ୍ର ପ୍ରଦାନ କରିବା—1. To give Śaṇ(root) fibres. ୨ । ରସ ବା ସୁଖଦାନ କରିବା—2. To give pleasure or delight.

ଶଣ—ସଂ. ବି.—(ଶଣ ଧାତୁ+କର୍ତ୍ତୃ. ଅ)—୧ । ଛଣପଟ—1 The Śaṇa sun-hemp; flax hemp; Crotalaria Juncea
शण, शणपाट [ଦ୍ର—ଏହା ଏକ ପ୍ରକାର କୃଷିଜାତ ଗୁଳ୍ମ । ଏହାର
सन ଗଛକୁ ପାଣିରେ ସଢ଼ାଇଲେ ହୋଇଥିବାରୁ ଟାଣୁଅ, ତେ—ଶଣମନ୍ଦୁଦେଳି,] ଚକ୍କଣ ଓ ସରୁଆ ଏକ ପ୍ରକାର ତନ୍ତୁ ନେଳପନବ, ବାହାରେ । ଏହାର ଫୁଲ ଚୋପା ହଳଦିଆ । ଚେନ୍ନିମାଳ ବେଲଡେଟ୍ଟୁ ହୋଇବାର ଗୁଣ ହେବାରୁ ଏହାର ଗୁଣ କମି ଯାଇଅଛି । ଡା—ଜେନକୁଷକର] ବ୍ରାହ୍ମଣମାନଙ୍କର ଉପନୟନ ସମୟରେ ବ୍ରହ୍ମସୂତ୍ରର ପରିଧେୟ ଦେଖିଲା ଏଥିରେ ପ୍ରସ୍ତୁତ ହୁଏ ଏବଂ ଜେଲଙ୍କ-ମାନଙ୍କର ବଡ଼ ଜାଲ ଏଥିରେ ବୁଣାଯାଏ । ପୂର୍ବେ ଏଥିରେ ଋଷିମୁନିମାନଙ୍କର ଘରେ ବସୁଥିଲେ । ଏ ଗଛର ପତ୍ର ଅମ୍ଳ-କଷାୟ ରସ, ବମନକାରକ, ମଳଭେଦକ, ରକ୍ତସ୍ରାବ-କାରକ ଓ ଗର୍ଭପାତକ । ଶଣର ଫୁଲ ମଳରୋଧକ ଓ ରକ୍ତ ପିତ୍ତରେ ଉପକାରକ । ଏହାର ସାଗ ଶ୍ଳେଷ୍ମଶୋଧକ । ଏହାର ଛୁଇଁ ଶୁଖିଗଲେ ଏହାର ମଧ୍ୟରୁ ମଞ୍ଜି ଯୋଗୁଁ ଏହା ଝଣ-ଝଣ ବାଜେ] ୨ । ଗଞ୍ଜେଇ ଗଛ (ହି.ଶ)—2 Indian hemp ୩ । ବଣ ଛଣପଟ (ହି.ଶ)—3. The wild Sun hemp; Crotalaria.

ଶଣକ—ସଂ. ବି—ପ୍ରାଚୀନ ଋଷିବିଶେଷ (ହି. ଶ)—
Śaṇaka Name of a sage.

ଶଣ କନ୍ଦ—ସଂ. ବି—ରମ୍ଭକଷା ନାମକ ସୁଗନ୍ଧଦ୍ରବ୍ୟ (ହି. ଶ)—
Śaṇa kanda Soymida Febrifuga.

ଶଣକନ୍ଦା—ସଂ. ବି—ନାଗଫେଣିଆ (ହି. ଶ)—
Śaṇakandā Opuntia Dilleni (plant).

ଶଣଘଣ୍ଟା—ସଂ. ବି—ଶଣପୁଷ୍ପୀ (ଦେଖ)—
Śaṇaghaṇṭā Śaṇapushpī (See)
(ଶଣଘଣ୍ଟିକା—ଅନ୍ୟରୂପ)

ଶଣ ଚୂର୍ଣ୍ଣ—ସଂ. ବି—ପାଣିରେ କଚ୍ଛୁଡ଼ିନ ବଗୁରି ହୋଇ ପଚି ଯାଇଥିବା Śaṇa chūrṇṇa ଛଣପଟ ଗଛରୁ ପିଟିକରି ବାହିରୁ ଛଣପଟ ତନ୍ତୁ କାଢ଼ିନେବା ପରେ ଯେଉଁ ଛୋଟ ଭାଙ୍ଗମାନ ରହିଯାଏ (ହି. ଶ)—Small bits of sun-hemp which remain after the fibres are separated from the stems.

ଶଣ ତନ୍ତୁ—ସଂ. ବି—ଛଣପଟ ଗଛର ଛାଲରୁ ବାହାରିବା ସୂକ୍ଷ୍ମ ସୂତ୍ର—
Śaṇa tantu Fibres of flax hemp.

ଶଣପଟ—ଦେ. ବି (ସଂ. ଶଣ+ପଟ୍ଟ)—ଶଣ ୧ (ଦେଖ)
Śaṇapaṭa Śaṇa 1 (See)

ଶଣ ପୁଷ୍ପ—ସଂ. ବି—ଛଣପଟ ଗଛର ଫୁଲ—The flower of the Śaṇa pushpa Sun hemp. [ଦ୍ର—ଏହା ଚୋପା ହଳଦିଆ, ଓଲଟ ଗଣ୍ଡି ପରି ଦେଖାଯାଏ ଓ ଏ ଫୁଲର ମୂଳଦେଶ ଗାଢ଼ ରକ୍ତବର୍ଣ୍ଣବିଶିଷ୍ଟ । ଏ ଫୁଲର ହଳଦିଆବର୍ଣ୍ଣ ଥିବାରୁ କନକଗୋସ୍ୱାମୀ ସୀତାଙ୍କର କାନ୍ତିକୁ ବୈଦେହୀଶ-ବିଳାସର ୧୦୨ ଛାନ୍ଦରେ କବି ଉପେନ୍ଦ୍ର ଭଞ୍ଜ 'ଶଣ ପୁଷ୍ପ'ର କାନ୍ତି ସଙ୍ଗେ ତୁଳନା କରିଅଛନ୍ତି ଓ ଅନ୍ୟ କବିମାନେ ମଧ୍ୟ ଗୌରାଙ୍ଗୀ ସ୍ତ୍ରୀମାନଙ୍କୁ ଶଣପୁଷ୍ପ ସଙ୍ଗେ ତୁଳନା କରିଥାଆନ୍ତି ଯଥା—"ଉଭୁ ! ଶଣପୁଷ୍ପେ ଯା କାନ୍ତି ଜାଣ, ବଭୂଷଣ କରି କରଣ୍ଡୁ ଅଣ ।" ହରିଦ୍ରାବୃକ୍ଷେହିତା ଗୌରାଙ୍ଗୀ କୁହୁଳ-ଲିଳନାଙ୍କ ଦେହବର୍ଣ୍ଣ ପ୍ରତି ଶଣପୁଷ୍ପର ଅଭ୍ର ଶଙ୍ଖପାରେ; କିନ୍ତୁ ଅନ୍ୟ ଦେଶର ପାଠକର୍ ବୋଲା ଛେଳାଗୋସ୍ୱାଙ୍କ ପ୍ରତି ଏହା ଶଙ୍କା ଅସମ୍ଭବ ।] ୨ । ଶତପୁଟ ସ୍ୱର୍ଣ୍ଣ—2. Gold which has been burnt and washed a hundred times.

ଶଣପୁଷ୍ପୀ—ସଂ. ବି (ବୈଦ୍ୟକ)—୧ । ବନ୍ୟ ଛଣପଟ ଗଛ । [ଦ୍ର—
Śaṇapushpī ଏହାର ଫୁଲ ଛଣପଟ ଗଛର
(ଶଣସମା, ଶଣିକା—ଅନ୍ୟରୂପ) ଫୁଲ ପରି । ଏହାର ଛୁଇଁ
वनशण, झणझणिया ଝଣଝଣ ବାଜେ । ଏହା
घागरी, शनई, वनशनई, शनहुली କଟୁ ତିକ୍ତରସବିଶିଷ୍ଟ ଓ କଫ,
झुनझुनिया ବାତ, ଅଜୀର୍ଣ୍ଣ, ଜ୍ୱର ଓ
ଅନ୍ୟ ସଂ. ନାମ—ଘଣ୍ଟା, ଘଣ୍ଟାରବା] ରକ୍ତ ଦୋଷନାଶକ ।]
1. Crotalaria. ୨ । ହରଡ଼ (ହି. ଶ)—2. Pigeon pea.

ଶଣଶିଫା—ସଂ. ବି—ଛଣପଟ ଗଛର ମୂଳ—
Śaṇaśiphā The root of the flax-hemp plant.

ଶଣ ସୂତ୍ର—୧ । ଛଣୀ; ଛଣପଟର ଦଉଡ଼ି—1. String made of Śaṇa sūtra flax fibres. ୨ । ଛଣପଟର ଛାଲରୁ ବାହାରିବା ତନ୍ତୁ—2. The fibres of flax hemp. ୩ । ଛଣପଟନିର୍ମିତ ଜାଲ—3. Flaxen net. ୪ । ପବିତ୍ରକ; କୁଶ ଆଦିର କଟି ବା ମୁଦ୍ରିକା; କୁଶବଟୁ (ହି. ଶ) 4. A ring made of kuśa-grass.

ଶଣାଳୁକ — ସଂ. ବି—ଆରଗ୍ବଧ; ସୁନାରୀ ଗଛ (ହି. ଶ)
Ṡaṇāḷuka Cassia Fistula tree.

ଶଣୀ—ସଂ. ବି. ସ୍ତ୍ରୀ (ଶଣ+ଈ) —ଶଣଦଉଡ଼ି; ଶଣବକ୍କଲକୁ ପାଣିରେ
Ṡaṇī ସଢ଼ାଇଲେ ତହିଁମଧ୍ୟରୁ ବାହାରିବା ତନ୍ତୁ; ଛଣୀ—
Flax; flax fibre.

ଶଣୀର—ସଂ. ବି—୧ । ଶୋଣ ନଦୀଗର୍ଭସ୍ଥ ଉର୍ବର ଦ୍ୱୀପପୁଞ୍ଜ—
Ṡaṇīra 1. Very fertile islets in the bed of the Sone river. ୨ । ସରଯୂ ନଦୀର ଶାଖାମାନଙ୍କ ଦ୍ୱାରା ବେଷ୍ଟିତ ଭୂଖଣ୍ଡବିଶେଷ ଏକ ଦ୍ୱୀପ; ଦଦଶୀର୍ଚ୍ଛ (ହି.ଶ)
2. Name of a tract surrounded by the branches of the Saraju river.

ଶଣ୍ଟା (ଣ୍ଟେ) ଇବା —ଦେ. କ୍ରି.—(ସଂ ଶଣ୍ଡ୍ ଧାତୁ)—୧ ଶାଣ୍ଟିବା (ଦେଖ)
Ṡaṇṭā(ṇṭe)ibā 1 Ṡāṇṭibā (See) ୨ । ଶଣ୍ଢାଇବା (୧) (ଦେଖ)—2 Saṇḍāibā (1) (See)

ଶଣ୍ଠ—ସଂ. ବିଣ. ପୁ—୧ । ଅବିବାହିତ (ହି. ଶ.)—
Ṡaṇṭha 1. Unmarried. ୨ । ନପୁଂସକ; ହେଞ୍ଜଡ଼ା (ହି. ଶ)—2. Impotent; eunoch. ୩ । ନିର୍ବୋଧ(ହି.ଶ)
3. Stupid.

ଶଣ୍ଡ୍ (ଧାତୁ)—ସଂ. ବ—୧ । ଗଦା କରିବା—1. To heap up;
Ṡaṇḍ (root) to collect. (Apte) ୨ । ଅଘାତ କରିବା—
2. To hurt; to wound.

ଶଣ୍ଡ(ଣ୍ଢ)—ସଂ.ବି.ପୁଂ (ଶଣ୍ ଧାତୁ=ସୁଖଦାନ କରିବା + କର୍ତ୍ତୃ.ଡ଼,ଢ଼)—
Ṡaṇḍa(ṇḍha) ୧ । ବୃଷ; ବୃଷଭ; ଷଣ୍ଢ—1 A bull; bra-
ষাঁড় hmani bull. (ଦ୍ର—ଏହା ମହାଦେବଙ୍କ ବାହନ) ୪ ।
सांढ(ड), सँड(ढ़) ହେଞ୍ଜଡ଼ା; ନପୁଂସକ; କ୍ଲୀବପୁରୁଷ—2. A eunoch by birth. ୩ । ଶୁକ୍ରାଚାର୍ଯ୍ୟଙ୍କ ଏକ ପୁତ୍ର—
3. A son of Ṡukrācharjya. [ଦ୍ର—ଏ ଅସୁରମାନଙ୍କ ପୁରୋହିତ ଥିଲେ ।] (ହି—ଶୁକ୍ରର ସୁତ ବୋଲିବାର ଶଣ୍ଡ ଅମର୍କ ନାମ ଦୁଇ । ଜଗନ୍ନାଥ. ଭାଗବତ ।) ୬ । ରାଜାମାନଙ୍କ ଅନ୍ତଃପୁରର ସ୍ତ୍ରୀମାନଙ୍କ ଜଗୁଆଳ କ୍ଲୀବ ପୁରୁଷ—4. A eunoch kept to guard the females of a harem. [ଦ୍ର—ଅନ୍ତଃପୁର ଜଗୁଆଳ୍ ଧରିବା ଭଳି ଅନେକ ରାଜା ଓ ବାଦସାହାମାନେ ମନୁଷ୍ୟ-ବାଳକମାନଙ୍କୁ 'ଖଚି' ସେମାନଙ୍କୁ କ୍ଲୀବ କରୁଥିଲେ । ଦୈହିକ କ୍ଲୀବତା ଦ୍ୱାରା ମାନସିକ କ୍ଲୀବତା ଘଟୁଥିଲା କି ନାହିଁ, ଏହା ଗବେଷଣାର ବିଷୟ ।] ୫ । ଦଳ; ପଙ୍କ—
5. A crowd. ୬ । ପଦ୍ମ ସମୂହ—6. A collection of lotus flowers. ୭ । ବନ୍ଧ୍ୟପୁରୁଷ—
7. A barren male. ୮ । ଉନ୍ମତ୍ତ ବ୍ୟକ୍ତି—
8. Maddened or intoxicated person. ସଂ. ବିଣ—୧ । କ୍ଲୀବ—1. Emasculated; impotent. ୨ । ମଦୁଆଳ; ପାନୋନ୍ମତ୍ତ—2. Drunkard. intoxicated. ୩ । କାମୁକ; ଲମ୍ପଟ—3. Licentious; amorous; libidinous. ୪ । ଉନ୍ମତ୍ତ (ହି. ଶ.)—4. Mad. ଦେ. ବି.—୧ । କଟକ ଜିଲ୍ଲାର ଲୁପ୍ତ ରାଜ୍ୟ କୁଜଙ୍ଗର ରାଜବଂଶର ଉପାଧି—1. The family-title of the late Rājās of Kujaṅga Estate in the district of Cuttack. ୨ । ଦଳପତି—2. Leader of a group; headman.

ଶଣ୍ଡ(ଣ୍ଢ) ଚୂଳ—ଦେ ବି—ବୃଷର କକୁଦ୍—
Ṡaṇḍa(ṇḍha) chūḷa The hump on the should-
ষাঁড়ের ঝুঁটী किल्होड er of an Indian bull.

ଶଣ୍ଡ(ଣ୍ଢ)ତା(ତ୍ୱ)—ସଂ. ବି—୧ । ନପୁଂସକତ୍ୱ; ମୁଷ୍କଚ୍ଛେଦ ହେବା ଅବସ୍ଥା—
Ṡaṇḍa(ṇḍha)tā(twa) 1. Castration; emasculation; loss of virility. ୨ । ବନ୍ଧନମୁକ୍ତ ଷଣ୍ଢ ପରି ଉଚ୍ଛୃଙ୍ଖଳ ବ୍ୟବହାର—2. Unrestrained conduct like a bull set at liberty. ୩ । କ୍ଲୀବତା—3, Impotence.

ଶଣ୍ଡ(ଣ୍ଢ) ପଛଅଡ଼—ଦେ. ବି—(ବ୍ୟଙ୍ଗ)—ବୃଷଭର ପଶ୍ଚାଦ୍ଭାଗ ଅର୍ଥାତ୍
Ṡaṇḍa(ṇḍha) pachha ārḍa ବୃଷଣ ବା ଅଣ୍ଡକୋଷ—
ষাঁড়ের পেছন দিক (ironical) The testicle of a bull
गोला बैलका आंड [ଦ୍ର—ବୃଷଭରୂପ ବାହନ ଉପରେ ବସିଥିବା ଭୋଳାନାଥଙ୍କ ଭୋଳା ପଣ ଭାଙ୍ଗି ଦେଇ ଭକ୍ତ ପ୍ରତି ତାଙ୍କ ଦୃଷ୍ଟିକୁ ଅକୃଷ୍ଟ କରାଇବା ଆଶାରେ ଭକ୍ତ ମହାଦେବ ମନ୍ଦିରକୁ ଦର୍ଶନ କରିବାକୁ ଗଲାବେଳେ ମନ୍ଦିରରେ ପ୍ରତିଷ୍ଠିତ ପାଷାଣମୟ ବୃଷଭର ପଛଅଡ଼ (ବୃଷଣ)ରେ ଝିଙ୍କିଏ ହାତ ଲଗାଇ ଦିଏ । ଏପରି କଲେ ଷଣ୍ଢକୁ କୁତୁ କୁତୁ ଲାଗିବା ହେତୁ ସେ ଚଞ୍ଚଳ ହୋଇ ଉଠିବ ଓ ତହିଁର ଫଳରେ ତା ଉପରେ ବସିଥିବା ଭୋଳାନାଥଙ୍କର ଆସନ ଦୋହଲି ଯିବ ଓ ଧ୍ୟାନ ଭୋଳ ବା ନିଦ୍ରା ଭୋଳ ମଧ ଭାଙ୍ଗି ଯିବ; ବାହନ ଷଣ୍ଢର ଚଞ୍ଚଳତାର କାରଣ ନିର୍ଣ୍ଣୟ କରିବା ପାଇଁ ସେ ପଛ ଅଡ଼କୁ ଚାହିଁ ଦେଲେ ଭକ୍ତ ଉପରେ ତାଙ୍କର ଆଖି ପଡ଼ିବ ଓ ଭକ୍ତ ଏହି ସୁଯୋଗ ପାଇ ମହାଦେବଙ୍କ ଆଗରେ ଦଣ୍ଡବତ୍ ଲଟିକିକ ପଡ଼ି ଯାଇ ଅପଣାର ଦୁଃଖ ଜଣାଇବ, ଏହି କାଳ୍ପନିକ ଆଶାରେ ଭକ୍ତ ଶିବଲିଙ୍ଗକୁ ଦର୍ଶନ କରିବାକୁ ଯିବାବେଳେ ପ୍ରଥମେ ଷଣ୍ଢର ପଛଅଡ଼େ ହାତ ମାରି ଦେଇ ଷଣ୍ଢକୁ ଶର କରିଦିଏ । ଏହା ଅଜକାଲିର ନୂଆ କଥା ନୁହେଁ; ପାଠରେ ମଧ ଅଛି ଯେ, 'ବୃଷସ୍ୟ ବୃଷଣଂ ସ୍ପୃଷ୍ଟ୍ୱା ଶଙ୍କରସ୍ୟାବଲୋକନଂ ।]

ଶଣ୍ଡ(ଣ୍ଢ) ପଛଅଡ଼ ପାଇବା—ଦେ. କ୍ରି—(ନ୍ୟାୟ)—(ଲକ୍ଷଣାର୍ଥ ଓ
Ṡaṇḍa(ṇḍha) pachha-ārḍu pāibā ବ୍ୟଙ୍ଗ) ବୃଥା କାର୍ଯ୍ୟ

ଷଣ୍ଢ ପଛ ଅଗ୍ରା କରିବା
ଷଣ୍ଢ ପଛ ଧରିବା
ଷଣ୍ଢର ପଛଅଡ଼େ ଗୋଡ଼ାଇବା
ଷଣ୍ଢପଛେ ଗୋଡ଼ାଇବା
ଷଣ୍ଢ ପଛେ ଧାଇଁବା
—ଅନ୍ୟରୂପ କରିବା; ଲଭ ଲାଭ ଆଶା ଲୁବ୍ଧ ହୋଇ ପରିଶ୍ରମ କରି ପରେ ନିରାଶ ବା ନିଷ୍ଫଳ ହେବା—

କଲାପୋଡ଼ା ପাওয়া To be after a wild goose chase; ଗୋଲା ବୈଲକା ଆଣ୍ଡ ସେକନା to pursue a chimera; to become baffled in one's hope after pursuing it for some time; to be tantalised. [ବ୍ର—ବକାଣ୍ଡ ପ୍ରତ୍ୟାଶା ନ୍ୟାୟ (ଦେଖ)—ଓଡ଼ିଆ ଭଗ ମଧ୍ୟ ଅଛି—'ଅଶାଲୁବ୍ଧ ହୋଇ ପୁରୁଷ ବାଳ, ଷଣ୍ଢ ପଛେ ଧାଇଁ ମଲା ଶୃଗାଳ ।' ଗଡ଼ଜାତର ଇଷିକ ବହ ଯଜୁମାନ୍ କୌଣସି ରାଜାଙ୍କ ନିକଟରେ ଅପଣାର ପ୍ରାର୍ଥନା ପୂର୍ଣ୍ଣ ନ ହେବା ସମ୍ବନ୍ଧେ କହି ଅଛନ୍ତି—'ଦେବ ଦେବଙ୍କର ବାହନ ପଛଅଡ଼ୁ ପାଇଲୁ ।' ଅର୍ଥାତ୍, କିଛି ପାଇଲୁ ନାହିଁ ।]

ଷଣ୍ଢ(ଣ୍ଡ)ପଣ—ଦେ. ବି—୧ । (ଲକ୍ଷଣାର୍ଥ) ଉଚ୍ଛୃଙ୍ଖଳତା—1. (figurative) Lawlessness; the state of acting without restraint. Sanda(ndha)pana ବାହାଦୁରୀ ସଁଡପନ (ଷଣ୍ଡ[ଣ୍ଢ] ପଣିଅ[ଥ]—ଅନ୍ୟରୂପ) ୨ । ଶାରୀରକ ବଳପ୍ରକାଶ—2. Show of physical force. ୩ । ବୀରତ୍ୱ—3. Heroism. ୪ । ପ୍ରୌଢ଼ି; ବାହାଦୁରୀ—4. Bragging of one's power or might. ୫ । କଷ୍ଟ ଚରିତତା; ଲମ୍ପଟତା; ବହୁ ସ୍ତ୍ରୀଙ୍କ ଦଳ ମଧ୍ୟରେ ନାଗରତ୍ୱ—5. Licentiousness; the state of playing the gallant to a number of women. ୬ । ପୁରୁଷତ୍ୱ; ଅଣ୍ଡିରପଣିଅ—6. Virility; potency; manhood.

ଷଣ୍ଢ(ଣ୍ଡ) ବନିବା—ଦେ. କ୍ରି—(ଲକ୍ଷଣାର୍ଥ) କୌଣସିଠାରେ ଦଳ ମଧ୍ୟରେ ଦଳପତିରୂପେ ଅଧିକାର ବିସ୍ତାର କରିବା—(figurative) To establish one's mastery or leadership in a group. Sanda(ndha) banibā ষাঁড় হওয়া सँड़ बनना

ଷଣ୍ଢ ମହାଦେବଙ୍କର, ଗାଈ ସହଦେବଙ୍କର, ବଳଦ ବାପୁଡ଼ା କାହାରି ନୁହେଁ—(ପ୍ରବଚନ)—ବଳଦ ବିଚରାର କେହି ମୁରବି ନାହିଁ—The poor bullock has got no protector or patron. [ବ୍ର—ଅଣ୍ଡିର ବାଛୁରୀର ମୁଷ୍କଚ୍ଛେଦ ଅଶାସ୍ତ୍ରୀୟ ଥିବ ବିଷୟକୁ ଲକ୍ଷ୍ୟ କରି ଏ ପ୍ରବଚନ ବ୍ୟବହୃତ । ଷଣ୍ଢ ମହାଦେବଙ୍କର ବାହନ ଥିବା କଥା ଶାସ୍ତ୍ରରେ ଅଛି; ଗାଈମାନଙ୍କର ରକ୍ଷକ ବିଷୟ ପାଣ୍ଡବ ସହଦେବ ବୋଲି ପୁରାଣାଦିରେ ବର୍ଣ୍ଣିତ ଅଛି । କିନ୍ତୁ ଛିନ୍ନମୁଷ୍କ ବଳଦର ସ୍ୱାମୀ ବା ରକ୍ଷକରୂପେ ଶାସ୍ତ୍ର ପୁରାଣାଦିରେ କୌଣସି କାହାରି ନାମୋଲ୍ଲେଖ ଦେଖାଯାଏ ନାହିଁ (କାରଣ, ଶାସ୍ତ୍ରରେ ମୁଷ୍କଚ୍ଛେଦର ବ୍ୟବସ୍ଥା ନାହିଁ) । ଲୋକେ ଷଣ୍ଢ ପ୍ରତି କଷ୍ଟ ବ୍ୟବହାର କଲେ ମହାଦେବ ଖପା ହେବେ, ଏବଂ ଗାଈ ପ୍ରତି କଷ୍ଟ ବ୍ୟବହାର କଲେ ସହଦେବ ଖପା ହେବେ; କିନ୍ତୁ ବଳଦକୁ ଅଧିକରୁ ଅଧିକ ପରିଶ୍ରମ କରାଇଲେ କିମ୍ବା ଯଥେଷ୍ଟ ଖାଦ୍ୟ ଓ ବିଶ୍ରାମ ନ ଦେଇ ତା ପ୍ରତି କଷ୍ଟ ବ୍ୟବହାର କଲେ ସେ ବିଚରାର ହାହାକାର ଶୁଣିବାକୁ କେହି ନାହିଁ । ଏଥିପାଇଁ ବଳଦ ବାପୁଡ଼ା ଉପରେ ତୁମେ ଯେତେ ଜୁଲମ କରିବ, କର—ଏହି ମର୍ମ ବ୍ୟଙ୍ଗଦ୍ୱାରା ଏ ପ୍ରବଚନରେ ସୂଚିତ ହୋଇଅଛି । ଯେଉଁ ବ୍ୟକ୍ତିର କେହି ଉପକର୍ତ୍ତା ବା ଅଶ୍ରୟଦାତା ନ ଥାଏ, ତାହା ପ୍ରତି ଏ ପ୍ରବଚନ ପ୍ରୟୋଗ କରାଯାଏ ।]

Sandha mahādeba-ṅkara, gāi sahadeba-ṅkara, balada bāpurdā kāhāri nuheṅ
ষাঁড় মহাদেবের, গাই সহদেবের, বলদের বাপ মা নেই
सँड़ महादेवका, गाय सहदेवकी, बैल बाप मा नहीं — गाडी गाडीवानाका, पहिया लोहारका, बैल सरकारका

ଷଣ୍ଢ ମହାଦେବଙ୍କୁ ଆଶ୍ରା କରିବା ନ୍ୟାୟ—ଦେ. ନ୍ୟାୟ—ମହାଦେବଙ୍କ ଘର ବଡ଼ଲୋକର ଆଶ୍ରା କରି ବୃଷଭର ଘାସ ଗ୍ରାସ ଲଭ ନ ହେବା ନ୍ୟାୟ—A proverb used figuratively to mean that an unlucky person will not fare better even if he takes shelter under the Almighty Siba (God). Sandha mahādebaṅku āśrā karibā nyaya বৃষভ মহাদেবকে আশ্রয় করিবার ন্যায় [ବ୍ର—ବୃଷଭ ଦେବଦେବ ମହାଦେବଙ୍କର ବାହନ ଥିବାରୁ ସେ ସ୍ୱୟଂ ମହାଦେବଙ୍କର ବିଶେଷ ଅନୁଗ୍ରହର ପାତ୍ର ଅଟେ । ଯେଉଁ ଆଶୁତୋଷ ମହାଦେବ କେତେ କେତେ ଲୋକଙ୍କୁ ବର ଦେଇ ନିମେଷକ ମଧ୍ୟରେ ସେମାନଙ୍କର ଦୁଃଖଦାରିଦ୍ର୍ୟ ଦୂର କରିଅଛନ୍ତି ଓ କରି ପାରନ୍ତି, ବୃଷଭ ତାଙ୍କର ବାହନ ହୋଇ ତାଙ୍କୁ ଚିରଦିନ ଆଶ୍ରା କରି ସୁଦ୍ଧା ତାହାର କପାଳ ଦଶା ଫେରିଲା ନାହିଁ; ଅର୍ଥାତ୍ ମହାଦେବଙ୍କ ବାହନ ବୃଷଭ କପାଳରେ ଯେଉଁ ଘାସ ଗ୍ରାସ (ଘାସ ଖାଇ ପ୍ରାଣଧାରଣ କରିବା) ଲେଖା ଅଛି, ତାହାକୁ ବରଦାନଦ୍ୱାରା ସ୍ୱୟଂ ମହାଦେବ ଖଣ୍ଡି ପାରି ନାହାନ୍ତି । ଏହାର ତାତ୍ପର୍ଯ୍ୟ ଏହି ଯେ, ଯାହାର କର୍ମରେ କିମ୍ବା ଭାଗ୍ୟରେ ଭଲ ଲେଖା ନାହିଁ, ସେ ବଡ଼ଲୋକଙ୍କ ଆଶ୍ରା କଲେ ସୁଦ୍ଧା ତା ଦୁର୍ଦ୍ଦଶା ମୋଚନ ହେବ ନାହିଁ ।] (ବ୍ର—ଶିବେ ଆଶ୍ରା କରି ବୃଷ, * * ନ ଗଲା ତା ଘାସ ଗ୍ରାସ—ଭ. ଛ. ପ୍ରେମସୁଧାନିଧି ।)

ଷଣ୍ଢ(ଣ୍ଡ) ଲଗା(ଗେ)ଇବା—ଦେ. କ୍ରି—ଋତୁମତୀ ବା ବୃଷସ୍ୟନ୍ତୀ ଗାଈ ସଙ୍ଗେ ସଙ୍ଗମାର୍ଥ ବୃଷଭକୁ ଛୁଆଇବା—To cause a bull to co-habit a cow. Sanda(ndna) lagā(ge)ibā পাল দেখান साँड लगाना

ଷଣ୍ଢ(ଣ୍ଡ) ଲଢ଼ା(ଢ଼େ, ଢ଼ା, ଢ଼େ)ଇବା—ଦେ. କ୍ରି—ଦୁଇଟି ଷଣ୍ଢକୁ ବାଦ୍ୟାଦିଦ୍ୱାରା ଉତ୍ତେଜିତ କରିଇ ପରସ୍ପର ସଙ୍ଗେ ଯୁଦ୍ଧରେ ପ୍ରବୃତ୍ତ କରାଇବା—To instigate or set two bulls to fight with each oeher. Sanda(ndha) lardhā(rdhe, rdā, rde)ibā ষাঁড় লড়ান साँड लडाना

ଷଣ୍ଢ(ଣ୍ଡ) ଲଢ଼ା(ଢ଼େ, ଢ଼ା, ଢ଼େ)ଇ—ଦେ. ବି—୧ । ଦୁଇଟି ବୃଷଭଙ୍କ ଭିତରେ ଯୁଦ୍ଧ—1. Bull fight. ୨ । (ଲକ୍ଷଣାର୍ଥ) ଦୁଇଜଣ ସମବଳ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ— Sanda(ndha) lardhā(rdhe, rdā, rde)i ষাঁড়ের লড়াই साँडकी लडाइ

(ଯଥା—ଭୀମ, ଦୁର୍ଯ୍ୟୋଧନଙ୍କ ଯୁଦ୍ଧ)—2. Fight between two equally strong persons. ୩ । (ଲକ୍ଷଣାର୍ଥ) ଦୁଇ ଜଣଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ—3. (figurative) Fierce fight between two persons.

ଶଣ୍ଡା—ସଂ. ବି—୧ । ମହୁ ପଡ଼ିଥିବା ଦୁଗ୍ଧ; ଦହି (ହି. ଶ)—1. Sour
Śaṇḍā milk to which acid has been added. ୨ । ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର (ହି. ଶ.)—2. A son of Śukrāchārjya. ୩ । ଯକ୍ଷବିଶେଷ (ହି. ଶ)—3. Name of a Jaksha.

ଶେଣ୍ଡ(ଣ୍ଢା)—ଦେ. ବି (ସଂ. ଶଣ୍ ଧାତୁ=ଭଲ ଦାନ କରିବାରୁ କିମ୍ବା
Śaṇḍā(ṇḍhā) ସଂ.ଦଣ୍ଡ)—୧ । ପିଆଜ ଆଦିର ପତ୍ର ଗୁଚ୍ଛ ମଧ୍ୟରୁ
পিয়াজের শাঁষ, ସିଧା ଓ ଲମ୍ବ ହୋଇ ବାହାରିଥିବା ଦଣ୍ଡ ବା ଛଡ଼
পিয়াজ কলি (ସାଧାରଣତଃ ଏହାର ଅଗରେ ଥୋପାଏ ଫୁଲ ଧରେ)—
ਡੰਠਲ A long stem or scape issuing out and standing erect from a cluster of leaves of plants, such, onion, garlic etc. (ଯଥା—ପିଆଜ, ବାରବାଇଁଶ, ରଶୁଣ ଗଛରୁ ବାହାରିଥିବା ଶଣ୍ଢା ।)

শোয়াঁপোকা ଦେ. ବି.—୧। (ସଂ. ଶୁଣ୍ଡ)—ଶୁଆଁ ବାଳ ପରି ଏକ-
भूआ ପ୍ରକାର ପୋକ—1. A kind of caterpillar-like insect found on leaves of certain plants. [ଦ୍ର—ଏମାନେ ଡବ ଗଛର ପତ୍ର ଓ ବାଇଗଣ ପତ୍ର ଆଦିରେ ଲାଗିଥାଆନ୍ତି ଏବଂ ଏହି ସଙ୍ଗେ ଗୋରୁମାନେ ଏହି ପୋକଙ୍କୁ ଖାଇଦେଲେ ମରିଯାଆନ୍ତି ।] ୨ । (ସଂ ଶୁଣ୍ଡ)—(ବେକର)
ঘাড়েরগাঁঠ ପଛ ଅଂଶ—2. The back or nape of the
गुद्दी neck. ୩ । (ସଂ ଶୁଣ୍ଡ)—ଗଛରୁ ନୂଆ ବାହାରିଥିବା
ডাঁটা ଲମ୍ବ ସଳଖ ଶାଖା ବା ଗଜା—3. A long slender,
नमशोड shoot issuing from a tree. ୪ । ଜ୍ୱରଶଣ୍ଢା;
জ্বরঠুটা, জ্বরঠুঁটো ଜ୍ୱର ହେବା ପରେ ଜିଭରେ ଓ ଓଠରେ ବାହାରି
जरपाद ଯିବା ବ୍ରଣ ବା ବିସ୍ଫୋଟକ—4. Fever blister; herpes; eruptions or rashes coming out on the lips and mouth after fever.
নাকের ডাঁটি ୫ । (ସଂ. ଦଣ୍ଡ) ନାସିକା ଛିଦ୍ରଦ୍ୱୟର ମଧ୍ୟସ୍ଥ ଦଣ୍ଡାକାର
नाकका मध्य ଅସ୍ଥି—5. The wall between the
নাসা nostrils.. ୬ । କମ୍ପଜ୍ୱର ଯୋଗୁଁ ନାସିକା ଛିଦ୍ରର ଅନ୍ତ-ର୍ଦେଶରେ ଓହୋଳି ପଡ଼ିବା ମାଂସପିଣ୍ଡ; ଛୁହା—6. A lump of flesh which hangs down inside the nostrils as a result of ague. ୭।ଶଣ୍ଢାସୁର (ଦେଖ)—7. Saṇḍhāsura (See) ୮ । (ସଂ. ଷଣ୍ଢ)
ষণ্ডা ଢେଙ୍ଗା ଓ ସ୍ଥୂଳକାୟ ବ୍ୟକ୍ତି—8. A stout and
मोटा ताजा आदमी tall person.

ষণ্ডা ଦେ. ବିଣ.—୧ । ଢେଙ୍ଗା ବା ଲମ୍ବ ଓ ସ୍ଥୂଳ—1. Tall
मोटासोटा and stout. ୨ । ବନ୍ଧ୍ୟା; ଯେଉଁ ବୃକ୍ଷ ଅତିସ୍ଥୂଳ ଓ
যঁড়া ଢେଙ୍ଗା ହୋଇ ବଢ଼ିଯିବାରୁ ଫଳ ଉତ୍ପାଦନ କରିପାରେ
धूस्सा ନାହିଁ—2.(a tree or plant) Which does not bear fruit owing to its overluxuriant
যাঁড়া growth. ୩ । (ସ୍ତ୍ରୀ) ବନ୍ଧ୍ୟା; ଅତି ସ୍ଥୂଳକାୟ ଓ ମାଂସଳ
धूस्सी ହେବା ଯୋଗୁଁ ଯେଉଁ ସ୍ତ୍ରୀର ଗର୍ଭ ହୁଏ ନାହିଁ—3 (a woman) Who becomes incapable of conception owing to her growing fat. ୪ ।
ষণ্ডা (ପୁଂ) ସ୍ଥୂଳକାୟ ଓ ନପୁଂସକ, ଅର୍ଥାତ୍ ସନ୍ତାନଜନନରେ
धुस्सा, शंड ଅକ୍ଷମ (ପୁରୁଷ)—4. (a male) Incapable of bringing about conception on account of his corpulence. ୫ । (ସଂ·ଷଣ୍ଢରୁ)—ବଳିଷ୍ଠ 5.Strong ୬ । ମୋଟାସୋଟା—6.Stout. ୭ । କାର୍ଯ୍ୟ
প্রস্তুত କରିବା ପାଇଁ ପ୍ରସ୍ତୁତ—7. Ready to do any
तयार work. ୮ । କାର୍ଯ୍ୟଦକ୍ଷ; କର୍ମଠ—8. Able; fit for work ୯। ଶଡ଼କା (ଦେଖ)—9 Śarḍakā(See)

ଶଣ୍ଢା(ଣ୍ଡେ)ଇବା—ଦେ.କ୍ରି—(ସଂ. ଶଣ୍ଡ)—୧। (ସକର୍ମକ) ଏକ ପଦାର୍ଥକୁ
Śaṇḍā(ṇḍe)ibā ବା ବ୍ୟକ୍ତିକୁ ଅନ୍ୟ ଅନ୍ୟ ପଦାର୍ଥ ବା ବ୍ୟକ୍ତି
জোটান ସହିତ ଜୁଟ କରାଇଦେବା; ଜୁଟାଇବା—1. To cause a
जुटान thing or person to meet another.
ড়াটাদেওয়া ୨ । (ଅକର୍ମକ) (ବୃକ୍ଷାଦି) ଗଜାଇବା; ଶୁଆଁ ଦେବା;
अंकुराना ଶଣ୍ଢାଦେବା—2. To send forth new stems, sprout or shoots; to sprout. ୩ । ପୁରୁଷ (ପର ପୁରୁଷ ବା ଜାର)କୁ ନେଇ ସ୍ତ୍ରୀ ଲୋକ (ପର ସ୍ତ୍ରୀ ବା ପରବଧୂ ଆଦି)ର ନିକଟରେ କାମ ପ୍ରବୃତ୍ତି ଚରିତାର୍ଥ କରିବା
জোগান ପାଇଁ ପହଞ୍ଚାଇବା—3 To act as a panderer; to
जुटाना secure amorous meeting between a woman and a lover. ୪। (ଗଛଆଦି) ଶଣ୍ଢା ହୋଇ
যাঁড়া ବଢ଼ିବା; ବନ୍ଧ୍ୟାଇବା (ଦ୍ର—ଗଛମାନ ଶଣ୍ଢାଇଲେ ସେଥିରେ
बढ़जाना ଫଳ ଧରେ ନାହିଁ); ବନ୍ଧ୍ୟା ହୋଇ ବଢ଼ିବା—4. To grow overluxuriantly (said of plants which do not bear fruit owing to over-
যাঁড়া growth). ୫ । (କୌଣସି ସ୍ତ୍ରୀ) ଅତିରିକ୍ତ ରୂପେ ସ୍ଥୂଳ
धूस्सीहोना ଓ ମାଂସଳ ହେବା—5. (A woman) To grow excessively fat. [ଦ୍ର—ଏପରି ହେଲେ ସ୍ତ୍ରୀ ଗର୍ଭ ଧାରଣ କରିବାକୁ ଅକ୍ଷମା ହୁଏ ।] ୬ । ମକମକେଇବା;
জরজর হওয়া ଦମଦମେଇବା; (କୌଣସି ସ୍ତ୍ରୀ) ବିଶେଷ କାମାତୁର
तरसना ହୋଇ ନିକଟରେ ଉପସ୍ଥିତ ପୁରୁଷ ସଙ୍ଗମାର୍ଥ ନେତ୍ରକଟାକ୍ଷ ଇଙ୍ଗିତ ଦ୍ୱାରା ଉଦ୍‌ବେଗ ବା ଅସ୍ଥିରତା ପ୍ରକାଶ କରିବା—6. (A woman) To show signs of excessive eagerness for satiating her lust with any man appearing before her.

ଶଣ୍ଢା(ଣ୍ଡା) ତଲି—ଦେ. ବି.—କେଉଁସିଣ ହୋଇ ଧାନ ବୁଦାରୁ ଶଣ୍ଢା
Śaṇḍhā(ṇḍā) taḻi ବାହାରିବା ପରେ ଅନ୍ୟ କିଆରିରେ
ধানের বড়চারা ରୁଆଯିବା ଉକ୍ତ ଧାନବୁଦା—Paddy seedling
खरहन transplanted in a field after it has sent forth many shoots.

ଷଣ୍ଡା(ଣ୍ଢା) ଦେବା—ଦେ. କ୍ରି—(କୌଣସି ବୃକ୍ଷ) ଭୁଅଁଦେବା ବା ଗଛ
Sanḍā (ṇḍhā) debā ବାହାର କରିବା—(A tree) To
ଡ଼ାଁଟାଦେଓୟା ଅଂକୁରଦେନା send forth its shoot or stalk of flower.

ଷଣ୍ଡା(ଣ୍ଢା)ମର୍କ—ସ. ବି—(ଷଣ୍ଡ+ମର୍କ; କପାଳକ ସିଦ୍ଧ)—ଷଣ୍ଡ ଓ ମର୍କ;
Sanḍā(ṇḍhā)marka ଶୁକ୍ରାଚାର୍ଯ୍ୟଙ୍କର ପୁତ୍ରଦ୍ୱୟଙ୍କ ନାମ—Name of the two sons of sage Sukrāchārjya who were engaged as tutors to Prahlāda(the devotee child of the demon-king Hiranya Kasipu). [ଦ୍ର—ଶୁକ୍ରାଚାର୍ଯ୍ୟଙ୍କର ଏହି ପୁତ୍ରଦୁହେଁ, ଦୈତ୍ୟ ହିରଣ୍ୟକଶିପୁଙ୍କର ପୁତ୍ର ଭକ୍ତ ପ୍ରହ୍ଲାଦଙ୍କୁ ବିଦ୍ୟାଶିକ୍ଷା ଦେବାପାଇଁ ନିଯୁକ୍ତ ହୋଇଥିଲେ। ଏମାନେ ନାନା ପ୍ରକାରେ ପ୍ରହ୍ଲାଦଙ୍କୁ ହରି-ଭକ୍ତିରୁ ବିଚଳିତ କରିବାକୁ ଚେଷ୍ଟାକରି ଅକୃତକାର୍ଯ୍ୟ ହୋଇଥିଲେ। କେହି କେହି ଏ ଦୁଇ ପୁତ୍ରଙ୍କ ନାମ ଷଣ୍ଡା ଓ ମର୍କ; କେହି କେହି ଷଣ୍ଡ ଓ ଅମର୍କ ଥିବା କହନ୍ତି]

ଷଣ୍ଡା(ଣ୍ଢା)ମାର୍କା—ଦେ·ବିଣ—(ସ ଷଣ୍ଡାମର୍କ, ଏମାନଙ୍କର ବୃହଦାକାରରୁ)
Sanḍā(ṇḍhā)mārkā ଅତି ସ୍ଥୂଳକାୟ ଓ ଡେଙ୍ଗା ବ୍ୟକ୍ତି—A
ଷଣ୍ଡାମାର୍କା ଘୂସ୍ମା person of gigantic stature.

ଷଣ୍ଡା(ଣ୍ଢା)ସୁର—ସ. ବି—ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ବୃଷ ବେଶଧାରୀ ଅସୁର
Sanḍā(ṇḍhā)sura ବିଶେଷ—A demon who assumed the shape of a bull and was killed by Śrīkṛushṇa. [ଦ୍ର—ଶ୍ରୀକୃଷ୍ଣ ଆପଣାର ବାହୁପାଶ ଦ୍ୱାରା ଏହାର ଗଳା ଚିପି ଏହାକୁ ମାରି ପକାଇ ଥିଲେ।]

ଷଣ୍ଡି(ଣ୍ଢି)ଆ—ଦେ. ବିଣ (ସ. ଷଣ୍ଡ)—୧ । ଷଣ୍ଡ ସମ୍ବନ୍ଧୀୟ—
Sanḍi(ṇḍhi)ā 1. Relating to bull. ପୁଂ. ବିଣ—
(ଷଣ୍ଢେଇ—ସ୍ତ୍ରୀ) ୨ । ଷଣ୍ଡାମାର୍କା; ବୃହତ୍‌କାୟ (ବ୍ୟକ୍ତି)—
ସାଁଡ଼ା 2. Of gigantic stature. ୩ । ବୃଷାଳ ହୋଇ ଡାଳ
ବେଜା ବଢ଼ାହୁଆ ପତ୍ର ବଢ଼ି ଫୁଲ ଫଳ ଧରି ନ ଥିବା (ଗଛ);
ବଗ୍ଗ—3. (a tree) Overluxuriant in growth. ୪ । କାଣିଷଣ୍ଡିଆ; ମୁଷ୍କଚ୍ଛେଦନ ବେଳେ ଦୋଷ ରହିଯିବାରୁ ଯେଉଁ ଅଣ୍ଡିରା ବାଛୁରୀ ଷଣ୍ଡପରି ଦେଖାଯାଏ ଏବଂ ବେଳେ ବେଳେ ତାହାର ଷଣ୍ଡଗୁଣ ଉଦ୍‌ବୁଦ୍ଧ ହୁଏ—4. (a bullock) Which has not completely lost its virility on account of defective castration. ୫ । ଦେ. ବି—ଟୁକ୍ ବଳୁଆ ମାଟି ଯୋଗୁଁ ଗଛ (ଲଙ୍କାମରିଚ, ବାଇଗଣ ଆଦି) ଖୁବ୍ ବୃଷାଳ ହୋଇ ଡାଳ ପତ୍ର ମେଲିଥିବା, କିନ୍ତୁ ଫୁଲ ଫଳ ନ ଧରିବା ଅବସ୍ଥା—5. The state of a tree growing over luxuriantly in a very rich soil. ୬ । ଷଣ୍ଢା (୩) ଓ (୪) (ଦେଖ)—6. Sanḍhā (3) and (4). (See)

ଷଣ୍ଡି(ଣ୍ଢି)ଆ(ୟା) ମାରିବା—ଦେ. କ୍ରି—(ବାଇଗଣ, ଲଙ୍କାମରିଚ ଆଦି
Sanḍi(ṇḍhi)ā(yā) māribā ଗଛ) ବଳୁଆ ମାଟିରେ ବଢ଼ିଚ
ସାଁଡ଼ା ଡାଳ ପତ୍ର ମେଲିବା—To grow overluxuriantly
ବେଜା ବଢ଼ଜାନା without bearing any fruit.

ଷଣ୍ଡି(ଣ୍ଡୀ)ଲ(ଲ)—ସ. ବି (ଷଣ୍ଡ=ନପୁଂସକ+ଇଲ)—ଊର୍ଦ୍ଧ୍ୱରେତା
Sanḍi(ṇḍī)la(la) ମୁନି ବିଶେଷ—Name of a sage of subdued carnal passion. [ଦ୍ର—ଏ ଜଣେ ଗୋତ୍ର ପ୍ରବର୍ତ୍ତକ ଋଷି ଥିଲେ। ଏହାଙ୍କ ନାମରୁ ଶାଣ୍ଡିଲ୍ୟ ଗୋତ୍ର ହୋଇଅଛି।]

ଷଣ୍ଡି(ଣ୍ଢି)ଲ(ଲ୍ୟ)—ଦେ. ବି—ଶାଣ୍ଡିଲ୍ୟ ବାତ (ଦେଖ)
Sanḍi(ṇḍhi)la(lya) Sāṇḍilya bāta (See)

ଷଣ୍ଢେ(ଣ୍ଢେ)ଇ—ଦେ. ବିଣ. ସ୍ତ୍ରୀ—ଅଣ୍ଡିରଣ୍ଡୀ; ମଇମଇେଇ; ଭ୍ରମ
Sanḍe(ṇḍhe)ī ଝମେଇ; ଭୃଶସଙ୍ଗ୍ରୀ (ସ୍ତ୍ରୀ); କାମାତୁରା ହୋଇ
(ଷଣ୍ଡିଆ,ଷଣ୍ଡିଆଣୀ--ଅନ୍ୟରୂପ) ପୁରୁଷ ସଙ୍ଗମାର୍ଥିନୀ--(a woman).
କାମୁକୀ Eagerly hankering after or soliciting
ଥିଯାଇ cohabitation.

ଶତ୍‌ପଥୀ(ଥି)—ଦେ. ବି (ସଂ. ଶତପଥୀ)—ଶତପଥୀ (୨) ଓ (୩)
Sat-pathī(sti) (ଦେଖ)—Śatapathī (2) and (3) (See)

ଶତ୍ ଶତ୍ ଶତ୍—ଦେ. ଅ (ସଂ. ଶତଂ ଜୀବ)—ଝିଟିପିଟିର ଶବ୍ଦ ଶୁଣି
Sat sat sat ଅମଙ୍ଗଳନିବାରଣାର୍ଥ ଉଚ୍ଚାରିତ ଶବ୍ଦତ୍ରୟ—
ଶାଟ୍ ଶାଟ୍ ଶାଟ୍ [ଦ୍ର—କୌଣସି ସମୟରେ ଝିଟିପିଟି (ଗୃହଗୋଧିକା) ର ଶବ୍ଦ ଶୁଣିଲେ ତାହା ଅମଙ୍ଗଳଜନକ ଥିବାରୁ ଉକ୍ତ ଅମଙ୍ଗଳକୁ ଏଡ଼ିବା ନିମନ୍ତେ ଲୋକେ କହୁଥିଲେ 'ଶତଂ ଜୀବ' ଓ ଉକ୍ତ ବାକ୍ୟ ବର୍ତ୍ତମାନ ଶତ୍ ଶତ୍ ଶତ୍ ଆକାରରେ ରହିଅଛି। ଉକ୍ତ ଶତଂ ବାକ୍ୟକୁ 'ସତ୍ୟ' ସଙ୍ଗେ ଭ୍ରମବଶତଃ ଏକ ମନେ କରି ଲୋକେ ଝିଟିପିଟି ଶବ୍ଦ ଶୁଣିଲେ କହନ୍ତି—'ସତ୍ୟ ସତ କହିଲୁ'।]—Words repeated by persons on hearing the croaking of house lizards.

ଶତ—ସଂ. (ସଂଖ୍ୟାବାଚକ) ବି.(ଶୋ. ଧାତୁ=ଶାଣ ଦେବା+କର୍ମ.ଅତ)
Sata —ଶହେ; ୧୦୦ ସଂଖ୍ୟା; ଦଶର ଦଶଗୁଣ ସଂଖ୍ୟା—The number 100; hundred. ସଂ. ବିଣ—୧ । ଏକ ଶହ ସଂଖ୍ୟକ—1. Numbering one hundred. ୨ । ବହୁ ସଂଖ୍ୟକ—2. Numerous. [ଦ୍ର—ସଂସ୍କୃତ ଭାଷାରେ ଏହା ଏକବଚନାନ୍ତ 'ଶତଂ' ରୂପରେ ବହୁବଚନ ଅର୍ଥରେ ବ୍ୟବହୃତ ହୁଏ।]

ଶତକ—ସଂ. ବି (ଶତ+ସ୍ୱାର୍ଥେ. କ)—୧ । ଶତସଂଖ୍ୟା; ଏକ୍କଶତ
Sataka ମାତ୍ର; ଶହକ; ଶହେ—1. One hundred only. ୨ । ଶତ ଶ୍ଳୋକ ସମ୍ବଳିତ କାବ୍ୟ ବା ସ୍ତବ—2. A poem consisting of 100 couplets or stanzas. (ଯଥା—ବୈରାଗ୍ୟଶତକ) ୩ । ଶତ-ପରିମିତ ସମୂହ—3. A group of one hundred. ୪ । ଶତାବ୍ଦୀ (ଦ୍ର. ଶ)—4. A centry (Apte).

୫ । ବିଷ୍ଣୁ (ହି. ଶ)—5. Bishṇu. ସଂ. ବିଣ—୧ । ଶତସଂଖ୍ୟକ— 1. Numbering one hundred. (ଶତିକା—ସ୍ତ୍ରୀ) ୨ । ଶତପରିମିତ—2. Consisting of one hundrel only. ୩ । ଶତ ଭାଗ ବା ଅବୟବଯୁକ୍ତ — 3. Consisting of one hundred parts.

ଶତକଡ଼ା(ଢ଼ା)—ଦେ. ଅ (ହ. ଶତକ; ସଂ. ଶତକୃତ୍ୱଃ)—ପ୍ରତି ଏକଶତ Śatakarḍā(ṛā) ସଂଖ୍ୟକ ହିସାବ ଗଣନା ଅନୁସାରେ; ଶତକେ; शतकरा सैकडा [ଶଅକଡ଼ା—Per cent.

ଶତକଡ଼ା ଦଶ—ଦେ. ବି. ଓ ବିଣ—ଶତ ସଂଖ୍ୟା ଅନୁପାତରେ ଦଶ- Śatakarḍādaśa Ten per cent. [ଦ୍ର— शतकरादश दसोत्रा ଏଭଳିପରି [ଶତକଡ଼ା ଏକ; [ଶତକଡ଼ା ଦୁଇ ଆଦି ସଂଖ୍ୟାବାଚକ ଶବ୍ଦ ବ୍ୟବହୃତ ହୁଏ ।]

ଶତକପାଲେଶ—ସଂ. ବି—ଶିବଙ୍କ ମୂର୍ତ୍ତିବିଶେଷ (ହି. ଶ)— Śatakapāleśa One of the images of Śiba.

ଶତକର୍ମା—ସଂ.ବି (ଶତକର୍ମନ୍; ୧ମା ୧ବ)—ଶନିଗ୍ରହ (ବିଶ୍ୱକୋଷ)— Śatakarmā The planet saturn.

ଶତକୀର୍ତ୍ତି—ସଂ. ବି (ଶତ=ଶତସଂଖ୍ୟକ, ବହୁସଂଖ୍ୟକ+କୀର୍ତ୍ତି= Śata kirtti କୀର୍ତ୍ତିଜନକ କାର୍ଯ୍ୟ ଯାହାର)—୧ । ଯେ ବହୁ ଯଶସ୍କର କାର୍ଯ୍ୟ ଦ୍ୱାରା କୀର୍ତ୍ତିଶାଳୀ ହୋଇ ଅଛନ୍ତି— 1. One who has earned renown by hundreds of works of charity. ୨ । ଜୈନ ସନ୍ନ୍ୟାସୀ—2. A Jaina recluse. ୩ । ବୌଦ୍ଧ ଶ୍ରମଣ ବି—3. A Buddhist saint. ୪ । ଜୈନ ଭବିଷ୍ୟତ୍ ଗୁରୁଙ୍କ ନାମ—4. Name of a future saint mentioned in the Jaina scriptures.

ଶତକୁନ୍ଦ—ସଂ. ବି (ଶତ+କୁନ୍ଦ)—କରବୀର ପୁଷ୍ପ; କରବୀ ଫୁଲ— Śatakunda The sweet scented oleander; rosebay; Nerium Odorum. (ଅନ୍ୟ ସଂ ନାମ—କରବୀର, ଶ୍ୱେତପୁଷ୍ପ,ଅଶ୍ୱମାରକ) करवी खफेदकनेर ଫା—ଖରଜେହରୁ, ଅ—ଦଫ୍ଲି, ତେ— ଗନେରୁ, କନେରଚେଟ୍ଟୁ ।

ଶତ କୁମ୍ଭ—ସଂ. ବି (ବୈଦିକ)—୧ । ଶ୍ୱେତକରବୀର; କରବୀ ଫୁଲ— Śata kumbha 1. Rosebay; sweet scented oleander; Nerium Odorum. ୨ । ସ୍ୱର୍ଣ୍ଣ ଖଣି ଥିବା ପୌରାଣିକ ପର୍ବତବିଶେଷ—2. Name of a mythological mountain containing gold mines. ୩ । ସୁବର୍ଣ୍ଣ; ସୁନା (ହି. ଶ)— 3. Gold (Apte). ୪ । ପ୍ରାଚୀନ ପର୍ବତବିଶେଷ- Name of an ancient mountain.

ଶତକୁସୁମା—ସଂ. ବି—ଶତପୁଷ୍ପ; ଶଲୁପ— Śatakusumā Dill seed; Anethun Graveolens

ଶତକୃତ୍ୱଃ—ସଂ. ଅ—(ଶତ+କୃତ୍ୱସୁ)—ଶହେଥର (ବିଶ୍ୱକୋଷ)— Śatakṛutwaḥ A hundred times.

ଶତ କୋଟି—ସଂ. ବି—୧। ଶହେ କୋଟି ବା ଦଶ ଅର୍ବୁଦ ବା ଏକବୃନ୍ଦ Śata koṭi ସଂଖ୍ୟା—1. One billion (in number). ୨ । ଶତଧାରଯୁକ୍ତ ବଜ୍ରାସ୍ତ୍ର—2. A weapon with one hundred edges. ୩ । ହୀରା (ବିଶ୍ୱକୋଷ)— 3. Diamond. ବିଣ—ବହୁସଂଖ୍ୟକ; ଅସଂଖ୍ୟ— Numerous; innumerable; countless. (ଯଥା—ପ୍ରଣାମ ଶତ କୋଟି କହେବଦନଙ୍କ ଚରଣେ—ପଞ୍ଚାବ ଶିରୋନାମାରେ)

ଶତକୌମ୍ଭ—ସଂ. ବି (ଶତକୁମ୍ଭ+ଅ)—ସ୍ୱର୍ଣ୍ଣ; ସୁନା— Śatakaumbha Gold. (ଶତକୌମ୍ଭକ—ଅନ୍ୟରୂପ)

ଶତ କ୍ରତୁ—ସଂ. ବି [ଶତସଂଖ୍ୟକ କ୍ରତୁ=ଅଶ୍ୱମେଧ ଯଜ୍ଞ, (ସମ୍ପନ୍ନ Śata kratu ହୋଇଅଛି) ଯାହାଙ୍କଦ୍ୱାରା—ବହୁବ୍ରୀହି]—୧ । ବାସବ; ଇନ୍ଦ୍ର; ଦେବରାଜ—1. Indra. [ଦ୍ର—ଶତ ସଂଖ୍ୟକ ଅଶ୍ୱମେଧ ଯଜ୍ଞ ସମ୍ପାଦନକାରୀ ବ୍ୟକ୍ତି ଇନ୍ଦ୍ର ପଦ ଲାଭ କରନ୍ତି ।] ୨ । ଶତସଂଖ୍ୟକ ଅଶ୍ୱମେଧ ଯଜ୍ଞ ସମ୍ପାଦନକାରୀ ବ୍ୟକ୍ତି—2. A person who performs 100 horse sacrifices. ସଂ. ବିଣ—୧ । ବହୁକର୍ମା (ବିଶ୍ୱକୋଷ)—1. Performing many acts. ୨ । ବହୁପ୍ରଜ୍ଞ (ବିଶ୍ୱକୋଷ)—2. Very intelligent and wise.

ଶତ ଖଣ୍ଡ—ସଂ. ବି—୧। ବହୁଖଣ୍ଡ ବା ବିଭାଗ—1. Hundreds of Śata khaṇḍa pieces; hundred parts. ୨ । ସ୍ୱର୍ଣ୍ଣ; ସୁନା—2. Gold. ୩ । ସ୍ୱର୍ଣ୍ଣନିର୍ମିତବସ୍ତୁ(ହି.ଶ)- 3. Anything made of gold.

ଶତଗୁ—ସଂ. ବିଣ (ବହୁବ୍ରୀହି; ଶତ+ଗୋ; ଗୋ ସ୍ଥାନରେ ଗୁ ଆଦେଶ) Śatagu ଗୋଶତପରିମାଣଧନବିଶିଷ୍ଟ; ଯାହାର ଶହେ ଗାଈ ଅଛନ୍ତି—Owning one hundred heads of kine.

ଶତ ଗୁଣ—ସଂ. କ୍ରି.ବିଣ ଓ ବିଣ—ବହୁ ଗୁଣରେ; ଶହେ ଗୁଣ ହୋଇ— Śata guṇa Hundredfold; manyfold. (ଶତଗୁଣିତ—ଅନ୍ୟରୂପ)

ଶତ ଗ୍ରନ୍ଥି—ସଂ. ବିଣ (ବହୁବ୍ରୀହି; ଶତ ଅଛି ଗ୍ରନ୍ଥି ଯାହାର)—ଅନେକ Śata granthi ଯାଗାରେ ଗଣ୍ଠି ହୋଇଥିବା; ଶହେ ବା ବହୁ ଗ୍ରନ୍ଥିଯୁକ୍ତ (ଚିରକନା) – Having hundreds of knots, knotted at hundreds of places (e. g. a rag) (ବୈଦିକ) ବି—ଦୁବ୍ୱା; ଦୁବଘାସ – Creeping grass; creeping cyncdon. [ଦ୍ର— ଶ୍ୱେତଦୁବ୍ୱା ଓ ନୀଳଦୁବ୍ୱା ଉଭୟକୁ ଶତଗ୍ରନ୍ଥି ବୋଲଯାଏ ।]

ଅନ୍ୟ ସଂ. ନାମ – ଦୁର୍ବା, ସହସ୍ରବୀର୍ଯ୍ୟା, ଭାର୍ଗବୀ, ଶତପର୍ବିକା, ରୁହା, ଅନନ୍ତା, କଚ୍ଛରୁହା, ଭକ୍ତୃପର୍ବା; ମହାବରୀ

ଶତଘ୍ନୀ—ଦେ. (ପଦ୍ୟ) ବି.—(ସଂ. ଶତଘ୍ନୀ)—ଗୋଟିଏ ଅସ୍ତ୍ରର ନାମ—
Sataghani Name of a weapon.
[ଯଥା—ଏକ ସମୟରେ ଶତେ ଲୋକଙ୍କୁ ମାରିବା ଏ ଅସ୍ତ୍ରର ବିଶେଷତ୍ୱ ।] [ଦ୍ର—ପଟ୍ଟିଶ କରବାଳ ଚକ୍ର ଶତଘ୍ନୀ—କୃଷ୍ଣସିଂହ. ମହାଭାରତ. ବନ ।]

ଶତଘ୍ନ—ସଂ. ବିଣ. ପୁଂ—(ଶତ+ହନ୍ ଧାତୁ+କର୍ତ୍ତୃ. ଅ)—ଯେ ଏକ ସମୟରେ ଶତେ ବ୍ୟକ୍ତିଙ୍କୁ ହତ୍ୟା କରିପାରେ—
Sataghna Capable of killing one hundred persons at a time.

ଶତଘ୍ନୀ—ସଂ. ବିଣ. ସ୍ତ୍ରୀ—(ଶତଘ୍ନ+ସ୍ତ୍ରୀ. ଈ)—ଶତଘ୍ନର ସ୍ତ୍ରୀଲିଙ୍ଗ—
Sataghni Feminine of sataghna.
ବି.—୧ । ଏକକାଳୀନ ଶତ ସଂଖ୍ୟକ ସୈନ୍ୟ ବିନାଶକାରୀ ପ୍ରାଚୀନ ଭାରତର ଯୁଦ୍ଧାସ୍ତ୍ର ବିଶେଷ—1. A missile or kind of weapon used in the wars of ancient India, resembling the modern cannon. [ଦ୍ର—ଶତଘ୍ନୀ ଭେଣ୍ଡି ଲୌହଦଣ୍ଡ ଗଦା ଶୂଳ । କୃଷ୍ଣସିଂହ. ମହାଭାରତ. ବନ ।] [ଦ୍ର—ମହାଭାରତରେ ଏ ଅସ୍ତ୍ରର ଉଲ୍ଲେଖ ଅଛି । ବୈଶମ୍ପାୟନୋକ୍ତ ଧନୁର୍ବେଦର ୫ମ ଅଧ୍ୟାୟରେ ଏହି ଅସ୍ତ୍ର ସମ୍ବନ୍ଧରେ ନିମ୍ନଲିଖିତ ବର୍ଣ୍ଣନା ଅଛି —ଏହା କଣ୍ଟକିତ, ଲୌହସାରନିର୍ମିତ, ମୁଦ୍ଗରକଳ୍ପ, ସୁଦୃଢ଼ ଓ ବର୍ତ୍ତୁଳ, ଚତୁର୍ହସ୍ତ ପରିମିତ ଲମ୍ବ,ମୁଠାଯୁକ୍ତ । ଗଦାକୁ ପ୍ରୟୋଗ କାଳରେ ଯେଉଁପରି ବଲ୍ଗଣ ବା ଅସ୍ଫାଳନ କରାଯାଏ, ଏହାର ବଲ୍ଗଣ ମଧ୍ୟ ତଦ୍ରୂପ ।
ମତାନ୍ତରରେ ବଡ଼ ପଥର ବା କାଠର ଗୁଡ଼ା ବା ଖୋଳରେ କଣ୍ଟକିତ ଗୁଲା ଓ କଣ୍ଟା ଭରିତ କରି ଶତଘ୍ନୀ ତିଆରି କରାଯାଉଥିଲା; ଏହାକୁ ଶତ୍ରୁ ଉପରକୁ ଫିଙ୍ଗା ଯାଉଥିଲା । [ହି. ଶ.]
ମଲ୍ଲୀନାଥ ରଘୁବଂଶ (୧୨।୯)ର ଟୀକାରେ ଲୌହକଣ୍ଟକସଞ୍ଚିତ ଯଷ୍ଟି ବିଶେଷକୁ ଶତଘ୍ନୀ ରୂପେ ନିର୍ଦ୍ଦେଶ କରିଅଛନ୍ତି (ବିଶ୍ୱକୋଷ) ।] ୨ । ଗଳରୋଗ ବିଶେଷ—2. A kind of throat disease. [ଦ୍ର—ତ୍ରିଦୋଷର ପ୍ରକୋପ ହେତୁ ଗଳା ମଧ୍ୟରେ ବର୍ତ୍ତି ସଦୃଶ କଠିନ କଣ୍ଠରୋଧକାରୀ, ବେଦନାଯୁକ୍ତ ମାଂସାଙ୍କୁର ପରବୃତ୍ତ ଶୋଥ ହୁଏ । ଏହା ପ୍ରାଣନାଶକ ଅଟେ । (ହି. ଶ.) ବିଶ୍ୱକୋଷ ।]
୩ । ସ୍ତ୍ରୀ ବୃଶ୍ଚିକ—3. A female scorpion.
୪ । ବିଛୁଆତି; ବିଛୁଅତି—4. The stinging nettle; Fragia Involucrata, ୫ । ଏକପ୍ରକାର ଘାସ (ହି. ଶ.)—5. A kind of grass. ୬ । କରଞ୍ଜ (ବିଶ୍ୱକୋଷ)—6. Pongamia Glabra (tree).

ଶତଚ୍ଛଦ—ସଂ. ବି.—(ବହୁବ୍ରୀହି, ଶତ+ଛଦ=ପାଖୁଡ଼ା ବା ପକ୍ଷ; ସନ୍ଧି-ଯୋଗରୁ ଚ)—୧ । ଶତଦଳ ପଦ୍ମ—1.
Satachchhada Hundred-petalled lotus. ୨। କାଠହଣା ପକ୍ଷୀ—2. The wood-pecker.

ଶତ ଜଟା—ସଂ. ବି—(ବହୁବ୍ରୀହି; ଶତ+ଜଟା)—ଶତମୂଳୀ—
Sata jatā Thorny Asparagus.

ଶତଜିତ୍—ସଂ. ବି—(ଶତ+ଜି ଧାତୁ+କର୍ତ୍ତୃ. କ୍ୱିପ୍)—୧ । ବିଷ୍ଣୁ—
Satajit 1. Bishnu. ୨ । ଭାଗବତୋକ୍ତ ବିରଜଙ୍କ ଏକ ପୁତ୍ର—2. A son of Birāja. ୩ । ଭାଗବତୋକ୍ତ ସହସ୍ରଜିତଙ୍କ ପୁତ୍ର—3. A son of Sahasrajit. ୪ । ଭାଗବତୋକ୍ତ ଭଜମାନଙ୍କ ପୁତ୍ର—4. A son of Bhājamān. ୫ । ଯଜ୍ଞବିଶେଷ (ହି. ଶ.)—5. Name of a Bedic sacrifice. ୬ । ଯକ୍ଷବିଶେଷ (ବିଶ୍ୱକୋଷ)—6. Name of a Jaksha.

ଶତଜିହ୍ୱ—ସଂ. ବି—(ବହୁବ୍ରୀହି; ଶତ+ଜିହ୍ୱା)—ଶିବ—
Sata jihwa Siba.

ଶତ ଜୀବୀ—ସଂ. ବିଣ. ପୁଂ. (ଶତ+ଜୀବ୍ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)
Sata jibi —ଯେ ଶତେ ବର୍ଷ ବଞ୍ଚେ—Living for a hundred years.
[ଶତଜୀବିନୀ—ସ୍ତ୍ରୀ]

ଶତ ତମ—ସଂ. ବିଣ—ଶତେ ସଂଖ୍ୟାର ପୂରକ—
Sata tama [ଶତତମୀ—ସ୍ତ୍ରୀ] Hundredth.

ଶତ ତାରା—ସଂ. ବି—(ଜ୍ୟୋତିଷ)—ଶତ ତାରକାବିଶିଷ୍ଟ ମଣ୍ଡଳାକାର
Sata tārā ଶତଭିଷା ନକ୍ଷତ୍ର । (ଏହାର ଅଧିଷ୍ଠାତ୍ରୀ ଦେବତା ବରୁଣ; ନକ୍ଷତ୍ର ତଳେ ଟୀକା ଦେଖ—
[ଶତତାରକା—ଅନ୍ୟରୂପ] (Astrology) The 24th lunar mansion (See notes under Nakshatra.)

ଶତ ଦନ୍ତିକା—ସଂ. ବି.—(ବୈଦ୍ୟକ)—୧ । ନାଗଦନ୍ତୀ; ବିଛୁଅତି—
Sata dantikā 1. Fragia Involucrata. ୨। ହସ୍ତିଶୁଣ୍ଡୀ;
[ଶତଦନ୍ତୀ—ଅନ୍ୟରୂପ] ହାତୀ ଶୁଣ୍ଢ଼ୀ ଗଛ [ହି.ଶ]—2. A kind of tree Helio tropium Indicum.
୩ । ନଖୀ ନାମକ ଗନ୍ଧ ଦ୍ରବ୍ୟ (ହି. ଶ.)—3. Shell (scent)

ଶତ ଦଳ—ସଂ. ବିଣ—(ଶତ ସଂଖ୍ୟକ ଦଳ=ପାଖୁଡ଼ା ଯାହାର,
Sata dala ବହୁବ୍ରୀହି)—Many-petalled lotus.

ଶତଦଳ ମଲ୍ଲୀ—ସଂ. ବି—ମୁଗୁରା ମଲ୍ଲୀ; ଅନେକ ପାଖୁଡ଼ାଯୁକ୍ତ ମଲ୍ଲୀ ଫୁଲ;
Satadala malli ମୁଗୁରା ମଲ୍ଲୀ—Many-petalled Jasminum Sambac.
ସ.—ମଲ୍ଲିକା, ମଦୟନ୍ତୀ,
ଶୀତଭୀରୁ, ଭୂପଦୀ, ତୃଣଶୂନ୍ୟ
ତେ. ମଲ୍ଲେଚେଟ୍ଟୁ [ଶତଦଳ ମଲ୍ଲିକା—ଅନ୍ୟରୂପ]
शतदल मल्लिका **मोतिया**

ଶତଦଳା—ସଂ. ବି—(ଶତଦଳ+ସ୍ତ୍ରୀ. ଆ)—୧ । ସେବତୀ (ହି. ଶ.)-
Satadalā 1. Muskrose. ୨ । ଗୋଲାପ (ବିଶ୍ୱକୋଷ)—2. Rose.

ଶତଦାହ ହେମ—ସଂ. ବି—ଶତେ ଥର ପୋଡ଼ା ଯାଇଥିବା ସୁନା—
Satadāha hema Gold which has been burnt in fire a hundred times. [ଦ୍ର—ଶତଦାହ ହେମର ପିତୁଳା ପ୍ରକାଶ । କୃଷ୍ଣସିଂହ. ମହାଭାରତ ଅଦ ।]

ଶତଦ୍ରୁ (ଦ୍ରୂ)—ସଂ.ବି—(ଶତ=ବହୁ ଶାଖାରେ+ଦ୍ରୁ ଧାତୁ=ଗମନ କରିବା
Satadru(drū) +କର୍ତ୍ତୃ. ଉ)—ପଞ୍ଜାବର ପଞ୍ଚନଦ ମଧ୍ୟରୁ ଏକ-

ଅନ୍ୟ ସଂ. ନାମ—ଶିତଦ୍ରୁ, ଶତଦ୍ରୁ,] ତମ୍;ସିନ୍ଧୁ ନଦୀର ଶାଖା ବିଶେଷ
ଶତଦ୍ରୁକା,—ବିଶ୍ୱକୋଷ The Sutlej river; a tributary of the Indus. [ଦ୍ର—ଏହା ବାହାବଲପୁର ରିଷବାଜ୍ୟ ଓ ଇଂରାଜ ଅଧିକୃତ ପଞ୍ଜାବ ପ୍ରଦେଶର ସୀମା। ଏହା ହିମାଳୟ ପର୍ବତର ଉତ୍ତରରେ ଥିବା ମାନସ ସରୋବରର ପଶ୍ଚିମସ୍ଥ ରାବଣ ହ୍ରଦରୁ ବାହାରି କିଛିଦୂର ପଶ୍ଚିମକୁ ଯାଇ ହିମାଳୟକୁ ଭେଦ କରି କଳାସ ପୁର ଦେଶୀୟ ରାଜ୍ୟର ସିମ୍ଳା ପାହାଡ଼ ପାଖ ଦେଇ ଲୁଧିଆନା ଓ ଫିରୋଜପୁର ତଥା ବାହାବଲପୁର ନଗର ପାଖେ ବହି ଚେନାବ (ବିପାଶା ବା ବିଆସ) ନଦୀରେ ମିଳି କିଛି ଦୂର ଯାଇ ସିନ୍ଧୁ ନଦ ସଙ୍ଗେ ମିଠନ୍-କୋଟ ନାମକ ସ୍ଥାନରେ ମିଳିତ ହୋଇଅଛି। ବୈଦ୍ୟଶାସ୍ତ୍ର ମତରେ ଏହି ନଦୀର ଜଳ ନିର୍ମଳ, ସୁସ୍ୱାଦ, ଶୀତଳ, ଲଘୁପାକ, ଅଗ୍ନି-ବର୍ଦ୍ଧକ,ପାଚକ,ବଳକର ଓ ମେଧା-ଜନକ। ମହାଭାରତରେ ବର୍ଣ୍ଣିତ ହୋଇଅଛି ଯେ, ପୁତ୍ରଶୋକାତୁର ବଶିଷ୍ଠ ମୁନି ଏହି ନଦୀର ଜଳରେ ଝାସ ଦେବାରୁ ଏ ନଦୀ ଋଷିଙ୍କୁ ଅଗ୍ନି ତୁଲ୍ୟ ବୋଧ କରି ଶତଧା ବିଦ୍ରୁତା ହେଲା ଓ ତଦବଧି ଏହି ନଦୀର ନାମ ଶତଦ୍ରୁ ହେଲା। ଶତଦ୍ରୁ, ସିନ୍ଧୁ ଓ ବ୍ରହ୍ମପୁତ୍ର, ଏ ତିନି ନଦୀ ହିମାଳୟ ପର୍ବତର ଉତ୍ତର ପାର୍ଶ୍ୱସ୍ଥ ମାଳଭୂମିରେ ଥିବା ମାନସରୋବର ଓ (ମାନସ ସରୋବରର ପଶ୍ଚିମରେ ଅବସ୍ଥିତ) ରାବଣ ହ୍ରଦରୁ ବାହାରି ଅଛନ୍ତି। ସିନ୍ଧୁ ନଦୀ ପଶ୍ଚିମ ଦିଗକୁ ବହି ହିମାଳୟର ପଶ୍ଚିମ ମୁଣ୍ଡ ପାଖେ ଓ ବ୍ରହ୍ମପୁତ୍ର ପୂର୍ବକୁ ବହି ହିମାଳୟର ପୂର୍ବ ମୁଣ୍ଡ ପାଖେ ବୁଲି ଭାରତବର୍ଷକୁ ଆସିଅଛି। କିନ୍ତୁ ଶତଦ୍ରୁ ନଦୀ ଦକ୍ଷିଣ ପଶ୍ଚିମ ଦିଗକୁ ବହି ହିମାଳୟକୁ ଭେଦ କରି ହିମାଳୟର ଦକ୍ଷିଣରେ ଆସି ସିନ୍ଧୁ ନଦୀରେ ମିଳିଅଛି। ପଞ୍ଚ ନଦ ମଧ୍ୟରୁ ସିନ୍ଧୁନଦୀ ପଶ୍ଚିମରେ ଓ ଶତଦ୍ରୁ ପୂର୍ବରେ ଅବସ୍ଥିତ। (ଅନ୍ୟ ତିନି ନଦୀ ରାବୀ, ଚେନାବ ଓ ଝେଲମ)। ଶତଦ୍ରୁର ଉତ୍ପତ୍ତି ସ୍ଥାନ ଭାରତର ସମତଳ ଭୂଭାଗଠାରୁ ୧୫ ହଜାର ଫୁଟ୍ ଊର୍ଦ୍ଧ୍ୱରେ ଅବସ୍ଥିତ। ପାର୍ବତ୍ୟଦେଶରୁ ବାହାରି ଶତଦ୍ରୁ ଯେଉଁଠାରେ ପ୍ରଥମେ ସମତଳ ଭୂମିରେ ପଡ଼ିଅଛି, ସେହି ଭୂଖଣ୍ଡର ନାମ ରୂପଡ଼। ଏହି ସମତଳ ଭୂମିରେ ଶତଦ୍ରୁ ନଦୀର ଗଭୀରତା ୪ ହଜାର ଫୁଟ୍। ହିମାଳୟ ପର୍ବତର ଗର୍ଭକୁ ଭେଦ କରି ଶତଦ୍ରୁ ବହୁଥିବା ସ୍ଥାନରେ ଏହାର ପ୍ରସ୍ତରମୟ ତଟର ଉଚ୍ଚତା କୋଡ଼ିଏ ହଜାର ଫୁଟ୍—ବିଶ୍ୱକୋଷ]

ଶତଧା—ସଂ. କ୍ରି. ବିଣ(ଶତ+ପ୍ରକାରାର୍ଥେ ଧା)—୧। ଶହେ ଖଣ୍ଡରେ—
Śatadhā 1. Into hundred parts. ୨। ଶହେ ଆଡ଼େ—2. In hundred directions. ୩। ଶହେ ପ୍ରକାରେ—3. In hundred ways. ୪। ଶହେ ଥର—4. Hundred times. ୫। ବହୁଧା—5. In many parts or ways. ସଂ. ବି—ଦୂର୍ବା (ହି. ଶ)—The creeping grass.

ଶତଧାମା —ସଂ. ବି (ଶତ ଅଟେ ଧାମନ୍=ଦେହ, ତେଜଃ ଯାହାଙ୍କର;
Śatadhāmā ବହୁବ୍ରୀହି)—ବିଷ୍ଣୁ—Bishṇu.

ଶତଧାର—ସଂ. ବିଣ (ଶତ ଅଟେ ଧାର ଯାହାର=ବହୁବ୍ରୀହି; ଶତ+
Śatadhāra ଧାର)—୧। ବହୁଧାରାବିଶିଷ୍ଟ (ନଦୀ)—
(ଶତଧାରା—ସ୍ତ୍ରୀ) 1. (river) Consisting of hundreds of currents or lines. ୨। ବହୁ ଧାର ବା ଦାଢ଼ବିଶିଷ୍ଟ (ଅସ୍ତ୍ର)—2. Hundred-edged; many-edged. ବି—ଅଶନି; ବଜ୍ର—Thunder; thunderbolt.

ଶତ ଧାରା—ଦେ. ବି (ଶତ+ଧାରା; କର୍ମଧା)—ବହୁଧାରା; ଅନେକ
Śata dhārā ସ୍ରୋତ—Hundred currents.

ଶତ ଧୃତି—ସଂ.ବି (ବହୁବ୍ରୀହି;ଶତ+ଧୃତି=ଯଜ୍ଞ)—୧। ଇନ୍ଦ୍ର;ଦେବରାଜ
Śatadhṛuti —1. Indra. ୨। ବ୍ରହ୍ମା—2. Brahmā, the Creator. ୩। ସ୍ୱର୍ଗ—3. Heaven.

ଶତ ଧୌତ—ସଂ. ବିଣ—ଶହେଥର ଧୁଆ ଯାଇଥିବା (ଘୃତ)—
Śata dhauta (ghee) Washed with water a hundred times. [ଦ୍ର—ଘୃତକୁ ଶତବାର ଉତ୍ତପ୍ତ କରି ଶୀତଳ ଜଳରେ ନିର୍ବାପିତ କଲେ କିମ୍ବା ଘୃତକୁ ଶତବାର ଶୀତଳ ଜଳରେ ମନ୍ଥନ କରି ଧୋଇଲେ ତାହାକୁ 'ଶତଧୌତ ଘୃତ' ବୋଲାଯାଏ। ଏହା ମାଲିସ କଲେ ଦାହ, ଘା, ବଣ ଓ ଜାତର ଉପଶମ ହୁଏ।]

ଶତ ଧୌତ ଘୃତ—ସଂ. ବି (କର୍ମଧା)—ଶହେଥର ଧୁଆ ହୋଇଥିବା
Śata dhauta ghṛuta ଘିଅ (ଶତଧୌତ ଦେଖ)—
Ghee washed a hundred times with water (See above).

ଶତନେତ୍ରିକା—ସଂ. ବି (ଶତ+ନେତ୍ର+କ+ଆ)—ଶତାବରୀ—
Śatanetrikā Asparagus Racemosus.

ଶତ ପତି—ସଂ. ବି (୬ଷ୍ଠୀ ତତ୍)—ଶହେ ବ୍ୟକ୍ତିଙ୍କ ମାଲିକ ବା ସରଦାର
Śata pati (ହି. ଶ)—The headman of one hundred persons.

ଶତ ପତ୍ର—ସଂ. ବି (ଶତ ଅଟେ ପତ୍ର ଯାହାର; ବହୁବ୍ରୀହି)—୧। ପଦ୍ମ
Śata patra (ଦେଖ)—1. Lotus; Nelumbium
(ଶତପତ୍ରିକ—ଅନ୍ୟରୂପ) Speciosum. ୨। ମୟୂର—
(ଶତପତ୍ରୀ—ସ୍ତ୍ରୀ) 2. Peacock. ୩। ସାରସ ପକ୍ଷୀ—3. Indian crane. ୪। ଶୁକ—4. Parrot. ୫। କାଠହଣା ଚଢ଼େଇ—5. Wood-pecker. ୬। ଶତପତ୍ରୀ (ଦେଖ) (ହି. ଶ)—6. Śatapatri (See) ୭। ମଇନା; ଶାରିକା (ହି. ଶ)—7. Myna bird. ୮। ବୃହସ୍ପତି (ହି. ଶ)—8. The planet Jupiter. ସଂ. ବିଣ—୧। ଶହେ ପତ୍ରବିଶିଷ୍ଟ—1. Having a hundred leaves. ୨। ଶହେ ପାଖୁଡ଼ା ବିଶିଷ୍ଟ—2. Hundred-petalled. ୩। ଶହେ ପକ୍ଷ ବିଶିଷ୍ଟ—3. Hundred- feathered.

ଶତପତ୍ରା—ସଂ. ବଣ. ସ୍ତ୍ରୀ (ଶତପତ୍ର+ସ୍ତ୍ରୀ ଅ)—ଶତପତ୍ରର ସ୍ତ୍ରୀଲିଙ୍ଗ—
Satapatrā Feminine of Satapatra. ସଂ. ବି. ସ୍ତ୍ରୀ—ଦୁବ୍ବା (ହୃ. ଶ)—The creeping cynoden (grass).

ଶତପତ୍ରୀ—ସଂ. ବି—୧ । ସେବତୀ ଫୁଲ (ଏହାର ବହୁ ଦଳ ଥିବାରୁ)—
Satapatri 1. Cabbage rose; musk rose; Rosa Centifolia.
ଅନ୍ୟ ସଂ. ନାମ—ତରୁଣୀ, ସେବନ୍ତୀ, ଗନ୍ଧ- କେଶର, କର୍ଣ୍ଣିକା, ସେବତୀ, ମହାକୁମାରୀ, ଗନ୍ଧାଢ୍ୟା, ସେମନ୍ତୀ, ଲଷା, କୁବ୍ଜା, ଅତିମଞ୍ଜୁଳା, ସୁମନାଃ, ସୁଗନ୍ଧା, ଶିବବଲ୍ଲଭା, ସୌମ୍ୟଗନ୍ଧୀ, ଶତଦଳା, ସ୍ଥୂଳପୁଷ୍ପା ।
ସେଓତି, ସେଉତି
सेवती
ହି. ସେବତୀ
ତେ. ଚେମନ୍ତି ଚେଟ୍ଟୁ
ଫା. ଗୁଲେସୁର୍ଖ୍ଖ
ଆ. ଜଂଜଂଗସନ
(ଶତପତ୍ରିକା—ଅନ୍ୟରୂପ)
[ଦ୍ର—ନାଲି, ଧଳା ଓ ହଳଦିଆ ଭେଦରେ ଏହା ତିନିପ୍ରକାର । ଏ ଦେଶରେ ସାଧାରଣତଃ ହଳଦିଆ ସେବତୀ ଅଧିକ ଦୃଷ୍ଟ ହୁଏ । ବୈଦ୍ୟକମତରେ ଏହା ଶୀତଳ, ତିକ୍ତ- କଷାୟ, ଧାରକ ଓ ରୁଚିକର । ଏହା କୁଷ୍ଠ, ମୁଖରୋଗ, ସ୍ଫୋଟକ, ପିତ୍ତ ଓ ଦାହନାଶକ (ରାଜନିର୍ଘଣ୍ଟ)] ୨। ଶ୍ୱେତ ବା ପାଟଳବର୍ଣ୍ଣ ଗୋଲାପଫୁଲ (ଶବ୍ଦ- କୋଷ)—2. Red or crimson rose. ୩ । ଶତଦଳ ମଲ୍ଲିକା (ଶବ୍ଦକୋଷ)—3. Many-petalled Jasmine.

ଶତ ପଥ - ସଂ. ବି (ବହୁବ୍ରୀହି; ଶତ=ବହୁ+ପଥ=ଶାଖା ବା ଉପ- Sata patha ଦେଶ)—ଯଜୁର୍ବେଦର 'ବ୍ରାହ୍ମଣ' ଅଂଶବିଶେଷ—(ଶତପଥ ବ୍ରାହ୍ମଣ—ଅନ୍ୟ ବି. ରୂପ) Name of a supplement to the Jajurbeda. [ଦ୍ର—ଏହା ଶୁକ୍ଲ- ଯଜୁର୍ବେଦର 'ବ୍ରାହ୍ମଣ' ବିଶେଷ; ଏହାର କର୍ତ୍ତା ମହର୍ଷି ଯାଜ୍ଞବଲ୍କ୍ୟ । ଏହାର ମାଧ୍ୟନ୍ଦିନ ଓ କାଣ୍ୱଶାଖା ମିଳୁଅଛି । ଯଜୁର୍ବେଦରେ ଥିବା ସମସ୍ତ ବ୍ରାହ୍ମଣ ମଧ୍ୟରେ ଶତପଥ ବ୍ରାହ୍ମଣ ପ୍ରଧାନ ଓ ଶ୍ରେଷ୍ଠ ଅଟେ । ଏଥିରେ ଅଗ୍ନିହୋତ୍ର- ଠାରୁ ଅଶ୍ୱମେଧ ପର୍ଯ୍ୟନ୍ତ କର୍ମକାଣ୍ଡର ବିଷୟ ଓ ସ୍ୱନର ବର୍ଣ୍ଣନା ଅଛି - ହି. ଶ ।]

ଶତପଥିକ—ସଂ. ବଣ. ପୁଂ—୧ । ନାନା ମାର୍ଗରେ ବିଚରଣକାରୀ—
Satapathika 1. Walking in hundreds of ways. (ଶତପଥିକା—ସ୍ତ୍ରୀ) ୨ । ନାନାମତାବଲମ୍ବୀ—2. Following various doctrines ସଂ. ବି—ଶତପଥୀ ୧ (ଦେଖ) Satapathi 1 (See)

ଶତପଥୀ—ସଂ. ବି (ଶତପଥ+ଅଛି ଅର୍ଥରେ ବା ଜ୍ଞାତାର୍ଥେ ଇନ୍)—
Satapathi ଯଜୁର୍ବେଦାନ୍ତର୍ଗତ ଶତପଥ ବ୍ରାହ୍ମଣ ନାମକ ଅଂଶ ଅଧ୍ୟୟନକାରୀ ବ୍ରାହ୍ମଣ—A Brāhmana who is learned in the Sataptha portion of the Jajurbeda. ଦେ. ବି—୧। ବୈଦିକ ବ୍ରାହ୍ମଣ- ଙ୍କର ବଂଶୋପାଧି ବିଶେଷ—1. Family-title of certain Brāhmanas. ୨। କେତେକ ଗାଉଁଆ ଓ ପରିବାର ବ୍ରାହ୍ମଣଙ୍କର ବଂଶୋପାଧି—2. A family title of some Brāhmanas who grow and sell vegetables.

ଶତ ପଦ—ସଂ. ବି (ବହୁବ୍ରୀହି; ଶତ ଅଟେ ପଦ=ପ୍ରକୋଷ୍ଠ ଯାହାର)—
Sata pada ୧ । (ଜ୍ୟୋତିଷ) ଶିଶୁର ନାମକରଣାର୍ଥ ପ୍ରଥମ ବର୍ଣ୍ଣ ସୂଚକ ଶତ ପ୍ରକୋଷ୍ଠଯୁକ୍ତ ଚକ୍ର ବିଶେଷ; ନାମହାର ନିଷ୍କ ର୍ଷଣ ଚକ୍ରବିଶେଷ—1. An astrological circle with 100 compartments drawn for the purpose of giving name to a child. [ଦ୍ର—ଶିଶୁର ନାମକରଣ ସମୟରେ ଏ ଚକ୍ରରେ ଥିବା ଅକ୍ଷରମାନଙ୍କ ଅନୁସାରେ ଶିଶୁର ନାମ ରଖାଯାଏ ।] ୨। ଶତ ପଦୀ (ଦେଖ)—2. Satapadi (See)

ଶତପଦୀ—ସଂ. ବି (ଶତ+ପଦ+ଇନ୍; ୧ମା. ୧ବ)—୧ । କୀଟ;
Satapadi ତେଲୁଣିଆ କୀଟ—1. Centipede. ୨ । କାନଖୁଟୁଲି କୀଟ; କର୍ଣ୍ଣଜଳୁକା—2. Nereis; a very slender myriapod or chillognatha. ୩ । ତେଲୁଣି ପୋକ—3. Iulus; galley worm. ୪ । ଶତାବରୀ—4. Asparagus Recemosus. ୫ । ରକ୍ତାକାରଯୁ ଓ ନାଲିମଞ୍ଜରୀବିଶିଷ୍ଟ ଗୁଳ୍ମ ବିଶେଷ (ହି. ଶ)—5. A kind of red-flowered Amaranth pot-herb.

ଶତ ପଦ୍ମ—ସଂ. ବି—ଶ୍ୱେତପଦ୍ମ—
Sata padma The white lotus.

ଶତପର୍ବ୍ବା—ସଂ. ବି (ଶତ ଅଟେ ପର୍ବନ୍=ପବ ଯାହାର; ବହୁବ୍ରୀହି; ଶତ
Sataparbbā ପର୍ବନ୍; ୧ମା. ୧ବ)—୧ । ବାଉଁଶ; ବାଉଁଶ—1. Bamboo. ୨ । ଏକପ୍ରକାର ଆଖୁ; କନ୍ତାର ଆଖୁ—2. A species of slender sugarcane. (ଦ୍ର—ଏହା ସରୁ ଓ ଏହାର ପବ ଛୋଟ) ୩ (ଶତ+ପର୍ବ+ ଆ)—କୋଜାଗର ପୂର୍ଣ୍ଣିମା; କୁମାର ପୂର୍ଣ୍ଣିମା—3. The full moon of the month of Āswina. ୪ । ଶୁକ୍ର ଋଷିଙ୍କ ପତ୍ନୀ—4. Name of the wife of sage Sukra. ୫। ଦୁବ୍ବା; ଦୁବଘାସ—5. Creeping grass; meadow grass; Agrostis Cyrasurisides. ୬ । କଟୁକା (ହି. ଶ) —6. Black hellebore. ୭ । ବଚ (ହି. ଶ)—7. The sweet flag. ୮ । କଳମ୍ବ ଶାଗ (ହି. ଶ)—8. Convolvulus Repens (potherb).

ଶତପର୍ବିକା—ସଂ. ବି (ଶତପର୍ବ+କ+ଆ)—୧ । ବଚ; ବଚ—
Sataparbbikā 1. The sweet flag. ୨ । ଦୁବ୍ବା; ଦୁବ ଘାସ—2. Creeping cynoden grass. ୩ । ଯବ (ହି. ଶ) —3. Barley. ୪ । ଗାଳ ଦୁବ୍ବା—4. Another sort of grass; Panicum Dactylon.

ଶତପସ୍ତି—ଗ୍ରା. ବି (ସଂ. ଶତପଥୀ)—ଶତପଥୀ ଉପାଧିର ଅଶୁଦ୍ଧ
Satapasti ଉଚ୍ଚାରଣ—An incorrect spelling of the family-title Satapathi.

ଶତ ପାଦ—ସଂ. ବି—(ବହୁବ୍ରୀହି; ଶତ+ପାଦ)—୧। ଛନ୍ଦୁରଥ ବିଛା—
Sata pāda 1. Centipede. ୨। କାନଭୁଟିଳ ବିଛା; କର୍ଣ୍ଣ-
କଳୌକା—2. Nereis. ୩। ବୃଶ୍ଚିକ ବର୍ଗୀୟ ପ୍ରାଣୀ—
3. The myriapoda. ୪। (ବୈଦ୍ୟକ) କାକୋଲି—
4. A medicinal root; Cocculus Indicus.

ଶତପାଦିକା—ସଂ. ବି—(ଶତ+ପାଦ+କ+ଆ)—୧। ଶତପାଦ (ଦେଖ)
Satapādikā 1. Satapāda (See). ୨। କାକୋଲି
(ହି. ଶ) (ଦେଖ)—2. Kākoli (see)

ଶତପୁତ୍ରୀ—ସଂ ବି.—୧। ପେଣ୍ଡିଜହ୍ନି—1. Luffa Acutangula,
Sataputtrī (creeper) which bears fruits in
clusters. ୨। ଶତାବରୀ—2. Asparagus
Racemosus.

ଶତପୁଷ୍ପ—ସଂ ବି.—୧। (ନାମ) ଭାରବି କବି ନାମ; କାବ୍ୟକର୍ତ୍ତା, ଭାରବି.—
Satapushpa 1. Poet Bhārabi, the author of
Kirātārjunīya. ୨। (ବୈଦ୍ୟକ) ଶଉପ—2.
Anethum Sowa; dill seed. ୩। ଷାଠିଏ
ଧାନ—3. A kind of paddy which ripens
in 60 days.

ଶତପୁଷ୍ପା—ସଂ. ବି.—(ବୈଦ୍ୟକ)—୧। ଶଉପ (ଦେଖ)—1. Dill
Satapushpā seed; Pancedanum Sowa; saupa
(See) ୨। ପାନମହୁରୀ (ହି. ଶ)—2. Fenul seed.
୩। ଗବେଧୁକ; ଗଢଗଡ଼ (ହି. ଶ)—3. Sida
Spinosa (plant).

ଶତପୁଷ୍ପିକା } ଅନ୍ୟରୂପ
ଶତପ୍ରସୂନା }

ଶତପୋଦ(ନ)କ—ସଂ ବି—୧। ଏ ପ୍ରକାର ଭଗନ୍ଦର ରୋଗ (ହି.ଶ)—
Satapoda(na)ka 1. A kind of fistula. [ବି—
ଏ ରୋଗରେ ଗୁହ୍ୟଦ୍ୱାର ପାଖେ ବହୁମୁଖ ବ୍ରଣ ହୁଏ ଓ
ସେହି ମୁଖଦ୍ୱାରା ବାଟେ ମଳ, ମୂତ୍ର ଓ ଶୁକ୍ର ବାହାରେ]
୨। ଶୂକରୋଗ ବିଶେଷ; ଲିଙ୍ଗ ଉପରେ ବହୁ ଛିଦ୍ର ହେବା
ରୋଗ ବିଶେଷ (ହି ଶ)—2. A kind of porous
boil on the penis. ୩। ଚାଲୁଣୀ (ଶବ୍ଦକୋଷ)
3. A sieve.

ଶତପୋରକ—ସଂ ବି—ଆଖୁ (ହି ଶ)
Sataporaka Sugarcane.
(ଶତପୋର—ଅନ୍ୟରୂପ।)

ଶତଫଳା(ଲ)—ସଂ ବି.—(ବୈଦ୍ୟକ)—(ଶତ+ବହୁ+ଫଳ+ଅ;ବହୁ
Sata phalā(la) ବ୍ରୀହି)—ବଂଶ; ବାଉଁଶ—Bamboo.

ଶତବର୍ଗ—ସଂ. ବି.—ସେଣ୍ଡୁଫୁଲ; କୁସୁମଫୁଲ—Safflower. [ବି—
Satabarga ଶତବର୍ଗ ଭୂଇଁଅଳା ଭଙ୍ଗମଞ୍ଜୀ ମୁକୁଳା ଏ ଚନ୍ଦ୍ରବମା
—ପ୍ରାଚୀ, ରହସ୍ୟ ମଞ୍ଜରୀ]

ଶତବଲୀ—ସଂ ବି.(ନାମ)—୧। ରାମାୟଣୋକ୍ତ ବାନର ଯୂଥପତି ବିଶେଷ--
Satabali Name of a commander of monkeys,
sent by Rāmachandra in quest of Sitā
towards the north. [ବି—ଏହାଙ୍କର ନାମ
ରାମାୟଣରେ ଅଛି ଓ ବୈଦେହୀଶବିଳାସରେ ୮୩ଶ ଛାନ୍ଦ
୭୩ଶ ପଦରେ କବି ଲେଖି ଅଛନ୍ତି—"ବଦେବଦେ ଦୁଃଖ
ସୁଣି, ବାରୁଣୀର ଶୌର ଯେଷି ବର୍ଗେ ଉତ୍ତରେ ଶତବଳୀ,
ଅବଲା ବଳଦ ହେବା ମନାସି"। ଏହାଙ୍କର ବାସ ସ୍ଥାନ
ସାବର୍ଣ୍ଣି ମେରୁ ପର୍ବତ। ରାବଣ ସୀତାଙ୍କୁ ହରଣ କରିବାପରେ
ସୁଗ୍ରୀବ ଓ ରାମଚନ୍ଦ୍ରଙ୍କ ଦ୍ୱାରା ପ୍ରେରିତ ହୋଇ ସୀତାଙ୍କୁ
ଖୋଜିବା ପାଇଁ ଏ ଉତ୍ତର ଦିଗକୁ ଯାଇଥିଲେ।] ୨। ମତ୍ସ୍ୟ
(ହି. ଶ)—2. Fish.

ଶତବଲ୍ଲୀ—ସଂ ବି.—(ବୈଦ୍ୟକ)—୧। ନୀଳଦୁବା; ଏକପ୍ରକାର ଘାସ।
Sataballi 1. A sort of creeping grass. ୨।
କାକୋଲି (ହି. ଶ) (ଦେଖ)—2 Kakoli (see).

ଶତ ବାଦନ—ସଂ. ବି—ବହୁତ ବାଦ୍ୟର ଏକ ସଙ୍ଗେ ବାଜିବା—
Sata bādana The simultaneous sounding
or concert of many musical instruments,

ଶତ ବାର—ଦେ. ବି. ଓ କି. ବିଣ—ଶହେ ଥର—
Sata bāra A hundred times.
শতবার সোহ্ফা

ଶତବାର୍ଷିକ—ସଂ. ବିଣ (ଶତବର୍ଷ+ଇକ)—ପ୍ରତି ଶହେ ବର୍ଷରେ ଘଟିବା।
Sata bārshika ବା କରାଯିବା—Centennial.

ଶତବାର୍ଷିକୀ—ସଂ. ବି—୧। ଅନାବୃଷ୍ଟି [ହି. ଶ]—1. Drought.
Satabārshikī ୨। କୌଣସି ଶତବାର୍ଷିକ ଉତ୍ସବ—
2. A centenary. ସଂ. ବିଣ. ସ୍ତ୍ରୀ—ଶତବାର୍ଷିକର
ସ୍ତ୍ରୀଲିଙ୍ଗ—Feminine of satabārshika.

ଶତବାହୀ—ସଂ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ପିତାଳୟରୁ ବହୁ ଧନ ସମ୍ପତ୍ତି
Satabāhi ନେଇ ଶାଶୁଘରକୁ ଆସେ (ହି. ଶ)—
A woman who brings valuable things
and immense riches with her from her
father's house to the house of her
husband.

ଶତ ବିଧ—ସଂ. ବିଣ (ବହୁବ୍ରୀହି; ଶତ+ବିଧା)—ନାନାବିଧ—
Sata bidha Of various kinds.

ଶତବୀର—ସଂ. ବି—ବିଷ୍ଣୁ (ହି. ଶ)—
Satabira Bishnu,

ଶତବୀର୍ଯ୍ୟା—ସଂ. ବି (ବୈଦ୍ୟକ)—୧। ଧଳା ଦୁବା; ଧଳା ଦୁବ—
Satabirjyā 1. (white) Creeping cynoden. ୨।
ଶତାବରୀ—2, Asparagus Racemosus. ୩। ପାଚିଲା
ଦ୍ରାକ୍ଷା; କିସମିସି—3. Raisin; dried grape. ୪।
ମୂସଲୀ—4. The white variety of Tāla-
mūli,

ଶତବେଧି(ଧୀ)—ସଂ. ବି (ବୈଦ୍ୟକ)—ଅମ୍ଳପାଳଙ୍ଗ ଶାଗ; ଚୁକା—
Satabedhi(dhi) Country sorrel (potherb);
(ଶତବେଧୀନା—ଅନ୍ୟରୂପ) Rumex Vescicarius.

ଶତଭିଷା(ଷ)—ସଂ. ବି (ଜ୍ୟୋତିଷ)—(ଶତ+ଭିଷକ୍ ଧାତୁ=ସୁସ୍ଥ
Satabhishā(sha) କରିବା+କର୍ତ୍ତୃ. କ୍ୱିପ୍)—ଶତତାରା
(ଶତଭିଷକ୍—ଅନ୍ୟରୂପ) (ଦେଖ)—Satatārā, (See)
(ନକ୍ଷତ୍ର ତଳେ ଟୀକା ଦେଖ)

ଶତ ଭୀରୁ—ସଂ. ବ [ବହୁବ୍ରୀହି; ଶତ=ବହୁସଂଖ୍ୟକ ବୟୋଗୀ ଅଛନ୍ତି
Śata bhīru ଭୀରୁ ଯହିଁର (ଶବ୍ଦକୋଷ)]—ମଲ୍ଲିକା—
Jasmine; Jasminum Zambac.

ଶତ ମଖ—ସଂ. ବ (ବହୁବ୍ରୀହି; ଶତ+ମଖ=ଯଜ୍ଞ ଯେ କରିଅଛନ୍ତି)—
Śata makha ୧। ଶତକ୍ରତୁ; ଇନ୍ଦ୍ର—1. Indra. ୨। ପେଚା
(ହି. ଶ)—2 Owl.

ଶତ ମୟୂଖ—ସଂ. ବ (ବହୁବ୍ରୀହି)—ଚନ୍ଦ୍ର (ହି. ଶ)
Śata mayukha The moon.

ଶତମଲ୍ଲ—ସଂ. ବ—ଶଙ୍ଖ ବିଷ (ହି. ଶ)
Śatamalla Arsenic.

ଶତ ମାନ—ସଂ. ବ (ଶତ+ମାନ=ପରିମାଣ ଯାହାର)—୧। ଏକ ପଲ
Śata māna ପରିମିତ ରୌପ୍ୟ; ୪ ତୋଳାପରିମିତ ରୌପ୍ୟ-
1, Śilver weighing 4 to<u>l</u>ās (rupees)—
[ଦ୍ର—ମନୁସଂହିତାର ଅଷ୍ଟମ ଅଧ୍ୟାୟ ଅନୁସାରେ ଘରର ଜବାକ୍ଷ ଛିଦ୍ରବାଟେ ଅସିଥିବା ସୂର୍ଯ୍ୟକିରଣରେ ପରିଦୃଷ୍ଟ ଏକ ଧୂଳିକଣାକୁ ତ୍ରସରେଣୁ ବୋଲାଯାଏ (ମନୁ ୮।୧୩୨); ୮ ତ୍ରସରେଣୁ=୧ ଲିକ୍ଷା; ୩ ଲିକ୍ଷା=୧ ରାଜସର୍ଷପ; ୩ ରାଜ ସର୍ଷପ=୧ ଗୌରସର୍ଷପ (୮।୧୩୩); ୬ ସର୍ଷପ=୧ ମଧ୍ୟମ ଯବ; ୩ ଯବ=୧ କୃଷ୍ଣଲ; ୫ କୃଷ୍ଣଲ=୧ ମଷା; ୧୬ ମଷା=୧ ସୁବର୍ଣ୍ଣ (୮।୧୩୪); ୪ ସୁବର୍ଣ୍ଣ=୧ ପଲ; ୧୦ ପଲ=୧ ଧରଣ; ୨ କୃଷ୍ଣଳ=୧ ରୌପ୍ୟ ମଷା (୮।୧୩୫); ୧୬ ରୌପ୍ୟ ମଷା=୧ ରୌପ୍ୟ ଧରଣ ବା ରଜତ ପୁରାଣ [୮।୧୩୬]। ୧୦ ଧରଣ=୧ ରୌପ୍ୟ ଶତମାନ। ୪ ସୁବର୍ଣ୍ଣ =୧ ନିଷ୍କ—[ମନୁ ୮।୧୩୭]। ୨। ଆଢ଼କ ପରିମାଣ; ପରିମାଣବିଶେଷ—2. A unit of measure. [ଦ୍ର-ପୂର୍ବେ ଶସ୍ୟାଦି ମାପିବାରେ ଏହି ପରିମାଣ ବ୍ୟବହୃତ ହେଉଥିଲା। ଆଜିକାଲି ମଧ୍ୟ ଏହାର ପ୍ରଚଳନ ଅଛି। ଚାରି ଆଢ଼କରେ ଏକ ଦ୍ରୋଣ ହୁଏ। କେତେକ ସ୍ଥାନରେ ଏକ ଆଢ଼କର ନାମ ମଧ୍ୟ ଦ୍ରୋଣ। ଏହାର ଓଜନ ୩୨ ସେର କିମ୍ବା ୬୪ ସେର। ବୈଦ୍ୟକ ମତାନୁସାରେ ଏହାର ଓଜନ ୮ ସେର। ଜ୍ୟୋତିଷଶାସ୍ତ୍ରାନୁସାରେ ୧୦୦ ଯୋଜନ ଲମ୍ବା ଓ ୩୦ ଯୋଜନ ଚଉଡ଼ା ସ୍ଥାନ ଅଢ଼କ ନାମରେ କଥିତ ହୁଏ।] ୩। ତାରମାକ୍ଷିକ ନାମକ ଉପଧାତୁ [ହି. ଶ] 3. Iron pyrites. ୪। ସୁବର୍ଣ୍ଣତୋଳାପରିମିତ ସ୍ୱର୍ଣ୍ଣ-ଦ୍ରବ୍ୟ [ହି. ଶ]—4. A golden article weighing 4 to<u>l</u>ās. ସଂ. ବିଣ—ପୁଂ (ବହୁବ୍ରୀହି) ୪ ତୋଳା ପରିମିତ—Weighing 4 To<u>l</u>ās.

ଶତମାରୀ—ସଂ ବ. ପୁଂ (ଶତ+ମୃ ଧାତୁ ଣିଚ୍ ମାର ଧାତୁ+କର୍ତ୍ତୃ.
Śatamārī ଇନ୍, ଯେଉଁ ବ୍ୟକ୍ତି ପାରଦକୁ ଶତବାର ମାରଣ କରିଅଛନ୍ତି)—ଉତ୍ତମ ଚିକିତ୍ସକ ବା ବୈଦ୍ୟ—A skilful physician. [ଦ୍ର—ଯେଉଁ ବୈଦ୍ୟ ଉର୍ଦ୍ଧ୍ୱପାତନ, ଅଧଃପାତନ, ତିର୍ଯ୍ୟକ୍‌ପାତନ—ଏହି ବିବିଧ ଜଟିଳପ୍ରକ୍ରିୟା ଦ୍ୱାରା ଶୋଧିତ ପାରଦକୁ ସାତ ବୋତଲରେ ବନ୍ଦକରି କ୍ରମାଗତ ପୁଟପାକଦ୍ୱାରା ରସସିନ୍ଦୂର [ମକରଧ୍ୱଜ] ନାମକ ରସାୟନ ପ୍ରସ୍ତୁତ କରିବାରେ ଶତବାର କୃତକାର୍ଯ୍ୟ ହୁଅନ୍ତି ତାଙ୍କୁ ଶତମାରୀ ବା ବୈଦ୍ୟ ବୋଲାଯାଏ। ଅବା ଯେ ସହସ୍ର ବାର ସେଥିରେ କୃତକାର୍ଯ୍ୟ ହୁଅନ୍ତି, ତାଙ୍କୁ ସହସ୍ରମାରୀ ବା ଚିକିତ୍ସକ ବୋଲାଯାଏ।] ବିଣ—ଶତସଂଖ୍ୟକ ଜୀବର ବା ବ୍ୟକ୍ତିର ପ୍ରାଣନାଶକାରୀ—Killing a hundred beings.

ଶତମାର୍ଜ—ସଂ. ବ. ପୁଂ—[ଶତ+ମୃଜ୍ ଧାତୁ+କର୍ତ୍ତୃ ଅ)—ଯେଉଁ
Śatamārja ବ୍ୟକ୍ତି ଅସ୍ତ୍ରଶସ୍ତ୍ରାଦି ନିର୍ମାଣ ଓ ପାଲିସ କରେ—Armourer.

ଶତ ମୁଖ—ସଂ ବିଣ. ପୁଂ (ଶତ ମୁଖ ଯାହାର; ବହୁବ୍ରୀହି)—୧। ଶତ
Śata mukha ମୁଖଯୁକ୍ତ—1. Heavy 100 faces. ୨। ବହୁମୁଖବିଶିଷ୍ଟ-2. Heavy many faces. ୩। ବାଚାଳ—3. Talkative.

ଶତମୁଖୀ—ସଂ. ବ. ସ୍ତ୍ରୀ (ଶତମୁଖ+ସ୍ତ୍ରୀ. ଈ)—୧। ସମ୍ମାର୍ଜନୀ; ଝାଡ଼ୁଣୀ;
Śatamukhī ବଢ଼ଣି—1. Broomstick. ୨। କୁଚିକା—2. A brush. ୩। ଦୁର୍ଗା (ଶବ୍ଦକୋଷ)—3. Durgā.

ଶତମୂଳା—ସଂ. ବ (ଶତ ଅଟେ ମୂଳ ଯାହାର, ବହୁବ୍ରୀହି)—
Śatamū<u>l</u>ā ୧। (ବୈଦ୍ୟକ) ଦୁବ; ଦୂବ—1. Creeping grass. ୨। ବଚ; ବଚ—2. The sweet flag. Acorus Calamus. ୩। ଶତାବରୀ—3. Asparagus Racemosus.

ଶତମୂଲୀ—ସଂ. ବ. ସ୍ତ୍ରୀ (ଶତମୂଳ+ସ୍ତ୍ରୀ. ଈ)—୧। ଶତାବରୀ (ଦେଖ)—
Śatamū<u>l</u>ī 1. Śatābarī, (See). ୨। ତାଳମୂଳୀ (ହି. ଶ) (ଦେଖ)—2.Tā<u>l</u>amū<u>l</u>ī, (See). ୩। ବଚ—3. The sweet flag.

ଶତଯଷ୍ଟିକ—ସଂ. ବ (ଶତ+ଯଷ୍ଟି+କ; ଶତ ଯଷ୍ଟି ଅଛି ଯାହାର)—
Śatajashṭika ଶତନଳୀ ହାର—A necklace with one hundred strings.

ଶତରୁଦ୍ର—ଦେ. ବ - (ସଂ: ଶତରୁଦ୍ରୀ)—ମହାଦେବଙ୍କର ସ୍ତବ-
Śatarudra ବିଶେଷ—Name of a hymn to Śiba, ୧। ଶତରୁଦ୍ରୀ ୧, ୨ (ଦେଖ)—1. Śatarudri-1, 2 (See). ସଂ. ବ—୧। ରୁଦ୍ରଙ୍କ ଶତ ମୁଣ୍ଡଯୁକ୍ତ ରୂପ ବିଶେଷ (ହି. ଶ.)—1. A hundred-headed form of Rudra. ୨। ଶୈବ ଦର୍ଶନ ମତରେ ଆତ୍ମାର ଉତ୍ପାଦକ ଶକ୍ତିବିଶେଷ (ହି. ଶ.)—2. Name of a Divine energy said to be the progenitor of the soul.

ଶତ ରୁଦ୍ରୀ—ସଂ. ବ—୧। ଯଜ୍ଞର ହବିଃ (ହି. ଶ)—1. The ghee
Śata rudrī intended for bedic sacrifice.
[ଶତରୁଦ୍ରୀୟ—ଅପଭ୍ରଂଶ] ୨। ଯଜୁର୍ବେଦର ଅଂଶବିଶେଷ, ଯହିଁରେ ରୁଦ୍ରଙ୍କ ସ୍ତୋତ୍ର ଅଛି—2.A portion of the Jajurbeda containing a hymn to the Rudra Deity. ୩। ଉକ୍ତ ଅଂଶରେ ଥିବା ରୁଦ୍ର ସ୍ତୋତ୍ର—

3- A hymn of the Jajurbeda. [ଦ୍ର—ଏହାକୁ ପାଠ କରି ରୁଦ୍ରାଭିଷେକ କରାଯାଏ ।]

ଶତ ରୂପା—ସଂ. ବି.—(ଶତ ଅଟେ ରୂପ ଯାହାର; ଶତ+ରୂପ+ସ୍ତ୍ରୀ ଆ)—୧ । ସାବିତ୍ରୀ; ବ୍ରହ୍ମାଣୀ—1. The wife of Brahmā. ୨ । ବ୍ରହ୍ମାଙ୍କ ଏକ ମାନସୀ କନ୍ୟା ଓ ସ୍ୱାୟମ୍ଭୁବ ମନୁଙ୍କ ମାତା—2. The mother of Swāyambhuba Manu. [ଦ୍ର—ବିଷ୍ଣୁପୁରାଣରେ ଲେଖା ଅଛି ଯେ ଏ ସ୍ୱାୟମ୍ଭୁବ ମନୁଙ୍କ ପତ୍ନୀ ଥିଲେ)—
Śata rūpā

ଶତଶଃ—ସଂ. ଅବ୍ୟୟ—(ଶତ+ଶସ୍; ବାରାର୍ଥେ)—୧ ।ଶହେ ଥର—1. A hundred times. ୨ । ଶତ ସଂଖ୍ୟାରେ; ଶହେ ପରିମିତ—2. By hundreds. ୩ । ଶହେ ପ୍ରକାରେ—3. In hundred ways. ୪ । ଶହେ ଗୁଣରେ—4. Hundredfold.
Śataśaḥ

ଶତ ଶଲାକା—ସଂ. ବି.—(ବହୁବ୍ରୀହି)—ଛତ୍ର; ଛତା—Umbrella.
Śata śalākā

ଶତଶାଖ—ସଂ. ବିଣ.—(ଶତ+ଶାଖା; ବହୁବ୍ରୀହି)—୧ । ଶତଶାଖା-ବିଶିଷ୍ଟ—1. Having hundred branches. ୨ । ବହୁ ଶାଖାଯୁକ୍ତ—2. Having many branches.
Śataśākha

ଶତ ଶାରଦ—ସଂ. ବି—(ତୁଳନା କର—ଇଂ. ଶତ ଗ୍ରୀଷ୍ମ ଋତୁ)—ଶତ ବତ୍ସର; ଶତବର୍ଷ—A hundred years; a century; a hundred autumns.
Śata śārada

ଶତ ଶୀର୍ଷ—ସଂ. ବି—(ବହୁବ୍ରୀହି)—୧ । ବିଷ୍ଣୁ—1. Bishṇu. ୨ । ରାମାୟଣ ବର୍ଣ୍ଣିତ ଅଭିମନ୍ତ୍ରିତ ଅସ୍ତ୍ରବିଶେଷ—2. Name of a consecreted weapon.
Śata śirsha
ସଂ. ବିଣ. ମୃ°—ଶତ ମସ୍ତକଯୁକ୍ତ—Hundred-headed.
(ଶତଶୀର୍ଷା—ସ୍ତ୍ରୀ)

ଶତଶୀର୍ଷା—ସଂ. ବି. ସ୍ତ୍ରୀ—ବାସୁକୀ ଦେବୀ (ହି. ଶ; ମହାଭାରତ ସ୍ତ୍ର.)—The Goddess Bāsukī.
Śataśirshā

ଶତ ଶୃଙ୍ଗ—ସଂ. ବିଣ—(ଶତ ଅଟେ ଶୃଙ୍ଗ ଯାହାର)—୧ । ଶହେ ଶୃଙ୍ଗ ବିଶିଷ୍ଟ—1. Having 100 peaks. ୨। ଅସଂଖ୍ୟ ଶିଖାଯୁକ୍ତ—2. Having many peaks or heads. ସଂ. ବି—ପର୍ବତବିଶେଷ—Name of a mountain. [ଦ୍ର—ଏହି ଶୈଳ ମହାଶୁଭ ନଳକଟୁ କୋଲର ନକଟରେ ଅବସ୍ଥିତ । ଏ ପର୍ବତସ୍ଥ ଦେବଙ୍କୀର୍ତ୍ତି ବିଷୟ ଶତଶୃଙ୍ଗ ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଅଛି—ବିଶ୍ୱକୋଷ ।]
Śata śrunga

ଶତସଂଖ୍ୟ—ସଂ. ବିଣ—(ବହୁବ୍ରୀହି)—ଯାହା ସଂଖ୍ୟାରେ ଶହେ—Numbering a hundred.
Śatasamkhya
(ଶତସଂଖ୍ୟକ—ଅନ୍ୟ ବିଣ ରୂପ) ସଂ. ବି—ବିଷ୍ଣୁପୁରାଣୋକ୍ତ ଦଶମ ମନ୍ୱନ୍ତରର ଦେବତା ବିଶେଷ—Name of a Deity of the tenth manwantara.

ଶତ ସହସ୍ର—ସଂ. ବି. ଓ ବିଣ.—୧ । ସହସ୍ରର ଶତଗୁଣ; ଏକଲକ୍ଷ—1. A hundred thousand. ୨ । ଅସଂଖ୍ୟ—2 Innumerable.
Śata sahasra

ଶତ ସାହସ୍ର—ସଂ. ବିଣ.—(ଶତ+ସହସ୍ର+ଅ)—୧ । ଶତ ସହସ୍ର ଶ୍ଳୋକଯୁକ୍ତ (ଗ୍ରନ୍ଥ)—1. Having a hundred thousand slokas. ୨ । ଲକ୍ଷସଂଖ୍ୟକ—2. Numbering one hundred thousand. ବି.—ଲକ୍ଷ ସଂଖ୍ୟା—A hundred thousand.
Śata sāhasra
(ଶତ ସାହସ୍ରୀ—ସ୍ତ୍ରୀ)

ଶତସୁତା—ସଂ. ବି—ଶତମୂଳୀ; ଶତାବରୀ—Asparagus Racemosus.
Śatasutā

ଶତହ୍ରଦା—ସଂ. ବି. ସ୍ତ୍ରୀ—(ଶତ ଅଟେ ହ୍ରଦ=ଅଲେକ ବା ଶବ୍ଦ ଯାହାର; ବହୁବ୍ରୀହି)—୧ । ବିଦ୍ୟୁତ; ବିଜୁଳି—1. Lightning. ୨ । ବଜ୍ର—2. Thunderbolt. ୩ । ଦକ୍ଷ କନ୍ୟାବିଶେଷ; ବାହୁପୁତ୍ରଙ୍କ ସ୍ତ୍ରୀ—3. Name of one of a daughter of Daksha. ୪ । ବିରାଧ ରାକ୍ଷସର ମାତା—4. Name of the mother of demon Birādha.
Śata hradā

ଶତା—ସଂ. ବି—ଶତାବରୀ—Asparagus Racemosus.
Śatā

ଶତାଂଶ—ସଂ. ବି—୧ । ଶହେ ଭାଗ—1. A hundred parts. ୨ । ଶହେ ଭାଗରୁ ଏକ ଭାଗ (ବିଶ୍ୱକୋଷ)—2. A hundredth part.
Śatānśa

ଶତାକ୍ଷୀ—ସଂ. ବି. ସ୍ତ୍ରୀ—(ଶତ+ଅକ୍ଷ+ଈ)—୧ । ରାତ୍ରି—1. The night. ୨ । ପାର୍ବତୀ—2. Pārbatī. ୩ । ଦୁର୍ଗା—3. Durgā. ୪ । ଶତପୁଷ୍ପ; ଶଲୁଫ—4. Dill seed.
Śatākshi

ଶତାଙ୍ଗ—ସଂ. ବି—(ଶତ ଅଟେ ଅଙ୍ଗ ଯାହାର)—୧ । ରଥ—1. A car. (ଉ—ହବାଦେ ମୁଁ ଭାଙ୍ଗିଲି ଶତାଙ୍ଗ ମୋତେ ହାଣି । ଉ୍ଷ. ବୈଦେହୀଶବିଳାସ ।) ୨ । ତିନିଶ ବୃକ୍ଷ; ବାନ୍ଦନ ବୃକ୍ଷ; ରଥଦ୍ରୁ—2. A timber tree; Ougenia Dalbergieides. ୩ । ହରିବଂଶୋକ୍ତ ଦାନବ ବିଶେଷ (ବିଶ୍ୱକୋଷ)—3. Name of a demon. ସଂ. ବିଣ.—ଶତାବୟବ ବିଶିଷ୍ଟ—Having a hundred parts or limbs.
Śatānga

ଶତାଙ୍ଗୁଳ—ସଂ. ବିଣ—ଶହେ ଅଙ୍ଗୁଳ ପରିମାଣ—A unit of length of 100 digits. ସଂ. ବି—ତାଳ ବୃକ୍ଷ (ହି. ଶ.)—Palmyra tree.
Śatāngula

ଶତାଧିକ—ସଂ. ବିଣ.—୧ । ସଂଖ୍ୟାରେ ଏକଶତ ବେଶୀ—1 Numbering one hundred in excess. ୨ । ଶତ ସଂଖ୍ୟାରୁ ବେଶି ସଂଖ୍ୟକ—2. Numbering more than a hundred.
Śatādhika

ଶତାଧିପତି—ସଂ. ବିଣ (ଷଷ୍ଠୀ ତତ୍)—୧ । ଶହେ ବ୍ୟକ୍ତିର ବା ବସ୍ତୁର ଅଧିପତି—1. Lord over a hundred. ୨ । ଶତ ବର୍ଷ ବୟସ୍କ—2. Aged one hundred years; centenarian.
Śatādhipati

ଶତାନକ—ସଂ. ବି (ବହୁବ୍ରୀହି; ଶତ+ଅନକ=ବାଦ୍ୟ)—ଶ୍ମଶାନ—Cremation ground.
Śatānaka

ଶତାନନ—ସ. ବଣ. ପୁଂ (ଶତ+ଆନନ, ବହୁବ୍ରୀହି)—ଶତମୁଖ
Śatānana (ଦେଖ)—Śatamukha (See) ସ. ବ—ବେଲ; ଶ୍ରୀଫଳ (ହି. ଶ)—Aegle Marmelos.

ଶତାନନ୍ଦ—ସ.ବ—୧ । ଗୌତମ ମୁନିଙ୍କର ନାମାନ୍ତର—1. Another
Śatānanda name of Gautama. ୨ । ଗୌତମ ମୁନିଙ୍କ ପୁତ୍ର; ଜନକ ରାଜାଙ୍କ ପୁରୋହିତ—2. Priest of king Janaka. [ଦ୍ର—ମହର୍ଷି ଗୌତମଙ୍କ ଔରସରେ ତାଙ୍କ ପତ୍ନୀ ଅହଲ୍ୟାଙ୍କ ଗର୍ଭରୁ ଶତାନନ୍ଦ ଜାତ ହୋଇଥିଲେ । ଇନ୍ଦ୍ର ଅହଲ୍ୟାଙ୍କ ସତୀତ୍ୱ ନାଶ କରିବାରୁ ଅହଲ୍ୟାଙ୍କୁ ବଧ କରିବା ପାଇଁ ଶତାନନ୍ଦଙ୍କୁ ଆଦେଶ ଦେଇ ଗୌତମ ତପସ୍ୟାର୍ଥ ବନକୁ ଗଲେ । ଶତାନନ୍ଦ ପିତାଦେଶ ପାଳନ ଓ ମାତୃବଧ ଏହି ଦୁଇ ବିଷମ ସମସ୍ୟାରେ ପଡ଼ି ହତବୁଦ୍ଧି ହୋଇଥିଲେ । ଏହାପରେ ସମୟରେ ଗୌତମ ଅହଲ୍ୟାଙ୍କୁ ନିରପରାଧା ଥିବାର ଜାଣି ପାରି ବନରୁ ପ୍ରତ୍ୟାଗତ ହେଲେ ଓ ଶତାନନ୍ଦ ତାଙ୍କର ଆଦେଶ ପାଳନ କରି ନଥିବା ଦେଖି ଆନନ୍ଦିତ ହେଲେ । (ବିଶ୍ୱକୋଷ)] ୩ । ଦେବକୀନନ୍ଦନ କୃଷ୍ଣ—3. A name of Krushna. ୪ । ବ୍ରହ୍ମା—4. Brahmā. ୫ । ବିଷ୍ଣୁଙ୍କ ରଥ—5. Name of the car of Bishnu. ୬ । ବିଷ୍ଣୁ—6. Bishnu.

ଶତାନି ପତାନି—ଦେ. ବ—କୌଣସି ବ୍ୟକ୍ତିର ଊର୍ଦ୍ଧ୍ୱତନ ସାତପୁରୁଷ ଓ
Śatāni patāni ଅଧସ୍ତନ ସାତ ପୁରୁଷର ବଂଶୀୟ ବ୍ୟକ୍ତିଗଣ—One's ancestors and descendants up to 7 generations.

ଶତାନି ପତାନି ଶୋଧିବା—ଦେ. ବ (ସ. ଶୁଦ୍ଧ ଧାତୁରୁ)—(ଉପରର ଓ
Śatāni patāni śodhiba ତଳର) ସାତ ପୁରୁଷ ଲଗାଇ ମନୁଷ୍ୟଙ୍କୁ ଗାଳି ଦେବା—To call names to a person's seven higher and lower generations.
সাতপুরুষ তুলে গাল দেওয়া
दसपुरुषको उखेलना
(ଶତାନି ପତାନି ଲଗାଇ ଶୋଧିବା—ଅନ୍ୟରୂପ)

ଶତାନୀକ—ସଂ. ବଣ (ଶତ+ଅନୀକ=ସୈନ୍ୟ ଯାହାର)—୧ । ଶତ
Śatānīka ସୈନ୍ୟ ବିଶିଷ୍ଟ—1. Having a hundred soldiers. ୨ । ବୃଦ୍ଧ—2. Old. ବ—୧ । ବୃଦ୍ଧ ରାଜା—1. An old king. ୨ । ଶତ ସୈନ୍ୟର ଅଧିନାୟକ—2. Captain of a hundred soldiers. ୩ । ଜନମେଜୟ ରାଜାଙ୍କ ପୁତ୍ର ସହସ୍ରାନୀକଙ୍କ ପିତା—3. The son of king Janamejaya. [ଦ୍ର—ଏ ଚତୁର୍ଥ ଯୁଗରେ ରାଜତ୍ୱ କରୁଥିବା ଚନ୍ଦ୍ରବଂଶୀୟ କ୍ଷତ୍ରିୟ ରାଜା ।] ୪ । ସୁଦାସ ରାଜାଙ୍କ ପୁତ୍ର, (ଭାଗବତ)—4. The son of king Sudāsa. ୫ । ବ୍ୟାସ ଶିଷ୍ୟ ମୁନିବିଶେଷ(ହି.ଶ.)—5. Name of a disciple of sage Byāsa. ୬ । ଦ୍ରୌପଦୀଙ୍କ ଗର୍ଭଜାତ ନକୁଳ ପୁତ୍ର—6. Name of the son of Nakula. [ଦ୍ର—ଏ କୁରୁକ୍ଷେତ୍ର ଯୁଦ୍ଧରେ ବୀରତ୍ୱ ପ୍ରକାଶ କରି ଯୁଦ୍ଧ କରିଥିଲେ । କିନ୍ତୁ ଯୁଦ୍ଧାବସାନରେ ଅଶ୍ୱତ୍ଥାମାଙ୍କଦ୍ୱାରା ସୁପ୍ତିରେ ହତ ହୋଇଥିଲେ ।] ୭ । ଶ୍ୱଶୁର (ହି. ଶ)—7. Father-in-law. ୮ । ଅସୁରବିଶେଷ (ହି. ଶ)—8. Name a demon.

ଶତାବଧାନ—ସଂ. ବଣ ପୁଂ (ବହୁବ୍ରୀହି)—ଯେଉଁ ମନୁଷ୍ୟ ଏକ ସମୟରେ
Śatābadhāna ବହୁ କଥା ଶୁଣି ପର୍ଯ୍ୟାୟକ୍ରମେ ମନେ ରଖନ୍ତି ଓ ଏକ ସଙ୍ଗେ ବହୁ କାର୍ଯ୍ୟ କରି ପାରନ୍ତି; ଶ୍ରୁତିଧର—A person who can remember many things uttered simultaneously and do many things together. ସଂ. ବ—ଏକ ସମୟରେ ନାନା କର୍ମ ଓ ଧ୍ୱନି ପ୍ରତି ମନୋଯୋଗ ଦେଇ ସେମାନ ଗ୍ରହଣ କରିବା ଶକ୍ତି—Concentration of one's mind on various subjects and sounds performed and uttered simultaneously.
(ଶତାବଧାନ—ସ୍ତ୍ରୀଲିଙ୍ଗ ରୂପ)

ଶତାବଧାନୀ—ସଂ. ବିଣ. ପୁଂ—ଶତାବଧାନ (ଦେଖ)—Śatāba-
Śatābadhāni dhāna (See) ଦେ. ବ—ଶତାବଧାନ କର୍ମ—The exhibition of attending to a hundred matters simultaneously.
শতাবধানী
शतावधानी

ଶତାବରୀ—ସଂ. ବ (ଶତ=ଶତମୂଳ+ଆ+ବୃ. ଧାତୁ+କର୍ତ୍ତୃ. ଇନ୍; ଯାହା ଶତେ ମୂଳଦ୍ୱାରା ଭୂମିକୁ ଆବରଣ କରେ)—୧ । ଶତମୂଳୀ; ଛତଭୂସା ଲତା; ଡାଲବହଣୀ ଲତା—1. Asparagus Racemosus. [ଦ୍ର—ଏହା ଏକପ୍ରକାର କଣ୍ଟକମୟ ଲତା । ସାଧାରଣତଃ ଭେଦରେ ଏହା ଦୁଇ ପ୍ରକାର,--ଶତାବରୀ ଓ ମହାଶତାବରୀ । ଏହାର ମୂଳ ମାଂସଳ ଓ ମଧୁର ରସଯୁକ୍ତ, ଶୁକ୍ରବର୍ଦ୍ଧକ, ଶୀତଳ, ସ୍ତନ୍ୟଜନକ, ବାତପିତ୍ତ କଫନାଶକ, ଚକ୍ଷୁର ହିତକାରୀ, ବଳକର ଓ ରସାୟନ । ଏହାର ପତ୍ରମାନ କ୍ଷୁଦ୍ର, ଶଲ୍ଲ ତୁଲ୍ୟ ଓ ପତ୍ରର କୋଣରୁ ହରିଦ୍ରଣ ପୁଚ୍ଛିବନ୍ଦ କେଶର ବାହାରି ଥାଏ । ଏହା ଗୁଲ୍ମ, ଅତିସାର, ବାୟୁ, ପିତ୍ତ, ରକ୍ତ ଦୋଷ ଓ ଶୋଥନାଶକ ।] (ଉ—ବସ୍ତ୍ରାରେ ସ୍ୱର୍ଗ ସ୍ୱପ୍ନ ଅଧିକରେ ସତ । ବୃନ୍ଦ ବୃନ୍ଦ ରମ୍ଭା ଶତାବରୀ ଔଷଧିଜାତ—ଭଞ୍ଜ. ବୈଦେହୀଶବିଳାସ ।) ୨ । ଇନ୍ଦ୍ରଭାର୍ଯ୍ୟା ଶଚୀ; ଇନ୍ଦ୍ରାଣୀ—2. A name of Sachi. ୩ । ଶଠୀ; ଚକଣ୍ଡୁ—3. Curcuma Zerumbet
Śatābari
ଅନ୍ୟ ସଂ. ନାମ—ଶତମୂଳୀ, ବହୁସୁତା, ଭୀରୁ, ଇନ୍ଦୀବରୀ, ବରୀ, ନାରାୟଣୀ, ଶତପଦୀ, ଶତବୀର୍ଯ୍ୟା, ପୀବରୀ ।
ମହାଶତାବରୀର ପର୍ଯ୍ୟାୟ—ଶତମୂଳୀ,ଊର୍ଦ୍ଧ୍ୱକଣ୍ଟିକା,ସହସ୍ର-ବୀର୍ଯ୍ୟା, ହେଲୁ, ଋଷ୍ୟପ୍ରୋକ୍ତା, ମହୋଦରୀ ।
ବ. শতমূলী
হি. सफेद मूषली, शतावर, शतावरी
ମ. ଶାମାକାଓଲେରୁ
ଗୁ. ଶତାବରୀ
ତେ. ଚଣ୍ଡ; ଚଣ୍ଡଗଡ୍ଡଲୁ, ପିଲିପିଚର
ଫା. ଶୁକ୍‌ଦସ୍ତୀ, ଆ.ଶକାଲୁଲ୍‌ମିସି,

ଶତାବର୍ତ୍ତ (ର୍ତ୍ତୀ)—ସଂ. ବ (ଶତ+ଆବର୍ତ୍ତ; ଶତାବର୍ତ୍ତ+ଇନ୍; ୧ମା. ୧ବ)—୧ । ବିଷ୍ଣୁ; ନାରାୟଣ—1. Bishnu. ୨ । ମହାଦେବ (ହି. ଶବ୍ଦସାଗର)—
Śatābartta(rtti)

2. Śiba. ୩ । ବହୁବଂଶୋକ୍ତ ପବିତ୍ର ବନବିଶେଷ (ହ୍ରୁ. ଶ)
—3. Name of a sacred forest.

ଶତାବ୍ଜ—ସଂ. ବି—ଶତପଦ୍ମ (ଦେଖ)
Śatābja Śatapadma. (See).

ଶତାବ୍ଦ—ସଂ. ବିଣ (ବହୁବ୍ରୀହି)—ଏକଶତ ବର୍ଷବ୍ୟାପୀ ବା ବର୍ଷଯୁକ୍ତ—
Śatābda Relating to a hundred years. ସ. ବି—
ଶତାବ୍ଦୀ (ଦେଖ) (ହ୍ରୁ. ଶ)—Śatābdi. (See)

ଶତାବ୍ଦୀ—ସଂ. ବି—୧ । (ଶତ+ଅବ୍ଦ; ସମାହାର ଦ୍ୱିଗୁ) ଏକଶତ ବର୍ଷ-
Śatābdi କାଳ—1. A century. ୨ । ଏକଶତ ବର୍ଷ
ସମୟର ସୀମା ମଧ୍ୟସ୍ଥ କୌଣସି କାଳ (ହ୍ରୁ. ଶ)—
2. A time within a century.

ଶତାୟୁଃ—ସଂ. ବିଣ. ପୁଂ (ଶତ=ଶତବର୍ଷ ଆୟୁ ଯାହାର, ବହୁବ୍ରୀହି)—
Śatāyuh ୧ । ଶତବର୍ଷଜୀବୀ—1. Living for a
hundred years. ୨ । ଦୀର୍ଘଜୀବୀ—2. Long-
lived. ସଂ. ବି—୧ । (ମହାଭାରତ) ପୁରୁରବାଙ୍କ ଏକ
ପୁତ୍ର (ହ୍ରୁ. ଶ)—1. Name of a son of Purū-
rabā. ୨ । (ବିଷ୍ଣୁପୁରାଣ) ଉଶନାଙ୍କ ଏକପୁତ୍ର—
2. Name of a son of Uśanā.

ଶତାର—ସଂ. ବି (ବହୁବ୍ରୀହି; ଶତ+ଅର)—୧ । ବଜ୍ର—
Śatāra 1. Thunder. ୨ । ବିଷ୍ଣୁ ସୁଦର୍ଶନ ଚକ୍ର—
2. Bishṇu's disc (weapon).

ଶତାରୁ—ସଂ. ବି (ବହୁବ୍ରୀହି; ଶତ+ଅରୁସ୍)—୧ । ଏକପ୍ରକାର କୁଷ୍ଠ
Śatāru ରୋଗ (ହ୍ରୁ. ଶ)-1. A kind of leprosy. [ଦ୍ର—
(ଶତାରୁଶୀ—ଅନ୍ୟରୂପ) ଏ ରୋଗରେ ଚମଡ଼ା ଉପରେ ନାଲି ଓ
କଳା ଓ ଦାହଯୁକ୍ତ ବ୍ରଣମାନ ଉଠେ (ହ୍ରୁ. ଶ)]

ଶତାଶିନ—ସଂ. ବି—ବଜ୍ର (ହ୍ରୁ. ଶ)
Śatāśina Thunder.

ଶତାହ୍ୱା—ସଂ. ବି (ବୈଦ୍ୟକ)—୧ । ଶତପୁଷ୍ପା; ଶତପ—1. Dill
Śatāhwā seed; fenul seed. ୨ । ଶତାବରୀ (ହ୍ରୁ. ଶ)—
(ଶତାହ୍ୱୟା—ଅନ୍ୟରୂପ) 2. Asparagus Racemosus.

ଶତାଷ୍ଟକ—ସଂ. ବି—ଅଷ୍ଟୋତ୍ତର ଶତ; ଏକଶହ ଆଠ (ବିଶ୍ୱକୋଷ)—
Śatāshṭaka One hundred and eight.

ଶତିଆ(ୟା)—ଦେ. ବି—ଝିଟିପିଟି; ଗୃହଗୋଧିକା—The common
Śatiā(yā) house lizard. [ଦ—ଗୃହରେ ଗୋଟିଏ
टिकटिकी ଝିଟିପିଟି ଟିକ୍‌ଟିକ୍ ଶବ୍ଦ କଲେ ତାହା ଶୁଣିବା ଲୋକର
छिपकिली ପରମାୟୁ ହାନ ହେବା ଅଶଙ୍କାରେ ବୋଲାଯାଏ 'ଶତଂ
ଜୀବ'। ଏଥିରୁ କ୍ରମଶଃ ଉକ୍ତ ମୌଳିକ ଭାବ ଲୋପ ହୋଇ
ବର୍ତ୍ତମାନ ଲୋକେ ଝିଟିପିଟି ରାବ ଶୁଣିଲେ କହୁଥାନ୍ତି :—
ଶତଅ ସତ କହୁଛ; ଶତଅ ଶତ୍ ଶତ୍ ଶତ୍ ।]

ଶତିକ—ସଂ. ବି (ଶତ+ଇକ)—୧ । ଶତ ସମ୍ବନ୍ଧୀୟ—1. Rela-
Śatika ting to one hundred. ୨ । ଶତ ମୁଦ୍ରାରେ
[ଶତିକା—ସ୍ତ୍ରୀ] କ୍ରୀତ—2. Purchased for one hundred
coins. ୩ । ଯାହାର ଶତମୁଦ୍ରା ମୂଲ୍ୟ—3. Valued
at a hundred coins. ୪ । ଯେଉଁ ଭୂମିର
କର୍ଦ୍ଧାରିତ କର ଶତମୁଦ୍ରା—4. (land) Assessed
at a rent of hundred coins. ୫ । ଯାହାର
ଆୟୁଃ ଶତବର୍ଷ—5 (a person) Whose life is
100 years long. ସଂ. ବି. ପୁଂ—ଶତବର୍ଷବୟସ୍କ
ବ୍ୟକ୍ତି—Centenarian.

ଶତିକ(କା,କେ)ଇ—ଦେ. ବି ଓ ବିଣ ସ୍ତ୍ରୀ (ବ୍ୟଙ୍ଗାର୍ଥ) (ସଂ. ସତ୍ୟ ବା
Śatika(kā,ke)i ସତ୍ୟରୁ ବା ଶତଗୁଣିଆ)—୧ । ମିଥ୍ୟାବାଦିନୀ-
सती —1. Lying (woman). ୨ । ବାଚାଳା (ସ୍ତ୍ରୀ)—
सती 2. Talkative (woman). [ଦ୍ର—ଶତିକଇ ପୁରୁଷର
ଗଳ୍ପ, ଭଣ୍ଡ କଥା କହି କହି ମଲା । ଢଗ ।]

ଶତିକା—ସଂ. ବି. ସ୍ତ୍ରୀ (ଶତକ+ସ୍ତ୍ରୀ. ଆ)—ଶହେ ପର୍ଯ୍ୟନ୍ତ ଅଙ୍କ ବା
Śatikā ସଂଖ୍ୟା—The figures up to 100.

ଶତୀ—ସଂ. ବି (ଶତ୍+ଇନ୍; ୧ମା. ୧ବ)—ଶତର ସମୂହ—
Śatī A collection of hundreds. ସଂ. ବିଣ—ଶତ
ସଂଖ୍ୟା ବଶିଷ୍ଟ (ବିଶ୍ୱକୋଷ)—Numbering one
hundred.

ଶତୁରା—ଦେ.ବି (ସଂ.ଶତ୍ରୁଘ୍ନ)—(ଅନାଦରାର୍ଥକ) ଶତ୍ରୁଘ୍ନର ଡାକ ନାମ—
Śaturā Names for calling Śatrughna.
[ଶତୁର, ଶତୁରୁ—ଆଦରାର୍ଥକ ରୂପ]
शत्रु शतुआ

ଶତୁରୁ—ଗ୍ରା. ବି (ସଂ. ଶତ୍ରୁ)—୧ । ଶତ୍ରୁ—1. Enemy.
Śaturu ୨ । ଶତ୍ରୁଘ୍ନର ଡାକନାମ—
शत्रु शत्रू 2. A name for calling Śatrughna.

ଶତୃ (ପ୍ରତ୍ୟୟ)—ସଂ—ଏହି ପ୍ରତ୍ୟୟ ସଂସ୍କୃତ ଧାତୁ ସଙ୍ଗେ ଯୁକ୍ତ ହେଲେ
Śatṛu (suffix) ଉକ୍ତ କ୍ରିୟା କରୁଥିବା ବିଶେଷଣ ଶବ୍ଦ ପ୍ରସ୍ତୁତ
ହୁଏ । କୃ ଧାତୁ+ଶତୃ=କୁର୍ବତ୍, ଶ୍ରୁ ଧାତୁ+ଶତୃ=ଶୃଣ୍ୱତ୍
ଇତ୍ୟାଦି)—An inflection or suffix added to
a root. [ଦ୍ର—ଓଡ଼ିଆରେ ଏହି 'ଶତୃ' ପ୍ରତ୍ୟୟକୁ 'ଅତୃ'
ପ୍ରତ୍ୟୟ ବୋଲାଯାଏ । ଏହାର ବ୍ୟବହାର ଓଡ଼ିଆଭାଷାରେ
ବିରଳ; ସମାସବଦ୍ଧ ଶବ୍ଦରେ କ୍ୱଚିତ୍ ଏହାର ବ୍ୟବହାର
ଦେଖାଯାଏ; ଯଥା, ଚଳତ୍‌ଶକ୍ତି; ପଠଦଶା ।] ବି (ସଂ. ଶତ୍ରୁର
ଅଶୁଦ୍ଧ ବର୍ଣ୍ଣବିନ୍ୟାସ) ଶତ୍ରୁ (ଦେଖ)—Śatru (See)

ଶତେ—ଦେ. ବିଣ—୧ । ଶତ ସଂଖ୍ୟକ—1. Numbering a
Śate hundred. ୨ । ବହୁସଂଖ୍ୟକ—2. Many.
शत; शत शत सौ (ଦ୍ର—ଶତେ କଥାରେ ସଙ୍ଗ
ଭୂଲେ—ଢଗ ।)

ଶତେକ—ଦେ. ବି—ଏକ ଶତ ମାତ୍ର—Only one hundred.
Śateka (ଦ୍ର—ଶତେକ ଅସଣେ ଯୋଡ଼ିଲେ ନଗ୍ନ ତର—
एकशत सतैक କୃଷ୍ଣବିହାର ମହାଭାରତ ବନ ।)
ବିଣ—ଏକଶତସଂଖ୍ୟକ; ଶହେ—Numbering one
hundred. (ଦ୍ର—ଏମନ୍ତେ ଶତେକ ବରଷ, ମନୁଷ୍ୟ
ପରମାୟୁ ଶେଷ—ଜଗନ୍ନାଥ ଭାଗବତ ।)

ଶତେର—ସଂ. ବି (ଶଦ୍ ଧାତୁ=ନାଶ କରିବା, ଗମନ କରିବା+କର୍ମ
Śatera ଏର)—୧ । ଶତ୍ରୁ—1. Enemy; foe.

୨ । (+ଭାବ ଏର) ହିଂସା—2. Envy; jealousy
୩ । କ୍ଷତ; ଘାଆ (ହି. ଶ)—3. Wound.

ଶତ୍ୱରୀ—ସଂ. ବି (ଶଦ୍ ଧାତୁ+କର୍ତ୍ତୃ ବର+ସ୍ତ୍ରୀ ଈ)—ରାତ୍ରି (ବିଶ୍ୱକୋଷ; ହି. ଶ; ତ୍ରିକାଣ୍ଡଶେଷ)—
Śatwarī Night.

ଶତ୍ୟ—ସଂ. ବିଣ (ଶତ+ଯ)—୧ । ଶତଦ୍ୱାରାକ୍ରୀତ (ବିଶ୍ୱକୋଷ)—
Śatya 1. Purchased wth a hundred.
ସଂ. ବି—ଶତର ବିକାର (ବିଶ୍ୱକୋଷ)—A variation or change of one hundred.

ଶତ୍ର—ସଂ. ବି—ବଳ (ବିଶ୍ୱକୋଷ)—
Śatra Strength.

ଶତ୍ରି—ସଂ. ବି (ଶଦ୍ ଧାତୁ+କର୍ତ୍ତୃ ତ୍ରି)—୧ । ହସ୍ତୀ (ହି. ଶ)—
Śatri 1. Elephant. ୨ । ରାଜର୍ଷିବିଶେଷ (ହି. ଶ)
2. Name of a Rājarshi.

ଶତ୍ରୁ—ସଂ. ବି (ଶଦ୍ ଧାତୁ+କର୍ତ୍ତୃ ତ୍ରୁ)—୧ । ରିପୁ; ବୈରୀ—
Śatru 1. Foe. ୨ । ବିପକ୍ଷ—2. Adversary; opponent. ୩ । (ଜ୍ୟୋତିଷ) ଲଗ୍ନଠାରୁ ୬ଷ୍ଠ ସ୍ଥାନ—3. (astrology) The 6th place from one's lagna. ୪ । ନାଗଦମନୀ (ହି. ଶ) 4. Indian worm wood plant. [ଦ୍ର—ପ୍ରଥମାର୍ଥରେ ଶତ୍ରୁଶବ୍ଦର ଅନ୍ୟ ସଂପର୍ଯ୍ୟାୟ—ଶାତ୍ରବ, ବିପକ୍ଷୀତକାରୀ, ରିପୁ, ବୈରୀ, ସପତ୍ନ, ଅରି, ଦ୍ୱେଷଣ, ଦୁର୍ହୃଦ୍, ଦ୍ୱିଷ, ବିପକ୍ଷ, ଅହିତ, ଅମିତ୍ର, ଦସ୍ୟୁ, ଶାତ୍ରବ, ଅଭିଘାତୀ, ପର, ଅରାତି, ପ୍ରତ୍ୟର୍ଥୀ, ପରିପନ୍ଥୀ; ବୃଷ, ପ୍ରତିପକ୍ଷ, ଦ୍ୱିଷତ୍, ଘାତକ, ଦ୍ୱେଷୀ, ବିଦ୍ୱିଷ, ହିଂସକ, ଅପ୍ରିୟ, ଦୌର୍ହୃଦ୍—ବିଶ୍ୱକୋଷ ।]

ଶତ୍ରୁକଣ୍ଟକ(କା)—ଦେ° ବି—ଗୁଆ (ହି ଶ)—
Śatru kaṇṭaka(ka) Areca nut.

ଶତ୍ରୁଘନ—ଗ୍ରା. ବି (ସଂ ଶତ୍ରୁଘ୍ନ)—ଶତ୍ରୁଘ୍ନ (ଦେଖ)—Śatrughna
Śatrughana (see). (ଉ—ରାମ ଲକ୍ଷ୍ମଣ ଶତ୍ରୁଘନ,ଭରତ ଭୁଲେ ଶ୍ରୀରଞ୍ଜଣ—ଜଗନ୍ନାଥ ଭାଗବତ ।)

ଶତ୍ରୁଘାତୀ—ସଂ. ବିଣ ଓ ବି. ପୁ (ଶତ୍ରୁ+ହନ୍ ଧାତୁ+କର୍ତ୍ତୃ.ଇନ୍; ୧ମା ୧ବ)—ବୈରୀନାଶକ, ଶତ୍ରୁହନ୍ତା; ଯେ ଶତ୍ରୁକୁ ହତ୍ୟା କରେ—Killing the enemy; slayer of the enemy
Śatru ghāti
(ଶତ୍ରୁଘାତିନୀ—ସ୍ତ୍ରୀ)
ବି—ଶତ୍ରୁଘ୍ନଙ୍କର କନିଷ୍ଠ ପୁତ୍ର—Name of the younger son of Śatrughna

ଶତ୍ରୁଘ୍ନ—ସଂ. ବିଣ ପୁଂ (ଶତ୍ରୁ+ହନ୍ ଧାତୁ=ବଧକରିବା+କର୍ତ୍ତୃ. ଅ;ଯେ ଶତ୍ରୁକୁ ବଧକରେ)—ଶତ୍ରୁହନ୍ତା; ଶତ୍ରୁକୁ ଯେ ହତ୍ୟା କରେ—Killing an enemy. ବି—ଶତ୍ରୁହତ୍ୟାକାରୀ ବୀର—1. A slayer of the enemy. ୨ । ଦଶରଥଙ୍କର ପତ୍ନୀ ସୁମିତ୍ରାଙ୍କ ଗର୍ଭଜ ଯମଜ କନିଷ୍ଠ ସନ୍ତାନ; ଲକ୍ଷ୍ମଣଙ୍କର କନିଷ୍ଠ ଭ୍ରାତା—2. The younger twin brother of Lakshmaṇa, born of Sumitrā, a queen of Daśaratha.
Śatrughna

[ଦ୍ର—ଅଯୋଧ୍ୟାର ରାଜା ଦଶରଥଙ୍କର ଚାରି ପୁତ୍ର ମଧ୍ୟରେ ଲକ୍ଷ୍ମଣ ଯେପରି ରାମଚନ୍ଦ୍ରଙ୍କର ଏକାନ୍ତ ଅନୁଗତ ଥିଲେ, ଶତ୍ରୁଘ୍ନ ମଧ୍ୟ ସେହିପରି ଭରତଙ୍କର ଭକ୍ତ ଓ ଏକାନ୍ତ ଅନୁଗତ ଥିଲେ । ରାମଚନ୍ଦ୍ରଙ୍କ ବିବାହ କାଳରେ ଏ ଜନକଙ୍କ ଝିଅରୀ ଶ୍ରୁତକୀର୍ତ୍ତିଙ୍କ ପାଣିଗ୍ରହଣ କରିଥିଲେ । ରାମଚନ୍ଦ୍ରଙ୍କ ବନବାସ ଓ ତଜ୍ଜନିତ ଶୋକରେ ଦଶରଥଙ୍କ ମୃତ୍ୟୁ ଘଟିବା କାଳରେ ଏ ଭରତଙ୍କ ମାତୁଳାଳୟ କେକୟ ରାଜ୍ୟରେ ଥିଲେ ଏବଂ ସଂବାଦ ପାଇ ସେଠାରୁ ଫେରି ଆସି ରାମଚନ୍ଦ୍ରଙ୍କୁ ବନରୁ ବାହୁଡ଼ାଇ ଆଣିବାପାଇଁ ଭରତଙ୍କ ସହିତ ଯାଇଥିଲେ । କିନ୍ତୁ ରାମଚନ୍ଦ୍ର ପିତୃସତ୍ୟ ପାଳନ କରି ଫେରି ନ ଆସିବାରୁ ଭରତ ରାମଚନ୍ଦ୍ରଙ୍କ ପାଦୁକାକୁ ସିଂହାସନରେ ପ୍ରତିଷ୍ଠିତ କରି ନନ୍ଦୀଗ୍ରାମରେ ଅବସ୍ଥାନପୂର୍ବକ ରାଜ୍ୟଶାସନ କଲେ ଓ ସେହିଠାରେ ଶତ୍ରୁଘ୍ନ ଭରତଙ୍କ ଅନୁଚର ରୂପେ ରହିଲେ । ରାମଚନ୍ଦ୍ରଙ୍କ ବନପ୍ରତ୍ୟାଗମନ ପରେ ଏ ଭରତଙ୍କ ସଙ୍ଗେ ନନ୍ଦୀଗ୍ରାମରୁ ଅଯୋଧ୍ୟାକୁ ଆସିଲେ । ରାମଚନ୍ଦ୍ରଙ୍କ ଆଦେଶକ୍ରମେ ଏ ଲବଣ ନାମକ ରାକ୍ଷସକୁ ବଧ କରି ତାହାର ମଧୁପୁରୀ ରାଜଧାନୀକୁ ଧ୍ୱଂସକରି ସେହିଠାରେ ମଥୁରା ରାଜ୍ୟ ସ୍ଥାପନକରି ନିଜର ପୁତ୍ର ସୁବାହୁ ଓ ଶତ୍ରୁଘାତୀଙ୍କୁ ଉକ୍ତ ରାଜ୍ୟର ଭାର ଅର୍ପଣ କରି ବୈକୁଣ୍ଠଗମନପରେ ରାମଚନ୍ଦ୍ରଙ୍କ ସଙ୍ଗେ ସରଯୂ ନଦୀରେ ଯୋଗବଳରେ ତନୁତ୍ୟାଗ କଲେ ।] ୩ । ଶ୍ୱଫଳ୍କଙ୍କ ଏକପୁତ୍ର (ହି ଶ)—3. Name of Swaphalka. ଦେ.ବି—୧ । ପୁରୁଷଙ୍କ ବିଅଁଶିବ ।
शत्रुघ्न शत्रुघ्न ନାମ—1. A name given to males.

ଶତ୍ରୁଘ୍ନୀ—ସ. ବିଣ. ସ୍ତ୍ରୀ—(ଶତ୍ରୁଘ୍ନ+ଈ)—ଶତ୍ରୁଘ୍ନର ସ୍ତ୍ରୀଲିଙ୍ଗ—
Śatrughnī Feminine of Śatrughna ସ. ବି—ହତିଆର; ଅସ୍ତ୍ର ଶସ୍ତ୍ର (ହି. ଶ)—Weapon; offensive weapon.

ଶତ୍ରୁଚର—ସ. ବି—(ଶତ୍ରୁ+ଚର; ୬ଷ୍ଠୀ ତତ୍)—ବିପକ୍ଷ ପକ୍ଷର ଗୁଇନ୍ଦା
Śatruchara ଶତ୍ରୁର ଚର ବା ପ୍ରଣିଧି—A spy or informer of the enemy.

ଶତ୍ରୁଜୟ—ସ. ବି—(୬ଷ୍ଠୀ ତତ୍)—ଶତ୍ରୁ ବିଜୟ (ଦେଖ)
Śatru jaya Śatru bijaya (See)

ଶତ୍ରୁଜୟୀ—ସ. ବିଣ—ଶତ୍ରୁ ବିଜୟୀ (ଦେଖ)
Śatru jayī Śatru bijayī (See)

ଶତ୍ରୁଜିତ୍—ସ. ବିଣ—(ଶତ୍ରୁ+ଜି ଧାତୁ+କର୍ତ୍ତୃ. କ୍ୱିପ୍)—ଶତ୍ରୁବିଜୟୀ-
Śatrujit Vanquishing one's foe.
ସ. ବି—୧ । କୁବଳୟାଶ୍ୱଙ୍କ ପିତାଙ୍କ ନାମ—
1. Name of father of king Kubaḻayāswa.

ଶତ୍ରୁଞ୍ଜୟ—ସ. ବିଣ. ପୁଂ—(ଶତ୍ରୁଂ=ଶତ୍ରୁକୁ+ଜି ଧାତୁ=ଜୟକରିବା
Śatruñjaya +କର୍ତ୍ତୃ. ଅ ଉପପଦ ତତ୍)—ଶତ୍ରୁକୁ ଜୟକାରୀ; ଯେ ଶତ୍ରୁକୁ ପରାଜିତ କରେ—Vanquishing an enemy, the vanquisher of one's enemy. ବି—୧ । ପର୍ବତ ବିଶେଷ; ଗୁଜୁରାଟର ଅନ୍ତର୍ଗତ ତୀର୍ଥର ପର୍ବତ;

ବିମଳାଦ୍ରି—1. Name of the mountain Girnar in Gujerat (W. India) [ବି— ଏହା ଜୈନମାନଙ୍କର ଗୋଟିଏ ପ୍ରସିଦ୍ଧ ତୀର୍ଥ, ଏହା କାଠିଆବାଡ଼ରେ ଜୁନାଗଡ଼ ନଗର ନିକଟରେ ଅବସ୍ଥିତ । ଏଠାରେ ଅନେକ ଜୈନ ଦେବ ମନ୍ଦିର ଓ ପ୍ରସ୍ତରର କାରୁକାର୍ଯ୍ୟ ଅଛି ।] ୬ । ରାମଚନ୍ଦ୍ରଙ୍କର ବାହନ ହସ୍ତୀର ନାମ; ମହାବଳ ଓ ମହାକାୟ ହସ୍ତୀ—2. Name of a big elephant belonging to Ramchandra. [ବି—ରାମଚନ୍ଦ୍ର ମାତୁଳାଳୟରୁ ଏହି ହସ୍ତୀକୁ ଉପହାର ପାଇଥିଲେ ଓ ବନଗମନ କାଳରେ ଏହାକୁ ସୁମନ୍ତ୍ରଙ୍କୁ ଦେଇ ଯାଇଥିଲେ ।] ୩ । ପରମେଶ୍ୱର (ହ. ଶ)—3. God.

ଶତ୍ରୁତା (ତ୍ୱ)—ସଂ. ବି—(ଶତ୍ରୁ+ଭାବାର୍ଥେ. ତା, ତ୍ୱ)—୧ । ବିପକ୍ଷତା; Satrutā(twa) ବୈରିତା—1. Enmity; hostility. ୨ । ପ୍ରତିକୂଳତା—2. Opposition; contrarity; unfavourableness.

ଶତ୍ରୁତା କରିବା—ଦେ. କ୍ରି—କୌଣସି ବ୍ୟକ୍ତି ବିରୁଦ୍ଧରେ ଶତ୍ରୁଭାବରେ Satrutā karibā କାର୍ଯ୍ୟ କରିବା—To act inimically to a person. শত্রুতা করা शत्रुता करना

ଶତ୍ରୁତାଚରଣ—ସଂ. ବି—(୬ଷ୍ଠୀ ତତ୍; ଶତ୍ରୁତା+ଆଚରଣ)—ବୈରଭାବ ଆଚରଣ କରିବା; ଶତ୍ରୁରୂପେ Satrutācharana କୌଣସି ବ୍ୟକ୍ତିର ଅନିଷ୍ଟାଚରଣ—Acts of hostility.

ଶତ୍ରୁତାଚାରୀ—ସଂ. ବିଣ ପୁଂ—(ଶତ୍ରୁତା+ଆ+ଚର ଧାତୁ+କର୍ତ୍ତୃ. ଣିନ୍ Satrutāchāri ୧ମା. ୧ବ)—ଯେ ଶତ୍ରୁତାଚରଣ କରେ— [ଶତ୍ରୁତାଚାରିଣୀ—ସ୍ତ୍ରୀ] Doing acts of hostility; acting inimically.

ଶତ୍ରୁତାନଳ—ସଂ. ବି—(ଶତ୍ରୁତା+ଅନଳ; ରୂପକ)—ଅଗ୍ନି ପରି Satrutā nala ଉତ୍ତାପକ ଅନିଷ୍ଟକାରୀ ଶତ୍ରୁତା—Fierce hostility or enmity compared to fire.

ଶତ୍ରୁତାପନ—ସଂ. ବି—(ଶତ୍ରୁ+ତାପନ; ୩ୟା ତତ୍)—୧ । ଶତ୍ରୁଦ୍ୱାରା Satrutāpana ଉତ୍ପୀଡ଼ନ—1. Oppression practised on a person by one's enemy. ୨ । (୬ଷ୍ଠୀ ତତ୍)—ଆପଣାର ଶତ୍ରୁଙ୍କୁ ଉତ୍ପୀଡ଼ନ କରିବା—2. Oppressing one's enemies. ବିଣ (ଶତ୍ରୁ+ତାପି ଧାତୁ=କଷ୍ଟ ଦେବା+କର୍ତ୍ତୃ. ଅନ)—ଶତ୍ରୁର ପୀଡ଼ାଦାୟକ Oppressive to the enemy.

ଶତ୍ରୁତା ଭାବ—ଦେ. ବି—ଶତ୍ରୁଭାବ (ଦେଖ) Satrutā bhāba Satru bhāba (See)

ଶତ୍ରୁତାଭାବ ପୋଷଣ କରିବା—ଦେ. କ୍ରି—କୌଣସି ବ୍ୟକ୍ତି ବିରୁଦ୍ଧରେ Satrutā bhāba poshana karibā ବୈରଭାବ ମନରେ ରଖିବା—To retain a feeling of enmity against a person. শত্রুতা পোষণকরা

ଶତ୍ରୁ ଦମ(ଳ)ନ—ସଂ. ବି—୧ । (ଶତ୍ରୁ+ଦମ୍ [ଲ୍] ଧାତୁ+ଭାବ. ଅନ)— Satru dama(la)na ଶତ୍ରୁଙ୍କୁ ପରାଜୟ କରିବା—Vanquishing the foe. ୨ । (+କର୍ତ୍ତୃ. ଅନ)—ଶତ୍ରୁ ମର୍ଦ୍ଦନକାରୀ ବ୍ୟକ୍ତି—2. Vanquisher of the enemy. ୩ । ଦଶରଥ ପୁତ୍ର ଶତ୍ରୁଘ୍ନଙ୍କ ଏକ ନାମ—3. A name of Satrughna.

ଶତ୍ରୁ ଦ୍ରୁମ—ସଂ. ବି—ଅମ୍ଳବେତସ (ବିଶ୍ୱକୋଷ)— Satru druma Common sorrel.

ଶତ୍ରୁ ଦ୍ରୋହ—ସଂ. ବି—ବିପକ୍ଷକୁ ନାଶ କରିବା— Satru droha Distruction of one's foe.

ଶତ୍ରୁ ନାଶ—ସଂ. ବି—(୬ଷ୍ଠୀ ତତ୍)—ଶତ୍ରୁକୁ ପୀଡ଼ା ଦେବା— Satru nāsa The destruction of the enemy.

ଶତ୍ରୁ ନିପୀଡ଼ିତ—ସଂ. ବିଣ—(ଶତ୍ରୁ+ନିପୀଡ଼ିତ; ୩ୟା ତତ୍)—ଶତ୍ରୁଦ୍ୱାରା Satru nipirditā ଉତ୍ପୀଡ଼ିତ—Oppressed by the enemy. (ଶତ୍ରୁ ନିପୀଡ଼ନ-ବିଶେଷ୍ୟ)

ଶତ୍ରୁ ନିର୍ଯ୍ୟାତନ—ସଂ. ବି—(୩ୟା ତତ୍)—ଶତ୍ରୁଦ୍ୱାରା ପୀଡ଼ନ— Satru nirjyātana Oppression practised on a person by one's enemy.

ଶତ୍ରୁନ୍ତପ—ସଂ. ବିଣ. ଓ ବି ପୁଂ—(ଶତ୍ରୁ+ତପ ଧାତୁ+କର୍ତ୍ତୃ. ଅ)— Satruntapa ଶତ୍ରୁଂ ଜୟକାରୀ—(ବିଶ୍ୱକୋଷ)— [ଶତ୍ରୁଦମ-ଅନ୍ୟରୂପ] Vanquishing one's foes.

ଶତ୍ରୁ ପକ୍ଷ—ସଂ. ବି (୬ଷ୍ଠୀ ତତ୍)—୧ । ବିପକ୍ଷ ଦଳ—1. Enemy's Satru paksha party. ୨ । ବିପକ୍ଷ ପକ୍ଷ—2. The enemy. ୩ । ବିପକ୍ଷର ସେନା—3. The enemy's army.

ଶତ୍ରୁ ପଣ—ଦେ. ବି—ଶତ୍ରୁତା—Enmity. Satru pana শত্রুতা शत्रुताई, शत्रु पन (ଶତ୍ରୁ ପଣିଆ[ଣ୍ଡା]—ଅନ୍ୟରୂପ)

ଶତ୍ରୁ ପୀଡ଼ନ—ସଂ. ବି—ଶତ୍ରୁ ନିର୍ଯ୍ୟାତନ (ଦେଖ) Satru pirdana Satru nirjyātana (See)

ଶତ୍ରୁ ପୀଡ଼ା—ସଂ. ବି (ମ. ପ. ଲୋ)—ଶତ୍ରୁକୃତ ଅତ୍ୟାଚାର— Satru pirdā Oppression by the enemy.

ଶତ୍ରୁ ବଧ—ସଂ. ବି (୬ଷ୍ଠୀ ତତ୍)—ଆପଣାର ଶତ୍ରୁର ହତ୍ୟା— Satru badha The murder of one's enemy, killing one's enemy. ଶତ୍ରୁ ହତ୍ୟା—ଅନ୍ୟରୂପ)

ଶତ୍ରୁ ବଳ—ସଂ. ବି (୬ଷ୍ଠୀ ତତ୍)—୧ । ବିପକ୍ଷର ଶକ୍ତି ବା କ୍ଷମତା— Satru bala 1. The power of the enemy. ୨ । ବିପକ୍ଷର ସେନାବଳ—2. The enemy's force or army. ସଂ. ବିଣ (ଶତ୍ରୁ+ବିଦ୍ୟମାନାର୍ଥେ ବଳ)— ଯାହାର ଶତ୍ରୁ ବିଦ୍ୟମାନ ଅଛି (ବିଶ୍ୱକୋଷ)— Having enemies.

ଶତ୍ରୁ ବାଧା—ସଂ. ବି (ମ. ପ. ଲୋ)—ଶତ୍ରୁ ପୀଡ଼ା (ଦେଖ) Satru badhā Satru pirdā (See)

ଶତ୍ରୁ ବିଜୟ—ସଂ. ବି (୬ଷ୍ଠୀ ତତ୍)—ଶତ୍ରୁର ପରାଜୟ; ଶତ୍ରୁକୁ ପରାସ୍ତ Satru bijaya କରିବା—The defeat of the foe.

ଶତ୍ରୁବିଜୟୀ - ସ.ବଣ. ଓ ବି ପୁଂ--ଯେ ଶତ୍ରୁକୁ ପରାଜିତ କରେ; ଶତ୍ରୁଜୟୀ-
Śatru bijayī Vanquishing one's enemy; vanqui-
(ଶତ୍ରୁବିଜୟିନୀ—ସ୍ତ୍ରୀ) sher of one's foes.

ଶତ୍ରୁବିଜିତ—ସ. ବିଣ (ଶତ୍ରୁ+ବିଜିତ; ୩ୟା ତତ୍) - ଶତ୍ରୁଦ୍ୱାରା
Śatru bijita ପରାଜିତ—Vanquished or conquered
(ଶତ୍ରୁବିଜିତା—ସ୍ତ୍ରୀ) by the enemy.

ଶତ୍ରୁବିଗ୍ରହ—ସ. ବି—ଶତ୍ରୁଭାବପୂର୍ବକ ଯୁଦ୍ଧ; ଶତ୍ରୁଭାବରେ ଅନୁଷ୍ଠାନ
Śatru bigraha (ଶବ୍ଦକୋଷ)—Fight with inimical motive.

ଶତ୍ରୁବିନାଶନ - ସ. ବି—୧ । ଶତ୍ରୁ ବିନାଶକାରୀ—1. Destroyer
Śatru binā̄sana of the foes. ୨ । ମହାଦେବ (ବୃ ଷ)—
2. Mahādeba.

ଶତ୍ରୁଭଙ୍ଗ—ସ. ବି—ମୁଞ୍ଜ ତୃଣ (ବୃ. ଷ)—
Śatru bhaṅga The Muñja grass.

ଶତ୍ରୁଭଞ୍ଜ ଦେବ—ଦେ. ବି (ନାମ)—ଭଞ୍ଜବଂଶୀୟ ଜଣେକ ଖ୍ୟାତନାମା
Śatrū bhañja deba ରାଜା—A famous king of the Bhañja dynasty. [ଦ୍ର—ଏ ପ୍ରଥମ ଶିଳାଭଞ୍ଜଙ୍କ ପୁତ୍ର ଥିଲେ ଓ ଉଭୟ ଖିଞ୍ଜଳି ମଣ୍ଡଳ (ଅଧୁନାତନ ବୌଦ୍ଧ, ଦଶପଲ୍ଲା ଓ ଗୁମସର)ର ଅଧୀଶ୍ୱର ଥିଲେ । ଏହାଙ୍କ ସମ୍ଭବତଃ ୮୦୦ ବା ୭୫୦ ଖ୍ରୀଷ୍ଟାବ୍ଦରେ ଲିଖିତ ତାଙ୍କର ଟେଗାଟ୍ଟ ତାମ୍ରଶାସନରୁ ଜଣାଯାଏ ଯେ ସେ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଶେଷ ଭାଗରେ ରାଜତ୍ୱ କରୁଥିଲେ—ଶ୍ରୀମାନ୍ କେଦାରନାଥ ମହାପାତ୍ର, ବି.ଏ, ଙ୍କ ଟିପ୍ପଣୀ ।]

ଶତ୍ରୁଭାବ—ସ. ବି—ଶତ୍ରୁତା—Enmity
Śatru bhāba (ଶତ୍ରୁଭାବ—ଦେ. ରୂପ)

ଶତ୍ରୁଭୂମିଜ—ସ. ବି—ନୀଳାଞ୍ଜନ (ବୃ. ଷ; ଶବ୍ଦକୋଷ)—
Śatru bhūmija The blue collyrium.

ଶତ୍ରୁମର୍ଦ୍ଦକ—ସ. ବିଣ. ଓ ବି ପୁଂ—ଶତ୍ରୁକୁ ଯେ ପରାଜିତ କରେ—
Śatru marddaka Vanquisher of one's foes.
(ଶତ୍ରୁମର୍ଦ୍ଦିକା—ସ୍ତ୍ରୀ) (ଶତ୍ରୁବିମର୍ଦ୍ଦକ—ଅନ୍ୟରୂପ)

ଶତ୍ରୁମର୍ଦ୍ଦନ—ସଂ. ବି—୧ । (୬ଷ୍ଠୀ ତତ୍) ଶତ୍ରୁକୁ ପରାଜିତ କରିବା—
Śatru marddana 1. Vanquishing the enemy. ୨ । ଶତ୍ରୁଘ୍ନଙ୍କ ଏକ ନାମ—2. Name of Śatrughna ୩ । କୁବଳୟାଶ୍ୱଙ୍କ ପୁତ୍ର (ବୃ ଷ)—
3. Name of the son of Kubalāyaswa. ବିଣ. ପୁଂ—ଶତ୍ରୁକୁ ଦମନକାରୀ—Vanquishing
(ଶତ୍ରୁବିମର୍ଦ୍ଦନ—ଅନ୍ୟରୂପ) the enemy

ଶତ୍ରୁମିତ୍ର—ସଂ. ବି (ଦ୍ୱନ୍ଦ୍ୱ)—୧ । ଶତ୍ରୁ ଓ ମିତ୍ର—1. Foe and
Śatru mitra friend. ୨ । (୬ଷ୍ଠୀ ତତ୍) ଆପଣା ଶତ୍ରୁର ମିତ୍ର—2. The friend of one's enemy.

ଶତ୍ରୁମିତ୍ରୁ—ଗ୍ରା. ବି (ସଂ. ଶତ୍ରୁ ମିତ୍ର)—ଶତ୍ରୁ ଓ ମିତ୍ର—Friend
Śatru mitru शत्रु मित्र शत्रुमित्र and foe.

ଶତ୍ରୁଶଙ୍କା—ସ. ବି—୧ । ଶତ୍ରୁ ଯୋଗୁଁ ମନରେ ଜାତ ଭୟ—
Śatru sankā 1. The fear of the enemy. ୨ । ଶତ୍ରୁଠାରୁ ଅନିଷ୍ଟ ଘଟିବାର ଆଶଙ୍କା—2. Apprehension of injury from the foe.

ଶତ୍ରୁଶାସନ—ସଂ. ବି (୬ଷ୍ଠୀ ତତ୍)—ଶତ୍ରୁକୁ ଦଣ୍ଡ ଦେବା—
Śatru śāsana The punishing of one's enemies.
[ଦ୍ର—ଏଥିରୁ ବିଶେଷଣରେ (ପୁଂ) ଶତ୍ରୁଶାସ୍ତା ଓ (ସ୍ତ୍ରୀ) ଶତ୍ରୁଶାସ୍ତ୍ରୀ ହୁଏ ।]

ଶତ୍ରୁଶଙ୍କୁଳ—ସଂ. ବିଣ (୩ୟା ତତ୍)—ଶତ୍ରୁଦ୍ୱାରା ପରିପୂର୍ଣ୍ଣ—
Śatru śankala Infested by the enemy.

ଶତ୍ରୁସଲ—ଦେ. ବି (ସଂ. ଶତ୍ରୁ+ଶଲ୍ୟ)—କ୍ଷତ୍ରିୟମାନଙ୍କ ବଂଶୋପାଧି
Śatru sala ବିଶେଷ (ଜଗବନ୍ଧୁ ପ୍ରାଚୀନ ଉତ୍କଳ)—A family-title of the Kshatriyas.

ଶତ୍ରୁସ(ସା)ହ—ସଂ. ବିଣ. ପୁଂ (ଶତ୍ରୁ+ସହ ଧାତୁ+କର୍ତ୍ତୃ ଅ)—
Śatru sa(sā)ha ଶତ୍ରୁର ବିକ୍ରମ ସହନଶୀଳ (ଶବ୍ଦକୋଷ)—
Able to beat the prowess or brunt of the enemy.

ଶତ୍ରୁସାତ୍—ସଂ. ବି (ଶତ୍ରୁ+ପରିଣତାର୍ଥେ ସାତ୍)—୧ । ଶତ୍ରୁରୂପେ
Śatru sāt ପରିଣତ (ଶବ୍ଦକୋଷ)—1. Changed into a foe. ୨ । ଶତ୍ରୁର ବଶୀଭୂତ (ଶବ୍ଦକୋଷ)—
2. Occupied or taken possession of by the enemy.

ଶତ୍ରୁହନ୍ତା—ସଂ. ବିଣ ଓ ବି. ପୁଂ—ବୈରୀ ହନନକାରୀ—Destru-
Śatru hantā ctive of one's foes, ସଂ. ବି (ନାମ)—
(ଶତ୍ରୁହନ୍ତ୍ରୀ—ସ୍ତ୍ରୀ) ହରିବଂଶୋକ୍ତ ଶମ୍ବର ଦୈତ୍ୟର ଏକ ମନ୍ତ୍ରୀ (ଶବ୍ଦକୋଷ)—Name of a minister of demon Śambara.

ଶତ୍ରୁହା—ସଂ. ବିଣ ଓ ବି (ଶତ୍ରୁ+ହନ୍ ଧାତୁ+କ୍ୱିପ୍; ଶତ୍ରୁହନ୍ ଶବ୍ଦ
Śatruhā ୧ମା. ୧ବ)—ଶତ୍ରୁହନ୍ତା (ଦେଖ)—Śatru-hantā (See) ବି—୧ । ଶତ୍ରୁଘ୍ନଙ୍କର ଏକ ନାମ
(ବୃ. ଷ)—1. A name of Śatrughna. ୨ । ଶ୍ୱଫଲ୍କଙ୍କର ଏକପୁତ୍ର (ଶବ୍ଦକୋଷ)—
2. Name of a son of Śwaphalka.

ଶତ୍ରୁହିଂସା—ସଂ. ବି—(୬ଷ୍ଠୀ ତତ୍)—ଶତ୍ରୁକୁ ଦଣ୍ଡ ଦେବା—
Śatru himsā Punishing the enemy.

ଶଦ୍ (ଧାତୁ)—ସ—୧ । ଗମନ କରିବା—1. To go. ୨ । ଗତି
Śad (root) କରିବା—2. To move. ୩ । ନାଶ କରିବା—
3. To destroy. ୪ । ଅନିଷ୍ଟ କରିବା—4. To injure. ୫ । ଛେଦନ କରିବା—5 To cut.

ଶଦ—ସଂ. ବି—୧ । ଫଳମୂଳାଦି (ବୃ. ଷ)—1. Vegetable, fruits and roots. ୨ । କର; ରାଜସ୍ୱ (ବୃ. ଷ)—
Sada 2. Rent. ୩ । ପରିବା (ବୃ. ଷ)—3. Kitchen vegetables.

ଶଦକ—ସଂ. ବି—ଭୂଷି ବା ଭୁଷ ଯାହାର ଅପସାରିତ ନ ଥିବା ଶସ୍ୟ
Sadaka (ବୃ. ଷ)—Grain with the chaff intact.

ଶଦରଙ୍ଗା—ଦେ. ବି—ମଦରଙ୍ଗା ଶାଗ ପରି ଏକପ୍ରକାର ଶାଗ; ଶାଳିଞ୍ଚ
Sādarangā (ହରେକୃଷ୍ଣ, ଦ୍ରବ୍ୟଗୁଣ)—ଶାଳିଞ୍ଚ (ଦେଖ)—
शाकेशाक Sālincha (See)

ଶଡ଼(ଡ଼ି)ଆଲି — ପ୍ରାଦେ (ସମ୍ବଲପୁର) ବି — ଦ୍ୱାରର ଉପରେ ଲଗିଥିବା ପଟା। — Lintel.
Sadi(rdi)ali
(ଖାଡ଼ୁଲି, ଖାର୍ଦ୍ଦୁଲି—ଦେ· ରୂପ)

ଶଦ୍ରି — ସଂ· ବି (ଶଦ୍ ଧାତୁ+କର୍ତ୍ତୃ· ରି) — ୧ । ମେଘ—1. The cloud, ୨ । ମଧ୍ୟମ ପାଣ୍ଡବ; ଅର୍ଜ୍ଜୁନ—2. Arjuna,
Sadri
୩ । ହସ୍ତୀ—3. Elephant. ୪ । ବିଦ୍ୟୁତ୍—4. Lightning. ୫ । ଖଣ୍ଡ (ହି· ଶ)—5. Piece; bit.

ଶଦ୍ରୁ — ସଂ· ବିଣ (ଶଦ୍ ଧାତୁ+କର୍ତ୍ତୃ· ରୁ) — ୧ । ଗମନଶୀଳ—1. Moving; tending to move. ୨ । ପତନଶୀଳ—2. Having a tendency to fall.
Sadru
୩ । କ୍ଷୟଶୀଳ—3. Having a tendency to decay; decaying. ୪ । ପତନକର୍ତ୍ତା—4. Causing to fall. ସଂ· ବି—୧ । ବିଷ୍ଣୁ (ହି· ଶ)—1. Bishnu. ୨ । ଗଣ୍ଡା (ଶବ୍ଦକୋଷ)—2. Rhinoceros.

ଶଧ — ଦେ· ବି (ସଂ· ଶ୍ରଦ୍ଧା) — ସଧ (ଦେଖ) — Sadha. (See)
Sadha [ଉ—ଅପାଙ୍ଗେ ଶୁଣି ପୁଲକିତ ହୋଇଲା ନ ଶୁଣି ଶୁଣିବାକୁ ଶଧ । ପ୍ରାଚୀ· ଉଷାଅଭିଲାଷ ।]

ଶନ୍ବ୍ (ଧାତୁ)—ସଂ·—୧ । ଗମନ କରିବା-1. To go. ୨ । ଚାଲିବା—2. To walk; to travel.
San-b (root)

ଶନ — ସଂ· ବି — ୧ । ଶାନ୍ତ (ହି· ଶ)—1. Peace. ୨ । ସ୍ଥିରତା (ହି· ଶ)— 2. Stillness. ୩ । ଶଣଗଛ (ଶବ୍ଦକୋଷ)—3. Hemp; Cannabis Sativa. ଦେ· ବି—ଶନି ନାମକ ବ୍ୟକ୍ତିର ଡାକ ନାମ—A name for calling Sani.
Sana

ଶନକ — ସଂ· ବି — (ନାମ) ଶମ୍ବରର ଏକ ପୁତ୍ର (ହି· ଶ)
Sanaka Name of a son of demon Sambara.

ଶନକାବଲି — ସଂ· ବି — ଗଜପିପ୍ପଳୀ (ହି· ଶ)
Sanakabali Scindapsus Officinalis.

ଶନପର୍ଣ୍ଣୀ — ସଂ· ବି — କଟୁକୀ (ହି· ଶ)
Sanaparnni Black hellebore.

ଶନପୁଷ୍ପୀ — ସଂ· ବି — ଶଣପୁଷ୍ପୀ (ହି· ଶ)
Sanapushpi Crotalaria Juncia.

ଶନଶନ — ଦେ· ବି — ସନ ସନ (ଦେଖ)—Sana sana. (See)
Sanasana [ଉ—ଶନ ଶନ ଶରଚୁଲ ଗୁଳିଲା ଅମ୍ବରେ । ରାଧାନାଥ ।]

ଶନା — ଦେ· ବି· ପୁଂ (ଅନାଦରାର୍ଥକ)—ଶନି ନାମକ ବ୍ୟକ୍ତିର ଡାକ ନାମ—A name for calling Sani.
Sana
शनि शनिचरा, शनिया
[ଶନିଆ, ଶନୁଆ — ଅନ୍ୟରୂପ]
(ଶନୁ, ଶନେଇ—ଆଦରାର୍ଥକରୂପ)

ଶନା(ନେ)ଇ — ଦେ· ବି — ୧ । ତୂରୀ—1. A bugle; a clarion.
Sanai(nei) ୨ । (ଆଦରାର୍ଥକ) ଶନି ନାମକ ବ୍ୟକ୍ତିର ଡାକ ନାମ— 2. A name for calling a person named Sani.
सानाई
सहनाई, पिपही
शनू, शनाई शन्नु

ଶନି — ସଂ· ବି (ଶଣ୍ ଧାତୁ=ଦାନ କରିବା+ସଂଜ୍ଞାର୍ଥେ· ଇ; କିମ୍ବା ଶୋ ଧାତୁ=ଶାଣ ଦେବା+କର୍ତ୍ତୃ· ଅନି) — ୧ । ସପ୍ତମ ଗ୍ରହ;
Sani
ଶନି ଗ୍ରହର ପର୍ଯ୍ୟାୟ—ଶନି, ଶନୈଶ୍ଚର, ସୌରି, ନୀଳବାସା, ମନ୍ଦ, ଛାୟାସୁତ, ପାତଙ୍ଗି, ଗ୍ରହନାୟକ, ଛାୟାସୁତ, ଭାସ୍କର(ବ), ନୀଳାମ୍ବର, ଅର, କୋଡ଼, ବକ୍ର, କୋଳ, ସପ୍ତାଂଶୁ, ପଙ୍ଗୁ, କାଳ, ସୂର୍ଯ୍ୟପୁତ୍ର, ଅସିତ

ଗ୍ରହବିଶେଷ (ସୂର୍ଯ୍ୟଙ୍କ ଔରସରେ ଛାୟାଙ୍କ ଗର୍ଭଜାତ ସନ୍ତାନ)—1. The seventh planet, said to be the son of the Sun; Saturn,
[ପୁ—ପୁରାଣ ମତରେ ଶନିଗ୍ରହ ଚିତ୍ରରଥଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ସ୍ତ୍ରୀଙ୍କ ଋତୁ ରକ୍ଷା ନ କରିବା କାରଣରୁ ଏହାଙ୍କ ସ୍ତ୍ରୀ ଏହାଙ୍କୁ ଅଭିଶାପ ଦେଲେ ଯେ, ଏ ଯେଉଁ ବସ୍ତୁକୁ ଚାହିଁବେ, ତାହା ବିନଷ୍ଟ ହେବ । ପାର୍ବତୀଙ୍କର ଗଣେଶ ଜନ୍ମ ହେବାରୁ ଏ ବିଷ୍ଣୁଙ୍କ ଆଦେଶରେ ନବଜାତ ଗଣେଶଙ୍କୁ ଦେଖିବାକୁ ଗଲେ ଓ ଗଣେଶଙ୍କ ମସ୍ତକରେ ଏହାଙ୍କ ଦୃଷ୍ଟି ପଡ଼ିବାମାତ୍ରକେ ତାଙ୍କର ମୁଣ୍ଡଟି ଉଡ଼ିଗଲା । ଦେବତାମାନେ ତତ୍କ୍ଷଣାତ୍ ଗୋଟିଏ ହାତୀର ମୁଣ୍ଡ ଆଣି ଗଣେଶଙ୍କ ଗଣ୍ଡିରେ ଲଗାଇଦେଲେ ଓ ତଦବଧି ଗଣେଶ ଗଜାନନ ହେଲେ । ପାର୍ବତୀଙ୍କ ଶାପରୁ ଏ ଖଞ୍ଜ ହୋଇଗଲେ । ଜ୍ୟୋତିଷଶାସ୍ତ୍ରାନୁସାରେ ଏ ଅମଙ୍ଗଳ ଗ୍ରହ । ଏହାଙ୍କର ଗତି ଧୀର ଥିବାରୁ ଏହାଙ୍କର ଅନ୍ୟ ନାମ ମନ୍ଦ ଓ ଶନୈଶ୍ଚର । ଅରେ ଗୋଟିଏ ରାଶିକୁ ଅତିକ୍ରମ କରିବାକୁ ଶନିଙ୍କୁ ଅଢ଼େଇ ବର୍ଷ ଲାଗେ । ଶନିଙ୍କର ଗୋଚରକାଳ ମଧ୍ୟରେ ୧ମ, ୮ମ ଓ ୧୨ମ ସାଢ଼େ ସାତ ବର୍ଷକୁ ଶନିଦଶା ଏବଂ ୧୨ଶ,୧ମ ଓ ୨ୟ ୭½ବର୍ଷକୁ ଶନି ସାଢ଼େସାତି ବୋଲାଯାଏ । ଶନି ଶବ୍ଦ କୃଷ୍ଣ ଗ୍ରହ ବୋଲି ଲୋକଙ୍କର ବିଶ୍ୱାସ । ଏଥିପାଇଁ ଶନିବାରରେ ଶବ୍ଦମାନଙ୍କୁ କେହି କହନ୍ତି ନାହିଁ ବୋଲି ଲୋକେ ବିଶ୍ୱାସ କରନ୍ତି । ଶନି ମନୁଷ୍ୟର ଜନ୍ମରାଶିସ୍ଥ ହେଲେ ବହୁନାଶ, ମନସ୍ତାପ; ୨ୟରେ କ୍ଳେଶ; ତୃତୀୟରେ ଶତ୍ରୁନାଶ ଓ ବନ୍ଧୁଲାଭ; ୪ର୍ଥରେ ଶତ୍ରୁବୃଦ୍ଧି; ୫ମରେ ପୁତ୍ର କ୍ଷୟ ଓ ଅର୍ଥନାଶ; ୬ଷ୍ଠରେ ଅର୍ଥଲାଭ; ୭ମରେ ଅନିଷ୍ଟପାତ; ୮ମରେ ଦେହ ପୀଡ଼ା; ୯ମରେ ଧନକ୍ଷୟ; ୧୦ମରେ ମାନସିକ ଉଦ୍‌ବେଗ; ୧୧ଶରେ ବହୁଲାଭ ଓ ୧୨ଶରେ ଅନର୍ଥ ଘଟେ । ଶନିଗ୍ରହ ରାଶିରୁ କର୍ମକାଳରେ ଗୋଚର ଫଳ ପ୍ରଦାନ କରନ୍ତି । ଯେଉଁ ବ୍ୟକ୍ତିର ଲଗ୍ନର ୭ମ ଘରେ ଶନି ଥାଆନ୍ତି, ସେ ବ୍ୟକ୍ତି ଶ୍ରେଷ୍ଠ ହୁଏ । ଶନିବାର ବିବାହ, କ୍ଷୌରକର୍ମ ବର୍ଜ୍ଜିତ । ଶନିବାରର ଦିବସର ଶେଷଭାଗ ବାରବେଳା ଓ

ପ୍ରଥମଭାଗ ଓ ଶେଷଭାଗ କାଳବେଳା । ଶନିବାରର ରାତ୍ରିର ପ୍ରଥମଭାଗ ଓ ଶେଷଭାଗ କାଳରାତ୍ରି । ଶନିବାରରେ ବାଳିକାର ପ୍ରଥମ ରଜୋଦର୍ଶନ ଘଟିଲେ ସେ ବାଳିକା ବିଧବା ହୁଏ ।

ମନୁଷ୍ୟର ଜୀବନକାଳ ମଧ୍ୟରେ ନାକ୍ଷତ୍ରିକ ମତାନୁସାରେ ରାହୁମହାଦଶା ପରେ ଓ ବୃହସ୍ପତିମହାଦଶା ପୂର୍ବରୁ ଶନିର ମହାଦଶା ଭୋଗ ହୁଏ । ଏ ମହାଦଶାର ଭୋଗକାଳ ଦଶ ବର୍ଷ । କେରଳ ମତରେ ଶନିମହାଦଶା ୧୯ ବର୍ଷ ଓ ତାହା ବୃହସ୍ପତି ମହାଦଶା ପରେ ଓ ବୁଧ ମହାଦଶା ପୂର୍ବରୁ ପଡ଼େ । ଶନି ଗ୍ରହଙ୍କ ଶାନ୍ତି ନିମିତ୍ତ ଘୃତ, ତୈଳ, କୃଷ୍ଣତିଳ, ମହିଷ ଓ ଲୌହଦାନ ପ୍ରଶସ୍ତ । ଶନିବାରରେ ଜ୍ୱର ଧରିଲେ ଉକ୍ତ ଜ୍ୱର କଷ୍ଟପ୍ରଦ ହୁଏ । ନୀଳମଣି ଶନି ଗ୍ରହଙ୍କର ପ୍ରିୟମଣି ।

ଏହା ସୌରଜଗତର ନବ ଗ୍ରହଙ୍କ ମଧ୍ୟରେ ୭ମ ଗ୍ରହ । ସୂର୍ଯ୍ୟଙ୍କଠାରୁ ଏହାର ଦୂରତ୍ୱ ୮୮ କୋଟି ୩୦ ଲକ୍ଷ ମାଇଲ, ଅର୍ଥାତ୍ ପୃଥିବୀ ଅପେକ୍ଷା ସୂର୍ଯ୍ୟଙ୍କଠାରୁ ୯ ଗୁଣ ଦୂରରେ ଏହା ଅବସ୍ଥିତ । ଏଥିର ବ୍ୟାସ ୭୫ ହଜାର ୮ଶହ ମାଇଲ । ଥରେ ସୂର୍ଯ୍ୟଙ୍କ ଚାରିଆଡ଼େ ବୁଲିବାକୁ ଏହାକୁ ୨୯ ବର୍ଷ ୧୬୭ ଦିନ ଲାଗେ ଓ ଗୋଟିଏ ରାଶିକୁ ଟପିବାକୁ ପ୍ରାୟ ୨½ ବର୍ଷ ଲାଗେ । ବୃହସ୍ପତିଙ୍କୁ ଛାଡ଼ିଦେଲେ ଏ ସବୁ ଗ୍ରହଠାରୁ ବଡ଼ । ଏହାର ବ୍ୟାସ ପୃଥିବୀର ବ୍ୟାସର ନଅ ଗୁଣ । ଏଥିର ୯ଟି ଓ ମତାନ୍ତରରେ ୮ଟି ଉପଗ୍ରହ ବା ଚନ୍ଦ୍ର ଅଛନ୍ତି । ଏ ସବୁ ଗ୍ରହଠାରୁ ବେଶି ଉଜ୍ଜ୍ୱଳ । ଏ ଆପଣା ଅକ୍ଷ ଉପରେ ୩୭୮ ଦିନରେ ଥରେ ବୁଲିଆସେ । ଏ ଗ୍ରହର ଚାରିପାଖେ ଗୋଟିଏ ବଡ଼ ବଳୟ ଅଛି । ଏହି ବାହ୍ୟ ବଳୟରୁ ଶନିର ପିଣ୍ଡର ଦୂରତ୍ୱ ୫ ହଜାର ୯ ଶତ ମାଇଲ ବାହ୍ୟ ବଳୟର ଓସାର ୧୧ ହଜାର ୨ ଶହ ମାଇଲ । ବଳୟର ବ୍ୟାସ ୧ ଲକ୍ଷ ୭୨ ହଜାର ୮ ଶହ ମାଇଲ ଓ ଘନତା ଶହେ ମାଇଲରୁ ଢେର ଅଳ୍ପ । (ହି. ଶ)

ଫଳିତଜ୍ୟୋତିଷ ମତରେ ଏ ଗ୍ରହ କୃଷ୍ଣ, ଶୂଦ୍ର, ବୃଦ୍ଧ ଓ ସୂର୍ଯ୍ୟପୁତ୍ର, ଗୃଧ୍ରବାହନ, ସୌରାଷ୍ଟ୍ରଦେଶାଧିପତି, ନପୁଂସକ ଓ ତମୋଗୁଣଯୁକ୍ତ, କଷାୟରସର ଅଧିପତି, ମକର ଓ କୁମ୍ଭ ରାଶିର ଓ ନୀଳକାନ୍ତମଣିର ଅଧିପତି, ଚତୁର୍ଭୁଜ, ବାଣ,ଶୂଳ, ଧନୁଃ ଓ ବରଧାରୀ । ଯମ ଏ ଗ୍ରହର ଅଧିପତି ଓ ପ୍ରଜାପତି ପ୍ରତ୍ୟଧିଦେବତା ।

ପଦ୍ମପୁରାଣ ମତରେ ସୂର୍ଯ୍ୟଙ୍କ ସ୍ତ୍ରୀ ଛାୟାଙ୍କ ଗର୍ଭରୁ ଏହାଙ୍କର ଉତ୍ପତ୍ତି ହୋଇଥିଲା । ଏହାଙ୍କୁ କଶ୍ୟପମୁନିଙ୍କ ସନ୍ତାନ ବୋଲି ମଧ୍ୟ ବୋଲାଯାଏ । ଶନି ଓ ମଙ୍ଗଳ ସ୍ଥାନବିଶେଷରେ ଏକସ୍ଥାନଗତ ହେଲେ ରାଜଯୋଗକାରକ ହୁଅନ୍ତି ।]

୨। ଦୁର୍ଭାଗ୍ୟ (ହି. ଶ)—2. Misfortune; illluck.

୩। ଶନିବାର—3. Saturday. (ଉ—ଉଦୟ ଅସ୍ତ ଶନିର ସାତ—ଶନିବଚନ ।) ଦେ. ବି—୧। କ୍ରୂରଦୃଷ୍ଟି-

शनि शानि ଯୁକ୍ତ ବ୍ୟକ୍ତି—1· A person with evil eyes. ୨। କୃପଣ ବ୍ୟକ୍ତି—2. A miser. ୩। ଖୋଟା ଲୋକ—3. A lame man.

ଶନି ଗୋଚର—ସଂ. ବି [ଜ୍ୟୋତିଷ]—ଶନି ଗ୍ରହ ପ୍ରତ୍ୟେକ ରାଶିକୁ
Śani gochara ଅତିକ୍ରମ କରିବା କାଳ ୨½ ବର୍ଷ—A period of 2½ years which it takes Saturn to cross one of the zodiac signs.

ଶନି ଚଳନ—ସଂ. ବି [୬ଷ୍ଠୀ ତତ୍]—ଶନି ଗ୍ରହର ଗୋଟିଏ ରାଶିରୁ ଅନ୍ୟ
Śani chaḷana ରାଶିକୁ ଯିବାର କାଳ—The time
[ଶନିସଞ୍ଚାର—ଅନ୍ୟରୂପ] when the planet Saturn crosses the boundary of 2 signs.

ଶନିଜ—ସଂ. ବି—ଗୋଲମରିଚ [ହି. ଶ]—
Śanija Black pepper

ଶନି ଦଶା—ସଂ. ବି—୧। ଜାତକରେ ଶନିଙ୍କର ପ୍ରଭାବ ପଡ଼ିଲେ ଘଟିବା
Śani daśā ଅବସ୍ଥା—(ଶନି ଚଳେ କୋଠ ଦେଶ)—
ଶନିମହାଦଶା—ଅନ୍ୟରୂପ) 1. The condition of a person due to the planet Saturn (see the notes under Śani) ୨। ଅଭାବ ଓ ଦୁଃଖମୟ ଅବସ୍ଥା—2. A time of want and misery.

ଶନି ଦୃଷ୍ଟି—ଦେ. ବି.—୧। ମନ୍ଦ ବା ଅଶୁଭ ଦୃଷ୍ଟି—1. Bad or in-
Śani dṛushṭi शनिदृष्टि शानिदृष्टि auspicious look.
୨। ବେଅନୁଗ୍ରହ ଦୃଷ୍ଟି; ପ୍ରତିକୂଳ ଦୃଷ୍ଟି; କୋପଦୃଷ୍ଟି—2. Evil eye.

ଶନି ପ୍ରଦୋଷ—ସଂ.ବି.—କୌଣସି ମାସର କୃଷ୍ଣା ତ୍ରୟୋଦଶୀ ଶନିବାରରେ
Śani pradoshа ପଡ଼ିଲେ ସେ ଦିନ ଅନୁଷ୍ଠିତ ଶିବ ପୂଜା ରୂପ ବ୍ରତ ଓ ପର୍ବ (ହି.ଶ)—A festival observed if a Saturday falls on the 13th of a dark lunar fortnight.

ଶନି ପ୍ରସୂ—ସଂ. ବି (୬ଷ୍ଠୀ ତତ୍)—ସୂର୍ଯ୍ୟଙ୍କ ଏକ ପତ୍ନୀ; ଛାୟା—
Śani prasū Chhāyā; one of the 2 wives of the Sun god.

ଶନି ପ୍ରିୟ—ସଂ. ବି (୬ଷ୍ଠୀ ତତ୍) ନୀଳମଣି—Sapphire.
Śani priya.

ଶନି ବାର—ସଂ. ବି.—ଶୁକ୍ରବାରର ପରବର୍ତ୍ତୀ ଓ ରବିବାରର ପୂର୍ବବର୍ତ୍ତୀ
Śani bāra (ଶନିବାସର—ଅନ୍ୟରୂପ) ଦିବସ—Saturday.

ଶନିବାର ଗଣ୍ଡା—ପ୍ରାଦେ. (ଗଡ଼ଜାତ)—ବି. (ମୂଳ. ହି. ଶନିଚରୀ)—
Śanibāra gaṇḍā ପ୍ରତି ଶନିବାରରେ ଚାଟଶାଳିର ପ୍ରତ୍ୟେକ ଛାତ୍ରଙ୍କଠାରୁ ଗୁରୁଙ୍କର ପ୍ରାପ୍ୟ ଏକଗଣ୍ଡା କଉଡ଼ି—20 pieces of cowries paid to the teacher by his pupils on every Saturday.
(ଦ୍ର—ବିହାର ପ୍ରାନ୍ତର ପ୍ରାଇମେରି ସ୍କୁଲମାନଙ୍କରେ ପ୍ରତି ଶନିବାର ପ୍ରତ୍ୟେକ ଛାତ୍ର ଘରୁ ୧ପାଆ ଚାଉଳ, ୧ ପଇସା ଓ ଗୋଟିଏ ଗୁଆ ସ୍କୁଲକୁ ଆଣନ୍ତି । ପିଲାମାନେ ସଂଗୃହୀତ

ପଇସା ମଧ୍ୟରୁ କଛି ଅଂଶରେ ଗୁଡ଼ ଆଦି ଅଣି ଚେଳେତେ ଗୁହଳକୁ ବଗୁଗ୍ଲଇ ତା ସଙ୍ଗେ ଗୁଡ଼ ମିଶାଇ ଗଣେଶଙ୍କ ସ୍ତବ ପାଠ କରନ୍ତି ଓ ଉକ୍ତ ଗୁଡ଼ ଗୁହଳ ଛଡମାନଙ୍କ ମଧ୍ୟରେ ବଣ୍ଟାଯାଏ । ବାକି ଗୁହଳ, ଗୁଡ଼ ଓ ଗୁଆ ଗୁରୁ ନଅନ୍ତି । ଏ ପ୍ରଥାକୁ ଛାଡରେ 'ଶନଚଗ୍' ବୋଲାଯାଏ ।)

ଶନରୁହ—ସଂ. ବି (ଶନ+ରୁହ ଧାତୁ+କର୍ତ୍ତୃ. ଅ; ଏହା ଶନଙ୍କ Śaniruha ବାହନ ଥିବାରୁ)—ମହିଷ; ମଇଁଷି (ହି. ଶ.)—Buffalo.

ଶନଶ୍ଚର—ଗ୍ରା. ବି—(ସ. ଶନୈଶ୍ଚର)—ଶନ ଗ୍ରହ—The planet Saturn.
Śaniśchara **शनि शनिचर**

ଶନି ସପ୍ତା—ଦେ. ବି.—ମନୁଷ୍ୟର ଜନ୍ମ ରାଶିଠାରୁ ୭ମ, ୮ମ ଓ ୯ମ Śani saptā ରାଶିରେ ଶନଗ୍ରହ ରହିବାର କାଳ ୭½ ବର୍ଷ—**शनि साढ़ेसात शनिका फल** (ଏହା ଅଶୁଭ)—The time when the saturn is on the 7th, 8th and 9th houses from a man's natal sign. [ଦ୍ର—ଶନ ଚଳେ ଜୋଃ ଦେଖ । ଏ ସମ୍ବନ୍ଧରେ 'ଶନସପ୍ତା ଯମର ଭୁଡ୍, ଛଡ଼ାଇ ନିଏ କୋଡ଼ର ପୁତ୍' ବୋଲି ଗୋଟିଏ ଜନା ବଚନ ଅଛି ।]

ଶନି ସାଢ଼େ ସାତ—ଦେ. ବି.—(ଶନ ଚଳେ ଜୋଃ ଦେଖ)—ଜାତକର Śani sārde sāti ଜନ୍ମ ରାଶିଠାରୁ ୧୨ଶ, ଜନ୍ମ ବା ୧ମ ଓ ୨ୟ **शनि साढ़े सात शनि साढे साती** ରେ ଶନ ଗ୍ରହର ଥିବା କାଳ ୭½ବର୍ଷ (ଏହା ଅଶୁଭକାଳ)-A period of 7½ years in a man's life when the planet Saturn is on the 12th and the 2nd and the first sings from a man's natal sign.

ଶନେଇ—ଦେ. ବି—(ଅଦରାର୍ଥକ) ଶନ ନାମକ ବ୍ୟକ୍ତିର ଡାକ ନାମ—Śanei Name for calling a person named Śani.
शनि, शनाई शनु

ଶନୈଃ—ସ. ଅ—୧ । ଅସ୍ତେ ଅସ୍ତେ; ଧୀରେ ଧୀରେ—Śanaiḥ 1. Slowly. ୨ । କ୍ରମଶଃ; କ୍ରମେ କ୍ରମେ—[ଶନୈକଃ, ଶନୈଃ ଶନୈଃ—ଅନ୍ୟରୂପ] 2. By degrees. ୩ । ମୃଦୁ ଭାବରେ—3. Gently. ୪ । ଅଳ୍ପ ଅଳ୍ପ—4. Little by little.

ଶନୈଃ କ ପ(ନ୍ଥା ଶନୈଃ ପନ୍ଥା ଶନୈଃ ପର୍ବତ ଲଙ୍ଘନଂ—ସ. ଶ୍ଲୋକାଂଶ Śanaiḥ ka(pa)ntha śanaiḥ pantha ପ୍ରବଚନ—କ୍ରମଶଃ śanaiḥ parbata laṅghanam ଅଳ୍ପ କାଃ ଗୁଲି ଗୁଲି ଶେଷରେ ପର୍ବତ ଲଙ୍ଘନ କରାଯାଇପାରେ—A Sanskrit proverb meaning—Climb slowly and you will surmount a mountain. [ଦ୍ର—ଏହାର ସମଭାବାର୍ଥକ ଓଡ଼ିଆ ପ୍ରବଚନ 'ଧୀର ପାଣି ପଥର କାଟେ' ଓ ସମଭାବାଥକ ଇଂରେଜୀ ପ୍ରବଚନ—'Slow and steady wins the race.'

ଦ୍ର—ଏଥିର ପୂର୍ଣ୍ଣଶ୍ଲୋକ—ଶନୈଃ ପନ୍ଥା ଶନୈଃ କନ୍ଥା ଶନୈଃ ପର୍ବତ ଲଙ୍ଘନମ୍ । ଶନୈଃ କର୍ମଞ୍ଚ ଧର୍ମଞ୍ଚ ଏତେ ପଞ୍ଚ ଶନୈଃ ଶନୈଃ ।

ଏଥିର ଅର୍ଥ :—ପଥ ଅତିକ୍ରମ, ଭଲ୍ଲୁଗାର କନ୍ଥାରେ ପରିଣତ, ପର୍ବତଲଙ୍ଘନ, କର୍ମ ଓ ଧର୍ମ, ଏ ପାଞ୍ଚ କର୍ମ ଧୀରେ ଧୀରେ ସାଧିତ ହୁଏ—ସୁଫଳପ୍ରଦ ।]

ଶନୈର୍ଗଙ୍ଗମ୍—ସ. ଅ—ଯେଉଁ ସ୍ଥାନରେ ଗଙ୍ଗା ଧୀରେ ଧୀରେ ପ୍ରବାହିତ Śanairgaṅgam ହେଉଅଛି; ଧୀରଗାଙ୍ଗ ଦେଶ (ଶବ୍ଦକୋଷ)—A place or country where the Ganges is flowing slowly.

ଶନୈର୍ମେହ—ସ. ବି (ଶନୈଃ+ମେହ)—ପ୍ରମେହ ରୋଗ ବିଶେଷ—Śanairmeha A kind of gonorrhoea. [ଦ୍ର—ଏହି (ଶନୈଃପ୍ରମେହ—ଅନ୍ୟରୂପ) ମେହ ରୋଗରେ ମୂତ୍ର ବେଗ ଭ୍ରାସ୍ତି ନ ହୋଇ ସ୍ୱଚ୍ଛ ପ୍ରାୟ ସକଳ ସମୟରେ ଧୀରେ ଧୀରେ ଅଳ୍ପ ଅଳ୍ପ ମୂତ୍ର ଅତି କଷ୍ଟରେ ନିର୍ଗତ ହେଉଥାଏ—ଶବ୍ଦକୋଷ ।]

ଶନୈର୍ମେହୀ—ସ ବି ଓ ବିଣ. ପୁଂ (ଶନୈର୍ମେହ+ଇନ୍; ୧ମା ୧ବ)—Śanairmehī ଶନୈର୍ମେହ ରୋଗଗ୍ରସ୍ତ ବ୍ୟକ୍ତି—A person suffering from the Śanairmeha variety of gonorrhoea.

ଶନୈଶ୍ଚର—ସ. ବି (ଶନୈଃ=ଧୀରେ ଧୀରେ+ଚର୍ ଧାତୁ=ଗତି Śanaiśchara କରିବା+କର୍ତ୍ତୃ. ଅ; ଶନିଗ୍ରହର ଗତି ଅନ୍ୟ ଗ୍ରହମାନଙ୍କ ଗତି ଅପେକ୍ଷା ଧୀରତର ଥିବାରୁ)-ଶନିଗ୍ରହ—The planet Saturn.

ଶନ୍ତ—ସ. ବିଣ. ପୁଂ (ଶଂ=ସୁଖ+ତ)—ସୁଖୀ (ଶବ୍ଦକୋଷ)—Śanta (ଶନ୍ତା—ସ୍ତ୍ରୀ) Happy.

ଶନ୍ତନୁ—ସ. ବିଣ (ଶଂ+ତନୁ)—ଶ୍ରେୟଃପୂର୍ଣ୍ଣ ଦେହ ବିଶିଷ୍ଟ Śantanu (ଶବ୍ଦକୋଷ)—Having a body full of weal. ସ. ବି—ଶାନ୍ତନୁ (ଦେଖ)—Śantanu. (See)

ଶନ୍ତି(ନ୍ତୁ) -ସ. ବିଣ (ଶଂ+ତି; ତୁ)—ମଙ୍ଗଳଯୁକ୍ତ; କଲ୍ୟାଣଯୁକ୍ତ Śanti(ntu) (ଶବ୍ଦକୋଷ)—Full of prosperity or weal.

ଶପ୍ (ଧାତୁ)—ସଂ—୧ । ଶପଥ କରାଇବା; ଶପଥ କରିବା—1. To Śap (root) take an oath. ୨ । ଅଭିଶାପ ଦେବା—2. To curse. ୩ । ଗାଳି ଦେବା—3. To abuse.

ଶପ—ଦେ. ବି (ସଂ. ଶପ୍ପ=ତୃଣ ବିଶେଷ; ତୁଳ. ଅ. ସଫ୍=ଶପ Śapa ମସିଣା, ଅସନ)—ତୃଣ ବିଶେଷଦ୍ୱାରା ବୁଣା ହୋଇଥିବା ମସିଣା—A mat woven with a sort of reed.
ଶପ ଠାଁ(ଟେ)ଇ, ଶପ ମସି(ଣି)ଣା, ଶପ ମସୁ(ଣୁ)ଣୀ } ଅନ୍ୟରୂପ ।
ସଂ. ବି (ଶପ୍ ଧାତୁ+ଭାବ.ଅ)—୧ । ଗାଳି ଦେବା; ଭର୍ତ୍ସନା (ଶବ୍ଦକୋଷ)—1. Rebuking. ୨ ଶପଥ (ଶବ୍ଦକୋଷ)—2. Oath.
शप, शपथ हिन्द
चटाई, सफ

ଶପଡ଼(ତି)—ଗ୍ରା. ବ (ସଂ. ଶପଥ)—ଶପଥ; ସ୍ୱଣ—
Śapata(ti) Oath
କିରେ ସপত, सौगंध

ଶପଥ(ନ)—ସଂ ବ (ଶପ୍ ଧାତୁ+ଭାବ. ଅଥ, ଅନ)—୧ । ଢ଼ଲପ;
Śapatha(na) ସ୍ୱଣ; ଧର୍ମତଃ ପ୍ରତିଜ୍ଞା; ଦୋହି—1. Oath; a solemn promise by uttering the name of a God, Deity or a person in connection with one's speech. [ଦ୍ର—ଶପଥ ଶବ୍ଦ ଅନ୍ତ ଦନ୍ତ୍ୟ ଥରେ । ଇଂ. 'ଓ' ଗୀତ ।] ୨ । ପ୍ରତିଜ୍ଞା; କବୁଲ—2. Promise. ୩ । ଗାଳି; ତିରସ୍କାର—3. Abuse. [ଦ୍ର—ଈଶ୍ୱରଙ୍କର ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ନାମୋଚ୍ଚାରଣପୂର୍ବକ କୌଣସି ବିଷୟ କହିବା ବା ପ୍ରତିଜ୍ଞା କରିବା ବା ଅନ୍ୟବ୍ୟକ୍ତିଙ୍କୁ କୌଣସି ଅନୁରୋଧ କରିବା ବା ଗାଳି ଦେବାକୁ ଶପଥ କୋଲଯାଏ; ଯେବେ ମୁଁ ମିଥ୍ୟା କଥା କହେଁ ତାହେଲେ ଈଶ୍ୱର ମୋତେ ଦଣ୍ଡ ଦେବେ; ଏହାକୁ ଶପଥ ବୋଲଯାଏ ।]

ଶପଥ କରିବା—ଦେ. କ୍ରି—ଧର୍ମ ପ୍ରମାଣେ କୌଣସି ବିଷୟ କହିବା—
Śapatha kariba To take an oath.
শপথ করা शपथ करना

ଶପଥ ପତ୍ର—ସଂ. ବ (କତରଥ)—ଧର୍ମତଃ ପ୍ରତିଜ୍ଞାପୂର୍ବକ ଲେଖାଯିବା
Śapatha patra କୌଣସି ଲେଖ; ଏଫିଡେଭିଟ୍—An affidavit; a sworn statement in writing; written statement on oath.

ଶପଥ ପୂର୍ବକ—ଦେ. କ୍ରି. ବିଣ—ଧର୍ମତଃ ପ୍ରତିଜ୍ଞା କରି (କୌଣସି ବିଷୟ
Śapatha pūrbaka କହିବା)—(to state something)
শপথপূর্বক शपथपूर्वक On oath.

ଶପମାନ—ସ. ବିଣ. ପୁ (ଶପ୍ ଧାତୁ+କର୍ତ୍ତୃ ଅନ)—୧ । ସ୍ୱଣ ଖାଉଥିବା—Taking oath; speaking on
Śapamāna
(ଶପମାନା—ସ୍ତ୍ରୀ) oath ୨ । ଗାଳି ଦେଉଥିବା—2. Abusing.

ଶଁପା—ଦେ. ବ—ଶମ୍ପା (ଦେଖ)
Śañpā Śampā (See)

ଶଁପା(ପେ)ଇବା—ଦେ. କ୍ରି—ଶମ୍ପାଇବା (ଦେଖ)
Śañpā(pe)ibā Śampāibā (See)

ଶାଁ(ଶ)ପିବା—ଦେ. କ୍ରି (ସ ଶପ ଧାତୁ)—ଶମ୍ପିବା (ଦେଖ)—
Śañ(sa)pibā Śampibā (See) [ଦ୍ର—ଶଁପନ୍ତି
সপা गालीदेना ବଡ଼ିକି ବସାଦେ, ନବଢ୍ଢେ ଉଭ ସ୍ୱାମୀ ତୁଦେ—ଜଗନ୍ନାଥ ଭାଗବତ ।]

ଶପୋଟ—ଦେ. ବ—ବନ୍ଧାବନ୍ଧ କରି କବାଡ଼ କରିବା—Tightening.
Śapota [ଦ୍ର—ଅଶପ୍ପା ଅଶପୋଷ ହୋଇଛି ଶପୋଟ,
কষা कसना ଅଶର୍ଷା ଅଶଲ୍ପା ହୋଇଛି ସ୍ରୈପଟ—ପ୍ରାଚୀ. ବୁଦ୍ଧକବୁଲପଗୀତା ।]

ଶପ୍ତ—ସ. ବିଣ (ଶପ୍ ଧାତୁ+କର୍ମ ତ)—ଶାପଗ୍ରସ୍ତ; ଅଭିଶପ୍ତ—
Śapta Cursed. ବ (+ଭାବ ତ)—୧ । ଧର୍ମତଃ ଅଙ୍ଗୀକାର—1. Solemn promise; a promise made on oath. ୨ । ଉଲୁପ; ଉଲୁଖଡ଼—
উলুখড় उलप ବଟେଷ; [ଦ୍ର—ଏହା ମେଦନୀପୁର ଅଞ୍ଚଳରେ ଜନ୍ମେ । ଏଥିରୁ ଶପ ମସିଣା ବୁଣାଯାଏ । ମେଦନୀପୁରରେ ଓ ବଙ୍ଗଦେଶରେ ଏହାକୁ 'ଉଲୁଖଡ଼' ବୋଲଯାଏ]—2. A kind of grass, the stalks of which are woven into fine mats; Saccharum Cylindricum; Imperata Arundinacea.

ଶପ୍ତା—ସ. ବ ଓ ବିଣ ପୁ [ଶପ୍ ଧାତୁ+କର୍ତ୍ତୃ ତୃ; ୧ମା ୧ବ]—ଶାପ
Saptā ଦେବା ବ୍ୟକ୍ତି [ବିଶ୍ୱକୋଷ]—A pronouncer
[ଶପ୍ତ୍ରୀ—ସ୍ତ୍ରୀ] of curse.

ଶପ୍ୟ—ସ. ବିଣ ପୁ (ଶପ ଧାତୁ+କର୍ମ ଯ)—ଯାହାକୁ ଶାପ ଦେବା
Sapya କର୍ତ୍ତବ୍ୟ (ବିଶ୍ୱକୋଷ)—Deserving to be cursed.

ଶଫ୍‌ତାଲୁ—ବୈଦେ ବ—(ଫା)—ବିଦେଶାଗତ ଏକପ୍ରକାର ଖାଦ୍ୟ ଫଳ
Saph-tālu ବୃକ୍ଷ ଶୀତୁ—Peach; Prunus
সফতালু शफतालु, सतालु Persica, [ଦ୍ର—ଏହା ନାଇପାର୍ବତ୍ୟ ଭୂମି ଓ ଭାରତର ଶୀତପ୍ରଧାନ ଅଞ୍ଚଳରେ ଜନ୍ମେ । ପତ୍ର ଲମ୍ବା, ମୁନିଆ; ପତ୍ର ଝଡ଼ିବା ପରେ ଓ ନୂଆ ପତ୍ର ବାହାରିବା ପୂର୍ବରୁ ଏଥିରେ ନାଲି ଫୁଲ ଧରେ । ଫଳ ଉମ୍ଭିଦ ଫଳ ପରି ଗୋଲ ଓ ପାଚିଲେ ଶାଗୁଆ ଓ ନାଲି ମିଶା ବର୍ଣ୍ଣ; ଏ ଫଳ ଉପରେ ଖୁବ୍ ସରୁ ଧଳା ଲୋମ ଥାଏ । ଏ ଫଳ ଖାଇବାକୁ ମିଠା ଲାଗେ । ଏହା ବାଦାମ ମଞ୍ଜି ପରି । ଏଥିର ୮।୧୦ ଜାତି ଓ ଦୁଇ ଓ ଉଦ୍ଭିଦ ଏକପ୍ରକାର ସୁଗନ୍ଧ ବାହାରେ । ଲୋକେ ଏହାକୁ ବଗିଚାରେ ଲଗାଇ ଫଳ ଉତ୍ପାଦନ କରି ବିକନ୍ତି ଓ ଖାଆନ୍ତି ।]

ଶଫ—ଦେ ବ (ସଂ ଶପ୍ତ)—ଶପ (ଦେଖ)
Sapha Sapa (See).
ସଂ. ବ (ଶମ୍ ଧାତୁ ଣିଚ୍=ଶମି ଧାତୁ=ଶାନ୍ତ ଦେବା+କର୍ତ୍ତୃ. ଅ; ନିପାତନ)—୧ । ପଶୁର ଖୁରା—1. The hoof of a beast. ୨ । ବୃକ୍ଷର ଚେର—2. The root of a tree. ୩ । ନଖୀ ନାମକ ଗନ୍ଧଦ୍ରବ୍ୟ—3. (a scent) Shell.

ଶଫକ—ସଂ. ବ (ଶଫ+ସ୍ୱାର୍ଥେ କ)—ଗୋଖୁର; ଗୋରୁର ଖୁରା
Saphaka (ବିଶ୍ୱକୋଷ)—The hoof of cattle.

ଶଫର—ସଂ. ବ (ଶଫ=ଶ୍ୱ+ର ଧାତୁ=ଦାନ କରିବା+କର୍ତ୍ତୃ.
Saphara ଅ)—ଶଫରୀ; ପୋଠି ମତ୍ସ୍ୟ; ଦେଶୀଣ୍ଡ ମାଛ—
(ଶଫରୀ—ସ୍ତ୍ରୀ) A tiny species of carp; Cyprina
পুঁটী Chrysophanus; Cyprinus Sophoria; Bar-
पोठि; पोठिया bus Chola; a species of shiner fish. (ଦେଶୀଣ୍ଡି ଦେଖ)

ଶଫରାଧିପ—ସ. ବ.—(୬ଷ୍ଠୀତତ୍; ଶଫର+ଅଧିପ)—ଇଲିଶିମାଛ—
Sapharādhipa The Hilsa fish.
(ଅନ୍ୟ ସ. ନାମ—ଇଲୀଶ, ବାରକର୍ପୂର; ଗାଙ୍ଗେୟ, ଜମତାଳ)

ଶଫରୀ—ସଂ. ବି. ସ୍ତ୍ରୀ—(ଶଫର+ଈ)—୧ । କେରାଣ୍ଡି ମାଛ—1. Barbus Chola. Saphari ୨ । ଲୁଣଘେରା; ଅମ୍ଳଲ ଶାକ; ଅମ୍ଳିଳତ ଶାଗ (ଭଇଁଚୋଷ)—Woodsorrel (a pot herb')

ଶଫରୀ ଫର୍ଫରାୟତେ—ସ. ବାକ୍ୟ-(ଗୋଟିଏ ସଂସ୍କୃତ ଶ୍ଳୋକର ଶେଷାଂଶ । Saphari pharpharāyate ଶ୍ଳୋକଟି ଏହି—"ଅଗାଧ ଜଳସଂଚାରୀ ନ ଗର୍ବଂ ଯାତି ରୋହିତଃ, ଅଙ୍ଗୁଷ୍ଠ ଜଳମାତ୍ରେଣ ଶଫରୀ ଫର୍ଫରାୟତେ" । ଏହାର ଅର୍ଥ ଏହି ଯେ—ଗଭୀର ଜଳରେ ବିଚରଣ କରୁଥିବା ରୋହି ମାଛ ଗର୍ବ କରେ ନାହିଁ ଅର୍ଥାତ୍ ପାଣି ଉପରେ ସର୍ବଦା ବାଡ଼େଇ ହୁଏ ନାହିଁ; କିନ୍ତୁ ଅଳ୍ପ ମାତ୍ର ଜଳରେ ବିଚରଣକାରୀ କେରାଣ୍ଡି ମାଛ ପାଣି ଉପରେ ଫର ଫର ହେଉଥାଏ) । (ଲକ୍ଷଣାର୍ଥ)—ବିଦ୍ୱାନ୍ ବା ମହତ୍ ବ୍ୟକ୍ତି ଗର୍ବ ପ୍ରକାଶ କରେ ନାହିଁ; କିନ୍ତୁ ନୀଚ ଓ ସ୍ୱଳ୍ପ-ହୃଦୟ ବ୍ୟକ୍ତି ଅପଣାର ବଡ଼ିମା ଦେଖାଇ ହୁଏ —The last foot of a Sanskrit sloka used as a proverb meaning:—"Mean people are arrogant and boastful, while great men are always grave."

ଶଫରୁକ—ସଂ ବି.—ସିନ୍ଦୁକ; ବାକ୍ସ (ହି.ଶ) Sapharuka Chest; box

ଶଫୋରୁ—ସଂ ବିଣ.—ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ଶଫ+ଉରୁ)—ଯାହାର Saphoru ଜଙ୍ଘ ଗାଈଖୁରାପରି ଦୁଇଫାଳିଆ—Having the thighs divided like cow's hoof.

ଶବ୍ (ଧାତୁ)—ସଂ—୧ । ବିକାର ପ୍ରାପ୍ତ ହେବା; ବଦଳିତ ହେବା—Sab (root) 1. To become changed. ୨ । ଗମନ କରିବା—2. To go.

ଶବ—ସଂ ବି—(ଶବ୍ ଧାତୁ+କର୍ତ୍ତୃ ଅ)—୧ । ମୃତ ଶରୀର; ମଡ଼ା; Saba ମୁର୍ଦ୍ଦାର—1. Corpse; dead body; carcass. [ଉ—ବନରେ ସେହି କାଳରେ ବସିଲେ ନାହିଁ କୋଳରେ ଶବକୁ ସର୍ବେ ସେ କଥା କହି । ଉପେ. ବୈଦେହୀଶବିଳାସ ।] [ଦ୍ର—କେବଳମନୁଷ୍ୟର ମୃତଶରୀର ସମ୍ବନ୍ଧେ ଶବ ଶବ୍ଦ ବ୍ୟବହୃତ ହୁଏ—(ହି. ଶ)] ୨ । ଜଳ—2. Water.

ଦେ' ବି.— ଭବିଷ୍ୟତରେ ଗଙ୍ଗା ଆଦି ତୀର୍ଥରେ ନିକ୍ଷିପ୍ତ ହେବା ପାଇଁ କିମ୍ବା ସମାଧିରେ ପୋତା ଯିବା ପାଇଁ ସଞ୍ଚିତ ଶବଦାହ ଭସ୍ମ ମଧ୍ୟରୁ ସଂଗୃହୀତ ଅସ୍ଥିଖଣ୍ଡ—A piece of bone gathered from the ashes of cremation and kept to be consigned to a sacred river, such as the Ganges or to a grave.
शव अस्थि

ଶବକାମ୍ୟ—ସ. ବି (ଶବ ଅଟେ କାମ୍ୟ ବା ବାଞ୍ଛନୀୟ ଯାହାର; ଯେ ଶବ Sabakāmya ମାଂସ ଖାଇବାକୁ ଇଚ୍ଛା କରେ)—କୁକୁର— The dog.

ଶବକୃତ୍—ସ. ବି—କୃଷ୍ଣଙ୍କ ନାମ (ହି. ଶ) Sabakrut A name of Krushna.

ଶବ ଗୃହ —ଦେ. ବି (ଅଧୁନାତନ)—ମୃତ୍ୟୁର କାରଣ ନିର୍ଣ୍ଣୟାର୍ଥେ ଶବ-Saba gruha ପରୀକ୍ଷା କରିବାପାଇଁ ଯେଉଁ ଘରେ ଶବ शवगृह मुर्दाखाना, शवगृह ରଖାଯାଏ—Dead-house; morgue; a house where a corpse is deposited for examination.

ଶବଦ —ଗ୍ରା ଓ ପ୍ରାଦେ.ବି (ସଂ.ଶବ୍ଦ)—ଶବ୍ଦ (ଦେଖ)—Sabda (See) Sabada [ଉ—ଶବଦ ନ ଥାଇ ଶୁଦ୍ଧ କରାଇ—ଭବସିନ୍ଧୁ शवद शबद ସଙ୍ଗୀତ ।]

ଶବଦ ବ୍ରହ୍ମ—ଗ୍ରା. ବି (ସଂ ଶବ୍ଦବ୍ରହ୍ମ)—ଶବ୍ଦବ୍ରହ୍ମ; ନାଦବ୍ରହ୍ମ—Sabada brahma The Supreme Soul as exist-शब्दब्रह्म शबदब्रह्म ing in sound. (ଉ—ଶବଦବ୍ରହ୍ମ ତୋର ନାମ, ସେ ନିତ୍ୟ ସତ୍ୟ କରୁଣାମ—ଭୂପତି ପ୍ରେମପଞ୍ଚାମୃତ ।)

ଶବ ଦହନ —ସଂ ବି—ମୁର୍ଦ୍ଦାରପୋଡ଼ା;ମୃତବ୍ୟକ୍ତିର ଶବକୁ ପୋଡ଼ିବାରୂପ Saba dahana ସଂସ୍କାର —Cremation; burning (ଶବଦାହ—ଅନ୍ୟରୂପ) of a corpse to ashes. (ଦ୍ର—ହିନ୍ଦୁମାନଙ୍କ ମଧ୍ୟରେ ଶବକୁ ପୋଡ଼ିବାର ଏବଂ ଖ୍ରୀଷ୍ଟିଆନ ଓ ମୁସଲମାନମାନଙ୍କ ମଧ୍ୟରେ ଶବକୁ ପୋତିବାର ପ୍ରଥା ଅଛି ।]

ଶବଦହନାଶୌଚ—ସଂ ବି—ଶବଦାହକାର୍ଯ୍ୟରେ ଲିପ୍ତ ବ୍ୟକ୍ତିମାନଙ୍କର Sabadahanāsaucha ଦୈହିକ ଅଶୁଦ୍ଧି—Impurity of a person's body owing to his having taken part in the cremation of a corpse. [ଦ୍ର—ହିନ୍ଦୁସ୍ମୃତି ମତରେ ଗୋତ୍ରୀୟ ବ୍ୟକ୍ତି ଦଶଦିନ,ଜ୍ଞାତି ସ୍ପିଣ୍ଡ ଦାହକାର୍ଯ୍ୟ କରିଥିବା ବ୍ୟକ୍ତି ତିନିଦିନ ଓ ଭିନ୍ନ ଗୋତ୍ରୀୟ ବ୍ୟକ୍ତିର ଶବଦହନକାରୀ ବ୍ୟକ୍ତି ଏକ ଦିନ ମାତ୍ର ଅଶୌଚ ପାଳନ କରିବେ ।]

ଶବଦାହକ—ସଂ. ବି ଓ ବିଣ.ପୁଂ (ଶବ+ଦହ୍ ଧାତୁ+କର୍ତ୍ତୃ ଅକ)—ଯେ Sabadāhaka ମୁର୍ଦ୍ଦାର ପୋଡ଼େ—One who (ଶବଦାହୀ—ଅନ୍ୟରୂପ) cremates the dead body. [ଶବଦାହିକା, ଶବଦାହିନୀ—ସ୍ତ୍ରୀ]

ଶବଦାହ ସ୍ଥାନ—ସ ବି—ଶ୍ମଶାନ; ମଶାଣି—Sabadāha sthāna Cremation ground.

ଶବ ଦେହ—ସଂ. ବି - ମୃତଦେହ; ମୁର୍ଦ୍ଦାର—Saba deha Dead body.

ଶବ ପରୀକ୍ଷା—ସଂ ବି (ଅଧୁନାତନ)—ମୃତ୍ୟୁର କାରଣ ଓ ଲକ୍ଷଣ ନିର୍ଣ୍ଣୟାର୍ଥେ Saba parikshā ମୃତଦେହର ବୈଜ୍ଞାନିକ ପରୀକ୍ଷା—Post mortem examination.

ଶବ ପ୍ରୋଥନ—ସଂ. ବି (୬ଷ୍ଠୀ ତତ୍)—ମୃତବ୍ୟକ୍ତିର ଶବକୁ ଭୂମିରେ Saba prothana ପୋତିବା; କବରଦେବା—Burial of a dead body.

ଶବବାହକ—ବି. ବ ଓ ବିଣ. ପୁଂ (ଶବ+ବହ ଧାତୁ+କର୍ତ୍ତୃ. ଅକ)—
Śaba bāhaka ମଡ଼ାବାହକ; ଯେଉଁ ବ୍ୟକ୍ତି ଶବକୁ ସଂସ୍କାରପାଇଁ
ଶବବାହୀ } ଅନ୍ୟରୂପ ଶ୍ମଶାନକୁ ନିଅନ୍ତି—Corpse-
ଶବୋଢ଼କ } carrier; under-taker.
(ଶବବାହିକା, ଶବବାହିନୀ, ଶବୋଢ଼ିକା—ସ୍ତ୍ରୀ)

ଶବ ବ୍ୟବଚ୍ଛେଦ—ସଂ. ବି (ଅଧୁନିକ)—ଶବର ବିକ୍ଷିତଣିଯାର୍ଥେ କଟା
Śaba byabachcheda ମୃତ୍ୟୁର କାରଣନିର୍ଣ୍ଣୟାର୍ଥେ ମୃତ
ଦେହକୁ ଅସ୍ତ୍ରଦ୍ୱାରା କାଟିବା—Dissection of a
dead body for examination.

ଶବଭବନ—ଦେ ବି. (ସଂ ଶବ ଓ ଭବନ)—୧ । (ମୁସଲମାନ ଓ
Śaba bhabana ଖ୍ରୀଷ୍ଟିୟାନମାନଙ୍କର) ଶବରକ୍ଷା ଗୃହ;
ଯେଉଁ ଘରେ ମୃତ୍ୟୁମାନଙ୍କୁ ସାଇତାହୋଇ ରଖାଯାଏ—
The house in which dead bodies are
preserved; sepulchre. ୨ । କବରଖାନା—2.
Graveyard. (ଉ—ଯବନଜାତି ଶବଭବନ
ଦେବା ସ୍ଥାବଙ୍କୁ କରି ନମସ୍କାରକୁ ସେ—ଜଗନ୍ନାଥ
ସଙ୍ଗୀତ ।) [ଦ୍ର—ଅଗ୍ରାର ମିଶରଦେଶ ଥିବା
ପିରାମିଡ଼୍‌ମାନ ଶବଭବନ ଅଟେ ।]

ଶବ ଭସ୍ମ—ସଂ. ବି—ଚିତାଭସ୍ମ—The ashes of cremtion of
Śaba bhasma a dead body.

ଶବ ମନ୍ଦିର—ସଂ. ବି—ଶ୍ମଶାନ (ହି. ଶ; ବିଶ୍ୱକୋଷ)
Śaba mandira Cremation ground.

ଶବ ଯାନ(ରଥ)—ସଂ. ବି—୧ । ମୃତଦେହବହନୋପଯୋଗୀ ଯାନ;
Śaba jāna (ratha) ମୁର୍ଦ୍ଦାବହୁବା ରଥ ବିମ୍ବା
ଅନ୍ୟ ସଂ ନାମ—ଡାଣ୍ଡମଞ୍ଚ, ଖଟ୍ଟା, ଝୋଳେଇ ବା ଡ଼ଫିନ୍.
ଖଟ, ଖାଟ, ଖାଟଳା) 1 A conveyance for
मड़ारखाट carrying the dead
टिकठि, अरथि body to the crema-
tion ground or burial place; hearse.
୨ । ମୁର୍ଦ୍ଦାର ବୁହା ଖଟିଆ—2. A bedstead for
carrying the dead body.

ଶବର—ସଂ ବି ପୁଂ (ଶବ=ମୃତଦେହ+ର ଧାତୁ=ଗ୍ରହଣକରିବା+
Śabara କର୍ତ୍ତୃ. ଅ)—୧ । ବ୍ୟାଧ; ବ୍ୟାଧ—1 A hunter.
(ଶବରୀ—ସ୍ତ୍ରୀ) (ଉ—ଶବରଶବରେ ବସୁଦେବାବାଳେ
ବନ୍ଧରେ ଯୋଗୀନାଥ—ଜଗନ୍ନାଥ ସଙ୍ଗୀତ ।) [ଦ୍ର—
ଶବରମାନେ ପାହାଡ଼ୀ ଜଙ୍ଗଲି ଜାତି, ଅମରସିଂହଙ୍କର
ଲେଖିଅଛନ୍ତି ଯେ ମୟୂରପୁଚ୍ଛ ପରିଧାନକାରୀ ମ୍ଲେଚ୍ଛଜାତି
ଭରତ ଓ ପତ୍ରପରିଧାନକାରୀ ଜାତି ଶବର—(ବିଶ୍ୱକୋଷ)
ଏମାନେ ପ୍ରାଚୀନକାଳରୁ ଭାରତରେ ବାସ କରୁଅଛନ୍ତି ।
ଅଧୁନା ମଧ୍ୟପ୍ରଦେଶ, ଓଡ଼ିଶା, ଗଞ୍ଜାମ ଓ ଛୋଟନାଗ-
ପୁରରେ ଏ ଜାତି ଅଛନ୍ତି ଓ ଏମାନଙ୍କୁ ସଅର (ବଂ.ସବର, ହି.
ସୌର)ବୋଲିପାଏ, ଏମାନେ ଜଙ୍ଗଲରୁ କାଠକାଟି,ଜଙ୍ଗଲଜ
ଓ ବନ୍ୟଦ୍ରବ୍ୟମାନ ଆଣି ସହରରେ ବିକି କରି ଜୀବିକାନିର୍ବାହ
କରନ୍ତି । ବହୁପ୍ରାଚୀନ କାଳରୁ ଏମାନେ ଭାରତରେ ବାସ
କରୁଥିବାର ପ୍ରମାଣ ମିଳେ । ଐତରେୟ ବ୍ରାହ୍ମଣରେ
ଏମାନଙ୍କୁ ବିଶ୍ୱାମିତ୍ରଙ୍କର ଏକ ଅଭିଶପ୍ତ ସନ୍ତାନଙ୍କ ବଂଶଧର
ବୋଲି ଯାଉଅଛି । ଶାଙ୍ଖାୟନଶ୍ରୌତସୂତ୍ର, ମହାଭାରତ ଓ
ଭାଗବତରେ ଏମାନଙ୍କ ଉଲ୍ଲେଖ ଅଛି । ପାଶ୍ଚାତ୍ୟ ପ୍ରାଚୀନ
ଐତିହାସିକ ପ୍ଲିନି Sabarae ସବରଗଣ ଓ ଟଲେମି
Suari (ସୁଅରିଗଣ) ବୋଲି ଏମାନଙ୍କର ଉଲ୍ଲେଖ କରି
ଅଛନ୍ତି । ଏହି ଶବରମାନେ ଜଗନ୍ନାଥଙ୍କ ପୂଜା
କରୁଥିଲେ । ଏକ ଶବର ଜଗନ୍ନାଥଙ୍କ ପୂଜକ ଥିଲା
(ବିଶ୍ୱକୋଷ) ।
୨ । ଶିକାର ଦ୍ୱାରା ଜୀବିକା ନିର୍ବାହକାରୀ ପାହାଡ଼ୀ ଜାତି
ବିଶେଷ; ଶବରୁ—2 A caste of mountaineer
tribes living mainly on hunting.
୩ । ଶବର ଚନ୍ଦନ (ଦେଖ)—3. Śabara chandana
(See) ୪ । ଶିବ; ମହାଦେବ (ବିଶ୍ୱକୋଷ)—4. Śiba.
୫ । ଶାସ୍ତ୍ର ବିଶେଷ (ବିଶ୍ୱକୋଷ)—5. Name of a
science. ୬ । ଜଳ—6. Water. ୭ । ହସ୍ତ
(ବିଶ୍ୱକୋଷ)—7. The hand. ୮ । ଶବର ସ୍ୱାମୀ;
ମୀମାଂସା ସୂତ୍ରର ପ୍ରସିଦ୍ଧ ଭାଷ୍ୟ ରଚୟିତା ପଣ୍ଡିତଙ୍କ ନାମ—
8. Name of an author of a key to the
Mimāṁsā philosophy. ୯ । ବିଶାଖାପାଟଣା
ମାଳ ଅଞ୍ଚଳର ଅଧିବାସୀ ଅନାର୍ଯ୍ୟ ଜାତିବିଶେଷ—
9. A class of aborigines in the agencies
of Vizāgāpāṭaṇā. ୧୦ । ପ୍ରାକୃତ ଭାଷାବିଶେଷ;
ଶାବରୀ ଭାଷା—10. A kind of vernacular
language. ୧୧ । ଲୋଧ୍ର ବୃକ୍ଷ—11. Simplocus
Racemosus (tree). ସଂ. ବିଣ—ଚିତ୍ରିତବର୍ଣ୍ଣ
(ହି. ଶ)—Mottled.

ଶବରଉ(ବ)ଣୀ—ଦେ. ବି. ସ୍ତ୍ରୀ (ସଂ. ଶବରୀ)—ଶବରଜାତୀୟ ସ୍ତ୍ରୀ—
Śabarau(ba)ṇi A woman of the Śabara
शबरी सौंतेन class.

ଶବରକ—ସଂ. ବି. ପୁଂ—ଜଙ୍ଗଲବାସୀ ଅସଭ୍ୟ ଜାତି ବିଶେଷ (ହି.ଶ)—
Śabaraka A wild uncivilised tribe.
(ଶବରିକା—ସ୍ତ୍ରୀ)

ଶବର ଚନ୍ଦନ—ସଂ. ବି—ଏକପ୍ରକାର ଚନ୍ଦନ ଗଛ—A species
Śabara chandana of sandal tree. [ଦ୍ର—ଏହା
ଅନ୍ୟ ସଂ. ନାମ—ଶମ୍ବର ଶୀତୋଷ୍ଣବୀର୍ଯ୍ୟ, ରକ୍ତବର୍ଣ୍ଣ ଓ ତିକ୍ତ ରସ
ଚନ୍ଦନ,ଗନ୍ଧକାଷ୍ଠ, କୈବର୍ତ୍ତକ, ନାଶକ; ବିସ୍ଫୋଟକ, ପାମା, କଣ୍ଡୁ,
କୈବର୍ତ୍ତ,ବର୍ଣ୍ଣ(ଖ),ବର୍ଣ୍ଣଗନ୍ଧ, ଶ୍ରମ, ବାୟୁ ରକ୍ତଦୁଷ୍ଟିହର କୁଷ୍ଠ, କୃଚ୍ଛ୍ର-
ତୈଳଗନ୍ଧ, ଜ୍ୱର, ଶ୍ରମ ।] ବିଷ, ପିପାସା ଓ ମୋହ ନାଶକ
शवर चन्दन शबर चन्दन ଅଟେ । ଏହାର ବର୍ଣ୍ଣ ନୀଳପିଙ୍ଗ ଧଳା]

ଶବର(ା, ରୁ)ଣୀ—ଦେ. ବି. ସ୍ତ୍ରୀ (ସଂ. ଶବରୀ—ଶବରଉଣୀ (ଦେଖ)
Śabara(rā, ru)ṇi Śabarauṇi (See) (ଉ—ପୂର୍ବେ
शबरी सौंतेन ପୁରାଣେ ଅଛୁ ଶୁଣି । ବନସ୍ତେ ଏକ ଶବରୁଣୀ—
ରୂପଗିରି. ପ୍ରେମପଞ୍ଚାମୃତ ।)

ଶବର ପଲ୍ଲୀ—ସଂ. ବି—ଶବରମାନଙ୍କ ଗ୍ରାମ—
Śabara palli A hamlet of Śabaras or hill-tribes.

ଶବର ଭାଷ୍ୟ—ସଂ. ବି—ଶବର ସ୍ୱାମୀକୃତ ବେଦାନ୍ତର ବା ମୀମାଂସା ସୂତ୍ରର
Śabara bhāshya ପ୍ରସିଦ୍ଧ ଭାଷ୍ୟ—A commentary on the Bedānta by Śabaraswāmi.

ଶବର ସ୍ୱାମୀ—ସଂ. ବି. ନାମ—୧ । ଶବର ୮ (ଦେଖ)—1. Śabara
Śabara swāmi 8. (See) [ଦ୍ର—ଏ ଶବରଭାଷ୍ୟ ଓ ଶବର କୌସ୍ତୁଭ ନାମକ ଦୁଇ ଗ୍ରନ୍ଥର ପ୍ରଣେତା ।] ୨ । ହର୍ଷବର୍ଦ୍ଧନକୃତ ଲିଙ୍ଗାନୁଶାସନର ପ୍ରସିଦ୍ଧ ଟୀକାକାର ଓ ଭଟ୍ଟସ୍ୱାମୀଙ୍କ ପୁତ୍ର—2. Name of a commentator on Harshabarddhana's treatise on grammatical genders.

ଶବରୀ—ସଂ. ବି. ସ୍ତ୍ରୀ (ଶବର+ସ୍ତ୍ରୀ. ଈ)—୧ । ଶବର ପତ୍ନୀ—
Śabari 1. A Śabara woman. ୨ । ତ୍ରିକାଳଦର୍ଶିନୀ ତାପସୀ ବିଶେଷ—2. Name of a seeress. [ଦ୍ର—ଏ ଶବର ଜାତିର ଶ୍ରମଣାନାମ୍ନୀ ତପସ୍ୱିନୀ ଥିଲେ । ରାବଣହୃତା ସୀତାଙ୍କ ଅନ୍ୱେଷଣକାରୀ ରାମଚନ୍ଦ୍ର ଏହାଙ୍କ ଆଶ୍ରମରେ ପହଞ୍ଚିବାରୁ ଏ ରାମଚନ୍ଦ୍ରଙ୍କୁ ଅଭ୍ୟର୍ଥନା କଲେ ଓ ତାଙ୍କ ଅନୁମତିରେ ତାଙ୍କ ସମ୍ମୁଖରେ ଚିତାଗ୍ନିରେ ପ୍ରବେଶ କରି ସ୍ୱର୍ଗଲାଭ କଲେ—ହି. ଶ ।] ଦେ. ବି—ଓଡ଼ିଶାର କୋରାପୁଟ ଜିଲ୍ଲାର ଜୟପୁର ରାଜ୍ୟରେ ପ୍ରବାହିତ ନଦୀ ବିଶେଷ—Name of a tributary of the Godavari river flowing in the Joypore Estate in the Koraput district of Orissa. [ଦ୍ର—ଏହା ପୂର୍ବଘାଟ ପର୍ବତରୁ ବାହାରି ପାର୍ବତ୍ୟ ବନରେ ପ୍ରପାତାକାରରେ ପଡ଼ି କୋରାପୁଟ ଓ ଜୟପୁର ନଗରର ଖଣ୍ଡଦୂରରେ ଜୟପୁର ରାଜ୍ୟବାଟେ ଯାଇ ଶିଲେରୁ ନାମକ ନଦୀ ସଙ୍ଗେ ମିଳିତ ହୋଇ ଭଡ୍ଡିଗୁଡେମ (Vaddigudem) ନଗରଠାରେ ଗୋଦାବରୀ ନଦୀରେ ଉତ୍ତରଆଡ଼ୁ ମିଶିଅଛି ।]

ଶବଳ—ସଂ. ବିଣ (ଶବ୍ ଧାତୁ+କର୍ତ୍ତୃ. ଅଳ)—କର୍ବୁର ବର୍ଣ୍ଣ; ନାନାବର୍ଣ୍ଣଯୁକ୍ତ; ଚିତ୍ରବିଚିତ୍ର—Variegated. ବି—୧ ।
Śabala (ଶବଳା[ଳୀ]—ସ୍ତ୍ରୀ) ନାନାବର୍ଣ୍ଣର ସମାବେଶ—1. Variegated colour. ୨ । ନାଗବିଶେଷ (ହି.ଶ)-
[ଶବଳତା(ତ୍ୱ)—ବି] 2. Name of mythological Nāga. ୩ । ଗନ୍ଧତୃଣ (ହି. ଶ)—3. A kind of scented grass. ୪ । ଚିତ୍ରକ; ଚିତାଗୁଲ୍ମ (ହି. ଶ)—4. Plumbago Zeylanica. ୫ । ଜଳ; ପାଣି (ହି. ଶ)—5. Water.

ଶବଳ ଚେତନ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ପୀଡ଼ା ବା କଷ୍ଟ
Śabala chetana ଆଦି କାରଣରୁ ବିଶେଷ ଅସ୍ଥିରମତି
(ଶବଳଚେତନା—ସ୍ତ୍ରୀ) (ହି. ଶ)—1. Restless in mind owing to sickness or trouble. ୨ । ଶୋକ ବା ବ୍ୟଥିତ ହେବା ଯୋଗୁ ଅନ୍ୟମନସ୍କ—2. Inattentive owing to grief or trouble.

ଶବଳା(ଳୀ)—ସଂ. ବି (ଶବଳ+ଆ, ଈ)—୧ । ନାନାବର୍ଣ୍ଣଯୁକ୍ତା-
Śabalā(lī) ଗାଭୀ—1. A cow of variegated colour. ୨ । ବଶିଷ୍ଠଙ୍କ କାମଧେନୁ—2. Name of Baśishṭha's cow; name of a fabulous cow belonging to Baśishṭha. [ଦ୍ର—ଏହି କାମଧେନୁକୁ ନେବାପାଇଁ ଗାଧିରାଜ ପୁତ୍ର ମହାରାଜ ବିଶ୍ୱାମିତ୍ର ବଶିଷ୍ଠଙ୍କୁ ମାଗିଲେ । କିନ୍ତୁ ବଶିଷ୍ଠ ଦେବାକୁ ଅସମ୍ମତ ହେବାରୁ ବିଶ୍ୱାମିତ୍ର ତାହାଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲେ । ଶବଳା ଅସଂଖ୍ୟ ସୈନ୍ୟ ପ୍ରସବକରିବାରୁ ବିଶ୍ୱାମିତ୍ର ଶେଷରେ ପରାସ୍ତ ହୋଇ ଫେରିଗଲେ ।] (ବିଶେଷ୍ୟ ତଳେ ନୋଟ ଦେଖ) ସଂ. ବିଣ.—ବିବିଧବର୍ଣ୍ଣ ବିଚିତ୍ରିତା (ସ୍ତ୍ରୀ)—Variegated (feminine). [ଉ—ବଳାହକ କେଶୀ କେଶ ଶବଳା—ଉତ୍କ. ବୈଦେହୀଶବିଳାସ ।]

ଶବଳିତ—ସଂ. ବିଣ. (ଶବଳ+ଇତ)—୧ । ମିଶ୍ରିତ (ହି. ଶ)—
Śabalita 1. Mixed together. ୨ । କର୍ବୁର ବର୍ଣ୍ଣ ବର୍ଣ୍ଣିଷ୍ଠ (ବିଶ୍ୱକୋଷ)—2. Variegated.

ଶବ ଶୟନ—ସଂ. ବି. (ବହୁବ୍ରୀହି)—୧ । ଶ୍ମଶାନ—1. Cremation
Śaba śayana ground. ୨ । କବରସ୍ଥାନ—2. Burial ground; cemetary.

ଶବ ସାଧନ—ସଂ. ବି.—ଅପଘାତ ମୃତ୍ୟୁ ଦ୍ୱାରା ମୃତ ହୋଇଥିବା ବ୍ୟକ୍ତିର
Śaba sādhana ମଡ଼ା ଉପରେ ଉପବିଷ୍ଟ ହୋଇ ତାନ୍ତ୍ରିକ ପ୍ରକ୍ରିୟା ଦ୍ୱାରା ମନ୍ତ୍ର ଜପିବା—Repeating of certain mystic formulas while seated on the dead body of a man who met with an accidental death.

ଶବ ସଂସ୍କାର(ସତ୍କାର)—ସଂ.ବି.—ମୃତ୍ତକାରକୁ ପୋଡ଼ିବାରୂପ କର୍ମ—The
Śaba samskara(satkāra) ceremony of cremation of a dead body.

ଶବାଚ୍ଛାଦନ(ନୀ)—ସଂ.ବି—ମୃତ ଦେହ ଉପରେ ଘୋଡ଼ାଯିବା ଆସ୍ତରଣ
Śabāchchhādana(ni) —A covering for a corpse.

ଶବାଧାର—ସଂ. ବି.—ଶବନିକ୍ଷେପ ପାତ୍ର; କଫିନ୍; ଯେଉଁ ବାକ୍ସରେ
Śabādhāra ଶବକୁ ରଖି କବର ଦେବାକୁ ହୁଏ—A coffin.

ଶବାନୁଯାତ୍ରିକ—ସଂ.ବି.ପୁଂ. (ଷଷ୍ଠୀ ତତ୍)—୧ । ଶବବାହକ ବ୍ୟକ୍ତି—
Śabānujātrika 1. Carriers of a corpse. ୨ । ଯେଉଁ
(ଶବାନୁଯାତ୍ରୀ—ଅନ୍ୟରୂପ) ବ୍ୟକ୍ତିମାନେ ଶବସଙ୍ଗେ ଶ୍ମଶାନକୁ ଯାଆନ୍ତି—2. Followers of a dead bady to the cremation ground or burial.

ଶବାନ୍ନ—ସଂ. ବି.—୧ । ନଷ୍ଟଅନ୍ନ (ହି. ଶ)—1. Spoiled food.
Śabānna ୨ । ଖାଦ୍ୟରୂପେ ବ୍ୟବହୃତ ଶବମାଂସ (ହି. ଶ)—2. Meat of a human corpse.

ଶବାରୁଢ଼—ସଂ. ବଣ ପୁଂ—(ଶବ+ଆରୂଢ଼; ୭ମୀତତ୍)—ଶବ ଉପରେ
Śabārūrdha ବସିଥିବା—Seated on a corpse.
(ଶବାରୁଢ଼ା—ସ୍ତ୍ରୀ) (ଶବାସୀନ—ଅନ୍ୟରୂପ)

ଶବାରୁଢ଼ା—ସ. ବ. ସ୍ତ୍ରୀ—କାଳିକା—Goddess Kāḻi. ସଂ. ବଣ
Śabārūrdhā ସ୍ତ୍ରୀ—ଶବାରୂଢ଼ର ସ୍ତ୍ରୀଲିଙ୍ଗ—Feminine of
(ଶବାସୀନା ଅନ୍ୟରୂପ) śabārūrdha.

ଶବାସନ—ସଂ.ବ.--(ରୂପକ)-ତନ୍ତ୍ର ସାଧନାର୍ଥ ଆସନରୂପେ ବ୍ୟବହୃତ ଶବ-
Śabāsana A corpse used as a seat to perform some mystic rituals. ବଣ. ପୁଂ—(ବହୁବ୍ରୀହି) —ଶବ ଉପରେ ବସି ଜପ କରୁଥିବା (ବ୍ୟକ୍ତି)—Performing Japa, being seated on a corpse.

ଶବାସନା—ସ.ବ. ସ୍ତ୍ରୀ. (ବହୁବ୍ରୀହି)—କାଳିକା—Goddess Kāḻi.
Śabāsanā ସଂ ବଣ ସ୍ତ୍ରୀ—ଶବାସନର ସ୍ତ୍ରୀଲିଙ୍ଗ—Feminine of śabāsana.

ଶବ୍ଦ୍ (ଧାତୁ)— ସଂ. —ଧ୍ୱନି କରିବା—To make a sound.
Śabd (root)

ଶବ୍ଦ—ସଂ.ବି.–(ଶବ୍ଦଧାତୁ+ଭାବ ଅ)—୧। ଧ୍ୱନି; ରବ; ଶ୍ରବଣେନ୍ଦ୍ରିୟ-
Śabda ଗ୍ରାହ୍ୟ ବିଷୟ—1. Noise; sound; a matter which can be perceived by the ear. [ଶବ୍ଦର ପର୍ଯ୍ୟାୟ—ନିନାଦ, ନିନଦ, ଧ୍ୱନି, ଧ୍ୱାନ, ରବ, ସ୍ୱନ, ସ୍ୱାନ, ନିର୍ଘୋଷ, ନିହ୍ରାଦ, ନାଦ, ନିସ୍ୱାନ, ନିସ୍ୱନ, ଆରବ, ଆରାବ, ସଂରାବ, ବିରାବ,ସଂରବ, ରାବ, ଘୋଷ]—୨। (+କର୍ମ ଅ)—ଅର୍ଥବୋଧକ ଧ୍ୱନି—2. A sound denoting a meaning. [ଦ୍ର—ଏକ ବା ଅଧିକ ବର୍ଣ୍ଣର ସଂଯୋଗରେ କଣ୍ଠ ଓ ତାଳୁ ଆଦି ଦ୍ୱାରା ଉତ୍ପନ୍ନ ସ୍ୱତନ୍ତ୍ର ବ୍ୟକ୍ତ ଓ ସାର୍ଥକ ଧ୍ୱନି; ଯାହା ଶୁଣିବା ବ୍ୟକ୍ତିର ମନରେ ବିଶେଷ ପଦାର୍ଥ ବା ବ୍ୟକ୍ତି ଆଦିର ବୋଧହୁଏ,ତାହାକୁ ଶବ୍ଦ ବୋଲିଯାଏ।] ୩। ଖ୍ୟାତି; ଯଶ—3. Renown; fame. ୪। (ବ୍ୟାକରଣ) ବିଭକ୍ତି ରହିତ ନାମ—4. (Grammar) A crude name; a root word without inflection. [ଦ୍ର—ଶବ୍ଦ—(ବ୍ୟାକରଣ ପରିଭାଷା) ଏହା ବ୍ୟାକରଣର ଅଦ୍ୟ ପଦାର୍ଥ ପ୍ରତି ପ୍ରଯୋଜ୍ୟ । ଶବ୍ଦ ବାକ୍ୟର ଅଙ୍ଗ; ବାକ୍ୟ ଶବ୍ଦର ଶରୀର । ଏତଦ୍‌ବ୍ୟତୀତ 'ଦର୍ଶନ'ଶାସ୍ତ୍ରରେ 'ଶବ୍ଦ' ଅପ୍ରଚଳିତ ଅର୍ଥରେ ବ୍ୟବହୃତ ହୋଇଥାଏ । ଶାସ୍ତ୍ରରୁ ବା ଗୁରୁଙ୍କଠାରୁ ଯେଉଁ ଜ୍ଞାନ ଆମ୍ଭେମାନେ ପାଉଁ ତାହା ଶବ୍ଦ ନାମରେ ପ୍ରକାଶିତ । କେତେକ ଦାର୍ଶନିକଙ୍କ ମତରେ ଜ୍ଞାନ ତିନି ପ୍ରକାରରେ ଉତ୍ପନ୍ନ ହୁଏ । ଯଥା, ପ୍ରତ୍ୟକ୍ଷ (Perception), ଯୁକ୍ତି (Inference) ଏବଂ ଶବ୍ଦ (authority);ତୁଳନା କର—"ଆପ୍ତୋପଦେଶଃ ଶବ୍ଦ।" —ନ୍ୟାୟଦର୍ଶନ । ଅନେକଙ୍କ ମତରେ ଆପ୍ତୋପଦେଶ-ଲବ୍ଧ ଜ୍ଞାନ ବସ୍ତୁକ ଅଟେ; ଏଣୁ ସର୍ବୋଚ୍ଚସ୍ଥାନୀୟ । ଅନ୍ୟ ପ୍ରକାର ଜ୍ଞାନରେ ଭ୍ରମ ରହି ପାରେ । କିନ୍ତୁ ଋଷି ଓ ମହାପୁରୁଷଙ୍କର ଭ୍ରମ ଘଟିବା ସମ୍ଭବ ଯୋଗ୍ୟ ନୁହେଁ । ମହାପୁରୁଷମାନେ ପ୍ରତ୍ୟକ୍ଷ ବା ଯୁକ୍ତି ବଳରେ ଏହି ଜ୍ଞାନର ଅଧିକାରୀ ହୁଅନ୍ତି । ତୁଳନା କର "ସ (ଶବ୍ଦ) ଦ୍ୱିବିଧୋ ଦୃଷ୍ଟା ଦୃଷ୍ଟାର୍ଥତ୍ୱାତ୍ ।" —ନ୍ୟାୟଦର୍ଶନ ।

ଆମ୍ଭମାନଙ୍କ ଧର୍ମଶାସ୍ତ୍ର ସାଧାରଣତଃ ଦୁଇଭାଗରେ ବିଭକ୍ତ ହୋଇଥାଏ, ଶ୍ରୁତି ଓ ସ୍ମୃତି । ଶ୍ରୁତି ପ୍ରଥମ ସ୍ଥାନୀୟ; ସ୍ମୃତି ଦ୍ୱିତୀୟ ସ୍ଥାନୀୟ । ଅତଏବ ବେଦରେ ଯେଉଁ ଜ୍ଞାନ ନିହିତ ରହିଅଛି ତାହା ଶ୍ରୁତି, ତାହା 'ଶବ୍ଦ' ଆଖ୍ୟାରେ ମଧ୍ୟ ଆଖ୍ୟାତ । 'ଶବ୍ଦ' ପ୍ରମାଣ ଅବଶ୍ୟକ କରେ ନାହିଁ; 'ଶବ୍ଦ' ନିଜେ ନିଜର ପ୍ରମାଣ ଅଟେ ।)

[ପ୍ରୋଫେସର୍ ବିପିନବିହାରୀ ରାୟ]

[ଦ୍ର—ଧାତୁ ଆଦି ସଙ୍ଗେ ଉପସର୍ଗ, ଉପପଦ ବା ପ୍ରତ୍ୟୟାଦି ଯୁକ୍ତ କରାଯାଇ ଯାଇ ଶବ୍ଦ ଉତ୍ପନ୍ନ କରାଯାଏ ଓ ଉକ୍ତ ମୌଳିକ ଶବ୍ଦ ଭିନ୍ନ ଭିନ୍ନ ବିଭକ୍ତି, ଲିଙ୍ଗ, ବଚନ ଓ କାରକରେ ଭିନ୍ନ ଭିନ୍ନ ରୂପ ଧାରଣ କରେ । ଯଥା—ଦା ଧାତୁ+ତୃନ୍ ପ୍ରତ୍ୟୟ=ଦାତୃନ୍ ଶବ୍ଦ । ଏହାର ପ୍ରଥମା ବିଭକ୍ତି ଏକ ବଚନ ପୁଂଲିଙ୍ଗ—ଦାତା, ବହୁବଚନ ଦାତାରଃ; ସ୍ତ୍ରୀଲିଙ୍ଗ ଏକବଚନ ଦାତ୍ରୀ ଇତ୍ୟାଦି । ଏହି-ପରି ରାଜନ୍ ଶବ୍ଦରୁ ରାଜା, ମାତୃ ଶବ୍ଦରୁ ମାତା, ଗୁଣବତ୍ ଶବ୍ଦରୁ ଗୁଣବାନ୍ ହୁଏ । ମୂଳଶବ୍ଦରେ ବିଭକ୍ତିଯୁକ୍ତ ହେଲେ ତାହା ପଦ ହୁଏ । ପୂର୍ବୋକ୍ତ ଦାତା, ଦାତ୍ରୀ ଓ ରାଜା ପ୍ରଭୃତି ଗୋଟିଏ ଗୋଟିଏ ପଦ ।] ୫। (ବ୍ୟାକରଣ) ବିଶେଷ୍ୟ—5. (Grammar) Noun. ୬। ଅର୍ଥ ବାଚକ ଏକ ବା ଏକାଧିକ ଅକ୍ଷର—6. One or more letters conveying a meaning. ୭। ବାକ୍ୟର ଅଙ୍ଗ—7. The components of a sentence; word. ୮। ବର୍ଣ୍ଣ; ଅକ୍ଷର—8. Letter; alphabet. ୯। ନାମ—9. Name. ୧୦। କଣ୍ଠାଦି ନିଃସୃତ ଧ୍ୱନି—10. Note; voice; tone. ୧୧। ବେଦ; ଶ୍ରୁତି—11. The Bedas. ୧୨। ଓଁ (ଦ୍ର-ଷ)—12. The sound Oṅ. ୧୩। (ବିଜ୍ଞାନ) ଜଡ଼ ପଦାର୍ଥର ଗୁଣବିଶେଷ, ଯଦ୍ଦ୍ୱାରା ଏହା ଶ୍ରବଣେନ୍ଦ୍ରିୟ ଦ୍ୱାରା ଅନୁଭୂତ ହୁଏ—12. One of the attributes of matter by which it is perceptible to the sense of hearing and becomes known. [ଦ୍ର—ଦୁଇଟି ପଦାର୍ଥ ପର-ସ୍ପରକୁ ଆଘାତ କରିବାଦ୍ୱାରା ବାୟୁମଣ୍ଡଳରେ ଯେଉଁ କମ୍ପନ ଜାତ ହୁଏ, ତାହାହିଁ ଶବ୍ଦ । ଉକ୍ତ କମ୍ପନ ଲହରୀରୂପରେ ବାୟୁଦ୍ୱାରା ଗତି ପ୍ରାପ୍ତ ହୋଇ କର୍ଣ୍ଣକୁହର ମଧ୍ୟରେ ଥିବା ଖୁବ୍ ପତଳା ଚମଡ଼ା ଜାଲିରେ ବାଜିଲେ ଉକ୍ତ ଚମଡ଼ା ଜାଲି କମ୍ପିଉଠେ ଓ କର୍ଣ୍ଣଦ୍ୱାରା ପ୍ରାଣୀ ସେହି କମ୍ପନକୁ ଶବ୍ଦରୂପରେ ଅନୁଭବ କରେ । ଅର୍ଥବାଚକ ଶବ୍ଦକୁ ପଦ ବୋଲିଯାଏ ।

ଗୁଡ଼ିଏ ଶବ୍ଦର ସମଷ୍ଟି ବାକ୍ୟ ଅଟେ । ଭାଷାରେ ଥିବା ଅକ୍ଷରମାନ ମନୁଷ୍ୟ କଣ୍ଠରୁ ଉଚ୍ଚାରିତ ହୋଇ ଗୋଟିଏ ଗୋଟିଏ ଶବ୍ଦ ବା ଧ୍ୱନି ଅଟେ । ଶବ୍ଦ ପ୍ରଥମେ ମନୁଷ୍ୟର ହୃଦୟରୁ କଣ୍ଠ ବାଟେ ବହିର୍ଗତ ହୁଏ ଓ ତାହା ପାଟି ବାଟେ ଆସିବା ସମୟରେ ପାଟିର ଭିନ୍ନ ଭିନ୍ନ ସ୍ଥାନକୁ ସ୍ପର୍ଶ କରି ଭିନ୍ନ ଭିନ୍ନ ରୂପ ଧାରଣ କରି ଭିନ୍ନ ଭିନ୍ନ ସ୍ୱର ବା ବ୍ୟଞ୍ଜନବର୍ଣ୍ଣ ସୃଷ୍ଟି କରେ । ବିଜ୍ଞାନର ମତ ଏହି ଯେ, ଜଡ଼ପଦାର୍ଥର ପାଞ୍ଚଗୋଟି ଇନ୍ଦ୍ରିୟ-ଗ୍ରାହ୍ୟ ଗୁଣ ଥିବାରୁ ମନୁଷ୍ୟ ପଞ୍ଚେନ୍ଦ୍ରିୟଦ୍ୱାରା ଉକ୍ତ ପଦାର୍ଥର ଅସ୍ତିତ୍ୱକୁ ଅନୁଭବ କରି ଜଡ଼ପଦାର୍ଥ ସମ୍ବନ୍ଧରେ ଜ୍ଞାନଲାଭ କରେ । ଯଥା—

ଦର୍ଶନେନ୍ଦ୍ରିୟଦ୍ୱାରା ଗ୍ରାହ୍ୟ—ରୂପ (ସୁନ୍ଦର ବା ଅସୁନ୍ଦର), ରସେନ୍ଦ୍ରିୟଦ୍ୱାରା—ରସ (ମିଠା, ଖଟା), ଘ୍ରାଣେନ୍ଦ୍ରିୟଦ୍ୱାରା—ଗନ୍ଧ (ସୁଗନ୍ଧ, ଦୁର୍ଗନ୍ଧ), ସ୍ପର୍ଶେନ୍ଦ୍ରିୟଦ୍ୱାରା—ସ୍ପର୍ଶ (କୋମଳ, କର୍କଶ), ଶ୍ରବଣେନ୍ଦ୍ରିୟଦ୍ୱାରା—ଶବ୍ଦ (ଉଚ୍ଚ ବା ଅନୁଚ୍ଚ, କଠୋର ବା କୋମଳ) ।

ଶବ୍ଦତରଙ୍ଗ ବାୟୁଦ୍ୱାରା ଚାଳିତ ହୋଇ ଦୂରକୁ ନୀତ ହୁଏ । ଏଥିପାଇଁ ବାୟୁକୁ ଶବ୍ଦବାହ ବୋଲାଯାଏ । ପରୀକ୍ଷା ଦ୍ୱାରା ଦେଖାଯାଏ ଯେ, ବାୟୁ ନ ଥିବା ଶୂନ୍ୟ ସ୍ଥାନରେ ଶବ୍ଦତରଙ୍ଗ ଚଳି ପାରେ ନାହିଁ ଓ ବାୟୁ ଶୂନ୍ୟ ସ୍ଥାନରେ ଜାତ ହେବା ଶବ୍ଦ ଅନ୍ୟତ୍ର ଗମନ କରି ପାରେ ନାହିଁ । ଶବ୍ଦର ଗତି ଘଣ୍ଟାକେ ୭୨୦ ମାଇଲ ଅଟେ । ଆଲୋକର ଗତି ଶବ୍ଦର ଗତି ଅପେକ୍ଷା ଶୀଘ୍ରତର । ଏଥିପାଇଁ ଏକ ସ୍ଥାନରେ ଆଲୋକ ଓ ଶବ୍ଦ ଯୁଗପତ୍ ଉତ୍ପନ୍ନ ହେଲେ ଦୂରରୁ ପ୍ରଥମେ ଆଲୋକ ଦେଖାଯାଏ ଓ ତାହାର କିଛିକ୍ଷଣ ପରେ ଉକ୍ତ ଶବ୍ଦ ଶୁଣାଯାଏ ।

ବାୟୁ ଉପରେ ବା କୌଣସି ପଦାର୍ଥ ଉପରେ ଆଘାତ ପଡ଼ିବାରୁ ଯେଉଁ କମ୍ପ ବାୟୁରେ ଉତ୍ପନ୍ନ ହୋଇ କାନ ପର୍ଯ୍ୟନ୍ତ ଯାଏ ଓ କାନ ଭିତରେ ଏକ ବିଶେଷ ପ୍ରକାର କ୍ଷୋଭ ଉତ୍ପନ୍ନ କରେ ତାହା ଶବ୍ଦ ବା ଧ୍ୱନି । ପ୍ରାୟ ସବୁ ପଦାର୍ଥରେ ଆଘାତ କରି କମ୍ପା ପଦାର୍ଥର ଶୀଘ୍ର ଶୀଘ୍ର ଗତି ଉତ୍ପନ୍ନ କରି ଶବ୍ଦ ଉତ୍ପାଦିତ କରାଯାଏ । ଯଦି କୌଣସି ପଦାର୍ଥ ଉପରେ ଅନ୍ୟ କୌଣସି ପଦାର୍ଥ ପଡ଼େ ବା ପଦାର୍ଥର ବାରମ୍ବାର ଗତି ଉତ୍ପନ୍ନ କରାଯାଏ ତେବେ ବାୟୁରେ ଏକ-ପ୍ରକାର କମ୍ପନ ଉପସ୍ଥିତ ହୁଏ । ଉକ୍ତ କମ୍ପନ ଲହରଆକାରରେ ବିସ୍ତୃତ ହୁଏ ଓ କାନରେ ବାଜିଲେ ତାହା ଅନୁଭୂତ ହୁଏ । ବାୟୁ ଶବ୍ଦବାହକ ଅଟେ ଓ ଅନେକ ପ୍ରକାର ଗ୍ୟାସ୍, ଜଳ ଓ ଅନେକ ପତଳା ଓ ଦୃଢ଼ ପଦାର୍ଥ ଶବ୍ଦବାହକ ଅଟେ । ଆଲୋକ ପରି ଶବ୍ଦର ପରିବର୍ତ୍ତନ ହୁଏ, ଅର୍ଥାତ୍ ଶବ୍ଦ ଗତି କରିବା ବେଳେ ମାର୍ଗରେ ବାଧା ପାଇ ଫେରି ଆସେ । ଏହାକୁ ପ୍ରତିଧ୍ୱନି ବୋଲାଯାଏ । ଯଦି ଏକପ୍ରକାର ବହୁ ଶବ୍ଦ ଲଗା ଲଗି ହୋଇ ବା ଧାରାକ୍ରମେ ଜନ୍ମେ ତେବେ ତହିଁରୁ 'ସ୍ୱର' ବା 'ସୁର୍' ଉତ୍ପନ୍ନ ହୁଏ । ଶବ୍ଦର ୨ଟି ମୁଖ୍ୟ-ଭେଦ ଅଛି । ବର୍ଣ୍ଣାତ୍ମକ ଓ ଧ୍ୱନ୍ୟାତ୍ମକ । କଣ୍ଠ ଓ ତାଳୁ ଆଦିର ସହାୟତାରେ ଉତ୍ପନ୍ନ ଶବ୍ଦ ଧ୍ୱନି; ଏହା ବ୍ୟକ୍ତ ଓ ଅବ୍ୟକ୍ତ । ଯାହା ଶୁଣିବାକୁ ସ୍ପଷ୍ଟ ଓ ଅର୍ଥ ଯୁକ୍ତ ତାହା ବ୍ୟକ୍ତ ଓ ଯାହା ଅସ୍ପଷ୍ଟ ଓ ଅର୍ଥହୀନ ତାହା ଅବ୍ୟକ୍ତ । ବର୍ଣ୍ଣାତ୍ମକ ଛଡ଼ା ଅନ୍ୟ ପ୍ରକାର ଶବ୍ଦ ଧ୍ୱନ୍ୟାତ୍ମକ ଅଟେ । ମୀମାଂସାକାର ଶବ୍ଦକୁ ନିତ୍ୟ ଓ ନୈୟାୟିକ ଶବ୍ଦକୁ ଆକାଶର ଗୁଣ ବୋଲି କହିଅଛନ୍ତି — ହି. ଶ ।]

ଶବ୍ଦକର—ସ. ବିଣ. ପୁଂ (ଶବ୍ଦ+କୃ ଧାତୁ+କର୍ତ୍ତୃ. ଅ)—ଧ୍ୱନିକାରକ; ଯେ Śabdakara ଶବ୍ଦ କରେ—Making a sound; (ଶବ୍ଦକରୀ—ସ୍ତ୍ରୀ) uttering a sound; sounding. (ଶବ୍ଦକାରକ, ଶବ୍ଦକାରୀ — ଅନ୍ୟରୂପ)

ଶବ୍ଦ କରିବା - ଦେ. କ୍ରି—୧ । (ଜୀବ) ନିଜର କଣ୍ଠ ବା ଅବୟବାଦି Śabda karibā ଦ୍ୱାରା ଧ୍ୱନି ଉତ୍ପାଦନ କରିବା—1. To শব্দকরা produce a sound or noise. ୨ । ପାଟି शब्द् करना କରିବା—2. To utter a sound, to cry. ୩ । (ଜଡ଼ପଦାର୍ଥ) ଅନ୍ୟ ବସ୍ତୁର ପ୍ରତିଘାତ ବା ଘର୍ଷଣ ଦ୍ୱାରା ଶବ୍ଦାୟମାନ ହେବା—3. To resound; to produce a sound due to friction.

ଶବ୍ଦ କାଣ୍ଡ—ସ. ବି—୧ । କୋଳାହଳ; ଗୋଳମାଳ—1. Noise; Śabda kāṇḍa hue and cry. ୨ । ଶବ୍ଦାଧ୍ୟାୟ; ବ୍ୟାକରଣାଦି ଗ୍ରନ୍ଥର ଯେଉଁ ଅଂଶରେ ଶବ୍ଦମାନଙ୍କ ବିଷୟ ଆଲୋଚିତ ହୋଇଥାଏ—2. Chapter or part of a grammar dealing with words.

ଶବ୍ଦ କୋଷ—ସ. ବି—୧ । ଯେଉଁ ପୁସ୍ତକରେ ଧାରାବାହିକରୂପେ Śabda kosha ଭାଷାର ଶବ୍ଦମାନ ସଙ୍ଗୃହୀତ ହୋଇଥାଏ—1. A compilation of words; lexicon; word book; vocabulary. ୨ । ଯେଉଁ ପୁସ୍ତକରେ ଭାଷାର ଶବ୍ଦ ଓ ଶବ୍ଦାର୍ଥମାନ ଲିପିବଦ୍ଧ ହୋଇଥାଏ; ଅଭିଧାନ; ଡିକ୍ସିନାରୀ; ଶବ୍ଦାର୍ଥ ପ୍ରକାଶକ ଗ୍ରନ୍ଥ—2. A dictionary.

ଶବ୍ଦକୋଷକାର—ସ. ବି. ପୁଂ- ଅଭିଧାନର ସଂଗ୍ରାହକ; ଅଭିଧାନ ଗ୍ରନ୍ଥକାର— Śabdakoshakāra A lexicographer; compiler of a dictionary,

ଶବ୍ଦଗ୍ରହ—ସ. ବି (ଶବ୍ଦ+ଗ୍ରହ ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ; Śabdagraha ଯାହାଦ୍ୱାରା ଶବ୍ଦମାନ ଗୃହୀତ ବା ଅନୁଭୂତ ହୁଏ)—୧ । ଶ୍ରବଣେନ୍ଦ୍ରିୟ; ଶ୍ରୁତି; କର୍ଣ୍ଣ—1. The ear; sense of hearing. ୨ । (+ଭାବ. ଅ) ଶବ୍ଦ ବୋଧ; ଶବ୍ଦର ତାତ୍ପର୍ଯ୍ୟ ଜ୍ଞାନ—2. Comprehending the sense of a word; the understanding of a word. ୩ । ଏକପ୍ରକାର କାଳ୍ପନିକ ବାଣ (ହି. ଶ)—3. A kind of imaginary arrow. ସ. ବିଣ—ଶବ୍ଦକୁ ଗ୍ରହଣକାରୀ—Receiving a sound.

ଶବ୍ଦଚାତୁରୀ(ର୍ଯ୍ୟ)—ସଂ. ବି (୭ମୀ ତତ୍) —୧ । ଶବ୍ଦମାନଙ୍କ ପ୍ରୟୋଗରେ
Śabdachāturī(rjya) ଚତୁରତା—1. Dexterity in the use of expressions. ୨। ବାଗ୍ମିତା (ପ୍ର.ଶ)—2. Oratory.

ଶବ୍ଦଚାଲି—ସଂ. ବି—ଏକପ୍ରକାର ନୃତ୍ୟ (ପ୍ର. ଶ)
Śabdachāli A kind of dance.

ଶବ୍ଦ ଚିତ୍ର—ସଂ. ବି—ଅନୁପ୍ରାସ ନାମକ ଅଳଙ୍କାର (ପ୍ର. ଶ)
Śabda chitra Alliteration.

ଶବ୍ଦ ଚୋ(ଚୌ)ର—ସଂ. ବି—ଯେଉଁ ଗ୍ରନ୍ଥକାର ଅନ୍ୟ ଗ୍ରନ୍ଥକାରଙ୍କ
Śabda cho(chau)ra ରଚିତ ବା ବ୍ୟବହୃତ ଶବ୍ଦମାନ ଚୋରି କରେ, ଅର୍ଥାତ୍ ଅନ୍ୟବ୍ୟକ୍ତିଙ୍କ ରଚିତ ଶବ୍ଦମାନଙ୍କୁ ଆପଣାର ରଚନା ବୋଲି ପ୍ରକାଶ କରେ; ଗ୍ରନ୍ଥତସ୍କର—A person who passes off another author's words as his own, a plagiarist, a literay thief (Apte).

ଶବ୍ଦଚୋରି—ଦେ. ବି (ସଂ. ଶବ୍ଦଚୌର୍ଯ୍ୟ)—ଅନ୍ୟଗ୍ରନ୍ଥକାରଙ୍କ ରଚିତ ବା
Śabda chori ବ୍ୟବହୃତ ଶବ୍ଦକୁ ଆପଣାର ବୋଲି କହି ଆପଣା
शब्दचुरि ଲେଖାରେ ବ୍ୟବହାର କରିବା—Act of plagiarising; plagiarism.
শব্দচোরী

ଶବ୍ଦ ଚୌର୍ଯ୍ୟ—ସଂ. ବି—ଅପର ଗ୍ରନ୍ଥକାର ବା ଲେଖକଙ୍କ ରଚିତ ବା
Śabda chaurjya ବ୍ୟବହୃତ ଶବ୍ଦକୁ ଆପଣାର ବୋଲି ପ୍ରକାଶ କରିବା ପାଇଁ ଆପଣା ଲେଖାରେ ଉକ୍ତ ଶବ୍ଦର ବ୍ୟବହାର—Plagiarism; act of plagiarising.

ଶବ୍ଦଜ୍ଞ—ସଂ. ବିଣ, ପୁ (ଶବ୍ଦ+ଜ୍ଞା. ଧାତୁ+କର୍ତ୍ତୃ. ଅ)—ଯେ ଶବ୍ଦ-
Śabdajña ମାନଙ୍କ ବିଷୟରେ ଉତ୍ତମରୂପେ ଅଭିଜ୍ଞ—
(ଶବ୍ଦଜ୍ଞା—ସ୍ତ୍ରୀ) Well acquainted with sounds or words.

ଶବ୍ଦ ତରଙ୍ଗ—ସଂ. ବି (ଶବ୍ଦ+ତରଙ୍ଗ; ୬ଷ୍ଠୀ ତତ୍)—୧ । ଶବ୍ଦର ବା
Śabda taranga ଧ୍ୱନିର ଢେଉ; (ଯାହାର ବାୟୁଦ୍ୱାରା ସ୍ଥାନାନ୍ତରକୁ ଗତି ହୁଏ)—1. Sound-waves. ୨। ପୁନଃପୁନଃ ଝାସୁଳ ଶବ୍ଦ; ଅନର୍ଗଳ ଧ୍ୱନି—2. Repeatedly hissing sound; sounds succeeding one another like a wave; an uninterrupted sound; a succession of tones or sounds or noise.

ଶବ୍ଦନ—ସଂ. ବି (ଶବ୍ଦ୍ ଧାତୁ+ଭାବ. ଅନ)—୧ । ଶବ୍ଦ; ଧ୍ୱନି—
Śabdana 1. Sound, noise; report. ୨ । ଶବ୍ଦ କରିବା—2. Making a sound. ବିଣ—ଶବ୍ଦାୟମାନ—Resounding.

ଶବ୍ଦ ନୃତ୍ୟ—ସଂ. ବି—ଏକପ୍ରକାର ନୃତ୍ୟ (ପ୍ର. ଶ)—
Śabda nrutya A kind of dance.

ଶବ୍ଦ ପତି—ସଂ ବି—ନାମ ମାତ୍ର ନେତା; ଯେଉଁ ନେତାଙ୍କର କେହି
Śabda pati ଅନୁଗାମୀ ବ୍ୟକ୍ତି ନ ଥାନ୍ତି (ପ୍ର. ଶ)—
A leader in name only (Apte).

ଶବ୍ଦପ୍ରବୃତ୍ତି—ସଂ. ବି—୧ । ଶବ୍ଦର ଉତ୍ପତ୍ତି—The origin of
Śabda prabrutti words. ୨ । ବୈଖରୀ, ମଧ୍ୟମା, ପଶ୍ୟନ୍ତୀ ଏବଂ ସୂକ୍ଷ୍ମା ବା ପରା, ଏହି ଚତୁର୍ବିଧ ବାକ୍‌ପ୍ରବୃତ୍ତି—2. Four modes of expressing words; oral expression.

ଶବ୍ଦ ପ୍ରମାଣ—ସଂ. ବି (ସ୍ମୃତିଶାସ୍ତ୍ର)—କୌଣସି ବ୍ୟକ୍ତିର ଶବ୍ଦ ବା କଥନ
Śabda pramāṇa ଉପରେ ପ୍ରତିଷ୍ଠିତ ପ୍ରମାଣ—(Law) Evidence based on the words of a person; oral evidence.

ଶବ୍ଦପ୍ରାଶ—ସଂ. ବି—ଶବ୍ଦର ଅର୍ଥର ଅନୁସନ୍ଧାନ; ଶବ୍ଦାର୍ଥର ଜିଜ୍ଞାସା—
Śabdaprāśa Enquiry about the meaning of a word.

ଶବ୍ଦବହ—ସଂ. ବିଣ (ଶବ୍ଦ+ବହ୍ ଧାତୁ+କର୍ତ୍ତୃ ଅ)—ଶବ୍ଦକୁ ଯେ
Śabda baha ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବହିନିଏ—Carrying a wave of sound from one place to another. ବି—୧ । ଆକାଶ—1. The sky. ୨ । ବାୟୁ—2. The air.

ଶବ୍ଦ ବହୁଳ—ସଂ. ବିଣ—୧ । ଯହିଁରେ ଅନେକ ଶବ୍ଦ ଥାଏ—
Śabda bahula 1. Wordy; abounding in words; full of verbiage. ୨ । ବହୁ ଧ୍ୱନିଯୁକ୍ତ—2. Full of many sounds.

ଶବ୍ଦ ବାରିବା—ଦେ. କ୍ରି—ଅନ୍ୟ ବ୍ୟକ୍ତିର ବା ବସ୍ତୁରୁ ଉତ୍ପନ୍ନ ଶବ୍ଦକୁ
Śabda bāribā ଠଉର କରିବା— To distin-
शब्दसुना শব্দপহ্চাননা guish a sound to locate the source and nature of a sound proceeding from a person or object.

ଶବ୍ଦ ବିଜ୍ଞାନ—ସଂ. ବି—୧ । ଶବ୍ଦଶାସ୍ତ୍ର; ଶବ୍ଦ ସମ୍ବନ୍ଧେ ଧାରାବାହିକ ଜ୍ଞାନ—
Śabda bijñāna 1 The science of words; phonology. ୨ । ବ୍ୟାକରଣ—2 Grammar.
ଶବ୍ଦବିଦ୍ୟା } —ଅନ୍ୟରୂପ
ଶବ୍ଦଶାସ୍ତ୍ର }

ଶବ୍ଦ ବିନ୍ୟାସ—ସଂ. ବି—ଅର୍ଥବୋଧକ ଶବ୍ଦମାନଙ୍କୁ ଯଥାସ୍ଥାନରେ
Śabda binyāsa ବସାଇବା; ଶବ୍ଦମାନଙ୍କର ଶୃଙ୍ଖଳାପୂର୍ବକ ସ୍ଥାପନ—Arrangement of words in a sentence; composition.

ଶବ୍ଦ ବିରୋଧ—ସଂ. ବି—ଯେଉଁ ବିରୋଧ ବାସ୍ତବ ବା ଭାବଗତ ନୁହେଁ;
Śabda birodha କେବଳ ଶବ୍ଦରୁ ଜଣାପଡ଼େ (ପ୍ର. ଶ)—Opposition not actual but due to words.

ଶବ୍ଦ ବେଦୀ—ଦେ. ବିଣ ପୁ—ଯେ ସମସ୍ତପ୍ରକାର ଶବ୍ଦ ଜାଣେ—Knowing
Śabda bedi all kinds of sounds. (ଉତ—ଗନ୍ଧର୍ବ ଯେ ଚିତ୍ରରଥ, ତହୁଁ ସଫାଦ ଶବ୍ଦବେଦୀ—ଜଗନ୍ନାଥ. ଭାଗବତ ।)

ଶବ୍ଦ ବେଧୀ—ସଂ. ବିଣ. ପୁଂ—(ଶବ୍ଦ+ବ୍ୟଧ୍ ଧାତୁ+କର୍ତ୍ତୃ. ଇନ୍;
Śabda bedhī ୧ମା. ୧ବ)—ଶବ୍ଦଭେଦୀ (ଦେଖ)—
(ଶବ୍ଦବେଧିନୀ—ସ୍ତ୍ରୀ) Śabdabhedī (See). ବି.—୧ । ରାଜା ଦଶରଥ—1. King Daśaraha. ୨ । ଅର୍ଜ୍ଜୁନ—2. Arjuna. ୩ । ଶବ୍ଦଭେଦୀ ବାଣ—3. An arrow which hits a target by following the sound. ୪ । ଯେଉଁ ବ୍ୟକ୍ତିର ବା ବାଣର ଶବ୍ଦରେ ଶତ୍ରୁର ଚିତ୍ତ କମ୍ପେ—4. An arrow or person who produces fear in the mind of the enemy by its or his sound.

ଶବ୍ଦ ବୋଦ୍ଧା—ସଂ. ବିଣ. ଓ ବି. ପୁଂ (ଶବ୍ଦ+ବୁଧ୍‌ଧାତୁ+କର୍ତ୍ତୃ. ତୃ=
Śabda boddhā ଶବ୍ଦବୋଦ୍ଧୃ; ୧ମା. ୧ବ.)—ଶବ୍ଦଜ୍ଞ—
(ଶବ୍ଦବୋଦ୍ଧ୍ରୀ—ସ୍ତ୍ରୀ) Acquainted with sounds or words; master of words.

ଶବ୍ଦ ବୋଧ—ସଂ. ବି.—(ଶବ୍ଦ+ବୋଧ; ୬ଷ୍ଠୀ ତତ୍)—୧ । ଶବ୍ଦର ବା
Śabda bodha ଧ୍ୱନିର ଜ୍ଞାନ—1. Knowledge of words or sounds. ୨ । ଶବ୍ଦର ଅର୍ଥ ବୁଝିବା—2. Understanding the meaning of words. ୩ । (ସ୍ମୃତିଶାସ୍ତ୍ର) ସାକ୍ଷୀ ଦ୍ୱାରା ପ୍ରାପ୍ତଜ୍ଞାନ; ଯେଉଁ ଜ୍ଞାନ ସାକ୍ଷୀର ପ୍ରମାଣରୁ ମିଳେ (ବ୍ୟ. ଶା)—3. (Law) Knowledge derived from oral evidence.

ଶବ୍ଦ ବ୍ରହ୍ମ—ସଂ. ବି.—(ଶବ୍ଦରୂପ ବ୍ରହ୍ମ; ରୂପକକର୍ମଧାରୟ)—୧ । ଶବ୍ଦାତ୍ମକ
Śabda brahma ବ୍ରହ୍ମ ଓ ନାଦବ୍ରହ୍ମ—1. The Soul of the universe from which the sounds originate or emanate. [ଦ୍ର—ବେଦାନ୍ତ ଶାସ୍ତ୍ରରେ ନାଦବିନ୍ଦୁ ସମ୍ବଳିତ ଓଁକାର ପ୍ରଣବ ଶବ୍ଦ ବ୍ରହ୍ମ ବୋଲି କଳ୍ପିତ ହୋଇଅଛି; ମୈତ୍ରେୟୋପନିଷଦରେ ଶବ୍ଦ ବ୍ରହ୍ମ ଓ ପରବ୍ରହ୍ମ ଭେଦରେ ବ୍ରହ୍ମର ଦୁଇ ପ୍ରକାର ଭେଦ କଳ୍ପିତ ହୋଇଅଛି । ୨ । ଶ୍ରୁତି; ବେଦ—2. The Bedas. [ଦ୍ର—ଏହା ଅପୌରୁଷେୟ ବା ଈଶ୍ୱରଙ୍କଠାରୁ ଆଗତ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି ।)

ଶବ୍ଦ ଭେଦୀ—ସଂ.ବିଣ. ପୁଂ (ଶବ୍ଦ+ଭିଦ୍ ଧାତୁ+କର୍ତ୍ତୃ.ଇନ୍ ୧ମା.୧ବ)—
Śabda bhedī ଲକ୍ଷ୍ୟ ବସ୍ତୁର ଶବ୍ଦକୁ ବାରି ଯେ ଲକ୍ଷ୍ୟକୁ ବିଦ୍ଧ କରି ପାରନ୍ତି—Able to hit at a target by following the sound. ବି.—୧ । ରାଜା ଦଶରଥ—1. King Daśaratha. ୨ । ଅର୍ଜ୍ଜୁନ—2. Arjuna. ୩ । ଶବ୍ଦକୁ ବାରି ଲକ୍ଷ୍ୟଭେଦକାରୀ ବାଣ—3. A kind of arrow hitting at an invisible target by the sound only. ୪ ।
ଶବ୍ଦଭେଦିନୀ—ସ୍ତ୍ରୀ } ପାୟୁ; ଗୁହ୍ୟଦ୍ୱାର—4. The anus.
ଶବ୍ଦଭେଦିତା—ବି }

ଶବ୍ଦଭେଦୀ ବାଣ—ସଂ. ବି—ଶବ୍ଦକାରକ ଅଦୃଶ୍ୟ ବ୍ୟକ୍ତି ବା ବସ୍ତୁକୁ ବିଦ୍ଧ
Śabdabhedī bāṇa କରିବାକୁ ସମର୍ଥ ବାଣ—An arrow which strikes at an invisible target by following the sound which emanates from the target [ଦ୍ର—ଅର୍ଜ୍ଜୁନ ଓ ଦଶରଥ ଶବ୍ଦଭେଦୀ ବାଣ ମାରିବା ଶିକ୍ଷା କରିଥିଲେ । ଦିନେ ଦଶରଥ ମୃଗୟାକୁ ଯାଇ ଅରଣ୍ୟରେ ଜଣେ ଅନ୍ଧ ଅଳରେ ଗୋଟିଏ ଋଷିକୁମାର କଳସରେ ମାଠିଆ ବୁଡ଼ାଇ ପାଣି ଆଣୁଥିବାର ଶବ୍ଦ ଶୁଣି ଏ ଶବ୍ଦକୁ କୌଣସି ବନ୍ୟପଶୁର ଶବ୍ଦ ବୋଲି ଅନୁମାନ କରି ଶବ୍ଦଭେଦୀ ବାଣ ପ୍ରୟୋଗ କଲେ । ଉକ୍ତ ଋଷିକୁମାରଙ୍କ ଦେହରେ ସେ ବାଣ ବାଜିଲା । ଦଶରଥ ଘଟଣାସ୍ଥଳରେ ଉପସ୍ଥିତ ହୋଇ ଦେଖିଲେ ଯେ, ସେ ଋଷିକୁମାର ଅନ୍ଧ ମୁନି ଓ ଅନ୍ଧୁଣୀ ମୁନିପତ୍ନୀଙ୍କର ଏକମାତ୍ର ସନ୍ତାନ । ଏହା ଦେଖି ସେ ଯାଇ ଅନ୍ଧ ଦମ୍ପତିଙ୍କୁ ସମସ୍ତ କଥା ଜଣାଇଲେ । ଅଳ୍ପ ସମୟ ପରେ ଶରାହତ ଋଷିକୁମାର ମଧ୍ୟ ମୃତ୍ୟୁମୁଖରେ ପଡ଼ିଲେ । ଅନ୍ଧ ମୁନିଦମ୍ପତି ପୁତ୍ରର ଏହି ଅକାଳବିୟୋଗରେ ଯତ୍ପରୋନାସ୍ତି ବ୍ୟଥିତ ହୋଇ ତାଙ୍କୁ ଅଭିଶାପ ଦେଲେ—'ଆମ ଭଳି ତୁମର ମଧ୍ୟ ଏହିପରି ପୁତ୍ରଶୋକରେ ମୃତ୍ୟୁ ଘଟିବ ।' ଏହି ଅଭିଶାପ ଦେଇ ଶୋକାତୁର ମୁନିଦମ୍ପତି ମଧ୍ୟ ପ୍ରାଣତ୍ୟାଗ କଲେ । ତାଙ୍କ ଅଭିଶାପ ଫଳରେହିଁ ଦଶରଥଙ୍କ ଜୀବନରେ ରାମଚନ୍ଦ୍ରଙ୍କ ବନବାସଜନିତ ଦୁଃଖ ଘଟିଲା ଏବଂ ପୁତ୍ରଶୋକରେ ସେ ପ୍ରାଣତ୍ୟାଗ କଲେ ।]

ଶବ୍ଦମୟ—ସଂ.ବିଣ. —୧ । (ଶବ୍ଦ+ପ୍ରଚୁରାର୍ଥେ ମୟ)—ଶବ୍ଦଦ୍ୱାରା ପୂର୍ଣ୍ଣ—
Śabda maya 1. Full of sounds ୨ । ଧ୍ୱନି ବ୍ୟାପ୍ତ—
(ଶବ୍ଦମୟୀ—ସ୍ତ୍ରୀ) 2 Diffused with sound. ୩ । ଶବ୍ଦାୟମାନ—3. Resounding:

ଶବ୍ଦମହେଶ୍ୱର—ସଂ. ବି.—ମହାଦେବ—A name of Śiva.
Śabda maheśwara [ଦ୍ର—କଥିତ ଅଛି ଯେ ପାଣିନିଙ୍କ ବ୍ୟାକରଣ ରଚନା କରିବାକୁ ଶିବ ଆଦେଶ କରିଥିଲେ—ସି. କୌ.; ସିଦ୍ଧାନ୍ତ କୌମୁଦୀରେ ଲେଖାଅଛି ଯେ "ନୃତ୍ୟାବସାନେ ନଟରାଜରାଜୋ; ନନାଦ ଢକ୍କାଂ ନବ ପଞ୍ଚ ବାରଂ; ଉଦ୍ଧର୍ତ୍ତୁକାମଃ ସନକାଦି ସିଦ୍ଧା-ନେତଦ୍ବିମର୍ଶେ ଶିବ ସୂତ୍ରଜାଲମ୍—ଅର୍ଥାତ୍ ତାଣ୍ଡବ ନୃତ୍ୟ ଶେଷରେ ସନକାଦି ସିଦ୍ଧ ପୁରୁଷମାନଙ୍କୁ ଉଦ୍ଧାର କରିବା ପାଇଁ ଶିବ ୯+୫=୧୪ ଥର ଡମ୍ବରୁ ବଜାଇଲେ । ପାଣିନି ବ୍ୟାକରଣର ପ୍ରଥମୋକ୍ତ ୧୪ ସୂତ୍ରର ସଂଖ୍ୟାରୁ ଜଣାଯାଏ ଯେ ଏହା ଶିବସୂତ୍ର ସମୂହ ଅଟେ ।]

ଶବ୍ଦ ମାନିବା(ଶୁଣିବା)—ଦେ. କ୍ରି.—କୌଣସି ବ୍ୟକ୍ତିର ଡାକ ଶୁଣି ଉକ୍ତ
Śabda mānibā(śuṇibā) ଡାକର ଜବାବ ଦେବା—
ଡାକ ଶୁନା शब्द सुनना To respond to a sound or call.
[ଶବଦ ମାନିବା—ଅପଭ୍ରଂଶ]
[ଦ୍ର—ମୃତ ବା ମୂର୍ଚ୍ଛିତ ବ୍ୟକ୍ତି ଶବ୍ଦ ମାନେ ନାହିଁ । ଅର୍ଥାତ୍, କୌଣସି ଶବ୍ଦ ବା ଡାକ ଦେଲେ ସେ ତାହା ବାରି ପାରେ ନାହିଁ, ତେଣୁ ତହିଁର ଉତ୍ତର ଦିଏ ନାହିଁ ।]

ଶବ୍ଦ ମାଳ—ସଂ. ବ—ଫୋପଲ ବାଉଁଶ (ହ୍ର. ଶ.)—
Śabda māla Hollow bamboo.

ଶବ୍ଦ ଯୋନି—ସଂ. ବ—(ଶବ୍ଦ+ଯୋନି; ୬ଷ୍ଠୀ ତତ୍)—୧ । ଶବ୍ଦର
Śabda joni ଉତ୍ପତ୍ତି ସ୍ଥାନ—1. The origin of a sound.
୨ । (ବ୍ୟାକରଣ) ଶବ୍ଦର ମୂଳ ବା ପ୍ରକୃତି; ଧାତୁ—
2. The root of a word.

ଶବ୍ଦ ରୂପ—ସଂ. ବ.—(ଶବ୍ଦ+ରୂପ; ୬ଷ୍ଠୀ ତତ୍)—(ବ୍ୟାକରଣ) ଭିନ୍ନ
Śabda rūpa ଭିନ୍ନ ବିଭକ୍ତି, ବଚନ, ଲିଙ୍ଗ ଓ କାରକରେ ଶବ୍ଦର ଭିନ୍ନ ଭିନ୍ନ ଆକୃତି—(grammar) Inflection of a word; different forms assumed by a word in different numbers, genders, persons and cases.

ଶବ୍ଦ ଲହରୀ—ସଂ. ବ (୬ଷ୍ଠୀ ତତ୍)—ଶବ୍ଦ ତରଙ୍ଗ (ଦେଖ)
Śabda lahari Śabda taranga (See)

ଶବ୍ଦ ଶକ୍ତି—ସଂ. ବ(୬ଷ୍ଠୀ ତତ୍)—୧ । ଶବ୍ଦର ସାମର୍ଥ୍ୟ ବା ଅର୍ଥ—
Śabda śakti 1. The force or signification of a word. ୨ । ଶବ୍ଦର ଅଭିଧା, ଲକ୍ଷଣା, ବ୍ୟଞ୍ଜନାଆଦି ଅର୍ଥବୋଧକ ବୃତ୍ତିତ୍ରୟ—2. The power of words to convey different literal, inferred and allegorical meanings.
[ଦ—ଶବ୍ଦର ଯେଉଁ ଶକ୍ତି ଦ୍ୱାରା କୌଣସି ବିଶେଷ ଭାବ ପ୍ରଦର୍ଶିତ ହୁଏ ତାକୁ ଶବ୍ଦଶକ୍ତି ବୋଲାଯାଏ । ଯଦି ଶବ୍ଦ କୌଣସି ବାକ୍ୟର ବା ବାକ୍ୟାଂଶର ଅଙ୍ଗ ହୋଇଥାଏ, ତେବେ ତହିଁର ଅର୍ଥ ସାଧାରଣ ପ୍ରସିଦ୍ଧ ଅର୍ଥ ବା ବାକ୍ୟର ତାତ୍ପର୍ଯ୍ୟ ଅନୁସାରେ ସାଧାରଣ ଅର୍ଥରୁ କିଛି ଭିନ୍ନ ହୁଏ । ଯେଉଁ ଶକ୍ତି ଅନୁସାରେ ଉକ୍ତ ସାଧାରଣ ଅର୍ଥ ବା ସାଧାରଣ ଅର୍ଥରୁ ଭିନ୍ନ ଅର୍ଥ ପ୍ରକଟିତ ହୁଏ ତାକୁ ଶବ୍ଦଶକ୍ତି ବୋଲାଯାଏ । ଶବ୍ଦଶକ୍ତି ୩ ପ୍ରକାର—ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା । ଏ ତିନି ଶକ୍ତିରୁ ପ୍ରକଟିତ ଅର୍ଥ ଯଥାକ୍ରମେ ବାଚ୍ୟ, ଲକ୍ଷ୍ୟ ଓ ବ୍ୟଙ୍ଗ୍ୟ ଏବଂ ଏହି ଭିନ୍ନ ଭିନ୍ନ ଅର୍ଥକୁ ପ୍ରକଟିତ କରିବା ଶବ୍ଦମାନଙ୍କୁ ଯଥାକ୍ରମେ ବାଚକ, ଲକ୍ଷକ ଓ ବ୍ୟଞ୍ଜକ ବୋଲାଯାଏ—ହି. ଶ ।]

ଶବ୍ଦ ଶାସ୍ତ୍ର—ସଂ. ବ—୧ । ବ୍ୟାକରଣ ଶାସ୍ତ୍ର—1. Grammar; the
Śabda śāstra science of words. ୨ । ଧ୍ୱନି ଶାସ୍ତ୍ର—
2. Phonetics; the science of sound in uttered words.

ଶବ୍ଦ ଶୂନ୍ୟ—ସଂ. ବ (ଶବ୍ଦଦ୍ୱାରା ଶୂନ୍ୟ; ୩ୟା ତତ୍)—ନିଃଶବ୍ଦ; ନୀରବ—
Śabda śūnya Soundless; silent
(ଶବ୍ଦ ଶୂନ୍ୟା—ସ୍ତ୍ରୀ)

ଶବ୍ଦ ଶ୍ଳେଷ—ସଂ. ବ—ଯେଉଁ ଶବ୍ଦ ଦୁଇ ବା ତତୋଽଧିକ ଅର୍ଥରେ ପ୍ରଯୁକ୍ତ
Śabda ślesha ହୁଏ (ହି. ଶ)—A word which is employed in two or more meanings.

ଶବ୍ଦ ସଂଗ୍ରହ—ସଂ. ବ (୬ଷ୍ଠୀ ତତ୍)—୧ । ସ୍ତୁତିର ଶବ୍ଦର ଏକତ୍ର ଲିଖନ—
Śabda samgraha 1. Collection of words.
୨ । ଅଭିଧାନ; ଶବ୍ଦକୋଷ—2. Dictionary; lexicon; vocabulary.

ଶବ୍ଦ ସମ୍ଭବ—ସଂ. ବ (ବହୁବ୍ରୀହି; ଶବ୍ଦର ସମ୍ଭବ ହୁଏ ଯହିଁରୁ)—ବାୟୁ
Śabda sambhaba (ହି. ଶ)—Air.

ଶବ୍ଦ ସାଗର—ସଂ. ବ (ଶବ୍ଦ+ସାଗର; ରୂପକ କର୍ମଧା)—ସମୁଦ୍ରବତ୍
Śabda sāgara ଅପରିମେୟ ବା ଅସୀମ ଶବ୍ଦସମୂହ—Words compared to the ocean. ଦେ. ବ—ଶବ୍ଦକୋଷ
—Dictionary.

ଶବ୍ଦ ସାଧନ—ସଂ. ବ—ବ୍ୟାକରଣର ଯେଉଁ ଅଙ୍ଗରେ ଶବ୍ଦମାନଙ୍କର
Śabda sādhana ବ୍ୟୁତ୍ପତ୍ତି, ଭେଦ ଓ ରୂପାନ୍ତର ଆଦି ଅଲୋଚିତ ହୋଇଥାଏ—(grammar) Etymology.
[ଦ—ଶବ୍ଦମାନଙ୍କ ସଂଜ୍ଞା, କ୍ରିୟା, ବିଶେଷଣ, କ୍ରିୟାବିଶେଷଣ, ସର୍ବନାମ ଆଦି ବ୍ୟାକରଣର ଏହି ଅଙ୍ଗର ଅନ୍ତର୍ଗତ—ହି. ଶ ।]

ଶବ୍ଦ ସୌନ୍ଦର୍ଯ୍ୟ—ସଂ. ବ (୬ଷ୍ଠୀ ତତ୍)—ଶବ୍ଦମାନଙ୍କ ଉଚ୍ଚାରଣର
Śabda saundarjya ସୁଗମତା (ହି. ଶ)—Facility of pronouncing words.

ଶବ୍ଦ ସୌଷ୍ଠବ—ସଂ. ବ (୬ଷ୍ଠୀତତ୍)—କୌଣସି ଲେଖାରେ ବା ଶୈଳୀରେ
Śabda saushṭhaba ପ୍ରଯୁକ୍ତ ଶବ୍ଦମାନଙ୍କ କୋମଳତା ବା ସୁନ୍ଦରତା (ହି. ଶ)—Fineness or softness of words in a writing or style.

ଶବ୍ଦ ହୀନ—ସଂ. ବଣ (ଶବ୍ଦ+ହୀନ; ୩ୟା ତତ୍)—୧ । ନୀରବ;
Śabda hīna ନିଃଶବ୍ଦ—1. Silent. ୨ । ଶବ୍ଦ ଶୂନ୍ୟ—
2. Soundless. ସଂ. ବ—ଶବ୍ଦମାନଙ୍କର ଏପରି ପ୍ରୟୋଗ, ଯାହା ପୂର୍ବାଚାର୍ଯ୍ୟମାନେ ପ୍ରୟୋଗ କରି ନାହାନ୍ତି (ହି. ଶ)—Application of a word which has not been done by classical writers.

ଶବ୍ଦ ହେତୁକ—ସଂ. ବଣ (ଶବ୍ଦ ଅଟେ ହେତୁ ଯାହାର; ବହୁବ୍ରୀହି; ଶବ୍ଦ
Śabda hetuka +ହେତୁ+କ)—ଶବ୍ଦରୁ ଜାତ—
Caused by or originating from sound.

ଶବ୍ଦାକର—ସଂ. ବ (୬ଷ୍ଠୀ ତତ୍; ଶବ୍ଦ+ଆକର)—୧ । (ବ୍ୟାକରଣ)
Śabdākara ଶବ୍ଦ ଯୋନି; ଧାତୁ—1. (grammar) A root or radix of a word. ୨ । ଶବ୍ଦକୋଷ—
2. Dictionary.

ଶବ୍ଦାକ୍ଷର—ସଂ. ବ—ଧ୍ୱନିପୂର୍ବକ ଉଚ୍ଚାରିତ ଓଁ ଶବ୍ଦ (ହି. ଶ)—
Śabdākshara The word 'Oṁ' uttered with a sound.

ଶବ୍ଦାକ୍ଷେୟ—ସଂ. ବ—ଉଚ୍ଚୈଃସ୍ୱରରେ ବା ଜୋର୍ ସହିତ କଥିତ ଶବ୍ଦ
Śabdākheya (ହି. ଶ)—A word uttered loudly or with force.

ଶବ୍ଦାଡ଼ମ୍ବର —ସଂ.ବି—୧। ଅଡ଼ମ୍ବର ଯୁକ୍ତ ଶବ୍ଦ—1. High-sounding words. ୨। ବାଗାଡ଼ମ୍ବର—2. Grandiloquence.
Śabdārḍambara

ଶବ୍ଦାଢ୍ୟ—ସଂ. ବି—କଂସା ନାମକ ଧାତୁ (ହି. ଶ)—Bell metal.
Śabdāḍhya

ଶବ୍ଦାତିଗ—ସଂ. ବଣ (ଶବ୍ଦ+ଅତି+ଗମ୍ ଧାତୁ+କର୍ତ୍ତୃ. ଅ)—୧। ଯାହା ଶବ୍ଦର ଗତିଠାରୁ ଚଞ୍ଚଳତର—1. Swifter than the velocity of words. ୨। ଅନିର୍ବାଚନୀୟ—2. Beyond expression; inexpressible. ବି—ବିଷ୍ଣୁଙ୍କର ନାମାନ୍ତର—An epithet of Bishnu.
Śabdātiga

ଶବ୍ଦାତୀତ—ସଂ. ବଣ (ଶବ୍ଦ+ଅତୀତ; ୨ମୀ ତତ୍)—୧। ଶବ୍ଦଦ୍ୱାରା ଅପ୍ରକାଶ୍ୟ—1. Inexpressible by words. ୨। ବାକ୍ୟାତୀତ—2. Beyond the power of words. ବି—ଭଗବାନଙ୍କର ନାମାନ୍ତର—An epithet of God.
Śabdātita

ଶବ୍ଦାଧିଷ୍ଠାନ—ସଂ. ବି (ଶବ୍ଦ+ଅଧିଷ୍ଠାନ; ୬ଷ୍ଠୀ ତତ୍)—ଶ୍ରବଣେନ୍ଦ୍ରିୟ; କର୍ଣ୍ଣ—The ear; the organ of hearing.
Śabdādhishṭhāna

ଶବ୍ଦାଧ୍ୟାହାର—ସଂ. ବି—ଅସଂପୂର୍ଣ୍ଣ ବାକ୍ୟକୁ ପୂର୍ଣ୍ଣ କରିବା ପାଇଁ ତହିଁରେ ଅନ୍ୟ ଶବ୍ଦର ଯୋଜନା (ହି. ଶ)—Adding some word or words to complete an incomplete sentence.
Śabdādhyāhāra

ଶବ୍ଦାନୁଶାସନ—ସଂ. ବି—୧। ବ୍ୟାକରଣ ଶାସ୍ତ୍ର—1. Grammar. ୨। ଶବ୍ଦ ସମ୍ବନ୍ଧରେ ନିୟମ—2. Rules about words.
Śabdānuśāsana

ଶବ୍ଦାନୁସନ୍ଧାନ—ସଂ. ବି—ଶବ୍ଦର ଉତ୍ପତ୍ତି ବିଷୟରେ ଅନୁସନ୍ଧାନ—Euquiry or investigation about the cause or root of words or sounds
Śabdānusandhāna

ଶବ୍ଦାମ୍ବୁଧି—ସଂ. ବି (ଶବ୍ଦ+ଅମ୍ବୁଧି; ରୂପକ)—ଶବ୍ଦସାଗର—The ocean of words.
Śabdāmbudhi

ଶବ୍ଦାୟମାନ—ସଂ. ବଣ.—(ଶବ୍ଦ ଧାତୁ+ଯ (କ୍ୟଙ୍)=ଶବ୍ଦାୟ ନାମ ଧାତୁ+କର୍ତ୍ତୃ ଆନ)—୧। ଶବ୍ଦକାରୀ; ଯାହା ଶବ୍ଦ କରୁଅଛି—1. Making a sound. ୨। ଯହିଁରୁ ଶବ୍ଦ ବାହାରୁଛି—2. Ringing; resounding.
Śabdāyamāna

ଶବ୍ଦାର୍ଥ - ସଂ. ବି.—(ଶବ୍ଦ+ଅର୍ଥ, ଦ୍ୱନ୍ଦ୍ୱ)—୧। ଶବ୍ଦ ଓ ଅର୍ଥ—1. A word and its meaning. ୨। (୬ଷ୍ଠୀ ତତ୍)—ଶବ୍ଦର ଅର୍ଥ—2. Meaning of a word. [ଦ୍ର—ଶବ୍ଦର ଅର୍ଥ ତିନି ପ୍ରକାର। ଯଥା—ବାଚ୍ୟାର୍ଥ, ଲକ୍ଷ୍ୟାର୍ଥ ଓ ବ୍ୟଙ୍ଗ୍ୟାର୍ଥ। ଏହି ତିନି ତିନି ଅର୍ଥ ଯଥାକ୍ରମେ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା ବୃତ୍ତିଦ୍ୱାରା ପ୍ରକାଶିତ ହୁଏ।] ୩। ଧ୍ୱନିର ଅର୍ଥ—3. Meaning of a sound; significance of a sound. ୪। ଧ୍ୱନିର ଉଦ୍ଦେଶ୍ୟ—4. The object of a sound.
Śabdārtha

ଶବ୍ଦାର୍ଥ କୋଷ—ସଂ. ବି. (ଦ୍ୱନ୍ଦ୍ୱ ଓ ୬ଷ୍ଠୀତତ୍)—ଅଭିଧାନ—Dictionary.
Śabdārtha kosha

ଶବ୍ଦାର୍ଥ ପ୍ରକାଶ—ସଂ. ବି.—ଶବ୍ଦର ଅର୍ଥକୁ ପ୍ରକଟିତକରଣ—The expressing or giving out of the meaning of words; explaining the meaning of words or sounds.
Śabdārtha prakāśa

ଶବ୍ଦାର୍ଥ ପ୍ରକାଶକ—ସଂ. ବଣ.ଓ ବି ପୁ.—୧। ଯେଉଁ ବ୍ୟକ୍ତି ଶବ୍ଦର ଅର୍ଥ ସବୁ ବୁଝାଇ ଦିଏ—1. Explaining the meaning of words. ୨। ଅଭିଧାନକାର—2. Lexicographer. ୩। କ୍ଳୀ-ଅଭିଧାନ (ଶବ୍ଦାର୍ଥପ୍ରକାଶିକା—ସ୍ତ୍ରୀ) 3. Dictionary.
Śabdārtha prakāśaka

ଶବ୍ଦାର୍ଥ ସଂଗ୍ରହ ସଂ. ବି ଶବ୍ଦର ଅର୍ଥମାନଙ୍କ ଏକତ୍ର କରିବା—Collection or compilation of the meanings of words.
Śabdārtha saṃgraha

ଶବ୍ଦାଳଙ୍କାର—ସଂ.ବି - (ଶବ୍ଦ+ଅଳଙ୍କାର; ଶବ୍ଦଘଟିତ ଅଳଙ୍କାର; ମ. ପ. ଲୋ)—ଶବ୍ଦର ଶୋଭା ସମ୍ପାଦନକାରୀ କାବ୍ୟାଙ୍ଗ ବିଶେଷ—Figures of speech; art of composition.
Śabdālaṅkāra

[ଦ୍ର—ଅଳଙ୍କାର ଦ୍ୱାରା ଯେପରି ମନୁଷ୍ୟର ଶୋଭାବୃଦ୍ଧି ପାଏ, ସେହିପରି ଶବ୍ଦାଳଙ୍କାରଦ୍ୱାରା ଶବ୍ଦମାନଙ୍କର ଶୋଭା ବୃଦ୍ଧି ପାଏ। କେଳେ କେଳେ ଆମ ଦେଶରେ ସ୍ତ୍ରୀମାନଙ୍କର ଶୋଭାକୁ ଅତ୍ୟଧିକ ରୂପେ ବୃଦ୍ଧି କରିବା ପାଇଁ ଯେପରି ନାକଚଣ୍ଡି, ନାକ ପୁଡ଼ା, ବାହୁଟି, ନାକଫାଶ, ବେକ, ବାଜ, ବାଡ଼ା, ତଡ଼ି ଓ ଆଦି ଅଙ୍ଗରେ ଉପଯୁକ୍ତ ଅଳଙ୍କାର ଲଗି ହୁଏ, ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ତଦାଶାନ୍ତର ରୀତିକୁ ଅନୁସରଣ କରି ସେହିପରି ଶବ୍ଦ ଓ ଅର୍ଥର ଉତ୍କର୍ଷ ସାଧନ ପାଇଁ ଅଳଙ୍କାର ଏଣ୍ଡ ବହୁ ପ୍ରାଚୀନ ସାହିତ୍ୟର ଅପୂର୍ବ ଶୋଭା ସଂପାଦନ କରିବାପାଇଁ ଚେଷ୍ଟା ହୋଇଥିବାର ଦୃଷ୍ଟାନ୍ତ ବିରଳ ନୁହେଁ। ବହୁ ଅନୁପ୍ରାସଯୁକ୍ତ ରଚନାରେ ଉତ୍କଳର ସର୍ବଶ୍ରେଷ୍ଠ ପ୍ରାଚୀନ କବି ଉପେନ୍ଦ୍ର ଭଞ୍ଜ ଯେଉଁ କୃତିତ୍ୱ ଦେଖାଇ ଅଛନ୍ତି, ତାହା ଅନ୍ୟାନ୍ୟ ସଭ୍ୟ ସାହିତ୍ୟରେ ବିରଳ ଦେଖାଯାଇଥାଏ। ସାହିତ୍ୟରେ ଅଳଙ୍କାର ଦୁଇ ପ୍ରକାର। ଯଥା—ଶବ୍ଦାଳଙ୍କାର (art of composition) ଓ ଅର୍ଥାଳଙ୍କାର (rhetorical figure of speech) ଶବ୍ଦାଳଙ୍କାର ଦ୍ୱାରା ଶବ୍ଦମାନଙ୍କର ଶୋଭା ବଢ଼େ ଓ ଅର୍ଥାଳଙ୍କାର ଦ୍ୱାରା ଅର୍ଥର ଶୋଭା ବଢ଼େ। ଶବ୍ଦାଳଙ୍କାରର ଉଦାହରଣ :—

(୧) ଅନୁପ୍ରାସ—Alliteration; ଏକ ବ୍ୟଞ୍ଜନବର୍ଣ୍ଣର ପୁନଃ ପୁନଃ ବିନ୍ୟାସକୁ ଅନୁପ୍ରାସ ବୋଲିଯାଏ। ଯଥା—

(ଲ ର ଅନୁପ୍ରାସ)

ଲୁଞ୍ଚଗଲେ ଗଲେ ବାଞ୍ଛି ବୁଲିବା ସ୍ତ୍ରୈଣ୍ଣ
ଲଗାଇ ଗାଲ ଉପମାବଳି ନ ଦେଇ।

ଭଞ୍ଜ—ଲାବଣ୍ୟବତୀ।

(ଶ ଓ ସର ଅନୁପ୍ରାସ)

ତୁହିଁ ଅଛେ ସୁମନେ   ନନ୍ଦାବଂଶେ ସୁମନେ
ସଂବେଶ ଅବେଶ ଶ୍ରୀରାମ,
ବସୁଧା ସୁଧାମୟୀ   ବସୁଧା ସୁଧା ପିଇ
ସୁଧାଂଶୁକୁଳ ଛବେ ଭମ୍ୟ, ସେ
ବସି ଶୁଭ୍ର, ବଜ୍ରସିଂହାସନରେ ତହିଁ, ବସି ଶୁଭ୍ର ।
ବସନେ ବିରାଜିତ ହୋଇ;
ବର-ବର୍ଣ୍ଣିନୀ ସୀତା   ବରବର୍ଣ୍ଣିନା ସ୍ତ୍ରୀ
କୋଳରେ ଅଛନ୍ତି ବସାଇ ସେ ।

ଭଞ୍ଜ—ବୈଦେହୀଶ ବିଳାସ

୨ । ଯମକ—Analogue. ଏକାକାର ଭିନ୍ନାର୍ଥକ ପଦଦ୍ୱୟର ବିନ୍ୟାସକୁ ଯମକ ବୋଲଯାଏ । ଯମକ ବହୁପ୍ରକାର; ଯଥା—

(କ) ଆଦ୍ୟଯମକ—

ବଗଜ ବଗଜ ଅଛନ୍ତି ମୀନ ଭକ୍ଷଣ ପାଇଁ
ରାଜୀବ ରାଜୀବଲୋଚନା ଏଥି ଖେଳା କରଇ ।

ଭଞ୍ଜ · ଲାବଣ୍ୟବତୀ

(ଖ) ମଧ୍ୟ ଯମକ —

ଦେଖରେ କଳଙ୍କ କଳଙ୍କୀ କଳଙ୍କୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।

ଭଞ୍ଜ—ଲାବଣ୍ୟବତୀ

(ଗ) ପ୍ରାନ୍ତ ଯମକ —

ଭଣିତ ବସ୍ତୁର କରେ   ପାପ ଦାନ କାର୍ତ୍ତିକରେ
ପ୍ରୟାଗେ ସ୍ନାନ ମକରେ ଯେହୁ ନ କରେ
ବସେ କି ସେ ଅଲୋକରେ   ଦୁଃଖ ପ୍ରମା ଅଙ୍କରେ
ଶୋଭ ବସେ ପଲଙ୍କରେ କି ତୁମ୍ବକରେ ।
ପୂର୍ବେ ସେବିଥିଲେ ଶଙ୍କରେ
ସେ ଫଳୁ ଧର ହୁରଜ ଶ୍ରୀଫଳ କରେ ।

ଭଞ୍ଜ—ପ୍ରେମସୁଧାନିଧି

(ଘ) ଆଦ୍ୟ ପ୍ରାନ୍ତ ଯମକ —

ଖର ଶରଭର ଖରଖଣ୍ଡୀଶର ଖର କର ତାର ତାର
ବାର ବାର ବାଜିବାର ତର ତର ହଟ ହଟ ହର ହର

ଭଞ୍ଜ—ବୈଦେହୀଶବିଳାସ

(ଙ) ମାଳ ଯମକ—ଏକ ଚରଣ ମଧ୍ୟରେ ତିନି ବା ତତୋଽଧିକ ଯମକ ରହିଲେ ମାଳ ଯମକ ହୁଏ ।

ଚିତ୍ତରାଇ ମାଳ ଯମକରେ କବି ମନେ
ଭୂଲେ ସ୍ୱମ ସ୍ୱମ ରାମନେଣୀ ସେନ କନେ

ଭଞ୍ଜ—ବୈଦେହୀଶବିଳାସ

(ଚ) ସର୍ବ ଯମକ :—

ଅହିମକର ତାପନାଶେ ଶୋଭି ସାରସ ତନେ
ଅହିମକର ତାପନାଶେ ଶୋଭି ସାରସ ତନେ ।

ଭଞ୍ଜ—ଲାବଣ୍ୟବତୀ

ଏହା ଛଡ଼ା ଉତ୍କଳର ପ୍ରାଚୀନ ସାହିତ୍ୟରେ କବିମାନେ ନାନାପ୍ରକାରରେ ଯମକ ରଚନା କରି ନିଜ ନିଜର ଶବ୍ଦ-ପାଣ୍ଡିତ୍ୟ ଦେଖାଇ ଅଛନ୍ତି ଏବଂ ତାହା ସଙ୍ଗେ ସଙ୍ଗେ ମଧ୍ୟ ଶ୍ରେଣୀଭେଦରେ ବିଭିନ୍ନ ନାମ ଦେଇ ଯମକର ସଂଖ୍ୟାବୃଦ୍ଧି କରିଅଛନ୍ତି । ତନ୍ମଧ୍ୟରୁ ନିମ୍ନରେ କେତୋଟିର ଉଦାହରଣ ଦିଆଯାଉଅଛି—

(୧) ଗୋମୂତ୍ର ଛନ୍ଦ—ବାଜି ବାଣ ହତଘାତ କୁନ୍ତଘାତ ଗର୍ଜି ଶବ ବାସ ରହି, ବାଜିଗଣ ପଦଧୂଳି ହରିତେଜ ଅର୍ଦ୍ଧରବି ସାଂଗ ବହି । ଭଞ୍ଜ. ବୈଦେହୀଶବିଳାସ ।

(୨) ଶୃଙ୍ଖଳା—ବିରଥି ରଥିରେ ମନ ମନ କପି କପୀଶ ଖ-ଦଶ କର, କରସକ ବର ଶକଳ କଳର ଈଶ୍ୱର କର ଖାଇ । ଭଞ୍ଜ. ବୈଦେହୀଶବିଳାସ ।

(୩) ଅନୁଲୋମାନୁଲୋମ—ଖାର ଯେତେ ସେଲାକାର ରସା ସାର ରବା ନାଶେ ଲେଲେ ରବ, ବଦେ ତେଜ ପୁରତର ତମ ମତ ରତ ରପୁ ଜତ ହେବ । ଭଞ୍ଜ. ବୈଦେହୀଶବିଳାସ ।]

(୪) ବୃକ୍ଷ ବନ୍ଧ—ବିଶାଳ ଶାଳ ତାଳଜାଳ ଟେକ ଯେ କଣ୍ଟକ ଶାବଧକ ସେ, ବହୁ କରେ କପି କକ୍ଷାବନ୍ତ ବଡ଼ ବରଷେ ରୋଷେ ଶେଷେ ସେ । ଭଞ୍ଜ. ବୈଦେହୀଶ-ବିଳାସ ।]

(୫) ଗଦାବନ୍ଧ—ବିଦା ସଦା ମୋଦା ଗଦା ଗରଧର ବର ଭାର ତାହି ବହି, ବହି ଏସ୍ତ ମନ ପ୍ରନଷ୍ଟ କଣ କହି ନୋହେ ତାହୁ ବହୁ । ଭଞ୍ଜ. ବୈଦେହୀଶବିଳାସ ।

(୬) ଶରବନ୍ଧ —ଖର ଶରଭର ଖରଖଣ୍ଡ ଖର ଖରକର ତାର ତାର ବାର ବାର ବାଜିବାର ତର ତର ହଟ ହଟ ହର ହର । ଭଞ୍ଜ. ବୈଦେହୀଶବିଳାସ ।

ଏହିପରି ନାନା ଚକ୍ରବନ୍ଧ, ମେଷଯୁଦ୍ଧ, ବ୍ୟାଘ୍ରଗତି, ସିଂହାବଲୋକନ ପ୍ରଭୃତି ଶବ୍ଦାଳଂକାର ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବିରଳ ନୁହେଁ ।]

ଶବ୍ଦିତ—ସଂ. ବିଣ (ଶବ୍ଦ+ଇତ)—୧ । ଧ୍ୱନିତ; ନିନାଦିତ—1. Sounded; resounding. ୨ । ଆହୂତ—2. Called.
Śabdita

ଶବ୍ଦେନ୍ଦ୍ରିୟ—ସଂ. ବି [ଶବ୍ଦ ଅନୁଭବୀ ଇନ୍ଦ୍ରିୟ; ମ. ପ. ଲୋ]—କାନ—The ear.
Śabdendriya

ଶମ୍—ସଂ. ବି (ଶୀ ଧାତୁ=ଶୟନ କରିବା+ଅଧିକରଣ. ଅମ୍)—୧ । କଲ୍ୟାଣ—1. Prosperity; blessing. ୨ । ସୁଖ—2. Happiness. ୩ । ହର୍ଷ; ଆନନ୍ଦ—(ଶଂ—ଅନ୍ୟରୂପ) 3. Delight; pleasure.
Śam

ଶମ୍ (ଧାତୁ)—ସ—୧ । ଶାନ୍ତ ହେବା—1. To be pacified; to be tranquil. ୨ । ନିବୃତ୍ତ ହେବା—2. To cease; to refrain ୩ । ବନ୍ଦ ହେବା—3. To stop. ୪ । ଗଣି ଗଣି ଜମା କରିବା—4. To heap up.
Śam (root)

ଶମ—ସଂ. ବି (ଶମ୍ ଧାତୁ+ଭାବ. ଅ)—୧ । ନିବୃତ୍ତି—1. Cessation. ୨ । ଶାନ୍ତି—2. Tranquility; calmness; quietitude; peace. ୩ । ଉପଶମ—3. Restraint; alleviation; state of being
Śama

assuaged. ୪ । ଚିତ୍ତର ସ୍ଥିରତା—4. Calmness of mind; peace of mind ୫ । ନିରୁଦ୍‌ବେଗ—5. Placidity. ୬ । ମୋକ୍ଷ; ମୁକ୍ତି—6. Salvation; liberation; liberation of the spirit from matter. ୭ । ଚିତ୍ତବୃତ୍ତି ଦମନ—7. Control of passions. ୮ । ମନଃସଂଯମ; ଅନ୍ତରିନ୍ଦ୍ରିୟ ନିଗ୍ରହ; ନିରନ୍ତର ଭାବନାତ୍ୟାଗ—8. Concentration of mind; withdrawing the mind from worldly thoughts; control of one's thought.

[ବ୍ରି—ସାଂସାରିକ ବିଷୟର ଦୋଷଦର୍ଶନ ପୂର୍ବକ ମନ ଯେତେବେଳେ ସାଂସାରିକ ବିଷୟରୁ ନିବୃତ୍ତହୋଇ ପରଂବ୍ରହ୍ମରେ ଲୟରୂପେ ଅବସ୍ଥାନ କରେ, ମନର ସେହି ଅବସ୍ଥାକୁ ଶମ ବୋଲିଯାଏ । ଶମ(ମନଃ ସଂଯମ) ଓ ଦମ (ଇନ୍ଦ୍ରିୟ ସଂଯମ) ଦ୍ୱାରା ମନ ଓ ଇନ୍ଦ୍ରିୟମାନଙ୍କୁ ବିଷୟରୁ ନିବୃତ୍ତ କରିବାର ଚେଷ୍ଟା କରିବା ଯୋଗସାଧନର ପ୍ରଥମ ସୋପାନ ।] ୯ । ମଙ୍ଗଳ; କଲ୍ୟାଣ—9. Prosperity; blessing. ୧୦ । ସୁଖ—10. Happiness; bliss. ୧୧ । ଚିକିତ୍ସା—11. Treatment. ୧୨ । ପାଣି; ହସ୍ତ—12. Hand. ୧୩ । କ୍ଷମା—13. Forgiveness. ୧୪ । ତିରସ୍କାର—14. Reproach; censure. ୧୫ । ଶାନ୍ତି (ଦେଖ)—15. Sānti (See) ୧୬ । ସାହିତ୍ୟରେ ଶାନ୍ତରସର ସ୍ଥାୟୀ ଭାବ (ହି. ଶ)—16. The permanent character of the sentiment of Tranquility in literature. ୧୭ । ବାହ୍ୟେନ୍ଦ୍ରିୟ ନିଗ୍ରହ (ହି. ଶ)—17. The controlling of one's organs of sense.

ଶମକ—ସଂ. ବିଣ (ଶମ୍ ଧାତୁ+କର୍ତ୍ତୃ. ଅକ)—୧ । ଉପଶମକାରକ—
Śamaka 1. Alleviating; assuaging. ୨ । ଶାନ୍ତି-
(ଶମିକା—ସ୍ତ୍ରୀ) କାରକ—2. Pacifying. ୩ । ନିବୃତ୍ତିକାରକ—3. Restraining.

ଶମକା(କେ)ଇବା—ଦେ. କ୍ରି (ସଂ.ଶମ୍ ଶବ୍ଦରୁ ନାମଧାତୁ)—ଢିଙ୍କିର ଥୋଉ
Śamakā(ke)ibā ବା ପାହାର (ଯହିଁରେ ଶମା ଲାଗିଥାଏ ତାହା) ଦ୍ୱାରା ଢିଙ୍କି ମୁଣ୍ଡର ଖାତ ମଧ୍ୟରେ ସ୍ଥାପିତ ବସ୍ତୁମାନଙ୍କୁ ଜୋର୍‌ରେ
सरकोना କୁଟିବା—To pound or beat vigorously any article put in the hole by the pestle of Dhiṅki.[ଉ—ଦେ ଶମକେଇଲେ ! ଢିଙ୍କି ଦେ ଶମକୋଇଲେ ! ଶମା କୁଟଇ ଧାନାଦ ସଜଭୁଣୀ ଢିଙ୍କି ଲଞ୍ଜିରେ ଖାଅନ୍ତି ବଙ୍ଗଳା ପାନ । ଢିଙ୍କିକୁଟା ଗୀତ ।]

ଶମଠ—ସଂ. ବି (ଶମ ଧାତୁ+ବହୁଳାର୍ଥେ. ଅଠ)—
Śamaṭha ୧ । ମହାଭାରତୋକ୍ତ ଜଣେ ବ୍ରାହ୍ମଣ (ଶବ୍ଦକୋଷ)—1. Name of a Brāhmaṇa. ୨ । ତୁଦ; ତୁଲବିଶେଷ—2. Mulberry. ୩ । ଶାକ ବିଶେଷ—3. A kind of potherb.

ଶମତା—ଦେ. ବି (ଭ୍ରମାତ୍ମକ ପ୍ରୟୋଗ)—୧ । ନିବୃତ୍ତି—1. Cessa-
Śamatā tion. ୨ । ଶାନ୍ତି—2. Tranquility; calmness. ୩ । ଉପଶମ—3. Assuaging; relief; alleviation. ୪ । ମୁକ୍ତି—4. Liberation.
[ଦ୍ର—'ଶମ' ଶବ୍ଦ ସ୍ୱୟଂ ଭାବବାଚକ ଗୁଣବାଚକ ବା କ୍ରିୟାବାଚକ ବିଶେଷ୍ୟ, ତହିଁରେ 'ତା' ପ୍ରତ୍ୟୟ କରି ପୁଣି ବିଶେଷ୍ୟ ପଦ କରିବା ବ୍ୟାକରଣ ବିରୁଦ୍ଧ । ପ୍ରକୃତିବାଦ ପ୍ରଭୃତି ବଙ୍ଗଳା ଅଭିଧାନମାନଙ୍କରେ ଏ ଶବ୍ଦ ସ୍ୱୟଂ ଭ୍ରମାତ୍ମକ ବୋଲି ସଙ୍କେତ କରାଯାଇ ଅଛି; ମାତ୍ର ବିଖ୍ୟାତ ସ୍ୱୟଂ ଭ ଅଭିଧାନପ୍ରଣେତା ଆପ୍ଟେ ଓ ମନିଅର ଉଇଲିୟମ୍ 'ଶମତା' ଶବ୍ଦକୁ ସେମାନଙ୍କ ସ୍ୱସ୍ୱ ଅଭିଧାନମାନଙ୍କରେ ସ୍ଥାନ ଦେଇ ନାହାନ୍ତି । ତେଣୁ ଏହାକୁ ଦେଶଜ ବା ଅସଂସ୍କୃତ ଶବ୍ଦରୂପେ ଆମ୍ଭେମାନେ ଗ୍ରହଣ କଲୁଁ ।]

ଶମଥ—ସଂ. ବି.—(ଶମ୍ ଧାତୁ+ଭାବ. ଅଥ)— ୧ । ଶାନ୍ତି—
Śamatha 1. Calmness; tranquility. ୨ । ମନର ସ୍ଥିରତା—2. Peace of mind. ୩ । ମନଃସଂଯୋଗ—3. Mental application. ୪ । ନିବୃତ୍ତି—4. Cessation; stoppage. ୫ । (+କର୍ତ୍ତୃ. ଅଥ); ସଚିବ; ମନ୍ତ୍ରୀ—5. A counsellor; minister.

ଶମ ଦମ—ସଂ. ବି.—(ଦ୍ୱନ୍ଦ୍ୱ; ସମାହାର)—ମନଃସଂଯୋଗ ଓ ଇନ୍ଦ୍ରିୟ-
Śama dama ସଂଯମ—Control of passions and control of external organs. (ଯୋଗ ସାଧନର ବା ତପସ୍ୟାର ଏ ଦୁଇଟି ପ୍ରଧାନ ସୋପାନ)—

ଶମନ—ସଂ. ବି.—(ଶମ୍ ଧାତୁ ଣିଚ୍ ଶମି ଧାତୁ= ଶାନ୍ତ କରିବା+ଭାବ
Śamana ଅନ)—୧ । ଯଜ୍ଞାର୍ଥ ପଶୁ ବଧ—1. Killing of an animal for religious sacrifice. ୨ । ମନଃଶାନ୍ତି—2. Mental tranquility. ୩ । ନିବାରଣ—3. Restraining; prevention. ୪ । ବନ୍ଦ କରିବା—4. Stopping. ୫ । ଉପଶମନ; ଶାନ୍ତ କରାଇବା—5. Alleviating; assuaging. ୬ । ଉପଶମ—6. Relief; alleviation. ୭ । ହିଂସା; ଦ୍ୱେଷ—7. Malice; hurting; injuring. ୮ । ତିରସ୍କାର—8. Abuse; reproach. ୯ । କ୍ଷତ—9. Injury. ୧୦ । ଶାପ; ଅଭିଶାପ—10. Curse; imprecation. ୧୧ । ଚର୍ବଣ—11. Chewing. ୧୨ । ଆଘାତ—12. Blow; stroke. ୧୩ । ଦମନ—13. Subduing; subjugation. ୧୪ । ପୁଂ—(+କର୍ତ୍ତୃ. ଅନ) କୃତାନ୍ତ; ଯମ—14. The God of death. ୧୫ । ମୃଗ ବିଶେଷ—15. A species of deer. ୧୬ । କଳାୟ; ବିରି; ମାଷ—16. A kind of pulse; Phaseolus Radiatus, ୧୭ । ଅନ୍ନ (ହି.ଶ.)—17. Food. ୧୮ । ମଟର (ହି. ଶ.)—18. Pea. ୧୯ । ବମନ ବିରେଚନ ଦ୍ୱାରା ବାତାଦି ଦୋଷନିବାରକ

ଔଷଧ ହ୍ନ. ଶ.) 19 A medicine which causes vomiting & purging. ୨୦ । ଏକ ପ୍ରକାର ବସ୍ତି କର୍ମ—20. A kind of injection by the enema. (ଦ୍ର—ତ୍ରିବୃକ୍, ସୈନ୍ଧବ, ମୁଥା ଓ ଇସାଙ୍ଗଳ ଏହି ସମସ୍ତର କ୍ୱାଥରେ ଗୁଡ଼ ମିଶାଇ ବସ୍ତି ପ୍ରୟୋଗ କଲେ ସବୁ ଦୋଷ ଉପଶମ ହୁଏ (ବୈଦ୍ୟକୋଷ) ।) ୨୧ । ରୋଗ ନିବାରଣାର୍ଥ ଧୂମ ପାନବିଶେଷ—21. Smoking for medicinal purposes ୨୨ । ଅରୁଣ; ସୂର୍ଯ୍ୟସାରଥି (ବିଶ୍ୱକୋଷ)—22. Dawn personified.

ଶମନ ଦ୍ୱାର —ସ. ବି—୧ । ଯମପୁରର ଦ୍ୱାର—1. The door of **Ś mana dwāra** death; death's door. ୨ । ମୃତ୍ୟୁ—2. Death.

ଶମନ ପୁର (ରୀ) —ସ. ବି—୧ । ଯମପୁର; କୃତାନ୍ତପୁରୀ 1. The **Ś mana pura(ri)** abode of the God of death.
ଶମନ ଭବନ, ଶମନ ସଦନ, ଶମନ ନଗର(ରୀ) } —ଅନ୍ୟରୂପ ୨ । ମୃତ୍ୟୁପରେ ମନୁଷ୍ୟର ପ୍ରେତ ବା ଆତ୍ମା ଯେଉଁଠାକୁ ଯାଏ—2. The abode of the departed spirits.

ଶମନ ବସ୍ତି—ସ. ବି—ଶମନ ୨୦ (ଦେଖ)
Ś mana basti Śamana 20 (See)

ଶମନ ସ୍ୱସା—ସ. ବି. ସ୍ତ୍ରୀ—(ଶମନ ସ୍ୱସୃ ୬ଷ୍ଠୀ. ୧ବ)—ଯମୁନା ବା **Ś mana swasā** କାଳନ୍ଦୀ ନଦୀ—The river Jamunā.

ଶମନୀ ସ. ବି. ସ୍ତ୍ରୀ—(ଶମନ+ଈ)—ରାତ୍ରି—
Ś mani Night.

ଶମନୀୟ ସ. ବିଣ—(ଶମ ଧାତୁ+କର୍ମ ଅନୀୟ)—ଶମିତ ହେବା ଯୋଗ୍ୟ
Ś maniya —Fit to be alleviated.

ଶମନୀଷଦ୍—ସ. ବି ପୁଂ ଓ ସ୍ତ୍ରୀ—(ଶମନୀ=ରାତ୍ରି+ସଦ୍ ଧାତୁ=ଗମନ **Śamanishad** କରିବା+କର୍ତ୍ତୃ. କ୍ୱିପ୍)—ନିଶାଚର; ରାକ୍ଷସ—A demon.

ଶମୟିତା—ସ. ବିଣ. ପୁଂ—(ଶମ୍ ଧାତୁ ଣିଚ୍ ଶମି ଧାତୁ+କର୍ତ୍ତୃ. ତୃ; **Śam yitā** ଶମୟିତୃ ଶବ୍ଦ; ୧ମା. ୧ବ)—୧ । ଉପଶମକାରକ—[ଶମୟିତ୍ରୀ—ସ୍ତ୍ରୀ] 1. Assuaging; alleviating. ୨ । ନିବାରକ—2. Preventing. ୩ । ଦମନକାରୀ—3. Subduing; controlling. ୪ । ବିନାଶକ—4. Destroying.

ଶମଲ—ସ ବି—(ଶମ୍ ଧାତୁ+କର୍ତ୍ତୃ. ଅଲ)—୧ । ପୁରୀଷ; ମଳ; ବିଷ୍ଠା **Śamala** 1. Ordure; dung. ୨ । (+କର୍ମ. ଅଲ)—ପାପ—2. Sin. [ଉ—ଭୁଞ୍ଜନ୍ତି ପୋଷଣର ଫଳ, ତାହାର ଯେତେକ ଶମଲ; ସେ ଫଳ ଭିଣ୍ଣର ଦିଅନ୍ତି, ପାପୀ ତା ଏକାକେ ଭୁଞ୍ଜନ୍ତି । ଜଗନ୍ନାଥ. ଭାଗବତ ।] ୩ । ଅପରାଧ—3. Crime; guilt.

ଶମ ଶମ—ସ. ବି—ଶିବ (ହ୍ନ. ଶ.)—
Śama śama Śiba.

ଶମଶାନ—ଗ୍ରା. (ପଦ୍ୟ) ବି.—(ସ. ଶ୍ମଶାନ)—ଶ୍ମଶାନ (ଦେଖ)—
Śamaśāna शशान समसान Śmaśāna (See)

[ଉ—ବିଳସାଇ ଯଥା ଅଳକା ତେଜାଇ ଈଶ୍ୱରଙ୍କ ଶମଶାନେ । ଭଞ୍ଜ. ବୈଦେହୀଶବିଳାସ ।]

ଶମା ମି,(ମୀ)ଦେ. ବି—(ସ.ଶମ, ଶମ୍ୟା)— ୧ । ଢିଙ୍କିର ଥୋଡ ବା ଖାଡାହାରର **Ś ma(mi,mi)** ଅଗରେ ଲଗିବା ଲୌହ ବଳୟ—1. The शामा साम iron ring surrounding the head of the pestle of a Dhinki. ୨ । ମୁଷଳର ବା ମୁଦ୍‌ଗରର ବା ଯଷ୍ଟିର ମୁଣ୍ଡରେ ଜଡ଼ିତ କରା ଯାଇଥିବା ଲୌହ ବଳୟ—2. An iron ring put round the head of a mace, cudgel or pestle. ୩ । ଚିତ୍ରକରମାନଙ୍କର ପଶାର ଗୋଟି ବା ସାର କାଟିବା ଅସ୍ତ୍ର ବିଶେଷ—3. An instrument used by painters to cut out the balls or pieces used in chess and other games. ୪ । ଶଗଡ଼ ଚକର ମଧ୍ୟପିଣ୍ଡର ଭିତର କଣା ଚାରିପାଖେ ଲାଗିବା ଲୁହା ବଳୟ—4. The thick ring put inside the nave of a wheel.

ଶମାନ୍ତକ -ସ. ବି—(୬ଷ୍ଠୀ ତତ୍; ଶମ=ଶାନ୍ତି+ଅନ୍ତକ)—କାମ-**Ś māntaka** ଦେବ—Cupid.

ଶମାର୍ଥୀ—ସ. ବିଣ—(ଶମ+ଅର୍ଥ ଧାତୁ+କର୍ତ୍ତୃ ଇନ୍; ଶମାର୍ଥିନ୍ ୧ମା **Ś mārthi** ୧ବ.)—ଶାନ୍ତିପ୍ରୟାସୀ—Desiring peace. [ଶମାର୍ଥିନୀ—ସ୍ତ୍ରୀ]

ଶମି ମୀ—ସ.ବି- (ଶମ ଧାତୁ=ଶାନ୍ତ କରିବା+କର୍ତ୍ତୃ.ଇ,ଈ,ଏହା ଗୀତ୍ର; **Śami(mi)** ଶାନ୍ତ କରେ ବୋଲି) ୧ । ଶୁମି ବା ଶାଇଁ ଗଛ—

ଅନ୍ୟ ସଂ ନାମ—ଶକ୍ତୁଫଳା(ଳୀ)	1. The spung tree.
ତୁଙ୍ଗା, କେଶହନ୍ତ୍ରୀ, ଶିବାଫଳା,	Prosopis Spicigera;
ମଙ୍ଗଲ୍ୟା, ଲକ୍ଷ୍ମୀ, ଶମୀର, ସାନ୍ତିକା	Adenanthera Spici-
ଶକ୍ତୁ ଫଳା, କାଳକାର, ଶିବା	gera (Kirtikar).
ଶୁଭଦା, ପବିତ୍ରା, ପାପନାଶିନୀ,	[ଦ୍ର—ଏହା ଏକ ପ୍ରକାର କଣ୍ଟା-
ଶାନ୍ତା, ଜଟରପୁ ଫଳା,	ଯୁକ୍ତ ଗଛ, ଓ ବବୁର ଜାତୀୟ ।
କେଶମଥନୀ, ଈଶାନୀ,ତପନତନୟା],	ଏହାର କାଠ ହୋମରେ ସମିଧ
ଇଷ୍ଟା, ଶୁଭକରୀ, ହବର୍ଗନ୍ଧା,	ରୂପେ ବ୍ୟବହୃତ ହୁଏ । ଏହାର
ମେଧ୍ୟା, ସମୁଦ୍ରା, ସ୍ୱଚ୍ଛ,	ଛାଲ ଧଳା ଓ ଫଟାଫଟା; ମଝିଡାଳ
ପାପଶମନୀ, ଭଦ୍ରା, ଶଙ୍କରୀ,	ବଡ଼ ଗଛର ମଞ୍ଜ କଳା; ଶାଖା
ସୁପତ୍ରା, ସୁଖଦା	ଓ ପତ୍ରରେ କଣ୍ଟା ଥାଏ; ପତ୍ର
ହି. ଛମୀଚେଣ୍ଟ୍ରୁ,	ଦ୍ୱିପକ୍ଷ ଓ ଶ୍ରେଣୀ ୭ ଠାରୁ ୧୦
ମ. ଶମୀ, ଛୋକ୍ରା	ଯୋଡ଼ା । ଫୁଲ ଛୋଟ, ଲମ୍ବଥିବା
शाई	ଓ କଦମ୍ବ ଫୁଲର ଆକୃତିବିଶିଷ୍ଟ
छोंकर, शामी, झिकुर,	ଓ କେଶରଯୁକ୍ତ; ମଞ୍ଜ ଚେପଟା ଓ
सफेद् कीकर	କଳା, ଛୁଇଁ ଚେପ୍ଟା ଓ ୮।୧୦

ଅଙ୍ଗୁଳ ଲମ୍ବା । ଫଳରୁ ଛାତୁଅ ପର ଚୂନର ମଞ୍ଜ ସୁଣ୍ଡ କରେ । ଏହି ସୁଣ୍ଡା ମନୁଷ୍ୟର ଖାଦ୍ୟ । ରାଜପୁତାନା, ପଞ୍ଜାବ, ବୋମ୍ବାଇ ଓ ଦକ୍ଷିଣରେ ଏ ଗଛ ଦେଖାଯାଏ । ପୂର୍ବ-କାଳରେ ଦୁଇଖଣ୍ଡ ଶମି କାଠ ଘଷି ଅଗ୍ନି ଉତ୍ପାଦନ କରା ଯାଉଥିଲା । ଏହାର କାଠ ଖୁବ୍ ଦୃଢ଼ । ବୈଦ୍ୟ ଶାସ୍ତ୍ର

ଅନୁସାରେ ଏହା ତିକ୍ତକଟୁ କଷାୟ, ଶୀତବୀର୍ଯ୍ୟ, ରେଚକ ଓ ଲଘୁ । ଏହା କଫ, କାଶ, ଶ୍ୱାସ, କୁଷ୍ଠ, ଅର୍ଶ ଓ କୃମି ରୋଗରେ ଉପକାରୀ । ଏ ଗଛ ଦୁଇ ପ୍ରକାର । ଯଥା—୧ । ବଡ଼ (ଯାହା ଉପରେ ବର୍ଣ୍ଣିତ ହୋଇଅଛି ଏବଂ ୨ । ଛୋଟ (କଣ୍ଟା ଗୁଆମ)—Acacia Suma. ।] ୨ । ଶିମ୍ବୀଧାନ୍ୟ (ବୃ. ଶ)—2. Cereals. ୩ । ଶିମ୍ବ (ଶବ୍ଦକୋଷ)—3 Bean. ୪ । ଯଜ୍ଞ (ବୃ. ଶ)—4. Vedic sacrifice. ୫ । (ପୁରାଣୋକ୍ତ) ଉଶୀନର-ଙ୍କର ଏକ ପୁତ୍ର (ବୃ. ଶ)—5. Name of a son of Uśinara. ୬ । (ଋଗ୍ବେଦ) ଅନ୍ଧକଙ୍କର ଏକ ପୁତ୍ର (ଶବ୍ଦକୋଷ)—6. Name of a son of Andhaka. ୭ । ସୋମରାଜୀ; ବାକଚି (ଶବ୍ଦକୋଷ) —7. Serratula Anthelmintica. ୮ । କର୍ମ (ଶବ୍ଦକୋଷ) 8. Act. ଦେ. ବି—୧ । ଶମା (ଦେଖ)—1. Samā (See) ୨ । ଚଉକାଠର

ଶାମା କଣରେ ମରି ଯାଇଥିବା ଲୋହବଳୟ (ଯାହା ଉପରେ
ସାମ କବାଟର ସାବଳ ବୁଲୁଥାଏ)—2. The ring put to the corners of the doorframe on which the doors do revolve or turn.

ଶମି(ମୀ) କଣ୍ଟା—ଦେ. ବି (ସଂ. ଶମି ବା ଶମୀ ଓ କଣ୍ଟକ)—Sami(mi) kaṇṭā କଣ୍ଟକଜାତୀୟ କ୍ଷୁଦ୍ର କଣ୍ଟାଳ ତରୁ—
शमि काँटा; शाई काँटा Acacia Suma [ଦ୍ର—ଏହା ଶମୀ
छोटी कीकर ଗଛ ପରି, କିନ୍ତୁ ଛୋଟ । ଖଳ ଧଳା; ପତ୍ର ଦ୍ୱୈପକ୍ଷ, କଣ୍ଟା ଯୋଡ଼ା ଯୋଡ଼ା ବାହାରେ; ପତ୍ର ଦ୍ୱିପକ୍ଷ, ପକ୍ଷ ୩୦ ଠାରୁ ୫୦ ପର୍ଯ୍ୟନ୍ତ, ପତ୍ର ୧୦ ଠାରୁ ୨୦ ଯା ; ଫୁଲ ଧଳା ବା ଅପାଣ୍ଡୁର; ଛୁଇଁ ୪।୫ ଅଙ୍ଗୁଳ ଲମ୍ବ । ଓଡ଼ିଶା, ଛୋଟନାଗପୁର ଓ ପଶ୍ଚିମ ବଙ୍ଗରେ ଏ ଗଛ ହୁଏ ।]

ଶମିତ—ସଂ. ବିଣ (ଶମ୍ ଧାତୁ ଣିଚ୍=ଶମି ଧାତୁ+କର୍ମ. ତ)—Samita ୧ । ଦମିତ—1. Controlled. ୨ ନିବାରିତ—2. Prevented. ୩ । ବିନାଶିତ—3. Destroyed. ୪ । ଉପଶମିତ—4. Assuaged; alleviated; appeased.

ଶମିବା—ଦେ. କ୍ରି (ପଦ୍ୟ) (ଶମଧାତୁ)—୧ । ଉପଶମ କରିବା—1. To Samibā alleviate. [ଦ୍ର—ପଥଶ୍ରମ ଶମିବୁ ସୁଖ-ନିଷୁକେ—
शमना ବ୍ରଧାନାଥ. ମେଘଦୂତ ।] ୨ । ଦମନ କରିବା—
समना 2. To check. ୩ । ନିବାରଣ କରିବା—3. To prevent. [ଦ୍ର—ଶମଇ ଏ ମହାଅଗ୍ନି ଅମୃତ ସଗୁନ—ମଧୁସୂଦନ. ବଚନ ।]

ଶମ(ମୀ)ର—ସଂ.ବି (ଶମି+ର; ସ୍ୱଦ୍ରାର୍ଥେ)—କ୍ଷୁଦ୍ର ଶମୀ ବୃକ୍ଷ; ଶମିକଣ୍ଟା Sami(mi)ra (ଦେଖ)—Sami kaṇṭā (See)

ଶମି ରୋହ—ସଂ. ବି (ଶମି=ବୃକ୍ଷବିଶେଷ+ରୁହ୍ ଧାତୁ+କର୍ତ୍ତୃ. ଅ)—Sami roha ଦେବାଦେବ; ଶିବ—Siba.

ଶମିଲା—ସଂ. ବି - ଜାଇଫୁଲଗଛଜାତୀୟ ଏକପ୍ରକାର ଗୁଳ୍ମ (ବୃ. ଶ)—Samilā A kind of plant akin to the Spanish Jasmine.

ଶମି ସାବେ(ବ)ଳି—ଦେ. ବି (ସହରର)—କବାଟର ଏକପ୍ରକାର କଳ—Sami sābe(ba)ḷi A contrivance consisting of a
साम साबल ring and a pivot or pin in revolving doors. [ଦ୍ର—ପୂର୍ବେ କବାଟମାନ ଚଉକାଠରେ ଲଗାଇବା ପାଇଁ କବଜା ବ୍ୟବହୃତ ହେଉ ନ ଥିଲା । ବଡ଼ କବାଟରେ ଉପରୀ ଓ କବଜା ଲଗା ଯାଉଥିଲା ଓ ସାଧାରଣ କବାଟର ୨ଟ କଣରେ ଗୋଟିଏ ଲେଖାଏଁ ଲୁହାର ବା କାଠର ଖିଲା (ସାବେଲୀ) ଲଗା ଯାଉଥିଲା ଓ ଚଉକାଠରେ ଲୁହାର ଶମି ମରା ଯାଉଥିଲା । ସେହି ଶମିରେ କବାଟର ସାବଳ ବୁଲିବାରୁ କବାଟ ଖୋଲା ଯାଉଥିଲା ଓ ମୁଦା ହେଉଥିଲା ।]

ଶମୀ—ସଂ. ବି (ଶମ ଧାତୁ+କର୍ତ୍ତୃ. ଇ)—୧ । ଶମି (ଦେଖ)—Sami 1. Sami (See) ୨ । ଶିମ୍ବ, ମୁଗ, ବିରି, ମଟର ପ୍ରଭୃତି ଛୁଇଁର ଖୋସା—2. The pod of leguminous seeds ୩ । ଛୁଇଁ—3. The pod of
(ଶମିନ୍—ସ୍ତ୍ରୀ) some plants. ବିଣ. ପୁଂ (ଶମ୍ ଧାତୁ+କର୍ତ୍ତୃ. ଇନ୍, ଶମିନ୍ ୧ମା. ୧ବ)—୧ । ଶମଗୁଣ ବିଶିଷ୍ଟ; ଯେ ଆପଣାର ମନକୁ ଦମନ କରିଅଛି; ମନଃସଂଯମୀ; ଜିତେନ୍ଦ୍ରିୟ-1. Able to control one's passions; self restrained; self-controlled; forbearing. ୨ । ଧୀର—2. Sagacious; patient; deliberate; temperate. ୩ । ଗମ୍ଭୀର—3. Grave. ୪ । ଶାନ୍ତ -4. Serene; peaceful; calm.

ଶମୀକ—ସଂ. ବି (ଶମ୍ ଧାତୁ+କର୍ତ୍ତୃ. ଈକ) ମୁନିବିଶେଷ; ଶୃଙ୍ଗୀଙ୍କ Samīka ପିତା—Name of a sage; father of sage Sṛungī. [ଦ୍ର—ଏ ଅତ୍ୟନ୍ତ କ୍ଷମାଶୀଳ ତପସ୍ୱୀ ଥିଲେ । ରାଜା ପରୀକ୍ଷିତ ମୃଗୟାକୁ ଯାଇ ଗୋଟିଏ ମୃଗ ପଛରେ ଗୋଡ଼ାଇ ଗୋଡ଼ାଇ ମୃଗଟି ଅଦୃଶ୍ୟ ହେଲା ଓ ରାଜା ଯାଇ ଶମୀକଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଶମୀକ ସେତେବେଳେ ତପସ୍ୟାରେ ରତ ଥିଲେ । ରାଜା ତାହାଙ୍କୁ ମୃଗର ବୃତ୍ତାନ୍ତ ପଚାରିବାରୁ ମୁନି ମୌନବ୍ରତାବଲମ୍ବନ କରିଥିବା ହେତୁ କୌଣସି ଉତ୍ତର ପ୍ରଦାନ କଲେ ନାହିଁ । ଏଥିରେ ରାଜା କ୍ରୁଦ୍ଧ ହୋଇ ତାଙ୍କ ବେକରେ ଗୋଟିଏ ମୃତ ସର୍ପ ପକାଇ ଦେଲେ । ଶମୀକଙ୍କ ପୁତ୍ର ଶୃଙ୍ଗୀ ସେତେବେଳେ ଆଶ୍ରମରେ ନ ଥିଲେ । ଆଶ୍ରମକୁ ଫେରି ଆସି ପିତାଙ୍କ ବେକରେ ମୃତ ସର୍ପ ପଡ଼ିଥିବାର ଦେଖି ଶୃଙ୍ଗୀ ଅତ୍ୟନ୍ତ କୁପିତ ହେଲେ ଏବଂ ସଙ୍ଗେ ସଙ୍ଗେ ପିତାଙ୍କ ସ୍କନ୍ଧରୁ ମୃତ ସର୍ପଟି ବାହାର କରି ଦେଇ ଏ କାର୍ଯ୍ୟର କର୍ତ୍ତା (ରାଜା ପରୀକ୍ଷିତ)ଙ୍କୁ ଅଭିଶାପ ଦେଲେ—"ଯେଉଁ ବ୍ୟକ୍ତି ମୋ ପିତାଙ୍କ ଗଳାରେ ମୃତ ସର୍ପ ଲମ୍ବାଇ ଦେଇଅଛି, ସେ ଆଜଠାରୁ ଏକ ସପ୍ତାହ ମଧ୍ୟରେ ସର୍ପାଘାତରେ ମୃତ୍ୟୁ ବରଣ କରିବ ।" ଧ୍ୟାନ ଭଙ୍ଗ ପରେ

ଶମୀକ ପୁତ୍ରର ଏହି ଦାରୁଣ ଅଭିଶାପରେ ଅତ୍ୟନ୍ତ ଦୁଃଖିତ ଓ ଅସନ୍ତୁଷ୍ଟ ହୋଇ ମୃତ୍ୟୁ ପାଇଁ ପ୍ରସ୍ତୁତ ହେବାକୁ ରାଜା ପରୀକ୍ଷିତଙ୍କୁ ସଂବାଦ ପ୍ରଦାନ କଲେ ଓ ଶମୀକଙ୍କ ଶାପ ଫଳରେ ପରୀକ୍ଷିତ ତକ୍ଷକ ଦଂଶନରେ ମୃତ ହେଲେ ।]

ଶମୀ ଗର୍ଭ—ସଂ. ବ (ଶମୀ ଗର୍ଭରେ ଯାହାର; ବହୁବ୍ରୀହି; ଶମୀ Sami garbha ବୃକ୍ଷର କାଷ୍ଠ ଘର୍ଷଣର ଅଗ୍ନିଧରୂପେ ବ୍ୟବହୃତ (ଶମୀଜାତ—ଅନ୍ୟରୂପ) ହେଉଥିବାରୁ)—୧ । ଅଗ୍ନି—1. Fire. ୨ । ବ୍ରାହ୍ମଣ—2. A Brāhmaṇa.

ଶମୀଜ—ସଂ. ବ (ଶମୀ=ଛୁଇଁ+ଜନ୍ ଧାତୁ+କର୍ତ୍ତୃ.ଅ)—ଶିମ୍ବିଧାନ୍ୟ; Samija ଶମୀଧାନ୍ୟ (ଦେଖ)—Samidhānya (See)
ଅନ୍ୟ ସଂ. ନାମ—ଶିମ୍ବିକ, ଶିମ୍ବୀଭବ, ସୂର୍ଯ୍ୟ ଓ ବୈଦଳ

ଶମୀଧାନ୍ୟ—ସଂ. ବ.—(ଶମୀ=ଛୁଇଁ+ଧାନ୍ୟ)—ବିରି, ମୁଗ, କୋଳଥ Samidhānya ଆଦି ଛୁଇଁଯୁକ୍ତ ଶସ୍ୟ; ଶିମ୍ବିଧାନ୍ୟ—Leguminous or pod-bearing grains.
ଅନ୍ୟ ସଂ ନାମ—ଶମୀଜ ଶିମ୍ବିକ, ଶିମ୍ବୀଭବ, ସୂର୍ଯ୍ୟ, ବୈଦଳ
[ଦ୍ର—ବିରି, ମୁଗ, କୋଳଥ, ଚଣା, ବରଗୁଡ଼ି, ଶିମ୍ବ, ମସୁର, ହରଡ଼ି, ବୁଟ, ମଟର ଆଦି ଏହି ଶମୀଧାନ୍ୟ ବା ଶିମ୍ବୀ ଧାନ୍ୟ ଶ୍ରେଣୀରେ ଅନ୍ତର୍ଗତ ।]

ଶମୀପତ୍ରା(ତ୍ରୀ)—ସଂ.ବ—(ବୈଦ୍ୟକ)—୧। ଲଜ୍ଜାଳୁ;ଲାଜକୋଳି ଲତା—Samipatrā (tri) 1. A creeper; Mimosa Pudica. ୨ । ପାଣି ଲାଜକୋଳି ଲତା (ହି. ଶ)—2 A species of mimosa growing in water.

ଶମୀର—ସଂ. ବ.—(ଶମୀ+କ୍ଷୁଦ୍ରାର୍ଥେ ର,)—୧ । କ୍ଷୁଦ୍ର ଶମୀବୃକ୍ଷ; ଶମି Samira କଣ୍ଟା (ଦେଖ) Samikanṭā (See) ୨ । ସୋମରାଜୀ (ହି.ଶ)—2. Serratula Anthelmintica.

ଶମୀର କନ୍ଦ—ସଂ. ବ—ବାରାହୀକନ୍ଦ; ଆଳୁ
Samira kanda Disocorea; yam.

ଶମ୍ପା—ସଂ. ବ.—(ଶମ୍=ସୁଖ, ହର୍ଷ+ପା ଧାତୁ=ପାନ କରିବା ଅର୍ଥାତ୍ Sampā ନଷ୍ଟ କରିବା+କର୍ତ୍ତୃ ଅ+ଆ; ଯାହା ନିଜର ପ୍ରଭାଦ୍ୱାରା ବର୍ଷାକାଳରେ ହର୍ଷକୁ ନାଶ କରେ ।)—୧ । ବିଦ୍ୟୁତ୍; ବିଜୁଳି 1. Lightning. ୨ । କଟି (ହି.ଶ) 2 Waist.
ଶଂପା ଶାପ ଦେ. ବ.—(ସଂ ଶପ୍ ଧାତୁ=ଅଭିଶାପ ଦେବା)—୧ । ଶମ୍ପିବା; ଗାଳିଦେବା—1. Abusing. ୨ । ଅଭିଶାପ ଦେବା—2. Cursing. ୩ । ଅଭିସଂପାତ—3. Curse; imprecation.

ଶମ୍ପା(ମ୍ପେ)ଇବା—ଦେ. କ୍ରି—ଶମ୍ପିବା କ୍ରିୟାର ପ୍ରଯୋଜକ ରୂପ; ଅନ୍ୟ Sampā(mpe)ibā ଦ୍ୱାରା କୌଣସି ବ୍ୟକ୍ତିକୁ ଗାଳି ବା ଅଭିଶାପ ଶଂପାନ ଶାପଦିଲବানা ଦିଆଇବା—To cause to be abused or cursed by another.

ଶମ୍ପାକ—ସଂ ବ.—(ଶମ୍=ହର୍ଷ+ପାକ=ଯେ ପାକ କରେ)—୧ । Sampāka ଆରଗ୍ବଧ ବା ସୁନାରି ଗଛ—1. A tree; Cassia Fistula ୨ । ଅଲକ୍ତକ; ଅଲତା—2. Lac dye used in painting the feet ୩ । ରନ୍ଧନ—3. Cooking ୪ । ବିପାକ (ବିଶ୍ୱକୋଷ); ପରିଣାମ 4. Result; final result.

ଶମ୍ପା ଗଉରୀ—ଦେ.ବ ଓ ବିଣ.ସ୍ତ୍ରୀ—(ସଂ ଶମ୍ପା=ବିଦ୍ୟୁତ ଓ ଗୌରୀ)—Sampā gauri ବିଦ୍ୟୁତ୍ ପରି ଗୌରବର୍ଣ୍ଣା ସ୍ତ୍ରୀ—A woman शंपागोरी having a complexion as bright as the lightning
ଶମ୍ପା ଗୌରୀ } ଅନ୍ୟରୂପ
ଶମ୍ପା ଗୋରୀ }

ଶମ୍ପାତ—ସଂ ବ.—(ଶମ୍+ପାତ) ୧ । ଆରଗ୍ବଧ ବୃକ୍ଷ—1, Cassia Sampāta Fistula(tree). ୨। ଅଭିସମ୍ପାତ (ବିଶ୍ୱକୋଷ)—2. Curse.

ଶମ୍ପିବା—ଦେ. କ୍ରି—(ସଂ ଶପ୍ ଧାତୁ=ଶାପଦେବା)—୧ । ଅଭିଶାପ Sampibā ଦେବା—1.To curse ୨ । ଗାଳିଦେବା—2. To शंपा; शंपदेओ्वा शापदेना abuse.
[ଦ୍ର—ସ୍ତ୍ରୀ ଲୋକମାନେ ଶତ୍ରୁକୁ ଶମ୍ପା ଯାହା ସଙ୍ଗେ କଳି କରନ୍ତି, ତାକୁ ଶମ୍ପନ୍ତି । ତୁ ମର, ତୋ ପୁଅ ମରୁ, ତୋ ସ୍ୱାମୀ ମରୁ, ତୋ କୁଳବୁଡ଼ୁ, ଇତ୍ୟାଦି ଅଭିଶାପଯୁକ୍ତ ଗାଳି ଦିଅନ୍ତି ।]

ଶମ୍ବ୍ (ଧାତୁ)—ସଂ.ବ—୧। ରାଶି କରିବା—1 To heap up. ୨ । Samb (root) ଗମନ କରିବା—2. To go, to move.

ଶମ୍ବ—ସଂ.ବ—(ଶମ୍ ଧାତୁ+କର୍ତ୍ତୃ ଅ)—୧ । ଅଶନି ବଜ୍ର—1.Thun- Samba derbolt (ଦ୍ର—ଠାଣେ ବଳେ ଶମ୍ବ ସଦୃଶ ବଳମ୍ବ ଭୂମିକୁ ଏକା ଅରନ୍—କବିସୂର୍ଯ୍ୟ; ବଶୋଗ୍ର ଚମ୍ପୁ ୫ ଗୀତ ।) ୨ । ଢିଙ୍କି ଶମୀ; ଢିଙ୍କି ପାହାରର ମୁଣ୍ଡକୁ ବେଷ୍ଟନ କରିଥିବା ଲୌହ ବଳୟ; ମୁଷଳର ଅଗ୍ରକୁ ବେଢ଼ିଥିବା ଲୌହ ମଣ୍ଡଳ—2.The iron ring on the head of the pestle of a Dhiṅki. ୩ । ଲୌହବଳୟବେଷ୍ଟିତାଗ୍ର ମୁଦଗର—3. A mace headed with an iron ring. ୪ । ଲୌହମୟ କାଞ୍ଚି; ଅଣ୍ଟାରେ ପିନ୍ଧିବା ଲୁହା ଶିକୁଳି—4.A waist-chain of iron. ୫ । ଭୂମିକୁ ଦ୍ୱିତୀୟବାର ଚଷିବା; ଦୋଅଡ଼ି ଚଷ; ଅନୁଲୋମ କର୍ଷଣ—5. Second ploughing; ploughing a field for the second time. ୬ । ଦରିଦ୍ର ବ୍ୟକ୍ତି 6. A poor man. ୭ । ପ୍ରାଚୀନ କାଳର ପରିମାଣବିଶେଷ (ହି. ଶ)—7. An ancient standard of measurement. ୮ । ଭାଗ୍ୟବାନ୍ ବ୍ୟକ୍ତି (ବିଶ୍ୱକୋଷ)—8. A lucky person.
ବିଣ.—(ଶମ୍=ସୁଖ+ବ)—୧ । ଭାଗ୍ୟବାନ୍; ସୌଭାଗ୍ୟଶାଳୀ—1. Fortunate; prosperous; lucky. ୨ । ଶୁଭାନ୍ୱିତ—2 Blessed; auspicious ୩ । ସୁଖୀ—3 Happy. ୪ । ଦରିଦ୍ର (ବିଶ୍ୱକୋଷ)—4 Poor.
(ସମ୍ବ—ଅନ୍ୟରୂପ)

ଶମ୍ବକ—ଦେ. ବ.—ଶମ୍ବୁକ (ଦେଖ)
Sambaka Sambuka (See)

[ଭ—ଶମ୍ବର ନାମରେ ଦୈତ୍ୟ, ପୃଥ୍ବୀରେ ପ୍ରସିଦ୍ଧ ଅଟଇ ।—ମଧୁସୂଦନ, ଭକ୍ତରତ୍ନମଣ୍ଡଳ]

ଶମ୍ବଧର—ସଂ. ବି (ଶମ୍+ଧୃ ଧାତୁ+କର୍ତ୍ତୃ ଅ, ବହୁବ୍ରୀହି)—ଇନ୍ଦ୍ର—
Sambadhara God Indra. [ଭ—ଶମ୍ବଧର ମଣି ଜମ୍ଭନ ବଧ୍ଵଂସମ୍ ଯୁଗ ସଙ୍କଟମ୍ ବଦତରୁ । କବିସୂର୍ଯ୍ୟ, ସଙ୍ଗୀତ ।]

ଶମ୍ବର—ସଂ. ବି (ଶମ୍ବ ଧାତୁ+କର୍ତ୍ତୃ ଅର)—୧ । ବୃହତ୍କାୟ ମୃଗ
Śambar ବିଶେଷ—1. A species of large deer; the Śambar deer (having three-pronged antlers); Curvus Unicolour; Rusa Aristotelis; Rusa Equina. [ବି—ଏମାନେ ଘୋଡ଼ାଙ୍କ ପରି ବୃହତ୍କାୟ ଓ ପିଙ୍ଗଳବର୍ଣ୍ଣବିଶିଷ୍ଟ । ଏମାନଙ୍କ ଶିଙ୍ଗ ମୃଗ ଶିଙ୍ଗଠାରୁ ବଡ଼ ଓ କିଆଣ; କିନ୍ତୁ ଏଥିର ଶାଖା ଅଳ୍ପ । ଏମାନଙ୍କ ଦେହ ଚକ୍ରବର୍ଣ୍ଣ ନୁହେଁ । ଏହି ଜାତୀୟ ମୃଗମାନଙ୍କ ମାଂସକୁ ଧାଣିରେ ସିଝାଇଲେ ସିଝାପାଣି ତଳେ ପାତ୍ରରେ ଜାତୁଅ ପରି ମୁଣ୍ଡକାର ଖୁବ ବସିଯାଏ । ଓଡ଼ିଶାର ଗଡ଼ଜାତମାନଙ୍କରେ ଏମାନେ ପ୍ରଚୁର ପରିମାଣରେ ଦେଖାଯାଆନ୍ତି ।] ୨ । ବୃହତ୍କାୟ ସାମୁଦ୍ରିକ ମତ୍ସ୍ୟବିଶେଷ—2. A species of big sea-fish. ୩ । ମେଘ (ଅପ୍ତେ)—3. Cloud (Apte). ୪ । ପର୍ବତ ବିଶେଷ—4. Name of a mountain. ୫ । ଯୁଦ୍ଧ—5. Battle. ୬ । ଶ୍ରେଷ୍ଠତା—6. Superiority. ୭ । ଚିତ୍ରକ ବୃକ୍ଷ; ଧଳା ଚିତା ଗଛ—7. A tree; Plumbago Zeylanica. ୮ । ଅର୍ଜ୍ଜୁନ ବୃକ୍ଷ—8. A tree; Terminalia Arjuna. ୯ । ବୌଦ୍ଧ ବିଶେଷ—9. A class of Buddhists. ୧୦ । ଜଳ; ପାଣି—10. Water. ୧୧ । ଧନ—11. Wealth; riches. ୧୨ । ବୌଦ୍ଧ ବ୍ରତ ବିଶେଷ—12. Name of a Buddhistic vow. ୧୩ । ଲୋଧ୍ର ବୃକ୍ଷ—13. A tree; Symplocos Racemosus. ୧୪ । କାମଦେବଙ୍କଦ୍ଵାରା ନିହତ ଅସୁର ବିଶେଷ—14. Name of a demon. [ବି—ଏ ଅସୁର ପୂର୍ବରୁ ଜାଣିପାରିଥିଲା ଯେ, ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନଙ୍କ ହାତରେ ତାର ନିଧନ ହେବ । ତେଣୁ ପ୍ରଦ୍ୟୁମ୍ନଙ୍କୁ ତାଙ୍କ ଜନ୍ମର ୬ଷ୍ଠ ଦିନରେ ସୂତିକାଗାରରୁ ଚୋରି କରି ଅଣି ସମୁଦ୍ରରେ ପକାଇ ଦେଲା ଓ ତତ୍ପରେ ଗୋଟିଏ ମାଛ ତାଙ୍କୁ ଗିଳି ଦେଲା । ଦୈବଗତ୍ୟା ସେ ମାଛକୁ କେଉଟ ଧରି ଅସୁରର ଘରକୁ ଆଣିଲା । କନ୍ଦର୍ପପତ୍ନୀ ରତିଦେବୀ ମାୟାବତୀ ନାମ ଧାରଣ କରି ସେହି ଅସୁର ଘରେ ଥିଲେ । ସେ ମାଛକୁ କାଟି ତାହା ପେଟରୁ ଅପଣାର ସ୍ଵାମୀ ପ୍ରଦ୍ୟୁମ୍ନଙ୍କୁ ପାଇ ତାଙ୍କୁ ଯତ୍ନପୂର୍ବକ ଲାଳନପାଳନ କରି ଅସୁରବିଦ୍ୟା ଶିକ୍ଷା ଦେଲେ । କ୍ରମେ ପ୍ରଦ୍ୟୁମ୍ନ ଷୋଡ଼ଶ ବର୍ଷ ବୟସରେ ପଦାର୍ପଣ କରନ୍ତେ ମାୟାବତୀ ତାଙ୍କୁ ପୂର୍ବର ସକଳ ବୃତ୍ତାନ୍ତ ଜଣାଇଲେ । ତହୁଁ ପ୍ରଦ୍ୟୁମ୍ନ (ଯେ ପୂର୍ବ ଜନ୍ମରେ କନ୍ଦର୍ପ ଥାଇ ମହାଦେବଙ୍କ କୋପାନଳରେ ଭସ୍ମୀଭୂତ ହୋଇଥିଲେ, ସେ) ଶମ୍ବରାସୁରର ପ୍ରାଣସଂହାର କରି ରତି ଦେବୀଙ୍କୁ ପୁନର୍ବାର ସ୍ତ୍ରୀରୂପେ ପ୍ରାପ୍ତ ହେଲେ ।] ୧୫ । ସୁଚୀ ବଦୋଦାସଙ୍କ ଶତ୍ରୁ ଦୈତ୍ୟବିଶେଷ (ହି. ଶ)—15. Name of another demon. [ବି—ଦିବୋଦାସଙ୍କୁ ରକ୍ଷା କରିବା ପାଇଁ ଇନ୍ଦ୍ର ଏହାକୁ ପାହାଡ଼ରୁ ତଳକୁ ପିଙ୍ଗି ମାରିପକାଇଥିଲେ—ହି. ଶ ।] ୧୬ । ମତ୍ସ୍ୟ (ହି ଶ)—16. Fish. ୧୭ । ତାଳ ବୃକ୍ଷ (ହି. ଶ)—17. Palmyra tree. ୧୮ । ଶ୍ଵେତ ଚନ୍ଦନ (ଦ୍ରବ୍ୟଗୁଣ)—18. A kind of sandal. ବି. ଣ—୧ । ଶ୍ରେଷ୍ଠ—1. Excellent. ୨ । ଭାଗ୍ୟବାନ୍ (ହି. ଶ)—2. Fortunate. ୩ । ସୁଖୀ (ହି. ଶ)—3. Happy. ଦେ. ବି—୧ । ଛତ୍ରିଶ ଦେଶ ପ୍ରଚଳିତ ସୂର୍ଯ୍ୟପୂଜା ଉତ୍ସବ ବିଶେଷ; ଶମ୍ବର ଦଶମୀ]—1. A festival of worshipping the Sun-god. ୨ । (ସଂ. ଶାମ୍ଭର) ରାଜପୁତାନାର ଅନ୍ତର୍ଗତ ଲବଣୋତ୍ପାଦକ ହ୍ରଦ (ଶାମ୍ଭର ଦେଖ)—2. Name of a lake in Rajputana; the Sambhar lake (See Śāmbhara) ୩ । ରାଜପୁତାନାର ଶାମ୍ଭର ହ୍ରଦର ତଟବର୍ତ୍ତୀ ଏକ ନଗର—3. Name of a town on the Śāmbhara lake.

ଶମ୍ବର କନ୍ଦ—ସ. ବି—ବାରାହୀ କନ୍ଦ—A kind of edible root
Śambara kanda Dioscorea yam.

ଶମ୍ବର ଚନ୍ଦନ—ଦେ. ବି—ଶବର ଚନ୍ଦନ (ଦେଖ)—Sabara
Śambara chandana chandana (See).

ଶମ୍ବର ଦଶମୀ—ଦେ. ବି—(ସ. ଶାମ୍ବ ଦଶମୀ)—ବ୍ରତ ବିଶେଷ; ପୌଷ
Śambara daśami ମାସର ଶୁକ୍ଳ ଦଶମୀ—(ଏ ଦିନ ସୂର୍ଯ୍ୟଶାମ୍ବଦଶମୀ ପୂଜା କରିଯାଏ)—A festival of worshipping (ଶମ୍ବର ଦଶମୀ—ଗ୍ରାମ୍ୟରୂପ) the Sun on the 10th day of the bright fortnight of the month of Pousha.

ଶମ୍ବର ଦୂଷଣ—ସଂ. ବି—କାମଦେବ; ଶମ୍ବରାରି—Cupid. [ରୂ—
Śambara dushna ବୋଲି ଦେଲି ବ ଚନ୍ଦନ ଶମ୍ବରଦୂଷଣ-ଅଙ୍ଗ—ବୈଦେହୀଶବିଳାସ]

ଶମ୍ବର ଦେଶଜ—ସ.ବି.—ଶ୍ଵେତ ଲୋଧ୍ର (ବୈଦ୍ୟ କୋଷ)—The white
Śambara deśaja variety of Simplocus Racemosus.

ଶମ୍ବର ସୂଦନ—ସ. ବି—୧ । ଶମ୍ବରାସୁରର ଶତ୍ରୁ; ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ—
Śambara sūdana Name of Śrikṛushṇa's
ଶମ୍ବରାରି - ଅନ୍ୟରୂପ son. ୨ । କାମ; କନ୍ଦର୍ପ; ମଦନ—2. Cupid (deified).

ଶମ୍ବରାସୁର—ସଂ. ବି—ଶମ୍ବର (୧୪) (ଦେଖ)—Śambara (14)
Śambarāsura (See)

ଶମ୍ବରାହାର—ସଂ. ବି (୬ଷ୍ଠୀତତ୍)—ବନ ବଦରୀ; ଭୂଇଁ ବରକୋଳି
Śambarāhāra Wild Jujube.

ଶମ୍ବରୀ—ଦେ. ବିଣ—ଶଅଁବରୀ (ଦେଖ)
Śambari Śa-añbari (See)
শম্বরের साँभरी

ଶମ୍ବରୀ ଚମଡ଼ା—ଦେ. ବି—ଶମ୍ବର ମୃଗର ପରିଷ୍କୃତ ଚର୍ମ—
Śambari chamarḍā Sambhar hide; Sambhar
শম্বরের চামড়া साँभरीचमड़ा leather.

ଶମ୍ବରୀ—ସଂ. ବି—୧ । ଅଖୁପର୍ଣ୍ଣୀ; ମୂଷାକାନି (ଦେଖ) Mushākani
Śambarī (See) ୨ । ବୃହଦନ୍ତୀ ବୃକ୍ଷ—2. The large Croton tree. ୩ । ମାୟା—3. Illusion.

ଶମ୍ବରୀଗନ୍ଧା—ସଂ. ବି—ବନ ତୁଳସୀ (ହି. ଶ)
Śambarīgandhā Wild Basil plant.

ଶମ୍ବଳ—ସଂ. ବି—(ଶମ୍ବ ଧାତୁ=ଗମନ କରିବା+କରଣ ଅଳ)—୧ ।
Śambaḷa ପାଥେୟ; ବାଟ ଖର୍ଚ୍ଚ; ସମ୍ବଳ—1. Travelling expenses. ୨ । ପାଣ୍ଠି; ପୁଞ୍ଜି—2. Capital; stock in trade. ୩ । ଧନ—3. Wealth; riches: ୪ । ମାତ୍ସର୍ଯ୍ୟ; ପରଶ୍ରୀକାତରତା—4. Pain on seeing another's weal. ୫ । କୂଳ; ତୀର—5. Shore; bank. ୬ । ଈର୍ଷା—6. Envy. ୭ । ଶମ୍ବର (ଦେଖ)—7. Śambara. (See)
ବିଣ. ପୁଂ—୧ । ପରଶ୍ରୀକାତର—1.Unable to endure another's prosperity; pained at another's weal. ୨ । ଈର୍ଷୀ—2. Envious; spiteful.
(ଶମ୍ବଳା—ସ୍ତ୍ରୀ)

ଶମ୍ବଳୀ—ସଂ. ବି. ସ୍ତ୍ରୀ—(ଶମ୍ବଳ+ଈ)—କୁଟ୍ଟିନୀ (ଶବ୍ଦକୋଷ)—
Śambaḷī A panderess; a procuress; a bawd.

ଶମ୍ବା—ସଂ.ବି.—(ଶମ୍ ଧାତୁ+କର୍ତ୍ତୃ. ବ+ଆ)—ଶମା (ଦେ)—
Śambā Śamā (See).

ଶମ୍ବାକୃତ—ସଂ. ବିଣ.—(ଶମ୍ବ=ଦ୍ୱିଗୁଣ ବାର ଦର୍ଶଣ+କୃତ; ଅ
Śambākṛuta ଆଗମ)—ଦୁଇ ଓଡ଼ ଚଷ କରାଯାଇ ଥିବା । (କ୍ଷେତ୍ର)—Twice ploughed (field)

ଶମ୍ବାଳି(ଳୁ)ଆ—ଦେ. ବି.—(ସ.ଶକ)—ଗାତ୍ରର ଲୋମାବୃତ ଏକ ଜାତୀୟ
Śambāḷi(ḷu)ā କୃମି; ଶମ୍ବାଳଅ—Caterpiller; wooly bear.
শুঁআপোক रूआ (ଶମ୍ବାଳୁ[ଳି]—ଅନ୍ୟରୂପ)

ଶମ୍ବୁ(ମ୍ବୂ)—ସଂ. ବି.—(ଶମ୍ ଧାତୁ=ଶାନ୍ତ ହେବା+ଉ; ବ ଓ ଊ
Śambu(mbū) ଆଗମ)—୧ । ଶାମୁକ; ଦୁଇ ଫାଳଥିବା ଶଙ୍ଖ;
ଶାମୁକା—1. Bivalve shell. ୨ । ଶଙ୍ଖ—2. Conch shell. ୩ । ଗେଣ୍ଡା—3. Snail. ୪ । ଗଜକୁମ୍ଭର ଅଗ୍ରଭାଗ—4. The fore part of the elephant's head. ୫ । ଦୈତ୍ୟ ବିଶେଷ 5. Name of a demon.

ଶମ୍ବୁ(ମ୍ବୂ)କ—ସଂ. ବି.—(ଶମ୍ବୁ, ଶମ୍ବୂ+କ)—୧ । ଶମ୍ବୁ (ଦେଖ) 1.
Śamba(mbu)ka Śambu (See). ୨ । ଜଣେ ଶୂଦ୍ର ତାପସ (ରାମଚନ୍ଦ୍ର ଏହାର ଶିରଶ୍ଛେଦନ କରିଥିଲେ)—
2. Name of a Śūdra sage beheaded by Rāmachandra.
[ବି—ଏ ତ୍ରେତାଯୁଗରେ ସ୍ୱର୍ଗକାମନାରେ କଠୋର ତପଶ୍ଚରଣରେ ପ୍ରବୃତ୍ତ ହେଲେ, କିନ୍ତୁ ଶୂଦ୍ରର ତପସ୍ୟାରେ ଅଧିକାର ନ ଥିବାରୁ ରାଜ୍ୟରେ ପାପ ସଂଘଟିତ ହେଲା ଏବଂ ଏହି ପାପର ଫଳରେ ଗୋଟିଏ ବ୍ରାହ୍ମଣ କୁମାର ଅକାଳରେ ମୃତ୍ୟୁମୁଖରେ ପତିତ ହେଲା । ପିତା ମୃତ ପୁତ୍ରକୁ ନେଇ ରାଜା ରାମଚନ୍ଦ୍ରଙ୍କ ନିକଟରେ ଉପସ୍ଥିତବାରୁ ରାମଚନ୍ଦ୍ର ଏହିଭଳି ଅକାଳ ମୃତ୍ୟୁର କାରଣ ଅନୁସନ୍ଧାନ କରିବାକୁ ବାହାରିତ ହୋଇ ଅରଣ୍ୟ ମଧ୍ୟକୁ ଯାଇ ଦେଖିଲେ ଯେ, ଏହି ଶୂଦ୍ରମୁନି ଗୋଡ଼କୁ ଊର୍ଦ୍ଧ୍ୱକୁ ଓ ମୁଣ୍ଡକୁ ତଳକୁ କରି ବୃକ୍ଷରେ ଦେହକୁ ଝୁଲାଇକରି ତପସ୍ୟା କରୁଅଛନ୍ତି; ରାମଚନ୍ଦ୍ର ଏହା ଦେଖି ଏ ତପସ୍ୱୀଙ୍କର ଶିରଶ୍ଛେଦନ କଲେ ଏବଂ ତତ୍ଫଳରେ ମୃତ ବ୍ରାହ୍ମଣପୁତ୍ର ବଞ୍ଚି ଉଠିଲା ଓ ଶୂଦ୍ର ତପସ୍ୱୀ ସ୍ୱର୍ଗଲାଭ କଲେ ।]

ଶମ୍ବୁକଣ୍ଠୀ—ସଂ ବିଣ. ସ୍ତ୍ରୀ—କମ୍ବୁକଣ୍ଠୀ; ଯେଉଁ ସ୍ତ୍ରୀର କଣ୍ଠ ଶଙ୍ଖପରି
Śambukanṭhī ରେଖାତ୍ରୟଯୁକ୍ତ—(a woman) Having a neck with 3 wrinkles (which are considered graceful). (ଉ—ଶମ୍ବୁକଣ୍ଠୀ କମ୍ବୁନଦ ଗୋପୀ, ଶମ୍ବୁକର ସ୍ୱରକ ଶୁଭୁଥି—ସଙ୍ଗୀତ)

ଶମ୍ଭ—ସଂ. ବିଣ—(ଶମ୍=କଲ୍ୟାଣ+ଭା ଧାତୁ=ପ୍ରାପ୍ତି ପାଇବା+କର୍ତ୍ତୃ
Śambha ଅ)—୧ । କଲ୍ୟାଣ ଯୁକ୍ତ—1. Blessed: prosperous. ୨ । ଶୁଭଯୁକ୍ତ—2 Auspicious. ବି.—୧ । ବଜ୍ର; ଅଶନି—1. Thunderbolt. ୨ । ବର୍ଚ୍ଛାର ଫଳା—2. The blade of a spear.

ଶମ୍ଭଳ—(ଳା) ସଂ ବି.—(ଶମ୍+ଭଲ ଧାତୁ+କର୍ତ୍ତୃ.ଅ+ଆ)—୧ । ଗଣ୍ଡକାନ୍ତା
Śambhaḷa(ḷā) ଅଞ୍ଚଳର ଅନ୍ତର୍ଗତ ଭାରତର ପ୍ରାଚୀନ ଗ୍ରାମବିଶେଷ; (ଆଧୁନିକ ସମ୍ବଲପୁର)—1. The ancient name of Sambalpur. [ବି—ମହାଭାରତର ବନପର୍ବରେ ଏ ଗ୍ରାମର ନାମ ଉଲ୍ଲେଖ ଅଛି । କେହି କେହି ଏହାକୁ ଯୁକ୍ତପ୍ରଦେଶର ମୋରାଦାବାଦ (ଜିଲ୍ଲାଠାରୁ ୧୦ ମାଇଲ ପୂର୍ବବର୍ତ୍ତୀ) ଅଞ୍ଚଳର କୌଣସି ଗ୍ରାମ ବୋଲି କହନ୍ତି । ଭାଗବତ (୧୨।୨।୧୮) ରେ ଏହି ଗ୍ରାମରେ ବିଷ୍ଣୁ କଳ୍କି ଅବତାର ଗ୍ରହଣ କରିବେ ବୋଲି ସଂକେତ କରା ଯାଇଅଛି । ବିଷ୍ଣୁ କଳ୍କିରୂପରେ ଏଠାରେ ଅବତୀର୍ଣ୍ଣ ହୋଇ ବନ୍ଧୁ ବାନ୍ଧବ ସହ ସହସ୍ର ବର୍ଷ ଅବସ୍ଥାନ କରିବେ । ସ୍କନ୍ଦ ପୁରାଣରେ ଶମ୍ଭଳ ମହାତ୍ମ୍ୟରେ ଏ ତୀର୍ଥର ପରିଚୟ ପ୍ରଦତ୍ତ ହୋଇଅଛି । (ବିଶ୍ୱକୋଷ)
୨ । ଯୁକ୍ତ ପ୍ରଦେଶର ମୋରାଦାବାଦ ଜିଲ୍ଲାର ଅନ୍ତର୍ଗତ ଗୋଟିଏ ତହସିଲ ବା ସବ୍‌ଡିଭିଜନ୍ ଓ ତହିଁର ଗୋଟିଏ ପ୍ରଗନ୍ନା ଓ ସବ୍‌ଡିଭିଜନର ରାଜଧାନୀ—2 A subdivision, Pergana and subdivisionl headquarters of the district Moradabad in U.P.

ଶମ୍ଭଳା(ଳୀ)—ସଂ ବି. ସ୍ତ୍ରୀ—(ଶମ୍ଭ ଧାତୁ=ଗମନ କରିବା+ଲା ଧାତୁ=
Śambhaḷā (ḷī) ଗ୍ରହଣ କରିବା+କର୍ତ୍ତୃ.+ଅ+ଆ;+ଈ; କମ୍ବା

ଶମ୍=ସୁଖ+ଭଳ ଧାତୁ=ବର୍ଣ୍ଣନା କରିବା+କର୍ତ୍ତୃଂଅ+ଅ; +ଈ)—ଶମ୍ଭଳୀ; କୁଟ୍ଟିନୀ; ଦୂତୀ; ପ୍ରଣୟଦୂତିକା—A procuress; bawd; a panderess; a female messenger employed between two lovers. [ଦ୍ର—ତାମ୍ବୂଳ କରଙ୍କଧର ଗୃହଭୃତ୍ୟ ପଶ୍ଚାତେ ଧନିକ ନନ୍ଦନଗଣ ଶମ୍ଭଳୀ ଶୋଷିତ ସର୍ବସ୍ୱ,—ସ୍ୱାଧୀନତା]

ଶମ୍ଭୁ—ସଂ.ବି—(ଶମ୍=କଲ୍ୟାଣ+ଭୂ ଧାତୁ=ପ୍ରାପ୍ତି ପାଇବା+ଅଧିକରଣ
Śambhu ଉ; ଯାହାଙ୍କଠାରେ କଲ୍ୟାଣ ମିଳିପାଏ)—୧। ମହାଦେବ; ଶିବ—1. Śiba. ୨। ବିଷ୍ଣୁ—2. Bishnu. ୩। ବ୍ରହ୍ମା—3, Brahmā. ୪। ବୁଦ୍ଧ—4. Buddha. ୫। (ବୈଦ୍ୟକ) ଧଳା ଅର୍କ ଗଛ—5 Calotropis Gigantea (white variety). ଦେ. ବି. ପୁଂ—
शम्भु शंभु ଲୋକଙ୍କ ନାମ—A name given to males.

ଶମ୍ଭୁଆ—ଦେ. ବି (ଅନାଦରାର୍ଥକ)—ଶମ୍ଭୁର ଡାକ ନାମ—
Śambhuā Name for calling Śambhu.
शम्भु शंभुआ

ଶମ୍ଭୁକର—ଦେ. ବି—୧। ପୁରୀ ଜିଲ୍ଲା ସହାଙ୍ଗ ବ୍ରାହ୍ମଣ ଶାସନର
Śambhukara କେତେକ କୁଳୀନ ବ୍ରାହ୍ମଣଙ୍କର ପୂର୍ବପୁରୁଷଙ୍କ ନାମ; (ଏହାଙ୍କ ନାମ ଅନୁସାରେ ଏହାଙ୍କ ବଂଶଧରମାନେ 'ଶମ୍ଭୁକର ମିଶ୍ର' ବୋଲି ଏ ପର୍ଯ୍ୟନ୍ତ ପରିଚିତ)—1. Name of a Brahman from whom are descended the Śambhukara miśra Brāhmaṇas of Puri. ୨। ପୁରୀ ଜିଲ୍ଲାର ସହାଙ୍ଗର ଶାସନର ବ୍ରାହ୍ମଣମାନଙ୍କର ଶାଖା ବିଶେଷ—2. Name of a sect of Brāhmaṇas of Puri.

ଶମ୍ଭୁକର ବାଜପେୟୀ—ଦେ. ବି—ପୁରୀ ଜିଲ୍ଲାର ସହାଙ୍ଗଶାସନର
Śambhukara bājapeyi ପ୍ରସିଦ୍ଧ ପ୍ରାଚୀନ ପଣ୍ଡିତ। [ଦ୍ର—ଏହାଙ୍କ ରଚିତ ସ୍ମୃତି ଶାସ୍ତ୍ର ଏପର୍ଯ୍ୟନ୍ତ ଦାକ୍ଷିଣାତ୍ୟରେ ପ୍ରାମାଣିକ ଗ୍ରନ୍ଥରୂପେ ପ୍ରଚଳିତ।]—Name of the author of a treatise on Hindu law who was a resident of the Puri district.

ଶମ୍ଭୁକର ମିଶ୍ର—ଦେ. ବି—୧। ଶମ୍ଭୁକର (୧) (ଦେଖ)
Śambhukara miśra 1. Śambhukara (1) (See)
୨। ଶମ୍ଭୁକର ପଦ୍ଧତି ନାମକ ସ୍ମୃତିଶାସ୍ତ୍ର ପ୍ରଣେତା—2. Author of Śambhukara paddhati, a treatise on Hindu law.

ଶମ୍ଭୁ ଗିରି—ସଂ. ବି.—(୬ଷ୍ଠୀ ତତ୍ ବା ମ.ପ.ଲୋ.)—କୈଳାସ ପର୍ବତ—
Śambhu giri The Kailāsa mountain.

ଶମ୍ଭୁଚନ୍ଦ୍ର(ନାଥ)—ଦେ. ବି. ପୁଂ—ପୁରୁଷ ନାମ—A name given
Śambhuchandra (nātha) शम्भुनाथ शंभुनाथ to males.

ଶମ୍ଭୁଚନ୍ଦ୍ର ମୁଖୋପାଧ୍ୟାୟ-ବଙ୍ଗର ସ୍ୱର୍ଗୀୟ ପ୍ରସିଦ୍ଧ ଲେଖକ,ଗ୍ରନ୍ଥକାର ଓ ରାଜ.
Śambhuchandra mukhopādhyāya ନୀତିଜ୍ଞ—Name of a late Bengali author and politician. [ଦ୍ର—ଏ ୧୮୩୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ୧୮୯୪ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗାରୋହଣ କରିଥିଲେ। ଏ ହିନ୍ଦୁ ପାଟ୍ରିଅଟ୍ ଓ ମୁଖାର୍ଜିସ୍ ମାଗାଜିନ୍ ଏବଂ ରିଇସ ଏଣ୍ଡ୍ ରୟତ୍ସ୍ ପ୍ରଭୃତି ଇଂରାଜୀ ପତ୍ରିକାର ସମ୍ପାଦକ ଥିଲେ। ମୁର୍ଶିଦାବାଦ ନବାବଙ୍କ ଦେୱାନ, କାଶୀପୁର ରାଜାଙ୍କ ସେକ୍ରେଟେରି ଏବଂ ତ୍ରିପୁରା ମହାରାଜାଙ୍କ ମନ୍ତ୍ରୀରୂପେ ମଧ୍ୟ ଏ କେତେକ କାଳ କାର୍ଯ୍ୟ କରିଥିଲେ। ଲକ୍ଷ୍ନୌର Talukdar's Association (ତାଲୁକଦାରମାନଙ୍କ ସଂଘ) ଏବଂ କଲିକତାର Indian League (ଭାରତୀୟ ସଂଘ) ଆଦି ରାଜନୈତିକ ଅନୁଷ୍ଠାନମାନ ଏହାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏ ଇଂରାଜୀ ଭାଷାରେ ସୁପଣ୍ଡିତ, ନିର୍ଭୀକ ଏବଂ ତେଜସ୍ୱୀ ଥିଲେ ଏବଂ ରାଜନୈତିକ ବିଷୟାବଳି ସମ୍ବନ୍ଧରେ ଅନେକ ଗୁରୁତ୍ୱ ପୁସ୍ତକ ରଚନା କରିଥିଲେ। ବଙ୍ଗୀୟ ଥିଓଡ଼ୋର ସ୍ଟୀନ୍ ସାହେବ ଏହାଙ୍କ ଜୀବନଚରିତ ପ୍ରଣୟନ କରିଅଛନ୍ତି। ଅଟ୍ଟେରଡାର ରୋହଏ ବିଶ୍ୱବିଦ୍ୟାଳୟ ଏହାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଏହାଙ୍କୁ ଡାକ୍ତର 'Doctor' ଉପାଧି ପ୍ରଦାନ କରିଥିଲେ।]

ଶମ୍ଭୁ(ମ୍ଭୋ)ଜୀ—ଦେ. ବି (ନାମ)—ଛତ୍ରପତି ଶିବାଜୀଙ୍କର ଜ୍ୟେଷ୍ଠପୁତ୍ର—
Śambhu(mbho)ji The eldest son of Śibāji
शम्भुजी शंभुजी and king of the Marhattas. [ଦ୍ର—ଖ୍ରୀ. ୧୬୫୮ ରେ ଏହାଙ୍କର ଜନ୍ମ ଓ ୧୬୮୯ ରେ ମୃତ୍ୟୁ। ଯୁବକ ଅବସ୍ଥାରେ ଏ ଅତି ଉଚ୍ଛୃଙ୍ଖଳ ହେବାରୁ ଶିବାଜୀ ଏହାଙ୍କୁ ବନ୍ଦୀ କରିଥିଲେ। କିନ୍ତୁ ଶିବାଜୀଙ୍କ ମୃତ୍ୟୁ ପରେ ୧୬୮୦ରେ ଏ ରାଜା ହେଲେ। ଏହାଙ୍କ ଅମଳରେ ରାଜ୍ୟରେ ନାନା ବିଶୃଙ୍ଖଳା ଘଟିଲା ଓ ଅବଶେଷରେ ଏ ଆରଙ୍ଗଜେବଙ୍କଦ୍ୱାରା ବନ୍ଦୀ ହେଲେ। ମୋଗଲ ସମ୍ରାଟ ଆରଙ୍ଗଜେବ ଏହାଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ ହେବା ନିମିତ୍ତ କହିବାରୁ ଏ ତାଙ୍କୁ କଟୂକ୍ତି ଦ୍ୱାରା ତିରସ୍କାର କଲେ। ଏହାର ଫଳସ୍ୱରୂପ ଆରଙ୍ଗଜେବଙ୍କ ଆଦେଶରେ ଏହାଙ୍କ ଚକ୍ଷୁ ଉତ୍ପାଟିତ ଏବଂ ଜିହ୍ୱା କର୍ତ୍ତିତ ହେଲା ଏବଂ ସେ ଏଥିର ଫଳରେ ପ୍ରାଣତ୍ୟାଗ କଲେ।]

ଶମ୍ଭୁଜୀ ଦ୍ୱିତୀୟ—ଦେ. ବି (ନାମ)—ଛତ୍ରପତି ଶିବାଜୀଙ୍କ ନାତି—
Śambhuji dwitiya Name of a grandson of
द्वितीय शम्भुजी Śibāji. [ଦ୍ର—ଏ ଶିବାଜୀଙ୍କ କନିଷ୍ଠ ପୁତ୍ର ରାଜାରାମଙ୍କ
द्वितीय शम्भुजी ଦ୍ୱିତୀୟ ପୁତ୍ର। ଏହାଙ୍କ ଜ୍ୟେଷ୍ଠଭ୍ରାତାଙ୍କ ମୃତ୍ୟୁ ପରେ ଏ ରାଜା ହେଲେ ଏବଂ କୋଲ୍ହାପୁରଠାରେ ରାଜଧାନୀ ସ୍ଥାପନ କଲେ। ଏହାଙ୍କ ବଂଶଧରମାନେ ବର୍ତ୍ତମାନ କୋଲ୍ହାପୁରର ରାଜା ଅଛନ୍ତି।]

ଶମ୍ଭୁଜୀ ଗଣେଶ—ଦେ.ବି (ନାମ)—ଓଡ଼ିଶାର ଜଣେ ମରହଟ୍ଟା ଶାସନକର୍ତ୍ତା
Śambhuji gaṇesha —Name of a Mar-
शम्भुजी गणेश hatta Governor of Orissa. [ଦ୍ର—ଭବାନୀ
शंम्भूजी गणेश ପଣ୍ଡିତଙ୍କ ହସ୍ତରୁ ଏ ମରହଟ୍ଟା ଅମଳରେ ଓଡ଼ିଶାର ସୁବାଦାର ରୂପେ ନିଯୁକ୍ତ ହୋଇଥିଲେ। ଖ୍ରୀ. ୧୭୬୯ ଠାରୁ ୧୭୭୧ ପର୍ଯ୍ୟନ୍ତ ଏ ଓଡ଼ିଶାର ସୁବାଦାର ଥିଲେ। ଏ ଅତ୍ୟନ୍ତ ପ୍ରଜାପୀଡ଼କ ଥିଲେ ଓ ଓଡ଼ିଶାରେ ନାନା ପ୍ରକାରର

ନୂତନ କର ବସାଇଥିଲେ । ଏହାଙ୍କ ଶାସନର ଶେଷ ଭାଗରେ ଓଡ଼ିଶାରେ ଏକ ଭୟଙ୍କର ଦୁର୍ଭିକ୍ଷ ପଡ଼ି ଶତ ଶତ ଗ୍ରାମ ଜନଶୂନ୍ୟ କରି ଦେଇଥିଲା ।]

ଶମ୍ଭୁ ତେଜଃ—ସଂ. ବି (କ୍ଲୀବଲିଙ୍ଗ)—ପାରଦ (ହ. ଶ.)—
Śambhu tejaḥ Mercury.
[ଦ୍ର—ପାରଦ ଶିବଙ୍କ ବୀର୍ଯ୍ୟ ବୋଲି ପୁରାଣରେ କଥିତ ।]

ଶମ୍ଭୁ ଦୈତ୍ୟ—ଦେ. ବି—ଶାରଳା ଦାସଙ୍କ ରଚିତ ବିଲଙ୍କା ରାମାୟଣରେ
Śambhu daitya ବର୍ଣ୍ଣିତ ବିଲଙ୍କା ରାବଣର ସେନାପତି ଅସୁରବିଶେଷ—Name of a demon, general of Bilaṅkā Rābaṇa. [ଦ୍ର—ଏହାଙ୍କ ଭାଇଙ୍କର ନାମ ଜଗମ୍ଭୁ ବୋଲି କବି ଲେଖି ଅଛନ୍ତି ।]

ଶମ୍ଭୁନାଥ ପଣ୍ଡିତ—(ଜଷ୍ଟିସ୍)—ଦେ. ବି. (ନାମ)—ଖ୍ରୀ: ୧୮୨୦ରେ
Śambhunātha Paṇḍita ଏହାଙ୍କ ଜନ୍ମ ଓ ୧୮୬୯ରେ ମୃତ୍ୟୁ । ଏ କଲିକତା ବାସୀ କାଶ୍ମୀରୀ ବ୍ରାହ୍ମଣ ଥିଲେ । ସ୍ୱୀୟ ପ୍ରତିଭା ବଳରେ ଏ ପ୍ରଥମେ କଲିକତାର ସଦର ଦେୱାନି ଅଦାଲତରେ ମାସିକ ଟ ୨୦ର ମୋହରରଗିରି କାର୍ଯ୍ୟରୁ କଲିକତାରେ ସରକାରୀ ଓକିଲ, କଲିକତା ପ୍ରେସିଡେନ୍ସି କଲେଜର ଆଇନ ଅଧ୍ୟାପକ ଓ କଲିକତା ହାଇକୋର୍ଟର ଜଜ୍ ହୋଇଥିଲେ । ଏ ଅତି ନ୍ୟାୟପର ଓ ଭଦ୍ର ଥିଲେ; ଏପରି କି, ଚାକରମାନଙ୍କୁ 'ତୁମ୍ଭେ' ବୋଲି ସମ୍ବୋଧନ କରୁଥିଲେ । ଏ କଲିକତାରେ ଗୋଟିଏ ସାଧାରଣ ଚିକିତ୍ସାଳୟ ପାଇଁ ବହୁ ଖର୍ଚ୍ଚ କରି ଯାଇଅଛନ୍ତି । ଏହାଙ୍କ ନାମାନୁସାରେ ସେଠାରେ ଗୋଟିଏ ଚିକିତ୍ସାଳୟ (ଶମ୍ଭୁନାଥ ପଣ୍ଡିତ ହସ୍ପିଟାଲ୍) ଅଛି ।

ଶମ୍ଭୁ ପ୍ରିୟା (କାନ୍ତା)—ସଂ. ବି. ସ୍ତ୍ରୀ—୧ । ପାର୍ବତୀ; ଦୁର୍ଗା—
Śambhu priyā (kāntā) 1. Pārbatī; Durgā.
୨ । ଆମଳକୀ; ଅଁଳା—2. Embellic Myrobalan; Phyllanthus Embellica.

ଶମ୍ଭୁ ବଲ୍ଲଭ—ସଂ.ବି—ଶ୍ୱେତ କମଳ; ଧଳା କଇଁ—White water-
Śambhu ballabha lily; Nymphea lotus.

ଶମ୍ଭୁ ବୀଜ(ର୍ଯ୍ୟ)—ସଂ. ବି (କ୍ଲୀବଲିଙ୍ଗ)—ପାରଦ—
Śambhu bīja(rjya) Mercury.

ଶମ୍ଭୁ ଭୂଷଣ—ସଂ. ବି (କ୍ଲୀବଲିଙ୍ଗ)—ଚନ୍ଦ୍ର (ହ. ଶ.)—
Śambhu bhūshana The moon.

ଶମ୍ଭୁ ମନୁ—ସଂ. ବି—ସ୍ୱାୟମ୍ଭୁବ ମନ୍ୱନ୍ତର (ହ. ଶ.)—
Śambhu manu The 1st Manwantara.

ଶମ୍ଭୁ ଲୋକ—ସଂ. ବି—ଶିବ ଲୋକ; କୈଳାସ (ହ. ଶ.)—
Śambhu loka The Kailāsa mountain.

ଶମ୍ୟା—ସଂ. ବି—(ଶମ୍ ଧାତୁ=ଶାନ୍ତ ହେବା+କରଣ. ଯ+ଆ)—
Śamyā ୧ । ଯୁଗକୀଲକ; ଶଗଡ଼ ଯୁଆଳିର ବାହ୍ମିଲ, ଦଳଇ ଯୁଆଳିର କଣ୍ଟକ—1. The pegs or spikes attached to the ends of the yoke. ୨ । ଲଗୁଡ଼; ଯଷ୍ଟି—2. Strick; cudgel.

ଶମ୍ୟାକ—ସଂ. ବି—(ଶମି+ଅକ)—୧ । ଶମୀପରାଗ; ଶମୀ ଫଳରେ
Śamyāka ହେଉଥିବା ଗୁଣ୍ଡ—1. A powder found in the fruit of the spung tree. ୨ । ଶମୀ ବୃକ୍ଷ (ଦେଖ)—2. Śami bṛuksha (See) [ଦ୍ର—ବୋପାଦରେ ଲଗିଲା ଅଳତା ଗୋଟି ଶମ୍ୟାକ ଧଳ କରେ ।]
୩ । ଆରଗ୍ବଧ ବୃକ୍ଷ; ସୁନାରୀ ଗଛ (ହ. ଶ)—
3. Cassia fistula (tree)

ଶୟ—ଦେ. ବି—(ସଂ. ଶଯ୍ୟା)—ଶଯ୍ୟା, ଶେଯ, ବିଛଣା—
Śaja Bed; bedding.

ଶୟ—ସଂ. ବି—(ଶୀ ଧାତୁ=ଶୋଇବା+ଅଧିକରଣ. ଅ; ଯାହା ଉପରେ
Śaya ଶୟନ କରାଯାଏ)—୧ । ଶଯ୍ୟା—1. Bed; bedding. ୨ । (+ଭାବ. ଅ ଯାହାର ପରାକ୍ରମ ଯୋଗେ ଜୀବ ଶୟନ କରେ)—ନିଦ୍ରା—2. Sleep. ୩ । (+ଭାବ. ଅ)—ଶୟନ—3. Sleeping; lying in bed. ୪ । ପଣ—4. Wager. ୫ । (+ଅଧିକରଣ. ଅ) ହସ୍ତ—(ଏହା ଉପରେ ମୁଣ୍ଡ ଦେଇ ଲୋକେ ଶୁଅନ୍ତି ବୋଲି)—5 The hand. ୬ । (+ଅଧିକରଣ. ଅ) ସର୍ପ—6. Serpent. ବିଣ. ପୁଂ—(+କର୍ତ୍ତୃ. ଅ)—
[ଶୟା—ସ୍ତ୍ରୀ] ଶୟନକାରୀ—Sleeping; lying down [ଦ୍ର—ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ଭୂଶୟ=ଯେ ଭୂମିରେ ଶୁଏ; ବଳେଶୟ=ଯେ ବିଲ ବା ଗର୍ତ୍ତରେ ଶୁଏ; କମଳେଶୟ=ଯେ ପଦ୍ମ ଉପରେ ଶୋଇଥିଲେ ଅର୍ଥାତ୍ ବ୍ରହ୍ମା; ଗୁହାଶୟ=ଯେ ଗୁହାରେ ଶୁଏ ।]

ଶୟଣ୍ଡ(ତ)—ସଂ. ବିଣ. ପୁଂ (ଶୀ ଧାତୁ+କର୍ତ୍ତୃ ଅଣ୍ଡ; (ଅତ)-ନିଦ୍ରାଳୁ-
Śayanda(ta) (ଶୟଣ୍ଡା—ସ୍ତ୍ରୀ) Sleepy.

ଶୟଚାନ—ପ୍ରାଦେ (ମେଦିନୀପୁର) ବି (ସଂ. ଶ୍ୟେନ) ଶ୍ୟେନ, ବାଜ—
Śayachāna Hawk. [ଦ୍ର—କେହେ ଏହାକୁ ଓଡ଼ିଆ ଶବ୍ଦ ବୋଲି ଲେଖି ଅଛନ୍ତି । କିନ୍ତୁ ଏହା ବଙ୍ଗଳାରେ ବ୍ୟବହୃତ ।]

ଶୟ(ୟା)ଣ୍ଡକ—ସଂ. ବିଣ—(ଶୟଣ୍ଡ+କ)—କୃକଲାସ (ଶବ୍ଦକୋଷ);
Śaya(yā)ṇḍaka Chameleon.

ଶୟଥ—ସଂ. ବି—(ଶୀ ଧାତୁ=ଶୋଇବା+କର୍ତ୍ତୃ. ଅଥ)—୧ ।
Śayatha ଅଜଗର ସାପ—1. The Boa snake. ୨ । ବରାହ—2. Wild boar. ୩ । (+ଭାବ. ଅଥ)—ମୃତ୍ୟୁ—3. Death. ୪ । (+କରଣ. ଅଥ) ଯମ—(ଶବ୍ଦକୋଷ)—4. The God of death. ୫ । (+କର୍ତ୍ତୃ. ଅଥ)—ମତ୍ସ୍ୟ—5. Fish. ୬ । (+ଭାବ. ଅଥ)—ଗାଢ଼ ନିଦ୍ରା (ହ. ଶ)—6. Slumber. ବିଣ—ନିଦ୍ରାଳୁ— Sleepy.

ଶୟନ—ସଂ. ବି.—(ଶୀ ଧାତୁ=ଶୋଇବା+ଭାବ ଅନ)—୧ । ନିଦ୍ରା—
Śayana 1. Sleep. ୨ । ବିଶ୍ରାମ—2. Rest; repose. ୩ । ଶୋଇବା—3. Sleeping, lying down.

୪ । (+ଅଧିକରଣ ଅନ) ଶଯ୍ୟା; ବିଛଣା—4. Bed. [ଦ୍ର—ସୁବର୍ଣ୍ଣ ରଚିତ ଶୟନ, ବସନ କୋମଳ ଅତି ଜଗନ୍ନାଥ—ଭାଗବତ]

୫ । ଖଟ ପଲଙ୍କ ଆଦି ଶଯ୍ୟାଧାର—5. Bedding; bedstead; couch. ୬ । ମୈଥୁନ; ସ୍ତ୍ରୀ ସହବାସ—6. Copulation; sexual intercourse; cohabitation.

ଶୟନ ଏକାଦଶୀ—ଦେ. ବି.—(ସ. ଶୟନୈକାଦଶୀ)—ଆଷାଢ଼ ଶୁକ୍ଳ ଏକାଦଶୀ; ହରିଶୟନ; ପୁରୀ ଜଗନ୍ନାଥ ଦେବଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଏକତମ—The 11th day of the bright fortnight of Āshāṛdha on which the Deity Jagannātha is supposed to sleep for four months. [ଦ୍ର—ଶ୍ରୀ ଜଗନ୍ନାଥ ଦେବ ରଥ ଯାତ୍ରା ପରେ ଗୁଣ୍ଡିଚା ମନ୍ଦିରରୁ ଫେରି ଆସି ଦେବୋତ୍ଥାନ (କାର୍ତ୍ତିକ ଶୁକ୍ଳ ଏକାଦଶୀ) ପର୍ଯ୍ୟନ୍ତ ଚାରିମାସ ନିଦ୍ରିତ ହୁଅନ୍ତି । କଥିତ ଅଛି ଯେ, ବିଷ୍ଣୁ ପ୍ରଥମେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନ କରନ୍ତି, ରଥ ଯାତ୍ରା ପର୍ଯ୍ୟନ୍ତ ପୀଡ଼ିତ ରହନ୍ତି, ରଥ ଯାତ୍ରାରୁ ଫେରି ଶୟନ କରନ୍ତି, ଭାଦ୍ର ଶୁକ୍ଳ ଏକାଦଶୀ ଦିନ ପାର୍ଶ୍ୱ ପରିବର୍ତ୍ତନ କରନ୍ତି, କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ନିଦରୁ ଉଠନ୍ତି ଓ ମାର୍ଗଶିର ଶୁକ୍ଳ ଷଷ୍ଠୀଦିନ ଶୀତ ଲୁଗା ଘୋଡ଼ି ହୁଅନ୍ତି ।]
Śayana ekādaśī
शयन एकादशी
शयन एकादशी

ଶୟନ କକ୍ଷ—ସ. ବି.—(ମ. ଓ. ଲୋ; ଶୟନ + କକ୍ଷ)-ଶୟନାଗାର; ଶୋଇଲ ଘର; ଯେଉଁ ଘରେ ଲୋକେ ଶୁଅନ୍ତି—Bed-room; dormitory.
Śayana kaksha
(ଶୟନ କୁଟୀର, ଶୟନପ୍ରକୋଷ୍ଠ—ଅନ୍ୟରୂପ)

ଶୟନ କରିବା—ଦେ. କ୍ରି. (ସଂ ଶୀ ଧାତୁ, ଶୟନ)—ଶୋଇବା—To sleep.
Śayana kariba
शयन करा शयन करना

ଶୟନ କର୍ତ୍ତା—ସ. ବିଣ. ପୁଂ—ଯେ ଶୋଇଥାଏ—Sleeping; asleep.
Śayana karttā
(ଶୟନକର୍ତ୍ତ୍ରୀ—ସ୍ତ୍ରୀ)

ଶୟନ କାରକ—ସଂ ବିଣ.—ଯେଉଁ ଦ୍ରବ୍ୟ ପ୍ରୟୋଗ କଲେ ନିଦ୍ରା ଆସେ; ନିଦ୍ରାକାରକ; ଶୟନ ଜନକ—Inducing sleep; soporific.
Śayana kāraka

ଶୟନକାଳ—ସଂ ବି.—ଶୋଇବାର ବେଳ—The time of sleep.
Śayana kāla

ଶୟନ ଗୃହ—ସଂ ବି.—ଶୋଇବା ଘର—Sleeping room; dormitory.
Śayana gruha

ଶୟନ ଚତୁର୍ଦ୍ଦଶୀ—ସଂ ବି.—ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ—The 14th day of the bright fortnight of Āshāṛdha. [ଦ୍ର—ମହାଦେବ ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀଠାରୁ କାର୍ତ୍ତିକ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ନିଦ୍ରା ଯାଆନ୍ତି । ଦେବଙ୍କର ପ୍ରିୟ ଦିବସ ଚତୁର୍ଦ୍ଦଶୀ ଦିନ ଶିବଙ୍କର ଉତ୍ସବମାନ (ଯଥା—ଶୟନ, ଉତ୍ଥାପନ) ହୁଏ ଓ ଏକାଦଶୀ ବିଷ୍ଣୁଙ୍କର ପ୍ରିୟ ଦିବସ ହେବାରୁ ସେ ଦିନ ବିଷ୍ଣୁଙ୍କର ଉତ୍ସବମାନ (ଯଥା—ଶୟନ, ପାର୍ଶ୍ୱ ପରିବର୍ତ୍ତନ, ଉତ୍ଥାପନ, ପ୍ରାବରଣ) ହୁଏ । ଏ ଦିନ ଭୁବନେଶ୍ୱରର ଲିଙ୍ଗରାଜଙ୍କର ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଗୋଟିଏ ଯାତ୍ରା ।]
Śayana chaturddaśī

ଶୟନ ଜନକ—ସଂ ବିଣ.—ଶୟନୋତ୍ପାଦକ; ଯେଉଁ ଔଷଧ ବା ଦ୍ରବ୍ୟ ପ୍ରୟୋଗ କଲେ ନିଦ ମାଡ଼େ—Producing sleep; inducing sleep; soporific.
Śayana janaka

ଶୟନ ଜନ୍ୟ—ସଂ ବିଣ.—ଶୟନମୂଳକ; ନିଦ୍ରାରୁ ଉତ୍ପନ୍ନ—Produced or induced by sleep; resulting from sleep; brought about by sleep.
Śayana janya
(ଶୟନଜାତ, ଶୟନଜନିତ—ଅନ୍ୟରୂପ)

ଶୟନ ଦ୍ୱାଦଶୀ—ସଂ. ବି.—ଆଷାଢ଼ ଶୁକ୍ଳ ଦ୍ୱାଦଶୀ—(ଦ୍ର—ଏ ଦିନ ରଘୁନାଥ ଦେବ ବା ରାମଚନ୍ଦ୍ରଙ୍କ ବିଗ୍ରହଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶୟନ ଯାତ୍ରା ଅନୁଷ୍ଠିତ ହୁଏ ।)—The 12th day of the bright fortnight of Āshāṛdha (a festival of idols representing Rāmachandra)
Śayana dwādaśī

ଶୟନ ନିବର୍ତ୍ତକ—ସଂ. ବିଣ—ଯାହା ଦ୍ୱାରେ ବାଧା ଘଟାଏ ବା ମନୁଷ୍ୟକୁ ଅନିଦ୍ର କରାଏ—Producing sleeplessness; obstructing sleep.
Śayana nibartaka

ଶୟନ ନିବାରକ
ଶୟନ ପ୍ରତିବନ୍ଧକ } ଅନ୍ୟରୂପ
ଶୟନ ବ୍ୟାଘାତକ

ଶୟନ ନିବାରଣ—ସଂ ବି.—ଶୋଇବା ବିଷୟରେ ବାଧା ଦେବା—Obstruction of one's sleep; the causing of sleeplessness.
Śayana nibāraṇa

ଶୟନ ନିବୃତ୍ତି—ସଂ ବି.—(ଶୟନ+ନିବୃତ୍ତି, ୬ଷ୍ଠୀତତ୍)—ନିଦ୍ରାତ୍ୟାଗ; ନିଦ ଭାଙ୍ଗିଯିବା; ନିଦରୁ ଉଠିବା—Awaking from sleep; cessation of sleep.
Śayana nibrutti

ଶୟନ ପ୍ରତିବନ୍ଧକ—ସଂ ବି.—ଶୋଇବା ସମ୍ବନ୍ଧେ ବିଘ୍ନ ବା ବାଧା—An obstacle to a sleep; disturbance to sleep.
Śayana pratibandhaka

ସଂ ବିଣ—ଶୟନ ନିବର୍ତ୍ତକ (ଦେଖ)
Śayana nibarttaka (See)

ଶୟନ ବାସଃ—ସଂ ବି. (ମ. ଓ. ଲୋ)—ରାତ୍ରିବାସ ଲୁଗା; ପଶାଳିକଣ୍ଠ ଲୁଗା; ଯେଉଁ ଲୁଗାକୁ ମନୁଷ୍ୟ ରାତିରେ ଶୋଇଲା ବେଳେ ପିନ୍ଧେ—Cloth worn by a person going to sleep.
Śayana basaḥ
(ଶୟନବାସ—ଦେ. ରୂପ)

ଶୟନ ଭଙ୍ଗ—ସଂ ବି.—୧ । ନିଦ୍ରାଭଙ୍ଗ; ନିଦଭାଙ୍ଗିବା—1. Awaking from sleep ୨ । ନିଦ୍ରାରେ ବ୍ୟାଘାତ—2. Interruption in sleep.
Śayana bhanga

ଶୟନ ଭଞ୍ଜକ—ସଂ ବିଣ. ପୁଂ—ଯେ ବା ଯାହା ନିଦ ଭାଙ୍ଗେ—Breaking or disturbin sleep.
Śayana bhañjaka
(ଶୟନ ଭଞ୍ଜିକା—ସ୍ତ୍ରୀ)

ଶୟନ ଭଞ୍ଜନ—ସଂ ବି.—ଶୋଇବା ବ୍ୟକ୍ତିକୁ ବା ପ୍ରାଣୀକୁ ଉଠାଇବା—Awaking or arousing (a being) from sleep.
Śayana bhañjana

ଶୟନ ଯାତ୍ରା—ଦେ·ବ—୧ ବିଷ୍ଣୁ ଭଗବାନଙ୍କର ବା ଜଗନ୍ନାଥ ମହାପ୍ରଭୁଙ୍କର ଗୋଷ୍ଠୀ ଯାତ୍ରା; ଶୟନ ଏକାଦଶୀ (ଦେଖ)—
Śayana jātrā 1. Śayana ekādaśī (See). (ଯଥା —ଏମନ୍ତେ ଚତୁର୍ମାସ୍ୟା ହୋଇ, ଶୟନ ଯାତ୍ରା ସେ ଘଅଇ—ଯଶୋବନ୍ତ ପ୍ରେମଭକ୍ତିଗୀତା ।) ୨ । ମହାଦେବ ବା ଲିଙ୍ଗରାଜଙ୍କର ଗୋଷ୍ଠୀ ଯାତ୍ରା; ଶୟନ ଚତୁର୍ଦ୍ଦଶୀ (ଦେଖ)-2. Śayana chaturddaśī (See). ୩ । ରାମଚନ୍ଦ୍ର ବା ରଘୁନାଥଙ୍କର ଗୋଷ୍ଠୀ ଯାତ୍ରା; ଶୟନ ଦ୍ୱାଦଶୀ (ଦେଖ)—
3. Śayana dwādaśī (See).

ଶୟନ ଯୋଗ୍ୟ—ସଂ. ବଣ—ଶୟନୀୟ (ଦେଖ)
Śayana jogya Śayanīya (See)

ଶୟନାକାଙ୍କ୍ଷା—ସଂ ବ—ଶୋଇବାକୁ ଇଚ୍ଛା—A desire to sleep.
Śayanākāṅkshā (ଶୟନାଭିଲାଷ—ଅନ୍ୟରୂପ)

ଶୟନାକାଙ୍କ୍ଷୀ—ସଂ ବଣ. ପୁଂ (ଶୟନ+ଅ+କାଙ୍କ୍ଷ ଧାତୁ+କର୍ତ୍ତୃ. ଇନ୍; ୧ମା· ୧ବ)—ଶୋଇବାକୁ ଉତ୍ସୁକ
Śayanākāṅkshī
(ଶୟନାକାଙ୍କ୍ଷିଣୀ—ସ୍ତ୍ରୀ) —Desiring sleep; wishing to sleep; praying to be permitted to sleep.
ଶୟନାର୍ଥୀ, ଶୟନାଭିଲାଷୀ } ଅନ୍ୟରୂପ
(ଶୟନାର୍ଥିନୀ, ଶୟନାଭିଲାଷିଣୀ—ସ୍ତ୍ରୀ)

ଶୟନାଗାର—ସ. ବ (ଶୟନ+ଅଗାର)—ଶୟନ ଗୃହ; ଶୋଇବା ଘର—Bed room, sleeping apartment.
Śayanāgāra
(ଶୟନାବାସ—ଅନ୍ୟରୂପ)

ଶୟନାରୂଢ଼—ସ.ବଣ.ପୁଂ(୭ମୀ ତତ୍)--ଶୋଇବା ପାଇଁ ବିଛଣାକୁ ଯାଇଥିବା—One who has taken to the bed for the purpose of sleeping; gone to bed.
Śayanārūḍha
(ଶୟନାରୂଢ଼ା—ସ୍ତ୍ରୀ)

ଶୟନାର୍ହ—ସ. ବଣ—ଶୟନ ପାଇଁ ଉପଯୋଗୀ; ଶୟନଯୋଗ୍ୟ—
Śayanārha Fit or proper to be slept in or on.
(ଶୟନାସ୍ପଦ—ଅନ୍ୟରୂପ)

ଶୟନୀୟ—ସ. ବଣ (ଶୀ· ଧାତୁ+ଅଧିକରଣ. ଅନୀୟ)—ଶୟନୋପଯୋଗୀ; ଶୋଇବା ପାଇଁ ଉପଯୁକ୍ତ (ଶଯ୍ୟା, ଗୃହ ଇତ୍ୟାଦି); ଯାହା ଉପରେ ବା ଯହିଁରେ ମନୁଷ୍ୟ ବା ଜୀବ ସ୍ୱଚ୍ଛନ୍ଦରେ ଶୋଇ ପାରେ—Fit to be slept in or on. ବ—୧ । ଶଯ୍ୟା; ବିଛଣା; ସେଯ—1. Bed. ୨ । ଶୟନ କରିବାର ସ୍ଥାନ—2. A place to sleep in. ୩ । ପଲଙ୍କ; ଖଟ—3. Bedstead, couch.
Śayanīya

ଶୟନୀୟକ—ସ. ବ (ଶୟନୀୟ+ସ୍ୱାର୍ଥେ. କ)—ଶୟନୀୟ. ବ. (ଦେଖ)
Śayanīyaka Śayanīya (noun) (See)

ଶୟନୀୟୋପଭୋଗ—ସଂ. ବ—ସେଯରେ ଶୋଇବା—Sleeping on or the enjoying of a bed.
Śayanīyopabhoga

ଶୟନେଚ୍ଛା—ସଂ ବ—ଶୋଇବାର ଇଚ୍ଛା—
Śayanechhā Desire to sleep.

ଶୟନେଚ୍ଛୁ—ସ. ବଣ—ଶୋଇବା ପାଇଁ ଅଭିଳାଷୀ—
Śayanechhu Desirous of sleeping.
(ଶୟନେଚ୍ଛୁକ—ଅନ୍ୟରୂପ)

ଶୟନୈକାଦଶୀ—ସ. ବ—ଶୟନ ଏକାଦଶୀ (ଦେଖ)—
Śayanaikādaśī Śayana ekādaśī (See)

ଶୟନୋତ୍ସବ—ସ. ବ—ଶୟନ ଯାତ୍ରା (ଦେଖ)
Śayanotsaba Śayana jātrā (See)

ଶୟନୋଦ୍ୟମ—ସ. ବ—ଶୋଇବା ପାଇଁ ଯୋଗାଡ଼—Preparation to go to sleep; going to bed.
Śayanodyama
(ଶୟନୋପକ୍ରମ, ଶୟନୋଦ୍‌ଯୋଗ—ଅନ୍ୟରୂପ)

ଶୟନୋପଯୁକ୍ତ—ସ. ବଣ—ଯାହା ଉପରେ ବା ଯହିଁରେ ଶୁଆ ଯାଇ ପାରେ; ଶୟନଯୋଗ୍ୟ—Fit or proper to be slept on or slept in.
Śayanopajukta

ଶୟଲ—ଦେ. ଗ୍ରା. (ପଦ୍ୟ) ବ (ସ. ସଂସାର)—୧ । ପୃଥିବୀ; ସଂସାର—
Śayala 1. The earth; the world. [ଉ—ସେ ବ୍ରହ୍ମଜ୍ଞାନ ପ୍ରକାଶିଲେ, କେ ଅଛି ସକଳ ଶୟଳେ—ପ୍ରାଚୀ. ଲକ୍ଷ୍ମଣମହାନ୍ତି ।] ୨ । (ସଂ. ଶୈଳ)—ଶୈଳ; ଶଇଳ—2. Mountain; rock. [ଉ—ମଳୟ ଶୟଳବନ୍ତ ଶୋଭି ସେ ବନ—ପ୍ରାଚୀ. ଶିଶୁଶଙ୍କର. ଉଷା ଅଭିଳାଷ ।]
ସଂସାର
সংসার
शैल
শৈল

ଶୟାନ—ସ· ବଣ·ପୁଂ (ଶୀ· ଧାତୁ+କର୍ତ୍ତୃ· ଅନ, [ଶାନଚ୍])—୧। ସେ ଶୋଇଛି; ନିଦ୍ରିତ—1. Sleeping; asleep.
Śayāna
(ଶୟାନା—ସ୍ତ୍ରୀ) ୨ । ଶଯ୍ୟାରେ ଶୋଇଥିବା; ଶଯ୍ୟାଗତ;ଶୟିତ—2. Lying on bed.

ଶୟାନକ—ସଂ. ବ (ଶୟାନ+କ)—୧ । ସର୍ପ—1. Serpent.
Śayānaka ୨ । ଏଣ୍ଡୁଅ—2· Chameleon. ୩ । ଅଜଗର—3. Boa. (Apte).

ଶୟାମୂତ୍ର—ସ. ବ—ଶଯ୍ୟାମୂତ୍ର; ଶୋଇବା ଅବସ୍ଥାରେ ବିଛଣାରେ; ମୂତ୍ର ତ୍ୟାଗ (ଶବ୍ଦକୋଷ)—Passing of urine during sleep.
Śayāmūtra

ଶୟାଳୁ—ସ. ବଣ (ଶୀ· ଧାତୁ=ଶୋଇବା+ଶୀଳାର୍ଥେ ଅଳୁ)—
Śayālu ୧ । ଶୟନଶୀଳ; ଯେ ସର୍ବଦା ଶୁଏ—1. Given to sleeping. ୨ । ନିଦ୍ରାଳୁ—2. Sleepy. ବ—୧ । କୁକ୍କୁର—1. Dog. ୨ । ଶୃଗାଳ—2. Jackal. ୩ । ଭୁଜଙ୍ଗମ; ସର୍ପ—3· Serpent. ୪ । ଅଜଗର—4. Boa constrictor.

ଶୟିତ—ସଂ· ବଣ. ପୁଂ (ଶୀ. ଧାତୁ=ଶୋଇବା+କର୍ତ୍ତୃ. ତ)—
Śayita ୧ । ସୁପ୍ତ; ନିଦ୍ରିତ; ଲୁଣ୍ଠଶୟନ—1 Asleep. ୨ ।
(ଶୟିତା—ସ୍ତ୍ରୀ) ଯେ ଶୋଇବା ପାଇଁ ବିଛଣାରେ ପଡ଼ିଛି—2. Lying down to sleep; reclining on bed. ୩ । ନିଦ୍ରାଳୁ (ଶବ୍ଦକୋଷ)—3. Sleepy. ବ—୧ । ବହଳ ବୃକ୍ଷ; ଔଉ (ବ. ଚାଲିତା)—1. Dillenia Speciosa. ୨ । ଶୟନ—2. Sleeping. ୩ । ଅଜଗର—3. Boa constrictor. ୪ । ଗଡ଼ଭଣା (ଉ· ଣ)—4. Cordia Myxa.

ଶୟିତବାନ୍—ସଂ. ବଣ. ପୁଂ (ଶୀ. ଧାତୁ+କର୍ତ୍ତୃ. ତବତ୍)—୧ । ସୁପ୍ତ; Śayitabān ନିଦ୍ରିତ—1. Sleeping; asleep. ୨ । ନିଦ୍ରାଳୁ (ଶୟିତବତୀ—ସ୍ତ୍ରୀ) (ବିଶ୍ୱକୋଷ)—2. Sleepy. ସଂ. ବି. ୧ । (+ଭାବ. ତ)—ଶୟନ—1, Sleeping. ୨ । ଭବ୍ୟ ବୃକ୍ଷ; ଓଉ—2. Dillenia Speciosa.

ଶୟିତବ୍ୟ—ସଂ. ବଣ—(ଶୀ ଧାତୁ+ଅଧିକରଣ ତବ୍ୟ)—ଶୟନୀୟ Śayitabya (ଦେଖ) Śayaniya (see)

ଶୟିତା—ସଂ. ବଣ. ସ୍ତ୍ରୀ (ଶୟିତ+ସ୍ତ୍ରୀ ଆ)—ଶୟିତର ସ୍ତ୍ରୀ ଲିଙ୍ଗ Śayitā Feminine of Śayita. ସଂ. ବଣ. ପୁଂ.(ଶୀ ଧାତୁ +କର୍ତ୍ତୃ. ତୃ; ୧ମା ୧ବ) ଶୟନକାରୀ— (ଶୟିତ୍ରୀ—ସ୍ତ୍ରୀ) Sleeping.

ଶୟୁ—ସଂ.ବି.ପୁଂ—(ଶୀ ଧାତୁ=ଶୋଇବା+କର୍ତ୍ତୃ. ଉ)—୧ । ଅଜଗର Śayu ସର୍ପ—2. The Boa constrictor. ୨ । ପ୍ରାଚୀନ ବୈଦିକ ଋଷିବିଶେଷ—2. Name of a sage. (ଶୟୁନ—ଅନ୍ୟରୂପ)

ଶୟେ—ଦେ. ବଣ ଓ ବି.—ଶହେ; ଏକଶତ—One hundred. Śaye [ଦୃ—ଶୟେ ଅଶ୍ୱ ଗୋଟି ଯେ ତୁଳସୀ ମାଳ କର—ପ୍ରାଚୀ. ଶ୍ରୀ ଗୁରୁବନ୍ଦନା] একশ एकसौ

ଶଯ୍ୟା—ସଂ ବି—(ଶୀ ଧାତୁ=ଶୋଇବା+ଅଧିକରଣ ଯ+ଆ, ଯହିଁରେ Śajyā ଶୟନ କରଯାଏ)—୧ । ତଳ୍ପ; ବିଛଣା—1. Bed; bedding. ୨ । ଖଟ ପଲଙ୍କ ଅଦ—2. Bedstead; couch. ୩ । ଶୟନ ସ୍ଥାନ—3. A place for sleeping in. ୪ । ସେଯ—4 A cushin spread on the ground for sleeping on. ୫ । ନଦୀର ସ୍ରୋତ ବହି ଯିବାର ସ୍ଥାନ—5: The bed or channel of a river: ୬ । (+ଭାବ.ଅ+ଆ) ଶୟନ—6 sleeping.

ଶଯ୍ୟା କରିବା—ଦେ. କ୍ରି—୧ । ବିଛଣା ପକାଇବା; ଶୋଇବା ପାଇଁ Śajyā karibā ଭୂମିରେ ବା ଖଟ ଉପରେ ବିଛଣା କରିବା—1 শয্যা করা शय्या करना To spread the bed. ୨। ଶୟନ କରିବା; ଶୋଇବା—2 To sleep.

ଶଯ୍ୟା ଗତ—ସଂ. ବଣ—(ଶଯ୍ୟାକୁ ଗତ=ପ୍ରାପ୍ତ, ୨ୟା ତତ୍)—୧ । Sajyā gata ଶଯ୍ୟାଶାୟୀ; ବିଛଣାରେ ଶୋଇଥିବା; ଶାୟିତ—1 Sleeping on bed; lying on the bed. (ଶଯ୍ୟାଗତା—ସ୍ତ୍ରୀ) ୨। କଠିନ ପୀଡ଼ା ଯୋଗୁଁ ବିଛଣାରୁ ଉଠିବାର ଶକ୍ତି ରହିତ; କତର ଲଗା—2. Confined to bed (owing to serious illness).

ଶଯ୍ୟାଗତ ପୀଡ଼ା—ଦେ. ବି—ଗୁରୁତର ପୀଡ଼ା; ଯେଉଁ ପୀଡ଼ା ଯୋଗୁ Śajyāgata pirdā ମନୁଷ୍ୟ କତରଲଗା ହୋଇ ପଡ଼ିଥାଏ— শয্যাগত পীড়া Serious illness which confines the शय्यागत पीडा patient to bed.

ଶଯ୍ୟାଗତ ପୀଡ଼ିତ—ଦେ.ବଣ—ଗୁରୁତରଭାବରେ ପୀଡ଼ିତ; ଯେଉଁ ରୋଗୀ Śajyāgata pirdita ବିଛଣାରୁ ଉଠିପାରେ ନାହିଁ—Very শয্যাগত পীড়িত seriously ill and obliged to be शय्यागत पीडित confined to bed.

ଶଯ୍ୟାଗାର—ସ. ବି—ଶୟନ ଗୃହ; ଶୟନ କକ୍ଷ— Śajyāgāra Bed-room; sleeping room. (ଶଯ୍ୟାଗୃହ—ଅନ୍ୟରୂପ)

ଶଯ୍ୟା ଗୁରୁ—ସ. ବି. ପୁଂ—(ସ୍ତ୍ରୀର) ସ୍ୱାମୀ; ପତି— Śajyā guru (a woman s) Husband.

ଶଯ୍ୟାଚ୍ଛାଦନ—ସ. ବି (୬ଷ୍ଠୀତତ୍)—ଶଯ୍ୟାଆବରଣ; ବିଛଣାର ଗୁଡ଼ର— Śajyāchchhādana Bedsheet; a cover for the bed.

ଶଯ୍ୟାତଳ—ସ. ବି (୬ଷ୍ଠୀ ତତ୍)—୧ । ବିଛଣାର ତଳଦେଶ; ବିଛଣାର Śajyātaḷa ଉପର ଭାଗ—1. The surface of the bed ୨ । ଖଟତଳ—2 The patch of ground below the bedstead· ୩ । ଶଯ୍ୟାର ନିମ୍ନଭାଗ—3. The part under the bed.

ଶଯ୍ୟା ଦାନ—ସଂ. ବି—୧ । ମୃତ୍ୟୁଶଯ୍ୟାଦାନ—1. Gift of a Śajya dāna bed to a Brāhmaṇa during funeral obsequies. ୨ । (ଜୀବିତ ବ୍ୟକ୍ତିର) ବ୍ରାହ୍ମଣକୁ ଶଯ୍ୟାର ଦାନ—2. Gift of a bedding to a Brāhmaṇa.

ଶଯ୍ୟା ପାତି(ରି)ବା—ଦେ. କ୍ରି—୧ । ଶଯ୍ୟା ରଚନା କରିବା—1. To Śajyā pāti(ri)bā make up the bed. ୨ । ଶୋଇବା বিছানা পাতা ପାଇଁ ଭୂମିରେ ଶଯ୍ୟାକୁ ବିସ୍ତୃତ କରିବା—2. To बिछौना डालना spread the bed on the ground; to lay the bed.

ଶଯ୍ୟା ପାର୍ଶ୍ୱ—ସଂ. ବି (୬ଷ୍ଠୀ ତତ୍)—୧ । ବିଛଣାର ପାଖ— Śajyā pārśwa 1. Side of the bed; the part near the bed; bedside.

ଶଯ୍ୟା ପାଳକ—ସଂ. ବି (୬ଷ୍ଠୀ ତତ୍)—ରାଜାମାନଙ୍କ ଶୟନଗୃହରକ୍ଷକ— Śajyā pāḷaka The superintendent of a Raja's (ଶଯ୍ୟାଧ୍ୟକ୍ଷ—ଅନ୍ୟରୂପ) bedchamber.

ଶଯ୍ୟା ପ୍ରାନ୍ତ—ସଂ. ବି (୬ଷ୍ଠୀ ତତ୍)—ବିଛଣାର ଏକ ମୁଣ୍ଡ— Śajyā prānta The edge of the bed.

ଶଯ୍ୟା ପ୍ରାପ୍ତ—ସଂ. ବଣ. ପୁଂ (୨ୟା ତତ୍)—ଶୟିତ — Śajyāprāpta Sleeping; asleep. (ଶଯ୍ୟାସଙ୍ଗତ—ଅନ୍ୟରୂପ) [ଶଯ୍ୟାପ୍ରାପ୍ତା, ଶଯ୍ୟାସଙ୍ଗତା—ସ୍ତ୍ରୀ]

ଶଯ୍ୟା ମାଡ଼ିବା—ଦେ. କ୍ରି—ଶଯ୍ୟାରେ ଶୋଇବାରେ ବ୍ୟବସ୍ଥା କରିବା- Śajyā mārdibā ପାଇଁ ସେଯକୁ ସ୍ପର୍ଶ ମାଡ଼ କରିବା—To (ଶଯ୍ୟା ଛୁ[ଛୁଁ]ଇଁବା—ଅନ୍ୟରୂପ) tread on the bed; to বিছানা মাড়া touch the bed (with a view to carry शय्या छूना out a behest to go to bed·)

ଶଯ୍ୟା ମୂତ୍ର—ସଂ. ବି (୭ମୀ ତତ୍)—ଶିଶୁମାନଙ୍କର ଶଯ୍ୟାରେ ମୂତିବା Śajyā mūtra ରୋଗ—A disease peculiar to infants of making water while sleeping

ଶଯ୍ୟା ରଚନ(ନା)—ସଂ. ବି—ଶେଯ ଖେଳାଇବା; ଶଯ୍ୟା ପ୍ରସ୍ତୁତକରଣ;
Śajyā rachana(nā) ଶୋଇବା ପାଇଁ ବିଛଣା ପାରିବା—
Laying or spreading of the bed; preparing the bed.

ଶଯ୍ୟାଶାୟୀ—ସ. ବିଣ. ପୁଂ (ଶଯ୍ୟା+ଶୀ ଧାତୁ+କର୍ତ୍ତୃ. ଇନ୍; ୧ମା.
Śajyā śāyi ୧ବ)—ଶଯ୍ୟାଗତ (ଦେଖ)—
(ଶଯ୍ୟାଶାୟିନୀ—ସ୍ତ୍ରୀ) Śajyāgata. (See)

ଶଯ୍ୟା ସଙ୍ଗିନୀ—ସ. ବି. ସ୍ତ୍ରୀ—(ସ୍ୱାମୀଙ୍କ ସଙ୍ଗରେ ଯେ ଏକ ଶଯ୍ୟାରେ
Śajyā sangini ଶୁଅନ୍ତି) ସ୍ତ୍ରୀ; ଭାର୍ଯ୍ୟା; ପତ୍ନୀ—(Female)
(ଶଯ୍ୟାସହଚରୀ—ଅନ୍ୟରୂପ) Partner of the bed; wife; consort.

ଶଯ୍ୟା ସଙ୍ଗୀ—ସ. ବି. ପୁଂ—(ସ୍ତ୍ରୀ ସଙ୍ଗେ ଯେ ଏକ ଶଯ୍ୟାରେ ଶୁଅନ୍ତି)
Śajyā sangi ସ୍ୱାମୀ; ଭର୍ତ୍ତା; ପତି—(Male) Partner of
(ଶଯ୍ୟାସହଚର—ଅନ୍ୟରୂପ) the bed; husband.

ଶଯ୍ୟାସ୍ତରଣ—ସଂ. ବି (୬ଷ୍ଠୀ ତତ୍)—ଶେଯ ଉପରେ ପଡ଼ିବା ଚଦର;
Śajyāstaraṇa ବିଛଣା ଚଦର—Bed sheet; a covering for the bed.

ଶଯ୍ୟୋତ୍ତରଚ୍ଛଦ—ସଂ. ବି (୬ଷ୍ଠୀତତ୍; ଶଯ୍ୟା+ଉତ୍ତରଚ୍ଛଦ)—ଶଯ୍ୟା-
Śajyottarachchhada ଛାଦନ; ବିଛଣାଚଦର—Bedsheet.
(ଶଯ୍ୟୋତ୍ତରାସ୍ତୃ—ଅନ୍ୟରୂପ)

ଶଯ୍ୟୋପଭୋଗ—ସଂ. ବି (୬ଷ୍ଠୀତତ୍)—ବିଛଣାରେ ଶୋଇବା—
Śajyopabhoga Sleeping on the bed; enjoying a sleep or rest on a bed.

ଶର୍‌ଗି—ପ୍ରାଦେ (ସମ୍ବଲପୁର) ବି—ଶାଳ ଗଛ—
Śar-gi Śāl tree.

ଶର୍‌ବନା—ପ୍ରାଦେ. (ସମ୍ବଲପୁର) ବି—ଶର୍ବନା (ଦେଖ)
Śar-banā Śārbanā. (See)

ଶର୍‌ବିନ୍ଧା—ଦେ. ବି ଓ ବିଣ—ଶରବିନ୍ଧା (ଦେଖ)
Śar-bindhā Śarabindhā (See)

ଶର—ସଂ. ବି (ଶୃ ଧାତୁ=ଭେଦ କରିବା; ହିଂସା କରିବା+
Śara କର୍ତ୍ତୃ.ଅ)—୧। ବାଣ; ଶର; ଇଷୁ—Arrow; shaft.
[ଉ—ବିକଶିତ କୁମୁଦେ ନନ୍ଦନ ପ୍ରଭା......ମୋଦେ ବୁଦେ ବୁଡ଼ିବ ଶର ଭେଦେ। ଉଦ୍ଧ. ବୈଦେହୀଶବିଳାସ।]
[ଦ୍ର—ପୁରାଣମାନଙ୍କରେ ନାନା ଶକ୍ତିସମନ୍ୱିତ ଓ ନାନା ଅସାଧାରଣ ଗୁଣବିଶିଷ୍ଟ ଶରମାନଙ୍କ ନାମ ଲେଖାଅଛି । ଯଥା—ବାତଲ ଶର, ବରୁଣ—ଶର, ରୁଦ୍ର ଶର, ବ୍ରହ୍ମଶର, ବଜ୍ର ଶର, ପଶୁପତି ବା ପାଶୁପତ ଶର, ଜ୍ୱାଳାବଳ ଶର, ଦାରୁଣ୍ଡା ବା ହବୋଡ଼ା ଶର, ପବନା ଶର, ଗରୁଡ଼ ବା ଗାରୁଡ଼ ଶର, ଭୁଜ ଶର, କାଳ ଶର, ଅର୍ଦ୍ଧ ଶର, ମୁଷଳ ଶର, ମକରଭେଦୀ ଶର, ପର୍ବତ ଶର, ଗୋଷ୍ପୃନା ଶର, ନାଗପାଶ ଶର, ଯମଦାଢ଼ ଶର, କରୁଣା ଶର, ଚନ୍ଦ୍ର ଶର, ଛେଲ ଶର, କଙ୍କ ପକ୍ଷ ଶର, ଇତ୍ୟାଦି। ନୃସିଂହପୁରାଣ, ଶାରଳା ମହାଭାରତ ଓ ବଳରାମ ରାମାୟଣ ଦ୍ରଷ୍ଟବ୍ୟ ।] ୨। ବାଣ ତୃଣ; ଏକ ପ୍ରକାର କାଠିଯୁକ୍ତ ଘାସ; ମୁଞ୍ଜ ତୃଣ; ଶର ତୃଣ [ଦେଖ]—
2. A sort of reed; Saccharum Sara.
୩। ଦଧି ଦୁଗ୍ଧର ଉପରେ ପଡ଼ୁଥିବା ଘନ ଆବରଣ—
3. Cream (of milk or curds), a thick layer formed on the surface of milk or curds. ୪। ଜଳ—4. Water. ୫। (ସାମୁଦ୍ରିକ ଶାସ୍ତ୍ର) ମନୁଷ୍ୟର ଦେହରେ ଥିବା ଶରାକୃତି ରେଖା ଚିହ୍ନ—
5. (Palmistry) Linear mark resembling the arrow on a person's body. ୬। ଉଶୀର; ବେଣା ଚେର [ହି.ଶ]—6. The root of Beṇā grass. ୭। ଭଲ୍ଲାସ୍ତ୍ରର ଫଳକ [ହି.ଶ]—7.The blade of a spear. ୮। ଅଘାତ—8.Wound (Apte)
୯। ପାଞ୍ଚ ସଂଖ୍ୟା—9. The number five. ୧୦।
ହିଂସା—10. Injury; harm (Apte). ୧୧।
ପୁରାଣୋକ୍ତ ଅସୁରବିଶେଷ-11. Name of a mythological demon. ଦେ. ବି ସ୍ତ୍ରୀ—ଶ୍ରଦ୍ଧା ନାମ୍ନୀ ସ୍ତ୍ରୀର ଡାକ ନାମ—Name for calling Śraddhā.

ଶର କାଣ୍ଡ—ଦେ. ବି—(ଏକାର୍ଥକ ସହଚର)—୧। କାଣ୍ଡ; ଧନୁର୍ବାଣ
Śara kāṇḍa 1. Arrow. ୨। ଶର ତୃଣ [ଦେଖ]—
शर शरकंडा 2. Śara tṛuṇa (See)

ଶର କାରି[ରି]—ଦେ. ବି—ବାଣୁଆ; ଶବର—
Śara kāri(ra) Fowler; bird-catcher.
[ଉ—ଯେସନେ ଶରକାରୀ ପଥେ, ଶର ବନ୍ଧଇ ହେଠ ମାଥେ।] ସଂ. ବି—ଶର କର୍ମାରୀ ବ୍ୟକ୍ତି [ହି.ଶ]—
A manufacturer of arrows.

ଶର କ୍ଷେପ—ସଂ. ବି—(୬ଷ୍ଠୀ ତତ୍)—ଧନୁଦ୍ୱାରା ବାଣ ମାରିବା—
Śara kshepa Shooting with a bow.
[ଶରକ୍ଷେପଣ, ଶରତ୍ୟାଗ, ଶର ନିକ୍ଷେପ—ଅନ୍ୟରୂପ]

ଶର ଖଂଗକ—ସଂ. ବି—ଉଲୁଷ ତୃଣ; ଅଣଖୁଆ—
Śara khamgaka Imperata Arundinacia (reed).
ଅନ୍ୟ ସଂ. ନାମ—ଉଲୁଷ
উলু उलप, उलूक

ଶର ଖଡ୍ଗ—ସଂ. ବି—ଶର ଗଛ ମୂଳ (ଦେଖ)
Śara khadga Śara gachha muḷa (see)

ଶର ଗଛ ମଳ—ଦେ.ବି—ଶରଗଛର ଚେର—The root of Śara
Śara gachha mūḷa plant. [ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ । ଏହାର ସଂସ୍କୃତ ନାମ ଶରଷଡ୍‌ଗ—ହରେକୃଷ୍ଣ. ଦ୍ରବ୍ୟଗୁଣ ।]

ଶରଗା—ପ୍ରାଦେ. (ସିଂହଭୂମ) ବି—ଶାଳୁଅ କାଠ; ଶାଳୁଅ ଗଛ—
Saragā Sal tree.

ଶର ଗୁନ୍ଥାଣି—ଦେ. ବି (୭ମୀ ତତ୍)—ଶର ଗୁନ୍ଥିବା କାର୍ଯ୍ୟ—The
Śara gunthāṇi act of piercing a thing with a number of arrows so as to resemble sewing. [ଉ—ଶର ଶେଯ ଶରଗୁନ୍ଥାଣିକି ସେ ଚଳେ—କୃଷ୍ଣସିଂହ. ମହାଭାରତ. ଅଦ ।]

ଶର ଗୁଲ୍ମ—ସଂ. ବି—୧ । ଶରତ୍ରୁଣ (ଦେଖ)—1. Śaratṛuṇa
Śara gulma (See) ୨ । ରାମାୟଣୋକ୍ତ ନୃଥପଭ ମର୍କଟ ବିଶେଷ—2. The name of a leader of monkey-soldiers mentioned in the Rāmāyaṇa.

ଶର ଚିହ୍ନ—ସଂ. ବି (ଅଧୁନାତନ ପ୍ରୟୋଗ)—କୌଣସି ବିଷୟ ବା
Śara chihna ଲେଖା ପ୍ରତି ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ
শরচিহ্ন ଶରଚିହ୍ନ କରିବା ଉଦ୍ଦେଶ୍ୟରେ, କମ୍ପା ନଦୀର ଓ ମାର୍ଗାଦିର ଗତିଲୁ ବା ପ୍ରବାହର ଦିଗକୁ ନକସାରେ ଦେଖାଇବା ପାଇଁ ବ୍ୟବହୃତ ବାଣାକୃତି ଚିହ୍ନ, (ଯଥା—→)—The arrow mark; a sign used in writing to indicate the direction of the flow of a river or road or in directing the reader's particular attention to something following.

ଶରଚନ୍ଦ୍ର—ସଂ. ବି (ଶରତ୍+ଚନ୍ଦ୍ର, ୬ଷ୍ଠୀ ତତ୍ ବା ମ. ପ.
Śarachchandra ଲୋ.)—ଶରତ୍କାଳରେ ନିର୍ମଳ ଆକାଶରେ ପଡ଼ୁଥିବା ଚନ୍ଦ୍ର—The autumnal moon in its cloudless splendour; the moon shining in the bright autumn sky. [ଦ୍ର—ଶରତ୍କାଳରେ ଆକାଶରେ ମେଘ ନ ଥିବାରୁ ଚନ୍ଦ୍ର ଭାରି ଶୋଭା ବା ଉଜ୍ଜ୍ୱଳ ଦେଖାଯାଏ ।] ଦେ ବି ପୁଂ—ଲୋକଙ୍କ ନାମ—Name given to males.

ଶରଚନ୍ଦ୍ର ଦାସ—ଦେ. ବି (ନାମ)—ଭାରତବର୍ଷ ପର୍ଯ୍ୟଟକ ଓ ଭାରତ
Śarachchandra dāsa ଭାଷାଭିଜ୍ଞ ବଙ୍ଗୀୟ ବଙ୍ଗୀୟପଣ୍ଡିତ—The famous Bengalee traveller and author (on Tibbet). [ଦ୍ର—୧୮୪୯ ଖ୍ରୀଷ୍ଟାବ୍ଦରେ ଏ ଜନ୍ମଗ୍ରହଣ କରିଥିଲେ । ତିବତ ଓ ଚୀନ ଦେଶ ଭ୍ରମଣ କରି ଏ ତିବତ ଭ୍ରମଣବୃତ୍ତାନ୍ତ, ତିବତୀୟ-ଇଂରାଜୀ ଅଭିଧାନ ରଚନା କରିଥିଲେ । ଗବର୍ଣ୍ଣମେଣ୍ଟ ଏହାଙ୍କୁ ରାୟ ବାହାଦୁର ଓ C. I. E ଉପାଧିରେ ଭୂଷିତ କରିଥିଲେ । ତିବତୀୟ ଭାଷା ତଥା ଆଚାର ବ୍ୟବହାର ଓ ବୌଦ୍ଧଧର୍ମ ସମ୍ବନ୍ଧରେ ଏହାଙ୍କର ଅଭିଜ୍ଞତା ପୃଥିବୀବିଖ୍ୟାତ । ଏ ଗବର୍ଣ୍ଣମେଣ୍ଟଙ୍କ ଅଧୀନତାରେ ତିବତ ଭାଷାର ଅନୁବାଦକକର୍ମ କରି ୧୯୦୪ ଖ୍ରୀଷ୍ଟାବ୍ଦରେ ପେନ୍‌ସନ୍ ଗ୍ରହଣ କରିଥିଲେ ।]

ଶରଚନ୍ଦ୍ରନିଭାନନ—ସଂ. ବି. ପୁଂ (ଶରଚ୍ଚନ୍ଦ୍ର+ନିଭ=ସଦୃଶ+ଆନନ,
Śarachchandranibhānana ବହୁବ୍ରୀହି)—ଶରତ୍କାଳୀନ ଚନ୍ଦ୍ର ପରି ମନୋହର ମୁଖ—A face as beautiful as the autumn moon. ସ. ବିଣ. ପୁଂ (ବହୁବ୍ରୀହି)—ଶରତ୍କାଳୀନ ଚନ୍ଦ୍ର ପରି ମନୋହର ମୁଖଯୁକ୍ତ—Having a face as fair as the autumn moon.
(ଶରଚ୍ଚନ୍ଦ୍ରନିଭାନନା—ସ୍ତ୍ରୀ)

ଶରଚନ୍ଦ୍ର ପ୍ରଭ—ସ. ବିଣ. ପୁଂ (ଶରଚ୍ଚନ୍ଦ୍ରଙ୍କ ପରି ପ୍ରଭା ଯାହାର; ଶରଚ୍ଚନ୍ଦ୍ର
Śarachchandraprabha +ପ୍ରଭା; ବହୁବ୍ରୀହି)—ଶରଚ୍ଚନ୍ଦ୍ର
(ଶରଚ୍ଚନ୍ଦ୍ରପ୍ରଭା—ସ୍ତ୍ରୀ) ପରି ନିର୍ମଳ—Bright as the moon in the autumn sky.

ଶରଚନ୍ଦ୍ରମରୀଚି—ସ. ବି (ଶରଚ୍ଚନ୍ଦ୍ର+ମରୀଚି, ୬ଷ୍ଠୀ ତତ୍)—ଶରତ୍
Śarachchandramarichi କାଳୀନ ଚନ୍ଦ୍ରର କିରଣ—The rays of the moon in autumn.

ଶରଚ୍ଛଶୀ—ସଂ. ବି (ଶରତ୍+ଶଶୀ; ୬ଷ୍ଠୀ ତତ୍)—ଶରତ୍କାଳୀନଚନ୍ଦ୍ର—
Śarachchhaśi Autumn moon.

ଶରଜ—ସଂ. ବି (ଶର+ଜନ୍ ଧାତୁ=ଜାତହେବା+କର୍ତ୍ତୃ ଅ, ଶରରୁ
Śaraja ଜାତ)—୧ । ସଦ୍ୟୋଜାତ ଘୃତ—1. Fresh clarified butter. ୨ । ନବନୀତ (ହି. ଶ)—2. Butter. ୩ । ଶରଜନ୍ମା (ଦେଖ)—3 Śarajanmā (See) ସଂ. ବିଣ—ତାଣ୍ଡରର ଗଛରୁ ଉତ୍ପନ୍ନ ବା ନିର୍ମିତ—Produced from or made of sara reed.

ଶରଜନ୍ମା—ସଂ. ବି (ଶର+ଜନ୍ମନ୍, ଶରଜନ୍ମନ୍; ୧ମା. ୧ବ; ଶର=
Śarajanmā ଶର ବନରେ ଜନ୍ମ ଯାହାଙ୍କର)—ଷଡ଼ାନନ; କାର୍ତ୍ତିକେୟ—Kārttikeya, the elder son of Mahādeba.

ଶର ଜାଲ(ଳ)—ସଂ. ବି (୬ଷ୍ଠୀ ତତ୍)—ଶରସମୂହ; ଜାଲ ପରି ଘନ-
Śara jāla(la) ଭାବରେ ପରସ୍ପର ଛାଡ଼ହୋଇ ଦେଖା ଯାଉଥିବା ବହୁ ଶରମାନ—A net of arrows; a very thick discharge of arrows resembling a network formed in air.

ଶରଟ—ସଂ. ବି (ଶୃ ଧାତୁ=ହିଂସାକରିବା, ବଧକରିବା+କର୍ତ୍ତୃ. ଅଟ)—
Śaraṭa ୧ । କୃକଳାସ; ଏଣ୍ଡୁଅ—1. Camelleon. ୨ । କୁସୁମ୍ଭଶାକ; କୁସୁମ ଫୁଲ—2. Saflower plant; Carthamus Tinctorius. ୩ । କରଞ୍ଜ (ହି.ଶ) 3. Pongamia Glabra (tree).

ଶରଟୀ—ସଂ. ବି—ଲାଜକୋଳି ଗୁଳ୍ମ (ହି. ଶ)
Śaraṭi Mimosa Pudica (plant).

ଶରଣ—ସ. ବି.—(ଶୃ ଧାତୁ=ହିଂସା କରିବା+ଭାବ ଅନ)—୧ । ବଧ;
Śaraṇa ହିଂସା—1. Killing; injuring (Apte). ୨ । ରକ୍ଷଣ—2. Protecting. ୩ । ରକ୍ଷା—3. Saving; protection. ୪ । ଆଶ୍ରୟ—4. Refuge; shelter; protection. ୫ । ଗୃହ—5. House. ୬ । ରକ୍ଷକ—6. Protector ୭ । ଆଶ୍ରୟ ନେବା ସ୍ଥାନ 7. A place of refuge; asylum; sanctuary (Apte). ୮ । ବିଶ୍ରାମ ସ୍ଥାନ—8. Lair; resting place (Apte). ୯ । ବିହାରର ତିର୍ହୁତ ଡିଭିଜନର ସାହାବାଦ ଜିଲ୍ଲାର ଉତ୍ତରରେ ଥିବା ଶାରଣ ନାମକ ଜିଲ୍ଲା (ହି. ଶ)—9. District Śāran in Bihar. ୧୦ । ଜଳ—10. Water (M. W.)
ଦେ. ବି.—୧ । ଆଶ୍ରୟଦାତା ବ୍ୟକ୍ତି; ଆଶ୍ରୟ ଦାତା—1 One who
শরণ শরণ gives shelter. [ଦ୍ର—ସଦ୍‌ଗୁରୁଙ୍କ ମୋର ଶରଣ ରଙ୍ଗ କାରଣ ହେବ ।—ଭକ୍ତ. ପ୍ରେମସୁଧାନିଧି]

୨। ଶରଣାଗତ ବ୍ୟକ୍ତି; ଆଶ୍ରିତ ଲୋକ—2. A persou who has come for refuge. [ଉ—ଶରଣ ସମ୍ଭାଳ; ଆଶ୍ରୟ ମୋତେ ଦିଅ ଗରଡେ ।
—ରାଧାନାଥ, ଚନ୍ଦ୍ରଭାଗା]

मद्वा ୩। (ଜ୍ୟୋତିଷ) ଉତ୍ତରାଷାଢ଼ା ନକ୍ଷତ୍ରଠାରୁ ୫ଟି ନକ୍ଷତ୍ର ପର୍ଯ୍ୟନ୍ତ ପଡ଼ିବା ତିଥି; ଶରଣ ପଞ୍ଚକ (ଦେଖ)। [ଦ୍ର—ଏହି ୫ ଦିନ ଭୂମି ଖନନ, ତୃଣ କାଷ୍ଠାଦି ଛେଦନ ନିଷିଦ୍ଧ]—3. The period of five days beginning from Uttarāshārdhā during which digging of earth and cutting of straw is prohibited. [ଦ୍ର—ଧନୁ—ମୀନ ଦ୍ୱୟୋର୍ମଧ୍ୟେ ଯଦା ଗଚ୍ଛତି ଚନ୍ଦ୍ରମା, ନ ଛେଦ୍ୟଂ ତୃଣକାଷ୍ଠଂ ଚ ନ ଦାହ୍ୟା ଦକ୍ଷିଣେ ଦିଶି । ଶରଣ ପଞ୍ଚକ ସମ୍ବନ୍ଧରେ ଏହିଭଳି ଗୋଟିଏ ଜ୍ୟୋତିଷ ବଚନ ଆମ ଦେଶରେ ଚଳେ ।] ୪। ଗତି—4. Motion.
(ଉ—ବଳାହଂସକ ନାଦେ ଗତି ବଢ଼ାଇବ ଶୁଣାଇ ବଳାକ ନାରେ ମନ୍ଦ ଶରଣେ ଗଜହଂସ ଜଣାଇ—ଭଞ୍ଜ ବୈଦେହୀଶବିଳାସ ।) ୫। (ନାମ) ଜୟଦେବଙ୍କ ସମସାମୟିକ ଜଣେ ସଂସ୍କୃତ କାବ୍ୟରଚୟିତା—5. Name of a poet of Jayadeba's time. [ଦ୍ର—ଗୀତଗୋବିନ୍ଦ ପ୍ରଥମ ସର୍ଗର ଚତୁର୍ଥ ଶ୍ଳୋକରେ ଉମାପତି ଧର, ଶରଣ, ଆଚାର୍ଯ୍ୟ ଗୋବର୍ଦ୍ଧନ, କବିରାଜ ଧୋୟୀ ଓ ଜୟଦେବ କବିଙ୍କ ନାମ ଉଲ୍ଲେଖ ଅଛି । ଦୁର୍ବୋଧ ସନ୍ଦର୍ଭର ଦ୍ରୁତ ରଚନା ନିମନ୍ତେ ଶରଣ କବିଙ୍କୁ ପ୍ରଶଂସା କରା ଯାଇଅଛି ।]

ଶରଣଦ—ସଂ. ବି. ପୁଂ—ଯେ ଆଶ୍ରୟ ଦିଏ—
Śaranada Protector; one who gives shelter.
[ଶରଣଦାତା—ଅନ୍ୟରୂପ] [ଶରଣଦା, ଶରଣଦାୟୀ—ସ୍ତ୍ରୀ]

ଶରଣ ଦେବା—ଦେ. କ୍ରି.—ବିପନ୍ନ ବ୍ୟକ୍ତିକୁ ଆଶ୍ରୟ ଦେବା—
Śarana debā To give shelter to a person in danger.
[ଶରଣ ରଖିବା—ଅନ୍ୟରୂପ]

ଶରଣ ଧରଣୀ—ଦେ. ବି—ଗଞ୍ଜାମର ଅଠଗଡ଼ ରାଜ୍ୟ—Name of the estate of Athagarda in Ganjām.
Śarana dharanī
[ଦ୍ର—କଳାପାହାଡ଼ ଯେତେବେଳେ ଓଡ଼ିଶାକୁ ଆକ୍ରମଣ କଲା, ସେତେବେଳେ ଓଡ଼ିଶାର ରାଜା ପୁରୀରୁ ଜଗନ୍ନାଥ ଦେବଙ୍କୁ ସଙ୍ଗରେ ନେଇ ଅଠଗଡ଼ ରାଜ୍ୟରେ ଆଶ୍ରୟ (ଶରଣ) ଗ୍ରହଣ କରିଥିଲେ ଓ ଅଠଗଡ଼ର ତଦାନୀନ୍ତନ ରାଜା ଓଡ଼ିଶା ରାଜାଙ୍କୁ ବିଶେଷ ଆଦର ସମ୍ମାନ ସହିତ ଆଶ୍ରୟ (ଶରଣ) ଦେଇଥିଲେ । ଏହା ଛଡ଼ା ଅଠଗଡ଼ର ରାଜାମାନେ ପୁରୁଷାନୁକ୍ରମେ ବହୁ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ଆଶ୍ରୟ ଦେଇ ଆସିଥିବାରୁ 'ଅଠଗଡ଼' ରାଜ୍ୟ ଶରଣ ଧରଣୀ ବା ଶରଣ ରାଜ୍ୟ ନାମରେ ପୂର୍ବେ ଅଭିହିତ ହେଉଥିଲା ।]
[ଉ—ଜଗତ୍ତ୍ରେ ଶ୍ରୀ. କାଳୁକେଶ ଶରଣ ଧରଣୀ ଈଶ—
ଉଦ୍ଭସୂର୍ଯ୍ୟ. ଯଶୋଗାଥା, ବ. ଗୀତ ।]

ଶରଣ ଧରିବା (ଯିବା)—ଦେ. କ୍ରି—ଆସନ୍ନ ବିପଦରୁ ରକ୍ଷା ପାଇବା ପାଇଁ (ବିପନ୍ନ ବ୍ୟକ୍ତି) କୌଣସି ମହତ୍ ବ୍ୟକ୍ତିଙ୍କ ଠାରେ ଆଶ୍ରୟପ୍ରାର୍ଥୀ ହେବା; ଶରଣାଗତ ହେବା—
Śarana dharibā (jibā)
শরণ লওয়া
शरण लेना (पकड़ना) To take shelter under a great personage to be saved from danger.
ଶରଣ ନେବା / ଶରଣ ପଶିବା }—ଅନ୍ୟରୂପ
[ଉ—ବିକଳେ ଶରଣ ଗଲି ଶରଣବତ୍ସଳ ପାଦପଦ୍ମେ—ରାଧାନାଥ. ମହାଯାତ୍ରା; ଆମ୍ଭଠାରେ ଆସି ତାଙ୍କର ଲୋକମାନେ ଶରଣ ପଶିଛନ୍ତି ଯୁଦ୍ଧ ଅର୍ଥେ ମନେ ।—କୃଷ୍ଣସିଂହ. ମହାଭାରତ. ବନ ।]

ଶରଣ ପଞ୍ଚକ—ସଂ. ବି—(ଜ୍ୟୋତିଷ) ପ୍ରତ୍ୟେକ ମାସରେ ଚନ୍ଦ୍ରର ମକର ଓ କୁମ୍ଭ ରାଶିରେ ରହିବା କାଳ ଅର୍ଥାତ୍ ଉତ୍ତରାଷାଢ଼ା (୨୧ଶ), ଶ୍ରବଣା (୨୨ଶ), ଧନିଷ୍ଠା (୨୩ଶ), ଶତଭିଷା (୨୪ଶ), ଓ ପୂର୍ବଭାଦ୍ରପଦ (୨୫ଶ) ନକ୍ଷତ୍ରମାନଙ୍କର ଏକାଦିକ୍ରମେ ପଡ଼ୁଥିବା ୫ଟି ଦିବସ। (ଏହି ୫ ଦିନ କାଳ ତୃଣ କାଷ୍ଠାଦି ଛେଦନ ଓ ଗୃହ ନିର୍ମାଣ, ଗୃହାଚ୍ଛାଦନ ଆଦି କାର୍ଯ୍ୟ ନିଷିଦ୍ଧ)—(Hindu astrology) The period of five days beginning from Uttarāshārdhā asterism during which no artisan's work should be done.
Śarana panchaka
[ଦ୍ର—ମୈଥିଳୀ ପଞ୍ଜିକାରେ ଧନିଷ୍ଠାଠାରୁ ଆରମ୍ଭ କରି ରେବତୀ ପର୍ଯ୍ୟନ୍ତ ନକ୍ଷତ୍ର ବର୍ଜିଷ୍ଠ ତିଥିମାନଙ୍କରେ ତୃଣକାଷ୍ଠାଦି ସଞ୍ଚୟ, ଦକ୍ଷିଣ ଦିଗକୁ ଯାତ୍ରା ଓ ଗୃହଚ୍ଛାଦନ ନିଷିଦ୍ଧ ।
(ହି. ଶ) ପଞ୍ଚକ ଶବ୍ଦ ତଳେ ଟୀକା ଦେଖ ।]

ଶରଣ ପଞ୍ଜର—ସଂ. ବି—(ରୂପକ)—ପଞ୍ଜୁରୀ ସଙ୍ଗେ ତୁଳନା କରାଯିବା ଆଶ୍ରୟଦାତା ବ୍ୟକ୍ତି, (ଯେଉଁପରି ପକ୍ଷୀ ପଞ୍ଜୁରି ମଧ୍ୟରେ ଥିଲେ ବାହ୍ୟ ଆପଦ ବିପଦରୁ ନିରାପଦ ଥାଏ, ସେହିପରି ଯେଉଁ ବ୍ୟକ୍ତିଙ୍କୁ ଆଶ୍ରୟ କରିବାଦ୍ୱାରା ବିପନ୍ନ ବ୍ୟକ୍ତି ନିରାପଦ ହୁଏ ।)—A personage under whose shelter a person is safe from danger like a bird in a cage.
Śarana pañjara
(ଯଥା—କ୍ଷମାସାଗର ନରହର, ଶରଣ ପଞ୍ଜର ମୁରାରି—
ଜଗନ୍ନାଥ ଭାଗବତ ।)

ଶରଣ ପଞ୍ଜର ମାନୋଦ୍ଧାରଣ—ଦେ. ବି—ଅଠଗଡ଼ର ରାଜା ଧୁମୁସରର ରାଜାଙ୍କ ସହିତ ଯୋଗ ଦେଇ ପୁରୀର ରାଜା ଦିବ୍ୟସିଂହ ଦେବଙ୍କୁ ଶତ୍ରୁ ହସ୍ତରୁ ରକ୍ଷା କରିଥିବାରୁ) ପୁରୀ ରାଜାଙ୍କଦ୍ୱାରା ଅଠଗଡ଼ ରାଜାଙ୍କୁ ପ୍ରଦତ୍ତ ଉପାଧି—A title of honour given to Rājā of Athagarda by Maharaja Dibyasimha Deba of Puri.
Śarana pñjara mānoddhārana

ଶରଣ ପାତ୍ର—ସଂ. ବି.—ଆଶ୍ରୟ ସ୍ଥଳ—
Śarana pātra One who gives shelter.
(ଉ—ସବୁବେଳେ ତୁମ୍ଭେ ତ ମୋ ଶରଣ ପାତ୍ର ।
କୃଷ୍ଣସିଂହ. ମହାଭାରତ ସ୍ୱର୍ଗ ।)

ଶରଣ ପ୍ରାର୍ଥନ(ନା)—ସଂ. ବି.—(୬ଷ୍ଠୀ ତତ୍)—କୌଣସି ବ୍ୟକ୍ତିଙ୍କ
Śarana prārthana(nā) ନିକଟରେ ଆଶ୍ରୟ ପାଇବାପାଇଁ
(ଶରଣ ଯାଚ୍ଞା—ଅନ୍ୟରୂପ) ପ୍ରାର୍ଥନା—Prayer for being given protection.

ଶରଣପ୍ରାର୍ଥୀ—ସଂ. ବିଣ. ପୁଂ— (ଉପପଦ ସମାସ)— ଯେ ଅନ୍ୟ ବ୍ୟକ୍ତି
Śarana prārthi ଠାରେ ଆଶ୍ରୟ ପ୍ରାର୍ଥନା କରେ—
(ଶରଣ ପ୍ରାର୍ଥିନୀ — ସ୍ତ୍ରୀ) Seeking shelter.

ଶରଣ ବତ୍ସଳ—ସ. ବିଣ. ପୁଂ— (୭ମୀ ତତ୍; ଶରଣ=ଆଶ୍ରିତ+ବତ୍ସଳ
Śarana batsala =ଅନୁରାଗୀ)—ଯେ ଶରଣାଗତ ଲୋକଙ୍କୁ
(ଶରଣ ବତ୍ସଳା— ସ୍ତ୍ରୀ) ସ୍ନେହ କରେ—One who loves a
(ଶରଣ ବାତ୍ସଲ୍ୟ; ଶରଣବତ୍ସଳତା — ବି) person who seeks shelter under him.

ଶରଣ ବୋଲିବା —ଦେ.କ୍ରି—ମୁଁ ଶରଣାର୍ଥୀ ଅଟେ, ଏହା ମୁଖରେ
Śarana boliba କହିବା—To say that I am desiring shelter at your hands.
শরণ নিলাম বলে বলা
शरण बोलना [ଉ—ତରଣ କଂଟେ ଭୁ ପେଲ ଦେଲେ ଚେହଲେ
ଶରଣ ବୋଲିବ ସିନା—କବିସୂର୍ଯ୍ୟ, ସଙ୍ଗୀତ]

ଶରଣ ମାଗିବା—ଦେ. କ୍ରି—ଆଶ୍ରୟ ପ୍ରାର୍ଥନା କରିବା—To seek
Śarana māgiba refuge; to ask or pray for
শরণচাওয়া shelter; to approach a person for
शरणमांगना shelter. [ଉ - ସିନ୍ଧୁ ମାତୃ ପିତା ଅନାଥା ବାଳକା
ଶରଣ ମାଗେ ବଳକେ—ସୁଧାକାନ୍ତ, ସାବିତ୍ରୀ]

ଶରଣ ଯିବା—ଦେ.କ୍ରି—୧ । ଆଶ୍ରୟ ପ୍ରାର୍ଥନା କରିବା—1. To pray
Śarana jiba for shelter ୨ । ଶରଣ ଧରିବା (ଦେଖ)
2. Śarana dhariba (see) [ଉ—ତୋର ଶରଣ
ଗଲି ମୁହିଁ, ମୋ ଗର୍ବ ଭଙ୍ଗ ଭବଗ୍ରାହ ! ଜଗନ୍ନାଥ —
ଭାଗବତ]

ଶରଣ ରକ୍ଷଣ—ସ. ବି—(ଶରଣ+ରକ୍ଷ ଧାତୁ+ଭାବ ଅନ) ଶରଣାଗତ
Śarana rakshana ବ୍ୟକ୍ତିଙ୍କୁ ବିପଦରୁ ରକ୍ଷା କରିବା—Protection of a person (who takes shelter) from danger.
শরণাগতরক্ষণ शरणागतरक्षण

ଶରଣ ରକ୍ଷଣ ବାନା—ଦେ. ବି—ସ ବିଣ—(ଶରଣ+ରକ୍ଷ ଧାତୁ କର୍ତ୍ତୃ.
Śarana rakshana bānā ଅନ=ଯେ ଆଶ୍ରିତ ବ୍ୟକ୍ତିଙ୍କୁ ରକ୍ଷା
शरणागतरक्षक କରେ=ଶରଣରକ୍ଷଣ+ଦେଶଜ ବାନା)—ଶରଣାଗତ ବ୍ୟକ୍ତିଙ୍କୁ ରକ୍ଷା କରିବା ଯାହାର ବ୍ରତ—A person (who is compared to a flag), whose avowed duty is to protect persons taking shelter under him.
শরণাগতরক্ষক

ଶରଣ ରାଜ୍ୟ—ଦେ. ବି.—ଶରଣ ଧରଣୀ (ଦେଖ)—
Śarana rājya Śarana dharaṇi (see)

ଶରଣ ସୋଦର—ଦେ. ବି (୬ଷ୍ଠୀତତ୍ ଶରଣ+ସୋଦର=ସହାୟ)—
Śarana sodara ଶରଣାଗତର ମିତ୍ର-Friend of one who
শরণাগতের বন্ধু has taken shelter under him.
शरणागतका मित्र [ଉ—ଭୁ ଯେବେ ଶରଣସୋଦର, ଏ ସ୍ନେହ-
ପାଶ ଛେଦ ମୋର—ଜଗନ୍ନାଥ. ଭାଗବତ ।]

ଶରଣ ସ୍ଥଳ (ସ୍ଥାନ)—ସ. ବି—ଆଶ୍ରୟ ସ୍ଥାନ; ଯେଉଁଠାରେ ବିପଦଗ୍ରସ୍ତ
Śarana sthala (sthāna) ଆଶ୍ରୟ ନିଏ—A place of shelter or refuge.

ଶରଣ ହୀନ—ସ. ବିଣ. ପୁଂ (୬ଷ୍ଠୀ ତତ୍ ପୁରୁଷ)—ନିରାଶ୍ରୟ; ଅଶରଣ;
Śarana hina ଅସହାୟ—Shelterless; a person
(ଶରଣ ହୀନା—ସ୍ତ୍ରୀ) having no protector.

ଶରଣା—ଦେ. ବି (ସ. ଶରଣ=ଜଳ)—ଛୋଟକେରଣ୍ଡି; ଶେରଣା
Śaranā ମାଛ; (ସ.ନାମ ମହାସଫର) ଜୁଲକୁଡ଼ —1. Barbus
শরণাপুঁটি Sarana (fish). (ସମାସରେ) ଆଶ୍ରିତ ସ. ବି. ସ୍ତ୍ରୀ
पोठा (ସ୍ତ୍ରୀଲୋକ)—Protected (female). [ଉ—
ଧାଉଁବସରଣା ସାଳା ଦ୍ରୁପଦ ତନୟାର—ସୁଧାକାନ୍ତ.
ମହାଯାତ୍ରା ।] ସ. ବି—ଗନ୍ଧପ୍ରସାରଣୀ ଲତା (ହ୍ରୁ. ଶ)—
Paederia Faetida (creeper).

ଶରଣାଗତ—ସ. ବିଣ. ପୁଂ (ଶରଣ=ଆଶ୍ରୟକୁ+ଆଗତ=ପ୍ରାପ୍ତ; ୨ୟା
Śaranāgata ତତ୍)—ଯେ ବିପଦରୁ ଉଦ୍ଧାର ପାଇବା ପାଇଁ
[ଶରଣାପନ୍ନ—ଅନ୍ୟରୂପ] ଅନ୍ୟ ବ୍ୟକ୍ତି ନିକଟରେ ଶରଣ ନେଇ
ଶରଣାଗତା } —ସ୍ତ୍ରୀ ଥାଏ; ଆଶ୍ରିତ—Taking shelter
ଶରଣାପନ୍ନା } to be saved from danger.
ବି. ପୁଂ—୧ । ଆଶ୍ରିତ ବ୍ୟକ୍ତି—1. One who has
taken refuge; a refugee. ୨ । ଶିଷ୍ୟ; ଚେଲା
(ହ୍ରୁ. ଶ)—2. Disciple.

ଶରଣାଗତ ପାଳକ – ସ. ବିଣ ଓ ବି ପୁଂ—ଯେଉଁ ବ୍ୟକ୍ତି ଶରଣାଗତକୁ
Śaranāgata pālaka ରକ୍ଷା କରେ ବା ପାଳନ କରେ—
(ଶରଣାଗତ ରକ୍ଷକ—ଅନ୍ୟରୂପ) The protector of a refugee.
(ଶରଣାଗତ ପାଳିକା, ଶରଣାଗତ ରକ୍ଷିକା—ସ୍ତ୍ରୀ)

ଶରଣାଗତ ପାଳନ—ସ. ବି (୬ଷ୍ଠୀ ତତ୍)—ଶରଣାପନ୍ନ ବ୍ୟକ୍ତିଙ୍କୁ
Śaranāgata pālana ବିପଦରୁ ରକ୍ଷା କରିବା—The
(ଶରଣାଗତ ରକ୍ଷା—ଅନ୍ୟରୂପ) protection of a refugee.
from danger. ବିଣ. ପୁଂ—ଶରଣାଗତ ପାଳକ
(ଦେଖ)—Śaranāgata pālaka (See)

ଶରଣାଦି—ଦେ. ବିଣ (ସ. ଶରଣାର୍ଥୀ)—ଶରଣାଗତ—Seeking
Śaranādi protectio. [ଉ—ଶରଣାଦି ଲୋକେ ରକ୍ଷିବ
ସବୁ କାଳେ, ଯେ ଜାଣିବାର ଦେବ ବଳେ ଅବା ବଳେ—
କୃଷ୍ଣସିଂହ. ମହାଭାରତ. ବନ ।]

ଶରଣାର୍ତ୍ତିହର—ସ. ବିଣ. ପୁଂ (୬ଷ୍ଠୀ ଓ ଉପପଦ)—ଶରଣ ପାଇବ
Śaranārttihara ପାଇଁ ପ୍ରାର୍ଥନାକାରୀ ବ୍ୟକ୍ତିର ବେଦନାକୁ
(ଶରଣାର୍ତ୍ତିହରା—ସ୍ତ୍ରୀ) ଯେ ହରଣ କରନ୍ତି—Removing the
grievance of a person seeking shelter

ଶରଣାର୍ଥୀ—ସ. ବିଣ. ପୁଂ (ଉପପଦ ତତ୍ପୁରୁଷ, ଶରଣ କାମନ୍ତେ ଅର୍ଥ
Śaranārthi =ପ୍ରାର୍ଥୀ)—ଶରଣପ୍ରାର୍ଥୀ—Praying for
(ଶରଣୈଷୀ—ଅନ୍ୟରୂପ) being given shelter; seeking
(ଶରଣାର୍ଥିନୀ, ଶରଣୈଷିଣୀ —ସ୍ତ୍ରୀ). refuge

ଶରଣି(ଣୀ)—ସ. ବ (ଶରଣ+ଇ, କରଣରେ ଇ; ଗମନାର୍ଥ ଯାହାକୁ **Śarani(ni)** ଆଶ୍ରା କରୁଯାଏ)—୧ । ମାର୍ଗ; ପଥ; ରାସ୍ତା—1 Path; road; way. ୨ । ଇନ୍ଦ୍ର ଦୁହିତା; ଜୟନ୍ତୀ—2. Name of Indra's daughter. ୩ । ଜୟନ୍ତୀ ବୃକ୍ଷ; ଅଗ୍ନିମନ୍ଥ ବା ଅଗବଥୁ ଗଛ—3. A tree; Premna Serratifolia. ୪ । ପ୍ରସାରଣୀ ଲତା; ପସାରୁଣୀ ଲତା—4. A creeper; Paederia Foetida (creeper). ୫ । ପୃଥିବୀ (ହ୍ର. ଶ)—5. The earth. ୬ । ହିଂସା (ହ୍ର. ଶ)—6. Injury. ୭ । ରେଖା; ପଂକ୍ତି—7. Row; line (Apte).

ଶରଣ୍ଡ—ସ. ବଣ (ଶୃ ଧାତୁ=ବଧ କରିବା+କର୍ତ୍ତୃ. ଅଣ୍ଡ)—୧ । ଧୂର୍ତ୍ତ—**Śaranda** 1. Wicked. ୨ । ଲମ୍ପଟ; କାମୁକ—2. Lecherous. ବ—୧ । (+କର୍ମ. ଅଣ୍ଡ) ପକ୍ଷୀ—1. Bird. ୨ । ଏକପ୍ରକାର ଅଳଙ୍କାର (ହ୍ର. ଶ)—2. A kind of ornament. ୩ । ଝିଟିପିଟି (ହ୍ର. ଶ)—3. House-lizard. ୪ । ଏଣ୍ଡୁଅ (ହ୍ର. ଶ)—4. Chameleon. ୫ । ଧୂର୍ତ୍ତ ବ୍ୟକ୍ତି—5. A rogue ୬ । କାମୁକ ବ୍ୟକ୍ତି—5. A lecher.

ଶରଣ୍ଡା—ଦେ. ବ—ସରଣ୍ଡା (ଦେଖ)—Saranda (See) **Śaranda** [ଦ୍ର—ଏ ସରେ ଶରଣ୍ଡା ମୁଦ୍ରେ ସରଣ୍ଡେ ହେଉଚ ବଦ୍ଧି-ମଞ୍ଜୁଷ—ବ୍ୟଧାନାଥ. ଗାବଙ୍ଗ ।]

ଶରଣ୍ୟ—ସଂ. ବ. ପୁଂ (ଶରଣ+ସମର୍ଥାର୍ଥେ; ଯ)—୧ । ଆଶ୍ରୟଦାତା; ବିପଦରୁ ରକ୍ଷାକର୍ତ୍ତା—1. Saviour; **Śaranya** protector. ୨ । ଆଶ୍ରୟ—2. Shelter; (ଶରଣ୍ୟା—ସ୍ତ୍ରୀ) refuge. ୩ । ରକ୍ଷଣ—3. Protection. ୪ । ଗୃହ—4. House ୫ । ଶଢ—5. Loss; mischief. ୬ । ଆଘାତ—6. Hurt; blow; stroke. ବଣ. (ଶରଣ୍ୟତା-ବ) ପୁଂ—ଶରଣାଗତ ରକ୍ଷଣ ସମର୍ଥ; କୌଣସି ବ୍ୟକ୍ତିକୁ (ଶରଣ୍ୟା—ସ୍ତ୍ରୀ) ବିପଦରୁ ରକ୍ଷା କରିବାକୁ ସମର୍ଥ—Able to protect a person from danger

ଶରଣ୍ୟା—ସଂ. ବ. ସ୍ତ୍ରୀ (ଶରଣ୍ୟ+ଆ)—ଦୁର୍ଗା; ଭବାନୀ—Durgā, **Śaranyā** ସ. ବଣ. ସ୍ତ୍ରୀ—ଶରଣ୍ୟର ସ୍ତ୍ରୀଲିଙ୍ଗ—Feminine of Śaranya.

ଶରଣ୍ୟୁ—ସଂ. ବ (ଶୃ ଧାତୁ+କର୍ତ୍ତୃ. ଅନ୍ୟୁ)—୧ । ମେଘ—**Śaranyu** 1. Cloud. ୨ । ବାୟୁ—2. Wind. ୩ । ରକ୍ଷାକର୍ତ୍ତା—3. Protector. ୪ । (ସ୍ତ୍ରୀ) ସୂର୍ଯ୍ୟପତ୍ନୀ (ହ୍ର. ଶ)—4. A wife of the Sun-god.

ଶରତ୍—ବୈଦେ. (ଫା) ବ (ଶରଅ) (ଅ. ଶର୍ତ୍ତ)—କୌଣସି **Sarat** କଥାବାର୍ତ୍ତାର ବା ଚୁକ୍ତିର ଆନୁସଙ୍ଗିକ ନିୟମ ବା ଅଙ୍ଗ—ଶର୍ତ Condition or terms of any contract. शरत, शर्त [ଯଥା—ସବୁ ଶରତ୍, ପଟାର ଶରତ୍ ।] ଦେ. ବ (ସଂ. ଶରଚ୍ଚନ୍ଦ୍ର)—ଶରଚ୍ଚନ୍ଦ୍ରର ଡାକ ନାମ—Name for calling Śarachchandra- ସ. ବ (ମୂଳଶବ୍ଦ) (ସଂ. ଶରଦ୍ ଶବ୍ଦର ପ୍ରଥମା ବିଭକ୍ତିର ୧ ବଚନରେ 'ଶରଦ୍' ହୁଏ, ମାତ୍ର ଓଡ଼ିଆରେ ସାଧାରଣତଃ ପ୍ରଥମା ବିଭକ୍ତିରେ 'ଶରତ୍' ଶବ୍ଦ ବ୍ୟବହୃତ ହୁଏ)—ଋତୁ ବିଶେଷ; ବର୍ଷାର ପରବର୍ତ୍ତୀ ଓ ହେମନ୍ତର ପୂର୍ବବର୍ତ୍ତୀ ଋତୁ; ଆଶ୍ୱିନ ଓ କାର୍ତ୍ତିକ ଏହି ଦୁଇ ମାସ (ମତାନ୍ତରେ ଭାଦ୍ର ଓ ଆଶ୍ୱିନ ମାସ ହୁଏ)—Autumn season (months of Āswina and Kārttika or Bhādra and Āswina). [ଦ୍ର—ବୈଦିକ କାଳରେ ଓ ବୈଦ୍ୟକ ଗ୍ରନ୍ଥ ମତରେ ଭାଦ୍ର ଓ ଆଶ୍ୱିନ ମାସକୁ ଶରଦୃତୁ ବୋଲି ଯାଉଥିଲା; ବର୍ତ୍ତମାନ ଆଶ୍ୱିନ ଓ କାର୍ତ୍ତିକକୁ ଶରଦ୍ ଋତୁ ବୋଲାଯାଏ । (ହ୍ର. ଶ ଓ ବିଶ୍ୱକୋଷ) । ମାଧବାଚାର୍ଯ୍ୟଙ୍କ ପ୍ରଣୀତ କାଳମାଧବ ନାମକ ଗ୍ରନ୍ଥରେ ଇଷ (ଆଶ୍ୱିନ) ଓ ଉର୍ଜ (କାର୍ତ୍ତିକ) ମାସଦ୍ୱୟକୁ ଶରତ୍‌କାଳ ବୋଲି ଯାଇଅଛି ।]

ଶରତ୍‌କାମୀ—ସ. ବ.—(ଶରତ୍+କାମିନ୍; ଶରତ୍ କାଳରେ ଯାହାର **Śarat-kāmi** ସଙ୍ଗମ କାଳ ଘଟେ)—କୁକୁର—The dog (whose pairing season is autumn).

ଶରତ୍‌କାଳ—ସ. ବ.—ଶରଦୃତୁ—
Śarat-kāla Season of autumn

ଶରତ୍‌କାଳୀନ—ସ.ବଣ.—ଶାରଦୀୟ; ଶରତ୍‌କାଳ ସମ୍ବନ୍ଧୀୟ-Autumnal; relating to autumn.
Śarat-kālina

ଶରତ୍‌କାଳୀନ ଉତ୍ସବ—ସ.ବ.—ଆଶ୍ୱିନ ପର୍ବ; ଶାରଦୀୟ ଦୁର୍ଗୋତ୍ସବ—**Śarat-kālina utsaba** The worship of Goddess Durgā in autumn.

ଶରତ୍ କୁମାର—ଦେ. ବ. ପୁଂ—ଲୋକଙ୍କ ନାମ—A name given **Śarat-kumāra** to males.
शरतकुमार शरतकुमार
(ଶରତ କୁମାରୀ —ସ୍ତ୍ରୀ)

ଶରତ୍ ପଦ୍ମ—ସ. ବ. (ମ .ପ. ଲୋ)—ଶ୍ୱେତ ପଦ୍ମ (ହ୍ର. ଶ)
Śarat-padma White lotus.

ଶରତ୍ ପର୍ବ—ସ. ବ—(ମ. ପ. ଲୋ; ଶରତ୍+ପର୍ବନ୍; ୧ମା ୧ବ)—**Śarat-parba** କୋଜାଗର ପୂର୍ଣ୍ଣିମା; କୁମାର ପୂର୍ଣ୍ଣିମା—The fullmoon of the month of Āswina. ଦେ. ବ.—ଶାରଦୀୟ ଦୁର୍ଗୋତ୍ସବ—The worship of Durgā in Āswina.
शारदीय उत्सव

ଶରତ୍ ପୂର୍ଣ୍ଣିମା—ସ. ବ.—ଆଶ୍ୱିନ ପୂର୍ଣ୍ଣିମା; କୁମାର ପୂର୍ଣ୍ଣିମା—The full-**Śarat-pūrnnimā** moon of the month of Āswina.

ଶରତ୍ ଶଶୀ—ଦେ. ବ.—(ସ ଶରଚ୍ଛଶୀ)—ଶରଚ୍ଚନ୍ଦ୍ର (ଦେଖ)—
Śarat śasi Śarachchandra (See)

ଶରତ—ଦେ. ବ.—(ସ. ଶରତ୍)—୧ । ଶରତ୍‌କାଳ—1 Autumn.
Śarata ୨ । ଶରଚ୍ଚନ୍ଦ୍ରର ଡାକନାମ—2 Name for calling Śarachhandra.
शरत् शरत
ବୈଦେ. ବ.—ଶରତ୍ (ଦେଖ) Sarat (See)

ଶର ଡାଳିବା—ପ୍ରାଦେ (ସାଜପୁର) କି.—ଟାଳିବା; ହଁ ହଁ ବୋଲି କହି **Śara tāliba** ଦିନକୁ ଦିନ ଘୁଞ୍ଚାଇବା—To postpone; to put off things from day to day.

ଶର ତୃଣ —ସଂ ବ.—ଧା ାଦବର୍ଗର ପର୍ଯ୍ୟାୟଃ ତୃଣ ବିଶେଷ; ମୁଞ୍ଜତୃଣ;
Śara truṇa କାଣ୍ଡଶର—The muñja grass, Saccharum Arundinaceum, Var. Ciliaris; the penreed grass.
ଏହାର ସ. ପର୍ଯ୍ୟାୟ—ଶର, ବାଣ, ତେଜନ, ଇକ୍ଷୁ ବେଷ୍ଟନ, ମୁଞ୍ଜ, ମୁଞ୍ଜାତକ, ସ୍ଥୂଳଦର୍ଭ, ସୁମେଖଳ।
ଓ—ଶର, କାଣ୍ଡଶର
ଶର
काँडा, रामशर, शरपत, शरकंडा
ତେ—ରେଲ୍ଲୁ, କାଡ-ବେଦୁରୁ, ଗୁନ୍ଦ।
[ଦ୍ର-ଏହାର ଗଛ ଅଣ୍ଟୁ ଗଛ ପରି ୮।୧୦ ହାତ ଡେଙ୍ଗା; କାଣ୍ଡ ପତ୍ର ସରୁ । ଏହାର ପତ୍ରଦ୍ୱାରା ଘର ଛୁଅଣି ଓ ଯାନ ବାହନର ଛାଞ୍ଚ ହୁଏ । ଏହାର ଡାଙ୍ଗ ଦ୍ୱାରା ଧନୁଶରର ବେଣ୍ଟ ହୁଏ ଏବଂ କାଠି କଲମ ମଧ୍ୟ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ମଧୁରରସଯୁକ୍ତ ରସ, ଶୀତଳ, ବଳସାର୍ଦ୍ଦ୍ଧକାରକ, ଶୁକ୍ରବର୍ଦ୍ଧକ ଓ ଦାହ, ତୃଷ୍ଣା, ମଦ, ଭ୍ରାନ୍ତି, ଅସ୍ର ଦୋଷ, ମୂତ୍ରକୃଚ୍ଛ୍ର, ବିସର୍ପ, ନେତ୍ର ରୋଗ ଓ ତ୍ରିଦୋଷ ପକ୍ଷେ ଉପକାରକ ।]

ଶରଦ୍—ସ. ବ (ଶୃ ଧାତୁ+ କର୍ତ୍ତୃ. ଅଦ୍)—୧ । ଶରତ୍ (ଦେଖ)—
Śarad 1. Śarat. (See) ୨ । ବତ୍ସର; ସମ୍ବତ୍ସର—2. Year.
ଅନ୍ୟ ସଂସ୍କୃତ ନାମ—ଶାରଦା, କାଳପ୍ରଭାତ] ବୈଦେ. ବ—ମେଘାନ୍ତ, ବର୍ଷାବସାନ, ପ୍ରାବୃଡତ୍ୟୟ । ସରଦ୍ (ଦେଖ)-Sarad. (See).

ଶରଦ—ସ. ବ—ଶାରଦୀୟ ବାଦ୍ୟଯନ୍ତ୍ର; ସରସ୍ୱତୀଙ୍କ ବୀଣା—A sort of
Śarada lute said to be used by Saraswatī.
ଦେ.ବ—୧ । (ସ.ଶରଦ୍)ଶରତ୍କାଳ—1. Autumn.
[ଭ୍ର—ଏହିରୂପେ ବରଷାକାଳ ଶେଷ କରି, ଶରଦ ଆଗମନ ଦେଖି ରଘୁପଧାରୀ । କୃଷ୍ଣସିଂହ. ମହାଭାରତ. ବନ ।]
शरदी ବୈଦେ. ବ (ଫା. ଶର୍ଦୀ)—ସରଦ୍ (ଦେଖ)—Sarad
सरदी (See) [ଭ୍ର—କାଶ ନଶନ ନ କରେ ନୂତନ ଶରଦ । ପ୍ରାଚୀ. ଚନ୍ଦ୍ରକଳାରୂଷେ ଗୀତା ।

ଶରଦ ଜର—ଦେ. ବ (ଅ. ଶର୍ଦ୍ଦୀ+ସଂ. ଜ୍ୱର)—ଶରଦ ବା କଫ-
Śarada jara ଜନିତ ଜର—Catarrhal fever.
शरदी ज्वर सरदी जर

ଶରଦଣ୍ଡ—ସଂ. ବ—୧ । ଚାବୁକ (ହ୍ର· ଶ)—1. Whip. ୨ । ଶର
Śaradaṇḍa ତୃଣ (ଦେଖ)—2. Śaratruṇa. (See).

ଶରଦନ୍ତ—ସଂ. ବ (ଶରଦ୍+ଅନ୍ତ, ୬ଷ୍ଠୀ ତତ୍)—ହେମନ୍ତଋତୁ
Śaradanta (ମାର୍ଗଶିର ଓ ପୁଷ; ମତାନ୍ତରେ କାର୍ତ୍ତିକ ଓ ମାର୍ଗଶିର)—The season of early winter.

ଶରଦ(ଳୁ, ଦୋ,)ଳ(ଲି,)—ଦେ.ବ(ସଂ. ଶାର୍ଦ୍ଦୂଳ; ଏଥିରେ ଶାର୍ଦ୍ଦୂଳାଦିଙ୍କ
Śarad(du;do)la(li) ଚିତ୍ର ଖୋଦିତ ହେଉଥିବାରୁ)—
शरदल ୧ । ଚୋଠାର ଛାତର ଓ ବରଗାର ଏବଂ ଧୂଳଅ ମୂଳ ସବର କାଠ ଛୁଅର ମୁର୍ଦ୍ଧରେ ଅଡ଼ବାଗରେ ଯେଉଁ
शार्दूल ଲମ୍ବ ପଟା ମରାଯାଏ; ଭାରତଥ (ଦ୍ର—ବରଗାର ଓ ଛୁଅର ଅଗକୁ ଏହା ଖରାବର୍ଷାରୁ ରକ୍ଷା କରେ)—1. A plank attached to the ends of the rafters to protect the ends from the wearing effect of sun and rain. ୨ । କବାଟର ଚଉକାଠର ତୁଳ ପାଖର ଡେଙ୍ଗ କାଠକୁ ଲାଗି ଚଉକାଠ ଉପରେ ପଡ଼ିଥିବା ଚଟିତ ପଟା; ଶାର୍ଦ୍ଦୋଳ ପଟା—2. A plank laid over the threshold of a door. [ଦ୍ର—ଏଥିର ଉପରେ ପୁଣି କାନ୍ଥ ବନ୍ଧା ଯାଏ । ପୂର୍ବେ ଖିଲାଣର ସୃଷ୍ଟ ଜଣା ନ ଥିବାରୁ ଚଉକାଠ ଉପରେ ଦୁଇ କାନ୍ଥକୁ ଲଗାଇ ପଟା ଶନ୍ତେ ପଡା ଯାଇ ସେ ପଟା ଉପରେ ପୁଣି କାନ୍ଥ ବନ୍ଧାଯାଉଥିଲା ।]

ଶରଦା—ସଂ. ବ (ଶରଦ୍+ଆ)—୧ । ଶରତ୍କାଳ (ହ୍ର. ଶ)—
Śaradā 1. Autumn. (Apte) ୨ । ବର୍ଷ; ସାଲ (ହ୍ର. ଶ)—
2. Year. (Apte).

ଶରଦି—(ଇତ୍ୟାଦି) ବୈଦେ. ବ—ସରଦି ଇତ୍ୟାଦି (ଦେଖ)
Śaradi (etc) Saradi etc. (See)

ଶରଦିଜ—ସଂ. ବଣ (ସଂ. ଶରଦି=ଶରତ୍କାଳରେ+ଜନ୍ ଧାତୁ+
Śaradija କର୍ତ୍ତୃ. ଅ; ଅଲୁକ୍ ସମାସ)--ଶରତ୍କାଳରେ ଜାତ; ଶାରଦୀୟ—Produced in autumn; autumnal.

ଶରଦି(ଦେ)ନ୍ଦୁ—ସଂ. ବ [ଶରତ୍(ଦ୍)+ଇନ୍ଦୁ, ଶରଦା+ଇନ୍ଦୁ]—
Śaradi(de)ndu ଶରଚ୍ଚନ୍ଦ୍ର (ଦେଖ)—Śarachchandra. (See)

ଶରଦିନ୍ଦୁ ନିଭାନନ—ସଂ. ବଣ. ପୁଂ (ଶରଦି+ଇନ୍ଦୁ+ନିଭ=ସଦୃଶ+
Śaradindu nibhānana ଆନନ; ବହୁବ୍ରୀହି)—ଶରଚ୍ଚନ୍ଦ୍ର (ଶରଦିନ୍ଦୁ ନିଭାନନା—ସ୍ତ୍ରୀ) ନିଭାନନ (ଦେଖ)-Śarachchandra nibhānana. (See)

ଶରଦୁଦ୍ଭବ—ସଂ. ବ (ବହୁବ୍ରୀହି; ଶରତ୍ କାଳରେ ଉଦ୍ଭବ ଯାହାର)—
Śaradudbhaba ବୃତ୍ତପତ୍ର ଶାକ; ଚୋଲାଇଷଅ ଶାଗ (ବୈଷ୍ଣକୋଷ)—Amaranthus Gangeticus (pot herb).

ଶରଦ୍ୱାନ୍—ସଂ. ବ (ଶରଦ୍ୱତ୍; ୧ମା. ୧ବ)—୧ । ଗୌତମ ମୁନିଙ୍କ
Śaradbān ପୁତ୍ର; କୃପ ଓ କୃପୀଙ୍କ ପିତା—[ଦ୍ର—ଶର ସଙ୍ଗେ ଜନ୍ମି ଥିବାରୁ ଏହାଙ୍କର ନାମ ଶରଦ୍ୱାନ୍ ହୋଇଥିଲା ।]
1. Son of sage Gautama, father of Kṛupa and Kṛupi. ୨ । ଶରତ୍କାଳ (ହ୍ର· ଶ)—
2. Autumn.

ଶରଦ୍ରାସ—ସଂ. ବ—ଶରତ୍କାଳୀନ ରାସଯାତ୍ରା; କାର୍ତ୍ତିକ ପୂର୍ଣ୍ଣିମା ଦିନ
Śaradrāsa ଅନୁଷ୍ଠିତ ଶ୍ରୀକୃଷ୍ଣଙ୍କର ରାସୋତ୍ସବ—The festival of 'Rāsa' observed on the fullmoon day of Kārttika.

ଶରଧା—ଦେ. ବ (ସ. ଶ୍ରଦ୍ଧା; ପଦ୍ୟରେ ବ୍ୟବହୃତ)—୧ । ସ୍ନେହ;
Śaradhā ଶ୍ରଦ୍ଧା—1. Affection; liking. ୨ । ଅଗ୍ରହ—
शाध 2. Eagerness. [ଭ୍ର—ତୋର ବସ୍ତ୍ରାନ୍ତ ବଢ଼ଇ ଶରଧାକୁ
सरधा କୃଷ୍ଣସିଂହ. ମହାଭାରତ. ସଭା ।] ୩ । ଲାଳସା—
3. Hankering. ୪ । (ସ୍ତ୍ରୀ)ଶ୍ରଦ୍ଧା ନାମ୍ନୀ ସ୍ତ୍ରୀର ଡାକନାମ—
4. Name for calling Śraddhā.

ଶରଧା(ଧେ)ଇବା—ଗ୍ରା. କ୍ରି (ପଦ୍ୟ)—୧ । କୌଣସି ବ୍ୟକ୍ତି ବା
Śaradhā (dhe)ibā ବସ୍ତୁ ପ୍ରତି ସ୍ନେହଯୁକ୍ତ ହେବା; ଶ୍ରଦ୍ଧାଯୁକ୍ତ
ভালবাসা शरधा करना ହେବା—1. To like or
(ଶରଧା କରିବା, ଶରଧା ପାଇବା—ଅନ୍ୟରୂପ) love a thing or person; to have a liking or affection for. ୨ । (କୌଣସି ବସ୍ତୁ ପ୍ରତି) ଅତ୍ୟଧିକ ରୂପେ ଲାଳାୟିତ ହେବା—2. To have a hankering after (some thing); to hanker after.

ଶରଧା ନାମ—ଦେ. ବ—(ସଂ. ଶ୍ରଦ୍ଧାନାମ)—ଶ୍ରଦ୍ଧା ନାମ (ଦେଖ)
Śaradhā nāma Śraddhā nāma (See)

ଶରଧା ବନ୍ଧୁ—ଦେ. ବ.—ପ୍ରୀତିବନ୍ଧୁ; ମହାପ୍ରସାଦ ବନ୍ଧୁ—1. God
Śaradhā bandhu relation. ୨ । ଅତି ଶ୍ରଦ୍ଧାର ପାତ୍ର—
প্রীতিবন্ধু, পাতানবন্ধু शरधाबन्धु 2. Very dear person.

ଶରଧା ବଳା(ଳେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତି ବା ବସ୍ତୁ ପ୍ରତି
Śaradhā baḷā(ḷe)ibā ଶ୍ରଦ୍ଧାନ୍ୱିତ ହେବା—To have a
শাধ করা liking for any person or thing. [ଉ—
ललचाना ପଦ୍ମଶ୍ରେ ଭୃତ ହରିବାରେ ସଦା, ଜଗନ୍ନାଥଙ୍କ ପାଦେ ବଳାଇ ଶରଧା । ରାଧାନାଥ. କାଳିକେଶ୍ୱରୀ ।]

ଶରଧା ବଳିବା—ଦେ. କ୍ରି—ଶ୍ରଦ୍ଧାନ୍ୱିତ ହେବା; ମନରେ ଶ୍ରଦ୍ଧାଧିକ୍ୟ
Śaradhā baḷibā ଜାତ ହେବା—Having a liking
শাধ হওয়া लालच होना for; hankering.

ଶରଧା ବାଲି—ଦେ. ବ—(ସଂ ଶ୍ରଦ୍ଧା ଓ ବାଲୁକା)—ଜଗନ୍ନାଥଙ୍କ ବଡ଼-
Śaradhā bāli ଦାଣ୍ଡର ବା ରଥଦାଣ୍ଡର ଧୂଳି (ଭକ୍ତମାନେ ଏହାକୁ ଭକ୍ତି ସହକାରେ ଦେହରେ ବୋଳି ଥାଆନ୍ତି)—The dust of the car-road of Puri. [ଉ—ଶରଧା ବାଲିରେ ଗଲେ ଜଗନ୍ନାଥ ରଥ । ଧୂଳୁରି ଗୀତ; × × × ଜଗନ୍ନାଥ ମହାପ୍ରଭୁଙ୍କ ରଥ ଅଗ ଶରଧା ବାଲିରେ ଭକ୍ତ ଗଡ଼ିଗଲା ପରି ×× × ଗଡ଼ି ଯାଇ ଥିଲେ । ଫକୀରମୋହନ. ଛମାଣ ଅଠଗୁଣ୍ଠ ।]

ଶରଧା ମଣି—ଦେ. ବ. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ପ୍ରଦତ୍ତ ନାମ—
Śaradhā maṇi शरधा मणि Name of females.

ଶରଧା ଲାଗିବା—ଦେ. କ୍ରି—(ମତେ) କୌଣସି କାର୍ଯ୍ୟ ସୁଖକର ବୋଧ
Śaradhālāgibā ହେବା—Seeming pleasant.
ভাললাগা अच्छा लगना

ଶରଧି—ସଂ. ବ (ଶର+ଧା ଧାତୁ=ଧାରଣ କରିବା+ଅଧିକରଣ. ଇ)—
Śaradhi ତୂଣ; ବାଣଧାର; ଶରମୁଣା—A quiver.

ଶରଧୀ—ଦେ. ବ. ସ୍ତ୍ରୀ—ଶ୍ରଦ୍ଧାନାମ୍ନୀ ସ୍ତ୍ରୀର ଡାକ ନାମ—
Śaradhī शरधा Name for calling Śraddhā.

ଶର ନିକ୍ଷେପ—ସ. ବ.—ଶର ବିନ୍ଧା (ଦେଖ)—
Śara nikshepa Śara bindhā (See)

ଶର ପକ୍ଷ—ସ. ବ.—ଶର ପୁଙ୍ଖ (୧) (ଦେଖ)
Śara paksha Śara puṅkha (1) (See)

ଶର ପଙ୍ଖ—ସ. ବ.—ଯବାସ ଗୁଳ୍ମ (ଉ. ଶ)
Śara paṅkha Fogonia Arabica (plant).

ଶର ପଞ୍ଜର—ସଂ. ବ—ଶରଶଯ୍ୟା (ଦେଖ) (ବିଶ୍ୱକୋଷ).—
Śara pañjara Śaraśajyā (See)

ଶର ପତ୍ର—ସ. ବ.—ଶାଳବୃକ୍ଷ; ଶାଗୁଆନ ଗଛ
Śara patra The teak tree

ଶର ପାପ(ପୁ)ଡ଼ି—ଦେ. ବ.—ଶରପାପଡ଼ି (ଦେଖ)
Śara pāpa(pu)ṛdi Śarapāpaṛdi (See)
সরপাপড়ী शरपापड़ी

ଶରପୀଡ଼ା—ଦେ. ବ.—(ସ ଶରୀରପୀଡ଼ା)—କୌଣସି ଅତିରିକ୍ତ ଶାରୀରିକ
Śarapīṛdā କର୍ମ ବା କ୍ଳାନ୍ତି ଯୋଗୁଁ ଶରୀର ପୀଡ଼ା—The
ব্যথা व्यथा; पीड़ा aching of the body on account of excessive physical labour or fatigue.
(ଯଥା—ମୋ ଦେହଟା ଶରପୀଡ଼ା କରୁଛି ।]

ଶରପୁଙ୍ଖ(ଙ୍ଖୀ)—ସ. ବ- ୧ । (୬ଷ୍ଠୀ ତତ୍) ଶର ବା ବାଣର ଯେଉଁ
Śarapuṅkha(ṅkhi) ଅଂଶରେ ପର ବା ପକ୍ଷ ଲାଗିଥାଏ—
ଅନ୍ୟ ସ ନାମ— 1. The feathered part or
ପ୍ଲୀହା ଶତ୍ରୁ, ପ୍ଲୀହା ଶତ୍ରୁ, କାଣ୍ଡ- end of an arrow. ୨ । (ବହୁ
ପଙ୍ଖା, ବାଣପୁଙ୍ଖା, ଶାସ୍ତ୍ରକପୁଙ୍ଖା] ବ୍ରୀହି)(ବୈଦ୍ୟକ) ବନନୀଳ 2. The
শরপুঙ্খা, বননীল, শরপুঙ্খ purple Tephrosia; Tephrosia Purpurea [ଦ୍ର—ଏହାର ଅକୃତ
शरफोंका, सरफोका
ମ—ଛୁଭ(ବା)ଲୀ ନୀଳ ପୁଷ୍ପ ପର । ବୈଦ୍ୟଶାସ୍ତ୍ର ମତରେ
ତେ—ବେଲଂକେଣ୍ଣଲି ତେଚ୍ଚୁ, ଏହା କଟୁ, ଉଷ୍ଣ, କୃମି ଓ ବାତରୋଗ
କେମ୍ମୋଲି ନାଶକ । ଏହାର ମୂଳ ମୂଷିକ ବିଷ
ତା—କୋଲ୍ଲ ଯୁ କୋକେଇ ନାଶକ, କଣ୍ଠ ପରିଷ୍କାରକ, ରସାୟନ,
ଜ୍ୱର, ପ୍ଲୀହା, ଯକୃତ, ବ୍ରଣ, ବିଷଦୋଷ, ଶ୍ୱାସ, କାଶ ନାଶକ । ଶରପୁଙ୍ଖ ଦୁଇ ପ୍ରକାର—ଶ୍ୱେତ ଓ ପୀତ । ଶ୍ୱେତ ଜାତୀୟ ଶରପୁଙ୍ଖ ଅଧିକ ଗୁଣଶାଳୀ ।]

ଶରପୁଲି—ଦେ. ବ (ସ. ଶର ଓ ପୁର)—ଏକପ୍ରକାର ପିଠା—
Śarapuli A kind of sweet wheaten cake;
শরপুরিয়া, শরপুর fried in ghee (made in Sākshie
शरपुरीन gopāla temple, Puri) [ଉ—ଏହା ଗହମ ଚୂନାର ଖଳିରେ ଜମିତ ଘୃତପକ୍ୱ ମିଷ୍ଟାନ୍ନ ଜାତୀୟ । ସତ୍ୟବାଦୀ ଗୋପୀନାଥଙ୍କୁ ଭୋଗ କରାଯିବା ବଡ଼ ଜାତୀୟ ପିଠାକୁ ଗୋଟିଏ ସରବେ ଦେଉଥିଲା କରି ମଡ଼ାମଡ଼ି ରଖି ତା ଉପରେ ଖଣ୍ଡ ଛଣା ଯାଇଥାଏ ।]

ଶର ପ୍ରୟୋଗ—ସ. ବ (୭ମୀ ତତ୍)—ଲକ୍ଷ୍ୟ ବସ୍ତୁ ବା ସ୍ଥାନ ଅଭିମୁଖେ
Śara pryoga ଧନୁ ଦ୍ୱାରା ଶର ବା ବାଣ ପ୍ରୟୋଗ କରିବା;
ଶର ଯୋଜନ } ଅନ୍ୟରୂପ ବାଣ ମାରିବା; ଶର କ୍ଷେପ—
ସନ୍ଧାନ Shooting with the bow and arrow.

ଶର ବଣ—ଦେ. ବ (ସ. ଶର ବନ)—ଯେଉଁ ବଣ ଶର ଘାସରେ
Śara baṇa ପୂର୍ଣ୍ଣ—A forest or jungle of Śara
শর বন reeds. [ଉ—ଶର ବଣରେ ସବ ଜୀବଣ ରହିଲେ
शर बन —କୃଷ୍ଣସିଂହ. ମହାଭାରତ. ଅଦି ।] [ଦ୍ର—କାର୍ତ୍ତିକେୟଙ୍କର ଶର ବନରେ ଜାତ ହୋଇଥିବା କଥା ପୁରାଣରେ ଉଲ୍ଲେଖ

(ଶବଣ—ଗ୍ରାମ୍ୟରୂପ) ଅଛି ।] ଗ୍ରା ଓ ପଦ୍ୟ—୧ । (ସ. ଶ୍ରବଣ)—
শ্রবণ **शरवन** ଶ୍ରବଣ; ଶୁଣିବା—1. Hearing. [ଦ୍ର—
ଶରବଣ କରଇ ଋଷିଗିର—ଅଭିମନ୍ୟୁ ଭଦଙ୍ଗଚନ୍ଦ୍ରାମଣି ।]
୨ । କାନ—2. Ear.

ଶରବଣା—ଗ୍ରା· ବି (ସ. ଶ୍ରବଣା)—ଶ୍ରବଣା ନକ୍ଷତ୍ର (ଦେଖ)—
Śarabaṇā Śrabaṇā nakshatra (See)
(ନକ୍ଷତ୍ର ଶବ୍ଦେ ଟୀକା ଦେଖ)
শ্রবণা **शरवना** ପ୍ରାଦେ. (ସମ୍ବଲପୁର)ବି—ବନ୍ୟ ତରୁବିଶେଷ
Gareinia Cowa (Haines).

ଶର ବନ—ସ. ବି—ଶର ତୃଣର ବନ—
Śara bana Jungle of Śara reeds.

ଶରବନା—ପ୍ରାଦେ (ସମ୍ବଲପୁର) ବି—ଶର୍ବନା (ଦେଖ)
Śarabanā Śarbanā (see)

ଶର ବର୍ଷଣ—ସ. ବି (୬ଷ୍ଠୀ ତତ୍)—ଏକ ସମୟରେ ଉପର୍ଯ୍ୟୁପରି ବହୁ
Śara barshaṇa ଶରନିକ୍ଷେପ—Shooting of
ଶର ବୃଷ୍ଟି—ଅନ୍ୟରୂପ) many arrows at a time.

ଶରବାଣି—ସ. ବି (ଶର+ବନ୍ ଧାତୁ=ପ୍ରୟୋଗ କରିବା+କର୍ମ.
Śarabāṇi ଇ)—୧ । ବାଣର ଅଗ୍ରଭାଗ—1. The point
of an arrow. ୨ । (+କର୍ତ୍ତୃ ଇ) ଶରଜୀବୀ;
ଧନୁର୍ଦ୍ଧର ପଦାତିକ ସୈନ୍ୟ—2. Infantry; foot
soldier; archer. ୩ । ଶରଜୀବୀ—3. Professional archer.

ଶର ବାରଣ—ସ. ବି (ବହୁବ୍ରୀହି)—ଢାଲ (ଶବ୍ଦକୋଷ)—
Śarabāraṇa Shield.

ଶର ବିଦ୍ଧ—ସ. ବିଣ (ଶର+ବିଦ୍ଧ; ୩ୟା ତତ୍)—ବାଣବିଦ୍ଧ; ଶରାହତ
Śara biddha ବାଣଦ୍ୱାରା ଫୋଡ଼ ହୋଇଥିବା—Wounded
(ଶରବିଦ୍ଧା—ସ୍ତ୍ରୀ) with arrows; pierced with darts.

ଶରବିନ୍ଧା—ଦେ. ବି—ଧନୁଦ୍ୱାରା ଲକ୍ଷ୍ୟ ପ୍ରତି ଶର ପ୍ରୟୋଗ କରିବା—
Śarabindhā 1. Shooting with arrows. ୨ । ଲକ୍ଷ୍ୟ
শরবিঁধা **शर विंधना** ଭେଦ—2. Shooting at a target.
শরবিঁধা **शरबिन्धना** ଦେ.ବିଣ—୧ । ଶରବିଦ୍ଧ—1. Pierced
with arrows. ୨ । (ଲକ୍ଷଣାର୍ଥ) ଅତ୍ୟନ୍ତ ଲଜ୍ଜିତ
ଲଜ୍ଜାରେ ମ୍ରିୟମାଣ—2. Much ashamed; put
to shame [ଦ୍ର—ଶରବିଦ୍ଧ ବ୍ୟକ୍ତିର ମୁଖ ପରି
ଯାହାର ମୁଖ ଲଜ୍ଜାଦ୍ୱାରା ବିକୃତ ହୋଇଯାଏ ।]

ଶର ବିନ୍ଧିବା—ଦେ. କ୍ରି—ଧନୁଦ୍ୱାରା ଦୂରକୁ ବା ଲକ୍ଷ୍ୟ ବସ୍ତୁ ପ୍ରତି ଶର
Śara bindhibā ନିକ୍ଷେପ କରିବା—To shoot an
শরবেঁধা, শরছোঁড়া **शर बींधना** arrow.

ଶରବୀଜ—ସଂ. ବି—ଭଦ୍ରମୁଞ୍ଜ (ଦେଖ) (ହି· ଶ)
Śarabīja Bhadra muñja· (See).

ଶରବ୍ୟ—ସ. ବି—(ଶର+ଯ; ବା ଅଗମ; କିମ୍ବା ଶର+ବେଙ୍ଗ୍ ଧାତୁ;
Śarabya ଆବରଣ କରିବା+କରଣ. ଅ)—ଶରର ଲକ୍ଷ୍ୟ;
ଯାହାକୁ ଲକ୍ଷ୍ୟ କରି ଶର ମାରିବାକୁ ହୁଏ—
The target; butt.

ଶରଭ—ସ. ବି—(ଶୃ ଧାତୁ=ହିଂସା କରିବା+କର୍ମ· ଅଭ)—୧ । ଅଷ୍ଟ
Śarabha ପାଦ ମୃଗବିଶେଷ (କାଳ୍ପନିକ)—1. A fabulous
ଅନ୍ୟ ସଂ. ନାମ—ମହାମୃଗ, deer with 8 legs. [ଦ୍ର—
ମହାସ୍କନ୍ଧୀ, ମହାମନାଃ, ପୁରାଣ ଆଦିରେ ଲେଖା ଅଛି ଯେ,
ଅଷ୍ଟପାଦ, ମହାସିଂହ, ମନସ୍ୱୀ ଶରଭ ଅଷ୍ଟପାଦ, ଊର୍ଦ୍ଧ୍ୱନୟନ ଓ
ପର୍ବତାଶ୍ରୟ । (ଶବ୍ଦକୋଷ) ଊର୍ଦ୍ଧ୍ୱପାଦଚତୁଷ୍ଟୟଯୁକ୍ତ ଓ ଏ ଭାବ
ସିଂହକୁ ମାରିବାକୁ ସମର୍ଥ ।] [ଦ୍ର—ବଳବନ୍ତ ହେଲେ
ଯଥା କେଶରୀ, ବଧେ ଗଜାଦି ଶରଭକୁ ଡରି । ଭଞ୍ଜ·
ବୈଦେହୀଶବିଳାସ ।] ୨ । ଉଷ୍ଟ୍ର; ଓଟ—2. Camel.
୩ । କରଶାବକ, ହାତୀ ଛୁଆ—3. The young of
an elephant. ୪ । ରାମଙ୍କ ସେନାର ଯୂଥପତି ବାନର
ବିଶେଷ (ହି. ଶ)—4. Name of a monkey-leader of Rāma's army. ୫ । ଶଲଭ; ପତଙ୍ଗ-
ବିଶେଷ; ଟିଙ୍କିଡ଼ା—5. The grasshopper; locust.
[ଦ୍ର—ଏମାନେ ଶସ୍ୟକ୍ଷେତ୍ର ଲତାଦିକୁ ଚରି ନଷ୍ଟ କରନ୍ତି ।]
୬ । ଶିଶୁପାଳର ପୁତ୍ର ବିଶେଷ—6. Name of a son
of the demon Śisupāla. ୭ । ଦାନବ ବିଶେଷ
—7. Name of demon. ୮ । ନାଗ ବିଶେଷ
(ଶବ୍ଦକୋଷ)—8. Name of a mythological
serpent. ୯ । ବିଷ୍ଣୁ (ହି. ଶ)—9. Name of
Bishṇu. ୧୦ । ପକ୍ଷୀବିଶେଷ (ହି· ଶ)—10. A
species of bird. ୧୧ । ବର୍ଣ୍ଣବୃତ୍ତ ବିଶେଷ (ହି.
ଶ)—11. Name of a Sanscrit metre.
[ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୪ ନଗଣ ଓ ୧
ସଗଣ ଥାଏ । ଏଥିର ଅନ୍ୟ ନାମ ଶଶିକଳା, ମଣିଗୁଣ—
(ହି· ଶ)]—୧୨ । ସିଂହ (ହି· ଶ)—12. Lion.

ଶରଭଙ୍ଗ—ସ. ବି—ରାମାୟଣ ବର୍ଣ୍ଣିତ ମୁନି ବିଶେଷ—Name of a
Śarabhaṅga sage (described in the Rāmāyana).
[ଦ୍ର—ଏହି ମୁନି ଦଣ୍ଡକାରଣ୍ୟରେ ତପସ୍ୟା କରୁଥିଲେ ।
ବନବାସ କାଳରେ ରାମଚନ୍ଦ୍ର ଏହାଙ୍କ ଆଶ୍ରମରେ ଉପସ୍ଥିତ
ହୋଇ ଦେଖିଲେ ଯେ, ଏହାଙ୍କୁ ଏହାଙ୍କର କଠୋର ତପସ୍ୟା-
ଲବ୍ଧ ବ୍ରହ୍ମଲୋକକୁ ନେବା ପାଇଁ ସ୍ୱୟଂ ଇନ୍ଦ୍ରଦେବ ଆସି
ଉପସ୍ଥିତ ହୋଇଅଛନ୍ତି । କିନ୍ତୁ ଏହାଙ୍କ ନିକଟରେ ଉପସ୍ଥିତ
ହୋଇଥିବା ଅତିଥି ରାମଚନ୍ଦ୍ରଙ୍କୁ ସତ୍କାର କରିବା ପାଇଁ
ଋଷି ଇନ୍ଦ୍ରଙ୍କ ସଙ୍ଗେ ବ୍ରହ୍ମଲୋକକୁ ଯିବା କାର୍ଯ୍ୟ ସ୍ଥଗିତ
ରଖିଲେ ଓ ରାମଚନ୍ଦ୍ରଙ୍କୁ କହିଲେ ଯେ ମୁଁ ମୋ ତପସ୍ୟା
ବଳରେ ଯେଉଁ ପୁଣ୍ୟଲୋକମାନ ଅର୍ଜନ କରିଅଛି, ସେ
ସମସ୍ତକୁ ଆପଣ ଗ୍ରହଣ କରନ୍ତୁ । ରାମଚନ୍ଦ୍ର ଏଥିରେ ଅସମ୍ମତ
ହେଲେ । ପରେ ରାମଚନ୍ଦ୍ରଙ୍କୁ ତାଙ୍କର ଆଶ୍ରୟ ସ୍ଥାନ ସେ
ନିର୍ଦ୍ଦେଶ କରିଦେଲେ ଓ ତାଙ୍କ ସମ୍ମୁଖରେ ଅଗ୍ନି ସ୍ଥାପନ
ପୂର୍ବକ ମନ୍ତ୍ରୋଚ୍ଚାରଣ କରି ସେଥିରେ ଆହୁତି ଦେଇ
ଶେଷରେ ଆପଣା ଶରୀରକୁ ମଧ୍ୟ ସେଥିରେ ଝାସ
ଦେଲେ । ତାଙ୍କ ଦେହ ଉକ୍ତ ଅଗ୍ନିରେ ଭସ୍ମୀଭୂତ ହେବାରୁ
ଅଗ୍ନିରୁ ଗୋଟିଏ ଉଜ୍ଜ୍ୱଳ ବର୍ଣ୍ଣବିଶିଷ୍ଟ କୁମାର ଉତ୍ପନ୍ନ

ହେଲେ । ଉକ୍ତ କୁମାର ବର୍ଷ ମଧ୍ୟରୁ ଉଠି ସପରିବାର ବନ୍ଧୁଲୋକଙ୍କୁ ଗମନ କଲେ ।]

ଶର ଭଜା—ଦେ. ବି - ଦୁଧ ଅଣ୍ଟା ହେବା ପରେ କଡ଼େଇରେ ପଡ଼ିବା Śara bhajā ଛିଠା ପଡ଼ ଗୋଲ୍ଲାକାର ଶରର ଅବରଣଙ୍କୁ ସାବଧାନତାପୂର୍ବକ ପ୍ରସ୍ତୁ ପ୍ରସ୍ତୁ କରି ଉଠାଇ ଅନେକଗୁଡ଼ିଏ ଶର ଭାଜା ପ୍ରସ୍ତୁଙ୍କୁ ଉପର୍ଯ୍ୟପରି ରଖି ଚହ୍ନିରେ ଚିନି ବା ଖଣ୍ଡ ଚୂନା शर भाजा ଛିଞ୍ଚି ଘିଅରେ ଭାଜି ତିଆରି କରାଯିବା ମିଷ୍ଟାନ୍ନବିଶେଷ—A sort of sweetmeat consisting of layers of cream sprinkled over with pow dered sugar and fried in ghee.

ଶରଭର—ଦେ. ବି - ଶରବର୍ଷଣ—Excess of arrows. [ଉ—Śarabhara ଘାବ ଶରଭର ଶର ଖଣ୍ଡେ ଶର ଖଣ୍ଡ କରି ତାର शरभर ତାର– ଉତ୍ତ. ବୈଦେହୀଶବିଳାସ ।]

ଶରଭା—ସଂ. ବି. ସ୍ତ୍ରୀ—୧ । ଶୁଷ୍କ ଶରୀରବିଶିଷ୍ଟା ଓ ବିବାହର ଅଯୋଗ୍ୟା Śarabhā କନ୍ୟା (ହେ. ଶ)—1. A girl with emaciated body and unfit for marriage. ୨ । ଏକପ୍ରକାର କାଷ୍ଠ ନିର୍ମିତ ଯନ୍ତ୍ର (ହେ. ଶ)—2. A kind of instrument made of wood.

ଶରଭୂ—ସଂ. ବି. ପୁଂ (ଶର=ଶର ତୃଣ+ଭୂ ଧାତୁ=ହେବା+କର୍ତ୍ତୃ. Śarabhū କ୍ୱିପ୍; ଏହାଙ୍କୁ ଗଙ୍ଗାଦେବୀ ଶର ବଣରେ କ୍ଷେପ କରିଥିବାରୁ)—ଶିବଙ୍କ ପୁତ୍ର; ଷଡ଼ାନନ; କାର୍ତ୍ତିକେୟ—Kārttikeya.

ଶରମ—ଗ୍ରା. ବି (ପଦ୍ୟ) (ସଂ. ଶ୍ରମ)—ଶ୍ରମ; ପରିଶ୍ରମ—Labour. Śarama श्रम सरम [ଉ—ଘନସାର ବାସ ପ୍ରସର ନିଶ୍ବାସ ଶରମରକୁ ପ୍ରସରେ—ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।] ବୈଦେ. ସରମ (ଫା) ବି. (ଫା. ଶରମ୍)—ଲଜ୍ଜା; ବ୍ରୀଡ଼ା; ଲଜ୍ଜା— शरम Modesty; feeling of shame; bashfulness.

ଶର ମନ୍ଦିର—ଦେ. ବି (ଶର+ମନ୍ଦିର)—ରାଜକନ୍ୟା ଓ କ୍ଷତ୍ରିୟକନ୍ୟାଙ୍କ Śara mandira ପ୍ରଥମ ରଜୋଦର୍ଶନ ଉପଲକ୍ଷରେ କରାଯିବା तौर घर ଉତ୍ସବ—A festival observed on the appearance of the menses of the girls of Raj families. [ଉ—ମହାଦେବୀ ତ ପରମ ବିଦୁଷୀ × × × କଲେ ଶର-ମନ୍ଦିର ପରମାଦ—ଉପେନ୍ଦ୍ରଭଞ୍ଜ. ଚନ୍ଦ୍ରକଳା ।] [ଦ୍ର—ଗୃହ ତଳରେ ଶର ଗୁଚ୍ଛରେ କୋଠି କରାଯାଇ ଏଥିରେ ପଞ୍ଚକର୍ଣ୍ଣୀ ମୂର୍ତ୍ତି ଦିଆଯାଏ ଓ ଘର କୋଣରେ ଘୃତସ୍ନେହ ଘର ଓ ଘୃତସ୍ନେହ କଦଳୀଗଛ ପୋତା ଯାଏ । ତହିଁରେ ପୂର୍ଣ୍ଣକୁମ୍ଭ ଥାପି ଉପରେ ସୃଜୁ ଅଷ୍ଟାଣି କୁଲାରେ ସାତଗୋଟି ରଖି ବୃତୁସ୍ନାନ ହେଲା ବାଳିକାଙ୍କୁ ବସାନ୍ତି ଓ ସୃଜୁବା ବାଳିକା ହଳଦୀ ପାଣି ଫିଙ୍ଗାଫିଙ୍ଗି ହୁଅନ୍ତି । ତା ପରେ ଶର୍ଥିକଳରେ ଲକ୍ଷପୂଜା ବାଳିକାର ଅଭିଷେକ କରାଯାଏ ଏବଂ ଉପୂରେ ଦେବତା ଦର୍ଶନ ଓ ବ୍ରାହ୍ମଣଙ୍କୁ ଦାନ ଦିଆଯାଏ ।]

ଶର ମଲ୍ଲ—ସଂ. ବି (ଶର=ତୃଣ+ମଲ୍ଲ ଧାତୁ=ଧାରଣ କରିବା+ Śara malla କର୍ତ୍ତୃ.ଅ; ଯେଉଁମାନେ ଶର ତୃଣାଦିକୁ ଥଣ୍ଟରେ ଧରି ବିର ନେଇ ନୀଡ଼ ନିର୍ମାଣ କରନ୍ତି)—୧ । ଗୁଜୁକାଳକା ପକ୍ଷୀ (ଶବ୍ଦକୋଷ)—1. A bird; the pied myna. ୨ । (ଶର ବିଷୟରେ ମଲ୍ଲ) ଶରଦ୍ୱାରା ଯୁଦ୍ଧ କରିବା ବ୍ୟକ୍ତି; ଶରଧାରୀ—2. An archer; a warrior fighting with arrows.

ଶର ମୁଖ (ଭୃଷ୍ଟି)—ସ. ବି (୬ଷ୍ଠୀ ତତ୍) —ଶରର ଅଗ୍ରଭାଗ—The Śara mukha (bhṛushṭi) fine point or shaft of a narrow.

ଶର ମୁଣା(ଣି)—ଦେ. ବି—ତୂଣୀର; ଯେଉଁ ମୁଣିରେ ବା ଥଳରେ ଶରମାନ Śara munā(ṇi) ରଖା ଯାଇଥାଏ ଓ ଯାହା ଧାନୁଷ୍କର କାନ୍ଧ शरबथ ीले ତଳେ ପିଠିଆଡ଼େ ଝୁଲୁଥାଏ ଏବଂ ଧନୁ ମାରିବା ବେଳେ तरकश ଯହିଁରୁ ଶରଧାରୀ ଗୋଟିଏ ଗୋଟିଏ ଶର କାଢ଼ି ଧନୁରେ ଲଗାଏ—A quiver.

ଶର ମୁନ—ଦେ. ବି—ଶରର ଅଗ୍ରଭାଗ—The sharp point of Śara muna शरेर डगा शरका नोक an arrow.

ଶରଯୁ(ଯୂ)—ସ. ବି (ଶୃ ଧାତୁ=ହିଂସା କରିବା+କର୍ତ୍ତୃ. ଅଯୁ, ବିକଳ୍ପେ Śaraju(jū) ଅଯୂ)—ଅଯୋଧ୍ୟା ଦେଶସ୍ଥ ନଦୀ ବିଶେଷ—Name of a river in Ajodhyā. [ଦ୍ର—ଶରଯୁ ନଦୀ ସର୍ଦ୍ଦା ନଦୀର ଗୋଟିଏ ଶାଖା ଅଟେ । ଏହା ହିମାଳୟର ଦକ୍ଷିଣପାର୍ଶ୍ୱରୁ ବାହାରି ସର୍ଦ୍ଦା ନଦୀ ସଙ୍ଗେ ବହ୍ରାଇଚ (Bahraich) ଜିଲ୍ଲାରେ ମିଳିଅଛି । ସର୍ଦ୍ଦା ନଦୀ ହିମାଳୟର ଉତ୍ତରପାର୍ଶ୍ୱରୁ ବାହାରି ହିମାଳୟକୁ ଭେଦ କରି ଆସିଅଛି । ଶରଯୁ ଓ ସର୍ଦ୍ଦା ମିଳିତ ହେବା ପରେ ବହ୍ରମ ଘାଟଠାରେ ହିମାଳୟରୁ ପ୍ରବାହିତ ରାପ୍ତୀ ନାମକ ଅନ୍ୟ ଗୋଟିଏ ନଦୀ ଏଥିରେ ପଡ଼ିଅଛି ଓ ଏ ସମ୍ମିଳିତ ନଦୀମାନ ଗୋଗରା (ଘର୍ଘରା) ନାମରେ ପ୍ରବାହିତ ହୋଇ ଛପରା ନିକଟରେ ଉତ୍ତର ପଶ୍ଚିମ ଆଡ଼ୁ ଆସି ଗଙ୍ଗା ସଙ୍ଗେ ମିଶିଅଛି । ଅଯୋଧ୍ୟା ସମ୍ମିଳିତ ସର୍ଦ୍ଦା ନଦୀର ଦକ୍ଷିଣ କୂଳରେ ଅବସ୍ଥିତ । ଏ ସମ୍ମିଳିତ ଧାରକୁ କେହୁ କେହୁ ସର୍ଦ୍ଦା ଓ କେହୁ କେହୁ ସରଯୁ ନାମରେ ଅଭିହିତ କରନ୍ତି ଓ ଏଥିପାଇଁ ଅଯୋଧ୍ୟାନଗର ଶରଯୁ କୂଳରେ ଅବସ୍ଥିତ ଥିବା ରାମାୟଣାଦି ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି ।

ରାମ ଲକ୍ଷ୍ମଣ ଏହି ଶରଯୁ ନଦୀରେ ଝାସ ଦେଇ ସ୍ୱର୍ଗାରୋହଣ କରିଥିଲେ ଓ ଏହି ନଦୀ ତୀରରେ ମହାପୁରୁଷ ତୁଳସୀ ଦାସଙ୍କ ଆଶ୍ରମ ଥିଲା ।] ଦେ. ବି (ସ୍ତ୍ରୀ)— शरयू ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—Name given to सरयू females.

ଶରଯୁ(ଯୂ) ଦାସ—ଦେ. ବି. ପୁଂ—ପଶ୍ଚିମାମାନଙ୍କର ନାମ—A name Śarju(jū) dāsa given to males amongst the शरयू दास सरयु दास people of N. W.P.

ଶରଯୁ(ଯୂ) ଦାସ ମଠ—ଦେ. ବି—ପୁରୀ ସହରର ଗୋଟିଏ ମଠର ନାମ;
Śaraju(jū) dāsa maṭha (ଏଥିର ବୈଷ୍ଣବମାନେ ରାମଭକ୍ତ)—
শরযু দাসের মঠ Name of a Maṭha in the town of
शरयु दासका मठ Purī.

ଶର ଯୋଖିବା—ଦେ. କ୍ରି (ସଂ. ଶର ଯୋଜନ)—୧ । ଧନୁରେ ଶର
Śara jokhibā ଲଗାଇବା—1. To apply an arrow
শর সন্ধান করা to a bow; to fix an arrow to the
शर मारना string of a bow. ୨ । ଲକ୍ଷ୍ୟ ବିନ୍ଧିବା—
2. To shoot at a target; to shoot at an aim with the bow.

ଶରଳ—ସଂ. ବି (ଶୃ ଧାତୁ + କର୍ତ୍ତୃ. ଅଳ; ବିକଳ୍ପେ ସରଳ)—୧ । ଦେବ-
Śaraḷa ଦାରୁ ଗଛ—1. The pine; Pinus Longi-
folia. ୨ । ସଜ୍ଜନ ଅକପଟହୃଦୟ ବ୍ୟକ୍ତି—2. A
frank person; an open-hearted person;
upright man; a good man. ୩ । ଜଳ; ପାଣି—
3. Water. ସଂ. ବିଣ—୧ । ସରଳ; ଅବକ୍ର; ସିଧା—
1. Straight. ୨ । କ୍ରୂର—2. Cruel. ୩ । ଶଠ;
ପ୍ରତାରକ—3. Deceitful. ୪ । ବକ୍ର—4.
Crooked; distorted.

ଶରଳକ—ସଂ. ବି (ଶରଳ + କ)—ଜଳ; ପାଣି—
Śaraḷaka Water.

ଶରଲତା—ସଂ. ବି—ସରଲତା (ଦେଖ)
Śaraḷatā Saraḷatā (See)

ଶରଲୋମା—ସଂ. ବି (ଶରଲୋମନ୍; ୧ମା ୧ବ)—ପ୍ରାଚୀନ ଋଷିବିଶେଷ—
Śaralomā Name of a sage. [ଦ୍ର—
ଏ କେତେକ ଋଷିଙ୍କ ସଙ୍ଗେ ଭରଦ୍ୱାଜଙ୍କଠାରେ ଆୟୁର୍ବେଦ-
ସଂହିତା ଗ୍ରନ୍ଥ ପାଇଁ ପ୍ରାର୍ଥନା କରିଥିଲେ—ହି. ଶ)

ଶର ଶଯ୍ୟା—ସଂ. ବି (ଶରଦ୍ୱାରା ରଚିତ ଶଯ୍ୟା, ମ. ପ. ଲୋ)—୧ ।
Śara śajyā ଶରର ପୁଙ୍ଖମାନ ଭୂମିରେ ଲାଗି ମୁନସବୁ
ଉପରଆଡ଼କୁ ଥିବା ଅବସ୍ଥାରେ ଶରର ମୁନମାନଙ୍କଦ୍ୱାରା
ରଚିତ ଶଯ୍ୟା—1. A bed made up by the
bristling points of arrows. ୨ । ଯୁଦ୍ଧକ୍ଷେତ୍ର
(ପକ୍ଷମାନଙ୍କଦ୍ୱାରା କ୍ଷିପ୍ତ ଶରମାନ ଯେଉଁଠାରେ ଶଯ୍ୟା ପରି
ଭୂମିରେ ବିଛାଇ ହୋଇଥାଏ)—2. A battlefield
(covered with a layer of arrows).

ଶରଶଯ୍ୟାଶାୟୀ—ସଂ. ବିଣ. ପୁଂ—ଯେ ଶରଶଯ୍ୟା ଉପରେ ଶୋଇ
Śaraśajyāśāyī ଥାଆନ୍ତି—Lying on a bed
(ଶରଶଯ୍ୟାଶାୟିନୀ—ବିଣ. ସ୍ତ୍ରୀ) of arrows. ବି—ଭୀଷ୍ମ—
Bhīshma.

ଶର ଶୁଆ(ଆଁ)ରି(ଲି)—ଦେ. ବି—ଏକପ୍ରକାର ଦୁଗ୍ଧପକ୍ୱ ମିଷ୍ଟାନ୍ନ ପିଠା—
Śara śuā(ān̐)ri(li) A kind of sweet cake.
[ଦ୍ର—ଅଟାରେ ଛେନା ଓ ଚିନି ମିଶାଯାଇ ଘିଅରେ ମୁଦ୍ରାକାର
ପିଠାମାନ ଛଣାଯାଏ ଓ ପରେ ତାହା ଘନ ଅଉଟା ଦୁଧରେ
ବଳୁରି ଯାଏ ।]

ଶର ଶେଯ—ଦେ ବି.—ଶରଶଯ୍ୟା—Bed of arrows. (ଉ—
Śara śeja ଶରଶେଯେ ସ୍ୱପ୍ନ ବୋଇଲେ ଅର୍ଜୁନ, ଜୀବନ
শরশয্যা शरकाबिछौना ଥାନ୍ତୁ ପାଇଁ ଦଅ ହେ ଜୀବନ-
କୃଷ୍ଣସିଂହ ମହାଭାରତ ଅଶ୍ୱ ।)

ଶରସନ୍ଧା—ଦେ. ବି (ସଂ. ଶରସନ୍ଧାନ)—ବାଣ ବିନ୍ଧିବା—Aiming
Śara sandhā with an arrow. (ଉ—
শরবিন্ধা शरबिंधना ଏଣୁଠାରେ ନାଗପାଶରେ ହୋଇ
ବନ୍ଧା, ପଡ଼ିଥିଲି ଛାଡ଼ିଣ ଧନୁ ଶରସନ୍ଧା—କୃଷ୍ଣସିଂହ
ମହାଭାରତ ବନ)

ଶର ସନ୍ଧାନ—ସଂ. ବି (୬ଷ୍ଠୀ ତତ୍)-ବାଣନିକ୍ଷେପ; ଲକ୍ଷ୍ୟପ୍ରତି ଶର ମାରିବା-
Śara sandhāna Shooting with an arrow;
aiming at a target with bow and
arrow

ଶର ସ୍ତମ୍ଭ—ସଂ. ବି—୧ । ଯେଉଁ ବିଦ୍ୟାଦ୍ୱାରା ବିପକ୍ଷର ଶରକ୍ଷେପଣ
Śara stambha କରିବାର ଶକ୍ତି ରହିତ କରାଯାଏ—
1. The magical art by which the
adversary's power of shooting arrow-
is restrained. ୨ । ଶରର ଦଣ୍ଡ (ଶବ୍ଦକୋଷ)-
2. The body or stock of an arrow.
୩ । ପ୍ରାଚୀନ ପ୍ରବରକାର ଜଣେ ଋଷି—3. Name of a
sage who was the progenitor of a clan.
୪ । ମହାଭାରତୋକ୍ତ ସ୍ଥାନବିଶେଷ—4. Name of an
ancient locality.

ଶରା—ଦେ. ବି (ସଂ. ଶରାବ)—ହାଣ୍ଡି ଆଦି ପାତ୍ରର ଢାଙ୍କୁଣୀ; ମାଟିର
Śarā ଛୋଟ ପଲମ ବା ଥାଳିଆ - A shallow plate
সরা सरवा of earth. [ଦ୍ର—ବଡ଼ ଅନୁପାତର
ଶରାକୁ ପଲମ ବା ତେଲଉଣି ବୋଲାଯାଏ ।]

ଶରାଗ(କ)—ପ୍ରାଦେ (ସିଂହଭୂମି) ବି—ଜାତିବିଶେଷ—A caste
Śarāga(ka) শরক inhabiting Singhbhum.
[ଦ୍ର—ସଂ. ଶ୍ରାବକ । ଏମାନେ ପୂର୍ବେ ଜୈନଧର୍ମାବଲମ୍ବୀ
ଥିଲେ ଓ ବାଣିଜ୍ୟ ବ୍ୟବସାୟାଦିଦ୍ୱାରା ଖୁବ୍ ଧନବାନ ହୋଇ
ସିଂହଭୂମିର ନାନା ସ୍ଥାନରେ ବଡ଼ ବଡ଼ ଜଳାଶୟମାନ
ଖୋଳାଇଥିଲେ ।]

ଶରାଘାତ—ସଂ. ବି.—(୩ୟା ତତ୍)—ଶରଦ୍ୱାରା ଆଘାତ ବା ପ୍ରହାର—
Śarāghāta Striking or shooting at a thing
with the arrow.

ଶରାଟି (ଡ଼ି, ତି, ରି, ଳ, ଳି, ଳୀ)—ସଂ. ବି—(ଶର = ଜଳ + ଅଟ ଧାତୁ
Śarāṭi (ṛdi, ti, ri, ḷa, ḷi, ḷī) = ଗମନ କରିବା + କର୍ତ୍ତୃ ଇ)
শড়াল, শরাল(লী) टिटिहरी ୧ । ଜଳଚର ପକ୍ଷିବିଶେଷ;
ତେନ୍ତେଇ; ହୁଁହୁଁଆ ପକ୍ଷୀ—1. A teal (aquatic
bird); Dendrocycna Javanica; a species
of fresh water duck; Anas Carolinensis.
[ଦ୍ର—ଏହା ପାତିହଂସ ଜାତୀୟ ପ୍ଲବକ ବର୍ଗର ପ୍ରାୟ ଏକହାତ
ଦୀର୍ଘ ପକ୍ଷୀ; ମୁଣ୍ଡ ଫିକା ନାଲି; ପକ୍ଷ ଛୋଟ ଓ ଗୋଲ;
ଲାଞ୍ଜ ଖରିଆ; ଥଣ୍ଟ ଚଟକା ଓ ଗୋଲ । ଏ ପକ୍ଷୀ ଦଳବୁଝେ

ଛିଡ଼ାପାରେ ନାହିଁ; କିନ୍ତୁ ପହଁରିପାରେ, ଓ ପାଣିରେ ବୁଡ଼ିପାରେ।
ଏହାର ମାଂସ ସୁଖାଦ୍ୟ ଥିବାରୁ ଲୋକେ ଏମାନଙ୍କୁ
ଶିକାର କରନ୍ତି ।]

ଶରାଟିକା—ସଂ. ବି—୧ । ଶରାଟି (ଦେଖ)—1. Śarāṭi (See)
Śarāṭikā ୨ । ଲଜ୍ଜାକୁଳିତା (ବୃ. ଶ)—2 Mimosa
Pudica (plant)

ଶରାନୁସନ୍ଧାନ—ସଂ. ବି—ଶରସନ୍ଧାନ (ଦେଖ)—
Śarānusandhāna Sarasandhāna (See)

ଶରାବ—ସଂ. ବି—(ଶର=ଦୁଧସର; ଜଳ+ଅବ୍ ଧାତୁ=ରକ୍ଷାକରିବା
Śarāba +ଅଧିକରଣ ଅ; ଯହିଁରେ ଜଳ, ଦୁଧସର ଅବ ରକ୍ଷା
ଯାଏ)—୧ । ଶରା; ଚଟକା ମୃତ୍ପାତ୍ର—1 A shallow
earthen pot; a tray; a shallow saucer.
୨ । ସେର ପରିମାଣ; କୁଡ଼ବ ପରିମାଣ; ମାଣିକା; ୬୪
ତୋଳା (ବିଶ୍ୱକୋଷ)-2 A standard of measure.
[ଦ୍ର—ବୈଦ୍ୟକରେ ୬୪ ତୋଳା ଓଜନର ସେରର
ବ୍ୟବହାର ହୁଏ । (ବୃ. ଶ)

ଶରାବକ—ସଂ. ବି—(ଶରାବ+ସ୍ୱାର୍ଥେ. କ)—୧ । ଶରାବ (ଦେଖ)—
Śarābaka 1 Śarāba (see) ୨ । ମୁଣ୍ଡହୀନ ପିଡ଼ିକାଭେଦ
(ବିଶ୍ୱକୋଷ)— 2. A kind of boil or eruption
without a head.

ଶରାବତୀ—ସଂ. ବି. ସ୍ତ୍ରୀ:—(ଶର=ତୃଣ+ବତ+ସ୍ତ୍ରୀ. ଈ)—୧ । ନଦୀ
Śarābati ବିଶେଷ—1 Name of a river [ଦ୍ର-ଏହା
ସମ୍ଭବତଃ ରାମଗଙ୍ଗା ନଦୀ ବା ବାଣଗଙ୍ଗା ନଦୀ; ଗ୍ରୀକ୍
ଐତିହାସିକ ଟଲେମି ଏହାକୁ ସରାବସ୍ ନାମରେ ଉଲ୍ଲେଖ
କରି ଅଛନ୍ତି—ବିଶ୍ୱକୋଷ)

ଶରାବର—ସଂ. ବି (ଶର+ଆ+ବୃ ଧାତୁ+କର୍ତ୍ତୃ. ଅ)—୧ । ଢାଲ୍—
Śarābara 1. Shield. ୨ । କବଚ—2 Coat of arms.
(ଶରାବରଣ—ଅନ୍ୟରୂପ)

ଶରାବଲମ୍ବନ—ଦେ. ବି (୬ଷ୍ଠୀ ତତ୍; ଶର+ଅବଲମ୍ବନ)—୧ ।
Śarābalambana ଜଳାଶୟ—1. Tank; pond. ୨ ।
ଶରତୂଣୀ—2. A quiver. (ଦ୍ର—[୧ ଓ ୨] ବିଟପୀ
ହର୍ଷିତ ଶରାବଲମ୍ବନ ସଦା ତଳରେ ଜଳରେ । ଉପ.
ବୈଦେହୀଶବିଳାସ ।)

ଶରାବାପ—ସଂ. ବି (ଶର+ଆ+ବପ ଧାତୁ+ଅଧି. ଅ)—ଧନୁଃ—
Śarābāpa Bow.

ଶରାବିକା—ସଂ. ବି (ଶରାବ+କ+ଆ)—୧ । ଶରାପରି ଧାର ପାଖ ଉଚ୍ଚ
Śarābikā ଓ ମଝି ଗଭୀର ବ୍ରଣ (ବୃ. ଶ)—1. A kind of
boil with the rim higher than the
middle. ୨ । ଏକପ୍ରକାର କୁଷ୍ଠରୋଗ (ବୃ. ଶ)—
2. A kind of leprosy.

ଶରାମୁହାଁ—ଦେ. ବିଣ. ପୁଂ (ଅନାଦରାର୍ଥେ)—ଯେଉଁ ବ୍ୟକ୍ତିର ମୁଖ
Śarāmuhāñ ଶରାପରି ଚଟକା ଓ ଅସୁନ୍ଦର—A person
(ଶରାମୁହୀଁ—ସ୍ତ୍ରୀ) having a wide and flat face.
ভোঁতা মুখো चकरमुहाँ

ଶରାରି(ରୀ) ମୁଖ—ସଂ. ବି—୧ । ଶରାଟି (ଦେଖ)—1. Śarāṭi.
Śarāri(ri) mukha (See) ୨ । ଶରାଟି ପକ୍ଷୀର ମୁହଁର
ଆକୃତିବିଶିଷ୍ଟ ପୂଜ ନିଷ୍କାସନାର୍ଥ ବ୍ୟବହୃତ ସୁଶ୍ରୁତୋକ୍ତ
ଯନ୍ତ୍ର ବିଶେଷ (ବିଶ୍ୱକୋଷ)—2. An ancient
surgical instrument for extracting
pus.

ଶରାରୁ—ସଂ. ବିଣ (ଶୃ ଧାତୁ=ହିଂସା କରିବା+ଶୀଳାର୍ଥେ ଆରୁ)—
Śarāru ୧ । ହିଂସାକାରୀ; ହିଂସ୍ର—1. Mischievous;
hurtful. ୨ । ଅନିଷ୍ଟକାରୀ; ଘାତକାରକ—
2. Injurious.

ଶରାରୋପ—ସଂ. ବି (ବହୁବ୍ରୀହି; ଶର+ଆରୋପ)—
Śarāropa ଧନୁକ; କାର୍ମୁକ—A bow.

ଶରାଳି(ଳୀ)—ସଂ. ବି—୧ । ପକ୍ଷୀବିଶେଷ; ଶରାଟି (ଦେଖ)—
Śarāli(li) 1. Teal. ୨ । ଶରସମୂହ—2. Arrows.
(ଦ୍ର—[୧ ଓ ୨—ଅର୍ଥରେ ତ ଶରାଳୀରେ ଯୁକ୍ତ
ହୋଇଛନ୍ତି । ଉପ. ବୈଦେହୀଶବିଳାସ ।)

ଶରାଶ୍ରୟ—ସଂ. ବି (ଶର+ଆଶ୍ରୟ; ୬ଷ୍ଠୀ ତତ୍)—ତୂଣୀର; ବାଣଧାର—
Śarāśraya A quiver.

ଶରାସନ ସଂ. ବି—୧ । (ଶର+ଅସ୍ ଧାତୁ=କ୍ଷେପଣ କରିବା+
Śarāsana କରଣ ଅନ; ଯାହାଦ୍ୱାରା ଶର କ୍ଷେପଣ କରାଯାଏ)—
(ଶରାସ—ଅନ୍ୟରୂପ) ଧନୁକ; କାର୍ମୁକ—1. A bow. ୨ । ଧୃତ-
ରାଷ୍ଟ୍ରଙ୍କ ଏକପୁତ୍ର (ବୃ. ଶ)—2. Name of a son
of Dhrutarāshtra.

ଶରାସ୍ୟ—ସଂ. ବି (ବହୁବ୍ରୀହି; ଶର ଅଟେ ଅସ୍ୟ=ମୁଖ ଯାହାର)—ଧନୁକ—
Śarāsya A bow.

ଶରାହତ—ସଂ. ବିଣ. ପୁଂ (ଶର+ଆହତ; ୩ୟା ତତ୍)—ଶରଦ୍ୱାରା
Śarāhata ଆହତ; ବାଣବିଦ୍ଧ—Pierced or struck
(ଶରାହତା—ସ୍ତ୍ରୀ) with an arrow; smitten with an
arrow.

ଶରିକା—ସଂ. ବି—ଏକପ୍ରକାର ପ୍ରାସାଦ (ବୃ. ଶ)
Sarikā A kind of building.

ଶରିଅ(ୟ)ତ୍—ବୈଦେ. ବି (ଆ. ଶର୍ତ୍ତ)—ସର୍ତ୍ତ; ଚୁକ୍ତିର ଭିନ୍ନ ଭିନ୍ନ
Saria(ya)t ଅଙ୍ଗ)—Terms; different conditions
of an agreement. ବିଣ—ମୁସଲମାନମାନଙ୍କ ସମ୍ପ-
ତ୍ତି ଦାୟାଦାଧିକାର ଶାସ୍ତ୍ର ସମ୍ବନ୍ଧୀୟ—Relating to
the Mahomedan law of inheritance.

ଶରିଘର(ରା)—ଦେ. ବି (ସଂ. ଶର)—୧ । ଲିଙ୍ଗ—1. Penis. ୨ ।
Sarighara(rā) ପଶୁଅଶ୍ୱର ଉଦଗ୍ର ଲିଙ୍ଗ—2. The
লিঙ্গ केला erected penis of beasts.

ଶରିଫ୍—ବୈଦେ. ବି (ଆ.)—ସହରର ପ୍ରଧାନ ମଣ୍ଡଳ ବା ନେତା—
Śariph Sheriff; the headman of a town.
শেরিফ सरीफ बिण—ମାନନୀୟ; ପୂଜ୍ୟ—Venerable.

ଶରିମା—ସଂ. ବି (ଶୃ ଧାତୁ+ଭାବ. ଇମନ୍, ଶରିମନ୍, ୧ମା. ୧ବ)—
Śarimā ପ୍ରସବ—Production; birth.

ଶରୀ – ସ. ବ.—(ବୈଦ୍ୟକ)—ଏରକା ନାମକ ଜଳଜ ଫମ୍ପା କାଠିଯୁକ୍ତ
Śari ତୃଣ; ବେରୁଣ୍ଡା; ସେନ୍ଦ୍ରସ; ସନ୍ତସ—Elephant grass; Typha; Typha Elephantina.ଦେ. ବ:(ସ.ଶର)
ଶର ସର ଧନୁ—Bow. [ଉ—ବାମ ପାଦରେ ମୀନ ଉନ୍ନ, ଶଙ୍ଖ ଶରୀ ତ୍ରିକୋଣବନ୍ଦ—ପ୍ରାଚୀ ପୂର୍ଣ୍ଣିତମଚନ୍ଦ୍ରୋଦୟ]—ପ୍ରା.
ଶରୀର ଶରୀର ବ—ଶରୀର—Body. (ଯଥା—କହୁଛ ଦେହର କୁଶଳ, ଶରୀ ସହାର ଏକଗତ—ପ୍ରାଚୀ. କର୍ଣ୍ଣସମାହାରସ୍ୟ ।)

ଶରୀର – ସଂ. ବ (ଶୃ ଧାତୁ—ବିନଷ୍ଟ ହେବା, ଶୀର୍ଣ୍ଣ ହେବା+କର୍ତ୍ତୃ ଈର;
Śarira ଯାହା ରୋଗ ବା ଜରଦ୍ୱାରା ଶୀର୍ଣ୍ଣ ହୁଏ ବା ବିନଷ୍ଟ ହୁଏ)—୧ । ଜୀବାଦିଙ୍କ
[ଅନ୍ୟ ସଂ ନାମ—କଳେବର, ଗାତ୍ର, ବପୁ, କାୟ, ମୂର୍ତ୍ତି, ତନୁ, କ୍ଷେତ୍ର, କଳେବର; ଦେହ; ପିଣ୍ଡ, ସ୍କନ୍ଧ, ପଞ୍ଜର, କରଣ, ବନ୍ଧ, କାୟ; ବପୁ; ସଂଘ ମୃଦ୍‌ଗଳ, ବପୁଃ, ସଂହନନ, ବର୍ଷ୍ମ, ପୁର ଅଙ୍ଗର ସମାହାର—ଧନ, ଅଙ୍ଗ, ଭୂତାତ୍ମା, ବଳ, ବେର, Body; the corporeal frame.
ଯୁଦ୍ଗଳ]

[ବ—ଶରୀର ଶବ୍ଦ ଅସ୍ଥାଠାରୁ ପୃଥକ୍ ସମସ୍ତ ଅଙ୍ଗକୁ ବୁଝାଏ । ପରନ୍ତୁ ହିନ୍ଦୁ ଶାସ୍ତ୍ରରେ ଶରୀରକୁ ୨ ପ୍ରକାର କରାଯାଇଅଛି । ସୂକ୍ଷ୍ମ ଶରୀର ଓ ସ୍ଥୂଳ ଶରୀର । ବୁଦ୍ଧି, ଅହଙ୍କାର, ମନ, ୫ ଜ୍ଞାନେନ୍ଦ୍ରିୟ, ୫ କର୍ମେନ୍ଦ୍ରିୟ ଓ ପଞ୍ଚତନ୍ମାତ୍ରର ସମୂହକୁ ସୂକ୍ଷ୍ମ ବା ଲିଙ୍ଗ ଶରୀର ବୋଲି ଯାଇଅଛି ଓ ହସ୍ତ, ପଦ, ମୁଖ, ମୁଣ୍ଡ, ପେଟ, ପିଠି ଆଦି ଅଙ୍ଗର ସମୂହକୁ ସ୍ଥୂଳ ଶରୀର ବୋଲି ଯାଇଅଛି । ସ୍ଥୂଳ ଶରୀରରେ ସୂକ୍ଷ୍ମ ଶରୀର ଅବସ୍ଥାନ କରେ । ଜୀବ ମୃତ ହେଲେ ସୂକ୍ଷ୍ମ ଶରୀର ସ୍ଥୂଳ ଶରୀରରୁ ବାହାରି ପରଲୋକକୁ ଯାଏ ଓ ସ୍ଥୂଳ ଶରୀର ପଞ୍ଚଭୂତରେ ମିଶିଯାଏ—ହିଂ ଷ ।] ଦେ. ବ—
ଶରୀର ଶରୀର, ବଦନ ୧ । ସ୍ୱାସ୍ଥ୍ୟ—1. Health. (ଉ—ଶରୀର ଦେଖି ଧର୍ମ କର—ପ୍ରବଚନ ।) ୨ । ଶାରୀରିକ ଅବସ୍ଥା—2. Bodily condition. ୩ । ମନ—3. Mind. (ଯଥା—ଏଡ଼େ କି ବର୍ଣ୍ଣ୍ୟ ତୋ ଶରୀର, ବଣ୍ଟାସ ନାଶିଲୁ ଅମୃତ—ଜଗନ୍ନାଥ ଭାଗବତ ।)

ଶରୀର କ୍ଷୟ—ସ. ବ—(୬ଷ୍ଠୀତତ୍)—୧ । ଦେହର ନାଶ ବା ଧ୍ୱଂସ—
Śarira kshaya 1. Wasting or decay of the body. ୨ । ମୃତ୍ୟୁ—2. Death.

ଶରୀରଗ—ସ. ବ—(ଶରୀର—ଦେହଦ୍ୱାରା+ଗମ ଧାତୁ+କର୍ତ୍ତୃ ଅ; ଯେ
Śariraga ଦେହଦ୍ୱାରା ଗମନ କରେ)—ସରୀସୃପ—Reptile. ବଣ.—ସର୍ପାଦି ପରି ବକ୍ର ଗମନ କାରୀ—Moving crookedly; or sliding like a reptile.

ଶରୀର ଗତ—ସ. ବଣ—(୨ୟାତତ୍) ୧ । ଦେହମଧ୍ୟସ୍ଥ—Situated
Śarira gata in the body. ୨ । ଦେହ ସମ୍ବନ୍ଧୀୟ—2 Relating to the body; bodily; corporeal.

ଶରୀର ଗ୍ରନ୍ଥି (ସନ୍ଧି)—ସଂ. ବଣ (୬ଷ୍ଠୀ ତତ୍)—ଦେହର ସନ୍ଧିସ୍ଥଳ—
Śarira granthi (sandhi) The joints of the body.

ଶରୀର ଛାଡ଼ିବା—ଦେ. କି—ମୃତ ହେବା—To die. (ଉ—
Śarira chhardiba ଏଠାରେ ମୁହିଁ ତ ଛାଡ଼ିବ
দেহ ত্যাগ করা शरीर छोड़ना ଶରୀର—କୃଷ୍ଣସିଂହ. ମହାଭାରତ, ବନ ।)

ଶରୀରଜ – ସ. ବଣ—(ଶରୀର—ଦେହରୁ+ଜନ୍ ଧାତୁ+କର୍ତ୍ତୃ. ଅ)—
Śariraja ଦେହରୁ ଜାତ—Born of or produced
[ଶରୀରଜା—ସ୍ତ୍ରୀ] from the body. ବ.—୧ । ପୁତ୍ର—1. Son. ୨ । କାମ—2. Cupid. ୩ । ରୋଗ; ବ୍ୟାଧି—3. Disease.

ଶରୀର ଜାତ – ସ. ବଣ—(୫ମୀ ତତ୍)—ଦେହରୁ ଉତ୍ପନ୍ନ—
Śarirajata Born of the body.

ଶରୀର ଦେଖି ଧର୍ମ କର—ଦେ. ପ୍ରବଚନ—ଶାରୀରିକ ଶକ୍ତି ଅନୁସାରେ
Śarira dekhi dharma kar ଧର୍ମସାଧନ କରିବ, ଅର୍ଥାତ୍
শরীর বুঝে ধরম কর ଶରୀର ସୁସ୍ଥ ଥିଲେ କଠୋର ଧର୍ମ ସାଧନରେ
शरीर देखके धरम करो ପ୍ରବୃତ୍ତ ହେବା ଅନୁଚିତ—A proverb meaning—Practice austerities in consideration of your health or so far as your health allows.

ଶରୀର ଧାରଣ—ସଂ. ବ—(୬ଷ୍ଠୀ ତତ୍)—ଦେହ ଧରିବା; ବଞ୍ଚିବା—
Śarira dharana Living.

ଶରୀରଧାରୀ – ସଂ. ବଣ. ପୁଂ (ଶରୀର+ଧୃ ଧାତୁ=ଧାରଣ କରିବା+
Śariradhari କର୍ତ୍ତୃ. ଇନ୍; ୧ମା. ୧ବ)—ଦେହଧାରୀ, ଦେହ
(ଶରୀରଧାରିଣୀ—ସ୍ତ୍ରୀ) ବିଶିଷ୍ଟ—Corporeal; having a body.

ଶରୀର ଧ୍ୱଂସ—ସଂ. ବ (୬ଷ୍ଠୀ ତତ୍)—୧ । ଶରୀର କ୍ଷୟ; ଦେହନାଶ—
Śarira dhwamsa 1. Destruction of the body. ୨ । ପ୍ରାଣନାଶ, ମୃତ୍ୟୁ—2. Death.

ଶରୀର ଧ୍ୱଂସକ—ସଂ. ବଣ.ପୁଂ—ଯାହା ଶରୀରକୁ ବା ଦେହକୁ ନାଶ କରେ
Śarira dhwamsaka —Destroying the body.
(ଶରୀର ଧ୍ୱଂସିକା—ସ୍ତ୍ରୀ)

ଶରୀର ନାଶ—ସଂ. ବ (୬ଷ୍ଠୀ ତତ୍)—ଶରୀର କ୍ଷୟ (ଦେଖ)
Śarira nasa Śarira kshaya. (See)

ଶରୀର ପଣ —ସଂ. ବ (ରୂପକ କର୍ମଧା)—୧ । ପ୍ରାଣପଣ; କୌଣସି କାର୍ଯ୍ୟ-
Śarira pana ସାଧନ କରିବା ପାଇଁ ଆପଣାର ଦେହକୁ ବା ପ୍ରାଣକୁ ପଣରୂପେ ରଖିବା; ଦେହପାତନ ହେଉ ପଛକେ କାର୍ଯ୍ୟ ସାଧନ କରିବ, ଏବମ୍ଭୂତ ପ୍ରତିଜ୍ଞା—1. Keeping the body as a stake for accomplishing a work; the undertaking of a work at the risk of losing of one's life. ୨ । ଶରୀର କ୍ଷୟ (ବଙ୍ଗକୋଷ); ମୃତ୍ୟୁ—2. Death.

ଶରୀର ପତନ—ସଂ. ବ (୬ଷ୍ଠୀ ତତ୍)—୧ । ଶରୀର କ୍ଷୟ; ଦେହନାଶ—
Śarira patana 1. Destruction of the body. ୨ । ମୃତ୍ୟୁ—2. Death.

ଶରୀର ପାତ(କ)—ସ. ବ—(୬ଷ୍ଠୀ ତତ୍)—୧ । ମୃତ୍ୟୁ—
Śarīra pāta(ka) 1. Death. ୨ । ଦେହକୁ ନାଶକରିବା-
[ଶରୀର ପତନ—ଅନ୍ୟରୂପ] 2. Act of destroying the body. ୩ । ମୃତ୍ୟୁ ଘଟାଇବା—3. Causing of death.

ଶରୀର ପାତନ ଅବା କାର୍ଯ୍ୟର ସାଧନ—ଦେ· ବାକ୍ୟ—କାର୍ଯ୍ୟ ସାଧନ
Śarīra pātana abā kārjyara sādhana କରୁ କରୁ
মন্ত্রের সাধন কিম্বা শরীর পতন ମୃତ୍ୟୁ ଘଟୁ ପଛକେ, କାର୍ଯ୍ୟ ସିଦ୍ଧ
शरीर पातन या कार्य्यका साधन ହେଉ—Do or Die.
[ସ. ଶରୀରଂ ବା ପାତୟେତ୍ କାର୍ଯ୍ୟଂ ବା ସାଧୟେତ୍ ।]

ଶରୀର ପାଳକ—ସ. ବଣ—୧ । ଶରୀର ରକ୍ଷକ (ଦେଖ)
Śarīra pālaka 1. Śarīra rākshaka (See)
[ଶରୀର ପାଳକା—ସ୍ତ୍ରୀ] ୨ । ଯେ ଶରୀରକୁ ପାଳନ କରେ—
2. Maintaining or looking after the body.

ଶରୀର ପାଳନ—ସ. ବ—ଶରୀର ରକ୍ଷଣ (ଦେଖ)
Śarīra pālana Śarīra rakshaṇa (See)

ଶରୀର ବିକ୍ରୟ—ସ. ବ—ଅପଣାର ଦେହ ବା ଜୀବନକୁ ଅନ୍ୟବ୍ୟକ୍ତିକୁ
Śarīra bikraya ବିକି ଦେବା—
Selling of one's body to another.

ଶରୀର ବିଜ୍ଞାନ—ସ. ବ—(ଅଧିକୃତ)—ଶରୀର ଶାସ୍ତ୍ର (ଦେଖ)
Śarīra bijñana [Śarīra śāstra (See)

ଶରୀର ବୃତ୍ତ—ସ. ବଣ—ଶରୀରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଆବଶ୍ୟକ
Śarīra bṛutta (ପଦାର୍ଥ) (ବ୍ୟ. ଶ·)—(Anything)
Which is necessary for increasing bodily grace.

ଶରୀର ବୃତ୍ତି—ସ· ବ—(୬ଷ୍ଠୀ ତତ୍)—ଜୀବିକା—
Śarīra bṛutti Livelihood.

ଶରୀରଭାକ୍—ସ. ବଣ—(ଶରୀର+ଭଜ୍ ଧାତୁ=ଭଜନା କରିବା+
Śarīra bhāk କର୍ତ୍ତୃ· କ୍ୱିପ୍; ଶରୀରଭୃତ୍, ୧ମା· ୧ବ·)—
ଶରୀରୀ; ଶରୀରଧାରୀ—Corporeal; assuming a body. ବ·—୧ । ଜନ୍ତୁ; ଦେହଧାରୀ ପ୍ରାଣୀ—
1. Animal; animal body; living body. ୨ । ମନୁଷ୍ୟ—2. Man. ୩ । ଜୀବାତ୍ମା—3. The embodied soul. ୪ । ପ୍ରାଣ—4. Life; the vital principle,

ଶରୀର ଭୂଗୋଳ—ଦେ. ବ—ବୈଷ୍ଣବ କବି ଶ୍ରୀ ବଳରାମ ଦାସଙ୍କ
Śarīra bhūgola (୧୬ଶ ଶତାବ୍ଦୀ) ରଚିତ ଅଧ୍ୟାତ୍ମିକ ପଦ୍ୟ-
ଗ୍ରନ୍ଥ—Name of a metaphysical poem by poet Balarāma Dāsa.

ଶରୀର ଭୃତ୍—ସ. ବଣ—(ଶରୀର+ଭୃ ଧାତୁ+କର୍ତ୍ତୃ· କ୍ୱିପ୍)—
Śarīra bhṛut ଦେହଧାରୀ; ଶରୀରୀ—Corporeal. ସ.
[ଶରୀରଭୃତ୍—ଅନ୍ୟ ବଣ. ରୂପ] ବ.—୧ । ଜୀବାତ୍ମା—
1. The soul. ୨ । ବିଷ୍ଣୁ—2. Bishṇu.

ଶରୀରଭେଦ—ଦେ. ବ—୧ । ଶରୀର ମଧ୍ୟସ୍ଥ ନାଡ଼ୀ ଓ ଅସ୍ଥି ସମ୍ବନ୍ଧୀୟ
Śarīra bheda ତତ୍ତ୍ୱଜ୍ଞାନ; ଯୋଗସାଧନ ସମ୍ବନ୍ଧୀୟ ତତ୍ତ୍ୱ—
1. Metaphysical discussion of the human soul and of the practising of concentration by controlling the breath etc. ୨ । ଉପେନ୍ଦ୍ର ସ୍ୱଗର ଶେଷଭାଗର ବୈଷ୍ଣବ କବି ଅରକ୍ଷିତ ଦାସ (ନୟଦ ଛିଆ ଅଳନ୍ଧ ପାହାଡ଼ବାସୀ)ଙ୍କ ଯୋଗସାଧନ ଓ ଭଜନ ବିଷୟକ ପଦ୍ୟ ଗ୍ରନ୍ଥ—2. Name of poem by Arakshita Das.

ଶରୀରଭେଦ ଭଜନ—ଦେ. ବ—ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଚଳିତ
Śarīra bheda bhajana ଯୋଗସାଧନବିଷୟକ ଅର୍ଥାତ
ଶରୀରଭେଦବିଷୟକ ଭଜନ—Hymns regarding metaphysical practice of Joga or breath control.

ଶରୀର ମଣ୍ଡଳ—ଦେ. ବ—(ବିଜ୍ଞାନ ପରିଭାଷା)—ସମସ୍ତ ଅବୟବ—
Śarīra maṇḍala Organism.

ଶରୀରମାଦ୍ୟଂ ଖଳୁ ଧର୍ମ ସାଧନଂ—ସ. ଶ୍ଲୋକାଂଶ;—ଶରୀର ସୁସ୍ଥ
Śarīramādyaṁ khalu dharma ଥିଲେ ଲୋକ ଧର୍ମ
sādhanaṁ ସାଧନ କରିବାକୁ ସମର୍ଥ ହୁଏ—(ତୁଳ ଲାଟିନ୍—
Mens sana in corpore sano. ଇଂ· ପ୍ରବଚନ—
A sound mind in a sound body.)

ଶରୀର ମୂଳକ—ସ. ବଣ—(ବହୁବ୍ରୀହି; ଶରୀର+ମୂଳ+କ; ଶରୀର
Śarīra mūlaka ଅଟେ ମୂଳ ଯାହାର)—୧ । ଶରୀରଜ (ଦେଖ)
1. Śarīraja (See) ୨ । ଦେହ ସମ୍ବନ୍ଧୀୟ—
2. Bodily. ୩ । ଦେହରୁ ଉତ୍ପନ୍ନ—
3. Originating in the body.

ଶରୀର ରକ୍ଷକ—ସ. ବଣ୍. ପୁ·—ଯେ ଦେହକୁ ରକ୍ଷା କରେ—Prote-
Śarīra rakshaka cting the body.
(ଶରୀର ରକ୍ଷିକା—ସ୍ତ୍ରୀ) ବ.—ରାଜା ଆଦିଙ୍କ ଦେହକୁ କୌଣସି
ଅଘାତରୁ ରକ୍ଷା କରିବା ପାଇଁ ନିଯୁକ୍ତ ବ୍ୟକ୍ତି—Body-guard; protector of the body.

ଶରୀର ରକ୍ଷଣ—ସଂ. ବ.(୬ଷ୍ଠୀ ତତ୍)—୧ । ଦେହ ଧାରଣ; ବଞ୍ଚିବା—
Śarīra rakshaṇa 1. Living. ୨ । ଉପଯୁକ୍ତ ଆହାର-
(ଶରୀର ରକ୍ଷା—ଅନ୍ୟରୂପ) ବିହାରଦ୍ୱାରା ଦେହକୁ ସୁସ୍ଥ ରଖିବା—
2. Keeping one's body in health with proper food and exercise. ୩ । ସ୍ୱାସ୍ଥ୍ୟ-
ରକ୍ଷା—3. Hygiene ୪ । ଦେହକୁ ବିପଦ ବା
ଅଘାତ ଆଦିରୁ ରକ୍ଷା କରିବା—4. Protecting the body from danger.

ଶରୀରରକ୍ଷୀ—ସ. ବ. ପୁଂ—ରାଜା ଆଦିଙ୍କ ଦେହକୁ ଶତ୍ରୁର ଆକ୍ରମଣରୁ
Śarīra rakshi ରକ୍ଷା କରିବା ପାଇଁ ନିଯୁକ୍ତ ଭୃତ୍ୟ—Body-guard.

ଶରୀର ଶାସ୍ତ୍ର—ସଂ. ବ(ମ. ପ. ଲୋ)—ଶରୀର ବିଜ୍ଞାନ; ଯେଉଁ ଶାସ୍ତ୍ରରେ
Śarīra śāstra ଶରୀରର ସମସ୍ତ ବିଷୟ ଆଲୋଚିତ ହୋଇଥାଏ
Anatomy.

ଶରୀର ଶୁଦ୍ଧି—ସଂ. ବି. (୬ଷ୍ଠୀ ତତ୍)—୧ । ଦେହଶୁଦ୍ଧି—1. Purification of the body. ୨ । ଶରୀର ସଂସ୍କାର (ଦେଖ)—2. Sarira samskāra (See)
Śarira śuddhi

ଶରୀର ଶୋଧନ—ସଂ. ବି —୧ । (୬ଷ୍ଠୀ ତତ୍) ଦେହକୁ ଶୁଦ୍ଧ କରିବା—1. Purification of the body. ୨ । (ବହୁବ୍ରୀହି) ଯେଉଁ ଔଷଧ ଶରୀରର କୁପିତ ମଳ, ପିତ୍ତ ଓ କଫକୁ ଊର୍ଦ୍ଧ୍ୱ ବା ଅଧୋମାର୍ଗରେ ଦେହରୁ ବାହାର କରି ଦିଏ । (ହି: ଶ)—2. Any medicine which purges off impurities from the body.
Śarira śodhana

ଶରୀର ସଂସ୍କାର—ସଂ. ବି —୧ । (୬ଷ୍ଠୀ ତତ୍) ଦେହକୁ ପରିଷ୍କାର ରଖିବା କର୍ମ—1. Act of cleaning the body. ୨ । ଦେହଶୁଦ୍ଧି—2. Purification of the body. ୩ । ଦେହର ଶୋଭାବୃଦ୍ଧିକରଣାର୍ଥେ ଅଙ୍ଗରାଗାଦି ପ୍ରୟୋଗ; ପ୍ରସାଧନ—3. Toilet. [ବି—ସ୍ନାନ, ଆଚମନ, ପ୍ରାଣାୟାମ, ପ୍ରାୟଶ୍ଚିତ୍ତ ଦ୍ୱାରା ଦେହର ଅନ୍ତଃଶୁଦ୍ଧି ହୁଏ ଏବଂ ଅଙ୍ଗରାଗ ଲେପନ, ସ୍ନାନ, ମାର୍ଜ୍ଜନ, ପ୍ରସାଧନାଦି ଦ୍ୱାରା ଦେହର ବହିଃ ଶୁଦ୍ଧି ହୁଏ ।] ୪ । ଗର୍ଭାଧାନ ଠାରୁ ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ବେଦବିହିତ ଷୋଳ ଗୋଟି ସଂସ୍କାର (ହି. ଶ)—4. The sixteen bodily rites performed in respect of a person from conception till death.
Śarira samskāra

ଶରୀରସ୍ଥ—ସଂ. ବିଣ—(ଶରୀର+ସ୍ଥା ଧାତୁ+କର୍ତ୍ତୃ ଅ) ୧ । ଶରୀରରେ ଅବସ୍ଥିତ—1. Existing in the body ୨ । ଜୀବିତ (ହି.ଶ)—2. Living
Śarirastha

ଶରୀର ହାନି—ସଂ. ବି—୧ । ଶରୀର କ୍ଷୟ (ଦେଖ)—1. Sarira kshaya (See) ୨ । ଦେହର କ୍ଷତି—2. Injury to the body.
Śarira hāni

ଶରୀରାନ୍ତ—ସଂ. ବି (୬ଷ୍ଠୀ ତତ୍)—ମୃତ୍ୟୁ— Death
Śarirānta

ଶରୀରାବରଣ—ସଂ. ବି (୬ଷ୍ଠୀ ତତ୍)—୧ । ଚର୍ମ; ଚମଡା—1 Skin. ୨ । ବର୍ମ; ଢାଲ—2. Armour; shield. ୩ । ଦେହକୁ ଘୋଡ଼ାଇବା ପଦାର୍ଥ—3 A covering for the body. ୪ । ଦେହକୁ ଘୋଡ଼ାଇବା କର୍ମ—4. Covering the body.
Śarirābaraṇa

ଶରୀରାର୍ପଣ - ସଂ. ବି (୬ଷ୍ଠୀ ତତ୍)—କୌଣସି ଉଦ୍ଦିଷ୍ଟ କାର୍ଯ୍ୟରେ ନିଜର ଦେହକୁ ସମର୍ପଣ କରିବା—Offering of one's body to a particular aim or work.
Śarirārpaṇa

ଶରୀରାସ୍ଥି—ସଂ. ବି. (୬ଷ୍ଠୀ ତତ୍)—କଙ୍କାଳ; ଅସ୍ଥି ପଞ୍ଜର— Skeleton
Śarirāsthi

ଶରୀରୀ—ସଂ.ବିଣ.ପୁଂ(ଶରୀର+ଅସ୍ତ୍ୟର୍ଥରେ ଇନ୍, ୧ମା୧ବ)—୧। ଦେହଧାରୀ-1. Assuming a body. ୨ । ମୂର୍ତ୍ତିଧାରୀ—(ଶରୀରିଣୀ—ସ୍ତ୍ରୀ) 2. Corporeal. ବି—୧ । ଦେହୀ; ଜୀବ; ପ୍ରାଣୀ;ଜନ୍ତୁ—1. Animal; creature;being. ୨ । ଆତ୍ମା—2. Soul. ୩ । ଜୀବାତ୍ମା—3. Life. ୪ । ମନୁଷ୍ୟ—4. Human being.
Śariri

ଶରୀ ରେ ଷ୍ଟ- ସଂ. ବି—ଅମ୍ବଗଛ (ହି. ଶ)
Śari(re)shṭa Mango tree.

ଶରୁ—ସଂ. ବି (ଶୃ ଧାତୁ=ବଧ କରିବା+କର୍ତ୍ତୃ. ଉ)—୧ । କ୍ରୋଧ—1. Anger. ୨ । ବଜ୍ର—2.Thunder. ୩ (+କରଣ+ଉ) ଅସ୍ତ୍ର;ଆୟୁଧ—3. Weapon ୪ ବାଣ;ଶର—4. Arrow. ୫ । (+ଭାବ. ଉ) ହିଂସା; ହତ୍ୟା; ମାରଣ (ହି. ଶ)—5. Killing. ସଂ. ବିଣ—୧ । ହିଂସ୍ରକ (ହି. ଶ)—Ferocious. ଦେ. ବିଣ (ସଂ. ଶର; ଶରବତ୍)—୧ । ନକଅଁ; ସୂଚ୍ୟଗ୍ରବିଶିଷ୍ଟ; ସୂଚ୍ୟାଗ୍ର—1. Sharp-pointed. ୨। ସୂକ୍ଷ୍ମ—2. Slender;fine. ୩। ଅପ୍ରଶସ୍ତ—3. Narrow. ୪ । ଲମ୍ବା ଓ ପତଳା—4. Thin and long. ୫ । ସରୁ ଇତ୍ୟାଦି (ଦେଖ)—5. Saru etc. (See)
Śaru
ଶଙ୍କ
ଶାଙ୍କ

ଶରୁଆ —ଦେ. ବିଣ —ସୂକ୍ଷ୍ମ—
Śaruā Slender.

ଶରୁଆ ସଜ—ଦେ. ବିଃ. ପୁଂ—୧ । କ୍ଷୀଣଦେହ (ପୁରୁଷ)—1. Slender-bodied (man). ସ୍ତ୍ରୀ—ରୋଗାପଟକା ୨ । କ୍ଷୀଣଦେହା, (ସ୍ତ୍ରୀ)—2. A Slender woman. ୩ । ଚପଳା ବା ନଷ୍ଟା ସ୍ତ୍ରୀ—3. A loose or fickle woman. [ଉ—'ଭୁ ମୋତେ ବୋଲୁଛୁ ଶରୁଆ ସଜ, ଘରବାସ କରି ନ ଯା'—ଛଗ ।]
Śaruā saja
ଦୁବଳା ପତଳା

ଶରୁ ମୋଟ(ଟା)—ଦେ. ବିଣ—ସରୁ ମୋଟ (ଦେଖ)
Śaru moṭa(ṭā) Saru moṭa (See)

ଶରେଜ—ସଂ. ବି (ଶରେ=ଶରବଣରେ+ଜନ ଧାତୁ+କର୍ତ୍ତୃ. ଅ)—ଶରଜନ୍ମା; କାର୍ତ୍ତିକେୟ—Kārttikeya,
Śareja

ଶର୍କର - ସଂ. ବି (ଶୃ ଧାତୁ=ବଧ କରିବା; ନଷ୍ଟ ହେବା+କର୍ତ୍ତୃ. ଅ)—୧ । କଙ୍କର—1. Gravel; pebbles. ୨ । ବାଲୁକା କଣା—2. Grains of sand. ୩ । ଜଳଜ ପ୍ରାଣୀ ବିଶେଷ—3.A kind of aquatic animal. ୪ । ପୌରାଣିକ ଦେଶ ବିଶେଷ—4. Name of a mythological country. [ବି—ଏହା କୂର୍ମଚକ୍ରର ପୃଚ୍ଛଭାଗରେ ଅବସ୍ଥିତ—(ହି. ଶ) ।] ୫ । ଉକ୍ତ ଦେଶବାସୀ ବ୍ୟକ୍ତି—5. A resident of the above country. ୬ । ଶର୍କରା (ଦେଖ)—6. Śarkarā (See)
Śarkara

ଶର୍କରକ -ସଂ. ବି (ଶର୍କର+କ)—ମିଠାଲେମ୍ବୁ; ମିଠାକମଳା—
Śarkaraka Sweet orange.

ଶର୍କର କନ୍ଦ—ସଂ. ବି—ମିଠା ଆଳୁ; ଶକରକନ୍ଦ ଆଳୁ; ଏକପ୍ରକାର ସୁସ୍ୱାଦୁ ଲତାକନ୍ଦ—The sweet potato; Convolvolus Batatas; Ipomœa Batatas. [ବି—ଏହା ଦୁଇ ପ୍ରକାର । ଏକପ୍ରକାରର ମୂଳ ନାଲି ଓ ଅନ୍ୟ ପ୍ରକାରର ମୂଳ ଧଳା । ଉଭୟ ପ୍ରକାରର ସ୍ୱାଦ ମିଠା । ଶତକଡ଼ା ୧୦।୧୨ ଭାଗ ଶର୍କରା ଓ ୧୬ ଭାଗ ଶ୍ୱେତସାର ଏଥିରେ ଥାଏ ।]
Śarkara kanda

ଶର୍କରଜା—ସଂ. ବି (ଶର୍କର+ଜନ ଧାତୁ+କର୍ତ୍ତୃ. ଅ+ଆ)—ଚିନି;
Śarkarajā ମିଛାଖଣ୍ଡ (ଶବ୍ଦକୋଷ)—Powdered sugar.

ଶର୍କରା—ସଂ. ବି (ଶୃ ଧାତୁ=ବଧ କରିବା, କଷ୍ଟ ଦେବା+କର୍ତ୍ତୃ. କର+ଅ)—(ତୁଳନା କର—ଶର୍କରାର ଲାଟିନ୍ ନାମ ପ୍ରଥମ ଅର୍ଥର ଅନ୍ୟ ସଂ. ନାମ— ସକ୍କାରମ୍; ଗ୍ରୀକ୍‌ଭାଷା—ସକ୍କର; ଶର୍କର; ସୀତା, ଶୁକ୍ଳୋପଳା, ଶୁକ୍ଳା, ଫେରନ୍ଶ—ସକ୍କର୍; ଅରବୀ—ମତ୍ସ୍ୟଣ୍ଡିକା, ଖଣ୍ଡା, ସିତା, ଶକ୍କର; ଇଂରେଜୀ—ସୁଗର) ମତ୍ସ୍ୟଣ୍ଡିକା, ଅହ୍ନଚ୍ଛଟା, ସୁଶିତକା,
Śarkarā ୧ । ଚିନି; ଖଣ୍ଡ; କନ୍ଦ; ଗୁଡ଼ଆଦି ଇକ୍ଷୁବିକାର—ଶବ୍ଦକୋଷ । ମିଷ୍ଟ ପଦାର୍ଥ—1. Sugar.
୨ । ଖର୍ପର ଖଣ୍ଡ; ଖପର; ହାଣ୍ଡି ଆଦିର ଭଙ୍ଗା ଖଣ୍ଡ—2. Potsherd. ୩ । ପଦାର୍ଥର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—3. Small bits or pieces. ୪ । କଙ୍କର—4. Gravel. ୫ । ରୋଗ ବିଶେଷ; ମଧୁମେହ—5. A disease; sugar in the urine; ୬ । ଅଶ୍ମରୀ; ପଥୁରି ନାମକ ରୋଗ—6. Stone in the bladder.
୭ । ତ୍ରିଦୋଷ ଯୋଗୁ ମାଂସ, ଶିରା ଓ ସ୍ନାୟୁରେ ଗ୍ରନ୍ଥି ଉତ୍ପନ୍ନ ହେବା ରୋଗ (ଉକ୍ତ ଗ୍ରନ୍ଥିରୁ ଘିଅ, ମଧୁ ଓ ଚର୍ବିପରି ପୂଜ ବାହାରେ (ସୁ. ଶ)—7. A disease in which there grow knots inside the body.

ଶର୍କରାଚଳ—ସଂ ବି.—ଦାନାର୍ଥ ଗଦାଭାବରେ ଜମା ହୋଇଥିବା
Śarkarāchala ଶର୍କରା—A big heap of sugar gathered for being given away to Brahmanas.

ଶର୍କରା ଧେନୁ—ସଂ. ବି.—ଦାନାର୍ଥେ ଶର୍କରା ନିର୍ମିତ ଧେନୁ—Sugar
Śarkarā dhenu made into the shape of a cow and intended to be given away to Brahmans.

ଶର୍କରା ମେହ(ପ୍ରମେହ)—ସଂ. ବି.— ମଧୁମେହ
Śarkarā meha(prameha) Sugar in the urine.

ଶର୍କରା ସପ୍ତମୀ—ସଂ. ବି. ବୈଶାଖ ଶୁକ୍ଳ ସପ୍ତମୀ—The 7th day of
Śarkarā saptamī the bright lunar fortnight of Baiśākha. [ଦ୍ର—ଏଥିରେ ସୂର୍ଯ୍ୟଙ୍କ ପୂଜା କରାଯାଏ ଓ ତାଙ୍କର ସମ୍ମୁଖରେ ଘଟରେ ଶର୍କରା ପୂର୍ଣ୍ଣ କରି ରଖାଯାଏ —(ସୁ. ଶ)

ଶର୍କରାସବ—ସଂ. ବି.—ଗୁଡ଼ ଆଦିରୁ ପ୍ରସ୍ତୁତ ମଦ—Spirituous
Śarkarāsaba liquor distilled from sugar. [ଦ୍ର—ଏହା ଅମ୍ଳପିତ୍ତ, ରକ୍ତପିତ୍ତ, କାମଳ, ଶ୍ୱାସ, ପାଣ୍ଡୁ, ବାୟୁ ଆଦି ରୋଗରେ ବ୍ୟବହୃତ ହୁଏ ।]

ଶର୍କରିକ(ଲ)—ସଂ. ବିଣ—(ଶର୍କରା+ଇକ, ଇଲ)-୧ । ଶର୍କରା ବିଶିଷ୍ଟ—
Śarkarika(la) 1. Sugary; sugared. ୨ । କଙ୍କରମୟ 2. Gravelly.

ଶର୍କରୀ—ସଂ ବି.—(ଶର୍କରା+ଈ) —୧ । ସଂସ୍କୃତ ଛନ୍ଦୋବିଶେଷ—
Śarkarī 1. Name of a Sanskrit metre. [ଦ୍ର— ଏହା ୧୦ ଅକ୍ଷରର ବୃତ୍ତ । ଏହାର ୧୩ ମୁଖ୍ୟ ଭେଦ ଅଛି ହି. ଶ] ୨ । ନଦୀ—2. River. ୩ । ମେଖଳା—3. Waist band; girdle. ୪ । ଲେଖନୀ; କଲମ—4. Pen.

ଶର୍କରୀୟ—ସଂ. ବିଣ—(ଶର୍କରା+ଈୟ)—ଶର୍କରା ସମ୍ବନ୍ଧୀୟ—
Śarkarīya Relating to sugar;

ଶର୍କରୋଦକ—ସଂ ବି.—(ଶର୍କରା ମିଶ୍ରିତ ଉଦକ, ମ.ପ. ଲୋ)—ଚିନି
Śarkarodaka ଆଦି ମିଶ୍ରିତ ଜଳ; ପଣା; ସର୍ବତ—Water or drink sweetened with sugar, sugared drink. [ଦ୍ର—ଏଥିରେ ଅଳାଇଚ, ଲବଙ୍ଗ, କର୍ପୂର ଓ ଗୋଲମରିଚ ଗୁଣ୍ଡା ମିଶାଯାଏ । ବୈଦ୍ୟକ ମତରେ ଏହା ବଳ ବର୍ଦ୍ଧକ, ରୁଚିକାରକ, ବାୟୁ ପିତ୍ତ ଓ ରକ୍ତ ଦୋଷ ନାଶକ ଓ ବମନ; ମୂର୍ଚ୍ଛା, ଦାହ ଓ ତୃଷା ପ୍ରଶମକ—ହି.ଶ]

ଶର୍କୋଟି—ସ. ବି—ସାପ (ହି.ଶ)
Śarkoṭi Serpent.

ଶର୍ଦ୍ଧ—ସ. ବି—(ଶୃଧୁ ଧାତୁ=ଅପାନ ବାୟୁ ତ୍ୟାଗ କରିବା+ଅ)—୧ ।
Śarddha ସଶବ୍ଦ ଅପାନ ବାୟୁ ତ୍ୟାଗ; ବାତକର୍ମ; ପାଦିବା —Breaking wind; loud expulsion of wind through the anus. ୨ । ଆର୍ଦ୍ରତ୍ୱ—2. Dampness. ୩ । ତେଜ (ଶବ୍ଦକୋଷ) 3. Energy
(ଶର୍ଦ୍ଧନ—ଅନ୍ୟରୂପ)

ଶର୍ଦ୍ଧଂଜହ—ସଂ.ବିଣ.ପୁଂ---(ଶର୍ଦ୍ଧଂ=ଅପାନ ବାୟୁକୁ+ହା ଧାତୁ=ତ୍ୟାଗ
Śarddhaṁjaha କରିବା+କର୍ତ୍ତୃ ଅ)—୧ । ଶବ୍ଦ ସହକାରେ ବାତକର୍ମକାରୀ; ପାଦୁରା—1. Given to breaking wind loudly; expelling wind loudly through the anus. ୨ । (+କରଣ. ଅ) ମାଷ; ବିରି—2. A kind of pulse; Phaseolus Radiatus; Dolichos Polisus. ୩ । ଯେଉଁ ଦ୍ରବ୍ୟ ସେବନ କଲେ ମଳ ଦ୍ୱାର ବାଟେ ବାୟୁ ନିଃସାରିତ ହୁଏ (ଶବ୍ଦକୋଷ)—3. A thing which causes wind to escape through the anus.
(ଶର୍ଦ୍ଧଞ୍ଜହ—ଅନ୍ୟରୂପ, ଶର୍ଦ୍ଧଂଜହା—ସ୍ତ୍ରୀ)

ଶର୍ବ (ଧାତୁ)—ସଂ —ବଧ କରିବା
Śarbb (root) To kill

ଶର୍ବ—ସଂ ବି. ପୁଂ—(ଶର୍ବଧାତୁ=ବଧ କରିବା+କର୍ତ୍ତୃ ଅ)— ୧ । ମହାଦେବ; ଶିବ—Śiba. ୨ । ବିଷ୍ଣୁ—2 Bishṇu.
Śarbba ୩ । (+ଭାବ.ଅ) ହିଂସା—3.Injury. ୪ । ଗତି (ଶବ୍ଦକୋଷ)—4. Motion.
(ଶର୍ବାଣୀ—ସ୍ତ୍ରୀ)

ଶର୍ବଣ ଗ୍ରା ବି.—(ସଂ ଶ୍ରବଣ)—ଶ୍ରବଣ (ଦେଖ)
Śarbaṇa सरवन Śrabaṇa (see)

ଶର୍ବଣ କରିବା—ଗ୍ରା କ୍ରି.—(ସଂ ଶ୍ରବଣ)—ଶୁଣିବା; ଶ୍ରବଣ କରିବା ।
Śarbaṇa karibā सरवन करना To hear.

ଶର୍ବଣା – ଗ୍ରା. ବି.—(ସଂ ଶ୍ରବଣା)—ଶ୍ରବଣା (ଦେଖ)
Śarbaṇā Śrabaṇā (See)

ଶର୍ବନା – ପ୍ରାଦେ (ସମ୍ବଲପୁର) ବି (ସଂ. ଶ୍ରାବଣ)—ଶାରଗୁଣୀ ଘାସ(ଦେଖ)
Śarbanā A kind of weed. (ଯଥା—
ଖେତ ଜଗାଏ ଶର୍ବନା, ଗାଁ ଜଗାଏ ବାମନା—ଲୋକ ।)
(ଶରବନା—ଅନ୍ୟରୂପ)

ଶର୍ବର –ସଂ ବି. (ଶୃ ଧାତୁ + ଅଧିକରଣ ଅ) ୧ । ଅନ୍ଧକାର—1. Dark-
Śarbbara ness. ୨ । ସନ୍ଧ୍ୟା—2. Evening. ୩ (+କର୍ତ୍ତୃ ଅ)
କାମଦେବ—3 Cupid. ୪ । ନାରୀ ଜାତି (ଶବ୍ଦକୋଷ)—4. Womankind

ଶର୍ବରୀ —ସଂ ବି. ସ୍ତ୍ରୀ —(ଶୃ ଧାତୁ + ଅଧି.କର + ଈ)—୧ । ରାତ୍ରି—1
Śarbbarī Night. ୨ । ସନ୍ଧ୍ୟା—2. Evening. ୩ ।
ହରିଦ୍ରା—3. Turmeric. ୪ । ସ୍ତ୍ରୀ; ନାରୀ—
4. Woman. ୫ । (ପୁଂ; ଶର୍ବର + ଇନ୍) ବାର୍ହସ୍ପତ୍ୟ
ସମ୍ବତ୍ସର ବିଶେଷ—5. Name of a year of the
Jupiter. [ଦ୍ର—ଏଥିରେ ପୃଥିବୀରେ ଦୁର୍ଭିକ୍ଷର ଭୟ
ହୁଏ—ହି. ଶ]

ଶର୍ବରୀକ—ସଂ ବିଣ—ଅନିଷ୍ଟକାରକ (ହି ଶ)
Śarbbarika Injurious

ଶର୍ବରୀକର—ସଂ ବି—ବିଷ୍ଣୁ
Śarbbarīkara Bishnu

ଶର୍ବରୀଦୀପକ— ସଂ ବି.—(ଷଷ୍ଠୀତତ୍) – ଚନ୍ଦ୍ର
Śarbbarīdīpaka The moon
(ଶର୍ବରୀଶ—ଅନ୍ୟରୂପ)

ଶର୍ବରୀପତି—ସଂ ବି—(ଷଷ୍ଠୀ ତତ୍)—୧ । ଚନ୍ଦ୍ର—1. The moon.
Śarbbarīpati ୨ । ମହାଦେବ—2. Śiba

ଶର୍ବଲା—ସଂ ବି—(ଶର୍ବଧାତୁ=ବଧ କରିବା + କରଣ ଅଲ + ଆ)—
Śarbbaḷā ୧ । ଗାବଲ—1. Crowbar. ୨ । ତୋମରାସ୍ତ୍ର—2.A
long pointed weapon.
(ଏଥିର ଅନ୍ୟରୂପ ସର୍ବଲା)

ଶର୍ବାଣୀ—ସଂ. ବି. ସ୍ତ୍ରୀ (ଶର୍ବ=ମହାଦେବ+ସ୍ତ୍ରୀ. ଅନୀ)—ଗୌରୀ,
Śarbbāṇi (ଶର୍ବ—ପୁଂ) ପାର୍ବତୀ—Pārbati.

ଶର୍ବନା—ପ୍ରାଦେ. (ସମ୍ବ. ପୁର) ବି (ସଂ ଶ୍ରାବଣ)—ଶାରଗୁଣୀ ଘାସ
Śarbbanā (ଦେଖ)—A kind of weed. (ଯ—ଖେତ
ଜଗାଏ ଶର୍ବନା, ଗାଁ ଜଗାଏ ବାଁମନା—ଲୋକ ।)

ଶର୍ମ – ଗ୍ରା. ବି—୧ । (ସଂ. ଶ୍ରମ)—ଶ୍ରମ (ଦେଖ)—Śrama (See).
Śarma ବୈଦେ. ବି—୨ । ସରମ୍ (ଦେଖ)—2. Saram
(See). ସଂ. ବି (ଶୃ ଧାତୁ+କର୍ତ୍ତୃ ମନ; ଶର୍ମନ୍ ଶବ୍ଦ, ୧ମା
୧ବ)—୧ । କଲ୍ୟାଣ; ସୁଖ—1. Blessing; bliss;
happiness. (ଯଥା—ଶର୍ମ ଏପରି ସ୍ୱପ୍ନ ହୋଇଲା
ଅସି—କବିସୂର୍ଯ୍ୟ ଚନ୍ଦ୍ରକଳାଲୋଳ ।) ୨ । ମଙ୍ଗଳ—
2. Prosperity. ୩ । ସଙ୍ଗସୁଖ—3. Pleasures
of companionship. (ଯ—କେ ରସବନ୍ତ ଦର୍ପ
ଜାଣିଲା, ଦର୍ପ ହର କୃଷ୍ଣ ଶର୍ମ ଘେନିଲା—ରସକଲ୍ଲୋଳ ।)
୪ । ଗୃହ; ଘର (ହି. ଶ)—4. House; residence.
୫ । ସୁଖୀ ବ୍ୟକ୍ତି—5. A happy person

ଶର୍ମଦ —ସଂ. ବିଣ (ଶର୍ମନ୍ + ଦା ଧାତୁ + କର୍ତ୍ତୃ ଅ)—ସୁଖଦାୟକ—
Śarmada Blissful; causing happiness.
(ଶର୍ମଦା – ସ୍ତ୍ରୀ) ବି. ପୁଂ – ବିଷ୍ଣୁ —Bishṇu.

ଶର୍ମନ୍—ସ. ଶବ୍ଦ (ଶୃ ଧାତୁ + ମନ୍)—ଶର୍ମା (ଦେଖ)—
Śarman Śarmā (See)

ଶର୍ମପ୍ରଦ—ସଂ. ବିଣ (ଶର୍ମନ୍ + ଦା ଧାତୁ+କର୍ତ୍ତୃ ଅ)—ସୁଖପ୍ରଦ—
Śarmaprada Ministering to one's happiness.
(ଶର୍ମପ୍ରଦା—ସ୍ତ୍ରୀ)

ଶର୍ମବାନ୍—ସଂ. ବିଣ. ପୁଂ (ଶର୍ମନ୍ + ବତ୍, ୧ମା ୧ବ)—୧ । ସୁଖୀ—
Śarmabān 1. Happy. ୨ । ଭାଗ୍ୟବାନ—
(ଶର୍ମବତୀ—ସ୍ତ୍ରୀ) 2. Fortunate; lucky.

ଶର୍ମର —ସଂ. ବି—୧ । ଏକପ୍ରକାର ବସ୍ତ୍ର (ହି. ଶ)—1. A kind of
Śarmara cloth. ସଂ. ବିଣ—ସୁଖଦାୟକ
(ଶବ୍ଦକୋଷ)—Giving pleasure or happiness.

ଶର୍ମରା(ରୀ)—ସଂ. ବିଣ. ସ୍ତ୍ରୀ [ଶର୍ମର + ସ୍ତ୍ରୀଆ; ଈ]—ଶର୍ମରର ସ୍ତ୍ରୀଲିଙ୍ଗ—
Śarmarā(ri) Feminine of Śarmara.
ସଂ. ବି—ଦାରୁହରିଦ୍ରା—Cascinium Fenestratum (root).

ଶର୍ମା - ସଂ. ବି. ପୁଂ (ଶୃ ଧାତୁ=ନାଶକରିବା + ମନ୍; ଶର୍ମନ୍ ୧ମା ୧ବ;
Śarmā ଯେ କୁଳୁଜ୍ଞାନଦ୍ୱାରା ଅମଙ୍ଗଳକୁ ନାଶ କରନ୍ତି)—
୧ । ବ୍ରାହ୍ମଣଙ୍କ ଉପନାମ ବା ବଂଶୋପାଧି ପରେ ଯୁକ୍ତ ଉପାଧି-
1. An appellation added to the name
and family title of a Brāhmaṇa. [ଯଥା-
ଅମୁକ ମିଶ୍ରଶର୍ମା; ଅମୁକ ଦାଶଶର୍ମା; ଅମୁକ ଦେବଶର୍ମା]
[ଦ୍ର—ସାଧାରଣତଃ ବ୍ରାହ୍ମଣମାନଙ୍କ
ବଂଶଗତ ଉପାଧି ପରିବର୍ତ୍ତେରେ ଶାଖାଗତ ଉପାଧି (ଯଥା—
ଦେବ, ଦାଶ, କର, ଧର) ପରେ ଶର୍ମା ଶବ୍ଦ ବ୍ୟବହୃତ
ହୁଏ । ଛତ୍ରିସ୍ମାନଙ୍କ ଉପାଧି ବର୍ମା ।] ସଂ ବିଣ—ସୁଖୀ
[ପ୍ରକୃତିବାଦ]—Happy. ଦେ. ବି—୧ । ବ୍ରାହ୍ମଣ
ଶର୍ମା ଶାମା ମାତ୍ର—1. Any Brahman. ୨ ।
ମୁଁ ସ୍ୱୟଂ—2. I myself. (ଯଥା—ଅପଣ ସିନା
ମୋତେ ଭୁଲିଯାଇଛନ୍ତି, ଦାସ ଶର୍ମା ଭୁଲିବା ଲୋକ
ନୁହନ୍ତି ।)

ଶର୍ମାକ୍ଷ —ସ ବି—ମସୁର (ହି. ଶ)—
Śarmāksha Dolichos Sinensis.

ଶର୍ମିଲ – ସଂ. ବିଣ ଶର୍ମା + ଇଲ, ଯୁକ୍ତାର୍ଥେ) —ଶର୍ମାଉପାଧିଯୁକ୍ତ ବ୍ରାହ୍ମଣ-
Śarmiḷa A class of Brahmans having
Śarmā as their surname. (ଯ—
ସେଠାରେ ରହିଛନ୍ତି ଶର୍ମିଳ ବ୍ରାହ୍ମଣ, ତାହାଙ୍କୁ
ମୋର ସର୍ମାଟକୁ ସେବନଅଣ—କୃଷ୍ଣସିଂହ ମହାଭାରତ.
ଅନୁଶାସନ ।)

ଶର୍ମିଷ୍ଠା--ସଂ. ବି. ସ୍ତ୍ରୀ--ରାଜା ଯଯାତିଙ୍କର ସାନ ରାଣୀ--The younger-
Śarmishṭhā wife of King Jajāti. (ଦ୍ର—ଏ
ଦୈତ୍ୟପତି ବୃଷପର୍ବାଙ୍କ କନ୍ୟା ଓ ରାଜା ଯଯାତିଙ୍କ କନିଷ୍ଠା
ପତ୍ନୀ । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କର ଏ

ହୋଇ ଥିଲେ । ଏକଦା ଇନ୍ଦ୍ରଙ୍କ ସ୍ନାନାର୍ଥ ଯାଇଥିଲେ ଏବଂ ସ୍ନାନାନ୍ତେ ଭ୍ରମବଶତଃ ଦେବଯାନୀ ଶର୍ମିଷ୍ଠାଙ୍କ ଲୁଗାକୁ ପିନ୍ଧିପକାଇବାରୁ ଶର୍ମିଷ୍ଠା ଏହାଙ୍କ ଉପରେ କ୍ରୁଦ୍ଧା ହୋଇ ଏହାଙ୍କୁ ପ୍ରହାରକଲେ ଏବଂ ଗୋଟିଏ କୂପରେ ଝିକ୍ଷେପକଲେ । ରାଜା ଯଯାତି ଦୈବକ୍ରମେ ସେ କୂପକାଟେ ଯାଉ ଯାଉ ଦେବଯାନୀଙ୍କୁ ଉଦ୍ଧାର କଲେ । ଦେବଯାନୀ ଏ ବିଷୟ ପିତା ଶୁକ୍ରାଚାର୍ଯ୍ୟଙ୍କୁ କହିବାରୁ ସେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଦୈତ୍ୟପତିଙ୍କ ରାଜ୍ୟ ପରିତ୍ୟାଗ କରିବାକୁ ଉଦ୍ୟତ ହେଲେ । ତହୁଁ ତାଙ୍କ କ୍ରୋଧକୁ ଶାନ୍ତ କରାଇବା ପାଇଁ ବୃଷପର୍ବା କନ୍ୟା ଶର୍ମିଷ୍ଠାଙ୍କୁ ଦେବଯାନୀଙ୍କ ପରିଚାରିକାରୂପେ ଶଟିବାକୁ ନିଯୁକ୍ତ କଲେ । ଦେବଯାନୀ ଯଯାତିଙ୍କୁ ବିବାହ କରି ଯଯାତିଙ୍କ ନଗରକୁ ଯିବା ସମୟରେ ଶର୍ମିଷ୍ଠା ତାଙ୍କ ସଙ୍ଗେ ଦାସୀରୂପେ ଗଲେ ଓ ଯଯାତି ତାଙ୍କ ରୂପରେ ମୁଗ୍ଧ ହୋଇ ତାଙ୍କୁ ଗୋପନରେ ବିବାହ କଲେ । ଏହି ବିବାହରେ ଶର୍ମିଷ୍ଠାଙ୍କ ଗର୍ଭରୁ ଯଯାତିଙ୍କ ଔରସରେ ଦ୍ରୁହ୍ୟୁ, ଅନୁ ଓ ପୁରୁ ନାମକ ତିନି ପୁତ୍ର ଜାତ ହେଲେ ଓ ସେମାନଙ୍କ ମଧ୍ୟରୁ ପୁରୁ ଯଯାତିଙ୍କ ସିଂହାସନରେ ବସିଲେ ।] ଦେ. ବି— ଅଧୁନିକ ଯୁଗର ଓଡ଼ିଆ କବି ରାୟସାହେବ ନନ୍ଦକିଶୋର ବଳଙ୍କ ରଚିତ ପଦ୍ୟ କାବ୍ୟ (ଏଥିରେ ଶର୍ମିଷ୍ଠା ଓ ଯଯାତିଙ୍କ ବିଷୟ ବର୍ଣ୍ଣିତ ହୋଇଅଛି)—Name of a poem by the modern poet late Rāi Sāhib Nandakishore Baḷa.

ଶର୍ଯ୍ଜ(ର୍ଯ୍ୟ)—ସଂ. ବି (ଶ ଧାତୁ+କର୍ତ୍ତୃ ଅ)—ଯୋଦ୍ଧା (ହି· ଶ)—
Sarja(rjya) Warrior.

ଶର୍ଯ୍ୟା(ର୍ଜା)—ସଂ. ବି. ସ୍ତ୍ରୀ (ଶୃ ଧାତୁ=ହିଂସାକରିବା+ଅଧିକରଣ ଯ+ସ୍ତ୍ରୀ. ଆ)—ରାତ୍ରି—The night.
Sarjyā(jā)

ଶର୍ଯ୍ୟା(ର୍ଯ୍ୟା)ତ—ସଂ. ବି—ମନୁଷ୍ୟ (ହି· ଶ)—
Sarjā(rjyā)ta Man.

ଶର୍ଯ୍ୟା(ର୍ଜା)ତି—ସଂ. ବି—ବୈବସ୍ୱତ ମନୁଙ୍କ ପୁତ୍ର ରାଜାବିଶେଷ—
Sarjyā(jā)ti Name of a king who was the son of Baibaswata Manu. [ଦ୍ର— ଏ ରାଜା ବୈବସ୍ୱତମନୁଙ୍କ ପୁତ୍ର । ଏକଦା ଏ ସୈନ୍ୟସାମନ୍ତ ସହ ଚ୍ୟବନ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ ଓ ସେଠାରେ ଏହାଙ୍କ କନ୍ୟା ସୁକନ୍ୟା ବାଲ୍ୟଚପଳତା-ବଶତଃ ଚ୍ୟବନଙ୍କ ଆଖି ଫୁଟାଇଦେବାରୁ ମୁନିବର କ୍ରୁଦ୍ଧ ହୋଇ ଏହାଙ୍କ ସୈନ୍ୟ ସାମନ୍ତଙ୍କ ମଳତ୍ୟାଗ ବନ୍ଦ କରିଦେଲେ । ଅବଶେଷରେ ମୁନିଙ୍କର କ୍ରୋଧ ଶାନ୍ତିପାଇଁ ଶର୍ଯ୍ୟାତି ଆପଣା କନ୍ୟାଙ୍କୁ ଚ୍ୟବନଙ୍କ ସହିତ ବିବାହ କରାଇଥିଲେ ।]

ଶର୍ଶରିକ—ସଂ. ବିଣ. ପୁଂ—(ଶୃ ଧାତୁ=ହିଂସା କରିବା—+ଅତିଶଯ୍ୟାର୍ଥେ ଦ୍ୱିତ୍ୱ+ଇକ)—ହିଂସ୍ର; ଖଳ—
Sarśarika
[ଶର୍ଶରିକା—ସ୍ତ୍ରୀ] Deceitful; wicked; malicious.
ବି—୧ । ଖଳ ବ୍ୟକ୍ତି—1. A wicked person; a rogue. ୨ । ଅଶ୍ୱ—2. Horse. ୩ । ମଙ୍ଗଳାଚରଣ—3. Decorating a house or person in token of some festivity. ୪ । ଅଗ୍ନି—4. Fire.

ଶର୍ଷପ—ସଂ. ବି—ସୋରିଷ; [ସର୍ଷପର ଅନ୍ୟରୂପ (ଶବ୍ଦ ରତ୍ନାବଳୀ)]—
Sarshapa Mustard

ଶଲ୍(ଲ୍) [ଧାତୁ]—ସଂ.—ଗମନ କରିବା—
Sal(l) root To go.

ଶଲ(ଲ)—ସଂ. ବି—(ଶଲ୍ ଧାତୁ+କର୍ତ୍ତୃ. ଅ)—୧ । ଝିଙ୍କ କାଠି;
Sala(la) ଶଲ୍ଲକୀ ଲୋମ—1. The spines of a porcupine; the quills of a porcupine. ୨ । ବ୍ରହ୍ମା—2. God Brahmā. ୩ । ଉଷ୍ଟ୍ର—3. Camel. ୪ । ଭଲ୍ଲ ଅସ୍ତ୍ର; ବର୍ଚ୍ଛା—4. Javelin. ୫ । କ୍ଷେତ୍ର ବିଶେଷ (ବିଶ୍ୱକୋଷ)—5 A sort of field. ୬ । ବୃକ୍ଷ ବିଶେଷ (ହି· ଶ)—6 A kind of tree. ୭ । କଂସର ଜଣେ ମଲ୍ଲର ନାମ [ହି. ଶ]—7. Name of an athlete of demon Kamsa. ୮ । କଂସର ଅମାତ୍ୟ ବିଶେଷ [ହି. ଶବ୍ଦସାଗର]—8 Name of a minister of Kamsa. ୯ । ବାସୁକି ବଂଶୀୟ ନାଗ ବିଶେଷ—9. Name of a serpent of the family of Bāsuki. ୧୦ । ଶାନ୍ତନୁ ରାଜପୁତ୍ର (ବିଶ୍ୱକୋଷ)—10 Name of a son of Śāntanu. ୧୧ । ଶଲ୍ୟ ରାଜ [ହି. ଶ]—11 A name of king Śalya. ୧୨ । ତାଳ ବୃକ୍ଷ [ବିଶ୍ୱକୋଷ]—12 Palm tree. ୧୩ । ଶିବାନୁଚର ଭୃଙ୍ଗୀ (ହି· ଶ)—13 A name of Bhṛungi ୧୪ । ଧୃତରାଷ୍ଟ୍ରଙ୍କ ଏକପୁତ୍ର (ହି· ଶ)—14 Name of a son of Dhṛutarāshṭra. ୧୫ । ସୋମଦତ୍ତଙ୍କ ପୁତ୍ର(ବିଶ୍ୱକୋଷ)—15.Son of Somadatta.
ଦେ· ବି—(ସଂ. ଶଲ୍ୟ)—୧ । ବାଧା; ବିଘ୍ନ—1. Obstacle. ୨ । ଅନିଷ୍ଟକାରୀ ବ୍ୟକ୍ତି—2. An injurious person. ୩ । ମନ୍ଦ; ଅମଙ୍ଗଳ—3. Adversity. ୪ । କଣ୍ଟକ; କଣ୍ଟା—4. A pin; a thorn. [ଦ୍ର— ଛନ୍ଦମ ଅନୁମାନ କଲ, ହୃଦକୁ ହୋଇଲା ଏ ଶଲ— ଉପଇ. ପ୍ରେମ ପଞ୍ଚାମୃତ ।] ୫ । ଶତ୍ରୁ—5. Enemy. [ଦ୍ର—ଏ ଅନ୍ତେ ମଙ୍ଗଳ ମୁଷଳ,
ପୃଥୀକି ହୋଇବେ ସେ ଶଲ । ଜଗନ୍ନାଥ ଭାଗବତ ।
ଅସିକ ମୋହରକା ମୁଷଲ,
ପୃଥୀକି ହୋଇବ ସେ ସଲ । ମାଳକା] ଦେ. ବିଣ— ୧ । ମନ୍ଦ—1. Bad. [ଯଥା—ଭଲ କହିଲେ ଶଲ ବୁଝେ--ଚଗ ।] ୨ । ଶତ୍ରୁଭାବାପନ୍ନ—2. Inimical. ୩ । ଅମଙ୍ଗଳକାରୀ; ଅନିଷ୍ଟକାରୀ—3. Injurious; hurtful. [ଦ୍ର—ଯେ ମୋର ନ କରିବ ବୋଲ, ସେହି ମୋହର ଶତ୍ରୁ ଶଲ । ଜଗନ୍ନାଥ. ଭାଗବତ ।]

କାଁଟା
ସଲ

ଶଲକ—ସଂ. ବି—(ଶଲ ଧାତୁ+କର୍ତ୍ତୃ. ଅକ)—୧ । ଲୁତା; ମାକଡ଼ସା-
Śalaka 1, Spider. ୨ । ତାଳ ବୃକ୍ଷ—2. Palm tree.
୩ । ଝିଙ୍କ କାଠି—3. The quills of porcupine.

ଶଲକୀ—ଦେ. ବି.—(ସଂ. ଶଲ୍ଲକୀ)—ଝିଙ୍କ—
Śalakī Porcupine.
[ପ୍ର—ବିବରେ ହେଲା ଅଦୃଶ୍ୟ ଶଲକୀ ସ୍ୱ ଶଲବର, ଝାଡ଼ ଝାଡ଼ ବ ଲେଖ ଗନ୍ଧ ପ୍ରଚଣ୍ଡେ ।
ଉପେ. ବୈଦେହୀଶବିଳାସ ।]

ଶଲଙ୍ଗ—ସଂ. ବି (ଶଲ୍ ଧାତୁ+କର୍ତ୍ତୃ. ଅଙ୍ଗ)—୧ । ଲୋକପାଳ; ରାଜା
Śalaṅga (ବିଶ୍ୱକୋଷ)—1. King; ruler; governor.
୨ । ଲବଣ ବିଶେଷ (ବିଶ୍ୱକୋଷ)—2. A kind of salt.

ଶଲଭ—ସଂ. ବି (ଶଲ୍ ଧାତୁ+କର୍ତ୍ତୃ. ଅଭ)—୧ । ପତଙ୍ଗ; ପଙ୍ଗପାଳ;
Śalabha ଫିଙ୍ଗିକା—1. Locust; grasshopper. (ପ୍ର—ଏହା ପାଇଁ କେତେ ମହାପ୍ରାଣୀ ହେଲେ ଅବଦାନରେ ଶଲଭ—ରାଧାନାଥ. ଯଯାତି ।) ୨ । ଅସୁର ବିଶେଷ—
2. Name of demon.

ଶଲରା—ଦେ. ବି—୧ । (ସଂ. ଶଲ୍ଲକୀଲ; ଏହାର କଣ୍ଟାମାନ ଶଲ୍ଲକୀ
Śalarā ଦେହର କଣ୍ଟା ପରି ବଡ଼ ଓ ମଜବୁତ ଥିବାରୁ)—ମଦନ ବୃକ୍ଷ—1. A sort of thorny tree; Bushy Gardenia; Randia Dumetrum. ୨ । (ସଂ. କାର
ମୟନା ମୟନ ଫଲ
କରେଲା, উচ্ছে
करैला, करैली
ଫା. କରେଲା
ତେ. କାକର, କାକରକାୟା
ଅ. ଉସ୍ ସାଉଲ୍ ହୂମାର୍
ସଂ. ଦେଶୀୟ—କାରବେଲ୍ଲ, କଟିଲ୍ଲ
ବେଲ୍ଲ)—ଏକପ୍ରକାର କଲରା ବା ଖୁଆମରିଡା ଲତା ଫଳ; ଖୁନ୍ଦୁରୁକୀ—2. A kind of bitter fruit with a rough rind used in curry. Memordica Charantica; Hairy Memordica; Tricosanthes Cucumerina. (ଗୁ—ଏହା ତିକ୍ତ, ଲଘୁ, ଶୀତବୀର୍ଯ୍ୟ, ଭେଦକ; ଜ୍ୱର, କଫ, ପିତ୍ତ, ରକ୍ତପାଣ୍ଡୁ, ମେହ ଓ କୃମିନାଶକ ।)

ଶଲଳ—(ଶଲ୍ ଧାତୁ+କର୍ମ. ଅଲ)—ଝିଙ୍କକାଠି—
Śalaḷa The spines of a porcupine.

ଶଳା—ସଂ. ବି (ଶଲ୍ ଧାତୁ+କର୍ତ୍ତୃ. ଅ+ଆ)—ଶଳାକା; ଶଲ୍ଲକୀ;
Śaḷā ସରୁ କାଠି (ବିଶ୍ୱକୋଷ)—A thin twig. ଦେ.
ଶାଲা
साला
ବି (ସଂ. ଶ୍ୟାଳକ)—୧ । ଶ୍ୟାଳକ—1. Wife's brother. [ପ୍ର—ଶଳାର ସ୍ତ୍ରୀକୁ ଶଳାଭାଉଜ ଓ ଅପଣା ସ୍ତ୍ରୀର ସାନ ଭଉଣୀକୁ ଶାଳୀ ଏବଂ ବଡ଼ ଭଉଣୀକୁ ଦେଢ଼ଶାଶୁ ବୋଲାଯାଏ ।] ୨ । ଗାଳି ବିଶେଷ—2. A term of abuse.

ଶଲ୍ଲା—ଦେ. ବି—୧ । ଶଲ୍ଲ (ଦେଖ)—1. Salā (See)
Śalā ୨ । ଶଲ୍ଲାଇ (ଦେଖ)—2. Śalāi (See)

ଶଲ୍ଲ(ଲେ)ଇ—ଦେ. ବି—୧ । (ସ. ଶଲ୍ଲକା ବା ଶଲ୍ୟ)—ସନ୍ନା;
Śalā(le)i ଘାଅ ଅନ୍ଦରୁ ପୂଜ ନିଷ୍କାଶିବା ପାଇଁ ଘାଅ ମୁହଁ ବାଟେ ଭିତରକୁ ଦିଆଯିବା ବତୀ ବା କାଠି—
शलाई
सलाई
1. A wick or tube introduced into a sore through the mouth to drain it. [ପ୍ର—ଅକାଳବନ୍ଧ ପତ୍ରର ଶେଖା ଶଲାଇ ଦେଲେ ଘାଅର ମୁହଁ ବନ୍ଦ ହୋଇ ଯାଏ ନାହିଁ ।] ୨ । କାନ କୁଣ୍ଡାଇବା ପାଇଁ ବ୍ୟବହୃତ କାଠି—2 A quill or twig to scratch the earhole. ୩ । (ସ.
शलई,
शालई
सलई, सलग
ଶଲ୍ଲକୀ)—ଲୋବାନ୍; ସୁଗନ୍ଧ ବୃକ୍ଷନିର୍ଯ୍ୟାସ ବିଶେଷ; ଧୂପରେ ବ୍ୟବହୃତ ଗୁଗ୍ଗୁଳୁ ବିଶେଷ—3.Fankincense; olibanum.

ଶଲ୍ଲ(ଲେ)ଇବା—ଦେ. କ୍ରି (ସ. ଶଲା)—୧ । କାନର ବା ନାକର
Śalā(le)ibā ଛିଦ୍ରରେ କାଠି ପ୍ରବେଶାଇବା—1. To thrust a wick or twig into the earhole or nostril. ୨ । (କାନ ଓ ନାକ) ଛିଦ୍ରରେ କୌଣସି ପଦାର୍ଥ ପଶିବା ଯୋଗୁଁ ସଲ ସଲ ଅନୁଭବ କରିବା—2. the ear or nostril) To have an itching sensation owing to the presence of a foreign matter.
কাঠি দেওয়া
सलाई देना
সড়সড় করা
खुजलाना,
सबसबाना

ଶଲ୍ଲ(ଲେ)ଇ ହେବା—ଦେ. କ୍ରି—କାନର ଓ ନାକର ଛିଦ୍ର ମଧ୍ୟରେ କାଠି
Śalā(le)i hebā ବା କାଲି ଆଦି ପଶିଥିବାରୁ (କାନ ବା ନାକ) ଗଲ ଗଲ ବା ସଲ ସଲ ହେବା—(the ear or nostril) To have a sensation of itching due to the presence of a foreign matter inside it.
সড়সড় করা
सबसबाना,
खुजलाना

ଶଳାକ—ସଂ. ବି (ଶଲ୍ ଧାତୁ+କର୍ତ୍ତୃ ଅକ)—ଶଳାକା (ଦେଖ)
Śaḷāka Śaḷākā (see)

ଶଳାକ ଧୂର୍ତ୍ତ—ସଂ. ବି—ନଳୁଆ କେଳା; ଯେ କଲ ଅବଦ୍ୱାରା ପକ୍ଷୀ ଧରେ
Śaḷāka dhūrtta (ତ୍ରି. ଶ)—One who catches birds with the help of telescopic rods.

ଶଳାକା—ସଂ. ବି (ଶଲ୍ ଧାତୁ+କର୍ତ୍ତୃ. ଅକ+ଆ)—୧ । କାଡ଼ି;
Śaḷākā ସରୁ କାଠି—1. A thin twig; a thin rod. ୨ । ଛୋଟ ଯଷ୍ଟି—2. A small stick. ୩ । ଘାଅ ଅନ୍ଦରେ ଦିଆଯିବା ସନ୍ନା—3. A probe. ୪ । ଖଡ଼ିକା —4. The slender and hard twig on the back of a palm leaf. ୫ । ଖିଲା; ଖିଲ— 5. Peg; pin. ୬ । ନଳ—6. Tube, pipe; ୭ । ଶଲ୍ୟ; କାଣ; ତୀର—7. Arrow; dart. ୮ । କଣ୍ଟା—8. Thorn; prick; nail. ୯ । ବର୍ଚ୍ଛା— 9. Spear; javelin. ୧୦ । ସରୁ ହାଡ଼; ନଳହାଡ଼; କଣ୍ଟହାଡ଼—10. A slender bone having marrow inside it. ୧୧ । କଲମ—11. Pen. ୧୨ । ମାଛକଣ୍ଟା—12. Fish bone ୧୩ । ପେନ୍-

ସିଲ୍—13, Pencil. ୧୪ । ଦାନ୍ତକାଠି (ବିଶ୍ୱକୋଷ)—14. A tooth pick; a twig used as a tooth brush. ୧୫ । ଚିତ୍ରକରର ତୂଳି (ବିଶ୍ୱକୋଷ)—15. Painter's brush. ୧୬ । ଦିଆସିଲି କାଠି (ବିଶ୍ୱକୋଷ)—16 Match-stick. ୧୭ । ବଚ—17. A sort of slender root; Acorus Calamus. ୧୮ । ଶାରିକା; ଶାରୀ ପକ୍ଷୀ—18. A bird; Gracula Religiosa. ୧୯ । ଝିଙ୍କି କାଠି-19.The spine or quill of a percupine. [ଦ୍ରି—ଉଦ୍ରେକ ଶଲାକା ସେହେ କୁଞ୍ଚିତ ଶଲ୍ଲକୀ-ରାଧାନାଥ ମହାଯାତ୍ରା] ୨୦ । ଅସ୍ଥି; ହାଡ଼ (ହି. ଶ)—20. Bone. ୨୧ । ମଦନ ବୃକ୍ଷ (ହି. ଶ)—21. Bushy Gardenia (tree) ୨୨ । ତୃଣ; କୁଟା (ହି. ଶ)—22. Straw; twig. ୨୩ । ଶଲ୍ଲକୀ ବୃକ୍ଷ (ହି. ଶ)—23. Boswellia Serrata. ୨୪ । ଆଖିରେ ସୁର୍ମା ଲଗାଇବା କାଠି (ହି. ଶ)—24. A pick to put collyrium on the eyes. ୨୫ । ପଶାକାଠି (ହି. ଶ)—25. Dice. ୨୬ । ବ୍ରହ୍ମପୁତ୍ରଶୋଣ୍ଡ ପ୍ରାଚୀନ ନଦୀ ବିଶେଷ (ହି. ଶ)—26. Name of an ancient river. ୨୭ । ଛତାର କାଡ଼ି (ବିଶ୍ୱକୋଷ)-27. The spine of anu mbrella. ୨୮ । ମୂତ୍ର ମାର୍ଗ ଶୋଧନାର୍ଥ ବ୍ୟବହୃତ ଯନ୍ତ୍ର (ବିଶ୍ୱକୋଷ)—18. Catheter.

ଶଲାକା ପୁରୁଷ—ସଂ. ବି—ବୌଦ୍ଧମାନଙ୍କର ତିରିଷଠି ଦେବ ପୁରୁଷ—Śalākā purusha Collective name of 63 idols worshipped by the Buddhists.

ଶଲାକା ଯନ୍ତ୍ର—ସଂ. ବି—ଶରୀରର ନାନା ସ୍ଥାନରେ ବିଦ୍ଧ ଶଲ୍ୟ ସମୂହର Śalākā jantra ଅନ୍ୱେଷଣୋଦ୍ଧାରଣାଦି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ର (ବିଶ୍ୱକୋଷ)—A surgical instrument for probing and extracting pins from the body.

ଶଲାଟ—ସଂ ବି—(ଶଲ୍ ଧାତୁ=ଗମନ କରିବା+ଅଟ୍.ଅଚ୍)—ଏକ ଗଡ଼ା Śalāṭa (ଜଳଟ); ଏକ ଶଗଡ଼ ପରମିତ ବସ୍ତୁ—A cartload of any thing. [ଦ୍ରି—ବୈଦିକ ମତରେ ଏହା ଶକଟର ଫଳ ପରମିତ]

ଶଲାଟୁ—ସଂ. ବି—(ଶଲ୍ ଧାତୁ=ଗମନ କରିବା+ଅଟୁ୍ ଅଟୁ)—Śalāṭu ୧ । ଅମ ଫଳ; କଞ୍ଚା ଫଳ; ଅପକ୍ୱ ଫଳ—1. Raw fruit; an unripe fruit. ୨ । ମୂଳ ବିଶେଷ—2. A kind of root ୩ । ବିଲ୍ୱବୃକ୍ଷ—3. Bilwa or Marmalos tree.

ଶଲାତୁର—ସଂ. ବି—(ନାମ) ପାଣିନିଙ୍କ ବାସସ୍ଥାନ—Name of the Śalātura village where Pānini lived [ଦ୍ର—ଏଥି-ପାଇଁ ପାଣିନିଙ୍କର ଏକ ନାମ ଶାଲାତୁରୀୟ ଅଟେ—]

ଶଳା ପରିହାସ—ଦେ. ବି—ଶ୍ୟାଳକ ଓ ଭଗିନୀପତି ମଧ୍ୟରେ ଥଟ୍ଟାବଚନ—Śaḷā parihāsa Jest or jokes passing between ଠଟ୍ଟା ପରିହାସ शाला परिहास a person and his brother-in-law.

ଶଳା ପରିହାସି—ଦେ. ବି. ଓ ବିଣ. ପୁଂ (ସଂ. ଶ୍ୟାଳକ ଓ ପରିହାସ)—Śaḷā parihāsi ଶଳା ସମ୍ପର୍କୀୟ ବ୍ୟକ୍ତି, ଯାହାକୁ ପରିହାସ (ଶଳା ପରିହାସିଆ[ସ୍ୟା]—ଅନ୍ୟରୂପ) କରାଯାଏ—A person [ଶଳାପରିହାସୀ—ସ୍ତ୍ରୀ] who stands in the relation-ଠଟ୍ଟାର ସମ୍ବନ୍ଧ ship of a brother-in-law to a शाला परिहासी person and with whom a person can cut jokes.

ଶଳା ବାହା(ହି)ଞ୍ଚୋ—ଦେ. ବି (ଅଶ୍ଳୀଳ ଗାଳି; ସଂ. ଶ୍ୟାଳକ ଓ ହି. Śaḷā bāhā(hi)ñcho ବହାନ୍‌ଚୋଦ୍)—କୌଣସି ବ୍ୟକ୍ତିକୁ (ଶଳା ବାହାଞ୍ଚୋତ୍—ଅନ୍ୟରୂପ) ଶଳା ଓ ବାହାଞ୍ଚୋ (ଅର୍ଥାତ୍ शाला भांचोद ଭଗିନୀର ସତୀତ୍ୱ ନାଶରୂପ ପାପାଚାରୀ)ରୂପ ଗାଳି—शाला वहानचोद् A vile term of abuse meaning you are my Śāla and you are the violator of the chastity of your own sister.

ଶଳା ବିଧା—ଦେ. ବି—ବିବାହ ସମୟରେ ବରକୁ ଶଳାର ମାରିବା ବିଧା Śaḷā bidhā (ଥଟ୍ଟାରେ)—A blow given by the bride's brother to the bridegroom at the time of marriage (in jest).

[ଦ୍ରି—ବିବାହରେ ବରକନ୍ୟାଙ୍କ ହାତଗଣ୍ଠି ପଡ଼ିବା ପରେ ବର ଯାଇ କୁଳକର୍ମ ବେଶରେ ଗୋଟିଏ ଶିଳ ଉପରେ ବସେ ଓ ତାକୁ ଶାଶୁ ଅଧ ସିନ୍ଦୁର କଜ୍ଜଳ ଦେଇ ସାରିବା ପରେ ବର ସେଠାରୁ ଉଠି ଆସିଲାବେଳେ କନ୍ୟାର ଭାଇ ସେ ଶିଳକୁ ବରର ଉପରକୁ ଲେଉଟାଇ ଦିଏ ଏବଂ ବରକୁ ଗୋଟିଏ ବିଧା ମାରେ । ପୂର୍ବେ ଜବରଦସ୍ତି କନ୍ୟା ହରଣ କରି ନେଉଥିବା ବ୍ୟକ୍ତିକୁ କନ୍ୟାର ଭାଇ ଅଧିକ ମାଡ଼ ଦେବା ଓ ପଥର ଫୋପାଡ଼ିବାର ସ୍ମାରକ ଏ ପ୍ରଥା ରହିଯାଇଥିବା ପରି ବୋଧ ହୁଏ । ଏବେ ଶଳାବିଧା କେବଳ ଥଟ୍ଟାରେ ମରାଯାଏ ।]

୨ । (ଲକ୍ଷଣାର୍ଥ) ଥଟ୍ଟାରେ ମରାଯିବା ବିଧା— 2. A light blow given in jest.

ଶଳା ଭଉଣୀଗିଆ(ହା)—ଗ୍ରା. ବି (ଅଶ୍ଳୀଳ ଗାଳି)—ଭଗ୍ନୀଗାମୀ ବ୍ୟକ୍ତି Śaḷā bhauṇī giā(hā) ଭଗ୍ନୀରେ ରତକରିବା ବ୍ୟକ୍ତିର ଶାଳକ शाला भांचोद अटे ଓ ନିଜର ଭଗିନୀର ମହତ୍ତ୍ୱ ନାଶକାରୀ ପାପୀ शाला वहान चोद् ଅଟେ—A term of vile abuse.

[ଦ୍ର—କୌଣସି ବ୍ୟକ୍ତିଦ୍ୱୟଙ୍କ ମଧ୍ୟରେ କଳି ଲାଗିଲେ ପରସ୍ପର ପକ୍ଷଙ୍କେ ମାତା, ଭଗିନୀ, ସ୍ତ୍ରୀ ଓ କନ୍ୟାଙ୍କୁ ଉଦ୍ଦେଶ୍ୟ କରି ଗାଳି ଦେବାର ପ୍ରଥା ପ୍ରାୟ ସବୁ ଦେଶରେ ଦେଖାଯାଏ । ଆମ ଦେଶରେ ଉତ୍କଳ ନିକଟରେ ସମାଜ ଉପରେ 'ଶଳା' ହେବା ଅତି ହୀନ ଅବସ୍ଥା ବୋଲି ବିବେଚିତ ହୁଏ । ଏମନ୍ତ କି, କେତେକ ରାଜବଂଶରେ ଦେଖାଯାଉଛି ଯେ, ରାଜକନ୍ୟାଙ୍କୁ ଯେଉଁ ବ୍ୟକ୍ତି ବିବାହ କଲେ ରାଜ-ପୁତ୍ର ଯୁକ୍ତ ବ୍ୟକ୍ତିର ଶଳା ହେବେ ଓ ତାଙ୍କର ସ୍ୱଜା ଲୋକ

ରାଜ୍ୟରେ ମ୍ଳାନ ହୋଇଯିବେ, ଏଥିପାଇଁ ଅନେକ ରାଜା ଆପଣା ପରିବାରର କନ୍ୟାମାନଙ୍କୁ ରାଜକୁମାରୀ କରି ଦେଉଣନ୍ତି । ଆମ ଦେଶରେ ପଦେପଦକେ ଲୋକଙ୍କୁ ଶଳା ବୋଲି ଗାଳି ଦେବା, ଇତର ସାଧାରଣଙ୍କ କଥା ଛାଡ଼ି ଦିଅନ୍ତୁ, ସମାଜର ଉଚ୍ଚତର ସ୍ତରର ଭଦ୍ରଲୋକରୂପେ ପରିଚିତ ବ୍ୟକ୍ତିଙ୍କଠାରେ ମଧ୍ୟ ବିରଳ ନୁହେଁ । ମନୁଷ୍ୟ ରାଗିଯାଇ କହି କଥାକେ ଅନ୍ୟ ବ୍ୟକ୍ତିକୁ ଶଳା ବୋଲି ଗାଳି ଦିଅନ୍ତି ।]

ଶଳା ଭାଉଜ—ଦେ. ବି. ସ୍ତ୍ରୀ (ସଂ. ଶ୍ୟାଳକ ଓ ଭ୍ରାତୃଜାୟା)—ଶ୍ୟାଳକ-
Śaḷā bhāuja ଜାୟା; ଶ୍ୟାଳକ ପତ୍ନୀ—The wife of
শেলেজ साल्होजी one's wife's brother.
[ଦ୍ର—ଆମ ଦେଶରେ ଶଳାଭାଉଜଙ୍କ ସଙ୍ଗେ ତାଙ୍କ ସ୍ୱାମୀଙ୍କ ଭଗିନୀପତିଙ୍କର ଶଳା-ପରିହାସ ସମ୍ପର୍କ ବିଦ୍ୟମାନ ।]

ଶଳା ଭି(ଭେ)ଣେ(ଣୋ)ଇ—ଦେ. ବି (ଅପେକ୍ଷିକ ସହତର ଶବ୍ଦଦ୍ୱୟ)—
Śaḷā bhi(bhe)ṇe(ṇo)i ଶ୍ୟାଳକ ଓ ଭଗିନୀପତି; ପରସ୍ପର
শালাভগিনীপতী साला बहनोई ସଙ୍ଗେ ଶ୍ୟାଳକ ଓ ଭଗିନୀପତି ସମ୍ପର୍କଯୁକ୍ତ ବ୍ୟକ୍ତିଦ୍ୱୟ—A person and his sister's husband. (ଭ୍ର—ଶଶୁର ତୋଳି ଶଳା ଘରେଇ, ଭଜମଣ୍ଡ କାଂସା ଖାଇବେ କାହିଁ—ପ୍ରହେଳିକା ।)

ଶଳା(ଲ)ଭୋଲି—ସ. ବି—ଉଷ୍ଟ୍ର [ବିଶ୍ୱକୋଷ]
Śaḷā(la)bholi Camel.

ଶଳା ମଉଳା—ଦେ. ବି [ସ. ଶ୍ୟାଳକ+ମାତୁଳ]—କୌଣସି ବ୍ୟକ୍ତିଙ୍କର
Śaḷā mauḷā ଶ୍ୟାଳକ ଓ ମାମୁ—A person's wife's
শালামামা सालामामा brother and mother's brother. [ଦ୍ର—ସାଧାରଣତଃ ଦେଖାଯାଏ ଯେ, କୌଣସି ପରିବାରରେ ଶଳା ଓ ମାମୁଁ ବସୁଥିବାଯାକେ ପରିବାରସ୍ଥ ବ୍ୟକ୍ତିଙ୍କଠାରୁ ଖୁବ୍ ସମ୍ମାନ ପାଉଥାଆନ୍ତି । କିନ୍ତୁ ସେମାନେ ଅସନ୍ତୋଷ ଥିବାରୁ ସେମାନଙ୍କ ମୃତ୍ୟୁ ଘଟିଲେ ଉପର୍ଯ୍ୟୁକ୍ତ ପରିବାରରେ ସେମାନଙ୍କ ପାଇଁ ଶୁଦ୍ଧି ହୁଅନ୍ତି ନାହିଁ ଓ ସେମାନଙ୍କ ଭଉଣୀମାନେ ଅର୍ଥାତ୍ ଉପର୍ଯ୍ୟୁକ୍ତ ପରିବାରର ସ୍ତ୍ରୀ ଓ ମାତାମାନଙ୍କ ମୃତ୍ୟୁପରେ ଶଳାଙ୍କୁ ଓ ମାମୁଙ୍କୁ ଉକ୍ତ ପରିବାରସ୍ଥ ବ୍ୟକ୍ତିମାନେ ପୂର୍ବପରି ଡାକେ ଆଦର କରନ୍ତି ନାହିଁ । ଏଥିପାଇଁ ପ୍ରବଚନ ଅଛି ଯେ, ଶଳା ମଉଳା ବାହୁରେ ସାରି, ମଲେ ବାଣ୍ଡି କୁଣ୍ଡେଇରୁ ବାହାର ।]

ଶଳାର ପୁଅ—ଦେ. ବି—୧ । ଶାଳକ ପୁତ୍ର—1. The son of one's
Śaḷāra pua wife's brother. ୨ । ଗାଳିରେ ବ୍ୟବହୃତ (ଶଳାର ପୋ—ଅନ୍ୟରୂପ) ଅର୍ଥାତ୍ ତୋ ପିଉସୀ ମୋର ସ୍ତ୍ରୀ
শলারবেটা सालीका—2. A term of abuse, meaning
सालाका बेटा brother inlaw's son.

ଶଳା ଶଶୁର—ଦେ. ବି—(ଅପେକ୍ଷିକ ସହତର ଶବ୍ଦ ଦ୍ୱୟ)—(ସ.ଶାଳକ
Śaḷā śaśura ଓ ଶ୍ୱଶୁର)—୧ । ଶଳା ଓ ଶ୍ୱଶୁର—1. One's
শালাশশুর सालाससुर wife's brother and wife's father. ୨ । ଗାଳି ବିଶେଷ—2. A term of abuse by calling a person as the speaker's wife's brother and wife's father.

ଶଳି(ଡ଼ି)ଙ୍ଗ—ଦେ. ବି—କେଉଟମାନେ ଜାଲ ବୁଣିବା ସୂତାକୁ ଯେଉଁ
Śaḷi(ṛdi)ṅga କାଠିର ଦୁଇପାଖର ଦେକରେ ଥିବା କଣାରେ ସୂଆ ଗଳାଇ ଥାଆନ୍ତି—A stick with holes at its two ends used by fishermen for weaving nets by bringing out thread through the said holes.

ଶଳିତା—ଦେ. ବି—(ସ. ଶଳା; କିମ୍ବା ସଲିତ୍‌=ସନ୍ଧି)—୧ । ଦୀପର
Śaḷitā ବଳିତା; ବସ୍ତ୍ରଖଣ୍ଡ ବଳା ହୋଇ ଉପର ହୋଇଥିବା
শলিতা बत्ती ବର୍ତ୍ତି—1 A roll of rag used as wick for oil lamps. ୨ । ବନ୍ଧୁକର ପାଶ ଛିଦ୍ରରେ ଅଗ୍ନି ଲଗାଇବା ପାଇଁ ବ୍ୟବହୃତ ବର୍ତ୍ତିକା—2. Wick used to ignite the touchhole of a gun.

ଶଳିତା କନା—ଦେ. ବି—ଯେଉଁ କନା ବା ବସ୍ତ୍ରଖଣ୍ଡକୁ ବଳ ଶଳିତା
Śaḷitā kanā ପ୍ରସ୍ତୁତ କରାଯାଏ—Rag used for being
শলতোকানি, শলিতানি rolled into lamp wick.
वत्तीका कपडा

ଶଳିବା—ଦେ. କ୍ରି—ଖଣ୍ଡିବା; ଶେଷ ହେବା; ସରିଯିବା—To pass,
Śaḷibā away to end. [ଭ୍ର—ଅମ୍ଭ ପୁରୁଷ ଭଗବାନ;ଅସ୍ମା
চুকে যাওয়া ଉପରେ ତାଙ୍କୁ ଚଉ; କାମର ଅନ୍ତ ଅନେ ଭୁଲ । ଏ
खतमहोना } କିନ୍ତୁ ମୃତ୍ୟୁ ଯାଉ ଶଳି ।—ପ୍ରାଚୀ; କରୁଣ ମାହାତ୍ମ୍ୟ]
खडनहोन । }

ଶଳୀ—ସ. ବି.—(ଶଳା+ଈ)—୧ । କ୍ଷୁଦ୍ର ଶଳାକା—1. A small
Śaḷī rod ୨ । ଧାନ୍ୟ ଗଣିବାର ପରିମାଣ ବିଶେଷ—(ପ୍ରାୟ ୨ ମହଣ)—2. A measure of corn, about 1113 of a ton. ୩ । ହେଙ୍କ (ତ୍ର. ଶ)—3. Porcupine.

ଶଲୁକା—ଦେ. ବି. ସ. ବି (ଦେଶ) (ଶଲ୍ ଧାତୁ+କର୍ତ୍ତୃ.ଉକ+ଆ)-ଶତପ
Śalukā ନାମକ ମସଲ—Anethum Sowa; Indian fen-
শলুকা सल्लुका nel. ବୈଦେ. ବି. (ଫା)—ସ୍ତ୍ରୀଲୋକମାନଙ୍କ ଅଧାହାତିଆ କୁର୍ତ୍ତା—A kind of female jacket

ଶଲ୍କ—ସ. ବି—(ଶଲ ଧାତୁ=ଗତି କରିବା+କର୍ତ୍ତୃ କ)—୧ ।
Śalka କାତି; ମାଛ ଓ ସାପ ଆଦିଙ୍କ ଉପର ଶୁଷ୍କ ଆବରଣ—1. Slough; scales (of fish or reptiles). ୨ । ବୃକ୍ଷାଦିର ବଲ୍କଳ ବା ଛାଲ—2. Bark of trees. ୩ । ଖଣ୍ଡ—3. Bits; pieces.

ଶଲ୍କ ଦେହ—ସ. ବିଣ. ପୁଂ—(ଶଲ୍କ ଅଛି ଦେହରେ ଯାହାର; ବହୁବ୍ରୀହି)
Śalka deha ଯାହା ଦେହରେ କାତି ଥାଏ—Having [ଶଲ୍କଦେହା—ସ୍ତ୍ରୀ] scales on the body.

ଶଲ୍କ ଦେହୀ—ସଂ. ବିଣ. ଓ ବି—(ଶଲ୍କ+ଦେହ+ଅଛି ଅର୍ଥରେ ଇନ୍;
Śalka dehī ୧ମା. ୧ବ)—ଯାହା ଦେହରେ କାତି ଥାଏ; କାତିଆ (ଜୀବ)—Having scales on the body; Lepidota (animals). ବି.—ଏକ ପ୍ରକାର ମାଛ;

ଶାଳ ମାଛ ଭାଗସ୍ତ—A sort of fish, resembling Mastacembelus Armatus.

ଶଲ୍କଳ—ସଂ. ବି—(ଶଲ୍କ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ)—
Śalkala ୧। ବୃକ୍ଷର ବଲ୍କଳ; ବୃକ୍ଷତ୍ୱକ୍—1. Bark of trees. ୨। ମତ୍ସ୍ୟତ୍ୱକ୍; ମାଛ କାତି—2. Scale of a fish.

ଶଲ୍କଳୀ—ସଂ. ବିଣ. ପୁଂ—(ଶଲ୍କଳ+ଅସ୍ତି ଅର୍ଥରେ ଇନ୍; (ମା. ଦ)—
Śalkalī ୧। ଶଲ୍କଯୁକ୍ତ—1. Scaly. ୨। ବଲ୍କଳଶାଳୀ—[ଶଲ୍କୀ—ଅନ୍ୟରୂପ] 2. Having barks. ବି.—ମତ୍ସ୍ୟ—[ଶଲ୍କଳିନୀ—ସ୍ତ୍ରୀ] Fish.

ଶଲ୍ୱ—ସଂ. ବି—ଶାଲ୍ୱ ଦେଶ (ଦେଖ)
Śalwa Śalwa country (See).

ଶଲ୍ମଳି (ଳୀ)—ସଂ. ବି—ଶାଲ୍ମଳୀ ବୃକ୍ଷ; ଶିମିଳି ଗଛ (ହି. ଶ)—
Śalmali (lī) Silk cotton tree.

ଶଲ୍ୟ—ସଂ. ବି—(ଶଲ୍ ଧାତୁ=ଗମନ କରିବା+କର୍ମ. ଯ)—୧। ଶଙ୍କୁ;
Śalya କୀଲକ—1. A peg; a pin. ୨। ଖୁଣ୍ଟା; ଖିଲ; ଶୂଳ—2. Stake. ୩। ଶଳାକା—3. A pin or slender rod. ୪। ଦେହ ମଧ୍ୟରେ ପ୍ରବେଶ କରିଥିବା ଅସ୍ଥି, କଣ୍ଟା, ତୀର ଆଦି ପୀଡ଼ାଦାୟକ ବାହ୍ୟ ପଦାର୍ଥ—4. Any extraneous substance which enters the body and causes pain. [ଦ୍ର—ସୁଶ୍ରୁତ ମତରେ ଶରୀର ମଧ୍ୟସ୍ଥ ଶଲ୍ୟ ଦୁଇ ପ୍ରକାର। ଶାରୀର ଓ ଆଗନ୍ତୁ। ବାତ ପିତ୍ତ ଆଦି ଦୋଷରୁ ରୋମ, ନଖ, ଶରୀରସ୍ଥ ଧାତୁ, ଅନ୍ନ, ମଳ ଆଦି କୁପିତ ହୋଇ ପୀଡ଼ା ବା ରୋଗ ଉତ୍ପାଦନ କଲେ ତାକୁ ଶାରୀର ଶଲ୍ୟ କୋହିଯାଏ। ବାହାରର କୌଣସି ବସ୍ତୁ (ଲୁହା; କାଠ) ଶରୀରରେ ପ୍ରବେଶ କରି ପୀଡ଼ା ଉତ୍ପନ୍ନ କଲେ ତାକୁ ଆଗନ୍ତୁ ଶଲ୍ୟ ବୋଲିଯାଏ—ହି. ଶ.।] ୫। ଶର; ତୋମର; ବାଣ, ତୀର—5. Arrow; dart. [ଦ୍ର—ବାଣ ସେବନ ଲିଙ୍ଗ ଇଙ୍ଗିତାର୍ଥ ପ୍ରକାଶ ଶଲ୍ୟ ବା ଶଲ୍ୟ ଭାବ ବହୁ ସେ। ଭଞ୍ଜ. ବୈଦେହୀଶବିଳାସ।] ୬। ଶଲାକ; ସନ୍ଧା—6. A probe put into a wound. ୭। ତୋମର; ଶାବଳ—7. A crow bar. ୮। ଲେମ୍ବୁ ଆଦି ଗଛର ବଡ଼ କଣ୍ଟା—8. Big thorns of trees, such as orange. ୯। କଣ୍ଟକ; କଣ୍ଟା—9. Nail; thorn. ୧୦। ମାଛ କଣ୍ଟା—10. Fish-bone. ୧୧। ମଦନ ବୃକ୍ଷ; ମଅଣ ଗଛ—11. A tree; Randia Dumetorum. ୧୨। ଅସ୍ଥି; ହାଡ଼—12. Bone. ୧୩। ମୁନିଆ ଅସ୍ତ୍ର ବିଶେଷ; ବର୍ଚ୍ଛା; ଭାଲ—13. A pointed weapon; Javelin. ୧୪। ବିଷ; ଗରଳ—14. Poison; venom. ୧୫। ଚିକିତ୍ସାର୍ଥ ଦେହରେ ବ୍ୟବହୃତ ଅସ୍ତ୍ର—15. Surgical instrument. ୧୬। ଗାଳି; ଦୁର୍ବାକ୍ୟ—16. Evil words; reproach. ୧୭। ସୀମା; ବାଡ଼ସ୍ଥର—17. Boundary. ୧୮। ଗୋରୁଙ୍କର ମଶାଣି ଦଣ୍ଡା—18. A place where the carcase of cattle are thrown. ୧୯। ଝିଙ୍କ—19. Porcupine. [ଦ୍ର—ବନ ମୃଗ ବଳୀ ଶଲ୍ୟ ଝିଙ୍କ ବହୁଳ। ଭଞ୍ଜ. ବୈଦେହୀଶବିଳାସ।] ୨୦। ମଦ୍ର ଦେଶର ରାଜା; ନକୁଳ ଓ ସହଦେବଙ୍କ ମାମୁଁ; ମାଦ୍ରୀଙ୍କ ଭାଇ—20. The name of the maternal uncle of Nakula and Sahadeba (Pāndabas.) [ଦ୍ର—ଏ ପଣ୍ଡୁଙ୍କର ବନିଷ୍ଠ ଭାର୍ଯ୍ୟା ମାଦ୍ରୀଙ୍କର ଭାଇ। ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ଏ ଉପସ୍ଥିତ ହୋଇ ଲକ୍ଷ୍ୟଭେଦ କରି ନ ପାରି ଅର୍ଜୁନଙ୍କ ଦ୍ରୌପଦୀଲାଭରେ ଭୀମଙ୍କ ସହିତ ମଲ୍ଲଯୁଦ୍ଧରେ ପ୍ରବୃତ୍ତ ହୋଇ ହାରିଥିଲେ। କୁରୁକ୍ଷେତ୍ର ଯୁଦ୍ଧରେ ଏ ପାଣ୍ଡବମାନଙ୍କ ପକ୍ଷରେ ଯୋଗ ଦେବା ପାଇଁ ସସୈନ୍ୟ ଅସୁଥିଲେ; କିନ୍ତୁ ଦୁର୍ଯ୍ୟୋଧନ କୌଶଳକ୍ରମେ ଏହାଙ୍କୁ ନିଜ ପକ୍ଷରେ ବରଣ କଲେ। ଯୁଦ୍ଧର ପ୍ରାକ୍କାଳରେ ଯୁଧିଷ୍ଠିର ଏହାଙ୍କୁ ନମସ୍କାର କରିବାରୁ, 'ବିଜୟୀ ହୁଅ' ବୋଲି ସେ ତାଙ୍କୁ ଆଶୀର୍ବାଦ କଲେ। କୁରୁକ୍ଷେତ୍ର ଯୁଦ୍ଧରେ ୧୬ଶ ଓ ୧୭ଶ ଦିବସରେ ଏ ମହାବୀର କର୍ଣ୍ଣଙ୍କର ସାରଥି ହୋଇଥିଲେ ଓ କର୍ଣ୍ଣଙ୍କ ମୃତ୍ୟୁ ପରେ କୌରବମାନଙ୍କର ସେନାପତି ହେଲେ; କିନ୍ତୁ ଅଷ୍ଟାଦଶ ଦିବସରେ ଯୁଧିଷ୍ଠିରଙ୍କ ହସ୍ତରେ ଏ ନିହତ ହେଲେ।] ୨୧। ପାକଡ଼ା ଖଇର (ହି.ଶ)—21. Grey catechu. ୨୨। ଶିଳନ୍ଦ ମାଛ (ହି.ଶ) ଜଳଙ୍ଗମାଛ—22 Silunda Gangetica fish. ୨୩। ଲୋଧ୍ର ବୃକ୍ଷ (ହି. ଶ)—23. Simplocos Racemosus (tree). ୨୪। ବିଲ୍ୱ ବୃକ୍ଷ (ହି.ଶ) 24. Bilwa tree. ୨୫। ପାପ (ହି.ଶ)—25. Sin. ୨୬। ଭୂମିଗର୍ଭରେ ଥିବା ଅସ୍ଥି (ହି.ଶ) (ଯାହା ମୂଳଦୁଆ ପକାଇବା ପୂର୍ବରୁ ଖୋଳ କରି କାଢ଼ିବା ଉଚିତ)—26. Bones under the ground of sites for houses.

ଦେ. ବି—ଝିଙ୍କ କାଟି—Spines of a porcupine. [ଦ୍ର—ବିଶଲ୍ୟ ଗୋଡ଼ୁଁ ସେ ଶଲ୍ୟ। ଭଞ୍ଜ—ବୈଦେହୀଶ ବିଳାସ]

ଶଲ୍ୟକ—ସଂ ବି.—(ଶଲ୍ୟ+ଅସ୍ତି ଅର୍ଥରେ କ)—୧। ଝିଙ୍କ—1. Porcupine.
Śalyaka ୨। କଣ୍ଟାଗଛ—2. A thorny plant or tree. ୩। ମଦନ ବୃକ୍ଷ; ମଦନଗଛ—3. A tree; Randia Dumetorum; Bushy Gardenia. ୪। ଖଇର (ହି. ଶ)—4. Catechu. ୫। ଜଳଙ୍ଗ ମାଛ (ହି.ଶ)—5. Silunda Gangetica (fish) ୬। ଲୋଧ୍ରବୃକ୍ଷ (ହି. ଶ)—6 Simplocos Racemosus ୭। ବିଲ୍ୱବୃକ୍ଷ (ହି.ଶ)—Bilwa tree

ଶଲ୍ୟ କଣ୍ଠ—ସ. ବି.—(ଶଲ୍ୟ=କଣ୍ଟା। କଣ୍ଠ ପର୍ଯ୍ୟନ୍ତ ଯାହାର; ବହୁବ୍ରୀହି)
Śalya kantha ଝିଙ୍କ—Porcupine.

ଶଲ୍ୟକ ମାଂସ—ସଂ. ବି.—ଝିଙ୍କର ମାଂସ—
Śalyaka māṁsa The flesh of porcupine.
[ବି—ବୈଦ୍ୟଶାସ୍ତ୍ର ମତରେ ଏହି ମାଂସ ମଧୁର ରସ, ଶୀତଳ, ଲଘୁପାକ, ସ୍ନିଗ୍ଧ, ଅଗ୍ନିବର୍ଦ୍ଧକ; ପିତ୍ତ, ଶ୍ୱାସ, କଫ, କାଶ ଓ ବିଷଦୋଷ ନାଶକ । ଏ ଜାତର ଚିହ୍ନ ଶ୍ୱାସ ରୋଗରେ ବିଶେଷ ଫଳପ୍ରଦ ।]

ଶଲ୍ୟକର୍ତ୍ତା—ସଂ. ବି.—(ଶଲ୍ୟ+କର୍ତ୍ତୃ)—ଶସ୍ତ୍ର ଚିକିତ୍ସକ (ପ୍ର.ଗ୍ର)
Śalyakarttā Surgeon.

ଶଲ୍ୟଜ ନାଡ଼ୀବ୍ରଣ—ସଂ. ବି—ଦେହରେ ଶଲ୍ୟ ପଶିବା ଫଳରେ ଜାତ
Śalyaja nāḍībraṇa ନାଲି ଘାଅ (ପ୍ର.ଗ୍ର)—Sinus due to the entry of any extraneous matter into the body

ଶଲ୍ୟ ପଶୁ—ସଂ. ବି.—(ଶଲ୍ୟ ଯୁକ୍ତ ପଶୁ; ମ. ପ. ଲୋ.)—୧ । ଶଜାରୁ;
Śalya paśu ଝିଙ୍କ—1. Porcupine. ୨ । ବଜ୍ରକାପଠା ନାମକ ଜୀବ—2. Pangoline.

ଶଲ୍ୟ ବିଦ୍ୟା (ତନ୍ତ୍ର)—ସଂ. ବିଂ.—୧ । ଶବବ୍ୟବଚ୍ଛେଦ ବିଦ୍ୟା; ଦେହରେ
Śalya bidyā (tantra) ଅସ୍ତ୍ରପୋଗ୍ଚର ବିଦ୍ୟା—1. Science of surgery; science of dissection. ୨ । ଦେହରେ ପଶିଥିବା କଣ୍ଟା ଆଦି କାଢ଼ିବା ବିଦ୍ୟା—2. The science dealing with the extraction of foreign bodies from the body,

ଶଲ୍ୟ ବିଦ୍ଧ—ସଂ.ବିଣ—(ଶଲ୍ୟ+ବିଦ୍ଧ; ତୃତୀୟାତତ୍ପୁ)—ଶର ବା କଣ୍ଟାବିଦ୍ଧ
Śalya biddha ବିଦ୍ଧ—Pierced with a nail or dart.

ଶଲ୍ୟ ଭେଦ—ସଂ.ବି--(ଷଷ୍ଠୀତତ୍ପୁ)-ଦେହରେ କଣ୍ଟା ବା ଶର ପଶିବା—
Śalya bheda The piercing of the body with a dart or nail.

ଶଲ୍ୟ ଲୋମ—ସଂ. ବି—(ଷଷ୍ଠୀତତ୍ପୁ; ଶଲ୍ୟ+ଲୋମନ୍. ୧ମା. ୧ବ)-ଝିଙ୍କ
Śalya loma କାଠି (ପ୍ର.ଗ୍ର)—The quills of porcupine.

ଶଲ୍ୟ ଶାସ୍ତ୍ର—ସଂ ବି—ଶଲ୍ୟ ବିଦ୍ୟା (ଦେଖ)
Śalya śāstra Śalya bidyā (see)

ଶଲ୍ୟା—ସଂ ବି—(ଶଲ୍ୟ+ଆ)—୧ । ମେଦା ନାମକ ଔଷଧ—1.
Śalyā A rare herb. ୨ । ନାଗବଲ୍ଲୀ (ପ୍ର. ଗ୍ର)—2. Betel creeper. ୩ । ବିକଙ୍କତ; ଇଞ୍ଚ (ପ୍ର ଗ୍ର)—3. Flacourtia Cataphracta (plant).

ଶଲ୍ୟାରି—ସଂ ବି—(ଶଲ୍ୟ+ଅରି; ଷଷ୍ଠୀତତ୍ପୁ;—ଏହାଙ୍କ ଦ୍ୱାରା
Śalyāri ଶଲ୍ୟହତ ହୋଇଥିବାରୁ)--ଯୁଧିଷ୍ଠିର; ଜ୍ୟେଷ୍ଠ ପାଣ୍ଡବ—Judhishṭhira, the eldest Pāṇḍaba.

ଶଲ୍ୟୋତ୍ପାଟନ—ସଂ ବି—(ଷଷ୍ଠୀତତ୍ପୁ; ଶଲ୍ୟ+ଉତ୍ପାଟନ) ୧ । ଦେହରେ
Śalyotpāṭana ପଶିଯାଇଥିବା କଣ୍ଟା ବା ଶରକୁ କାଢ଼ିବା—1. Extraction of a nail or dart from a wounded body. ୨ । ଗୃହର ବାସ୍ତୁର ତଳେ ପୋତାଥିବା ମନୁଷ୍ୟ ବା ପଶୁ ଆଦିଙ୍କ ଅସ୍ଥିକୁ ବାହାର କରିବା ରୂପ ସଂସ୍କାର--2. The act or ceremony of digging out the bones of animals which may be found underneath the surface of a site where a new house is going to be built.

ଶଲ୍ଲ୍ (ଧାତୁ)—ସଂ—ଗମନ କରିବା—
Śall (root) To go,

ଶଲ୍ଲ—ଦେ. ବି (ସଂ. ଶଲ୍ୟ)-ଶଲ (ଦେଖ)—Sala. (See) ସଂ. ବି—
Śalla (ଶଲ୍ଲ୍ ଧାତୁ+କର୍ତ୍ତୃ. ଅ)—୧ । ଶଲ୍କ; କାତି—1. Scales on the body of some animals. ୨ । ବଲ୍କଲ—2. Bark. ୩ । ତ୍ୱକ୍; ଚର୍ମ—3. Skin; rind. ୪ । ଭେକ; ବେଙ୍ଗ—4. Frog. ୫ । ଶଲର (ଦେଖ)—5. Śalarā. (See) [ବି—ଏହା ଶଲର ଜାତୀୟ; ଏଥିର ଫଳ ଶଲରଠାରୁ ଲମ୍ବ । ଏହା ଉତ୍କୃଷ୍ଟ ଦ୍ରବ୍ୟଗୁଣ ।]

ଶଲ୍ଲକ—ସଂ. ବି (ଶଲ୍ଲ୍ ଧାତୁ+କର୍ତ୍ତୃ. ଅକ)—୧ । ଶଲ୍କ; କାତି—
Śallaka 1. Scales on the body of certain animals. ୨ । ବଲ୍କଲ; ତ୍ୱକ୍—2. Bark; rind. ୩ । ଝିଙ୍କ ଦେହରେ ଥିବା କାଠି—3. The quills of porcupine. ୪ । ଛଣପାଟ ଗଛ; ଶଣ ଗଛ—4, The Śaṇa hemp plant. ୫ । ଚମଡ଼ା (ପ୍ର. ଗ୍ର)—5. Skin. ୬ । ଝିଙ୍କ (ପ୍ର. ଗ୍ର)—6. Porcupine.

ଶଲ୍ଲକୀ—ସଂ. ବି (ଶଲ୍ଲକ+ଈପ୍)—୧ । ଝିଙ୍କ; ଶଜାରୁ—1. Porcu-
Śallakī pine. [ବି--ଉଦ୍ୱେଗ ଶଲାକା ସେଢେ କୁପିତ ଶଲ୍ଲକୀ—(ଶଲ୍ଲୀ—ଅନ୍ୟରୂପ) ରାଧାନାଥ. ମହାଯାତ୍ରା ।] ୨ । (ବୈଦ୍ୟକ)
ସଂ. ପର୍ଯ୍ୟାୟ—ଗଜଭକ୍ଷ୍ୟା, ସୁବହା, ସୁରଭି, ରସା, ମହେରୁଣା, କୁନ୍ଦୁରୁକୀ, ବଲ୍ଲକୀ, ଶଲ୍ଲକୀ ।
ଓ. ଶଲେଇ, ଶଲଇ
ଶଲଈ
ହି. ଶାଲର, ଶାଲଗ
ମ. ଶାଲଯୁଧୁପ
ତା. କୁଂଲ
କଣ୍ଟା ବହୁଳ ଗଛ; ଶଲରୀ କଣ୍ଟା ଗଛ—2. A tree; Bushy Gardenia. ୩ । (ବୈଦ୍ୟକ) ଶାଲବୃକ୍ଷ ବିଶେଷ; (ଏହାର ଅଠାରୁ ଲୋବାନ୍ ନାମକ ଧୂପ ବାହାରେ)—3. Boswellia Serrata; Indian Olibanum. [ବି—ଏହି ଗଛର ଗଣ୍ଡିକୁ ହାଣି ଦେଲେ ଯେଉଁ ନିର୍ଯ୍ୟାସ ବାହାରେ, ତାହା ଶୁଖିଗଲେ କୁନ୍ଦୁରୁଖଣ୍ଡି ବା ଲୋବାନ୍ ହୁଏ ଏବଂ ତାହାକୁ ନିଆଁରେ ତାକୁ ପକାଇଲେ ସୁଗନ୍ଧ ଧୂମ ବାହାରେ । ବୈଦ୍ୟଶାସ୍ତ୍ର ମତରେ ଏହା କଷାୟ ରସ, ଶୀତବୀର୍ଯ୍ୟ, ପୁଷ୍ଟିକର; ପିତ୍ତ, ଶ୍ଳେଷ୍ମା, ଅତିସାର, ରକ୍ତପିତ୍ତ ଓ ବ୍ରଣ ରୋଗର ଔଷଧ ।]

ଶଲ୍ଲକୀ ନିର୍ଯ୍ୟାସ—ସ.ବି (ବୈଦ୍ୟକ)—କୁନ୍ଦୁରୁଖଣ୍ଡି; ଲୋବାନ୍; ଶୀଲା-
Śallakī nirjyāsa ରସ—Indian olibanum; Benzoin; Styrax Benzoin; liquid amber;
(ଶଲ୍ଲକୀଦ୍ରବ, ଶଲ୍ଲକୀରସ—ଅନ୍ୟରୂପ)
ସଂ. ପର୍ଯ୍ୟାୟ—କୁନ୍ଦୁରୁ, ମୁକୁନ୍ଦ, ସୁଗନ୍ଧ, କୁନ୍ଦକ, ମୁକୁନ୍ଦ, କୁନ୍ଦ, ପାଲଙ୍କା, ପାଲଙ୍କୀ, କୁନ୍ଦୁ, କୁନ୍ଦୁକ, କୁନ୍ଦରୁ, ତୀକ୍ଷ୍ଣଗନ୍ଧ,
[ବି—ଏହା ଧୂଣାପରି ଧୂପପାଇଁ ବ୍ୟବହୃତ ହୁଏ । ହିନ୍ଦୁମାନେ ଦେବାଳୟାଦିରେ ଧୂଣାଦ୍ୱାରା ଧୂପ

ବଲୀ, ଗୌରକ୍ଷୁ, ଶିଗସ୍କ, ଦେହାପର ମୁସଲମାନ ମାନେ
ଗାଷ୍ପଣ, ଶୋପୁଲକ, ବନ୍ଧୁଗନ୍ଧ, ଏଥିରେ ଧୂପ ଦଅନ୍ତି । ବୈଦ୍ୟଶାସ୍ତ୍ର
ପାଳନ, ସ୍ତ୍ରୁବଣ । ଅନୁସାରେ ଏହା ମଧୁର କଟୁ ତିକ୍ତ
ଓ. ଲବାନ୍, କୁନ୍ଦୁରୁଗୋନ୍ଦ ରସ । ଏହା ପାନ ଓ ବାହ୍ୟ
লবান, কুন্দরুখোটি ପ୍ରୟୋଗରେ ଶୀତଳ ଓ କଫ, ପିତ୍ତ,
कुन्दुरु, गुन्दबरीही ଦାହ, ପ୍ରଦର, ତୃଷ୍ଣା, ଜ୍ୱର, ସ୍ୱେଦ,
ଫା. କୁନ୍ଦରୁମୀ, ଗୋନ୍ଦମସ୍ତକା, ଚର୍ମରୋଗ, ଗ୍ରହଦୋଷ, ମୂତ୍ରରୋଗ,
ଅ. କୁନ୍ଦରେକବର୍, ବସ୍ତକ୍ କଫ ଓ ବାୟୁର ଶାନ୍ତିକାରକ ।
ତେ. କୁନ୍ଦୁରୁମୁ ଏହା ତକ ସହିତ ପ୍ରୟୋଗ କଲେ
ବା ଲେପ ଦେଲେ ମେଦ ଓ କୋଷବୃଦ୍ଧିଜନିତ ବେଦନା
ଶାନ୍ତ ହୁଏ ।]

ଶଲ୍ଲିକା—ସଂ. ବି—ନାବ; ନୌକା (ହି. ଶ)—
allikā Boat;

ଶଶ୍ (ଧାତୁ)—ସଂ—ଲମ୍ଫ ଦେଇ ଗତି କରିବା; ପ୍ଲୁତଗତି କରିବା—
Śas (root) To move jumping; to frisk about.

ଶଶ୍‌କାଳ(ଳେ)—ଗ୍ରା. କ୍ରି. ବିଣ (ସଂ. ତତ୍‌କାଳଂ ବା ସଦ୍ୟଃକାଳଂ)—
Śaś-kāḷa(ḷe) ୧। ତତ୍‌କ୍ଷଣାତ୍—1. Immediately;
সকালে तुरंत, झट all at once. ୨। ଅଣ୍ଡ;
ଚଞ୍ଚଳ; ଶୀଘ୍ର—2. Early.

ଶଶ—ସଂ. ବି (ଶଶ୍ ଧାତୁ+କର୍ତ୍ତି. ଅ; ଯେ ଲମ୍ଫଦେଇ ଗଲେ)—୧।
Śaśa ଶଶକ; ଠେକୁଆ; ବନେଶୟଜାତୀୟ କ୍ଷୁଦ୍ରପଶୁ—
1. Hare; rabbit. ୨। କାମଶାସ୍ତ୍ରବର୍ଣ୍ଣିତ 'ଶଶଜାତୀୟ ପୁରୁଷ'—2. One of the four classes, into which the Hindu amatory science has classified males. [ଦ୍ର—ଏଜାତୀୟ ପୁରୁଷ ମୃଦୁଭାଷୀ, ସୁଶୀଳ, କୋମଳାଙ୍ଗ, ସତ୍ୟବାଦୀ ଓ ଗୁଣବାନ୍ ଅଟନ୍ତି ।] ୩। ଝୁଣା—3. Resin. ୪। ଲୋଧ; ଲୋଧ୍ରଗଛ—4. A tree; Symplocus Racemosus. ୫। ଚନ୍ଦ୍ରଙ୍କ ଦେହରେ ଲକ୍ଷିତ କୃଷ୍ଣବର୍ଣ୍ଣ ଦାଗ—5. Dark spots seen on the surface of the moon. [ଦ୍ର—ପୁରାଣରେ ଅଛି ଯେ, ଗୋଟିଏ ଶଶକ (ଜଳାନ୍ତରରେ ମୃଗ) ତୃଷାର୍ତ୍ତ ହୋଇ ମଣ୍ଡଳାକା ଭ୍ରମରେ ଚନ୍ଦ୍ରଙ୍କୁ (କେମା ଚନ୍ଦ୍ରକରଶୋଭିତ ମରୁପ୍ରାନ୍ତରକୁ) ଗୋଟିଏ ଜଳାଧାର ବୋଲି ମନେକରି ଜଳ ପାନ କରିବାପାଇଁ ଦଉଡ଼ି ଦଉଡ଼ି ଯାଇ ଦେଖିଲା ଯେ, ସେଠାରେ ପାଣି ନାହିଁ । ଏହା ଦେଖି ଶଶକର ହୃଦୟ ଭାଙ୍ଗିଗଲା ଓ ସେ ମରିଗଲା । ତାଙ୍କଠାରେ ଅଶା ରଖି ଶଶକ ପ୍ରାଣ ହରାଇଥିବାରୁ ସେହି ଶଶକଟି ଚନ୍ଦ୍ରଙ୍କ ଦେହରେ କଳଙ୍କସ୍ୱରୂପ ଲାଗିରହିଲା ଏବଂ ସେହିଦିନଠାରୁ ଚନ୍ଦ୍ର ଶଶାଙ୍କ ହେଲେ ।]

ଶଶ(ଷ,ସ)—ଦେ. ବି (ସଂ. ଶସ୍ୟ)—୧। ନଡ଼ିଆ, ତାଳ, କଣାରୁଅଡ
Śaśa(sha,sa) ଫଳର କଠିନ ଅବରଣ ମଧ୍ୟରେ ଥିବା
শাস गुदा କୋମଳ ଅଂଶ—1. The soft kernel inside the hard rind of certain fruits.
୨। ଗଛର ମଜ୍ଜ—2. The pith of trees.

ଶଶକ—ସଂ. ବି (ଶଶ୍ ଧାତୁ+କର୍ତ୍ତୃ ଅକ ବା ଶଶ+ସ୍ୱାର୍ଥେ କ; ଯେ
Śaśaka ଡେଇଁ ଡେଇଁ ଗଲେ)—ଶଶ (ଦେଖ)
Śaśa (See)

ଶଶ କନ୍ଦ—ସଂ. ବି—କ୍ଷୀରକନ୍ଦ; କ୍ଷୀରି (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
Śaśa kanda Kshiri (See)

ଶଶକାଳ(ଳେ)—ଗ୍ରା. କ୍ରି. ବିଣ—ଶଶ୍‌କାଳ (ଦେଖ)
Śaśakāḷa(ḷe) Śaś-kāḷa (See)

ଶଶ ଘାତକ(ଘାତୀ)—ସଂ. ବି—ବାଜ; ଶ୍ୟେନ—
Śaś ghātaka(ghātī) Hawk.

ଶଶଜାତୀୟ ନର—ସଂ. ବି—ହିନ୍ଦୁଶାସ୍ତ୍ର (କୋକଶାସ୍ତ୍ର)ରେ ବର୍ଣ୍ଣିତ ପୁରୁଷ-
Śaśajātiya nara ମାନଙ୍କର ଚାରୋଟି ଶ୍ରେଣୀ ବା ଜାତି ମଧ୍ୟରୁ ଏକତମ—One of the four classes of male persons classified by the Hindu amatory treatises; a class of males of mild, pious and luxurious bent of mind and slender in build. [ଦ୍ର—ପୁରୁଷମାନେ କୋକଶାସ୍ତ୍ରର ବର୍ଣ୍ଣନା ଅନୁସାରେ ନିମ୍ନ ଚାରି ଶ୍ରେଣୀରେ ବିଭକ୍ତ—

୧। ଅଶ୍ୱଜାତୀୟ ପୁରୁଷ ।
୨। ବୃଷଜାତୀୟ ପୁରୁଷ ।
୩। ମୃଗଜାତୀୟ ପୁରୁଷ ।
୪। ଶଶଜାତୀୟ ପୁରୁଷ ।

ଏହି ୪ର୍ଥ ଶଶଜାତୀୟ ପୁରୁଷ କ୍ଷୁଦ୍ରକାୟ, କୋମଳସ୍ୱଭାବ, ସୁଚରୁ, ବଳସ୍ୱୀ, ସୁକୁମାରାଙ୍ଗ, ସ୍ନେହୀ ଓ ମଧୁର, ପ୍ରେମଶୀଳ ଏବଂ କାମକ୍ରୀଡ଼ାରେ ସାଧାରଣରୂପେ ଅସକ୍ତ ଓ ଧାର୍ମିକ ତଥା ସ୍ତ୍ରୀର ବଶୀଭୂତ । ଏହି ଶଶଜାତୀୟ ପୁରୁଷଙ୍କ ପ୍ରତି ପଦ୍ମିନୀଜାତୀୟା ସ୍ତ୍ରୀ ଉପଯୁକ୍ତା ।]

ଶଶଧର—ସଂ. ବି (ଶଶ+ଧୃ ଧାତୁ+କର୍ତ୍ତୃ ଅ; ଯେ ଶଶକଚିହ୍ନ
Śaśadhara ଦେହରେ ଧାରଣ କରିଥାନ୍ତି)—୧। ଶଶାଙ୍କ;
ଚନ୍ଦ୍ର—1. The moon. ୨। କର୍ପୂର—
শশধর शशधर 2. Camphor. ଦେ. ବି. ପୁଂ—
ପୁରୁଷଙ୍କ ନାମ—A name given to males.
ଦେ. ବିଣ (ସଂ. ଶଶଧର=ଚନ୍ଦ୍ର)—୧। କୌଣସି କାର୍ଯ୍ୟ
ସାଧନ ବିଷୟରେ ପାରଙ୍ଗମ—1. Capable; able.
समर्थ ୨। ଯୋଗ୍ୟ (ବ୍ୟକ୍ତି)—2. Worthy (person).
୩। କୁଣ୍ଠିତ—3. Loth; averse. (ଯଥା—ତୁମ କଥାରେ ଏତେ ଶଶଧର କାହିଁକି ହେଉଅଛ ?)

ଶଶପ୍ଳୁତକ—ସଂ. ବି (ରତିଶାସ୍ତ୍ର)—ନାୟକ ଓ ନାୟିକାଙ୍କ କାମକ୍ରୀଡ଼ା
Śaśapḷutaka ସମୟରେ ପରସ୍ପର ଅଙ୍ଗରେ କରିବା ନଖାଘାତ—The scratching by the nail on the body of the lovers made during amatory enjoyment.

'	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଭ
'	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗ୍ୟ	ଇଅ	ଢ଼	ନ୍ନ

ଶଶବିନ୍ଦୁ—ସଂ. ବି (ଶଶ ଅଙ୍କେ ବିନ୍ଦୁ=ଚିହ୍ନ ଯାହାର)—୧ । ଶଶାଙ୍କ; Śaśabindu ଚନ୍ଦ୍ର—1. The moon. ୨ । ବିଷ୍ଣୁଙ୍କ ନାମ—2. A name of Bishṇu. ୩ । ଗନ୍ଧର୍ବ ଚିତ୍ରରଥଙ୍କ ପୁତ୍ର; ପ୍ରାଚୀନ ରାଜାବିଶେଷ—3. Name of a king of ancient India, son of Gandharba Chitraratha.

ଶଶ ବିଷାଣ—ସଂ. ବି (୬ଷ୍ଠୀ ତତ୍)—ଠେକୁଆର ଶିଙ୍ଗ ବା ଶିଙ୍ଘ, ଅସମ୍ଭବ Śaśa bishāṇa ବା ଅଳୀକ କଥା—The hares, (ଶଶ ଶୃଙ୍ଗ—ଅନ୍ୟରୂପ) horn; impossibility. [ଦ୍ର—ଠେକୁଆର ଶିଙ୍ଘ ନାହିଁ, ଅତଏବ ଠେକୁଆର ଶିଙ୍ଘ ବୋଲି ସଂସାରରେ କିଛି ବସ୍ତୁ ନାହିଁ । ଅସମ୍ଭବ ବା ଅଳୀକ ବିଷୟର ଦୃଷ୍ଟାନ୍ତ ସ୍ଥଳରେ ଏ ଶବ୍ଦ ପ୍ରୟୋଗ କରାଯାଏ । ଏହିପରି ଅସମ୍ଭବ ବିଷୟବାଚକ ଅନ୍ୟ ଶବ୍ଦମାନ । ଯଥା—ଆକାଶକୁସୁମ, ବନ୍ଧ୍ୟାପୁତ୍ର, କୂର୍ମଲୋମ । ଏ ସବୁ ସଂସ୍କୃତ ଶବ୍ଦ । ଓଡ଼ିଆରେ ମଧ୍ୟ ଏହିପରି କେତେକ ଶବ୍ଦ ଅଛି । ଯଥା—ଆକାଶ କଇଁଆ, ଲେଉଟରେ ବାଳ, ଭଇଁର ଦାନ୍ତ, ଘୋଡ଼ାଡିମ୍ବ. ବଙ୍ଗଳାରେ 'ସୋନାର ପାଥରବାଟି' 'କାଁଠାଲେର ଆମସତ୍ତ୍ୱ' ଘୋଡ଼ାର ଡିମ' ଇତ୍ୟାଦି । ଇଂରାଜୀରେ castles in the air 'horse's egg'] (ଦ୍ର—ମୋହର ଭାଗ୍ୟେ କ ଲେଖାଥିଲା ଏହା କେହିବା ଶଶବିଷାଣ—ରାଧାନାଥ. ଯଯାତି ।)

ଶଶ ବ୍ୟସ୍ତ—ସଂ. ବିଣ—(ଅଧୁନିକ ପ୍ରୟୋଗ; ବଙ୍ଗଳା ବ୍ୟବହାରରୁ Śaśa byasta ଗୃହୀତ; ଶଶ ଠେକୁଆ ପରି ବ୍ୟସ୍ତ=ତ୍ରସ୍ତ, ଉଦ୍‌ବିଗ୍ନ; ମ. ଦ. ଲୋ)—୧ । ଅତ୍ୟନ୍ତ ଉଦ୍‌ବିଗ୍ନ—1. Hurried; very restless; much perturbed ୨ । ଅତ୍ୟନ୍ତ ତ୍ରସ୍ତ; ତ୍ରସ୍ତବ୍ୟସ୍ତ; ଲଙ୍ଗଳା ମୁକୁଳା; ଭୀତ କମ୍ପିତ—2 Much frightened; very much ruffled. ୩ । କିଂକର୍ତ୍ତବ୍ୟ ବିମୂଢ଼—3 Dumbfounded.

ଶଶବ୍ୟସ୍ତତା—ସଂ. ବି.—ଅତ୍ୟନ୍ତ ତ୍ରସ୍ତଭୀତ ହେବା ଅବସ୍ଥା—The Śaśabyastatā state of being in hot haste; hurry; hot haste; confusion.

ଶଶବ୍ୟସ୍ତେ—ଦେ. କ୍ରି. ବିଣ—୧ । ଅତ୍ୟନ୍ତ ଉଦ୍‌ବିଗ୍ନଚିତ୍ତଭାବରେ—Śaśabyaste 1. Hurriedly ୨ । ସଂଭ୍ରମେ—2. With ଶଶବ୍ୟସ୍ତହୟେ ତୁରନ୍ତ due respect. [ଉ—ଅନନ୍ତର ଶଶବ୍ୟସ୍ତେ ଉଠି ନ ପ୍ରମଣି, ନବୀନ ଜାମାତୃବରେ ଆଲିଙ୍ଗି ଅଦରେ । —ଚିନ୍ତାମଣି, ବଡମାହାତ୍ୟ]

ଶଶଭୃତ୍—ସଂ. ବି—(ଶଶ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ କ୍ୱିପ୍) Śaśa bhṛut—ଶଶାଙ୍କ: ଶଶଧର (ଦେଖ)—Śaśāṅka; Śaśadhara (See).

ଶଶଯାଗ(ନ) ତୀର୍ଥ—ସଂ. ବି—ତୀର୍ଥ ବିଶେଷ—The name of a Śaśajāga(na)tīrtha sacred place of pilgrimage [ଦ୍ର—ଶଶ ଯାଗ ତୀର୍ଥେ କାର୍ତ୍ତିକ ପୂର୍ଣ୍ଣିମାରେ, ଯଦି ସ୍ନାନ କଲେ ତୁଅଇ ବଡ଼ ଧର୍ମ । କୃଷ୍ଣସିଂହ. ମହାଭାରତ ବନ ।]

ଶଶ ଲାଞ୍ଛନ—ସଂ. ବି—(ଶଶଅଟେ ଲାଞ୍ଛନ=ଚିହ୍ନ ଯାହାର; ବହୁବ୍ରୀହି)—Śaśa lāñchhana ଶଶାଙ୍କ; ଚନ୍ଦ୍ର—The moon.

ଶଶ ସ୍ଥଳୀ—ସଂ. ବି—ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ଦେଶ—The Doab; Śaśa sthaḷī the country lying between the Ganges and the Jamuna. [ଦ୍ର—ଏହା ବର୍ତ୍ତମାନ ଦୋଆବ୍ ନାମରେ ଖ୍ୟାତ ।]

ଶଶ ହହ—ଦେ. ବି. ଓ ବିଣ—ଶ, ହ, (ଦେଖ)—Śaśa haha Śa, ha, (See)

ଶଶା—ଦେ. ବି.—୧ । (ସଂ. ଶଶକ) ଶଶକ; ଠେକୁଆ—Śaśā 1. The hare; rabbit. ୨ । (ସଂ. ତ୍ରପୁଷୀ; ସଂ. ଶଶ୍ୟ; ବଙ୍ଗଳାରୁ ଅନୁକୃତ) କାକୁଡ଼ି; ଲମ୍ବିଆ କାକୁଡ଼ି—2. Cucumber; Cucumis Hardwickii.

ସଂ. ତ୍ରପୁଷା, ତ୍ରପୁସ, କଣ୍ଟକୀଫଳ, ସୁଧାବାସ(ସା), ତ୍ରପୁଶୀ, ସୁଶୀତଳ, ପୀତ ପୁଷ୍ପା, କାଣ୍ଡାଳୁ, ତ୍ରପୁକର୍କଟୀ, ବହୁଫଳା, କଣ୍ଟକୀ ଲତା, କୋଷ ଫଳା, ଗୁଣ୍ଡ୍ରି ଲ ଫଳା
ମ. ତୌଶୀ, କର୍କଟୀ
ତା. ମଦେବେଦ୍ଦର ଦୋଷକଣେ
ଫା, ଖୟାର୍, ବାରଙ୍ଗ
ଅ. ଭସବ
ତେ. ଦୋଷ କାୟ

[ଦ୍ର—ଏହା କୁଷ୍ମାଣ୍ଡାଦି ବର୍ଗର କୃଷିଜାତ ଲତା ଓ ତହିଁର ଖାଦ୍ୟୋପଯୋଗୀ ଫଳ । ପତ୍ର ପଞ୍ଚଶାଖା ବା ଅଙ୍ଗୁଳିଯୁକ୍ତ ଓ ଲୋମଶ, ଫୁଲ ହଳଦିଆ । ଫଳ ଲମ୍ବ ଓ ଗୋଲ ଓ ଅବ୍ ଦ୍ରମସ୍ତ । ବସନ୍ତ କାଳରେ କ୍ଷେତରେ ବୃଷ ହୋଇ ଯେଉଁ ଫସଲ କରାଯାଏ, ସେ ଫଳ ୩।୪ ଇଞ୍ଚ ଲମ୍ବ । ଏହାକୁ ବଲ ଶଶା ବା ମୁଣ୍ଡି ଶଶା ଖୀରା କାକୁଡ଼ି ବୋଲାଯାଏ । ବର୍ଷା ଋତୁରେ ଘର ବାଡ଼ିରେ ଯେଉଁ ଫସଲ ଉଞ୍ଚା ଉପରେ ମାଡ଼େ, ସେ ଫଳର ସ୍ଥୂଳତା ପ୍ରାୟ ୩ଇଞ୍ଚ, ବ୍ୟାସ ଓ ଲମ୍ବ ପ୍ରାୟ ୧ ଫୁଟ ପର୍ଯ୍ୟନ୍ତ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ମଧୁର ରସ, ଶୀତଳ, ଗୁରୁପାକ, ରୁଚିକର, ବଳନାଶକ, ମୂତ୍ରକାରକ, ଓ ଭ୍ରମ, ପିତ୍ତ, ଦାହ, ପିପାସା, କ୍ଲାନ୍ତି, ରକ୍ତପିତ୍ତ ତଥା ବମନ ରୋଗରେ ଉପକାରକ । ଶ୍ୱେତ ଓ ନୀଳବର୍ଣ୍ଣ ଭେଦରେ ଶଶା ଦୁଇ ପ୍ରକାର । ନୀଳ ଅପେକ୍ଷା ଶ୍ୱେତ ଅଧିକ କଫକାରକ; ପକ୍ୱଶଶା, ଅମ୍ଳ ରସ, ଉଷ୍ଣବୀର୍ଯ୍ୟ, ପିତ୍ତବର୍ଦ୍ଧକ ଓ ବାତ ନାଶକ । କାକୁଡ଼ି ମଞ୍ଜି ଶୀତଳ, ରୂକ୍ଷ, ମୂତ୍ରବର୍ଦ୍ଧକ ଏବଂ ପିତ୍ତ, ରକ୍ତ ଓ ମୂତ୍ରକୃଚ୍ଛ୍ର ରୋଗର ଉପଶମକାରକ । କାକୁଡ଼ି କଅଁଳ ଥିବା ଅବସ୍ଥାରେ ଖାଇବାକୁ ରୁଚିକର ଲାଗେ । ଫଳ ବୁଢ଼ା ହୋଇଗଲେ ତା ଶ୍ୱେଷା ଝାଣ ଓ

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଟାଇ' ନ ମିଳିଲେ 'ଟାଈ'ଖୋଜିବେ; 'ମୁଢ' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ'ନ ମିଳିଲେ 'ବନ୍ଧୂ' ଦେଖିବେ; 'ଅର୍ଗଳ' ନ ପାଇଲେ'ଅର୍ଗଳ' ଦେଖିବେ;'ଅଲବତ' ନ ପାଇଲେ 'ଅଲବତ୍'ଦେଖିବେ

ନାଲିଆ ହୁଏ ଏବଂ ଏହାକୁ ଖାଇ ଉଦରାଗ୍ନି ଓ ଅମ୍ଳିଭ ହୋଇଯାଏ । ଫୁଟି କାକୁଡ଼ି ମଧ୍ୟ ଏହି ଜାତୀୟ ।]

ଶଶାଙ୍କ—ସଂ. ବି (ଶଶ ଅଟେ ଅଙ୍କ=ଚିହ୍ନ ଯାହାର, ଶଶ ଅଛି ଅଙ୍କ= କୋଳରେ ଯାହାର; ବହୁବ୍ରୀହି)—୧ । ଚନ୍ଦ୍ର—
Śaśāṅka
1 The moon. ଦେ. ବି—୧ । ପ୍ରାଚୀନ ବଙ୍ଗର ଗୁପ୍ତ ବଂଶର ଜଣେ ରାଜା—2 Name of a king of ancient Bengal. [ଦ୍ର—ପ୍ରାଚୀନ ବଙ୍ଗର ଅନ୍ତର୍ଗତ କର୍ଣ୍ଣସୁବର୍ଣ୍ଣ (ଅଧୁନାର ରାଙ୍ଗାମାଟି) ରାଜ୍ୟର ପ୍ରସିଦ୍ଧ ରାଜା । ଏ କାନ୍ୟକୁବ୍ଜର ରାଜା ହର୍ଷବର୍ଦ୍ଧନଙ୍କ ସମସାମୟିକ । ମାଳବ ରାଜାଙ୍କର ଏ ମିତ୍ର ଥିଲେ । ହର୍ଷବର୍ଦ୍ଧନ ରାଜାଙ୍କ ଭାଇ ରାଜ୍ୟବର୍ଦ୍ଧନ ମାଳବ ରାଜ୍ୟକୁ ଆକ୍ରମଣ କରି ଅଧିକାର କରିବାରୁ ଶଶାଙ୍କ ପ୍ରଚ୍ଛନ୍ନଭାବରେ ରାଜ୍ୟବର୍ଦ୍ଧନଙ୍କ ଶିବିରରେ ପ୍ରବେଶ କରି ତାଙ୍କୁ ହତ୍ୟା କଲେ ଓ ଏହି ଅପରାଧରେ ହର୍ଷବର୍ଦ୍ଧନ ଏହାଙ୍କ ରାଜ୍ୟକୁ ଆକ୍ରମଣ କରି ଅଧିକାର କଲେ । ଏ ଚୀନ ପରିବ୍ରାଜକଙ୍କ ବର୍ଣ୍ଣିତ କର୍ଣ୍ଣସୁବର୍ଣ୍ଣାଧିପତି ଶଶାଙ୍କ ନରେନ୍ଦ୍ର ଗୁପ୍ତ ଥିବା ପ୍ରତ୍ନତତ୍ତ୍ୱବିଦ୍‌ମାନେ କହନ୍ତି ।] ୨ । ବଙ୍ଗର ଗୁପ୍ତ ବଂଶର ଶେଷ ରାଜା—2. The last king of Gupta dynasty of Bengal. [ଦ୍ର—ଏ ମହା ବୋଧି ଦ୍ରୁମକୁ ପୋଡ଼ି ଥିଲେ । ଗୁପ୍ତ ସାମ୍ରାଜ୍ୟର ଧ୍ୱଂସ ପରେ ସପ୍ତମଶତାବ୍ଦୀର ଶେଷଭାଗରେ ଏ ରାଜ୍ୟ ସ୍ଥାପନ କରିଥିଲେ । (ବିଶ୍ୱକୋଷ) । ୩ । ପୁରୁଷଙ୍କ ନାମ—3. A name given to males.

ଶଶାଙ୍କ ମୌଳି—ସ. ବି. ପୁ—(ଶଶାଙ୍କ ମୌଳି=ଶିରରେ ଯାହାର; ବହୁବ୍ରୀହି)—ଶିବ—Śiba
Śaśāṅka mauḷi

ଶଶାଙ୍କ ମୁକୁଟ }
ଶଶାଙ୍କ ଶେଖର } —ଅନ୍ୟରୂପ

ଶଶାଙ୍କ ରେ(ଲେ)ଖା—ସ. ବି—କ୍ଷୀଣ ବା ସଦ୍ୟପ୍ରାପ୍ତ ଚନ୍ଦ୍ର; ଖଣ୍ଡଚନ୍ଦ୍ର— The crescent of the moon.
Śaśāṅka re(le)khā

ଶଶାଙ୍କ ସୁତ—ସ.ବି(୬ଷ୍ଠୀ ତତ୍)—ଚନ୍ଦ୍ର ତନୟ ବୁଧ—The planet mercury.
Śaśāṅka suta

ଶଶାଙ୍କଜ }
ଶଶାଙ୍କତନୟ } —ଅନ୍ୟରୂପ

ଶଶାଙ୍କୋପଳ—ସ. ବି—ଚନ୍ଦ୍ରକାନ୍ତ ମଣି (ହି. ଶ)—Moonstone.
Śaśāṅkopaḷa

ଶଶା ଜୀବନ—ଦେ. ବି—ଠେକୁଆ ପରି ସୁକୁମାର ପ୍ରାଣ (ଯେଉଁ ଜୀବନ ସାମାନ୍ୟ ଆଘାତରେ ନଷ୍ଟ ହୋଇ ଯାଏ ।)—
Śaśā jibana
শশাজীবন; সুকুমার सुकुमार Delicate life.

ଶଶାଣ୍ଡୁଳି—ସ. ବି—ଏକ ପ୍ରକାର କାକୁଡ଼ି; ପିତା କାକୁଡ଼ି (ରାଜନିର୍ଘଣ୍ଟ); କଣ୍ଟିଆଳ କାକୁଡ଼—A sort of cucumber.
Śaśāṇḍuḷi
[ଅନ୍ୟସଂନାମ—ତଣ୍ଡୁଳୀ ଯୋନି- [ଦ୍ର—ଏହା ତିକ୍ତ,କଟୁ, ଅମ୍ଳ, ମଧୁର; ସଂଗ୍ରାହୀ, କ୍ଷୁଦାମ୍ଳା,ଶ୍ଳେଷ୍ମଘ୍ନଫଳା, କଫ ନାଶକ, ଦାହ କାରକ, କଫଧୂମ୍ରା, ବୃତ୍ତଫଳା ଶୋଷକ, ରୁଚିକର ଓ ଦୀପନ—ବିଶ୍ୱ-
তিতকাকুড় कड़वि ककड़ि କୋଷ)

ଶଶାଦ—ସଂ ବି—(ଶଶ=ଠେକୁଆ+ଅଦ୍ ଧାତୁ—ଭକ୍ଷଣ କରିବା+ କର୍ତ୍ତୃ ଅ;ଯେ ଠେକୁଆକୁ ମାରି ଖାଏ ।)—ବାଜପକ୍ଷୀ;ଶ୍ୟେନ;
Śaśāda
(ଶଶାଦନ—ଅନ୍ୟରୂପ) ଛଞ୍ଚାଣ—(Hawk); falcan ୨ । ଇକ୍ଷ୍ୱାକୁଙ୍କ ର ଏକପୁତ୍ର—2. Name of a son of Ikshwaku. [ଦ୍ର—ଏହାଙ୍କର ଅନ୍ୟନାମ ବିକୁକ୍ଷି;କଥିତ ଅଛିଯେ, ଏ ପିତାଙ୍କ ଆଦେଶରେ ଶ୍ରାଦ୍ଧାର୍ଥ ମୃଗୟା କରିବାକୁ ଯାଇ ବହୁ ମୃଗ ବଧ କରିଥିଲେ ଓ ଫେରିଲା ବେଳକୁ କ୍ଳାନ୍ତହୋଇ ଗୋଟିଏ ଠେକୁଆ ବଧ କରି ତା ମାଂସ ଖାଇଥିଲେ । ଭାଗବତ —ବିଶ୍ୱକୋଷ]

ଶଶା ମାଂସ—ଦେ.ବି.—(ବୈଦ୍ୟକ) ଠେକୁଆର ମାଂସ—The meat of hare [ଦ୍ର—ଏହା ଶୀତବୀର୍ଯ୍ୟ, ଲଘୁ, ସଂଗ୍ରାହକ, ରୁକ୍ଷ, ମଧୁର ରସ, ଅଗ୍ନିକାରକ; କଫ ପିତ୍ତ ବାୟୁଅଦ ଓ ଜ୍ୱର, ଅତିସାର, ରକ୍ତ ଦୁଷ୍ଟି ଏବଂ ଶ୍ୱାସ ରୋଗ ନାଶକ ।]
Śaśā māṁsa

ଶଶିଅଳ—ଦେ. ବିଣ—(ସଂ ଶସ୍ୟଳ)—୧ । ଶସ୍ୟଳ; ଶସ୍ୟଶାଳୀ (ଭୂମି)
Śaśiaḷa 1. (Land or soil) Full of crops. ୨ ।
উর্বর उपदाऊ ଉର୍ବରା—2. Productive; fruitful. ୩ । ପ୍ରଚୁର ଓ ବଳିଷ୍ଠ ରୂପେ ବୃଦ୍ଧି ପାଉଥିବା (ବୃକ୍ଷାଦି) 3. (Trees and plants) Growing luxuriantly; of luxuriant growth.

ଶଶିକର—ସଂ. ବି.—(ଶଶିନ୍+କର, ୬ଷ୍ଠୀ ତତ୍)—ଜ୍ୟୋତ୍ସ୍ନା; ଚନ୍ଦ୍ରକିରଣ—Moonlight; the rays of the moon.
Śaśi kara

ଶଶିକରାଲୋକିତ—ସଂ ବିଣ—(ଶଶିକର ଦ୍ୱାରା ଆଲୋକିତ; ୩ୟା ତତ୍)
Śaśikarālokita—ଜ୍ୟୋତ୍ସ୍ନାଲୋକିତ;ଚନ୍ଦ୍ର କିରଣ ଦ୍ୱାରା ଆଲୋକିତ; ବା ଉଜ୍ଜ୍ୱଳ ହୋଇଥିବା— Lit by the rays of the moon; moon-lit.
ଶଶିକରୋଜ୍ଜ୍ୱଳ }
ଶଶିକରୋଦ୍ଭାସିତ } —ଅନ୍ୟରୂପ

ଶଶି କଳା—ସ. ବି—(ଶଶିନ୍+କଳା; ୬ଷ୍ଠୀ ତତ୍)—୧ । ଚନ୍ଦ୍ରକଳା; ଚନ୍ଦ୍ରଙ୍କର ଅଂଶ (୧୬ଟି)—1. The digits of the moon. ୨ । ପଞ୍ଚଦଶାକ୍ଷର ଛନ୍ଦୋବିଶେଷ—(ଏହାର ପ୍ରତ୍ୟେକ ଚରଣରେ ୪ ନଗଣ ଓ ୧ ସଗଣ ଅର୍ଥାତ୍ ସବୁ ବର୍ଣ୍ଣ ଲଘୁ; କେବଳ ଶେଷ ବର୍ଣ୍ଣଟି ଗୁରୁ ଅଟେ) —2. Name of a sanskrit metre of 15 syllables. ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Śaśi kaḷā
শশি কলা शशि कला A name given to females.

ଶଶିକା—ଦେ. ବ. ସ୍ତ୍ରୀ—ଶଶୀ ନାମ୍ନୀ ସ୍ତ୍ରୀର ଡାକ ନାମ—
Śasikā শশী शशी Name for calling Śaśi.

ଶଶି କାନ୍ତ—ସ. ବ—(ଶଶୀ ଅଟେ କାନ୍ତ ଯାହାର, ବହୁବ୍ରୀହି)—
Śasi kānta ୧ । ଚନ୍ଦ୍ରକାନ୍ତ ମଣି—1. Moonstone.
শশিকান্ত शशीकान्त ୨ । କୁମୁଦ—2. Water-lily. ଦେ. ବ. ପୁଂ—ପୁରୁଷଙ୍କ ନାମ—
A name given to males.

ଶଶି କୋଟି—ସ. ବ—(୬ଷ୍ଠୀ ତତ୍)—ଖଣ୍ଡଚନ୍ଦ୍ରର ଦୁଇଟି ଅଗ୍ର ବା
Śasi koṭi ଶୃଙ୍ଗ—The two horns of the lunar crescent.

ଶଶି ଖଣ୍ଡ—ସ. ବ—୧ । ଚନ୍ଦ୍ରର କଳା ବା ଅଂଶ—1. Digit of
Śasi khaṇḍa the moon. ୨ । ମହାଦେବ (ହ. ଶ)—
2. Śiba. ୩ । ବିଦ୍ୟାଧର ବିଶେଷ (ହ. ଶ)—
3. Name of a Bidyādhara.

ଶଶି ଗୁହ୍ୟା—ସ. ବ—ଯଷ୍ଟି ମଧୁ (ହ. ଶ)—
Śasi guhya Liquorice.

ଶଶିଜ—ସ. ବ—(ଶଶି+ଜନ୍ ଧାତୁ+କର୍ତ୍ତୃ. ଅ)—ବୁଧ ଗ୍ରହ—
Śaśija The comet mercury
[ଶଶି ତନୟ, ଶଶି ପୁତ୍ର, ଶଶି ସୁତ—ଅନ୍ୟରୂପ]

ଶଶି ଜୀବନ—ସ. ବ—(ଶଶୀ ଅଟନ୍ତି ଜୀବନ ଯାହାର; ବହୁବ୍ରୀହି)—
Śasi jībana ୧ । କୁମୁଦ; କଇଁ—1. Water lily. ୨ । ଔଷଧ—2. Medicinal and annual plants; herbs. ଦେ. ବ—ବଙ୍ଗର ଜଣେ ସୁବିଖ୍ୟାତ ନୈୟାୟିକ ସ୍ୱର୍ଗୀୟ ପଣ୍ଡିତ । (ଏହାଙ୍କ ଉପାଧି ତର୍କବହ୍ନି ଥିଲା)—Name of a late Bengali Pandit versed in Hindu Logic.

ଶଶି ଠାର—ଦେ. ବ—ଓଡ଼ିଆରେ ଏକପ୍ରକାର ଠାର—
Śaśi ṭhāra ठार A cypher language in Oriya.
ଚିକାରୀ [ଉ—ଚର ଅଭ୍ୟସ୍ତ, ଶସ୍ତ୍ର ସ୍ୱସ୍ଥ କର ଅସ୍ତୁ, ବସି ଗୋଷ୍ଠିଲ ଶଶିଠାରରୁ ରେ—କବିସୂର୍ଯ୍ୟ. ସଙ୍ଗୀତ ।]
[ଦ୍ର—ଏଥିରେ ବର୍ଣ୍ଣମାଳାର ଅକ୍ଷରମାନଙ୍କ ସ୍ଥାନରେ ଯଥାକ୍ରମେ ଅନ୍ୟ ନିର୍ଦ୍ଦିଷ୍ଟ ଅକ୍ଷର ଲଗାଇ କଥା ଭାଷା କରାଯାଏ । ଯଥା—
ଅ ସ୍ଥାନରେ କ ଓ କ ସ୍ଥାନରେ ଅ । ଏହିପରି ଅନ୍ୟ ମାତ୍ରା ଯୁକ୍ତ ଅକ୍ଷରରେ; ଅ ସ୍ଥାନରେ କା କା ସ୍ଥାନରେ ଅ

ଇ—କି ଈ—କୀ
ଉ—କୁ ଊ—କୂ
ଋ—କୃ ୠ—କୄ
ଏ—କେ ଐ—କୈ
ଓ—କୋ, ଔ—କୌ ।
ଗ—ଗ, ଓ ଙ ସ୍ଥାନରେ ଙ ।
ଘ—ଙ, ଚ ବର୍ଗ=ଟ ବର୍ଗ ।
ଝ—ଞ, ତ ବର୍ଗ=ପ ବର୍ଗ
ଜ—ଡ, ଯ=ଷ, ଲ=ସ
ଳ—ସ, ବ=ଶ ।

[ଉ—ମୁଁ ଖୁବ ଖାଉଅଛି । ଶଶିଠାରରେ—କୁଥାପଗାଲୁ ଲଠି; ବାବାରେ ! ଅସ—ଶଶିଠାରରେ—ଦାଦା ସେ କାବ]

ଶଶିଦେବ—ସ ବ.—ରନ୍ତିଦେବ (ବିଶ୍ୱକୋଷ)
Śaśideba King Rantideba

ଶଶିଦୈବ—ସଂ ବ—(ବହୁବ୍ରୀହି; ଶଶୀ ଅଟନ୍ତି ଦୈବ ବା ଅଧିଷ୍ଠାତୃଦେବ
Śaśidaiba ଯାହାର)—ମୃଗଶିରା ନକ୍ଷତ୍ର (ହ. ଶ)—The 5th lunar asterism.

ଶଶିନ୍ (ଶବ)—ସଂ—(ଶଶ=ଠେକୁଆ+ଅସ୍ତ୍ୟର୍ଥରେ ଇନ୍; ଶଶିନ୍
Śaśin ଶବ୍ଦର ୧ମା. ୧ବ. ଶଶୀ; ଏହାଙ୍କ ଅଙ୍କରେ ଶଶ ଥିବାରୁ) ଚନ୍ଦ୍ର—The moon (root word.)

ଶଶିପ୍ରଭ—ସଂ ବଣ. ପୁଂ—(ଶଶିନ୍+ପ୍ରଭା,ଶଶୀର ପ୍ରଭାପରି ପ୍ରଭା ଯାହାର)
Śaśi prabha —୧ । ଚନ୍ଦ୍ରକପରି ସମୁଜ୍ଜ୍ୱଳ—1. Bright
(ଶଶିପ୍ରଭା—ସ୍ତ୍ରୀ) as the moon. ୨ । ଶୁଭ୍ରବର୍ଣ୍ଣ ଧବଳ—
2. White as the moon.
ସଂ ବ.—୧ । ଚନ୍ଦ୍ରକାନ୍ତ ମଣି—1. Moonstone; a gem. ୨ । ମୁକ୍ତା—2. Pearl. ୩ । କୁମୁଦ; କଇଁ (ହ. ଶ)—3. Waterlily.

ଶଶି ପ୍ରଭା—ସଂ ବ.—(୬ଷ୍ଠୀତତ୍)—୧ । ଚନ୍ଦ୍ରକିରଣ; ଜ୍ୟୋତ୍ସ୍ନା—
Śaśi prabhā Moonlight. ୨ । (ବହୁବ୍ରୀହି) କୁମୁଦ କଇଁ—2. Water lily. ସ. ବଣ. ସ୍ତ୍ରୀ—ଶଶିପ୍ରଭର ସ୍ତ୍ରୀଲିଙ୍ଗ—
Feminine of Śaśiprabha.
ଦେ. ବ. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—A name given to women.

ଶଶି ପ୍ରିୟା—ସଂ ବ—(୬ଷ୍ଠୀତତ୍)—୨୭ ନକ୍ଷତ୍ର (ହ.ଶ)
Śaśi priyā The 27 asterisms.

ଶଶିବଦନା—ସଂ ବଣ. ସ୍ତ୍ରୀ—(ଶଶିବତ୍ ବଦନ ଯାହାର; ବହୁବ୍ରୀହି—
Śaśibadanā ଶଶିନ୍+ବଦନ+ଆ) ଶଶିମୁଖୀ; ଚନ୍ଦ୍ରାନନା; ବିଧୁମୁଖୀ—Having the face as beautiful and bright as the moon. [ଦ୍ର—ଶଶିବଦନାର ପୁଂଲିଙ୍ଗ ଶଶିବଦନ; କିନ୍ତୁ ବର୍ତ୍ତମାନଙ୍କର ପୁରୁଷଙ୍କ 'ଶଶିବଦନ' ବିଶେଷଣ ଦେବାର ଶୁଣା ନାହିଁ ।]
ବ.—ଛନ୍ଦଃଶାସ୍ତ୍ରର ଛନ୍ଦୋବିଶେଷ । [ଦ୍ର—ଏହାର ପ୍ରତ୍ୟେକ ଚରଣରେ ୧ ନଗଣ ଓ ୧ ଯଗଣ ଥାଏ, ଅର୍ଥାତ୍ ୧ମ ଗୁରୁ ବର୍ଣ୍ଣ ଓ ଶେଷ ଦୁଇବର୍ଣ୍ଣ ଗୁରୁ]—Name of a Sanskrit metre of 6 syllables;

ଶଶିବଦନୀ—ଦେ. ବଣ. ସ୍ତ୍ରୀ—(ସଂ ଶଶିବଦନା)-ଶଶିବଦନା (ଦେଖ)
Śaśibadanī Śaśibadanā (See)

ଶଶି ଭାଲ—ସଂ ବ.—(ବହୁବ୍ରୀହି)—ମହାଦେବ—
Śaśi bhāla Śiba
(ଶଶିଭାଲା-ସ୍ତ୍ରୀ)—ସଂ ବଣ. ପୁ.—ଯାହାଙ୍କ ଭାଲରେ ଚନ୍ଦ୍ର ଅଛି—
Having the moon on the brow.

ଶଶିଭାଲିନୀ—ସଂ ବଣ. ସ୍ତ୍ରୀ—(ଶଶିନ୍+ଭାଲ+ଇନ୍+ସ୍ତ୍ରୀ ଈ)-ଯାହାଙ୍କ
Śaś:bhālinī ଲଲାଟରେ ଚନ୍ଦ୍ର ଅଛି—(a female) Having the moon on the brow. ବି.—ଦୁର୍ଗା—
(ଶଶଭାଲୀ—ପୁଂ) Goddess Durgā

ଶଶି ଭାଲୀ—ଦେ. ବ. ସ୍ତ୍ରୀ (ସ. ଶଶିଭାଲ)—ଦୁର୍ଗା; କାଳୀ—Durgā.
Śasibhāli ସ. ବ. ପୁଂ (ଶଶିନ୍+ଭାଲ+ଇନ୍; ୧ମା. ୧ବ)—ଶିବ; ମହାଦେବ—Śiba.
ସ. ବଣ. ପୁଂ—ଯାହାଙ୍କ ମସ୍ତକରେ ଚନ୍ଦ୍ର ଅଛି—Having the moon on the brow.

ଶଶି ଭୂଷଣ—ସ. ବ (ଶଶିନ୍+ଭୂଷଣ; ଶଶୀ ଅଟେ ଭୂଷଣ ଯାହାର; ବହୁବ୍ରୀହି)—ଚନ୍ଦ୍ରଚୂଡ଼; ଶିବ; ମହାଦେବ—Śiba. ଦେ. ବ. ପୁଂ—ଲୋକଙ୍କ ଦିଆଯିବା ନାମ—A name given to males.
Śasi bhūshaṇa
ସଂ. ବଣ. ପୁଂ (ବହୁବ୍ରୀହି)--ଚନ୍ଦ୍ର ଯାହାଙ୍କର ଅଳଙ୍କାର—Decorated with the moon.
(ଶଶିଭୂଷଣା—ସ୍ତ୍ରୀ)

ଶଶିଭୃତ୍—ସ. ବ (ଶଶିନ୍+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—ଶଶିଭୂଷଣ; ମହାଦେବ—Śiba.
Śasibhṛut
(ଶଶିମୌଳି—ଅନ୍ୟ ପୁଂ. ରୂପ)—ସଂ. ବଣ. ପୁଂ ଓ ସ୍ତ୍ରୀ—ଶଶିଭୂଷଣ (ଦେଖ) Śaśibhūshaṇa. (See)

ଶଶି ମଣି—ସ. ବ—ଚନ୍ଦ୍ରକାନ୍ତ ମଣି (ହି. ଶ)
Śasimaṇi The moonstone.

ଶଶି ମଣ୍ଡଳ—ସଂ. ବ (୬ଷ୍ଠୀ ତତ୍)—ଚନ୍ଦ୍ରମଣ୍ଡଳ—
Śasi maṇḍala The disc of the moon.

ଶଶି ମୁଖୀ—ସଂ. ବଣ. ସ୍ତ୍ରୀ (ଶଶି+ମୁଖ+ସ୍ତ୍ରୀ. ଈ)—ଚନ୍ଦ୍ରମୁଖୀ; ଚନ୍ଦ୍ର-ବଦନା; ଚନ୍ଦ୍ରାନନା—(Female) Having the face as fair as the moon.
Śasimukhī
(ଶଶିମୁଖ—ପୁଂ)
ଦେ.ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.
शशिमुखी
शशिमुखी

ଶଶିୟଲ—ଦେ. ବଣ—ଶଶିଅଲ (ଦେଖ)—Śasiala. (See)
Śasiyaḷa

ଶଶି ରେଖା—ସଂ.ବ—୧ । ଶଶାଙ୍କ ରେଖା (ଦେଖ)—1. Śaśāṅka rekhā. (See) ଦେ. ବ. ସ୍ତ୍ରୀ—୧ । ସ୍ତ୍ରୀମାନଙ୍କ ନାମ—1. A name given to females ୨ । ଉପେନ୍ଦ୍ରଭଞ୍ଜଙ୍କ ଅପ୍ରକାଶିତ କ୍ଷୁଦ୍ରକାବ୍ୟ ଓ ତହିଁର ନାୟିକା—2. Name of the heroine and title of a small poem (unpublished) of poet Upendra Bhañja. ୩ । ବାଙ୍କିର ରଜା ପଦ୍ମନାଭ ହରିଚନ୍ଦନଙ୍କ ପ୍ରଣୀତ କାବ୍ୟ ଓ ତଦ୍‌ବର୍ଣ୍ଣିତ ନାୟିକାର ନାମ—3. Name of a poem and the heroine thereof of poet Padmanābha Harichandana of Bāṅki. [କ୍ର-ଏ ଗ୍ରନ୍ଥ ପ୍ରାଚୀ ସମିତି ପ୍ରଥମେ ପ୍ରକାଶିତ କରଅଛନ୍ତି ।]
Śasi rekhā
शशि रेखा
शशिरेखा

ଶଶି ଲେଖା—ସଂ. ବ—୧ । ଶଶାଙ୍କ ରେଖା (ଦେଖ)—1. Śaśāṅka rekhā. (See) ୨ । ଅ. ॰ ସ. ପର୍ଯ୍ୟାୟ—ଅବଲ୍ଗୁଜ, ବାକୁଚୀ, (ବୈଦ୍ୟକ) ବାକୁଚୀ; ସୋମରାଜୀ, ସୁପର୍ଣ୍ଣିକା, କୃଷ୍ଣଫଳା, ସୋମା, ବାକୁଚ ମଞ୍ଜି; ସୋମରାଜୀ ପୂତିଫଳୀ, କାଳମେଷୀ, ବୀଜ—2. A seed; Serratula Anthelmintica; Psorata Cerylifolia, କୃଷ୍ଣଗ୍ନୀ—
Śasi lekhā
ହାକୁଚି, ବାକୁଚୀ, সোমরাজী
बावची; बावची, वकुचि,
कालिपजिय़ीरित
ଓ. ବାକୁଚ
ତେ. ବାପୁଚୋଗେ, ନେଲବଯୁଲୁସ୍ୱେ,
ମ. ବାକୁଚୀ
ତା. କୋଗିବତ୍ତୁଲୁ
୩ । ଗୁଳୁଚ (ହି. ଶ)—3. Tinaspora Cordifolia. ୪ । ଛନ୍ଦୋ ବିଶେଷ—4. A kind of Sanscrit metre.

ଶଶି ଶେଖର—ସଂ. ବ. ଓ ବଣ ପୁଂ (ଶଶୀ ଅଛନ୍ତି ଶେଖରରେ, ବା ଶଶୀ, ଶେଖର=ଶିରୋଭୂଷଣ ଯାହାଙ୍କର ଚୂଡ଼ାରେ ବହୁବ୍ରୀହି)—ଚନ୍ଦ୍ରଚୂଡ଼; ଚନ୍ଦ୍ରଶେଖର; ଶିବ; ମହାଦେବ—Śiba, ଦେ. ବ. ପୁଂ—ଲୋକଙ୍କ ନାମ—Name given to males.
Śasi śekhara
শশিশেখর
शशि शेखर

ଶଶୀସେଣା—ଦେ. ବ—ଓଡ଼ିଆ କବି ପ୍ରତାପ ରାୟଙ୍କ ପ୍ରଣୀତ କାବ୍ୟ ଓ ତାହାର ନାୟିକାର ନାମ—Name of an Oriya poem and the heroine thereof by Poet Pratāpa Rāya.
Śaśisenā

ଶଶୀ—ସଂ, ବ (ଶଶ=ଠେକୁଆ+ଅସ୍ତି ଅର୍ଥରେ ଇନ; ଶଶିନ୍ ଶବ୍ଦ ୧ମା, ୧ବ)—୧ । ଶଶାଙ୍କ; ଚନ୍ଦ୍ର—1. The moon. ୨ । କର୍ପୂର—2. Camphor.
Śaśī

ଶଶୀଶ—ସଂ. ବ—୧ । ମହାଦେବ—1 Śiba. ୨ । ସ୍କନ୍ଦ; କାର୍ତ୍ତିକେୟ (ହି. ଶ)—2. Kārttikeya.
Śaśīsha

ଶଶୁର—ଦେ. ବ. ପୁଂ (ସଂ. ଶ୍ୱଶୁର)—ଶ୍ୱଶୁର; ଅପଣା ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ପିତା—Father-in-law.
Śaśura
শশুর ससुर (ଶାଶୁ—ସ୍ତ୍ରୀ)

ଶଶୁର ଜୋଇଁ(ଜୁଅଁଇ, ଜ୍ୱାଇଁ)—ଦେ.ବ (ଅପେକ୍ଷିତ ଦ୍ୱନ୍ଦ୍ୱ)—ଶଶୁର ଓ ଜାମାତା—Father-in-law and son-in-law.
Śasura joiñ(Juaiñ, jwāiñ)
শশুরজামাই ससुरजमाइ

ଶଶୁର ପୁଅ—ଦେ. ବ.ପୁଂ (ଗାଳି)—ଶ୍ୟାଳକ—Wife's brother (a term of abuse.
Śaśura pua
শশুরেরবেটা ससुरकाबेटा

ଶଶୋର୍ଣ୍ଣ—ସଂ ବ (୬ଷ୍ଠୀ ତତ୍; ଶଶ+ଊର୍ଣ୍ଣ)—ଠେକୁଆ ଲୋମ—The fur of hare or rabbit.
Śaśorṇṇa

ଶଶ୍ୱତ—ସଂ. ଅ [ଶଶ୍ ଧାତୁ=ପ୍ଲୁତଗତି କରିବା+କର୍ତ୍ତୃ.ବତ୍]—୧ । ବାରଂବାର—1. Repeatedly. ୨ । ସର୍ବଦା—2. Always; constantly; frequently. ୪ । ଚିରସ୍ଥାୟିତ୍ୱରେ—4. Permanently.
Śaśwat

ଶସ୍ତ—ଗ୍ରା. ବ (ସଂ ଶସ୍ତ୍ର)—୧ । ଅସ୍ତ୍ର—1 Instrument, implement. ୨ । କାର୍ଯ୍ୟସାଧନର ଉପାୟ—2 Means to achieve an object.
Śasra
শস্তর शस्तर
ଗ୍ରା. ବଣ ଓ ବଣ (ସଂ. ସହସ୍ର)—ସହସ୍ର; ହଜାର—Thousand.

ଶଷ ସ୍)—(ଧାତୁ)—ସଂ—୧ । ବଧକରିବା—1. To kill. ୨ । ନାଶ
Śash(s) (root) କରିବା—2 To destroy.

ଶଷ—ପ୍ର ଦେ (ମେଦନୀପୁର) ବି—(ତୁଳ. ବ. ଶାସ)—ଅମ୍ବ
Śasha ଟାକୁଅର ଭିତରେ ଥିବା କୋଇଲି—Soft content of the mango seed.

ଶଷ୍କାଲ(ଲେ)—ଦେ. କ୍ରି. ବିଣ (ସଂ ତତ୍‌କାଳଂ)—୧ । ତତ୍‌କାଳେ;
Śashkāla(le) ତତ୍‌କ୍ଷଣାତ୍—1. At once.
সকালে(ল) तुरत ୨ । ଅତି ଶୀଘ୍ର—2. Very soon.

ଶଷ୍କୁ (ସ୍କୁ)ଲ—ସଂ. ବି (ଶଶ୍ ଧାତୁ=ଡେଇଁକରି ଗତିକରିବା+କର୍ତ୍ତ୍ରି.
Śashku(sku)la କୁଳ)—୧ । ଏକପ୍ରକାର ଶକଳୀମାଛ;
ଶେଉଳ ମାଛ (ଏମାନେ ପଙ୍କୁଆ ପାଣିରେ ରହନ୍ତି)
1. A kind of fish living in muddy water; Ophicephalus Striatus. ୨ । ଶାଳ ମାଛ—2. A sort of fish bigger than Śeula. ୩ । ବୃକ୍ଷବିଶେଷ କରଞ୍ଜ—3 A kind of tree; Pongamia Indica. ୪ । ଅପୂପ ବା ପିଷ୍ଟକ ବିଶେଷ; ଚକୁଳିପିଠା—4. A sort of baked pastry cake.

ଶଷ୍କୁ (ସ୍କୁ)ଳା—ସଂ; ବି (ଶଶ୍ ଧାତୁ+କୁଲ+ଅ)—ତଣ୍ଡୁଳାଦିମିଶ୍ରିତ
Śashku(sku)lā ଯବାଗୁ—Barley gruel mixed with rice etc.

ଶଷ୍କୁ (ସ୍କୁ)ଲୀ—ସଂ ବି.—(ଶଷ୍କୁଲ+ଈ)—୧ । କର୍ଣ୍ଣଚ୍ଛିଦ୍ର—1. Ear-
Śashku (sku)li hole; auditory passage. ୨। ଲୁଚି—
2. Fried thin pastry cake. ୩ । ଚକୁଳି ପିଠା—3. A kind of cake or pie. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଘୃତ ମ୍ରକ୍ଷିତ ମଇଦାକୁ ବେଲଣାରେ ବେଲି ଘିଅରେ ଭାଜିଲେ ତାହା ଶଷ୍କୁଲୀ ହୁଏ ।] ୪ । ଶାଲମାଛ (ହି. ଶ)—4. Opiceppalus Marulius; Gangetic wrhal fish. ୫ । ଶଷ୍କୁଳା (ଦେଖ)—5. Śashkulā (See)

ଶଷ୍ପ(ଷ୍ପ)—ସଂ ବି.—(ଶଷ୍ ଧାତୁ+କର୍ମ ପ; ଯାହା ପଶୁ ଅନେକ କ୍ଷୁଧା ନାଶ
Śashpa (spa) କରେ)—୧ । (ବୈଦ୍ୟକ) ନୀଳଦୂବ୍ବା; ହରିତ ଦୂବ୍ବା—1. A species of green grass. ୨। ବାଲ-ତୃଣ; ନବତୃଣ—2. New grass, young grass. ୩ । କଅଁଳ ଘାସ—3. Tender grass. ୪ । ପ୍ରତିଭାର ହାନି—4. Loss of talents. ୫ । ବୁଦ୍ଧିର ନାଶ—5. Loss of understanding. ୬। ବିଶ୍ୱାସହାନି (ବିଶ୍ବକୋଷ)—6. Loss of confidence.

ଶଷ୍ପ ଶଯ୍ୟା—ସଂ. ବି—(ଶଷ୍ପଦ୍ୱାରା ରଚିତ ଶଯ୍ୟା; ମ. ପ. ଲୋ)—କଅଁଳ
Śashpa śajyā ଘାସରେ ରଚିତ ବିଛଣା—A bed of tender grass.

ଶଷ୍ପ ଶ୍ୟାମ—ସଂ. ବିଣ—ଘାସଯୋଗୁଁ ସାଗୁଆ ବର୍ଣ୍ଣ ଦେଖା ଯାଉ ଥିବା
Śashpa śyāma (ଭୂମି)—(Land) Looking green on account of the growth of grass.

ଶଷ୍ପସମନ୍ୱିତ—ସ. ବିଣ—(ଶଷ୍ପ ଛନ୍ନ)—ନବ ତୃଣଦ୍ୱାରା ଆଚ୍ଛାଦିତ
Śashpa samanwita (ସ୍ଥାନ)—(Place) Overgrown with new grass.
(ଶଷ୍ପାବୃତ—ଅନ୍ୟରୂପ)

ଶସ୍—(ଧାତୁ)—ସଂ.—୧ । ବଧ କରିବା—1. To kill. ୨ ।
Śas (root) ନାଶ କରିବା—2. To destroy.

ଶସ—ଦେ. ବି (ସ. ଶସ୍ୟ)—ମଞ୍ଜି ଭିତରର କୋମଳ ଦ୍ରବ୍ୟ—
Śāsa Pith inside a fruit.
শাস गुद्दा

ଶସନ—ସଂ. ବି—(ଶସ ଧାତୁ+ଭାବ ଅନ)—୧ । ମାରଣ 1. Kill-
Śasana ing. ୨ । ବଧ—2. Murder. ୩ । ଯଜ୍ଞାର୍ଥେ ପଶୁ ବଧ—3. Killing of an animal as sacrifice. ୪ । ବିନାଶ—4. Destruction. ୫ । (+ଅଧି ଅନ)—ପଶୁଙ୍କ ବଳି ଦାନ ସ୍ଥାନ—5. A place for animal sacrifice.

ଶସାନ—ଦେ. ବି—(ସଂ ଶ୍ମଶାନ)—ଶ୍ମଶାନ (ଦେଖ)
Śasāna Śmasāna (See)
শসান समसान

ଶସ୍କାଳ(ଳେ)—ଦେ. କ୍ରି. ବିଣ—ଶଷ୍କାଳ (ଦେଖ)—
Śaskāla (le) Śaskāla (See)

ଶସ୍ତ—ସ. ବିଣ—(ଶନ୍ସ୍ ଧାତୁ=ସୁଖୀ କରିବା; ଆଶୀର୍ବାଦ କରିବା+
Śasta କର୍ମ ତ)—୧ । ସୁଖୀ—1. Happy. ୨ । ଆନନ୍ଦିତ—2. Glad ୩ । କଲ୍ୟାଣ ଯୁକ୍ତ—3. Auspicious; blessed. ୪ । ପ୍ରଶସ୍ତ—4 Broad. ୫ । ସ୍ତୁତ; ପ୍ରଶଂସିତ—5. Praised. ୬। ଉତ୍କୃଷ୍ଟ—6. Excellen. ୭ । (ଶସ୍ ଧାତୁ=ବଧ କରିବା+କର୍ମ ତ)—ହତ. 7 Killed. ସ. ବି—୧ । କଲ୍ୟାଣ—1. Blessing. ୨ । ସୁଖ—2 Happiness ୩ । ଶରୀର; ଦେହ—3. Body. ଦେ. ବିଣ—୧ । ନିଶ୍ଚିତ—1. Certain. ୨ । ସ୍ଥିରୀକୃତ—2. Decided. (ଯଥା—ଏକଥା ଅମ୍ଭେ ଶସ୍ତ କରନ୍ତୁ)। ଦେ. ବି—୧ । (ସଂ. ଶସ୍ତ୍ର) ଶସ୍ତ୍ର; ଯନ୍ତ୍ର—1. Instrument; tool; weapon. ୨। ପ୍ରତିକାର—2. Remedy. ୩। ଉପାୟ ଅବଲମ୍ବନ—3. Resource; means.
শস্ত্র शस्तर

ଶସ୍ତକ—ସଂ. ବି—(ଶସ୍ତ+କ)—ଅଙ୍ଗୁଳିତ୍ର; ଦସ୍ତାନା—
Śastaka Gloves.

ଶସ୍ତା—ଦେ. ବିଣ—(ସଂ. ଶସ୍ତ—ସୁଖ; ଯାହା ଯୋଗୁଁ କ୍ରେତା ସୁଖୀହୁଏ)
Śastā —ସୁକେୟ; ସୁଲଭ—Cheap. ବି.—ସୁଲଭ ମୂଲ୍ୟ—
সস্তা सस्ता Cheapness; cheap price.

ଶସ୍ତାଖିଆ—ଦେ. ବି—ଖାଦ୍ୟଦ୍ରବ୍ୟ ସୁଲଭ ମୂଲ୍ୟରେ ପାଇ ଭୋଗ
Śastā khia କରିବା—Getting or enjoying things cheaply.
সস্তায়পাওয়া सतसखाना ଦେ. ବିଣ ପୁଂ—(ଶସ୍ତା ଖାଇ (ଇ)—ସ୍ତ୍ରୀ) (ବ୍ୟଙ୍ଗ୍ୟାର୍ଥେ) ବଳା ଅର୍ଥ ବ୍ୟୟରେ ଓ
যেসস্তায়চলে सस्ताखानेवाला ବିନା ପରିଶ୍ରମରେ ଯେ ଖାଦ୍ୟ ବା ଅନ୍ୟ କୌଣସି ପଦାର୍ଥ ପାଇବା ଆଶା ପୋଷେ କାର୍ଯ୍ୟ-

ରେ ଅଭ୍ୟସ୍ତ ହୁଏ; ଯେଉଁ ବ୍ୟକ୍ତି ଶସ୍ତା ଦରରେ ପଦାର୍ଥମାନ ଭୋଗ କରେ—Habituated to enjoying or getting things cheaply. (ଭୁଲ—ମାଗଣାଖିଆ, ଯୋକଚଖିଆ) ।

ଶସ୍ତା ଦର—ଦେ. ବି—ସୁଲଭ ମୂଲ୍ୟ—
Śastā dar Cheap rate; cheap price.
(ଶସ୍ତାଦାମ୍—ଅନ୍ୟରୂପ.) शस्तादर सस्तादर

ଶସ୍ତା, ତିନି ଅବସ୍ଥା(ସ୍ଥା)—ଦେ. ପ୍ରବଚନ—କୌଣସି ଦ୍ରବ୍ୟକୁ ସାଧାରଣ
Śastā, tini abastā(sthā) ମୂଲ୍ୟଅପେକ୍ଷା ଶସ୍ତାରେ କିଣିବା ପରେ
शस्तार तिन अवस्था ସାଧାରଣତଃ ଦେଖାଯାଏ ଯେ, ଉକ୍ତ ବସ୍ତୁ
सस्ता तिन अवस्था ନିକୃଷ୍ଟ ବା ଖରାପ ଥିବାରୁ ବିକେତା ତାକୁ ଶସ୍ତାରେ ବିକି ଦେଇଛି । ଏହି ଅନୁଭବରୁ ଏ ପ୍ରବଚନ ଚଳୁଅଛି । ଏହାର ସମାର୍ଥଯୁକ୍ତ ଇଂରାଜୀ ପ୍ରବଚନ—To look a gift horse in the mouth. ଏହାର ଅର୍ଥ—Cheap things are generally found to be bad.

ଶସ୍ତା, ସ୍ଥାନ ଅବସ୍ଥା
ଶସ୍ତାରେ ସ୍ଥାନସ୍ଥା } ଅନ୍ୟରୂପ ।
ଶସ୍ତାରେ ସ୍ଥାନବସ୍ଥା

ଶସ୍ତି—ସ. ବି—(ଶନ୍ସ୍ ଧାତୁ+ଭାବ. ତି)—ପ୍ରଶଂସା; ସ୍ତୁତି
Śasti Praise; eulogy.

ଶସ୍ତ୍ର—ସ. ବି.—(ଶସ୍ ଧାତୁ—ବଧ କରିବା+କରଣ ତ୍ର; ଯାହା ଦ୍ୱାରା
Śastra ବଧ କରାଯାଏ)—୧ ।ପ୍ରହରଣ; ଅସ୍ତ୍ର—1. Weapon. ୨ । ଯାହା ହସ୍ତଦ୍ୱାରା ଧାରଣ କରି ଶତ୍ରୁକୁ ପ୍ରହାର କରାଯାଏ 2. A weapon which is applied to an enemy by holding it in the hand. ୩ । ଲୌହ—3 Iron. [ଦ୍ର—ଯେଉଁ ଅସ୍ତ୍ରକୁ ଶତ୍ରୁ ଉପରକୁ ଦୂରରୁ ଫୋପଡ଼ା ଯାଏ, ତାହାକୁ ଅସ୍ତ୍ର ବୋଲାଯାଏ । ଯଥା—ଆଗ୍ନେୟାସ୍ତ୍ର । ଯାହାକୁ ହାତରେ ଧରିପ୍ରହାର କରାଯାଏ ତାକୁ ଶସ୍ତ୍ର ବୋଲାଯାଏ ।] ୪ । ଆୟୁର୍ବେଦୋକ୍ତ ଅସ୍ତ୍ରୋପଚାର ସାଧକ ଯନ୍ତ୍ର—4. Surgical instrument. [ଦ୍ର—ସୁଶ୍ରୁତରେ ୧୨୫ ପ୍ରକାରର ଚିକିତ୍ସାର୍ଥ ଅସ୍ତ୍ରର ଉଲ୍ଲେଖ ଅଛି । ଏହି ଅସ୍ତ୍ରମାନ ଦୁଇ ଭାଗରେ ବିଭକ୍ତ । ଯଥା—ଯନ୍ତ୍ର ଓ ଶସ୍ତ୍ର । ଶସ୍ତ୍ର ୨୪ ପ୍ରକାରର ଓ ବାକି ୧୦୧ ଯନ୍ତ୍ର ।] ୫ । ବଢ଼େଇ, କମାର, ଆଦିଙ୍କ ଯନ୍ତ୍ର ବା ହତିଆର—5. Tools or instruments of artisans; implement. ବେ. ବି.-ଅସ୍ତ୍ର—Weapon; missile [ଉ—ଏ ବ୍ରହ୍ମଶସ୍ତ୍ର ତେଜ ଘୋର, ଭୁ ବ୍ରହ୍ମଶସ୍ତ୍ରରେ ନିବାର । ଜଗନ୍ନାଥ—ଭାଗବତ]

ଶସ୍ତ୍ରକ—ସ. ବି.—(ଶସ୍ତ୍ର+କ)—ଲୌହ; ଲୁହା
Śastraka Iron.

ଶସ୍ତ୍ର କର୍ମ—ସ. ବି.—ଚିକିତ୍ସାର୍ଥ ଶସ୍ତ୍ର ପ୍ରୟୋଗ—(ହି. ଶ)
Śastra karma Surgery.

[ଦ୍ର—ସୁଶ୍ରୁତରେ ୮ ପ୍ରକାର ଶସ୍ତ୍ର କାର୍ଯ୍ୟର ଉଲ୍ଲେଖ ଅଛି—ଛେଦନ, ଲେଖନ, ଭେଦନ, ବିଦ୍ରାବଣ, ବ୍ୟଧନ, ଆହରଣ, ଏଷଣ ଶୋଷଣ ଓ ସେବନ—ଶବ୍ଦକୋଷ]

ଶସ୍ତ୍ରକାର୍ଯ୍ୟ
ଶସ୍ତ୍ର କ୍ରିୟା } ଅନ୍ୟରୂପ ।

ଶସ୍ତ୍ର କାରକ—ସଂ ବି.—ଯେଉଁ ବ୍ୟକ୍ତି ଶସ୍ତ୍ର ନିର୍ମାଣ କରେ; ଶସ୍ତ୍ରନିର୍ମାତା—
Śastra kāraka Instrument maker; manufacturer of weapons.

ଶସ୍ତ୍ର କ୍ଷତ—ସ. ବି.—(ଶସ୍ତ୍ରଜନିତ ବା ଦ୍ୱାରା କ୍ଷତ)—ଶସ୍ତ୍ରଦ୍ୱାରା ଉତ୍ପନ୍ନ କ୍ଷତ-
Śastra kshata Wound caused by a weapon.

ଶସ୍ତ୍ର ଗୃହ(ଶାଳା)—ସ. ବି.—(ମ. ପ. ଲୋ)—ଯେଉଁ ଘରେ ବହୁ ଶସ୍ତ୍ର
Śastra gruha (Śālā) ସଞ୍ଚିତ ହୁଏ—Armoury.

ଶସ୍ତ୍ର ଗ୍ରହଣ—ସଂ ବି.—(୬ଷ୍ଠୀତତ୍)—ଯୁଦ୍ଧ କରିବା ପାଇଁ ଶସ୍ତ୍ରକୁ ହାତକୁ
Śastra grahana ନେବା—The taking up of arms.

ଶସ୍ତ୍ର ଗ୍ରାହକ—ସଂ ବିଣ. ପୁଂ—ଯେ ଯୁଦ୍ଧ କରିବାକୁ ଶସ୍ତ୍ର ଧରେ—
Śastra grāhaka Taking up arms to fight.
(ଶସ୍ତ୍ରଗ୍ରାହୀ—ଅନ୍ୟରୂପ; ଶସ୍ତ୍ର ଗ୍ରାହିକା, ଶସ୍ତ୍ର ଗ୍ରାହିଣୀ)—ସ୍ତ୍ରୀ ।

ଶସ୍ତ୍ର ଚାଳନ(ନା)—ସଂ ବି. (୬ଷ୍ଠୀତତ୍)—୧ । ଯୁଦ୍ଧାର୍ଥ ହତିଆରକୁ ବ୍ୟବ-
Śastra chālana (nā) ହାର କରିବା—1. The using of arms. ୨ । ଶସ୍ତ୍ର ପ୍ରୟୋଗ (ଦେଖ)—2. Śastra prayoga (See).

ଶସ୍ତ୍ର ଚୂର୍ଣ୍ଣ—ସଂ ବି.—ମଣ୍ଡୁର; ଲୁହାଗୁଡ଼
Śastra chūrnna Scorial.

ଶସ୍ତ୍ରଜୀବୀ (ବୃତ୍ତି)—ସଂ. ବିଣ—୧ । ଯେଉଁ ବ୍ୟକ୍ତି ଶସ୍ତ୍ର ବ୍ୟବହାର କରି
Śastrajibi (brutti) ଜୀବିକା ନିର୍ବାହ କରେ—1. Living by arms. ୨ । ଶସ୍ତ୍ର ବ୍ୟବସାୟୀ—2. Trading in arms. ବି.—ଯୁଦ୍ଧ ବ୍ୟବସାୟୀ—A soldier by profession.

ଶସ୍ତ୍ରତ୍ୟାଗ—ସଂ ବି. (୬ଷ୍ଠୀତତ୍)—ଯୁଦ୍ଧରୁ ବିରତ ହେବାପାଇଁ ଶସ୍ତ୍ରକୁ
Śastra tyāga ପରିତ୍ୟାଗ କରିବା—Relinquishment of arms.

ଶସ୍ତ୍ର ତ୍ୟାଗୀ—ସଂ ବିଣ. ପୁଂ—ଶସ୍ତ୍ର ତ୍ୟାଗ କରିଥିବା (ବ୍ୟକ୍ତି)
Śastra tyāgi Laying down one's weapon.
(ଶସ୍ତ୍ର ତ୍ୟାଗିନୀ—ସ୍ତ୍ରୀ)

ଶସ୍ତ୍ରଧର—ସଂ ବିଣ. ପୁଂ—ଶସ୍ତ୍ର ଧାରକ (ଦେଖ)—Śastradhāraka
Śastradhara (See)
ସଂ ବି. ସୈନିକ; ସିପାହି (ହି' ଶ)—Soldier.

ଶସ୍ତ୍ର ଧାରକ—ସଂ ବିଣ. ପୁଂ—ଶସ୍ତ୍ରଦ୍ୱାରା ସଜ୍ଜିତ; ଯେ ହାତରେ ହତିଆର
Śastra dhāraka ଧରିଥାଏ—Bearing arms; armed with weapons.
(ଶସ୍ତ୍ରଧାରୀ—ଅନ୍ୟରୂପ)
(ଶସ୍ତ୍ର ଧାରିକା, ଶସ୍ତ୍ର ଧାରିଣୀ)—ସ୍ତ୍ରୀ ।

ଶସ୍ତ୍ର ଧାରଣ—ସଂ ବି. (୬ଷ୍ଠୀତତ୍) ଯୁଦ୍ଧାର୍ଥ ଶସ୍ତ୍ରକୁ ଧରିବା—Bearing
Śastra dhraāna of arms for fighting.

ଶସ୍ତ୍ର ପାଣି(ହସ୍ତ)—ସଂ ବିଣ.—(ଶସ୍ତ୍ର ଅଛି ପାଣିରେ ଯାହାର; ବହୁବ୍ରୀହି)-
Śastra pāni(hasta) ଶସ୍ତ୍ରଧାରୀ; ଯେ ହାତରେ ଶସ୍ତ୍ର ଧରିଥାଏ—Holding weapons; armed with weapons.

ଶସ୍ତ୍ର ପ୍ରୟୋଗ—ସଂ. ବି.(୬ଷ୍ଠୀ ତତ୍)— ୧। ଯୁଦ୍ଧାର୍ଥ ବିପକ୍ଷ ବିରୁଦ୍ଧରେ ଅସ୍ତ୍ର
Śastra prayoga ବ୍ୟବହାର—1. Wielding or using weapons against an enemy. ୨ । ଚିକିତ୍ସାର୍ଥ ରୋଗୀ ଦେହରେ ଶସ୍ତ୍ର ଚଳାଇବା— 2. Performing an operation on a patient.

ଶସ୍ତ୍ର ବିଦ୍ଧ—ସଂ. ବିଣ (୩ୟା ତତ୍)—ଶସ୍ତ୍ରଦ୍ୱାରା ଆହତ—
Śastra biddha Pierced with weapons.

ଶସ୍ତ୍ର ବିଜ୍ଞାନ (ବିଦ୍ୟା)—ସଂ. ବି—୧ । ଯୁଦ୍ଧାର୍ଥ ଶସ୍ତ୍ରଚାଳନ ବିଦ୍ୟା—
Śastra bijñāna (bidyā) 1. The art of using weapons in war.
[ଶସ୍ତ୍ରତନ୍ତ୍ର, ଶସ୍ତ୍ର ଶାସ୍ତ୍ର – ଅନ୍ୟରୂପ]
୨ । ଚିକିତ୍ସାର୍ଥ ଶସ୍ତ୍ର ପ୍ରୟୋଗ ବିଦ୍ୟା— 2. Surgery. ୩ । ଯଜୁର୍ବେଦର ଏକ ଉପବେଦ; ଧନୁର୍ବେଦ— 3. A supplementary part of the Jajurbeda dealing with the use of bow.

ଶସ୍ତ୍ର ବିନ୍ଦୁ—ସଂ. ବି—(ବୈଦ୍ୟକ) କ୍ଷୁଦ୍ର ଗୁଳ୍ମ ବିଶେଷ—A species
Śastra bindu of medicinal plant; Amyris Punctata.

ଶସ୍ତ୍ର ଭୃତ—ସଂ. ବିଣ ପୁଂ ଓ ସ୍ତ୍ରୀ – (ଶସ୍ତ୍ର+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—
Śastra bhrut ଶସ୍ତ୍ରଧାରୀ—Bearing arms; armed. ବି.—ଶସ୍ତ୍ରଧାରୀ ଯୋଦ୍ଧା—Armed warrior.

ଶସ୍ତ୍ର ମାର୍ଜ – ସଂ. ବି. ପୁଂ—(ଶସ୍ତ୍ର+ମୃଜ ଧାତୁ+କର୍ତ୍ତୃ. ଅ)—ଶସ୍ତ୍ରକୁ
Śastra mārja ମାଜି ସଫା କରିବା ବ୍ୟକ୍ତି—A person who cleanses weapons.
[ଶସ୍ତ୍ରମାର୍ଜକ –ଅନ୍ୟରୂପ]

ଶସ୍ତ୍ରମାର୍ଜ୍ଜନ—ସଂ. ବି—(୬ଷ୍ଠୀ ତତ୍)—ଶସ୍ତ୍ରକୁ ମାଜି ସଫା କରିବା—
Śastra mārjjana The cleansing of arms; the furbishing of weapons.

ଶସ୍ତ୍ର ସାଧନ—ସଂ. ବି—୧ । ଶସ୍ତ୍ରାଭ୍ୟାସ—1. Military train-
Śastra sādhana ing. ୨ । ଶସ୍ତ୍ର ବିଦ୍ୟାରେ ସିଦ୍ଧିଲାଭ— 2. Attaining success in the weilding of weapons.

ଶସ୍ତ୍ର ହତ—ସଂ. ବିଣ—(୩ୟା ତତ୍)—ଶସ୍ତ୍ରାଘାତଦ୍ୱାରା ମୃତ—
Śastra hata Killed by weapons.

ଶସ୍ତ୍ରହତ ଚତୁର୍ଦ୍ଦଶୀ–ସଂ. ବି—ଗୌଣ ଆଶ୍ୱିନ କୃଷ୍ଣା ଚତୁର୍ଦ୍ଦଶୀ ଓ
Śastrahata chaturddaśi ଗୌଣ କାର୍ତ୍ତିକ କୃଷ୍ଣା ଚତୁର୍ଦ୍ଦଶୀ. The 14th days of the dark lunar fortnights of the months of Āswina and Kārttika. [ଦ୍ର—ଏ ଚତୁର୍ଦ୍ଦଶୀରେ ଯୁଦ୍ଧରେ ଶସ୍ତ୍ରହତ ବ୍ୟକ୍ତିମାନଙ୍କର ଶ୍ରାଦ୍ଧ ପ୍ରଶସ୍ତ । ଶବ୍ଦକୋଷ ।]

ଶସ୍ତ୍ରାଗାର—ସଂ. ବି—(୬ଷ୍ଠୀ ତତ୍)—ଶସ୍ତ୍ରଶାଳା—
Śastrāgāra Armoury.
[ଶସ୍ତ୍ରଲୟ—ଅନ୍ୟରୂପ]

ଶସ୍ତ୍ରାଘାତ—ସଂ. ବି—(୬ଷ୍ଠୀ ତତ୍, ଶସ୍ତ୍ର+ଆଘାତ)—ଶସ୍ତ୍ରଦ୍ୱାରା ପ୍ରହାର
Śastrāghāta —A blow with a weapon.

ଶସ୍ତ୍ରାଙ୍ଗା—ସଂ. ବି—ଅମ୍ଳଲୋଣୀ ଶାକ (ବୈ. ଶ), ଅମ୍ଳିଳତ ଶାଗ—
Śastrāngā Wood sorrel (pot herb).

ଶସ୍ତ୍ରାଜୀବ—ସଂ. ବି. ପୁଂ—ବହୁବ୍ରୀହି. (ଶସ୍ତ୍ର ଅଟେ ଆଜୀବ=ଜୀବିକା
Śastrājība ଯାହାର)—ଶସ୍ତ୍ରଜୀବୀ (ଦେଖ)—Śastrajībī (See)
[ଶସ୍ତ୍ରାଜୀବୀ, ଶସ୍ତ୍ରୋପଜୀବୀ – ସ୍ତ୍ରୀ] [ଶସ୍ତ୍ରୋପଜୀବୀ—ଅନ୍ୟରୂପ]

ଶସ୍ତ୍ରାଭ୍ୟାସ—ସଂ. ବି—୧ । ଶସ୍ତ୍ର ପରିଚାଳନ ଶିକ୍ଷା କରିବା—
Śastrābhyāsa 1. Training or practice in the use of weapons. ୨ । ଯୁଦ୍ଧବିଦ୍ୟା ଶିକ୍ଷା— 2. Military training.

ଶସ୍ତ୍ରାଭ୍ୟାସୀ – ସଂ. ବିଣ. ପୁଂ—ଶସ୍ତ୍ର ପରିଚାଳନ ଶିକ୍ଷା କରୁଥିବା ବ୍ୟକ୍ତି-
Śastrābhyāsi (person) Under military training.
[ଶସ୍ତ୍ରାଭ୍ୟାସିନୀ – ସ୍ତ୍ରୀ]

ଶସ୍ତ୍ରାୟସ—ସଂ. ବି—(ମ. ପ. ଲୋ;)—ଯେଉଁ ଉତ୍କୃଷ୍ଟ ଲୁହା ଦ୍ୱାରା ଶସ୍ତ୍ର
Śastrāyasa ନିର୍ମିତ ହୁଏ—Steel with which weapons are made;

ଶସ୍ତ୍ରାସ୍ତ୍ର—ସଂ. ବି—(ଦ୍ୱନ୍ଦ୍ୱ)—ଶତ୍ରୁ ଦେହରେ ଲଗାଇବାର ଓ ଦୂରରୁ
Śastrāstra ଫୋପାଡ଼ିବାର ହତିଆରମାନ—Weapons and missiles.

ଶସ୍ତ୍ରାହତ – ସଂ. ବିଣ. ପୁଂ—(୩ୟା ତତ୍, ଶସ୍ତ୍ର+ଆହତ)—ଶସ୍ତ୍ରଦ୍ୱାରା
Śastrāhata ଆଘାତପ୍ରାପ୍ତ—Wounded or struck with weapons; smitten with a weapon.
[ଶସ୍ତ୍ରାହତା—ସ୍ତ୍ରୀ]

ଶସ୍ତ୍ରୀ—ସଂ. ବିଣ. ପୁଂ—(ଶସ୍ତ୍ର+ଇନ୍; ୧ମା ୧ବ)—ଶସ୍ତ୍ରଧାରୀ—
Śastrī Armed with weapons. ସଂ. ବି—(ଶସ୍ତ୍ର+
(ଶସ୍ତ୍ରିଣୀ ବିଣ. ସ୍ତ୍ରୀ) କ୍ଷୁଦ୍ରାର୍ଥେ. ଈ)—ଛୁରୀ—Knife.

ଶସ୍ତ୍ରୋତ୍ଥାପନ—ସଂ. ବି—ଶତ୍ରୁ ଅବା ଅନ୍ୟକୁ ଆକ୍ରମଣ କରିବାକୁ ହତିଆର
Śastrotthāpana ଉତ୍ତୋଳିବା—The lifting of a weapon to strike an enemy.
[ଶସ୍ତ୍ରୋତ୍ତୋଳନ—ଅନ୍ୟରୂପ]

ଶଷ୍ପ (ଇତ୍ୟାଦି)—ସଂ. ବି—ଶଷ୍ପ ଇତ୍ୟାଦି (ଦେଖ)
Śaspa (etc) Śashpa etc (See)

ଶସ୍ୟ—ସଂ. ବି (ଶସ୍ ଧାତୁ=ହିଂସା କରିବା, ବଧ କରିବା+କର୍ମ. ଯ;
Śasya ପ୍ରାଣୀମାନେ ଯାହାକୁ ହିଂସା କରନ୍ତି ଅର୍ଥାତ୍ ଯାହାକୁ ଖାଇ ବଞ୍ଚନ୍ତି)—୧ । କୃଷିକର୍ମ ଦ୍ୱାରା ଉତ୍ପନ୍ନ ଫସଲ— 1. Agriculturul produce. ୨ । ବୃକ୍ଷ ଓ ଲତାଦିର ଫଳ—2. Fruits of trees, plants and creepers. ୩ । ଫଳର ସାରାଂଶ—3. The kernel or marrow inside fruits. ୪ । କୃଷିଦ୍ୱାରା ଉତ୍ପନ୍ନ ଧାନ୍ୟାଦି ବାର୍ଷିକ ଫସଲ—4, Grains; annual crops raised by agriculture; corn. ୫ । ସଦ୍‌ଗୁଣ—5. Good quality. ୬ । ପ୍ରତିଭାର ହାନି (ହ୍ରି. ଶ)—6. Loss of talents. ୭ । କାଳତୃଣ (ଶବ୍ଦକୋଷ)—7. Young and tender grass. ବିଣ (ଶଂସ୍ ଧାତୁ+କର୍ମ. ଯ)—ପ୍ରଶସ୍ୟ; ପ୍ରଶଂସନୀୟ; ପ୍ରଶଂସାର୍ହ—Praiseworthy; commendable.

ଶସ୍ୟକ—ସଂ. ବି—ଏକପ୍ରକାର ରତ୍ନ (ହ. ଶ)—
Sasyaka A kind of gem.

ଶସ୍ୟ କୁଳ—ସଂ. ବି—ଧାନ୍ୟାଦି ଶସ୍ୟସମୂହ—Various crops
Śasya kula and grains; cereals.

ଶସ୍ୟ କ୍ଷେତ୍ର—ସଂ. ବି—ଯେଉଁ ବିଲରେ ଶସ୍ୟ ହୋଇ ଫସଲ ଅଦାୟ
Śasya kshetra କରାଯାଏ—Cornfield.

ଶସ୍ୟଘ୍ନୀ—ସଂ. ବି (ଶସ୍ୟ+ହନ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ)—ଘାସ
Śasyaghnī ପୁଷ୍ପୀ (ହ. ଶ); ଗୁଗୁଚଅ—Spear-grass.

ଶସ୍ୟ ଜନକ—ସଂ ବିଣ (ଉପପଦ ତତ୍ପୁରୁଷ; ଶସ୍ୟ+ଜନଧାତୁ+କର୍ତ୍ତୃ.
Śasyajanaka ଅକ)—ଶସ୍ୟୋତ୍ପାଦକ; ଯାହା (ଯେଉଁ ଭୂମି)
ଫସଲ ଉତ୍ପାଦନ କରେ—Producing crops;
yielding crops.

ଶସ୍ୟ ଧ୍ୱଂସ—ସଂ. ବି (୬ଷ୍ଠୀ ତତ୍)—ଧାନ୍ୟାଦି ଫସଲର କ୍ଷୟ—
Śasya dhwamsa Destruction of crops.
[ଶସ୍ୟ ନାଶ—ଅନ୍ୟରୂପ]

ଶସ୍ୟ ଧ୍ୱଂସକ—ସଂ.ବିଣ ଓ ବି. ପୁଂ (ଉପପଦ ତତ୍ପୁରୁଷ)—ଧାନ୍ୟାଦି
Śasya dhwamsaka ଫସଲର କ୍ଷୟକାରୀ; ଯେ ଫସଲ ନାଶ
[ଶସ୍ୟନାଶକ—ଅନ୍ୟରୂପ] କରେ—Destructive of crops.
(ଶସ୍ୟ ଧ୍ୱଂସିକା, ଶସ୍ୟନାଶିକା—ସ୍ତ୍ରୀ)

ଶସ୍ୟ ଧ୍ୱଂସୀ—ସଂ. ବିଣ. ପୁଂ—ଶସ୍ୟ ଧ୍ୱଂସକ (ଦେଖ)—Śasya
Śasya dhwamsī dhwamsaka (See) ସଂ. ବି—
(ଶସ୍ୟଧ୍ୱଂସିନୀ—ବିଣ. ସ୍ତ୍ରୀ) ତୁତ ବୃକ୍ଷ; ତୁତ୍ ଗଛ—Mulberry tree.

ଶସ୍ୟ ନିମିତ୍ତକ—ସଂ. ବି (ଶସ୍ୟ+ନିମିତ୍ତ=କାରଣ+କ)—ଶସ୍ୟରୁ
Śasya nimittaka ଜାତ—Produced from crops.

ଶସ୍ୟ ବୃଦ୍ଧି—ସଂ. ବି (୬ଷ୍ଠୀ ତତ୍)—ଫସଲର ବୃଦ୍ଧି—The increase
Śasya bruddhi of the yield of corn.

ଶସ୍ୟ ଭକ୍ଷକ—ସଂ. ବିଣ—ଯେଉଁ ଜୀବ ଶସ୍ୟ ଖାଇ ପ୍ରାଣ ଧାରଣ କରେ—
Śasya bhakshaka Feeding on corn; grani-
[ଶସ୍ୟଭୁକ୍, ଶସ୍ୟଭୋଜୀ, ଶସ୍ୟାଦ୍—ଅନ୍ୟରୂପ] vorous.

ଶସ୍ୟ ରକ୍ଷଣ—ସଂ. ବି (୬ଷ୍ଠୀ ତତ୍)—ଧାନ୍ୟାଦି ଫସଲକୁ (ମରୁଡ଼ି,
Śasya rakshaṇa ରୋଗ ଓ ବନ୍ୟଜନ୍ତୁଙ୍କ କର୍ତ୍ତୃକ) ଧ୍ୱଂସରୁ
ରକ୍ଷା କରିବା—Guarding of corn from des-
truction (by drought, disease and wild
animals).

ଶସ୍ୟଲ—ସଂ. ବିଣ ପୁଂ (ଶସ୍ୟ+ଲା ଧାତୁ=ଗ୍ରହଣ କରିବା+ଅ)—
Śasyala ଶସ୍ୟପୂର୍ଣ୍ଣ; ପ୍ରଚୁର ଶସ୍ୟପୂର୍ଣ୍ଣ; ଶସ୍ୟଶାଳୀ—Full of
[ଶସ୍ୟଲା—ସ୍ତ୍ରୀ] growing corn.

ଶସ୍ୟ ଶାଳା—ସଂ. ବି—୧ । ଶସ୍ୟାଗାର; ଅମାର—1. Granary.
Śasya śālā ୨ । ଖଳା—2. Threshing floor.

ଶସ୍ୟ ଶାଳୀ—ସଂ. ବିଣ (ଶସ୍ୟ+ଅସ୍ତି ଅର୍ଥରେ ଶାଳିନ୍, ୧ମା. ୧ବ)—
Śasya śālī (ଧାନ୍ୟାଦି) ଶସ୍ୟରେ ପରିପୂର୍ଣ୍ଣ—Abounding
[ଶସ୍ୟଶାଳିନୀ—ସ୍ତ୍ରୀ] in crops.

ଶସ୍ୟ ଶ୍ୟାମଳ—ସଂ. ବିଣ ପୁଂ (୩ୟା ତତ୍)—ଶସ୍ୟ ଯୋଗୁଁ ସାଗୁଆବର୍ଣ୍ଣ
Śasya śyāmala ଦେଖା ଯାଉଥିବା (ଭୂମି)—Green
[ଶସ୍ୟ ଶ୍ୟାମଳା—ସ୍ତ୍ରୀ] with crops. [ଉ—ସୁଜଳା
ସୁଫଳା ଏ ଶସ୍ୟଶ୍ୟାମଳା ଧରି ପରିହାସେ ଦେଉ—ସୁଧା-
କାନ୍ତ. ମହାଯାତ୍ରା ।]

ଶସ୍ୟ ସଂଗ୍ରହ—ସଂ. ବି (୬ଷ୍ଠୀ ତତ୍)—କ୍ଷେତରେ ପାଚିଥିବା ଧାନ ଫସଲ
Śasya samgraha ଆଦିକୁ ଆଣି ଅମଳ କରିବା—Harves-
ting of crops.

ଶସ୍ୟ ସଂଗ୍ରାହକ—ସଂ. ବିଣ ଓ ବି ପୁଂ—ପାଚିଥିବା ଧାନ ଆଦି ଫସଲକୁ
Śasya samgrāhaka ଅମଳ କରିବା ବ୍ୟକ୍ତି—One who
harvests or makes collection of crops.
(ଶସ୍ୟ ସଂଗ୍ରାହିକା—ସ୍ତ୍ରୀ)

ଶସ୍ୟ ସଂସ୍ଥାନ—ସଂ. ବି—କ୍ଷେତରୁ ଧାନ ଆଦି ଫସଲକୁ ସଂଗ୍ରହ ବା ଅମଳ
Śasya samsthāna କରି ଅମାରରେ ସାଇତିବା—Storing
ଶସ୍ୟ ସଂସ୍ଥାପନ, ଶସ୍ୟ-ସଂଚୟ, ଶସ୍ୟ ସଞ୍ଚୟ } ଅନ୍ୟରୂପ of corn or grain
after harvesting.

ଶସ୍ୟ ସଂସ୍ଥାପକ—ସଂ. ବିଣ ଓ ବି ପୁଂ (ଉପପଦ ତତ୍)—ବଡ଼ ଚାଷୀ;ଧାନ
Śasya samsthāpaka ଆଦି ଯେ ଜମା କରି ରଖେ—Storer
of grains.
[ଶସ୍ୟ ସଂଚୟୀ, ଶସ୍ୟ ସଞ୍ଚୟୀ—ଅନ୍ୟରୂପ]

ଶସ୍ୟ ସମ୍ବର—ସଂ. ବି (ଶସ୍ୟ+ସମ୍+ବୃ ଧାତୁ+କର୍ତ୍ତୃ. ଅ)—୧ । ଶାଳ
Śasya sambara ବୃକ୍ଷ—1. The Śāla tree. ୨ । ଅଶ୍ୱ-
କର୍ଣ୍ଣ; ଲତା ଶାଳ—2. A species of spreading
Śāla tree.

ଶସ୍ୟ ସମ୍ଭାର—ସଂ. ବି (୬ଷ୍ଠୀ ତତ୍)—ଶସ୍ୟରାଶି; ପ୍ରଚୁର ଶସ୍ୟ—
Śasyā sambhāra A rich crop.

ଶସ୍ୟାଗାର—ସଂ. ବି (୬ଷ୍ଠୀ ତତ୍)—ଅମାର—
Śasyāgāra Granary.

ଶସ୍ୟାଧାର—ସଂ. ବି—ଶସ୍ୟ ସଞ୍ଚୟ କରିବା ପାତ୍ର—
Śasyādhāra A receptacle for storing grain.

ଶସ୍ର—ଗ୍ରା. ବି (ସଂ. ଶସ୍ତ୍ର)—ଶସ୍ତ୍ର (ଦେଖ)—Śastra (See)
Śasra [ଉ—ଶାସ୍ତ୍ରାରମ୍ଭ ଶସ୍ରଯାତ ଏହା ନ ବସୁର—ଶିବ-
शस्र ସ୍ୱରୋଦୟ ।] ଗ୍ରା ବିଣ ଓ ବି—ସହସ୍ର (ଦେଖ)—
शस्तर Sahasre (See) Thousand. [ଉ—ସୁଦର୍ଶନ
ଚକ୍ର ଦାଢ଼ ଶସ୍ର ଗୁଣ ସୀମା—ବ୍ରହ୍ମକଳ୍ପପଞ୍ଜଗୀତା ।]

ଶହ—ଦେ. ବି. ଓ ବିଣ (ସଂ. ଶତ)—୧ । ଶତ ସଂଖ୍ୟା; ୧୦୦—
Śaha 1. Hundred, 100. ୨ । ଶଅ (ଦେଖ)—
शउ, श 2. Śa-a (See) ୩ । ବହୁ; ଅନେକ—3. Many;
सौ numerous. ପ୍ରାଦେ (ପୁରୀ) ବିଣ ଓ ବି-ନଡ଼ିଆ ଗଣତିରେ
ବ୍ୟବହୃତ ପରିମାଣ ବିଶେଷ; ଛଅପଣ ୧୨ ଗଣ୍ଡା—
4. A unit used in counting cocoanuts,
288 cocoanuts.

ଶ,ହ—ଦେ ବି. ଓ ବିଣ (ଶହ ଓ ହଜାର ଶବ୍ଦଦ୍ୱୟର ସାଙ୍କେତିକ)—
Śa,ha ୧। ଶତ ଶତ ଓ ସହସ୍ର ସହସ୍ର; ଅସଂଖ୍ୟ—1. Hundreds
हाजार हाजार and thousands. ୨ । ଶତ ଶତ ସହସ୍ର ସହସ୍ର
सौ सौ; हज़ार हज़ार ମୁଦ୍ରା—2. Hundreds and
thousands of coins.

ଶହକ—ଦେ. ବି ଓ ବିଣ (ସଂ. ଶତକ)—ଏକଶହ ମାତ୍ର—
Śahaka একশ एकसौ One hundred only.

ଶହକଡ଼ା—ଦେ. ବ—ଶଅକଡ଼ା (ଦେଖ)—Śa-akarḍā (See)
Śahakarḍā শতকরা **सौकडा**

ଶହକ ବହକ—ଦେ. ବ—ଶକ୍ ବକ୍ (ଦେଖ)—
Śahaka bahaka Sak bak (See)

ଶହକା(କୁ) ଶହ—ଦେ. ବ ଓ ବଣ—ଶତ ଶତ; ବହୁଶତ—
Śahakā(ku) śaha Hundreds and hundreds. ଦେ.
শত শত **सौका सौ** କି.ବଣ—ଶହ ଶହ କରି—By hundreds.

ଶହକିଆ—ଦେ. ବଣ—୧ । ଏକଶତ ସମ୍ବନ୍ଧୀୟ—1. Relating to
Śahakiā 100. ୨ । ଯେଉଁ ପ୍ରତ୍ୟେକ ପୁଞ୍ଜ ବା ଗୋଛାରେ
একশ একশ ୧୦୦ ଲେଖାଏଁ ବସ୍ତୁ ଥାଏ—2. Consisting of
एकसौका things grouped into one hundred in each group.

ଶହକେ—ଦେ. କି. ବଣ—୧ । ଶତ ସଂଖ୍ୟା ମଧ୍ୟରେ—1. In a
Śahake hundred; amongst or out of hundred.
শতকরা **सौमे** ୨ । ଅନେକଙ୍କ ମଧ୍ୟରେ—2. Out of many.

ଶହମ୍ବର (ଇତ୍ୟାଦ)—ଦେ. ବ—ଶଅଁବର ଇତ୍ୟାଦ (ଦେଖ)
Śahambara (etc) Śa-añbara, etc (See)

ଶହମ୍ବାଲି—ଦେ. ବ—ଶଅଁବାଳ (ଦେଖ)
Śahambāḷi Śa-añbāḷi. (See)
(ଶହମ୍ବାଳୁ, ଶହମ୍ବାଳୁଆ—ଅନ୍ୟରୂପ)

ଶହର—ଦେ. ବ (ସଂ. ଶବର)—ଶଅର (ଦେଖ)—Śa-ara. (See)
Śahara ବୈଦେ. ବ—ସହର (ଦେଖ)—Sahara. (See)
শবর **सवर** সহর **शहर**

ଶହର(ରା) ପଲ୍ଲି—ଦେ. ବ—ଶଅରପଲ (ଦେଖ)
Śahara(rā) palli Hamlet inhabited by Śabaras.
শবর পল্লী **सवर पल्ली**

ଶହରା—ଦେ. ବ—ଏକ ପ୍ରକାର ଲମ୍ବ ଶାରଦ ଧାନ (ଏହାର ଚୋପା
Śaharā କଳା ଓ ଚାଉଳ ନାଲିଥା)—A sort of coarse winter paddy. ଗ୍ରାଦେ. (ସମ୍ବଲପୁର) ବ—ଶବର; ଶବରି—Bird-catcher; fowler; Savara.

ଶହରାଡ଼ି(ଳି)—ଦେ. ବ (ସଂ. ଶବରୀ; ଶରାଳ)—ଶରାଟି (ଦେଖ)
Śaharārḍi(ḷi) Sarāṭi. (See)

ଶହରୁଣୀ—ଦେ. ବ. ସ୍ତ୍ରୀ (ସଂ. ଶବରୀ)—ଶବର ପତ୍ନୀ—
Śaharuṇi শবরী **सबरी** A śabara woman.
(ଶହର—ପୁଂ)

ଶହଳ—ଦେ. ବ (ସଂ. ଶଲ୍ୟ)—ଶଅଳ (ଦେଖ)
Śahaḷa Śa-aḷa. (See)
ଦେ. କି. ବଣ ଓ ବଣ—ସହଳ (ଦେଖ)—
Sahaḷa (See)

ଶହଲ—ଦେ. ବ (ସଂ. ଶଲ୍ୟ)—୧ । ଶଲ (ଦେଖ)—1. Śala
Śahala (See). ୨ । ଶଲ୍ୟ; କଣ୍ଟକ; ବାଧା—2. Obstacle;
সস্তা impediment. ବୈଦେ (ଅରବ) ବଣ (ଅ. ସହଲ =
सस्ता ସୁଗମ; ସସ୍ତା)—ଶସ୍ତା—Cheap. (ଉ—କାଶୀମହଲ
ବାଟରେ ଶୁଣୁଅଛି ଭାର ଶହଲ—ଉଗ ।)

ଶହସ୍ର(ସ)—ଗ୍ରା. ବ (ସଂ. ଶସ୍ତ୍ର)—୧ । ଶସ୍ତ୍ର (ଦେଖ)—1. Śastra
Śahastra(sra) (See) ୨ । କାର୍ଯ୍ୟସାଧନର ଉପାୟ—
শস্তর 2. Expedient or means employed for
शस्तर accomplishing an object.

ଶହୁରା—ଦେ. ବ. ପୁ (ସଂ. ଶବର)—ଶବର (ଦେଖ)
Śahurā শবর **सबर** Śabara. (See)
(ଶହୁରାଣୀ, ଶହୁରୁଣୀ—ସ୍ତ୍ରୀ)

ଶହୁରା ପଲ(ଲ୍ଲି)—ଦେ. ବ—ଶବରପଲ୍ଲି (ଦେଖ)
Śahurā pali(lli) Śabarapalli. (See)
শবরপল্লী **सबरपल्ली**

ଶହେ—ଦେ. ବ ଓ ବଣ (ସଂ. ଶତ)—ଏକ ଶତ—One hundred.
Śahe [ଦ୍ର—ପୁରୀ ଜିଲ୍ଲାରେ ଢାରବାରରେ ଶହେ କହୁଥିବ ଅର୍ଥ
একশ ଏକଶହ ନହୁଥା ନୁହେଁ; ଶହେ କହୁଥିବ ଅର୍ଥ ୫।୦୬/୧୨
एकसौ ବା ୨୮ ଗୋଟା କହୁଥା ।]

ଶହେ କଡ଼ା(ରା)—ଦେ. ବଣ—୧ । ଶତକରା—1. Per cent.
Śahekarḍā(rā) ୨ । ଶତ ଶତ—2. Hundreds of. ୩ ।
শতকরা **सैकडा** ବହୁ ସଂଖ୍ୟକ—3. Many; numerous; innumerable.

ଶହେକେ—ଦେ. କି. ବଣ—ଏକଶତ ମଧ୍ୟରେ—
Śaheke Amongst a hundred.
শতকরা **सौमें**

ଶହେଗଡ଼—ଗ୍ରା. ବ—ଶଗଡ଼
Śahegarḍa Bullock cart.
[ଦ୍ର—ଏଥିରେ ୧୦୧ ଖଣ୍ଡ କାଠ ଥିବାରୁ ଏପରି ନାମ-କରଣ ହୋଇ ଥିବା ଗ୍ରାମ୍ୟ ପ୍ରବାଦ ଅଛି ।]

ଶାଁସ—ଦେ. ବ—(ସଂ. ଶସ୍ୟ)—୧ । କହୁଥା ଅଦ ଫଳ ମଧ୍ୟସ୍ଥ
Śañs କୋମଳ ସାରାଂଶ—1. The kernel inside
শাস **गुदा** fruits, such as cocoanuts. ବୈଦେ. ବ.
শাসী শাশী (ଇଂ ଶାସ୍=କାଚ ରହିବା ଫ୍ରେମ୍)—କବାଟ ଓ ଆଲମାରିରେ ଲଗିବା କାଚର ଫଳକ—2. A pane of glass, to put on a door or almirah.

ଶାଅଡ଼ା—ଦେ. ବ—(ସଂ. ଶାଖୋଟ)—ଶାହାଡ଼ା (ଦେଖ)
Śā-arḍa Śāharḍa (See)

ଶାଆଣ (ଇତ୍ୟାଦ)—ଦେ. ବ—(ସ. ଶାଣ)—ଶାଣ ଇତ୍ୟାଦ (ଦେଖ)
Śā-āṇa (etc) Śāṇa etc (See)
[ଉ—ସେ ଶରରୁ କେତେ ହୋଇଛ ନିଳା ସଖା, କେତେକ ହୋଇଅଛୁ ଶାଅଣରେ ଲେଖା । କୃଷ୍ଣସିଂହ ମହାଭାରତ ବନ୍ତ ।]

ଶାଆଣିବା—ଦେ. କି—ଶାଣ ଦେବା (ଦେଖ)
Śāāṇibā Śāṇa debā (See)
শাণদেওয়া **सानदेना**

ଶାଆସ(ସ୍ତ୍ର)—ଗ୍ରା. ବ—(ସ. ଶାସ୍ତ୍ର)—ଶାସ୍ତ୍ର (ଦେଖ)
Śā-āsra(stra) Śāstra (See)

ଶାଅଁବାଳ—ଦେ. ବ—(ସଂ. ଶ ୍ବ)—ଶମ୍ବାଳ (ଦେଖ)
Śā-aṅbāḷi Śambāḷi (See)
ଶାଅଁବାଳଅ(ସ୍ତ୍ରୀ); ଶାଅଁବାଳୁଅ
ଶାଅମ୍ବାଳ, ଶାଅମ୍ବାଳୁଅ } —ଅନ୍ୟରୂପ

ଶାଆରିଆ—ପ୍ରାଦେ.—(ଗଡ଼ଜାତ) ବ—ଶାଉଳିଆ (ଦେଖ)
Śā-āriā Śāuḷiā (See)

ଶାଆଳା—ପ୍ରାଦେ. (ଗଡଜାତ) ବ—ଗୋରୁମାନଙ୍କର ରୋଗ—
Śā-āḷā A fatal disease of the cows.
[ଦ୍ର—ଏହି ରୋଗରେ ଗୋରୁମାନଙ୍କର ବେକ ଫୁଲେ, ଅଗ ଓଠ ଫୁଲିଯାଏ; କିଛି ଖାଇ ପାରନ୍ତି ନାହିଁ। ମୁହଁରୁ ନାଳ ଗଡ଼େ। ଘନେ ବା ଦେଢ଼ ଘଣ୍ଟାରେ ଗୋରୁ ମରିଯାଏ। ମନୁଷ୍ୟ ଶରୀରରେ ପ୍ଲେଗ ରୋଗ ଭଳି ଏ ଅତି ମାରାତ୍ମକ।]

ଶାଇ—ଦେ. ବ—ସାହି (ଦେଖ)
Śāi Śāhi (See)

ଶାଇପ[ପ୍ୟ]—ଗ୍ରା. ବ.—[ସଂ. ଶାପ]—ଅଭିଶାପ—
Śāipa (pya) Curse. [ଭି—ଜାଣି ନ ପାରନ୍ତି ବଅସ ଧାସେ, ଏବେ ମରୁଅଛି ଗୁରୁ ଶାଇପେ। ଉଗ।]

ଶାଇଁ—ଦେ. ବ—୧। (ସଂ. ଶମୀ)—ଶମୀବୃକ୍ଷ—1. A tree;
Śāiṅ Prosopis Spicigera; Mimosa Suma;
शाई छिक्कुर, छेंकर spung tree. ୨। ବୁଢ଼ା
दड़ि सिरा ମୂଳାର ମଝିରେ ଥିବା ଚେମଡ଼ା ଅଂଶ ବା ତନ୍ତୁ—
2. Tenacious fibre inside an over-grown radish.

ଶାଇଁଆ(ୟା)—ଦେ. ବଣ—ବୁଢ଼ା (ମୂଳା); ଯେଉଁ ମୂଳା ଚେମଡ଼ା ହୋଇ
Śāiṅā(yā) ଯାଇଥାଏ—A radish which has
दड़िदड़ि सिरावाला become fibrous.

ଶାଇଁକଣ୍ଟା—ଦେ. ବ (ସଂ. ଶମୀକଣ୍ଟକ)—ଶମୀକଣ୍ଟା (ଦେଖ)—
Śāiṅkaṇṭā Śamikaṇṭā (See); A tree; Acacia
शाईकाँटा Suma.

ଶାଉଶାଙ୍କ—ଗ୍ରା. ବ (ନାମ)—ଗୁପ୍ତ ବଂଶର ପ୍ରସିଦ୍ଧ ରାଜା ଶଶାଙ୍କ (ଦେଖ)
Śāuśāṅka Śaśāṅka (See
शशाङ्क शशाङ्क

ଶାଉଁଳା(ଳି)—ଦେ. ବଣ—୧।(ସଂ. ଶ୍ୟାମଳ)—ଶ୍ୟାମଳବର୍ଣ୍ଣବିଶିଷ୍ଟ—
Śāuṅḷā(ḷi) 1. Dark blue. (ଯଥା—ଶାଉଁଳି
(ଶାଉଁଳୀ—ସ୍ତ୍ରୀ) ନାକରେ ସାଉଁଳି ଗୁଣା, ମାରଲ ପକେଇଲା
शामलवर्ण श्यामलवरण, काला, शावल ଉଗ।) ୨।
ସାଉଁଳା (ଦେଖ)—2. Sāuṅḷā (See)

ଶାଉଁଳୀ—ଦେ. ବ. ଓ ବଣ ସ୍ତ୍ରୀ (ସଂ. ଶ୍ୟାମଲା)—କାଳୀ ସ୍ତ୍ରୀ—
Śāuṅḷī A dark complexioned woman.
श्यामलवर्ण शावली; काली

ଶାଏକ—ଗ୍ରା. ବ (ସଂ. ଶାୟକ)—ଶାୟକ (ଦେଖ)
Śāeka Śāyaka (See)

ଶାକ୍ରା ଚିଙ୍ଗୁଡ଼ି—ପ୍ରାଦେ (ବାଲେଶ୍ୱର) ବ—ଏକପ୍ରକାର ସାମୁଦ୍ରିକ
Śāk-rā chiṅguṛi ଚିଙ୍ଗୁଡ଼ିମାଛ—A kind of sea-shrimp.

ଶାକ—ସଂ. ବ (ଶକ୍ ଧାତୁ=ସମର୍ଥହେବା+କରଣ ଅ; ଏହା ସାହାଯ୍ୟରେ
Śāka ମନୁଷ୍ୟ ଅନ୍ନ ଭୋଜନ କରିବାକୁ ସମର୍ଥ ହୁଏ)—
୧। ଶାଗ; ଅନ୍ନ ସଙ୍ଗେ ବ୍ୟଞ୍ଜନରୂପେ ବ୍ୟବହୃତ ବୃକ୍ଷାଦିର ଫଳ, ଫୁଲ, ବୃନ୍ତ, ମୂଳ, ପତ୍ରାଦି; ଶାକସବଜି—
1. Vegetable used as food or curry; greens ୨। ତରକାରିମିଶ ଭାଅଣ; ତରକାରି—
2. Vegetable curry. ୩। ତରକାରୀସ୍ୱରୂପ ବ୍ୟବହୃତ କେତେକ ବୃକ୍ଷର ପତ୍ର ଓ କ୍ଷୁଦ୍ର ଶାଖା; ପତ୍ରଶାକ—
3. Potherb. ୪। ଭାରତର ରାଜବଂଶବିଶେଷ—(ବୁଦ୍ଧଦେବ ଏହି ବଂଶରେ ଜନ୍ମିଥିଲେ)—4. Name of a royal family of India. ୫। (ଶକ+ଅ)—ଶକଦ୍ୱୀପ; ଆର୍ଯ୍ୟାବର୍ତ୍ତର ଅନ୍ତର୍ଗତ ଷଷ୍ଠ ଦ୍ୱୀପ—
5. One of the six islands of the ancient N. India of the Hindus. ୬। ଶାଳ ବୃକ୍ଷ; ଶାଗୁଆନ ଗଛ—6. The teak wood (tree); Tectona Grandis. ୭। କୌଣସି ପ୍ରସିଦ୍ଧ ରାଜାଙ୍କ ରାଜତ୍ୱକାଳରୁ ଅଥବା ପ୍ରଧାନ ଘଟଣାକୁ ଅବଲମ୍ବନ କରି ଗଣାହେବା ସମ୍ବତ୍ସର—7. An era dating from tne reign of a celebrated king or from the date of some important event. ୮। ଶକାବ୍ଦ; ଶାଳିବାହନାବ୍ଦ—(ଏହା ଖ୍ରୀଷ୍ଟାବ୍ଦର ୭୬ ଅବ୍ଦରୁ ଅବଲମ୍ବିତ)—8. The era beginning from 76 A. D. ୯। ଭୂର୍ଜ୍ଜବୃକ୍ଷ (ହ୍ର. ଶ)—8. Birch tree. ୧୦। ଶିରିଷଗଛ (ଦେଖ) (ହ୍ର. ଶ)—10. Accacia Lebbec (tree). ୧୧। ଶକ୍ତି; ବଳ (ହ୍ର. ଶ)—
11. Strength; power. [ଦ୍ର—ଭାଷାରେ ଶାକ ବା ଶାଗ କେବଳ କେତେକ ବୃକ୍ଷର ପତ୍ର (ଯାହା ଖାଦ୍ୟରୂପେ ବ୍ୟବହୃତ ହୁଏ)କୁ ବୁଝାଏ; କିନ୍ତୁ ସଂସ୍କୃତ ଶାକର ଅର୍ଥ ଅହାର୍ଯ୍ୟ ସକଳପ୍ରକାର ଉଦ୍ଭିଦ ଓ ଉଦ୍ଭିଦର ସକଳ ପ୍ରକାର ଅଂଶ। ଓଡ଼ିଆରେ ଶାକର ଅର୍ଥ ହେଉଛି ଶାକସବଜି ବା ତରମାରି ତରକାରୀର ଉପକରଣ ରୂପେ ବ୍ୟବହୃତ ପତ୍ର, ପୁଷ୍ପ, ଶାଖା ଆଦି। ହିନ୍ଦୀରେ ଶାକର ଅର୍ଥ ତରକାରୀ ଭାଅଣ। ଭାବପ୍ରକାଶ ଗ୍ରନ୍ଥରେ ବର୍ଣ୍ଣିତ ଅଛି, ଶାକ ଷଡ଼ବିଧ—ପତ୍ର, ପୁଷ୍ପ, ଫଳ, ନାଳ, କନ୍ଦ(ମୂଳ) ଓ ସ୍ୱେଦଜ (ଛତୁ)।

ଅମରଟୀକାରେ ଶାକ ଦଶବିଧ—ମୂଳ, ପତ୍ର, କରୀର (ବାଉଁଶ ଆଦିର କଅଁଳ ବା ଗଜା), ଅଗ୍ର (ବେତ ଆଦିର ଅଗ), ଫଳ, କାଣ୍ଡ (କଣ୍ଡା), ଅଧିରୂଢ଼କ [ତାଳ, ନଡ଼ିଆ ଆଦିର ଶଙ୍କୁ], ତ୍ୱକ୍ (ଛାଲ), ପୁଷ୍ପ, ଛତ୍ରିକା (ଛତୁ)। ବୈଦ୍ୟଶାସ୍ତ୍ର ଅନୁସାରେ ପ୍ରାୟ ସମସ୍ତ ଶାକ ବିଷ୍ଟମ୍ଭୀ, ଗୁରୁ, ରୁକ୍ଷ, ଅଧିକାଂଶ ମଳଜନକ ଓ ମଳମୂତ୍ରନାଶକ। ଶାକ

ଶରୀର ଓ ଅସ୍ଥି ନାଶକ; ଏହା ତେଜ, ବର୍ଣ୍ଣ, ରକ୍ତ, ଶୁକ୍ର, ପ୍ରଜ୍ଞା, ସ୍ମୃତି ଓ ଗନ୍ଧ ବିନଷ୍ଟ କରେ ଏବ ଅକାଳରେ ବାର୍ଦ୍ଧକ୍ୟ ଜନ୍ମାଏ । ଏଥିରେ ରୋଗମାନେ ବାସ କରନ୍ତି । ସୁତରାଂ ସୁବୁଦ୍ଧି ବ୍ୟକ୍ତି ଶାକ ଭୋଜନ ପରିତ୍ୟାଗ କରିବେ । ନିମ୍ନରେ କେତେଗୁଡ଼ିଏ ଶାକର ଓଡ଼ିଆ ନାମ ସେମାନଙ୍କ ସଂସ୍କୃତ ନାମ ସହିତ ପ୍ରଦତ୍ତ ହେଉଅଛି—

ସଂସ୍କୃତ	ଓଡ଼ିଆ
ତାମ୍ବୁଲ —	ବଥୁଆ
ଗ୍ରୀଷ୍ମ ସୁନ୍ଦରକ —	ପିତାଶାଗ
ଟାଙ୍କ—	ମଦରଙ୍ଗା
ପୋତକୀ—	ପୋଇ
ରୋଚନୀ—	ପୋଦନା
ତଣ୍ଡୁଲୀ	ଲେଉଟିଆ
ପାଲଙ୍କ୍ୟା —	ପାଲଙ୍ଗ
ପଟଶାକ—	ନଳିତାଶାଗ
କଲମ୍ବୀ —	କଲମ
ଲୋଣା —	ଲୁଣିଲୁଣିଆ
ଚାଙ୍ଗେରୀ—	ଅମିଳତି
ଚୁକ୍ର; ଚୁକ୍ରିକା—	ଖଟାପାଳଙ୍ଗ
ହଲମୋଚିକା—	ହିଡ଼ିମିଚି
ସୁନିସନ୍ନକ —	ସୁନିସୁନିଆ
ଚଣକଶାକ—	ବୁଟଶାଗ

ଏହା ଛଡ଼ା କେତେଗୁଡ଼ିଏ ଗଛର ଓ ଲତାର ପତ୍ର ମଧ୍ୟ ଶାକରୂପେ ବ୍ୟବହୃତ ହୁଏ । ଯଥା— ଶୋଭାଞ୍ଜନ (ଶଜନା), ସାରୁ (କରୁ), ପଟୋଳ (ପୋଟଳ), ସର୍ଷପ (ସୋରିଷ), ଯବାନୀ (ଯୁଆଣୀ), ମୂଳକ (ମୂଳା), କାରବେଲ୍ଲ [କଲରା] କୁଷ୍ମାଣ୍ଡ [କଖାରୁ] ।] ସଂ. ବିଣ. [ଶକ+ଅ]—ଶକ ସମ୍ବନ୍ଧୀୟ—Relating to Saka.

ଶାକ କଲମ୍ବକ—ସଂ. ବି.—୧ । ପିଆଜ (ହି. ଶ)—1. Onion. ୨ । ରସୁଣ (ହି. ଶ)—2. Garlic.
Śāka kalambaka

ଶାକ ଗଛ—ଦେ. ବି.—ଶାଗୁଆନ ବୃକ୍ଷ—The teak wood tree. (ଦ୍ର—ପର୍ବତ ପରି ଶାକ ଗଛ ତହିଁ ଅଛି; ଏଣୁ ଶାକ ଦ୍ୱୀପ ବୋଲାଉଛି ।—କୃଷ୍ଣସିଂହ ମହାଭାରତ ।)
Śāka gachha

ଶାକ ଚୁକ୍ରିକା—ସଂ. ବି—୧ । ଅମ୍ଳ ଲୋଣି ଶାଗ; ଅମିଳତି ଶାଗ (ଦେଖ) 1. Āmiḷiti Śāga (See) ୨ । ତେନ୍ତୁଳି—(ହି. ଶ)—2. Tamarind.
Śāka chukrikā

ଶାକଟ—ସଂ. ବିଣ—(ଶକଟ+ଅ)—ଶକଟ ସମ୍ବନ୍ଧୀୟ—Relating to cart; vehicular. ବି—(ଶକଟ+ବହନାର୍ଥେ. ଅ)—୧ । ଯୁଗ୍ୟ; ଯୁଗବାହୀ ପଶୁ—1. Beasts yoked to a cart or plough. ୨। ଶ୍ଳେଷ୍ମାତକ ବୃକ୍ଷ; ବହୁବାର ବା ଗରିଭଣା—2. Cordia Myxa (tree). ୩ । ଓଉ; ଭବ୍ୟାଲକ—3. Dillenia Speciosa (tree). ୪ । ଗାଡ଼ିର ବୋଝ (ହି. ଶ)—4. Cartload. ୫ । ଧବ ବୃକ୍ଷ (ହି. ଶ)—5. Anogisus Latifolia (treet).
Śākaṭa

ଶାକ(କେ)ଟା—ପ୍ରାଦେ (ସମ୍ବଲପୁର)· ବି.—ନାତିଖର୍ବ ବନ୍ୟ ଗଛ; [ଏଥିର ଫଳ ଚେପ୍ଟା; ଏ ଫଳକୁ ଭିତର ରସ ବାହାର କରି ଶୁଖାଇ ଚୂର ପିଠା ଓ ଖିରି କରି ଲୋକେ ଖାଆନ୍ତି ।]—A kind of wild tree with flat fruits, the soft kernel of which is used as food.
Śāka(ke)ṭā

ଶାକଟାଖ୍ୟ—ସଂ. ବି —ଧବ ବା ଧଅ ଗଛ—A timber tree; Conocarpus Latifolia; Anogisus Latifolia.
Śākaṭākhya

ଶାକଟାୟନ—ସଂ· ବି—(ଶକଟ+ଅୟନ)—ଜଣେ ପ୍ରସିଦ୍ଧ ସଂସ୍କୃତ ବୈୟାକରଣିକ—Name of a Celebrated Sanskrit grammarian of ancient times. [ଦ୍ର—ଏହାଙ୍କ ରଚିତ ବ୍ୟାକରଣ ଗ୍ରନ୍ଥ ବର୍ତ୍ତମାନ ଲୁପ୍ତପ୍ରାୟ । କେବଳ ଖଣ୍ଡିଏ ପୋଥି ଲଣ୍ଡନରେ India house (ଇଣ୍ଡିଅହାଉସ୍) ନାମକ ଭାରତସଚିବଙ୍କ କାର୍ଯ୍ୟାଳୟର ଓ ଆଉଖଣ୍ଡିଏ ପୋଥି ମାନ୍ଦ୍ରାଜନଗରସ୍ଥ ଏସିଆଟିକ ସମାଜର ପୁସ୍ତକାଳୟରେ ଅଛି । କେହି କେହି ଏହାଙ୍କୁ ପାଣିନିଙ୍କ ପୂର୍ବକାଳୀନ ଏବ ଅନ୍ୟ କେହି କେହି ତାଙ୍କ ପରବର୍ତ୍ତୀ ବୋଲି କହନ୍ତି । କିନ୍ତୁ ଏହାଙ୍କ ନାମର ଉଲ୍ଲେଖ ପାଣିନି ବ୍ୟାକରଣରେ ଅଛି (ହି· ଶ)]
Śākaṭāyana

ଶାକଟିକ—ସଂ. ବିଣ·ପୁଂ—(ଶକଟ+ଇକ)—୧। ଶକଟ ସମ୍ବନ୍ଧୀୟ—1. Relating to a cart. ୨ । ଶକଟାରୋହୀ—2. Riding on a cart; travelling by carts. ୩ । ଶକଟଚାଳକ—3. Driving a cart. ବି.— ଶଗଡ଼ିଆ; ଗାଡ଼ିଆଳ—Cartman; cart driver.
Śākaṭika

ଶାକଟୀନ—ସଂ. ବିଣ —(ଶକଟ+ଈନ)—ଶକଟ ସମ୍ବନ୍ଧୀୟ—Relating to cart. ବି.—୧ । ଖଣ୍ଡିଏ ଗାଡ଼ିରେ ବୋହାଇ ହେବା ପରିମିତ ଦ୍ରବ୍ୟ—1. A cartload of any thing. ୨ । ବିଂଶତି ତୁଳା ପରିମାଣ; ୨୦୦୦ ପଳ; ୨୯୦୦ ଅଉନ୍ସ—2. A unit of measure or weight.
Śākaṭīna

ଶାକ ତରୁ—ସଂ. ବି—୧। ଶାଗୁଆନ ଗଛ —1. The teak tree; Teoetona Grandis. [ଦ୍ର-ଏହା ଗମ୍ଭୀରଜାତୀୟ ବଡ଼ ତରୁ । ନୂତନ ମଞ୍ଜକାଠ ହଳଦିଆ ଓ ପୁରୁଣା ପାକଲ ହେଲେ ଧୂସର ନାଲି ହୁଏ । ଏଥିର କାଠ ଅନ୍ୟ କଣ୍ଠ କାଠ ଅପେକ୍ଷା କୋମଳତର ଓ ବହୁତର କାଳସ୍ଥାୟୀ; ଏଥିଦ୍ୱାରା ଜାହାଜ ପାଲଣ୍ଡ କାମ ହୁଏ । ଯାଭା ଓ ବ୍ରହ୍ମ ଦେଶର ଜଙ୍ଗଲମାନଙ୍କରେ ଏହି ଗଛ ଜନ୍ମେ, କିନ୍ତୁ ଅନ୍ୟ ଦେଶରେ
Śāka taru

ଶାକବୃକ୍ଷ } —ଅନ୍ୟରୂପ
ଶାକଦ୍ରୁମ }

ଅନ୍ୟ ସଂ ପର୍ଯ୍ୟାୟ— ଶାକ, ଖରଚ୍ଛଦ, ସ୍ଥିରସାର, ଗୃହଦ୍ରୁମ, ଅଚ୍ଛଦକ

ଶ୍ରେଷ୍ଠକାଷ୍ଠ, ଖରପତ୍ର, ଗୁଳ୍ମ ଅଣି ଲଗାଇଲେ ଗଛ ହୁଏ । ପତ୍ର
ଅର୍କୋପମ, ମହାପତ୍ର, ବଡ ବଡ ଓ ଶ୍ଳେଷଣ ଏବଂ ଖାର କଠା କଠା;
ଅଜ୍ଜୋପମ— ବର୍ଷକୁ ବର୍ଷ ପତ୍ର ଝଡ଼େ । ଶୀତକାଳରେ
ଶାଗୋନ, ଶାଗବନ, ଶାଗୁନ ଫଳ ହୁଏ । ଏହାର ଫୁଲ ଚେହ୍ନା ଚେହ୍ନା ।
ଶେଗୁନ ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ଛେଲିର
ଫା—ଫିଲଗୋସ କ୍ୱାଥ ଔଷଧରେ ବ୍ୟବହୃତ ହୁଏ । ଏହା
ଅ—ଅଜନୁଲଫିଲ୍ ମଧୁର କଷାୟ ରସ, ସାରକ, ରୁକ୍ଷ; କଳ-
ତେ—ଟେକଚେଟ୍ଟୁ, ଟେକ୍କ] କର ଏବଂ ଜ୍ୱର, ଦାହ, କଫ, ପିତ୍ତ ଓ
କା—ଟେକ ଶ୍ରମ ନାଶକ ୨। ବରୁଣ ବୃକ୍ଷ (ହି. ଶ)
ମ- ସାଘ୍ୱେ, ସାଗବନ୍ 2. Crateava Religiosa tree.

ଶାକ ଦ୍ୱୀପ—ସ.ବ—(ଶକ+ଅ=ଶାକ ଶାକ+ଦ୍ୱୀପ)—୧ । ଭାରତର
Śāka dwipa ଉତ୍ତର ପଶ୍ଚିମସ୍ଥ ପ୍ରାଚୀନ ଦେଶ ବିଶେଷ, [ଦ୍ର—
କେହି କେହି ଏହାକୁ ସିଥିଆ (Scythia) ଓ କେହି
କେହି ଅଟକଳ ପାରସ୍ୟ (Persia) ବୋଲି ଅନୁମାନ
କରନ୍ତି । ଏହି ଦେଶବାସୀ ଶକ ଜାତୀୟ ଲୋକ (Scythians) ମାନେ ଖ୍ରୀଷ୍ଟ ଜନ୍ମର ପୂର୍ବ ୧ମ ଶତାବ୍ଦୀ ଓ ପରବର୍ତ୍ତୀ
ଶତାବ୍ଦୀରେ ଭାରତ ଆକ୍ରମଣ କରି ସେଠାରେ ରାଜ୍ୟ ସ୍ଥାପନ
କରିଥିଲେ । ଇରାନ୍ ଓ ତୁର୍କିସ୍ଥାନ ମଧ୍ୟରେ ଏହା ପ୍ରାଚୀନ
କାଳରେ ଅବସ୍ଥିତ ଥିଲା । ଏ ଦେଶରେ ଅକ୍ସସ୍ ନଦୀ
ପ୍ରବାହିତ (ହି. ଶ) (ଶକ ଓଲେ କୋଠ୍ ଦେଶ)—1.
Ancient Scythia or Persia. ୨ । ପୁରାଣାନୁ-
ସାରେ ସାତଦ୍ୱୀପରୁ ଏକ—2. Name of one of the
7 mythological islands. [ଦ୍ର—ଏ ଦ୍ୱୀପରେ
ଗୋଟିଏ ବଡ ଶାଗୁଆନ ଗଛ ଥିଲା ବୋଲି କଥିତ । ଏ ଦ୍ୱୀପର
ଚାରି ପାଖେ କ୍ଷୀର ସମୁଦ୍ର (ହି.ଶ)]

ଶାକଦ୍ୱୀପୀ—ସ. ବ.ପୁଂ—(ଶାକଦ୍ୱୀପ+ଇନ୍; ୧ମା. ୧ବ.)—୧ । ମଗ
Śākadwipi ବ୍ରାହ୍ମଣ—1. A Brāhmaṇa of the ancient country of Maga (Arakan). ୨ । ଶାକ-
ଦ୍ୱୀପବାସୀ-2. Ancient Scythians or Persians.
[ଦ୍ର—ପ୍ରଧାନ ଫଳିତ ଜ୍ୟୋତିଷବିତ୍ ବରାହମିହିର ଶାକଦ୍ୱୀପୀ
ବ୍ରାହ୍ମଣ ବଂଶୀୟ ଥିଲେ ଓ ସୂର୍ଯ୍ୟଙ୍କ ନାମକ ମୁନି ଏହି ବଂଶର
ଆଦିପୁରୁଷ ଥିଲେ । ଶାକଦ୍ୱୀପୀ ବ୍ରାହ୍ମଣମାନଙ୍କର ଜମ୍ବୁ
ଦ୍ୱୀପକୁ ଆଗମନ ବିଷୟ ହରିବଂଶରେ ଅଛି ଯେ, କୃଷ୍ଣଙ୍କ
ପୁତ୍ର ଶାମ୍ବ ସୂର୍ଯ୍ୟମନ୍ଦିର ନିର୍ମାଣ କରି ଯଜ୍ଞ କରିବାକୁ ଇଚ୍ଛା କଲେ;
ସୂର୍ଯ୍ୟୋପାସନାଭିଜ୍ଞ ବ୍ରାହ୍ମଣ ଶାକଦ୍ୱୀପରେ ମିଳିବା କଥା
ଶାମ୍ବ ଜାଣିବାରୁ ସେଠାରୁ କେତେ ବ୍ରାହ୍ମଣଙ୍କୁ ଡକାଇଲେ ।
ଏ ସମୟରେ ଭାରତରେ ଓ ଶାକଦ୍ୱୀପରେ ଅର୍ଥ୍ୟ ସଭ୍ୟତା
ଥିଲା । ପ୍ରାଚୀନ କାଳରେ ପାରସ୍ୟରେ ଯଜ୍ଞକାରୀ ପୁରୋହିତଙ୍କୁ
'ମଗ' ବୋଲି ଯାଉଥିଲା । ଏଥିପାଇଁ ଶାକଦ୍ୱୀପୀ ବ୍ରାହ୍ମଣଙ୍କୁ
ମଗ ବ୍ରାହ୍ମଣ ବୋଲି ଯାଉଥିଲା—ହି. ଶ ।] ସ. ବିଣ.—
ଶାକଦ୍ୱୀପବାସୀ—Residing in Śākadwipa.
(ଶାକଦ୍ୱୀପୀୟ)—ଅନ୍ୟରୂପ ।

ଶାକ ନାଳ—ଦେ. ବ.—ହଂସାଦ ବର୍ଗର ବଡ଼ (ଏକ ହାତରୁ ଊଚ୍ଚ)
Śāka nāla ଜଳଚର ବା କୂଳେଚର ପକ୍ଷୀ । (ଏମାନେ ତୃଣମୟ
शाकनाल ଜଳାଭୂମିରେ ଚରନ୍ତି, ଦେହ ଖଇରୀ, ମୁଣ୍ଡ ଗୋଲାପୀ]—
लालशिरा The pink-headed duck; Rhodenessa Caryophyllacea.

ଶାକ ପତ୍ର—ସ. ବ.—୧ । ଶାଗ; ତରକାରୀ ରୂପେ ବ୍ୟବହୃତ ତୃଣାଦିର
Śāka patra ପତ୍ର—1. Leaves of potherb. ୨ ।
ଶୋଭାଞ୍ଜନ ବୃକ୍ଷ (ହି. ଶ)—2. Moringa tree.

ଶାକପାର୍ଥିବ—ସଂ ବ. ପୁ—(ମ. ପ. ଲୋ. ଶାକପ୍ରିୟ ପାର୍ଥିବ; ଶକ+ଅ
Śākaparthiba +ପାର୍ଥିବ)—୧ । ନିଜ ନାମରେ ଅବ୍ଦ (ସନ)
ଚଳାଇବାର ପ୍ରିୟ ରାଜା—1. A king fond of
starting an era in his name (Apte). ୨ ।
ନିରାମିଷ ଭୋଜନ ପ୍ରିୟ ରାଜା—2. A vegetarian king.

ଶାକ ବଂଶ—ସ.ବ —ପ୍ରାଚୀନ ଭାରତର ରାଜବଂଶ ବିଶେଷ (ଏହି ବଂଶରେ
Śāka bamśa ବୁଦ୍ଧଦେବ ଜନ୍ମିଥିଲେ)—Name of a royal family of ancient India.

ଶାକ ବର—ସ. ବ.—ଜୀବଶାକ (ହି. ଶ)
Śāka bara A kind of pot herb.

ଶାକବରା—ସ. ବ—ଜୀବନ୍ତୀ ଲତା (ହି. ଶ)
Śākabarā Celtis Orientalis (creeper).

ଶାକ ବଲ୍ଲୀ—ସଂ ବ.—ଲତାକରଞ୍ଜ (ଦେଖ)
Śāka balli Latā Karañja (See)

ଶାକ ବାଟ(ବାଟିକା)—ସଂ ବ.—ଶାଗ ବଥର (ବିଶ୍ୱକୋଷ)
Śāka bāṭa(bāṭikā) A plot of land on which pot herbs are grown.

ଶାକବାଲେୟ—ସଂବ.—ବ୍ରାହ୍ମଣ ଯଷ୍ଟିକା (ହି.ଶ)—Clerodendron
Śākabāleya Syphonanthes (plant).

ଶାକବିନ୍ଦକ—ସଂ ବ.—ବେଲ ଗଛ (ହି. ଶ)
Śāka bindaka Bilwa tree.

ଶାକ ବିଲ୍ୱ—ସଂ ବ.—ବାର୍ତ୍ତାକୀ; ବାଇଗଣ—Egg plant; Solanum Melongena.
Śāka bilwa

ଶାକବୀର—ସଂ. ବ.—୧ । ବଥୁଆ ଶାଗ—1. Chenopoduim
Śākabira (pot herb). ୨ । ପୁରୁଣୀ ଶାଗ—2. Hogweed.
୩ । ଜୀବଶାକ (ହି. ଶ)—3 A kind of potherb.

ଶାକଭାଜି—ଦେ. ବ—ଘିଅ ବା ତେଲରେ ଭଜା ହୋଇଥିବା ଶାକ ପତ୍ର—
Śākabhāji Pot herb fried in ghee or oil.
शाकभाजी शाकभाजी

ଶାକଭୁକ୍—ସଂ ବିଣ.—(ଶାକ+ଭୁଜ୍ଧାତୁ+କର୍ତ୍ତୃ.କ୍ୱିପ୍)—ଯେ କେବଳ
Śāka bhuk ଶାଗ ଖାଇ ବଞ୍ଚେ—Vegetarian; granivorous.
(ଶାକଭୋଜୀ, ଶାକଭକ୍ଷ)—ଅନ୍ୟରୂପ ।

ଶାକ ମତ୍ସ୍ୟ—ସ ବଂ—(ଶାକ ମିଶ୍ରିତ ମତ୍ସ୍ୟ;ମ ପ ଲୋ)--ନାନାବିଧ ଶାକ-
Śāka matsya ସବଜି ସହିତ ପକ୍ୱ ମତ୍ସ୍ୟ; ମାଛ ମହୁର—
शाकमाछ **शाकमछली** Curry prepared by cooking
vegetables with fish. (ଦ୍ର—ବୈଦ୍ୟଶାସ୍ତ୍ର ମତରେ
ଏହା ସ୍ୱାଦୁ, ଗୁରୁପାକ, ରୁଚିକର,ପୁଷ୍ଟିକର ଓ ଶୁକ୍ରବର୍ଦ୍ଧକ) ।

ଶାକମ୍ଭରୀ—ସଂ ବି—(ଶାକ=ଶାଗକୁ+ଭୃ ଧାତୁ=ପୋଷଣ କରିବା+
Śākambharī କର୍ତ୍ତୃ ଅ+ସ୍ତ୍ରୀ ଈ; ଅଲୁକ୍ ସମାସ; ଯେ ଶାକ ଦ୍ୱାରା ଜୀବମାନଙ୍କୁ ଭରଣ କରୁଥିଲେ)—୧ । ଶିବା; ଦୁର୍ଗା-
1. Goddess Durgā.
[ଦ୍ର—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମାହାତ୍ମ୍ୟ ବା ଚଣ୍ଡୀ-ତନ୍ତ୍ରର ୧୧ଶ ଅଧ୍ୟାୟରେ ଦୁର୍ଗା ଦେବତାମାନଙ୍କୁ କହି ଅଛନ୍ତି ଯେ, ଯେତେବେଳେ ପୃଥିବୀରେ ୧୦୦ ବର୍ଷକାଳ ଅନାବୃଷ୍ଟି ହେବ, ସେହି ସମୟରେ ଅଯୋନିଜାରୂପେ (ସତୀରୂପେ) ପୃଥିବୀରେ ଅବତୀର୍ଣ୍ଣା ହୋଇ ମୁଁ ମୋ ନିଜ ଦେହସମ୍ଭୂତ ପ୍ରାଣଧାରକ ଶାକଦ୍ୱାରା ଦୁର୍ଭିକ୍ଷପୀଡ଼ିତ ଲୋକମାନଙ୍କୁ ଭରଣପୋଷଣ କରି ବଞ୍ଚାଇବି, ଏଥିପାଇଁ ମୋ ନାମ ଶାକମ୍ଭରୀ ହେବ ଓ ସେହି କାଳରେ ମୁଁ ଦୁର୍ଗମାସ୍ୟ ଅସୁରକୁ ବିନାଶ କରିବି ଏବଂ ସେହିହେତୁରୁ ମୋ ନାମ ଦୁର୍ଗା ହେବ ।] ୨ । ସ୍ୱନାମଖ୍ୟାତ ତୀର୍ଥ; ଅଜମିର ଅନ୍ତର୍ଗତ ନଗରୀ ବିଶେଷ—2. Name of a sacred city in Ajmeer. [ଦ୍ର—ଏଠାରେ ସୁବ୍ରତା ଦେବୀ ମାସକୁ ମାସ ଥରେ ମାତ୍ର ଶାକାହାର କରି ସହସ୍ର ବର୍ଷ ଅତିବାହିତ କରିଥିଲେ ଓ ସେଠାକୁ ଅଭ୍ୟାଗତ ମହର୍ଷିମାନଙ୍କୁ ଶାକ ଦ୍ୱାରା ସତ୍କାର କରିଥିବାରୁ ନଗରଟିର ଏପରି ନାମକରଣ ହୋଇଅଛି ।] ୩ । ଶମ୍ବର ହ୍ରଦଜାତ ଲବଣ—
3. Salt produced from the salt-lake of Rājputānā.

ଶାକମ୍ଭରୀୟ—ସଂ ବି (ଶାକମ୍ଭରୀ=ଦେଶବିଶେଷ+ଈୟ)—ରୌମକ ବା
Śākambharīya ଶାମ୍ଭରିଲବଣ; ଶମ୍ବରହ୍ରଦଜାତ ଲବଣ—
ଅନ୍ୟ ସଂ. ପର୍ଯ୍ୟାୟ—ଗୁଡ଼ାଖ୍ୟ, Salt produced from the
ରୌମକ । salt-lake of Rājputānā
ଓ. ଶମ୍ଭରୀ ଲୁଣ (in Central India). [ଦ୍ର—
शाम्बरी नून ରାଜପୁତାନାର ଶମ୍ବର ହ୍ରଦର
निमक साँभर ଲୁଣୀପାଣିକୁ ସୂର୍ଯ୍ୟରଶ୍ମିରେ ଶାହାଯ୍ୟରେ
ଆ. ମିଲ୍ହୁଲ୍ ଅବଜର ଶୁଖାଇ ଏ ଲୁଣ ମିଳେ । ଏହା
କରକଚ ଲବଣପରି ମିଶ୍ରିଲବଣ ।] ସଂ. ବଣ—ଶମ୍ବର
ହ୍ରଦଜାତ—Produced from the Sambar lake of Rajputana.

ଶାକ ଯୋଗ୍ୟ—ସଂ. ବି (ବୈଦ୍ୟକ)—ଧାନ୍ୟାକ; ଧନିଆ—
Śāka jogya Coriander (seed and plant); Coriadrus Sativum.

ଶାକର—ଦେ. ବି (ସଂ. ଶର୍କରା)—୧ । ଶର୍କରା; ଗୁଡ଼, କଳ ଅଦି—
Śākara 1. Sugar. (ଉ—ସରଳକଣୀ ଛେନା ବଳି, ସଙ୍ଗତେ
ମିଷ୍ଟି सक्कर ଶାକର ମିଶାଇ । ପ୍ରାଚୀ. ପ୍ରେମବନ୍ଧୁ. ଚନ୍ଦ୍ରଗୀତା ।)
शाकरा खटमधुर; खटमिठ ୨। ଗୁଡ଼ରୁ ବା କଳରୁ ପ୍ରସ୍ତୁତ ଚୂନା;
ଭୁ. କଳ ଖଣ୍ଡ—2. Sugar powder;
ଓ. ଶାକର pulverised sugar. ୩ ।
शाकर ଖଣ୍ଡା ଓ ମିଠା ଦିଆଯାଇ ପାକ
ଫା. ଶାକର କରାଯାଇଥିବା ତରକାରୀ ବିଶେଷ;
ଅ. ଶକ୍କର ମଧୁ ରୁଚି—3. A curry
ଇଂ. ସୁଗର୍ seasoned with sugar
ଲ. ସାକ୍କାରିନ୍ and acid. ୪ । ଗୁଡ଼ରେ
ବା କଳରେ ଛାଣିବା ଚକଟି ପରି ଏକପ୍ରକାର ମିଷ୍ଟାନ୍ନ—
4. A kind of round and flat sweetmeat. [ଦ୍ର—୪ର୍ଥ ଦୁଇପ୍ରକାର; କଳରୁ ଯାହା ଛାଣିବା ହୁଏ, ତାହା ଧଳା ଦିଶୁଥିବାରୁ ତାହାକୁ ଶ୍ୱେତ ଶାକର କହନ୍ତି ଓ ଗୁଡ଼ରୁ ଛାଣିବା ଶାକର ନାଲି ଦିଶୁଥିବା ହେତୁ ତାକୁ ନାଲିଶାକର କହନ୍ତି ।]

ଶାକର କନ୍ଦ—ଦେ. ବି—ଶକର କନ୍ଦ (ଦେଖ)
Śākara kanda Śakara kanda. (See)

ଶାକର ପଟା(ଟ୍ଟା)—ଦେ. ବି (ସଂ. ଶିଖର ପଟ୍ଟିକା)—ଦ୍ୱାରବନ୍ଧ
Śākara paṭā(ṭṭā) ଚଉକାଠ ଉପରେ ଦିଆଯାଇଥିବା ପଟା;
सरदल ଶାଢ଼ୁଲି ପଟା—The lintel.
शहदल

ଶାକରା—ଦେ. ବି (ସଂ. ଶର୍କରା)—୧ । ଶାକର (ଦେଖ)—
Śākarā 1. Śākara (See) ୨ । ଏକ ପ୍ରକାର ଖଣ୍ଡା; (ଏହା
କଳ ବା ଗୁଡ଼ର ଦ୍ରବ ଦ୍ୱାରା ପ୍ରସ୍ତୁତ । ଦ୍ରବ ଅବସ୍ଥାରେ
ଏହାକୁ ଛାଞ୍ଚରେ ଢାଳିବା ପରେ ଶୁଖାଇ ଖାଣ କରାଯାଏ)—
2. A cake made by pouring liquid sugar into moulds and then drying it up in air.

ଶାକରାଜ(ଟ୍)-ସ. ବି (ଶାକ+ରାଜନ୍, ଶାକ+ରାଜ ଧାତୁ+କର୍ତ୍ତୃ. କ୍ୱିପ୍;
Śākarāja(ṭ) ଶାକମାନଙ୍କ ମଧ୍ୟରେ ପ୍ରଧାନ)—(ବୈଦ୍ୟକ)
ଅନ୍ୟ ସ.—ବାସ୍ତୁକ, ବାସ୍ତୂକ, ବାସ୍ତୁକ ବା ବଥୁଆ ଶାଗ—
ଶାର ପତ୍ର, ସବଶାକ (ଧଳା), A kind of pot herb;
କ୍ଷେତ୍ରବାସ୍ତୁକ, ଗୌଡ଼ବାସ୍ତୁକ the goose foot; Cheno-
(ନାଲି) । podium (white and
ଓ. ବଥୁଆ red varieties.) [ଦ୍ର-ଶାଗ-
ଫା. ମୁସେଲେସା, ସର୍ମକ ମାନଙ୍କ ମଧ୍ୟରେ ଏହା ଉତ୍କୃଷ୍ଟ
ଅ. ସ୍ପେକ୍ ଚଉଲ୍. ଥିବାରୁ ଏହି ନାମ—ହି. ଶ]
ବେଙ୍ଗୋ बथुआ चिल्ली [ଶାକ ଶ୍ରେଷ୍ଠ—ଅନ୍ୟରୂପ]

ଶାକରୀ—ସ. ବି—(ଶକାର=ମୂର୍ଖ ଓ ଦୁର୍ବଳ ଜାତ ବାକ୍ୟ+ଅ+ଈ;
Śākarī କଣାତନ)—ପ୍ରାକୃତ ଭାଷା; ଇତରଜନବ୍ୟବହୃତ ଭାଷା-The vulgar language; the language used by the common people; a spoken dialect.

ଶାକଳ—ସଂ. ବି—୧ । (ଶାକ+ଲା ଧାତୁ+ଅଧିକରଣ ଅ)—
Śākala ପ୍ରାଚୀନ ମଦ୍ର ଦେଶର ନଗର ବିଶେଷ—1. Name of a town in the Madra country of ancient India.
୨ । (ସକଲ+ଅ)=ଖଣ୍ଡ—
Piece. ୩ । ସର୍ପବିଶେଷ [ହି. ଶ]—
3. A kind of snake. ୪ । ଋଗ୍ବେଦର
ଏକ ଶାଖା ବା ସଂହିତା—[ହି. ଶ.]—

4. Name of a branch of the Ṛugbeda. ୫ । କାଠର ତିଆରି ତାବିଜ (ହି. ଶ)—5. A locket made of wood. ୬ । ହୋମର ସାମଗ୍ରୀ (ଯଥା—ଯବ, ତିଳ, ମଧୁ, ଘୃତ) ହି. ଶ—6. Materials for performing fire sacrifice. ସଂ ବିଣ—୧ । ଶକଳ ନାମକ ଦ୍ରବ୍ୟରେ ରଞ୍ଜିତ (ହି. ଶ)—1. Dyed with Śakaḻa. ୨। ଖଣ୍ଡ ସମ୍ବନ୍ଧୀୟ (ହି. ଶ)—2. Relating to a piece.

ଶାକ ଶାକିନ (ଶାକଟ)—ସ. ବି—(ଶାକ+ଶାକିନ, ଶାକଟ=କ୍ଷେତ୍ର) Śāka śākina(śākaṭa) ଶାଗ ବଗିଚା—A field or a plot of land growing pot-herbs.

ଶାକ ଶାଳ—ସ. ବି—ମହାନିମ୍ବ; ମାହାଳ ଗଛ (ହି. ଶ)— Śākaśāḻa Persian Lilac tree.

ଶାକ ଶ୍ରେଷ୍ଠ—ସ. ବି—ବଥୁଆ— Śaka śreshṭha Chenopodium,

ଶାକ ଶ୍ରେଷ୍ଠା—ସ. ବି—୧। ଜୀବନ୍ତୀ ଲତା—1. Celtis Orientalis. Śāka śreshṭhā ୨ । ବାଇଗଣ—2. Eggplant. ୩ । କୁଷ୍ମାଣ୍ଡ ଲତା (ବିଶ୍ୱକୋଷ)—3. White gourd. ୪ । ତରଭୁଜ ଲତା (ବିଶ୍ୱକୋଷ)—4. Water melon. ୫ । ବୋଇତାଳଉ—5. Red gourd.

ଶାକ ସବଜି—ଦେ. ବି—(ସହଚର)—ତରକାରି ପାଇଁ ଅବାର୍ଥ ଶାକାଦି—Vegetables used as food; greens; pot herb. Śāka sabaji

शाकशवजी, शाकपाता शाकसवजी

ଶାକା—ସ. ବି—ହରଡ଼ା (ବିଶ୍ୱକୋଷ)— Śākā Myrobalan.

ଶାକାଙ୍ଗ—ସ. ବି—(ଶାକ ଭକ୍ଷଣର ଅଙ୍ଗ=ଉପଯୋଗୀ)—ଗୋଲମରିଚ—Black pepper. Śākāṅga

ଶାକାନ୍ନ—ସ. ବି—(ଶାକ ମିଶ୍ରିତ ଅନ୍ନ, ମ. ପ. ଲୋ)—୧ । ଶାଗଭାତ; ଅନ୍ନ ସଙ୍ଗେ ଦିଆ ଯିବା ଶାକ ବା ଭୁଜି ଭଜା ଅବାର୍ଥ— Śākānna [ଘୃତାନ୍ନ, ଫଳାନ୍ନ, ମିଷ୍ଟାନ୍ନ—ବିପରୀତ] 1. Vegetable food; vegetable curry served with rice (as opposed to meat food or sweetmeats.) ୨ । ନିରାମିଷ ଖାଦ୍ୟ—2. Non-animal food; meal consisting of vegetables only. ୩ । ଅନାଡ଼ମ୍ବର ଓ ସହଜଲଭ୍ୟ ସାଧାରଣ ଖାଦ୍ୟ—3. Ordinary simple fare.

ଶାକାନ୍ନଭୁକ୍—ସ. ବିଣ ଓ ବି—ଯେ କେବଳ ଶାକାନ୍ନ ଖାଏ; ନିରାମିଷାଶୀ· Śākānna bhuk A vegetarian. [ଶାକାନ୍ନଭୋଜୀ—ଅନ୍ୟରୂପ]

ଶାକାମ୍ଳ—ସଂ. ବି—ତେନ୍ତୁଳି— Śākāmḻa Tamarind.

ଶାକାରିକୀ—ସଂ. ବି—(ଶକାର=ନାଟକୀୟ ଭାଷାରେ ରାଜାଙ୍କ ଶ୍ୟାଳକ; ଶକାର+ଇକ+ଈ; ରାଜଶ୍ୟାଳକଙ୍କ ବ୍ୟବହୃତ Śākārikī [ଶାକାରୀ—ଅନ୍ୟରୂପ] ଅପଭାଷା)—୧ । ଅପଭାଷା; ଅଶ୍ଳୀଳଭାଷା—1. Obscene language; slang. ୨ । ପ୍ରାକୃତ ଭାଷା ବିଶେଷ—(ହି. ଶ)—2. Name of a dialect.

ଶାକାଷ୍ଟକା(ମୀ)—ସଂ. ବି—ଶ୍ରାଦ୍ଧୀୟ ଦିନ ବିଶେଷ; ଗୌଣ ଚାନ୍ଦ୍ରମାନ ଫାଲ୍ଗୁନ ମାସର କୃଷ୍ଣାଷ୍ଟମୀ—The eighth day of the dark fortnight of Falgoon (when vegetable food is offered to the ancestors). [ଦ୍ର—ଏ ଦିନ ଶ୍ରାଦ୍ଧରେ ପିତୃଲୋକଙ୍କୁ ଶାକ ଅର୍ପଣ କରି ଶ୍ରାଦ୍ଧ କରାଯାଏ ।] Śākāshṭakā(mī)

ଶାକାହାର—ସଂ. ବି—(୬ଷ୍ଠୀ ତତ୍)—ଶାକ ଆଦିର ଭୋଜନ— Śākāhāra Vegetarian diet. [ମାଂସାହାର—ବିପରୀତ]

ଶାକାହାରୀ—ସଂ. ବିଣ. ଓ ବି. ପୁଂ.—ଯେ କେବଳ ଫଳ ମୂଳ ଶାକାଦି ଭକ୍ଷଣ କରି ଜୀବନ ଧାରଣ କରନ୍ତି—Vegetarian; living on a vegetarian diet. Śākāhārī [ଶାକାହାରିଣୀ—ସ୍ତ୍ରୀ]

ଶାକିନ—ସଂ. ବି. ସ୍ତ୍ରୀ—(ଶାକ+ଇନ୍)—ଶାକ କ୍ଷେତ୍ର— Śākina A field for growing pot-herbs and kitchen-vegetables.

ଶାକିନୀ—ସଂ. ବି. ସ୍ତ୍ରୀ—(ଶାକ+ଇନ୍+ଈ)—୧ । ଦୁର୍ଗାଙ୍କ ଅନୁଚରୀ ବିଶେଷ—1. A class of female attendants of Durgā. ୨ । ସ୍ତ୍ରୀ ଭୂତ; ଡାକିଣୀ—2. A female ghost. ୩ । ଶାକଯୁକ୍ତ ଭୂମି; ଶାକକ୍ଷେତ୍ର; ଶାଗ ବଗିଚା—3. A field growing pot herbs. Śākinī

ଶାକୀ—ସଂ. ବି. ପୁଂ—(ଶାକ+ଇନ୍)—୧ । ନାଲିସ କରିବା ବ୍ୟକ୍ତି (ହି. ଶ)—1. Complainant. ୨ । ଚୁଗୁଲିଆ [ହି. ଶ]—2. Backbiter. ୩ । (ସ୍ତ୍ରୀ)—ଶାକକ୍ଷେତ୍ର (ବିଶ୍ୱକୋଷ)—3. A plot for growing pot-herb. ସଂ. ବିଣ. ପୁଂ—ଶକ୍ତିଶାଳୀ (ବିଶ୍ୱକୋଷ)—Powerful. Śākī

ଶାକୁନ—ସ. ବିଣ (ଶକୁନ+ଅ)—୧ । ନିମିତ୍ତଜ୍ଞ—1. Versed in augury. ୨ । ପକ୍ଷୀ ସମ୍ବନ୍ଧୀୟ—2. Relating to birds. ୩ । ଅନ୍ୟର କ୍ଲେଶଦାୟକ; ପରପୀଡ଼କ—3. Oppressive; hurtful to others. ୪ । ଶୁଭାଶୁଭ ଲକ୍ଷଣ ସମ୍ବନ୍ଧୀୟ—4. Relating to augury. ବି—୧ । ପଶୁ ପକ୍ଷୀମାନଙ୍କ ଡାକ ପ୍ରଭୃତି ଲକ୍ଷଣଦ୍ୱାରା ଶୁଭାଶୁଭ ନିର୍ଣ୍ଣାୟକ ଶାସ୍ତ୍ର—1. The science of augury; the occult science. ୨ । କାକଚରିତ୍ର ଗ୍ରନ୍ଥ—2. The science of foretelling the future by flight and sound of birds; augury. ୩ । (ପୁଂ) ଭବିଷ୍ୟଦ୍ ବକ୍ତା—3. Sooth-sayer; augur. ୪ । (ପୁଂ) ଚଢ଼େଇମାରୁ (ହି. ଶ)—4. A fowler. Śākuna

ଶାକୁନ ବିଦ୍ୟା—ସଂ. ବି—ତାଡଡଗର ବିଦ୍ୟା —
Śākuna bidyā The science of augury.
(ଶାକୁନ ଶାସ୍ତ୍ର, ଶାକୁନତନ୍ତ୍ର, ଶାକୁନ ବିଜ୍ଞାନ—ଅନ୍ୟରୂପ)

ଶାକୁନ—ସଂ. ବି (ଶକୁନ+ଅ+ଇ)—ଚଢ଼େଇମାରୁ (ହି. ଶ)—
Śākuni A fowler.

ଶାକୁନିକ—ସଂ. ବି. ପୁଂ (ଶକୁନ+ଜୀବିକା ଅର୍ଥରେ ଇକ)—୧ ।
Śākunika ଚଢ଼େଇମାରୁ; ପକ୍ଷୀମାରକ; ବ୍ୟାଧ—1. A fowler.
(ଶାକୁନିକୀ—ସ୍ତ୍ରୀ) ୨ । କ୍ରମିଜ୍ଞ; ଭବିଷ୍ୟଦ୍‌ବକ୍ତା—2. Soothsayer; an augur. ୩ । ଶକୁନ ବା ଗୃଧ୍ରସମୂହ—
3. A collection of vultures.

ଶାକୁନୀ—ସଂ. ବି (ଶକୁନ+ଇନ୍; ୧ଗା. ୧ବ)—ଯେ ମାଛ ଧରେ;
Śākunī ମାଛୁଆ (ହି. ଶ)—1. Fisherman. ୨ । ଏକ ପ୍ରକାର ପ୍ରେତ (ହି. ଶ)—2. A class of goblins.
୩ । ଶକୁନ ବିଶ୍ୱାସକ ବ୍ୟକ୍ତି (ହି. ଶ)—3. An augur; a soothsayer.

ଶାକୁନେୟ—ସଂ. ବିଣ (ଶକୁନ+ଏୟ)—ପକ୍ଷିସମ୍ବନ୍ଧୀୟ (ହି. ଶ)—
Śākuneya Relating to birds. ସଂ. ବି. ପୁଂ—୧ । ଏକ ପ୍ରକାର ଛୋଟ ପେଚା (ହି. ଶ)—1. A small species of owl. ୨ । ବକାସୁର ଦୈତ୍ୟ (ହି. ଶ)—2. Demon Bakāsura ୩ । ମୁନିବିଶେଷ (ହି. ଶ)—3. Name of a sage.

ଶାକୁନ୍ତଳେୟ—ସଂ. ବି. ପୁଂ (ଶକୁନ୍ତଳା+ ଅପତ୍ୟାର୍ଥେ ଏୟ)—ଶକୁନ୍ତଳାଙ୍କ ପୁତ୍ର; ମହାରାଜ ଭରତ—King
Śākuntaḷeya Bharata of ancient India.

ଶାକୁନ୍ତିକ—ସଂ. ବି (ଶକୁନ୍ତ+ଇକ)—ଚଢ଼େଇମାରୁ (ହି. ଶ)—
Śākuntika A fowler.

ଶାକୁଳିକ—ସଂ. ବି. ପୁଂ—୧ । (ଶକୁଳ=ମତ୍ସ୍ୟ+ଜୀବିକାର୍ଥେ ଇକ)—
Śākuḷika ଧୀବର; ମତ୍ସ୍ୟଜୀବୀ—1. Fisherman. ୨ । (ଶାକୁଳିକୀ—ସ୍ତ୍ରୀ) (ଶକୁଳ+ସମୂହାର୍ଥେ ଇକ) ମତ୍ସ୍ୟସମୂହ (ହି. ଶ)—2. A shoal or collection of fishes.

ଶାକେଶ୍ୱର—ସଂ. ବି—ଯେଉଁ ରାଜାଙ୍କ ନାମରେ ସମ୍ବତ୍ ଚଳେ—
Śākeśwara A king in whose name an era is started.

ଶାକ୍କର—ସଂ. ବି—୧ । (ଶକ୍କର+ସ୍ୱାର୍ଥେ ଅ) ଷଣ୍ଢ; ବୃଷଭ—
Śākkara 1. Bull. ୨ । ସଂସ୍କୃତ ଛନ୍ଦୋବିଶେଷ—
2. The name of a Sanskrit metre.

ଶାକ୍ତ—ସଂ. ବିଣ. ପୁଂ (ଶକ୍ତି=ଦୁର୍ଗା+ଉପାସକ ଅର୍ଥରେ ଅ)—
Śākta ୧ । ଦୁର୍ଗା ବା ଶକ୍ତି ଉପାସନାକାରୀ—1. Worshipping of the Goddess Durgā. ୨ । ଦୁର୍ଗାଙ୍କ ମନ୍ତ୍ରରେ ଦୀକ୍ଷିତ—2. Initiated into the mystic incantation of Durgā. ୩ । ତାନ୍ତ୍ରିକ; ତନ୍ତ୍ରସାଧକ—3. Performing tantric rituals. ୪ । ଶକ୍ତି ସମ୍ବନ୍ଧୀୟ—4. Relating to Śakti.
ବି. ପୁଂ—୧ । ଶକ୍ତି ଉପାସକ—1. A devotee or worshipper or Durgā. ୨ । ତାନ୍ତ୍ରିକ ପୂଜକ—2. Worshipper of Durgā through tantric rituals. [ଦ୍ର—ଶାକ୍ତମାନଙ୍କ ପୂଜାବିଧାନ ବୈଦିକ ପ୍ରକାରୁ ଭିନ୍ନ । ଶାକ୍ତମାନେ ଈଶ୍ୱରଙ୍କ ଶକ୍ତିକୁ ଶିବପତ୍ନୀ ଦୁର୍ଗାରୂପେ ଉପାସନା କରନ୍ତି । ଏ ଉପାସନା ସକଳ ଦୁଇ ପ୍ରକାର—ଦକ୍ଷିଣାଚାର ଓ ବାମାଚାର । ବାମାଚାର ବା ବାମମାର୍ଗୀମାନଙ୍କ ପ୍ରଚାରରେ ପଞ୍ଚମକାରର ବ୍ୟବହାର ହୁଏ । ସ୍ତ୍ରୀଙ୍କ ଜନନେନ୍ଦ୍ରିୟକୁ ଶକ୍ତିଙ୍କ ପ୍ରତୀକ ବୋଲି ମାନି ଶାକ୍ତମାନେ ବଶିଷ୍ଟ ଭାବରେ ଏଥିର ପୂଜା କରନ୍ତି—ହି. ଶ ।] ୩ । ଶକ୍ତି ଉପାସକ ହିନ୍ଦୁ ସମ୍ପ୍ରଦାୟ—3. The Hindu sect who are divotees of Śakti. [ଦ୍ର—ହିନ୍ଦୁମାନେ ଉପାସ୍ୟ ଦେବତାଙ୍କ ନାମ ଅନୁସାରେ ଭିନ୍ନ ସମ୍ପ୍ରଦାୟରେ ଅଭିହିତ ହୁଅନ୍ତି । ଯଥା—ବିଷ୍ଣୁ ଉପାସକ ବୈଷ୍ଣବ, ଶିବ ଉପାସକ ଶୈବ, ଶକ୍ତି ଉପାସକ ଶାକ୍ତ, ଗଣପତି ଉପାସକ ଗାଣପତ୍ୟ, ସୂର ଅର୍ଥାତ୍ ସୂର୍ଯ୍ୟ ଉପାସକ ସୌର । ଏହିପରି ବୁଦ୍ଧଉପାସକମାନେ ଆପଣାକୁ ବୌଦ୍ଧନାମରେ ଅଭିହିତ କରୁଅଛନ୍ତି ।]

ଶାକ୍ତାଗମ—ସଂ. ବି (କର୍ମଧା, ଶାକ୍ତ+ଆଗମ)—ତନ୍ତ୍ର ଶାସ୍ତ୍ର—
Śāktāgama The Tantras.

ଶାକ୍ତିକ—ସଂ. ବିଣ. ପୁଂ (ଶକ୍ତି+ଇକ)—୧।ଶକ୍ତିସମ୍ବନ୍ଧୀୟ—Relating
Śāktika to Śakti. ୨ । ଶକ୍ତି ଅସ୍ତ୍ରଧାରୀ ସଜ୍ଜିତ—2. Armed with the Śakti weapon.
ଶାକ୍ତେୟ } ଶାକ୍ତ୍ୟ } ଅନ୍ୟରୂପ
ସଂ. ବି ପୁଂ—ଶାକ୍ତ; ଶକ୍ତିଉପାସକ—1. A worshipper of Śakti.

ଶାକ୍ତୀକ—ସଂ. ବି (ଶକ୍ତି+ପ୍ରହରଣାର୍ଥେ ଈକ)—ଶକ୍ତି ଅସ୍ତ୍ରଧାରୀ ଯୋଦ୍ଧା—
Śāktīka Warrior armed with the Śakti weapon. ସଂ. ବିଣ—ଶକ୍ତି ଅସ୍ତ୍ର ସମ୍ବନ୍ଧୀୟ (ହି. ଶ)—Relating to Sakti weapon.

ଶାକ୍ୱର—ସଂ. ବିଣ ପୁଂ (ଶକ୍ ଧାତୁ+କର୍ତ୍ତୃ. ବର)—ଶକ୍ତିଶାଳୀ (ହି.
Śākwara ଶ)—Mighty. ସଂ. ବି—୧ । ଇନ୍ଦ୍ର (ହି. ଶ)—1. Indra. ୨ । ଇନ୍ଦ୍ରଙ୍କ ବଜ୍ର (ହି. ଶ)—2. The thunderbolt of Indra. ୩ । ଷଣ୍ଢ (ହି. ଶ)—3. Bull. ୪ । ପ୍ରାଚୀନକାଳର ଏକ ଯାଗ ବା ସଂସ୍କାର (ହି. ଶ)—4. Name of an ancient custom or rite.

ଶାକ୍ୟ—ସଂ. ବି(ଶାକ=ବଣ ବଶେଷ+ତହିଁରେ ଜାତ ଅର୍ଥରେ ଯ;ଶାକ
Śākya ବଣରେ ଜାତ)—୧ । ବୁଦ୍ଧଦେବ; ଗୌତମ ବୁଦ୍ଧ—
ଶାକ୍ୟ ମୁନି } ଶାକ୍ୟ ସିଂହ } ଅନ୍ୟରୂପ
1. The great religious reformer Buddha. ୨ । ନେପାଳ ତରାଇ ପ୍ରଦେଶବାସୀ ପ୍ରାଚୀନ କ୍ଷତ୍ରିୟ ଜାତି (ହି. ଶ)—2. Name of an ancient Kshatriya tribe of Nepal Tarai. [ଦ୍ର—ବୌଦ୍ଧ

ଗ୍ରନ୍ଥରେ ଶାକ୍ୟମାନଙ୍କୁ ଇକ୍ଷ୍ୱାକୁ ବଂଶୀୟ ବୋଲି ଯାଇଅଛି । ସେଉଁ ସ୍ଥାନରେ ଏମାନେ ବାସ କରୁଥିଲେ ସେଠାରେ ଗୁଚ୍ଛ ଶାକ (ଶାଗୁଆନ) ଗଛ ଥିଲା । ଏଥିପାଇଁ ଏ ବଂଶର ନାମ ଶାକ୍ୟ ହେଲା । ପଣ୍ଡିତମାନେ କହନ୍ତି, ଲେ(ଲି)ଚ୍ଛବୀଙ୍କ ପରି ଶାକ୍ୟମାନେ ବ୍ରାତ୍ୟ କ୍ଷତ୍ରିୟ ଥିଲେ—ହି. ଶ ।]

ଶାକ୍ର—ସଂ. ବଣ (ଶକ୍ର+ଅ)—ଇନ୍ଦ୍ର ସମ୍ବନ୍ଧୀୟ—Relating to
Śākra Indra. ସଂ. ବି—[ଇନ୍ଦ୍ର ଏ ନକ୍ଷତ୍ରର ଅଧିପତି] ଜ୍ୟେଷ୍ଠା ନକ୍ଷତ୍ର (ହି. ଶ)—The 18th asterism.

ଶାକ୍ରୀ—ସଂ. ବି. ସ୍ତ୍ରୀ—୧ । ଇନ୍ଦ୍ରାଣୀ; ଶଚୀ—1. The wife of
Śākrī Indra. ୨ । ଦୁର୍ଗା (ହି. ଶ)—2. Durgā.

ଶାଖ୍ (ଧାତୁ)—ସଂ—ବିସ୍ତୃତ ହେବା; ବ୍ୟାପିବା—To spread; to
Śākh (root) extend; to fill completely; to pervade.

ଶାଖ—ସଂ. ବି—(ଶାଖ ଧାତୁ+କର୍ତ୍ତୃ ଅ)—୧ । କାର୍ତ୍ତିକେୟ (ହି. ଶ)
Śākha 1. Kārttikeya. ୨ । ଅଂଶ; ଭାଗ (ହି. ଶ)—2. Part. ୩ । କରଞ୍ଜ (ହି. ଶ)—3. Pongamia Glabra (tree).

ଶାଖା—ସଂ. ବି—(ଶାଖ ଧାତୁ+କର୍ତ୍ତୃ ଅ+ସ୍ତ୍ରୀ ଆ)—୧ । ବୃକ୍ଷର ଅଙ୍ଗ-
Śākhā ବିଶେଷ; ବିଟପ; ଗଛର ଡାଳ—1. Branch; bough of a tree; offshoot. ୨ । ଅଂଶ; ଭାଗ—2. Part; section. ୩ । ବେଦର ଅଂଶ ବିଶେଷ—3. Name of section of the Bedas. ୪ । ବାହୁ—4. The arm. ୫ । କର—5. The hand. ୬ । ଗ୍ରନ୍ଥର ପରିଚ୍ଛେଦ; ଅଧ୍ୟାୟ—6. Chapter of a book. ୭ । ଦେଶାଂଶ; ପ୍ରଦେଶ—7. Province. ୮ । ସମୀପତା; ସାମୀପ୍ୟ—8. Nearness; vicinity. ୯ । ପକ୍ଷାନ୍ତର—9. Another side. ୧୦ । ବଂଶର ଆଦିପୁରୁଷଙ୍କଠାରୁ ଉତ୍ପନ୍ନ ବିଭିନ୍ନ ବଂଶଧରମାନଙ୍କ ବଂଶ—10. Branch of a family; families of different descendants of a particular ancestor. ୧୧ । ନଦୀରୁ ନିର୍ଗତ ହୋଇଥିବା ଶାଖା—11. Branch of a river. ୧୨ । ସମୁଦ୍ରରୁ ବାହାରିଥିବା ଲମ୍ବ ଉପସାଗର—12. A long arm of the sea. ୧୩ । ଏକ ଜାତିର ବା ଧର୍ମର ବିଭିନ୍ନ ସଂପ୍ରଦାୟ—13. A religious sect or branch of nation. [ଉ—ସାନ ଶାଖା ମୁକୁଳି ବଡ଼ ଶାଖା ଯେ ଗ୍ରାମବନ୍ତ—ପ୍ରାଚୀ. ଗୁରୁଭକ୍ତି ଗୀତା । ୧୪ । ଶରୀରର ଅବୟବ (ହାତ, ଗୋଡ଼) (ହି: ଶ)—14. A limb of the body. ୧୫ । ଅଙ୍ଗୁଳି (ହି.ଶ)—15. Finger. ୧୬ । ଦ୍ୱାରବାଠ (ହି: ଶ)—16. Door-frame. ୧୭ । ଗୃହର ଏକପାଖ (ହି.ଶ)—17. A side of a house. ୧୮ । ମୂଳ ବସ୍ତୁରୁ ନିର୍ଗତ ଅଂଶ (ହି.ଶ) 18. A part which is an offshoot from an original thing. ୧୯ । ବିଭାଗ; ହିଂସା (ହି. ଶ)—19. Division; share. ୨୦ । କୌଣସି ଶାସ୍ତ୍ରର ବା ବିଦ୍ୟାର ଅନ୍ତର୍ଗତ ଅଂଶ ବା ବିଭାଗ (ହି.ଶ)—20. Part or subdivision of a work or science. ୨୧ । ବେଦର ସଂହିତାମାନଙ୍କର ପାଠ ବା କ୍ରମଭେଦ, ଯାହା କୌଣସି କୌଣସି ଋଷି ଆପଣା ଗୋଷ୍ଠୀ ବା ଶିଷ୍ୟ ପରଂପରା କ୍ରମେ ଚଳାଇଥିଲେ (ହି: ଶ)—21. A school or traditional recension of the Bedas; traditional text followed by a school (Apte). [ଦ୍ର—ଋଗ୍‌ବେଦର ୫ ଶାଖା, ଯଜୁର୍ବେଦର ବହୁ ଶାଖା ମଧ୍ୟରେ କେଅଛି ପ୍ରସିଦ୍ଧ (ହି. ଶ)]—୨୨ । ବିଶିଷ୍ଟ ମତବାଦୀ ଦଳ—22. Party holding a particular view or tenet; faction (Apte).
ସଖା ଦେ. ବି (ସଂ. ସଖା)—୧ । ସଖା; ବନ୍ଧୁ—1. Friend.
ସହାୟକ ୨ । (ସଂ. ସହାୟକ) ସହାୟ—2. Help. (ଉ—ଏଥି ହୋଇ ତାର ନାହିଁ କିଛି ଶାଖା । ପ୍ରାଚୀ. ବୃନ୍ଦାବନରୂପଣ. ଗୀତା ।) ୩ । ପ୍ରଧାନ ଖାଦ୍ୟ ସଙ୍ଗେ ଖିଆଯିବା ପଦାର୍ଥ; ଅନ୍ନ ସଙ୍ଗେ ଖିଆଯିବା ବ୍ୟଞ୍ଜନାଦି—3. Curry etc. taken with rice or the principle article of food.

ଶାଖାଗ୍ର—ସଂ. ବି (୬ଷ୍ଠୀ ତତ୍; ଶାଖା+ଅଗ୍ର)—୧ । ଡାଳର
Śākhāgra ଅଗ୍ରଭାଗ—1. The top of a branch. ୨ । କରାଗ୍ରଭାଗ; ଅଙ୍ଗୁଳି—2. The fingers of the hand.

ଶାଖା କଣ୍ଟ—ସଂ. ବି—ସ୍ନୁହୀବୃକ୍ଷ; ସିଜୁଗଛ (ହି. ଶ)
Śākhā kanṭa Euphorbia (tree).

ଶାଖା ଚଙ୍କ୍ରମଣ—ସଂ. ବି—୧ । ଏକ ଡାଳରୁ ଅନ୍ୟ ଡାଳକୁ
Śākhā chaṅkramaṇa ଡେଇଁବା—1. Leaping from one branch to another. ୨ । ଏକ ବିଷୟରୁ ଅଧା ଛାଡ଼ି ଅନ୍ୟ ବିଷୟରେ ହାତ ଦେବା (ହି. ଶ)—2. Desultory work. ୩ । ଏକ ବିଷୟ ପୂରା ନ ପଢ଼ି ଏଥିରୁ ଥୋଡ଼ାଏ ସେଥିରୁ ଥୋଡ଼ାଏ ପଢ଼ିବା (ହି. ଶ)—3. Desultory study, (Apte).

ଶାଖା ଚ୍ୟୁତ—ସଂ. ବି (୫ମୀ ତତ୍)—ଡାଳରୁ ଖସିପଡ଼ିଥିବା; ଡାଳରୁ ଛିଡ଼ି
Śākhā chyuta ପଡ଼ିବା—Fallen from the branch;
(ଶାଖାଭ୍ରଷ୍ଟ—ଅନ୍ୟରୂପ) separted from the branch.

ଶାଖାଦ—ସଂ. ବିଣ ଓ ବି (ଶାଖା+ଅଦ୍ ଧାତୁ+କର୍ତ୍ତୃ. ଅ)—ଗଛର
Śākhāda ଡାଳ ଖାଇବା ପଶୁ (ଯଥା—ଗୋ, ମେଷ, ଛାଗ)—Animals living on branches.

ଶାଖା ନଗର—ସଂ. ବି (ନଗରର ଶାଖା; ୬ଷ୍ଠୀ ତତ୍)—ବୃହତ୍
Śākhā nagara ନଗରର ସମୀପସ୍ଥ କ୍ଷୁଦ୍ର ନଗର; ଉପନଗର;
(ଶାଖାପୁର—ଅନ୍ୟରୂପ) ନଗରର ଉପକଣ୍ଠସ୍ଥିତ ବସତି—Suberb of a town.

ଶାଖା ନଦୀ—ସଂ. ବି—ବଡ଼ ନଦୀରୁ ବାହାରିଥିବା କ୍ଷୁଦ୍ର ନଦୀ—
Śākhā nadī Branch of a river.

[ଦ୍ର—ଯେଉଁ ନଦୀ ପ୍ରଧାନ ନଦୀରେ ଆସି ପଡ଼ିଥାଏ ତାକୁ ଉପନଦୀ ବୋଲାଯାଏ ।]

ଶାଖା ନାଲ—ଦେ. ବି—କେନାଲରୁ ବାହାରିଥିବା ଶାଖା; ଉପନାଳ—
Śākhā nāḷa Distributay or branch canals
শাখা কেনাল rising from the main canal for the
शाखा नहर purpose of irrigation.

ଶାଖାନ୍ତର—ସଂ. ବି (ଅନ୍ୟ ଶାଖା; କର୍ମଧାରୟ)—ଅନ୍ୟ ଶାଖା—
Śākhāntara Another branch.

ଶାଖାନ୍ତରାଳ—ସଂ. ବି (୬ଷ୍ଠୀ ତତ୍)—ଶାଖାମାନଙ୍କ ଅନ୍ତରାଳ ବା
Śākhāntarāḷa ବ୍ୟବଧାନ—The space between two branches.

ଶାଖା ପଥ—ସଂ. ବି—ଶାଖା ରଥ୍ୟା (ଦେଖ)
Śākhā patha Śākhā rathyā. (See)
(ଶାଖାବର୍ତ୍ମ—ଅନ୍ୟରୂପ)

ଶାଖାପିତ୍ତ—ସଂ. ବି—ଦେହର ଶେଷ ମୁଣ୍ଡରେ ଥିବା ଅବୟବ (ହାତ,
Śākhāpitta ଗୋଡ଼, ଲିଙ୍ଗ) ମାନଙ୍କର ଫୁଲା —The inflamation of the extremities of the body (e.g. hands, penis, shoulders.) (Apte).

ଶାଖା ବାତ—ସଂ. ବି (ମ. ପ. ଲୋ)—ହାତ ଗୋଡ଼ରେ ହେବା ବାତ
Śākhā bāta (ହ୍ରି. ଶ)—Gout.

ଶାଖା ମୃଗ—ସଂ. ବି (ଶାଖାସ୍ଥିତ ଯେ ମୃଗ=ପଶୁ; ମ. ପ. ଲୋ)—
Śhākhā mruga ୧ । ବାନର; ମର୍କଟ; ମାକଡ଼—1.Monkey, ape. ୨ । ଗୁଣ୍ଡୁଚିମୁଷା—2. Squirrel. (Apte

ଶାଖାମ୍ଳ(ଲ)—ସଂ. ବି—ବାଆଁର; ଜଳବେତସ—A species of
Śākhāmḷa(ḷa) cane growing on the edge of water.

ଶାଖାମ୍ଳ—ସଂ. ବି—ତେନ୍ତୁଳ (ହ୍ରି. ଶ)
Śākhāmḷa Tamarind.

ଶାଖାର(ଦ)ଣ୍ଡ—ସଂ. ବି ପୁଂ (ଶାଖା=ବେଦର ଶାଖା+ରମ୍ ଧାତୁ=
Śākhāra(da)ṇḍa କ୍ରୀଡ଼ା କରିବା+ଡ, କିମ୍ବା ଶାଖା=ବେଦାଂଶରେ+ରଣ୍ଡ=ନଷ୍ଫଳ)--ଯେଉଁ ବ୍ରାହ୍ମଣ ସ୍ୱାବଲମ୍ବିତ ବେଦାଂଶ ପରିତ୍ୟାଗ କରି ଶାଖାନ୍ତର ଅଧ୍ୟୟନ କରନ୍ତି—A Brāhmaṇa who forsakes his own section of the Bedas and reads another section; a Brāhmaṇa who has changed his own school of the Bedas, (Apte).

ଶାଖା ରଥ୍ୟା—ସଂ. ବି.—୧ । ବଡ଼ ରାସ୍ତାରୁ ଶାଖାରୂପେ ବାହାରିଥିବା
Śākhā rathyā କ୍ଷୁଦ୍ର ରାସ୍ତା—1. A branch road. ୨ । ଷୋଡ଼ଶ ହସ୍ତ ପ୍ରସ୍ଥଯୁକ୍ତ ପଥ--(ଶବ୍ଦକୋଷ) 2. A road 16 cubits broad.

ଶାଖା ରସ—ସଂ. ବି.—ମକରନ୍ଦ; ପୁଷ୍ପରସ; ପୁଷ୍ପମଧୁ—The nectar
Śākhā rasa or the honey of flowers.

ଶାଖାଲ—ସଂ. ବି.—(ଶାଖା+ଲା ଧାତୁ=ଅଣସ୍ପର୍ଶ କରିବା+ଡ.ଅ)-ଜଳ
Śākhāla ବେତସ (ହ୍ରି. ଶ)—A species of ratan.

ଶାଖାଶିକା(ଫା)—ସଂ. ବି.—(ଶାଖା+ଅଶ୍ ଧାତୁ+କର୍ତ୍ତୃ. ଅ କ+ଅ;)
Śākhāśikā (phā) ବହୁବ୍ରୀହି; ଶାଖାର ଶିଫା=ଚେର)—ବରଗଛ ବୃକ୍ଷର ଓହଳ; ଅବରୋହ—The aerial roots of banian and other trees; a root growing from branches.

ଶାଖା ସ୍ଖଳିତ -ସଂ. ବି—(କର୍ମତତ୍)—ଶାଖାଚ୍ୟୁତ (ଦେଖ)
Śākhā skhaḷita Śākhāchyuta (See).

ଶାଖି—ସଂ. ବି.—ତୁରସ୍କ ଦେଶ (ଶବ୍ଦକୋଷ)
Śākhi Turkey.

ଶାଖୀ—ସଂ. ବିଣ.ପୁଂ—(ଶାଖା+ଅସ୍ତି ଅର୍ଥରେ ଇନ୍, ୧ମା. ୧ବ.) ୧ ।
Śākhī ଶାଖାଯୁକ୍ତ—1. Having branches. ୨ । ବେଦର
(ଶାଖିନୀ-ସ୍ତ୍ରୀ) କୌଣସି ଶାଖାର ଅନୁଯାୟୀ (ହ୍ରି.ଶ)—2. According to some Śākhā of a Beda. ବି.—୧ । ବୃକ୍ଷ; ଗଛ—1. A tree. ୨ । ବେଦ—2. The Bedas. ୩ । ନୃପ ବିଶେଷ—3. Name of a king. ୪ । ତୁରସ୍କ ଦେଶୀୟ ଲୋକ (ହ୍ରି. ଶ)—4. A Turk. ୫ । ବେଦର କୌଣସି ଶାଖାଧ୍ୟାୟୀ ବ୍ୟକ୍ତି—5. A person studying a certain Śākhā of the Bedas. ଦେ. ବି.—୧ । ପଦାତି—1. Infantry. [ଦ୍ର—ଶଶ୍ୱରେ ଶାଖୀ ଫଳକ ଧାରୀ ଶୋଣ୍ଡି ଅମ୍ବୁ ପ୍ରଭ ପାଳକରୁ—ଉଷ୍ଟ—ବୈଦେହୀଶବିଳାସ]

ଶାଖୋଚାର—ସଂ ବି—(୬ଷ୍ଠୀତତ୍) ବିବାହ ସମୟରେ ବଂଶାବଳୀର କଥନ
Śākhochchara (ହ୍ରି.ଶ)—Description of the geneology of the parties during a marriage.

ଶାଖୋଟ—ସଂ. ବି—(ଶାଖା+ଅଲ୍ପାର୍ଥେ ଓଟ) —ଭୂତବୃକ୍ଷ; ଶାହାଡ଼ାଗଛ-
Śākhoṭa A small tree; Trophis Aspera; Streplus Asper. [ଦ୍ର—ବୈଦ୍ୟଶାସ୍ତ୍ର
ଅନ୍ୟ ସ ପର୍ଯ୍ୟାୟ— ଅନୁସାରେ ଏହା ତିକ୍ତ ଓ ରକ୍ତପିତ୍ତ
ପୀତ, କେଶିକେ୍ୟାଳ, ଅର୍ଶ, ବାୟୁ, କଫ ଓ ଅତିସାର ନାଶକ,
କ୍ଷୀର ନାଶକ, ପୀତଫଳ, ଏହାର ଖାଳ ବାଟି ପ୍ରଲେପ ଦେଲେ ଶ୍ଳୀପଦ
ପୀତ ଫଳକ, ଗବାକ୍ଷୀ, (ଧଳାଗୋଡ଼) ଆରୋଗ୍ୟ ହୁଏ(ଶବ୍ଦକୋଷ)।
ଭୂତାବାସ, ଭୂତବୃକ୍ଷ, ଅକ୍ଷଧର] ଲୋକେ ଏହାର କ୍ଷୁଦ୍ର ଶାଖାକୁ ଦାନ୍ତ
ଖରଚ୍ଛଦ, ଶର୍କ୍ଷୀବାସ, କାଠି ରୂପେ ବ୍ୟବହାର କରନ୍ତି ।]
ଧୂକାବାସ, ପିଶାଚଦ୍ରୁ,
କର୍କଶଚ୍ଛଦ, ସକଟ, ରୁକ୍ଷପତ୍ର । শ্যাওড়া, শাওড়া सेओड़ा,
सहोरा ତେ—ଭାରଣିକେଚେଟ୍ଟୁ । ମ—ସବୋଡ଼ ।

ଶାଗ—ଦେ ବି—(ସ ଶାକ)—୧ । ଶାକ (ଦେଖ)—1. Śāka(See).
Śāga ୨ । (ଜୟପୁର) ବ୍ୟଞ୍ଜନ; ତିଅଣ—2. Curry.
শাক साग [ଦ୍ର—ସାଧାରଣତଃ କେତେକ ବୃକ୍ଷ ଓ ଗୁଳ୍ମ ଏବଂ ଲତାମାନଙ୍କର କୋମଳ ପତ୍ର, ଯାହାକୁ ଅଗ୍ନି ଉତ୍ତାପରେ ପାକ କରି ଅନ୍ନାଦି ସଙ୍ଗରେ ଖିଆଯାଏ, ତାକୁ ଶାଗ ବୋଲାଯାଏ । ଛୁରୀରେ ସବୁପ୍ରକାରର ପତ୍ରକୁ ଓ ପତ୍ରକାର ତିଅଣକୁ ଶାଗ ବୋଲାଯାଏ । ଅନେକ ପ୍ରକାରର ଗୁଳ୍ମ ଶାଗରୂପେ ବ୍ୟବହୃତ ହୁଏ । ଯଥା—

କୃଷିଦ୍ୱାରା ଉତ୍ପନ୍ନ :—

୧ । ଲେଉଟିଅ—ଏହା ତିନି ପ୍ରକାର—(ସଂ ତଣ୍ଡୁଲୀୟ) । (କ) ସାଧାରଣ (ଖ) କାଣ୍ଡି (ଗ) କଣ୍ଟା । ୨ । କୋଶଳା—ଏହା ପାଞ୍ଚପ୍ରକାର—(କ) ଲଟା, (ଖ) ଟେଙ୍ଗା, (ଗ)ଖେଳା, (ଘ) ଧଳା, (ଙ) ନାଲି । ୩ । ଖଡ଼ା ବା ମାରିଷ—ଏହା ଚାରି ପ୍ରକାର—(କ) ଖାରୁ ବା ଖାରୁଅ ବା ଗୋବରିଅ, (ଖ) ମିଠା, (ଗ) ନାଲି, (ଘ) କଣ୍ଟାମାରିଷ । ୪ । ପୁରୁଣି—ଏହା ତିନି ପ୍ରକାର—(ସଂ ପୁନର୍ନବା) (କ) ଧଳା ବା ଶ୍ୱେତ, (ଖ) ନାଲି, (ଗ) ନେଳି । ୫ । ପାଳଙ୍ଗ—ଏହା ତିନି ପ୍ରକାର—(ସଂ. ପାଲଙ୍କ୍ୟା; ବଂ—ପାଲମ୍) (କ) ମିଠା, (ଖ) ଖଟା, (ସଂ ଚୁକ୍ରା) । (ଗ) ଜଳବେତ ବା ନାଇବେତ, (ଜଳ ବେତସ) । ୬ । ପିଡ଼ଙ୍ଗ—(ସଂ ପୃକ୍କା) । ୭ । ବଥୁଆ—ଏହା ଦୁଇ ପ୍ରକାର—(ସଂ ବାସ୍ତୁକ, ଶାକରାଟ୍) (କ) ଧଳା, (ଖ) ନାଲି ବା ଠାଙ୍ଗୀ (ସଂ ରକ୍ତ ବା ଗୌଡ଼ ବାସ୍ତୁକ) ୮ । ବଳିଆ ମଦରଙ୍ଗା । ୯ । ଚକୁଣ୍ଡା (ସଂ ଚକ୍ରମର୍ଦ୍ଦ)—ଏହା ଦୁଇ ପ୍ରକାର—(କ) ସାଧାରଣ, (ଖ) ଭୁଇଁଚକୁଣ୍ଡା । ୧୦ । କୋବି—ଏହା ତିନି ପ୍ରକାର—(କ) ବନ୍ଧା (ଏହାର ପତ୍ର ଖାଦ୍ୟ), (ଖ) ଫୁଲ (ଏହାର ଫୁଲ ଖାଦ୍ୟ), (ଗ) ଓଲ୍ (ଏହାର ମୂଳ ଖାଦ୍ୟ) । ୧୧ । ପୋଇ (ସଂ ପୋତକୀ, ଉପୋଦକୀ) ।

ବିନା କୃଷିରେ ପଡ଼ିଆରେ ଜାତ :—

୧ । କନାଟିଆ ବା କାନ୍ଥଶିଆ । ୨ । ବାଲୁବାଲୁଆ । ୩ । ଲକ୍ଷଣା(ଲୁ)ଳ (ସଂ ଲକ୍ଷ୍ମଣୁଲା; ବଂ—ଲକ୍ଷ୍ମାଲ୍) । ୪ । ଗନ୍ଧୂସ । ୫ । ପିତାଶାଗ (ସଂ ଗ୍ରୀଷ୍ମ ସୁନ୍ଦରକ, ବଂ—ଗୀମେଶାକ୍) । ୬ । ନାଲନାଲୁଆ । ୭ । ମୁଠିଶାଗ (ବଂ—ଗିମା) । ୮ । ଅମଳତି (ସଂ ଅମ୍ଳଲୋଣିକା, ଚାଙ୍ଗେରୀ) । ୯ । ଲୁଣି ଶାଗ (ବଂ—ନୁନିଆ, ସଂ. ଲୋଣୀ) । ଏହା (କ) ସାଧାରଣ ଓ (ଖ) ବଡ଼ ଲୁଣୀ ଭେଦରେ ଦୁଇ ପ୍ରକାର) ।

ପାଣିରେ ଓ ପାଣି କୂଳରେ ଜାତ :—

୧ । କଳମ ବା କଳମ୍ବ [ସଂ କଲମ୍ବୀ, ବଂ. କଲମୀ] ୨ । ସୁନୁସୁନିଆ [ସଂ. ସୁନିଷଣ୍ଣ, ବଂ. ସୁସ୍ନି] । ୩ । ହିଡ଼ିମିଚ୍ଛ ବା ହିଡ଼ିହିଡ଼ିଭ ବା ହିଡ଼ିମିଚ ବା ହିଳହିଳେଇ [ସଂ. ହିଲମୋଚିକା, ବଂ ହିଂଚ୍] ୪ । ମଦରଙ୍ଗା [ସଂ. ଶାଳଞ୍ଚ, ବଂ. ଶାଲଞ୍ଚ ବା ଶାଞ୍ଚେଶାକ] ୫ । କୋଇଲେଖା [ସଂ. କୋକିଳାକ୍ଷ] ।

ଗୁଳ୍ମ ଓ ଲତା, ଯାହାର କୋମଳ ପତ୍ର, ଡଙ୍କ ଓ ଫୁଲ ଓ ଡାଙ୍ଗ ଶାଗରୂପେ ବ୍ୟବହୃତ ହୁଏ :—

୧ । ମୂଳା [ସଂ. ମୂଳକ] ୨ । ଘେଣ୍ଟୁ [ସଂ. ଘଣ୍ଟା କର୍ଣ୍ଣି; ବଂ. ଘେଁଟୁ] ୩ । ବୋଇତି କଖାରୁ । ୪ । କଦଳୀ ମୂଳ । ୫ । ପର୍ବତ କାଙ୍କୁଡ଼ିଆ । ୬ । ସୋରିଷ [ସଂ. ସର୍ଷପ] ୭ । ଲାଉ [ସଂ. ଅଲାବୁ] ୮ । ଧନିଆ [ସଂ ଧନ୍ୟାକ] ୯ । ନଳିତା [ସଂ. ପଟ୍ଟଶାକ] ୧୦ । ଯୁଆଣୀ [ସଂ. ଯବାନୀ] ୧୧ । କଲରା [ସଂ. କାରବେଲ୍ଲ] ୧୨ । ଲଙ୍କାମରିଚ । ୧୩ । ପୋଟଳ [ସଂ. ପଟୋଳ] ୧୪ । କଳଗା ଅଳୁ । ୧୫ । କଇଁଝାଙ୍କାଳୁ [ସଂ. କମ୍ବୁ] ୧୬ । ସୁନ୍ଦନା ବା ପୋଦନା [ସଂ ଶ୍ୱେତଶ୍ରୀ] ୧୭ । ବୁଟ [ସଂ. ଚଣକ] ୧୮ । ଚଣା [ସଂ ଚଣକ] ୧୯ । ମଟର [ସଂ କଳାୟ ଶାକ] ୨୦ । ଖାରୁ [ସଂ. କଟୁ] ।

ବଡ଼ ଗଛ, ଯହିଁର କୋମଳ ପତ୍ର ଓ କଢ଼ ଶାଗରୂପେ ବ୍ୟବହୃତ :—

୧ । କମ୍ବ [ସଂ କମ୍ବ] ୨ । ବରଡ଼ା [ଗଡ଼ଜାତରେ] ୩ । ସଜନା [ସଂ ଶୋଭାଞ୍ଜନ] ୪ । ଝୁମ୍ପୁଡ଼, ୫ । ମୂଷଳଆ [ଗଡ଼ଜାତରେ] ୬ । ଧଡ଼ଗୁ, ୭ । ଭଦଭଦଳିଆ ।

ଯେଉଁ ବନ୍ୟ ଗୁଳ୍ମାଦିର ପତ୍ର ଶାକରୂପେ ବ୍ୟବହୃତ ହୁଏ, ତାହାର ନାମ ଜଣା ନ ଥିଲେ କମ୍ବା ନାନା ଜାତୀୟ ଗୁଳ୍ମର ପତ୍ରକୁ ମିଶାଇ ଶାଗରୂପେ ବ୍ୟବହୃତ ହେଲେ ତାହାକୁ ଅନାମନା ବା ଅନାବନା ଶାଗ କହନ୍ତି । ଏହା ଛଡ଼ା ସାଧାରଣ ଲୋକେ ଅନ୍ୟାନ୍ୟ ବୃକ୍ଷ ଗୁଳ୍ମାଦିର ପତ୍ରକୁ ଶାଗ ରୂପେ ବ୍ୟବହାର କରନ୍ତି ଓ ଦୁର୍ଭିକ୍ଷ ସମୟରେ ଅନ୍ନାଭାବଗ୍ରସ୍ତ ଗରିବ ଲୋକେ ପଡ଼ିଆରେ ଜନ୍ମୁଥିବା ନାନା ଗୁଳ୍ମର ପତ୍ରାଦିକୁ ଶାଗରୂପେ ଖାଆନ୍ତି ।

ଶାଗ କିଆରି—ଦେ. ବି—କୃଷିଦ୍ୱାରା ଶାକଗୁଳ୍ମ ଜନ୍ମାଇବାର କ୍ଷୁଦ୍ର କ୍ଷେତ୍ର—
Śāga kiāri Small plot of land on which pot-herbs are grown.
(ଶାଗ ପଟାଳି—ଅନ୍ୟରୂପ)
শাকেরকেয়ারি सागकिकिआरि

ଶାଗ ଖରଡ଼ା—ଦେ. ବି—ଅଗ୍ନି ଉତ୍ତାପରେ ସିଦ୍ଧ ଶାକ; ଶାଗ ଭଜା—
Śāga kharardā Pot herbs boiled in water on fire. (ଉ—ଖାଇବାକୁ ଶାଗ ଖରଡା ତାଙ୍କୁ ଦେଲେ, —ଦୃଷ୍ଟସଂହି. ମହାଭାରତ; ବନ.)
শাগভাজা सागरांधना

ଶାଗ ପେଜ—ଦେ.ବି—(ସହରର)—ଶାକ ଓ ଅନ୍ନମଣ୍ଡ—Meal consisting of rice—water and pot-herbs.
Śāga peja
ফেনশাক सागमांड

ଶାଗ ଭଜା—ଦେ. ବି—(ସଂ. ଶାକ ଓ ଭର୍ଜ୍ଜିତ)—୧ । ତୈଳ ବା ଘୃତ ଦ୍ୱାରା ଭର୍ଜ୍ଜିତ ଶାକ—1. Fried pot-herb. ୨ । (ସହରରେ) ଶାଗ ଖରଡା ଓ ଫଳମୂଳାଦିର ଭଜା—2. Boiled pot-herb and fried fruits.
Śāga bhāji
শাকভাজী सागभाजी

ଶାଗ ଭାତ—ଦେ. ବି—(ସଂ. ଶାକ ଓ ଭକ୍ତ)—ଶାକାନ୍ନ (ଦେଖ)
Śāga bhāta Śākānna (See)
শাকভাত सागभात

ଶାଗ ମାଛ—ଦେ. ବି—(ସହରର)—ବ୍ୟଞ୍ଜନ ରୂପେ ବ୍ୟବହୃତ ଶାକ ଓ ମତ୍ସ୍ୟ—Pot herbs and fish used as curry.
Śāga māchha
শাকমাছ सागमाछ

ଶାଗ ମାରିଷ—ପ୍ରାଦେ (ବାଲେଶ୍ୱର) ବି.—ଖଡ଼ା (ଶାକଗୁଳ୍ମ)
Sāga mārisha Amaranth (potherb).

ଶାଗ ମୁଗ—ଦେ. ବି.—(ଦ୍ୱନ୍ଦ୍ୱ)—(ସଂ. ଶାକ ଓ ମୁଦ୍ଗ) ୧। ବ୍ୟଞ୍ଜନ
Sāga muga ରୂପେ ବ୍ୟବହୃତ ଶାକ ଓ ଡାଲି ରୂପେ ବ୍ୟବହୃତ
ଶାকমুগ **সাগমুঁগ** ମୁଗ—1. Potherb and cereals used as separate curries. ୨। ମୁଗ ଡାଲିରେ ଶାଗ ମିଶାଇ ରନ୍ଧାଯିବା ଏକ ପ୍ରକାର ଛଅଣ—2. A curry prepared from pot-herbs and cereals mixed together.

ଶାଗ(ଗି)ଲି ମାଛ(ଛି)ଲି କରିବା—ଦେ. କ୍ରି.—ହାଟରୁ ବା ବଜାରରୁ ଶାଗ
Sāga(gi)li māchha(chhi)li karibā ଓ ମାଛ କଣିବାରେ
শাগেমাছেখরচকরা ଅର୍ଥବ୍ୟୟ କରିବା—To spend money
सागमछलिकरना in purchasing vegetables and fish for curry.

ଶାଗୁଆ—ଦେ. ବିଣ—(ସଂ ଶାକ)—ଶାକ ପରି ହରିଦ୍‌ବର୍ଣ୍ଣ—
Sāguā Of green colour like leaves.
শাবজা; শবুজ **सबजा**
[ଶାଗେ(ଗୋ)ଇ—ସ୍ତ୍ରୀ]

ଶାଗୁଆନ(ଣି, ନ, ନି)—ଦେ. ବି.—(ସଂ. ଶାକ)—ଶାକତରୁ (ଦେଖ)
Sāguān(ṇi, na, ni) Śākataru (See)
শেগুন **सागुआन**

ଶାଗୁଣା—ଦେ. ବି. ପୁଂ.—(ସଂ. ଶକୁନ=ପକ୍ଷୀ; ଶକୁନ=ଗୃଧ୍ର)—
Sāguṇā ମାଂସାଶୀ ପକ୍ଷିବିଶେଷ; ଗୃଧ୍ର—The common
[ଶାଗୁଣୀ—ସ୍ତ୍ରୀ] vulture. [ଉ—ସେହି ବାଟରେ ହଂସ
শকুনি ଶାଗୁଣାଏ ମିଶି, ଯାଇଣ ହୁଅନ୍ତି ମେରୁଶିଖରବାସୀ।—
गिध କୃଷ୍ଣସିଂହ, ମହାଭାରତ. ବନ]

ଅ—ସଗୁନ୍ [ଦ୍ର—ଏହା ପ୍ରସିଦ୍ଧ ବର୍ଗର ବଡ଼ାଜାତର ଦୁଇ ହାତ ଦୀର୍ଘ ମାଂସାଶୀ ପକ୍ଷୀ। ଏହାର ପକ୍ଷ କଳା ଓ ମାଟିଆ; ଚଂଚୁ ଦୈର୍ଘ୍ୟ ଓ ବକ୍ରାଗ୍ର ବିଶିଷ୍ଟ; ମୁଣ୍ଡରେ ଓ ବେକରେ ପର ନାହିଁ; ଗଳା ପାଖରେ ଗୋଟିଏ ଚମଡ଼ା ଥଳି ଅଛି। ଏମାନେ ଶବ ଭକ୍ଷଣ କରନ୍ତି ଓ ଶ୍ମଶାନ ଏବଂ ମଡ଼ା ପଡ଼ିବା ଯାଗାରେ ବହୁତ ଦେଖା ଯାଆନ୍ତି; ଶ୍ମଶାନ ନିକଟସ୍ଥ ବୃକ୍ଷରେ ବସା କରି ରହନ୍ତି। ଏମାନେ ବହୁ ଉଚ୍ଚରେ ଆକାଶରେ ଉଡ଼ନ୍ତି ଏବଂ ବହୁଦୂରରୁ ଓ ବହୁ ଉଚ୍ଚତାରୁ ଶବକୁ ଦେଖି ଓ ଶବର ବାସନା ବାରି ସେଠାରେ ପହଞ୍ଚନ୍ତି।]

ଶାଗୁଣା ସମସ୍ତଙ୍କ ମାଉଁସ ଖାଏ }
ଶାଗୁଣା ମାଉଁସ କିଏ ଖାଇଲେ କେଁକେଁ ହଉଥାଏ } —ଦେ.ଢଗ;ନ୍ୟାୟ—
Sāguṇā samastaṅka māuṅsa khāe } (ଶ୍ଳେଷ-
Sāguṇā māuṅsa kie khāile keṅ keṅ hauthāe } ବ୍ୟାସ
শকুনি সবার মাংস খায় ଏହି ଯେ, ଶାଗୁଣା ସବୁ ଜୀବର ମାଂସ ଭକ୍ଷଣ କରେ, କିନ୍ତୁ ମୃତ ଶାଗୁଣାର ମାଂସ କିଏଁଥ ଅବ ଖାଇଲେ ତହିଁର ପ୍ରତିବାଦସ୍ୱରୂପ ଅନ୍ୟ ଶାଗୁଣାମାନେ ଦଳବଦ୍ଧ ହୋଇ କେଁ କେଁ ଶବ୍ଦ କରନ୍ତି)—ଯେଉଁ ଲୋକ ସମସ୍ତଙ୍କ ଅନିଷ୍ଟ କରେ, କିନ୍ତୁ ତାର କେହି ଅନିଷ୍ଟ କରିବାର ଦେଖିଲେ ବିରକ୍ତ ହୁଏ, ଏହି ସ୍ଥାନରେ ଏ ନ୍ୟାୟ ପ୍ରଯୁଜ୍ୟ।

ଶାଗୁଣାକୁ ମଡ଼ ବାସିବା ନ୍ୟାୟ—ଦେ. (ନ୍ୟାୟ)—(ଶବ ପଡ଼ିଲେ ବହୁ
Sāguṇāku mardha bāsibā nyāya ଦୂରରୁ ଶାଗୁଣା
মড়ায় শকুন পড়বার ন্যায় **मरकौरजानेकोन्याय** ମାନେ ଆକୃଷ୍ଟ
(ଶାଗୁଣା ମଡ଼କୁ ବେଢ଼ିବା ନ୍ୟାୟ—ଅନ୍ୟରୂପ) ହୋଇ ଦଳଦଳ ଆସନ୍ତି)—କୌଣସି ଲୋଭନୀୟ ପଦାର୍ଥଦ୍ୱାରା ବହୁ ପ୍ରାର୍ଥୀ ପ୍ରଲୋଭିତ ହୋଇ କୌଣସି ସ୍ଥାନରେ ଜମା ହେଲେ ଏ ନ୍ୟାୟ ବୋଲାଯାଏ—Just like vultures gathering round a carcase in large numbers, being attracted by its scent from a long distance.

ଶାଙ୍କର—ସଂ. ବିଣ—(ଶଙ୍କର+ଅ)—୧। ଶଙ୍କର ବା ଶିବ
Sāṅkara ସମ୍ବନ୍ଧୀୟ—1. Relating to Śiba. ୨। ଶଙ୍କରାଚାର୍ଯ୍ୟ ସମ୍ବନ୍ଧୀୟ (ଯଥା, ଶାଙ୍କର ଭାଷ୍ୟ)—2. Relating to Śaṅkarāchārjya. ବି.—୧। ବୃଷ—1. Bull. ୨। ଛନ୍ଦୋବିଶେଷ—2. Name of a metre. ୩। ଆର୍ଦ୍ରା ନକ୍ଷତ୍ର (ଶିବ ଏଥିର ଦେବତା)—3. The 6th asterism. ୪। ଏକ ପ୍ରକାର ସୋମ ଲତା (ହ୍ର. ଶ.)— 4. A kind of Soma creeper.

ଶାଙ୍କର ଭାଷ୍ୟ—ସଂ. ବି—(କର୍ମଧା)—ଶଙ୍କରାଚାର୍ଯ୍ୟ ପ୍ରଣୀତ ବେଦାନ୍ତ-
Sāṅkara bhāsya ଦର୍ଶନ, ଗୀତା ଓ ଉପନିଷଦ ସମ୍ବନ୍ଧୀୟ ଭାଷ୍ୟ ବା ଟୀକା—Commentaries on Bedānta, Bhagbadgita and Upanishads by Śaṅkarāchārya.

ଶାଙ୍କରି—ସଂ. ବି—(ଶଙ୍କର+ଅପତ୍ୟାର୍ଥେ. ଇ)—୧। କାର୍ତ୍ତିକେୟ—
Sāṅkari 1. The deity of Kārttikeya. ୨। ଗଣେଶ—2. The Deity Ganesha. ୩। ଅଗ୍ନି (ହ୍ର. ଶ)—3. Fire. ୪। ମୁନି ବିଶେଷ (ହ୍ର. ଶ)—4. Name of a sage. ୫। ଶମୀ ବୃକ୍ଷ (ହ୍ର. ଶ)—5. Sami tree (See).

ଶାଙ୍କରୀ—ସଂ. ବି—(ଶଙ୍କର+ଅ+ଈ)—ଶିବଙ୍କ ଦ୍ୱାରା ନିର୍ମିତ
Sāṅkarī ଅକ୍ଷରମାଳାଙ୍କ ଜନ୍ମ; ସଂସ୍କୃତ ବ୍ୟାକରଣର ଅକ୍ଷର ସମ୍ବନ୍ଧୀୟ ୧୪ ସୂତ୍ର (ହ୍ର. ଶ.)—The 14 aphorisms about the alphabets in Sanscrit grammar.

ଶାଙ୍କିତ—ସଂ. ବି—ଔଷଧିକ ନାମ ଗନ୍ଧ ଦ୍ରବ୍ୟ (ହ୍ର. ଶ)—
Sāṅkita A medicinal scent.

ଶାଙ୍କୁ(ଙ୍କୋ)ଚ(ଚି,ସ,ସି)—ଦେ. ବି—(ସଂ.ଶଙ୍କୋଚ,ଶଙ୍କୁଚ)—ସାମୁଦ୍ରିକ
Sāṅku(ṅko)cha(chi,sa.si) ମତ୍ସ୍ୟ ବିଶେଷ—The ray fish; the sea devil; the stingray; Trigon Narnak trurus. [ଦ୍ର—ଏହାର ଦେହ ଚତୁଷ୍କୋଣ ଓ ଚେପଟା;

ଶାଁକୁଚ(ଚି) }
ଶାଁକୋଚ(ଚି) } —ଅନ୍ୟରୂପ
ଶାଁକୋସ(ସି) }

ସକୁଚୀ ମେରୁ ହାଡ଼ରୁ ଲମ୍ବ ପୁଚ୍ଛ ବାହାର 'ଥାଏ; ପୁଚ୍ଛ ଦଣ୍ଡର, ଝରୁ ଓ ଶାଖ ହାଡ ଗର୍ଦ୍ଦ । ଏହାର ପୁଚ୍ଛ କଣ୍ଟାକୁ । ଓଡ଼ିଶାର ଓ ଚଟ୍ଟଗ୍ରାମର ସମୁଦ୍ରରେ ସାଧାରଣତଃ ଶାଁକୋଚ, শঙ্কুস ଏମାନେ ଦେଖାଯାଆନ୍ତି ।]

ଶାଙ୍କୁଚ(ଷ) କଣ୍ଟା—ଦେ. ବ—ଶାଙ୍କୁଚ ମାଛର ଘାର୍ଘ ଓ ଦନ୍ତୁର ଲାଙ୍ଗୁଡ଼— Sāṅkucha(sa) kanṭā The long barbed tail of ray-শাঁকুষ কাঁটা; শাঁকুষলেজ सकुचीका दुम fish; caudal sting or spine of the ray fish.

ଶାଙ୍କୁଚ ଲଞ୍ଜ, ଶାଙ୍କୁ(କୋ)ଚ କଣ୍ଟା, ଶାଙ୍କୁ(କୋ)ଚ ଲଞ୍ଜ, ଶାଙ୍କ(କୋ)ଚ(ଷ)କଣ୍ଟା, ଶାଙ୍କୁ(କୋ)ଚ(ଷ) ଲଞ୍ଜ —ଅନ୍ୟରୂପ [ଦ୍ର—ଏଥିର ଦେହ ଯାକ କ୍ଷୁଦ୍ର କ୍ଷୁଦ୍ର କଣ୍ଟାରେ ପୂର୍ଣ୍ଣ । ଏହା ଭାର ଚେମଡ଼ା । ଘୋଡ଼ାର ଷ୍ଟ୍ରବୁକରୂପେ ଏହା ବ୍ୟବହୃତ ହୁଏ । ଏହାକୁ କାଆଁରେ ଡଡାଇ ଏଥିଦ୍ୱାରା ନାନା ରୋଗରେ ଚକ୍ଷୁ ଦଥଯାଏ କୌଣସି ଜୀବ ଦେହରେ ଶାଙ୍କୁଚ ମାଛ ର କଣ୍ଟାରେ ଅଘାତ କଲେ ସେ କ୍ଷତ ସହଜରେ ଶୁଖେ ନାହିଁ ।]

ଶାଙ୍କୁଚୀ—ସଂ. ବ—ଶାଙ୍କୁଚ ମାଛ [ହ୍ଵି. ଶ]— Sāṅkuchi The sting ray fish.

ଶାଙ୍କୁ(କୋ)ଲା(ଳି)—ଦେ. ବ (ସଂ. ଶୃଙ୍ଖଳ)—୧ । ଧାତୁ ଅଙ୍ଗର ମୁଦ୍ରା ଯୁକ୍ତ ଶୃଙ୍ଖଳ—1. Chain. Sāṅku(ṅko)lā(li) শি(শে)কল सिकली [ଦ୍ର—କୁଡ ଯାର ଅଧୀନତା-ଶାଙ୍କୁଳ ସର୍ଜନା—ଗ୍ରଧାନାଥ ମହାପାତ୍ର ।] [ଦ୍ର—ଶାଙ୍କୁଳର ମୁଦ୍ରାମାନଙ୍କୁ କଡ଼ (ଡ଼ି)ବୋଲାଯାଏ ।] ୨ । କଇଦଙ୍କ ହାତ ଗୋଡ଼ରେ ପଡ଼ୁଥିବା ବେଡ଼ି—2. Fetters. (ଦ୍ର—ଶାଙ୍କୁଳ ଦେଖ ବନ୍ଦୀ ଘରେ, ଅନେକ ଯାଦନ ଯ୍ଗରେ—ଜଗନ୍ନାଥ ଭାଗବତ ।) ୩ । ସଧବା ସ୍ତ୍ରୀଙ୍କ ହାତରେ ଲୋହା चूडी ପିନ୍ଧାଯିବା ଖଡ଼ୁ ବା ବଳୟ (ସଧବାର ଚିହ୍ନ)-3. Wristlets worn by women having their husbands living. (ବଙ୍ଗଳାରେ ଏହି ଅର୍ଥରେ 'ନୋୟା' [ଲୌହବଳୟ] ବ୍ୟବହୃତ ହୁଏ ।) ୪ । কবাটি दांती मुरमुठ ରୋଗ ବା ବାତ ବା ଅଚେତନ ଅବସ୍ଥା ଯୋଗୁଁ ହାତର ମୁଠା ଓ ଦାନ୍ତପାଟିର ଦୃଢ଼ବନ୍ଧ ହେବା ଅବସ୍ଥା; ଲାକ—4. The state of the hold of the fist or of the jaws being locked up (due to fits or disease).

ଶାଙ୍କଳା(ଳି) କାଢ଼ିବା—ଦେ. କ୍ରି—ସ୍ୱାମୀର ମୃତ୍ୟୁ ଘଟିଲେ ସ୍ତ୍ରୀର ହାତରେ ଥିବା ଖଡ଼ୁକୁ ହାତରୁ ବାହାର କରିବା; ଭଗ୍ନ କରିବା— Sāṅkulā(li) kāṛhibā হাতের লোহা খুলা चूडीफोडना To take off the wristlets from the wrist of a woman who has recently become a widow. [ଦ୍ର—ସ୍ୱାମୀର ମୃତ୍ୟୁ ହେଲେ ସଧବା ହୋଇଥିବା ସ୍ତ୍ରୀର ହାତର ଖଡ଼ୁକୁ ଗ୍ରାମର ସେ ବଡ଼, ଭଣ୍ଡାରୁଣୀ ବା ପଣ୍ଡା କାଢ଼େ ।]

ଶାଙ୍କଳା(ଳି) ଦେବା—ଦେ. କ୍ରି—ଶୃଙ୍ଖଳ ଦ୍ୱାରା ବନ୍ଧନ କରିବା— Sāṅkulā(li) debā To enchain; to bind with fetters. [ଶିକୁଳା(ଳି) ପଡ଼ା(ଦେ)ଇବା—ଅନ୍ୟରୂପ] শিকলদেওয়া कडीदेना

ଶାଙ୍କଳା(ଳି) ପଡ଼ିଯିବା—ଦେ. ବ—ରୋଗ ବା ବାତ ବା ସନ୍ନିପାତରା ଯୋଗୁଁ ମନୁଷ୍ୟର ହାତ ମୁଠା ବା ଦାନ୍ତପାଟିର ଲାକ ପଡ଼ିଯିବା—The locking up of the clasp of the hand or of the jaws (due to fit etc). Sāṅkulā(li) paṛijibā কবাটিপড়া दांतीलगजाना, मुरमुठलगना

ଶାଙ୍କୁଳିବା—ଦେ. କ୍ରି (ଓଡ଼ିଆ ଶାଙ୍କୁଳ ଶବ୍ଦରୁ ନାମଧାତୁ)—ଶୃଙ୍ଖଳରେ ବାନ୍ଧିବା—To enchain. (ଦ୍ର—ସାଙ୍ଗିଁ ଶାଙ୍କୁଳିଥିଲେ ତୁହର ଗାମିନ—ପ୍ରାଚୀ. ବ୍ରହ୍ମଜରୂପଣ ଗୀତା) Sāṅkulibā শিকলে বাঁধা सिकली बांधना

ଶାଙ୍କୋଳି—ଦେ. ବ. (ସଂ. ଶୃଙ୍ଖଳ)—ବେଡ଼ି; ଶିକୁଳି— Sāṅkoli শিকল सिकडी (ली) Chain; fetter. [ଦ୍ର—ସ୍ୱାର୍ଥାନ୍ଧ ଋତ୍ୱିକେ, ଘଡ଼ବେ ସଦୁବେ ସ୍ୱଣ୍ଣ ସ୍ୱାର୍ଥର ଶାଙ୍କୋଳି, ଭାରତର ଗଳଦେଶେ—ଗ୍ରଧାନାଥ—ମହାଯାତ୍ରା]

ଶାଙ୍କୋଳି ଦେବା—ଦେ. କ୍ରି—ଶୃଙ୍ଖଳା ଦ୍ୱାରା ବନ୍ଧନ କରିବା—To enchain. Sāṅkoli debā শিকল দেওয়া सिकडी देना [ଦ୍ର—ବଡ଼ା ଦୋଷରେ କିଲୁକ ଛଲେ ଶାଙ୍କୋଳ ହଏ ଲୋକ । ଋଞ୍ଜ. ବୈଦେହୀଶବିଳାସ]

ଶାଙ୍ଖ—ସଂ ବଣ. (ଶଙ୍ଖ+ଅ)—୧ । ଶଙ୍ଖ ସମ୍ବନ୍ଧୀୟ—1. Relating to conch. ୨ । ଶଙ୍ଖରେ ନିର୍ମିତ—2. Made of conch. ସଂ ବ—ଶଙ୍ଖଧ୍ୱନି (ହ୍ଵି. ଶ)—The sound of blowing of conch. Sāṅkha

ଶାଙ୍ଖାରି—ସଂ ବ—ଶଙ୍ଖ ବ୍ୟବସାୟୀ ଜାତି (ହ୍ଵି.ଶ)—A caste of Hindus selling conch shells. Sāṅkhāri

ଶାଙ୍ଖିକ—ସଂ ବ. ପୁଂ—(ଶଙ୍ଖ+ଖାଦକାର୍ଥେ ଇକ)—୧ । ଶଙ୍ଖ ବଣିକ; ଶଙ୍ଖାରି—1. A dealer of conch shells and conch shell ornaments. ୨ । ଶଙ୍ଖ ବଜାଇବା ବ୍ୟକ୍ତି (ହ୍ଵି.ଶ)—2. A blower of conch. ଵୁ. ବଣ—୧ । ଶଙ୍ଖ ସମ୍ବନ୍ଧୀୟ—Relating to conch. ୨ । ଶଙ୍ଖନିର୍ମିତ—Made of conch shells. Sāṅkhika (ଶାଙ୍ଖିକୀ—ସ୍ତ୍ରୀ)

ଶାଙ୍ଖୁଲି—ଦେ. ବ. (ସଂ ଶୃଙ୍ଖଳ)—ବେଡ଼ି; ଶିକୁଳି Sāṅkhuli শিকল सिकडी(ली) Fetters; chain, [ଦ୍ର—ମରଇ ଚରଣେ ଶାଙ୍ଖୁଳି, ଏଣୁ ନ ପାରେ ପ୍ରାଣୀ ଚଳ ଜଗନ୍ନାଥ—ଭାଗବତ

ଶାଙ୍ଖ୍ୟ—ସଂ ବଣ. (ଶଙ୍ଖ+ଯ)—୧ । ଶଙ୍ଖ ସମ୍ବନ୍ଧୀୟ—1 Relating to conch. ୨ । ଶଙ୍ଖ ନିର୍ମିତ (ହ୍ଵି.ଶ)—2. Made of conch shell. Sāṅkhya

ଶାଗ(ଙ୍ଗି)—ଦେ. ବ—(ସଂ ଶଙ୍କୁ; ଶଙ୍କୁ)—ବେଶ୍ଭାର ଓ ଲମ୍ବ ପଥରକୁ ବା କାଠକୁ ସ୍ଥାନାନ୍ତରିତ କରିବାକୁ ହେଲେ Sāṅga(ṅgi)

শাঙ্গ, শাঙ্গী, চাঙ্গ सांग ଗାହାକୁ ଦଉଡ଼ିରେ ଝୁଲାଇ ସେହି ଦଉଡ଼ିରେ ଯେଉଁ ଏକ ବା ଏକାଧିକ ଦଣ୍ଡ ଗଳା ଯାଇଥାଏ—A pole from which heavy logs or stones are suspended and which is carried by the shoulders of pairs of men.
[ଦ୍ର—ଏହି ଦଣ୍ଡର ଦୁଇ ମୁଣ୍ଡକୁ ଲୋକେ କାନ୍ଧରେ ରଖି ଉକ୍ତ ଭାର ଜିନିଷକୁ ସ୍ଥାନାନ୍ତରିତ କରନ୍ତି । ବହୁତ ଲମ୍ବ କାଠ ଓ ପଥର ଓ ଖୁଣ୍ଟ ଆଦିର ଏକାଧିକ ସ୍ଥାନକୁ ଦଉଡ଼ିରେ ବାନ୍ଧି ସେ ଦଉଡ଼ିରେ ଏକାଧିକ ଶାଙ୍ଗି ପୂରାଇ ସେହି ଶାଙ୍ଗିମାନଙ୍କ ଦୁଇ ମୁଣ୍ଡକୁ ମନୁଷ୍ୟ କାନ୍ଧାନ୍ତି । ବଡ଼ ବଡ଼ ପଥର ଓ କାଠ ପାଇଁ ଏକାଧିକ ଶାଙ୍ଗି ଦରକାର ହୁଏ ।]

ଶାଙ୍ଗ(ଙ୍ଗି) କରିବା—ଦେ. କ୍ରି—କୌଣସି ଲମ୍ବ ଓ ଭାରି ପଦାର୍ଥକୁ
Śāṅga(ṅgi) karibā ଏକହଳ ବା ତଦଧିକ ମନୁଷ୍ୟ ଦଉଡ଼ିରେ
ଶାଙ୍ଗ(ଙ୍ଗି) ବୋହିବା, } ଅନ୍ୟରୂପ ଓହୋଳାଇ ଶାଙ୍ଗି ଦ୍ୱାରା
ଶାଙ୍ଗ(ଙ୍ଗି) ବୁହାଇବା } ସ୍ଥାନାନ୍ତରିତ କରିବା—
শাঙ্গিকরে নেওযা To remove a heavy log of wood
सांगकर लेना or stone by suspending it from a pole
শাঙ্গীদিয়া তুলা, চাঙ্গেচড়ান or poles with ropes and carrying the pole by the shoulders of pairs of men.

ଶାଙ୍ଗୁଷ୍ଠା—ସଂ. ବି—ଗୁଞ୍ଜା; କାଇଞ୍ଚ—A red seed of a berry
Śāṅgushṭhā used as a standard of weight by gold smiths; Abrus Pricatorius.

ଶାଚି (ଇତ୍ୟାଦି)—ଦେ. ବି—ସାଚି ଇତ୍ୟାଦି (ଦେଖ)—Śāchi etc
Śāchi (etc) (See) ଦେ. ବିଶ (ସଂ. ଶ୍ୱେତ)—ଶ୍ୱେତ; ଶୁକ୍ଳ—White. ସଂ. ବି—ଦଳା ହୋଇ ତୁଷି ବାହାର କରି ଯାଇଥିବା ଯବ ଧାନ (ହୁ. ଶ)—Barley shorn of the chaff.

ଶାଟ—ସଂ. ବି (ଶଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—୧ । ଶାଢ଼ୀ
Śāṭa (ଦେଖ)—1. Śarḏhi. (See) ୨ । ପରିଧେୟ; ଧୋତି; ଲୁଗା—2. A cloth. ୩ । ବସ୍ତ୍ରଖଣ୍ଡ (ହୁ. ଶ)—3. A bit of cloth. ୪ । ଏକପ୍ରକାର ଛୋଟ କୁର୍ତ୍ତି (ହୁ. ଶ)—4. A kind small coat. ୫ । ଢିଲା ପରିଧେୟ ବସ୍ତ୍ର (ହୁ. ଶ)—5. A loose dress.

ଶାଟକ—ସଂ. ବି (ଶାଟ+ସ୍ୱାର୍ଥେ. କ)—ଶାଟ (ଦେଖ)
Śāṭaka Śāṭa. (See)

ଶାଟପଟ(ଟ୍ଟ)—ସଂ. ବି (ଦ୍ୱନ୍ଦ୍ୱ)—ଲୁଗା ଓ ପାଟ ଖଣ୍ଡ—
Śāṭa paṭa(ṭṭa) Cloth and silk cloth,

ଶାଟିକା—ସଂ. ବି (ଶାଟକ+ଆ)—୧ । ଶାଢ଼ୀ; ସଧବା ସ୍ତ୍ରୀମାନଙ୍କ
Śāṭikā ପରିଧେୟ ବସ୍ତ୍ର—1. Cloth worn by females whose husbands are alive. ୨ । ଶଟୀ (ହୁ. ଶ)—2. Curcuma Zedoaria (plant).

ଶାଟିବା—ଦେ. କ୍ରି—ଶାଣ୍ଟିବା (ଦେଖ)
Śāṭibā Śāṇṭibā. (See)

ଶାଟୀ—ସଂ. ବି (ଶାଟ+ଈ)—ଶାଢ଼ୀ (ଦେଖ)—Śarḏhi. (See)
Śāṭi [ଉ—ବକାଇ ଶାଟୀ ଧରି ଝଟିରେ ସିଂହକୁ ପଶିଲେ । ଉପେ. ବୈଦେହୀଶବିଳାସ ।]

ଶାଟ୍ୟାୟନ—ସଂ. ବି (ଶଟ୍ ଧାତୁ+ଯ+ଅୟନ)—୧ । ଯଜ୍ଞ କାର୍ଯ୍ୟରେ
Śāṭyāyana ପ୍ରକୃତ କର୍ମର ବୈଗୁଣ୍ୟ ପ୍ରଶମନାର୍ଥ ହୋମ—1. A propitiatory sacrifice during a Jajña. ୨ । ଜଣେକ ମୁନି—2. Name of a sage.

ଶାଠ (ଇତ୍ୟାଦି)—ଦେ. ବି—ସାଠ ଇତ୍ୟାଦି (ଦେଖ)
Śāhṭa(etc) Śāṭha etc (See)

ଶାଠ୍ୟ—ସଂ. ବି (ଶଠ=ଧୂର୍ତ୍ତ+ଭାବାର୍ଥେ. ଯ)—୧ । ଖଳତା; ଶଠତା;
Śāṭhya ଦୁଷ୍ଟତା—1. Craftiness; wickedness; knavery; slyness. ୨ । ଶଠତାଯୁକ୍ତ ବ୍ୟବହାର—2. Crooked conduct. ୩ । ପ୍ରବଞ୍ଚନା; କପଟ; ଛଳ—3. Deception; cheating.

ଶାଠ୍ୟାଚରଣ—ସଂ. ବି (୬ଷ୍ଠୀ ତତ୍)—ଶଠତାଯୁକ୍ତ ବ୍ୟବହାର—
Śāṭhyācharaṇa Crafty conduet; deceitful conduct.
(ଶାଠ୍ୟାଚାର—ଅନ୍ୟରୂପ)

ଶାଠ୍ୟାଚାରୀ—ସଂ. ବିଣ. ପୁଂ (ଶାଠ୍ୟ+ଅଚାର+ଇନ୍, ୧ମା. ୧ବ)—
Śāṭhyāchāri ଖଳ ବ୍ୟବହାରଯୁକ୍ତ
(ଶାଠ୍ୟାଚାରିଣୀ—ସ୍ତ୍ରୀ) Deceitiful; crafty.

ଶାଡ଼ା—ଦେ. ବି—୧ । (ସଂ. ଶାଖୋଟ)—ଶାହାଡ଼ା ଗଛ (ଦେଖ)—
Śārḏā 1. Śāhārḏā gachha (See) ୨ । ସାଡ଼ା (ଦେଖ) 2. Sārḏā (See)

ଶାଡ୍ବଳ—ସଂ. ବି—ଶାଦ୍ୱଳ (ଦେଖ)
Śāḍdala Śādbala (see)

ଶାଢ଼ୀ(ଡ଼ୀ)—ଦେ.ବି (ସଂ. ଶାଟୀ, ପ୍ରା ଶାଢ଼ି)—୧। ସଧବା ସ୍ତ୍ରୀଙ୍କ ପରିଧେୟ
Śārḏhi(rḏi) ବସ୍ତ୍ର—1. Cloth worn by women
শাড়ী साडी whose husbands are alive.
(ଉ—ସୀମା ପାର କରଅଛ ମୋ ଶାଢ଼ୀ—କବିସୂର୍ଯ୍ୟ ରତ୍ନାକରଚମ୍ପୂ)
[ଦ୍ର—ସଧବାମାନଙ୍କ ପରିଧେୟ ଶାଢ଼ୀରେ ଚଉଡ଼ା ଧଡ଼ି ଥାଏ, ଚଉଡ଼ା ମୁହିଁ ଥାଏ; କିନ୍ତୁ ବିଧବାଙ୍କ ପରିଧେୟ ଲୁଗାରେ ବା ଖଣ୍ଡିଅରେ ଧଡ଼ି ବା ମୁହୁଣ୍ଡା ନ ଥାଏ ।]
সিরোপা पगड़ी ୨ । ରାଜାମାନଙ୍କର ମୃତବ୍ୟକ୍ତିର ଉତ୍ତରାଧିକାରୀକୁ ବା ପୋଷ୍ୟପୁତ୍ରକୁ ଏବଂ ଉପାଧିଭୂଷିତ ବ୍ୟକ୍ତିକୁ ଦେବା ସମ୍ମାନ ଓ ପଦବୀସୂଚକ ବସ୍ତ୍ର (ଏହାକୁ ଉକ୍ତ ବ୍ୟକ୍ତିର ମୁଣ୍ଡରେ ଗୁଡ଼ାଇ ଦିଆଯାଏ ବା ବାନ୍ଧି ଦିଆଯାଏ)
2. A piece of cloth tied round the head of an heir or adopted son of a deceased and that of a person on whon a Raja confers a title in recognition of his heirship or of the title. (ଉ—ବାହାରିଲେ ଗଣ୍ଡି ଝଲ ଅଲଂକୃତ ହୋଇ ବସିବେଟି ଲଣାଇଲେ କି ସେ ଶାଢ଼ୀ ପାଇ—ଉପେ. ବୈଦେହୀଶବିଳାସ ।) [ଦ୍ର—ମୁହୁଣ୍ଡା ଓ ଧଡ଼ି ଅନୁସାରେ ଶାଢ଼ୀର ନାମ ହୋଇଥାଏ । ଯଥା—ଫିତାଧଡ଼ିଆ, ପାଶ୍(ସ୍ତ)ପାଡ଼ିଆ, ପିଣ୍ଡାପାଡ଼ିଆ, ଜର

ଧଡ଼ିଆ, ଜରିମୁହାଁ, ଝୁମ୍ପକା, କାଗଜିପଡ଼, ଧଡ଼ିସହଣ ଓ ଝୁମ୍ପଧଡ଼ିଆ ଶାଢ଼ୀ । ଉପାଦାନ ଅନୁସାରେ ମଧ୍ୟ କେତେକ ଶାଢ଼ୀର ନାମକରଣ ହୋଇଥାଏ, ଯଥା—

ମଠା ଶାଢ଼ୀ, ପାଟ ଶାଢ଼ୀ, ସୂତା ଶାଢ଼ୀ, କସ୍ତା ଶାଢ଼ୀ, ଟସର ଶାଢ଼ୀ, ସିଲ୍କ ଶାଢ଼ୀ, ଛଟ ଶାଢ଼ୀ, ନେତ, ପାଟପଟନୀ, ରହି ଶାଢ଼ୀ ଇତ୍ୟାଦି ।

ବୁଣାହେବା ସ୍ଥାନର ନାମ ଅନୁସାରେ ମଧ୍ୟ ଶାଢ଼ୀର ନାମ ହୁଏ । ଯଥା—

ବଲଗା, ମାଣିଅବନ୍ଧୀ, ଗୁଲନଗସ୍ତ, କୁମୁକଣ୍ଠୀ, ବନାରସୀ, ଚନ୍ଦ୍ରକୋଣିଆ, ଦକ୍ଷିଣୀ, ବମ୍ବେ, ଗୋଦାବରୀ, ସୁବୁରୁଲ୍ଲ, ମନ୍ଦ୍ରସାବାଗା, ବରମପୁରୀ, ଭଦ୍ରେଇ, (ପ୍ରସ୍ତ) ବଲଗଣ୍ଡିଆ, ଦାକ୍ଷିଣାତ୍ୟରେ ବୁଣାଯିବା ସରୁ ସୂତା ଶାଢ଼ୀ ଡେଲମ୍ ବା ଖେଲମ୍ ଶାଢ଼ୀ ଇତ୍ୟାଦି ।

ବୁଣିବା ଜାତିର ନାମ ଅନୁସାରେ ଶାଢ଼ୀର ନାମ ମଧ୍ୟ ହୁଏ । ଯଥା—

କାଉସିବୁଣା, ଚକ୍ରଁସି ଶାଢ଼ୀ । ରଙ୍ଗ ଅନୁସାରେ ମଧ୍ୟ ଶାଢ଼ୀର ନାମ ହୋଇଥାଏ । ଯଥା —

ମୁଗେଇ, କଲାମେଘୀ, ପୀତାମ୍ବରୀ, କସ୍ତୁରୀ, ନୀଳ ବା ନେଳିଆ, ଗୋଲାପୀ, ବଦ୍ୟୁତପ୍ରଭା, କଲାବୋଇତ, ଶୁଆପକ୍ଷିଆ, ମୟୂରକଣ୍ଠିଆ, ଦଳପାବସନ୍ତ, ଧୂପଛାୟା ଇତ୍ୟାଦି ।

ବିଶେଷ ବିଶେଷ ଜାତିଙ୍କ ପରିଧେୟ ଶାଢ଼ୀର ମଧ୍ୟ ନାମ ଅଛି । ଯଥା—

ପାରସୀ, ବରମୀ, ବ୍ରାହ୍ମିକା ଶାଢ଼ୀ ଇତ୍ୟାଦି]

୩ । ଦେବତାଙ୍କ ଭଣ୍ଡାରରୁ ବିଶିଷ୍ଟ ଦର୍ଶକଙ୍କୁ ସମ୍ମାନସ୍ୱରୂପ ଉପହାର ଦିଅଯିବ ବସ୍ତ୍ରଖଣ୍ଡ—3 A piece of cloth presented to a distinguished visitor to a shrine.

ଶାଢ଼ୀ(ଢ଼ୀ) ଘର—ଦେ. ବି—[ସଂ. ଶାଟୀ ଓ ଗୃହ]—ବସ୍ତ୍ର ଗୃହ; ତମ୍ବୁ—
Sārdhi (rdi) ghara তাঁবু **तंबु** A tent.

ଶାଢ଼ୀ ଦେବା—ଦେ. କି—୧ । (ରାଜା) ସମ୍ମାନିତ ବ୍ୟକ୍ତିକୁ ସମ୍ମାନସୂଚକ
Sārdhi debā ଉପାଧି ସହିତ ଶାଢ଼ୀ ଉପହାର ଦେବା—1.
[ଶାଢ଼ୀ ବାନ୍ଧିବା—ଅନ୍ୟରୂପ] To present a cloth (i.e.
শিরোপা দেওয়া tie it round his head) to a per-
पगडी देना son honoured with a title. [ଉ—ସଦାବରେ ପୃଥୁ ଚକ୍ଷୁଁ-ବାନ୍ଧିଦେଲେ ଶାଢ଼ୀ, ତାଙ୍କ ଶିରୋଦେଶେ ଅଷ୍ଟ ପୃଷ୍ଟ ଅବତର । ରାଧାନାଥ—ମହାଯାତ୍ରା]
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ସମ୍ମାନ ଦେବା—2. (Figurative) To honour a person.

ଶାଢ଼ୀ ଧଡ଼ିଆ—ଦେ. ବିଣ,—ଯେଉଁ ଲୁଗାର ଧଡ଼ି ଶାଢ଼ୀର ଧଡ଼ି
Sārdhi dhardiā ପରି ଚଉଡ଼ା—(cloth) Hav-
শাড়ী পেড়ে ing a broad border like that of a
चौडाकोरवाला Sārdhi.
[ଉ—ଚଳବେ ହୋଇବ ଚୋର ଯଶ, ଶାଢ଼ୀ ପାଇବୁ ଗ୍ରାମ ଦେଶ । ଜଗନ୍ନାଥ—ଭାଗବତ]

ଶାଢ଼ୀ ପାଇବା—ଦେ. କି.—୧ । ରାଜଦ୍ୱାରରୁ ସମ୍ମାନସୂଚକ ଉପାଧି
Sārdhi pāibā ସହିତ ଶାଢ଼ୀ ଉପହାର ପାଇବା—1. To be
ଶାଢ଼ୀ ବାନ୍ଧିବା } ଅନ୍ୟରୂପ । presented with a cloth
ଶାଢ଼ୀ ବନ୍ଧା(ହେ)ଇବା } (along with a title) by a
সিরোপা বাঁধান **पगडीपाना** Rajā.
(ଉ—ବାହାରଲେ ଗଣ୍ଡିଅଲ ଅଳଂକୃତ ହୋଇ, ବସ୍ତ୍ରକେରୁ ବଣାରମ୍ଭେ କ ସେ ଶାଢ଼ୀ ପାଇ । ଭକ୍ତ-ବୈଦେହୀଶବିଳାସ)
୨ । (ଲକ୍ଷଣାର୍ଥ) ସମ୍ମାନିତ ହେବା—2. (figurative) To be hounored. ୩ । ରାଜାଙ୍କ ଠାରୁ ପୁରସ୍କାରରୂପେ ପାଇବା—3. To get as a present in token of royal [ଉ—ଚେଳବେ ହୋଇବ ଚୋର ଯଶ, ଶାଢ଼ୀ ପାଇବୁ ଗ୍ରାମ ଦେଶ । ଜଗନ୍ନାଥ. ଭାଗବତ ।]

ଶାଢ଼ୀ ମୁହଁ—ଦେ. ବି—ସ୍ତ୍ରୀଲୋକମାନଙ୍କ ପରିଧେୟ ଶାଢ଼ୀର ଶେଷ-
Sārdhi muhañ ଭାଗରେ ଥିବା ରଙ୍ଗୀନ୍ ଓ ଚଉଡ଼ା ଅଂଶ—
শাড়ীর আঁচলা The coloured end of a cloth worn
साडीका छोर by women.
[ଶାଢ଼ି ମୁହଣ୍ଡା—ଅନ୍ୟରୂପ]

ଶାଢ଼ୀ ଶିର(ରୋ)ପା—ଦେ. ବି-(ସହଚର)-ସମ୍ମାନସୂଚକ ଶାଢ଼ୀ ଓ ପାଗ—
Sārdhi sira(ro)pā সিরোপা Female cloth and
पाग पगडी turban. [ଉ—ରାଜା ଠାରୁ ଶାଢ଼ୀ ଶିରପା ପାଇ ଥିଲେ । ଲୁନୁଜାଲୁମାସ୍ତ୍ରଂ ନଅଭୁଜ୍ଞୀ ।]

ଶାଢ଼ୀ ଶେଷ—ଦେ. ବି—ପଣତ; ଲୁଗାକାନି—The end of a
Sārdhi sesha [ଉ—ରଥ ବେଳେ ଶ୍ରମ ହାଲ
আচল **साढीका छोर** Sārdhi. ଶାଢ଼ୀ ଶେଷେ ପୋଛି ଦେବାର କେତେ ଗୀରତି । ଭକ୍ତ. ପ୍ରେମସୁଧାନିଧି]

ଶାଣ—ଙ୍ଗ. ବି—(ଶୋ ଧାତୁ=ତୀକ୍ଷ୍ଣ କରିବା+କରଣ ବା ଅଧି. ଣ;
Sāna ଯହିଁରେ ଅସ୍ତ୍ର ଶସ୍ତ୍ରାଦିକୁ ତୀକ୍ଷ୍ଣ କରାଯାଏ)—୧ । ଅସ୍ତ୍ରାଦି ଘଷି ଧାର କରିବାର ଯନ୍ତ୍ର ବା ପଥର—1. Grind-stone. ୨ । ଘର୍ଷଣ ଯନ୍ତ୍ର—2. A whet stone. [ଦ୍ର—ଏହାର ଅପଭ୍ରଂଶ ଶାହାଣ ବା ଶାଅଣ । ଅସ୍ତ୍ରାଦିକୁ ଧାର କରିବା ବା ଚକାଇବା ପାଇଁ ପଥର (whet stone) ଉପରେ ଉପଯୁକ୍ତ ପରି ଅସ୍ତ୍ରାଦିକୁ ଘଷିବାକୁ ହୁଏ କମ୍ପା ଘୂରୁ ଥିବା ପଥର ଚକ (grind stone) ଉପରେ ଅସ୍ତ୍ରାଦିର ଧାରକୁ ମାଡ଼ି ଧରିବାକୁ ହୁଏ । ଏହି ଚକ ପଥରର ନ ହୋଇ ମଧ୍ୟ ଲାହି ଓ ବାଲି ମିଶ୍ରିତ ଉପାଦାନରେ ନିର୍ମିତ ହୁଏ ।] ୩ । କରତ—3. A saw. ୪ । ପାଷାଣ—4. Stone. ୫ । କଷଟି ପଥର—5. Touchstone. ୬ । ଅନୁଭୂତି—6. Sensibility. ୭ । (ଶଣ+ଭବ ଅର୍ଥରେ ଅ)—ଶଣ ସୂତ୍ର ନିର୍ମିତ ବସ୍ତ୍ର—7. A cloth made of flax or hemp fibres. ୮ । ଚାରି ମଷାର ଏକ ଓଜନ (ହି. ଶ)—8. A weight of 4 Mašās. ଙ୍ଗ. ବିଣ—୧ । ଶଣ ନିର୍ମିତ—1. Hempen. ୨ । ଭଙ୍ଗପଟ ସମ୍ବନ୍ଧୀୟ—2. Relating to the Indian hemp. ଦେ. ବି—ସାହାଣ (ଦେଖ) Sāhāna (See)

ଶାଣକାର—ସ. ବି—ଯେ ଅସ୍ତ୍ର ଶସ୍ତ୍ରାଦିକୁ ଶାଣ ଦେଇ ଧାର୍ ଭୁଆ କରେ—
Śāṇakāra A person who sharpens instrument by whetting.

ଶାଣଚକି—ଦେ. ବି—(ସ. 'ଶାଣ ଓ ଚକ୍ର)—ଯେଉଁ ଚକା ପଥରକୁ
Śāṇa chaki ଘୂରାଇ ତହିଁରେ ଅସ୍ତ୍ରାଦିକୁ ଶାଣିତ କରାଯାଏ
শাণ চাকী शाण पत्थर Circular whetstone.

ଶାଣ ଦିଆ—ଦେ. ବିଣ—୧ । ଶାଣିତ—1. Whetted; sharpened. ୨ । (ଲକ୍ଷଣାର୍ଥ)—ଅପ୍ରିୟବାଦୀ—
Śāṇa diā
শাণ দেওয়া शान दिया हुआ 2. (figurative) Speaking hard or disagreeable words.

ଶାଣ ଦିଆ ତୁଣ୍ଡ—ଦେ. ବି—୧ । (ଲକ୍ଷଣାର୍ଥ)—ଯେଉଁ ବ୍ୟକ୍ତିର
Śāṇadiā tuṇḍa ମୁଖରେ କଥା ଅଟକେ ନାହିଁ; ପ୍ରକୃତବାଦୀ;
শানান মুখ सान दिआहुआ मुँह ଯେଉଁ ବ୍ୟକ୍ତି ଅପ୍ରିୟ ଓ
ଶାଣଦିଆ ପାଟି }—ଅନ୍ୟରୂପ ସତ୍ୟ କଥା କହିବାକୁ ଭୟ
ଶାଣଦିଆ ମୁହଁ } କରେ ନାହିଁ—1. (Figurative) A sharp tongue; a person who does not fear to say true though unpleasant things. ୨ । ବାଚାଳ ବ୍ୟକ୍ତି—2. A talkative person. ୩ । ଅପ୍ରିୟବାଦୀ ବ୍ୟକ୍ତି—3. A person of unpleasant speech; a plain-spoken person.

ଶାଣ ଦେବା—ଦେ. କ୍ରି—ଶାଣ ପଥର ରେ ଅସ୍ତ୍ରାଦିକୁ ଧାର୍ କରିବା—
Śāṇa debā To sharpen an instrument by the
শাণ দেওয়া सान देना whetstone.

ଶାଣ ପଥର—ଦେ. ବି—(ସ. ଶାଣ ପ୍ରସ୍ତର)—ଅସ୍ତ୍ରାଦି ଧାର୍ କରିବା
Śāṇa pathara ପାଇଁ ଯେଉଁ ପଥର ଉପରେ ଘଷା ଯାଏ—
শাণ পাথর सान पत्थर Whetstone; grindstone.

ଶାଣ ବାସାଃ—ସ. ବିଣ—(ବହୁବ୍ରୀହି; ଶାଣ+ବାସସ୍; ୧ମା. ୧ବ)—
Śāṇabāsāḥ ଛଣପଟ ବସ୍ତ୍ର ପରିଧାନକାରୀ—Wearing hempen cloth. ସ. ବି—ଅର୍ହତ୍ ବିଶେଷ—
A class of Jaina saints.

ଶାଣ ଶିଳ—ଦେ. ବି—ଶାଣ ପଥର (ଦେଖ)
Śāṇa śiḷa Śāṇa pathara (See)
শান দেবার শিল सान शिल

ଶାଣ ଶିଳା—ସ. ବି—(ଶାଣ ଦେବା ନିମନ୍ତେ ବ୍ୟବହୃତ ଶିଳା, ମ.ପ.ଲୋ
Śāṇa śiḷā ଶାଣ ପଥର (ଦେଖ)—Śāṇa pathara (See)

ଶାଣାଇବା—ଦେ. କ୍ରି—ଶାଣେଇବା (ଦେଖ)
Śāṇaibā শানান सान देना Śāṇeibā (See)

ଶାଣାଜୀବ—ସ. ବି—(ଶାଣ+ଆଜୀବ=ଜୀବିକା ଯାହାର; ବହୁବ୍ରୀହି)
Śāṇājiba ଅସ୍ତ୍ରମାର୍ଜକ; ଶାଣକାର—
A grinder of weapons

ଶାଣି—ସ. ବି—ଛଣପଟ—(ହ୍ର. ଶ)—
Śāṇi Flaxen hemp.

ଶାଣିଆ—ଦେ. ବିଣ—(ସ. ଶାଣିତ)—ଶାଣିତ; ଶାଣ ପଥରରେ
Śāṇia ଘଷା ଯାଇ ଧାର୍ କରାଯାଇଥିବା—Whetted;
শাণ सान दिया हुआ sharpened.

ଶାଣିତ—ସ. ବିଣ—(ଶାଣ+ଇତ ବା ଶଣ୍ ଧାତୁ ଣିଚ୍+କର୍ମ.କ୍ତ)—୧ ।
Śāṇita ଶାଣଦିଆ; ଶାଣ ଦିଆ ଯାଇଥିବା; ଧାର୍ ଭୁଆ କରାଯାଇଥିବା—1. Whetted; sharpened. ୨ । କଷଟି ପଥରରେ କଷା ହୋଇଥିବା (ହ୍ର. ଶ)—2. Tested with touchstone.

ଶାଣିବା—ଦେ. କ୍ରି (ସ. ଶାଣ)—ପଜାଇବା; ଶାଣ ଦେବା—To
Śāṇibā sharpen; to whet. [ଉ—ଶସ୍ତ୍ର ଶାଣିବା
শান দেওয়া ଉତ୍ସେଜିବା ସଜଡ଼ିବା । ବଳକ୍ଷୟ ବୁଦ୍ଧିବୀରୀ ଉପାୟ
सान देना ସେବା—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ଶାଣିଲ—ଦେ. ବିଣ—ଶାଣିତ (ଦେଖ)—Śāṇita (See)
Śāṇila [ଉ—ଯାଣି ଦେଉଥିଲୁ ଶାଣିଲ ବାଣକୁ, ବାଜବ ! ବଜ୍ରରୁ
শানান सान दिया हुआ କାହିଁ—ଉଜ. ଲବଣ୍ୟବତୀ ।]

ଶାଣୀ—ସ. ବି (ଶଣ+ଅ+ଈ ବମା ଶଣ୍ ଧାତୁ=ଦାନ କରିବା+
Śāṇi କର୍ମ. ଈ)—୧ । କ୍ଷୁଦ୍ର ବସ୍ତ୍ରାବାସ; ତାମ୍ବୁ; ଗଭୁଟ—
1. Small tent. ୨ । ଛିନ୍ନବସ୍ତ୍ର; ଛିଣ୍ଡା କନା; କନ୍ଥା—
2. Rags. ୩ । ହସ୍ତ କଟାକ୍ଷାଦିଦ୍ୱାରା ସୂଚନା; ଇସାରା; ଇଙ୍ଗିତ—3. Hint or sign made by the hands and glances; significant nod. ୪ । ଛଣପଟରେ ବୁଣା ଲୁଗା (ହ୍ର. ଶ)—4. Hempen cloth. ୫ । ଯଜ୍ଞୋପବୀତ ଗ୍ରହଣକାଳରେ ବ୍ରହ୍ମଚାରୀର ପରିଧେୟ ଖଣ୍ଡ (ହ୍ର. ଶ)—5. A small bit of cloth worn at the investiture of the sacred thread. ୬ । ଶାଣ ପଥର (ହ୍ର. ଶ)—
6. Whetstone. ୭ । କଷଟି ପଥର (ହ୍ର. ଶ)—
7. Touchstone.

ଶାଣେଇବା—ଦେ. କ୍ରି (ସ. ଶାଣ)—ଶାଣିବା; ଶାଣ ଦେବା; ଅସ୍ତ୍ରାଦିକୁ
Śāṇeibā ଧାର୍ କରିବା; ପଜେଇବା—To whet or sharpen an instrument.
শানান सान देना

ଶାଣ୍ଠ—ଦେ. ବି—ଶାଣ୍ଠ (ଦେଖ)
Śāṇṭa Śāṇṭha (See)

ଶାଣ୍ଠ—ଦେ. ବି (ସ. ସଂସ୍ଥାନ)—୧ । ବହୁ ପଦାର୍ଥର ଏକତ୍ର ମିଶ୍ରିତ
Śāṇṭha ବା ଚକଟା ହେବା ଅବସ୍ଥା—1. State of manythings being kneaded or thoroughly mixed up together. ୨ । ମୂଳଧନ; ପୁଞ୍ଜି—
2. Capital; stock. ୩ । ସମ୍ପତ୍ତି; ବିଭବ—
3. Riches; affluence. ୪ । ମୂଲ୍ୟବାନ୍ ବସ୍ତୁ—
4. A valuable thing. ୫ । ଗୃହର ବିଭବ ପରିଚାୟକ ବସ୍ତୁ; ଗୃହର ବିଭବ ବା ସଂସ୍ଥାନ—5. An article which indicates the riches or affluence of the householder; the valuable articles of a house.

ଶାଣ୍ଡାଳ—ଦେ. ବି—ଶାଣ୍ଡିଲ୍ୟ (ଦେଖ)
Śāṇḍāḷa Śāṇḍilya (See)

ଶାଣ୍ଡିଲ(ଲ)—ଦେ. ବି—ଶାଣ୍ଡିଲ୍ୟ (ଦେଖ)
Śāṇḍila(la) Śāṇḍilya (See)

ଶାଣ୍ଡିଲ୍ୟ—ସଂ. ବ (ଶଣ୍ଡିଲ=ମୁନିବିଶେଷ+ଅପତ୍ୟାର୍ଥେ ଯ)—
Śāṇḍilya ୧ । ଗୋତ୍ରକାର ମୁନିବିଶେଷ—1. Name of a sage who was the progenitor of a certain family or sept. [ଦୃ—ଏ ଭକ୍ତିସୂତ୍ର ପ୍ରଣୟନ କରି ଭକ୍ତିମାର୍ଗ ଦେଖାଇଥିଲେ ।] ୨ । ଅଗ୍ନି-ଦେବଙ୍କ ମୂର୍ତ୍ତିବିଶେଷ—2. A form of the Fire-god. ୩ । ବିଲ୍ୱ; ବେଲ; ଶ୍ରୀଫଳ—3. The bilwa (tree or fruit); Aegle Marmelos ୪ । ଶାଣ୍ଡିଲ୍ୟ ଗୋତ୍ରର ବ୍ୟକ୍ତି (ହି. ଶ)—4. A person of the Śāṇḍilya gotra. ୫ । ବ୍ରାହ୍ମଣଙ୍କ ଗୋତ୍ର ବିଶେଷ—5. Name of a gotra of Brāmhaṇas.

ଶାଣ୍ଡିଲ, ଶାଣ୍ଡିଲି, ଶାଣ୍ଡିଲ୍ୟ, ଶାଣ୍ଡୋଳ, ଶାଣ୍ଡୋଳି, ହିଷ୍ଟିରିଆ } [ଅନ୍ୟ ବେଢୁପ] ଦେ. ବ—ସୋଷାପସାର; ଅପସ୍ମାର ରୋଗବିଶେଷ — A kind of fit to which females are prone; Hysteria. [ଦୃ—ହିଷ୍ଟିରିଆ ଏହା ସ୍ତ୍ରୀମାନଙ୍କୁ, ବିଶେଷତଃ ଅପତ୍ୟହୀନା ଯୁବତୀ ସ୍ତ୍ରୀମାନଙ୍କୁ ଆକ୍ରମଣ କରେ । ମୂର୍ଚ୍ଛା ଏହାର ପ୍ରଧାନ ଲକ୍ଷଣ ।]

ଶାତ—ସଂ. ବଣ.—(ଶୋ ଧାତୁ=ତୀକ୍ଷ୍ଣ କରିବା+କର୍ମ.ତ)—୧ । ତୀକ୍ଷ୍ଣୀକୃତ; ଶାଣିତ—1. Sharpened. ୨ । ଉଜ୍ଜ୍ୱଳ ଦୀପ୍ତିଶାଳୀ; ଝକଝକିଆ-2. Shining; bright; glorious; dazzling. ୩ । ସୁନ୍ଦର—3. Beautiful. ୪ । ସରୁ; କ୍ଷୀଣ—4. Emaciated; slender. ୫ । ସୁଖୀ—5. Happy. ୬ । ପତିତ—6. Fallen.
Śāta ବ—୧ । ସୁଖ—1. Happiness. [ଦୃ—ଅହେ ଷଣ୍ଢିବାସି ! ଶାତ-ପ୍ରବାହେ ଗଲଣି ବୁଡ଼ି ଗ୍ରସି—କବିସୂର୍ଯ୍ୟ ସଙ୍ଗୀତ ।] ୨ । ପତନ—2. Falling. ୩ । ପାତନ—3. Letting fall; felling. ୪ । ଧାତୁରି (ହି.ଶ) 4. Datura Fustosa (plant).

ଶାତକର୍ଣ୍ଣି—ସଂ. ବ (ଶାତ=ସମ୍ପ୍ରିମାନ୍+କର୍ଣ୍ଣ+ଇ)—ମୁନିବିଶେଷ—
Śātakarṇṇi Name of a sage.

ଶାତ କୁମ୍ଭ—ସଂ. ବ (ଶତକୁମ୍ଭ=ପର୍ବତ ବିଶେଷ+ଜାତାର୍ଥେ ଅ)—
Śāta kumbha ୧ । ସୁବର୍ଣ୍ଣ; ସ୍ୱର୍ଣ୍ଣ—1. Gold. [ଦୃ—ବିଦର ବେନ ବେଞ୍ଚ ଶାତ କୁମ୍ଭ କୁମ୍ଭ ଯେ—ଉଞ୍ଜ. ବୈଦେହୀଶବିଳାସ ।] ୨ । କଣେଇର ଫୁଲ—2. Rosebay; sweet scented oleander; Nerium odorum. ୩ । କଞ୍ଚନ ଗଛ (ହି. ଶ)—3. Bauhinia Variegata (tree). ୪ । ଧାତୁରି (ହି. ଶ)—4. Datura Fustosa.

ଶାତ କୌମ୍ଭ—ସଂ. ବ (ଶାତକୁମ୍ଭ+ସ୍ୱାର୍ଥେ ଅ)—ସୁନା (ହି. ଶ)—
Śāta kaumbha Gold.

ଶାତକ୍ରତବ—ସଂ. ବ (ଶତକ୍ରତୁ+ଅ)—ଇନ୍ଦ୍ରଧନୁ (ହି. ଶ)—
Śātakrataba Rainbow.

ଶାତନ—ସଂ. ବ (ଶଦ୍ ଧାତୁ ଣିଚ୍ ଶାତ ଧାତୁ=ପାତନ କରିବା+ଭାବ ଅନ; ନିପାତନ)—୧ । ସରୁ କରିବା; କୃଶ କରିବା—1 Making slender. ୨ । ଚାଞ୍ଛିବା; ଘୁଷିବା—2. Scraping. ୩ । କାଠରୁ ଛେଲି ଘୁଷିବା—3. Shaving of wood. ୪ । ପତନ—4. Falling. ୫ । ପାତନ—5. Letting fall; felling. ୬ । ବିନାଶନ—6. Destroying. ୭ । ଛେଦନ; କର୍ତ୍ତନ—7. Cutting. ୮ । ଅସ୍ତ୍ରକୁ ଧାର୍ ଦିଆ କରିବା (ହି. ଶ)—8. Whetting. ୯ । ରନ୍ଦା କରିବା (ହି. ଶ)—9. Planing.
Śātana
ଶାତନୀୟ, ଶାତିତ } ବଣ

ଶାତପତ୍ରକ—ସଂ. ବ—ଚନ୍ଦ୍ରିକା; ଜ୍ୟୋତ୍ସ୍ନା (ହି. ଶ)—
Śātapatraka Moonlight.

ଶାତ ବାହନ—ସଂ. ବ—ଶାଳିବାହନ (ଦେଖ) (ହି. ଶ)
Śāta bāhana Śālibāhana (See)

ଶାତଭୀରୁ—ସ. ବ (ଶତଭୀରୁ+ଅ)—ଉଦ୍ଭିଦ ଗଛ ଓ ଫୁଲ—
Śātabhīru Vallaris Heynei (plant and flower).

ଶାତାତପ—ସଂ. ବ (ଶତାତପ=ମୁନିବିଶେଷ+ଅପତ୍ୟାର୍ଥେ ଅ)—
Śātātapa ଧର୍ମଶାସ୍ତ୍ର ପ୍ରଣେତା ମୁନିବିଶେଷ—Name of a sage-lawgiver.

ଶାତୋଦର—ସଂ. ବଣ. ପୁ (ବହୁବ୍ରୀହି; ଶାତ+ଉଦର)—୧ । କ୍ଷୀଣ କଟି ବିଶିଷ୍ଟ (ହି. ଶ)—1. Slender-waisted.
Śātodara (ଶାତୋଦରୀ—ସ୍ତ୍ରୀ) ୨ । କ୍ଷୀଣ; ପତଳା (ହି. ଶ)—2. Thin; emaciated.

ଶାତ୍ରବ—ସଂ. ବ—୧ । (ଶତ୍ରୁ+ସମୂହାର୍ଥେ ଅ)—ଶତ୍ରୁସମୂହ—
Śātraba 1. A group or collection of enemies. ୨ । (+ଭାବାର୍ଥେ ଅ) ଶତ୍ରୁତା—2. Enmity. ୩ । (+ସ୍ୱାର୍ଥେ ଅ) ଶତ୍ରୁ—3. Enemy.

ଶାଦ୍ୱଳ—ସ ବଣ—(ଶାଦ୍=ନବତୃଣ+ଅସ୍ତି ଅର୍ଥରେ ଵଲ)—୧ । ହରିତ୍ ତୃଣ ବିଶିଷ୍ଟ—Having green grass; grassy. (ଦୃ—ନବଦୂର୍ବାଦଳ ଶ୍ୟାମଳ ଶାଦ୍ୱଳ—ରାଧାନାଥ, ଚନ୍ଦ୍ରିକା] ସ. ବ—୧ । ହରିତ୍ ତୃଣ (ହି.ଶ) 1. Green grass. ୨ । ଷଣ୍ଢ; ବଳଦ (ହି. ଶ)—2. Bull; ox.
Śād-bala

ଶାଦ—ସ. ବ—(ଶୋ ଧାତୁ=ତୀକ୍ଷ୍ଣ କରିବା+କର୍ତ୍ତ୍ରି.ଦ)—୧ । କର୍ଦ୍ଦମ; ପଙ୍କ; କାଦୁଅ—1. Clay; mud; mire. ୨ । ନବ ତୃଣ; ନୂତନ ଘାସ—2. New grass. ୩ । ପତନ (ହି.ଶ)—3. Falling down.
Śāda

ଶାଦ(ଇତ୍ୟାଦି)—ଦେ. ବ.—(ସ. ଶ୍ରଦ୍ଧା)—ଶାଧ ଇତ୍ୟାଦି (ଦେଖ)
Śāda (etc) ସାଧ ସଧା Śādhha etc (See)

ଶାଦ ହରିତ—ସ.ବ. ଓ ବଣ—(ଶାଦ ଯହିଁ ହରିତ ବା ଶାଦଦ୍ୱାରା ହରିତ)
Śāda harita ଶାଦ୍ୱଳ (ଦେଖ)—Śādabala (See)

ଶାଦ୍ଵଳ—ସ. ବଣ—(ଶାଦ=ନବତୃଣ+ଅସ୍ତି ଅର୍ଥରେ ଵଳ) ୧। **Śādbala** ନବତୃଣ ଯୁକ୍ତ ଶ୍ୟାମଳ—1. Verdure-green. ୨। ନବତୃଣଦ୍ଵାରା ହରିତ୍ ବର୍ଣ୍ଣ (କ୍ଷେତ୍ର)—2 Green with verdure (field).
ବି.—୧। ଶ୍ୟାମଳ ତୃଣାଚ୍ଛାଦିତ ସ୍ଥାନ—1. Grassy plot; a field grown with verdure. ୨। ନବତୃଣପୂର୍ଣ୍ଣ ସ୍ଥାନ—2. A field full of new grass. ୩। ହରିତ୍ ତୃଣ (ବୃ. ଶ)—3. Green grass. ୪। ଷଣ୍ଢ; ବଳଦ (ବୃ. ଶ)—4. Bull; ox.

ଶାଧ—ଦେ. ବି—(ସ. ଶ୍ରଦ୍ଧା)—୧। ଶ୍ରଦ୍ଧା—1. Affection. [ଉ—
Śādha
শাধ साघ
ମନ ଶାଧ କ ପୂରଲି କାନ୍ତ ଅଙ୍କ କରି,
ଜୀର୍ଣ୍ଣ ଅବସ୍ଥାରେ ପୁଣ କେଲୁ ହରି।
ଭବତା ଭୂଷଣ।] ୨। ସ୍ପୃହା—2. Eagerness. ୩। କୌଣସି ଖାଦ୍ୟ ଦ୍ରବ୍ୟ ପ୍ରତି ଆକାଂକ୍ଷା—3. A desire for a certain kind of food. ୪। ମନୋବାଞ୍ଛା; ଆକାଂକ୍ଷା; ବାସନା—4. Desire; heart's desire; hankering (after anything). ୫। ଆଦର—5. Fondness. ୬। (ସ. ସ୍ଵାଦ)—ଗର୍ଭିଣୀର ଦୋହଦ; ଗର୍ଭାବସ୍ଥାରେ ବିଶିଷ୍ଟ ଖାଦ୍ୟ ଖାଇବାକୁ ଗର୍ଭିଣୀର ଇଚ୍ଛା—6. Longing of a pregnant woman for eating a certain article.
साद चाह
(ଦ୍ର—କେତେକ ସ୍ତ୍ରୀ ଗର୍ଭାବସ୍ଥାରେ ମାଟି, ପାଉଁଶ, ଚୂନ ଦେହରେ ଥିବା ପୋଡ଼ାମାଟି, ଖଡ଼ି ଆଦି କେତେ ପଦାର୍ଥ ଖାଇବାକୁ ଶାଧ କରନ୍ତି।)

ଶାଧ ଉଠିବା—ଦେ. ବି.—୧। କୌଣସି ବସ୍ତୁପାଇଁ ପ୍ରବଳ ଆକାଂକ୍ଷା ଜାଗରିତ ହେବା—1. The growing of a hankering after anything. ୨। (ଗର୍ଭିଣୀ) କୌଣସି ଖାଦ୍ୟ ପ୍ରତି ଅଭିଳାଷିଣୀ ହେବା—2. (A pregnant woman's) Desire for a certain food.
Śādha uṭhibā
শাধ হওয়া
साध उठना

ଶାଧ କରିବା—ଦେ. କ୍ରି.—୧। କୌଣସି ଖାଦ୍ୟ ଦ୍ରବ୍ୟ ପାଇଁ ବାଞ୍ଛା କରିବା—1. To desire or hanker after anything. ୨। (ଗର୍ଭିଣୀ) ଗର୍ଭାବସ୍ଥାରେ କୌଣସି ବିଶିଷ୍ଟ ପଦାର୍ଥ ଖାଇବାକୁ ମନ ବଳାଇବା—2. (A pregnant woman) To hanker after a certain article for eating.
Śādha karibā
শাধ করা
साधकरना

ଶାଧ ଖାଇବା—ଦେ. କ୍ରି.—(ଗର୍ଭିଣୀ) ଈପ୍ସିତ ଖାଦ୍ୟ ଖାଇବା—(A pregnant woman) To eat the thing she hankers after.
Śādha khāibā
শাদ খাওয়া साधखाना

ଶାଧ ଖିଆ—ଦେ. ବି.—୧। (ଗର୍ଭିଣୀର ଅଭିପ୍ସିତ ଖାଦ୍ୟ ଭୋଜନ)—1. The eating of the desired thing by a pregnant woman. ୨। (ଗର୍ଭିର) ଷଷ୍ଠମାସ ପରବର୍ତ୍ତୀ ସମୟଠାରୁ ଗର୍ଭିଣୀଙ୍କ ଖାଇବା ପାଇଁ ବନ୍ଧୁଜନମାନଙ୍କ ଦ୍ଵାରା ଖାଦ୍ୟ ସାମଗ୍ରୀ ଅନେକ ପ୍ରେରଣ ଓ ତଦୁପଲକ୍ଷେ ଉତ୍ସବ—2. The sending of various victuals for feeding a pregnant woman after she is advanced in pregnancy after the 6th. month. [ଦ୍ର—ଏହାକୁ 'ଛତଉଖିଅ' ମଧ୍ୟ ବୋଲାଯାଏ; ଏହି ଉତ୍ସବ ଉପଲକ୍ଷରେ ଗର୍ଭିଣୀଙ୍କ ପାଇଁ ପିଠା ତିଆରି କରିବା ପାଇଁ ଗର୍ଭିଣୀଙ୍କ ବନ୍ଧୁଜନ ଚାଉଳ, ମୁଗ, ଗୁଡ଼ୁଲ, ଗୁଡ଼, ଘିଅ, କଦଳୀ, ପିଠାଖଡ଼ିକା ଓ ପିନ୍ଧିବା ପାଇଁ ନୂଆଲୁଗା ଆଦି ପ୍ରେରଣ କରନ୍ତି ଓ ଗୋଟିଏ ନିର୍ଦ୍ଦିଷ୍ଟ ଦିବସରେ ପିଠା ଆଦି ପ୍ରସ୍ତୁତ ହୋଇ ପରିବାରରେ ଉତ୍ସବ ଅନୁଷ୍ଠିତ ହୁଏ। କୌଣସି କୌଣସିଠାରେ ବନ୍ଧୁଜନ ନିଜ ଘରୁ ଗର୍ଭିଣୀଙ୍କ ପାଇଁ ପିଷ୍ଟକ ଓ ମିଷ୍ଟାନ୍ନ ପ୍ରସ୍ତୁତ କରି ପଠାନ୍ତି।]
Śādha khiā
শাদ ভোজন
साधभोजन, साध

ଶାଧ ଖୁଆଇବା—ଦେ. କ୍ରି.—ଗର୍ଭିଣୀକୁ ତାହାର ଅଭିପ୍ସିତ ଖାଦ୍ୟ ଖାଇବାକୁ ଦେବା—To give to a pregnant woman the food she is hankering after.
Śādha khuāibā
(ଶାଧଦେବା—ଅନ୍ୟରୂପ)
শাধখাওয়ান, শাধদেওয়া
साध खिलाना

ଶାଧ ପୂରା(ରେ)ଇବା—ଦେ. କ୍ରି.—କୌଣସି ବ୍ୟକ୍ତିର ଚିରପୋଷିତ ଆକାଂକ୍ଷା ପୂରଣ କରିବା—To fulfil a long cherished desire or hankering of a person.
Śādha pūrā(re)iba
ଶାଧ ମିଟାଇବା / ଶାଧ ମିଟୋଇବା / ଶାଧ ମେଣ୍ଟା(ଣ୍ଟେ)ଇବା } ଅନ୍ୟରୂପ
শাদমে(মি)টান শাদপূরান साधमिटाना

ଶାଧ ପୂରିବା—ଦେ. ବି—ବହୁଦିନର ପୋଷିତ ଆକାଂକ୍ଷା ପୂରଣ—The fulfilment of a long cherished desire or hankering.
Śādha pūribā
সাদ মিটা, শাধ পূরা, শাধ মেটা
साधपूरा होना
ଶାଧ ମିଟିବା, ଶାଧ ମେଣ୍ଟିବା, ଶାଧ ମେଣ୍ଢିବା / ଶାଧ ମେଣ୍ଟଣ, ଶାଧ ମେଣ୍ଟନ } ଅନ୍ୟରୂପ

ଶାଧ ବଢ଼ା(ଢ଼େ)ଇବା—ଦେ. କ୍ରି—କୌଣସି ବସ୍ତୁ ପାଇଁ ଅତ୍ୟଧିକ ଲାଳସା ଧରିବା—To have a longing for anything.
Śādha bṛḍhā(ṛḍhe)ibā
সাধ বাঢ়ান साध बढ़ाना

ଶାଧ ବଢ଼ିବା—ଦେ. ବି—କୌଣସି ବସ୍ତୁ ପାଇଁ ଲାଳସାର ଅଧିକ୍ୟ ହେବା—Entertainment of a longing for or hankering after a thing.
Śādha barḍhibā
সাধ বাড়া
साध बढ़ना

ଶାଧ ବଳା(ଳେ)ଇବା—ଦେ. କ୍ରି—କୌଣସି ବସ୍ତୁ ପ୍ରତି ବିଶେଷ ଲାଳାୟିତ ହେବା—To hanker after a thing.
Śādha balā(le)ibā
শাধ করা ललचना

ଶାଧ ବଳିବା—ଦେ. ବି—କୌଣସି ବସ୍ତୁ ପ୍ରତି ଲାଳସା—Hankering after a thing.
Śādha balibā
শাধ হওয়া ललचाना

ଶାଧ ମ(ମେ)ଟା(ଟେ)ଇବା—ଦେ. କ୍ରି—ଅଭିଳଷିତ ବସ୍ତୁର ଉପଭୋଗ
Ṡādha mi(me)ṭā(ṭe)ibā ଦ୍ୱାରା ଲାଳସାକୁ ପରିତୃପ୍ତ
শাধমেটান করিবা—To satisfy one's longing by
साध मिटवाना the enjoyment and acquisition of the longed for thing.

ଶାଧ ମି(ମେ)ଟିବା—ଦେ. ବି—ଅଭିଳଷିତ ବସ୍ତୁର ପ୍ରାପ୍ତି ବା ଉପଭୋଗ
Ṡādha mi(me)ṭibā ଦ୍ୱାରା ଲାଳସାର ପରିତୃପ୍ତି—Satisfac-
(ଶାଧ ମେଣ୍ଟିବା—ଅନୁରୂପ) tion of one's longing by
শাধমেটা साध मिटना the enjoyment of the thing.

ଶାଧ ମେଣ୍ଟଣ—ଦେ. ବି—ଶାଧ ମିଟିବା (ଦେଖ)
Ṡādha menṭaṇa Ṡādha miṭibā. (See)

ଶାଧ ଶୁ(ସୁ)ଆ(ହା)ଗ—ଦେ. ବି (ସହଚର)—ମନର ବାସନା ଓ
Ṡādha ṡu(su)ā(hā)ga ସ୍ନେହ—A hankering after
শাধ আহ্লাদ साधस्नेह and love for a thing.

ଶାଧା—ଦେ. ବିଣ (ସ. ଶ୍ୱେତ, ହି; ଫ. ସାଦାହ୍)—୧। ଶୁକ୍ଳ; ଶ୍ୱେତ;
Ṡādhā ଧଳା—1. White. [ଦ୍ର—ଫୁଲ, ଫଳ ଅଦିର ଧଳା
সাদা ବର୍ଣ୍ଣକୁ ଶାଧା ବୋଲିଯାଏ। ଯଥା—ଶାଧା ବୋଇଲି; ଶାଧା
सादा ଚମ୍ପା, ଶାଧା ମନ୍ଦାର, ଶାଧା ଧାତୁରି, ଶାଧା କାକୁଡ଼, ଶାଧା
ମକା, ଶାଧା ଭେଣ୍ଡି, ଶାଧା ସିଅଳ, ଶାଧା ଫୁଲ।] ୨।
ସହଜସାଧ୍ୟ—2. Easy of solution. ୩।
ଅନଳଂକୃତ; କାରୁକାର୍ଯ୍ୟହୀନ—3. Plain; unadorned. ୪। ଅଲେଖା—4. Unwritten; blank. ୫। ନିଷ୍କପଟ; ସରଳ (ବ୍ୟକ୍ତି)—5. Frank. ୬। ସରଳଭାବଯୁକ୍ତ (ବ୍ୟକ୍ତି)—6. Artless; simple (person). ୭। ହାଲୁକା କଡ଼ା ନୁହେଁ—7. Mild; not harsh. ୮। ସହଜ ପାଚ୍ୟ—8. Easily; digestened. ୯। ଅରେଜେଷ୍ଟ୍ରି—9. Registered. ୧୦। ମସଲା ଦିଆଯାଇ ନ ଥିବା (ତରକାରି)—10. Unspiced.

ଶାଧା କଥା—ଦେ. ବି—କପଟତାଶୂନ୍ୟ ବାକ୍ୟ—
Ṡādhā kathā Frank speech.
সাদাকথা सादीबात

ଶାଧା କାଗଜ—ଦେ. ବି—୧। ଧଳା କାଗଜ—1. White paper
Ṡādhā kāgaja ୨। ଅଲେଖା କାଗଜ—2. Blank
সাদাকাগজ सादाकागज paper. ୩। ଯେଉଁ କାଗଜରେ ଷ୍ଟାମ୍ପ ମରାନାହିଁ—3. Unstamped paper.

ଶାଧା କାମ—ଦେ. ବି—ଯେଉଁଥିରେ କାରୁକାର୍ଯ୍ୟ ହୋଇ ନାହିଁ—
Ṡādhā kāma Plain or unornamented work.
সাদাকাজ सादाकाम

ଶାଧା ଗଢ଼ଣ—ଦେ. ବି—ଯେଉଁ ଗଢ଼ଣରେ କାରୁକାର୍ଯ୍ୟ ହୋଇନାହିଁ—
Ṡādhā gaṛdhaṇa Plain work.
সাদাগড়ন सादागढ़न

ଶାଧା ଗୁଡ଼ାଖୁ—ଦେ. ବି—ଯେଉଁ ଗୁଡ଼ାଖୁ କଡ଼ା ନୁହେଁ—Mild
Ṡādhā guṛḍākhu smoking mixture of to-
সাদা তামাক सादातम्बाखु bacco or other articles.

ଶାଧା ଗୁଣ୍ଡି—ଦେ. ବି—ଯେଉଁ ଗୁଣ୍ଡିରେ ତମାଖୁ ଦିଆ ଯାଇ ନଥାଏ—
Ṡāda gundi Betel powder containing no to-
সাদাগুণ্ডি स दागुंडी bacco.

ଶାଧା ଜୀରା—ଦେ. ବି—ଶୁକ୍ଳ ଜୀରକ—
Ṡādhā jira White cumin seed.
সাদাজীরা सादाजीरा

ଶାଧାଟିଆ(ୟା)—ଦେ. ବିଣ—୧। ସମ୍ପୂର୍ଣ୍ଣ ଶ୍ୱେତ ନୁହେଁ, କିନ୍ତୁ ଅଧିକାଂଶ
Ṡādhātiā(yā) ଶ୍ୱେତବର୍ଣ୍ଣ—1. Largely of white
थोड़ासादा colour. ୨। ଈଷତ୍ ଶ୍ୱେତବର୍ଣ୍ଣ—2. Whitish.
শাদাটিয়া, শাদাটে

ଶାଧତମସୁକ—ଦେ. ବି—୧। ଯେଉଁ ତମସୁକ ରେଜେଷ୍ଟ୍ରି ହୋଇ ନାହିଁ
Ṡāda tamasuka ଘୋଲି ତମସୁକ—1. Unregistered
সাদাতমসুক सादातमस्सुक bond. ୨। ଅଲେଖା ଷ୍ଟାମ୍ପକାଗଜ—Unwritten stamp paper.

ଶାଧା ତରକାରି—ଦେ. ବି—୧। ଗରମ ମସଲା ଦିଆଯାଇ ନ ଥିବା
Ṡādhā tarakāri ବ୍ୟଞ୍ଜନ—Plain curry; curry
সাদাতরকারি सादातरकारि which is not richly spiced. ୨। ନିରାମିଷ ତରକାରୀ—2. Curry free from meat or fish.

ଶାଧା ଧଡ଼ି—ଦେ. ବି—ଶୁକ୍ଳ ଧଡ଼ି—
Ṡādhā dhaṛḍi White border of a cloth.
সাদাপাড় सादाकोर

ଶାଧାଧଡ଼ିଆ—ଦେ. ବିଣ—ଶୁକ୍ଳ ଧଡ଼ିଯୁକ୍ତ (ବସ୍ତ୍ର)—
Ṡādhā dhaṛḍiā White bordered (cloth).
সাদাপেড়ে सादाकोरवाला

ଶାଧା ପାନ—ଦେ. ବି—ଯେଉଁ ପାନ ଖିଲରେ ଗୁଣ୍ଡି ଦିଆ ଯାଇ ନ ଥାଏ
Ṡādā pāna Betel prepared without tobacco
সাদাপান सादापान powder.

ଶାଧା ସିଧା(ଧା)—ଦେ. ବିଣ—(ସହଚର)—ସରଳ ବା ନିଷ୍କପଟ(ବ୍ୟକ୍ତି)
Ṡādhā sida(dha) Simple and artless (person).
সাদাসিদে सादासिधा

ଶାଧା ସିଟା(ଠା)ମ—ଦେ. ବି—ଅଲେଖା ଷ୍ଟାମ୍ପ କାଗଜ—Blank
Ṡādhā sitā(ṭhā)ma stamp paper.
[ଶାଧା ଷ୍ଟାମ୍ପ—ଅନୁରୂପ]
সাদাষ্টাম্প; অলেখা ষ্টাম্পকাগজ सादास्टांप

ଶାଣ—ସ. ବି.—(ଶୋ ଧାତୁ+ଭାବ ଅନ)—୧। ତୀକ୍ଷ୍ଣ କରଣ—
Ṡāṇa 1. Sharpening; whetting. ୨। (+କରଣ ଅନ) ଶାଣପଥର—2. Whet stone; grindstone. ୩। (+ଅର୍ଥ, ଅନ) କଷଟି ପଥର—3. Touch-stone. ଦେ. ବିଣ.—ଶାନ (ଦେଖ)—Ṡāna

ଶାନ ପାଟ—ସଂ. ବି.—(ଶାନ+ପାଟ)—୧ । ଚନ୍ଦନ ଘେଷିବା—
Śāna pāda 1. A slab of stone on which sandal paste is ground out. ୨ । ବିନ୍ଧ୍ୟ—ଚଳର ପଶ୍ଚିମସ୍ଥ ପର୍ବତ ବିଶେଷ; ପାରିପାତ୍ର ପର୍ବତ (ଶୁ.ସ) 2. Name of a mountain to the west of the Bindhya hills.

ଶାନିବା—ପ୍ରାଦେ. (ଗଡ଼ଜାତ) କ୍ରି.—(ସଂ. ଶୋ ଧାତୁରୁ; ଭୁଲ.ହି. ଏହି
Śāniba ଅର୍ଥରେ ସାନ୍‌ନା)—ଘୋଳାଇବା—To agitate; to stir up.

ଶାଣୀ—ସଂ. ବି.—ଇନ୍ଦ୍ରବାରୁଣୀ (ବୃ. ଶ)
Śāni Colocynth.

ଶାନ୍ତ—ସଂ. ବିଣ.—(ଶମ୍ ଧାତୁ=ଥଣ୍ଡା ହେବା; ଶମତା ପ୍ରାପ୍ତ ହେବା+
Śānta କର୍ତ୍ତୃ. ତ)—୧ । ଶମତା ପ୍ରାପ୍ତ (ଯଥା କ୍ରୋଧ, ପୀଡ଼ା) (ଶାନ୍ତା—ସ୍ତ୍ରୀ) 1. Pacified; appeased; satiated. ୨ । (ଶାନ୍ତି; ଶାନ୍ତତା—ବି) ଶମଗୁଣଯୁକ୍ତ—2. Enjoying tranquility. ୩ । ଶାନ୍ତିଯୁକ୍ତ—3. Peaceful; composed. ୪ । ଜିତେନ୍ଦ୍ରିୟ; ବିକାର ରହିତ—4. Having the passions subdued. ୫ । ସ୍ଥିରମନାଃ—5. Placid; of quiet nature. ୬ । ସୌମ୍ୟ; କୋମଳ (ଯଥା; ପ୍ରକୃତି)—6. Mild; temperate. ୭ । ଅନୁଦ୍ଧତ—7. Disciplined; kept under bounds. ୮ । ଧୀର; ସ୍ଥିର; ଅଚଞ୍ଚଳ—8. Calm; still; tranquil. ୯ । ଶିଷ୍ଟ—9. Gentle. ୧୦ । ବିନୀତ—10. Humble; modest; meek. ୧୧ । ଦମିତ—11. Allayed; subdued. ୧୨ । ନିବୃତ୍ତ (ଯଥା, ଉପଦ୍ରବ, କଳହ)—12. Restrained; checked; resisted. ୧୩ । ବିନାଶିତ; ବିନଷ୍ଟ—13. Ruined; destroyed; lost; wasted. ୧୪ । ନିନ୍ଦିତ—14. Blamed. ୧୫ । ତିରସ୍କୃତ—15. Abused. ୧୬ । ମୃତ—16. Dead. ୧୭ । ବିଶୁଦ୍ଧୀକୃତ—17. Purified. ୧୮ । ପରିଷ୍କୃତ—18. Cleansed. ୧୯ । ମଳଯୁକ୍ତ—19. Filthy; rusty. ୨୦ । ତୂଷ୍ଣୀଭୂତ (ବି.ଶ)—20 Silent. ୨୧ । ଉତ୍ସାହ ରହିତ; ଶିଥିଳ; ଢିଲା (ବି.ଶ)—21. Void of energy; lax. ୨୨ । ଶ୍ରାନ୍ତ; କ୍ଲାନ୍ତ (ବି.ଶ)—22. Tired. ୨୩ । ନିର୍ବାପିତ (ଯଥା—ଅଗ୍ନି) (ବି.ଶ)—23. Extinguished. ୨୪ । ବିଘ୍ନ ବା ବାଧା ରହିତ (ବି.ଶ) 24. Free from obstacle. ୨୫ । ସୁସ୍ଥଚିତ୍ତ (ବି. ଶ)—25. With the mind restored to tranquility. ୨୬ । ଅପ୍ରଭାବିତ (ବି.ଶ)—26. uninfluenced. ୨୭ । (ଶ+ଅନ୍ତ)—ଶେଷରେ 'ଶ' ଅକ୍ଷର ବିଶିଷ୍ଟ (ଶବ୍ଦ)—27. (words) Having 'Śa' at the end. ବି.—୧। (ଶମ୍ ଧାତୁ+ଣିଚ୍=ଶାମି ଧାତୁ+କର୍ମ. ତ)—କାବ୍ୟର ନବରସ ମଧ୍ୟରୁ ରସ ବିଶେଷ; ଯେଉଁ ରସଦ୍ୱାରା ମନରେ ବୈରାଗ୍ୟର ଓ ଶାନ୍ତିର ଉଦୟ ହୁଏ; ଶାନ୍ତ ରସ—1. A sentiment in literature which brings peace to the mind. ୨ । ଜିତେନ୍ଦ୍ରିୟ ନିସ୍ପୃହ ଯୋଗୀ; ବିରକ୍ତ ପୁରୁଷ (ବି.ଶ)—2. A person freed from passions and worldly attachment. ୩ । ମନୁଙ୍କର ଏକପୁତ୍ର (ବି.ଶ)—3. Name of a son of Manu.

ଶାନ୍ତ କରିବା—ଦେ. କ୍ରି.—ଉପଶମ କରିବା; ଥଣ୍ଡା କରିବା—To
Śānta karibā calm; to pacify; to alleviate; to appease.
শান্ত করা शान्त करना

ଶାନ୍ତ ଦାନ୍ତ—ସଂ. ବିଣ.—(ସଦ୍‌ଗୁରୁ)—ଶମଗୁଣଯୁକ୍ତ ଓ ଜିତେନ୍ଦ୍ରିୟ—
Śānta dānta Composed and subdued; mild and temperate.

ଶାନ୍ତନବ—ସଂ. ବି. ପୁଂ—(ଶାନ୍ତନୁ+ଅପତ୍ୟାର୍ଥେ ଅ)—୧ । ଶାନ୍ତନୁଙ୍କ
Śāntanaba ପୁତ୍ର; ଭୀଷ୍ମ—1. Bhishma. ୨ । ମେଧାତିଥିଙ୍କ (ଶାନ୍ତନବୀ—ସ୍ତ୍ରୀ) ପୁତ୍ର (ବି.ଶ)—2. Son of Medhātithi.

ଶାନ୍ତନୁ—ସଂ. ବି (ଶଂ=ମଙ୍ଗଳ+ତନ ଧାତୁ=ବିସ୍ତାର କରିବା+
Śāntanu କର୍ତ୍ତୃ. ଉ; ନିପାତନ)—୧ । ଦ୍ୱାପର ଯୁଗର ଚନ୍ଦ୍ରବଂଶୀୟ ପ୍ରତାପ ନୃପତିଙ୍କ ପୁତ୍ର ଓ ଭୀଷ୍ମଙ୍କ ପିତା—1. Name of a king of the Lunar dynasty of ancient India; father of Bhishma the Great. [ଦ୍ର—ଏ ଚନ୍ଦ୍ରବଂଶର ଏକ ଧ୍ୱଂଶ ରାଜା ଥିଲେ । ଏ ଜରାଜୀର୍ଣ୍ଣ ବା ବ୍ୟାଧିଗ୍ରସ୍ତ ବ୍ୟକ୍ତିକୁ ସ୍ପର୍ଶ କରିବା ମାତ୍ରେ ଉକ୍ତ ବ୍ୟକ୍ତି ତତ୍‌କ୍ଷଣାତ୍ ସବଳ ହୋଇ ଉଠୁଥିଲା । ଏଥି ପାଇଁ ତାଙ୍କର ଏପରି ନାମକରଣ ହୋଇଅଛି । ଅଷ୍ଟ ବସୁଙ୍କ ଅନୁରୋଧରେ ଗଙ୍ଗାଦେବୀ ସେମାନଙ୍କୁ ଗର୍ଭରେ ଧାରଣ କରିବା ପାଇଁ ସମ୍ମତା ହୋଇ ଶାନ୍ତନୁଙ୍କର ପତ୍ନୀତ୍ୱ ସ୍ୱୀକାର କଲେ; କିନ୍ତୁ ବିବାହ ସମୟରେ ସ୍ୱାମୀଙ୍କ ସଙ୍ଗେ ଗଙ୍ଗାଙ୍କର ଏହିପରି ଚୁକ୍ତି ହୋଇଥିଲା ଯେ, 'ମୋତେ ଗଙ୍ଗା ବୋଲି ଡାକିବା ଯାଏ (ଆଦର ସହିତ ସମ୍ବୋଧନ କରୁଥିବା ପର୍ଯ୍ୟନ୍ତ) ମୁଁ ତୁମ ପାଖେ ଥିବି, ଗାଙ୍ଗୀ ବୋଇଲେ (ଅର୍ଥାତ୍ କଟୁଭାଷା କହିଲେ) ମୁଁ ତୁମ ପାଖରୁ ବାହାରି ଯିବି ।' 'ଗଙ୍ଗା ବୋଇଲେ ଥିବ ଗାଙ୍ଗୀ ବୋଇଲେ ଯିବ' ଏହି ପଦଟି ଆମ ଦେଶରେ ପ୍ରବଚନରୂପେ ଏବେ ମଧ୍ୟ ଚଳୁଅଛି । ଶାନ୍ତନୁଙ୍କ ଔରସରେ ଯଥାକ୍ରମେ ଗଙ୍ଗାଦେବୀ ୭ ଗୋଟି ସନ୍ତାନ ପ୍ରସବ କଲାକ୍ଷଣି ଗଙ୍ଗା ସେମାନଙ୍କୁ ନେଇ ଜଳରେ ଭସାଇ ଦେଉଥିଲେ; କିନ୍ତୁ ଶାନ୍ତନୁ ପୂର୍ବ ଅଙ୍ଗୀକାର ଅନୁସାରେ ତାଙ୍କୁ କିଛି କହୁ ନ ଥାନ୍ତି । ଯଥାସମୟରେ ଗଙ୍ଗାଙ୍କ ଗର୍ଭରୁ ଅଷ୍ଟମ ସନ୍ତାନ 'ଦେବବ୍ରତ' ଜନ୍ମ ହେଲେ ଓ ଗଙ୍ଗା ତାଙ୍କୁ ନେଇ ଜଳରେ ଭସାଇବାକୁ ଯାଉଥିବା ଦେଖି ଶାନ୍ତନୁ ଆଉ ସମ୍ଭାଳି ହୋଇ ନ ପାରି ପୂର୍ବର ଅଙ୍ଗୀକାର ଭୁଲିଯାଇ ଗଙ୍ଗାଙ୍କୁ ଭର୍ତ୍ସନା କରି କହିଲେ 'ହା ପାପିଷ୍ଠୀ ଗାଙ୍ଗୀ । ତୁ

କଅଣ କରୁଛୁ !' ଏହା ଶୁଣି ଗଙ୍ଗାଦେବୀ ନବଜାତ ଶିଶୁକୁ ସେଠାରେ ପକାଇ ଦେଇ ଅନ୍ତର୍ହିତା ହେଲେ । ମାତୃହୀନ ଉକ୍ତ ସନ୍ତାନ 'ଦେବବ୍ରତ'ଙ୍କୁ ଶାନ୍ତନୁ ଲାଳନପାଳନ କରି ବଢ଼ାଇଲେ । ଦେବବ୍ରତ ବଢ଼ିଗଲାରୁ ବସୁରାଜ ନାମକ ଧୀବରରାଜଙ୍କ କନ୍ୟା ମତ୍ସ୍ୟଗନ୍ଧା ବା ସତ୍ୟବତୀଙ୍କ ରୂପରେ ଶାନ୍ତନୁ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ କରନ୍ତେ କନ୍ୟା ପିତା ଧୀବରରାଜ କହିଲେ ଯେ, ଭୀଷ୍ମ ଓ ଭୀଷ୍ମଙ୍କ ବଂଶଧରମାନେ ଶାନ୍ତନୁଙ୍କ ଅନ୍ତେ ଭବିଷ୍ୟତରେ ରାଜା ହେବାର ସମ୍ଭାବନା ଥିବାରୁ ଓ ଶାନ୍ତନୁଙ୍କ ଔରସରେ ମତ୍ସ୍ୟଗନ୍ଧାଙ୍କ ଗର୍ଭଜାତ ସନ୍ତାନମାନେ ରାଜପଣ କରିବାର ସମ୍ଭାବନା ନ ଥିବାରୁ ଧୀବରରାଜ ଶାନ୍ତନୁଙ୍କ ହସ୍ତରେ ତାଙ୍କ କନ୍ୟାଙ୍କୁ ପ୍ରଦାନ କରିବେ ନାହିଁ । ଭୀଷ୍ମ ତାଙ୍କର ପୁତ୍ର ଥାଇ ଥାଇ ଶାନ୍ତନୁ ଏ ପ୍ରସ୍ତାବରେ ସମ୍ମତ ହୋଇ ପାରିଲେ ନାହିଁ; କିନ୍ତୁ ସତ୍ୟବତୀଙ୍କୁ ପତ୍ନୀ-ରୂପେ ନ ପାଇ ଅତ୍ୟନ୍ତ କ୍ଷୁଣ୍ଣ ହେଲେ ଓ ରାଜଧାନୀକୁ ଫେରି ଆସିଲେ । କୁମାର ଦେବବ୍ରତ ପିତାଙ୍କ ବିଷଣ୍ଣତାର କାରଣ ଓ ମତ୍ସ୍ୟଗନ୍ଧାଙ୍କୁ ବିବାହ କରିବା ସମ୍ପର୍କରେ ଜାଣିକୁ ଅନୁସନ୍ଧାନ ବୋଲି ବୁଝିପାରି ପିତାଙ୍କ ଅଜ୍ଞାତରେ ଧୀବର-ରାଜଙ୍କ ସମୀପରେ ସ୍ୱୟଂ ଉପସ୍ଥିତ ହେଲେ ଏବଂ ପ୍ରତିଜ୍ଞା କଲେ ଯେ, ଶାନ୍ତନୁଙ୍କ ଅନ୍ତେ ସେ ପିତୃସିଂହାସନରେ ଦାବୀ ଉପସ୍ଥାପିତ କରିବେ ନାହିଁ । ଭବିଷ୍ୟତରେ କାଳେ ତାଙ୍କ ବଂଶଧରମାନେ ସିଂହାସନ ଦାବୀ କରିବେ, ଏହି ଆଶଙ୍କା ଧୀବରରାଜଙ୍କ ମନରୁ ଦୂରୀଭୂତ କରିବା ନିମିତ୍ତ ଦେବବ୍ରତ ଅଧିକନ୍ତୁ ମଧ୍ୟ ପ୍ରତିଜ୍ଞା କଲେ ଯେ, ଆଜୀବନ ସେ ଚିରକୁମାରବ୍ରତ ଅବଲମ୍ବନ କରିବେ ଅର୍ଥାତ୍, ନିଜେ ବିବାହ କରିବେ ନାହିଁ । ଧୀବରରାଜ ଦେବବ୍ରତଙ୍କର ଏହି କଠୋର ପ୍ରତିଜ୍ଞା ଶୁଣି ଚକିତ ହୋଇ ଶାନ୍ତନୁଙ୍କୁ ଆପଣା କନ୍ୟାଙ୍କୁ ଦେବାପାଇଁ ସ୍ୱୀକାର କଲେ ଓ ଦେବବ୍ରତ ଉକ୍ତ କନ୍ୟାଙ୍କୁ ମାତା ବୋଲି ସମ୍ବୋଧନ କରି ସଙ୍ଗରେ ଆଣି ପିତାଙ୍କ ହସ୍ତରେ ଅର୍ପଣପୂର୍ବକ ତାଙ୍କ ମନୋମାଳିନ୍ୟ ଦୂର କଲେ । ଦେବବ୍ରତ ଏହି 'ଭୀଷ୍ମ'ପ୍ରତିଜ୍ଞା କରି ତାହା ଅକ୍ଷରେ ଅକ୍ଷରେ ପାଳନ କରିବାରୁ ତାଙ୍କ ନାମ 'ଭୀଷ୍ମ' ହେଲା । ପରେ ଶାନ୍ତନୁଙ୍କ ଔରସରୁ ମତ୍ସ୍ୟଗନ୍ଧାଙ୍କ ଗର୍ଭରେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇଟି ପୁତ୍ର ଜାତ ହୋଇଥିଲେ ଏବଂ ଶାନ୍ତନୁଙ୍କ ଅନ୍ତେ ଚିତ୍ରାଙ୍ଗଦ ସିଂହାସନରେ ଆରୋହଣ କଲେ । ଏହିମାନେହିଁ ମହାଭାରତର ପାଣ୍ଡବ କୌରବମାନଙ୍କର ପୂର୍ବପୁରୁଷ ।] ୨ । କାକୁଡ଼ି (ହି. ଶ)—2. Cucumber.

ଶାନ୍ତ ପ୍ରକୃତ—ସଂ. ବି (ଶାନ୍ତ+ପ୍ରକୃତି; କର୍ମଧା)—ଧୀର ସ୍ୱଭାବ—Śānta prakṛuti Calm temperament; meek nature; quiet disposition. (ଶାନ୍ତ ପ୍ରକୃତିକ—ଅନ୍ୟ ବିଣ ରୂପ, ପୁଂ) (ଶାନ୍ତ ପ୍ରକୃତିକା—ବିଣ, ସ୍ତ୍ରୀ) ସଂ. ବିଣ. ପୁଂ. ଓ ସ୍ତ୍ରୀ—(ଶାନ୍ତ ପ୍ରକୃତି ଯାହାର, ବହୁବ୍ରୀହି)—ଶାନ୍ତ ସ୍ୱଭାବ ବିଶିଷ୍ଟ—Of mild or calm temperament; meek.

ଶାନ୍ତ ଭାବ—ସଂ. ବି (କର୍ମଧା)—୧ । ବିନୀତ ଭାବ—1. Meekness; Śānta bhāba mildness; calmness. ୨ । ଶମତା—2. Appeasement; satiety.

ଶାନ୍ତଭାବାପନ୍ନ—ସଂ. ବିଣ. ପୁଂ (ଷଷ୍ଠୀ ତତ୍)—୧ । ଶମତାପ୍ରାପ୍ତ—Śāntabhābāpanna 1. Appeased; pacified; (ଶାନ୍ତଭାବାପନ୍ନା—ସ୍ତ୍ରୀ) calmed. ୨ । ଧୀର ସ୍ୱଭାବଯୁକ୍ତ—2. Meek; mild.

ଶାନ୍ତମ୍—ସଂ. (ଅବ୍ୟୟ)—୧ । ବାରଣ—1. Prohibition. Śāntam ୨ । ନିବୃତ୍ତି—2. Cessation. ୩ । ଶମତାପ୍ରାପ୍ତ—3. Appeased.

ଶାନ୍ତମୂର୍ତ୍ତି—ସଂ. ବି (ଶାନ୍ତ+ମୂର୍ତ୍ତି; କର୍ମଧା)—ସୌମ୍ୟରୂପ; ଯେଉଁ Śāntamūrtti ରୂପକୁ ଦେଖିଲେ ମନରେ ଭୟ ଆଦି (ଶାନ୍ତରୂପ—ଅନ୍ୟରୂପ) ଜାତ ନ ହୋଇ ଶାନ୍ତି ଜନ୍ମେ—Pleasing mien; a form which engenders calmness in the mind of the spectator. (ଶାନ୍ତରୂପା—ବିଣ. ସ୍ତ୍ରୀ) ସଂ. ବିଣ. ପୁଂ. ସ୍ତ୍ରୀ (ଶାନ୍ତମୂର୍ତ୍ତି ଯାହାର, ବହୁବ୍ରୀହି)—ଯାହାର ମୂର୍ତ୍ତି ବା ରୂପ ସ୍ୱାଭାବିକ ଭାବରେ ଶାନ୍ତ ବା ସ୍ନିଗ୍ଧ; ସୌମ୍ୟରୂପ ବିଶିଷ୍ଟ—Of placid or mild mien.

ଶାନ୍ତ ରସ—ସଂ. ବି (କର୍ମଧା)—କାବ୍ୟର ନଅଗୋଟି ରସ ମଧ୍ୟରୁ ଏକ-Śānta rasa ତମ ରସ—One of the 9 sentiments in literature; the sentiment of calmness or tranquility. [ଦ୍ର—ଏହି ରସର ସ୍ଥାୟୀଭାବ ନିର୍ବେଦ (କାମ କ୍ରୋଧାଦି ବେଗର ଶମନ) । ଏ ରସରେ ସଂସାରର ଅନିତ୍ୟତା, ଦୁଃଖପୂର୍ଣ୍ଣତା, ଅସାରତା ଆଦିର ଜ୍ଞାନ, ଅଥବା ପରମାତ୍ମାଙ୍କ ସ୍ୱରୂପ ଆଲମ୍ବନ ଅଟେ; ତପୋବନ ଋଷି ଆଶ୍ରମ, ରମଣୀୟ ତୀର୍ଥାଦି, ସାଧୁସଙ୍ଗ ଆଦି ଏଥିର ଉଦ୍ଦୀପନ; ରୋମାଞ୍ଚ ଆଦି ଏଥିର ଅନୁଭାବ; ନିର୍ବେଦ, ହର୍ଷ, ସ୍ମରଣ, ମତି ଓ ଦୟା ଆଦି ଏଥିର ସଞ୍ଚାରୀ ଭାବ । ଶାନ୍ତରସକୁ କେହି କେହି ପଣ୍ଡିତ ରସ ମଧ୍ୟରେ ଗଣନ୍ତି ନାହିଁ—ହି. ଶ ।]

ଶାନ୍ତ ଶିଷ୍ଟ—ସଂ. ବିଣ ପୁଂ (ଦ୍ୱନ୍ଦ୍ୱ)—ଧୀର ଓ ଭଦ୍ର—Śānta śishṭa (ଶାନ୍ତଶିଷ୍ଟା—ସ୍ତ୍ରୀ) Mild and gentle.

ଶାନ୍ତ ଶୀଳ—ସଂ ବି (ଶାନ୍ତ+ଶୀଳ; କର୍ମଧା)—ଧୀରସ୍ୱଭାବ; ସତ୍ପ୍ରକୃତି—Śānta śīla Mild nature; good nature. ସଂ. ବିଣ. (ଶାନ୍ତଶୀଳା—ସ୍ତ୍ରୀ) ପୁଂ (ଶାନ୍ତଶୀଳ ଯାହାର, ବହୁବ୍ରୀହି)—ସତ୍ସ୍ୱଭାବ ସମ୍ପନ୍ନ; ଧୀର ପ୍ରକୃତିକ—Of good nature; mild natured. [ଦ୍ର—ଦୁଷ୍ଟ ହୋଇଥିଲେ ଶାନ୍ତ-ଶୀଳ ହୋଇଯିବ—ପ୍ର ଚ. ବନ୍ଧୁଜନରୂପଣଗୀତା ।]

ଶାନ୍ତ ସ୍ୱଭାବ—ସଂ. ବି (ଶାନ୍ତ+ସ୍ୱଭାବ; କର୍ମଧା)—ଧୀର ପ୍ରକୃତି—Śānta swabhāba Mild nature. ସଂ. ବିଣ. ପୁଂ—

(ଶାନ୍ତସ୍ୱଭାବା—ସ୍ତ୍ରୀ) (ଶାନ୍ତ ସ୍ୱଭାବ ଯାହାର, ବହୁବ୍ରୀହି)—ଅନୁଦ୍ଧତ ପ୍ରକୃତିବିଶିଷ୍ଟ; ଧୀରପ୍ରକୃତିକ—Of meek or placid nature.

ଶାନ୍ତା—ସଂ. **Śāntā** ବିଣ. ସ୍ତ୍ରୀ—(ଶାନ୍ତ+ସ୍ତ୍ରୀ. ଅ)—'ଶାନ୍ତ'ର ସ୍ତ୍ରୀଲିଙ୍ଗ— Feminine of Śānta.

ସଂ. ବି. ସ୍ତ୍ରୀ—୧ । (ନାମ) ଦଶରଥଙ୍କ କନ୍ୟା ଓ ଋଷ୍ୟଶୃଙ୍ଗ ମୁନିଙ୍କ ପତ୍ନୀ—1. The daughter of king Daśaratha and wife of sage Rushysrunga [ଦ୍ର—ଏ ଦଶରଥଙ୍କ ସଖା ଅଙ୍ଗ ଦେଶର ରାଜା ଲୋମପାଦଙ୍କ ଘରେ ତାଙ୍କର ପୋଷ୍ୟପୁତ୍ରିକା ରୂପେ ପ୍ରତିପାଳିତା ହୋଇଥିଲେ ଓ ତାହାଙ୍କ ଇଚ୍ଛାନୁରୂପେ ଋଷ୍ୟଶୃଙ୍ଗଙ୍କ ସହେ ପରିଣୀତା ହୋଇଥିଲେ ।] ୨ । ରେଣୁକା ନାମକ ଗନ୍ଧଦ୍ରବ୍ୟ (ଦ୍ବି. ଷ)—2. Piper Aurantiacum. ୩ । ଦୁବ୍ବା (ହ୍ଵ. ଶ)—3. Creeping grass. ୪ । ଶମୀ (ହ୍ଵ. ଶ)—4. Spung tree. ୫ । ଅଁଳା (ହ୍ଵ. ଶ)—5. Embelic myrobalan. ୬ । ସଙ୍ଗୀତର ଶ୍ରୁତି ବିଶେଷ—6. Name of a Śruti in music.

ଶାନ୍ତି—ସଂ. ବି. **Śānti** (ଶମ୍ ଧାତୁ=ଶାନ୍ତ ହେବା+ଭାବ ତି)—୧ । ସଂସାରର ଅନିତ୍ୟତା ଓ ତାହାର ସମସ୍ତ ବସ୍ତୁର ବିନଶ୍ବରତାର ଜ୍ଞାନ ହେଲେ ଚିତ୍ତର ଯେଉଁ ନିଶ୍ଚେଷ୍ଟାବସ୍ଥା ହୁଏ, ସେହି ଅବସ୍ଥାରେ ଅନୁଭୂତ ଅସ୍ତବିଶ୍ରାମ; ଉଦ୍ବେଗର ବା ଘୋରର ବା କ୍ରିୟାର ଅଭାବ—1. The serene calmness of mind attained by total abstraction from wordly affairs after due knowledge of their evanescence. ୨ । ଚିତ୍ତସ୍ଥୈର୍ଯ୍ୟ; ମନର ସ୍ଥିରତା—2. Composure; tranquility or calmness of mind. ୩ । ସ୍ଥିରତା; ଅଚଞ୍ଚଳତା—3. Stillness; serenity. ୪ । ନିରୁପଦ୍ରବ—4. Quietness. ୫ । ବିଶ୍ରାମ—5. Rest; repose. ୬ । ମୁକ୍ତି—6. Liberation; salvation; deliverance. ୭ । ମଙ୍ଗଳ; ସୌଭାଗ୍ୟ—7. Prosperity; bliss. ୮ । ନିବୃତ୍ତି (ଯଥା—ରୋଗ ଶାନ୍ତି, କ୍ରୋଧ ଶାନ୍ତି)—8. Cessation; stoppage; appeasement. ୯ । ବିଷୟାଦିରୁ ଇନ୍ଦ୍ରିୟର ନିବୃତ୍ତି—9. Relinquishment of things perceivable by the senses. ୧୦ । ବିଘ୍ନନାଶ; ବିଘ୍ନରୁ ମୁକ୍ତି—10. Averting of misfortune. ୧୧ । ବିନାଶ; ଧ୍ୱଂସ—11. Destruction. ୧୨ । ତୃଷ୍ଣାଶାନ୍ତି—12. Satiation of thirst. ୧୩ । ନିଷ୍ପୃହତା; ବାସନାର ନିବୃତ୍ତି—13. Relinquishment of or withdrawal from desire. ୧୪ । ଯୁଦ୍ଧ ପରେ ସନ୍ଧି—14. Treaty; peace (after war). ୧୫ । ଯୁଦ୍ଧର ବିରାମ ବା ନିବୃତ୍ତି—15. Cessation of hostilities; truce. ୧୬ । ବିପଦ, ବିଘ୍ନ ବା ପାପ, ଗ୍ରହଦୋଷ, ଅନିଷ୍ଟ ଆଦିର ଭୂପ୍ରଶମନାର୍ଥ ପ୍ରାୟଶ୍ଚିତ୍ତ ଉପଚାର—16. Expiatory rites to avert misfortune. [ଉ—ଆପଦ ଭୟେ ନିଜ ସ୍ନେହେ, ଶାନ୍ତି ଯେ କରନ୍ତି ଥୋକାଏ । ଜଗନ୍ନାଥ. ଭାଗବତ ।] ୧୭ । ନୀରବତା; ସ୍ତବ୍ଧତା [ହ୍ଵ. ଶ]—17. Stillness; silence. ୧୮ । ମରଣ (ହ୍ଵ. ଶ.)—18. Death. ୧୯ । (ନାମ)—ଏକ ଗୋପୀଙ୍କ ନାମ (ହ୍ଵ ଶ)—19. Name of a Gopī. ୨୦ । ଦୁର୍ଗା (ହ୍ଵ. ଶ)—20. Durgā.

ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

शान्ति शांति

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ—ସଂ. ବି—ଶାନ୍ତିବାଚକ ମନ୍ତ୍ରର ଶେଷାଂଶ—(Oṁ) Śāntiḥ śāntiḥ śāntiḥ A mystic repetition of the word śāntiḥ (peace), uttered while sprinkling water after Śānti Homa. [ଦ୍ର—ପ୍ରାୟଶ୍ଚିତ୍ତ ଓ ହୋମାଦି ଶେଷରେ ଏ ମନ୍ତ୍ର ଉଚ୍ଚାରଣ ପୂର୍ବକ ଶାନ୍ତ୍ୟୁଦକ ସେଚନ କରିବାକୁ ହୁଏ । ଏହି ମନ୍ତ୍ରକୁ ବୋଲି ମୃତାହର ୧୧ଶ ଦିନ ମୃତ ବ୍ୟକ୍ତିର ଜ୍ଞାତି କୁଟୁମ୍ବମାନଙ୍କ ଉପରେ ପୁରୋହିତ ଶାନ୍ତ୍ୟୁଦକ ସେଚନ କରନ୍ତି । ଋଗ୍‌ବେଦ, ଯଜୁର୍ବେଦ, ସାମ ବେଦ ଓ ଅଥର୍ବ ବେଦରେ ଭିନ୍ନ ଭିନ୍ନ ଶାନ୍ତି ମନ୍ତ୍ର (ସୂକ୍ତ) ଅଛି ଏବଂ ତତ୍ତତ୍ ବେଦାଧ୍ୟାୟୀ ବ୍ରାହ୍ମଣମାନେ ନିଜ ନିଜର ବେଦୋକ୍ତ ଶାନ୍ତି ମନ୍ତ୍ର ପାଠ କରନ୍ତି ।]

ଶାନ୍ତିକ—ସଂ. ବିଣ—(ଶାନ୍ତି+କ)—ଶାନ୍ତି ସମ୍ବନ୍ଧୀୟ [ହ୍ଵ. ଶ]—**Śāntika** Relating to śānti.

ସଂ. ବି—ଶାନ୍ତି କର୍ମ (ଦେଖ) [ହ୍ଵ. ଶ]—Śānti karma (See)

ଶାନ୍ତିକର—ସଂ. ବି (ଶାନ୍ତି+କୃ ଧାତୁ+କର୍ତ୍ତୃ ଅ)—୧ । ଶାନ୍ତିଜନକ; **Śāntikara** ଯାହା ଶାନ୍ତି ଜନ୍ମାଏ—1. Producing peace. ୨ । ଶାନ୍ତିପ୍ରଦ; ଯାହା ଶାନ୍ତିପ୍ରଦାନକରେ—2. Giving peace or calmness. ୩ । ତୃପ୍ତିକର; ତୃପ୍ତିପ୍ରଦ—3. Satisfying. ୪ । ଚିତ୍ତସ୍ଥୈର୍ଯ୍ୟସମ୍ପାଦନକାରୀ—4. Producing tranquility of mind. ୫ । ବିଘ୍ନବିନାଶକ—5. Averting or dispelling obstacles. ୬ । ମଙ୍ଗଳପ୍ରଦ—6. Producing bliss.

ଶାନ୍ତିକର ଦେବ—ଦେ. ବି (ନାମ)—ଉତ୍କଳର ଭୌମ ବଂଶର ଜଣେକ **Śāntikara deba** ରାଜା—A king of the Bhauma dynasty of ancient Utkal. [ଦ୍ର—ପ୍ରବଳପରାକ୍ରମ ଭୌମାନୃପରେ ଦୁଇଜଣ ଶାନ୍ତିକରଙ୍କର ନାମ

ଦେଖାଯାଏ । ପ୍ରଥମ ଶାନ୍ତିକରଙ୍କର ୯ମ ସମ୍ବତ୍‌ରେ ଲିଖିତ ଗୋଟିଏ ଶିଳାଲେଖ ଧଉଳୀ ପର୍ବତର ଗୋଟିଏ ଗୁମ୍ଫାରେ ବିଦ୍ୟମାନ । ଏହାକୁ ପ୍ରାମାଣ୍ୟ ବୋଲି ଗ୍ରହଣ କଲେ ତାଙ୍କ ରାଜତ୍ୱ ସମୟ ୮୧ ଖ୍ରୀଷ୍ଟାବ୍ଦ ବା ୯ମ ଶତାବ୍ଦୀର ପ୍ରଥମ ପାଦରେ ପଡ଼େ । ଏହାଙ୍କର ଅପର ନାମ ଗୟାଡ଼ ବା ଲଳିତହାର ।
ଦ୍ୱିତୀୟ ଶାନ୍ତିକରଙ୍କର ଅପର ନାମ ଗୟାଡ଼ ବା ଲୋଣଭାର । ଲେଂକ—କେଦାରନାଥ ମହାପାତ୍ର]

ଶାନ୍ତି କରିବା—ଦେ. କ୍ରି—୧ । ଶାନ୍ତି କାଢିବା; ତୃପ୍ତ କରିବା—
Śanti karibā 1. To satiate (ଯଥା—ସବୁ
शान्तिकरा शांतिकरना ନୃପେ କୃଷ୍ଣଙ୍କୁ କରିଲେ ଶାନ୍ତି—କୃଷ୍ଣସିଂହ ମହାଭାରତ ବନ) ୨ । ସ୍ଥିର କରିବା—2. To calm.

ଶାନ୍ତି କର୍ମ—ସଂ. ବି—୧ । ସ୍ୱସ୍ତ୍ୟୟନ; ଶାନ୍ତିହୋମ (ଦେଖ)—
Śānti karma 1. Śāntihoma (See)
୨ । ଶାନ୍ତି ୧୬ (ଦେଖ)—2. Śānti 16 (See)

ଶାନ୍ତି ଗୃହ—ସଂ. ବି (ମ.ପ. ଲୋ)–ଯଜ୍ଞର ଶେଷରେ ପାପ ଓ ଅଶୁଭ ଦୂର
Śanti gṛuha ଶାନ୍ତିପାଇଁ ଯେଉଁ ଘରେ ସ୍ନାନ କରାଯାଏ (ହ୍ନ. ଶ)—A room where the performer has his bath on the completion of a Jajña.

ଶାନ୍ତିଜନକ—ସଂ. ବିଣ (ଶାନ୍ତି+ଜନ୍ ଧାତୁ+କର୍ତ୍ତୃ ଅକ)—
Śāntijanaka ଯାହା ଶାନ୍ତି ଜନ୍ମାଏ—Producing peace.

ଶାନ୍ତି ଜଳ—ସଂ. ବି (ଶାନ୍ତି ଆନୟନ କରିବା ଉଦ୍ଦେଶ୍ୟରେ ବ୍ୟବହୃତ
Śānti jala ଜଳ; ମଧ୍ୟପଦଲୋପୀ)—୧ । ପୂଜା,
(ଶାନ୍ତିବାରି—ଅନ୍ୟରୂପ) ଯଜ୍ଞ, ହୋମ, ପ୍ରାୟଶ୍ଚିତ୍ତ ଶ୍ରାଦ୍ଧ କର୍ମ ଶେଷରେ ଏବଂ ମୃତାହର ୧୧ଶ ଦିନ ଯେଉଁ ମନ୍ତ୍ରପୂତ ଜଳ କର୍ମକର୍ତ୍ତା ଓ ପାରିବାରିକ ବ୍ୟକ୍ତିମାନଙ୍କ ଉପରେ ସେଚନ କରାଯାଏ—1. Consecretated water sprinkled on persons on the completion of certain rituals and obsequies.
୨ । (ଶାନ୍ତିରୂପକ ଜଳ; ରୂପକ କର୍ମଧା)—ଜଳ ସଙ୍ଗେ ଉପମା ଦିଆଯିବା ଶାନ୍ତି—2. Peace compared with or to water.

ଶାନ୍ତିଦ—ସଂ.ବିଣ. ପୁଂ (ଶାନ୍ତି+ଦା ଧାତୁ+କର୍ତ୍ତୃ. ଅ)—ଯାହା ବା ଯେ
Śāntida ଶାନ୍ତିଦାନ କରେ—Giving peace, calmness or tranquility.
ଶାନ୍ତିଦାତା
ଶାନ୍ତିଦାୟକ —ଅନ୍ୟରୂପ] ସଂ. ବି—ବିଷ୍ଣୁ (ହ୍ନ. ଶ)—
ଶାନ୍ତିଦାୟୀ Bishṇu.
ଶାନ୍ତିଦା, ଶାନ୍ତିଦାତ୍ରୀ,
ଶାନ୍ତିଦାୟିକା, ଶାନ୍ତିଦାୟିନୀ }—ସ୍ତ୍ରୀ

ଶାନ୍ତିନାଶ—ସଂ. ବି (୬ଷ୍ଠୀ ତତ୍)—ଶାନ୍ତି ଭଙ୍ଗ (ଦେଖ)
Śanti nāśa Śānti bhanga (See)

ଶାନ୍ତି ନିକେତନ—ସଂ. ବି—୧ । ଶାନ୍ତିର ଆଳୟ; ଶାନ୍ତିମୟ ସ୍ଥାନ—
Śānti niketana 1.A place where peace reigns.
ଦେ. ବି—ବଙ୍ଗୀୟ କବି ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ବୀରଭୂମି ଜିଲ୍ଲାର ବୋଲପୁରର ବିଦ୍ୟାଳୟ ଓ ଆଶ୍ରମ—The hermitage and school started by poet Rabindranath at Bolpur in Bengal.

ଶାନ୍ତି ନିବାସ—ସଂ. ଓ—୧ । ଶାନ୍ତି ନିକେତନ (ଦେଖ)—
Śānti nibāsa Śān in ketana. (See)

ଶାନ୍ତି ପର୍ବ—ସଂ. ବି (ମ. ପ. ଲୋ)—ମହାଭାରତର ଦ୍ୱାଦଶ ଓ ବୃହତ୍ତମ
Śānti parba ପର୍ବ—The final or the 12th book of the Mahābhārata [ଦ୍ର—ଏଥିରେ ମହାଭାରତ ଯୁଦ୍ଧର ଅବସାନରେ ଯୁଧିଷ୍ଠିରଙ୍କ ଚିତ୍ତର ଶାନ୍ତି ନିମନ୍ତେ କଥିତ ବହୁତ ଉପଦେଶ ଓ ଜ୍ଞାନ ଚର୍ଚ୍ଚା ଅଛି ।]

ଶାନ୍ତି ପାତ୍ର—ସଂ. ବି. (ମ. ପ. ଲୋ) ଯେଉଁ ପାତ୍ରରେ ଶାନ୍ତିଜଳ ରଖାଯାଏ
Śānti pātra (ହ୍ନ. ଶ)—A cup in which Śāntijala is kept.

ଶାନ୍ତିପୁର—ଦେ. ବି.—ପୂର୍ବ ବଙ୍ଗର ଗ୍ରାମ ବିଶେଷ—Name of a
Śāntipura village in East Bengal famous for
शान्तिपुर शान्तिपुर fine cotton cloths. [ଦ୍ର—ଏଠାରେ ତନ୍ତିମାନେ ସରୁ ସୂତାର ଲୁଗା ବୁଣିବା ପାଇଁ ବିଖ୍ୟାତ ।]

ଶାନ୍ତିପୁରି—ଦେ. ବିଣ.—ଶାନ୍ତିପୁରରେ ବୁଣା ଯାଇଥିବା (ସରୁ ଲୁଗା
Śāntipuri ବା ଶାଢ଼ୀ)—Made or manufactured
(ଶାନ୍ତିପୁରିଆ—ଅନ୍ୟରୂପ) at Śāntipur. (ଯଥା—ଶାନ୍ତିପୁରି
शान्तिपुरि(री) शान्तिपुरि ଶାଢ଼ୀ ।)

ଶାନ୍ତିପୂର୍ଣ୍ଣ—ସଂ. ବିଣ—ଶାନ୍ତିମୟ (ଦେଖ)—
Śāntipūrṇṇa Śāntimaya (See).

ଶାନ୍ତିପ୍ରଦ—ସଂ. ବିଣ—ଶାନ୍ତିଦ (ଦେଖ)
Śāntiprada Śāntida (See)
(ଶାନ୍ତିପ୍ରଦାତା, ଶାନ୍ତିପ୍ରଦାୟକ—ଅନ୍ୟରୂପ)
(ଶାନ୍ତିପ୍ରଦା, ଶାନ୍ତିପ୍ରଦାତ୍ରୀ, ଶାନ୍ତିପ୍ରଦାୟିକା—ସ୍ତ୍ରୀ)

ଶାନ୍ତି ପ୍ରିୟ—ସଂ. ବିଣ. (ବହୁବ୍ରୀହି; ଶାନ୍ତି ପ୍ରିୟ ଯାହାର)—୧ । ଯେଉଁ
Śānti ptiya ବ୍ୟକ୍ତି ଶାନ୍ତିକୁ ସୁଖପାଏ—1. Peace-loving.
(ଶାନ୍ତିପ୍ରିୟା—ସ୍ତ୍ରୀ) ୨ । ଯେଉଁ ବ୍ୟକ୍ତିକୁ ଗୋଳମାଳ ଭଲ ଲାଗେ ନାହିଁ—2. Averse to turmoil; not
(ଶାନ୍ତିପ୍ରିୟତା—ବି) liking noise.

ଶାନ୍ତି ବାଚନ ସଂ. ବି—୧ । ବୈଦିକ କର୍ମାଦି ଅନୁଷ୍ଠାନ ସମାପ୍ତିବେଳେ
Śāntibāchana ଶାନ୍ତ୍ୟୁଦକ ସେଚନ ସମୟରେ ଯେଉଁ ବୈଦିକମନ୍ତ୍ର ପାଠ କରାଯାଏ—1. A vedic formula recited when the consecreated Śāntyudaka (lit. place bestowing water) is sprinkled over the performer of a vedic rite to avert evil.
[ଦ୍ର—ଯଜୁର୍ବେଦୀୟ ଶାନ୍ତିବାଚନର ବୈଦିକ ସୂକ୍ତ ନିମ୍ନରେ—

ଓଁ ଭଦ୍ରଂକର୍ଣ୍ଣେଭିଃ ଶୃଣୁୟାମଦେବା ଭଦ୍ରଂପଶ୍ୟେମାକ୍ଷଭି ର୍ଯଜତ୍ରା । ସ୍ଥିରୈ ରଙ୍ଗୈସ୍ତୁଷ୍ଟୁବାଂସ ସ୍ତନୂଭିର୍ବ୍ୟଶେମ ଦେବହିତଂ ଯଦାୟୁଃ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ଓଁ ଶାନ୍ତିରେବ ଶାନ୍ତିଃ ।] ୨ । ଗ୍ରହ, ପ୍ରେତବାଧା, ପାପ ଆଦିରୁ ଉତ୍ପନ୍ନ ଅମଙ୍ଗଳକୁ ଦୂର କରିବାପାଇଁ ମନ୍ତ୍ର ପାଠ (ସ୍ତୁ. ଶ)—2. Incantations uttered to drive away evil due to planets, ghosts and sin. ୩ । ଶାନ୍ତି ଏହି ଶବ୍ଦ ଉଚ୍ଚାରଣ; ଶାନ୍ତି ହେଉ, ଏହା ଆଶୀର୍ବାଦସୂଚକ ଶବ୍ଦର ଉଚ୍ଚାରଣ—2. The pronouncement of the benedictory sentence 'Let there be peace'. (ଉ—ଇଷ୍ଟମନ୍ତ୍ର ରୂପେ ସ୍ୱାମୀଙ୍କ ନାମ ପ୍ରେମେ ଜପି କର ଶାନ୍ତିବାଚନ—ଭକ୍ତାବଳୀ. ମଧୁସୂଦନ ।)

ଶାନ୍ତି ବାରି—ସ- ବି (ସ. ପ. ପ୍ରୋ)— ଶାନ୍ତିଜଳ (ଦେଖ)— Śānti bāri Śānti jala (See).

ଶାନ୍ତି ଭଙ୍ଗ—ସ. ବି.(୭ଷ୍ଠୀ ତତ୍)—୧ । ଶାନ୍ତି ବିଷୟରେ ବିଘ୍ନ ଉପସ୍ଥିତ ହେବା; ଅଶାନ୍ତି ଉତ୍ପାଦନ—1. The producing of turmoil; impediment to peace. ୨ । ବିଘ୍ନୋତ୍ପାଦନ—2. Producing obstruction. ୩ । ଉପଦ୍ରବ କରଣ—3. Causing of oppression. ଦେ· ବି—୧ । ମାଡ଼ପିଟ, କଳି କଜିଆ ଅବା ଦ୍ୱାରା କୌଣସି ସ୍ଥାନର ଶାନ୍ତିକୁ ନାଶ କରିବା—1. Breach of peace; creating of a row and interrupting the peace of a locality. ୨ । ଦଙ୍ଗା ହେଙ୍ଗାମା; ମାଡପିଟ—2. A row; affray.
Śānti bhanga

ଶାନ୍ତି ଭଙ୍ଗ କରିବା—ଦେ· କ୍ରି—ମାଡ଼ ପିଟ, କଳିକଜିଆ, ଦଙ୍ଗା ହେଙ୍ଗାମା ଦ୍ୱାରା କୌଣସି ସ୍ଥାନରେ ଗୋଳମାଳ ଉପୁଜାଇବା—To break the peace; to create a row.
Śānti bhanga kariba
শান্তিভঙ্গকরা
शांतिभंग करना

ଶାନ୍ତିଭଙ୍ଗ ଜାମିନ(ନି)—ଦେ. ବି—କୌଣସି ସ୍ଥାନରେ ଗୋଳମାଳ ବା ମାଡ଼ପିଟ ଅବା କରିବ ନାହିଁ ବୋଲି କୌଣସି ଅଭିଯୁକ୍ତ ବ୍ୟକ୍ତିଠାରୁ ରାଜକର୍ମଚାରୀ ଯେଉଁ ଜାମିନ୍ ବା ଏକରାରନାମା ନିଅନ୍ତି—Security to keep the peace; security taken from a person binding him down to keep the peace, i.e. not to commit breach of the place. [ବ୍ୟ—ଦୁଷ୍ଟ ବ୍ୟକ୍ତିମାନେ ଅନ୍ୟମାନଙ୍କ ସଙ୍ଗେ ମାଡ଼ପିଟ ବା କଳିକଜିଆ କରି କୌଣସିଠାରେ ଶାନ୍ତିଭଙ୍ଗ କରିବାର ଆଶଙ୍କା ଜନ୍ମିଲେ, ମାଜିଷ୍ଟ୍ରେଟ ଉକ୍ତ ବ୍ୟକ୍ତି ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ପାଇଲେ ତାହାରୁ ମୁଚଲିକା (ଅଙ୍ଗୀକାର ପତ୍ର) ବା ଜାମିନ୍ (ପ୍ରତିଭୂ) ନିଅନ୍ତି ଓ ସେଥିରେ ଏହି ସର୍ତ୍ତ ଥାଏ ଯେ, ଭବିଷ୍ୟତରେ ଉକ୍ତ ବ୍ୟକ୍ତି ନିର୍ଦ୍ଦିଷ୍ଟ କାଳ ମଧ୍ୟରେ ଶାନ୍ତିଭଙ୍ଗ କରିବାର ଦେଖାଗଲେ ତାଙ୍କୁ ଆଇନ୍ ଅନୁସାରେ ଦଣ୍ଡ ଦିଆଯିବା ଛଡ଼ା ଜାମିନ-ନିର୍ଦ୍ଧାରିତ ଅର୍ଥଦଣ୍ଡ ତାଠାରୁ କିମ୍ବା ତାର ଜାମିନ୍‌ଦାରଠାରୁ ସରକାର ଆଦାୟ କରିବେ । ଭାରତୀୟ ଫୌଜଦାରୀ କାର୍ଯ୍ୟବିଧି ଆଇନର ୧୦୭ ଦଫାର ବିଧାନ ଅନୁସାରେ 'ଶାନ୍ତିଭଙ୍ଗ ଜାମିନ' ବ୍ୟକ୍ତି ସମ୍ବନ୍ଧରେ ମାଜିଷ୍ଟ୍ରେଟ୍ କାଇଦାକାନୁନ କରନ୍ତି ।
କୌଣସି ବ୍ୟକ୍ତି ବା ବ୍ୟକ୍ତିଗଣଙ୍କଦ୍ୱାରା ଶାନ୍ତିଭଙ୍ଗ ଘଟିବାର ଆଶଙ୍କା ହେଲେ ମାଜିଷ୍ଟ୍ରେଟ, ପୁଲିସ କର୍ମଚାରୀ ଓ ଗ୍ରାମର ପ୍ରେସିଡେଣ୍ଟ ଉକ୍ତ ଶାନ୍ତିଭଙ୍ଗକାରୀଙ୍କୁ ବିନା ୱାରେଣ୍ଟରେ ଗିରଫଦାର କରି ପାରିବେ—ଏପରି କ୍ଷମତା ସେମାନଙ୍କୁ ଦିଆ ଯାଇଅଛି । ଯେଉଁ ଅଭିଯୁକ୍ତ ବ୍ୟକ୍ତି ଶାନ୍ତିଭଙ୍ଗ ନ କରିବ ବୋଲି ଜାମିନ୍ ବା ମୁଚଲିକା ଦେବାକୁ ଅକ୍ଷମ ହୁଏ, ତାକୁ କଏଦ ରଖାଯାଏ ।]
Śantibhanga jāmin(ni)
(ଶାନ୍ତିଭଙ୍ଗ ମୁଚଲିକା—ଅନ୍ୟରୂପ)
শান্তিভঙ্গমোচলেকা
शांतिभंगकाजमानत

ଶାନ୍ତିମୟ—ସ ବଣ.(ଶାନ୍ତି+ପ୍ରାଚୁର୍ଯ୍ୟାର୍ଥ ଅର୍ଥରେ ମୟ)—୧ । ଶାନ୍ତି ଗୁଣାତ୍ମକ—1. Full of the quality of placidity.—୨ । ଶାନ୍ତିପୂର୍ଣ୍ଣ—2 Full clamness or serenity. ୩ । ମଙ୍ଗଳମୟ—3. Blissful. ୪ । ଶାନ୍ତ—4. Calm; peaceful.
Śantimaya
(ଶାନ୍ତିମୟୀ—ସ୍ତ୍ରୀ)

ଶାନ୍ତି ରକ୍ଷକ—ସ. ବି ପୁଂ (ଆଧୁନିକ ପ୍ରୟୋଗ)—ଯେଉଁ ପୁଲିସ କର୍ମଚାରୀ କୌଣସି ସ୍ଥାନରେ ଘଟିବା ଶାନ୍ତିଭଙ୍ଗ ଗୋଳମାଳକୁ ନିବାରଣ କରନ୍ତି—Police officers entrusted with the duty of preventing breach of the peace.
Śanti rakshaka
শান্তিরক্ষক
शांतिरक्षक
(ଶାନ୍ତିରକ୍ଷିକା—ସ୍ତ୍ରୀ)

ଶାନ୍ତି ରକ୍ଷା—ଦେ. ବି—୧ । କୌଣସି ଉପଦ୍ରବ ନିବାରଣ; କୌଣସି ସ୍ଥାନରେ ଅପ୍ରତ୍ୟାଶିତ ଘଟଣା ଅଶାନ୍ତିର ନିବାରଣ—1. Prevention of breach of the peace. ୨ । କୌଣସି ସ୍ଥାନରେ ଗୋଳମାଳ ବନ୍ଦ କରିବା—2. Maintenance of the peace of a place.
Śānti rakshā
শান্তিরক্ষা
शान्तिरक्षा

ଶାନ୍ତିରକ୍ଷା ଜାମିନ୍(ନି)—ଦେ. ବି—ଶାନ୍ତିଭଙ୍ଗ ଜାମିନ୍ (ଦେଖ)
Śantirakshā jāmin(ni) Śāntibhanga jāmin(See)
শান্তিরক্ষার মোচলেকা
शान्तिरक्षा जमानत
(ଶାନ୍ତିରକ୍ଷା ମୁଚଲିକା—ଅନ୍ୟରୂପ)

ଶାନ୍ତି ସଦ୍ମ—ସ. ବି—ଶାନ୍ତିଗୃହ (ଦେଖ)
Śānti sadma Śāntigruha (See)

ଶାନ୍ତି ସ୍ଥାପନ—ସ· ବି (୭ଷ୍ଠୀ ତତ୍)—୧ । ଅଶାନ୍ତି ଦୂରୀକରଣ—1. Establishing peace in a place; restoring the calm. ୨ । ଯୁଦ୍ଧ ପରେ ସନ୍ଧି ସ୍ଥାପନ—2. Making of peace, (combatants) entering into a treaty of peace. ୩ । ଅରାଜକ ଦେଶରେ ଶାନ୍ତି ସ୍ଥାପନ—3. Restoring peace in a kingdom after anarchy.
Śānti sthāpana

ଶାନ୍ତି ସ୍ୱସ୍ତ୍ୟୟନ—ସଂ. ବି (ସହରର)—ଗ୍ରହପୀଡ଼ା ଅଧି ନିବାରଣାର୍ଥ
Śānti swastyayana ବା ବିପଦ ଶାନ୍ତି ପାଇଁ ଯଜ୍ଞ ହୋମାଦି କ୍ରିୟା—Various rites performed to avert danger or the evil effects of planets.

ଶାନ୍ତି ହୀନ—ସଂ. ବିଣ (୧ମ୍ୟା ତତ୍)—ଅଶାନ୍ତ; ଶାନ୍ତିବିରହିତ —
Śānti hīna Shorn of peace; peaceless; having
(ଶାନ୍ତିହୀନା—ସ୍ତ୍ରୀ) no peace or tranquility.

ଶାନ୍ତି ହୋମ—ସଂ. ବି (୪ର୍ଥୀ ତତ୍)—ଗ୍ରହବୈଗୁଣ୍ୟ ଓ ଉପଦ୍ରବାଦି
Śānti homa ନିବାରଣାର୍ଥ ଅନୁଷ୍ଠିତ ଯଜ୍ଞକର୍ମାଦି—Rites or offerings made to avert the evil effects of planets.

ଶାନ୍ତ୍ୱତି—ସଂ. ବି—ବ୍ରାହ୍ମଣଯଷ୍ଟିକ ଗୁଳ୍ମ (ହି. ଶ)—
Śāntwati Clerodendron Siphonanthus (Apte).

ଶାନ୍ତ୍ୟୁଦ—ସଂ. ବି (ମ. ପ. ଲୋ)—ଶାନ୍ତି ଜଳ (ଦେଖ)
Śāntyuda Śānti jala (See)
(ଶାନ୍ତ୍ୟୁଦକ—ଅନ୍ୟରୂପ)

ଶାନ୍ତ୍ୟୁଦ କୁମ୍ଭ—ସଂ. ବି—ଶାନ୍ତିଜଳପୂର୍ଣ୍ଣ ମାଠିଆ—An earthen jar
Śāntyuda kumbha containing consecrated
(ଶାନ୍ତ୍ୟୁଦ ଘଟ—ଅନ୍ୟରୂପ water for sprinkling for averting evil.

ଶାପ—ସଂ. ବି (ଶପ୍ ଧାତୁ=ଅଭିଶାପ ଦେବ+ଭାବ. ଅ)—୧ । ଅଭି-
Śāpa ସମ୍ପାତ; ଅଭିଶାପ—1. Curse; imprecation.
୨ । (+କରଣ. ଅ) ଦିବ୍ୟ; ଶପଥ; କିଣ—2. Oath.
[ବି—ଯେଉଁ ଶପଥ ପାଳନ ନ କଲେ ଶପଥ ଉଚ୍ଚାରଣ କରିବା ବ୍ୟକ୍ତିର ଅନିଷ୍ଟ ଧ୍ରୁବ ତାହା ଶାପ—ହି. ଶ ।]
୩ । ଧିକ୍କାର; ଭର୍ତ୍ସନା; ଗାଳି ଦେବା—3. Abusing.

ଶାପ ଗ୍ରସ୍ତ—ସଂ. ବିଣ ପୁଂ(୨ୟା ତତ୍)—ଅଭିଶପ୍ତ; ଯାହାକୁ ଅଭିଶାପ ଦିଅ
Śāpa grasta ଯାଇଅଛି—Cursed; accursed; labour-
(ଶାପଗ୍ରସ୍ତା—ସ୍ତ୍ରୀ) ing under a curse.

ଶାପ ଜ୍ୱର—ସଂ. ବି (ମ. ପ. ଲୋ)—ମାତା, ପିତା, ଗୁରୁ ଅଦିଙ୍କ
Śāpa jwara ଅଭିଶାପଜନିତ ଜ୍ୱର (ହି. ଶ)—A fever resulting from the curse of one's elders.

ଶାପଟିକ—ସଂ. ବି—ମୟୂର —
Śāpaṭika Peacock.

ଶାପଦାତା—ସଂ.ବିଣ ଓ ବି ପୁଂ--ଯେ ଅନ୍ୟ ବ୍ୟକ୍ତିଙ୍କୁ ଅଭିଶାପ ଦିଏ—
Śāpadātā One who curses; imprecator.
(ଶାପଦାତ୍ରୀ—ସ୍ତ୍ରୀ)

ଶାପ ଦେବା—ଦେ. କ୍ରି—କୌଣସି ବ୍ୟକ୍ତିର ଅନିଷ୍ଟ ଘଟିବ ବୋଲି କହି
Śāpa deba ଅଭିସମ୍ପାତ କରିବା—To curse; to
শাপ দেওয়া शाप देना pronounce a curse.
(ଶାପ ଦକା[ଦେ]ଇବା—ଅନ୍ୟରୂପ)

ଶାପ ପଡ଼ିବା—ଦେ. କ୍ରି—ଅଭିଶାପର ଫଳ ଭୋଗ—Being the
Śāpa pardiba victim to a curse. (ଯଥା—ଅମୁକ
শাপ পড়া शाप पड़ना ଉପରେ ଗୁରୁଙ୍କ ଶାପ ପଡ଼ିଲା) ।

ଶାପ ପାଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ଅଭିଶପ୍ତ ହେବା—
Śāpa paibā To be cursed by a person.
শাপ পাওয়া शाप पाना

ଶାପ ପ୍ରାପ୍ତ—ସଂ. ବିଣ. ପୁଂ (୨ୟା ତତ୍)—ଅଭିଶପ୍ତ—Accursed.
Śāpa prāpta (ଶାପ ପ୍ରାପ୍ତା—ସ୍ତ୍ରୀ)

ଶାପ ପ୍ରଭାବ—ସଂ. ବି (୬ଷ୍ଠୀ ତତ୍)—କୌଣସି ବ୍ୟକ୍ତି ପ୍ରତି ଉଚ୍ଚାରିତ
Śāpa prabhāba ହୋଇଥିବା ଅଭିଶାପର କ୍ଷମତା—The power or efficacy of a curse which has been pronounced against a person.

ଶାପ ଭୋଗ—ସଂ. ବି (୬ଷ୍ଠୀ ତତ୍)—ଅଭିଶାପର ଫଳ ଭୋଗ—
Śāpa bhoga Undergoing the effects of a curse.

ଶାପ ଭ୍ରଷ୍ଟ—ସଂ. ବିଣ. ପୁଂ (୫ମୀ ତତ୍)—ଅଭିଶାପର ଫଳରେ ହୀନ-
Śāpa bhrashṭa ଦଶା ପ୍ରାପ୍ତ ବା ସ୍ୱସ୍ଥାନ ଚ୍ୟୁତ—Under-
(ଶାପ ଭ୍ରଷ୍ଟା—ସ୍ତ୍ରୀ) going the evil effects of a curse; degraded on account of a curse.

ଶାପ ମୁକ୍ତ—ସଂ. ବିଣ. ପୁଂ (୫ମୀ ତତ୍)—୧ । ଅଭିଶାପ ଦେବା ବ୍ୟକ୍ତିଙ୍କୁ
Śāpa mukta ଶାନ୍ତ କରାଇ ଅଭିଶାପ ଫଳରୁ ମୁକ୍ତି ପ୍ରାପ୍ତ
(ଶାପମୁକ୍ତା—ସ୍ତ୍ରୀ) (ବ୍ୟକ୍ତି)—1. Released from
(ଶାପମୁକ୍ତି—ବି) undergoing the evil effects of a curse, by pacifying the pronouncer of the curse and making him withdraw it.
୨ । ଶାପର ଫଳ ଭୋଗ କରି ସାରିବା ପରେ ଶାପଭୋଗରୁ ଅବ୍ୟାହତି ପ୍ରାପ୍ତ—2. Released after undergoing the effects of a curse in due course.

ଶାପ ମୋଚନ—ସଂ. ବି (୫ମୀ ତତ୍)—ଶାପୋଦ୍ଧାର; ମନ୍ତ୍ର ଓ ଉପା-
Śāpa mochana ସନାଦି ଦ୍ୱାରା ଅଭିଶପ୍ତ ବ୍ୟକ୍ତିର ଶାପର ଫଳ ଭୋଗରୁ ଅବ୍ୟାହତି ପ୍ରାପ୍ତି—Release from undergoing the effects of a curse (as a result of mystic incantation and prayers).

ଶାପାନ୍ତ—ସଂ. ବି (୬ଷ୍ଠୀ ତତ୍)—ଅଭିଶାପର ଫଳଭୋଗ କରିବା ସମୟର
Śapānta ସୀମା ଅତିକ୍ରାନ୍ତ ହେବା—The end of the
(ଶାପାବସାନ—ଅନ୍ୟରୂପ) time-limit fixed for undergoing the evil effects of a curse.

ଶାପାମ୍ବୁ—ସଂ. ବି—(ମ. ପ. ଲୋ)—ଯେଉଁ ଜଳକୁ ଶାପ ଦାତା
Śapāmbu ହାତରେ ଧରି ଶାପ ବାକ୍ୟ ଉଚ୍ଚାରଣ କରନ୍ତି (ହି.ଶ)—A handful of water held by the curse-giver while uttering a curse.

ଶାପାସ୍ତ୍ର- ସଂ. ବି—୧ । (ରୂପକ) ବିପକ୍ଷ ପ୍ରତି ଅସ୍ତ୍ରରୂପେ ବ୍ୟବହୃତ
Śāpāstra ଅଭିଶାପ—Curse compared to a weapon. ୨ । (ବହୁବ୍ରୀହି)—ଯେଉଁ ବ୍ୟକ୍ତି କ୍ରୁଦ୍ଧ ହେଲେ ଅସ୍ତ୍ର ପ୍ରୟୋଗ ନ କରି ଶାପ ପ୍ରୟୋଗ କରେ (ହି. ଶ)—A person who uses curse as his

weapon of offence. ୩ । ମୁନିବିଶେଷ (ହି. ଶ.)
3. Name of a sage.

ଶାପ (ଧାତୁ)—ସ. (ଶପ୍ ଧାତୁ ଣିଚ)—୧ । ନିନ୍ଦା କରିବା—
Śāpi (root) 1. To blame. ୨ । ଭର୍ତ୍ସନା କରିବା—
2. To rebuke.

ଶାପିତ—ସ. ବିଣ. ପୁ°—(ଶାପି ଧାତୁ+କର୍ମ. ତ)—୧ । ନିନ୍ଦିତ—
Śāpita 1. Blamed. ୨ । ଭର୍ତ୍ସିତ—2. Censured; abused. ୩ । ଯାହାକୁ ଶାପ ଦିଆ ଯାଇଅଛି; ଶାପଗ୍ରସ୍ତ
(ଶାପିତା—ସ୍ତ୍ରୀ) 3. Cursed.

ଶାପିବା—ଦେ. (ସଦ୍ୟ) କ୍ରି—ଅଭିଶାପ ଦେବା—
Śāpibā শাপা शापना To curse.
[ଉ—ଦେଖି ତାହାର ଦୁଷ୍ଟ ପଣ,
କୋପେ ଶାପିଲେ ମୁନିଗଣ । ଜଗନ୍ନାଥ ଭାଗବତ ।]

ଶାପୋତ୍ସର୍ଗ—ସ. ବି—(୬ଷ୍ଠୀ ତତ୍)—ଶାପ ଦେବା; ଶାପୋଚ୍ଚାରଣ
Śāpotsarga [ହି. ଶ] Utterance of a curse.

ଶାପୋଦ୍ଧାର—ସ. ବି—୧ । (୫ମୀ ତତ୍)—ଶାପ ମୋଚନ (ଦେଖ)—
Śāpaddhāra 1. Śāpamochana (See)
୨ । କୌଣସି ଦେବତାଙ୍କ ସ୍ତୋତ୍ର ପ୍ରତି ପୂର୍ବରୁ ଦିଆ ଯାଇଥିବା ଶାପର ମନ୍ଦଫଳରୁ ଉକ୍ତ ସ୍ତୋତ୍ରକୁ ମନ୍ତ୍ର ପ୍ରୟୋଗପୂର୍ବକ ମୁକ୍ତ କରିବା—6. Freeing a prayer (on which a curse has been pronounced) from the effects of a curse; by pronouncing a prescribed formula. [ଉ—କେତେକ ଦେବ ଦେବୀଙ୍କ ସ୍ତୋତ୍ରକୁ ଶାପୋଦ୍ଧାର ନ କରି ପାଠ କଲେ ଶାପଗ୍ରସ୍ତ ସ୍ତୋତ୍ରର ପାଠଦ୍ୱାରା ଇଷ୍ଟିତ ଫଳପ୍ରାପ୍ତି ଘଟେ ନାହିଁ ।]

ଶାଫରିକ—ସ. ବି. ପୁ°—(ଶଫର+ମାରିବା ଅର୍ଥରେ ଇକ)—ମାଛୁଆ; କେଉଟ (ହି. ଶ)—Fishermen.
Śāpharika

ଶାବ—ସ°. ବିଣ—(ଶବ+ସମ୍ବନ୍ଧାର୍ଥେ ଅ)—ଶବ ସମ୍ବନ୍ଧୀୟ—
Śāba Relating to a corpse.
ସ°. ବି—(ଶବ ଧାତୁ=ଗମନ କରିବା+କର୍ତ୍ତୃ. ଅ)—
୧ । ଶାବକ (ଦେଖ)—2. Sābaka (See) ୨ । (ଶବ+ଅ)—ମୃତଦେହ (ହି. ଶ)—2. Dead body. ୩ । ମାଟିଆ ବର୍ଣ୍ଣ [ହି. ଶ]—3. Brown colour. ୪ । ମୃତକାଶୌଚ; ମୃତକଅ [ହି. ଶ.]—4. Impurity said to possess the relations of a dead man. ୫ । ଶ୍ମଶାନ [ହି. ଶ.]—5. Cremation ground. ୬ । କବର ସ୍ଥାନ—6. Burial ground.

ଶାବକ—ସ.ବି—(ଶବ ଧାତୁ=ଗମନ କରିବା+କର୍ତ୍ତୃ.ଅ+ସ୍ୱାର୍ଥେକ—
Śābaka ୧ । ଶିଶୁ—1. Infant. ୨ । ପଶୁ ପକ୍ଷୀ ଆଦି ଶିଶୁ; ଛୁଆ—2.Young one of animals (beasts and birds). ୩ । ଝାଉଁଗଛ [ହି. ଶ.]—
3. Aspen tree

ଶାବନ(ନା,ନୀ)—ସ°. ବିଣ—ଷାବନ(ନା,ନୀ) [ଦେଖ]
Śābana (nā, nī) Sābana (nā,nī) (See)

ଶାବର—ସ°. ବିଣ.—(ଶବର+ସମ୍ବନ୍ଧାର୍ଥେ ଅ)—୧ । ଶବର ସମ୍ବନ୍ଧୀୟ;
Śābara ବ୍ୟାଧ ସମ୍ବନ୍ଧୀୟ—1. Relating to a hunter.
୨ । ଶବର ଜାତି ସମ୍ବନ୍ଧୀୟ—2 Relating to the Śabara caste. ୩ । ଦୁଷ୍ଟ (ହି. ଶ.)—
3. Wicked. ୪ । କପଟୀ (ହି. ଶ)—4. Hypocritical. ସ°. ବି—୧ । ପଣ୍ଡିତ ଶବରସ୍ୱାମୀକୃତ ଭାଷ୍ୟଗ୍ରନ୍ଥବିଶେଷ—1.Name of a commentary on Hindu philosophy by Śabara Swamī. ୨ । ମୃଗ ଚର୍ମ—2. Deer hide.
୩ । ପାପ—3. Sin. ୪ । ଦୋଷ; ଅପରାଧ—
4. Crime; guilt. ୫ । ଲୋଧ୍ରଭେଦ; ଲୋଧ ଗଛ—।
5. Simplocus Racemoeus. ୬ । ତମ୍ବା (ହି. ଶ)—6. Copper. ୭ । ଅନ୍ଧକାର (ହି. ଶ)—
7. Darkness. ୮ । ଶବରଚନ୍ଦନ (ହି. ଶ)—
8. A kind of sandalwood. ୯ । ମନ୍ଦ; ଅମଙ୍ଗଳ (ହି. ଶ)—9. Evil; woe. ୧୦ । ତନ୍ତ୍ର ଗ୍ରନ୍ଥବିଶେଷ (ହି. ଶ)—10. Name of a tantra.

ଶାବର ଚନ୍ଦନ—ସ°. ବି—ଏକପ୍ରକାର ଚନ୍ଦନ—
Śābara chandana A kind of sandalwood.

ଶାବର ଭାଷ୍ୟ—ସ°.ବି—ଶବରସ୍ୱାମୀକୃତ ମୀମାଂସାଶାସ୍ତ୍ରର ପ୍ରସିଦ୍ଧ ଟୀକା—
Śābara bhāshya The commentary on mimamsā philosophy by Śabara swāmī.

ଶାବର ମେଦାକ୍ଷ—ସ°. ବି—ତମ୍ବା (ହି. ଶ)—
Śābara medāksha Copper.

ଶାବର ଲୋଧ୍ର—ସ°. ବି—ପାଟଳିଆଲୋଧ୍ର (ଦେଖ)—(ଦ୍ରବ୍ୟଗୁଣ)—Paṭaliālodhra
Śābara lodhra
(ଶାବରକ—ଅନ୍ୟରୂପ) (See)

ଶାବରୀ—ଦେ. ବି (ସ°. ଷାବରୀ)—ଖୁବ୍ ପତଳା ଓ ନରମ ହୋଇ
Śābari ଛାଣିକ କରି ଯାଇଥିବା ଚମଡ଼ା—Chamois leather; tanned and polished fine leather.
ଶାବରୀ ଚମ } —ଅନ୍ୟରୂପ
ଶାବରୀ ଚମଡ଼ା }
সামম্বচামড়া सांबरी
[ଉ—ସାଧାରଣତଃ ଏହା ମେଣ୍ଢା ବା ଛେଳି ଛୁଆଙ୍କ ଚମଡ଼ା ଓ ସାମଏ (Chamois) ନାମକ ଇଉରୋପୀୟ ପାର୍ବତ୍ୟ ମୃଗର ଚମଡ଼ାରୁ ତିଆରି ହୁଏ । ଏଥିଦ୍ୱାରା ସୂକ୍ଷ୍ମ ଧାତୁ ଦ୍ରବ୍ୟ, ପ୍ରଭୃତି, ଶୀତ ଅତି ଶାଲ୍‌ସ୍ ଓ ନିର୍ମଳ କରାଯାଏ ।]

ଶାବରିକା—ସ° ବି—ଏକପ୍ରକାର ଜୋକ (ହି. ଶ)
Śābarikā A kind of leech.

ଶାବରୀ—ସ°. ବିଣ. ସ୍ତ୍ରୀ (ଶାବର+ସ୍ତ୍ରୀ. ଈ)—ଶାବରର ସ୍ତ୍ରୀଲିଙ୍ଗ—
Śābarī Feminine of Śābara. ସ°. ବି—୧ ।

ଶାବରୀ ଭାଷା (ଦେଖ)—1. Śabari bhāshā. (See)
୨ । କାଉଁଚ (ହି. ଶ)—2. Cowage. ୩ ।
ଶାବରୀ ବିଦ୍ୟା (ଦେଖ)—3. Sābarī bidyā (See)

ଶାବରୀ ବିଦ୍ୟା—ସଂ. ବି—ଇନ୍ଦ୍ରଜାଲ ବିଦ୍ୟା—
Śabarī bidyā Magic

ଶାବରୀ ଭାଷା—ସଂ. ବି—ଶବର ଜାତିଙ୍କ କଥିତ ଭାରତର ବହୁ ପୁରାତନ ଅନାର୍ଯ୍ୟ ବା ପ୍ରାକୃତ ଭାଷାବିଶେଷ—
Sābarī bhāshā
Name of a non-Aryan dialect used in India from ancient times.

ଶାବଳ—ଦେ. ବି—(ଫ. ଶର୍ବ୍ଲା) ୧ । ଖନ୍ତାପରି ସ୍ଥୂଳ ଲୌହଦଣ୍ଡ—
Sābaḻa 1. Crowbar. ୨ । ତୋମରାସ୍ତ୍ର—2. A sort
সাবল **खनति** of weapon. ୩ । ଖନ୍ତି ବା ଖଣତି—
3. A digging implement.

ଶାବଳ ତଡ଼ା—ଦେ. ବିଣ—ଶାବଳଦ୍ୱାରା ତଡ଼ା ହୋଇଥିବା (ମାଟି)—
Śābaḻa taṛdā (earth) Turned up with a
সাবলভাংগা **खनतीसेकोडीहुई(मिट्टी)** crowbar.

ଶାବ(ବେ)ଳି—ଦେ. ବି—୧ । ଛୋଟ ଶାବଳ—1. Small crow-
Śāba(be)ḻi bar ୨। ସିନ୍ଧିକାଠି—2. House breaker's
ছোটসাবল **छोटीखनती** tool, consisting of a very small crowbar with a knob at one end.

ଶାବ(ବେ)ଳିଆ—ଦେ.ବି—୧ । ଛୋଟ ଶାବଳ—1. Small crow-
Śāba(be)ḻiā bar. ୨ । ଗଞ୍ଜାମର ରମ୍ଭା ନିକଟସ୍ଥ ଚିଲିକା ତୀରସ୍ଥ ମତ୍ସ୍ୟଜୀବୀ ମାନଙ୍କ ଗ୍ରାମ ବିଶେଷ—2. Name of a small village of fishermen on the shore of the Chilika lake near Rambhā.
୩ । ଝୁରଝୁମା (ଦେଖ) ଅରଣ୍ୟ ତରୁ ବିଶେଷ—3. A sort of wild tree.

ଶାବଲ୍ୟ—ସ. ବି—(ଶବଳ+ଭାବ ଯ) ୧ । ନାନା ବର୍ଣ୍ଣ ବିମିଶ୍ରତା—
Śābalya 1. Mixture of different colours; the state of being multicoloured. ୨ । ଏକ ସଙ୍ଗେ ବହୁ ବିଭିନ୍ନ ବସ୍ତୁର ମେଳ (ହି. ଶ.)—2. Assemblage of many things of different colours.

ଶାବସ୍ତ—ସ. ବି.(ନାମ)—ରାଜା ଯୁବନାଶ୍ୱଙ୍କର ଏକ ପୁତ୍ର (ହି. ଶ)—
Śābasta Name of a son of kiug Jubanāśwa
[ଦ୍ର—ଏ ଶାବସ୍ତୀ ବା ଶ୍ରାବସ୍ତୀ ନଗରୀ ବସାଇ ଥିଲେ (ହି.ଶ)]

ଶାବସ୍ତୀ—ସ. ବି.(ନାମ)(ଶାବସ୍ତ+ଈ)—ଶ୍ରାବସ୍ତୀ ନଗର (ହି. ଶ)—
Śābasti Śrābasti town.

ଶାବ୍ଦ—ସ. ବିଣ. (ଶବ୍ଦ+ସମ୍ବନ୍ଧେ ଅ)—୧ । ଶବ୍ଦ ସମ୍ବନ୍ଧୀୟ—
Śābda 1. Relating to words or sound; vocal
(ଶାବ୍ଦୀ—ସ୍ତ୍ରୀ) ୨ । ଶବ୍ଦବିଶେଷ ଉପରେ ପ୍ରତିଷ୍ଠିତ (ହି. ଶ)—
2. Depending upon a particular word.
ବି. ପୁଂ—ଶବ୍ଦଶାସ୍ତ୍ରୀ; ବୈୟାକରଣ (ହି. ଶ)—A grammarian.

ଶାବ୍ଦବୋଧ—ସଂ. ବି—୧ । ଶବ୍ଦସଂକ୍ରାନ୍ତ ଜ୍ଞାନ—1 Knowledge
Śābda bodha about words or sound.
୨ । ଶବ୍ଦାର୍ଥର ଜ୍ଞାନ—2. Understanding the meaning of words.

ଶାବ୍ଦିକ—ସଂ. ବିଣ. ପୁଂ (ଶବ୍ଦ+ସମ୍ବନ୍ଧେ ଇକ)—୧ । ଶବ୍ଦସମ୍ବନ୍ଧୀୟ—
Śābdika 1. Relatirg to Śabda.
(ଶାବ୍ଦିକା—ସ୍ତ୍ରୀ) ୨ । (+ଜ୍ଞାତାର୍ଥେ. ଇକ) ଶବ୍ଦଶାସ୍ତ୍ରବିଦ୍—
2. Versed in the science of words.
୩ । ବୈୟାକରଣିକ—3. Versed in grammar.
୪ । ଶବ୍ଦାଡ଼ମ୍ବରପ୍ରିୟ—4. Grandiloquent; fond of bombast.
ସ. ବି. ପୁଂ—୧ । ଶବ୍ଦ ଶାସ୍ତ୍ରଜ୍ଞ ବ୍ୟକ୍ତି—1. A master of words. ୨ । ବୈୟାକରଣିକ—2. A grammarian.

ଶାବ୍ଦିକତା—ସ. ବି (ଶାବ୍ଦିକ+ତା)—ଶବ୍ଦ ବାହୁଲ୍ୟ—
Śābdikatā Verbiage.

ଶାବ୍ଦୀ ବ୍ୟଞ୍ଜନା—ସ. ବି—ଶବ୍ଦର ଯେଉଁ ବ୍ୟଞ୍ଜନା ବୃତ୍ତିଦ୍ୱାରା ମୁଖ୍ୟାର୍ଥ ଓ
Śābdi byaṇjanā ଲକ୍ଷ୍ୟାର୍ଥ ଛଡ଼ା ଅନ୍ୟ ଗୋଟିଏ ଅର୍ଥ ବୋଧ ହୁଏ ।—The power of some words to convey a meaning quite apart for the derivative and figurative meanings.
[ଦ୍ର—ଏହା ଦୁଇ ପ୍ରକାର.—ଅଭିଧାମୂଳକ ଶାବ୍ଦୀବ୍ୟଞ୍ଜନା; ଲକ୍ଷଣା ମୂଳକ ଶାବ୍ଦୀ ବ୍ୟଞ୍ଜନା । ବ୍ୟଞ୍ଜନାବୃତ୍ତି ତଳେ ଟୀକା ଦେଖ ।]

ଶାମ—ସ. ବି—୧ । (ଶମ ଧାତୁ ଣିଚ୍ ଶାମି ଧାତୁ=ଶାନ୍ତ ହେବା+
Śāma ଭାବ.ଅନ୍=ଶାମନ; ୧ମା.୧ବ)—ମେଳ; ସଦ୍ଭାବ; ବନ୍ଧୁତା
—Conciliation; friendly terms. [ଦ୍ର—ଶାମ, ଦାନ, ଦଣ୍ଡ, ଭେଦ, ଏହି ରାଜନୀତି ଚତୁଷ୍ଟୟ ମଧ୍ୟରୁ ଶାମ ପ୍ରଥମ] ୨ । ସାମଗାନ (ହି. ଶ)—2. Hymn of the Sāma Beda. ଦେ. ବି—୧ । (ସ. ଶ୍ୟାମ)
শ্যাম ଶ୍ୟାମଚରଣ, ଶ୍ୟାମସୁନ୍ଦର ଆଦିଙ୍କ ଡାକ ନାମ—1.
साम Name for calling persons named Śyāma charaṇa etc. ୨ । କଳଙ୍କ—2. Stain. (ଉ—ଉପନ କୋଲବେ ଶଶଧର ପ୍ରାଏ ଲଗାଇଲେ ମୋତେ ଶାମ ବିଶ୍ୱନାଥ—ବିଚିତ୍ର ରାମାୟଣ) ଦେ. ବିଣ—ଶ୍ୟାମଳ (ଦେଖ)—Śyāmaḻa (See)

ଶାମଣା—ପ୍ରାଦେ. (ଗଡ଼ଜାତ) ବି—ଟିପ ବିଲମାନଙ୍କରେ ଉଠିବା ଏକ
Śāmaṇā ପ୍ରକାର ଘାସ—A kind of hardy reed growing on high cornfields. [ଦ୍ର—ଏହାର ଶସ୍ୟ ହୋଇ ଥାଏ; ଏଥିର ମୂଳ ସହଜେ କ୍ଷେତରୁ ଲୁପ୍ତ ହୁଏ ନାହିଁ ।]

ଶାମ ଦାନ ଦଣ୍ଡ ଭେଦ—ସ. ବି—ରାଜନୀତି ସମ୍ବନ୍ଧୀୟ ପ୍ରକ୍ରିୟା ଚତୁଷ୍ଟୟ,
Śāma dāna daṇḍa bheda ଯଦ୍ୱାରା ରାଜାମାନେ ଶତ୍ରୁ କୁ ବଶ

ତନ୍ତ୍ର—The four means to be applied by a king towards the enemy. [ତୃ—୧ । ଶାମ=ବନ୍ଧୁତା ସ୍ଥାପନ ୨ । ଦାନ—ଅର୍ଥ ବିତରଣ; ୩ । ଦଣ୍ଡ ଦେବା ଓ ୪ । ଶତ୍ରୁ ମଧ୍ୟରେ ଅନ୍ତର୍ବିବାଦ ଜନ୍ମାଇବା]

ଶାମନ—ସଂ. ବି—(ଶାମି ଧାତୁ+ଭାବ ଅନ)—୧ । ଶାନ୍ତି—1. Peace;
Śāmana tranquility. ୨ । ମାରଣ; ବଧ—2. Killing; slaughter. ୩ । (+କର୍ତ୍ତୃ. ଅନ) ଯମ—3. The God of death. ସଂ. ବିଣ—(ଶମନ+ଅ) ଯମ ସମ୍ବନ୍ଧୀୟ—Relating to Jama.

ଶାମନୀ—ସଂ. ବିଣ. ସ୍ତ୍ରୀ (ଶମନ+ଅ+ସ୍ତ୍ରୀ ଈ)—ଶାମନର ସ୍ତ୍ରୀଲିଙ୍ଗ—
Śāmani Feminine of Śāmana. ସଂ. ବି, ସ୍ତ୍ରୀ—୧ । (ଶମନଙ୍କ ଅନୁଷ୍ଠିତ ଦିକ୍) ଦକ୍ଷିଣ ଦିଗ—1. The South. ୨ । (ଶାମନ+ଈ) ଶାନ୍ତି; ସୁବ୍ଧତା (ହ୍ର. ଶ) 2. Tranquility; stillness. ୩ । ଅନ୍ତ; ସମାପ୍ତି—3. End; completion. ୪ । ବଧ; ହତ୍ୟା (ହ୍ର. ଶ) 4. Slaughter.

ଶାମଳ—ଦେ. ବିଣ—(ସଂ. ଶ୍ୟାମଳ) ଶ୍ୟାମଳ ଦେଖ—
Śāmaḻa Śyāmaḻa (See).
सामल

ଶାମଳ ପକ୍ଷୀ—ଦେ. (ପ୍ରାଚୀନ ଓଡ଼ିଆ) ବି—ଛଞାଣ (ମାଦଳା ପାଞ୍ଜି)—
Śāmaḻa pakshi Hawk.

ଶାମଳିବା—ଦେ. କ୍ରି—ଶ୍ୟାମଳିବା (ଦେଖ)—Śyāmaḻibā (See)
Śāmaḻibā (ଉ—ବେଗେ କଳଙ୍କକାରେ ଶାମଳେ ଗୁମର—ଉଃ. ବୈଦେହୀଶ ବିଳାସ)

ଶାମଳୀ—ଦେ. ବିଣ. ସ୍ତ୍ରୀ—ଶ୍ୟାମଳୀ (ଦେଖ)—
Śāmaḻi Śyāmaḻi (see)

ଶାମସୁନ୍ଦର—ଦେ. ବି. ପୁଂ.—ଶ୍ୟାମସୁନ୍ଦର ଅବଜ୍ଞ ଡାକ ନାମ—
Śāmasundara Name of calling Śyāmasundara
শ্যামসুন্দর शामसुंदर [ଶାମ ଚରଣ, ଶାମବନ୍ଧୁ, ଶାମ ନାରାୟଣ—ଅନ୍ୟରୂପ]

ଶାମା—ଦେ. ବି—୧ । (ସଂ. ଶ୍ୟାମା)—Śyāmā (see) ୨ ।
Śāmā (ସଂ. ଶମ୍ପା) ଶମ୍ପା (ଦେଖ)—2. Śamā (see)
শ্যামা शामा सामा शाम
শ্যামা ୩ । (ସଂ. ଶ୍ୟାମା)—ଶ୍ୟାମା ପକ୍ଷୀ (ଦେଖ)—3. Śyāmā
शामा pakshi (See). ୪ । (ସଂ. ଶ୍ୟାମ) (ଅନାଦରାର୍ଥକ)—ଶ୍ୟାମସୁନ୍ଦରର ଡାକ ନାମ—4. Name for calling Syāma sundara. ବୈଦେ. ବି—(ଅ. ସାମା)—ସାମା (ଦେଖ)—Sāmā (See)

ଶାମା ଢିମା—ଦେ. ବିଣ—ଅସମ୍ପୂର୍ଣ୍ଣରୂପେ ବା ଅବ୍ୟବସ୍ଥିତ ରୂପେ
Śāmā dhimā ସମ୍ପାଦିତ (କର୍ମ)—(any work) Done
যাতা रामाढिमा in a haphazard or incomplete or slipshod manner.

ଶାମି—ଦେ. ବି—୧ । (ସଂ. ଶମ୍ପା)—ଛୋଟ ଶମ୍ପା; ଶମି (ଦେଖ)
Śāmi সামা शामी 1. Śami (See)

ଶାମିଆ, ଶାମୁ, ଶାମୁଆ } —୨ୟ ଅର୍ଥର ଅନ୍ୟରୂପ } ୨ । ଶ୍ୟାମସୁନ୍ଦରର [ଅନ୍ତରଙ୍ଗତଥର] ଡାକ ନାମ—Name for
শামা calling Syāmasundara in fondness.

ଶାମିତ୍ର—ସଂ. ବି—(ଶାମି ଧାତୁ+କରଣ. ଇତ୍ର)—୧ । ଯଜ୍ଞରେ ମାଂସ
Śāmitra ପାକ କରିବା ପାଇଁ ପ୍ରଜ୍ୱାଳିତ ଅଗ୍ନି [ହ୍ର. ଶ.]—1. Fire lighted for dressing meat in a vedic sacrifice. ୨ । (+ଅଧି ଇତ୍ର) ଯଜ୍ଞାଗ୍ନି ପ୍ରଜ୍ୱାଳିତ ହେବା ସ୍ଥାନ (ହ୍ର. ଶ)—2. The place where the above fire is lighted. ୩ । ଯଜ୍ଞୀୟ ପଶୁବଧ ସ୍ଥାନ—3. The place where an animal is sacrificed for Jajña. ୪ । (+ଭାବ. ଅନ) ଯଜ୍ଞ—4. Vedic sacrifice. ୫ । ଯଜ୍ଞ ପାତ୍ର—5. Sacrificial vessel. ୬ । ଯଜ୍ଞାର୍ଥ ପଶୁ ବଧ (ହ୍ର. ଶ)—6. Slaughter of beasts for vedic sacrifice.

ଶାମିବା—ଦେ. କ୍ରି—(ସଂ. ଶମ୍ ଧାତୁ)—୧ । ଉପଶାନ୍ତ ହେବା—
Śāmiba शमा शान्त होना 1. To be pacified.
୨ । ଉପଦ୍ରବରୁ ବିରତ ହେବା—
2. To cool down; to abate.

ଶାମୀଲ—ସଂ. ବି—୧ । ଭସ୍ମ; ପାଉଁଶ (ହ୍ର. ଶ)—
Śāmila 1. Ashes.
୨ । ସ୍ରକ୍; ମାଳା (ହ୍ର. ଶ)—2. Garland.

ଶାମୁକ—ଦେ. ବି—(ସଂ. ଶମ୍ବୁକ)—ଶମ୍ବୁକ (ଦେଖ)
Śāmuka शामुक सितुआ Sambuka (See)

ଶାମୁକା—ଦେ. ବି—(ସଂ. ଶମ୍ବୁକ)—୧ । ଶମ୍ବୁକ; ଶୁକ୍ତି—
Śāmukā 1. Oyster; bivalve shell; Ampullaria.
शामुक सितुआ ୨ । ଶିଶୁମାନଙ୍କୁ ଦୁଧ ପିଆଇବା ପାଇଁ ବ୍ୟବହୃତ
ঝিনুক सितुआ ଶମ୍ବୁକାକୃତି ରୌପ୍ୟର ବା ଅନ୍ୟ ଧାତୁର ଗୁମଠ—
2. A feeding cup shaped like the valve of an oyster and used in feeding infants.
[ଦ୍ର—ସତ୍ୟବାଦୀ ଶିଶୁର ନାଭି ନଳକୁ ଫୁଲର ନାଡ଼ ଛେଦନ କରିବାକୁ ଶାମୁକାର ତୀକ୍ଷ୍ଣ ଧାର ବ୍ୟବହୃତ ହୁଏ । ଜୀବନ୍ତ ଶାମୁକା ଘଞ୍ଚ ବନ୍ଦ ହେଲେ ଦୁଇ ପାଖର ଖୋଳକୁ ଜୀବନ ଯାଇ ପର ମେଲା କରି ତହିଁ ମଧ୍ୟରୁ ଗୋଡ଼ ବାହାର କରି ତହିଁ ସାହାଯ୍ୟରେ ଗୁଡ଼େ । ଶତ୍ରୁ ଆକ୍ରମଣ କଲେ ଗୋଡ଼କୁ ଭିତରକୁ ସଙ୍କୁଚିତ କରି ନେଇ ଦୁଇ ଖୋଳକୁ ରୁଦ୍ଧ କରେ । ଶାମୁକାର ଖୋଳକୁ ଭାଙ୍ଗି ତହିଁ ମଧ୍ୟରେ ଥିବା ମାଂସକୁ ଏହି ଦେଶର ଗରିବ ଲୋକେ ରାନ୍ଧି କରି ଖାଆନ୍ତି । ଏକ ପ୍ରକାର ଶାମୁକାର ଖୋଳର ଭିତରସ୍ଥ କାନ୍ଥିରୁ ମୁକ୍ତା ବାହାରେ ।]

ଶାମୁକି—ଦେ. ବି—ଛୋଟ ଶାମୁକା—
Śāmuki A small oyster shell.
ছোটঝিনুক छोटासितुआ

ଶାମୁଲ୍ୟ—ସ.ବ—ବେକରେ ପିନ୍ଧା ଯିବା ଉଣ୍ଣା ବସ୍ତ୍ର; କମ୍ଫର୍ଟର୍ (ହି· ଶ)
Śāmulya A woollen wrapper for the neck; a comforter.

ଶାମୁଲ—ସ. ବ.—ଉଣ୍ଣାବସ୍ତ୍ର (ହି· ଶ.)—
Śāmūla Woollen cloth.

ଶାମେଇବା—ଦେ. କ୍ରି—(ସଂ· ଶମ୍ ଧାତୁ ଣିଚ୍; ଶାମି ଧାତୁ)—
Śāmeibā ଉପଶାନ୍ତ କରିବା—To pacify; to assuage.
शान्त करा शान्त करना

ଶାମ୍ବ—ସଂ· ବ—୧ । ଶମ୍ବୁକ; ଶାମ୍ବୁକା—1. Oyster shell.
Śāmba ୨ । ଜାମ୍ବବତୀଙ୍କ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ପୁତ୍ର—
2. Name of a son of Śrikrushna.
[ଦ୍ର—ଏହାଙ୍କୁ ବଳରାମ ସ୍ନେହପୂର୍ବକ ଶିକ୍ଷା ଦେଉଥିଲେ । ଦୁର୍ଯ୍ୟୋଧନଙ୍କ କନ୍ୟା ଲକ୍ଷ୍ମଣାଙ୍କୁ ଏ ବଳପୂର୍ବକ ହରଣ କରିବାରୁ କୌରବମାନେ ଏହାଙ୍କୁ ପରାସ୍ତ କରି ବନ୍ଦୀ କରିଥିଲେ, କିନ୍ତୁ କୌରବ ସଖା ବଳରାମ ହସ୍ତିନାପୁରକୁ ଯାଇ ଏହାଙ୍କୁ ମୁକ୍ତ କରାଇ ଲକ୍ଷ୍ମଣାଙ୍କ ସଙ୍ଗେ ଏହାଙ୍କର ବିବାହ କରାଇଲେ । ଏ ବଜ୍ରନାଭପୁରକୁ ଯାଇ ପ୍ରଦ୍ୟୁମ୍ନଙ୍କୁ ଶମ୍ବରାସୁର ବଧରେ ସାହାଯ୍ୟ କରିଥିଲେ । ଶ୍ରୀକୃଷ୍ଣଙ୍କ ଅନ୍ୟପୁତ୍ରମାନେ ରଙ୍ଗ ରହସ୍ୟ କରିବା ଉଦ୍ଦେଶ୍ୟରେ ଏହାଙ୍କୁ ନାରୀବେଶ କରି ଏହାଙ୍କ ପେଟରେ ଲୁଗା ତଳେ ଗୋଟିଏ ଲୌହପାତ୍ର ରଖି ତା ଉପରେ ଲୁଗା ଗୁଡ଼ାଇ ଦେବାରୁ ଶାମ୍ବ ଗୋଟିଏ ଅନ୍ତଃସତ୍ତ୍ୱା ନାରୀ ପରି ଦେଖା ଗଲେ । କୁମାରମାନେ ସେଠାରେ ଉପସ୍ଥିତ ବଶିଷ୍ଠ ଆଦି ଋଷିମାନଙ୍କଠାରୁ ନାରୀବେଶଧାରୀ ଶାମ୍ବଙ୍କୁ ନେଇ ଥଟ୍ଟା କରିବା ଉଦ୍ଦେଶ୍ୟରେ ଋଷିମାନଙ୍କୁ ପଚାରିଲେ—ଏ ନାରୀ ଗର୍ଭରୁ ପୁତ୍ର ବା କନ୍ୟା, କଅଣ ଜାତ ହେବ ? ଋଷିମାନେ କୁମାରମାନଙ୍କ ଧୃଷ୍ଟତା ଜାଣି ପାରି କ୍ରୁଦ୍ଧ ହେଲେ ଓ ଶାପ ଦେଲେ ଯେ, ଏହା ଗର୍ଭରୁ ଏକ ଲୌହ ମୂଷଳ ଜାତ ହେବ ଓ ତାହା ଲୌହ ମୂଷଳ ଯଦୁବଂଶକୁ ନାଶ କରିବ । ସତକୁ ସତ ଶାମ୍ବଙ୍କ ଗର୍ଭରୁ ଗୋଟିଏ ମୂଷଳ ବାହାରିଲା । କୁମାରମାନେ ଏହାକୁ ନେଇ ମଥୁରାର ରାଜା ଉଗ୍ରସେନଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ସମସ୍ତ ସମାଚାର ଜଣାଇଲେ । ସେ କହିଲେ—ଏ ମୂଷଳକୁ ନେଇ ସମୁଦ୍ର ପାଣିରେ ପଥର ପୃଷ୍ଠରେ ଘୋରି ଘୋରି ଚୂର୍ଣ୍ଣ କର । ତଦନୁସାରେ କୁମାରମାନେ ଏ ମୂଷଳକୁ ପଥରରେ ଘଷିବାରୁ ବାହାରିଥିବା ଉତ୍ପନ୍ନ ଲୌହଚୂର୍ଣ୍ଣ ସମୁଦ୍ର ଜଳରେ ମିଶି ଭାସି ଭାସି ସମୁଦ୍ର ତୀରରେ ଲାଗିଲା ଓ ସେଠାରେ ଏରକାର ବନ (ସନ୍ତରା ବଣ) ଜାତ ହେଲା । ଏତେ ଘୋରି ଘୋରି ସୁଦ୍ଧା ଅବଶେଷରେ ମୂଷଳରୁ ଖଣ୍ଡେ ଲୁହା ବାକି ରହିଗଲା । କୁମାରମାନେ ତାକୁ ଖାତର ନ କରି ସମୁଦ୍ର ଗର୍ଭକୁ ଫିଙ୍ଗି ଦେଲେ । ତାକୁ ଗୋଟିଏ ମାଛ ଗିଳିଦେଲା । ଜଣେ କେଉଟ ସେ ମାଛକୁ ଜାଲରେ ଧରି ଅଣି ଜାରା ନାମକ ଶବରକୁ ଦେଲା । ମାଛ ପେଟରୁ ସେ ଲୁହା ଖଣ୍ଡି ପାଇ ଜାରାଶବର ସେଥିରେ ଗୋଟିଏ ଶର ତିଆରି କରାଇଲା ଓ ଶବର ଦ୍ୱାରା କ୍ଷିପ୍ତ ସେହି ବାଣଟିରେ ବିଦ୍ଧ ହୋଇ ଶ୍ରୀକୃଷ୍ଣ ନର ଦେହ ତ୍ୟାଗ କଲେ । ଉକ୍ତ ଏରକାବନରେ ଯଦୁବଂଶର କୁମାରମାନେ ହଣାହଣି ହୋଇ ମଲେ । (ଏ ଚରିତ ଭାଗବତ ୧୧ଶ ସ୍କନ୍ଧରେ ବର୍ଣ୍ଣିତ ହୋଇଅଛି ।) ଶାମ୍ବ ଗୁରୁଜନମାନଙ୍କୁ ଅପମାନ ଦେବାରୁ ସେମାନଙ୍କ ଶାପରେ କୁଷ୍ଠୀ ହେଲେ ଓ ସେ ଶାକଦ୍ୱୀପରୁ ବ୍ରାହ୍ମଣଙ୍କୁ ଅଣାଇ ସୂର୍ଯ୍ୟଙ୍କୁ ପୂଜା କରି ଆରୋଗ୍ୟଲାଭ କଲେ । ଶାମ୍ବ କୋଣାର୍କ ତୀର୍ଥରେ ସୂର୍ଯ୍ୟ ପୂଜା କରୁଥିବା ମହାଭାରତରେ ଉଲ୍ଲେଖ ଅଛି । ଗୋଟିଏ ଉପପୁରାଣର ନାମ ଶାମ୍ବପୁରାଣ । ଏ ଉପପୁରାଣ ନାରଦ ଶାମ୍ବଙ୍କୁ କହିଥିଲେ । ଏହି ପୁରାଣରେ ସୂର୍ଯ୍ୟ ସ୍ତବରାଜସ୍ତୋତ୍ର ଓ ସୂର୍ଯ୍ୟଙ୍କ ଏକବିଂଶତି ନାମ ଅଛି ।]

ଶାମ୍ବ ଦଶମୀ—ସଂ· ବ—ପୌଷ ଶୁକ୍ଳଦଶମୀ—The 10th day
Śāmba daśamī of the bright-lunar fortnight of Paushа.

ଶାମ୍ବ ପୁରାଣ—ସ. ବ—ଉପପୁରାଣ ବିଶେଷ—Name of a minor
Śāmba purāṇa mythology. [ଦ୍ର—ଏହା ନାରଦ ସୂର୍ଯ୍ୟଭକ୍ତ ଶାମ୍ବଙ୍କୁ କହିଥିଲେ ।]

ଶାମ୍ବବିକ—ସ. ବ (ଶମ୍ବୁ+ଜୀବକାର୍ଥେ. ଇକ)—ଶଙ୍ଖାରୀ—A dealer
Śāmbabika in or manufacturer of shell-articles.

ଶାମ୍ବର—ସ. ବଣ (ଶମ୍ବର+ଅ)—ଶମ୍ବର ସମ୍ବନ୍ଧୀୟ—Relating
Śāmbara to Śambara. ସଂ· ବଣ—୧ । ଶାମ୍ବର ଲବଣ—
1. Salt corlected from the Sambar lake.
୨ । ଲୋଧ୍ର ବୃକ୍ଷ (ହି· ଶ)—2. Simplocus Racemosus (tree).

ଶାମ୍ବର ଶିଳ୍ପ—ସଂ· ବ—ଇନ୍ଦ୍ରଜାଲ (ହି· ଶ)—
Śāmbara śilpa Magic.

ଶାମ୍ବରି—ଦେ· ବ (ସଂ· ଶାକମ୍ଭରୀ)—୧ । ଶାମ୍ବର ଲବଣ—1. The
Śāmbari salt derived from the Śambar lake of Rajputana. ୨ । ଶମ୍ବର ନାମକ ମୃଗର ଚର୍ମ—
शांभरी साँभरी 2. The hide of Śambara deer.

ଶାମ୍ବରିକ—ସଂ· ବ—୧ । (ଶାମ୍ବର+ଇକ, ନିପାତନ) ଶଙ୍ଖାରି—
Śāmbarika 1. A dealer in shells. ୨ । (ଶାମ୍ବର +ଇକ) ଯାଦୁକର୍—2. Magician.

ଶାମ୍ବରୀ—ସଂ· ବ (ଶମ୍ବର=ଅସୁର ବିଶେଷ+ଇଦମ୍ ଇତ୍ୟର୍ଥେ. ଅ+
Śāmbari ସ୍ତ୍ରୀ. ଈ)—୧ । ମାୟା—1. Illusion. ୨ ।
(ଶାମ୍ବରୀ ବିଦ୍ୟା—ଅନ୍ୟରୂପ) କୁହୁକ ବିଦ୍ୟା; ଇନ୍ଦ୍ରଜାଲ; ମାୟା ବିଦ୍ୟା—2. Magic; sorcery; the black art.

[ଦ୍ର—ବଥିବ ଅଛ ଯେ ଶମର ଦୈତ୍ୟ ପ୍ରଥମେ ଇନ୍ଦ୍ର-ଜାଲର ପ୍ରୟୋଗ କରିଥିଲା—ହି. ଶ ।] ୩ । (ସ୍ତ୍ରୀ) ଯାଦୁକର ସ୍ତ୍ରୀ; କୁହୁକୀ (ହି. ଶ)—3. A female magician. ୪ । ଏକପ୍ରକାର ଚନ୍ଦନ; ଶାମ୍ବର ଚନ୍ଦନ (ହି. ଶ)—4. A kind of sandal wood. ୫ । ଲୋଧ (ହି. ଶ)—5. Simplocus Racemosus. ୬ । ମଶାଜାଳୀ ଲତା (ହି. ଶ)—6. A kind of wild creeper.

ଶାମ୍ବୁ(ମ୍ବୂ)କ—ସଂ. ବି (ଶମ୍ବୁ[ମ୍ବୂ]କ+ସ୍ୱାର୍ଥେ. ଅ)—ଶମୁକ; ଶାମୁକା—
Śambu(mbū)ka Oyster shell.

ଶାମ୍ଭବ—ସଂ. ବଣ.ପୁଂ (ଶମ୍ଭୁ+ଅଣ, ଉପାସକାର୍ଥରେ ଅ)—ଶିବ
Śambhaba ସମ୍ବନ୍ଧୀୟ—Relating to Śiba. ବି—୧ । (ଶାମ୍ଭବୀ - ସ୍ତ୍ରୀ) ଶୈବ; ଶିବ ଉପାସକ—1. A worshipper of Śiba. ୨ । ଶମ୍ଭୁ ପୁତ୍ର—2. The son of Śiba. ୩ । (ବୈଦ୍ୟକ) ଦେବଦାରୁ ବୃକ୍ଷ – 3.The pine; the cedar tree; Pinus Longifolius. ୪ । ଗୁଗ୍ଗୁଳ—4. Bedellium. ୫ । କର୍ପୂର—5. Camphor. ୬ । ବିଷ ବିଶେଷ—6. A kind of poison. ୭ । ଶିବମଲ୍ଲିକା ବୃକ୍ଷ (ହି ଶ); ଅଗସ୍ତି ଗଛ—7. Sesbania Grandiflora tree.

ଶାମ୍ଭବୀ—ସଂ. ବି (ଶମ୍ଭୁ+ଈ)—୧ । ଭବାନୀ; ଦୁର୍ଗା; ପାର୍ବତୀ—
Śāmbhabi 1. Durgā; Pārbati. ୨ । ନୀଳଦୁବା—2. A sort of blue grass; Panicum Dactylon. ସଂ. ବଣ. ସ୍ତ୍ରୀ—ଶାମ୍ଭବର ସ୍ତ୍ରୀଲିଙ୍ଗ—Feminine of Śāmbhaba.

ଶାମ୍ଭର—ସଂ. ବି—୧ । (ନାମ) ରାଜପୁତନାର ଲବଣ ଉତ୍ପାଦକ
Śāmbhara ଶମ୍ଭର ହ୍ରଦ—1. The salt lake Śambara in Rajaputana. ୨ । ଶାମ୍ଭରୀ ଲବଣ—2. Salt got from Śambhara lake.

ଶାମ୍ଭରୀ ଲବଣ—ଦେ. ବି (ସଂ. ଶାକମ୍ଭରୀ)—ରୌମକ ଲବଣ; ଶମର
Śambhari labaṇa ହ୍ରଦରୁ ଉତ୍ପନ୍ନ ଏକପ୍ରକାର ଲୁଣ—
सम्बर लवण A kind of salt extracted from the
सांभर नमक salt lake of Rajaputana.

ଶାମ୍ୟ—ଦେ. ବଣ—ଉପଶାନ୍ତ; ଶାନ୍ତ ଶ ଚଳ—Pacified. [ଉ—
Śāmya ଏମନ୍ତେ ପ୍ରଭୁ ବଳରାମ ଯାଦବ ବଳ କର ଶାମ୍ୟ—
शान्त शाम ଜଗନ୍ନାଥ. ଭାଗବତ ।] ସଂ. ବି (ଶମ+ଯ)—
୧ । ଶମତା ବା ଶାନ୍ତିର ଭାବ (ହି. ଶ)—1. Conciliation; pacification. ୨ । ବନ୍ଧୁତା; ଜ୍ଞାତିତ୍ୱସମ୍ପର୍କ (ହି. ଶ)—2. Relationship; kinship. ୩ । ଶାନ୍ତି (ହି. ଶ)—3. Peace; tranquility.

ଶାମ୍ୟକର—ଦେ. ବି—ଶୀତଳକର; ଶାନ୍ତିକର—Alleviating.
Śāmyakara [ଉ—ମୋ ଦେହ ତାପ ନିବାର ଶାମ୍ୟକର ଲବଣି ସିଞ୍ଚ ଅଧରାମୃତ—ପ୍ରାଚୀ. ରସବାରିଧି ।]

ଶାମ୍ୟପ୍ରାସ—ସଂ. ବି—ଯଜ୍ଞର ବଳି (ହି: ଶ)
Śāmyaprāsa Victim of a sacrifice.

ଶାମ୍ରାଣୀ—ପ୍ରାଦେ (ଗଞ୍ଜାମ) ବି—ଝୁଣା
Śāmrāṇi Resin.

ଶାୟକ—ସଂ: ବି—(ଶୋ ଧାତୁ=ତୀକ୍ଷ୍ଣ କରିବା+କର୍ମ ଅକ)—୧ ।
Śāyaka ବାଣ; ଶର; ଶର—1. Arrow. ୨ । ଖଡ୍ଗ—2. Sword. [ଉ—ଜବେ କୋଟି କୋଟି ଶାୟକ ଶାୟକ ମସ୍ତକ ପରେ ଭୁଲଇ । ଉଦ୍ଧ—ବୈଦେହୀଶବିଳାସ]

ଶାୟିକ—ସଂ. ବି ପୁଂ—ଯେ ଶଯ୍ୟା ଦ୍ୱାରା ଅପଣା ଜୀବିକା ନିର୍ବାହ କରେ
Śāyika A person who ekes out his living by hiring or selling beds or beddings.

ଶାୟିତ—ସଂ ବଣ.—(ଶୀ ଧାତୁ ଣିଚ=ଶାୟିଧାତୁ=ଶୁଆଇବା+କର୍ମିତ
Śāyita ୧ । ଯାହାକୁ ଶୁଆଇ ଦିଆଯାଇଥାଏ—1 Caused to (ଶାୟିତା –ସ୍ତ୍ରୀ) sleep; laid to sleep. ୨। ଭୂମିରେ କପାତିତ 2. Felled to the ground; made to fall; laid down.

ଶାୟିତା—ସଂ ବଣ ସ୍ତ୍ରୀ (ଶାୟିତ+ଆ)-ଶାୟିତର ସ୍ତ୍ରୀଲିଙ୍ଗ—Feminine
Śāyitā of Śāyita ସଂ ବି—ଶୟନ; ଶୋଇବା (ହି. ଶ) Sleeping.

ଶାୟୀ ସ ବଣ ପୁଂ—(ଶୀ ଧାତୁ+କର୍ତ୍ତୃ. ଇନ୍; ଅନ୍ୟ ପଦ ସଙ୍ଗେ
Śāyi ସମାସରେ ବ୍ୟବହୃତ, ଯଥା—ଜଳଶାୟୀ, ଶୀଘ୍ରେଦାର୍ଣ୍ଣବ (ଶାୟିନୀ –ସ୍ତ୍ରୀ) ଶାୟୀ) —ଯେ ଶୟନ କରେ—(In compound) Sleeping on. [ଉ—ବସ୍ତ୍ରଶାୟୀ ରୋଗିଙ୍କ୍ୟରେ ଜନମନ୍ତି । ରାଧାନାଥ—ଚନ୍ଦ୍ରିକା ।]

ଶାର୍ (ଧାତୁ)—ସଂ—ଦୁର୍ବଳ ହେବା—
Śār (root) To become weak.

ଶାର—ସଂ ବଣ.—(ଶୃ ଧାତୁ=ହିଂସା କରିବା+କର୍ତ୍ତୃ. ଅ; ଅମ୍ୟା ଶାର
Śāra ଧାତୁ+କର୍ତ୍ତୃ ଅ)—୧ । କୃଷ୍ଣ, ରକ୍ତ ଓ ଶୁକ୍ଳ, ଏହିତିନୋଟି ବର୍ଣ୍ଣ ମିଶ୍ରିତ—1 Of mixed colour (black, red and white mixed). ୨ । ନୀଳ ଓ ପୀତ ବର୍ଣ୍ଣ ମିଶ୍ରିତ—2. Of mixed colour (blue and yellow mixed) ୩ । ନାନାବର୍ଣ୍ଣ ଯୁକ୍ତ—3. Variegated. ବି.—୧। ହରିଦ୍‌ବର୍ଣ୍ଣ; ସବୁଜ ରଙ୍ଗ—I. Green colour; emerald. ୨ । ପୀତବର୍ଣ୍ଣ—2. Yellow. ୩ । ବାୟୁ—3. The air. ୪ । ହିଂସା—4. Envy; malice; hostility. ୫ । ଏକ ପ୍ରକାର ପଶା (ହି. ଶ)—5. A kind of dice. ପୁଂ—ଶାରୀ; ମଇନା ପକ୍ଷୀ—The hill-myna bird.

ଶାରଗୁଣା—ଗ୍ରା. ବି. ପୁଂ (ସଂ ଶକୁନ)—ଶକୁନ ପକ୍ଷୀ—
Sāragunā शकुन गीध The vulture.
(ଶ ରଗୁଣୀ)—ସ୍ତ୍ରୀ

ଶାରଗୁଣି—ଦେ. ବି.—(ସ୍ର. ଶ୍ରାବଣ)—ଶାରଦ ଧାନ କଅରରେ ଜନ୍ମିବା
Sāraguṇi ଏକ ପ୍ରକାର ଲତାଘାସ—A kind of creeping
आगाछा weed growing in paddy fields. [ଦ୍ର—
ଶାଗୁଣି ଘାସ } ଏହାର ପତ୍ର ବାଉଁଶ ପତ୍ର ପରି । ଏ ଘାସକୁ
ଶାଗୁଣି ଘାସ } ଅନ୍ୟରୂପ] କଅରରୁ ଉପାଡ଼ିଲେ ଏହାର ଅଗ ଛିଣ୍ଡି
ଶାଙ୍ଗଣା(ଣି) } ଯାଏ ଓ ମୂଳ କଅରରେ ରହି ପୁଣି
ଜନ୍ମିଲେ ଓ ଧାନ କଅରଯାକ ମାଡ଼ି ଧାନ ଗଛକୁ ନଷ୍ଟ
କରିଦିଏ । ଏହାକୁ ସମ୍ବଲପୁର ଅଞ୍ଚଳରେ ଶର୍‌ବନା ବୋଲି
କହନ୍ତି ।]

ଶାରଙ୍ଗ—ସଂ ବି—(ବହୁବ୍ରୀହି; ଶାର=ନାନା ବର୍ଣ୍ଣ ବିଶିଷ୍ଟ+ଅଙ୍ଗ
Sāraṅga ଯାହାର)—୧ । ସାରଙ୍ଗ (ଦେଖ)—1. Sāraṅga
(See) ୨ । ମୟୂର—2. Pea-cock. ୩ । ଅବ୍ଜ; ପଦ୍ମ-
3. Lotus. ୪ । ଚନ୍ଦ୍ର—4. The moon. ୫ । ମରାଳ;
ହଂସ—5. Swan. ୬ । ଚାତକ—6. Coccyster,
genus Coculus. ୭ । ଗଜ—7. Elephant. ୮ ।
ଭୃଙ୍ଗ—8. Black bee. ୯ । ମରୁଦ୍ବାହନ; ମୃଗ—9.
Deer. ୧୦ । ଶୁକ୍ଳପକ୍ଷ ରାତ୍ରି—10. Moonlit
night. ୧୧ । ସୁକାନ୍ତି; ଶୋଭା—11. Beauty. ୧୨
ଗୃହ; ବାସ—12. Residence; house. ୧୩ ।
କୁସୁମ-13. Safflower. ୧୪ । ସିଂହ-14. Lion. ୧୫
କୋକିଳ—15. Cuckoo. ୧୬ । ସାରସ ପକ୍ଷୀ—16.
The white stork or crane. ୧୭ । କର୍ପୂର—
17. Camphor. ୧୮ । ଅଗୁରୁ—18. Agalochia
୧୯ । ସୁବର୍ଣ୍ଣ—19. Gold. ୨୦ । ରତ୍ନ—20. Gem.
୨୧ । ବସୁଧା—21. The earth. ୨୨ । ବୀଣା—22.
Harp. ୨୩ । ଘନ; ମେଘ—23. Cloud. ୨୪ ।
ଖଞ୍ଜନ ପକ୍ଷୀ—24. Wagtail (a bird) ୨୫ । ଶଙ୍ଖ-
25. Conch. ୨୬ । ମନ୍ମଥଗୃହ—26. The bow of
Cupid. ୨୭ । ବନ୍ଧ—27. Obstacle. [ଦ୍ର—ଧ୍ୱନି
ମଞ୍ଜରୀ ପୁସ୍ତକରେ ଶାରଙ୍ଗ ଶବ୍ଦର ଉପରଲିଖିତ ଅର୍ଥମାନ
ମିଳେ—

"ଅବ୍ଜେ ଚନ୍ଦ୍ରମରାଳଚାତକଗଜେ ଭୃଙ୍ଗେ ମରୁଦ୍ବାହନେ,
ଶୁକ୍ଳାରବିନ୍ଦ ସୁକାନ୍ତି ବାସ କୁସୁମେ ସିଂହେ ପିକେ ସାରସେ,
କର୍ପୂରାଗୁରୁ ହେମ ରତ୍ନ ବସୁଧା ବୀଣା ଘନେ ଖଞ୍ଜନେ,
ଶଙ୍ଖେ ମନ୍ମଥଚାପ ବନ୍ଧ କଠିନେ ଶାରଙ୍ଗ ଶବ୍ଦ ସ୍ମୃତଃ ।"
'ଶାରଙ୍ଗ' ଶବ୍ଦର କେତେକ ଭିନ୍ନ ଭିନ୍ନ ଅର୍ଥ ଯୁକ୍ତ ଗୋଟିଏ
ସଙ୍ଗୀତର ପଦ ଅଛି ।
ଶାରଙ୍ଗରବ ପଲଙ୍କେ
ଶାରଙ୍ଗ ପଢ଼ିଲ ଅଙ୍କେ
ଶାରଙ୍ଗ ମୁଖୀ ଶାରଙ୍ଗ ଶାରଙ୍ଗରେ ମାରିଲେ ।
ବିଣ—୧ । କଠିନ—1 Hard. ୨ । ନାନାବର୍ଣ୍ଣଯୁକ୍ତ;
ଚିତ୍ର୍—2. Variegated; of mixed colour;
mottled; spotted. ଦେ. ବି.—୧ । ଶାରଙ୍ଗୀ
शारंग (ଦେଖ)—1. Sārangī (See) ୨ । (ସ ଶାର୍ଙ୍ଗ) ବିଷ୍ଣୁଙ୍କ
सारंगी ଧନୁ—2. Name of the bow of Bishṇu.

ଶାରଙ୍ଗକ—ସ. ବି.—ଏକ ପ୍ରକାର ପକ୍ଷୀ (ହି.ଶ)
Sāraṅgaka A kind of bird.

ଶାରଙ୍ଗ ଧର—ଦେ. ବି—ସାରଙ୍ଗଧର (ଦେଖ)
Sāraṅga dhara Sāraṅga dhara (see)

ଶାରଙ୍ଗ ଯୋଡ଼ି—ଦେ. ବି.—୧। କଟକର ଦକ୍ଷିଣସ୍ଥ ଗୋଟିଏ କ୍ଷୁଦ୍ର ଗ୍ରାମ
Sāraṅga jorḍi 1. Name of a village to the
south of Cuttack. [ଦ୍ର—ଏଠାରେ ଓଡ଼ିଶା
ରାଜାଙ୍କର ନଅରର ଭଗ୍ନାବଶେଷ ଦେଖାଯାଏ ।] ୨ । ପୁରୀ-
ଜିଲ୍ଲାର ଗ୍ରାମ ବିଶେଷ—2. Name of a village in
the district of Puri

ଶାରଙ୍ଗଷ୍ଟା—ସଂ ବି.—୧। କାକଜଙ୍ଘା (ହି.ଶ)—1. Leea Hirta
Sāraṅgashṭā (plant). ୨ । ଗୁଞ୍ଜା (ହି. ଶ)—2. The
seed of Abrus Precatorius.

ଶାରଙ୍ଗଶରଧାରୀ—ଦେ. ବି—ବିଷ୍ଣୁ
Sāraṅgaśaradhārī Bishnu [ଦ୍ର—ବନୋଦ୍ର
ସାରଙ୍ଗରେ ଶାରଙ୍ଗଶରଧାରୀ ଯେ,
ଉଚ୍ଚ—ବୈଦେହୀଶବିଳାସ]

ଶାରଙ୍ଗାକ୍ଷୀ—ସଂ ବିଂ ସ୍ତ୍ରୀ—ଏଣୀନୟନା; ମୃଗଲୋଚନା—Having
Sāraṅgākshī eyes as graceful as those of a
deer.

ଶାରଙ୍ଗୀ -ସଂ ବି—(ଶାରଙ୍ଗ=ଭୃଙ୍ଗ+ଈ; ଏହାର ଶବ୍ଦ ଭୃଙ୍ଗର
Sārangī ଝଙ୍କାର ପରି ଥିବାରୁ)—ତାରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ
[ଗ୍ରା.ଗ(ରେ)ଙ୍ଗୀ—ଦେ ରୂପ] ଏକପ୍ରକାର ବେହେଲା—A sort
of stringed musical instrument; a kind
of lute. [ଦ୍ର—ବୀଣାର ତନ୍ତ୍ରମାନ ଅଙ୍ଗୁଳି ଦ୍ୱାରା
ବାଦିତ ହୁଏ, କିନ୍ତୁ ଶାରଙ୍ଗୀର ତନ୍ତ୍ରମାନ ବେହେଲାର ଛଡ଼ି
ପରି ଧନୁଷାକାର ଯଷ୍ଟି ଘର୍ଷଣରେ ବାଦିତ ହୁଏ ।
शारंग बाजिये ଦେ. ବି.—ଶାରଙ୍ଗବାଦ୍ୟ ବାଦକ—A person
शारंगी बजानेवाला who plays on the 'Sārangī'
instrument.

ଶାରଦ—ସ. ବିଣ (ଶରଦ୍+ସମ୍ବନ୍ଧ ଅର୍ଥରେ. ଅ)—୧ । ଶରତ୍-
Sārada କାଳୀନ; ଶାରଦୀୟ-1. Autumnal. ୨ । ଅପ୍ରତିଭ—
(ଶାରଦା[ଦୀ]-ସ୍ତ୍ରୀ) 2. Confounded. ୩ । ବିନୀତ; ଶାଳୀନ—
3. Obedient; humble. ୪ । ନବୀନ; ନୂତନ—
4. New. ୫ । ପ୍ରଶସ୍ତ—5. Wide; broad. ୬ ।
ସାମ୍ବତ୍ସରିକ—6. Annual. ୭ । ଲଜ୍ଜାବାନ୍ (ହି.ଶ)—
7. Coy; modest. ବି—୧ । ଶରତ୍‌କାଳ (ଭାଦ୍ର ଓ
ଆଶ୍ୱିନ ମାସ)—1. Autumn. ୨ । (ଶରଦ୍=
ବତ୍ସର+ସ୍ୱାର୍ଥେ. ଅ) ବତ୍ସର; ବର୍ଷ—2. Year. ୩ ।

ପୀଡ଼ା; ରୋଗ—3. Disease. ୪ । ଶରତ୍କାଳୀନ ଧାନ୍ୟ—4. Autumnal paddy. ୫ । ଶରତ୍କାଳୀନ ଶସ୍ୟ ବିଶେଷ—5. A sort of autumnal grain. ୬ । ଶସ୍ୟ—6. Grain; corn. ୭ । ଏକ ଜାତୀୟ ମୁଗ; ମେଥି ମୁଗ; ପୀତ ମୁଦ୍ଗ—7. A kind of bean; yellow variety of Phaseolus Moonga. ୮ । ଶ୍ୱେତ ପଦ୍ମ—8. White lotus. ୯ । ବକୁଳ—9. Mimusops Elengi (tree). ୧୦ । ସପ୍ତପର୍ଣ୍ଣୀ; ଛତିଅନା—10. Alstonia Scholaris (tree). ୧୧ । ମେଘ (ହି. ଶ)—11. Cloud. ୧୨ । କାଶ ତୃଣ (ହି. ଶ)—12. Saccharum Spontaneum. ୧୩ । ରୋଗ ବିଶେଷ (ହି. ଶ)—13. A kind of disease.

ଶାରଦ ଚନ୍ଦ୍ର—ସ. ବି (କର୍ମଧା; ଶାରଦ+ଚନ୍ଦ୍ର)—ଶରତ୍କାଳୀନ ନିର୍ମଳଚନ୍ଦ୍ର; ଶରଚ୍ଚନ୍ଦ୍ର—Clear moon appearing in autumn nights.
Śārada chandra
(ଶାରଦଚନ୍ଦ୍ରମା, ଶାରଦ ଶଶୀ—ଅନ୍ୟରୂପ)

ଶାରଦ ଧାନ—ଦେ· ବି (ସ. ଶାରଦ+ଧାନ୍ୟ)—ଶରତ୍କାଳରେ ବୁଣାହୋଇ ଶୀତକାଳରେ କଟାଯିବା ଧାନ; ଶାଳି ଧାନ—Winter-rice (paddy). [ବି—ଏହି ଧାନ ପ୍ରାୟ ଉଚ୍ଚ ଜମିରେ ହୁଏ । ବୈଶାଖ ଓ ଜ୍ୟୈଷ୍ଠ ମାସରେ ବୁଣା ହୋଇ ପୁଷ, ମାଘରେ କଟାଯାଏ ଏଥିରେ ସରୁ ମୋଟ ଧାନ ଅଛି । ଏହାର କେତେକ ପ୍ରକାର ଯଥା—
Śārada dhāna
आमन धान
अगहनी, जड़हन

୧ । ଲଘୁ—ଶ୍ୱେତଚମ୍ପା, ମୋଟସୁ, ରଙ୍ଗେଇସିଣା, —ଛଥାଳ, ହାତୁଡ଼ୁଅ, ଲଙ୍କା, ବୋଦଲାଚମ୍ପା, ସଅ(ହ)ସୁ, ନାରଦା, ବଙ୍ଗପାଣ୍ଡି, ପଲାସଫୁଲ, ଭୁତମୁଣ୍ଡି, କଣାରୁଅ ।

୨ । ଗୁରୁ—କାଳାଚୂର, ନରସିଂହଭୋଗ, ପୁରୁଲ, ବଥାନଭୋଗ, ଦୁର୍ଗାଭୋଗ, ନୃପଭୋଗ, ମଧୁମାଳତୀ, ବାଙ୍ଗରମାଧୋଇ, ଗଙ୍ଗାବାଲି, ମାଛକଣ୍ଟା, ଧଳାକେଉ, କଳାକେଉ, ମୁକ୍ତାକେଉ, ଗୋପାଳଭୋଗ, ରତନଚୂଡ଼, ମକସୁ, କାମୋଦ, ଦଅଣାସୁଣ୍ଡି, ଭୁଲସିଫୁଲ, ରଙ୍ଗପତିଆ, କଳାପତିଆ, ଚମ୍ପା, ଝୁଣ୍ଟା, ମେଥିବାସ, ବାସବଗା, କଳାଜିରା, କାଳିକୁଣ୍ଡୁଆ, ପିମ୍ପୁଡ଼ିବାସ, ସୁବର୍ଣ୍ଣକେତକୀ, ଗୁଅପେଣ୍ଡି ।

୩ । ପାଣିରେ ହେବା ଗୁରୁ ଶାରଦ ଧାନ—ସୁବର୍ଣ୍ଣ, ଲଙ୍କା, କାଳୁପାମର୍ଦ୍ଦନ, ହରଶଙ୍କର, ଦୁବ, କୋଇଲାପତିଆ, କୋଇଲବାଇ, ବଲେଇଶିଆଳ, ଖୁସ୍ର, ଶଙ୍କୁରୁଅ, ରକ୍ତଚନ୍ଦନ, ବାଉଁଶମୂଳୀ, ହଳଦିଆ ମାଲୁସୁ ।]

ଶାରଦ ନିଶା—ସ. ବି—ଶରତ୍କାଳୀନ ନିର୍ମଳାକାଶଯୁକ୍ତ ରାତ୍ରି—Clear and cloudless nights of autumn.
Śārada nisā
ଶାରଦ ଯାମିନୀ, ଶାରଦ ରଜନୀ, ଶାରଦ ରାତ୍ରି } ଅନ୍ୟରୂପ

ଶାରଦ ଯାବନାଲ—ସ. ବି (ବୈଦ୍ୟକ)—ଶରତ୍କାଳରେ ଉତ୍ପନ୍ନ ବାଜରା—A sort of autumnal maize. [ଗୁ—ଏହା ମଧୁରରସ, ଶୀତଳ, ଗୁରୁପାକ, ପିଚ୍ଛଳ, ଶ୍ଳେଷ୍ମାବର୍ଦ୍ଧକ, ଶୁକ୍ରଜନକ, ବଳକର ଓ ପୁଷ୍ଟିକର ।]
Śārada jābanāla

ଶାରଦ(ଡୁ,ଡୋ,ଡୌ)ଲି—ଦେ. ବି—ଶାର୍ଦ୍ଦୁଳି (ଦେଖ)
Śārada(du,do,dau)li · Śārdduli. (See)

ଶାରଦା—ସଂ. ବି. ସ୍ତ୍ରୀ (ଶାରଦ+ଆ)—୧ । ବାଗ୍‌ଦେବୀ; ସରସ୍ୱତୀ—1. The Goddess of learning. ୨ । ଦୁର୍ଗା—2. Goddess Durga. ୩ । ଶ୍ୟାମାଲତା; ଅନନ୍ତମୂଳ; ସୁଅଁ ଲଚ୍ଛ—3. Indian sarsaparilla; Hemidesmus Indicus (creeper). ୪ । ବ୍ରାହ୍ମୀ; ଥାଲକୁଡ଼ି; ମଣ୍ଡୁକପର୍ଣ୍ଣୀ—4. A sort of plant; Indian pennywort. ୫ । ଜଳପୋଢ଼ଳା; ଜଳମିଶ୍ରୀଶାଗ—5. A sort of aquatic potherb. ୬ । ସ୍ଥଳକମଳ—6. Jonidinam Saffruticosum. ୭ । ବୀଣାବିଶେଷ (ହି. ଶ)—7. A kind of lute. ୮ । ପ୍ରାଚୀନକାଳର ଲିପିବିଶେଷ—8. A kind of ancient script. ଦେ. ୧ । (ସ୍ତ୍ରୀ) — ସ୍ତ୍ରୀଲୋକମାନଙ୍କ ନାମ—1. Name of females. ୨ । (ପୁଂ) ଶାରଦାକୁମାରର ଡାକନାମ—2. Name for calling Śāradākumāra.
Śāradā
शारदा **शारदा**

ଶାରଦା କୁମାର—ସଂ. ବି. ପୁଂ—ସରସ୍ୱତୀ ପୁତ୍ର; ପଣ୍ଡିତ—A learned man. ଦେ. ବି. ପୁଂ—ପୁରୁଷଙ୍କ ନାମ—A name given to males.
Śārādā kumāra
(ଶାରଦା ନନ୍ଦନ—ଅନ୍ୟରୂପ)

ଶାରଦା ବିଲ୍—ବୈଦେ. ବି (ଇଂ)—ହରବିଲାସ ଶାରଦାଙ୍କ ପ୍ରଣୀତ ୧୯୨୮ ର ବାଲ୍ୟବିବାହ ନିରୋଧ ଆଇନ—Imperial Act 19 of 1928 (child-marriage Restraint Act) [ବି—ଏହି ଆଇନ ଦ୍ୱାରା ବାଳକ ୧୮ ବର୍ଷରୁ କମ ବୟସରେ ଓ ବାଳିକା ୧୪ ବର୍ଷରୁ କମ ବୟସରେ ବିବାହ କରି ପାରିବେ ନାହିଁ ଏହି ଆଇନ୍‌କୁ ମାନି ସନ୍ତାନମାନଙ୍କୁ ବିବାହ ଦେଲେ ଅଭିଭାବକ, ଅଥବା ସାବାଳକ ବିବାହକାରୀ ବା ବିବାହର ଯୋଗାଡ଼ କରିବା ଲୋକଙ୍କୁ ଏକ ମାସ ଅଶ୍ରମ କାରାଦଣ୍ଡ ଏବଂ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ହେବ]
Śārādā bil
(ଶାରଦା ଆଇନ୍—ଦେ. ରୂପ)
शारदा आईन(बौ) **शारदा कानुन**

ଶାରଦିକ—ସଂ. ବି (ଶରଦ୍+ଇକ)—୧ । ଶରତ୍‌ଋତୁରେ ହେବା ଜ୍ୱର (ହି. ଶ)—1. Autumnal fever. ୨ । ରୋଗ (ହି. ଶ)—2. Disease. ୩ । ଶ୍ରାଦ୍ଧ (ହି.ଶ) 3. Rice-offerings to the manes.
Śāradika

ଶାରଦୀ—ସ. ବି (ଶାରଦ+ଈ)—୧ । ଶରତ୍ ପୂର୍ଣ୍ଣିମା; କୋଜାଗର ପୂର୍ଣ୍ଣିମା; କୁମାରପୂର୍ଣ୍ଣିମା—1. The full moon day of Aświna. ୨ । (ବୈଦ୍ୟକ) ପାଣିପିପ୍ପଳି
Śāradi

ଜଳପିପ୍ପଳୀ—2. Purple Lippia Nodiflora; a kind of aquatic creeper. ୩ । ସପ୍ତପର୍ଣ୍ଣୀ ବୃକ୍ଷ; ଛତିଅନା ଗଛ—3. Alstonia Scholaris(tree). ୪ । (ଶତ୍ + ଈ)—ଅପରାଜିତା (ବୃ.ଶ)—4. Clitoris flower and creeper. ୫ । ଶ୍ୱେତପଦ୍ମ (ବୃ. ଶ) 5. White lotus. ୬ । ଅନ୍ନ ଓ ଫଳ ଆଦି (ବୃ. ଶ)- 6. Food grains and fruits. ସ. ଲିଙ୍ଗ. ସ୍ତ୍ରୀ—ଶାରଦର ସ୍ତ୍ରୀଲିଙ୍ଗ—Feminine of Śārada.

ଶାରଦୀୟ—ସଂ. ବିଣ (ଶରଦ୍ + ଈୟ)—ଶରତ୍କାଳୀନ—
Śāradiya Autumnal.
(ଶାରଦୀୟା—ସ୍ତ୍ରୀ)

ଶାରଦୀୟ ଉତ୍ସବ—ସଂ. ବି—ଶରତ୍କାଳରେ ଅନୁଷ୍ଠେୟ ଉତ୍ସବ—
Śāradiya utsaba Autumnal festival.

ଶାରଦୀୟ ପୂଜା—ସଂ. ବି—ଶରତ୍କାଳୀନ ଦୁର୍ଗାପୂଜା—The worship of Durgā held during autumn.
Śāradiya pūjā
(ଶାରଦୀୟ ମହାପୂଜା—ଅନ୍ୟରୂପ

ଶାରଦୀୟ ପୂର୍ଣ୍ଣିମା—ସଂ. ବି—କୁମାରପୂର୍ଣ୍ଣିମା; ଆଶ୍ୱିନର ପୂର୍ଣ୍ଣିମା—
Śāradiya pūrṇṇimā The full moon of Aświna.

ଶାରଦ୍ୱତ—ଦେ.ବି (ସଂ. ଶାରଦ୍ୱତ)—କୃପାଚାର୍ଯ୍ୟ—Krupācharjya
Śāradwata (ଉ—ଅର୍ଜୁନ ଶରେ ପୀଡ଼ାପାଇ ଶାରଦ୍ୱତ, ପଡ଼ିଲେ ରଥ ଉପରେ ହୋଇଣ ମୂର୍ଚ୍ଛିତ—କୃଷ୍ଣସିଂହ ମହାଭାରତ. ଦ୍ରୋଣ]

ଶାରଦ୍ୟ—ସ. ବିଣ.—(ଶରଦ୍ + ଯ)—ଶରତ୍କାଳ ସମ୍ବନ୍ଧୀୟ—
Śāradya Autumnal.

ଶାରି(ରୀ)—ସ. ବି—(ଶୃ ଧାତୁ—ବଧ କରିବା + କର୍ତ୍ତୃ. ଇ;)—୧ ।
Śāri(rī) (ପୁ°) - ଅକ୍ଷ ଗୁଟିକା; ପାଶକ; ପଶା ଖେଳର ଗୋଟି; ପାଶ ଖେଳିବାର ବଳ—1. A chessman; balls of metal, wood or ivory used in the game of dice. ୨ । (ସ୍ତ୍ରୀ)—ମଇନା; ଶାରୀ ପକ୍ଷୀ—2.The myna bird; Gracula Religiosa. ୩ । ବୀଣା ବଜାଇବାର ଯଷ୍ଟି—3. A stick used in tuning the harp. ୪ । (+କର୍ମ ଇ) ଯୁଦ୍ଧ ସମୟରେ ହାତୀ ପିଠିରେ ପକାଯିବା ପଲାଣ—4. A cushion put on the back of a war elephant; the pack saddle of a war-elephant. ୫ । ପ୍ରତାରଣା; ଛଳ—5. Cheating; deception. ୬ । ଭର୍ତ୍ସନା 6. Rebuke; censure. ୭ । ଏକ ପ୍ରକାର ଗୀତ (ବୃ.ଶ)—7. A kind of song. ଦେ. ବି. (ସ୍ତ୍ରୀ)—
शारी सारिका ସ୍ତ୍ରୀ ଲୋକଙ୍କ ନାମ—A name given to females.

ଶାରିଆ—ଦେ. ବି.—(ସ୍ତ୍ରୀ)—ଶାରି ନାମ୍ନୀ ସ୍ତ୍ରୀର ଡାକ ନାମ—Name
Śāriā for calling a woman named Śāri. ବିଣ-
सारिया ସେବିକା; ପେଷ୍ଟ୍ରା—Fondly brought up.

ଶାରିକା—ସ. ବି—(ଶାରି + କ + ଆ)—୧ । ମଇନା ପକ୍ଷୀ—1.
Śārikā Hill myna. ୨ । ଶତରଞ୍ଜ ବା ପଶାଖେଳ (ବୃ. ଶ)- 2. The game of dice. ୩ । ଶାରଙ୍ଗୀ ଆଦି ବଜାଇବା କମାଣୀ (ବୃ.ଶ)—3. A bow to set stringed instruments to music. ୪ । ବୀଣା ବା ଶାରଙ୍ଗୀ ଆଦି ବାଦନ କର୍ମ (ବୃ.ଶ)—4. Playing on the harp. ୫ । ଦୁର୍ଗା (ବୃ.ଶ)—5 Durgā.

ଶାରିତ—ସ. ବିଣ—ରଙ୍ଗିନ୍; ବହୁ ରଙ୍ଗ (ବୃ.ଶ)
Śārita Multicoloured

ଶାରି(ରୀ) ଫଳ(ପଟ)—ସ. ବି.—ପଶା ଖେଳର ଛକ; ପଶାପାଲ—
Śāri(rī) phaḷa(paṭa) The chessboard; the board in the game of dice.
[ଶାରି(ରୀ)ଫଳକ—ଅନ୍ୟରୂପ]

ଶାରିବା—ସ. ବି—(ବୈଦ୍ୟକ)—୧ । ସୁଆଁ ଲଇ; ଶ୍ୟାମାଲତା; କୃଷ୍ଣ
Śāribā ଶାରିବା—1. Indian sarsaparilla ୨। ଦେଶିଲ ଲଇ; ଶୁକ୍ଳଶାରିବା (ଲତା); ଅନନ୍ତ ମୂଳ—2. Indian sarsaparilla; Hemidesmus Indicus. [ଦ୍ର—ଉଭୟ ଶାରିବାର ପତ୍ର ଯାମ୍ନପତ୍ର ପରି; କିନ୍ତୁ ଶୁକ୍ଳ ଶାରିବା ପତ୍ର ଉପରେ ଧଳା ଦାଗମାନ ଥାଏ; ଏଥିର ମୂଳ ଔଷଧରେ ବ୍ୟବହୃତ ହୁଏ ।] ୩ । ଜବାସ; ଦୁରାଲଭା (ବୃ. ଶ)—Fogonia Arabica (plant).
ଅ. ସ—ଶ୍ୟାମା, ଜଳସଞ୍ଜିକା,]
ଗୋପୀ, ଗୋପବଧୂ ।
श्यामालता दुधी
ଓ—ସୁଆଁ ଲଇ
ତେ—ପାଲଛର
ଅନ୍ୟ ସ—ଅନନ୍ତା, ଧବଳା, ଗୋପୀ, ଗୋପକନ୍ୟା, ଭୃଗୋପବଲ୍ଲୀ, ଶ୍ୱେତା, ଗୋପବଲ୍ଲୀ, ଲତା, ଆସ୍ଫୋଟା, ଚନ୍ଦନା ।
अनन्तमूल अनन्तमूल, उपलसरि
ଓ—ଶୁଆ ପାନ ଲତା, ତେମେଡ଼ ଲଇ

ଶାରି(ରୀ) ଶୃଙ୍ଖଳା—ସଂ ବି—ପାଶକ ବନ୍ଧେଷ; ଏକପ୍ରକାର ପଶାଖେଳ—
Śāri(rī) Śrunkhaḷā A sort of game at dice.

ଶାରି(ରୀ) ଶୃଙ୍ଗ—ସଂ.ବି.—ପଶା ଖେଳିବା ଗୋଟି (ବୃ.ଶ)—The bits
Śāri (rī) śrunga or chessmen in the game of dice.

ଶାରୀ—ସଂ ବି—୧। ଶାରି (ଦେଖ)—1. Śari (See) ୨ । କୁଶ ତୃଣ
Śārī (ବୃ.ଶ)—2.The kuśa grass. ୩ ।ମୁଞ୍ଜ ତୃଣ (ବୃ.ଶ) Muñja grass. ୪ । ଖେଳିବାର ପେଣ୍ଡୁ (ବୃ ଶ) —4. Play ball.

ଶାରୀର—ସଂ ବିଣ—(ଶରୀର + ସମ୍ବନ୍ଧାର୍ଥେ ଅ)—୧ । ଶରୀର ସମ୍ବନ୍ଧୀୟ;
Śārira ଦୈହିକ—Relating to the body; corporal; bodily ୨। ଦେହଜାତ—2. Born of the body. ବି—୧ । ଜୀବାତ୍ମା—1 The Vital Force inside the body. ୨ । ବୃଷ—2 A bull ୩ । ବେଦାନ୍ତସୂତ୍ର 3. A maxim of the Bedānta philosophy; ୪ । ଶରୀର ପ୍ରତି ହେବା ଦୁଃଖ—4 The troubles to which the body is subject. [ଦ୍ର—ଏହା ତିନପ୍ରକାର, ଅଧ୍ୟାତ୍ମିକ, ଅଧିଦୈବିକ ଓ ଅଧିଭୌତିକ] ।

ଶାରୀରକ- ସଂ ବଣ—(ଶରୀର+କ)—ଶରୀରରୁ ଉତ୍ପନ୍ନ (ହି. ଶ)—
Sāriraka Born of the body. ସଂ ବି-ବେଦାନ୍ତ ମୀମାଂସା ସମ୍ବନ୍ଧୀୟ ଶଙ୍କରଭାଷ୍ୟ—A commentary on the Bedānta by 'Sankarāchārjya; an enquiry into the nature of the embodied spirit; applied to the famous pantheistic commentary by 'Sankarāchārjya'

ଶାରୀରକ ଭାଷ୍ୟ—ସ. ବି—ଶାରୀରକ (ଦେଖ)
Sāriraka bhāshya Sāriraka (See)

ଶାରୀରକ ସୂତ୍ର—ସ. ବି—ବେଦବ୍ୟାସଙ୍କ ରଚିତ ବେଦାନ୍ତ ସୂତ୍ର—
Sāriraka sūtra The aphorisms of Bedānta by Bedabyāsa.

ଶାରୀର ତତ୍ତ୍ୱ—ସ. ବି—ଶରୀର ସମ୍ବନ୍ଧୀୟ ଜ୍ଞାତବ୍ୟ ବିଷୟ—
Sārira tattwa The principles of physiology.
[ଶାରୀର ବିଧାନ—ଅନ୍ୟରୂପ]

ଶାରୀର ବିଜ୍ଞାନ—ସ. ବି—ଜୀବ ଶରୀର ସମ୍ବନ୍ଧୀୟ ତତ୍ତ୍ୱଜ୍ଞାପକ ଶାସ୍ତ୍ର—
Sārira bijnāna The science of the body; physiolgy.
ଶାରୀର ବିଦ୍ୟା, ଶାରୀର ବିଧାନ, ଶାରୀର ଶାସ୍ତ୍ର }—ଅନ୍ୟରୂପ

ଶାରୀର ସ୍ଥାନ—ସ. ବି—ବୈଦ୍ୟକ ତନ୍ତ୍ର କଣ୍ଠୀସୂତ୍ର ଶାସ୍ତ୍ର; ଦେହର ଭିନ୍ନ ଭିନ୍ନ ଅଂଶ ସମ୍ବନ୍ଧୀୟ ଶାସ୍ତ୍ର; ଦେହାଂଶ ସଂସ୍ଥାନ ବିଦ୍ୟା—Anatomy.
Sārira sthāna

ଶାରୀରିକ—ସ. ବଣ—(ଶରୀର+ସମ୍ବନ୍ଧ ଅର୍ଥେ. ଇକ)—୧ । କାୟିକ, ଦୈହିକ; ଶରୀର ସମ୍ବନ୍ଧୀୟ—1. Corporal; bodily. ୨ । ଶରୀରଜାତ; ଦେହରୁ ଉତ୍ପନ୍ନ—2. Born of the body. ବି.—୧ । ଜୀବାତ୍ମା—1. The Vital Essence; vitality; the vital principle of living beings. ୨ । ବେଦାନ୍ତ ସୂତ୍ର—2. The maxims of the Bedānta philosophy.
Sāririka

ଶାରୁକ—ସ. ବଣ. ପୁଂ—(ଶୃ ଧାତୁ=ହିଂସା କରିବା+କର୍ତ୍ତୃ. ଉକ) ୧ । ହିଂସ୍ର—1. Revengeful; spiteful; mischievous. ୨ । ହତ୍ୟାକର; ଘାତକ—2. Murderous.
Sāruka [ଶାରୁକା—ସ୍ତ୍ରୀ]

ଶାରେଙ୍ଗି ବାଉଁଶ—ଦେ. ବି—ଡେଲିଙ୍ଗି ବାଉଁଶ (ଦେଖ)
Sārengi bāunsa Delingi bāunsa (See)

ଶାର୍କ—ସ. ବି—୧ । ଚିନି; ଶର୍କରା (ହି. ଶ)—1. Sugar.
Sārka ୨ । (ନାମ) ଗୋତ୍ର ପ୍ରବର୍ତ୍ତକ ଋଷି ବିଶେଷ (ହି. ଶ)—2. Name of a sage who was the progenitor of a clan.

ଶାର୍କକ—ସ. ବି—୧ । ଦୁଧର ଫେଣ (ହି. ଶ)—1. Froth of milk. ୨ । ଚିନିର ଖଣ୍ଡ (ହି. ଶ)—2. A ball of sugar. ୩ । ମାଂସର ଖଣ୍ଡ (ହି. ଶ)—3. A lump of meat.
Sārkaka

ଶାର୍କର—ସ. ବଣ—(ଶର୍କରା+ଭବାର୍ଥେ. ଅ)—୧ । ଶର୍କରାରୁ ଜାତ
Sārkara 1. Produced from sugar. ୨ । ଶର୍କରା ମିଶ୍ରିତ—2. Sugared. ୩ । କଙ୍କର ମିଶ୍ରିତ; ଗୋଡ଼ିଥିବା—3. Gravelly. ୪ । ଦାନାଦାର—4. Crystalline. ବି.—୧ । ମିଶ୍ରି—1. Sugar candy. ୨ । ଦୁଧର ଫେଣ (ହି. ଶ)—2. Foam of milk. ୩ । ଲୋଧ୍ର ବୃକ୍ଷ [ହି. ଶ]—3. Simplocus Racemosus. ୪ । ଗୋଡ଼ିଥିବା ଭୂମି (ହି. ଶ)—4. Gravelly soil.

ଶାର୍କରକ—ସ. ବି—(ଶାର୍କର+କ)—୧ । କଙ୍କରମୟ ସ୍ଥାନ (ହି. ଶ)—
Sārkaraka 1. Gravelly soil. ୨ । ଯେଉଁ ସ୍ଥାନରେ ବହୁତ ଚିନି ପ୍ରସ୍ତୁତ ହୁଏ [ହି.ଶ]—2. A place where a large quantity of sugar is manufactured. ସଂ. ବଣ—କଙ୍କରମୟ (ହି. ଶ)—Gravelly.

ଶାର୍କର ମଦ୍ୟ—ସଂ. ବି—ଚିନି ଓ ଧାଇ ଫୁଲରୁ ପ୍ରସ୍ତୁତ ମଦ୍ୟ—
Sārkara madya Wine distilled from sugar and Dhataki flower.

ଶାର୍ଙ୍ଗ—ସଂ. ବଣ—[ଶୃଙ୍ଗ+ସମ୍ବନ୍ଧାର୍ଥେ. ଅ)—୧ । ଶୃଙ୍ଗ ସମ୍ବନ୍ଧୀୟ—
Sārnga 1. Relating to horn. ୨ । ଶୃଙ୍ଗ ନିର୍ମିତ—2. Made of horn. ବି.—୧ । ଧନୁ—1. A bow. ୨ । ବିଷ୍ଣୁଙ୍କ ଧନୁ—2. The bow of Bishnu. ୩ । ଅଦା; ଅଦା—3. Ginger. ୪ । ସାମଗାନ ବିଶେଷ—4 A kind of vedic song.

ଶାର୍ଙ୍ଗକ—ସ. ବି (ଶାର୍ଙ୍ଗ+କ)—୧ । ଧନୁର୍ଦ୍ଧାରୀ ବ୍ୟକ୍ତି—1. A
Sārngaka bowman. ୨ । ପକ୍ଷୀ (ହି.ଶ)—2. Bird.

ଶାର୍ଙ୍ଗଧର—ସ. ବି. ପୁଂ (ଶାର୍ଙ୍ଗ+ଧୃ ଧାତୁ+କର୍ତ୍ତୃ. ଅ)—୧ । ବିଷ୍ଣୁ—
Sārngadhara 1. Bishnu. ୨ । ଧନୁର୍ଦ୍ଧାରୀ ବ୍ୟକ୍ତି (ବିଶ୍ୱକୋଷ)—2. An archer. ଦେ. ବି. ପୁଂ—ଲୋକଙ୍କ ନାମ—A name given to males.
ଶାର୍ଙ୍ଗଧାରୀ, ଶାର୍ଙ୍ଗଧନ୍ୱା, ଶାର୍ଙ୍ଗଭୃତ୍, ଶାର୍ଙ୍ଗାୟୁଧ } ଅନ୍ୟରୂପ

ଶାର୍ଙ୍ଗପାଣି—ସ. ବି (ବହୁବ୍ରୀହି)—୧ । ଧନୁର୍ଦ୍ଧର—1. Archer.
Sārngapāni ୨ । ବିଷ୍ଣୁ—2. Bishnu.

ଶାର୍ଙ୍ଗରବ—ସ. ବି. ପୁଂ (ଶୃଙ୍ଗରବ+ଅ)—ଶୃଙ୍ଗରବ ଋଷିଙ୍କ ଗୋତ୍ରଜ
Sārngaraba ବ୍ୟକ୍ତି—A person descended from Srungaraba sage. [ଦ୍ର—କାଳିଦାସଙ୍କ ଅଭିଜ୍ଞାନ ଶାକୁନ୍ତଳମ୍ ନାଟକରେ ଶକୁନ୍ତଳାଙ୍କ ସଙ୍ଗେ ଦୁଷ୍ମନ୍ତଙ୍କ ସଭାକୁ କଣ୍ୱଙ୍କର ଯେଉଁ ଶିଷ୍ୟଦ୍ୱୟ ଯାଇଥିଲେ, ତାଙ୍କ ମଧ୍ୟରୁ ଶାର୍ଙ୍ଗରବ ଜଣେ ।]

ଶାର୍ଙ୍ଗଷ୍ଟା(ଷ୍ଠା)—ସ. ବି—୧ । କାକଜଙ୍ଘା (ହି.ଶ)—1. Leea Hirta
Sārngashtā(shthā) (plant). ୨ । କାକମାଚି (ବିଶ୍ୱକୋଷ)—2. Nightshade. ୩ । ଲତାକରଞ୍ଜ (ବିଶ୍ୱକୋଷ)—3. Creeping Pongamia. ୪ । ଗୁଞ୍ଜା (ବିଶ୍ୱକୋଷ)—4. Abrus Precatorus.

୫ । ମହାକରଞ୍ଜ (ବୃ. ଶ)—5. A species of Pongamia.

ଶାର୍ଙ୍ଗୀ—ସଂ. ବି ପୁଂ (ଶାର୍ଙ୍ଗ+ଇନ୍; ୧ମା. ୧ବ)—୧ । ଧନୁର୍ଦ୍ଧରବ୍ୟକ୍ତି
Sārṅgi 1. An archer. ୨ । ବିଷ୍ଣୁ—2. Bishṇu.
(ଶାର୍ଙ୍ଗିଣୀ—ସ୍ତ୍ରୀ) ସଂ. ବିଣ. ପୁଂ—ଧନୁର୍ଦ୍ଧର—Holding or armed with a bow

ଶାର୍ଦ୍ଦୂଳ—ସଂ. ବି. ପୁଂ (ଶୃ ଧାତୁ=ହିଂସା କରିବା+କର୍ତ୍ତୃ. ଊଳ)—
Sārddūla ୧ । ବ୍ୟାଘ୍ର; ବାଘ—1. Tiger. ୨ । ରାକ୍ଷସ—
(ଶାର୍ଦ୍ଦୂଳୀ—ସ୍ତ୍ରୀ) 2. Demon. ୩ । ଶରଭ; ଅଷ୍ଟପାଦ କାଳ୍ପନିକ ମୃଗବିଶେଷ—3. A fabled deer having 8 legs. ୪ । ପକ୍ଷୀ ବିଶେଷ—4 A kind of bird. ୫ । ଯଜୁର୍ବେଦର ଏକ ଶାଖା (ବୃ. ଶ)—5. Name of a branch of the Jajurbeda. ୬ । ଚିତ୍ରକ ବୃକ୍ଷ (ବୃ. ଶ)—6. Plumbago Zeylanica. ଦେ. ବି—ଶାର୍ଦ୍ଦୂଳ ନାମଧାରୀ ରାକ୍ଷସ—Name of a demon [ଦ୍ର—ପ୍ରଥମରେ ରାମଚନ୍ଦ୍ର ମର୍କଟ ଓ ଭଲ୍ଲୁକ ସେନାମାନଙ୍କ ସଙ୍ଗରେ ଯେତେବେଳେ ଲଙ୍କାରେ ଅବସ୍ଥାନ କଲେ, ଶୁକ ଓ ସାରଣ ନାମକ ଦୁଇ ମନ୍ତ୍ରୀଙ୍କୁ ଶ୍ରୀରାମଙ୍କ ସୈନ୍ୟ ଜାଣିବାକୁ ରାବଣ ପଠାଇଲା । ସେମାନେ ଲଙ୍କାକୁ ଫେରି ଯାଇ ରାମଙ୍କର ଅସଂଖ୍ୟ ସୈନ୍ୟ ଥିବା କଥା ରାବଣକୁ କହିବାରୁ ରାବଣ ସେମାନଙ୍କ କଥାରେ ଅବିଶ୍ୱାସ କରି ଏହି ରାକ୍ଷସକୁ ପୁଣି ଥରେ ସୈନ୍ୟ ଜାଣିବାକୁ ପଠାଇଲା । ଏହି ରାକ୍ଷସର ବିଶେଷତ୍ୱ ଏହି ଯେ, ସେ କୁଧା ଜାଣଙ୍କଠାରୁ ଗୋଟିଏ ଅଞ୍ଜନ ପାଇଥିଲା, ସେହି ଅଞ୍ଜନକୁ ଆଖିରେ ଲଗାଇଲେ ସେ ସହସ୍ର ଯୋଜନ ଦୂରରେ ଥିବା ପଦାର୍ଥ ଦେଖି ପାରୁଥିଲା । ଶାର୍ଦ୍ଦୂଳ ଉକ୍ତ ଅଞ୍ଜନ ଲଗାଇ ଲଙ୍କା ପ୍ରାଚୀରରେ ଚଢ଼ି ରାମଚନ୍ଦ୍ରଙ୍କର ସୈନ୍ୟ କଳନା କରିଥିଲା ।] ସ. ବି (ଲକ୍ଷଣାର୍ଥ)—ଶ୍ରେଷ୍ଠ—Chief. [ଦ୍ର—ଶ୍ରେଷ୍ଠତା ବୁଝାଇବା ପାଇଁ ଏହା ନର ପ୍ରଭୃତି ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ନରଶାର୍ଦ୍ଦୂଳ ।]

ଶାର୍ଦ୍ଦୂଳ କନ୍ଦ—ସ. ବି—ବନ୍ୟପଲାଣ୍ଡୁ (ବୃ. ଶ)—
Sārddūla kanda Wild onion.

ଶାର୍ଦ୍ଦୂଳ ବିକ୍ରୀଡ଼ିତ—ସ. ବି—୧ । ଊନବିଂଶତ୍ୟକ୍ଷର ଯୁକ୍ତ ସଂସ୍କୃତ
Sārddūla bikrirdita ଛନ୍ଦୋବିଶେଷ—1. A metre of 19 syllables. [ଦ୍ର—ଏଥିର କ୍ରମ—ମଗଣ, ସଗଣ, ଜଗଣ, ସଗଣ, ତଗଣ, ତଗଣ ଓ ଏକଗୁରୁ ବର୍ଣ୍ଣ । ଏଥିର ଦ୍ୱାଦଶ ଓ ଶେଷାକ୍ଷରରେ ଯତିପାତ ହୁଏ । ଏଥିର ୪ର୍ଥ, ୫ମ, ୭ମ, ୯ମ, ୧୦ମ, ୧୧ଶ, ୧୩ଶ ଓ ୧୮ଶ ବର୍ଣ୍ଣ ଲଘୁ ଓ ଅନ୍ୟ ବର୍ଣ୍ଣମାନ ଗୁରୁ । ଏଥିର ବଚନ—ମାର୍ତ୍ତଣ୍ଡୈ ର୍ମୁନିରସ୍ତ ଯଦି ଭବତଃ ଗୁର୍ବ୍ବୈନ୍ଦ୍ର ବମ୍ୟାକଲେ ! ଛନ୍ଦବୃତ୍ତଂ ପ୍ରବଦନ୍ତି କାବ୍ୟରସିକାଃ ଶାର୍ଦ୍ଦୂଳବିକ୍ରୀଡ଼ିତଂ ।"

୬ । ବ୍ୟାଘ୍ରର କ୍ରୀଡ଼ା (ବହୁବୋଧ)—2. The playing frolicing of a tiger.

ଶାର୍ଦ୍ଦୂଳ ଲଳ(ଲି)ତ—ସଂ. ବି—ଅଷ୍ଟାଦଶାକ୍ଷରଯୁକ୍ତ ସଂସ୍କୃତ ଛନ୍ଦୋ-
Sārddula lali(si)ta ବିଶେଷ—A metre of 18 syllables. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯଥାକ୍ରମେ ମଗଣ, ସଗଣ, ଜଗଣ, ସଗଣ, ତଗଣ ଓ ସଗଣ ଥାଏ (ବୃ. ଶ)]

ଶାର୍ଦ୍ଦୂ(ର୍ଦ୍ଦୋ)ଳୀ—ଦେ. ବି (ସ. ଶାର୍ଦ୍ଦୂଳ; ଏଥିରେ ଶାର୍ଦ୍ଦୂଳର ବା
Sārddū(rddo)ḷi ବ୍ୟାଘ୍ରର ଚିତ୍ର ଚିତ୍ରିତ ହେଉଥିବାରୁ)—
शरदल ୧ । କବାଟର ଚଉକାଠ ଉପରେ ବସିବା ଚଉଡ଼ାପଟା—
शार्दूल(?) 1. A plank put over the doorframe over which the upper wall is raised. ୨ କୋଠାର ବା ଚାଳଘରର ବରଗାର ମୁଣ୍ଡରେ ବସିବା ପଟା 2. The plate put at the end of rafters. ୩ । ଶଗଡ଼ର ଜନ୍ମାଳ—3, Part of a bullock cart; the wooden pin passing through the heads of the two poles joined together at the front where the yoke is tied to them.

ଶାର୍ବର —ସ. ବିଣ (ଶର୍ବରୀ+ସମ୍ବନ୍ଧାର୍ଥେ. ଅ)—୧ । ରାତ୍ରିସମ୍ବନ୍ଧୀୟ—
Sārbbara 1. Relating to night. ୨ । ରାତ୍ରିକାଳୀନ—2. Nocturnal; nightly. ବି—ଗାଢ଼ ଅନ୍ଧକାର—Deep darkness; utter darkness.

ଶାର୍ବରିକ—ସଂ. ବି (ଶର୍ବରୀ+ଇକ)—ରାତ୍ରି ସମ୍ବନ୍ଧୀୟ (ବୃ. ଶ)
Sārbbarika Nocturnal.

ଶାର୍ବରୀ—ସଂ. ବି—୧ । (ସ୍ତ୍ରୀ) (ଶାର୍ବର+ଈ) ରାତ୍ରି; ରଜନୀ—
Sārbbarī 1. Night. ୨ । ଲୋଧ୍ର (ବୃ. ଶ)—2. Simplocus Racemosus. ୩ । (ପୁଂ) (ଶାର୍ବର+ଇନ୍ ୨ମା. ୧ବ) ବୃହସ୍ପତିଙ୍କ ୬୦ ସମ୍ବତ୍ସର ମଧ୍ୟରୁ ୩୪ଶ ସମ୍ବତ୍ସର (ବୃ. ଶ)—3. Name of the 34th out of the 60 years of the cycle of the planet Jupiter.

ଶାଲ୍ (ଧାତୁ)—ସଂ—୧ । ଗମନ କରିବା—1. To go. ୨ । ଶ୍ଳାଘା
Sāl (root) କରିବା; ପ୍ରଶଂସା କରିବା—2. To praise.

ଶାଲ୍—ପ୍ରାଦେ (ସମ୍ବଲପୁର) ବି. (ସଂ. ଶିଳା)—ଶିଳ—
Sāl Pestling stone-slab; flat mortar of stone.

ଶାଲ୍‌ପତ୍‌ନି—ପ୍ରାଦେ (ସମ୍ବଲପୁର)—ଶାଳଅପତନ—
Sālpatni Civet cat.

ଶାଲ୍‌ପୁଅ—ପ୍ରାଦେ (ସମ୍ବଲପୁର) ବି. (ସଂ. ଶିଳାପୁତ୍ର)—ଶିଳପୁଅ—
Sālpuā Pestle of stone.

ଶାଳ—ସଂ. ବି (ଶାଲ୍ ଧାତୁ+କର୍ତ୍ତୃ. ଅ)—୧ । ସର୍ପମୁଖୀ ଶକୁଲୀ
Sāla କର୍ଦ୍ଦମରେ ମତ୍ସ୍ୟ ବିଶେଷ—1. A species of scaly
गजाल, शाल fish; Ophecephalus Wrahl; Marulius.
शाल माछ [ଦ୍ର—ଏହା ଶେଉଳଜାତୀୟ, ମାତ୍ର ଶେଉଳଠାରୁ ବଡ଼

ବଡ଼ ଓ କୃଷ୍ଣବର୍ଣ୍ଣ । ଏମାନଙ୍କର ଲଞ୍ଜ ଧଳା ଓ ଛାତିରେ କୃଷ୍ଣ ବର୍ଣ୍ଣର ଚକଚକ ଥାଏ । ଏହାକୁ ବ୍ରାହ୍ମଣମାନେ ଖାଆନ୍ତି ନାହିଁ । ଏ ମାତ୍ର ଛଅଇଞ୍ଚ ପର୍ଯ୍ୟନ୍ତ ବଢ଼ିବା ଦେଖାଯାଏ ।] ୨ । ଶାଳବାହନ ରାଜା—2. King Śāḷibāhana. ୩ । ପ୍ରାଚୀର; ପ୍ରାକାର—3. A wall. ୪ । ବୃହତ୍ ଅରଣ୍ୟ ତରୁ; ସର୍ଜ ବୃକ୍ଷ; ଶାଳୁଆ ଗଛ—4. Shorea Robust; the sal tree, [ବି—ଭାରତର ସବୁ ପାର୍ବତ୍ୟ ଜଙ୍ଗଲରେ ଏ ଗଛ ଜନ୍ମେ । ଏହାର ପତ୍ର ଅଶ୍ୱକର୍ଣ୍ଣପରି ଲମ୍ବ । ଏଥିର ପତ୍ରମାନଙ୍କୁ ଏକତ୍ର ଖଡ଼ିକାରେ ସିଲାଇ କଲେ ଖଲିପତ୍ର ହୁଏ । ଏ ଗଛର ଗଣ୍ଡିରେ ଛିଦ୍ର କଲେ ଏଥିରୁ ବାହାରିବା ନିର୍ଯ୍ୟାସ ସବୁ ଝୁଣା ହୁଏ । ଝୁଣାର ସଂସ୍କୃତ ନାମ ରାଳ, ସର୍ଜରସ ।

ଅନ୍ୟ ସଂ. ନାମ—କାର୍ଶ୍ୟ, ଅଶ୍ୱକର୍ଣ୍ଣିକା, ଯକ୍ଷଧୂପ, ସାଲ, ସର୍ଜ, ଅଶ୍ୱକର୍ଣ୍ଣ, ଲତାତରୁ, ଶସ୍ୟ ସମ୍ବର, ଶଙ୍କୁବୃକ୍ଷ ।
শাল
শাল, साल
ତେ—ଏପଚେଟ୍ଟୁ
ତା—କୁଙ୍ଗିଲିୟମ୍
କୋଲ୍—ସର୍ଜୋମ

ଏହି ସର୍ଜରସ କଷାୟରସ ଓ କଫ, କୃମି, ସ୍ୱେଦ, ବ୍ରଣ, ବ୍ରଧ୍ନ, ବିଦ୍ରଧି, କର୍ଣ୍ଣରୋଗ ଓ ଯୋନିରୋଗର ଉପଶମକାରକ । ଏ ବୃକ୍ଷର ଶୁଖିଲା ନିର୍ଯ୍ୟାସକୁ ଦହନ ଅଙ୍ଗାରରେ ପକାଇଲେ ଏଥିରୁ ସୁବାସିତ ଧୂମ ବାହାରେ । ଏଥି ପାଇଁ ଏହା ଦେବମନ୍ଦିରରେ ଧୂପରୂପେ ବ୍ୟବହୃତ ହୁଏ । ଝୁଣା ଝୁଣା ତିକ୍ତକଷାୟ, ଶୀତବୀର୍ଯ୍ୟ, ଗୁରୁପାକ, ମଳରୋଧକ, ତ୍ରିଦୋଷନାଶକ ଏବଂ ରକ୍ତଦୁଷ୍ଟି, ଅଗ୍ନିଦଗ୍ଧ କ୍ଷତ, ସ୍ୱେଦ, ଜ୍ୱର, ବ୍ରଣ, ବିସର୍ପ, ବିପାଦିକା, ଭଗ୍ନକ୍ଷତ, ଶୂଳ, ଅତିସାର ଓ ଗ୍ରହଦୋଷର ଉପଶମକାରକ । ଏକ ଅଣା ଓଜନ ଝୁଣା-ଚୂନା ସଙ୍ଗେ ସମାନ ପରିମାଣ ଚିନି ମିଶାଇ ଖାଇଲେ ଆମାଶୟ ରୋଗର ଉପଶମ ହୁଏ । ଝୁଣା ବାର୍ଣ୍ଣିସ୍ ତିଆରି କରିବାରେ ଉପାଦାନରୂପେ ବ୍ୟବହୃତ ହୁଏ ।

ଡାକ୍ତରମାନେ ପରୀକ୍ଷାଦ୍ୱାରା ସ୍ଥିର କରିଅଛନ୍ତି ଯେ ଝୁଣାଚୂନାକୁ ଦିଅରେ ଭୋଳ ପାଣିରେ ମନ୍ଥି ଓ ଦୁଧ ସଙ୍ଗେ ମିଶାଇ ଖାଇଲେ ଶରୀରରେ କାମଶକ୍ତିର ଉଦ୍ଦୀପନା ହୁଏ (ବିଶ୍ୱକୋଷ) । ଶାଳ ଗଛର ଗଣ୍ଡିରେ ଚମଡ଼ା ସଫା ଓ ରଙ୍ଗ କରାଯାଏ । ଗଣ୍ଡିର କ୍ୱାଥରୁ ଏକପ୍ରକାର ନାଲି ଓ କଳା ରଙ୍ଗ ବାହାରେ ।

ଏହାର ଫଳରୁ ଏକପ୍ରକାର ଖାଦ୍ୟୋପଯୋଗୀ ଚୂର୍ଣ୍ଣ ତିଆରି ହୁଏ । ଦୁର୍ଭିକ୍ଷ ସମୟରେ ଲୋକେ ଏହି ଫଳର ଅଣ୍ଟା ଖାଆନ୍ତି ।

ଏହାର କାଠ ଓ ବିଶେଷତଃ ମଞ୍ଜ ଅତ୍ୟନ୍ତ ଶକ୍ତ ଓ ଏଥିରେ ଘରର ଖୁଣ୍ଟ, ଶେଣୀ, କଡ଼ି, ବର୍ଗା, ଚଉକାଠ ପ୍ରଭୃତି ବହୁତ କାମ ହୁଏ ।

ଶାଳ ଗଛର ପତ୍ର ଶୁଖିଗଲେ ବହୁ ଦିନ ଅବିକୃତ ହୋଇ ରହେ । ଏଥିପାଇଁ ଶାଳ ପତ୍ରକୁ ସିଲେଇ କରି ଖଲି ପତ୍ର ଓ ଠୋଙ୍ଗାପତ୍ର କରାଯାଏ । ତାହାର ଅଗରେ ଫୁଲ ଗୋଛ ହୋଇ ଫୁଟେ । ଫୁଲ ହଳଦିଆ ଓ ସୁବାସ ।]

ଅନ୍ୟ ସଂ. ସର୍ଜକ, ଅଜକର୍ଣ୍ଣ
ମହାପତ୍ରକ
বাঁজিশাল

୫ । ଶାଳୁଆଣି ଗଛ; ଶାଳଭେଦ; ଏକପ୍ରକାର ଶାଳଜାତୀୟ କ୍ଷୁଦ୍ରତର ପତ୍ର ବିଶିଷ୍ଟ ଅରଣ୍ୟ ତରୁ—5, Another kind of timber tree. ୬ । ନଦୀବିଶେଷ (ହ୍ରୁ ଶ)—6. Name of a river. ୭ । ଅସ୍ତ୍ରବିଶେଷ; ଅପରାଧୀକୁ ଦଣ୍ଡ ଦେବାପାଇଁ ବ୍ୟବହୃତ ଶୂଳବିଶେଷ—7. A pointed stake used in thrusting it into the anus of criminals. ୮ । ଦୁଃଖ; ବ୍ୟଥା—8. Misery; agony. ୯ । ବୃକ୍ଷ (ହ୍ରୁ. ଶ) 9. Tree. ୧୦ । ବୃକାସୁରର ଏକ ପୁତ୍ର (ହ୍ରୁ ଶ)-10. Name of a son of demon Bruka. ୧୧ । ଝୁଣା (ହ୍ରୁ ଶ)—11. Resin. ୧୨ । ପୀତଶାଳ; ପିଆଶାଳ (ଗଛ) (ହ୍ରୁ ଶ)—12. The Indian Kino tree; Pentaptera Tomentosa.

শাল साल ଦେ. ବି.—(ସଂ ଶାଳା)—୧ । ଅଶ୍ୱାଦିଙ୍କ ରହିବାର ଘର—1. A shed for horse, sheep etc. [ଯଥା—ଘୋଡ଼ାଶାଳ, ମେଣ୍ଢାଶାଳ ଇତ୍ୟାଦି ।] ୨ ।

শাল ঘর କମାର, କୁମ୍ଭାର ଆଦିଙ୍କ ଅଗ୍ନିଶାଳା ବା କାରଖାନା—2. A workshop; a smithy. [ଯଥା—କମାର ଶାଳ, ବଢ଼େଇଶାଳ, ତେଲିଶାଳ ।] ୩ ।

শাল कोल्हुआरा ଆଖୁ ପେଡ଼ାଯିବାର ସ୍ଥାନ; ଅଙ୍ଖଶାଳ—3. A place where sugarcanes are pressed.

ঝালী गड्ढा ୪ । ଯେଉଁଠୁ ସେଣୀଦ୍ୱାରା ପାଣି ବୁହାଇବା ପାଇଁ ଜଳାଶୟର ଏକ ପାଖରେ ଖୋଳା ହୋଇଥିବା ଖାତ ବା ପଦ୍ଧତି—4. A hole or trench made in a corner of a tank at which water is baled out for irrigation purpose.

ଶାଲ—ବୈଦେ. ବି—ସାଲ (ଦେଖ)
Śāla Sāla (See)

ଶାଳକ—ସଂ. ବି—୧ । ନଳିତା ଶାଗ; ଝୋଟ ଗଛ—
Śāḷake 1. Jute plant. ୨ । ଥଟ୍ଟା କଥା (ହ୍ରୁ. ଶ)—2. Joke.

ଶାଲ କଲ୍ୟାଣୀ—ସଂ. ବି— (ବୈଦ୍ୟକ)—ଏକପ୍ରକାର ପ୍ରସିଦ୍ଧ ପତ୍ରଶାକ-
Śāḷa kalyāṇi A species of pot-herb used in medicine. [ବି—ଏହା ମଧୁର ରସ, ଶୀତଳ, ଗୁରୁପାକ, ରୁକ୍ଷ, ଓ ମଳଭେଦକ ।]

ଶାଳିଗ୍ରାମ—ଗ୍ରା. ବି.—(ସଂ. ଶାଳଗ୍ରାମ)—ଶାଳଗ୍ରାମ ୨ (ଦେଖ)
Śāḷagirāma Śāḷagrāma 2 (See)

ଶାଳଗ୍ରାମ—ସଂ. ବି—(ଶାଳ=ଶାଳ ବୃକ୍ଷ+ଗ୍ରାମ=ସମୂହ ଅଛି ଯେଉଁ
Śāḷagrāma ଠାରେ)—୧ । ଦେଶ ବିଶେଷ—1. Name

of a country. ୨ । (ଗଣ୍ଡକୀ ନଦୀ କୂଳରେ ଶାଳ ବୃକ୍ଷ ବହୁଳ ଗୋଟିଏ ଗ୍ରାମର ନିକଟସ୍ଥ ନଦୀ ଗର୍ଭରୁ ଶାଳଗ୍ରାମ ଶିଳା ମିଳୁଥିବାରୁ ଏହି ନାମ—ଗଣ୍ଡକୀ ଶିଳା; ବଜ୍ରକୀଟ ଦ୍ୱାରା ଛିଦ୍ରଯୁକ୍ତ ହୋଇଥିବା ଚକ୍ର ଓ ଛିଦ୍ର ବିଶିଷ୍ଟ ଗଣ୍ଡକୀ ନଦୀଗର୍ଭସ୍ଥ ନାନା ବର୍ଣ୍ଣର ଶିଳାପିଣ୍ଡବିଶେଷ—2. A geode stone; name of perforated round pebbles found in the bed of the Gadṇakī river and worshipped as Bishṇu. [ଦ୍ର—ଏହା ବିଷ୍ଣୁଙ୍କର ମୂର୍ତ୍ତିରୂପେ ବିବେଚିତ । ପୁରାଣ ଅନୁସାରେ ଶାଳଗ୍ରାମ ଅଷ୍ଟାଦଶ ପ୍ରକାରର । ଯଥା—

(୧) ଲକ୍ଷ୍ମୀନାରାୟଣ—୧ ଦ୍ୱାର, ୪ ଚକ୍ର, ବନମାଳା, ଗୋଷ୍ପଦ ଚିହ୍ନଯୁକ୍ତ, ମେଘବର୍ଣ୍ଣ ।

(୨) ଲକ୍ଷ୍ମୀ ଜନାର୍ଦ୍ଦନ—୧ ଦ୍ୱାର, ୪ ଚକ୍ର, ବନମାଳା ଚିହ୍ନ ।

(୩) ରଘୁନାଥ—୨ ଦ୍ୱାର, ୪ ଚକ୍ର, ବନମାଳା ଓ ଗୋଷ୍ପଦଚିହ୍ନ ।

(୪) ଦଧିବାମନ—ଦୁଇ ଚକ୍ରଯୁକ୍ତ, ଅତି କ୍ଷୁଦ୍ର, ନବ-ମେଘ ବର୍ଣ୍ଣ, ଗୃହୀ ପକ୍ଷରେ ଶୁଭଦ ।

(୫) ଶ୍ରୀଧର—୨ ଚକ୍ରଯୁକ୍ତ, କ୍ଷୁଦ୍ର, ବନମାଳା ଚିହ୍ନ ଧାରକ ।

(୬) ଦାମୋଦର—୨ ଚକ୍ର, ସ୍ଥୂଳ, ବର୍ତ୍ତୁଳାକାର ।

(୭) ବଳରାମ—୨ ଚକ୍ର, ସୁନ୍ଦର, ବର୍ତ୍ତୁଳାକାର, ଶର, ତୂଣ ଓ ରୂପ ଚିହ୍ନଯୁକ୍ତ ।

(୮) ରାଜରାଜେଶ୍ୱର—୭ ଚକ୍ର, ମଧ୍ୟଭାଗ ବର୍ତ୍ତୁଳ, ତୃଣ ଓ ଛତ୍ର ଚିହ୍ନ ।

(୯) ଅନନ୍ତ—୧୪ ଚକ୍ର, ସ୍ଥୂଳ, ମେଘବର୍ଣ୍ଣ ।

(୧୦) ମଧୁସୂଦନ—୨ ଚକ୍ର, ଚକ୍ରାକାର, ଗୋଷ୍ପଦଚିହ୍ନ, ମେଘବର୍ଣ୍ଣ ।

(୧୧) ଗଦାଧର—୧ ଚକ୍ର, ଅତିକ୍ଷୁଦ୍ର, ଗଦା ଓ ସୁଦର୍ଶନ ଚିହ୍ନ ।

(୧୨) ହୟଗ୍ରୀବ—୨ ଦ୍ୱାର ବା ଛିଦ୍ର, ଚକ୍ର, ଗଦା ଓ ସୁଦର୍ଶନ ଚିହ୍ନ ।

(୧୩) ନରସିଂହ—୨ ଚକ୍ର, ବିକଟ ଅଗ୍ରଭାଗ, ବକ୍ରାକାର, ଅଶୁଭ, ଅଧିକାଂଶର ସଙ୍କଟ ଓ ଗୃହତ୍ୟାଗ ସୂଚକ ।

(୧୪) ଲକ୍ଷ୍ମୀ ନରସିଂହ—୨ ଚକ୍ର, ବିକୃତ, ବନମାଳାଚିହ୍ନ, ସୁଖଦ ।

(୧୫) ବାସୁଦେବ—ଦ୍ୱାରଦେଶରେ ୨ ଚକ୍ର, ସମ୍ପୂର୍ଣ୍ଣ ଆକାର, ସର୍ବକାମପ୍ରଦ, ଶୁଭଦ ।

(୧୬) ପ୍ରଦ୍ୟୁମ୍ନ—ବହୁଛିଦ୍ର, କ୍ଷୁଦ୍ରଚକ୍ର, ମେଘବର୍ଣ୍ଣ, ସୁଖଦ ।

(୧୭) ସୁଦର୍ଶନ—ଏକଦ୍ୱାରେ ଏକ ଲଗ୍ନ, ୨ ଚକ୍ର, ବହୁ ସୁଖଦ ।

(୧୮) ଅନିରୁଦ୍ଧ—ବର୍ତ୍ତୁଳାକାର, ପୀତ ବର୍ଣ୍ଣ ।

ଶାସ୍ତ୍ରରେ ଶାଳଗ୍ରାମ ଶିଳାର ଫଳଶ୍ରୁତି ନିମ୍ନଲିଖିତରୂପେ ବର୍ଣ୍ଣିତ ହୋଇଅଛି । (୧) ଛତ୍ରାକାର—ରାଜ୍ୟପ୍ରଦ । (୨) ବର୍ତ୍ତୁଳାକାର—ଲକ୍ଷ୍ମୀପ୍ରଦ । (୩) ଶକଟାକାର—ଦୁଃଖଦ । (୪) ଶୂଳାଗ୍ରାକାର—ମୃତ୍ୟୁଦ । (୫) ବିକୃତାକାର—ଦାରିଦ୍ର୍ୟଜନକ । (୬) ପିଙ୍ଗଳବର୍ଣ୍ଣ—ହାନିକର । (୭) ଭଗ୍ନଚକ୍ର—ବ୍ୟାଧିକର । (୮) ବିଦୀର୍ଣ୍ଣାକାର—ମୃତ୍ୟୁଦ । 'ଓଁ ନମୋ ନାରାୟଣ' ଏହି ମନ୍ତ୍ରଦ୍ୱାରା ଶାଳଗ୍ରାମଙ୍କ ପୂଜା କରାଯାଏ । 'ଶାଳଗ୍ରାମର ଶୋଇବା ବସିବା ସମାନ' ପ୍ରବଚନ—ଶାଳଗ୍ରାମଶିଳା ବର୍ତ୍ତୁଳାକାର ବା ଗୋଲ ଥିବାରୁ ସବୁ ଅବସ୍ଥାରେ ଶାଳଗ୍ରାମର ଅବସ୍ଥିତି ସମାନ । ସକଳ ଅବସ୍ଥାରେ ସମଭାବଯୁକ୍ତ ବା ବିଶେଷତ୍ୱବିହୀନ ବ୍ୟକ୍ତି ପ୍ରତି ଏ ପ୍ରବଚନ ପ୍ରଯୁକ୍ତ ହୁଏ ।]

ଶାଳଗ୍ରାମ ଶିଳା—ସଂ. ବି—ଶାଳଗ୍ରାମ; ଗଣ୍ଡକୀ ନଦୀ ଗର୍ଭରୁ ପ୍ରାପ୍ତ
Śālagrāma śilā ଉପଲ ଖଣ୍ଡ—Balls or pieces of pebble found in the bed of the Gaṇḍaki river; geode stone.

ଶାଳଗ୍ରାମୋଦକ—ସଂ. ବି—ଯେଉଁ ଜଳରେ ଶାଳଗ୍ରାମ ଶିଳାକୁ ସ୍ନାନ
Śālagrāmodaka କରା ଯାଇଥାଏ ସେହି ପବିତ୍ର ଜଳ—Sacred water in which a Śālagrāma has been washed [ଦ୍ର—ଏହାକୁ ବିଷ୍ଣୁପାଦୋଦକ ରୂପେ ଭକ୍ତମାନେ ଗ୍ରହଣ କରନ୍ତି ।]

ଶାଳ ଘର—ଦେ. ବି—୧ । କମାର, ଅଠାରି, ବଢ଼େଇ ଆଦି ଶିଳ୍ପୀଙ୍କ
Śāḷa ghara କର୍ମଗୃହ—1. The workshop of a
ଶାଳ ପସାର brazier, carpenter or other artisan. ୨ । ଯେଉଁ ଘରେ ଦୋରୁଅରୁ ଗୁଡ଼ ତିଆରି ହୁଏ—2. A shed where cane juice is boiled to be made into molasses.

ଶାଲଙ୍କଟାଙ୍କଟ—ସଂ. ବି—(ଶାଲଙ୍କଟଙ୍କଟା+ଅପତ୍ୟାର୍ଥେ ଅ)—ସୁକେଶୀ
Śālaṅkaṭāṅkaṭa ରାକ୍ଷସ—A name of demon Sukeśī. (ଦ୍ର—ଏ ବିଦ୍ୟୁତ୍‌କେଶୀର ଭାର୍ଯ୍ୟା ଶାଲଙ୍କଟଙ୍କଟାର ଗର୍ଭରୁ ଜାତ ହୋଇଥିଲା—ବିଶ୍ୱକୋଷ)

ଶାଲଙ୍କାୟନ—ସଂ. ବି—୧ । ଜନୈକ ମୁନି—1. Name of a
Śālaṅkāyana sage. ୨ । ବିଶ୍ୱାମିତ୍ରଙ୍କ ଏକପୁତ୍ର—2. Name of a son of Biswāmitra. ୩ । ଶିବଙ୍କର ଅନୁଚର; ନନ୍ଦୀ—3. The cheaf attendant of 'Śiba'.

ଶାଲଙ୍କାୟନଜା—ସଂ. ବି. ସ୍ତ୍ରୀ—ବ୍ୟାସଙ୍କ ମାତା ସତ୍ୟବତୀ—
Śālaṅkāyanajā A name of the mother of Byāsa.

ଶାଲଙ୍କି—ସଂ. ବି—ପାଣିନିଙ୍କ ନାମ (ହି. ଶ)—
Śālaṅki A name of Pāṇini.

ଶାଲଙ୍କୀ—ସଂ. ବି—୧ । ଗୁଡ଼ି (ହି. ଶ)—1. Paper kite. ୨ ।
Śālaṅkī କାଠ ପିତୁଳା (ହି. ଶ)—2. Wooden doll.

ଶା(ଶି)ଲଙ୍କୀ-ବିଦେ.ବି. (ଅ)—ମୁସଲମାନଙ୍କ ବ୍ୟବହୃତ ମାଟିର ଭୋଜନ ପାତ୍ର—An earthen lesh died by Muslims.
Śā(śi)lanki
শালঙ্কি सालंकि

ଶାଲଜ - ସଂ. ବି— ଶାଳ ୧। (ଦେଖ)
Śāḷaja Śāḷ 1. (See).

ଶାଲ(ଳି)ଞ୍ଚ—ସଂ.ବି— (ବୈଦ୍ୟକ)—ମଦରଙ୍ଗା ଶାଗ—An aquatic creeper; Alternathera Sessilis.
Śāḷa(ḷi)ñcha
ଅନ୍ୟ ସଂ.— ନାମ ଶାଲଞ୍ଚ, [ଦ୍ର—ଏହା ଅଗ୍ନି ବର୍ଦ୍ଧକ; କଫ ବାତ ନାଶକ, ଲୌହସାରକ, ପ୍ରଶମକ ଇତ୍ୟାଦି; ମୂର୍ଚ୍ଛା, କଫ; ପିତ୍ତ ରକ୍ତଦୋଷ; ଓ. ମଦରଙ୍ଗା; କାଶୀ ଓ ଅର୍ଶ ରୋଗ ନାଶକ । ଗନ୍ଧଙ୍ଗା; শালিঞ্চ, শাঞ্চা শাঞ্চেশাক, শাঞ্চি शालंच शान्तिशाग

ଶାଲ ତରୁ - ସଂ. ବି—ଶାଳ ୪ (ଦେଖ)
Śāḷa taru Śāḷa 4 (See)

ଶାଲତି—ସଂ.ବି—(ଶାଲ=ବୃକ୍ଷବିଶେଷ+ତି)—ଶାଳ କାଠରେ ନିର୍ମିତ କ୍ଷୁଦ୍ର ନୌକା ବିଶେଷ—A sort of amall boat made of Sal wood.
Śāḷati

ଶାଲ ନିର୍ଯ୍ୟାସ—ସଂ. ବି (ଷଷ୍ଠୀତତ୍)—ସର୍ଜରସ; ଝୁଣା— Resin.
Śāḷa nirjyāsa

ଶାଲପର୍ଣ୍ଣୀ—ସଂ. ବି—(ଶାଲ=ଶାଳ ବୃକ୍ଷର ପର୍ଣ୍ଣ=ପତ୍ର ପରି ପତ୍ର ଯାହାର, ଶାଲ+ପର୍ଣ୍ଣ+ଈପ୍)—ଶିମ୍ବାଦି ବର୍ଗର
Śāḷaparṇṇi
[ଶାଳପର୍ଣ୍ଣୀ (ଚ)— ଦେ. ରୂପ] ଦ୍ୱିଧା ଭିନ୍ନ କ୍ଷୁପ ବିଶେଷ—Desmodium Gangeticum; Hedysarum Gangeticum; Waria Hamosa; Flamingia Paniculata: Flemingia Stricta.
ଅନ୍ୟ ସଂ.ନାମ—ସ୍ଥିର, ସୌମ୍ୟା, ସ୍ଥିରଦଳା, ବିପର୍ଣ୍ଣୀ, ପୀବରୀ, ଗୁହା, ଦ୍ୱିପତ୍ରୀ, ଧ୍ରୁବା, ବଦାଉଦଳା, ଘର୍ମଦୂଲା, ପୀତନୀ, ଭଗ୍ନ, ସୁଧା, ସୁଭଗା, ଦେବୀ; ଶାଲପତ୍ରୀ ଶାଲଦଳା, ସର୍ପପର୍ଣ୍ଣା, ଅଂଶୁମତୀ] [ଦ୍ର—ଏହାର ପତ୍ରର ମୂଳ ଗୋଲ ଓ ଅଗ୍ର ସୂକ୍ଷ୍ମ । ପତ୍ରର ତଳପାଖ ଲୋମଶ ଓ ଶାଳପତ୍ରର ଆକାର ବିଶିଷ୍ଟ; ଫୁଲ ଶ୍ୱେତ ଓ ବାଇଗଣୀ । ଏକ ଡାଳରେ ଫୁଲ ଧଳା । ଏହାର କୁଣ୍ଡରେ ୫୬ ଗୋଟି ମଞ୍ଜି ଥାଏ । ଗ୍ରୀଷ୍ମ ଶୀତଦିନେ ଫଳେ । ଏହା ବୈଦ୍ୟଶାସ୍ତ୍ରୋକ୍ତ ଦଶମୂଳ ପାଚନର ଗୋଟିଏ ଉପକରଣ ।
শালপানি, শালানি
सरिवन
ମ. ଶାଲବନ୍, ଭୁଇଁ ସେବଗା
ତେ. ସୁପ୍ପାଲୁପୋର, ଚିଟ୍ଟିଆକୁପନ୍ନ
ଏହା ପୁଷ୍ଟିକର, ରସାୟନ, ତିକ୍ତମଧୁରରସ ଓ ଗୁରୁପାକ; ଏହା ବମନ, ଜ୍ୱର, ଶ୍ୱାସ, ଅତିସାର, ଶୋଥ, ତ୍ରିଦୋଷ, କ୍ଷତ, କାଶ ଓ କୃମି ରୋଗରେ ଉପକାରୀ । ଏହା ଅଲ୍ପବରେ ପୃଶ୍ନିପର୍ଣ୍ଣୀ ବ୍ୟବହାର କରିବାର ଉପଦେଶ ଅଛି ।]

ଶାଲ ପହଣୀ—ଦେ. ବି—ଜଳାଶୟରୁ ଶେଣାଦ୍ୱାରା ପାଣି ଉଠାଇବା ପାଇଁ କୂଳରେ ଖୋଳା ହୋଇଥିବା ଅର୍ଦ୍ଧଚନ୍ଦ୍ରାକାର ଗର୍ତ୍ତ (ଯେଉଁ ପହଣୀର କୂଳ ପାଖରେ ଲୋକେ ଠିଆ ହୋଇ ଶେଣାଦ୍ୱାରା ପାଣି ଉପରକୁ ଉଠାନ୍ତି ।)—A pit grooved into the shore of a tank from which the accumulated water is baled out by persons standing on its rim. [ଦ୍ର—ଶେଣା ତଳେ ନୋଟ ଦେଖ]
Śāḷa pahaṇi
ডোবগাড়ি गडुवा
খালি

ଶାଲବ—ସଂ. ବି—ଲୋଧ୍ର (ବୃ. ଷ)
Śāḷaba Simplocos Recemosus.

ଶାଲବଣିଆ(ଆଁ)—ଦେ. ବି.—(ସଂ. ଶାଳ ବନ)-ଶାଳ ଗଛର ବଣ—A forest of Śal trees. (ଭୂଳ— ତାଳ ବଣିଆ)
Śāḷa baṇiā(āñ)
শালবন सालबन

ଶାଲବଣିଆ(ଆଁ) ବାର୍‌ହା—ଦେ. ବି—ଏକ ପ୍ରକାର ବରାହ—A species of boar. (ଦ୍ର—ବାର୍‌ହା ତଳେ ନୋଟ ଦେଖ ।)
Śāḷabaṇiā b(āñ)ār-hā
শাল বনের বরাহ

ଶାଳ ବାନ୍ଧିବା—ଦେ. କ୍ରି—ଶେଣାରେ ପାଣି ଉଠାଇବା ପାଇଁ ଶାଳ ପ୍ରସ୍ତୁତ କରିବା—To dig a reservoir or pit on the shore of a tank for baling out water from it. [ଦ୍ର— ମେଞ୍ଚୁଲୁ ଲଗାଇ ଶାଳ ବାନ୍ଧନ୍ତି—ପ୍ରାଚୀ. ସପ୍ତଜେଗୀତା ।]
Śāḷa bāndhibā
ঝালী বাঁধা
गड्ढा खोदना

ଶାଳ ବେଷ୍ଟ (ରସ)—ସଂ. ବି—ଶାଳନିର୍ଯ୍ୟାସ; ଝୁଣା (ବୈଦ୍ୟକୋଷ)— Resin.
Śāḷa beshṭa (rasa)

ଶାଲଭ—ସଂ. ବିଣ (ଶଲଭ+ଅ)—ଶଲଭ ସମ୍ବନ୍ଧୀୟ—Relating to Śalabha or moth. ସଂ. ବି—ପତଙ୍ଗ ପରିକୁ ବୁଡ଼ିବା ଭଳି ବନା ବିଚାରରେ କୌଣସି ଆପଦକୁ ଡେଇଁ ପଡ଼ିବା (ବୃ. ଷ)—Jumping into a danger without due consideration (like a moth jumping into a light).
Śālabha

ଶାଲ ଭେଦ—ସଂ. ବି—ଶାଳ ୫ (ଦେଖ)
Śāḷa bheda Śāḷa 5 (See)

ଶାଲଭଞ୍ଜ(ଞ୍ଜୀ)—ସଂ. ବି (ଶାଳ=ଶାଳ କାଠ+ଭଞ୍ଜ୍ ଧାତୁ+ସମ୍ପ୍ରଦାନ ଇ;+ଈ; ଯାହା ପାଇଁ ଶାଲକାଠକୁ ଭାଙ୍ଗନ୍ତି)—୧ । କାଷ୍ଠ ପୁତ୍ତଳିକା; କାଷ୍ଠଖୋଦିତ ମୂର୍ତ୍ତି; ପୁଅପିଲା—1. A wooden doll. ୨ । (+କର୍ତ୍ତୃ. ଅ;+ଈ) ଗଣିକା; ବେଶ୍ୟା—2. Prostitute; harlot ୩ । (+ଅଧିକରଣ. ଅ;+ଈ) କ୍ରୀଡ଼ାବିଶେଷ—3. A kind of game.
Śāḷabhañja(ñjī)
(ଶାଲଭଞ୍ଜିକା—ଅନ୍ୟରୂପ)

ଶାଲ ମର୍କଟ—ସଂ. ବି—ଡାଳିମ୍ବ ଗଛ—Pomegranate tree.
Śāḷa markaṭa (ଶାଲ ମର୍କଟକ—ଅନ୍ୟରୂପ)

ଶାଲ ମାଛ—ଦେ. ବି—ଶାଳ ୧ (ଦେଖ)—Śāḷa 1 (See)
Śāḷa māchha সাল মাছ शाल माछ

ଶାଲ ମୁହାଁ—ଦେ. ବି—ପାଣିବୁହା ଶାଳର ଯେଉଁଠାରେ ଶେଣାରେ ବୁହାଯିବା ପାଣି ପ୍ରଥମେ ପଡ଼େ—A place where the water baled out is first deposited.
Śāḷa muhāñ
ঝালী মাথনা

ଶାଲ ଯୁଗ୍ମ (ଦ୍ୱୟ)—ସଂ. ବି—ଶାଳୁଆ ଓ ପିଅଶାଳ ଗଛ—The Śāḷa & the Piāśāḷa trees.
Śāḷa jugma (dwaya)

ଶାଲସ୍ର—ଦେ.ବ (ସଂ.ଶଲ୍ଲକ)—ଏକପ୍ରକାର ବଡ଼ କଣ୍ଟା ଗଛ;ଶଲସ୍ର—
Śālarā A kind of thorny tree. [ଦ୍ର—ଏଥିର କଣ୍ଟା ହସ୍ତ କଣ୍ଟା ପରି । ଦେହ ଅଖାଦ୍ୟ, ପଡ଼କୁ ହରିଣିଥିବା ଘାଅରେ ବାନ୍ଧ ବୋଳଲେ ଘାଅ ଭଲ ହୋଇଯାଏ । ପତ୍ରର ବର୍ଣ୍ଣ ଧଳା । ବୋଳ ଅର୍ଥଁ ଲା ବୋଳ ପର ।]

ଶାଳ ଶାକ—ସଂ ବ—ନଳିତା ଶାଗ—
Śāḷa śāka The leaves of jute plant.

ଶାଳ ଶୃଙ୍ଗ—ସଂ. ବ—କାନ୍ଥର ଅଗ୍ରଭାଗ (ହ୍ର. ଶ)—
Śāḷa śruṅga The top of a wall.

ଶାଳ ସାର—ସଂ. ବ—୧ । ହିଙ୍ଗୁ—1. Assafoetida. ୨ । ଝୁଣା
Śāḷa sāra —2. Resin. ୩ । ଶାଳ ଗଛ—3. The Śaḷa tree. ୪ । ବୃକ୍ଷ (ହ୍ର. ଶ)—4. Tree.

ଶାଳା—ସଂ. ବ (ଶାଲ୍ ଧାତୁ=ଗମନ କରିବା+କର୍ମ. ଅ+ଆ; ଯେଉଁ
Śāḷā ଠାକୁ ବିଶ୍ରାମାର୍ଥେ ଗମନ କରାଯାଏ)—୧ । ଆଳୟ; ଗୃହ—1. House; abode. ୨ । ଗୃହୈକଦେଶ; ଗୃହର ଅଂଶ—2. A part of a house. ୩ । ଇବିଶିଷ୍ଟ କାର୍ଯ୍ୟରେ ବା ଉଦ୍ଦେଶ୍ୟରେ ବ୍ୟବହୃତ ଗୃହ—3. A room or place used for a particular purpose. [ଯଥା—ପାଠଶାଳା, ଅଗ୍ନିଶାଳା, ଯଜ୍ଞଶାଳା] ୪ । ଘରର ଶାହାଳି—4. Row of houses. ୫ । ବଡ଼ ଡାଳ—5. A big branch. ୬ । ଇନ୍ଦ୍ରବଜ୍ରା ଓ ଉପେନ୍ଦ୍ରବଜ୍ରା ବୃତ୍ତଦ୍ୱୟର ଯୋଜନାରେ ରଚିତ ବୃତ୍ତ ବିଶେଷ—6. Name of a mixed Sanscrit metre. [ଦ୍ର—ଏଥିର ତୃତୀୟ ଚରଣ ଉପେନ୍ଦ୍ରବଜ୍ରା ଓ ବାକି ୩ ଚରଣ ଇନ୍ଦ୍ରବଜ୍ରା ବୃତ୍ତ—ହ୍ର. ଶ ।]

ଶାଳା—ସଂ. ବ—ଶାଳା (ଦେଖ)—Śāḷā (See) ବୈଦେ. ବ
Śālā (ହିନ୍ଦୀରୁ ଓ ବଙ୍ଗଳାରୁ ଅନୁକୃତ. ସଂ. ଶ୍ୟାଳକ)—ଶଳା;
साला ଶ୍ୟାଳକ—Wife's brother. [ଦ୍ର—ଶଳା ଶବ୍ଦର
শালা ଏହି ଅର୍ଥରେ ଗାଳିରେ ବ୍ୟବହୃତ ହୁଏ । ସାଧାରଣତଃ ଅନ୍ୟ ଦେଶରେ ଦେଖାଯାଏ ଯେ ଶିକ୍ଷିତ ଓ ବଡ଼ ଲୋକେ ରାଗି ଗଲେ ହିନ୍ଦୀ ଭାଷାର ଆଶ୍ରୟ ନିଅନ୍ତି ।]

ଶାଳାକ—ସଂ. ବ (ଶଳାକା+ଅ)—୧ । ଚିକିତ୍ସାରେ ବ୍ୟବହୃତ ଅସ୍ତ୍ର—
Śāḷāka 1. Surgical instrument. ୨ । ଲଟାଁ; ଜଙ୍ଗଲ (ହ୍ର. ଶ)—2. Jungle. ୩ । ଜଙ୍ଗଲ ଜାଳ ଉତ୍ପାଦନ କରିଯିବା ଅଗ୍ନି (ହ୍ର. ଶ)—3. Fire produced by setting fire to a jungle.

ଶାଳାକୀ—ସଂ. ବ ପୁଂ (ଶାଳାକ+ଇନ୍)—୧ । ଅସ୍ତ୍ରଚିକିତ୍ସକ—1. A
Śāḷākī surgeon. ୨ । ଭଣ୍ଡାରୀ—2. A barber. ୩ । ଭଲ୍ଲଧାରୀ ବ୍ୟକ୍ତି—3. A person carrying a Javelin.
(ଶାଳାକିନୀ—ସ୍ତ୍ରୀ)

ଶାଳାକ୍ୟ—ସଂ. ବ—ଆୟୁର୍ବେଦୋକ୍ତ ଅଷ୍ଟାଙ୍ଗ ତନ୍ତ୍ରର ଏକତମ, ଯହିଁରେ
Śāḷākya ଶିରୋରୋଗ, ନେତ୍ରରୋଗ, କର୍ଣ୍ଣରୋଗ, ମନ୍ୟା, ଭ୍ରୂ, ଶଙ୍ଖ, କଣ୍ଠ, ଜିହ୍ୱା, ଓଷ୍ଠାଧର, ମୁଖଗହ୍ୱର ପ୍ରଭୃତି ସ୍କନ୍ଧର ଉପରେ ଥିବା ଦେହାଂଶର ରୋଗମାନଙ୍କର ବିବରଣ ଓ ସେମାନଙ୍କ ପ୍ରତୀକାର କର୍ମ (ଯଥା—ଅଞ୍ଜନ, ନସ୍ୟ, ବର୍ତ୍ତୀ, ଅଭ୍ୟଙ୍ଗ, ମୁଖଗଣ୍ଡୂଷକ୍ରିୟା) ବର୍ଣ୍ଣିତ ହୋଇଅଛି—Title of a section of the Hindu medical science dealing with the diseases of the ear, head, eye, throat etc and their treatments.

ଶାଳାଙ୍କୀ—ସଂ. ବ (ଶାଳ=ଶାଳକାଠ+ଅଙ୍କ୍ ଧାତୁ=ଗମନ
Śāḷāṅki କରିବା+ଅପାଦାନେ ଅ+ଈ)—ଶାଳଭଞ୍ଜି; କାଠର ପିତୁଳା—A wooden doll.

ଶାଳାଜିର—ସଂ. ବ—ଶରାବ; ଶରା (ବିଶ୍ୱକୋଷ)—
Śāḷājira A small earthen pan.

ଶାଳାଞ୍ଚି—ସଂ. ବ—ମଦରଙ୍ଗା ଶାଗ (ବିଶ୍ୱକୋଷ)—
Śāḷāñchi An aquatic potherb.

ଶାଳଣ ତୁଙ୍ଗ—ଦେ. ବ—ଉତ୍କଳର ପ୍ରାଚୀନ ତୁଙ୍ଗବଂଶୀୟ ଜଣେ ରାଜା—
Śāḷāṇa tuṅga A king of the Tuṅga dynasty of ancient Utkaḷa. [ଦ୍ର—ଏହି ତୁଙ୍ଗ ରାଜାମାନେ ନିଜକୁ ଅଷ୍ଟାଦଶ ଗୋଣ୍ଡମାଧିପତି ବୋଲି ଘୋଷଣା କରୁଥିଲେ । ଏମାନେ ଯମଗର୍ତ୍ତ ମଣ୍ଡଳର ରାଜା ଥିଲେ । ଏମାନଙ୍କ ଦାନପତ୍ରରେ ବର୍ଣ୍ଣିତ ଗ୍ରାମମାନ ବଣାଇ, କେନ୍ଦୁଝର, ପାଲଲହଡ଼ା ପ୍ରଭୃତି ରାଜ୍ୟରେ ଚିହ୍ନିତ ହୋଇଅଛି—ଶ୍ରୀମାନ୍ କେଦାରନାଥ ମହାପାତ୍ର ।]

ଶାଳାତୁର—ସଂ. ବ (ନାମ)—ବର୍ତ୍ତମାନ ଲାହୋର—Modern
Śāḷātura Lahore. (ଦ୍ର—କାଶ୍ମୀର,,ପୁଷ୍କଳାବତୀ, ତକ୍ଷଶିଳାପୁରୀ, ଶାଳାତୁର, ହଂସପୁର ଅବଧକର ଯେତେ—ରାଧାନାଥ. ମହାଯାତ୍ରା ।)

ଶାଳାତୁରୀୟ—ସଂ. ବ—ସାଳାତୁରୀୟ (ଦେଖ)
Śāḷāturiya Sāḷāturiya. (See)

ଶାଳାନୀ—ସଂ. ବ—ଶାଳପର୍ଣ୍ଣୀ (ହ୍ର. ଶ)
Śāḷāni Śāḷaparṇṇi. (See)

ଶାଳାବୃକ—ସଂ. ବ (ଶାଳା=ଗୃହ+ବୃକ=ହେଟା)—୧ । ବାନର—
Śāḷābruka 1. Monkey. ୨ । କୁକୁର—2. Dog. ୩ । ବିରାଡ଼ି—3. Cat. ୪ । ଶିଆଳ; ଶୃଗାଳ—4. Jackal. ୫ । ହରିଣ—5. Stag. ୬ । ଗନ୍ଧଗୋକୁଳ; ଶାଳଅଧରନ—6. The civet cat; Viverra Gunda. ୭ । କୋକଶିଆଳ (ହ୍ର. ଶ)—7. Fox.

ଶାଳାମୃଗ—ସଂ. ବ—ଶୃଗାଳ; ବିଲୁଆ —
Śāḷā mruga Jackal.

ଶାଳାର—ସଂ. ବ (ଶାଳା=ଗୃହ+ଋ. ଧାତୁ=ଗମନ କରିବା+
Śāḷāra କରଣ. ଅ)—୧ । ହସ୍ତୀର ନଖ—1.The nails of an elephant. ୨। ନିଶୁଣି; ସିଡ଼ି—2. Staircase ladder. ୩ । ପକ୍ଷୀର ପିଞ୍ଜରା—3. Bird's cage. ୪ । କାନ୍ଥରେ ଲାଗିଥିବା ଖୁଣ୍ଟ (ହ୍ର. ଶ)—4. Pillar attached to a wall.

ଶାଳି—ସଂ. ବି (ଶାଲ୍ ଧାତୁ=ପ୍ରଶଂସା କରିବା+କର୍ମ. ଇ; ଲୋକେ
Śāli ଏହାକୁ ପ୍ରଶଂସା କରନ୍ତି)—୧ । ହୈମନ୍ତିକ ବା ଶାରଦ ଧାନ—1. Autumnal paddy; winter paddy. (ଉ—ଯାକୁ ମିଳଇ ଦ୍ରବ୍ୟ ଶାଳ ଅନ୍ନ, ତାର କଗଡ଼ା ଭୁଚେ କାହିଁ ମନ । ଗୋପୀଭାଷା ।) [ଦ୍ର—
ଅନ୍ୟ ସ. ନାମ—ମଧୁର, ରୁଚ୍ୟ] ସୁଶ୍ରୁତରେ କଳମଧାନ୍ୟ ବା
ବ୍ରୀହିଶ୍ରେଷ୍ଠ, ନୃପପ୍ରିୟ, କନ୍ଦୁଦ୍ଭେଦଜଳୋତ୍ପନ୍ନ ଧାନ୍ୟକୁ
ଧାନ୍ୟୋତ୍ତମ, କେଦାର, ଶାଳ ବୋଲାଯାଇଅଛି ଓ
ସୂକ୍ଷ୍ମଶାଳିକ । ଷଷ୍ଟିକା ଧାନ୍ୟ (ଷାଠିଆ ଧାନକୁ)
আমন ধান ଏହି ଶ୍ରେଣୀଭୁକ୍ତ କରାଯାଇଅଛି ।
जडहन, अगहनी ଅତଏବ ଏହା ବର୍ଷାଧାନ ଅଟେ; କିନ୍ତୁ ସୁଶ୍ରୁତରେ ଓ ଅଧୁନାର ବ୍ୟବହାରରେ ଏହା ଶାରଦ ବା ହୈମନ୍ତିକ ଧାନ୍ୟ ଅର୍ଥରେ ବ୍ୟବହୃତ ହେଉଅଛି । ଏ ଧାନର ଚାଉଳ ଟକ । ଦେଖାଯାଏ । ଭାବ ପ୍ରକାଶରେ ଧାନ୍ୟକୁ ପାଞ୍ଚ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ଶାଳ-ଧାନ୍ୟ, ବ୍ରୀହିଧାନ୍ୟ, ଶୁକଧାନ୍ୟ, ଶିମ୍ବୀଧାନ୍ୟ ଓ କ୍ଷୁଦ୍ର ଧାନ୍ୟ । କଣ୍ଡା ନ ହୋଇ ଯେଉଁ ହୈମନ୍ତିକ ଧାନରୁ ଧଳା ଚାଉଳ ବାହାରେ ତାକୁ ଶାଳଧାନ୍ୟ ବୋଲାଯାଏ । ଶାଳଧାନ୍ୟର ପ୍ରକାର ଭେଦ,—ରକ୍ତଶାଳ, କଳମ, ପାଣ୍ଡୁକ, ଶକୁନାହୃତ, ସୁଗନ୍ଧକ, କର୍ଦ୍ଦମକ, ମହାଶାଳ, ଦୂଷକ, ପୁଷ୍ପାଣ୍ଡକ, ମହିଷମସ୍ତକ, ଦୀର୍ଘଶୂକ, କାଞ୍ଚନକ, ହାୟନ, ଲୋଧ୍ରପୁଷ୍ପକ । ଏ ଧାନ୍ୟର ଅନ୍ୟ ସଂସ୍କୃତ ନାମମାନଙ୍କରୁ ଦେଖାଯାଉଛି ଯେ, ସରୁ ଓ ଧଳା ଚାଉଳବିଶିଷ୍ଟ ଧାନ୍ୟ ଶାଳଧାନ୍ୟ ଅଟେ । ବୈଦ୍ୟକମତରେ ଏହା ମଧୁର କଷାୟରସ, ସ୍ନିଗ୍ଧ, ବଳକର, ସ୍ୱରପ୍ରସାଦକ, ଶୁକ୍ରବର୍ଦ୍ଧକ, ଈଷତ୍ ବାୟୁ ଓ କଫବର୍ଦ୍ଧକ, ଶୀତବୀର୍ଯ୍ୟ, ପିତ୍ତନାଶକ, ମୂତ୍ରବର୍ଦ୍ଧକ, ମଳକାଠିନ୍ୟ ଓ ମଳର ଅଳ୍ପତାକାରକ, ଲଘୁପାକ, ରୁଚିକର । ଯେଉଁ ଶାଳଧାନଗଛକୁ ପ୍ରଥମେ ବୁଣି ପରେ ଉପାଡ଼ି ପୁଣି ରୁଅଯାଏ ତାକୁ ରୋପିତଶାଳ (ରୁଆ) ଓ ଯାହା ଏକାଥରକେ ମଞ୍ଜିରୁ ଜନ୍ମି କ୍ଷେତରେ ବଢ଼େ ତାକୁ ବାପିତଶାଳ (ବୁଣା) ବୋଲାଯାଏ—ଶବ୍ଦକୋଷ ।] ୨ । ଗନ୍ଧ ମାର୍ଜାର; ଶାଳିଆ ପତନି—2. The civet-cat. ୩ । ସିଂହ—3. Lion. ୪ । ବାସୁମତୀ ଚାଉଳ (ହି. ଶ)—4. A kind of fine paddy with scented rice. ୫ । କଳାଜୀର (ହି. ଶ)—5. Black cumin-seed. ୬ । ରସାଳେକ୍ଷୁ (ଶବ୍ଦକୋଷ)—6. Juicy sugarcane. ୭ । ପକ୍ଷୀ (ଶବ୍ଦକୋଷ)—7. Bird.

ଶାଳିଆ—ପ୍ରାଦେ (ଅଠମଲ୍ଲିକ) ବି—ଶାଳେଙ୍ଗି ବାଉଁଶ—
Śāliā A species of bamboo,

ଶାଳିଆ ପ(ପୁ,ପୋ)ତନି—ଦେ. ବି (ସଂ. ଶାଳ; ଶାଳାବୃକ)—
Śāliā pa(pu,po)tani ଗନ୍ଧମାର୍ଜାର; ଗନ୍ଧବିଲୁଆ; ଖଟ୍ଟାଶ—ସଂ. ନାମ—ଗନ୍ଧକୂଳ, ଗନ୍ଧମାର୍ଜାର, The civet cat;
ଖଟ୍ଟାଶ । Viverra Gunda;
গন্ধগোকুলা, ভাম Viverricula Malaccennensis. [ଦ୍ର—ଏହାର
गंध बिलाव ଦେହରୁ କସ୍ତୁରୀ ପରି ଏକପ୍ରକାର ମୃଦୁମଧୁର ଗନ୍ଧ ବାହାରେ ଓ ଏହାର ଅଣ୍ଡକୋଷକୁ କାଟିକରି ଲୋକେ ରଖନ୍ତି । ଦୃଷ୍ଟି ବ୍ରଣରେ ଏହି କୋଷକୁ ଘୋରିକରି ଲେପ ଦେଲେ ତାହା ଉପଶାନ୍ତ ହୁଏ । ଏମାନେ ଓଧଜାତୀୟ କନ୍ତୁ ବିରାଡ଼ିଠାରୁ ବଡ଼; ଲୋମ କୃଷ୍ଣ ଓ ପାଣ୍ଡୁର; ମୁହଁ ଲୋକ ପରି ଗୋଜା; ଲାଞ୍ଜ ୧୮ ହାତ ପର୍ଯ୍ୟନ୍ତ ଲମ୍ବ । ଲାଞ୍ଜରେ ଧଳା କଳା ପଟି ବା ଶଙ୍ଖାଗଣ୍ଠିଆ ଚିହ୍ନ ଥାଏ । ଏମାନେ ଫଳ ମୂଳ ଖାଆନ୍ତି ।
ବୈଦ୍ୟଶାସ୍ତ୍ର ଅନୁସାରେ ଏହା ବୀର୍ଯ୍ୟବର୍ଦ୍ଧକ, ଉଷ୍ଣ-ହୃତକର । ଏହା କଫ, ବାୟୁ, କଣ୍ଡୂ, କୁଷ୍ଠ, ଘର୍ମ ଓ ଶରୀରର ଦୁର୍ଗନ୍ଧନାଶକ ।]

ଶାଳିଆ ବାଉଁଶ—ଦେ. ବି—ଡେଲିଙ୍ଗି ବାଉଁଶ (ଦେଖ)
Śāliā bāuṅsa Deliṅgi bāuṅsa (See)

ଶାଳିକ—ସଂ. ବି (ଶାଳା+ଇକ)—୧ । ତନ୍ତୀ—1. A weaver
Śālika (Apte). ୨ । ଶୁଳ୍କ—2. Toll; tax (Apte). ୩ । ତନ୍ତୀମାନଙ୍କ ଗ୍ରାମ—A village of weavers (Apte). ସଂ. ବିଣ (ଶାଳ+କ)—ଚାଉଳରୁ ପ୍ରସ୍ତୁତ—Prepared from rice (M. W)

ଶାଳିକପିଷ୍ଟ—ସଂ ବି (ଶାଳିକ=ଚାଉଳରୁ ପ୍ରସ୍ତୁତ+ପିଷ୍ଟ)-ଚାଉଳଚୂନା-
Śālika pishṭa Rice flour (M. W).

ଶାଳିକା—ସଂ. ବି (ଶାଳା+କ+ଆ)—୧ । ଆଧାର—1. Receptacle.
Śālikā ୨ । ସାରିପକ୍ଷୀ—2. The myna bird. ୩ । ବଡ଼ାଶାରୁକନ୍ଦ; ଦେଶୀ ଅଳୁ—3. Yam. ୪ । ଶାଳପର୍ଣ୍ଣୀ (ହି. ଶ)—4. Śālaparṇi (See) ୫ । ଗୃହ, ଆବାସ (ହି. ଶ)—5. Abode; residence.

ଶାଳିଗୋପ—ସଂ. ବି. ପୁଂ (ଶାଳ+ଗୁପ ଧାତୁ=ରକ୍ଷାକରିବା+କର୍ତ୍ତୃ ଅ)
Śāligopa ଧାନ୍ୟକ୍ଷେତ୍ରରକ୍ଷୀ; ଯେଉଁମାନେ ରାତିରେ
(ଶାଳିଗୋପୀ—ସ୍ତ୍ରୀ) ଜଗିରହି ଫସଲ ଜଗନ୍ତି—Persons who watch crops in the night.

ଶାଳିଞ୍ଚ(ଞ୍ଚୀ)—ସଂ. ବି—ଶାଳଞ୍ଚ (ଦେଖ)
Śāliñcha(ñchi) Śālañcha (See)

ଶାଳିତ—ଦେ. ବିଣ (ସଂ. ଶବଳିତ)—ଚିତ୍ରିତ—Coloured;
Śālita painted. [ଦ୍ର—ବର୍ଣ୍ଣିବି ବିଧି ଶାଳିତ
চিত্রিত **चित्रित** ସାଧୁ ହଂସ କଳା ଶଙ୍ଖେ—ଲକ୍ଷ୍ମ. ବୈଦେହୀଶବିଳାସ ।]

ଶାଳିତାପତି—ପ୍ରାଦେ (ଧଳଭୂମ) ବି—ସ୍ତ୍ରୀଙ୍କ ଭଗ୍ନୀପତି; ଷଢୁ—
Śālitāpati One's wife's sister's husband.

ଶାଳିନୀ—ସଂ. ବିଣ. ସ୍ତ୍ରୀ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ
Śālini ହୁଏ, ଯଥା—ସୌନ୍ଦର୍ଯ୍ୟଶାଳିନୀ)—ଯୁକ୍ତା; ବିଶିଷ୍ଟା—
(ଶାଳୀ—ପୁଂ) (feminine) A suffix added to another word to denote 'having' ବି—

ବି.—(ଶାଳିନ୍ +ଈ)—ଏକାଦଶାକ୍ଷର ଛନ୍ଦୋବିଶେଷ— Name of a metre of 11 syllables. [ଦ୍ର—ଏଥିରେ ଯଥାକ୍ରମେ ଏକ ମଗଣ, ଦୁଇ ତଗଣ ଓ ଓ ଶେଷରେ ଦୁଇ ଗୁରୁ ବର୍ଣ୍ଣ ଥାଏ। ଏଥିର ଚରଣର ୪ର୍ଥ ଓ ୧୧ଶ ଅକ୍ଷରରେ ବିରାମ ହୁଏ; ୬ଷ୍ଠ ଓ ୯ମ ବର୍ଣ୍ଣ ଲଘୁ ଓ ଅନ୍ୟ ସବୁ ବର୍ଣ୍ଣ ଗୁରୁ।]

ଶାଳିନୀକରଣ—ସଂ. ବି-ନ୍ୟକ୍କାରବନ; ଭର୍ତ୍ସନା; ଭତ୍ସନା (ନିନ୍ଦାବିଶେଷ) Śālinikaraṇa Rebuke; calling names.

ଶାଳିପର୍ଣ୍ଣୀ—ସଂ. ବି —୧। ମାଷପର୍ଣ୍ଣୀ (ଦେଖ)—1 Māshaparṇṇi Śāliparṇṇi (See). ୨। ମେଦା ନାମକ ଔଷଧ— 2. Name of a rare herb. ୩। ପୃଶ୍ନିପର୍ଣ୍ଣୀ (ହ୍ରୁ.ଶ) (ଦେଖ)—3. Pṛuśniparṇṇi (See). ୪। ଶାଳପର୍ଣ୍ଣୀ (ହ୍ରୁ. ଶ) (ଦେଖ)—4 Śālaparṇṇi (See).

ଶାଳି ପିଷ୍ଟ—ସଂ. ବି (ଶାଳି=ଧାନ୍ୟ+ପିଷ୍ଟ=ଚୂର୍ଣ୍ଣ; ଏଥିର ବର୍ଣ୍ଣ Śāli pishṭa ସାଦୃଶ୍ୟରୁ)—ସ୍ଫଟିକମଣି—Quartz.

ଶାଳିବହ—ସଂ. ବି. ଓ ବିଣ ପୁଂ—(ଶାଳି+ବହଧାତୁ+କର୍ତ୍ତୃ. ଅ)— Śālibaha ଧାନ୍ୟବହନକାରୀ ବ୍ୟକ୍ତି(ଶବ୍ଦକୋଷ) (ଶାଳିବହା—ସ୍ତ୍ରୀ) Person carrying paddy.

ଶାଳିବା—ଦେ. କ୍ରି.(ସଂ. ଶବଳ)—ରଙ୍ଗାଇବା; ଚିତ୍ରକରିବା— Śālibā ଚିତକରା ରଙ୍ଗନା To paint.

ଶାଳିବାହ—ସଂ. ବି (ଶାଳି+ବହ ଧାତୁ+କର୍ତ୍ତୃ ଅ)—ଧାନ୍ୟବାହକକାରୀ Śālibāha ବୃଷ (ଶବ୍ଦକୋଷ)—Bullock carrying paddy on its back.

ଶାଳିବାହନ—ସଂ. ବି (ଶାଳି=ସିଂହ+ବାହନ ଯାହାର; ସିଂହରୂପୀ Śāli bāhana ଗୋଟିଏ ଯକ୍ଷକୁ ଏ ବଶୀଭୂତ କରି ତାକୁ ବାହନରୂପେ ବ୍ୟବହାର କରୁଥିବାର କିମ୍ବଦନ୍ତୀ ଥିବାରୁ ଏହି ନାମ)-ଶକାବ୍ଦପ୍ରବର୍ତ୍ତକ ନୃପବିଶେଷ--Name of a king who introduced 'Śakābda' era into India. [ଦ୍ର—ଶକ ଓ ଶକାବ୍ଦ ଶବ୍ଦ ଦେଖ। ଶକାବ୍ଦ ୧୮୪୮=ଇଂରାଜ୍ୟାବ୍ଦ ୧୯୨୬—୨୭ =ବିକ୍ରମାବ୍ଦ ୧୯୮୩—୮୪; ଶକାବ୍ଦ ଇଂରାଜ୍ୟାବ୍ଦଠାରୁ ୭୮ ବର୍ଷ କମ୍।]

ଶାଳିବାହନାବ୍ଦ—ସଂ ବି—(ଶାଳିବାହନ ପ୍ରବର୍ତ୍ତିତ ଅବ୍ଦ; ମ. ପ. ଲୋ) Śālibāhanābda ଶକାବ୍ଦ (ଦେଖ)—Śakābda (See) (ଶାଳିବାହନ ଶକାବ୍ଦ—ଅନ୍ୟରୂପ)

ଶାଳି ଶକ୍ତୁ—ସଂ ବି—ଶାରଦ ଧାନର ଭୃଷ୍ଟଲଭଜାର ଚୂନା— Śāli śaktu Winter rice fried and powdered. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁରରସ, ଶୀତବୀର୍ଯ୍ୟ, ଲଘୁପାକ, ମଳରୋଧକ। ଏହା ତୃଷ୍ଣା, ବମନ, ଜ୍ୱର ଓ ରକ୍ତ-ପିତ୍ତ ପକ୍ଷରେ ଉପକାରକ।]

ଶାଳି ହୋତ୍ର—ସଂ ବି (ଶାଳି=ଧାନ୍ୟ+ହୋତ୍ର=ହୋମ)—୧। ଅଶ୍ୱ; Śālihotra ଘୋଟକ—1. The horse. ୨। ନକୁଳକୃତ ଅଶ୍ୱଶାସ୍ତ୍ରବିଶେଷ-2. The title of a treatise on horses by Nakula ୩। ଭୋଜରାଜକୃତ ଅଶ୍ୱବୈଦ୍ୟକ ଗ୍ରନ୍ଥ—3. Title of a treatise on horses and cure of horse-deseases by Bhojarājā. ୪। ଗୋତ୍ରପ୍ରବର୍ତ୍ତକ ମୁନିବିଶେଷ— 4. Name of a sage.

ଶାଳିହୋତ୍ରୀ—ସଂ ବି ପୁଂ (ଶାଳିହୋତ୍ର+ଇନ୍, ୧ମା ୧ବ)—୧। ଅଶ୍ୱ Śālihotri ବୈଦ୍ୟ—1. Horse doctor. ୨। ପଶୁ ଚିକିତ୍ସକ (ହ୍ରୁ. ଶ)—Veterinary doctor

ଶାଳୀ—ସଂବିଣ ପୁଂ (ଶାଳିନ୍ ଶବ୍ଦ,ଅନ୍ୟ ଶବ୍ଦ ସହିତ ଯୁକ୍ତ ହୁଏ, ଯଥା— Śālī ପରାକ୍ରମଶାଳୀ, ଐଶ୍ୱର୍ଯ୍ୟଶାଳୀ; ଏହା ସଂସ୍କୃତ (ଶାଳିନୀ—ସ୍ତ୍ରୀ) ବ୍ୟାକରଣର ପ୍ରତ୍ୟୟବିଶେଷ। ଅସ୍ତି ଅର୍ଥରେ ଶବ୍ଦରେ ଯୁକ୍ତ ହୁଏ)—ବିଶିଷ୍ଟ; ଯୁକ୍ତ—(Added to another word) Joined with; having; full of. (similar to the English suffix 'ful'. as in powerful). ସଂ ବି (ସ୍ତ୍ରୀ) ୧। ଶାଳ+ଈ)—କୃଷ୍ଣ ଜୀରକ; କଳାଜୀରା—1 Black variety of cumin seed; Nigella Sativa. ୨। ମେଥି (ହ୍ରୁ. ଶ)—2 Fenugreek. ୩। ଶାଳପର୍ଣ୍ଣୀ (ହ୍ରୁ. ଶ)—3 Śālaparṇṇi (See) ୪। ଦୁରାଲଭା (ହ୍ରୁ. ଶ)—4. Durālabhā (See)

ଶାଳୀ ସାଳୀ ଦେ. ବି.ସ୍ତ୍ରୀ—(ସଂ.ଶ୍ୟାଲୀ)—ଆପଣା ସ୍ତ୍ରୀଙ୍କ କନିଷ୍ଠା ଭଗ୍ନୀ; ଶାଳକା—Wife's younger sister. [ଦ୍ର-ସ୍ତ୍ରୀଙ୍କ ବଡ଼ ଭଉଣୀଙ୍କୁ ଓଡ଼ିଆରେ ଦେଢ଼ଶାଶୁ ବୋଲାଯାଏ। ଶାଳୀଙ୍କ ସ୍ୱାମୀ ସଢ଼ୁ ଅଟନ୍ତି; ଶାଳୀଙ୍କ ପୁଅ ପୁରୁଷ ଓ ତାଙ୍କ ଝିଅ ଝିଅଣ୍ଡ ଅଟନ୍ତି; ଓଡ଼ିଆ ସମାଜରେ ସ୍ତ୍ରୀଙ୍କ ବଡ଼ ଭଉଣୀ ଦେଢ଼ଶାଶୁ ଭଉଣୀଜୋଇଁଙ୍କର ପରିହାସସ୍ଥାନୀୟା ନୁହନ୍ତି; କେବଳ ସ୍ତ୍ରୀଙ୍କ ସାନ ଭଉଣୀ ଶାଳୀ ଭଣେଇଙ୍କର ପରିହାସସ୍ଥାନୀୟା ଅଟନ୍ତି। ବଙ୍ଗୀୟ ସମାଜରେ ସ୍ତ୍ରୀଙ୍କର, କି ବଡ଼, କି ସାନ, ସବୁ ଭଉଣୀ ଶାଳୀ ଅଟନ୍ତି ଓ ଭଣେଇଙ୍କର ପରିହାସସ୍ଥାନୀୟା ଅଟନ୍ତି।] ୨। ସ୍ତ୍ରୀଲୋକଙ୍କ ପ୍ରତି ବ୍ୟବହୃତ ଗାଳି— 2. A term of vile abuse to a female. [ଦ୍ର—ଗଉଡ଼ର ମାଇପ ସମସ୍ତଙ୍କ ଶାଳୀ—ଢଗ]

[ଭଣେ(ଣୋ)ଇ—ଅପେକ୍ଷିକ ପୁଂଲିଙ୍ଗ ଶବ୍ଦ]

ଶାଳୀନ—ସଂ. ବିଣ. ପୁ.—(ଶାଳା=ଗୃହ+ଯୋଗ୍ୟର୍ଥେ ଈନ, ଯେ Śālina ଗୃହକୁ ପ୍ରବେଶ କରିବାର ଯୋଗ୍ୟ ଅଟେ)—୧। ବିନୀତ (ଶାଳୀନା—ସ୍ତ୍ରୀ) 1. Humble. ୨। ଭଦ୍ର; ନମ୍ର— 2. Gentle. ୩। ଲଜ୍ଜାଶୀଳ; ସଲଜ୍ଜ—3 Coy, modest. ୪। ତୁଲ୍ୟ; ସଦୃଶ—4. Similar; e ୫। ଶାଳା ସମ୍ବନ୍ଧୀୟ—5. Relating to house. ୬। ଧନବାନ୍ (ହ୍ରୁ. ଶ)—6. Rich. ୭। ଦକ୍ଷ; ଚତୁର (ହ୍ରୁ. ଶ)—7. Clever; skilful. ସଂ. ବି—(ଶାଳ+ଈନ)-ଉତ୍କୃଷ୍ଟ ଧାନ୍ୟ (ଶବ୍ଦକୋଷ)— Excellent paddy.

ଶାଳୀନତା(ତ୍ୱ)—ସଂ ସ୍ତ୍ରୀ—(ଶାଳୀନ+ଭାବେ. ତା; ତ୍ୱ)—୧ । ନମ୍ରତା;
Sā͟linatā(twa) ଭଦ୍ରତା—1. Gentleness; humbleness
୨ । ଲଜ୍ଜାଶୀଳତା—2. Modesty.

ଶାଳୀନା—ସଂ. ବଣ—(ଶାଳୀନ+ଆ)—ଶାଳୀନର ସ୍ତ୍ରୀଲିଙ୍ଗ—
Sā͟linā Feminine of Sā͟lina. ସଂ. ବି—୧ । ଶତପୁଷ୍ପା;
ଶଲ୍ପ—1. Dill seed; fernel seed; Anethum
Graveyolens. ୨ । ପାନମଧୁରି—2. Aniseed.

ଶାଳୀ ପରିହାସ—ଦେ. ବି—ଶ୍ୟାଳକା ଓ ଭଗ୍ନୀପତିଙ୍କ ମଧ୍ୟରେ ପ୍ରଚଳିତ
Sā͟li parihāsa ଥଟ୍ଟା—Jesting and joking mutu-
শালীর ঠাট্টা साली ठट्ठा ally exchanged between a
साली परिहास girl or woman and her elde
sister's husband.

ଶାଳୀ ପରିହାସୀ—ଦେ. ବଣ ସ୍ତ୍ରୀ—ଶ୍ୟାଳକା ସ୍ଥାନୀୟା (ସ୍ତ୍ରୀ); ଯେଉଁ ସ୍ତ୍ରୀଙ୍କ
Sā͟li parihāsi ସଙ୍ଗେ କୌଣସି ପୁରୁଷ ଥଟ୍ଟା ପରିହାସ କରି
শালীর মতন পାରନ୍ତି—A woman related to a male
साली परिहासी as a sister-in-law with whom he
(ସଲିଳେଙ୍ଗ—ଅନ୍ୟରୂପ) can cut jokes.

ଶାଳୀ ଭିଣେଇ(ଣା)ଇ—ଦେ. ବି—(ସମ୍ବନ୍ଧ; ଅପେକ୍ଷିତ ଶବ୍ଦଦ୍ୱୟ)—
Sā͟li bhine(no)i ଶ୍ୟାଳକା ଓ ଭଗ୍ନୀପତି—
শালী ভগিনপতি Persons related mutually as
सालीबहनोई sister-in-law and sister's husband.

ଶାଳୀୟ—ସଂ. ବଣ—୧ । (ଶାଳା+ଈୟ)—ଶଳା ସମ୍ବନ୍ଧୀୟ—1. Re-
Sā͟liya lating to Sā͟la. ୨ । ଶାଳବୃକ୍ଷ ସମ୍ବନ୍ଧୀୟ—2.
Relating to the Sā͟la tree. ସଂ. ବି—
ଜଣେ ବୈଦିକ ଅଚାର୍ଯ୍ୟ—Name of a vedic
preceptor.

ଶାଳୁ(ଲୁ)—ସ.ବି-(ଶୃ ଧାତୁ=ହିଂସା କରିବା+କର୍ତ୍ତୃ.ଉ)—୧ । କଷାୟ
Sā͟lu(lu) ଦ୍ରବ୍ୟ—Astringent thing. ୨ । ବେଙ୍ଗ;
ବେଙ୍ଗ—2. Frog. ୩ । ଗନ୍ଧର୍ବ ବିଶେଷ—3.
Name of a Gandharba. ୪ । ଶାଳୁକ;ପଦ୍ମ-
ମୂଳ—4. The root of lotus. ୫ । ଔଷଧ
ନାମକ ଔଷଧ—5. Name of a medicinal
herb. ୬ । ଫଳ ବିଶେଷ (ହ. ଶ)—6. A kind
of fruit. ୭ । ପଦ୍ମକନ୍ଦ—7. The root of
lotus.

ଶାଳୁଆ—ଦେ. ବି—(ସଶାଳ)—୧ । ଶାଳ ୪ (ଦେଖ)—1. Sā͟la
Sā͟luā 4 (See) ୨ । ବାଉଁଶ କାଟିରେ ବୁଣା ହୋଇଥିବା
শাল साल, सालु ମାଛ ଧରିବାର ବାଉଁଶ ଯନ୍ତ୍ର—2. A
सिरकि Contrivance made by weaving split
শালকাঠেরডোঙ্গা bamboos for catching fish. ୩ ।
सालुकाडोंगि ଶାଳଗଛ କାଟି ଖୋଳା ଡଙ୍ଗା—3. A small
যারাসিঅনিতেজলবহে boat made of 'Sā͟la' tree
दौडिवाला ୪ । ଶେଣାଦ୍ୱାରା ପାଣି ବୋହିବାରେ ନିଯୁକ୍ତ ଲୋକ-
ଯୁଗ—4. Pairs of labourers engaged in
baling out water from a tank by means
of a Senā.

ଶାଳୁଆ ଗଜା—ଦେ. ବି—ଛୋଟ ବା କଅଁଳିଆ ଶାଳୁଆ ଗଛ—Sal
Sā͟luā gajā sāpling.
শালের চারা(গজা) सालुकापौधा

ଶାଳୁଆଣି—ଦେ. ବି—୧ । ଶାଳ ୫ (ଦେଖ)—1. Sā͟la 5 (See)
Sā͟luāni ছোটসালগাছ ୨ । ଛୋଟ ଓ ଗଣ୍ଠିଗଣ୍ଠିଆ ଶାଳଗଛ—
सालुका तुरा 2. Small knotty Sal tree.

ଶାଳୁଆ ପ(ପୁ, ପୋ)(ତା)ଣି—ଦେ. ବି—ଶାଳିଆ ପଟଣି (ଦେଖ)—
Sā͟luāpa(pu; po)ta(tā)ni Sā͟liā patani (See)

ଶାଳୁ(ଲୂ)କ—ସ. ବି-(ଶଲ୍ ଧାତୁ=ଗମନ କରିବା+କର୍ମବାଚ୍ୟ;ଉକ)—
Sā͟lu(lū) ka ୧ । କୁମୁଦ; କଇଁ—1. Water lily. ୨ ।
পদ্মেরগোড়া,শালুক ପଦ୍ମକନ୍ଦ; ପଦ୍ମର ମୂଳ; ପଦ୍ମମୂଳ—2.
कसेरु,मसिंड The tuberous root of lotus. [ଦ୍ର—
ଭେ. ନାଳକାସ୍ତୁ ବୈଦ୍ୟକ ଅନୁସାରେ ଏହା ମଧୁର ରକ୍ତଶସ୍ତ,
ଅଳ୍ପ. ସ. ସଙ୍କୁଚିତ; ଶାଳୁ] ମଳ ରୋଧକ, ଶୁକ୍ରବର୍ଦ୍ଧକ, କଫକାରକ
ଓ ପିତ୍ତ ଶାନ୍ତିକର ।]

ଶାଳୁ(ଲୂ)ର—ସ. ବି-(ଶଲ୍ ଧାତୁ-ଗମନ କରିବା+କର୍ତ୍ତୃ. ଉର;ଊର)—
Sā͟lu(lū)ra ଭେକ; ବେଙ୍ଗ—Frog; toad

ଶାଳୁଶାଳୁ—ଦେ. ବଣ.—ସାଲୁ ସାଲୁ (ଦେଖ)
Sā͟lu sā͟lu Sālu sālu (See)

ଶାଳୁକିଣୀ ଦେଶାଶ୍ୱମେଧ—ସ. ବି-ହିନ୍ଦୁମାନଙ୍କର ତୀର୍ଥବିଶେଷ—Name
Sā͟lūkini dasaswamedha of a place of Hindu
pilgrimage. [ଦ୍ର—ଶାଳୁକିଣୀ ଦଶାଶ୍ୱମେଧେ
ଅଶ୍ୱମେଧ,ଫଳ ଲଭଇ ସ୍ନାନ କଲେ ନର ବୋଧ—କୃଷ୍ଣସିଂହ
ମହାଭାରତ. ବନ ।]

ଶାଳେୟ—ସଂ. ବି (ଶାଳ=ଧାନ୍ୟ+ଉତ୍ପାଦକାର୍ଥେ ଏୟ)—୧ । ଯେଉଁ
Sā͟leya କ୍ଷେତ୍ରରେ ଶାରଦ ଧାନ ଜନ୍ମେ—1. A field
growing winter paddy. ୨ । ଶାରଦ ଧାନ
ଜନ୍ମାଇବାର ଉପଯୁକ୍ତ ଭୂମି—2. A field fit for
growing winter paddy. ୩ । ଶତପୁଷ୍ପା;
ଶଲ୍ପ—3. Dill seed. ୪ । ମଧୁରିକା; ପାନମଧୁରି—
4. Aniseed. ୫ । ବାଳମୂଳକ (ଶବ୍ଦକୋଷ)—
5. Young radish. ସଂ. ବଣ—୧ । (ଶାଳ+
ଏୟ) ଶାଳ ବୃକ୍ଷ ସମ୍ବନ୍ଧୀୟ—1. Relating to Sā͟la
tree. ୨ । (ଶାଳା+ଏୟ) ଶାଳା ସମ୍ବନ୍ଧୀୟ—
2. Relating to Sā͟la.

ଶାଳେୟା—ଦେ. ବି—ବନ୍ୟଜନ୍ତୁ ବିଶେଷ (ଶାଳଅପତନ ?)—Name
Sā͟leyā of a wild animal; (civetcat ?) ସଂ. ବି—
ମେଥି (ହ. ଶ) — Fenugreek.

ଶାଳେହା—ଦେ. ବି (ସଂ. ଶଲ-ଗଜ ମାର୍ଜାର)—ଏକପ୍ରକାର କ୍ଷୁଦ୍ର ମୃଗ-
Sā͟lehā A species of small deer.

ଶାଳୋତ୍ତର—ସଂ. ବି (ଶାଳା=ଗୃହ ଗୃହ+ଉତ୍ତର)—୧ । ମୃତ
Sā͟lottara ବିଶେଷ; ପାଣିନି ମୁନିଙ୍କ ଗୁରୁ—1. Name of a

sage who was the teacher of the famous Sanskrit grammarian Pāṇini. ୨ । ପାଣିନି ମୁନିଙ୍କ ଆଶ୍ରମ—2. The hermitage of Pāṇini.

ଶାଳୋତ୍ତରୀୟ—ସଂ. ବି (ଶାଳୋତ୍ତର ମୁନି+ଶିଷ୍ୟାର୍ଥେ ଈୟ)—
Śālottarīya ଶାଳୋତ୍ତର ମୁନିଙ୍କ ଶିଷ୍ୟ; ବିଖ୍ୟାତ ବ୍ୟାକରଣ-ସୂତ୍ର ପ୍ରଣେତା ପାଣିନି—Pāṇini; the famous Sanskrit grammarian.

ଶାଲ୍ୱ—ସଂ. ବି (ଶାଲ+ସଂଜ୍ଞାର୍ଥେ. ବ)—୧ । ଉତ୍ତର ଭାରତସ୍ଥ ପ୍ରାଚୀନ
Śālwa ଦେଶ ବିଶେଷ; ମରୁ ଦେଶ—1. Name of an ancient country in North India. ୨।(ନାମ) ପ୍ରାଚୀନ ସୌଭ ରାଜ୍ୟର ଅଧୀଶ୍ୱର—2. Name of a king of the ancient Saubha kingdom. [ଦ୍ର—ମହାଭାରତରେ ଲେଖାଅଛି ଯେ, କାଶୀରାଜଙ୍କ କନ୍ୟା ଅମ୍ବା, ଅମ୍ବିକା ଓ ଅମ୍ବାଳିକାଙ୍କୁ ଭୀଷ୍ମ ହରଣ କରି ନେବା ସମୟରେ ଭୀଷ୍ମଙ୍କ ସଙ୍ଗେ ଶାଲ୍ୱଙ୍କର ଯୁଦ୍ଧ ହୋଇଥିଲା; ତହିଁରେ ଶାଲ୍ୱ ପରାସ୍ତ ହୋଇଥିଲେ । କାଶୀରାଜଙ୍କ କନ୍ୟା ଅମ୍ବା ଶାଲ୍ୱଙ୍କୁ ବିବାହ କରିବାକୁ ପୂର୍ବରୁ ଇଚ୍ଛା କରିଥିଲେ । ଏହା ଜାଣିପାରି ଭୀଷ୍ମ ଅମ୍ବାଙ୍କୁ ଏହାଙ୍କ ପାଖକୁ ପଠାଇଦେଲେ । କିନ୍ତୁ ଏ ଅମ୍ବାଙ୍କୁ ଗ୍ରହଣ କଲେ ନାହିଁ । ଏ ଶିଶୁପାଳଙ୍କର ମିତ୍ର ଥିଲେ । ଶ୍ରୀକୃଷ୍ଣ ଶିଶୁପାଳଙ୍କୁ ମାରିବାପରେ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଶାଲ୍ୱ ଦ୍ୱାରକାକୁ ଅବରୋଧ କଲେ ଓ ଏହି ଯୁଦ୍ଧରେ ଏ ଶ୍ରୀକୃଷ୍ଣଙ୍କଦ୍ୱାରା ନିହତ ହେଲେ—(ହି. ଶ) ।]

ଶାଲ୍ୱଣ—ସଂ. ବି—୧ । ବଥକୁ ପଚାଇବା ପାଇଁ ତହିଁ ଉପରେ ଦିଆ
Śālwaṇa ଯିବା ଲେପ; ପୁଲ୍‌ଟିସ୍ (ହି. ଶ)—1. Poultice put on a boil to ripen it or to bring it to a head. ୨। ଫଳ ଅଧିକ ପୋଡ଼ା ଓ ଚକଟା—୨ । ଭର୍ତ୍ତା—2. Sauce prepared by kneading burnt fruits.

ଶାଲ୍ୱିକ—ସଂ. ବି—ଏକ ପ୍ରକାର ପକ୍ଷୀ; ସଦ୍ର ଚଢ଼ (ହି. ଶ)
Śālwika A kind of bird.

ଶାଲ୍ମଳ(ଳି,ଳୀ)—ସଂ. ବି(ଶାଲ ଧାତୁ=ଦୂରକୁ ଗମନ କରିବା+କର୍ତ୍ତୃ.
Śālmaḷa(ḷi, ḷī) ମଳ;+ଇ,+ଈ; ଏହାର ଶିଅ ଏକ ମାଇଲ ପର୍ଯ୍ୟନ୍ତ ମାଡ଼ି ଚଲେ ଚଲେ ଯିବାରୁ)—୧ । ଶିମିଳି ଗଛ—1. The silk cotten tree; Bombax Heptapyhlla, Bombax Malabarica. [ଦ୍ର—ଏହା ଜବାଦ ବର୍ଗର ବୃହତ୍ ତରୁ; କାଠ ଧଳା ଓ ହାଲୁକା । ପତ୍ର ପାଞ୍ଚ ସପ୍ତପର୍ଣ୍ଣୀ । ବର୍ଷରେ କେତେକ ମାସ ଗଛରୁ ପତ୍ର ଝଡ଼ି ପଡ଼ି

ଅନ୍ୟ ସଂ. ନାମ—ମୋଚା, ପିଚ୍ଛିଲା]
ପୂରଣୀ, ରକ୍ତପୁଷ୍ପା, ସ୍ଥିରାୟୁ,
କଣ୍ଟକାଢ୍ୟା, ତୂଳିନୀ ।
শিমুল
शेमूल, शेमुर, शेमल
ତା· ପୁଲି
ତେ. ବୁରୁଗା
କନ୍ନା. ବୁରୁ
ମ. ଶାମୃଲ

ଥିଲେ; ଫୁଲ ରକ୍ତବର୍ଣ୍ଣ ଓ ନିର୍ଗନ୍ଧ । ଏହାର ଫଳ ବା ଭଣ୍ଡା ମଧ୍ୟରୁ ମଞ୍ଜି ଓ ତୁଳା ବାହାରେ ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ଛାଲି ଓ ମୂଳ ଶୀତବୀର୍ଯ୍ୟ, ମଧୁର ବିପାକ, ରସାୟନ, କଫ, ବାତରକ୍ତ ଓ ରକ୍ତପିତ୍ତନାଶକ ।

ଏହାର ମୂଳ ଅତ୍ୟନ୍ତ ଶୁକ୍ରବର୍ଦ୍ଧକ । ଏହାର ଫୁଲ ଓ ଫଳ ମଧୁର କଷାୟରସ, ଗୁରୁପାକ, ଶୀତଳ ଓ ବାୟୁବର୍ଦ୍ଧକ ।

ଶିମିଳି ଗଛର ଅଠାକୁ ମୋଚରସ ବୋଲଯାଏ ଓ ମୂଳକୁ ଶିମିଳୀମୁସଲୀ ବୋଲଯାଏ । ଏ ଗଛର ଗଣ୍ଡିରେ ଓ ଡାଳରେ କଣ୍ଟାଥାଏ ।

ଶାଲ୍ମଳୀ ୪ ପ୍ରକାର । ରକ୍ତଶାଲ୍ମଳୀ, ଶ୍ୱେତଶାଲ୍ମଳୀ, ପୀତଶାଲ୍ମଳୀ ଓ କୃଷ୍ଣଶାଲ୍ମଳୀ । ଶେଷୋକ୍ତ ଶିମିଳି ଗଛ କଣ୍ଟକହୀନ । ଏହା ପର୍ବତରେ ଉତ୍ପନ୍ନ ହୁଏ । ଏହାର ସଂସ୍କୃତ ନାମ—ଦୀର୍ଘଦ୍ରୁ, ଚିରଜୀବ, କଣ୍ଟକଦ୍ରୁମ, ସ୍ଥୂଳଫଳ ଓ ତୂଳବୃକ୍ଷ । ଦ୍ରବ୍ୟଗୁଣ କଳ୍ପଦ୍ରୁମ ।

କୃଷ୍ଣଶାଲ୍ମଳୀ—ଏହା କଣ୍ଟିମ ନାନାଶକ ଶିମିଳିଜାତୀୟ ଶ୍ରେଷ୍ଠ ଗଛ—A species of silk cotton tree.

ପୀତଶାଲ୍ମଳୀ—କୁମ୍ଭୀ ନାମକ ବନ୍ୟଗଛ । ଏହାର କାଠ ଲଘୁ; ପତ୍ର ପଞ୍ଚାଙ୍ଗୁଳ; ପତ୍ର ବର୍ଷକେ ଥରେ ଝଡ଼େ । ଫୁଲ ସ୍ୱର୍ଣ୍ଣ ପୀତ; ତହିଁର ବର୍ଣ୍ଣ ଶିମିଳି ଫୁଲପରି; ଭଣ୍ଡାରୁ ତୁଳା ବାହାରେ । ଫଳ କୁମ୍ଭାକାର—Coculospermum Gossypium.

ଶ୍ୱେତ ଶାଲ୍ମଳୀ—ଏହା ଜବାଦ ବର୍ଗର ବୃକ୍ଷ । ଫୁଲ ଧଳା । କେଶର ୫ ଗୋଟି । ଏଥିର ଭଣ୍ଡାରୁ ତୁଳା ବାହାରେ—Eriodendron Anfractuosum.

ଶିମିଳିର ତୁଳା ବ୍ୟତୀତ ଶିମିଳି ଗଛର ଅନ୍ୟ ବ୍ୟବହାର ସମସ୍ତେ ଜାଣନ୍ତି ନାହିଁ । ଶିମିଳି ସାଧାରଣ ଚକ୍ଷୁରେ ଦେଖିବାକୁ ନଗଣ୍ୟ ପଦାର୍ଥ; କିନ୍ତୁ ଯେଉଁମାନେ ଭସ୍ମରେ ରତ୍ନ ଖୋଜି ନେଇ ପାରନ୍ତି; ସେମାନଙ୍କ ଚକ୍ଷୁରେ ଶିମିଳି ଅପଦାର୍ଥ ନୁହେଁ । ଶିମିଳି ଗଛର ନିମ୍ନଲିଖିତ ଗୁଣ ଅଛି ।

ଶିମିଳି ମୂଳ—ଅତି ବଳକର ପଦାର୍ଥ ଓ ଉତ୍ତେଜକ; ନିସ୍ତେଜ ଏବଂ ଅବସନ୍ନାବସ୍ଥାରେ ଏହାର ରସ ଖାଇଲେ ଉପକାର ହୋଇ ପାରେ; ଏହା ରସାୟନ । ଅଧିକ ମାତ୍ରାରେ ମୂଳ ବା ଛାଲିର ରସ ଖାଇଲେ ବମନ ହୁଏ ।

ଶିମିଳିର ଛାଲି—ଗଛର ଛାଲି ଉପରେ ଯେଉଁ ସବୁ କୋମଳ କଣ୍ଟା ଥାଏ, ସେଥିରୁ ଦୁଇ ଗୋଟା ଜଳରେ ବାଟି ବ୍ରଣର ମୁହଁରେ ପ୍ରଲେପ ଦେଲେ ବ୍ରଣ ସହଜରେ ଫାଟିଯାଏ ।

ଶିମିଳି ଅଠା—ଗଛ କାଟିଲେ ଅଠାପରି ଯେଉଁ ପଦାର୍ଥ ବାହାରେ ବୈଦ୍ୟମାନେ ତାହାକୁ 'ମୋଚରସ' କହିଥାଆନ୍ତି । ଆୟୁର୍ବେଦ ମତରେ ମୋଚରସ, ଆମ, ଅତିସାର ଏବଂ ଉଦରପୀଡ଼ାରେ ବ୍ୟବହାର ହୁଏ । ଏଥିର ଗୁଣ

ସ୍ନିଗ୍ଧ ଏବଂ ସଙ୍କୋଚକ । କୌଣସି କୌଣସି ସ୍ଥଳରେ ଏହି ଅଠାର ଅନ୍ତ ଗୋଟିଏ ଅସ୍ତର୍ଗ ଗୁଣ ଶୁଣାଯାଏ । ଏହି ଅଠା ଶୁଖିଗଲାରୁ ଚର୍ଣ୍ଣ କରି ଦୁଇ ଗୁର ବଢ଼ ପାନ ମସଲା ସହିତ ମିଶାଇ ଖାଇଲେ ପୁରୁଷର ସନ୍ତାନ ଉତ୍ପାଦନ ଶକ୍ତି ଅତ୍ୟନ୍ତ ବୃଦ୍ଧି ହୁଏ । ମିଶ୍ରି ସରବତ୍ ସହିତ ଏହି ଅଠା ଦୁଇ ଏକ ରତି ମିଶାଇ ସ୍ତ୍ରୀଲୋକମାନେ ଗୁର ପାଞ୍ଚ ଦିନ ବ୍ୟବହାର କଲେ ସେମାନଙ୍କର ରକ୍ତର ଅଧିକ୍ୟ ଉପଶମିତ ହୁଏ ।

ଶିମ୍ଳୀ କାଠ—ଶିମିଳୀ ଗଛ ଅତି ପ୍ରକାଣ୍ଡ । ସୁତରାଂ ଏହାର ତକ୍ତା ଅତ୍ୟନ୍ତ ପ୍ରଶସ୍ତ ହୁଏ । କିନ୍ତୁ ଅଳ୍ପ ଦିନରେ ନଷ୍ଟ ହୋଇଯାଏ ବୋଲି ଲୋକେ ତେତେ ଆଗ୍ରହ ସହିତ ଏହାର ତକ୍ତା ବ୍ୟବହାର କରନ୍ତି ନାହିଁ । ଯଦି ଚୂନ ପାଣିରେ ଏହାର ତକ୍ତାକୁ ବତୁରାଇ ଖରାରେ ଶୁଷ୍କ କରି ପରେ ଖଟ, କବାଟ, ଗବାକ୍ଷ ପ୍ରଭୃତି ପ୍ରସ୍ତୁତ କରାଯାଏ, ତେବେ ସେମାନ ଦୀର୍ଘକାଳ ସ୍ଥାୟୀ ହୁଏ; ଉଈ ପୋକ ଲାଗି ଶୀଘ୍ର ନଷ୍ଟ ହୋଇପାରେ ନାହିଁ ।

ଶିମିଳୀ ମଞ୍ଜି—ଶିମିଳୀ ମଞ୍ଜିରୁ ଏକ ପ୍ରକାର ଈଷତ୍ ପୀତବର୍ଣ୍ଣ ତେଲ ପ୍ରସ୍ତୁତ ହୁଏ । ଶିମିଳୀ ମଞ୍ଜିରୁ ତୈଳପ୍ରସ୍ତୁତ କରିବା ପ୍ରଥା ଏ ଦେଶରେ ନାହିଁ । କିନ୍ତୁ ତୈଳ ପ୍ରସ୍ତୁତ କରି ପାରିଲେ ବେଶ୍ ଦୁଇ ପଇସା ଲାଭ ହୋଇ ପାରନ୍ତା । ଏ ଦେଶରେ ପ୍ରଚୁର ଶିମିଳୀ ଗଛ ଜନ୍ମିଥାଏ । ଏହାର ମଞ୍ଜି ମଧ୍ୟ ଅଳ୍ପ ମୂଲ୍ୟରେ ସଂଗ୍ରହ କରାଯାଇ ପାରେ । ତୈଳ ପ୍ରସ୍ତୁତ କରିବା କଠିନ ନୁହେଁ । ଘଣା ଦ୍ୱାରା ଯେପରି ଅନ୍ୟ ତୈଳ ପ୍ରସ୍ତୁତ ହୁଏ, ସେହିପରି କଲେ ହୋଇ ପାରେ ।] ୨ । ପୁରାଣୋକ୍ତ ସପ୍ତଦ୍ୱୀପାନ୍ତର୍ଗତ ଦ୍ୱୀପବିଶେଷ—2. Name of one of the seven mythological islands of the earth. [ଦ୍ର—ପୁରାଣ ଅନୁସାରେ ଏ ଦ୍ୱୀପର କ୍ଷେତ୍ରଫଳ ପୂର୍ବ ଦ୍ୱୀପର ଦ୍ୱିଗୁଣ । ଏ ଦ୍ୱୀପରେ ଶିମିଳୀ ଗଛ ବହୁତ ଥିବା କଥିତ । ଏହା ଇକ୍ଷୁରସ ସମୁଦ୍ର ପରିବେଷ୍ଟିତ । ଏଥିରେ ଶ୍ୱେତ, ଲୋହିତ, ଜୀମୂତ, ହରିତ, ବୈଦ୍ୟୁତ, ମାନସ ଓ ସୁପ୍ରଭ ନାମକ ସାତଗୋଟି ବର୍ଷ ଅଛି ଓ ଏ ବର୍ଷମାନଙ୍କରେ ଯଥାକ୍ରମେ କୁମୁଦ, ଉନ୍ନମ, ବଳାହକ, ଦ୍ରୋଣ, କଙ୍କ, ମହିଷ ଓ କକୁଦ ନାମକ ସାତ ପର୍ବତ ଓ ଯୋନୀ, ତୋୟା, ବିତୃଷ୍ଣା, ଚନ୍ଦ୍ରା, ଶୁକ୍ଳା, ବିମୋଚନୀ ଓ ନିବୃତ୍ତି ନାମକ ସାତ ନଦୀ ଅଛି—(ହି. ଶ) ।] ୩ । ପୁରାଣୋକ୍ତ ନରକ ବିଶେଷ—3. Name of a part of the hell. [ଦ୍ର—ଏଥିରେ ପାପୀଙ୍କ ଦେହକୁ ଶିମିଳୀ ଗଛର କଣ୍ଟାରେ ଘଷି ଦଣ୍ଡ ଦିଆଯାଏ ।] ୪ । ମୋଚରସ—4. The gum of silk cotton tree. ଦେ. ବି—୧ । ଶିମୁଳିପାଳ (ଦେଖ)—1. Simulipala. (See) ୨ । ପର୍ବତ ବିଶେଷ—2. Name of a mountain. [ଦ୍ର—ଶାଲ୍ମଳୀ ଶବ୍ଦଟି ଭିନ୍ନ ସ୍ଥାନେ ଭିନ୍ନ ଭିନ୍ନ ଅର୍ଥରେ । ରାଧାନାଥ. ଉଷା ।]

ଶାଲ୍ମଲ(ଳୀ)କନ୍ଦ—ସଂ. ବି—ଶାଲ୍ମଳ ଗଛର ମୂଳ—The esculent
Śālmali(lī)kanda root of silk cotton tree used in medicine. [ଦ୍ର-ଏହା ଔଷଧରେ ଲାଗେ । ମହାରାଷ୍ଟ୍ର ଦେଶରେ ଏହା ଶମ୍ଭୁଶକନ୍ଦ ବୋଲାଯାଏ । ଏହା ମଧୁର ରସ, ଶୀତଳ, ମଳଭେଦକ; ପିତ୍ତ, ଦାହ, ସନ୍ତାପ ଓ ଶୋଥ ରୋଗର ଉପଶମକାରକ ।]

ଶାଲ୍ମଲିକ—ସଂ. ବି—ରୋହିତକ ବୃକ୍ଷ (ହି. ଶ)
Śālmalika Andersonia Rohitaka. (tree)

ଶାଲ୍ମଲିନୀ—ସଂ. ବି—ଶିମିଳୀ ଗଛ (ହି. ଶ)
Śālmlinī Silk cotton tree.

ଶାଲ୍ମଲିପତ୍ରକ—ସଂ. ବି (ଶାଲ୍ମଳ+ପତ୍ର+ସାଦୃଶ୍ୟାର୍ଥେ. କ)—ଛତିଆନ
Śālmalipatraka ବା ଛତିଆନା ଗଛ—Alstonia Scholaris. (tree)

ଶାଲ୍ମଲ(ଳୀ)ଫଲ—ସଂ. ବି—ତେଜବତୀ ନାମକ ବୃକ୍ଷ (ହି. ଶ)
Śālmali(lī)phala Toothache tree.

ଶାଲ୍ମଲ(ଳୀ) ଫଲକ—ସ.ବି—ଖୁର,ଛୁରି ଆଦି ଦାଉ ଦେବା କାଠର ପଟା, ଯହିଁ ଉପରେ
Śālmali(lī) phalaka ଛୁରୀ ଅଦିକୁ ଘଷି ଦାଢ଼ କରାଯାଏ—(ହି. ଶ)A wooden strop for sharpening knives etc.

ଶାଲ୍ମଲ(ଳୀ)ବେଷ୍ଟ—ସ. ବି—ମୋଚରସ, ଶିମିଳ ଗଛର ଅଠା ବା
Śālmali(lī)beshṭa ନିର୍ଯ୍ୟାସ—The gum of the silk-
(ଶାଲ୍ମଳ ବେଷ୍ଟକ—ଅନ୍ୟରୂପ) cotton tree. [ଦ୍ର—ଏହା
ଅ. ସ—ପିଚ୍ଛ; ମୋଚସ୍ରାବ; ଶୀତବୀର୍ଯ୍ୟ, ଧାରକ; ସ୍ନିଗ୍ଧ; ଶୁକ୍ର
ମୋଚରସ, ମୋଚନିର୍ଯ୍ୟାସ ବର୍ଦ୍ଧକ ଓ କଷାୟ ରସ ।]

ଶାଶ୍—ପ୍ରାଦେ(ସମ୍ବଲପୁର)ବି—(ଭୁଲ. ହି. ସାସ୍)—ଶାଶୁ—
Śaś Mother-in-law. ବୈଦେ. ବି(ଇଂ)—ଶାସି (ଦେଖ) Śāsi (See).

ଶାଶ୍ମା—ପ୍ରାଦେ(ସଇଜାତ) ବି—୧ । (ସ. ଶ୍ମଶ୍ରୁ)ଶ୍ମଶ୍ରୁ; ଦାଢ଼ି—
Śāsā Beard. ୨ । (ସ ଶ୍ୱଶ୍ରୂ) ଶାଶୁ—2. Mother-in-law.

ଶାଶି (ଶି)—ବୈଦେ.ବି—(ଇଂ. ସାଶ୍;ଫା.ଶୀଶା = କାଚ)—କବାଟରେ
Śāsi(rsi) ବା ଝରକାରେ ଲଗିବା କାଚର ପଟା—The sash
ଶାର୍ଶି शिसकापटका of a door or window.

ଶାଶୁ—ଦେ. ବି. ସ୍ତ୍ରୀ—(ସଂ. ଶ୍ୱଶ୍ରୂ)—ଶ୍ୱଶ୍ରୂ, ଆପଣାର ସ୍ୱାମୀଙ୍କର ବା
Śāsu ସ୍ତ୍ରୀଙ୍କର ମାତା—Mother-in-law. [ଦ୍ର—ଓଡ଼ିଆ
(ଶ୍ୱଶୁର—ପୁଂ) ଭାଷାରେ ଶାଶୁ ଶବ୍ଦ ପୂର୍ବରେ ଅନ୍ୟ ଶବ୍ଦ ଯୁକ୍ତ
ଶାଶ सासिक ହୋଇ ଶ୍ୱଶ୍ରୂସ୍ଥାନୀୟା ଗୁରୁଜନମାନଙ୍କ ନାମ ପ୍ରକାଶ କରେ । ଶୁଦ୍ଧୀଶାଶୁ, ଦେଢ଼େଈଶାଶୁ; ଦେଢ଼ଶାଶୁ, ଗୋସେଇଁଶାଶୁ; ଅଈଶାଶୁ; ମାଇଁଶାଶୁ; ମାଉସୀଶାଶୁ; ଜନ୍ମଅଶାଶୁ ।

ଶାଶୁଏଇଗା—(ଝିଅ)—ଗ୍ରା. ବଣ ଓ ବି ସ୍ତ୍ରୀ—ଯେଉଁ ବାଳିକାର ବା
Śāsueiti (jhia) ସ୍ତ୍ରୀର ଶାଶୁ ଜୀବିତା ଅଛନ୍ତି—(agirl)
यारशाशुड़ीआछे सासवाली Having her mother in-
(ଶାଶୁଇତି—ଅନ୍ୟରୂପ) law living.

ଶାଶୁ ଓଲଗା—ଦେ. ବି—ନବବଧୂର ପ୍ରଥମେ ଶାଶୁଘରକୁ ଯିବା ଉପଲକ୍ଷେ
Śāśu olagā ଶାଶୁଙ୍କୁ ଭେଟିବା ପାଇଁ ସଙ୍ଗରେ ନେଇଥିବା ଶାଢ଼ୀ
শাশুড়ীর প্রণামীকাপড় —A cloth taken by a bride
सासकेलिये कपड़ा with her for her mother-in-law on the occasion of her making obeisence on her first visit to her husband's house after puberty.

ଶାଶୁଖିଆ—ଗ୍ରା. ବିଣ. ପୁଂ (ସ୍ତ୍ରୀଲୋକଙ୍କର ପୁତ୍ରସ୍ଥାନୀୟ ପୁରୁଷ ବ୍ୟକ୍ତି
Śāśukhiā ପ୍ରତି ସପରିହାସ ମଧୁର ଭର୍ତ୍ସନ, ଏଥିର ଅର୍ଥ—ତୋ
(ଶାଶୁ ମୁଣ୍ଡଖିଆ—ଅନ୍ୟରୂପ) ଶାଶୁ ମରନ୍ତୁ)—ଶ୍ୱଶ୍ରୂଘ୍ନ; ମୃତ-
ଶାଶୁଖାଇ } ସ୍ତ୍ରୀ ଶ୍ୱଶ୍ରୂକ(ବ୍ୟକ୍ତି)—(a male) Whose
ଶାଶୁମୁଣ୍ଡଖାଇ } mother-in-law is dead. [ଦ୍ର—ଏ ବାକ୍ୟର ପ୍ରୟୋଗକାରିଣୀଙ୍କର ଯେଉଁ ପୁରୁଷର ଶାଶୁ ଥିବାର ସ୍ଥାନୀୟା, ସେପରି ପୁରୁଷଙ୍କୁ ଶାଶୁଖିଆ ବିଶେଷଣରେ ସମ୍ବୋଧନ କରାଯାଏ । ଯଥା—ଖୁଡ଼ି ପୁତୁରାକୁ; ମାଇଁ ଭଣଜାକୁ; କହୁଛନ୍ତି 'ହା ! ଶାଶୁଖିଆ ! କି କଲୁ କହଲୁ ! ଆମ ଘରେ ଖାଇବାକୁ ଆସିବୁ ବୋଲି କାଲି କହିଥିଲୁ; ଆଇଲୁ ନାହିଁ ।' ଏ ଶବ୍ଦର ସ୍ତ୍ରୀ ଲିଙ୍ଗ ଅକାରର ବ୍ୟବହାରି କ୍ୱଚିତ୍ ଶୁଣାଯାଏ ।]

ଶାଶୁ ଘର—ଦେ. ବି—(କୌଣସି ସ୍ତ୍ରୀର) ଶ୍ୱଶୁରାଳୟ ବା ସ୍ୱାମି-ଗୃହ—
Śāśu ghara The family or house of one's hus-
শশুরবাড়ী सासरे band. [ଦ୍ର—ପୁରୁଷ ପକ୍ଷରେ 'ଶ୍ୱଶୁରଘର' ଓ ସ୍ତ୍ରୀ ପକ୍ଷରେ 'ଶାଶୁଘର' ବୋଲାଯାଏ । କିନ୍ତୁ ବଙ୍ଗଦେଶରେ ଉଭୟଙ୍କ ପକ୍ଷରେ ଶଶୁରବାଡ଼ି ବୋଲାଯାଏ ।]

ଶାଶୁଘରକୁ ଯିବା—ଦେ. କ୍ରି—(ବିବାହିତା କନ୍ୟା) ବୟଃପ୍ରାପ୍ତା ହେବା
Śāśugharaku jibā ପରେ ସ୍ୱାମିଗୃହକୁ ବାସ କରିବାକୁ ଯିବା
শশুরবাড়ী যাওয়া सासरेजाना —To go to live in the husband's family after attaining puberty. [ଦ୍ର ଯେଉଁ ସମାଜରେ ବାଲ୍ୟବିବାହ ପ୍ରଥା ଅଛି, ସେ ସ୍ଥାନରେ ବାଳିକା କନ୍ୟା ଋତୁ ପାଇବା ପର୍ଯ୍ୟନ୍ତ ପିତୃଗୃହରେ ରହେ । ବୟଃପ୍ରାପ୍ତା ହେଲାପରେ ଶୁଭଦିନ ଦେଖି ଭାର ବେଭାର ସହିତ ପ୍ରଥମେ ଶାଶୁ ଘରକୁ ଯାଏ । (ଏହାକୁ ପହିଲିପାଲି ଯିବା ବା ଭାର ନେଇ ଯିବା ବା ପୁଅଣୀ ହୋଇ ଯିବା କହନ୍ତି) । ସେ ସ୍ୱାମିଗୃହରେ କେତେକ ଦିନ ରହିବା ପରେ ପିତୃଗୃହକୁ ଫେରି ଆସେ । (କେତେକ ସ୍ଥଳରେ ଏହାକୁ ଅଣ୍ଟା ସଜାଇବାକୁ ଆସିବା କହନ୍ତି ।) ପୁଣ କିଛିଦିନ ବାପଘରେ ରହିବା ପରେ ପୁଣି ଦ୍ୱିତୀୟ ଥର ସ୍ୱାମୀ-ଗୃହକୁ ଦୁଇଁପାଳି ଯିବା ବା ଦୁଆରପାଳି ଯିବା ବୋଲାଯାଏ ।

ସ୍ତ୍ରୀ ପକ୍ଷରେ ଶ୍ୱଶୁରାଳୟକୁ 'ଶାଶୁଘର' ବୋଲାଯାଏ, କିନ୍ତୁ ପିତୃଗୃହକୁ 'ମାଆଘର' ବୋଲି ନ ଯାଇ 'ବାପଘର' ବୋଲାଯାଏ ।]

ଶାଶୁଘର ଗାଁ—ଦେ. ବି—(ସ୍ତ୍ରୀ ପକ୍ଷରେ) ସ୍ୱାମୀଙ୍କ ବାସସ୍ଥାନ ଗ୍ରାମ—
Śāśughara gāṅ The village of one's husband
শশুর বাড়ীর গ্রাম (in the case of a woman).
सासरेका गाँ (ଶାଶୁଘର ଗାଆଁ—ଅନ୍ୟରୂପ)

ଶାଶୁ ଟଙ୍ଗା(ଙ୍ଗେ)ଇ—ପ୍ରାଦେ.(ବାଲେଶ୍ୱର) ବି—ଏକପ୍ରକାର ଲୁଣି ମାଛ-
Śāśu ṭaṅgā(ṅge)i A species of sea-fish.

ଶାଶୁ ଠଣାଖାଇ—ପ୍ରାଦେ. (ବାଲେଶ୍ୱର) ବି—ମାଝିରୂପିଆ ଆଁଶଯୁକ୍ତ
Śāśu ṭhaṇākhāi ସାମୁଦ୍ରିକ ମତ୍ସ୍ୟ ବିଶେଷ—A species of moderate-sized scaly sea-fish. [ଦ୍ର—ଏହାର ମୁହଁ ଏବଂ ସମସ୍ତ ଦେହ ଚେପ୍ଟା ଏବଂ ଏହା ଦେଖିବାକୁ ଝିଅ ଅଟେ ।]

ଶାଶୁ ବୋହୂ—ଦେ. ବି(ସଂ. ଶ୍ୱଶ୍ରୂ ଓ ବଧୂ; ଅପେକ୍ଷିକ ସହିତର ଶବ୍ଦଦ୍ୱୟ)-
Śāśu bohu ଶ୍ୱଶ୍ରୂ ଓ ବଧୂ—Two females related
শাশুড়ী বৌ सास बहू to one another as mother-in-law and daughter-in-law.

ଶାଶୁ ଶଶୁର—ଦେ. ବି (ଦ୍ୱନ୍ଦ୍ୱ ସହିତର ଶବ୍ଦ)- ଆପଣାର ଶାଶୁ
Śāśu śaśura ଓ ଶ୍ୱଶୁର—One's mother-in-law
শশুর শাশু सास ससुर and father-in-law.

ଶାଶ୍ୱତ—ସଂ. ବିଣ. ପୁଂ (ଶଶ୍ୱତ୍=ସର୍ବଦା+ଭବ ଅର୍ଥରେ ଅ)—ନିତ୍ୟ;
Śāśwata ସନାତନ; ଚିରସ୍ଥାୟୀ—Eternal; perpetual;
(ଶାଶ୍ୱତ—ଅନ୍ୟରୂପ—ପ୍ରକୃତିବାଦ) existing for eternity.
(ଶାଶ୍ୱତୀ—ସ୍ତ୍ରୀ) [ଦ୍ର—ଏହା ଈଶ୍ୱରଙ୍କର ବିଶେଷଣରୂପେ ମଧ୍ୟ ବ୍ୟବହୃତ ହୁଏ ।] ବି—୧ । ଭଗବାନ୍; ଈଶ୍ୱର—1. God. ୨ । ବେଦବ୍ୟାସ ମୁନି—2. Sage Bedabyāsa. ୩ । ଶିବ—3. Śiba. ୪ । ସ୍ୱର୍ଗ (ହ୍ର. ସ)—4. Heaven. ୫ । ଅନ୍ତରୀକ୍ଷ (ହ୍ର. ସ)—5. The sky; the heavens.

ଶାଶ୍ୱତିକ—ସଂ. ବିଣ. ପୁଂ (ଶଶ୍ୱତ+ଭବାର୍ଥେ ଇକ)—ଶାଶ୍ୱତ (ଦେଖ)
Śāśwatika Śāśwata (See)
(ଶାଶ୍ୱତିକୀ—ସ୍ତ୍ରୀ)

ଶାଶ୍ୱତୀ—ସଂ. ବିଣ. ସ୍ତ୍ରୀ (ଶାଶ୍ୱତ+ଈ)—ଶାଶ୍ୱତର ସ୍ତ୍ରୀଲିଙ୍ଗ—Femi-
Śāśwatī nine of Śāśwata. ବି—ପୃଥିବୀ (ହ୍ର. ସ)—The earth.

ଶାଷ୍କୁଳ—ସଂ. ବିଣ. ପୁଂ (ଶଷ୍କୁଳୀ=ମାଂସ+ଭକ୍ଷଣାର୍ଥେ ଅ; ନିପାତନ)—
Śāshkula ୧ । ମାଂସାହାରୀ (ହ୍ର. ସ)—1. Meat-eating.
(ଶାଷ୍କୁଳା—ସ୍ତ୍ରୀ) carnivorous. ୨ । ମତ୍ସ୍ୟ ବା ମାଂସାହାରୀ—2. Eating flesh or fish (Apte).

ଶାସ୍ (ଧାତୁ)—ସ—୧ । ଶାସନ କରିବା—1. To rule; to
Śās (root) govern. ୨ । ଦମନ କରିବା—2. To restrain. ୩ । ଆଜ୍ଞା ବା ଆଦେଶ ଦେବା—3. To order; to command; to decree. ୪ । ଉପଦେଶ ଦେବା—4. To advise. ୫ । ଶିକ୍ଷା ଦେବା; ତାଲିମ୍ କରିବା—5. To teach; to train; to instruct (Apte). ୬ । କହିବା; ଜଣାଇବା—6. To tell; to communicate; to inform (Apte). ୭ । ବ୍ୟବସ୍ଥା କରିବା; ଆଇନ୍ କରିବା—7. To enact.

୮ । ଦଣ୍ଡ ଦେବା—8. To punish; to chastise. ୯ । ଇଚ୍ଛା କରିବା—9. To wish; to desire (Apte). ୧୦ । ପୋଷିବା; ବଶ କରିବା—10. To tame; to subdue (Apte).

ଶାସ—ସଂ. ବି (ଶାସ୍ ଧାତୁ+ଭାବ ଅ) (ବୈଦିକ)—୧ । ଶାସନ—
Sāsa 1. Rule. ୨ । ସ୍ତବ; ସ୍ତୁତି (ହ୍ୱି. ଶ)—2. Hymn; praise.

ଶାସକ—ସଂ.ବି ଓ ବିଣ ପୁଂ(ଶାସ୍ ଧାତୁ + କର୍ତ୍ତୃ. ଅକ)—୧। ଶାସନକର୍ତ୍ତା—
Sāsaka 1. Ruler; administrator. ୨ । ଉପଦେଷ୍ଟା—(ଶାସିକା—ସ୍ତ୍ରୀ) 2. Advisor. ୩ । ଦମନକାରୀ—3. Restrainer; checker. ୪ । ଦଣ୍ଡଦାତା—4. Punisher; chastiser.

ଶାସନ—ସଂ. ବି (ଶାସ୍ ଧାତୁ+ଭାବ. ଅନ)—୧ । ଆଜ୍ଞା; ଆଦେଶ—
Sāsana 1. Order; command. ୨ । ଉପଦେଶ—2. Advice. ୩ । (+କରଣ. ଅନ) ଅନୁଶାସନ; ସନନ୍ଦ—3. Sanad; edict. ୪ । (+ଭାବ. ଅନ) ଦମନ—4. Restraining. ୫ । (+କରଣ. ଅନ) ଆଜ୍ଞାପତ୍ରିକା; ଲିଖିତପତ୍ର; ଆଦେଶପତ୍ର—5. Written order; precept. ୬। କୂଟ ଲିଖିତ; ଠାରରେ ଲେଖା—6. A cypher writing. ୭। (+ଭାବ. ଅନ) ରାଜ୍ୟ ପାଳନ (ଯଥା—ଦୋଷୀକୁ ଦଣ୍ଡ ଦେବା, ନିର୍ଦ୍ଦୋଷକୁ ରକ୍ଷା କରିବା, ପ୍ରଜାଙ୍କ ସୁଖସ୍ୱଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ଦେବା ଆଦି)—7. Administration; ruling of a kingdom. ୮ । (+ଭାବ. ଅନ) ପ୍ରତିପାଳନ—8. Governance; bringing up. ୯ । (+କର୍ମ. ଅନ) ରାଜଦତ୍ତ ଭୂମି—9. Land given by a king. ୧୦ । ଶାସ୍ତ୍ର; ଦେବତା ବା ମୁନି ପ୍ରଣୀତ ଗ୍ରନ୍ଥ—10. Scriptures. ୧୧ । ଆଇନ; ବିଧି—11. Rule; law. ୧୨ । (+ଭାବ. ଅନ) ବଶରେ ରଖିବା (ହ୍ୱି. ଶ)—12. Keeping under control. ୧୩ । ଇନ୍ଦ୍ରିୟ ନିଗ୍ରହ (ହ୍ୱି. ଶ)—13. Controlling one's organs. ୧୪ । ନିୟନ୍ତ୍ରଣ (ହ୍ୱି. ଶ)—14. Controlling. ୧୫ । (+କରଣ. ଅନ) ଦଣ୍ଡ—15. Punishment. ଦେ. ବି—ବ୍ରାହ୍ମଣମାନଙ୍କୁ

शासन अग्रहार गाँव ସନନ୍ଦଦ୍ୱାରା ଦିଆଯାଇଥିବା ନିଷ୍କର ଭୂମି ସମ୍ବଳିତ ଗ୍ରାମ—A village consisting of lands given to Brāhmaṇas free of revenue. [ଦ୍ର—ପୂର୍ବେ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରାଦୁର୍ଭାବ ହୋଇଥିଲା । ତତ୍ପରେ ଉତ୍କଳର ପ୍ରଥମ ହିନ୍ଦୁ ରାଜା ଜନମେଜୟ ଓ ତତ୍ପରବର୍ତ୍ତୀ ଯଯାତିକେଶରୀ ଆଦି ରାଜାମାନେ ଉତ୍କଳରେ ବୌଦ୍ଧଧର୍ମର ହ୍ରାସ ଓ ହିନ୍ଦୁଧର୍ମର ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଥିଲେ । ଯଯାତିକେଶରୀ (ଖ୍ରୀଷ୍ଟ ୫ମ ଶତାବ୍ଦୀ) ସତ୍କର୍ମଶୀଳ ଓ ସଦାଚାରୀ ଦଶ ସହସ୍ର ବ୍ରାହ୍ମଣଙ୍କୁ କାନ୍ୟକୁବ୍ଜ (କନୌଜ)ରୁ ନିମନ୍ତ୍ରଣ କରି ଆଣି ତଦାନୀନ୍ତନ ରାଜଧାନୀ ଯାଜପୁରଠାରେ ଗୋଟିଏ ଅଶ୍ୱମେଧ ଯଜ୍ଞର ଅନୁଷ୍ଠାନ କଲେ ଓ ନବାଗତ ବ୍ରାହ୍ମଣମାନଙ୍କୁ ନିଷ୍କର ଭୂମିଦାନ କରି ଯାଜପୁର ଅଞ୍ଚଳରେ ବ୍ରାହ୍ମଣ‘ଶାସନ’ମାନ ବସାଇଲେ । ତାଙ୍କ ପରବର୍ତ୍ତୀ କେଶରୀ ବଂଶୀୟ ରାଜାମାନେ (ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ), ଗଙ୍ଗବଂଶୀୟ ରାଜାମାନେ (ଦ୍ୱାଦଶ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ) ଓ ସୂର୍ଯ୍ୟବଂଶୀୟ ରାଜାମାନେ ଓଡ଼ିଶାର ସ୍ଥାନେ ସ୍ଥାନେ ଓ ପୁରୀ ଜିଲ୍ଲାରେ (ବିଶେଷତଃ ବ୍ରହ୍ମଗିରି ପ୍ରଗଣାରେ) ଏହିପରି ନିଷ୍କର ଭୂମି ବ୍ରାହ୍ମଣମାନଙ୍କୁ ଦାନ କରି ସ୍ଥାନେ ସ୍ଥାନେ ବ୍ରାହ୍ମଣ ଉପନିବେଶମାନ ବସାଇବାର ପୃଷ୍ଠପୋଷଣ କଲେ । ସେହି ତାମ୍ରପତ୍ର ନୁଶାସନ (ତମ୍ବା ପଟା ସନନ୍ଦ) ମାନଙ୍କଦ୍ୱାରା ରାଜାମାନେ ବ୍ରାହ୍ମଣମାନଙ୍କୁ ନିଷ୍କର ଭୂମିମାନ ଦାନ କରି ବ୍ରାହ୍ମଣ ଶାସନମାନ ବସାଇଥିଲେ, ସେହି ଶାସନ-ପଟ୍ଟମାନ କେତେକେତେ ମିଳିଅଛି ଓ ଉକ୍ତ ପଟ୍ଟମାନଙ୍କରୁ ତଦାନୀନ୍ତନ ଓଡ଼ିଆ ଭାଷାର ଓ ଅକ୍ଷରର ପରିଚୟ ମିଳେ । ବୌଦ୍ଧ ଧର୍ମର ପ୍ରାଦୁର୍ଭାବ ସମୟରେ ଓଡ଼ିଶାରେ ଯେଉଁ ବ୍ରାହ୍ମଣମାନେ ବାସ କରୁଥିଲେ ଓ ବୌଦ୍ଧଧର୍ମର ପ୍ରଭାବରୁ ଆଚାରଭ୍ରଷ୍ଟ ହୋଇଥିଲେ ସେହିମାନେ ବର୍ତ୍ତମାନ ପଣ୍ଡା, ପଢ଼ିଆରୀ, ପଟ୍ଟନାୟକ, ସାହୁ ଆଦି ବ୍ରାହ୍ମଣରୂପେ ଗଣ୍ୟ ହେଲେ । ଏମାନଙ୍କୁ ଲୌକିକ ବ୍ରାହ୍ମଣ ବୋଲାଯାଏ । ଯେଉଁମାନେ କାନ୍ୟକୁବ୍ଜରୁ ଆଗତ ହୋଇ ‘ବ୍ରାହ୍ମଣଶାସନ’ମାନଙ୍କରେ ଉପନିବେଶ କଲେ, ସେମାନଙ୍କ ବଂଶଧରମାନେ ଉଚ୍ଚଶ୍ରେଣୀର ଶାସନୀ ବା ବୈଦିକ ବ୍ରାହ୍ମଣରୂପେ ପରିଚିତ । ଯେଉଁମାନେ ମସ୍ତାନ ବା ବଳରାମଗୋତ୍ରୀ ବ୍ରାହ୍ମଣରୂପେ ପରିଚିତ ସେମାନଙ୍କ ପୂର୍ବପୁରୁଷମାନେ ବୌଦ୍ଧଧର୍ମାବଲମ୍ବୀ ଥିବା କେତେକ ଐତିହାସିକ ଅନୁମାନ କରନ୍ତି ଓ ନବାଗତ ବୈଦିକ ବ୍ରାହ୍ମଣମାନେ ସେମାନଙ୍କୁ ବ୍ରାହ୍ମଣ ବୋଲି ସ୍ୱୀକାର କଲେ, କିନ୍ତୁ ସେମାନଙ୍କ ସ୍ଥାନ ବୈଦିକ ଓ ଲୌକିକ ବ୍ରାହ୍ମଣମାନଙ୍କ ମଧ୍ୟରେ ରହିଲା । ଏହି ଶ୍ରେଣୀର ବ୍ରାହ୍ମଣମାନେ ପୁରୀର ବଡ଼ଦେଉଳ ଓ ଭୁବନେଶ୍ୱର ଦେଉଳରେ ସୂପକାରରୂପେ ନିଯୁକ୍ତ ହେଲେ । ଏବେ ମଧ୍ୟ ଅନେକ ମସ୍ତାନ ବ୍ରାହ୍ମଣଙ୍କର ଉପାଧି ଶୂଦ୍ରୋଚିତ (ଯଥା—ସାହୁ, ପଧାନ, ସାଇଁ, ମହାନ୍ତି) ଅଟେ ଓ ସେମାନେ ଅନେକସ୍ଥଳରେ ଶୂଦ୍ରୋଚିତ କାର୍ଯ୍ୟ (ଯଥା—ହଳ କରିବା, ପିକା ଖାଇବା) କରିବା ଦେଖାଯାଏ । ଭୂମିଦାନକାରୀ ରାଜାମାନଙ୍କ ନାମାନୁସାରେ ବ୍ରାହ୍ମଣଶାସନମାନଙ୍କର ନାମ ହୋଇଅଛି [ଯଥା—ଶାସନନରସିଂହପୁର (ନରସିଂହଦେବଙ୍କ ନାମାନୁସାରେ); ଶାଳ ପ୍ରତାପପୁର, ପ୍ରତାପ ପୁରୁଷୋତ୍ତମପୁର, ପ୍ରତାପ ରାମଚନ୍ଦ୍ରପୁର, ବାସୁଦେବପୁର, ଶାଳ ରାମଚନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର, ବଡ଼ ରାମଚନ୍ଦ୍ରପୁର, ବୀରନାଥପୁର, ଶାଳ ଗୋବିନ୍ଦପୁର, ବୀର ଗଦାଧରପୁର, ଶାଳ ପୁରୁଷୋତ୍ତମପୁର, ଶ୍ରୀପୁରୁଷୋତ୍ତମପୁର, ମୁକୁନ୍ଦପୁର] । କଥିତ ଅଛି ଯେ, ପୁରୀ

ଜିଲ୍ଲାର ସୁହାଙ୍ଗ ପ୍ରଗନ୍ନାରେ ୧୦ ଶାସନ ଓ ଲମ୍ବେଇ ପ୍ରଗନ୍ନାରେ ୭ ଶାସନ ଅଛି । ଯେଉଁ ବ୍ରାହ୍ମଣଶାସନମାନଙ୍କୁ ରାଜାଙ୍କ ମନ୍ତ୍ରୀ ଓ କର୍ମଚାରୀମାନେ ବସାଇଥିଲେ ସେମାନଙ୍କୁ କରଚାଡ଼ ବୋଲାଯାଏ (ଯଥା—ଜଗନ୍ନାଥ ବିଦ୍ୟାଧରପୁର, ଦାମୋଦରପୁର) । କଥିତ ଅଛି ଯେ, ସୁହାଙ୍ଗ ଓ ଲମ୍ବେଇ ପ୍ରଗନ୍ନାରେ ୧୬ ଶାସନ ଓ ୩୨ କରଚାଡ଼ ଅଛି । ଏହି ସୁହାଙ୍ଗ ଶାସନମାନଙ୍କର ଗ୍ରାମ-ଶାସନ ପ୍ରଣାଳୀ ଭାରତ-ବର୍ଷର ପ୍ରାଚୀନ ଗ୍ରାମ୍ୟ ସମାଜ (Village Community) ର ସାକ୍ଷୀରୂପେ ଅଦ୍ୟାବଧି ବିଦ୍ୟମାନ ଅଛି । ପ୍ରତ୍ୟେକ 'ଶାସନ' ଗୋଟିଏ ସାଧାରଣ-ସମାଜ-ସଙ୍ଘ ରୂପେ ପ୍ରତିଷ୍ଠିତ ହୋଇଥିଲା । ଗ୍ରାମବାସୀ ବ୍ରାହ୍ମଣମାନଙ୍କୁ 'ମହାଜନ' ବୋଲାଯାଏ । ବ୍ରାହ୍ମଣେତର ବ୍ୟକ୍ତି 'ମହାଜନ' ଉପାଧି ବା ଅଧିକାର ପାଇବାର ହକ୍‌ଦାର ନୁହନ୍ତି ଓ ଗ୍ରାମର ସାଧାରଣ ସେବକ (ଯଥା—ଧୋବା, ଭଣ୍ଡାରି, କମାର, କୁମ୍ଭାର, ପଣ୍ଡା, ନାହାକ ଓ ବଜନ୍ତ୍ରୀ)ମାନେ ଜାଗିର ଭୋଗ କରି ଗ୍ରାମର 'ମହାଜନ'ମାନଙ୍କ ସେବା କରୁଥିଲେ । ଗ୍ରାମର ପ୍ରତିଷ୍ଠିତ ଦେବତା ଓ ତାଙ୍କ ନାମରେ ଲାଗି ଥିବା ଭୂମି ମଧ୍ୟ ଗ୍ରାମବାସୀ (ମହାଜନ)ମାନଙ୍କର ସାଧାରଣ ବା କୋଠ ସମ୍ପତ୍ତି । ଗ୍ରାମର ସାଧାରଣ ଭୂମିରେ ଓ ଦେବତାଙ୍କ ଉପରେ ଗ୍ରାମବାସୀ ବ୍ରାହ୍ମଣ (ମହାଜନ)ମାନଙ୍କର ଅଧିକାର ଥିଲା । ଗ୍ରାମର ବନ୍ଧ, ଦେଉଳ, କୋଠ, ହକର ଆଦିରେ କେବଳ ମାତ୍ର ମହାଜନମାନଙ୍କ ଅଧିକାର ଥିଲା । ଏହି 'ଶାସନବାସୀ' ଅନେକ ପଣ୍ଡିତ ଓ ଯଜ୍ଞକାରୀ ଭାରତ-ବିଖ୍ୟାତ ହୋଇଥିଲେ । ନୃସିଂହ ବାଜପେୟୀଙ୍କ ରଚିତ ସ୍ମୃତି ଅଦ୍ୟାବଧି ଦାକ୍ଷିଣାତ୍ୟରେ ପ୍ରଚଳିତ ହେଉଅଛି । ମୋଗଲ ସମ୍ରାଟ ଆକବରଙ୍କ ସଭାରେ ଗୁନ ସାଏଗୁରୁ ଓ ଋଷି ପାଢ଼ୀ ବିଶେଷ ପାଣ୍ଡିତ୍ୟ ଦେଖାଇ ସମ୍ମାନିତ ହୋଇଥିଲେ ।

କେତେକ ନୀଚ ଗୋଷ୍ଠୀର ବ୍ରାହ୍ମଣଙ୍କୁ ରାଜାମାନେ ସମ୍ମାନିତ କରି 'କୁଳୀନ' କରିଥିଲେ ଓ ସେମାନେ ସାମନ୍ତ, କଣ୍ଟିମିଶ୍ର ଆଦି ସଂଜ୍ଞାରେ ଏ ପର୍ଯ୍ୟନ୍ତ ଶାସନବ୍ରାହ୍ମଣଙ୍କ ମଧ୍ୟରେ ସମ୍ମାନ ପ୍ରାପ୍ତ ହେଉଅଛନ୍ତି ।

ପୁରୀଜିଲ୍ଲାର ଏହି ସାମନ୍ତମାନଙ୍କ ମଧ୍ୟରେ ୪ ଗୋଷ୍ଠୀ ବିଶେଷ ପ୍ରଧାନ ।

ଯଥା :—

ନନ୍ଦ ସାମନ୍ତ—ଉତ୍ତୁରା ବିରପଦାର
ବସୁସ ସାମନ୍ତ—ବୀର ନରସିଂହପୁରର
ବାଜପେୟୀ ସାମନ୍ତ—ବିଶ୍ୱନାଥପୁରର
ସୁଆଣ୍ଡିଆ (ଗୋଅଟେୟ) ସାମନ୍ତ—ହରେକୃଷ୍ଣପୁରର ।

ପୁରୀ ଜିଲ୍ଲାର ଶାସନମାନଙ୍କ ସମ୍ବନ୍ଧେ ରସଜ୍ଞ-ପଣ୍ଡିତ ଶ୍ରୀ ବିଶ୍ୱନାଥ ରଥ କାବ୍ୟତୀର୍ଥ ନିମ୍ନଲିଖିତ ସନ୍ଦର୍ଭ ଦେଇ-ଅଛନ୍ତି—ଶାସନ ଶବ୍ଦର କେତେଗୁଡ଼ିଏ ଅର୍ଥ ଅଛି । ସେଥିମଧ୍ୟରୁ ଗୋଟିଏ ଅର୍ଥ 'ରାଜଦତ୍ତ ଭୂମି' । ଏହି ଶାସନ ଗୁଡ଼ିକ ପୂର୍ବକାଳରେ ଉତ୍କଳର ରାଜା ବା ରାଜାଙ୍କ ପାତ୍ର ମନ୍ତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । କଟକ ଜିଲ୍ଲାରେ ମଧ୍ୟ ଅନେକ ଗୁଡ଼ିଏ ଶାସନ ତତ୍‌କାଳୀନ ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାର ପ୍ରମାଣ ମିଳେ । କଥିତ ଅଛି ଯେ, ଗଙ୍ଗବଂଶୀୟ ଅନଙ୍ଗ ଭୀମଦେବ (ସିଂହାସନାରୋହଣ ୧୧୯୯ ଖ୍ରୀ: ମୃତ୍ୟୁ ୧୨୨୩)ଯୁଦ୍ଧସ୍ଥଳରେ ଅଜ୍ଞାନସାରରେ ବ୍ରହ୍ମହତ୍ୟା କରିଥିବାରୁ ତଜ୍ଜନିତ ପାପରୁ ମୁକ୍ତ ହେବା ସକାଶେ ୪୫୦ ବ୍ରାହ୍ମଣ ଶାସନ ବସାଇ ବ୍ରାହ୍ମଣମାନଙ୍କୁ ବିସ୍ତର ଭୂମି ଦାନ କରିଥିଲେ; କିନ୍ତୁ ସେଗୁଡ଼ିକର ବର୍ତ୍ତମାନ ନାମ ବାଛି ବାହାର କରିବା ଦୁଷ୍କର । ବର୍ତ୍ତମାନ ଶାସନ ବୋଲିଲେ ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନ ବୋଲି ବୁଝାଯାଏ । ପୁରୀ ଜିଲ୍ଲାର ଉକ୍ତ ବ୍ରାହ୍ମଣ ଶାସନଗୁଡ଼ିକ ଅଧିକାଂଶ ଭୋଇ ବଂଶୀୟ ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ-ଅଛି । କେବଳ ୧୪୩୫ ଖ୍ରୀଷ୍ଟାବ୍ଦରେ ସୂର୍ଯ୍ୟବଂଶୀୟ ରାଜା କପିଳେନ୍ଦ୍ର ଦେବ ପୁରୀ ନିକଟରେ ନିଜ ନାମନୁସାରେ କପିଳେଶ୍ୱରପୁର ଶାସନ ବସାଇ ବ୍ରାହ୍ମଣମାନଙ୍କୁ ବିସ୍ତର ଜମିବାଡ଼ି ଦାନ କରିଥିଲେ ଏବଂ ଉକ୍ତ ରାଜା ମଧ୍ୟ ୧୪୫୯ ଖ୍ରୀଷ୍ଟାବ୍ଦରେ ଶ୍ରୀଦାମୋଦରପୁର ନାମକ ଆଉ ଗୋଟିଏ ବ୍ରାହ୍ମଣ ଶାସନ ପୁରୀ ନିକଟରେ ବସାଇଥିଲେ । ଉକ୍ତ କପିଳେଶ୍ୱର ପୁରରେ ଓଡ଼ିଆ ଭାଗବତ ପ୍ରଣେତା ଭକ୍ତକବି ଜଗନ୍ନାଥ ଦାସ ଜନ୍ମ ଗ୍ରହଣ କରିଥିଲେ ଏବଂ ଦାମୋଦରପୁର ଶାସନ ସ୍ୱର୍ଗୀୟ ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର କାବ୍ୟକଣ୍ଠଙ୍କ ଜନ୍ମସ୍ଥାନ ଅଟେ । କପିଳେନ୍ଦ୍ର ଦେବଙ୍କର ଜନୈକ ମନ୍ତ୍ରୀ ଗୋପୀନାଥ ମହାପାତ୍ର କଟକ ଜିଲ୍ଲାରେ ଗୋପୀନାଥପୁର ଶାସନ ବସାଇ ସେଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ ।

ସୂର୍ଯ୍ୟବଂଶୀୟ ପ୍ରତାପରୁଦ୍ର ଦେବ (ଖ୍ରୀ.୧୪୯୫—୧୫୩୨) ପୁରୀରେ ବୀରପ୍ରତାପପୁର ଶାସନ ଏବଂ ବାଲିପାଟଣା ନିକଟ-ବର୍ତ୍ତୀ ପ୍ରତାପ ଶାସନ ବସାଇ ବ୍ରାହ୍ମଣମାନଙ୍କୁ ବିସ୍ତର ଭୂମିଦାନ କରିଥିଲେ । ଉକ୍ତ ବୀରପ୍ରତାପପୁର ଶାସନରେ ପୈଶାଚୀ ଭାଷାର ବ୍ୟାକରଣ "ପ୍ରାକୃତସର୍ବସ୍ୱ" ପ୍ରଣେତା ମାର୍କଣ୍ଡେୟ କବୀନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ସେ ମଧ୍ୟ ତତ୍‌ପ୍ରଣୀତ ପୁସ୍ତକରେ ପ୍ରତାପରୁଦ୍ରଦେବ ବୀରପ୍ରତାପପୁର ଶାସନ ବସାଇ ଥିବା କଥା ଲେଖି ଯାଇଅଛନ୍ତି ।

\+ + + +

୧୫୬୮ରୁ ୧୭୫୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭୋଇବଂଶୀୟ ରାଜା-ମାନେ ରାଜତ୍ୱ କରିଥିଲେ । ଏହି ବଂଶର ପ୍ରଥମ ରାଜା ରାମଚନ୍ଦ୍ର ଦେବ ୧୫୬୮ ରୁ ୧୬୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୩୨ ବର୍ଷ ରାଜତ୍ୱ କରିଥିଲେ । ଉକ୍ତ ରାମଚନ୍ଦ୍ର ଦେବ ପୁରୀ ନିକଟରେ ଶ୍ରୀରାମଚନ୍ଦ୍ର ପୁର (ଦୁଇ ଶ୍ରେଣୀ); 'ବୀର ରାମଚନ୍ଦ୍ର ପୁର' (ସ୍ୱର ଶ୍ରେଣୀ), 'ପ୍ରତାପ ରାମଚନ୍ଦ୍ରପୁର' (ପାଟେଲ), ବଡ଼ ରାମଚନ୍ଦ୍ରପୁର (କୋରଙ୍ଗା) ଓ 'ଉଭସ୍ୱମୁଖୀ ରାମଚନ୍ଦ୍ର ପୁର'; ଏହିପରି ନଅ ଶାସନ ବସାଇ ଥିବାର କିମ୍ବଦନ୍ତୀ ଅଛି । ଏ ରାଜାଙ୍କର ମନ୍ତ୍ରୀ ଦାସ ବିଦ୍ୟାଧର 'ଦାସ ବିଦ୍ୟାଧର ପୁର'

ଶାସନ ଏବଂ ଛକ୍କି ବିଦ୍ୟାଧର 'ରାୟ ଚକ୍ରଧର ପୁର' ଶାସନ ବସାଇଥିଲେ ।

ପୁରୁଷୋତ୍ତମ ଦେବ ରାମଚନ୍ଦ୍ର ଦେବଙ୍କ ପୁତ୍ର ଅଟନ୍ତି । ସେ ଖ୍ରୀ. ୧୬୦୦ରୁ ୧୬୨୨ ପର୍ଯ୍ୟନ୍ତ ୨୨ବର୍ଷ ରାଜପଣ କରିଥିଲେ । ଏ ରାଜା ବୀର ପୁରୁଷୋତ୍ତମପୁର, ଶ୍ରୀ ପୁରୁଷୋତ୍ତମପୁର ଶାସନଦ୍ୱୟ ବସାଇଥିଲେ । ତଦନନ୍ତର ତାହାଙ୍କ ପୁତ୍ର ନରସିଂହ ଦେବ ଖ୍ରୀ. ୧୬୨୨ରୁ ୧୬୪୭ ପର୍ଯ୍ୟନ୍ତ ରାଜପଣ କରିଥିଲେ । ଏ ରାଜା ବୀର ନରସିଂହପୁର ଶାସନ ବସାଇଥିଲେ ।

ଏହି ସମୟରୁ ଶାସନମାନଙ୍କରେ ସାମନ୍ତ, ଭଟ୍ଟମିଶ୍ର ଓ ବୈଦିକ, ଏପରି ୩ଶ୍ରେଣୀର ସୃଷ୍ଟି ହେଲା । କୁଳମର୍ଯ୍ୟାଦା ଅନୁସାରେ ବ୍ରାହ୍ମଣମାନେ ଜମିବାଡ଼ି ଦାନ ପାଇଲେ ଏବଂ ଗ୍ରାମର ମୁଖ୍ୟ ସାମନ୍ତ ଦାନାଧ୍ୟକ୍ଷ ହେଲେ । ଏହାପରେ ୧୬୨୨ ଖ୍ରୀ.ରୁ ପୁରୀରେ କୌଳୀନ୍ୟ ପ୍ରଥା ବ୍ରାହ୍ମଣମାନଙ୍କ ମଧ୍ୟରେ ପ୍ରଚଳିତ ହେଲା । ପୂର୍ବରେ ଶାସନମାନଙ୍କରେ ଝିଙ୍କି ଖଞ୍ଜଣା ନ ଥିଲା । ଏହି ନରସିଂହ ଦେବ ଶାସନମାନଙ୍କରେ ଝିଙ୍କି ବସାଇଲେ । ଏ ରାଜାଙ୍କର ମନ୍ତ୍ରୀ କହ୍ନାଇ ବିଦ୍ୟାଧର ପୁର, ରାଜାଙ୍କ ସାନଭାଇ ବିଶ୍ୱନାଥ ରାୟ, ବିଶ୍ୱନାଥପୁର ଶାସନ ବସାଇଲେ ।

ତତ୍ପରେ ନରସିଂହ ଦେବଙ୍କ ଭାଇ ବଳଭଦ୍ର ଦେବ ୧୬୪୭ରୁ ୧୬୫୫ ପର୍ଯ୍ୟନ୍ତ ରାଜପଣ କଲେ । ଏ ରାଜା ପୁରୀରେ ବୀର ବଳଭଦ୍ରପୁର ଶାସନ ବସାଇଲେ । ଏହି ଶାସନରେ ମଧ୍ୟ ବସିଷ୍ଠ ସାମନ୍ତ ଦାନାଧ୍ୟକ୍ଷ । ବଳଭଦ୍ରଙ୍କ ମୃତ୍ୟୁ ପରେ ତାହାଙ୍କ ପୁତ୍ର ମୁକୁନ୍ଦ ଦେବ ୧୬୫୫ ରୁ ୧୬୯୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜପଣ କଲେ । ଏ ରାଜା ଭୂମନା ବରପଦାଠାରେ ଶ୍ରୀମୁକୁନ୍ଦପୁର ଶାସନ ଦାନ କରି ନନ୍ଦ ସାମନ୍ତଙ୍କୁ ଦାନାଧ୍ୟକ୍ଷ କଲେ ।

\+ + + +

ପ୍ରତାପରୁଦ୍ର ଦେବଙ୍କର ଜଣେକ ପ୍ରଧାନ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଖ୍ରୀ. ୧୫୩୪ ରୁ ୧୫୪୧ ପର୍ଯ୍ୟନ୍ତ ରାଜତ୍ୱ କରି ବୀରଗୋବିନ୍ଦପୁର ବ୍ରାହ୍ମଣଶାସନ ବସାଇଥିଲେ ଏବଂ ବୀର-ଗୋବିନ୍ଦପୁର ପୋଖରୀ ଖୋଳାଇ ଥିଲେ ।

× × × ×

ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ତାହାଙ୍କ ପୁତ୍ର ଦିବ୍ୟସିଂହ ଦେବ ଖ୍ରୀ୧୬୯୩ରୁ ୧୭୨୦ ପର୍ଯ୍ୟନ୍ତ ରାଜପଣ କଲେ । ଏ ରାଜାଙ୍କ ଅମଳରେ ମୋଗଲମାନେ ଆସି କଟକ ଦଖଲ କରିବାରୁ ମୋଗଲବନ୍ଦୀର ସୃଷ୍ଟି ହେଲା । ଦିବ୍ୟସିଂହଦେବଙ୍କ କନିଷ୍ଠ ଭ୍ରାତା ହରେକୃଷ୍ଣଦେବ ଖ୍ରୀ୧୭୨୦ରୁ ୧୭୨୫ ପର୍ଯ୍ୟନ୍ତ ରାଜତ୍ୱ କଲେ । ଏ ରାଜା ୧୭୨୨ ଖ୍ରୀଷ୍ଟାବ୍ଦରେ ପୁରୀ ନିକଟରେ ବୀରହରେକୃଷ୍ଣପୁର ଶାସନ ବସାଇ ଗୋଅଣ୍ଟିଆ (କୁଅଣ୍ଟିଆ) ନାମକ ଚତୁର୍ଥ ଶ୍ରେଣୀ ସାମନ୍ତ ସୃଷ୍ଟି କଲେ । ଏହି ଶାସନରେ ବହୁତ ଲବ୍ଧପ୍ରତିଷ୍ଠ ବ୍ରାହ୍ମଣ ପଣ୍ଡିତ ଜନ୍ମ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ଗଦାଧରପଦ୍ଧତିନାମକ ସ୍ମୃତି ପ୍ରଣେତା ଏବଂ ଶାସନର ପ୍ରଥମ ଦାନାଧ୍ୟକ୍ଷ ରାଜଗୁରୁ ଗଦାଧର ମହାପାତ୍ର ଏବଂ ଅଷ୍ଟାଦଶ ବିଦ୍ୟାରେ ଅଷ୍ଟାଦଶ ପ୍ରକାଶ ପ୍ରଣେତା ବାସୁଦେବ ରଥ, ସୂର୍ଯ୍ୟଶତକ ରଚୟିତା ପଣ୍ଡିତ ଗୋପୀନାଥ ମିଶ୍ର ଓ ଅଶୁ ସଂସ୍କୃତ କବି ପଣ୍ଡିତ ବିଷ୍ଣୁ ରଥ ପ୍ରଭୃତି ପ୍ରଧାନ ଥିଲେ । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ସେନାପତି ଜୟୀ ରାଜଗୁରୁ ଏହିଶାସନରେ ଜନ୍ମଗ୍ରହଣ କରିଥିଲେ ।

ରାଜା ହରେକୃଷ୍ଣଙ୍କ ପୁତ୍ର ଗୋପୀନାଥ ଦେବ ୧୭୨୫ରୁ ୧୭୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୭ ବର୍ଷ ରାଜତ୍ୱ କଲେ । ଏହାଙ୍କ ସମୟରେ ଏହାଙ୍କର ଜଣେ ଭାଇ ଭ୍ରମରବର ରାଉତରାୟ ଗୋପୀନାଥ ଦେବଙ୍କ ନାମାନୁସାରେ ପୁରୀ ଅଠରନଳା ପାଖରେ ଗୋପୀନାଥପୁର ବା ରାଉତରାୟପୁର ଶାସନ ବସାଇଲେ । ଦ୍ୱିତୀୟ ରାମଚନ୍ଦ୍ରଦେବଙ୍କ ପୁତ୍ର ବୀରକେଶରୀ ଦେବ ବୀରକେଶରୀପୁର ଶାସନ ବସାଇ ଥିଲେ ।

ତଦନନ୍ତର ଭୋଇ ବଂଶର ଶେଷ ରାଜା ମୁକୁନ୍ଦଦେବଙ୍କ ସମୟରେ ଓଡ଼ିଶା ଇଂରେଜମାନଙ୍କର ହସ୍ତଗତ ହେଲା ଏବଂ ସେହି ଦିନଠାରୁ ଖୋର୍ଦ୍ଧା ପରିବର୍ତ୍ତେ ପୁରୀ ବାଲିସାହି ପୁରୁଣା ନଅରଠାରେ ରାଜା ଜଗନ୍ନାଥ ଦେବଙ୍କ ସେବାପୂଜା ବୁଝିବା ସଙ୍ଗେ ଖୋର୍ଦ୍ଧାର ମାଲିକାନାସୂତ୍ରେ ମାସକୁ ୨୩୩୩ ଟଙ୍କା ଗଭର୍ଣ୍ଣମେଣ୍ଟଙ୍କଠାରୁ ପାଇଲେ ।

ଏ ତଳ ମୋଟାମୋଟି ଶାସନମାନଙ୍କର ପ୍ରତିଷ୍ଠାର ସମୟ ନିରୂପଣ । ବର୍ତ୍ତମାନ ପୁରୀ ଜିଲ୍ଲାର ପ୍ରଧାନ ପ୍ରଧାନ ଶାସନମାନଙ୍କର ନାମ ତଳରେ ଦତ୍ତ ହେଲା—

ରାହାଙ୍ଗଶାସନମାନ ।

୧ । ବୀରହରେକୃଷ୍ଣପୁର ।
୨ । ବୀରବଳଭଦ୍ରପୁର ।
୩ । ବୀରନରସିଂହପୁର—(ବିଶିଷ୍ଟ ତାନ୍ତ୍ରିକ ପଣ୍ଡିତ ବିଶ୍ୱନାଥ ପଟ୍ଟଯୋଶି ଓ ଉଷା ଅନିରୁଦ୍ଧ ନାଟକ ପ୍ରଣେତା ଚନ୍ଦ୍ରଶେଖର ରାଜଗୁରୁଙ୍କ ଜନ୍ମସ୍ଥାନ ।)
୪ । ବିଶ୍ୱନାଥପୁର—ବିଶିଷ୍ଟ ବାଜପେୟୀ ସାମନ୍ତଙ୍କ ବାସସ୍ଥାନ ।
୫ । ବୀରକେଶରୀପୁର ।
୬ । ବୀରପୁରୁଷୋତ୍ତମପୁର ।
୭ । ଶ୍ରୀରାମଚନ୍ଦ୍ରପୁର ।
୮ । ନୀଳାମ୍ବରପୁର ।
୯ । ବାସୁଦେବପୁର ।
୧୦ । ଦାମୋଦରପୁର ।
୧୧ । ରାୟଚକ୍ରଧରପୁର ।
୧୨ । ବୀରପ୍ରତାପପୁର ।
୧୩ । ପ୍ରତାପପୁରୁଷୋତ୍ତମପୁର ।
୧୪ । ଜଗନ୍ନାଥବିଦ୍ୟାଧରପୁର (କବି ଜଗନ୍ନାଥ ବିଦ୍ୟାଧର ଦ୍ୱାରା ପ୍ରତିଷ୍ଠିତ ଓ ମହାମହୋପାଧ୍ୟାୟ ଜଗନ୍ନାଥ ମିଶ୍ର ତର୍କସାଂଖ୍ୟନ୍ୟାୟତୀର୍ଥ ଏବଂ ପଣ୍ଡିତ ଚିନ୍ତାମଣି

ତର୍କବାଚସ୍ପତି, ମୃତ୍ୟୁଞ୍ଜୟ ତର୍କପଞ୍ଚାନନ, ପଣ୍ଡିତପ୍ରବର ଗୋପବନ୍ଧୁ ମିଶ୍ର ପଣ୍ଡିତଙ୍କର ଜନ୍ମସ୍ଥାନ ।)

୧୫ । ପ୍ରତାପରାମଚନ୍ଦ୍ରପୁର ।

୧୬ । କହେଇବିଦ୍ୟାଧରପୁର ।

୧୭ । ଦାସବିଦ୍ୟାଧରପୁର ।

୧୮ । ସାଇଗୋବିନ୍ଦପୁର ।

୧୯ । ସ୍ୱାମଦାସପୁର ।

୨୦ । ଗଙ୍ଗାନାରାୟଣପୁର ।

୨୧ । ବିଜେରାମଚନ୍ଦ୍ରପୁର ।

୨୨ । ମାଳତିପାଟପୁର ।

୨୩ । ସୋମପାଳପୁର ।

୨୪ । କପିଳେଶ୍ୱରପୁର ।

୨୫ । ଭୁବନ୍ମୟୀ ରାମଚନ୍ଦ୍ରପୁର ।

୨୬ । ଗୋକୁଳପୁର ।

୨୭ । କାଶୀହରହରପୁର ।

୨୮ । କାଶୀଜଗନ୍ନାଥପୁର (କୋରୁଅ)

୨୯ । ଭୁଇଁପୁର (ଖାଇଁପୁର)

୩୦ । ଶ୍ରୀପୁରୁଷୋତ୍ତମପୁର } । ପ୍ର ।

୩୧ । ଦେଏପୁର } ଲେମେଇ

୩୨ । ଶ୍ରୀମୁକୁନ୍ଦପୁର, ପ୍ରଃ ସିରେଇ—(ପଣ୍ଡିତପ୍ରବର ବୃଷି- ଚେତିମ ସାମନ୍ତ ବିଶ୍ୱନାଥ ବ୍ରହ୍ମା ଏହି ଗ୍ରାମରେ ଜନ୍ମ ଗ୍ରହଣ କରି ୧୦୮ ବର୍ଷ ପରମାୟୁ ଭୋଗକରି ଏକ ଲକ୍ଷ ଗାୟତ୍ରୀ ଜପ ଓ ଯଜ୍ଞ କରିଥିଲେ । ଏହା ନନ୍ଦ ସାମନ୍ତମାନଙ୍କର ପ୍ରଧାନ ଗ୍ରାମ ।)

୩୩ । ଲକ୍ଷ୍ମୀତାପାଟପୁର । (ସିରେଇ)

୩୪ । ସପ୍ତରଥ ସାରଙ୍ଗଶୋରପୁର ,,

୩୫ । ମୈତ୍ରୀ ବିଲୋଚନପୁର ।

୩୬ । ସତ୍ୟଭାମାପାଟପୁର ।

୩୭ । ମାଣିବନ୍ଧା ପାଟପୁର । (ପାଣ୍ଟଗଡ଼ ଖୋର୍ଦ୍ଧା)

୩୮ । ମୁକୁନ୍ଦପୁର । ,,

୩୯ । ଜଗନ୍ନାଥପୁର ,,

୪୦ । ମାର୍କଣ୍ଡେୟଗୋପବଂଶୀହପୁର । ,,

୪୧ । ଇଚ୍ଛାପୁର । ,,

୪୨ । ବଡ଼ପୋଖରୀଅ ଗୋପୀନାଥପୁର । ,,

୪୩ । ଅଚ୍ୟୁତରାଜପୁର । (ବାଣପୁର ଖୋର୍ଦ୍ଧା)

୪୪ । ଲୁଣଡ଼ିପା ଜଗନ୍ନାଥପୁର ,,

୪୫ । ଗୋପାଳପୁର ,,

୪୬ । ସାମନ୍ତରାପୁର ,,

୪୭ । ଜୀବନଦେଇପୁର ,,

୪୮ । ଗଙ୍ଗାଧରପୁର ।

୪୯ । ଷୋଡ଼ଶପୁର ।

୫୦ । ଶ୍ରୀନିବାସପୁର ।

୫୧ । ବସନ୍ତପୁର ।

"ଦେବ" ସଞ୍ଜ୍ଞକ ଶାସନମାନ ରାଜାଙ୍କଦ୍ୱାରା, ପାଟ ଓ ଦେଇ ସଂଜ୍ଞକ ରାଣୀଙ୍କଦ୍ୱାରା, (ରାୟ) ସଂଜ୍ଞକ ରାଜାଙ୍କ କନିଷ୍ଠ ଭାଇଙ୍କ ଦ୍ୱାରା ଓ ବିଦ୍ୟାଧର ସଞ୍ଜ୍ଞକ ବକ୍ସି ବା ମନ୍ତ୍ରୀଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଅନୁମିତ ହୁଏ ।

ପୁରୀଜିଲ୍ଲା ଖୋର୍ଦ୍ଧା ରାଜ୍ୟ ଉପରଲିଖିତ ବ୍ରାହ୍ମଣଶାସନମାନଙ୍କ ବ୍ରାହ୍ମଣମାନେ ଉତ୍କଳରାଜବଂଶଧର ପୁରୀ ଗଜପତିମହାରାଜଙ୍କ ରାଜନବରକୁ ପ୍ରତିବର୍ଷ ପୁଷ୍ୟାଭିଷେକ ପରଦିନ ରାଜାଭିଷେକ ଉତ୍ସବରେ ସୁବର୍ଣ୍ଣୋପବୀତ ଓ ନାରିକେଳ ନେଇ ଆସନ୍ତି । ରାଜା ରାଜବେଶରେ ସିଂହାସନରେ ବସି ବ୍ରାହ୍ମଣମାନଙ୍କୁ ଆସନ ଦିଅନ୍ତି । ତତ୍ପରେ ଶାସନମାନଙ୍କର ନାମ ଡକାଯାଏ । ଗୋଟିକ ପରେ ଗୋଟିଏ ଶାସନର ବ୍ରାହ୍ମଣ ରାଜଗୁରୁଙ୍କ ହସ୍ତରେ ଉପହାରାଦି ସମର୍ପଣ କରନ୍ତି । ତତ୍ପରେ ରାଜା ବ୍ରାହ୍ମଣ- ମାନଙ୍କୁ ୩ ଥର ପରିକ୍ରମା କରି ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି । ବ୍ରାହ୍ମଣମାନେ ନିଜେ ଆଣିଥିବା ହଳଦିଆ ଚାଉଳ ଧରି ଆଶୀ- ର୍ବାଦମନ୍ତ୍ର ପାଠକରି ପ୍ରଧାନୀଙ୍କ ହସ୍ତରେ ଉକ୍ତ ଚାଉଳ ଦିଅନ୍ତି । ପ୍ରଧାନୀ ରାଜଗୁରୁମାନଙ୍କୁ ଉକ୍ତ ଚାଉଳ ନେଇ ଦିଏ । ରାଜ- ଗୁରୁମାନେ ଆଶୀର୍ବାଦ ଚାଉଳ ରାଜାଙ୍କ ମସ୍ତକରେ ଦେଇ ପରିତୋଷିତ କରନ୍ତି । ତତ୍ପରେ ବ୍ରାହ୍ମଣମାନଙ୍କର ପଦରଜ ରାଜାଙ୍କୁ ଲଗି କରାଯାଏ, ବ୍ରାହ୍ମଣଭୋଜନ ହୁଏ ଓ ଶାସନ- ଙ୍କାର ଦକ୍ଷିଣା ଓ ଗ୍ରାମ ଅଧିଷ୍ଠାତ୍ରୀ ଦେବୀଙ୍କ ସମର୍ପଣ ପାଇଁ ଶ୍ରୀମହାପ୍ରସାଦ ଦିଆଯାଇ ବ୍ରାହ୍ମଣମାନଙ୍କୁ ବିଦାୟ କରା- ଯାଏ ।

ଯାଜପୁରରେ କେଶରୀବଂଶୀୟ ରାଜାମାନଙ୍କ ପ୍ରତିଷ୍ଠିତ ବହୁତ ବ୍ରାହ୍ମଣଶାସନ ଅଛି । କେଶରୀବଂଶୀୟ ରାଜାମାନେ ଖ୍ରୀଷ୍ଟ ୭ମ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଉକ୍ତ ବଂଶର ଯଯାତିକେଶରୀ (ଖ୍ରୀ ୫୫୨ରେ ସିଂହାସନାରୋହଣ) ଯାଜପୁରରେ ଯଜ୍ଞ କରି କାନ୍ୟକୁବ୍ଜରୁ ଦଶ ସହସ୍ର ବ୍ରାହ୍ମଣ ଅଣାଇ ଯାଜପୁର ଓ ପୁରୀରେ ବହୁ ଭୂମି ଦାନ କରି ବ୍ରାହ୍ମଣଶାସନମାନ ବସାଇଥିଲେ । ପୁରୀ ଜିଲ୍ଲାର ଉକ୍ତ ବ୍ରାହ୍ମଣଶାସନମାନଙ୍କୁ ନିର୍ଣ୍ଣୟ କରିବା ଦୁଷ୍କର ଅଟେ ।]

ଶାସନ କରିବା—ଦେ. କ୍ରି—୧ । ଅଧୀନ କରିବା—1. To control. Śāsana kariba ୨। ଦମନ କରିବା—2. To subjugate. শাসন করা ୩ । ଦଣ୍ଡ ଦେବା —3. To punish. ୪ । ରାଜ୍ୟକୁ ନିୟମରେ ଚଳାଇବା—4. To rule a country.

शासन करना

ଶାସନ କର୍ତ୍ତା—ସ. ବି. ପୁଂ—୧ । ଯେ ରାଜ୍ୟ ଶାସନ କରନ୍ତି— Śāsana karttā 1. Ruler or governer of a country. ୨ । ଦମନକର୍ତ୍ତା—2. Cotroller.

ଶାସନ କୋଠ—ଦେ. ବି—ଶାସନ ମହାଜନ କୋଠ (ଦେଖ)— Śāsana koṭha Śāśana mahājana koṭha (See) गरमजरुआ ग्राम

ଶାସନ ତନ୍ତ୍ର—ସ. ବ—ଶାସନ ପଦ୍ଧତି (ଦେଖ)
Śāsana tantra — Śāsana paddhati (See)

ଶାସନ ଦଣ୍ଡ—ସ. ବ—ରାଜ୍ୟ ଶାସନ କରିବାର ଚିହ୍ନରୂପେ ରାଜାଙ୍କ ଧୃତ
Śāsana danda — ଦଣ୍ଡ ବା ଯଷ୍ଟି—Sceptre.

ଶାସନଧର—ସଂ. ବ. ପୁଂ—୧। ଶାସକ—1. A ruler. ୨। ରାଜଦୂତ
Śāsanadhara — 2. Envoy.

ଶାସନ ପତ୍ର—ସ. ବ—୧। ଆଜ୍ଞାପତ୍ରିକା; ଲିଖିତ ଆଜ୍ଞା; ହୁକୁମନାମା—
Śāsana patra — 1. Written order. ୨। ରାଜାଜ୍ଞା (ଶାସନ ପତ୍ରିକା—ଅନ୍ୟରୂପ) ଲିପିବଦ୍ଧ ହୋଇଥିବା ଧାତୁପତ୍ର ବା ଶିଳା—2. Metal plate or stone on which royal order or edicts are engraved.

ଶାସନ ପଦ୍ଧତି—ସ. ବ—ରାଜ୍ୟକୁ ଶାସନ କରିବାର ରୀତି—The
Śāsana paddhati — form of government of a country.
[ଶାସନ ପ୍ରଣାଳୀ; ଶାସନ ତନ୍ତ୍ର—ଅନ୍ୟରୂପ]
[ଦ୍ର—କାଳଭେଦରେ ଏବଂ ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ରୂପରେ ଶାସନ ପ୍ରଣାଳୀ ପ୍ରଚଳିତ ହୁଏ। ଅନେକ ପ୍ରକାର ଶାସନ ପଦ୍ଧତି (ଶାସନତନ୍ତ୍ର) ଦେଖାଯାଏ। ଯଥା—

ଇଚ୍ଛା ତନ୍ତ୍ର ବା ଯଥେଚ୍ଛାଚାର ତନ୍ତ୍ର—ରାଜାଙ୍କ ଅବାରିତ ଇଚ୍ଛା ଅନୁସାରେ ରାଜ୍ୟ ଚାଳନ—Absolute monarchy (ପୂର୍ବକାଳର ଇଜିପ୍ଟ, ଆଧୁନିକ କାବୁଲ, ପାରସ୍ୟ)। ନିୟମ ତନ୍ତ୍ର-ନିର୍ଦ୍ଧାରିତ ନିୟମ ଅନୁସାରେ ରାଜାଙ୍କ ଦ୍ୱାରା ରାଜ୍ୟଚାଳନ -Limited monarchy (ଯଥା,ମିଶର,ଗ୍ରୀସ୍,ଇଟାଲୀ)। ପ୍ରଜାତନ୍ତ୍ର—ପ୍ରଜାମାନଙ୍କ ନିର୍ବାଚିତ ସଭାର ପରାମର୍ଶରେ ରାଜାଙ୍କଦ୍ୱାରା ରାଜ୍ୟଚାଳନ-Constitutional monarchy (ଯଥା—ଆଧୁନିକ ଇଂଲଣ୍ଡ।)

ସାଧାରଣ ତନ୍ତ୍ର—ପ୍ରଜାଙ୍କ ନିର୍ବାଚିତ ବ୍ୟକ୍ତିଙ୍କ ଦ୍ୱାରା ରାଜ୍ୟ ଶାସନ—Democracy; republican form of Government. (ଯଥା—ଆମେରିକା, ଫ୍ରାନ୍ସ, ଆଧୁନିକ ତୁରସ୍କ।]

ଅମଲା ତନ୍ତ୍ର—ରାଜନିଯୁକ୍ତ କର୍ମଚାରୀ ବା ରାଜପ୍ରତିନିଧିଙ୍କ ଦ୍ୱାରା ରାଜ୍ୟ ଶାସନ—Bureaucracy (ଯଥା—ଭାରତବର୍ଷ)

ସମ୍ଭ୍ରାନ୍ତ ତନ୍ତ୍ର—ରାଜ୍ୟର ଉଚ୍ଚକୁଳୋଦ୍ଭବ ବା ଭୂସ୍ୱାମୀ ବା ବଡ଼ଲୋକଙ୍କଦ୍ୱାରା ପରିଚାଳିତ ଶାସନ ପ୍ରଣାଳୀ—Oligarchy].

ଶାସନ ବାହକ—ସ. ବ. ପୁଂ (୬ଷ୍ଠୀ ତତ୍)—୧। ରାଜାଜ୍ଞାକୁ ଲୋକଙ୍କ
Śāsana bāhaka — ପାଖେ ପହଞ୍ଚାଇବା ବ୍ୟକ୍ତି—1. Herald. ୨। ରାଜଦୂତ (ହି. ଶ)—2. Ambassador.

ଶାସନ ମହାଜନ—ଦେ. ବ—ପୁରୀ ଜିଲ୍ଲାର ରାଜପ୍ରତିଷ୍ଠିତ ବ୍ରାହ୍ମଣ ଶାସ-
Śāsana mahājana — ନର ଅଧିବାସୀ ଓ ଗ୍ରାମର ଭୂସ୍ୱତ୍ୱରେ
শাসনবাসী ব্রাহ্মণ — ଅଧିକାରୀ ବୈଦିକ ବ୍ରାହ୍ମଣ—Proprietor
ब्राह्मण गाँवका बासि — and resident Brahman of a Brahman-village-community.

ଶାସନ ମହାଜନ କୋଠ—ଦେ. ବ—ବ୍ରାହ୍ମଣ ଶାସନବାସୀ ସ୍ୱତ୍ୱାଧିକାରୀ
Śāsana mahājana kotha — ସମସ୍ତ ବ୍ରାହ୍ମଣଙ୍କର ଏକ ମାଲ
শাসন ব্রাহ্মণদের যৌথ সম্পত্তি — ସମ୍ପତ୍ତି—Joint property
गरमजरुआ आम — of the whole body of proprietor-Brahmans of a village community. [ଦ୍ର—ଗ୍ରାମର ଦେବତା, ଦେଉଳ, ଦେବତାଙ୍କ ଖଞ୍ଜା ଭୂମି, ଗ୍ରାମର ଅନାବାଦୀ, ପୁଷ୍କରିଣୀ ଓ ତହିଁରୁ ଲବ୍ଧ ବସ୍ତୁମାନ ଶାସନ ମହାଜନ କୋଠ ଅଟେ।]

ଶାସନ ମହାଜନାନ୍—ଦେ. ବ (ବହୁବଚନ)—ବ୍ରାହ୍ମଣ ଶାସନର
Śāsana mahājanān — ସ୍ୱତ୍ୱାଧିକାରୀ ବ୍ରାହ୍ମଣଗଣ—The
শাসন গ্রামের ব্রাহ্মণেরা — whole body of resident
ग्रामवासी — proprietor-Brahmans of a Brahmana village governed by the village community system.

ଶାସନ ଶିଳା—ସ. ବ (ମ. ପ. ଲୋ)—ଯେଉଁ ଶିଳା ଉପରେ ରାଜାଜ୍ଞା
Śāsana śilā — ଖୋଦିତ ହୋଇଥାଏ (ହି. ଶ)—Stone slab containing royal edicts.

ଶାସନହର—ସ. ବ. ପୁଂ (ଶାସନ+ହୃଧାତୁ+କର୍ତ୍ତୃ. ଅ)—
Śāsanahara — ୧। ଆଜ୍ଞାବାହକ; କାର୍ତ୍ତିକ—1. A carrier of orders. ୨। ରାଜଦୂତ—2. A royal messenger.
ଶାସନବାହକ } ଅନ୍ୟରୂପ
ଶାସନହାରୀ }
୩। ପିଅଦା—3. Peon. ୪। ରାଜାଜ୍ଞା ଲୋକଙ୍କୁ ଜଣାଇବା ବ୍ୟକ୍ତି—4. Herald.

ଶାସନା—ସ. ବ (ଶାସନ+ଆ)—୧। ଶାସନ; ଦମନ—1. Controlling.
Śāsanā — ୨। ନିୟମାଧୀନତା—2. Discipline.

ଶାସନାଧୀନ—ସ. ବଣ. ପୁ (୬ଷ୍ଠୀ ତତ୍)—୧। ଶାସନର ବଶୀଭୂତ—
Śāsanādhina — 1. Subject to rule or order. ୨।
(ଶାସନାଧୀନା—ସ୍ତ୍ରୀ) ଆଜ୍ଞାର ବଶବର୍ତ୍ତୀ; ଆଜ୍ଞାବହ—2. Obedient.
(ଶାସନାଧୀନତା—ବ) ୩। ଅଧିକାରଭୁକ୍ତ—3. Brought under control.

ଶାସନାର୍ହ—ସ.ବଣ. ପୁଂ—୧। ଶାସିତ ହେବାର ଯୋଗ୍ୟ—1. Fit to
Śāsanārha — be ruled or restrained. ୨। ଦଣ୍ଡାର୍ହ—
(ଶାସନାର୍ହା—ସ୍ତ୍ରୀ) 2. Punishable.

ଶାସନୀ—ସ. ବ—ଲୋକଙ୍କୁ ଧର୍ମ ଉପଦେଶ ପ୍ରଦାନକାରିଣୀ ସ୍ତ୍ରୀ (ହି.
Śāsanī — ଶ)—A religious female preacher.
শাসনী — ଦେ.ବଣ (ସ. ଶାସନ)-ଦାନଅର୍ଥ ବ୍ରାହ୍ମଣ; ବ୍ରାହ୍ମଣଶାସନବାସୀ
श्रोत्रीय — କୁଳୀନ ବ୍ରାହ୍ମଣ—A high class Brāhmana resident of a Brahman village. [ଦ୍ର—ପୂର୍ବେ ରାଜାମାନେ ଯେଉଁ ବ୍ରାହ୍ମଣମାନଙ୍କୁ ଦେଶାନ୍ତରରୁ ଆଣି ଭୂମି ଦାନ ଦେଇ ଏ ଦେଶରେ ବ୍ରାହ୍ମଣ ଶାସନ ବସାଇ ରଖାଇ ଥିଲେ, ସେମାନେ ଏଠାର ପୂର୍ବ ଅଧିବାସୀ ବ୍ରାହ୍ମଣଙ୍କ ଅପେକ୍ଷା ଉଚ୍ଚତର ବିବେଚିତ ହେଉ ଥିବାରୁ ସେହିମାନଙ୍କ ବଂଶଧରମାନେ 'ଶାସନୀ' ବ୍ରାହ୍ମଣ ବୋଲି ପରିଚିତ। ଅଧମ ବ୍ରାହ୍ମଣମାନେ ପଣ୍ଡା, ପଢିଆରୀ,

ମଢ଼ିଆ ଅଦ ନାମରେ ଓ ସମ୍ବଲପୁର ଅଞ୍ଚଳରେ ଅରଣ୍ୟକ (ଝାଡ଼ୁଆ) ବ୍ରାହ୍ମଣରୂପେ ପରିଚିତ ।]

ଶାସନୀଏ—ଦେ. ବ—(ବହୁବଚନ)—ଶାସନୀ ବା କୁଳୀନ ବ୍ରାହ୍ମଣ- **Sāsanie** ମାନେ—A number of high caste Brahmins [ହି—ଶାସନୀବ୍ରାହ୍ମଣଗଣ ପଣ୍ଡା ପଣ୍ଡା ଚଳନ୍ତି **ग्रामकाब्राह्मणलोग** ବସିଲେ ମଣ୍ଡପେ ଶାସନୀଏ । ଗଣ୍ଡା ଗଣ୍ଡା କରି ଚଲେ ଚଉଦରେ ପାଞ୍ଚ ଧାଡ଼ି । ଉଭଃ. ଓଡ଼ିଆ ଶ୍ଳୋକ ।]

ଶାସନୀୟ—ସ. ବଣ—(ଶାସ ଧାତୁ+କର୍ମ ଅନୀୟ)—୧ । ଯାହାକୁ **Sāsaniya** ଶାସନ କରାଯାଇ ପାରେ; ଶାସ୍ୟ; ଦମ୍ୟ—1. Corrigible. (ଶାସନୀୟା—ସ୍ତ୍ରୀ) ୨ । ଶାସନ କରିବାର ଯୋଗ୍ୟ—2. Fit to be ruled; controllable. ୩ । ଦଣ୍ଡ୍ୟ—3. Punishable; fit to be punished. ୪ । ଶିକ୍ଷଣୀୟ—4. Teachable.

ଶାସିତ—ସ. ବଣ—(ଶାସ ଧାତୁ ଣିଚ୍+କର୍ମ ତ)—୧ । ଦଣ୍ଡିତ—**Sāsita** 1. Punished. ୨ । ଦମିତ—2. Checked; (ଶାସିତା—ସ୍ତ୍ରୀ) controlled. ୩ । ଶିକ୍ଷିତ—3. Taught. ୪ । ପାଳିତ (ରାଜ୍ୟ)—4. Administred; ruled over; governed. ସ. ବ—୧ । ପ୍ରଜା (ପ୍ର. ଶ)—1. Subject of a king. ୨ । ନିଗ୍ରହ; ସଂଯମ (ପ୍ର. ଶ)—2. Controlling; ristraint.

ଶାସିତା—ସଂ. ବ. ପୁଂ.—(ଶାସିତୃ ଶବ୍ଦ, ୧ମା ୧ବ; ଶାସ୍ ଧାତୁ+କର୍ତ୍ତୃ **Sāsitā** ତୃ)—୧ । ରାଜା—1. King. ୨ । ଶାସକ; ଶାସନ- (ଶାସିତ୍ରୀ—ସ୍ତ୍ରୀ) କର୍ତ୍ତା—2. Ruler. ୩ । ଦମନ କର୍ତ୍ତା—3. Controller. ୪ । ଶିକ୍ଷକ—4. Preceptor-teacher. ୫ । ଉପଦେଶକ—5. Advisor. ୬ । ଦଣ୍ଡ ଦେବାବାଲା ବ୍ୟକ୍ତି—6. Punisher.

ଶାସିତ୍ରୀ—ସଂ ବ. ସ୍ତ୍ରୀ—(ଶାସିତୃ+ସ୍ତ୍ରୀ ଈ) ୧ । ଶାସିତାର ସ୍ତ୍ରୀଲିଙ୍ଗ—**Sāsitri** 1. The feminine of Sāsita. ୨ । ଶାସନ-କର୍ତ୍ତ୍ରୀ—2. Governess; a female ruler.

ଶାସିବା—ଦେ. କ୍ରି.—(ସ. ଶାସ ଧାତୁ)—୧ । ଶାସନ କରିବା—1. **Sāsibā** To rule. [ହି—शासा शासनकरना ନବୁ ଶକ୍ତି କାର ଶାସିବ ବେତାଳ ଦୃଷ୍ଟେ, ଚନ୍ଦ୍ରାମଣି—ବଳମାବଡ଼୍ୟ ।]—୨ । ଗାଳି ଦେବା—2 To reprimend

ଶାସୀ—ସ. ବଣ ଓ ବ. ପୁଂ (ଶାସ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ.; **Sāsi** ଏଥିର ବ୍ୟବହାର ଅନ୍ୟ ଶବ୍ଦର ଶେଷରେ ହୁଏ, ଯଥା— (ଶାସିନୀ—ସ୍ତ୍ରୀ) ଭୁବନ ଶାସୀ)—ଶାସନକାରୀ—Ruling; governing.

ଶାସ୍ତା—ସ. ବ. ଓ ବଣ. ପୁଂ.(ଶାସ୍ତୃ ଶବ୍ଦ;୧ମା.୧ବ; ଶାସ ଧାତୁ+କର୍ତ୍ତୃ ତୃ) **Sāstā** ୧ । ରାଜା—1 King ୨ । ଶାସକ—2. Ruler. ୩ । ଶିକ୍ଷାଦାତା; ଉପାଧ୍ୟାୟ; ଗୁରୁ—3. Preceptor; teacher. ୪ । ପରିଚାଳକ—4. A guide; controller. ୫ । ଶାସ୍ତିଦାତା—5. Punisher. ୬ । ଶାକ୍ୟସିଂହ; ବୁଦ୍ଧଦେବ—6. The Buddha. ୭ । (ଶାସ୍ତ୍ରୀ—ସ୍ତ୍ରୀ) ପିତା (ପ୍ର. ଶ)—7. Father.

ଶାସ୍ତି—ସଂ. ବ (ଶାସ୍ ଧାତୁ+ଭାବ ତି)—୧ । ଶାସନ; ଦଣ୍ଡ; ନିଗ୍ରହ- **Sāsti** 1. Punishment; correction; chastisement. ୨ । ନିୟମ; ବିଧାନ—2. Rule; discipline. ୩ । ଦମନ; ଶାସନ—3. Restraining; controlling.

ଶାସ୍ତିଦାତା—ସଂ. ବଣ ଓ ବ. ପୁଂ (ଉପପଦ ତତ୍ପୁରୁଷ)—ଦଣ୍ଡଦାତା; **Sāstidātā** ଯେ ଦଣ୍ଡ ଦଏ—Punisher; chastiser; one who corrects or metes out punishment.
ଶାସ୍ତିଦାୟୀ, ଶାସ୍ତିବିଧାୟକ, ଶାସ୍ତିବିଧାତା }—ଅନ୍ୟରୂପ
ଶାସ୍ତିଦାତ୍ରୀ, ଶାସ୍ତିଦାୟିନୀ, ଶାସ୍ତିବିଧାୟିକା, ଶାସ୍ତିବିଧାତ୍ରୀ }—ସ୍ତ୍ରୀ

ଶାସ୍ତି ଦାନ—ସଂ. ବ (୬ଷ୍ଠୀ ତତ୍)—ଦଣ୍ଡଦେବା—Punishing; **Sāsti dāna** meting out of punishment.

ଶାସ୍ତି ଦେବା—ଦେ. କ୍ରି—ଦଣ୍ଡ ଦେବା—**Sāsti debā** To punish; to chastise. शास्तिदेओया शास्तिदेना

ଶାସ୍ତି ବିଧାନ—ସଂ. ବ (୬ଷ୍ଠୀ ତତ୍)—ଦଣ୍ଡବିଧାନ; ଦଣ୍ଡଦାନ—**Sāsti bidhāna** Meting out of punishment.

ଶାସ୍ତି ଯୋଗ୍ୟ—ସଂ. ବଣ ପୁ°(୬ଷ୍ଠୀ ତତ୍)—ଦଣ୍ଡ ପାଇବାର ଉପଯୁକ୍ତ—**Sāsti jogya** Deserving punishment; fit to be punished; punishable. (ଶାସ୍ତ୍ୟର୍ହ—ଅନ୍ୟରୂପ) (ଶାସ୍ତିଯୋଗ୍ୟା, ଶାସ୍ତ୍ୟର୍ହା—ସ୍ତ୍ରୀ)

ଶାସ୍ତ୍ର—ସଂ. ବ (ଶାସ୍ ଧାତୁ=ଶାସନ କରିବା+କରଣ ତ୍ର)—୧ । ବେଦ **Sāstra** ତନ୍ତ୍ର, ସ୍ମୃତି, ପୁରାଣାଦି ଧର୍ମଗ୍ରନ୍ଥ; ଦେବତା ବା ମୁନିପ୍ରଣୀତ ଗ୍ରନ୍ଥ—1. Books of revelations; scripture; sacred lore; books of divine authority. [ବ୍ର—ଯାହା ସତ୍ୟବିଦ୍ୟା ପ୍ରତିପାଦନ କରେ ଓ ଯଦ୍ଦ୍ୱାରା ମନୁଷ୍ୟର ସତ୍ୟାସତ୍ୟ, ଧର୍ମାଧର୍ମ, ନ୍ୟାୟାନ୍ୟାୟ, ବିଧେୟାବିଧେୟ କର୍ମର ଶିକ୍ଷାଲାଭ ହୁଏ ତାହା ଶାସ୍ତ୍ର । ଶାସ୍ତ୍ରଦ୍ୱାରା ଜନସମାଜ ଶିକ୍ଷାପ୍ରାପ୍ତ ହୋଇ ନିୟମରେ ଚଳନ୍ତି । ସାଧାରଣତଃ ହିନ୍ଦୁଶାସ୍ତ୍ର ତିନ ଭାଗରେ ବିଭକ୍ତ । ଯଥା—

ଶ୍ରୁତି=ବେଦ; ସ୍ମୃତି=ଧର୍ମଶାସ୍ତ୍ରାଦି; ପୁରାଣ—ଦେବତାଦିଙ୍କର ଓ ସୃଷ୍ଟିସ୍ଥିତି ପ୍ରଳୟାଦିର ବୃତ୍ତାନ୍ତ । ବେଦମୂଳକ ଶାସ୍ତ୍ରମାନଙ୍କ ସଂଖ୍ୟା ୧୮ଟି—

ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ, ଛନ୍ଦ, ଋଗ୍‌ବେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ, ମୀମାଂସା, ନ୍ୟାୟ, ଧର୍ମଶାସ୍ତ୍ର, ପୁରାଣ, ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ, ଅର୍ଥଶାସ୍ତ୍ର । ଏହି ୧୮ ଶାସ୍ତ୍ରକୁ ୧୮ ବିଦ୍ୟା ବୋଲଯାଏ । ହିନ୍ଦୁମାନଙ୍କର ସବୁ ଧର୍ମ ପୁସ୍ତକ ଶାସ୍ତ୍ର ସଂଜ୍ଞାର ଅନ୍ତର୍ଭୁକ୍ତ ।]

୨ । ବିଜ୍ଞାନ; କୌଣସି ବିଶିଷ୍ଟ ବିଷୟ ବା ପଦାର୍ଥ ସମ୍ବନ୍ଧେ ଧାରାବାହିକରୂପେ ସଂଗୃହୀତ ଜ୍ଞାନ (ଯଥା—ପ୍ରାଣିଶାସ୍ତ୍ର, ଅର୍ଥଶାସ୍ତ୍ର, ବନସ୍ପତିଶାସ୍ତ୍ର)—2. Science. ୩ । (+ଭାବ.

୪) ଶାସନ—3. Rule; governance. ୪ । ଅଜ୍ଞା—
4. Command.

ଶାସ୍ତ୍ର ଈକ୍ଷା—ବେ. ବଣ (ସଂ.ଶାସ୍ତ୍ରେକ୍ଷା)—ବେଦ ସାହାଯ୍ୟ ଚକ୍ଷୁ—Seeing
Śāstra īkshā through the medium of the Bedas.
(ଭୂ—ଯେ ଛନ୍ଦୋମୟ ଶାସ୍ତ୍ରଈକ୍ଷା, ଯେ ଭାବେ ବୃଷ୍ଟିକର ହୈଶା—
ଜଗନ୍ନାଥ ସ୍ୱରୋଦୟ ।)

ଶାସ୍ତ୍ର କର୍ତ୍ତା—ସଂ. ବି. ପୁଂ—ଶାସ୍ତ୍ରଗ୍ରନ୍ଥର ଲେଖକ; ଶାସ୍ତ୍ର ପ୍ରଣେତା—
Śāstra karttā Author or compiler of sacred books.
ଶାସ୍ତ୍ରକାର
ଶାସ୍ତ୍ରକାରକ } —ଅନ୍ୟରୂପ
ଶାସ୍ତ୍ରକାରୀ

ଶାସ୍ତ୍ର କହୁଛି—ଦେ. (ବାକ୍ୟ)—(ଏହିପରି) ଶାସ୍ତ୍ରରେ ଲେଖାଅଛି—
Śāstra kahuchhi A phrase meaning 'So say the sacred books'; it is enjoined in the sacred books.
[ଶାସ୍ତ୍ରକହେ,ଶାସ୍ତ୍ରଲେଖୁଛି, ଶାସ୍ତ୍ରବୋଲୁଛି, ଶାସ୍ତ୍ରଭାଷୁଛି, ଶାସ୍ତ୍ରଲେଖୁଛି]—
ଅନ୍ୟରୂପ
শাস্ত্রবলে শাস্ত্রলিখছে शास्त्रकहतीहै

ଶାସ୍ତ୍ରକୃତ୍—ସ. ବି—(ଶାସ୍ତ୍ର+କୃ ଧାତୁ+କର୍ତ୍ତୃ କ୍ୱିପ୍)—୧। ଶାସ୍ତ୍ରକର୍ତ୍ତା—
Śāstrakṛut 1. Author of a sacred book. ୨ ।
ଆଚାର୍ଯ୍ୟ—2. Preceptor. ୩ । ଋଷି; ମୁନି—3. A sage.

ଶାସ୍ତ୍ର ଗଣ୍ଡ—ସ.ବି ଓ ବଣ—(ଶାସ୍ତ୍ର+ଗଣ୍ଡ)—ଯେଉଁ ବ୍ୟକ୍ତି ସକଳ ଶାସ୍ତ୍ରରୁ
Śāstra gaṇḍa କିଛି କିଛି ଉପରଠାଉରିଆ ଭାବରେ ଜାଣେ—(a person) Who knows something superficially of every sacred book; a superficial scholar of the scriptures.

ଶାସ୍ତ୍ର କୋବିଦ—ସ. ବି ଓ ବଣ. ପୁଂ—(୬ଷ୍ଠୀ ତତ୍)—ଧର୍ମଗ୍ରନ୍ଥ ସମ୍ବନ୍ଧେ
Śāstra kobida ପଣ୍ଡିତ—Learned in the sacred lore.
(ଶାସ୍ତ୍ର କୋବିଦା—ସ୍ତ୍ରୀ)

ଶାସ୍ତ୍ର ଚକ୍ଷୁ—ସଂ ବି—୧ । (ଯାହା ଶାସ୍ତ୍ରଜ୍ଞାନ ବିଷୟରେ ଚକ୍ଷୁ ସ୍ୱରୂପ,
Śāstra chakshuḥ ରୂପକ) ବ୍ୟାକରଣ—1. Grammar.
୨ । (ବହୁବ୍ରୀହି; ଶାସ୍ତ୍ର ଅଟେ ଚକ୍ଷୁ ଯାହାର) ପଣ୍ଡିତ;
ଜ୍ଞାନୀ ବ୍ୟକ୍ତି—2. A wise or learned person.

ଶାସ୍ତ୍ର ଚର୍ଚ୍ଚା—ସ. ବି—ଶାସ୍ତ୍ର ସମ୍ବନ୍ଧେ ଆଲୋଚନା—
Śāstra charchchā Discussion about religious or sacred lore.

ଶାସ୍ତ୍ର ଚାରଣ—ସ. ବଣ ଓ ବି. ପୁଂ (୬ଷ୍ଠୀ ତତ୍)—ଶାସ୍ତ୍ରଜ୍ଞ (ଦେଖ)—
Śāstra chāraṇa Śāstrajña (see)

ଶାସ୍ତ୍ର ଚିନ୍ତନ—ସ. ବି (୭ମୀ ତତ୍)—ଧର୍ମ ଶାସ୍ତ୍ର ସମ୍ବନ୍ଧରେ ମାନସିକ
Śāstra chintana ଆଲୋଚନା—Reflections on the sacred books.
(ଶାସ୍ତ୍ରଚିନ୍ତା—ଅନ୍ୟରୂପ)

ଶାସ୍ତ୍ର ଜାଲ(ଲ)—ସଂ. ବି (୬ଷ୍ଠୀ ତତ୍)—୧ । ଶାସ୍ତ୍ରସମୂହ—
Śāstra jāla(la) 1. The body of sacred books.
୨ । (ଲକ୍ଷଣିକ) କୂଟ ଧର୍ମଶାସ୍ତ୍ର—2. Intricate books on religion.

ଶାସ୍ତ୍ରଜ୍ଞ—ସଂ. ବଣ. ପୁଂ—ଶାସ୍ତ୍ର ସମ୍ବନ୍ଧେ ପାରଦର୍ଶୀ—Versed or
Śāstrajña proficient in the sacred lore. ବି ୧ ।
(ଶାସ୍ତ୍ରଜ୍ଞା—ସ୍ତ୍ରୀ) ଗଣକ—1. Astrologer. ୨ । ଜ୍ୟୋତିଷ
(ଶାସ୍ତ୍ରଜ୍ଞତା—ବି) ଶାସ୍ତ୍ରରେ ପଣ୍ଡିତ—2. A person versed in the science of the luminous bodies in the heavens; astronomer.

ଶାସ୍ତ୍ର ଜ୍ଞାନ—ସଂ. ବି (୬ଷ୍ଠୀ ତତ୍)—ଶାସ୍ତ୍ର ସମ୍ବନ୍ଧରେ ଅଭିଜ୍ଞତା—
Śāstra jñāna Knowledge of religious lore.

ଶାସ୍ତ୍ର ତତ୍ତ୍ୱ—ସଂ. ବି (୬ଷ୍ଠୀ ତତ୍)—ଶାସ୍ତ୍ରବିହିତ ରହସ୍ୟ; ଶାସ୍ତ୍ରରେ ଥିବା
Śāstra tattwa ଗୂଢ଼ ବିଷୟ—The truths or mysteries propounded in the religious books.

ଶାସ୍ତ୍ର ତତ୍ତ୍ୱଜ୍ଞ—ସଂ. ବଣ. ପୁଂ—ଯେ ଶାସ୍ତ୍ରର ଗୂଢ଼ ତତ୍ତ୍ୱମାନ ଜାଣେ—
Śāstra tattwajña Versed in the mysteries of relgious science. ସଂ. ବି—୧ । ଗଣକ-
1. Astrologer. ୨ । ଜ୍ୟୋତିଷୀ—
(ଶାସ୍ତ୍ରତତ୍ତ୍ୱଜ୍ଞା—ସ୍ତ୍ରୀ; ଶାସ୍ତ୍ରତତ୍ତ୍ୱଜ୍ଞତା—ବି) 2. Astronomer.

ଶାସ୍ତ୍ରଦର୍ଶୀ—ସଂ. ବଣ. ଓ ବି. ପୁଂ—ଶାସ୍ତ୍ରଜ୍ଞ (ଦେଖ)
Śāstra darśi Śāstrajña (See)
(ଶାସ୍ତ୍ରଦର୍ଶିନୀ—ସ୍ତ୍ରୀ)
(ଶାସ୍ତ୍ରଦର୍ଶିତା—ବି)

ଶାସ୍ତ୍ର ଦୃଷ୍ଟି—ସଂ.ବି—(୬ଷ୍ଠୀ ତତ୍) ଶାସ୍ତ୍ରଦିଗରୁ ବିଚାର—Scriptural
Śāstra dṛushṭi point of view. ସଂ. ବଣ. (ପୁଂ ଓ ସ୍ତ୍ରୀ)
(ବହୁବ୍ରୀହି) ଶାସ୍ତ୍ରଜ୍ଞ (ଦେଖ)—Śastrajña (See)

ଶାସ୍ତ୍ରପଢ଼ା ଜ୍ଞାନ—ଦେ. ବି—ଶାସ୍ତ୍ର ପଢ଼ି ଯେଉଁ ଜ୍ଞାନ ଜନ୍ମେ;
Śāstra pardhā jñāna ଶାସ୍ତ୍ରଜ୍ଞାନ—Knowledge
শাস্ত্রজ্ঞান शास्त्रज्ञान derived from reading the Śāstras.

ଶାସ୍ତ୍ର ପ୍ରଚାର—ସଂ.ବି (୬ଷ୍ଠୀ ତତ୍)—ସର୍ବସାଧାରଣରେ ଶାସ୍ତ୍ରଜ୍ଞାନପ୍ରଚାରଣ-
Śāstra prachāra Disseminating the truths of the sacred books.

ଶାସ୍ତ୍ର ପ୍ରଣୟନ—ସ. ବି—ଶାସ୍ତ୍ର ଗ୍ରନ୍ଥ ଲେଖିବା—
Śāstra praṇayana Writing of sacred books.

ଶାସ୍ତ୍ର ପ୍ରଣେତା—ସଂ. ବି. ପୁଂ—(ଶାସ୍ତ୍ର+ପ୍ରଣେତ, ୧ମା ୧ବ)—
Śāstra praṇetā ଶାସ୍ତ୍ର ଗ୍ରନ୍ଥ ଲେଖକ—Writer or author or compiler of sacred books.
[ଶାସ୍ତ୍ର ପ୍ରଣେତ୍ରୀ—ସ୍ତ୍ରୀ]

ଶାସ୍ତ୍ର ପ୍ରସଙ୍ଗ—ସଂ. ବି—(୬ଷ୍ଠୀ ତତ୍)—ଶାସ୍ତ୍ର ସମ୍ବନ୍ଧେ ଚର୍ଚ୍ଚା ବା
Śāstra prasaṅga ଆଲୋଚନା—Discussion or conversation regarding the śāstras.

ଶାସ୍ତ୍ର ବକ୍ତା—ସଂ. ବି. ପୁଂ—(ଶାସ୍ତ୍ର+ବଚ ଧାତୁ+କର୍ତ୍ତୃ. ତୃ, ୧ମା.
Śāstra baktā ୧ବ)—ଯେ ଶାସ୍ତ୍ର ବ୍ୟାଖ୍ୟା କରେ—One
[ଶାସ୍ତ୍ର ବକ୍ତ୍ରୀ—ସ୍ତ୍ରୀ] who explains the texts of the religious books.

ଶାସ୍ତ୍ର ବର୍ଜ୍ଜିତ—ସଂ. ବଣ—(୩ୟା ତତ୍)—୧। (ପୁଂ) ଶାସ୍ତ୍ରଜ୍ଞାନଶୂନ୍ୟ—
Śāstra barjjita 1. Devoid of knowledge of the śāstras. ୨। ଅଶାସ୍ତ୍ରୀୟ—2. Against the precepts of the Śāstras.
(ଶାସ୍ତ୍ରବର୍ଜ୍ଜିତ—ଅନ୍ୟରୂପ)

ଶାସ୍ତ୍ର ବଳ—ସଂ. ବ—୧। (ରୂପକ) ଶାସ୍ତ୍ରଜ୍ଞାନ ରୂପ ଶକ୍ତି—
Śāstra bala 1. Power consisting of mastery over religious lore. ୨। (୬ଷ୍ଠୀ ତତ୍) ଶାସ୍ତ୍ରର ପ୍ରଭାବ—2. The potency of the sacred books. ୩। (ମ. ପ. ଲୋ) ଶାସ୍ତ୍ରଜ୍ଞାନଜନିତ ଶକ୍ତି—3. Power derived from knowledge of the Śāstras.

ଶାସ୍ତ୍ର ବହିର୍ଭୂତ—ସଂ.ବ—(୫ମୀ ତତ୍)—ଶାସ୍ତ୍ର ଲିଖିତ ନିୟମର ବହିର୍ଭୂତ—
Śāstra bahirbhūta Opposed to the precepts of the śāstras.
[ଶାସ୍ତ୍ର ବର୍ଜ୍ଜିତ, ଶାସ୍ତ୍ର ବିରୁଦ୍ଧ—ଅନ୍ୟରୂପ]

ଶାସ୍ତ୍ରବିଦ୍—ସଂ. ବଣ ଓ ବି ପୁଂ. ଓ ସ୍ତ୍ରୀ—(ଶାସ୍ତ୍ର+ବିଦ୍ ଧାତୁ+କର୍ତ୍ତୃ. ବାଚ୍ୟ)—ଶାସ୍ତ୍ରଜ୍ଞ (ଦେଖ)—Śāstrajña (See)
Śāstrabid

ଶାସ୍ତ୍ର ବିଧି(ବିଧାନ)—ସଂ. ବି.—(୬ଷ୍ଠୀ ତତ୍)—ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ନିୟମ—Scriptural precept.
Śāstra bidhi (bidhāna)

ଶାସ୍ତ୍ର ବିରୋଧ—ସଂ. ବି—୧। (୬ଷ୍ଠୀ ତତ୍) ଶାସ୍ତ୍ରୋକ୍ତ ବିଧିର ଲଙ୍ଘନ—
Śāstra birodha 1. Infringement of the rules of the Śāstras. ୨। (୭ମୀ ତତ୍)ଅନେକ ଶାସ୍ତ୍ର ମଧ୍ୟରେ କୌଣସି ବିଷୟରେ ମତଭେଦ—2. Difference of opinion regarding a certain matter found in different religious books.

ଶାସ୍ତ୍ର ବିଶାରଦ—ସଂ. ବଣ. ପୁଂ (୭ମୀ ତତ୍)—ଶାସ୍ତ୍ରଜ୍ଞ (ଦେଖ) —
Śāstra bisārada Śāstrajña (See)
(ଶାସ୍ତ୍ର ବିଶାରଦା—ସ୍ତ୍ରୀ)

ଶାସ୍ତ୍ର ବିହିତ—ସଂ. ବଣ—ଶାସ୍ତ୍ର ସଙ୍ଗତ (ଦେଖ)—
Śāstra bihita Śāstra saṅgata (See)

ଶାସ୍ତ୍ର ବୋଧ—ସଂ. ବି—ଶାସ୍ତ୍ରଜ୍ଞାନ (ଦେଖ)—
Śāstra bodha Śāstrajnāna (See)

ଶାସ୍ତ୍ର ବ୍ୟାଖ୍ୟା—ସଂ. ବି—ଶାସ୍ତ୍ର ଲିଖିତ ବିଷୟମାନ ଶ୍ରୋତାଙ୍କୁ ବୁଝାଇବା—
Śāstra byākhyā Explaining the tenets of the sacred books to the hearers.
(ଶାସ୍ତ୍ର ବ୍ୟାଖ୍ୟାନ—ଅନ୍ୟରୂପ)

ଶାସ୍ତ୍ର ବ୍ୟୁତ୍ପତ୍ତି—ସଂ. ବି—(୭ମୀ ତତ୍)—ଶାସ୍ତ୍ର ଜ୍ଞାନରେ ପାରଙ୍ଗମତା—
Śāstra byutpatti Proficiency in the Śāstras.

ଶାସ୍ତ୍ର ମତ—ସଂ. ବି—ଶାସ୍ତ୍ର ଲିଖିତ ମତ—Opinions expressed in the sacred books. ବଣ—ଶାସ୍ତ୍ରସଙ୍ଗତ ଦେଖ—Śāstra saṅgata (See)
Śāstra mata

ଶାସ୍ତ୍ର ମର୍ମ—ସଂ. ବି (୬ଷ୍ଠୀ ତତ୍)—ଶାସ୍ତ୍ରର ତାତ୍ପର୍ଯ୍ୟ—
Śāstra marma The object or substance of the Śāstras.

ଶାସ୍ତ୍ର ମର୍ମଜ୍ଞ—ସଂ. ବଣ. ପୁଂ—ଶାସ୍ତ୍ରର ତାତ୍ପର୍ଯ୍ୟ ଜ୍ଞାତା—
Śāstra marmajña Versed in the secrets of the Śāstras.
(ଶାସ୍ତ୍ରମର୍ମଜ୍ଞା—ସ୍ତ୍ରୀ; ଶାସ୍ତ୍ରମର୍ମଜ୍ଞତା—ବି)

ଶାସ୍ତ୍ରମୂଳକ—ସଂ. ବଣ—ଶାସ୍ତ୍ରରୁ ଉତ୍ପନ୍ନ; ଶାସ୍ତ୍ରଲିଖିତ (ବିଧାନ)
Śāstramūlaka Based on the divine books.

ଶାସ୍ତ୍ର ଶିଳ୍ପୀ—ସଂ. ବଣ—୧। କାଶ୍ମୀର ଦେଶ—1. The country of Kashmere in India ୨। କାଶ୍ମୀର ଦେଶବାସୀ ବ୍ୟକ୍ତି—2. An inhabitant of Kashmere. ୩। ଭୂମି; ଜମି (ହି. ଶ)—3. Land.
Śāstra śilpi

ଶାସ୍ତ୍ର ସଙ୍ଗ(ମ୍ମ)ତ—ସଂ. ବଣ—୧। ଶାସ୍ତ୍ରର ନିୟମସଙ୍ଗତ; ଶାସ୍ତ୍ରାନୁମୋଦିତ
Śāstra saṅga(mma)ta ଶାସ୍ତ୍ରରେ ନିର୍ଦ୍ଦିଷ୍ଟ—1. Enjoined by or laid down in the divine lore; conformatory to the rules enjoined in the Śāstras; approved by the sacred books. ୨। ଅନ୍ୟାୟ ବା ଧର୍ମ ସଙ୍ଗତ— 2. Lawful.

ଶାସ୍ତ୍ର ସିଦ୍ଧ—ସଂ. ବଣ—(୩ୟା ତତ୍)—ଶାସ୍ତ୍ର ସଙ୍ଗତ—Established by sacred texts or authority (Apte).
Śāstra siddha

ଶାସ୍ତ୍ରାଧ୍ୟୟନ—ସଂ. ବି.—(୬ଷ୍ଠୀ ତତ୍)—ଶାସ୍ତ୍ର ଗ୍ରନ୍ଥର ପାଠ—
Śāstrādhyayana Study of divine lore.

ଶାସ୍ତ୍ରାଧ୍ୟାପକ—ସଂ. ବଣ. ଓ ବି. ପୁଂ—ଯେ ଶିଷ୍ୟମାନଙ୍କୁ ଶାସ୍ତ୍ର ପଢ଼ାନ୍ତି—
Śāstrādhyāpaka Teaching the sacred lore.

ଶାସ୍ତ୍ରାଧ୍ୟାପନ(ନା)—ସଂ. ବି(୬ଷ୍ଠୀ ତତ୍)—ଶିଷ୍ୟମାନଙ୍କୁ ଶାସ୍ତ୍ର ପଢ଼ାଇବା—
Śāstrādhyāpana(nā) The teaching of the sacred books.

ଶାସ୍ତ୍ରାଧ୍ୟାୟୀ—ସଂ. ବଣ. ପୁଂ—ଶାସ୍ତ୍ର ପାଠ କରୁଥିବା—
Śāstrādhyāyi Studying the sacred lore.
[ଶାସ୍ତ୍ରାଧ୍ୟାୟିନୀ—ସ୍ତ୍ରୀ]

ଶାସ୍ତ୍ରାନୁମୋଦିତ—ସଂ. ବି—(୩ୟା ତତ୍)—ଶାସ୍ତ୍ରସଙ୍ଗତ (ଦେଖ)
Śāstrānumodita Śāstrasaṅgata (See)

ଶାସ୍ତ୍ରାନୁଶୀଳନ—ସଂ. ବି (୬ଷ୍ଠୀ ତତ୍)—ଶାସ୍ତ୍ର ଚର୍ଚ୍ଚା (ଦେଖ)
Śāstrānuśīlana Śāstra charchchā (See)

ଶାସ୍ତ୍ରାବର୍ତ୍ତ ଲିପି—ସଂ. ବି.—ଲଳିତ ବିସ୍ତର ଅନୁସାରେ ପ୍ରାଚୀନ କାଳର ଏକ ପ୍ରକାର ଲିପି—(ହି. ଶ.)—Name of an ancient script.
Śāstrābartta lipi

ଶାସ୍ତ୍ରାର୍ଥ—ସଂ. ବି—(୬ଷ୍ଠୀ ତତ୍)—ଶାସ୍ତ୍ର ବାକ୍ୟର ତାତ୍ପର୍ଯ୍ୟ—
Śāstrārtha The meaning of divine texts.

ଶାସ୍ତ୍ରାଳାପ—ସଂ. ବି—ଶାସ୍ତ୍ର ସମ୍ବନ୍ଧେ କଥୋପକଥନ—Conversation about religious books.
Śāstrālāpa

ଶାସ୍ତ୍ରାଲୋଚନ(ନା)—ସଂ. ବି—ଶାସ୍ତ୍ରଚର୍ଚ୍ଚା (ଦେଖ)
Śāstrālochana(nā) Śāstra charchchā (See)

ଶାସ୍ତ୍ରୀ—ସଂ. ବଣ. ପୁଂ—(ଶାସ୍ତ୍ର+ଇନ୍; ୧ମା. ୧ବ)—ଶାସ୍ତ୍ରଜ୍ଞ;ଶାସ୍ତ୍ରଦର୍ଶୀ—
Śāstri Versed in the sacred lore. ବି. ପୁଂ—୧। ପଣ୍ଡିତ—1. A learned man; a Pandit.

୨ । ବ୍ରାହ୍ମଣମାନଙ୍କ ବଂଶୋପାଧି—2. A family-title of Brāhmaṇas. ୩ । ପଣ୍ଡିତମାନଙ୍କର ସମ୍ମାନାର୍ଥକ ଉପାଧି ବିଶେଷ—3. An honorary title bestowed on Pandits. ୪ । ଧର୍ମ ଶାସ୍ତ୍ରାଦିରେ ପଣ୍ଡିତ—4. A person learned in the sacred lore. ଦେ. ବି.—କେତେକ ସଂସ୍କୃତ ବିଦ୍ୟାଳୟ ଓ ବିଦ୍ୟାପୀଠରେ (ଯଥା—ପାଟଣା, କାଶୀରେ) ନିର୍ଦ୍ଦିଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପଣ୍ଡିତଙ୍କୁ ଦିଆଯିବା ଉପାଧି—A title bestowed on certain Pandits who pass the prescribed examination.

ଶାସ୍ତ୍ରୀୟ—ସଂ. ବିଣ—(ଶାସ୍ତ୍ର+ଈୟ)—ଶାସ୍ତ୍ର ସମ୍ବନ୍ଧୀୟ—
Śāstrīya Relating to scriptures; sastric.

ଶାସ୍ତ୍ରୀୟତା—ସଂ. ବି—ଶାସ୍ତ୍ରବହିର୍ଭୂତ ଅବସ୍ଥା—
Śāstrīyatā Lawfulness.

ଶାସ୍ତ୍ରୋକ୍ତ—ସଂ. ବିଣ.—(୭ମୀ ତତ୍)—ଶାସ୍ତ୍ରକଥିତ; ଶାସ୍ତ୍ରରେ ଲିଖିତ
Śāstrokta Laid down in books of divine authority.

ଶାସ୍ତ୍ରୋପଦେଶ—ସଂ. ବି—୧ । (ମ.ପ.ଲୋ) ଶାସ୍ତ୍ର ନିର୍ଦ୍ଦିଷ୍ଟ ଉପଦେଶ ବା
Śāstropadeśa ଉପଦେଶ—1. Precepts or rules enjoined by the sacred books. ୨ । (୭ମୀ ତତ୍) ଶାସ୍ତ୍ର ସମ୍ବନ୍ଧେ ଶିକ୍ଷାଦାନ—2. Instruction about the Śāstras.

ଶାସ୍ତ୍ରୋପଦେଶକ—ସଂ. ବିଣ. ଓ ବି. ପୁଂ—ଶାସ୍ତ୍ରୀୟ ଉପଦେଶଦାତା ଗୁରୁ
Śāstropadeśaka —An instructor of sastric precepts.
[ଶାସ୍ତ୍ରୋପଦେଶିକା, ଶାସ୍ତ୍ରୋପଦେଷ୍ଟ୍ରୀ—ସ୍ତ୍ରୀ]
[ଶାସ୍ତ୍ରୋପଦେଷ୍ଟା—ଅନ୍ୟରୂପ]

ଶାସ୍ୟ—ସଂ. ବିଣ—(ଶାସ ଧାତୁ+କର୍ମ. ଯ)—୧ । ଶାସନୀୟ—
Śāsya 1. Capable of being ruled or guided. ୨ । ଶିକ୍ଷଣୀୟ—2. Fit to be learnt. ୩ । ଦଣ୍ଡନୀୟ—3. Punishable.

ଶାସ—ଗ୍ରା. ବି—ଶାହାସ୍ର (ଦେଖ)
Śāsra Sāhāsra (See)

ସାହସ୍ର—ଗ୍ରା. ବି—ସାହାସ୍ର (ଦେଖ)
Sāhasra Sāhāsra (See)

ଶାହା—ଦେ. ବି (ସଂ. ଶାଖା)—୧ । ଶାଖା—1. Branch. [୨ ।
Śāhā ଶଗଡର ଫଳ—2. The cross bars put between the shafts of bullock carts.
शाखा शाखा
୩ । (ସଂ. ସହାୟ)—ସହାୟ—3. Help. ୪ । (ସଂ.
सहाय सहाय
ଶ୍ୱାସ)—ଜୀବନ; ଜୀବନ ଶକ୍ତି; ପ୍ରାଣବାୟୁ—
प्राण साँस 4. Life; vitality; life-breath, ଦେଶୀ. ଦେ.
साह शाह ବି. ୧ । (ପା)—ପାରସ୍ୟର ରାଜାଙ୍କ ଉପାଧି—1. Title of the kings of Persia, ୨ । (ପା) ରାଜା—2. King.

ଶାହା ଉ(ଛା)ଡ଼ିଯିବା—ଦେ. ବି—ଦେହରୁ ପ୍ରାଣବାୟୁ ବାହାରି ଯିବା—
Śāhā u(chhā)ṛijibā The extinction of life; the
ପ୍ରାଣଉଡ଼େଯାଓଯା fleeing away of the vital spark
(ଶାହା ବାହାରିଯିବା—ଅନ୍ୟରୂପ) जीउकूटजाना from the body.

ଶାହାଡ଼ା—ଦେ.ବି—(ସଂ. ଶାଖୋଟ)—ଶାଖୋଟ ବୃକ୍ଷ । [ବି—ଏହାର
Śāhāṛā କାଠ ପତ୍ର ଓ ଡାଳ ଉଦ୍ଭିଦ । ଏହାର ପକ୍ୱମାନ
ସଂ. ପର୍ଯ୍ୟାୟ— ଶ୍ଳେଷ୍ମ ଓ ଶାର ହୁଏ । କୋଳ ହଳଦିଆ ।
ଶାଖୋଟ; ପୀତଫଳ; ଏହାର ଶ୍ଳେଷ ଡାଳକୁ ଦାନ୍ତକାଠିରୂପେ
ଭୂତବାସ, ଖରଚ୍ଛଦ; ବ୍ୟବହାର କରନ୍ତି । ଏହା ପତ୍ରଥିରେ
ଗନ୍ଧର୍ବପ୍ଳାବାସ । ଚଳେ । ଏ ଗଛ ସାଧାରଣତଃ ଗୁଳ୍ମ
शेओड़ा शाओड़ा ପରି ହୁଏ ଓ ବହୁକାଳର ପୁରୁଣା
सहोड़ साहोड़ ଗଛ ଏବଂ ଓ ଗ୍ରନ୍ଥିଳ ହୁଏ । ଏ
ମ—ଶହୋଡ଼ ଅବସ୍ଥାରେ ଏହାକୁ ମୁନି ଶାହାଡ଼ା
ତେ—ଭାପଣକେଠେଟ୍ଟୁ; ବୋଲାଯାଏ]—A tree; Streb-
ଭରଣିକେ ଚେଟ୍ଟୁ lus Asher, Mulberry
Morus Indica. (Haines) [ବି—ବୈଦ୍ୟଶାସ୍ତ୍ର
ଅନୁସାରେ ଏହା ଉଷ୍ଣବୀର୍ଯ୍ୟ, ରୂକ୍ଷସାର୍ଯ୍ୟ, ପିତ୍ତକାରକ ଓ
ବାୟୁ ନାଶକ । ଏହାର ଛାଲ ରକ୍ତପିତ୍ତ, ଅର୍ଶ, ଅତିସାର ଓ
ବାତଶ୍ଳେଷ୍ମା ରୋଗରେ ଉପକାରକ । ଏହାର ଛାଲର
ପ୍ରଲେପଦ୍ୱାରା ଶ୍ୱେତ ବା ଧବଳ କୁଷ୍ଠ ରୋଗର ଉପଶମ ହୁଏ
ଓ ଏହାର କାଠର ପ୍ରଲେପଦ୍ୱାରା ବିଷିର କମିଯାଏ ।]

ଶାହାଡ଼ାଗଛକୁ ବିଭା ହେବା—ଦେ. କ୍ରି—କୌଣସି ବ୍ୟକ୍ତିର ଏକାଧିକ
Śāhāṛāgachhaku bibhā hebā ସ୍ତ୍ରୀ ମୃତା ହେଲେ ଚତୁର୍ଥ
(ଶାହାଡ଼ା ଗଛକୁ ଗଣ୍ଠା ପିନ୍ଧାଇବା—ଅନ୍ୟରୂପ) ବା ୪ର୍ଥ ସ୍ତ୍ରୀକୁ ବିବାହ
କ୍ ଲଗାଛେରସଙ୍ଗେବିବାହହଓୟା କରିବା ପୂର୍ବରୁ ସେ ପ୍ରଥମେ ଗୋଟିଏ
ଶାହାଡ଼ା ଗଛକୁ ଗଣ୍ଠା ପିନ୍ଧାଇ ନାମମାତ୍ର ବିବାହ କରିବା ଓ
ତତ୍ପରେ ନୂତନ ସ୍ତ୍ରୀକୁ ବିବାହ କରିବା—To go through the ceremony of marriage with a Streblus Asher tree (Said of a widower who has lost two or three wives).

ଶାହାଡ଼ା ଝଟେଇ—ଦେ. ବି—ଶାହାଡ଼ା ଗଛର ଶୁଖିଲା ଡାଳ ଯହିଁରୁ ପତ୍ର
Śāhāṛājhatei ଝଡ଼ି ପଡ଼ିଥାଏ—Dry and leafless
शोओड़ारबाँटा सहोड़ाकीझाँखी branch of Streblus
(ଶାହାଡ଼ାଝାଟ—ଅନ୍ୟରୂପ) Asher.

ଶାହାଣ—ଦେ. ବି.(ସଂ. ଶାଣ)—୧ । ଶାଣ (ଦେଖ)—1. Śāṇa
Śāhāṇa (See) ୨ । ସାହାଣ—(ଦେଖ)—2. Sāhāṇa
शाण सान (See).

ଶାହାଣ ପଥର—ଦେ. ବି (ସଂ. ଶାଣ ପ୍ରସ୍ତର)—ଶାଣ ପଥର (ଦେଖ)—
Śāhāṇa pathara Śāṇa pathara (See).
शाणपाथर सानपत्थर

ଶାହାସ୍ର—ଗ୍ରା. ବି. (ସଂ. ଶାସ୍ତ୍ର)—ଶାସ୍ତ୍ର (ଦେଖ)—
Śāhāsra Śāstra (See).
शास्तर शास्तर (ଉ. କି ଗୁଣ ନେଇ କୁଠାର
ସବୁ ଶାହାସ୍ର ମଧ୍ୟେ ସାର
ଭୂଷଣ—ପ୍ରେମସୁଧାନିଧି)

ଶାହି—ଦେ. ବି. (ସଂ. ଶାଖା)—୧ । ଏକ ଶ୍ରେଣୀସ୍ଥ ବା ଜାତୀୟ ବହୁ ପରିବାର ବସତି କରୁଥିବା ଗ୍ରାମର ବା ସହରର ଅଂଶ; ମୋହଲ୍ଲା, टोला ପଡ଼ା—1. Part of a town or village where families of one caste or profession reside. (ଯଥା—ପଠାଣ ଶାହି, ଖଟିକ୍ ଶାହି, ପାଣ ଶାହି, ବ୍ରାହ୍ମଣ ଶାହି ଓ ବାଉରିଶାହି) ୨ । ପୁରୀ ସହରର ସାତ ଗୋଟି ବଡ଼ ଅଂଶ—2. Seven divisions or chief streets of the town of Puri. [ଦ୍ର—ପୁରୀର ସାତ ଶାହିର ନାମ— ୧ । ବାସେଲୀ ଶାହି ୨ । ହରଚଣ୍ଡି ଶାହି ୩ । ମାର୍କଣ୍ଡେଶ୍ୱର ଶାହି ୪ । ଦୋଳମଣ୍ଡପ ଶାହି ୫ । ବାଲି ଶାହି ୬ । କୁଣ୍ଡେଇବେଣ୍ଟା ଶାହି ୭ । ଚ୍ୟାଙ୍ଗ ଶାହି ।

ପ୍ରବାଦ ଅଛି ଯେ ପୁରୀରେ ସାତ ଶାହି ଓ ୪୨ ବଜାର ଅର୍ଥାତ୍ ଛୋଟ ଗଳି ଅଛି ଏବଂ କଟକରେ ୫୨ ବଜାର ୫୩ ଗଳି ଅଛି । କିନ୍ତୁ ପୁରୀରେ ଅଧୁନା ଶାହିର ସଂଖ୍ୟା ଅନେକ ଅଧିକ] ୩ । ଶ୍ରେଣୀ; ପଂକ୍ତି; ଧାଡ଼ି—3. Line; row. ୪ । ପ୍ରତିବେଶୀମାନଙ୍କର ଗୃହଶ୍ରେଣୀ—4. Row of houses of neighbours. [ଦ୍ର—ସାଧାରଣତଃ ପୁରୀ ସହରରେ ଘର ଘର ଅଂଶକୁ ଶାହି, କଟକରେ ବଜାର, ସମ୍ବଲପୁରରେ ପଡ଼ା ଓ ବାଲେଶ୍ୱରରେ ଗଞ୍ଜ ବୋଲିଯାଏ । କଲିକତାରେ ପାଡ଼ା ବା ଟୋଲା ବୋଲିଯାଏ ।] ପ୍ରାଦେ (କଟକ ଜିଲ୍ଲା ଓ ତନ୍ନିକଟବର୍ତ୍ତୀ ଅଞ୍ଚଳ) ବି—ଅଗଣା; ପ୍ରାଙ୍ଗଣ—Courtyard. ବୈ·ଦେ· ବିଣ—(ଅନ୍ୟଶବ୍ଦ ସଙ୍ଗେ ଯୁକ୍ତ ହୁଏ ସାହୀ साही ଯଥା—ବାଦଶାହି, ଭୁତଶାହି, କୁଲାମଶାହି; —ଫା· ଶାହା+ଈଣ ପ୍ରତ୍ୟୟ ଈ)—ଶାହା ସମ୍ବନ୍ଧୀୟ—Relating to Śāhā or king.

Śāhi
পাড়া

ଶାହିଜ(ଜ୍ୟ)—ଗ୍ରା. ବି (ସଂ. ସାହାଯ୍ୟ)—ସାହାଯ୍ୟ (ଦେଖ)
Śāhija(jya) Sāhājya (See)

ଶାହି ଜାତ—ପ୍ରାଦେ· (ପୁରୀ ସହର) ବି.—ଗୋସାଣୀ ଯାତ—The Śāhi jāta procession of taking the image of Goddess Durgā from different Śahis of Puri town during the Durga puja festival. [ଦ୍ର—ପୁରୀ ସହରରେ ଦୁର୍ଗାପୂଜା ଦଶମୀ ସମୟରେ ପ୍ରତି ଶାହିରୁ ଦେବୀ ବା ଗୋସାଣୀ ପ୍ରତିମାମାନଙ୍କୁ ଅନ୍ୟାନ୍ୟ ଶାହିକୁ ନେଇଯିବା ଉପଲକ୍ଷରେ ଏହି ଯୋଗଯାତ୍ରା ହୁଏ । ଏଥିରେ ନାନା ପ୍ରତିମୂର୍ତ୍ତି, ନାଗା ଓ ମଲ୍ଲମାନେ କ୍ରୀଡ଼ା କରନ୍ତି ଓ ଯାତ୍ରାବଳ ବେଳେ ବେଳେ ଅଶ୍ଳୀଳ ଗାଳି ଓ ଭାଷା ବ୍ୟବହାର କରନ୍ତି । ପୁରୀ ସହରର ଦେଖାଦେଖି କ୍ରମେ କ୍ରମେ ପୁରୀ ଜିଲ୍ଲାର ମଫସଲ ଗ୍ରାମମାନଙ୍କରେ ଦୋଳଅବ ଯାତ୍ରା ସମୟରେ ଶାହିଜାତ ବାହାରିବା ଦେଖାଯାଉଅଛି ।]

ଶାହି ଜାତେ }
ଶାହି ଯାତ୍ରା } ଅନ୍ୟରୂପ

ଶାହି ପର୍ଡ଼ିଶା (ପର୍ଡୋଶା)—ଦେ· ବି—(ସମାନାର୍ଥ ସହଚର)—ପଡ଼ୋଶୀ-ମାନେ—Neighbours.
Śāhi pardisā (pardosa)
পাড়াপড়শী टोलापड़ोसा [ଦ୍ର—ହାତେ ଲମ୍ବରେ କାଢ଼ିବ ଶିଙ୍ଗା, ଦେଖି ମରୁଥିବେ ଶାହି ପଡ଼ିଶା । ଲୁଚି ବଚନ ।]

ଶାହି ଭାଇ—ଦେ. ବି—ଏକ ଶାହିରେ ବାସ କରୁଥିବା ଯୋଗୁଁ ଭାଇ ସମ୍ପର୍କରେ ସମ୍ପର୍କିତ ବ୍ୟକ୍ତିଗଣ—Persons related to each other as brethren on account of their living in the same part of a town or village.
Śāhi bhāi
গ্রামা সুবাদে ভাই
टोलापड़ोसा भाइ

ଶାହି ଶାହି—ଦେ. ଅ—ଏକ ଶାହିରୁ ଅନ୍ୟ ଶାହିକୁ; ପ୍ରତି ଶାହିରେ—From one part of the town or village to another. [ଦ୍ର—ଶାହି ଶାହି ହୋଇ ବୁଲିଲ ଘୋଡ଼ା, ମଦ ବିକାଯାଏ ବସି—ଢଗ]
Śāhi Śāhi
পাড়াপাড়া टोलाटोला

ଶି—ସ. ବି·—୧ । ଶିବ (ବୃ.ଶ)—1. Śiba. ୨ । ସୁଖ (ବୃ.ଶ)—2. Happiness. ୩ । ସୌଭାଗ୍ୟ (ବୃ.ଶ)—3. Prosperity; good fortune. ୪ । ଶାନ୍ତି (ବୃ.ଶ)—4. Peace. ୫ । ଧୈର୍ଯ୍ୟ (ବୃ.ଶ)—5. Patience.
Śi

ଶି (ଧାତୁ)—ସଂ—ତୀକ୍ଷ୍ଣ କରିବା; ପତେଇବା—
Śi (root) To sharpen; to whet.

ଶିଅ—ଦେ ବି—(ସଂ ଶିଫ)—୧ । ଗଛର ଚେର—1. Root. ୨ । ବରଗଛର ଯେଉଁ ଚେର ଭୂମି ଉପରେ ଦେଖା ଯାଉଥାଏ—2. Creeping roots of banian tree which appear over the ground.
Śia
শিকড়
जड़, सिर

ଶିଅ କାଟିବା—ଦେ କ୍ରି (ଲକ୍ଷଣାର୍ଥ)—(ଗଛର ଚେର କାଟିଲେ ଗଛଟି ଯେପରି ମରିଯାଏ ସେହିପରି) କୌଣସି ବ୍ୟକ୍ତିର ଅନିଷ୍ଟ ଘଟାଇବା—(figurative) To injure a person; to strike at the root of a person's interests.
Śia kāṭibā
শিকড়কাটা
जडकाटना

ଶି ଅକ୍ଷର—ଦେ ବି (ସଂ ଶ୍ରୀ ଓ ଅକ୍ଷର, ବା ସିଦ୍ଧିରସ୍ତୁ)—ସି ଅକ୍ଷର (ଦେଖ)
Śi akshara ক অক্ষর सि अक्षर Si akshara (See)

(ତାକୁ) ଶି ଅକ୍ଷର ବରୁଣେଇ ପର୍ବତ—ଦେ. ପ୍ରବଚନ—ସେ ନିରକ୍ଷର ବା ମୂର୍ଖ ଅଟେ
(Tāku) Śi akshara baruṇei parbata, —He is an illitrate person (literally, alphabets appear like mountains to him).

ଶି ଅକ୍ଷର ବିବର୍ଜିତ—ଦେ. ବିଣ. —ସି ଅକ୍ଷର ବିବର୍ଜିତ (ଦେଖ)
Śi akshara bibarjita Śi akshara bibarjita.
ক অক্ষর গোমাংস सि अक्षर नहीं जाननेवाला (See)

ଶିଅର୍—ବୈଦେ. ବି—ଶିୟର (ଦେଖ)
Śiar Śiyar (See)

ଶିଅର—ଦେ. ବି—ଶିୟର (ଦେଖ)
Śiara Śiyara (See)

ଶିଅଳ—ଦେ· ବି—(ସଂ. ଶୃଙ୍ଖଳ; ଏମାନେ ଅଣ୍ଟାକୁ ଓ ଗୋଡ଼କୁ ଶିକୁଳି ଗଛ ସଙ୍ଗେ ଶୃଙ୍ଖଳବଦ୍ଧ କରି ଗଛରେ ଚଢ଼ନ୍ତି]—୧ । ନୀଚ ହିନ୍ଦୁ ଜାତି ବିଶେଷ, ଯେଉଁମାନେ ତାଳ ଓ ଖଜୁରୀ ଗଛ ଚାଞ୍ଛି ରସରୁ ତାଡ଼ି ବାହାର କରନ୍ତି (ଏମାନେ ମଦ୍ୟ ପାନ କରନ୍ତି)—1. A low Hindu caste
Śiaḷa
পাশী, সিওলী
पासी

which extracts toddy from palmyra and date palm trees. ୨ । ତାଡ଼ି ବିକ୍ରୟୀ—2. A toddy dealer. ୩ । (ସଂ ଶଲ୍ୟ) ହଳର ଯୁଆଳିର ଅଗରେ ଥିବା ଖିଳକ; ଯୁଗଖିଳକ, ଯହିଁରେ ଯୁଗବାନ୍ଧା ପଶୁଙ୍କ ଘଗାକୁ ଅଟକାଯାଏ—3. Pins attached to the ends of the yoke of the plough to which the neck-rope of the bullocks are attached. [ଦ୍ର—ଶଗଡ଼ର ଯୁଆଳିର ଅଗରେ ଉପର ଅଡ଼ୁ ମଝି ହୋଇଥିବା ଦୁଇଗୋଟା ଖିଳାକୁ ବାଲୁକି ଓ ହଳର ଯୁଆଳିର ଅଗକୁ କଟ୍ଟରୁ ଛଡ଼ ତଳ ଅଡ଼ୁ ମଝି ହୋଇଥିବା ଦୃଢ଼ ଖିଳାକୁ ଶିଅଳ କହନ୍ତି ।]
শলী কনৈল

ଶିଅଡ଼ିଗୁଳି—ପ୍ରାଦେ (ସିଂହଭୂମି) ବି—ବିଷାକ୍ତ ସର୍ପ ବିଶେଷ
Siārdiguli A class of venomous snakes

ଶିଆର—ଦେ. ବି. [ସଂ. ଶୀତା]—୧ । ହଳଦ୍ୱାରା କ୍ଷେତରେ କୋଳା ହେବା ଗୋହିର; ଲଙ୍ଗଳ କର୍ଷିତ ରେଖା; ଲାଙ୍ଗଳପଦ୍ଧତି—
Siāra
লাঙ্গলেররেখা 1. Furrow. ୨ । ଶିଆର ପରି ଦୀର୍ଘ ବା ଲମ୍ବା ରେଖା **सिराउर** 2. Furrow like grooves. ୩ । କେଶକୁ ଫାଳ କରିବା ଯୋଗୁଁ ମୁଣ୍ଡରେ ରହିବା ଚିହ୍ନ; ମାଙ୍ଗ; ଚେରା—3. Parting line of plaited hair.

ଶିଆରି(ଳି)—ଦେ· ବି·—ଶାଳ ଗଛରେ ମାଡ଼ିଥିବା ଏକ ପ୍ରକାର ମୋଟ ଲତା—A wild creeper having watery juice sufficient to quench thirst.
Siāri(li)
[ଦ୍ର— ଏହାକୁ କାଟି ଦେଲେ ଏହା ମଧ୍ୟରୁ ଈଷତ୍ କଷାୟ ରସଯୁକ୍ତ ତୃଷାହାରକ ଜଳୀୟ ରସ ବାହାରେ । କିନ୍ତୁ ଜଙ୍ଗଲ ଅରଣ୍ୟରେ ତୃଷାର୍ତ୍ତ ପଥିକ ଏ ଜଳଦ୍ୱାରା ତୃଷା ନିବାରଣ କରେ । ଏ ଲତାରେ ପିଲାମାନେ ଦୋଳ ଖେଳନ୍ତି । ଏ ଲତାର ବ୍ୟାସ ୧ ଫୁଟ ପର୍ଯ୍ୟନ୍ତ ମୋଟା ହେବା ଦେଖାଯାଏ । ଏଥିର ପତ୍ର ସାଗୁଆନ ପତ୍ର ଭଳି ବଡ଼ ଓ ପତ୍ରର ଉପର ପଟ୍ଟ ପର ମସୃଣ । ଏହାର ପତ୍ରରେ ଦନା ବା ଠଲପତ୍ର ସିଲେଇ କରି ଯାତ୍ରୁ ପତ୍ର ବ୍ୟବହାର କରାଯାଏ ।] [ଦ୍ର— କୋଳ ଖାଇ ଥାଇ ଦିଅର ଲତାରେ ଝୁଲି ଖେଳୁଥିବ ହୋଇ, ଶିଅର ବଣରେ ବାଇଆ ବସା ଗୋ ! ହୋଓରେ ବାଇଆ ହୋଓ ! ସଙ୍ଗୀତ; ଦୁଃଖକଶୋର—ହୋଓରେ ବାଇଆ ହୋ ।

ଶିଆରିବା—ଦେ· କି (ସ· ଶୀତା)—୧ । ହଳଦ୍ୱାରା ପଡ଼ିଆ ଭୂମିକୁ ଚଷିବା—1. To draw furrows on the field by the plough. ୨ । କେଶଗୁଚ୍ଛକୁ ଅଙ୍ଗୁଳି ବା ପାନିଆ ଦ୍ୱାରା ଚିରିବା—
Siāribā
(ଶିଅରେଇବା—ଅନ୍ୟରୂପ)
রেখাকাটা
सिराउर करना, सिउथ फारना 2. To part the hair into furrows with fingers or comb. [ଦ୍ର—ଲଙ୍ଗଳଦ୍ୱାରା କ୍ଷେତରେ ଯେଉଁପରି ଗୋଟିଏ ରେଖା (ଶୀତା) ପଡ଼ିଯାଏ,ମୁଣ୍ଡବାଳକୁ ହାତ ଅଙ୍ଗୁଳିରେ ବା ପାନିଆ ଦ୍ୱାରା ଶିଅରି ଦେଲେ ମୁଣ୍ଡରେ ଗୋଟିଏ ରେଖା ଦୃଷ୍ଟ ହୁଏ, ଏହି ସୂତ୍ରରୁ ଶିଅରିବା ଶବ୍ଦର ଏହି ଅର୍ଥ ହୋଇ ଅଛି ।] ୩ । ଖଣ୍ଡୁ, କାଇଗଣ, ଅଳୁ ଆଦି ଲଗାଯିବା ନିମିତ୍ତରେ କୋଡ଼ି ଦ୍ୱାରା ମାଟିରେ ଉଚ୍ଚ ସମାନ୍ତରାଳ ରେଖାମାନ ଗଢ଼ା କରିବା—3. To heap up lines of earth by the spade in the fields dug for raising certain crops.

ଶିଆ(ୟା)ଳ—ଦେ. ବି (ସଂ. ଶୃଗାଳ)—ଶୃଗାଳ; ବିଲୁଆ—
Sia(yā)la Jackal; Canis Aureus.
শি(শে)য়াল **सियार** (ଦ୍ର—ଉତ୍ତରଦେଶୀୟ ଭାଷାରୁ ବାହୁ, ଶାଏ (ସ ଅଳୀ—ସ୍ତ୍ରୀ) ଶିଅଳ ବେକ ମୋଡ଼ । ଉଗ ।)

ଶିଆ(ୟା)ଳି—ଦେ. ବି—୧ । (ସଂ. ଶୃଗାଳ) ଶୃଗାଳ; ବିଲୁଆ—
Siā(yā)li 1. Jackal. ୨ । (ସଂ. ଶୃଗାଳୀ) ସ୍ତ୍ରୀ ଶୃଗାଳ—
শি(শো)য়াল 2. She-jackal. ୩ । ମୁଣ୍ଡକୁ କେଶଶୂନ୍ୟ କରି
सिआर ଟାଙ୍ଗରା କରିବାର କାରଣରୂପେ କଳ୍ପିତ ଏକପ୍ରକାର
শি(শে)য়ালী ପୋକ—3. A kind of imaginary insect
सिआरनी which are said to cause baldness on the head. ୪ । ଶିଆରି (ଦେଖ)—4. Siāri. (See)
শিঅলী, শেঅলা ୫ । (ସଂ. ଶୈବାଳ) ଶିଉଳି
सेमार, सेवार (ଦେଖ)—5. Siuli, (See)
ତେ. ନାଶୁ (ଦ୍ର—ଶରଣେ ମସ୍ୟ ଯେ, ଉତ୍ତର
ଫା. ପଶମେ, ଦର ଶିଅଳ, ଛଡ ବଂଶ, ଗଦାଚି ଭୂମୀର
ଅ. ଭୁଦଲିବ ଅବଳୀ । କୃଷ୍ଣସିଂହ. ମହାଭାରତ
ଦ୍ରୋଣ ।) ୬ । କୋକଶିଆଳ— 6. fox.

ଶିଆଳିଆ(ୟା)—ଦେ. ବଣ— ୧ । ଶୃଗାଳ ପରି ବା ଶୃଗାଳଜାତୀୟ—
Siāliā(yā) 1. Like a jackal or belonging to
শোয়ালের মতন the jackal species. ୨ । ଶୈବାଳମୟ—
सिआरियो 2, Mossy.

ଶିଆ(ୟା)ଳିଆ(ୟା) ପ(ପୁ, ପୋ)ତ(ଟି)ନି—ଦେ. ବି—ଶାଳିଆପଟନି
Siā(yā)liā(yā) pa(pu, po ta(ti)ni (ଦେଖ)—Sālia patani. (See)

ଶିଆ(ୟା)ଳି କଣ୍ଟା—ଦେ. ବି (ସଂ. ଶୃଗାଳକଣ୍ଟକ; ବନ୍ୟ(କ୍ଷୁପ-
Siā(yā)li kanta ବିଶେଷ)—୧ । କଣ୍ଟାକୁସୁମ (ଦେଖ)—
শিয়ালকাঁটা, শিয়াকাঁটা, শেয়ালকাঁটা 1, Kantākusuma,
भरभाँड, सत्यानासी (See) Mimosa Rubricanis.
୨ । ଅଗରୁ ଗୁଳ୍ମ—2, Mexican poppy; Argemone Mexicana; Gamboje thistle. [ଦ୍ର—ଏହା ବନ୍ୟ ବର୍ଷାୟୁଃ କଣ୍ଟକୀ ଶାକ ବିଶେଷ; ପତ୍ର ଓ ଫଳ କଣ୍ଟକମୟ; ପତ୍ର ଶ୍ୱେତ । ଏହାର କ୍ଷୀର ପୀତବର୍ଣ୍ଣ, ଫୁଲ ପୀତବର୍ଣ୍ଣ, ଷଟ୍‌ଦଳ । ଏହାର ମଞ୍ଜିରୁ ତେଲ ବାହାରେ । ଏହି ତେଲ ଚର୍ମରୋଗରେ ଉପକାରକ । ଏହାର କର୍ଯ୍ୟାଷ କାଛୁ, କୁଣ୍ଡିଆ, ବଇଛ ଆଦି ଚର୍ମରୋଗରେ ଦେହରେ ବୋଳନ୍ତି ।] ୩ । କାନକୋଳ (ଦେଖ)—
3, Kanakoli, (See)

ଶିଆଳି କୋଳି—ଦେ. ବି (ସଂ. ଶୃଗାଳ କୋଳକା; ସଂ. କାମାକ୍ଷୀବ
Śiāḷi koḷi କର୍କନ୍ଧୁ)—୧। କ୍ଷୁଦ୍ର ବରକୋଳି; କର୍କନ୍ଧୁ—
শেকুল, শিয়াকুল, শে কুল 1. A sort of jejube; Zizy-
लता बेर pus Aenoplia. ୨। କାନକୋଳି (ଦେଖ)—
2. Kānakoḷi. (See)

ଶିଆଳି ଖାଇବା—ଦେ. ବି.—ମସ୍ତକରେ ଇନ୍ଦ୍ରଲୁପ୍ତ ବା କେଶଶୂନ୍ୟତା
Śiāḷi khāibā ରୋଗ—The disease of bald-
টাক পড়া चंदाहोना ness; alopecia.

ଶିଆଳିଖିଆ—ଦେ. ବିଣ—କେଶଶୂନ୍ୟ; ଟାଙ୍ଗର(ମୁଣ୍ଡ); ଖଲ୍ଲ—
Śiāḷi khia টেকো चंद्दा Bald (head).
ଦେ. ବି—୧। କେଶ ଶୂନ୍ୟତା—1. Bald-headed-
ness. ୨। ଇନ୍ଦ୍ରଲୁପ୍ତ ରୋଗ—2. Alopecia.

ଶିଆଳି ଦନା—ଦେ. ବି—ଶିଆଳି ପତ୍ରରେ ସିଅଁ ହୋଇ ଥିବା ପାତ୍ରବିଶେଷ
Śiāḷi danā ଦୋନା—A receptacle made of the
শিআলী পাতারদোনা Śiaḷi leaves sewn together.

ଶିଆଳୀ—ଦେ. ବି—୧। (ସଂ. ଶୃଗାଳୀ) ଶୃଗାଳୀ; ମାଈକୋକିଆ—
Śiāḷi 1. A she-jackal. ୨। (ସଂ. ଶୈବାଳ) ଶିଉଳି—
শিয়ালী सियाली(री) 2. Moss.

ଶିଇୟା—ପ୍ରାଦେ (ଗଞ୍ଜାମ) ବି—ଶିକାୟା (ଦେଖ)
Śi-iyā Śikāyā. (See)

ଶିଉଳି—ଦେ. ବି (ସଂ. ଶୈବଳ; ଶୈବାଳ; ଶୈବଳେୟ)—
Śiuḷi ୧। ଶୈବାଳ; ଜଳଜାତ ଅତି କ୍ଷୁଦ୍ର ଉଦ୍ଭିଦ—
শিঅলি, শিউলি, শেঅ(ও,আ)লা, শেঅলি 1. Moss; a
सेवार; सिवार species of algæ. [ବି—ଏହା ଜଳରେ
ବହୁକାଳ ପଡ଼ିରହିବା କାଠ ଓ ପଥର ଉପରେ ମାଡ଼ିଯାଏ
ଓ ଏଥିପାଇଁ ଉକ୍ତ କାଠ ବା ପଥର ଚିକ୍କଣ ହୁଏ। ଅତ୍ର-
ଛାୟାବୃତ ଭିତ୍ତି ବା ପଥର ଉପରେ ମଧ୍ୟ ଶିଉଳି ମାଡ଼େ।
ଶିଉଳି ଅନେକପ୍ରକାର, ଯଥା—ଛ(କେ)ଳି ଶିଉଳି,
(ବଂ. ଚୂଲ୍ ଶେଅଲ, Spirogyra; କେଶପରି ସରୁ ଓ
ଦୀର୍ଘ ଲୋମମୟ ହରିତବର୍ଣ୍ଣ ଅପୁଷ୍ପକ ଉଦ୍ଭିଦ); ଗୁଡ଼ ଶିଉଳି
ବା ଚୁଙ୍ଗିଦଳ ଦଳ (ବଂ. ଗୁଡ଼ ଶେଅଲ, Hydrilla
Verticillata, ସପୁଷ୍ପକ ଜଳଜମଗ୍ନ ଲତାମୟ
ଶାଖାଯୁକ୍ତ ଜଳଜ ଶାକ ବିଶେଷ; ଏହାକୁ ଗୁଡ଼ ଉପରେ
ଘୋଡ଼ାଇଲେ ଗୁଡ଼ର ବର୍ଣ୍ଣ ଧଳା ହୁଏ); ପଟା ଶିଉଳି
(ବଂ. ପାଟା ଶେଅଲ, Blyxa, ଜଳଜମଗ୍ନ ସପୁଷ୍ପକ
ଶାଖାହୀନ ଉଦ୍ଭିଦ; ପତ୍ର ଲୋମ୍ବା ଗୋଛ; ଫୁଲ ଶ୍ୱେତ ଓ
ଧଳା।] ୨। (ସଂ. ଶୀତଳୀ) ପାଣି ଶିଉଳି (ଦେଖ)—
2. Pāṇisiuḷi. (See) ୩। (ସଂ. ଶିଫାଳି ବା
শিউলী ଶେଫାଳି) ଶେଫାଳି; ଗଙ୍ଗଶିଉଳି ଫୁଲ; ଶିଙ୍ଘଡ଼ାହାର—
सिंगरहार 3. Night jasmine; Nyctanthes Arbor-
tristes (a flowering tree). ୪। କେଉଟଙ୍କ
ବଂଶୋପାଧି ବିଶେଷ—4. A family title of
some fishermen.

ଶିଉଲି—ପ୍ରାଦେ (ସମ୍ବଲପୁର) ବି. (ସମ୍ବଲପୁରୀ ଉଚ୍ଚାରଣ ଳ ସ୍ଥାନରେ
Siuli ଲ)—ଶିଉଳି (ଦେଖ)—Siuḷi. (See)

ଶିଉଳିଆ—ଦେ. ବିଣ—ଶୈବାଳଯୁକ୍ତ—
Siuḷia Mossy.
শেঅলী পড়া सेवारगिराहुआ

ଶିଉଳି ଧରିବା—ଦେ. ବି—ପାଣି, ପଥର ବା କାଠ ଉପରେ ଶୈବାଳ
Siuḷi dharibā ଜାତ ହେବା—The growing of
(ଶିଉଳି ପଡ଼ିବା, ଶିଉଳି ମାଡ଼ିବା—ଅନ୍ୟରୂପ) moss on
শেঅলিধরা (পড়া) सेवारडगना water, stone, wood
etc.

ଶିଂ—ଦେ. ବି—(ସଂ. ଶୃଙ୍ଗର ଅଶୁଦ୍ଧରୂପ)—ଶିଂଗ (ଦେଖ)
Siṁ Siṁga (See)

ଶିଂକ୍ଲ(ଲି)—ପ୍ରାଦେ (ସମ୍ବଲପୁର) ବି. (ସଂ ଶୃଙ୍ଖଳ)—ଶୃଙ୍ଖଳ; ଶିକୁଳି;
Siṁk-lā(li) ଜଞ୍ଜିର—Chain.

ଶିଂଗ(ଘ)—ଦେ. ବି. (ସଂ ଶୃଙ୍ଗ)- ୧। ଶୃଙ୍ଗ—1. Horn. [ଲୋ—
Siṁga(gha) ଜାଣି ଘୋଡ଼ାର ଶିଂଘ ନାହିଁ, ଶିଂଘ ଥିଲେ ଘୋଡ଼ା
ଚଢ଼ନ୍ତା ନାହିଁ। ଇତ] ୨। (ସଂ. ଶୃଙ୍ଗ) ଧାନ,
শিং सिंग ଗହମ ଓ ଯବ ଅଗ୍ରର ଅଗରେ ଥିବା ମୁନିଆଁ
ଶୁକ—2. Awn; hairlike terminal appen-
শুঙ্গ सुंग dage; pike or beard attached to the
end of a grain of wheat or barley.
সিংহ सिंह ୩। (ସଂ. ସିଂହ) ସିଂହ—3. Lion. ୪। ସିଂହ ନାମକ
ବଂଶୋପାଧିର ଡାକନାମ—4. Name for calling
the family title Siṁha. ୫। ସିଂହମାସ(ଦେଖ)—
5. Siṁha māsa (see)

ଶିଂଗ(ଘ) କଙ୍କେଇ (ପାନିଆ)—ଦେ. ବି.—ଶୃଙ୍ଗର ଅଣ୍ଡଙ୍କ ଶୃଙ୍ଗ ନିର୍ମିତ
Siṁga(gha) kaṅgei (pāniā) ପାନିଆ—Comb made
শিংএর চিরুনী सिंगकी कंगही of horn.

ଶିଂଗ(ଘ)ଡ଼ାହାର—ଦେ. ବି. (ସଂ ଶୃଙ୍ଗାରହାର)—ଶେଫାଳିକା (ଦେଖ
Siṁga(gha)ṛdāhāra Sephālikā (See)
শিউলি ফুল सिंगरहार, हरसिंगार ଦେ.—ପଗଳମୁଲି

ଶିଂଗ(ଘ, ଗା, ଘା, ଗି, ଘି, ଗେ, ଘେ)ଡ଼ା—ଦେ. ବି—(ସଂ. ଶୃଙ୍ଗାଟକ)—
Siṁga(gha, ga, ghā, gi, ghi, ge, ghe)ṛdā ୧। ଶୃଙ୍ଗା-
ସଂ. ଶୃଙ୍ଗାଟକ, ଜଳ ଫଳ, ଟକ; ଜଳିଯ ଲତା ଫଳ ବିଶେଷ—
ଅବଳେଶର, ତ୍ରିକୋଣ ଫଳ, Water-chestnut; water-
ଲୁଚୁକ, ଶୃଙ୍ଗାଟ, ଜଳସୂଚୀ; calteof; Trapa Byspinos.
ଜଳାଶୟ [ବି—ଏହି ଜଳଜଲତା ତ୍ରିକୋଣ ଓ ଶୃଙ୍ଗ
ଦେ. ପଇଳେଙ୍ଗୁ ବିଶିଷ୍ଟ। ଏହାର ପୁଷ୍ପ ଶ୍ୱେତବର୍ଣ୍ଣ ଓ
শিঙেড়া, শিঙ্গাড়া ଚତୁର୍ଦଳ। ଏହା ଶୀତ ବୀର୍ଯ୍ୟ, କଷାୟ-
सिंहाड़ा; सिंघरा, पानील ମଧୁର ରସ, ଗୁରୁପାକ, ପୁଷ୍ଟିକର,
ଧାରକ, ଶୁକ୍ରଜନକ, ବାୟୁ ଓ କଫ ବର୍ଦ୍ଧକ। ଏହା ପିତ୍ତ ଓ
ରକ୍ତଦୋଷ ନାଶକ। ଏହି ଫଳର ଚୋପା ମଧ୍ୟରେ ଜଳମ
ସୁଖାଦ୍ୟ ଶସ୍ୟ ଥାଏ।] ୨। ଉପରେ ଉଲା ମାଂସ ବା ସିଦ୍ଧ
ଅଳୁ ଆଦି ପୂର ଦିଆ ଯାଇ ଶୃଙ୍ଗାଟକ ଆକାରରେ ପୁଡ଼ା

ଦୋହଥିବା ଭଜା ପଠା—2. A sort of pie or sandwich in which fried meat or curry is enclosed and fried in ghee. [ବ୍ଯ—"ଜ୍ଞାନ ପ୍ରକାଶରେ" ଶୃଙ୍ଗାଟକ ନାମକ ଏକ ପ୍ରକାର ଲୁହାର (ପକ୍ୱ ଖାଦ୍ୟ) ବର୍ଣ୍ଣିତ ଅଛି । ମାଂସକୁ ଛୋଟ ଛୋଟ କରି କାଟି ପାଣିରେ ସିଝାଇ ମସଲା ସହିତ ଘିଅରେ ଭଜି ତାହାକୁ ମଇଦା ଚୋଲି ମଧ୍ୟରେ ପୂର ଦେଇ ଘିଅରେ ଛାଣିଲେ ଏହି ପିଠା ହୁଏ । ଏହି ଖାଦ୍ୟ ରୁଚକର, ବଳ-କାରୀ ଓ ଶୁକ୍ରବାରକ, ବାତ ପିତ୍ତ କଫ ନାଶକ । ବର୍ତ୍ତମାନ ଗୁଡ଼ଥରକ ଦୋକାନରେ ଛଅର ଦେଖାଯାଉଥିବା ସିଙ୍ଘା ଅଳୁର ପୂର ଦିଅ ଯାଇଥିବା ମଇଦାର ପୁଳି ଏହି ଶୃଙ୍ଗାଟକର ପ୍ରକାର ଭେଦ ।] ୩ । ଶୃଙ୍ଗାଟକ ଅନୁରୂପ ବନିଷ୍ଟ ସ୍ୱର୍ଣ୍ଣାଲଙ୍କାର ବିଶେଷ । (ଏଥିରେ ଡୋର ଲଗା ଯାଇ ସେ ଡୋରକୁ କେଶ ସଲଗ୍ନ କରି ଏ ଅଳଙ୍କାରକୁ ସ୍ତ୍ରୀଲୋକ-ମାନେ କପାଳର ଉର୍ଦ୍ଧ୍ୱଭାଗରେ ପିନ୍ଧନ୍ତି)—3. A sort of gold ornament shaped like water chestnut and worn on the forehead. ୪ । (ନାମ) ତାଳଚେରର ନଦୀ ବିଶେଷ—4. Name of a river in Talcher State. [ବ୍ଯ—ଏହା ଅନୁଗୁଳ ଉତ୍ତରେ ବାହାରି ତାଳଚେରର ସଦର ଗ୍ରାମର ଉପରଭାଗ ପାର୍ଶ୍ୱରେ ବ୍ରାହ୍ମଣୀ ନଦୀରେ ପଡ଼ିଛି । ଏହା କୂଳରେ ହିଙ୍ଗୁଳା ପୀଠ ଅବସ୍ଥିତ । ହିଙ୍ଗୁଳାର ତଳେ ଶୀବା ଦେଖ ।]

ଶିଂଗଲ୍—ବୈଦେ. ବଣ (ଇଂ. ସିଙ୍ଗଲ୍)—ଏକ ସରଅ; ସରୁ—
Simgal সিঙ্গল सिंगल Single. [ଯଥା—ଶିଂଗଲ ଖେଠ, সিগনাল सिगनाल ଶିଂଗଲ ଲାଇନ୍ ।] ବ—(ଇଂ. ସିଗ୍ନାଲ୍; ରେଲରେ ବ୍ୟବହୃତ ଭାଷା) ଷ୍ଟେସନକୁ ଗାଡ଼ି ଆସିବା ପୂର୍ବରୁ ଷ୍ଟେସନର ଅଦୂର ପାର୍ଶ୍ୱରେ ଖଣ୍ଡଦୂରରେ ଥିବା ଖୁଣ୍ଟି ଉପରେ ବଡ଼ଥିବା ସ୍ଥାପକ ଚିହ୍ନ—Signal or semaphore hoisted on a pole near a Railway station before the arrival of a train.
[ଶିଙ୍ଗ(ଙ୍ଗି)ଲ୍—ଅନ୍ୟରୂପ]

ଶିଂଗ(ଘ,ହ)ରା—ପ୍ରାଦେ.—(ସମ୍ବଲପୁର) ବ.—(ସଂ. ଶୃଙ୍ଗ; ସଂ. ଜାମ
Simg-(gh,h)rā ଶିଲିଣ୍ଡା) - ଜଳଙ୍ଗ ମାଛ (ଦେଖ)
Silinda Gangetica (fish).

ଶିଂଗଲ୍ ଲାଇନ୍—ବୈଦେ. ବ—(ରେଲୱେ ପଥରେ ଶବ୍ଦ) ଦୁଇ
Simgal lāin ବିପରୀତ ଦିଗରୁ ରେଲ ଗାଡ଼ି ଯିବା ଆସିବା ପାଇଁ সিঙ্গল লাইন सिंगल लाइन ପଡ଼ିଥିବା ଏକ ଯୋଡ଼ା ମାତ୍ର ଲୌହ [ବିପରୀତ—ଡବଲ୍ ଲାଇନ] ପଥ—Single line of a rail. way (as opposed to double line.) [ବ୍ଯ—ଡବଲ୍ ଲାଇନରେ ବିପରୀତ ଦିଗରୁ ଏକସମୟରେ ଆସୁଥିବା ଦୁଇଟି ରେଲ ଗାଡ଼ିର ସଂଘର୍ଷ ହେବାର ଆଶଙ୍କା ନ ଥାଏ । କାରଣ, ଗୋଟିଏ ଲାଇନରେ ଏକ ଦିଗରୁ ଗାଡ଼ିମାନ ଯାଏ ଏବଂ ଅନ୍ୟ ଲାଇନ୍‌ରେ ଅପର ଦିଗରୁ ଗାଡ଼ିମାନ ଆସେ ।]

ଶିଂଗା(ଘା)—ଦେ. ବ—(ସଂ ଶୃଙ୍ଗ)—ମହିଷ ଶୃଙ୍ଗ ନିର୍ମିତ ବାଦ୍ୟ
Simgā(ghā) (ଏହାର ଅଗ୍ରଭାଗରୁ ଛିଦ୍ର ବାଟେ ଫୁଙ୍କିଲେ ଶବ୍ଦ শিঙ্গা सिंगा ପରି ଶବ୍ଦ ହୁଏ)—An instrument for blowing made of horn; horn. [ଉ—ପୃଥ୍ୱୀ ସଂଗ୍ରାମ ଶ ଗା ଘୋଷି ବଜ୍ର ଘୋଷେ । ରାଧାନାଥ. ମହାଯାତ୍ରା ।]

ଶିଂଗା(ଘା)ଣି—ଦେ. ବ—(ସଂ ଶିଂଘାଣ)—୧ । ନାସିକା ଛିଦ୍ରରୁ ଝରୁଥିବା ସିଙ୍ଘାଣ
Simgā(ghā)ṇi ବା ଶ୍ଲେଷ୍ମ—1. Snot; mucus of the সিকনি पोटा, बलगम nose. ୨ । ଲୋହ ମଳ—
2. Rust of iron.

ଶିଂଗା(ଘା)ଣିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତିର ବା ବାଳକର
Simgā(ghā)ṇiā ନାକରୁ ବିଶେଷ ଭାବରେ ଶିଂଘାଣି ବହେ—সিক্‌নি নেকো (a boy or person) From whose पोटावाला nostrils much mucus comes (ଶିଂଗା[ଘା]ଣେଇ—ସ୍ତ୍ରୀ) out; (a person) with a running nose

ଶିଂଗା(ଘା)ଣି ନାକ—ଦେ.ବ—ଶିଂଘାଣିଯୁକ୍ତ ନାସିକା—A running
Simgā(gha)ṇi nāka nose;nostril befouled with সিকনি নাক पोटावाला नाक mucus; snotted nose. [ଉ—ଅପେକ୍ଷରେ କାଳିଆ ! ଛି ଛି କରୁଥିଲୁ ଶିଂଘାଣି ନାକକୁ ଦେଖି । ଏବେ ରେ କାଳିଆ ! ଛଉ ମରୁଅଛୁ ଥନ ଘରକର ଦେଖି—ଛନ୍ ।]

ଶିଂଗା(ଘା)ଣି ନାକା—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତିର ନାକ ଶିଂଘାଣ
Simgā(ghā)ṇi nākā ପୂର୍ଣ୍ଣ—Having nostrils be-শিকনী নেকা fouled with mucus; having a पोटा नाकवाला running or snotted nose.
(ଶିଂଗା[ଘା]ଣି ନାକୁ[ଡ଼]ଆ—ଅନ୍ୟରୂପ)
(ଶିଂଗା[ଘା]ଣି ନାକ୍ଷୀ, ଶିଂଗା[ଘା]ଣି ନାକେଇ—ସ୍ତ୍ରୀ)

ଶିଂଗା(ଘା)ଣି ପାଚିବା—ଦେ. କ—ନାକର ଶିଂଘାଣି ଘନ ଓ ହଳଦିଆ
Simgā(ghā)ṇi pāchibā ହେବା—The mucus of the nostrils becoming thick and yellowish.

ଶିଂଗା(ଘା)ଣେଇ—ଦେ. ବ. ସ୍ତ୍ରୀ—ଶିଂଘାଣିଆର ସ୍ତ୍ରୀଲିଙ୍ଗ—
Simgā(ghā)ṇei Feminine of Simgāṇiā.

ଶିଂଗା(ଘା)ପୁର—ଦେ. ବ. ନାମ—ସିଙ୍ଗାପୁର (ଦେଖ)
Simgā(ghā)pura Singāpura (See)

ଶିଂଗା(ଘା) ଫୁଙ୍କିବା—ଦେ. କ୍ରି (ମୃତ୍ୟୁକାଳ ପୂର୍ବେ ହରିବୋଲ ସହିତ
Simgā(ghā) phuṅkibā ଶିଂଗା ବଜା ହେଉଥିବାରୁ)—শিংগা ফুঁকা सिंगा फुंकना ୧ । ମୃତ ହେବା; ମରିବା—1. To (ଶିଂଗା ବଜା[ଜେ]ଇବା—ଅନ୍ୟରୂପ) die. ୨ । କୌଣସି କାର୍ଯ୍ୟର ଫଳ ଅନ୍ୟ ଲୋକ ଭୋଗ କରିବା ଅବସ୍ଥାରେ ଫଳ ପାଇବା ଆଶାରେ ଆଶାନ୍ୱିତ(ବ୍ୟକ୍ତି)ନିଷ୍ଫଳ ହେବା—2. Not to attain one's hoped for gain;

not to get what one wanted. ୩ । ଶିଂଗାକୁ ଫୁଙ୍କିବାକୁ ବଜାଇବା—3. To blow the horn.

ଶିଂଗା(ଘା)ର—ଦେ. ବି (ସଂ. ଶୃଙ୍ଗାର)—୧ । ରାଜା ଓ ଦେବତାଙ୍କର Simgā(ghā)ra ବେଶ ବା ସଜ୍ଜାକାର୍ଯ୍ୟ—1. Toilette of সাজগোজ a king or Deity. ୨ । ଭୂଷଣ; ଅଳଙ୍କାର; ବେଶ; सिंगार ସଜ୍ଜା—2. Toilette. ୩ । ପରିପାଟୀ; ବେଶଜନିତ ସୌନ୍ଦର୍ଯ୍ୟ—3. Beauty or grace due to toilette. ବିଣ—୧ । ଶ୍ରେଷ୍ଠ—1. Excellent. ୨ । ସୁନ୍ଦର; ପରିପାଟୀଯୁକ୍ତ—2. Beautiful; decent.

ଶିଂଗାର ଖଇ—ଦେ. ବି—ଘୃତ ଓ ଖଣ୍ଡ ମିଶ୍ରିତ ଖଇ—Fried Simgāra khai paddy mixed with ghee and sugar.

ଶିଂଗା(ଘା)ର ବଢ଼ିବା(ହେବା)—ଦେ. ବି—ରାଜାଙ୍କର ବା ରାଣୀଙ୍କର Simgā(ghā)ra barḍhibā (hebā) ବା ଦେବତାଙ୍କର ବେଶ সাজগোজ হওয়া सिंगार होना ହେବା ଗାଇ--The toilette op- (ଶିଂଗା[ଘା]ର[ର] ବଢ଼େ ହେବା—କ୍ରିୟାରୂପ) erations of a king or queen or a Deity.

ଶିଂଗାର ବେଶ—ଦେ. ବି(ସଂ. ଶୃଙ୍ଗାର+ବେଶ)—ପରିପାଟୀ ସଜ୍ଜା— Simgāra beśā Decent toilette. সিঙ্গার सिंगार वेश

ଶିଂଗା(ଘା)ର ହାର—ଦେ. ବି (ସଂ. ଶୃଙ୍ଗାରହାର)—ଶୃଙ୍ଗାର ହାର Simgā(ghā)ra hāra (ଦେଖ)—Śrungāra hāra (See)

ଶିଂଗା(ଘା)ଳ—ଦେ. ବିଣ. ପୁଂ (ସଂ. ଶୃଙ୍ଗାଲ)—ବଡ଼ଶୃଙ୍ଗଯୁକ୍ତ— Simgā(ghā)la Having big horns; big-horned. সিংগা(গে)ল सिंगवाला

ଶିଂଗା(ଘା)ରି—ଦେ. ବି. ପୁଂ ଓ ସ୍ତ୍ରୀ (ସଂ. ଶୃଙ୍ଗାର=ବେଶ; ଶୃଙ୍ଗାର- Simgā(ghā)ri କାରୀ)—୧ । ରାଜାଙ୍କର ବା ରାଣୀଙ୍କର বেশকারী ବେଶକାରୀ ଭୃତ୍ୟ ବା ଭୃତ୍ୟା—1. A servant सिंगारी who attends to the toilette of a king or queen. ୨ । (ପୁଂ) ଦେବତାଙ୍କ ବେଶକାରୀ ସେବକ —2. A servant who dresses up idols. ୩ । (ସ୍ତ୍ରୀ) ନର୍ତ୍ତକୀ—3. A dancing girl. ୪ । ବେଶ୍ୟା—4. Prostitute.

ଶିଂଗା(ଘା)ରିବା—ଦେ. କ୍ରି (ସଂ. ହିଂସ୍ର=ଶିଂହ ପରି ଦୁର୍ଦ୍ଦାନ୍ତ କରିବା Simgā(ghā)ribā ଅର୍ଥରୁ)—୧ । ମନ୍ତ୍ର ଦ୍ୱାରା ପ୍ରୟୋଗପୂର୍ବକ বিগড়ান ଦୁଗ୍ଧବତୀ ଗାଈକୁ ଦୁଷ୍ଟା କରାଇବା— बिगाडना, बिगडाना 1. To cause a quiet milch-cow to become vicious by employing charms. [ଦ୍ର—ଗାଈକୁ ଶିଂଘାରଲେ ସେ ଗାଈ ଦୁଧ ଦୁହାଇଁ ଦିଏ ନାହିଁ ଓ ଦୁଧ ଦୁହିଁଲା ବେଳେ ଲାତ ମାରେ ଓ ଅଥୟ ହୁଏ ଓ ଡରେ ।] ୨। ମନ୍ତ୍ରମୁଗ୍ଧ ଜୀବକୁ ମନ୍ତ୍ର ପ୍ରଭାବରୁ ମୁକ୍ତ କରି ତାହାର ପରାକ୍ରମ ଦେଖାଇବାକୁ ଉତ୍ତେଜିତ କରିବା— 2. To excite an animal to fury after freeing it from an enchantment.

ଶିଂଗି(ଘି)—ଦେ. ବି (ସଂ. ଶୃଙ୍ଗୀ)—ଅଶକଲୀ ଶୃଙ୍ଗଯୁକ୍ତ କ୍ଷୁଦ୍ର ମତ୍ସ୍ୟ— Simgi(ghi) A sort of small scaleless fish; সিংগী सिंगी Saccobranchus Fossilis. [ଦ୍ର— ଏ ମାଛ ପଙ୍କ ପାଣିରେ ରହନ୍ତି; କର୍ଣ୍ଣ ପାଶ୍ୱର । ଏମାନଙ୍କ ନାକ ଉପରେ ଗୋଟିଏ ଓ ଗାଲରେ ଚଳେ ୧୨ ଶିଙ୍ଗ ଥାଏ । ଏମାନଙ୍କ ଶିଂଘ ମନୁଷ୍ୟ ଦେହରେ ବିଦ୍ଧ ହେଲେ ଯନ୍ତ୍ରଣାପ୍ରଦ ହୁଏ ।]

ଶିଂଗି(ଘି)ଟାଳି—ଦେ. ବ—ଧଳା ଶିଂଗି ମାଛ—A kind of spiked Simgi(ghi)ṭāli small white fish. [ଦ୍ର—ଶିଂଗିମାଛ ପଙ୍କରେ ରହନ୍ତି, ଶିଂଗିଟାଳି ନଈ ଅନ୍ଦରେ ରହନ୍ତି ।]

ଶିଂଗି(ଘି)ଟାଳି ମୁହାଁ—ଦେ. ବିଣ. ପୁଂ—କ୍ରୋଧୀ; ଯାହାର ମୁହଁ କ୍ରୋଧ Simgi(ghi)ṭāli muhāñ ଲକ୍ଷଣଯୁକ୍ତ—Having a ক্রোধী क्रोधी [ଶିଂଗିମୁହାଁ—ଅନ୍ୟରୂପ] frowning face. [ଶିଂଗି(ଘି) ଟାଳିମୁହାଁ / ଶିଂଗି(ଘି)ମୁହାଁ }—ସ୍ତ୍ରୀ]

ଶିଂଗି(ଘି)ଡ଼ା—ଦେ. ବ—ଶିଂଗଡ଼ା (ଦେଖ) Simgi(ghi)rḍā Simgarḍā (See)

ଶିଂଗି(ଘି) ମାଇଲା ପରି ମୁହଁ କରିବା—ଦେ. କ୍ରି—୧ । ଯନ୍ତ୍ରଣା ଯୋଗୁଁ Simgi(ghi) māilā pari muhañ karibā ମୁଖକୁ ବିକୃତ মুখ বিকৃত করা କରିବା—1. To frown in agony (as मुहँ सिकुडाना if stung by a Singhi fish). ୨ । ମୁଖରେ ବିରକ୍ତିଭାବ ପ୍ରକାଶ କରିବା, ଭ୍ରୂକୁଟି କରିବା; ରାଗରାଗ ହେବା—2. To frown; to scowl.

ଶିଂଗି(ଘି) ମାଛ ପରି ମୁହଁ କରିବା—ଦେ. କ୍ରି.—କ୍ରୋଧଯୁକ୍ତମୁଖହେବା- Simgi (ghi) māchha pari muhañ karibā To মুখ ভাংগচান सिंगिके जैसे मुहँ करना frown.

ଶିଂଗି(ଘି) ଶିଂଗି(ଘି) ହେବା—ଦେ. କ୍ରି—୧ । ଶିଂଗିମାଛପରି ମୁହଁକରିବା Simgi(ghi) simgi(ghi) hebā —1. To frown- রাগে গরগর করা ୨ । କ୍ରୋଧରେ ଗର ଗର ହେବା—2. To घिनाना growl with nger.

ଶିଂଗେ(ଘେ)ଇ—ଦେ. ବି. ସ୍ତ୍ରୀ (ସଂ. ସିଂହବାହିନୀ)—ପାନବରଜଅ- Simge(ghe)i ମାନଙ୍କ ପୂଜିତା ଦେବୀ —A Goddess worshipped by betel-planters.

ଶିଂଗେ(ଘେ)ଇ ପୂଜା—ଦେ. ବି.—ପାନ ବରଜମାନଙ୍କ ପୂଜା ବିଶେଷ— Simge(ghe)i pūjā A ritual or worship performed by betel-planters.

ଶିଂଗେ(ଘେ)ଡ଼ା—ଦେ. ବ—ଶିଂଗଡ଼ା (ଦେଖ) Simge(ghe)rḍā Simgarḍā (see)

ଶିଂଘାଣ—ସ ବ—ସିଂହାଣ (ଦେଖ) Simghāṇa Simhāṇa (see)

ଶିଂଘାଣକ / ଶିଂଘାଣ } ଅନ୍ୟରୂପ

ଶିଂଘାଣୀ—ସ. ବ. (ଶିଂଘାଣ+ଇନ୍)—ନାକ (ଦ୍ର. ଖ) Simghāṇi Nose.

ଶିଂଘିତ—ସଂ. ବିଣ.—ଅଘ୍ରାତ (ହ୍ରି. ଶ)
Simghita — Scented.

ଶିଂଘିଣୀ—ସଂ. ବିଣ.—ନାକ (ହ୍ରି. ଶ)—
Simghini — Nose.

ଶିଂଶପା—ସଂ.ବି(ଶୀଘ୍ର ବା ଶୀର୍ଷ+ପା ଧାତୁ+କର୍ତ୍ତୃ.ଅ, ଟିବ=ମଙ୍ଗଳ+ପା ଧାତୁ=ରକ୍ଷା କରିବା+କର୍ତ୍ତୃ ଅ+ଅ)—୧ । ଶିଶୁ ଗଛ—1. Dalbergia Sissoo; a timber tree; the blackwood sissoo.
Simsapā
ଅନ୍ୟ ସଂ. ନାମ-ପିଚ୍ଛିଳା, ଶ୍ୟାମା, କୃଷ୍ଣସାର, ଅଗୁରୁ, କପିଳା, କଟୁଗର୍ଭା ।
शिंशु
शीशम
ତେ—ଶିଶୁକର୍‌ର
ତା—ଜାତୁକ୍ ଭୁକଟ୍ଟୁଲ

[ଦ୍ର—ଏହା ଗୋଟିଏ ବଡ଼ ଅରଣ୍ୟ ବୃକ୍ଷ । ଏଥିର କାଠ ନାଲି, କଳା ଓ କଟେଇ ବର୍ଣ୍ଣ । ଏ ଗଛ ଦୁବ୍ ଶକ୍ତ ଓ ଏ ଗଛର ଘଡରେ ବେଳେ ବେଳେ ପଥର ଓ ମାଟି ପଶିଥିବାର ଦେଖାଯାଏ । ଏ ଗଛ ପଥୁରିଆ ଜାଗାରେ ହୁଏ । ଏଥିରେ ଟେବୁଲ୍, ଚଉକି, ଅଲମାରି ଆଦି ହୁଏ । ଏହି କାଠରୁ ଅଗ୍ନି ଉତ୍ତାପରେ ଏକ ପ୍ରକାର ତେଲ ବାହାର କରାଯାଏ । ଉକ୍ତ ତେଲ ଚାହୁ କୁଣ୍ଡିଆ ଆଦି ଚର୍ମ ରୋଗରେ ଉପକାରୀ ।

ବୈଦ୍ୟକ ମତରେ ଏ ବୃକ୍ଷ କଟୁତିକ୍ତ କଷାୟ ରସ,ଉଷ୍ଣ-ବୀର୍ଯ୍ୟ, ଅଗ୍ନିବର୍ଦ୍ଧକ, କଫବାୟୁନାଶକ, ବର୍ଣ୍ଣବର୍ଦ୍ଧକ, ବ୍ରଣ, କୃମି, ଦାହ, ପିତ୍ତ, ଅତିସାର ଓ କୁଷ୍ଠ, ଶ୍ୱିତ୍ର ଓ ଶୋଥରେ ଉପକାରକ ଓ ଗର୍ଭପାତକ ।

ଶ୍ୱେତ, ପୀତ, କୃଷ୍ଣ ଓ କପିଳ ବର୍ଣ୍ଣ ଭେଦରେ ଶିଶୁକାଠ ଚାରି ପ୍ରକାର । କପିଳ ବର୍ଣ୍ଣର ଶିଶୁ କଟୁରସ, ଶୀତବୀର୍ଯ୍ୟ, ଶାନ୍ତିଦାୟକ; ବାତ, ପିତ୍ତ,ଜ୍ୱର, ହିକ୍କା ଓ ବମନ ନିବାରକ । ଏଥିର କାଠରେ ଏକ ପ୍ରକାର ତେଲ ଥିବାରୁ ଏହା ସହଜରେ ଜଳେ ଓ ଜଳିଲା ବେଳେ କଳା ଧୂଆଁ ହୁଏ ।]

୨ । ଅଶୋକ ବୃକ୍ଷ (ହ୍ରି. ଶ)—2. Aśoka tree (M. W). [ଭ୍ର—ଶିଂଶପା ବୃକ୍ଷର ଡାଳେ, ହନୁ ମନେ ମନେ ଭାଳେ, ରଘୁସୈନ୍ୟ ଜାନକୀ ଜନକ ଜଗତୀ ଦେଖିଲଣି କେବେ ଭୋଳେ—ବିଶ୍ୱନାଥ. ବିଚିତ୍ର ରାମାୟଣ ।]

[ଦ୍ର—ବିଶ୍ୱନାଥ ଖୁଣ୍ଟିଆଙ୍କ ବିଚିତ୍ର ରାମାୟଣରେ ରାବଣ-ହୃତା ସୀତାଙ୍କୁ ଠାବ କରିବାକୁ ଯାଇ ହନୁମାନ ଶିଶୁପାଗଛ ଡାଳରେ ବସିବା କଥା ଲେଖାଥିବା ଦେଖି ସ୍ଥଳରେ 'ଅଶୋକବନ'ରେ ଶିଶୁଗଛଟିଏ ଥିଲା ବୋଲି କେହି କେହି ଭାବନ୍ତି । ଅଶୋକବନରେ 'ଶିଶୁଗଛ' କପରି ଉଠିଲା, ଏପରି ସନ୍ଦେହ ଜନ୍ମିବା ସ୍ୱାଭାବିକ, ଜନୁ 'ଶିଂଶପା'ର ଏକ ଅର୍ଥ 'ଶିଶୁଗଛ' ଓ ଅନ୍ୟ ଅର୍ଥ 'ଅଶୋକଗଛ' ଥିବାରୁ ହନୁ ଅଶୋକ ଯାଇ ବୃକ୍ଷର ଡାଳରେ ବସିବା କଥା ସ୍ୱାଭାବିକ ବୋଲି ଜଣାପଡୁଛି ।]

ଶିଂଶୁପା—ଦେ. ବି—(ସଂ. ଶଂଶପା)—ଶିଂଶପା (ଦେଖ)
Simsupā — Simsapa (See)

ଶିଂଶା—ଦେ. ବି—ଶିଶା (ଦେଖ)
Simsā — Sisā (See)

ଶିଁଶି—ବୈଦେ. ବି.(ଫା)—ଶିଶି; ଛୋଟ ବୋତଲ—
Simsi — Phial, small bottle.

ଶିକ୍—ଦେ. ଓ ବୈଦେ. ବି(ସଂ ଶଲାକା ବା ହିନ୍ଦୀ ଫା. ସୀଖ୍)-୧। ଲୁହାର ସରୁ ଯଷ୍ଟି ବା ଦଣ୍ଡ—1. Thin iron rod. ୨ । ଶିଖ୍ (ଦେଖ)—2. Sikh (See) ବୈଦେ. ବି (ଫା)—ଯଷ୍ଟି ଆକାର ବଳିଷ୍ଠ ପୂର୍ବକାଳରେ ପ୍ରଚଳିତ ଦେଶୀ ବନ୍ଧୁକ—A kind of old country gun as thin as a rod.
Sik
शिक
छड़ सीक

ଶିକ୍ କବାବ୍—ବୈଦେ. ବି(ଫା)--ଶିକ୍‌ଦ୍ୱାରା ସିଦ୍ଧ କବାବ୍; ଲୁହାକାଠିରେ ଫୋଡ଼ା ହୋଇ ନିଆଁ ଉପରେ ଧରା ଯାଇ ସିଦ୍ଧ କରାଯାଇଥିବା ମାଂସ ବା ମତ୍ସ୍ୟ—Roasted meat; fish or meat fried over fire by being pierced with an iron rod.
Sik-kabāb
(ଶିକ୍ ଫୋଡ଼ା—ଅନ୍ୟରୂପ)
शिककाबाब
सीककबाब

ଶିକ୍‌ଲା(ଲି)—ପ୍ରାଦେ. (ସମ୍ବଲପୁର) ବି(ସଂ ଶୃଙ୍ଖଳ)—୧ । ଶୃଙ୍ଖଳ; ଶିକୁଳି; ଶିକୁଳ—1. Chain. ୨ । କାନରେ ପିନ୍ଧାଯିବା ଗୋଟିରେ ଓ ନୋଳ ଆଦିକୁ କାନରେ ଝୁଲାଇ ରଖିବା ପାଇଁ ବ୍ୟବହୃତ ସୁନାର ବା ରୁପାର ସରୁ ଜଞ୍ଜିର—2. Slender chain of gold or silver attached to heavy earrings to keep the latter suspended.
Sik-lā(li)
[ଶିଡ୍ଲା(ଡ୍ଲି)—ଅନ୍ୟରୂପ]

ଶିକ—ପ୍ରାଦେ (ବାମଣ୍ଡା) ବି.—(ସଂ ଶିଖା) ଅଗ୍ରଭାଗ
Sika — Top.

ଶିକଡ଼—ପ୍ରାଦେ (ମେଦିନୀପୁର; ସଂ. ଶଫା) ବି—ଶିଅ; ଗଛର ଚେର—Root of a tree. [ଦ୍ର—ଶିକଡ଼ ଶବ୍ଦ ବଙ୍ଗଳା ଭାଷାରେ ବ୍ୟବହୃତ ହୁଏ । ଓଡ଼ିଆରେ ନାହାକା ଚେରକୁ ଶିଅ ଓ ଅନ୍ୟାନ୍ୟ ଚେରକୁ ଚେର ବୋଲି କେହି କେହି ବ୍ୟବହାର କରନ୍ତି । ଭାଗବତରେ ମଧ୍ୟ ଅଛି—ପଞ୍ଚ ଶିକଡ଼ ଚଳେ ଗଛି, ଅସ୍ତା ଏହାର ସଡ଼ ଗୋଟି ।]
Sikaḍa

ଶିକଲ(ଲା,ଲି)—ଦେ. ବି—(ସଂ ଶୃଙ୍ଖଳ)—ଶିକୁଳା; ଶିକୁଳ—Chain. [ଭ୍ର—ଦନ୍ତ କଟକ ଭୁଙ୍ଗ ପୁଥୁଳ ବାହୁ ଶିକଳା ଧାତୁ ଧାରେ ଗୋଟି । ବନ୍ଧୁ—ବୋଡ଼ିବନ୍ଧାଗ୍ରୀବନସ୍ତ ।]
Sikaḷa(lā, li)
शिकल सिकल

ଶିକଲା—ପ୍ରାଦେ. (କଳାହାଣ୍ଡି)ବି—ଶିକଲ (ଦେଖ)
Sikalā — Sikaḷa (See)

ଶିକା—ଦେ. ବି (ସଂ ଶିକ୍ୟା)—୧ । କାଣ୍ଡି, ପାତ୍ର ଆଦି ଝୁଲାଇ ରଖିବା ନିମନ୍ତେ ବ୍ୟବହୃତ ରଜ୍ଜୁମୟ ଆଧାର—1. A net-work hanging basket of ropes used for suspending articles and pots; a hanging shelf made of ropes woven like a cage. [ଦ୍ର—ଏହାକୁ ଘରର ଭୂଇଁରୁ ଓ ବାହୁଁଙ୍କରୁ ଟାଙ୍ଗିଲ ତହିଁରେ ଖାଦ୍ୟ ପାଦାର୍ଥ ରଖାଯାଏ ।] [ଭ୍ର—ବିରଡ଼ କପାଳରୁ ଶିକା ଛିଡ଼ିବା ନ୍ୟାୟ—ଶିକାରେ ରଖାଯାଇ ମଥାକରୁ ତଳେ ହୋଇଥିବା ଖାଦ୍ୟ ପଦାର୍ଥ
Sikā
शिका
सिका, छींका,
सिकहर

(ଦୁଧ, ମାଛଆଦି)କୁ ବିରାଡ଼ି ଖାଇପାରେ ନାହିଁ । ଏଥିପାଇଁ ଦୂରରେ ବସି ସତୃଷ୍ଣ ନୟନରେ ସେହି ଶିକାରେ ଥିବା ଦ୍ରବ୍ୟ ଆଡ଼କୁ ଅନାଇ ରହିଥାଏ । ଦୈବଗତ୍ୟା ଶିକାର ଦଉଡ଼ି ଛିଣ୍ଡିଗଲେ ଶିକାରେ ଥିବା ପାତ୍ର ଓ ଖାଦ୍ୟ ଭୂମିରେ ପଡ଼ିଯାଏ ଓ ବିରାଡ଼ି ତାହା ଖାଇବାକୁ ସମର୍ଥ ହୁଏ । କୌଣସି ଅସାଧ୍ୟ ବା ଅପ୍ରାପ୍ୟ ବସ୍ତୁ ତତ୍‌ପ୍ରତ୍ୟାଶୀ ବ୍ୟକ୍ତିକୁ ଦୈବଗତ୍ୟା ମିଳିଗଲେ ଏ ନ୍ୟାୟର ଉଦାହରଣ ଦିଆଯାଏ ।]

୨ । ବାହୁଙ୍ଗିର ଦୁଇ ପାଖରେ ବୋଝ (ଅଟା) ଝୁଲାଇ ଦ୍ରବ୍ୟ ବହିବା କାମରେ ବ୍ୟବହୃତ ରଜ୍ଜୁମୟ ଆଧାର—2. A sling or cage of ropes attached to either end of a pole which is carried across the shoulders and is used for carrying things in it. ୩ । ବୈଦେ. ବି(ଅ) ସିକ୍କା (ଦେଖ) Sikkā (See).

ଶିକା ଛିଣ୍ଡିବା—ଦେ. ବି—ଝୁଲିଥିବା ଶିକାର ଦଉଡ଼ି ଛିଣ୍ଡି ଶିକାରୁ ଶିକା ତଳେ ଖସି ପଡ଼ିବା—The falling down of a Śikā.
Śikā chhiṇḍibā
শিকা ছিঁড়া छींकाटूटना
[ଉ—ବିରାଡ଼ି କପାଳକୁ ଶିକା ଛିଣ୍ଡିଲା—ଭଗ ।]

ଶିକା ଦଉଡ଼ା(ଡ଼ି,ଡ଼ା,ଡ଼ି)—ଦେ.ବି—ଯେଉଁ ରଜ୍ଜୁକୁ ବୁଣି ଶିକା ତିଆର କରାଯାଏ—String or rope used in preparing a Śikā.
Śikā daurḍā (rḍi,rā,ri)
শিকারদড়ি छींकाकीरस्सी

ଶିକା ବାହା(ହି,ହୁ)ଙ୍ଗି—ଦେ ବି—(ଯୌଗିକ ଶବ୍ଦ; ସଂ ଶିକ୍ୟ+ ବହଙ୍ଗିକା)—ଦ୍ରବ୍ୟାଦି ବାହିବାପାଇଁ ବୋହି ନେବା ପାଇଁ ବ୍ୟବହୃତ ଶିକା ଓ ବାହୁଙ୍ଗି—Two string cages and the pole used in carrying things in them over the shoulders.
Śikā baha(hi,hu)ṅgi
শিকাবাঙ্গী सीकाबहिंगा

ଶିକା ଭାଙ୍ଗିବା—ଦେ. କ୍ରି—ଦଉଡ଼ିକୁ କୌଶଳ କ୍ରମେ ବୁଣି ଶିକା ତିଆର କରିବା—To prepare a Śikā by looping strings like a cage.
Śikā bhāṅgibā
সিকাতৈরকরা सीकामांगना

ଶିକା ଭାର—ଦେ. ବି—(ଯୌଗିକ ଶବ୍ଦ)—(ସ. ଶିକ୍ୟ+ଭାର)—ଶିକା ଓ ବାହୁଙ୍ଗିଦ୍ୱାରା ବାହିତ ଭାର—Weights carried by means of a pole from both ends of which 'Śikās' are suspended.
Śikā bhāra
সিকাভার भार

ଶିକାର—ଦେ. ଓ ବୈଦେ. ବି—(ସଂ. ଶୀକାର=ମୃଗବିଶେଷ; ପା. ଶୀକାର୍=ମୃଗୟାଲବ୍ଧ ଜୀବ)—୧ । ମୃଗୟା—1. Hunting; chase. ୨ । ମୃଗୟାର୍ଥ ପଶୁ—2. A beast of prey for hunting. ୩ । ପ୍ରାଦେ (ଗଡ଼ଜାତ ଓ ସମ୍ବଲପୁର) ବି (ଭୁଲ ହି. ଏହି ଅର୍ଥରେ ଏହି ଶବ୍ଦ) ୧ । ମୃଗୟା ଲବ୍ଧ ମାଂସ—1. Meat obtained by hunting. ୨ । ଖାଦ୍ୟ ମାଂସ—2. Meat. ୩ । ମୃଗୟାହତ ଜନ୍ତୁ—3. Animal killed by a hunter; prey. ୪ । (ଲକ୍ଷଣାର୍ଥ) ଖାଦ୍ୟ—4. Food. ୫ । (ଲକ୍ଷଣାର୍ଥ) ଯେଉଁ ବ୍ୟକ୍ତି ବା ଲୋଭନୀୟ ବସ୍ତୁ ଅଧିକାର ବା ଅଧିକୃତ ହେଲେ କୌଣସି ବ୍ୟକ୍ତିର ଲାଭ ବା ଆନନ୍ଦ ବା ମଙ୍ଗଳ ହୁଏ—5. (figurative), Any person or article on getting whom under one's control, one gains much or derives pleasure. ୬ । (ଲକ୍ଷଣାର୍ଥ) କୌଣସି ହିଂସ୍ର ଜନ୍ତୁ ଦ୍ୱାରା ବା ଉତ୍କଟ ରୋଗଦ୍ୱାରା ଆକ୍ରାନ୍ତ ହୋଇ ମରିବା ବ୍ୟକ୍ତି—6. (figurative) A person who becomes a prey or succombs to the attack of a wild animal or fell disease (ଯଥା—ଏ ବର୍ଷ ଅମୁକ ଗ୍ରାମରେ ପ୍ରାୟ ଶହେ ଲୋକ ହଇଜାରେ ଶିକାର ହେଲେ ।)
Śikāra
সিকার सिकार

ଶିକାର କରିବା—ଦେ. କ୍ରି—ମୃଗୟା କରିବା—To hunt; to prey.
Śikāra karibā
সিকারকরা सिकारकरना

ଶିକାର ଜୁଟିବା—ଦେ. ବି—୧ । ମୃଗୟା କାମରେ (ମୃଗ) ଶିକାରୀର ହାତୁଡ଼େ ପଡ଼ିବା—1. The appearing of a prey before a huntere. (ଶିକାର ହାତୁଡ଼ିବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଠକାଇବା କାମରେ ବା ଧନ ନେବାପାଇଁ ଉପସ୍ଥିତ ଧନଲୋଭୀର ହାତୁଡ଼େ ନିର୍ବୋଧ ବ୍ୟକ୍ତି ପଡ଼ିବା—2. Appearance of a person who can be cheated or fleeced.
Śikāra juṭibā
সিকারজুটা शिकारजूटना

ଶିକାର ବନ୍ଦ—ବୈଦେ. ବି—(ପା) କୌଣସି ଦ୍ରବ୍ୟକୁ ବା ମୃଗୟା ଲବ୍ଧ ଜୀବକୁ ବାନ୍ଧି ଆଣିବା ପାଇଁ ଘୋଡ଼ାର ଜୀନ ପଛଆଡ଼େ ଯେଉଁ କଡ଼ା ବା ଫର୍ମା ଲଗା ହୋଇଥାଏ—A contrivance or frame attached to the back of the saddle for carrying anything or a prey tied to it.
Śikarā band
শিকারবন্দ सिकारबंद

ଶିକାରୀ—ଦେ. ବି.—ମୃଗୟୁ—A hunter; huntsman. ବିଣ. —୧ । ମୃଗୟା ପ୍ରିୟ—1 Fond of hunting ୨ । ମୃଗୟା ପଟୁ (କୁକୁର ଆଦି)—2 (Dogs etc) Sharp or keen at hunting ୩ । (ଲକ୍ଷଣାର୍ଥ) ଧୂର୍ତ୍ତ; ଚତୁର—3 (Figurative) Cunning. ୪ । ମୃଗୟାରେ ବ୍ୟବହୃତ ବା ଆବଶ୍ୟକ—4. Necessary for a hunter.
Sikarī
সিকারী शिकारी

ଶିକୁଳା(ଳି)—ଦେ. ବି—(ସଂ. ଶୃଙ୍ଖଳ)—୧ । ଜଞ୍ଜିର; ଶୃଙ୍ଖଳ—1. Chain, [ଉ—ନ ଭୁଟିଲେ ହିଁ କାଢ଼ର ଏସ୍ୱାର୍ଥ ସକଳ ଶିକୁଳ । ଚନ୍ଦ୍ରାମଣି ରହସ୍ୟମାଧବ୍ୟ] ୨ । କବାଟକୁ ବନ୍ଦକାଠରେ ଅଟକାଇବା ପାଇଁ ବ୍ୟବହୃତ ଶୃଙ୍ଖଳ—2. Door chain. ୩ । ଶାଙ୍କୁଳା (ଦେଖ) 3. Sankulā (See) ୪ । ଶିକୁଳା ଘାସ (ଦେଖ)—4 Śikulā ghāsa (See) [ଉ—ଶିକୁଳା ଦୁର୍ଗମ ଅବିଚ୍ଛେଦ ସେହି ଶିଖର ତୁଲେ ବହୁର । ଜାଳିଥିବେ ଶୁଷ୍କ ଧନ୍ଵନ୍ତ୍ରିର ତ ଶେ ଅନଳ ଘଣ୍ଡ ସୁଦୃଶ୍ୟ । ରାଧାନାଥ ଗ୍ରନ୍ଥାବଳୀ]
Sikulā(li)
সিকল सकल

ଶିକୁଳା ଘାସ —ଦେ. ବି—ଅଗଡର ଛଟା ବା ଫର ବଡ଼ିଥିବା ଲମ୍ବ, ଠାଣ୍ଡୁଆ
Śikuḷā ghāsa ଓ ହଳୁ ଦଣ୍ଡ ବାହାର ଥିବା ଏକ ପ୍ରକାର ବନ୍ୟ ଘାସ—A kind of wild grass with a long feathered stem coming out of it; Heteropogen Contortus (Haines). [ବି—ଏ ଘାସର ଦଣ୍ଡାଗ୍ରରେ ଥିବା କଣ୍ଟା ଘାସର ଦେହରେ ଲାଗିବା ଭୟରେ ଏ ଘାସ ବଢ଼ିଥିବା ବାଟରେ ବାଘ ଯାଏ ନାହିଁ । ଏହା ୫ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ; ଛିଡ଼ା ଓ ଅନୁର୍ବର ମାଟିରେ ବଢ଼େ । ଏହା ଘର ଘର ଛପର କରିବାରେ ଲଗା (ଛପ) ପରି ଲାଗେ । ଏ ଘାସ ଚରୁଥିବା ଗାଈ ଦେହ ମସ୍ଣ ହେଲେ ଏଥିର ଶିଙ୍ଗାମାନ ପଶୁଙ୍କର ଲୁଗାରେ ଫୋଡ଼ି ହୋଇଯାଏ ।]

ଶିକ୍ଥ—ସଂ. ବି—(ଶିଚ ଧାତୁ=ସେଚନ କରିବା+କରଣ ଥ)—୧ ।
Siktha ମହଣ; ମହୁଁଠା—1. Wax; beeswax. ୨ । [ଶିକ୍ଥକ—ଅନ୍ୟରୂପ] ଏକ ଗ୍ରାସ ଅନ୍ନ—2. A mouthful of food. ୩ । ଶିଠା; ଅଠାଳିଆ ଘନ ବସ୍ତୁ—3. Any gummy solid. ୪ । ଶୁଖିଲା ଅଠା—4. Dried gum; gum-resin.

ଶିକ୍ୟ(କ୍ୟା)—ସଂ. ବି—(ଶକ୍ ଧାତୁ=ଧାରଣ ହେବା+କର୍ତ୍ତୃ. ଯ+
Sikya(kyā) ଅ; ଜଗାଜନ; ଯାହା ଭାର ଧାରଣ କରିବାକୁ ସମର୍ଥ ହୁଏ)—ଶିକା; ଦ୍ରବ୍ୟ ଝୁଲାଇବା ପାଇଁ ବ୍ୟବହୃତ ଦଉଡ଼ିର ପିଞ୍ଜରା—A network or cage of strings in which things are kept suspended.

ଶିକ୍ୟିତ—ସଂ. ବିଣ—(ଶିକ୍ୟ+ଇତ)=ଶିକାରେ ରଖା ଯାଇଥିବା
Sikyita ବା ଝୁଲା ଯାଇଥିବା—Suspended or kept in a sikā or loop.

ଶିକ୍ରିଣୀ—ଦେ. ବି—ଶିଖରିଣୀ ୩ (ଦେଖ)
Śikriṇī Śikhariṇī 3 (See)

ଶିକ୍ଷ (ଧାତୁ)—ସଂ.—୧ । ଶିକ୍ଷା କରିବା; ଶିଖିବା—1. To learn.
Śiksh (root) ୨ । ପାଠ ପଢ଼ିବା; ବିଦ୍ୟାର୍ଜନ କରିବା—2. To study; to acquire knowledge. ୩ । ଅଭ୍ୟାସ କରିବା—3. To practise. ୪ । ତାଲିମ ହେବା—4. To be trained. ୫ । (ବୈଦିକ) ଶିକ୍ଷା ଦେବା; ପାଠ ପଢ଼ାଇବା—4. To teach. ୬ । (ବୈଦିକ) ତାଲିମ କରିବା—6. To train. [ବି—ଏଥିର ଣିଜନ୍ତ ଶିକ୍ଷି ଧାତୁ ।]

ଶିକ୍ଷକ—ସଂ. ବି. ପୁଂ—(ହେତ୍ୱ ଧାତୁ ଣିଚ୍=ଶିକ୍ଷି ଧାତୁ+କର୍ତ୍ତୃ. ଅକ;
Sikshaka ଅଥବା ଶିକ୍ଷା+ସ୍ୱାର୍ଥେ. କ; ତୁଳ. ମୀମାଂସକ)—[ଶିକ୍ଷ(କ୍ଷି)କା—ସ୍ତ୍ରୀ] ୧ । ଯେ ପାଠ ପଢ଼ାନ୍ତି; ଅଧ୍ୟାପକ; ଶିକ୍ଷାଗୁରୁ—1. Teacher; tutor; preceptor. [ବି—ଏଥିର ସ୍ତ୍ରୀଲିଙ୍ଗରେ ଶିକ୍ଷକା ଓ ଶିକ୍ଷିକା; ଉଭୟ ସାଧାରଣତଃ ଲେଖକମାନେ ଶିକ୍ଷୟିତ୍ରୀ ପଦ ବ୍ୟବହାର କରନ୍ତି । ଶିକ୍ଷା ଦିଆ ଯାଉଥିବା ପଦ ପଦ ସ୍ଥାନ ଓ ବିଷୟ ଅନୁସାରେ ଶିକ୍ଷକଙ୍କର ଉପାଧି ହୁଏ । ଯଥା—ଗୃହ ଶିକ୍ଷକ, ବିଦ୍ୟାଳୟ ଶିକ୍ଷକ, ବିଜ୍ଞାନ ଶିକ୍ଷକ, ଗଣିତ ଶିକ୍ଷକ ।] ୨ । ଶାସନକର୍ତ୍ତା; ଶାସକ—2. Controller; ruler. ୩ । ତାଲିମ ଦେଉଥିବା—3. Trainer (M. W) ସଂ. ବିଣ—ଶିକ୍ଷା ଦାନ କାରୀ (ବ୍ୟକ୍ତି)—Teaching.

ଶିକ୍ଷଣ—ସଂ. ବି—୧ । (ଶିକ୍ଷି ଧାତୁ+ଭାବ. ଅନ)—ଅଧ୍ୟାପନା—
Sikshaṇa 1. Teaching. ୨ । (ଶିକ୍ଷ ଧାତୁ+ଭାବ. ଅନ) ଶିଖିବା; ଅଧ୍ୟୟନ—2. Reading; learning. ୩ । ଅଭ୍ୟାସ—3. Habit; practice. ୪ । ଉପଦେଶ—4. Advice. ୫ । ଦମନ—5. Controlling.

ଶିକ୍ଷଣୀୟ—ସଂ. ବିଣ.—(ଶିକ୍ଷ ଧାତୁ+କର୍ମ. ଅନୀୟ)—୧ । ଶିକ୍ଷାଦାନର
Sikshaṇiya ଯୋଗ୍ୟ; ଶିକ୍ଷା ଦିଆ ଯିବାର ଉପଯୁକ୍ତ ବିଷୟ—[ଶିକ୍ଷଣୀୟା—ସ୍ତ୍ରୀ] 1. Fit to be taught; teachable. ୨ । ଶିଖିବାର ଉପଯୁକ୍ତ—2. Fit to be learnt.

ଶିକ୍ଷୟିତା—ସଂ. ବି. ପୁଂ—(ଶିକ୍ଷି ଧାତୁ+କର୍ତ୍ତୃ. ତୃ=ଶିକ୍ଷୟିତୃ; ୧ମା.
Sikshayitā ୧ବ.)—୧ । ଶିକ୍ଷକ; ଶିକ୍ଷାଦାତା; ଶିକ୍ଷାଗୁରୁ—[ଶିକ୍ଷୟିତ୍ରୀ—ସ୍ତ୍ରୀ] 1. Teacher; instructor. ୨ । ଯେ ତାଲିମ କରେ—2. Trainer.

ଶିକ୍ଷା—ସଂ. ବି—(ଶିକ୍ଷ୍ ଧାତୁ+ଭାବ. ଅ+ଆ)—୧ । ଅଧ୍ୟୟନ—
Sikshā 1. Reading; learning; studying. ୨ । ବିଦ୍ୟାଳୟରେ ବା ଗୁରୁଙ୍କ ନିକଟରେ ବିଦ୍ୟାଭ୍ୟାସ—2. Studying in a school or under a preceptor. ୩ । ଦମନ; ଶାସନ—3. Subduing; subjugating; controlling; ruling. ୪ । ଜ୍ଞାନ ଲାଭ—4. Acquisition of knowledge. ୫ । ଉପଦେଶ—5. Advice; precept; instruction. ୫ । ଅନୁଶୀଳନ; ଅଭ୍ୟାସ—5. Training; exercise. ୬ । ବିନୟ—6. Humility. ୭ । କଉଶଳ; ନିପୁଣତା—7. Skill; art. ୮ । କର୍ମ ସାଧନାର୍ଥ ଇଚ୍ଛା—8. Wish to accomplish (M. W.) ୯ । ଦଣ୍ଡ—9. Chastisement; punishment (M. W.) ୧୦ । ଉଚ୍ଚାରଣ ବୋଧକ ବେଦାଙ୍ଗ ବିଶେଷ—10. The science which teaches proper articulation of vedic texts; a branch of the Bedas dealing with pronunciation. [ବି—ଏହା ଛଅ ବେଦାଙ୍ଗ ମଧ୍ୟରୁ ଏକତମ, ଏଥିରେ ବେଦମାନଙ୍କର ବର୍ଣ୍ଣ, ସ୍ୱର, ମାତ୍ରା ଆଦିର ନିରୂପଣ ଅଛି ଓ ଏଥିରେ ମନ୍ତ୍ରମାନଙ୍କୁ ଠିକ୍‌ଭାବେ ଉଚ୍ଚାରଣ କରିବା ବିଷୟ ଶିକ୍ଷା ଦିଆ ଯାଇଅଛି;

ଏବଂ କେବଳ ବ୍ରାହ୍ମଣଗ୍ରନ୍ଥରେ ଓ ପ୍ରାତିଶାଖ୍ୟ ସୂତ୍ରରେ ଅଛି ।]

୧୧ । ବଣାଂଶର ଅନ୍ତର୍ଗତ ବୃକ୍ଷବିଶେଷ; ଶ୍ୟୋନାକ; ଫମ୍ପଣା—11. Bignonia Indica; Orocylum Indicum; Colosanthus Indica. ପ୍ରାଚୀନ (ବୈଦିକ) ବି—(ମୂଳ ଗ୍ରନ୍ଥରେ ଏହି ଅର୍ଥରେ ଏହି ଶବ୍ଦର ପ୍ରୟୋଗ)—୧ । କାରାବାସ, ଅର୍ଥଦଣ୍ଡ ଆଦି ରାଜଦଣ୍ଡ—1. Punishment meted out to criminals. ୨ । କାରାଗାର; ଜେଲ୍—2. Jail.

ଶିକ୍ଷା କର (ଶୁଳ୍କ)—ସଂ. ବି (ଅଧୁନାତନ ପ୍ରୟୋଗ)—ଦେଶରେ ବାଳକ-
Śikshā kara(śulka) ବାଳିକାମାନଙ୍କୁ ଶିକ୍ଷା ଦେବାର
শিক্ষা কর शिक्षा कर ବ୍ୟୟ ଚଳାଇବାପାଇଁ ପ୍ରଜାଙ୍କ ଠାରୁ ଆଦାୟ କରାଯିବା ଟିକସ—Education cess.
ସଂ. ବି (ଶିକ୍ଷା+କୃ ଧାତୁ+କର୍ତ୍ତୃ. ଅ)—୧ । ଶିକ୍ଷକ—1. Teacher (Wilson). ୨ । ବ୍ୟାସଙ୍କର ଏକ ନାମ—(ଶିକ୍ଷାଷ୍ଟକର—ଦେ. ରୂପ) 2. A name of Byāsa (M. W).

ଶିକ୍ଷା କରିବା—ଦେ. କି (ସଂ. ଶିକ୍ଷ ଧାତୁ)—୧ । ଶିଖିବା—
Śiksha kariba 1. To learn. ୨ । ତାଲିମ ନେବା—
শিক্ষা করা शिक्षा करना 2. To undergo training; to be trained.

ଶିକ୍ଷାକାଙ୍କ୍ଷା—ସଂ. ବି—କୌଣସି ବିଷୟ ଶିଖିବାପାଇଁ ଇଚ୍ଛା—
Śikshākāṅkshā Desire to learn.

ଶିକ୍ଷାକାଙ୍କ୍ଷୀ—ସଂ. ଗୁଣ. ପୁଂ (ଉପପଦ ସମାସ, ଶିକ୍ଷା+ଆ+କାଙ୍କ୍ଷ ଧାତୁ
Śikshakāṅkshi +କର୍ତ୍ତୃ. ଇନ୍=ଶିକ୍ଷାକାଙ୍କ୍ଷିନ୍ ଶବ୍ଦ, ୧ମା
(ଶିକ୍ଷାକାଙ୍କ୍ଷିଣୀ—ସ୍ତ୍ରୀ) ୧ବ)—ଶିକ୍ଷା କରିବାକୁ ଇଚ୍ଛୁକ—Desirous of learning; bent on studying.

ଶିକ୍ଷାକାର—ସଂ. ବି—ଅନ୍ୟକୁ ଶିକ୍ଷା ଦେବାପାଇଁ ଉପଯୁକ୍ତ ଗାୟକ—
Śikshākāra A singer capable of teaching others (M. W).

ଶିକ୍ଷାକାରୀ—ସଂ. ଗୁଣ ଓ ବି. ପୁଂ—ଯେ ଶିକ୍ଷା କରେ—
Śikshākāri Learning; learner
(ଶିକ୍ଷାକାରିଣୀ—ସ୍ତ୍ରୀ)

ଶିକ୍ଷା କ୍ରମ—ସଂ. ବି (୬ଷ୍ଠୀ ତତ୍)—ଜ୍ଞାନାର୍ଜନ କରିବାର କ୍ରମୋନ୍ନତ
Śiksha krama ପଦ୍ଧତି—Gradual steps in education.

ଶିକ୍ଷାକ୍ଷର—ସଂ. ବି—ଶିକ୍ଷା (ବେଦାଙ୍ଗ)ର ନିୟମ ଅନୁସାରେ ଉଚ୍ଚାରିତ
Śikshākshara ଧ୍ୱନି—A sound pronounced according to the rules of Śikshā (M. W)

ଶିକ୍ଷା ଗୁରୁ—ସଂ. ବି (୬ଷ୍ଠୀ ତତ୍)—୧ । ଶିକ୍ଷାଦାତା; ଶିକ୍ଷକ—
Śikshā guru 1. Teacher, ୨ । ଧର୍ମଗୁରୁ—2. A religious preceptor (M. W).

ଶିକ୍ଷା ଗ୍ରହଣ—ସଂ. ବି (୬ଷ୍ଠୀ ତତ୍—ଗୁରୁଙ୍କଠାରୁ ଶିକ୍ଷାଲାଭ କରିବା—
Śikshā grahaṇa Learning from a teacher.
(ଶିକ୍ଷାଗ୍ରାହୀ—ଗୁଣ. ପୁଂ)

ଶିକ୍ଷା ଗ୍ରାହକ—ସଂ. ବି. ପୁଂ—ଶିଷ୍ୟ; ଛାତ୍ର—
Śikshā grāhaka Student: pupil.
(ଶିକ୍ଷାଗ୍ରାହିକା—ସ୍ତ୍ରୀ)

ଶିକ୍ଷା ଦଣ୍ଡ—ସଂ. ବି (ମ. ଘ. ଲେ)-୧ । କୌଣସି ବ୍ୟକ୍ତିକୁ ଶିକ୍ଷା ଦେବା
Śikshā daṇḍa ଉଦ୍ଦେଶ୍ୟରେ ପ୍ରଦତ୍ତ ଦଣ୍ଡ—1. Punishment serving as a lesson. (M. W) ୨ । କୌଣସି ମନ୍ଦ ଅଭ୍ୟାସକୁ ଛଡ଼ାଇବା ପାଇଁ ଦିଆଯିବା ଦଣ୍ଡ (ବୃ· ଶ)—2. Punishment meted out to eradicate any bad habit.

ଶିକ୍ଷା ଦାତା—ସଂ. ବି. ପୁଂ—ଶିକ୍ଷକ—
Śikshā dātā Teacher.
(ଶିକ୍ଷାଦାତ୍ରୀ—ସ୍ତ୍ରୀ)

ଶିକ୍ଷା ଦାନ—ସଂ. ବି (୬ଷ୍ଠୀ ତତ୍)—ବିଦ୍ୟାଦାନ—
Śikshā dāna Imparting of education.

ଶିକ୍ଷା ଦାୟକ—ସଂ. ବି ଓ ଗୁଣ. ପୁଂ—୧ । ଶିକ୍ଷାଦାତା—1. Teacher.
Śikshā dāyaka ୨ । ଯହିଁରୁ ଶିକ୍ଷାଲାଭ ହୁଏ—
(ଶିକ୍ଷାଦାୟିକା—ସ୍ତ୍ରୀ) 2. Educative.

ଶିକ୍ଷା ଦୀକ୍ଷା—ସଂ.ବି (ଅଧୁନାତନ ପ୍ରୟୋଗ)—ଶିକ୍ଷା ଓ ମନ୍ତ୍ରାଦି ଗ୍ରହଣ—
Śikshā dikshā Learning and being initiated
শিক্ষাদীক্ষা शिक्षादीक्षा into a matter.

ଶିକ୍ଷା ଦେବା—ଦେ· କି—୧ । ଛାତ୍ରାଦିଙ୍କୁ କୌଣସି ବିଷୟ ବା ଶାସ୍ତ୍ରାଦି
Śikshā debā ଶିଖାଇବା—1. To impart education; to teach; to train. ୨ । ଦଣ୍ଡ
শিক্ষা দেওয়া शिक्षा देना ଦେବା—2. To mete out punishment.
୩ । ପରାମର୍ଶ ଦେବା; ମନ୍ତ୍ରଣା ଦେବା; ଉପଦେଶ ଦେବା—3. To advise. (ଉ—ଗୁରୁଙ୍କି ସେଠ ଅର୍ଥ ଯିବେ ଶିକ୍ଷାଦେବ । କୃଷ୍ଣସିଂହ· ମହାଭାରତ· ବନ ।]
୪ । (ମନ୍ଦାର୍ଥ) କୁପରାମର୍ଶ ଦେବା—4. To give bad advice.

ଶିକ୍ଷା ନବିସ (ଶୀ)—ଦେ· ବି (ସଂ. ଶିକ୍ଷା ଓ ଫା. ନବିସ୍)—ଯେଉଁ
Śiksha nbis(śi) ବ୍ୟକ୍ତି କୌଣସି ବିଷୟ ଶିକ୍ଷା କରିବା ପାଇଁ
শিক্ষানবীস ଅନ୍ୟଙ୍କ ବ୍ୟକ୍ତିଙ୍କ ନିକଟରେ ବିନାବେତନ କାର୍ଯ୍ୟ କରେ—
शिक्षानवीस Apprentice; a tyro; a novice.

ଶିକ୍ଷା ପଦ—ସଂ. ବି—୧ । ଉପଦେଶ (ବୃ. ଶ)—1. Advice. ୨ ।
Śikshā pada ବୌଦ୍ଧ ଧର୍ମଶାସ୍ତ୍ର ବିନୟପିଟକର ଏକ ପ୍ରକରଣ (ବୃ. ଶ)—2. Name of a chapter of the Buddistic Scripture Binayapiṭaka. ୩ । ନୈତିକ ଉପଦେଶ—3. A moral precept. (M. W).

ଶିକ୍ଷା ପଦ୍ଧତି—ଦେ. ବି (୬ଷ୍ଠୀ ତତ୍)—ପାଠ ପଢ଼ିବାର ରୀତି—
Śikshā paddhati Mode of education.

ଶିକ୍ଷା ପରିଷଦ୍—ସଂ. ବି—୧ । ଏକ ଋଷି ବା ଅଧ୍ୟାପକଙ୍କ ଅଧୀନ ଓ ତାଙ୍କ
Śikshā parishad ନାମରେ ପ୍ରସିଦ୍ଧ ବୈଦିକକାଳର ବିଦ୍ୟାଳୟ (ବୃ· ଶ)—1. An educactional institution

of the Bedic times under a sage or preceptor. ୨ । ଅଧୁନିକ ଶିକ୍ଷାର ବ୍ୟବସ୍ଥାପକ ସଭା ବା ସମିତି—2. An association for the imparting or controlling of education.

ଶିକ୍ଷା ପାଇବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିଠାରୁ ଶିକ୍ଷାଲାଭ କରିବା—1. To learn a thing from another. ୨ । ଦଣ୍ଡ ପାଇବା—2. To suffer or undergo punishment. ୩ । ପରାମର୍ଶ ପାଇବା—3. To get advice.
Śikshā paibā
শিক্ষা পাওয়া
शिक्षा पाना

ଶିକ୍ଷା ପ୍ରଣାଳୀ—ସଂ. ବି—ଶିକ୍ଷାପଦ୍ଧତି (ଦେଖ)
Śikshā prạnālī Śikshāpaddhati. (See)

ଶିକ୍ଷାପ୍ରଦ—ସଂ. ବିଣ (ଶିକ୍ଷା+ପ୍ର+ଦା ଧାତୁ+କର୍ତ୍ତୃ. ଅ)—ସନ୍ଦୀପ୍ତ ଶିକ୍ଷାଦାୟକ ହୁଏ—Educative; imparting education.
Śikshāprada
(ଶିକ୍ଷାପ୍ରଦା—ସ୍ତ୍ରୀ)

ଶିକ୍ଷାପ୍ରାପ୍ତ—ସଂ. ବିଣ. ପୁଂ (୨ୟା ତତ୍)—୧ । ଶିକ୍ଷିତ—1. Educated. ୨ । କୌଣସି ବିଷୟରେ ତାଲିମ ହୋଇଥିବା—2. Trained.
Śikshā prāpta
(ଶିକ୍ଷାପ୍ରାପ୍ତା—ସ୍ତ୍ରୀ)

ଶିକ୍ଷାବାନ୍—ସଂ. ବିଣ—୧ । (ପୁଂ) ବିଦ୍ୱାନ୍—1. Learned (M. W). ୨ । ଉପଦେଶପ୍ରଦ (ଗଳ୍ପ)—2. Instructive; full of instruction (as a tale) (M. W).
Śikshābān
(ଶିକ୍ଷାବତୀ—ସ୍ତ୍ରୀ)

ଶିକ୍ଷା ବିଜ୍ଞାନ—ସଂ ବି. (ଅଧୁନିକ ପ୍ରୟୋଗ)—ପାଠ ପଢ଼ାଇବାର ବା ଶିକ୍ଷା ଦେବାର ସିଦ୍ଧାନ୍ତମାନ ଯେଉଁ ଶାସ୍ତ୍ରରେ ଧାରାବାହିକରୂପେ ଅଲୋଚିତ ହୋଇଥାଏ—The science of teaching; the science dealing with the principles and skill which should he applied in the imparting of knowledge to learners.
Śikshā bijnāna

ଶିକ୍ଷା ବିଭାଗ—ସ. ବି (ଅଧୁନିକ ପ୍ରୟୋଗ; ଶିକ୍ଷା ବିଷୟକ ବିଭାଗ; ଷ. ତ. ଲୋ)—ଯେଉଁ ସରକାରୀ ବିଭାଗ ଉପରେ ରାଜ୍ୟର ଲୋକଙ୍କୁ ଶିକ୍ଷାଦେବା ଭାର ନ୍ୟସ୍ତ ଥାଏ—Education Department; the department of public instruction. [ଦ୍ର—ଇଂରେଜଶାସିତ ଭାରତରେ ଶିକ୍ଷାବିଭାଗରେ ଉଚ୍ଚ ପଦ ପଦବୀର କର୍ମଚାରୀ ଅଛନ୍ତି; ଯଥା—ଡାଇରେକ୍ଟର ବା ଡିରେକ୍ଟର୍ (Director), ଇନ୍‌ସ୍ପେକ୍ଟର୍ (Inspector), ଡେପୁଟି ବା ଡିଷ୍ଟ୍ରିକ୍ଟ ଇନ୍‌ସ୍ପେକ୍ଟର୍ (District Inspector) ଓ ସବ୍ ଇନ୍‌ସ୍ପେକ୍ଟର୍ (Sub-inspector).
Śikshā bibhāga
শিক্ষাবিভাগ
शिक्षा विभाग

ଶିକ୍ଷା ବିସ୍ତାର—ସ. ବି (୬ଷ୍ଠୀ ତତ୍)—ବିଦ୍ୟାଚର୍ଚ୍ଚାର ପ୍ରସାର—Diffusion or spread of education.
Śikshā bistāra

ଶିକ୍ଷା ଭଙ୍ଗ—ସ. ବି (୬ଷ୍ଠୀ ତତ୍)—ପାଠ ପଢ଼ିବା ଶେଷ ନ ହେଉଣୁ ତହିଁରେ ଉପସ୍ଥିତ ହେବା ବାଧା—Interruption in study before it is finished.
Śikshā bhanga

ଶିକ୍ଷାଭିଳାଷ—ସ. ବି—ଶିକ୍ଷାକାଙ୍କ୍ଷା (ଦେଖ)
Śikshābhilāsha Śikshākānkshā. (See)

ଶିକ୍ଷାଭିଳାଷୀ—ସ. ବିଣ. ପୁଂ—ଶିକ୍ଷାକାଙ୍କ୍ଷୀ (ଦେଖ)
Śikshābhilāshī Śikshākankshī. (See)
(ଶିକ୍ଷାଭିଳାଷିଣୀ—ସ୍ତ୍ରୀ)

ଶିକ୍ଷା ମନ୍ଦିର—ସ. ବି—ବିଦ୍ୟାଳୟ; ସ୍କୁଲ—School.
Śikshā mandira
(ଶିକ୍ଷାଗାର, ଶିକ୍ଷାଳୟ—ଅନ୍ୟରୂପ)

ଶିକ୍ଷା ମିଳିବା—ଦେ. ବି—୧ । ଶିକ୍ଷା ପ୍ରାପ୍ତ ହେବା—1. The receiving of learning. ୨ । ଦଣ୍ଡ ପାଇବା—2. The getting of a lesson.
Śikshā milibā
শিক্ষা হওয়া
शिक्षा मिलना

ଶିକ୍ଷାରେ ପଡ଼ିବା—ଦେ. କ୍ରି—ଅନ୍ୟର କୁପରାମର୍ଶ ଦ୍ୱାରା ପରିଚାଳିତ ହେବା—To be led or guided by another's bad advice.
Śikshare pardibā
কথায় পড়া
शिक्षामे पडना

ଶିକ୍ଷାର୍ଥୀ—ସ. ବିଣ. ପୁଂ (ଶିକ୍ଷା+ଅର୍ଥିନ୍ ପଦ, ୧ମା. ୧ବ)—ପାଠ ପଢ଼ିବାକୁ ପ୍ରାର୍ଥୀ; ପାଠାର୍ଥୀ—Desirous of reading. ସ. ବି—୧ । ଛାତ୍ର—1. Pupil; student. ୨ । ଶିକ୍ଷା ନବିଶ—2. Apprentice; tyro.
Śikshārthī
(ଶିକ୍ଷାର୍ଥିନୀ—ସ୍ତ୍ରୀ)

ଶିକ୍ଷାର୍ହ—ସ. ବିଣ. ପୁଂ (ଶିକ୍ଷା+ଅର୍ହ ଧାତୁ+କର୍ତ୍ତୃ. ଅ)—ଯେ ଶିକ୍ଷା ପାଇବାର ଉପଯୁକ୍ତ—Deserving to be educated.
Śikshārha
(ଶିକ୍ଷାର୍ହା—ସ୍ତ୍ରୀ)

ଶିକ୍ଷା ଲଭ୍ୟ—ସ. ବି (୩ୟା ତତ୍)—ଯାହା ଶିକ୍ଷାଦ୍ୱାରା ମିଳେ—Attainable through education.
Śiksā labhya

ଶିକ୍ଷା ଲାଭ—ସ. ବି (୬ଷ୍ଠୀ ତତ୍)—ଜ୍ଞାନଲାଭ—Acquisition of knowledge.
Śikshā lābha

ଶିକ୍ଷା ଶୁଳ୍କ—ସ. ବି (ଅଧୁନିକ ପ୍ରୟୋଗ)—ଶିକ୍ଷାକର; ରାଜ୍ୟରେ ଶିକ୍ଷା ବିସ୍ତାର ପାଇଁ ପ୍ରଜାଙ୍କଠାରୁ ଅଦାୟ ହେବା ଟିକସ—Tax levied from tenants for spread of education.
Siksā sulka

ଶିକ୍ଷା ସଙ୍ଘ—ସଂ. ବି (ଅଧୁନିକ ପ୍ରୟୋଗ)—ଶିକ୍ଷା ବିଷୟକ ସଂଘ; ଷ. ତ. ଲୋ)—(ଶିକ୍ଷା ସମ୍ବନ୍ଧେ ଅଲୋଚନା କରିବା ପାଇଁ ଅହୂତ ସଭା—Educational conference; Education committee; Council of Education.
Śikshā samgha
(ଶିକ୍ଷାସଭା, ଶିକ୍ଷାସମିତି—ଅନ୍ୟରୂପ)

ଶିକ୍ଷା ସମାପ୍ତି—ସଂ. ବି (୬ଷ୍ଠୀ ତତ୍)—ଶିକ୍ଷା ବିଷୟରେ ନିର୍ଦ୍ଦିଷ୍ଟ ସୀମାରେ ପହଞ୍ଚିଥିବା ଅବସ୍ଥା—Completion of an educational course.
Śikshāsamāpti

ଶିକ୍ଷା ସାଙ୍ଗ କରିବା—ଦେ. କ୍ରି—୧ । କୌଣସି ବିଷୟରେ ଶିକ୍ଷା କରିବା ପାଇଁ ନିର୍ଦ୍ଦିଷ୍ଟ ପାଠ୍ୟର ଶେଷ ପର୍ଯ୍ୟନ୍ତ ପଢ଼ିବା—1. To finish one's educa-
Śikshā sānga karibā
শিক্ষা সাঙ্গ করা

शिक्षा समाप्त करना education. ୨ । ପାଠ ପଢ଼ା ଶେଷ କରି ବିଦ୍ୟାଳୟ ତ୍ୟାଗ କରିବା; ପାଶ୍ କରିବା—2. To pass the prescribed final examination in a school or college.

ଶିକ୍ଷା ସୋପାନ—ସଂ. ବି.—(୬ଷ୍ଠୀତତ୍)—ଶିକ୍ଷାକ୍ରମ (ଦେଖ)
Śikshā sopāna Śikshākrama (See)

ଶିକ୍ଷା ହୀନ—ସଂ ବିଣ. ପୁଂ—(୩ୟାତତ୍)—ଅଶିକ୍ଷିତ
Śikshā hina Uneducated; illiterate.
(ଶିକ୍ଷାବିହୀନ—ଅନ୍ୟରୂପ) (ଶିକ୍ଷାହୀନା, ଶିକ୍ଷାବିହୀନା—ସ୍ତ୍ରୀ)

ଶିକ୍ଷି (ଧାତୁ)—ସଂ (ଶିକ୍ଷ୍‌ଧାତୁର ଣିଜନ୍ତ ରୂପ)—୧ । ଶିକ୍ଷା ଦେବା;
Śikshi (root) ଶିଖାଇବା—1. To teach; to cause to learn. ୨ । ତାଲିମ କରିବା—2. To train. ୩ । ଅଧ୍ୟାପନା କରିବା—3. To impart knowledge. ୪ । ଉପଦେଶ ଦେବା—4. To advise; to instruct.

ଶିକ୍ଷିତ—ସଂ.ବିଣ.ପୁଂ (ଶିକ୍ଷା+ଇତ)—୧। ଶିକ୍ଷାପ୍ରାପ୍ତ—1. Educa-
Śikshita ted. ୨ । କୌଣସି ବିଷୟରେ ତାଲିମ ହୋଇଥିବା-
(ଶିକ୍ଷିତା—ସ୍ତ୍ରୀ) 2. Trained. ୩ । ବିଦ୍ୱାନ୍; କୃତବିଦ୍ୟ—
(ଅଶିକ୍ଷିତ—ବିପରୀତ) 3. Learned. ୪ । ଦକ୍ଷ; ନିପୁଣ; ଚତୁର 4. Expert; skilful; clever (M.W). ୫ । ଉପଦିଷ୍ଟ—5. Instructed; tutored. ୬ । ବଶ୍ୟ; ବିନୀତ—6. Gentle; mild; docile. ୭। ଅଭ୍ୟସ୍ତ—7. Practised (M. W) ୮ । ଶିଖା ଯାଇଥିବା, ଅଧୀତ—8. Learnt; studied.

ଶିକ୍ଷିତ ସମାଜ—ସ. ବି (ଅଧୁନିକ ବ୍ୟବହାର)—କୃତବିଦ୍ୟବ୍ୟକ୍ତିସମୂହ;
Śikshita samāja ପଣ୍ଡିତସମୂହ—Educated society,
(ଶିକ୍ଷିତସମ୍ପ୍ରଦାୟ—ଅନ୍ୟରୂପ) the educated people.

ଶିକ୍ଷିତାକ୍ଷର—ସ. ବିଣ. ପୁଂ (ବହୁବ୍ରୀହି)—ଶିକ୍ଷିତ; ବିଦ୍ୱାନ୍ (ହ.ଶ)—
Śikshitākshara Educated; learned.
(ଶିକ୍ଷିତାକ୍ଷରା—ସ୍ତ୍ରୀ) ସ. ବି—ଶିକ୍ଷାକାମୀ ଛାତ୍ର (ଶବ୍ଦକୋଶ)—Pupil student.

ଶିକ୍ଷିତୁକାମ—ସଂ.ବିଣ.ପୁଂ(ଶିକ୍ଷିତୁମ୍+କାମ; ତୁଲ. ଗନ୍ତୁକାମ)—ଶିକ୍ଷା
Śikshitukāma କରିବାକୁ ଇଚ୍ଛୁକ—Willing to learn
[ଶିକ୍ଷିତୁକାମା—ସ୍ତ୍ରୀ] (M. W). ସଂ. ବି. ପୁଂ—
କୌଣସି ବିଦ୍ୟାକୁ ପ୍ରଥମେ ଶିଖୁଥିବା ବ୍ୟକ୍ତି—
A biginner in his art (M.W).

ଶିକ୍ଷ୍ୟ—ସଂ. ବିଣ (ଶିକ୍ଷ ଧାତୁ+କର୍ମ.ଯ)—ଶିକ୍ଷଣୀୟ—
Śikshya Fit to be learnt or taught (M. W)

ଶିଖ୍(ଖ)—ଦେ.ବି (ସ.ଶିଷ୍ୟ ଏମାନେ ଜଣେ ଧର୍ମଗୁରୁଙ୍କ ଶିଷ୍ୟ ଥିବାରୁ;
Śikh(kha) କିମ୍ବା ସଂ. ଶିଖା, ଏମାନଙ୍କ ମୁଣ୍ଡରେ ଶିଖା ବା ଲମ୍ବ
शिख सिक्ख କେଶଗୁଚ୍ଛ ଥିବାରୁ)—ଉତ୍ତର ପଶ୍ଚିମାଞ୍ଚଳର ଧର୍ମ ସମ୍ପ୍ରଦାୟବିଶେଷ—The Sikhs. [ଦ୍ର—ଏ ଧର୍ମପ୍ରବର୍ତ୍ତକ ନାନକ ଖ୍ରୀ. ୧୪୬୯ ଠାରୁ ୧୫୩୯ ପର୍ଯ୍ୟନ୍ତ ଜୀବିତ ଥିଲେ । ଶିଖମାନଙ୍କ ଆଦିଗ୍ରନ୍ଥ 'ଗ୍ରନ୍ଥ ସାହେବ'ରେ ନାନକ, କବୀର ଓ ରାମାନନ୍ଦଙ୍କ ଉପଦେଶରାଶି ସଂଗୃହୀତ ହୋଇ ଅଛି । ଏ ଗ୍ରନ୍ଥର ଯେଉଁ ଅଂଶରେ ନାନକଙ୍କ ଉପଦେଶ ମାନ ଅଛି ତାକୁ ଜପଜୀ ବୋଲାଯାଏ । ନାନକ ଜାତିଭେଦ ସ୍ୱୀକାର କରୁ ନ ଥିଲେ । ସେ ଏକେଶ୍ୱରବାଦୀ ଥିଲେ । ସେ ହିନ୍ଦୁ ଓ ମୁସଲମାନ୍‌ମାନଙ୍କୁ ଏକ ଧର୍ମ ପନ୍ଥାରେ ମିଳାଇବାକୁ ଚେଷ୍ଟା କରୁଥିଲେ । କେବଳ ହରିନାମ କୀର୍ତ୍ତନ କରିବାକୁ ସେ ଉପଦେଶ ଦେଉଥିଲେ । ତାଙ୍କ ଶିଷ୍ୟ-ମାନଙ୍କୁ ଶିଖ ବୋଲି ଯାଉଥିଲା । ଶିଖସମ୍ପ୍ରଦାୟରେ ପ୍ରତିମାପୂଜା, ଜପତପ, ସତୀଦାହ, ଅବରୋଧ ପ୍ରଥା, ମଦ୍ୟାଦି ମାଦକଦ୍ରବ୍ୟ ସେବନ, ଧୂମ୍ରପାନ, ବାଳବଧ, ଅପବାଦ, ତୀର୍ଥଯାତ୍ରା ନିଷିଦ୍ଧ । ଗୁରୁଭକ୍ତି, କୃତଜ୍ଞତା, ସତ୍ୟ, ସତ୍ପଥ, ଲୋକୋପକାର, ନୈତିକଜୀବନ, ପବିତ୍ର ଗାର୍ହସ୍ଥ୍ୟଜୀବନ ଯାପନ କରିବା ଏ ସମ୍ପ୍ରଦାୟପନ୍ଥୀମାନଙ୍କ କର୍ତ୍ତବ୍ୟ । ନାନକ ନିଜ ପୁଅକୁ ତାଙ୍କ ଅନ୍ତେ ଗୁରୁରୂପେ ମନୋନୀତ ନ କରି ତାଙ୍କ ଶିଷ୍ୟ ଲେହଣାଙ୍କୁ ଅଙ୍ଗଦ ନାମ ଦେଇ ମନୋନୀତ କଲେ । ନାନକଙ୍କ ଶିଷ୍ୟ ପ୍ରଶିଷ୍ୟ ଓ ପୁତ୍ରପୌତ୍ରାଦିକ୍ରମେ ଶିଖମାନଙ୍କର ନାନକଙ୍କୁ ମିଶାଇ ୧୦ ଜଣ ଧର୍ମଗୁରୁ ହୋଇଥିଲେ । ୩ୟ ଗୁରୁ ଅମର ଦାସ । ୪ର୍ଥ ଗୁରୁ ରାମ ଦାସ ପ୍ରାଚୀନ ରାମଦାସପୁରକୁ ଅମୃତସହର ନାମ ଦେଇ ଶିଖମାନଙ୍କ ପବିତ୍ର ସ୍ଥାନ ପ୍ରତିଷ୍ଠିତ କଲେ । ରାମ ଦାସଙ୍କ ପୁଅ ଅର୍ଜୁନ (୫ମ ଗୁରୁ)(ଖ୍ରୀ୧୫୮୧--୧୬୦୬) 'ଗ୍ରନ୍ଥ ସାହେବ'କୁ ସଙ୍କଳନ କଲେ ଏବଂ ଗୁରୁଙ୍କ ପୁତ୍ର ପୌତ୍ରାଦିକ୍ରମେ ଗୁରୁ ହେବେ ବୋଲି ବିଧାନ କଲେ । ସେ ଅମୃତସହରରେ ହରିମନ୍ଦିର ବା ଦରବାର ସାହେବ ନାମକ ଗୋଟିଏ ସ୍ୱର୍ଣ୍ଣମଣ୍ଡିତ ମନ୍ଦିର ନିର୍ମାଣ କଲେ । ଏହାଙ୍କ ପରେ ୬ଷ୍ଠ ଗୁରୁ ହରଗୋବିନ୍ଦ (ଖ୍ରୀ୧୬୦୬--୧୬୪୫)ଙ୍କ ଅମଳରେ ଶିଖମାନଙ୍କ ମଧ୍ୟରେ ଅଡ଼ମ୍ବର ଓ ଯୁଦ୍ଧ ପ୍ରିୟତା ପଶିଲା । ମୋଗଲ ସମ୍ରାଟ ଜାହାଙ୍ଗୀର ତାଙ୍କୁ ଗୋଆଲିଅର ଦୁର୍ଗରେ ବନ୍ଦୀ କଲେ । ତାଙ୍କ ପରେ ୭ମ ଗୁରୁ ହର ରାଏ, ୮ମ ହରକିଷନ ଓ ୯ମ ଗୁରୁ ତେଗବାହାଦୁର ଗୁରୁ ହେଲେ । ତେଗବାହାଦୁରଙ୍କୁ ଅରଙ୍ଗଜେବ୍ ଖ୍ରୀ ୧୬୭୫ ରେ ହତ୍ୟା କଲେ । ତାଙ୍କ ପୁତ୍ର ୧୦ମ ଗୁରୁ ଗୋବିନ୍ଦ ସିଂହ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବାପାଇଁ ଶିଖମାନଙ୍କୁ ଅସ୍ତ୍ର ଶସ୍ତ୍ର ସଜ୍ଜିତ କରି ଖାଲସା (ଈଶ୍ୱରଙ୍କ ସମ୍ପତ୍ତି) ନାମ ଦେଇ ଶିଖ-ଦଳକୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଲେ । କୃପାଣରେ ମନ୍ଥିତ ହୋଇ-ଥିବା ଜଳ (ପାହୁଲ)କୁ ପିଇ ଲୋକେ ଶିଖ ଧର୍ମରେ ଦୀକ୍ଷିତ ହେବାର ବିଧି ହେଲା । ଶିଖଧର୍ମ ଗ୍ରହଣ କଲେ କୃତ୍ୟନାଶ, କୁଳନାଶ, ଧର୍ମନାଶ ଓ କର୍ମନାଶ ହେଲା ବୋଲି ବିବେଚିତ ହେଲା । ପ୍ରତ୍ୟେକ ଶିଖ 'କ' ଅକ୍ଷରାଦ୍ୟ ୫ଟି ବସ୍ତୁ ବ୍ୟବହାର କରନ୍ତି । ୧ । କେଶ (କେଶ ଓ ଶ୍ମଶ୍ରୁ ରକ୍ଷା) । ୨ । କଡ଼ା (ହାତରେ ଲୁହା ଖଡ଼ୁ ପିନ୍ଧିବା) । ୩। କୃପାଣ (ଦୁଇପାଖ ଧାରଥିବା ଖଣ୍ଡା ଧାରଣ) ଓ ୪। କଙ୍ଘେଇ (କେଶରେ ପାନିଆ

ହୋଇଥିବା) । ଏ ସମ୍ପ୍ରଦାୟ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ସ୍ଥାପନ କରିବାପାଇଁ ପ୍ରତିଷ୍ଠାତାଙ୍କଦ୍ୱାରା ଅଭିପ୍ରେତ ହୋଇଥିଲେହେଁ ଏହା ଘଟନାକ୍ରମେ ମୋଗଲସାମ୍ରାଜ୍ୟର ଘୋର ବିରୋଧୀ ଓ ଶତ୍ରୁ ହେଲା । ଗୁରୁଗୋବିନ୍ଦଙ୍କ ପରେ ମୋଗଲସାମ୍ରାଜ୍ୟର ପତନ ସଙ୍ଗେ ଶିଖମାନଙ୍କର ଅଭ୍ୟୁଦୟ ହେଲା ଓ ଶିଖମାନେ ଖଡ଼୍ଗଦ୍ୱାରା ମୋଗଲମାନଙ୍କୁ ପରାସ୍ତ କରି ଉତ୍ତର ପଶ୍ଚିମ ଭାରତ (ପଞ୍ଜାବ)ରେ ପ୍ରବଳ ଶିଖରାଜ୍ୟ ସ୍ଥାପନ କରିଥିଲେ । ଏମାନଙ୍କର ବିଖ୍ୟାତ ରାଜା ରଣଜିତ୍ ସିଂହ (ରାଜତ୍ୱ ଖ୍ରୀ. ୧୮୦୦—୧୮୩୯)ଙ୍କ ଅମଳରେ ଶିଖ ରାଜ୍ୟ ବିଶେଷ ଉନ୍ନତ କରିଥିଲା । ତତ୍ପରେ ଶିଖମାନଙ୍କ ସଙ୍ଗେ ଇଂରାଜଙ୍କର ପ୍ରଥମେ ଖ୍ରୀ ୧୮୪୫ରେ ତତ୍ପରେ ୧୮୪୮ ରେ ଯୁଦ୍ଧ ହୋଇଥିଲା । ଶିଖମାନେ ପରାଜିତ ହେଲେ ଓ ଇଂରାଜମାନେ କେତେସ୍ଥାନେ ଶିଖ ରାଜ୍ୟ ହସ୍ତଗତ କରି ପଞ୍ଜାବ ପ୍ରଦେଶକୁ ଇଂରାଜଶାସନଭୁକ୍ତ କଲେ । ଶିଖମାନେ ଇଂରାଜଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରି ଇଂରାଜମାନଙ୍କ ଅଧୀନତାରେ ପଲ୍ଟଣ ହେଲେ । ଭାରତୀୟ ସୈନ୍ୟମାନଙ୍କ ମଧ୍ୟରେ ସେମାନେ ଶ୍ରେଷ୍ଠ ବୀର ଓ ଇଂରାଜଭକ୍ତ ସେବା ଅଟନ୍ତି । ରଣଜିତ୍ ସିଂହଙ୍କ ବଂଶଧରମାନେ ଇଂରାଜ ସରକାରଙ୍କଠାରୁ ବୃତ୍ତି ପାଆନ୍ତି । ବର୍ତ୍ତମାନ ମଧ୍ୟ ପଞ୍ଜାବରେ ନାଭା, ପାଟିଆଲା ଆଦି ରାଜ୍ୟରେ ଶିଖ୍ ରାଜାମାନଙ୍କ ବଂଶଧରମାନେ ଭାରତସମ୍ରାଟଙ୍କ ମିତ୍ରରାଜାରୂପେ ରାଜତ୍ୱ କରୁଅଛନ୍ତି । ଶିଖ୍ ସୈନ୍ୟମାନେ ବିଗତ ଇଉରୋପୀୟ ମହାଯୁଦ୍ଧରେ ଇଉରୋପର ରଣକ୍ଷେତ୍ରରେ ଅସୀମ ସାହସ ସହକାରେ ଇଂରାଜମାନଙ୍କ ପକ୍ଷରେ ଯୁଦ୍ଧ କରି ସର୍ବଜନଙ୍କୁ ଚମତ୍କୃତ କରି ଅଛନ୍ତି । ଏମାନଙ୍କର ଉପାସନା ମନ୍ଦିରକୁ ଗୁରୁଦ୍ୱାର ବୋଲାଯାଏ । ଅମୃତସହରରେ ଏମାନଙ୍କର ଗୁରୁଦ୍ୱାର ମନ୍ଦିର ସ୍ୱର୍ଣ୍ଣମଣ୍ଡିତ । ଏବେ ଗୁରୁଦ୍ୱାରରେ ଉପାସନା କରିବା ସମ୍ବନ୍ଧେ କେତେକ ବାଧା ଆଇନ୍ ହେବାରୁ ସେମାନେ ଧର୍ମ ସାଧନ ସମ୍ବନ୍ଧେ ନିଜର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବା ପାଇଁ ଅମ୍ଳାନ ବଦନରେ ସମସ୍ତ କ୍ଳେଶ, ଦଣ୍ଡ ଓ କାରାବାସ ସହ୍ୟକରି ସଭ୍ୟ ଜଗତକୁ ସ୍ତମ୍ଭିତ କରି ଅଛନ୍ତି ଓ ଅବଶେଷରେ ଇଂରାଜ ଗଭର୍ଣ୍ଣମେଣ୍ଟ ଆଇନ୍ ପ୍ରଣୟନ କରି ଶିଖମାନଙ୍କୁ ଧର୍ମସାଧନ ସମ୍ବନ୍ଧେ ପୂର୍ଣ୍ଣ ସ୍ୱାଧୀନତା ଦେଇ ଅଛନ୍ତି । ଶିଖ ସମ୍ରାଟ ରଣଜିତ୍ ସିଂହଙ୍କ ନାତି ବାଲ୍ୟରେ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ପୃଥିବୀରେ ଅଦ୍ୱିତୀୟ କ୍ରିକେଟ୍ ଖେଳାଳୀ ରୂପେ ପରିଚିତ ହୋଇଥିଲେ । ନାନକ ଶବ୍ଦ ଟୀକା (ଦେଖ) ପାଠ୍ୟପୁସ୍ତକ ଭାରତ ଇତିହାସରୁ ସଂଗୃହୀତ ।]

ଶିଖ୍(ଖ) ଗୁରୁ—ଦେ. ବି—ଶିଖ ସମ୍ପ୍ରଦାୟର ଧର୍ମଗୁରୁ—The successive religious heads of the Sikhs.
Sikh(kha) guru
শিখগুরু सिखगुरू
[ଦ୍ର—ନାନକଙ୍କୁ ମିଶାଇ ସଂଖ୍ୟାରେ ସେମାନେ ଦଶ ଜଣ, ଯଥା,—ନାନକ, ଅଙ୍ଗଦ, ଅମରଦାସ, ରାମଦାସ, ଅର୍ଜୁନ, ହରଗୋବିନ୍ଦ, ହରରାୟ, ହରକିଶନ୍; ତେଗବାହାଦୁର, ଗୁରୁଗୋବିନ୍ଦ) (ବିଶ୍ୱକୋଷ)

ଶିଖ୍(ଧାତୁ)—ସଂ.—ଯିବା—(ବିଶ୍ୱକୋଷ—)
Ś kh (root) To go.

ଶିଖ୍(ଖ)ସମର (ଯୁଦ୍ଧ)—ଦେ. ବି—ଶିଖମାନଙ୍କ ସଙ୍ଗେ ଇଂରାଜଙ୍କର ୧୮୪୫ ଓ ୧୮୪୮ ସାଲରେ ଘଟିଥିବା ଯୁଦ୍ଧ (ଶିଖ ଶବ୍ଦ ନୋଟ ଦେଖ)—The wars of the British with the Sikhs in 1845 and 1848 A. D in India.
Śikh(kha) samara(juddha)

ଶିଖ—ଦେ. ବି—(ସଂ. ଶିଖର)—୧ । ଶିଖର; ଅଗ୍ରଭାଗ—1. Head top. ୨ । ଗିରି ଶିଖର; ପର୍ବତର ଅଗ୍ରଭାଗ—2. The top or summit of a mountain. ୩ । ଉଚ୍ଚତା—3. Height. (ଯଥା—ଏ ଗଛଟି ଶିଖରେ ବଢ଼ି ଯାଉଅଛି ।)—୪। ଶିଖ୍ (ଦେଖ)—4. Sikh (See) ବିଣ—୧ । ଶ୍ରେଷ୍ଠ, ପ୍ରଧାନ—1. Chief. (ଉ—ସଞ୍ଜୟ କହିଲେ ହେ ନୃପକୁଳ ଶିଖ । କୃଷ୍ଣସିଂହ. ମହାଭାରତ. ବନ ।) ୨ । ଉଚ୍ଚ—2. High. ସଂ. ବିଣ ପୁଂ—(ସମାସରେ ଶିଖା ଶବ୍ଦ ଅନ୍ୟ ସଙ୍ଗେ ଯୁକ୍ତ ହୋଇ ଅକାରାନ୍ତ 'ଶିଖ' ହୁଏ ।)—ଶିଖାଯୁକ୍ତ (ଯଥା—ନୂତନଶିଖ, ପଞ୍ଚଶିଖ, ଦ୍ୱିଶିଖ)—(In compound words) Having Śikhā.
Śikha
শিখর शाखा
লংবা शिखा
শিখ सिख
শিখর शिखर

ଶିଖକ—ସଂ. ବି—ଲେଖକ; ମୋହୋରର (ହି. ଶ)—
Śikhaka Writer; scribe.

ଶିଖଣ୍ଡ—ସଂ. ବି (ଶିଖିନ୍=ମୟୂର+ଅମ ଧାତୁ=ଗମନ କରିବା+କର୍ତ୍ତୃ ଅ) ୧ । ମୟୂର ପୁଚ୍ଛ—1. The tail of a peacock. ୨ । ଶ୍ରୀକୃଷ୍ଣଙ୍କ ମୁକୁଟରେ ଶୋଭୁଥିବା ଖଞ୍ଜା ଯାଇଥିବା ମୟୂର ଚନ୍ଦ୍ରିକା—2. Tail of a peacock attached to the crown of Śrikṛushṇa. ୩ । କାକପକ୍ଷ; ଜୁଲ୍‌ଫି; ବଳୁଚବାଳ—3. Locks of short flowing hair left above the cheeks. ୪ । ଶିଖା; ଚୁଳା; ମସ୍ତକର ଏକ ଦେଶରେ ରକ୍ଷିତ ଲମ୍ବ କେଶ ଗୁଚ୍ଛ—4. Pigtail or a long tuft of hair left on a part of the head.
Śikhaṇḍa
(ଶେଖଣ୍ଡକ—ଅନ୍ୟରୂପ)

ଶିଖଣ୍ଡିକ—ସଂ. ବି. (ଶିଖଣ୍ଡ+ଇକ)—୧ । କୁକ୍କୁଟ; କୁକୁଡ଼ା—1. A cock. ୨ । ଶିଖା; ଚୁଳା—2. Tuft of hair left on the crown after the tonsure ceremony of a Hindu boy. ୩ । ଶିଖଣ୍ଡ (ଦେଖ)—3. Śikhaṇḍa (See) ୪ । ଏକ ପ୍ରକାର ରତ୍ନ (ହି. ଶ) 4. A kind of gem.
Śikhaṇḍika

ଶିଖଣ୍ଡିକା—ସଂ.ବି ସ୍ତ୍ରୀ—୧ । କୁକ୍କୁଟୀ—1. A hen. ୨ । ଶିଖା—2. Pigtail.
Śikhaṇḍikā

ଶିଖଣ୍ଡିନୀ—ସଂ. ବିଣ, ସ୍ତ୍ରୀ—ଶିଖା ଧାରଣୀ—Having a pigtail on the head. ବି.—୧ । ଦ୍ରୁପଦ ରାଜାଙ୍କର ପୁରୁଷ ବେଶଧାରୀ କନ୍ୟା ଶିଖଣ୍ଡୀ—1. The daughter of
Śikhaṇḍinī

king Drupada attired like a male. ୨ । ମୟୂରୀ—2. Pea-hen. ୩ । କୁକ୍କୁଟୀ—3. Hen. ୪ । ମଲ୍ଲିକା ବିଶେଷ—4. A species of jasmine. ୫ । ଯୂଥିକା (ବୃ. ଶ)—5. Jasminum Auriculatum ୬ । ଗୁଞ୍ଜା (ବୃ. ଶ)—6 Abrus Pracatorius. ୭ କାଶ୍ୟପ ମୁନିଙ୍କ ଦୁଇ ଜଣ ଅପ୍ସରା (ସେ ଋଗ୍‌ବେଦର ଏକ ମନ୍ତ୍ରର ଦ୍ରଷ୍ଟ୍ରୀ ଥିଲେ (ବୃ. ଶ)—7 Names of two daughters of sage Kāsyapa.

ଶିଖଣ୍ଡୀ—ସଂ. ବିଣ. ପୁଂ (ଶିଖଣ୍ଡ+ଅସ୍ତି ଯାହାର ଅର୍ଥରେ ଇନ୍ ୧ମା. ୧ବ)—୧ । ଶିଖାଯୁକ୍ତ—1. Having a
Śikhaṇḍī
(ଶିଖଣ୍ଡିନୀ—ସ୍ତ୍ରୀ) tuft of hair left on the temple.
ବି—୧ । ବିଷ୍ଣୁ—1 Bishṇu. ୨ । ଗୁଞ୍ଜା; କାଇଁଚ—2. A creeper and its black-tipped red seed; Abrus Precatorius. ୩ । ମୟୂର—3. Peacock. ୪ । ଖଣ୍ଡିଅ; ସ୍ତ୍ରୀମାନେ ଶାଢ଼ୀ ଉପରେ ପକାଉଥିବା ପାଟର ଉପବସ୍ତ୍ର—4. A silken sheet put on the wearing cloth of females. ୫ । କୁକ୍କୁଟ—5. Cock. ୬ । ଶର; ବାଣ—6. Arrow; dart. ୭ । ସ୍ୱର୍ଣ୍ଣଯୂଥିକା; ହଳଦିଆ ଯଈ— 7. The yellow single-petalled Jasminum Auriculatum ୮ । ମୟୂର ପୁଚ୍ଛ (ବୃ. ଶ)—8. Peacock tail. ୯ । ଶିବ [ବୃ. ଶ]—9. Śiba. ୧୦ । ଶିଖା (ବୃ. ଶ)—10 Pigtail. ୧୧ । ଦ୍ରୁପଦ ରାଜାଙ୍କ ପୁତ୍ର—11. Name of the son of king Drupada. [ଦ୍ର—ଏ ପୂର୍ବ ଜନ୍ମରେ କାଶୀରାଜଙ୍କ ଦୁହିତା 'ଅମ୍ବା' ଥିଲେ । ଏହାଙ୍କୁ ଭୀଷ୍ମ ହରଣ କରି ବିବାହ ନ କରିବାରୁ ଏ ପରଜନ୍ମରେ ଭୀଷ୍ମଙ୍କର ମରଣର କାରଣ ହେବା ପାଇଁ ସଙ୍କଳ୍ପ କରି କ୍ଳୀବ ରୂପେ ଜନ୍ମି ଥିଲେ । ଏ ପ୍ରକାଶ୍ୟ ଭାବରେ ପୁରୁଷ ବେଶଧାରୀ ଥିଲେ ଓ ଦଶାର୍ଣ୍ଣ ଦେଶର ରାଜକୁମାରୀଙ୍କ ସଙ୍ଗେ ବିବାହିତ ହୋଇଥିଲେ । ରାଜକୁମାରୀଙ୍କ ପିତା ଏହାଙ୍କର କ୍ଳୀବତ୍ୱ ଜାଣି ପାରି ଏହାଙ୍କ ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରିବାରୁ ଏ ପଳାଇ ଯାଇ ଅରଣ୍ୟରେ ଅଶ୍ରୟ ନେଲେ । ସେଠାରେ ସ୍ଥୂଳକର୍ଣ୍ଣ ନାମକ ଜଣେ ଯକ୍ଷ ଏହାଙ୍କ ଠାରେ ଦୟା ବହି ଏହାଙ୍କ କ୍ଳୀବତ୍ୱକୁ ଗ୍ରହଣ କରି ନିଜର ପୁରୁଷତ୍ୱ ଏହାଙ୍କୁ ଅର୍ପଣ କରିବାରୁ ଏ ନିଜ ରାଜ୍ୟକୁ ଫେରି ଆସି ପୁରୁଷରୂପେ ସଂସାର ଧର୍ମ ପାଳନ କଲେ । ଏ ଦ୍ରୋଣଙ୍କ ଠାରୁ ଧନୁର୍ବେଦ ଶିକ୍ଷା କରିଥିଲେ । କୁରୁକ୍ଷେତ୍ରରେ ଏ ପାଣ୍ଡବ ପକ୍ଷୀୟ ଥିଲେ । ଏ ନପୁଂସକ ବୋଲି ଭୀଷ୍ମ ଏହାଙ୍କ ଉପରେ ଶର ନିକ୍ଷେପ କରିବାକୁ କୁଣ୍ଠିତ ହେଉଥିଲେ । ଏଥିପାଇଁ ଯୁଦ୍ଧର ଦଶମ ଦିନ ଅର୍ଜୁନ ଏହାଙ୍କୁ ଅଗ୍ରଭାଗ ଅଗ୍ରରେ ରଖି ଭୀଷ୍ମଙ୍କ ସଙ୍ଗେ ଯୁଦ୍ଧ କଲେ ଓ ଭୀଷ୍ମ ଶିଖଣ୍ଡୀଙ୍କୁ ଦେଖି ଅର୍ଜୁନଙ୍କ ଅଡ଼କୁ ଶର ମାରିଲେ ନାହିଁ ଓ ଅର୍ଜୁନ ଏହି ସୁଯୋଗ ଦେଖି ଭୀଷ୍ମଙ୍କୁ ନିହତ କଲେ । ଯୁଦ୍ଧ ଶେଷରେ ଅଶ୍ୱତ୍ଥାମାଙ୍କ କର୍ତ୍ତୃକ ନୈଶ ହତ୍ୟା କାଣ୍ଡରେ ଏ ହତ ହେଲେ ।] ୧୨। (ନାମ)ରାମଚନ୍ଦ୍ରଙ୍କ କପିସେନାର ଏକ ମାକଡ଼ (ବୃ.ଶ)—12. Name of a monkey of Rāmachandra's monkey-army. ୧୩ । ବୃହସ୍ପତି (ବୃ. ଶ.)—
13. Bṛuhaspati.

ଶିଖର—ସଂ. ବି (ଶିଖା—ଚୂଡ଼ା+ଅସ୍ତି ଅର୍ଥରେ ର)—୧ । ପର୍ବତ ଶୃଙ୍ଗ—1. Mountain summit. ୨ । ବୃକ୍ଷାଗ୍ର
Śikhara
—2. Tree-top. ୩ । ଖଡ୍ଗର ଅଗ ବା ମୁନ—3. The point of a sword. ୪ । ଅଗ୍ରଭାଗ—4. Top. ୫ । ପକ୍ୱ ଡାଳିମ୍ବ ମଞ୍ଜି ସଦୃଶ ବର୍ଣ୍ଣ ବିଶିଷ୍ଟ ରତ୍ନ ବିଶେଷ—5. A species of garnet of the colour of ripe pomegranate seeds. ୬ । ରୋମାଞ୍ଚ; ପୁଲକ—6. Horripilation; the standing of the hairs of the body on their ends. ୭। କକ୍ଷ; କୋଠରି—7. A room; compartment. ୮। ଶୁଷ୍କତୃଣ—8. Hay; dry grass. ୯ । ମନ୍ଦିରର ଗୋଲଆ ଚୂଡ଼ା (ବୃ. ଶ)—9. The spire of a temple. ୧୦ । ଗୁମ୍ବଜ (ବୃ. ଶ)—10. Dome. ୧୧ । ଅସ୍ତ୍ର ବିଶେଷ (ବୃ. ଶ)—11. A kind of weapon. ୧୨ । କୁନ୍ଦକଳିକା (ବୃ. ଶ)—12. Bud of Kunda flower. ୧୩ । ଲବଙ୍ଗ (ବୃ. ଶ)—13. Clove. ୧୪ । କାଖ (ବୃ. ଶ)—14. Flank. ୧୫ । ତାନ୍ତ୍ରିକ ମୁଦ୍ରା ବିଶେଷ (ବୃ. ଶ)—15. A pose of the fingers. ସଂ. ବିଣ—ଶ୍ରେଷ୍ଠ—Chief. [ଦ୍ର—ସନ୍ଧ୍ୟାକୁ ଆସି ପୁଣି ସେ ନୃପଶେଖର—କୃଷ୍ଣସିଂହ. ମହାଭାରତ. ବନ ।] ଦେ. ବି. ପୁଂ—ଚନ୍ଦ୍ରଶେଖରଙ୍କ
ଚନ୍ଦ୍ରଶେଖର ଡାକ ନାମ—Name for calling Chandra-śikhara.

ଶିଖର ଦାସ—ଦେ.ବି (ନାମ)—ନୀଳସୁନ୍ଦରଗୀତାର ପ୍ରଣେତା ଖ୍ରୀଷ୍ଟୀୟ ୧୭ଶ ଶତାବ୍ଦୀର ଜଣେକ ଓଡ଼ିଆ କବି—An
Śikhara dāsa
Oriya poet of the 17th century A. D. author of Nīḻasundaragitā.

ଶିଖରିଣୀ—ଦେ. ବି (ସଂ. ଶିଖରିଣୀ—ଶିଖରିଣୀ (୩) (ଦେଖ)—
Śikharaṇi Śikhariṇi (3) (See)
ଶିଖରନୀ ଶିଖରନୀ, ଶିଖରନ୍

ଶିଖର ଦଶନା—ସ. ବିଣ. ସ୍ତ୍ରୀ (ଶିଖର ପରି ଦଶନ ଯାହାର)—୧ । ପକ୍ୱ ଡାଳିମ୍ବ ମଞ୍ଜି ବା କୁନ୍ଦ କଳିକାବତ୍
Śikhara daśanā
ଦନ୍ତ ବିଶିଷ୍ଟା (ସ୍ତ୍ରୀ)—(A woman) Having the teeth as beautiful as garnets. ୨ । ସ୍ନିଗ୍ଧ ଭାବ ବିଶିଷ୍ଟ ଦନ୍ତଯୁକ୍ତା (ସ୍ତ୍ରୀ)—2. (A woman)

Having pointed teeth. [ଦ୍ର—ସାମୁଦ୍ରିକ ମତରେ ଯେଉଁ ସ୍ତ୍ରୀର ଦନ୍ତ ସୂକ୍ଷ୍ମାଗ୍ର ହୋଇଥାଏ ସେ ସ୍ୱାମି- (ଶିଖରଦଶନା—ସ୍ତ୍ରୀ) ସୌଭାଗ୍ୟବତୀ ହୁଏ— ପ୍ରକୃତିବାଦ)

ଶିଖର ପଟ୍ଟିକା—ଦେ. ବି—ଶାକର ପଟା (ଦେଖ)—
Sikhara paṭṭikā Sakara patā (See)

ଶିଖର ବାସୀ—ସଂ. ବିଣ. ପୁଂ (ଶିଖରବାସିନ ୧ମା ୧ବ)—ଯେ
Sikhara bāsi ଶିଖରରେ ବାସ କରେ—Living on the (ଶିଖରବାସିନୀ—ସ୍ତ୍ରୀ) summit of a mountain or on the top of a tree ବି. ପୁଂ—ମହାଦେବ— Siba.

ଶିଖର ବାସିନୀ—ସଂ. ବି. ସ୍ତ୍ରୀ (ଶିଖର=କୈଳାସ ଶିଖରରେ ଯେ
Sikhara bāsini ବାସ କରନ୍ତି)—ପାର୍ବତୀ; ଦୁର୍ଗା—Goddess Durgā.

ଶିଖରା—ସଂ: ବି—୧ । ମୂର୍ବା (ଉ. ଶ)—1. Mūrbbā (see) ୨ ।
Sikharā ବିଶ୍ୱାମିତ୍ରଙ୍କଦ୍ୱାରା ରାମଚନ୍ଦ୍ରଙ୍କୁ ପ୍ରଦତ୍ତ ଗଦା । (ଉ. ଶ)— 2. Name of a club or mace given by Biswāmitra to Rāmachandra.

ଶିଖରାଦ୍ରି—ସଂ. ବି—ତ୍ରିକୂଟ; ତିନିଗୋଟି ଶୃଙ୍ଗଥିବା ପୌରାଣିକ ପର୍ବତ
Sikharādri ବିଶେଷ—Name of a mythological mountain with three peaks.

ଶିଖରିଣୀ— ସଂ. ବିଣ. ସ୍ତ୍ରୀ (ଶିଖର+ଇନ+ସ୍ତ୍ରୀ. ଈ)—ଶିଖରଯୁକ୍ତ—
Sikhariṇi (female) Having a top. ବି—୧ । ଉତ୍ତମା ସ୍ତ୍ରୀ— 1. An excellent woman. ୨ । ମଲ୍ଲିକା ଫୁଲ— 2. Jasmine flower. ୩ । ରସାଳା; ଦୁଗ୍ଧଶର୍କରା ଓ ଦଧିମିଶ୍ରିତ ଘନ ମିଷ୍ଟାନ୍ନ ପାନୀୟ ବିଶେଷ—3. A sweet thick drink made of creams and sugar. [ଦ୍ର—ଭାବପ୍ରକାଶ ମତରେ ଭଲ ଚକ୍କଟ ମାହିଷ ଦଧି ୧୬ ସେର, ପରିଷ୍କୃତ ଚିନି ୮ ସେର ଏକତ୍ର ମିଶାଇ ପରିଷ୍କୃତ ବସ୍ତ୍ରରେ ଛାଣିବ। ତହିଁରେ ୩୨ ସେର ଦୁଧ ମିଶାଇ ତହିଁ- ରେ ଗୋଟିଏ ମୃତ୍ପାତ୍ର ରଖି କର୍ପୂରାଦି ସୁଗନ୍ଧ ଦ୍ରବ୍ୟଦ୍ୱାରା ଏହାକୁ ସୁବାସିତ କରାଇବ । ତତ୍ପରେ ଏଥିସଙ୍ଗେ ଅଳାଇଚ ଲବଙ୍ଗ, କର୍ପୂର, ମରିଚ ଚୂନା ମିଶାଇବ । ଏହା କ୍ଲାନ୍ତି ନିବାରକ, ବଳକର, ଶୁକ୍ର ବର୍ଦ୍ଧକ, ବାୟୁ ଓ ପିତ୍ତ ନାଶକ; ଅଗ୍ନିପ୍ରଦୀପକ, ଶରୀରର ରୁଚିପ୍ରଦ ଦାୟକ, ସ୍ନିଗ୍ଧ, ଶୀତଳ, ସାରକ ଓ ରକ୍ତପିତ୍ତ,ପିପାସା, ଦାହ, ପ୍ରତିଶ୍ୟାୟ ନାଶକ । କେବଳ ବସନ୍ତଋତୁରେ ଅନ୍ୟ ଋତୁରେ ଏହା ସେବ୍ୟ । ଏହାର ନାମ ରସାଳା । ସୁଶ୍ରୁତ କହନ୍ତିରେ ଅଛି ଯେ, ଦଧି ୩୨ ପଳ, ଖଣ୍ଡ ୮ ପଳ, ମରିଚଚୂର୍ଣ୍ଣ, ଶୁଣ୍ଠରକ ଓ ଏଳାଚୂର୍ଣ୍ଣ ୮ ପଳ, ମଧୁ ୪ ପଳ, ଘୃତ ୪ ପଳ, ଗୋଟିଏ ଭାଣ୍ଡରେ ରଖି ଛମବାର କଲେ ଏହା ଶିଖରିଣୀ ହୁଏ ଶବ୍ଦକୋଷ ।] ୪ । ରୋମାବଳୀ—4. A row of down growing on particular parts of the body. ୫ । ସପ୍ତଦଶାକ୍ଷର ଛନ୍ଦୋବିଶେଷ—(ଦ୍ର— ଏଥିର ୬ଷ୍ଠ ଓ ଶେଷ ଅକ୍ଷରରେ ଯତି; ଏଥିର ୨।୩।୪।୫। ୧୧।୧୩ ଓ ୧୬ ବର୍ଣ୍ଣଗୁରୁ; ଅନ୍ୟବର୍ଣ୍ଣମାନ ଲଘୁ,ଶବ୍ଦକୋଷ) । 5 Name of a Sanscrit metre of 17 syllables ୬ । ନବ ମଲ୍ଲିକା; କଥଳ ଫୁଲ (ଭୂ .ଶ) 6. Jasminum Arborescens (flower) ୭ । କିସମିସ୍ (ଭୂ. ଶ)—7. Raisin. ୮ । ମୂର୍ବା (ଭୂ. ଶ)- 8. Mūrbbā (See).

ଶିଖରୀ—ସଂ. ବିଣ. ପୁଂ (ଶିଖର+ଇନ୍; ୧ମା. ୧ବ)—ଶିଖରଯୁକ୍ତ—
Sikhari Having a point, head or summit. (ଶିଖରଣୀ—ବିଣ. ସ୍ତ୍ରୀ) ବି—୧ । ପର୍ବତ—1. Mountain. ୨ । ତରୁ; ବୃକ୍ଷ—2. Tree. ୩ । ଅପାମାର୍ଗ—3. A herb; Achyranthes Aspera. ୪ । କୋଟ; ଦୁର୍ଗ—4. Fort; fotress. ୫ । ଟିଟ୍ଟିଭ ପକ୍ଷୀ— 5. A kind of bird; the tatler bird; Totanus Flavipes. ୬ । ମଉଳ— 6. Mistletoe; a parasitic plant. ୭ । କୁନ୍ଦୁରୁ—7. Frankincense. ୮ । ଯାବ- ନାଳ; ମକାଇ; ବାଜରା—8. Indian maize. ୯ । ପାର୍ବତ୍ୟ ଦୁର୍ଗ—9. A hill-fort. ୧୦ । ଲୋବାନ (ଭୂ.)—10. Olibanum. ୧୧ । କର୍କଟଶୃଙ୍ଗୀ (ଭୂ. ଶ)—11. Rhus Succedanea. (herb). ୧୨ । ମୃଗ ବିଶେଷ (ଭୂ. ଶ)—12. A kind of deer.

ଶିଖରେ ବଢ଼ିବା—ଦେ. କ୍ରି—ଦୈର୍ଘ୍ୟ ବା ଉଚ୍ଚତା ଦିଗରେ ବୃଦ୍ଧି
Sikhare bardhibā ପାଇବା—To grow in tallness लम्बाइबाड़ा बुद्धगहोना or height.

ଶିଖଲୋହିତ—ସଂ. ବି (ଶବ୍ଦଚନ୍ଦ୍ରିକା)—ପୋକଶୁଂଘା ଗଛ—
Sikhalohita Blumea Odorata. (plant)

ଶିଖା—ସଂ. ବି (ଶୀ ଧାତୁ=ଶୟନ କରିବା+ସଂଜ୍ଞାର୍ଥେ ଖ+ଆ)—
Sikhā ୧ । ଚୂଡ଼ା; ଅଗ୍ରଭାଗ—1. Top. ୨ । ପର୍ବତର ଶିଖର—2. Summit or crest of mountain. ୩ । କିରୀଟ; ମୁକୁଟ—3. Crown; headdress; crest. ୪ । ଶିର; ମୌଳି—4. Head. ୫ । କ୍ରମଶଃ ସରୁ ହୋଇଯାଇଥିବା ଅଗ୍ରଭାଗ; ମୂନ—5. Tapering top; sharp point. ୬ । ମସ୍ତକର ଅଂଶ- ବିଶେଷରେ ବଢ଼ାଯାଇଥିବା ଲମ୍ବ କେଶଗୁଚ୍ଛ; ଚୁଟି— 6. Tuft of long hair left on the head; pigtail; lock of hair on the head. [ଦ୍ର— ଶାସ୍ତ୍ରରେ ଅଛି ଯେ, ହିନ୍ଦୁମାନେ ଶିଖା ଧାରଣ କରିବେ । ପୂଜା, ଜପ କରିବା ସମୟରେ ଗାୟତ୍ରୀ ପାଠପୂର୍ବକ ଶିଖା ବନ୍ଧନ (ବାଳରେ ଗଣ୍ଠି ପକାଇବା) କର୍ତ୍ତବ୍ୟ । ମୁକ୍ତଶିଖ ବ୍ୟକ୍ତିର ଅଶୌଚ ପୂଜା ଅଶୁଦ୍ଧ । (ଶବ୍ଦକୋଷ) ।] ୭ । ଜଳୁଥିବା ଜନିଅର ଶୀର୍ଷ —7. The flame of a burning fire; the spire of a flame. ୮ । ଅର୍ଚ୍ଚି; ଜ୍ୱାଳା— 8. Lustre. ୯ । ଶାଖା—9. Bough; branch. ୧୦ । ମୟୂର ପକ୍ଷୀର ଶାଖା—10. The prong

of a pointed weapon. ୧୧ । କାମଜ୍ୱର—11. Amorous fever; morbid excitement due to lust. ୧୨ । ତୁଳସୀ—12. Holy Basil. ୧୩ । ଲାଙ୍ଗଳୀଲତା—13. A kind of creeper; Gloriosa Surperba. ୧୪ । ମୟୂର, କୁକ୍କୁଡ଼ା ଆଦି ପକ୍ଷୀଙ୍କ ମୁଣ୍ଡ ଉପରେ ଉଠିଥିବା ପକ୍ଷଗୁଚ୍ଛ ବା ଝୁଣ୍ଟି—14. Tuft of feathers on the heads of peacock and other birds. ୧୫ । ପ୍ରକାଶ; କିରଣ (ବ୍ର. ଶ)—15. Ray of light. ୧୬ । ବସ୍ତ୍ରର ଅଞ୍ଚଳ ବା କାନି (ବ୍ର. ଶ)—16. The end of the cloth. ୧୭ । ଗୋଡ଼ ଅଙ୍ଗୁଳିର ଅଗ୍ରଭାଗ (ବ୍ର. ଶ)—17. Tip of a finger of the foot. ୧୮ । ସ୍ତନର ଅଗ୍ରଭାଗ ବା ଚୂଚୁକ (ବ୍ର. ଶ)—18. Nipple. ୧୯ । ଚେର ଚେର (ବ୍ର. ଶ)—19. Root. ୨୦ । ଅଗ୍ରଣୀ; ନାୟକ (ବ୍ର. ଶ)—20. Leader. ୨୧ । ଶ୍ରେଷ୍ଠ ବ୍ୟକ୍ତି (ବ୍ର. ଶ)—21. Headman; chief person. ୨୨ । ମୂର୍ବା (ବ୍ର.ଶ)—22. Transveria Zeylanica (plant). ୨୩ । ଜଟାମାଂସୀ (ବ୍ର.ଶ)—23. Indian spikenard. ୨୪ । ବଚ (ବ୍ର. ଶ)—24. Orris root. ୨୫ । ଏକ ବର୍ଣ୍ଣବୃତ୍ତ (ବ୍ର. ଶ)—25. Name of a metre. [ବୃ—ଏ ର ବିଷମ ପାଦମାନଙ୍କରେ ୨୮ ଲଘୁମାତ୍ରା ଓ ଅନ୍ତରେ ଏକ ଗୁରୁ ବର୍ଣ୍ଣ ଥାଏ; ସମ ପାଦରେ ୩୦ ଲଘୁ ମାତ୍ରା ଓ ଅନ୍ତରେ ଏକ ଗୁରୁ ମାତ୍ରା ଥାଏ—ବୃ.ଶ] । ସଂ. ବିଣ. ସ୍ତ୍ରୀ (ପୁଂ ଶିଖ;ଅନ୍ୟ ଶବ୍ଦ ସଙ୍ଗେ ସମାସବଦ୍ଧ ଯୁକ୍ତ ହୋଇ ବ୍ୟବହୃତ) ଶିଖାଯୁକ୍ତା—(in a compound) Tufted (feminine).

ଶିଖାଇ ଦେଲ(ବା) ବୁଦ୍ଧି—ଦେ. ବି—ନିଜର ମସ୍ତିଷ୍କରୁ ଉଦ୍ଭାବିତ ନ ହୋଇ ଅନ୍ୟ ବ୍ୟକ୍ତିଠାରୁ ଉପଦେଶ
Sikhāi dela(bā) buddhi
ଶିଖିୟେଦେଓୟାବୁଦ୍ଧି ସିଖାଈହୁଈବୁଦ୍ଧି ଦ୍ୱାରା ପ୍ରାପ୍ତ ବୁଦ୍ଧି—Intelligence which is not one's own but derived from others; intelligence or plan of action due to tutoring by others. (ଉ—ଶିଖାଇଦେଲ ବୁଦ୍ଧି, ମାରି-ଅଣିଲ ଭଅଣ—ରଗ ।)

ଶିଖା(ଖେ)ଇବା—ଦେ. କ୍ରି (ସଂ ଶିକ୍ଷ ଧାତୁ ଣିଜନ୍ତରୂପ)—୧। କୌଣସି
Sikhā(khe)ibā ବ୍ୟକ୍ତିକୁ ଶିକ୍ଷାଦେବା; ପଢାଇବା—
ଶିଖାନ, শেখান सिखलाना 1. To teach. (ଉ—ଅଜ ଦେ ଶିଖାଇଲ ଭୂଷାକୁ ରେ—ଜଗନ୍ନାଥ, ସଙ୍ଗୀତ ।) ୨ । ଉପଦେଶ ଦେବା—2. To instruct; to advise. ୩ । ଉପାୟ ବତାଇବା—3. To teach a person the way to do a thing. ୪ । (ମନ୍ଦାର୍ଥେ) କୁଶିକ୍ଷାଦେବା; ମନ୍ଦବୁଦ୍ଧି ଦେବାଇବା—4. To instigste; to give bad advice. ୫ । ତାଲିମ ଦେବା—5. To train. ୬ । (ଶିଖାଇଦେବା—ଅନ୍ୟରୂପ) ପ୍ରବର୍ତ୍ତାଇବା—6. To induce.

ଶିଖା କନ୍ଦ(ମୂଳ)—ସଂ. ବି (ବହୁବ୍ରୀହି)—୧ । ସାଲଗମ (ବ୍ର. ଶ)—
Sikhā kanda(mūla) 1. Turnip. ୨ । ଗାଜର (ବ୍ର. ଶ)—2. Carrot.

ଶିଖା ଛାଡ଼ିବା(ରଖିବା)—ଦେ. କ୍ରି—ମସ୍ତକର ଅଂଶବିଶେଷରେ କେଶର
Sikhā chhārdibā(rakhibā) ଚୁଟି ରଖି କ୍ଷୌର ହେବା—
শিখাছাড়া शिखाछोडना To leave out a tuft of long hair at one part of the head after shaving.

ଶିଖାଣ—ଦେ. ବି (ସଂ. ଶିକ୍ଷ ଧାତୁ ଣିଜନ୍ତରୂପରୁ)—୧ । ପଢାଇବା—
Sikhāṇa 1. Tutoring. ୨ । ଅଧ୍ୟାପନା—
শিক্ষা शिक्षा सिखावट 2. Teaching. ୩ । ଉପଦେଶ—3. Instruction. ୪ । ଅନ୍ୟ ବ୍ୟକ୍ତିର ପ୍ରରୋଚନା—4. Instigation of another person. ୫ । ବିଦ୍ୟା ଶିକ୍ଷା—5. Education.

ଶିଖାଣିଆ—ଦେ. ବିଣ—୧ । ଯେ ଅନ୍ୟ ବ୍ୟକ୍ତିକୁ ମନ୍ଦ ପରାମର୍ଶ ଦିଏ—
Sikhāṇia 1. Instigating giving evil advice.
শিক্ষাদাতা सिखानेवाला ୨ । ଅନ୍ୟର ଉପଦେଶରୁ
সিখান सिखीहुई ପ୍ରସୂତ—2. Due to another's advice; learnt from another. (ଯଥା—ଶିଖାଣିଆ ବୁଦ୍ଧି ।) ଦେ. ବି—ମନ୍ଦ ଉପଦେଶଦାତା—
বুদ্ধিদাতালোক सिखानेवाला Evil adviser.

ଶିଖା ତରୁ—ସଂ. ବି—ଦୀପବୃକ୍ଷ; ଦୀପରୁଖା (ବ୍ର. ଶ)
Sikhā taru Lampstand.

ଶିଖାଧ(ଧା)ର—ସଂ. ବି (ଶିଖା+ଧୃ ଧାତୁ+କର୍ତ୍ତୃ. ଅ)—
Sikhādha(dhā)ra ୧ । ମୟୂର (ବ୍ର. ଶ)— Peacock. (ଶିଖାଧାରକ—ଅନ୍ୟ ବି. ରୂପ) ୨ । ମଞ୍ଜୁଘୋଷ (ବୁଦ୍ଧଦେବ)—(ଶିଖାଧରୀ—ବିଣ. ସ୍ତ୍ରୀ) 2. Manjughosha. ସଂ. ବିଣ. ପୁଂ—ଯାହାର ଶିଖା ଅଛି—Having a tuft; tufted.

ଶିଖା ଧାରଣ—ସଂ. ବି (୬ଷ୍ଠୀ ତତ୍)—ମୁଣ୍ଡରେ ଚୁଟି ରଖିବା—
Sikhā dhāraṇa Growing a long tuft on the head.

ଶିଖା ପାଶ—ସଂ. ବି (ଶିଖା+ବହୁତ୍ୱାର୍ଥେ ପାଶ ପ୍ରତ୍ୟ. କେଶପାଶ)—
Sikhā pāsa ଚୁଟି—A fine tuft of hair on the head; pigtail.

ଶିଖାପିତ୍ତ—ସଂ. ବି—ହାତର ଓ ଗୋଡ଼ର ଫୁଲା ଓ ଜଳାପୋଡ଼ା ରୋଗ
Sikhāpitta (ବ୍ର. ଶ)—A disease accompanied by swelling and burning sensation of the foot and hand.

ଶିଖାବତୀ—ସଂ ବିଣ. ସ୍ତ୍ରୀ—'ଶିଖାବାନ୍'ର ସ୍ତ୍ରୀଲିଙ୍ଗ—Feminine of
Sikhābati Sikhāban. ସଂ ବି. ସ୍ତ୍ରୀ—ମୂର୍ବା—Sansveria Zeylanica.

ଶିଖାବନ୍ଧନ—ସଂ ବ (୬ଷ୍ଠୀ ତତ୍)—ଚୁଟରେ ଗଣ୍ଠିପକାଇବା ବା ଜଟ-
Sikhā bandhana ବାନ୍ଧିବା—Tying of the
(ଶିଖାବନ୍ଧ—ବଣ) tuft of hair of the head into a knot or chignon.

ଶିଖାବର—ସଂ ବ (ଶିଖା+ଅସ୍ତି ଅର୍ଥରେ ବର)—ପଣସବୃକ୍ଷ (ହ୍ଵ.ଶ)—
Sikhābara Jack fruit tree.

ଶିଖାବଳ—ସଂ ବ (ଶିଖା+ଅସ୍ତି ଅର୍ଥରେ ବଳ ଭୂଳନାଦର ବହୁବ୍ରୀହି)-
Sikhābala ୧ । ଶିଖୀ; ମୟୂର—1. Peacock
୨ । ପଣସବୃକ୍ଷ [ହ୍ଵ. ଶ]—2. Jack fruit tree

ଶିଖାବଳୀ—ସ.ବ—ମୟୂର ଶିଖା (ବଣ୍ଣକୋଷ)—Tuft of feathers
Sikhābalā on the head of a peacock.

ଶିଖାବାନ୍—ସଂ ବଣ ପୁଂ (ଶିଖା+ଅସ୍ତି ଅର୍ଥରେ ବତ୍; ଶିଖାବତ୍ ଶବ୍ଦ; ୧ମା. ୧ବ)—ଶିଖା ବଶିଷ୍ଟ—Having
Sikhābān
(ଶିଖାବତୀ—ସ୍ତ୍ରୀ) a tapering point or tuft ସଂ. ବ—
୧ । କେତୁଗ୍ରହ—1. The Dragon's tail or the Decending node ୨ । ଅଗ୍ନି—2. Fire. ୩ । ଚିତ୍ରକ ବୃକ୍ଷ; ଚିତା ଗଛ—3. The leadwort plant. ୪ । ମୟୂର (ହ୍ଵ. ଶ)—4. Peacock.

ଶିଖା ବୃକ୍ଷ—ସଂ ବ—ଦୀପରୁଖା; ଦୀପସ୍ତମ୍ଭ [ହ୍ଵ. ଶ]—
Sikhā bruksha Lampstand

ଶିଖା ବୃଦ୍ଧି—ସଂ ବ[ଶିଖା ପରି ବୃଦ୍ଧି ଯାହାର; ବହୁବ୍ରୀହି]—୧। ପ୍ରତ୍ୟହ
Sikhābruddhi ବଢ଼ୁଥିବା ସୁଦ; ଚକ୍ରବୃଦ୍ଧି ସୁଦ[ହ୍ଵ. ଶ]—
1. Compound interest; interest which goes on accumulating every day. ୨। (ହିନ୍ଦୁ ଧର୍ମ) କାଯ୍ଯିକାବୃଦ୍ଧି; ମୂଳଧନ କମ୍ତି ନ ହୋଇ ପ୍ରତ୍ୟହ ଯେଉଁ ସୁଧ ଲାଭ ହୁଏ (ବଣ୍ଣକୋଷ)—(Hindu Law) Interest which accrues daily without affecting the capital.

ଶିଖାଭରଣ—ସଂ. ବ (୬ଷ୍ଠୀ ତତ୍; ଶିଖା+ଅଭରଣ)—୧ । ମୁକୁଟ
Sikhābharaṇa (ହ୍ଵ. ଶ)—1. Crown; coronet.
(ଶିଖାମଣି—ଅନ୍ୟରୂପ) ୨ । ଶ୍ରେଷ୍ଠ ବ୍ୟକ୍ତି—2. Chief person.

ଶିଖା ମୁଣ୍ଡନ—ସ. ବ—(୬ଷ୍ଠୀ ତତ୍)—ମୁଣ୍ଡର ଲମ୍ବ କେଶକୁ ବାକିଶେଷ
Sikhā muṇḍana ନ ରଖିଅଉ ଦେବା—Shaving of the head without leaving a tuft or lock; complete tonsure.

ଶିଖା ମୁଣ୍ଡା(ଣ୍ଡେ)ଇବା—ଦେ.କ୍ରି (ସ.ଶିଖାମୁଣ୍ଡନ)—ଶିଖାମୁଣ୍ଡନ କରିବା-
Sikhā muṇḍā(ṇde)ibā To have the head shaven
शिखामुँड़ान शिखमुँड़ना without having a lock.
[ଦ୍ର—କେତେ ବ୍ରାହ୍ମଣଙ୍କ ଭିତରେ ଶିଖା ମୁଣ୍ଡାନ୍ତି, ବ୍ରାହ୍ମଣ ଅନ୍ୟ ଲୋକର ଶିଖା ମୁଣ୍ଡ ହୁଏ ।]

ଶିଖା ମୋଚନ—ସଂ ବ (୬ଷ୍ଠୀ ତତ୍)—ଶିଖାର ଗଣ୍ଠି ଫିଟାଇବା—
Sikhā mochana Untying of the knot or chignon of hair of the head.

ଶିଖାଳ—ସଂ. ବ (ଶିଖା+ଅସ୍ତି ଅର୍ଥରେ ଲ)—ମୟୂର (ବଣ୍ଣକୋଷ)—
Sikhāla Peacock.

ଶିଖାଳୁ—ସଂ.ବ—ମୟୂରର ଶିଖା (ବଣ୍ଣକୋଷ)—Tuft of feather
Sikhālu on the head of the peacock.

ଶିଖା ଶିଖି—ଦେ. ବ (ସଂ ଶିକ୍ଷା)—୧ । ନାନା ବିଦ୍ୟା ଶିଖାଇବା
Sikhā sikhi କର୍ମ—1. Teaching of many kinds of
शिखाशिखि सिखापढ़ा knowledge. ୨ । ବହୁବାର ଶିକ୍ଷା ଦେବା କର୍ମ—2. Teaching many a time. ୩ । କୁଯୁକ୍ତି—3. Backbiting. (ଦ୍ର—ଉପିବାଙ୍କ ଶିଖାମଣି ! କେତ ଶିଖାଶିଖି ଦାନ୍ତୁ ଶୁଣି—କବିସୂର୍ଯ୍ୟ-ସଂଗୀତ) ୪ । (ମନ୍ଦାର୍ଥ) ଅନ୍ୟକୁ କୁଶିକ୍ଷା ଦେବା—
4. (Bad sense) Tutoring a person; giving bad advice.

ଶିଖିକଣ୍ଠ—ସଂ ବ (୬ଷ୍ଠୀ ତତ୍)—୧ । (ଶିଖିନ୍+କଣ୍ଠ) ମୟୂର କଣ୍ଠ-
Sikhikaṇtha 1. The neck of the peacock. ୨। ଶିଖିର କଣ୍ଠର ବର୍ଣ୍ଣ ପରି ବର୍ଣ୍ଣ ଯାହାର; ବହୁବ୍ରୀହି)-ତୁତିଆ—Blue vitriol; sulphate of copper. ସଂ. ବଣ—ମୟୂରର କଣ୍ଠ ସଦୃଶ—Resembling the neck of the peacock.

ଶିଖିଗ୍ରୀବ—ସଂ ବଣ ପୁଂ—(ବହୁବ୍ରୀହି; ଶିଖିନ୍+ଗ୍ରୀବା)—ମୟୂର
Sikhigriba କଣ୍ଠ ସଦୃଶ—Resembling the neck of the peacock. ସଂ. ବ—୧ । ତୁତିଆ (ହ୍ଵ. ଶ)—
1. Blue vitriol. ୨ । ଏକ ପ୍ରକାର ନୀଳ ରତ୍ନ—
(ଶିଖିଗ୍ରୀବା—ବଣ. ସ୍ତ୍ରୀ) (ହ୍ଵ. ଶ)—2. A kind of sapphire.

ଶିଖିଧ୍ଵଜ—ସଂ. ବ—୧ । (ଶିଖିନ୍+ଧ୍ଵଜ=ଚିହ୍ନ; ବହୁବ୍ରୀହି)—
Sikhidhwaja ଦେବ ସେନାପତି କାର୍ତ୍ତିକେୟ—God Kārttikeya ୨ । (୬ଷ୍ଠୀ ତତ୍)—ଧୂମ; ଧୂଆଁ—2 Smoke ସ. ବଣ—ଯହିଁରେ ମୟୂରର ବା ଅଗ୍ନିର ଚିହ୍ନ ଅଛି—Bearing the symbol of fire or peacock.

ଶିଖିନୀ—ସ. ବ. ସ୍ତ୍ରୀ (ଶିଖିନ୍+ଈ)—୧ । ମାଈ ମୟୂର—1. Peahen.
Sikhini ୨ । ମାଈ କୁକୁଡ଼ା—2. Hen. ୩ । ମୟୂର-ଶିଖା ଗୁଳ୍ମ (ହ୍ଵ. ଶ)—3. Celosia Cristata (Apte).

ଶିଖିପୁଚ୍ଛ—ସ. ବ (୬ଷ୍ଠୀ ତତ୍)—ମୟୂରର ଲାଞ୍ଜ; ଚନ୍ଦ୍ରକଯୁକ୍ତ ଲାଞ୍ଜ—
Sikhipuchchha The tail of a peacock; the tail feather of a peacock.
ଶିଖି ଚନ୍ଦ୍ରକ } ଅନ୍ୟରୂପ
ଶିଖିବର୍ହ }

ଶିଖିପ୍ରିୟ—ସଂ. (୬ଷ୍ଠୀ ତତ୍)—ଜଙ୍ଗଲି ବରକୋଳି (ହ୍ଵ. ଶ)—
Sikhipriya The wild Jujube plant.

ଶିଖିବର୍ଦ୍ଧକ—ସ. ବ (ଏହା ଋତୁରେ ବର୍ଦ୍ଧିତ ଥିବାରୁ)—କୁଷ୍ମାଣ୍ଡ; ପାଣି-
Sikhibarddhaka କଖାରୁ—Pumpkin; Cucurbita Pepo; Benincasa Cerifera.

ଶିଖିବା—ଦେ. କି (ସ. ଶିକ୍ଷ ଧାତୁ)—୧ । କୌଣସି ବିଷୟରେ ଜ୍ଞାନ ଲାଭ କରିବା—1. To acquire knowledge
Sikhiba
शिखा सिखना in any matter ୨ । ଶିକ୍ଷା ପାଇବା—
[ଶିଖା(ଖେ)ଇବା—ଣିଜନ୍ତରୂପ] 2. To be educated.
[ଉ—ଶିଶୁଟି ପାରିବେ ସେ ମହା ଅସ୍ତ୍ରବିଦ୍ୟା କଳେ କଳଠାରୁ—ଚିନ୍ତାମଣି. ଚନ୍ଦ୍ରମାବତୀ ।]
୩ । ବିଦ୍ୟାଦି ଅଭ୍ୟାସ କରିବା—3. To learn; to master. ୪ । ତାଲିମ ହେବା—4. To be trained.
୫ । ଅଭିଜ୍ଞତା ଲାଭ କରିବା—5. To gain experience. ୬ । କୌଣସି ବିଷୟ ଅଭ୍ୟାସ କରିବା—6. To practise a thing.

ଶିଖିବାହନ—ସ. ବି. ପୁଂ (ବହୁବ୍ରୀହି)—କାର୍ତ୍ତିକେୟ—
Sikhibāhana Kārttikeya.
(ଶିଖିବାହନା—ସ୍ତ୍ରୀ) ସ. ବିଣ. ପୁଂ—ମୟୂରବାହନ—Riding on a peacock.

ଶିଖିବ୍ରତ—ସ. ବି—ବ୍ରତବିଶେଷ—A sort of religious
Sikhibrata penance. [ଟ—ଶରତ୍ ପୂର୍ଣ୍ଣିମାରେ ଆରମ୍ଭ ହୋଇ, ପ୍ରତିପଦ୍ ତିଥିରେ ଏକବାର ଭୋଜନ କରି ଏ ବ୍ରତ ଅନୁଷ୍ଠାନ କରାଯାଏ । ବ୍ରତ ସମାପ୍ତ ହେଲେ କପିଳା ଧେନୁ ଦାନ କରାଯାଏ । ଏ ବ୍ରତାନୁଷ୍ଠାତାଙ୍କର ଅଗ୍ନିଲୋକକୁ ଗତି ହୁଏ—ବିଶ୍ୱକୋଷ ।]

ଶିଖିମଣ୍ଡଳ—ସ. ବି—ବରୁଣ ବୃକ୍ଷ—A tree, Crataeva
Sikhimandala Religiosa.

ଶିଖିଯୂପ—ସ. ବି—ଶଶାରୁ ନାମକ ମୃଗ (ହି. ଶ)—
Sikhijūpa A kind of deer.

ଶିଖିଶିଖା—ସ. ବି (୬ଷ୍ଠୀ ତତ୍, ଶିଖିନ୍+ଶିଖା)—୧ । ମୟୂରର
Sikhisikhā ଶିଖା ବା ମୁଣ୍ଡରେ ଥିବା ପକ୍ଷପୁଞ୍ଜ—1. The tuft of feathers over the head of a peacock. ୨ । ଅଗ୍ନିଶିଖା; ଅଗ୍ନିର ଜଳନ୍ତା ଧାସ—2. The flame of a burning fire. [ଉ—ଘୃତସଙ୍କୁ ଶିଖିଶିଖା ପାଶରେ ବସି ଶୀତସହେବା ଏହା ସହିଲୁ ରେ—ବୈଦେହୀଶ. କଶୋଗ୍ରାତମ୍ବୁ ସଂଗୀତ ।]

ଶିଖିଶୃଙ୍ଗ—ସ. ବି (ବହୁବ୍ରୀହି)—ଚିତ୍ରହରିଣ (ହି. ଶ)—
Sikhisrunga Spotted deer.

ଶିଖୀ—ସ. ବିଣ. ପୁଂ (ଶିଖା+ଅସ୍ତ୍ୟର୍ଥରେ ଇନ୍, ଶିଖିନ୍ ଶବ୍ଦ, ୧ମା. ୧ବ)—୧ । ଶିଖା ବିଶିଷ୍ଟ—1. Having
Sikhi a Siqhā. ୨ । ଚୁଳିଆ—2. Having a pigtail or tuft. ୩ । ଚୂଳିଆ—3. Having a hump or humps. ସଂ. ବି—୧ । ଅଗ୍ନି—1. Fire. ୨ । ମୟୂର—2. Peacock. ୩ । ବ୍ରାହ୍ମଣ—3. A Brāhmana. ୪ । ବୃଷ; ଷଣ୍ଢ—4. Bull. ୫ । ଅଶ୍ୱ—5. Horse. ୬ । ପର୍ବତ—6. Mountain. ୭ । ଶର; ବାଣ—7. Arrow; dart. ୮ । ବୃକ୍ଷ—8. A tree. ୯ । କୁକୁଡ଼ା—9. Cock. ୧୦ । ମେଥି—10. Trigonella Faenum Graecum. ୧୧ । ସୁନିସୁନିଆଶାଗ—11. A pot herb; Marselia Quadrifoliata. ୧୨ । ଚିତ୍ରକମୂଳ (ଧଳା ଓ ନାଲି)—12. A herbacious plant; Plumbago Zeylancia and Rosea. ୧୩ । କେତୁଗ୍ରହ—13. The descending node; the Dragon's tail
୧୪ । ଏକ ପ୍ରକାର ସାରସ ପକ୍ଷୀ (ହି. ଶ)—14. A kind of crane. ୧୫ । (ଅଗ୍ନି ୩ ପ୍ରକାର ଥିବାରୁ) ତିନି ସଂଖ୍ୟା (ହି. ଶ)—15. The number three. ୧୬ । ଦୀପ (ହି. ଶ)—16. Lamp. ୧୭ । ପିତ୍ତ (ହି. ଶ)—17. Bile. ୧୮ । ଧୂମକେତୁ [ହି. ଶ]—18. Comet. ୧୯ । ଶତାବରୀ [ହି.ଶ]—19. Asparagus Racemosus. ୨୦ । ଜଟାଧାରୀ ସାଧୁ [ହି. ଶ]—20. An anchorite with matted locks. ୨୧ । ନାଗ ବିଶେଷ [ହି. ଶ.]—21. Name of a mythological serpent. ୨୨ । ଇନ୍ଦ୍ର [ହି. ଶ]—22. God Indra. ୨୩ । ବଗ [ହି. ଶ]—23. Paddy bird. ୨୪ । ଅପାମାର୍ଗ [ହି. ଶ]—24. Achyranthes Aspera. ୨୫ । ଶୂକ ଶିମ୍ବୀ; ବାଇଡଙ୍କ [ବିଶ୍ୱକୋଷ]—25. Cowhage. ୨୬ । ବିଷ ବିଶେଷ [ହି. ଶ]—26. A kind of poison.
(ଶିଖିନୀ—ବିଣ. ସ୍ତ୍ରୀ)

ଶିଖୁଆ—ଦେ. ବିଣ. ପୁଂ—(ସଂ. ଶିକ୍ଷ ଧାତୁ)—୧ । ଯେ ଶୀଘ୍ର କୌଣସି
Sikhuā ବିଦ୍ୟା ଶିଖି ପାରେ—1.Apt to learn any thing
बुद्धिमान होनहार in a short time. ୨ । ଯେ ଲୋକଙ୍କୁ ମନ୍ଦ ପରାମର୍ଶ ଦିଏ—2. Giving bad advice to people.
(ଶିଖେ[ଖୋ]ଇ—ସ୍ତ୍ରୀ)
ये शिक्षा देय सीखाने वाला
ଦେ. ବି—ଏକ ପ୍ରକାର ଖେଳ—A kind of game.

ଶିଖେ ଶିଖେ—ଦେ.କି . ବିଣ—ଗଛର ବା ପାହାଡ଼ମାନଙ୍କର ଅଗ୍ରଭାଗରେ
Sikhe Sikhe —Along the top or summit (ଯଥା,
शिखाय शिखाय सिखायोंमे ମେଘ ପାହାଡ଼ ଶିଖେ ଶିଖେ ଚରୁଛି)

ଶିଗ୍ରୁ—ସଂ. ବି—(ଶି ଧାତୁ=ତୀକ୍ଷ୍ଣ କରିବା+କର୍ତ୍ତୃ. ରୁ; ଗ ଅଗମ;
Sigru ଯାହା କ୍ଷୁଧାକୁ ତୀକ୍ଷ୍ଣ କରେ)—୧ । ଶୋଭାଞ୍ଜନ; ସଜନା (ଗଛ)—1. Horse radish; Hypernathera Moringa (tree). [ଦ୍ର—ଏହା ଶ୍ୟାମ, ଶ୍ୱେତ ଓ ରକ୍ତ ଭେଦରେ ୩ ପ୍ରକାରର; ସଜନା (ଦେଶ) ।] ୨ । ଶାକ (ହି.ଶ.)—2. Pot herb; kitchen herb.

ଶିଗ୍ରୁଜ—ସଂ. ବି.—ସଜନା ମଞ୍ଜି—
Sigruja The seed of morninga bean.

ଶିଙ୍ଖାଳୁ—ପ୍ରାଦେ (ଗଡ଼ଜାତ) ବି—ନୀଚ ଶୁଦ୍ର ମୂଲିଆ—
Sinkhālu A low class of labourers.

ଶିଙ୍ଗ(ଘ)—ଦେ. ବି—(ସଂ. ଶୃଙ୍ଗ)—୧ । ପଶୁଅଙ୍ଗ ଶୃଙ୍ଗ; ବିଷାଣ—
Singa(ngha) 1. Horn. [ଉ—ଗୋରୁଙ୍କ ଶିଙ୍ଗ ଧରି
शिङ्ग सींग ନାଚେ; ଜୁଳନ୍ତ ଅଗ୍ନି ଭାଳେ ଭାଳେ—ପ୍ରାଚୀଗ୍ରନ୍ଥ

ମାଳା ।] ୬ । (ସଂ.ଶୃଙ୍ଗ)—ଗହମ,ଯବ ଓ ବାଲୁଙ୍ଗା ଧାନ ଅଗର ଅଗରେ ବାହାରି ଥିବା ସୂକ୍ଷ୍ମ ସରୁ ଶିଙ୍ଗ—2. The awn or the beard or needle-like filaments at the end of a grain of wheat, paddy or barley.

[ଦ୍ର—ସଂ. 'ଶୃଙ୍ଗ'ର ଅପଭ୍ରଂଶ 'ଶିଙ୍ଗ'; ଏହିପରି ଅନେକ କେତେଗୁଡ଼ିଏ ଅପଭ୍ରଷ୍ଟ ଶବ୍ଦ (ଯଥା—ଘୃତରୁ ଘିଅ, ମୃଗରୁ ମିରଗ, ପୃଷ୍ଠରୁ ପିଠି)ରୁ ଅନୁମିତ ହୁଏ ଯେ ଏକ ସମୟରେ ସ୍ୱର 'ଋ' ବର୍ଣ୍ଣ ବର୍ତ୍ତମାନ ଓଡ଼ିଆ ଉଚ୍ଚାରଣ 'ରୁ' ପରି ନ ହୋଇ 'ରି'ରୂପେ ଉଚ୍ଚାରିତ ହେଉଥିଲା । ପୁଣି କେତେକ ସଂସ୍କୃତ ଋ—ଯୁକ୍ତ ଶବ୍ଦର 'ରୁ' ଉଚ୍ଚାରଣ ବିଶିଷ୍ଟ ଓଡ଼ିଆ ଅପଭ୍ରଂଶ ମଧ୍ୟ ଅଛି :—ଗୃହସ୍ଥ=ଘରସ୍ତ; କୃଷ୍ଣ=କୃଷ୍ଣ ।] [ଦ୍ର—ଶିଂଗ(ଘ) ଇତ୍ୟାଦି (ଦେଖ)—Singa(gha) etc (see)

ଶିଙ୍ଗ(ଙ୍ଘ,ଙ୍ଗା,ଙ୍ଘା,ଙ୍ଗି,ଙ୍ଗେ,ଙ୍ଘେ)ଡ଼ା—ଦେ. ବି (ସଂ ଶୃଙ୍ଗାଟକ)—Śinga(ṅgha,ṅgā,ṅghi,ṅgi,ṅghi,ṅghe, ṅghe)rḍā ଶିଙ୍ଗଡ଼ା—(ଦେଖ)—Śingarḍa. (See)

ଶିଙ୍ଗା(ଙ୍ଘା)ଡ଼ା ହାର—ଦେ. ବି—ଶିଂଗଡ଼ାହାର (ଦେଖ) Śingā(ṅghā)rḍā hāra Śimgarḍāhāra. (See)

ଶିଙ୍ଗ(ଙ୍ଘା) ଇତ୍ୟାଦି—ଦେ ବି—ଶଂଗା(ଙ୍ଘା) ଇତ୍ୟାଦି (ଦେଖ) Śing(aṅgha) etc Śimgā(ghā) etc. (See)

ଶିଙ୍ଗାର ହାର—ଦେ, ବି (ସଂ. ଶୃଙ୍ଗାରହାର)—ଶିଂଗଡ଼ାହାର (ଦେଖ) Śingāra hāra Śimgarḍā hāra. (See)

ଶିଙ୍ଗି(ଙ୍ଘି)ଶୂଳା—ଦେ. ବିଣ—ଟିଙ୍ଗିଶୂଳା (ଦେଖ) Śingi(ṅghi)śūlā Ṭingiśūlā. (See)

ଶିଙ୍ଘ (ଧାତୁ)—ସଂ—ଅଘ୍ରାଣ କରିବା—Śingha (root) To smell.

ଶିଙ୍ଘାଣ—ସଂ. ବି (ଶିଘ୍ ଧାତୁ—ଅଘ୍ରାଣ କରିବା+କର୍ମ. ଅନ)—Śinghāṇa ୧ । ଲୌହ ମଳ—1. Rust of iron. ୨ । ନାସାମଳ; ସିଂଘାଣି—2. Snot; mucus of the nose. ୩ । କାଚପାତ୍ର—3. Glass pot. ୪ । ଶ୍ମଶ୍ରୁ (ହ. ଶ)—4. Beard. ୫ । ସ୍ଫୀତ ଅଣ୍ଡକୋଷ (ହ. ଶ)—5. Swollen testicle; hydrocele.

ଶିଙ୍ଘାଳ—ଦେ. ବିଣ. ପୁଂ—ଶୃଙ୍ଗବିଶିଷ୍ଟ (ହରିଣ ବା ଶମ୍ବର)—Śinghāla Horned (male antelope).
শিংগাল सिंगघाला

ଶିଙ୍ଘିଣୀ—ସଂ. ବି (ଶିଘ୍ ଧାତୁ+କରଣ ଇନ୍+ଈ)—୧ । ନାକପୁଡ଼ା Śinghiṇi (ଶବ୍ଦକୋଷ)-1. Nostril. ୨ । ନାକ (ହ. ଶ)—2. Nose.

ଶିଙ୍ଘିତ—ସଂ. ବିଣ (ଶିଘ୍ ଧାତୁ=ଅଘ୍ରାଣ କରିବା+କର୍ମ. ତ)—Śinghita ଅଘ୍ରାତ—Smelt.

ଶିଜୁ(ଝୁ) (ଇତ୍ୟାଦି)—ଦେ, ବି—ସିଜ ଇତ୍ୟାଦି (ଦେଖ) Śiju(jhu) (etc) Siju etc. (See)

ଶିଜୁ(ଝୁ) ସୋଲ(ଲ୍ହେ)—ଦେ. ବି—ପୁରୁଣା ସିଜୁ ଗଛର ଛାଲ, ଯାହା Śiju(jhu) sola(lha) ଶୁଖି ହାଲୁକା ଥିବାରୁ ଜାଲର ଅଗରେ ଶୀଜରେଶୋଲା ବନ୍ଧାଯାଏ ଓ ଜାଲକୁ ସହଜରେ ଜଳରେ ଭସାଇ ସୀଜକା କୋଢ଼ିଲା ରଖେ—The bark of old Euphorbia tree used as floats for fishing nets.

ଶିଞ୍ଜ (ଧାତୁ)—ସଂ—ଅବ୍ୟକ୍ତ ମଧୁର ଧ୍ୱନି କରିବା—Śiñj (root) To utter sweet inarticulate sound.

ଶିଞ୍ଜା(ଞ୍ଜା)—ସଂ. ବି (ଶିଞ୍ଜ ଧାତୁ=ଅବ୍ୟକ୍ତ ମଧୁର ଧ୍ୱନି କରିବା+ Śiñja(ñjā) ଅ; ସ୍ତ୍ରୀ. ଆ)—ଶିଞ୍ଜିତ (ଦେଖ)—Śiñjita. (See)

ଶିଞ୍ଜ(ଞ୍ଜି)କା—ସଂ. ବି—କଟିସୂତ୍ର; ଅଣ୍ଟାସୂତା (ହ. ଶ) Śiñj(ñji)kā Waist-chain.

ଶିଞ୍ଜନ—ସଂ. ବି (ଶିଞ୍ଜ ଧାତୁ=ଅବ୍ୟକ୍ତ ଧ୍ୱନି କରିବା+ଭାବ. ଅନ)—Śiñjana ୧ । ଅବ୍ୟକ୍ତ ମଧୁର ଶବ୍ଦ—1. A sweet and indistinct sound. ୨ । ଅଳଙ୍କାରର ମଧୁର ଝଙ୍କାର ବା ଧ୍ୱନି—2. Tinkling of ornaments; clanging.

ଶିଞ୍ଜିତ—ସଂ. ବିଣ (ଶିଞ୍ଜ ଧାତୁ=ଅବ୍ୟକ୍ତ ଧ୍ୱନି କରିବା+ Śiñjita କର୍ତ୍ତୃ. ତ)—୧ । ମୁଖର; ଶବ୍ଦ କରୁଥିବା—1. Resounding. ୨ । ମଧୁର ଝଣ ଝଣ ଶବ୍ଦକାରୀ—2. Tinkling. ସଂ ବି ୧ । (ଭାବ, ତ) ଅବ୍ୟକ୍ତ ମଧୁର ଧ୍ୱନି—1. Sweet indistinct sound. ୨ । ଅଳଙ୍କାରର ଝଣ ଝଣ; ରୁଣୁଝୁଣୁ ନାଦ—2. The tinkling of ornaments. ୩ । (+ କର୍ତ୍ତୃ. ତ) ଧନୁଗୁଣ—3. The cord of a bow; bow string. ୪ । ନୂପୁର—4. Tinkling anklet ୫ । ବଳୟ—5. A large ring.

ଶିଞ୍ଜିନୀ—ସଂ. ବି—(ଶିଞ୍ଜ ଧାତୁ+କର୍ତ୍ତୃ ଇନ୍+ସ୍ତ୍ରୀ ଈ)—୧। ଧନୁର୍ଗୁଣ Śiñjini 1. Bow string ୨ । ନୂପୁର—2 Tinkling anklet. ୩ । ମୁଦି; ମୁଦ୍ରିକା—3. Ring ସଂ. ବିଣ ଶିଞ୍ଜୀର ସ୍ତ୍ରୀ ଲିଙ୍ଗ—Feminine of Śiñji.

ଶିଞ୍ଜୀ—ସଂ. ବିଣ. (ଶିଞ୍ଜ ଧାତୁ+କର୍ତ୍ତୃ ଇନ୍, ଶିଞ୍ଜିନ୍ ଶବ୍ଦ)—ମଧୁର Śiñji ଶବ୍ଦକାରୀ—Tinkling; clanging.
(ଶିଞ୍ଜିନୀ—ସ୍ତ୍ରୀ)

ଶିଟ—ଦେ. ବି—୧ । ଶିଠା (ଦେଖ)—Śiṭhā (See) ୨ । ଶିଠ Śiṭa (ଦେଖ)—2. Śiṭha (See).

ଶିଟା—ଦେ. ବି ଓ ବିଣ—ଶିଠା (ଦେଖ)—Śiṭā Śiṭhā (See)

ଶିଠ—ଦେ. ବି—ଶିଠା (ଦେଖ)—Śiṭhā (See). ପ୍ରାଦେ Śiṭha (ସମ୍ବଲପୁର · ବି—(ସଂ. ଶ୍ରେଷ୍ଠ)—୧ । ରାଜାଙ୍କ ଭଣ୍ଡାର ଓ କୋଠାରିର ରକ୍ଷଣାବେକ୍ଷଣ କର୍ମଚାରୀ; ଯେଉଁ ବ୍ୟକ୍ତି ଖମାରରୁ ଧାନ ପତ୍ର ବାହାର କରନ୍ତି—An officer of a Rājā's household who is in charge of

the palace and granary.
[ଦ୍ର—ସେହି ବ୍ୟକ୍ତି ଅସ୍ଥ ବ୍ୟସ୍ଥ ଲେଖାଲେଖି କରନ୍ତି ତାଙ୍କୁ କରଣ ବୋଲାଯାଏ ।] ୨ । ଦୂତ—2. Messenger [ଉ—ଦେ ଦ୍ୱାର ଶିଠ ପେଷିଲେ, କେତୁ ଅପଣେ ଅସିଲେ· ବ୍ରଜନାଥ ସମରତରଙ୍ଗ] ପ୍ରାଦେ (କନ୍ଧମାଳ) ବ (ସଂ· ଶ୍ରେଷ୍ଠ; ଶ୍ରେଷ୍ଠ ଭାଷା)—ଓଡ଼ିଆଭାଷା—The Oriya language

ଶିଠା—ଦେ· ବ· (ସଂ. ଶିଷ୍ଟ, ଉଚ୍ଛିଷ୍ଟ, ଅବ ଷ୍ଟ କମ୍ପା ଗାନ୍ତ) —୧ ।
Sitha ତେଲ ଅବର ତାଣ୍ଡି—1. The sediment of the
শিটা শিটে oil left at the bottom of a pot;
गाद् सिठा dregs ୨ । ମହୁ ଶିଠା; ମହମ—2.Wax.
୩ । ଭାଙ୍ଗ ଅବ ଛଣାଯିବା ପରେ ଛଣା କନାରେ ରହିଯିବା ଶବଡ଼ା ବସ୍ତୁ - 3. Refuse left after sifting pasted ganja leaves. ୪ । ଦ୍ରବ୍ୟାଦିର ବର୍ଜନୀୟ ଅଂଶ—4. Dregs; refuse. ଦେ· ବଣ— ମହୁ ଶିଠାପରି ବିବର୍ଣ୍ଣ—Pale as wax discoloured; wan. [ଯଥା— ତା ମୁହଁ ଶିଠା ପଡ଼ି ଗଲାଣି]

ଶିଠି(ଠା)କରଣ—ଦେ· ବ—୧ । ରାଜାଙ୍କ ଭଣ୍ଡାର ଓ ଖମାରକର୍ମଚାରୀ
Sithi(tha)karana ଦ୍ୱୟ—ଶିଠ ଓ କରଣ—1 The two officers namely Sitha and Karana of a Raja's palace and granary. ୨ । ସେଠ କରଣ (ଦେଖ)—2 Setha karana (See)

ଶିଣ୍ଡାକି—ସଂ· ବ·—ମୂଳାପତ୍ରର ଉପରେ ବେଶର ଓ ଲୁଣ ମିଶାଇ
Sindaki କମା ବେଷରବେ ଗୁଣ୍ଡୁଳ ଚୁନା ପକାଇ ପ୍ରସ୍ତୁତ କରାଯିବା କାଞ୍ଜି (ହି· ଶ)—A sour gruel used as curry. [ଦ୍ର—ବୈଦ୍ୟକ ଅନୁସାରେ ଏହା ରୁଚକାରୀ, ଲଘୁପାକ, କଫକର, ପିତ୍ତକର ଅଟେ— ହି· ଶ)

ଶିତ୍ପୁଟ—ସଂ· ବ ୧ । ବିରାଡ଼ି ଜାତୀୟ ପଶୁ ବିଶେଷ—1. A species
Sit-puta of cat-like animal. ୨ । କୃଷ୍ଣ ଭ୍ରମର—2. Black bee. ୩ । ହରିଣ (ଶବ୍ଦକୋଷ)—3. Deer. ୪ । ପଶୁ (ଶବ୍ଦକୋଷ)—4. Beast.

ଶିତ —ସଂ ବଣ (ଶି ଧାତୁ+କର୍ମ ତ)—୧ । ଶାଣିତ—1. Whet-
Sita ted; sharpened. ୨ । ତୀକ୍ଷ୍ଣ—2. Sharp. ୩ । କ୍ଷୀଣ; କୃଶ—3 Slender; lean. ୪ । ଦୁର୍ବଳ—4. Weak. ୫ । କ୍ଷୟ ପ୍ରାପ୍ତ—5. Decayed waned. ୬ । ପତଳା—6 Thin. ୭ । ମୁନିଆ—7. Sharp pointed. ସଂ. ବ ୧ । (ନାମ) ବିଶ୍ୱାମିତ୍ରଙ୍କ ଗୋତ୍ରର ଏକ ଋଷି (ହି· ଶ)—1.Name of a sage. ୨ । ବୃଷ (ଶବ୍ଦକୋଷ)—2. Bull. ୩ । ରଜତ; ରୌପ୍ୟ (ଶବ୍ଦକୋଷ)—3. Silver. ଗ୍ରା. ବ. ଓ ବଣ (ସଂ ଶୀତ)—ଶୀତ ଇତ୍ୟାଦି (ଦେଖ)—Sita etc (See).

ଶିତକର—ସଂ ବ—କର୍ପୂର (ରାଜନିର୍ଘଣ୍ଟ)
Sitakara Camphor

ଶିତଖଣ୍ଡ—ସଂ· ବ·—ସାତ (ବୈଦ୍ୟକ ଦ୍ରବ୍ୟଗୁଣ) –
Sita khanda Powdered sugar

ଶିତଦ୍ରୁ—ସଂ. ବ—(ଶିତ=କ୍ଷୀଣ ଭାବରେ+ଦ୍ରୁ ଧାତୁ=ଗମନକରିବା
Sitadru କର୍ତ୍ତୃ· ଉ)—ଶତଦ୍ରୁ (ଦେଖ)—
Satadru (See).

ଶିତ ନିର୍ଗୁଣ୍ଡୀ—ସଂ· ବ—୧ । ଶେଫାଳିକା (ହି· ଶ)—1. Nyctan-
Sita nirgundi thes flower. ୨ । କଳା ବେଗୁନିଆ (ଶବ୍ଦକୋଷ)—2. The black variety of Vitex Trifolia.

ଶିତ ପର୍ଣ୍ଣ—ସଂ. ବ—(ବହୁବ୍ରୀହି)—ମୁଥା [ହି· ଶ]—
Sita parnna Bulbous grass root.

ଶିତବ(ବା)ର—ସଂ. ବ—ଶତାବରୀ (ହି· ଶ)—
Sitaba(ba)ra Asparagus Racemosus

ଶିତଲା—ପ୍ରାଦେ. (ସମ୍ବଲପୁର)—ବ.—(ସଂ. ଶୀତଳା)—ଓଳାଉଠା,
Sitala ବସନ୍ତ ଓ ଗୋମଡ଼କ ଆଦି ଲାଗିଲା ବେଳେ ପଣା ଭୋଗ କରି ଗ୍ରାମ ବାଟରେ ଢାଳି ଦେବା କର୍ମ—The act of pouring on a public road the sugared drink after it is offered to the Goddesses of cholera, small pox and cattle pestilence during their prevalence.

ଶିତଲା ମା—ପ୍ରାଦେ· (ସମ୍ବଲପୁର) ବ.—(ସଂ. ଶୀତଳା+ମାତା)
Sitala ma ବସନ୍ତ ରୋଗ—Small-pox.

ଶିତ ଶାକ—ସଂ. ବ—ଶାଳିଞ୍ଚ ବା ମଦରଙ୍ଗା ଶାଗ—An aquatic
Sita saka pot herb; Alternanthera Sesseles.

ଶିତ ଶୂକ—ସଂ. ବ—(ଶିତ=ତୀକ୍ଷ୍ଣ ଅଟେ ଶୂକ ଯାହାର; ବହୁବ୍ରୀହି)-
Sita suka ୧ । ଗହମ; ଗୋଧୂମ—1. Wheat. ୨ । ଯବ-2. Barley.

ଶିତସାର—ସଂ. ବ.—(ବୈଦ୍ୟକ)—(ଶିତ=କ୍ଷୀଣ ଅଟେ ସାର ଯାହାର,
Sita sara ବହୁବ୍ରୀହି)—୧ । ଶାଳିଞ୍ଚ; ମଦରଙ୍ଗା ଶାଗ—
[ଶିତଶାର—ଅନ୍ୟରୂପ] 1.A kind of pot herb; Alternanthera Sessilis. ୨ । କେନ୍ଦୁ ଗଛ (ଶବ୍ଦକୋଷ)-2. Diospyrus Embryopteris (tree).

ଶିତା—ସଂ· ବ—ନବାତ; ଖଣ୍ଡ (ବୈଦ୍ୟକ· ଦ୍ରବ୍ୟଗୁଣ)—
Sita Sugar.

ଶିତାଦ୍ରିକର୍ଣ୍ଣୀ—ସଂ· ବ—ଶ୍ୱେତ ଅପରାଜିତା ଲତା (ଶବ୍ଦକୋଷ)—
Sitadrikarnni The white flowered variety of Aparajita creeper.

ଶିତା ଫଳ—ସଂ. ବ.—ଆତ (ହି· ଶ)—
Sita phala Custard apple.

ଶିତାବର—ସଂ. ବ—୧ । ସୋମରାଜୀ [ହି· ଶ.]—1. Serratula
Sitabara Anthelmintica (plant and seed).

୬। ସୁନୁସୁନିଆ ଶାଗ—2. Blepharis Edulis (pot-herb). ୩। ଶତାବରୀ [ବୃ. ଶ]—
3. Asparagus Racemosus.

ଶିତ—ସଂ. ବଣ—(ଶି ଧାତୁ+କର୍ମ. କ୍ତ)—୧। କୃଷ୍ଣବର୍ଣ୍ଣଯୁକ୍ତ—
Śiti 1. Black. ୨। ଶୁକ୍ଳ—2. White. ସଂ. ବି—୧। କୃଷ୍ଣ ବର୍ଣ୍ଣ—1. Black colour. ୨। ଧଳା ରଙ୍ଗ—2. White colour. ୩। ଭୂର୍ଜ ପତ୍ରର ଗଛ—[ଶବ୍ଦକୋଷ]—3. The birch tree.

ଶିତ କଣ୍ଠ—ସଂ.ବି.ପୁଂ—(ବହୁବ୍ରୀହି; ଶିତ=କୃଷ୍ଣବର୍ଣ୍ଣ ଅଟେ କଣ୍ଠ ଯାହାର)-
Śiti kaṇṭha ୧। ନୀଳକଣ୍ଠ; ଶିବ; ମହାଦେବ—1. Śiba. ୨। ମୟୂର—2. Peacock. ୩। ଡାହୁକ; ଡାହୁକ ପକ୍ଷୀ—3. The water-hen; Amaurornis Phaenicurus. ୪। ଚାତକ (ବୃ. ଶ.)—4. Pied crested cuckoo; swift. ୫। ନାଗ ଦେବତା—5. Serpent worshipped as Deity.

ଶିତ ଚନ୍ଦନ—ସଂ. ବି—କସ୍ତୁରୀ (ବୃ. ଶ)—
Śiti chandana Musk.

ଶିତଚାର—ସଂ. ବି—ସୁନୁସୁନିଆ ଶାଗ [ଶବ୍ଦକୋଷ]—
Śitichāra Belpharis Edulis (aquatic pot-herb).

ଶିତଚ୍ଛଦ(ପକ୍ଷ)—ସଂ. ବି—(ଶିତ=ଶୁକ୍ଳ ଅଟେ ଛଦ=ପକ୍ଷ ଯାହାର;
Śitichchhada (paksha) ବହୁବ୍ରୀହି)—ହଂସ—Swan.

ଶିତବ(ବା)ର—ସଂ. ବି—(ବୈଦ୍ୟକ)—ଜଳ ଉଦ୍ଭିଜ ଅପ୍ରଧାନ ଶାଗ
Śitiba(bā)ra ବିଶେଷ; ସୁନିଷଣ୍ଣକ; ସୁନୁସୁନିଆ ଶାଗ—A pot herb; Blepharis Edulis; Marsilea Qauadrifoliata.

ଶିତବାସାଃ—ସଂ. ବି. ପୁଂ—[ଶିତ=କୃଷ୍ଣ ବର୍ଣ୍ଣ ଅଟେ ବାସଃ=ବସ୍ତ୍ର
Śiti bāsāḥ ଯାହାର; ଶିତ ବାସସ୍ ଶବ୍ଦ ୧ମା. ୧ବ)—ବଳରାମ; ବଳଭଦ୍ର; ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ବୈମାତ୍ରେୟ ଭ୍ରାତା—Balarāma; elder step-brother of Srikrushṇa.

ଶିତ ମୂଳକ—ସଂ. ବି—ଭେଣାର; ବେଣାଚେର [ବୃ. ଶ]—
Śiti mūlaka The root of Beṇā grass.

ଶିତରତ୍ନ—ସଂ. ବି—ନୀଳା [ବୃ. ଶ.]—
Śiti ratna Sapphire.

ଶିତ ସାରକ—ସଂ. ବି—(ଶିତ=କୃଷ୍ଣ ବର୍ଣ୍ଣ ଅଟେ ସାର=ଲକ୍ଷାର+
Śiti saraka କ)—ତିନ୍ଦୁକ; କେନ୍ଦୁ—A kind of tree [ଶିତ ସାର—ଅନ୍ୟରୂପ] and its fruit; Diospyros Embryopteris; ebony.

ଶିତୁଳିଆ—ଦେ. ବି—ଦେହରେ ଓ ବିଶେଷତଃ ମୁଣ୍ଡରେ ଏକାବେଳକେ
Situliā ବାହାରିବା ବହୁ କଣ୍ଟୁପ୍ରଦ ବ୍ରଣ—[ବି—ସାଧାରଣତଃ ଦେଖା ଯାଏ ଯେ, ଗ୍ରୀଷ୍ମ ଋତୁ ଶେଷରେ ଓ ବର୍ଷା ଋତୁରେ ଦେହରେ ଗୋଟିକ ପରେ ଗୋଟିଏ ବହୁତ ବ୍ରଣ ଉଠେ]—Generalised furunculosis; multiple eruption of boils of varying sizes on the skin on different parts of the body.

ଶିଥିଳ—ସଂ. ବଣ.—(ଶ୍ଳଥ ଧାତୁ=ଦୁର୍ବଳ ହେବା+କର୍ତ୍ତୃ. ଇଲ;
Sithila କପାଳକ)—୧। ଶ୍ଳଥ; ଢିଲା; ଫୁସୁଲା, ଢେଲ—1. Loose; slack; lax; not tight. ୨। ଅବସନ୍ନ; କ୍ଳାନ୍ତ—2. Languid; tired. ୩। କ୍ଷୀଣ; ଦୁର୍ବଳ—3. Weak; tender. [ଭ୍ର—ପାଣି ପାଦ ତାର ଶିଥିଳ ଅତ। ଗୋଲକ. ରାମବେଣୀ।] [ଶୈଥିଲ୍ୟ, ଶିଥିଳତା—ବି] ୪। ଅଳସ—4. Idle; dull. ୫। ଅବହେଳିତ, ପରିତ୍ୟକ୍ତ—5. Neglected; uncared for. ୬। ଅଦୃଢ଼; ଅଲମ୍ବିତ—6. Hanging loose; dishevelled. ୭। ଅଦୃଢ଼ବାକ୍ୟ (ବୃ.ଶ)—7. Of unstable promise. ୮। ଅସ୍ପଷ୍ଟରୂପେ ଶୁଣାଯିବା (ବୃ. ଶ)—8. Indistinct.

ଶିଥିଳତା(ତ୍ୱ)—ସଂ. ବି (ଶିଥିଳ+ଭାବେ. ତା; ତ୍ୱ)—୧। ଶ୍ଳଥତ୍ୱ—
Sithilatā(twa) 1. Looseness; laxity; slackness. ୨। କ୍ଷୀଣତା—2. Weakness. ୩। କ୍ଳାନ୍ତି—3. Langour. ୪। ଆଳସ୍ୟ—4. Laziness. ୫। ନିୟମ ପାଳନରେ ଅଦୃଢ଼ତା—5. Want of discipline. ୬। ସାମର୍ଥ୍ୟର ହ୍ରାସ—6. Loss of strength. ୭। (ବ୍ୟାକରଣ) ବାକ୍ୟରେ ପଦମାନଙ୍କର ପରସ୍ପରଙ୍କଠାରୁ ଅର୍ଥସମ୍ବନ୍ଧର ଅଭାବ (ବୃ. ଶ)—7. (grammar) Incohorence or want of relationship between the words of a sentence. ୮। (ନ୍ୟାୟ ଶାସ୍ତ୍ର) ତର୍କରେ କୌଣସି ଅବୟବର ଅଭାବ—8. (Logic) Want of a premise in a syllogism or argument.

ଶିଥିଳା(ଳେ)ଇବା—ଦେ. କ୍ରି (ସଂ ଶିଥିଳ ଶବ୍ଦଜ)—ଶିଥିଳ କରିବା;
Sithilā(le)ibā ଫୁସୁଲା କରିବା—To relax; to loosen. शिथिल करना शिथिलाना

ଶିଥିଳିଆ—ଦେ. ବଣ (ସଂ. ଶିଥିଳ)—ଶିଥିଳ (ଦେଖ)
Sithilia शिथिल शिथिल Sithila, (See)
शिथिलता ଦେ. ବି (ସଂ. ଶିଥିଳତା)—ଶିଥିଳତା (ଦେଖ)
शिथिलाई Sithilatā, (See)

ଶିଥିଳିତ—ଦେ. ପଦ୍ୟ) ବଣ (ସଂ. ଶିଥିଳୀକୃତ)—ଶ୍ଳଥଭାବଯୁକ୍ତ—
Sithilita Having looseness or laxity; loosened.
शिथिलित [ଭ୍ର—ରବିଭାବେ ଶିଥିଳିତ ତୁଙ୍ଗ ସ୍ତବକେ।
शिथिलित ମଧୁସୂଦନ. ଋତୁର ସ୍ଥମଚରିତ।]

ଶିଥିଳୀକରଣ—ସଂ. ବି (ଶିଥିଳ+ଅଭୂତ ତଦ୍ଭାବେ ଚ୍ୱି+କରଣ)—
Sithilikaraṇa ଅଶିଥିଳବସ୍ତୁକୁ ଶିଥିଳ କରିବା—(ଶିଥିଳୀକୃତ—ବଣ) Slackening; loosening.

ଶିଥିଳୀଭୂତ—. ବଣ (ଶିଥିଳ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Sithilibhūta ଢିଲା ହୋଇଯିବା (ଅଶିଥିଳ ବସ୍ତୁ)
(ଶିଥିଳୀଭବ—ବି) Become slack.

ଶିନା—ସଂ. ବି—ଭୂଇଁଅଁଳା (ବୈ. ଶ)
Sinā Phyllanthus Niruri (plant).

ଶିନି—ସଂ. ବି (ଶି ଧାତୁ=ତୀକ୍ଷ୍ଣ କରିବା+କର୍ତ୍ତୃ. ନି)—୧ । ଗର୍ଗ
Sini ଋଷିଙ୍କ ପୁତ୍ର (ହ. ଶ)—1. Name of the son of Sage Garga. ୨ । ଯଦୁବଂଶୀୟ ନୃପ ବିଶେଷ—2. Name of a king of the Jadu dynasty of ancient India. [ଦ୍ର—ଏ ଦେବକରାଜକନ୍ୟା ଦେବକୀଙ୍କ ବିବାହସଭାରୁ ଦେବକୀଙ୍କୁ ବସୁଦେବଙ୍କର ଭାର୍ଯ୍ୟାର୍ଥେ ବଳପୂର୍ବକ ଆଣିଥିଲେ ଓ ସେହି ସମୟରେ ସୋମଦତ୍ତ ନାମକ ଜଣେ ରାଜା ଏହାଙ୍କୁ ବାଧା ଦେବାରୁ ଶିନି ସୋମଦତ୍ତଙ୍କୁ ପଦାଘାତ କରିଥିଲେ । ଏହାଙ୍କ ପୁତ୍ରଙ୍କ ନାମ ସତ୍ୟକ ଓ ପୌତ୍ରଙ୍କ ନାମ ସାତ୍ୟକି । ସାତ୍ୟକି ପାଣ୍ଡବ ପକ୍ଷୀୟ ଯୋଦ୍ଧା ଥିଲେ ।] ୩ । ଅକ୍ରୂରଙ୍କ ପିତା—(ବିଶ୍ୱକୋଷ)—3. Name of the father of Akrūra. ୪ । କ୍ଷତ୍ରିୟ ବିଶେଷ (ହ. ଶ)—4. A
शिरनी class of Kshatriyas. ଦେ. ବି—ଶ୍ରୀନିବାସର ଡାକ
শিনিবাস ନାମ—Name for calling Śrinibāsa.

ଶିପ—ଦେ. ବି (ସଂ. ଶୁକ୍ତି; ପ୍ରା. ସିପ୍ପି)—୧ । ଶାମୁକା; ଶୁକ୍ତିର
Śipa ଖୋଳ—1. Oyster shell, mother of pearls,
শামুক,ঝিনুক [ଦ୍ର—ଏହାକୁ କାଟି ପାଲିସ୍ କରି ବୋତାମ,ଛୁରିବେଣ୍ଟ
सितुसा, सीप ଆଦି ତିଆରି କରାଯାଏ ।] ୨ । ନଡ଼ିଆ ଫୁଲଗୁଚ୍ଛକୁ
চাপ ଆବଦ୍ଧ କରିଥିବା ଖୋଳ; ନଡ଼ିଆର ଫୁଲର ଖୋଷା—2. The
नारीयलफुलका खोल sheath enclosing the cluster of cocoanut-flowers. [ଦ୍ର—ଏହା ଷଣ୍ଢାର ଖାପ (ଶବ୍ଦକୋଷ) ପରି ଦେଖାଯାଏ । ଏହି ନଡ଼ିଆ ଶିପ ବା ଖୋଷାକୁ ଚିରୁଡ଼ା ଚିରୁଡ଼ା କରି ତାର ବାନ୍ଧ ତହିଁରେ ଥିଠା ବା ବଳିତା କରାଯାଏ; ସେ ବଳିତାରେ ନିଆଁ ଲଗାଇଲେ ତହିଁରୁ ଯେ ଧୂଆଁ ବାହାରେ, ସେ ଧୂଆଁ ଦ୍ୱାରା ମଶାମାନେ ପଳାଇଯାଆନ୍ତି । ମଶାମାନଙ୍କ ପକ୍ଷରେ ଅନ୍ୟ ଧୂଆଁ ଅପେକ୍ଷା ଏ ଧୂଆଁ ଅଧିକତର ଅସହ୍ୟ ହେବା ପରୀକ୍ଷା କରାଯାଇଅଛି ।]

ଶିପ ଚୂନ—ଦେ. ବି (ସ. ଶୁକ୍ତି+ଚୂର୍ଣ୍ଣ)—ଶାମୁକାକୁ ପୋଡ଼ି ତହିଁରୁ
Śipa chūna ପ୍ରସ୍ତୁତ କରାଯିବା ଚୂନ—Lime prepared by
শামুকের চুন सीपका चूना burning oyster shells.

ଶିପ ବୋତାମ—ଦେ. ବି (ସ. ଶୁକ୍ତି+ଇଂ. ବଟନ୍)—ଶାମୁକାରୁ କାଟି
Śipa botāma ତହିଁରୁ ପ୍ରସ୍ତୁତ କରାଯିବା ବୋତାମ—
ঝিনুকের বোতাম सीपका बोताम Buttons made from mother of pearls.

ଶିପା—ଦେ. ବିଣ—୧ । ସଙ୍କୁଚିତ—1. Contracted. ୨ । ଯାହା
Śipā ଶିପ ପରି ଶୁଖି ସେମିଟି ଯାଇଥାଏ—2. Shrunken.
শিপা, শিপশিপা, ছিপছিপে सिकुडाहूआ ୩ । କ୍ଷୀଣ—3. Lean; emaciated; reduced. ୪ । ଶୀର୍ଣ୍ଣ ଓ ଦୀର୍ଘ—4. Thin and long; lean and tall.

ଶିପା(ପେ)ଇବା—ଦେ. କ୍ରି—୧ । ସଙ୍କୁଚିତ ହେବା; ଶୁଖି ସେମିଟିଯିବା—
Śipā(pe)ibā 1. To be contracted; to shrink;
গুটীয়েযাওয়া सिकुडना to be reduced
(ଶିପା[ପେ]ଇଯିବା—ଅକର୍ମରୂପ) ୨ । କ୍ଷୀଣ ହେବା—2 To become lean or emaciated. ୩ । (ଣିଜନ୍ତ) ସଙ୍କୁଚିତ କରିବା—3. To cause to shrink.

ଶିପାଛ(ଛୁ)ଡ଼ା—ଗ୍ରାଦେ (ଗଞ୍ଜାମ) ବି—(ସଂ ଶୀତ+ପ୍ରଚ୍ଛଦପଟ)—
Śi pachha(chhu)rdā ଶୀତ ଚଦର—Wrapper for the winter.

ଶିପି—ସଂ. ବି—୧ । ରଶ୍ମି—1. Ray. ୨ । ତେଜଃ—2. Brightness; splendour. ୩ । ଚମଡ଼ା; ଛାଲ—3. Skin; hide. ଦେ. ବି—ଶିପ ଇତ୍ୟାଦି (ଦେଖ)—Śipa etc (See)

ଶିପିବା—ଦେ. କ୍ରି—୧ । ସଙ୍କୁଚିତ ହେବା—
Śipibā संकुचितहওয়া सिकुडना 1. To be contrac-
[ଶିପିଯିବା—ଅକର୍ମରୂପ] ted. ୨ । ଶୁଖି ସେମିଟି ଯିବା—2. To shrink and wither. ୩ । କ୍ଷୀଣ ହେବା—3. To be reduced; to be emaciated; to become lean.

ଶିପିବିଷ୍ଟ—ସଂ ବିଣ. ପୁଂ (ଶିପି=ତେଜଃ+ବିଶ୍ ଧାତୁ+ଅପାଦାନ ତ)-
Śipibishṭa ୧ । ଦୁଶ୍ଚର୍ମୀ—1. Having shrunken
(ଶିପିବିଷ୍ଟା—ସ୍ତ୍ରୀ) or nasty skin. ୨ । କୁଷ୍ଠରୋଗଗ୍ରସ୍ତ—2. Leprous; suffering from leprosy. ୩ । ଜନ୍ମତଃ ଅନାବୃତ ମେଢ୍ର (ବିଶ୍ୱକୋଷ)—3. Having no foreskin since birth. ୪ । ଟାଙ୍ଗରା—4. Bald. ସଂ ବି. ପୁଂ—୧ । ବିଷ୍ଣୁଙ୍କର ନାମାନ୍ତର (ବିଷ୍ଣୁଙ୍କର ସହସ୍ର ନାମ ମଧ୍ୟରୁ ଏକନାମ)—1. One of the names of Bishṇu, [ଦ୍ର—ମହାଭାରତରେ ଭଗବାନ କହୁଅଛନ୍ତି ଯେ, ମୁଁ ଶିପି ଅର୍ଥାତ୍ ତେଜଃପ୍ରକାଶ କରି ଜଗତର ସବୁ ପଦାର୍ଥରେ ପ୍ରବେଶ କରେଁ ବୋଲି ମୋର ନାମ ଶିପିବିଷ୍ଟ ହୋଇଅଛି] ୨ । ଶିବ (କେହେ)—Śiba.

ଶିପ୍ର—ସଂ ବି (ନାମ) —ଶିପ୍ରାନଦୀର ଉତ୍ପତ୍ତିସ୍ଥଳ ହିମାଳୟସ୍ଥ ଦେବକ୍ରୀଡ଼ା-
Śipra ସ୍ଥଳୀ ସରୋବରବିଶେଷ (କାଳିକାପୁରାଣ)—
Name of a mythological lake on the Himalayas which is the source of the Śiprā river.

ଶିପ୍ରା—ସଂ. ବି (ନାମ)—୧ । କାଳିକାପୁରାଣୋକ୍ତ ଶିପ୍ର ସରୋବରରୁ
Śiprā ଉଦ୍ଭୂତ ନଦୀବିଶେଷ—1. Name of a mythological river. ୨ । ସିପ୍ରା (ଦେଖ)—2. Siprā (See) [ଉ—କ୍ଷୁଦ୍ର ଶିପ୍ରା ସ୍ରୋତ ବିଖ୍ୟାତ ଜଗତେ, ମହାନଦୀ ନାମ ରହିଲା ଭୂପତେ—ରାଧାନାଥ ଚନ୍ଦ୍ରଭାଗା ।)

ଶିଫ(ଫା)—ସ ବ—(ଶୀ ଧାତୁ=ଶୋଇବା+କର୍ତ୍ତୃ ଫ; +ଅ) ତନ୍ତୁ-
Śipha(phā) ବିଶିଷ୍ଟ ଚେର—1. Fibrous root.
୨। ବର ଆଦିର ଓହଳ—2. Aerial roots such as those of banian trees. ୩। ହଳଦୀ—3. Turmeric. ୪। ପଦ୍ମନାଡ଼—4. The root of lotus. ୫। ମାଂସିକା; ଜଟାମାଂସ (ବି. ଶ)-5. Indian Spikenard. ୬। ମାତା (ବି.ଶ)-6. Mother. ୭। ଲତା (ବି.ଶ)—7. Creeper. ୮। କୋରଡ଼ାରେ ପ୍ରହାର (ବି. ଶ)—8. Stroke with a whip. ୯। ଏକ ବୃକ୍ଷ, ଯହିଁର ତନ୍ତୁ-ମୟ ଚେରରୁ କୋରଡ଼ା ଆଦିର ହେଉଥିବ (ବି. ଶ)—9. Name of a tree with fibrous roots. ୧୦। ନଦୀ [ବି. ଶ]—10. River. ୧୧। ପ୍ରାଚୀନ ନଦୀବିଶେଷ (ବି. ଶ)—11. Name of on ancient river. ୧୨। ଶିଖା; ଚୁଟି [ବି. ଶ]—12. Pigtail on the head. ୧୩। ଶତପୁଷ୍ପା; ଶଲୁପ [ବିଶ୍ୱକୋଷ]—13. Dill seed.

ଶିଫା କନ୍ଦ—ସ ବ [୬ଷ୍ଠୀ ତତ୍]—ପଦ୍ମମୂଳ —
Śiphā kanda The root of lotus.
(ଶିଫାକ—ଅନ୍ୟରୂପ)

ଶିଫାଧର—ସ ବ (ଶିଫା+ଧୃ ଧାତୁ+କର୍ତ୍ତୃ ଅ)—ଡାଳ;ଶାଖା (ବି ଶ)
Śiphādhara —Branch.

ଶିଫାରୁହ—ସ ବ (ଶିଫ+ଆ+ରୁହ୍ ଧାତୁ=ଜନ୍ମିବା+କର୍ତ୍ତୃ ଅ)—
Śiphāruha ବଟବୃକ୍ଷ—The banian tree.

ଶିଫାଳ(ଳୀ)—ସ ବ [ଶୀ ଧାତୁ=ଶୟନକରିବା+କର୍ତ୍ତୃ ଫ=ଶିଫ;ଶିଫ
Śiphāḷi(ḷi) +ଅଳ)—ଶେଫାଳି (ଦେଖ)—
(ଶିଫାଳିକା—ଅନ୍ୟରୂପ Sephāḷi (See)

ଶିବ—ସ ବ. ପୁ. [ଶୀ ଧାତୁ=(ଅଣିମାଦି ଗୁଣ) ଶୋଇବା+ଅଧିକରଣ
Śiba ଅ; ଅଥବା ଶୋ ଧାତୁ [ଅଶୁଭ] ନାଶକରିବା+କର୍ତ୍ତୃ ବ;
[ଶିବା—ସ୍ତ୍ରୀ] ଯେ ଅମଙ୍ଗଳ ନାଶ କରନ୍ତି] ୧। ମହାଦେବ, ଶଙ୍କର; ହିନ୍ଦୁଙ୍କର ତ୍ରିମୂର୍ତ୍ତି ମଧ୍ୟରୁ ଏକତମ—1. God Mahādeba, one of the trinity of the Hindu pantheon.
[ଦ୍ର—ହିନ୍ଦୁମତରେ ବ୍ରହ୍ମା—ସୃଷ୍ଟି କରନ୍ତି, ବିଷ୍ଣୁ ପାଳନ କରନ୍ତି ଓ ଶିବ ବିନାଶ କରନ୍ତି। ପୁରାଣ ସମୂହରେ ଓ ରାମାୟଣ ଓ ମହାଭାରତରେ ଶିବ ମହାତ୍ମ୍ୟ କୀର୍ତ୍ତିତ ହୋଇ ଅଛି। ବେଦ ଓ ସଂହିତାରେ ଯେ ରୁଦ୍ର ବୋଲି ପରିଚିତ, ରାମାୟଣ, ମହାଭାରତ ଓ ପୁରାଣାଦିରେ ସେହି ଶିବ ନାମରେ ପ୍ରସିଦ୍ଧି ଲାଭ କରିଅଛନ୍ତି। ମହାଭାରତ ଅନୁ-ଶାସନ ପର୍ବରେ ୧୭ ଅଧ୍ୟାୟରେ ଶିବଙ୍କ ସହସ୍ର ନାମ ଅଛି। ଶିବଙ୍କର ଅନ୍ୟ ନାମ :—ଶମ୍ଭୁ, ଈଶ, ପଶୁପତି, ଶୂଳୀ, ବାମଦେବ, ମହେଶ୍ୱର, ଈଶ୍ୱର, ଶର୍ବ, ଈଶାନ, ମୃତ୍ୟୁଞ୍ଜୟ, ଶଙ୍କର, ଚନ୍ଦ୍ରଶେଖର, ଭୂତେଶ, ହରରୂପ, ଖଣ୍ଡ-ପରଶୁ, ଗିରୀଶ, ଗିରିଶ, କୃତ୍ତିବାସ, ମୃଡ଼, ଭୂତନାଥ, ପିନାକୀ, ବିରୂପାକ୍ଷ, ପ୍ରମଥାଧିପ, ଉଗ୍ର, କପର୍ଦ୍ଦୀ, ଶ୍ରୀକଣ୍ଠ, ଧରଣୀଶ୍ୱର, କପାଳ ଭୃତ୍, ବାମଦେବ, ଶିତିକଣ୍ଠ, ମହାଦେବ, ବିରୂପାକ୍ଷ, ତ୍ରିଲୋଚନ, ବ୍ୟୋମଦେବ, କୃଶାନୁରେତା, ସର୍ବଜ୍ଞ, ଧୂର୍ଜ୍ଜଟି, ଜଟାଧର, ନୀଳଲୋହିତ, ହର, ସ୍ମରହର, ଭର୍ଗ, କଙ୍କାଳମାଳୀ, ତ୍ର୍ୟମ୍ବକ, ତ୍ରିପୁରାନ୍ତକ, ଗଙ୍ଗାଧର, ଶ୍ମଶାନ, ଅନ୍ଧକରିପୁ, କ୍ରତୁଧ୍ୱଂସୀ, ବୃଷଧ୍ୱଜ, ବ୍ୟୋମକେଶ, ସ୍ଥାଣୁ, ଭବ, ଭୀମ, ସ୍ଥାଣୁ, ରୁଦ୍ର, ଉମାପତି, ଶର୍ବ, ହର୍ତ୍ତା, ଅଜୁ, ବୃଷପର୍ବା, ବେଦବାଣ, କପାଳୀ, କପର୍ଦ୍ଦ, ଦଶ୍ରେ-କାଳ, ପାଂଶୁଚନ୍ଦନ, ଦିଗମ୍ବର, ଅଟ୍ଟହାସ, ଖର, ଉଦ୍ର, ପଞ୍ଚାନନ, କାଳଞ୍ଜର, ପୁରଦ୍ୱିଟ୍, ଭୂତାପତି, ମହାକାଳ, ଖଣ୍ଡ-ପର୍ଶ୍ୱ, ଗଜଚର୍ମ, ଖଣ୍ଡୁ, ଭୂତ, କଟପ୍ରୁ, ଭୈରବ, ଭୂତନାଥ, ଶମ୍ଭୁ, ଧ୍ରୁବ, ଶିତିକଣ୍ଠ, ଗୁଡ଼ାକେଶ, ଦେବଦେବ, ଶୂଳଧର, ମହାନଟ, ସନ୍ଧ୍ୟାନାଟୀ, ସୁପ୍ରସାଦ, ବୃଷଭଧ୍ୱଜ, ଚନ୍ଦ୍ରାପୀଡ଼, ଶିପିବିଷ୍ଟ, ବଟେଶ୍ୱର, ତପେଶ୍ୱର, ବୈଦ୍ୟନାଥ, କାଶୀନାଥ, ଭୁବନେଶ୍ୱର, ଅସ୍ଥିମାଳୀ, ବିଶାଳାକ୍ଷ, ତ୍ରିପୁରାନ୍ତକ, ବ୍ୟୋମାଷୀ, ଊର୍ଦ୍ଧ୍ୱରେତା, ଯମାନ୍ତକ, ନନ୍ଦୀଶ୍ୱର, ଅଷ୍ଟମୂର୍ତ୍ତି, ଅଧୀଶ, ଖେଚର, ଭର୍ଗୀଶ, ଅର୍ଦ୍ଧନାରୀଶ, ଦୟାନାୟକ, ପିନାକପାଣି, ଫଣିଧରଧର, ମହାକାଳ, କୈଳାଶନିକେତନ ଇତ୍ୟାଦି ଦ୍ରଷ୍ଟବ୍ୟ।)
୨। ବେଦ—2.The Bedas. ୩। ଜ୍ୟୋତିଷୋକ୍ତ ବିଷ୍କୁମ୍ଭ ଅନ୍ତର୍ଗତ ଯୋଗ ବିଶେଷ —3. One of the auspicious conjunctions in the Hindu astrology. ୪। ମୋକ୍ଷ; ମୁକ୍ତି—4. Salvation. ୫। ପାରଦ—5. Mercury; quick-silver. ୬। ଶିବଲିଙ୍ଗ—6.The phallic emblem of God Mahādeba representing the male organ of generation. ୭। ସୈନ୍ଧବ ଲବଣ—7. Rock salt. ୮। ଜଳ—8.Water. ୯। ଶୁଭ; ମଙ୍ଗଳ—9. Bliss, prosperity. ୧୦। ସୁଖ—10. Happiness. ୧୧। ଖିଲ; ଖୁଣ୍ଟା (ବି ଶ)—11. Peg. ୧୨। ଗୁଗ୍ଗୁଳ (ବି. ଶ)—12. Bdellium. ୧୩। ବୃକ୍ଷ ବିଶେଷ (ବି. ଶ)—13. A kind of tree. ୧୪। କଳା ଧାତୁରା (ବି. ଶ)—14. The black variety of Detura Fastuosa ୧୫। ଦେବ (ବି.ଶ)—15. Deity. ୧୬। ଶୁଭଗ୍ରହ (ବି. ଶ)—16. Auspicious planet. ୧୭। ରୁଦ୍ର; କାଳ (ବି. ଶ)—17. Time personified. ୧୮। ବସୁ ଦେବତା (ବି. ଶ)—18. Basu Deity. ୧୯। ମୃଗ ବିଶେଷ (ବି. ଶ)—19. A kind of deer ୨୦। ଏକ ପ୍ରକାର ଗୌଡ଼ୀ ମଦ୍ୟ (ବି. ଶ)—20. A kind of spirit distilled from mollases ୨୧। ପ୍ଲକ୍ଷ ଦ୍ୱୀପ ବା ଜମ୍ବୁ ଦ୍ୱୀପର ଏକ ବର୍ଷର ନାମ (ବି.ଶ)

21. Name of a mythological division of the Plaksha or Jambu dwipa. ୨୨ । ନବ୍ୟ ବଶେଷ (ହ୍ରି. ଶ)—22. A kind of dancing. ୨୩ । ଛନ୍ଦୋବିଶେଷ (ହ୍ରି. ଶ)—23. Name of a Sanscrit metre. [ଦ୍ର—ଏଥିର ପ୍ରତ୍ୟେକ ଚରଣ ଓ ୨ୟ ବିଶ୍ରାମରେ ୧୧ ମାତ୍ରା ଓ ଅନ୍ତରେ ସଗଣ, ଭଗଣ, ନଗଣରୁ ଏକ ଗଣ ଥାଏ । ଏଥିର ୩ୟ, ୬ଷ୍ଠ ଓ ୯ମ ମାତ୍ରା ଲଘୁ (ହ୍ରି: ଶ) ୨୪ । ପରମେଶ୍ୱର; ଭଗବାନ୍ (ହ୍ରି. ଶ)—24. God. ୨୫ । ପଶୁ ବନ୍ଧନ କାଷ୍ଠ ବା ସ୍ତମ୍ଭ (ପ୍ରକୃତିବାଦ)—25. A post for tying a beast. ୨୬ । ଲିଙ୍ଗ; ମେଢ୍ର (ପ୍ରକୃତିବାଦ)—26. Penis; male organ. ୨୭ । ସୋହାଗା (ହ୍ରି. ଶ) 27. Borax. ୨୮ । ଅଁଳା (ହ୍ରି. ଶ)—28. Embelic myrobalan. ୨୯ । କଦମ୍ବ (ହ୍ରି. ଶ)—29. Neuclea Kadamba. ୩୦ । ଫିଟ୍‌କିରି (ହ୍ରି. ଶ) 30. Alum. ୩୧ । ସିନ୍ଦୂର (ହ୍ରି. ଶ)—31. Red lead. ୩୨ । ମରିଚ (ହ୍ରି. ଶ)—32. Black pepper. ୩୩ । ରାଶିଫୁଲ (ହ୍ରି. ଶ)—33. Flower of Sessamum. ୩୪ । ଚନ୍ଦନ (ହ୍ରି. ଶ)—34. Sandal. ୩୫ । ଲୁହା (ହ୍ରି: ଶ)—35. Iron. ୩୬ । ବାଲି (ହ୍ରି. ଶ)—36. Sand. ୩୭ । ନୀଳକଣ୍ଠ ପକ୍ଷୀ—(ହ୍ରି. ଶ)—37. The blue Jay; the Indian roller bird. ୩୮ । କାକ (ହ୍ରି. ଶ)—38. Crow. ୩୯ । ବଉଳ ଗଛ (ହ୍ରି. ଶ)—39. Mimusops Elengi (tree). ୪୦ । କୁନ୍ଦଫୁଲ (ବିଶ୍ୱକୋଷ)—40. Jasminum Pubescens (flower). ୪୧ । ଅଦ୍ୱୈତ ତତ୍ତ୍ୱ—41. The Essential Unit or the Root Divinity pervading the universe. ୪୨ । ବିଲୁଆ; ଶୃଗାଳ—42. Jackal. ବି. ବଣ. ପୁଂ.—୧ । ଶୁଭଦ; ମଙ୍ଗଳମୟ—1. Auspicious; blissful. ୨ । ରମ୍ୟ; ରମଣୀୟ; (ଶିବା—ସ୍ତ୍ରୀ) ସୁନ୍ଦର—2. Beautiful. ୩ । ସୁଖପ୍ରଦ—Bestowing happiness or bliss. ଦେ. ବି. ପୁଂ—

ଶିବ ସୀଷ ଲୋକଙ୍କୁ ଦିଆଯିବା ନାମ—A name given to males. [ଦ୍ର—ଲୋକଙ୍କୁ ଶିବପ୍ରସାଦ, ଶିବନାଥ, ଶିବନାରାୟଣ, ଶିବଶଙ୍କର, ଶିବଦେବ, ଶିବପଦ ଆଦି ନାମ ମଧ୍ୟ ଦିଆଯାଏ ।]

ଶିବକ—ସଂ. ବି—୧ । କଣ୍ଟା—1. Nail. ୨ । ଖିଲକ—2. Peg.
Sibaka ୩ । ଗୋରୁମାନଙ୍କ ଗାତ୍ର କଣ୍ଡୁୟନ ନିମିତ୍ତ ଗୋଠରେ ପୋତା ହୋଇଥିବା ଖିଲା—3. Pegs driven into the floor of a cattle-shed for cattle scratching their itching bodies.

ଶିବକର—ସଂ. ବଣ. ପୁଂ—ମଙ୍ଗଳକାରକ—
Sibakara Bestowing bliss.
ସଂ. ବି—(ନାମ) ଜୈନଙ୍କର ୨୪ ଜନ ମଧ୍ୟରୁ ଏକ—Name of one of the Jaina saints.

ଶିବକର ଦେବ—ଦେ. ବି—(ନାମ) – ଭୌମ ବଂଶର ରାଜା—
Sibakara deba A king of the Bhauma dynasty. [ଦ୍ର—ଭୌମ ବଂଶର 'ଶିବକର ଦେବ' ନାମଧେୟ ତିନି ଜଣ ରାଜା ରାଜତ୍ୱ କରିଥିଲେ । ପ୍ରଥମ ଶିବକର ବୌଦ୍ଧ ଥିଲେ । ତାଙ୍କର ଅପର ନାମ ଉନ୍ମତ୍ତକେଶରୀ । କିନ୍ତୁ ଦ୍ୱିତୀୟ ଓ ତୃତୀୟ ଶିବକର ଦେବ ପରମ ମାହେଶ୍ୱର ଓ ପ୍ରବଳ ପ୍ରତାପୀ ଥିଲେ । ଲେଖକ—କେଦାରନାଥ ମହାପାତ୍ର ।]

ଶିବ କାଞ୍ଚି(ଞ୍ଚୀ)—ସଂ. ବି—ଦାକ୍ଷିଣାତ୍ୟର କାଞ୍ଚି ନଗରର ଏକ ଅଂଶ—
Siba kanchi(chi)i A part of the town Kanchi or Conjeeveram in the Deccan. [ଦ୍ର—କାଞ୍ଚିନଗରୀ ଶିବକାଞ୍ଚି ଓ ବିଷ୍ଣୁକାଞ୍ଚି, ଏପରି ଦୁଇ ଭାଗରେ ବିଭକ୍ତ । ଶିବକାଞ୍ଚିରେ ଏକାମ୍ରନାଥ ନାମକ ଶିବଲିଙ୍ଗ ପ୍ରତିଷ୍ଠିତ । ଏହି ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ଅତି ପ୍ରାଚୀନ ଆମ୍ବ ବୃକ୍ଷ ଅଛି । ଏହି ବୃକ୍ଷର ଚାରି ଗୋଟି ଶାଖାରେ ଯଥାକ୍ରମେ ମିଷ୍ଟ, କଟୁ, ତିକ୍ତ ଓ ଅମ୍ଳ ରସାସ୍ୱାଦ ଆମ୍ବ ଫଳ ଫଳିବାର ଏକାମ୍ରନାଥଙ୍କ ଭୋଗ ଲାଗିବାର ପ୍ରବାଦ ଅଛି । ଏହି ମନ୍ଦିର ବେଢ଼ାରେ ଥିବା 'ଗୋପୁରମ୍' ଉଚ୍ଚତାରେ ୧୮୮ ଫୁଟ ଓ ପ୍ରସ୍ଥରେ ୨୪ ଫୁଟ । ଏହି ମନ୍ଦିର ସମ୍ମୁଖରେ ଷୋଡ଼ଶ ସ୍ତମ୍ଭ ମଣ୍ଡପ ଓ ବାମ ପାର୍ଶ୍ୱରେ ସହସ୍ର ସ୍ତମ୍ଭ ନାମକ ମଣ୍ଡପ ଅଛି । ଏକାମ୍ରନାଥଙ୍କ ଚଳନ୍ତି ପ୍ରତିମା ପଞ୍ଚଧାତୁ ନିର୍ମିତ ଓ ଚତୁର୍ଭୁଜ । ଫାଲ୍ଗୁନ ମାସରେ ୧୦ ଦିନ ଏ ମୂର୍ତ୍ତି ନଗର ଭ୍ରମଣ କରନ୍ତି ଓ ଉତ୍ସବର ଶେଷ ଦିନ ଏକାମ୍ରନାଥଙ୍କ ସହିତ ଏକ ମାଇଲ ଦୂରରେ ମନ୍ଦିରସ୍ଥିତା କାମାକ୍ଷୀ ଦେବୀଙ୍କର ବିବାହ ଉତ୍ସବ କରାଯାଏ । ଏକାମ୍ରନାଥଙ୍କ ମୂର୍ତ୍ତି ବାଲୁକା ଓ ମୃତ୍ତିକା ନିର୍ମିତ ହେଲେହେଁ ବହୁକାଳ ସ୍ନିଗ୍ଧ ପଦାର୍ଥ ଲେପନରେ କୃଷ୍ଣ ପ୍ରସ୍ତରବତ୍ ଦେଖାଯାଉଅଛି । ଏ ମୂର୍ତ୍ତି ଦାକ୍ଷିଣାତ୍ୟରେ ଶିବଙ୍କର କ୍ଷିତିମୂର୍ତ୍ତି ଅଟନ୍ତି । ଗଭର୍ଣ୍ଣମେଣ୍ଟ ଏ ଦେବ ପୂଜା ନିମିତ୍ତେ ବାର୍ଷିକ ଦୁଇହଜାର ଟଙ୍କା ଦିଅନ୍ତି । ମଦନମୋହନ. ତୀର୍ଥଦର୍ଶନ ।]

ଶିବକୀର୍ତ୍ତନ—ସଂ.ବି (ବହୁବ୍ରୀହି)—୧ । ଶୈବ—1. A worshipper
Siba kirttana of Siba ୨ । ବିଷ୍ଣୁ—2. Bishnu. ୩ । ଶିବଙ୍କ ଦ୍ୱାରପାଳ (ହ୍ରି. ଶ)—3. Doorkeeper of Siba.

ଶିବ କ୍ଷେତ୍ର—ସଂ. ବି (ଶିବଅଧିଷ୍ଠିତ କ୍ଷେତ୍ର; ମ. ପ. ଲୋ)—
Siba kshetra ୧ । ବାରାଣସୀ; କାଶୀ—1. Benares. [ଦ୍ର—ଉତ୍କଳରେ ଭୁବନେଶ୍ୱର ସାଧାରଣତଃ ଶିବକ୍ଷେତ୍ର ନାମରେ ପରିଚିତ; କିନ୍ତୁ ପୁରାଣ ଅନୁସାରେ ପ୍ରଭାସ ବା ପୁରୁଷୋତ୍ତମ ଶିବକ୍ଷେତ୍ର ଅଟେ ଓ ଏ କ୍ଷେତ୍ରର ରକ୍ଷକ

'ଲୋକନାଥ' ଶିବ ଅଛନ୍ତି ।] ୨ । କୈଳାସ - 2. The Kailāsa mountain. ୩ । ଶ୍ମଶାନ (ବଙ୍ଗକୋଷ)— 3. Cremation ground.

ଶିବ ଗଙ୍ଗା—ସଂ ବ (ନାମ)—୧ । ମାନ୍ଦ୍ରାଜର ମଦୁରା ଜିଲ୍ଲା ଅନ୍ତର୍ଗତ
Śiba gangā ଗୋଟିଏ ବଡ଼ ଜମିଦାରୀ (ଶେତ୍ରଫଳ ୧୬୨୦ ବର୍ଗ ମାଇଲ)—1. Name of a big estate in the district of Madura. ୨ । ମହୀଶୂର ରାଜ୍ୟର ବାଙ୍ଗାଲୁର ଜିଲ୍ଲାର ଗୋଟିଏ ପର୍ବତ (ଉଚ୍ଚତା ୪୫୯ ଫୁଟ) ଓ ତନ୍ନିମ୍ନସ୍ଥ ଗ୍ରାମ—2. Name of a mountain in the Mysore State and a village at its foot. ୩ । ଶିବଙ୍କ ମନ୍ଦିରସନ୍ନିକଟସ୍ଥ ନଦୀ ବା ତୀର୍ଥ (ହି. ଶ —3. A river or sacred bathing place near a temple of Siba.

ଶିବ ଗଣ—ସଂ ବ (ଷଷ୍ଠୀ ତତ୍)—ଶିବଙ୍କ ଅନୁଚର ପ୍ରମଥଗଣ —
Śiba gaṇa The attendants of God Mahādeba.

ଶିବ ଗିରି—ସ. ବ (ମ. ପ. ଲୋ; ଶିବସେବିତ ଗିରି)—କୈଳାସ—
Śiba giri The Kailāsa mountain. [ଦୃ—ରୂପେ ଶୋଭିତ ଶିବଗିରି । ଜଗନ୍ନାଥ. ସ୍ୱରବତ ।] ଦେ. ବ—(ନାମ) ମାନ୍ଦ୍ରାଜ ପ୍ରଦେଶର ତିନେଭେଲି ଜିଲ୍ଲାର ଗୋଟିଏ ଜମିଦାରୀ ଓ ନଗର—Name of an estate and town in Tinnevely district of Madras.

ଶିବଗୁରୁ—ଦେ. ବ—ଶଙ୍କରାଚାର୍ଯ୍ୟଙ୍କ ପିତା ଓ ବିଦ୍ୟାଧିରାଜଙ୍କ ପୁତ୍ର
Śibaguru (ହି. ଶ)—Name of the father of Śankarāchārjya.

ଶିବ ଘର୍ମଜ—ସଂ ବ (ଶିବ + ଘର୍ମ=ଝାଳ + ଜନ୍ ଧାତୁ=ଜାତ
Śiba gharmaja ହେବା + କର୍ତ୍ତୃ. ଅ)—ମଙ୍ଗଳ ଗ୍ରହ— Mars (planet).

ଶିବ ଚତୁର୍ଦ୍ଦଶୀ—ସ. ବ—ଶିବରାତ୍ରି; ଫାଲ୍ଗୁନ କୃଷ୍ଣଚତୁର୍ଦ୍ଦଶୀ—The
Śiba chaturddaśi 14 day of the dark lunar fortnight of the month of Phālguna. [ଦୃ—ଫାଲ୍ଗୁନ ମାସର କୃଷ୍ଣଚତୁର୍ଦ୍ଦଶୀ ଶିବଙ୍କ ପୂଜାପକ୍ଷରେ ପ୍ରଶସ୍ତ ଅଟେ ।]

ଶିବଜା—ସ. ବ—ଶିବଲିଙ୍ଗିନୀ (ଦେଖ)
Śibajā Śibalingini. (See)

ଶିବଜୀ—ଦେ. ବ (ନାମ)—ଶିବାଜୀ (ଦେଖ)
Śibaji Śibāji. (See)

ଶିବ ଜ୍ଞାନ—ସଂ ବ (ଶିବର ବା ମଙ୍ଗଳର ଜ୍ଞାନ ହୁଏ ଯାହାଦ୍ୱାରା)—୧ ।
Śiba jñāna ଶୁଭାଶୁଭ କାଳବୋଧକ ଶାସ୍ତ୍ର ବିଶେଷ—1. The science dealing with auspicious and inauspicious periods. (ଶିବାଗୌସ୍ତ୍ର ତଳେ ଟୀକା ଦେଖ) ୨ । ମଙ୍ଗଳ ବା ଶୁଭ ସମ୍ବନ୍ଧୀୟ ଜ୍ଞାନ—2. Knowledge about happiness or bliss.

ଶିବତାତି—ସଂ ବ୍ୱ (ଶିବ + ତାତି)—ଶୁଭଜନକ; ମଙ୍ଗଳଦାୟକ—
Śibatāti Auspicious; bestowing happiness;

ଶିବ ତୀର୍ଥ—ସ. ବ (ମ. ପ. ଲୋ; ଶିବକର୍ମିକ ତୀର୍ଥ)—କାଶୀ—
Śiba tirtha Benares.

ଶିବ ତେଜଃ—ସ. ବ (ଷଷ୍ଠୀ ତତ୍)—ପାରଦ—
Śiba tejah Mercury.

ଶିବତ୍ୱ(ତା)—ସ. ବ (ଶିବ + ତ୍ୱ, ତା)—୧ । ଶିବପଦ—
Śibatwa(tā) 1. The position or state of God Śiba. ୨ । ଶିବ ସାଯୁଜ୍ୟ (ଦେଖ)— 2. Śiba sājujya. (See)

ଶିବତ୍ର—ସ. ବ—(ଶିବ + ତ୍ରୈ ଧାତୁ + କର୍ତ୍ତୃ. ଅ)—ଶିବ ପୂଜାର୍ଥ ଉତ୍ସର୍ଗ
Śibatra ହୋଇଥିବା ନିଷ୍କର ଭୂମି—Land assigned rent-free for the worship of God Śiba.

ଶିବଦ—ସ. ବଣ. ପୁଂ—ମଙ୍ଗଳ ବିଧାୟକ; ଶୁଭଦାତା—
Śibada Bestowing bliss or happiness. [ଦୃ— [ଶିବଦା, ଶିବଦାତ୍ରୀ—ସ୍ତ୍ରୀ] ଶିବ ନୟନାନଳରେ କ ତେଜ; ଶିବଦ ହୋଇ କଲେତ ମନୋଜ । ବିଷ୍ଣୁପୁର ବଡ଼ନ (ଶିବଦାତା—ଅନ୍ୟରୂପ) ମହାଭାରତ ।

ଶିବ ଦତ୍ତ—ସ. ବ—ବିଷ୍ଣୁଙ୍କ ସୁଦର୍ଶନ ଚକ୍ର—
Śiba datta The discus, weapon of Bishṇu.

ଶିବ ଦର୍ଶନ —ସ. ବ—ମହାଦେବଙ୍କୁ ଦେଖିବା—
Śiba darśana A visit to the Deity Śiba. (ଶିବ ଦରଶନ—ଗ୍ରାମ୍ୟରୂପ)

ଶିବଦାସ ପୁର—ଦେ. ବ (ନାମ)—ଯାଜପୁର ଟାଉନ୍‌ର ଏକ କ୍ରୋଶ
Śibadāsa pura ଦୂରରେ ଅବସ୍ଥିତ ଓ ବିରଜା ମନ୍ଦିରର ନିକଟବର୍ତ୍ତୀ ଏକ ପ୍ରସିଦ୍ଧ କରଣ ବସ୍ତି-A well known Karaṇa-village near the temple of Goddess Birajā one mile from the Jajpur town. [ଦୃ—ଏହା ଶିବେଶ୍ୱର ମହାଦେବଙ୍କ ନାମାନୁସାରେ ସ୍ଥାପିତ ଓ ବୈତରଣୀର ଶାଖାନଦୀ ଗୌରୀକୂଳରେ ଅବସ୍ଥିତ । ଋଗ୍‌ବେଦ ଓ ପୁରାଣମାନଙ୍କରେ ବୈତରଣୀ ତଥା ବିରଜା ତୀର୍ଥର ବର୍ଣ୍ଣନା ଥିବାରୁ, ଶିବଦାସପୁରର ଇତିହାସ ଏଥି ସହିତ ପ୍ରଚ୍ଛନ୍ନଭାବରେ ରହିଛି । ପଣ୍ଡିତ କୃପାସିନ୍ଧୁ, ପ୍ୟାରୀମୋହନଙ୍କ ଓଡ଼ିଶା ଇତିହାସ, ନବକିଶୋର ବାହାଦୁରଙ୍କ କରଣ ଜାତିର ଇତିହାସ ଅନୁସାରେ ଯଯାତି କେଶରୀ ଯେତେବେଳେ ଯାଜପୁରରେ ରାଜଧାନୀ ସ୍ଥାପନା କରି ଚଉଦ୍ୱାର ନଗର (ଅଧୁନା—ନଅରପଦା)ରେ ବାସ କରୁଥିଲେ, ସେହି ସମୟରେ ଶାସନ କାର୍ଯ୍ୟର ଶୃଙ୍ଖଳା ନିମନ୍ତେ ମଗଧ (ବିହାର)ରୁ କରଣ(ଲେଖକ)ମାନଙ୍କୁ ଆଣି ପ୍ରଥମେ ସେଠାରେ ବସାଇଥିଲେ । ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଶାର ପ୍ରତ୍ନତତ୍ତ୍ୱ ନାମକ ଗ୍ରନ୍ଥରେ ଏହି ନଅରପଦା ବିଷୟରେ ଲେଖା ଅଛି । କାଳକ୍ରମେ ଏହି କରଣମାନେ ଶିବଦାସପୁର, ସଦାଶିବପୁର ଓ ପାଞ୍ଚ ପଡ଼ା (ଅଧୁନା ପଟ୍ଟନାୟକ ସାହି) ଓ ନାହୁଶିଅ ଗ୍ରାମମାନଙ୍କୁ ଉଠି ଯାଇଥିଲେ । ଏ ଗ୍ରାମ ଯଯାତି କେଶରୀଙ୍କଦ୍ୱାରା ସ୍ଥାପିତ ହୋଇଥିଲା । ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ ଏହା ଭୌମ ବା କେଶରୀ ବଂଶୀୟ ରାଜାମାନଙ୍କର ରାଜଧାନୀ ଥିଲା ।

ଏ ସ୍ଥାନର ଭୂଗର୍ଭରୁ ଅନେକ ଶିବ ଓ ଦୁର୍ଗା ମୂର୍ତ୍ତିମାନ ଆବିଷ୍କୃତ ହୋଇଅଛି । ବର୍ତ୍ତମାନ ସୁପ୍ରସିଦ୍ଧ "କାନୁନ୍‌ଗୋ" ବଂଶ ପୂର୍ବେ ରାଜମନ୍ତ୍ରୀ ଥିଲେ । ଏହାଙ୍କ ବଂଶଧରମାନେ ଓଡ଼ିଶା ରାଜାଙ୍କ ଠାରୁ ବେବର୍ତ୍ତା, ପଟ୍ଟନାୟକ ଓ କାନୁନ୍‌ଗୋ ଉପାଧିମାନ ପାଇଥିଲେ ।

ଏହି ବଂଶର ଶୁକଦେବ ଦାସ ବେବର୍ତ୍ତା, ସଂସ୍କୃତ ରଘୁନାଥବ ନାଟକର ଓଡ଼ିଆ ଅନୁବାଦକ ବନମାଳୀ ଦାସ ପଟ୍ଟନାୟକ ଓ ଉଭୟପକ୍ଷ ସଂଗ୍ରହର ସମ୍ପାଦକ ସାଧୁଚରଣ କାନୁନ୍‌ଗୋ ଆଦି ହିନ୍ଦୁ, ମୁସଲମାନ, ମରହଟ୍ଟା ଓ ଇଂରେଜମାନଙ୍କ ରାଜତ୍ୱରେ ବିଶେଷ ପ୍ରସିଦ୍ଧି ଲାଭ କରିଥିଲେ ।]

ଲେଖକ—ଚନ୍ଦ୍ରଶେଖର ଦାସ ।

ଶିବ ଦାରୁ—ସଂ. ବି.—ଦେବଦାରୁ ବୃକ୍ଷ—
Śiba dāru Deodar; pine tree.

ଶିବ ଦିଶ—ସଂ. ବି—ଈଶାନକୋଣ (ବିଶ୍ୱକୋଷ)
Śiba diśa The north-east quarter.

ଶିବ ଦୂତିକା—ସଂ. ବି. ସ୍ତ୍ରୀ—(ଶିବ=ମହାଦେବ+ଦୂତ=ବାର୍ତ୍ତାବହ
Śiba dūtikā +ଇ; ଯେ ମହାଦେବଙ୍କୁ ଚରରୂପେ ପଠାଇଥିଲେ
(ଶିବଦୂତୀ—ଅନ୍ୟରୂପ) ୧ । ଦୁର୍ଗା—1. Goddess Durgā.
[ଦ୍ର—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀ ମାହାତ୍ମ୍ୟ ବା ଚଣ୍ଡୀର ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ଯେ, ଶୁମ୍ଭ ନିଶୁମ୍ଭ ଅସୁରଦ୍ୱୟଙ୍କୁ ବିନାଶ କରିବା ପୂର୍ବରୁ ଦୁର୍ଗା ଦେବତାମାନଙ୍କର ତେଜ ଗ୍ରହଣପୂର୍ବକ 'ଚଣ୍ଡୀ' ରୂପ ଧାରଣ କରି ଉକ୍ତ ଅସୁରଦ୍ୱୟଙ୍କ ନିକଟକୁ ମହାଦେବଙ୍କଦ୍ୱାରା ପ୍ରଥମେ ସମ୍ବାଦ ପଠାଇଲେ ଯେ, ତୁମ୍ଭେମାନେ ଯେବେ ବଞ୍ଚି ରହିବାକୁ ଇଚ୍ଛା କର ତେବେ ଦେବତାମାନଙ୍କ ପ୍ରତି ଅତ୍ୟାଚାର କର ନାହିଁ। ଓ ପାତାଳ ପୁରକୁ ଯାଇ ସେଠାରେ ବାସ କର; ଯେବେ ଏହା ନ କରିବ ତେବେ ତୁମ୍ଭମାନଙ୍କ ମାଂସଦ୍ୱାରା ମୋ ଶିବାଗଣ ତୃପ୍ତିଲାଭ କରିବେ। ସ୍ୱୟଂ ଶିବ ଦେବୀଙ୍କ କର୍ତ୍ତୃକ ଦୂତ କର୍ମରେ ନିଯୁକ୍ତ ହୋଇ ଥିବାରୁ ସେହି କାଳରୁ ଦୁର୍ଗାଙ୍କର 'ଶିବ ଦୂତୀ' ନାମ ଖ୍ୟାତ ହେଲା ।] ୨ । ଦୁର୍ଗାଙ୍କର ରୂପାନ୍ତର ଧାରିଣୀ ଯୋଗିନୀ ବିଶେଷ—2. An incarnation of Durgā. [ଦ୍ର—ଅଷ୍ଟଯୋଗିନୀ ମଧ୍ୟରେ ଶିବଦୂତୀ ଶେଷ ଯୋଗିନୀ । ଅଷ୍ଟ ଯୋଗିନୀ, ଯଥା, ବ୍ରହ୍ମାଣୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ, ନାରସିଂହୀ, ଐନ୍ଦ୍ରୀ ଓ ଶିବଦୂତୀ (ବିଶ୍ୱକୋଷ)] । ୩ । କାର୍ତ୍ତିକେୟଙ୍କର ଏକ ମାତୃକାଙ୍କ ନାମ—3.Name of a Mātrukā of Kārttikeya.

ଶିବ ଦୈବ—ସଂ. ବି—ଆର୍ଦ୍ରା ନକ୍ଷତ୍ର (ଏଥିର ଅଧିଷ୍ଠାତ୍ରୀ ଦେବତା ଶିବ)-
Śiba daiba The sixth asterism.

ଶିବ ଦ୍ୱାଦଶନାମ—ସଂ. ବି—ମହାଦେବଙ୍କର ୧୨ ଗୋଟି ନାମାନ୍ତର—
Śiba dwādasanāma 12. names of Śiba (by
(ଶିବ ଦ୍ୱାଦଶ ନାମାନି—ଅନ୍ୟରୂପ) uttering which the votary is promised to be free from the stain of various heinous sins of commission. [ଦ୍ର—ଶିବଙ୍କ ଦ୍ୱାଦଶ ନାମ ଯଥା ୧ ମହାଦେବ, ୨ ମହେଶ୍ୱର, ୩ ଶଙ୍କର, ୪ ବୃଷଭଧ୍ୱଜ, ୫ କୃତ୍ତିବାସ, ୬ କାମାଙ୍ଗନାଶନ, ୭ ଦେବଦେବେଶ, ୮ ନୀଳକଣ୍ଠ, ୯ ଈଶ୍ୱର, ୧୦ ପାର୍ବତୀପ୍ରିୟ, ୧୧ ରୁଦ୍ର, ଓ ୧୨ ଶିବ ।

ଏହି ଦ୍ୱାଦଶ ନାମକୁ ତ୍ରିସନ୍ଧ୍ୟାରେ ଉଚ୍ଚାରଣ କଲେ ବ୍ରହ୍ମହତ୍ୟା, ଗୁରୁତଳ୍ପ ଗମନ, ସ୍ତ୍ରୀ ହତ୍ୟା, ବାଳହତ୍ୟା, ଗୋହତ୍ୟା, କୃତଘ୍ନତା, ବୃଷଳୀଗମନ, ସୁରାପାନ ପାପରୁ ଲୋକ ମୁକ୍ତିଲାଭ କରେ—ହିନ୍ଦୁ ଶାସ୍ତ୍ରରେ ଏହିପରି ଉଲ୍ଲେଖ ଅଛି ।]

ଶିବ ଦ୍ୱିଷ୍ଟା—ସଂ. ସ—କେତକୀ ଫୁଲ; କିଆ ଫୁଲ—Pandanus
Śiba dwishṭā Odoratissimus (flower).
[ଦ୍ର—ଶିବ ପୂଜାରେ ଏଥିର ବ୍ୟବହାର ନିଷିଦ୍ଧ ।]

ଶିବ ଦ୍ରୁମ—ସଂ. ବି—(ଶିବଙ୍କ ପ୍ରିୟଦ୍ରୁମ; ୬. ପ. ଲୋ)—ବେଲଗଛ—
Śiba druma The marmalos tree.

ଶିବ ଧନୁଃ—ସଂ. ବି—(୬ଷ୍ଠୀ ତତ୍)—ଶିବଙ୍କ ବ୍ୟବହୃତ ଧନୁ; ପିନାକ-
Śiba dhanuḥ The bow of Śiba; Pināka.

ଶିବ ଧର୍ମ—ସଂ. ବି—୧ । ତନ୍ତ୍ର ଶାସ୍ତ୍ର (ଏହାକୁ ଶିବ ପାର୍ବତୀଙ୍କ ନିକଟରେ
Śiba dharma ପ୍ରକାଶ କରିଥିଲେ ।)—1.The Tantras.
୨ । ଉପପୁରାଣ ବିଶେଷ—
2. Name of a minor Purāna.

ଶିବ ଧାତୁ—ସଂ. ବି—୧ । ପାରଦ—1. Quicksilver. [ଦ୍ର—ହିନ୍ଦୁ
Śiba dhātu ଶାସ୍ତ୍ର ଅନୁସାରେ ଏହା ଶିବଙ୍କର ତେଜଃ ବୋଲି କଥିତ ।] ୨ । ଗୋଦନ୍ତୀ ନାମକ ମଣି (ହି. ଶ.)—
2. A kind of gem.

ଶିବନାଥ ଶାସ୍ତ୍ରୀ—ଦେ. ବି(ନାମ)—ବଙ୍ଗୀୟ ବ୍ରାହ୍ମସମାଜର ସ୍ୱର୍ଗୀୟ ପ୍ରସିଦ୍ଧ
Śiba nātha śāstri ଆଚାର୍ଯ୍ୟ—A late Brahmo mis-
শিবনাথ শাস্ত্রী शिवनाथ शास्त्री sionary of Bengal.
[ଦ୍ର—ଏ ଚବିଶ ପ୍ରଗଣା ଅନ୍ତର୍ଗତ ଜୟନଗର ମଜିଲପୁର ଗ୍ରାମବାସୀ ବ୍ରାହ୍ମଣ ପଣ୍ଡିତ ହରାନନ୍ଦ ବିଦ୍ୟାସାଗରଙ୍କ ପୁତ୍ର । ଏ ଯୌବନ କାଳରେ ବ୍ରାହ୍ମ ଧର୍ମ ଗ୍ରହଣ କରି ପରେ ବ୍ରାହ୍ମସମାଜରେ ଆଚାର୍ଯ୍ୟ ପଦ ଗ୍ରହଣ କରିଥିଲେ । ଏ ଜଣେ ପ୍ରସିଦ୍ଧ ବକ୍ତା ଥିଲେ । ଏ ଅନେକ କାବ୍ୟ (ନିର୍ବାସିତର ବିଳାପ, ପୁଷ୍ପମାଳା), ଉପନ୍ୟାସ (ମେଜ ବୌ, ନୟନ ତାରା) ଓ ବ୍ରାହ୍ମ ସଙ୍ଗୀତ ରଚନା କରିଥିଲେ । କଟକର ସ୍ୱର୍ଗୀୟ ମଧୁସୂଦନ ରାଓଙ୍କ ପରିବାର ସଙ୍ଗେ ଏହାଙ୍କ ପରିବାର ବିବାହ ବନ୍ଧନରେ ସମ୍ବଦ୍ଧ ହୋଇଥିଲେ । ଏହାଙ୍କର ପୂର୍ବପୁରୁଷ ଶ୍ରୀକୃଷ୍ଣ ଉଦ୍‌ଗାଥା (ଓଝା) ଯାଜପୁର ବାସୀ ଉତ୍କଳୀୟ ପଣ୍ଡିତ ଥିଲେ ଓ ଜୀବିକାର ପ୍ରସଙ୍ଗରେ ଯାଜପୁରରୁ ଯାଇ ବଙ୍ଗଦେଶରେ ବାସ କରିଥିଲେ । ଏ ଇଉରୋପ ଓ ଆମେରିକା ଆଦି ଦେଶ ପର୍ଯ୍ୟଟନ କରି ଜଣେ ସୁବକ୍ତା ରୂପେ ଖ୍ୟାତି ଲାଭ କରିଥିଲେ ।]

ଶିବ ନିର୍ମାଲ୍ୟ—ସଂ. ବି—(୬ଷ୍ଠୀ ତତ୍)—୧ । ମହାଦେବଙ୍କ ଅର୍ପିତ
Śiba nirmālya ନୈବେଦ୍ୟ—1. Offerings made to God Śiba. [ଦ୍ର—ଶାସ୍ତ୍ର ଅନୁସାରେ 'ଶିବ ନିର୍ମାଲ୍ୟ'

ଅଗ୍ରାହ୍ୟ ଅନ୍ନ, ଅର୍ଥାତ୍, ଶିବନୈବେଦ୍ୟକୁ 'ଶୈବ' ଛଡ଼ା ଅନ୍ୟ ହିନ୍ଦୁ ଭୋଜନ କରିବେ ନାହିଁ । କିନ୍ତୁ ଧାତୁ ନିର୍ମିତ ଲିଙ୍ଗ, ସ୍ୱୟମ୍ଭୂଲିଙ୍ଗ ଅବ ଦେବେତ ଶିବଙ୍କୁ ଅର୍ପିତ ଭୋଗକୁ ସାଧାରଣ ହିନ୍ଦୁଙ୍କର ଭୋଜନ କରିବାର ବିଧି ଅଛି । କେହି କେହି ପଣ୍ଡିତ କହନ୍ତି ଯେ, ନୈବେଦ୍ୟ ଦ୍ରବ୍ୟକୁ ମହାଦେବ ଓ ବିଷ୍ଣୁ ଉଭୟଙ୍କ ନାମରେ ଉତ୍ସର୍ଗ କଲେ କିମ୍ବା ଶିବଙ୍କୁ ନିବେଦିତ ଭୋଗକୁ ବିଷ୍ଣୁଙ୍କୁ ଅର୍ପଣ କଲେ ତାକୁ 'ଶିବ ନିର୍ମାଲ୍ୟ' ସାଧାରଣ ଙ୍କର ଗ୍ରହଣୀୟ ହୁଏ । ଭୁବନେଶ୍ୱର 'ଲିଙ୍ଗରାଜ' ଦେବଙ୍କୁ ବିଷ୍ଣୁ ମନ୍ତ୍ରରେ ନୈବେଦ୍ୟ ସମର୍ପିତ ହୁଏ ଓ ସେ ସ୍ୱୟମ୍ଭୂ ଲିଙ୍ଗ ଅଟନ୍ତି । ତେଣୁ ଲିଙ୍ଗରାଜଙ୍କ ପ୍ରସାଦ ଶିବ ନିର୍ମାଲ୍ୟ ନୁହେ ବୋଲି କେହି କେହି କହନ୍ତି ।] ୨ । (ଲକ୍ଷଣାର୍ଥ)—ଶିବନିର୍ମାଲ୍ୟ ପରି ଅଗ୍ରାହ୍ୟ ପଦାର୍ଥ—2,(figurative) Any article which a man is forbidden to partake of.

ଶିବ ପଞ୍ଚାକ୍ଷର—ସଂ. ବି—୫ ଗୋଟି ଅକ୍ଷର ସମନ୍ୱିତ ମହାଦେବଙ୍କ ପୂଜା କରିବାର ମନ୍ତ୍ର—A mystic incantation or formula consisting of 5 letters for invoking God Śiba. (ମନ୍ତ୍ର :—ନମଃ ଶିବାୟ ।)
Śiba panchākshara
[ଶିବ ପଞ୍ଚାକ୍ଷର ମନ୍ତ୍ର—ଅନ୍ୟରୂପ]

ଶିବ ପଦ୍ମ—ସଂ. ବି—ରକ୍ତପଦ୍ମ (ବିଶ୍ୱକୋଷ)—
Śiba patra Red lotus.

ଶିବ ପୁତ୍ର—ସଂ. ବି—୧ । ପାରଦ (ହି. ଶ)—1. Mercury. ୨ । ମହାଦେବଙ୍କ ପୁତ୍ର (ଗଣେଶ, କାର୍ତ୍ତିକେୟ)—2. Son of Śiba.
Śiba putra

ଶିବ ପୁର—ଦେ. ବି (ନାମ)—କଲିକତାର ଗଙ୍ଗାକୂଳରେ ଫୋର୍ଟ-ୱାଲିଅମ୍ ଦୁର୍ଗର ଅପର ପାଖରେ ଅବସ୍ଥିତ ହୁଗୁଳି ଜିଲ୍ଲାର ହାବଡ଼ା ନଗରର ଦକ୍ଷିଣ ଉପକଣ୍ଠସ୍ଥ କ୍ଷୁଦ୍ର ନଗର—Sibpur; a suberb of Howra on the opposite side of Calcutta on the Ganges. [ଦ୍ର—ଏଠାରେ ପୃଥିବୀରେ ବିଖ୍ୟାତ ସରକାରୀ ଉଦ୍ଭିଦ୍ତତ୍ତ୍ୱ-ଉଦ୍ୟାନ (Royal Botanical gardens) ଓ ଇଞ୍ଜିନିୟରିଙ୍ଗ କଲେଜ (Sibpur Engeneering College) ଅଛି ।]
Śiba pura

ଶିବ ପୁରାଣ—ସଂ. ବି—ଅଷ୍ଟାଦଶ ପୁରାଣ ମଧ୍ୟରୁ ଏକତମ—One of the 18 Purāṇas. [ଦ୍ର—ପୁରାଣ ଶବ୍ଦ ଦେଖ ।]
Śiba purāṇa

ଶିବ ପୁରୀ (ରାଜଧାନୀ)—ସଂ. ବି—ବାରାଣସୀ; କାଶୀ—
Śiba purī (rājadhānī) Benares.

ଶିବ ପୁଷ୍ପକ—ସଂ. ବି—ଅର୍କଫୁଲ—
Śiba pushpaka Calotropis Gigantea.

ଶିବ ପୂଜକ—ସଂ. ବି. ପୁଂ—ଶିବ ଭକ୍ତ (ଦେଖ)—
Śiba pūjaka Śiba bhakta (See)
(ଶିବପୂଜକା—ସ୍ତ୍ରୀ)

ଶିବ ପୂଜନ—ସଂ. ବି—ମହାଦେବଙ୍କ ଆରାଧନା—
Śiba pūjana Worship of God Śiba.
(ଶିବ ପୂଜା—ଅନ୍ୟରୂପ)

ଶିବପ୍ରସାଦ ସିଂହ—ଦେ. ବି (ନାମ)—ଓଡ଼ିଶାର ଜଣେ ସ୍ୱର୍ଗୀୟ ସାଧାରଣ ହିତୈଷୀ ବ୍ୟକ୍ତି—Name of a late patriot of Orissa. [ଦ୍ର—ଏହାଙ୍କର ଜନ୍ମ ସ୍ଥାନ ରାମବାଗ (ଯାଜପୁର) । ଏ ଓଡ଼ିଶାରେ ପ୍ରଥମେ ମୁନସଫ୍ କାର୍ଯ୍ୟ କରିଥିଲେ; ସାଧାରଣ ହିତକର କାର୍ଯ୍ୟରେ ବିଚିତ୍ରାନନ୍ଦ, ହରେକୃଷ୍ଣ, ବିହାରୀ, ନନ୍ଦକିଶୋର ଓ ଗୌରୀଶଙ୍କର ପ୍ରଭୃତିଙ୍କର ବହିଷ୍ଠ ସହକର୍ମୀ ଥିଲେ । ଏ ନିଜ ଜନ୍ମ ସ୍ଥାନ ରାମବାଗରେ ଗୋଟିଏ ମାଇନର ସ୍କୁଲ ବସାଇଥିଲେ; ଏ ବଦାନ୍ୟତା ବଡ଼ଲାଟଙ୍କଠାରୁ ସମ୍ମାନସୂଚକ ପ୍ରଶଂସାପତ୍ରମାନ ପାଇଥିଲେ ।]
Śibaprasāda simha

ଶିବ ପ୍ରିୟ (ବଲ୍ଲଭ)—ସଂ. ବି (୬ଷ୍ଠୀ ତତ୍)—୧ । ମହାଦେବଙ୍କ ପ୍ରିୟ ପଦାର୍ଥ—1. A thing liked by Śiba. ୨ । ରୁଦ୍ରାକ୍ଷ—2. A tree and its berries; Elaiocarpus Ganitrus. ୩ । ବିଲ୍ୱପତ୍ର—3. The Marmalos leaves. ୪ । ବକ ବୃକ୍ଷ; ଅଗସ୍ତି ଗଛ—4. Sesbania Grandifloria. ୫ । ଦୁତୁରା—5. Thorn apple; Datura Fastuosa. ୬ । ସ୍ଫଟିକ—6. Crystal; quartz. ୭ । ଭାଙ୍ଗ (ହି ଶ)—7. A drink made frmo ganja leaves.
Śiba priya (ballabha)

ଶିବ ପ୍ରିୟା (ସୁନ୍ଦରୀ)—ସଂ. ବି—ପାର୍ବତୀ; ଦୁର୍ଗା—
Śiba priyā (sundarī) Goddess Durgā.

ଶିବ ପ୍ରୀତି—ସଂ. ବି (ବହୁବ୍ରୀହି)—ବିଲ୍ୱ ବୃକ୍ଷ (ହି. ଶ)—
Śiba priti The bilwa tree.

ଶିବ ବଲ୍ଲଭା—ସଂ. ବି (୬ଷ୍ଠୀ ତତ୍)—୧ । ଦୁର୍ଗା; ପାର୍ବତୀ—1. Pārbatī. ୨ । ଶତପତ୍ରୀ; ସେବତୀ ଫୁଲ—2. Musk rose.
Śiba ballabhā

ଶିବ ବଲ୍ଲି ବଲ୍ଲୀ,(ବଲ୍ଲିକା)—ସଂ. ବି—ଶିବ ଲିଙ୍ଗିନୀ (ଦେଖ)
Śiba balli (ballī; ballikā) Śiba linginī (See)

ଶିବ ବାହନ (ବୃଷଭ)—ସଂ. ବି (୬ଷ୍ଠୀ ତତ୍)—ଷଣ୍ଢ—Bull; the carrier of Śiba.
Śiba bāhana (brushabha)
[ଦ୍ର—ସାଧାରଣତଃ ମହାଦେବଙ୍କ ବାହନକୁ 'ବାସୁଆ ବଳଦ' ବୋଲି ଲୋକେ ଜାଣନ୍ତି ।]

ଶିବ ବୀର୍ଯ୍ୟ—ସଂ. ବି (୬ଷ୍ଠୀ ତତ୍)—ପାରଦ—
Śiba birjya Mercury; quick-silver.

ଶିବ ଭକ୍ତ—ସଂ. ବି. ପୁଂ (୬ଷ୍ଠୀ ତତ୍)—ଶୈବ; ଯେଉଁ ହିନ୍ଦୁଙ୍କ ଇଷ୍ଟଦେବ ମହାଦେବ ଅଟନ୍ତି—A devotee of God Śiba. [ଦ୍ର—ଇଷ୍ଟଦେବତାଙ୍କ ନାମ ଅନୁସାରେ ଭକ୍ତମାନଙ୍କ ଶ୍ରେଣୀବିଭାଗ ହୋଇଥାଏ, ଯଥା — ବିଷ୍ଣୁପୂଜକ—ବୈଷ୍ଣବ, ଶିବପୂଜକ — ଶୈବ,
Śiba bhakta
(ଶିବଭକ୍ତା—ସ୍ତ୍ରୀ)

ଗଣେଶ ପୂଜକ—ଗାଣପତ୍ୟ, ସୂର୍ଯ୍ୟପୂଜକ—ସୌର, ଶକ୍ତି-ପୂଜକ—ଶାକ୍ତ ।]

ଶିବଭଟ୍ଟ ଷାଠେ(ଠି)ୟା—ଦେ. ବି (ନାମ)—ମରହଟ୍ଟା ରାଜତ୍ୱ Śibabhaṭṭa shāṭhe(ṭhi)yā କାଳରେ ଓଡ଼ିଶାର ଜଣେକ ଶାସନକର୍ତ୍ତା—The name of a governor of Orissa during the rule of the Marahaṭṭās. [ଦ୍ର—ଯେଉଁ ସମୟରେ ସମଗ୍ର ଉତ୍କଳ ପ୍ରଦେଶ ମହାରାଷ୍ଟ୍ର ଶାସନାଧୀନ ହେଲା ସେ ସମୟରେ ନାଗପୁରର ମହାରାଷ୍ଟ୍ର ରାଜା ରଘୁଜୀ ଭୋଁସଲଙ୍କଦ୍ୱାରା ଶିବ-ଭଟ୍ଟ ଷାଠେୟା ଷାଠେ ଓଡ଼ିଶାର ଶାସନକର୍ତ୍ତାରୂପେ ପ୍ରେରିତ ହୋଇଥିଲେ । ଏ ଜିଲ୍ଲାର ପ୍ରଥମ ମରହଟ୍ଟା ସୁବାଦାର୍; ଏ ଜାତିରେ ସାରସ୍ୱତ ବ୍ରାହ୍ମଣ ଥିଲେ । ବ୍ରାହ୍ମଣ ହେଲେହେଁ ଏ ଯୁଦ୍ଧ ବିଦ୍ୟାରେ ଅତ୍ୟନ୍ତ ପାରଦର୍ଶୀ ହୋଇଥିଲେ । ଏ ଓଡ଼ିଶାରେ ୮ ବର୍ଷ ଶାସନ କାର୍ଯ୍ୟ ଚଳାଇ ନାଗପୁରର ଭୋଁସଲା ରାଜାଙ୍କୁ ନିର୍ଦ୍ଦିଷ୍ଟ କର ଆଦାୟ କରି ଦେଉଥିଲେ । ଏହି ସାମାନ୍ୟ ୮ ବର୍ଷ ମଧ୍ୟରେ ଓଡ଼ିଶାରେ ଭୂଇଁଅର ରାଜସ୍ୱ ବନ୍ଦୋବସ୍ତ (Revenue Settlement) କରାଇ ଦେଶରେ ସୁଶୃଙ୍ଖଳ ଶାସନ ପ୍ରତିଷ୍ଠାପୂର୍ବକ ଶାନ୍ତି ଆନୟନ କରିଥିଲେ । ଶିବଭଟ୍ଟଙ୍କର ଶାସନକାଳ ମଧ୍ୟରେ ଖୋର୍ଧାର ରାଜାର ଦେବଙ୍କର ବିଦ୍ରୋହ ଘଟିଥିଲା । ଏହି ବିଦ୍ରୋହକୁ ବିଚକ୍ଷଣତା ସହିତ ଦମନପୂର୍ବକ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ସହିତ ଗଡ଼ଜାତ ରାଜ୍ୟମାନ ମଧ୍ୟ କରଗତ କରି ଓ କମାବନ୍ଦି ଧାର୍ଯ୍ୟ କରି ଶିବଭଟ୍ଟ ଓଡ଼ିଶାର ରାଜସ୍ୱ ସ୍ଥିର କରି ଯାଇଥିଲେ ।

ଶିବଭଟ୍ଟ ୧୧୬୩ ଅମଲୀ ସନ (ଖ୍ରୀ ୧୭୫୫) ଠାରୁ ୧୧୭୧ ଅମଲୀ ସନ (ଖ୍ରୀ.୧୭୬୩) ପର୍ଯ୍ୟନ୍ତ ଓଡ଼ିଶାର ଶାସନକର୍ତ୍ତା ଥିଲେ । ୧୭୬୪ ଖ୍ରୀଷ୍ଟାବ୍ଦରେ ହଠାତ୍ ଭୋଁସଲା ରାଜାଙ୍କ ସହିତ ଏହାଙ୍କର ମନୋମାଳିନ୍ୟ ଘଟିବାରୁ ଏ ଶାସନ କାର୍ଯ୍ୟ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ । ତଦବଧି ଏହାଙ୍କ ବଂଶଧରମାନେ ଓଡ଼ିଶାରେ ବାସ କରି ଆସୁଅଛନ୍ତି । ଏମାନେ କଟକର ସୁପରିଚିତ ଷାଠିୟା ପରିବାର ଅଟନ୍ତି । ଦୀର୍ଘକାଳ ଓଡ଼ିଶାରେ ବାସ କରି ଏମାନେ ସ୍ୱଜାତିର ବ୍ୟବହାର ଓ ଭାଷା ପ୍ରଭୃତି ତ୍ୟାଗ କରି ଉତ୍କଳୀୟ ବ୍ରାହ୍ମଣ-ମାନଙ୍କ ସହିତ ବୈବାହିକ ସମ୍ବନ୍ଧ ସ୍ଥାପନ କରିଅଛନ୍ତି ଓ ଓଡ଼ିଆକୁ ମାତୃଭାଷା କରିଅଛନ୍ତି । ଏହି ବଂଶର ସ୍ୱର୍ଗୀୟ ଭଗୀରଥି ଷାଠିୟା ସ୍ୱର୍ଣ୍ଣକାଳ କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀରେ ପ୍ରିଣ୍ଟର୍ (ମୁଦ୍ରାକର) ରୂପେ କାର୍ଯ୍ୟ ଚଳାଇ ଉତ୍କଳର ପ୍ରାଚୀନ ସାହିତ୍ୟର ଉଦ୍ଧାର ପାଇଁ ବହୁ ପରିଶ୍ରମ କରିଥିଲେ । ତାଙ୍କ ଦ୍ୱାରା ରଚିତ ଅନେକ ପୌରାଣିକ ଓଡ଼ିଆ ଗ୍ରନ୍ଥ ମଧ୍ୟ ଏବେ ସର୍ବତ୍ର ଆଦରଣୀୟ ହେବା ଦେଖାଯାଏ । ଏ ପରିବାର ମଧ୍ୟରେ ଶିଳ୍ପ, ସାହିତ୍ୟ ଓ କ୍ରୀଡ଼ା କୁଶଳତାର ପରିଚୟ ଏବେ ମିଳେ । ଷ୍ଟର୍ଲିଙ୍ଗ୍ ସାହେବଙ୍କ ଓଡ଼ିଶା ବା କଟକର ବିବରଣ Mr. A. Sterling's Geographical, statistical and historical account of Orissa proper or Cuttack) ନାମକ ଗ୍ରନ୍ଥରେ 'ଷାଠେୟା' ଶବ୍ଦ ବିକୃତ ହୋଇ Śāṇṭiā (ଷାଣ୍ଟିଆ) Śāuṇṭiā (ଷାଉଣ୍ଟିଆ) Sāntarā (ସାନ୍ତରା) ପ୍ରଭୃତି ରୂପ ଧାରଣ କରିଅଛି । ଇଂରାଜ ଐତିହାସିକମାନଙ୍କର ଏବମ୍ବିଧ ବିକୃତିର ଛାପ ଉତ୍କଳର ଐତିହାସିକମାନଙ୍କ ସଙ୍କଳିତ ଗ୍ରନ୍ଥରେ ମଧ୍ୟ ପଡ଼ିଥିବା ଦେଖାଯାଏ—ସନ୍ଦର୍ଭ ଲେଖକ. ଶ୍ରୀ ଅପୂର୍ବକୃଷ୍ଣ ସରକାର ବି. ଏ. ।]

ଶିବଭଟ୍ଟ ସାମନ୍ତ ରାଓ—ଦେ. ବି (ନାମ)—ଶିବଭଟ୍ଟ ଷାଠେୟା Śibabhaṭṭa sāmanta rāo (ଦେଖ)—Śibabhaṭṭa (ଶିବଭଟ୍ଟ ସାମନ୍ତରା[ସାଅନ୍ତରା]—ଅନ୍ୟରୂପ) shāṭheyā (See)

ଶିବ ମନ୍ଦିର—ସଂ. ବି (ଶିବାଧିଷ୍ଠିତ ମନ୍ଦିର; ଷ. ତ. ଭେ)—ଯେଉଁ Śiba mandira ଦେଉଳରେ ମହାଦେବଙ୍କ ପ୍ରତିମା ପ୍ରତିଷ୍ଠିତ ହୋଇ ପୂଜିତ ହୁଅନ୍ତି—A temple in which the idol Śiba is set up and worshipped.

ଶିବ ମଲ୍ଲକ—ସଂ. ବି—ଅର୍ଜୁନ ବୃକ୍ଷ (ହି. ଶ)—
Śiba mallaka The Arjuna tree.

ଶିବ ମଲ୍ଲୀ (ମଲ୍ଲିକା)—ସ. ବି—୧ । ବକ ବା ବଗଫୁଲା ଗଛ (ଅଗସ୍ତି Śiba mallī (mallikā ଗଛପରି); ବନ୍ଧୁ ବୃକ୍ଷ—1. Sesbania Grandiflora. (tree) [ଦ୍ର—ଏହା କଫ,ପିତ୍ତ,ବିଷଦୋଷ,ଯୋଜଶୂଳ, ପିପାସା, ଦାହ, କୁଷ୍ଠ, ଶୋଥ ଓ ରକ୍ତ ଦୋଷନାଶକ ।] ୨ । ବକୁଳ ବୃକ୍ଷ (ହି. ଶ)—2. The Bakula tree. ୩ । ଅର୍କଫୁଲ (ହି. ଶ)—3. Calotropis Gigantea(plant). ୪ । ଶିବଲିଙ୍ଗିନୀ (ଦେଖ) (ହି. ଶ)—4. Śibaliṅginī. (creeper) (See) ୫ । ବାସଙ୍ଗ ଗଛ (ବୈଦ୍ୟକୋଷ)—5. Adhatoda Vasica tree. ୬ । ଶିବଶ୍ରୀ ନାମକ କଣ୍ଟକୀବୃକ୍ଷ (ହି.ଶ)—6, Name of a thorny plant. [ଦ୍ର—ମତାନ୍ତରରେ ଶିବଶ୍ରୀ ଓ ଶିବଲିଙ୍ଗିନୀ ଏକ ଅଟେ ।]

পদ্মবক
বাসনা; বগহুলী
ହି. ଅଗସ୍ତି; ଯୋଦ୍ଧବକୁଲ
ତେ. ଅବିସି
ସ. ପାଶୁପତ, ଏକାଷ୍ଠୀଲା, ବକ, ବନ୍ଧୁ, ସୁରଶ୍ରେଷ୍ଠ ।

ଶିବ ରସ—ସ. ବି—ତିନି ଦିନରୁ ବେଶି ପର୍ଯ୍ୟୁଷିତ ଅନ୍ନୋଦକଜାତ Śiba rasa ରସ; କାଞ୍ଜି (ବୈଦ୍ୟକୋଷ)—Stale rice-water more than 3 days old. [ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ପାଚକ, ମଧୁର, ଅମ୍ଳ, ଅସୃଗ୍‌ଦାହପ୍ରଦ, ଲଘୁ ଓ ତର୍ପଣ—ବୈଦ୍ୟକୋଷ ।]

ଶିବଯୋଗ—ସ. ବି—ଶିବରାତ୍ରି (ମାଘ କୃଷ୍ଣ ଚତୁର୍ଦ୍ଦଶୀ) ରବିବାର ବା Śibajoga ମଙ୍ଗଳବାର ଦିନ ପଡ଼ିବା ଯୋଗ (ବୈଦ୍ୟକୋଷ)—The Śibarātri falling on a Sunday or Tuesday.

ଶିବରାଜ—ଦେ. ବି (ନାମ)—ଓଡ଼ିଶାର ଜଣେ ପ୍ରାଚୀନ ରାଜା—Śibarāja An ancient king of Orissa, [ଦ୍ର—ଶିବ ରାଜ ଶୈଳୋଦ୍ଭବ ବଂଶୀୟ ବୋଲି ଐତିହାସିକମାନେ

ସ୍ଥିତ କରଅଛନ୍ତି । ତାଙ୍କର ପ୍ରସିଦ୍ଧ ପଞ୍ଚଅ ଶତ ତାମ୍ରଶାସନ ୮୦୦ ଖ୍ରୀଷ୍ଟାବ୍ଦରେ ଲିଖିତ ହୋଇଥିଲା । ଏଥିରୁ ଜଣାଯାଏ ଯେ—ସେ ମାନବ'ଶୀୟ ମହାରାଜ 'ଶଶାଙ୍କମାନ'ଙ୍କ ଅଧୀନ ସାମନ୍ତ ନୃପତି ଥିଲେ । ଦେବାବ୍ରତନାଥ ମହାପାତ୍ର ।]

ଶିବରାତ୍ରି—ସଂ. ବି—ଶିବ ଚତୁର୍ଦ୍ଦଶୀ; ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀ; ତାହାର ରାତ୍ରି—The festival observed on the night of 14th day of the dark lunar fortnight of Phālguna. [ଦ୍ର—ଏହା ମହାଦେବଙ୍କର ଗୋଟିଏ ମୁଖ୍ୟ ଯାତ୍ରା । ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ୧୪ଟି ଯାତ୍ରା ମଧ୍ୟରେ ଏହା ସର୍ବ-ପ୍ରଧାନ । ଏ ଦିନ ଅସ୍ପୃଶ୍ୟ ବାଲ୍ମଣ ହିନ୍ଦୁଙ୍କର ଉପବାସ ଓ ବ୍ରତ କର୍ତ୍ତବ୍ୟ । ଏହି ରାତିରେ ବଡ଼ ଉତ୍ସାହର ସହେ ଓ ରାତିରେ ଦେଉଳର ବେଢ଼ା ଘେରକମା ଦେବା ପରେ ମନ୍ଦିରର ଚୂଡ଼ାକୁ 'ମହାଦୀପ' ଉଠାଯାଏ । ଏହି ରାତିର ୪ ପ୍ରହରରେ ଶିବଙ୍କୁ ଯଥାକ୍ରମେ ଦୁଗ୍ଧ, ଦଧି, ଘୃତ ଓ ମଧୁରେ ସ୍ନାନ ପୂଜା କରାଯାଏ ।] ଦେ. ବି—ମଙ୍ଗଳମୟ ରାତ୍ରି—An auspicious night. (ଦ୍ର—ଜଣ ମଧୁର ବାଣୀ ଲଭବ, ଦୁଃଖ ଶିବରାତ୍ରି ସମ୍ଭବ । ଭକ୍ତ. ବୈଦେହୀଶବିଳାସ ।)

ଶିବରାମ—ସଂ. ବି—ମହାଦେବ ଓ ବିଷ୍ଣୁ—Mahādeba and Bishṇu. ଦେ. ବି. ପୁଂ—ଲୋକଙ୍କର ନାମ—
Śiba rāma
शिवराम शिवराम A name given to males.

ଶିବରାମ ଜଣାଣ—ଦେ. ବି-ଗଞ୍ଜାମ ବଲ୍ଲୁପୁରର ସ୍ୱର୍ଗୀୟ କବି ଭୁବନେଶ୍ୱର କବିଚନ୍ଦ୍ର (୧୮୬୨-୧୮୯୨) ଙ୍କ ରଚିତ ମହାଦେବ ଓ ବିଷ୍ଣୁଙ୍କ ସ୍ତବ-ସ୍ତୁତିକା—Name of a booklet of prayer addressed to Śiba and Bishṇu by poet Bhubaneśwara Kabichandra of Ganjām.
Sibarāma janāṇa

ଶିବରୋହିଣୀ—ସଂ. ବି. ସ୍ତ୍ରୀ (ଶିବ+ରୁହ୍ ଧାତୁ+ଣିନ୍. ଇନ୍+ଈ. ଯେ ମହାଦେବଙ୍କ ଉପରେ ଅଧିରୋହଣ କରଅଛନ୍ତି)—କାଳୀ—Goddess Kāḷī.
Śibarohiṇī

ଶିବ ଲିଙ୍ଗ—ସ. ବି—ଲିଙ୍ଗରୂପେ ପୂଜିତ ଶିବମୂର୍ତ୍ତି; [ଶ୍ଳିଷ୍ଟଦେହେଷୁ (ଶକ୍ତି) ମଧ୍ୟସ୍ଥ ଲିଙ୍ଗରେ ପ୍ରୋକ୍ତଂ ସ୍ଥୂଳଦେହେଷୁ (ଲିଙ୍ଗ)ରୂପେ ପୂଜିତ] ମହାଦେବଙ୍କ ପ୍ରତୀକ—The phallic emblem of God Śiba. [ଦ୍ର—ଏହା ମଣି (ପଥର), ଧାତୁ, ମୃତ୍ତିକା ଆଦି ନାନା ଉପାଦାନରେ ପ୍ରସ୍ତୁତ ହୁଏ ।] ଦେ. ବି—ଶିବଲିଙ୍ଗିନୀ (ଦେଖ —Śibaliṅginī (See).
Śiba liṅga

ଶିବ ଲିଙ୍ଗି(ଙ୍ଗା)—ଦେ. ବି—ଶିବ ଲିଙ୍ଗିନୀ (ଦେଖ)
Śiba liṅgi(ṅgā) Śiba liṅginī (See)

ଶିବଲିଙ୍ଗିନୀ —ସ. ବି—ଉକ୍ତ ସମ୍ବନ୍ଧିତ ଶିବଲିଙ୍ଗ ଉପରେ ବଢ଼ିଥିବା ଛୁଦ୍ର ବୃକ୍ଷବର୍ଣ୍ଣ ଅବତଂଶ ଫଳ ଯୁକ୍ତ ଅଜ୍ଞାତ ଜାତୀୟ ଲତା ବିଶେଷ—A wild tree the berries of which resemble the phallic emblem in shape. [ଦ୍ର—ଏ ଲତା ଜଙ୍ଗଲରେ ଉଚ୍ଚଭୂମିରେ ଅଧିକ ଜନ୍ମେ । ଏହାର ଡାଳ ସବୁ ଓ ପତ୍ରର ଲମ୍ବ ପତ୍ର ଥର, ୩—୫ ଇଞ୍ଚ ପତ୍ର ହରିଦ୍ରା, ଦନ୍ତୁରିତ ଓ ପତ୍ରର ଅଗ୍ର ୩|୪ଟି ଭାଗରେ ଥାଏ । ପତ୍ର-ବୃନ୍ତର ମୂଳରେ ୩|୪ଟି ଫୁଲର ଗୁଚ୍ଛ ଲାଗିଥାଏ ଫୁଲ ହଳଦିଆ । ଏହା ଔଷଧରେ ଲାଗେ । ବୈଦ୍ୟକ ମତରେ ଏହା ଉଷ୍ଣ, ଦୁର୍ଗନ୍ଧଯୁକ୍ତ, ରୋଚକ, ରୋଗନାଶକ, ଗର୍ଭଧାରକ ଓ କୁଷ୍ଠାରୋଗନାଶକ । ଏହା ଚକ୍ଷୁର ଓ ବାତ ଶୋଥ ଦମନକ । ଏ ଲତା ଫଳବତୀ ହେଲେ ଏଥିର ସର୍ବାଙ୍ଗ ଔଷଧରେ ବ୍ୟବହୃତ ହୁଏ (ହି. ଶ) । ଏହାର ଫଳ ଶିବଲିଙ୍ଗ ଆକୃତିବିଶିଷ୍ଟ, କଣ୍ଟା ନାହିଁ, କୃଷ୍ଣବର୍ଣ୍ଣ ଓ ଅତଳୁଣ (ଯୋଗେଶ୍ଚନ୍ଦ୍ର)] ।
Śiba liṅginī
ସ. ଶିବବଲ୍ଲୀ, ଶିବଲା, ଶିବଲିଙ୍ଗୀ, ଈଶ୍ୱରଲିଙ୍ଗୀ, ଚିତ୍ରଫଳା, ବହୁପତ୍ରା, ଅମ୍ଳା, ଦୁଗ୍ଧଲେଖା, ଶିବ ବଲ୍ଲିକା, ଚଞ୍ଚୁଫଳା, ଲିଙ୍ଗଲିଙ୍ଗୀ, ଲିଙ୍ଗିନୀ ।
शिवलिङ्गी
सिवलिङ्गी, पचगुरिआ, बिजगुरिआ

ଶିବ ଲୋକ—ସ ବି—୧ । ମହାଦେବଙ୍କ ଅଧିଷ୍ଠିତ ସ୍ୱର୍ଗଲୋକବିଶେଷ, (ଦ୍ର—ଏଠାରେ ଶିବଭକ୍ତମାନେ ପରକାଳରେ ବାସ କରନ୍ତି ବୋଲି ସେମାନଙ୍କର ବିଶ୍ୱାସ)—1. A mythological region set apart for the abode of the devotees of Śiba after death. ୨ । କୈଳାସପର୍ବତ—2. Kailāsa mountain.
Śiba lcka

ଶିବ ଶୟନ—ସ.ବି—ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ (ଦ୍ର-ଏହା ଲିଙ୍ଗରାଜଙ୍କର ୧୪ ଯାତ୍ରା ମଧ୍ୟରୁ ଏକତମ)—The festival observed on the 14th day of the bright lunar fortnight of Ashārḍha [ଦ୍ର—ଶିବ ଏ ଦିନ ଶୁଅନ୍ତି ଓ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଉଠନ୍ତି ।]
Śiba śayana
(ଶିବଶୟନ ଚତୁର୍ଦ୍ଦଶୀ—ଅପ୍ରଚଳିତ)

ଶିବ ଶେଖର—ସ. ବି—୧ । ବକଫୁଲ (ବୃ. ଶ)—1. Sesbania Grandiflora. ୨ । ଧତୁରା (ବୃ.ଶ) 2. Thorn-apple. ୩ । ଶିବଙ୍କ ମସ୍ତକ (ବୃ.ଶ) 3. The head of Śiba. ୪ । ଧଳା ଅରଖ ଗଛ (ବୃ. ଶ)—4. Calotropis Gigante (plant) (white flowered variety).
Śiba śekhara

ଶିବ ଶୈଳ—ସ. ବି—କୈଳାସ ପର୍ବତ (ବୃ. ଶ)—The Kailāsa mountain.
Śiba śaila

ଶିବ(ବା) ସାଅନ୍ତର—ଦେ. ବି—ଶିବାଇ ସାଅନ୍ତର (ଦେଖ)
Śiba(bā)sā-āntarā Śibāi sā-āntarā (See)

ଶିବସାଗର—ଦେ. ବି (ନାମ)—ଆସାମ ପ୍ରଦେଶର ଗୋଟିଏ ଜିଲ୍ଲା ଓ ଉକ୍ତିର ପ୍ରଧାନ ନଗର—Name of a district and town in Assam.
Śibasāgara
शिवसागर शिवसागर

ଶିବ ସାଯୁଜ୍ୟ—ସ. ବି—୧ । ଶିବ ପଦ—1. The position of Śiba. ୨ । ମୃତ୍ୟୁ ପରେ ଶିବ-
Śiba sājujya

ଲୋକରେ ଅବସ୍ଥାନ—2. The abode of a mortal in the region of God Śiba after death. ୩ । ଏକପ୍ରକାର ମୋକ୍ଷ, ଯହିଁରେ ମନୁଷ୍ୟ ଶିବଙ୍କଠାରେ ଲୀନ ହୁଏ (ହି. ଶ)—3. A final beatitude in which man is absorbed into the body of Śiba. ୪ । ମୃତ୍ୟୁ (ହି. ଶ)—4. Death.

ଶିବା—ସଂ. ବି. ସ୍ତ୍ରୀ. (ଶିବ+ଆ)—୧ । ଦୁର୍ଗା; ପାର୍ବତୀ; ଶିବାଣୀ—
Śibā 1. Pārbatī; the wife of God Śiba. (ଉ—ସକଳ ସମ୍ପଦ ଶିବାଙ୍କୁ ଦେଇ, ଶିବ ପଳେଇଲେ ଲଙ୍ଗଳା ହୋଇ—ଭଗ ।] ୨ । ଶୃଗାଳୀ—2. A she-jackal. (ଉ—ଶୁଣିଲୁ ତ ଶିବା ସଖ୍ୟେ ବୋବାଇଲେ—କୃଷ୍ଣସିଂହ ମହାଭାରତ ସଭା ।) ୩ । ମୋକ୍ଷ; ମୁକ୍ତି—3. Salvation; final beatitude. ୪ । ହରିତକୀ; ହରଡ଼ା—4. Myrobalan. ୫ । ଭୁଇଁଅଁଳା—5. Phyllanthus Niruri. ୬ । ମେଥି—6. Fenugreek. ୭ । ଆମଳକୀ; ଅଁଳା—7. Phyllanthus Emblica. ୮ । ହରିଦ୍ରା; ହଳଦୀ—8. Turmeric. ୯ । ଶମୀ; ଶାଇଁ ଗଛ—9. The spung tree; Prosopis Spicigera. ୧୦ । ଶ୍ୟାମାଲତା; ଶୁଆଁ ଲଇ ବା ତେମିଡ଼ି ଲଇ—10. A creeper; Indian Sarsaparila. ୧୧ । ଅମ୍ବଡ଼ା—11. Hogplum. ୧୨ । ଗୋରୋଚନା—12. A yellow pigment obtained from dead kine. ୧୩ । ନୀଳ ଦୁର୍ବା—13. The blue creeping grass. ୧୪ । ନଦୀବିଶେଷ—14. Name of a river. ୧୫ । ଧବଗଛ (ହି. ଶ) 15 Conocarpus Latifolia. ୧୬ । ବୁଦ୍ଧିଶକ୍ତିବିଶେଷ (ହି. ଶ) - 16. A kind of intelligence. ୧୭ । ସୌଭାଗ୍ୟବତୀ ସ୍ତ୍ରୀ—17. A fortunate woman (Apte). ୧୮ । (ପୁଂ) ଶୃଗାଳ—18. Jackal (in general) (Apte). ଦେ. ବି—୧ । ମହାଦେବଙ୍କୁ ଅନାଦରରେ ଡାକିବା ନାମ—
शिवबु **शिबा** 1. A name by which God Śiba is called by unbelievers. (ଶିବା ପଥର ଜଗା କାଠ, ଅଉ ସମସ୍ତେ ମାଠ ମାଠ—ଭଗ ।) ୨ । ଶିବଚରଣ ଆଦି ନାମଧାରୀ ବ୍ୟକ୍ତିର ଅନାଦରାର୍ଥ ଡାକନାମ—2. Name by which persons named Śiba Charaṇa etc are called.

ଶିବା(ବେ)ଇ ସାଆନ୍ତରା—ଦେ. ବି—କୋଣାର୍କ ଦେଉଳ ନିର୍ମାଣ
Śibā(be) Sā-antarā କରିବାରେ ଓଡ଼ିଶାର ରାଜା
[ଶିବା(ବେ)ଇ ସାନ୍ତରା—ଅନ୍ୟରୂପ] ଲାଙ୍ଗୁଳା ନରସିଂହଙ୍କଦ୍ୱାରା ନିଯୁକ୍ତ ଜନୈକ ମନ୍ତ୍ରୀ—The name of a minister of the Orissa king Lāṅgulā Narasimha Deb who was entrusted with the supervision of the construction of the Koṇārka temple. [ଦ୍ର—ଏହି ଦେଉଳ ନିର୍ମାଣରେ ୧୨ ଶହ (ମତାନ୍ତରେ ୧୨ ହଜାର) ବଢ଼େଇ ବା କାରିଗର ନିଯୁକ୍ତ ରହିଥିଲେ । ଏତେଗୁଡ଼ିଏ କାରିଗର ବହୁକାଳ ଚେଷ୍ଟା କରି ଏ ଦେଉଳଟି ସମାପ୍ତ କରି ପାରିଲେ ନାହିଁ । କାରଣ, ଦେଉଳ ତୋଳା ହେବା ସ୍ଥାନ ସମୁଦ୍ରର ଉପକୂଳବର୍ତ୍ତୀ ଥିବାରୁ ସେଠାରେ ଅଥଳ ପାଣି ଥିଲା, ତେଣୁ ଅର୍ଦ୍ଧନିର୍ମିତ ଦେଉଳଟି କିଅଁ ଦୋଷରୁ ମୁଣ୍ଡି ମାରି ପାରିଲା ନାହିଁ । କାରିଗରମାନେ ତଳରୁ ପଥର କିଅଁ ନ ବସାଇ ଗଣ୍ଡିଅଡ଼ୁ ପଥର ବସାଇ ଆଣିବାକୁ ଚେଷ୍ଟା କରିବାରୁ କିଅଁର ଅସ୍ଥିରତା ଯୋଗୁଁ ୧୨ ବର୍ଷ ବିତିଗଲା, ତଥାପି ଦେଉଳର ମୁଣ୍ଡି ମାରି ପାରିଲା ନାହିଁ । (ଏହି ଉପଲକ୍ଷେ ଗୋଟିଏ ପ୍ରବାଦ ଅଛି ଯେ "ଶିବେଇ ସାଆନ୍ତରା ଦେଉଳ ତୋଳେଇବା ନ୍ୟାୟ"—ଅର୍ଥାତ୍ ତଳ-ଅଡ଼ୁ ପଥର ନ ଯୋଡ଼ି ଗଣ୍ଡି ପାଣିଅଡ଼ୁ ପଥରଯୋଡ଼ି କିଅଁ ବସାଇବାରୂପ ବୃଥା ଚେଷ୍ଟା) । ଏହି ବିଳମ୍ବ ଯୋଗୁଁ ରାଜା ଅତି କ୍ରୁଦ୍ଧ ହେଲେ ଓ ଆଦେଶ ଦେଲେ ଯେ, ଦେଉଳର ନିରୂପିତ ସମୟ ମଧ୍ୟରେ ମୁଣ୍ଡି ମାରି ନ ପାରିଲେ ବାରଶହ ବଢ଼େଇଙ୍କର ମୁଣ୍ଡ କାଟି ହେବ । ଏହି ଆଦେଶରେ କାରିଗରମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଜୀବନର ଆଶା ପରିତ୍ୟାଗ କରି ବସିଲେ । ଇତିମଧ୍ୟରେ ଉକ୍ତ ଦେଉଳରେ କାମ କରିବାକୁ ଆସିଥିବା କାରିଗରମାନେ ୧୨ ବର୍ଷ ହେଲା ଘରଦ୍ୱାର ଛାଡ଼ି ଆସି କର୍ମସ୍ଥଳରେ ପଡ଼ି ରହିଥିଲେ । ତହିଁ ମଧ୍ୟରୁ ଗୋଟିଏ ବଢ଼େଇ ଘରୁ ଆସିବା ସମୟରେ ତାର ସ୍ତ୍ରୀ ଗର୍ଭବତୀ ହୋଇଥିଲା ଓ ଇତିମଧ୍ୟରେ ପୁଅଟିଏ ଜନ୍ମ ହେଲା—ସେ ପୁଅଟିର ନାମ 'ଧର୍ମପଦ' ବା 'ଧରମୁ ।'

ସେ ପୁଅଟି ୧୨ ବର୍ଷ ବୟଃକ୍ରମ ହୋଇ ପିତାର ସମ୍ବାଦ ଜାଣିବା ପାଇଁ ଉତ୍ସୁକ ହୋଇ କର୍ମସ୍ଥଳକୁ ଆସିଲା । ଆସିବା ପୂର୍ବରୁ ବାଟରେ ଗୋଟିଏ ବୁଢ଼ୀ ସାଙ୍ଗରେ ଦେଖା ହେବାରୁ ବୁଢ଼ୀ ସେ ପିଲାକୁ 'ଶିବେଇ ସାଆନ୍ତରା ଦେଉଳ ତୋଳାଇବା ନ୍ୟାୟ' ପ୍ରବଚନ ବୋଲି ଏ ଦେଉଳ ଉପର ମୁଣ୍ଡି ମାରିପାରିବ ଏହାର ସୂଚନା କଲା । ବାଳକଟି ବୁଢ଼ୀଠାରୁ ଏ ସୂଚନା ପାଇ କର୍ମସ୍ଥଳରେ ଉପସ୍ଥିତ ହୋଇ ବାରଶହ ବଢ଼େଇଙ୍କର ମରଣାପନ୍ନ ଦଶା ଦେଖି ନିଜେ ସେ ଦେଉଳଟିକୁ ମୁଣ୍ଡି ମାରିବାର ଭାର ଗ୍ରହଣ କରି କିଅଁ ଯଙ୍କାଇବାର ଏପରି କୌଶଳ କଲା ଯେ, ନିର୍ଦ୍ଦିଷ୍ଟ କାଳ ମଧ୍ୟରେ ଦେଉଳର ମୁଣ୍ଡି ମରିଗଲା । କିନ୍ତୁ ରାଜା ଯଦି ଜାଣିବେ ଯେ, ବାରଶହ ବଢ଼େଇ ଯାହା କରିପାରିଲେ ନାହିଁ, ତାହା ଗୋଟିଏ ବାଳକ ଅକ୍ଲେଶରେ କରିଦେଲା, ତାହାହେଲେ ବାରଶହ ବଢ଼େଇଙ୍କର ମୁଣ୍ଡକାଟ କରିବେ, ଏହି ଆଶଙ୍କାରେ ବଢ଼େଇମାନେ ସଲ୍ଲା କରି ଉକ୍ତ ବାଳକର

ପିତାଙ୍କୁ ପଚାରିଲେ "ତୋର ବାରଶହ ବଢ଼େଇଙ୍କଠାରେ ରକ୍ଷା ? ନା ପୁଅରେ ରକ୍ଷା ?" ବଢ଼େଇ ଅଗତ୍ୟା ପୁଅର ଆଶା ଛାଡ଼ି ଓ ସମସ୍ତେ ବଞ୍ଚିବା ପାଇଁ ସେ ବାଳକଟିକୁ ପାଣିକୁ ଫୋପାଡ଼ି ଦେଇ ମାରି ପକାଇଲେ ଓ ଦେଉଳର ମୁଣ୍ଡି ମାରିବାର ବାହାଦୁରି ଏ ୧୨୦୦ ବଢ଼େଇ ଓ ଶିବେଇ ସାମନ୍ତ୍ର ନେଲେ ।

ଏ କିମ୍ବଦନ୍ତୀକୁ ସ୍ୱର୍ଗୀୟ ଗୋପବନ୍ଧୁ ଦାସ ତାଙ୍କ 'ଧର୍ମପଦ' ପୁସ୍ତିକାରେ ଛନ୍ଦୋବଦ୍ଧ କରିଅଛନ୍ତି ।]

ଶିବାଉ(ଓ)ତ(ତି)—ଦେ. ବି (ସ. ଶିବଭକ୍ତ; ଭୂଜ. ସ୍ୱମାଉତ୍)—
Śibāu(o)t(ti) ଶୈବଭକ୍ତ; ଶୈବ; ଶିବୋପାସକ—
शिवाव्रत सिवायत A devotee of Śiba.

ଶିବାକ୍ଷ—ସଂ. ବି (ବହୁବ୍ରୀହି; ଶିବଙ୍କ ଅକ୍ଷି ପରି ଅକ୍ଷି ଯାହାର)—
Śibāksha ରୁଦ୍ରାକ୍ଷ ଗଛ—The seeds of the Rudraksha tree (used as beads).

ଶିବା ଗଣ—ସଂ. ବି—୧ । ଦୁର୍ଗାଙ୍କ ଅନୁଚର ଯୋଗିନୀଗଣ—
Śibā gaṇa 1. The female attendants of Durgā.
୨ । ଶୃଗାଳୀମାନେ—2. A number of she-jackals.

ଶିବାଗମ—ସଂ. ବି—ଶିବପୂଜାବିଷୟକ ଶାସ୍ତ୍ରବିଶେଷ—Name of,
Śibāgama a treatise on the worship of Siba.

ଶିବାଗୌରୀ—ସଂ. ବି—ପାର୍ବତୀ—
Śibāgauri Goddess Pārbatī.

ଶିବାଗୌରୀ ଯାତ୍ରା—ଦେ. ବି—ଜ୍ୟୋତିଷ ମତରେ ଯାତ୍ରାପାଇଁ ଶୁଭଦିନ
Śibāgauri jātrā ନ ମିଳିଲେ ଜ୍ୟୋତିଃସାର ସଂଗ୍ରହ ଗ୍ରନ୍ଥ
यात्राय शिवज्ञान ମତରେ ଶିବଜ୍ଞାନ ଅନୁସାରେ କରାଯିବା ଯାତ୍ରା—
The making of a journey by following the Śibājñāna as prescribed in Jyotiḥsāra Samgraha in case no auspicions day is available according to astrology.
शिवज्ञान यात्रा

ଶିବାଗୌରୀ ଯାତ୍ରା ।

[ଦ୍ର—ଜ୍ୟୋତିଷ ମତରେ ଶୁଭଦିନ ନ ମିଳଇ । ଏଣୁ ଶିବ ଜ୍ଞାନ ମତରେ ଯାତ୍ରା କରୁ । ମାହେନ୍ଦ୍ର, ବଜ୍ର ଅମୃତ ଶୂନ୍ୟ ଚାରିଯୋଗ । ମାସଭେଦେ ସାତବାରେ ଦଣ୍ଡାଙ୍କ ଭୋଗ । ମାହେନ୍ଦ୍ର ସର୍ବମଙ୍ଗଳ ଅମୃତରେ ଜୟ । ବଜ୍ରଯୋଗେ କାର୍ଯ୍ୟନାଶ ଶୂନ୍ୟେ ମୃତ୍ୟୁଭୟ । ମାଘ ଫାଲ୍ଗୁନ ଚୈତ୍ର ବୈଶାଖ ଶ୍ରାବଣ । ଭାଦ୍ରମାସ ସୌଭଣ ଏକସ୍ଥାନ ଜାଣ । ଅଶ୍ୱିନ କାର୍ତ୍ତିକ ମାର୍ଗଶିର ପୌଷ ଏକ । ସେହି ପୁଣି ଜ୍ୟେଷ୍ଠ ଅଷାଢ଼ର ସମ ଲେଖ । ପ୍ରକାଶରେ ଲେଖା ଅଛି ନେତ୍ର ଚାରି ଯାଇ । ତୁହେଁ ସୁଜନେ ଯାତ୍ରା କର ତେବେ ସିଦ୍ଧି ॥

ଜ୍ୟୋତିଃସାରସଂଗ୍ରହ ।

ମାଘ ଫାଲ୍ଗୁନ ଚୈତ୍ର ବୈଶାଖ ଶ୍ରାବଣ ଭାଦ୍ର ଦିବାଦଣ୍ଡଃ—

ରବିବାର ମାହେନ୍ଦ୍ର ଦ ୨ ଅମୃତ ଦ ୮ ଶୂନ୍ୟ ଦ ୮
ମାହେନ୍ଦ୍ର ଦ ୨ ବଜ୍ର ଦ ୧୦ ।
ସୋମବାର ଅ ଦ ୪ ନ ଦ ୮ ଅ ଦ ୬ ବ ଦ ୬ ମା ଦ ୪
ଶୂ ଦ ୨
ମଙ୍ଗଳବାର ବ ଦ ୪ ଶୂ ଦ ୨ ଅ ଦ ୬ ବ ଦ ୪ ଶୂ ଦ ୨
ଅ ଦ ୪ ଶୂ ଦ ୨
ବୁଧବାର ଅ ଦ ୪ ବ ଦ ୨ ଅ ଦ ୪ ଶୂ ଦ ୨
ବ ଦ ୪ ମା ଦ ୪ ଅ ଦ ୪ ଶୂ ଦ ୨
ଗୁରୁବାର ମା ଦ ୪ ଶୂ ଦ ୨ ବ ଦ ୨ ମା ଦ ୬
ଶୂ ଦ ୪ ବ ଦ ୪ ଶୂ ଦ ୪
ଶୁକ୍ରବାର ଅ ଦ ୪ ବ ଦ ୨ ଅ ଦ ୬ ବ ଦ ୬ ଅ ଦ ୪
ଶ ଦ ୪ ଅ ଦ ୪
ଶନିବାର ଶୂ ଦ ୪ ବ ଦ ୨ ଶୂ ଦ ୪ ଅ ଦ ୮
ଶୂ ଦ ୪ ବ ଦ ୪ ଶୂ ଦ ୪

ରାତ୍ରିଦଣ୍ଡଃ—

ରବିବାର ଶୂ ୨ ମା ୨ ଅ ୪ ବ ୮ ମା ୮ ଶୂ ୬
ସୋମବାର ବ ୨ ଅ ୬ ବ ୬ ଅ ୮ ଶୂ ୮
ମଙ୍ଗଳବାର ଅ ୨ ବ ୪ ଶୂ ୨ ଅ ୬ ବ ୨ ଅ ୪ ବ ୪
ଶୂ ୨
ବୁଧବାର ଶୂ ୨ ଅ ୬ ମା ୪ ବ ୪ ଶୂ ୪ ଅ ୧୦
ଗୁରୁବାର ବ ୧୪ ଶୂ ୪ ବ ୪ ଅ ୨ ଶୂ ୬
ଶୁକ୍ରବାର ବ ୪ ଅ ୪ ମା ୨ ବ ୬ ଶୂ ୪ ଅ ୨
ମା ୨ ଶୂ ୨
ଶନିବାର ଶୂ ୨ ବ ୪ ଅ ୨ ବ ୪ ଅ ୪ ବ ୨
ଅ ୪ ଶୂ ୪

ଅଶ୍ୱିନ କାର୍ତ୍ତିକ ମାର୍ଗଶିର ପୌଷ ଦିବାଦଣ୍ଡଃ—

ରବିବାର ଶୂ ୨ ଅ ୬ ବ ୮ ଅ ୮ ଶୂ ୨ ମା ୨ ଶୂ ୨
ସୋମବାର ଅ ୪ ଶୂ ୪ ଅ ୨ ବ ୧୬
ମଙ୍ଗଳବାର ଅ ୨ ବ ୨ ଅ ୧୦ ବ ୬ ଶୂ ୨ ବ ୪
ବୁଧବାର ଅ ୨ ମା ୨ ଅ ୨ ବ ୨ ଅ ୨ ଶୂ ୨
ମା ୨ ବ ୪
ଗୁରୁବାର ଅ ୪ ବ ୪ ଶୂ ୪ ବ ୨ ଶୂ ୨ ଅ ୪
ଶୁକ୍ରବାର ଅ ୨ ବ ୨ ଅ ୨ ବ ୬ ଅ ୮ ଶୂ ୨ ଅ ୪
ଶନିବାର ଅ ୨ ବ ୨ ଅ ୨ ବ ୬ ଅ ୮ ଶୂ ୨ ଅ ୪

ରାତ୍ରିଦଣ୍ଡଃ—

ରବିବାର ଶୂ ୨ ବ ୪ ଅ ୪ ବ ୨ ଅ ୪ ଶୂ ୨ ଅ ୮
ସୋମବାର ବ ୨ ଅ ୮ ବ ୮ ଅ ୨ ବ ୬
ମଙ୍ଗଳବାର ମା ୬ ଅ ୨ ଶୂ ୨ ଅ ୨ ବ ୪ ମା ୪
ଶୂ ୨ ଅ ୪
ବୁଧବାର ବ ୨ ଅ ୨ ବ ୪ ଅ ୧୬ ବ ୨ ଅ ୪
ଗୁରୁବାର ଶୂ ୨ ଅ ୮ ବ ୬ ଅ ୮ ଶୂ ୨ ଅ ୪
ଶୁକ୍ରବାର ବ ୨ ଅ ୮ ବ ୨ ଅ ୪ ଶୂ ୨ ଅ ୪ ଶୂ ୪
ଶନିବାର ବ ୧୪ ଶୂ ୪ ବ ୪ ଅ ୨ ଶୂ ୨

ଜୈଷ୍ଠ ଅଷାଢ଼ ଦବାଦଣ୍ଡ ।

ରବିବାର ଶୂ ୪ ଅ ୨ ବ ୬ ଅ ୨ ବ ୪ ମା ୨ ଶୂ ୨
ସୋମବାର ବ ୮ ଅ ୪ ଶୂ ୬ ବ ୮ ଶୂ ୪
ମଙ୍ଗଳବାର ଅ ୬ ଶୂ ୪ ଅ ୬ ବ ୨ ମା ୨ ଅ ୨
ମା ୨ ଶୂ ୨
ବୁଧବାର ଶୂ ୨ ବ ୪ ଅ ୮ ବ ୬ ଅ ୮ ଶୂ ୨
ଗୁରୁବାର ମା ୨ ଶୂ ୨ ବ ୬ ମା ୪ ଶୂ ୪ ବ ୨ ଅ ୬
ଶୁକ୍ରବାର ଶୂ ୨ ମା ୨ ବ ୬ ମା ୨ ଶୂ ୪ ଅ ୬ ୪
ବ ୪ ଶୂ ୪
ଶନିବାର ମା ୨ ଶୂ ୨ ବ ୬ ମା ୬ ଶୂ ୪ ବ ୪ ଅ ୬

ରାତ୍ରିଦଣ୍ଡ ।

ରବିବାର ଅ ୪ ଶୂ ୫ ଅ ୬ ବ ୮ ଶୂ ୫
ସୋମବାର ବ ୮ ଅ ୮ ଶୂ ୫ ଅ ୪ ଶୂ ୨ ମା ୨ ଶୂ ୨
ମଙ୍ଗଳବାର ଅ ୨ ବ ୪ ମା ୪ ଶୂ ୪ ବ ୨ ଅ ୬ ଶୂ ୨
ବ ୬
ବୁଧବାର ଅ ୧୦ ଶୂ ୨ ବ ୪ ଅ ୫ ଶୂ ୧୦
ଗୁରୁବାର ଶୂ ୨ ଅ ୬ ଶୂ ୨ ବ ୪ ଶୂ ୨ ଅ ୬ ଶୂ ୪
ଅ ୪
ଶୁକ୍ରବାର ଅ ୬ ଶୂ ୨ ବ ୫ ଶୂ ୬ ଅ ୬ ଶୂ ୨ ଅ ୫
ଶନିବାର ଶୂ ୨ ଅ ୨ ବ ୮ ଶୂ ୨ ଅ ୬ ଶୂ ୫ ଅ ୬

ବାରଭିଥି ଯୋଗ ଆଦ ନକ୍ଷତ୍ର ବର୍ଗରେ । ଯାତ୍ରା ଯେବେ ଶୁଭ ନୋହେ ଶୁଣ ସର୍ବ ନରେ ॥ ରବିବାରେ ଯାତ୍ରାକାଳେ ଶିରେ ଦେବ କର । ସୋମେ ମୁଖେ ମଙ୍ଗଳରେ ଗଳାର ଉପର ॥ ବୁଧରେ ହୃଦରେ ଗୁରୁବାରେ ପାର୍ଶ୍ୱ ଭାଗେ । ଶୁକ୍ରବାରେ କଣ୍ଠେ ଶନିବାରେ ପୃଷ୍ଠଯୋଗେ । ଏ ବିଧିରେ କର ଦେଇ କରନ୍ତେ ଗମନ । ଦୁର୍ଯୋଗ ସୁଯୋଗ ହୋଇ କରେ ସନମାନ । ଯାତ୍ରା କାଳେ ତୈଳଭାଣ୍ଡ ସର୍ପାଦ ଅଶୁଭ । ଦେଖାଗଲେ ଏହି ପ୍ରତିକାର ଯେ କରିବ । ବାମପାଦ ତିନି-ଥର ଭୂମିରେ ପ୍ରହାର । କରି ଯାତ୍ରା କଲେ ସର୍ବଶୁଭ ହୋଏ ତାର । ନୁହଇ ଯେ ଅମଙ୍ଗଳ ମଙ୍ଗଳ ହୁଅଇ । ବରାହ ମୁନିଙ୍କ ବାଣୀ ଏ ସିଦ୍ଧ ଅଟଇ । ଅରୁଣୋଦୟ ପଞ୍ଜିକା ।

ଶିବାଜୀ—ଦେ. ବି—ମରହଟ୍ଟା ରାଜ୍ୟର ସ୍ଥାପୟିତା; ଅହମ୍ମଦ ନଗର **Sibāji** शिवाजी शिवाजी ରାଜାଙ୍କର ସେନାପତି ଶାହାଜୀଙ୍କ ପୁତ୍ର—Sibāji, [ଦ୍ର—ଏହାଙ୍କର ମାତା ଜୀଜୀବାଈ ଅନ୍ୟ ଜଣେ ସେନାପତିଙ୍କର କନ୍ୟା; ଏହାଙ୍କ ଜନ୍ମ ୧୬୨୭ ଖ୍ରୀଷ୍ଟାବ୍ଦ । 'ପୁନା' ଶାହାଜୀଙ୍କର ପୈତୃକ ଜାଗିର ଥିଲା । ଅହମ୍ମଦ ନଗର ରାଜ୍ୟର ପତନ ପରେ ବିଜାପୁରର ସୁଲତାନଙ୍କ ଅଧୀନ ଶାହାଜୀ ସେନାପତି କର୍ମ କରି ତତ୍ପରେ ଦାକ୍ଷିଣାତ୍ୟରେ ବିଜାପୁର ରାଜ୍ୟ ଅଧୀନ ଗୋଟିଏ କ୍ଷୁଦ୍ର ରାଜ୍ୟ ସ୍ଥାପନ କଲେ । ଶିବାଜୀ ବାଲ୍ୟକାଳରେ ବେଶି ଲେଖା ପଢ଼ା ଶିଖି ନ ଥିଲେ, କିନ୍ତୁ ସମର ବିଦ୍ୟା, ଅସ୍ତ୍ରଚାଳନ, ଅଶ୍ୱଚାଳନାଦିରେ ପାରଙ୍ଗମ ଥିଲେ । ଏ ରାମାୟଣ ଓ ମହାଭାରତ ଶୁଣି ମୁସଲମାନଙ୍କ ଅତ୍ୟାଚାରରୁ ଦେବମୂର୍ତ୍ତି ଓ ଗୋବ୍ରାହ୍ମଣାଦିଙ୍କୁ ରକ୍ଷା କରିବାକୁ ପ୍ରତିଜ୍ଞାବଦ୍ଧ ହେଲେ । ପୁନାର ନିକଟସ୍ଥ ପାର୍ବତ୍ୟ 'ମାଓଲି' ନାମକ ଅସଭ୍ୟ ଜାତିଙ୍କୁ ସମର କୌଶଳ ଶିଖାଇ ସେହିମାନଙ୍କ ଦ୍ୱାରା ସୈନ୍ୟ ଦଳ ଗଢ଼ି ଶିବାଜୀ ମୁସଲମାନ ରାଜ୍ୟ ଆକ୍ରମଣ ଓ ଲୁଟ୍ ପାଟ୍ କରି ଅନେକଗୁଡ଼ିଏ ଦୁର୍ଗମ ଗିରି ଦୁର୍ଗ ଅଧିକାର କଲେ । ସେତେବେଳେ ଶିବାଜୀଙ୍କ ବୟସ ୨୦ ବର୍ଷ । ସେତେବେଳେ ଶାହାଜୀ ବିଜାପୁରର ସୁଲତାନଙ୍କ ଅଧୀନ କର୍ମ କରୁଥିଲେ । ବିଜାପୁରର ରାଜକୋଷକୁ ପ୍ରେରିତ ଅର୍ଥ ଶିବାଜୀ ବାଟରେ ଲୁଟି ନେବାରୁ ବିଜାପୁର ସୁଲତାନ୍ ଶାହାଜୀଙ୍କୁ କାରାବଦ୍ଧ କଲେ । କିନ୍ତୁ ଶିବାଜୀ ଦିଲ୍ଲୀଶ୍ୱର ମୋଗଲ ସମ୍ରାଟଙ୍କ ସଙ୍ଗେ ବନ୍ଧୁତା କରିବାର ଧମକ ବିଜାପୁର ସୁଲତାନଙ୍କୁ ଦେଇ ପିତାଙ୍କୁ କୌଶଳରେ କାରାମୁକ୍ତ କରାଇଲେ । ତତ୍ପରେ ଶିବାଜୀ ମୋଗଲ ରାଜ୍ୟରେ ପ୍ରବେଶ କରି ଧନରତ୍ନ ଓ ଯୁଦ୍ଧଘୋଟକ-ମାନ ଲୁଣ୍ଠନ କଲେ ଓ ଆପଣାର ଶିକ୍ଷିତ ସୈନ୍ୟମାନଙ୍କୁ ଅଶ୍ୱାରୋହୀ 'ବର୍ଗୀ'ରୂପେ ସୁଶିକ୍ଷିତ କରି ସେହିମାନଙ୍କ ସହାୟତାରେ ବିଜାପୁର ରାଜାଙ୍କ କଙ୍କଣ ପ୍ରଦେଶ ଜୟ କଲେ । ବିଜାପୁରର ରାଜାଙ୍କ ପ୍ରେରିତ ସେନାପତିଙ୍କୁ ଶିବାଜୀ କୌଶଳକ୍ରମେ ହତ୍ୟା କଲେ । ଶିବାଜୀ କିଛି କାଳ ପରେ ରାୟଗଡ଼ ନାମକ ଅଭେଦ୍ୟ ଦୁର୍ଗରେ ଆପଣା ରାଜଧାନୀ ସ୍ଥାପନ କଲେ ଓ ସୁଶିକ୍ଷିତ ୫୦ହଜାର ପଦାତି ଓ ୭ ହଜାର ଅଶ୍ୱାରୋହୀଙ୍କ ଦ୍ୱାରା ସେନା ଗଢ଼ି ମୋଗଲ ରାଜ୍ୟ ଆକ୍ରମଣ ଓ ଲୁଣ୍ଠନ କଲେ ।

ଆରଙ୍ଗଜେବ୍ଙ୍କ ସେନାପତି ଶାୟେସ୍ତାଖାଁ ଏହାଙ୍କୁ ଦମନ କରିବାକୁ ପ୍ରେରିତ ହେଲେ, କିନ୍ତୁ ସେ ଲାଞ୍ଛିତ ହୋଇ ଜୀବନ ବିକଳରେ ପଳାଇ ଗଲେ । ଅତଃପର ଶିବାଜୀ ରଣତରୀ ଓ ନୌବଳର ସୃଷ୍ଟି କଲେ । ୧୬୬୪ ସାଲରେ ସେ ରାଜା ଉପାଧି ଗ୍ରହଣ କରି ଆପଣା ନାମରେ ମୁଦ୍ରା ଚଳାଇଲେ । ମୋଗଲ ରାଜ୍ୟ ଆକ୍ରମଣ କରି ସେଥିର ରାଜସ୍ୱରୁ ¼ ବା ଚୌଥ ଗ୍ରହଣ କରିବାକୁ ଶିବାଜୀ ଦାବି କଲେ ଓ କେତେକ ସ୍ଥଳରୁ ଏହା ସଂଗ୍ରହ କଲେ ।

ତତ୍ପରେ ମୋଗଲ ସମ୍ରାଟ ଆରଙ୍ଗଜେବଙ୍କ ସଙ୍ଗେ 'ପୁରନ୍ଦର' ନାମକ ସ୍ଥାନରେ ୧୬୬୬ ସାଲରେ ସନ୍ଧିପତ୍ର ସ୍ୱାକ୍ଷର କଲେ । ଉକ୍ତ ସନ୍ଧିଦ୍ୱାରା ଶିବାଜୀ ମୋଗଲ ସୈନ୍ୟଙ୍କ-ସଙ୍ଗେ ଯୋଗ ଦେଇ ବିଜାପୁର ରାଜ୍ୟର ଧ୍ୱଂସରେ ମୋଗଲ ସମ୍ରାଟଙ୍କୁ ସାହାଯ୍ୟ କଲେ । ଇତି ମଧ୍ୟରେ କପଟୀ ଆରଙ୍ଗଜେବ ଶିବାଜୀଙ୍କୁ ଓ ତାଙ୍କ ପୁତ୍ର ଶମ୍ଭୁଜୀଙ୍କ ଦିଲ୍ଲୀଠାକୁ ନିମନ୍ତ୍ରଣ କରି ନେଇ ସେଠାରେ ତାଙ୍କୁ ଅଳ୍ପ ସଂଖ୍ୟକ ସୈନ୍ୟ ସମାବୃତ ଓ ନିରସ୍ତ୍ର ଦେଖି ଅପମାନିତ କଲେ ଓ ପିତା ପୁତ୍ର ଦୁହିଁଙ୍କୁ ବନ୍ଦୀ କଲେ । ଶିବାଜୀ ଆରଙ୍ଗଜେବଙ୍କ ଠାରୁ ବହୁଗୁଣରେ ଧୂର୍ତ୍ତ ଥିଲେ । 'ଶଠେ ଶାଠ୍ୟଂ ସମା-ଚରେତ୍' ନୀତି ଆଚରଣ ପୂର୍ବକ କୌଶଳ ଅବଲମ୍ବନ

ପୂର୍ବକ ଗୋଟିଏ ମିଷ୍ଟାନ୍ନ ଟୋକେଇ ମଧ୍ୟରେ ଅପେ ଲୁଚି ଓ ଅନ୍ୟ ଗୋଟିଏ ମିଷ୍ଟାନ୍ନ ଟୋକେଇରେ ଅପଣା ପୁଅକୁ ଲୁଚାଇ ବନ୍ଦୀର ବହିର୍ଗତ୍ତ୍ବ ଗୋଟିଏ ଦେବାଳୟକୁ ଅସି ସେଠାରୁ ଗୋଟିଏ ଘୋଡ଼ାରେ ଅପେ ଚଢ଼ି ଓ ପୁଅକୁ ବସାଇ ସତାଅଶ ୫୦ କୋଶ ଦୂରବର୍ତ୍ତୀ ମଥୁରାକୁ ଅସିଲେ। ସେଠାରେ ଅପଣା ପୁଅକୁ ଜଣେ ବିଶ୍ୱାସୀ ବ୍ରାହ୍ମଣଙ୍କ ଜିମା ଦେଇ ଅପଣା ମସ୍ତକ ମୁଣ୍ଡନ କରି ସନ୍ନ୍ୟାସୀ ବେଶଧରି ମୋଗଲ ସୈନ୍ୟଙ୍କ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ପଦବ୍ରଜରେ ପ୍ରୟାଗ, କାଶୀ, ଗୟା, ପାଟଣା, କଟକ ଓ ହାଇଦ୍ରାବାଦ ଦେଇ ୧ ବର୍ଷ ପରେ ଅପଣା ରାଜଧାନୀ ରାୟଗଡରେ ପହଞ୍ଚିଲେ। ବିଶ୍ୱାସଘାତକ ଅରଙ୍ଗଜେବଙ୍କ ପ୍ରତି ଶିବାଜୀ ଅତି କ୍ରୁଦ୍ଧ ହୋଇ ମୋଗଲ ରାଜ୍ୟରେ ଉପଦ୍ରବ ଓ ଲୁଣ୍ଠନ ଅରମ୍ଭ କଲେ। ଅରଙ୍ଗଜେବ ଏହାଙ୍କ ଦମନାର୍ଥ ସୈନ୍ୟ ପ୍ରେରଣ କରି ଅକୃତକାର୍ଯ୍ୟ ହୋଇ ଶେଷରେ ୧୬୬୯ ସାଲରେ ଏହାଙ୍କ ସଙ୍ଗେ ସନ୍ଧି ସ୍ଥାପନ କରି ଏହାଙ୍କୁ ରାଜା ଉପାଧି ଦେଲେ। ଏହି ସମୟରେ ବିଜାପୁର ଓ ଗୋଲ-କୁଣ୍ଡାର ସୁଲତାନମାନେ ନିଜ ନିଜ ରାଜ୍ୟରେ ଚୌଥ ଶିବାଜୀଙ୍କୁ ଦେଲେ।

ଶିବାଜୀ ଅତଃପର ରାଜ୍ୟର ଉନ୍ନତି କଲେ। ଅନ୍ୟ ରାଜାମାନଙ୍କ ରାଜ୍ୟରୁ ସୈନ୍ୟମାନେ ଯାହା ଲୁଣ୍ଠନ କରି ଅଣୁଥିଲେ ତାହା ରାଜକୋଷରେ ଅର୍ପିତ ହେଉଥିଲା ଓ ସୈନ୍ୟମାନେ ନିୟମିତରୂପେ ମାସିକ ବେତନ ପାଉଥିଲେ। ଶିବାଜୀ ପ୍ରାଚୀନ ହିନ୍ଦୁ ପ୍ରଥା ଅନୁସାରେ ପ୍ରଜାମାନଙ୍କଠାରୁ ନିୟମିତରୂପେ ରାଜସ୍ୱ ଅଦାୟ କରୁଥିଲେ। ଏହାଙ୍କ ସଭାରେ ୮ଜଣ ମନ୍ତ୍ରୀ ଥିଲେ। ପ୍ରଧାନ ମନ୍ତ୍ରୀଙ୍କ ଉପାଧି 'ପେଶ୍‌ବା'।

ତତ୍‌ପରେ ପୁଣି ମୋଗଲ ବାଦସାହାଙ୍କ ସଙ୍ଗେ ଏହାଙ୍କର ବିବାଦ ହେଲା, କିନ୍ତୁ ଅରଙ୍ଗଜେବ ଏହାଙ୍କୁ ପରାସ୍ତ କରିପାରିଲେ ନାହିଁ। ୧୬୭୧ ସାଲରେ ଶିବାଜୀଙ୍କ ପିତା ସାହାଜୀଙ୍କର ମୃତ୍ୟୁ ହେଲା। ତତ୍‌ପରେ ଶିବାଜୀ 'ମହାରାଜ' ଉପାଧି ଗ୍ରହଣ କରି ରାୟଗଡ଼ ସିଂହାସନରେ ବସି 'ଭୁଲା ପୁରୁଷ ଦାନ' ବ୍ରତ ଉଦ୍‌ଯାପନ କଲେ। ତତ୍‌ପରେ ମୋଗଲସେନା ବିଜାପୁର ନଗର ଅବରୋଧ କରିବାରୁ ବିଜାପୁର ସୁଲତାନ ଶିବାଜୀଙ୍କ ସାହାଯ୍ୟ ପ୍ରାର୍ଥୀ ହେଲେ ଓ ଶିବାଜୀ ଅବରୋଧକାରୀ ସୈନ୍ୟମାନଙ୍କ ପୃଷ୍ଠ-ଭାଗସ୍ଥ ମୋଗଲରାଜ୍ୟକୁ ଲୁଣ୍ଠନ କରି ଏପରି ଉପଦ୍ରବ ଅରମ୍ଭ କଲେ ଯେ, ମୋଗଲମାନେ ବିଜାପୁର ଅବରୋଧ ପରିତ୍ୟାଗ କଲେ। କୃତଜ୍ଞତା ସ୍ୱରୂପ ବିଜାପୁରର ସୁଲତାନ ଶିବାଜୀଙ୍କୁ ତାଞ୍ଜୋରର ସ୍ୱାଧୀନ ରାଜା ବୋଲି ସ୍ୱୀକାର କଲେ।

ଶିବାଜୀ ୧୬୮୦ ସାଲରେ ୫୩ ବର୍ଷ ବୟସରେ ପରଲୋକ ଗମନ କଲେ।]

ଶିବାଟିକା —ସଂ. ବି—୧। ବଂଶପତ୍ରୀ ତୃଣ—(ହି. ଶ)—1. A kind
Śibāṭikā of grass. ୨। ଶ୍ୱେତ ପୁନର୍ନବା (ହି- ଶ)—2. The white variety of hogweed. ୩। ରକ୍ତ ପୁନର୍ନବା (ହି. ଶ)—3. The red variety of hogweed. ୪। ଭୃଙ୍ଗପର୍ଣ୍ଣୀ (ହି. ଶ)—4. A kind of grass. ୫। ଜଙ୍ଗଲ ଡିମ୍ବିରି (ହି. ଶ) 5. Wild fig.

ଶିବାତ୍ମକ —ସଂ. ବି—ସୈନ୍ଧବ ଲୁଣ (ହି. ଶ)—
Śibātmaka A kind of salt.

ଶିବାନନ୍ଦ —ଦେ. ବି—ନନ୍ଦବଂଶର ଜନୈକ ରାଜା—A king of
Śibānanda the Nanda dynasty [ଦ୍ର—ଓଡ଼ିଶାର ନନ୍ଦବଂଶ ନାମକ ଗୋଟିଏ ବୃଜବଂଶ ଐରାବତ ମଣ୍ଡଳ ନାମକ ରାଜ୍ୟ (ଅଧୁନାତନ ବାଙ୍କି, ଡମପଡ଼ା, ଅଠଗଡ଼, ନରସିଂହ ପୁର) ଶାସନ କରୁଥିଲେ। ଶିବାନନ୍ଦ ସେହି ରାଜବଂଶର ଜଣେ ପ୍ରଧାନ ରାଜା ଥିଲେ।
କେଦାରନାଥ ମହାପାତ୍ର।]

ଶିବାନୀ —ସଂ. ବି. ସ୍ତ୍ରୀ—(ଶିବ+ସ୍ତ୍ରୀ ଈ. ଆଗମ; ବା ଶିବ
Śibānī +ଅନୀ. ତୁଳନା କର—ରୁଦ୍ରାଣୀ, ଇନ୍ଦ୍ରାଣୀ)—ଭବାନୀ; ଦୁର୍ଗା; ଶଙ୍କରୀ; ପାର୍ବତୀ—Goddess Durgā, the consort of Śiba.

ଶିବାପୀଡ଼ —ସଂ. ବି—ବକବୃକ୍ଷ (ହି. ଶ)—Sesbania Grandi-
Śibāpīṛa floria tree.

ଶିବାପ୍ରିୟ —ସଂ. ବି—(ଶିବା+ପ୍ରିୟ; ଏହା ଦୁର୍ଗାଙ୍କ ନିକଟରେ ବଳି
Śibāpriya ଦିଆଯାଉ ଥିବାରୁ) ଛାଗ—Goat.

ଶିବାଫଳା —ସଂ. ବିଣ—ଶମୀବୃକ୍ଷ (ହି: ଶ)—
Śibāphaḷā The spung tree.

ଶିବାବଳି —ସଂ. ବି—ତାନ୍ତ୍ରିକ ମତରେ ଦେବୀଙ୍କ ଅଗରେ ରାତିରେ
Śibābaḷi ଲଗାଯିବା ମାଂସପ୍ରଧାନ ନୈବେଦ୍ୟ (ହି. ଶ)—An offering consisting mainly of meat offered to the Goddess, during night.

ଶିବାୟତନ —ସଂ. ବି (୬ଷ୍ଠୀ ତତ୍)—ଶିବମନ୍ଦିର, ଶିବାଳୟ—
Śibāyatana A temple of Śiba.

ଶିବାରାତି —ସଂ. ବି (୬ଷ୍ଠୀ ତତ୍; ଶିବା+ଅରାତି)—କୁକୁର (ହି.ଶ)
Śibārāti The dog.

ଶିବାରାଧନ(ନା) —ସଂ. ବି—ଶିବ ପୂଜା
Śibārādhana(nā) Worship of God Śiba

ଶିବା ରୁତ —ସଂ. ବି—(୬ଷ୍ଠୀତତ୍; ଶିବା+ରୁତ)-ବିଲୁଅଙ୍କ ବୋବାଳି
Śibā ruta The yelling of jackals.

ଶିବାଳ —ଗ୍ରା. ବି. (ପ୍ରାଚୀନ ପଦ୍ୟ) (ସ ଶିବାଳୟ)—ଶିବାଳୟ (ଦେଖ)
Śibāḷa Śibāḷaya (See) [ଉ—ଶିବାଳ କୋଟିଏ ଅଛନ୍ତି
শিবালয় शिवाला ବଟି। ପ୍ରାଚୀ—ସରଦେଇବୀତା।]

ଶିବାଳୟ —ସ ବି. (୬ଷ୍ଠୀତତ୍; ଶିବ+ଅଳୟ)—୧। ଶିବ ମନ୍ଦିର—
Śibāḷaya 1. Temple of Śiba. ୨। (ଶିବା+ଅଳୟ)

ଦ୍ମଶାନ—2. Cremation ground (literally abode of Śibā-jackals) ୩ । ରକ୍ତ ତୁଳସୀ—3. The red variety of basil plant.

ଶିବାଲୁ—ସ. ବି—ଶୃଗାଳ; ଶିଆଳ (ହି. ଶ)
Śibālu Jackal.

ଶିବାହ୍ଲାଦ—ସ. ବି—ଅଗସ୍ତିଗଛ (ହି. ଶ)
Śibāhlāda Sesbania Grandiflora.

ଶିବାହ୍ୱୟ—ସ. ବି—୧ । ପାରଦ (ହି. ଶ)—1. Quicksilver.
Śibāhwaya ୨ । ବରଗଛ (ହି. ଶ)—2. Banian tree. ୩ । ଅରକଗଛ (ହି. ଶ)—3. Calotropis Gigantea.

ଶିବି(ଧାତୁ)—ସ. ନାମଧାତୁ (ଶିବ ଶବ୍ଦରୁ)—ସୁଖଦାନ କରିବା
Śibi(root) To give pleasure.

ଶିବି—ସ. ବି (ଶି ଧ ଭି=ଗ୍ରହଣ କରିବା+କର୍ତ୍ତ୍ରି ବି)—୧ । ହିଂସ୍ର ଜନ୍ତୁ
Śibi 1. Wild animals; beast of prey. ୨ । ଭୂର୍ଜପତ୍ର
2. The bark of birch tree. ୩ । ଦେଶ ବିଶେଷ—3. Name of a tract of country. ୪ । ନୃପତି ବିଶେଷ; ଉଶୀନର ରାଜାଙ୍କ ପୁତ୍ର ଓ ଯଯାତିଙ୍କ ଦୌହିତ୍ର—4. Name of a king who was son of king Uśinara and famous for his devotion and charity. [ଦ୍ର—ଏ ସାକ୍ଷାତ୍ ଦୟାଳୁ, ଦାତା, ଧାର୍ମିକ ଓ ଭକ୍ତ ଥିଲେ । ଏକଦା ବ୍ରହ୍ମା ଏହାଙ୍କ ସତ୍ୟ ପାଳନ ପରୀକ୍ଷା କରିବା ପାଇଁ ବ୍ରାହ୍ମଣ ବେଶରେ ଏହାଙ୍କ ନିକଟରେ ପହଞ୍ଚି ଏହାଙ୍କୁ ପୂର୍ବରୁ ସତ୍ୟ କରାଇ ଏହାଙ୍କ ପୁତ୍ରର ମାଂସ ଭୋଜନାର୍ଥ ପ୍ରାର୍ଥନା କଲେ । ଏ ଅକୁଣ୍ଠିତ ଚିତ୍ତରେ ସତ୍ୟ ପାଳନ କଲେ ଓ ବ୍ରହ୍ମାଙ୍କ ଅନୁରୋଧରେ ସ୍ୱହସ୍ତରେ ପୁତ୍ର ମାଂସକୁ ପାକ କଲେ । ବ୍ରହ୍ମା କହିଲେ ତୁମେ ମୋ ସଙ୍ଗେ ନ ଖାଇଲେ ମୁଁ ଭୋଜନ କରିବି ନାହିଁ । ଶିବି ତହିଁରେ ମଧ୍ୟ ରାଜି ହେଲେ । ବ୍ରହ୍ମା ଏହା ଦେଖି ବିସ୍ମିତ ହୋଇ ନିଜରୂପ ଧାରଣ କରି ଏହାଙ୍କ ମୃତ ପୁତ୍ରକୁ ଜୀଆଇ ଦେଲେ । ସୁବଳଚନ୍ଦ୍ର ବଙ୍ଗଳା ଅଭିଧାନ]

ପରେ ଦେବତାମାନେ ଏହାଙ୍କୁ ଅନ୍ୟ ଭାବରେ ମଧ୍ୟ ପରୀକ୍ଷା କରିଥିଲେ । ଅଗ୍ନି କପୋତରୂପ ଧାରଣ କଲେ ଓ ଇନ୍ଦ୍ର ଶ୍ୟେନ ରୂପ ଧରି କପୋତକୁ ଗୋଡ଼ାଇଲେ । କପୋତ ଯାଇ ଶିବିଙ୍କ କୋଳରେ ପଶିଲା ଓ ଶରଣ ପ୍ରାର୍ଥନା କଲା । ତତ୍ପରେ ଶ୍ୟେନ ଆସି ପହଞ୍ଚି ରାଜାକୁ କହିଲା, 'ଏ ମୋର ଭକ୍ଷ୍ୟ, ଏହାକୁ ଛାଡ଼ିଦିଅ'—ଶିବି ଅନ୍ୟ ମାଂସଦ୍ୱାରା ଶ୍ୟେନକୁ ସନ୍ତୁଷ୍ଟ କରିବାକୁ କହିବାରୁ ଶ୍ୟେନ ରାଜି ହେଲା ନାହିଁ । ଶେଷରେ ଏ କପୋତ ପକ୍ଷୀର ଓଜନରେ ଆପଣା ଦେହରୁ ମାଂସ କାଟି ଶ୍ୟେନକୁ ଦେଲେ ଶ୍ୟେନ ସନ୍ତୁଷ୍ଟ ହେବ ବୋଲି କହିବାରୁ ରାଜା ତୁଳାଦଣ୍ଡ ଆଣାଇ ତରାଜୁର ଏକ ପାଖରେ କପୋତକୁ ରଖି ଅନ୍ୟ ପାଖରେ ଆପଣାର ଦେହରୁ ମାଂସ କାଟିକରି ପକାଇଲେ; କିନ୍ତୁ ଦୈବମାୟାରୁ କପୋତ ଭାର ହେଲା ଓ ରାଜାଙ୍କ ଦେହରୁ ଅନେକ ମାଂସ କଟାଯାଇ ତରାଜୁରେ ପକା ଯିବାରେ ତାହା କପୋତର ଓଜନ ସଙ୍ଗେ ସମାନ ହେଲା ନାହିଁ । ଶେଷରେ ରାଜା ସ୍ୱୟଂ ତରାଜୁରେ ବସିଗଲେ । ଏଥିରେ ଶ୍ୟେନ ସନ୍ତୁଷ୍ଟ ହୋଇ କପୋତକୁ ଛାଡ଼ିଦେଲା ଓ ଦୁହେଁ ନିଜ ନିଜର ପରିଚୟ ଦେଲେ । ସେହି ଦିନ ଠାରୁ ଶିବି ରାଜା ଧର୍ମାତ୍ମାରୂପେ ପ୍ରସିଦ୍ଧ । (ହି. ଶ)]

ଶିବିକା—ସ. ବି—(ଶିବ ଶବ୍ଦରୁ ଶିବି ନାମ ଧାତୁ=ସୁଖଦେବା+କର୍ତ୍ତ୍ରି ଣ+ସ୍ତ୍ରୀ. ଆ)—ନରବାହ୍ୟ ଯାନବିଶେଷ; ପାଲିଙ୍କି; ସବାରି; ଡୋଲି—A palki; a chair carried on men's shoulders with poles.
Śibikā

ଶିବିକା ବାହକ—ସ.ବି ଓ ବିଣ ପୁଂ (୬ଷ୍ଠୀତତ୍)—ପାଲିଙ୍କି ବାହକ ଲୋକ
Śibikā bāhaka —Palki-bearer.
(ଶିବିକାବାହୀ—ଅନ୍ୟରୂପ)
(ଶିବିକାବାହିକା, ଶିବିକାବାହିନୀ—ସ୍ତ୍ରୀ)

ଶିବିକାରୋହଣ—ସଂ. ବି—ପାଲିଙ୍କିରେ ଚଢ଼ିବା
Śibikārohaṇa Riding on a palki.

ଶିବିକାରୋହୀ—ସଂ. ବିଣ. ପୁଂ—ଯେ ପାଲିଙ୍କିରେ ଚଢ଼ି ସ୍ଥାନାନ୍ତରକୁ ଯାଉଥାଏ—Going to a place by riding on a palki.
Śibikārohī
[ଶିବିକାରୋହିଣୀ—ସ୍ତ୍ରୀ]

ଶିବିପିଷ୍ଟ—ସଂ ବି.—ମହାଦେବ (ହି.ଶ)
Śibipishṭa Śiba.

ଶିବିର—ସଂ ବି. (ଶୀ ଧାତୁ=ଶୟନ କରିବା, ବିଶ୍ରାମ କରିବା+ଅଧି-କରଣେ ଇର)—୧ । ପଟ୍ଟାବାସ; ତମ୍ବୁ—1. Tent.
Śibira ୨ । ସେନା ନିବାସ; ଛାଉଣି—2. Cantonment; camp of an army; barracks. ୩ । ଦୁର୍ଗ; ଗଡ଼ (ହି.ଶ)—3. Fort. ୪ । ଧାନ୍ୟମଧ୍ୟରେ ଏକପ୍ରକାର ତୃଣ ଧାନ୍ୟ (ହି.ଶ)—4. A kind of grain.

ଶିବିର ସନ୍ନିବେଶ—ସ. ବି (୬ଷ୍ଠୀ ତତ୍)—ତମ୍ବୁ ପକାଇବା—
Śibira sannibeśa Pitching of a camp; encamping
[ଶିବିରସ୍ଥାପନ—ଅନ୍ୟରୂପ]

ଶିବି ରଥ—ସ: ବି—ପାଲିଙ୍କି; ଶିବିକା (ହି. ଶ)—
Śibi ratha Palki.

ଶିବେତର—ସ. ବିଣ (ଶିବ=ମଙ୍ଗଳର ଇତର=ଅନ୍ୟ; ୬ଷ୍ଠୀ ତତ୍)—ଅଶୁଭ; ଅମଙ୍ଗଳ—Evil; adversity.
Śibetara

ଶିବେଶ—ସ. ବି ପୁଂ (ଶିବା+ଈଶ)—ଶୃଗାଳ (ହି. ଶ)—
Śibeśa Jackal.

ଶିବେଷ୍ଟ—ସ. ବି (୬ଷ୍ଠୀ ତତ୍; ଶିବ+ଇଷ୍ଟ)—୧ । ଅଗସ୍ତି ବୃକ୍ଷ—
Śibeshṭa 1. Sesbania Grandifloria. ୨ । ଶ୍ରୀଫଳ; ବେଲ—2. Eaglos Marmelos.

ଶିବେଷ୍ଟା—ସ. ବି (ଶିବେଷ୍ଟ+ଆ)—ଦୂବ—
Śibeshṭā Creeping grass.

ଶିବୋତ୍ତର—ସ. ବିଣ (ଶିବ=ଶିବ ପୂଜାର୍ଥେ+ଉତ୍ତର=ଯୋଗ୍ୟ)—
Śibottara ଶିବ ପୂଜା କମନ୍ତେ ଦତ୍ତ (ଜମି)—(lands) Endowed for the worship of Śiba.
(ଶିବତ୍ର—ଅନ୍ୟରୂପ)

ଶିବୋପନିଷଦ୍—ସଂ. ବି—ଉପନିଷଦ୍ ବିଶେଷ—
Śibopanishad Name of an upanishad.

ଶିମ—ଦେ. ବି (ସଂ. ଶିମ୍ବ)—ଶିମ୍ବ (ଦେଖ)—Śimba (See)
Śima শিম सोम

ଶିମ ସ୍ଥା(ନ୍ଥା)ନ—ଦେ. ବି (ସଂ. ଶିରଃ ବା ସୀମନ୍ତ ଓ ସ୍ଥାନ)—
Śima sthā(nthā)na ୧ । ଶିରୋଦେଶ; ମୁଣ୍ଡ—1. Head.
শিথান ୨ । ମୁଣ୍ଡତଳେ ଦିଆଯିବା ତକିଆ—2. A pillow for the head. ୩ । ଶଯ୍ୟାର ଯେଉଁ ପାଖରେ ଶୋଇବା ବ୍ୟକ୍ତି ମୁଣ୍ଡ ଦେଇ ଶୁଅନ୍ତି—3. The part of the bed where the sleeper lays the head.
ପ୍ରାଦେ. (ଗଞ୍ଜାମ) ବି—ଶିମସ୍ଥାନମ୍ (ଦେଖ)—
Śimasthānam (See)

ଶିମସ୍ଥାନମ୍—ପ୍ରାଦେ. (ଗଞ୍ଜାମ) ବି (ସ. ସୀମନ୍ତ)—ରାଜା ଅବା ଜମିଦାରଙ୍କ
Śimasthānam ରାଜଧାନୀ—The headquarters or capital of a Rājā. [ଦ୍ର—ଗଞ୍ଜାମରେ ରାଜା ବା ଜମିଦାରମାନଙ୍କ ରାଜଧାନୀଗୁଡ଼ିକୁ ସଦର କଚେରୀକୁ 'ଶିମସ୍ଥାନମ୍' ବୋଲାଯାଏ ।]

ଶିମାକୟାଁ—ପ୍ରାଦେ. (ଗଞ୍ଜାମ) ବି—ବିଦେଶାଗତ କଣ୍ଟକଯୁକ୍ତ ବୃକ୍ଷ
Śimakayāñ ଗଛ—A kind of thorny plant impor-
জিলেপি গাছ ted from foreign country. [ଦ୍ର—ଏହାର
ज.जि)लेबीका पेड ଫଳ ଜିଲେପି ପରି ଓ ମଞ୍ଜି କଳା ମଞ୍ଜି ପରି, କିନ୍ତୁ ଫୁଟି ଗଲା ଓ ତାହାର ସ୍ୱାଦ ଈଷତ୍ ମଧୁର ।]

ଶିମା କାଉ(ଉଁ)ରିଆ—ପ୍ରାଦେ. (ଗଞ୍ଜାମ) ବି—ଜଙ୍ଗଲୀ କାଉଁରିଆ—
Śimā kāu(uñ)riā A red variety of wild jute plant.

ଶିମାଶିମ୍ବ—ପ୍ରାଦେ. (ଉତ୍ତରାଞ୍ଚଳ) ବି—ଶିମ୍ବଜାତୀୟ ଏକପ୍ରକାର ଲତା
Śimāśimba ଫଳ—A kind of bean.

ଶିମି—ପ୍ରାଦେ. (ପାଟଣା ଓ ସ୍ଥାନବିଶେଷର ଜଣାଣ୍ ପ୍ରଚଳିତ ଭାଷା) ବି—ଶିମ୍ବ—
Śimi Bean.

ଶିମି(ମୁ)ଳି—ଦେ. ବି (ସଂ. ଶାଲ୍ମଳି)—ଶାଲ୍ମଳି (ଦେଖ)—
Śimi(mu)li Śālmali (See) [ଦ୍ର—ଚମ୍ପୀଳ ଅଶୋକ
শিমুল सेमर(ल) ଚାଳ ଶିମୁଳୀ—ପ୍ରାଚୀ. ଗଣୀସେଣା ।]

ଶିମିଳି ଅଠା—ଦେ. ବି—ଶାଲ୍ମଳି ବେଷ୍ଟ (ଦେଖ)
Śimili aṭha Śālmali beshṭa (See)
শিমুল আঠা सेमरका गोंद

ଶିମିଳି ଖା(କ୍ଷା)ର—ଦେ. ବି (ସଂ. ଶଙ୍ଖିକା; ଶଙ୍ଖ ବିଷ)—ଶଙ୍ଖ
Śimili khā(kshā)ra ବିଷ; ଶ୍ୱେତ—White arsenic.
শেঁকো सिंखिया

ଶିମିଳି ଗଛରେ ଗାଣ୍ଡି (ପିଚ୍ଛ) ଘିଷିବା—ଦେ. ପ୍ରବଚନ (ଲକ୍ଷଣାର୍ଥ)—
Śimili gachhare gāṇḍi (pichā) ghashibā (କଣ୍ଟକ-
শিমুল গাছে গা ঘষা ମୟ ଶାଲ୍ମଳୀ ବୃକ୍ଷରେ ପିଚ୍ଛ ଘଷିଲେ
ताडके पेडमे गाँड रगडना ଦେହ କ୍ଷତ ହୁଏ)--କେତେ କାର୍ଣ୍ଣି ଶୁଣି
[ଶିମିଳି ଗଛରେ ଗାଣ୍ଡି (ପିଚ୍ଛ) ଘଷି ହେବା—ଅନ୍ୟରୂପ] କଣ୍ଟକମୟ କାର୍ଯ୍ୟ କରିବା; ବିପଦକୁ ଡାକି ଆଣିବା—(figurative) To invite danger; to cortt danger.

ଶିମିଳି ତୁଳା—ଦେ. ବି—ଶିମିଳି ଫଳର କୋଷ ବା ଭଣ୍ଡା ମଧ୍ୟରେ ଥିବା
Śimili tulā ତୁଳା—Silk-cotton.
শিমুলতুলো(লা) सेमरकी रुइ

ଶିମିଳି ପାଳ—ଦେ. ବି—ମୟୂରଭଞ୍ଜସ୍ଥ ପର୍ବତମାଳା—The name of
Śimili pala a mountain range in the Mayur-
শিমিলিপাল bhanj State.

ଶିମିଳି ଫୁଲ—ଦେ. ବି—ଶାଲ୍ମଳି ଗଛର ଉଜ୍ଜ୍ୱଳ ନାଲି ଫୁଲ—The
Śimili phula bright red flower of silk-cotton
শিমুল ফুল सेमरके फुल tree (which has no smell.)
[ଦ୍ର—ଏହା ଦୂରରୁ ରଙ୍ଗ ଝଟଝଟ ଦେଖାଯାଏ, କିନ୍ତୁ ଗନ୍ଧ ନ ଥିବାରୁ ଓ ଅଳ୍ପ ଦିନେ ଝଡ଼ି ପଡ଼ିବାରୁ ଅଳ୍ପକାଳ ସ୍ଥାୟୀ ସୌନ୍ଦର୍ଯ୍ୟ ବା ଗୁଣଶୂନ୍ୟ ସୌନ୍ଦର୍ଯ୍ୟକୁ ଲୋକେ ରଙ୍ଗ ଝଟଝଟ ଶିମିଳି ଫୁଲ ସଙ୍ଗେ ତୁଳନା କରନ୍ତି, ଯଥା—ରଙ୍ଗ ଝଟ ଝଟ ଶିମିଳି ଫୁଲ, ଏକ ସରୁଦିନେ ହେବ ?—ଛଗ ।

ସଂସ୍କୃତରେ ମଧ୍ୟ ଉକ୍ତ ଶ୍ଳୋକ ଅଛି—
ହଂସାଃ ପଦ୍ମବନାଶୟା ମଧୁଲିହଃ ସୌରଭ୍ୟଲୁବ୍ଧାଶୟା
ପାନ୍ଥାଃ ସ୍ୱାଦୁଫଳାଶୟା ବକଭୁଜଃ ଗୃଧ୍ରାଶ୍ଚ ମାଂସାଶୟା ।
ଦୂରାଦୁନ୍ନତ ପୁଷ୍ପରାଗରଚନୈଃ ନିଃସାର ମିଥ୍ୟୋନ୍ନତୈଃ
ରେ ରେ ଶାଲ୍ମଳିପାଦପ ! ପ୍ରତିଦିନଂ କେ କେ ନ୍ୟସ୍ତା ବଞ୍ଚିତାଃ ।
ଏଥିର ମର୍ମ—ହେ ଶିମିଳି ଗଛ ! ଦୂରରୁ ତୋର ନିଃସାର, ମିଥ୍ୟା ଓ ଉନ୍ନତ ପୁଷ୍ପରାଗ ଦେଖି ହଂସ (ପଦ୍ମବନ ବୋଲି ଭାବି), ଭ୍ରମର (ସୌରଭ ଲାଭ ଆଶାରେ), ପଥିକ (ସ୍ୱାଦୁଫଳ ଆଶାରେ), କାକ ଓ ଗୃଧ୍ରମାନେ (ମାଂସ-ଭକ୍ଷଣ ଆଶାରେ ବଞ୍ଚିତ ହେଉଅଛନ୍ତି; ଅତଏବ ତୁ କେତେ ପ୍ରାଣୀଙ୍କୁ ବଞ୍ଚିତ ନ କରୁଛୁ ?
ଯେଉଁମାନେ ବାହାରେ ଭଲ ବୋଲି ଦେଖାଇ ହୁଅନ୍ତି, କିନ୍ତୁ କାର୍ଯ୍ୟରେ ଲୋକଙ୍କୁ ପ୍ରତାରଣା କରନ୍ତି, ସେମାନଙ୍କ ସମ୍ବନ୍ଧରେ ଏହି ଶ୍ଳୋକଟି ମଧ୍ୟ ବ୍ୟବହୃତ ହୋଇପାରେ ।—ଯାଏ । ଏହା ଅପ୍ରସ୍ତୁତ ପ୍ରଶଂସା ନାମକ ଅଳଙ୍କାରର ଉଦାହରଣ ।]

ଶିମିଳି ଭଣ୍ଡା—ଦେ. ବି—ଶିମିଳିତୁଳା ଓ ମଞ୍ଜି ଥିବା କୋଷ—
Śimili bhaṇḍā The sheathes of pods contain-
শিমুলগাছের শুঁটি सेमरकाकोसा ing silk cotton.
(ଶିମିଳି ଭ(ଦା)ଣ୍ଡ—ଅନ୍ୟରୂପ)

ଶିମିଳିମୂଷଳି—ଦେ. ବି—ଶିମିଳିଗଛର ମୂଳ (ଔଷଧରେ ଲାଗେ)—
Śimili mushali The root of silk-cotton tree.
শিমুলগাছের মূল सेमरका जड़ (ଶିମିଳିମୂଳ—ଅନ୍ୟରୂପ)

ଶିମୁଳି ଲତା—ପ୍ରାଦେ (ଗଞ୍ଜାମ) ବି—ଗଞ୍ଜାମର ଉଦ୍ଭିଦ ବିଶେଷ
Śimuli latā ଲତାବିଶେଷ (ବୋଧହୁଏ ଶିମିଳିଗଛର ଭଣ୍ଡାପରି ଏଥିରେ ଫଳ ଅଛି ହେଉଥିବାରୁ); ନବବଧୂ ପ୍ରଥମେ ଶାଶୁ ଘରକୁ ଆସିବା ଉପଲକ୍ଷରେ ବନ୍ଧନ୍ତିବାଠାରୁ

ଦ୍ୱାର ବା ପାକଶାଳା ପର୍ଯ୍ୟନ୍ତ ପିଠଉରେ ଅଙ୍କିତ ଲତାକାର ରେଖା (କନେ)—Lines (resembling a creeper) drawn with rice-paste on the ground from the outer door of the house to the cook-room on the daughter-in-law's first visit to her husband's house

ଶିମ୍ବ(ମ୍ବା,ମ୍ବି,ମ୍ବୀ)—ସଂ. ବ (ଶମ୍ ଧାତୁ=ଶାନ୍ତ ହେବା+କର୍ତ୍ତୃ. ଇମ୍; +ଅ; +ଇ; +ଈ; ଫଳ ପାଚିଲେ ଯାହା ମଉଳାଏ)—୧ । କୃଷିଜାତ ଲତା ଓ ତହିଁର ଛୁଇଁ—1. Bean; kidney bean; Dolichos Lablab; Canavalia Ensiformis. [ବୃ—ଏହି ଲତାର ଛୁଇଁ ଚେପଟା ଓ ବଙ୍କା, ପତ୍ର ତ୍ରିପର୍ଣ୍ଣୀ; ମଞ୍ଜି ଚେପ୍ଟା ଓ ବଙ୍କା । ଏହା ଅନେକ ପ୍ରକାର ଦେଖାଯାଏ; ଯଥା— ଧଳାଶିମ୍ବ, ରଙ୍ଗ ବା ନାଲି ଶିମ୍ବ, କଳାଶିମ୍ବ, ଖିଅଶିମ୍ବ, ଗୋଡ଼ ଶିମ (ଏଥିର ମଞ୍ଜି ଗୋଡ଼ପରି ଶ୍ୱେତ ଓ ଗୋଲ), ଚୋଡ଼ ଶିମ୍ବ (ଛୁଇଁ ଚୋଡ଼ ମାଛପରି ଲମ୍ବ ଓ ସରୁ), ପଣ୍ଡିକେଶର ଶିମ୍ବ, ପଠା ଶିମ୍ବ (ଛୁଇଁ ପଠାଳଅ ବା ଚେପଟା), ଫସ୍‌ଗ- ବନ୍, ମହଳଡ଼ା ମୋଗଲାଇ ଶିମ୍ବ । ଶ୍ୱେତ ଶିମ୍ବକୁ ସଂସ୍କୃତରେ ଶିମ୍ବା ଓ ମୋଗଲାଇ ଶିମ୍ବକୁ ପୃଥୁଶିମ୍ବା ବା ପୃଥୁକ ଶିମ୍ବିକା ବୋଲାଯାଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁରରସ, ଶୀତବୀର୍ଯ୍ୟ, ଗୁରୁ, ବଳକାରକ, ଦାହ ଓ ଶ୍ଳେଷ୍ମ ବର୍ଦ୍ଧକ, ବାତପିତ୍ତନାଶକ ।] ୨ । ଛୁଇଁ— 2. Pod; legume (Apte).

Śimba(mbā,mbi,mbī)
ଅନ୍ୟ ସଂ. ନାମ—ପୃଥୁଶିମ୍ବୀ, ପୃଥୁକ, ଶିମ୍ବିକା, ଶିମ୍ବିକା ।
ହିମ୍ ଶିମ୍
ଶୀମ, ସେମ
ଅ. ଗଲଫୁଲ୍‌ଗୋଲ୍ଲ
ତେ. ଚାରୁଚକ୍କୁ
ମ. ଖଡ଼ସାଂବଲ; ଅବଇଠୀ,
ଶେଂଗ
ଗୁ. ପଣ ବୋଲ୍‌ସ୍ପା,
ଉରବାରଡ୍ଡୀ

ଶିମ୍ବୀ—ସଂ. ବ. ସ୍ତ୍ରୀ—୧ । ଶିମ୍ବ (ଦେଖ)—1. Śimba (See) ୨ । ଛୁଇଁ—2. Pod. ୩ । କଉଁଛ; ବାଇଡଙ୍କ— 3. Cowhage. ୪ । ବନ୍ୟ ମୁଗ— 4. Wild mung grain.
Śimbi

ଶିମ୍ବିକ—ସଂ. ବ—(ଶିମ୍ବି+କ)—ମୁଗଫଳ (ଦ୍ୱି. ଶ)— Groundnut.
Śimbika

ଶିମ୍ବିକା—ସଂ. ବ—(ଶିମ୍ବିକ+ଅ)—୧ । ଛୁଇଁ—1. Pod. ୨ । ଶିମ୍ବ (ଦେଖ)—2. Śimba (See)
Śimbikā

ଶିମ୍ବି(ମ୍ବୀ)ଜ(ଜା)—ସଂ.ବ—(ଶିମ୍ବି+ଜନ ଧାତୁ+କର୍ତ୍ତୃ. ଅ;+ଅ)— ଶିମ୍ବ ଜାତୀୟ ଉଦ୍ଭିଦର ଛୁଇଁ; ବୈଦଳିକ (ଶିମ୍ବିଧାନ୍ୟ, ଶିମ୍ବୀଦଳ—ଅନ୍ୟରୂପ) ଶିମ୍ବ; ମୁଗ, ଶିମ୍ବ ଓ ମଟର ଅବର ଛୁଇଁ; ଦ୍ୱିଦଳ ଅନ୍ନ—The pod of beans and leguiminous plants. [ବୃ—ଏହା ମଧୁର କଷାୟ ରସ, କଟୁ ବିପାକ, ବାତଜନକ, କଫପିତ୍ତ ନାଶକ, ମଳମୂତ୍ରରୋଧକ ଓ ଶୀତବୀର୍ଯ୍ୟ । ମୁଗ, ବିରି, କୋଳଥ, ମସୁର, ବରଗୁଡ଼ି, ଶିମ୍ବ, ମଟର ଓ ହରଡ଼ ଅବ ଛୁଇଁର ସାଧାରଣ ନାମ ଶିମ୍ବିଜ ।]
Śimbi(mbī)ja (jā)
ସଂ. ସୂର୍ଯ୍ୟ, ବୈଦଳ

ଶିମ୍ବିନୀ—ସଂ. ବ—୧ । ଶ୍ୟାମା ପକ୍ଷୀ; କୃଷ୍ଣଚଟକ (ଦ୍ୱି. ଶ)—1. The dark sparrow. ୨ । ବଡ଼ ଶିମ୍ବ— 2. The big species of bean.
Śimbinī

ଶିମ୍ବି(ମ୍ବୀ)ପର୍ଣ୍ଣିକା—ସଂ. ବ—ବନ୍ୟମୁଦ୍ଗ; ମୁଦ୍ଗପର୍ଣ୍ଣୀ (ଦ୍ୱି. ଶ)— A wild variety of Mung grain.
Śimbi(mbī)parṇikā
[ଶିମ୍ବି(ମ୍ବୀ)ପର୍ଣ୍ଣୀ—ଅନ୍ୟରୂପ]

ଶିୟ(ୟା)ର୍—ବୈଦେ. ବ (ଇଂ. ସେୟାର୍)—ସମ୍ପତ୍ତି ବା ବ୍ୟବସାୟରେ ଅଂଶ—Share.
Śiya(yā)r
शिय़ार शियर

ଶିୟ(ୟା)ରଦାର୍—ବୈଦେ. ବ (ଇଂ. ସେୟାର୍+ଫା. ଦାର୍)— ଅଂଶୀଦାର୍—Shareholder.
Śiya(yā)rdār
শিআরদার शियरदार

ଶିୟ(ୟା)ର୍ ବସିବା—ଦେ. କ୍ରି (ଇଂ. ସେୟାର୍)—ସେଅର ବସିବା; କୌଣସି ବ୍ୟବସାୟରେ ବା କାର୍ଯ୍ୟରେ ଅନ୍ୟ ବ୍ୟକ୍ତିଙ୍କ ସଙ୍ଗେ ଭାଗଦାରରେ କାର୍ଯ୍ୟ କରିବା—To go into shares with another; to take partners in a business.
Śiya(yā)r basibā
শিআরবসা शियरकेरना

ଶିୟର—ଦେ. ବ (ସ ଶିରର)—୧ । ଶୋଇବାବେଳେ ମନୁଷ୍ୟର ମୁଣ୍ଡ ଯେଉଁ ଦିଗକୁ ରହେ—1. The direction towards which a sleeping person lays down his head on the bed. ୨ । ଶଯ୍ୟାର ମୁଣ୍ଡପାଖ—2. The side of the bed on which lies the head. ୩ । (ସଂ. ଶିରୋପାଧାନ)—ମୁଣ୍ଡ ତକିଆ— 3. The pillow on which a sleeper rests his head.
Śiyara
শিয়র सिर
শিথান बालिस

ଶିର୍‌କସ୍ତ (ଇତ୍ୟାଦି)—ବୈଦେ.ବ (ଫା)—ଶିକସ୍ତ (ଇତ୍ୟାଦି)(ଦେଖ)
Śir-kast(etc) Śirkast etc (See)

ଶିର—ସଂ.ବ (ଶ୍ରି ଧାତୁ=ସେବା କରିବା+କର୍ମ. ଅ; ତୁଲ. ଫା. ସର୍=ମୁଣ୍ଡ)—୧ । ଶିରଃ; ମସ୍ତକ; ମୁଣ୍ଡ—1 Head. ୨ । ସର୍ବୋଚ୍ଚଭାଗ; ଶିଖର—2. Top; summit; acme; pinnacle. ୩ । ବୃକ୍ଷାଗ୍ର—3. Top of a tree. ୪ । ସୈନ୍ୟର ଅଗ୍ରବର୍ତ୍ତୀ ଦଳ—4. The advance-guard of an army. ୫ । ପିପ୍ପଳୀ- ମୂଳ—5. The root of long pepper. ୬ । ପ୍ରଧାନ; ଅଧ୍ୟକ୍ଷ—6. The head of an institution. ୭ । ଅଜଗର—7. Boa constrictor; a huge species of serpent. ୮ । ଶଯ୍ୟା; ବିଛଣା- 8. Bed; bedding. ୯ । ମୁଣ୍ଡର ଖପୁରି (ଦ୍ୱି. ଶ)—9. Skull. ୧୦ । ପଦ୍ୟର ଚରଣର ଆରମ୍ଭ (ଦ୍ୱି. ଶ)—10. The beginning of a line of a poem. ୧୧ । ମୁଖ୍ୟ ବ୍ୟକ୍ତି (ଦ୍ୱି. ଶ)—11. Headman. ୧୨ । ନେତା (ଦ୍ୱି. ଶ)—12. Leader. ୧୩ । ପର୍ବତାଗ୍ର—13.The peak or summit of a mountain (Apte). ୧୪ । ସମ୍ମୁଖଭାଗ— 14. Front; forepart (Apte). ଦେ.ବ (ସଂ.ଶିରା)
Śira

ଶିର —୧। ଶିରା; ରକ୍ତବାହକ ନାଳୀ—1. Vein; artery.
শির
सीर, नस [ଦ୍ର—ଏହି ଶିରଗାର ବେକରେ ନୋଇଲା—ଉଗ ।]
শির ୨ । ପାନ ଅବ ଏହିଭ ପିଠିପାଖର ମଝି ଅଂଶ ବା ହାଡ଼—
ਧੀਰ 2. The chord-like ridge on the back of
শির of a leaf. ଦେ. ବଣ—ଶ୍ରେଷ୍ଠ—Best; eminent.
शिर [ଦ୍ର—ସେ ସବ ରାଜାଙ୍କ ଶିର, ଯାଣ୍ଡବ ବଂଶେ ଜାତ୍ରିକର —ଜଗନ୍ନାଥ. ଭାଗବତ ।] ଗ୍ରାବେ (ମେଦନୀପୁର)
ବ—ନଡ଼ିଆ ଖଡ଼ିକା—The slender hard rib of a cocoanut leaf.

ଶିର ଉଣ୍ଡି (ଜାଣି, ଦେଖି) ଚଢ଼ୁ (ଚଢ଼ା) ଦେବା—ଦେ. ବାକ୍ୟ (ଲକ୍ଷ
Śira uṇḍi (jāṇi,dekhi) chaḍu (chiañ) debā ଣାର୍ଥ)—
শির দেখে হেঁকা দেওয়া ବୌଣସି କାର୍ଯ୍ୟ ସାଧନାର୍ଥ ଯଥୋ-
सिर देखकर दागना ପଯୁକ୍ତ ଉପାୟ ବା ପ୍ରତିକାର ଅବଲମ୍ବନ
କରିବା—(figurative) To take proper steps for accomplishing a thing. [ଦ୍ର—ମୁଣ୍ଡ ଓ ଗୋଡ଼ ଅବ ବନ୍ଧିଥିଲେ ସେବେ ବଢ଼ିଥିବା ସ୍ଥାନ ସଙ୍ଗେ ସମ୍ପର୍କଯୁକ୍ତ ଶିରାକୁ ଉଣ୍ଡି ବା ଠିକଣା କରି ଲୁହା ଶିରାରେ ଚଢ଼ୁ ଦିଆଯାଏ । ତାହାହେଲେ ବଥା ଭଲ ହୋଇଯାଏ । ଉପଯୁକ୍ତ ଶିରାରେ ଚଢ଼ୁ ନ ଦେଲେ ବଥା କମେ ନାହିଁ । ଏହି ଉଦାହରଣରୁ ଏ ବାକ୍ୟ ବ୍ୟବହୃତ ହୁଏ ।]

ଶିରଃ—ସଂ. ବ (ଶିରସ୍ ଶବ୍ଦ ୧ମା. ୧ବ; ଶି ଧାତୁ=ସେବା
Śiraḥ କରିବା+କର୍ମ. ଅସ୍)—ଶିରସ୍ (ଦେଖ)—
Śiras (See)

ଶିରଃ କପାଳୀ—ସଂ. ବି. ପୁଂ (ଶିରସ୍+କପାଳ+ଇନ୍; ୧ମା. ୧ବ)—
Śiraḥkapālī ନରମୁଣ୍ଡଧାରୀ ସନ୍ନ୍ୟାସୀ; କାପାଳିକ ସନ୍ନ୍ୟାସୀ —
An anchorite carrying about a human skull.

ଶିରଃଖଣ୍ଡ—ସଂ. ବ—ମୁଣ୍ଡର ହାଡ଼; କପାଳାସ୍ଥି—
Śiraḥ khaṇḍa Bone of the head.

ଶିରଃପୀଡ଼ା—ସଂ. ବ (୬ଷ୍ଠୀ ତତ୍)—ମୁଣ୍ଡବଥା; ମୁଣ୍ଡ ବଥା—
Śiraḥpiḍā Headache. [ଦ୍ର—ମୁଣ୍ଡରୁଜା, ମୁଣ୍ଡବଥା ଅବ ସବୁପ୍ରକାରର ପୀଡ଼ାକୁ ଶିରଃପୀଡ଼ା ବୋଲାଯାଏ, କିନ୍ତୁ ମୁଣ୍ଡବଥା ଓ ଅଧାକପାଳୀ କଥାକୁ ଶିରଃଶୂଳ କୁହାଯାଏ । ଆୟୁର୍ବେଦରେ ୧୧ ପ୍ରକାର ଓ ଯୁନାନୀରେ ୧୯ ପ୍ରକାର ଶିରଃପୀଡ଼ାର ବର୍ଣ୍ଣନା ଅଛି । ଏଥିରୁ କେହି କେହି ୨୧ ପ୍ରକାର କହନ୍ତି । ଆୟୁର୍ବେଦ ମତରେ ବାତଜ, ପିତ୍ତଜ, କଫଜ, ସନ୍ନିପାତଜ, ରକ୍ତଜ, କ୍ଷୟଜ, କୃମିଜ, ସୂର୍ଯ୍ୟାବର୍ତ୍ତ, ଅନନ୍ତବାତ, ଅର୍ଦ୍ଧାବଭେଦକ ଓ ଶଙ୍ଖକ, ଏହି ୧୧ ପ୍ରକାର ଶିରଃପୀଡ଼ା ଅଛି ।]

ଶିରଃଫଳ—ସଂ. ବ (ବହୁବ୍ରୀହି)—ନଡ଼ିଆଗଛ ବୃକ୍ଷ (ହି. ଶ)
Śiraḥphala The cocoanut tree.

ଶିରଃଶୂଳ—ସଂ. ବ—ମୁଣ୍ଡବଥା—
Śiraḥśūla Headache.

ଶିରଃସ୍ଥ—ସଂ. ବଣ (ଶିରସ୍+ସ୍ଥା ଧାତୁ+କର୍ତ୍ତୃ. ଅ)—ଅଗ୍ରରେ
Śiraḥstha ଅବସ୍ଥିତ—Situate on the top.
ସଂ. ବ. ପୁଂ—ନେତା—Leader (Apte)

ଶିର କମଳ—ସଂ. ବ (ରୂପକ କର୍ମଧାରୟ; ମୁଣ୍ଡରୂପ ପଦ୍ମ)—
Śira kamaḷa ୧ । ଆପଣାର ମସ୍ତକ—1. One's
সির own head (compared to a lotus flower).
মাথা (ଦ୍ର—ଶିରକମଳ ମାଗିଲେ ଭି ଦେବୁ, ବ୍ରହ୍ମଜ୍ଞାନକୁ ବେଳେ ନ କହିବୁ—ପ୍ରାଚୀ ପରମ୍ପରା ।) ୨ । (ଲକ୍ଷଣାର୍ଥ) ଆପଣାର ଜୀବନ—2. (figurative) One's own life. (ଯଥା—ମୁଁ ଆପଣଙ୍କ ଚରଣ ତଳେ ମୋ ଶିରକମଳ ସମର୍ପିଦେଉଛି, ଆପଣ ରଖନ୍ତୁ ବା ମାରନ୍ତୁ ।)

ଶିରକାଟ—ଦେ. ବ (ସଂ. ଶିରକର୍ତ୍ତନ)—ମୁଣ୍ଡକାଟ; ଶିରଚ୍ଛେଦ—
Śirakāṭa Beheading. ଦେ. ବଣ—
মুণ্ডকাটা सिरकटजाना ଛିନ୍ନମସ୍ତକ; ଯାହାର ମୁଣ୍ଡ କାଟି
কাটামুণ্ড, মাথাকাটা ହୋଇଅଛି—Beheaded.
सिरकटाहुआ

ଶିରକା(କ)ପଡ଼ା—ଦେ. ବ (ସଂ. ଶ୍ରୀ ଓ କର୍ପଟ)—ପୁରୀ ଜଗନ୍ନାଥଙ୍କ
Śira kā(ka)paḍā ଅଙ୍ଗଲଗି ବସ୍ତ୍ର—The cloth
শ্রীকাপড় देवकपडा worn by the Deity Jagannātha of Puri.

ଶିରଖିସ୍ତ—ବୈଦେ. ବ (ଫା)—ବୃକ୍ଷବିଶେଷର ଅପାତ ବା ଲେଇ
Śirakhist ଜାତୀୟ—Manna. [ଦ୍ର—ନାନା
শিরখিস্ত शिरखिसत ବୃକ୍ଷରୁ ଏହା ମିଳେ । ବିଶେଷତଃ ପଶ୍ଚିମ ହିମାଳୟର ବୃକ୍ଷବିଶେଷ (The common Ash, Fraxinus Excelsior or Floribunda) ରୁ ମିଳେ । କୌଣସି କୌଣସି କାର୍ଯ୍ୟରୁ ଓ ଦେବଦାରୁ ଗଛର ଡାଳରୁ ଏହା ମିଳେ । ଏ ଗଛରୁ ଲୋକମାନେ କଣା କରିବାରୁ ସେହି କଣାବାଟେ ଏ ରସ ବାହାରେ; ଏହା ଔଷଧରେ ବ୍ୟବହୃତ ହୁଏ ।

ଶିର ଖୁଞ୍ଚ(ଞ୍ଚା,ଞ୍ଚି)—ଦେ. ବ—ମୋଡ଼ହୋଇ ଅବର ଶିରା ମୋଡ଼ିହୋଇ
Śira khuñcha(ñchā; ñchi) ଯାଇଥିବା ଯୋଗୁ ଜନ୍ମିବା
শিরখাঁচা शिरम्डेखाओ ବ୍ୟଥା—Pain due to sprain of a limb.
सिरमूडजाना
(ଶିର ଖସିବା—ଅନ୍ୟରୂପ)

ଶିରଙ୍ଗ—ଗ୍ରା.ବ ୧ । (ସ. ଶ୍ରୀରଙ୍ଗମ୍) ଶ୍ରୀରଙ୍ଗ (ଦେଖ)—Śrīraṅga
Śiraṅga (See) ୨। (ସ. ଶ୍ରୀଅଙ୍ଗ) ଶ୍ରୀଅଙ୍ଗ (ଦେଖ)-Śriaṅga
শ্রীরঙ্গ, শ্রীঅঙ্গ श्रीरंग, श्रीअंग (See)

ଶିରଙ୍ଗ(ଙ୍ଗା)ପଟଣ(ଣା)—ଗ୍ରା.ବ (ନାମ) ଶ୍ରୀରଙ୍ଗପତ୍ତନ (ଦେଖ)—
Śiraṅga(ṅgā)patana(ṇā) Śrīraṅga pattana
শ্রীরঙ্গপটন श्रीरंगपटना (See)

ଶିରଚ୍ଛେଦନ—ସ. ବ—(ଶିର+ଛେଦନ)-ମୁଣ୍ଡକାଟ—Beheading.
Śirachchhedana [ଦ୍ର—ପଣ୍ଡିତ ସୁବର୍ଣ୍ଣ ବଳେଦବରୁ ଭଲ ଶିରଚ୍ଛେଦ—ଅନ୍ୟରୂପ) ଶିରଚ୍ଛେଦନ ହେବାର—ଅଛି—ପ୍ରେମ ସୁଧାନିଧି ।]

ଶିରଜ—ସଂ. ବି—(ଶିର୍+ଜନ୍ ଧାତୁ+କର୍ତ୍ତୃ ଅ. ଯାହା ମୁଣ୍ଡରେ
Śiraja ଜାତ)—ଚୂର୍ଣ୍ଣ; ମୁଣ୍ଡର କେଶ; ମୁଣ୍ଡବାଳ—The
hair of the head. ସଂ. ବିଣ—ମସ୍ତକୋଦ୍ଭୂତ—
Growing on the head.

ଶିର ଟା(ଝୁ)ଣିବା—ଦେ. କ୍ରି—(ଲକ୍ଷଣାର୍ଥ)ଅହଙ୍କାର କରିବା—To
Śira ṭā(jhu)ṇibā raise one's head in token of
মাথানড়ান **सिरमोड़ना** boasting; to brag. [ଯଥା—
ଗନ୍ଧର୍ବ ଏଣ୍ଡ ମୁଖ ଏବଚନ ଶୁଣି;
ଧାଇଁଲେ ଯୁବକ ଗନ୍ଧର୍ବେ ଶିରଟାଣି
କୃଷ୍ଣସିଂହ—ମହାଭାରତ—ବନ]

ଶିରଣି(ନି)—ଦେଶ୍ୟ. ବି—(ଫା.ଶୀର୍ନୀ)—ଶିରିଣି (ଦେଖ)—
Śiraṇi (ni) Śiriṇi (See).

ଶିର(ରି)ଦଉଡ଼(ଡ଼ା)—ଦେ.ବିଣ--(ସଂ.ଶୀର୍ଣ୍ଣ+ଡୋରକ)—ଦଉଡ଼ି ପରି
Śira(ri)daurḍi(rḍā) ଶୀର୍ଣ୍ଣ ଶରୀର ବିଶିଷ୍ଟ—Emaciat-
রোগাপটকা **दुबलापतला** ed (like a rope). [ଯଥା—
ସେ ନଖାଇ ନ ପିଇ ଶିର ଦଉଡ଼ି ହୋଇ ଗଲାଣି]

ଶିରନାମା—ଦେ. ବି—(ସଂ. ଶିର ଓ ନାମନ୍)—୧ । ଶିରୋନାମା;
Śiranāmā ଯେଉଁ ବ୍ୟକ୍ତିଙ୍କ ନିକଟକୁ ଚିଠି ଲେଖା ହେଉଥାଏ,
শিরোনামা **सिरनामा** ଚିଠିର ଆରମ୍ଭରେ ଲେଖାଯିବା ତାଙ୍କ ନାମ
ଆଦି—1. The heading or headline of a
letter. [ଯଥା—ଶିରନାମାର ଉଦାହରଣ—ପତ୍ରରେ
ବିଷୟ ଲେଖିବା ପୂର୍ବରୁ ପତ୍ରର ଆଦ୍ୟରେ ଲେଖାଯିବା—
"ପରମପୂଜନୀୟ ଶ୍ରୀଳ ଶ୍ରୀଯୁକ୍ତ ଅମୁକ ମହୋଦୟ ଶ୍ରୀ ଚରଣ
କମଳେଷୁ")] ୨ । ଚିଠିର ଲଫାପା ଉପରେ ଲେଖା-
ଯିବା ଗ୍ରାହକଙ୍କ ନାମ ଧାମ ଆଦି- 2. The address
ঠিকানা **ठिकाना** or superscription on the cover
of a letter.

ଶିରପଞ୍ଚ—ଦେ· ବି—(ସଂ· ଶ୍ରୀ ବା ଶିର; ଭୂଲ ଫା.—ସର୍=ମସ୍ତକ;
Śira pañch +ସଂ ପଞ୍ଚ=ପାଞ୍ଚଜଣଙ୍କ ମଧ୍ୟରେ ନେତା) ୧ । ଶିର-
শ্রীপঞ্চ **सरपंच** ପଞ୍ଚ; ଗ୍ରାମର ପ୍ରଧାନ ବ୍ୟକ୍ତି—1. The
head man of the village ୨ । ଚଉକିଦାରୀ
ଇଉନିଅନ୍‌ର ପଞ୍ଚାୟତମାନଙ୍କ ମଧ୍ୟରେ ପ୍ରେସିଡେଣ୍ଟ—
2. The President of the Panchayats of
a Chowkidari village-union. ୩ । ଗ୍ରାମର
ସହଯୋଗ ସମିତିର ସଭାପତି—3. The President
of the village Cooperative Society.

ଶିରପଢ଼ୁଆ—ଦେ. ବି—ବିଦ୍ୟାର୍ଥୀ; ଶ୍ରେଣୀର ପ୍ରଥମ ଛାତ୍ର—
Śiraparḍhuā The head boy of the class; a dux.
শিরপড়ুয়া **मुखिआ**

ଶିର(ରି)ପା—ଦେ. ବି.—(ସଂ. ଶିରଃ ଓ ପାଦ, ଭୂଲ ବୈଦିକ ଶିପ୍ରା=
Śira(ri)pā ଉଷ୍ଣୀଷ)—୧ । ପାରିତୋଷିକ ରୂପେ ଦିଆଯିବା ବସ୍ତ୍ର-
শিরোপা 1. A cloth awarded as a prize to a
पगड़ी; सिरोपव person. [ଯଥା - ଶରଧା ସିନ୍ଧୁ ଖ୍ଲେକେ
ଶିରପା ପାଇବେ । ଗୀତ—ଶ୍ରୀଯୁକ୍ତ ଭକ୍ତ ଗୀତା] ୨ ।
ମୁଣ୍ଡରେ ବନ୍ଧାଯିବା ପାଗ—2. Turban for the
head. ୩ । ମୁକୁଟ—3. Crown. ୪ । ପାରିତୋଷିକ;
ପୁରସ୍କାର—4. Reward. ୫ । ଉପହାର—5. Pre-
sent ୬ । ରାଜାମାନେ କୌଣସି ବ୍ୟକ୍ତିଙ୍କୁ ଉପାଧି
ଦେବା କିମ୍ବା କୌଣସି ପ୍ରକାର ପୋଷ୍ୟ ପୁତ୍ରକୁ ମଞ୍ଜୁର
କରିବା କିମ୍ବା ମୃତ ବ୍ୟକ୍ତିର ଉଅରସକୁ ଉତ୍ତରାଧିକାରୀ
ସ୍ୱୀକାର କରିବା ଉପଲକ୍ଷରେ ଉକ୍ତ ବ୍ୟକ୍ତିର ମୁଣ୍ଡରେ ବାନ୍ଧ
ଦେବା ବସ୍ତ୍ର—6. A piece of cloth tied round
the head of a person on whom a Raja
bestows a title or whom a Raja reco-
gnises as the adopted son or heir
apparent or successor to a person.
[ଯଥା—ଉକ୍ତ ବ୍ୟକ୍ତିକୁ ସନନ୍ଦ ଦିଆଯାଏ ଓ ତା ମୁଣ୍ଡରେ
ଶିରପା ବନ୍ଧାଯାଏ । ଶିରପା ବନ୍ଧାହେବା ପରେ ସେ
ରାଜଧାନୀରେ ବାଦ୍ୟାଦି ସମାରୋହରେ ବୁଲିଅସେ ।]
୭ । ଦେବତାଙ୍କ ଭଣ୍ଡାରରୁ ବିଶିଷ୍ଟ ଯାତ୍ରୀମାନଙ୍କୁ ଉପହାର
ଦିଆଯିବା ବସ୍ତ୍ର—7. A piece of cloth presen-
ted to a distinguished visitor to a
shrine. ୮ । ଅଶ୍ୱର ଅଗ୍ରପଦ ଉତ୍ତୋଳନ—8. The
lifting of the fore legs by a restive
horse; the pawings of a restive horse.
୯ । ଖିଲଅତ୍; ମୁଣ୍ଡରୁ ଗୋଡ଼ଯାଏ ଅବୃତ କରିବା ପୋଷାକ,
ଯାହା ରାଜଦରବାରରୁ ସମ୍ମାନସୂଚକ ଉପରୁପେ ବ୍ୟକ୍ତି-
ବିଶେଷଙ୍କୁ ଦିଆଯାଏ—9 Full dress given to
persons honoured by the Rajaj.

ଶିରପା ବନ୍ଧା(ନ୍ଧେ)ଇବା—ଦେ. କ୍ରି—୧ । (କୌଣସି ବ୍ୟକ୍ତି) ରଜାଙ୍କ-
Śirapā bandhā(ndhe)ibā ଠାରୁ ଉପାଧି ଆଦି ପାଇବା—
শিরোপা বাঁধান 1. To get a title of honour from
पगड़ी बंधवाना a Rājā. ୨। (ଲକ୍ଷଣାର୍ଥ) ବାହାଦୁରୀ ବା ପ୍ରଶଂସା
ପାଇବା—2. (figurative) To be praised; to
(ଶିରପା ବନ୍ଧା—ବିଶେଷ୍ୟରୂପ) begiven credit.

ଶିରପା ବାନ୍ଧିବା—ଦେ. କ୍ରି—୧। ଉପାଧି ପ୍ରାପ୍ତ ବା ଉତ୍ତରାଧିକାରୀ ରୂପେ
Śirapā bāndhibā ରାଜାଙ୍କଦ୍ୱାରା ସ୍ୱୀକୃତ ବା ପୋଷ୍ୟପୁତ୍ରରୂପେ
শিরোপা বাঁধা ସ୍ୱୀକୃତ ବ୍ୟକ୍ତିର ମୁଣ୍ଡରେ 'ଶିରପା' ବାନ୍ଧିବା—
पगड़ी बांधना To tie a turban round the head
of a person on whom a king bestows
a title or whom the Raja recognises as
an heir or heir apparent to a person.
୨ । (ଲକ୍ଷଣାର୍ଥ) ପୁରସ୍କାର ଦେବା—2. (figurative)
To reward.

ଶିରପାଳିଆ—ଦେ· ବି—ପାଲାବାଲାଙ୍କ ଦଳ ମଧ୍ୟରୁ ଗାୟକ ଦଳରେ
Śira pāliā ଯେଉଁ ବ୍ୟକ୍ତି ଗାୟକ ସଙ୍ଗେ ଗୀତ ଆଦି ବୋଲେ
ଓ ତାଳ ଧରେ—A person who seconds the
singer in a party of pālā chanters.

[ଦ୍ର—ପାଲବାଲା ୨ ଦଳରେ ବଖ୍ ବୁଅନ୍ତି । ୧ । ଗାୟକ ଦଳ ଓ ୨ । ବାଦ୍ୟକ ଦଳ । ଗାୟକ ଦଳରେ ୬ ଜଣ, ଯଥା ଗାୟକ ଓ ଶିରପାଳିଆ ଓ ବାୟକ ଦଳରେ ଜଣେ ମୃଦଙ୍ଗ ବଜାଏ ଓ ୨ ଜଣ ଝାଞ୍ଜ ବଜାନ୍ତି ଏବଂ ଗାୟକଙ୍କ ବୋଲିବା ପଦମାନଙ୍କ ଶିରପାଳିଆ ପୂରଣ କରେ ।]

ଶିରପେଚ(ଞ୍ଚ)—ଦେଶି. ବି (ଫା. ସରପେଚ)—୧ । ଶିରୋବେଷ୍ଟନ; Śirapecha(ncha) ପଗଡ଼ି; ଉଷ୍ଣୀଷ—1. Turban. শিরপেঁচ ୨ । ପଗଡ଼ିର ସମ୍ମୁଖରେ ଲଗାଯିବା ମଣି ମୁକ୍ତା ଖଚିତ शिरपेंच ଅଳଙ୍କାର ବିଶେଷ—2. An ornament attached to the front of a turban. সিরপেঁচ
[ଦ୍ର—ଶିର-ପେଞ୍ଚ ଯାହା କହି କହ ଅଛେ, ତାରେ ଲଭିଦା ପ୍ରାପ୍ତେ କାଳ ବଲ୍ଲେ । ସୁଧାକାଶ—ଦରବାର ।]

ଶିରପେଚ କଳି—ଦେ. ବି. (ଷଷ୍ଠୀ ତତ୍ପୁ)—ପୁରୁଷମାନେ ମୁଣ୍ଡରେ ପଗଡ଼ି Śirapecha kali ବାନ୍ଧି ପଗଡ଼ିର ଅଗ୍ର ଭାଗରେ ଲଗାଉଥିବା শিরপেঁচের চূড়া ପ୍ରସ୍ତର ଖଚିତ ଅଳଙ୍କାର—An ornament शिरपेंचकी कलगी consisting of gems worn on the turban on its front.

ଶିର ବିକିବା—ଦେ. କ୍ରି—(ସଂ. ଶିର+ବିକ୍ରୀ) (ଲକ୍ଷଣାର୍ଥ)—ଦାସ୍ୟ Śira bikibā ସ୍ୱୀକାର କରିବା—(figurative) To sell- মাথাবিকেদেওয়া शिरबेचना one's head; to accept service or slavery under another. [ଦ୍ର—ଏମନ୍ତ ଗୁରୁ ତଳେଣ ଶିରକୁ ବିକିବ—ଗ୍ରାଠୀ. ଣ ସୁବ୍ରବନ୍ତି (ଶିର ବିକିଦେବା—ଅନ୍ୟରୂପ) ଗୀତା]

ଶିରବ୍ୟଥା—ସଂ. ବି—ଶିରୋବ୍ୟଥା (ଦେଖ)—
Śira byathā Śirobyathā (See)

ଶିର ମକଚ୍—ଦେ. ବି—ଶିରଖୁଞ୍ଚ (ଦେଖ)—
Śira makachā Śirakhuñcha (See)

ଶିରଶ୍ଚନ୍ଦ୍ର—ସଂ. ବି(ବହୁବ୍ରୀହି; ଶିରରେ ଚନ୍ଦ୍ର ଯାହାଙ୍କର)—ମହାଦେବ; Śiraschāndra ଶିବ—Śiba.

ଶିରଶ୍ଚା(ଚ୍ଛା)ଳନ—ସଂ. ବି(୬ଷ୍ଠୀ ତତ୍)—ମୁଣ୍ଡକୁ ଇତସ୍ତତଃ ହଲାଇବା—Śirasch(chh)ālana Wagging of the head.

ଶିରଶ୍ଚାଳିଦେବା—ଦେ. କ୍ରି—(ସଂ. ଶିରଶ୍ଚାଳନ) ଇତସ୍ତତଃ ମୁଣ୍ଡ Śirasch̄āli debā ହଲାଇବା—To shake one's head; (ଶିରଶ୍ଚାଳିବା—ଅନ୍ୟରୂପ) to wag the head. [ଦ୍ର— মাথানাড়া सिरहलाना ବୋଲି ଉତ୍ତର କାଣ୍ଡପ୍ରଶ୍ନ ସ୍ତମ୍ଭିତ ଶିର ଚାଳଦେଇ ଭଦ୍ର ବଜ. ବୈଦେହୀଶବିଳାସ ।]

ଶିରଶ୍ଚୁମ୍ବନ—ସଂ. ବି—(୬ଷ୍ଠୀ ତତ୍; ଶିରସ୍+ଚୁମ୍ବନ)—ସ୍ନେହର Śiraschumbana ନିଦର୍ଶନ ସ୍ୱରୂପ ମାତାପିତା ପ୍ରଭୃତିଙ୍କ ଓ ଗୁରୁ ଶିଷ୍ୟଙ୍କ ମୁଣ୍ଡକୁ ଚୁମ୍ବନ କରିବା—Kissing of the forehead by an elder.

ଶିରଶ୍ଛେଦ—ସଂ. ବି—(୬ଷ୍ଠୀ ତତ୍; ଶିରସ+ଛେଦ) ୧ । ମୁଣ୍ଡକାଟ Śiraschheda 1. Beheading. ୨ । ଦେହରୁ ଗଳିରୁ କାଟି (ଶିରଶ୍ଛେଦନ—ଅନ୍ୟରୂପ) ଦେବା—2. Decapitation. ୩ । ମୃତ୍ୟୁଦଣ୍ଡ ରୂପ ରାଜଦଣ୍ଡ—3. Capital punishment.

ଶିରସ୍—ସଂ. ଶବ୍ଦ (ଶି ଧାତୁ+ସେବା କରିବା+କର୍ମ ଅସ୍, ଉପାଦାନ) Śiras ଶିର; ଶିରଃ (ଦେଖ) ମସ୍ତକ; ମୁଣ୍ଡ—Head-

ଶିରସ—ଦେ. (ପଦ୍ୟ)ବି.—(ସଂ. ଶିରସ୍; ଶୀର୍ଷ)—ମସ୍ତକ; ମୁଣ୍ଡ— Śirasa Head. [ଦ୍ର—ବାସୁକୀ ଶିରସେ ଯଥା ଧରନ୍ତି শিরস सिरस ଧରଣୀ, ତଥା ଗିରି ସେ ବହନ୍ତି ଅଚାଶେ ଅବେଖ —ଉପ. ବୈଦେହୀଶବିଳାସ]

ଶିରସି—ସଂ. (ଶିରସ୍ ଶବ୍ଦର ୭ମୀ)—(ସଂ. ଶିରସ୍ ଶବ୍ଦର ୭ମୀ ବିଭକ୍ତି Śirasi ଏକ ବଚନ ରୂପ) ମସ୍ତକରେ—On the head. [ଦ୍ର—ବସିବ ଶିବ ଶିରସି ଇଷି କଣାଇବ ଯେ ।] ଉପ. ବୈଦେହୀଶବିଳାସ ।] ସ୍ତ୍ରୀ (ପଦ୍ୟ)ବି (ସଂ. ଶିରସ୍) ମସ୍ତକ—Head. [ଦ୍ର—ଦାସୀଭ ପ୍ରଭୁର ଭୁଜ, ମଧ୍ୟେ ସ୍ରବେଶର ଭାବ, ତୁମ୍ଭେ ମୋ ମଣ୍ଡନ ଶିରସିକ—ଉପ. সিরস शिरसे ପ୍ରେମସୁଧାନିଧି]

ଶିରସିଜ—ସଂ. ବି—(ଅଲୁକ୍ ସମାସ; ସଂ ଶିରସି=ମୁଣ୍ଡରେ+ଜନ୍ Śirasija ଧାତୁ+କର୍ତ୍ତୃ ଅ)—କେଶ; ମୁଣ୍ଡବାଳ—The hair. [ଶିରୋଜ—ଅନ୍ୟରୂପ] of the head)

ଶିରସ୍କ—ସଂ. ବି—(ଶିରସ୍+କୈ ଧାତୁ—କୈ କରିବା+କର୍ତ୍ତୃ ଅ Śiraska ଶିରସ୍ତ୍ର (ଦେଖ)—Śirastra (See) ସଂ.ବି.ଣ. (ବହୁବ୍ରୀହି ସମାସରେ 'ଶିରସ' ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହେଲେ 'କ' ଆଗମ ହୁଏ । ଯଥା—ବୃହତ ଶିରସ୍କ) (ଶିରସ୍କା—ସ୍ତ୍ରୀ) ମସ୍ତକ ଯୁକ୍ତ—(in compounds)—Headed. (as in big-headed)

ଶିରସ୍କା—ସଂ. ବି—ପାଲିକି—
Śiraskā A palanquin (Apte)

ଶିରସ୍ତ୍ର—ସଂ: ବି (ଶିରସ୍+ତ୍ରୈ ଧାତୁ=ରକ୍ଷାକରିବା+କର୍ତ୍ତୃ ଅ)— Śirastra ୧ । ଉଷ୍ଣୀଷ; ପଗଡ଼ି—1. Turban. ୨ । ଟୋପି- (ଶିରସ୍ତ୍ରାଣ—ଅନ୍ୟରୂପ) 2. Head dress; cap; helmet.

ଶିରସ୍ୟ—ସଂ. ଣ—(ଶିରସ୍+ସମ୍ବନ୍ଧାର୍ଥେ ଯ)—୧ । ଶିରଃ ବା Śirasya ମସ୍ତକ ସମ୍ବନ୍ଧୀୟ—1. Relating to the head ୨ । ଶିରୋଜ; ମସ୍ତକଜାତ—2. Produced from the head. ବି—୧ । କେଶ; ମୁଣ୍ଡବାଳ—1. The hair of the head. ୨ । ନିର୍ମଳ କେଶ; କୁଞ୍ଚିତ କେଶ—2. Clean hair; combed hair. ୩ । ସୁନ୍ଦର ଚୂଡ଼ା—3. A graceful chignon.

ଶିରା—ସଂ. ବି—(ଶୃ ଧାତୁ ଗତି କରିବା+ଅଧିକରଣ ଅ+ଆ; Śirā ଯହିଁ ମଧ୍ୟଦେଇ ରକ୍ତ ଗତି କରେ) ୧ । ରକ୍ତବାହୀ ନାଡ଼ୀ; ଧମନୀ—1. Artery; vein; pulse, blood-vessel (Apte) ୨ । ପାଣିର ସୋତ ବା ଧାର (ବୃ. ଶ)— 2. A current of water. ୩ । ଜାଲପରି ଛନ୍ଦାଛନ୍ଦି ହୋଇଥିବା ରେଖାମାନ (ବୃ. ଶ)—3. Lines intertwined like a net. ୪ । ପାଣି ଉଠାଇବା ବାଲ୍ଟି—

ବୃ. ଖ)—4. Water bucket ୫ । ପୃଥିବୀର ଅନ୍ତଃସ୍ଥଳରେ ଥିବା ଜଳସ୍ରୋତ. (ବୃ. ଖ)—5. Underground current of water.
ଗ୍ରାଦେ.—(ଗଞ୍ଜାମ) ବୈଦେ. (ବେ.)—ବି.—୧ । କାଳୀ; ଲେଖିବା ସ୍ୟାହି—1. Writing ink. [ଦ୍ର—ଗଞ୍ଜାମରେ ଓଡ଼ିଆମାନେ କାଳୀକୁ ଶିରା ଓ କାଳିପତ୍ରକୁ ଶିରବୁଡ଼ୀ କହନ୍ତି ।] ୨ । (ବାଲେଶ୍ୱର)—ଝାଡ଼ୁଣି—2. Broomstick. ୩ । (ଯାଜପୁର)—ପାଚିଆ; ଚଙ୍ଗୁଡ଼ା ବା ଝୁଡ଼ିଆ—3. Basket. ବୈଦେ. (ଫା.)—ଶୀରା=ଗୁଡ଼ ଓ ଅମ୍ଳ ରସ ମିଶ୍ରିତ କାଥ; ଉନେଗାର୍; ତୁଳନା କର ଇଂ. ସିରପ୍; ଫ୍ରେ. ସିରୋ)—କଡ଼ାରେ ବା ତାଟରେ ପାଣି ଦେଇ ନିଆଁରେ ଫୁଟାଇଲେ ଯେଉଁ ରସ ପ୍ରସ୍ତୁତ ହୁଏ—Syrup [ଦ୍ର—ନିଆଁ ଉପରେ ବସା ଯାଇଥିବା ଶିରା କ୍ରମଶଃ ଗାଢ଼ ହେଲେ ତାକୁ ଦାଣ୍ଡି ବା କରେଇରୁ ଚାଟୁଦ୍ୱାରା ଉପରକୁ ଉଠାଇଲେ ତହିଁରୁ ପ୍ରଥମେ ୩ 'ତାର' ବା ଧାର, ଗାଢ଼ତର ହେଲେ ୨ ଧାର ଓ ଗାଢ଼ତମ ହେଲେ ଏକ ଧାର ବୋଲି ପଡ଼େ । ଏହାକୁ ଯଥାକ୍ରମେ ୩ ତାର ବା ୩ ତାର ବନ୍ଧ, ଦୋତାରା ବା ଦୁଇ ତାର ବନ୍ଧ, ଏକତାରା ବା ଏକତାର ବନ୍ଧ ଶିରା ବୋଲାଯାଏ ।] ଦେ. ବି—(ସଂ. ଶିରା)—ପତ୍ର, ଫଳ, ଶସ୍ୟାଦି ଉପରେ ଥିବା ସରୁ ଉଚ୍ଚ ରେଖା—(ଯଥା—ଙ୍ଗରୁ ଶିରା କାଢ଼ିବା; ପାନରୁ ଶିରା କାଢ଼ିବା)—Slender ridges or ribs running on the back of some leaves, fruits and grains [ଦ୍ର—ଶିରାର ୧ମ ସଂସ୍କୃତ ଅର୍ଥ ସମ୍ବନ୍ଧେ ଟୀକା—ଶରୀରସ୍ଥ ଶିରା ୩ ପ୍ରକାର ଯଥା—ବିଶୁଦ୍ଧ ରକ୍ତବାହିନୀ (Artery), ଦୂଷିତରକ୍ତବାହିନୀ (Vein), ଓ ରସବାହିନୀ (Lymphatic) । ହୃତ୍ପିଣ୍ଡରୁ ଯେଉଁ ନଳୀ ବାଟେ ରକ୍ତ ବାହାରେ ତାହାକୁ ବିଶୁଦ୍ଧ ରକ୍ତବାହିନୀ ଶିରା ବା ଧମନୀ କହନ୍ତି । ଶରୀରର ବିଭିନ୍ନ ସ୍ଥାନରୁ ଆସିଥିବା ଦୂଷିତ ରକ୍ତ ଫୁସ୍ଫୁସ୍‌ରେ ପରିଷ୍କୃତ ହୋଇସାରି ହୃତ୍ପିଣ୍ଡକୁ ଯାଏ । ହୃତ୍ପିଣ୍ଡରୁ ଏହି ପରିଷ୍କୃତ ରକ୍ତ ଶରୀରର ବିଭିନ୍ନ ଅଂଶକୁ ଧମନୀଦ୍ୱାରା ପ୍ରେରିତ ହୁଏ । ଫୁସ୍ଫୁସ୍ ବ୍ୟତୀତ ଶରୀରର ବିଭିନ୍ନ ସ୍ଥାନରେ ଥିବା ଧମନୀମାନଙ୍କରେ ଅମ୍ଳଜାନପୂର୍ଣ୍ଣ ବିଶୁଦ୍ଧ ନାଲିଆ ରକ୍ତ ପ୍ରବାହିତ ହୁଏ । ଧମନୀର ନଳ ୩ ଗୋଟି ମୋଟା ସ୍ତରରେ ପ୍ରସ୍ତୁତ—(୧) ବହିଃ ବାହ୍ୟାବରଣ, (୨) ମାଂସପେଶୀ, (୩) ଭିତର ପର ସଂଯୋଜକ ତନ୍ତୁ । ଧମନୀର ନଳର ଭିତରଟି ଶୁଭ୍ର ଚିକ୍କଣ । ଧମନୀର ନଳଟି ଏହିପରି ୩ଟି ସ୍ତରରେ ନିର୍ମିତ ହୋଇଥିବାରୁ ରକ୍ତପ୍ରବାହ ସମୟରେ, ତାହାର କାନ୍ଥି ଯଥାକ୍ରମେ ସଙ୍କୁଚିତ ପ୍ରସାରିତ ହେଉଥାଏ । ଏଣୁ ମଣିବନ୍ଧ ଇତ୍ୟାଦି ସ୍ଥାନର ଧମନୀକୁ ହାତରେ ଚିପିବାଦ୍ୱାରା ତାହା ଧୁକ୍ ଧୁକ୍ ହେବା ଜଣାଯାଏ ଓ ଅଙ୍ଗୁଳିର ତଳ ଜଣା ପଡ଼େ । ମଣିବନ୍ଧସ୍ଥ ଧମନୀକୁ 'ନାଡ଼ୀ' (pulse) କହନ୍ତି । ତେଣୁ ଚିକିତ୍ସକମାନେ ହୃତ୍ପିଣ୍ଡର ଅବସ୍ଥା ଜାଣିବାକୁ ରୋଗୀର ମଣିବନ୍ଧସ୍ଥ ଧମନୀକୁ ବା ନାଡ଼ୀକୁ ଅଙ୍ଗୁଳିରେ ଚିପି ପରୀକ୍ଷା କରନ୍ତି ।

ଶରୀରର ବିଭିନ୍ନ ସ୍ଥାନରୁ ହୃତ୍ପିଣ୍ଡକୁ ଅପରିଷ୍କୃତ ରକ୍ତକୁ ବୋହି ଆଣିବା ଶିରାକୁ ଦୂଷିତରକ୍ତବାହିନୀ ଶିରା (vein) କହନ୍ତି । ଏହି ନଳୀର କାନ୍ଥ ଧମନୀର କାନ୍ଥଠାରୁ ପତଳା । ଫୁସ୍ଫୁସ୍‌ରେ ପ୍ରବାହିତ ଏ ଶ୍ରେଣୀର ଶିରାମାନଙ୍କରେ ଅଙ୍ଗାରକାମ୍ଳପୂର୍ଣ୍ଣ ଅଶୁଦ୍ଧ ନାଲ ରକ୍ତ ପ୍ରବାହିତ ହୁଏ ନାହିଁ । ମାତ୍ର ଶରୀରର ଅନ୍ୟ ସବୁ ଅଂଶରେ ଥିବା ଶିରାଗୁଡ଼ିକ ଅଙ୍ଗାରକାମ୍ଳ ସଂଯୁକ୍ତ ଅବିଶୁଦ୍ଧ ନୀଳରକ୍ତ ବହନ କରନ୍ତି ।

ରସବାହିନୀ ଶିରା ବା ଲିମ୍ଫାଟିକ୍ (lymphatic) ଶିରାଗୁଡ଼ିକ ରସ ବହନ କରନ୍ତି ଏବଂ ଶେଷରେ ଏମାନେ ସ୍କନ୍ଧ ନିକଟରେ ଗୋଟିଏ ଦୂଷିତରକ୍ତବାହିନୀ ଶିରାରେ ଯାଇ ମିଳିତ ହୋଇ ଅଛନ୍ତି । ନଖ, ଦନ୍ତ, କେଶ ପ୍ରଭୃତିରେ ପୂର୍ବୋକ୍ତ ଦୁଇ ପ୍ରକାର ଶିରା (ଦୂଷିତ ରକ୍ତବାହିନୀ ଶିରା ଓ ରସବାହିନୀ ଶିରା) ନ ଥାଏ । ତେଣୁ ନଖ, ଦନ୍ତ ଓ କେଶକୁ କାଟିଲେ ତହିଁରୁ ରକ୍ତ ବାହାରେ ନାହିଁ । ଏହି ତିନ ପ୍ରକାର ଶିରା ଶାଖାପ୍ରଶାଖାରେ ବିଭକ୍ତ ହୋଇ ଶରୀରର ସକଳ ଅଙ୍ଗରେ ପ୍ରବେଶ କରି ଥାଆନ୍ତି ।

ସୁଶ୍ରୁତରେ ବର୍ଣ୍ଣିତ ଅଛି ଯେ, ଶରୀରର ଶିରାଗୁଡ଼ିକ ନାଭି ମୂଳରେ ମିଳିତ ହୋଇଅଛି ଓ ଏମାନେ ଶରୀରର ସନ୍ଧି ସମୂହର ବନ୍ଧନକାରିଣୀ ଓ ଏହିମାନଙ୍କଦ୍ୱାରା ବାତାଦି ଦୋଷ ଓ ରସାଦି ଧାତୁ ପ୍ରବାହିତ ହୋଇ ଶରୀରରେ ପରିବ୍ୟାପ୍ତ ହୁଏ । ଦେହର ମୌଳିକ ଶିରା ୪୦ ଗୋଟି ଯଥା—

୧ । ବାତବାହିନୀ ଶିରା—୧୦
୨ । ପିତ୍ତବାହିନୀ—୧୦
୩ । ଶ୍ଳେଷ୍ମବାହିନୀ—୧୦
୪ । ରକ୍ତବାହିନୀ—୧୦

ଏହି ଶିରାମାନଙ୍କର ପ୍ରତ୍ୟେକର ଶାଖା ବା ପ୍ରଶିରା ଅଛି । ମନୁଷ୍ୟ ଦେହରେ ଶିରା ଓ ପ୍ରଶିରା ମିଶି ୭ ଶହ । ଶିରା ମଧ୍ୟସ୍ଥ ବାତ, ପିତ୍ତ, ଶ୍ଳେଷ୍ମା ଓ ରକ୍ତ ପ୍ରକୁପିତ ହେଲେ ନାନା ପ୍ରକାର ରୋଗ ଜନ୍ମେ; ମୂଳ ଶିରାର ଶାଖା ବା କୈଶିକ ଶିରାକୁ ପ୍ରଶିରା ବୋଲାଯାଏ ଓ ମେରୁଦଣ୍ଡୀ ପ୍ରାଣୀମାନଙ୍କ ମେରୁ ଦଣ୍ଡ ମଧ୍ୟରେ ଥିବା ସ୍ନାୟୁ ବା ଶିରାକୁ କେଁ ଶିରା କହନ୍ତି ।]

ଶିରାଃ—ସଂ. ବଣ—(ବହୁବ୍ରୀହି ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଶିରସ୍ ଶବ୍ଦ ଯୁକ୍ତ ହୋଇ ଧାରଣ କରିବା ଆକାର ଯଥା—ତ୍ରିଶିରାଃ)—
Śiraḥ
ଶିରୋଯୁକ୍ତ—Headed (used in compounds, as 'in three-headed').

ଶିରା(ରେ)ଇ—ଦେ. ବ—ପୁରୀ ଜିଲ୍ଲାର ଗୋଟିଏ ପ୍ରଗଣାର ଓ ଗୋଟିଏ ଗ୍ରାମର ନାମ—Name of a Pergunna and village in Puri district.
Śirā(re)i

ଶିରାଇ ଅଣ୍ଟା—ଦେ. ବ—ସୂର୍ଯ୍ୟମୁଖୀ (ଦେଖ)
Śirāi antā Sūjryamukhī (See)

ଶିରାଏ ଶିରାଏ ଭେଦିବା (ପଶିଯିବା)—ଦେ. କି—ଶିରାରେ ଶିରାରେ
Śirāe śirāe bhedibā (pasi jibā) ଭେଦିବା (ଦେଖ)—
Śirāre śirāre bhedibā (See)

ଶିରାଜ(ଜି) (ଇତ୍ୟାଦି)—ବୈଦେ. ବ.-ସିରାଜ(ଜି) (ଇତ୍ୟାଦି) (ଦେଖ)
Śirāja(ji)etc Śirāja (ji) etc (See)

ଶିରା ଜାଲ—ସଂ. ବ—(୬ଷ୍ଠୀ ତତ୍) —୧। ଶରୀରସ୍ଥ ନାଡ଼ୀମାନଙ୍କ ସମୂହ—
Śirā jāla A number of veins.
୨। ଚକ୍ଷୁର ରୋଗବିଶେଷ, ଯହିଁରେ ଅକ୍ଷିର ଧଳା ଅଂଶରେ ଜାଲ ପରି ଛୋଟମାନ ଫୁଲ୍ଲ ଯାଏ (ବୈ. ଶ.)—
2. A kind of ey-edisease.

ଶିରାଧ (ଇତ୍ୟାଦି)—ଗ୍ରା. ବ (ସଂ. ଶ୍ରାଦ୍ଧ)—ଶ୍ରାଦ୍ଧ ଇତ୍ୟାଦି (ଦେଖ)—
Śirādha (etc) Śrāddha etc (See) (ଦ୍ର—ଉକ୍ତିଥିବା ଛାନ୍ଦ **सराध** ଦୁଇ ଘାଅ ମାଣ୍ଡିଅ ବଢ଼ନ, ତାହାର ଶିରାଧ ଦେବେ ଦେଇ ଅଳ୍ପ ଚାଳ—ଉପାସ. ଜଟକବଦେଶ୍ଯ।]

ଶିରା(ର)ନା ଦେ. ବ (ଶିରଃସ୍ଥାନ; ଶିରଃ+ଆଧାନ)—ଶିରଥନା;
Śirā(ra)nā ପଲଙ୍କର ମୁଣ୍ଡଅଡ଼େ ଲଗିଥିବା କାରୁକାର୍ଯ୍ୟଯୁକ୍ତ କାଠ-
शिराना **शिरहन, सिरहाना** A peice of artistically
(ଶିରୁଳା ପଟା—ଅନ୍ୟରୂପ) wrought frame or raised bar attached to the head of a bedstead.

ଶିରା ପତ୍ର—ସଂ. ବ (ବହୁବ୍ରୀହି)—୧। ହିନ୍ତାଳ (ଦେଖ)—
Śirā patra 1. Hintāla (See). ୨। ଅଶ୍ୱତ୍ଥ ଗଛ (ବୈ. ଶ.)—2. The religious fig tree. ୩। କଇଥ ଗଛ—3. Elephant apple.

ଶିରା ପୀଡ଼ିକା—ସଂ. ବ—ଅକ୍ଷିର ରୋଗ, ଯହିଁରେ ପିଡ଼ୁକା ପାଖରେ
Śira pirḍikā ଲୋହିତ ବର୍ଣ ବାହାରେ (ବୈ. ଶ.)—A kind of eye-disease.

ଶିରା ପ୍ରଶିରା—ସଂ. ବ (ଦ୍ୱନ୍ଦ୍ୱ)—ଦେହସ୍ଥ ବଡ଼ ଓ ସାନ ସମସ୍ତ ଶିରା—
Śirā praśirā All the veins and arteries of the body, big and minute.

ଶିରା ପ୍ରହର୍ଷ—ସଂ. ବ—ଏକପ୍ରକାର ନେତ୍ରରୋଗ (ବୈ. ଶ)—
Śira praharsha A kind of eye-disease.

ଶିରା ଫଳ—ସଂ. ବ (ବହୁବ୍ରୀହି)—୧। ନଡ଼ିଆ (ବୈ. ଶ)—
Śirā phala 1. Cocoanut. ୨। ଏକପ୍ରକାର ଡିମ୍ବିରି; ଅଞ୍ଜିର (ବୈ. ଶ)—2. Ficus Carica (tree and fruit).

ଶିରାବଣ—ଗ୍ରା. ବ (ସଂ. ଶ୍ରାବଣ)—ଶ୍ରାବଣ ମାସ—The month
Śirābana of Śrābaṇa. (ଦ୍ର—ଅକାଳେ ମାଇକି
श्रावण **शावन, सरावन** ଯାଏ, ଦୁଷ୍ଟ ଶିରାବଣ ଯାଏ—ଢଗ।)

ଶିରାବଣା—ଗ୍ରା. ବ (ସଂ. ଶ୍ରବଣା)—ଶ୍ରବଣା (ଦେଖ)
Śirābaṇā Śrabaṇā (See)
श्रवणा **सरवना**

ଶିରାବୁର୍ଦ୍ଦି—ପ୍ରାଦେ. (ଗଞ୍ଜାମ) ବ—(ତେଲଗୁ) ଦୁଆତ; କାଳିପତ୍ର—
Śirāburdi Inkpot.

ଶିରାମ (ଇତ୍ୟାଦି)—ଗ୍ରା. ବ (ସଂ. ଶ୍ରୀରାମ)—୧। ଶ୍ରୀରାମର ଅଶୁଦ୍ଧ
Śirāma (etc) ଉଚ୍ଚାରଣ—1. Incorrect pronuncia-
हिराम tion of Śrirāma. ୨। ଶ୍ରୀରାମର ଡାକନାମ—
सिराम 2. Name for calling Śrirāma. ୩। ଶ୍ରୀରାମ ଇତ୍ୟାଦି (ଦେଖ)—3. Śrirāma etc (See)

ଶିରାମଇ—ଦେ. ବ (ସଂ. ଶିରା ଓ ଅମୟ=ରୋଗ)—ଓଲଉଠା
Śirāmai ରୋଗୀର ହାତଗୋଡ଼ ସମୟରେ ଯେଉଁ ଶିରାଣ ଗୋଡ଼
शील ଲଗା ହୁଏ—Cramp in a cholera patient.
मडोड, बघा

ଶିରାମଚନ୍ଦ୍ରପୁର—ଗ୍ରା. ବ (ଅଶୁଦ୍ଧ)—ଶ୍ରୀରାମଚନ୍ଦ୍ରପୁର (ଦେଖ)—
Sirāmachandrapura Śrirāmachandrapura (See)

ଶିରାମଚନ୍ଦ୍ରପୁରୀ—ଗ୍ରା. ବଣ—ଶ୍ରୀରାମଚନ୍ଦ୍ରପୁର ଗ୍ରାମବାସୀ—Resid-
Śirāmachandrapuri ing in or belonging to the
(ଶିରାମଚନ୍ଦ୍ରପୁରିଆ—ଅନ୍ୟରୂପ) village Srirama-chandrapur.

ଶିରାମପୁର—ଦେ. ବ (ଅଶୁଦ୍ଧ)-ଶ୍ରୀରାମପୁର—Śrirāmapura.
Śirāmapura [ଦ୍ର—ଏହା ବଙ୍ଗଦେଶର ହୁଗୁଳି ଜିଲ୍ଲାର ହୁଗୁଳି
शिरामपुर ନଦୀର ପଶ୍ଚିମ କୂଳରେ ଥିବା ଗୋଟିଏ ନଗର।
सिरामपुर ଏଠାରେ ଧଳା କାଗଜ ତିଆରି ହେବାର ଗୋଟିଏ କଳ, ଖ୍ରୀଷ୍ଟିଆନ୍ ପାଦ୍ରୀମାନଙ୍କ ଉପନିବେଶ ଓ ସରକାରୀ ବୟନ ବିଦ୍ୟାଳୟ ଓ କଲେଜ ଅଛି। ଶ୍ରୀରାମପୁରର ଅଶୁଦ୍ଧ ଗ୍ରାମ୍ୟ ଉଚ୍ଚାରଣ ଇଂରାଜୀରେ ମଧ୍ୟ ଅନୁକୃତ ହୋଇ ଇଂରାଜୀ ଭାଷାରେ ଏହାର ନାମ Serampore (ଶିରାମପୁର) ହୋଇଅଛି। କଲିକତା ହୁଗୁଳି ନଦୀର ପୂର୍ବ କୂଳରେ ଓ ଶିରାମପୁର ପଶ୍ଚିମ କୂଳରେ ଅବସ୍ଥିତ। ଏହା କଲିକତାର ଉତ୍ତରରେ ୧୦ ମାଇଲ ଦୂରରେ ଅବସ୍ଥିତ।]

ଶିରାମପୁରୀ—ଦେ. ବଣ—ଶ୍ରୀରାମପୁରରେ ପ୍ରସ୍ତୁତ (ଧଳା କାଗଜ)—
Śirāmapuri (paper) Manufactured in Śeram-
शिरामपुरी pore. [ଦ୍ର—କଲିକତା ଜଟକପ୍ରୁର ଉତ୍ତରପଡ଼ା
सिरामपुरी 'ବାଲି'ଠାରେ ଥିବା କଳରେ ମାଡ଼ିଆ କାଗଜ ବା ବାଲି କାଗଜ ଓ ଶ୍ରୀରାମପୁର କଳରେ ଧଳା କାଗଜ ତିଆରି ହୁଏ।] ଦେ. ବ—ବଙ୍ଗର ଶ୍ରୀରାମପୁରରେ ପ୍ରସ୍ତୁତ କଳ କାଗଜ—Mill-made paper of Serampore.

ଶିରାରେ ଶିରାରେ ଭେଦିବା—ଦେ. କି—୧। ଦେହର ପ୍ରତି ଶିରା
Śirare śirare bhedibā ଦେଇ ଦେହସାରା ବ୍ୟାପ୍ତ ହେବା—
शिराय शिराय भेद करा 1. To be suffused in the
शिर शिरमे भेदना whole body through the blood-vessels. ୨। (ଲକ୍ଷଣାର୍ଥ) ମର୍ମଭେଦ କରିବା—
2. (figurative) To pierce into the vital parts; to cut to the quick. [ଦ୍ର—ଯେପରି କୌଣସି ଔଷଧ ବା ବିଷ ଶରୀର ଶିରାରେ

ଶିରରେ ଦେଖିଲେ ତାହାର ଫଳ ପୂର୍ଣ୍ଣରୂପେ ପ୍ରକାଶ ପାଏ, ସେହିପରି କୌଣସି କଥା କୌଣସି ବ୍ୟକ୍ତିର ମନକୁ ବିଶେଷ ବାଧିଲେ ଏ ବାକ୍ୟ ପ୍ରୟୋଗ କରାଯାଏ ।]

ଶିରାଳ—ସଂ. ବିଣ (ଶିରା+ବହୁଳାର୍ଥରେ. ଳ)—୧ । ଶିରାଯୁକ୍ତ—
Śirāḷa [illegible] 1. Having blood vessels or ridges. ୨ । ଶିରାବହୁଳ—2. Abounding in blood vessels. ୩ । ଯହିଁରେ ଶିରାମାନ ବାହାରକୁ ଦେଖାଯାଏ—3. Whose blood vessels or ridges are visible or conspicuous. (ଦ୍ର—ଶିରାଳ ଜଙ୍ଘ ।) ବି—କର୍ମରଙ୍ଗା; କରମଙ୍ଗା ଫଳ—A fruit; Averrhoa Carambola.

ଶିରାଳିଆ—ଦେ. ବିଣ. ପୁଂ(ସଂ. ଶିରାଳ)—ଶିରାଳ(ଦେଖ)—Śirāḷa
Śirāḷiā শিরাবালা सिरवाला (See)
(ଶିରାଳି, ଶିରାଳେଇ—ସ୍ତ୍ରୀ)

ଶିରାଳୀ—ଦେ. ବିଣ. ସ୍ତ୍ରୀ (ସଂ. ଶିରାଳ)—ଶିରାଳ (ଦେଖ)
Śirāḷi Śirāḷa (See)

ଶିରା ଶିରା—ଦେ. କ୍ରି. ବିଣ—ଶିରେ ଶିରେ (ଦେଖ)
Śirā śirā Śire śire (See)

ଶିରି—ସଂ. ବି(ଶୃ ଧାତୁ=ହିଂସା କରିବା+କର୍ତ୍ତୃ. ଇ)—୧ । ହିଂସକ ବ୍ୟକ୍ତି—1. A malicious person. ୨ । ଖଡ୍ଗ—
Śiri 2. Sword. ୩ । ବାଣ—3. Arrow. ୪ । ଶଲଭ; ଝିଣ୍ଟିକା—4. Grasshopper; locust.

ଶିରି(ରୀ)—ଗ୍ରା. ବି. (ସଂ. ଶ୍ରୀ)—୧ । ଶ୍ରୀ; ଶୋଭା; ସୌନ୍ଦର୍ଯ୍ୟ—1,
Śiri(ri) Beauty; grace. [ଦ୍ର—କି ମୋହନ ଲଳାଟର ଛିରୀ सिरी କୋଟି କଳାକର ଶିରୀ ଫୁଟିଛି ସେ ଶ୍ୟାମ ମୂରତିରେ । କବିସୂର୍ଯ୍ୟ—କଳାବତୀ ଚମ୍ପୂ, କ ଗୀତ ।] ୨ । ଭାଗ୍ୟୋଦୟ—2. The dawning of good fortune. [ଦ୍ର—ଭୁବା ଅଳିଲୁ କେତେ ଶିରି, ଅମ୍ଭକୁ ଏବେ ଦୂର କର । ଭୂପତି—ପ୍ରେମପଞ୍ଚାମୃତ ।] ୩ । ଲକ୍ଷ୍ମୀ; ସମ୍ପତ୍ତି; ବିଭବ—3. Prosperity; riches. [ଦ୍ର—ହେଲେ ଦେଲେ ଇନ୍ଦ୍ରକୁ ତ୍ରିଭୁବନ ଶିରୀ । କୃଷ୍ଣସିଂହ ମହାଭାରତ] ୪ । ସୌଭାଗ୍ୟ—4. Good fortune. [ଦ୍ର—ମନୋରଥ ପଥେ ନ ଥିବା ଶିରୀ, କେତେ ଦେଇ ଦଉଛ କରଗତ କରି । କବିସୂର୍ଯ୍ୟ—କଳାବତୀ ।] ୫ । ସ୍ନାନାନ୍ତେ ବୈଷ୍ଣବ ଓ ଦକ୍ଷିଣିଆମାନେ ମୁଣ୍ଡରେ ଟିକି କପାଳ ଯେଉଁ ଗୁଣ୍ଡିକୁ ପାଣିରେ ଗୋଳି ଟିକା କରନ୍ତି—5. A kind of red pow-
লালগুঁড়ী der used for painting the forehead by
सिरी the Baishnabas and Madrasis. ୬ । (ସ୍ତ୍ରୀ) ଶ୍ରୀମତୀ ନାମ୍ନୀ ସ୍ତ୍ରୀର ଡାକ ନାମ—6. Name calling
শ্রীমতী सिरिमती Śrimati. ଗ୍ରା. ବିଣ. (ପୂଜ୍ୟ ବସ୍ତୁ
শ্রী सिरि ବା ବ୍ୟକ୍ତିଙ୍କ ନାମ ପୂର୍ବରେ ଯୁକ୍ତ ସୌଭାଗ୍ୟ ଓ ସମ୍ମାନ ସୂଚକ ଶବ୍ଦ)-ଶ୍ରୀ; ଶ୍ରୀଯୁକ୍ତ; ଶ୍ରୀମାନ୍—The word used before the name of a respected person or adored thing. [ଦ୍ର—ଶୁଣ ଶିରି ମୋ ମନ ଏକ ଚିତ୍ତେ, ଶ୍ରବଣ ଶିରୀ ଭାଗବତେ । ଭୂପତି—ପ୍ରେମପଞ୍ଚାମୃତ]

ଶିରିଆ—ଦେ. ବି—(ସଂ. ଶ୍ରୀ) ୧ । (ପୁଂ) (ଅନାଦରାର୍ଥରେ) ଶ୍ରୀକର, ଶ୍ରୀଧର
Śiriā ଆଦି ବ୍ୟକ୍ତିଙ୍କ ଡାକ ନାମ—Names for calling
সিরিয়া persons named Śrikara Śridhara etc.
सिरिया ୨ । (ସ୍ତ୍ରୀ)—ଶ୍ରୀମତୀର ଡାକନାମ—2. Name for calling Śrimati. ବୈଦେ. ବି. (ନାମ) ସିରିଆ; ଏସିଆ ମହାଦେଶସ୍ଥ ତୁରସ୍କ ଦେଶର ଗୋଟିଏ ବିଭାଗର ବା ପ୍ରଦେଶର ନାମ—Syria; name of a province of Asiatic Turkey. [ଦ୍ର—ପୂର୍ବେ ଏସିଆ ମାଇନର ବା ଏସିଆଟିକ ତୁରସ୍କର ଗୋଟିଏ ବିଭାଗ ଥିଲା, ବର୍ତ୍ତମାନ ଏହି ତୁରସ୍କ ୪ଟି ରାଜ୍ୟରେ ବିଭକ୍ତ ଯଥା; ଅନାଟୋଲିଆ, ଇରାକ, ସିରିଆ, ଟ୍ରାନ୍ସ କର୍ଡାନ । ଅଲେପୋ ଓ ଦାମସ୍କସ ସିରିଆର ପ୍ରଧାନ ନଗର ।

ଶିରି ଉଠିଯିବା—ଗ୍ରା. ବି.—୧ । ସୌନ୍ଦର୍ଯ୍ୟ ନାଶ ହେବା—1. Be-
Śiri uṭhijibā coming ugly; loss of grace. ୨ ।
শ্রীছড়া ଲକ୍ଷ୍ମୀ ନାଶ ହେବା—2. State of becoming
सिरीउड़ाना poor; loss of prosperity or affluence. ୩ । ସମ୍ପତ୍ତି ନାଶ ହେବା—3. The failing of fortune.

ଶିରି ଓହ୍ଲା(ହ୍ଲେ)ଇଯିବା, ଶିରି ଛୁଟିବା, ଶିରି ଛୁଟିଯିବା, ଶିରି ତୁଟିହେବା, ଶିରି ଖସିବା, ଶିରି ଖସିଯିବା } ଅନ୍ୟରୂପ

ଶିରି କପୁ(ର୍ପୂ)ର—ଗ୍ରା. ବି.—(ସଂ ଶ୍ରୀକର୍ପୂର)—ଶ୍ରୀକର୍ପୂର (ଦେଖ)
Śiri kapū(rpū)ra Śrikarpūra (See)
শ্রীকপুর सिरीकरपूर

ଶିରିକର—ଗ୍ରା. ବି.—(ସଂ. ଶ୍ରୀକର)—ଶ୍ରୀକରର ଅଶୁଦ୍ଧ ଉଚ୍ଚାରଣ—
Śirikāra Incorrect pronunciation of Śrikara.
শ্রীকর सिरीकर [ଦ୍ର—ଏହିପରି ଶ୍ରୀଧର, ଶ୍ରୀକୃଷ୍ଣ, ଶ୍ରୀରାମ ଆଦି ଶବ୍ଦର 'ଶ୍ରୀ' ର ଉଚ୍ଚାରଣ ଗ୍ରାମ୍ୟ ଲୋକେ ଉଚ୍ଚାରଣ କରନ୍ତି]

ଶିରିକା—ଦେ. ବି. (ଫା. ସିର୍କା)—ମଦର କାଞ୍ଜି—
Śirikā Vinegar.
শির্কা शीर्का

ଶିରି(ରୀ)କା(କ)ପଡ଼ା—ଗ୍ରା. ବି.—ଶ୍ରୀକାପଡ଼ା (ଦେଖ)
Śiri (ri)kāa(k)parḍā Śrikāparḍā (See)
শ্রীকাপড় देवकपडा

ଶିରି(ରୀ)କୁଣ୍ଡ—ସଂ ବି.—ହିନ୍ଦୁମାନଙ୍କର ତୀର୍ଥ ବିଶେଷ—Name of
Śiri(ri)kunḍa a sacred bathing place of the Hindus. [ଦ୍ର—ଶିରିକୁଣ୍ଡେ ଯାଇଣ ବିଜ୍ଞାନ୍ କୃଷ୍ଣର, ଗାଧୋଇଲେ ହୁଅଇ ପୁଣ୍ୟ ଅଧିକାର । କୃଷ୍ଣସିଂହ ମହାଭାରତ ।]

ଶିରି(ରୀ)କୃ(କୁ)ଷ୍ଣ—ଗ୍ରା. ବି. [ଅଶୁଦ୍ଧ ଉଚ୍ଚାରଣ]—ଶ୍ରୀକୃଷ୍ଣ (ଦେଖ)
Śiri(ri)kru(ku)shṭan Śrikrushna (See)

ଶିରଣି(ନି)—ଦେ. ବି.—(ଫା. ଶୀରନୀ); (ଉତ୍କଳରେ ସଂ. ଶିଖରଣୀ=
Śirini(ni) ଦୁଧ ଚିନିରେ ପ୍ରସ୍ତୁତ ମିଷ୍ଟାନ୍ନ ବିଶେଷ)—୧ । ମୁସଲ-

সিন্নী, শিরনী ମାନଙ୍କ ପୂଜିତ ପୀରଙ୍କୁ ଦେୟ ନୈବେଦ୍ୟ—1.
सिरनी Offerings made to departed Mahomedan saints. ୨ । ମୁସଲମାନଙ୍କ 'ପୀର'ଙ୍କୁ 'ସତ୍ୟପୀର, ବା ସତ୍ୟନାରାୟଣ, ରୂପେ ପୂଜା କରୁ ଥିବା (ଠିଆପାଲି ଓ ପୋଥି ପୂଜା) କରିବା ଉପଲକ୍ଷରେ ହିନ୍ଦୁମାନେ ତାଙ୍କୁ ଯେଉଁ ମିଷ୍ଟାନ୍ନ ନୈବେଦ୍ୟରୂପେ ଅର୍ପଣ କରନ୍ତି—2. Offering of sweetmeat made to 'Satyapir' Deity worshipped by the Hindus. ୩ । ସତ୍ୟନାରାୟଣଙ୍କୁ ଭୋଗ ଦିଆଯିବା ପାଇଁ କଦଳି, ଦୁଧ, ଗୁଡ଼ ବା ଚିନି, ମହୁ, ଘିଅ ଓ ଅଟା ବା ଚାଉଳ ଚୂନା ମିଶାଇ ତିଆରି ହୋଇଥିବା ନୈବେଦ୍ୟ; ଅମୃତ କୁଣ୍ଡ (ଦେଖ) 3. Amṛuta kuṇḍa (See). [ଦ୍ର—ସାଧାରଣତଃ 'ବୁନ୍ଦିଆ' ମିଷ୍ଟାନ୍ନ ଜମା ପାଚିଲା କଦଳୀରୁ ଦୁଧ, ଶର୍କରା ଓ ଅଟା ସଙ୍ଗେ ଚକଟି ତିଆରି କରାଯିବା କଦଳୀଚକଟାକୁ ହିନ୍ଦୁମାନେ ଶିରଣି କହୁଅଛନ୍ତି । ହିନ୍ଦୁମାନେ 'ମାନସିକ' କରି ସତ୍ୟପୀରଙ୍କୁ ଶିରଣି ଯାଚନ୍ତି ଓ ମନୋବାଞ୍ଛା ପୂର୍ଣ୍ଣ ହେଲେ (ଯଥା—ପୁତ୍ରାଦି ଲାଭ ହେଲେ ବା ମକଦ୍ଦମା ଡିକ୍ରୀ ହେଲେ) ପୀରଙ୍କୁ ଶିରଣି ଭୋଗ ଲଗାନ୍ତି ଓ ପାଲା କରାନ୍ତି । ମୁସଲମାନମାନେ କୋରାନ୍‌ଗ୍ରନ୍ଥରୁ ମନ୍ତ୍ର ପଢ଼ି ପୀରଙ୍କ 'ଦିରଗା' ପାଖରେ ଜାଳନ୍ତି ବା ନୈବେଦ୍ୟ ଅର୍ପଣ କରନ୍ତି ଓ ହିନ୍ଦୁମାନେ ନାରାୟଣ ମନ୍ତ୍ର ପାଠ କରି ସତ୍ୟପୀରଙ୍କୁ ଶିରଣି ଭୋଗ ଲଗାନ୍ତି ଓ ପୂଜା ସରିବା ପରେ ଉକ୍ତ ଶିରଣିକୁ ନିମନ୍ତ୍ରିତ ବ୍ୟକ୍ତିଙ୍କୁ ଓ ଗ୍ରାମବାସୀଙ୍କୁ ଓ ଉପସ୍ଥିତ ବାଳକ ବାଳିକାଙ୍କୁ ବିତରଣ କରନ୍ତି । ୪ । (ଆଦରାର୍ଥକ) ଶ୍ରୀନିବାସର ଡାକନାମ—4. Name for fondly calling Śṛinibāsa.

ଶିରଣି ଯାଚିବା—ଦେ. କ୍ରି—ମନୋବାଞ୍ଛା ସିଦ୍ଧ ହେଲେ ସତ୍ୟପୀର ବା
Śiriṇi jāchibā ସତ୍ୟନାରାୟଣଙ୍କୁ ଶିରଣି ଭୋଗ ଦେବା
সীন্নীমানৎকরা सिरनीमन्नत्करना ପାଇଁ ବା ପାଲା କରିବା ପାଇଁ ମନାସିବା—To vow to offer Śiriṇi to Satyapira Deity on the fulfilment of one's wish.

ଶିରି ଦେଖି ନ ପାରିବା—ଦେ. କ୍ରି—କୌଣସି ବ୍ୟକ୍ତିର ଭାଗ୍ୟୋଦୟ
Śiri dekhi na pāribā. ବା ବିଭବ ଦେଖି ମନରେ
শিরি দেখতে নাপারা सिरी नही देख सकना ହିଂସା କରିବା; ପରଶ୍ରୀ ଦେଖି କାତର ହେବା—To envy a person's good fortune; to be pained at another's prosperity.

ଶିରି(ରୀ)ଧର—ଗ୍ରା. ବି. (ସଂ. ଶ୍ରୀଧର)—ଶ୍ରୀଧରର ଡାକ ନାମ—
Śiri(rī)dhara The name for calling Śrīdhara.
শ্রীধর सोरीधर (ଉ—ହନେକ ଗ୍ରାମ ଶିରିଧର, (ଶିରିଧରିଆ—ଅନାଦରାର୍ଥକ ଆକାର) ନାଇକୁ ହୋଇଲେ ବାବାର ଭାଗବତ ୧୦ମ ।]

ଶିରି(ରୀ)ପଞ୍ଚମୀ—ଗ୍ରା. ବି (ସଂ. ଶ୍ରୀପଞ୍ଚମୀର ଅଶୁଦ୍ଧ ଉଚ୍ଚାରଣ)—ଶ୍ରୀପଞ୍ଚମୀ;
Śiri(rī)pañchami ମାଘ ଶୁକ୍ଳ ପଞ୍ଚମୀ—The 5th
শ্রীপঞ্চমী सोरीपँचमी day of the bright lunar fortnight of Māgha. (ଉ—ପଞ୍ଚମୀ ଦିନ ସ୍ନାନ ଶିରି ହେଲେ ଯୁକ୍ତ, ଏଣୁ ଶିରିପଞ୍ଚମୀ ବୋଲନ୍ତି ସମସ୍ତ—କୃଷ୍ଣସିଂହ. ମହାଭାରତ ବନ ।)

ଶିରି(ରୀ)ପତି—ଗ୍ରା. ବି (ସଂ. ଶ୍ରୀପତି)—ବିଷ୍ଣୁ—Bishṇu (ଉ—
Śiri(rī)pati ତହୁଁ ମନେ ସ୍ମରେ ବୈକୁଣ୍ଠ ଶିରିପତି—କୃଷ୍ଣସିଂହ
শ্রীপতি सोरीपति ମହାଭାରତ ।)

ଶିରିପା (ଇତ୍ୟାଦି)—ଦେ. ବି—ଶିରପା ଇତ୍ୟାଦି (ଦେଖ)
Śiripā (etc) Śirapā etc (See)

ଶିରି ପାଳିଆ—ଦେ. ବି—ଶିରପାଳିଆ (ଦେଖ)
Siri pāḻiā Śirapāḻiā (See)

ଶିରି(ରୀ)ଫଳ—ଗ୍ରା. ବି (ସଂ. ଶ୍ରୀଫଳ)—ଶ୍ରୀଫଳ (ଦେଖ)
Śiri(rī)phaḻa Śrīphaḻa (See) (ଉ—ବେନି କରେ
শিরিফল सिरीफल ଧରି ଧରଣୀମଣ୍ଡଳଟିକି, ଶିରିଫଳ ଉପରେ ମକରି କରି କରି—ଭଞ୍ଜ. ପ୍ରେମସୁଧାନିଧି ।)

ଶିରିବ(ମ)ନ୍ତ—(ପୁଂ)—ଗ୍ରା. ବି (ସଂ. ଶ୍ରୀମତ୍)—ଶ୍ରୀମାନ୍ (ଦେଖ)
Śiriba(ma)nta Śrīmān (See)
শিরিমন্ত सिरीवन्त

ଶିରିବ(ମ)ନ୍ତୀ (ସ୍ତ୍ରୀ)-ଗ୍ରା. ବିଣ (ସଂ. ଶ୍ରୀମତୀ)-ଲକ୍ଷ୍ମୀବତୀ—Beautiful;
Śiriba(ma)ntī graceful. (ଉ-ସ୍ନେହୀ କ ଶିରିବନ୍ତୀ
শ্রীমতী सिरीवन्ती କହିଲେ ସେ ଗୋଡ଼ ଚଳେଇବୁଲେଇ ଗଲେ—ଭଗ ।)

ଶିରି(ରୀ)ମତୀ—ଗ୍ରା. ବି (ଅଶୁଦ୍ଧ)—(ସଂ. ଶ୍ରୀମତୀ)—୧ । ଶ୍ରୀମତୀର ଡାକ
Śiri(ri)matī ନାମ—1. The name calling for
শ্রীমতী सिरोमती Śrīamatī. ୨ । ରାଧିକା—2. Rādhikā. ଗ୍ରା. ବିଣ (ସ୍ତ୍ରୀ)—୧ । ସୁନ୍ଦରୀ; ସୁରୂପ; ଶୋଭାଯୁକ୍ତା—1. Graceful; beautiful. ୨ । ସୌଭାଗ୍ୟବତୀ—2. Lucky (woman). (ଉ—ସ୍ୱାମୀକର ଗୁରୁଣିଗିମନ୍ଧ ସେ କେଉଁ ଅମଙ୍ଗ—କବିସୂର୍ଯ୍ୟ ବଳଦେବ ରଥ ଚମ୍ପୂ ଗୀତ ।) ୩ । ଲକ୍ଷ୍ମୀମତୀ (ସ୍ତ୍ରୀ) 3. Affluent (woman).

ଶିରିବତ୍ସ(ଚ୍ଛ, ତ୍ସି, ଚ୍ଛି)—ଗ୍ରା. ବି (ସଂ. ଶ୍ରୀବତ୍ସ; ଶ୍ରୀକୃଷ୍ଣ—Sribatsa;
Śiribatsa(chchha,tsi,chchhi) Śirkrushṇa.
শ্রীবৎস सिरीबच्छ [ଉ—ଏଣୁ ସେ ପୁର ଲୋକଙ୍କର ଶିରିବତ୍ସ—କୃଷ୍ଣସିଂହ. ମହାଭାରତ ।]

ଶିରିମତୀ ମ(ମା)ହାରାଣୀ—(ସ୍ତ୍ରୀ) ଗ୍ରା. ବି—(ସଂ. ଶ୍ରୀମତୀ ଓ ମହାରାଜ୍ଞୀ)
Śirimatima(mā)hārāṇī ସ୍ୱର୍ଗୀୟ ମହାରାଣୀ ଭିକ୍ଟୋରିଆଙ୍କର
শ্রীমতীমহারাণী सिरिमतीमहारानि ଓଡ଼ିଶା ଡାକ ନାମ—The name by which the late Queen Victoria wa called in Orissa.

ଶିରମଲ୍ଲିକା—ଗ୍ରା. ବି—ଏକ ପ୍ରକାର ମଲ୍ଲୀ ଜାତୀୟ ବୃକ୍ଷ ଓ ଫୁଲ— Siri malikā A kind of jasmine.
শ্রীমল্লিকা বেলি सिरीमाल्लका

ଶିରିରଙ୍ଗ—ଗ୍ରା. ବି—ଶ୍ରୀକୃଷ୍ଣ—Śrikrushna. [ଉ— Śiriranga ଭକ୍ତ ଉପରେ ସୁନ୍ଦର ଶିରିରଙ୍ଗ; କଳାମେଘ ଖଣ୍ଡେ ଯେହ୍ନେ ମେରୁଦଣ୍ଡ] শ্রীরঙ্গ सिरिरंग ଉପେନ୍ଦ୍ରଭଞ୍ଜ ।

ଶିରିଶ ଦେ. ବି—୧ । (ସ. ଶିରୀଷ)—ଶିରୀଷ (ଦେଖ)—1. Śirisa Śirisha (See) ୨ । (ସ. ଶୀର୍ଷ) ପର୍ବତର ଶିଖର; শিরিষ শিরীষ शीर्ष—2. Summit of a moun- শীখর शिर tain. [ଉ—କଳିକ ବଢ଼ି ବଢ଼ି କର୍ପୋଷ ରେଖିଲି ଗିରି ବର ଶିରିଶ] ଉପେନ୍ଦ୍ରଭଞ୍ଜ ।
শিরীশ सिरिश ୩ । (ସ. ଶ୍ରୀଶ) ଶ୍ରୀଶଚନ୍ଦ୍ର ନାମକ ବ୍ୟକ୍ତିର ଡାକ ନାମ—3. The name for calling Śrisachandra. ଦେ. ବି—ଶିରିଶ ଇତ୍ୟାଦି (ଦେଖ)—Sirisa etc (See)

ଶିରିଶିରା(ରେ)ଇ ଉଠିବା—ଦେ. କ୍ରି—୧ (ଦେହ) ଶିର୍ ଶିର୍ ହେବା; Śiriśira(re)i uthibā ଲୋମାଞ୍ଚିତ ହେବା—1. To bristle. শিরিশিরেউঠা सिरसिराना ୨ । (ଦେହ) ଜ୍ୱରଜ୍ୱର ବୋଧ ହେବା—2. To feel feverish. ଦେ. ବି. ଶିହରିବା (ଦେଖ) —Siharāibā (See).

ଶିରିଶିରି ହେବା
ଶିରିଶି ରି(ରେ)ଇବା } —ଅନ୍ୟରୂପ
ଶିରିଶି ରି(ରେ)ଇହେବା

ଶିରୀଷ—ସଂ. ବି—(ଶୃ ଧାତୁ=ବିଦୀର୍ଣ୍ଣ ହେବା, ଶୀର୍ଣ୍ଣ ହେବା+ଈଷ୍ଟ) Śirīsha ଇଷ; ଏହା ଅତି ସୁକୁମାର ଥିବାରୁ ଶୀଘ୍ର ଶୀର୍ଣ୍ଣ ହୋଇ- ଅନ୍ୟ ସଂ ନାମ—ମୃଦୁପୁଷ୍ପ, ଯାଏ ବୋଲି ଏହି ନାମ)— ସୁପୁଷ୍ପକ, ବିଷହନ୍ତ୍ରୀ ନାଗକୃତ ଅନ୍ୟ ଏକ ବୃକ୍ଷ ଭଣ୍ଡିଲ, ଭଣ୍ଡୀ, ଭଣ୍ଡୀର, Acacia Lebbek; Albezzia କପୀତନ, ଶୁକପୁଷ୍ପ, ଶୁକତରୁ, Lebbek. ମୃଦୁପୁଷ୍ପ, ଶୁକପ୍ରିୟ, ଶଙ୍ଖିନୀଫଳ [ବି—ଏହା ବବୁଲ ବର୍ଗର ବୃକ୍ଷ; ଯା—ଦରଖ୍ ତେ ଜକ୍ରିୟା ପତ୍ର ଦ୍ୱିଧାପକ୍ଷ; ପତ୍ର ବଡ଼ବଡ଼; ଅ—ସୁଲ୍ ତାନୁଲ୍ ଅଶ୍ ଯାର୍ ପ୍ରତିପକ୍ଷ ପୁରୁଣା ପତ୍ର ଝଡ଼ିନ ଥ ଫେ—ବରସନ୍; ବରସନ୍ ପତ୍ର ଉଠେଁ ଲେ; ଫୁଲ ଧଳା ଓ ସୁଗନ୍ଧ; ଖରାଦିନେ ଫୁଟେ । ପୁଷ୍ପର ଚତୁର୍ଦ୍ଦିଗରେ ସରୁ କେଶରମାନ ଲାଗିଥାଏ । ଏହି କେଶରମାନ ଅତି ମୃଦୁ ଓ ଶୀଘ୍ର ଝାଳିଲି ପଡ଼େ ବୋଲି କବିମାନେ ସୁକୁମାରୀ ନାରୀ- ମାନଙ୍କ ଅଙ୍ଗକୁ ଏହି ପୁଷ୍ପ ସଙ୍ଗେ କୋମଳତା ବିଷୟରେ ତୁଳନା କରି ଆଅନ୍ତି ଓ ସୁକୁମାରୀମାନଙ୍କୁ 'ଶିରୀଷ କୋମଳାଙ୍ଗୀ' ବିଶେଷଣରେ ସମ୍ଭାଷିତ କରନ୍ତି । ଏହି ଗଛ ଶୁଖିଲାର ସହିତ ଜନ୍ମେ ଏବଂ ଏହି ଗଛରୁ ଏକପ୍ରକାର ଅଠାଳିଆ ରସ ବାହାରେ (ଯଥା ତାହା ଶିରୀଷ ଅଠା ରୂପେ ।) ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁର-କଷାୟ-ତିକ୍ତରସ, ଈଷଦୁଷ୍ଣବୀର୍ଯ୍ୟ ଓ ଲଘୁପାକ ଓ ଶୋଥ, ବିସର୍ପ, କାସ, ବ୍ରଣ ଓ ବିଷନାଶକ ଅଟେ । ଏହାର ସାର ଅଞ୍ଜନ ରୂପେ ପ୍ରଯୁକ୍ତ ହେଲେ ଚକ୍ଷୁରୋଗର ଉପକାର କରେ ।

କଷାୟୁକ୍ତ ଏକ ପ୍ରକାର ଶିରୀଷଗଛ ଅଛି । ଏହାକୁ ଦେଶୀରେ କଡ଼ କଷାଭୁମ୍ବ ବୋଲାଯାଏ । ଏହା ସ୍ୱେଦ, ଭୂତଦୋଷ, ଶୋଥ, ବିସର୍ପ ଓ ବିଷ ଦୋଷରେ ଉପକାରକ ।]

ଶିରୀଷ କୋମଳ—ସଂ. ବିଣ—ଶିରୀଷ ଫୁଲ ପରି ଅତି କୋମଳ —Very Śirisha komala delicate like the Sirisha flower.

ଶିରୀଷ କୋମଳାଙ୍ଗୀ—ସଂ. ବି—(ସ୍ତ୍ରୀ) (ବହୁବ୍ରୀହି—ଶିରୀଷ ପରି Śirisha komalāngi ଅଙ୍ଗ ଯାହାର) ଶିରୀଷଫୁଲ ପରି ସୁକୁମାରୀ—With the body as delicate as (ଶିରୀଷ କୋମଳାଙ୍ଗ—ପୁଂ) the Śirisha flower. [ବି— ଏଥିର ପୁଲିଙ୍ଗ 'ଶିରୀଷ କୋମଳାଙ୍ଗ'; ଯଦ୍ୟପି ଏ ବିଶେଷଣକୁ କବିମାନେ ପୁରୁଷଙ୍କ ପ୍ରତି ଲଗାଇଥିବା ଶୁଣା- ଯାଏଁ ନାହିଁ ।]

ଶିରୀଷ ମାଳା—ସ. ବି.—ଶିରୀଷ ଫୁଲର ମାଳ ବା ହାର Śirisha mālā A garland of Śirisha flowers. [ଉ—ଶିରୀଷ ମାଳା ଦଳଦେଇ କୂଠାରେ । କବିସୂର୍ଯ୍ୟ— ଉଷୋଷ୍ୱାଭିମନ୍ୟୁ. ଷ-ଗୀତ ।]

ଶିରୀ ହସ୍ତ—ଗ୍ର. ବି. (ସ. ଶ୍ରୀହସ୍ତ)—ଶ୍ରୀହସ୍ତ (ଦେଖ) Siri hasta Śrihasta (See) শ্রীহস্ত श्रीहस्त

ଶିରୀହତା(ସ୍ତା)—ଗ୍ରା. ବିଣ (ପୁଂ)—(ସ. ଶ୍ରୀ ଓ ହସ୍ତ)—ଯେଉଁ ପୁରୁଷର Śiri batā (stā) ହାତ ଏପରି ଶ୍ରୀବନ୍ତ ଯେ, ତାହା ହାତ ଯେଉଁ অমৃত হস্ত ଠାରେ ଲାଗେ ସେଠାରେ ଶୁଭ ଘଟେ—(a man) श्रीहस्त Having an auspicious hand. (ଶିରୀହାତିଆ—ଅନ୍ୟରୂପ) [ବିସହତା (ସ୍ତା)—ବିପରୀତ]

ଶିରୀହାତୀ—ଦେ. ବିଣ. (ସ୍ତ୍ରୀ)—ଯେଉଁ ସ୍ତ୍ରୀର ହାତ ଏପରି ଶ୍ରୀବନ୍ତ ଯେ, Siribāti ତାହା ହାତ ଯେଉଁଠାରେ ଲାଗେ ସେଠାରେ ଶୁଭ ଘଟେ অমৃতহস্ত —(woman) Having an auspicious hand. श्रीहस्ता (ଶିରୀହାତେଇ—ଅନ୍ୟରୂପ)

ଶିରୁ(ରୁଁ)ପା—ଦେ. ବି—ଶିରପା (ଦେଖ) Siru(run)pā. Sirapā (See)
মাথাথেকে পা পর্য্যন্ত ଦେ. ଅ.—ମସ୍ତକରୁ ପାଦଯାଏ—From शिरसे पावँतक head to foot. [ଉ—ତୋର ମୋତେ ଅନୁକମ୍ପା ହାଗ ଶିରୁପାରେ, ନ ବସି ମୋ ଉଗାସ୍ୱେ ସକଳୁ ଏପାରେ । କବିସୂର୍ଯ୍ୟ—ସଙ୍ଗୀତ ।]

ଶିରେଇ—ଦେ. ବି.—ଶିରାଇ (ଦେଖ) Sirei Sirāi (See)
ଗ୍ରାଦେ. (ଗଞ୍ଜାମ) ବି.—ଜଙ୍ଘିଆ; ଅଧା ପାଇଜାମା—Drawers; half pant.

ଶିରେ ଘେନିବା—ଦେ. କ୍ରି.—(କଥା) ମାନିବା; (ଆଦେଶ) ପାଳିବା;
Śire ghenibā ଶିରୋଧାର୍ଯ୍ୟ କରିବା—To obey (an
মাথায় লওয়া order); to bow down to (an order).
सिर चढ़ाना [ଉ—ଅଦେ ଯୁଧିଷ୍ଠିର ଏରୂପେ ଦମୟନ୍ତୀ, ବଚନ
ଘେନ ଶିରେ କେଶିନୀ ଯୁବତୀ । କୃଷ୍ଣସିଂହ—ମହାଭାରତ]

ଶିରେ ଧରିବା(ବହିବା)—ଦେ. କ୍ରି.—ଶିରୋଧାର୍ଯ୍ୟ କରିବା; ପାଳନ
Śire dharibā (bahibā) କରିବା—To obey.
মাথায় লওয়া सिर चढ़ाना [ଉ—ତାହାଙ୍କ ଆଜ୍ଞା ଧରି ଶିରେ,
ମନ ଶ୍ରୀକୃଷ୍ଣ ଚରଣରେ । ଭୂପତି—ପ୍ରେମ ପଞ୍ଚାମୃତ ।]

ଶିରେଞ୍ଚାଇବା—ଦେ. କ୍ରି.—(କୌଣସି ବସ୍ତୁକୁ) ସମ୍ମାନପୂର୍ବକ ମୁଣ୍ଡରେ
Śirenchāibā ଲଗାଇବା—To touch a thing on
মাথায় লাগান one's forehead as a mark of respect
सिरमे लगाना or reverence. [ଉ—ଦେଇ ଯେ ବଦର
ବୋଡ଼ଇବି ଧାନ ଖିଡ଼ା ଅପଣାକୁ ଖୁଣ୍ଟି, ଶିରେଞ୍ଚାଇ ତାହା
ହାତାରେ କରଣ ଥୋଇଛନ୍ତି ଆପଣା ଅଣ୍ଟି—ଧର୍ମ ସ୍ୱରଣ]

ଶିରେ ଶିରେ ଭେଦିବା—ଦେ. କ୍ରି.—ଶିରାରେ ଶିରାରେ ଭେଦିବା (ଦେଖ)
Śire śire bhedibā Śirāre śirāre bhedibā (See)

ଶିରୋଗର୍ଭକ—ସ. ବି—କେଶ—Hair. [ଉ—ଶିରୋଗର୍ଭକରୁ
Śirogarbhaka ଶୋଣ ବର୍ଣ୍ଣକର ଚରଣ ଯାଏ ଉନ୍ମିଳ ଅଙ୍ଗ—
କବିସୂର୍ଯ୍ୟ ବଳଦେବ ।]

ଶିରୋଗୃ(ଗେ)ହ—ସ. ବି (ଶିରଃ+ଗୃହ; ଶିର=ପ୍ରାସାଦର ଶିରୋ-
Śirogṛu(ge)ha ଭାଗରେ ଥିବା ଗୃହ)—ଚନ୍ଦ୍ରଶାଳା; ଅଟ୍ଟାଳିକା
ଉପରସ୍ଥ ଗୃହ—A room at the top of a
house; attic.

ଶିରୋଗ୍ରହ—ସ. ବି (ଶିରସ୍+ଗ୍ରହ ଧାତୁ+କର୍ତ୍ତୃ. ଅ)—ମୁଣ୍ଡର
Śirograha ଏକ ବାତରୋଗ (ବୃ. ଶ)—A disease of
the head.

ଶିରୋଘୂର୍ଣ୍ଣନ—ସ. ବି (୬ଷ୍ଠୀ ତତ୍)—ମୁଣ୍ଡ ବୁଲାଇବା—
Śiroghūrṇṇana Dizziness.

ଶିରୋଜ—ସ. ବି (ଶିରସ୍+ଜନ୍ ଧାତୁ+କର୍ତ୍ତୃ. ଅ)—ବାଳ; କେଶ
Śiroja (ବୃ. ଶ)—Hair.

ଶିରୋଦାମ—ସ. ବି (ଶିରସ୍+ଦାମନ୍; ୧ମା. ୧ବ)—ପଗଡ଼ି (ବୃ.
Śirodāma ଶ)—Turban.

ଶିରୋଦେଶ—ସ. ବି—ମସ୍ତକଦେଶ; ଅଗ୍ରଭାଗ—
Śirodeśa The top.

ଶିରୋଧର(ରା)—ସ. ବି (ଶିରସ୍+ଧୃ ଧାତୁ+କର୍ତ୍ତୃ. ଅ; +ଆ)—
Śirodhara(rā) ବେକ; ଗ୍ରୀବା—The neck. [ଉ—
କୁଣ୍ଡଳଭାବେ ଶିରୋଧର, ପୃଷ୍ଟ କୁଣ୍ଡଳ କଳେବର—ଜଗନ୍ନାଥ.
ଭାଗବତ ।]

ଶିରୋଧାନ—ସ. ବି (ଶିରସ୍+ଧା ଧାତୁ+ଅଧିକରଣ ଅନ) ୧ । ଖଟର
Śirodhāna ବା ପଲଙ୍କର ମୁଣ୍ଡ ରଖିବା ସ୍ଥାନ—The part of
the bedstead where the head rests. ୨ ।
ଶିରାଣା (ଦେଖ)—2. Śirānā (See)

ଶିରୋଧାର(ରି)ଜ—ଗ୍ରା. ବିଣ (ଅଶୁଦ୍ଧ)—ଶିରୋଧାର୍ଯ୍ୟ (ଦେଖ)
Śirodhāra(ri)ja Śirodhārjya (See)
শিরোধার্য্য शिरोधारज

ଶିରୋଧାର୍ଯ୍ୟ—ସ. ବିଣ (୭ମୀ ତତ୍; ଶିରଃ+ଧାର୍ଯ୍ୟ)—୧ । ମସ୍ତ-
Śiro dhārjya କରେ ଧାରଣ କରିବା ଯୋଗ୍ୟ—1. Fit to
be worn on the head. ୨ । ଅବଶ୍ୟ ପାଳନୀୟ—
2. Fit to be obeyed. ୩ । ଅତ୍ୟନ୍ତ ମାନ୍ୟ—
3. Much respected. ୪ । ସାଦର ଅଙ୍ଗୀକରଣୀୟ
—4. Fit to be respectfully
agreed to.

ଶିରୋଧାର୍ଯ୍ୟ କରିବା—ଦେ. କ୍ରି—୧ । ସମ୍ମାନ ସହିତ ଗ୍ରହଣ କରିବା—
Śirodhārjya karibā 1. To accept or submit to
শিরোধার্য্য করা with respect. ୨ । (ଆଦେଶାଦି)
शिरोधारज करना ପାଳନ କରିବା—2. To obey or carry
out (an order). [ଉ—ଆପଣଙ୍କ ହୁକୁମ ମୁଁ
ଶିରୋଧାର୍ଯ୍ୟ କଲି ।] ୩ । ସମ୍ମାନ ବା କୃତଜ୍ଞତାର
ନିଦର୍ଶନ ସ୍ୱରୂପ (କୌଣସି ବସ୍ତୁକୁ) ନତମସ୍ତକରେ ଗ୍ରହଣ
କରିବା—3. To accept any thing with the
head bowed down (as a token of respect
or gratitude).

ଶିରୋଧି—ସ. ବି (ଶିରସ୍+ଧା ଧାତୁ+କର୍ତ୍ତୃ. ଇ)—ଗ୍ରୀବା; ବେକ
Śirodhi [ବୃ. ଶ]—The neck.

ଶିରୋଧିଜା—ସ. ବି (ଶିରୋଧି+ଜନ୍ ଧାତୁ+କର୍ତ୍ତୃ. ଅ+ଆ)—
Śirodhijā ଶିରା; ନାଡ଼ୀ—Veins. [ଭୁଲ. ଓଡ଼ିଆ ଚଳ—
ଏହି ଶିରସାକ ବେକରେ ନୋଣ୍ଡ ।]

ଶିରୋନାମ(ମା)—ଦେ. ବି—ଶିରନାମା (ଦେଖ)—
Śironāma(mā) Śiranāmā (See)
শিরোনাম, শিরোনামা सिरनामा

ଶିରୋପା—ଦେ. ବି (ଦୈଶିକ ଫ. ଶିରୋପା)—ଶିରପା (ଦେଖ)
Śiropā সির[রো]পা पगडी, शिरोपाव Śirapā (See)

ଶିରୋବଲ୍ଲୀ—ସ. ବି (ଶିରସ୍+ବଲ୍ଲୀ; ଶିରରେ ଅବସ୍ଥିତ ବଲ୍ଲୀ;
Śiroballi ମ. ପ. ଲୋ)—ମୟୂରର ବା କୁକୁଡ଼ାର ଚୂଳ [ବୃ.
ଶ]—The tuft of feathers on the head
of a peacock or cock.

ଶିରୋବସ୍ତି—ସ. ବି—ବାତଜ ଶିରୋବ୍ୟଥାର ଉପଚାର ବିଶେଷ [ବୃ
Śirobasti ଶ]—A kind of fomentation for
head diseases. [ବି—ଚିକିତ୍ସା ହାଗ ମୁଣ୍ଡ
ଉପରେ ଆଠ ବା ଷୋଳ ଅଙ୍ଗୁଳର ଗୋଲାକାର ଚମ
ବାନ୍ଧି ତହିଁ ମଧ୍ୟରେ ଗରମ ତେଲ ରଖି ୪ ଘଡ଼ିରେ
ବାହାର କରିବା ଶିରୋବସ୍ତି; ଏଥିରେ ବାତଜ ଶିରୋରୋଗ,
କର୍ଣ୍ଣରୋଗ, ଗ୍ରୀବାରୋଗ, ଥୋଡ଼ିରୋଗ ଆଦି ଭଲେ
ଭଲ ହୁଏ ।]

ଶିରୋବୃତ୍ତ—ସ. ବି—(ବହୁବ୍ରୀହି)—ଗୋଲମରିଚ (ବୃ. ଶ)—
Śirobṛutta Black pepper.

ଶିରୋବୃତ୍ତ ଫଳ—ସଂ. ବି—ରକ୍ତ ଅପାମାର୍ଗ (ବୈ. ଶା)—
Sirobrutta phala The red variety of Achyranthes.

ଶିରୋବେଷ୍ଟ—ସଂ. ବି—ଶିରସ୍ତ୍ର; ଉଷ୍ଣୀଷ; ପଗଡ଼ି—
Sirobeshta [ଶିରୋବେଷ୍ଟନ—ଅପଭ୍ରଂଶ] Turban.

ଶିରୋବ୍ୟଥା—ସଂ. ବି—(୬ଷ୍ଠୀ ତତ୍, ଶିରସ୍+ବ୍ୟଥା)—ମୁଣ୍ଡବିନ୍ଧା—
Sirobyatha Headache.

ଶିରୋଭାଗ—ସଂ. ବି (ଶିରସ୍+ଭାଗ)—ଅଗ୍ରଭାଗ—
Sirobhaga Top; summit.

ଶିରୋଭୂଷଣ—ସଂ. ବି— (୬ଷ୍ଠୀ ତତ୍)—୧ । ମୁଣ୍ଡରେ ପିନ୍ଧା ଯିବା
Sirobhūshana ଅଳଙ୍କାରବିଶେଷ—1. Ornaments for the head. ୨ । ଉଷ୍ଣୀଷ; ପଗଡ଼ି; ମୁକୁଟ—2. Turban; cap; crown. ୩ । ଶିରୋମଣି—ଶ୍ରେଷ୍ଠ ବ୍ୟକ୍ତି (ବୈ. ଶ.)—3. Eminent person.

ଶିରୋଽଭ୍ୟଙ୍ଗ—ସଂ. ବି—(୭ମୀ ତତ୍)—ମୁଣ୍ଡରେ ତୈଳମର୍ଦ୍ଦନ—
Siro-bhyanga Anointing of oil on the head.

ଶିରୋମଣି—ସଂ. ବି (ଶିରଃ+ମଣି; ମ. ପ. ଲୋ. କର୍ମଧା; ଶିରରେ ପିନ୍ଧା
Siro mani ଯିବା ମଣି)—୧ । ଶିରୋରତ୍ନ; ମସ୍ତକରେ ପିନ୍ଧାଯିବା ରତ୍ନ ଭୂଷଣ—1. A gem worn on the head. ୨ । ମୁକୁଟସ୍ଥ ରତ୍ନ—2. A gem on the crown; a crest jewel. ୩ । ଭାରତୀୟ ପଣ୍ଡିତମାନଙ୍କୁ ଦିଆଯିବା ଉପାଧି—3. A title given to Pandits. ୪ । ଶ୍ରେଷ୍ଠ ବ୍ୟକ୍ତି—4. An eminent person. ୫ । ମାଳାର ମେରୁ (ବୈ. ଶ)—5. The head bead of a rosary. ବି. ବି. ପୁଂ. ଓ ସ୍ତ୍ରୀ—୧। ଦଳର ବା ଶ୍ରେଣୀର ଶ୍ରେଷ୍ଠ ବ୍ୟକ୍ତି—1. Chief amongst a class of persons. ୨ । ଅଗ୍ରଣୀ; ଅଗ୍ରଗଣ୍ୟ ବ୍ୟକ୍ତି-2. Headman; leader. [ଯଥା—ଚୂଡ଼ି ଶିରୋମଣି, ଚଉର ଶିରୋମଣି, ନାଗରୀ ଶିରୋମଣି ।]

ଶିରୋମର୍ମା—ସଂ. ବି—(ବହୁବ୍ରୀହି; ଶିରସ୍+ମର୍ମନ୍; ୧ମା. ୧ବ)—
Siromarmā ୧ । ବରାହ—1. Boar. ୨ । ଶୂକର—2. Hog.

ଶିରୋମାଳା—ସଂ. ବି (ମ. ପ. ଲୋ; ଶିରସ୍+ମାଳା)—୧ । ଶିରରେ
Siromālā ପିନ୍ଧା ଯିବା ମାଳା—1. A chaplet worn round the head. ୨ । ନରମୁଣ୍ଡମାନଙ୍କରେ ଗୁନ୍ଥା ହୋଇଥିବା ମାଳା—2. A garland made of skulls strung together. [ଦ୍ର—ମହାଦେବ ଓ କାଳୀ ଶିରୋମାଳା ଧାରଣ କରନ୍ତି ।]

ଶିରୋମାଳିନୀ—ସଂ. ବଣ. (ସ୍ତ୍ରୀ)—(ଶିରୋମାଳା+ଇନ୍+ସ୍ତ୍ରୀ. ଈ)—
Siromālini ୧ । ନୃମୁଣ୍ଡ ମାଳାଧାରିଣୀ; ନୃମୁଣ୍ଡମାଳିନୀ—1. Wearing a garland of skulls. ୨। ମୁଣ୍ଡରେ ଯେ ମାଳା ପିନ୍ଧିଥାଏ—2. Wearing a chaplet-round the head. ବି. ସ୍ତ୍ରୀ—କାଳୀ—Goddess Kāli.

ଶିରୋମାଳୀ—ସଂ. ବଣ. (ପୁଂ)—ଶିରୋମାଳିନୀ (ଦେଖ)
Siromāli Siro mālini (See) ବି. ପୁଂ—ମହାଦେବ-God Siva.

ଶିରୋମୁକୁଟ—ସଂ. ବି—ମସ୍ତକରେ ପିନ୍ଧା ଯାଉଥିବା ମୁକୁଟ—
Siromukuta A crown put on the head.

ଶିରୋମୌଳି—ସଂ. ବି—ଶିରୋମଣି (ଦେଖ)
Siromauli Siromani (See)

ଶିରୋରକ୍ଷୀ—ସଂ. ବି. ପୁଂ.—ରାଜାଙ୍କ ସଙ୍ଗେ ସର୍ବଦା ଲାଗି ରହୁଥିବା
Siroraksh̄i ଦେହ ରକ୍ଷକ—Bodyguard.

ଶିରୋରତ୍ନ—ସଂ. ବି—ଶିରୋମଣି (ଦେଖ)—
Siroratna Siromani (See).

ଶିରୋରୁଜା—ସଂ ବି—ସପ୍ତପର୍ଣ୍ଣୀ ବୃକ୍ଷ; ଛତିଅନା ଗଛ (ବୈ. ଶ)—
Sirorujā Echites Scholaris tree.

ଶିରୋରୁହ—ସଂ. ବି—(ଶିରଃ+ରୁହ୍ ଧାତୁ+କର୍ତ୍ତୃ ଅ)—କେଶ;
Siroruha ମୁଣ୍ଡର ବାଳ—The hair of the head.

ଶିରୋରୋଗ—ସଂ. ବି (୬ଷ୍ଠୀ ତତ୍; ଶିରସ୍+ରୋଗ)—ମୁଣ୍ଡଶୂଳ,
Siroroga ମୁଣ୍ଡବିନ୍ଧା ଆଦି ମୁଣ୍ଡର ନାନାପ୍ରକାର ରୋଗ—Diseases of the head.

ଶିରୋସ୍ଥି—ସଂ. ବି—(୬ଷ୍ଠୀ ତତ୍; ଶିରସ୍+ଅସ୍ଥି)—ମୁଣ୍ଡର ହାଡ଼;
Sirosthi ଖପୁରି; କରୋଟି—The skull.

ଶିର୍କା—ଦେ. ବି (ଫା. ଶିର୍କା)—୧ । ମଦର କାଞ୍ଜି—1. Vinegar.
Sirkā ୨ । ସଢ଼ା ଗୁଡ଼ରୁ ବା ଅନ୍ୟ ମିଷ୍ଟରସରୁ ଉତ୍ପନ୍ନ ଅମ୍ଳ—
शिर्का सिर्का 2. Acid from fermented sugar or other sweet juice.

ଶିର୍କାସ୍ତ—ଦେ. ବି (ଫା. ଚରଥ)—ଜମିଦାରଙ୍କ ଖାସ ଦଖଲରେଥିବା
Sirkāst ଗୃହ ଜମି; ଜମିଦାରଙ୍କ ନିଜ ଯୋତ—
সিরকস্ত सरकोसत A Zamidar's Nijjote; land cultivated by the Zamindar himself. [ପାଇକାସ୍ତ—ବିପରୀତ]

ଶିର୍କାସ୍ତ ପାଇକାସ୍ତ—ବୈଦେ.ବି (ଫା. ବିପରୀତ ବିବରଣ; ଚରଥ)—
Sirkāst pāikāst ଜମିଦାରଙ୍କ ନିଜଗୃହ ଜମି ଓ ପ୍ରଜାଦଖଲ ଜମି—Nijchas and rayati lands of an estate.

ଶିର୍ଖୁଞ୍ଚ(ଞ୍ଚା)—ଦେ. ବି—ଶିରଖୁଞ୍ଚ (ଦେଖ)
Sirkhuncha(nchā) Sirakhuncha (See)

ଶିର୍ଣ୍ଣି(ର୍ନି)—ବୈଦେ. ବି (ଫା. ଶିରନୀ)—ଶିରଣି (ଦେଖ)
Sirnni(rni) Sirini (See)

ଶିର୍ପଞ୍ଚ—ଦେ. ବି—ଶିରପଞ୍ଚ (ଦେଖ)
Sirpancha Sirapancha (see)

ଶିର୍ପା—ଦେ. ବି—ଶିରପା (ଦେଖ)
Sirpā Sirapā (see)

ଶିର୍ପାଳିଆ—ଦେ. ବି—ଶିରପାଳିଆ [ଦେଖ]
Sirpālia Sirapālia [see]

ଶିର୍ପେଞ୍ଚ[ଚ]—ବୈଦେ. ବି—ଶିରପେଞ୍ଚ [ଦେଖ]
Sirpencha[cha] Sirapencha [see]

ଶିଲ୍ (ଧାତୁ)—ପ—୧ । ଉଞ୍ଛବୃତ୍ତି କରିବା; କୃଷକଦ୍ୱାରା କ୍ଷେତରୁ ଶସ୍ୟ
Śil (root) କଟା ହୋଇ ନିଆ ହେବା ପରେ କ୍ଷେତରେ ପଡ଼ିଥିବା ଶସ୍ୟାଦିକୁ (ଅନ୍ୟ ବ୍ୟକ୍ତି) ଗୋଟାଇ ନେଇ ନେବା—1. To pick up the corn left in the field after harvesting. ୨। ନିପୁଣ ହେବା—2.To be able; to be an expert.

ଶିଲ୍—ପ୍ରାଦେ [ମେଦିନୀପୁର—ବ—ଶିଳ [ଦେଖ]
Śil Śila [see]

ଶିଲ୍ପା—ପ୍ରାଦେ (ସମ୍ବଲପୁର) ବ.—ଶିଳପଟା (ଦେଖ)
Śilpā Śilapatā (See)

ଶିଲ—ସଂ. ବ [ଶିଲ୍ ଧାତୁ+ଭାବ. ଅ —୧ । କ୍ଷେତରେ ପଡ଼ିଥିବା
Śila ଧାନ୍ୟାଦି କେଣ୍ଡାଦିକୁ ଗୋଟାଇନେବା—1. The collecting of the grains left strewn in the field after harvesting [ଦ୍ର—ଉଞ୍ଛବୃତ୍ତି ଓ ଶିଲବୃତ୍ତି ମଧ୍ୟରେ ପ୍ରଭେଦ ଅଛି । କୃଷକମାନେ କ୍ଷେତରୁ ଫସଲ କାଟନେବା ପରେ ଭୂଇଁରେ ଯେଉଁ ଧାନଆଦ ପଡ଼ିଥାଏ ତାହାକୁ ଗୋଟାଇକରି ଜୀବିକାନିର୍ବାହ କରିବାକୁ 'ଉଞ୍ଛବୃତ୍ତି' ଓ କ୍ଷେତରେ କୃଷକମାନେ ଧାନ କାଟି ଛାଡ଼ି ଯାଇଥିବା ପରେ ମୂଳଗଛରେ ଲାଗିରହିଥିବା ଧାନ୍ୟ ମଞ୍ଜରୀକୁ ବା କେଣ୍ଡାକୁ ସଂଗ୍ରହ କରି ଜୀବିକାନିର୍ବାହ କରିବାର ନାମ "ଶିଲବୃତ୍ତି" ।] ୨। (ନାମ) ପରିପାତ୍ରଙ୍କର ଏକ ପୁତ୍ର (ହ୍ରି. ସ)—2, Name of a son of Pāripātra.

ଦେ. ବ (ସଂ. ଶିଳା)—୧ । ଶିଳାପଟ୍ଟ; ହଳଦୀ ଆଦି ବାଟିବା ନିମନ୍ତେ ଭୂମିରେ ପଡ଼ିଥିବା ଶିଳାଖଣ୍ଡ—
শিল সীল A flat stone slab on which turmeric and other condiments are ground into paste. [ଦ୍ର—ଯେଉଁ ଚଟକା ପଥରଖଣ୍ଡ ଭୂମିରେ ପଡ଼ିଥାଏ ତାକୁ ଶିଲ ବୋଲଯାଏ ଓ ଯେଉଁ ଗୋଲ ଓ ଲମ୍ବ ସ୍ଥୋଲ ପଥରଦ୍ୱାରା ଶିଲ ଉପରେ ରଖା ଯାଇଥିବା ପଦାର୍ଥକୁ ବାଟିବାକୁ ହୁଏ ତାକୁ 'ଶିଲପୁଅ' ବୋଲଯାଏ ।] ୨ । ଭଣ୍ଡାରୀମାନେ କ୍ଷୁର ଧାର କରିବା ପାଇଁ ବ୍ୟବହାର କରୁଥିବା ଶିଳାଖଣ୍ଡ; ଭଣ୍ଡାରୀର ଶିଳ—2. A whetstone used by barbers.
শিল सिला ୩ । ପଥର—3. Stone. [ଦ୍ର—
ମୋତେ କୋଥରେ କଥାଏ ମାରିଲୁ
ଏସାଁ ବଳେ ଶିଳ ଦେଲୁ ବୋଇଲ
ବଞ୍ଚାଦେବା ଦେଖି ସୁଟଲ୍ସ ସଙ୍ଗେ ବାହାର କରଣ ଦେଲୁ
ଭକ୍ତନାଥ—ବଡ଼ଜ ପୁରାଣ]
ईंट सिल ୪ । ବଣିଅମାନଙ୍କ ଦୋକାନରେ ବଜାଯିବା ପାଇଁ ରଖାଯାଇଥିବା ଖଣ୍ଡ ଖଣ୍ଡ ରୁପା; ମୁଣ୍ଡା ରୁପା—4. Bar of Silver. ପ୍ରାଦେ. (ଗଡ଼ଜାତ)—ଅଟୁଣ୍ଡି (ଦେଖ)— Ātuṇḍ of Silver (See.

ଶିଲ—ପ୍ରା. ଦେ—[ଗଞ୍ଜାମ ଓ ଗଡ଼ଜାତ] ଦେ'ଦେ. ବ—[ତେଲୁଗୁ—
Śila ସେଲ୍‌ଭୁ] ୧ । ଅନୁମତି—1. Permission. ୨। ଯିବାପାଇଁ ଅନୁମତି—2. Permission to go or depart. ୩ । ବିଦାୟ; ମେଲାଣି—3. Good-bye; farewell. ୪ । କାର୍ଯ୍ୟରୁ ଛୁଟି ବା ଅବସର—4. Leave from work or business. ୫ । କୌଣସି ପଦାର୍ଥ ବ୍ୟବହାର କରିବାପାଇଁ ବ୍ୟକ୍ତିବିଶେଷଙ୍କୁ ରାଜାଙ୍କଠାରୁ ମିଳିବା ଛାଡ଼—5. Grant of privilege or license; privilege or permission granted by the king to a person for the use of a particular article. [ଦ୍ର—ଗଡ଼ଜାତ ଓ ଗଞ୍ଜାମ ମୁଲକରେ ରଜାଙ୍କ ସମୟରେ ଦରବାରୀ ଉପଲକ୍ଷରେ କରିବ ଉତ୍ସବରେ ହାତୀ, ଛତ୍ର, ଚାମର, ପାଲିଙ୍କି, ପାଟ ଛତା ଇତ୍ୟାଦି ନେବା ସକାଶେ ରାଜାଙ୍କଠାରୁ ବ୍ୟକ୍ତିବିଶେଷଙ୍କୁ 'ଶିଲ' ମିଳେ] ଦେ. ବ.
ভাল सरेय (ଫ. ଶ୍ରେୟ)—୧ । ହିତ; ମଙ୍ଗଳ; ଉପକାର—
हितकामना सरेयकामना 1. Welfare; benefit. ୨। ହିତକାମନା—2.Wish for a person's welfare good wishes,

ଶିଲ କରିବା—ପ୍ରାଦେ. କ୍ରି—୧ । (ଗଡ଼ଜାତ)—କୌଣସି ବ୍ୟକ୍ତିର
Śila karibā ଉପକାର ବା ହିତ ସାଧନ କରିବା—1. To
मंगलकरना सरेयकरना benifit a person. ୨ । (ଲାକ୍ଷ) କାମ କରିବା ଦ୍ୱାରା କୌଣସି ବ୍ୟକ୍ତିର ପରିଶ୍ରମକୁ ଲଘବ କରିବା—2. To lighten one's labour.

ଶିଳଗର୍ଭଜ—ସ ବ—ପାଷାଣ ଭେଦୀ (ହ୍ର.ସ) (ଦେଖ)—
Śilagarbhaja Pāshāṇabhedī (See)

ଶିଲଙ୍ଗ—ଦେ. ବ. (ନାମ)—ଆସାମର ଗୋଟିଏ ନଗ—A town
Śilaṅg in Assam; Shillong. (ଏହା 'ଖାସି ଓ ଜୟନ୍ତିଆ
শিলং शिलंग ପାହାଡ଼' ଜିଲ୍ଲାର ଗୋଟିଏ ପାର୍ବତ୍ୟ ନଗର (ଶିଲଂ—ଅପଭ୍ରଂଶ) ଓ ଆସାମସରକାରଙ୍କ ଗ୍ରୀଷ୍ମ ନିବାସ)

ଶିଲ ଦେବା—ପ୍ରାଦେ (ଗଡ଼ଜାତ,ଗଞ୍ଜାମ) କ୍ରି—୧। ଅନୁମତି ଦେବା—
Śila debā 1. To give permission; to grant license ୨ । ବିଦାୟ ଦେବା—2. To bid farewell, to permit a person to depart. (ଏହିପରି ଶିଲ ହେବା, ଶିଲ ମାଗିବା, ଶିଲ ପାଇବା, ଶିଲ ମିଳିବା ଆଦି ଶବ୍ଦର ବ୍ୟବହାର ହୁଏ]

ଶିଳନ୍ଦ(ନ୍ଧ)—ସ. ବ ଶିଲିନ୍ଦ (ଦେଖ)
Śilanda(ndha) Śilinda (see)

ଶିଳ (ଲି) ପ (ପୁ) ଟା—ଦେ.ବ [ସ. ଶିଳାପୁତ୍ର]—ଯେଉଁ ଛୋଟ ଗୋଲ ଓ ଲମ୍ବ ପ୍ରସ୍ତର ଖଣ୍ଡ ଧରି ଶିଳ ଉପରେ ପଦାର୍ଥକୁ ବାଟିବାକୁ ହୁଏ । The small stone by

ଶିଳପୁଅ, ଶିଳପା, ଶିଳପୁଅ, ଶିଳୁପା, ଶିଳୁପୁଅ, ଶଳପୁଆ(ମେଦିନୀପୁର) } ଅପଭ୍ରଂଶରୂପ — which articles are pounded or pestled on a slab of stone; Pestle-stone
নোড়া লোঢা
[ଦ୍ର—ଛୁଟିଲେ ଭବ ସୁଖ ଦାରା ଘରୁ ଆଣିଲେ ଶିଳପୁଆ
ଜଗନ୍ନାଥ—ଭାଗବତ

ଦ୍ର—ଶିଳଶିଳପଟା ସଙ୍ଗତେ ଭିଡ଼ୁଛନ୍ତି, ଶିରିଜ ଭୁଜା କରୁଛି ମୋତେ ରଖ—ଭଜ] [ଦ୍ର—ବହୁକାଳ ବ୍ୟବହାର ହେବା ପରେ ଘୋର ହୋଇ ମଣ୍ଡି ମାତ୍ର ଅବଶିଷ୍ଟ ରହିଥିବା ଶିଳପା ଖଣ୍ଡକୁ 'ମୁଣ୍ଡି ଶିଳପୁଅ' କହନ୍ତି]

ଶିଳପଟା ବିଭା(ବାହା)-ଦେ. ବି-(ସ. ଶିଳପୁତ୍ର+ବିବାହ)-ବେଶ୍ୟାମାନଙ୍କ
Śilapatā bibhā(bāhā) ସମାଜରେ ପ୍ରଚଳିତ ନାମମାତ୍ର ବିବାହ
নোড়ার সঙ্গে বিবাহ ପଦ୍ଧତି—A nominal form of marriage amongst the prostitutes in which a matured girl goes through the marriage rites by setting up a pestle stone as the bridegroom. [ଦ୍ର—ବେଶ୍ୟା ସମାଜରେ ବେଶ୍ୟା ବୃତ୍ତି କରିବା ପାଇଁ ଅଭିପ୍ରେତା ବେଶ୍ୟା ବାଳିକାମାନେ ପ୍ରାପ୍ତବୟସ୍କା ହେଲେ ସାମାଜିକ ସ୍ୱୀକୃତିର ବିବାହବନ୍ଧ ନିମିତ୍ତ ଗୋଟିଏ ଶିଳପୁଅକୁ ବରରୂପେ କଳ୍ପନା କରି ବେଦୀରେ ଉପସ୍ଥାପିତ କରି ତା ସଙ୍ଗେ ବିଭା କର୍ମାଦି ବିବାହ ବିଧି ନାମମାତ୍ର ସମ୍ପନ୍ନ କରାଯାଏ।]

ଶିଲ ପାଇବା—ପ୍ରାଦେ (ଉଡ଼ଜାତ) କ୍ରି—୧। ବିଦାୟ ହେବାପାଇଁ
Śila pāibā ଅନୁମତି ପ୍ରାପ୍ତ ହେବା-1. To get permision (ଶିଲ ଦିଇବା—ଦ୍ରଶେଷ୍ୟରୂପ) to depart. ୨। ଛୁଟି ପାଇବା—2. To get leave. ୩। କୌଣସି ଦ୍ରବ୍ୟର ବ୍ୟବହାର ପାଇଁ ସରକାରୀ ଅନୁମତି ପ୍ରାପ୍ତ ହେବା—3.To get a license for the use of a particular thing.

ଶିଲବୃତ୍ତି—ସଂ ବି ଷେତରୁ ଧାନକଟାଳମାନେ ଧାନ କାଟି ନେବା
Śila brutti ପରେ ଧାନ ଗଛରେ ଲାଗିରହିଥିବା ଶେଣ୍ଡା ମାନଙ୍କୁ ସଂଗ୍ରହ କରି ଉଦରସ୍ଥ ଜୀବିକା ନିର୍ବାହ—Eking out of one's livelihood by plucking the ears of corn left on the stumps of the plants after harvesting. ସଂ-ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି) ଶିଲରତି—Śila rati (see)

ଶିଲ ରତି—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ଶିଲବୃତ୍ତିଦ୍ୱାରା ଜୀବିକା
Śila rati ନିର୍ବାହକାରୀ—Eking out one's livelihood by plucking the ears left on the stumps after harvesting.

ଶିଲ ଶିଳ(ଳି) ପୁଆ—ଦେ. ବି.—(ସ. ଶିଳା+ଶିଳାପୁତ୍ର)—୧।
Śila śila(li)puā ଘଟା ହେବା ନିମନ୍ତେ ବ୍ୟବହୃତ ଭୂମିରେ
শিল নোড়া ପାଡ଼ିତ ଶିଳାପଟ୍ଟ ଓ ବାଟିବା ନିମନ୍ତେ ବ୍ୟବହୃତ ଲମ୍ବ
শিলনোড়া ଛୋଟ ଶିଳା ଖଣ୍ଡ—1. The pestling slab and the pestling stone. ୨। (ଲକ୍ଷଣାର୍ଥ)—

ଭାରି ବସ୍ତୁ ସମୂହ—2. (figurative) Heavy things. [ଦ୍ର—ଶିଳ ଶିଳପୁଅ ସଙ୍ଗତେ ଭିଡ଼ୁଛନ୍ତି ଶିରିଜ ଭୁଜା କରୁଛି ମୋତେ ରଖ—ଭଜ।]

ଶିଲ ହେବା—ପ୍ରାଦେ (ଉଡ଼ଜାତ) କ୍ରି—ବିଦାୟ ଗ୍ରହଣ କରିବା; ବିଦାୟ
Śila hebā ହେବା; ଯିବାପାଇଁ ଅନୁମତି ପାଇବା—To take leave; to bid farewell; to get permission to depart.

ଶିଳା—ସଂ ବି—(ଶିଲ୍ ଧାତୁ+ସଞ୍ଚୟାର୍ଥେ; କରଣ+ଅ+ସ୍ତ୍ରୀ ଆ)—
Śilā ୧। ପାଷାଣ; ପଥର—1. Stone. ୨। ମନଃଶିଳା—2. Red arsenic. ୩। କରକାପଲ; ଭୂଅପଥର—3. Hail stone. [ଦ୍ର—ଜଳର ସଙ୍ଗେ ଶିଳାଖଣ୍ଡ, ଶବଦ ହୋଇ ପଡ଼ଇ ଖଣ୍ଡ। ଜଗନ୍ନାଥ. ଭାଗବତ।] ୪। ଦ୍ୱାରିକବାଟର ଚମ୍ପଟି କାଠ; ଦ୍ୱାରଦେଶ ତଳଭାଗ—4. The lowest piece of wood in the door frame; the door-sill. ୫। ସ୍ତମ୍ଭଶୀର୍ଷ (ଶବ୍ଦକୋଷ)—5. The capital of a column or a pillar, ୬। ପଥରର ବଡ଼ ଖଣ୍ଡ—6. A block or slab of stone. ୭। କର୍ପୂର (ହି. ଶ.)—7. Camphor. ୮। ଶିଳାଜତୁ [ହି. ଶ]—8. Asphalt. ୯। ଗେରୁ (ହି. ଶ)—9. Red ochre. ୧୦। ନୀଳ ଗୁଳ୍ମ [ହି. ଶ]—10. Indigo plant. ୧୧। ହରିତକୀ [ହି. ଶ]—11. Myrobalan. ୧୨। ଗୋରୋଚନା [ହି. ଶ]—12. Yellow pigment obtained from dead cows. ୧୩। ଦୁବ [ହି. ଶ]—13. The creeping grass. ୧୪। ପଥରର ଢିମା [ହି. ଶ]—14. Peeble. ୧୫। ଶିଳ ବୃତ୍ତି [ହି. ଶ] (ଦେଖ)—15. Śilābrutti (See). ଦେ. ବି—ଏକପ୍ରକାର ବନ୍ୟ କ୍ଷୁପ—A kind of wild plant. [ଦ୍ର—ଏହାର ପତ୍ରର ରସ ଓ ତୈଳର କ୍ୱାଥ ତିକ୍ତମଧୁର, କଷାୟ ଓ ଶୀତଳ। ଏହା କଫ, ପିତ୍ତ, ଅତିସାର, ରକ୍ତପିତ୍ତ ଓ ବ୍ରଣ ହରଣ କରେ; ଧାତୁ ପୁଷ୍ଟି କରେ, ମୂତ୍ର. ରକ୍ତ ଦୋଷ, କାଚ ଓ ଅର୍ଶ ପ୍ରଶମନ କରେ। ଏହାର ଶାକ ଲଗାଇଲେ ମୁହଁର ବ୍ରଣ ଭଲ ହୁଏ—ଦ୍ରବ୍ୟଗୁଣ କଳ୍ପଦ୍ରୁମ।] ପ୍ରାଦେ—(ବାଲେଶ୍ୱର) ବି—ବୃହଦାକାର ସାମୁଦ୍ରିକ ମତ୍ସ୍ୟ ବିଶେଷ—A kind of big sea fish.

ଶିଳା(ଳେ)ଇବା—ଦେ. କି—(ସ. ଶିଳାରୁ ଓଡ଼ିଆ ନାମ ଧାତୁ)—କ୍ଷୁର
Śila(le)ibā ଅସ୍ତ୍ରର ଧାର କରିବା ପାଇଁ ଶିଳାରେ ଘଷିବା;
শিলেঘষা पिजाना ଶଣାଇବା—To whet razor etc on a whetstone.

ଶିଳା କର୍ଣ୍ଣୀ—ସ. ବି—ଶଲ୍ଲକୀ ବୃକ୍ଷ—
Śilākarṇṇi Boswellia Serrata (tree).

ଶିଳା କୁଟ୍ଟକ—ସ. ବି—(ଶିଳା+କୁଟ୍ଟ ଧାତୁ+କରଣ. ଅକ)—
Śilā kuṭṭaka ପାଷାଣଭେଦକ ଅସ୍ତ୍ର—An instrument for cutting stone.

ଶିଳା କୁସୁମ—ସଂ. ବି.—ଶିଳାଜତ୍ [ହ୍ରି. ଶ]—
Śilākusuma Asphalt.

ଶିଳା କ୍ଷେପଣ—ସଂ.ବି—(୬ଷ୍ଠୀ ତତ୍)—ପଥର ଫୋପାଡ଼ିବା—
Śilā kshepana Throwing of stones.

ଶିଳା ଖଣ୍ଡ—ସଂ ବି—ପ୍ରସ୍ତର ଖଣ୍ଡ—
Śilā khanda A slab or piece of stone.

ଶିଳା ଘଷା ଦେ. ବିଣ—ପଥରରେ ଘଷା ହୋଇଥିବା (ବାଣ);ଶାଣିତ—
Śilāghashā ধার করা; শানদেওয়া Whetted.
শিলমে ঘষাহুআ (ଉ—ଚକ୍ର ପର କସୁଁ ଶିଳାଘଷା ବାଣ,
ବକ୍ଷରେ ସ୍ପୃଷ୍ଟ ରଥୁଁ ପଡ଼ିଲେ ଉଷି ପ୍ରାଣ ।
କୃଷ୍ଣସିଂ. ମହାଭାରତ ।)

ଶିଳା ଚୟ—ସଂ. ବି—(୬ଷ୍ଠୀ ତତ୍)—ପର୍ବତ—
Śilāchaya Mountain.

ଶିଳା ଜଉ—ଦେ. ବି—(ସଂ ଶିଳଜତୁ) ଶିଳାଜତୁ (ଦେଖ)
Śilā jau শিলজিত शिलाजित Śilājatu (See)

ଶିଳା ଜତୁ—ସଂ. ବି—ପାର୍ବତ୍ୟ ଔଷଧ ଉପଧାତୁ ବିଶେଷ—
Śilā jatu A medicinal gum got from stone; mummy. [ବି—କେହି କେହି କହନ୍ତି ଯେ ଗ୍ରୀଷ୍ମ କାଳରେ ଉତ୍ତପ୍ତ ପାର୍ବତ୍ୟ ଧାତୁ ସମୂହରୁ ଲାକ୍ଷାସ

ଅନ୍ୟ ସଂ. ନାମ—ଶୈଳନିର୍ଯ୍ୟାସ,	ପରି ବାହାରି ଓ ଜମାଇଯିବା
ଅଦ୍ରିଜ, ଗୈରେୟ, ଶୀତପୁଷ୍ପକ,	ପଥରମାନଙ୍କରୁ ଏହା ଜାତ
ଶୈଳଜ, ଅଶ୍ମଜ, ଅଶ୍ମଲାକ୍ଷା,	ହୁଏ । କେହି କେହି କହନ୍ତି
ଶୈଳ ଧାତୁଜ, ଜତୁଅଶ୍ମକ,	ଯେ, ଏହା ଜାନ୍ତବ ତୈଳ-
ଅଦ୍ରିଜତୁ, ଅର୍ଯ୍ୟ, ଶିଳାବ୍ୟାଧି,	ବିଶେଷ, କିନ୍ତୁ ଏହାର ଉତ୍ପତ୍ତି
ଶିଳୋଦ୍ଭବ, ଶିଳାସ୍ୱେଦ, ଶୈଳ,	ଅଜ୍ଞାତ । ଶିଳାଜତୁ ଚତୁର୍ବିଧ
ଶିଳ, ଶୈଳେୟ, ଶିଳାହ୍ୱ(ଜ)	ଯଥା—ସୌବର୍ଣ୍ଣ, ରାଜତ,
ଅଶ୍ମୋତ୍ଥ, ଶିଳାପାଷାଣ,	ତାମ୍ର ଓ ଲୌହିକ । ପ୍ରଥମ
ଶିଳୋଦ୍ଭବ, ଶିଳେୟ, ଶୈଳଜ	ଦେଖିବାକୁ ଜବା ଫୁଲ ପରି
ପା. ମମ୍ଯାଇ	ନାଲି, ଦ୍ୱିତୀୟ ପାଣ୍ଡୁର ବର୍ଣ୍ଣ,
ମ ଶିଳାଜତ	ତୃତୀୟ ମୟୂରକଣ୍ଠର ଓ ଚତୁର୍ଥ
শিলজাতু शिलाजित	ଲାକ୍ଷାଶ ପକ୍ଷୀ ପର ଗାଢ଼ କୃଷ୍ଣ-

ବର୍ଣ୍ଣ । ଏହା କଟୁ ଓ ତିକ୍ତ ରସ ବିଶିଷ୍ଟ, ଉଷ୍ଣ ବୀର୍ଯ୍ୟ, କଟୁ ବିପାକ, ରସାୟନ, ଯୋଗବାହୀ, କଫ, ମୂତ୍ରକୃଚ୍ଛ୍ର, ଶ୍ୱାସ, କାଶ, ଅର୍ଶଃ, ବାତ, ଉନ୍ମାଦ, କୁଷ୍ଠ ପ୍ରଭୃତି ରୋଗ ନିବାରକ । ସବୁଠାରୁ କୃଷ୍ଣ ଶିଳାଜତୁ ଉତ୍କୃଷ୍ଟ । ଏହା ବୈଦ୍ୟଶାସ୍ତ୍ରୋକ୍ତ ବିଧି ଅନୁସାରେ ଶୋଧନ କରି ଔଷଧରେ ବ୍ୟବହାର କରାଯାଏ—ଚକ୍ରଦତ୍ତ ଦ୍ରବ୍ୟଗୁଣ ।

'ନସ୍ୟ ସ୍ତି ରୋଗୋ ଭୁବି ମାନବାନାଂ
ଶିଳାଜତୁର୍ଯ୍ୟଂ ନ ଜୟେତ୍ ପ୍ରସହ୍ୟ' ଚରକ ।

'ନହ୍ୟସ୍ତି ରୋଗୋ ଯସ୍ୟାପି ଜୟନ୍ୟାଦ୍ ଶିଳାଜତୁ—ସୁଶ୍ରୁତ । ଚରକ ଓ ସୁଶ୍ରୁତରେ ଲେଖା ଅଛି ଯେ, ପୃଥିବୀରେ ଏପରି କୌଣସି ରୋଗ ନାହିଁ, ଯାହା ଶିଳାଜତୁଦ୍ୱାରା ଭଲ ନ ହେବ । ଅନୁପାନ ବିଶେଷରେ ଏହା ଅଶ୍ମରୀ, ଜୀର୍ଣ୍ଣଜ୍ୱର, ମୂତ୍ର, ସ୍ନାୟୁରୋଗ ଦୌର୍ବଲ୍ୟ, ଅର୍ଶଃ, ଧାତୁକ୍ଷୟ, ଆମବାତ, ଗଣ୍ଡିବାତ, କୁଷ୍ଠ, ଅଗ୍ନିମାନ୍ଦ୍ୟ, କାଜାଙ୍ଗଣ୍ଡି, ରକ୍ତ ପିତ୍ତ, କାଶ, ଯକ୍ଷ୍ମା, କୃମି, ଅପସ୍ମାର, ଗ୍ରହଣୀ, ପକ୍ଷାଘାତ, ପ୍ରଦର, ଶ୍ୱେତ, ପ୍ରମେହ ରୋଗରେ ଉପକାରୀ । ଏହା ଗୋଟିଏ ଉତ୍କୃଷ୍ଟ ରସାୟନ ଅଟେ । ଅଶ୍ମରୀ (ପଥୁରୀ; stone in the bladder) ରୋଗୀକୁ ଏହା ସେବନ କରାଇ ଦେଇ ମାଇ ଅଛି ଯେ, ମୂତ୍ରାଶୟରେ ଥିବା ପଥରର ରେଣୁମାନ ପ୍ରସ୍ରାବ ବାଟେ ବାହାରି ପଡ଼େ ଓ ରୋଗୀକୁ ପଥରର ଆକାର ସାନ ହୋଇ ଗଲେ ତାହା ମୂତ୍ରଦ୍ୱାର ବାଟେ ମଧ୍ୟ ବାହାରି ପଡ଼େ ।]

ଶିଳାଜିତ୍(ତ)—ଦେ. ବି—(ସଂ. ଶିଳାଜତୁ)—ଶିଳାଜତୁ (ଦେଖ)
Śilā jit(ta) Śilā jatu (See)

ଶିଳାଟକ—ସଂ ବି—(ଶିଳା+ଅଟ୍‌ଧାତୁ=ଗମନ କରିବା+କର୍ମ. ଅକ)
Śilāṭaka ୧। ଚନ୍ଦ୍ରଶାଳା—1. A room on the top of a house. ୨। ଗର୍ତ୍ତ—2. Hole. ୩। ଅଟ୍ଟାଳିକା—3. Building; palatial building. ୪। କୋଠା ଘରଚାରିପାଖେ ଥିବାର ପାଚେରି; ଘେରିବା ଚାରିକାନ୍ଥ (ହ୍ରି. ଶ)—4 Compound wall.

ଶିଳାଟିକା—ସଂ. ବି. (ଦେଶୀୟ)—ରକ୍ତପୁନର୍ନବା; ଲାଲପୁରୁଣୀଶାଗ—
Śilāṭikā A sort of potherb; the red species of hogweed.
ଅନ୍ୟ ସଂ. ନାମ—ରକ୍ତପୁଷ୍ପା, ଶୋଥଘ୍ନୀ,
କ୍ଷୁଦ୍ରବର୍ଷାଭୂ; ବୃଷକେତୁ, କଠିଲ୍ଲକ ।

ଶିଳା ତଳ—ସଂ ବି. (୬ଷ୍ଠୀ ତତ୍)—ପଥରର ଉପରଭାଗ
Śilā tala The surface of a stone.

ଶିଳାତ୍ମଜ—ସଂ ବି—(୬ଷ୍ଠୀ ତତ୍)—(ଯାହା ଶିଳାରୁ ଜନ୍ମେ) ଲୌହ—
Śilātmaja Iron.

ଶିଳାତ୍ମିକା—ସଂ ବି—ସୁନା ବା ରୁପା ତରଳାଇବା ପାଇଁ ବ୍ୟବହୃତ ପାତ୍ର;
Śilātmikā ମୂଷା (ହ୍ରି ଶ)—Crucible; melting pot.

ଶିଳାଦ—ସଂ ବି. (ନାମ)—(ଶିଳା+ଅଦଧାତୁ=ଭକ୍ଷଣ କରିବା+କର୍ତ୍ତୃ
Śilāda ଅ; ଯେ ଶିଳାକୁ ଖାଉଥିଲେ)—୧ । ଶିବାନୁଚର ନନ୍ଦୀଙ୍କ ପିତା—1.The name of the father of Nandi, attendant of Śiba. ୨। ଜଣେ ପ୍ରାଚୀନ ଋଷି (ହ୍ରି.ଶ)—2. Name of an ancient sage.

ଶିଳା ଦଦ୍ରୁ—ସଂ ବି.—ଶିଳାଜତୁ (ହ୍ରି.ଶ)
Śilā dadru Asphalt.
[ଶିଳା ନିର୍ଯ୍ୟାସ, ଶିଳାଦ୍ରବ—ଅନ୍ୟରୂପ]

ଶିଳାଦିତ୍ୟ—ସଂ ବି. (ନାମ)—ରାଜା ହର୍ଷବର୍ଦ୍ଧନ ବା ଶ୍ରୀହର୍ଷ । [ବି—
Śilāditya ଏ ଉତ୍ତର ଭାରତରେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀର ପ୍ରଥମାର୍ଦ୍ଧ (୬୦୬-୬୪୭ ଖ୍ରୀଷ୍ଟାବ୍ଦ)ରେ ରାଜତ୍ୱ କରୁଥିଲେ । ସୁପ୍ରସିଦ୍ଧ କବି ବାଣଭଟ୍ଟ ଏହାଙ୍କ ଜୀବନର ଘଟଣାସମୂହକୁ ଅବଲମ୍ବନ କରି 'ହର୍ଷ ଚରିତ' ରଚନା କରିଥିଲେ । ଏ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । ଏ ପ୍ରଜାଙ୍କର

ବର୍ଦ୍ଧନ ନାମକ ରାଜାଙ୍କର ଦ୍ୱିତୀୟ ପୁତ୍ର । ଏ ବିଦ୍ୱାନ୍ ଓ ବିଦ୍ୟୋତ୍ସାହୀ ଥିଲେ । ଏହାଙ୍କ ପ୍ରସିଦ୍ଧ ନାଟକଦ୍ୱୟ ନାଗାନନ୍ଦ ଓ ରତ୍ନାବଳୀ । ଏହାଙ୍କ ରାଜତ୍ୱ କାଳରେ ପ୍ରସିଦ୍ଧ ଚୀନ୍ ପର୍ଯ୍ୟଟକ ହୁଏନ୍‌ସାଂ ଭାରତକୁ ଆସିଥିଲେ । ଏ ବୌଦ୍ଧ ଥିଲେ ମଧ୍ୟ ବ୍ରାହ୍ମଣମାନଙ୍କୁ ଓ ହିନ୍ଦୁ ଧର୍ମକୁ ସମ୍ମାନ କରୁଥିଲେ । ବୌଦ୍ଧଧର୍ମ ବିସ୍ତାର ପାଇଁ ଏ ପ୍ରଚୁର ଅର୍ଥ ବ୍ୟୟ କରିଥିଲେ ଓ ପ୍ରତି ପଞ୍ଚମବର୍ଷରେ ରାଜକୋଷରେ ସଞ୍ଚିତ ଧନକୁ ସ୍ୱଧର୍ମୀ ଓ ବିଧର୍ମୀମାନଙ୍କୁ ଦାନ କରୁଥିଲେ । ଏ ୬୪୭ ଖ୍ରୀଷ୍ଟାବ୍ଦରେ ଗୋଟିଏ ବୌଦ୍ଧଧର୍ମସଭା ଆହ୍ୱାନ କରି ରାଜ୍ୟରେ ବୁଦ୍ଧଦେବ, ସୂର୍ଯ୍ୟଦେବ ଓ ଶିବଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ ।]—The name of a king of Northern India in the 1st half of the 7th century. A. D.

ଶିଳାଧାତୁ—ସ.ବି.—୧। ଖଡ଼ି; ପୀତ ଗୈରିକ—1. Yellow chalk. Śilādhātu ୨। ସ୍ୱର୍ଣ୍ଣ ଗୈରିକ; ହଳଦିଆ ଗେରୁ—2. Yellow ochre. ୩। ଚିନି—3. White sugar.

ଶିଳାନୀଡ଼—ସଂ ବି—(ବହୁବ୍ରୀହି)—ଗରୁଡ଼ (ହ୍ରି.ଶ)
Śila nirda Garurda

ଶିଳାପଟ୍ଟ—ସଂ ବି—୧। ମସଲା ଆଦି ବାଟିବା ଶିଳ—1. A slab of Śila patta stone on which articles are pounded into paste. ୨। ପଥର ଚଟାଣ—2. Stone pavement.

ଶିଳାପୁତ୍ର—ସଂ ବି.—ଶିଳପୁଅ ଦେଖ
Śila putra Śilapuā (See)

ଶିଳାପୁଷ୍ପ—ସଂ ବି.—୧। ଔଷଧ ବିଶେଷ । [ଦ୍ର—ଏହା ଶୀତବୀର୍ଯ୍ୟ, Śilā pushpa ହୃଦୟଗ୍ରାହୀ ଓ ଲଘୁ; ଏହା କଫ, ପିତ୍ତ କଣ୍ଡୁ, ଅନ୍ୟ ସଂ ନାମ—ଶୈଳେୟ, କୃଚ୍ଛ୍ର, ଅଶ୍ମରୀ, ଦାହ, ବିଷଦୋଷ ବୃଦ୍ଧକାଳାନୁସାର୍ଯ୍ୟକ । ଓ ଗୁହ୍ୟ ଦେଶରୁ ରକ୍ତସ୍ରାବ [ଶିଳାପ୍ରସୂନ—ଅନ୍ୟରୂପ] ନିବାରଣ କରେ ।]
1. A herb; Permalia Perlata; Permalia Perforatus. ୨। ଶିଳାଜତୁ (ହ୍ରି.ଶ)—2 Mummy.

ଶିଲ୍(ଲେ)ବସ୍—ଦେ. ବି (ଇଂ)—ପାଠ୍ୟ ବିଷୟ; ବିଦ୍ୟା ସ୍ତର Sila(le)bas ବିଭିନ୍ନ ଶ୍ରେଣୀରେ ପଢ଼ାଇବା ପାଇଁ ଶିକ୍ଷା-
सिलाबस ବିଭାଗର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପାଠ ସମ୍ବନ୍ଧୀୟ
सिलाबस ସୂଚନା—Syllabus.

ଶିଳାବନ୍ଧ—ସ. ବି—ପଥରରେ ତିଆରି ପଚରି ବା କୋଠା (ହ୍ରି.ଶ)—
Śilābandha Stone masonry structure.

ଶିଳାବୃଷ୍ଟି—ସ. ବି—୧। କରକାବୃଷ୍ଟି; କରକାପାତ—1. Hailing; Śila brushti hail-storm. ୨। ଶତ୍ରୁ ଉପରକୁ ପଥର ପକାଇବା [ହ୍ରି. ଶ]—2. Flinging of stones on the yneme.

ଶିଳାବେଶ୍ମ—ସ. ବି (ଶିଳାବେଶ୍ମନ୍; ୧ମା. ୧ବ) —୧ । କନ୍ଦର; Śila besma ଗୁମ୍ଫା—1. Cave. ୨। ପଥର କୋଠା—2. Stone building.

ଶିଳାବ୍ୟାଧି—ସ. ବି—ଶିଳାଜତୁ—
Śila byādhi Muminy (gum),
[ଶିଳାସ୍ୱେଦ—ଅନ୍ୟରୂପ]

ଶିଳାଭଞ୍ଜ ଦେବ—ଦେ. ବି (ନାମ)—ପ୍ରାଚୀନ ଭଞ୍ଜବଂଶର ପ୍ରଖ୍ୟାତ Śilābhañja deba ରାଜା—A famous king of the ancient Bhañja dynasty. [ଦ୍ର—ଏ ପର୍ଯ୍ୟନ୍ତ ତିନି ଜଣ ଶିଳାଭଞ୍ଜ ଥିବାର ପ୍ରାଚୀନ ଲେଖମାନଙ୍କରୁ ପ୍ରମାଣ ମିଳଇଛି । ପ୍ରଥମ ଶିଳାଭଞ୍ଜ ଶତ୍ରୁଭଞ୍ଜଙ୍କ ପିତା ଓ ରଣଭଞ୍ଜଙ୍କର ପିତାମହ ଥିଲେ । ସେ ଖ୍ରୀ. ସପ୍ତମ ଶତାବ୍ଦୀର ଶେଷ ଭାଗରେ ଉଭୟ ଖିଞ୍ଜିଳମଣ୍ଡଳ (ବା ବୌଦ, ଦଶପଲ୍ଲା, ସମ୍ବଲପୁର)କୁ ଶାସନ କରୁଥିଲେ । ଦ୍ୱିତୀୟ ଶିଳାଭଞ୍ଜ ବା ସେଡ଼ା ନଗଭଞ୍ଜଙ୍କର ପୁତ୍ର ଓ ବିଦ୍ୟାଧର ଭଞ୍ଜଙ୍କର ପୌତ୍ର ଥିଲେ । ସେ ମଧ୍ୟ ଉଭୟ ଖିଞ୍ଜିଳିର ଅଧୀଶ୍ୱର ଥିଲେ । ତୃତୀୟ ଶିଳାଭଞ୍ଜ, ବୌଦ ରାଜବଂଶର ପ୍ରଥମ ରାଜା ଥିବା ଜଣାଯାଏ । କେଦାରନାଥ ମହାପାତ୍ର]

ଶିଳାଭବ—ସ. ବି—ଶୈଳେୟ (ଦେଖ)
Śilābhaba Śaileya. (See)

ଶିଳାମୟ—ସ. ବି—ପ୍ରସ୍ତରମୟ; ପ୍ରସ୍ତରନିର୍ମିତ—
Śilāmaya Stony; made of stone.
ସ. ବି (ଶିଳା+ମୟ)—ଶିଳାଜତୁ—Mummy(gum).

ଶିଳାମଳ—ସ. ବି—ଶିଳାଜତୁ [ହ୍ରି. ଶ]
Śilā mala Mummy (gum).
(ଶିଳାରଖାନ—ଅନ୍ୟରୂପ)

ଶିଳାମୁଣ୍ଡି—ପ୍ରାଦେ (ବାଲେଶ୍ୱର) ବି—ଛୋଟ ଛୋଟ ଶିଳାମାଛ—
Śilāmundi Small Śilā fish.

ଶିଳାୟୁ—ସ. ବି—ଗଳରୋଗ ବିଶେଷ—A kind of neck Śilāyu disease. [ଦ୍ର—ଏଥିରେ କଫ ଓ ରକ୍ତ କୁପିତ ହେବାରୁ ଗଳାରେ ଅଁଳା କୋଳିପରି ପୀଡ଼ାଦାୟକ ଗଣ୍ଠି ଉତ୍ପନ୍ନ ହୁଏ । ଏଥିଯୋଗୁଁ ଅନ୍ନ ଗଳାରେ ଅଟକେ । ହ୍ରି. ଶ]

ଶିଳାରମ୍ଭା—ସ. ବି (ଶିଳାପରି କଠିନ ରମ୍ଭା)—କାଷ୍ଠ କଦଳୀ—
Śila rambhā A species of hard plantain.

ଶିଳାରସ—ଦେ. ବି (ସ. ଶିହ୍ଲକ; ଫା. ସଲାରସ)—ବିଦେଶାଗତ ଗନ୍ଧ Śilārasa ଦ୍ରବ୍ୟ ବିଶେଷ; ଶିହ୍ଲକ—Liquid amber; ଅନ୍ୟ ସଂ. ନାମ—ତୁରୁଷ୍କ, କପିତୈଳ, liquid; storax; କପିବାନକ ଓ ଯାବକ । शिलारस benzoin [ଦ୍ର—ଏହା ଫା. ସଲାରସ शिलारस ଏକପ୍ରକାର ବୃକ୍ଷ ନିର୍ଯ୍ୟାସ ଅ. ଲୁବାନ ଇମିସ୍ତା, ମୋଅଇଏ ସାଇଲା] ଓ ମହାଳୀରେ ଗନ୍ଧକ ଦ୍ରବ୍ୟ; କେହି କେହି ଏହାକୁ ଲୋବାନ [Olibanum] ବୋଲି କହନ୍ତି । ଏହା କଟୁମଧୁର ରସ, ଉଷ୍ଣବୀର୍ଯ୍ୟ, ସ୍ନିଗ୍ଧ, କାନ୍ତିବର୍ଦ୍ଧକ, ପୁଷ୍ଟିକାରକ, ଶୁକ୍ରଜନକ, କଣ୍ଠଶୋଧକ ଓ କମ୍ପ, ଦାହ, ଘର୍ମ, କୁଷ୍ଠ ଓ ଗ୍ରହଦୋଷନାଶକ । ଏହା ମଦ୍ୟ ସହିତ ବ୍ୟବହୃତ ହେଲେ ଶୁଦ୍ଧ ହୁଏ ।
ଏହା ଅସାମ, ବ୍ରହ୍ମଦେଶ,ଯବଦ୍ୱୀପ ପ୍ରଭୃତିର ବୃକ୍ଷବିଶେଷ [Altinga Excelsia] ର ସୁଗନ୍ଧ ତୈଳବତ୍ ନିର୍ଯ୍ୟାସ

Burmese storax; ପ୍ରକୃତ ଶିଳାରସ ଭୁରସ୍କ ଦେଶରୁ ଆସେ Liquid storax or liquid amber. ବ୍ରହ୍ମ ଦେଶରେ ଏହାର ନାମ ରଜ-ଡ-ମ୍ୟୋକ୍; ସବ୍ଦ୍ୱୀପରେ ନାମ ରସମାଲା; ଏ ବୃକ୍ଷ ୬୦ ଠାରୁ ୧୦୦ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ; ଏହାର ପତ୍ର ୪୬ ଇଞ୍ଚ ଲମ୍ବା, ଗୋଲ, । ଶାଖା ମୂଳରେ ଫୁଲ ଗେନ୍ଥା ଗେନ୍ଥା ହୋଇ ଫୁଟେ । ଫଳ ଗୋଲାକାର ଓ ସାଳାଧିକ ।]

ଶିଳା(ଲା)ଳ—ସଂ. ବ—୧ । ନୃତ୍ୟଗୀତାଦି ଶାସ୍ତ୍ର—1. The science
Śila(lā)la of music and dancing. ୨ । ନୃତ୍ୟାଦି ଶାସ୍ତ୍ର ପ୍ରଣେତା ମୁନିବିଶେଷ—Name of a sage, the author of a treatise on dancing and music.

ଶିଳା ଲିପି(ଲେଖ)—ସଂ. ବ (ଷ. ତ. ଲେ; ଶିଳାରେ ଖୋଦିତ ଲିପି) -
Śila lipi(lekha) ପଥରରେ ଖୋଳା ହୋଇଥିବା ଅକ୍ଷରମାଳା- Stone inscriptions; inscription on stone.

ଶିଳା ଶସ୍ତ୍ର—ସଂ. ବ—ପଥରନିର୍ମିତ ହତିଆର—
Śilā śastra Stone implements.

ଶିଳାସନ—ସଂ. ବ—୧ । ଶୈଳେୟ (ଦେଖ)—Saileya (See).
Śilasana ୨ । ଶିଳାଜତୁ—2. Asphalt. ୩ । ପଥରନିର୍ମିତ ଆସନ—3. A seat made of stone.

ଶିଳା ସାର—ସଂ. ବ (୬ଷ୍ଠୀ ତତ୍)—ଲୌହ—
Śila sāra Iron.

ଶିଳାସ୍ଥି -ସଂ. ବ—ମସ୍ତକଧାରକ ଅସ୍ଥି; ଯେଉଁ ଅସ୍ଥିଖଣ୍ଡ ଉପରେ
Ś.lāsthi ମସ୍ତକ ଅବସ୍ଥିତ—The bone supporting the head; petrous bone; cervical bone; cervic l vertebrae; the upermost or the 1st cervical vertibra; atlas.

ଶିଳା ହରି—ସଂ. ବ—ଶାଳଗ୍ରାମ (ଦେଖ)
Śila hari Śālagrāma (See)

ଶିଳାହାରି—ସଂ. ବଣ. ପୁଂ—ଶିଳ ରତି (ଦେଖ)
Śilahāri Śila rati [See]

ଶିଳାହ୍ୱ—ସଂ. ବ—ଶିଳାଜତୁ (ହି. ଶ)
Śilāhwa Mummy.

ଶିଳ(ଳୀ)—ସଂ. ବ (ଶିଳ+କର୍ତ୍ତୃ. ଇ, ଈ)—୧ । ଛତ୍ରକ ପୁଷ୍ପ—
Śil[li] 1. Mushroom. ୨ । ଶଲ୍ୟ—2. Arrow head. ୩ । ଚୌକାଠର ତଳସ୍ଥ କାଠ—3. Door sill. ୪ । ଭୂର୍ଜ ବୃକ୍ଷ—4. The bireh tree. ୫ । ଭୂର୍ଜପତ୍ର (ହି. ଶ) 5. The leaves of the birch tree. ଗ୍ରାବେ (ସମ୍ବଲପୁର) ବ—୧ । ଶଗଡ଼ ଚକ—1. Cart wheel ଗ୍ରାବେ (ବୌଦ୍ଧ) ବ—ଚକ—Wheel.

ଶିଲିଙ୍ଗ—ବୈଦେ. ବ (ଇଂ. ଶିଲିଙ୍ଗ)—ଇଂଲଣ୍ଡଦେଶ ପ୍ରଚଳିତ
Śiling ରୌପ୍ୟମୁଦ୍ରା ବିଶେଷ—Shilling. (ଏହାର ମୂଲ୍ୟ
ଶିଲଂ ଭାରତରେ ବର୍ତ୍ତମାନ ପ୍ରାୟ ବାରଅଣା) [ବ୍ର—୧ ଶିଲିଙ୍ଗ=୧୨ ପେନ୍ସ. (ପେନ୍‌ସୀର ବହୁବଚନ ପେନ୍ସ) (ଶିଲ°—ଅଶୁଦ୍ଧରୂପ) ୨୦ ଶିଲିଙ୍ଗ=୧ ପାଉଣ୍ଡ, ୨୧ ଶିଲିଙ୍ଗ=୧ ଗିନି (ସୁନା ମୋହର)।]
शिलिंग

ଶିଲିକ (ଇତ୍ୟାଦି)—ବୈଦେ ବ ଓ ବଣ (ଇଂ. ଶିଲ୍କ)—ଶିଲ୍କ
Silik (etc) ଇତ୍ୟାଦି (ଦେଖ)—Silk etc (See)
(ଶିଲ୍କ—ଅଶୁଦ୍ଧରୂପ)

ଶିଲିନ୍ଦ (ଧ)—ସଂ. ବ—ମତ୍ସ୍ୟ ବିଶେଷ; ଇଲିଶ ମାଛ—A species
Śilinda(ndha) of fish; Silundia Gangetica. [ବ୍ର—ଏହା ଅସଲ୍ଲ, ସ୍ଥଳ ପରିଷ୍କାର ଚତୁର୍ଦ୍ଦିଗତ ମାଛ । ଏହା ଅଳ୍ପ ମାଛ ପର ନଦୀରେ ଥାଏ; ଲମ୍ବରେ ୩।୪ ହାତ ହୁଏ; ଅଖି ଛୋଟ; ପାଣିରୁ ବାହାରକୁ ଆଣିଲେ ଶୀଘ୍ର ମରେ ନାହିଁ । ଏହା ଶ୍ଳେଷ୍ମକର, ମଧୁର, କଷାୟ, ମଧୁର ରସ, ବଳବର୍ଦ୍ଧକ, ଗୁରୁ, ବାତ ପିତ୍ତନାଶକ, ହୃଦ୍ୟ ଓ ଆମବାତ ଅତ୍ର ରୋଗକାରକ ।]

ଶିଲିନ୍ଦା—ଦେ. ବ—ଗାଡ଼ାଳ ଲତୁକ ଗଛ—A plant; Celulus
Śilindā Villosus. [ବ୍ର—ଏହା ଗୁଳ-ବର୍ଦ୍ଧ ଏବଂ କଫ ଓ ବାୟୁନାଶକ ।]

ଶିଲିନ୍ଧ୍ର—ସଂ. ବ (ଶିଳ ଭେଦ; ଭେଦ+ଧୃ ଧାତୁ+କର୍ତ୍ତୃ ଅ)—ଶିଲିନ୍ଧ୍ର
Śilindhra (ଦେଖ)—Śilindhra (See)

ଶିଲିପ୍—ବୈଦେ. ବ (ଇଂ. ସ୍ଲିପ୍)—ସ୍ଲିପ୍ (ଦେଖ)—
Siiip स्लिप শিলিপ Slip (See)

ଶିଲିପ (ଇତ୍ୟାଦି)—ଗ୍ରା. ବ (ସ. ଶିଳ୍ପର ଅଶୁଦ୍ଧ ଉଚ୍ଚାରଣ)—ଶିଳ୍ପ
Silipa (etc) ଇତ୍ୟାଦି (ଦେଖ) Silpa etc (See)
शिल्प শিল্পিপ [ବ୍ର—ମୁଦ୍ରିତ ବାପେ ଉଦାହରଣ, ଯେ ବସ୍ତୁକର୍ମର ଶିଲିପ- ଉଦାହାଣ. ଗ୍ରାମ୍ୟ ।]

ଶିଲିପଟ୍—ବୈଦେ. ବ (ଇଂ. ସ୍ଲିପର୍)—ଶିଲିପଟ୍ (ଦେଖ)—
Siipat Silipat (See)
[ଶିଲିପଟା(ଟୀ), ଶିଲିପଟ୍‌ଅ—ବଣ]

ଶିଲିପର୍—ବୈଦେ. ବ (ଇଂ. ସ୍ଲିପର)—ଶିଲିପଟ୍ (ଦେଖ)
Silipar Silipar (See)

ଶିଲିପା—ଦେ. ବ (ସଂ. ଶିଳାପୁତ୍ର)—ହଳଦୀ ଅଦି ବାଟିବାର ପ୍ରସ୍ତର—
Silipā The pestle of stone with which tur-
নোড়া নীড়া meric etc are pestled.

ଶିଲିପି—ଗ୍ରା. ବ (ସଂ. ଶିଳ୍ପୀ)—ଶିଳ୍ପୀ (ଦେଖ)—Silpi (See)
Silipi शिल्पी শিল্পী [ବ୍ର—ଶିଳିପିଙ୍କୁ ଗୁର ମାସକୁ ଭାତ ଦେଲ—ବୃଦ୍ଧସଂ ୫. ମହାଭାରତ ।]

ଶିଳୀ—ସଂ. ବ (ଶିଳ+ଈ)—୧ । ଛତ୍ରକପୁଷ୍ପ; ଛତୁ—1. Mus-
Sili hroom; toadstool. ୨ । ଶଲ୍ୟ—2. Arrowhead. ୩ । ଉଲୁଣ୍ଡି—3. Door sill. ୪ । ଜିଆ—4. Earthworm. ୫ । ବେଙ୍ଗୁଲି—5. Female frog. ୬ । ଭୂର୍ଜପତ୍ର—6. Birch leaf. ୭ । ବାଣ (ହି. ଶ)—7. Arrow. ୮ । ଭାଲ; ବର୍ଚ୍ଛା (ହି. ଶ)—8. Speer.

ଶିଳିନ୍ଦ୍ର—ଦେ. ବ (ସ. ଶିଳୀନ୍ଧ)—ଛତୁ—Mushroom; toad
Śilindra stool. (ଉ—ତାଙ୍କୁ ଭୁଲନାରେ ଅନ କବ ରକ ପାଶେ ଶିଳୀନ୍ଧ ସମାନ—ଚନ୍ଦ୍ରାମଣି. ବବମାବତ୍ୟ)

ଶିଳୀନ୍ଧ—ସଂ. ବ (ଅଲୁକ୍ ସମାସ=ଶିଳୀଂ+ଧୃ ଧାତୁ+ଅ)—
Śilindhra ୧ । ଶିଳନ୍ଧ (ଦେଖ)—1. Śilinda (See, (ଶିଳୀନ୍ଧକ—ଅନ୍ୟରୂପ) ୨ । କଦଳୀ ଗୁଳ୍ମ; ଭୂମି କଦଳୀ—2. A sort of arum; Arum Campanulatam. ୩ । କଦଳୀ ପୁଷ୍ପ; ଭଣ୍ଡା—3. The flowers of plantain. ୪ । ଛତାକ; ଛତୁ; ପାଳଛତୁ ବା ଭୂଇଁ ଛତୁ—4. Mushroom; fungus; Agaricus Compestris. ୫ । ଗୋବର ଛତୁ—5. Mushroom coming out of cowdung pit. (ଉ—ସ୍ଫୁରକ, କରକ ତାଡକ ଅଟକ ନ ରହୁ କର୍ଣ୍ଣରୁ ଗଳ, ଅବନୀରେ ପଡ଼ ଶିଳୀନ୍ଧ କୁସୁମ ଫୁଟିଲ ପରାଏ ଝଳ—ଜବସୁର୍ଯ୍ୟ. ସଙ୍ଗୀତ) [ଦ୍ର—ଏହାର ଅନ୍ୟ ନାମ ଭୂମିଛତ୍ର, ଭୂଛତାକ, ଛତ୍ରିକା । ବ୍ରଭୂମି, ଗୋମୟ, ସଢ଼ା କାଠ, ସଢ଼ା ପାଳ, ଉଇ ହୁଙ୍କା ଇତ୍ୟାଦିରେ ନାନା ପ୍ରକାରର ଓ ବର୍ଣ୍ଣର ଓ ଆକୃତିର ଛତୁ ଉଠେ । କେତେକ ପ୍ରକାରର ଛତୁ (ହୁଙ୍କା ଛତୁ, ଭୂଇଁ ଛତୁ) କୁ ଲୋକେ ରାନ୍ଧି କରି ଖାଆନ୍ତି । ଅନ୍ୟ ପ୍ରକାର ଛତୁ (ଗୋବର ଛତୁ)ମାନ ବିଷାକ୍ତ ।] ୬ । କରକା—6. Hailstone. ୭ । କାଷ୍ଠ କଦଳୀ (ହ୍ର. ଶ)—7. A kind of hard plantain.

ଶିଳୀନ୍ଧ୍ରା—ସଂ. ବ (ଶିଳୀନ୍ଧ+ଆ)—୧ । ପକ୍ଷିଣୀ ବିଶେଷ—
Śilindhrā 1. A sort of famale bird. ୨ । କଦଳୀ; ଖାଦ୍ୟକନ୍ଦ ବିଶେଷ—2. A species of arum. ୩ । ମୃତ୍ତିକା—3. Earth; soil. ୪ । ଭେକୀ—4. The female frog.

ଶିଳୀନ୍ଧ୍ରୀ—ସ. ବ—୧ । ଗଣ୍ଡୁପଦ; କଅଁଳାଗୁଡ଼; କେଞ୍ଚୁଆ (ହ୍ର. ଶ.)—
Śilindhri 1. Earth worm. ୨ । ମାଟି (ହ୍ର. ଶ)—2. Soil. ୩ । ଏକ ପ୍ରକାର ପକ୍ଷୀ (ହ୍ର. ଶ)—3. A kind of bird. ୪ । ଭେକୀ—4. A female frog.

ଶିଳୀ ପଦ—ସ. ବ—(ଶିଳୀ+ପଦ)—ପାଦସ୍ଫୀତ; ଗୋଦର; ଶ୍ଲୀପଦ—
Śilipada Elephantiasis of the legs. (ଅନ୍ୟ—ସ. ନାମ—ପଦ ବଲ୍ମୀକ, ପାଦବଲ୍ମୀକ, ଶ୍ଲୀପଦ)

ଶିଳୀ ମୁଖ—ସ.ବ[ବହୁବ୍ରୀହି; ଶିଳୀ (ଶଲ୍ୟ) ଅଛି ମୁଖରେ ଯାହାର]—
Śili mukha ୧ । ବାଣ; ଶର—1. Arrow; dart. ୨ । ଭ୍ରମର—2. Black bee. [ଉ—ଶିଳୀମୁଖ ସ୍ଥଳେ ଶିଳୀମୁଖ ଥୋଇଲ, ହୃଦରେ ଅଛନ୍ତି ସେ ଭ୍ରମର ହୋଇଲ ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।] ୩ । ଯୁଦ୍ଧ (ହ୍ର. ଶ)—3. Fight. ୪ । ମୂର୍ଖ ବ୍ୟକ୍ତି; ବେଲୁବ୍ (ହ୍ର. ଶ)—4. Foolish person; dunce.

ଶିଳୁ—ସ. ବ—୧ । ଗରଭଣା; ଶ୍ଳେଷ୍ମାନ୍ତକ; ବହୁବାର ବୃକ୍ଷ—
Śilu 1. Cordia Myxa tree. ୨ । ଔଉ—2. Dillenia Speciosa. (tree)

ଶିଳୁ(ଳୂ)ଷ—ସ. ବ—(ଶିଳ୍ ଧାତୁ=ଅଭ୍ୟାସ କରିବା+କର୍ତ୍ତୃ. ଉଷ)
Śilu(lū)sha ୧ । ଗନ୍ଧର୍ବ ଜାତି ଶୈଳୂଷଙ୍କ ପିତା, ନାଟ୍ୟାଚାର୍ଯ୍ୟ ଋଷିବିଶେଷ—1. Name of a celebrated music master, said to be a Gandharba. ୨ । ବେଲଗଛ (ହ୍ର. ଶ)—2. Marmalos tree. ୩ । ଶୈଳୂଷ (ଦେଖ)—3. Śailusha (See)

ଶିଳେୟ—ସ. ବଣ—(ଶିଳା+ଏୟ)—୧ । ଶିଳା ସମ୍ବନ୍ଧୀୟ—
Śileya 1. Relating to stone. ୨ । ଶିଳା ପରି ଟାଣୁଆ—2. Hard as stone. ସ. ବ—ଶିଳାଜତୁ—Mummy (gum).

ଶିଳୋଚ୍ଚୟ—ସ. ବ—(ଷଷ୍ଠୀ ତତ୍; ଶିଳାର ଉଚ୍ଚୟ=ରାଶି)—୧ ।
Śilochchaya ପର୍ବତ—1. Mountain ୨ । ଗିରିଶୃଙ୍ଗ; ପର୍ବତ ଚୂଡ଼ା—2. The summit of a mountain.

ଶିଳୋଞ୍ଛ—ସ. ବ—(ଶିଳ+ଉଞ୍ଛ)—ଶିଳବୃତ୍ତି ଓ ଉଞ୍ଛବୃତ୍ତି; କ୍ଷେତରୁ
Śilonchha ଶସ୍ୟ ସଂଗ୍ରହ ହେବା ପରେ ତହିଁରୁ ଶସ୍ୟର ଅବଶେଷ ଓ ଶସ୍ୟ କେଣ୍ଡାର ଆହରଣ—The collecting of the grains and the ears of corn left in field after harvesting. [ଉ—ଧାନ୍ୟ ଯାଉଛି ପ୍ରଭେଦନ, ଯେ ଅବା ବୃତ୍ତି ଶିଳୋଞ୍ଛନ । ଜଗନ୍ନାଥ. ଭାଗବତ ।]

ଶିଳୋତ୍ଥ—ସ. ବ—(ଶିଳା=ପ୍ରସ୍ତର+ଉଦ୍+ସ୍ଥା ଧାତୁ+କର୍ତ୍ତୃ. ଅ)
Śilottha ୧। ଶିଳାଜତୁ (ଦେଖ)—1. Mummy (gum). ୨ । ଶୈଳେୟ (ଦେଖ)—2. Saileya (See)

ଶିଳୌକାଃ—ସ. ବ—(ଶିଳୌକସ୍ ଶବ୍ଦ ୧ମା· ୧ବ; ବହୁବ୍ରୀହି; ଶିଳା ଅର୍ଥାତ୍ ପର୍ବତ ହୋଇଅଛି ଓକଃ=ବାସସ୍ଥାନ ଯାହାର)—
Śilaukāḥ ପକ୍ଷୀରାଜ ଗରୁଡ଼—Garurda, the mythological king of birds. ସଂ. ବଣ—ପାର୍ବତ୍ୟ; ପର୍ବତବାସୀ—Living in the mountain.

ଶିଲ୍ଡ—ବୈଦେ. ବ—(ଇଂ. ଶିଲ୍ଡ)—ସିଲ୍ଡ (ଦେଖ)
Sild Sil-d (see)

ଶିଳ୍ପ—ସଂ. ବ (ଶିଳ୍ ଧାତୁ=ଉପୁଣ ହେବା+ଭାବ. ପ)—୧ । ବସ୍ତୁ-
Śilpa ନିର୍ମାଣ କାର୍ଯ୍ୟ; କାରୁକର୍ମ; କାରିଗରୀ—1. Arts; technique. [ଯଥା—ଗୃହ ନିର୍ମାଣ, ବସ୍ତ୍ରବୟନ, ଅଳଙ୍କାର ଗଢ଼ିବା, ପଥର ଓ କାଠ ଆଦିରେ ଖୋଳିବା, ମୂର୍ତ୍ତିଗଠନ ।] ୨ । ବେଣୁ ବୀଣାଦି ବାଦ୍ୟ; ନୃତ୍ୟ ଗୀତ ବାଦ୍ୟାଦି—2. Dancing, singing etc; music. ୩ । ଚିତ୍ର-କର୍ମାଦି; କଳାବିଦ୍ୟାର ବ୍ୟବସାୟ—3. Fine arts such as, painting, drawing. ୪ । ଶିଳ୍ପଜାତ

ଦ୍ରବ୍ୟ—4. The product of arts or manufacture or industy.

[ଦ୍ର—ଶିଳ୍ପ କଳାବିଦ୍ୟାର ଅନ୍ତର୍ଗତ । ଶିଳ୍ପ ନାନାପ୍ରକାର ଯଥା—ବସ୍ତ୍ରଶିଳ୍ପ, ମୃତ୍‌ଶିଳ୍ପ, ସ୍ଥାପତ୍ୟଶିଳ୍ପ ଇତ୍ୟାଦି । କଳା ବିଦ୍ୟା ୬୪ ପ୍ରକାର । ଶ୍ରୀମଦ୍ ଭଗବଦ୍‌ଗୀତାର ଟୀକାକାର ଶ୍ରୀଧର ସ୍ୱାମୀ ଶୈବତନ୍ତ୍ରରୁ ୬୪ କଳାର ନାମ ଦେଇଛନ୍ତି; କଳା ବିଦ୍ୟା ଶିକ୍ଷା କଲେ ରାଜା ଅମର ଶକ୍ତି ଲାଭ କରନ୍ତି । 'ସକଳ କଳା ପାରଂଗତେ ଽମରଣଶୂନ୍ୟନାମ ରାଜା ।' ୬୪କଳାର ନାମ—୧ । ଗୀତ, ୨ । ବାଦ୍ୟ, ୩ । ନାଟ୍ୟାଭିନୟ, ୪ । ଆଲେଖ୍ୟ, ୫ । ବିଶେଷକଚ୍ଛେଦ, (ତିଳକଲେଖା) ୬ । ତଣ୍ଡୁଳ କୁସୁମବଳି ବିକାର, ୭ । ପୁଷ୍ପାସ୍ତରଣ, ୮ । ଦଶନବସନାଙ୍ଗରାଗ, ୯ । ମଣିଭୂମିକା କର୍ମ, ୧୦ । ଶୟନ ରଚନ, ୧୧ । ଉଦକ ବାଦ୍ୟ, ୧୨ । ଉଦକ ଘାତ, ୧୩ । ଚିତ୍ରଯୋଗ, ୧୪ । ମାଲ୍ୟ ଗ୍ରଥନ ବିକଳ୍ପ, ୧୫ । କେଶଶେଖରାପୀଡ଼ ଯୋଜନ, ୧୬ । ନେପଥ୍ୟ ଯୋଗ, ୧୭ । କର୍ଣ୍ଣପତ୍ର ଭଙ୍ଗ ୧୮ । ଗନ୍ଧଯୋଜନ, ୧୯ । ଭୂଷଣ ଯୋଜନ, ୨୦ । ଇନ୍ଦ୍ରଜାଲ, ୨୧ । କୌଚୁମାର ଯୋଗ, ୨୨ । ହସ୍ତ ଲାଘବ, ୨୩ । ଶାକବ୍ୟଞ୍ଜନ ପୂପଭକ୍ଷ୍ୟ ବିକାର କ୍ରିୟା, ୨୪ । ପାନକରସ ରାଗାସବ ଯୋଜନ, ୨୫ । ସୂଚୀକର୍ମ, ୨୬ । ସୂତ୍ରକ୍ରୀଡ଼ା, ୨୭ । ପ୍ରହେଳିକା, ୨୮ । ପ୍ରତିମାଳା ବା ଶ୍ଳୋକାନ୍ତ, ୨୯ । ଦୁର୍ବାଚକ ଯୋଗ, ୩୦ । ପୁସ୍ତକବାଚନ, ୩୧ । ନାଟକାଖ୍ୟାୟିକା ଦର୍ଶନ, ୩୨ । କାବ୍ୟ ସମସ୍ୟା ପୂରଣ, ୩୩ । ପଟ୍ଟିକା ବେତ୍ରବାନ ବିକଳ୍ପ, ୩୪ । ତର୍କୁକର୍ମ, ୩୫ । ତକ୍ଷଣ ବା ବଢ଼େଇକାମ, ୩୬ । ବାସ୍ତୁବିଦ୍ୟା ୩୭ । ରୂପ୍ୟରତ୍ନ ପରୀକ୍ଷା, ୩୮ । ଧାତୁବାଦ; ୩୯ । ମଣିରାଗ ଜ୍ଞାନ, ୪୦ । ଆକର ଜ୍ଞାନ, ୪୧ । ବୃକ୍ଷାୟୁର୍ବେଦ ଯୋଗ, ୪୨ । ମେଷ କୁକ୍କୁଟ ଲାବକ ଯୁଦ୍ଧ ବିଧି, ୪୩ । ଶୁକ ସାରିକା ପ୍ରଳାପନ, ୪୪ । ଉତ୍ସାଦନ, ୪୫ । କେଶମାର୍ଜ୍ଜନ କୌଶଳ, ୪୬ । ଅକ୍ଷର ମୁଷ୍ଟିକା କଥନ, ୪୭ । ମ୍ଲେଚ୍ଛ ଭାଷାଜ୍ଞାନ, ୪୮ । ଦେଶଭାଷା ଜ୍ଞାନ, ୪୯ । ପୁଷ୍ପ ଶାକଟିକା ନିର୍ମିତି ଜ୍ଞାନ, ୫୦ । ସମ୍ପାଠ୍ୟ, ୫୧ । ମାନସୀ କାବ୍ୟକ୍ରିୟା, ୫୨ । କ୍ରିୟା ବିକଳ୍ପ, ୫୩ । ଛଳିତକ ଯୋଗ, ୫୪ । ଅଭିଧାନ କୋଷ ଛନ୍ଦୋଜ୍ଞାନ, ୫୫ । ବସ୍ତ୍ର ଗୋପନ, ୫୬ । ଦ୍ୟୂତ, ୫୭ । ଆକର୍ଷ କ୍ରୀଡ଼ା, ୫୮ । ବାଳ କ୍ରୀଡ଼ନକ, ୫୯ । ଶୃଙ୍ଗାର ରଚନ; ୬୦ । ବୈନୟିକୀ ବିଦ୍ୟାଜ୍ଞାନ, ୬୧ । ବୈତାଳିକ ବିଦ୍ୟା, ୬୨ । ଯନ୍ତ୍ର ନିର୍ମାଣ, ୬୩ । ସବୁଦଜ୍ଞାନ, ୬୪ । ଧାରଣା ଶକ୍ତି । ପ୍ରତ୍ୟେକ କଳାର ସମ୍ୟକ୍ ଆଲୋଚନା ଏଠାରେ କରିବା ସମ୍ଭବ ନୁହେଁ । ନାନା ଗ୍ରନ୍ଥୋକ୍ତ କେତେକ କଳା ବିଦ୍ୟାର ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପରିଚୟ ମଧ୍ୟ ମିଳିନାହିଁ । ଶିଳ୍ପ ଶବ୍ଦର ବ୍ୟୁତ୍ପତ୍ତି—ଶିଲ୍ ଧାତୁ=ନିପୁଣ ହେବା + ଭାବ. ପ; ଏଥିର ଅର୍ଥ ବସ୍ତୁ ନିର୍ମାଣାଦି କର୍ମ, କାରିଗରି ଇତ୍ୟାଦି । କଳାବିଦ୍ୟାରେ ପ୍ରାଚୀନ ଭାରତ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ଉତ୍କଳ ମଧ୍ୟ କଳା ବିଦ୍ୟାରେ ଶ୍ରେଷ୍ଠତା ଲାଭ କରିଥିଲା । କଳାବିଦ୍ୟାରେ ଉତ୍କର୍ଷ ହେତୁ ଓଡ଼ିଶାର ଅନ୍ୟନାମ ଉତ୍କଳ (ଉତ୍+କଳା) ହୋଇଥିବାର କେହି କେହି କହନ୍ତି । ଉତ୍କଳର ସ୍ଥାପତ୍ୟ ଓ ଭାସ୍କର ଶିଳ୍ପର ଯାହା ଧ୍ୱଂସାବଶେଷ ଅଛି ତାକୁ ଦେଖିବାକୁ ବର୍ତ୍ତମାନ ଦେଶ ବିଦେଶରୁ ମନୀଷୀଗଣ ଆସୁଅଛନ୍ତି । କୋଣାର୍କ ଶିଳ୍ପ ଆଜି ମଧ୍ୟ ଜଗତରେ ଅତୁଳନୀୟ । ଓଡ଼ିଶାର ବସ୍ତ୍ରଶିଳ୍ପ ଏକସମୟରେ ଚୂଡ଼ାନ୍ତ ଲାଭ କରିଥିଲା । ବୈଦେଶିକମାନେ ଓଡ଼ିଶାରୁ ସୂକ୍ଷ୍ମ ଲୁଗା ନେଇ ପାଶ୍ଚାତ୍ୟ ଦେଶମାନଙ୍କରେ ବ୍ୟବସାୟ କରୁଥିଲେ । ଓଡ଼ିଶାରେ ଏପରି ସରୁ ସୂକ୍ଷ୍ମ ଲୁଗା ବୁଣା ଯାଇ ପାରୁଥିଲା ଯେ, ହାତେ ଲମ୍ବ ୨ଇଞ୍ଚ ବ୍ୟାସବିଶିଷ୍ଟ ବାଉଁଶ ନଳ ଭିତରେ ୧୨ ହାତ ଲମ୍ବ ଲୁଗା ରଖାଯାଇ ପାରୁଥିଲା । ଘାସ ଉପରେ ସଞ୍ଜରେ ଲୁଗା ପାରିଦେଲେ ସକାଳକୁ ତହିଁରେ କାକର ପଡ଼ି, ତାହା ଲୁଗା କି ଘାସ, ବାରି ହେଉ ନ ଥିଲା ।

ଧାତୁ, ପାଷାଣ, କାଠ ପ୍ରଭୃତିରେ ଅତି ଉତ୍କୃଷ୍ଟ ଧରଣର କାରିଗରି ମଧ୍ୟ ଉତ୍କଳରେ ହେଉଥିଲା । ପାନ ଭାଙ୍ଗିବା ଲୁଗା କୁଞ୍ଚିବା, ଠାଆ ଲେଖିବା, ମୁରୁଜ ଦେବା, ଚିତା ପକାଇବା, ପିଠା ପଣା କରିବା ଇତ୍ୟାଦି ସକଳ ଦୈନନ୍ଦିନ କାର୍ଯ୍ୟରେ ଶିଳ୍ପର ବିକାଶ ହେଉଥିଲା । ମାତ୍ର କ୍ରମେ ସେ ସବୁ ବିଦ୍ୟା ଲୋପ ହୋଇ ଯାଉଛି । ଦେଉଳ ଅଟ୍ଟାଳି ପ୍ରଭୃତି ବଡ଼ ବଡ଼ ଶିଳ୍ପ ଭାସ୍କର କାର୍ଯ୍ୟ ତ ଆଉ ନାହିଁ । ଆଜିକାଲି ସବୁ କାମ ସାଧାସିଧା କରାଯାଉଅଛି । ବ୍ୟୟାଧିକ୍ୟ ହେତୁ ଲୋକେ ଆଉ ଶିଳ୍ପକାର୍ଯ୍ୟ କରିବାକୁ ମନ ବଳାଉ ନାହାନ୍ତି । ଆଜି ଜାପାନ ଶିଳ୍ପ ବିଦ୍ୟାରେ ଅଗ୍ରଣୀ । କାଗଜ ଶିଳ୍ପ ଜାପାନର ଅତି ଉତ୍କୃଷ୍ଟ ମନୋହର ଆକାର ଧାରଣ କରିଅଛି । ତହିଁର ବୈଚିତ୍ର୍ୟ ଦେଖିଲେ ଆଖି ଝଲସି ଯିବ ।

ବାସ୍ତୁ ବିଦ୍ୟା ବା ସ୍ଥାପତ୍ୟରେ ପ୍ରାଚୀନ ଭାରତବର୍ଷର ପ୍ରତିଷ୍ଠା ଅବିସମ୍ବାଦିତ । ସହସ୍ର ସ୍ତମ୍ଭଯୁକ୍ତ ଅଟ୍ଟାଳିକା ଋଗ୍‌ବେଦରେ ଅଛି (ଋଗ୍‌ବେଦ ୧ । ୪୧ । ୫ମ); ଇନ୍ଦ୍ର ଦିବୋଦାସଙ୍କୁ ପାଷାଣ ନିର୍ମିତ ଶତ ସଂଖ୍ୟକ ପୁରୀ ଦାନ କରିଥିଲେ । (ଋଗ୍‌ବେଦ ୪ । ୩୦ । ୨୦); ରାମାୟଣରେ ଅଯୋଧ୍ୟାର ଓ ଲଙ୍କାର ଯେଉଁ ବର୍ଣ୍ଣନା ଅଛି ତହିଁରୁ ପ୍ରାଚୀନ ଭାରତର ସ୍ଥାପତ୍ୟ ବିଦ୍ୟାର ଚରମୋତ୍କର୍ଷର ଯଥେଷ୍ଟ ପରିଚୟ ମିଳେ । ମହାଭାରତରେ ପାଣ୍ଡବାଦିଙ୍କ ରାଜଧାନୀ, ମଗଧାଦି ରାଜଧାନୀ ଓ ରାଜସୂୟ ଯଜ୍ଞମଣ୍ଡପର ଯେଉଁ ସବୁ ବର୍ଣ୍ଣନା ଅଛି ତାହା ଅତୁଳନୀୟ । ସେ ସବୁର ବିସ୍ତୃତ ବର୍ଣ୍ଣନା ପାଇଁ ଏଠାରେ ସ୍ଥାନାଭାବ । ପାଠକମାନେ ମହାଭାରତ ରାମାୟଣ ପାଠ କଲେ ଆପଣାର କୌତୂହଳ ଚରିତାର୍ଥ କରିପାରିବେ । ଇଷ୍ଟକ ନିର୍ମିତ ସୋପାନ, ଶିଳାପଟ୍ଟାବଦ୍ଧ ବେଦିକା ପ୍ରଭୃତି ସ୍ଥାପତ୍ୟ ଓ ଶିଳ୍ପ ପ୍ରାଚୁର୍ଯ୍ୟର ପୂର୍ଣ୍ଣ ନିଦର୍ଶନ ଉକ୍ତ ଗ୍ରନ୍ଥମାନଙ୍କରେ ଅଛି । ପୁରାଣ ମତରେ ମୟଦାନବ ପ୍ରଧାନ ଶିଳ୍ପୀ ଥିଲା । ଗରୁଡ଼ପୁରାଣର ପୂର୍ବ ଖଣ୍ଡରେ ବାସ୍ତୁ ନିର୍ଣ୍ଣୟ ଓ

ପ୍ରାସାଦ ଲକ୍ଷଣ ସମ୍ବନ୍ଧେ ୨୫ ଅଧ୍ୟାୟ ଅଛି । ପ୍ରଥମ ଅଧ୍ୟାୟରେ ଅଛି, କପରି ସ୍ଥାନରେ, କେଉଁ ତିଥି ନକ୍ଷତ୍ରରେ, କପରି ପୂଜା ପଦ୍ଧତି କରି ବାସ୍ତୁ ନିର୍ମାଣ କରିବାକୁ ହେବ । ୨ୟ ଅଧ୍ୟାୟରେ ଦେବ ପ୍ରାସାଦ ନିର୍ମାଣ ପ୍ରଣାଳୀର ବର୍ଣ୍ଣନା ଅଛି । ବାସଗୃହ, ପୁର, ଗ୍ରାମ, ବାଣିଜ୍ୟାଳୟ, ପ୍ରାସାଦ, ଉପବନ, ଦୁର୍ଗ, ଦେବଜନ୍ତ୍ର ଓ ମଠ ନିର୍ମାଣ ଆରମ୍ଭବେଳେ ବାସ୍ତୁଯଜ୍ଞ କରିବ । ବାସ୍ତୁର ସମ୍ମୁଖରେ ଦେବାଳୟ, ଅଗ୍ନି-କୋଣରେ ପାକଶାଳା, ପୂର୍ବଦିଗରେ ପ୍ରବେଶ ଓ ନିର୍ଗମ ମାର୍ଗ ଓ ଯାଗମଣ୍ଡପ, ଈଶାନ କୋଣରେ ପଟ୍ଟବସ୍ତ୍ରଯୁକ୍ତ ଗନ୍ଧପୁଷ୍ପାଳୟ, ଉତ୍ତରରେ ଭଣ୍ଡାର, ପଶ୍ଚିମରେ ବାତାୟନଯୁକ୍ତ ଜଳାଗାର, ନୈର୍ଋତ ଦିଗରେ ସମିଧ କୁଶ କାଷ୍ଠାଦିଗୃହ, ଅଶ୍ୱଶାଳା, ଦକ୍ଷିଣଦିଗରେ ମନୋରମ ଅତିଥିଶାଳା ପ୍ରସ୍ତୁତ କରିବ; ଗୃହ-ଦ୍ୱାର ଯେତେ ଦୀର୍ଘ ହେବ ତାର ଓସାର ତହିଁର ଅର୍ଦ୍ଧେକ ହେବ, ଇତ୍ୟାଦି ବିଷୟ ବିଶେଷ ଭାବରେ ବର୍ଣ୍ଣିତ ଅଛି । ଦେବପ୍ରାସାଦ ଓ ଦେବାୟତନ ପ୍ରଭୃତିର ନିର୍ମାଣ ବିଷୟରେ ବିଶେଷ ନିୟମମାନଙ୍କ ଉଲ୍ଲେଖ ଅଛି । ଦେବମନ୍ଦିର ୫ ପ୍ରକାର :—ବୈରାଜ, ପୁଷ୍ପକ, ମାଳବ, କୈଳାସ, ତ୍ରିପିଷ୍ଟକ । ବୈରାଜ—ସମଚତୁରସ୍ର, ପୁଷ୍ପକ—ଆୟତାକାର, କୈଳାସ—ବୃତ୍ତାକାର, ମାଳବ—ଡିମ୍ବାକାର, ତ୍ରିପିଷ୍ଟକ—ଅଷ୍ଟାସ୍ର । ଏହି ପାଞ୍ଚ ପ୍ରକାରରୁ ଚତ୍ୱାରିଂଶ ପ୍ରକାର ମନୋରମ ପ୍ରାସାଦ ଉତ୍ପନ୍ନ । ମେରୁ, ମନ୍ଦର, ବିମାନ, ଭଦ୍ରକ, ସର୍ବତୋଭଦ୍ର, ରୁଚକ, ନନ୍ଦନ, ନନ୍ଦିବର୍ଦ୍ଧନ, ଶ୍ରୀବତ୍ସ; ଏମାନେ ବୈରାଜ ଓ ବୈରାଜ ଶ୍ରେଣୀୟ । ବଡ଼ଭୀ, ଗୃହରାଜ, ଶାଳଗୃହ, ମନ୍ଦିର, ବିମାନ, ବ୍ରହ୍ମମନ୍ଦିର, ଭବନ, ଉତ୍ତମ୍ଭ, ଶିବିକାବେଶ୍ମ, ଏମାନେ ପୁଷ୍ପକଶ୍ରେଣୀୟ । ବଳୟ, ଦୁନ୍ଦୁଭି, ପଦ୍ମ, ମହାପଦ୍ମ, ମୁକୁଳୀ, ଉଷ୍ଣୀଷ, କଳସ, ଶୁକାକାଶ, ମନ୍ଦିରମାନେ ବୃତ୍ତାକାର ଏବଂ କୈଳାସ ଶ୍ରେଣୀୟ । ମାଳବ ମନ୍ଦିରରୁ ନଅ ପ୍ରକାର ଉତ୍ପନ୍ନ ଏବଂ ସେମାନେ ବୃତ୍ତାୟତ (ଡିମ୍ବାକାର) ଯଥା—ଗଜ, ବୃଷଭ, ହଂସ, ଗରୁଡ଼, ସିଂହ, ଭୂମୁଖ, ଭୂଧର, ଶ୍ରୀଜୟ, ଓ ପୃଥିବୀଧର । ବଜ୍ର, ମାଳତକ, ସ୍ୱସ୍ତିକ, ଚକ୍ର, ବଜ୍ରସ୍ୱସ୍ତିକ, ଖଡ୍ଗ, ଗଦା, ଶ୍ରୀବୃକ୍ଷ, ବିଜୟ, ଶ୍ୱେତ, ଏମାନେ ତ୍ରିପିଷ୍ଟକ । ଏମାନଙ୍କ ଆକାର ନାନାପ୍ରକାର; କେତେ ତ୍ରିକୋଣ, କେତେ ପଦ୍ମ ମଧ୍ୟ, କେତେ ଅର୍ଦ୍ଧଚନ୍ଦ୍ର, କେତେ ଚତୁଷ୍କୋଣ, କେତେ ଅଷ୍ଟ କୋଣ, କେତେ ଷୋଡ଼ଶ କୋଣ ଇତ୍ୟାଦି । ମନ୍ଦିରଗାତ୍ରରେ ନାନା ରୂପ ମୂର୍ତ୍ତି ଚିତ୍ରିତ ହେଉଥିଲା । କୌଣସି ମନ୍ଦିର ଆଧାରଯୁକ୍ତ ଅର୍ଥାତ୍ କାଷ୍ଠ ଓ ବର୍ଗାଯୁକ୍ତ, କୌଣସି ମନ୍ଦିର ଆଧାରହୀନ ଅର୍ଥାତ୍ କେବଳ ଶିଳ୍ପଣ ଦ୍ୱାରା ନିର୍ମିତ । ଦେବପ୍ରାସାଦ ଅଗ୍ରରେ ଦଶ ହସ୍ତ ବା ଦ୍ୱାଦଶ ହସ୍ତ, ପରିମିତ, ୧୬ ସ୍ତମ୍ଭଯୁକ୍ତ ଓ ଅଷ୍ଟଧ୍ୱଜୋପଶୋଭିତ ମଣ୍ଡପ ପ୍ରସ୍ତୁତ ହୋଇ ତହିଁ ମଧ୍ୟରେ ଯଜ୍ଞବେଦୀ ପ୍ରଭୃତି ନିର୍ମାଣ କରାଯାଉଥିଲା । ଅଗ୍ନିପୁରାଣରେ ବାସ୍ତୁ ଲକ୍ଷଣ ବର୍ଣ୍ଣିତ ହୋଇଅଛି । ମତ୍ସ୍ୟପୁରାଣରେ ମଧ୍ୟ ଏ ବିଷୟ ବର୍ଣ୍ଣିତ ହୋଇଅଛି । ଏଥିରୁ ଜଣାଯାଏ, ବାସ୍ତୁବିଦ୍ୟା ସମ୍ବନ୍ଧେ ପ୍ରାଚୀନଭାରତରେ ଅନେକ ଗ୍ରନ୍ଥ ଥିଲା ଏବଂ ସେହିସବୁ ବ୍ୟବହାର ପ୍ରଭୃତି ନିୟମାନୁସାରେ ଅଟ୍ଟାଳିକା ପ୍ରଭୃତି ନିର୍ମିତ ହେଉଥିଲା । ମତ୍ସ୍ୟରୂପ ବିଷ୍ଣୁଙ୍କଠାରୁ ମହର୍ଷି ମନୁ ପ୍ରଥମେ ବାସ୍ତୁ ଶାସ୍ତ୍ର ପ୍ରାପ୍ତ ହୋଇଥିଲେ । ପରେ ଭୃଗୁ, ଅତ୍ରି, ବଶିଷ୍ଠ, ବିଶ୍ୱକର୍ମା, ମୟ, ନାରଦ, ନଗ୍ନଜିତ, ବିଶାଳାକ୍ଷ, ପୁରନ୍ଦର, ବ୍ରହ୍ମା, କାର୍ତ୍ତିକେୟ, ନନ୍ଦୀଶ୍ୱର, ଶୌନକ, ଗର୍ଗ, ବାସୁଦେବ, ଅନିରୁଦ୍ଧ, ଶୁକ୍ର ଏବଂ ବୃହସ୍ପତି ବାସ୍ତୁଶାସ୍ତ୍ରୋପଦେଷ୍ଟା ହୋଇଥିଲେ । ମତ୍ସ୍ୟପୁରାଣରେ ରାଜଭବନର ବର୍ଣ୍ଣନା ଅଛି । ସେଥିରୁ ଜଣାଯାଏ, ରାଜଭବନ ପାଞ୍ଚପ୍ରକାର—୧୦୮ ହାତ ବିସ୍ତୃତ ଭବନ ଉତ୍ତମ । ଅନ୍ୟ ଚାରିପ୍ରକାର ଯଥାକ୍ରମେ ଆଠ ହାତ ପରିମାଣରେ ଊଣା । ରାଜଭବନର ବିସ୍ତାର ଯେତେ, ଦୈର୍ଘ୍ୟ ତାର ଚାରିଗୁଣ; ଯୁବରାଜ, ସେନାପତି, ମନ୍ତ୍ରୀ, ଶିଳ୍ପୀ, କଞ୍ଚୁକୀ, ଗଣିକା, ଦୈବଜ୍ଞ, ଗୁରୁ, ବୈଦ୍ୟ, ସଭାସ୍ତାର, ପୁରୋହିତ, ଏ ପ୍ରତ୍ୟେକଙ୍କର ବାସଭବନର ଦୈର୍ଘ୍ୟ ଓ ପ୍ରସ୍ଥ ବର୍ଣ୍ଣିତ ଅଛି । ସ୍ତମ୍ଭର ଉଚ୍ଚତାକୁ ସାତଗୁଣ କରି ୮୦ରେ ହରିଲେ ସ୍ତମ୍ଭର ସ୍ଥୂଳତା ସ୍ଥିର ହେବ । ହିନ୍ଦୁମାନଙ୍କ ସ୍ଥାପତ୍ୟ ବିଦ୍ୟା ଅତି ପ୍ରାଚୀନ । କାଳକ୍ରମେ ତହିଁର ଅଧିକାଂଶ ଲୋପ ହୋଇଗଲାଣି । ଇଲୋରାର ଗୁହା ମନ୍ଦିର, ଏଲିଫାଣ୍ଟା ଗୁହା ମନ୍ଦିର, ଖଣ୍ଡଗିରିର ଗୁହା ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର, ଭୁବନେଶ୍ୱରର ରାଣୀ ଦେଉଳ ଆଦି, ତାଞ୍ଜୋରର ମନ୍ଦିର, ସୌବିନ୍ଦ୍ରଶ୍ୟ ମନ୍ଦିରପ୍ରଭୃତି ପ୍ରାଚୀନ ଶିଳ୍ପର ନିଦର୍ଶନ ଅଦ୍ୟାପି ରହିଅଛି । ପାଶ୍ଚାତ୍ୟ ପଣ୍ଡିତମାନେ ପ୍ରାଚୀନ ସ୍ଥାପତ୍ୟକୁ ୩ ପ୍ରଣାଳୀରେ ବିଭକ୍ତ କରିଅଛନ୍ତି । ୧ମ ଦ୍ରାବିଡ଼ୀ ବା ଦାକ୍ଷିଣାତ୍ୟଦେଶୀୟ, ୨ୟ ଓଡ଼ିଆ ବା ଉତ୍ତରଭାରତୀୟ, ୩ୟ ଚୌଲୁକ୍ୟ; କୃଷ୍ଣା ନଦୀର ଦକ୍ଷିଣସ୍ଥ ଦେଶର ମନ୍ଦିରମାନ ଦ୍ରାବିଡ଼ୀତାଳୀୟ; ରାମେଶ୍ୱରରେ ଏ ପ୍ରଣାଳୀ ପୂର୍ଣ୍ଣ ପ୍ରକଟିତ । ଭୁବନେଶ୍ୱର ଓ ପୁରୀଧାମର ସ୍ଥାପତ୍ୟ ଦ୍ୱିତୀୟଶ୍ରେଣୀର । କୃଷ୍ଣାନଦୀର ଉତ୍ତରସ୍ଥିତ ବିନ୍ଧ୍ୟପର୍ବତ-ଶ୍ରେଣୀର ଦକ୍ଷିଣବର୍ତ୍ତୀ ପ୍ରଦେଶରେ ୩ୟ ପ୍ରଣାଳୀ ପ୍ରକଟିତ । ବୌଦ୍ଧମାନେ ଗୁହା ଅଭ୍ୟନ୍ତରରେ ମନ୍ଦିର ଖୋଳୁଥିଲେ ଏବଂ ହିନ୍ଦୁମାନେ ଗୁହା ବାହାରରେ ମନ୍ଦିର ନିର୍ମାଣ କରୁଥିଲେ । ଭାରତବର୍ଷରେ ଶିଳ୍ପ ଓ ସ୍ଥାପତ୍ୟର ଆଦର୍ଶ ନାନାପ୍ରକାରର ଅଛି । ତାହାସବୁ ବର୍ଣ୍ଣନା କରିବା ସହଜ ନୁହେ । ପାଶ୍ଚାତ୍ୟ ପଣ୍ଡିତମାନେ ଭାରତୀୟ ଶିଳ୍ପର ଭୂୟସୀ ପ୍ରଶଂସା କରିଅଛନ୍ତି ଏବଂ ତାହା ଦେଖି ବିସ୍ମୟ-ବିମୁଗ୍ଧ ହୋଇଅଛନ୍ତି । ସେମାନେ କହନ୍ତି, ଭାରତୀୟ ଶିଳ୍ପର ଐଶ୍ୱର୍ଯ୍ୟ ବର୍ଣ୍ଣନା କରିବାପାଇଁ ସେମାନଙ୍କ ଭାଷା ଅକ୍ଷମ ଓ ଭାରତୀୟମାନଙ୍କ ଶିଳ୍ପର ଐଶ୍ୱର୍ଯ୍ୟ ଜଗତରେ ଅତୁଳନୀୟ ।

ଅଧ୍ୟାପକ ହେଭେଲ୍ ସାହେବ କହିଛନ୍ତି ହିନ୍ଦୁମାନଙ୍କ ସ୍ଥାପତ୍ୟ କାର୍ଯ୍ୟ ସଙ୍ଗେ ଗ୍ରୀସ ଓ ମିଶରର ସ୍ଥାପତ୍ୟ ତୁଳନା

କରି ଯାଇ ନ ପାରେ; ହିନ୍ଦୁ ସ୍ଥାପତ୍ୟ ସେ ସବୁକୁ ପରାଭୂତ କରିଛି । ଏ ପ୍ରକାର ମୂର୍ତ୍ତିପ୍ରଭୃତିର ଖୋଦନ କାର୍ଯ୍ୟ ବିଶେଷତଃ ଫଳଯୁକ୍ତ ବୃକ୍ଷ ଲତାର ସମାବେଶ ପରିପାଟ୍ୟରେ ଯେଉଁ ଉଚ୍ଚ ଦରର ସୌନ୍ଦର୍ଯ୍ୟ ବିକାଶ ପାଇଛି, ଅନ୍ୟ କୌଣସି ଦେଶରେ ତାହାର ତୁଳନା ନାହିଁ । ବୌଦ୍ଧମାନଙ୍କର ସ୍ତୂପ ଆଦର୍ଶରେ ପାଶ୍ଚାତ୍ୟଦେଶର ଗିର୍ଜାର ଚୂଡ଼ାସମୂହ ନିର୍ମିତ ହୋଇଅଛି (ଅଧ୍ୟାପକ ବେବର୍) । ହାଭେଲ ସାହେବ କହନ୍ତି; ଅଦ୍ୟପର୍ଯ୍ୟନ୍ତ ଇଂରେଜଜାତି ମଧ୍ୟରେ ଯେଉଁ ସବୁ ଅଳଙ୍କାରିକ ଶିଳ୍ପସ୍ଥାପତ୍ୟ ବିଦ୍ୟମାନ ତାହାର ଅଧିକାଂଶ ଭାରତବର୍ଷର ଆଦର୍ଶରୁ ପରିଗୃହୀତ । ଏହିପରି ପାଶ୍ଚାତ୍ୟ ପଣ୍ଡିତମାନେ ଭାରତୀୟ ଶିଳ୍ପର ଭୂୟସୀ ପ୍ରଶଂସା କରି ଯାଇଅଛନ୍ତି ।

ଆଲେଖ୍ୟ ବା ଚିତ୍ର ଶିଳ୍ପରେ ହିନ୍ଦୁମାନେ ପ୍ରଭୂତ ଉନ୍ନତି କରିଥିଲେ । ସ୍ଥାପତ୍ୟର ଉନ୍ନତିରୁ ଚିତ୍ର ଶିଳ୍ପର ଅବସ୍ଥା ସହଜରେ ଅନୁମାନ କରାଯାଇ ପାରିବ । ସଂହିତା ଶାସ୍ତ୍ରରେ ଚିତ୍ର ବ୍ୟବସାୟୀ ଜାତିର ଉଲ୍ଲେଖ ଅଛି । ବୈଶ୍ୟମାନଙ୍କ ମଧ୍ୟରୁ କେହି କେହି ଚିତ୍ର କାର୍ଯ୍ୟ କରୁଥିଲେ । ଶୁକ୍ଳ ଯଜୁର୍ବେଦର ୩୦ ଅଧ୍ୟାୟରେ ଚିତ୍ରକର ଏବଂ ଖୋଦନ କାରୁ ଜାତିର ଉଲ୍ଲେଖ ଅଛି । ରାମାୟଣ, ମହାଭାରତ ଓ ପୁରାଣାଦି ଗ୍ରନ୍ଥରେ ଚିତ୍ର ଶିଳ୍ପର ଉନ୍ନତି ବିଷୟ ଉଲ୍ଲେଖ ଅଛି । ଚିତ୍ରପଟଶୋଭିତ ଗୃହର ବର୍ଣ୍ଣନା ରାମାୟଣରେ ଅଛି । ରାବଣର ଗୃହ ଚିତ୍ରପଟ୍ଟ ଶୋଭିତ ଥିଲା । ରାମଚନ୍ଦ୍ରଙ୍କ ବନ ଗମନ ସମୟରେ ଯେତେ ଲୋକ ତାଙ୍କ ସହିତ ଅଯୋଧ୍ୟାଠାରୁ ଯାଇଥିଲେ ସେମାନଙ୍କ ମଧ୍ୟରେ ୬-ନକ ଚିତ୍ରକର ମଧ୍ୟ ଥିଲେ । ଭାଗବତ ଓ ହରିବଂଶ ର ଚିତ୍ରବିଦ୍ୟାର ପରିଚୟ ମିଳେ । ବିଶ୍ୱକର୍ମା ପ୍ରବର୍ତ୍ତିତ ଶିଳ୍ପ ଶାସ୍ତ୍ରରେ ଚିତ୍ର ଶିଳ୍ପ ବିଷୟକ ଉଲ୍ଲେଖ ଅଛି । ଅଜନ୍ତାରେ ବହୁ ଅଙ୍କିତ ଚିତ୍ର ଅଛି । ଚିତ୍ରରେ ଭାବର ଅଭିବ୍ୟକ୍ତି ହେବା ବିଶେଷ ଆବଶ୍ୟକ । ଉତ୍କଳରେ ଚିତ୍ରବିଦ୍ୟା ପ୍ରଭୂତ ଉନ୍ନତି ଲାଭ କରିଥିଲା । ଏଥିରେ ସ୍ତ୍ରୀଲୋକମାନେ ବିଶେଷ ପାରଦର୍ଶିତା ଲାଭ କରି-ଥିଲେ । କାର୍ତ୍ତିକ ମାସରେ ତୁଳସୀ ଚଉରା ଲେଖିବା, ମାଣବସା ଗୁରୁବାରରେ କାନ୍ଥକୋଡ଼ରେ ଚିତା ଅଙ୍କିବା, ବିବାହ ପ୍ରଭୃତି ଉତ୍ସବକାର୍ଯ୍ୟରେ କାନ୍ଥକାଡ଼ରେ ନାନା ପ୍ରକାର ଚିତ୍ର ଓ ଚିତ୍ରବିଚିତ୍ର ନକ୍ସା ଆଜି ଅଦ୍ୟାବଧି ପ୍ରଚଳନ ଅଛି । ହିନ୍ଦୁ ତଥା ଉତ୍କଳୀୟର ପ୍ରତ୍ୟେକ କାର୍ଯ୍ୟରେ ଶିଳ୍ପବିକାଶ ପାଇଥିଲା । କୋଣାର୍କ ମନ୍ଦିରର ଖୋଦିତ ଶିଳ୍ପ ଜଗତରେ ଅତୁଳନୀୟ । ଏହି ଶିଳ୍ପ ପ୍ରକଟ କରିବା ପାଇଁ ଓଡ଼ିଶାର ବାର ବର୍ଷର ରାଜସ୍ୱ ବ୍ୟୟ କରାଯାଇଥିଲା ।

ଚିତ୍ରଦ୍ୱାରା ମନୁଷ୍ୟ ତାହାର ମନୋଭାବ ବ୍ୟକ୍ତ କରିପାରୁଥିଲା । ମୌଳିକ ଅକ୍ଷର ଏହି କାରଣରୁ ଜନ୍ମିଥିଲା । ବସ୍ତ୍ର-ଶିଳ୍ପ ଭାରତରେ ଏତେ ଉନ୍ନତ ହୋଇଥିଲା ଯେ, ତାହା ଜଗତରେ ଶୀର୍ଷସ୍ଥାନ ଅଧିକାର କରିଥିଲା । ଭାରତର ସବୁ ସୂକ୍ଷ୍ମ ଲୁଗା ଉପରେ ପ୍ରକଟିତ କାରୁକାର୍ଯ୍ୟର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ଜଗତରେ ଅତୁଳନୀୟ । ଆଜି କାଲି ସାହାଯ୍ୟରେ ନାନା ପ୍ରକାର ଶିଳ୍ପ କାର୍ଯ୍ୟ କରାଯାଉଛି । ମାତ୍ର ଭାରତୀୟ ଶିଳ୍ପୀ ଏପରି ଦକ୍ଷତା ଲାଭ କରିଥିଲା ଯେ ହସ୍ତଜାତ ଶିଳ୍ପ ଦ୍ରବ୍ୟ ସଙ୍ଗେ କଳଜାତ ଶିଳ୍ପ ଦ୍ରବ୍ୟର ତୁଳନା ହୋଇ ନ ପାରେ । ଆଜି ମଧ୍ୟ ଅନେକ ସ୍ଥାନରେ ଏହି ହସ୍ତ ପ୍ରସୂତ ତନ୍ତୁ ଶିଳ୍ପ ବିଦ୍ୟମାନ ଅଛି । ବର୍ତ୍ତମାନ ମଧ୍ୟ ସେ ଶିଳ୍ପ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇ ନାହିଁ । ତନ୍ତି, ଦରଜି ପ୍ରଭୃତି ଜାତି ଏକାବେଳେକେ ଲୋପ ପାଇ ନାହାନ୍ତି । ପିପିଲିରେ ଦରଜି ଜାତି ଅଛନ୍ତି, ଯେଉଁମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଛତିଆଫୋଲ, ବଟୁଆ, ଚାନ୍ଦୁଆ ପ୍ରଭୃତି ଉପରେ ଅତି ଉତ୍କୃଷ୍ଟ କାରୁକାର୍ଯ୍ୟ ଶିଳାଇଦ୍ୱାରା କରି ପାରନ୍ତି । ଅନେକ ସ୍ଥଳରେ ଉତ୍କୃଷ୍ଟ ତନ୍ତି ଅଛନ୍ତି । କାରିଗରଙ୍କ ବଂଶ ଏକାବେଳକେ ଲୋପ ପାଇ ନାହିଁ ସତ୍ୟ, ମାତ୍ର ସେମାନଙ୍କ ପ୍ରତି ଆଦର କ୍ରମେ କମି ଯାଉଛି । କଳ ଆସି ସେମାନଙ୍କ ସ୍ଥାନ ଅଧିକାର କରୁଛି । କାଶ୍ମୀରର ଶାଲ ଜଗଦ୍ବିଖ୍ୟାତ । ତାହା ଏ ପର୍ଯ୍ୟନ୍ତ ବସୁଛି, ମାତ୍ର ବିଦେଶାଗତ କଳ ପ୍ରସୂତ ଶାଲମାନ ଏତେ ସସ୍ତାଦରରେ କିଣିବାକୁ ମିଳୁଅଛି ଯେ, ତଦ୍ଦ୍ୱାରା ଦେଶୀୟ ଶିଳ୍ପ ମୁଣ୍ଡ ଟେକି ପାରିବା ଅସମ୍ଭବ । ଏହି ଭାରତରେ ଥରେ ୨୪ ଛଟାଙ୍କି ଓଜନର ୩୧ ବର୍ଗଫୁଟ ଲମ୍ବ ଓସାରର ଲୁଗା ବୁଣା ଯାଉଥିଲା । ଢାକାର ମସ୍‌ଲିନ୍ ବା ଝୀନବସନ ପରି ସବୁ ସୂକ୍ଷ୍ମ ଲୁଗା ଏ ପର୍ଯ୍ୟନ୍ତ ପୃଥିବୀରେ କେହି ବୁଣି ପାରି ନାହିଁ । ଉପର୍ଯ୍ୟୁପରି ସାତପରସ୍ତ ଲୁଗା ପିନ୍ଧି ମଧ୍ୟ ଅରଙ୍ଗଜେବଙ୍କ କନ୍ୟାର ଦେହ ଫୁଟି ଉଠୁଥିବାରୁ ସେ କନ୍ୟା ଥରେ ନିନ୍ଦାପାଇଁ ଗାଳି ଖାଇଥିଲା । ଏଥିରୁ ଲୁଗାର ସୂକ୍ଷ୍ମତା ପାଠକେ ବୁଝି ପାରିବେ । ଚ ଅଧିକ୍ରିକ, ଶ ପ୍ରଚାର, କୌଣସି ଜାତିର ଦୃଷ୍ଟ ବସ୍ତ୍ରର ସୌନ୍ଦର୍ଯ୍ୟ ଭାରତୀୟ ବୟନ କାର୍ଯ୍ୟର ସୌନ୍ଦର୍ଯ୍ୟର ସମକକ୍ଷ ହୋଇପାରି ନାହିଁ ।

ସୁବର୍ଣ୍ଣ ଓ ରୌପ୍ୟ ନିର୍ମିତ ଅଳଙ୍କାର ଉପରେ କାରୁ-କାର୍ଯ୍ୟ ଏବଂ ଅନ୍ୟାନ୍ୟ ପଦାର୍ଥ ଉପରେ ସ୍ଥାୟୀ ମନୋହର ରଙ୍ଗର ସମାବେଶ ଭାରତବର୍ଷର ଅଶେଷ କୃତିତ୍ୱର ବିଷୟ । ବଟକର ଭାରକସି ଡାମ ପୃଥିବୀ ପ୍ରସିଦ୍ଧ ଏଲ୍‌ଫିନ୍‌ଷ୍ଟୋନ୍, ହେବର୍, ମିଲ, ପ୍ରଭୃତି ଐତିହାସିକମାନେ ଏଥିର ଭୂୟସୀ ପ୍ରଶଂସା କରି ଯାଇ ଅଛନ୍ତି । ସେମାନେ କହନ୍ତି, ଅନେକ ରଙ୍ଗର ଔଜ୍ଜ୍ୱଲ୍ୟ ଏବଂ ସ୍ଥାୟିତ୍ୱ ବିଷୟରେ ଇଉରୋପ ଆଜି ପର୍ଯ୍ୟନ୍ତ ଭାରତର ସମକକ୍ଷ ହୋଇ ପାରି ନାହିଁ । ଲୁହାକୁ ତରଳାଇବା ଓ ଢାଳିବା କାର୍ଯ୍ୟରେ ଇଉରୋପ ଆଜି ପ୍ରସିଦ୍ଧି ଲାଭ କରିଛି । କିନ୍ତୁ ଭାରତ ବହୁକାଳ ପୂର୍ବେ ଏଥିରେ ଅଗ୍ରଣୀ ଥିଲା । ମିଲ୍ ସାହେବ ଏ ବିଷୟ ଲେଖି ଯାଇଛନ୍ତି । ଏହିପରି ଯେ କୌଣସି ବିଷୟକୁ ଦେଖିଲେ ଶିଳ୍ପ ବିଦ୍ୟାରେ ଭାରତ ଜଗତରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା ।

୧	ଇ	ଉ	ଋ,ଌ	ଠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଳ	ଶ,ଷ	କ୍ଷ	ଇଯ୍ଯ	ଉଅ	ଜ୍ଞ
୨	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଙ୍କ	ନ୍ନ

ବିଧାତା ଶିଳ୍ପବିଶାରଦ । ବର୍ଣ୍ଣବୈଷମ୍ୟ ଶିଳ୍ପର ମୂଳଭିତ୍ତି । ମାନବ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ତାକୁ ଅନୁକରଣ କରିବାକୁ ଚେଷ୍ଟା କରେ । ପ୍ରାକୃତିକ ଶିଳ୍ପ ସଜୀବ, ମାନବର ଶିଳ୍ପ ନିର୍ଜୀବ । ମାନବ ଶିଳ୍ପୀ ନିଜ ବୁଦ୍ଧିବିଦ୍ୟା ବଳରେ ଏବଂ କଳ୍ପନା କଳିତ ଅନୁକରଣ ସାହାଯ୍ୟରେ ଆକାଶରେ ଉଡ଼ିପାରୁଛି, ରେଲ୍ ମଟର୍ ପ୍ରଭୃତି ନିର୍ମାଣ କରି ଦୂରତାକୁ ପରାଜୟ କରିପାରୁଛି ।

ଶିଳ୍ପ କଅଣ ? ପ୍ରକୃତିଦତ୍ତ ପଦାର୍ଥକୁ ବିଭିନ୍ନ ଆକାରପ୍ରକାରରେ ସଜାଡ଼ିବା ଓ ସୁଦୃଶ୍ୟ କରିବା କାର୍ଯ୍ୟକୁ ଶିଳ୍ପ କୁହାଯାଏ । ମନୁଷ୍ୟ କାହିଁକି ଏପରି କରେ ? ମାନବ ସର୍ବଦା ସୁଖ ଓ ସୌନ୍ଦର୍ଯ୍ୟ ଭୋଗ କରିବାକୁ ଇଚ୍ଛା କରେ । ସୌନ୍ଦର୍ଯ୍ୟାନୁଭବ ହେଲେ ମନରେ ସୁଖ ଜାତ ହୁଏ । ଏହି ଇଚ୍ଛା ମାନବମନରେ ଯେତେ ବଳବତୀ ହୁଏ, ମାନବ ସେତେ ଶିଳ୍ପ ଆଡ଼କୁ ମନ ଦିଏ । ମାନବ ଏ ସଂସାରରେ ଜୀବନ ଯାପନ କରିବା ପାଇଁ ଅନେକଗୁଡ଼ିଏ ପଦାର୍ଥର ଆବଶ୍ୟକତା ବୋଧ କରେ । ଅଶନ, ବସନ, ବାସନ, ଆସନ ପ୍ରଭୃତି ବହୁତ ପଦାର୍ଥର ଆବଶ୍ୟକତା କ୍ରମେ ବଢ଼ି ଯାଏ । କେଉଁ ପଦାର୍ଥକୁ କିପରି ନିର୍ମାଣ କଲେ ତାହା ମନର ଓ ନୟନର ତୃପ୍ତିକର ହେବ, ମାନବ ଏହି ଚିନ୍ତାରେ ଲିପ୍ତ ରହେ । ଶିଳ୍ପ ଏହି ଚିନ୍ତାର ଫଳ । ଏହି ଚିନ୍ତାପ୍ରସୂତ ଶିଳ୍ପଦ୍ୱାରା ଶିଳ୍ପୀ ନିଜେ ସୁଖାନୁଭବ କରେ ଏବଂ ଅନ୍ୟକୁ ତଦ୍ଦ୍ୱାରା ସୁଖାନୁଭବ କରାଏ । ଯେଉଁମାନେ ନିଜେ ନିର୍ମାଣ କରି ନ ପାରନ୍ତି ସେମାନେ ମୂଲ୍ୟ ଦେଇ ସେହି ଶିଳ୍ପଜାତ ପଦାର୍ଥ କିଣନ୍ତି ଏବଂ ନୟନର ତୃପ୍ତି ସାଧନ କରନ୍ତି । ଏକ ଦେଶର ଶିଳ୍ପଜାତ ପଦାର୍ଥ ଅନ୍ୟ ଦେଶକୁ ନେଇ ବିକ୍ରୟ କଲେ ତାକୁ ବାଣିଜ୍ୟ କହନ୍ତି । ଶିଳ୍ପ ବୃଦ୍ଧି ସଙ୍ଗେ ସଙ୍ଗେ ବାଣିଜ୍ୟର ଶ୍ରୀବୃଦ୍ଧି ଅବଶ୍ୟମ୍ଭାବୀ । ଏତ ଗଲା ଶିଳ୍ପର ସାଧାରଣ ସଂଜ୍ଞା ।

ଉତ୍କଳରେ ପ୍ରାଚୀନ ସାହିତ୍ୟରେ ଶିଳ୍ପର ନିଦର୍ଶନ ମଧ୍ୟ ଦେଖାଯାଏ । କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କୁ ସାହିତ୍ୟ ଶିଳ୍ପୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ଭାଷା ଉପରେ ସେ ନାନା ପ୍ରକାର କାରୁକାର୍ଯ୍ୟ ଦେଖାଇ ଯାଇଅଛନ୍ତି । ପ୍ରତ୍ୟେକ ଛନ୍ଦର ଆଦ୍ୟରେ 'ବ' ଅକ୍ଷରାଦ୍ୟ ଶବ୍ଦ ପ୍ରୟୋଗ କରି ସେ ବୈଦେହୀଶ ବିଳାସ କାବ୍ୟ ଲେଖିଯାଇଅଛନ୍ତି । ଅବନା ରସ ତରଙ୍ଗ, କଳାକୌତୁକ, ଚିତ୍ରକାବ୍ୟ ବନ୍ଧୋଦୟ ପ୍ରଭୃତି ଗ୍ରନ୍ଥମାନଙ୍କରେ ସେ ବହୁତ ଶିଳ୍ପଛଟା ଦେଖାଇ ଯାଇଅଛନ୍ତି । ଛନ୍ଦ, ବନ୍ଧ, ଅଳଙ୍କାର ପ୍ରଭୃତିରେ ଭଞ୍ଜଯୁଗର କାବ୍ୟଗୁଡ଼ିକ ପରିପୂର୍ଣ୍ଣ ।

ସନ୍ଦର୍ଭ ଲେଖକ—ଶ୍ରୀ ଭଗବାନ୍ ସିଂହ]

ଶିଳ୍ପକ—ସଂ. ବି—ନାଟକ ଭେଦ (ଦେଖ)
Śiḻpaka A kind of drama.

ଶିଳ୍ପକ(କା)ର—ସଂ. ବି—୧ । ଶିଳ୍ପୀ; କାରିଗର—
Śiḻpaka(kā)ra 1. A mechanic; an artisan; an artificer. ୨ । ରାଜ; ମିସ୍ତ୍ରୀ—2. Mason.
[ଶିଳ୍ପକାରୀ, ଶିଳ୍ପକାରକ—ଅନ୍ୟରୂପ]

ଶିଳ୍ପ କର୍ମ—ସଂ. ବି—(ଶିଳ୍ପରୂପ କର୍ମ)—୧ । ଚିତ୍ରାଦି ଅଙ୍କନ ବା ନିର୍ମାଣାଦି କାର୍ଯ୍ୟ—1. Technique; handicraft; architecture; mechanism. ୨ । ଶିଳ୍ପ ବ୍ୟବସାୟ—2. Artisanship.
Śiḻpa karma

ଶିଳ୍ପ କଳା—ସଂ. ବି—୧ । ସୂକ୍ଷ୍ମ ଶିଳ୍ପ—1. Fine art. ୨ । ଶିଳ୍ପ ଚାତୁରୀ; କାରିଗରୀ—2. Artistic skill.
Śiḻpa kaḻā

ଶିଳ୍ପ କୁଶଳ—ସଂ ବିଣ (ପୁଂ)—(୭ମୀ ତତ୍)—ଶିଳ୍ପ କାର୍ଯ୍ୟରେ ନିପୁଣ ବା ପାରଙ୍ଗମ—Skilled in art.
Śiḻpa kuśaḻa
[ଶିଳ୍ପଚତୁର ଶିଳ୍ପ ନିପୁଣ—ଅନ୍ୟରୂପ]
[ଶିଳ୍ପକୁଶଳା, ଶିଳ୍ପ ନିପୁଣା, ଶିଳ୍ପ ଚତୁରା—ସ୍ତ୍ରୀ]

ଶିଳ୍ପ କୌଶଳ—ସଂ. ବି—(୭ମୀ ତତ୍)—ଶିଳ୍ପ କାର୍ଯ୍ୟରେ ଦକ୍ଷତା; ଶିଳ୍ପ ଚାତୁରୀ—Artistic skill; skilful architecture.
Śiḻpa kauśaḻa

ଶିଳ୍ପ ଗୃ(ଗେ)ହ—ସଂ. ବି (ମ. ପ. ଲୋ)—ଶିଳ୍ପୀମାନଙ୍କ କାରଖାନା—
Śiḻpa gṛu(ge)ha Workshop of artisans.

ଶିଳ୍ପ ଚାତୁରୀ(ର୍ଯ୍ୟ)—ସଂ. ବି (୭ମୀ ତତ୍)—ଶିଳ୍ପ କାର୍ଯ୍ୟରେ ଦକ୍ଷତା—
Śiḻpa chāturī(rjya) Skill in art; artistic skill.
[ଶିଳ୍ପନୈପୁଣ୍ୟ—ଅନ୍ୟରୂପ]

ଶିଳ୍ପଜ—ସଂ. ବି (ଶିଳ୍ପ+ଜନ୍ ଧାତୁ+କର୍ତ୍ତୃ ଅ)=ଶିଳ୍ପକର୍ମଦ୍ୱାରା ଉତ୍ପନ୍ନ—Produced by art.
Śiḻpaja

ଶିଳ୍ପଜାତ ଦ୍ରବ୍ୟ—ସଂ.ବି. (୫ମୀ ତତ୍, କର୍ମଧା)-ଶିଳ୍ପକର୍ମଦ୍ୱାରା ପ୍ରସ୍ତୁତ ବସ୍ତୁ—
Śiḻpajāta drabya Products of art.

ଶିଳ୍ପ ଜୀବିକା—ସଂ. ବି—ଶିଳ୍ପଦ୍ୱାରା ପେଟପୋଷା—
Śiḻpa jībikā The profession of art.

ଶିଳ୍ପଜୀବୀ—ସଂ. ବିଣ ଓ ବି. ପୁଂ-(ଶିଳ୍ପ+ଜୀବ ଧାତୁ+କର୍ତ୍ତୃ.ଇନ୍=ଶିଳ୍ପଜୀବିନ୍; ୧ମା ୧ବ)—ଯେ ଶିଳ୍ପଦ୍ୱାରା ଜୀବିକା ନିର୍ବାହ କରେ; କାରିଗର; ବ୍ୟବସାୟୀ—Artisan; professional artist.
Śiḻpajībī
(ଶିଳ୍ପୋପଜୀବୀ—ଅନ୍ୟରୂପ)

ଶିଳ୍ପଜୀବିନୀ }
ଶିଳ୍ପୋପଜୀବିନୀ } —ସ୍ତ୍ରୀ

ଶିଳ୍ପ ବାଣିଜ୍ୟ—ସଂ. ବି ୧ । (ସମାହାର; ଦ୍ୱନ୍ଦ୍ୱ)—ଶିଳ୍ପ ଓ ବାଣିଜ୍ୟ—
Śiḻpa bāṇijya 1. Arts and trade. ୨ ।(ରୂପକ) ଶିଳ୍ପରୂପ ପେଶା—2. The profession of an artisan.
(ଶିଳ୍ପ ବ୍ୟବସାୟ—ଅନ୍ୟରୂପ)

ଶିଳ୍ପ ବିଜ୍ଞାନ—ସଂ. ବି—(ଅଟୂକିତ)—୧ । (ସମାହାର, ଦ୍ୱନ୍ଦ୍ୱ—ଶିଳ୍ପ+ବିଜ୍ଞାନ) ଶିଳ୍ପ ଓ ବିଜ୍ଞାନ—1. Art and
Śiḻpa bijñāna

ଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ମୃତ' ନ ମିଳିଲେ 'ମୃତ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗା' ନ ପାଇଲେ 'ଅର୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

science. ୨ । (ରୂପକ)—ଶିଳ୍ପବିଦ୍ୟା—2. Mechanics; the science of art.

ଶିଳ୍ପ ବିଦ୍ୟା—ସଂ. ବି (ଅଧୁନିକ)—(ଶିଳ୍ପ ବିଷୟିଣୀ ବିଦ୍ୟା)—ଶିଳ୍ପ Śilpa bidyā ବିଷୟକ ବିଦ୍ୟା; ଚିତ୍ରାଦି ଅଙ୍କନ ଓ ଶିଳ୍ପବସ୍ତୁ ନିର୍ମାଣ ବିଦ୍ୟା—Mechanics.

ଶିଳ୍ପବିଦ୍ୟାଳୟ—ସଂ. ବି (ଅଧୁନିକ)—ଯେଉଁ ସ୍କୁଲରେ ଶିଳ୍ପକର୍ମ Śilpa bidyālaya ଶିକ୍ଷା ଦିଆଯାଏ—School of art; art school; a technical school.

ଶିଳ୍ପ ଯନ୍ତ୍ର—ସଂ. ବି—(ଷ. ତ. ସେ) ୧ । କଳ—1. Machine. ୨ । Śilpa jantra ଶିଳ୍ପୀର ହତିଆର—2. The implements of a mechanic.

ଶିଳ୍ପ ଲବ୍ଧ—ସଂ. ବି (ତୃତୀ ତତ୍)—ଶିଳ୍ପକାର୍ଯ୍ୟଦ୍ୱାରା ପ୍ରାପ୍ତ; ଶିଳ୍ପଜାତ— Śilpa labdha Produced by art.

ଶିଳ୍ପ ଲିପି—ସଂ. ବି—(ଶିଳ୍ପଜନକଲିପି; ମ. ପ. ଲୋ)—ପ୍ରସ୍ତରରେ Śilpa lipi ଖୋଦିତ ବା ଚିତ୍ରିତ ଲେଖ; ଯେଉଁ ଲେଖାରେ କାରିଗରି ଥାଏ—Artistic writing.

ଶିଳ୍ପ ଶାଳ(ଳା)—ସଂ. ବି—୧ । ଶିଳ୍ପାଗାର; କାରଖାନା—1. Work-Śilpa śāla(lā) shop of a mechanic. ୨ । ଯେଉଁ (ଶିଳ୍ପିଶାଳା—ଅନ୍ୟରୂପ) ଠାରେ ଶିଳ୍ପକାର୍ଯ୍ୟର ନମୁନାମାନ ସଂଗୃହୀତ ହୋଇଥାଏ ।—2. A museum of art; an art-gallery.

ଶିଳ୍ପ ଶାସ୍ତ୍ର—ସଂ. ବି—୧। (ଷ. ତ. ଲୋ) ଶିଳ୍ପବିଦ୍ୟା-1. Mechaincs; Śilpa śāstra the science of art. ୨ । (ଷ. ତ. ଲୋ) ଯେଉଁ ପୁସ୍ତକରେ ଶିଳ୍ପସମ୍ବନ୍ଧୀୟ ଉପଦେଶମାନ ଥାଏ— 2. A manual of arts.

ଶିଳ୍ପ ଶିକ୍ଷା—ସଂ. ବି—(୬ଷ୍ଠୀ ତତ୍) ଶିଳ୍ପକର୍ମ ଶିଖିବା— Śilpa sikshā Learning the arts.

ଶିଳ୍ପ ସମ୍ପଦ(ତ୍ତି)—ସଂ. ବି—(ରୂପକ)—ଶିଳ୍ପରୂପ ଅମୂଲ୍ୟ ଧନ—Art Śilpa sampad(tti) compared to riches; treasures of art- [ଯଥା—ଭାରତବର୍ଷ ଶିଳ୍ପସମ୍ପଦରେ ପୂର୍ଣ୍ଣ] (ଶିଳ୍ପସୌଭାଗ୍ୟ—ଅନ୍ୟରୂପ) (ଶିଳ୍ପସମ୍ପଦ—ଦେ. ରୂପ)

ଶିଳ୍ପ ସାହିତ୍ୟ—୧ । (ଦ୍ୱନ୍ଦ୍ୱ) ଶିଳ୍ପ ଓ ସାହିତ୍ୟ—1. Arts and Śilpa sāhitya literature. ୨। (ଷ. ତ.ଲୋ) ଶିଳ୍ପ ସମ୍ବନ୍ଧୀୟ ସାହିତ୍ୟ—2. Literature on arts.

ଶିଳ୍ପାଗାର—ସଂ. ବି (ଶିଳ୍ପ+ଅଗାର; ଷ. ତ. ଲୋ)—ଶିଳ୍ପଶାଳା— Śilpāgāra Workshop of a mechanic.

ଶିଳ୍ପାନୁରାଗ—ସଂ. ବି—(୭ମୀ ତତ୍)—ଶିଳ୍ପକାର୍ଯ୍ୟ ପ୍ରତି ଆସକ୍ତି— Śilpānurāga Attachment to arts.

ଶିଳ୍ପିକ—ସଂ. ବି-(ଶିଳ୍ପ+ଇକ)—୧ । (ପୁଂ) ଶିଳ୍ପୀ (ଦେଖ)—Silpi Śilpika (See) (ଶିଳ୍ପିକା—ସ୍ତ୍ରୀ) ୨ । ନାଟକ ଭେଦ (ସ୍ତ୍ରୀ)—2.A kind drama.

ଶିଳ୍ପିକା—ସଂ. ବି—୧। (ବୈଦ୍ୟକ)—ମହାରାଷ୍ଟ୍ର ଦେଶୀୟ ତୃଣ ବିଶେଷ Śilpikā [ଗୁ—ଏହା ମଧୁର ରସ, ଉଷ୍ଣ ବୀର୍ଯ୍ୟ ଓ ବଳ ବୀର୍ଯ୍ୟ ଅନ୍ୟ ସଂ. ନାମ—ଶିଳ୍ପିନୀ,] କାରକ)-1.A species of grass ଶୀତ, ଖେଜଳା, ମୃଦୁଚ୍ଛଦ used in medicine. [ଦ୍ର— ହି. ଲଜ୍ଜଲଶିଂପୀ ଏହା ମୂତ୍ରରୋଧ, ଅଶ୍ମରୀ, ଶୂଳ, ଜ୍ୱର ମ. ଲଜ୍ଜଳ ଶିଳ୍ପୀ ଓ ପିତ୍ତ ନାଶକ—ବିଶ୍ୱକୋଷ] ୨ । ଶିଳ୍ପିକର ସ୍ତ୍ରୀଲିଙ୍ଗ—2. Feminine of Śilpīka

ଶିଳ୍ପୀ—ସଂ. ବି. ପୁଂ—(ଶିଳ୍ପ+ଇନ୍)—ଶିଳ୍ପ କର୍ମକାରୀ; କାରିଗର— Śilpi 1. Artisan; mechanic. ୨ । ଶିଳ୍ପକାର୍ଯ୍ୟର ନିର୍ମାଣ (ସ୍ତ୍ରୀ—ଶିଳ୍ପିନୀ) କର୍ତ୍ତା—2. Architect. ୩ । ରାଜମିସ୍ତ୍ରୀ; ସ୍ଥପତି (ହୃ. ଶ)—3. Artisan. ୪ । ଚିତ୍ରକର—4. Painter. ୫ । ନଖି ନାମକ ଗନ୍ଧଦ୍ରବ୍ୟ—5. Shell.

ଶିଳ୍ପୋନ୍ନତି—ସଂ. ବି ୧ । (୭ମୀ ତତ୍) ଶିଳ୍ପକର୍ମ ସମ୍ବନ୍ଧେ ଉତ୍କର୍ଷ— Śilponnati 1. Excellence in architecture ୨ । (୬ଷ୍ଠୀ ତତ୍) ଶିଳ୍ପର ଅଭିବୃଦ୍ଧି—2. Improvement of arts.

ଶିଲ୍ହ—ସଂ. ବି—ଶିଳାରସ (ଦେଖ) Śil-ha Silārasa (See) (ଶିହ୍ଲକ, ଶିଲ୍ହକ—ଅନ୍ୟରୂପ)

ଶିଲ୍ହନ—ସଂ. ବି—ଶିହ୍ଲନ (ଦେଖ) Śil-hana Śi-hlana (See)

ଶିଶ୍(ଧାତୁ)—ସଂ.—ଗମନ କରିବା— Śiś (Root) To walk;to go.

ଶିଶ—ଦେ. ବି ୧ । (ଧ୍ୱନ୍ୟାନୁକରଣ) ଶିଷ; ଶୁଶ୍‌କାର; ଜିଭ ଓ ଓଠ Śiś ଦ୍ୱାରା କରାଯିବା 'ଶ' 'ଶି' ଧ୍ୱନି ବା ବଂଶୀବତ୍ ଧ୍ୱନି-Whis-শিশ सिटि सुसकार tling sound made by blowing air through the lips and the tongue. ୨ । ଦେ. ବି—(ଫା ଶିଶା)—କାଚର ଫଳକ--A pane शीशा of glass.

ଶିଶ୍ ଦେବା—ଦେ. କ୍ରି.—ମୁହଁ ଦ୍ୱାରା ସିଟି ମାରିବା—To make Śiś debā whistling sound with the lips and শিশ দেওয়া सिटीदेना, सुसकारी देना the tongue; to (ଅନ୍ୟରୂପ—ଶିଷ ମାରିବା) whistle.

ଶିଶ(ଷ)—ଗ୍ରା. ବି—(ସଂ. ଶିଷ୍ୟ)—ପୁଅ—Son. [ଉ—ଦ୍ୱାପର ଯୁଗ Śisa(sha) ହେବ ଶେଷ, ଅମ୍ଭେ ହୋଇବୁ ତୋର ଶିଷ—ରୂପଭି. শিশু शिशु ପ୍ରେମପଞ୍ଚାମୃତ ।]

ଶିଶପା—ଦେ. ବି.—(ସଂ. ଶିଂଶପା)—୧ । ଶିଶୁଗଛ—1 A timber Śiśapā tree; Dalbergia Sissoo. ୨ । ଅଶୋକଗଛ— শিশু शीशम 2. The Aśoka tree [ଉ—ସେ ବନର ଶିଂଶପା ବୃକ୍ଷର ମୂଳରେ, ସୀତା ବସି ଅଛନ୍ତି ଅତି ବିକଳରେ କୃଷ୍ଣସିଂହ—ମହାଭାରତ ।

ଶଶୟିଷା—ସଂ. ବି—(ଶୀ ଧାତୁ=ଶୋଇବା+ଇଚ୍ଛାର୍ଥେ ସନ୍=ଶିଶୟ
Śiśayishā ଧାତୁ+ଭାବ ଅ+ଆ)—ଶୋଇବାର ଇଚ୍ଛା—
Desire to sleep; sleepiness.

ଶଶୟିଷୁ—ସଂ. ବିଣ (ପୁଂ ଓ ସ୍ତ୍ରୀ)—(ଶୀ ଧାତୁ+ଇଚ୍ଛାର୍ଥେ ସନ୍+ଭାବ
Śiśayishu +ଅ+ଉ)—ଶୋଇବାକୁ ଇଚ୍ଛୁକ (ବ୍ୟକ୍ତି)—
Desiring sleep; sleepy.

ଶି(ଶିଂ,ଶିଁ)ଶା—ଦେଶଜ.ବି. (ଫା.ଶିଶା)—କାଚ ଫଳକ—A pane
Śi(Śim,śiñ)śā of glass. ଦେ. ବି.—୧ । (ସଂ. ସୀସକ)—
ଶିଶା କାଁଚ ସୀସକ ଧାତୁ—1. Lead ୨ । (ସଂ ଶସ୍ୟ)—ଧାନ
ସୀସା ସୀସା ଅବ ଅମଳ କରିବା ପରେ ଅଳଅ ଧାନକୁ ପବନରେ
ଶିଷ ଉଡ଼ାଇବା ଦ୍ୱାରା ଅଗାଡ଼ି ଓ ପମ୍ପା ଧାନଅବ ଭଲ
ସୀସା ଧାନ ଧାନରୁ ପୃଥକ୍ ହୋଇ ଉଡ଼ିଗଲେ ଯେଉଁ ଭର୍ତ୍ତିଲ
ଧାନସ୍ତୂପ ଲମ୍ବ ହୋଇ ଭୂମିରେ ପଡ଼ି ରହିଥାଏ—2.The solid grains of paddy left on the ground after the chaffs are blown away and separated from the sound grains when they are strewn on the ground in the face of wind. ୩ । (ସଂ ଶୀର୍ଷ)
ଧାନ ବେଣ୍ଟରୁ ବାହାର ପଡ଼ିବା କେଣ୍ଡା; ଧାନ ଅବର ମଞ୍ଜରୀ—
ଶିଷ 3. The ear of corn coming out of the
ସୀସ stalk of paddy plant. [ଉ—ହାତେ ଲମ୍ବରେ
କାଢ଼ିବ ଶିଶା, ଦେଖି ମରୁଥିବେ ଖାଇ ପଡ଼ୁଶା । କୃଷି
ବଚନ] ୪ । (ସଂ. ଶିଖା)—ଦୀପଶିଖା—4. The
ଶିଷ flame of a burning lamp. ୫ । (ସଂ. ଶୀର୍ଷ)—
ଦୀପଶିଖା ଫୁଲର କେଣ୍ଡା—5. A flower spike. ଗ୍ରାଦେ.—
ଶିଷ ଗୁଚ୍ଛା (ସମ୍ବଲପୁର) ବି—ପେନ୍‌ସିଲ—Lead pencil.

ଶି(ଶିଁ)ଶା ପକା(କେ)ଇବା—ଦେ. କ୍ରି.—ବହୁଥିବା ପବନ ସାହାଯ୍ୟରେ
Śi(śiñ)śā pakā(ke)ibā ବା କୁଲାର ବାଅଦ୍ୱାରା ଅଗାଡ଼ିମିଶା
ଧାନ ସାରାନ ଧାନକୁ ଉଡ଼ାଇଦେଇ ଧାନଠାରୁ ଅଗାଡ଼ିକୁ ପୃଥକ୍ କରିବା -
ଧାନ ଉଡାନା To cause the sound grains of paddy (after granering) to be separated from the chaff by the help of wind. [ଉ—
ଧାନକୁ ବେଙ୍ଗଳା ପକାଇ ଅମଳ କରିବା ପରେ ଅଗାଡ଼ିମିଶା
ଧାନକୁ ପବନ ବୋହୁଥିବା ଯାଗାରେ ଉର୍ଦ୍ଧ୍ୱରୁ ବକ୍ଷ୍ମଦେଲେ
ପବନଦ୍ୱାରା ସେ ଧାନରୁ ଅଗାଡ଼ିଯାକ ଉଡ଼ିଯାଏ ଓ ଭଲ
ଧାନଯାକ ଭୂଇଁରେ ଜମା ହୋଇ ରହିଥାଏ । ପବନ ବୋହୁ
ନ ଥିଲେ କୁଲାକୁଲା ଅଗାଡ଼ି ମିଶା ଧାନକୁ ଉଠାଇ ଭୂଇଁରେ
ପଡ଼ଲା କରି ଲମ୍ବ ଗାରରେ ଭୂଣି ଦେବାକୁ ହୁଏ ଓ ଭୂଣା
ହୋଇଥିବା ଧାନକୁ କୁଲା ଦ୍ୱାରା ବକ୍ଷ୍ମଲେ ଧୂଳ ଓ ଅଗାଡ଼ିଯାକ
କୁଲବାଅ(କୁଲାର ପବନ) ଦ୍ୱାରା ଉଡ଼ିଯାଏ ଓ ଭଲ ଧାନଯାକ
ଭୂଇଁରେ ପଡ଼ିରହେ । ଉପର୍ଯ୍ୟୁପରି ଏହିପରି ପବନ୍ତ ପରନ୍ତ
କରି ଧାନକୁ ବକ୍ଷ୍ମଦେଲେ ଭଲ ଧାନଯାକ ଅଗାଡ଼ି ଠାରୁ
ପୃଥକ୍ ହୋଇ ଲମ୍ବ ସ୍ତୂପ ହୋଇ ଜମା ହୁଏ । ଏହି
ପ୍ରଣାଳୀକୁ ଶିଶା ପକାଇବା ବୋଲାଯାଏ ।]
[ଶି(ଶିଁ)ଶା ପଡ଼ିବା—ବିଶେଷ୍ୟରୂପ]

ଶି(ଶିଂ,ଶିଁ)ଶା ଢାଳିବା—ଦେ. କ୍ରି.—ସୀସକ ଧାତୁକୁ ତରଳାଇ ତାହାକୁ
Śi(śim,śiñ)śā dhālibā ଢାଳ କୌଣସି ଛିଦ୍ରକୁ ପୂର୍ଣ୍ଣ କରିବା
ସୀସା ଢାଲା To fill up a hole with molten lead.
ସୀସା ଢ଼ାଲନା [ଉ—ପୂର୍ବେ ରାଜଦ୍ୱାରରେ ଦଣ୍ଡିତ ବ୍ୟକ୍ତିର କାନରେ
ଶିଶା ଢାଳ ତାକୁ ମାରି ପକାଉ ଥିଲେ ।]

ଶି(ଶିଂ,ଶିଁ)ଶି—ଦେଶଜ. ବି.—୧ । (ଫା. ଶିଶୀ)—କାଚର କ୍ଷୁଦ୍ର
Śi(śim, śiñ)śi ବୋତଲ—Glass phial. [ଉ—ଶିଶିରେ
ଶିଶି ଶୀଶ ରଖାଯିବା ପଦାର୍ଥର ନାମ ଶିଶି ପୂର୍ବରେ ଯୁକ୍ତହେଲେ
ତତ୍ ପଦାର୍ଥ ରଖିଷ୍ଟ ଶିଶି ବୋଲି ଜଣାଯାଏ । ଯଥା—
ଅତର ଶିଶି, ଲେଭେଣ୍ଡର ଶିଶି, ତେଲ ଶିଶି, ଔଷଧ
ଶିଶି । ଶିଶିରେ ରହିବା ପଦାର୍ଥର ପରିମାଣ ଅନୁସାରେ
ଶିଶିର ନାମ ମଧ୍ୟ ଦିଆଯାଏ । ଯଥା—ଅଧଅଉନ୍ସିଆ
ଶିଶି, ଦୁଇ ଅଉନ୍ସିଆ ଶିଶି, ଡ୍ରାମ ଶିଶି ଇତ୍ୟାଦି ।]
ଦେ. ବି. (ସଂ. ଶିଶୁ)—ଶିଶୁ—Child; infant.
୨ । ପୁତ୍ର—2. son. ୩ । ଶିଷ୍ୟ—3. Disciple.

ଶିଶିର—ସଂ. ବି—(ଶିଶ୍ ଧାତୁ=ଝୁଲୁ ଗମନ କରିବା+କରଣ. ଇରା
Śiśira ପ୍ରତ୍ୟୟ; ଯାହାଦ୍ୱାରା ବୃକ୍ଷାଦିର ଶୋଭା ଶୀଘ୍ର ନଷ୍ଟ ହୁଏ)
୧ । କୁହୁଡ଼ି; ହିମ; ନୀହାର; ତୁଷାର—1. Dew.
୨ । ଶୀତଋତୁ; ପୌଷ ଓ ମାଘ ମାସ (ମତାନ୍ତରରେ ମାଘ
ଓ ଫାଲ୍‌ଗୁନ)—2. The 2 winter months, Paușha & Māgha. ୩ । ରାମାୟଣବର୍ଣ୍ଣିତ ପର୍ବତବିଶେଷ
(ଏହାର ଶୃଙ୍ଗ ଗଗନ ସ୍ପର୍ଶୀ ଓ ଏହା ଦେବ ଦାନବଙ୍କ
ଆବାସ ସ୍ଥାନ)—3. Name of a high mountain described in Rāmāyaṇa. ବିଣ.—୧ ।
ଶୀତଳ; ଥଣ୍ଡା—1 Cold; frigid. ୨ । ଜଡ଼—2
Inert. (ଉ—ଚନ୍ଦ୍ରେ ଶିଶିର ଚନ୍ଦ୍ରମା ମରଣ ଉଦ୍ଭର
ଢାଙ୍କି ପଦ୍ଧତ ମଦନବାଣ ବଳାପ କରେ । ପ୍ରାଚୀ
ଉପବାଉଧି ।)

ଶିଶିର କର—ସଂ. ବି (ଶିଶିର=ଶୀତଳ+କର=କିରଣ ଯାହାର,
Śiśira kara ବହୁବ୍ରୀହି)—୧ । ଚନ୍ଦ୍ର—1. The moon.

ଶଶିର କରଣ, ଶିଶିର ଦୀଧିତି ଶିଶିର ମୟୂଖ, ଶିଶିରାଂଶୁ ଶିଶିରଗୁ, ଶିଶିର ରଶ୍ମି	ଅନ୍ୟରୂପ	୨ । କର୍ପୂର— 2. Camphor. ୩ । (କର୍ମଧାରୟ)

ଚନ୍ଦ୍ର କିରଣ—3.The cool rays of the moon.
[ଉ—ବାହ୍ୟ ଶମ ଦେବୁ ଉଷୀର, ବାନ୍ଧବ ସରବ ବେନ
ଶିଶିର କର (୧ମ ଓ ୩ୟ ଅର୍ଥ) । ଉଞ୍ଜ. ବୈଦେହୀଶ-
ବିଳାସ ।]

ଶିଶିରକୁମାର ଘୋଷ—ଦେ. ବି (ନାମ) —ବଙ୍ଗଦେଶୀୟ ପ୍ରସିଦ୍ଧ ସ୍ୱର୍ଗୀୟ
Śiśirakumāra ghosha ଜନହିତୈଷୀ (ଉ—ଖ୍ରୀ ୧୮୪୨—
ଶିଶିରକୁମାର ଘୋଷ ଖ୍ରୀ ୧୯୧୧; ଏ ଗୌରାଙ୍ଗଙ୍କ ବୈଷ୍ଣବ ଓ କଲିକତାର
ଶିଶିରକୁମାର ଘୋଷ ପ୍ରସିଦ୍ଧ 'ଅମୃତବଜାର ପତ୍ରିକା' ନାମକ ସମ୍ବାଦ

ପତ୍ରର ସମ୍ପାଦକ ଥିଲେ । ନୀଳକର ସାହେବମାନଙ୍କ ଅତ୍ୟାଚାରରୁ ବଙ୍ଗଦେଶର ନୀଳଚାଷୀମାନଙ୍କୁ ରକ୍ଷା କରିବାପାଇଁ ଏ ଘୋର ଆନ୍ଦୋଳନ ଚଳାଇଥିଲେ । ଏ ବଙ୍ଗ ଭାଷାରେ ଅମିୟ ନିମାଇ ଚରିତ ଓ ଇଂରାଜୀରେ Lord Gauranga (ପ୍ରଭୁ ଗୌରାଙ୍ଗ) ନାମକ ଶ୍ରୀଚୈତନ୍ୟ ବିଷୟକ ଗ୍ରନ୍ଥ ରଚନା କରି ଚୈତନ୍ୟଙ୍କ ବିଷୟ ପାଶ୍ଚାତ୍ୟ ଜଗତରେ ପ୍ରଖ୍ୟାତ କରି ଯାଇଅଛନ୍ତି)—Name of a Bengalee publicist, author and devotee. follower of Chaitanya.

ଶିଶିର ଧୌତ—ସଂ. ବି (ଷଷ୍ଠୀ ତତ୍)—ଶିଶିରରେ ଧୋଇ ହୋଇ Śiśira dhauta ଯାଇଥିବା ବା ଓଦା ହୋଇଥିବା—

ଶିଶିର ବିଧୌତ, ଶିଶିରସିକ୍ତ, ଶିଶିର ସିକ୍ତ } ଅନ୍ୟରୂପ — Moistened or wet with dew.

ଶିଶିର ପଡ଼ିବା—ଦେ. କ୍ରି—ଶିଶିର ପଡ଼ିବା; ଘାସ ଆଦି ଉପରେ Śiśira pardiba ଶିଶିର ଜମା ହେବା—The deposit ଶিশির পড়া of dew on exposed articles. [ଦ୍ର—ওস পড়না ଲୋକେ କହନ୍ତି 'ଶିଶିର ପଡ଼ିବା', କିନ୍ତୁ ପ୍ରକୃତରେ ଶିଶିର ଆକାଶରୁ ପଡ଼େ ନାହିଁ । ଯେଉଁ ସମସ୍ତ ପଦାର୍ଥ ରାତିରେ ମୁକ୍ତବାୟୁରେ ରଖାଯାଇଥାଏ, ତାହା ଦେହରୁ ତାପ ବାହାରି ଯିବାରୁ ସେମାନ ଶୀତଳ ହୋଇଯାଏ ଓ ତତ୍ ସନ୍ନିହିତ ବାୟୁରେ ଥିବା ଜଳୀୟବାଷ୍ପ ଏହି ଶୀତଳ ବସ୍ତୁମାନଙ୍କ ସଂସ୍ପର୍ଶରେ ଘନୀଭୂତ ହୋଇ କ୍ଷୁଦ୍ର କ୍ଷୁଦ୍ର ଜଳବିନ୍ଦୁରେ ପରିଣତ ହୁଏ ଓ ସେହି ବସ୍ତୁମାନଙ୍କ ଦେହରେ ଲାଗି ରହେ । ମେଘାଚ୍ଛନ୍ନ ରାତିରେ ପଦାର୍ଥମାନଙ୍କ ଦେହରୁ ରାତିରେ ତାପ ନ ବାହାରିବାରୁ ସେହି ଉପରେ ଶିଶିର ପଡ଼େ ନାହିଁ । ଗଛ ତଳେ ଥିବା ପଦାର୍ଥରେ ମଧ୍ୟ ଶିଶିର ଲାଗେ ନାହିଁ ।]

ଶିଶୁ—ସଂ. ବି (ଶିଶ୍ ଧାତୁ=ଶୟନ କରିବା+କର୍ତ୍ତୃ ଉ)—୧ । ପଶୁ-Śiśu ଶାବକ; ଜନ୍ତୁଙ୍କର ଛୁଆ;—1. The young of animals. [ଦ୍ର—ବ୍ରହ୍ମପୁରାଣ ଓ ମନୁସଂହିତା ମତରେ ଜନ୍ମଠାରୁ ୮ବର୍ଷ ବୟସ୍କ ବାଳକକୁ ଶିଶୁ କୁହାଯାଏ । ଏମାନଙ୍କର ଭକ୍ଷ୍ୟାଭକ୍ଷ୍ୟ, ବାଚ୍ୟାବାଚ୍ୟ ପ୍ରଭୃତି କିଛି ନାହିଁ । ୪ବର୍ଷଠାରୁ ୮ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁର ପ୍ରତିନିଧିରୂପେ ମାତାପିତା ପ୍ରଭୃତି ଗୁରୁଜନ ତା ପାଇଁ ବ୍ରତାଦି ପାଳନ କରିବେ । ମନୁରେ ଅଛି ଯେ, ଜାତଶିଶୁ ୪ମାସ ପର୍ଯ୍ୟନ୍ତ ସୂତିକାଗୃହରେ ରହିବ ୪ ମାସ ପୂରିଲେ ସୂର୍ଯ୍ୟଦର୍ଶନ ପାଇଁ ସୂତିକାଗାରରୁ ଏହାର ନିଷ୍କ୍ରାମଣ କରାଇବ । ମହାନିର୍ବାଣତନ୍ତ୍ରରେ ଅଛି ଯେ, ଶିଶୁକୁ ତ୍ୟାଗ କରି ପ୍ରବ୍ରଜ୍ୟା ଅବଲମ୍ବନ କରିବ ନାହିଁ—(ବିଶ୍ୱକୋଷ) ।] ୨ । ଅଠ (ମତାନ୍ତରରେ ୧୬) ବର୍ଷରୁ ନିମ୍ନ ବୟସ୍କ ବାଳକବାଳିକା—2. Child below 8 years. ୩ । ଦୁଧଖିଆ ପିଲା, ଯାହାର ଅନ୍ନପ୍ରାଶନ ହୋଇ ନ ଥାଏ—3. A child not yet weaned from its mother; infant. ୪ । କୁମାର; କାର୍ତ୍ତିକେୟ (ବିଶ୍ୱକୋଷ)—4. Kārttikeya. ୫ । ଡିମ୍ବ; ଅଣ୍ଡା—5. Egg. ବିଣ. ଅତି ଅଳ୍ପବୟସ୍କ—Of tender age.

ପ୍ରଥମ ଅର୍ଥରେ ଅନ୍ୟ ସଂ.ନାମ—
ପୋତ, ପାକ, ଅର୍ଭକ, ଡିମ୍ଭ, ପୃଥୁକ, ଶାବକ, ଶାବ, ଅର୍ଭ, ଶିଶୁକ, ପୋତକ, ଉଷ୍ଟ୍ରକ, ପର୍ବ ।

ଦେ. ବି—୧ । (ସଂ.ଶିଂଶପା)—ସାରବାନ୍ କଠିନ କାଷ୍ଠବିଶିଷ୍ଟ ପାର୍ବତ୍ୟ ବୃକ୍ଷବିଶେଷ—1. A timber tree; the black wood; Sissoo tree; Dalbergia Sissoo. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା କଟୁ ତିକ୍ତ କଷାୟ ରସ, ଉଷ୍ଣବୀର୍ଯ୍ୟ, ଅଗ୍ନିବର୍ଦ୍ଧକ ଓ ଗର୍ଭପାତକ, ଓ ଶୋଷ ମେଦ, କୁଷ୍ଠ, ଶ୍ୱିତ୍ର, ବମି, କୃମି, ବସ୍ତିବେଦନା, ବ୍ରଣ, ଦାହ, ରକ୍ତଦୋଷ ଓ କଫନାଶକ । ଶ୍ୱେତ, ପୀତ, କୃଷ୍ଣଭେଦରେ ଶିଶୁଗଛ ୩ ପ୍ରକାର । ସମସ୍ତଙ୍କ ଗୁଣ ପ୍ରାୟ ସମାନ । ଦ୍ରବ୍ୟଗୁଣ କଳ୍ପଦ୍ରୁମର ବର୍ଣ୍ଣନାନୁସାରେ ଶ୍ୱେତ, ଶ୍ୟାମଳ ଓ କପିଳବର୍ଣ୍ଣଭେଦରେ ଶିଶୁ ଗଛ ୩ ପ୍ରକାର ।

ଅନ୍ୟ ସଂ. ନାମ—
ଶିଂଶପା, ପିଚ୍ଛିଲା, ଶ୍ୟାମା, କୃଷ୍ଣସାର, ଅଗୁରୁ, କପିଳା, ଭସ୍ମଗର୍ଭା, ଶୀଶପା

ଏହି ଶିମ୍ବୀବର୍ଗର ଉଚ୍ଚ ତରୁବିଶେଷ; ପତ୍ର ଏକୋତ୍ତର; ପତ୍ରି ଅଣ୍ଡାକାର; ବର୍ଷକୁ ବର୍ଷ ଗଛରୁ ପୁରୁଣା ପତ୍ର ଝଡ଼ି ପୁଣି ନୂଆ ପତ୍ର ବାହାରିଲେ; ଫେବୃଆରୀରେ ଫୁଲ ଧରେ; ଏହାର ଛୁଇଁ ଲମ୍ବ ଓ ପ୍ରତ୍ୟେକ ଛୁଇଁରେ ୧ଠାରୁ ୩ ପର୍ଯ୍ୟନ୍ତ ମଞ୍ଜି ଥାଏ । ଭାରତବର୍ଷର ପାର୍ବତ୍ୟପ୍ରଦେଶରେ ଶିଶୁ ଗଛ ପ୍ରଚୁର ପରିମାଣରେ ଜନ୍ମେ । ମୃତ୍ତିକାବହୁଳ ପ୍ରଦେଶରେ ଯେଉଁ ଶିଶୁ ଗଛ ଜନ୍ମେ ତାହା ପାହାଡ଼ିଆ ଶିଶୁ କାଠ ପରି ଟାଣୁଆ ହୁଏ । ସାଧାରଣତଃ ଶିଶୁକାଠ କଳା ଓ ନାଲି ରଙ୍ଗର ଦେଖାଯାଏ । ଏ କାଠ ଏପରି ଭାରି ଯେ, ପାଣିରେ ବୁଡ଼ିଯାଏ । ସବୁ କାଠ ମଧ୍ୟରେ ଏହା ଖୁବ୍ କଠିନ । ଏଥିରେ ଖଟ, ପଲଙ୍କ, ଆଲମାରି ଆଦି ତିଆରି ହୁଏ । ଏ କାଠରୁ ଏକପ୍ରକାର ତେଲ ବାହାରେ । ଏହା ଜଳାଯାଏ ଏବଂ ଔଷଧରେ ବ୍ୟବହୃତ ହୁଏ । ଶିଶୁ ଗଛ ବଢ଼ିବା ସମୟରେ ଭୂମିରୁ ମାଟି ଓ ପଥର ଇତ୍ୟାଦି ଟାଣି ନେଇଥାଏ ଓ ତାହା କାଠ ଚିରିବା ସମୟରେ କାଠ ଭିତରୁ ବାହାରେ । କପିଳ ବର୍ଣ୍ଣର ଶିଶୁକାଠ ତିକ୍ତରସ, ଶୀତବୀର୍ଯ୍ୟ, ଶ୍ରାନ୍ତିହାରକ ଓ ବାତ, ପିତ୍ତ, ଜ୍ୱର, ହିକ୍କା ଓ ବମନ ବେଗରେ ଉପକାରକ ।]

୨ । କରଣ ବୈଷ୍ଣବମାନଙ୍କର ବଂଶୋପାଧିବିଶେଷ—2. A family title of Karaṇa Baishṇabas [ଦ୍ର—ପୁରୀ ଜିଲ୍ଲାର ବାଲିପାଟଣା ଗ୍ରାମରେ ଏହି ଉପାଧିଧାରୀ କରଣ ବୈଷ୍ଣବ ଅଛନ୍ତି ।]

ଶିଶୁଆ—ଦେ. ବି (ସଂ. ଶିଂଶପା)—ଶିଶୁ ଗଛ (ଶିଶୁ ୫ ଦେଖ)—
Śiśuā Sissoo tree (Śiśu 5 see)
शिशु शीशम

ଶିଶୁକ—ସଂ. ବି (ଶିଶୁ+ସ୍ୱାର୍ଥେ ବା ତୁଲ୍ୟାର୍ଥେ କ)—୧ । ଶାବକ—
Śiśuka 1. Young of animals. ୨ ।
[ଅନ୍ୟ ସଂ. ନାମ—ଉଲୂପୀ, ଶିଶୁମାର; ଶୁଶୁକ, ଜଳକପୂ-
ତୁଲପୀ, ଚଳକା] ବିଶେଷ—2. Gangetic dolphin;
porpoise; Delphinos Delphis. ୩ । ଶିଶୁ
ଗଛ—3. Dalbergia Sissoo tree. ୪ । କୁଣ୍ଡଳ
ସର୍ପବିଶେଷ (ଶବ୍ଦକୋଷ)—4. A kind of coiled
serpent ୫ । ବାଳକ—5. Boy; male child.

ଶିଶୁ କାଳ—ସଂ. ବି—ବାଲ୍ୟକାଳ—
Śiśu kāla Childhood.

ଶିଶୁ କ୍ରନ୍ଦ—ସଂ. ବି (୬ଷ୍ଠୀ ତତ୍)—ଶିଶୁର ରୋଦନ—
Śiśu kranda The crying of a child.

ଶିଶୁ କ୍ରୀଡ଼ା—ସଂ. ବି—ପିଲାମାନଙ୍କ ଖେଳ—
Śiśu krīrdā A child's play.
(ଶିଶୁଖେଳ—ଅନ୍ୟରୂପ)

ଶିଶୁ କ୍ଲାସ୍—ଦେ. ବି (ଅଧୁନାତ)—ଶିଶୁ ଶ୍ରେଣୀ (ଦେଖ)
Śiśu klās Śiśu śreṇī (See)
शिशुक्लास बच्चावर्ग (ଶିଶୁଶ୍ରେଣୀ—ଅନ୍ୟରୂପ)

ଶିଶୁ ଗୀତ—ସଂ. ବି—୧ । ନାନାବାୟା ଗୀତ; ଶିଶୁମାନଙ୍କ ବୋଲିବାଗୀତ
Śiśu gīta 1. Nursery songs. ୨ । ଶିଶୁ-
ରଞ୍ଜନ ଗୀତ—2. Songs for pleasing children;
cradle songs.

ଶିଶୁ ଚର୍ଯ୍ୟା—ସଂ. ବି—ଶିଶୁପାଳନ (ଦେଖ)
Śiśu Charjyā Śiśupālana (See)

ଶିଶୁ ଚାନ୍ଦ୍ରାୟଣ(କୃଚ୍ଛ୍ର)—ସଂ.ବି—ସ୍ୱଳ୍ପ ଚାନ୍ଦ୍ରାୟଣ; ସହଜସାଧ୍ୟ ଚାନ୍ଦ୍ରାୟଣ
Śiśu chāndrāyaṇa(kruchchhra) ବ୍ରତବିଶେଷ-
A kind of easily accomplishable religious penance. [ଦ୍ର—ଏ ବ୍ରତରେ କଠୋରତା
ଅଳ୍ପ । ବ୍ରାହ୍ମଣ ସଂଯତଚିତ୍ତ ହୋଇ ପ୍ରାତଃକାଳରେ ଚାରି
ଗ୍ରାସ (ଗୁଣ୍ଡା) ମାତ୍ର ଅନ୍ନ ଓ ସୂର୍ଯ୍ୟାସ୍ତ ପରେ ଚାରି ଗ୍ରାସମାତ୍ର
ଅନ୍ନ ଭୋଜନ କରି ଏକମାସ ପାଳନ କରିବେ । ଏହାର
ଦ୍ୱାଦଶବର୍ଷ ବିଶେଷରେ ଏହି ନିୟମରେ ଅହାର କରିବାକୁ
ହୁଏ—ଶବ୍ଦକୋଷ ।]

ଶିଶୁ ତେଲ—ଦେ. ବି—ଶିଶୁ କାଠରୁ ଅଗ୍ନି ସାହାଯ୍ୟରେ ବାହାର କରା-
Śiśu tela ଯିବା ତେଲ—Oil extracted from the
शिशु काठेरतेल सिसमकातेल Sissoo wood. [ଦ୍ର—
ଏହା ଗର୍ମି ରୋଗରେ ବ୍ୟବହୃତ ହୁଏ ।]

ଶିଶୁତ୍ୱ—ସଂ. ବି—(ଶିଶୁ+ଭାବ. ତ୍ୱ)—ଶିଶୁଭାବ; ଶୈଶବ—
Śiśutwa Childhood.

ଶିଶୁ ଦାମ ଦାସ—ଦେ. ବି—ଖ୍ରୀଷ୍ଟୀୟ ଯୁଗର (ଖ୍ରୀ ୧୭୦୦-୧୮୫୦ର)
Śiśu dāma dāsa ଶେଷ ଭାଗର ଓଡ଼ିଆ କବି—Name of
an Oriya poet of the later Bhanja
period. [ଦ୍ର—ପୁରୀର ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ
ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ବିଷୟରେ 'ଦାରୁ ବ୍ରହ୍ମଗୀତା'
ନାମକ ଗୋଟିଏ ପଦ୍ୟଗ୍ରନ୍ଥ ଏ ରଚନା କରିଥିଲେ ।

ଶିଶୁପା—ଦେ. ବି—(ସଂ. ଶିଂଶପା) (ଦେଖ)
Śiśupā Śiṁsapa (See)
शिशु शीशम (ଉ—ଶିଶୁପା ବୃକ୍ଷର ଡାଳେ
ବନ୍ଦି ମନେ ମନେ ଭାବେ
ବିଶ୍ୱନାଥ. ବିଚିତ୍ର ରାମାୟଣ)

ଶିଶୁ ପାଠ—ସଂ. ବି. (୬ଷ୍ଠୀତତ୍)—୧ । ଶିଶୁମାନଙ୍କ ପଢ଼ିବା ଉପଯୁକ୍ତ
Śiśu pātha ଅଭ୍ୟାସର ପୁସ୍ତକ—A book readable by
children. ୨। ଯେଉଁ ପାଠକୁ ଶିଶୁମାନେ ଘୋଷି କରି
ପଢ଼ନ୍ତି—A lesson to be got by heart by
children. (ଉ—ବନ୍ଦନ ଗଢ଼ନ ଗାମୀ ଦେଇ ଗ୍ରାମ,
ଶିଶୁପାଠ ପରି ଘୋଷେ । ଉପେନ୍ଦ୍ର—ବୈଦେହୀଶବିଳାସ)

ଶିଶୁ ପାଠ୍ୟ—ସଂ. ବିଣ (ଷଷ୍ଠୀତତ୍)-ଶିଶୁମାନଙ୍କର ପଢ଼ିବା ଉପଯୋଗୀ--
Śiśu pāthya Fit to be read by children; intended to be read by children.

ଶିଶୁପାଳ—ସଂ. ବି—(ନାମ)—ଚେଦିରାଜ ଦମଘୋଷଙ୍କ ଔରସରେ
Śiśupāla ବସୁଦେବଙ୍କ ଭଗ୍ନୀ ଶ୍ରୁତଶ୍ରବାଙ୍କ ଗର୍ଭଜାତ ପୁତ୍ର—
Name of the son of Damaghosha, the king of Chedi, who was killed by Śrikrushṇa. [ଦ୍ର—ଶ୍ରୀକୃଷ୍ଣଙ୍କ ହାତରେ ଏହାଙ୍କ ମୃତ୍ୟୁ ଘଟି-
ବାର ଭବିଷ୍ୟତ୍ ବାଣୀ ପୂର୍ବରୁ ଅବଗତ ହୋଇ ଏହାଙ୍କର
ଶତ ଅପରାଧ ମାର୍ଜନା କରିବା ପାଇଁ ଶ୍ରୁତଶ୍ରବା ଆପଣା ପୁତ୍ରର
ଶ୍ରୀକୃଷ୍ଣଙ୍କୁ କହିଥିଲେ ଓ ଶ୍ରୀକୃଷ୍ଣ ଏଥିରେ ସମ୍ମତ ହୋଇ
ଥିଲେ । ଦମଘୋଷ ଓ ତାହାଙ୍କ ପୁତ୍ରମାନେ ଶ୍ରୀକୃଷ୍ଣ ବିଦ୍ୱେଷୀ
ଜରାସନ୍ଧର ଅନୁଗତ ଥିଲେ । ଭୀଷ୍ମକରାଜକନ୍ୟା ରୁକ୍ମିଣୀ
ଶ୍ରୀକୃଷ୍ଣଙ୍କୁ ମନେ ମନେ ସ୍ୱାମୀରୂପେ ବରଣ କରିଥିଲେ ।
କିନ୍ତୁ ଜରାସନ୍ଧଙ୍କ ଅନୁରୋଧରେ ଭୀଷ୍ମକରାଜ ରୁକ୍ମିଣୀଙ୍କ
ଶିଶୁପାଳଙ୍କୁ ବିବାହ ଦେବାପାଇଁ ସ୍ୱୀକୃତ ହେଲେ । ରୁକ୍ମିଣୀ
ଏହା ଜାଣି ଶ୍ରୀକୃଷ୍ଣଙ୍କୁ ଆପଣାର ପ୍ରେମ ଜଣାଇ ଗୋପନରେ
ସମ୍ବାଦ ପଠାଇଲେ । ଶିଶୁପାଳ ବରବେଶରେ ଯାଇ ଭୀଷ୍ମକ
ରାଜଧାନୀ ବିଦର୍ଭରେ ଉପସ୍ଥିତ ହେଲେ । ରୁକ୍ମିଣୀଙ୍କର ତାଙ୍କ
ପ୍ରତି ପ୍ରେମ ଓ ଅଶକ୍ତି ଥିବା ଜାଣି ଶ୍ରୀକୃଷ୍ଣ ସେଠାରେ
ଉପସ୍ଥିତ ହୋଇ ରୁକ୍ମିଣୀଙ୍କୁ ବଳେ ବିବାହ କରିବା ପାଇଁ
ହରଣ କଲେ ଓ ବାଧହୋଇ ଶିଶୁପାଳ ଅପମାନିତ,
କ୍ଷୁଣ୍ଣ ଓ ବିଫଳମନୋରଥ ହୋଇ ବିବାହ ବେଶରୁ
ଫେରି ଆସିଲେ । (କୌଣସି ବ୍ୟକ୍ତି ବ୍ୟର୍ଥମନୋରଥ
ହୋଇ ଫେରି ଆସିଲେ ଏହି ଘଟଣାକୁ ଲକ୍ଷ୍ୟ କରି ଲୋକେ
କହନ୍ତି ଉକ୍ତବ୍ୟକ୍ତି 'ଶିଶୁପାଳ ବା ଶିଶୁପାଳଅ'
ହୋଇଗଲା; କିମ୍ବା ଅମୁକ ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କୁ ଶିଶୁପାଳଅ
ବନାଇ ଦେଲା ।)

ପାଣ୍ଡବମାନଙ୍କର ରାଜସୂୟ ଯଜ୍ଞକାଳରେ ଶିଶୁପାଳ ଶ୍ରୀକୃଷ୍ଣଙ୍କ ବିରୁଦ୍ଧରେ ଠିଆ ହେବାରୁ ସେ ସମୟରୁ ତାହାର ଅପରାଧ ଶତ ସଂଖ୍ୟାରୁ ବଳି ଯାଇଥିବାରୁ ଶ୍ରୀକୃଷ୍ଣ ଏହାର ପ୍ରାଣ ସଂହାର କଲେ ।] ଦେ. ବି (ନାମ)—୧ । କେଶରୀ ବଂଶର ଜଣେ ରାଜା (ଖ୍ରୀଷ୍ଟୀୟ ଅଷ୍ଟମ ବା ନବମ ଶତାବ୍ଦୀ; ଏ ଶିଶୁପାଳ ଗଡ଼ ନିର୍ମାଣ କରିଥିଲେ)—1. Name of a king of the Keśarī dynasty who erected the Śiśupāḷa garh. ୨ । ଭୁବନେଶ୍ୱର ନିକଟବର୍ତ୍ତୀ ଗ୍ରାମବିଶେଷ—2. Name of a village near Bhubaneśwara in the district of Puri. [ଦ୍ର—ଏହା ପୁରୀ ଜିଲ୍ଲା ଭୁବନେଶ୍ୱରର ଦକ୍ଷିଣ ପୂର୍ବରେ ଗଙ୍ଗୁଆ ନଦୀକୂଳରେ ଥିବା ଗୋଟିଏ ଗ୍ରାମ । ଏଠାରେ ପ୍ରାଚୀନ ଗଡ଼ର ପ୍ରାଚୀର ଓ ଭଗ୍ନାବଶେଷ ଅଛି । କେଶରୀ ବଂଶୀୟ ରାଜା ଶିଶୁପାଳ କେଶରୀ ଏ ଦୁର୍ଗ ନିର୍ମାଣ କରିଥିଲେ—କୃପାସିନ୍ଧୁ. ଉତ୍କଳ ଇତିହାସ ।

ପରେ ଓଡ଼ିଶାରେ ଗଙ୍ଗ ବଂଶୀୟ ରାଜାମାନେ ରାଜା ହେବାରୁ କେଶରୀ ବଂଶୀୟ ରାଜା ଓଡ଼ିଶା ରାଜାଙ୍କ ଅଧୀନ ଜଣେ ସାମନ୍ତ ରାଜାରୂପେ ଏଠାରେ ରହିଲେ । ଅନଙ୍ଗଭୀମ ଦେବଙ୍କ ପୁତ୍ର ଲାଙ୍ଗୁଳା ନରସିଂହ ଦେବ ଯୁବରାଜ ହୋଇ ଶିଶୁପାଳ ଅଞ୍ଚଳକୁ ଯାଇଥିବା ବେଳେ ଏହି ସାମନ୍ତ ରାଜାଙ୍କ କନ୍ୟା ମାୟାଦେବୀଙ୍କର ଯୁବରାଜଙ୍କ ସଙ୍ଗେ ପ୍ରଣୟ ହୋଇଥିଲା । ଦୁହେଁ ବିବାହ ବନ୍ଧନରେ ଯୁକ୍ତ ହେବେ ବୋଲି ମାୟାଦେବୀ ଆଶା କରିଥିଲେ । କିନ୍ତୁ ନରସିଂହ ଦେବ ରାଜା ହୋଇ ଚମ୍ପ ରାଜ୍ୟର ରାଜକୁମାରୀଙ୍କୁ ବିବାହ କଲେ । ପଣ୍ଡିତ ନୀଳକଣ୍ଠ ଦାସ ଏହି ଘଟଣାକୁ ଲକ୍ଷ୍ୟ କରି ତାଙ୍କ 'କୋଣାର୍କ' କାବ୍ୟର ମୂଳ ଭିତ୍ତି ରଚନା କରିଅଛନ୍ତି ।]

ଶିଶୁପାଳକ—ସ. ବି—୧ । (ଶିଶୁପାଳ+ସ୍ୱାର୍ଥେ କ)—ଶିଶୁପାଳ Śiśu pāḷaka (ଦେଖ)—1. Śiśupāḷa (See) (ଶିଶୁପାଳିକା—ସ୍ତ୍ରୀ) ୨ । (ସ. ୬ଷ୍ଠୀ ତତ୍; ଶିଶୁ+ପାଳକ) ଶିଶୁ ପାଳନକର୍ତ୍ତା—2. One who brings up a child.

ଶିଶୁପାଳ କରିବା—ଦେ. କ୍ରି—ଶିଶୁ ପାଳିଆ କରିବା (ଦେଖ) Śiśupāḷa karibā Śiśu pāḷiā karibā (See) অপ্রস্তুত করা सरमिंदा करना (ଶିଶୁପାଳ ବନା[କେ]ଇବା, ଶିଶୁପାଳ କରି ଛାଡ଼ିବା—ଅନ୍ୟରୂପ)

ଶିଶୁ ପାଳନ—ସ. ବି (୬ଷ୍ଠୀ ତତ୍)—ପିଲାମାନଙ୍କର ଖାଦ୍ୟ ଓ ସ୍ୱାସ୍ଥ୍ୟ Śiśu pāḷana ପ୍ରତି ଯତ୍ନ ନେଇ ପିଲାଙ୍କୁ ବଢ଼ାଇବା—Rearing up of children; bringing up of infants.

ଶିଶୁପାଳ ବଧ—ସ. ବି (୬ଷ୍ଠୀ ତତ୍)—୧ । ଶ୍ରୀକୃଷ୍ଣଙ୍କଦ୍ୱାରା ପାଣ୍ଡବ- Śiśupāḷa badha ମାନଙ୍କ ରାଜସୂୟ ଯଜ୍ଞରେ ଶିଶୁପାଳର ବିନାଶ—1. The murder of Śiśupāḷa by Śrikṛushṇa. ୨ । ମାଘ କବିଙ୍କ ରଚିତ ବିଖ୍ୟାତ ସଂସ୍କୃତ କାବ୍ୟ—2. Title of an epic poem in Sanskrit by poet Māgha.

ଶିଶୁପାଳ ବନିବା—ଦେ. କ୍ରି—ଶିଶୁପାଳିଆ ବନିବା (ଦେଖ) Śiśupāḷa banibā Śiśupāḷiā banibā (See) অপ্রস্তুত হওয়া सरमिंदा बनना (ଶିଶୁପାଳ ହେବା—ଅନ୍ୟରୂପ)

ଶିଶୁପାଳିଆ—ଦେ. ବି—ଶିଶୁପାଳ ପରି ଅପମାନିତ, ଲଜ୍ଜିତ ଓ ବ୍ୟର୍ଥ- Śiśupāḷiā ମନୋରଥ—Crest fallen; insulted and অপ্রস্তুত सरमिंदा disappointed (like Śiśupāḷa).

ଶିଶୁପାଳିଆ କରିବା—ଦେ. କ୍ରି (ଲକ୍ଷଣାର୍ଥ)—(ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ Śiśupāḷiā karibā ହରଣ କରିବା ସମୟରେ ବରବେଶରେ ବିଦର୍ଭରେ ଉପସ୍ଥିତ ଶିଶୁପାଳ ପରି)
ଶିଶୁପାଳିଆ କରି ଛାଡ଼ିବା } ଅନ୍ୟରୂପ
ଶିଶୁପାଳିଆ ବନା(କେ)ଇବା }
শিশুপাল করা कौଣସି ବ୍ୟକ୍ତିକୁ ଅପମାନିତ ଓ ବ୍ୟର୍ଥମନୋରଥ सरमिंदा करना କରିବା—To insult and frustrate the wishes of a person (as was done by Śrikṛushṇa by taking away Rukmiṇī, to marry whom Śiśupala had come to Bidarbha as the bridegroom-elect.

ଶିଶୁପାଳିଆ ବନିବା—ଦେ. କ୍ରି—(ଲକ୍ଷଣାର୍ଥ)—ଶିଶୁପାଳ ପରି ଅପଦସ୍ଥ Śiśupāḷiā banibā ଓ ଲଜ୍ଜିତ ହେବା—To be insulted, frustrated and crest-fallen শিশুপাল হওয়া सरमिंदा बनना (होना) (like Śiśupāḷa.) [ଶିଶୁପାଳିଆ ହେବା—ଅନ୍ୟରୂପ]

ଶିଶୁ ପ୍ରକୃତି—ସ. ବି ଓ ବିଣ—(୬ଷ୍ଠୀ ତତ୍ ଓ ବହୁବ୍ରୀହି)—ଶିଶୁ ସ୍ୱଭାବ Śisu prakṛuti (ଦେଖ) Śiśu swabhāba (See)

ଶିଶୁ ବାଳକ—ଦେ. ବି—(ପୁଂ)—ଅଳ୍ପ ବୟସ୍କ ପିଲା— Śisu bāḷaka Male child. ছোট ছেলে छोटा लडका [ଶିଶୁ ବାଳିକା—ସ୍ତ୍ରୀ]

ଶିଶୁ ବାଳିକା—ଦେ. ବି (ସ୍ତ୍ରୀ)—ମାଈ ପିଲା; ଅଳ୍ପବୟସ୍କା କନ୍ୟା— Śiśu bāḷikā Female child; infant-girl. কচি মেয়ে छोटी लडकी

ଶିଶୁ ବୁଦ୍ଧି—ସ. ବି—(୬ଷ୍ଠୀ ତତ୍; ପ. ପ. ଲୋ)—୧ । ପିଲାର ବୁଦ୍ଧି— Śiśu budhi 1. The intelligence or understanding of a child. [ଶିଶୁ ମତି—ଅନ୍ୟରୂପ] ୨ । (ପଦାର୍ଥ) ପିଲାଳିଆ ବୁଦ୍ଧି—2. Childshness; puerility. ବିଣ ପୁଂ ଓ ସ୍ତ୍ରୀ—(ବହୁବ୍ରୀହି)—୧ । ଶିଶୁ ପରି ଅପରିପକ୍ୱ ବୁଦ୍ଧି ବିଶିଷ୍ଟ; ସୁକୁମାର ମତି—1. Of slender or raw understanding. ୨ । (ପଦାର୍ଥ)—ପିଲାଳିଆ—2. Childish; puerile.

ଶିଶୁ ବେଦ—ଦେ. ବି—(ଗ୍ରନ୍ଥର ନାମ)—୧ । ଅଣାକାର ମତାବଲମ୍ବୀ Śiśu beda ମାନଙ୍କର ପଞ୍ଚମ ବେଦ; ଜଗନ୍ନାଥ ଗୁଣ୍ୟ ବା ଲକ୍ଷବେଦ— 1. The fifth Beda of the holders of the Aṇākāra tenets. ୨ । ଗୁପ୍ତ ମୂଳ (ଦେଖ)—

Sushumnā (See) [ଦ୍ର—ଭୁ ଅବୁ ଶିଶୁବେଦ ଘରେ, ମୁଁ ଥିବ ତନ୍ତ୍ର ଗୋଚରେ—ପ୍ରାଚୀ. ଉଗ୍ରଶମାଦାସ୍ଯ ।]

ଶିଶୁ ବୋଧ—ଦେ. ବି—ଶିଶୁମାନଙ୍କର ବୁଝିପାରିବାଭଳି ବିଷୟ ବା
Śisu bodha ପାଠ୍ୟବସ୍ତୁ—A matter, lesson or book
ଶିশুবোধ शिशुबोध which is fit for children.

ଶିଶୁ ବୋଧ୍ୟ—ସ. ବି—(ଷଷ୍ଠୀ ତତ୍)—ପିଲାମାନେ ଯାହା ସହଜରେ
Śisu bodhya ବୁଝି ପାରିବେ—Which can be easily understood by children.

ଶିଶୁ ମଙ୍ଗଳ—ସ. ବି (ଅଧୁନାତନ ପ୍ରୟୋଗ)—ଶିଶୁ ଜୀବନର ସର୍ବାଙ୍ଗୀଣ
Śisu mangala ଉନ୍ନତି ବିଧାନୋପାୟ—
শিশুমঙ্গল शिशुमङ्गल Child-welfare.

ଶିଶୁମାର—ସ. ବି (ଶିଶୁ+ମୃ ଧାତୁ ଣିଚ୍=ମାରି ଧାତୁ+କର୍ତ୍ତୃ. ଅ)—
Śisumāra ୧ । ଶୁଶୁକ; ଶିଶୁକ; ଭୁଅସୁଣୀ ମାଛ—1. Porpoise; the Gangetic dolphin; Plantanista Gangetica. (ଯ—ଶିଶୁମାର ଖେଳେ ତରଙ୍ଗେ ଉଲଟି, ଉଠି ବୁଡ଼ଇ ନ ପଡ଼ୁ ଦେଖିଲେ ଦିଠି । ରାଧାନାଥ. ଚିଲିକା ।) [ଦ୍ର—ଏ ଜୀବର ମୁହଁ ପାଖରେ ସିନ୍ଦୂର ପରି ନାଲି ଚିହ୍ନ ଦେଖା ଯିବାରୁ ଭୁଅସୁଣୀ (କୁଳବଧୂଙ୍କ କପାଳରେ ସିନ୍ଦୂରବିନ୍ଦୁ ଲଗା ଥିବାରୁ ଲୋକେ ଏ ନାମ ଦେଇଛନ୍ତି); ଏହା ଜଳଚର ସ୍ତନ୍ୟପାୟୀ ଅକୃଷ୍ଟ ଜୀବ ବିଶେଷ; ଗଙ୍ଗା, ବ୍ରହ୍ମପୁତ୍ର ଓ ସିନ୍ଧୁନଦୀରେ ଦେଖାଯାଏ । ଏହାର ଦେହ ଘୁଷୁରୀ ପରି କଳା ବା ଧୂସର ବର୍ଣ୍ଣ । ଏ ନିଶ୍ୱାସ ମାରିବାକୁ ମଝିରେ ମଝିରେ ପାଣିଉପରକୁ ଭୁସକରି ଉଠି, ତତ୍ପରେ ଲେଉଟି ପାଣି ବୁଡ଼ିଯାଏ । ଏ ହଂସ, କୁମ୍ଭୀର ଓ ଏହାକୁ ଅକ୍ରମଣ କଲେ ମୁହଁ ଦ୍ୱାରା 'ଶୁ, ଶୁ' ଶବ୍ଦ କରି ଅକ୍ରମଣକାରୀ ଆଡ଼କୁ ପାଣି ଫିଙ୍ଗେ ।] ୨ । ଜନୈକ ପ୍ରଜାପତି—2. Name of a mythological progenitor of mankind, (ଯ—ଯେ ଶିଶୁମାର ପ୍ରଜାପତି, ତା କନ୍ୟା ଭ୍ରମି ଗୁଣବତୀ; ରୂପେ କମଳା ସମସ୍ତ, ବିବାହେ କନ୍ୟା ଧ୍ରୁବେ ବର । ଜଗନ୍ନାଥ. ଭାଗବତ ।) [ଦ୍ର—ଏହାଙ୍କ କନ୍ୟାଙ୍କ ନାମ ଭ୍ରମି । ଏହି କନ୍ୟା ଧ୍ରୁବଙ୍କୁ ବିବାହ କରିଥିଲେ । ଭ୍ରମିଙ୍କ ଗର୍ଭରୁ କଳ୍ପ ଓ ବତ୍ସର ନାମକ ଦୁଇ ସନ୍ତାନ ଜନ୍ମିଥିଲେ ।] ୩ । ଶିଶୁମାର ପୁଞ୍ଜ (ଦେଖ)—3. The Lesser Bear constellation. ୪ । ଫଳିତ ଜ୍ୟୋତିଷୋକ୍ତ ତାରକା ଚକ୍ର ବିଶେଷ—4. Name of a circular figure of the stars in Hindu astrology. [ଦ୍ର—ଏହା ଶିଶୁମାରକର ଅନୁରୂପ ।]

ଶିଶୁମାର ଚକ୍ର—ସ. ବି—୧ । ଶିଶୁମାର ପୁଞ୍ଜ (ଦେଖ)—
Śisumāra chakra 1, Śisumāra punja, (See) (ଯ—ଯେ ଶିଶୁମାର ଚକ୍ରତଳେ, ଚନ୍ଦ୍ର ଆଦିତ୍ୟ ତାରା ମେଳେ, ଜଗତେ ଭ୍ରମନ୍ତି ପ୍ରଦକ୍ଷିଣେ, ଯେସନ ବଳଦ ଅକର୍ଷଣେ । ଜଗନ୍ନାଥ. ଭାଗବତ । ବାମ ଭାଗରୁ ଯେ ଭ୍ରମନ୍ତି, ସେ ଶିଶୁମାର ଚକ୍ରେ ସ୍ଥିତି । ସଙ୍ଗୋବନ୍ତ. ପ୍ରେମ ଭକ୍ତି ବ୍ରହ୍ମଗୀତା ।) ୨ । ଶିଶୁମାର ୪ (ଦେଖ)—
2. Śisumāra 4. (See)

ଶିଶୁମାର ପୁଞ୍ଜ(ମଣ୍ଡଳ)—ସ. ବି (ଜ୍ୟୋତିଷ)—ଧ୍ରୁବମଣ୍ଡଳ ନକ୍ଷତ୍ର
Śisumāra punja(mandala—The Lesser Bear constellation. [ଦ୍ର—ଏହି ମଣ୍ଡଳର ପୁଚ୍ଛରେ ଧ୍ରୁବ ନକ୍ଷତ୍ର ଅଛି । ଏହି ପୁଞ୍ଜ ଉତ୍ତରାକାଶରେ ଅବସ୍ଥିତ । ଏଥିରେ ସାତୋଟି ତାରା ଅଛି । ଏହି ସାତୋଟି ତାରାବିଶିଷ୍ଟ ପୁଞ୍ଜ ସପ୍ତର୍ଷି ମଣ୍ଡଳର ଅନୁରୂପ ବିଶିଷ୍ଟ । ଏ ପୁଞ୍ଜର ଧ୍ରୁବ ତାରା ସର୍ବଦା ନିଶ୍ଚଳ । ଏହି ଧ୍ରୁବଙ୍କୁ ମେରୁଦଣ୍ଡ କରି ଯାବତୀୟ ତାରା ଅକାଶରେ ପୂର୍ବରୁ ପଶ୍ଚିମକୁ ବୁଲୁଛନ୍ତି । ଭାଗବତ ୪ର୍ଥ ସ୍କନ୍ଧ ୯ମ ଓ ୫ମ ସ୍କନ୍ଧ ୨୩ଶ ଅଧ୍ୟାୟରେ ଶିଶୁମାରପୁଞ୍ଜ ଓ ଅନ୍ୟ ନକ୍ଷତ୍ରମାନଙ୍କ ବିଷୟ ବର୍ଣ୍ଣିତ ହୋଇ ଅଛି । ଏହା ସପ୍ତର୍ଷି ମଣ୍ଡଳର ବିପରୀତ ଅବସ୍ଥିତିରେ ଅବସ୍ଥିତ ଓ ସପ୍ତର୍ଷି ମଣ୍ଡଳର ଅନୁରୂପବିଶିଷ୍ଟ । ନକ୍ଷତ୍ର ଚଳେ ନୋହି ଦେଖ ।] (ଯ—ସପ୍ତର୍ଷିଙ୍କ ଉର୍ଦ୍ଧ୍ୱପଥେ, ଜନନୀ ସଙ୍ଗେ ଦିବ୍ୟ ରଥେ, ବସିବୁ ଶିଶୁମାର ପଛେ, ଉତ୍ତର ବଗେ ଭୁ ପ୍ରତ୍ୟକ୍ଷେ । ଜଗନ୍ନାଥ. ଭାଗବତ ।)

ଶିଶୁମଣା(ନା)—ଦେ. ବି—(ସଂ, ସୁଷୁମ୍ନା ସୁଷୁମ୍ନା (ଦେଖ)—
Śisumunā(nā) Sushumnā (See) (ଯ—ଶିଙ୍ଘାନାଦରେ
সুষুম্না ଶିଶୁମ୍ନାରେ ଉଦୟ—ପ୍ରାଚୀ ଗ୍ରନ୍ଥରୁ ବ୍ରହ୍ମ
सुषुम्ना ଗୀତା ।)

ଶିଶୁମ୍ନା—ଦେ. ବି—ସୁଷୁମ୍ନା (ଦେଖ)—Sushumnā. (See)
Śisumnā (ଯ—ଜ ଅବା ଶିଶୁମ୍ନା ଚକ୍ର ସୁଷୁପ୍ତି ତକରେ ।
সুষুম্না सुषुम्ना ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।)

ଶିଶୁର—ପ୍ରାଦେ. (ମେଦିନୀପୁର) ବି—ଶିଶି—
Śisur Phial.

ଶିଶୁ ରଞ୍ଜନ—ସଂ. ବି—ଶିଶୁମାନଙ୍କର ମନକୁ ଅନନ୍ଦିତ କରିବା—
Śisu ranjana Pleasing children; attracting the mind of children. ବିଣ—ଶିଶୁମାନଙ୍କ ଚିତ୍ତ-ହରି—Attractive to children. (ଯଥା - ଶିଶୁରଞ୍ଜନ ଗୀତ । ଏ ଭାଷାକୋଷରେ ଅନେକ ଶିଶୁରଞ୍ଜନ ଗୀତ ଉଦ୍ଧୃତ ହୋଇଅଛି ।)

ଶିଶୁରନ୍ଧ୍ର—ଦେ. ବି—ସୁଷୁମ୍ନା ନାଡ଼ୀମଧ୍ୟରେ ଥିବା ଛିଦ୍ର—A hole
Śisu randhra in the vein running over and
সুষুম্নাকাছিদ্র along the backbone between Idā and Pingalā.
[ଦ୍ର—ଶିଶୁରନ୍ଧ୍ର ରନ୍ଧ୍ର ବାଟ ଅଛି ଯେ ଠାବକୁ—ପ୍ରାଚୀ
সুষুম্নার ছাঁদা ବ୍ରହ୍ମନିରୂପଣଗୀତା ।]

ଶିଶୁ ଶଙ୍କର ଦାସ—ଓଦ. ବି (ନାମ)—(ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର
Śisu śankara dāsa ମଧ୍ୟଭାଗରେ) ଉଷାଭିଳାଷ ପ୍ରଣେତା ଉଦ୍ଧ୍ୱ ସୁତର ଓଡ଼ିଆ କବି । (ଏ ଉଷାଅଭିଳାଷ କାବ୍ୟର ରଚୟିତା)
An Oriā poet of the 16th century.
[ଦ୍ର—ଏହାଙ୍କ ଉଷାଅଭିଳାଷ କାବ୍ୟକୁ ସମ୍ପାଦନ କରି ପ୍ରୋଫେସର

ଅଣ୍ଟିବନ୍ଧର ମହାନ୍ତ ପ୍ରାଚୀନ ତାଳପତ୍ର ପୋଥିମାନଙ୍କରୁ ସଙ୍ଗ୍ରହ କରି ଟୀକା ସହିତ ପ୍ରାଚୀସମିତି ପକ୍ଷରୁ ପ୍ରକାଶ କରିଅଛନ୍ତି ।]

ଶିଶୁ ଶବଦ—ଦେ. ବି—ଅନାହତ ଧ୍ୱନି—Unobstructed sound
Śisu śabada or voice. (ଉ—ଶିଶୁ ଶବଦେ
ଅନାହତ शब्द ଦେଲ କର୍ଣ୍ଣ, ଲେଖଟନେ ଠାବ କଲେ ବ୍ରହ୍ମ—ପ୍ରାଚୀ ଚଇତନ୍ୟ ମହାପ୍ରଭୁ ।)

ଶିଶୁ ଶ୍ରେଣୀ—ସଂ. ବି (ଅଧୁନାତ)—ପ୍ରାଥମିକ ବିଦ୍ୟାଳୟମାନଙ୍କରେ
Śisu śreṇi ଆଧୁନିକ କିଣ୍ଡରଗାର୍ଟେନ୍ ପଦ୍ଧତି ଅନୁସାରେ ଗଠିତ
शिशुश्रेणी शिशुवर्ग शिशुश्रेणी ଶିଶୁମାନଙ୍କ ମନକୁ ଚିତ୍ର କ୍ରୀଡ଼ା, ଗୀତା, କଥା ଓ ଦ୍ରବ୍ୟାଦି ଆଦି ନାନା ଉପାୟରେ ମୋହିତ କରି ଶିକ୍ଷା ଦେବାଉଦ୍ଦେଶ୍ୟରେ ଗଠିତଶ୍ରେଣୀମାନ
Infant classes formed in primary schools according to the modern Kindergarten system.

ଶିଶୁ ସୁଲଭ—ସ. ବି—(୭ମୀ ତତ୍)—୧ । ଯାହା ଶିଶୁଠାରେ ଦେଖା
Śisu sulabha ଯାଏ—1. Found in children.
୨ । ଶିଶୁ ପକ୍ଷରେ ସହଜ—2. Easy for children

ଶିଶୁ ସ୍ୱଭାବ—ସ. ବି—(୬ଷ୍ଠୀ ତତ୍)—୧ । ଶିଶୁର ସ୍ୱଭାବ—1. The
Śisu swabhāba nature of infants. ୨ । (ଲକ୍ଷ ଅର୍ଥ) ଶିଶୁ ପରି ସରଳ ପ୍ରକୃତି ବା ଆଚରଣ—2. Child-like nature; childlike frankness or simplicity. ୩ । (ମନ୍ଦାର୍ଥ) ଶିଶୁଉଚିତ ଚପଳ ପ୍ରକୃତି
3. Childish nature. ୪ । କୋମଳ ସ୍ୱଭାବ—
4. Tenderness found in children. ବି. ଣ (ବହୁବ୍ରୀହି) ଶିଶୁର ସ୍ୱଭାବ ବିଶିଷ୍ଟ—avHing the nature of child of childish or childlike nature.

ଶିଶୁ ହତ୍ୟା—ସ. ବି— (୬ଷ୍ଠୀ ତତ୍)—ଶିଶୁମାନଙ୍କୁ ମାରି ପକାଇବା—
Śisu hatyā Infanticide; killing of children.

ଶିଶୁ ହୃଦୟ—ସ. ବି—(୬ଷ୍ଠୀ ତତ୍)—୧ । ଶିଶୁର କୋମଳ ମନ—
Śisu hṛudaya 1. A child's simple mind. ୨ (ଶିଶୁପରି) କୋମଳ ଓ ସରଳମନ—2. Frank and simple mind; childlike heart.

ଶିଶୋଦିୟ—ସ. ବି—ରାଜପୁତମାନଙ୍କର ଶାଖା ବିଶେଷ—
Śisodiya A class or clan of the Rājputs [ଉ—ମେୱାର ସ୍ୱଠୋର ଶିଶୋଦୀୟ ଯଶ ଗାଇ କରୁଥିଲେ ପୀୟୂଷପାନ । ନନ୍ଦକିଶୋର. କୃଷ୍ଣକୁମାରୀ ।]

ଶିଶ୍ନ—ସ. ବି—(ଶିଶ୍ ଧାତୁ=ସ୍ପୃଷ୍ଟ ଗମନ କରିବା+କର୍ତ୍ତୃ ନ)—
Śiśna ପୁରୁଷୋପସ୍ଥ; ଲିଙ୍ଗ; ମେଢ୍ର; ପୁରୁଷାଙ୍ଗ—Penis, male organ of generation.

ଶିଶ୍ନୋଦର ପରାୟଣ—ସ. ବିଣ ପୁଂ—ଅଦ୍ଭାରି ଓ ଲେଥଳାସକ୍ତ—
Śiśnodara parāyaṇa Lascivious and epicurean greedy and voluptuous. [ଉ—ଯେ ଶିଶ୍ନୋଦର ପରାୟଣ, ଅସାଧୁଙ୍କ ସେ ଦୁର୍ଜନ । ଜଗନ୍ନାଥ. ଭାଗବତ ।]

ଶିଶ୍ୱାଦନ—ଯ ବିଣ—(ଶିତ୍ ଧାତୁ=ଶୁକ୍ଳ ବର୍ଣ୍ଣ ହେବା+ଅନ; ଦ୍ୱିତ୍ୱ, ଦ
Śiśwadāna =ଦ)—୧ । ନିର୍ଦ୍ଦୋଷ—1. Faultless. ୨ । ଧାର୍ମିକ—2. Pious. ୩ । ପାପକର୍ମକାରୀ—
3. Doing sinful acts.

ଶିଷ୍ (ଧାତୁ)—ସ.—ଶେଷ ହେବା—
Śish (root) To be exhausted; to end.

ଶିଷ(ଷି)—ଦେ. ବି. ପୁଂ—(ସ. ଶିଷ୍ୟ)—୧ । ଶିଷ୍ୟ; ଛାତ୍ର—
Śisha(shi) 1. Pupil. [ଉ—ସେ ରୂପେ ସେ ଗବାଦେ शिष्य शिष ଉଜ୍ଜ୍ୱଳ ଶିଷ । କୃଷ୍ଣସିଂହ. ମହାଭାରତ ବନ ।]
୨ । ପୁତ୍ର—2. Son. ୩ । ଛୁଆ—3 Infant. [ଉ—ପୁଷ୍ପ ପତରେ ଥିଲ ଉଡ଼ୁଗଣ ଶିଷ—ପ୍ରବାଦ. ଶଶିସେଣା ।] ୪ । ସାଥୀ; ସହଚର; ସାଙ୍ଗ ପିଲା—
4. Companion. [ଉ—ଏଣେ ଯେ ସଙ୍ଗର ଶିଷେ, ଲେଉଟନ୍ତି ସେ ଉତ୍ସାହେ । ପ୍ରତାପ. ଶଶିସେଣା ।] ୫ । ବାଳକ—5. Boy. [ଉ—କଥା କହନ୍ତି କୌଶଲ୍ୟା ଶିଷ, ଚାଲ ମାଉଁସୀ ବସାଇଷ । ବଚନ ରାମାୟଣ ।] ୬ । ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରିଥିବା ବ୍ୟକ୍ତି—6. Disciple.

ଶିଷର—ଦେ. ବି—(ସ. ଶୂତ୍କର)—ସିଟି ମାରିବା ଜଳ ପତ୍ର—
Śishara सिटी सीटी A whistle.

ଶିଷୀ—ଦେ. ବି ସ୍ତ୍ରୀ—୧ । ଶିଷ୍ୟା—1. A girl pupil. ୨ ।
Śishi ୨ । କନ୍ୟା; ଝିଅ—2. Daughter. ୩ । ବାଳିକା—
शिष्या शिष्या 3. Girl. ୪ । ଗୁରୁଙ୍କଦୀକ୍ଷିତା ସ୍ତ୍ରୀ—
4. A female disciple.

ଶିଷ୍ଟ—ସ. ବିଣ—(ଶାସ୍ ଧାତୁ=ଶାସନ କରିବା+କର୍ମ. ତ)—୧ ।
Śishṭa ଶାନ୍ତ; ଧୀର; ସୁଶୀଳ—1. Gentle; well behaved. [ଶିଷ୍ଟତା—ବି] [ଶିଷ୍ଟା—ସ୍ତ୍ରୀ] ୨ । ଭଦ୍ର—2. Noble; polite; urbane. ୩ । ନମ୍ର; ବିନୀତ—3. Humble. ୪ । ଶିକ୍ଷିତ; ବିଦ୍ୱାନ—4. Educated; learned; trained. ୫ । ସଭ୍ୟ—5. Civilized; polished; refined. ୬ । ଶିକ୍ଷାପ୍ରାପ୍ତ—6. Trained; educated. ୭ । ନୀତିମାନ—7. Moral; well principled; regulated. ୮ । ବଶୀଭୂତ—8. Controlled. ୯ । ଆଜ୍ଞାଧୀନ—9. Obedient. ୧୦ । ପ୍ରଧାନ—10. Principal; chief. ୧୧ । (ଶିଷ୍ ଧାତୁ=ଶେଷ ହେବା+କର୍ତ୍ତୃ. ତ) ଅବଶିଷ୍ଟ—11. Remaining. ସ. ବି—୧ ।(ଶାସ ଧାତୁ+କର୍ତ୍ତୃ. ତ) ମନ୍ତ୍ରୀ—1. Minister. ୨ । ସର୍ଦ୍ଦାର—2. Headman; leader; a chief.

ଶିଷ୍ଟ(ଷ୍ଠ,ଷ୍ଟି)କରଣ—ଦେ. ବି—ଶେଠ କରଣ (ଦେଖ)
Śishṭa(shṭha,shṭi) karaṇa Seṭha karaṇa (See)

ଶିଷ୍ଟତା(ତ୍ୱ)—ସ. ବି—(ଶିଷ୍ଟ+ତା,ତ୍ୱ)—୧ । ଭଦ୍ରତା—
Śishṭatā(twa) 1. Gentleness; nobility; urbanity; politeness. ୨ । ଭଦ୍ର ସମାଜରେ ପ୍ରଚଳିତ

ଉଚ୍ଚମ; ଅଦବ କାଏଦା—2. Etiquette. ୩ । ସଭ୍ୟ ସମାଜରେ ପ୍ରଚଳିତ ଆଚାର—3. The urbane manners; manners or usages obtaining in reformed society.

ଶିଷ୍ଟତାନୁମତ—ସଂ. ବଣ—(ତସ୍ୟା ତତ୍)—ଭଦ୍ରତା ଦ୍ୱାରା ଅନୁମୋଦିତ; Sishtatanumata ଉଚ୍ଚୋଚିତ—Approved in polished society.
[ଶିଷ୍ଟତାନୁମୋଦିତ, ଶିଷ୍ଟତା ସଙ୍ଗତ, ଶିଷ୍ଟସୋଷତ—ଅନ୍ୟରୂପ]

ଶିଷ୍ଟତା ବହିର୍ଭୂତ—ସଂ. ବଣ.—୧ । ଭଦ୍ରତା ବିରୁଦ୍ଧ—1. Oppo-Sishtatā bahirbhūta sed to good manners. ୨ । [ଶିଷ୍ଟତା ବହିର୍ଗତ, ଶିଷ୍ଟତାବିରୁଦ୍ଧ—ଅନ୍ୟରୂପ] ଅଶିଷ୍ଟ—2.Rude.

ଶିଷ୍ଟ ପ୍ରୟୋଗ—ସଂ. ବ—(ଶିଷ୍ଟ ମାନଙ୍କଦ୍ୱାରା ବ୍ୟବହୃତ ପ୍ରୟୋଗ, ମ. ପ. Sishta prayoga ଲୋ)—୧ । ଭଦ୍ର ବା ସଭ୍ୟ ବା ଶିକ୍ଷିତ ବ୍ୟକ୍ତିମାନଙ୍କଦ୍ୱାରା ବ୍ୟବହୃତ ଶବ୍ଦ ବା ବାକ୍ୟାଂଶ—1. Authoritative usage of expressions. ୨ । ଭାଷାର ସ୍ୱଭାବସଙ୍ଗତ ବାକ୍ୟାଂଶ—2. Idiomatic expressions. ୩ । ବିଖ୍ୟାତ ବା ପ୍ରସିଦ୍ଧ ଲେଖକମାନଙ୍କ ଦ୍ୱାରା ବ୍ୟବହୃତ ବାକ୍ୟାଂଶ—3. Particular use of words and expressions by standard authors.

ଶିଷ୍ଟ ବାକ୍ୟ—ସଂ. ବ—(କର୍ମଧା)—ଶିଷ୍ଟାଳାପ; ଭଦ୍ରତାପୂର୍ଣ୍ଣ କଥୋପ-Sishta bākya କଥନ—Gentle talk; polite talk.
[ଶିଷ୍ଟ ସମ୍ଭାଷଣ—ଅନ୍ୟରୂପ]

ଶିଷ୍ଟ ଶାନ୍ତ—ଦେ. ବଣ (ସମାର୍ଥକ ଯୁଗଳ)—ଭଦ୍ର ଓ ନମ୍ର—Sishta Sānta Polite and gentle.
शिष्टशान्त शिष्टशांत

ଶିଷ୍ଟ ସମ୍ବୋଧନ—ସଂ. ବ (କର୍ମଧା—ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ Sishta sambodhana ସମ୍ବୋଧନ—Polite address.

ଶିଷ୍ଟାଚରଣ—ସଂ. ବ (କର୍ମଧା)—ସଦାଚାର; ଭଦ୍ରବ୍ୟବହାର; ଭଦ୍ରତା—Sishtācharana Politeness; polished manners; (ଶିଷ୍ଟାଚାର—ଅନ୍ୟରୂପ) good manners; approved conduct. [ଉ—ବୋଲନ୍ତି ବ୍ୟାଧ ଯୋଗ ତପସ୍ୱୀବାଳ ଶିଷ୍ଟାଚାର ଏହା ବୋଲନ୍ତି ସଜ୍ଜନ—କୃଷ୍ଣସିଂହ ମହାଭାରତ ।]
ସଂ. ବଣ. ପୁଂ (ତତ୍ପୁରୁଷ)—ଶିଷ୍ଟାଚାରୀ (ଦେଖ)—(ଶିଷ୍ଟାଚରଣୀ, ଶିଷ୍ଟାଚାରୀ—ସ୍ତ୍ରୀ,ବଣ) Sishtāchāri (See).

ଶିଷ୍ଟାଚାର ବହିର୍ଭୂତ—ସଂ. ବଣ—ଶିଷ୍ଟତା ବହିର୍ଭୂତ (ଦେଖ)—Sishtāchāra bahirbhūta Sishtatā bahirbhūta (See)
ଶିଷ୍ଟାଚାର ବହିର୍ଗତ } ଅନ୍ୟରୂପ
ଶିଷ୍ଟାଚାର ବିରୁଦ୍ଧ }

ଶିଷ୍ଟାଚାରଯୁକ୍ତ—ସଂ. ବଣ (ତସ୍ୟା ତତ୍)—ଭଦ୍ରତା ବିଶିଷ୍ଟ—Gentle; Sishtāchāra jukta consisting of gentility or (ଶିଷ୍ଟାଚାର ସମ୍ପନ୍ନ—ଅନ୍ୟରୂପ) nobility.

ଶିଷ୍ଟାଚାର ସଙ୍ଗ(ମ୍ମ)ତ—ସଂ. ବଣ—ଶିଷ୍ଟତାନୁଗତ (ଦେଖ)—Sishtāchāra sanga(mma)ta Sishtatānugata (See)

ଶିଷ୍ଟାଚାରୀ—ସଂ. ବଣ. ପୁଂ (ଶିଷ୍ଟାଚାରିନ୍ ଶବ୍ଦର ୧ମା. ୧ବଚନ)—Sishtāchāri ସଦାଚାରପରାୟଣ; ଭଦ୍ର—Polite; gentle; (ଶିଷ୍ଟାଚାରିଣୀ—ସ୍ତ୍ରୀ well behaved; of good manners.

ଶିଷ୍ଟି—ସଂ. ବ—(ଶାସ୍ଧାତୁ+ଭାବ.ତି, କର୍ତ୍ତାଚନ) ୧ । ଦମନ; ଶାସନ; Sishti ଚାଳନ—1. Controlling; regulating; ruling. ୨ । (+କରଣ.ତି) ଆଜ୍ଞା; ଆଦେଶ—2. Order. ୩ । ଶୋଧନ—3. Rectification. ୪ । ବିନ୍ୟାସ—4. Arrangement.

ଶିଷ୍ଟି(ଷ୍ଠି)କରଣ—ଦେ. ବ.—ଶେଠ କରଣ (ଦେଖ)
Sishti (shthi) karana Setha karana (See)

ଶିଷ୍ୟ—ସଂ. ବ—୧ । (ଶାସ୍ଧାତୁ=ଶାସନ କରିବା+କର୍ମ ଯ)—ଯେ Sishya ଗୁରୁଙ୍କ ନିକଟରେ କୌଣସି ବିଦ୍ୟା ଶିକ୍ଷା କରେ; ଅନ୍ତେ-(ଶିଷ୍ୟା—ସ୍ତ୍ରୀ) ବାସୀ; ଛାତ୍ର—1. Apprentice; pupil; disci-(ଗୁରୁ—ଅପେକ୍ଷିକ ବାଚକ ଶବ୍ଦ) ple. [ବି—ସ୍ମୃତି ଅନୁସାରେ ଯେ କାୟମନୋବାକ୍ୟ ଦ୍ୱାରା ଦେବତା, ଅଗ୍ନି ଓ ଗୁରୁଙ୍କର ଶୁଶ୍ରୂଷା କରନ୍ତି ଏବଂ ଯେ କ୍ଷମାଳଚିତ୍ତ, ଶ୍ରମଶୀଳ ଓ ବୁଦ୍ଧିମାନ୍ ସେ ଶିଷ୍ୟ ପଦବାଚ୍ୟ] ୨ । ଯାହାଙ୍କୁ କୌଣସି ଆଧ୍ୟାତ୍ମିକ ବିଦ୍ୟାଶିକ୍ଷା ଦିଆଯାଏ; ମନ୍ତ୍ରଶିଷ୍ୟ—2. Spiritual disciple. ୩। ବାବାଜୀଙ୍କ ଚେଲା-3. The disciple of an anchorite. ବଣ(ପୁଂ)—୧। ଶାସନଯୋଗ୍ୟ 1. Fit to be governed. ୨। ଶିକ୍ଷା ପାଇବାର ଉପଯୋଗୀ—2. Fit to be trained. ୩ । ଶିକ୍ଷଣୀୟ—3. Teachable. ୪ । ଉପଦେଶ୍ୟ—4. Fit to be instructed or imparted. ଦେ. ବ.—ପୁଅ; ପୁତ୍ର—Son [ଉ—ପ୍ଲେମଣ ବୋଇଲେ ହେ ପାଣ୍ଡୁ ଜ୍ୟେଷ୍ଠ ଶିଷ୍ୟ—କୃଷ୍ଣସିଂହ. ମହାଭାରତ ।]

ଶିଷ୍ୟ କରିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ମନ୍ତ୍ରଦାନ ବା ବିଦ୍ୟାଦାନ Sishya kariba କରିବା ପାଇଁ ଶିଷ୍ୟରୂପେ ଗ୍ରହଣ କରିବା—शिष्यकरा शिष्यत्करना(बनाना) To take a person as a disciple; to initiate a person into the mysteries of any branch of science or religion.

ଶିଷ୍ୟାନୁଶିଷ୍ୟ—ସଂ. ବ. ପୁଂ (ଦ୍ୱନ୍ଦ୍ୱ)—ଶିଷ୍ୟ ଓ ଶିଷ୍ୟର ଶିଷ୍ୟ—Sishyānusishya A disciple and disciple's dis-(ଶିଷ୍ୟାନୁଶିଷ୍ୟା—ସ୍ତ୍ରୀ) ciple. [ଉ—ଏ ମଠରେ ରାମାନନ୍ଦୀ ବୈଷ୍ଣବମାନେ ଶିଷ୍ୟାନୁଶିଷ୍ୟ କ୍ରମେ ମହନ୍ତ ହୋଇ ଆସୁ ଅଛନ୍ତି]

ଶିସ୍ତୁ—ପ୍ରାଦେ. ବ (ଉର୍ଦ୍ଦୁ—(ଫା. ସେସ୍)—କର; ଶୁଳ୍କ—Sistu Tax; cess.

ଶିହର(ରେ)ଇବା—ଦେ. କ୍ରି—ଶିହିରାଇବା (ଦେଖ)—Siharā(re)ibā Sihirāibā (See)
(ଶିହରିବା—ଅନ୍ୟରୂପ)

ଶିହ୍ଳ—ଦେ. ବି—ଶିହଳ (ଦେଖ)—
Sihala Sihala (see)

ଶିହା (ଇତ୍ୟାଦି)—ବୈଦେ. ବି—ସିହା ଇତ୍ୟାଦି (ଦେଖ)
Sihā (etc) Sihā etc (See)

ଶିହାଇ (ଇତ୍ୟାଦି)—ବୈଦେ. ବି—ସିହାଇ ଇତ୍ୟାଦି (ଦେଖ)
Sihāi (etc) Sihāi etc (See)

ଶିହିର(ରେ)ଇବା—ଦେ. କ୍ରି.—(ସ. ଶୀତଳରୁ କମ୍ପ ଶୀକର=ଜଳ-
Sihirā(re)ibā କଣା—ପ୍ରା. ସୀହିର; ହଠାତ୍ ଦେହରେ

ଶିହିରାଇ ଉଠିବା, ଶିହିର ଉଠିବା, ଶିହିରେଇବା — ଅନ୍ୟରୂପ

ଶୀତଳପାଣି ଛାଟ ଦେଲେ ଦେହରେ ରୋମୋଦ୍ଗମ ହେବା ଯୋଗୁ)—(ଦେହ) ଶିର ଶିର ହେବା; ଥର ଉଠିବା; ଲୁମ ଟାଙ୍କୁରିବା; ଭୟ ବା କଷ୍ଟରେ ଦେହରେ ଲୋମୋଦ୍ଗମ ବା କମ୍ପ ହେବା, (ଦେହ)

ମ. ଚହଲ; ତଗାଲ
ଅସାମୀ—ଶିଯୂର
ହି. शिउरेउठा, शिहरा
बं. रोमटेखडाहेना, सोहरजाना

ଶୀତାଇବା—To have one's hairs stand on ends; to have horripilation; to shiver as if through extreme cold. [ଭି—ଏ କ୍ରିୟା ଦେହ ବା ମନଷ୍ୟ କର୍ତ୍ତା ସଙ୍ଗେ ବ୍ୟବହୃତ ହୁଏ । ଯଥା—ମୋ ଦେହ ଶିହରୁଛି, ଅମୁକ ଲୋକ ଶିହରୁଛି ।]

ଶିହ୍ଲ—ସ. ବି (ବୈଦ୍ୟକ)—୧ । ଶିଲାରସ (ଦେଖ)—1. Silā-
Sihla rasa (See) ୨ । ତରଳ ଧୂଣା—
(ଶିହ୍ଲକ—ଅନ୍ୟରୂପ) 2. Liquid amber.

ଶିହ୍ଲା—ଦେ. ବି (ସ. ଶିହ୍ଲ)—ଶିହ୍ଲ (ଦେଖ)—Sihla (See)
Sihlā शिलारस शिलारस

ଶୀ—'ଶୀ' ଅକ୍ଷରଯୁକ୍ତ ଦେଶଜ ଶବ୍ଦମାନଙ୍କ ପାଇଁ 'ସି' ତଳେ ଦେଖିବାକୁ
Si ହେବ—See under Si.

ଶୀ (ଧାତୁ)—ସ—୧ । ଶୋଇବା—1. To sleep. ୨ । ବିଶ୍ରାମ
Si (root) କରିବା—2. To rest.

ଶୀ—ସ. ବି—(ଶୀ ଧାତୁ+ଭାବ. କ୍ୱିପ୍)—୧ । ଶୟନ—1. Sleep.
Si ୨ । ଶାନ୍ତି—2. Peace.

ଶୀକ୍ (ଧାତୁ)—ସ.—ସେକ କରିବା;ସେକିବା—
Sik (root) To foment; to warm; to heat.

ଶୀକର—ସ. ବି (ଶୀକ୍ ଧାତୁ+କର୍ତ୍ତୃ. ଅର)—୧ । ବାୟୁଚାଳିତ କ୍ଷୁଦ୍ର
Sikara ଜଳକଣା—1. Small particles of water blown about by the wind; spray. ୨ । ସୂକ୍ଷ୍ମ ବୃଷ୍ଟି—2. Rain in fine drops; dribble. ୩ । ବାୟୁ (ବିଶ୍ୱକୋଷ)—3. Wind; air.

श्रीकर ପ୍ରା. ବି (ସ. ଶ୍ରୀକର)—ଶ୍ରୀକର ନାମକ ବ୍ୟକ୍ତିର ଡାକ
सिरकर ନାମ—The name for calling Srikara.

ଶୀକର ଶୀତ ବାୟୁ—ସ. (ଶମ୍ପା ତତ୍; କର୍ମଧା=ଶୀକର ହେତୁ ବା
Sikara Sita bāyu ଦ୍ୱାରା ଶୀତ ଅର୍ଥାତ୍ ଶୀତଳ ହୋଇଥିବା ବାୟୁ)—ଜଳକଣା ମିଶିଥିବାରୁ ଥଣ୍ଡା ହୋଇଥିବା ପବନ —Air cooled by the sprays of water blown by it.

ଶୀଖ—ଦେ. ବି (ସ. ଶିଖା)—ଶିଖ (ଦେଖ)
Sikha Sikha (See)

ଶୀଗଲ—ଦେ. ବି (ଇଂ. ସୀଗଲ)—ସମୁଦ୍ରକୂଳେ ବସା କରି ରହୁଥିବା
Sigal କ୍ଷୁଦ୍ର ପକ୍ଷିବିଶେଷ, (ଦ୍ର—ଏମାନେ ସମୁଦ୍ର ବକ୍ଷରେ ବିଶେଷତଃ
सीगल सीगल ଢେଉ ଉପରେ ଭାସୁଥାଆନ୍ତି)—Seagull.

ଶୀଘ—ସ. କ୍ରି. ବିଣ—(ଶିଙ୍ଘ୍ ଧାତୁ=ଅଘ୍ରାଣ କରିବା+ଅଧିକରଣ ର)
Sighra ବେଗରେ; ତଡ଼ାବଡ଼ା; ଚଞ୍ଚଳ; ଅଶୁ; ଅବିଳମ୍ବେ—Quickly; soon; shortly; hastily. ବିଣ—ତ୍ୱରିତ୍; ସତ୍ୱର; ତ୍ୱରିତ; କ୍ଷିପ୍ର; ଚଟଚଟ—Speedy; quick; rapid; hasty.

ଶୀଘ୍ରକାରୀ—ସ. ବିଣ. ପୁଂ (ଶୀଘ୍ରକାରିନ୍ ଶବ୍ଦର ୧ମା. ୧ବ=ଶୀଘ୍ର+
Sighra kāri କୃ ଧାତୁ+କର୍ତ୍ତୃ. ଇନ୍)—କ୍ଷିପ୍ରକର୍ମ ସମ୍ପାଦକ;
[ଶୀଘ୍ରକାରିଣୀ—ସ୍ତ୍ରୀ] ଯେ ଚଞ୍ଚଳ କାମ ସାରେ; ପ୍ରତ୍ୟୁତ୍ପନ୍ନ—Doing work speedily; prompt.

ଶୀଘ୍ରଗ—ସ. ବିଣ. ପୁଂ (ଶୀଘ୍ର+ଗମ୍ ଧାତୁ+କର୍ତ୍ତୃ. ଅ)—କ୍ଷିପ୍ରଗାମୀ;
Sighraga ତ୍ୱରିତ ଗତ ବିଶିଷ୍ଟ—Fleet of foot; swift-
(ଶୀଘ୍ରଗା—ସ୍ତ୍ରୀ) going, fast-going.

ଶୀଘ୍ର ଗତି—ସ. ବି (କର୍ମଧା)—କ୍ଷିପ୍ର ଗତି; ବେଗ—Swift motion.
Sighra gati ବିଣ—(ବହୁବ୍ରୀହି) ପୁଂ ଓ ସ୍ତ୍ରୀ—କ୍ଷିପ୍ରଗାମୀ—Fast going; fleet of foot.

ଶୀଘ୍ର ଚେତନ—ସ. ବିଣ. ପୁଂ (ବହୁବ୍ରୀହି; ଶୀଘ୍ର+ଚେତନା+ଅ)—
Sighra chetana ଯେ ଶୀଘ୍ର ଚେତନା ଲାଭ କରେ ବା ଚେଇଁ
(ଶୀଘ୍ର ଚେତନା—ସ୍ତ୍ରୀ) ଉଠେ—1. One who wakes up easily. ସ ବି.—କୁକୁର—Dog.

ଶୀଘ୍ରତା—ସ. ବି (ଶୀଘ୍ର+ଭାବ. ତା)—ତ୍ୱରା; ଦ୍ରୁତତା; ସତ୍ୱରତା—
Sighratā Haste; speed.

ଶୀଘ୍ର ବେଧୀ—ସ. ବିଣ. ପୁଂ (ଶୀଘ୍ର+ବିଧ୍ ଧାତୁ=ବିଦ୍ଧ କରିବା+
Sighra bedhi କର୍ତ୍ତୃ. ଇନ୍; ୧ମା. ୧ବ)—୧ । ଦ୍ରୁତବେଧ-
(ଶୀଘ୍ରବେଧିନୀ—ସ୍ତ୍ରୀ) କାରୀ; ଯାହା କୌଣସି ବସ୍ତୁକୁ ଶୀଘ୍ର ବିଦ୍ଧ କରେ (ଯଥା—ବାଣ, ଶର, ମୁଦ୍ଗର ବା ଦାରୁ ଅସ୍ତ୍ର ବା ଶସ୍ତ୍ର)—1. Piercing swiftly. ୨ । କ୍ଷିପ୍ରକାରୀ; ଲଘୁହସ୍ତ—2. Deft-handed; prompt; quick.

ଶୀଘ୍ର ଶୀଘ୍ର—ଦେ. କ୍ରି. ବିଣ(ସ. ଶୀଘ୍ରଂ ଶୀଘ୍ରଂ)—ତଡ଼ାବଡ଼ା; ଚଞ୍ଚଳ—
Sighra sighra शीगिर शिगिर जल्दी जल्दी Very
(ଶୀଘ୍ରେ ଶୀଘ୍ରେ—ଅନ୍ୟରୂପ) swiftly.

ଶୀଘ୍ରା—ସଂ. ବି (ବୈଦ୍ୟକ)—ଦନ୍ତୀ ନାମକ ଔଷଧ ବୃକ୍ଷବିଶେଷ—
Sighrā Croton Polyandrum tree.

ଶୀଘ୍ରାୟମାଣ—ସଂ. ବିଣ. ପୁଂ (ଶୀଘ୍ର+ଅୟ=ଶୀଘ୍ରାୟ ନାମ ଧାତୁ+
Sighrāyamāna କର୍ତ୍ତୃ. ଅନ, ମ ଅଗମ)—ସତ୍ୱରଗାମୀ—
(ଶୀଘ୍ରାୟମାଣା—ସ୍ତ୍ରୀ) Fleet; swift.

ଶୀଘ୍ରେ—ଦେ. କ୍ରି. ବିଣ—କ୍ଷିପ୍ରତା ସହକାରେ; ଅତି ଶୀଘ୍ର; ଅବିଳମ୍ବେ—
Sighre Very soon; hastily; shortly; immedia-

ଶିଗିର tely; without delay. [ଉ—ସେଣୁ ତୋ
जल्दी ସଙ୍ଗ ଘଟେ ବାସ, ଲକ୍ଷ୍ମୀ ଡାକିଲେ ଶୀଘ୍ରେ ଅସ—ଜଗନ୍ନାଥ.
(ଶୀଘ୍ରେ ଶୀଘ୍ରେ—ଅନ୍ୟରୂପ) ଭାଗବତ ।]

ଶୀଘ୍ରେଣ—ବେ. କି. ବଣ (ପ୍ରାଚୀନ ପଦ୍ୟ)—ଶୀଘ୍ରେ (ଦେଖ)—
Śighreṇa Śighre (See) [ଉ—ସକଳ ! ଶୀଘ୍ରେଣ ଦର
ଶିଗିର जल्दीसे ଭୁ ଗମନ—ପ୍ରାଚୀ. ଭସବାଉଣ୍ଡ ।]

ଶୀଟି(ଇତ୍ୟାଦ)—ବେ. ବ—ସିଟ ଇତ୍ୟାଦ (ଦେଖ)
Śiṭi(etc) Siṭi etc ee)

ଶୀତ୍କାର—ସଂ. ବ (ଶୀତ୍=ଅନୁକରଣ ଶବ୍ଦ+କୃ ଧାତୁ+ଘଞ ଅ)
Śit-kāra —୧ । ଶୁ ଶୁ ଶବ୍ଦ; ଶୀତ୍ ଏହିପରି ଶବ୍ଦ; ଇସ୍
(ସୀତ୍କାର—ଅନ୍ୟରୂପ) ଇସ୍ ଶବ୍ଦ—1. Hissing sound.
୨ । ସୁରସିକା ଓ ଶ୍ରଷ୍ଠା ସ୍ତ୍ରୀମାନଙ୍କର ରତିକାଳୀନ ମଧୁର ଧ୍ୱନି—2. Sweet hissing sound emitted by an amorous lady during orgasm on or glee at the time of copulation.

ଶୀତ୍କୃତ—ସଂ. ବଣ—ଶୀତ୍କାର ଧ୍ୱନିଯୁକ୍ତ—Making a sweet
Śit-kṛuta (ସୀତ୍କୃତ—ଅନ୍ୟରୂପ) hissing sound.

ଶୀତ୍କୃତି—ସଂ. ବ (ଶୀତ୍+କୃ ଧାତୁ+ଭାବ. ତି)—ଶୀତ୍କାର
Śit-kṛuti (ଦେଖ)—Śit-kāra (See)
(ସୀତ୍କୃତି—ଅନ୍ୟରୂପ)

ଶୀତ—ସଂ. ବଣ (ଶ୍ୟୈ ଧାତୁ=ଗମନ କରିବା+କର୍ତ୍ତୃ. ତ)—୧ ।
Śita ଶୀତଳ; ଥଣ୍ଡା—1. Cold; cool; frigid; chilly.
୨ । ଜଡ଼—2. Inert. ସଂ. ବ.—ହେମନ୍ତ ଋତୁ; ପୌଷ ଓ ମାଘ ମାସ; ଶିଶିର ଋତୁ—1 Winter season, cold season. ୨ । ଜଳ—2. Water. ୩ । କର୍ପୂର—3. Camphor. ୪ । ବହୁବାର; ଗନ୍ଧଭଣ୍ଡା—4. Cordia Myxa tree. ୫ । ବେତଲତା—5. Cane creeeper; Calamus Rotung; ratan. ୬ । ଏକ ପ୍ରକାର ଚନ୍ଦନ—6. A species, of sandal wood. ୭ । ଶୀତଳତା; ଶୈତ୍ୟ; ଥଣ୍ଡା-ଗୁଣ—7. Coolness; coldness; chill. ଦେ.ବ—
शीत ଦେହରେ ଥଣ୍ଡା ଲାଗିବା ଯୋଗୁ ଅନୁଭୂତି; ଜାଡ଼—
शीत Sensation of cold.

ଶୀତଋତୁ—ସ. ବ—ଶିଶିର କାଳ; ପୌଷ ଓ ମାଘ ମାସ ଦ୍ୱୟ—
Śitaṛutu Cold season; winter season; Pausha and Māgha months.

ଶୀତକ—ସ. ବ (ଶୀତ+ସ୍ୱାର୍ଥେ କ)—୧ । ଶୀତକାଳ—1. The
Śitaka winter. ୨ । ସୁଖୀ ମନୁଷ୍ୟ—2. A happy person. ୩ । ବୃଶ୍ଚିକ—3. Scorpion. ୪ । ଅଶନ ପର୍ଣ୍ଣୀ—4. A kind of plant. ସ. ବଣ—୧ । ଦୀର୍ଘସୂତ୍ରୀ—1. Dilatory. ୨ । ଅକ୍ଲେଶ—2. Effortless.

ଶୀତ କଟା(ଟେ)ଇବା—ଦେ. କି—୧ । ଶୀତକାଳ ବିତାଇ ଦେବା; ଶୀତ
Śita kaṭā(ṭe)ibā ଋତୁ ଭୋଗ କରିବା ବା ଯାପନ କରିବା—
(ଶୀତ କଟା[ଟେ]ଇବା—ଅନ୍ୟରୂପ) 1. To pass the cold
शीत काटना season. (ଉ—ଏ ବର୍ଷ ଶୀତେ ଭୁଲୁକା ମୁ
शीत काटना(बिताना) ଶୀତ କଟାଇଲି ।) ୨ । ଶୀତ କଷ୍ଟକୁ ସମ୍ଭାଳିବା; ଶୀତର ବାଧାକୁ ରକ୍ଷା ପାଇବା—2. To overcome the pangs of cold.

ଶୀତ କଟିବନ୍ଧ—ସ. ବ (ଅକ୍ଷାଂଶ ଭୌଗୋଳିକ ପରିସ୍ଥିତି)—ଭୂମଣ୍ଡଳର
Śita kaṭibandha ମେରୁମାନଙ୍କ ଲାଗିଥିବା ଶୀତପ୍ରଧାନ କଟିବନ୍ଧ—The frigid Zones of the globe. [ଦ୍ର—ଏହା ଦୁଇଟି; ଯଥା—ଉତ୍ତର ଓ ଦକ୍ଷିଣ ଶୀତକଟିବନ୍ଧ ।]

ଶୀତ କଟିବା—ଦେ. ବ—ଶୀତଋତୁ ଗତ ହେବା; ଶୀତକଷ୍ଟକୁ
Śita kaṭibā ସମ୍ଭାଳିବା—The passing away of
शीत केटेयाओया winter; the overcoming of the
शीत कटना pangs of cold during winter.
(ଶୀତ କଟିଯିବା—ଅନ୍ୟରୂପ)

ଶୀତ କମ୍ପ—ସ. ବ (୬ଷ୍ଠୀ ତତ୍ପୁରୁଷ; ଶୀତ ହେତୁ କମ୍ପ)—
Śita kampa ଶୀତ ପ୍ରକୋପରୁ ଦେହ ଥରିବା—Shivering of the body due to cold.

ଶୀତକର—ସଂ. ବ (ବହୁବ୍ରୀହି; ଶୀତ=ଥଣ୍ଡା ଅଟେ କର=କିରଣ
Śitakara ଯାହାର)—୧ । ଶୀତରଶ୍ମି; ଚନ୍ଦ୍ର; ହିମକର—1. The moon. ୨ । କର୍ପୂର—2. Camphor.

ଶୀତ କରିବା—ଦେ. ବ—ଶୀତ ବୋଧହେବା; ଜାଡ଼ କରିବା—
Śita karibā The feeling of cold. (ଉ—ଶୀତ କଲା
(ଶୀତ ହେବା—ଅନ୍ୟରୂପ) ବଡ ଟାଣ, କଡ଼ ବୋଲୁକୁ କହ
शीतकरा शीत लगना ପକାଇ ଚୁଡ଼ା ଗୁହ୍ମାଣ ଅଣ । ଶୀଗ୍ରଞ୍ଜନ ଗୀତ ।)

ଶୀତ କଲା—ଦେ. ବଣ—ଥଣ୍ଡା(ଦ୍ରବ୍ୟ); ଶୀତଳ(ପଦାର୍ଥ)—Cold.
Śita kalā (ଉ—ଜଳକୁ ପ୍ରାୟେ ମଣିଣ ଚଳେ ମାତାପ ବଟେ, ତହା
शीतल शीतल ଅଳ ଶୀତ କଲା ମାଙ୍କେ କ ସହେ । ପ୍ରାଚୀ. ଭସବାଉଣ୍ଡ ।)

ଶୀତକଷାୟ—ସଂ. ବ (କର୍ମଧା; ବୈଦ୍ୟକ)—ଏକ ତୋଳା କୁଟିତ
Śita kashāya ଦ୍ରବ୍ୟକୁ ୬ ତୋଳା ଉଷୁମ ଜଳରେ ଏକରାତ୍ର ବତୁରାଇ ସକାଳେ ଛାଣି ନେଲେ ଯେଉଁ ପାନୀୟ ପ୍ରସ୍ତୁତ ହୁଏ—Liquid medicine prepared by moistening 1 tola of pounded herbs in 6 tolas of warm water and leaving them in the night and sifting the liquid in the morning.

ଶୀତକଷ୍ଟ—ସଂ. ବ (ଶୀତ ହେତୁ କଷ୍ଟ; ୬ଷ୍ଠୀ ତତ୍)—ଶୀତଯୋଗୁଁ
Śita kashṭa ଦୁଃଖାନୁଭୂତି—Pangs of cold; the biting of cold.

ଶୀତ କାଟିବା—ଦେ. କି—୧ । ଶୀତଋତୁକୁ ଅତିକ୍ରମ କରିବା—1. To
Śita kaṭibā pass the winter. ୨ । ଶୀତ ଅନୁଭୂତିକୁ
शीत काटना ଦୂରୀଭୂତ କରିବା—2. To overcome cold.
शीत काटना

ଶୀତ କାତର—ସଂ. ବଣ. ପୁଂ (ଅସ୍ମା ତତ୍) ୧ । ଶୀତକ୍ଲିଷ୍ଟ; ଶୀତାର୍ତ୍ତ—
Śita kātara 1. Suffering from the pangs of
(ଶୀତକାତର—ସ୍ତ୍ରୀ) cold. ୨ । ଶୀତ ଭୀତ—2. Afraid of
(ଶୀତ କାତରତା—ବି) cold.

ଶୀତ କାତରିଆ—ଦେ. ବଣ (ସଂ. ଶୀତକାତର)—ଶୀତକାତର (ଦେଖ)
Śita kātariā Śita kātara. (See)
শীত কাতুরে शीतकायर

ଶୀତ କାଳ—ସଂ. ବି—ଶୀତ ଋତୁ—
Śita kāla Winter season.

ଶୀତକାଳୀନ—ସଂ. ବଣ (ଶୀତକାଳ+ସ୍ୱାର୍ଥେ. ଈନ)—୧ । ଶୀତ
Śitakālina ଋତୁଜ; ଯାହା ଶୀତଋତୁରେ ଘଟେ—1. Happening in winter. ୨ । ଶୀତକାଳରେ ଜନ୍ମିବା—2. Produced in winter. ୩ । ଶୀତକାଳ ସମ୍ବନ୍ଧୀୟ—3. Relating to the winter; wintry.

ଶୀତଗୁ—ସଂ. ବି (ଶୀତ+ଗୋ=କିରଣ; ବହୁବ୍ରୀହି)—୧ । ଚନ୍ଦ୍ର—
Śitagu 1. The moon. ୨ । କର୍ପୂର—2. Camphor.

ଶୀତ ଚା(ଚ)ଦର—ଦେ. ବି—ଶୀତ ସମୟେ ଘୋଡ଼ି ହେବା ଲୁଗାପଟା—
Śita chā(cha)dara Wrapper; winter cloth or dress.
শীতের চাদর शीत चद्दर

ଶୀତ ଡରୁଆ—ଦେ. ବି. ପୁଂ—ଶୀତକାତର (ଦେଖ)
Śita ḍaruā Śitakātara. (See)
(ଶୀତ ଡରେ(ରୋ)ଇ—ସ୍ତ୍ରୀ)
শীত কাতুরে शीत कायर

ଶୀତ ଦିନ—ଦେ. ବି—୧। ଶୀତଋତୁ—1. Winter. ୨। ଶୀତକାଳୀନ
Śita dina ଦିବସ—2. Winter-day; a day of the winter season; wintry day.
শীতের দিন शीतका दिन

ଶୀତ ପଡ଼ିବା—ଦେ. ବି.—୧ । ଶୀତ ଋତୁର ଆବିର୍ଭାବ—1. The
Śita paṛibā coming or appearance of winter; approach of winter. ୨। ଶୀତର ବା ଥଣ୍ଡାର ପ୍ରକୋପ ବୃଦ୍ଧି ହେବା—2. The wintering of cold or chill.
শীতপড়া शीतपडना

ଶୀତ(ତି) ପାଛ(ଛୁ,ଛୋ) ଡ଼ା(ଡ଼ି)—ଦେ.ବି (ସଂ. ଶୀତ+ପ୍ରଚ୍ଛଦ ପଟ)—
Śita(ti) pāchha(chhu, chho)ṛā(ṛi) ଶୀତ ଚାଦର
শীতের চাদর शित चद्दर (ଦେଖ)—Śita chādara (See)

ଶୀତ ପିତ—ସଂ. ବି—ଚର୍ମରୋଗ ବିଶେଷ; ଦେହରେ ବହୁଅଞ୍ଚ ଲାଗିଲେ
Śita pita ତଥା ଯୋଉଁର ଉପର ଫଟିଯିବା ରୋଗବିଶେଷ—
(ଶୀତ୍ ପିତ୍—ଦେ. ରୂପ) Nettlerash; urticaria. [ବି—ଏହା ବଡ଼ାଠ ଉଠେ ଏବଂ ଝଡ଼ାଠ ଛାଡ଼େ । ଦେହ ଘର୍ମାକ୍ତ ଅବ ଯୋଷ୍ଟ ଅଥବ ହୋଇଥିବା ଅବସ୍ଥାରେ ବଡ଼ାଠ ପାଣି ପିଇଲେ ଏ ରୋଗ ଜନ୍ମେ ।]

ଶୀତ ପ୍ରକୋପ—ସଂ. ବି (୬ଷ୍ଠୀ ତତ୍)—୧ । ଶୀତର ଆଧିକ୍ୟ—
Śita prakopa 1. Excess of cold. ୨ । ଶୀତଜନିତ କଷ୍ଟ—2. Pangs due to cold or chill.

ଶୀତ ପ୍ରଧାନ—ସଂ. ବଣ (ବହୁବ୍ରୀହି, ଶୀତ ଅଟେ ପ୍ରଧାନ ଯହିଁରେ)—
Śita pradhāna ୧ । ଅଧିକ ଶୈତ୍ୟ ବିଶିଷ୍ଟ; ଅତ୍ୟନ୍ତ ଶୀତଳ—1. Excessively chill; frigid; very cold. ୨ । ଯେଉଁ ଦେଶରେ ବା ଅଞ୍ଚଳରେ ଶୀତଋତୁ ଅଧିକକାଳ-ସ୍ଥାୟୀ ହୁଏ—2. (a place) Where winter or cold season predominates or lasts longer than elsewhere.

ଶୀତ ପ୍ରଧାନ କଟିବନ୍ଧ—ଦେ. ବି (ଭୌଗୋଳିକ ପରିଭାଷା)—ପୃଥିବୀ
Śita pradhāna kaṭibandha ଗୋଲକର ମେରୁଦ୍ୱୟର ଚତୁର୍ଦ୍ଦିଗରେ ବେଢ଼ିଥିବା ଶୀତ ପ୍ରଧାନ ଅଞ୍ଚଳ, ଶୀତ ମଣ୍ଡଳ—The frigid zones of the globe. [ବି—ଏହା ଦକ୍ଷିଣ ମେରୁ ଓ ଉତ୍ତର ମେରୁକୁ ଘେରିଅଛି ।]
শীত কটিবন্ধ शीत कटिबन्ध

ଶୀତ ଫଳ—ସଂ. ବି (ବୈଦ୍ୟକ)—ପୀଲୁ; ଗୁଡ଼ଫଳ ବୃକ୍ଷ—Tooth-
Śita phala brush tree; Salvadora Persica.

ଶୀତ ବସ୍ତ୍ର—ସଂ. ବି (ମ. ପ. ଲୋ; ଶୀତ ନିବାରଣାର୍ଥ ବ୍ୟବହୃତ ବସ୍ତ୍ର) —
Śita bastra ଶୀତ ଲୁଗା; ଯେଉଁ ଲୁଗାକୁ ଦେହରେ ଘୋଡ଼ାଇବାଦ୍ୱାରା ଶୀତକଷ୍ଟ ଦୂର ହୁଏ—Winter dress.

ଶୀତ ବାତ(ୟୁ)—ସଂ. ବି (କର୍ମଧା)—ଥଣ୍ଡା ପବନ—
Śita bāta(yu) Cold wind; chill wind.

ଶୀତ ବୀଜ—ସଂ. ବି (ବୈଦ୍ୟକ, ବହୁବ୍ରୀହି, ଶୀତ ଅଟେ ବୀଜ ଯାହାର)
Śita bija —ଇସବଗୁଲ (ଦେଖ)—Isabagula (See)
ইসবগুল असफागुल

ଶୀତବୀର୍ଯ୍ୟ—ସଂ. ବଣ (ବୈଦ୍ୟକ, ବହୁବ୍ରୀହି)—ସ୍ୱାଭାବିକ ଶୀତଳ
Śitabirjya ଗୁଣବିଶିଷ୍ଟ (ଦ୍ରବ୍ୟ); ଯାହାକୁ ସେବନ କରିବା ଦ୍ୱାରା ଦେହ ଶୀତଳ ହୁଏ—Having the quality of cooling the system; cooling. [ବି—ମଧୁର ରସବିଶିଷ୍ଟ ପ୍ରାୟ ସମସ୍ତ ଦ୍ରବ୍ୟ ଶୀତବୀର୍ଯ୍ୟ । ଶୀତବୀର୍ଯ୍ୟ ଦ୍ରବ୍ୟ ସୁସ୍ୱାଦୁ, ବାତଶ୍ଳେଷ୍ମଜନକ, ପିତ୍ତନାଶକ, ଦାହ ଓ ରକ୍ତ ରୋଗରେ ଉପକାରକ ।]

ଶୀତ ଭୀତ—ସଂ. ବଣ (ପୁଂ) (୫ମୀ ତତ୍)—ଯେ ଶୀତକୁ ଡରେ—
Śita bhita (ଶୀତଭୀତା—ସ୍ତ୍ରୀ) Afraid of cold.

ଶୀତ ଭୀରୁ—ସଂ. ବି (ବୈଦ୍ୟକ)—୧। ମଲ୍ଲିକା; ଶତପତ୍ରମଲ୍ଲୀ; ମୁଗୁରା
Śita bhiru ମଲ୍ଲୀ; କାଠମଲ୍ଲୀ—1. Jasminum Sambac. ୨ । ବବ୍ବଲ୍ଲୀ ନାମକ ମଲ୍ଲିକାଜାତୀୟ ଫୁଲ ଓ ତହିଁର ଲତା-ଗଛ ଗୁଳ—2. Vallaris Heynei. [ବି—ଏହା ଦ୍ରାଣ, ବ୍ରଣଘ୍ନ, ଦାହ୍ରହ୍ୟ ନାଶକ ।]

ଶୀତ ମଞ୍ଜରୀ—ସଂ. ବି—ଶେଫାଳିକା; ଗଙ୍ଗଶିଉଳି; ନିର୍ଗୁଣ୍ଡୀ (ଫୁଲ
Śita mañjari ଓ ଗଛ)—Night jasmine, (flower and tree)

ଶୀତ ମାଡ଼ି ଅସିବା—ଦେ. କ୍ରି—କ୍ରମଶଃ ଶୀତର ପ୍ରକୋପ ବୃଦ୍ଧି ପାଇବା; Śita mārdi āsibā ଢାଡ଼ି ମାଡ଼ିଅସିବା—The gradual শীত বাড়া शीत बढ़ना approach of intense cold.

ଶୀତ ରଶ୍ମି—ସଂ. ବିଣ (ବହୁବ୍ରୀହି)—ଶୀତକର; ଚନ୍ଦ୍ର— Śita raśmi The moon.

ଶୀତ ରସ— ସଂ. ବି (କେବଳ)—ଅପକ୍ୱ ଇକ୍ଷୁରସଜାତ ମଦସ୍— Śita rasa Spirit or wine obtained from unfermented or unboiled sugarcane juice. [ଦ୍ର—ଏହା ପକ୍ୱରସଜାତ ସୀଧୁ ଅପେକ୍ଷା ଗୁଣ ହୀନ କିନ୍ତୁ ପୁଷ୍ଟିକର ଓ ମଳବର୍ଦ୍ଧକ ।]

ଶୀତର୍ତ୍ତୁ—ସ. ବି—(୬ଷ୍ଠୀ ତତ୍, ଶୀତ+ଋତୁ)—ଶୀତ ଋତୁ; ଶିଶିର Śitarttu କାଳ—Cold season; winter.

ଶୀତଳ—ସ. ବିଣ—(ଶୀତ+ଲା ଧାତୁ=ଦାନ କରିବା+ଅ; ଶୀତ+ Śitaḷa ଅସ୍ତ୍ୟ ଅର୍ଥରେ ଲ)—୧ । ଶୈତ୍ୟଗୁଣ ବିଶିଷ୍ଟ; ଥଣ୍ଡା— 1. Cool; cold; chilly. ୨ । ଧୀର; ଶାନ୍ତ— 2. Meek; mild. ୩ । ଉଦ୍ବେଗ—3. Serene. ସ. ବି—୧ । ଚନ୍ଦନ—1. Sandal. ୨ । ମୌକ୍ତିକ; ମୁକ୍ତା—2. Pearl. ୩ । ଚନ୍ଦ୍ର—3. Moon. ୪ । ବେଣାମୂଳ—4. The root of Benā grass. ୫ । ଶୈଳୋ ପୁଷ୍ପ; ଶୈଳେୟ; ଔଷଧ ଦ୍ରବ୍ୟ ବିଶେଷ— 5. Liquid amber; Parmalia. ୬ । ଅଚଳପର୍ଣ୍ଣୀ ନାମକ ଗୁଳ୍ମ—6. A herbarious plant. ଦେ. ବି.—୧ । ମୃତ୍ୟୁର ୪ର୍ଥ, ୭ମ, ଓ ୯ମ ଦିନ ବନ୍ଧୁ, ଜ୍ଞାତି ଓ କୁଟୁମ୍ବମାନଙ୍କୁ ଖାଇବାକୁ ଦିଆଯିବା ଜଳଖିଆ ସାମଗ୍ରୀ 1. Tiffin with which the kinsmen and relatives of a deceased are fed on the 4th, 7th and 9th days during the obsequies. ୨ । ମୃତାହର ୪ର୍ଥ, ୭ମ ଓ ନବମ ଦିନ— 2. The 4th, 7th and 9th days of the funerals. ୩ । ଜଳଖିଆ ସାମଗ୍ରୀ; ଭାତତୁଣ୍ଡ ବ୍ୟତୀତ ପଦାର୍ଥ— 3. Tiffin; refreshment; light food. जलपान (except rice and curry); sweetmeats. शीतभोग ୪ । ସକାଳେ ଓ ସନ୍ଧ୍ୟାବେଳେ ଠାକୁରଙ୍କୁ ଦିଆଯିବା ଜଳଖିଆ ଭୋଗ—4. Light refreshments offered to a Deity in the morning and evening. ୫ । ଶୀତଳତା—5. Coldness. [ଦ୍ର— ବହରର କ ହୁମ ଶୀତଳ । ପ୍ରାଚୀ. ଋଷବାକ୍ୟ ।]

ଶୀତଳ ଉପହାର—ଦେ. ବି—ଜଳଖିଆ— Śitaḷa upahāra Light refreshment; tiffin. জলখাবার [ଦ୍ର—ଶୀତଳ ଉପହାର ଦେଇ,ଅମୃତ ଭୋଜନ କରାଇ । जलपान ଉପେନ୍ଦ୍ର. ପ୍ରେମ ସୁଧାମୃତ ।]

ଶୀତଳ କରିବା—ଦେ. କ୍ରି—ଥଣ୍ଡା କରିବା— Śitaḷa karibā To cool.

ଶୀତଳ ଗୁ(ତୁ)ଣ୍ଡି—ପ୍ରାଦେ. (ସମ୍ବଲପୁର)—ବି—ବିବାହ ପରେ ବିବାହ Śitaḷa gu(tu)ṇḍi ବେଦୀରୁ ବରକନ୍ୟା କନ୍ୟାର ଗୃହକୁ ଯିବା ପରେ ସ୍ତ୍ରୀମାନଙ୍କ ଦ୍ୱାରା ବର କନ୍ୟା ଦୁହିଁଙ୍କର ଏକତ୍ର ଜଳଯୋଗ—Light refreshment served to the newly married couple after they go home from the marriage alter. [ଦ୍ର—ଏତ ଅବସରରେ ବସାଇ କନ୍ୟାବର, ବଢ଼ାଇଲେ ଶୀତଳ ଗୁଣ୍ଡି ଭୁଡ଼ିହିଁ ଭର । କୃଷ୍ଣସିଂ. ମହାଭାରତ ।]

ଶୀତଳ ଜଳ—ସ. ବି—ଥଣ୍ଡା ପାଣି—Cold water. [ଦ୍ର— Śitaḷa jaḷa ଜଳର ସାଧାରଣ ପ୍ରକୃତ ଶୀତଳତା । ଶୀତଳ ଜଳପାନ ମୂର୍ଚ୍ଛା, ପିତ୍ତ, ଉଷ୍ଣତା, ଦାହ, ବିଷଦୋଷ, ରକ୍ତଦୋଷ, ମଦାତ୍ୟୟ, ଶ୍ରମ, ଭ୍ରମ, ଅଜୀର୍ଣ୍ଣ, ତମକଶ୍ୱାସ (ଧଇଁ), ବାନ୍ତି ଓ ଊର୍ଦ୍ଧ୍ୱଗ ପିତ୍ତ ରୋଗ ସ୍ଥଳରେ ହିତକାରୀ । ପାର୍ଶ୍ୱଶୂଳ ପ୍ରତିଶ୍ୟାୟ, ବାତ, ଗଳଗ୍ରହ, ଉଦର, ନବଜ୍ୱର, ଅରୁଚି, ଗ୍ରହଣୀ, ଗୁଳ୍ମ, ଶ୍ୱାସ, କାସ, ଆଧ୍ମାନ ଧନ୍ଦ, ହିକ୍କା ପ୍ରଭୃତିରେ ଓ ସଦ୍ୟ ବମନ ବିରେଚନାଦି ଶୋଧନକ୍ରିୟା ପରେ ଓ ଘୃତାଦି ପାନ ପରେ ଜଳପାନ ଅହିତକାରୀ । ଅତ୍ୟଧିକ ଜଳପାନ କରିବା ଅନିଷ୍ଟକର ।]

ଶୀତଳତା(ତ୍ୱ)—ସ. ବି—(ଶୀତଳ+ଭାବାର୍ଥେ. ତା, ତ୍ୱ)—ଶୈତ୍ୟ; Śitaḷatā(twa) ଥଣ୍ଡା ଭାବ—Coolness; cold.

ଶୀତଳ ପ(ପା)ଟି—ଦେ. ବି—(ସଂ. ଶୀତଳ ଓ ପଟ୍ଟିକା)—୧ । ବେତ Śitaḷa pa(pā)ṭi ଗଛ ପରି ଛୋଟ ବଡ଼ ଦଳପତ୍ର ପତ୍ରମୟ ଗୁଳ୍ମ- শীতল পাটী ବିଶେଷ—1. Clinogyne Dichotoma शीतल पटी (plant) [ଦ୍ର—ଏହା ପୂର୍ବବଙ୍ଗ (ଢାକା, ସିଲହଟ [ଶୀତଳ ପାଟ—ଅନ୍ୟରୂପ) ଅଞ୍ଚଳରେ ଜନ୍ମେ । ଏହି ଗଛର ଛାଲର ସରୁଆଳିଅରେ ମସିଣାପ୍ରର ଶଯ୍ୟା ବୁଣାଯାଏ ।] ୨ । ଉକ୍ତ ଗଛର ଛାଲିଦ୍ୱାରା ବୁଣା ହୋଇଥିବା ପାତଳା ବିଛଣା— 2. A mat made of the strip of the above bark. [ଦ୍ର—ବଙ୍ଗ ଦେଶର କେଉଁ କେଉଁ ସ୍ଥାନରେ ଏହାକୁ ମୁକ୍ତା ପାଟି ବା ମୁକ୍ତା ପାଟ ବୋଲଯାଏ । ଏହାକୁ ଗ୍ରୀଷ୍ମରେ ଶେଯ ଉପରେ ବିଛାଇ ଶୋଇଲେ ଦେହକୁ ଖୁବ୍ ଶୀତଳ ଲାଗେ ।]

ଶୀତଳ ପ୍ରକୃତିକ—ସ. ବିଣ. ପୁଂ—(ବହୁବ୍ରୀହି; ଶୀତଳ+ପ୍ରକୃତି+କ) Śitaḷa prakrutika ଶାନ୍ତସ୍ୱଭାବବିଶିଷ୍ଟ—Mild. (ଶୀତଳ ପ୍ରକୃତିକା—ସ୍ତ୍ରୀ)

ଶୀତଳ ଭୋଗ—ଦେ. ବି—ଦେବତାଙ୍କୁ ଭୋଗ ଦିଅ ଯିବା ଜଳଖିଆ Śitaḷa bhoga (ଏଥିରେ ଜଳଖିଆ ସହିତ ପନପଣା ରହିବାର শীতল ভোগ ବିଧି ଅଛି)—Light refreshment शीतल भोग accompanied with sweetened water as drink to a Deity.

ଶୀତଳ ମ(ମୁ)ଣୁ(ଣୋ)ଇ(ଇଁ,ହି,ହିଁ)—ଦେ. ବି—୧ । ଜଳଖିଆ— Śitaḷa ma(mu)ṇu(ṇo)i(iñ, hi, hiñ) 1. Light রাজার জলখাবার राजाका जलपान refreshment. ୨ । ରାଜାଙ୍କର ଜଳଯୋଗ—2. Taking tiffin by a Rājā. [ଦ୍ର—ଶୀତଳ ମଣୋହି ସାରିଲେ, ସୁଖେ ପଲଙ୍କେ ବସେ ବଳି । ଜଗନ୍ନାଥ. ଗୁଣ୍ଡିଚା ।]

ଶୀତଳ ମରିଚ—ଦେ. ବ—କବାବ ଚିନି (ଦେଖ)
Sitala maricha Kababachini (See)
কাবাবচিনি शीतल मरिच

ଶୀତଳ ଷଷ୍ଠୀ—ସଂ. ବ—ଜ୍ୟୈଷ୍ଠ ଶୁକ୍ଳ ଷଷ୍ଠୀ—The 6th day of Sitala shasthi the bright lunar fortnight of the month Jyaistha. [ବି—ଏ ଦିନ ଶିବପାର୍ବତୀଙ୍କ ବିବାହ ଉତ୍ସବ ସମ୍ପାଦନ ହୁଏ । ଏହି ଉତ୍ସବଟିର ମୁଖ୍ୟ କର୍ତ୍ତାର ବେଢେଇ ବ୍ରାହ୍ମଣ ଶାସନରେ ଉତ୍ସବ ହୁଏ । ନାନା ପ୍ରକାର ବାଣ (ତୁବ୍ରୀ, ହାଉଇ, ଚୁଡ଼ା, ଡମ୍ଫା, ଚକ) ଗ୍ରାମବାସୀମାନେ ଭୂଅର କରି ମାରନ୍ତି ।]

ଶୀତଳ ସଞ୍ଚା—ଦେ. ବ—ଦେବତାଙ୍କୁ ଭୋଗ ହୋଇଥିବା ଜଳଖିଆ ଭୋଗ Sitala sancha Light refreshment offered to শীতল ভোগ शीतल भोग a Deity. [ଉ—ଶୀତଳ ସଞ୍ଚା କରିବ ନାନା ବଧମାନ ।—ପ୍ରାଚୀ. ଶ୍ର ସ୍ତୁତିବନ୍ଧ ଗୀତା ।]

ଶୀତଳ ସାମଗ୍ରୀ—ଦେ. ବ—୧ । ଜଳଖିଆ ଦ୍ରବ୍ୟ—1. Materials Sitala samagri জলখাবার or articles for tiffen. जलपान ୨ । ମୃତାହର ୪ର୍ଥ, ୭ମ ଓ ୯ମ ଦିନ ବନ୍ଧୁଅଙ୍କୁ ଦିଆ ଯିବା ଜଳଖିଆ ଦ୍ରବ୍ୟ—2. Tiffin served to relatives on the 4th, 7th and 9th days of the funerals. (ଉ—ଏବେ ବୋଲି ବେଟେଗ ସଙ୍ଗ ଶୀତଳ ସାମଗ୍ରୀ ଦେଲ । ବସି, ବଡ଼ଦ ସ୍ୱଗାସ୍ତୁ ।)

ଶୀତଳ ସ୍ୱଭାବ—ସଂ. ବ—(କର୍ମଧା)-ଶାନ୍ତ ପ୍ରକୃତି—Mild temper. Sitala swabhaba ବିଣ. ପୁଂ—(ବହୁବ୍ରୀହି)—ଶାନ୍ତ ପ୍ରକୃତି- (ଶୀତଳ ସ୍ୱଭାବା—ବିଣ. ସ୍ତ୍ରୀ) ବିଶିଷ୍ଟ—Mild tempered.

ଶୀତଳା—ସଂ. ବ. ସ୍ତ୍ରୀ—(ଶୀତଳ+ଆ)—୧ । ବସନ୍ତ ବସ୍ଫୋଟକାଦି Sitala ରୋଗର ଅଧିଷ୍ଠାତ୍ରୀ ଦେବତା; ଦୁର୍ଗାଙ୍କର ମୂର୍ତ୍ତି ବିଶେଷ; ବସନ୍ତେଇ ଠାକୁରାଣୀ [ବି—ବଡ଼ ଦେଉଳର ବାହାର ବେଢ଼ା ମଧ୍ୟରେ ଉତ୍ତର ଦ୍ୱାରର ପଶ୍ଚିମପାଖେ ବୋଉଳ ବୈକୁଣ୍ଠ ଓ ସୁନାକୁଅ ନିକଟରେ ଏ ଠାକୁରାଣୀଙ୍କ ମନ୍ଦିର ଅଛି ।)— 1. The Goddess presiding over small pox, chicken pox or other diseases of eruption. ୨ । ବାଲିକା; ବାଲି—2. Sand; silica. ସଂ. ବିଣ. ସ୍ତ୍ରୀ—ଶୀତଳର ସ୍ତ୍ରୀଲିଙ୍ଗ— Feminine of Sitala.

ଶୀତଳା(ଳେ)ଇ—ଦେ. ବ. ସ୍ତ୍ରୀ—(ସଂ. ଶୀତଳା)— Sitala(le)i ଶୀତଳା (ଦେଖ)—Sitala (See) মা শীতলা शीतला, चेचला

ଶୀତଳାଇବା—ଦେ. କି—ଶୀତଳେଇବା (ଦେଖ) Sitalaiba শীতল করা Sitaleiba (See) शीतल करना

ଶୀତ ଲାଗିବା—ଦେ. ବ—ଶୀତ କରିବା; ଜାଡ଼ କରିବା— Sita lagiba শীত লাগা Feeling of cold; feeling शीत लगना chilly.

ଶୀତଳାଷ୍ଟକ—ସଂ. ବ—ଅଠଟି ଶ୍ଳୋକ ସମନ୍ବିତ ଶୀତଳା ଦେବୀଙ୍କର Sitalashtaka ସ୍ତୋତ୍ର—A hymn to the Goddess Sitala consisting of 8 slokas.

ଶୀତଳୀ—ସଂ. ବ—(ଶୀତଳ+ଇ; ଏହା ବିଶାଦ ରୋଗମାନଙ୍କୁ Sitali ଶୀତଳ କରିବା ଯୋଗୁଁ ଏହି ନାମ)—ପାଣିଶିଉଳୀ— [ବି—ଏହା ଇକ୍ଷୁଯା ପରଷ୍ଟାରକ ବଳକର ଓ ବିଷଦୋଷ ନାଶକ)—An aquatic plant; Limnanthemum Indicum or Cristatum. [ବି— ଏହାର ପତ୍ର ପଦ୍ମ ପତ୍ରର ଆକାର ବିଶିଷ୍ଟ, ମାଂସ ପତଳା, ସ୍ୱାଦୁ, ମସୃଣତର ଓ ବନ୍ଧୁର । ବୃନ୍ତ, ଗାଣ୍ଠି, ଫୁଲ ଅଛି ବୃନ୍ତରେ ଏହାକୁ ବଟାଇଲେ ଉପକାର ହୁଏ ।]

ଶୀତଳେଇବା—ଦେ. କି—୧ । ଗରମ ବସ୍ତୁକୁ ଥଣ୍ଡା କରିବା— Sitaleiba ঠাণ্ডা করা 1. To cool a hot thing. शीतल करना [ଉ—ଡହ ଡହ ଜାଉ, ଶୀତଳେଇ ଖାଉ; ଜାଡ଼ୁ शीतलान निकालना ଶୀତଳେଇବ ? ନ ମାଛ ହୁରୁଡ଼େଇବ ? ଛଡ଼] ୨ । (ଶୁଦ୍ଧବାଚନ)—ଦେହରୁ ଅଳଙ୍କାର କାଢ଼ିବା ବା ଓହ୍ଲାଇବା—2. (Euphimism) To put off ornaments from the body. [ବି—ଦେହରେ ପିନ୍ଧା ହୋଇଥିବା ଅଳଙ୍କାରମାନ ଦେହ ସଙ୍ଗେ ଲାଗିବାରୁ ଦେହର ଉତ୍ତାପ ଯୋଗୁଁ ଗରମ ଥାଏ ଓ ତାହା ଦେହରୁ କାଢ଼ି ପକାଇଲେ ଶୀତଳ ହୋଇଯାଏ । ଅଧୁନା ସ୍ତ୍ରୀଲୋକ- ମାନେ ଦେହରୁ ଅଳଙ୍କାର 'କାଢ଼ିବା' (ବୈଧବ୍ୟ ସୂଚକ- ଭାବ ସଙ୍ଗେ ଏ ଶବ୍ଦର ସମ୍ବନ୍ଧ ଥିବାରୁ) ନ କହି ଦେହରୁ ଅଳଙ୍କାର 'ଶୀତଳେଇବା' କହନ୍ତି ।]

ଶୀତ ଲୁଗା—ଦେ. ବ—ଶୀତ ବସ୍ତ୍ର—Winter cloth. Sita luga শীতের কাপড় शीतका कपड़ा

ଶୀତ ଶିବ—ସଂ. ବ (ଶୀତ=ଥଣ୍ଡା+ଶିବ=ଉପକାରକ ବା ମଙ୍ଗଳ- Sita siba କର)—୧ । ଶୈଳେୟ; ଶିଳାରସ—1. Liquid amber; Parmalia Perlata. ୨ । ସୈନ୍ଧବ ଲବଣ—2. Chloride of sodium. ୩ । ପାନ- ମଧୁରୀ—3. Aniseed.

ଶୀତ ସିଲ—ପ୍ରାଦେ (ଗଞ୍ଜାମ) ବ—ବଡ଼ ଦିନ ବା ଖ୍ରୀଷ୍ଟମସ୍ ଛୁଟି— Sita sila Christmas holidays.

ଶୀତା—ସଂ. ବ (ଶୈ ଧାତୁ=ଗମନ କରିବା+କର୍ତ୍ତୃ. ତ+ଆ)— Sita ୧ । ଲଙ୍ଗଳଦ୍ୱାରା ଷେତରେ ଖୋଳ ହୋଇଯିବା ଅଳ୍ପ ଗର୍ତ୍ତର (ସୀତା—ଅନ୍ୟରୂପ) ଗାର; ଲଙ୍ଗଳ ପଦ୍ଧତି; ଲଙ୍ଗଳ ଶିଅର; ଶୀଅ— 1. Furrow. ୨ । ଶ୍ରୀରାମଙ୍କ ପତ୍ନୀ ଓ ଜନକ ଦୁହିତା; ସୀତା—2. Sita, the wife of Ramachandra and the daughter of Janaka. [ବି—ଜନକ ଯଜ୍ଞଭୂମିକୁ ଚାଷ କରିବା ବେଳେ ଲଙ୍ଗଳ ଶିଅରରୁ ଏହି ଶିଶୁ ମିଳିଥିବାରୁ ଏହି ନାମ ।] ୩ । ଡେଙ୍ଗ- ଦଗ ବା ଡେଙ୍ଗଦଳ ନାମକ ଔଷଧ ବୃକ୍ଷ—3. Tooth- ache tree, Cardiospermum Halicacabum.

ଶୀତାଂଶୁ—ସଂ. ବ (ବହୁବ୍ରୀହି; ଶୀତ=ଶୀତଳ ଅଟେ ଅଂଶୁ=କିରଣ Sitamsu ଯାହାର)—୧ । ଚନ୍ଦ୍ର—1. The moon (literally cool-rayed). ୨ । କର୍ପୂର—2. Camphor.

ଶୀତାଂଶୁ ତୈଳ—ସଂ. ବ (ବୈଦ୍ୟକ)—ଆୟୁର୍ବେଦୋକ୍ତ ବିଧିରେ ଏକ
Śitāmśu taila ପ୍ରକାର ଗଛକୁ ସିଝାଇ ସେଥିରୁ ବାହାର କରାଯିବା ତୈଳବିଶେଷ—A volatile inflamable stimulating oil; oil of cajuput, (distilled from the leaves of Malabarica Cajuput tree); cajuputene. [ବ୍ର—ଏହି ତୈଳକୁ କର୍ପୂର ଓ ବଡ଼ ଅଳେଇଚ ପରି ଗନ୍ଧ ବାହାରେ । ଏହା ଦାହ୍ୟ । ଏହା ଈଷତ୍ ଶାଗୁଆ ବର୍ଣ୍ଣ । ଏହା କଟୁ ଓ ଉଗ୍ର ସୁଗନ୍ଧଯୁକ୍ତ; ମାଲିସ କଲେ ବାୟୁ, ଆକ୍ଷେପ, ଶୂଳ, ଜ୍ୱର, ବେଦନା ବା ବଥା, ଆମବାତ, ଶିରଃପୀଡ଼ା, ଅଧ୍ମାନ, ଦନ୍ତରୋଗ ଓ ଚର୍ମ-ରୋଗରେ ବିଶେଷ ଉପକାର ହୁଏ । ଅନେକ ଲୋକ ଏହାକୁ ଭୂର୍ଜପତ୍ରର ତୈଳ ବୋଲି କହନ୍ତି, କିନ୍ତୁ ଏହା ସ୍ୱେଦ-ଜନକ ଓ ମାଲୟ ଓ ଅଷ୍ଟ୍ରେଲିଆ ଦ୍ୱୀପଜାତ ପାର୍ବତ୍ୟ ବିଶେଷର ଗଛରୁ ବାହାରେ ।]

ଶୀତାଂଶୁ ବଦନା(ମୁଖୀ)—ସଂ. ବଣ. ସ୍ତ୍ରୀ (ବହୁବ୍ରୀହି, ଶୀତାଂଶୁ + ବଦନ
Śitāmsu badanā(mukhi) + ସ୍ତ୍ରୀ ଆ)—ଚନ୍ଦ୍ରବଦନା; ଚନ୍ଦ୍ରମୁଖୀ—(a woman) Having the face as graceful as the moon. [ଉ—ବୋଇଲେ ସୀତା ଶୀତାଂଶୁମୁଖୀ, ଏକ ବନେ ଅଛ ସନ ହୋଇ—ଉପ. ବୈଦେହୀଶବିଳାସ ।]

ଶୀତା(ତେ)ଇବା—ଦେ. କ୍ରି—(ଦେହ) ଶୀତ ବୋଧ କରିବା—
Śitā(te)ibā (the body) To feel a cold sensa-
[ଗା] শীত শীত বোধ করা tion. [ବ୍ର—ମନରେ ହଠାତ୍
शीत मालूम करना ଭୟ ଉତ୍ପାଦକ ହେଲେ କିମ୍ବା ଭୟଙ୍କର
[ଶୀତା(ତେ)ଇ ଉଠିବା—ଅନ୍ୟରୂପ] ଘଟନା ଦେଖିଲେ ବା ଚିନ୍ତା କଲେ ଦେହ ଶୀତାଇ ଉଠେ ଓ ତତ୍କାଳ ଲୋମହର୍ଷଣ ହୁଏ ବା ଲୋମ ଟାଙ୍କୁରି ଉଠେ ।]

ଶୀତାଗମ—ସଂ. ବ (୬ଷ୍ଠୀ ତତ୍)—ହିମଋତୁର ଆବିର୍ଭାବ—The
Śitāgama approach or appearance of the winter.

ଶୀତାତପ—ସଂ. ବ (ଦ୍ୱନ୍ଦ୍ୱ; ଶୀତ+ଆତପ)—୧ । ଶୀତଳତା ଓ
Śitātapa ଉଷ୍ଣତା—1. Cold and heat. ୨ । ଶୀତ ଓ ଖରା—2. Cold and sunshine.

ଶୀତାତପ ସହ—ସଂ.ବଣ.ପୁଂ—ଯେ ଶୀତ ଓ ଖରା ସହିପାରେ—One
Śitātapa saha who can bear a good deal of
[ଶୀତାତପ ସହିଷ୍ଣୁ—ଅନ୍ୟରୂପ] (ଶୀତାତପସହା—ସ୍ତ୍ରୀ) chill and sunshine.

ଶୀତାଦ୍ରି—ସଂ. ବ (କର୍ମଧା, ଶୀତ + ଅଦ୍ରି)—ହିମାଦ୍ରି; ହିମାଳୟପର୍ବତ
Śitādri —The Himalayan mountains.

ଶୀତାର୍ତ୍ତ—ସଂ. ବଣ. ପୁଂ (୩ୟା ତତ୍, ଶୀତ + ଋତ କିମ୍ବା ଅର୍ତ୍ତ)—
Śitārtta ଶୀତ ପୀଡ଼ିତ; ଶୀତ ଯୋଗୁଁ କାତର—Pinched with cold; chilled; badly affected by
(ଶୀତାର୍ତ୍ତା—ସ୍ତ୍ରୀ) chill.

ଶୀତାର୍ତ୍ତି—ସଂ. ବ—ଶୀତ ଯୋଗୁଁ ଉତ୍ପନ୍ନ କଷ୍ଟ—Suffering or
Śitārtti pangs brought about by cold.

ଶୀତାଳୁ—ସଂ. ବଣ (ଶୀତ+ସହ୍ୟାର୍ଥେ ଆଳୁ; ତୁଳ. ଦୟାଳୁ, ଦୟାଳୁ,
Śitālu ଶ୍ରଦ୍ଧାଳୁ)—୧ । ଶୀତାର୍ତ୍ତ—1. Pinched with cold. ୨ । ଯେ ଶୀତକୁ ଭାରି ଡରେ—2. Afraid of cold.

ଶୀତାଶ୍ମା—ସଂ. ବ (କର୍ମଧା; ଶୀତାଶ୍ମନ୍ ଶବ୍ଦ, ୧ମା. ୧ବ, ଶୀତ=
Śitasmā ଶୀତଳ+ଅଶ୍ମନ୍=ପଥର)—ଚନ୍ଦ୍ରକାନ୍ତ ମଣି—A kind of gem; the moon-stone.

ଶୀତୁଳା(ଲେ)ଇବା—ଦେ. କ୍ରି—ଶୀତଳେଇବା (ଦେଖ)
Śitulā(le)ibā Śitaleibā (See)

ଶୀତୁଳି—ଦେ. ବ (ସଂ ଶୀତ)—ଗ୍ରୀଷ୍ମଋତୁର ଦ୍ୱିପ୍ରହରର ପ୍ରଚଣ୍ଡ ରୌଦ୍ର
Śituli ଗଡ଼ିଯିବା ପରେ ଅପରାହ୍ଣରେ ଅନୁଭୂତ ଅପେକ୍ଷିତ ଶୈତ୍ୟ—
ଠାଣ୍ଡା ठण्डा Lower temperature in th afternoon of summer.

ଶୀତୋତ୍ତମ—ସଂ. ବ (୭ମୀ ତତ୍, ଶୀତଳ ପଦାର୍ଥମାନଙ୍କ ମଧ୍ୟରେ ଉତ୍ତମ,
Śitottama ତୁଳ. ନରୋତ୍ତମ, ପୁରୁଷୋତ୍ତମ)—ଜଳ; ପାଣି—Water.

ଶୀତୋତ୍ଥ—ସଂ. ବ—ଶ୍ୱେତ ମରିଚ; ଧଳା ମରିଚ; ସଜନା ମଞ୍ଜି—
Śitottha A species of white pepper;
ଅନ୍ୟ ସଂ—ସିତ ମରିଚ, seeds of Hyperanthera
ସିତବଳ୍ଲୀଜ, ବାଲକ, ବହୁଳ, Moringa. [ବ୍ର—ଏହା କଟୁ
ଧବଳଚନ୍ଦ୍ର । ରସ, ଉଷ୍ଣବୀର୍ଯ୍ୟ, ଦୃଷ୍ଟିକାରକ, ଅରୁଷ୍ୟ,
শ্বেত মরিচ ଓ ଅନ୍ୟ ଦ୍ରବ୍ୟ ସହିତ ମିଶ୍ରିତ ହୋଇ
सादा मरिच ରସାୟନରୂପେ ବ୍ୟବହୃତ ହୁଏ । ଏହା
ମ. ପାଂଢରେ ମିରସେ ବିଷରୋଗ ଓ ନେତ୍ରରୋଗ ନାଶକ ।
ତେ. ତେଲ୍ଲମିରିୟାଲୁ ଶିରୋରୋଗରେ ଏହାର ନସ୍ୟ ବିଶେଷ ଉପକାରୀ ।]

ଶୀତୋଦକ—ସଂ. ବ (କର୍ମଧା)—ଥଣ୍ଡା ପାଣି—
Śitodaka Cold water.

ଶୀତୋଷ୍ଣ—ସଂ. ବଣ (ଦ୍ୱନ୍ଦ୍ୱ, ଶୀତ+ଉଷ୍ଣ)—ଥଣ୍ଡା ଓ ଗରମ—
Śitoshṇa Cold and warm.

ଶୀତୋଷ୍ଣତା(ତ୍ୱ)—ସଂ. ବ(ଶୀତୋଷ୍ଣ+ତା, ତ୍ୱ)—ଥଣ୍ଡା ଓ ଗରମଭାବ—
Śitoshṇatā(twa) Coldness and warmth; cold and heat.

ଶୀତ୍କାର—ସଂ. ବ (ଶୀତ୍+କୃ ଧାତୁ+ଘଞ୍. ଅ)—ଶୀତ୍କାର (ଦେଖ)
Śitkāra Śit-kāra (See)

ଶୀତ୍କୃତ(ତି)—ସଂ. ବଣ. ଓ ବ—ଶୀତ୍କାର (ଦେଖ)
Śitkṛuta(ti) Śitkara (See)

ଶୀତ୍ୟ—ସଂ ବ (ଶୀତା=ଲଙ୍ଗଳପଦ୍ଧତି+ଯ)-କୃଷ୍ଟ; ଚଷାହୋଇଥିବା—
Śitya Ploughed up; cultivated.

ଶୀଧୁ(ଧୂ)—ସଂ. ବ (ଶୀ ଧାତୁ=ଶୟନକରିବା+କରଣ ଧୁ ଯାହା
Śidhu(dhū) ପାନକଲେ ଲୋକେ ଶୋଇପଡ଼ନ୍ତି)—୧ ।
[ସୀଧୁ(ଧୂ)—ଅନ୍ୟରୂପ] ମଦିରା; ମଦ୍ୟ; ମଦ—1. Wine. ୨ । ପକ୍ୱଇକ୍ଷୁରସରୁ ପ୍ରସ୍ତୁତ ମଦ—2. Spirituous liquor distilled from sugarcane juice. ୩ । ଅରଖି—3. Spirit; rum. [ବ୍ର—ଅପକ୍ୱ ଓ ଅପକ୍ୱ ଇକ୍ଷୁରସରୁ ପ୍ରସ୍ତୁତ ମଦକୁ ଶୀଧୁ ବୋଲାଯାଏ ।

କିନ୍ତୁ ପକ୍ୱ ଇକ୍ଷୁଜାତ ମଦର ଉତ୍କୃଷ୍ଟ । ଏହା କଷାୟାନ୍ନ—ମଧୁରରସ, ସ୍ନିଗ୍ଧ, ରୁଚକର, ମଳଭାଜକକ, ଅଗ୍ନି ବର୍ଦ୍ଧକ ଓ ବଳବର୍ଣ୍ଣବର୍ଦ୍ଧକ, ବାତପିତ୍ତଜନକ, କଫନାଶକ, କୋଷ୍ଠ-ବଦ୍ଧତା, ମେହପଦ୍ମା, ଗ୍ରହଣୀ, ଶୋଥ, ଅର୍ଶଃ, ପ୍ରମେହ ଓ କଫ ରୋଗରେ ଉପକାରୀ । ଅପକ୍ୱ ଇକ୍ଷୁରସଜାତ ମଦ୍ୟର ନାମାନ୍ତର ଶୀତରସ ।)

ଶୀଧୁ ଗନ୍ଧ—ସଂ. ବି (ଶୀଧୁ=ମଦ୍ୟ ବପେଶ+ଗନ୍ଧ=ଅସାର; **Śidhu gandha** ବହୁବ୍ରୀହି)—ବଉଳ ଗଛ—The Bakula tree.

ଶୀନ୍—ଦେ. ବି (ଇଂ. ଶୀନ)—ସିନ୍ (ଦେଖ) **Śin** Sin (See) सीन सिन

ଶୀନ—ସଂ. ବଣ (ଶ୍ୟୈ ଧାତୁ=ଗମନ କରିବା+କର୍ତ୍ତୃ. ତ)—**Śina** ୧ । ଘନୀଭୂତ; ଜମିଯାଇ ଶକ୍ତ ହୋଇଥିବା (ତରଳବସ୍ତୁ)—1. Hardned; solidified; condensed; thickened; coagulated. ୨ । ମୂର୍ଖ—2. Illiterate; dunce. ପୁ. ବି (ଶୀ ଧାତୁ=ଶୋଇବା+କର୍ତ୍ତୃ. ନ)—ଅଜଗର—Python; boa constrictor,

ଶୀ ପାଛ(ଛୁ)ଡ଼ା—ପ୍ରାଦେ (ସମ୍ବଲପୁର) ବି—ଶୀତ ଘୋଡ଼ଣ—**Śi pāchha(chhu)ṛdā** Wrapper for the winter season.

ଶୀଫର—ସ. ବଣ—୧ । ସ୍ଫୀତ—1. Swollen. ୨ । ମନୋହର—**Śiphara** 2. Beautiful; charming.

ଶୀବା—ସଂ. ବି (ଶୀ ଧାତୁ=ଶୟନ କରିବା+କର୍ତ୍ତୃ. ବନ୍; ଶୀବନ୍ ଶବ୍ଦ **Śi bā** ୧ମା. ୧ବ)—୧ । ଅଜଗର ସାପ—1, Python; boa constrictor. ୨ । ବୋଡ଼ା ସାପ—2, Viper.

ଶୀର—ସଂ. ବି (ଶୀ ଧାତୁ=ଶୋଇବା+କର୍ତ୍ତୃ. ର)—ବୃହଦାକାର ସାପ; **Śira** ଅଜଗର—Big boa; python,

ଶୀରକର—ଦେ. ବି (ସଂ. ସୀରଧର)—ବଳରାମ—Balarāma. **Śirakara** (ଉ—ଶୀରକର ଖାଡ଼ୁଚର ଖାରଖର ମୁଦଗର ସୁହାଇର । ଅଜ୍ଞାତ । ବଦଦନ୍ତଧ୍ୱାନ୍ତି ।)

ଶୀରଷ—ଗ୍ରା. ବି (ପଦ୍ୟ) (ସଂ. ଶୀର୍ଷ)—ଶୀର୍ଷ; ମସ୍ତକ; ମୁଣ୍ଡ—**Śirasha** (ଉ—ଜନକ ଅପରନ୍ତ ଫୁଲ ତୋଳରେ, ମାଳି ଧର शीर सिर ଅଗ ଲଗାନ୍ତି ଶୀରଷରେ । କୃଷ୍ଣସିଂହ, ମହାଭାରତ ।)

ଶୀର୍ଣ୍ଣ—ସଂ. ବଣ (ଶୃ ଧାତୁ=ହିଂସା କରିବା ବା ବଧ କରିବା+କର୍ମ **Sirnna** ତ)—୧ । ଅହତ—1, Hurt; injured. ୨ । (ଶୀର୍ଣ୍ଣା—ସ୍ତ୍ରୀ) କ୍ଷୀଣ; କୃଶ—2,Emaciated; weak; feeble; thin; slender. ୩ । ଜୀର୍ଣ୍ଣ—3, Decayed, ୪ । ଶୁଷ୍କ—4. Dried; withered; shrivelled. ୫ । ଛିନ୍ନ—5. Torn. ୬ । କଙ୍କାଳସାରାବଶିଷ୍ଟ—6, Reduced to skeleton. ୭ । ପତିତ—7. Fallen.

ଶୀର୍ଣ୍ଣ କାୟ—ସଂ. ବଣ. ପୁଂ(ବହୁବ୍ରୀହି)—କ୍ଷୀଣ ଦେହବଶିଷ୍ଟ; କୃଶଶରୀର **Śirṇna kāya** ବଶିଷ୍ଟ—Slender-bodied; lean- (ଶୀର୍ଣ୍ଣ କାୟା—ସ୍ତ୍ରୀ) bodied. ବି (କର୍ମଧା)—ସରୁଆ ଦେହ—Lean body.

ଶୀର୍ଣ୍ଣତା(ତ୍ୱ)—ସଂ. ବି (ଶୀର୍ଣ୍ଣ+ଭାବ ତା, ତ୍ୱ)—କୃଶତା; କାର୍ଶ୍ୟ—**Śirṇnatā(twa)** Leanness; withered or emaciated condition.

ଶୀର୍ଣ୍ଣ ଦେହ—ସଂ. ବି ଓ ବଣ—ଶୀର୍ଣ୍ଣକାୟ (ଦେଖ) **Śirṇna deha** Śirṇnakāya (See) (ଶୀର୍ଣ୍ଣଦେହା—ସ୍ତ୍ରୀ. ବଣ)

ଶୀର୍ଣ୍ଣ ପାଦ—ସଂ. ବି (ଶୀର୍ଣ୍ଣ+ପାଦ; ବହୁବ୍ରୀହି; ମାଧଙ୍କ ଅପଶାପରେ **Śirṇna pāda** ଯାହାଙ୍କର ପାଦ କ୍ଷୀଣ ହୋଇଥିଲା)—ଯମ; (ଶୀର୍ଣ୍ଣାଙ୍ଘ୍ରି—ଅନ୍ୟରୂପ) ଅନ୍ତକ—Jama.

ଶୀର୍ଣ୍ଣ ବୃନ୍ତ—ସଂ. ବି (ବହୁବ୍ରୀହି)—ଫୁଟିକାକୁଡ଼ି (ଦେଖ) **Śirṇna bṛunta** Phuṭikākurḍi. (See)

ଶୀର୍ଷ—ସଂ. ବି (ଶିରସ୍ ସ୍ଥାନରେ ଶୀର୍ଷ; ଶିରସ୍ ଶବ୍ଦର ଅନ୍ୟରୂପ)—**Śirsha** ୧ । ଶିରଃ; ଶିରଃ; ମୁଣ୍ଡ; ମସ୍ତକ—1. Head; ୨ । ଚୂଡ଼ା; ଅଗ୍ରଭାଗ—2. Top; summit. ୩ । କୃଷ୍ଣ ଅଗୁରୁ—3. Black agalochium.

ଶୀର୍ଷକ—ସଂ. ବି (ଶୀର୍ଷ+କ)—୧ । କରୋଟି; ମୁଣ୍ଡର ଖପୁରି—**Śirshaka** 1. Skull. ୨ । ରାହୁଗ୍ରହ—2. The Dragon's head. ୩ । ମସ୍ତକ; ମୁଣ୍ଡ—3. Head. ୪ । ଜୟପରାଜୟର ନିର୍ଣ୍ଣାୟକ ପତ୍ର—4. A testimony indicating victory or defeat. ୫ । ମୁଣ୍ଡରେ ପିନ୍ଧାଯିବା ଅଳଙ୍କାର ବା ମୁକୁଟ ପ୍ରଭୃତି—5. Crown, head dress. ୬ । ଶିରସ୍ତ୍ରାଣ; ପଗଡ଼ି; ଟୋପି; ଟୋପର—6. Turban; helmet; hat; cap. ବେ. ବି—(ଅନ୍ୟ ଶବ୍ଦ ସଙ୍ଗେ 'ଶୀର୍ଷ' ଶବ୍ଦ ସମାସ ହୋଇ ଯୁକ୍ତ ହେଲେ ଶେଷରେ 'କ' ଆଗମ ହୁଏ । ଯଥା—'ଅଧ୍ୟବସାୟ'-ଶୀର୍ଷକ ପ୍ରବନ୍ଧ) (ଅମୁକ) ଶିରୋନାମାଯୁକ୍ତ; ସେହି ପ୍ରବନ୍ଧ ଅବର ଶିରୋଭାଗରେ କୌଣସି ନାମ ଥାଏ—Having the title of; having the superscription of; under the heading of; entitled.

ଶୀର୍ଷଚ୍ଛେଦନ—ସଂ. ବି (ସନ୍ଧି ଯୋଗୁଁ ଦ୍ୱିତ୍ୱ 'ଚ୍')—ଶିରଚ୍ଛେଦ; ମୁଣ୍ଡକାଟ **Śirshachchhedana** —Beheading; decapitation,

ଶୀର୍ଷ ଚ୍ଛେଦ୍ୟ—ସଂ ବଣ. ପୁ (ବହୁବ୍ରୀହି; ଶୀର୍ଷ ଅଟେ ଛେଦ୍ୟ ଯାହାର)-**Śirsha chchhedya** ଶିରଚ୍ଛେଦନ ଯୋଗ୍ୟ; ବଧ—(ଶୀର୍ଷଚ୍ଛେଦିକ—ଅନ୍ୟରୂପ) Deserving decapitation or capital punish- (ଶୀର୍ଷଚ୍ଛେଦ୍ୟା—ସ୍ତ୍ରୀ) ment.

ଶୀର୍ଷଣ୍ୟ—ସଂ ବଣ (ଶିରସ୍+ଯ, ଅପ୍ରେବଣାର୍ଥେ; ଶିରସ୍ ସ୍ଥାନରେ **Sirshanya** ଶୀର୍ଷଣ୍)—୧ । ମସ୍ତକରେ ପିନ୍ଧା ଯାଉଥିବା—1 Worn on the head. ୨ । ମସ୍ତକୋଦ୍ଭୂତ—

2.Growing on the head. ୩ । ମୁଣ୍ଡରେ ଅବସ୍ଥିତ 3. Being on the head. ବି—୧ । ଉପର ବା ପରିଷ୍କୃତ କେଶ—1 Hair neatly made up into a chignon; hair kept neat and clean ୨ । ଶିରସ୍ତ୍ରାଣ; ପଗଡ଼ି—2 Helmet; turban.

ଶୀର୍ଷ ବର୍ତ୍ତନ—ସଂ. ବି (ସ୍ମୃତି)—"ଯଦି ଅଭିଯୁକ୍ତ ବ୍ୟକ୍ତିକୁ ଅପରାଧୀ Śirsha barttana ବୋଲି ମୁଁ ପ୍ରମାଣିତ କରି ନ ପାରିବି, ତେବେ ତା ବଦଳରେ ମୁଁ ଦଣ୍ଡ ପାଇବି (ଅର୍ଥାତ୍ ମୋ ମୁଣ୍ଡକାଟ ହେବ)" ଫରିଆଦିର ଏପରି ସ୍ୱୀକାରୋକ୍ତି—(Hindu Law) The undertaking given by a complainant that he will undergo punishment if he be unable to bring home the charge to the accused.

ଶୀର୍ଷ ସ୍ଥାନ—ସଂ. ବି—୧ । ମସ୍ତକ—1. Head. ୨ । ସର୍ବୋଚ୍ଚ Śirsha sthāna ସ୍ଥାନ—2. Highest place. ୩ । ସବାଗ୍ର ସ୍ଥାନ; ସର୍ବୋପରି ଅବସ୍ଥିତି—3. The topmost place or highest position. ୪ । ତାଲିକାର ସର୍ବୋଚ୍ଚ ସ୍ଥାନ—4. Top of a list.

ଶୀର୍ଷ ସ୍ଥାନ ଅଧିକାର କରିବା—ଦେ. କ୍ରି—ସର୍ବୋଚ୍ଚ ସ୍ଥାନରେ ବସିବା- Śirsha sthāna adhikāra karibā To sit at शीर्षस्थानअधिकारकरा उच्चासनपाना the highest place; to head the list; to occupy the foremost position.

ଶୀର୍ଷ ସ୍ଥାନୀୟ—ସ. ବଣ (ଶୀର୍ଷ ସ୍ଥାନ+ଈୟ)—୧ । ଶୀର୍ଷ ସ୍ଥାନ Śirsha sthāniya ଅଧିକାର କରିବାର ଯୋଗ୍ୟ—1. Fit to [ଶୀର୍ଷ ସ୍ଥାନୀୟା—ସ୍ତ୍ରୀ] occupy the highest position. ୨ । ସର୍ବପ୍ରଧାନ (ବ୍ୟକ୍ତି)—2. Most prominent (person).

ଶୀଲ୍—ଦେ. ବି—ସିଲ୍ (ଦେଖ)—Sil (See) ବୈଦେ. ବି (ଇଂ. Śil ସୀଲ୍)—୧ । ସାମୁଦ୍ରିକ ଜୀବବିଶେଷ—1. An aquसील सील atic animal; seal. ୨ । (ଇଂ. ସୀଲ୍) ମୁଦ୍ରାଙ୍କନାର୍ଥ ବ୍ୟବହୃତ ମୋହର—2. Seal; stamp. ଦେ. ବି (ସ. ଶୀଳ)—ବଙ୍ଗଦେଶୀୟ କାୟସ୍ଥମାନଙ୍କର ବଂଶୋପାଧି ବିଶେଷ—A family title of the Kāyasthas in Bengal.

ଶୀଲ୍ (ଧାତୁ)—ସ.—୧ । ଅଭ୍ୟାସ କରିବା—2. To exercise; to Śil (root) practise. ୨ । ଅଭ୍ୟସ୍ତ ହେବା—2. To be habituated to.

ଶୀଳ—ସ.ବି (ଶୀଲ୍ ଧାତୁ+ଅ)—୧ । (+କର୍ମ.ଅ)ଆଚରଣ—1. ConŚila duct. ୨ । (+କରଣ.ଅ)ସ୍ୱଭାବ; ପ୍ରକୃତି—2. Nature; disposition. ୩ । (+ଭାବ. ଅ) ଅଭ୍ୟାସ—3. Habit; practice. ୪ । (+କର୍ମ. ଅ) ସାଧୁତା; ସଚ୍ଚରିତ୍ରତା—4. Good conduct. ୫ । ଚରିତ୍ର—5. Character. ବି (ଶୀ ଧାତୁ=ଶୋଇବା +କର୍ତ୍ତୃ. ଲ)—ଅଜଗର—Python; boa. ସୁଂ—୧ । (ସମାସଯୁକ୍ତ ହେଲେ) ପ୍ରକୃତିବିଶିଷ୍ଟ—1 (in compound) Natured. ୨ । ଅଭ୍ୟାସଯୁକ୍ତ—2. Habituated to. ଦେ. ବି—ବଙ୍ଗଦେଶର ବଂଶୋପାଧି ବିଶେଷ—A family-title in Bengal.

ଶୀଳତା—ଦେ. ବି—ସଦାଚରଣ; ସୁଶୀଳତା—Good behaviour; Śilatā good manners. [ଉ—ନୃପ ଶୀଳତା ପ୍ରଶଂସିଲେ, ତତକ୍ଷଣେ ଅନ୍ତର୍ଦ୍ଧାନ ଗଲେ—ଜଗନ୍ନାଥ. ଭାଗବତ ।]

ଶୀଳନ—ସ. ବି (ଶୀଲ୍ ଧାତୁ+ଭାବ ଅନ)—ଅଭ୍ୟାସ—1. Habit; Śilana exercise. ୨ । ଆଲୋଚନା—2. Discussion. ୩ । ପର୍ଯ୍ୟବେକ୍ଷଣ—3. Observation. ୪ । ପ୍ରଚଳନ—4. Promulgation.

ଶୀଳବାନ୍—ସ. ବଣ. ପୁଂ (ଶୀଳବତ୍ ଶବ୍ଦ; ୧ମା.୧ବ)—୧ । ସୁଶୀଳ; Śilabān ସଚ୍ଚରିତ୍ର; ଚରିତ୍ରବାନ୍—1. Of good conduct; virtuous. (ଶୀଳବତୀ—ସ୍ତ୍ରୀ) ୨ । ନୀତିବାନ୍—2. Moral. (ଶୀଳବତ୍ତ୍ୱ—ବି)

ଶୀଳ ବତୀ—ସ. ବଣ. ସ୍ତ୍ରୀ—ସାଧ୍ୱୀ; ସତୀ (ସ୍ତ୍ରୀ)—Śila bati Chaste (woman).

ଶୀଳବନ୍ତ(ନ୍ତା)—ଦେ.ବଣ (ସ. ଶୀଳବାନ୍)—୧। ଚରିତ୍ରବାନ୍—1. Of Śilabanta(ntā) good character. [ଉ—ଶୀଳବନ୍ତ चरित्रवान ଲୋକର ଦୁଃଅଇ ପ୍ରସିଦ୍ଧି । କୃଷ୍ଣସିଂହ. ମହାଭାରତ ।] ୨। शीलवन्त ସତ୍—2. Honest. ଦେ. ବି (ସଂ. ଶୀଳବତ୍ତ୍ୱ)—ସାଧୁତା; ଶିଷ୍ଟତା—Honesty. [ଉ—ପ୍ରସନ୍ନ ଚିତ୍ତେ (ଶୀଳବନ୍ତୀ—ସ୍ତ୍ରୀ. ବଣ) ଶୁଣ ହସ୍ତ, ଦେଖି ତାହାଙ୍କ ଶୀଳବନ୍ତ—ଜଗନ୍ନାଥ. ଭାଗବତ ।]

ଶୀଳ ବୃକ୍ଷ—ସ. ବି—କ୍ଷୀର ବୃକ୍ଷ (ଦେଖ) Śila bṛuksha Kshira bṛuksha (see)

ଶୀଳା—ଦେ. ବି—ଧୀର ବ୍ୟକ୍ତି; ଧୀର ସ୍ୱଭାବ ବ୍ୟକ୍ତି—A man of Śilā mild nature or temperament. [ଉ—ବଡ़ सुशील ବାଇ ସେ ଶିଳାଏ, ବନ୍ଧୁ ଶୀଳା ସେ ଦୁବାଏ—ଭକ୍ତ. ବୈଦେशीलवन्त ଶ୍ରୀଧରଦାସ ।]

ଶୀଳିତ—ସଂ. ବଣ (ଶୀଲ୍ ଧାତୁ=ଅଭ୍ୟାସ କରିବା+କର୍ମ. ତ)—Śilita ୧ । ଅଭ୍ୟସ୍ତ—1. Habituated; practised. ୨ । ପ୍ରଚଳିତ—2. Promulgated. ୩ । ଶିକ୍ଷିତ—3. Educated; trained. ୪ । ଆଲୋଚିତ—4. Discussed.

ଶୁ—ଦେ. ଅ—(ଧ୍ୱନ୍ୟନୁକରଣ)—୧ । ବେଗରେ ପବନ ବହିବା ଶବ୍ଦ; Su ସାଇଁ ସାଇଁ—1. The blowing sound शाँ शाँ सनसन of wind. ୨ । ସାପ ଗର୍ଜିବାର फोसफोस सीसकार ଶବ୍ଦ—2. Hissing sound (ଶୁକ, ଶୁଉଶୁଉ—ଅନ୍ୟରୂପ) of serpents.

ଶୁଅ ବସ(ସା)—ଦେ.ବି—(ସ. ଶୟନ ଓ ଉପବେଶନ)—୧ । ଶୋଇବା Suā basa(sā) ଓ ବସିବା—1. Sleeping and sitting.

শোআ বসা सोना बठना ୨ । ସହବାସ—2. Intercourse.
୩ । ସ୍ତ୍ରୀପୁରୁଷ ସଙ୍ଗମ—3. Cohabitation.

ଶୁଅର୍—ଦେଠ ବୈଦେ. ବ—(ସ. ଶୂକର; ପ୍ରା—ଶୁଅର)—୧ । ଘୁଷୁରି
Śuar শুয়ার सूअर —1. A pig. ୨ । ଘୁଷୁରି ପରି
ଘୃଣ୍ୟ ବ୍ୟକ୍ତି—2. A detestable person (like a pig).

ଶୁଅରକା(କି) ବଚ୍ଚା—ବୈଦେ. ବ—(ଗାଳିରେ ବ୍ୟବହୃତ; ହିନ୍ଦୀରୁ ଅନୁ-
Śuar-kā(ki) bachchā କୃତ; ଯାହାର ପିତା ଘୁଷୁରି ପରି ଘୃଣ୍ୟ;
শুয়ারকাবচা सूअरकाबाच ଘୁଷୁରିପୁଅ (a term of abuse)
—A pig's son.

ଶୁଆ—ଦେ. ବ—୧ । (ସ. ଶୁକ)—ଶୁକ ପକ୍ଷୀ—
Śuā টিয়া सुग्गा, तोता 1. Parrot.
[ବି—ଶୁଆ ଗ୍ରୀଷ୍ମପ୍ରଧାନ ଦେଶରେ ନାନା ବର୍ଣ୍ଣର ଓ ନାନା ଜାତିର ଅଛନ୍ତି । ଶ୍ରେଷ୍ଠ ଶୁଆ ୨ ଇଞ୍ଚରୁ ବଡ଼ ଶୁଆ ୨ ହାତ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ତାହାର ସମସ୍ତ ଦେହର ବର୍ଣ୍ଣ ସାଗୁଆ, ତାହାର ଡେଣା ସାଗୁଆ ଓ ମୁଣ୍ଡ ନାଲି । ତାହାର ଦେହ ନାଲି, ତାହାର ଦେହ ଧଳା । ଶୁଆମାନେ ନାନା ଜାତୀୟ । ଯଥା—ପାହାଡ଼ିଆ, ନାହାଳୀ, ଟୁସ୍ରା ବା ଟୋଟା, କାକାତୁଆ, ପାଲ୍‌ଗାଛ । ଏମାନଙ୍କ ଥଣ୍ଟର ଅଗ ବଙ୍କା ଓ ଥଣ୍ଟ ବାଙ୍କୁଆ ଓ ଏମାନେ ଫଳ ମୂଳ ଖାଇ ପ୍ରାଣ-ଧାରଣ କରନ୍ତି । ସାଧାରଣ ଶୁଆମାନେ ବଡ଼ି ଗଲେ ସେମାନଙ୍କ ବେକ ଗୁରା ପାଖରେ ଗୋଟିଏ ଗୋଲ୍ଲାପି, କଳା ଓ ନାଲି ପ୍ରେମ ବର୍ଣ୍ଣିଷ୍ଠ ଗାର ହୁଏ ଯାଏ ଓ ବୁଢ଼ା ହୋଇ ଗଲେ କଣ୍ଠ ତଳେ ଗୋଟିଏ ଠାଣୁଆ ମାଂସ ପିଣ୍ଡୁଳା (କଣ୍ଠୀ) ତାହାର ପଡ଼େ । ଏହି ନାଲି ଗାର ଓ କଣ୍ଠୀ ଦେଖି ଶୁଆମାନଙ୍କ ବୟସ ନିର୍ଣ୍ଣୟ କରି ଯାଏ । ଅମ ଦେଶର ଲୋକେ ଶୁଆମାନଙ୍କୁ ଲୋକେ ପାଳି କରି ହରି ନାମ ଓ ଗୀତ ଆଦି ପଦ ଅଭ୍ୟାସ କରିବାକୁ ଶିଖାନ୍ତି । ଶୁଆମାନଙ୍କୁ ଶିଖାଇବା କେତେକ ପଦ—କ । "ରାଧା ! କୃଷ୍ଣ ରାଧା ! କୃଷ୍ଣରାଧା ! କୃଷ୍ଣ କୃଷ୍ଣ ! ରାମ ରାମ, ପଢ଼ ବାବା ଅଗ୍ନା ରାମ ।"
ଖ । "ପତିତପାବନ ଗତି କର କୃଷ୍ଣ ! ଶ୍ରୀ ରାଧାକାନ୍ତ କୃଷ୍ଣ ।"
ଗ । "କୃଷ୍ଣ କଳପତରୁ, କୃଷ୍ଣ ଜଗତଗୁରୁ, କୃଷ୍ଣ ଗୋପରେ ରାଜା, କୃଷ୍ଣ ମୁରଲି ବଜା ।"
ଘ । "କୃଷ୍ଣ କଳ୍ପତରୁ, କୃଷ୍ଣ ଜଗତ ଗୁରୁ, କର କୃଷ୍ଣ ପରତ୍ରାଣ, କହ କୃଷ୍ଣ, ବୋଲ କୃଷ୍ଣ, କୃଷ୍ଣ କୃଷ୍ଣ ରାମ ରାମ ।"
ଙ । "ଠାକୁର ! ପକ୍ଷୀ ଜନ୍ମରୁ ଉଦ୍ଧାର କର ।"]
୨ । (ସ. 'ଶୀ' ଧାତୁ)—ଶୋଇବା କ୍ରିୟା—2. Act of sleeping. ବଣ.—୧ । ନିଦ୍ରାଳୁ (ବ୍ୟକ୍ତି)—
নিদালু सोनेवाला 1. A person given to much sleeping. ୨ । ଶୋଇ ଶୁଏ—2. Sleeping.

ଶୁଆଇ ଦେବା—ଦେ. କ୍ରି—୧ । (ମାଡ଼ ମାରିବା ଜେଷ୍ଟ ଖେଳ) କୌଣସି
Śuāi debā ବ୍ୟକ୍ତିକୁ ତଳେ ପାତିତ କରିବା—To lay a
শোয়ান सुलादेना person down on the ground; to fell. ୨ । ଶିଶୁକୁ ବା ରୋଗୀକୁ ଭୂମିରେ ଶାୟିତ କରିବା.
2. To cause (a child) to lie down on the ground [ଉ—କଂସ ସଭାରେ ମିଳିଲ, ବାଳକ ତଳେ ଶୁଆଇଲେ । ଜଗନ୍ନାଥ, ଭାଗବତ ।]
୩ । ଶୋଇବାପାଇଁ ଉପଯୁକ୍ତ ସୁବିଧା ବା ଗୋଳମାଳଶୂନ୍ୟ ଅବସ୍ଥା ଲାଭ କରିବା—3. To let one sleep by not making any noise or by making the sorroundings favourable to sleeping: (ଯଥା—ଭୃତ୍ୟମାନ ବାଜା ବଜେଇ ସିଲେଇମା-ବାଲାମାନେ ପଡ଼ୋଶୀଙ୍କୁ ଶୁଆଇ ଦେଲେ ନାହିଁ ।]

ଶୁଆଇ ପକା(କେ)ଇବା—ଦେ. କ୍ରି—ଶିଶୁ ଅଙ୍କକୁ ଦୋଳାଇ ବା ମାତୃ-
Śuāi pakā(ke)ibā ସ୍ତନକୁ ତାଙ୍କ ମୁଖରେ ଲଗାଇ ବା ଗୀତ
শুআইবা सुलादेना ଗାଇ ନିଦ୍ରିତ କରାଇବା—To cause a baby to sleep by rocking or fitting the nipple of the mother's breast to its mouth or by singing lullabies.

ଶୁଆଇବା—ଦେ. କ୍ରି (ଶୋଇବାକ୍ରିୟାର ପ୍ରଯୋଜକରୂପ)—୧ । ଅନ୍ୟ
Śuāibā ବ୍ୟକ୍ତିର ନିଦ୍ରିତ ହେବାର ଉପାୟ କରିବା, ଶାୟିତ
শোয়ান, শুয়ান सुलाना କରିବା—1. To cause a person to sleep. (ଯଥା—ନାନାବାୟା ଗୀତ ବୋଲି ଅମ୍ମା କୋଡ଼ରେ ଦୋହୋଲାଇ ଧାଇ ପିଲାକୁ ଶୁଆଇଲେଣି ।) ୨ । କୌଣସି ପଦାର୍ଥକୁ ଭୂମିରେ ଲମ୍ବକରି ପକାଇଦେବା—2. To lay anything length-wise on the ground. (ଯଥା—ଖମ୍ବକୁ ଓପାଡ଼ି ଭୂମିରେ ଶୁଆଇଦେ ।) ୩ । କୌଣସି ବ୍ୟକ୍ତିକୁ ଭୂମିରେ ଲମ୍ବଭାବରେ ଶାୟିତ କରିବା—3. To cause a person to lay prostrate on the ground. (ଯଥା—ସେ ଅପରାଧୀର ସାଙ୍ଗମାନଙ୍କୁ ମାଡ଼ ମାରି ମାରି
(ଶୁଆଇବା—ଅନ୍ୟରୂପ) ଭୂଇଁରେ ଶୁଆଇଲା ।)
୪ । (ସ୍ତ୍ରୀ ପକ୍ଷରେ) ସଙ୍ଗମାର୍ଥୀ ପୁରୁଷକୁ ନିଜ ସହ ସହବାସ କରିବା ପାଇଁ ସମର୍ଥ କରିବା—4. (said of a (female) To cause or let a male to co-habit her. ୫ । ଯୁବତୀର ଉର୍ଦ୍ଧ୍ୱ କୁଚର ଅଧୋମୁଖ ହେବାର ଅବସ୍ଥା ଘଟାଇବା—5. To cause tight breasts to hang down.

ଶୁଆଁ—ଦେ. ବ (ସ. ଶ୍ୟାମା)—୧ । ଶାରିବା; ଶୁଅଁ ଲଇଁ (ଦେଶ)—
Śuāṅ 1. Indian sarsaparilla (creeper)
শ্যামালতা श्यामा श्यामा साँवाँ ୨ ।(ସଂ.
ଶ୍ୟାମାକ) ଶୁଅଁଧାନ (ଦେଖ)—ଧାନ୍ୟାନ୍ତର୍ଗତ ବନ୍ୟଘାସ
2. Śuāṅ dhāna (see) Paincum Frumentaceum. ୩ । (ସ. ଶୁଣ୍ଡ)—ଗଛର ପତ୍ରର ଓ ସରୁଆ ଲମ୍ବ ଶିଂଷା—3. Tendrils of plants and trees. ୪ । (ସଂ. ଶୂକ) ଶସ୍ୟଶୂକ—
4. The beard of some grains.

ଶୁଅଁ ଚାଉଳ—ଦେ. ବି—ଶୁଅଁ ଧାନରୁ ବାହାରିଥିବା ଚାଉଳ—
Suāñ chāula Rice or grain obtained
শ্যামা চাল **सांवा चावल** from Panicum Frumentaceum.

ଶୁଅଁ ଧାନ—ଦେ. ବି. (ସଂ. ଶ୍ୟାମାକ)—ତୃଣଧାନ୍ୟ ବିଶେଷ—A
Suāñ dhāna wild foodgrain allied to
শ্যামা Māndiā; ✱ Panicum Frumentaceum.
सांवांधान [ଦ୍ର—ଏହା ଧାନ୍ୟାଦିବର୍ଗର ବନ୍ୟ ଘାସ; ଏହା ଧାନ ବିଲରେ ଜନ୍ମେ ଓ ଧାନ ଗଛର କେଣ୍ଡା ବାହାରିବା ପୂର୍ବରୁ ଏହା କେଣ୍ଡା ଧରେ । ଏ ଗଛ ଏକ ହାତ ପର୍ଯ୍ୟନ୍ତ ବଢ଼େ; ଏହାର ଧାନ ପତ୍ର ଅପେକ୍ଷା ଚଉଡ଼ା ଓ ଏହାର କେଣ୍ଡା ଶୁଖିଲା ନ ଶଙ୍କୁ । ଗରିବ ଲୋକମାନେ ଚୋବେଇବାକୁ ଧାନ କ୍ଷେତରେ ବଢ଼ିଥିବା କେଣ୍ଡାଯୁକ୍ତ ଶୁଅଁ ଧାନର ଗଛକୁ ବାହାର ଅଣାଇ କରିବାହାକୁ କେଣ୍ଡାରୁ ଶୁଅଁ ଧାନଯାକ ଭିଣ୍ଡି ହୋଇ ଚୋବେଇ ମଧ୍ୟରେ ପଡ଼େ ଓ ସେଗୁଡ଼ିକ ସଂଗ୍ରହକରି ତାକୁ କୁଟିଲେ ତହିଁରୁ ତୁଷ ବାହାରି ଯାଇ ଧଳା ମାଣ୍ଡିଆ ଚାଉଳ ପରି ଦାନା ବାହାରେ । ଏହାକୁ ଶୁଅଁ ଚାଉଳ ବୋଲିଯାଏ ଓ ଗରିବଲୋକମାନେ ଏହାକୁ ଭାତ ବା ଯାଉ କରି ଖାଆନ୍ତି । ଉତ୍ତର ପଶ୍ଚିମାଞ୍ଚଳରେ ଏହାର କୃଷି ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶୋଷଣ, ରୁକ୍ଷ, ବାତଜନକ, କଫପିତ୍ତନାଶକ । ଏହା ମଧୁରକଷାୟରସ, ଶୀତଳ, ଲଘୁପାକ, ମଳରୋଧକ, ଅଗ୍ନିବର୍ଦ୍ଧକ ଓ ବଳକାରକ । ଏହା ଗଳରୋଗ, ମୂତ୍ରକୃଚ୍ଛ୍ର, ମେଦ ଓ ବିଷଦୋଷରେ ଉପକାରକ । ବଙ୍ଗଦେଶରେ ଅଧିକ ଭାବେ ଶ୍ୟାମାକ ଧାନ ଧାନ କ୍ଷେତରେ ମନଙ୍କୁ ଜନ୍ମେ ।]

ଶୁଅଁ ନ(ଲ)ଇ—ଦେ. ବି (ଶ୍ୟାମାଲତା)—କୃଷ୍ଣସାରିବା; ଶ୍ୟାମାଲତା—
Suāñ na(la)i Indian Sarsaparilla creeper.
(ଶୁଅଁ ଲତା[ଠା]—ଅନ୍ୟରୂପ)
শ্যামা লতা **श्यामा लता**

ଶୁଅଁବାଲ(ଳୁ)ଆ—ଦେ. ବି (ସ. ଶୂକ=ଶାଣ୍ଡିଲୋମ ଓ ବାଳ)—ଶାଣ୍ଡିଲୋମ ବିଶିଷ୍ଟ ନାନାବର୍ଣ୍ଣର କୃମିବିଶେଷ;
Suāñbāli(lu)ā ଲୋମ ବିଶିଷ୍ଟ ନାନାବର୍ଣ୍ଣର କୃମିବିଶେଷ;
শুআ(ঝাঁ)পোকা ଶମ୍ବାଳୁଆ ପୋକ—Caterpillar; the
भूआ wooly bear.

ଶୁଅ କଣ୍ଠ(ଣ୍ଠି)—ଦେ. ବି—(ସ. ଶୁକ+କଣ୍ଠ) ଅଧିକବୟସ୍କ ଶୁଅଙ୍କ
Suā kantha(nthi) ଗଳାରେ ଘେରିଥିବା ଦେଖାଯିବା ନାଲି
টিয়ার গলার লালদাগ ରେଖା—Rose coloured ring
सुग्गा कण्ठ or line appearing round the neck of old parrots.

ଶୁଅକଣ୍ଠ(ଣ୍ଠି) ବୁଲିଯିବା—ଦେ. କ୍ରି—ବୟୋବୃଦ୍ଧି ଯୋଗୁଁ ଶୁଅର
Suā kantha(nthi) bulijibā ବେକ ଘୁରିଚାରିରେ ନାଲି
টিয়ার গলার লালদাগ হওয়া ରେଖା ସମ୍ପୂର୍ଣ୍ଣରୂପେ ଦେଖାଯିବା—
सुग्गाकण्ठ होजाना The appearance of a rosy ring round the neck of an aged parrot.

ଶୁଅ କଣ୍ଠା—ଦେ. ବି—ବୁଢ଼ାଶୁଅଙ୍କ ତଣ୍ଟିର ତଳଭାଗରେ ଦେଖାଯିବା
Suā kanthā ଅର୍ବୁଦ ପରି କଠିନ ମାଂସ ଖଣ୍ଡ—A tough
শুককণ্ঠ growth of flesh hanging from the throat
सुग्गा कण्ठ of an aged parrot.
[ଦ୍ର—ଏହି କଣ୍ଠାକୁ ଦେଖି ଶୁଅ ବୁଢ଼ା ହୋଇଥିବ ବୋଲି ସ୍ଥିର କରାଯାଏ ।]

ଶୁଅ ଘୋଷା—ଦେ. ବି (ଶୁଅମାନେ ପଦର ଅର୍ଥ ନ ବୁଝି ପଦକୁ ଅଭ୍ୟାସ
Suā ghoshā କରିବା ପରି) ଅର୍ଥ ନ ଜାଣି ମୁଖସ୍ଥ କରିବା—
তোতাপাখীর মত মুখস্থকরা Learning a thing by rote
तोताके ऐसे रटना like a parrot. ବିଣ—ଯେଉଁ ବ୍ୟକ୍ତି ଅର୍ଥ ନ ଜାଣି ମୁଖସ୍ଥ କରେ—(a person) Who gets a thing by heart without understanding the meaning.

ଶୁଅ ଝିଣ୍ଟିକା—ପ୍ରାଦେ. (ଗଡ଼ଜାତ) ବି—ପକ୍ଷ ଥିବା ନେଳ ବଡ଼ଝିଣ୍ଟିକା
Suā jhintikā (ଏମାନେ ବେଶୀ ଉଡ଼ି ପାରନ୍ତି) ଘାସପାଳ—
সবুজ রংগের ফড়িঙ্গ **टीड़ा** Green locust.

ଶୁଅଥେ(ଥ)ଣ୍ଟ—ଦେ. ବି—ଶୁକନାସା; ଶୁଅର ବଙ୍କାଥଣ୍ଟ—
Suā tha(the)nta The hooked beak of a parrot.
টিয়ার ঠোঁট **सुग्गाका चोंच**

ଶୁଅ ଥ(ଥେ)ଣ୍ଟିଆ—ଦେ. ବି—ଏକ ପ୍ରକାର ବନ୍ୟ ଗୁଳ୍ମ—
Suā tha[the]ntiā A kind of wild plant.

ଶୁଅ ପକ୍ଷି(କ୍ଷି)ଆ—ଦେ. ବିଣ—ଶୁଅର ପକ୍ଷପରି ହରିଦ୍ବର୍ଣ୍ଣବିଶିଷ୍ଟ; ଶୁଅ
Suā pakhi[kshi]ā ପକ୍ଷୀପରି ସବୁଜ—Emerald or
টিয়ার রংগ green like the feather of a parrot.
सुग्गाकेऐसारंग, हरारंग [ଦ୍ର—ବଳିଗୁଡ଼ିକ ଅଗରୁଅ, ଶୁଅପକ୍ଷିଆ ବୃନ୍ତଗଲଣି । ପଦ୍ମାକରଯୋଗ. ଦ୍ରମାଣ ଅଠଗୁଣ ।]

ଶୁଅପକ୍ଷି(କ୍ଷି)ଆ ବୁଲିଯିବା—ଦେ. କ୍ରି—କ୍ଷେତରେ ଜନ୍ମିଥିବା ଧାନଗଛ
Suāpakhi(kshi ā bulijibā ବଢ଼ିଯାଇ ତହିଁର ପତ୍ରମାନ ଶୁଅପକ୍ଷି
সবুজবর্ণ হওয়া ପରି ଉଜ୍ଜ୍ୱଳ ହରିଦ୍ବର୍ଣ୍ଣ ବା ଶାଗୁଆ ବର୍ଣ୍ଣ ଧାରଣ
हरा होना କରିବା—(The blades of paddy plants To turn green in the field.
[ଦ୍ର—ଏହା ଧାନ ଥୋଡ଼ ହେବାର ପୂର୍ବ ଅବସ୍ଥା । ଧାନ ଗଛମାନ ସତେଜ ହୋଇ ଶୁଅପକ୍ଷିଆ ବୁଲିଯିବା ପରେ ସେଥିରୁ ଧାନକେଣ୍ଡାମାନ ବାହାରେ ।]

ଶୁଅ ବଳଦ-ଦେ. ବି.-ଯେଉଁ ବଳଦକୁ ହଳରେ ବା ଶଗଡ଼ରେ ଯୋଚିଲେ
Suā balada ସେ ବୁଲିକି ଶୋଇପଡ଼େ—A bullock which
শুয়া বলদ lies down on the ground (to avoid the
कोढ़ीबैल doing of the work) when yoked to a cart or plough.

ଶୁଅ ବସା—ଦେ. ବି—ଶୁଅବସ (ଦେଖ)
Suā basā Suabasa (See)

ଶୁଅ ରୋଗ—ଦେ. ବି—ଯେଉଁ ରୋଗ ହେତୁ ରୋଗୀ ଅବଶାନ୍ତ ଶୋଇ
Suā roga ରହେ—The sleeping sickness.
শুয়ারোগ **सोनेका रोग**

ଶୁଅ ଶୋଇ—ଗ୍ରା. ବି—୧। ମୈଥୁନ—
Śuā śoi 1. Copulation.
সঙ্গম संगम
୨। ପୁରୁଷର ଓ ସ୍ତ୍ରୀର ପରସ୍ପର ସମ୍ମତିରେ ମୈଥୁନ—
2. Copulation by mutual consent.

ଶୁଆସ—ଗ୍ରା. ବି (ସଂ. ଶ୍ୱାସ)—୧। ଶ୍ୱାସ; ନିଶ୍ୱାସ ପ୍ରଶ୍ୱାସ—
Śuāsa 1. Breath. ୨। ଶ୍ୱାସ ରୋଗ; ଧଇଁ ରୋଗ; ଦମା କାଶ—
শ্বাস सौंसास 2. Asthma.

ଶୁଆସ ଉଠିବା—ଦେ. କ୍ରି—ଶ୍ୱାସ ରୋଗ ଯୋଗୁଁ ଉପର୍ଯ୍ୟୁପରି ଶ୍ୱାସଗ୍ରହଣ
Śuāsa uṭhibā ପ୍ରାବଲ୍ୟ—Repeated forced
শ্বাস উঠা सौंसास उठना breathing due to a paroxysm of asthma.

ଶୁଆସ କ(ଧ)ରିବା—ଦେ.କ୍ରି. ଶ୍ୱାସ ରୋଗଦ୍ୱାରା ଆକ୍ରାନ୍ତ ହେବା—
Śuāsa ka(dha)ribā Being attacked with
শ্বাসধরা सौंसासधरना asthma.

ଶୁଅ ଶା(ସା)ରି—ଦେ. ବି (ସମାହାର) (ସଂ. ଶୁକ ଓ ଶାରିକା)—
Śuā śā(sā)ri ସୁବଚନଶୀଳ ଶୁକ ଓ ଶାରୀ ପକ୍ଷୀ—Parrot
শুক সারী and mayna. [ଦ୍ର—ଶାରୀପକ୍ଷୀ ଶୁକପକ୍ଷୀର ସ୍ତ୍ରୀ ନୁହେ
शुक सारिका କିନ୍ତୁ ବଙ୍ଗ, ଓଡ଼ିଶା ଓ ଓଡ଼ିଆ କାବ୍ୟ,
କବିତା ଓ ଗଳ୍ପାଦିରେ ଶୁଆଶାରୀଙ୍କ କଥୋପକଥନର
ଦୃଷ୍ଟାନ୍ତ ଦେଖାଯାଏ ଓ ଶୁକକୁ ପୁରୁଷରୂପରେ ଓ ଶାରୀକୁ
ସ୍ତ୍ରୀରୂପରେ କଳ୍ପନା କରାଯାଏ ତୋଇ ଯଥାକ୍ରମେ ନାୟକ
ଓ ନାୟିକାର କଥୋପକଥନ ଶିଖାଇବାପାଇଁ ଲୋକେ ଶୁଆ
ଶାରୀ ପୋଷନ୍ତି ବୋଲି କବିମାନେ ଲେଖିଛନ୍ତି।]

ଶୁଆସିଆ—ଦେ. ବିଣ (ପୁଂ ଓ ସ୍ତ୍ରୀ)—ଶ୍ୱାସରୋଗୀ—
Suāsiā (a person) Suffering from asthma;
শ্বাসরোগী श्वासरोगी asthmatic.
(ଶୁଅସୀ, ଶୁଅସେଇ—ସ୍ତ୍ରୀ)

ଶୁଇଁମା—ପ୍ରାଦେ. (ପାଟଣା ଜିଲ୍ଲା) କ୍ରି—ଶୋଇବା—
Śuiṅmā To sleep.

ଶୁଇ(ଏ)ନ୍—ପ୍ରାଦେ (ପାଟନା) ବି ଓ ବିଣ—ଶୂନ୍ୟ—
Śui(e)n Empty; void.

ଶୁଇବା—ପ୍ରାଦେ (ବାଲେଶ୍ୱର ଓ ସମ୍ବଲପୁର) କ୍ରି. (ସଂ. ଶୀ ଧାତୁ)—
Śuibā ଶୋଇବା—To sleep. [ଦ୍ର—ବାଲେଶ୍ୱର ଓ ସମ୍ବଲ-
ପୁରବାସୀ ଓଡ଼ିଆମାନେ 'ଓ' ଯୁକ୍ତ ଅକ୍ଷରମାନଙ୍କୁ ପ୍ରାୟଶଃ
'ଉ' ଉଚ୍ଚାରଣ କରନ୍ତି; ଯଥା—ଶୋଇ=ଶୁଇ, ଶୋରୁ
=ଶୁରୁ ଇତ୍ୟାଦି।]

ଶୁଉବା—ପ୍ରାଦେ (ପାଟଣା ଜିଲ୍ଲା) କ୍ରି—ଶୋଇବା—To sleep.
Śu-ubā (ଯଥା—ସେ ଶୁଉଇ=(ଶୋଇଲା)।)

ଶୁକ୍—ଦେ. ବିଣ—(ସଂ. ଶୁଷ୍କ; ଅନ୍ୟ ଶବ୍ଦ ପୂର୍ବରେ ଯୁକ୍ତ ହୁଏ ଯଥା—
Śuk শুকনো शुष्क ଶୁକ୍ ନଈ; ଶୁକ୍ ଜାଦୁ)—୧। ଶୁଷ୍କ;
ଶୁଖିଲା—Dry. ୨। ନିର୍ଜଳ—2. Waterless.

ଶୁକ୍ ଜା(ଦା)ଦୁ-ଦେ.ବି—(ସଂ. ଶୁଷ୍କ ଓ ଦଦ୍ରୁ)—ଏକ ପ୍ରକାର ଦଦ୍ରୁ-
Śuk jā(dā)du ରୋଗ। [ଦ୍ର—ଏହା ଏକ ପ୍ରକାର ଚର୍ମ-
শুকনো দাদ রোଗ। ଏହି ଜାଦୁ ସଂକ୍ରାମକ ଅଟେ। ଭଣ୍ଡାରି-
सूखादाद ମାନେ ଜାଦୁଥିବା ଲୋକଙ୍କୁ କ୍ଷୌର କରି ଯେଉଁ କ୍ଷୁରଦ୍ୱାରା
ନୀରୋଗ ଲୋକର ମୁଣ୍ଡକୁ କ୍ଷୌର କଲେ ଏ ଜାଦୁ ସଂକ୍ରମିତ
ହୁଏ। ଏଥିରୁ କେଶ ଗୁଡ଼େ ନାହିଁ।]—A sort of ring-
worm disease; dry ringworm on the
scalp; Tinea Tonsuraus.

ଶୁକ୍‌ଟା(ଟି) (ଇତ୍ୟାଦି)—ଦେ. ବିଣ—ଶୁକୁଟା(ଟି) ଇତ୍ୟାଦି (ଦେଖ)
Śuk-ṭā(ṭi) etc Śukuṭā(ṭi) etc (see)

ଶୁକ୍‌ଠୋଠା ଠୋ)—ଦେ. ବିଣ—ଅତ୍ୟନ୍ତ ଶୁଷ୍କ—Extremely
Śuk-ṭhoṭhā(ṭho) dry. (ଦ୍ର—ଖନାଙ୍କ
ঠকঠকেশুকনো सूखसूखा ଯାଉଁ ପୁଚ୍ଛିବେ (ଶୀତ ୪ମାସ),
ଶୁକ୍‌ଠୋଠୋ ପୁଚ୍ଛିବେ (ଗ୍ରୀଷ୍ମ ୪ ମାସ), ଖାଲୁରୁ ବାଲୁରୁ
ପୁଚ୍ଛିବେ (ବର୍ଷା ୪ ମାସ)—ଗ୍ରାମ୍ୟ ପ୍ରବଚନ।]

ଶୁକ୍ ତ(ତା)ରା—ଦେ. ବି (ସଂ. ଶୁକ୍ର ଓ ତାରା)—ପାହାନ୍ତି ତରା;
Śuka ta(tā)rā ସନ୍ଧ୍ୟାତାରା ତରା; ଶୁକ୍ରଗ୍ରହ। [ଦ୍ର—
শুকতারা शुक्रतारा ଏହା ବର୍ଷରେ କେତେକ
ସମୟ ରାତି ପାହିଲେ ଆଉ ପୂର୍ବଦିଗରେ ଉଦିତ ହୁଏ ଓ
କେତେକ ସମୟ ରାତି ପଡ଼ିବାଠାରେ ପଶ୍ଚିମରେ ଅସ୍ତ ହୁଏ,
ଏହା ତାରା ନୁହେ, ଗୋଟିଏ ଗ୍ରହ।]— The
morning star; the evening star;
Venus.

ଶୁକ୍‌ତ(ତା)ଲା(ଳା)—ଦେ. ବି (ସଂ. ଶୁଷ୍କ ଓ ତଳ; ଯାହାଯୋଗୁ ଯୋତା
Śuk-ta(tā)lā(ḷā) ମାଡ଼ିବାକୁ ସୁଖ ହୁଏ)—ଜୋତାର
শুকতলা शुकताला ଭିତରେ ପଡ଼ିବା ପାଦାକୃତି
ଚମଡ଼ା—A slip of leather put inside the
sole of a shoe.

ଶୁକ୍ ତାନି—ଦେ. ବି—ଶୁକ୍ତାନି (ଦେଖ)
Śuk-tāni Śuktāni (See)

ଶୁକ୍ ତି—ଦେ. ବି—ଶୁକୁତି (ଦେଖ)
Śuk-ti Śukuti (See)

ଶୁକ୍ ନଈ—ଦେ. ବି (ସଂ. ଶୁଷ୍କ ଓ ନଦୀ)—୧। ଶୁଷ୍କ ନଦୀ—
Śuk-nai 1. A dry river. ୨। ଯେଉଁ ନଦୀ
শুকনোনদী सूखीनदी ବର୍ଷାଋତୁ ଛଡ଼ା ଅନ୍ୟଦିନେ
ଶୁଖିଯାଏ—2. A river which dries up in
summer. ୩। କଟକ ଜିଲ୍ଲାର ଗୋଟିଏ
ପ୍ରଗଣାର ନାମ—3. The name of a Perguna
in the Cuttack district.

ଶୁକ୍ ପାଇକା—ଦେ. ବି (ନାମ)—ମହାନଦୀର ଗୋଟିଏ କ୍ଷୁଦ୍ର ଉପଶାଖା
Śuk-pāikā [ଦ୍ର—ଏହା କଟକ ଜିଲ୍ଲାରେ ମହାନଦୀରୁ ବାହାରି ପୁଣି
କଟକଜିଲ୍ଲାରେ ମହାନଦୀରେ ମିଶିଅଛି। ଏହା ବର୍ଷାଋତୁ ଛଡ଼ା ଅନ୍ୟ
ଋତୁରେ ଶୁଖିଲା ଥାଏ]—The name of a smal
branch of the Mahānadi river which
remains dry for most part of the yeat
(in the district of Cuttack.)

ଶୁକ୍ ମଦରଙ୍ଗା—ଦେ. ବ—**ଶୁକୁ ମଦରଙ୍ଗା** (ଦେଖ)
Śuk madarangā Śuku madarangā (See)
[ଶୁକ୍ ମଦ୍(ର୍ଦ)ଙ୍ଗା—ଅନ୍ୟରୂପ]

ଶୁକ ଶୁକ—ଦେ. ବଣ.—(ସଂ ଶୁଷ୍କ)—୧ । ଶୁଷ୍କପ୍ରାୟ—Almost
śuk śuk dry. ୨ । ମୃତ କଳ୍ପ—2. Decadent; mari-band. ୩ । ମୁମୂର୍ଷୁ; କଣ୍ଠାଗତ ପ୍ରାଣ; ଜୀବନ ଛାଡ଼ିଯିବାର ପୂର୍ବାବସ୍ଥା ପ୍ରାପ୍ତ—3. Dying.

ଶୁକ୍ ଶୁକ୍ ହେବା—ଦେ. କ୍ରି—(ସଂ. ଶୁଷ୍କ)—୧ । ଶୁଷ୍କପ୍ରାୟ ହେବା;
Śuk śuk hebā ପ୍ରାୟ ଝାଉଁଳି ହେବା—1. To almost
ଶুক শুক হওয়া, শুখা सुक सुक होना dry up.
୨ । (ଧ୍ୱନ୍ୟନୁକରଣ ଶବ୍ଦ। ଗଳାରୁ ଓ କଣ୍ଠ ଶୁଷ୍କ ହୋଇଯିବାରୁ ମନୁଷ୍ୟ ଯେଉଁ ଶବ୍ଦ କରେ) ମୁମୂର୍ଷୁ ଅବସ୍ଥା ଯୋଗୁଁ କ୍ଷୀଣ ନିଶ୍ୱାସ ଓ କ୍ଷୀଣ ଶବ୍ଦ କରିବା—2. To be dying; to emit faint sounds and breaths (said of a dying animal). ୩ । କ୍ଷୀଣ ଓ ଅସ୍ପଷ୍ଟ-
ফুম্পে ফুম্পে কাঁদা ଭାବରେ କହିଁ କହିଁ ହୋଇ କାନ୍ଦିବା—3.
सुसुक सुसुक रोना To weep very faintly by emitting śuk śuk sound and restraining sighs.

ଶୁକ୍ ଶୁକା—ଦେ. ବଣ. ପୁଂ—ସବ ସବା; ଯେଉଁ ବ୍ୟକ୍ତି ଶୁକ୍ ଶୁକ୍
Śuk-śukā ହୋଇ କ୍ଷୀଣ ଭାବରେ କହିଁ କହିଁ ହୋଇ କାନ୍ଦେ—
যে ফুম্পে ফুম্পে কান্দে A person who weeps faintly
सुसुक सुसुक रोनेवाला by restraining sighs.
[ଶୁକ୍ ଶୁକୀ, ଶୁକ୍ ଶୁକେଇ—ସ୍ତ୍ରୀ] [ଶୁକ ଶୁକଅ—ଅନ୍ୟରୂପ]

ଶୁକ—ସଂ. ବି ପୁଂ—(ଶୁକ ଧାତୁ=ଗତି ପାଇବା + କର୍ତ୍ତୃ. ଅ, ଅଥବା
Śuka ଶୁକ୍ ଧାତୁ=ଗମନ କରିବା + କର୍ତ୍ତୃ. ଅ)—୧ । ଶୁଆପକ୍ଷୀ;
1. Parrot. [ବି—ବୈଦ୍ୟଶାସ୍ତ୍ର ମତରେ ଶୁକପକ୍ଷୀର ମାଂସ ମଧୁର ରସ, ଶୀତବୀର୍ଯ୍ୟ, ଲଘୁପାକ, ଅଗ୍ନିବର୍ଦ୍ଧକ, ମଳରୋଧକ ଓ କ୍ଷୟ, କାଶ ଓ କ୍ଷୟରୋଗରେ ଉପକାରକ ।] ୨ । ରାବଣର ମନ୍ତ୍ରୀ (ଦୈତ୍ୟ ବିଶେଷ)—2. Name of a minister of Rābaṇa. [ବି—ରାବଣର ଅନ୍ୟ ମନ୍ତ୍ରୀର ନାମ ସାରଣ, ରାବଣର ଆଦେଶରେ ଶୁକ ବାନର ବେଶଧରି ରାମଚନ୍ଦ୍ରଙ୍କ ଶିବିରକୁ ଯାଇଥିଲା ଓ ସେଠାରେ ବାନରମାନେ ତାକୁ ଚିହ୍ନି ପାରି ଧରିଲେ । କିନ୍ତୁ ରାମଚନ୍ଦ୍ର ତାହା ପ୍ରତି ସଦ୍‌ବ୍ୟବହାର କରି ତାହାକୁ ଛାଡ଼ି ଦେଲେ ।] [ବି—ବନ କରେ ମେଘନାଦ ଶୁକାଦିଙ୍କ ଯେତ୍କ ଏ ରମ୍ୟରେ—ଉଷ୍ଣ. ବୈଦେହୀଶ ବିଳାସ ।] ୩ । ବ୍ୟାସଦେବଙ୍କ ପୁତ୍ର । [ବି—ଏ ସର୍ପଦଂଶନ ଯୋଗୁଁ ମୃତ୍ୟୁ କାମନ୍ତେ ପ୍ରସ୍ତୁତ ହୋଇଥିବା ମହାରାଜ ପରୀକ୍ଷିତଙ୍କୁ ଶ୍ରୀମଦ୍‌ଭାଗବତ ଶୁଣାଇଥିଲେ ।] 3. Name of a sage, the son of sage Byāsa, who narrated the Bhāgabata to the dying king Parikshita. [ବି—ମହାଭାରତରେ କଥିତ ଅଛି ଯେ, ଏକଦା ବ୍ୟାସଦେବ ଘୃତାଚୀ ନାମ୍ନୀ ଅପ୍ସରାକୁ ଦେଖି କାମପୀଡ଼ିତ ହେଲେ । ଘୃତାଚୀ ଏହା ଜାଣି ବ୍ୟାସଙ୍କ ଠାରୁ ରକ୍ଷା ପାଇବା ପାଇଁ ଗୋଟିଏ ଶୁକ ପକ୍ଷିଣୀ ରୂପ ଧାରଣ କଲା । ବ୍ୟାସଦେବ ଘୃତାଚୀକୁ ନ ଦେଖି ନିଜର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ଅରଣୀ-ମନ୍ଥନରେ ପ୍ରବୃତ୍ତ ହେଲେ । ଅରଣୀ ମନ୍ଥନ କରୁ କରୁ ଅରଣୀ ମଧ୍ୟରେ ବ୍ୟାସଙ୍କ ରେତଃ [ଶୁକ୍ର] ସ୍ଖଳିତ ହେଲା । ବ୍ୟାସ ଏଥିପ୍ରତି ଲକ୍ଷ୍ୟ ନ ହୋଇ ପୁନଃ ପୁନଃ ଅରଣୀ ମନ୍ଥନ କରିବାରୁ ଅରଣୀ ମଧ୍ୟରୁ ଶୁକ୍ର ପ୍ରବଳ ବେଗରେ ବହିର୍ଗତ ହେଲା ଓ ସେଥିରୁ ତହିଁ ମଧ୍ୟରୁ ଅଗ୍ନିତେଜାଃ କୁମାର ଶୁକଦେବ ବାହାରି ପଡ଼ିଲେ । ଶୁକ୍ର ବହିର୍ଗତ ଦ୍ୱାରା ଏହାଙ୍କ ଜନ୍ମ ହେବାରୁ ଏହାଙ୍କ ନାମ 'ଶୁକ' ହେଲା । ତତ୍ପରେ ଏ ବନକୁ ଯାଇ ତପସ୍ୟାରେ ପ୍ରବୃତ୍ତ ହେଲେ । ଇନ୍ଦ୍ର ପ୍ରେରିତା ରମ୍ଭା ଏହାଙ୍କ ତପସ୍ୟାକୁ ଭାଙ୍ଗିବାକୁ ଚେଷ୍ଟା କରି ବିଫଳମନୋରଥା ହେଲା । ବ୍ରହ୍ମ ଶାପରୁ ତକ୍ଷକନାଗ ଦଂଶନରେ ଆସନ୍ନମୃତ୍ୟୁ ରାଜା ପରୀକ୍ଷିତଙ୍କୁ ଶୁକଦେବ ଭାଗବତ ପୁରାଣ ଶୁଣାଇଥିଲେ ।] ୪ । ଜୁମା; କୌଶିମ୍; ଶିରୀଷ ଗଛ—(ଧନ୍ୱନ୍ତରିକୃତ ଦ୍ରବ୍ୟଗୁଣ) 4. Acacia Lebbec. ୫ । ବସ୍ତ୍ର—5. Cloth. ୬ । ବସ୍ତ୍ରାଞ୍ଚଳ—6. The end of a cloth. ୭ । ଉଷ୍ଣୀଷ; ପଗଡ଼ି; ଶିରସ୍ତ୍ରାଣ—7. Turban; head-dress. ଦେ. ବି—ଶୁକଦେବ ନାମକ ବ୍ୟକ୍ତିର ଡାକ
শুক सुक ନାମ—The name calling for Sukadeba

ଶୁକଚ୍ଛଦ—ସଂ. ବି—(ବୈଦ୍ୟକ)—ଶୁକବର୍ହ (ଦେଖ)
Śukachchhada Śukabarha (See)

ଶୁକ ଜା(ଦା)ଦୁ—ଦେ. ବି—ଶୁକ୍ ଜାଦୁ (ଦେଖ)
Śuka jā(dā)du Śuk-jādu (See)

ଶୁକଟ—ଦେ. ବି—ସୁକଟ (ଦେଖ)
Śukaṭa Sukata (See)
[ଭି—ଯାହାର ଥିବ ଶୋଭକ ଅକଟ, ଦେଖିବ ତୁମେ ତାହାର ଶୁକଟ । ଜବସୁନ୍ଦର୍ଯ୍ୟ. ଜବତା ।]

ଶୁକଟା—ଦେ. ବି. ଓ ବଣ—ଶୁକୁଟା (ଦେଖ)
Śukaṭā [ଶୁକଟୀ—ସ୍ତ୍ରୀ] Śukuṭā (See)

ଶୁକ ତରୁ—ସଂ. ବି—ଶିରୀଷ ବୃକ୍ଷ—
Śuka taru Acacia Lebbec (tree).

ଶୁକତାନି—ଦେ. ବି—ଶୁକୁତାନି (ଦେଖ)
Śukatāni Śukutāni (see)

ଶୁକ ତାରା—ଦେ. ବି—ଶୁକ୍‌ତାରା (ଦେଖ)
Śukatārā Śuk-tarā (see)

ଶୁକତି—ଦେ. ବି. ଶୁକୁତି (ଦେଖ)
Śukati Śukuti (see)

ଶୁକ ଦେଈ—ଦେ. ବି—(ନାମ) ସ୍ତ୍ରୀ—ଉତ୍କଳ ରାଜବଂଶୀୟା ଜନୈକ
Śuka dei ବୀରାଙ୍ଗନା—A female hero of an Oriya royal family. [ବି—ଏହାଙ୍କର ବାସସ୍ଥାନ କାଙ୍ଗୀ,

ଖଣ୍ଡ ଆକ୍ରମଣରୁ ତାଙ୍କୁ ରକ୍ଷା କରିବା ଏ ପାଇଁ ଯୁଦ୍ଧ କରି ଥିଲେ । ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ଏହାଙ୍କର ସଂକ୍ଷିପ୍ତ ଜୀବନଚରିତ ଲେଖି ଅଛନ୍ତି । ଚନ୍ଦ୍ରଶେଖର ଦାସ ।

ଶୁକ ଦେବ—ସଂ. ବି—ଶୁକ ୩ (ଦେଖ)
Śuka deba Śuka 3 (See)

ଶୁକଦେବ ଦାସ ବେବର୍ତ୍ତା—ଦେ. ବି (ନାମ)—ଓଡ଼ିଶାର ସ୍ୱାଧୀନ ରାଜାଙ୍କ ଜନୈକ ମନ୍ତ୍ରୀ—
Śukadeba dāsa bebarttā
A minister of an independent king of Orisaa. [ଦ୍ର—ଓଡ଼ିଶା ମୁସଲମାନଙ୍କ ଅଧିକାରରେ ଆସିବାରୁ, ଏ ମୁସଲମାନ ସରକାରଙ୍କ ଅଧୀନ ହୋଇ କାର୍ଯ୍ୟ କଲେ । ଯାଜପୁର ଅନ୍ତର୍ଗତ ଶିବଦାସପୁର ଗ୍ରାମରେ ଏ ଜନ୍ମଗ୍ରହଣ କରିଥିଲେ; ଏ ବିରଜା ଦେବୀଙ୍କର ପରମ ଭକ୍ତ ଥିଲେ । ଥରେ ହଠାତ୍ ନବାବ ରାଜସ୍ୱ ସମ୍ବନ୍ଧୀୟ କାଗଜପତ୍ର ତଲବ କରିବାରୁ ସେ ତତ୍‌କ୍ଷଣାତ୍ ଇଷ୍ଟଦେବୀ ବିରଜାଙ୍କୁ ସ୍ମରଣ କରି ନବାବଙ୍କ ଦରବାରକୁ ଗଲେ । ବାଟରେ ଯିବା ବେଳେ ଖଣ୍ଡେ କଳା ଶାଢ଼ୀ ବେଢ଼ିଆଡ଼ୁ ଉଡ଼ିଆସି ତାଙ୍କ ଦେହରେ ପଡ଼ିଲା । ଏହାକୁ ସେ ଭକ୍ତିପୂର୍ବକ ମଥାରେ ବାନ୍ଧି ନେଇ ଦରବାରକୁ ଗଲେ । ସେଠାରେ ନବାବଙ୍କୁ ସମସ୍ତ କାଗଜପତ୍ର ବୁଝାଇ ଦେଇ ସୁରକ୍ଷିତରେ ଫେରି ଆସିଲେ । ଉକ୍ତ କଳା ଶାଢ଼ୀ ଖଣ୍ଡିକ ବିରଜା ଦେବୀଙ୍କର ବୋଲି ପରେ ଅନୁସନ୍ଧାନରେ ଜଣାଗଲା—ଚନ୍ଦ୍ରଶେଖର ଦାସ ।]

ଶୁକଧର—ଦେ. ବି (ପ୍ରାଚୀନ ପଦ୍ୟ) (ଶୁକ + ଅଧର)—ଶୁଆ ଥଣ୍ଟ—
Śukadhara The bill or beak of a parrot. [ଦ୍ର—
টিয়ার ঠোঁট ମଳୟ ସମୀର ମନ୍ଦର ଜାଣା ଅଛଇ ତାର । ବସନ୍ତ
तोतेका चोंच ଅଟେ କଣ୍ଟକିତ ହୋଏ କ ଶୁକଧର—ପ୍ରାଚୀ. ପ୍ରଚାର. ଷଷ୍ଠିଖେଣା ।]

ଶୁକ ନଈ—ଦେ. ବି—ଶୁକ୍‌ନଈ (ଦେଖ)
Śuka nai Śuk-nai (See)

ଶୁକ ନାଶ(ସ)—ସଂ. ବି—୧ । ଶ୍ୟୋନାକ; ଫଣଫଣା (ଶବ୍ଦକୋଷ)—
Śuka nāśa(sa) 1. Bignonia Indica. ୨ । ଅଗସ୍ତି
(ଶୁକନାସିକା—ଅଜୀବରୁଚ) ଗଛ (ଶବ୍ଦକୋଷ)—2. Sesbania Grandi flora.

ଶୁକ ନାଶା—ସଂ. ବି (ଅସୂବେଦୋକ୍ତ)—୧ । ଶୁଆଥଣ୍ଟିଆ ଗୁଳ୍ମ
Śuka nāsā (ବରେଇ ଦ୍ରବ୍ୟଗୁଣ —A kind of plant.

ଶୁକନାସ—ସଂ. ବିଣ. ପୁଂ (ବହୁବ୍ରୀହି, ଶୁକପକ୍ଷୀର ନାସା ପରି ନାସା
Śukanāsa ଯାହାର)—ଶୁକପକ୍ଷୀର ଉପର ଥଣ୍ଟ ପରି ବଙ୍କ
(ଶୁକନାସା—ସ୍ତ୍ରୀ.ବିଣ) ନାସିକାଯୁକ୍ତ (ବ୍ୟକ୍ତି)—(a person)
Having the nose hooked like the beak of a parrot; having an aquiline nose. ବି. ପୁଂ—୧ । (ନାମ) ରାଜା ତାରାପୀଡ଼ଙ୍କ ମନ୍ତ୍ରୀ—1. The name of the minister of king Tārāpirda. ୨ । (ବୈଦ୍ୟକ) ଶ୍ୟୋନାକ, ଫଣଫଣା (ଦେଖ)—2. Phaṇaphaṇā (see) ୩ । ଚାଉଁଳିଆ (ଶବ୍ଦକୋଷ)—3. Cowage. ୪ । ଗମ୍ଭାରୀ (ଶବ୍ଦକୋଷ) (ଦେଖ)—4. Gambhāri (see)

ଶୁକ ପକ୍ଷୀ—ସଂ. ବି—ଶୁଆ (ଦେଖ)
Śuka pakshai Śuā (See)

ଶୁକ ପୁଷ୍ପ—ସଂ. ବି (ବୈଦ୍ୟକ)—୧ । ସ୍ଥୌଣେୟକ, ଗଣ୍ଠି ଅନା (ଦେଖ)
Śuka pushpa 1. Ganṭhi-anā (see) ୨ । ଶିରୀଷ (ଦେଖ)—2. Śirīsha (See)

ଶୁକ ପ୍ରିୟ—ସଂ. ବି (ବୈଦ୍ୟକ)—ଶିରୀଷ (ଦେଖ)
Śuka priya Sirīsha (See)

ଶୁକ ପ୍ରିୟା—ସଂ. ବି (ବୈଦ୍ୟକ)—ଜମ୍ବୁ; ଜାମୁ—
Śuka priyā Blackberry; Eugenia Jambolana.

ଶୁକବର୍ହ—ସଂ. ବି (ବୈଦ୍ୟକ)—ସ୍ଥୌଣେୟକ (ଦେଖ)
Śuka barha Sthauṇeyaka (sec)

ଶୁକ ବାବୁ—ଦେ. ବି—ବ୍ୟାସ—Byāsa. [ଦ୍ର—ଶୁକ ବାବୁ ବଲେ
Śuka bābu ବଲେ ଦେବ ଭୂପମା—ଭକ୍ତ. ବୋଧବ୍ରହ୍ମାଣ୍ଡପୁରାଣ]
শুকদেবের বাবা शुकके पिता

ଶୁକର—ଗ୍ରା. ବି (ସଂ. ଶୁକ୍ର)—ଶୁକ୍ର ଗ୍ରହ—1. The planet
Śukara Venus. ୨ । ଶୁକ୍ରବାର—2. Friday.
শুক্র शुक्र

ଶୁକର ବାର—ଗ୍ରା. ବି (ସଂ. ଶୁକ୍ରବାର)—ଶୁକ୍ରବାର—Friday.
Śukarabāra শুক্রবার शुक्रवार

ଶୁକରବାର ବିଡ଼ା(ଡ଼ି)—ଗ୍ରା. ବି—୧ । ଶୁକ୍ରବାର ଦିନ କୃଷକ-
Śukarabāra birḍā(rḍi) ହାତର ଧାନ କଟା ଆରମ୍ଭରେ
শুক্রবারের বিড়া କଟା ଯାଇଥିବା ଧାନର ପ୍ରଥମ ବିଡ଼ା—1. The
शुक्रवार बिडा bundle of paddy sheaves first cut on friday and preserved by the cultivator for being offered to Lakshmi, the Goddess of plenty. [ଦ୍ର—ଏହାକୁ କୃଷକ ଅତି ଯତ୍ନ ସହିତ ରଖି, ଧାନକଟା ଶେଷରେ ସେ ଧାନରୁ ଚାଉଳ ବାହାର କରି ତହିଁରେ ଭୋଗ, ଖିରି ଆଦି କରି ମହାଲକ୍ଷ୍ମୀଙ୍କ ଭୋଗ କରେ ଓ ନିଜେ ଖାଏ ।] ୨ । (ଲକ୍ଷଣାର୍ଥ) ଶୁକ୍ରବାର ବିଡ଼ା ପରି ଆଦରଣୀୟ ପଦାର୍ଥ ବା ବ୍ୟକ୍ତି—2. A beloved thing or person. ୩ । (ଲକ୍ଷଣାର୍ଥ) ଶୁକ୍ରବାର ଦିନ ଜନ୍ମଗ୍ରହଣ କରିଥିବା ଶିଶୁ—3. A child born on a Friday. ୪ । ପରିବାରର ପ୍ରଥମ ପୁତ୍ର—4. The first-son of a family.

ଶୁକଲ—ଗ୍ରା. ବିଣ (ସଂ. ଶୁକ୍ଳ)—ଶୁକ୍ଳ (ଦେଖ)
Śukaḷa Śukḷa (see)
[ଦ୍ର—ଶ୍ୱେତ ଦାନ୍ତ ତାର ବଦନ ଶୁକଲ—କୃଷ୍ଣସିଂହ ମହାଭାରତ ।] ଦେ. ବି—ବଙ୍ଗଦେଶର ବନ୍ଦ୍ୟୋପାଧ୍ୟ
শুকুল
सुकुल ଉପାଧି—A family title of Bengal.

ଶୁକଲପୁର—ଗ୍ରା. ବି (ସଂ. ଶୁକ୍ଳପୁର)—ଚନ୍ଦ୍ରଶାଳା—Turret.
Śukaḷapura [ଦ୍ର—ଶୁକଲପୁରେ ଚିହ୍ନ ଅଂଶୁକ—
চন্দ্রশালা चन्द्रशाला ଭକ୍ତ. ପ୍ରେମସୁଧାନିଧି ।]

ଶୁକ୍ଳ ଯଥା—ଗ୍ରା. ବ—ଧଳା ଲୁଗା ଓ ଉତ୍ତରୀୟ ଯୋଡ଼ା—
Śukla jatha A pair of white cloths.
সাদা কাপড়ের জোড়া सफेद कपडा जोडा

ଶୁକ ସନକ—ସଂ. ବ (ସହଚର)—ନୈମିଷାରଣ୍ୟରେ ଭାଗବତାଦି
Śuka sanaka ପୁରାଣର ବକ୍ତା ଶୁକ ମୁନି ଓ ଶ୍ରୋତା ସନକ
ମୁନି—The sage Śuka (recitor) and the sage Sanaka, one of the hearers of the purāṇas in the forest of Naimisha.

ଶୁକ ସାରଣ—ସ. ବ (ସହଚର)—ରାବଣର ମନ୍ତ୍ରିଦ୍ୱୟ—Names
Śuka sāraṇa of the two ministers of Rābaṇa.

ଶୁକ ଶାରୀ—ସ. ବ (ସହଚର)—ଶୁଆ ଓ ଶାରୀ ପକ୍ଷୀ—Parrot
Śuka śāri [ଶୁକ ଶାରୀ—ଅନ୍ୟରୂପ] and myna.

ଶୁକା—ଦେ. ବଣ (ସ. ଶୁଷ୍କ)—ଶୁଷ୍କ; ଜଳହୀନ—Dry; waterless.
Śukā ଦେ. ବ (ଅନାଦରାର୍ଥକ)—ଶୁକଦେବ ନାମକ ବ୍ୟକ୍ତିର
শুকনো सूखा ଡାକନାମ—Name for calling Śukadeba.

ଶୁକାଇ—ଦେ. ବ (ଆଦରାର୍ଥକ)—ଶୁକଦେବର ଡାକନାମ
Śukāi The name for calling Śukadeva.
(ଶୁକ, ଶୁକୁ, ଶୁକେଇ—ଅନ୍ୟରୂପ)

ଶୁକାଇବା—ଦେ. କ୍ରି—ଶୁଖାଇବା (ଦେଖ)—
Śukāibā Śukhāiba (See)

ଶୁକା ଖଡ଼ଖଡ଼—ଦେ. ବଣ—ଶୁଖା ଖଡ଼ ଖଡ଼ (ଦେଖ)
Śukā kharda kharda Śukhā kharda kharda (See)

ଶୁକାଦନ—ସ. ବ (୬ଷ୍ଠୀ ତତ୍ପୁରୁଷ=ଶୁକର ଅଦନ=ଖାଦ୍ୟ)—
Śukādana ଡାଳିମ୍ବ; ଡାଳମ୍ବ—Pomegranate.

ଶୁକା(ଖା)ନ(ନି)(ଇତ୍ୟାଦି)—ଦେ. ବ—ଶୁକାନ (ନି) ଇତ୍ୟାଦି
Śukā(khā)n(ni) (etc) (ଦେଖ)—Śukan (ni) etc See

ଶୁକା ନ(ଲ)କଡ଼—ଶୁଖା ନକଡ଼ (ଦେଖ)
Śukā na(la)karda Śukhā nakarda

ଶୁକାସ୍ୟ—ସ. ବ—ଶୁଆଥଣ୍ଟିଆ (ଦେଖ) (ଦ୍ୱିରେଫ ପର୍ଯ୍ୟାୟ)
Śaukāsya Śuā thaṇṭiā (See)

ଶୁକିବା—ଦେ. କ୍ରି—ଶୁଖିବା (ଦେଖ)
Śukibā Śukhibā (See)

ଶୁକିଲା—ଦେ. ବ ଓ ବଣ—ଶୁଖିଲା (ଦେଖ)
Śukilā Śukhilā (See)

ଶୁକୀ—ଦେ. ବଣ. ସ୍ତ୍ରୀ—ଅଗ୍ରଜଣ୍ମାଣୀ ବାଳିକାକୁ ଦିଆଯିବା ନାମ—
Śuki A name given to a girl whose elder had
(ଶୁକେଇ—ଅନ୍ୟରୂପ) died before her birth.
সুকী सिकी

ଶୁକୁଆ(ଇତ୍ୟାଦି)—ଶୁଖୁଆ ଇତ୍ୟାଦି (ଦେଖ)—Śukhua etc
Śukua (etc) (see). [ଜ୍ଞ—ମଙ୍ଗଳେ ଖୁଷ୍ଟୁଳା ଦ୍ୱାରଣ୍ଡି କାଢ଼ି,
ମାଛ ଶୁଖୁଆ କଥା ଛାଡ଼ି, ଫକୀର ମୋହନ—
ଛ ମାଣ ଆଠଗୁଣ୍ଠ]

ଶୁକୁଟ—ଦେ. ବ (ବ୍ୟଙ୍ଗ୍ୟାର୍ଥକ) ୧ । ଗାଣ୍ଡୁ; ଉତ୍ପାତ; ଅନର୍ଥ;
Śukuṭa ଦ୍ୱନ୍ଦ୍ୱ—1, Annoyance; trouble. [ଜ୍ଞ—
মজা मजा ସେ ଗାଆଁ ରୁ ଆସି ଶୁକୁଟ ଲଗେଇଛି] ୨ ।
ଆହଳାଦ; ନାଚ; ନୃତ୍ୟ—2. Dancing [ଜ୍ଞ—ତା
ଘରେ ଶୁକୁଟ ଲାଗିଛି] ୩ । ଲାଞ୍ଛନା; ହଟହଟା—3.
Being in trouble; harassment [ଜ୍ଞ—ଭୁ
ମୋର ଶୁକୁଟ ଦେଖନ୍ତୁ]

ଶୁକୁଟ ଦେଖିବା—ଦେ. କ୍ରି—ପରର ଦୁଃଖ ବା ଲାଞ୍ଛନା ଭୋଗକୁ
Śukuṭa dekhibā ଅନାଇ ସହଜ ଦେଖିବା—To look
মজাদেখা मजादेखना at serenely on another
trouble. [ଜ୍ଞ—ଯାହାର ଶୁଖ ଦେଖିବ ଅକଟ
ଦେଖିବ ତୁମ୍ଭେ ତାହାର ଶୁକୁଟ
ଭକ୍ତସର୍ବସ୍ୱ ଭଜନ]

ଶୁକୁଟ ଲଗା (ଗେ)ଇବା—ଦେ. କ୍ରି—ଅନର୍ଥ ବା କଳି ଉଠାଇବା—To
Śukuṭa lagā (ge)ibā foment quarrel; to create
মজালাগান मजालगाना truble.

ଶୁକୁଟା—ଦେ. ବଣ [ସ. ଶୁଷ୍କତା] ୧। ଶୁଷ୍କ; ଶୁଷ୍କତାଯୁକ୍ତ—1. Dry.
Śukuta ୨। ଶୁଷ୍କହେବା ଯୋଗୁଁ ଶୀର୍ଣ [ପଦାର୍ଥ]—2. Dry or
শুকনো सुखटा emaciated; withered; shrivel-
[ଶୁକୁଟିଆ—ଅନ୍ୟରୂପ] led up. ୩। ପୁଂ ଦୁର୍ବଳ ଓ କ୍ଷୀଣକାୟ
[ବ୍ୟକ୍ତି]; ଶୀର୍ଣ୍ଣ—3. Weak and lean (person),
emaciated; thin or weak (boy). ୯. ବ—
କ୍ଷୀଣକାୟ ବାଳକ—A weakling. [ଜ୍ଞ—ଅଣ୍ଟୁ ତୁଟା
[ଶୁକୁଟୀ; ଶୁକୁଟେଇ—ସ୍ତ୍ରୀ] ସବେ ଶୁକୁଟା ଟକଚ ଲଗେଇଟା—ଛଗ]

ଶୁକୁଟା[ଟି]ମୁକୁଟା(ଟି)—ଦେ ବଣ. ପୁଂ (ସ: ଶୁଷ୍କ ଓ ମର୍କଟ)—ଶୁକୁଟା;
Śukuṭā(ṭi)mukuṭā(ṭi) ଅତି ଶୀର୍ଣ୍ଣକାୟ—Very lean
রোগাপটকা सुखटामुखटा and emaciated. [ଶୁକୁଟିଆ
ମୁକୁଟିଆ—ଅନ୍ୟରୂପ]

ଶୁକୁଟୀ ମୁକୁଟୀ
ଶୁକୁଟେଇ ମୁକୁଟେଇ } —ସ୍ତ୍ରୀ

ଶୁକୁଟା ମୁହଁ—ଦେ. ବ ଶୁଷ୍କମୁଖ; ଶୁଖିଲାମୁହଁ; ବିରସ ମୁଖ; ବିଷଣ୍ଣ-
Śukuṭā muhaṅ ବଦନ—Gloomy face.
শুকনোমুখ सुखमुहाँ

ଶୁକୁଟାମୁହାଁ—ଦେ. ବଣ. ପୁଂ—ବିରସ ବଦନଯୁକ୍ତ [ବ୍ୟକ୍ତି]; ଯେ ବିଷ-
Śukṭā muhaṅ ମୁହାଁ ଲୋକ—Pale faced; sad-
শুকনোমুখো सुखामुहाँ faced, having a gloomy
[ଶୁକୁଟା ଟାମୁହାଁ ସ୍ତ୍ରୀ] face.

ଶୁକୁଟି ଗୁହ—ଦେ। ବ [ସ. ଶୁଷ୍କ ଓ ଗୂଥ] ଶୁଷ୍କବିଷ୍ଠା; ଶୁଖିଲା ଗୁହ—
Śukuṭi guha Dried up dung or night-soll.
শুকনোগু सुखागह

ଶୁକୁଟିବା—ଦେ. କ୍ରି (ସ। ଶୁଷ୍କ)—ଶୁଖିଯିବା ହେତୁ ଶୀର୍ଣ୍ଣ ହେବା—
Śukuṭibā To wither and shrivel up.
(ଶୁକୁଟ ଯିବା—ଅନ୍ୟରୂପ)
শুকিএ যাওয়া सुकुच जाना

ଶୁକୁଟଳା—ଦେ. ବ—ଶୁକ୍‌ଟଳା (ଦେଖ)
Sukutalā Suk-talā. (See)

ଶୁକୁଟାଣି—ଦେ. ବ—ଶୁକ୍ତାଣି (ଦେଖ)
Sukutāni Suktāni. (See)

ଶୁକୁତି—ଦେ. ବ (ସ. ଶୁଷ୍କ)—୧ । ଶୁଖନ୍ତ—2. Loss or
Sukuti deficit of weight due to drying up,
শুকতি সুখতি dryage; shrinkage. ୨ । (ସ.ଶୁକ୍ତି)
ଶୁକ୍ତି (ଦେଖ)—Sukti. (see)

ଶୁକୁନଇ—ଦେ. ବ—ଶୁକ୍‌ନଇ (ଦେଖ)
Sukunai Suk-nai (See)

ଶୁକୁ ମଦରଙ୍ଗା—ଦେ, ବ—୧ । ଯେଉଁ ମଦରଙ୍ଗା ଶାଗ ପାଣିକୂଳରେ
Suku madarangā ଶୁଖିଲା ଜାଗାରେ ଜନ୍ମେ—1. A
(ଶୁକୁମଦରଙ୍ଗା—ଅନ୍ୟରୂପ) kind of aquatic pot-herb
শালিঞ্চ শাক which grows on dry places on the
साल'च साग shore of water. ୨ । ମନୁଷ୍ୟକୁ ଶୀର୍ଣ୍ଣ କରି
মন্ত্রযন্ত্র ମାରିଦେବା ପାଇଁ ତାନ୍ତ୍ରିକ ପ୍ରୟୋଗ—2. Employ-
मन्त्रयन्त्र ment of black magic to reduce a person to skeleton.

ଶୁକୁଳ—ଗ୍ରା. ବଣ (ସ. ଶୁକ୍ଳ)—ଶୁକ୍ଳ (ଦେଖ)
Sukula Sukla. (See)
শুকুল शुकुल

ଶୁକୁଳି—ଗ୍ରା. ବ (ସ. ଶୃଙ୍ଖଳ)—ଶିକୁଳି (ଦେଖ)
Sukuli Sikui (See)
শিকল सिकल

ଶୁକୁଲି—ଦେ. ବ (ସ. ଶୁଷ୍କ)—ଶୁଖିଲା—
Sukuli Dry.
শুকনো सुखाहुआ

ଶୁକୁଲି ମ(ମା)ହାପ୍ରସାଦ—ଦେ. ବ—ଦରବି ମହାପ୍ରସାଦ; ଜଗନ୍ନାଥ
Sukuli ma(mā)hāprasāda ଆଦିଙ୍କର ନିକ୍ଟାଳି ଭୋଗ
শুকনো মহাপ্রসাদ (ଯାହା ଅନ୍ନ ଓ ବ୍ୟଞ୍ଜନାଦି ସହ ଜଳଯୁକ୍ତ ନ
सूखा महाप्रसाद ହେବାରୁ ଶୁଖିଲା ଥାଏ ଓ ଯାହା ଅନେକ ଦିନ
ଅବିକୃତ ରଖାଯାଇ ପାରେ)—Sweetmeat offerings made to Lord Jagannātha & other Deities which keep sweet for a length of time.

ଶୁକୁ ଶୁକୁ—ଦେ.ଅ.—ଶୁକ୍ ଶୁକ୍ (ଦେଖ)—Suk Suk (See)
Suku suku [ପ୍ର—ସେଓଁ ଶୁକୁ ଶୁକୁ ଅନ୍ତୁ ଡୁକୁ ଡୁକୁ ଅରେ
শুষা, শুকশুক ନାହିଁ ଭଲେ ବଳ । ରକାଷ. ଶୀତଳକୃଷ୍ଣ ।]
सुसुक सुसुक

ଶୁକୁ ଶୁକା—ଦେ. ବଣ, ପୁଂ—ଶୁକ୍‌ଶୁକା (ଦେଖ)
Suku sukā Suksukā. See
(ଶୁକୁଶୁକିଆ—ଅନ୍ୟରୂପ)
[ଶୁକୁଶୁକୀ. ଶୁକୁଶୁକେଇ—ସ୍ତ୍ରୀ]

ଶୁକୁ ଶୁକା(କେ)ଇବା—ଦେ. କ୍ରି—ଶୁକ୍ ଶୁକ୍ ହୋଇ କାନ୍ଦିବା—
Suku sukā(ke)ibā To cry with suppressed sobs.
ফুঁপিয়ে ফুঁপিয়ে কাঁদা सुसुक सुसुककरोना

ଶୁକେଇ—ଦେ. ବ—ଶୁକା (ଦେଖ)
Sukei Sukā (See)

ଶୁକ୍ଟା—ଦେ. ବଣ. ପୁଂ—ଶୁକୁଟା (ଦେଖ)
Suktā Sukutā. (See)
(ଶୁକ୍ଟୀ—ସ୍ତ୍ରୀ)

ଶୁକ୍ତ—ସ. ବଣ (ଶୁଚ୍ ଧାତୁ=ପରିଷ୍କୃତ ହେବା, ପବିତ୍ର ହେବା+
Sukta କର୍ତ୍ତୃ. ତ)—୧ । ପରିଷ୍କୃତ—1. Refined, ୨ ।
ପରିଶୋଧିତ—2. Purified. ୩ । ପବିତ୍ର—3.Pure.
୪ । ପର୍ଯ୍ୟୁଷିତ ବା ସଢ଼ା ହେବା ଯୋଗୁଁ ବିକୃତ ଓ
ଅମ୍ଳରସ ଯୁକ୍ତ—4. Fermented and so
became sour. ୫ । କଠୋର—5. Cruel. ୬ ।
ନିର୍ଜ୍ଜନ—6. Lonely; solitary. ସ. ବ—
୧ । କାଞ୍ଜିକା; କାଞ୍ଜି; ଅମ୍ଳିଳ ତୋରାଣି; ତୁଷ—
1. Fermented rice water or gruel.
୨ । ସିର୍କା; ମଦର କାଞ୍ଜି; ରସାମ୍ଳ—2. Vinegar made by acetous fermentation of grain.
୩ । ଶୁକ୍ତା ଓ ପିତା ମିଶ୍ରିତ ବ୍ୟଞ୍ଜନର ସୁପ; ତିକ୍ତାମ୍ଳ
ବୋଲଥିବା ଅମେଳ—3. A sour or acid of
bitter taste. ୪ । ଦୁର୍ବାକ୍ୟ—4. Bad
words. ୫ । ମାଂସ—5. Meat. [ଦ୍ର—
ବୈଦ୍ୟଶାସ୍ତ୍ର ଅନୁସାରେ ଶୁକ୍ତ ଅମ୍ଳରସଯୁକ୍ତ, ଉଷ୍ଣବୀର୍ଯ୍ୟ,
ଅଗ୍ନିସନ୍ଦୀପକ, ଅତିଶୟ ପାଚକ, ରୁଚିକର ଓ ସାରକ ।
ଏହା ଶୂଳ, ଗୁଳ୍ମ, ଜ୍ୱରକ, ଅର୍ଶଦୋଷ, ବାୟୁ, କଫ, ବମି,
ତୃଷ୍ଣା, ମୂତ୍ରର ଜଡ଼ସତା, ହୃଦ୍‌ରୋଗ ଏବଂ ଅଗ୍ନିମାନ୍ଦ୍ୟ
ବିନାଶକ ।]

ଶୁକ୍ତା—ଦେ. ବ—ଶୁଖିଲା ଝୋଟ ପତ୍ର—
Suktā Dried leaves of Jute plant.
শুকপাতা पटुआकासूखापत्ता

ଶୁକ୍ତାଣି—ଦେ. ବ (ସ. ଶୁକ୍ତି)—୧ । ଭକ୍ତାଦି ବ୍ୟଞ୍ଜନବିଶେଷ;
Suktāni ପିତା ଉଅଣ—1. A kind of cury
শুক্তোনো तीता seasoned with bitter articles
শুকতী सुखती ୨ । (ସ. ଶୁଷ୍କ)—ଶୁକୁତି; ଦ୍ରବ୍ୟାଦି
ଶୁଖିଯିବା ହେତୁ ଓଜନରେ କମିଯିବା—Shortage
in weight due to a thing being dried up.

ଶୁକ୍ତି—ସ. ବ (ଶୁଚ୍ ଧାତୁ=ପବିତ୍ର ହେବା+କରଣ. ତି)—୧ ।
Sukti ଶେଶ୍ରା, ଶାମୁକା—1, Oyster shell; cockle.
[ଦ୍ର—ବୈଦ୍ୟଶାସ୍ତ୍ର ମତରେ ଶୁକ୍ତି ବା ଶାମୁକାର ମାଂସ
କଟୁ ମଧୁରରସ, ସ୍ନିଗ୍ଧ, ଅଗ୍ନିବର୍ଦ୍ଧକ, ରୁଚିକର ଓ ଶ୍ୱାସ,
ଶଳ ଏବଂ ହୃଦ୍‌ରୋଗରେ ଉପକାରୀ; ଶୁକ୍ତିର କଠିନ
ଆବରଣ ବା ଶାମୁକାକୁ କମ୍ବୀର କେମ୍ବୁ ରସରେ ଭିଜାଇ
ପରେ ଉଷ୍ଣ ଜଳରେ ଧୋଇ ଅଗ୍ନିରେ ପୋଡ଼ିଲେ ତାହା
ଭସ୍ମରେ ପରିଣତ ହୋଇ ଔଷଧରେ ବ୍ୟବହୃତ ହୁଏ ।
ଏହାର ନାମ 'କଳ୍ପଚୁନ' ପଡ଼ି । ଏହା ଜ୍ୱର, ଶୂଳ, ଅମ୍ଳ,

ରୋଗ, ଗୁଳ୍ମ, ପ୍ଲୀହା, ଅଷ୍ଠୀଳା, ଯକୃତ୍, ଅମ୍ଳପିତ୍ତ, ଓ ଅଗ୍ନିମାନ୍ଦ୍ୟ ରୋଗରେ ପ୍ରୟୋଗ କରାଯାଏ ।] ୨ । ଶଙ୍ଖ
ଶୁକ୍ତିକା—ଅନ୍ୟରୂପ) 2. Conch. ୩ । କରୋଟି; ମୁଣ୍ଡର ଖପୁରି—3. Skull. ୪ । ଅଶ୍ୱର ବକ୍ଷସ୍ଥଳରେ ରୋମାବଳୀକୃତ ଆବର୍ତ୍ତତ୍ରୟ—4. Three whorls appearing on the breast of a horse. ୫ । ଚକ୍ଷୁ ରୋଗବିଶେଷ; ଫୁଲ ରୋଗ; ମୋତିଆବିନ୍ଦୁ—5. An eye disease; pearl in the eye. ୬ । (ବୈଦ୍ୟକ) ଚାରିତୋଳା ପରିମିତ ଗନ୍ଧ ଦ୍ରବ୍ୟବିଶେଷ —6. A quantity of scent weighing 4 tolas. ଦେ• ବି—ଜଳଯୁକ୍ତ ବା କଞ୍ଚା ପଣ୍ୟଦ୍ରବ୍ୟାଦି ଶୁଖିଗଲେ ତହିଁର ଯେଉଁ ଓଜନ ବା ପରିମାଣ କମିଯାଏ—Shortage in weight or volume or quantity due to an article becoming dried up; shrinkage; decrease in weight due to a thing becoming dry.

ଶୁକ୍ତିଜ—ସ. ବିଣ (ଶୁକ୍ତି+ଜନ୍ ଧାତୁ+କର୍ତ୍ତୃ• ଅ)—ଶୁକ୍ତିରୁ ଜାତ—
Śuktija Produced from oyster shells.
ସ. ବି—ମୁକ୍ତା—Pearl.

ଶୁକ୍ତିବୀଜ—ସଂ. ବି (ଷଷ୍ଠୀ ତତ୍)—ମୁକ୍ତାଫଳ; ମୁକ୍ତା—
Śukti bīja Pearl.

ଶୁକ୍ର—ସଂ. ବି (ଶୁଚ୍ ଧାତୁ=ଶୁଚିହେବା, ପବିତ୍ରହେବା+କର୍ତ୍ତୃ ର)=୧ ।
Śukra ଗ୍ରହବିଶେଷ—1. The planet Venus.
[ଦ୍ର—ଏହା ଆକାଶରେ ବର୍ଷମଧ୍ୟରୁ କେତେକ ସମୟ ରାତି ପାହିବା ପୂର୍ବରୁ ପୂର୍ବଦିଗରେ 'ପାହାନ୍ତିଆ ତାରା' ରୂପେ ଓ କେତେକ କାଳ ସନ୍ଧ୍ୟା ପରେ ପଶ୍ଚିମଦିଗରେ "ସନ୍ଧ୍ୟାତାରା" ରୂପେ ଦେଖାଯାଏ । ଶୁକ୍ର ଗୋଟିଏ ଗ୍ରହ । ଏହା ପୃଥିବୀ ପରି ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ନିଜ କକ୍ଷରେ ଭ୍ରମଣ କରେ । ଏହା ଅନ୍ୟ ସମସ୍ତ ଗ୍ରହ ଅପେକ୍ଷା ପୃଥିବୀରୁ ବେଶି ଉଜ୍ଜ୍ୱଳ ଦେଖାଯାଏ । ଏହାର ହାରାହାରି ଦୂରତ୍ୱ ସୂର୍ଯ୍ୟଠାରୁ ୭ କୋଟି ୨୦ ଲକ୍ଷ ମାଇଲ୍ । ଏହାର ଗତି ଡିମ୍ବାକାର ଥିବାରୁ ଏ ପୃଥିବୀର ଅତି ନିକଟରେ ଥିବା ସମୟରେ ପୃଥିବୀଠାରୁ ୨ କୋଟି ୬୦ ଲକ୍ଷ ମାଇଲ୍ ଓ ଅତି ଦୂରରେ ଥିବା ସମୟରେ ୧୬ କୋଟି ମାଇଲ୍ ଦୂରରେ ଥାଏ । ଏ ଗ୍ରହର ବ୍ୟାସ ୭ ହଜାର ୯୦୦ ମାଇଲ୍ । ପୃଥିବୀର ବ୍ୟାସ ପ୍ରାୟ ୭ ହଜାର ୯୦୦ ମାଇଲ୍ ଥିବାରୁ ଏହାର ଆକାର ପ୍ରାୟ ପୃଥିବୀ ସଙ୍ଗେ ସମାନ । ଏହାର ଚନ୍ଦ୍ରଙ୍କ ପରି କଳାର ବୃଦ୍ଧି ଓ ହ୍ରାସ ଅଛି । ପୃଥିବୀ ସୂର୍ଯ୍ୟଙ୍କଠାରୁ ପ୍ରାୟ ୯ କୋଟି ୨୯ ଲକ୍ଷ ମାଇଲ୍ ଦୂରରେ ଥିବାରୁ ଶୁକ୍ରଗ୍ରହ ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ ଅବସ୍ଥିତ । ଏହା ପୃଥିବୀର ନିକଟବର୍ତ୍ତୀ ହେବା ସମୟରେ ଖୁବ୍ ଉଜ୍ଜ୍ୱଳ ଦେଖାଯାଏ ଓ ଦୂରବର୍ତ୍ତୀ ହେବା ସମୟରେ ଗୋଟିଏ ବଡ଼ ନକ୍ଷତ୍ର ପରି ଦେଖାଯାଏ । ପୃଥିବୀ ସୂର୍ଯ୍ୟଙ୍କୁ ୩୬୫ ଦିନରେ ଥରେ ବୁଲିଆସେ ଓ ସୂର୍ଯ୍ୟଙ୍କୁ ଥରେ ପ୍ରଦକ୍ଷିଣ କରିବାକୁ ଶୁକ୍ରକୁ ୨୨୫ ଦିନ ଲାଗେ । ଶାସ୍ତ୍ରରେ ଶୁକ୍ରଙ୍କୁ "ହିମ କୁନ୍ଦେନ୍ଦୁ ସଂକାଶ" ଅର୍ଥାତ୍ ଶୁକ୍ଳବର୍ଣ୍ଣ ବୋଲି ବର୍ଣ୍ଣିତ କରାଯାଇଅଛି । ଶୁକ୍ର ଗ୍ରହର ପ୍ରିୟରତ୍ନ ହୀରକ । ହିନ୍ଦୁ ଜ୍ୟୋତିଃଶାସ୍ତ୍ର ଅନୁସାରେ ଓ କେରଳ ମତରେ ଶୁକ୍ର ମହାଦଶା ୨୦ ବର୍ଷ ଓ ନାକ୍ଷତ୍ରିକ ମତରେ ୨୧ ବର୍ଷ । ଏହି ମହାଦଶା ପ୍ରାୟଶଃ ଶୁଭକର । ଏଥି ମଧ୍ୟରେ ଅନ୍ତର ପ୍ରତ୍ୟନ୍ତର ଦଶାରେ ନାନାପ୍ରକାର ଶୁଭାଶୁଭ ଫଳ ନିର୍ଦ୍ଦିଷ୍ଟ ଅଛି । ଶୁକ୍ର ଦ୍ୱିପାଦ ଶୁଭଯୁକ୍ତ ଗ୍ରହ । ବୃଷ ଓ ତୁଳା ରାଶି ଶୁକ୍ରର ସ୍ୱକ୍ଷେତ୍ର ଅଟେ । ଚନ୍ଦ୍ର ଓ ମଙ୍ଗଳ ଶୁକ୍ରର ଶତ୍ରୁ । ବୁଧ ଓ ଶନି ଶୁକ୍ରର ମିତ୍ର । ବୃହସ୍ପତି ଓ ଶୁକ୍ରର ସମତା ଅଛି । ଜ୍ୟୋତିଃଶାସ୍ତ୍ର ମତରେ ଶୁକ୍ର ଗ୍ରହ ମନୁଷ୍ୟଙ୍କୁ କଳତ୍ର, କାମସୁଖ, ଗୀତ ଶାସ୍ତ୍ର, କାବ୍ୟ ପୁଷ୍ପ, ଯୌବନ, ଆଭରଣ, ରଜତଯାନ, ମୁକ୍ତାଦି ପ୍ରଦାନ କରେ ।

୨ । ଶୁକ୍ରାଚାର୍ଯ୍ୟ (ଦେଖ)—2. Śukrāchārjya (See)
୩ । ଶରୀରସ୍ଥ ଧାତୁବିଶେଷ; ରେତଃ; ପୁରୁଷ ବୀର୍ଯ୍ୟ—3. Semen verile; sperm; seminal fluid.
[ଦ୍ର—ଆୟୁର୍ବେଦ ମତରେ ଆହାର ଉଦରସ୍ଥ ହେବାରୁ ତହିଁରୁ ରସ ଉତ୍ପନ୍ନ ହୁଏ; ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦଃ, ମେଦରୁ ଅସ୍ଥି, ଅସ୍ଥିରୁ ମଜ୍ଜା ଓ ମଜ୍ଜାରୁ ଶୁକ୍ର ଉତ୍ପନ୍ନ ହୁଏ । ଅତଏବ ଶୁକ୍ର ହିଁ ଜୀବର ପ୍ରଧାନ ଶକ୍ତି । ତାହା କ୍ଷୟ ହେଲେ ବଳ କ୍ଷୟ ଓ ଆୟୁଃକ୍ଷୟ ଘଟେ । ତାହା ଶରୀରରେ ଧାରଣ କଲେ ବଳ ଓ ଆୟୁ ବୃଦ୍ଧି ହୁଏ । ଏଥିପାଇଁ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବାଦ୍ୱାରା ଆୟୁର୍ବୃଦ୍ଧି ହୁଏ ବୋଲି ମୁନି ଋଷିମାନେ ଉପଦେଶ ଦେଇଅଛନ୍ତି । ଯୁବକ ଓ ବଳବାନ୍ ବ୍ୟକ୍ତିର ଶୁକ୍ର ଗାଢ଼ ବୃଦ୍ଧ ଓ ଦୁର୍ବଳ ବ୍ୟକ୍ତିର ଶୁକ୍ର ତରଳ ଅଟେ ।]

୪ । ତେଜଃ—4. Energy; lustre. ୫ । ଅଗ୍ନି—5. Fire. ୬ । ଚିତ୍ରକ ବୃକ୍ଷ; ଧଳାଚିତା ଗଛ—6. A plant; Plumbago Zeylanica. ୭ । ଜ୍ୟେଷ୍ଠ ମାସ—7. The month of Jyaishtha. ୮ । ଯୋଗବିଶେଷ—8. A sort of exercise in mental abstraction. ୯ । ଚକ୍ଷୁରୋଗବିଶେଷ—9. A sort of eye disease. ୧୦ । (ଲକ୍ଷଣାର୍ଥ, ଶୁକ୍ରାଚାର୍ଯ୍ୟ କଣା ଥିବାରୁ) କଣା ବ୍ୟକ୍ତି —10. An one-eyed person.

ଶୁକ୍ର ଅନ୍ତର—ଦେ. ବି (ଜ୍ୟୋତିଷ)—୧ । ଶୁକ୍ରାନ୍ତର (ଦେଖ)—
Śukra antara 1. Śukrāntara (See) ୨ । ମନୁଷ୍ୟ (ଶୁକ୍ର ଅନ୍ତର୍ଦଶା—ଅନ୍ୟରୂପ) ଜୀବନରେ ଗ୍ରହମାନଙ୍କ ମହାଦଶା ଭୋଗକାଳ ମଧ୍ୟରେ ଶୁକ୍ର ଗ୍ରହର ଅନ୍ତର ଦଶା ଭୋଗକାଳ—2. The time when the planet Śukra comes during the Mahādaśā of any other planet.

ଶୁକ୍ରକର—ସଂ. ବିଣ—ଯେଉଁ ଔଷଧ ବା ଦ୍ରବ୍ୟ ଦ୍ୱାରା ଶରୀରରେ ଶୁକ୍ର
Śukrakara ବୃଦ୍ଧି ହୁଏ—Spermatic (medicine);
(ଶୁକ୍ରକରୀ—ସ୍ତ୍ରୀ ବିଣ) spermatogerous.
ସଂ. ବି—ମଜ୍ଜା—Marrow. (ଏଥିରୁ ଶୁକ୍ର ଜନ୍ମେ ।)

ଶୁକ୍ର କ୍ଷୟ—ସଂ. ବି (୬ଷ୍ଠୀ ତତ୍)—ଅଜାଣତରେ ବା ବିନା ଇଚ୍ଛାରେ
Śukra kshaya ଶୁକ୍ର ପତନରୂପ ରୋଗ—Spermatorrohea.

ଶୁକ୍ର କ୍ଷରଣ—ସଂ. ବି (୬ଷ୍ଠୀ ତତ୍)—ଲିଙ୍ଗରୁ ବୀର୍ଯ୍ୟ ପତନ—
Śukra ksharaṇa Emission of semen.

ଶୁକ୍ର ଗୋଚର ଫଳ—ସଂ. ବି (ଜ୍ୟୋତିଷ)—ଶୁକ୍ର ଜନ୍ମରାଶିସ୍ଥ ହେଲେ
Śukra gochara phala ଶତ୍ରୁ ନାଶ; ୨ୟରେ ଅର୍ଥ ଲାଭ,
୩ୟରେ ଶୁଭକର, ୪ର୍ଥରେ ଧନ ଲାଭ, ୫ମରେ ପୁତ୍ର ଲାଭ,
୬ଷ୍ଠରେ ଶତ୍ରୁବୃଦ୍ଧି, ୭ମରେ ଶୋକ, ୮ମରେ ଅର୍ଥ ଲାଭ,
୯ମରେ ବିବିଧ ବସ୍ତ୍ର ଲାଭ, ୧୦ମରେ ଅଶୁଭକର, ୧୧ଶରେ
ବନ୍ଧୁ ଧାନ୍ୟ ଲାଭ, ୧୨ଶରେ ଧନାଗମ ଓ ସୁଖ ହୁଏ—
The different results of the planet Venus becoming connected with a man's natal signs.

ଶୁକ୍ର ତ(ତା)ର—ଦେ. ବି (ସଂ. ଶୁକ୍ର+ତାରକା)—ଶୁକ୍ର—
Śukra ta(tā)ra ଗ୍ରହ (ଯାହା ସାହାନ୍ତ୍ର ବେଳେ ବା ପାହାନ୍ତିଆ
ଶୁକ୍(କ୍ର)ତାରା ତାରାରୂପେ ଦେଖାଯାଏ)—Venus; morning
ଶୁକ୍ରତାରା star; evening star. [ଦ୍ର—ଏହା ପ୍ରକୃ-
ତରେ ଗୋଟିଏ ଗ୍ରହ, କିନ୍ତୁ ଲୋକେ ଏହାକୁ ଭୁଲରେ ତାରା
ବୋଲି କହନ୍ତି ।]

ଶୁକ୍ର ତାରଲ୍ୟ—ସଂ. ବି (ଶୁକ୍ର=ବୀର୍ଯ୍ୟ+ତାରଲ୍ୟ=ତରଳତା, ୬ଷ୍ଠୀ
Śukra tāralya ତତ୍)—ରୋଗ, ଦୁର୍ବଳତା, ବାର୍ଦ୍ଧକ୍ୟ ଯୋଗୁଁ
ଶୁକ୍ରର ଅଗାଢ଼ତା—Thinness of semen due to disease, weakness or old age.

ଶୁକ୍ର ଦଶା—ସଂ. ବି (ଜ୍ୟୋତିଷ)—ଶୁକ୍ର ମହାଦଶା (ଦେଖ)
Śukra daśā Śukra mahādaśā (See)

ଶୁକ୍ର ଧାରଣ—ସଂ. ବି (୬ଷ୍ଠୀତତ୍)—ରମଣାଦି ଦ୍ୱାରା ଦେହରୁ ଶୁକ୍ର ବ୍ୟୟ
Śukra dhāraṇa ନ କରିବା; ବ୍ରହ୍ମଚର୍ଯ୍ୟ—The retention of the semen in the system by desisting from sexual intercourse or by strong exercise of will power during copulation.

ଶୁକ୍ର ନୀତି—ସଂ. ବି—ଶୁକ୍ରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ନୀତିଶାସ୍ତ୍ର—Political
Śukra niti principles promulgated by Sukrāchārjya.

ଶୁକ୍ର ପ୍ରତ୍ୟନ୍ତର—ସଂ. ବି (ଜ୍ୟୋତିଷ)—ପ୍ରତ୍ୟେକ ଗ୍ରହର ମହାଦଶା
Śukra pratyantara ଓ ଅନ୍ତରଦଶା କାଳ ମଧ୍ୟରେ ଶୁକ୍ରଗ୍ରହର
ପ୍ରତ୍ୟନ୍ତର ଦଶାର ଭୋଗ କାଳ—The time when the conjunction of Venus takes place during the Antaradaśā and Mahādaśā of all planets. [ଦ୍ର—ଏହି ମହାଦଶାର ଭୋଗକାଳ
୨୦ ବର୍ଷ ମଧ୍ୟରେ ପ୍ରଥମେ ଶୁକ୍ର ଅନ୍ତର୍ଦଶା ତିନିବର୍ଷ ଅମାସ ।
ଏଥି ମଧ୍ୟରେ ଅବ୍ୟ ୬ ମାସ ୨୦ ଦିନ ଶୁଭଫଳପ୍ରଦ ।]

ଶୁକ୍ର ବର୍ଦ୍ଧକ—ସଂ. ବିଣ (ଉପପଦତତ୍) ଯେଉଁ ଔଷଧ ବା ଖାଦ୍ୟାଦି ଦ୍ୱାରା
Śukra barddhaka ଶୁକ୍ର ବୃଦ୍ଧି ହୁଏ—
Spermatogenous (medicine or article).

ଶୁକ୍ର ବାର—ସଂ. ବି—ଗୁରୁବାରର ପୂର୍ବ ଓ ଗୁରୁବାରର ପର ଦିବସ—
Śukra bāra Friday. [ଦ୍ର—ହିନ୍ଦୁମାନଙ୍କ ମତରେ ଗୁରୁ-
(ଶୁକ୍ରବାସର—ଅନ୍ୟରୂପ) ଦର୍ଶନ, ଧାନ୍ୟଚ୍ଛେଦନ, ଧାନ୍ୟସ୍ଥାପନ, ନବ-
ବସ୍ତ୍ରାଳଙ୍କାରଧାରଣାଦି ଦେତେକ କର୍ମ ପାଇଁ ଏ ଦିନ
ପ୍ରଶସ୍ତ । ମୁସଲମାନମାନଙ୍କର ଏହି ଦିବସ ସପ୍ତାହର
ପବିତ୍ରତମ ଦିବସ ଓ ଏ ଦିନ ମୁସଲମାନମାନେ ମସ୍‌ଜିଦରେ
ସମବେତ ହୋଇ ନମାଜ ବା ପ୍ରାର୍ଥନା କରନ୍ତି । ପାରସୀରେ
ଶୁକ୍ରବାରକୁ 'ଜୁମା' ବୋଲାଯାଏ । ମାର୍ଚ୍ଚ ବା ଅପ୍ରେଲ ମାସର
ଗୋଟିଏ ଶୁକ୍ରବାର ଖ୍ରୀଷ୍ଟିୟାନମାନଙ୍କର ଗୋଟିଏ ପର୍ବ
ଦିବସ (ଗୁଡ୍ ଫ୍ରାଇଡେ) । ପ୍ରଭୁ ଯୀଶୁଖ୍ରୀଷ୍ଟ ଏ ଦିନ କ୍ରୁଶବିଦ୍ଧ
ହୋଇଥିଲେ ।

ଶୁକ୍ରବାର ଦିନ ହିନ୍ଦୁଘରେ କୃଷକ କ୍ଷେତ୍ରରୁ ପ୍ରଥମେ କଟା
ହୋଇଥିବା ଧାନ ବିଡ଼ା(ଶୁକ୍ରବାର ବିଡ଼ା)କୁ ସାଇତି ରଖି
ତହିଁର ସମ୍ମୁଖରେ ଲକ୍ଷ୍ମୀ ପୂଜା କରେ । ଅବିବେକ ଓ ସ୍ୱେଚ୍ଛାଚାରୀ
ପାଜିକୁ ସାଧାରଣ ଲୋକେ କହନ୍ତି "ସେ ଘର ମୋ ଶୁକ୍ରବାର
ବିଡ଼ା' । ଶୁକ୍ରବାର ଦିନ ବାଳିକା ପ୍ରଥମରେ ରଜସ୍ୱଳା ହେଲେ
ସୁଲକ୍ଷଣା ହୁଏ । ଶୁକ୍ରବାରରେ ପଶ୍ଚିମରେ ଦିକ୍‌ଶୂଳ । ସେଥି
ପାଇଁ ପଶ୍ଚିମକୁ ଯାତ୍ରା କରିବା ନିଷେଧ । ଶୁକ୍ରବାର ଦିନ
ଦିବା ତୃତୀୟ ପ୍ରହରଠାରୁ ଅର୍ଦ୍ଧଘଣ୍ଟା ପର୍ଯ୍ୟନ୍ତ ବାରବେଳା ଥିବାରୁ
ସେ ସମୟରେ ଯାତ୍ରା ଓ ଶୁଭକର୍ମ ନିଷେଧ ।]

ଶୁକ୍ରବାର ବିଡ଼ା(ଡ଼ି)—ଦେ. ବି—ଶୁକରବାର ବିଡ଼ା (ଦେଖ)
Śukrabāra birḍā(ṛdi; Sukarabāra birḍā. (See)

ଶୁକ୍ର ବ୍ୟୟ—ସଂ. ବି (୬ଷ୍ଠୀ ତତ୍)-ରମଣାଦି ଦ୍ୱାରା ଦେହରୁ ଶୁକ୍ର ପତନ—
Śukra byaya Emission of semen by copulation etc.

ଶୁକ୍ର ବୃଦ୍ଧି—ସଂ ବି (୬ଷ୍ଠୀ ତତ୍)—ଦେହରେ ଶୁକ୍ର ନାମକ ଧାତୁର
Śukra bṛuddhi ଆଧିକ୍ୟ—Increase of semen in the system.

ଶୁକ୍ର ଭୁକ୍—ସଂ. ବିଣ (ଉପପଦ ତତ୍; ଶୁକ୍ର+ଭୁଜ୍ ଧାତୁ+କର୍ତ୍ତୃ କ୍ୱିପ୍;
Śukra bhuk ଶୁକ୍ରଭୁଜ୍ ଶବ୍ଦ ୧ । ୧ବ)- ଶୁକ୍ର ଖାଦକ—
Eating semen. ସ. ବି—ମୟୂର - Peacock.
[ଦ୍ର—କଥିତଅଛି ଯେ ମୟୂରୀମାନଙ୍କ ସଙ୍ଗେ ମୟୂରର ସଙ୍ଗମ
ହୁଏ ନାହିଁ । ବର୍ଷାଗମରେ ମୟୂର (ଇନ୍ଦ୍ରାମୟୂର) ମାନେ
ନାଚବାବେଳେ ତାଙ୍କଠାରୁ ଭୂମିରେ ରେତଃ ସ୍ଖଳିତ ହୁଏ ।
ମୟୂରୀ (ଇନ୍ଦ୍ରାମୟୂରୀ) ଭୂମିରୁ ସ୍ଖଳିତ ରେତକୁ
ଥଣ୍ଟଦ୍ୱାରା ଗୋଟାଇ ନେଇ ଖାଆନ୍ତି ଓ ତଦ୍ୱାରା ଗର୍ଭବତୀ
ହୁଅନ୍ତି ।]

ଶୁକ୍ର ମହାଦଶା—ସଂ. ବି—ଜ୍ୟୋତିଷମତରେ ମନୁଷ୍ୟ ଜୀବନର ପରମାୟୁ
Śukra mahādaśā ୧୨୦ ବର୍ଷ ମଧ୍ୟରୁ କେତୁଦଶା ପରେ ଓ ରବିଦଶା ପୂର୍ବରୁ ପଡ଼ିବା ୨୦ ବର୍ଷ କାଳ—The period of twenty years in a man's life according to astrological calculat ions coming after Ketu daśā and before Rabi daśā.

[ଦ୍ର—ଜ୍ୟୋତିଃ ଶାସ୍ତ୍ରମତରେ ଏହି—

ଶୁକ୍ର ମହାଦଶାରେ ଶୁକ୍ରଙ୍କ ଅନ୍ତର	—	୩ ବର୍ଷ ୪ ମାସ
ଶୁକ୍ର ମହାଦଶାରେ ରବି	,, —	୧ ବର୍ଷ
ଶୁକ୍ର ଦଶାରେ ଚନ୍ଦ୍ର	,, —	୧ ବର୍ଷ ୮ ମାସ
ଶୁକ୍ର ଦଶାରେ ମଙ୍ଗଳ	,, —	୧ ବର୍ଷ ୨ ମାସ
ଶୁକ୍ର ଦଶାରେ ରାହୁ	,, —	୩ ବର୍ଷ
ଶୁକ୍ର ଦଶାରେ ଗୁରୁ	,, —	୨ ବର୍ଷ ୮ ମାସ
ଶୁକ୍ର ଦଶାରେ ଶନି	,, —	୩ ବର୍ଷ ୨ ମାସ
ଶୁକ୍ର ଦଶାରେ ବୁଧ	,, —	୨ ବର୍ଷ ୧୦ ମାସ
ଶୁକ୍ର ଦଶାରେ କେତୁ	,, —	୧ ବର୍ଷ ୨ ମାସ
	ସର୍ବମୋଟ	୨୦ ବର୍ଷ

ଶୁକ୍ର ମେହ—ସଂ. ବି—ଯେଉଁ ମେହ ରୋଗରେ ଶୁକ୍ରମିଶ୍ରିତ ମୂତ୍ର ନିର୍ଗତ
Śukra meha ହୁଏ—A kind of gonorrohea.

ଶୁକ୍ରଳ—ସଂ. ବିଣ. ପୁଂ (ଶୁକ୍ର+ସ୍ବାର୍ଥେ. ଳ)—୧। ଶୁକ୍ରଯୁକ୍ତ—
Śukraḷa 1. Mixed with semen. ୨। ଵୀର୍ଯ୍ୟବର୍ଦ୍ଧକ—
(ଶୁକ୍ରଳା—ସ୍ତ୍ରୀ) 2. Increasing semen.

ଶୁକ୍ରଳା—ସଂ. ବି—୧। ଅଗଡ଼ା (ଦେଖ)—1. Agaṛā. (See)
Śukraḷā ୨। ଭଳଟା; ଧଳା କାଇଁଚ (ବିଶ୍ବକୋଷ)—2. The white-seeded variety of Abrus Precatorius. ୩। ଅମଳକ ବୃକ୍ଷ (ବିଶ୍ବକୋଷ)—
3. Embelic Myrobalan.

ଶୁକ୍ର ଶିଷ୍ୟ—ସଂ. ବି (୬ଷ୍ଠୀ ତତ୍)—ଦୈତ୍ୟଗଣ; ଅସୁରମାନେ—
Śukra śishya The demons.

ଶୁକ୍ର ସ୍ଖଳନ—ସଂ. ବି (୬ଷ୍ଠୀ ତତ୍)—ରୋଗ ବା ସ୍ବପ୍ନଦୋଷରୁ
Śukra skhaḷana ଅନିଚ୍ଛାସତ୍ତ୍ବେ ଶୁକ୍ର ପତନ—Involuntary emission of semen due to disease or wet dream.

ଶୁକ୍ର ସ୍ରାବ—ସଂ. ବି (୬ଷ୍ଠୀ ତତ୍)—ଅଧିକ ମାତ୍ରାରେ ଶୁକ୍ରକ୍ଷରଣ—
Śukra srāba Seminal discharge.

ଶୁକ୍ରା—ଦେ.ବି—(ପୁଂ) ଲୋକମାନଙ୍କୁ ଦିଆଯିବା ନାମ (ବିଶେଷତଃ ଶୁକ୍ରବାର
Śukrā ଦିନ ଜନ୍ମ ହୋଇଥିବା ଲୋକମାନଙ୍କୁ ଦିଆଯିବା ନାମ)—
ଶୁକ୍ରା A name given to males, specially those
सुक्रा born on Friday. ସଂ. ବି—ବଂଶଲୋଚନା (ବିଶ୍ବ-
[ଶୁକି, ଶୁକିୟା, ଶୁକୁ—ଅନ୍ୟ ଦେ. ରୂପ] କୋଷ)—Bamboo-manna.

ଶୁକ୍ରାଚାର୍ଯ୍ୟ—ସଂ. ବି (କର୍ମଧା=ଶୁକ୍ର+ଆଚାର୍ଯ୍ୟ)—ମୁନିବିଶେଷ; ଦୈତ୍ୟ
Śukrāchārjya ଗୁରୁ; ଭାର୍ଗବ; ଉଶନା—Name ofa sage; the spiritual preceptor of the demons in the Hindu mythology.
[ଦ୍ର—ଶୁକ୍ର ଭୃଗୁମୁନିଙ୍କ ପୁତ୍ର ବୋଲି କଥିତ। ମତାନ୍ତରରେ ଏ ମହାଦେବଙ୍କ ଉପସ୍ଥ ଦ୍ବାରରୁ ବହିର୍ଗତ ହୋଇଥିବାରୁ ଏହାଙ୍କ ନାମ 'ଶୁକ୍ର' ହୋଇଅଛି। ଏହାଙ୍କର ଦୁଇ ପୁତ୍ର ଷଣ୍ଡ ଓ ଅମର୍କ ଏବଂ ଦୁଇ କନ୍ୟା ଦେବଯାନୀ ଓ ଅରଜା। ବଳି ରାଜାଙ୍କ ଦାନ ସମୟରେ ଏ ଦାନ ବିଷୟରେ ବ୍ୟାଘାତ ଘଟାଇବାରୁ ଏହାଙ୍କର ଗୋଟିଏ ଆଖି ନଷ୍ଟ ହୋଇଥିଲା। ଏଥିପାଇଁ ଏହାଙ୍କୁ 'କଣା ଶୁକ୍ର' ବୋଲାଯାଏ ଏବଂ କଣା ଲୋକଙ୍କୁ ବ୍ୟଙ୍ଗୋକ୍ତି କରି 'ଶୁକ୍ର' ନାମରେ ଡକାଯାଏ।

ଏ ମୃତସଞ୍ଜୀବନୀ ମନ୍ତ୍ରଦ୍ବାରା ଦେବାସୁର ଯୁଦ୍ଧରେ ନିହତ ରାକ୍ଷସମାନଙ୍କୁ ଜୀଆଁଇଥିଲେ। ଏହାଙ୍କଠାରୁ ଏହି ବିଦ୍ୟା ଶିକ୍ଷା କରିବାପାଇଁ ଦେବତାମାନେ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର କଚଙ୍କୁ ଏହାଙ୍କ ନିକଟକୁ ପଠାଇଥିଲେ। କଚ ଏହାଙ୍କ ଗୃହରେ ଶିଷ୍ୟରୂପେ ରହିବାବେଳେ ଏ କନ୍ୟା ଦେବଯାନୀଙ୍କ ଅନୁରାଗଭାଜନ ହୋଇଥିଲେ। କଚ ମୃତସଞ୍ଜୀବନୀ ବିଦ୍ୟା ଶିଖିବାପାଇଁ ଆସିଥିବା କଥା ଜାଣିପାରି ଅସୁରମାନେ କଚଙ୍କୁ ୩ଥର ବଧ କଲେ। କିନ୍ତୁ ଦେବଯାନୀଙ୍କ ଅନୁରୋଧରେ ଶୁକ୍ର କଚଙ୍କୁ ୩ଥର ଯାକ ଜୀଆଁଇଲେ। ଦଣ୍ଡକ ଦେଶର ରାଜା ଶୁକ୍ରଙ୍କର ଅନ୍ୟ କନ୍ୟା ଅରଜାଙ୍କ ପ୍ରତି ବଳପ୍ରକାଶ କରିବାରୁ ଶୁକ୍ରଙ୍କ ଶାପରେ ଉକ୍ତ ରାଜା ଭସ୍ମୀଭୂତ ହେଲେ ଓ ତାଙ୍କ ରାଜ୍ୟ ଦଣ୍ଡକାରଣ୍ୟରେ ପରିଣତ ହେଲା। ରାଜା ଯଯାତି ଶୁକ୍ରଙ୍କ କନ୍ୟା ଦେବଯାନୀଙ୍କୁ ବିବାହ କଲେ। କିନ୍ତୁ ଯଯାତି ତାଙ୍କର ଅନ୍ୟ ପତ୍ନୀ ଶର୍ମିଷ୍ଠାଙ୍କପ୍ରତି ପକ୍ଷପାତ ଆଚରଣ କରିବାରୁ ଶୁକ୍ରଙ୍କ ଅଭିଶାପରେ ଯଯାତି ଅକାଳରେ ଜରାଗ୍ରସ୍ତ ହୋଇଗଲେ। (ଯଯାତି ଦେଖ)

ଶୁକ୍ରମୁନି ନୀତିଶାସ୍ତ୍ରର ପ୍ରଣେତା ଅଟନ୍ତି।]

ଶୁକ୍ରାନ୍ତର—ସଂ. ବି—(ଜ୍ୟୋତିଷ)—ଶୁକ୍ର ଓ ଅନ୍ୟ ମହାଦଶାମାନଙ୍କ
Śukrāntara ମଧ୍ୟରେ ଶୁକ୍ର ଗ୍ରହର ଅନ୍ତରଦଶା କାଳ—The
[ଶୁକ୍ରାନ୍ତରଦଶା—ଅନ୍ୟରୂପ] time of conjunction of the planet Venus during the Mahādaśā of all the planets during a man's life.
[ଦ୍ର—ରବି ମହାଦଶା ୬ ବର୍ଷ ମଧ୍ୟରେ ଶୁକ୍ର ଅନ୍ତରଦଶା ୧ ବର୍ଷ;

ଚନ୍ଦ୍ରମହାଦଶା	୧୦ ବର୍ଷ	ମଧ୍ୟରେ	ଶୁକ୍ର ଅନ୍ତରଦଶା	୧ବର୍ଷ ୮ମାସ
ମଙ୍ଗଳ ମହାଦଶା	୭ ବର୍ଷ	,,	,,	୧ବର୍ଷ ୨ ମାସ
ରାହୁ ,,	୧୮ ବର୍ଷ	,,	,,	୩ ବର୍ଷ
ବୃହସ୍ପତି ,,	୧୬ ବର୍ଷ	,,	,,	୨ବର୍ଷ ୮ ମାସ
ଶନି ,,	୧୯ ବର୍ଷ	,,	,,	୩ବର୍ଷ ୨ ମାସ
ବୁଧ ,,	୧୭ ବର୍ଷ	,,	,,	୨ବର୍ଷ ୧୦ମାସ
କେତୁ ,,	୭ ବର୍ଷ	,,	,,	୧ବର୍ଷ ୮ମାସ
ଶୁକ୍ର ,,	୨୦ ବର୍ଷ	,,	,,	୩ବର୍ଷ ୪ମାସ]

ଶୁକ୍ରୁ—ଦେ. ବି, [ପୁଂ]—ଶୁକ୍ରା (ଦେଖ)
Śukru [ଶୁକ୍ରା—ସ୍ତ୍ରୀ] Śukrā (See)
[ବି—ଶୁକ୍ର ନାମକ ପୁରୁଷର ଆଦରାର୍ଥକ ଡାକନାମ— ଶୁକୁରୁ, ଶୁକୁରୁ, ଶୁକୁରେଇ, ଶୁକି, ଶୁକୁ, ଶୁକେଇ । ଅନାଦରାର୍ଥକ ଡାକନାମ—ଶୁକୁରା; ଶୁକୁରିଆ; ଶୁକିଆ, ଶୁକ୍ରା । ଶୁକ୍ରାନାମ୍ନୀ ସ୍ତ୍ରୀର ଡାକନାମ—ଶୁକୁରୀ, ଶୁକୁରେଇ, ଶୁକୀ, ଶୁକେଇ ।]

ଶୁକ୍ଳ—ସଂ. ବିଣ (ଶୁଚ୍ ଧାତୁ=ନିର୍ମଳ ହେବା+କର୍ତ୍ତ୍ତୃ ଲ) ୧ ।
Śukla ଶ୍ୱେତ ବର୍ଣ୍ଣ ବଶିଷ୍ଟ; ଧଳା—1. White. ୨ । ପରିଷ୍କୃତ—2. Clean. ୩ । ପବିତ୍ର; ଶୁଦ୍ଧ—3. Pure. ୪ । ନିର୍ଦ୍ଦୋଷ—4. Faultless. ୫ । ଆଲୋକ ବା ଜ୍ୟୋତ୍ସ୍ନାଯୁକ୍ତ—5. Bright; lighted ବି. ୧ । ଶ୍ୱେତବର୍ଣ୍ଣ; ଧଳାରଙ୍ଗ 1. White colour. ୨ । ରୁପା;ରୌପ୍ୟ—2. Silver. ୩ । ନବନୀତ; ନହୁଣୀ 3. Butter. ୪ । ଚକ୍ଷୁରୋଗବିଶେଷ—4. A sort of eye-disease. ୫ । ଯୋଗ ବିଶେଷ—5. A sort of meditative abstraction ୬ । ବିଷ୍ଣୁ 6. Bishnu [ବି—ଶୁକ୍ଳ ବଚନ ମାନ୍ୟ ଯୋଗ, ଯେ ଭାବେ ଜନ ଜୁପନାର ଜଗନ୍ନାଥ—ଭାଗବତ]
ଦେ. ବି—ବଙ୍ଗଦେଶର ବଂଶୋପାଧି ବିଶେଷ—A family title in Bengal.
शुक्ल सुकुल

ଶୁକ୍ଳକ—ସଂ. ବିଣ. ପୁଂ. (ଶୁକ୍ଳ+କ)—ଶ୍ୱେତ; ଧଳା—White
Śuklaka (Apte) ସଂ. ବିଣ—୧ । ଧଳା ବର୍ଣ୍ଣ—1. White colour (Apte). ୨ । ଶୁକ୍ଳ ପକ୍ଷ—2. The bright half of a lunar month (Apte).

ଶୁକ୍ଳକଣିଅର—ଦେ. ବି—କଣିଅର—White oleander.
Śukla kaniāri সাধাকনের सफेदकनेर।
(ଶୁକ୍ଳ କଣଅର—ଅନ୍ୟରୂପ)!

ଶୁକ୍ଳକନ୍ଦା—ସଂ. ବି (ବୈଦ୍ୟକ)—ଅତି ବିଷା; ଅତୁଶୀ—
Śukla kandā A very poisonous root; Aconitum Heterophyllum.

ଶୁକ୍ଳକର୍ମା—ସଂ. ବିଣ—(ଶୁକ୍ଳ=ନିର୍ଦ୍ଦୋଷ ବା ପବିତ୍ର ଅଟେ କର୍ମ
Śuklakarmā ଯାହାର ଶୁକ୍ଳ+କର୍ମନ୍; ଶୁକ୍ଳକର୍ମନ୍ ଶବ୍ଦ ୧ମା ୧ବ)—୧ । ସତ୍‌କାର୍ଯ୍ୟକାରୀ—1. Performing good or meritorious acts. ୨ । ବିଶୁଦ୍ଧଚରିତ୍ର—2. Of pure character.

ଶୁକ୍ଳ ଜୀରକ—ସଂ. ବି (ବୈଦ୍ୟକ)—ଜୀର—
Śukla jiraka Cumin seed.

ଶୁକ୍ଳ ଟାଙ୍ଗଣା—ସଂ. ବି—ସ୍ଫଟିକ ଖାର (ଭାବପ୍ରକାଶ. ଦ୍ରବ୍ୟଗୁଣ)—
Śukla ṭāngaṇā The ashes of quartz.

ଶୁକ୍ଳତା(ତ୍ୱ)—ସଂ. ବି (ଶୁକ୍ଳ+ଭାବାର୍ଥେ ତା, ତ୍ୱ)—ଶ୍ୱେତ ଅବସ୍ଥା;
Śuklatā(twa) ଶୁକ୍ଳିମା—Whiteness.

ଶୁକ୍ଳ ତିଥି—ସଂ. ବି (କର୍ମଧା; ଶୁକ୍ଳା ଯେଉଁ ତିଥି)—ଅମାବାସ୍ୟାର
Śukla tithi ପରବର୍ତ୍ତୀ ପ୍ରତିପଦଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୫ଟି ତିଥି—The 15 days of the bright lunar fortnight of a month. [ବି—ତିଥିର ନାମ ପୂର୍ବରେ ଶୁକ୍ଳ ଶବ୍ଦ ଯୋଗ ହେଲେ ଶୁକ୍ଳପକ୍ଷର ସେହି ସେହି ତିଥିକୁ ବୁଝାଏ; ଯଥା—ଶୁକ୍ଳ ପ୍ରତିପଦ, ଶୁକ୍ଳ ଦ୍ୱିତୀୟା, ଶୁକ୍ଳ ତୃତୀୟା ଇତ୍ୟାଦି ।]
ସ. ଦ.—ମଜ୍ଜା [ଏଥିରୁ ଶୁକ୍ର ଜନ୍ମେ]—Marrow.

ଶୁକ୍ଳ ଧଡ଼ି—ଦେ. ବି—୧ । ସାଧା ଧଡ଼ି; ଧଳା ଛଡ଼ା ଅନ୍ୟ ବର୍ଣ୍ଣର
Śukla dhardi ଲୁଗାରେ ଲାଗିଥିବା ଧଳା ରଙ୍ଗର ଧଡ଼ି—
সাদা পাড় 1. White hem or border of coloured
सफेद कोर cloth. ୨ । ଧଳା ଲୁଗାରେ ଲାଗିଥିବା ଧଳା ରେଶମର ଧଡ଼ି; ଛଡଧଡ଼ି—2. White silk hem of white cotton cloths.

ଶୁକ୍ଳ ଧଡ଼ିଆ—ଦେ. ବିଣ—ସାଦା ଧଡ଼ି ଥିବା (ଲୁଗା)—White
Śukla dhardiā hemmed or bordered (cloth).
সাদা পেড়ে सफेद कोरवाला

ଶୁକ୍ଳ ଧାତୁ—ସଂ. ବି—ଖଡ଼ି
Śukla dhātu Chalk.

ଶୁକ୍ଳ ଧାନ୍ୟ—ସଂ. ବି—ଧଳା ଧାନ—White paddy. [ବି—
Śukla dhānya ଏହା ଲକ୍ଷ୍ମୀଙ୍କ ପୂଜାରେ ଆବଶ୍ୟକ ହୁଏ ।]

ଶୁକ୍ଳ ପକ୍ଷ—ସଂ. ବି—ଶୁକ୍ଳ ପକ୍ଷ—The bright lunar fortnight
Śukla paksha of the month. [ବି—ଏହି ପକ୍ଷରେ ଚନ୍ଦ୍ରଙ୍କ ଜ୍ୟୋତ୍ସ୍ନାଦ୍ୱାରା ଅନ୍ଧକାର ଅପସୃତ ହୋଇ ଶୁକ୍ଳ ଦେଖାଯାଏ ବୋଲି ଏହାକୁ ଶୁକ୍ଳପକ୍ଷ ବୋଲାଯାଏ ।]

ଶୁକ୍ଳ ପୁଷ୍ପ—ସଂ. ବି—୧ । ଉକ୍ତ ବୃକ୍ଷ—1. A kind of tree. ୨ ।
Śukla pushpa କୁନ୍ଦପୁଷ୍ପ ଗଛ—2. Jasminum Multiflorum (plant). ୩ । ମରୁବକ (ଦେଖ)— 3. Marubaka (See) ସଂ. ବିଣ—ଶ୍ୱେତପୁଷ୍ପଯୁକ୍ତ —White flowered.

ଶୁକ୍ଳ ପୁଷ୍ପା(ଷ୍ପୀ)—ସଂ. ବି—ନାଗଦନ୍ତୀ (ଦେଖ)
Śukla pushpā(spi) Nāgadanti (See).

ଶୁକ୍ଳ ଫଳ—ସଂ. ବି (ବୈଦ୍ୟକ)—ଶ୍ୱେତାର୍କ; ଧଳା ଅର୍କଗଛ—
Śukla phala Calotropis Gigantia; the swa-
(ଶୁକ୍ଳାର୍କ—ଅନ୍ୟରୂପ) llowwort (white variety).

ଶୁକ୍ଳ ବଚ—ଦେ. ବି (ସଂ. ମହାଭୈରବୀ ବଚ)—ମହାଭରୀ ବଚ;
Śukla bacha ଘୋଡ଼ା ବଚ (ଭାବପ୍ରକାଶ ଦ୍ରବ୍ୟଗୁଣ)—
সাদা বচ The white variety of sweet flag;
सफेद बच Acorus Calamus.

ଶୁକ୍ଳ ବର୍ବରୀ—ସଂ. ବି (ବୈଦ୍ୟକ)—ଧଳା ତୁଳସୀ—Ocimum
Śukla barbari Basilicum (white variety).
ଅନ୍ୟ ସଂ. ନାମ—ଅର୍ଜକ [ବି—ଏହା କଟୁକ୍ଷ, ରୁଷ, ଲଘୁପାକ, ଅଗ୍ନିବର୍ଦ୍ଧକ, ବଦାଗ୍ନି, ରୁଚିକର ଓ ପିତ୍ତବର୍ଦ୍ଧକ ।]

ଶୁକ୍ଳ ଯଜୁଃ—ସଂ. ବି—ଯଜୁର୍ବେଦର ଅଂଶବିଶେଷ—Name of a
Śukla jajuḥ part of the Jajurbeda.
[ଦ୍ର—ଯାଜ୍ଞବଲ୍କ୍ୟ ଶବ୍ଦେ ନୋଟ ଦେଖ ।]

ଶୁକ୍ଳ ଶାରିବା—ସଂ. ବି (ବୈଦ୍ୟକ)—ଶ୍ୱେତମୂଳ ଲତା (ଶାରିବା
Śukla śāribā ଦେଖ)—Indian sarsaparilla
(creeper) Śāribā (See)

ଶୁକ୍ଳା—ସଂ. ବିଣ (ସ୍ତ୍ରୀ)—ଶୁକ୍ଳର ସ୍ତ୍ରୀଲିଙ୍ଗ—Feminine of
Śuklā Śukla. ବି—୧ । (ଶୁକ୍ଳ+ସ୍ତ୍ରୀ. ଆ)—ବାଗ୍‌ଦେବୀ; ସରସ୍ୱତୀ—1. The Goddess of learning
[ଦ୍ର—ସରସ୍ୱତୀ ଶେତାଗୋଷ୍ଠ ଓ ଶୁକ୍ଳାମ୍ବରଧରା ରୂପେ
ବର୍ଣ୍ଣିତା ।] ୨ । ଶର୍କରା; ଚିନି—2. Sugar; white
sugar. ୩ । ମିଶ୍ରି—3. Candied sugar (Apte).
୪ । ଗୌରବର୍ଣ୍ଣା ସ୍ତ୍ରୀ—4. A woman having a
white complexion (Apte). ୫ । କାକୋଲି
ଗୁଳ୍ମ—5 The Kākoli plant (Apte)

ଶୁକ୍ଳାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି)—ଶୁକ୍ଳ ଅବୟବ ବିଶିଷ୍ଟ—
Śuklānga Having white limbs. ବି—ମୟୂର—
(ଶୁକ୍ଳାପାଙ୍ଗ—ଅନ୍ୟରୂପ) Peacock (Apte).
(ଶୁକ୍ଳାଙ୍ଗୀ—ସ୍ତ୍ରୀ)

ଶୁକ୍ଳାଙ୍ଗୀ ସଂ. ବି (ବୈଦ୍ୟକ)—ଶେଫାଳିକା; ଗଙ୍ଗଶିଉଳୀ ଫୁଲ—
Śuklāngi Night jasmine.
ସଂ. ବିଣ. ସ୍ତ୍ରୀ—ଶୁକ୍ଳାଙ୍ଗର ସ୍ତ୍ରୀଲିଙ୍ଗ—Feminine of
Śuklānga.

ଶୁକ୍ଳାପାଙ୍ଗ—ସଂ. ବି (ବହୁବ୍ରୀହି; ଶୁକ୍ଳ ଅଟେ ଅପାଙ୍ଗ=ନେତ୍ରପ୍ରାନ୍ତ
Śuklāpānga ଯାହାର)—ମୟୂର—Peacock (having
the corners of the eyes white).

ଶୁକ୍ଳାଭିସାରୀ—ଦେ. ବି—ସ୍ତ୍ରୀ—(ସଂ. ଶୁକ୍ଳାଭିସାରିକା)—ନାୟିକାବିଶେଷ
Śuklabhisāri —A class of heroines in fiction
ଶୁକ୍ଲାଭିସାରୀ ଶୁକ୍ଲାଭିସାରୀ and love stories.
ଶୁକ୍ଳାଭିସାରଣୀ }—ଅନ୍ୟରୂପ [ଦ୍ର—ଏ ରମଣୀ ଶୁକ୍ଳପକ୍ଷ
ଶୁକ୍ଳାଭିସାରିକା } ରାତିରେ ଶୁକ୍ଳ ବସ୍ତ୍ର ପରିଧାନ
କରି ଶୁକ୍ଳ ପୁଷ୍ପ ମଣ୍ଡିତ ହୋଇ ସଙ୍କେତ ସ୍ଥଳକୁ ନାୟକକୁ
ଭେଟିବା ପାଇଁ ଗମନ କରେ ।] [ଦ୍ର—ବଳେଭ ଉପ
ଗୋଦାବରୀ, ତାମା ଓ ଶୁକ୍ଳ ଅଭିସାରୀ ।
ଉପେ. ବୈଦେହୀଶବିଳାସ ।]

ଶୁକ୍ଳାମ୍ବର—ସଂ. ବି—(କର୍ମଧା)—ଧଳା ଲୁଗା—
Śuklāmbara [ଶୁକ୍ଳବସ୍ତ୍ର—ଅନ୍ୟରୂପ] White cloth.
ସଂ. ବିଣ. ପୁଂ—(ବହୁବ୍ରୀହି)—ଯେ ଧଳା ଲୁଗା ପିନ୍ଧି ଥାଏ
(ଶୁକ୍ଳାମ୍ବରା—ସ୍ତ୍ରୀ. ବିଣ) Wearing white cloth.

ଶୁକ୍ଳାମ୍ବର ଧର—ସଂ. ବିଣ. ପୁଂ.—(ଉପପଦ ତତ୍ପୁରୁଷ)—ଯେ ଶୁକ୍ଳ
Śuklāmbara dhara ଲୁଗାକୁ ପିନ୍ଧି ଥାଏ (ଶୁକ୍ଳାମ୍ବର+ଧୃ ଧାତୁ
[ଶୁକ୍ଳାମ୍ବର ଧରା—ସ୍ତ୍ରୀ] =ଧାରଣ କରିବା+କର୍ତ୍ତୃ, ଅ)—
Wearing a white cloth.

ଶୁକ୍ଳାର୍କ—ସଂ. ବି—(ବୈଦ୍ୟକ)—ଧଳା ଅରଖ ଗଛ—The white
Śuklārka variety of swallowwort plant.

ଶୁକ୍ଳିମା—ସଂ. ବି—(ଶୁକ୍ଳ+ଭାବେ ଇମନ୍; ଶୁକ୍ଳିମନ୍ ଶବ୍ଦ ୧ମା. ୧ବ.)
Śuklimā ୧ । ଶୁକ୍ଳତ୍ୱ—1. Whiteness. ୨ । ଧଳା ରଙ୍ଗ
2. White colour.

ଶୁଖ୍—ଦେ. ବି—(ସଂ. ଶୁଷ୍ ଧାତୁଜ; ଶୁଷ୍କ)—ଶୁକ୍ (ଦେଖ)
Śukh শুক্নো সুখা Śuk (See)
ବିଣ—ଶୁଷ୍କ; ଶୁଖିଲା—Dry.

ଶୁଖ୍ଜା(ଦା,ଯା)ଦୁ—ଦେ. ବି—ଶୁକ୍‌ଜାଦୁ (ଦେଖ)
Śukh-jā(dā,jā)du Suk-jādu (See)
শুকনো দাদ सूखादाद्

ଶୁଖ ଠୋ ଠା (ଠୋ)—ଦେ. ବିଣ—ଶୁକ୍ ଠୋ ଠା (ଦେଖ)
Śukh ṭho ṭhā (ṭho) Śuk ṭhoṭhā (See)

ଶୁଖତଲା(ଲ)—ଦେ. ବି—ଶୁକ୍ ତଲା (ଦେଖ)
Śukh-talā (lā) Śuk-talā (See)

ଶୁଖ ଟାଣି—ଦେ. ବି—ଶୁକୁଟାଣି, ଶୁକୁଟି (ଦେଖ)
Śukh-tāni Sukutāni; sukuti [See]
[ଶୁଖଟି—ଅନ୍ୟରୂପ]

ଶୁଖ୍ ନଈ—ଦେ. ବି—ଶୁକ୍ ନଈ (ଦେଖ)
Śukh nai Śuk nai (see)

ଶୁଖ୍ ମଦରଙ୍ଗା—ଦେ. ବି—ଶୁକ୍ ମଦରଙ୍ଗା (ଦେଖ)
Śukh madarangā Śuk madarangā (See)
[ଶୁଖ୍ ମଦ୍‌ଙ୍ଗା—ଅନ୍ୟରୂପ]

ଶୁଖ୍ ଶୁଖ୍—ଦେ. ବିଣ—ଶୁକ୍ ଶୁକ୍ (ଦେଖ)
Śukh śukh Śuk śuk (See)

ଶୁଖ—ଦେ. ବିଣ—(ସଂ. ଶୁଷ୍କ; ପ୍ରା. ସୁକ୍ଖ)—ଶୁଷ୍କ; ଶୁଖିଲା—1. Dry.
Śukha শুকনো सूखा ଦେ. ବି—୧ । ଶୁଷ୍କ ସ୍ଥାନ—1. Dry
place. ୨ । ନିର୍ଜଳ ସ୍ଥାନ—2. Waterless
place. ୩ । ଜଳାଶୟ ଅବର କୂଳ ଭୂମି—3. The
bank or land near water. [ଯଥା—ଡମ୍ବିର
ପାଣିରୁ ଉଠିଅଛି ଶୁଖରେ ପଡ଼ିଛି ।]

ଶୁଖା—ଦେ. ବିଣ—୧ । (ସଂ. ଶୁଷ୍କ)—ଶୁଖିଲା—1. Dry. [ଯ—ଭ. ଶୁଖା
Śukhā শুকনো सूखा କଦଳୀ; ଜ. ଶୁଖାଭୂମି ଓଦା ଯେ ହୋଇବ
ବର୍ଷିଥିଲେ—ବ୍ରଜବିହାରୀ ଗୀତା ।] ୨ । ନିର୍ଜଳ—
2. Waterless. ୩ । ପୁଂ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ
ହେଲେ, ଯଥା—ମୁହଁଶୁଖା) ଯେ ଶୁଖାଏ—One
who causes something to dry up. ବି—
୧ । ଶୁଷ୍କ କରିବା କ୍ରିୟା—1. The act of drying
up. ୨ । ଶୁଷ୍କ ପଦାର୍ଥ—2. A dry thing. [ଯ—
ଶୁଖା ଖଡ଼ଖଡ଼ ଖଡ଼ଖଡ଼, ମିଛ ମାୟାରେ ପଡ଼ି ତୁ ନଡ଼-
ବଡ଼ ନଡ଼ବଡ଼—ଭଜନ ।]
ଦେ. କି—(ଓଡ଼ିଆ ସକର୍ମକ ଶୁଖାଇବା ଧାତୁର ଅନାଦରାର୍ଥକ
ଅନଜ୍ଞା ରୂପ)—ଶୁଖାଇବା କ୍ରିୟାର (ତୁ)କର—Impera-

ଶୁକାও सुखादो tive mood) Do cause a thing to
[ଶୁଖାଅ—ଅବଧାର୍ଥକ ରୂପ] dry up. [ଯଥା—ଏ ଧାନ-
[ଶୁଖାଇ ଦେ ଅନ୍ୟରୂପ] ତକ ନେଇ ଖରାରେ ଶୁଖା ।]

ଶୁଖା— ବି. ପୁଂ—ଅପତ୍ୟିଅଣିଙ୍କୁ ଦିଅଯିବା ନାମ—A name given to a male-child whose elder
সুখ सुखा died before he was born.
[ଶୁଖାଇ. ଶୁଖେଇ—ଅନ୍ୟରୂପ]
(ଶୁଖୀ, ଶୁଖେଇ—ସ୍ତ୍ରୀ)

ଶୁଖା(ଖେ)ଇବା—ଦେ. କ୍ରି—(ସକର୍ମକ) (ସଂ. ଶୁଷ୍ ଧାତୁଜ, ଶୁଷ୍କ)—
Śukhā(khe)ibā ୧ । ନିର୍ଜଳ କରିବା; ଖରା, ପବନ ଆଦିର
শুখান सुखाना ସାହାଯ୍ୟରେ କୌଣସି ଓଦା ପଦାର୍ଥ (ଯଥା ଲୁଗା)କୁ ଜଳଶୂନ୍ୟ କରିବା—1. To cause the water present in a thing to dry up with the help of sun's rays, wind etc. ୨ । ଜଳାଶୟ ଆଦିରୁ ଜଳାଦି ଉତ୍ତୋଳନ କରିବାଦ୍ୱାରା ଜଳାଶୟକୁ ଜଳଶୂନ୍ୟ କରିବା—2. To empty a tank or well of all the water by baling. (ଯଥା—ଗୁରୁଜଣ ମନୁଷ୍ୟ ୩ ଘଣ୍ଟାରେ ଏହି କୂଅକୁ ଶୁଖାଇ ଦେଲେ) । ୩ । (ସୂର୍ଯ୍ୟ ବା ଅଗ୍ନିର ଉତ୍ତାପରେ କୌଣସି ପଦାର୍ଥରେ ଥିବା ଜଳକୁ ବାଷ୍ପରେ ପରିଣତ କରି ଉକ୍ତ ପଦାର୍ଥକୁ ନିର୍ଜଳ କରିବା—To cause a thing to dry up by evaporation. [—ଯଥା ସୂର୍ଯ୍ୟ ପଇସାର ଜାଲ ହାଣ୍ଡିଏ ପାଣିକୁ ଶୁଖାଇ ଦେବ ।] ୪ । ଆର୍ଦ୍ର ବସ୍ତୁକୁ ନିର୍ଜଳ କରିବା ପାଇଁ ବାୟୁରେ ବା ଖରାରେ ତାହାକୁ ମେଲାଇବା—4. To spread a wet or moist thing in the air or in the sun to dry up. [ଯଥା—ଓଦା ଲୁଗାକୁ ବା ମୁଣ୍ଡବାଳକୁ ଶୁଖାଇବା] ୫ । ଢିଙ୍କିର ପାହାର ପଡ଼ୁଥିବା ବେଳେ ଢିଙ୍କି ମୁଣ୍ଡାରେ ଗଦା କରି ଯାଇଥିବା ଧାନ୍ୟ ଆଦି ପଦାର୍ଥକୁ ହାତଦ୍ୱାରା ଇତସ୍ତତଃ ସଞ୍ଚାଳିତ କରିବା ବା ଘେଞ୍ଚିବା—5. To stir up the paddy etc put in the receivung hole to be pounded by the dhinki while it is being plied. [ଉ—ଢିଙ୍କି ପଡ଼ନ୍ତି ପଶେ, ଶୁଖେଇ ଦହିଣ ଜଣେ—ନାଅ ବଅ; ୩୨ ବାନ୍ତ ୫ ୧ଛନ୍ଦ ।] ୬ । (ଲକ୍ଷଣାର୍ଥ)—ଶୀର୍ଣ୍ଣ କରିବା; ଅଲ୍ପସାର ଶୂନ୍ୟ କରିବା—6. (figurative) To cause or reduce to leanness; to emaciate. [ଉ—ବାନପ୍ରସ୍ଥେ ଲୋକେ ବଢ଼ାଇ ଦେଇ ଦାଢ଼ି, ଦେହ ଶୁଖାଅନ୍ତି ସୁଖରେ ବେଦ ପଢ଼ି । କୃଷ୍ଣସିଂ. ମହାଭାରତ । ଯଥା—୫ ଦିନ ଉପବାସ ମୋ ଦେହକୁ ଶୁଖାଇ ଦେଲାଣି ।] ୭ । ଗଛ ଆଦିକୁ ଜଳାଭାବ ବା ରୌଦ୍ରାଧିକ୍ୟଦ୍ୱାରା ଝାଉଁଳାଇବା—7. To cause to wither owing to want of watering or by suns ray's (said of trees and plants.) ୮ । (ଲକ୍ଷଣାର୍ଥ)—(ଆପଣା ମୁହଁକୁ) ବିଷଣ୍ଣ କରିବା; ବିରସ କରିବା—8. (figurative) To sadden (one's face); to cause (one's face) to be dejected. (ଉ—ଏହି ଅମ୍ଭେ ଅମୃତ ସମ୍ପତ୍ତି ଦେଖାଇ, ଯାଇ ଦେବା ତାଙ୍କର ବଦନ ଶୁଖାଇ—କୃଷ୍ଣସିଂହ ମହାଭାରତ ।) ୯ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଖାଇବାକୁ ନ ଦେବା; (ପେଟକୁ) ଖାଦ୍ୟ ଦ୍ୱାରା ପୂର୍ଣ୍ଣ ନ କରିବା; କୌଣସି ବ୍ୟକ୍ତିକୁ ଉପବାସରେ ରଖାଇବା—9. (figurative) To cause to starve by not giving food. (ଉ—ତାଙ୍କର ୪ ଦିନ ହେଲା ଖାଇବାକୁ ନ ଦେଇ ମୋତେ ଶୁଖାଇ ଦେଲେଣି ।) ୧୦ । (ଦେହ ଶବ୍ଦ ପରେ ବ୍ୟବହୃତ)—(ନବପ୍ରସୂତି) ଅଗ୍ନିସେକ ଓ ପରିମିତାହାର ଦ୍ୱାରା ଆପଣାର ରକ୍ତସ୍ରାବ ବନ୍ଦ କରିବା—10. (said of a newly confined mother) To cause the flow of blood to stop by regulating one's diet or by repeated fomentation.

ଶୁଖାନ୍(ନି)—ଦେଦେ. ବି—ସୁକାନ୍ (ଦେଖ)
Śukhān(ni) Śukān (See)

ଶୁଖା ନ(ଲ)କ(କ୍କ)ଡ଼(ଡ଼ି)—ଦେ. ବି (ହିନ୍ଦିରୁ ଅନୁକୃତ)—୧ । ଶୁଖିଲା
Śukhā na(la)ka(kka)ṛḍa(ṛḍi) କାଠ—1. A dry piece
শুকনো কাঠ of wood. ୨ । (ଲକ୍ଷଣାର୍ଥ) ଅସ୍ଥିକଙ୍କାଳବିଶିଷ୍ଟ
सूखाकाठ, सूखीलकड़ी ବ୍ୟକ୍ତି—2. (figurative) A person reduced to skeleton. ବିଣ—ଅସ୍ଥିକଙ୍କାଳମାତ୍ରାବଶିଷ୍ଟ—Reduced to skeleton.

ଶୁଖା ରୁଖା—ଦେ. ବିଣ (ସଂ. ଶୁଷ୍କ; ରୁକ୍ଷ)—ଶୁଷ୍କ ଓ ରୁକ୍ଷ; ଶୁଷ୍କ ଓ
Śukhā rukhā ଅସ୍ନିଗ୍ଧ—Dry and rough, dry
শুখা রূখা and unoiled. ଦେ. ବି—୧ । ଶୁଖିଲା ଓ ଅସ୍ନିଗ୍ଧ
सूखा रूखा ଖାଦ୍ୟ ଦ୍ରବ୍ୟ—1. Dry and unoily food; scanty and poor fare. ୨ । ଶାକାନ୍ନ—2. Simple vegetable fare

ଶୁଖୀ—ଦେ. ବି. ସ୍ତ୍ରୀ—ଅପତ୍ୟିଅଣୀ କନ୍ୟାକୁ ଦିଅଯିବା ନାମ—
Śukhī A name given to female children born; ofter the death of their elder ones.

ଶୁଖିବା—ଦେ. କ୍ରି (ଅକର୍ମକ; ସ. ଶୁଷ୍ ଧାତୁଜ ଶୁଷ୍କରୁ)—୧ । ଆର୍ଦ୍ର
Śukhibā ବା ଜଳୀୟବସ୍ତୁ) ଶୁଷ୍କ ହେବା; ନିର୍ଜଳ ହେବା—
শুকিয়েযাওয়া, শুকা[খা]ন 1. (a wet thing) to
सूखना become dry or water-less. ୨ । (ଜଳପୂର୍ଣ୍ଣ
(ଶୁଖିଯିବା—ଅନ୍ୟରୂପ) ପୁଷ୍କରିଣୀ ଆଦି) ରୌଦ୍ର ଯୋଗୁଁ ବା ଜଳ ନିଃଶେଷିତ ହେବା ଯୋଗୁଁ ଶୁଷ୍କ ହେବା—2. To dry up (said of a river or tank from which water has been drained up or has evaporated. (ଉ—ଜଳ ଶୁଖିଲେ କି କରିବ କାଅ-ଡଗ ।) ୩ । (ଓଦା ଲୁଗା ଓ ଧାନ ଆଦିରୁ ପାଣି ଶୁଖିଯିବା ପାଇଁ ତାହା) ଖରାରେ ବା ପବନରେ ମେଲା ହୋଇ ସ୍ଥାପିତ

ହେବା—3. To be spread in air or sun to be dried (said of wet cloth etc). (ଉ—ଅଘଟଣ କଥା ଶୁଣ ମାଇପେ, ଧାନ ଶୁଖୁଥିଲା ବାଣା ଠାବେ। ଇଗ।) ୪। (ଲକ୍ଷଣାର୍ଥ) (ମୁଖ) ବିଷଣ୍ଣ ବା ବିମର୍ଷ ହେବା; ମ୍ଳାନ ହେବା-4.(figurative) To look sad or dejected. (ଉ—ସ୍ୱଜନ ଶୁଷ ଜର ଧ୍ୟାନ, ଶୁଖିଲୁ ଭୂମ୍ବ ବଦନ। ଜଗନ୍ନାଥ. ସ୍ୱସବଳ।) ୫। (ଘାଆ ଅବସ୍ଥା) ପଜ ପାଣିର ସ୍ରାବ ବନ୍ଦ ହେବା—5. To dry up (said of healing sores which had been running) ୬। (ମାତୃ ସ୍ତନରୁ) ସ୍ତନ୍ୟ ଶେଷ ପାଇବା—6. To dry up (said of the mother's breast when a child is weaned) [ଉ—ଦୁଧ ଶୁଖିଲେ କ କରୁନ ମାଆ। ଇଗ।] [ଦ୍ର—ଯେଉଁଠାରେ ଯେଉଁ ପ୍ରକାର ଜଳୀୟବସ୍ତୁ ଥାଏ; ଯଥା—ପାତ୍ରରେ ଲେପ, ଦେହରେ ରକ୍ତ, ତହିଁର ଜଳୀୟାଂଶ ଶୁଷ୍କ ହେଲେ ବା କମିଗଲେ 'ଶୁଖିବା' ପଦ ବ୍ୟବହାର କରାଯାଏ। ଯଥା—ମୋ ରକ୍ତ ଶୁଖି ଯାଉଛି, ତା ଦେହରୁ ରକ୍ତ ଶୁଖି ଯାଉଛି।] ୭। (ଲକ୍ଷଣାର୍ଥ) (ଦେହ) ଶୀର୍ଣ୍ଣ ହେବା—7. (figurative) To become lean or emaciated (said of the body). ୮। ଗଛ ଆଦ ଜଳାଭାବରୁ ବା ଖରା ତେଜରେ ଶୁଖିଯିବା ବା ଝାଉଁଳି ପଡ଼ିବା —8. To wither (said of plants),

ଶୁଖିଲା—ଦେ. ବଣ (ସଂ. ଶୁଷ୍କ)—୧। ଶୁଷ୍କ—1. Dry. [ଯଥା—
Śukhilā ଶୁଖିଲା ଧାନ] ୨। ଶୁଷ୍କୀଭୂତ—2. Dried up.
ଶুকনো [ଯଥା—ଶୁଖିଲା ଲୁଗା] ୩। ନିର୍ଜଳ; ଜଳଶୂନ୍ୟ—
सूखाहुआ 3. Waterless. [ଯଥା—ଶୁଖିଲା କୂଅ] ୪। ନୀରସ; ରସଶୂନ୍ୟ—4. Juice less; sapless. [ଯଥା—ଶୁଖିଲା ଡାଳ] ୫। ସରସତା ବା ରସିକତା ଶୂନ୍ୟ—5. Devoid of wit or humour. [ଯଥା—ଶୁଖିଲା କଥା] ୬। ବିରସ; ବିଷଣ୍ଣ—6. Sad; dejected; depressed. [ଯଥା—ଶୁଖିଲା ମୁହଁ] ୭। ସ୍ନେହଶୂନ୍ୟ—7. Devoid of love or affection. [ଯଥା—ଶୁଖିଲା ବ୍ୟବହାର] ୮। ନିଷ୍ଫଳ—8. Fruitless. [ଯଥା—ଶୁଖିଲା ମିହନ୍ତ] ୯। ଯେଉଁ ଘା, ବ୍ରଣ, କାଛୁ ଆଦିରୁ ପୂଜ ବା ରସି ବହୁ ନାହିଁ [ଯଥା—ଶୁଖିଲା କୁଣ୍ଡିଆ]—9. (a sore itches) Which is not running; having no pus. ୧୦। (ନବ ପ୍ରସୂତିର ଦେହ) ଯହିଁରୁ ପ୍ରସବାନ୍ତେ ରକ୍ତ ଓ ଜଳାଦିର କ୍ଷରଣ ବନ୍ଦ ହୋଇଅଛି—10. (The body of a recently confined woman) From which the flow of blood et c has ceased. ୧୧। (ଲକ୍ଷଣାର୍ଥ) ଆନ୍ତରିକତାଶୂନ୍ୟ [ଯଥା—ଶୁଖିଲା ବଚନ]—11. (figurative) Insincere. ୧୨। ଅତି ଶୀର୍ଣ—12. Very emaciated [ଯଥା—ଶୁଖିଲା ଦେହ] ୧୩। ଅଶ୍ରୁଶୂନ୍ୟ—13. Tearless. [ଯଥା—ଶୁଖିଲା ଆଖି] ୧୪। ରୁକ୍ଷ; ଲୁକ୍ଷ; ଅସ୍ନିଗ୍ଧ—14. Unoiled. [ଯଥା—ଶୁଖିଲା ଦେହ] ୧୫। ଜଳ ମିଶାଯାଇ ନ ଥିବା; ଅନାର୍ଦ୍ର—15.Not mixed with water;not wet. ୧୬। ଅଭୁକ୍ତ; ଭୋଜନାକାଙ୍କ୍ଷୀ—16. Hungry; empty (stomach). [ଯଥା—ଶୁଖିଲା ପେଟ] ବ—୧। ଶୁଷ୍କ ସ୍ଥାନ—1. Dry place. ୨। ସ୍ଥଳଭାଗ—2. Land.

ଶୁଖିଲା କଥା—୧। ରସିକତାଶୂନ୍ୟ ବାକ୍ୟ—1. Words devoid
Śukhilā kathā of wit and humour. ୨। ନିଷ୍ଫଳ
শুকনো কথা କଥା; ମୂଲ୍ୟଶୂନ୍ୟ କଥା—2. Worthless
सूखीबात matter; fruitless matter. ୩। ସ୍ନେହଶୂନ୍ୟ ବଚନ—3. Words devoid of love or affection.

ଶୁଖିଲା କାଠରୁ ବୋହୁଛି ପାଣି } —ଦେ.[ଗାଁଅ କଥା] ପ୍ରହେଳିକା]—
ଚେମିଣି ଚଢ଼େଇ ଧରିଛି ଟାଣି } ତେଲି ଘଣା—A riddle mean-
Śukhilā kaṭharu bohuchhi pāṇi ing—Oilman's
Chemiṇi chaḍhei dharichhi ṭāṇi oilmill.
[ଦ୍ର—ଏଥିର ପୂର୍ଣ୍ଣ ବାକ୍ୟ
ବୈଁ କରଟ, ଘୋଇସି ଉପରେ କରୁଛି ନାଟ
ଶୁଖିଲା କାଠରୁ ବୋହୁଛି ପାଣି,
ଚେମିଣି[ଚୁଢ଼ିଆ] ଚଢ଼େଇ ଧରିଛି ଟାଣି।]

ଶୁଖିଲା କାନ୍ଦ—ଦେ. ବ—କପଟ କ୍ରନ୍ଦନ; ଯେଉଁ କାନ୍ଦରେ ଆଖିରୁ ଲୁହ
Śukhilā kānda ଗଡ଼େ ନାହିଁ; ଅନ୍ୟକୁ ଦେଖାଇବା
(ଶୁଖିଲା କାନ୍ଦଣା—ଅନ୍ୟରୂପ) ପାଇଁ କରାଯିବା କାନ୍ଦଣା—
শুকনো কান্দণা सूखारोना The shedding of crocodile tears; stimulated weeping. (ଉ—ବଦନେ ମଧୁର ହସିତ ଶୁଖିଲା କାନ୍ଦ—କବିସୂର୍ଯ୍ୟ. ସଙ୍ଗୀତ।)

ଶୁଖିଲା କୁଣ୍ଡିଆ—ଦେ. ବ—ଦେହରେ ଫାଟ ଯାଇଥିବା ଚର୍ମରୋଗ-
Śukhilā kuṇḍiā ବିଶେଷ, ଯହିଁରୁ କାଛୁ ପରି ପୂଜ ବା
শুকনোচুলকুনি सूखीफुनसी ପାଣି ବହେ ନାହିଁ—Dry itches; scabies; scurvy.

ଶୁଖିଲାଖାଇ—ଦେ. ବଣ. ସ୍ତ୍ରୀ—ଡାହାଣୀ ବିଶେଷ—A class of
Śukhilā khāi witches. [ଦ୍ର—ଏମାନେ ଶୁଖିଲା ବସ୍ତୁ ଓ ମାଂସ ଖାଆନ୍ତି।]

ଶୁଖିଲା ଜା(ଦା)ଦୁ—ଦେ. ବ—ଶୁକ୍ ଜାଦୁ (ଦେଖ)
Śukhilā jā(dā)du Suk-jādu (See).

ଶୁଖିଲା ନଈ-ଦେ. ବ—ଯେଉଁ ନଦୀର ଗର୍ଭରୁ ଜଳ ଶୁଖି ଯାଇଅଛି—
Śukhilā nai A dried up river.
শুকনো নদী सूखी नदी

ଶୁଖିଲା ନଡ଼ିଆ—ଦେ. ବ—ପକ୍ୱ ହେବା ପରେ ଯେଉଁ ନଡ଼ିଆର ଜଳ
Śukhilā naḍiā ଶୁଖି ଯାଇଥାଏ—Ripe cocoanut

শুকনো নারিকেল सुखानारियल whose rind has become dry.

ଶୁଖିଲା ପାକ(କେ,ଚି,ଚେ)ଲା—ଦେ. ବଣ (ଅର୍ଥସ୍ଥଳ ବ୍ରିଗୟ ସକ୍ଷରର ଶକ)—ଶୁଷ୍କ—Dry.
Śukhilā pāka(ke,chi,che)lā
শুকনো सूखातुम्बा (ଦ୍ର—ଖଗ୍ରବନେ ମଫସଲର ଘନ୍ଷର ବଲ ବାଠ ସବୁ ଶୁଖିଲା ପାଚଲା ହୋଇଥାଏ ।)

ଶୁଖିଲା ପେଟ—ଦେ. ବ—ଯେଉଁ ଉଦରରେ ଖାଦ୍ୟ ପଡ଼ିନାହିଁ; ଖାଦ୍ୟ ଶୂନ୍ୟ ଉଦର; କ୍ଷୁଧିତ ଉଦର—An empty stomach; a hungry stomach.
Śukhilā peṭa
শুকনোপেট सूखापेट, खालिपेट

ଶୁଖିଲା ମୁହଁ—ଦେ. ବ—୧। ବିମର୍ଷବଦନ, ବିରସମୁଖ—1 Dejected countenance; sad face.
Śukhilā muhañ
শুকনোমুখ सुखामुहँ ୨। ମଳିନ ମୁଖ—2. Pale face.
୩। ଶଯ୍ୟାରୁ ଉଠି ଧୁଆ ହୋଇ ନ ଥିବା ମୁଖ—3. Face which has not been washed after a person has got up from bed or sleep.

ଶୁଖିଲାମୁହାଁ—ଦେ. ବଣ. ପୁଂ—ବିରସବଦନବିଶିଷ୍ଟ—Sad-faced; pale-faced.
Śukhilāmuhāñ
(ଶୁଖିଲାମୁହିଁ—ସ୍ତ୍ରୀ) শুকনোমুখো सुखामुहाँ

ଶୁଖିଲା ରୁଖିଲା—ଦେ. ବଣ. ଓ ବ—(ସ. ଶୁଷ୍କ ଓ ରୁକ୍ଷ)—ଶୁଖା ରୁଖା (ଦେଖ)—Śukhā rukhā (See)
Śukhilā rukhilā

ଶୁଖିଲାରେ—ଦେ. କ୍ରି. ବଣ—ବୃଥା—In vain.
Śukhilāre বৃথায় नाहक
ନିଷ୍ଫଳ ଭାବରେ—Fruitlessly.

ଶୁଖିଲାରେ ନାଆ(ହା) ଚଳା(ଳେ)ଇବା ନ୍ୟାୟ—ଦେ. ପ୍ରବଚନ—ବିନା ଜଳ ଶୁକନୋଡାঙ্গা (নৌকো) চালান ধনରେ ବଂଚିବାକୁ ଚେଷ୍ଟା କରିବା ଓ सूखेमे नाव चलाना କୌଶଳ ଅବଲମ୍ବନ ପୂର୍ବକ ଜୀବନ ନିର୍ବାହ କରିବା; ବିନା ପୁଞ୍ଜିରେ ବ୍ୟବସାୟ କରିବା—(A proverb meaning) To live on one's wits (literally; to ply a boat on dry land).
Śukhilāre nā-ā(hā) chaḷā(ḷe)ibā nyāya

ଶୁଖିଲାରେ ଫାଳ ଘାଅ (ତଣ୍ଡ)—ଦେ. ପ୍ରବଚନ—ବିନା କାରଣରେ କୌଣସି ଅଂଶ କଷ୍ଟ ବୃଥায় বিপত্তি, শুকনো বিপদ ପାଇ ଗଲେ ହେବା (ବିନା ଦୋଷରେ सूखी विपद ଦଣ୍ଡ ବା କଷ୍ଟଭୋଗ କରିବା ସ୍ଥଳରେ ଏ ବଚନ ପ୍ରୟୋଗ କରାଯାଏ)—A proverb used when a person undergoes suffering which he has not merited.
Śukhilāre phāḷa ghā-ā (taṇḍa)

ଶୁଖିଲା ସି(ସେ)ନ(ନେ)ହ—ଗ୍ରା. ବ—ଅନ୍ତରହୀନତାସୂଚକ ବା ବାହ୍ୟସ୍ନେହ—Outward love; outward show of love; semblance of affection.
Śukhilā si(se)ni(ne)ha
শুকনো সেহ सूखा प्यार

ଶୁଖିଲା ସୁଆ(ହା)ଗ—ଦେ. ବ—ଅନ୍ତରହୀନତାସୂଚକ ବାହ୍ୟ ସ୍ନେହ—Outward fondling without actual love or affection; show of fondness.
Śukhilā suā(hā)ga
শুকনো আদর सूखा आदर

ଶୁଖୀ—ଦେ. ବ. ସ୍ତ୍ରୀ—ଶୁଖା (ଦେଖ)
Śukhī Śukhā (See)

ଶୁଖୁଆ—ଦେ. ବ—(ସ. ଶୁଷ୍କ ମତ୍ସ୍ୟ)—୧। ମାଛକୁ ଖରାରେ ଶୁଖାଇ ଓ ସ୍ଥଳ ବିଶେଷରେ ସେଥିରେ ଲୁଣ ମଖାଇ ଖାଦ୍ୟ ରୂପେ ବ୍ୟବହାର କରିବା ପାଇଁ ରଖା ଯିବା ମାଛ—1. Fish dried and preserved with salt; salted and dried fish. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ବଳକର, ରୁଚ୍ୟ ଓ ମଳବନ୍ଧକାରକ। ଆମ ଦେଶରେ ନାନା ପ୍ରକାରରେ ମାଛକୁ ଶୁଖାଇ ଓ ବଡ଼ ମାଛକୁ ଚିରି ଚିରି ମଝିରେ ଲୁଣ ଦେଇ ଶୁଖୁଆ ପ୍ରସ୍ତୁତ କରାଯାଏ। ଏହାକୁ ଭଜା ବା ଝୋଳ କରି ଖାଆନ୍ତି। ବଡ଼ ମାଛର ମଞ୍ଜିକୁ ମଧ୍ୟ ଶୁଖାଇ ମଞ୍ଜି ଶୁଖୁଆ କରନ୍ତି। ଖାଣ୍ଡିଅଁଳା (ମାର୍ଗଶିର ମାସ ଶୁକ୍ଳ ନବମୀ) ଦିନ ସନ୍ଧ୍ୟାବେଳେ ଖାଣ୍ଡି ଓ ଶୁଖୁଆ ଭଜା ସ୍ତ୍ରୀଲୋକମାନେ ଦେବତା ବିଶେଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି। ଓଡ଼ିଶାରେ ଶୁଖୁଆକୁ ବ୍ରାହ୍ମଣ ଓ ବିଧବାମାନେ ଖାଆନ୍ତି ନାହିଁ। କିନ୍ତୁ ଅନ୍ୟ ବ୍ରାହ୍ମଣୀ ଓ ଅବନ୍ଧୁଆ ଝିଅମାନେ ଖାଆନ୍ତି। ଚିଙ୍ଗୁଡ଼ି ମାଛକୁ ଓ ଚୁନ୍ଦୁଡ଼ିକୁ କେବଳ ଖରାରେ ଶୁଖାଇ ଶୁଖୁଆ କରା ଯାଏ। ବଡ଼ମାଛର ପିଠି ୨ ଫାଳ କରି ଚିରି ତା ମଧ୍ୟରୁ ଅନ୍ତ୍ର ବାହାର କରି ସେଥିରେ ଲୁଣ ଦେଇ ଶୁଖାଇ ଶୁଖୁଆ କରା ଯାଏ। ଅନେକ ପ୍ରକାର ଶୁଖୁଆ ଅଛି—ଯଥା—ଚୋରାଲି ଶୁଖୁଆ, ଚିଙ୍ଗୁଡ଼ି ଶୁଖୁଆ, ଚାଉଁଣ୍ଡା ଶୁଖୁଆ, ବଡ଼ ଶୁଖୁଆ, ପିଠା ଶୁଖୁଆ, ଦେଶୀଣ୍ଡ ଶୁଖୁଆ।] ୨। ବିଶେଷଭାବରେ ଶୁଷ୍କ କମ୍ପା ଶୀର୍ଣ୍ଣ ହୋଇଥିବା ପଦାର୍ଥ—2. Any shrivelled or dried up thing. [ଦ୍ର—ଅମୃତସୁଡ଼ାକ ଖରାରେ ପଡ଼ି ପଡ଼ି ଶୁଖୁଆ ହୋଇ ଗଲାଣି।]
Śukhuā
শুকটীমাছ सूखी मछली

ଶୁଖୁଆ କଣ୍ଟା—ଦେ. ବ—୧। ଶୁଖୁଆ ଉପରେ ଥିବା କଣ୍ଟା—1. The bones of Śukhuā. ୨। (ଲକ୍ଷଣାର୍ଥେ) ଖୁବ୍ ମୁନିଆ ପଦାର୍ଥ—2. (figurative) A pointed article. [ଦ୍ର—ତୋ ଅଣ୍ଟିରେ ଶୁଖୁଆ କଣ୍ଟା ଚେଞ୍ଚି ହୋଇଛି ସଟ।] ୩। ଅତି ଶୀର୍ଣ୍ଣ ବସ୍ତୁ—3. Very emaciated and shrivelled up thing.
Śukhuā kanṭā
শুকটী মাছের কাঁটা सूखी मछलीका काँटा

ଶୁଖୁଆ ଖିଆ—ଦେ. ବ. ପୁଂ ଗାଳି ବିଶେଷ
Śukhuā khiā A term of abuse (literally an eater of Śukhuā).
শুকটীমাছ খেগো सूखीमछलीखानेवाला
(ଶୁଖୁଆଖାଇ—ସ୍ତ୍ରୀ)

ଶୁଖୁଆ ଚଟ(ଟୁ)ଣି—ଦେ. ବ—ଶୁଖୁଆକୁ ଭଜି କମ୍ପା ପୋଡ଼ି ଚଟଣିରେ ଭାଙ୍ଗି ବାଟି ଯେଉଁ ଚଟଣି କରାଯାଏ—Salad or sauce prepared by
Śukhuā chaṭa(ṭu)ṇi
শুকটী মাছের চাটনী

सूखी मछलीकी चटनी pounding fried or baked salted fish into jelly.

ଶୁଖୁଆ ପୋଡ଼ା—ଦେ. ବ—୧ । ପୋଡ଼ା ହୋଇଥିବା ଶୁଖୁଆ—Sukhuā pordā 1. Baked Sukhuā. ୨ । (ଲକ୍ଷଣାର୍ଥ) শুকা পোড়া କୌଣସି ସାନ କର୍ମ—2. (figurative) Some जलीहुइ सूखीमछली mean act. [ଦ୍ର—ବାର ବରଷର ତପ ଶୁଖୁଆ ପୋଡ଼ାରେ ଗଲା ।]

ଶୁଗି(ଘି)ବା—ଦେ. କ୍ରି—(ସଂ. ଶ୍ରୁ ଧାତୁ)—ଶ୍ରୁତ ହେବା; ଶୁଭିବା—Sugi(ghi)bā To be heard. শুনা যাওয়া सुना जाना

ଶୁଗୁଡ଼ା(ଡ଼ି)—ଦେ. ବ—ଗୋଟା ବାଉଁଶ କଣିରେ ବୁଣା ଯାଇଥିବା Sugurdā(rdi) ଚୋକେଇ—Basket made of whole टोकरी bamboo twigs.

ଶୁଙ୍କ—ଦେ. ବ (ସ. ଶୁଙ୍ଗ)—ବାଳୁଙ୍ଗା ଧାନ, ଯବ, ଗହମ ଅଗରୁ Sunka ବାହାରିଥିବା ଶୁଙ୍କ—The awn or beard of শুং सूंग barley, wheat and other grains.

ଶୁଙ୍ଗ—ସ. ବ (ଗମ୍ ଧାତୁ=ଗମନ କରିବା+ଗ. ନିପାତନ)—୧ । ବଟ Sunga ବୃକ୍ଷ—1. Banyan tree. ୨ । ଅମ୍ବଡ଼ା ଗଛ—2. Hog plum tree. ଦେ. ବ (ସ. ଶୁଙ୍ଗ ବା ଶୂକ) ବାଳୁଙ୍ଗା ଧାନ, ଯବ ବା ଗହମରୁ ବାହାରିବା ଶୁଙ୍ଗ; ଧାନ୍ୟ ଯବାଦିର ଶୁଙ୍କ—The awn or beard of wheat, শুং मूंग barley or wild paddy.

ଶୁଙ୍ଗା—ସଂ. ବ (ଶୁଙ୍ଗ+ଆ) ଶୁକ ବା ଶୁଙ୍ଗ ଲୋମ)—Sharp Sungā pointed fur or wool of caterpillars.

(ଶୁଙ୍ଗୀ—ସ୍ତ୍ରୀ) ଦେ. ବ (ସ. ଶିଙ୍ଘ୍ ଧାତୁ=ଆଘ୍ରାଣ କରିବାରୁ)—শুংকা ଆଘ୍ରାଣ—Smelling. (ଦ୍ର—ନାସ ଶୁଙ୍ଗା) ବଣ—सूघा (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ)—ଯେ ଶୁଙ୍ଘେ—-Smelling. (ଦ୍ର—ଯୋକଶୁଙ୍ଗା; ଚୋରାଶୁଙ୍ଗା ।)

ଶୁଙ୍ଗା(ଙ୍ଘା)ଇବା—ଦେ. କ୍ରି (ସ. ଶିଂଘ୍ ଧାତୁ. ଶୁଂଘିବାର ପ୍ରଯୋଜକ Sungā(ngha)ibā ରୂପ)—ଅନ୍ୟ ବ୍ୟକ୍ତିକୁ ଆଘ୍ରାଣ (ଶୁଙ୍ଘେଇବା—ଅନ୍ୟରୂପ) କରାଇବା—To cause another to শোঁকান सूंघाना smell.

ଶୁଙ୍ଗି(ଙ୍ଘି)ବା—ଦେ. କ୍ରି (ସ. ଶିଂଘ୍ ଧାତୁ)—୧ । ଆଘ୍ରାଣ କରିବା—Sungi(nghi)bā 1. To smell; to scent. [ଦ୍ର—ତାହା শুকা ଦେଖି କୁନ୍ତୀ ପୁତ୍ରକୁ କୋଳ କରି ମସ୍ତକକୁ ଶୁଙ୍ଘିଲେ ଅତି सूँघना ସ୍ନେହ କରି ।] ୨ । [ଲକ୍ଷଣାର୍ଥ] ସାମାନ୍ୟ ମାତ୍ର ବା ନାମ ମାତ୍ର ଖାଦ୍ୟ ଆହାର କରିବା—2. (figurative) To eat anything in such a small quantity that it can be called smelling rather than eating.

ଶୁଙ୍ଘ—ଦେ. ବ (ସ. ଶୁଙ୍ଗ)—ଶୁଙ୍ଗ ଦେ. ବ. (ଦେଖ) Sungh Sunga. (See) শুং सूंग

ଶୁଚ୍ (ଧାତୁ)—ସ—୧ । ନିର୍ମଳ ହେବା; ପବିତ୍ର ହେବା—1. To be Such (root) cleared; to be purified. ୨ । ଶୋକ କରିବା—2. To grieve; to lament.

ଶୁଚ୍—ସ. ବ (ସ୍ତ୍ରୀ) (ଶୁଚ୍ ଧାତୁ+ଭାବ. କ୍ୱିପ୍—୧ । ଶୋକ—Such I. Lamentation. ୨ । ମନସ୍ତାପ—2. Grief; sorrow. ୩ । ପଶ୍ଚାତ୍ତାପ; ଅନୁଶୋଚନା—3. Repentance; regret.

ଶୁଚନା—ଗ୍ରା. ବ (ସଂ. ଶୋଚନା)—ଶୋଚନା (ଦେଖ) Suchanā Sochanā. (See) सोचना

ଶୁଚା—ସଂ. ବ. ସ୍ତ୍ରୀ (ଶୁଚ୍ ଧାତୁ+ଭାବ. କ୍ୱିପ୍+ସ୍ତ୍ରୀ. ଆ)—ଶୋକ; Suchā ମନସ୍ତାପ—Lamentation; sorrow.

ଶୁଚି—ସ. ବଣ (ଶୁଚ୍ ଧାତୁ=ନିର୍ମଳ ହେବା+କର୍ତ୍ତୃ. ଇ)—୧ । ପବିତ୍ର; Suchi ଶୁଦ୍ଧ—1. Pure; holy. ୨ । ନିର୍ମଳ—(ଶୁଚିତ, ଶୁଚିତା ଶୌଚ—ବ) 2. Clean; clear. ୩ । ନିର୍ଦ୍ଦୋଷ—3. Faultless; blameless. ୪ । ଅନୁପହତ; ଅକ୍ଷତ—4. Unhurt. ୫ । ଉଜ୍ଜ୍ୱଳ—5. Bright. ୬ । ଅନୁକୂଳ—6. Favourable. ୭ । ଶୁକ୍ଳ; ଧଳା—7. White. ସଂ ବ. ୧ । ଶୁଦ୍ଧତା; ପବିତ୍ରତା—1. Purity; holiness. ୨ । ନିର୍ମଳତା—2. Cleanness; clearness; lucidity. ୩ । ନିର୍ଦ୍ଦୋଷତା—3. Faultlessness. ୪ । ଶ୍ୱେତ ବର୍ଣ୍ଣ; ଶୁକ୍ଳ ବର୍ଣ୍ଣ—4. White colour. ୫ । ଶୁକ୍ଳତା—5. Whiteness. ୬ । ସଦାଚାର—6 Good; or approved conduct.. ୭ । ସୂର୍ଯ୍ୟ—7. The sun. ୮ । ଅଗ୍ନି—8. Fire. ୯ । ଚନ୍ଦ୍ର—9. The moon. ୧୦ । ବୃହସ୍ପତି—10. The Jupiter. ୧୧ ମହାଦେବ—11. The god Siva. ୧୨ । ବ୍ରାହ୍ମଣ—12. A Brahmin. ୧୩ । ଗ୍ରୀଷ୍ମକାଳ—13. The summer. ୧୪ । ଜ୍ୟେଷ୍ଠ ଓ ଆଷାଢ ମାସ—14. The months of Jyeshtha and Ashārdha. ୧୫ । ଅନ୍ନପ୍ରାଶନକାଳୀନ ହୋମ—15. An offering to fire done on the occasion of a child's taking boiled rice for the first time. ୧୬ । ଶୃଙ୍ଗାର ରସ—16. Love; amorous passion; erotic sentiment. ୧୭ । ସୌରାଗ୍ନି (ପ୍ରକୃତିବାଦ)—17. Fire obtained from the sun's rays. ୧୮ । (ନାମ, ସ୍ତ୍ରୀ)—କଶ୍ୟପ ଋଷିଙ୍କ ପତ୍ନୀ-18. The name of the wife of sage Kasyapa.

ଶୁଚିତା(ତ୍ୱ)—ସଂ. ବ (ଶୁଚି+ଭାବ. ତା, ତ୍ୱ)—୧ । ପବିତ୍ରତା—Suchitā(twa) 1. Purity. ୨ । ନିର୍ମଳତା—2. Clearness. ୩ । ନିର୍ଦ୍ଦୋଷତା—3. Faultlessness.

ଶୁଚି ଦ୍ରୁମ—ସଂ. ବି (କର୍ମଧା)—ଅଶ୍ୱତ୍ଥ ଗଛ—
Śuchi druma The sacred Fig tree.

ଶୁଚି ପ୍ରାଣୀ—ସଂ. ବି (ଶୁଚି=ଶୁଦ୍ଧକରିବା+ପ୍ରାଣୀ=ସମ୍ପାଦନ)—
Śuchi prani ଆଚମନ; ଅଶୌଚକ୍ଷୟ—Purificatory washing of the mouth.

ଶୁଚିବନ୍ତ—ଦେ. ବିଣ (ସଂ. ଶୁଚି+ବନ୍ତ)—ପବିତ୍ର; ଶୁଦ୍ଧଚିତ୍ତ—Neat
Śuchibanta and clean. [ଦ୍ର—ହରଲ ଶାମନ୍ତ
শুচিমন্ত शुचिवाला ଯେନ ଶୁଚିବନ୍ତ ହୋଇ ହୋମ କରି ବସିଲେ—ଭଗବତରାମାୟଣ ।]

ଶୁଚିବା—ଦେ. କ୍ରି—୧ । ସୁଚିବା (ଦେଖ)—1. Śuchibā (See)
Śuchibā ୨ । (ଶୁଚ୍ ଧାତୁଜ)—ଶୋଚନା କରିବା (ଦେଖ)
শোচনা করা सोच करना 2. Śochanā karibā- (See)

ଶୁଚି ବାଇ—ଦେ. ବି—୧ । ଶାରୀରିକ ପବିତ୍ରତା ରକ୍ଷାକରିବା ନିମନ୍ତେ
Śuchi bāi ଦୃଢ଼ବ୍ରତ—1. A craze to remain
শুচিবাই, শুচিবাতিক नेमटेमिया pure in body; great nicity in remaining immaculate in body. ୨ । ଏକପ୍ରକାର ପାଗଳାମି ବା ବାତୁଳତା—2. A kind of insanity in which the patient fears that he is polluted and goes on washing and cleansing his body. [ଦ୍ର—ଏଥିରେ ରୋଗୀ ମନରେ ସବୁବେଳେ ଏହି ଧାରଣା ହୁଏ ଯେ ସେ ଅନ୍ୟ ଲୋକର ବା ବସ୍ତୁର ସ୍ପର୍ଶଦ୍ୱାରା ଅଶୁଚି ହୋଇ ଯାଉଅଛି ଓ ଏଥିପାଇଁ କାହାକୁ ଛୁଏଁ ନାହିଁ ଓ ସବୁବେଳେ ଦେହ ହାତ ଧୋଉଥାଏ ଓ ସ୍ନାନ କରୁଥାଏ ।) ବିଣ (ସ୍ତ୍ରୀ ଓ ପୁଂ) ୧ ।
শুচিবাই नेमटेमवाला ଶୁଚିତା ରକ୍ଷା ନିମନ୍ତେ ପାଗଳପ୍ରାୟ; ନଅଁନୀ—1. One who always tries to observe purity; excessively observant of keeping one's body ceremonially pure. ଦ୍ର—ଆମ୍ଭମାନଙ୍କ ମଧ୍ୟରେ ଏପରି ଲୋକ ଦେଖାଯାଆନ୍ତି ଯେଉଁମାନେ ଶୁଚିତା ବିଶେଷତଃ ଦୈହିକ ଶୁଚିତା ରକ୍ଷା କରିବା ପାଇଁ ପାଗଳପ୍ରାୟ ହୋଇଥାଆନ୍ତି । କାଳେ କେଉଁ ସ୍ଥାନରେ କିଏ ଛେପ ପକାଇଥିବ, କାଳେ କୌଣସି ବସ୍ତୁକୁ କୌଣସି ଅସ୍ପୃଶ୍ୟ ବ୍ୟକ୍ତି ଛୁଇଁ ପକାଇଥିବ, କାଳେ ବାଟରେ ଯିବାବେଳେ ମଇଳା ଉପରେ ବା ଖପର ଉପରେ ଗୋଡ଼ ପଡ଼ିଯିବ ଏହି ଚିନ୍ତାରେ ସେମାନେ ସର୍ବଦା ବାୟୁଗ୍ରସ୍ତ । ସେମାନେ ବାହାରେ ଟିକିଏ ଗଲେ କେଣୁ ଘେର ଘରେ ପଶିବା ପୂର୍ବରୁ ସ୍ନାନ କରନ୍ତି । ଅନ୍ୟ ବ୍ୟକ୍ତିକୁ ଛୁଇଁଲେ ସ୍ନାନ କରନ୍ତି । ଏହିପରି ଅତିରିକ୍ତ ପରିମାଣରେ ଶୁଚିତା ରକ୍ଷା କରିବାରେ ସର୍ବଦା ବ୍ୟସ୍ତ ଥାଆନ୍ତି ଏହିଭଳି ସ୍ତ୍ରୀମାନଙ୍କ "ନଅଁନୀ ନାନୀ" ବୋଲି ଅନ୍ୟମାନେ ଡାକନ୍ତି ଓ ବ୍ୟଙ୍ଗ କରନ୍ତି ।) ୨ । ଶୁଚିବାୟା (ଦେଖ)—2. Śuchi bāyā (See)

ଶୁଚି ବାୟା—ଦେ. ବି ଓ ବିଣ (ପୁଂ)—ଶୁଚିବାଇ ପାଗଳାମି ରୋଗଗ୍ରସ୍ତ
Śuchi bāyā ବ୍ୟକ୍ତି—A person who is suffer-
শুচিবাতিকবালা नेमटेम ing from a craze or
(ଶୁଚିବାଇ—ସ୍ତ୍ରୀ) madness that he is being polluted every moment and so washes and cleans himself constantly.

ଶୁଚିମନ୍ତ—ଦେ. ବିଣ—ପବିତ୍ର; ଶୁଦ୍ଧଚିତ୍ତ—Neat and clean;
Śuchimanta শুচিমন্ত शुचिवाला santified.
[ଦ୍ର—ଶୁଚିମନ୍ତ ହୋଇ ନଗରୁ ବାହା ଦେବୀ ପାଶେ ଯାଇଁ ମିଳେ । ବିଚିତ୍ରରାମାୟଣ ।]

ଶୁଚି ଶ୍ରବାଃ—ସଂ. ବି—(ବହୁବ୍ରୀହି; ଶୁଚି ହୋଇଅଛି ଶ୍ରବସ୍=ଶ୍ରବଣ
Śuchi śrabāḥ ଯାହାଙ୍କର, ଶୁଚିଶ୍ରବସ୍ ପଦର ୧ମା. ୧ବ)—
୧ । ଶ୍ରୀକୃଷ୍ଣ—1. Śrikrushṇa. ୨ । ବିଷ୍ଣୁ—
2. Bishṇu. [ଦ୍ର—ମହାଭାରତରେ ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି ଯେ ଆମ୍ଭେ ପାପ ସ୍ପର୍ଶ ନ କରି ସର୍ବଦା ପବିତ୍ର ବାକ୍ୟମାନ ଶ୍ରବଣ କରୁ ବୋଲି ଆମ୍ଭ ନାମ "ଶୁଚି ଶ୍ରବାଃ" ହୋଇଅଛି ।]

ଶୁଚି ସ୍ମିତ—ସଂ. ବିଣ. ପୁଂ—(ବହୁବ୍ରୀହି=ଶୁଚି=ପବିତ୍ର ଅଟେ ସ୍ମିତ=
Śuchi smita ହାସ୍ୟ ଯାହାର)—ବିଶୁଦ୍ଧ ହାସ୍ୟଯୁକ୍ତ ବ୍ୟକ୍ତି—
[ଶୁଚିସ୍ମିତା—ସ୍ତ୍ରୀ] (a person) Having pure smile; smiling on pure occasions.

ଶୁଛନ୍—ପ୍ରାଦେ. (ସମ୍ବଲପୁର)—କ୍ରି.—(ସେ ବା ସେମାନେ) ଶୋଇ
Śuchhan ଅଛନ୍ତି—(He) Is sleeping; (they) Are sleeping.

ଶୁଜ୍(ଜ)—ଦେ. ବି—ଶୁଝ୍ (ଦେଖ)
Śuj(ja) Śujh (See)

ଶୁଜଠ—ଶୁଝୋଟ (ଦେଖ)
Śujaṭa Śujhoṭa (See)

ଶୁଜା—ଦେ. ବି—୧ । ଶୁଝା (ଦେଖ)
Śujā পীন सघाना 1. Śujhā (See)
୨ । (ସଂ. ସୂଚୀ)—ଇଂରେଜ ମାପରେ ବ୍ୟବହାର ହେଉଥିବା ଚେନ ମୁଣ୍ଡରେ ପୋତା ଯିବା ଲୁହା ଖଣ୍ଡା—2. Iron pins put at the end of measurement by chains. ୩ । ମୁସଲମାନଙ୍କ ନାମ—
সুজা सुजा 3. Name of Mahomedans.
୪ । (ନାମ) ମୋଗଲ ସମ୍ରାଟ ସାହାଜାହାନଙ୍କ ୨ୟ ପୁତ୍ର—4. The 2nd son of Sahajahan, the Mogul Emperor. [ଦ୍ର—ଏ ହସ୍ତୀଶ୍ୱର ସାହାଜାହାନଙ୍କ ୨ୟ ପୁତ୍ର । ଏ ସମରକୁଶଳ ଥିଲେ, କିନ୍ତୁ ଅମିତାଚାର ହୋଇ ନିସ୍ତେଜ ହୋଇ ପଡ଼ିଲେ । ସାହାଜାହାନ ଏହାଙ୍କୁ ବଙ୍ଗ ବିହାର ଓ ଓଡ଼ିଶାର ଶାସନକର୍ତ୍ତା (ସୁବାଦାର) ନିଯୁକ୍ତ କରିଥିଲେ ଓ ଏ ୨୦ବର୍ଷ କାଳ ଭକ୍ତି କାର୍ଯ୍ୟ ଚଳାଇଥିଲେ । ଏ ଢାକାରୁ ରାଜମହଲକୁ ବଙ୍ଗର ରାଜଧାନୀ ଉଠାଇ ନେଇଥିଲେ । ଏହାଙ୍କ ଶାସନକାଳରେ ଇଂରେଜ ବାଣିଜ୍ୟନ

ନାମକ ଜଣେ ଜଣେ ଇଂରାଜ ଡାକ୍ତର ଚକସା ନୈପୁଣ୍ୟରେ ଏହାଙ୍କର ପ୍ରୀତିପାତ୍ର ହୋଇଥିଲେ । ତାହାଙ୍କ ଯୋଗୁହିଁ ଇଂରାଜମାନେ ବାଣିଜ୍ୟ କରିବା ପାଇଁ ପ୍ରଥମେ କୁଗଲ, ପରେ ଢାକା ଓ କାସିମବଜାରରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ । ସାହାଜାହାନ ରୋଗଗ୍ରସ୍ତ ହେବାରୁ ଅଉରଙ୍ଗଜୀବ ପିତାଙ୍କୁ ବନ୍ଦୀ କରିଥିବାର ଶୁଣି ସୁଜା ସୈନ୍ୟସହ ବଙ୍ଗାଳିଆଡ଼ୁ ଅଗ୍ରସର ହୋଇ ଦାରାଙ୍କଦ୍ୱାରା ବନାରସରେ ପରାସ୍ତ ହେଲେ । ଅଉରଙ୍ଗଜୀବ ସିଂହାସନ ଅଧିକାର କରିବାର ଶୁଣି ପୁଣି ସୁଜା ସୈନ୍ୟ ସହ ଅଗ୍ରସର ହେଲେ । ପ୍ରୟାଗ ଓ ଇଟୱା ମଧ୍ୟରେ ଅଉରଙ୍ଗଜେବଙ୍କ ସେନାପତି ମିର୍ ଜୁମଲାଙ୍କ ସଙ୍ଗେ ଯୁଦ୍ଧରେ ପରାସ୍ତ ହୋଇ ବ୍ରହ୍ମଦେଶସ୍ଥ ଅରାକାନ୍‌କୁ ପଳାଇଲେ ଏବଂ ସେଠାରେ ନିରୁଦ୍ଦିଷ୍ଟ ହେଲେ ।]

ଶୁଜା(ଜେ)ଇବା—ଦେ. କ୍ରି—ଶୁଝା(ଝେ)ଇବା (ଦେଖ)
Śujā(je)ibā Śujhā(jhe)ibā (See)

ଶୁଜି—ପ୍ରାଦେ.—(ସମ୍ବଲପୁର) (ସଂ. ସୂଚୀ)—ଛୁଞ୍ଚ—
Śuji Needle.

ଶୁଜିବା—ଦେ. କ୍ରି.—ଶୁଝିବା (ଦେଖ)
Śujibā Śujhibā (See)

ଶୁଜେଇବା—ଦେ. କ୍ରି—ଶୁଝେଇବା (ଦେଖ)
Śujeibā Śujheibā (See)

ଶୁଜୋଟ୍—ଦେ. ବି—ଶୁଝୋଟ୍ (ଦେଖ)
Śujoṭ Śujhoṭ (See)

ଶୁଝ(ଝ)—ଦେ. ବି—(ସଂ. ଶୁଧ୍ ଧାତୁ)—୧ । ଋଣାଦିର ଶୋଧନ—
Śujh(jha) ଶୋଧ ସଧାନା 1. Clearing up of debts. ୨ । ଭ୍ରମ ଶୋଧନ—2. Correcting of mistake's. ୩ । ସଂଶୟ ଛେଦନ—3. Clearing of doubts.

ଶୁଝଟ—ଦେ. ବି—ଶୁଝୋଟ (ଦେଖ)
Śujhata Śujhoṭa (See)
[ଉ—ସାରେଇ ବଲରୁ ଯେ ଧାନ ଆସିବ, ଅଲଗା ଅଲଗା ଗଲା ମୁଣ୍ଡାରେ ବନ୍ଧ ଦେଇ ଦେଖ ଶୁଝଟ ହେବ । ଫକୀରମୋହନ. ଗଳ୍ପସ୍ୱଳ୍ପ ।]

ଶୁଝ ପାଇବା—ଦେ. କ୍ରି—ଅପେ ଦେଇଥିବା ଧାନ ଅବ ଫେର ପାଇବା—
Śujha pāibā To be repaid one's dues from
ଶୋଧ ପାଓୟା ପରିଶୋଧ ପାନା; ଦେନ ପାନା another.

ଶୁଝ ଯିବା—ଦେ. କ୍ରି—(ଋଣାଦି) ନିଜାସରୂପେ ପରିଶୋଧିତ ହେବା—
Śujha jibā (Debt)To be cleared of or satisfied;
ଶୋଧ ହଓୟା ସଧା ଜାନା; ଚୁକା ଜାନା To be liquidated.

ଶୁଝା—ଦେ. ବି (ସଂ. ଶୋଧ ଧାତୁରୁ)—(ଋଣାଦି) ଶୁଝିବା କ୍ରିୟା—
Śujhā The act of paying of for clearing off
ଶୋଧା of debts. ଋଣ—ପରିଶୋଧ କରି ଯାଇଥିବା—
ସଧାନା; ଚୁକୌତା Paid off. [ଉ—ଶୁଝା ତମସୁକ ।]

ଶୁଝାଇ ଦେବା—ଦେ. କ୍ରି (ସଂ. ଶୁଝିବା କ୍ରିୟାର ଣିଜନ୍ତ ଅବ୍ୟୟ, ସଂସ୍କୃତ
Śujhāi debā ଶୁଧ୍ ଧାତୁ)—୧ । ଶୁଝିବା କ୍ରିୟାର ଣିଜନ୍ତରୂପ—
ଶୋଧା 1. Causative of Śujhibā. ୨ । ଶୁଝିବା
ସଧା ଦେନା.; ଚୁକା ଦେନା —2. To pay off. ୩ । ଦେଣାକୁ ନାଶେଷରୂପେ ପରିଶୋଧ କରିବା—3. To clear up one's dues fully to liquidate a debt. [ଉ—ଭୁମ୍ଭେ ଦୁର୍ଯ୍ୟୋଧନ ଅନ୍ନ ଅଛ ଖାଇ, ତାପରେ ପର ତାହା ବଳ ଦେ ଶୁଝାଇ—କୃଷ୍ଣସିଂହ. ମହାଭାରତ ।]

ଶୁଝା(ଝେ)ଇବା—ଦେ. କ୍ରି(ସଂ. ଶୁଧ୍ ଧାତୁର ଣିଜନ୍ତ; ଶୁଝିବା କ୍ରିୟାର
Śujhā(jhe)ibā ଣିଜନ୍ତରୂପ)—୧ । ଅନ୍ୟ ବ୍ୟକ୍ତିଦ୍ୱାରା (ଋଣ
ଶୋଧ କରାନ ଅବ) ଶୁଝାଇବା କ୍ରିୟା କରାଇବା-1. To cause an-
ସଧୱାନା other person to pay off his debts. ୨ । ବୁଝାଇବା କ୍ରିୟାର ସହିତର ଶବ୍ଦ; ତତ୍ତ୍ୱରୁ ଭ୍ରମ 'ଶୋଧନ କରିବା' ଭାବରୁ ଏ ଶବ୍ଦର ଏହି ବ୍ୟବହାର ସ୍ଥାପିତ) କୌଣସି ବ୍ୟକ୍ତିକୁ କୌଣସି ବିଷୟ ସମଜାଇବା—2. To cause another person to comprehend or understand a matter. ୩ । ଶୁଝା
ଶୋଧ ହଓୟା ଯିବା, ପରିଶୋଧ ହେବା—3. To be paid up
ସଧା ଜାନା or liquidated. ୪ । (ବର ପାତ୍ର ଓ କନ୍ୟା
ମିଲ ହଓୟା ପାତ୍ରଙ୍କ ଜାତକ) ପରସ୍ପର ସହିତ ମେଳ ହେବା;
ମେଲ ହୋନା ଶୁଝିବା—4. To tally with each other. (said of the horoscopes of a proposed bride and a bridegroom elect. ୫ ।
ଶୋଧ ନେଓୟା ପ୍ରତିହିଂସା ନେବା; ବୈରି ଶୋଧ କରିବା—5. To
ବଦଲା ଲେନା take revenge. [ଉ—ସୁହିଂହ ଅଟଇ ଶଠୀ ଦେଖାଙ୍କର ବର, ଶୁଝାଇଲ ତୁମ୍ଭଙ୍କୁ ଯେ ଥିଲ ବଇର
ସୋଜାନ —କୃଷ୍ଣସିଂହ. ମହାଭାରତ ।] ୬ । ବୁଝାଇବା କ୍ରିୟାର
ସୁଝାନା; ସହିତରରୂପେ ବ୍ୟବହୃତ) ଉତ୍ତମରୂପେ ବୁଝାଇ
ସୁଧାନା ଦେବା—6. To explain clearly.

ଶୁଝା ଯି(ହେ)ବା—ଦେ. କ୍ରି—ଶୁଝିବା କ୍ରିୟାର କର୍ମବାଚ୍ୟ ରୂପ; ପରି-
Śujhā ji(he)bā ଶୋଧିତ ହେବା—To be liquidated.
ଶୋଧ ହଓୟା [ଉ—ବାରେ ଖାଇପାନେ ଖାବ, ହୋଇଥିଲ, ଏ ସୁଝା
ସଧା ଜାନା ଯିବ—ଉଞ୍ଜ. ବୈଦେହୀଶବିଳାସ ।]

ଶୁଝି ଦେବା—ଦେ. କ୍ରି (ସଂ. ଶୁଧ୍ ଧାତୁ)—୧ । ଶୁଝିବା—1. To
Śujhi debā clear off; to repay. ୨ । ଦେଣା ଅବଶ୍ୟ
ଶୋଧ କରା ସମ୍ପୂର୍ଣ୍ଣରୂପେ ପରିଶୋଧ କରିବା—2. To clear
ସଧା ଦେନା; off a debt; to liquidate a loan. ୩ ।
ଅଦା କରନା ପ୍ରତିହିଂସା ନେବାକୁ ସମର୍ଥ ହେବା—3. To succeed in taking revenge.

ଶୁଝିବା—ଦେ. କ୍ରି (ସଂ. ଶୁଧ୍ ଧାତୁରୁ)—୧ । (ସକର୍ମକ) ଋଣ
Śujhibā ପରିଶୋଧ କରିବା; ଋଣ ଶୁଝିବା—1.To repay
ଶୋଧା or pay off a debt. ୨ । (ସକର୍ମକ)

ସଧାନା; ଚୁକାନା — ଧାର ପରିଶୋଧ କରିବା; ଧାର ଶୁଝିବା—2. To repay a loan. ୩ । (ସକର୍ମକ) ଖେଳରେ ହାରିବା ଦ୍ୱାରା ପ୍ରଥମେ ହାରିବା ବ୍ୟକ୍ତିକୁ ବୋଧ ପରିଶୋଧ କରିବା—3. To retrieve or make up one's loss in a game by winning subseqently. [ଉ—ବାରମ୍ବାର ଖେଳରେ ମୋ ଉପରେ ତାଙ୍କର ୩ ବୋଧ ହୋଇଥିଲା । ମୁଁ ସେ ସବୁ ବୋଧ ଶୁଝି ତାଙ୍କ ଉପରେ ଦୁଇ ବୋଧ ଦେଲି ।] ୪ । (ଅକର୍ମକ) (ବର କନ୍ୟାଙ୍କର ଜାତକମାନ) ମେଳ ବା ଅନୁକୂଳ ଅବସ୍ଥା ଗଣନା ଦ୍ୱାରା ଦେଖାଯିବା—4. To appear after calculation to tally each other (said of the horoscopes of bride and bride-groom elect). [ଉ—ପାତ୍ର ପାତ୍ରୀଙ୍କ ଜାତକ ନ ଶୁଝିବାରୁ ବିବାହ ପ୍ରସ୍ତାବ ଭାଙ୍ଗିଗଲା ।] ୫ । ବିବାହ ଆଦି ପାଇଁ ଅନୁକୂଳ ଦିବସ ମିଳିବା—5. To be found out suitably (said of an auspicious day being found out for some ceremony). [ଉ—ଏ ବର୍ଷ ମୋ ନାତିର ବ୍ରତଘର ପାଇଁ ଗୋଟିଏ ଦିନ ଶୁଝିଲା ନାହିଁ ।] ୬ । (ସକର୍ମକ) (ବୁଝିବା କ୍ରିୟାର ସହିତ ରୂପେ ବ୍ୟବହୃତ) କୌଣସି ବିଷୟ ଉତ୍ତମରୂପେ ବା ଭାଷସନ୍ଦେହରୂପେ ହୃଦୟଙ୍ଗମ କରିବା—6. To understand or comprehend a thing fully. [ଉ—ବୁଝି ଶୁଝି କାମ କଲେ ପରେ ପ୍ରମାଦରେ ପଡ଼ିବା ହୁଏ ନାହିଁ ।]

ମିଲ ହওয়া / मेल होना — see sense 4
মিলা / मिलना — see sense 5
সুজা / समजना — see sense 6

ଶୁଝୋଟ—ଦେ. ବି (ସ. ଶୋଧ)—ପରିଶୋଧ—Repayment; Sujhota clearance; liquidation (of debt). ବିଣ— ଶୋধ / अदा — ଯେଉଁ ବ୍ୟକ୍ତି ସହଜରେ ବୁଝିଯାଏ—(a person) Amenable to reasoning.

ଶୁଟ୍ (ଧାତୁ)—ସ—୧ । ସାହସ ଦେଖାଇବା—1. To show Sut (root) bravery. ୨ । ଗର୍ବ ପ୍ରକାଶ କରିବା— 2. To arrogate.

ଶୁଟୀର—ସ. ବିଣ. ପୁଂ (ଶୁଟ୍ ଧାତୁ + କର୍ତ୍ତୃ. ଈର)—ବୀର; ପରାକ୍ରମୀ— Sutira Heroic; valiant; mighty; powerful. (ଶୁଟୀରା—ସ୍ତ୍ରୀ)

ଶୁଠ୍ (ଧାତୁ)—ସ. କ୍ରି—ଅଳସୀ ହେବା— Suth (root) To be lazy or idle.

ଶୁଡ଼ି କଳା ଧାନ—ପ୍ରାଦେ. (ବେନ୍ଗୁର) ବି—ପୁରୁଣା ସାଅଁରା ଧାନ— Surdi kala dhana Old Saanra paddy.

ଶୁଣ୍ (ଧାତୁ)—ସଂ—ଗମନ କରିବା— Sun (root) To go; to move.

ଶୁଣ୍—ଦେ. କ୍ରି—ଶୁଣିବା କ୍ରିୟାର ଅନୁଜ୍ଞା ଅନାଦରାର୍ଥକ 'ତୁ' ସଙ୍ଗେ Sun ଶୋନ ସୁନୋ ବ୍ୟବହୃତ ଆକାର—(thou) Do hear. (ଶୁଣ—ଆଦରାର୍ଥକ)

ଶୁଣନ୍ତା—ଦେ. ବିଣ—ଶୁଣୁଥିବା (ବ୍ୟକ୍ତି)—Hearing. [ଉ— Sunanta ସେ ସ୍ଥାନ ବୋଲେ ମୁଁ କହିବ, ଶୁଣନ୍ତା ପ୍ରାଣୀ ଯେ শুনে सुनने वाला ନିସ୍ତାରିବ—ଜଗନ୍ନାଥ. ଭାଗବତ ।]

ଶୁଣା—ଦେ. ବି (ସ. ଶ୍ରୁ ଓ ପ୍ରା. ଶୁଣ୍ ଧାତୁ)—ଶୁଣିବା କର୍ମ— Suna শুনা सुनना Act of hearing.

ଶୁଣାଏ / শুনাও / सुनाओ — ଦେ. କ୍ରି—ଶୁଣାଇବା କ୍ରିୟାର ଅନାଦରାର୍ଥକ ଅନୁଜ୍ଞାରୂପ (ତୁ) ଶ୍ରବଣ କରା—(thou) Let me hear. (ଶୁଣାଅ—ଆଦରାର୍ଥକରୂପ) [ଉ—ସରସ ଗୀତ ପଦେ ଶୁଣା ରେ—କବିସୂର୍ଯ୍ୟ. ସଙ୍ଗୀତ] ବିଣ—୧ । ଶ୍ରୁତ—

শুনা / सुनाहुआ — 1. Heard of. ୨ । ଲୋକ ମୁଖରେ ଶୁଣାଯିବା— 2. Rumoured. (ଜଣା ଶବ୍ଦ ସଙ୍ଗେ ସହିତ ରୂପେ ବ୍ୟବହୃତ ହୁଏ; ଯଥା—ଜଣା ଶୁଣା ଲୋକ ।) ୩ । ଯାହା ବିଷୟ ଉତ୍ତମରୂପେ ଲୋକ ମୁଖରୁ ଜ୍ଞାତ ଓ ଶ୍ରୁତ ହୋଇଥାଏ; ସୁଜ୍ଞାତ—3. Well-known; well-acquainted.

ଶୁଣାଇ ଦେବା—ଦେ· କ୍ରି—ଉଚ୍ଚୈଃସ୍ୱରରେ କୌଣସି ବ୍ୟକ୍ତିକୁ Sunai deba କୌଣସି ବିଷୟ ଜଣାଇବା—To speak শুনিয়ে দেওয়া सुना देना anything loudly to a person.

ଶୁଣା(ଣେ)ଇବା—ଦେ. କ୍ରି (ସ. ଶ୍ରୁ ଧାତୁ ଣିଚ୍)—୧ । କୌଣସି Suna(ne)iba ବ୍ୟକ୍ତିକୁ କୌଣସି କଥା ଶ୍ରବଣ କରାଇବା— শো[শু]নান 1. To cause a person to hear some- सुनाना thing. ୨ । ଅନ୍ୟ ବ୍ୟକ୍ତି ଆଗରେ କୌଣସି କଥା କହିବା—2. To say something in the hearing of a person. ୩ । ଯଶ ବା ନିନ୍ଦା ଆଦି ଲୋକମୁଖରୁ ଶୁଣିବାର ଉପାୟ କରିବା—3. To cause a person to hear good or bad things regarding himself. (ଉ—ଅନ୍ଧା ବଇବରେ ନ ଶୁଣାଇଲୁ ମୋତେ । କୃଷ୍ଣସିଂହ. ମହାଭାରତ ।)

ଶୁଣା କଥା—ଦେ. ବି—୧ । ଅନ୍ୟ ବ୍ୟକ୍ତିଠାରୁ ଶ୍ରୁତ ବିଷୟ; ଚକ୍ଷୁ ନ Suna katha ଶୁଣିଥିବା ବିଷୟ—1. Anything which শুনা কথা has been heard from others but not सुनीबात seen with one's own eyes. ୨ । ଯେଉଁ ବିଷୟ ଲୋକ ଅନ୍ୟ ବ୍ୟକ୍ତିଠାରୁ ଶୁଣି କହେ—2. Hearsay; hearsay matter. ୩ । ସାକ୍ଷୀର ଶ୍ରୁତ ବିଷୟର କଥିତ ପ୍ରମାଣ—3. Hearsay evidence.

ଶୁଣା ଗ(ଗୁ,ଜ)ଣା—ଦେ. ବି (ସହିତ)—ଜନଶ୍ରୁତି; ଜନରବ— Suna ga(gu,ja)na Rumour; verbal report. জানা শুনা (ଉ—ଅମ ଗ୍ରାମରେ ହିନ୍ଦୁ ମୁସଲମାନ ହିନ୍ଦୁ ଶୁଣାଗୁଣା

दन्त कथा नाहीं ।) ଦେ. ବଣ—ଅଶ୍ରୁତ ଓ ଅଜ୍ଞାତ—Unheard of and unknown.

ଶୁଣାଣି—ଦେ. ବି (କଚେରୀ)—ମକଦ୍ଦମାରେ ପକ୍ଷମାନଙ୍କ ଠାରୁ
Śuṇāṇi ପ୍ରମାଣାଦି ବକ୍ତୃତାଦିଙ୍କ ଦ୍ୱାରା ଶୁଣାଯିବା ଅବସ୍ଥା;
শুনানি ହାକିମଙ୍କ ଆଗରେ ମକଦ୍ଦମାର ବିଚାର—The hearing
सुनाई of a case. (ଉ—ଏ ମକଦ୍ଦମାର ଆଗାମୀ ମାସରେ ଶୁଣାଣି ହେବ ।)

ଶୁଣାଣି ତାରିକ(ଖ)—ଦେ. ବି (କଚେରୀ)—ମକଦ୍ଦମା ବିଚାର ହେବାର
Śuṇāṇi tārika(kha) ନିର୍ଦ୍ଦିଷ୍ଟ ତାରିଖ—The date of
শুনানি তারিখ सुनानेकि तारिख hearing of a case.

ଶୁଣାଣି ହେବା—ଦେ. ବି (ମକଦ୍ଦମାର)—ଉଭୟ ପକ୍ଷଙ୍କ ଦ୍ୱାରା ଆଗତ
Śuṇāṇi hebā ପ୍ରମାଣାଦି ବକ୍ତୃତାଦିଙ୍କ ଦ୍ୱାରା ଶୃଙ୍ଖଳିତ ହେବା—
শুনানি হওয়া The hearing of a case; a case being heard,
सुनाई होना

ଶୁଣା ପଡ଼ିବା—ଦେ. କ୍ରି—୧ । ଶ୍ରୁତିଗୋଚର ହେବା; ଶୁଭିବା;
Śuṇā paṛibā ଶୁଭିବା; ସ୍ପଷ୍ଟରୂପେ ଶ୍ରୁତ ହେବା—1. To
শুনা যাওয়া be heard distinctly. (ଉ—ତା କଥା ୧୫
सुनाई पडना ହାତ ଦୂରରେ ଆଉ ଶୁଣା ପଡ଼ୁ ନାହିଁ)
୨ । ଶୁଣାଯିବା; ଶ୍ରୁତିଗୋଚର ହେବା—
2. To be heard.

ଶୁଣା ପାଇବା—ଦେ. କ୍ରି—କୌଣସି ବିଷୟ ଲୋକମୁଖରୁ ଅବଗତ
Śuṇā pāibā ହେବା—To hear a matter from the
শুনতে পাওয়া सुना पाना report of others.
[ଦ୍ର—ଆଧୁନିକ ଲେଖକମାନେ 'ଶୁଣା ପାଇବା' ସ୍ଥଳରେ ବଙ୍ଗଳା ବ୍ୟବହାର 'ଶୁଣିବାକୁ ପାଇବା' ବାକ୍ୟ ବ୍ୟବହାର କରନ୍ତି ।]

ଶୁଣାବନ୍ତି—ଦେ. (ପ୍ରାଚୀନ ପଦ୍ୟ) କ୍ରି—ଶୁଣାଇବା କ୍ରିୟାର ଶୁଣାନ୍ତିର
Śuṇābanti ପ୍ରାଚୀନ ଆକାର; ଶ୍ରବଣ କରାନ୍ତି—(Archaic
শুনান सुनाना form) To cause to hear.

ଶୁଣା ମଣା(ଣି)—ଦେ. ବି (ସଂ. ଶ୍ରୁ ଧାତୁ ଣିଚ୍; ପ୍ରା. ଶୁଣଇ)—
Śuṇā maṇā (ṇi) ଦେବତା ବା ପ୍ରଭୁଙ୍କୁ ସ୍ତବ ବା ପ୍ରାର୍ଥନାଦି
জানান শো'শু'নান ଶୁଣାଇବା ବା ମୌଖିକ ନିବେଦନ କରିବା—
जनाना सुनाना Recital of a hymn or prayer before a Deity or the master.

ଶୁଣା ଯାଏ—ଦେ. (କର୍ମବାଚ୍ୟ ପ୍ରୟୋଗ)—ଏହା ପ୍ରଚାରିତ ହୋଇଅଛି
Śuṇā jāe ଯେ; ଏହି ଜନରବ ଉଠିଅଛି ଯେ—It is
শুনা যায় rumoured that; the rumour goes that, it is said that.
सुना जाय
(ଶୁଣାଯାଏ ଯେ—ଅନ୍ୟରୂପ)

ଶୁଣା ଯି(ହେ)ବା—ଦେ. କ୍ରି (ଶୁଣିବାର କର୍ମବାଚ୍ୟ ରୂପ)—
Śuṇā ji(he)bā ୧ । କୌଣସି ବିଷୟ କାନକୁ ସ୍ପଷ୍ଟରୂପେ
শুনা যাওয়া ଶୁଭିବା—1. To be heard distinctly.
सुना जाना (ଉ—ମୁଁ କାଲ ହେବା ଦିନଠାରୁ ମତେ ଦୂର କଥା ଶୁଣାଯାଉ ନାହିଁ ।) ୨ । (କୌଣସି ବିଷୟ) ଜନଶ୍ରୁତି
ଦ୍ୱାରା ବିଖ୍ୟାତ ହେବା; ଜନରବଦ୍ୱାରା ପ୍ରକାଶିତ ହେବା—
2. To be rumoured; to be reported.
[ଉ—ନ ଥିଲା କଣ୍ଠ ଜଣା, ଏବେ ପାଉଛି ଶୁଣା ।
କବିସୂର୍ଯ୍ୟ. ସଙ୍ଗୀତ ।]

ଶୁଣା ଶୁଣି—ଦେ. ବି—୧ । ଜନଶ୍ରୁତି; ଜନରବ—
Śuṇā śuṇi জানা শুনা दन्त कथा 1. Rumour.
ଦେ. ବଣ—୨ । ଶୁଣିବାଦ୍ୱାରା—2. By hearing.
ଦେ. ବଣ—ଶ୍ରୁତ (ବିଷୟ)—Hearsay.
শুনে सुननेसे

ଶୁଣା ଶୁଣି କଥା—ଦେ. ବି—ଶ୍ରୁତ ବିଷୟ—
Śuṇā śuṇi kathā Hearsay matter.
শুনা কথা दन्तकथा

ଶୁଣା ଶୁଣିରେ ଜଣାଯିବା—ଦେ. କ୍ରି—(କୌଣସି ବିଷୟ) ଜନରବଦ୍ୱାରା
Śuṇā śuṇire jāṇā jibā ବ୍ୟକ୍ତ ହେବା—(any matter)
শুনা জানা যাওয়া To be rumuored or reported.
दन्त कथासे मालुम हुआ
[ଶୁଣା ଶୁଣି ହେବା—ଅନ୍ୟରୂପ]

ଶୁଣି ଆସିବା—ଦେ. କ୍ରି—କୌଣସି କଥା ସ୍ଥାନାନ୍ତରରୁ ଶୁଣି ସେଠାରୁ
Śuṇi āsibā ଫେରି ଆସିବା—To come back to a place
শুনা আসা सुन आना after hearing a thing abroad,

ଶୁଣି ନ ଶୁଣିବା—ଦେ. କ୍ରି—କୌଣସି ବିଷୟ ଜାଣି ବା ଶୁଣି ସୁଦ୍ଧା
Śuṇi na śuṇibā ତଦନୁରୂପ କର୍ମ ନ କରିବା; କୌଣସି ବିଷୟ
শুনে ও না শুনা କରିବା ଉଚିତ ମାତ୍ର ଜାଣି ଶୁଣି ନ କରିବା—
अनसुनि करना Not to do knowingly a thing which one ought to do. [ଉ—ଯଜ୍ଞର ସ୍ୱଭାବ ଏମନ୍ତ, ଅଛଅଥି ପୂଜିବା ଯୁକତ, ବ୍ରାହ୍ମଣେ ଶୁଣି ନ ଶୁଣିଲେ, ମନ ତଥିଲ ଯଜ୍ଞ କାଳେ—ଜଗନ୍ନାଥ. ଭାଗବତ ।

ଶୁଣି ପାରିବା—ଦେ. କ୍ରି.—୧ । କୌଣସି ବିଷୟ ଶ୍ରବଣ କରିବାକୁ
Śuṇi pāribā ଯଥେଷ୍ଟ ଶ୍ରବଣଶକ୍ତି ସମ୍ପନ୍ନ ହେବା—1. To be able to hear a thing. [ଉ—ବଧିରତା ଯୋଗୁ ମୁଁ ଏବେ ଦୂରରୁ କଥା ଶୁଣିପାରୁ ନାହିଁ ।] ୨ । କୌଣସି ଗୁପ୍ତ ବା ଆବଶ୍ୟକ ବିଷୟ ଆପଣା ଆଗରେ ପ୍ରକାଶିତ ହେବା, ଯଥେଷ୍ଟରୂପେ ବିଶ୍ୱାସୀ ବୋଲି କଥକଦ୍ୱାରା ବିବେଚିତ ହେବା—2. To be considered fit or trustworthy to be told any impor tant or secret matter. [ଉ—ଆପଣମାନଙ୍କ ଗୋପନ ପରାମର୍ଶ ମୁଁ କି ଶୁଣିପାରିବି ନାହିଁ ।] ୩ । ଶୁଣା ପାଇବା (ଦେଖ)—3. Suṇā pāibā (See)

ଶୁଣିବା—ଦେ. କ୍ରି.—(ସଂ. ଶ୍ରୁ ଧାତୁ; ପ୍ରା. ଶୁଣ୍ ଧାତୁ)—୧ । ଶ୍ରବଣ
Śuṇibā କରିବା; କର୍ଣ୍ଣପାତ କରିବା—1. To hear; to listen. ୨ । ଜନଶ୍ରୁତିରୁ ଅବଗତ ହେବା—2. To come to know from rumour; to learn from verbal report. ୩ । (ଲକ୍ଷଣାର୍ଥ) କୌଣସି ବିଷୟ ମନୋଯୋଗପୂର୍ବକ ଶ୍ରବଣ କରିବା; ମନୋଯୋଗ

ଦେବା—3. To hear a matter attentively; to attend to a matter; to pay attention to. ୪ । (ଲକ୍ଷଣାର୍ଥ) ଆଦେଶ ମାନିବା; ଆଜ୍ଞା ପାଳିବା—4. To obey an order. ୫ । (ଲକ୍ଷଣାର୍ଥ) ଉପଦେଶକୁ ଲଙ୍ଘନ ନ କରିବା ବା ମାନିବା—5. To hear an advice; to have regard for one's advice; to listen to another's words. ୬ । (ଲକ୍ଷଣାର୍ଥ) ଜାଣିବା ଦେଖିବା ସହିତର; କୌଣସି ବିଷୟ ଜ୍ଞାତ ହେବା; ଅଭିଜ୍ଞତା ଲାଭ କରିବା—6. To experience. [ଉ—ଭୁ ଜାଣିବା ଶୁଣିବା ଲୋକ ହୋଇ ମୂର୍ଖ ପରି କାମ କଲୁ ।] ୭ । (ନିଦ୍ରିତ; ରୋଗୀ, ମୁମୂର୍ଷୁ ବା ମୂର୍ଚ୍ଛିତ ବ୍ୟକ୍ତି) ଅନ୍ୟ ବ୍ୟକ୍ତିର ଡାକକୁ ଧାର ଉତ୍ତର ଦେବା—7. To respond to a call (said of a sleeping, sick or dying person) [ଉ—କାଲିଠାରୁ ସନ୍ନିପାତ ମଣ୍ଡୁ ଅଛି ଡାକ ଶୁଣୁ ନାହିଁ ।]

ଶୁଣି ଯିବା—ଦେ. କି—(ଦୂରସ୍ଥ ବ୍ୟକ୍ତି) କଥାକୁ ନିକଟକୁ କୌଣସି Śuṇi jibā ବିଷୟ ଶୁଣିବା ପାଇଁ ଆସିବା—1. To come to ଶুনে যাওয়া सुन जाना a person from a distance to hear a thing from him. [ଉ—ଭୁମେ ମୋଠାରୁ ୧୦୦ ହାତ ଉପରେ ଅଛ, ମୁଁ କହୁ ପାରି ନ ପାରୁ ନାହିଁ, ତୁମେ ମୋ ପାଖକୁ ଏ କଥା ଶୁଣି ଯାଅ ।] ୨ । ବହୁ କାଳ ଲାଗି କୌଣସି ବିଷୟ ଶୁଣିବା—2. To go on hearing for a length of time. [ଉ—ମୁଁ ଯେତେ ମୁଖସ୍ଥ କରୁଅଛି, ମୁଁ ସେ ଯେତେ ବୋଲି ଯାଉଛି, ତୁମେ ଶୁଣି ଯାଅ ।]

ଶୁଣି ଯୋଗା(ଗେ)ଇବା—ଦେ. କି—(କୌଣସି ବିଷୟ) ଶ୍ରବଣଯୋଗ୍ୟ Śuṇi jogā(ge)ibā ହେବା—To be fit for hearing. ଶুনার যোগ্য হওয়া सुनने योग्य (ଯଥା—ଅଶ୍ଳୀଳ କଥା କହ ଯୋଗାଏ ନାହିଁ ବା ଶୁଣି ଯୋଗାଏ ନାହିଁ ।)

ଶୁଣିବାରେ—ଦେ. ଅ—ଜନରବରେ; ଶୁଣାଶୁଣିରେ—So far as Śuṇibāre rumour goes. (ଉ—ଶୁଣିବାରେ ଗ୍ରାମ ଥାଏ ଶুনতে পাই, শুনা যায় सुना जाना ଲଙ୍କାର ରାଜା ବର ଯାଉଥିଲେ—ମାଳବଶ୍ରୀ ପିଙ୍ଗଳ ରାମାୟଣ ।)

ଶୁଣିଲ—ଦେ. (ପ୍ରାଚୀନ) ବି—ଶୁଣିବା ବିଷୟ—The act of Śuṇila hearing. (ଉ—ଶାଣ୍ଡ ଶୁଣିଲ ଭୁମ୍ଭେ ନାହିଁ । ମୁ ଶোনা सुनना ତାହା ଅଳପ ଜାଣଇ—ଜଗନ୍ନାଥ. ଭାଗବତ ।) ଶোনা ଦେ. ବିଣ—ଶୁଣିଥିବା; ଯେ ଶୁଣିଥାଏ—One who सुनना has heard

ଶୁଣୁକା—ଦେ. ବିଣ—ଫୁଲି; ଶୋଥଯୁକ୍ତ—Swelling. (ଯଥା— Śuṇukā ଶରଦ ଯୋଗୁଁ ତୋ ମୁହଁଟା ଶୁଣୁକା ଦିଶୁଛି ।) ফেলা फुलाहुआ

ଶୁଣ୍ଠ୍ (ଧାତୁ)—ସ.—୧ । (ଜଳ) ଶୋଷଣ କରିବା—1. To suck Śunṭh (root) up water. ୨। ଉର୍ଦ୍ଧ୍ୱ ବା ଶୁଷ୍କ କରିବା—2. To cause to dry up.

ଶୁଣ୍ଠା—ଦେ. ବି (ସ. ଶୁଣ୍ଠ୍ ଧାତୁରୁ)—ଖରାରେ ଶୁଖାଯାଇ ଜର୍ଜର Sunṭhā ହୋଇଯାଇ ଥିବା ପଦାର୍ଥ—(ଯଥା—ଫଳାଦି)—Any শুঁঠো thing dried up in the sun. ବିଣ—୧ । ଶୁଣ୍ଠିଆ सूखा हुआ (ଦେଖ)—1. Śunṭhiā. (See) ୨ । ଶୁଷ୍କୀଭୂତ—2. Dried up.

ଶୁଣ୍ଠା ଶିକାର—ପ୍ରାଦେ (ଗଡ଼ଜାତ) ବି. (ସ ଶୁଣ୍ଠ ଧାତୁ ଓ ପା. ଶିକାର)—Sunṭhā śikāra ମାଂସର ଶୁଖୁଆ; ଶୁଷ୍କୀଭୂତ ଓ ଆହାରାର୍ଥେ ସଞ୍ଚିତ ମାଂସଖଣ୍ଡ—(ସ. ବଲ୍ଲୁର)—Pieces of meat dried up and preserved for food; preserved meat.

ଶୁଣ୍ଠି(ଣ୍ଠୀ)—ସ. ବି (ସ. ଶୁଣ୍ଠ ଧାତୁ=ଶୋଷଣ କରିବା ଅପାଦାନ. ଇ; Sunṭhi(nṭhī) ଶୁଣ୍ଠି+ଈ)—ଶୁଷ୍କ ଆର୍ଦ୍ରକ ବା ଅଦାଅବଶେଷ—ଶୁଣ୍ଠିକା—ଅନ୍ୟ ସ. ନାମ Gingiber Officinale; dry শুঁঠ सूंठ ginger. [ଦ୍ର—ଏହା କଟୁ, ଉଷ୍ଣରସ, ରୁକ୍ଷପାକୀ, ଅନ୍ୟ ସ—ବିଶ୍ୱା, ବିଶ୍ୱ, ନାଗର, ମଧୁରବିପାକ, ସ୍ନିଗ୍ଧ, ଲଘୁପାଚକ; ବିଶ୍ୱଭେଷଜ, ଊଷଣ, କଟୁଭଦ୍ର, ପାଚକ, ରୁଚକର, ବଳକାରକ, ଶୃଙ୍ଗବେର, ମହୌଷଧ, ଶୁକ୍ରବର୍ଦ୍ଧକ, ସ୍ୱରପରିଷ୍କାରକ । ଜନ୍ତୌଷଧ । ଏହା କଫ, ଶୋଥ, ଶୂଳ, ମଳ—ବିବନ୍ଧତା, ଅର୍ଶ, ଉଦରରୋଗ, ଆମବାତ, ବମନ, ଶ୍ୱାସ, କାଶ, ହୃଦ୍‌ରୋଗ, ଶ୍ଳୀପଦ ଓ ବାତଶ୍ଳେଷ୍ମଜନ୍ୟ ରୋଗମାନଙ୍କରେ ଉପକାରକ । କଣ୍ଠ ଓ ପାର୍ଶ୍ୱବେଦନାମାନଙ୍କରେ ଶୁଣ୍ଠିଗୁଣ୍ଡା ମାଲିସ କରାଯାଏ ।

ବୈଦ୍ୟଶାସ୍ତ୍ରରେ ଶୁଣ୍ଠି, ପିପ୍ପଳ, ଓ ଗୋଲମରିଚକୁ ତ୍ରିକଟୁ ବୋଲାଯାଏ । ସମପରିମିତ ହରିଡ଼ା, ଶୁଣ୍ଠି ଓ ଗୁଡ଼ୁଚିକୁ ତ୍ରିସମ କୋହାଯାଏ । ଏହା ରୁଚକର, ଉଦର ହିତକର; ବାତପିତ୍ତନାଶକ ।]

ଶୁଣ୍ଠିଆ—ଦେ. ବି—ବିଧବା ସ୍ତ୍ରୀଲୋକମାନଙ୍କ ପିନ୍ଧିବାର ଧଡ଼ି ଓ ମୁହଁ ନ Sunṭhiā ଥିବା ଲୁଗା; ଉଭ—A cloth without hem থান কাপড় and border used by Hindu widows. थान कपड़ा ବିଣ ପୁଂ ଓ ସ୍ତ୍ରୀ—ଅତି କୃପଣ (ବ୍ୟକ୍ତି)—ক্রিপটে कंजुस Very miserly person.

ଶୁଣ୍ଠି ଚୂନା—ଦେ. ବି—ଶୁଣ୍ଠିର ଚୂର୍ଣ୍ଣ—Sunṭhi chūnā Powdered dry ginger. শুঁঠের গুঁড়ো सूंठका चूर्ण

ଶୁଣ୍ଠି ପିପ(ପ୍ପ,ପୁ)ଳି—ଦେ. ବି (ସହଚର ଶବ୍ଦ ଓ ବସ୍ତୁ)-ଶୁଣ୍ଠି ଓ ପିପ୍ପଳ—Sunṭhi pipa(ppa,pu)ḷi Dry ginger and long শুঁঠপিপুল सूंठपीपल pepper. (ଶୁଣ୍ଠି ପିପ୍ପଳୀ—ସ. ରୂପ)

ଶୁଣ୍ଠି ପିପ୍ପଳ ମରିଚ—ସ. ବି (ସହଚର)—ଶୁଣ୍ଠି, ପିପ୍ପଳ ଓ ଗୋଲ-Sunṭhi pippaḷi maricha ମରିଚ—Dry ginger, long (ଶୁଣ୍ଠି ପିପ୍ପଳ ଗୋଲମରିଚ—ଦେ. ରୂପ) pepper and black pepper. [ଦ୍ର—ଏହି ତିନି ଦ୍ରବ୍ୟର ସମାହାରକୁ ବୈଦ୍ୟଶାସ୍ତ୍ରରେ ତ୍ରିକଟୁ ବୋଲାଯାଏ ।

ବିକଟୁର ସଂସ୍କୃତ ପର୍ଯ୍ୟାୟ—"କୃଷଣ, କୋଷ, କଟୁଗ୍ରସ୍, କଟୁବିକା", ଏହା ଅଗ୍ନିବର୍ଦ୍ଧକ, ଶ୍ୱାସ, କାଶ, ଚର୍ମରୋଗ, ମେହ, କଫ, ସ୍ଥୂଳତା, ଶ୍ଳୀପଦ, ପୀନସ ଓ ମେଦ ଦୋଷର ଉପକାରକ ।]

ଶୁଣ୍ଡ—ସଂ. ବି (ଶୁଣ୍ ଧାତୁ=ଗମନ କରିବା+କର୍ତ୍ତୃ. ଡ)—ହାତୀର
Śuṇḍa ଶୁଣ୍ଢ; ହାତୀର ଉପର ଓଠରୁ ବାହାରିଥିବା ଲମ୍ବ କଳରୂପ ନାସିକା—Elephant's trunk.

ଶୁଣ୍ଡ ଧର—ସଂ. ବି. ପୁଂ (ଶୁଣ୍ଡ+ଧୃ ଧାତୁ+କର୍ତ୍ତୃ. ଅ)—ହସ୍ତୀ; ହାତୀ—
Śuṇḍa dhara Elephant,

ଶୁଣ୍ଡା—ସଂ. ବି. ସ୍ତ୍ରୀ—(ଶୁଣ୍ ଧାତୁ+କର୍ତ୍ତୃ. ଡ+ଆ; ଶୁଣ୍ଡ+ଆ)—୧ ।
Śuṇḍā ହାତୀ ଶୁଣ୍ଢ—1. Elephant's trunk. [ଉ—କେତେ ଚଢ଼ି ସିଏ ହାତୀଙ୍କର ଶୁଣ୍ଡା, କାଟି ପକାଇଲେ ପ୍ରହାର କରି ଗଣ୍ଡା । କୃଷ୍ଣସିଂହ. ମହାଭାରତ ।] ୨ । ମଦିରା; ମଦ—2. Wine. (ଏହା ହସ୍ତି ଶୁଣ୍ଡାକୃତି କଳ ଯୋଗେ ପ୍ରସ୍ତୁତ କରି ଯାଉଥିବାରୁ) ୩ । କୁଟ୍ଟିନୀ—3. A procuress. ୪ । ବେଶ୍ୟା—4. Harlot. ୫ । ମଦ୍ୟ ଗୃହ; ମଦ ଦୋକାନ—5. A grogshop; tavern; wine shop. ଦେ. ବିଣ—୧ । ଶୁଣ୍ଢ
ଶୁଁଡା ସମ୍ବନ୍ଧୀୟ—1. Relating to elephant trunk. ୨ । ଶୁଣ୍ଢ ପରି—2. Like a trunk [ଯଥା—ହାତୀ-ଶୁଣ୍ଡା] [ଉ—ସବର ଚକ୍ଷା ଧଣ୍ଡା, କମ୍ପିତ ଗଜଶୁଣ୍ଡା, ଦଣ୍ଡକୁ କନ୍ଦ ଗର୍ଦ୍ଦ ଯାହାକୁ ଗୋ—ବଳଦେବ. ସଙ୍ଗୀତ ।] ଦେ. ବି—୧ । ଲଉ, କଖାରୁ ଅବ ଲତାର ପ୍ରତାନ—1. The tendrils of some creepers such as gourd, pumpkin etc. ୨ । ପ୍ରଜାପତି, ଅସରପା ଅବଙ୍କ କଳ-2. The feelers of some insects such as butterfly, cookroach etc.

ଶୁଣ୍ଡାର—ସଂ. ବି—(ଶୁଣ୍ଡା+ର)—୧ । ହାତୀଶୁଣ୍ଢ—1. The
Śuṇḍāra trunk of an elephant. ୨ । ନିକୃଷ୍ଟ ମଦ୍ୟ—2. Inferior sort of wine; grog; beer. ୩ । ଶୁଣ୍ଢୀ; ଶୌଣ୍ଡିକ—3. A grog-dealer; a distiller or seller of wine.

ଶୁଣ୍ଡାଳ—ସଂ. ବି—(ଶୁଣ୍ଡା+ଲ, ଯୁକ୍ତାର୍ଥେ)—ହାତୀ—
Śuṇḍāḷa The elephant.
[ଉ—ତରମଣ୍ଡ କେତେ ଅସନ୍ତ ଶୁଣ୍ଡାଳ ।
ରାଧାନାଥ. ଦରବାର ।]

ଶୁଣ୍ଡି (ଣ୍ଡୀ,ଣ୍ଢି,ଣ୍ଢୀ)—ପ୍ରାଦେ.—(ସମ୍ବଲପୁର) ବି—କଇଁ; କମଳ—
Śuṇḍi (ṇḍi, ṇḍhi, ṇḍhi) Water-lily or white lily.
ଶুঁড়ী सूंडी ଦେ. ବି. ପୁଂ—(ସଂ. ଶୁଣ୍ଡୀ)—ଶୁଣ୍ଢୀ ଦେଖ)
Śuṇḍi (See)

ଶୁଣ୍ଡିର ସାକ୍ଷୀ ମଦୁଆ—(ପ୍ରବଚନ ବା ନ୍ୟାୟ)—ଏକ ପ୍ରକାର କୁକର୍ମରେ
Śuṇḍira sākshi maduā ଲିପ୍ତ ବା ସମ୍ପୃକ୍ତ ଥିବା ବ୍ୟକ୍ତିର
শুঁড়ীর সাক্ষী মাতাল साक्ष्य ବିଶ୍ୱାସଯୋଗ୍ୟ ନ ଥିବା ବିଷୟରେ
सूंडीका गवाही शराबी ପ୍ରବଚନ—A proverb meaning like a wine-seller's client giving evidence for his wine-selle

ଶୁଣ୍ଡିଆ—ଦେ. ବିଣ—୧ । ଶୁଣ୍ଢା; ଶୁଣ୍ଢବିଶିଷ୍ଟ—
Śuṇḍiā শুঁড়ের মত सूँड़वाला 1. Having a trunk.

ଶୁଣ୍ଡିଆଣି(ଣୀ)—ଦେ. ବି. ସ୍ତ୍ରୀ—(ସଂ. ଶୌଣ୍ଡିକୀ; ଶୁଣ୍ଡିନୀ)—ଶୁଣ୍ଢୀର ସ୍ତ୍ରୀ—
Śuṇḍiāṇi(ṇi) The wife of a grogdealer or distiller. [ଉ—ଶୁଣ୍ଡିଅଣୀ ହାତେ ଦୁଧ, ଲୋକେ ବୋଲନ୍ତି ମଦ—ପ୍ରବଚନ ବା ନ୍ୟାୟ—ସଂ. "ପୟୋଽପି ଶୌଣ୍ଡିକୀ ହସ୍ତେ, ବାରୁଣୀତ୍ୟଭିଧୀୟତେ" ଶୁଣ୍ଡିଅଣୀ ହାତରେ ଦୁଧ ଦେଖିଲେ ସୁଦ୍ଧା ଲୋକେ ତାହାକୁ ମଦ ବୋଲି ଅନୁମାନ କରିବା ସ୍ୱାଭାବିକ । ସେହିପରି ମନ୍ଦ ଲୋକଙ୍କ ସଙ୍ଗେ କୌଣସି ଭଲଲୋକକୁ ଦେଖିଲେ ଭଲ ବ୍ୟକ୍ତିକୁ ମନ୍ଦ ବୋଲି ଲୋକଙ୍କର ଭାବିବା ସ୍ୱାଭାବିକ ।]

ଶୁଣ୍ଡିକା—ସଂ. ବି. ସ୍ତ୍ରୀ (ଶୁଣ୍ଡ+କ+ଆ)—ଅଳଜିହ୍ୱା; ଘଣ୍ଟିକା—
Śuṇḍikā The soft palate; epiglottis.

ଶୁଣ୍ଡିନୀ—ସଂ. ବି. ସ୍ତ୍ରୀ (ଶୁଣ୍ଡିନ୍+ଈ)—ଶୁଣ୍ଡିଅଣୀ (ଦେଖ)
Śuṇḍini Śuṇḍiāṇi (See)

ଶୁଣ୍ଡୀ—ସଂ. ବି. ପୁଂ (ଶୁଣ୍ଡ+ଇନ୍; ଶୁଣ୍ଡିନ୍ ୧ମା, ୧ ବଚନ)—୧ ।
Śuṇḍi ଶୌଣ୍ଡିକ; ଯେ ମଦ୍ୟ ପ୍ରସ୍ତୁତ ବା ବିକ୍ରୟ କରେ—
(ଶୁଣ୍ଡିନୀ—ସ୍ତ୍ରୀ) 1. Grog-dealer; wine-seller; distiller. ୨ । ହସ୍ତୀ—2. Elephant.
ଦେ. ବି—ମଦ୍ୟ ପ୍ରସ୍ତୁତକାରୀ ବା ବ୍ୟବସାୟୀ ଜାତି-ବିଶେଷ—A caste of wine-dealers or wine-sellers.

ଶୁଣ୍ଢ—ଦେ. ବି—ଶୁଣ୍ଡ (ଦେଖ)
Śuṇḍha Śuṇḍa (See)

ଶୁଣ୍ଢୀ—ଦେ. ବି—ଶୁଣ୍ଡୀ (ଦେଖ)
Śuṇḍhi Śuṇḍi (See)

ଶୁତକ—ବୈଦେ. ବି (ଫା. ଛୁତ୍)—ଛୁତକ; ପରିସ୍ରା—
Śutaka পেচ্ছাপ पेसाब Nrine.

ଶୁତକ ପୋଡ଼ା—ଦେ. ବି—ପରିସ୍ରା ପୋଡ଼ା—Painful micturi-
Śutaka porḍā tion; urination accompanied
পেচ্ছাব পোড়া, প্রসাবের যন্ত্রণা with a burning
पेसाबकि ज्वाला sensation.

ଶୁତିବା—ଦେ. (ପ୍ରାଚୀନ ପଦ୍ୟ) କ୍ରି—(ସଂ.ଶୀ ଧାତୁ)-୧ । ଶୋଇବା—
Śutibā 1. To sleep. [ଉ—ପଲଙ୍କେ ଶୁତିଲି
শুয়া सोना ରମା ଏତେକ କହି—ପ୍ରାଚୀ. ଶିଶୁଶଙ୍କର. ଉଷାଭିଳାଷ ।] ୨ । ଭୂମିରେ ଲମ୍ବମାନ ହେବା—
2. To be flat on the ground.

ଶୁତୁକ (ଇତ୍ୟାଦି)—ବୈଦେ. ବି—ଶୁତକ ଇତ୍ୟାଦି (ଦେଖ)
Śutuka (etc) Śutaka etc. (See)

ଶୁଦ୍(ଦ)—ଦେ. ବି (ସଂ. ଶୁଦ୍ର)—୧ । ଶୁଦ୍ର ଜାତି—1. Śūdra
Śud(da) caste. (ଯଥା—ଶୁଦ ଝିଅ) ୨ । ଶୁଦ୍ରଜାତି
শুদ্র शूद्र ବିଶେଷ—2. A class of Śūdras. (ଏମାନେ ମହାନ୍ତି ପ୍ରଭୃତି ସଂଜ୍ଞାରେ ଅଭିହିତ ହୁଅନ୍ତି । ମାଳ ସମାଜରେ

ଏମାନଙ୍କ ସ୍ଥାନ କରଣମାନଙ୍କର ଅନେକ ତଳରେ ।)

ଶୁଦ୍‌— ବଣ (ସ. ଶୂଦ୍ର)—ଶୂଦ୍ର ଜାତୀୟ—Belonging to Śūdra caste. [ଯଥା—ଶୂଦ୍ର ଚଷା) ବୈଦେ- ସିଧା

ଶୁଦ୍ଧ— ବ—ଶୁଦ୍ଧ (ଦେଖ)—Suda (See) ଦେ. କ୍ରି. ବଣ (ସ. ସମୁଚା ଶୁଦ୍ଧ)—୧ । ସବାକୁ—1. Wholly. ୨ । କେବଳ—2. Only. ୩ । ସମ୍ପୂର୍ଣ୍ଣରୂପେ—3. Fully; totally. [ଯ—ଶୁଦ୍ଧ ଉତ୍ତର Due north, ଶୁଦ୍ଧ ପୂର୍ବକୁ wholly or directly to the east.]

ଶୁଦ୍(ଦ, ଧ୍, ଧ) କପିଳା—ଦେ. ବ—କପିଳବର୍ଣ୍ଣ ଶୂଦ୍ର—A brown Śud(d, dh, dha) kapilā Śūdra; a person of the ଫର୍ଷାଶୁଦ୍ର कैलशूद्र Śūdra caste having a brown complexion. [ଭ—ବ୍ରାହ୍ମଣ କଳା, ଶୁଦ୍ର କପିଳା, ଯାଙ୍କୁ ଦେଖି ଦୂରୁଁ ପଳା—ଭଗ ।]

ଶୁଦ୍(ଦ) ଚ(ତ)ଷା—ଦେ. ବ (ସ. ଶୂଦ୍ର ଓ କୃଷକରୁ)—ଚଷା-Śud(da) cha(ta)shā ମାନଙ୍କର ଶ୍ରେଣୀବିଶେଷ—A class ଶୂଦ୍ରଚাষা शूद्रकिसान of Chashās. [ଅନ୍ୟ ଶ୍ରେଣୀମାନଙ୍କୁ ଓଡ଼ଚଷା ବୋଲାଯାଏ ।]

ଶୁଦ—ଦେ. ବ—୧ । (ସ. ଶୂଦ୍ର)—ଶୂଦ୍ର—1. Śūdra. ୨ । Śuda (ସ. କୁଶୀଦ; ପା. ସୂଦ୍) ସୁଦ; ସୁଧ; କରଜ ଦଅଯିବା ଶূদ୍ର सूद ଟଙ୍କା ଉପରେ ମହାଜନଙ୍କୁ ଖାତକର ଦେୟ ଧନ; ବୃଦ୍ଧି ସুদ କଳନ୍ତର—2. Interest. ୩ । (ସ. ଶୁଦ୍ଧ)—ଶুদ্ধ सुद्द ମୃତ ବ୍ୟକ୍ତିର ଶୁଦ୍ଧକ୍ରିୟା—3. The funeral; obsequies.

ଶୁଦ ଅସଲ—ଦେ. ବ (ସମାସ)—ସୁଧ ଓ ମୂଳ; କଳନ୍ତର ଓ ମୂଳ Śuda asala ଟଙ୍କା—Interst and capital of a loan. সুদ আসল सूद मूल

ଶୁଦ ଖାଇବା—ଦେ. କ୍ରି—ଶୁଧ ଖାଇବା (ଦେଖ) Śuda khāibā Śudha khāibā (See)

ଶୁଦ ଘର—ଦେ. ବ—ଶୁଦ୍ଧ ଘର (ଦେଖ)—Śuddha ghara Śuda ghara ଶুদ্ধিক্রিয়া शुद्धिक्रिया (See).

ଶୁଦ୍ ବିଆଜ—ଦେ. ବ (ପା. ସୁଦ୍ ଓ ସ. ବ୍ୟାଜ)—(ଏକାର୍ଥକ Śuda biāja ସମାସ)—ସୁଦ; ସୁଧ—Interest সুদবেয়াজ सुदब्याज

ଶୁଦ(ଦୁ)ର—ଗ୍ରାମ୍ୟ. ବ. ପୁଂ (ସ. ଶୂଦ୍ର)—ଶୂଦ୍ର (ଦେଖ) Śuda(du)ra Śūdra (See) (ଶୁଦୁରଣୀ, ଶୁଦୁରା, ଶୁଦୁରୁଣ, ଶୁଦ୍ରୁଣୀ—ସ୍ତ୍ରୀ)

ଶୁଦୁର—ପ୍ରାଦେ (ପାଟଣା) ବ—ଶୂଦ୍ର (ଦେଖ) Śudura Śūdra (See)

ଶୁଦ(ଧ) ଶିରଦ(ଧ)—ଦେ. ବ—ଶୁଦ୍ଧଶ୍ରାଦ୍ଧ (ଦେଖ) Śuda(dha) śirada(dha) Śuddha śrāddha (See) শুদ্ধি শ্রাদ্ধ शुद्ध श्राद्ध

ଶୁଦ ହେବା—ଦେ. କ୍ରି—ଶୁଦ୍ଧ ହେବା (ଦେଖ) Śuda hebā Suddha hebā (See) শুদ্ধি হওয়া शुद्धि होना

ଶୁଦି(ଦୀ,ଦ୍ଦି,ଦ୍ଦୀ)—ଦେ. ବଣ—ସୁଦି (ଦେଖ) Śudi(dī,ddi,ddī) Sudi (See)

ଶୁଦ୍ଧ—ସ. ବଣ (ଶୁଧ୍ ଧାତୁ=ଶୋଧନ କରିବା; ପବିତ୍ର କରିବା+କର୍ତ୍ତୃ. Śuddha ତ)—୧ । ନିର୍ଦ୍ଦୋଷ—1. Faultless. ୨ । (ଶୁଦ୍ଧତା[ତ୍ୱ]—ସ୍ତ୍ରୀ) ନିଷ୍ପାପ—2. Sinless. ୩ । ଅନିନ୍ଦିତ—3. Blameless. ୪ । ନିଷ୍କଳଙ୍କ—4. Stainless. ୫ । ନିରଞ୍ଜନ; ନିର୍ମଳ—5. Clean. ୬ । ପରିଷ୍କୃତ—6. cleaned. ୭ । ପୂତ; ପବିତ୍ର—7. Pure; holy. ୮ । ପବିତ୍ରୀକୃତ—8. Purified. ୯ । ଶୁଭ୍ର; ଶୁକ୍ଳ—9. White. ୧୦ । ପବିତ୍ରକାରୀ—10. Purifying. ୧୧ । ଉଜ୍ଜ୍ୱଳ—11. Bright. ୧୨ । ସ୍ୱଚ୍ଛ—12. Transparent; pellucid. ୧୩ । ଅମିଶ୍ରିତ; ଖାଣ୍ଟି—13. Unadulterated; unmixed. ୧୪ । ଭ୍ରମଶୂନ୍ୟ—14. Free from imstake, correct. ୧୫ । କେବଳ—15. Mere; শুদ্ধ only; simple. ଦେ. ବ (ସ. ଶୁଦ୍ଧି)—୧ । शुद्ध ଅଶୌଚାନ୍ତେ କର୍ତ୍ତବ୍ୟ ଶୁଦ୍ଧିକ୍ରିୟା—1. Purificatory ceremony after funerals. ୨ । ନିର୍ମଳତା; ପବିତ୍ରତା—2. Cleanliness; purity. [କ୍ରି—ସୁମ ମୋହର କୋଷ୍ଟୁ ଭଲ, ତାହାଙ୍କ ଚିତ୍ତେ ଶୁଦ୍ଧ ନାହିଁ—ଜଗନ୍ନାଥ. ଗୀତବତ ।] ପ୍ରାଦେ (ଗଞ୍ଜାମ) ବ—ଗଞ୍ଜାମ ଜିଲ୍ଲାର ଚାଷୀ ଜାତି ବିଶେଷ—A Sudra caste of the district of Gañjām.

ଶୁଦ୍ଧ ଅଶୁଦ୍ଧ ପୁରାଇ ଗାଇବ, ଲେଖନକାର ଦୋଷ ନ ଧରିବ—ଦେ. ପ୍ରବଚନ (ବ୍ୟଙ୍ଗୋକ୍ତି)—(ପୁସ୍ତକ ବା ଗ୍ରନ୍ଥାଦି ଲେଖିବା ବ୍ୟକ୍ତିର Śuddha aśuddha ପାଠକଙ୍କ ପ୍ରତି ପ୍ରାର୍ଥନା; ଏଥିର purāi gāiba, lekhana- ଅର୍ଥ) ଲେଖକର ଦୋଷରୁ ଗ୍ରନ୍ଥରେ kāra dosha na ରହି ଯାଇଥିବା ଅଶୁଦ୍ଧିମାନଙ୍କୁ ଶୁଦ୍ଧ dhariba କରି ପାଠ କରିବ ଓ ଲେଖକକୁ ଦୋଷ ନ ଦେବ—A couplet used bywriters of manuscripts and intended as a request to the readers) please read the tent iwthout minding the scribe's mistakes.

ଶୁଦ୍ଧ ଚାରିଣୀ—ସ. ବଣ. ସ୍ତ୍ରୀ (ଶୁଦ୍ଧଚାରିନ୍+ସ୍ତ୍ରୀ.ଈ)—ନିଷ୍କଳଙ୍କଚରିତ୍ର-Śuddha chāriṇī ବତୀସ୍ତ୍ରୀ (ସ୍ତ୍ରୀ)—(woman) Of pure charactar or conduct.

ଶୁଦ୍ଧ ଚାରିତା—ସ. ବ (ଶୁଦ୍ଧଚାରିନ୍+ତା)—ପବିତ୍ରାଚରଣ— Śuddha chāritā Pure conduct.

ଶୁଦ୍ଧଚାରୀ—ସ. ବଣ. ପୁଂ (ଶୁଦ୍ଧ+ଚର୍ ଧାତୁ+କର୍ତ୍ତୃ. ଇନ୍, ଶୁଦ୍ଧଚାରିନ୍; Śuddhachārī ୧ମା. ୧ବ)—ନିଷ୍କଳଙ୍କ ଚରିତ୍ରବିଶିଷ୍ଟ—(ଶୁଦ୍ଧାଚାରିଣୀ—ସ୍ତ୍ରୀ) Of faultless or pure conduct.

ଶୁଦ୍ଧତା(ତ୍ୱ)—ସ. ବ (ଶୁଦ୍ଧ+ଭାବ. ତା, ତ୍ୱ)—୧ । ପବିତ୍ରତା—Śuddhatā(twa) 1. Purity. ୨ । ଅନ୍ୟାନ୍ୟ ଅର୍ଥ ପା:ଶ

'ଶୁଦ୍ଧ' ତଳେ ନୋଟ୍ ଦେଖ—2. See the note under Śuddha for other meanings.

ଶୁଦ୍ଧଦତ୍—ସ. ବି. ପୁଂ (ବହୁବ୍ରୀହି—ଶୁଦ୍ଧଦନ୍ତ ଯାହାର; ଦନ୍ତ ସ୍ଥାନରେ ଦତ୍ ଆଦେଶ)—ଶୁଭ୍ରଦନ୍ତବିଶିଷ୍ଟ—Having bright teeth.
Śuddhadat
(ଶୁଦ୍ଧଦତୀ—ସ୍ତ୍ରୀ)

ଶୁଦ୍ଧ ପୂତ—ସ. ବିଣ (ଏକାର୍ଥକ ସହଚର)—ଶୁଦ୍ଧ ଓ ପବିତ୍ର—Pure; pure and holy; clean and pure.
Suddha pūta
(ଶୁଦ୍ଧପୂତା—ସ୍ତ୍ରୀ)

ଶୁଦ୍ଧ ପ୍ରେମରୂପା—ସ. ବି—କାବ୍ୟୋକ୍ତ ନାୟିକା ବିଶେଷ—A class of heroines in fiction. (ନାୟିକା ତଳେ ନୋଟ୍ ଦେଖ)—(See the notes under Nāyikā)
Śuddh premarūpā

ଶୁଦ୍ଧ ପ୍ରେମା—ସଂ. ବି—ଶୁଦ୍ଧ ପ୍ରେମରୂପା (ଦେଖ)
Śuddha premā — Śuddha premarūpā (See)

ଶୁଦ୍ଧ ବୁଦ୍ଧ—ସଂ. ବିଣ. ପୁଂ—୧। ମାୟାବିରହିତ—1. Free from illusion. ୨। ସର୍ବଜ୍ଞତା—2. All-knowing.
Śuddha buddha

ଶୁଦ୍ଧ ମତି—ସଂ. ବି (କର୍ମଧା=ଶୁଦ୍ଧ+ମତି)—୧। ପବିତ୍ର ଚିତ୍ତ—1. Pure heart. ୨। ପବିତ୍ର ମନ—2. Pure mind. ବିଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ଶୁଦ୍ଧ ଅଛି ମତି ଯାହାର)—ପବିତ୍ରଚେତାଃ—Pure-minded.
Śuddha mati

ଶୁଦ୍ଧ ମାଂସ—ସଂ (ବୈଦ୍ୟକ)—(ଶୁଦ୍ଧ=ଅସ୍ଥି ଅବମିଶ୍ରିତ+ମାଂସ)—୧। ଅସ୍ଥିଶୂନ୍ୟ ଘୃତପକ୍ୱ ଉପକରଣଯୁକ୍ତ ମାଂସ—1. Boneless meat stewed in ghee and boiled and flavoured with spice paste. [ବି—ପାକ ପାତ୍ରରେ ତେଲ ବା ଘୃତ ଦେଇ ସେଥିରେ ପ୍ରଥମେ ହେଙ୍ଗୁ ଓ ହଳଦ ଭଜି ଛାଗାଦିର ଅସ୍ଥିରହିତ ମାଂସକୁ ଖଣ୍ଡ ଖଣ୍ଡ କରି ଧୋଇ ଲଗାଇ ଭଲ୍ଲ ଘୃତ ବା ତେଲରେ ମୃଦୁ ଅଗ୍ନିରେ ଭାଜି ସାରି, ପରେ ପାଣି ଦେଇ ସିଦ୍ଧ କରିବ ଓ ଲବଣ ଦେବ। ପାକ ସିଦ୍ଧ ହେଲେ ବଟା ମସଲା ପାଣିରେ ଗୋଳାଇ ସେଥିରେ ଯୋଗ କରିବ। ଏହାକୁ ଶୁଦ୍ଧ ମାଂସ ବୋଲାଯାଏ। ଏହା ଅତ୍ୟନ୍ତ ଶୁକ୍ରବର୍ଦ୍ଧକ, ବଳକାରକ, ରୁଚିକର, ତ୍ରିଦୋଷନାଶକ, ଅଗ୍ନିପ୍ରସାଦକ ଓ ଧାତୁବର୍ଦ୍ଧକ।] ୨। ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଓ ବଳିଦାନ ପ୍ରଭୃତିରେ ଉତ୍ସୃଷ୍ଟ ମାଂସ—2. Meat offered to Deities in Vedic sacrifice.
Śuddha mām̐sa

ଶୁଦ୍ଧ ମୁଖ—ସ. ବି—୧। ସୁଖାୟତ୍ (ଦେଖ) (ଶବ୍ଦମାଳା)—1. Sukhāyat (See) ୨। ସୁଶିକ୍ଷିତ ଅଶ୍ୱ—2. A well-trained horse.
Śuddha mukha

ଶୁଦ୍ଧ ଶିରାଧ—ଗ୍ରା. ବି (ସ. ଶୁଦ୍ଧି ଓ ଶ୍ରାଦ୍ଧ)—ଶୁଦ୍ଧ ଶ୍ରାଦ୍ଧ (ଦେଖ)
Śuddha śirādha — Śuddha śrāddha (See)

ଶୁଦ୍ଧ ଶ୍ରାଦ୍ଧ—ଦେ. ବି (ସହଚର)—ହିନ୍ଦୁ ସମାଜରେ ମନୁଷ୍ୟର ମୃତ୍ୟୁ ପରେ ପିଣ୍ଡଦାନାଦି ଓ ଜ୍ଞାତିମାନଙ୍କ ଶୌଚ୍ୟ ରୂପ କର୍ମ—Oblations of rice offered to the departed spirits of men and purificatory rites in connection with obsequies.
Śuddha śrāddha
ଶୁଦ୍ଧି ଶ୍ରାଦ୍ଧ
ଶୁଦ୍ଧ ଶ୍ରାଦ୍ଧ

ଶୁଦ୍ଧ ସତ୍ତ୍ୱ—ସ. ବିଣ. ପୁଂ (ବହୁବ୍ରୀହି; ଶୁଦ୍ଧ ଅଛି ସତ୍ତ୍ୱ ଯାହାର)—ପବିତ୍ରାତ୍ମା, ପବିତ୍ରଚେତାଃ—Righteous; pure-souled; pure-minded.
Śuddha satwa
(ଶୁଦ୍ଧ ସତ୍ତ୍ୱା—ସ୍ତ୍ରୀ)

ଶୁଦ୍ଧ ସୁବର୍ଣ୍ଣ—ସ. ବି (କର୍ମଧା)—୧। ଖାଣ୍ଟି ବା ଅନ୍ୟ ଧାତୁ ଅମିଶ୍ରିତ ସ୍ୱର୍ଣ୍ଣ—1. Pure or unalloyed gold. ୨। (ଲକ୍ଷଣାର୍ଥ) ପବିତ୍ରାତ୍ମା—2. (figurative) Pure-minded.
Śuddha subarṇna

ଶୁଦ୍ଧ ସ୍ନାତ—ସଂ ବିଣ ପୁଂ—ଶୁଦ୍ଧି ସ୍ନାତ (ଦେଖ)
Śuddha snāta — Śuddhi snāta (See)
(ଶୁଦ୍ଧ ସ୍ନାତା—ସ୍ତ୍ରୀ)

ଶୁଦ୍ଧ ସ୍ନାନ—ସଂ. ବି—ଶୁଦ୍ଧି ସ୍ନାନ (ଦେଖ)
Śuddha snāna — Śuddhi snāna (See)

ଶୁଦ୍ଧ ସ୍ଫଟିକ—ସଂ. ବି (କର୍ମଧା)—ସ୍ୱଚ୍ଛ ବା ଶୁଭ୍ର ସ୍ଫଟିକ—Bright crystal; transparent quartz.
Śuddha sphaṭika

ଶୁଦ୍ଧାଚରଣ—ସଂ. ବି (କର୍ମଧା)—ପବିତ୍ର ଆଚରଣ—Pure conduct. ବିଣ. ପୁଂ—ପବିତ୍ର ଆଚରଣ ବିଶିଷ୍ଟ—Of pure character or conduct.
Śuddhācharaṇa
(ଶୁଦ୍ଧାଚରଣା—ସ୍ତ୍ରୀ)

ଶୁଦ୍ଧାଚାର—ସଂ. ବି (କର୍ମଧା)—ପବିତ୍ର ଆଚାର—Pure conduct. ବିଣ. ପୁଂ (ବହୁବ୍ରୀହି)—ଶୁଦ୍ଧାଚାରୀ; ପବିତ୍ରାଚାରଯୁକ୍ତ—Of pure conduct.
Śuddhāchāra
(ଶୁଦ୍ଧାଚାରା—ସ୍ତ୍ରୀ)

ଶୁଦ୍ଧାଚାରୀ—ସଂ. ବିଣ. ପୁଂ (ଶୁଦ୍ଧ+ଆଚାର+ଇନ୍; ଶୁଦ୍ଧାଚାରନ୍; ୧ମା. ୧ବ)—ପବିତ୍ରାଚାରଯୁକ୍ତ—Of pure actions.
Śuddhāchāri
(ଶୁଦ୍ଧାଚାରିଣୀ—ସ୍ତ୍ରୀ)

ଶୁଦ୍ଧାନ୍ତ—ସଂ. ବି (ବହୁବ୍ରୀହି; ଶୁଦ୍ଧ=ପବିତ୍ର ହୋଇଅଛି ଅନ୍ତ=ଶେଷ ଯାହାର)—୧। ଅନ୍ତଃପୁର; ଅନ୍ଦର ମହଲ; ରଣିବାସ—1. Harem: the female apartment. ୨। ଅନ୍ତଃପୁରର ସ୍ତ୍ରୀ—2. A house-wife. ୩। ପରଦାନଶୀନ ସ୍ତ୍ରୀ—3. A woman observing the purdah system. ୪। ଅଶୌଚାନ୍ତ—4. The final oblations at the end of the funerals.
Śuddhānta

ଶୁଦ୍ଧାନ୍ତଚର—ସଂ ବିଣ ଓ ବି ପୁଂ—ଅନ୍ତଃପୁରରେ ଚଳପ୍ରଚଳ ହେବା ଭୃତ୍ୟ—An attendant in the harem; (a male servant) having access to a harem.
Śuddhāntachara
[ଶୁଦ୍ଧାନ୍ତଚର—ଅନ୍ୟରୂପ]

ଶୁଦ୍ଧାନ୍ତ ବାସିନୀ—ସଂ ବିଣ (ଉପପଦ ତତ୍ପୁରୁଷ)—ପରଦାନଶୀନ ସ୍ତ୍ରୀ; ଅନ୍ତଃପୁରବାସିନୀ—(a woman) Observing the privacy of the harem; pardānashin (woman).
Śuddhānta bāsini

ଶୁଦ୍ଧାନ୍ତ ରକ୍ଷକ—ସଂ. ବି. ପୁଂ —ଅନ୍ତଃପୁର ଜଗିବା ଭୃତ୍ୟ—
Śuddhānta rakshaka A servant who guards the harem.
[ଶୁଦ୍ଧାନ୍ତ ରକ୍ଷିକା—ସ୍ତ୍ରୀ]

ଶୁଦ୍ଧାନ୍ତା—ସଂ. ବି. ସ୍ତ୍ରୀ (ଶୁଦ୍ଧାନ୍ତ+ସ୍ତ୍ରୀ. ଆ)—୧ । ରାଣୀ; ରାଜପତ୍ନୀ—
Śuddhāntā 1. A queen. ୨ । ରାଜାଙ୍କ ରକ୍ଷିତା ସ୍ତ୍ରୀ—2. A king's mistress or concubine. ୩ । ରାଜାଙ୍କ ପୋଇଲି ବା ଘର ଝିଅ—3. A maid of the king's harem.

ଶୁଦ୍ଧାନ୍ତଃ କରଣ—ସଂ. ବି (କର୍ମଧା)—ପବିତ୍ର ବା ନିର୍ମଳ ହୃଦୟ—
Śuddhāntaḥ karaṇa Pure heart. ସଂ. ବଣ. ପୁଂ (ଶୁଦ୍ଧାନ୍ତଃକରଣା—ସ୍ତ୍ରୀ) (ବହୁବ୍ରୀହି)—ପବିତ୍ର ହୃଦୟ (ବ୍ୟକ୍ତି)—Pure minded (person).

ଶୁଦ୍ଧା ଭକ୍ତି—ଫଳକାମନା ବିରହିତ ବା ନିଷ୍କାମ ଭକ୍ତି—
Śuddhā bhakti Selfless devotion.

ଶୁଦ୍ଧା ଶୁଦ୍ଧ—ସଂ. ବଣ ଶୁଦ୍ଧ+ଅଶୁଦ୍ଧ)—ଶୁଦ୍ଧ ଓ ଅଶୁଦ୍ଧ—Correct
Śuddhā śuddha and incorrect; pure and impure; pure and mixed.

ଶୁଦ୍ଧି—ସ. ବି (ଶୁଧ୍ ଧାତୁ+ଭାବ. ତି)—୧ । ଶୋଧନ—1. Puri-
Śuddhi fication. ୨ । ମାର୍ଜନା—2. Scouring; cleansing. ୩ । ସଂସ୍କାର—3. Purificatory rites. ୪ । ଶୁଦ୍ଧତା—4. Cleanness. ୫ । ପବିତ୍ରତା—5. Purity. ୬ । ନିର୍ମଳତା, ସ୍ୱଚ୍ଛତା—6. Clearness; transparency. ୭ । ଭ୍ରମଶୂନ୍ୟତା—7. Correcness. ୮ । ଭୁଲ ସଂଶୋଧନ—8. Correction. ୯ । ସଂସ୍କାର ବିଶେଷ; ପ୍ରାୟଶ୍ଚିତ୍ତ—9. Expiatory rites after pollution. ୧୦ । ଅଶୌଚାନ୍ତ ପ୍ରାୟଶ୍ଚିତ୍ତ—10. Expiatory or purificatory rites after funerals. ୧୧ । ଦୁର୍ଗା—11. The Goddess Durgā.

ଶୁଦ୍ଧିକର—ସଂ. ବଣ—ପବିତ୍ରତାବିଧାୟକ—
Śuddhikara Purifying.

ଶୁଦ୍ଧି କର୍ମ—ସଂ. ବି—୧ । ମୃତାହରେ କର୍ତ୍ତବ୍ୟ ଶୁଦ୍ଧିକ୍ରିୟା—1. Puri-
Śuddhi karma ficatory rites in funerals. ୨ । ପ୍ରାୟଶ୍ଚିତ୍ତ—2. Expiation; purificatory rites.

ଶୁଦ୍ଧି ପତ୍ର—ସଂ. ବି (ଅଧୁନିକ)—ଛପା ପୁସ୍ତକରେ ଥିବା ଅଶୁଦ୍ଧ ବର୍ଣ୍ଣ
Śuddhi patra ଓ ସେ ସବୁ ପରିବର୍ତ୍ତରେ ପଠନୀୟ ଶୁଦ୍ଧବର୍ଣ୍ଣମାନଙ୍କର ତାଲିକା—A list of errors which appear in a printed book and their correction (attached to the book); corrigenda; errata.

ଶୁଦ୍ଧି ଶ୍ରାଦ୍ଧ—ସ. ବି (ନୂତନ)—ଶୁଦ୍ଧ ଶ୍ରାଦ୍ଧ (ଦେଖ)
Śuddhi śrāddha Śuddha śrāddha (See)

ଶୁଦ୍ଧି ସ୍ନାତ—ସଂ. ବଣ. ପୁଂ (ଶୁଦ୍ଧି+ସ୍ନାତ; ମ. ପ. ଲୋ)—ଅଶୌଚାନ୍ତେ ଯେ ସ୍ନାନ କରିଥାଏ—Having
Śuddhi snāta taken a purificatory bath.
[ଶୁଦ୍ଧି ସ୍ନାତା—ସ୍ତ୍ରୀ]

ଶୁଦ୍ଧି ସ୍ନାତା—ସଂ. ବଣ. ସ୍ତ୍ରୀ—ରଜୋଦର୍ଶନ ପରେ ଋତୁସ୍ନାତା—
Śuddhi snātā (a woman) Who has taken a purificatory bath after menses.

ଶୁଦ୍ଧି ସ୍ନାନ—ସଂ. ବି (ମ. ପ. ଲୋ; ଶୁଦ୍ଧି ଉପଲକ୍ଷରେ ସ୍ନାନ)—
Śuddhi snāna ୧ । ଅଶୌଚାନ୍ତ ସ୍ନାନ—1. Purificatory bath after funerals; expiatory bath. ୨ । ସ୍ତ୍ରୀମାନଙ୍କର ଋତୁସ୍ନାନ—2. The purificatory bath after the menses.

ଶୁଦ୍ଧୀକୃତ—ସଂ. ବଣ (ଶୁଦ୍ଧ+ଅଭୂତତଦ୍ଭାବେ ଚ୍ୱି [ଈ]+କୃତ)—
Śuddhīkṛuta ବିଶୁଦ୍ଧୀକୃତ; ଯେଉଁ ଅଶୁଦ୍ଧ ବସ୍ତୁକୁ ଶୁଦ୍ଧ କରାଯାଇଥାଏ—Purified; consecrated.

ଶୁଦ୍ଧୋଦନ—ସ. ବି—(ନାମ)—ଶାକ୍ୟବଂଶୀୟ ବୁଦ୍ଧଙ୍କର ପିତା ଓ ମତାନ୍ତରରେ ପିତାମହ—The
Śuddhodana name of the father and (according to some the grand-father) of the Buddha. [ହିମାଳୟର ପାଦଦେଶରେ ଓ ଅଯୋଧ୍ୟାର ଉତ୍ତରରେ ଅବସ୍ଥିତ କପିଳବାସ୍ତୁ ରାଜ୍ୟର ରାଜା । ଏ ରାଜା ଦଣ୍ଡପାଣିଙ୍କ ୨ ଟି କନ୍ୟା ମହାମାୟା ଓ ଗୌତମୀଙ୍କୁ ବିବାହ କରିଥିଲେ, ମହାମାୟାଙ୍କ ଗର୍ଭରେ ବୁଦ୍ଧଦେବ ଜନ୍ମଗ୍ରହଣ କରିଥିଲେ । ମତାନ୍ତରରେ ଶୁଦ୍ଧୋଦନ ବୁଦ୍ଧଦେବଙ୍କ ପିତାମହ ଓ ବୁଦ୍ଧଦେବଙ୍କ ପିତାଙ୍କ ନାମ ଶୁଦ୍ଧୋଦନ ।]

ଶୁଦ୍ର—ଗ୍ରା. ବି. ପୁଂ—(ସ. ଶୂଦ୍ର)—ଶୂଦ୍ର (ଦେଖ)
Śudra ଉଦ୍ Śūdra (See)
[ଶୁଦ୍ରାଣୀ—ସ୍ତ୍ରୀ]

ଶୁଧ୍ (ଧାତୁ)—ସ.—୧ । ଶୋଧନ କରିବା—1. To purify; to
Śudh (root) refine. ୨ । ପବିତ୍ର କରିବା—2. To hallow. ୩ । ଭ୍ରମ ସଂଶୋଧନ କରିବା—3. To rectify; to correct. ୪ । ପବିତ୍ରୀକୃତ ହେବା—4. To become purified (Apte). ୫ । ସଫା କରିବା—5. To cleanse (Apte) ୬ । ଅନୁକୂଳ ବା ଶୁଭ ହେବା—6. To be auspicious or favourable (Apte). ୭ । (ଋଣ ଅର୍ଥ) ଶୁଝିବା—7. To clear off; to pay off; to liquidate (Apte). ୮ । ତଦନ୍ତ କରିବା—8. To investigate; to enquire [Apte] ୯ । (ମନ) ସନ୍ଦେହମୁକ୍ତ ହେବା—9. To have the doubts removed. [Apte]

ଶୁଧ୍—ଦେ. ବଣ—(ସ. ଶୂଦ୍ରଜାତୀୟ—1. Belonging to
Śudh Śūdra caste. ୨ । (ସ. ଶୁଦ୍ଧ)—
ସିର୍ଫ଼ [ଦା] ସମୁଚା (ବସ୍ତୁବାଚକ ଶବ୍ଦ ସଙ୍ଗେ ଯୁକ୍ତ) କେବଳ—2. Mere; only. (ଯଥା—ଶୁଧ୍ ଭାତ, ଶୁଧ୍ ପୂର୍ବ)

୩ । ଅମିଶ୍ରିତ—3. Unmixed. ବି.—(ସଂ. ଶୂଦ୍ର)-
୧ । ଶୂଦ୍ର—1. A śūdra. ୨ । ଏକଜାତୀୟ ଶୂଦ୍ର—
2. A class of Śūdra. ଅଣର ଅବ୍ୟ.—(ସଂ.
শুধু[ষ] বিলকুল ଶୁଦ୍ଧ)—୧ । କେବଳ ମାତ୍ର—1. Merely.
୨ । ସମ୍ପୂର୍ଣ୍ଣରୂପେ—2. Fully; entirely;
directly. [ଯଥା—ଶୁଧ୍ ମିଛୁଆ ।] ଦେଶଜ. ବି—
সুদ সুদ (ଫା. ସୁଦ)—ସୁଦ; ଋଣବୃଦ୍ଧି—Interest.

ଶୁଧ ଉତ୍ତର —ଦେ. ବି—ଠିକ୍ ଉତ୍ତର ଦିଗ—Due north.
Śudh uttara সিদা[ধা] উত্তর सीधा उत्तर
[ଦ୍ର—ଏହିପରି ଶୁଧ ପୂର୍ବ, ଶୁଧ ପଶ୍ଚିମ, ଶୁଧ ଦକ୍ଷିଣ ଆଦି ପ୍ରୟୋଗ ହୁଏ ।]

ଶୁଧ୍ କପିଳା —ଦେ. ବି—କପିଳବର୍ଣ୍ଣ ବିଶିଷ୍ଟ ଶୂଦ୍ର ବ୍ୟକ୍ତି—
Śudh kapilā A śūdra of tawny
কটা শুদ্র colour. [ପ୍ର—ବ୍ରାହ୍ମଣ କଳା, ଶୁଧ କପିଳା
कैला शूद्र ଯାଙ୍କୁ ଦେଖି ବୁଦ୍ଧି ପଳା—ଢଗ ।]

ଶୁଧ୍ ଖୋର୍—ଦେଶଜ. ବିଣ. ଓ ବି—(ଫା. ସୁଦ୍‌ଖୋର୍)—୧ । କୁଶୀଦ-
Śudh khor ଜୀବୀ—1. One who lives on the
সুধখোর सूदखोर interest on loans advanced by
[ସୁଦଖୋର, ଶୁଧ୍‌ଖୋରିଆ—ଅନ୍ୟରୂପ] him. ୨ । ଯେଉଁ
ବ୍ୟକ୍ତି ଖାତକମାନଙ୍କଠାରୁ ଅତ୍ୟଧିକ ଶୁଧ ନିଏ—
2. An usurer.

ଶୁଧ୍ ଖୋରି—ଦେ. ବି—କୁଶୀଦ ବ୍ୟବସାୟ—
Śudh khori সুধখোরি सूदखोरी Usury.

ଶୁଧ୍ ଚ(ଚା)ଷା—ଦେ. ବି—ଏକ ଜାତୀୟ ଚଷା—A class of
Śudh cha[ta]shā cultivators of the Śūdra
শূদ্রচাষা caste. [ଦ୍ର—ଚଷାମାନଙ୍କର ଅନ୍ୟ ଶ୍ରେଣୀକୁ
शूद्रकिसान ଓଡ଼ ଚଷା ବୋଲାଯାଏ ।]

ଶୁଧ୍ ପଗଳା(ଲା)—ଦେ. ବିଣ.—(ସଂ. ଶୁଦ୍ଧ ଓ ଫା. ପଗଲ୍)-ବଦ୍ଧ ପାଗଳ
Śudh pagalā [lā] বদ্ধ পাগল Stark mad.
बिलकुल पागल [ଶୁଧ୍ ପାଗଲ(ଳ)—ଅନ୍ୟରୂପ]

ଶୁଧ୍ ବଗୁ(ବୁ)ଲି—ଦେ. ବି—ଅତ୍ୟନ୍ତ ବଗୁଲିଆ—
Śudh bagu[bu]lia Very wicked or wanton.
[ଶୁଧ୍ ବଗୁଲିଆ, ଶୁଧ୍ ବବ(ବୁ)ଲିଆ—ଅନ୍ୟରୂପ]
পাকা দুষ্ট, পাকা বজ্জাত पक्का बदमाश

ଶୁଧ ମିଛ—ଦେ. ବି—(ସଂ. ଶୁଦ୍ଧ ଓ ମିଥ୍ୟାରୁ) ପୂର୍ଣ୍ଣ ମିଥ୍ୟା କଥା;
Śudh michha ଯହିଁରେ ଲେଶ ମାତ୍ର ସତ୍ୟ
ডাহা মিথ্যা ନାହିଁ—A totaly false thing; unmixed
सरासर झूठ falsehood.

ଶୁଧ୍ ମିଛୁଆ—ଦେ. ବିଣ ଓ ବି. ପୁଂ—ଅତ୍ୟନ୍ତ ମିଥ୍ୟାବାଦୀ—
Śudh michhuā An inveterate liar; a conform-
ডাহা মিথ্যাবাদী सरासर झूठा ed liar.
[ଶୁଧ୍ ମିଛେଇ—ସ୍ତ୍ରୀ] [ଦ୍ର—ଏହିପରି ଅନ୍ୟ ବିଶେଷ ଶବ୍ଦ
ପୂର୍ବରେ ଅଧିକ ବା ଅତିଶୟାର୍ଥେ ଶୁଧ୍ ବ୍ୟବହାର ହୁଏ ।]

ଶୁଧ—ଦେ. ବି—(ସଂ. ଶୁଦ୍ଧ)—୧ । ଅଶୌଚାନ୍ତ, ଅନ୍ତ୍ୟେଷ୍ଟି କ୍ରିୟାର
Śudha শুদ্ধি शुद्ध ଶେଷରେ କର୍ତ୍ତବ୍ୟ କର୍ମ; ଶୁଦ୍ଧି କ୍ରିୟା—
শুদ্ধ शुद्ध 1. Purificatory rites after the funerals.
୨ । ଶୂଦ୍ର—2. A śūdra. ୩ । ଚଷାମାନଙ୍କର
ଶ୍ରେଣୀଭେଦ—3. A caste of cultivators.
সুদ सूद ଦେଶଜ ବି.—(ଫା. ସୁଦ)—ସୁଦ; କୁଶୀଦ—
4. Interest. ଦେ. ବିଣ—(ସଂ. ଶୂଦ୍ର)—୧ ।
ଶୂଦ୍ର ଜାତୀୟ—1. Belonging to śūdra caste. ୨ । (ସଂ. ଶୁଦ୍ଧ) ଅମିଶ୍ର—2. Unmixed
୩ । ଶୁଦ୍ଧ—3. Pure. ୪ । ଶୁଧ; କେବଳ—
4. Only; sole

ଶୁଧ କପିଳା—ଦେ. ବି—ଶୁଧ୍ କପିଳା (ଦେଖ)
Śudha kapilā Śudh kapilā [See]

ଶୁଧଖୋର—ଶୁଧ୍‌ଖୋର୍ (ଦେଖ)
Śudha khora Sudh khor [See]

ଶୁଧ ଘର—ଦେ. ବି ୧ । ମୃତବ୍ୟକ୍ତିର ଶୁଦ୍ଧିକ୍ରିୟା—1. Obsequies
Śudha ghara or funeral ceremony and puri-
শুদ্ধিশ্রাদ্ধ ficatory rites observed in the family
शुद्धश्राद्ध of a deceased ୨ । ମୃତବ୍ୟକ୍ତିର ଦଶାହ କ୍ରିୟା
(ଯେଉଁ ଦିନ କୁଟୁମ୍ବମାନେ କ୍ଷୌର ଓ ସ୍ନାନ କରି ଶୁଦ୍ଧ
ହୁଅନ୍ତି)—2. The purificatory rites done
on the 10th day of a man's death.

ଶୁଧବାଦ—ଗ୍ରା. ବି (ଜନଶ୍ରୁତି ସଙ୍ଗତ) ଶୁଦ୍ଧକ୍ରିୟା—
Śudhabāda Purificatory rites.

ଶୁଧ(ଧ୍ୟା) ବ୍ରାହ୍ମଣ—ଗ୍ରା. ବି ଯେଉଁ ବ୍ରାହ୍ମଣ ଦଶାହ କ୍ରିୟାରେ
Śudha [dhya] brāhmūṇa ପୌରୋହିତ୍ୟ କରେ; ଶୂଦ୍ରଙ୍କ
শ্রাদ্ধব্রাহ্মণ ବ୍ରାହ୍ମଣ—A Brahmaṇa who officiates
शूद्रब्राह्मण at the funeral obltiaons that are
performed before the 11th day of one's death.

ଶୁଧ ବିଆଜ—ଦେ. ବି ଶୁଦ ବିଆଜ (ଦେଖ)—
Śudha biāja Suda biāja [See]

ଶୁଧମୂଳ—ଦେ. ବି ସୁଧ ବା ଋଣବୃଦ୍ଧି ଓ ମୂଳ—Interest and
Śudha mūla capital of a loan.
(ଶୁଧ ଅସଲ—ଅନ୍ୟରୂପ)
সুদআসল सूदमूल

ଶୁଧର(ରେ)ଇବା—ଦେ. କ୍ରି ଶୁଧୁରାଇବା [ଦେଖ]
Śudharā (re) ibā Śudhurāibā [See]

ଶୁଧରାଣ—ଗ୍ରାଦେ.(ମେଦିନୀପୁର) ବି—(ବଙ୍ଗଳାରୁ ଅନୁକୃତ) ଶୁଧୁରାଇବା।
Śudharāṇa [ଦେଖ]—Śudhurāibā [See]
সুধরান सुधराना

ଶୁଧ[ଧ୍ୟା]ସିରାଧ—ଗ୍ରା ଦେ.ବି [ସଂ. ଶୁଦ୍ଧି ଓ ଶ୍ରାଦ୍ଧ) ୧ । ଶୁଦ୍ଧଶ୍ରାଦ୍ଧ (ଦେଖ)
Śudha (dhya) śiraeha 1. Suddha sraddha (See)
[ଶୁଧ ଶ୍ରାଧ(ଦ୍ଧ)—ଅନ୍ୟରୂପ] ୨ । ସତ୍ୟଭଳ—ମୃତବ୍ୟକ୍ତିର ଶୁଦ୍ଧିକ୍ରିୟା
শুদ্ধশ্রাদ্ধ शुद्धश्राद्ध ଓ ଶ୍ରାଦ୍ଧ—2. Offerings made

to the spirit of a deceased during the funerals and purificatory rites thereof.

ଶୁଧ(ଧ୍ୟ)ସୁଆର—ଦେ. ବ (ସଂ. ଶୁଦ୍ର ଓ ସୂପକାରରୁ) ପୁରୀ ଜଗନ୍ନାଥ Śudha(dhya)suāra ମହାପ୍ରଭୁଙ୍କ ଶୁଦ୍ର ସେବକ ବିଶେଷ— **शूद्र पाचक** A class of Śūdra Sebakas of the Deity Jagannātha at Puri. [ଦ୍ର—ଜଗନ୍ନାଥଙ୍କୁ ପ୍ରଥମେ ଜଙ୍ଗଲରୁ ଆଣିଥିବା ବିଦ୍ୟାପତି ବ୍ରାହ୍ମଣ ଓ ଶବର କନ୍ୟା ଲଳିତାଙ୍କ ଗର୍ଭରୁ ଜାତ ସନ୍ତାନର ବଂଶଧର ଅଟନ୍ତି। ଏମାନେ ସ୍ନାନ ପୂର୍ଣ୍ଣିମା ପରେ ଜଗନ୍ନାଥଙ୍କ ଦେହରେ ଲେପ ଲଗାଇବା ପାଇଁ ଗୁଡ଼ୁଚିର ଖଳ ସଜନ୍ତି। ଖଳ ସଜିବା ଯୋଗୁଁ ଏମାନେ 'ସୁପକାର' ବା 'ସୁଆର' ଓ ବ୍ରାହ୍ମଣ ଔରସରେ ଶବରୁଣୀ ଗର୍ଭରୁ ଜାତ ହୋଇ ଥିବାରୁ 'ଶୁଦ୍ର' ନାମରେ ଅଭିହିତ]

ଶୁଧ(ଧ୍ୟ) ହେବା—ଦେ. କ୍ରି—ମୃତବ୍ୟକ୍ତିର କୁଟୁମ୍ବଗଣ କର୍ତ୍ତୃକ ଶୌଚ Śudha(dhya)hebā ଦିବସ ପରେ ସ୍ନାନାଦି କରି ପାକ ଶାକାଦି শুদ্ধ হওয়া **शुद्धहोना** ପରିବର୍ତ୍ତନ ପୂର୍ବକ ଶୁଦ୍ଧିଲାଭ କରିବା To undergo purificatory rites after a person's death. (Said of the kinsmen of a deceased)

ଶୁଧାଇବା—ଦେ. କ୍ରି (ସଂ. ଶୁଧ୍ ଧାତୁରୁ) ୧। ସୁଝାଇବା; Śudhāibā ପରିଶୋଧ କରାଇବା—1. To cause to শোধ করান **परिशोध करवाना** repay. ୨। (ସଂ. ଶୁଦ୍ଧ) শোধন করা **शुद्ध करना** ପରିଷ୍କାର କରିବା—2. To cleanse; ব্ঝান **सुझादेना** to purify. ୩। ସୁଧାରିବା, ଶୁଧୁରାଇବା (ଦେଖ)—3. Śudhāibā, śudhurāibā (See)

ଶୁଧାର—ଦେ. ବିଣ (ସଂ. ଶୁଦ୍ଧକୃତ ବା ସୁଧାର)—୧। ରୋଗମୁକ୍ତ Śudhāra [ଦେହ]—1. Cured (body) ୨। ନିୟମିତ— সুস্থ **सुस्थ** 2. Regular. [ଦ୍ର—ମୋ ଦେହ ଅବସ୍ଥା ସୁଧାର ହୋଇ ନାହିଁ] ୩। ସ୍ୱାସ୍ଥ୍ୟପ୍ରାପ୍ତ—3. Restored to health ସ୍ତ୍ରୀ—୪। (ସଂ. ଶୁଦ୍ଧ) ଶାନ୍ତ; ଯେ ଦୁଷ୍ଟ ନୁହେ— (ଶୁଧାଣୀ, ଶୁଧାରେଇ—ସ୍ତ୍ରୀ) 4. Calm and quiet. ୫। শান্ত ଦୋଷଶୂନ୍ୟ—5. Faultless. ୬। ଯାହାର ଦୋଷମାନ शान्त ସଂଶୋଧିତ ହୋଇ ଯାଇଅଛି—6. Corrected; made faultless. (ଦ୍ର—ଶୁଧାର ଘୋଡ଼ା; ଶୁଧାରିଆ ଗାଈ।)

ଶୁଧାରିବା—ଦେ. କ୍ରି—ଶୁଧୁରାଇବା (ଦେଖ)
Śudhāribā Śudhurāibā. (See)

ଶୁଧି—ଗ୍ରା. ବ (ସଂ. ଶୁଦ୍ଧି)—ଶୁଦ୍ଧି (ଦେଖ)
Śudhi Śudhi. (See)

ଶୁଧିଆ—ଗ୍ରା. ବିଣ (ସଂ. ଶୁଦ୍ଧ)—ଶୁଦ୍ଧ (ଦେଖ)—
Śudhia শুদ্ধ **शुद्ध** Śuddha, (See)
শুদ্ধি **शुद्धि** ବ—ଶୁଦ୍ଧ (ଦେଖ)—Śuddha (See)

ଶୁଧିଆ ଘର—ଗ୍ରା. ବ—ଶୁଦ୍ଧ ଘର (ଦେଖ)
Śudhia ghara Śuddha ghara (See)

ଶୁଧିଆ ହେବା—ଗ୍ରା. କ୍ରି—ଶୁଧ ହେବା (ଦେଖ)
Śudhia hebā Śudha hebā (See)

ଶୁଧିଆ—ଦେ. ବିଣ—୧। ଶୁଦ୍ଧକ୍ରିୟା ସମ୍ବନ୍ଧୀୟ—1. Relating to Śudhiā purificatory and funeral rites. ୨। ଯେ যে শুদ্ধ হয়েছে କୌଣସି ମୃତବ୍ୟକ୍ତିଙ୍କୁ ଶୁଧ ହୋଇଅଛି— **जे शुद्ध हुआहै** 2, A kinsman who has performed the funerals of a decased.

ଶୁଧୁରା(ରେ)ଇବା—ଦେ. କ୍ରି (ସଂ. ଶୁଧ୍ ଧାତୁ ବା ସୁଧାରରୁ; ଶୁଧୁରିବା Śudhurā(re)ibā କ୍ରିୟାର ଣିଜନ୍ତରୂପ)—୧। କୌଣସି সুধরান ବ୍ୟକ୍ତିର ବା ବସ୍ତୁର ଦୋଷାଦିକୁ ସଂସ୍କୃତ କରିବା; **सुधराना** ସୁଧାରିବା—1. To correct the faults of a person or a thing. ୨। ଅଶୁଦ୍ଧି ସଂଶୋଧନ କରିବା—2. To rectify a mistake; to amend. ୩। କୌଣସି ବ୍ୟକ୍ତିର ଦୁଷ୍ଟାମି ବା ମନ୍ଦ ଆଚରଣକୁ ସଂଶୋଧନ କରିବା—3. To corrct or cure a person of his wickedness or bad character; to reform a person; to remove the blemishes of a person. ୪। କୌଣସି ବିଷୟର ଅସ୍ତବ୍ୟସ୍ତତାକୁ ଦୂର କରି ତାକୁ ସୁବନ୍ଦୋବସ୍ତ କରିବା—4. To bring order or regularity out of confusion; to improve a matter. ୫। ରୁଗ୍ଣ ଶରୀରକୁ ଆରୋଗ୍ୟ କରିବା—5. To cure a person of illness. ୬। ନିୟମାଧୀନ କରିବା— 6. To regulate. ୭। ବେଧାଡ଼ିରୁ ଧାଡ଼ିକୁ ଆଣିବା— 7. To bring out method from chaos. ୮। ମରାମତି କରିବା—8. To repair. ୯। ନିୟମାଧୀନ କରିବା—9. To regulate.

ଶୁଧୁରାଣ—ଗ୍ରାଦେ (ମେଦିନୀପୁର) ବ. (ଦଣ୍ଡଲାରୁ ଅନୁକୃତ)— Śudhurāṇa ଶୁଧୁରାଇବା କର୍ମ (ଦେଖ)—The act of সুধরান correcting or regulating.

ଶୁଧୁରିବା—ଦେ. କ୍ରି (ଅକର୍ମକ; ସଂ. ଶୁଧ ଧାତୁ କ=ଶୁଦ୍ଧ କରଣରୁ Śudhuribā ବା ସୁଧାରରୁ)—୧। ସଂସ୍କୃତ ବା ଶୋଧିତ সুধরা **हेबा**—1, To be corrected or reformed or **सुधरना** amended. ୨। ଅନିୟମରୁ ନିୟମକୁ ଆସିବା— 2, To become regular; to be regulated. ୩। ନିର୍ଦ୍ଦୋଷ ହେବା—3. To be faultless. ୪। ରୋଗମୁକ୍ତ ହେବା—4. To be cured. ୫। ଉନ୍ନତ କରିବା—5, To improve. ୬। ଉନ୍ନତ ହେବା— 6. To be improved. (ଯଥା—ତା ମନ ଅଭ୍ୟାସ ଶୁଧୁରିଲା ନାହିଁ) ୭। ନିଜର ଚରିତ୍ର ସଂଶୋଧନ କରିବା— 7. To reform one's self. ୮। ମରାମତି କରାଯିବା— 8. To be repaired,

ଶୁଧ—ଗ୍ରା. ବଣ (ସଂ. ଶୁଦ୍ଧ)—ଶୁଦ୍ଧ (ଦେଖ)—Śudha (See)

Śudhya ବି—ପିଠା ମଧ୍ୟରେ ଥିବା ପୁର—The contents
পুর पूर put inside sandwich cakes.
(ଭି—ଜାହାଣୀର ନଥାଏ,
"କି ଖାଉଛୁ ?—ଶୁଧ ଖାଉଛୁ,
କି ଶୁଧ ?—ପିଠା ମଧ୍ୟ।")

ଶୁଧ ଘର—ଗ୍ରା. ବି—ଶୁଧ ଘର (ଦେଖ)
Śudhya ghara Śudhaghara, [See]

ଶୁନ୍(ଧାତୁ)—ସ—ଗମନକରିବା; ଗତିକରିବା—
Śun (root) To go; to move (Apte).

ଶୁନ—ଦେ. ବଣ (ସଂ ଶୂନ୍ୟ; ପ୍ରା ଶୁଣ)—ଶୂନ୍ୟ (ଦେଖ)
Śun শূন্য शून Śūnya (See)
ବି—ଶୁନ (ଦେଖ)—Śuna (See)

ଶୁନ୍ କରିବା—ପ୍ରାଦେ (କଟକ, ପୁରୀ) କ୍ରି—(ଶୁଦ୍ଧାଳୟ ଭାଷା)—
Śun kribā ପ୍ରସ୍ରାବ କରିବା—To make water.
বাহিরে যাওয়া पेसाब करना

ଶୁନ୍(ନ,ନୁ)ଗରବ(ଭ)—ଦେ. ବି-(ସଂ ଶୂନ୍ୟଗର୍ଭ)—ମୂର୍ଦ୍ଧଗର୍ଭ (ଦେଖ)
Śun(na,nu)garaba(bha) Murdha garbha (See)
শুন্যগরভ शूनगरभ

ଶୁନ୍[ନ,ନୁ]ଗାଡ଼ି—ଦେ. ବି [ଯେଉଁ ଗାଡ଼ି ଶୂନ୍ୟରେ ଅର୍ଥାତ୍ ମନୁଷ୍ୟ
Śun(na,nu)gārdi ପଶୁ ଆଦିଙ୍କ ବଳପ୍ରୟୋଗ ବ୍ୟତିରେକେ
কলের গাড়ি कलकी गाडी ଚାଲେ]—୧। କଳଗାଡ଼ି
[ଯଥା—ବୈଦ୍ୟୁତିକ ଗାଡ଼ି, ବାଇସାଇକଲ, ମଟର, ରେଲ
ଗାଡ଼ି ଆଦି)—1. A conveyance or vehicle
propelled by machine, electricity etc.
୨। ବାଇସାଇକଲ୍—2. Bicycle.

ଶୁନ୍(ନ,ନୁ)ଚିତି—ଦେ. ବି—ଶୂନ୍ୟଚିତି (ଦେଖ)
Śun(na,nu) chiti Śunyachiti (See)

ଶୁନ୍[ନ,ନୁ]ଚିରା—ଦେ. ବି—ଶୂନ୍ୟଚିରା [ଦେଖ]
Śun(na,nu)chirā Śunyachirā (See)

ଶୁନ୍ ଦେବା—ଦେ. କ୍ରି [ଶୁଦ୍ଧାଳୟ ଭାଷା]—ଶୁନ ଦେବା [ଦେଖ]
Śun debā Suna debā (See)
[ଶୁନ୍ ପାଇବା, ଶୁନ୍ ନେବା—ବିପରୀତରୂପ]

ଶୁନ୍ ଚକର—ଦେ. ବି [ସଂ ଶୂନ୍ୟ + ଚକ୍ର]—ଶୂନ୍ୟଚକର [ଦେଖ]
Śun-chakara Śūnyachakara (see)
[ଶୁନ୍‌ଚକ—ଅନ୍ୟରୂପ]

ଶୁନ୍(ନ,ନୁ)ପ[ଫ,ଫୁ,ଫୋ]ଟ୍[ଟ,ଟା,ଟୁ]କା(କି)—ଦେ. ବି—୧। (ସଂ
Śun(na,nū) pa(pha,phu,pho)ṭ-(ṭa,ṭā,ṭu)kā(ki)
ফটকা शूनफटाका ଶୂନ୍ୟ ଓ ଫା. ଫଟାକା)—୧। ଯେଉଁ ଫଟକା
ଜଳାଇଲେ, ଅର୍ଥାତ୍ ଜଳେ ଅଗ୍ନି ଜଳେ, ଫୁଟେ—
ফোসকা फफोला 1. Crackers. ୨। (ସଂ
ଶୂନ୍ୟ ଓ ସ୍ଫୋଟକ)—ବିନା ଅଗ୍ନିରେ ଦେହରେ ଉଠୁଥିବା
ଫୋଟକ; ଫଟିଯୋଟକା—2. Blisters appearing in the body (without the body bein
scorched by fire).

ଶୁନ୍(ନ,ନୁ)ଫୁଲା—ଦେ. ବି (ସଂ ଶୂନ୍ୟ ଓ ଫୁଲ୍ଲ ଧାତୁଜ)—କିଛି ରୋଗ
Sun(na,nu)phulā କାରଣ ନ ଥାଇ ଦେହର କୌଣସି ଅଂଶ
ফুলা फूला ଫୁଲିଯିବା—A swelling of any
part of the body without any assignable
cause or disease.

ଶୁନ୍(ନୁ)ବୟାନ୍—ଦେ. ବି [ସଂ ଶୂନ୍ୟ ଓ ବଚନ]—[ଶିଶୁରଞ୍ଜନ
Śun-(nu)bayān ପଦ]—ଯେଉଁ ଶିଶୁ ପ୍ରଥମେ ଚାଟଶାଳୀରେ
কথাশুন शूनबयान् ପହଞ୍ଚି ଅବଧାନଙ୍କଠାରୁ ଶୁନ୍ ପାଏ ତାହାର
କହାଯିବା ଦୁଇଟି ପଦ—A couple of words
used by the pupil who is the first to
arrive at the village-school and who
gets a light stroke with the teacher's
cane as a mark of appreciation.
[ଭି—ମା ମାରେ ! ଶୁନ୍‌ବୟାନ୍ ! ପାଠପଢ଼ା ବଡ଼ ଦୁଃଖ,
ହାତ ଗୋଡ଼ ଦୁଇ ଲାଗଇ ରେ, ପଶ୍ଚାତ୍ତେ ବଡ଼ ସୁଖ—
ଶିଶୁରଞ୍ଜନ ଗୀତ।]

ଶୁନ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି—ଶୁଣିବା—
Śun-bā To hear.

ଶୁନ୍ ଶବଦ—ଦେ. ବି (ସଂ ଶୂନ୍ୟ ଶବ୍ଦ]—ଶୂନ୍ୟଶବଦ [ଦେଖ]
Śun-śabada Śūnyaśabada (See)
[ଶୁନ୍ ଶବ୍ଦ—ଅନ୍ୟରୂପ]
শুন্য শবদ शून शबद्

ଶୁନ୍‌ନ୍,(ନୁ)ଶାନ୍—ଦେ.ବଣ[ସଂ ଶୂନ୍ୟ+ଧ୍ୱନ୍ୟାତ୍ମକ ସହଚର ଶବ୍ଦ]-
Sun(n,nu)śān ୧। ନିର୍ଜନ—1. Lonely; solitary.
চুপচাপ चुपचाप ୨। ନିସ୍ତବ୍ଧ—2. Still;
calm; quiet. ୩। ନିଃଶବ୍ଦ—3. Soundless.
ବି—୧। ନିସ୍ତବ୍ଧତା—1. Calmness. ୨। ନିର୍ଜନତା—
2. Loneliness.

ଶୁନ—ସଂ ବି [ପୁଂ]—(ଶୁନ ଧାତୁ+କର୍ତ୍ତୃ ଅ)—କୁକୁର—Dog.
Śuna (ଶୁନୀ—ସ୍ତ୍ରୀ) ଦେ. ବଣ [ସଂ ଶୂନ୍ୟ]—୧। ଶୂନ୍ୟ
শুন্য सून (ଦେଖ)—1. Śūnya (see) ୨। ନିର୍ଜନ-
2. Lonely. ୩। ନିଃଶବ୍ଦ—3. Soundless.
୪। ନିସ୍ତବ୍ଧ—4. Still ୫। ଫମ୍ପା; ଖାଲି—
5. Empty. ୬। ଯାହାର କାରଣ ଲକ୍ଷିତ ନ ହୁଏ—
6. Having no assignable cause to
account for. ୭। ଆକାଶରୁ ବା ଶୂନ୍ୟରୁ ଜାତ-
7. Born of or produced from the sky.
୮। ନିଷ୍ଫଳ—8. Fruitless; vain. ଦେ. ବି—
শূন্য सूनी ୧। ଶୂନ୍ୟ; ଆକାଶ—1. The sky; the
void. ୨। ଶୂନ୍ୟ ସଂଖ୍ୟା—2. Zero. ୩। ଚାଟଶାଳୀରେ
ସର୍ବପ୍ରଥମେ ଆସି ପହଞ୍ଚିବା ବାଳକ ଅବଧାନଙ୍କଠାରୁ
ପୁରସ୍କାରସ୍ୱରୂପ ପାଇବା କୋମଳ ବେତ୍ରାଘାତ—A light

stroke with the cane inflicted on the student who is the first to come to the village school.

ଶୁନଃଶେପ—ସଂ ବି (ନାମ) (ବହୁବ୍ରୀହି ଓ ଅଲୁକ୍ ସମାସ; ଶୁନଃ=
Śunaḥśepa ଶ୍ୱାନର+ଶେପ=ଲିଙ୍ଗ ବା ଲାଙ୍ଗୁଳ ପରି ଲିଙ୍ଗ ବା ଲାଙ୍ଗୁଳ ଯାହାର)—ଜଣେ ଋଷିଙ୍କ ନାମ—The name of a sage. [ଉ—ସେ ପୁଣି ଶୁନଃଶେପ ନାମ; ସକଳ ଗୁଣେ ଗୁଣଧାମ—ଜଗନ୍ନାଥଭାଗବତ] [ଦ୍ର—ଏ ବିଶ୍ୱାମିତ୍ରଙ୍କ ଭଣଜା, ଋଚୀକ ଋଷିଙ୍କ ମଧ୍ୟମ ପୁତ୍ର; ଏହାଙ୍କ ମାତାଙ୍କ ନାମ ସତ୍ୟବତୀ । ଇନ୍ଦ୍ର ଅଯୋଧ୍ୟାର ରାଜା ଅମ୍ବରୀଷଙ୍କ ଯଜ୍ଞୀୟ ପଶୁ ହରଣ କରିବାରୁ ରାଜା ଯଜ୍ଞବିଘ୍ନର ପ୍ରାୟଶ୍ଚିତ୍ତସ୍ୱରୂପ ନରବଳି ଦେବାପାଇଁ ଏହାଙ୍କୁ କିଣିଲେ ଓ ଅଯୋଧ୍ୟା ଯାଉଁ ଯାଉଁ ବାଟରେ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହିଲେ । ଶୁନଃଶେପ ବିଶ୍ୱାମିତ୍ରଙ୍କର ଶରଣାର୍ଥୀ ହେବାରୁ ବିଶ୍ୱାମିତ୍ର ତାହାଙ୍କୁ ଅଗ୍ନିସ୍ତବ ଶିଖାଇଦେଲେ ଏବଂ ସେହି ସ୍ତବ ବଳରେ ସେ ରାଜାଙ୍କ ଯଜ୍ଞମଣ୍ଡପରୁ ଅକ୍ଷତ ହୋଇ ରକ୍ଷା ପାଇଲେ । ପରେ ବିଶ୍ୱାମିତ୍ର ଏହାଙ୍କୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରି ଏହାଙ୍କୁ ଦେବରାତ ନାମ ଦେଲେ । ମତାନ୍ତରରେ ଐତରେୟ ବ୍ରାହ୍ମଣରେ ଲେଖା ଅଛି ଯେ, ଏ ଅଜୀଗର୍ତ୍ତ ମୁନିଙ୍କ ମଧ୍ୟମପୁତ୍ର । ରାଜା ହରିଶ୍ଚନ୍ଦ୍ର ଅପୁତ୍ରକ ଥିବାରୁ ଅଙ୍ଗୀକାର କରିଥିଲେ ଯେ, ସେ ପୁତ୍ରଲାଭ କଲେ ପୁତ୍ରକୁ ବରୁଣଙ୍କ ଠାରେ ବଳି ଦେବେ; କିନ୍ତୁ ପୁତ୍ରପ୍ରାପ୍ତି ପରେ ସେ ଉକ୍ତ ଅଙ୍ଗୀକାର ରକ୍ଷା ନ କରି ଟାଳୁ ଥାଆନ୍ତି । ତାଙ୍କ ପୁତ୍ର ରୋହିତ ଆପଣା ବଦଳରେ ବରୁଣଙ୍କ ପାଖେ ବଳି ଦେବାକୁ ଅଜୀଗର୍ତ୍ତ ମୁନିଙ୍କୁ ୧୦୦ ଟି ଗାଈ ଦେଇ ତାଙ୍କ ଠାରୁ ଶୁନଃଶେପଙ୍କୁ କିଣିଲେ; କିନ୍ତୁ ଶୁନଃଶେପ ବରୁଣ, ଇନ୍ଦ୍ର ଓ ଅନ୍ୟ ଦେବତାମାନଙ୍କୁ ସ୍ତବରେ ସନ୍ତୁଷ୍ଟ କରି ମୃତ୍ୟୁରୁ ରକ୍ଷା ପାଇଲେ । ତତ୍ପରେ ତାଙ୍କୁ ବିଶ୍ୱାମିତ୍ର ମୁନି ପୋଷ୍ୟପୁତ୍ରରୂପେ ଗ୍ରହଣ କଲେ । (ଆପ୍ଟେ) ।] ଦେ· ବି—(ସଂ. ଶୁନଃ=ଶ୍ୱାନର+ଶେପ=ଲାଙ୍ଗୁଳ) କୁକୁର ଲାଙ୍ଗୁଡ଼ The tail of a dog. [ଉ—ଶୁନଃଶେପର ପ୍ରାୟେ ଉନ୍ନେ, ତ ଅରି କରିବ ଉପାୟେ—ଜଗନ୍ନାଥ· ଭାଗବତ ।]

ଶୁନକ—ସଂ ବି (ପୁଂ)—(ଶୁନ+ସ୍ୱାର୍ଥେ. କ)—୧ । ଶ୍ୱାନ; କୁକୁର—
Śunaka 1. Dog. ୨ । କୁକୁର ଛୁଆ—2. A young dog (Apte). ୩ । (ନାମ) ଭୃଗୁ ବଂଶୀୟ ମୁନିବିଶେଷ; ଶୌନକ ଋଷିଙ୍କ ପିତା—3. The name of a sage; the father of sage Śaunaka. [ଦ୍ର—ମହର୍ଷି ଶୁନକ କ୍ଷତ୍ରିୟ ଥିଲେ, ପରେ ବ୍ରାହ୍ମଣତ୍ୱ ଲାଭ କରିଥିଲେ ।]

ଶୁନକ ଚିଲିକା—ସଂ· ବି—ଚିଲିକା ୧ (ଦେଖ)
Śunaka chilikā Chilikā 1 (See)

ଶୁନକ ଚିଲ୍ଲୀ—ସଂ· ବି—ବଥୁଆ ଶାଗ ପରି ଏକ ପ୍ରକାର ଶାଗ—
Śunaka chillī A sort of pot-herb.

[ଦ୍ର,—ଏହା କଟୁ ରସ, ଗ୍ରାହୀ ଏବଂ କଣ୍ଡୁ ଓ ବ୍ରଣ ରୋଗରେ ଉପକାରକ ।]

ଶୁନ ଦେବା—ଦେ. କ୍ରି—(ଅବଧାନ) ଚାଟଶାଳୀରେ ପ୍ରଥମେ ଉପସ୍ଥିତ
Śuna debā ଛାତ୍ରକୁ ପୁରସ୍କାରସ୍ୱରୂପ ନାମମାତ୍ର ବେତ ପ୍ରହାର
শূন দেওয়া କରିବା—(The teacher) To give a nomi-
शून देना nal stroke with the cane to the student who comes to the school first.

ଶୁନ ନେବା—ଦେ· କ୍ରି—(ଚାଟଶାଳୀରେ ପ୍ରଥମ ଉପସ୍ଥିତ ବାଳକ)
Śuna nebā ପୁରସ୍କାରସ୍ୱରୂପ ଅବଧାନଙ୍କ ଠାରୁ ନାମମାତ୍ର ବେତ
शूनलेना ପ୍ରହାର ଗ୍ରହଣ କରିବା—(a student) To get a
[ଶୁନ ପାଇବା—ଅନ୍ୟରୂପ] nominal stroke with the cane from the teacher for his being the
শূন লওয়া first boy to come to the school.

ଶୁନ(ନୁ)ବଳା—ପ୍ରାଦେ. (ବୋଲାଙ୍ଗିର). ବି.—ଶଗଡ ଚକର ତୁମ୍ବ ଉପରେ
Śuna(nu)baḷā ପରିଧିରେ ବସା ଯାଇଥିବା ଲୁହାର ବଳୟ ବା ପାଣ୍ଡିଆ—The iron ring put round the navel of a cart wheel.

ଶୁନଭ୍ (ଧାତୁ)—ସଂ.—ଦୀପ୍ତି ପାଇବା—
Śunabh (root) To shine.

ଶୁନ(ଣ,ଣୁ) ଭଦ୍ରା—ଦେ. ବି—(ସଂ. ଶୋଣଭଦ୍ର) —ଶୋଣ ନଦୀ—
Śun(ṇa,ṇu) bhadrā Śoṇa nadī (See)
শোনভদ্রা सोनभद्रा

ଶୁନ(ନୁ)ହଟ—ଦେ. ବି—(ନାମ)—(ସଂ. ଶୋଣିତପୁର)—ବାଲେଶ୍ୱର
Śuna(nu)haṭa ସହରର ଗୋଟିଏ ସାହିର ନାମ—The name of a lane in the Balasore town. [ଦ୍ର—ଏହା ବାଲେଶ୍ୱରର ପ୍ରସିଦ୍ଧ ସାମନ୍ତ (ଦାସ) ବଂଶୀୟ ଜମିଦାର ମାନଙ୍କର ଅଧ୍ୟୁଷିତ ଅଂଶ; ଏହା ବାଣାସୁରର ରାଜଧାନୀ ପ୍ରାଚୀନ ଶୋଣିତପୁର ଥିଲା ବୋଲି କିମ୍ବଦନ୍ତୀ ଅଛି ।]

ଶୁନାଏବା—ପ୍ରାଦେ. (ସମ୍ବଲପୁର) କ୍ରି—ଶୁଣାଇବା—
Śunāebā To make one hear.

ଶୁନାଶୀ(ସୀ)ର—ସଂ. ବି—୧ । ଇନ୍ଦ୍ର; ଦେବରାଜ—
Śunā śī(sī)ra 1. Indra; the king of the Gods.
[ଶୁନାସୀର—ଅନ୍ୟରୂପ] ୨ । ପେଚକ—2. The owl

ଶୁନି—ସଂ. ବି. (ପୁଂ)—(ଶୁନ ଧାତୁ+କର୍ତ୍ତୃ. ଇ)—ଶ୍ୱାନ; କୁକୁର—
Śuni The dog.

ଶୁନିଅ—ଗ୍ରା· ବି. ଓ ବିଣ—(ସଂ. ଶୂନ୍ୟ)—ଶୂନ୍ୟ (ଦେଖ)
Śuniā Śūnya (See)

ଶୁନୀ—ସଂ. ବି.ସ୍ତ୍ରୀ—(ଶ୍ୱନ+ଈ, ଙୀପାଗମ; କିମ୍ବା ଶୁନ+ଈ)—କୁକୁରୀ;
Śunī କୁକ୍କୁରୀ—Bitch.

ଶୁନୀର—ସଂ. ବି - (ବହୁବଚନ)—୧ । କୁକୁର ଦଳ—1. A pack
Śunīra of dogs. ୨ । କୁକୁରୀ ସମୂହ—(ପ୍ରକୃତିବାଦ) —2. A number of bitches (Apte).

ଶୂନୁ—ଗ୍ରା. ବି.—(ସଂ. ଶୂନ୍ୟ)—୧ । ଶୂନ୍ୟ ସଂଖ୍ୟା—1. Zero.
Śunu शून्य शून्‍ ୨ । ଶୁନ (ଦେଖ)—2. Śuna (See)
ତିଶ.—ଶୂନ୍ୟ (ଦେଖ)=Śūnya (See)

ଶୂନ୍‌ଗରବ(ଭ)—ଦେ. ବି—ଶୂନ୍‌ଗରବ (ଦେଖ)
Śunu garaba(bha) Sun-garaba (See)

ଶୂନେ ଶୂନେ—ଦେ. କ୍ରି. ବିଣ—ଶୂନ୍ୟେ ଶୂନ୍ୟେ; ଭୂମି ସ୍ପର୍ଶ ନ କରି-
Śune śune शून्ये शून्ये Without touching the
शून्यशून्यमें ground. [ଉ—ତାକୁ ଆ ଉଣ ମଣଷ ଶୂନେ
ଶୂନେ ଟେକ ନେଇଗଲେ ।]

ଶୁନ୍ଧ୍ (ଧାତୁ)—ସଂ.—ଶୁଦ୍ଧ କରିବା—
Śundh (root) To purify.

ଶୁନ୍ଧ୍ୟୁ—ସଂ. ବି—(ଶୁନ୍ଧ୍ ଧାତୁ+କର୍ତ୍ତୃ. ୟୁ)—୧ । ଅଗ୍ନି—
Śundhyu 1. Fire. ୨ । ବାୟୁ—2. Wind; air (Apte)
୩ । ଘୋଟକୀ—3. Mare (Apte).

ଶୂନ୍ୟ (ଇତ୍ୟାଦି)—ଗ୍ରା. ବି. ଓ ବିଣ—ଶୂନ୍ୟ ଇତ୍ୟାଦି (ଦେଖ)
Śunya (etc) Śūnya etc. (See)

ଶୁପ୍—ବୈଦେ. ବି—(ଇଂ. ସୁପ୍)—ମାଂସର ଝୋଳ—
Śup सूप सूप Soup.

ଶୁପଣ(ନ,ଲ,ନେ,ଲେ,(ଖା)ଖୀ)—ଗ୍ରା. ବି. ସ୍ତ୍ରୀ—(ସଂ. ଶୂର୍ପଣଖା)—
Śupana(na,le; ne,la)khā(khī) ଶୂର୍ପଣଖା (ଦେଖ)
शूर्पनखा सूर्पनखा Sūrpaṇakhā (See)

ଶୁବ (ଇତ୍ୟାଦି)—ଗ୍ରା. ବି ଓ ବିଣ—(ସଂ. ଶୁଭ)—ଶୁଭ (ଦେଖ)
Śuba (etc) शुभ शुभ Śubha etc (See) ବି—(ସଂ. ସ୍ରୁବ)
ସ୍ରୁବ [ଦେଖ]—Śruba [See]

ଶୁବ ଖବର—ଗ୍ରା. ବି—ଶୁଭ ଖବର (ଦେଖ)
Śuba khabara शुभ खबर Śubha khabara [See]
शुभ खबर

ଶୁବଚନୀ—ଗ୍ରା. ବି—[ସଂ. ଶୁଭଚଣ୍ଡୀ] ଶୁଭଚଣ୍ଡୀ (ଦେଖ)
Śubachanī सुबचनी शुभचण्डी
Śubha chaṇḍī [See]

ଶୁବିବା—ଦେ. କ୍ରି—ଶୁଭିବା (ଦେଖ)
Śubibā Śubhibā (See)

ଶୁଭ୍ (ଧାତୁ)—ସଂ. ୧ । ଦୀପ୍ତ ପାଇବା—1. To shine. ୨ । ଶୋଭା
Śubh (root) ପାଇବା—2. To look splendid. ୩ ।
ସୁଖୀ ହେବା—3. To be happy (Apte). ୪ ।
ଜୟଯୁକ୍ତ ହେବା—4. To be victorious (Apte).

ଶୁଭ—ସଂ. ବି (ଶୁଭ୍ ଧାତୁ+କର୍ତ୍ତୃ. ଅ)—୧ । କଲ୍ୟାଣ; ମଙ୍ଗଳ—
Śubha 1. Blessing; welfare; bliss. ୨ । ସୁଖ—
2. Happiness. ୩ । ଯୋଗ ବିଶେଷ—3. A sort
of abstraction or meditation. ୪ ।
ସୌଭାଗ୍ୟ—4. Good fortune or luck. ୫ ।
ପଦ୍ମ କାଷ୍ଠ—5. A kind of fragrant wood.
୬ । ଅଳଙ୍କାର—6. An ornament (Apte). ୭ ।
ଜଳ—7. Water (Apte) ସ. ବିଣ—୧ ।
ଅମଙ୍ଗଳବାଧକ; ମଙ୍ଗଳମୟ—1. Auspicious. ୨ ।
ମନୋରମ—2. Pleasing. ୩ । ସୁନ୍ଦର—3. Beautiful; graceful; handsome. ୪ । ସୁଖୀ—4.
Happy. ୫ । ସୌଭାଗ୍ୟଯୁକ୍ତ; ଭାଗ୍ୟବାନ୍—5. Fortunate; lucky. ୬ । ବିଦ୍ୱାନ୍—6. Learned
बाड़िर पत्तन देओ्या (Apte). ଦେ. ବି—ଗୃହର ଭିତ୍ତି ସ୍ଥାପନ
शुभनीव ରୂପ ମାଙ୍ଗଲ୍ୟ କର୍ମ—1. The religious ceremony of laying the foundation of a new
house or building. ୨ । ନୂଆ ଘର ତୋଳା ହେବା
ଆରମ୍ଭରେ ମଙ୍ଗଳକର୍ମ ସହିତ ପୋତା ଯିବା ପ୍ରଥମ ଖୁଣ୍ଟ—
2. The first pillar put on the ground,
at the beginning of a new house, with
certain ceremonies.

ଶୁଭଂକର—ସ. ବିଣ (ଶୁଭଂ=ଶୁଭକୁ କରେ ଯେ, ଶୁଭ+କୃ ଧାତୁ
Subhamkara +କର୍ତ୍ତୃ. ଅ)—ମଙ୍ଗଳକର; ଶୁଭଜନକ—
(ଶୁଭଙ୍କର—ଅନ୍ୟରୂପ) Auspicious; lucky. ଦେ. ବି—
ସୁଭାସମଗ୍ରୀଙ୍କ ମାନସାଙ୍କ ସୂତ୍ର ପ୍ରଣେତା—Name of a
Hindu mathematician. [ବି—ଶୁଭଂକର
ବଙ୍ଗଳାର ଭୂସଜମୁକରେ ଅତି ପ୍ରତିଷ୍ଠାଶାଳୀ ମହାପୁରୁଷ
ରୂପେ ଜନ୍ମଗ୍ରହଣ କରିଥିଲେ । ଏ ଗଣିତ ଶାସ୍ତ୍ରରେ ଧୁରନ୍ଧର
ଥିଲେ । ଏ Leonarda-de-Vinciଙ୍କ ପରି ବିଦ୍ୱାନ
ଥିଲେ । ସୂତ୍ର ସାହାଯ୍ୟରେ ଅତି ସହଜରେ ଗଣିତର ଜଟିଳ
ସମସ୍ୟାମାନ ସମାଧାନ କରିବାରେ ସଫେଷ୍ଟ ଜ୍ଞାନ ବଙ୍ଗଳାକୁ
ଓ ଓଡ଼ିଶାକୁ ଏ ଦେଇଥିଲେ । ଏହାଙ୍କ ରଚିତ ସୂତ୍ର
ପ୍ରାଚୀନକାଳରେ ବାଳକମାନଙ୍କୁ ଉତ୍ତମ ଶୁଭଙ୍କରୀ କରିଥିଲା
ଏବଂ ବୟଃପ୍ରାପ୍ତମାନେ ଏହି ସୂତ୍ରମାନଙ୍କ ସାହାଯ୍ୟରେ ହିସାବ
କରି ପାରୁଥିଲେ । (୧୯।୧୨।୨୮ ଷ୍ଟେଟ୍‌ସ୍‌ମାନ୍ ଖବର
କାଗଜର ସମ୍ପାଦକୀୟ ସନ୍ଦର୍ଭ ।)

ଶୁଭଂକର ଦାସ ଜାତିରେ କାୟସ୍ଥ ଥିଲେ । ଏ
ପ୍ରାୟ ୨୦୦ ବର୍ଷ ପୂର୍ବେ ବଙ୍ଗଦେଶରେ ଜନ୍ମଗ୍ରହଣ କରି
ଥିଲେ । ବଙ୍ଗଳାରେ ତାଙ୍କ ରଚିତ ସୁତ୍ରେ ମାନସାଙ୍କ ସୂତ୍ର
କହନ୍ତି ଅଛି । ତହିଁର ଗୋଟିଏ ଚାନ୍ଦପାର ଓଡ଼ିଆ
ଅନୁକରଣ—

ଟଙ୍କା ପ୍ରତି ମହଣକୁ ହୋଇବ ଯେ ଦର
ଟଙ୍କା ପ୍ରତି ଅଠ ଗଣ୍ଡା ସେର ପ୍ରତି ଧର ।
ଅଣା ପ୍ରତି ଦୁଇ କଡ଼ା, ଗଣ୍ଡା ଅଠ ତିଲ
ଶୁଭଙ୍କର ଦାସ କହେ ଜଗତର ମଲ ।(ବିଶ୍ୱକୋଷ)
ଏ କବିତାମାନଙ୍କୁ ବଙ୍ଗଦେଶରେ ଆର୍ଯ୍ୟା କହନ୍ତି ।
ଓଡ଼ିଶାରେ ମଧ୍ୟ କମିର ଜଳ ଭାଙ୍ଗିବା ପାଇଁ ଏହିପରି
ସୁଜିଏ କବିତା ବା ସୂତ୍ର ଅଛି, କିନ୍ତୁ ସେହାନ କିଏ ରଚନା
କରିଥିଲେ, ତହିଁର ପ୍ରମାଣ ମିଳି ନାହିଁ ।]

ଶୁଭଂକର ଗଣିତ ସୂତ୍ର—ଦେ. ବି—ଶୁଭଙ୍କରଙ୍କ ପ୍ରବର୍ତ୍ତିତ ଅଙ୍କ ସୂତ୍ର—
Subhamkara gaṇita sūtra The aphorisms for

solution of arithmetical calculation composed by Śubhaṁkara.

ଶୁଭଂକରୀ—ସ. ବ. ସ୍ତ୍ରୀ—ପାର୍ବତୀ; ଦୁର୍ଗା—Goddess Durgā.
Śubhaṁkari ଦେ. ବ—ଶୁଭଂକରଙ୍କ ପ୍ରଚଳିତ ସୂତ୍ର ଅନୁସାରେ
ଶୁଭଙ୍କରୀ କରା ଯାଉଥିବା ଏକପ୍ରକାର ଗାଣିତିକ ସମସ୍ୟା—Arithmetical problems solved with the help of Śubhmkar's aphorisms.

ଶୁଭଂକରୀ ଧାରା (ରୀତି, ସୂତ୍ର)—ଦେ. ବ—ବସ୍ତୁର ମୂଲ୍ୟ ବା ପରିମାଣ
Śubhaṁkari dhārā (riti, sūtra) ଜାଣିବାର ଉପାୟ
ଶୁଭଂକରୀ ରୀତି ପାଇଁ ବ୍ୟବହୃତ ସଂକ୍ଷିପ୍ତବୋଧ ଗଣିତର ମାନ-
शुभंकरी नियम ସାଙ୍କ ସୂତ୍ର—Simple aphorisms for
[ଶୁଭଙ୍କରୀ ଧାରା—ଅନ୍ୟରୂପ] calculating the price of commodities when wholesale rates are given [ଯଥା—ଘିଅ ମହଣକୁ ୪୫ ଟଙ୍କା ହେଲେ ୩ ସେର ଘିଅର ଦାମ କେତେ ? ଏ ପ୍ରଶ୍ନର ମୀମାଂସା କରିବାକୁ ଶୁଭଂକରୀ ସୂତ୍ର ଅଛି—
ଟଙ୍କା ପ୍ରତି ମହଣକୁ ହୋଇବ ଯେ ଦର
ଟଙ୍କା ପ୍ରତି ଅଠ ଗଣ୍ଡା ସେର ପ୍ରତି ଧର ।
ଅତଏବ ସେରେ ଘିଅର ଦାମ ୪୫×୮ ଗଣ୍ଡା=
୩୬୦ ଗଣ୍ଡା=୬୦ର ଅଣା=୧ଟଙ୍କା ଦୁଇ ଅଣା;
୩ ସେର ଘିଅର ଦାମ ହେଲା ତିନ ଟଙ୍କା ଛଅ ଅଣା ।]

ଶୁଭଂୟୁ—ସ. ଵଣ (ଶୁଭଂ=ମଙ୍ଗଳ+ଅସ୍ତି ଅର୍ଥରେ ଯୁ)—୧ । ଶୁଭ-
Śubhaṁiu ଯୁକ୍ତ—1. Auspicious. ୨। ଭାଗ୍ୟବାନ୍; ସୁଖୀ—2. Blessed; happy

ଶୁଭକର—ସ. ଵଣ. ପୁଂ (ଶୁଭ+କୃ ଧାତୁ+କର୍ତ୍ତୃ. ଅ)—୧ । ଶୁଭଦ;
Śubhakara ମଙ୍ଗଳକର—1. Auspicious. ୨ । ସୁଖ-
(ଶୁଭକାରକ, ଶୁଭକାରୀ—ଅନ୍ୟରୂପ) ପ୍ରଦ; ସୁଖକର—2. Causing happiness; pleasant.
ଶୁଭକରୀ, ଶୁଭକାରିକା, ଶୁଭକାରିଣୀ }—ସ୍ତ୍ରୀ

ଶୁଭକର ଦେବ—ଦେ ବ—ଶୁଭାକର ଦେବ (ଦେଖ)
Śubhakara deba Śubhākara deba (See)

ଶୁଭକର କେଶରୀ—ଦେ. ବ (ନାମ)—ଓଡ଼ିଶାର କେଶରୀବଂଶୀୟ
Śubhakara kesari ଜନୈକ ରାଜା—The name of a king of the Kesari dynasty of ancient Orissa. [ଯଥା—ଯାଜପୁର ସବଡିଭିଜନର ନେଉଳପୁରରେ ଅବସ୍ଥିତ ତାମ୍ରଶାସନ ଅନୁସାରେ ଏ ରାଜାଙ୍କ ରାଜାଙ୍କୁ 'ବୌଦ୍ଧ ବଂଶର ସୂର୍ଯ୍ୟ' ନାମକ ଗୋଟିଏ ବୌଦ୍ଧ ଗ୍ରାମ ଉପହାର ଦେଇଥିଲେ—ଚନ୍ଦ୍ରଶେଖର ଦାସ ।]

ଶୁଭ କର୍ମ (କାର୍ଯ୍ୟ)—ସ. ବ (କର୍ମଧା)—ମଙ୍ଗଳକାର୍ଯ୍ୟ—Auspicious
Śubha karma(kārjya) ceremony; festival.

ଶୁଭ କାମନା—ସ. ବ (ଶୁଭ+କାମନା; କର୍ମଧାରୟ ବା ଷଷ୍ଠୀ ତତ୍)—
Śubha kāmanā ମଙ୍ଗଳ କାମନା; ଶୁଭେଚ୍ଛା; ଅନ୍ୟର ମଙ୍ଗଳ ପାଇଁ ଇଚ୍ଛା-Wish for good; good wishes.
ଶୁଭକାମ, ଶୁଭକାମୀ—ପୁଂ } ଵଣ
ଶୁଭକାମା, ଶୁଭକାମିନୀ—ସ୍ତ୍ରୀ }

ଶୁଭ କ୍ଷଣ—ସ. ବ (କର୍ମଧା)—ଶୁଭ ମୁହୂର୍ତ୍ତ (ଦେଖ)—
Śubha kshaṇa Śubha muhūrtta (See)

ଶୁଭ ଖବର—ଦେ. ବ—୧ । ଶୁଭ ସମ୍ବାଦ (ଦେଖ)—1. Śubha-
Śubha khabara sambāda (See) ୨ । ଛୋଟ ବାଳ-
ଶুভখবর शुभखबर ବିବାହିତା ସ୍ତ୍ରୀର ପ୍ରଥମ ରଜୋ-
ଦର୍ଶନର ସମ୍ବାଦ—2. The news of a person's girl wife's attaining puberty.

ଶୁଭ ଗ୍ରହ—ସ.ବ—ସୌମ୍ୟ ଗ୍ରହ; ଶୁଭକାରକ ବା ଶୁଭଫଳଦାୟକ ଗ୍ରହ-
Śubha graha Auspicious planet. [ଯଥା—ଗୁରୁ, ଶୁକ୍ର, ଅର୍ଦ୍ଧାଧିକ ଚନ୍ଦ୍ର ଓ ପାପଗ୍ରହଯୁକ୍ତ ବୁଧ ଶୁଭଦାୟକ ଗ୍ରହ ଅଟନ୍ତି]

ଶୁଭଙ୍କର—ସ. ବ ଓ ଵଣ—ଶୁଭଂକର (ଦେଖ)
Śubhaṅkara Śubhaṁkara (See)

ଶୁଭଙ୍କରୀ—ସ. ବ ଓ ଵଣ—ଶୁଭଂକରୀ (ଦେଖ)—
Śubhaṅkari Śubhaṁkari (See)

ଶୁଭଚଣ୍ଡୀ—ଦେ. ବ. ସ୍ତ୍ରୀ (ସ. ଶୁଭ ଚଣ୍ଡୀ)—ମଙ୍ଗଳ ଚଣ୍ଡୀ; ମଙ୍ଗଳା-
Śubha chaṇḍi ଠାକୁରାଣୀ—Name of a popular
ସুবচনি ଶୁଭଚଣ୍ଡୀ शुभचण्डी Goddess.

ଶୁଭ ଚନ୍ଦ୍ର—ସ. ବ (ଜ୍ୟୋତିଷ)—କଲ୍ୟାଣୀ ଚନ୍ଦ୍ର; ଶୁକ୍ଳପକ୍ଷ ଓ କୃଷ୍ଣ-
Śubha chandra ପକ୍ଷରେ ଜନ୍ମ ଭିନ୍ନ ବ୍ୟକ୍ତିଙ୍କ ଜନ୍ମ ରାଶିଠାରୁ
ଭିନ୍ନ ଭିନ୍ନ ସ୍ଥାନରେ ଥିବା ଚନ୍ଦ୍ରଗ୍ରହର ଶୁଭଦର୍ଶୀ ଅବସ୍ଥାନ-
Auspicious position of the moon in respect of person's horocope. [ଯଥା—'ଚତୁର୍ଥେ ଦ୍ୱାଦଶେ କୃଷ୍ଣେ, ଶୁକ୍ଳେ ଦ୍ୱେ ନବ ପଞ୍ଚମେ' ବଚନରୁ ଶୁକ୍ଳପକ୍ଷରେ ୪ର୍ଥ ଓ ୧୨ଶ ଚନ୍ଦ୍ର ଓ କୃଷ୍ଣ ପକ୍ଷରେ ୨ୟ, ୯ମ ଓ ୫ମ ଚନ୍ଦ୍ର ଶୁଭକର ।]

ଶୁଭ ଚିନ୍ତକ—ସଂ. ଵଣ ପୁଂ - ଯେ ଅନ୍ୟ ବ୍ୟକ୍ତିର ମଙ୍ଗଳ ଚିନ୍ତା କ-
Śubha chintaka ରାନ୍ତି କରେ—Wishing good to
(ଶୁଭ ଚିନ୍ତକା—ସ୍ତ୍ରୀ) another; wishing another's welfare.

ଶୁଭ ଚିନ୍ତନ—ସଂ. ବ—ମଙ୍ଗଳ ବିଷୟ ଚିନ୍ତା କରିବା—Thinking
Śubha chintana about the welfare or good.

ଶୁଭଚିନ୍ତା (ଭାବନା)—ସଂ. ବ କୌଣସି ବ୍ୟକ୍ତିର ମଙ୍ଗଳ ପାଇଁ
Śubha chintā(bhābanā) ଚିନ୍ତା—Wish or thought for the welfare; good wishes for a person.

ଶୁଭ ଚେଷ୍ଟକ—ସଂ. ଵଣ ପୁଂ—ଅନ୍ୟର ମଙ୍ଗଳ ପାଇଁ ଚେଷ୍ଟାକାରୀ—
Śubha cheshṭaka Endeavouring to do good to
(ଶୁଭଚେଷ୍ଟିକା—ସ୍ତ୍ରୀ) a person.

ଶୁଭ ଚେଷ୍ଟା—ସଂ. ବ—୧ । ଅନ୍ୟର ମଙ୍ଗଳ କରିବାକୁ ଯତ୍ନ - 1.
Śubha cheshṭā Endeavour to do good to a person. ୨ । ମଙ୍ଗଳମୟ ଯତ୍ନ—2. Good or noble endeavour.

ଶୁଭ ଜନକ—ସଂ. ବଣ. ପୁଂ—ଶୁଭଦ (ଦେଖ)
Śubha janaka Śubhada (See)
(ଶୁଭ ଜନକା—ସ୍ତ୍ରୀ)

ଶୁଭଦ—ସଂ. ବଣ ପୁଂ (ଶୁଭ+ଦା ଧାତୁ+କର୍ତ୍ତୃ ଅ)—ଯାହା ଶୁଭ-
Śubhada ପ୍ରଦାନ କରେ; ସୌଭାଗ୍ୟପ୍ରଦ—Auspicious;
ଶୁଭପ୍ରଦ, ଶୁଭପ୍ରଦାୟକ, ଶୁଭଦାତା, ଶୁଭଦାୟୀ } ଅନ୍ୟରୂପ— bringing about good luck. ବି:—ଅଶ୍ୱତ୍ଥ ବୃକ୍ଷ—Ficus Religiosa tree.

ଶୁଭଦା, ଶୁଭପ୍ରଦା, ଶୁଭପ୍ରଦାୟିକା, ଶୁଭଦାତ୍ରୀ, ଶୁଭଦାୟିନୀ }—ସ୍ତ୍ରୀ

ଶୁଭ ଦଣ୍ଡ—ସଂ: ବ—ଶୁଭ ମୁହୂର୍ତ୍ତ (ଦେଖ)
Śubha danda Śubha muhūrtta (See)

ଶୁଭ ଦନ୍ତ—ସଂ ବଣ ପୁଂ-(ବହୁବ୍ରୀହି)-ସୁନ୍ଦର ଦନ୍ତ ବଶିଷ୍ଟ (a perron)
Śubha danta Having a beautiful set of teeth.
(ଶୁଭଦନ୍ତୀ—ସ୍ତ୍ରୀ)

ଶୁଭ ଦର୍ଶନ—ସଂ. ବଣ. ପୁଂ [ବହୁବ୍ରୀହି]—୧। ଯାହାର ମୁହଁ ଦେଖିଲେ
Śubha daśana ଦର୍ଶକର ଶୁଭଘଟେ—1. (a person) The
(ଶୁଭଦର୍ଶନା-ସ୍ତ୍ରୀ) sight of whose face is auspicious.
[ଦ୍ର—ସକାଳୁ ଉଠି ବ୍ୟକ୍ତିବିଶେଷଙ୍କ ମୁହଁ ପ୍ରଥମେ ଦେଖିଲେ ଦେଖିବା ବ୍ୟକ୍ତିର ଶୁଭ ଘଟେ ଓ ବ୍ୟକ୍ତିବିଶେଷଙ୍କ ମୁହଁ ଦେଖିଲେ ଅଶୁଭ ଘଟେ ବୋଲି ଲୋକ ବିଶ୍ୱାସ ଅଛି।]
୨। ସୁନ୍ଦର; ସୁଶ୍ରୀ [ବିଶ୍ୱକୋଷ] 2. Beautiful; graceful.

ଶୁଭଦ୍ରୁଷ୍ଟ—ଗ୍ରା. ବ—ସ. ଶୁଭାଦୃଷ୍ଟର ଅଶୁଦ୍ଧ ବ୍ୟବହାର—
Śubhadrushta The incorrect spelling of
শুভাদৃষ্ট शुभादृष्ट Śubhādrushta.

ଶୁଭ ଦୃଷ୍ଟି—ସ. ବ (କର୍ମଧା)—୧। ମଙ୍ଗଳଜନକ ଦୃଷ୍ଟି—1. Aus-
Śubha drushti picious look. ୨। ଦୟାପୂର୍ଣ୍ଣ ଦୃଷ୍ଟି—2. Kind look. ୩। ଅନୁକୂଳ ଦୃଷ୍ଟି—3. Favourable look. ୪। ବିବାହକାଳରେ ବର ଓ କନ୍ୟାଙ୍କର ଶୁଭଲଗ୍ନରେ ପରସ୍ପର ପ୍ରତି ପ୍ରଥମ ଦୃଷ୍ଟି—4. The first ceremonial interview between the bride and the bridegroom at the marriage in an auspicious moment.

ଶୁଭ ଦେବା—ଦେ. କ୍ରି—ନୂଆ ଘରର ମୂଳଖୁଣ୍ଟ ସ୍ଥାପନ ବା ପ୍ରଥମ ଶୁଭ
Śubha debā ଗୋଡିବା—To lay the foundation
বাড়ীরপত্তনকরা stone or the first pillar of a house
शुभ[नीव] देना to be newly constructed.
(ଶୁଭ ପକା[ଦେ]ଇବା—ଅନ୍ୟରୂପ)

ଶୁଭ ଦ୍ୱେଷ—ସ. ବ (୬ଷ୍ଠୀ ତତ୍)—ଅପରର ମଙ୍ଗଳ ବିଷୟରେ ହିଂସା;
Śubha dwesha ପରଶ୍ରୀକାତରତା—Envy at another's welfare.

ଶୁଭ ଦ୍ୱେଷକ—ସ. ବଣ. ପୁଂ—ଯେ ପରର ଭଲର ସମ୍ବନ୍ଧରେ ହିଂସା
Śubha dweshaka କରେ—Envious of another's welfare.
(ଶୁଭଦ୍ୱେଷୀ—ଅନ୍ୟରୂପ)
[ଶୁଭଦ୍ୱେଷିକା, ଶୁଭଦ୍ୱେଷିଣୀ—ସ୍ତ୍ରୀ]

ଶୁଭ ଧ୍ୟାନ—ସ. ବ(୬ଷ୍ଠୀତତ୍ ବା ୭ମୀତତ୍)—ଶୁଭଚିନ୍ତା (ଦେଖ)
Śubha dhyāna Śubha chintā. (See)

ଶୁଭଧ୍ୟାୟୀ(ତା)—ସ. ବଣ. ପୁଂ (ଶୁଭ+ଧ୍ୟୈ ଧାତୁ+କର୍ତ୍ତୃ. ଇନ୍;+
Śubhadhyāyī(tā) ତୃ; ୧ମା. ୧ବ)—ଶୁଭଚିନ୍ତକ (ଦେଖ)
[ଶୁଭଧ୍ୟାୟିକା, ଶୁଭଧ୍ୟାୟିନୀ—ସ୍ତ୍ରୀ] Śubha chintaka. (See)

ଶୁଭନା—ଗ୍ରା. ବ. ପୁଂ (ସ. ଶୋଭନ)—ଲୋକଙ୍କ ନାମ—
Śubhanā A name given to a male.
(ଶୁଭନୀ—ସ୍ତ୍ରୀ)

ଶୁଭନାମା—ସ. ବ—ଶୁକ୍ଳପକ୍ଷର ପଞ୍ଚମୀ, ଦଶମୀ ଓ ପୂର୍ଣ୍ଣିମାତିଥି (ଜ୍ୟୋ-
Śubhanāmā ତିଷ)—The 5th and 10th days of the bright lunar fortnight and the full-moon day.

ଶୁଭ ପଡିବା—ଦେ. କ୍ରି—ଗୃହର ପ୍ରଥମ ସ୍ତମ୍ଭ ବା ମୂଳଖୁଣ୍ଟ ଅବର
Śubha pardibā ପ୍ରଥମ ସ୍ଥାପନ—The laying of the
পত্তনপড়া foundation stone or the first pillar of
शुभ(नीव) पडना a new house.
[ଶୁଭ ପକା(ଦେ)ଇବା—କ୍ରି ସ୍ୱରୂପ]

ଶୁଭ ପତ୍ରିକା—ସଂ. ବ (ବୈଦ୍ୟକ)—ଶାଳପର୍ଣ୍ଣୀ (ଦେଖ
Śubha patrikā Śālaparnī. (See)

ଶୁଭ ବଧେଇ—ଦେ. ବ—ପୁରସ୍କାର, ସ୍ତ୍ରୀର ପ୍ରଥମ ଗର୍ଭୋଦର୍ଶନ ଖବର
Śubha badhei ଶୁଭ ସଂବାଦ ଆଣିଥିବା ବ୍ୟକ୍ତିକୁ ଦିଆଯିବା
শুভ সংবাদের পুরস্কার ପୁରସ୍କାର—Reward given to a
शुभबधाई messenger of happy news.

ଶୁଭ ବାଚକ—ସ. ବଣ (ଅଧୂରକ)—ଅଶୁଭ ବା ଅମଙ୍ଗଳସୂଚକ ଶବ୍ଦ ବା
Śubha bāchaka ବାକ୍ୟଦ୍ୱାରା ପ୍ରକାଶିତ ନ ହୋଇ ଶୁଭସୂଚକ ବାକ୍ୟଦ୍ୱାରା କୌଣସି ବିଷୟର ପ୍ରକାଶକ (ବାକ୍ୟ ବା ଭାଷା)—Euphemistic (language or expressio

ଶୁଭ ବାଚନ—ସଂ. ବ (ଅଧୂରକ)—ଅଶୁଭସୂଚକ, କର୍କଶ ବା ଅପ୍ରୀତିକର
Śubha bāchana ଶବ୍ଦ ପ୍ରୟୋଗ ନ କରି, ତହିଁ ବଦଳରେ ଶୁଭସୂଚକ, ଶ୍ରୁତିମଧୁର ଓ ପ୍ରୀତିକର ବାକ୍ୟ ବା ପଦର ପ୍ରୟୋଗ; କଠୋର ବା ଅଶୁଭ ବିଷୟର କୋମଳ ବା ଶୁଭସୂଚକ ବାକ୍ୟଦ୍ୱାରା ପ୍ରକାଶ—Euphemism.
[ଦ୍ର—ସବୁ ଦେଶରେ କଠୋର, ଅପ୍ରିୟ ବା ଅଶୁଭ ବିଷୟକୁ କୋମଳ, ମଧୁର ବା ଶୁଭସୂଚକ ଶବ୍ଦ ବା ବାକ୍ୟଦ୍ୱାରା ପ୍ରକାଶ କରିବା ରୀତି ଅଛି। ଇଂରାଜୀରେ ଏହାକୁ Euphemism ବୋଲାଯାଏ। ଓଡ଼ିଆ ଭାଷାରେ ଏଥିର କୌଣସି ପ୍ରତିଶବ୍ଦ ନ ଥିବାରୁ ଶୁଭବାଚକ (Euphemistic) ଓ ଶୁଭବାଚନ (Euphemism) ଶବ୍ଦଦ୍ୱୟ ଏ ଗ୍ରନ୍ଥରେ ଯଥାସ୍ଥାନରେ ବ୍ୟବହୃତ ହୋଇଅଛି। ଶୁଭବାଚନର ଉଦାହରଣ—

ତାକୁ ସାପ କାମୁଡ଼ିଲା ବୋଲି ନ କହି "ତାକୁ ଡାଠ ବା ଲଥ ଛୁଇଁଲା", ଅଥବା ସ୍ତ୍ରୀ ହାତରୁ ଖଡ଼ୁ ଭାଙ୍ଗିଲା ବୋଲି ନ କହି "ଖଡ଼ୁ ଶୀତଳେଇଲା", ହାଟ ମରିଗଲା ବୋଲି ନ କହି 'ହାଟ ବସିଗଲା', ସନ୍ତାନଟି ମରିଗଲା ନ କହି ପିଲାଟି 'ବାଢ଼ିଗଲା', ଖାଇବା ଜିନିଷ ବଢ଼ୁନ ଉଣ୍ଡିଯିବା ଯୋଗୁଁ ସରିଗଲାଣି ବୋଲି ନ କହି 'ବାଢ଼ିଗଲାଣି', ବାପା ମରିଗଲେ ବୋଲି ନ କହି 'ବୈକୁଣ୍ଠଗାମୀ ହେଲେ' ବୋଲି ବୋଲାଯାଏ । ଏ ଶବ୍ଦକୁ 'ଶୁଭବାଚନ' ବୋଲାଯାଏ ଓ ଏ ଓ ଶବ୍ଦ ବାକ୍ୟମାନଙ୍କୁ ଶୁଭବାଚକ ବୋଲାଯାଏ ।]

ଶୁଭ ବାସନ — ସଂ. ବି — ସୁଗନ୍ଧ ବାସନ; ମୁଖବାସନ ଗନ୍ଧଦ୍ରବ୍ୟ (ପଦରତ୍ନାବଳୀ)
Śubha bāsana Scented spices for chewing.

ଶୁଭ ମଙ୍ଗଳ — ଦେ ଓ ଦେ ବି (ଏକାର୍ଥକ ସହଚର) — ମଙ୍ଗଳ; ଶୁଭ —
Śubha maṅgaḷa Good fortune; bliss.

ଶୁଭ ମୁହୂର୍ତ୍ତ (ଲଗ୍ନ) — ସଂ. ବି (କର୍ମଧା) — ୧ । ଶୁଭକ୍ଷଣ; ମଙ୍ଗଳସୂଚକ
Śubha muhūrtta(lagna) ଅନୁକୂଳ ସମୟ —
1. Auspicious moment. ୨ । ଯେଉଁ ମୁହୂର୍ତ୍ତରେ କାର୍ଯ୍ୟ କଲେ କାର୍ଯ୍ୟରେ ମଙ୍ଗଳ ଘଟେ —
2, A moment which crowns any work done therein with success and bliss.

ଶୁଭ ଯୁକ୍ତ(ତ) — ସଂ. ବିଣ (ଶୁଭ୍ର ତତ) — ମଙ୍ଗଳମୟ —
Śubha jukta(ta) Lucky; auspicious
(ଶୁଭସଂଯୁକ୍ତ — ଅନ୍ୟରୂପ)

ଶୁଭ ଯୋଗ — ସଂ. ବି (କର୍ମଧା) — ମଙ୍ଗଳମୟ ଯୋଗ ବା ସୁଯୋଗ —
Śubha joga Auspicious combination or opportunity,

ଶୁଭ ଲକ୍ଷଣ — ସଂ. ବି (କର୍ମଧା) - ମଙ୍ଗଳମୟ ଚିହ୍ନ — Auspicious sign.
Śubha lakshaṇa ବିଣ. ପୁଂ (ବହୁବ୍ରୀହି) ଶୁଭଲକ୍ଷଣଯୁକ୍ତ;
(ଶୁଭଲକ୍ଷଣା — ବିଣ. ସ୍ତ୍ରୀ) ସୁଲକ୍ଷଣ — Having auspicious signs. [ଦ୍ର — ଶୁଭଲକ୍ଷଣା ଲକ୍ଷ୍ମୀ ତାହାଙ୍କ ଘରେ ଥିବେ — କୃଷ୍ଣସିଂହ ମହାଭାରତ ।]

ଶୁଭଶଂସୀ — ସଂ. ବିଣ. ପୁଂ (ଶୁଭ + ଶନ୍ସ୍ ଧାତୁ = କହିବା + କର୍ତ୍ତୃ ଣିନ୍
Śubha śaṁsī ୧ମା, ୧ବ) — ଯାହା ମଙ୍ଗଳର ସୂଚନା କରେ —
(ଶୁଭଶଂସିନୀ — ସ୍ତ୍ରୀ) Which indicates bliss or good luck.

ଶୁଭ ସଂକଳ୍ପ — ସଂ ବି (କର୍ମଧା) — ମଙ୍ଗଳମୟ ସଂକଳ୍ପ; ଶୁଭେଚ୍ଛା —
Śubha saṁkaḷpa Benificial resolution; good wish,

ଶୁଭ ସମ୍ବାଦ — ସଂ. ବି (କର୍ମଧା) ମଙ୍ଗଳମୟ ବା ସୁଖକର ଖବର;
Śubha sambāda ସୁସମ୍ବାଦ — Happy or lucky news; glad tidings,

ଶୁଭ ସୂଚକ — ସଂ. ବିଣ — ମଙ୍ଗଳଜ୍ଞାପକ —
Śubha sūchaka Indicating good; auspicious.
(ଶୁଭସୂଚିକା — ସ୍ତ୍ରୀ)

ଶୁଭ ସୂଚନ(ନା) — ସଂ. ବି — ମଙ୍ଗଳଜ୍ଞାପକ —
Śubha sūchana(nā) Indication of luck or good,

ଶୁଭସୂଚନୀ — ସଂ ବି. ସ୍ତ୍ରୀ — ଦୁର୍ଗା; ଶୁଭଚଣ୍ଡୀ; ଦେବୀବିଶେଷ; ମଙ୍ଗଳା —
Śubha sūchanī A popular Goddess.
শুবচনী सुमंचंडी [ଦ୍ର — କୌଣସି କାର୍ଯ୍ୟର ଶୁଭ ବା ମଙ୍ଗଳମୟ ଫଳର ଆଶାରେ ସ୍ତ୍ରୀଲୋକମାନେ ଏ ଦେବୀଙ୍କୁ ପୂଜା ମନାସନ୍ତି ଓ କାର୍ଯ୍ୟସିଦ୍ଧି ପରେ ପୂଜା କରନ୍ତି; ସ୍ତ୍ରୀଲୋକମାନେ ଏହାଙ୍କୁ ପୂଜା କରନ୍ତି ଓ ଏହାଙ୍କ ବ୍ରତ କଥା ଶୁଣନ୍ତି । ଏହାଙ୍କ ଧ୍ୟାନ —

ରକ୍ତା ପଦ୍ମଚତୁର୍ମୁଖୀ ତ୍ରିନୟନା ସ୍ୱର୍ଣ୍ଣାଦିକାଲଂକୃତା
ପୀତୋତ୍ତୁଙ୍ଗକୁଚଦ୍ୱୟ ଲମ୍ବିତା ହଂସାଧିରୂଢ଼ାପରା ।
ବ୍ରହ୍ମାନନ୍ଦମୟୀ କମଣ୍ଡଳୁକରା ଶାନ୍ତିପ୍ରଦା ଶିବା
ଧ୍ୟେୟା ସା ଶୁଭସୂଚନୀ ତ୍ରିଜଗତାମମ୍ବା ଅଘୁହାରିଣୀ —
ବଙ୍ଗକୋଷ ।]

ଶୁଭସ୍ୟ ଶୀଘ୍ରଂ — ସଂ. ପ୍ରବଚନ — ଶୁଭକାର୍ଯ୍ୟ ଶୀଘ୍ର କରିବା ବିଧେୟ —
Śubhasya śīghraṁ (a proverb) An auspicious work should be undertaken early.
[ଦ୍ର — ଏଥିର ସମ୍ପୂର୍ଣ୍ଣ ବାକ୍ୟ —
ଶୁଭସ୍ୟ ଶୀଘ୍ରଂ
ଅଶୁଭସ୍ୟ କାଳହରଣଂ ।]

ଶୁଭ ସ୍ତମ୍ଭ — ସଂ ବି — ୧ । ଯାଜପୁରର ବିରଜା ଦେବୀ ଓ ବରାହନାଥଙ୍କ
Śubha stambha ଦେଉଳର ମଧ୍ୟବର୍ତ୍ତୀ ସ୍ଥାନରେ ସ୍ଥାପିତ ସ୍ତମ୍ଭ — A stone pillar found in Jajpur between the temples of Birajā and Barāhanātha. [ଦ୍ର — କଥିତ ଅଛି — ବ୍ରହ୍ମା ଯାଜପୁରରେ ଯଜ୍ଞ କଲା ସମୟରେ ଏହିଠାରେ ଶୁଭ ଦେଇ ଏ ସ୍ତମ୍ଭ ପୋତିଥିଲେ ।

ଇତିହାସ ମତରେ — ଯଯାତିକେଶରୀ ଯେତେବେଳେ ଦଶାଶ୍ୱମେଧ ଯଜ୍ଞ ସମ୍ପାଦନ କରି ଏହି ଯାଜପୁର ନଗର ବସାଇ ଥିଲେ, ସେତେବେଳେ ଏହିଠାରେ ଶୁଭ ଦେଇଥିଲେ । ଏହି ସ୍ତମ୍ଭ ୩୨ ଫୁଟ ଉଚ୍ଚ । ପୂର୍ବେ ବିଷ୍ଣୁଙ୍କ ବାହନ ଗରୁଡ଼ର ମୂର୍ତ୍ତି ଏହାର ଶିଖରରେ ଥିଲା । କଳାପାହାଡ଼ ଉକ୍ତ ମୂର୍ତ୍ତିକୁ ସ୍ତମ୍ଭ ଉପରୁ ତଳକୁ ଖସାଇ ପକାଇଥିଲା । ଯାଜପୁରରୁ ଏକ ମାଇଲ ଦୂରବର୍ତ୍ତୀ ମାଧପୁରରେ ଗୋଟିଏ ମଣ୍ଡପ ତୋଳା ହୋଇ ସେଠାରେ ଏହି ଗରୁଡ଼ ମୂର୍ତ୍ତି ରଖାଯାଇଥିଲା — (ଚନ୍ଦ୍ରଶେଖର ଦାସ) ।

କମ୍ବଦନ୍ତୀ ଅଛି ଯେ, ଏ ସ୍ତମ୍ଭର ଯେତେ ଅଂଶ ଭୂମିର ଉପରକୁ ଦେଖାଯାଉଅଛି, ମାଟି ତଳେ ତହିଁର ସେତିକି ଅଂଶ ପୋତା ହୋଇଅଛି ।] ୨ । ନୂଆ ଘର ତୋଳାଯିବା ପୂର୍ବରୁ ବାସ୍ତୁପୂଜା ଆଦି କରାଯାଇ ଓ ନିଅଁ ଖୋଳାଯାଇ ମୂଳଦୁଆରେ ଯେଉଁ ପ୍ରଥମ ଖୁଣ୍ଟ ପୋତାଯାଏ — 2. The first pillar which is put when the foundation is laid with certain rites for building a new house. ୩ । କୌଣସି ଶୁଭକାର୍ଯ୍ୟ ଉପଲକ୍ଷରେ ପୋତାଯିବା ଖୁଣ୍ଟ — 3 A pillar put on some auspicious occasion,

ଶୁଭା—ସଂ. ବିଣ-(ସ୍ତ୍ରୀ)—ଶୁଭର ସ୍ତ୍ରୀଲିଙ୍ଗ—Feminine of Subha,
Śubhā ବି (ସ୍ତ୍ରୀ)—୧ । କାନ୍ତି—1 Brightness; brilliance ୨ । ଇଚ୍ଛା—2. Wish; desire. ୩ । ଶୋଭା—3. Splendour; beauty. ୪ । ଦେବସଭା—4. The assemblage or meeting of the Gods ୫ । ପାର୍ବତୀଙ୍କ ସଖୀବିଶେଷ—5. Name of a female companion of Pārbatī. ୬ । ଅଙ୍ଗିରାଋଷିଙ୍କ ସ୍ତ୍ରୀ—6. The wife of sage Angirā. (ଉ—ବ୍ରହ୍ମାଙ୍କର ପୁଅ ଯେ ଅଙ୍ଗିରା ହୋଇଲେ, ଶୁଭା ନାମେ ଭାର୍ଯ୍ୟା ଗୋଟିଏ ସେ କଲେ—କୃଷ୍ଣସିଂହ ମହାଭାରତ ।) ୭ । ବଂଶଲୋଚନା—7. A secretion found in Bamboo; manna of bamboo. ୮ । ଗୋରୋଚନା—8. A yellow pigment obtained from dead cows. ୯ । ଶମୀବୃକ୍ଷ—9 A tree; Acacia cuma. ୧୦ । ପ୍ରିୟଙ୍ଗୁ—10. A fragrant creeper; Agalia Roxbughiana. ୧୧ । ଧଳା ଦୂବ—11. A species of white creeping grass. ୧୨ । ମିଥିଙ୍ଗ ଶାଗ (ବୈଦ୍ୟକୋଷ)—12. Trigonella Corniculata (pot herb). ୧୩ । ଧଳା ବଚ (ବୈଦ୍ୟକୋଷ)—13. The white variety of Acorus Calamus. ୧୪ । ପାଠା; ଅକାଳବଲ୍ଲୀ (ବୈଦ୍ୟକୋଷ)—14. Stephania Hernandifolia (creeper). ୧୫ । ଶତାହ୍ୱା; ଶତପୁଷ୍ପା (ବୈଦ୍ୟକୋଷ)—15. Dill seed.

ଶୁଭା(ଭେ)ଇବା—ଦେ. କ୍ରି (ଶୁ ଧାତୁ)—୧ । ଶୁଭିବାକ୍ରିୟାର ଣିଜନ୍ତରୂପ—1. The causa-
Śubhā[bhe]ibā tive form of the verb Śubhibā ୨ । ଶୁଣାଇବା (ଦେଖ)—2. Śuṇāibā (See) ୩ । ଅନ୍ୟକୁ ଶୁଭିବା ପରି କଥା କହିବା—3. To speak loudly so as to be heard by another. (ଉ—୧ । ଧ୍ରୁବସୂତ୍ର ଶିଖାଇ କୁଶ ଭଳି ସେ ଘୋଷ, ଦାନ୍ତ ଶବ୍ଦ କରି କରନ୍ତି ଗର୍ଜନ—କୃଷ୍ଣସିଂହ ମହାଭାରତ । ୨ । କାହେ ଶୁଣିବା ସଙ୍ଗ ଶୁଭାଇ—ଲକ୍ଷ୍ମଣ ଦେବେନ୍ଦ୍ରଶର-ବିଳାସ ।)

ଶୁଭାକର ଗୁପ୍ତ—ଦେ. ବି (ନାମ)—ଜଣେ ବୌଦ୍ଧାଚାର୍ଯ୍ୟ ଓ ବୌଦ୍ଧ-
Śubhākara gupta ଗ୍ରନ୍ଥକାର (ବୈଦ୍ୟକୋଷ)—Name of a Buddhist preceptor and author.

ଶୁଭାକର ଦେବ—ଦେ. ବି (ନାମ)—ଭୌମ ବଂଶର ଜଣେ ରାଜା—
Śubhākara deba The name of a king of the Bhauma dynasty. [ଦ୍ର—ଏ ପର୍ଯ୍ୟନ୍ତ ଭୌମ ବଂଶରେ ଚାରିଜଣ ଶୁଭାକର ଦେବ ଥିବା ଜଣା ଯାଉଛି । ପ୍ରଥମ ଶୁଭାକର ଦେବ ପରମସୌଗତ (ବୌଦ୍ଧ) ଥିଲେ । ମାତ୍ର ପରବର୍ତ୍ତୀ ଶୁଭାକରମାନେ ପରମମାହେଶ୍ୱର, ପରମ ଭଟ୍ଟାରକ, ମହାରାଜାଧିରାଜ, ପରମେଶ୍ୱର ପ୍ରଭୃତି ଉଚ୍ଚତର ଉପଶୋଭେଚ ବିରୁଦ ମାନ ଧାରଣ କରିଥିଲେ । ଜେଦାରନାଥ ମହାପାତ୍ର ।]

ଶୁଭାକାଙ୍କ୍ଷା—ସଂ. ବି (କର୍ମଧା । ଶୁଭ+ଆକାଙ୍କ୍ଷା)—କଲ୍ୟାଣକାମନା—
Śubhākānkshā Good wishes; wishes for welfare.

ଶୁଭାକାଙ୍କ୍ଷୀ—ସଂ. ବିଣ. ପୁଂ (ଉପପଦ ତତ୍ପୁରୁଷ, ଶୁଭ ଅକାଙ୍କ୍ଷା କରେ
Śubhākānkshī ଯେ)—ଯେ ଶୁଭ କାମନା କରେ—
(ଶୁଭାକାଙ୍କ୍ଷିଣୀ ଶୁଭାର୍ଥିନୀ—ସ୍ତ୍ରୀ ।) One who wishes good.
(ଶୁଭାର୍ଥୀ—ଅନ୍ୟରୂପ)

ଶୁଭାଗମନ—ସ. ବି(କର୍ମଧା)—ମଙ୍ଗଳଜନକ ଆଗମନ—Auspicious
Śubhāgamana arrival. [ଦ୍ର—ମାନ୍ୟବ୍ୟକ୍ତିଙ୍କ ଆଗମନକୁ ଶୁଭାଗମନ ବୋଲାଯାଏ ।]

ଶୁଭାଙ୍ଗ—ସ ବି (କର୍ମଧା)—ସୁନ୍ଦର ଅବୟବ—Graceful limb.
Śubhānga ପୁଂ. ବିଣ (ବହୁବ୍ରୀହି)—ସୁନ୍ଦର ଅବୟବବିଶିଷ୍ଟ (ବ୍ୟକ୍ତି)—(a person) Having symmetrical limbs.
(ଶୁଭାଙ୍ଗୀ—ସ୍ତ୍ରୀ-ବିଣ)

ଶୁଭାଙ୍ଗୀ—ସ. ବି ଓ ବିଣ. ସ୍ତ୍ରୀ—୧ । (ବହୁବ୍ରୀହି) କୁବେର ପତ୍ନୀ—
Śubhāngī 1. The wife of the God of wealth. ୨ । ସୁନ୍ଦରୀ ସ୍ତ୍ରୀ—2. A graceful lady. [ଉ—ନ ଭାଙ୍ଗ ରେ ଶୁଭାଙ୍ଗୀ ଭାଇଙ୍କ ଦୁଅ ସାହା—ଉପେନ୍ଦ୍ରଭଞ୍ଜ-ବିଶୋରାନନ୍ଦ ନ ଗୀତ ।] ୩ । କାମଦେବଙ୍କ ପତ୍ନୀ; ରତି ଦେବୀ—3. The wife of God Cupid.

ଶୁଭାଞ୍ଜନ—ସ. ବି—୧ । ଶୋଭାଞ୍ଜନ; ସଜନାଗଛ (ବୈଦ୍ୟକୋଷ)—
Śubhānjana 1. Moringa tree. ୨ । ରକ୍ତଶିଗ୍ରୁ (ବୈଦ୍ୟକୋଷ)—2. The red-flowered variety of moringa tree.

ଶୁଭାଦୃଷ୍ଟ – ସ. ବି (କର୍ମଧା)—ସୌଭାଗ୍ୟ—
Śubhādrushṭa Good luck or fortune.
ସ. ବିଣ. ପୁଂ (ବହୁବ୍ରୀହି)—ଭାଗ୍ୟବାନ୍—Lucky.
(ଶୁଭାଦୃଷ୍ଟା—ସ୍ତ୍ରୀ-ବିଣ)

ଶୁଭାନୁଧ୍ୟାନ—ଦେ. ବି—ଶୁଭ ଚିନ୍ତନ (ଦେଖ)
Śubhānudhyāna Śubha chintana (See)

ଶୁଭାନୁଧ୍ୟାୟୀ(ତା)—ସ. ବିଣ. ପୁଂ (ଶୁଭ+ଅନୁ+ଧ୍ୟୈ+କର୍ତ୍ତୃ
Śubhānudhyāyī(tā) ଣିନ୍ ୬)—ଯେ ଶୁଭ ଚିନ୍ତା କରେ—
(ଶୁଭାନୁଧ୍ୟାୟିନୀ—ସ୍ତ୍ରୀ) One who wishes good.

ଶୁଭାନୁଷ୍ଠାନ—ସ. ବି (କର୍ମଧା)—କଲ୍ୟାଣକର କାର୍ଯ୍ୟ—
Śubhānushṭhāna Auspicious or beneficial work.

ଶୁଭାନ୍ୱିତ—ସ. ବିଣ (ଶୁଭ ଅନ୍ୱିତ)—ମଙ୍ଗଳଯୁକ୍ତ—Auspicious;
Śubhānwita lucky; fortunate.

ଶୁଭା ପାଇବା—ଦେ. କ୍ରି (ସଂ. ଶୁଭ୍ର=ଶୋଭା)—ଶୋଭା ପାଇବା –
Śubhā paibā To shine; to look beautiful. [ଉ—
ଶୋଭା ପାଓଯା ଅପେ ଶୁଭା ପାଉଥାଇ ଅପେ ଛଳଛନ୍ଦ—ପ୍ରାଚୀ
ଶୋଭା ପାନା ବୃନ୍ଦାବନୁ ଗୀତା ।]

ଶୁଭାଶୀର୍ବାଦ—ସଂ. ବି (କର୍ମଧା)—କଲ୍ୟାଣକର ଆଶିଷ ବାକ୍ୟ— Śubhāśirbāda (ଶୁଭାଶିଷ—ଦେ. ରୂପ) Blessing. (ଶୁଭାଶିସ୍—ଅନ୍ୟରୂପ)

ଶୁଭାଶୁଭ—ସଂ. ବିଣ (ଦ୍ୱନ୍ଦ୍ୱସମାସନିଷ୍ପନ୍ନ ସବୁଠର)—ଶୁଭ ଓ ଅଶୁଭ— Śubhāśubha Good and evil. ବି—ମଙ୍ଗଳ ଓ ଅମଙ୍ଗଳ— Good and evil; bliss and woe.

ଶୁଭିତା(ଧା)—ପ୍ରା. ବି (ସଂ. ସୁବିଧା)—ସୁବିଧା (ଦେଖ)—Subidhā Śubhitā(dhā) সুবিধা সুবিধা (See)

ଶୁଭିବା—ଦେ. କ୍ରି (ସଂ. ଶ୍ରୁ ଧାତୁ; ପ୍ରା. ଶୁଣ ଧାତୁ)—ଶ୍ରୁତ ହେବା; Śubhibā ଶ୍ରବଣଗୋଚର ହେବା; ଶୁଣାଯିବା—To be heard; শুনা যাওয়া to be audible. [ଉ—ସେହିକାଳେ ଅକାଶ ସুননা ବଚନ ଶୁଭଇ—ଭୁବନଂସଂହି. ମହାଭାରତ ।]

ଶୁଭୁ ଅଛି—ଦେ. କ୍ରି —ଶୁଣା ଯାଉଅଛି—Is being heard. [ଉ- Śubhu achhi ତଜ୍ଜାଣ୍ତ୍ରନାଥ, ଦ୍ୱାର ଧର ଅନାଥ କ ଶୁଭୁଅଛି শুনাযাছে সুনাজাতাহৈ ଜଗତେ—ଭକ୍ତ ବୈଦେହୀଶବିଳାସ ।]

ଶୁଭେଚ୍ଛା—ସଂ. ବି (କର୍ମଧାରୟ; ଶୁଭ+ଇଚ୍ଛା)—ଶୁଭ କାମନା— Śubhechchhā Good wish; wish for welfare.

ଶୁଭ୍ର—ସଂ. ବିଣ (ଶୁଭ୍ ଧାତୁ=ଶୋଭା ପାଇବା+କର୍ତ୍ତୃ. ର)—୧ । ଦୀପ୍ତ; Śubhra ଉଜ୍ଜ୍ୱଳ—1. Bright; shining. ୨ । ଶ୍ୱେତ; (ଶୁଭ୍ରତା[ତ୍ୱ]—ବି) ଧଳା—2. White. ସଂ. ବି—୧। ଶ୍ୱେତବର୍ଣ୍ଣ (ଶୁଭ୍ରା—ସ୍ତ୍ରୀ) —1. White colour. ୨ । ରୌପ୍ୟ — 2. Silver. ୩। ଶ୍ୱେତଚନ୍ଦନ—3. Sandal; Santalum Album). ୪ । ଅଭ୍ର;ମେଘକାଚ—4. Mica; talc. ୫ । ଗଡ଼ଲବଣ; ସାମୁଦ୍ର ଲବଣ (ବୈଦ୍ୟକଶବ୍ଦସିନ୍ଧୁ — 5. A kind of salt. ୬ । କାଶୀଶ; ହୀରାକଷ— 6. Green vitriol, copperas. ୭ । ପଦ୍ମକାଷ୍ଠ (ବୈଦ୍ୟକଶବ୍ଦସିନ୍ଧୁ)—7. A kind of fragrant wood. ୮ । ରୌପ୍ୟମାକ୍ଷିକ [ବୈଦ୍ୟକଶବ୍ଦସିନ୍ଧୁ]—8. Iron pyrites; Ferri sulphuretum. ୯ । ମେଦୋ ଧାତୁ [ବୈଦ୍ୟକଶବ୍ଦସିନ୍ଧୁ]—9. Fat. ୧୦ । ସୈନ୍ଧବ ଲବଣ (ବୈଦ୍ୟକଶବ୍ଦସିନ୍ଧୁ) —10. Chloride of sodium.

ଶୁଭ୍ର କାନ୍ତି—ସଂ. ବି (କର୍ମଧା)—୧ । ଶ୍ୱେତବର୍ଣ୍ଣ [ଶୁଭ୍ର—1. Dazz- Śubhra kānti ling whiteness. ୨ । ଉଜ୍ଜ୍ୱଳତା— 2. Brightness. ବିଣ (ବହୁବ୍ରୀହି)—ଶୁଭ୍ରକାନ୍ତି ବିଶିଷ୍ଟ—Dazzlingly white; very bright.

ଶୁଭ୍ର କାୟ—ସଂ. ବି (କର୍ମଧା)—୧ । ଶ୍ୱେତ ଶରୀର—1. White Śubhra kāya body. ୨ । ଉଜ୍ଜ୍ୱଳ ଦେହ—2. Shining [ଶୁଭ୍ରକାୟା—ବିଣ. ସ୍ତ୍ରୀ] body. ବିଣ. ପୁଂ (ବହୁବ୍ରୀହି)—୧ । ଉଜ୍ଜ୍ୱଳ ଦେହବିଶିଷ୍ଟ—1. Having a shining body. ୨ । ଶ୍ୱେତ ଶରୀରବିଶିଷ୍ଟ—2. White-bodied.

ଶୁଭ୍ର କେଶ—ସଂ. ବି (କର୍ମଧା)—୧ । ଧଳା କେଶ; ପାଚିଲା ବାଳ— Śubhra keśa 1. Grey hair. ୨ । ଉଜ୍ଜ୍ୱଳ କେଶ— 2. Bright hair. ବିଣ. ପୁଂ (ବହୁବ୍ରୀହି)—ଶୁଭ୍ରକେଶଯୁକ୍ତ—Having grey or bright hair. (ଶୁଭ୍ରକେଶା, ଶୁଭ୍ରକେଶୀ—ସ୍ତ୍ରୀ)

ଶୁଭ୍ର ତରୁ—ସଂ. ବି—ଶିରୀଷ ବୃକ୍ଷ (ବୈଦ୍ୟକଶବ୍ଦସିନ୍ଧୁ)— Śubhra taru Acacia Lebbec.

ଶୁଭ୍ରତା(ତ୍ୱ)—ସଂ. ବି (ଶୁଭ୍ର+ତା)—୧ । ଉଜ୍ଜ୍ୱଳତା—1. Bright Śubhratā(twa) ness; splendour. ୨ । ଶ୍ୱେତବର୍ଣ୍ଣ— 2. Whiteness.

ଶୁଭ୍ର ଦନ୍ତୀ—ସଂ. ବିଣ. ସ୍ତ୍ରୀ—ଶୁଭ୍ରଦନ୍ତବିଶିଷ୍ଟା (ସ୍ତ୍ରୀ)—(a woman) Śubhra danti Having a fine set of teeth. ବି. ସ୍ତ୍ରୀ (ଶୁଭ୍ରଦନ୍ତ—ବିଣ. ପୁଂ) —ବାୟୁକୋଣର ଦିଗ୍‌ଗଜ ସୁପ୍ରତୀକର ସ୍ତ୍ରୀ— The name of the female of the tusker which guards the N. W. quarter of the universe.

ଶୁଭ୍ର ପୁଷ୍ପ—ସଂ. ବି (ବହୁବ୍ରୀହି)—ବେଣା (ବୈଦ୍ୟକଶବ୍ଦସିନ୍ଧୁ)— Śubhra pushpa The Beṇā grass.

ଶୁଭ୍ର ରଶ୍ମି(ଭାନୁ)—ସଂ. ବି (ବହୁବ୍ରୀହି; ଶୁଭ୍ର ଅଟେ ରଶ୍ମି, ଭାନୁ Śubhra raśmi(bhānu) ଯାହାର)—୧ । ଚନ୍ଦ୍ର— 1. The moon. ୨ । କର୍ପୂର—2. Camphor. ୩ । (କର୍ମଧା) ଉଜ୍ଜ୍ୱଳ କିରଣ—3. Bright rays. ୪ । ଧଳା କିରଣ—4. White rays.

ଶୁଭ୍ର ବସନ—ସଂ. ବି (କର୍ମଧା)—ଧଳା ଲୁଗା—White cloth. Śubhra basana ବିଣ. ପୁଂ—ଶୁଭ୍ରବସ୍ତ୍ର ପରିହିତ—Wearing [ଶୁଭ୍ର ବସନା—ସ୍ତ୍ରୀ. ବିଣ] white cloth; clad white.

ଶୁଭ୍ର ଶରୀର—ସଂ. ବି ଓ ବିଣ(କର୍ମଧା ଓ ବହୁବ୍ରୀହି)—ଶୁଭ୍ରକାୟ (ଦେଖ) Śubhra śarira Śubhrakāya (See) [ଶୁଭ୍ର ଶରୀରା—ସ୍ତ୍ରୀ. ବିଣ]

ଶୁଭ୍ର ଶ୍ମଶ୍ରୁ—ସଂ. ବି (କର୍ମଧାରୟ)—ପାଚିଲା ଦାଢ଼ି— Śubhra śmaśru Grey beard. ବିଣ—ଧଳା ଦାଢ଼ିଥିବା—Greybearded.

ଶୁଭ୍ରା—ସଂ. ବିଣ (ସ୍ତ୍ରୀ)—ଶୁଭ୍ରର ସ୍ତ୍ରୀ ରୂପ—The feminine Śubhrā of Śubhra. ବି. ସ୍ତ୍ରୀ—୧ । ବଂଶରୋଚନା (ଦେଖ)—1. Baṁsarochanā (See) ୨ । ଫିଟ୍‌କିରୀ; ଫିଟ୍‌କିରି—2. Alum. ୩ । ଗୋରୋଚନା— 3. Gorochanā (see), ୪ । ଚିନି [ବୈଦ୍ୟକଶବ୍ଦସିନ୍ଧୁ]— 4, White sugar, ୫ । ଶ୍ୱେତ ଗମ୍ଭାରୀ [ବୈଦ୍ୟକଶବ୍ଦସିନ୍ଧୁ]—5. The white variety of Gmelina Asiatica.

ଶୁଭ୍ରାଂଶୁ—ସଂ. ବି ଓ ବିଣ—ଶୁଭ୍ରରଶ୍ମି (ଦେଖ) Śubhrāmśu Śubhrarasmi (See)

ଶୁଭ୍ରାଳୁ—ସଂ. ବି (ବୈଦ୍ୟକ)—ମହିଷକନ୍ଦ; ଧଳା ଅଳୁ— Śubhrālu A kind of bulbous root; yam.

ଶୁମ୍ବ(ମ୍ଭ)—ପ୍ରାଦେ. (ଗଞ୍ଜାମ) ବି—କାଶତୃଣ (ଦେଖ) Śumba(mbha) Kāśatṛuṇa (See)

ଶୁମ୍ଭ—ସଂ. ବ (ଶୁମ୍ଭ୍ ଧାତୁ=ଘାତ୍ ପାଇବା+କର୍ତ୍ତୃ. ଅ)—ଅତି Śumbha ପରାକ୍ରାନ୍ତ ଅସୁର ବିଶେଷ—Name of a powerful demon. [ଦ୍ର—ଏ ଓ ଏହାର କନିଷ୍ଠ ଭାଇ ନିଶୁମ୍ଭ ପ୍ରବଳ ପରାକ୍ରାନ୍ତ ହୋଇ ଦେବତାମାନଙ୍କ ଶ୍ରୀ ହରଣ କରି ଦେବଲୋକର ଅଧିକାର କରିଥିଲେ । ଦେବତାମାନେ ହିମାଳୟରେ ଦୁର୍ଗାଙ୍କର ଶରଣ ପଶିବାରୁ ଦୁର୍ଗା ଧୂମ୍ରଲୋଚନ, ଚଣ୍ଡ ମୁଣ୍ଡ, ରକ୍ତବୀଜ ନାମକ ଏହାର ସେନାପତିମାନଙ୍କୁ, ଏହାର ସାନ ଭାଇ ନିଶୁମ୍ଭକୁ ଓ ଶେଷରେ ଏହାକୁ ବଧ କଲେ । ଶୁମ୍ଭ ଦୁର୍ଗାଙ୍କ ନିକଟକୁ ସୁଗ୍ରୀବ ନାମକ ଦୂତ ପଠାଇ ସମ୍ବାଦ ଦେଇଥିଲା ଯେ, ତୁମ୍ଭେ ମୋତେ ବା ମୋ ଭାଇକୁ ବିବାହ କର । ଦୁର୍ଗା କହିଲେ, ମୁଁ ପ୍ରତିଜ୍ଞା କରିଛି ଯେ, ମୋତେ ଯେ ଯୁଦ୍ଧରେ ପରାଜିତ କରିବ ସେ ମୋତେ ବିବାହ କରିବ । ଏହି ସମସ୍ତ ବିଷୟ 'ଚଣ୍ଡୀ' ବା ଦେବୀ ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଅଛି ।

ବାମନପୁରାଣ ମତରେ କଶ୍ୟପଙ୍କର ଦନୁ ନାମ୍ନୀ ଏକ ଭାର୍ଯ୍ୟା ଗର୍ଭରୁ ଜାତ ଜ୍ୟେଷ୍ଠ ପୁତ୍ରର ନାମ ଶୁମ୍ଭ ଓ କନିଷ୍ଠର ନାମ ନିଶୁମ୍ଭ । ପୁରାଣାନ୍ତର ମତରେ ଶୁମ୍ଭ ପ୍ରହ୍ଲାଦର ପୌତ୍ର ଓ ଗବେଷ୍ଠୀର ପୁତ୍ର—ଶବ୍ଦକୋଷ ।]

ଶୁମ୍ଭ ନିଶୁମ୍ଭ—ସଂ. ବ (ଦ୍ୱନ୍ଦ୍ୱ)—ଶୁମ୍ଭ ଓ ନିଶୁମ୍ଭ ନାମକ ଅସୁର ଭାଇ Śumbha niśumbha ଦ୍ୱୟ—The two demon brothers Śumbha and Niśumbha.

ଶୁମ୍ଭ ଘାତିନୀ (ମର୍ଦ୍ଦିନୀ, ମଥିନୀ)—ସଂ. ବ (ଉପପଦ ସମାସ=ଶୁମ୍ଭ Śumbha ghātinī (marddinī, mathinī) ଘାତିନ୍+ସ୍ତ୍ରୀ. ଈ)—ଚଣ୍ଡୀ; ଦୁର୍ଗା—Goddess Durgā.

ଶୁମ୍ଭ ପୁର—ସଂ. ବ—୧ । ଶୁମ୍ଭ ଦୈତ୍ୟର ରାଜଧାନୀ; ଏକନଗର— Śumbha pura 1. Name of the capital of Śumbha. ୨ । ପ୍ରାଚୀନ ସମ୍ବଲପୁର [ଶବ୍ଦକୋଷ]— 2. The ancient name of Sambalpur.

ଶୁର୍‌କୁଟା—ଦେ. ବିଣ. ପୁଂ (ସଂ. ଶୁଷ୍କ)—୧ । ଶୁଷ୍କ; କ୍ଷୀଣ— Śur-kuṭā 1. Dried up; withered. ୨ । ଅତି କ୍ଷୀଣ— सूरकुटे दुबला ଡାଯୁ—2. Very lean; slender.
[ଶୁର୍‌କୁଟିଆ, ଶୁର୍‌କୁଟ୍‌ଟା, ଶୁର୍‌କୁଟୁଆ—ଅନ୍ୟରୂପ]
[ଶୁର୍‌କୁଟୀ, ଶୁର୍‌କୁଟେଇ, ଶୁର୍‌କୁଟ୍‌ଟୀ, ଶୁର୍‌କୁଟେଇ—ସ୍ତ୍ରୀ]

ଶୁର୍‌କୁଟା ମୁର୍‌କୁଟା—ଦେ. ବିଣ. ପୁଂ—୧ । ଶୁଷ୍କ ଓ ମୃତ ପ୍ରାୟ— Śur-kuṭā mur-kuṭā 1. Withered and dying. रोगा पटका ୨ । ଅତି କ୍ଷୀଣ—2. Lean and thin; दुबला पतला withered.
[ଶୁର୍‌କୁଟିଆ ମୁର୍‌କୁଟିଆ—ଅନ୍ୟରୂପ]
[ଶୁର୍‌କୁଟୀ ମୁର୍‌କୁଟୀ, ଶୁର୍‌କୁଟେଇ ମୁର୍‌କୁଟେଇ—ସ୍ତ୍ରୀ]

ଶୁର୍‌ତା ହେବା—ପ୍ରାଦେ. (ସମ୍ବଲପୁର) କ୍ରି (ସଂ. ସ୍ମୃତ)—ମନେ Śur-tā hebā ପଡ଼ିବା—To come to mind; to be recollected or remembered.

ଶୁରି ପୋକ—ପ୍ରାଦେ (ସମ୍ବଲପୁର) ବ—ଉଜ୍ଜୁଳିଆ ପୋକ— Śuri poka Weevil.

ଶୁରୁବ—ଗ୍ରା. ବ (ଦେଶ୍ୟ)—ଶ୍ରୁବ (ଦେଖ)—Śruba (See) Śuruba [ଦ୍ର—ଶୁରୁବ କରିବ କରିବ ନୟନ, ଝାଳକ ଘୃତ କର ମନ—ପ୍ରାଚୀ. କାର୍ତ୍ତିକମାହାତ୍ମ୍ୟ ।]

ଶୁରୂପ(ପା)—ଗ୍ରା. ବ (ସଂ. ଶୂର୍ପ)—ଶୂର୍ପ; କୁଲା—Winnow; Surūpa(pā) winnowing fan. [ଦ୍ର—ଶୁରୂପା कूला सूप ପ୍ରତ୍ୟେକ ସନ୍ଧ୍ୟାରେ ଅଛନ୍ତି, ସେ ଯେସନ୍ତେ ସୁନ୍ଦର, ରଖି ଦ୍ୱାରେ ଦେବୀ ତେଜଇ—ପ୍ରାଚୀ. ଉଦୟମଞ୍ଜରୀ ।]

ଶୁରୁତା—ଗ୍ରା. ବ—(ସଂ. ଶ୍ରୋତା)—ଶ୍ରୋତା (ଦେଖ) Śurutā Śrotā (See) [ଦ୍ର—ସବୁ ଅଷ୍ଟ ନାହିଁ ଶୁରୁତା ବକ୍ତା—ପ୍ରାଚୀ. ବୃହତ୍ ଭାଗବତ ଗୀତା ।]

ଶୂର୍ପଣ(ନ,ନେ,ଲ,ଲେ)ଖା(ଖୀ)——ଦେ. ବ. ସ୍ତ୍ରୀ—(ସଂ. ଶୂର୍ପଣଖା)— Śūrpaṇa(na, ne,la,le)khā (khī) ଶୂର୍ପଣଖା (ଦେଖ) शूर्पनखा सूपनखा Sūrpaṇakhā (See)

ଶୁଲ୍ (ଧାତୁ)—ସଂ.—ଗତି କରିବା— Śul (root) To move.

ଶୁଳ (ଇତ୍ୟାଦି)—ଗ୍ରା. ବ—ଶୂଳ ଇତ୍ୟାଦି (ଦେଖ) Śuḷa (etc) Śūḷa etc (See)

ଶୁଳା (ଇତ୍ୟାଦି)—ଗ୍ରା. ବ—ଶୂଳା ଇତ୍ୟାଦି (ଦେଖ) Śuḷā (etc) Śūḷā etc (See)

ଶୁଳି(ଇତ୍ୟାଦି)—ଦେ. ବ—୧ । ଶୂଳି [ଇତ୍ୟାଦି] (ଦେଖ)— Śuḷi(etc) शुला सूली 1. Śuḷi etc (See)
୨ । ତନ୍ତମାନଙ୍କ ତନ୍ତର ମଝି ଦଣ୍ଡ— 2.The middle pole of the weaver's loom.

ଶୁଳିଆ[ଇତ୍ୟାଦି]—ଦେ. ବ—୧ । ଶୂଳିଆ [ଇତ୍ୟାଦି] (ଦେଖ)— Śuḷiā(etc) I. Śūḷiā (etc) (See)
୨ । ବାଣପୁର ଅଞ୍ଚଳର ଗୋଟିଏ ପାହାଡ଼— 2. Name of a hill in Bāṇapura.

ଶୁଳା—ଦେ. ବ; ପୁଂ—ଲୋକଙ୍କ ନାମ— Śuḷā A name of males.
[ଶୁଳିଆ—ଅନ୍ୟରୂପ] [ଶୁଳୀ, ଶୁଳେଇ—ସ୍ତ୍ରୀ]

ଶୁଳି—ପ୍ରାଦେ. (ବାଲେଶ୍ୱର) ବ—ବିଲରୁ ଧାନ କଲେଇ ବୋହି Śuḷi ଆଣିବାର ବାହାଙ୍ଗି—A pole used for carrying on the shoulder paddy sheafs put on its both ends.

ଶୁଳୁଣୀ—ପ୍ରାଦେ. (ବାଲେଶ୍ୱର) ବ ସ୍ତ୍ରୀ.—ଯେ ଶୂଳ ଧରେ— Śuḷuṇī A nurse who attends a woman in travail; an accoucheuse.

ଶୁଲ୍କ (ଧାତୁ)—ସଂ. କ୍ରି—୧ । ସୃଷ୍ଟି କରିବା—1. To create; to Śulk (root) build. ୨ । ତ୍ୟାଗ କରିବା; ବର୍ଜନ କରିବ (ଶବ୍ଦକୋଷ)—2. To give up.

ଶୁଲ୍କ—ସଂ. ବ—(ଶୁଲ୍ ଧାତୁ=ଗମନ କରିବା+କ; ବା ଶୁଲ୍କ ଧାତୁ+ Śulka କର୍ମ. ଅ)—୧ । ରାଜକର ବିଶେଷ; ମାସୁଲ; ଟିକସ— 1. Cess; fees; tax. ୨ । ଦ୍ରବ୍ୟାଦିର ଅମଦାନି

ବସ୍ତ୍ରାଦି ଉପରେ ରାଜାଙ୍କୁ ଦେୟ କର—2. Toll or duty levied on goods or merchandise, customs duty. ୩ । ଘାଟ ପାର ମାସୁଲ [ଶବ୍ଦକୋଷ] Ferry-toll. [ଦ୍ର—ଘାଟରୁ, ବାଟରୁ ଓ ବ୍ୟବସାୟର ଦ୍ରବ୍ୟ ବିକ୍ରୟ ସ୍ଥାନରୁ, ଜଳପଥରୁ, ସ୍ଥଳପଥରୁ ରାଜାଦେଶରେ ଯେଉଁ କର ଆଦାୟ ହୁଏ ତାକୁ ଶୁଳ୍କ ବୋଲାଯାଏ । ଶବ୍ଦକୋଷ ।] ୪ । ବିବାହାବସରେ ପଣ; କନ୍ୟାକୁ ବିବାହ କରିବା ପାଇଁ ବରପକ୍ଷରୁ କନ୍ୟାକର୍ତ୍ତାଙ୍କୁ ଦିଆଯିବା ଧନ—4. Money given to the parents of a bride as the price of the bride. ୫ । ଯୌତୁକ—5. Matrimonial presents. ୬ । ବିକି ହେଉଥିବା ବସ୍ତୁର ମୂଲ୍ୟ—6. Sale price or consideration money. ୭ । ପଣ; ବାଜି—7. Wager.

ଶୁଲ୍କ ଗୃହ(ଶାଳା)—ସଂ. ବି—(ଷ. ତ. ସେ)—ଶୁଲ୍କାଳୟ (ଦେଖ)
Śulka gṛuha (śālā) Śulkālaya (See)

ଶୁଲ୍କ ଗ୍ରାହକ—ସଂ. ବି. ପୁଂ—(ଶୁଲ୍କ+ଗ୍ରହ୍ ଧାତୁ+ କର୍ତ୍ତୃ. ଅକ)
Sulka grāhaka ଯେ ଶୁଳ୍କ ଆଦାୟ କରେ—Tax collector; customs-collector.

ଶୁଲ୍କ ଗ୍ରାହୀ—ସଂ. ବିଶ. ପୁଂ—(ଶୁଲ୍କ+ଗ୍ରହ୍ ଧାତୁ+କର୍ତ୍ତୃ.ଇନ, ୧ମା. ୧ବ)—ଶୁଲ୍କଗ୍ରହଣକାରୀ (କନ୍ୟା ପିତା)—
Śulka grāhī Receiver of bride-pric

ଶୁଲ୍କ ସ୍ଥାନ—ସଂ. ବି—(ଷ. ତ. ସେ)—ଯେଉଁ ସ୍ଥାନରେ ସରକାରୀ ଶୁଳ୍କ ଆଦାୟ ହୁଏ—Tollgate; a place where customs duty is realised.
Śulka sthāna

ଶୁଲ୍କାଳୟ—ଦେ. ବି—ଯେଉଁ ଘରେ ଶୁଳ୍କ ଅଦାୟ କରାଯାଏ—
Śulkālaya Toll house; a house where customs duty is collected; custom house.

ଶୁଲ୍କି—ଦେ. ବି—(ନାମ)—ଉତ୍କଳର ପ୍ରାଚୀନ ରାଜବଂଶ ବିଶେଷ—
Śulki An ancient dynasty of kings of Orissa. [ଦ୍ର—'ଶୁଲ୍କି' ନାମକ ଗୋଟିଏ ପ୍ରାଚୀନ ରାଜବଂଶ—ଉତ୍କଳ ଦେଶସ୍ଥ ଢେଙ୍କାନାଳ ମଣ୍ଡଳରେ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀଠାରୁ ରାଜତ୍ୱ କରୁଥିଲେ । ଢେଙ୍କାନାଳ ମଣ୍ଡଳ ବ୍ରାହ୍ମଣୀ ନଦୀର ଉଭୟ କୂଳରେ ଅବସ୍ଥିତ ଥିଲା । ଅଧୁନାତନ ଢେଙ୍କାନାଳ, ତାଳଚେର, ହିନ୍ଦୋଳ, ଅଠମଲ୍ଲିକ, ପାଲଲହଡ଼ା ପ୍ରଭୃତି ଏହାର ଅନ୍ତର୍ଗତ ଥିଲା । ଏହି ବଂଶର କୌଣସି ରାଜାଙ୍କ ମଗଧର ମୌଖରୀ ବଂଶଭୂଷଣ, ଯଶୋଧର୍ମନ୍ ୬୧୧ ସମ୍ବତ୍ ବା ୫୫୪ ଖ୍ରୀଷ୍ଟାବ୍ଦ ପୂର୍ବରୁ ପରାସ୍ତ କରିଥିଲେ । ଏହି ବଂଶୀୟ ଭୂପସମୂହ ବିଶେଷ ପରାକ୍ରମଶାଳୀ ଥିଲେ ଓ ସେ ମହାମାଣ୍ଡଳିକ ଉପାଧି ଧାରଣ କରିଥିଲେ । କେଦାରନାଥ ମହାପାତ୍ର ।]

ଶୁଲ୍ବ୍ (ଧାତୁ)—ସଂ.—ପରିମାଣ କରିବା—
Śulwa (root) To measure.

ଶୁଲ୍ବ—ସଂ. ବି—(ଶୁଲ୍ବ୍ ଧାତୁ+କରଣ ଅ; କିମ୍ବା ଶୁଧ୍ ଧାତୁ+କରଣ ବ;
Śulwa ଉଣାଦିକ) କିମ୍ବା ଶୁଚ ଧାତୁ+ବ)—୧ । ରଜ୍ଜୁ—1. Chord. ୨ । ତାମ୍ର—2. Copper. ୩ । ଯଜ୍ଞକର୍ମ—3. A vedic sacrifice. ୪ । ଆଚାର—4. Rule of conduct. ୫ । ରୀତି—5. Usage. ୬ । ଜଳ ସନ୍ନିଧି; ଜଳାଶୟର କୂଳ—6. Nearness to water; brink of water.

ଶୁଲ୍ବାରି—ସଂ. ବି—(ଶୁଲ୍ବ ଅରି, ତାମ୍ରର ଶତ୍ରୁ)—ଗନ୍ଧକ—
Śulwāri Sulphur (literally enemy of copper.)

ଶୁଲ୍ଲ—ସଂ. ବି—(ଶୁଲ୍ ଧାତୁ+କରଣ. ଲ)—୧ । ଦଉଡ଼ି; ରଜ୍ଜୁ—
Śulla 1. Rope; chord; string. ୨ । ତାମ୍ର; କିମ୍ବା—2. Copper.

ଶୁଶମ୍ବର—ଦେ. ବି—(ସଂ ଶୁଶୁକ)—ଶୁଶୁକ (ଦେଖ)—Śuśuka
Śuśambara (See) ଶିଶୁମାର (ଦେଖ) Śiśumāra
শিশুক (See)

ଶୁଶି—ଦେ. ବି (ସଂ. ଶୁଷି=ଛିଦ୍ର)—କାଠ ମଧ୍ୟରେ ଥିବା ଲମ୍ବା ପୋଲ
Śuśi A hollow inside a log of wood.

ଶୁଶିର(ରି)—ଦେ.ବି (ସଂ.ଶୁଷିର=ଛିଦ୍ର)—ଛିଦ୍ର ଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ;
Śuśira(ri) (ମୁଖବାୟୁ ସାହାଯ୍ୟରେ ଏହା ବାଜେ)—A wind
শিটি সীটী instrument of music; a whistle.

ଶୁଶୁକ—ସଂ. ବି—(ଶୁଶୁ=ଧ୍ୱନ୍ୟନୁକାରୀ ଶବ୍ଦ+କ)—ଶିଶୁକ—
Śuśuka Gangetic porpoise.

ଶୁଶୁମା—ସଂ. ବି. ସ୍ତ୍ରୀ—ମାଈ ଶୁଶୁକ (ଶବ୍ଦକୋଷ)—
Śuśumā A female porpoise.

ଶୁଶୁମାର—ଦେ. ବି—ବନ୍ୟ ବୃକ୍ଷ ବିଶେଷ—A kind of tree,
Śuśumāra Ylocarpus Obovatus. [ଦ୍ର—ଏହା ନଦୀ ମୁହାଣ ସ୍ଥାନରେ ଥିବା ଗଛ । ଏହା ଉଚ୍ଚତାରେ ପ୍ରାୟ ୧୮ ଫୁଟ ପର୍ଯ୍ୟନ୍ତ ବଢ଼େ ।]

ଶୁଶୁରି—ଦେ. ବି—ଶୁଷିର (ଦେଖ)—
Śuśuri Śuśira (see)

ଶୁଶୋ—ଦେ. ବି (ସଂ. ଶୁଶୁକ)—ଶୁଶୁକ (ଦେଖ)
Śuśo Śuśuka (See)

ଶୁଶ୍ରୁବାନ୍—ସଂ. ବିଶ. ପୁଂ—(ଶ୍ରୁ ଧାତୁ+କର୍ତ୍ତୃ ବସୁ=ଶୁଶ୍ରୁବସ୍; ୧ମା
Śuśrubān ୧ବ)—ଯେ ଶୁଣିଅଛି—One who has heard.
(ଶୁଶ୍ରୁଷୀ—ସ୍ତ୍ରୀ)

ଶୁଶ୍ରୂ—ସଂ. ବି. ସ୍ତ୍ରୀ—(ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍+କର୍ତ୍ତୃ ଉସ୍; ଶିଶୁର
Śuśrū ଶୁଶ୍ରୂଷା କରୁଥିବାରୁ)—ମାତା; ଜନନୀ—Mother.

ଶୁଶ୍ରୂଷକ—ସଂ. ବିଶ ପୁଂ (ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍ ବା ଣ୍ୱୁଲ୍+
Śuśrūshaka କର୍ତ୍ତୃ ଅକ) ୧ । ଶୁଶ୍ରୂଷାକାରୀ—ସେବା-
(ଶୁଶ୍ରୂଷିକା—ସ୍ତ୍ରୀ) କାରୀ—1. Serving; tending, nursing; looking after the comforts of a person. ୨ । ଆଜ୍ଞା ପାଳକ—2. Obedient

୩ । ମନୋଯୋଗଭାସ୍ୱ—3. Attentive (Apte). ସଂ. ବି. ପୁଂ—ସେବକ—Servant; attendant.

ଶୁଶ୍ରୂଷଣ(ଣା)—ସଂ. ବି—(ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍ ବା ଦ୍ୱିତ୍ୱ+ଭାବ ଅନ୍+ଆ)—ସେବା; ପରିଚର୍ଯ୍ୟା—
Śuśrūshaṇa(ṇā) Service; tending; attendance.

ଶୁଶ୍ରୂଷା—ସଂ. ବି—(ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍ ବା ଦ୍ୱିତ୍ୱ+ଭାବ ଅ+ଆ
Śuśrūshā ୧ । ଶ୍ରବଣେଚ୍ଛା—1. Desire to hear. ୨ । ପରିଚର୍ଯ୍ୟା; ସେବା—2. Service; attendance; nursing. ୩ । କଥନ—3. Speaking.

ଶୁଶ୍ରୂଷିତ—ସଂ. ବିଣ. ପୁଂ—(ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍+କର୍ମ ତ)—
Śuśrūshita ପରିଚର୍ଯ୍ୟା ପ୍ରାପ୍ତ; ସେବିତ—Served; tended; (ଶୁଶ୍ରୂଷିତା—ସ୍ତ୍ରୀ) looked after; nursed; cared for.

ଶୁଶ୍ରୂଷିତବ୍ୟ—ସଂ. ବିଣ. ପୁଂ—(ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍+କର୍ମ ତବ୍ୟ)
Śuśrūshitabya ଶୁଶ୍ରୂଷା ଯୋଗ୍ୟ—Fit to be served (ଶୁଶ୍ରୂଷିତବ୍ୟା—ସ୍ତ୍ରୀ) or taken care of.

ଶୁଶ୍ରୂଷିତା—ସଂ. ବିଣ. ସ୍ତ୍ରୀ—(ଶୁଶ୍ରୂଷିତ+ଆ) ଶୁଶ୍ରୂଷିତର ସ୍ତ୍ରୀଲିଙ୍ଗ—
Śuśrūshitā Feminine of Śuśhrūshita. ସଂ. ବିଣ ଓ ବି. ପୁଂ(ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍+କର୍ତ୍ତୃ ତୃ=ଶୁଶ୍ରୂଷିତୃ, ୧ମା ୧ବ) ଶୁଶ୍ରୂଷକ; ସେବାକାରୀ—Serving; tending; (ଶୁଶ୍ରୂଷିତ୍ରୀ—ସ୍ତ୍ରୀ) nursing.

ଶୁଶ୍ରୂଷୀ—ସଂ. ବିଣ: ପୁଂ—[ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍+କର୍ତ୍ତୃ ଇନ୍
Śuśrūshī ୧ମା ୧ବ]—ଶୁଶ୍ରୂଷକ—Serving; tending; [ଶୁଶ୍ରୂଷିଣୀ—ସ୍ତ୍ରୀ] nursing.

ଶୁଶ୍ରୂଷୁ—ସଂ. ବିଣ.—[ଶ୍ରୁ ଧାତୁ ଇଚ୍ଛାର୍ଥେ ସନ୍=ଶୁଶ୍ରୂଷ୍ ଧାତୁ+
Śuśrūshū କର୍ତ୍ତୃ. ଉ] ୧ । ଶୁଣିବାକୁ ଇଚ୍ଛୁକ—1. Desirous to hear. ୨ । ଶୁଶ୍ରୂଷା ବା ସେବା କରିବାକୁ ଇଚ୍ଛୁକ—2. Desirous to serve or nurse. ୩ । ଆଜ୍ଞା ପାଳକ—3. Obedient; attentive (Apte).

ଶୁଶ୍ରୂଷେଣ୍ୟ—ସଂ. ବିଣ—୧ । ଶୁଶ୍ରୂଷାର୍ହ (ଶବ୍ଦକୋଷ)—1 Deserv-
Śuśrūsheṇya ing to be served or nursed or tended. ୨ । ମନୁଷ୍ୟ ଯାହା ଅତିଶୟ ଆଗ୍ରହ ଶୁଣେ (ଶବ୍ଦକୋଷ)—2. Heard with fondness.

ଶୁଶ୍ରୂଷ୍ୟ—ସଂ. ବିଣ. ପୁ—(ଶ୍ରୁଧାତୁ ଇଚ୍ଛାର୍ଥେ ସନ୍+କର୍ମ ଯ) ସେବନୀୟ;
Śuśrūshya ଶୁଶ୍ରୂଷାଯୋଗ୍ୟ—Deserving to bo look- (ଶୁଶ୍ରୂଷଣୀୟ—ଅନ୍ୟରୂପ) ed after or tended. [ଶୁଶ୍ରୂଷ୍ୟା, ଶୁଶ୍ରୂଷଣୀୟା—ସ୍ତ୍ରୀ]

ଶୁଷ୍ (ଧାତୁ)—ସଂ ୧ । ଶୁଷ୍କ ହେବା—1. To become dry; to
Śush (root) be dried up; to be parched up ୨ । ମ୍ଳାନ ହୋଇଯିବା—2. To be withered. ୩ । କ୍ଷୀଣହେବା-3. To languish; to become lean ୪ । ଅର୍ତ୍ତହେବା—4. To be afflicted or distressed. ୬ । ଶୋଷିବା; ଶୁଷ୍କକରିବା—6. To dry; to drain up; to suck up.

ଶୁଷ—ପ୍ରାଦେ. (ବାଲେଶ୍ୱର) ବି—ଶୋଷ; ତୃଷା
Śusha Thirst.

ଶୁଷ(ଷୀ) ସଂ ବି, (ଶୁଷ୍ଧାତୁ+ଭାବ ଅ;+ଈ) ୧ । ଶୋଷଣ—1.
Śusha (shī) Sucking up. ୨ । [+କର୍ତ୍ତୃ. ଅ; ଈ] ଗର୍ତ୍ତ; ଛିଦ୍ର—2. Hole. ୩ । ଗହ୍ୱର; ଗୁହା—3 Chasm. ୪ । ଶୁଖିଯିବା—4. Drying up.

ଶୁଷାଇବା—ପ୍ରାଦେ (ବାଲେଶ୍ୱର) କ୍ରି—ଶୋଷାଇବା (ଦେଖ)
Sushāibā Śoshāibā (see)

ଶୁଷି—ସଂ ବି—(ଶୁଷଧାତୁ+କର୍ତ୍ତୃ ଇ)—୧ । ଶୁଷ—1. Śusha
Śushi (See) ୨ । ଦନ୍ତମଧ୍ୟରେ ଥିବାଛିଦ୍ର ବା ଶୂନ୍ୟସ୍ଥାନ—2. The hollow inside the teeth or fangs. ଦେ. ବି.—ମୁଣ୍ଡିକାଠ ମଝିରେ ଥିବା ଲମ୍ବା ଛିଦ୍ର—A hole or hollow running through the middle of a log of wood along its length.

ଶୁଷିବା—ପ୍ରାଦେ (ବାଲେଶ୍ୱର) କ୍ରି—ଶୋଷିବା [ଦେଖ]
Śushibā Śoshibā (See)

ଶୁଷିର—ସଂ ବି (ଶୁଷ ଧାତୁ+କର୍ତ୍ତୃ ଇର, କମ୍ବା ଶୁଷି+ଇର)—୧ ।
Śushira ବିବର; ଛିଦ୍ର; ରନ୍ଧ୍ର—1. Hole. ୨ । ଅଗ୍ନି—2. Fire. ୩ । ଫୁଙ୍କିକରି ବଜାଇବାପାଇଁ ବ୍ୟବହୃତ ଛିଦ୍ରଯୁକ୍ତ ବାଦ୍ୟଯନ୍ତ୍ର (ଯଥା—ବଂଶୀ)—3. A wind-pipe; flute; a musical instrument with regulated holes to be blown by the mouth; a wind instrument. ୪ । ମୂଷିକ; ଉନ୍ଦୁର—4. Rat; mouse. ୫ । ବାୟୁ—5. The atmosphere. ବିଣ—ଛିଦ୍ରଯୁକ୍ତ—Full of holes; perforated.

ଶୁଷିରା—ସଂ. ବିଣ· ସ୍ତ୍ରୀ—ଶୁଷିରର ସ୍ତ୍ରୀଲିଙ୍ଗ—Feminine of
Śushirā Śushira. ସଂ. ବି—୧ । ନଦୀ ବିଶେଷ—1. Name of a river. ୨ । ଗନ୍ଧଦ୍ରବ୍ୟ ବିଶେଷ—2. Name of a scent or perfume.

ଶୁଷି(ଷୁ)ରି—ଦେ. ବି (ସଂ. ଶୁଷିର)—ବଂଶୀ ଆଦି ବାୟୁପୂରକ ଛିଦ୍ରମୟ
Sushi(shu)ri ବାଦ୍ୟଯନ୍ତ୍ର (ଯଥା—ବଂଶୀ, ମହୁରୀ)—Flute
ବାଂଶୀ or other perforated reed instrument.
ବଂଶୀ (e.g. lute, pipe, clarionet.)

ଶୁଷିଳ—ସଂ. ବି (ଶୁଷ୍ ଧାତୁ=ଶୋଷିବା+କର୍ତ୍ତୃ. ଇଳ; ଯାହା
Śushila ପଦାର୍ଥରୁ ଜଳାଦି ଶୋଷେ)—ବାୟୁ; ପବନ—Wind; air.

ଶୁଷ୍କ—ସଂ. ବିଣ (ଶୁଷ୍ ଧାତୁ=ଶୁଖିଯିବା+କର୍ତ୍ତୃ. ତ; 'ତ' ସ୍ଥାନରେ
Śushka 'କ' ଆଦେଶ)—୧ । ନିର୍ଜ୍ଜଳ; ଜଳଶୂନ୍ୟ; ଶୁଖିଲା—1. Dry; waterless. ୨ । ଯହିଁରୁ ଜଳ ବା ରସ ଶୁଖି ଯାଇଅଛି—2. Parched up. ୩ । ନୀରସ—3. Juiceless; sapless. ୪ । ଶୀର୍ଣ୍ଣ—4. Emaciated; withered; thin; shrivelled; shrunk up. ୫ । ରୁକ୍ଷ—5. Rude; rough.

୬ । (ଲକ୍ଷଣାର୍ଥ) ଅହେତୁକ—6. (figurative) Groundless. ୭ । (ଲକ୍ଷଣାର୍ଥ) ନିଷ୍ଫଳ—7. (figurative) Fruitless; barren. ୮ । (ଲକ୍ଷଣାର୍ଥ) ନିରର୍ଥକ—8. (figurative) Vain. [ଭି—ଶୁଷ୍କ (ଶୁଷ୍କା—ସ୍ତ୍ରୀ) ବାକ୍ୟ] ୯ । (ଲକ୍ଷଣାର୍ଥ) ନିରସ; ନିରାନନ୍ଦମୟ; ବିଷଣ୍ଣ; ବିମର୍ଷ—9. (figurative) Sorrowful; sad; pale (ଭି—ଶୁଷ୍କମୁଖ) ୧୦ । ବାହାନା କରିଥାଇ ଥିବା—10. Feigned; pretended. ୧୧ । ଅପ୍ରୟୋଜନୀୟ—11. Useless. ୧୨ । କଠୋର (ବାକ୍ୟ)—12. Offensive; harsh.

ଶୁଷ୍କ କଣ୍ଠ—ସଂ. ବି (କର୍ମଧା)—(ତୃଷା, ଭୟ, ରୋଗ ଆଦି ଯୋଗୁଁ) Śushka kaṇṭha ଯେଉଁ କଣ୍ଠରୁ ବା ଗଳାରୁ ଲାଳ ଆଦି ଶୁଖି ଯାଇଥାଏ—A dry throat; a parched throat. (ଶୁଷ୍କକଣ୍ଠା—ସ୍ତ୍ରୀ) ବିଣ. ପୁଂ (ବହୁବ୍ରୀହି)—ଯାହାର କଣ୍ଠ ବା ଗଳା ଶୁଖି ଯାଇଅଛି—Having one's throat parched up

ଶୁଷ୍କ କରିବା—ଦେ. କି—ଶୁଖାଇବା; ନିର୍ଜଳ କରିବା— Śushka karibā To dry up. शुष्ककरा सुखाना

ଶୁଷ୍କ କଳହ (ବିବାଦ)—ସଂ. ବି (କର୍ମଧା)—ବୃଥା ବା ଅହେତୁକ କଳହ Śushka kaḷaha (bibāda) ବା ବିବାଦ—Groundless quarrel or dispute.

ଶୁଷ୍କ ତର୍କ—ସଂ ବି (କର୍ମଧା)—ବୃଥା ବିତଣ୍ଡା— Śushka tarka Barren discussion.

ଶୁଷ୍କତା(ତ୍ୱ)—ସଂ. ବି (ଶୁଷ୍କ+ଭାବାର୍ଥେ. ତା, ତ୍ୱ)—ଶୁଷ୍କଭାବ; ଶୁଷ୍କ- Śushkatā(twa) ବସ୍ତୁ—Dryness; aridity.

ଶୁଷ୍କ ପ୍ରାୟ—ସଂ. ବିଣ—ପ୍ରାୟଶଃଶୁଷ୍କ; ପ୍ରାୟ ନିରସ— Śushka prāya Almost dry or sapless.

ଶୁଷ୍କ ବୈର—ସଂ. ବି—୧ । ଉଦ୍ଦେଶ୍ୟଶୂନ୍ୟ କଳହ—1. Aimless Śushka baira quarrel. ୨ । ଅହେତୁକ ଶତ୍ରୁତା— 2. Groundless or unprovoked enmity.

ଶୁଷ୍କଳ—ସଂ. ବି (ଶୁଷ୍କ+ଲ)—୧ । ମାଂସ, ଆମିଷ—1. Meat; Śushkaḷa flesh. ୨ । ଶୁଷ୍କ ମାଂସ—2. Dried meat. (ଶୁଷ୍କଳା—ସ୍ତ୍ରୀ) ବିଣ. ପୁଂ—ଆମିଷ ଭୋଜୀ— Meat-eating; carnivorous.

ଶୁଷ୍କଳି—ସଂ. ବି (ଶୁଷ୍କଳ+ଇ)—ଶୁଷ୍କମାଂସ; ଶୁଖା ଶୁକୁଆ— Śushkaḷi Dried meat.

ଶୁଷ୍କାଙ୍ଗୀ—ସଂ. ବି. ସ୍ତ୍ରୀ (ଶୁଷ୍କ+ଅଙ୍ଗ+ଈ. ସ୍ତ୍ରୀ; ବହୁବ୍ରୀହି)— Śushkāngi ଗୋଧିକା; ଗୋଧସାପ—The iguana; Varanus Salvator.

ଶୁଷ୍କାର୍ଦ୍ର—ସଂ. ବି (ଶୁଷ୍କ=ଶୁଖିଲା+ଆର୍ଦ୍ର=ଅଦା)—ଶୁଣ୍ଠି— Śushkārdra Dried ginger. ସଂ. ବିଣ—ଶୁଖିଲା ଓ ଓଦା—Dry and moist.

ଶୁଷ୍କିବା—ଦେ. (ପ୍ରାଚୀନ ପଦ୍ୟ) କି. (ସଂ ଶୁଷ୍କ)—ଶୁଖିବା; Śushkibā ଶୁଖାଯିବା—To be dried up; to be spread out for being dried.

ଶୁଷ୍କୀକୃତ—ସଂ. ବିଣ (ଶୁଷ୍କ+ଅଭୂତତଦ୍ଭାବେ ଚ୍ୱି+କୃତ)—ଶୁଖା ଯାଇ- Śushkikruta ଥିବା (ଓଦା ବସ୍ତୁ)—(a moist thing) Which has become dry; dried up.

ଶୁଷ୍ଣ—ସଂ. ବି [ଶୁଷ୍ ଧାତୁ+କର୍ତ୍ତୃ ନ; ଯାହା ପଦାର୍ଥମାନଙ୍କୁ ଶୁଷ୍କ କରେ । Śushṇa ୧ । ସୂର୍ଯ୍ୟ—1 The sun ୨ । ଅଗ୍ନି— 2 Fire.

ଶୁଷ୍ମ(ଷ୍ମା)—ସଂ ବି. କ୍ଲୀ ଓ ପୁଂ (ଶୁଷ୍ ଧାତୁ କର୍ତ୍ତୃ ମ ଓ ମନ୍=ଶୁଷ୍ମନ୍ Śushma(shmā) ଶବ୍ଦ ୧ମା, ୧ ବଚନ)—୧। ଅଗ୍ନି—1. Fire ୨ । ସୂର୍ଯ୍ୟ—2. The sun. ୩ । ବାୟୁ—3. Wind air. ୪ । ବଳ;ସାମର୍ଥ୍ୟ—4. Might;strength ୫ । ତେଜଃ; ଦୀପ୍ତି—5. Lustre: glow, glory. splendour ୬ । ପକ୍ଷୀ—6. Bird. ୭ । ଚିତ୍ରକ ବୃକ୍ଷ—7. Plumbago Zeylanica (plant)

ଶୁସ—ପ୍ରାଦେ (ବାଲେଶ୍ୱର) ବି—୧। (ସ ଶୁଷ)—ଫଳା; ଫାଟ, ଫଣା- Śusa 1. Crack. ୨ । (ସ ଶୋଷ) ଶୋଷ; ତୃଷା 2. Thurst.

ଶୁଅ(ଅଁ)ବାଳି(ଳୁ)ଆ—ଦେ. ବି (ସ ଶୂକ=ଶସ୍ୟାଗ୍ର+ବାଳ= Śuā(ān)bāḷi(ḷu)ā କେଶ)—୧ । ଶୂକକୀଟ (ଦେଖ)— सोआँपोका सूआ 1. Śūkakiṭa (see) [ଶୁଅ(ଅଁ)ବାଳ—ଅନ୍ୟରୂପ] ୨ । ଶୁଅବାଳି (ଦେଖ)— 2. Śuābāḷi [see]

ଶୂକ—ସଂ. ବି—(ଶୋ ଧାତୁ=ତୀକ୍ଷ୍ଣ କରିବା+କର୍ତ୍ତୃ. ଉକ; ନିପାତନ) Śūka ୧ । ଶସ୍ୟାଦିର ସୂକ୍ଷ୍ମ ଅଗ୍ରଭାଗ; ଶୁଅଁ; ଶୁଙ୍ଗ—1. The sharp point of grains. ୨ । ତୀକ୍ଷ୍ଣାଗ୍ର; ସୂକ୍ଷ୍ମ ଅଗ୍ର 2. A sharp point. ୩ । ଯବ, ଗହମ, ଜଙ୍ଗଲୀ ଧାନ ଆଦିର ଅଗ୍ରର ସୂକ୍ଷ୍ମ ରୋମ—3. The fine beards of wheat, barley and wild paddy. ୪ । ଦୟା—4. Kindness. ୫ । ଶିଖା—5. Crest; point; summit. ୬ । କେଶ ଶିଖା; ମୁଣ୍ଡ ମଝିରେ ଥିବା କେଶଗୁଚ୍ଛ—6. A tuft of hair leftl on the crown of head after tonsure; pig tail

ଶୂକକ—ସଂ ବି (ଶୂକ+ସ୍ୱାର୍ଥେ କ)—୧ । ଯବ; ଯଅ ଧାନ— Śūkaka 1. Barley. ୨ । ପ୍ରାବୃଟ୍; ବର୍ଷାଋତୁ— 2. Rainy season. ୩ । ରସ—3. Juice; liquid. ୪ । ଶରୀରସ୍ଥ ରକ୍ତୋତ୍ପାଦକ ରସଧାତୁ—The primary fluid from which blood is formed.

ଶୂକ କୀଟ—ସଂ. ବି [ଶୂକ=ଶସ୍ୟାଗ୍ରସୂକ୍ଷ୍ମ କୀଟ; ଶୂକକୀଟ+ସ୍ୱାର୍ଥେ କ Śūkakiṭa ମଧ୍ୟପଦଲୋପୀ କର୍ମଧା]—ଶୁଅଁବାଳ; ଶମ୍ପାକୁଆ ଓ ଶୁକକୀଟକ—ଅନ୍ୟରୂପ] Hairy caterpillar;

woolly bear; Pilsoma Acraea. [ଦ୍ର—ଏମାନେ ପ୍ରଜାପତି ଅବସ୍ଥାର ପୂର୍ବତନ ଅବସ୍ଥା । ପ୍ରଜାପତିଙ୍କ ଡିମ୍ବରୁ ଏମାନେ ଉତ୍ପନ୍ନ ହୁଅନ୍ତି ଓ ପରେ ପକ୍ଷ ଲାଗିଲେ ଉଡ଼ି ପାରନ୍ତି । ଏ କୀଟ କେତେକ ଲୋମଶୂନ୍ୟ, କେତେକ ଲୋମଶ । ଏମାନଙ୍କର ଲୋମ ଏପରି ତୀକ୍ଷ୍ଣ ଯେ, ତାହା ମନୁଷ୍ୟର ଦେହର ଲୋମକୂପ ମଧ୍ୟରେ ବିଦ୍ଧ ହେଲେ ବଡ଼ ଯନ୍ତ୍ରଣାପ୍ରଦ ହୁଏ । ଆମ ଦେଶରେ ବିଶେଷତଃ ଶଜନା ଓ ଗଭ ଗଛରେ ଏମାନେ ଜନ୍ମନ୍ତି ଓ ଗଛର ପତ୍ରାଦିକୁ ଖାଇ ଗଛମାନଙ୍କୁ ନଷ୍ଟ କରି ଦିଅନ୍ତି ।]

ଶୂକ ଧାନ୍ୟ—ସଂ. ବି [ମ. ପ. ଲୋ—ଶୂକଯୁକ୍ତ ଧାନ୍ୟ]—ତୀକ୍ଷ୍ଣାଂଶୁକ
Śūka dhānya, ଶସ୍ୟ; ଯେଉଁ ଶସ୍ୟର ଅଗ୍ରଭାଗରେ ତୀକ୍ଷ୍ଣ କେଶବତ୍ ଅଂଶ ଥାଏ—Bearded grain; bearded corn; awned rice. [ଦ୍ର—ବୈଦ୍ୟଶାସ୍ତ୍ର ମତରେ ସାଧାରଣତଃ ସକଳ ଶୂକ ଧାନ୍ୟ ଲଘୁପାକ, ତ୍ରିଦୋଷ ଶାନ୍ତିକାରକ ଓ ବଳବୀର୍ଯ୍ୟତେଜୋବୃଦ୍ଧି କର । ନୂତନ ଶୂକ ଧାନ୍ୟ ଗୁରୁପାକ । ଏକ ବର୍ଷରୁ ଅଧିକ ପୁରାତନ ଶୂକ ଧାନ୍ୟ ଅହାର ପାଇଁ ପ୍ରଶସ୍ତ ।]

ଶୂକର—ସଂ ବି. ପୁଂ [ଶୂ—ତ୍ୱରାନ୍ୱିତାର୍ଥ ଶବ୍ଦ+କୃ ଧାତୁ+କର୍ତ୍ତୃ ଅ, Śūkara ଅଥବା ଶୂକ=ତୀକ୍ଷ୍ଣ ଲୋମ+ଧାରୀ ଅର୍ଥରେ ର]—[ସୂକର—ଅନ୍ୟ ଆକାର] ୧ । ଘୁଷୁରି—1 Hog; pig. [ଶୂକରୀ—ସ୍ତ୍ରୀ] ୨ । ବରାହ—2. Boar. [ଦ୍ର—ଏମାନେ ଦୁଇ ଶ୍ରେଣୀର ଯଥା—ଗୃହପାଳିତ ଶୂକର—Domestic pig ଓ ବନ୍ୟ ଶୂକର ବା ବରାହ wild boar । ଏମାନଙ୍କ ମାଂସ ମୁସଲମାନମାନଙ୍କ ଦୃଷ୍ଟିରେ ଅତି ଅପବିତ୍ର । ହିନ୍ଦୁସମାଜରେ ଅସ୍ପୃଶ୍ୟ ଜାତି (ବାଉରି, ହାଡ଼ି, କଣ୍ଡରା ଆଦି) ଶୂକର ମାଂସ ଖାଆନ୍ତି; ସାହେବମାନଙ୍କର ଏହା ପ୍ରିୟ ଖାଦ୍ୟ ।]

ଶୂକର ଦଂଷ୍ଟ୍ରକ—ସଂ. ବି [ବୈଦ୍ୟକ]—କ୍ଷୁଦ୍ରରୋଗବିଶେଷ; ଚର୍ମ-
Śūkara damshtraka ରୋଗବିଶେଷ—A sort of skin disease.

ଶୂକ(କୁ)ରା(ରି)—ଦେ. ବି ପୁଂ—(କେହର ପରି ପୁଣ୍ୟ ବା ଜାତ ଅଥବେ)
Śūka(ku)rā(ri) —ଅପରୂଅଣିକୁ ଦିଆଯିବା ନାମ—
ଶୁକା, କେଁ, ଶୂକିସ୍ୱା, ଶୂକୁରଅ, ଶୂକୁରୁ } ଅନ୍ୟରୂପ — A name given to the children whose elders had died before the formers' brith.
শুক শুকরা
(ଶୂକରୀ, ଶୁକୁରୀ, ଶୂକ୍ରୀ—ସ୍ତ୍ରୀ)

ଶୂକରେଷ୍ଟ—ସଂ ବି (୬ଷ୍ଠୀ ତତ୍ ; ଶୂକରର ପ୍ରିୟ ଖାଦ୍ୟ]—ମୁଥା—
Śūkareshta Bulbous grass root.

ଶୂକଶିମ୍ବୀ—ସଂ ବି [ଶୂକଯୁକ୍ତା ଶିମ୍ବୀ ମ. ପ. ଲୋ]—ବାଇତଙ୍କ; ଶିମ୍ବ
Śūka simbi ଜାତୀୟ ଶୂକମୟ ବନ୍ୟ ଲତା
আলকুশী ଫଳ ବିଶେଷ—Cowhage,
ପର୍ଯ୍ୟ ବଙ୍ଗ. ଶୂସ୍ମାଶମ୍ଭୁ Macuna Pruriens.
गोंचा, किवाच कौंच [ଦ୍ର—ଏହାର ତୁଇଁଫାଳ ତୀକ୍ଷ୍ଣ
ତା. ପୁନାଇକ୍, କାଲି ଲୋମରେ ଆବୃତ । ଗ୍ରୀଷ୍ମ
ତେ. ଦୁଲଗୋଣ୍ଡି, ତୁଳଗୁଣ୍ଡ କାଳରେ ଏହି ଫଳ ପୋଷାକ
ମ. ଖଜତ, ଖୁହରୀ ହେଲେ ଏହି ତୁଇଁହେତୁରୁ ତୀକ୍ଷ୍ଣ
ଏହାର ସଂ ପର୍ଯ୍ୟାୟ— ଲୋମସମୂହ ଉଡ଼ିଆସି ମନୁଷ୍ୟ
କପିକଚ୍ଛୁ, ଅସ୍ୱଗୁପ୍ତା, ବୃଷ୍ୟା, ଦେହରେ ଲାଗେ ଓ ଲୋମ-
ମର୍କଟୀ, ଅଜଡ଼ା, କଣ୍ଡୁର, ବ୍ୟଙ୍ଗା, କୂପରେ ପ୍ରବେଶ କରି ବିଶେଷ
ଦୁସ୍ପର୍ଶା, ପ୍ରାବୃଷାୟଣୀ, ଲାଙ୍ଗଲୀ] କଣ୍ଡୁ, ଫୁଲା ଓ ବ୍ୟଥା ଜନ୍ମାଏ । ଜନ୍ତୁ ଏଥିର ବୀଜ ଅତ୍ୟନ୍ତ ଶୁକ୍ରବର୍ଦ୍ଧକ ଓ ରତିଶକ୍ତି-ବର୍ଦ୍ଧକ । ଏହା ମଧୁରତିକ୍ତରସ, ବଳକର, ମାଂସବର୍ଦ୍ଧକ, ଶୁକ୍ରଜନକ ଓ ତ୍ରିଦୋଷନାଶକ, ବାଯୁର ଶାନ୍ତିକାରକ ଓ ରକ୍ତଦୋଷଜନକାରକ ।]

ଶୂକଳ—ସଂ ବି—ଦୁଷ୍ଟ ଅଶ୍ୱ—
Śūkaḷa A wicked or restive horse; a vicious horse.

ଶୂକ୍ଷ୍ମ—ସଂ ବିଣ [ସୂଚ୍ ଧାତୁ=ଜ୍ଞାପନ କରିବା+ମ]—୧ । ସୂକ୍ଷ୍ମ—1.
Śūkshma Śūkshma (See. ୨ । ଅତି କ୍ଷୁଦ୍ର; ସରୁ;
(ସୂକ୍ଷ୍ମ—ଅନ୍ୟ ଆକାର) ମିହି—2. Minute; very small. ୩ । ଅତି ଅଳ୍ପ—3. Very little. ୪ । ପତଳା—4. Thin; slender; delicate. ୫ । କୃତ୍ରିମ—5. Artificial. ୬ । ପାରମାର୍ଥିକ—6. Spiritual. ୭ । ତନ୍ନ ତନ୍ନ ପୂର୍ବକ ବିଚାର—7. Thorough investigation or enquiry.

ଶୂତିପର୍ଣ୍ଣ—ସଂ ବି—ଆରଗ୍ୱଧ ଗଛ; ସୁନାରି ଗଛ—
Śūtiparṇṇa Cassia Fistula (tree).

ଶୂଦ୍ର—ସଂ ବି ପୁଂ (ଶୁଚ୍ ଧାତୁ=ପବିତ୍ର ହେବା+କର୍ତ୍ତୃ ର, ନିପାତନ)
Śūdra ହିନ୍ଦୁମାନଙ୍କ ମଧ୍ୟରେ ନୀଚତମ ବା ୪ର୍ଥ ବର୍ଣ୍ଣ—
[ଶୂଦ୍ରାଣୀ, ଶୂଦ୍ରା, ଶୂଦ୍ରୀ—ସ୍ତ୍ରୀ] The Śūdras or the lowest of the castes amongst the Hindus. [ଦ୍ର—ହିନ୍ଦୁଧର୍ମଶାସ୍ତ୍ର ମତରେ ଏମାନଙ୍କର କାର୍ଯ୍ୟ ଅନ୍ୟ ୩ ଜାତିର ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କର ସେବା ଓ ଏମାନେ ଶାସ୍ତ୍ର ଓ ବେଦାଧ୍ୟୟନରେ ଅଧିକାରୀ ନୁହନ୍ତି । ଏମାନେ ବ୍ରହ୍ମାଙ୍କର ପାଦରୁ ଜାତ । ଭଗବଦ୍ ଗୀତାରେ ଅଛି "ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍" ଅର୍ଥାତ୍ ଏମାନେ ଉଚ୍ଚ ବର୍ଣ୍ଣର ସେବା କରିବେ । ବେଦାଧ୍ୟୟନ, ତପସ୍ୟା, ଯୁଦ୍ଧ, ବାଣିଜ୍ୟ ଓ କୃଷି କରିବାରେ ଏମାନେ ଅଧିକାରୀ ନୁହନ୍ତି । ଅନ୍ୟ ୩ ଉଚ୍ଚତର ବର୍ଣ୍ଣର ଲୋକେ ଶୂଦ୍ରାକୁ ବିବାହ କରିପାରିବେ, ମାତ୍ର ଶୂଦ୍ର ଉଚ୍ଚବର୍ଣ୍ଣର ସ୍ତ୍ରୀକୁ ବିବାହ କରି ପାରିବେ ନାହିଁ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମତରେ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଏ ତିନ ଜାତି ବୈଦିକଯୁଗରେ ଉତ୍ତରଦିଗରୁ ଭାରତକୁ ଆସି ଉପନିବେଶ ସ୍ଥାପନ କରିଥିବା ଆର୍ଯ୍ୟମାନଙ୍କ ବଂଶଧର ଓ ଶୂଦ୍ରମାନେ ଭାରତର ଆଦିମନିବାସୀ ଅନାର୍ଯ୍ୟ-ମାନଙ୍କ ବଂଶଧର । ଆର୍ଯ୍ୟମାନେ ଏମାନଙ୍କୁ ଆର୍ଯ୍ୟାବର୍ତ୍ତରୁ ଦାକ୍ଷିଣାତ୍ୟକୁ ତଡ଼ିଦେଲେ ଓ ଏମାନଙ୍କ ମଧ୍ୟରୁ କେତେକଙ୍କୁ

ହିନ୍ଦୁସମାଜର ନିମ୍ନତମ ସ୍ତରରେ ସ୍ଥାନ ପାଇ ଥିଲେ, ସେବକ ଓ ଦାସରୂପେ ନିଯୋଜିତ ହେଲେ। ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କ ଛଡ଼ା ଅଧୁନା ଭାରତର ପ୍ରାୟ ଅନ୍ୟ ସମସ୍ତ ଜାତିର ପୂର୍ବପୁରୁଷମାନେ ଦ୍ୱିଜାତି ପିତା ଓ ଶୂଦ୍ରା ମାତାଙ୍କ ଔରସରୁ ଜାତ ହୋଇଥିଲେ। ପୂର୍ବେ ହିନ୍ଦୁସମାଜରେ ୪ ବର୍ଣ୍ଣଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ଗୁଣ ଓ କର୍ମବିଭାଗ ନିର୍ଦ୍ଦିଷ୍ଟ ହୋଇଥିଲା। କିନ୍ତୁ ପାଶ୍ଚାତ୍ୟ ସଭ୍ୟତାର ପ୍ରବେଶ ସଙ୍ଗେ ସଙ୍ଗେ ତାହା ଲୋପ ପାଇଅଛି।]

ଦେ. ବି—ଚଷାମାନଙ୍କର ଶ୍ରେଣୀଭେଦ; ଶୁଦ ଚଷା—A class of cultivator caste.

ଶୂଦ୍ରକ—ଦେ ବି—ରାମଚନ୍ଦ୍ର କର୍ତ୍ତୃକ ନିହତ ଜଣେ ଶୂଦ୍ର ମୁନି; ଶମ୍ବୁକ—
Sūdraka Name of a Sūdra sage who was killed by Rāmachandra. [ଦ୍ର—ଏ ଶାସ୍ତ୍ରବିରୁଦ୍ଧ ତପସ୍ୟାରତ ହେବାରୁ ଜଣେ ବ୍ରାହ୍ମଣ ପୁତ୍ରର ଅକାଳ ମୃତ୍ୟୁ ଘଟିଲା; ରାମଚନ୍ଦ୍ର ଅନୁସନ୍ଧାନପୂର୍ବକ ତାହାର ମସ୍ତକ ଛେଦନ କରି ସ୍ୱଧର୍ମ ରକ୍ଷା କରିଥିଲେ।] ସଂ ବି: (ନାମ) ମୃଚ୍ଛକଟିକ ନାମକ ସଂସ୍କୃତ ନାଟକର ପ୍ରଣେତା ରାଜାଙ୍କ ନାମ—The name of a king, the author of a Sanskrit Drama Mruchha katika. [ଦ୍ର—ଉକ୍ତ ଗ୍ରନ୍ଥରେ ଲେଖା ଅଛି ଯେ, ଏ ଅତିଶୟ ବୁଦ୍ଧିମାନ୍, ରୂପବାନ୍ ଓ ଦ୍ୱିଜବଂଶୋଦ୍ଭୂତ ରାଜା ଥିଲେ ଓ ସାମବେଦ, ଋଗ୍‌ବେଦ, ଗଣିତ, କଳା ବିଦ୍ୟା, ହସ୍ତିଶାସ୍ତ୍ରରେ ବିଶେଷ ପାରଦର୍ଶୀ ଥିଲେ। ଏ ନିଜର ପୁତ୍ରଙ୍କୁ ରାଜସିଂହାସନରେ ବସାଇ ଅଶ୍ୱମେଧ ଯଜ୍ଞ କଲେ। ଏ ଶହେ ବର୍ଷ ଜୀବିତ ଥାଇ ଅଗ୍ନିପ୍ରବିଷ୍ଟ ହୋଇ ଦେହ ତ୍ୟାଗ କଲେ।] ୨। ବାଣଭଟ୍ଟଙ୍କର କାଦମ୍ବରୀ ନାମକ ଉପନ୍ୟାସରେ କଥିତ ଉଜ୍ଜୟିନୀର ରାଜା—2 Name of a king of Ujjaini mentioned in the Sanskrit novel Kādambari. [ଦ୍ର—କେହି କେହି ଅନୁମାନ କରନ୍ତି ଯେ ଉକ୍ତ ଦୁଇ ଶୂଦ୍ରକ ଏକ ବ୍ୟକ୍ତି ଥିଲେ।]

ଶୂଦ୍ର କଣ୍ଟକ—ସଂ ବି (ଜ୍ୟୋତିଷ) (୬ଷ୍ଠୀ ତତ୍) —ଶନିଗ୍ରହ—
Sūdra kantaka The planet Saturn. [ଦ୍ର—ଶନିଗ୍ରହର ଦଶା ଶୂଦ୍ରମାନଙ୍କ ପକ୍ଷରେ ବିଶେଷ କଷ୍ଟପ୍ରଦ ହୁଏ।]

ଶୂଦ୍ର କ(ଧ)ର୍ମ—ସଂ ବି (୬ଷ୍ଠୀ ତତ୍)—ଶାସ୍ତ୍ରନିର୍ଦ୍ଦିଷ୍ଟ ଶୂଦ୍ରର କର୍ତ୍ତବ୍ୟ
Sūdra ka(dha)rma କାର୍ଯ୍ୟ (ଯଥା—ବ୍ରାହ୍ମଣାଦି ଦ୍ୱିଜାତିଙ୍କ ସେବା)—The duties enjoined on Sūdra (namely, serving the 3 higher classes).

ଶୂଦ୍ର ଚ(ତ)ଷା—ଦେ. ବି—ଶୁଦ୍ ଚଷା (ଦେଖ)
Sūdra cha(ta)shā ud chashā (See)
ଚାଷା शूद्रकिसान

ଶୂଦ୍ର ପ୍ରିୟ—ସଂ ବି (୬ଷ୍ଠୀ ତତ୍)—ପିଆଜ—
Sūdra priya Onion (Apte)

ଶୂଦ୍ର ଭୂୟିଷ୍ଠ—ସଂ ବିଣ (ବହୁବ୍ରୀହି)—ଯହିଁରେ ଅଧିକାଂଶ ଶୂଦ୍ର
Sūdra bhūyishtha ଥାଅନ୍ତି—Consisting mostly (ଶୂଦ୍ର ବହୁଳ—ଅନ୍ୟରୂପ) of Sūdras.

ଶୂଦ୍ର ମୁନି—ସଂ ବି—୧। ତପସ୍ୟାରେ ନିରତ ଶୂଦ୍ର—1. A Sūdra
Sūdra muni engaged in performing religious austerities. ୨। ମୁନିବତ୍ ତପୋନିରତ ଶୂଦ୍ର—2. A Sūdra as pious as a sage. [ଦ୍ର—ରାମଚନ୍ଦ୍ରଙ୍କ ରାଜତ୍ୱକାଳରେ ଜଣେ ଶୂଦ୍ରମୁନି ତପସ୍ୟା କରୁଥିବାରୁ ଦେଶରେ ନାନା ଉପଦ୍ରବ ଘଟିଲା ଓ ରାମଚନ୍ଦ୍ର ଉକ୍ତ ଶୂଦ୍ରମୁନିଙ୍କୁ ହତ କରିବାରୁ ରାଜ୍ୟ ନିରୁପଦ୍ରବ ହେଲା।] ଦେ. ବି—ସାରଳା ଦାସ (ଦେଖ)—Sāralā dāsa (See) [ଦ୍ର—କଥିତ ଅଛି ଯେ ଏହି ଶୂଦ୍ରମୁନି ସାରଳା ଦାସଙ୍କର ପ୍ରଥମ ନାମ ଥିଲା ବୋଲି କହନ୍ତି ଲୋକେ।]

ଶୂଦ୍ର ଯାଜକ—ସଂ. ବି. ପୁଂ (୬ଷ୍ଠୀ ତତ୍)—ଯେଉଁ ବ୍ରାହ୍ମଣ ଶୂଦ୍ରର
Sūdra jājaka ପୌରୋହିତ୍ୟ କରେ—A Brāhmana who conducts a sacrifice for a Sūdra.

ଶୂଦ୍ର ସେବନ—ସଂ ବି (୬ଷ୍ଠୀ ତତ୍)—ଶୂଦ୍ରର ସେବା କରିବା—
Sūdra sebana Serving a Sūdra.

ଶୂଦ୍ରା—ସଂ. ବି. ସ୍ତ୍ରୀ (ଶୂଦ୍ର+ସ୍ତ୍ରୀ. ଆ)—ଶୂଦ୍ରଜାତୀୟ ସ୍ତ୍ରୀ—
Sūdrā A woman of the Sūdra class; a female Sūdra.

ଶୂଦ୍ରାଣୀ—ସଂ. ବି. ସ୍ତ୍ରୀ (ଶୂଦ୍ର+ସ୍ତ୍ରୀ, ଅନି; ତୁଳ. ଯଥା—ଇନ୍ଦ୍ରାଣୀ,
Sūdrāni ଭବାନୀ, ରୁଦ୍ରାଣୀ, ସର୍ବାଣୀ)—ଶୂଦ୍ର ପତ୍ନୀ—The wife of a Sūdra. [ଦ୍ର—କାହାରି କାହାରି ମତରେ ଏ ଶବ୍ଦ ସଂସ୍କୃତ ନୁହେ।]

ଶୂଦ୍ରା ବେଦନ—ସଂ. ବି (ଶୂଦ୍ରା+ଅବେଦନ)—ଶୂଦ୍ରାକୁ ବିବାହ କରିବା
Sūdrābedana —Marrying a Sūdra woman.

ଶୂଦ୍ରା ବେଦୀ—ସଂ. ବିଣ. ପୁଂ (ଶୂଦ୍ରାବେଦିନ୍, ଶୂଦ୍ରା+
Sūdrā bedi ଅ+ବିଦ୍ ଧାତୁ=ବିବାହ କରିବା+କର୍ତ୍ତୃ. ଇନ୍, [ଶୂଦ୍ରାପର୍ଣ୍ଣୀ—ଅନ୍ୟରୂପ] ୧ମା. ୧ବ)—ଶୂଦ୍ରାର ପାଣିଗ୍ରହଣକାରୀ [ଦ୍ୱିଜାତି ପୁରୁଷ]—(a person of the 3 higher castes) Marrying a Sūdra woman.

ଶୂଦ୍ରୀୟ—ଗ୍ରା. ବି (ପ୍ରାଚୀନ ପଦ୍ୟ)—ଶୂଦ୍ର—A Sūdra. [ଦ୍ର—ମଦ୍ୟକୁ
Sūdriya शूद्र ପାନ କରିବେ ବ୍ରାହ୍ମଣ କ୍ଷତ୍ରିୟ, ଦେଖା ପଡ଼ା ଶୁଦ୍ରକ ବୋଲିଣ ସେ ମିଳିବେ ଶୂଦ୍ରୀୟ—ପ୍ରାଚୀନ ଗୀତା।]

ଶୂଦ୍ରୀ—ସଂ. ବି. ସ୍ତ୍ରୀ (ଶୂଦ୍ର+ସ୍ତ୍ରୀ. ଈ)—ଶୂଦ୍ର ପତ୍ନୀ—
Sūdri Wife of a Sūdra.

ଶୂନ—ଦେ. ବିଣ (ସଂ. ଶୂନ୍ୟ)—୧। ଶୂନ୍ୟ—1. Empty.
Sūn ୨। ଫୁଙ୍ଗା; ଫମ୍ପା—2. Hollow. ୩। କାରଣରହିତ; शून्य सून ଅହେତୁକ—3. Causeless. ୪। ନିଷ୍ଫଳ—4. Fruitless ୫। ମିଥ୍ୟା—5. False. [ଯଥା—ଶୂନ୍ୟ

ଗର୍ଭ, ଶୂନବଥା ।] ୬ । ଯହିଁରେ କୌଣସି କାରଣ ନିର୍ଦ୍ଦେଶ କରାଯାଇ ନ ପାରେ—6. Having no assignable cause to account for it. [ଉ—ଶୂନ୍ ଫୁଲ, ଶୂନ୍ ଫୋଟକା ।] ୭ । ଯାହା କୌଣସି ସାଧାରଣ ବା ଦୃଶ୍ୟମାନ କାରଣଦ୍ୱାରା ଘଟେ ବା ଜନ୍ମେ ନାହିଁ 7.Having no visible cause. [ଯଥା- ଶୂନ ଗାଡ଼] ୮। ନିର୍ଜନ—8. Lonely. ୯ । ନିସ୍ତବ୍ଧ—9. Still. ୧୦ । ଆକାଶରୁ ଜାତ—10. Produced from the sky. [ଉ—ଶୂନ୍ ଶବଦ ।] ବି.—୧ । ଶୂନ୍ୟ ରାଶି ବା ସଂଖ୍ୟା—1. Zero. ୨ । ଶୂନ୍ୟ; ଆକାଶ—2. The sky; the void. ୩ । ନିର୍ଜନତା; ନିସ୍ତବ୍ଧତା 3. Loneliness; stillness. ୪ । ଭିତରେ କିଛି ନ ଥିବା ଅବସ୍ଥା—4. Emptiness. ୫ । ଚାଟଶାଳୀରେ ସର୍ବ ପ୍ରଥମେ ଉପସ୍ଥିତ ହେବା ଛାତ୍ରକୁ ଅବଧାନଙ୍କର ପୁରସ୍କାର ଦେବା ,ନାମମାତ୍ର ବେତ୍ରାଘାତ କରିବା—5. A nominal stroke with the cane given by the teacher to the boy who is the first to come to the village school on a particular day.

ଶୂନ—ଦେ. ବିଣ ଓ ବି—(ସଂ. ଶୂନ୍ୟ)—ଶୂନ୍ୟ ଓ ଶୂନ୍—(ଦେଖ)
Śūna Śūnya and śūn (See). [ଉ—ଅନେକ ଯେସନେ ଦେଲେ ଶୂନ, ବେଳକୁ ହେଲ ଦଶଗୁଣ । ଭୂପତି ପ୍ରେମପଞ୍ଚାମୃତ ।] ସଂ. ବିଣ—(ଶ୍ୱି ଧାତୁ=ଫୁଲିବା+କର୍ତ୍ତୃ. ତ)—୧ । ଫୁଲିଥିବା—1. Swollen (Apte). ୨ । ବୃଦ୍ଧିପ୍ରାପ୍ତ—2. Increased.

ଶୂନ(ନା)—ସଂ. ବି (ଶ୍ୱି ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ବା ଅଧିକରଣ.
Śūna[nā] ତ; ଶୂନ+ଅ)—୧ । ମାଂସର ହାଟ—1. Meat-
(୍ନା—ଅନ୍ୟରୂପ) market. ୨ । କଂସେଇ ଦୋକାନ—2. Butcher's shop. ୩ । ପ୍ରାଣିବଧ—3. Slaughter of animal. ୪ । ପ୍ରାଣବଧ କରିବା ସ୍ଥାନ; ବଧଭୂମି; କଂସେଇ ଶାଳା—4.Slaughter house; shambles. ୫ । ଘଣ୍ଟିକା—5. The uvula; soft palate. [Apte]. ୬ । ଯେଉଁ ବସ୍ତୁଦ୍ୱାରା ଜୀବହତ୍ୟାର ସମ୍ଭାବନା ଥାଏ; ଜୀବହିଂସା ସ୍ଥାନ—6. Anything [such as a piece of household furniture] whereby life is likely to be destroyed. [ଦ୍ର—ଶାସ୍ତ୍ର ଅନୁସାରେ ଶୂନା ପଞ୍ଚ; ଯଥା—ଚୁଲ୍ଲୀ, ଶିଳ, ଚକି, ଝାଡ଼ୁଣି, ଢିଙ୍କି ଓ ଜଳକୁମ୍ଭ । ଏହି ପଞ୍ଚକୁ ପଞ୍ଚଶୂନା ବୋଲାଯାଏ । ଗୃହସ୍ଥର ଏହି ପାଞ୍ଚ ପଦାର୍ଥର ବ୍ୟବହାର ଉପଲକ୍ଷରେ ବହୁ ଜୀବ (ଯଥା—ଅଦୃଶ୍ୟ କ୍ଷୁଦ୍ର କୀଟାଦି) ପ୍ରତିଦିନ ବଧ ହେଉଅଛନ୍ତି । ଏହି ପଞ୍ଚଶୂନାଜନିତ ପାପର ପ୍ରାୟଶ୍ଚିତ୍ତ କ୍ରମରେ ଗୃହସ୍ଥର ପଞ୍ଚ ମହାଯଜ୍ଞର ବ୍ୟବସ୍ଥା ହୋଇଅଛି । [Apte].ଏଥିର ବାକ୍ୟ:—ପଞ୍ଚଶୂନା ଗୃହସ୍ଥସ୍ୟ ଚୁଲ୍ଲୀ ପେଷଣ୍ୟୁପସ୍କରଃ । କଣ୍ଡନୀ ଚୋଦକୁମ୍ଭଶ୍ଚ ବଧ୍ୟତେ ଯାସ୍ତୁ ବାହୟନ୍—ମନୁ ୩।୬୮]

ଶୂନ ଗରବ(ଭ) -ଦେ. ବି—ଶୂନ୍ ଗରବ (ଦେଖ)
Śūna garaba(bha) Śun garaba (See)

ଶୂନଚିତ—ଦେ. ବି—ଏକ ପ୍ରକାର ପହଁରା—
Śūnachiti One kind of swimming.
চিতসাঁতার चित्ततैरना

ଶୂନ ବଥା—ଦେ. ବି—ଯେଉଁ ବଥାର କାରଣ ସ୍ଥିର କରାଯାଇ ପାରେ
Śūna bathā ନାହିଁ—Aching for which there is
শূন্য বেদনা शून वेदना no apparent cause.

ଶୂନଭାଗୀ—ଦେ. ବି—ଟଙ୍କା ନ ଦେଇଥିବା ଅଂଶୀଦାର—
Śūnabhāgi A partner who had not made cash
মাগনা ভাগদার contribution to the joint stock.
शूनभागी [ଉ—ମହାପାପେ ଏବେ ବଳଙ୍କର ଗୃହର କହନ୍ତି,
(ଶୂନ ଭାଗଦାର—ଅନ୍ୟରୂପ) ଲୋଭରେ ଗୃହପତି ଶୂନଭାଗୀ—
ଫକୀରମୋହନ—ଗଳ୍ପସ୍ୱଳ୍ପ ।]

ଶୂନାବାନ୍—ସ. ବି ପୁଂ (ଶୂନା—ମାଂସ ବିକ୍ରୟ ସ୍ଥାନ+ବତ=
Śūnābān ଶୂନାବତ; ୧ମା. ୧ବ)—କଂସେଇ—
A butcher.

ଶୂନ୍ୟ—ସ. ବି (ଶ୍ୱି=ଅଭାବ+ଉବ=ନ୍ୟନ+ଯ, ନିପାତନ ସିଦ୍ଧ
Śūnya ଶୂନା=ପ୍ରାଣିବଧ+ହିତାର୍ଥେ. ଯ)—୧ । ଆକାଶ—1, The sky; the void. ୨ । ବାୟୁ ବା ଅନ୍ୟବସ୍ତୁ ରହିତ ରିକ୍ତ ସ୍ଥାନ—2. Empty space; vacuum; vacant space. ୩ । ଉକ୍ତାକୃତିର ଚିହ୍ନ 'o'; ସଂଖ୍ୟା ନ ଥିବାର ପରିଚାୟକ ମଣ୍ଡଳ—3. Zero; a dot; a cypher. ୪ । ଅଭାବ—4. Want. ୫ । ରିକ୍ତତା—5. Emptiness: ୬ ନିର୍ଜନ ସ୍ଥାନ—6. Lonely place. ୭ । ବ୍ରହ୍ମ—7. The Brahmā. (Apte). ୮ । ଅନବସ୍ଥିତି—8. Nonexistence;nonentity. (Apte).ବିଣ—
(ଶୂନ୍ୟା—ସ୍ତ୍ରୀ) ୧ । ରିକ୍ତ; ଖାଲି—1. Empty; vacant.
[ଶୂନ୍ୟତା—ବି] ୨ । ଫମ୍ପା—2. Hollow. ୩ । ନିର୍ଜନ—3. Lonety; desolate. ୪ । ନିସ୍ତବ୍ଧ—4. Still. ୫ । ତୁଚ୍ଛ—5. Trifling. ୬ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ; ଯଥା—ଧନଶୂନ୍ୟ; ପ୍ରାଣଶୂନ୍ୟ) (ଅମୁକରେ) ହୀନ— 6. (in compounds) Devoid of; not having; deprived of. ୭ । ଅନବସ୍ଥିତ; ସ୍ଥିତିରହିତ—7. Non existent. (Apte) ୮। ବିଷଣ୍ଣ—8. Dejected; downcast; dispirited. ୯ । ଅପକ୍ଷପାତ—9. Indifferent [Apte]. ୧୦ । କପଟତା ହୀନ—10. Guiless [Apte]. ୧୧ । ନିରର୍ଥକ—11. Nonsensical; unmeaning. ଦେ. ବି—ବିନ୍ଦୁ—Point. (ଉ—ତୋ ବର୍ଣ୍ଣି ହେବରୁ ବାହାର, ଠୁଳ ଶୂନ୍ୟରୁ ଅବ୍ୟକ୍ତର । ଭୂପତିଂ ପ୍ରେମ

ମୂଳ ।) ଦେ. ବିଣ—୧ । ଯହିଁର କୌଣସି କାରଣ ଜଣିହୁ କରିଯାଇ ନ ପାରେ—1. Of which no palpable cause can be assigned. (ଯଥା—ଶୂନ୍ୟଯୋଟକା, ଶୂନ୍ୟଫୁଲ ।) ୨ । ଆକାଶରୁ ଶୁଣାଯିବା—2. Heard form the space. (ଯଥା—ଶୂନ୍ୟ ଶବ୍ଦ ।) ୩ । ଅଦୃଶ୍ୟ ଶକ୍ତିଦ୍ୱାରା ଚାଳିତ; ଯାହା ଦୃଶ୍ୟମାନ ଆକର୍ଷଣଦ୍ୱାରା ଚାଳିତ ହୁଏନାହିଁ—3. Driven by invisible power. (ଯଥା—ଶୂନ୍ୟ ଗାଡ଼ି)

ଶୂନ୍ୟ କୁମ୍ଭ—ସଂ. ବି (କର୍ମଧା)—ଜଳଶୂନ୍ୟ କଳସ—
Śūnyakumbha An empty jug.

ଶୂନ୍ୟ ଗର୍ଭ—ସଂ. ବିଣ (ବହୁବ୍ରୀହି=ଶୂନ୍ୟ ଅଟେ ଗର୍ଭ ଯାହାର)—
Śūnya garbha ୧ । ଯାହାର ଭିତର ଫମ୍ପା—1. Having (ଶୂନ୍ୟଗର୍ଭା—ବିଣ. ସ୍ତ୍ରୀ) the inside empty. ୨ । ଫମ୍ପା; [ଶୂନ୍ୟଗର୍ଭତା—ବି] ଫମ୍ପା—2. Hollow; empty. ଦେ. ବି—ମିଛ ଗର୍ଭ—A false conception.

ଶୂନ୍ୟ ଗାଡ଼ି—ଦେ. ବି—ଶୁନ୍ ଗାଡ଼ି (ଦେଖ)
Śūnya gārdi Śun-gārdi, [See]

ଶୂନ୍ୟ ଗୃହ—ସ. ବି (କର୍ମଧା)—୧ । ଖାଲି ଘର—1. An empty
Śūnya gṛuha house. ୨ । ସ୍ୱଜନ ବା ପରିବାରଶୂନ୍ୟ ଗୃହ—2. A house without its family members.

ଶୂନ୍ୟ ଚକର—ଦେ. ବି (ସ. ଶୂନ୍ୟ+ଚକ୍ର)—ଏକପ୍ରକାର ବାଣ—
Śūnya chakara A kind of fireworks, [ଦ୍ର—ଏହା (ଶୂନ୍ୟଚକ୍ରି—ଅନ୍ୟରୂପ) ଚକାକାର ଏବଂ ଭୂମିରେ ଗୋଡ଼ା ହୋଇଥିବା କାଠିଶ ଅଗରେ ଏହା ଲଗା ଯାଇ ଥାଏ; ନିଆଁ ଲଗା ହେଲେ ଏଥିରୁ ଅଗ୍ନି କଣାମାନ ଖିଅଇଥିବା ବାଣ ଛୁଟିଯାଏ ଓ ଏ ଚକ ଘୁରୁଥାଏ ।] (ଭ୍ରୁ—ଅନ୍ୟେଷ୍ଟିକ୍ରିୟା ବାଣ ଚକ୍ରରେ ଘୂରିଲ ଶୂନ୍ୟ ଚକର— ବଡ଼ଭୁମାର ଦଲେଇ ଚଉତିଶା ।)

ଶୂନ୍ୟଚର—ସ. ବିଣ. ପୁଂ (ଶୂନ୍ୟ+ଚର ଧାତୁ+ଅଚ୍. କ)—ଶୂନ୍ୟ
Śūnyachara ଚାରୀ (ଦେଖ)—Śūnyachārī. (See) (ଶୂନ୍ୟଚରୀ—ସ୍ତ୍ରୀ)

ଶୂନ୍ୟଚାରୀ—ସ. ବିଣ. ପୁଂ (ଶୂନ୍ୟଚାରିନ୍. ଶବ୍ଦ; ଶୂନ୍ୟ+ଚର୍ ଧାତୁ+
Śūnyachārī ଇନ୍)—ଶୂନ୍ୟବିହାରୀ; ଯେ ଆକାଶରେ ବିଚରଣ (ଶୂନ୍ୟଚାରିଣୀ—ସ୍ତ୍ରୀ) କରେ; ଆକାଶବିହାରୀ—Moving in the sky. ବି—୧ । ପକ୍ଷୀ—1. Bird. ୨ । ଦେବତା ଗଣ—2. Deities. ୩ । ରାକ୍ଷସ—3. Demon.

ଶୂନ୍ୟଚିତ—ଦେ. ବି (ସ. ଶୂନ୍ୟ ଓ ପା. ଚିତ)—ମଲ୍ଲମାନଙ୍କର
Śūnyachiti ବ୍ୟାୟାମ ବିଶେଷ ମାଲଖମ୍ଭ; ଡାହାଳୁ ଅଣ୍ଟୁ ଭ ଡିଗବାଜୀ କରି ଲେଉଟ ଫେରି ବଳ ଘୁରିବା—Somersault; शून्यचित्त cutting capers in the air,

ଶୂନ୍ୟଚିରା—ଦେ. ବି—ଶୂନ୍ୟକୁ ବା ଉପରକୁ ଡେଇଁବା—
Śūnyachirā Aerial jump; leap into the air,
शून्योत्‍लाक शून्यमे कुदना

ଶୂନ୍ୟ ଡ୍ରିଲ୍—ଦେ. ବି—ବାଳକଙ୍କର ଅକ୍ଷର ବା ଚିତ୍ର; ଶୂନ୍ୟରେ ଅଙ୍କିବା
Śūnyardril ରୂପ ଶିକ୍ଷାକ୍ରିୟା—Aerial drill; the
शून्यड्रिल practice of infants drawing figures in
शून ड्रिल the air,

ଶୂନ୍ୟତା(ତ୍ୱ)—ସ. ବି (ଶୂନ୍ୟ+ଭାବ ତା, ତ୍ୱ)—ଶୂନ୍ୟ ହେବା
Śūnyatā(twa) ଅବସ୍ଥା; ରିକ୍ତତା—Emptiness, vacuity,

ଶୂନ୍ୟ ଦୃଷ୍ଟି—ସ. ବି (ସ, ଚ. ଲୋ; ଶୂନ୍ୟରେ ସ୍ଥାପିତ ଦୃଷ୍ଟି)—
Śūnya drushti ୧ । ଲକ୍ଷ୍ୟଶୂନ୍ୟ ଦୃଷ୍ଟି; ଉଦାସ ଦୃଷ୍ଟି—1, A vacant gaze. ୨ । ଆକାଶରେ ସ୍ଥାପିତ ଦୃଷ୍ଟି—2, Gazing at the sky,

ଶୂନ୍ୟ ପଥ—ସ. ବି—ଆକାଶ ମାର୍ଗ—
Śūnya patha The aerial path; the sky,

ଶୂନ୍ୟ ଫ(ଫୁ,ଫୋ)ଟକା—ଦେ. ବି—ଶୁନ୍ ଫଟକା (ଦେଖ)
Śūnya pha(fhu fho)ṭakā Sun phaṭakā, (See)

ଶୂନ୍ୟବାଦ—ସ. ବି (ନ୍ୟାୟ)—୧ । ଏ ଜଗତ ଶୂନ୍ୟ ଅଟେ, ଅର୍ଥାତ
Śūnyabāda ଏଥିରେ ବାସ୍ତବ ବସ୍ତୁ ନାହିଁ, ଏହିଭଳି ମତ—1, The theory that the Universe is mere void and that nothing has any substance in this world, i.e. Things "are not what they seem"; Philosophical nihilism. [ଦ୍ର—ଏ ବୌଦ୍ଧମାନଙ୍କ ଧର୍ମବାଦ ଅଟେ ।] ୨ । ନାସ୍ତିକତା—2, Atheism.

ଶୂନ୍ୟବାଦୀ—ସ. ବି. ପୁଂ (ଶୂନ୍ୟବାଦ+ଅସ୍ତି ଅର୍ଥରେ ଇନ୍; ୧ମା.
Śūnyabāda ୧ବ)—୧ । ନାସ୍ତିକ ବିଶେଷ—1, A class (ଶୂନ୍ୟବାଦିନୀ—ସ୍ତ୍ରୀ) of atheists. ୨ । ବୌଦ୍ଧ ଦାର୍ଶନିକ—2, A Buddhist,

ଶୂନ୍ୟ ବିମାନ—ସ. ବି—ଆକାଶଯାନ; ବ୍ୟୋମଯାନ—
Śūnya bimāna Balloon; aeroplane.

ଶୂନ୍ୟ ବିହାର—ସ. ବି—ଆକାଶ ବା ବାୟୁମାର୍ଗରେ ଭ୍ରମଣ—Aerial
Śūnya bihāra flight; a flight accross the sky, (ବିଣ—ଶୂନ୍ୟ ବିହାରୀ)

ଶୂନ୍ୟ ମଣ୍ଡଳ—ସଂ. ବି—ଆକାଶ ମଣ୍ଡଳ—
Śūnya mandala The empty space,

ଶୂନ୍ୟ ମଧ୍ୟ—ସଂ. ବିଣ—ଶୂନ୍ୟଗର୍ଭ (ଦେଖ)—Śūnyagarbha,
Śūnya madhya (See) ସଂ. ବି—ନଳ ତୃଣ—A sort of (ଶୂନ୍ୟମଧ୍ୟା—ବିଣ. ସ୍ତ୍ରୀ) hollow reed,
[ଶୂନ୍ୟମଧ୍ୟତା—ବି]

ଶୂନ୍ୟ ମନସ୍କ—ସଂ. ବିଣ. ପୁଂ—ଅନ୍ୟମନୋଯୋଗୀ—
Śūnyamanaska Absent-minded; listless,
(ଶୂନ୍ୟମନସ୍କା—ସ୍ତ୍ରୀ)
[ଶୂନ୍ୟମନାଃ—ଅନ୍ୟରୂପ, ପୁଂ ଓ ସ୍ତ୍ରୀ]

ଶୂନ୍ୟମୟ—ଦେ. ବିଣ—୧ । ଏକବାରକେ ଶୂନ୍ୟ—
Śūnyamaya 1, Absolutely empty,
୨ । ଅତି ନିର୍ଜନ ଜନହୀନ—2, Very lonely.

ଶୂନ୍ୟ ମାର୍ଗ—ସଂ. ବ—ଶୂନ୍ୟ ପଥ—
Śūnya mārga Śūnya patha, (See)

ଶୂନ୍ୟ ମୁଖ (ବଦନ)—ସଂ. ବ (କର୍ମଧା)—ବିଷଣ୍ଣ ବଦନ—
Śūnya mukha (badana) Downcast face,
(ଶୂନ୍ୟମୁଖୀ, ଶୂନ୍ୟବଦନା—ବିଣ. ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—
ବିଷଣ୍ଣ ବଦନ ଥିବା—Having a downcast or dejected face.

ଶୂନ୍ୟ ରାସ—ଦେ. ବ (ଶରୀର ଭେଦ)—ଯୋଗସାଧକର ଭ୍ରୂ ମଧ୍ୟରେ
Śūnya rāsa କଳ୍ପିତ ନୃତ୍ୟ—Imaginary dance
(ଶୂନ୍ୟ ରାହାସ—ଅନ୍ୟରୂପ) taking place between the eyebrows. [ଉ—ଶୂନ୍ୟରାସ ଜ୍ୟୋତିର୍ମୂର୍ତ୍ତି କହୁଅଛ ପରେ—ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା ।]

ଶୂନ୍ୟ ଶବଦ—ଦେ. ବ—ଶୁନ୍ ଶବଦ (ଦେଖ)
Śūnyā sabada Śun-śabada (See)

ଶୂନ୍ୟ ଶବ୍ଦ—ସଂ. ବ—ଆକାଶରୁ ଜାତ ଶବ୍ଦ ବା ଧ୍ୱନି—
Śūnya śabda A sound from the sky.

ଶୂନ୍ୟ ସ୍ଥାନ—ସଂ. ବ (କର୍ମଧା)—ଖାଲି ବା ରିକ୍ତ ସ୍ଥାନ—
Śūnya sthāna Empty place,

ଶୂନ୍ୟ ହସ୍ତ—ସଂ. ବ (କର୍ମଧା)-ରିକ୍ତହସ୍ତ—Empty hand. ବିଣ.ପୁଂ
Śūnya hasta [ବହୁବ୍ରୀହି] ରିକ୍ତହସ୍ତ; ଦରିଦ୍ର—
(ଶୂନ୍ୟହସ୍ତା—ସ୍ତ୍ରୀ) Empty-handed; pennyless.
(ଶୂନ୍ୟହସ୍ତତା—ବ)

ଶୂନ୍ୟ ହୃଦୟ—ସଂ ବ (କର୍ମଧା)—୧ । ଅମନୋଯୋଗ—1. Absent
Śūnya hṛudaya mindedness. ୨ । ବିଷଣ୍ଣ
(ଶୂନ୍ୟହୃଦୟା—ସ୍ତ୍ରୀ ଲିଙ୍ଗ) ମନ—2. Dejected mind. ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଅମନୋଯୋଗୀ—1. Absent-minded (Apte). ୨ । ଅତି ଦୁଃଖାତୁର—2. Very sorry. ୩ । ଅସନ୍ଦିଗ୍ଧ—3. Unsuspecting (Apte). ୪ । ନିଷ୍କପଟ—4. Open-hearted (Apte).

ଶୂନ୍ୟା—ସଂ. ବିଣ. ସ୍ତ୍ରୀ—(ଶୂନ୍ୟ+ଆ)—୧ । ଶୂନ୍ୟର ସ୍ତ୍ରୀଲିଙ୍ଗ—1.
Śūnyā Feminine of Śūnya. ୨ । ବନ୍ଧ୍ୟା—2. Barren (woman). ବ—୧ । ନଳତୃଣ—1. A hollow reed. ୨ । ବନ୍ଧ୍ୟା ସ୍ତ୍ରୀ—2. A barren woman. ୩ । ଫଣୀ ମନସା; ନାଗଫେଣିଆ ଗଛ—3. Opuntia Dillenia; prickly pear; a species of cactus. [ବି—ଏଥିରେ ଫଳ ଫୁଲ ନ ଥିବାରୁ ଏହି ନାମ]

ଶୂନ୍ୟେ ଶୂନ୍ୟେ—ଦେ. କ୍ରି. ବିଣ—୧ । କୌଣସି ପ୍ରତ୍ୟକ୍ଷ ବା ପରିଦୃଶ୍ୟ-
Śūnye śūnye ମାନ କାରଣରେ—1. Without any
ଶୂନ୍ୟେ ଶୂନ୍ୟେ ଶୁନସିଁଜମେ patent or assignable cause. ୨ । ଭୂମି ସ୍ପର୍ଶ ନ କରି; ଭୂମିରେ କୌଣସି ଅଂଶ ନ ଲାଗି; ଆକାଶ ମାର୍ଗରେ—2. Without touching the ground. [ଉ(୧)—ଲକ୍ଷ୍ମୀଙ୍କ ଶୂନ୍ୟେ ଶୂନ୍ୟେ ଦେଖିଣ୍ଟାନେ, କାହୁଁ କେତେବା ଆସେ କେଉଁ ଆ ନ ଜାଣେ । ଦଳେଇ, ବୁଧୀନାଥ] [ଉ(୨)—ସ୍ୱର୍ଗରଥ ଭେଦ କରି ଶୂନ୍ୟେ ଶୂନ୍ୟେ ଚଳି ଗଲେଣି]

ଶୂପ—ସଂ. ବ—ସୂପ (ଦେଖ)—Sūpa (See) ୧ । ଡାଲି—
Sūpa 2. Soup of peas.

ଶୂପକାର—ସଂ. ବ ପୁଂ (ଶୂପ+କାର)—୧ । ଶୂଦ୍ରର ପାଚକ—1. A
Śūpakāra cook of a Śūdra. ୨ । ପାଚକ; ସୁଆର 2. A cook.

ଶୂୟମାନ—ସଂ. ବିଣ (ଶ୍ୱି ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ମାନ)
Śuyamāna —ଯାହା ଫୀତ ହୋଇଅଛି—
(ଶୂୟମାନା—ସ୍ତ୍ରୀ) Swollen.

ଶୂର୍ (ଧାତୁ)—ସଂ.—୧ । ସାହାସୀ ହେବା—1. To be brave.
Śūr(root) ୨ । ବଧ କରିବା—2. To kill.

ଶୂର—ସଂ. ବ—(ଶୂର୍ ଧାତୁ+କର୍ତ୍ତୃ, ଅ) ୧ । ସୂର୍ଯ୍ୟ—1. The
Śūra sun ୨ । ଶ୍ରୀକୃଷ୍ଣଙ୍କ ପିତାମହ ଓ ବସୁଦେବଙ୍କ ପିତା; ଶୂରସେନ—2 The paternal grandfather of Śrikṛushṇa. ୩ । ସାହାସିକ ବ୍ୟକ୍ତି; ବୀର—3. Hero; a brave person ୪ । ସିଂହ—4. Lion. ୫ । ଶୂକର—5. Hog; pig. ୬ । ଚିତ୍ରକ; ଧଳାଚିତା ଗୁଳ୍ମ—6. Plumbago Zeylanica. ୭ । ଶାଳ ବୃକ୍ଷ—7. Shorea Robusta tree. ୮ । ଜେଠୁଅ; ଲକୁଚ—8. A fruit tree; Autocarpus Lacoocha ୯ । ମସୁର—9. A leguminous creeper; Ervum Horsutum ବିଣ. ପୁଂ—୧ । ବୀର—1 Heroic. ୨ । ସାହସିକ 2. Bold; brave; courageous ୩ । ବଳବାନ୍ (ଶୂରା—ସ୍ତ୍ରୀ) 3 Mighty; powerful ଦେ. ବ- ବଙ୍ଗୀୟ ବଂଶୋପାଧି ବିଶେଷ—A family title in Bengal.

ଶୂରଣ—ସଂ. ବ—(ଶୂର ଧାତୁ=ବଧ କରିବା+କର୍ତ୍ତୃ, ଅନ; ଏହା
Śūraṇa ଅର୍ଶ ରୋଗକୁ ନାଶ କରେ) ୧ । ଓଲୁଅ—1 An esculent bulbous root; Arum Campanulatum ୨ । ସୋନାପାତ; ଫଣଫଣା (ଗଛ)—2. A plant; Bignonia Indica.

ଶୂରତା(ତ୍ୱ)—ସଂ. ବ—(ଶୂର+ତା; ତ୍ୱ)—୧ । ବୀରତ୍ୱ—1 Hero-
Śūratā(twa) ism ୨ । ସାହସ—2 Bravery; courage.

ଶୂରତା ପ୍ରକାଶ—ସଂ. ବ (୬ଷ୍ଠୀ ତତ୍)—ବୀରତ୍ୱ ଦେଖାଇବା—
Śūratā prakāśa Display of bravery.

ଶୂର ଦେଓ(ବ)—ଦେ. ବ—(ସଂ. ଶୂର ଓ ଦେବ)—କ୍ଷତ୍ରିୟମାନଙ୍କ
Śūra deo(ba) ବଂଶୋପାଧି ବିଶେଷ—A family title of Kshatriyas.

ଶୂରପ୍ରତାପ ମହେନ୍ଦ୍ର ବାହାଦୁର—ଦେ. ବ—ଢେଙ୍କାନାଳରେ ଭୂତପୂର୍ବ
Śūrapratāpa mahindra bāhādura ସ୍ୱର୍ଗୀୟ ରାଜା—The name of the late Feudatory Chief of DhenkānālState [ବି—ଏ ଅଞ୍ଚ

ବୟସରେ ଦେହ ତ୍ୟାଗ କରିଥିଲେ । ଏ ଜଣେ ଧର୍ମନିଷ୍ଠ ଓ ଶାନ୍ତ ସ୍ୱଭାବ ବ୍ୟକ୍ତି ଓ ଦୟାଳୁ ଓ ପ୍ରଜାପ୍ରିୟ ଥିଲେ ।]

ଶୂରବନ୍ତ—ଦେ. ବିଣ—(ସଂ. ଶୌର୍ଯ୍ୟବାନ୍)—ସାହସୀ; ବଳିଷ୍ଠ—
Śūrabanta वीर शूरवीर Strong. [ଦ୍ର—ବଳି ସୁର ପ୍ରଭୃ ଶବରେ ଶୂରବନ୍ତ ଅସୁର ଯନ୍ତ୍ର ନସୁଇଲା ବକବନ୍ତ । ଉପେ. ବୈଦେହୀଶବିଳାସ ।]

ଶୂର ସେନ—ସଂ.ବି—(ଶୂର=ସାହସୀ+ସେନା ଯାହାଙ୍କର; ବହୁବ୍ରୀହି)
Śūra sena ୧ । ଯଦୁବଂଶୀୟ ରାଜା ଶ୍ରୀକୃଷ୍ଣଙ୍କ ପିତାମହ—1. Name of Śrikṛushṇa's paternal grand father. [ଦ୍ର—ଏହାଙ୍କର ବସୁଦେବ ନାମକ ପୁତ୍ର ଓ ୨୫ କନ୍ୟା ଜନ୍ମ ହୋଇଥିଲେ, ପ୍ରଥମା କନ୍ୟା ପୃଥା; ପୃଥାଙ୍କୁ ଶୂରସେନ ପୂର୍ବ ପ୍ରତିଜ୍ଞା ରକ୍ଷାର୍ଥ ସ୍ୱୀୟ ମିତ୍ର କୁନ୍ତିଭୋଜ ରାଜାଙ୍କୁ ଦେଇଥିଲେ ଏବଂ ପୃଥା କୁନ୍ତିଭୋଜଙ୍କଦ୍ୱାରା ଲାଳିତା ପାଳିତା ହୋଇ 'କୁନ୍ତୀ' ନାମରେ ପରେ ପରିଚିତା ହେଲେ । ଶୂରସେନଙ୍କର ଅପର କନ୍ୟା ଶ୍ରୁତଶ୍ରବାଙ୍କୁ ଚେଦିରାଜ ବିବାହ କରିଥିଲେ ଏବଂ ଏହାଙ୍କ ଗର୍ଭରୁ ଶିଶୁପାଳ ଜନ୍ମିଥିଲେ ।] ୨ । ମଥୁରାପୁରୀ; ମଥୁରାପୁରୀ ଓ ତତ୍ସନ୍ନିହିତ ଦେଶର ପ୍ରାଚୀନ ନାମ—2. The ancient name of Muttra and its adjoining country.

ଶୂରୋଚିତ—ସଂ. ବିଣ.—(୭ମୀ ତତ୍, ଶୂର ପକ୍ଷରେ ଉଚିତ)—ବୀର
Śūrochita ଯୋଗ୍ୟ; ବୀରର ଉପଯୁକ୍ତ (କର୍ମ)—(act) Befitting a hero; heroic.

ଶୂର୍ପ (ଧାତୁ)—ସଂ.—ପରିମାଣ କରିବା; ମାପିବା—
Śūrp (root) To measure.

ଶୂର୍ପ—ସଂ. ବି—(ଶୂର୍ପ ଧାତୁ+କରଣ. ଅ; କିମ୍ବା ଶୃ ଧାତୁ=ହିଂସା
Śūrpa କରିବା, ବର୍ଜ୍ଜନ କରିବା+କର୍ତ୍ତୃ. ପ; ଯାହା ଶସ୍ୟାଦିରୁ
[ସୂର୍ପ—ଅନ୍ୟରୂପ] ତୁଷ ଆଦି ବର୍ଜ୍ଜନ କରେ)—୧ । କୁଲା; ଶସ୍ୟାଦି ପାଛୁଡ଼ିବା ପାଇଁ ବ୍ୟବହୃତ ବଂଶନିର୍ମିତ ଚଟକା ପାତ୍ର—1. Winnowing fan; a flat tray for winnowing grains. ୨ । ଦ୍ରୋଣଦ୍ୱୟ ପରିମାଣ; ଶସ୍ୟାଦିର ପରିମାଣ ବିଶେଷ (ପ୍ରାୟ ବାଲେଶ୍ୱରୀ ୧୦ ସେର ଓ କଟକ ଅଠସେର)—A unit of measure of corn, about 10 standard seers.

ଶୂର୍ପକ—ସଂ. ବି—(ଶୂର୍ପ+କ)—କନ୍ଦର୍ପର ଶତ୍ରୁ; ଅସୁରବିଶେଷ—
Śūrpaka an enemy of God Cupid; the name of a demon.

ଶୂର୍ପ କର୍ଣ୍ଣ—ସଂ. ବି—(ବହୁବ୍ରୀହି; ଶୂର୍ପ ପରି କର୍ଣ୍ଣ ଯାହାର)—୧। ହସ୍ତୀ;
Sūrpa karṇṇa ହାତୀ—1, Elephant. ୨ । ଗଣେଶ—
[ସୂର୍ପକର୍ଣ୍ଣ—ଅନ୍ୟରୂପ]— 2. God Gaṇeṣa. ବିଣ—
କୁଲାକାନିଆ—Having ears as big as the the winnowing fan.

ଶୂର୍ପଣ(ନ)ଖା(ଖୀ)—ସଂ. ବି. ସ୍ତ୍ରୀ—(ବହୁବ୍ରୀହି; ଶୂର୍ପପରି ନଖ ଯାହାର;
Sūrpaṇa(na)khā(khī) ଶୂର୍ପ+ନଖ+ଅ; ଈ)—ରାବଣର ଭଗ୍ନୀ
Name of the sister of Rābaṇa. [ଦ୍ର—ଏ ମୁନିବର ବିଶ୍ରବାଙ୍କ ଔରସରେ କୈକସୀ ରାକ୍ଷସୀ ଗର୍ଭରୁ ଜନ୍ମିଥିଲା ଓ କାମରୂପିଣୀ ଥିଲା । ଏହାର ଅବୟବ ଜଳନ୍ତା ଅଙ୍ଗାର ପରି ରକ୍ତବର୍ଣ୍ଣ ଦିଶୁ ଥାଏ । କାଳକେୟ ବଂଶୀୟ ଦୈତ୍ୟ ବିଦ୍ୟୁଜ୍ଜିହ୍ୱ ସଙ୍ଗେ ଏହାର ବିବାହ ହୋଇଥିଲା । ରାବଣ ଦିଗ୍‌ବିଜୟ କରିବାକୁ ଯାଇ ତାହାର ଭ୍ରମରେ ବିଦ୍ୟୁଜ୍ଜିହ୍ୱକୁ ବଧ କରିବାରୁ ଶୂର୍ପଣଖା ବିଧବା ହେଲା । ଅତଃପର ରାବଣ ଏହାକୁ ଦଣ୍ଡକାରଣ୍ୟରେ ଯଥେଚ୍ଛ ବିଚରଣ କରିବାକୁ ଅନୁମତି ଦେଇ ସୈନ୍ୟ ସହ ଖର ଓ ଦୂଷଣ ନାମକ ଦୁଇଜଣ ସେନାପତିଙ୍କୁ ଏହାର ରକ୍ଷାର୍ଥ ନିଯୁକ୍ତ କରିଥିଲା । ରାମ ଓ ଲକ୍ଷ୍ମଣ ଖର ଦୂଷଣଙ୍କୁ ପରାଜିତ କଲେ ଓ ଏ ରାମଚନ୍ଦ୍ରଙ୍କୁ ସ୍ୱାମୀରୂପେ ପାଇବାକୁ ପ୍ରାର୍ଥନା କରିବାରୁ ଓ ସୀତାଙ୍କୁ ଖାଇବାକୁ ବସିବାରୁ ରାମଙ୍କ ଆଦେଶକ୍ରମେ ଲକ୍ଷ୍ମଣ ଏହାର ନାକ କାନ କାଟି ପକାଇଲେ ଓ ଏ ଲଙ୍କାକୁ ଫେରି ଆସି ସୀତାଙ୍କୁ ହରଣ କରିବା ପାଇଁ ରାବଣକୁ ପ୍ରବର୍ତ୍ତାଇଲା ।]

ଶୂର୍ପ ପର୍ଣ୍ଣୀ—ସଂ. ବି—(ବହୁବ୍ରୀହି, ଶୂର୍ପ ପରି ପର୍ଣ୍ଣ ଯାହାର ଶୂର୍ପ+ପର୍ଣ୍ଣ+
Śūrpa parṇṇī ଈ)—ଶିମ୍ବବିଶେଷ—A kind of bean; kidney bean.

ଶୂର୍ପ ବାତ—ସଂ. ବି—କୁଲା ହଲାଇବା ପବନ—Wind produced
Śūrpa bāta by waving a winnowing fan.
[ଦ୍ର—ଏହା ଦେହରେ ଲଗାଇବା ଅଶୁଭ (ଶବ୍ଦକୋଷ) ।]

ଶୂର୍ପୀ—ସଂ. ବି—(ଶୂର୍ପ+ଙ୍,ସ୍ୱାର୍ଥେ+ଈ)—୧ । ଛୋଟ କୁଲା; କୁଲେଇ
Śūrpī A small winnowing tray.
[ସୂର୍ପୀ—ଅନ୍ୟରୂପ]

ଶୂର୍ମ୍ମୀ(ର୍ମୀ)—ସଂ. ବି—(ସୁ=ସୁନ୍ଦର+ଊର୍ମି=ତରଙ୍ଗ ଯହିଁରେ)—୧ ।
Śūrmmī(rmī) ଲୌହ ପ୍ରତିମା—1. An image of iron. ୨ । କର୍ଣ୍ଣଭୂଷଣ ବିଶେଷ—2. A sort of earring.

ଶୂଳ (ଧାତୁ)—ସଂ.—୧ । ରୋଗଗ୍ରସ୍ତ ହେବା—1. To ail; to
Sūḻ (root) be ill. ୨ । ଶବ୍ଦ କରିବା—2. To emit a sound. ୩ । ସଂଘାତ କରିବା—3. To strike. ୪ । ଫୋଡ଼ିବା; ଶୂଳ ଦେବା—
3. To pierce; to impale.

ଶୂଳ—ସଂ. ବି—(ଶୂଳ ଧାତୁ+କର୍ତ୍ତୃ. ଅ)—୧ । ଉଦରଜାତ
Śūḻa ରୋଗ ବିଶେଷ; ପେଟମୋଡ଼—1. Colic; griping. ୨ । ଶୂଳରୋଗ (ଦେଖ)—2. Śūḻaroga (See) ୩ । ବ୍ୟଥା; ବିଥାଇବା—3. Acute pain. ୪ । ସନ୍ତାନ ପ୍ରସବକାଳୀନ ବେଗ, ଗର୍ଭଯନ୍ତ୍ରଣା; ପ୍ରସବବେଦନା 4. The pangs of child birth; labour pain; labour; travail. ୫ । ତୀକ୍ଷ୍ଣାଗ୍ର ଶଲାକା ବିଶିଷ୍ଟ ବେଧନାସ୍ତ୍ର ବିଶେଷ—5. A weapon having a sharp pointed stake; dart. ୬ । ପ୍ରାଣଦଣ୍ଡ ଦେବା ପାଇଁ ବ୍ୟବହୃତ ଯନ୍ତ୍ର ବିଶେଷ; ଶୂଳ—6. A stake of iron for impaling criminals. ୭ । ତ୍ରିଶୂଳ—7. A trident; a three-prorged

fork. ୮ ଲୁହାର ଶଳାକା; ଶିକ—8. Pike or spit of iron. ୯ ଲୌହଶଳାକା—9. Iron pin or peg. ୧୦ । ବର୍ଚ୍ଛା, ଏକମୁନା ଅସ୍ତ୍ର—10. Spear; harpoon. ୧୧ । ମୃତ୍ୟୁ—11. Death. ୧୨। (ଜ୍ୟୋତିଷ) ଅଶୁଭକର ଯୋଗ ବିଶେଷ; ଦିକ୍ ଶୂଳ—12. An inauspicious astrological conjunction for starting on a mission. [ଦ୍ର—ଯେଉଁ ଦିଗରେ ଯେଉଁ ବାରରେ ଶୂଳ ଯୋଗ ଘଟିଥାଏ ସେ ଦିଗକୁ ଯାତ୍ରା କଲେ ମୃତ୍ୟୁ ଘଟେ ।] ୧୩ । ଦୁର୍ଗା ଓ ଓ ମହାଦେବଙ୍କ ଅସ୍ତ୍ର ବିଶେଷ; ତ୍ରିଶୂଳ—13. Three pronged iron pike held by Śiba and Durgā. ୧୪ । ଧ୍ୱଜା; କେତନ—14, Flag. ୧୫ । ଚିହ୍ନ—15. Sign; badge. ୧୬ । ମୁନିବିଶେଷ—16. Name of a sage. ୧୭ । ଜ୍ୟୋତିଷୋକ୍ତ ବିଷ୍କମ୍ଭାଦି ୨୭ ଯୋଗର ଅନ୍ତର୍ଗତ ନବମ ଯୋଗ—17. The ninth of the 27 astrological conjunctions. [ଦ୍ର—ଏହି ଯୋଗରେ ଜାତ ବ୍ୟକ୍ତି ଖଳ, ଦରିଦ୍ର, ଦସ୍ୟୁଜୀବୀ, ବିଦ୍ୟାଶୂନ୍ୟ, ଶୂଳରୋଗୀ, ଲୋକଙ୍କ ଅନିଷ୍ଟକାରୀ ଓ ସ୍ୱଜନ-ବର୍ଗର ଶୂଳ ସଦୃଶ ହୁଏ—ବିଶ୍ୱକୋଷ ।] ବିଣ—ଅପ୍ରୀତି-କର ବା ବାଧାଜନକ—Unpleasant; causing obstacle.

ଶୂଳ ଉଠିବା (ଆସିବା)—ଦେ. କ୍ରି—ପ୍ରସବ ବେଦନାର ଆରମ୍ଭ ଓ **Śūla uṭhibā (āsibā)** ଅନୁଭୂତ ଘଟିବା—The beginning and continuation of the pangs of childbirth or labour pain. ପ୍ରସব বেদনা হওয়া, ব্যথা উঠা **प्रसव वेदना होना, दुख होना; पीडाहोना, पीर आना [होना]**

ଶୂଳକ—ସଂ. ବି (ଶୂଳ+କ)—ଦୁର୍ବୃତ୍ତ ଘୋଟକ; ଦୁଷ୍ଟ ଘୋଡ଼ା—**Śūlaka** A vicious or wicked horse; a restive horse (Apte).

ଶୂଳ ଖାଇବା—ଦେ. କ୍ରି—୧ । (ପ୍ରସୂତା) ପ୍ରସବ କରିବା ପୂର୍ବରୁ ବେଦନା **Śūla khāibā** ଅନୁଭବ କରିବା—1. To undergo labour pain; to be in trvail; to travail. কোঁত পাড়া, ব্যথা খাওয়া **दुख पाना, पीडा पाना, पीर पाना** [ଦ୍ର—ଏହି ଶୂଳ ଖାଇବା ସମୟରେ ସ୍ତ୍ରୀମାନେ ଖଟ ଜୋରରେ କୁନ୍ଥାନ୍ତି ଓ କେହି କେହି ଗୋଟିଏ ଖୁଣ୍ଟକୁ ଜାବୁଡ଼ି ଧରି ଶୂଳର ବେଗକୁ ସମ୍ଭାଳନ୍ତି ।] ୨ । କୁନ୍ଥାଇବା—2. To strain physically.

ଶୂଳ ଘାତନ—ସଂ. ବି—ଲୁହା ଚୂନା—**Śūla ghātana** Iron filings (Apte).

ଶୂଳଘ୍ନ—ସଂ. ବିଣ (ଶୂଳ+ହନ୍ ଧାତୁ+କର୍ତ୍ତୃ. ଅ)—ଶୂଳରୋଗ **Śūlaghna** ନାଶକ; ଶୂଳ ନିବାରକ—Removing colic pain; anodyne; sedative. [ସ୍ତ୍ରୀଲିଙ୍ଗ—ଶୂଳଘ୍ନୀ]

ଶୂଳ ଦଣ୍ଡ—ସଂ. ବି—ଶୂଳରେ ଚଢ଼ି ମରିବା ପାଇଁ ଅପରାଧୀକୁ ଦିଆଯିବା **Śūla daṇḍa** ପ୍ରାଣଦଣ୍ଡ—The punishment of being impaled on a stake to death.

ଶୂଳ ଦ୍ୱିଟ୍—ସଂ. ବି (ଶୂଳ+ଦ୍ୱିଷ୍ ଧାତୁ+କର୍ତ୍ତୃ. କ୍ୱିପ୍; ଶୂଳଦ୍ୱିଷ୍ **Śūla dwiṭ** ୧ମା. ୧ବ; ଯାହା ଶୂଳରୋଗ ନିବାରଣ କରେ)—ହେଙ୍ଗୁ—Assafaetida.

ଶୂଳ ଦେବା—ଦେ. କ୍ରି—ଶୂଳ ଦେବା—To administer capi- **Śūla debā** tal punishment by impaling. শূলি দেওয়া **सूली देना** [ଦ୍ର—ପିଲ୍ଲ ବନେ ଇଶୀକା ଭାଙ୍ଗିବ ତେଣୁ, ଶୂଳ ଦେଇ ଗର୍ତ୍ତି ହେଲା କାଟିବ ମୁଣ୍ଡି—କୃଷ୍ଣସିଂହ. ମହାଭାରତ ।]

ଶୂଳଧନ୍ୱା—ସଂ. ବିଣ ଓ ବି (ଶୂଳ+ଧନ୍ୱନ୍; ୧ମା. ୧ବ)—ଶୂଳପାଣି **Śūladhanwā** (ଦେଖ)—Śūlapāṇi (See)

ଶୂଳଧର—ସଂ. ବିଣ. ଓ ବି. ପୁଂ—ଶୂଳପାଣି ଦେଖ) **Śūladhara** Śūlapāṇi (See) [ଶୂଳଧରା—ସ୍ତ୍ରୀ]

ଶୂଳ ଧରିବା—ଦେ. କ୍ରି—ଶୂଳ ଖାଉଥିବା ପ୍ରସୂତାକୁ ସାହାଯ୍ୟ କରିବା **Śūla dharibā** ପାଇଁ ତାକୁ କୁଣ୍ଢାଇବା ବା ଲଗାଇବା ଧରିବା—To help a woman during labour; to help a mother in withstanding the strainings of the pangs of child birth by holding her tightly. প্রসব করান, কোমর ধরা **कमर धरना**

ଶୂଳଧାରୀ—ସଂ. ବି ଓ ବିଣ ପୁଂ—ଶୂଳପାଣି (ଦେଖ)—**Śūla dhārī** Śūlapāṇi (See) (ଶୂଳଧାରିଣୀ—ସ୍ତ୍ରୀ)

ଶୂଳ ଧୃକ୍—ସଂ. ବି. ସ୍ତ୍ରୀ—(ଶୂଳ+ଧୃଷ୍ ଧାତୁ=ସାହାଯ୍ୟ ଦେବା+ **Śūladhṛuk** କର୍ତ୍ତୃ. କ୍ୱିପ୍)—ଦୁର୍ଗା—Goddess Durgā. ପୁଂ—ଶିବ—The God Śiba. ସଂ. ବିଣ. ପୁଂ ଓ ସ୍ତ୍ରୀ—ଶୂଳଧାରୀ (ଦେଖ)—Śūladhārī (See)

ଶୂଳ ନାଶନ—ସଂ. ବି (ଶୂଳ+ନାଶ ଧାତୁ=ନାଶ କରିବା+କର୍ତ୍ତୃ. **Śūla nāśana** ଅନ)—ସୌବର୍ଚ୍ଚ ଲବଣ; ଧଳା ଲବଣ—White sochal salt (Apte).

ଶୂଳପାଣି—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଶୂଳ ଅଛି ପାଣିରେ **Śūlapāṇi** ଯାହାର)—ତ୍ରିଶୂଳଧାରୀ—Bearing a trident. ବି—୧ । (ପୁଂ) ମହାଦେବ; ଶିବ—1.Śiba. ୨ । (ସ୍ତ୍ରୀ) ଦୁର୍ଗା—2. Durgā.

ଶୂଳ ଭୃତ୍—ସଂ. ବିଣ. ପୁଂ ଓ ସ୍ତ୍ରୀ (ଶୂଳ+ଭୃ ଧାତୁ+କର୍ତ୍ତୃ. କ୍ୱିପ୍) **Śūla bhṛut** —ଶୂଳଧାରୀ—Bearing or carrying a spike. ବି—୧ । (ପୁଂ)—ଶୂଳପାଣି; ମହାଦେବ—1. Śiba, ୨ । (ସ୍ତ୍ରୀ) ଦୁର୍ଗା—2, The Goddess Durgā.

ଶୂଳ ବିଦ୍ଧ—ସଂ. ବିଣ (ଅସ୍ତ୍ର ତତ୍)—୧ । ଶୂଳଦ୍ୱାରା ବିଦ୍ଧ— **Śūla biddha** 1. Pierced or impaled with a

stake, ୩ । ଶୂଳାକୃତ—3. Spitted; roasted by means of an iron rod.

ଶୂଳ ବେଦନା (ବ୍ୟଥା)—ସଂ. ବି—୧ । ଶୂଳରୋଗ (ଦେଖ)—
Śūla bedanā (byathā) 1. Śūlaroga (See) ୨ । ଗର୍ଭ ବେଦନା—2. Pangs of child-birth.

ଶୂଳ ମାରିବା—ଦେ· ବି—ପେଟମଣ୍ଡ ରୋଗ ଆକ୍ରମଣ କରିବା—
Śūla māribā An attack of colic.
পেটে ব্যথা করা, পেট মারা शूल होना

ଶୂଳ ରୋଗ—ସଂ. ବି—ପେଟମଣ୍ଡ; ପେଟଶୂଳ ରୋଗ—Colic; gri-
Śūla roga ping pain in the stomach. [ଦ୍ର—ଏହାଦ୍ୱାରା ଉଦର ମଧ୍ୟରେ ଶୂଳଦ୍ୱାରା ବିଦ୍ଧ ହେଲା ପରି ବେଦନା ଜଣାପଡ଼ିବାରୁ ଏହାକୁ ଶୂଳରୋଗ କହନ୍ତି ।
ବୈଦ୍ୟଶାସ୍ତ୍ର ଅନୁସାରେ ଶୂଳରୋଗ ୧୦ ପ୍ରକାର ଯଥା—ବାତଜ, ପିତ୍ତଜ, ଶ୍ଳେଷ୍ମଜ, ବାତପିତ୍ତଜ, ବାତଶ୍ଳେଷ୍ମଜ, ପିତ୍ତଶ୍ଳେଷ୍ମଜ, ସନ୍ନିପାତଜ, ଆମଦୋଷଜ, ପରିଣାମ ଶୂଳ, ଓ ଅନ୍ନଦ୍ରବଶୂଳ । ସମସ୍ତ ପ୍ରକାର ଶୂଳରୋଗ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଦୁରାରୋଗ୍ୟ । ପରିଣାମ ଶୂଳକୁ ମଧ୍ୟ ବାତପିତ୍ତଜ ଶୂଳ ବୋଲାଯାଇ ପାରେ । ବାତଜଶୂଳରେ ହୃତ, ପାର୍ଶ୍ୱ, ପୃଷ୍ଠ, କଙ୍କାଳ, ପୃଷ୍ଠ, ବସ୍ତି ଓ ବସ୍ତିଦେଶମାନ ଶୋଷ ହୁଏ ଓ ସୂଚୀ ମାରିଲା ପରି ଜଣାପଡ଼େ । ଶୂଳ ରୋଗରେ ସାଧାରଣତଃ ମଳମୂତ୍ର, ଅଧୋବାୟୁ ଆଦିର ଅବରୋଧ ଘଟେ । ଶୁଣ୍ଠି, ହେଙ୍ଗୁ, ପଞ୍ଚଲବଣ, ମରିଚ ଶୂଳରୋଗ ପ୍ରତି ଉପକାରକ; ବମନ ଓ ବିରେଚନରେ ମଧ୍ୟ ଏ ରୋଗର ଉପଶମ ହୁଏ ।]

ଶୂଳ ଶତ୍ରୁ—ସଂ. ବି (୬ଷ୍ଠୀ ତତ୍)—ଗବରଣ୍ଡ—
Śūla śatru The castor oil seed plant (Apte).

ଶୂଳ ହନ୍ତ୍ରୀ—ସଂ. ବି—ଏକପ୍ରକାର ଯବଧାନ—
Śūla hantrī A kind of barley (Apte).

ଶୂଳ ହସ୍ତ—ସଂ. ବଣ, ପୁଂ ('ବହୁବ୍ରୀହି)—ଶୂଳପାଣି (ଦେଖ)—
Śūla hasta Śūlapāṇi (See)
(ଶୂଳହସ୍ତା—ସ୍ତ୍ରୀ)

ଶୂଳା—ସଂ. ବି. ସ୍ତ୍ରୀ (ଶୂଳ+ଅ.) ୧ । ଶଙ୍କୁ; ଖିଲକ—1. A
Śūlā stake. ୨ । ବାର ଅଙ୍ଗୁଳ ଲମ୍ବର ତୀକ୍ଷ୍ଣାଗ୍ର କାଠି 2. A short pointed pin about one foot long. ୩ । ବେଶ୍ୟା—3. A prostitute; a whore. ୪ । ଅପରାଧୀଙ୍କୁ ଦଣ୍ଡ ଦେବା ନିମନ୍ତେ ବ୍ୟବହୃତ ଶୂଳୀ—4. A stake for impaling
ঢীল বড়াঢেলা criminals ଦେ. ବି—୧ । ବଡ଼ବଡ଼ ମାଟିର ଟେକା; ବୋଲୁଅ—I. Big clods of dry earth. (ଦ୍ର—ଟେକାଠାରୁ ଢେଲା ବଡ଼, ଢେଲାଠାରୁ ବୋଲୁଅ ବଡ଼ ଓ ବୋଲୁଅଠାରୁ ଶୂଳା ବଡ଼; ଶୂଳାଠାରୁ ଢେପା ପରିଧିରେ ବଡ଼, ଗୋଲାକାର ଓ ପତଳା) । ୨ । ଶୂଳ ରୋଗ—2. Colic. ୩ । ଶୂଳା ଝାଡ଼ା(ଦେଖ)
3. Śūlā jhārḍa (see), ୪ । ନାଳରକ୍ତ ଝାଡ଼ା—4. Dysentry

ଶୂଳାଇ—ଦେ.ବି—ଶୂଳେଇ (ଦେଖ)
Śūlai Śūlei (see)

ଶୂଳା(ଳେ)ଇବା—ଦେ· କ୍ରି—୧ । (ଦେହର କୌଣସି ଅଂଶ) ଶୂଳ-
Śūlā(le)ibā ବେଦନାକ୍ରାନ୍ତ ହେବା—1. To be affected with smarting pain; to smart with pain.
ଶୂଳାଇହେବା } ଅନ୍ୟରୂପ
ଶୂଳେଇହେବା }
ব্যথাকরা दर्द करना
୨ । ଶୂଳାକ୍ରାନ୍ତ ରୋଗୀ ପରି ଅସ୍ଥିର ହେବା—2. To become restless like a colic patient.

ଶୂଳାକୃତ—ସ. ବଣ (ଶୂଳ+କୃତ; କର୍ମଧାରୟ)—ଶଲାକାବିଦ୍ଧ ହୋଇ
Śūlā kṛuta ସିଦ୍ଧ ହୋଇଥିବା (ମାଂସ)—(meat) Roasted by being pierce with a rod. ବି—ଶଲାକାବିଦ୍ଧ କରି ଅଗ୍ନି ଉପରେ ସିଦ୍ଧକରାଯାଇଥିବା ମାଂସ; ସିକ୍‌କବାବ୍—Meat roasted by means of a thin iron rod put directly over the fire; spitted roast [ଦ୍ର—କୋମଳ ମାଂସଖଣ୍ଡମାନଙ୍କରେ ଘୃତ ଲବଣାଦି ବୋଳି ସେମାନ ଲୁହା ଶଲାକାରେ ଗୁନ୍ଥି ଧୂମରହିତ ଅଗ୍ନି ଉପରେ ଲୁହା ଶଲାକାକୁ ଦେଖାଇ ଏମାନ ପାକ କରାଯାଏ । ଏହା ରୁଚିଜନକ; ଅଗ୍ନିବର୍ଦ୍ଧକ, ଲଘୁ, ବଳକାରକ, କଫଘ୍ନ, ବାୟୁନାଶକ ଓ କିଞ୍ଚିତ୍ ପିତ୍ତଜନକ ।]

ଶୂଳାଗ୍ର—ସ. ବି (୬ଷ୍ଠୀ ତତ୍)—ଶୂଳର ଅଗ୍ରଭାଗ—
Śūlāgra The pointed end of a stake or spike or pike.

ଶୂଳାଘାତ—ସ. ବି (୩ୟା ତତ୍; ଶୂଳ+ଆଘାତ)—ଶୂଳାଗ୍ରଦ୍ୱାରା
Śūlāghāta ଆଘାତ—A thrust with a spear)

ଶୂଳା ଝାଡ଼ା (ହଗା,ବାଡ଼ୀ,ବାଡ଼ିକି, ପୋଖରୀ,ବାହାରକୁ)—ଦେ. ବି
Śūlā jhārḍā(hagā, bārḍiki, pokhari bahāraku
আমাশা आमाशय पेचिश ନାଳରକ୍ତ ଝାଡ଼ା—Dysentery.

ଶୂଳାପାଳ—ସ. ବି. ପୁଂ—ବେଶ୍ୟାପାଳ—A person who lives
Śūlāpāla on the income of prostitution; who re-monger.

ଶୂଳି—ଦେ. ବି (ସଂ. ଶୂଳ)—ଅପରାଧୀମାନଙ୍କୁ ତହିଁ ଉପରେ ବସାଇ
Śūli ମୃତ୍ୟୁଦ୍ୱାର ବାଟେ ଫୁଟାଇ ବଧ କରିବା ନିମନ୍ତେ ବ୍ୟବହୃତ
শূলী ଭୂମିରେ ପ୍ରୋଥିତ ତୀକ୍ଷ୍ଣାଗ୍ର ଲୌହଶଲାକା ବିଶେଷ—
सूली Iron stakes for impaling offenders to death. ପ୍ରାଦେ (ସମ୍ବଲପୁର) ବି—କଣ୍ଢରୁ ଧାନ ବିଡ଼ା ବୁହାଯିବା ଭାର—Double load of paddy sheaves carried across the shoulder on both ends of a pole.

ଶୂଳିଆ—ଦେ·ବ ଓ ବଣ—୧। ଦଣ୍ଡିତ ବ୍ୟକ୍ତିଙ୍କୁ ଶୂଳରେ ଚଢ଼ାଇବା ପାଇଁ ନିଯୁକ୍ତ ଲୋକ—1. A person who impales offenders on stakes.
Śūliā
যে শূলে চড়ায় सूलीवाला
শূল দণ্ডে দণ্ডিত ୨। ଶୂଳ ଦଣ୍ଡରେ ଦଣ୍ଡିତ ଅପରାଧୀ—2. An offender adjudged to the stake.
सूली चढ़नेवाला

ଶୂଳିଆ ପଡ଼ା—ଦେ. ବ—ଶୂଳଦଣ୍ଡରେ ଦଣ୍ଡିତ ବ୍ୟକ୍ତିମାନଙ୍କ ବଧଭୂମି—The place or ground where offenders are impaled on stakes.
Śūliā padā
শূলী দেবার ময়দান सूली मैदान

ଶୂଳିକ—ସଂ. ବ (ଶୂଳ+ଇକ)—୧। ଶୂଳାକୃତ ମାଂସ; ସିକ୍ କବାବ୍—1, Spitted meat; roasted meat. ୨। ଠେକୁଅ—2. Hare (Apte). ସ. ବଣ—୧। ଲୌହଶଳାକାବଦ୍ଧ (ମାଂସଖଣ୍ଡ)—1, Roasted on a spit. ୨। ଶୂଳବିଦ୍ଧ—2. Piked.
Śūlika

ଶୂଳି ଘି(ଘେ)ନିବା—ଦେ. କି—ଶୂଳି ଚଢ଼ିବା (ଦେଖ)
Śūli ghi(ghe)nibā — Śūli chardhibā (See)

ଶୂଳି ଚଢ଼ା(ଢ଼େ)ଇବା—ଦେ. କି—କୌଣସି ବ୍ୟକ୍ତିକୁ ଶୂଳ ଉପରେ ବସାଇ ବଧ କରିବା—To impale a person on a stake
Śūli chardha(rdhe)ibā
শূলে চড়ান सूली चढ़ाना
(ଶୂଳରେ ଚଢ଼ା[ଢ଼େ]ଇବା; ଶୂଳ ଦେବା—ଅନ୍ୟରୂପ)

ଶୂଳି ଚଢ଼ିବା (ପାଇବା)—ଦେ·କି—(ଅପରାଧୀ ବ୍ୟକ୍ତି) ଶୂଳ ଉପରେ ସ୍ଥାପିତ ବା ବଧ ହେବା—To be executed or impaled on a stake.
Śūli chardhibā (pāibā)
শূলে চড়া सूली चढ़ना (ଶୂଳରେ ଚଢ଼ିବା, ଶୂଳରେ ବସିବା—ଅନ୍ୟରୂପ)

ଶୂଳିନୀ—ସ, ବି. ସ୍ତ୍ରୀ (ଶୂଳ+ଅସ୍ତ୍ର ଅର୍ଥରେ ଇନ୍+ସ୍ତ୍ରୀ. ଈ)—ଦୁର୍ଗା—Goddess Durgā.
Śūlini
ସ. ବଣ. ସ୍ତ୍ରୀ—ଶୂଳୀର ସ୍ତ୍ରୀଲିଙ୍ଗ—Feminine of Śūli.

ଶୂଳୀ—ସ. ବ—୧। (ବୈଦ୍ୟକ) ଜଳଜ ଶାକ ବା ତୃଣ ବିଶେଷ; ଶୋଲ; ପାଣି ଖଜକୁଳୀ—1. An aquatic plant; sola plant; Aeschymone Aspera. [ଦ୍ର—ଏହା ପିତ୍ତଳ, ଉଷ୍ଣ, କୁଷ୍ଠଘ୍ନ, ଗୁରୁପାକ, ରୁଚିକର, ବଳକର, ସ୍ତନ୍ୟବର୍ଦ୍ଧକ, ତିକ୍ତ ଓ ବାତ ରୋଗରେ ଉପକାରକ।] ୨। (ପୁଂ) ଶୂଳରୋଗୀ—2. A person suffering from colic. ୩। ମହାଦେବ; ଶିବ—3, Mohādeba; God Śiba. ୪। ଶଣ; ଶଣପଟ (ଉଦ୍ଭିଦବାଦ)—4. Hemp. ୫। ଠେକୁଆ—5. A hare (Apte) ୬। ଶୂଳାସ୍ତ୍ରଧାରୀ ବ୍ୟକ୍ତି—6. A spearman (Apte) ବଣ—୧। ଶୂଳଧାରୀ—1. (a person) Holding a stake or spear; armed with a spear. ୨। ଶୂଳରୋଗାକ୍ରାନ୍ତ—2. Suffering from colic.
Śūli
ଅନ୍ୟ ସଂ. ନାମ—ଅଗ୍ନିମୁଖୀ
ସ. ଶୂଳୀ
(ଶୂଳିନୀ—ସ୍ତ୍ରୀ)

ଶୂଳେଇ—ଦେ. ବ—(ସ. ଶୂଳ ପରି କ୍ରମଶଃ ସରୁ ହୋଇଥିବାରୁ)—ଏକପ୍ରକାର ସରୁଆ ଗୁଡ଼ ହାଣ୍ଡି—A kind of long pot for molasses.
Śūlei
[ଶୂଳଲଇ ହଣ୍ଡା—ଅନ୍ୟରୂପ]

ଶୂଳେଇ ଖଞ୍ଜା—ପ୍ରାଦେ.—(ପାଟଣୀ) ବ—ଯେଉଁ ବଡ଼ ଖଞ୍ଜାର ଚାରି ପାଖ ବଡ଼ଘରମାନଙ୍କରେ ବେଷ୍ଟିତ—A spacious courtyard with big houses on all its sides.
Śūlei khanjā

ଶୂଳେଇ ବିଜେ—ଦେ. ବ—(ସ. ଶୂଳ; ଝାଡ଼ା ଫେରିବା ସମୟରେ ଶୂଳ ଶାଳିବା ବା ଲୁଚାଇବା ଯୋଗୁଁ)—ରାଜାଙ୍କର ମଳତ୍ୟାଗ କର୍ମ—The name by which Raja's easing himself is called; passing of stools by a Rājā.
Śūlei bije

ଶୂଲ୍ୟ—ସ. ବ—(ଶୂଳ+ଯ)—ଶୂଳାକୃତ (ଦେଖ)
Śūlya — Śūlākṛuta (See)
ସ. ବଣ—୧। (ଶୂଳ ଧାତୁ+କର୍ମ. ଯ)—ଶୂଳାକୃତ—1. Roasted on a spit. ୨। ଶୂଳରେ ଦଣ୍ଡିତ ବା ବଧ ହେବା ଯୋଗ୍ୟ—2. Deserving impalement condemned to the stake.

ଶୂଷ୍ (ଧାତୁ)—ସ.—୧। ଜନ୍ମ କରିବା—1. To bring forth; to beget (Apte) ୨। ଉତ୍ପନ୍ନ କରିବା—2. To produce (Apte.)
Śūsh (root)

ଶୃକା(ଗା)ଳ—ସ. ବି. ପୁଂ—(ଅସୃକ୍=ରକ୍ତମାଂସ+ଆ ଉପସର୍ଗ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ; ଅଥବା, କିମ୍ବା ସୃଜ୍ ଧାତୁ= ସୃଷ୍ଟି କରିବା+କର୍ତ୍ତୃ. ଅ=ଶବ୍ଦର ସୃଷ୍ଟି କରିବା ସ୍ୱଭାବ; ଅଥବା ଶୃଙ୍ଗ+ନଞ୍ (ଅ+ଆ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ ଅ; ଯାହାର ଶୃଙ୍ଗ ନାହିଁ,ବା, ଯେ ଶୃଙ୍ଗ ଗ୍ରହଣ କରେ ନାହିଁ।)—୧। ଶିଆଳ; ବିଲୁଆ; ଗୋମାୟୁ—1. Jackal. ୨। ନୃପ ବିଶେଷ—2 Name of a king. ୩। ଦୈତ୍ୟ ବିଶେଷ—3. Name of a demon. ୪। ଚଗୁଲ ଓ କଟୁଭାଷୀ ବ୍ୟକ୍ତି—4. A peevish and abusive person; an ill-natured man. ୫। ପ୍ରତାରକ ବ୍ୟକ୍ତି—5. A cheat; a swindler (Apte) ୬। ଖଳ—ବ୍ୟକ୍ତି—6. A rogue (Apte). ୭। ଭୀରୁ ବ୍ୟକ୍ତି-7. A coward [Apte]. ୮। କୃଷ୍ଣଙ୍କ ନାମ—8. A name of Krushna [Apte] ବଣ(ପୁଂ)—୧। ନିଷ୍ଠୁର—1. Cruel. ୨। ଖଳ—2. Wicked; deceitful. ୩। ଭୀରୁ—3. Timid; coward. ୪। ବୀର—4. Heroic. ୫। କଟୁଭାଷୀ—5. Abusive; foul-tongued.
Śṛukā(gā)la
(ଶୃଗାଳକ—ଅନ୍ୟରୂପ)

ଶୃଗାଳ କଣ୍ଟକ—ସ· ବ—୧। ଶିଆଳକଣ୍ଟା (ଦେଖ)—1. Śiālakantā. (See) ୨। ଓଡ଼ସମାରୀ (ଦେଖ)—2. Ordasamārī. (See)
Śṛugāla kantaka

ଶୃଗାଳ କୋଳି—ସ. ବ—ଶିଆଳ କୋଳି(ଦେଖ)
Śṛugāla koli — Siāla koli. (See)

ଶୃଗାଳ ମାଂସ—ସଂ. ବି—ଶୃଗାଳର ମାଂସ; ବିଲୁଆ ମାଂସ—
Śṛugāla mānsa The meat of jackal.
[ବି—ଏହା ମଧୁରରସ, ମଧୁର ବିପାକ, ଉଷ୍ଣବୀର୍ଯ୍ୟ, ଶୀତଘ୍ନ, ମଳମୂତ୍ର ରୋଧକ ଓ ତ୍ରିଦୋଷର ଶାନ୍ତିକାରକ; ଆମ ଦେଶରେ ବିଲୁଆ ମାଂସକୁ ଦଗ୍ଧକରି ବହୁକାଳ ବନ୍ଧୁରାଇ ରଖି ସେହି ବସ୍ତୁକୁ ଔଷଧରୂପେ (ବିଲୁଆ ବସ୍ତୁ) ଅପବାତ ରୋଗୀକୁ ଖୁଆନ୍ତି ।]

ଶୃଗାଳିକା—ସଂ. ବି (ଶୃଗାଳ+କ+ଆ)—୧ । ଶୃଗାଳୀ—1. She-
Śṛugālikā jackal. ୨ । କୋକଶିଆଳ—2. Fox. ୩ । ଭୂମିକୁଷ୍ମାଣ୍ଡ; ଭୁଇଁ କଖାରୁ—3. A kind of pumpkin; Ipomoea Digita. ୪ । ଭୟରେ ପଳାୟନ—4. Flight on account of fear; retreat.

ଶୃଗାଳୀ—ସ. ବି. ସ୍ତ୍ରୀ (ଶୃଗାଳ+ଈ)—୧ । ମାଈ ବିଲୁଆ—
Śṛugālī 1: She-jackal. ୨ । କୋକ—2, Fox.

ଶୃଗାଳୁଣୀ—ଦେ. ବି. ସ୍ତ୍ରୀ (ସଂ. ଶୃଗାଳୀ)—ଶୃଗାଳୀ (ଦେଖ)
Śṛugāluṇī Śṛugālī, (See]

ଶୃଙ୍ଖଳ—ସଂ. ବି (ଶୃଙ୍ଗ=ଶିକୁଳିର କଡ଼ା+ଖଲ ଧାତୁ=ଗ୍ରହଣ
Śṛuṅkhaḷa କରିବା+କରଣ. ଅ; କିମ୍ବା ଶୃଙ୍ଗ=ପ୍ରଧାନ ମଣି+ଖଲ ଧାତୁ=ଚଞ୍ଚଳ କରିବା+କର୍ତ୍ତୃ. ଅ; କିମ୍ବା ଶୃ ଧାତୁ=ହିଂସା କରିବା+କର୍ତ୍ତୃ.ଖଲ; ଏହା ପଦକୁ ବନ୍ଧନ କରେ ବୋଲି)—୧ । ଶିକୁଳି; ନିଗଡ଼—1. Chain. ୨ । ଲୌହମୟ ପଦ-ବନ୍ଧନୀ—2. An iron chain for the leg; fetters. ୩ । ବନ୍ଧନ-3. A bond. ୪ । ପୁରୁଷର କଟିଭୂଷଣ ବା ଅଣ୍ଟାସୂତା—4. A waist-chain, worn by males. ୫ । ପୁରୁଷର କଟିବସ୍ତ୍ରବନ୍ଧନ; କଟିବନ୍ଧ—5. A belt for the loins. ୬ । ନିୟମ; ଶୃଙ୍ଖଳା—6. Regulation; rule. ୭ । ହସ୍ତୀର ପଦବନ୍ଧନ ଶିକୁଳି—7. A chain for tying the legs of an elephant (Apte). ୮ । ଜମି ଆଦି ମାପ କରିବା ପାଇଁ ବ୍ୟବହୃତ ଲୁହା ଶିକୁଳି—8. A measuring chain (Apte). ୯ । ପରମ୍ପରା; ଧାରା—
9. Chain; series; succession. [Apte].
୧୦ । ଲେଖାରେ ବ୍ୟବହୃତ ବନ୍ଧନୀ ଚିହ୍ନ—10. Brackets used in writings.

ଶୃଙ୍ଖଳକ—ସଂ. ବି (ଶୃଙ୍ଖଳ+କ)—୧ । ଛୋଟ ଶିକୁଳି—1. A
Śṛuṅkhaḷaka small chain. ୨ । କାଷ୍ଠନିର୍ମିତ ପାଦବନ୍ଧନୀ ଦ୍ୱାରା ବଦ୍ଧ କରିଶାବକ—2. A young elephant fastened with a wooden clog.
୩ । ଉଷ୍ଟ୍ର—3. Camel (in general); (Apte).
୪ । ଗୋଡ଼ରେ ଠେଙ୍ଗା ଲଗାଯାଇଥିବା ପଶୁ—
4. An animal with clogs on its feet to prevent it from straying, (Apte).

ଶୃଙ୍ଖଳତା(ତ୍ୱ)—ସଂ. ବି—୧ । ନିୟମିତତା—1. Regularity. ୨ ।
Śṛuṅkhaḷatā[twa] ନିୟମବଦ୍ଧତା—2. Discipline; the state of being regulated. [ଦ୍ର—'ଶୃଙ୍ଖଳ' 'ବନ୍ଧନ' ଅର୍ଥରେ ଏହା ବିଶେଷ୍ୟ ପଦ, ତହିଁରୁ 'ତ୍ୱ' ବା 'ତା' ପ୍ରତ୍ୟୟ କରି ପୁଣି ବିଶେଷ୍ୟ ପଦ ସୃଷ୍ଟି କରିବା ବ୍ୟାକରଣ ବିରୁଦ୍ଧ; 'ଶିକୁଳି', 'ନିଗଡ଼' ପ୍ରଭୃତି ଅର୍ଥରେ ତ୍ୱ ଓ ତା ପ୍ରତ୍ୟୟ ବନ୍ଧନ ଭାବବୋଧକରୂପେ ସୃଷ୍ଟ ହୋଇପାରେ । ପ୍ରଭୃତିବାଦ, ଅପ୍ରେ, ଖଣ୍ଡ କଳ୍ପଦ୍ରୁମ ପ୍ରଭୃତି ଏ ଶବ୍ଦକୁ ଅନୁମୋଦନ କରି ନାହାନ୍ତି, କେବଳ ମନିଅର୍ ଓ୍ୱିଲିଅମ୍ସଙ୍କ ଅଭିଧାନରେ ଏ ଶବ୍ଦ ଦେଖାଯାଏ; ଓ୍ୱିଲସନ୍ ସାହେବ ଏପରି ଶବ୍ଦ ଲେଖିଥିବା କଥା ସେ ଲେଖିଅଛନ୍ତି ।]

ଶୃଙ୍ଖଳ ଯମକ—ସଂ. ବି—ଶୃଙ୍ଖଳା ଯମକ (ଦେଖ)
Śṛuṅkhaḷa jamaka Śṛuṅkhaḷā jamaka. [See]

ଶୃଙ୍ଖଳା—ସଂ. ବି (ଶୃଙ୍ଖଳ+ଆ)—୧ । ଶୃଙ୍ଖଳ (ଦେଖ)—
Śṛuṅkhaḷā 1. Śṛuṅkhaḷa, [See] (ଦ୍ର—ପଦ ଶୃଙ୍ଖଳା, କଟିମେଖଳା, ଅଙ୍ଗ ଶୃଙ୍ଖଳା ମଣି—ଭକ୍ତ. ପ୍ରେମ ସୁଧାନିଧି ।] ୨ । ସ୍ଥିତି; ନିୟମ; ଧାରା—2. Rule; system. ୩ । ଲେଖାରେ ବନ୍ଧନୀ ଚିହ୍ନ; ଯଥା—( ), { }, [ ]—
3. Parenthesis; brackets. ୪ । ହସ୍ତୀର ପଦବନ୍ଧନକାରୀ ଶିକୁଳି—4. chain for chaining the feet of an elephant. ୫ । ଅଳଙ୍କାର ବିଶେଷ—5. A kind of ornament. ୬ । ରଚନାରେ ଅପର ନିୟମରକ୍ଷାବିଶେଷ, ଯହିଁରେ ପୂର୍ବବର୍ତ୍ତୀ ପଦର ଶେଷବର୍ଣ୍ଣଦ୍ୱୟ ସଙ୍ଗେ ପରବର୍ତ୍ତୀ ପଦର ଆଦ୍ୟବର୍ଣ୍ଣଦ୍ୱୟର ସମାନତା ଥାଏ—6. The observance of regular sequence of certain letters in a writing; continuous alliteration.
(ଯଥା—ସମକ, ଯୋଡ଼ ଯମକ, ବା' ଯୁଗ ଯମକ, ସମସ୍ତ ଯମକ ବା ସର୍ବଯମକ, ଅବ୍ୟଯମକ, ପ୍ରାନ୍ତଯମକ) [ଦ୍ର—ପ୍ରାଚୀନ କବି ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର ଅନେକ ରଚନା ବାଦ୍ୟ ଓ ଗ୍ରନ୍ଥମାନଙ୍କରେ 'ଶୃଙ୍ଖଳା'ର ଅନେକ ଉଦାହରଣ ଦେଖାଯାଏ ।
ଉଦାହରଣସ୍ୱରୂପ ଉପେନ୍ଦ୍ରଭଞ୍ଜଙ୍କ ରସିକହାରାବଳୀର ୭ମ ଛାନ୍ଦରେ ପ୍ରାନ୍ତଯମକ ଗୋମୂତ୍ର ଶୃଙ୍ଖଳା—
"ଦରତସ୍ଥ ହର ଧୀର ପ୍ରଶଂସାର,
ସାର ଅମୃତର କର ଏ ସଂସାର
ସାର ସାରସର ଶର ହେ କୁମାର
ମାର ଅସ୍ୱସର ଅଙ୍ଗ ସୁକୁମାର ।
ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଦଗ୍ଧଚିନ୍ତାମଣିର ୫୩ ଛନ୍ଦ ଓ ୫୪ ଛନ୍ଦମାନ 'ଶୃଙ୍ଖଳା'ର ଉଦାହରଣ ମାନଙ୍କରେ ପୂର୍ଣ୍ଣ ।

ଯଥା—
ଶୃଙ୍ଖଳା ସିଂହାବଲୋକନ—
"କଣ୍ଠଚନ୍ଦ୍ର ଦରପଣ ବଦନ ରଞ୍ଜନ
ଚନ୍ଦନର ଚନ୍ଦନରର ପରଶନ
ସରଜମନ କଞ୍ଜକ ସଦନକ ହସ
ହଂସ ଗମନ ରଖଲ ଦର୍ଶନ ରସ ।"
ମଣ୍ଡୂକ ପ୍ଳୁତ ଶୃଙ୍ଖଳା—
"ବର ବାହନ ଗମନା ମନାଉଛୁ ଅବା
ଅନାଯ୍ଯତରେ ସ୍ତୁତି ମୁହିଁ କ ଜମବା,
ମନାକ କରୁଣା କର କରବ ବଣନା,
ସନାଥ ହେବ ଭରତ ବଚ ଯାଇ ସିନା ।"
ଗଙ୍ଗା ସ୍ରୋତ ଶୃଙ୍ଖଳା—
"ବର ରସ ଗର ରସା ସାର ରସ ସହ,
ହୃଦର ସେ ସେବକ ଗ୍ରୀ, ସ୍ତ୍ରୀ, ବଦର ନହିଁ ।
ସ୍ମାନ ଚର ରସ ସଦା ଦାସ ସଦା ବାହୁ,
ହୃଦେ ରେଢେ ବେଶେ ସେବ ଗାଇ ରସେ ସେହୁ ।"
ସର୍ବାଙ୍ଗ ପାଦ ଶୃଙ୍ଖଳା—
"ଶାରଙ୍ଗ ରଙ୍ଗ ଭ ଗଜରୁ ଭୁରୁଣୀ ଭୂଣୀ,
ଭତପରପଦ୍ମ ପରମ ରମଣୀମଣି,
ଧମାନ ଚରଡରକ ରଚର କରବ,
ବହୁତ ହୃଦହିଁ ରହିଁର ସ୍ତବ କରନ୍ତ ।"]

ଶୃଙ୍ଖଳାବଦ୍ଧ—ସଂ. ବଣ. ପୁଂ—(ତୃତୀୟା ତତ୍; ଶୃଙ୍ଖଳା+ଅବଦ୍ଧ)—୧ । Śrunkhalābaddha ନିଗଡ଼ ବଦ୍ଧ; ଶିକୁଳାଦ୍ୱାରା ବନ୍ଧା—[ଶୃଙ୍ଖଳାବଦ୍ଧା—ସ୍ତ୍ରୀ] ୨ । Chained. ନିୟମ ବଦ୍ଧ—2. Regulated. [ଶୃଙ୍ଖଳାବନ୍ଧନ, ଶୃଙ୍ଖଳାବଦ୍ଧ—ବିଶେଷ୍ୟ]

ଶୃଙ୍ଖଳା ଯମକ—ଦେ. ବ—ଯେଉଁ ରଚନାରେ ଯମକର ଶୃଙ୍ଖଳା Śrunkhalā jamaka ରକ୍ଷିତ ହୋଇଥାଏ—A poem in which a system, or sequence is observed; alliteration.

[ଉ—ରସଦା ପ୍ରମଦା ସଖୀ ଲେଖି ତୋଷେ ଚଳ
ସେ ଚଳ ପୁରକୁ କରେ ଅଧିକେ କଚଳ,
କ-ଚଳ ଲେଖିଲେ ହଂସ ହଂସୀ ପାଶେ ଯାଇ
ଶେଯାଇ ଶେଯ ଶୟନେ କେ ବାକସା ବହି
ବକସି ଖବର ବାହିଁ ପ୍ରିୟତମା ରସେ,
ମାର ହେଳା କବେଶେ ସେ ପୁରେ କଲେ ତୋଷେ ।
ଗୋଲୋକ ଉପେନ୍ଦ୍ର ରେଖା ।]

ଶୃଙ୍ଖଳିତ—ସଂ. ବଣ (ଶୃଙ୍ଖଳ+ସଞ୍ଜାତାର୍ଥେ ଇତ)—୧ । ଶୃଙ୍ଖଳାବଦ୍ଧ- Śrunkhalita 1. Chained; fettered; chain-bound. ୨ । ବନ୍ଧନୀଦ୍ୱାରା ଅବଦ୍ଧ (ବାକ୍ୟ)—2. Bracketed; parenthetical.

ଶୃଙ୍ଗ—ସଂ. ବ (ଶୃ ଧାତୁ=ହିଂସା କରିବା+କର୍ତ୍ତୃ ଗ, ନିପାତନ)—Śrunga ୧ । ପଶୁଙ୍କ ଶିଙ୍ଗ; ବିଷାଣ—1. Horn. (ଶୃଙ୍ଗକ—ଅନ୍ୟରୂପ) ୨ । ପର୍ବତର ଅଗ୍ରଭାଗ—2. Mountain-peak; summit. ୩ । ଧନୁର ଅଗ୍ରଭାଗ—3. A point or end of a bow. ୪ । ଚିହ୍ନ—4. Sign; mark. ୫ । ପ୍ରଭୁତ୍ୱ; ପ୍ରଭୁତ୍ୱ; ପ୍ରାଧାନ୍ୟ—5. Mastery; influence. ୬ । ପିଚକାରି ଯନ୍ତ୍ର—6. Syringe. ୭ । ଶିଙ୍ଗା; ଶୃଙ୍ଗ ନିର୍ମିତ ବାଦ୍ୟ—7. A horn used for blowing. ୮ । ତୀକ୍ଷ୍ଣ ଅଗ୍ରଭାଗ—8. The sharp end or point ୯ । ପଦ୍ମ—9. Lotus. ୧୦ । କାମୋଦ୍ରେକ; ଇନ୍ଦ୍ରିୟୋଦ୍ରେକ—10. Amour, lust; cupudity. ୧୧ । କୃତ୍ରିମ ଉତ୍ସ—11. An artificial fountain. ୧୨ । ମୁନିବିଶେଷ—12. Name of a sage. ୧୩ । ନଡ଼ିଆଗଛ; ନାରିକେଳ ବୃକ୍ଷ; ନଡ଼ିଆ ଗଛ—13. Cocoanut tree. ୧୪ । (ବୈଦ୍ୟକ)—ଜୀବକ ନାମକ ଔଷଧ—10. Name of a rare herb (root); Penteptera Tomentosa. ୧୫ । ଚନ୍ଦ୍ର ଚନ୍ଦ୍ର ର ଶୃଙ୍ଗ—15. A cusp or horn of the crescent moon (Apte). ୧୬ । ପ୍ରାସାଦର ଚୂଡ଼ା—16. The top of a building; turret (apte) ୧୭ । ଉଚ୍ଚତା—17. Elevation; height (Apte).

ଶୃଙ୍ଗ କନ୍ଦ—ସଂ. ବ (ବହୁବ୍ରୀହି)—ଶୃଙ୍ଗାଟକ; ଶିଙ୍ଗଡ଼ା (ବୈଦ୍ୟକୋଷ)—Śrunga kanda Water chestnut.
(ଶୃଙ୍ଗମୂଳ—ଅନ୍ୟରୂପ)

ଶୃଙ୍ଗ ଗିରି(ପୁର)—ସଂ. ବ—ଶୃଙ୍ଗେରୀ (ଦେଖ) (ଶବ୍ଦକୋଷ) Śrunga giri (pura) Śrungeri (See)

ଶୃଙ୍ଗଗ୍ରାହିତା ନ୍ୟାୟ—ସଂ. ନ୍ୟାୟବିଶେଷ—An analogy appli Śrungagrāhitā nyāya ed to cases where a wicked person is brought under control gradually. [ଉ—ଯେପରି ପଶୁର ଦୁର୍ଦ୍ଧର୍ଷ ବୃଷାଦିଙ୍କୁ ଅଧୀନ କରିବାପାଇଁ ପ୍ରଥମେ ସେମାନଙ୍କ ଶିଙ୍ଗକୁ କୌଶଳକ୍ରମେ ଗ୍ରହଣ କରିସାରି ଅନ୍ୟ ଶିଙ୍ଗକୁ ଧରାଯାଏ, ସେହିପରି କୌଶଳପୂର୍ବକ କ୍ରମେ କ୍ରମେ ଦୁଷ୍ଟ ବ୍ୟକ୍ତିକୁ ଅଧୀନ କରିବା ସ୍ଥଳରେ ଏ ନ୍ୟାୟ ଖଟାଯାଏ ।]

ଶୃଙ୍ଗଜ—ସଂ. ବଣ (ଶୃଙ୍ଗ+ଜନ୍ ଧାତୁ+କର୍ତ୍ତୃ. ଅ)—ଶୃଙ୍ଗଜାତ; Śrungaja ଶୃଙ୍ଗଜାତ—Made of horn: ବ-୧ । ଅଗୁରୁ—1. A gallochum Lignum, aloewood. ୨ । ବାଣ; ଶର—2. Arrow; dart.

ଶୃଙ୍ଗଜାହ—ସଂ. ବ (ଶୃଙ୍ଗ+ମୂଳାର୍ଥେ. ଜାହ)—ଶୃଙ୍ଗର ମୂଳଦେଶ Śrungajāha (ଶବ୍ଦକୋଷ)—The root of a horn.

ଶୃଙ୍ଗଟ—ସଂ. ବି—ସିଂଘିଟାଳ ମାଛ—
Śṛungaṭa A small piked fresh water fish.

ଶୃଙ୍ଗଧର—ସଂ. ବି (ଶୃଙ୍ଗ+ଧ ଧାତୁ+କର୍ତ୍ତୃ. ଅ)—ପର୍ବତ—
Śṛungadhara Mountain.

ଶୃଙ୍ଗବାନ୍—ସଂ. ବିଶ. ପୁଂ (ଶୃଙ୍ଗ+ଅସ୍ତି ଅର୍ଥରେ ବତ୍, ୧ମା. ୧ବ)—
Śṛungabān ଶୃଙ୍ଗବିଶିଷ୍ଟ—Horned; having horns.
(ଶୃଙ୍ଗବତୀ—ବିଶ—ସ୍ତ୍ରୀ) ବି—ପର୍ବତ—Mountain.

ଶୃଙ୍ଗବେର—ସଂ. ବି (ଶୃଙ୍ଗ+ବେର=ଶରୀର; ଶୃଙ୍ଗପରି ଶରୀର
Śṛungabera ଆକାର)—୧ । ଅଦ୍ରକ; ଅଦା—1. Ginger.
୨ । ଶୁଣ୍ଠି—2. Dried ginger. [ଦ୍ର—ବାଟରେ ଦେଖିଲେ ଏମନ୍ତ—ଶୃଙ୍ଗବେର ଅଗ୍ରଭାଗ, ତାର ମଧ୍ୟଭାଗରେ ବିକାଶ—ଭଞ୍ଜ. ବୈଦେହୀଶବିଳାସ ।] ୩ । ଶୃଙ୍ଗବେର ପୁର (ଦେଖ)—3. Śṛungabera pura (See)

ଶୃଙ୍ଗବେର ପୁର—ସଂ. ବି—ଗଙ୍ଗାକୂଳସ୍ଥ ଗୋଟିଏ ନଗର—The
Śṛungabera pura name of a city on the Ganges. [ଦ୍ର—ଏହା କୋଶଳ ରାଜ୍ୟର ସୀମାର ବାହାରେ ଗଙ୍ଗାର ଉତ୍ତର ଭାଗରେ ଅବସ୍ଥିତ ପ୍ରାଚୀନ ନଗରୀ ଓ ନିଷାଦରାଜ ଗୁହକଙ୍କର ପୁରୀ ଥିଲା । ରାମଚନ୍ଦ୍ର ସୀତାଙ୍କ ସହିତ ବନକୁ ଏହିଠାରେ ବିଦାୟ ଦେଇ ବନଗମନ କରି ଥିଲେ । ଏହାର ଅଧୁନା ନାମ 'ସିଙ୍ଗ୍ରୌରଗଡ଼ ବା ସିଙ୍ଗ୍ରୋର' । ଅଧୁନା ମିର୍ଜାପୁର ନିକଟରେ ଏହା ଅବସ୍ଥିତ ଥିଲା । ରାମାୟଣରେ ଏ ନଗରର ଉଲ୍ଲେଖ ଅଛି । ଏହା ପ୍ରୟାଗଠାରୁ ୨୨ମାଇଲ ଉତ୍ତର ପଶ୍ଚିମରେ ଅବସ୍ଥିତ । ଏକ ସମୟରେ ଏଠାରେ ବୌଦ୍ଧ ସମ୍ପ୍ରଦାୟର ମଠର ସ୍ଥାନ—ବିଶ୍ୱକୋଷ ।]

ଶୃଙ୍ଗମୋହୀ—ସଂ. ବି (ଶୃଙ୍ଗ=କାମୋଦ୍ରେକାର୍ଥ+ମୁହ ଧାତୁ+କର୍ତ୍ତୃ
Śṛungamohī ଇନ୍; ୧ମା. ୧ବ)—ଚମ୍ପକ ବୃକ୍ଷ—
The Champaka tree. (Apte).

ଶୃଙ୍ଗାଟ—ସଂ. ବି (ଶୃଙ୍ଗ+ଅଟ୍ ଧାତୁ+କର୍ତ୍ତୃ. ଅ)—୧ । ଜଳ-
Śṛungāṭa କଣ୍ଟକ; ସିଙ୍ଘଡ଼ା—1. Water chestnut, Trapa Bispinosa. ୨ । ଚତୁଷ୍ପଥ; ଚତୁର୍ବସ୍ତ୍ର; ଦୁଇଟି ରାସ୍ତାର ଛକ—2. The place where two roads cross. କାମାଖ୍ୟା (ଆସାମ) ଦେଶସ୍ଥ ପର୍ବତ ବିଶେଷ—3. Name of a mountain in Assam. [ଦ୍ର—କାଳିକା ପୁରାଣରେ ଉକ୍ତ ହୋଇଅଛି ଯେ, ହିମାଳୟରୁ ଜଳ୍ପ ଦୀପ ନାମକ ନଗର ପର୍ଯ୍ୟନ୍ତରେ ଏ ପର୍ବତ ଅବସ୍ଥିତ; ଏହି ପର୍ବତରେ ମହାଦେବଙ୍କର ଏକ ଲିଙ୍ଗମୂର୍ତ୍ତି ପ୍ରତିଷ୍ଠିତ; ସିଦ୍ଧ ଜିଷ୍ଣୋହାଟ ନାମରେ ଗୋଟିଏ ଦକ୍ଷିଣସାଗରଗାମିନୀ ନଦୀ ଏ ପର୍ବତରୁ ବାହାରି ଅଛି; ଏ ନଦୀରେ ସ୍ନାନ କରି ସାର ଶୃଙ୍ଗାଟକ ପର୍ବତ ଆରୋହଣ କରି ତହିଁରେ ଲିଙ୍ଗଙ୍କ ପୂଜା କଲେ ଶିବଲୋକ ପ୍ରାପ୍ତି ହୁଏ—ବିଶ୍ୱକୋଷ ।]

ଶୃଙ୍ଗାଟ(ଟି)କ—ସଂ. ବି (ଶୃଙ୍ଗାଟ+କ)—୧ । ଚତୁଷ୍ପଥ; ଛକ (ବିଶ୍ୱ-
Śṛungāṭ(ṭi)ka କୋଷ)—1. Cross road. ୨ । ସିଂଘଡ଼ା—2. Water chestnut; Trapa Bispinosa. ୩ । ଭର୍ଜିତ ପକ୍ୱ ମାଂସଖଣ୍ଡ ପୂର୍ଣ୍ଣ ସିଂଘଡ଼ା ଆକାରର ଖାଦ୍ୟ—3. A kind of Sanduich. ୪ । ମସ୍ତକ ମଧ୍ୟରେ ନାସିକା, କର୍ଣ୍ଣଦ୍ୱୟ, ଚକ୍ଷୁର୍ଦ୍ୱୟ ଓ ଜିହ୍ୱାର ଶିରାମାନଙ୍କ ସଙ୍ଗମସ୍ଥଳ; ଶରୀରର ମର୍ମସ୍ଥଳ ବିଶେଷ (ବିଶ୍ୱକୋଷ)—4. Name of a vital part inside the head. [ଦ୍ର—ଏହି ମର୍ମ ବିଦ୍ଧ ହେଲେ ତତ୍କ୍ଷଣାତ୍ ମୃତ୍ୟୁ ଘଟେ—(ବିଶ୍ୱକୋଷ) ।] ୫ । ଗୋକ୍ଷୁର (ବିଶ୍ୱକୋଷ)—5. Tygophillae; Tribulus Terestris.

ଶୃଙ୍ଗାର—ସଂ. ବି—(ଶୃଙ୍ଗ=ପ୍ରାଧାନ୍ୟ; କାମୋଦ୍ରେକ+ଋ ଧାତୁ=
Śṛungāra ପାଇବା+କର୍ତ୍ତୃ. ଅ)—୧ । ସୁରତ; ରତିକ୍ରିୟା, ରମଣ—1. Copulation; coition. [ଦ୍ର—ସାହିତ୍ୟଦର୍ପଣକାର ଲେଖିଅଛନ୍ତି ଯେ ଶୃଙ୍ଗ=କାମୋଦ୍ରେକ ବା ମନ୍ମଥୋଦ୍ଭେଦ+ଆର=ଆଗମ; ଅର୍ଥାତ୍ କାମୋଦ୍ରେକର ଆଗମକୁ ଶୃଙ୍ଗାର ବୋଲାଯାଏ ।] ୨ । ଶୃଙ୍ଗାର ରସ; ଆଦ୍ୟ ରସ—2. The sentiment of love as expressed in fiction; amorous pasions. [ଦ୍ର—ରତି ଓ ଅନୁରାଗ ଏହାର ସ୍ଥାୟୀ ଭାବ, ନାୟକ ନାୟିକା ଆଲମ୍ବନ, ଚନ୍ଦ୍ର ଚନ୍ଦନାଦି ଉଦ୍ଦୀପନ, ଭ୍ରୂକ୍ଷେପ-କଟାକ୍ଷାଦି ଅନୁଭାବ । ଏହା ସମ୍ଭୋଗ ଓ ବିପ୍ରଲମ୍ଭ ଭେଦରେ ଦ୍ୱିବିଧ ।] ୩ । ଗଜଭୂଷଣ; ହସ୍ତୀର ମସ୍ତକରେ ସିନ୍ଦୂରାଦି ରଞ୍ଜିତ ରୂପ ରଚନା—3. The marking or painting of the head of an elephant with vermillion. ୪ । ଲବଣ—4. salt. ୫ । ସିନ୍ଦୂର—5. Vermilion. ୬ । ସୁଗନ୍ଧ ଚୂର୍ଣ୍ଣ—6. Scented powder. ୭ । ବେଶ ବିନ୍ୟାସାର୍ଥ ବ୍ୟବହୃତ ଚୂର୍ଣ୍ଣ—7. Toilet powder. ୮ । ଅର୍ଦ୍ରକ; ଅଦା—8. Ginger. ୯ । ଲବଙ୍ଗ—9. Cloves; ୧୦ । ନାଟ୍ୟ; ନାଟ୍ୟରସ—10. The art of dancing. ୧୧ । ରାଜମସ୍ତକରେ ସିନ୍ଦୂର ଆଦି ବେଶ ରଚନା—11, Toilet of a king. ଦେ. ବି—୧୨ । ଅଗୁରୁ [ବିଶ୍ୱକୋଷ]—12 Eaglewood. ୧୩ । ସୁବର୍ଣ୍ଣ [ବିଶ୍ୱକୋଷ]—13 . Gold. ଦେ. ବି—ଜଗନ୍ନାଥଙ୍କ ବଡ଼ସିଂହାର ବେଶ—Lord Jagannath's last dressing before rest for the right.

ଶୃଙ୍ଗାରକ—ସଂ. ବି—(ଶୃଙ୍ଗ+ଆରକ)—ସିନ୍ଦୂର—
Śṛungāraka Vermillion; red lead.
[ଶୃଙ୍ଗାର ଭୂଷଣ—ଅନ୍ୟରୂପ]
ବିଶ.—ଶୃଙ୍ଗବିଶିଷ୍ଟ—Horned.

ଶୃଙ୍ଗାର ଜନ୍ମା—ସଂ. ବି—(ବହୁବ୍ରୀହି, ଶୃଙ୍ଗାର+ଜନ୍ମନ୍; ୧ମା.
Śṛungāra janmā ୧ବ)—ମଦନ; କାମଦେବ (ବିଶ୍ୱକୋଷ) Cupid.

ଶୃଙ୍ଗାରଣ—ସଂ. ବି—ରୂପଯୌବନସମ୍ପନ୍ନା ସ୍ତ୍ରୀଙ୍କୁ ଅବଲୋକନ କରି
Śṛungāraṇa ବିଳାସ ବିଭ୍ରମଦ୍ୱାରା ପୁରୁଷର କାମୁକତ୍ୱ ପ୍ରଦର୍ଶନ (ଶବ୍ଦକୋଷ)—Amorous outward expression of a man on seeing a beautiful and young lady.

ଶୃଙ୍ଗାର ପ୍ରିୟ—ସଂ. ବିଣ. ପୁଂ—୧ । ରତିପ୍ରିୟ; କାମୁକ—
Śṛungāra priya 1. Very fond of copulation; [ଶୃଙ୍ଗାର ପ୍ରିୟା—ସ୍ତ୍ରୀ] amorous. ୨ । ବେଶପ୍ରସାଧନ-ପ୍ରିୟ; ବସିଆ—2. Fond of toilet; foppish.

ଶୃଙ୍ଗାର ବେଶ(ସଜ୍ଜା)—ସଂ.ବି—(ଶୃଙ୍ଗାର ଜନ୍ୟ ସୁବେଶ, ମ. ପ. ଲୋ)
Śṛungāra beśa (sajjā) ୧ । ନାୟିକନାୟିକାଙ୍କର ମିଳନର ଉପଯୁକ୍ତ ସାଜସଜ୍ଜା—1. Toilet and dress suited for amorous encounters. ୨ । ଦେବ ପ୍ରତିମାମାନଙ୍କର ସୁନ୍ଦର ବେଶ ଧାରଣ (ଶବ୍ଦକୋଷ) 2. Equipment of idols. ଦେ. ବି—ଜଗନ୍ନାଥଙ୍କ ବଡ଼ସିଂହାର ବା ରାତ୍ରିକାଳୀନ ବେଶ—Lord Jagannātha's last dress before retiring at night. [ଦ୍ର—ଭକ୍ତଗଣଙ୍କ ବିଶ୍ୱାସ ଯେ, ଭଗବାନ୍ ଶୃଙ୍ଗାର ବେଶରେ, ଅର୍ଥାତ୍ ଶୃଙ୍ଗାରୋଚିତ ସଜ୍ଜାରେ, ସଜ୍ଜିତ ହୋଇ ଭକ୍ତବର୍ଗଙ୍କ ସହିତ ରାତ୍ରିଯାପନ କରନ୍ତି । ବୃନ୍ଦାବନର ଗୋବିନ୍ଦଙ୍କ, କାଶୀର ବିଶ୍ୱନାଥ, ବାବା ବୈଦ୍ୟନାଥ, ତାରକେଶ୍ୱର, ପୁରୀର ଜଗନ୍ନାଥ, ସତ୍ୟବାଦୀର ଗୋପୀନାଥଙ୍କର ରାତ୍ରିରେ ଶୃଙ୍ଗାର ସଜ୍ଜା (ବଡ଼ସିଂହାର ବେଶ) ପରେ ପହଡ଼ ହୁଏ ଓ କବାଟ ବନ୍ଦ ହୁଏ—ଶବ୍ଦକୋଷ ।]

ଶୃଙ୍ଗାର ଯୋନି—ସଂ.ବି—(ବହୁବ୍ରୀହି; ଶୃଙ୍ଗାର+ଯୋନି—ଉତ୍ପତ୍ତିସ୍ଥାନ)
Śṛungāra joni ମଦନ; କାମଦେବ—God Cupid.

ଶୃଙ୍ଗାର ରସ—ସଂ. ବି—ଆଦି ରସ—
Śṛungāra hāra The sentiment of love.

ଶୃଙ୍ଗାରହାର—ସଂ. ବି—ଶିଉଳିଫୁଲ; ସେଫାଳିକା; ଗଙ୍ଗଶିଉଳିଫୁଲ—
Śṛungāra rasa Nictanthes Arbortristes flower.

ଅନ୍ୟ ସଂ. ନାମ—
ସେଫାଳିକା, ଶେଫାଳୀ(ଳ),
ଶିଫାଳ, ଶିଫାଳିକା, ସୁବହା,
ରଜନୀହାସା, ଶୁକ୍ଲାଙ୍ଗୀ,
ଭୂଶିପୁଷ୍ପିକା, ରକ୍ତବୃନ୍ତା, ବିଜୟା,
ଶୀତମଞ୍ଜରୀ
ତେ. ପଗଡ଼ମଲ୍ଲୀ
ମ. ପାଁଢରୀ କଣ୍ଟୀ
ତା° ମଡଜ଼ପ
ସାହିର, শিওলিহার, শিহর
শিউলী ফুল

[ଦ୍ର—ଏହି ଫୁଲ ରାତିରେ ଫୁଟି ସକାଳେ ଗଛରୁ ମଳିନ ହୋଇ ପଡ଼େ । ଏହି ଫୁଲର ବୃନ୍ତ ଧଳା ପାଖୁଡ଼ା ଓ ଡେମ୍ଫ ହଳଦିଆ ମିଶା ଲାଲ ବା ନାରଙ୍ଗି; ସୂର୍ଯ୍ୟକିରଣ ଲାଗିଲେ ଏ ଫୁଲ ଝାଉଁଳି ପଡ଼େ । ଏହା ବର୍ଷା ଋତୁରେ ଓ ବର୍ଷା ଶେଷରେ ଫୁଟେ । ଏ ଫୁଲ ମଧୁର ଗନ୍ଧ; ଏହି ଫୁଲର ଡେମ୍ଫକୁ ଶୁଖାଇ ପାଣିରେ ଚକଟିଲେ ନାରଙ୍ଗୀ ରଙ୍ଗ ବାହାରେ ଓ ସେଥିରେ ଲୋକେ ଲୁଗା ଅଡ଼ ରଙ୍ଗାନ୍ତି । ଏଥିର ଫଳ ଚେପଟା ଓ ଶୁଖିଲେ ଦୁଇଫାଳ ହୋଇ ଫାଟି ଯାଏ ।

ବୈଦ୍ୟଶାସ୍ତ୍ର ମତରେ ଏହା କଟୁ ତିକ୍ତ ରସ, ଉଷ୍ଣବୀର୍ଯ୍ୟ, ରୁକ୍ଷ ଓ ବାତ ଏବଂ କ୍ଷୟ ନାଶକ ଓ ଅଙ୍ଗସନ୍ଧିଗତ ଓ ଗୁହ୍ୟ-ଦେଶଗତ ବାୟୁର ଉପଶମକାରକ । ଏହାର ପତ୍ରର ରସ ମହୁ କମ୍ବା ଚିନି ସଙ୍ଗେ ପିଇଲେ ଜୀର୍ଣ୍ଣ ଜ୍ୱରରେ ବିଶେଷ ଉପକାର ହୁଏ ।]

ଶୃଙ୍ଗାର ହାର ଧବଳ—ସଂ. ବିଣ—ସେଫାଳିକା ଫୁଲପରି ଧଳା—
Śṛungāra hāra dhabaḷa White like the night jessamine.
(ଶୃଙ୍ଗାରହାର ଧବଳା—ସ୍ତ୍ରୀ

ଶୃଙ୍ଗାରାଭ୍ର ବଟିକା—ସଂ. ବି (ବୈଦ୍ୟକ)—ଆୟୁର୍ବେଦୋକ୍ତ ବଟିକା
Śṛungārābhara baṭikā ବିଶେଷ—A pill prepared according to the instructions contained in the Hindu materia medica.
[ଦ୍ର—ଅଭ୍ର ୧୭ ତୋଳା, କର୍ପୂର, ଜାଇତ୍ରୀ, କୁରୁବେଲ, ଗଜପିପ୍ପଳୀ, ତେଜପତ୍ର, ଲବଙ୍ଗ, ଜଟାମାଂସୀ, ତାଳୀଶପତ୍ର, ଦାରୁଚିନି; ନାଗେଶ୍ୱର, କୁଡ଼, ଧାଇ ଫୁଲ, ପ୍ରତ୍ୟେକ ଅଧତୋଳା, ହରିଡ଼ା, ଅଁଳା, ବାହାଡ଼ା ଓ ତ୍ରିକଟୁ ପ୍ରତ୍ୟେକ ଗୁଣ ଅଣା ଓଜନ, ଅଳେଇଚ ଓ ଜାଇଫଳ ପ୍ରତ୍ୟେକ ୧ ତୋଳା, ଗନ୍ଧକ ୧ ତୋଳା, ପାରା ଅଧ-ତୋଳା ଏକତ୍ର ଉତ୍ତମରୂପେ ଚୂର୍ଣ୍ଣ କରି ଜଳରେ ମର୍ଦ୍ଦନ କରିବ ଓ ସିଦ୍ଧ ଗ ପରି ବଟିକା କରିବ । ଏହା ଅଦା ଓ ପାନରସ ସଙ୍ଗେ ସେବନୀୟ । ଏଥିରେ ସବୁ ପ୍ରକାର କାସ, ଯକ୍ଷ୍ମା, କ୍ଷୟରୋଗ ଉପଶମ ହୁଏ ଏବଂ ଏହା ବାଜୀକରଣ ଓ ରସାୟନ ଔଷଧ ପରି ଫଳପ୍ରଦ ।]

ଶୃଙ୍ଗାରୀ—ସଂ. ବି (ଶୃଙ୍ଗାର+ଇନ୍, ୧ମା, ୧ବ)—୧ । ହସ୍ତୀ; ହାତୀ—1. Elephant. ୨ । ଗୁଆଗଛ—
Śṛungāri 2. The betel nut tree; Areca Catechu. ୩ । ମାଣିକ୍ୟ—3. Ruby. ୪ । ଉତ୍ତମ ବେଶ—4. Gay or beautiful dress. ବିଣ. ଶୃଙ୍ଗାର ବଶିଷ୍ଟ—Lascivious; lustful.

ଶୃଙ୍ଗି(ଙ୍ଗୀ)—ସଂ. ବିଣ (ଶୃଙ୍ଗ+ଇ, ଈ)—୧ । ସିଙ୍ଗିମାଛ (ଦେଖ)
Śṛungi(ngi) 1. Śingi māchha (See) ୨ । ସ୍ୱର୍ଣ୍ଣ—2. Gold. ୩ । ଲତା ବିଶେଷ—3. A kind of creeper.

ଶୃଙ୍ଗିକ—ସଂ. ବି (ବୈଦ୍ୟକ)—ଏକ ପ୍ରକାର ଉଦ୍ଭିଜ୍ଜ ବିଷ; ମେଣ୍ଢା
Śṛungika ଶିଙ୍ଗା ମହୁରି; ଅତିବିଷା—A sort of vegitable poison; Aconitum Heterophyllum.
[ଦ୍ର—ଏହି ବିଷକୁ ଗାଈ ଶିଙ୍ଗରେ ବାନ୍ଧିଦେଲେ ଗାଈର ଦୁଧ ରକ୍ତବର୍ଣ୍ଣ ପାଲଟି ଯାଏ । ଏହା ବୃକ୍ଷର କନ୍ଦ ବା ମୂଳ ।]

ଶୃଙ୍ଗିକା—ସଂ. ବି—୧ । କକଡ଼ାଶୃଙ୍ଗୀ (ଶବ୍ଦକୋଷ)—1. Pistacia Integerrimma(tree) ୨ । ଅତିବିଷା (,,)
Śṛungikā 2. Aconite. ୩ । ପିପ୍ପଳୀ (ଶବ୍ଦକୋଷ)—3. Long pepper.

ଶୃଙ୍ଗିଣ(ନ)—ସଂ. ବି—(ଶୃଙ୍ଗ+ଇନ୍)—ମେଷ; ମେଣ୍ଢା—
Śrungina(na) Sheep.

ଶୃଙ୍ଗିଣୀ(ଣି)—ସଂ. ବିଣ (ଶୃଙ୍ଗିନ୍+ଈ)—ଶୃଙ୍ଗୀର ସ୍ତ୍ରୀଲିଙ୍ଗ ବି.—
Śrungini(ni) Feminine of Śrungi. ୧। ଜ୍ୟୋତିଷ୍ମତୀ ଲତା—1. Name of a phosphorescent creeper ୨। ଗାଭୀ; ଗାଈ—2. Cow. ୩। ସ୍ନେହବୃକ୍ଷୀ ବୃକ୍ଷ—3. Name of a tree. ୪। ମଲ୍ଲିକା ଗୁଳ୍ମ—4. Jasmine plant. ୫। ଅତିବିଷା 5. Aconitum Heterophyllum. ୬। କର୍କଟଶୃଙ୍ଗୀ (ଶବ୍ଦକୋଷ)—6. Pistacia Integerimma (tree) ୭। ଅଁଳା (ଶବ୍ଦକୋଷ)—7. Embelic myrobalan. ୮। ମଞ୍ଜିଷ୍ଠା (ଶବ୍ଦକୋଷ)—8 Indian madder. ୯। ପୋଇ (ଶବ୍ଦକୋଷ)—9. Basella (creeper).

ଶୃଙ୍ଗୀ—ସଂ. ବଣ. ପୁଂ (ଶୃଙ୍ଗ+ଇନ୍, ୧ମା, ୧ବ)—ଶୃଙ୍ଗ ବିଶିଷ୍ଟ
Śrungi Horned. ବି—୧। ଶିଖର; ପର୍ବତ—1. Mountain. ୨। ବୃକ୍ଷ—2. Tree ୩। ବଟବୃକ୍ଷ—3. Banyan tree. ୪। ଲତା ବିଶେଷ—4. A kind of creeper ୫। ମୁନି ବିଶେଷ—5. Name of a sage. [ଦ୍ର—ଏ ମୁନି, ଶମୀକ ମୁନିଙ୍କ ପୁତ୍ର; ମହାରାଜ ପରୀକ୍ଷିତ ଶମୀକଙ୍କ ଗଳାରେ ମଲାସାପ ଲମ୍ବାଇଥିବାରୁ ଏ ମହାରାଜଙ୍କୁ ଅଭିଶାପ ଦେଲେ ଯେ ଏକ ସପ୍ତାହ ମଧ୍ୟରେ ତକ୍ଷକ ଦଂଶନରେ ସେ ମୃତ ହେବେ। ଏଥିପାଇଁ ଏ ପିତାଙ୍କ ଦ୍ୱାରା ଭର୍ତ୍ସିତ ହୋଇଥିଲେ। କିନ୍ତୁ ଏହାଙ୍କ ଶାପ ଅବ୍ୟର୍ଥ ହୋଇଥିଲା।] ୬। ହସ୍ତୀ—6. Elephant ୭। ଅତିବିଷା; ଅତୁଶୀ—7. Aconitum Heterophyllum. ୮। ବୃଷ (ଶବ୍ଦକୋଷ)—8. Bull ୯। ଅମ୍ବଡ଼ା ଗଛ (ଶବ୍ଦକୋଷ)—9. Hogplum tree. ୧୦। ମହିଷ—(ଶବ୍ଦକୋଷ)—10. Buffalo. ୧୧। ଶିଙ୍ଗିମାଛ (ଶବ୍ଦକୋଷ)—11. Saccobranchus. Fossilis (fish). ୧୨। ଋଷଭକ (ଶବ୍ଦକୋଷ)—12. A rareherb. ୧୩। ଜୀବକ (ଶବ୍ଦକୋଷ)—13. Another rare herb. ୧୪। ପ୍ଲକ୍ଷ ବୃକ୍ଷ (ଶବ୍ଦକୋଷ)—14. Ficus Infectoria (tree). ୧୫। ମେଣ୍ଢା (ଶବ୍ଦକୋଷ)—15. Ram. ୧୬। ଅଳଙ୍କାର ସୁବର୍ଣ୍ଣ (ଶବ୍ଦକୋଷ)—16. Gold intended for being made into ornaments.

ଶୃଙ୍ଗୀ କନକ—ସ. ବି—ଅଳଙ୍କାରାର୍ଥ ବ୍ୟବହୃତ ସୁବର୍ଣ୍ଣ—
Śrungi kanaka Gold for ornament.

ଶୃଙ୍ଗେରି—ଦେ. ବି (ସ. ଶୃଙ୍ଗଗିରି)—ଦାକ୍ଷିଣାତ୍ୟର ମହୀଶୂର ରାଜ୍ୟର କାଡୁର ଜିଲ୍ଲାର ଅନ୍ତର୍ଗତ ଗୋଟିଏ ଗ୍ରାମ—
Śrungeri Name of a village in Mysore.
[ଦ୍ର—ଏହା ତୁଙ୍ଗାନଦୀତୀରରେ ଅବସ୍ଥିତ—ଶବ୍ଦକୋଷ।]

ଶୃଙ୍ଗେରି ମଠ—ଦେ. ବି—ଶଙ୍କରାଚାର୍ଯ୍ୟଙ୍କଦ୍ୱାରା ପ୍ରତିଷ୍ଠିତ ୪ଟି ମଠ ମଧ୍ୟରୁ
Śrungeri matha ଶୃଙ୍ଗେରିଠାରେ ପ୍ରତିଷ୍ଠିତ ମଠ—One of the 4 maths in India, the one at Śrungeri established by Sankarāchārjya. [ଦ୍ର—ପ୍ରବାଦ ପ୍ରବାଦ ଅଛି ଯେ, ଶୃଙ୍ଗେରିଠାରେ ଏହି ସ୍ଥାନରେ ବିଭାଣ୍ଡକ ଋଷି ତପସ୍ୟା କରୁଥିଲେ ଓ ଋଷ୍ୟଶୃଙ୍ଗ ଜନ୍ମଗ୍ରହଣ କରିଥିଲେ। ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ଏଠାକୁ ଆସି ମଠ ସ୍ଥାପନ କରିଥିଲେ ଓ କାଶ୍ମୀରଠାରୁ ସରସ୍ୱତୀମୂର୍ତ୍ତି (ସାରଦା ଅମ୍ବା)ଙ୍କୁ ଆଣି ଏଠାରେ ପ୍ରତିଷ୍ଠା କରିଥିଲେ। ଏ ମଠର ମହନ୍ତମାନେ ଜଗଦ୍‌ଗୁରୁ ନାମରେ ଖ୍ୟାତ। ତୁଙ୍ଗା ନଦୀର ତଟରେ ଏ ମଠର ଅନେକ ଭୂସମ୍ପତ୍ତି ଅଛି। ଏତଦ୍‌ବ୍ୟତୀତ ମହୀଶୂରର ମହାରାଜ ଏ ମଠର ବ୍ୟୟ ନିର୍ବାହାର୍ଥ ମାସିକ ବୃତ୍ତି ଦିଅନ୍ତି। ଏଠାରେ ଅନେକ ଉତ୍ସବ ହୁଏ ଓ ବହୁ ସହସ୍ର ଲୋକଙ୍କୁ ଭୋଜନ ଓ ଦଣ୍ଡୀ ସନ୍ନ୍ୟାସୀମାନଙ୍କୁ ଟଙ୍କା ଓ ଲୁଗା ଦିଆଯାଏ—ଶବ୍ଦକୋଷ।]

ଶୃଙ୍ଗ୍ୟ—ସ. ବଣ (ଶୃଙ୍ଗ+ଯ)—ଶୃଙ୍ଗ ସଦୃଶ—
Śrungya Like horn; horn-like.

ଶୃଣି—ସ. ବି (ଶୃ ଧାତୁ=ହିଂସା କରିବା+କରଣ. ନି)—ଅଙ୍କୁଶ;
Śruni ହାତୀ ଅଙ୍କୁଶ—1. An iron hook used for goading elephants.

ଶୃଣ୍ୱନ୍—ସ. ବଣ. ପୁଂ (ଶ୍ରୁ ଧାତୁ+କର୍ତ୍ତୃ. ଅତ୍ [ଶତୃ]=ଶୃଣ୍ୱତ୍ ଶବ୍ଦର
Śrunwan ୧ମା. ୧ବ)—ଯେ ଶୁଣୁଅଛି—One who is (ଶୃଣ୍ୱତୀ—ସ୍ତ୍ରୀ) listening or hearing.

ଶୃତ—ସ. ବଣ (ଶ୍ରା ଧାତୁ=ପାକ କରିବା+କର୍ମ. ତ)—ପାକ କରି
Śruta ଯାଇଥିବା [ଦୁଗ୍ଧ ଘୃତାଦି]—Boiled (milk, ghee etc). ସ. ବି—କ୍ୱାଥ (ଶବ୍ଦକୋଷ)—Decoction.

ଶୃତ କଷାୟ—ସ. ବି (ବୈଦ୍ୟକ)—କ୍ୱାଥ—Decoction.
Śruta kashāya [ଦ୍ର—କୌଣସି ଦ୍ରବ୍ୟକୁ କୁଟି, ତହିଁରେ ୧୬ଗୁଣ ଜଳଦେଇ ମୃଦୁ ଅଗ୍ନିରେ ତାହାକୁ ସିଝାଇ ୮ଗୁଣ ଜଳ ବାକି ଥିବା ଅବସ୍ଥାରେ ଓହ୍ଲାଇ। ତାକୁ ଛାଣିଲେ ଶୃତକଷାୟ ହୁଏ।]

ଶୃତଙ୍କର—ସ. ବି (ଶୃତଂ=କ୍ୱାଥକୁ+କୃ ଧାତୁ+କର୍ତ୍ତୃ. ଅ)—ପାଚକ—
Śrutankara (ଶୃତଙ୍କର୍ତ୍ତ—ଅନ୍ୟରୂପ) Cook.

ଶୃତଶୀତ—ସ. ବଣ—ପାକ କରସାର ଶୀତଳ ହୋଇଥିବା (ଜଳ
Śrutaśita ଆଦି)—(water) Cooled after it is boiled. [ଦ୍ର—ଶୃତ ଶୀତଳ ଜଳ କଫଘ୍ନ, ସନ୍ନିପାତ, ଧାତୁକ୍ଷୟ, ରକ୍ତବିକାର, ରକ୍ତମେହ, ବିଷବିଭ୍ରମ, ପାର୍ଶ୍ୱଶୂଳ, ବାତ, ଉଦରଜ୍ୱର, ତୃଷ୍ଣା ଓ ଅଧ୍ମାନରେ ଉପକାରୀ—ଶବ୍ଦକୋଷ।]

ଶୃଧ୍ (ଧାତୁ)—ସ. କ୍ରି—୧। ଅପାନ ବାୟୁ ତ୍ୟାଗ କରିବା; ପାଦିବା—
Śrudh (root) 1. To pass wind through the anus. ୨। ଓଦା କରିବା (ଶବ୍ଦକୋଷ)—2. To moisten.

ଶ୍ରୁଧୁ—ସଂ. ବ (ଶ୍ରୁଧ୍ ଧାତୁ+କରଣ ଉ)—୧ । ବୁଦ୍ଧି—1. Intelli-
Śrudhu gence. ୨ । ଗୁହ୍ୟଦ୍ୱାର—2. Anus. ସଂ ବଣ—
କୁତ୍ସିତ—Ugly.

ଧାତୁ)—ସ.କ୍ରି—୧ । ହିଂସା କରିବା—1. To envy. ୨ ।
Śṛru (root) ୨ । ବଧ କରିବା—2. To kill.

ଶ୍ରୁପଣ(ନ)ଖା(ଖୀ)—ଗ୍ରା. ବ (ସଂ. ଶୂର୍ପଣଖା)—ଶୂର୍ପଣଖା (ଦେଖ)
Śrupaṇa(na)khā(khi) Śurpaṇakhā (See)

ସେଁ—ଦେ. ଅ—ସେଁ (ଦେଖ)
Señ Señ (See)

ସେଆଳ—ଗ୍ରା. ବ—ଶିଆଳ (ଦେଖ)
Śe-āla Śiyāla (See)

ସେଇ—ବିଦେ. ବ (ଫା. ସ୍ୟାହୀ)—ଶିଅଳ; କାଳି; ସ୍ୟାହି; ମସୀ—Ink.
Śei কালী स्याही

ସେଇ ଘଡ଼ି—ଦେ. ବ—ଦୁଆତ; କାଳି ଦୁଆତ; ମସୀ ପାତ୍ର—Inkpot.
Śei ghaṛdi দোয়াত दवात
(ସେଇ ଦୁଆତ—ଅନ୍ୟରୂପ)

ସେଉ—ଦେ. ବ—ସେଓ (ଦେଖ)
Śeu Śeo (See)

ସେଉଳ—ଦେ. ବ (ସଂ. ଶକୁଳ)—ସେଉଳ ମାଛ; ଶକୁଳ (ଦେଖ)
Śe-ula শোল মাছ सौरी Śakula (See)
(ଶଉଳ—ଅନ୍ୟରୂପ) [ଉ—କେତେ ଶୁଣିଛି ସେଉଳ ପାଇଁ—ଭଗ;
କେତେ ଶୁଣି ସେଉଳ ପାଇବା କଥା—ପ୍ରବଚନ ।]

ସେଉଳ କଡ଼ା(ଖଡ଼ା)—ଦେ. ବ—୧ । ଛୋଟ ସେଉଳ ମାଛ—1. A
Śeula kaṛdhā(khaṛdā) small Śeula fish. ୨ ।
শোল মাছের বাচ্চা ସେଉଳଠାରୁ ହିଁ ସାନ ଏକପ୍ରକାର
छोटी सौरी ମାଛ—2. A sort of fish smaller
than Śeula.
(ସେଉଳ କାଢ଼ିଆ, ସେଉଳଖଡ଼ା—ଅନ୍ୟରୂପ)

ସେଉଳ ଡାଙ୍ଗିଆ—ପ୍ରାଦେ (ଯାଜପୁର) ବ—ସେଉଳ କଡ଼ା (ଦେଖ)
Śeula dāṅgiā Śeula kaṛdhā (see)

ସେଓ—ଦେ. ବ (ସଂ. ସେବ)—ସେଉ; ଶିଓ; ଶିଉ; କାବୁଲଫଳ-
Śeo ବଶେଷ; ଅପେଲ—The Himalayan apple.
আপেল, সেও सेब

ସେକ(କା) (ଇତ୍ୟାଦ)—ଦେ. ବ. ଓ ବଣ—ସେକ(କା) ଇତ୍ୟାଦ (ଦେଖ)
Śeka(kā)etc Śeka(kā) etc (See)

ସେକେତି—ଗ୍ରା. ବ (ସଂ. ଶକ୍ତି)—୧ । ଶିବଲିଙ୍ଗର ଶକ୍ତି—
Śeketi 1. The representation of the female
organ in the image of Śiba. [ଉ—
ସେକେତି ଅଛି, ଲିଙ୍ଗ ବୁଡ଼ିଛି, ଠାକୁର ଯଲୁଚି ବେଙ୍ଗ
ଧରିଛି—ଜାଅଁ ଦଅ; ପ୍ରଶ୍ନ ।] ୨ । ଶକ୍ତି; ବଳ;
ସାମର୍ଥ୍ୟ; ପରାକ୍ରମ—2. Power; might; capabi-
lity; potency,

ସେଖ (ଇତ୍ୟାଦ)—ବିଦେ. ବ—ସେଖ ଇତ୍ୟାଦ (ଦେଖ)—
Śekh (etc) Sekh etc (see)

ଶେଖର—ସଂ. ବ (ଶିଖ୍ ଧାତୁ=ଗମନ କରିବା+କର୍ତ୍ତୃ. ଅର)—
Śekhara ୧ । ଶିଖା; ଚଡ଼ା—1. Top; ୨ । ମୌଳି; ମସ୍ତକ;
ମୁଣ୍ଡ—2. Head. ୩ । କିରୀଟ; ମୁକୁଟ—3. Diadem;
turban; headdress; crown. ୪ । କିରୀଟସ୍ଥ
ପୁଷ୍ପ—4. Flower worn on the diadem.
୫ । ଶିରୋସ୍ଥିତ ମାଳା—5. Chaplet worn on the
head. ୬ । ଶିରୋଭୂଷଣ—6. An ornament
for the head. (ଉ—ଯାଚକ ତୋ ପଦପଙ୍କଜର,
ସ୍ୱମତ ଗଡ଼ଅଛି ମୋ ଶେଖର ରେ—କବିସୂର୍ଯ୍ୟ. କଳୋଜ-
ଓମ୍ପ, ୨ ଗୀତ ।) ୭ । ଶୃଙ୍ଗ (ବଶ୍ୱକୋଷ) (ଦେଖ)
7. Sṛunga (see) ୮ । ଲବଙ୍ଗ (ବଶ୍ୱକୋଷ)—
8. Clove. ୯ । ସଜନା ମଳ (ବଶ୍ୱକୋଷ)—
9. The root of Moringa tree. ସଂ. ବଣ—
ଶ୍ରେଷ୍ଠ—Chief. (ଉ—ସୁରଥ ପୁଅ କୋଟୀଶ୍ୱର
ନାମ ମୋର, ଜାଣ ଅଟେ ନାୟକମାନଙ୍କ ଶେଖର—
କୃଷ୍ଣସିଂହ. ମହାଭାରତ. ବନ ।)

ଶେଖରୀ—ସଂ. ବ (ଶେଖର+ଈ)—ମଲଙ୍ଗ (ବଶ୍ୱକୋଷ)—
Śekhari Parasitic plant.

ସେଜ(ଯା)—ଦେ. ବ (ସ. ଶଯ୍ୟା)—୧ । ଶଯ୍ୟା—1. Bed. [ଉ.
Śeja(jā) ରଚନର ସମ୍ବନ୍ଧୀ ସେଜରେ ସୁପାଡ଼—କୃଷ୍ଣସିଂହ
বিছানা बिछौना ମହାଭାରତ] ୨ । ଲେପ; ତୁଳାଦିଆ ବଲଣା
লেপ तोशक ମୋଟା ବେଲେଇ—2. A cushioned, bed;
a thick quilt. ବିଦେ. ବ—୩ । (ଇଂ.ସେଡ୍)
କାଚର ଫଣସ—3. Candle lamp; glass lamp;
with a shade.

ସେଜ ଉଠା(ଠେ)ଇବା—ଦେ. କ୍ରି—ଶଯ୍ୟାକୁ ଗୁଡ଼ାଇଦେବା—
Śeja uṭhā(the)ibā To lift up the bed.
বিছানাতোলা बिछावनउठाना (ସେଜ ଟେକିବା—ଅନ୍ୟରୂପ)

ସେଜ ଖୋଲ—ଦେ. ବ—ଲେପର ଖୋଲ; ତୁଳାଦିଆ ସେଜ ଉପରେ
Śeja khola ଦ୍ୱାରା ପରଲା ଦେବାନିମିତ୍ତ ବୋଲ ଦରି ଉପରେ
লেপেরতোল रजाईकाखोल ପ୍ରସ୍ତୁତିବା ଲୁଗାର ଗୁଣି—A
covering or envelop for a quilt;

ସେଜଗଦି—ଦେ. ବ (ସଦରର)—ପାତଳା ଓ ମୋଟା ସେଜ—
Śeja gadi Quilt and cushion.
মোটালেপ मोटीरजाई, तोशक

ସେଜ ପକା(କେ)ଇବା—ଦେ. କ୍ରି—ଶଯ୍ୟାରଚନା କରିବା—
Śeja paka(ke)iba To prepare or lay the bed,
[ସେଜ ପାର(ର)ବା—ଅନ୍ୟରୂପ] বিছানাপাতা बिछौना बिछना

ସେଜପକା(ଡ଼ା)—ଦେ. ବ—୧ । ସେଜ ଉପରେ ପକାଯିବା ଚଦର—
Śejapakā(ṛdā) 1. Bedsheet. ୨ । ସେଜ
বিছানাচাদর बिछौनेकाचादर ପକାଇବା କ୍ରିୟା—
বিছানা পাতা बिछौना बिछाओ 2. Spreading of the
bed.

ସେଜ ପଡ଼ିବା—ଦେ. କ୍ରି—ଶଯ୍ୟା ଶୟନାର୍ଥେ ସଜ୍ଜିତ ଓ ବିସ୍ତୃତ ହେବା—
Śeja paṛibā The spreading of the bedding.
বীছানাপাতাহওয়া, বিছানাপড়া बिछौनाबिछाव [ଯଥା—ସାଥିଙ୍କ
ସାଥିଆଣିଙ୍କ ପାଇଁ ଅଣ୍ଟା ଏ ବକୁଳରେ ସେଜ ପଡ଼ିଛି,
ତଥାପି ତାଙ୍କୁ ଭଦ ହେବାକୁ ନାହିଁ]

ସେଜ ମାଣ୍ଡି (ତକିଆ)—ଦେ. ବି (ସମାହାର)—ସେଜ ଓ ମୁଣ୍ଡିଆ—
Śeja māṇḍi (takiā) Bed and pillow.
লেপবালিস तोषक तकिया

ସେଜ ବିଛଣା—ଦେ. ବି (ସମାହାର)—ଶଯ୍ୟାଦି—
Śeja bichhaṇā Beddings.
লেপ বিছানা तोषक बिछौना

ସେଜ ବିଛା(ଛେ)ଇବା—ଦେ. କ୍ରି—ସେଜ ପକାଇବା (ଦେଖ)
Śeja bichhā(chhe)ibā Śeja pakāibā (See)

ସେଜ ଲଗା—ଦେ. ବି ଓ ବିଣ—କତରାଲାଗି (ଦେଖ)
Śeja lagā Katarālāgi (See)

ସେଜ ଲାଗି—ଦେ. ବିଣ (ସଂ. ଶଯ୍ୟାଲଗ୍ନ)—୧। ଶଯ୍ୟାଗତ—
Śeja lāgi Confined to bed. ୨। ନିଦ୍ରିତ—
শয্যাগত शय्यागत 2. Sleeping; asleep.

ସେଜ ସେ(ସ)ଜା(ଜେ)ଇବା—ଦେ. କ୍ରି—୧। ସେଜ ପକାଇବା—
Śeja se(sa)jā(je)ibā 1. To lay the bed. [ଯଥା—ଫୁଲ
বিছানা পাতা बिछौना बिछाना ତଳପ ସେଯାଇ,
ଦେବାର କୋମଳ ଯାଇ—କବିସୂର୍ଯ୍ୟ ସଙ୍ଗୀତ ।]
୨। ଶଯ୍ୟାକୁ ପୁଷ୍ପାଦିରେ, ସଜ୍ଜିତ କରିବା—2. To decorate or furnish the bed with flowers.
[ଯଥା—ମାଘରେ ମାଧୋଇ ଆସିବେ ବୋଲି, ସେଜ ସେଜାଇଲି
ପାଖୁଡ଼ା ମଲ୍ଲି, ମୋ ଚାନ୍ଦୁ ରେ—ବାରମାସୀ
ଗୀତ ।]

ସେଜା(ଜେ)ଇବା—ଦେ. କ୍ରି—୧। (ସଂ. ଶଯ୍ୟା)—ଶଯ୍ୟାକୁ ବିଛାଇବା
Śejā(je)ibā —1. To spread the bedding.
বিছানা পাতা बिछौना बिछाना ୨। (ସଂ. ସଜ୍ଜା)—
সাজান सजाना ସଜ୍ଜିତ କରିବା; ସଜାଇବା—
2. To furnish; to fit up. [ଯଥା—ଗଛ ପତ୍ରକ
ମନ ! ସେଜାଇ ଶୋଇ—ମନ ବୋଧ ଚଉତିଶା ।]

ସେଜ୍ୟା—ଗ୍ରା. ବି (ସଂ. ଶଯ୍ୟା)—ଶଯ୍ୟା (ଦେଖ)—
Śejyā Śajyā (See)

ସେଠ—ଦେ. ବିଣ (ସଂ. ଶ୍ରେଷ୍ଠ)—ଶ୍ରେଷ୍ଠ; ପ୍ରଧାନ—Chief;
Śeṭha principal. ଦେ. ବି. ପୁଂ (ସଂ. ଶ୍ରେଷ୍ଠୀ)
শেঠ सेठ ୧। ବଡ଼ ବଣିକ—1. A big merchant.
୨। ବୈଶ୍ୟଙ୍କ ବଂଶୋପାଧିବିଶେଷ—2. A family
title of Baiśyas. ୩। ଧନୀ—3. A rich
man. ୪। ଲକ୍ଷପତି—4. A millionair.
[ଦ୍ର—ଭାରତର ଉତ୍ତର ଓ ପଶ୍ଚିମ ପ୍ରଦେଶମାନଙ୍କର ବଣିକ-
ମାନଙ୍କ ନାମ ପୂର୍ବରେ ସେଠ ଉପାଧି ଲଗେ । ଯଥା—
ସେଠ ଦୁଲଭଚନ୍ଦ ।] ୫। ସିଠ ଇତ୍ୟାଦି (ଦେଖ)—
5. Siṭha etc. (See)

ସେଠ(ଠି)କରଣ—ଦେ. ବି (ସଂ. ଶ୍ରେଷ୍ଠ+କରଣ)—୧। ଗଞ୍ଜାମ,
Śeṭha(ṭhi) karaṇa କୋରାପୁଟ ଓ ବିଶାଖାପାଟଣା
শেঠকরণ सेठकरन ଜିଲ୍ଲାର ହିନ୍ଦୁ ଜାତିବିଶେଷ—
1 The name of a Hindu caste in the districts of Ganjam, Koraput and Vizag.
[ଦ୍ର—ଏହି ଜାତିର ଜଣେ ବ୍ୟକ୍ତିଙ୍କଠାରୁ ଏମାନଙ୍କ
ସମ୍ବନ୍ଧେ ଉଲ୍ଲିଖିତ ତଥ୍ୟମାନ ଏ ଗ୍ରନ୍ଥର ସଂଗ୍ରାହକଦ୍ୱାରା
ସଂଗୃହୀତ ହୋଇଅଛି । ତାଙ୍କ ନାମ କଣ୍ଡ ମାହାନ୍ତି ସୂର୍ଯ୍ୟ
ନାରାୟଣ । ଏ ଓ ଏହାଙ୍କ କୁଳ ଲୋକ ଗଡ଼ଗଡ଼ପୁରଠାରେ
ବେଙ୍ଗଲ ନାଗପୁର ରେଲୱେର ଚାକିରି କରନ୍ତି । ଏମାନେ
ପୂର୍ବକାଳରେ କଟକ ଅଞ୍ଚଳର ଶ୍ରୋତ୍ରିୟ ବା ଶାସନୀ
ବ୍ରାହ୍ମଣ ଥିଲେ ଓ ଏମାନେ ବ୍ରାହ୍ମଣମାନଙ୍କର ପଞ୍ଚଗୌଡ଼
ଶାଖା ମଧ୍ୟରୁ ଏକ ଶାଖା । ବିଜୟନଗରର ମହାରାଜା
ଏମାନଙ୍କ ପୂର୍ବପୁରୁଷମାନଙ୍କୁ ପ୍ରାୟ ୩୦୦ ବର୍ଷ ତଳେ
କଟକ ଓ ପୁରୀ ଅଞ୍ଚଳରୁ ନେଇ ଭୂମି ବୃତ୍ତି ଦାନ କରି ଏମାନଙ୍କୁ
ବିଶାଖାପାଟଣା ଅଞ୍ଚଳରେ ଉପନିବେଶୀ କରାଇଥିଲେ ।
ଏମାନଙ୍କ ଲେଖାପଢ଼ାରେ ପାରଙ୍ଗମତା ଯୋଗୁଁ ଏମାନଙ୍କୁ
ବିଜୟନଗରର ମହାରାଜ 'ଶ୍ରେଷ୍ଠ କରଣ' (ଦାକ୍ଷିଣାତ୍ୟରେ
ଗ୍ରାମର ରାଜସ୍ୱ ହିସାବ ପତ୍ର ରଖିବା ବ୍ୟକ୍ତିଙ୍କୁ କରଣମ୍
ବୋଲାଯାଏ) ଉପାଧି ଦେଇଥିଲେ । ଏମାନେ ବେଦୋକ୍ତ
ବିଧିରେ ବ୍ରତ (ଉପନୟନ) ହୁଅନ୍ତି । ଏମାନଙ୍କ ପୂର୍ବପୁରୁଷ
କେହି କେହି ଅଗ୍ନିହୋତ୍ରାଦି ଯଜ୍ଞ କରିଥିଲେ । ସମ୍ଭବତଃ
ଏମାନେ ସାମ ବେଦୀୟ ବ୍ରାହ୍ମଣ । ଏମାନେ ଓଡ଼ିଆ
ଭାଷାରେ କଥାବାର୍ତ୍ତା କରନ୍ତି । ସ୍ଥାନୀୟ ଓଡ଼ିଆ
କରଣମାନଙ୍କ ସଙ୍ଗେ ଏମାନଙ୍କ ବିବାହ ଓ ଏକତ୍ର ଭୋ-
ଜନ ହୁଏ ନାହିଁ । ଏମାନଙ୍କ ସ୍ତ୍ରୀମାନେ ତେଲଙ୍ଗା-
ମାନଙ୍କର ବେଶଭୂଷା ସମ୍ପୂର୍ଣ୍ଣରୂପେ ଅନୁକରଣ କରି
ଅଛନ୍ତି । ଏମାନଙ୍କ ମଧ୍ୟରେ ପ୍ରଚଳିତ ଓଡ଼ିଆଭାଷା ତେଲ-
ଗୀୟ ସମ୍ପର୍କଦ୍ୱାରା ବିକୃତ ହୋଇ ଥିଲେହେଁ ତାହା ମୂଳତଃ
ଓଡ଼ିଆଭାଷା ଅଟେ । ଏମାନଙ୍କ ମଧ୍ୟରେ 'ଦକ୍ଷିଣେ ମାତୁଳଃ
କନ୍ୟା' ବଚନ ଅନୁସାରେ ମାମୁଁଙ୍କ ଝିଅ ଭଉଣୀକୁ ବିବାହ
କରିବା ଚଳେ ଓ ବାଲ୍ୟ ବିବାହ ମଧ୍ୟ ଚଳେ । କନ୍ୟା
୫ ବର୍ଷଠାରୁ ୮ ବର୍ଷ ମଧ୍ୟରେ ବିବାହିତା ହୁଏ ।
ଲେଖକଙ୍କ ସମ୍ବାଦଦାତା କହିଲେ ଯେ ବିଜୟନଗରର
ରାଜା ୩ ଜଣ ବ୍ରାହ୍ମଣ ପରିବାରକୁ ଓଡ଼ିଶାରୁ ନେଇଥିଲେ ।
ବଇଦିକିଆ (ତେଲୁଗୁ) ଜାତୀୟ ବ୍ରାହ୍ମଣଙ୍କ ସଙ୍ଗେ ମଧ୍ୟ
ଏମାନଙ୍କର ବର୍ତ୍ତମାନ ସାମାଜିକ ସମ୍ବନ୍ଧ ନାହିଁ । ଏମାନଙ୍କ
ଘରେ ସ୍ତ୍ରୀମାନେ ଓଡ଼ିଶା ପ୍ରଚଳିତ ବ୍ରତ, ଉପବାସ, ଓଷା
ପାଳନ କରନ୍ତି । ଏମାନଙ୍କର ଶୁଦ୍ଧି ଶୌଚ ଓଡ଼ିଆମାନଙ୍କର
ଶୁଦ୍ଧି ଶୌଚ ଅନୁସାରେ ଚଳେ । ଗଞ୍ଜାମ ବ୍ରହ୍ମପୁରରୁ ଓଡ଼ିଆ
ପୁରୋହିତମାନେ ଯାଇ ଏମାନଙ୍କର ବ୍ରତ ବିବାହାଦିରେ
ପୌରୋହିତ୍ୟ କରନ୍ତି । ଏମାନଙ୍କର ପୁରୁଷମାନଙ୍କ-
ନାମର ପ୍ରଥମେ ବଂଶଗତ ଉପାଧି ଓ ପରେ ନାମ ଲେଖା-
ଯାଏ ।]

୨ । ଶିଠ କରଣ; ଶିଠ ଓ କରଣ; ରାଜାଙ୍କ ଭୃଣ୍ଡାର ଓ ଶମାରରେ ଦଥ ଜଥ ତତ୍ତ୍ୱାବଧାରଣ କରିବା କର୍ମଚାରୀ ଏବଂ ଅସୃତ୍ୟସୃର ହିସାବ ରକ୍ଷକ କର୍ମଚାରୀ ଦୁହେଁ ।—2. Two officers of a king's household and granary.

ଶେଠାଳଅ—ଦେ. ବଣ—ଶିଠାଳଅ (ଦେଖ)
Ṣethālia Ṣithālia (See)

ଶେଠ ପାଞ୍ଜିଆ—ଦେ. ବ—ଯେଉଁ ଗୁମାସ୍ତା ପାଖରେ ସମସ୍ତ ହିସାବପତ୍ର Ṣetha pāñjia ରହିଥାଏ; ସର୍ବପ୍ରଧାନ ହିସାବ ରକ୍ଷକ—The
ବড়গোমাস্তা **प्रधानगुमास्ता** head accountant. [ଦ୍ର- ତାଲୁକା ଜଣା ହନଠାରୁ ମହାନ୍ତିଏ ଶେଠ ପାଞ୍ଜିଅ କାମରେ ଅଛନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ]

ଶେଠ ସାଉ(ହୁ)କାର—ଦେ. ବ (ଏକାର୍ଥକ ସବ୍ଦର)—୧ । ଧନୀ
Ṣetha sāu(hu)kāra ବଣିକ—1. A rich merchant;
ধনী মহাজন **सेठ साहुकार** a banker. ୨ । (ଉଭାର୍ଥକ ସବ୍ଦର)—ବଣିକ ଓ ଋଣଦାତା—2. Merchant and money-lender.

ଶେଠି—ଦେ. ବ. ପୁଂ (ସଂ. ଶ୍ରେଷ୍ଠୀ=ବଣିକ୍)—ଧୋବାଙ୍କ ବଂଶୋପାଧି-
Ṣethi Family-title of washermen.
(ଶେଠିଆଣୀ—ସ୍ତ୍ରୀ) [ଦ୍ର—ସମାଜର ଅତ୍ୟାବଶ୍ୟକ ଜାତି
ধোপা **धोबी** ସେବାକର୍ମକାରୀମାନଙ୍କପ୍ରତି ସମ୍ମାନସୂଚକ ବୈଶ୍ୟଜ ଉପାଧିମାନଙ୍କ ପ୍ରୟୋଗ ଦେଖି ଅନୁମିତ ହୁଏ ଯେ, ଉଚ୍ଚବର୍ଣ୍ଣର ଲୋକେ ସେମାନଙ୍କୁ ସ୍ନେହଚକ୍ଷୁରେ ଦେଖୁଥିଲେ, ଯଥା - ଧୋବା (ଶେଠି), ମେହେନ୍ତର (ମହନ୍ତର); ଭଣ୍ଡାରୀ (ପରାମାଣିକ ସଂ. ପ୍ରାମାଣିକ) ।]

ଶେଠିଆଣୀ—ଦେ. ବ. ସ୍ତ୍ରୀ—୧ । ଶେଠର ସ୍ତ୍ରୀ—1. The wife of
Ṣethiāṇi a millionaire. ୨ । ଶେଠିର ସ୍ତ୍ରୀ—
ধোপানী **धोबिन** 2. A washerwoman.

ଶେଠିକରଣ—ଦେ. ବ (ସଂ. ଶ୍ରେଷ୍ଠକରଣ)—୧ । ଶେଠକରଣ (ଦେଖ)
Ṣethikaraṇa 1. Ṣethakaraṇa (See)
শেঠকরণ **सेठकरन** ୨ । ବୈଶ୍ୟ ଜାତିବିଶେଷ—
2. A caste of Baisyas. [ଦ୍ର—କେହି କେହି କହନ୍ତି ଯେ, ତାଲପତ୍ର ଲେଖାର ଆରମ୍ଭରେ ଦଥ-ଥିବା ଚିହ୍ନ " " ଧୋବାଙ୍କ ସମ୍ବନ୍ଧ ଲୁଗାର ଚିହ୍ନ ଅଟେ ଓ ଏଥିପାଇଁ 'କରଣ' ଶବ୍ଦ ସଙ୍ଗେ 'ଶେଠି' ଶବ୍ଦ ଯୋଗ ହୋଇଅଛି ।]

ଶେଠି ଜାଗିରି—ଦେ. ବ—ଗ୍ରାମର ସେବା କରିବା ପାଇଁ ନଗଦ
Ṣethi jāgiri ପାରଶ୍ରମିକ ପରିବର୍ତ୍ତେ ଧୋବାକୁ ଦଥ
ধোপার জায়গীর **धोबीका जागीर** ଯାଇଥିବା ଜମି—
Land granted to a washerman for his services to the village.

ଶେଡ଼(ଢ଼)—ଦେ. ବ (ଇଂ. ଶେଲ୍) (ଜାହାଜଅ ଶବ୍ଦ)—
Ṣerḍa(rḍha) ୧ । ଜାହାଜକୁ ପବନଦ୍ୱାରା ଚାଳିତ କରାଇବା-
ପାଲ **पाल** ପାଇଁ ମାସ୍ତୁଲ ଖୁଣ୍ଟରେ ଟଙ୍ଗାହେବା ପାଲ—
1. (nautical) Sail of a ship. (ଉ—ଅଲ୍ପ କରଗାମାନ ହେତଦେଇ ଶେଡ଼ ଗୁଡ଼ାଇ ଠିକ୍‌କରି ରଖି ଦେଇଅଛନ୍ତି—ଫକୀରମୋହନ ଗଳ୍ପସ୍ୱଳ୍ପ ।]

ଶେଡ଼(ଢ଼) ହକା(ଙ୍କା)ରିବା—ଦେ. କି (ଜାହାଜଅ ଶବ୍ଦ)—୧ ।
Ṣerḍa(rḍha) hakā(ṅkā)riba (ଜାହାଜ) ପାଲ ଟଙ୍ଗା
পালতুলা **पालउठाना** ହୋଇ ବାୟୁତାଡ଼ିତ ହୋଇ ବେଗରେ ଗତି କରିବା—1. (nautical) (a ship) To move fast owing to the wind propelling its sails; to set sali. [ଉ—କଲିକତା, କଲମ୍ବ, ରେଙ୍ଗୁଣୀ ଛଅଖଣ୍ଡ ଜାହାଜ ଏକା ସାଙ୍ଗରେ ଶେଡ଼ ହକାରିଥିଲେ—ଫକୀରମୋହନ ଗଳ୍ପସ୍ୱଳ୍ପ]
୨ । ଜାହାଜର ମାସ୍ତୁଲ ଖୁଣ୍ଟରେ ପାଲ ଟାଙ୍ଗିବା—
2. To draw the sails on a ship.

ଶେଡ଼ୁ(ଢ଼ୁ)ଅ—ଦେ. ବ (ସଂ. ସେଚନକ)—କପା ଓ ଆଳୁଅଳ୍ପ ଗଛ
Ṣerḍu(rḍhu)a କ୍ଷେତ ଥିବା ବେଳେ ଶସ୍ୟକ୍ଷେତ୍ରରେ ପାଣି ଦେବା
সেউনী সিউনী ଲାଗି ବ୍ୟବହୃତ କାଠର ଲୁଗ ପରି ଗୋଟିଏ ଯନ୍ତ୍ର—
पानी सीचनेका यंतर A wooden contrivance used for sprinkling water over the small plants of cotton or potato.

ଶେଡ଼ୁ(ଢ଼ୁ)ଆ—ଦେ. ବଣ-ସିଡ଼ି ବା ନିଶୁଣି ପରି ଅଳ୍ପ ଓସାରଅ (ନଦୀ)-
Ṣerḍu(rḍhu)ā (a river) Narrow like a ladder.
कम चौडी नदी [ଦ୍ର—ଯେଉଁ ନଈ ଅଳ୍ପ ଓସାର ଥିବାରୁ ତହିଁ ଉପରେ ନିଶୁଣି ପକାଇ ଲୋକେ ପାର ହୋଇ ପାରନ୍ତି ।]
ବ.—କାଠଯୋଡ଼ି ନଦୀରୁ କଟକ ନଗରର ୧ ମାଇଲ ପୂର୍ବରେ ବାହାରିଥିବା ଶାଖା ନଦୀ—A branch river branching off from the Kāthajoṛdi about a mile east of the Cuttack town

ଶେଣ—ଦେ. ବ—ବାଲେଶ୍ୱର ଓ ମେଦିନୀପୁର ଅଞ୍ଚଳର ରାଜୁ
Ṣeṇa ସମ୍ପ୍ରଦାୟର ବଂଶୋପାଧି ବିଶେଷ—A family-title amongst the Rājus of Balasore and Midnapur.

ଶେଣା—ଦେ. —୧ । (ସଂ. ଶ୍ରେଣୀ ବା ସେଚନୀ)—ଖାଲରୁ ଓ ପୋଖରୀ
Ṣeṇā ଆଦିରୁ ପାଣି ବୋହିବା ପାଇଁ ବ୍ୟବହୃତ ବାଉଁଶ
সে(সি)ও(উ)নী **सौरी** ପାତିଅରେ ତୁଣ୍ଡା ଲମ୍ବା କୁଲା ପରି ପାଖେ ମୁକୁଳା ଥିବା ଜଳ ସେଚନାର୍ଥ ବ୍ୟବହୃତ ଟୋକେଇ; ଜଳ-ସେଚନାର୍ଥ ବ୍ୟବହୃତ ବାଉଁଶର ବଡ଼ ପାତ୍ର ବିଶେଷ—
1. A bamboo basket shaped like a ladle & used for baling out water from tanks; baling basket. [ଦ୍ର—ଏହା କୁଲାଠାରୁ ବେଶି ଗଭୀର ଓ ଲମ୍ବା ଓ ଏହାର * ପାଖରେ ବାଡ଼ ଥାଏ; ସାମନା ପାଖଟି ଖୋଲା ଥାଏ । ଏହାର ଦୁଇ କଡ଼ର ଦୁଇ ମୁଣ୍ଡରେ ଦଉଡ଼ି ଲାଗିଥାଏ ଓ ଦୁଇ ଯୋଡ଼ା ଦଉଡ଼ିକୁ

ଦୁଇ ଜଣ ମନୁଷ୍ୟ ଧରି ଶେଣାକୁ ପାଣିରେ ବୁଡ଼ାଇ ଟେକିଲେ ପାଣି ପୂରି ଗଲେ ତାକୁ ଉପରକୁ ଟେକି ଆଣି ଉଚ୍ଚତର ନାଳର ମୁଁହରେ ଅଣେଇ ଦେଲେ ଟେକିରେ ଥିବା ପାଣିତାକ ନାଳରେ ପଡ଼ି ବୋହିଯାଏ ।

ଶେଣା ବୋହିବା ପାଇଁ ଦୁଇ ଜଣ ମନୁଷ୍ୟ ଦରକାର । ଜଳାଶୟର କୂଳରେ ଖୋଳା ହୋଇଥିବା ଶେଣା-ପହଣୀର ଉପସ୍ଥିତ ପାଖରେ ଶେଣାବୁହାଳ ଦୁହେଁ ଠିଆ ହୋଇ ପାଣି ବୁହାନ୍ତି । ଏ ପହଣୀକୁ "ଶାଳ ପହଣି" ବୋଲାଯାଏ ଓ ଜଳାଶୟରୁ ଜଳ ଆସି ସେ ପହଣିରେ ପଶୁଥାଏ ଓ ଶେଣାଦ୍ୱାରା ସେହି ପହଣୀରୁ ପାଣି ବୁହା ହୋଇ ଗଲେ ଜଳାଶୟରୁ ଜଳ ବୋହି ଆସି ପୁଣି ସେହି ପହଣିରେ ଭର୍ତ୍ତି ହେଉଥାଏ । ଶେଣାବୁହା ଖୁବ୍ ପରିଶ୍ରମସାଧ୍ୟ କର୍ମ ।

ଶାଳ ପହଣିରୁ ଶେଣାଦ୍ୱାରା ପାଣି ଉଠାଇ ଆଣି ଉଚ୍ଚତର ନାଳର ବଦ୍ଧ ମୁଖ ଅଂଶରେ ଅଜାଡ଼ି ଦେବାକୁ ହୁଏ । ନାଳର ବନ୍ଧଥିବା ମୁଖକୁ "ଶେଣା ମୁହିଁ" ବୋଲାଯାଏ ଓ ଶେଣାମୁହିଁରେ ଅଜାଡ଼ା ଥିବା ପାଣି ଉକ୍ତ ମୁହିଁ ପାଖରୁ ଖୋଲା ହୋଇ ଥିବା ନାଳ ବାଟେ କ୍ଷେତ୍ରାଦିକୁ ବୋହି ଯାଏ ।

ଶେଣାଦ୍ୱାରା ପାଣି ବୁହା ଗଲେ ଜଳାଶୟର ଜଳର ଉଚ୍ଚତା କ୍ରମଶଃ କମିଯାଏ ଓ ଶେଷକୁ ଜଳାଶୟର ଜଳ ଶାଳପହଣିକୁ ଆସି ପାରେ ନାହିଁ । ଏଥିପାଇଁ ଜଳର ଉଚ୍ଚତାକୁ ଦେଖି ପୂର୍ବ ପହଣୀ ଅପେକ୍ଷା ନିମ୍ନରେ ଆଉ ଗୋଟିଏ ଶାଳପହଣି ଖୋଳା ଯାଏ । ସେ ଶାଳପହଣି ଶୁଖି ଗଲେ ଆଉ ଗୋଟିଏ ନିମ୍ନତର ଦେଶରେ ଶାଳପହଣି ଖୋଳିବାକୁ ହୁଏ । ଏହିପରି ଜଳାଶୟଟି ନିଃଶେଷ ହେବା ଯାଏ ଏକାଧିକ ସୋପାନ ଶେଣାଦ୍ୱାରା ପାଣି ବୁହାଯାଏ ।

ଶେଣାଦ୍ୱାରା * ଫୁଟ ନିମ୍ନରୁ ପାଣି ଉପରକୁ ବୁହାଯାଇ ପାରେ । ଜଳାଶୟର ନିମ୍ନତା ଭୂମି ଅପେକ୍ଷା * ଫୁଟରୁ ଅଧିକ ହେଲେ ଏକାଧିକ ଶେଣାର ପ୍ରୟୋଜନ ହୁଏ । ଏଥିପାଇଁ ଏକ ଯୋଡ଼ାରୁ ବେଶି ଲୋକ, ବେଶି ପରିଶ୍ରମ ଓ ବେଶି ସମୟ ଲାଗେ ।

ଏହି ହେତୁ 'ବହୁ ଲୋକସାଧ୍ୟ ଓ ବହୁ ପରିଶ୍ରମସାଧ୍ୟ ଓ ବହୁ ସମୟ ସାଧ୍ୟ କାର୍ଯ୍ୟ ସମ୍ପର୍କରେ ଲୋକେ ଲକ୍ଷଣା ଦ୍ୱାରା 'ଛଅ ଶେଣାରେ ପାଣି ଉଠିବା' ନ୍ୟାୟ ପ୍ରୟୋଗ କରନ୍ତି । ଖୁବ୍ ନୀଚ ସ୍ଥାନରୁ ଜଳ ଉଠାଇବା ପାଇଁ ଦରକାର ହେଲେ ଶେଣା ନ ଲଗାଯାଇ 'ଟେଣ୍ଡା' ବ୍ୟବହାର କରାଯାଏ । ସମୋଚ୍ଚ ସ୍ଥାନରୁ ପାଣି ବୁହାଇବା ପାଇଁ ଶେଣାଠାରୁ ଛୋଟ ଏକ ଜଣର ହାତଦ୍ୱାରା ଚାଳିତ କାଠର ସେଉଁଅ ବ୍ୟବହାର କରାଯାଏ ।] ୨ । (ସଂ ଶ୍ୟେନ)—ଶ୍ୟେନପକ୍ଷୀ, ବାଜ—2. Hawk. [ଦ୍ର—ଶେଣା ପକ୍ଷୀ ପ୍ରାୟେ ଶ୍ୟେନ ଶବ୍ଦର ଅପଭ୍ରଂଶ—ସାରଳା ମହାଭାରତ ।]

ଶେଣା ପହଣି—ଦେ. ବି.—ଶାଳପହଣି (ଦେଖ)
Śeṇā pahaṇi Śāḷa pahaṇi (See)
ডোবগাড়ী, ঝাইল ঝাই

ଶେଣା ବୁହା—ଦେ. ବି—ଶେଣାଦ୍ୱାରା ପାଣି ଉଠାଇବା କାର୍ଯ୍ୟ—
Śeṇā buhā Act of baling out water.
সিআনিতে জল তোলা
दौरीसे पानी उठाना
ବିଣ.—ଶେଣାଦ୍ୱାରା ପାଣି ବୋହିବା କାମରେ ପ୍ରୟୋଜନୀୟ—Necessary or required for baling out water.

ଶେଣା ବୁହା(ହେ)ଇବା—ଦେ. କ୍ରି—ଶେଣାଦ୍ୱାରା ପାଣି ଉଠାଇବା—
Śeṇā buhā(he)ibā To bale out water by śeṇā.
সিউনিতে জল তোলা दौरीसे पानी उठाना
[ଶେଣା ବୋହିବା—ଅନ୍ୟରୂପ]

ଶେଣା ବୁହାଳି—ଦେ. ବି. ପୁଂ—ଶେଣାଦ୍ୱାରା ପାଣି ଉଠାଇବା ବ୍ୟକ୍ତି—
Śeṇa buhāḷi Persons engaged in baling out water by śeṇā.
যারা সিউনিতে জল তোলে
दौरीवाह

ଶେଣା ମୁଣ୍ଡ—ଦେ. ବି—ଶାଳ ପହଣିର ପ୍ରାନ୍ତ; ଯେଉଁ ଗର୍ତ୍ତରେ ଶେଣାକୁ ବୁଡ଼ାଇ ପାଣି ଉଠାଇବାକୁ ହୁଏ—
Śeṇā muṇḍa
ঝাইল, ডোবগাড়ি
झाइ
The pit into which the baling basket is thurst down to be filled up with water.

ଶେଣା ମୁହିଁ—ଦେ. ବି—ଶେଣାମୁଣ୍ଡରେ ଶେଣାକୁ ବୁଡ଼ାଇ ତାକୁ ଉପରକୁ ଉଠାଇ ଉଚ୍ଚ ଭୂମିସ୍ଥ ନାଳୀର ଶେଷ ଭାଗରେ ଥିବା ଯେଉଁ କୁଣ୍ଡରେ ବା ଆଧାରରେ ଉକ୍ତ ପାଣିକୁ ଅଜାଡ଼ ଦେବାକୁ ହୁଏ ଓ ଯେଉଁ କୁଣ୍ଡରୁ ନାଳ ବାଟେ ପାଣି କ୍ଷେତ ଆଡ଼କୁ ବୋହିଯାଏ—The head or source of the water-channel into which the water from the baling basket is poured down to flow through the channel into the field.
Śeṇā muhaṅ
নাঝাইল মাথ
दौरी मुँह

ଶେଣି—ଦେ. ବି (ସଂ ଶ୍ରେଣୀ)—ଚାଳଘରର ସ୍ତମ୍ଭ ଉପରେ ବା କାନ୍ଥ ଉପରେ ଲମ୍ବ ଭାବରେ ପଡ଼ିଥିବା ଲମ୍ବ କାଠ, ଯହିଁ ଉପରେ ରୁଅମାନ ଅଡ଼ ଭାବରେ ପଡ଼େ—Roof plate; pole plate; wall plate; wooden plates put over the pillars and over which the rafters are put cross-wise in a thatched house. [ଦ୍ର—ସାଧାରଣ ଚାଳଚାଳିଆ ଘରର ମଝିରେ ଗୋଟିଏ ଶେଣି ଓ ଦୁଇ ପାଖ କାନ୍ଥ ଉପରେ ଦୁଇଟି ଶେଣି ଏପରି ତିନି ଗୋଟି ଶେଣି ପଡ଼େ । ମଜଭୁତିଆ ଘର କରିବାକୁ ଓସ୍ତ ଉପରେ ଖୁଣ୍ଟ ବସାଇ ସେ ଖୁଣ୍ଟି ଉପରେ ଅତୁର ଅଧିକ ଯୋଡ଼ା ଶେଣି ପକାଇବାକୁ ହୁଏ । ତାହାହେଲେ ପାଞ୍ଚଶେଣିଆ, ସାତ ଶେଣିଆ ଓ ନଅଶେଣିଆ ଘର ହୁଏ ।
Śeṇi
পাড়ৗ, পাইড়
बरेरी

କୋଣସ୍ଥ ଘର ତିଆରି କରିବାକୁ ହେଲେ ପ୍ରଥମେ ମଝିରେ ଖୁଣ୍ଟ (କୁଞ୍ଚଆ) ପୋତି ଓ ଦୁଇ ପାଖରେ ଦୁଇଟି

ଲେଖାଏଁ ଷ୍ଟେକ (ପାଉଥ) ଖୁଣ୍ଟ (posts) ପୋତାଯାଏ । ପାଉଥ ଖୁଣ୍ଟଦ୍ୱୟର ଉପରେ ଅଡ଼ ଭାଗରେ ଉଷ (Cross-beams ବା tie beam) ପଡ଼େ । କିନ୍ତୁ ଉଷ ଭୂଳଅ ଖୁଣ୍ଟ (king post) ସଙ୍ଗେ ଅଡ଼ଭାଗରେ ସଂଯୁକ୍ତ ହୁଏ । ଉଷ ପଡ଼ି ସାରିଲେ ଉଭୟ ପାଖର ପାଉଥ ଖୁଣ୍ଟମାନଙ୍କ ଉପରେ ଲମ୍ବ ଭାଗରେ ଓ ଭୂଳଅ ଖୁଣ୍ଟ ଉପରେ ଲମ୍ବ ଭାଗରେ ଶେଣି (Roof plate ବା wall plate) ପକାଯାଏ । ଭୂଳଅ ଶେଣିଟି ଅଗ୍ରଭାଗ ଶେଣି । ସେହି ଭୂଳଅ ଶେଣି ଉପରେ ପାଉଥ ଶେଣି ପର୍ଯ୍ୟନ୍ତ ରୁଅ (Rafter) ମାନଙ୍କୁ ଅଡ଼ଭାଗରେ ଲମ୍ବାଇବାକୁ ହୁଏ; ରୁଅମାନଙ୍କ ଉପରେ ପଟେଲା ବତା ପାଡ଼ ଯେ ବତା (ପାରେଣିବତା)କୁ ରୁଅ ସଙ୍ଗେ ବାନ୍ଧି, ବତା ବା [illegible] ବୋଡାଇବାକୁ ହୁଏ । ବା ଉପରେ ଛଣ ଅବ ଛୁଆଣି କଲେ ଗୃହ ନିର୍ମାଣ କର୍ମ ଶେଷ ହୁଏ ।

ଶେଣି ଦୁଇ ପ୍ରକାର । ଯଥା—ଭୂଳଅ ବା ମଥାନ ଶେଣି ଓ ପାଉଥ ଶେଣି । ତାଳ ଗଛର ଲମ୍ବ ଗଣ୍ଡିରୁ ଚିର ଯେଉଁ ଶେଣି କରାଯାଏ ତାହାକୁ ତାଳଶେଣି କହନ୍ତି । ତାଳଶେଣି ଅନ୍ୟ ଜାତୀୟ କାଠର ଶେଣି ଅପେକ୍ଷା ମଜବୁତ ଓ ବହୁକାଳସ୍ଥାୟୀ । ଏମନ୍ତ କି, ଦେଉଳମାନଙ୍କରେ ଯେଉଁ ତାଳ ଶେଣୀ ଓ ଅଡ଼ଧାରଣାମାନ ଦିଆଯାଇ ତା ଉପରେ ପଥର ବୋଝ ଲଦା ହୁଏ, କିନ୍ତୁ ଶେଣିମାନ ହଜାରେ ବର୍ଷରେ ଶୁଖା ଶଡ଼ସ ବା ଉଈଖିଆ ବା ପୋକ ଲଗା ନ ହେବା ଦେଖାଯାଇ ଅଛି । ଏଥିପାଇଁ ପ୍ରବାଦ ଅଛି ଯେ—

"ଘୋଡାଶାଳ (ଅର୍ଥାତ୍ ଘୋଡା ଯାଇଥିବା ଶାଳକାଠ, ଅର୍ଥାତ୍ ଯେଉଁ ଘରେ ଶାଳୁଅ କାଠର ଖୁଣ୍ଟ ଦିଆଯାଇ ଥାଏ), ଉଷ ତାଳ (ଯେଉଁ ଘରେ ତାଳକାଠର ଉଷ ହୋଇଥାଏ—ଅର୍ଥାତ୍, ତାଳଶେଣୀ ଲାଗିଥାଏ), ରୁଅ ଦେଓ୍ୱାଳ (ଦେଓ୍ୱାଳକାଠର ରୁଅଥିବା ଘର), ଗଣ୍ଠି ବେତାଳ (ବେତ ଦ୍ୱାରା ଯେଉଁ ଘରର ରୁଅ ଉପରେ ପାରଣୀବତା ବନ୍ଧ ହୋଇଥାଏ), ଘରଣୀ ବେତାଳ (ଯେଉଁ ଘରେ ଗୃହଣୀ ସବୁ ବିଷୟରେ ସାବଧାନ ଥାଆନ୍ତି), ତେବେ ସେ ଘରଯାଏ ଅପାରକାଳ" ।]

ଶେଣି ସାପଡ଼ା—ଦେ. ବି—ଗୃହଘରେ ଶେଣି ଉପରେ ରୁଅକୁ ଚିପି Seṇi sāparḍā ରଖିବା ପାଇଁ ଶେଣି ତଳେ ଓ ଉପରେ ଦିଆଯିବା ବତାର ଚୋପଡ଼ା—The split bamboos tying the roof plate with the rafters of a thatched house by keeping these between the splits.

ଶେତ—ଗ୍ରା. ବିଣ (ସଂ. ଶ୍ୱେତ)—ଶ୍ୱେତ (ଦେଖ)
Śeta শেত सफेद Śweta (See)

ଶେତ ଅପରାଜିତା—ଦେ. ବି—ଶ୍ୱେତ ଅପରାଜିତା—
Śeta aparājitā Clitoria Ternatia (white সাদা অপরাজিতা सफेद अपराजिता variety).

ଶେତ ଅରକ(ଖ)—ଦେ. ବି (ସଂ. ଶ୍ୱେତ ଓ ଅର୍କ)—ଶ୍ୱେତାର୍କ (ଦେଖ)
Śeta araka(kha) Śwetārka (See)

ଶେତ ଏରଣ୍ଡ—ଦେ. ବି—ଶ୍ୱେତୈରଣ୍ଡ (ଦେଖ)
Śeta eraṇḍa Śwetairaṇḍa (See)

ଶେତ କ(କା)ଞ୍ଚନ—ଦେ. ବି—ଶ୍ୱେତକାଞ୍ଚନ (ଦେଖ)
Śeta ka(kā)ñchana Śweta kāñchana (See)

ଶେତ କାଇଞ୍ଚ—ଦେ. ବି—ଶ୍ୱେତଗୁଞ୍ଜା (ଦେଖ)
Śeta kāiñcha Śwetaguñjā (See)

ଶେତ କରବି—ଦେ. ବି—ଶ୍ୱେତ କରବୀର (ଦେଖ)
Śeta karabi Śweta karabīra (See)

ଶେତ କୁଷ୍ଠ—ଦେ. ବି (ସଂ. ଶ୍ୱେତ କୁଷ୍ଠ)—ଧବଳ—
Śeta kushṭha Leucoderma.
শেত কোঢ सफेद कोढ़ (ଶେତ କୋଷ୍ଟ—ଗ୍ରାମ୍ୟରୂପ)

ଶେତ ଖଇର—ଦେ. ଉ—ଶ୍ୱେତ ଖଦିର (ଦେଖ)
Śeta khaira Śweta khaira (See)

ଶେତ ଗାବ—ଦେ. ବି—ଶ୍ୱେତୈରଣ୍ଡ (ଦେଖ)
Śeta gāba Śwetairaṇḍa (See)

ଶେତ ଗୁ(ଗୋ)ଲାପ(ବ)—ଦେ. ବି (ସଂ. ଶ୍ୱେତ ଓ ଫା. ଗୁଲାବ୍)—
Śeta gu(go)lāpa(ba) ୧ । ଧଳା ଗୋଲାପ ଫୁଲ—1. White সাদা গোলাপ rose. ୨ । ଧଳା ଶ୍ୱେତପତ୍ରୀ; ସେବତୀ ଫୁଲ—सफेदगुलाब 2. White cabbage rose; Rosa; Centiflora.

ଶେତ ଚନ୍ଦନ—ଦେ. ବି—ଶ୍ୱେତ ଚନ୍ଦନ (ଦେଖ)
Śeta chandana Śweta chandana (See)

ଶେତ ଛଉ—ଦେ. ବି (ସଂ. ଶ୍ୱେତ ଓ ଛବି)—୧ । ଦେହରେ ଶ୍ୱେତ-
Śeta chhau କୁଷ୍ଠଜନିତ ଧଳା ଦାଗ—1. Leucodermic धवल सफेदकोढ़ white patches on the body. ୨ । সাদা ছুলী ଧଳା ବର୍ଣ୍ଣର ବଗୁଣ ଛଉ—2. Whit patches सफेद सिहुली appearing on the body of the young people.

ଶେତ ଜିରା—ଦେ. ବି—ଶ୍ୱେତ ଜୀରକ (ଦେଖ)
Śeta jirā Śweta jīraka (See)

ଶେତ ଦୁବ—ଦେ. ବି—ଶ୍ୱେତ ଦୁର୍ବା (ଦେଖ)
Śeta duba Śweta dūrbā (See)

ଶେତ ପଦ୍ମ—ଦେ. ବି—ଶ୍ୱେତ ପଦ୍ମ (ଦେଖ)
Śeta padma Śweta padma (See)

ଶେତ ପାଣ୍ଡୁ—ଦେ. ବି (ସଂ. ଶ୍ୱେତ ଓ ପାଣ୍ଡୁ)—ରକ୍ତହୀନତା
Śeta pāṇḍu ଯୋଗୁଁ ଦେହ ଶେତା ଦେଖାଯିବା ରୋଗ; କାମଳ নেবা सफेद पाण्डु ରୋଗ—Jaundice; aenimia.
(ଶେତ ଢାଞ୍ଚ[ମ]ଳ—ଅନ୍ୟରୂପ)

ଶେତ ପାର—ଦେ. ବି (ସଂ. ଶ୍ୱେତ ପାରାବତ)—ଶ୍ୱେତବର୍ଣ୍ଣ ପାରାବତ.
Śeta pārā —White pigeon
সাদা পায়রা सफेद कबूतर

ଶେତ ପୁନ(ରୁ)ର୍ଣି—ଦେ. ବି—ଶ୍ୱେତ ପୁନର୍ନବା (ଦେଖ)—Śweta
Śeta pura(ru)ṇi punarnabā (See)
শেত পুর্ণি सफेद पुनर्नवा (ଶେତ ପୁର୍ଣ୍ଣୀ—ଗ୍ରାମ୍ୟରୂପ)

ଶେତ ବେଗୁନିଆ—ଦେ. ବି—ସିନ୍ଦୁବାର; ଶ୍ୱେତ ବେଗୁନିଆ ଫୁଲ ଓ ଗଛ
Śeta begunia Vitex frifola.
শ্বেত নিসিন্দা सफेद संभालु
ପ୍ରା. ଫନ୍ଦଲ ବୃକ୍ଷ ଅ. ଅସଲକ ତେ. ତେଲ୍ଲବାବଲ

ଶେତ ଭାଲୁ—ଦେ. ବି—ଧଳା ଭାଲୁ—White bear.
Śeta bhālu সফেদ ভালুক सफेद भालु

ଶେତ ଭେରଣ୍ଡା—ଦେ. ବି—(ସଂ. ଶେତ + ଏରଣ୍ଡ)—ଶ୍ୱେତୈରଣ୍ଡ;
Śeta bharaṇḍā ଶୁକ୍ଳୈରଣ୍ଡ (ଦେଖ)—Swetairaṇḍa
শ্বেত ভেরেণ্ডা सफेद रेंडी suklairaṇḍa (See)

ଶେତ ମନ୍ଦାର—ଦେ. ବି—ଶ୍ୱେତ ମନ୍ଦାର (ଦେଖ)
Śeta mandāra সাদা জবা Śweta mandāra (See)
सफेद जवा [ବି—ଏହାପର ଶୁକ୍ଳବର୍ଣ୍ଣ ବିଶିଷ୍ଟ ମନ୍ଦାରର ଫୁଲ ଓ ଫଳ, ବସ୍ତୁ ଓ ବସ୍ତୁ ପୂର୍ବରେ 'ଶେତ ବା 'ଶ୍ୱେତ' ଶବ୍ଦ ଲାଗେ ।]

ଶେତ ମୁରୁଜ—ଦେ. ବି—ଧଳା ମୁରୁଜ—White powder.
Śeta muruja সাদা গুঁড়ী सफेद चूर्ण
[ଶେତମୁରୁଜ—ଅନ୍ୟରୂପ]

ଶେତ ଶିମିଳି—ଦେ. ବି—ଧଳା ଶିମିଳି (ଦେଖ)
Śeta simiḷi সাদা শিমুল Dhaḷā simiḷi (See)
सफेदसेमल

ଶେତ ସୋରିଷ—ଦେ. ବି—ଧଳା ସୋରିଷ—White mustard;
Śeta sorisha Brassica Comprestris; Sinapis
শ্বেত সরিষা Dichotoma. [ବି—ଏହା ଭାରତରେ
श्वेतसर्षों, पिलासर्षन, बड़सर्षन पिलियाई ସବୁଠି ଉତ୍ପାଦିତ ହୁଏ ଓ ବାଡିର ଶସ୍ୟ ଅଟେ; ଏହା ପ୍ରାୟ ହୁଏ ନାହିଁ, ବରୁ ସ୍ୱଳ୍ପ ଅବସ୍ଥାରେ ଗୋଟିଏ ଵର୍ଷ ଥାଏ ବାହାରେ । ଏହାର ଫୁଲ ସୋରିଷ ଫୁଲ ଠାରୁ ବଡ଼ ବଡ଼; ଏଥିର ତେଲ ଏବଂ ରୋଗରେ ଔଷଧ ହୁଏ ।]

ଶେତା—ଦେ. ବଣ—(ପୁଂ)—(ସଂ. ଶ୍ୱେତ)—୧ । ଶ୍ୱେତ; ଧଳା—
Śetā সাদা सफेद 1. White. ୨ । ଶ୍ୱେତାଭ; ଧଳାଭ
[ଶେତୀ—ସ୍ତ୍ରୀ] ଶେତ—2. Whitish; slightly white.
୩ । ପାଣ୍ଡୁର—3. Brown. ୪ । ବିବର୍ଣ୍ଣ—4. Discoloured; pale. ୫ । ରକ୍ତଶୂନ୍ୟତା ରୋଗ ବିବର୍ଣ୍ଣ—5. Aenimic; pale due to deficit of blood corpuscles in the blood.
ବି.—(ଶରୀରର) ରକ୍ତଶୂନ୍ୟତା—
Bloodlessness of the body.

ଶେନ—ଦେ. ବି—(ସଂ. ଶ୍ୟେନ)—ଶ୍ୟେନ ପକ୍ଷୀ; ବାଜ—
Śena Hawk.

ଶେନ୍ତା—ଦେ. ବି. ପୁଂ—ଅଗ୍ରଜ୍ୟେଷ୍ଠ ଶିଶୁ ମରିଥିବା ଲୋକଙ୍କ ନାମ—
Śentā Name given to persons whose elder
[ଶେନ୍ତୁଅ—ଅନ୍ୟରୂପ] has died in infancy.

[ଶେନ୍ତୀ; ଶେନ୍ତେଇ—ସ୍ତ୍ରୀ]

ଶେପ(ଫ,ବ)—ସ. ବି—(ଶୀ ଧାତୁ=ଶୟନ କରିବା + କର୍ତ୍ତୃ. ପ; ଫ)
Śepa(pha,ba) ଯାହା ଦେଖିଯାଉନାହାନ୍ତି ଶୟନ ହୁଏ ବା
[ଶେପଃ(ଫଃ)—ଅନ୍ୟରୂପ] ପୋଇ ପଡ଼େ, ଶିଶ୍ନ; ଲିଙ୍ଗ—
Penis; male organ. ବଣ—ଶୟନକାରୀ;
ଶାୟିତ—Sleeping; lying prostrate; lying down.

ଶେପ(ଫ,ବ)ହର୍ଷଣ—ସ.ବି—(୬ଷ୍ଠୀ ତତ୍)—ଲିଙ୍ଗ ଦ୍ରେକ—(ଶବ୍ଦକୋଷ)
Śepa(pha,ba) harshaṇa The erection of the male organ.
ଶୋପୋ(ଫୋ,ବୋ)ତ୍ଥାନ
ଶୋପୋ(ଫୋ,ବୋ)ତ୍ଥାନ —ଅନ୍ୟରୂପ
ଶୋପୋ(ଫୋ,ବୋ)ଦ୍ରେକ

ଶେପାଳ—ସ. ବି—(ଶୀ ଧାତୁ + କର୍ତ୍ତୃ. ପାଳ)—ଶୈବାଳ (ଶବ୍ଦକୋଷ)
Śepāḷa Moss.

ଶେଫାଳ(ଳୀ)—ସଂ.ବି—୧ । [ଶୀ ଧାତୁ=ଶୟନ କରିବା + ଅଧିକରଣ.
Śephāḷi(ḷi) ଫ=ଶେଫ + ଅଳ; + ଈ] ଏହା ରାତିରେ ଫୁଟିବାରୁ
[ଶେଫାଳିକା—ଅନ୍ୟରୂପ] ଏଥିରେ ଅଳମାନେ ଶୟନ କରନ୍ତି;
ଅଥବା ଶୀ ଧାତୁ=ଶୟନ କରିବା + ଫଳ + ଲ; + ଈ
ଏହା ଶୋଇବା ବେଳେ ଫୁଟେ, ଅର୍ଥାତ୍ ଲୋକେ ଶୋଇବା ବେଳେ ରାତିରେ ଫୁଟେ ବୋଲି]—୧ । ଗଙ୍ଗଶିଉଳି
ଗଛ ଓ ଫୁଲ; ଶେଫାଳୀହାର—Nyctanthes Arbor-tristes. ଶୃଙ୍ଗାରହାର (ଦେଖ)—1. Śruṅgāra hāra (See) ୨ । ନିର୍ଗୁଣ୍ଡୀ; ସିନ୍ଦୁବାର; ବେଗୁନିଆ
ଗଛ ଓ ଫୁଲ [ଧଳା ଓ ନେଳି]—2. Five-leaved chaste tree; Vitex Trifolia.

ଶେବ—ସ. ବି—(ଶୀ ଧାତୁ + କର୍ତ୍ତୃ. ବ)—୧ । ଶେଫ; ଲିଙ୍ଗ—
Śeba (ଶବ୍ଦକୋଷ)—1. Penis. ୨ । ସର୍ପ (ଶବ୍ଦକୋଷ)—2.
Serpent. ୩ । (+ ୭ମୀ ତତ୍) ସୁଖ (ଶବ୍ଦକୋଷ)—
3. Happiness. ସଂ. ବଣ—୧ । ସୁଖକର—
(ଶବ୍ଦକୋଷ)—1. Pleasant. ୨ । ଉନ୍ନତ—
2. Elevated.

ଶେବ(ବା)ଳ—ସଂ. ବି—(ଶୀ ଧାତୁ + କର୍ତ୍ତୃ. ବଳ)—ଶୈବାଳ;
Śeba(bā)la ଶିଉଳ (ଶବ୍ଦକୋଷ)—Moss.

ଶେବ(ବା)ଳିନୀ—ସଂ.ବି—(ଶେବଳ + ଅସ୍ତ୍ୟର୍ଥରେ ଇନ୍ + ଈ)—ନଦୀ
Śeba(bā)ḷinī (ଶବ୍ଦକୋଷ)—River.

ଶେବା(ବ)ଧି—ସଂ. ବି—(ଶେବ=ସୁଖ + ଧା ଧାତୁ + କର୍ତ୍ତୃ. ଇ)—
Śebā(ba)dhi ୧ । ରତ୍ନ; ମଣି—1. Gem. ୨ । କୁବେରଙ୍କ
ରତ୍ନ—2. The gems of Kubera.

ଶେବାଲୀ—ସଂ. ବି—(ଶେବାଳ + ଈ)—କ୍ଷୁଦ୍ର ଜଟାମାଂସୀ—
Śebāḷi The small species of Indian spikenard.

ଶେମୁଷୀ—ସଂ. ବି.—(ଶେ=ଉତ୍ତମ, ମୋହ + ମୁଷ ଧାତୁ=ଚୋର
Śemushi କରିବା + କର୍ତ୍ତୃ. ଅ + ଈ)—ମତି; ବୁଦ୍ଧି—
Intelligence.

ଶେମ୍ବି—ପ୍ରାଦେ॰ (ସମ୍ବଲପୁର) ବି—(ସଂ. ଶିମ୍)—ଶିମ୍—
Śembi Bean.

ଶେଯ (ଇତ୍ୟାଦି)—ଦେ॰ ବି—(ସଂ. ଶଯ୍ୟା)—ଶେଜ ଇତ୍ୟାଦି (ଦେଖ)
Śeja (etc) Śeja etc (See)

ଶେୟ—ସଂ. ବିଣ—(ଶୀ ଧାତୁ+କର୍ମ ଏଯ)—ଶୋଇବା; ଶୟନାର୍ହ—
Śeya Fit to be slept on or in.

ଶେୟାଳ(ଳି)—ଦେ. ବି (ସଂ. ଶୈବାଳ)—୧ । ଶୈବାଳ; ଶିଉଳି—
Śeyāla(li) Moss. ୨ । (ସଂ. ଶୃଗାଳ) ବିଲୁଆ—
2. Jackal.

ଶେଯା—ଦେ. ବି (ସଂ. ଶଯ୍ୟା)—ଡଙ୍ଗାର କୋଠରିମାନଙ୍କ ତଳେ
Śejā ପଡ଼ିଥିବା କାଠଖଣ୍ଡମାନ—The big logs of wood laid crosswise on the floors of the compartments of country boats. [ଦ୍ର—ଏହା ଉପରେ ପଟା ବା ପାଟଣି କରା ଯାଇବାକୁ ହୁଏ । ଏହି ଶେଯା ଯୋଗୁଁ ଡଙ୍ଗାର ତଳେ ଜମିଥିବା ପାଣି ପାଟଣିକୁ ଓଦା କରି ପାରେ ନାହିଁ ।]

ଶେଯା କନ୍ଧି—ଦେ. ବି—ଡଙ୍ଗାର ଦୁଇ ମୁଣ୍ଡକୁ ଛାଡ଼ିଥିବା ଦୁଇଟି କନ୍ଧି
Śejā kandi ଛଡ଼ା ଓ ନାଉରିମାନଙ୍କ ରୋଷେଇ କନ୍ଧି ଛଡ଼ା
(ଶେଯିଆ କନ୍ଧି—ଅନ୍ୟରୂପ) ଡଙ୍ଗାର ଅନ୍ୟ କୋଠରିମାନ—
The middle compartments of a country-boat exclusive of the two lying at each end of the boat and the one used as kitchen by the boatmen.

ଶେଯା ପଟା—ଦେ. ବି—(ସଂ ଶଯ୍ୟା+ପଟ)—ଡଙ୍ଗା ଭିତରେ ଶେଯା
Śejā paṭā ଉପରେ ସେଉଁ କାଠ ପଟାମାନ ପକାଇ ଲୋକେ ତହିଁରେ ଶୁଅବସା କରନ୍ତି—The planks of wood laid over the Śejā and used as resting places. [ଦ୍ର—ଡଙ୍ଗାର ଯେଉଁ କନ୍ଧିରେ ଲୋକେ ଶୁଅବସା କରନ୍ତି ସେଥିରେ ଶେଯାପଟା ପକାଯାଏ । ଯହିଁରେ କନ୍ଧିର ପଟ ବୋଝାଇ ହୁଏ ତହିଁରେ ପାଟଣି କରା ହୋଇଯାଏ ।]

ଶେର୍(ଇତ୍ୟାଦି)—ବୈଦେ. ବି—ସେର୍ ଇତ୍ୟାଦି (ଦେଖ)—
Śer(etc) Ser etc (See)

ଶେର—ଦେ॰ ବି (ସ. ସଟକ)—୧ । ସେର; ଭାରତବର୍ଷ ପରିମାଣ;
Śera ୬୪ ତୋଳା ଓଜନ—1. A standard weight of
সের सेर 64 tolas. ୨ । କଟକ ସେର; ୧୦୫ ତୋଳା ଓଜନ—2. A seer, weighing 105 Tolās used in the Cuttack and Puri districts. ୩ । ବାଲେଶ୍ୱର ସେର—୮୦ ତୋଳା
3. A standard seer of 80 Tolas. ୪ । ପାଟ ଲୁଗା ଓଜନ କରିବା ସେର; ୧୨ ତୋଳା—4. A seer for weighing silk clothes. ୫ । ଗଉଣୀର ୧୨ ଭାଗରୁ ଏକଭାଗ ପରିମିତ ମାପ—5. A standard of grain measure; one twelvth of a Gauṇi.

ଶେରକ—ଦେ. ବି—ଏକଶେର ମାତ୍ର—
Śeraka One seer only.
একসের एकसेर

ଶେର(ରି)କିଆ—ଦେ. ବିଣ—୧ । ଯହିଁରେ ଏକଶେର ମାପ ପଦାର୍ଥ
Śera(ri)kiā ରହେ—1. Of the capacity of one
একসেরধরা एकसेरका seer. ୨ । ଯହିଁରେ ଏକଶେର ଚାଉଳର ଭାତ ସିଝିପାରେ—2. Of the capacity of boiling one seer of rice. ୩ । ଏକଶେର ମାପ ଓଜନ କରିଥିବା—3. Weighing one seer. (ଯଥା-ଶେରକିଆ ବଟଖରା) ।

ଶେର ତରାଜୁ—ଦେ. ବି (ଏକତର)—ସେର ଓଜନର ବଟକରା ଓ
Śera tarāju ତୁଳାଦଣ୍ଡ—A pair of scales and seer
সেরতরাজু सेरतराजु measure.

ଶେର ଦର—ଦେ. ବି—୧ । ଏକଶେରର ଦର—
Śera dara 1. Selling rate of one seer.
সেরদর सेरकादर

ଶେର ଦ(ଦା)ରିଆ—ଦେ. ବିଣ—୧ । ଯାହା ଅଧିକେ ବା ଚଳାଏବଥର
Śera da(dā)riā ଶେର ପରିମାଣରେ ବିକି କରାଯାଏ—
সেরদরে सेरदरसे 1. Sold by the seer at a time. (ଅର୍ଥାତ୍ ଯାହା ଶେରକରୁ କମରେ ଥରକେ ବିକାଯାଏ ନାହିଁ—i. e. which is not sold in quantities less than a seer at a time). ୨ । ଶେରର ଦାମ ଅନୁସାରେ ନିର୍ଣ୍ଣୀତ (ଦାମ)—2. The price of which is ascertained by calculating the rate per seer. (ଅନୁରୂପ—ଦରଧାଳ)

ଶେର(ରି)ଙ୍ଗ(ଙ୍ଗା) ପ(ପା)ଟଣ(ଣା)—ଦେ. ବି (ସ. ଶ୍ରୀରଙ୍ଗ ପତ୍ତନ)—
Śera(ri)ṅga(ṅgā) pa(pā)ṭaṇa(ṇā) ଶ୍ରୀରଙ୍ଗମ୍ (ଦେଖ)
Śrīraṅgam (See)

ଶେରା—ଦେ. ବିଣ (ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ବ୍ୟବହୃତ
Śerā ଯଥା ଯଥା, ଦଶଶେରା)—ଶେରିଆ (ଦେଖ)—Śeriā
সেরা सेरि (See)

ଶେରି—ଦେ. ବିଣ (ଅନ୍ୟ ସଂଖ୍ୟାବାଚକ ଶବ୍ଦସଙ୍ଗେ ଲାଗେ, ଯଥା-
Śeri ଚାରି ସେର ଗୋଣୀ)—(ଏତେ) ସେର ପରିମିତ—
সেরা सेरि Measuring so many seers.
[ଶେରିଆ—ଅନ୍ୟରୂପ] ବୈଦେ. ବି [ଇଂ]—ସେରି; ଏକପ୍ରକାର
শেরি शेरी ବିଲାତି ମଦ—Sherry.

ଶେଲ୍[ଧାତୁ]+ସଂ—ଗତି କରିବା [ଶବ୍ଦକୋଷ]—
Śel (root) To move.

ଶେଲ୍—ବୈଦେ. ବି—୧ । (ଇଂ. ସେଲ୍)—ତମାଣର ଗୋଳା—
Śel 1. cannon-Shell. ୨ । (ଇଂ. ସେଲ୍) ବିକ୍ରୟ – 2.
শেল सेल Sale. ୩ । ଅଦାଲତ ଆଜ୍ଞାରେ ନିଲାମଦ୍ୱାରା ବିକ୍ରୟ—3. Sale by auction.

ଶେଳ(ଳ)—ଦେ. ବ [ସଂ. ଶଲ୍ୟ]—୧ । ଶର; ବାଣ—1. Arrow;
Ṡela(ḷa) dart. [ଭ—ଶୈଶ୍ୟ ହୃଦୟରେ ଶେଳ ଫୁଟିଲ-ପ୍ରଧାନାଥ
শেল শল ବଦେଶ] ୨ । ଶୂଳ [ଦେଖ] 2. Suḷa (see).

ଶେଳକ—ସଂ. ବ—୧ । ବହୁବାର ବୃକ୍ଷ; ଗର୍ଣ୍ଣା ଗଛ [ଶବ୍ଦକୋଷ]—
Ṡeḷaka 1. Cordia Myxa tree. ୨ । ଓଉ ଗଛ—
2. Dillenia Speciosa tree.

ଶେଳ(ଳେ)ଷ—ଦେ. ବ (ସ. ଶ୍ଳେଷ)—୧ । ପରିହାସ;ଥଟା—1. Jest.
Ṡeḷa(ḷe)ṡa ୨ । (ସ. ଶେଷ୍ମା) ଶ୍ଳେଷ୍ମ (ଦେଖ)—
শ্লেষ श्लेष 2. Ṡḷeshma. (See)

ଶେଳ(ଳେ)ଷ ବଚନ—ଗ୍ରା. ବ (ସ. ଶ୍ଳେଷ ବଚନ)—୧ । ଶ୍ଳେଷ
Ṡeḷa(ḷe)ṡa bachana ବଚନ; ଥଟ୍ଟାଳି କଥା—1. Jestive
শ্লেষ বচন श्लेष वचन words. ୨ । ବ୍ୟଙ୍ଗ୍ୟ ବଚନ—
2. Irony.

ଶେଳ(ଳେ)ଷମ(ମା)—ଦେ. ବ (ସ. ଶ୍ଳେଷ୍ମା)—୧ । ଶ୍ଳେଷ୍ମା (ଦେଖ)—
Ṡeḷa(ḷe)ṡama(mā) 1. Ṡḷeshmā. (See) ୨ । ସରଦି;
শ্লেষ্মা, শর্দ্দি श्लेष्मा ଭଳସ୍ମ—2. Catching cold;
catarrh.

ଶେଳଷମ ଧରିବା—ଦେ. କ୍ରି—ସରଦି ଧରିବା—
Ṡeḷashama dharibā Catching cold.
শর্দ্দি ধরা सर्दी पकड़ना

ଶେଳ(ଳେ)ଷି—ଦେ. ବଣ. ପୁଂ (ସ. ଶ୍ଳେଷରୁ)—ଥଟ୍ଟାଳି—
Ṡeḷa(ḷe)ṡi রসিক मजाकी Jestive; humorous;
(ଶେଳଷୀ—ସ୍ତ୍ରୀ) [ଶେଳଷିଅ—ଅପଭ୍ରଂଶ] witty.

ଶେଳ(ଳ) ସମ—ସ. ବଣ—ଶେଳ ବା ବାଣସଦୃଶ ତୀକ୍ଷ୍ଣ—
Ṡeḷa(ḷa) sama Sharp as a dart.

ଶେଳୁ—ସ. ବ (ବୈଦ୍ୟକ)—୧ । ବହୁବାର; ଗର୍ଣ୍ଣଣା ଗଛ—
Ṡeḷu 1. Cordia Myxa. ୨ । ଓଉ ଗଛ (ଶବ୍ଦକୋଷ)—
2. Dillenia Speciosa.

ଶେଶ୍ୱୀୟମାନ—ସ. ବଣ. ପୁଂ. (ଶ୍ୱି ଧାତୁ=ବୃଦ୍ଧି ପାଇବା+ଅତି-
Ṡeṡwiyamāna ଶୟାର୍ଥେ ଯଙ୍ ଲୁଙ୍ଲୁ ବା ଦ୍ୱିତ୍ୱ=ଶେଶ୍ୱୀୟ
(ଶେଶ୍ୱୀୟମାନା—ସ୍ତ୍ରୀ) ଧାତୁ+କର୍ତ୍ତୃ. ଆନ)—ଅତିଶୟ ସ୍ଫୀତ—
Very much swollen.

ଶେଷ—ସ. ବ (ଶିଷ୍ ଧାତୁ=ବଧ କରିବା, ଅବଶିଷ୍ଟ ରହିବା+
Ṡesha କର୍ତ୍ତୃ. ଅ)—୧ । ସହସ୍ର ଫଣାଧାରୀ ସର୍ପ; ସର୍ପରାଜ
ବାସୁକି; ଅନନ୍ତ ନାଗ—1. The great mythological king of serpents of the Hindus.
[ଭ—ସୃଷ୍ଟି କହିବାକୁ ତୁମ୍ଭର ଦେବାକୁ କୃପା ଦୁଅନ୍ତୁ
ଶେଷର । ଉଦ୍ଧ. ପ୍ରେମ ସୁଧାନିଧି । ୨ । ବଳରାମ;
ଶ୍ରୀକୃଷ୍ଣଙ୍କର ବଡ଼ ଭାଇ—2. The elder step-brother of Ṡrikṛushṇa. ୩ । (କାଳିକା-
ପୁରାଣୋକ୍ତ) ଭଗବାନଙ୍କ ଅବତାର ବିଶେଷ—3. An
incarnation of Bishṇu according to the
Kāḷikāpurāṇa. ୪ । (+ଭାବ. ଅ) ଧ୍ୱଂସ;
ବିନାଶ—4. Destruction; ruin. ୫ । ଅବସାନ;
ଅନ୍ତ—5. End. [ଭ—ରହିଁ ଦେବେ ଦିନ ଶେଷ,
ବାଳା ପାଶେ ଦୂତ କଲା ଚାହିଁ ପ୍ରବେଶ । ଉଦ୍ଧ. ପ୍ରେମ
ସୁଧାନିଧି ।] ୬ । ସମାପ୍ତି—6. Finsh. [ଭ—ଅନେକ
ପ୍ରକାରେ ଶେଷ, ରଖିବେ ପ୍ରଭୁ ପୀଡ଼ବାସ । ଜଗନ୍ନାଥ.
ଭାଗବତ ।] ୭ । ଅବଶେଷ; ବାକି—7. Remains;
remainder; the rest. ୮ । ଉଚ୍ଛିଷ୍ଟ ଖାଦ୍ୟ—
8. Leavings of dinner. ୯ । ଶେଷ ସମୟ—
9. Last time; last moment; time before
death. ୧୦ । ଗଜ (ଶବ୍ଦକୋଷ)—10. Elephant.
୧୧ । ନାଗ (ଶବ୍ଦକୋଷ—11. Nāga. ୧୨ ।
ସ୍ୱୀକୃତେତର ବସ୍ତୁ (ଶବ୍ଦକୋଷ)—12. A thing
which has not been agreed to. ୧୩ । ବଧ
(ଶବ୍ଦକୋଷ)—13. Killing; murder. ୧୪ ।
ପ୍ରସାଦ; ନୈବେଦ୍ୟ (ଶବ୍ଦକୋଷ)—14. The offerings of a Deity. ବଣ (+କର୍ତ୍ତୃ. ଅ)—
୧ । ଅବଶିଷ୍ଟ—1. Remaining. [ଭ—ଏଣୁ ଯାବତ
ବଂଶ ନାଶ, ରହିବେ ସବୁ ପାଞ୍ଚ ଶେଷ । ଜଗନ୍ନାଥ.
ଭାଗବତ ।] ୨ । ଅନ୍ତେ ସ୍ଥିତ—2. Placed last. ୩ ।
ସମୟକ ଅନ୍ତେ ଘଟିବା—3. Last in point of
time. ୪ । ପରିତ୍ୟକ୍ତ—4. Abandoned. ୫ ।
ଉଚ୍ଛିଷ୍ଟ—5, Left after dinner. [ଦ୍ର—ଶେଷ
ଅନେକ ଶବ୍ଦ ସଙ୍ଗରେ ଯୁକ୍ତ ହୋଇ ବିଭିନ୍ନ ଅର୍ଥ ବୁଝାଏ—
ଯଥା—ଅବଶେଷ, ଅଶେଷ, ଋଣଶେଷ, କାଳଶେଷ, ଭାଗ
ଶେଷ, ଦିନ ଶେଷ ଇତ୍ୟାଦି ।]

ଶେଷ କରଣ—ସ. ବ—ଅସମ୍ପନ୍ନ କାର୍ଯ୍ୟର ସମ୍ପାଦନ—
Ṡesha karaṇa Accomplishment of a work
remaining undone.

ଶେଷ କରିବା—ଦେ. କ୍ରି—୧। ସମାପ୍ତ କରିବା—1. To finish. ୨ ।
Ṡesha karibā ବିନଷ୍ଟ କରିବା; ଧ୍ୱଂସ କରିବା—
শেষকরা शेषकरना 2. To destroy; to ruin.
୩। (ସମୟ) ବିତାଇବା; କାଟିବା—3. To pass one's
time. [—ଅର୍ଜୁନ ବନ୍ଦୀ କଲେ ପାଞ୍ଚୋଟି ବରଷ,
ଭୀମଙ୍କ ଭୁଲେ ଯୁଧିଷ୍ଠିର କଲେ ଶେଷ—କୃଷ୍ଣସିଂହ.
ମହାଭାରତ ।]

ଶେଷ କାଳ—ସ. ବ—୧ । ବିନାଶକାଳ—1. Time of ruin.
Ṡesha kāḷa ୨ । ମୃତ୍ୟୁ କାଳ—2. Time of
death. ୩ । ବୃଦ୍ଧାବସ୍ଥା—3. Old age.
୪। ଭବିଷ୍ୟତ୍ କାଳ—4. The future. ୫। ପରବର୍ତ୍ତୀ
ସମୟ—5. Latter days.

ଶେଷକୁ—ଦେ. କ୍ରି. ବଣ—ଅନ୍ତକାଳକୁ; ଅବଶେଷରେ—
Ṡeshaku শেষে आखिर At last.

ଶେଷ ଜାତ — ସ ବି (ଗଣିତ)—ଭଗ୍ନାଂଶର ହରର ସମୀକରଣ ବା
Śesha jāti ଲଘୂକରଣରୂପ ଅଙ୍କପ୍ରକ୍ରିୟା (ବିଶ୍ୱକୋଷ)—
(Mathematics) Assimilation of residues; reduction of fraction of residues or successive fractional remainders.

ଶେଷ ଜୀବନ —ସ. ବି — ୧ । ଜୀବନର ବାକି ଥିବା ସମୟ—1. The
Śesha jibana rest of one's life. ୨ । ବୃଦ୍ଧାବସ୍ଥା—
2. Old age; close of life. ୩ । ଶେଷ ଉପଲକ୍ଷ ବା ଘଟନା—3. Last occasion.

ଶେଷ ଥର(ଦଫା)—ଦେ. ବି—୧ । ଅନ୍ତିମଥର—The last time.
Śesha thara(dafā) শেষবার शेषबार

ଶେଷ ଦଶା—ସ. ବି—୧। ଶେଷ କାଳ(ଦେଖ)—1. Śesha kāla
Śesha dasā (See) ୨ । ମୃତ୍ୟୁ—2. Death.

ଶେଷ ଦେବ(ନାଗ)—ସ. ବି—୧ । ଅନନ୍ତଦେବ; ବିଷ୍ଣୁଙ୍କର ଗୋଟିଏ
Śesha deba(nāga) ଅବତାର-1. An incarnation. of Bishṇu. ୨ । ବାସୁକି; ସର୍ପରାଜ—2. The thousand-headed serpent of the Hindu mythology. [ଦ୍ର— ସୃଷ୍ଟିର ପ୍ରଳୟ (ଶେଷ) ଘଟିଲେ ବିଷ୍ଣୁ ଏହି ନାଗଙ୍କ କୁଣ୍ଡଳ ଉପରେ 'ଅନନ୍ତ ଶୟନ' କରନ୍ତି ଓ ଏ ନାଗଙ୍କର ସହସ୍ର ଫଣା ବିଷ୍ଣୁଙ୍କ ଉପରେ ଛତା ଧରି ଦେଲା ପରି ହୋଇଥାଏ । ବିଷ୍ଣୁଙ୍କ ନାଭିକମଳରୁ ପଦ୍ମ ଫୁଲ ଫୁଟେ ଓ ସେଥିରୁ ବ୍ରହ୍ମା ଜାତ ହୋଇ ପୁଣି ନୂଆ ସୃଷ୍ଟି କରନ୍ତି । ଭଗବାନ୍ ବାସୁକୀ ରୂପରେ ଆପଣା ଫଣାଦ୍ୱାରା ଏ ପୃଥିବୀକୁ ଟେକି ଧରିଅଛନ୍ତି ।]

ଶେଷବତ୍ ଅନୁମାନ(ସାଧନ)—ସଂ. ବି (ନ୍ୟାୟଶାସ୍ତ୍ର)—କାର୍ଯ୍ୟ
Śeshabat anumāna(sādhana) ଦେଖି କାରଣର ଅନୁମାନ—(logic) The inference of the cause by seeing the effect.

ଶେଷବନ୍ଦି ଭାରତୀ—ଦେ. ବି—ଇଂରେଜୀୟ କଶ୍ୟାତ କବି ସ୍କଟଙ୍କର
Śeshabandi bhārati 'ଲେଲ୍ ଅଫ୍ ଦି ଲାଷ୍ଟ ମିନ୍‌ଷ୍ଟ୍ରେଲ୍' ନାମକ କାବ୍ୟର ଓଡ଼ିଆ ପଦ୍ୟାନୁବାଦ--Title of the Oriya metrical translation of Scott's Lays of the last ministrel. [ଦ୍ର—ଏହା ସ୍ୱର୍ଗୀୟ ରାୟସାହେବ ଅଜୟଚନ୍ଦ୍ର ଦାସଙ୍କ ଦ୍ୱାରା ରଚିତ ହୋଇଅଛି ।]

ଶେଷ ବୟସ—ଦେ. ବି (ସ. ଶେଷ+ବୟସ)—ବୃଦ୍ଧବୟସ—
Śesha bayasa শেষবয়স शेषवयस

ଶେଷ ବାର—ସଂ. ବି—ଶେଷ ଥର (ଦେଖ)
Śesha bāra Śesha thara (See)

ଶେଷ ବେଳ—ଦେ. ବି—ଶେଷ କାଳ (ଦେଖ)
Śesha beḻa Śesha kāḻa [see]
শেষকাল शेषसमय

ଶେଷ ବେଳା—ସଂ. ବି—ଅପରାହ୍ନ; ଅପରାହ୍ନ—
Śesha beḻā Afternoon.

ଶେଷ ଭାଗ—ସଂ. ବି—୧ । କୌଣସି ପଦାର୍ଥର ବା ସମୟର ଶେଷ ଅଂଶ
Śesha bhāga —1. The last part. ୨ । ଅବଶିଷ୍ଟାଂଶ 2, Remainder.

ଶେଷ ଭୋକ୍ତା—ସଂ. ବି, ପୁ (ଶେଷ+ଭୋକ୍ତୃ, ୧ମା. ୧ବ)—ଯେଉଁ
Śesha bhoktā ବ୍ୟକ୍ତି ପରିବାରର ସମସ୍ତଙ୍କ ଶେଷରେ ଭୋଜନ କରେ—One who dines last amongst the members of tha family.

ଶେଷ ଭୋଜନ —ସ. ବି—୧ । ଗୃହକୁ ଆମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଭୋଜନ
Śesha bhojana କରାଇ ଶେଷରେ ଖାଇବା (ଶବ୍ଦକୋଷ)—
1. Taking one's meal after feeding all the guests, ୨ । ଯାହାକଶେଷର ଭୋଜନ (ଶବ୍ଦକୋଷ); ଅନ୍ୟ ସମସ୍ତେ ଖାଇସାରିଲା ପରେ ହାଣ୍ଡିରେ ଯାହା ବଳିଥାଏ ତାହା ଖାଇବା—2. Partaking of what remains in the cooking pot after all others have been fed.

ଶେଷ ରକ୍ଷଣ—ସ. ବି—କାର୍ଯ୍ୟ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ତାହା
Śesha rakshaṇa ପ୍ରତିପାଳନ (ଶବ୍ଦକୋଷ)—Perseverance in doing a work to the finis,

ଶେଷ ରହଣି—ପ୍ରାଦେ (ବାଲେଶ୍ୱର) ବି—ଖର୍ଚ୍ଚ କରିବା ପରେ ଶେଷକୁ
Śesha rahaṇi ବାକି ରହିଥିବା ଧନ—Balance in hand.

ଶେଷ ରାତ୍ର—ଦେ: ବି—ଶେଷ ରାତ୍ରି(ଦେଖ)—Śesha rātri (See)
Śesha rātra শেষ রাত্রি शेष रात

ଶେଷ ରାତ୍ରି—ସଂ. ବି—ରାତ୍ରିର ଶେଷ ପହର; ଯାମାନ୍ତ—
Śesha rātri The last watch of the night.

ଶେଷରେ—ଦେ. କ୍ରି. ବିଣ—୧ । ଶେଷ କାଳରେ—1. At last.
Śeshare ୨ । ସମସ୍ତଙ୍କ ପରେ—2. Behind or after all.
শেষে शेषमें

ଶେଷ ଶୟନ—ସ. ବି (୭ମୀ ତତ୍)—ଜଳପ୍ଳାବନରେ ବିଷ୍ଣୁଙ୍କର ଅନନ୍ତ
Śesha śayana ନାଗ ଉପରେ ଶୟନ—The last sleep of Bishṇu in the deluge at the end of the creation and before the beginning of the next creation.

ଶେଷ ଶାୟୀ—ସ. ବିଣ. ପୁଂ (ଶେଷ+ଶୀ ଧାତୁ+କର୍ତ୍ତ. ଣିନ୍)—
Śesha śāyi ଶେଷ ନାଗ ଉପରେ ଶୟନ କରିଥିବା (ବିଷ୍ଣୁ)—
Sleeping on the Śeshanāga. ବି—ବିଷ୍ଣୁ—Bishṇu.

ଶେଷା—ସ. ବି (ଶିଷ୍ ଧାତୁ+କରଣ. ଅ+ଆ)—୧ । ପାରିତୋଷିକ
Śeshā ମାଳା—1. A garland given as a present. ୨ । ଭକ୍ତମାନଙ୍କ ମଧ୍ୟରେ ବଣ୍ଟା ଯିବା ଦେବତାଙ୍କ ପ୍ରସାଦ ବା ଫୁଲ ବା ମାଳା—2. The remains of floral or other offerings made to an idol and distributed amongst the devotees as a holy reliqe (Apte).

ଶେଷାଂଶ—ସ. ବି (ଶେଷ+ଅଂଶ)—ଶେଷ ଭାଗ (ଦେଖ)
Śeshāmsa Śesha bhāga (See)

ଶେଷାଚଳ—ସ. ବ—ମାନ୍ଦ୍ରାଜ ପ୍ରଦେଶର କଡପା ଜିଲ୍ଲାର ପର୍ବତଶ୍ରେଣୀ—
Śeshāchaḻa A range of mountains in the Cuddapah district of Madars.

ଶେଷାନ୍ନ—ସ. ବ—ଉଚ୍ଛିଷ୍ଟ ଅନ୍ନ—
Śeshānna Leavings of food (Apte).

ଶେଷାବସ୍ଥା—ସଂ. ବ (କର୍ମଧା)—୧ । ବୃଦ୍ଧାବସ୍ଥା—1. Old age.
Śeshābasthā ୨ । ମୁମୂର୍ଷ ଅବସ୍ଥା—2. Dying or moribund condition.

ଶେଷା ଶେଷି—ଦେ. ବଣ—ପ୍ରାୟ ଶେଷ; ଶେଷପ୍ରାୟ—Almost
Śeshā śeshi finished. ବ—ଶେଷହେବାର ପୂର୍ବ ଅବସ୍ଥା—
শেষা শেষি প্রায় শেষ The approach of the end.

ଶେଷେ—ସଂ, କ୍ରି· ବଣ—୧ । ଅବଶେଷରେ—1. At last; finally
Śeshe (Apte). ୨ । ଅନ୍ୟାନ୍ୟ ସ୍ଥଳରେ—2. In other cases (Apte).

ଶେଷେଚ୍ଛା—ସଂ· ବ(କର୍ମଧା)—କୌଣସି ବ୍ୟକ୍ତିର ଅନ୍ତିମକାଳର ଅଭିଳାଷ
Śeshechchhā —The last or dying wishes of a person.

ଶେଷୋକ୍ତ—ସଂ. ବଣ—ଯେଉଁ ବିଷୟ ସର୍ବଶେଷରେ କୋହ ଯାଇଅଛି—
Śeshokta Last mentioned; latter. (ଏହାର ବିପରୀତ—
(ଶେଷୋକ୍ତା—ସ୍ତ୍ରୀ) ପୂର୍ବୋକ୍ତ, ପ୍ରଥମୋକ୍ତ)

ଶେଷ୍ଠ(ଷ୍ଠ)—ଗ୍ରା· ବଣ (ସ. ଶ୍ରେଷ୍ଠ)—ଶ୍ରେଷ୍ଠ (ଦେଖ)—Śreshṭha
Śeshṭa(shṭha) শেষ্ট শ্রেষ্ঠ (See)

ଶେଷ୍ଟି(ଷ୍ଠି) କରଣ—ଦେ. ବ—ଶେଠ କରଣ (ଦେଖ)
Śeshṭi(shṭhi) karaṇa Śeṭha karaṇa (See)

ଶେହୁଲ—ଗ୍ରାଦେ. (ସମ୍ବଲପୁର) ବ- ଶେଉଳ (ଦେଖ)—Śeuḻa
Śehul (See)

ଶେହୁଳ—ଦେ. ବ (ସଂ. ଶବୁଳ)—ଶେଉଳ (ଦେଖ)—Śeuḻa
Śehuḻa শোলমাছ सारी मछली (See)

ଶୈ—ଗ୍ରା. ବ· ସ୍ତ୍ରୀ (ସଂ. ସଖୀ)—ସହି; ସ୍ତ୍ରୀଲୋକର ସଖୀ—
Śai A female companion of a lady.

ଶୈକ୍ୟ—ସଂ· ବଣ (ଶିକ୍ୟ+ଅ)—୧ । ଶିକାରେ ରଖା ଯାଇ
Śaikya ଝୁଲା ହୋଇଥିବା—1. Suspended in a loop (Apte). ୨ । ଶିଖାବିଶିଷ୍ଟ—2. Peaked (Apte). ୩ । ମୁନିଆଁ—3. Pointed (Apte).

ଶୈକ୍ଷ—ସଂ· ବ (ଶିକ୍ଷା=ବେଦର ଉଚ୍ଚାରଣନିୟମବୋଧକ ଶାସ୍ତ୍ର+ଅ)—
Śaiksha ୧ । ବେଦ ପଢ଼ିବା ଉଦ୍ଦେଶ୍ୟରେ ପ୍ରଥମ ଶିକ୍ଷଣୀୟ ଉଚ୍ଚାରଣନିୟମବୋଧକ ଶାସ୍ତ୍ରକୁ ଅଧ୍ୟୟନ କରୁଥିବା ଛାତ୍ର—
1. A student learning the treatise on Vedic pronunciation before beginning the study of the Bedas. ୨ । ନବ ଛାତ୍ର—
2. A novice; a tyro (Apte).

ଶୈକ୍ଷିକ—ସଂ. ବଣ· ପୁ (ଶିକ୍ଷା+ଇକ)—ବେଦୋଚ୍ଚାରଣ ନିୟମ-
Śaikshika ବୋଧକ ଶିକ୍ଷାଶାସ୍ତ୍ରବେତ୍ତା—Versed in the science of Vedic pronunciation.

ଶୈଖରିକ—ସଂ. ବ (ଶିଖର=ଅଗ୍ରଭାଗ+ଇକ)—ଅପାମାରଗ ବୃକ୍ଷ—
Śaiksharika Achyranthes Aspera (plant).
(ଶୈଖରେୟ—ଅନ୍ୟରୂପ)

ଶୈଙ୍ଘାଣ ତ୍ୱକ୍—ସଂ. ବ (ଶିଙ୍ଘାଣ+ଅ+ତ୍ୱକ୍)—ନାସାରନ୍ଧ୍ରମଧ୍ୟସ୍ଥ
Śaiṅghāṇa twak ଅଭ୍ୟନ୍ତର ଚର୍ମ—Pituitary membrane.

ଶୈତ(ତା,ତି,ତୁ)—ଦେ· ବ—୧ । (ସଂ· ଶତ୍ରୁଘ୍ନ)—ଶତ୍ରୁଘ୍ନଙ୍କ ଡାକନାମ
Śaita(tā,ti,tu) 1. Names for calling Śatrughna. ୨ । ସତ୍ୟବାଦୀର ଡାକନାମ—
2. Name for calling Śatyabādī.

ଶୈତ୍ୟ—ସଂ. ବ (ଶୀତ+ଭାବାର୍ଥେ ଯ)—ଶୀତଳତା; ଜାଡ଼୍ୟ—
Śaitya Coolness; frigidily,

ଶୈତ୍ୟବୀଜ—ସଂ. ବ (ବୈଦ୍ୟକ) ଧଳାଗୋଲମରିଚ; ଶୀତବୀଜ (ଦେଖ)
Śaityabīja Śītabīja (See)

ଶୈଥ(ଥି)ଳ(ଳା)—ଦେ. ବ. (ସଂ· ଶୈଥିଲ୍ୟ)—ଶୈଥିଲ୍ୟ—
Śaitha(thi)ḻa(ḻā) Slackness. ଦେ· ବଣ. ପୁ—୧ ।
শিথিলতা शिथिल ଶିଥିଳ (ଦେଖ)—1. Śithiḻa (See).
(ଶୈଥିଳୀ—ସ୍ତ୍ରୀ) ୨ । କାମରେ ଢିଲା—2. Lax in work.
୩ । ଯେଉଁ ଲୋକ କାର୍ଯ୍ୟ ସମ୍ବନ୍ଧେ କଡ଼ା ନୁହେଁ—
3. One who is not a strict disciplinarian.
୪ । ଅଳସୁଆ; ମାନ୍ଦା—4. Lazy; idle; slow.

ଶୈଥ(ଥି)ଳା(ଳେ)ଇବା—ଦେ. କ୍ରି (ସଂ. ଶୈଥିଲ୍ୟ)—୧ । ଢିଲାକରିବା;
Śaitha(thi)ḻā(ḻe)ibā ଢିଲାଇବା; ଶିଥିଳ କରିବା—
শৈথিল করা शिथिल करना 1. To slacken; to loosen. ୨ । କାର୍ଯ୍ୟରେ ଢିଲା ବା ଶିଥିଳ ହେବା—2. To neglect work; to work slowly.

ଶୈଥିଳି(ଳି)ଆ—ଦେ. ବ—୧ । କାର୍ଯ୍ୟରେ ଅବସର—1. Relaxa-
Śaithiḻi(li)ā tion of work. ୨ । ଫୁରୁସତ—
ঢীলে सिथिलाई 2. Leisure. ଦେ. ବଣ.
(ଶୈଥିଳେଇ—ସ୍ତ୍ରୀ ବଣ) ପୁ—କାର୍ଯ୍ୟରେ ଶିଥିଳ; ଅଳସୁଆ—
Lazy; negligent.

ଶୈଥିଲ୍ୟ—ସ.·ବ (ଶିଥିଳ+ଭାବ. ଯ)—୧ । ଶିଥିଳତା; ଢିଲାପଣ—
Śaithilya 1. Looseness, slackness; laxity.
୨ । କାର୍ଯ୍ୟ କରିବାରେ ବିଳମ୍ବ ବା ହେଳା—2. Negligence in work; dilatoriness. ୪ । ଅସାବଧାନତା।
4. Want of smartness. ୫ । ଅମନୋଯୋଗ—
5. Inapplication; listlessness; inatentiveness.

ଶୈନେୟ—ସ. ବ. ପୁ(ଶିନି+ଅପତ୍ୟାର୍ଥେ ଏୟ)—୧ । ଯାଦବବଂଶୀୟ
Śaineya ସାତ୍ୟକି—1. Name of a child of the Jādaba race. ୨ । ଶ୍ରୀକୃଷ୍ଣଙ୍କ ସାରଥି—
2. Name of the charioteer of Lord Srikṛushṇa.

ଶୈବ—ସଂ. ବଣ (ଶିବ+ସମ୍ବନ୍ଧାର୍ଥେ ଅ)—୧ । ଶିବସମ୍ବନ୍ଧୀୟ—
Śaiba 1. Relating to Śiba. ୨ । (+ଉପାସକାର୍ଥେ ଅ)—ଶିବଙ୍କଠାରେ ଭକ୍ତିଯୁକ୍ତ—2. Devoted to Śiba.
(ଶୈବୀ—ସ୍ତ୍ରୀ)
ବି. ପୁଂ—୧ । ଶିବଭକ୍ତ; ଶିବପୂଜକ—1. Devotee of Śiba. ୨ । ଶିବପୁରାଣ [ଦେଖ]—2. Śibapurāṇa (See) ୩ । ଧସ୍ତୂର—3. Datura (plant and berries). ୪ । [ଶୀ ଧାତୁ+କର୍ତ୍ତୃ.ବ, ନିପାତନ]ଶୈବାଳ; ଶିଉଳ—4. Moss. ୫ । ବକ ପୁଷ୍ପ [ବିଶ୍ୱକୋଷ]—Sesbania Grandiflora.

ଶୈବ ଚିନ୍ତାମଣି—ସଂ. ବି—ଶୈବ ପୂଜାବିଷୟକ ଶାସ୍ତ୍ରବିଶେଷ—
Śaiba chintāmaṇi A book dealing with the worship of Śiba.

ଶୈବଳ—ସଂ. ବି—୧ । [ନାମ]—ରାମାୟଣ ବର୍ଣ୍ଣିତ ପର୍ବତବିଶେଷ—
Śaibaḷa Name of a mountain described in the Rāmāyaṇa. [ଦ୍ର—ଏହି ପର୍ବତର ଦକ୍ଷିଣ ପାଦଦେଶରେ ଗୋଟିଏ ସରୋବର ତୀରରେ ଶମ୍ବୂକ ନାମକ ଶୂଦ୍ର ମୁନି ତପସ୍ୟା କରୁଥିଲେ, ଏ ପର୍ବତ ବିନ୍ଧ୍ୟ ପର୍ବତର ଦକ୍ଷିଣଭାଗବର୍ତ୍ତୀ—ବିଶ୍ୱକୋଷ] ୨ । (ଶୀ ଧାତୁ +କର୍ତ୍ତୃ. ବଳ)—ଶୈବାଳ (ଦେଖ)—2, Śaibāḷa (See)

ଶୈବଳିତ—ସଂ ବଣ[ଶୈବଳ+ଯୁକ୍ତାର୍ଥେ ଇତ]—ଶୈବାଳବିଶିଷ୍ଟ-
Śaibaḷita Mossy.
[ଶୈବଲ୍ୟ, ଶୈବଳବାନ୍—ଅନ୍ୟରୂପ]

ଶୈବଳିନୀ—ସଂ ବି. ସ୍ତ୍ରୀ[ଶୈବଳ+ଅସ୍ତି ଅର୍ଥରେ ଇନ୍+ଈ]—ନଦୀ; ନଦୀ—River.
Śaibaḷinī

ଶୈବାଗମ—ସଂ ବି—ଶିବପୂଜା ବିଷୟକ ଶାସ୍ତ୍ରବିଶେଷ—
Śaibāgama Title of a treatise on the worship of Śiba,

ଶୈବାଗ୍ନି—ସଂ ବି—ଯଜ୍ଞାଗ୍ନିବିଶେଷ—
Śaibāgni The name of a sacrificial fire.

ଶୈବାଳ—ସଂ ବି [ଶୀ ଧାତୁ—ଶୟନ କରିବା+କର୍ତ୍ତୃ ବାଳ; ଯେ ଜଳରେ ଶୟନ କରେ)—
Śaibāḷa

ଅନ୍ୟ ସଂ ନାମ—ଶୀବଳ, ଶେବାଳ, ଜଳଶାଳୀ[ଳ], ଶୈବାଳ, ବାରଣମଳ, ସଲିଳକୁନ୍ତଳ, କୁଠପର୍ଣ୍ଣୀ, ଅମ୍ବୁଚାଳ, ଶରଦ, ଜଳନେଶ, କାବାର, ଜଳଜ
ଦେ. ନାମ
ପା. ଶେଓଳା, ଜବାଳ
ଅ. ଭୁକଲଶ୍
ଶেঅলা, শেয়ালা
सिवार
পানা जलकुम्भा, कुम्भी

୧ । ଚେଉଁଳି; ଜଳଜ ଉଦ୍ଭିଦ ବିଶେଷ—1. Species of algae; an aquatic plant; Blyxa Octandra, [ଦ୍ର—ଅଦ୍ଭୁତ ଇଟା ପଥରରେ ଜନ୍ମିବା ଶିଉଳ ଶୈବାଳ ନୁହେଁ, ତାହା ଶୈଳେୟ] ୨ । ବାର ପର୍ଣ୍ଣୀ; ଭୂମ୍ବିକା; ବୋଇଁଆଁ ନାମକ ଦଳ—2. Serratophylum Submersum. [ଦ୍ର—ବୈଦ୍ୟଶାସ୍ତ୍ର ମତରେ ଶୈବାଳ କଟୁତିକ୍ତମଧୁରରସ, ଶୀତବୀର୍ଯ୍ୟ, ଲଘୁ ଓ ସ୍ନିଗ୍ଧ; ଏହା ଦାହ, ପିପାସା, ପିତ୍ତ, ରକ୍ତଦୁଷ୍ଟି ଓ ଜ୍ୱରନାଶକ ।]

ଶୈବ୍ୟ—ସଂ. ବଣ [ଶିବ+ସମ୍ବନ୍ଧାର୍ଥେ ଯ]—ଶିବସମ୍ବନ୍ଧୀୟ—
Śaibya Relating to Śiba. ବି—୧ । ପାଣ୍ଡବମାନଙ୍କ ସେନାପତି, ନୃପବିଶେଷ—1, Name of a king who was a general of the Pāṇdabas. ୨ । ଶ୍ରୀକୃଷ୍ଣଙ୍କ ଅଶ୍ୱବିଶେଷ—2. Name of one of the horses used by Srikṛushṇa.

ଶୈବ୍ୟା—ସଂ. ବି. ସ୍ତ୍ରୀ (ନାମ)—୧ । (ନାମ) ରାଜା ହରିଶ୍ଚନ୍ଦ୍ରଙ୍କ ପତ୍ନୀ;
Śaibyā ହରିଶ୍ଚନ୍ଦ୍ର (ଦେଖ)—1. Wife of king Harischandra (See) ୨ । [ନାମ] ରାଜା ସଗରଙ୍କ ଗୋଟିଏ ରାଣୀ—2.One of the queens of Raja Sagara. ୩ । [ନାମ] ମହାଭାରତୋକ୍ତ ପ୍ରତୀପ ରାଜାଙ୍କ ପତ୍ନୀ [ବିଶ୍ୱକୋଷ]—Name of the queen of Pratipa.

ଶୈର—ସଂ. ବଣ [ଶିର+ଅ]—ଶିରାସମ୍ବନ୍ଧୀୟ—
Śaira Relating to nerves or veins.

ଶୈରଜ୍ଞାନ—ସଂ. ବି—ଶିରାଦ୍ୱାରା ଉପଲବ୍ଧ ଜ୍ଞାନ—
Śaira jñāna Knowledge acquired through the veins or nerves.

ଶୈଳ—ସଂ. ବି [ଶିଳା+ସମୂହାର୍ଥେ+ଅ]—୧ । ପର୍ବତ; ଭୂଧର—
Śaiḷa Mountain. ୨ । ଶୈଳେୟ ନାମକ ଗନ୍ଧ ଦ୍ରବ୍ୟ—2. Storax; benzoin. ୩ । ଶିଳାଜତୁ [ବିଶ୍ୱକୋଷ]—3. Mummy gum. ସଂ. ବଣ—୧ । ୧ । ଶିଳାସମ୍ବନ୍ଧୀୟ—1. Relating to stone. ୨ । ପାର୍ବତ୍ୟ—2. Hilly; mountainous. [ଦ୍ର—ଛୋଟ ପାହାଡ଼କୁ ଗଣ୍ଡଶୈଳ କୁହାଯାଏ ।]

ଶୈଳକ—ସଂ ବି (ଶିଳା+ଅକ)—ଶୈଳଜ (ଦେଖ)
Śaiḷaka Śaiḷaja (See)

ଶୈଳ କନ୍ୟା (ତନୟା)—ସଂ ବି (୬ଷ୍ଠୀ ତତ୍)—ପାର୍ବତୀ—
Śaiḷa kanyā (tanayā) Pārbatī.

ଶୈଳ ଗୁରୁ (ପତି)—ସଂ. ବି—ହିମାଳୟ ପର୍ବତ—
Śaiḷa guru (pati) The Himālayas.

ଶୈଳଜ—ସଂ. ବି (ଶୈଳ+ଜନ୍ ଧାତୁ+କର୍ତ୍ତୃ. ଅ)—୧ । ପଥର ଓ ଇଟା ଉପରେ ବର୍ଷା ଦିନେ ବସିବା ଶିଉଳି—1. Lichen; moss deposited on stone or brick. ୨ । ଶୈଳେୟ; ଗନ୍ଧଦ୍ରବ୍ୟ ବିଶେଷ; ଶିଳାପୁଷ୍ପ; ଏକ ପ୍ରକାର ଶିଉଳ—2. Parmalia
Śaiḷaja

ସଂ. ଅନ୍ୟ ନାମ—ଶିଳାପୁଷ୍ପ, ବୃଦ୍ଧ, କାଳାନୁସାର୍ଯ୍ୟକ, ଶଳାବର୍ଜିସ, ଅଶ୍ମପୁଷ୍ପ, ଶୀତଶିବ, ଶୈଳେୟ, ଶିଳାଶନ, ଶୈଳେୟ,

ଶୀତଳ, ଶୈଳ, ଶୈଳସମ୍ଭବ, ଗୁଢ଼	Perlata. [ଦ୍ର—ଏହା ସୁଗନ୍ଧ,
शैलज	ତିକ୍ତରସ, ଶୀତଳ, ଲଘୁପାକ, ହୃଦ୍ୟ,
भूरछरीला, छलेला,	କଫପିତ୍ତନାଶକ ଓ ଦାହ, ତୃଷ୍ଣା,
पत्थरका फूल	ଶ୍ୱାସ, ଅଶ୍ମରୀ, ବ୍ରଣ, କଣ୍ଡୁ,
ପା· ବଓ୍ୱାଲ	କୁଷ୍ଠ, ବସ୍ତିରୋଗ ଓ ରକ୍ତଦୋଷର
ଅ. ଅଶାନ	ଶାନ୍ତିକାରକ ।] ବଣ (୬ଷ୍ଠୀ ତତ୍)
ତେ. ଶୈଲେୟମୁ ମନ୍ନେଦବ୍ୟଂ	— ପର୍ବତରୁ ଜାତ—Produced from or growing in the mountain.

ଶୈଳଜା—ସଂ. ବି. ସ୍ତ୍ରୀ (ଶୈଳ+ଜନ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ· ଆ)—
Ṡa<u>i</u>lajā ୧। (ହିମାଳୟଙ୍କ କନ୍ୟା) ପାର୍ବତୀ; ଦୁର୍ଗା; ଶୈଳସୁତା—1. Pārbatī; Durgā (who is the daughter of the Himā<u>l</u>ayas). ୨। ଗଜପିପ୍ପଳୀ—2. A giant species of long pepper.

ଶୈଳଧନ୍ୱା—ସଂ. ବି. ପୁଂ (ଶୈଳ+ଧନୁସ୍+ବହୁ=ଶୈଳଧନ୍ୱନ୍
Ṡa<u>i</u>la dhanwā ୧ମା·ଏ·ବ.; ଶୈଳ ହୋଇଅଛି ଧନୁ ଯାହାଙ୍କର; କମ୍ବା ଯାହାଙ୍କ ଧନୁ ଶିଳାନିର୍ମିତ)—ମହାଦେବ; ଶିବ—Ṡiba.

ଶୈଳଧର-ସଂ. ବି. ପୁଂ (ଶୈଳ=ଗିରି+ଧୃ ଧାତୁ+କର୍ତ୍ତୃ ଅ; ଯେ ଗୋବ-
Ṡa<u>i</u>ladhara ର୍ଦ୍ଧନ ଗିରିକୁ ଟେକି ଧରିଥିଲେ)—ଗିରିଧାରୀ
(ଶୈଳଧାରୀ—ଅନ୍ୟରୂପ) ଶ୍ରୀକୃଷ୍ଣ—Ṡrikṛushṇa.

ଶୈଳଧାତୁ—ସଂ. ବି—ଗୈରିକ—
Ṡa<u>i</u>la dhātu Red ochre.
(ଶୈଳ ସମ୍ଭବ—ଅନ୍ୟରୂପ)

ଶୈଳ ଧାତୁଜ (ନିର୍ଯ୍ୟାସ)—ସଂ· ବି—(ବୈଦ୍ୟକ). ଶିଳାଜତୁ—
Ṡa<u>i</u>la dhātuja (nirjyāsa) Mummy (gum).

ଶୈଳ ପତ୍ର—ସଂ. ବି (ବୈଦ୍ୟକ)—ବିଲ୍ୱ; ବେଲ—
Ṡa<u>i</u>la patra The marmale fruit.

ଶୈଳ ପୁତ୍ରୀ—ସଂ. ବି. ସ୍ତ୍ରୀ—୧ । ଶୈଳଜା; ପାର୍ବତୀ—Goddess
Ṡa<u>i</u>la putri Pārbati. ୨ । ଗଙ୍ଗାନଦୀ (ଶବ୍ଦକୋଷ) 2. The Ganges.

ଶୈଳ ପ୍ରସ୍ଥ—ସଂ. ବି—ଅଧିତ୍ୟକା (ଶବ୍ଦକୋଷ)—
Ṡa<u>i</u>la prastha Plateau.

ଶୈଳ ବାଳା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍)—୧ । ଶୈଳପୁତ୍ରୀ;
Ṡa<u>i</u>la bā<u>l</u>ā ପାର୍ବତୀ—1. Pārbati. ୨ । ହିମାଳୟ ପତ୍ନୀ; ମେନା—2. The wife of the Himalayas; Menā (the name of a minor mountain chain).

ଶୈଳ ରନ୍ଧ୍ର—ସଂ. ବି (୬ଷ୍ଠୀ ତତ୍)—ଗିରିଗୁହା (ଶବ୍ଦକୋଷ)—
Ṡa<u>i</u>la randhra Cave.

ଶୈଳରାଜ—ସଂ. ବି (୭ମୀ ତତ୍; ଶୈଳ+ରାଜା)—ଗିରିରାଜ;
Ṡa<u>i</u>larāja ହିମାଳୟ ପର୍ବତ; ନଗରାଜ—The Himalayan mountain (literally the king of mountains.
(ଶୈଳବର—ଅନ୍ୟରୂପ)

ଶୈଳ ଶିଖର(ଶୃଙ୍ଗ)—ସଂ. ବି (୬ଷ୍ଠୀ ତତ୍)—ଗିରିଶୃଙ୍ଗ—The
Ṡa<u>i</u>la ṡikhara(ṡruṅga) summit of a mountain.

ଶୈଳ ଶିବିର—ସଂ. ବି (ଶୈଳମାନଙ୍କ ଶିବିର; ସମୁଦ୍ର ଗର୍ଭରେ ବହୁ
Ṡa<u>i</u>la ṡibira ପର୍ବତର ଅବସ୍ଥାନ ଥିବାରୁ)—ସମୁଦ୍ର (ଶବ୍ଦକୋଷ) The sea.

ଶୈଳ ସନ୍ଧି—ସଂ. ବି (୬ଷ୍ଠୀ ତତ୍)—ଉପତ୍ୟକା [ଶବ୍ଦକୋଷ]—
Ṡa<u>i</u>la sandhi Valley.

ଶୈଳ ସାର—ସଂ. ବଣ [ବହୁବ୍ରୀହି]—ଶୈଳପରି ଦୃଢ଼—Strong
Ṡa<u>i</u>la sāra as the mountain.
[ଶୈଳସାରୁ—ସ୍ତ୍ରୀ. ବଣ]

ଶୈଳ ସୁତା—ସଂ. ବି[୬ଷ୍ଠୀ ତତ୍]—୧। (ହିମାଳୟ ପୁତ୍ରୀ) ପାର୍ବତୀ—
Ṡa<u>i</u>la sutā 1. Goddess Pārbatī. ୨ । ଜ୍ୟୋତି-ଷ୍ମତୀ ଲତା [ଶବ୍ଦକୋଷ]—2. Cardiospermum Helicacabum (plant).

ଶୈଳସୁତା ସପତ୍ନୀ—ସଂ. ବି [ଦ୍ୱିତୀୟ ୬ଷ୍ଠୀ ତତ୍]—(ପାର୍ବତୀଙ୍କ ସପତ୍ନୀ)
Ṡa<u>i</u>lasutā sapatni ଗଙ୍ଗାନଦୀ—The river Ganges.
[ଦ୍ର—କାରଣ, ମହାଦେବ ପାର୍ବତୀଙ୍କ ପରି ଏହାଙ୍କୁ ମଧ୍ୟ ଅଙ୍ଗରେ ଧାରଣ କରି ଅଛନ୍ତି]

ଶୈଳାଖ୍ୟ(ହ୍ୱ)—ସଂ. ବି [ଶୈଳ+ଆଖ୍ୟା, ଅହ୍ୱା=ନାମ ଯାହାର;
Ṡa<u>i</u>lākhya(hwa) ବହୁବ୍ରୀହି, ଯାହାକୁ ଶୈଳ ନାମରେ ଡକାଯାଏ ।] ୧ । ଶିଳାଜତୁ—1. Mummy (gum). ୨ । ଶୈଳଜ (ଦେଖ)—2. Ṡa<u>i</u>laja (See).

ଶୈଳାଗ୍ର—ସଂ. ବି [୬ଷ୍ଠୀ ତତ୍]—ଶୈଳ ଶିଖର—The sum-
Ṡa<u>i</u>lāgra mit of a mountain; mountain top.

ଶୈଳାଟ—ସଂ. ବି [ଶୈଳ=ପର୍ବତ+ଅଟ୍ ଧାତୁ=ଭ୍ରମଣ କରିବା
Ṡa<u>i</u>lāṭa +କର୍ତ୍ତୃ. ଅ; ଯେ ପର୍ବତରେ ଭ୍ରମଣ କରେ] ୧ । ବ୍ୟାଧ 1. Hunter. ୨ । ସିଂହ—2. Lion. ୩ । ପାର୍ବତ୍ୟ ଜାତି—3. Hillmen; hill tribes. ୪ । ସ୍ଫଟିକ—4. Crystal; quartz. ୫ । ଶୁଭ୍ର କାଚ—5. White glass.

ଶୈଳାତ୍ମଜା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ଶୈଳ+ଆତ୍ମଜା)—ପାର୍ବତୀ—
Ṡa<u>i</u>lātmajā Pārbati

ଶୈଳାଦି—ସଂ. ବି [ଶିଳାଦ+ଅପତ୍ୟାର୍ଥେ ଇ]—ଶିଳାଦର ପୁତ୍ର ନନ୍ଦୀ
Ṡa<u>i</u>lādi ଶିବାନୁଚର—Nandi; one of the two orderlies of Ṡiba.

ଶୈଳାଧିପ—ସଂ. ବି—(୭ମୀ ବା ୬ଷ୍ଠୀ ତତ୍)—ଗିରିରାଜ ହିମାଳୟ—
Ṡa<u>i</u>lādhipa The Himalayas.
[ଶୈଳାଧିରାଜ, ଶୈଳାଧିପତି, ଶୈଳାଧୀଶ—ଅନ୍ୟରୂପ]

ଶୈଳାଧିପ ତନୟା—ସଂ. ବି. ସ୍ତ୍ରୀ—(୬ଷ୍ଠୀ ତତ୍)—ପାର୍ବତୀ; ଦୁର୍ଗା—
Ṡa<u>i</u>lādhipa tanayā Goddess Pārbati.
[ଶୈଳାଧିରାଜ ତନୟା—ଅନ୍ୟରୂପ]

ଶୈଳାରୋହଣ—ସଂ. ବି—(୭ମୀ ତତ୍; ଶୈଳ+ଆରୋହଣ)—ପର୍ବତ
Sailārohaṇa ଉପରକୁ ଚଢ଼ିବା—Ascending a mountain.
[ଶୈଳାରୋହୀ—ବିଣ. ପୁ]
[ଶୈଳାରୋହଣୀ—ସ୍ତ୍ରୀ]

ଶୈଲା(ଲା)ଲୀ—ସଂ. ବି. ପୁଂ—(ଶିଳାଳ+ଶୀଳାର୍ଥେ. ଇନ୍; ୧ମା ୧ବ.
Sailā(lā)li ଯେ ଶିଳାଳ ବା ନଟଙ୍କ ଶୀଳ ଶାସ୍ତ୍ରାଦ୍ଧ ଆଚରଣ କରେ; ବ୍ୟା ଶିଳାଳ-ନଟସୂତ୍ରଣାରଦ ମୁନିବିଶେଷ, ତାଙ୍କ ଗ୍ରନ୍ଥ ଅଧ୍ୟୟନକାରୀ)—ନର୍ତ୍ତକ; ନଟ—A professional dancer.
[ଶୈଲାଳନୀ—ସ୍ତ୍ରୀ]

ଶୈଳାଶା—ସଂ. ବି—ପାର୍ବତୀ (ହେମବତୀ)—
Sailāsā Pārbati.

ଶୈଳିକ୍ୟ—ସଂ ବିଣ. ପୁଂ—(ଶୀଳ+ଇକ+ଯ)—୧। ଧୂର୍ତ୍ତ; ଚତୁର—
Sailikya 1. Sly; cunning; artful. ୨। ବିଣ ଓ ବି—ସର୍ବଲିଙ୍ଗୀ; ଯେଉଁ ବ୍ୟକ୍ତି ଲୋକଙ୍କୁ ପ୍ରତାରଣା କରିବା ପାଇଁ ନାନାପ୍ରକାର ବେଶ ଧରେ—2. A person who assumes many false garbs to practise deception; a pretender.

ଶୈଳୀ—ସଂ. ବି—(ଶୀଳ+ସ୍ୱାର୍ଥେ. ଷ)—୧। ସ୍ୱଭାବ—1. Nature.
Saili ୨। ଆଚରଣ—2. Conduct; character. ୩। ପ୍ରଣାଳୀ—3. Mode; manner. ୪। ସଂକ୍ଷିପ୍ତ ପ୍ରଣାଳୀ 4. A simple or short method. ୫। ସଦ୍‌ବ୍ୟବହାର—5. Good treatment. ୬। ସଦ୍ଭାବ-6. Cordial relation. ୭। କୌଶଳ—7. Policy; art; device. ୮। (ଆଧୁନିକ ପ୍ରୟୋଗ) ରଚନା ପରିପାଟୀ ବା ବର୍ଣ୍ଣନାବିଶେଷ—8. Style or diction of a composition. ୯। ସଙ୍କେତ; ପ୍ରଜ୍ଞପ୍ତି (ବିଶ୍ୱକୋଷ)—9. Indication. ୧୦। (ଶିଳା+ଅ+ଈ) ଶିଳା ପ୍ରତିମା, ପଥରର ମୂର୍ତ୍ତି (ବିଶ୍ୱକୋଷ)—10. Stone image.

ଶୈଳୀଭବନ—ସଂ. ବି (ଶୈଳ+ଅଭୂତତଦ୍ଭାବେ ଈ+ଭୂ ଧାତୁ+ଅନ+
Sailibhabana ଅ)—(କୋମଳ ପଦାର୍ଥର) ପଥର ପାଲଟି ଯିବା
[ଶୈଳୀଭାବ—ଅନ୍ୟରୂପ] Petrifaction; (a soft thing) being turned into stone.

ଶୈଳୀଭୂତ—ସଂ. ବିଣ—(ଶୈଳ+ଅଭୂତତଦ୍ଭାବେ ଈ+ଭୂତ)—୧।
Sailibhūta ପ୍ରସ୍ତରୀଭୂତ; ପଥର ପାଲଟି ଯାଇଥିବା; ପ୍ରସ୍ତରରେ ପରିଣତ ହୋଇଥିବା (ପଦାର୍ଥ)—1. Petrified; turned into stone. ୨। ପଥର ପରି ଟାଣ ହୋଇଯିବା—2. Hardened like stone.

ଶୈଳୂଷ—ସଂ. ବି. ପୁଂ (ଶୀଳୂଷ+ତସ୍ୟାପତ୍ୟାର୍ଥେ. ଅ)—୧। ନଟ;
Sailūsha ନର୍ତ୍ତକ—1. Dancer; actor. [ଦ୍ର—ଶୀଳୂଷ ନାମରେ ଜଣେ ନୃତ୍ୟୋପଦେଶକ ସଙ୍ଗୀତ ବା ଋଷି ଥିଲେ] ୨। (ଶୈଳ+ବସ୍ ଧାତୁ+ଅ) ଭିଲ ଆଦି ପାର୍ବତ୍ୟ ଜାତି —2.Bheel and other hilly tribes; the hillmen. ୩। (ଶୀଳ+ଋଣାର୍ଥେ+ଊଷ)—ଦୁଷ୍ଟବ୍ୟକ୍ତି; ଠକ—3. A cheat; an imposter. ୪। (ଶୈଳ+ଊଷ; ଏ ଗଛ ପାର୍ବତ୍ୟ ସ୍ଥାନରେ ବେଶୀ ଜନ୍ମୁଥିବାରୁ) ବେଲ ବୃକ୍ଷ—4.The marmalos tree. ୫। (ନାମ; ଶିଳୂଷ+ଅପତ୍ୟାର୍ଥେ ଅ)—ଗନ୍ଧର୍ବରାଜ—5. The name of the chief of Gandharbas. [ଦ୍ର—ଗାନ୍ଧାର ରାଜ୍ୟ (ଆଧୁନିକ କାନ୍ଦାହାର) ଏହାଙ୍କ ରାଜ୍ୟ ଥିଲା। କେକୟରାଜଙ୍କ ପରାମର୍ଶରେ ଭରତଙ୍କ ପୁତ୍ରମାନେ ଶୈଳୁଷଙ୍କ ପୁତ୍ର ଗନ୍ଧର୍ବମାନଙ୍କୁ ଏ ରାଜ୍ୟରୁ ତଡ଼ି ଦେଇ ନିଜେ ଏ ରାଜ୍ୟ ଅଧିକାର କଲେ। ବିଭୀଷଣ ପତ୍ନୀ ସରମା ଶୈଳୁଷଙ୍କ କନ୍ୟା ଥିଲେ।]

ଶୈଳୂଷିକ—ସଂ. ବି. ପୁଂ (ଶୈଳୂଷ+ଇକ)—୧। ନଟ—
Sailūshika 1. An actor. ବିଣ. ପୁଂ—ନଟ ବୃତ୍ତି ଅନ୍ୱେଷଣକାରୀ (ବିଶ୍ୱକୋଷ)—(a person)Seeking employment as a dancer or actor.

ଶୈଳେନ୍ଦ୍ର(ଶ)—ସଂ. ବି.—(୬ଷ୍ଠୀ ତତ୍)—ଗିରିରାଜ; ହିମାଳୟ—
Sailendra (śa) The Himalayas.
ଦେ. ବି. ପୁଂ—ଲୋକଙ୍କ ନାମ— A name given to males.

ଶୈଳେନ୍ଦ୍ରସ୍ଥ—ସଂ. ବି (ଉପପଦ ତତ୍ପୁରୁଷ)—ହିମାଳୟସ୍ଥ—
Sailendrastha Situated in the Himālays.
ବି. ଭୂର୍ଜ ବୃକ୍ଷ—Betula Bhurja (tree)

ଶୈଳେୟ—ସଂ. ବିଣ (ଶୈଳ+ସମ୍ବନ୍ଧାଦ ଅର୍ଥରେ ଏୟ)—୧। ପର୍ବତ
Saileya ସମ୍ବନ୍ଧୀୟ—1. Mountainous. ୨। ପର୍ବତ ଜାତ—2. Produced from the mountain; growing on hills. ୩। [ଶିଳା+ଏୟ] ଶିଳା ସଦୃଶ (ବିଶ୍ୱକୋଷ)—3. Similar to stone. ବି—୧। ଶୈଳଜ; ପାର୍ବତ୍ୟ ଗନ୍ଧ ଦ୍ରବ୍ୟବିଶେଷ—1.Parmalia Perlata. ୨। (ପୁଂ) ସିଂହ—2. Lion. ୩। ସୈନ୍ଧବ ଲବଣ—3. Rock salt. ୪। (ପୁଂ) ମଧୁମାଛି—4. The bee. ୫। (ପୁଂ) ଭ୍ରମର—5.The bumble bee ୬। ଜାଟାମଣ୍ଡୀ (ବିଶ୍ୱକୋଷ); ମୁରା ମାଂସୀ—6. A kind of spikenard.

ଶୈଳେୟୀ—ସଂ. ବି (ଶୈଳ+ଅପତ୍ୟାର୍ଥେ ଏୟ+ଈ)—ପାର୍ବତୀ—
Saileyī Goddess Pārbatī.

ଶୈଳୋଦ୍ଭବ—ସଂ. ବିଣ (୫ମୀ ତତ୍)—ପର୍ବତରୁ ଜାତ—Born of
Sailodbhaba or growing in mountains. ଦେ. ବି-
[ଶୈଳୋଦ୍ଭବା—ସ୍ତ୍ରୀ. ବିଣ] ପ୍ରାଚୀନ ଓଡ଼ିଶାର ଏକ ରାଜବଂଶର ନାମ—The name of a dynasty of kings of ancient Orissa. [ଦ୍ର—ଏହି ବଂଶର ରାଜ୍ୟ କୋଙ୍ଗଦମଣ୍ଡଳ ବା ଆଧୁନିକ ଖୋରଧା ଓ ଋଷିକୁଲ୍ୟା ନଦୀର ଉତ୍ତରକୁ ଥିବା ଗଞ୍ଜାମର ଉତ୍ତରାଂଶକୁ ନେଇ ଗଠିତ ହୋଇଥିଲା। କେଦାରନାଥ ମହାପାତ୍ର]

ଶୈଳୋଦ୍ଭବା—ସଂ. ବି (ଶୈଳୋଦ୍ଭବ+ସ୍ତ୍ରୀ. ଆ)—୧ । କ୍ଷୁଦ୍ର ପାଷାଣ-
Śaiḷodbhabā ଭେଦୀଗୁଳ୍ମ—1. A sort of plant. ୨ । ଦୁଦୁଶାବାଡପୋଷ ଗଛ—2. Coleus Aromaticus. ୩ । ହେମସାଗର ଗୁଳ୍ମ—
3. Sela Gimella; a herbarious plant.

ଶୈଳ୍ୟ—ସଂ. ବିଣ (ଶିଳା+ଯ)—ଶିଳା ସମ୍ବନ୍ଧୀୟ—
Śailya Relating to stone; stony.

ଶୈ ସଙ୍ଗାତ—ଦେ. ବି—ସହି ସଙ୍ଗାତ (ଦେଖ)
Śai saṅgāta Sahi saṅgāta. (See)
सै सखी

ଶୈଶବ—ସଂ. ବି (ଶିଶୁ+ଭାବ. ଅ)-ଶିଶୁତ୍ୱ; ବାଲ୍ୟକାଳ;ବାଲ୍ୟାବସ୍ଥା—
Śaiśaba Childhood; infancy.

ଶୈଶବ ଲୀଳା—ସଂ. ବି (ସ. ପ. ଲୋ)—ଶୈଶବ ସମୟରେ ଅଚରିତ ଲୀଳା)—ବାଲ୍ୟକ୍ରୀଡ଼ା—Child's play.
Śaiśaba līḷā

ଶୈଶବ ସ୍ମୃତି—ସଂ. ବି—ବାଲ୍ୟକାଳର ଘଟଣାମାନ ମନେ ପଡ଼ିବା—
Śaiśaba smṛuti Remembrance or memory of the days of one's childhood.

ଶୈଶବାବଧି—ସଂ: କ୍ରି. ବିଣ—ବାଲ୍ୟକାଳରୁ ଅରମ୍ଭ କରି—
Śaiśabābadhi Since childhood or infancy.

ଶୈଶବାବସ୍ଥା—ସଂ. ବି—ବାଲ୍ୟାବସ୍ଥା—
Śaiśabābasthā Infancy.

ଶୈଶବ୍ୟ—ଦେ. ବି(ଶିଶୁ+ଯ)-ଶୈଶବ; ବାଲ୍ୟାବସ୍ଥା (ଶବ୍ଦକୋଷ)—
Śaiśabya Childhood.

ଶୈଶିର—ସଂ. ବିଣ (ଶିଶିର+ଅ)—୧ । ଶିଶିର ସମ୍ବନ୍ଧୀୟ—
Śaiśira 1. Relating to dew; dewy.
୨ । ଶୀତକାଳୀନ—2. Happening in or appearing in winter. ବି—(ଶୀତକାଳରେ ଏମାନେ ଏ ଦେଶକୁ ଅସୁଥିବାରୁ)—ଶ୍ୟାମବର୍ଣ୍ଣ ଚଟକ ପକ୍ଷୀ—A blueblack species of sparrow; the blue finch bird.

ଶୈଶିରକ—ସଂ. ବି (ଶିଶିର+ଇକ; ଦେବାଦି)—ଈଷଦଗୋଲ; ଶୀତଗାଛ—Plantago Ovata (seed).
Śaiśirika
[ଦ୍ର—ଏହା ଶୀତଦିନେ ଫଳେ ।]
ସଂ. ବିଣ. ପୁଂ—ଶିଶିର ଋତୁରେ ଅଧ୍ୟୟନକାରୀ (ଶବ୍ଦକୋଷ)—Studying during the winter season.

ଶୈଶୁମାର—ସଂ. ବି (ଶିଶୁମାର+ସ୍ୱାର୍ଥେ ଅ)—ଶିଶୁମାରଚକ୍ର (ଦେଖ)
Śaiśumāra The Lesser Bear constellation.

ଶୈଶ୍ନ୍ୟ—ସଂ. ବିଣ. ପୁ (ଶିଶ୍ନ+ଯ)—ଶିଶ୍ନୋପସ୍ଥସୁଖ (ଶବ୍ଦକୋଷ)—Sensual; voluptuous; lewd.
Śaiśnya
[ଶୈଶ୍ନ୍ୟା—ସ୍ତ୍ରୀ]

ଶୈଷ—ସଂ. ବି (ଶେଷ+ଅ)—ଦିବସର ଶେଷାଂଶ (ଶବ୍ଦକୋଷ)—
Śaisha The last part of the day.

ଶୈଷିକ—ସଂ. ବିଣ (ଶେଷ+ଇକ)—ଶେଷସମ୍ବନ୍ଧୀୟ (ଶବ୍ଦକୋଷ)—
Śaishika Relating to the rest or remainder.

ଶୈଷ୍ୟୋପାଧ୍ୟାୟିକା—ସଂ ବି (ଶିଷ୍ୟ+ଉପାଧ୍ୟାୟ+ଇକ+ଆ; ଶିଷ୍ୟ ଓ ଉପାଧ୍ୟାୟଙ୍କ ମଧ୍ୟରେ ଥାଉ ଥିବା ସମ୍ବନ୍ଧ)
Śaishyopādhyāyikā ଶିଷ୍ୟମାନଙ୍କୁ ପାଠ ପଢ଼ାଇବା; ଅଧ୍ୟାପନା—The act of teaching or instructing pupils or students; teachership; tuition.

ଶୋ—ଦେ. କ୍ରି (ଶୀ ଧାତୁ=ଶୋଇବା)—ଶୁଅ; ଶୟନ—Sleeping.
Śo [ଯଥା—ଶୋ ବସ=ଶୋଇବା ବସିବା] । କ୍ରି (ଶୋଇବା କ୍ରିୟାର ଅନୁଜ୍ଞା, ଅନାଦରାର୍ଥକ 'ତୁ' କର୍ତ୍ତା ପରେ ବ୍ୟବହୃତ)—ଶୟନକର—(imperative)
शोआ सोना
शुएपड़ सोजाओ
Do thou sleep. [ଦ୍ର—ସଂସ୍କୃତ ଶୀ ଧାତୁରୁ ଉତ୍ପନ୍ନରେ ଶୋଇବା କ୍ରିୟା ହୋଇଅଛି । ତାହାର ଅର୍ଥ ଭୂମିରେ ଲମ୍ବ ହୋଇ ପଡ଼ିବା (To lie down) । ଚଳିତରେ ଶୋଇବା ଅର୍ଥରେ ସଂସ୍କୃତରେ ସ୍ୱପ୍ ଧାତୁର ପ୍ରୟୋଗ ହୁଏ (To sleep) ।]

ଶୋଆଇବା—ଦେ. କ୍ରି—ଶୋଇବା କ୍ରିୟାର ଣିଜନ୍ତରୂପ—The causative form of the verb Śoibā, to cause to sleep; to lay a person down for sleep. [ଉ—ଖେଳଣ ପାଳଙ୍କେ ବସାଇ ଖଳଙ୍କରେ, ଶୋଆଇଲେ ନ ଶୋଇ ଶୋଇଲୁ ଭୂମିରେ—ବ୍ରଜବିଂଶ. ମହାଭାରତ ।]
Śoāibā
शु(शो)आन
सुलाना

ଶୋଇ—ଦେ. ବି—ରୋହିଜାତୀୟ ଏକପ୍ରକାର ମାଛ—
Śoi A kind of Rohi fish.

ଶୋଇ ଦେବା—ଦେ. କ୍ରି—୧। ଶୁଆଇ ଦେବା; ଶିଶୁ ଆଦିଙ୍କୁ ଶଯ୍ୟାରେ ଶୋଇବା କରାଇବା—1. To put a child on the bed to sleep. ୨ । ନିଦ୍ରା ଯିବା ପାଇଁ ସୁବିଧା ଦେବା; ନିଦ୍ରା ବା ନିଦ୍ରାକୁ ବ୍ୟାଘାତ ନ କରାଇବା—2. To let one sleep. [ଉ—ଅଗଣାରେ ବିଲମାନେ ଗୋଳମାଳ କରୁ ମୋତେ ହବେ ଶୋଇ ଦେଲେ ନାହିଁ ।]
Śoi debā
शुइये देवा
सुला देना

ଶୋଇ ପକା(କେ)ଇବା—ଦେ. କ୍ରି—ଶୁଆଇ ପକାଇବା (ଦେଖ)—
Śoi pakā(ke)ibā Śuāi pakāibā (See)
शुइये फेला सुला देना

ଶୋଇ ପଡ଼ିବା(ଯିବା)-ଦେ. କ୍ରି (ସଂ. ଶୀ ଧାତୁ)-୧। ନିଦ୍ରାଭିଭୂତ ହେବା-
Soi paṛḍibā(jibā) शुयेपड़ा सो पड़ना 1. To fall asleep.
୨ । (ସ୍ତନ) ଅଧୋମୁଖ ହେବା—2. (the female breast) To become flabby. ୩ । (ଲିଙ୍ଗ) ଶିଥିଳ ହେବା—3. (the penis) To become slack.

ଶୋଇ ପିତ(ତ୍ତ)—ଦେ. ବି—ଶୋଇ ମାଛର ପିତ୍ତ—The bile of
Śoi pita(tta) the Śoi fish. [ଦ୍ର—ଚକ୍ଷୁ ରୋଗ ଚିକିତ୍ସାରେ ଏହା ଔଷଧରୂପେ ବ୍ୟବହୃତ ।]
বড় রুইর পিত্তি रोहुका पित्त

ଶୋଇବା—ଦେ. କ୍ରି (ସଂ. ଶୀ ଧାତୁ)—୧ । ଶୟନ କରିବା; ଘୁମ-
Śoibā ହବା—1. To sleep. ୨ । ଶୋଇବା କାମରେ
शुआ ଶଯ୍ୟାରେ ଲମ୍ବିବା—2. To lie down on the bed to

सोना sleep. (ଉ—ଧୋଉରେ ବାସ୍ନା ଧୋ, ସେହିଁ କଅଁଳରେ ଗହଳ ମାଣ୍ଡି ଅ ସେହି କଅଁଳରେ ଶୋ—ଶିଶୁଭକ୍ତଗୀତ) ୩। ଭୂପତିତ ହେବା—3. To lay flat on the ground. [ଉ—ଭଗଟା ବେଗରେ ଯାଉଁମାନେ ବାଟ ଘାଟରେ ପଟାଳି ପରି ଶୋଇଗଲେ ।] ୪। ଲମ୍ବ ଭାବରେ ଦଣ୍ଡାୟମାନ ନ ହୋଇ ଏକଆଡ଼କୁ ଢଳିବା—4. To incline or lean to one side (said of an erect thing). [ଉ—ଏ ଘରର ଖୁଣ୍ଟ ଶୋଇଲାଣି ।] ୫। ଅଧୋମୁଖ ହେବା; ଓହଳିବା—5. To hang down. [ଉ—ଗ୍ରୀଷ୍ମପ୍ରଧାନ ଦେଶରେ ଯୁବତୀମାନଙ୍କର ସ୍ତନ ଅଳ୍ପ ବୟସରେ ଶୁଏ] ୬। (ଲିଙ୍ଗ) ଉତ୍ଥାନ ରହିତ ହେବା—6. To become slack (said of the penis). ୭। (ଣିଜନ୍ତ) ଶୁଆଇବା—7. To cause to sleep. [ଉ—ପୁଅକୁ ଶୋଇଇ ଭୁଞ୍ଜ ମୁଖରେ, ଉଠା କାମକ୍ରୋଳେ କାନମୁଣ୍ଡାରେ—ଶିଶୁ ଗୀତ ।] ୮। କୌଣସି କାର୍ଯ୍ୟରେ ମନ ନ ଦେବା; କାର୍ଯ୍ୟ ନ କରିବା; ପରିଶ୍ରମ ନ କରିବା—8. Not to attend to a work; not to work or labour. ୯। ଅଳସ୍ୟରେ କାଳ କଟାଇବା—9. To idle away one's time. (ଯଥା—ସେତକୁ ଅବାଦ ନ କରି ଶୋଇ ରହିଲେ ଉପାସ ମରେ ।) ୧୦। ରତି କରିବା—10. To cohabit. [ଉ—କଃ ସ୍ତ୍ରୀସ୍ୱାମୀ ଓସରେ ରହିବାକୁ, କାଳ ସେବ ଶୁଅନ୍ତି ଅନ୍ୟ ପୁରୁଷକୁ—ଭୃଙ୍ଗସିଂହ ମହାଭାରତ ।] ବି. ବିଣ—୧। ଶୋଇଲା; ଶାୟିତ; ନିଦ୍ରିତ; ସୁପ୍ତ—1. Asleep; sleeping. (ଯଥା—ଶୋଇବା ପିଲା ।) ୨। ଶୟନାର୍ଥ ବ୍ୟବହୃତ—2. Used for sleeping in. (ଯଥା—ଶୋଇବା ଘର ।) ୩। ଯାହାର ଶୋଇବା ଉଚିତ ବା କର୍ତ୍ତବ୍ୟ—3. One who ought to sleep. [ଯଥା—ତୁ ତ ଘରେ ଶୋଇବା ଲୋକ, ତୁ କଅଁ ଶୁଣିଯାଇ କାଉଁଳାରିକୁ ତୁଲିଲୁ ?] (ଦ୍ର—ଶୋଇବାବେଳେ ଶରୀରର ଭିନ୍ନ ଭିନ୍ନ ଅବସ୍ଥିତି ପାଇଁ ଭିନ୍ନ ଭିନ୍ନ ଶବ୍ଦ ବ୍ୟବହୃତ ହୁଏ । ଯଥା—ଚିତ ହୋଇ ଶୋଇବା, ଓଲମାଡ଼ି ଶୋଇବା, ଲମ୍ବ ହୋଇ ବା ଗୁଡ଼ରାଇ ଲମ୍ଫେଇ ଶୋଇବା ।)

ଶୋଇବା(ଲା) ଘର—ବି. ବି—ଶୟନାର୍ଥ ବ୍ୟବହୃତ ଘର; ଶୟନାଗାର—
Soibā(lā) ghara Bed room; sleeping room;
শু(শো)বার ঘর **सोनेका घर** dormitory.

ଶୋଇବା(ଲା) ପୁଅ—ବି. ବି—ଅନୁପସ୍ଥିତ ବାଳକ—An absent
Soibā(lā) pua child. (ତୁଳ- ଇଂ. Sleeping par-
ঘুমন্ত ছেলে tner—ବାଣିଜ୍ୟରେ ଯେଉଁ ଅଂଶୀଦାର କେବଳ
सोआ लड़का ମୂଳଧନ ଯୋଗାଏ ମାତ୍ର ନିଜେ କିଛି କାର୍ଯ୍ୟଭାର ନିଏ ନାହିଁ ।)

ଶୋଇବା(ଲା) ପୁଅର ଭାଗ ନାହିଁ—(ପ୍ରବଚନ ବା ନ୍ୟାୟ)—ପିଷ୍ଟାଭାଗ
Soibā(lā) puara bhāga nāhiṅ ପରିବାରସ୍ଥ ଶିଶୁମାନଙ୍କ
ঘুমন্ত ছেলে খাবার পায়না ମଧ୍ୟରେ ପିଠା ବଣ୍ଟା ହେଲା ବେଳେ ପରି-
सोए लड़केका हिस्सा नहिं ବାରର ଯେଉଁ ସନ୍ତାନ ନିଦ୍ରିତ ଥିବାରୁ ସେ ସ୍ଥାନରେ ଉପସ୍ଥିତ ହୋଇ ନ ପାରେ, ତା ପାଇଁ ପିଷ୍ଟାଭାଗର ଅଂଶ ରଖା ଯାଏ ନାହିଁ ଓ ଉପସ୍ଥିତ ପିଲାମାନେ ତାକୁ ଖାଇଯାଆନ୍ତି, ଅର୍ଥାତ ସେ ତାର ଭାଗରୁ ବା ଅଂଶରୁ ବଞ୍ଚିତ ହୁଏ । ଏହିପରି ଅନୁପସ୍ଥିତ ବ୍ୟକ୍ତି କୌଣସିଭାଗରୁ ବଞ୍ଚିତ ହେବା ସ୍ଥଳରେ ଏ ପ୍ରବଚନ ବ୍ୟବହୃତ ହୁଏ—An analogy applied to cases where an absent person is deprived of his share of some gift or benefit which he would have got had he been present at the spot.

ଶୋଇବା ବସିବା—ବି. ବି—୧। କୌଣସି କାର୍ଯ୍ୟ ନ କରି ଅଳସ୍ୟରେ
Soibā basibā କାଳ କାଟିବା—1. Spending one's
বসাশুয়া **सोनाबैठना** time without doing anything. ୨। ଶୟନ କରିବା ଓ ବସିବା ଅବସ୍ଥା—2. Sitting and sleeping postures. (ଉ—ଶାଳଗ୍ରାମର ଶୋଇବା ବସିବା ସମାନ—ଲୋକ ।)

ଶୋଇ ରହିବା—ବି. କ୍ରି—୧। ବହୁ ସମୟ ପାଇଁ ନିଦ୍ରା ଯିବା—
Soi rahibā 1. To sleep on; to be asleep for
শুয়েথাকা **सोयेरहना** some time; to go on sleeping. (ଯଥା—ଦିନ ପହରେ ହେଲାଣି, ସମସ୍ତେ ଉଠି ମୁହଁ ହାତ ଧୋଇଲେଣି, ତାକୁ ଅବଶ୍ୟ ଶୋଇ ରହିଛନ୍ତି ।) ୨। ନିଦ୍ରିତ ନ ହୋଇ ଶଯ୍ୟା ଉପରେ ପଡ଼ିରହିବା—2. To lie awake in bed

ଶୋଇଲା—ବି. ବି (ଶୀ ଧାତୁରୁ ଶୋଇବା କ୍ରିୟାର ଭୂତକାଳ, ଅନ୍ୟ
Soilā ପୁରୁଷ ଏକବଚନର ରୂପ; କର୍ତ୍ତା 'ସେ) ଶୟନ କଲା—
শুল **सोया** (he) Slept ବିଣ—୧। ସୁପ୍ତ; ନିଦ୍ରିତ-
ঘুমন্ত **सोयाहुआ** Asleep; sleeping. (ଯଥା—ଶୋଇଲା ପୁଅ) ୨। ଶୟନାର୍ଥେ ବ୍ୟବହୃତ—2. Used for sleeping. (ଯଥା—ଶୋଇଲା ଘର, ଶୋଇଲା ସେଯ) [ଉ—ଶୋଇଲା ସେଯରୁ ଉଠେଇ ନେଇ ପଡେଇ ମନ୍ତ୍ର ଧୂଳି—ଲୋକ ।]

ଶୋଇଲା ଘର—ବି. ବି—ଶୟନାଗାର—
Soilā ghara Bedroom; dormitory.
শোবারঘর **सोनेकाघर**

ଶୋଇଲା ଠଉଁ(ଠାରୁ)ଉଠା(ଠେ)ଇ ଅଣିବା (ନେବା)—ସୁପ୍ତ ବ୍ୟକ୍ତିକୁ
Soilā ṭhauṅ(ṭhāru) uṭhe (ṭhe)iāṇibā(nebā) ଉଠାଇ
বিছানাথেকেতুলিয়েআনা **सोनेसेउठालाना** ଶଯ୍ୟାରୁ ଉଠାଇ ଦର ସଙ୍ଗରେ ଅଣିବା—To rouse and fetch a person directly from the bed.

ଶୋଇଲା ଦୁଧ—ଗ୍ରା. ବି—ତୋଳକ ବା ଶ୍ଳଥ ସ୍ତନ—
Śoilā dudha Hanging female breast.
খসামাই गिरा स्तन

ଶୋଇଲା ଦୁଧୀ—ଗ୍ରା. ବଣ. ସ୍ତ୍ରୀ—ଶିଥିଳସ୍ତନା; ଶ୍ଳଥସ୍ତନୀ (ସ୍ତ୍ରୀ)—
Śoilā dudhī (a woman) With hanging breasts.
যার মাই খসেপড়েছে गिरास्तनवाली

ଶୋଇଲା ପୁଅ—ଦେ. ବି—ଶୋଇବା ପୁଅ (ଦେଖ)
Śoilā pua Śoibā pua (See)

ଶୋଉଳ—ଗ୍ରା. ବି (ସଂ. ଶକୁଳ)—ଶକୁଳ (ଦେଖ)
Śoula Śakula (See)

ଶୋକ—ସଂ. ବି (ଶୁଚ୍ ଧାତୁ=ଖେଦ କରିବା+ଭାବ ଅ)—୧ । ଇଷ୍ଟ-
Śoka ବିୟୋଗଜନିତ ମନୋବେଦନା; ପ୍ରିୟ ବ୍ୟକ୍ତିର ମୃତ୍ୟୁ ବା ବିଚ୍ଛେଦ ଯୋଗୁଁ ମନରେ ଜନ୍ମିବା ଦୁଃଖ—1. Mental pain or sorrow due to the death of or separation from one's dear or beloved person. ୨ । ପ୍ରିୟ ବସ୍ତୁର ଅଭାବ ବା ଅପ୍ରାପ୍ତି ବା ମନୋବାଞ୍ଛାର ଅସିଦ୍ଧି ଯୋଗୁଁ ଚିତ୍ତବୈକଲ୍ୟ—2. Sorrow due to the nonfulfilment of one's desire or for not getting what one wants; grief. ୩ । ମନର ସନ୍ତାପ—3. Mourning; mental sickness; regret.

ଶୋକ କର—ସଂ. ବଣ—(ଶୋକ+କୃ ଧାତୁ+କର୍ତ୍ତୃ. ଅ)—ଶୋକ ଜନକ (ଦେଖ)—Śokajanaka (See)
Śoka kara
(ଶୋକକରୀ—ସ୍ତ୍ରୀ)

ଶୋକ କରିବା—ଦେ. କ୍ରି—୧ । ମନୋବେଦନା ଅନୁଭବ କରିବା—
Śoka karibā 1. To grieve; to sorrow. ୨ । ମନୋବେଦନା ଯୋଗୁଁ କାନ୍ଦିବା—2. To weep on account of grief.

ଶୋକ କାତର—ସଂ. ବଣ. ପୁଂ—(୭ମୀ ତତ୍)—ଶୋକାକୁଳ (ଦେଖ)
Śoka kātara Śokākula (See)
(ଶୋକ କାତରା—ସ୍ତ୍ରୀ) (ଶୋକ କାତରତା—ବି)

ଶୋକକ୍ଲିଷ୍ଟ—ସଂ. ବଣ. ପୁଂ—(୩ୟା ତତ୍) ଶୋକଦ୍ୱାରା ଅଭିଭୂତ;
Śoka klishṭa ମନୋଦୁଃଖଦ୍ୱାରା ଆକ୍ରାନ୍ତ—Overtaken with grief; aggreived; afflicted.
[ଶୋକକ୍ଲିଷ୍ଟା—ସ୍ତ୍ରୀ]

ଶୋକ ଗୀତ(ି)—ସଂ. —ଶୋକ ସଂଗୀତ (ଦେଖ)
Śoka gīta(ti) Śoka saṁgīta (See)
(ଶୋକ ଗୀତିକା—ଅନ୍ୟରୂପ)

ଶୋକ ଜନକ—ସଂ. ବଣ—(ଶୋକ+ଜନ ଧାତୁ ଣିଜନ୍ତ ଜନି ଧାତୁ+
Śokajanaka କର୍ତ୍ତୃ ଅକ)—ଯାହା ବା ଯେ ଶୋକ ଜାତ କରେ—Producing grief; sorrowful.
(ଶୋକଜନୟିତା—ଅନ୍ୟରୂପ) [ଶୋକଜନକା, ଶୋକଜନୟିତ୍ରୀ—ସ୍ତ୍ରୀ]

ଶୋକ ଜନିତ—ସ. ବଣ. (୩ୟା ତତ୍)—ଶୋକରୁ ଜାତ—
Śoka janita Brought about by grief.
(ଶୋକଜନ୍ୟ—ଅନ୍ୟରୂପ)

ଶୋକ ଜର୍ଜର—ସଂ. ବଣ. ପୁଂ (୩ୟା ତତ୍)—ଶୋକଦ୍ୱାରା ଜର୍ଜରିତ
Śoka jarjara ଭାବରେ ଅଭିଭୂତ—Overcome with grief.
(ଶୋକ ଜର୍ଜରିତ, ଶୋକାର୍ତ୍ତ—ଅନ୍ୟରୂପ)
(ଶୋକ ଜର୍ଜରା—ସ୍ତ୍ରୀ)

ଶୋକ ତପ୍ତ—ସଂ. ବଣ. ପୁଂ—(୩ୟା ତତ୍)—ଶୋକକ୍ଲିଷ୍ଟ (ଦେଖ)—
Śoka tapta (ଶୋକତପ୍ତା—ସ୍ତ୍ରୀ) Śoka klishṭa (See)
[ଶୋକତପ୍ତି—ବି]

ଶୋକ ତାପ—ସଂ. ବି—୧ । (ମ. ପ. ଲୋ)—ଶୋକଜନିତ ମନଃପୀଡ଼ା
Śoka tāpa 1. Mental uneasiness due to sorrow. ୨ । (ଏକାର୍ଥକ ସମାସ) ମନୋବେଦନା—2. Grief. ୩ । (ଦ୍ୱନ୍ଦ୍ୱ)—ଶୋକ ଓ ଅନ୍ୟ ମନୋବେଦନା—Grief and other mental uneasiness.

ଶୋକ ତାପିତ—ସଂ. ବଣ. ପୁଂ—(୩ୟା ତତ୍)—ଶୋକକ୍ଲିଷ୍ଟ (ଦେଖ)
Śoka tāpita Śokaklishṭa (See)
(ଶୋକତାପିତା—ସ୍ତ୍ରୀ)

ଶୋକ ଦାୟକ—ସଂ. ବଣ. ପୁଂ—ଶୋକଜନକ (ଦେଖ)
Śoka dāyaka Śoka janaka (See)
[ଶୋକଦାୟୀ—ଅନ୍ୟରୂପ] [ଶୋକଦାୟିକା, ଶୋକଦାୟିନୀ—ସ୍ତ୍ରୀ]

ଶୋକ ନଦୀ—ସ. ବି—(ରୂପକ)—ନଦୀ ସଙ୍ଗେ ତୁଳନା କରାଯିବା
Śoka nadī ଶୋକ—River of grief; grief compared to a flowing river; overflowing grief.
[ଶୋକସରିତ୍—ଅନ୍ୟରୂପ]

ଶୋକ ନାଶ—ସ. ବି—(୬ଷ୍ଠୀ ତତ୍)—୧ । ଶୋକର ନିବୃତ୍ତି—
Śoka nāśa 1. Cessation of grief. ୨ । ଶୋକର ଦୂରୀକରଣ—2. Removal of grief; assuaging of grief. ୩ । (ବହୁବ୍ରୀହି) ଅଶୋକ ବୃକ୍ଷ (ଶବ୍ଦକୋଷ)—The Aśokatree.
[ଶୋକନିବୃତ୍ତି—ଅନ୍ୟରୂପ]
ବଣ.—(ଉପପଦ ତତ୍)—ଶୋକ ନାଶକ—
Removing grief.

ଶୋକ ନାଶକ—ସ. ବଣ. ପୁଂ—(ଉପପଦ ତତ୍; ଶୋକ+ନଶ ଧାତୁ
Śoka nāśaka ଣିଚ୍ ନାଶି ଧାତୁ+କର୍ତ୍ତୃ. ଅକ)—ଶୋକ-
[ଶୋକନାଶିକା—ସ୍ତ୍ରୀ] ଦୂରକାରୀ—Removing grief.

ଶୋକ ପାରାବାର—ସ. ବି—(ରୂପକ)—ଶୋକସାଗର (ଦେଖ)
Śoka pārābāra Śoka sāgara (See)

ଶୋକ ପ୍ରବାହ—ସ. ବି—୧ । (ରୂପକ)—ଶୋକନଦୀ (ଦେଖ)
Śoka prabāha 1. Śokanadī (See)
[ଶୋକବେଗ—ଅନ୍ୟରୂପ] ୨ । (୬ଷ୍ଠୀ ତତ୍) ଦୀର୍ଘକାଳବ୍ୟାପୀ ଶୋକ—2. Grief lasting for a long time.

ଶୋକ ବର୍ଦ୍ଧି—ଦେ.ବି.—ଛନ୍ଦ ବିଶେଷ—A kind of metre.
Śoka barardi [ଉ—ବଡ଼ଦାଣ୍ଡରୁ ଶୁଣାଇ ଗୀତ ଶୋକ ବର୍ଦ୍ଧି ସ୍ୱରେ ହେ—ଉଷ. ବୈଦେହୀଶବିଳାସ ।]

ଶୋକ ବର୍ଦ୍ଧକ—ସଂ. ବଣ (୬ଷ୍ଠୀ ତତ୍)—ଯାହା ବା ଯେ ଶୋକକୁ ବଢ଼ାଏ
Śoka barddhaka —Aggravating one's sorrow.

ଶୋକ ବର୍ଦ୍ଧନ—ସଂ. ବି—(୬ଷ୍ଠୀ ତତ୍)—ଶୋକର ବେଗ ବଢ଼ିଯିବା; ଶୋକର ବୃଦ୍ଧି—Aggravation of one's grief.
Śoka barddhana
[ଶୋକବୃଦ୍ଧି—ଅନ୍ୟରୂପ]

ଶୋକ ବହ୍ନି—ସଂ. ବି—(ରୂପକ)—୧ । ବହ୍ନି ବା ଅଗ୍ନି ପରି ଦାହକ ଶୋକ—1. Grief compared to fire.
Śoka bahni
୨ । ଗଭୀର ଶୋକ—2. Great or profound grief.

ଶୋକ ବିହୀନ—ସଂ. ବଣ. ପୁଂ (ନଞ୍ ତତ୍)—ଶୋକଶୂନ୍ୟ (ଦେଖ)
Śoka bihina Śokaśūnya (See)
(ଶୋକବିହୀନା—ସ୍ତ୍ରୀ)

ଶୋକ ବ୍ୟଞ୍ଜକ—ସଂ. ବି—(ଉପପଦ ତତ୍)—୧ । ଶୋକସୂଚକ; ଯାହା ଦ୍ୱାରା ଶୋକ ହେବା ବ୍ୟକ୍ତିର ହୃଦୟର ଶୋକ ବ୍ୟକ୍ତିତ ବା ସୂଚିତ ହୁଏ—1. Indicating the grief of one's heart. ୨ । ଯାହା ଅନ୍ୟ ବ୍ୟକ୍ତିର ମନରେ ଶୋକର ଭାବ ଉପୁଯାଏ—2 Producing grief in the mind of another.
Śoka byañjaka

ଶୋକ ଭାଗୀ—ସଂ. ବଣ. ପୁଂ—ଅନ୍ୟ ବ୍ୟକ୍ତିର ଶୋକର ଅଂଶଗ୍ରହଣକାରୀ—Sharing another's grief.
Śoka bhāgi
[ଶୋକଭାଗିନୀ—ସ୍ତ୍ରୀ]

ଶୋକ ରହିତ—ସଂ. ବଣ. ପୁଂ—(ନଞ୍ ତତ୍)—ଗତଶୋକ—
Śoka rahita Freed from grief.
[ଶୋକରହିତା—ସ୍ତ୍ରୀ] [ଶୋକରାହିତ୍ୟ—ବି]

ଶୋକ ରୁଦ୍ଧ—ସଂ. ବଣ—(ନଞ୍ ତତ୍)—ଶୋକ ଯୋଗୁଁ ବନ୍ଦ ହୋଇ ଥିବା (କଣ୍ଠ ବା ଶ୍ୱାସ ବା ବାକ୍ୟ)—1. (voice or breath or words) Restrained by grief; blocked up by grief. ୨ । ଶୋକ ଯୋଗୁଁ ଜଡ଼ୀଭୂତ—(ଯଥା ଶୋକରୁଦ୍ଧ ବଚନ, ଶୋକ ରୁଦ୍ଧ କଣ୍ଠ)—2. Paralysed or benumbed with grief.
Śoka ruddha

ଶୋକ ରୋଗ—ସଂ. ବି—(ଦ୍ୱନ୍ଦ୍ୱ)—ମାନସିକ ଓ ଶାରୀରିକ ବେଦନା -
Śoka roga Mental and bodily suffering; sorrow and sickness.

ଶୋକ ଶୂନ୍ୟ—ସଂ. ବଣ. ପୁଂ (ନଞ୍ ତତ୍)—୧ । ଗତଶୋକ—
Śoka śūnya 1. Free from grief. ୨ । ଯାହାର ଶୋକ ନାହିଁ—2. Not affected by grief.
[ଶୋକଶୂନ୍ୟା—ସ୍ତ୍ରୀ]
(ଶୋକ ଶୂନ୍ୟତା—ସ୍ତ୍ରୀ)

ଶୋକ ସଙ୍ଗୀ—ସଂ. ବଣ. ପୁଂ—ସମାନ ଭାବରେ ଶୋକକ୍ଲିଷ୍ଟ —
Śoka sangi Equally grieved. ବି.—ଶୋକ କରିବା ବେଳେ ଯେ ଶୋକ କରୁଥିବା ବ୍ୟକ୍ତି ପରି ଶୋକ କରେ—A companion in one's grief or sorrow.
[ଶୋକସଙ୍ଗିନୀ—ସ୍ତ୍ରୀ]

ଶୋକ ସଙ୍ଗୀତ—ସଂ. ବି—(ମ. ପ. ଲୋ; ଶୋକସୂଚକ ସଙ୍ଗୀତ)—୧ । ଶୋକୋଦ୍ଦୀପକ ଗୀତ—1. A song which produces grief in the mind of the hearer. ୨ । ଶୋକାର୍ତ୍ତ ବ୍ୟକ୍ତିର ଗୀତ—2. The song of a grieved person.
Śoka sangita

ଶୋକ ସନ୍ତପ୍ତ—ସଂ. ବଣ—(ନଞ୍ ତତ୍)—ଶୋକତପ୍ତ (ଦେଖ)
Śoka santapta Śoka tapta (See)
[ଶୋକ ସନ୍ତାପିତ—ଅନ୍ୟରୂପ]
[ଶୋକ ସନ୍ତପ୍ତା, ଶୋକ ସନ୍ତାପିତା—ସ୍ତ୍ରୀ]

ଶୋକ ସନ୍ତାପ—ସଂ. ବି—୧ । (ମ. ପ. ଲୋ)—ଶୋକଜନିତ ମନୋବେଦନା—Mental agitation due to grie. ୨ । (ଦ୍ୱନ୍ଦ୍ୱ)—ଶୋକ ଓ ମନୋଦୁଃଖ—Grief and regret.
Śoka santāpa

ଶୋକ ସମୁଦ୍ର—ସଂ. ବି (ରୂପକ)—ସମୁଦ୍ର ପରି ଗଭୀର ଓ ଉଚ୍ଛ୍ୱାସମୟ ଶୋକ—Ocean or sea of grief deep and overflowing grief.
Śoka samudra
ଶୋକସାଗର / ଶୋକସିନ୍ଧୁ } ଅନ୍ୟରୂପ—

ଶୋକ ସମ୍ବରଣ—ସଂ. ବି (୬ଷ୍ଠୀ ବା ୭ମୀ ତତ୍)—ଶୋକକୁ ସମ୍ଭାଳିବା,
Soka sambarana Overcoming the pangs of grief,

ଶୋକ ସମ୍ବରଣ କରିବା—ଦେ. କ୍ରି—ଶୋକ ଭୁଲିବା; ଶୋକାକୁଳ ମନକୁ ଥଣ୍ଡା କରିବା—
Śoka sumbarana kariba
শোক সম্বরণ করিবা শোকবেগ To onecome the pangs one's greifs to calm ones sorrowing mind

ଶୋକହରଣ—ସଂ. ବି—ଶୋକର ନିବାରଣ—Thereventing of grief; the redressing ones sorrow; assuaging of ones sorrow
Śokaharana

ଶୋକହାରକ—ସଂ. ବଣ. ପୁଂ (ଉପପଦତତ୍)—ଶୋକର ନିବାରକ—Prevennting grief,
Sokaharaha
(ଶୋକହାରୀ—ଅନ୍ୟରୂପ)
(ଶୋକହାରିକା, ଶୋକହାରିଣୀ—ସ୍ତ୍ରୀ)

ଶୋକ କାରୀ—ସଂ. ବି—ବନବବୁରିକା; ବଣଜାତ ଏକପ୍ରକାର ତୁଳସୀ; ବନତୁଳସୀ—A plant; a sort of wild Basil plant.
Sokakāri

ଶୋକହୀନ—ସଂ. ବଣ. ପୁଂ—ଶୋକଶୂନ୍ୟ—Devrid of grief or sorrow.
Soka hina
(ଶୋକହୀନା—ସ୍ତ୍ରୀ)

ଶୋକାକୁଳ—ସଂ. ବଣ. ପୁଂ (ନଞ୍ ତତ୍)—ଶୋକ ଜର୍ଜ୍ଜରିତ—
Sokakula (ଦେଖ) Soka jarjjarita (See)
ଶୋକାକୁଳିତ, ଶୋକାକ୍ରାନ୍ତ, ଶୋକାର୍ତ୍ତ—ଅନ୍ୟରୂପ)
(ଶୋକାକୁଳା, ଶୋକାକୁଳିତା, ଶୋକାକ୍ରାନ୍ତା, ଶୋକାର୍ତ୍ତା—ସ୍ତ୍ରୀ)

ଶୋକାଗାର—ସଂ. ବି (ମ. ପ. ଲୋ)—ରାଜପ୍ରାସାଦର ଯେଉଁ ଗୃହରେ ରାଜପରିବାରର ବ୍ୟକ୍ତିମାନେ ଶୋକ କରନ୍ତି (କୋପଗୃହ)—A room where a royal family go to give vent to its grief.
Śokāgāra

ଶୋକାଗ୍ନି—ସଂ. ବି. (ରୂପକ)—ଶୋକ ବହ୍ନି (ଦେଖ)—
Śokāgni Śoka bahni (See)
(ଶୋକାନଳ—ଅନୁରୂପ)

ଶୋକାତୁର—ସଂ ବିଣ. ପୁଂ (୭ମୀ ତତ୍ ବା ୩ୟା ତତ୍)—ଶୋକଗ୍ରସ୍ତ;
Śokātura କାତର; ଦୁଃଖକ୍ଲିଷ୍ଟ—Afflicted with grief.
(ଶୋକାତୁରା—ସ୍ତ୍ରୀ) (ଶୋକାତୁରତା—ବି)

ଶୋକାପନୟନ—ସଂ. ବି (୬ଷ୍ଠୀ ତତ୍)—୧ । ଶୋକର କାରଣକୁ
Śokāpanayana ଦୂର କରିବା—1. The removal of the cause of grief. ୨ । ଶୋକ ସନ୍ତପ୍ତ ବ୍ୟକ୍ତିର ଶୋକକୁ ଅଳ୍ପ କରିବା—2. Assuaging of the sorrow of a grieving person.
(ଶୋକାପନୋଦନ, ଶୋକାପହରଣ—ଅନୁରୂପ)

ଶୋକାବିଷ୍ଟ—ସଂ. ବିଣ. ପୁଂ (୭ମୀ ତତ୍, ଶୋକ+ଆବିଷ୍ଟ)—ଶୋକ
Śokābishsta କାତର—Afflicted with grief; sorrowful; grieved.
(ଶୋକାବିଷ୍ଟା—ସ୍ତ୍ରୀ)

ଶୋକାବେଗ—ସଂ. ବି (୬ଷ୍ଠୀ ତତ୍)—ଶୋକର ପ୍ରଭାବ; ଶୋକ-
Śokābega ଜନିତ ପୀଡ଼ା ବା ଶୋକବୈକଲ୍ୟ—The pangs of grief.

ଶୋକାର୍ଣ୍ଣବ—ସଂ. ବି (ରୂପକ)—ଶୋକ ସମୁଦ୍ର (ଦେଖ)
Śokārnnaba Śoka samudra (See)

ଶୋକାର୍ତ୍ତ—ସଂ. ବିଣ. ପୁଂ—ଶୋକ କାତର (ଦେଖ)—
Śokārtta Śoka kātara (See)
(ଶୋକାର୍ତ୍ତା—ସ୍ତ୍ରୀ)

ଶୋକିତ—ସଂ. ବିଣ (ଶୋକ+ଇତ)—ଶୋକଯୁକ୍ତ—Sorrowful.
Śokita [ଦ୍ର—ବୋଲି ବୋଲ ଏମନ୍ତ, କରନ୍ତେ ସମସ୍ତେ ଶୋକିତ—ଉତ୍ତ. ବୈଦେହୀଶବିଳାସ ।]

ଶୋକାରି—ସଂ. ବି (୬ଷ୍ଠୀ ତତ୍)—(ଶୋକ=ପ୍ରିୟ ବସ୍ତୁବିରହଜନିତ
Śokāri ଖେଦର ଅରି=ଶତ୍ରୁ ବା ନାଶକ)—କଦମ୍ବ ଗଛ—A kind of tree; Neuclea Cadamba.

ଶୋକୋଚ୍ଛ୍ୱାସ—ସଂ. ବି (୬ଷ୍ଠୀ ତତ୍)—୧ । (ରୂପକ) ଶୋକ-
Śokochchhwāsa ପ୍ରବାହ—1. The overflow of grief. ୨ । (ମଧ୍ୟ ପଦଲୋପୀ) ଶୋକଜନିତ ଦୀର୍ଘ-ନିଶ୍ୱାସ—2. Sighs of grief.

ଶୋକୋଚ୍ଛ୍ୱସିତ—ପୁଂ }
ଶୋକୋଚ୍ଛ୍ୱସିତା—ସ୍ତ୍ରୀ } —ବିଣ

ଶୋକୋତ୍ପାଦକ—ସଂ.ବିଣ(ଉପପଦ ତତ୍)-ଯାହା ଶୋକ ଜନ୍ମାଏ—
Śokotpādaka Causing sorrow.
(ଶୋକୋତ୍ପାଦିକା—ସ୍ତ୍ରୀ, ଶୋକୋତ୍ପାଦନ—ବି)

ଶୋକୋଦ୍ଦୀପକ—ସଂ. ବି (ଉପପଦ ତତ୍)—ଯାହା ଶୋକର ବେଗକୁ
Śokoddīpaka ବଢ଼ାଏ-Increasing grief; adding to sorrow.
(ଶୋକୋଦ୍ଦୀପିକା—ସ୍ତ୍ରୀ)(ଶୋକୋଦ୍ଦୀପକତା—ବି)

ଶୋକୋଦ୍ଦୀପନ(ନା)—ସଂ. ବି [୬ଷ୍ଠୀ ତତ୍]—୧ । ଶୋକବୃଦ୍ଧି;
Śokoddīpana(nā) ଶୋକବର୍ଦ୍ଧନ—1. increase of sorrow. ୨ । ମନରେ ଶୋକ ଜାଗିବା—The coming over of grief in the mind.

ଶୋକୋଦ୍ଦୀପ୍ତ—ସଂ. ବିଣ [୩ୟା ତତ୍]—ଶୋକବେଗରେ ଉଦ୍ଦୀପିତ;
Śokoddīpta ଶୋକଉଦ୍ବେଳିତ [ରୂପକ]—Overflowing with grief; overcome with grief

ଶୋକୋଦ୍ଭବ—ସଂ.ବିଣ [୭ମୀ ତତ୍]—ମନରେ ଶୋକ ଜାତ ହେବା—The
Śokodbhaba coming over of grief in the mind.
(ଶୋକୋଦ୍ଭୂତ—ବିଣ)

ଶୋକୋଦ୍ଭୂତ—ସଂ. ବିଣ. [୫ମୀ ତତ୍]—ଶୋକରୁ ଜାତ—
Śokodbhūta Caused by sorrow or grief; due to grief.

ଶୋକୋଲା—ବୈଦେ. ବି. [ଫ.]—ଚକୋଲେଟ୍‌ର ଫ୍ରେଞ୍ଚ ଉଚ୍ଚାରଣ—
Śokolā The French pronunciation of chocolate.
শোকোলা शोकोला

ଶୋଗେଇତର—ଗ୍ରାଦେ, ବିଣ.[ସଉତାଣ]ସ୍ତ୍ରୀ—ସ୍ନେହଶୀଳା; ସେଉଁ ସ୍ତ୍ରୀ-
Śogeitara ସାବତ ପୁଅକୁ ସ୍ନେହ ପାଏ—Very loving; fond of one's step-son.

ଶୋଙ୍ଗର୍ଦ୍ଦା—ଦେ. ବି—ଏକପ୍ରକାର ଗୋରୁ—
Songardā A kind of cattle.

ଶୋଚନ—ସଂ. ବି (ଶୁଚ୍ ଧାତୁ=ମନୋଦୁଃଖ କରିବା+ଭାବ. ଅନ)—
Sochana ୧ । ଶୋକ କରିବା; ଶୋକ ପ୍ରକାଶ—1. Sorrowing. ୨ । ଶୋକ—2. Grief; sorrow. ୩ । ଅନୁକମ୍ପା—3. Pity; compasion. ୪ । ଅନୁତାପ—4 Repentance; regret. ସଂ. ବିଣ. ପୁଂ (+କର୍ତ୍ତୃ. ଅନ)—ଶୋକଶୀଳ (ଶବ୍ଦକୋଷ)—Ginen to sorrowing.

ଶୋଚନା—ସଂ. ବି (ଶୁଚ ଧାତୁ+ଭାବ. ଅନ+ଆ)—ଶୋଚନ;
Sochana ଦୁଃଖ—Sorrow. [ଦ୍ର—ଶାସ୍ତ୍ର ଜଣାଇଲ ଘଟଣା, ଉଚିତ ଗୋ ନାହିଁ ଶୋଚନା—ସଙ୍ଗୀତ ।]

ଶୋଚନା କରିବା—ଦେ. କ୍ରି—୧ । ଅନୁଶୋଚନା କରିବା—1. To
Sochanā karibā regret; to repent. ୨ । ମନୋଦୁଃଖ କରିବା—2. To grieve.
শোচনা করা शोक करना

ଶୋଚନୀୟ—ସଂ. ବିଣ(ଶୁଚ୍ ଧାତୁ+କର୍ମ ଅନୀୟ)—୧ । ଶୋଚ୍ୟ; ଯାହା
Sochaniya ପାଇଁ ଶୋକ କରଯାଏ; ଶୋକର ବିଷୟୀଭୂତ—1. Object of grief; regrettable. ୨ । ଅନୁକମ୍ପନୀୟ—2. Pitiable. ୩ । ଦୟାର ପାତ୍ର—3. Object of pity.

ଶୋଚ (ଧାତୁ)—ସଂ. (ଶୁଚ୍ ଧାତୁ ଣିଚ୍)—୧ । ଶୋକ କରିବା—
Sochi (root) 1. To grieve. ୨ । ଅନ୍ୟକୁ ଶୋକ ସନ୍ତପ୍ତ କରିବା—2. To cause grief to another:

ଶୋଚିଃ—ସଂ. ବି (ଶୁଚ୍ ଧାତୁ=ଦୀପ୍ତ ହେବା+ଇସ୍=ଶୋଚିସ୍,
Sochih ୧ମା. ୧ବ.)—୧ । ଶିଖା—1. Flame. ୨ । ଜ୍ୱାଳା—2. Glare. ୩ । ପ୍ରଭା—3. Lustre.

ଶୋଚୟିତବ୍ୟ—ସଂ. ବଣ (ଶୁଚ୍ ଧାତୁ ଣିଚ୍=ଶୋଚି ଧାତୁ+କର୍ମ. Šochitabya ତବ୍ୟ)—ଶୋଚନୀୟ (ଦେଖ)—Šochaniya (See)

ଶୋଚିବା—ଦେ. (ପଦ୍ୟ) କି (ସଂ. ଶୁଚ୍ ଧାତୁ)—୧ । ଶୋକ Šochibā କରିବା—1. Go grieve. ୨ । ଅନୁତାପ କରିବା ଅ(শো চা শোক করনা 2. To regret.

ଶୋଚିଷ୍କେଶ—ସଂ. ବି (ଶୋଚିଃ=ଶିଖା ହୋଇଅଛି କେଶ ଯାହାର)—Šochishkeša ୧ । ଅଗ୍ନି; ଜଳ୍ପ—1. Fire. ୨ । ଚିତା ଗୁଳ୍ମ; ଚିତକ ବୃକ୍ଷ—2. Plumbago Zeylanica (tree).

ଶୋଚ୍ୟ—ସଂ. ବଣ (ଶୁଚ୍ ଧାତୁ+କର୍ମ. ଯ)—ଶୋଚନୀୟ; ଯାହା ଲାଗି Šochya ଶୋକ କରାଯାଏ—1. Regrettable. ୨ । ଅନୁ- (ଶୋଚ୍ୟା—ସ୍ତ୍ରୀ) କମ୍ପନୀୟ—2. Pitiable.

ଶୋଚ୍ୟକ—ସଂ. ବଣ (ଶୋଚ୍ୟ+କ)—୧ । କ୍ଷୁଦ୍ର—1. Small. Šochyaka ୨ । ନୀଚ—2 Low; mean. ୩ । କନିଷ୍ଠ—3. Youngest. ୪ । ଅପବିତ୍ର—4. Unholy.

ଶୋଚ୍ୟ ଦେଶ—ସଂ. ବି—ଅପବିତ୍ର—Šochya deša Unholy.

ଶୋଟୀର୍ଯ୍ୟ—ସଂ. ବି (ଶୁଟୀର=ବୀର+ଭାବ.ଯ)—୧ । ବଳ; ପରାକ୍ରମ—Šoṭirjya 1, Might ୨ । ଦମ୍ଭ; ଗର୍ବ—2. Pride, arrogance. ୩ । ସାହସ—3. Bravery.

ଶୋଠ—ସଂ. ବଣ (ଶୁଠ୍ ଧାତୁ=ଆଳସ୍ୟ କରିବା+କର୍ତ୍ତୃ. ଅ)—୧ । Šoṭha ଅଳସୁଆ—1. Idle; lazy. ୨। ମୂର୍ଖ—2. Dunce; foolish. ୩। ଧୂର୍ତ୍ତ—3. Sly, artful; cunning rogue. ୪ । ନୀଚ—4. Mean; low; abominable. ୫ । ପାପରତ (ଶବ୍ଦକୋଷ)—5. Sinful

ଶୋଣ୍ (ଧାତୁ)—ସଂ—୧ । ରକ୍ତବର୍ଣ୍ଣ କରିବା—1. To redden. Šoṇ (root) ୨ । ରଞ୍ଜିତ କରିବା—2. To dye. ୩ । ରକ୍ତ ବର୍ଣ୍ଣ ହେବା—3. To become red. ୪ । ଗତି କରିବା (ଶବ୍ଦକୋଷ)—4. To move.

ଶୋଣ୍—ଦେ. ବି (ସଂ. ଶୋଣ)—ଶୋଣ ନଦୀ—The river Šoṇ শোণ সোন Sone.

ଶୋଣ୍ କେନାଲ୍—ଦେ. ବି—ସେଚନରେ ଜଳସେଚନାର୍ଥ ଶୋଣନଦୀରୁ Šoṇ kenāl ଖୋଲାହୋଇଥିବା କୃତ୍ରିମ ଜଳନାଳି—The Sone শোণ খাল সোনকী নহর canal. (ଶୋଣ ୬ ତଳେ ନୋଟ ଦେଖ ।)

ଶୋଣ—ସଂ. ବଣ (ଶୋଣ୍ ଧାତୁ+କର୍ମ.ଅ)—ରକ୍ତବର୍ଣ୍ଣବିଶିଷ୍ଟ—Red. Šoṇa [ଉ—ଶୋଣପଦ୍ମ ଚରଣ ଦେବ ଉତ୍ପମଞ୍ଜରୀ ସାଜେ—ପ୍ରତାପ. ଶଶିସେଣା ।] ବି—୧ । (ନାଲ୍ କଇଁ ଭଳି) ରକ୍ତବର୍ଣ୍ଣ—1. Red colour (like that of the red lily). ୨। ଅଗ୍ନି—2. Fire. ୩। ମଙ୍ଗଳ ଗ୍ରହ—3. The planet Mars. ୪ । ରକ୍ତବର୍ଣ୍ଣ ଘୋଟକ—4. A red horse. ୫ । ସମୁଦ୍ର—5. The sea. ୬ । ଗଙ୍ଗାନଦୀର ଉପନଦୀ ବିଶେଷ—6. The river Sone, a tributary of the Ganges in Bihar. [ବି—ଏହାକୁ ନଦ ବୋଲାଯାଏ । ମଧ୍ୟପ୍ରଦେଶ ଜିଲ୍ଲାରେ ଅମରକଣ୍ଟକ ଅଧିତ୍ୟକାରୁ ୨୮୩୨ ଫୁଟ୍ ଉଚ୍ଚ ପାହାଡ଼ରୁ ଉତ୍ତରମୁଖ ହୋଇ ମଧ୍ୟ ଭାରତର ବଘେଲଖଣ୍ଡ ନିକଟରେ ମିଶି ସେଠୁ ବାଟେ ଉତ୍ତରପୂର୍ବାଭିମୁଖରେ ଗତି କରି ଯୁକ୍ତ ପ୍ରଦେଶର ମିର୍ଜାପୁର, ବିହାରର ସାହାବାଦ ଓ ଗୟା ଜିଲ୍ଲା ବାଟେ ଯାଇ ପାଟଣା ଜିଲ୍ଲାର ଦାନାପୁରର ୧୦ ମାଇଲ ଉତ୍ତର ପଶ୍ଚିମରେ ଦକ୍ଷିଣଦିଗକୁ ଯାଇ ଗଙ୍ଗାନଦୀରେ ପଡ଼ିଅଛି । ଏହାର ମଧ୍ୟ କେତେଗୁଡ଼ିଏ ଉପନଦୀ ଅଛି । ଏ ନଦୀର ପ୍ରାଚୀନ ନାମ ହିରଣ୍ୟବାହୁ । ଇଷ୍ଟ ଇଣ୍ଡିଆ ରେଲବାଇର କୋଇଲୱାର୍ ନାମକ ସ୍ଥାନରେ ରେଲ କମ୍ପାନି ଏ ନଦୀ ଉପରେ ଗୋଟିଏ ପୋଲ (୪୧୯୯ ଫୁଟ୍ ଲମ୍ବ) ତିଆରି କରିଛନ୍ତି । ବିହାର ପ୍ରଦେଶରେ ପାଟଣା, ଗୟା ଓ ସାହାବାଦ ଜିଲ୍ଲାର କ୍ଷେତରେ ପାଣି ମଡ଼ାଇବା ପାଇଁ ଏ ନଦୀରୁ କେନାଲମାନ ଖୋଲା ହୋଇଅଛି । ଡେହରୀ ଗ୍ରାମ ନିକଟରେ ନଦୀର ଜଳସ୍ରୋତକୁ ଅଟକାଇ ଅନିକଟ୍ ଦ୍ୱାରା ସେଠାରେ ଗୋଟିଏ ବୃହତ୍ ଜଳଭଣ୍ଡାର କରି, ସେହି ଜଳଭଣ୍ଡାରରୁ ଏ କେନାଲମାନଙ୍କରେ ସେଚନକୁ ପାଣି ଦିଆଯାଉଅଛି—ଶବ୍ଦକୋଷ ।] ୭ । ରକ୍ତବର୍ଣ୍ଣ ଇକ୍ଷୁ ବିଶେଷ—7. A species of red sugarcane. ୮ । ସ୍ୱର୍ଣ୍ଣପତ୍ରିକା; ସୁନାମଖି—8. Cassia Senna, Senna) ୯ । ସିନ୍ଧୁବାର; ବେଗୁନିଆ—Vitex Taifolia ୧୦ । ଫଣଫଣିଆ—10 Bignonia Indica ୧୧ । ମାଣିକ୍ୟ—11. Ruby. ୧୨ । ରକ୍ତ—12, Blood. ୧୩ । ସିନ୍ଦୂର—13, Red lead. ୧୪ । ରକ୍ତ ପୁନର୍ନବା (ଶବ୍ଦକୋଷ)—14 The red variety of hogweed

ଶୋଣ(ଣା)କ—ସ. ବି (ଶୋଣ=ରକ୍ତବର୍ଣ୍ଣ+ ଅକ୍ ଧାତୁ ହେବା+ଅ)-Šoṇa(ṇā)ka ଫଣଫଣ (ଦେଖ —Bignonia ফণফণা সেনাসান Indica

ଶୋଣ ଝିଣ୍ଟୀ—ସ. ବି (ବୈଦ୍ୟକ—ଲୁଚୁଚିକ; ଅର୍ଥ ଲେଉ ଫୁଲ ଓ Šoṇa jhiṇṭi ଗଛ; ନାଲି ଦାସକେରେଣ୍ଟା ଗୁଳ୍ମ—A red-flowered plant; Barlaria Crestata.

ଶୋଣ ନଦ(ଦୀ)—ଶୋଣ ୬ (ଦେଖ)
Šoṇa nada(di) Šoṇa 6. (See)

ଶୋଣ ପତ୍ର—ସ.ବି (ବୈଦ୍ୟକ) ·ରକ୍ତ ପୁନର୍ନବା; ନାଲି ପଚୁଣୀ ଶାଗ—Šoṇa patra The red species of hogweed.

ଶୋଣ ଭଦ୍(ଦ୍ରା)—ସ. ବି—ଶୋଣ ୬ (ଦେଖ)
Šoṇa bhadra(drā) Šoṇa 6· (See)

ଶୋଣ ରତ୍ନ(ମଣି)—ସ. ବି—ମାଣିକ୍ୟ—
Šoṇa ratna(maṇi) Ruby.

ଶୋଣ— ସ୍ତ୍ରୀ· ବି (ସଂ. ଶୋଣ, ଶୋଣିତ) —ରକ୍ତ—
Śoṇi Blood.

ଶୋଣିତ—ସଂ. ବିଣ (ଶୋଣ=ରକ୍ତବର୍ଣ୍ଣ+ତାକାରେ. ଇତ)—
Śoṇita ଲୋହିତ—Red. ସଂ. ବି—୧ । ରକ୍ତ; ରୁଧିର—
1. Blood. ୨ । (ବୈଦ୍ୟକ) କୁଙ୍କୁମ; କାଶ୍ମୀର—
2. Saffron. ୩ । ତୃଣ କୁଙ୍କୁମ—3. A sort of
red grass. ୪ । ରସାଞ୍ଜନ; ଅଠା (ଶବ୍ଦକୋଷ)—
4. Gum. ୫ । ତାମ୍ର (ଶବ୍ଦକୋଷ)—5. Copper.
୬ । ହିଙ୍ଗୁଳ (ଶବ୍ଦକୋଷ)—6. Vermilion:

ଶୋଣିତ ପାତ—ସଂ. ବି (୬ଷ୍ଠୀ ତତ୍)— ରକ୍ତପାତ (ଦେଖ)
Śoṇita pāta Raktapāta. (See)

ଶୋଣିତ ପାନ—ସଂ. ବି (୬ଷ୍ଠୀ ତତ୍)—ରକ୍ତପାନ (ଦେଖ)
Śoṇita pāna Raktapāna. (See)

ଶୋଣିତ ପାୟୀ—ସଂ.ବିଣ. ପୁଂ (ଶୋଣିତ+ପା ଧାତୁ+କର୍ତ୍ତୃ. ଇନ୍)—
Śoṇita pāyī ରକ୍ତପାନକାରୀ—Drinking blood.
(ଶୋଣିତ ପାୟିନୀ—ସ୍ତ୍ରୀ)

ଶୋଣିତ ପୁର—ସଂ. ବି—ବାଣାସୁରର ରାଜଧାନୀ—Name of the
Śoṇita pura capital of the demon king
Bāṇāsura. [ଦ୍ର—ଏହା ଅଧୁନାତନ ବାଲେଶ୍ୱରର
ଗୁଜରାଟ ଅଟେ । ଗୁଜରାଟରେ ଅଦ୍ୟ 'ଊଷାମେଢ଼' ନାମକ
ସ୍ଥାନ ଅଛି ।]

ଶୋଣିତ ବର୍ଷୀ—ସଂ. ବିଣ—ଯହିଁରୁ ବର୍ଷାପରି ରୁଧିର ନିର୍ଗତ ହୁଏ—
Śoṇita barshi Bleeding profusely.
(ଶୋଣିତ ବର୍ଷିଣୀ—ସ୍ତ୍ରୀ)

ଶୋଣିତ ବିନ୍ଦୁ — ସଂ. ବି (୬ଷ୍ଠୀ ତତ୍)—ରକ୍ତ ବିନ୍ଦୁ—
Śoṇita bindu Drop of blood.

ଶୋଣିତ ରଞ୍ଜିତ—ସଂ. ବି (ତୃତୀୟା ତତ୍; ଶୋଣିତ+ରଞ୍ଜିତ)—
Śoṇita rañjita ରକ୍ତରଞ୍ଜିତ—Dyed with blood.

ଶୋଣିତ ଶୋଧକ—ସଂ. ବିଣ (ଉପପଦ ତତ୍)—ରକ୍ତ ପରିଷ୍କାରକ;
Śoṇita śodhaka ଶରୀରର ବଦ୍‌ରକ୍ତକୁ ଯେଉଁ ଔଷଧ
(ଶୋଣିତ ଶୋଧନ—ବି) ପରିଷ୍କାର କରେ—(medicine)
Which improves or purifies impure
blood.

ଶୋଣିତ ଶୋଷକ—ସଂ. ବିଣ (ଉପପଦ ତତ୍)—୧ । ଯେ ରକ୍ତକୁ
Śoṇita śoshaka ଶୋଷି ନିଏ—1. Sucking blood.
(ଶୋଣିତ ଶୋଷଣ—ବି) ୨ । (ଯେଉଁ ଔଷଧ) ରକ୍ତକୁ ଶୁଖାଇ
ଦିଏ—[medicine] Which dries up the
blood

ଶୋଣିତ ସ୍ରାବ—ସଂ. ବି (୬ଷ୍ଠୀ ତତ୍)—ରକ୍ତସ୍ରାବ—Bleeding;
Śoṇita srāba flow of blood; discharge of
(ଶୋଣିତ ସ୍ରାବୀ—ସ୍ତ୍ରୀ) blood.

ଶୋଣିତାକ୍ତ—ସଂ. ବିଣ (୩ୟା ତତ୍)—ରକ୍ତାକ୍ତ—
Śoṇitākta Besmeared with blood.

ଶୋଣିତାର୍ଦ୍ର—ସଂ. ବିଣ· (୩ୟା ତତ୍)—ରକ୍ତରେ ବୁଡ଼ି ଯାଇଥିବା—
Śoṇitārdra Blood-soaked.

ଶୋଣିମା—ସଂ. ବି (ଶୋଣ+ଇମନ୍=ଶୋଣିମନ୍‌ର ୧ମା. ୧ବ) —
Śoṇimā ରକ୍ତିମା—Redness.

ଶୋଣୀ—ସଂ. ବି. ସ୍ତ୍ରୀ (ଶୋଣ+ଈ)—୧ । ନାଲିକଇଁ ପରି ବର୍ଣ୍ଣବିଶିଷ୍ଟ
Śoṇī ସୁନ୍ଦରୀ ସ୍ତ୍ରୀ; (ଯାହା ଦେହ ଉଜ୍ଜ୍ୱଳତା ଗୋରୁ ଓ ଦେହରେ
ଜଡ଼ିତ ଯେ ତା ଦେହରେ ହାତ ମାରିଦେଲେ ରକ୍ତ ବାହାର
ପଡ଼ିବ)—1. A woman of the colour of red
water-lily. ୨ । ବଡ଼ବା (ଶବ୍ଦକୋଷ) (ଦେଖ)—
2. Baṛdabā. (See)

ଶୋଥ—ସଂ. ବି (ଶୁ ଧାତୁ=ବୃଦ୍ଧିପାଇବା+ଭାବ. ଅ)—ଦେହ ମଧ୍ୟରେ
Śotha ଜଳସଞ୍ଚାର ଯୋଗୁଁ ଷ୍ଫୀତିରୋଗ; ଦେହଫୁଲା ରୋଗ—
Dropsy; swelling of parts of the body;
(ଶୋଥରୋଗ—ଅନ୍ୟରୂପ) plethora; aedima.
[ଦ୍ର—ଭିନ୍ନ ଭିନ୍ନ ସ୍ଥାନର ଶୋଥର ନାମ ଭିନ୍ନ ଭିନ୍ନ ଅଟେ ।
ଯଥା – ଉଦରଶୋଥ, ପାଦଶୋଥ; ମୁଖଶୋଥ
ଇତ୍ୟାଦି ।]

ଶୋଥ କୃତ—ସଂ. ବିଣ—ଯାହା ଶୋଥ ଜନ୍ମାଏ ବା ଦେହ ଫୁଲାଏ—
Śotha krut Producing swelling of the
body. ବି (ବୈଦ୍ୟକ)—ଭଲ୍ଲାତକ; ଭଲିଅ (ଏହା
ଲାଗିଲେ ଦେହ ଫୁଲିଯାଏ ବୋଲି)—Marking nut;
Semecarpa Sanacardium.

ଶୋଥଘ୍ନ—ସଂ. ବିଣ—ଯାହା ଶୋଥ ରୋଗକୁ ନାଶ କରେ—
Śothaghna Curing drops.
(ଶୋଥଘ୍ନୀ—ସ୍ତ୍ରୀ)
(ଶୋଥହାରକ, ଶୋଥହର—ଅନ୍ୟରୂପ)

ଶୋଥଘ୍ନୀ—ସଂ. ବି (ବୈଦ୍ୟକ)—୧ । ରକ୍ତପୁନର୍ନବା; ନାଲିସାରୁଣୀ ଶାଗ
Śothaghnī 1. The red species of hogweed
୨ । ଶ୍ୱେତ ପୁନର୍ନବା; ଧଳାସାରୁଣୀ ଲତା ଶାଗ—
2. The ordinary spreading hogweed
Boerhoveia Diffusa. ୩ । ଶାଳପର୍ଣ୍ଣୀ—
3. Desmodium Gangeticum.

ଶୋଥା—ଦେ. ବିଣ (ସଂ. ଶୋଥଯୁକ୍ତ)—ଶୋଥରୋଗାକ୍ରାନ୍ତ—
Sothā Suffering from dropsy; plethoric.
(ଶୋଥୁଆ, ଶୋଥାଉଆ—ଅନ୍ୟରୂପ)
(ଶୋଥୀ, ଶୋଥେଇ, ଶୋଥାଣେଇ—ସ୍ତ୍ରୀ)
শোথা ফুলা ফুলা সুজা

ଶୋଦ୍(ଧ୍)—ଦେ. ବିଣ (ସଂ. ଶୁଦ୍ଧ)—ଶୁଦ୍ଧ (ଦେଖ)—Śudh (See)
Śod(dh) (ଦ୍ର—ଡାକ୍ତରଙ୍କୁ ଶୋଦ୍ ଶବ୍ଦକୁ ଗଲେ ସିଦ୍ଧେଶ୍ୱର-
ଶୁଧ ବରାବର ସ୍ମରଣରେ ଦେଖିବ ।)

ଶୋଧ—ସଂ. ବି (ଶୁଧ୍ ଧାତୁ+ଭାବ. ଅ)—୧ । ଶୁଝ; ଋଣ ପରିଶୋଧ;
Śodha ଋଣ 'ଶୁଝିବା—1. Satisfaction of a loan;
clearing or liquidation of debt ୩ ।
ଦେୟ ପରିଶୋଧ—3. Aquittance of any due

শোধন [ଦ୍ର—ଶୋଧ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଋଣଶୋଧ;
शोधन ପରଶୋଧ, ମୂଲଦୁଅଶୋଧ, ଦେଉଳଶୋଧ, ବୋଧଶୋଧ ଅାଦି ରୂପରେ ବ୍ୟବହୃତ ହୁଏ । ଦେ. ବି (ସଂ. ଶୋଧନ) କୌଣସି ସ୍ଥାନରୁ ସମସ୍ତଙ୍କୁ ବାହାର କରିଦେଇ ନିର୍ଜନ କରାଇବା ଅବସ୍ଥା—The state of a place being made lonely by driving out persons.

ଶୋଧକ—ସଂ. ବିଣ—(ଶୁଧ୍ ଧାତୁ+ଣିଚ୍ ଶୋଧି ଧାତୁ+କର୍ତ୍ତୃ. ଅକ)
Śodhaka ୧ । ଶୁଦ୍ଧିକାରକ—1. Corrective. ୨ । ପବିତ୍ରକାରକ—2. Purifying. ବି—(ଅଙ୍କ ଶାସ୍ତ୍ର)—ବୃହତ୍ତର ରାଶିରୁ ଯେଉଁ ରାଶି ଶୁଦ୍ଧ ହୁଏ ସେହି କ୍ଷୁଦ୍ରତର ରାଶି—A subtrahend; a smaller number which is to be subtracted from a larger one.

ଶୋଧ କରିବା—ଦେ. କ୍ରି—୧ । (ସଂ. ଶୁଧ୍ ଧାତୁ)—ଶୁଝିବା; ପରିଶୋଧ କରିବା—1. To pay off or clear off (debts). ୨ । ମନ୍ଦିର ଅବା କୌଣସି ବଶିଷ୍ଟ ଯାତ୍ରୀ ବା ପରଦାନସିନ ସ୍ତ୍ରୀ ଯିବା ସମୟରେ ସେଠାରୁ ଅନ୍ୟ ସମସ୍ତ ଯାତ୍ରୀଙ୍କୁ ବାହାର କରି ଦେବା—2. Drive away ordinary people from a temple when a particular personge or female visits the god. ୩ । ଘର ତିଆରି କରିବା ପୂର୍ବରୁ ମୂଳଭୂଅର ମାଟିକୁ ଉତ୍ତମରୂପେ ଚଷିବା ଓ ଗଭୀରରୂପେ ଖୋଳିବା—3. To dig deep the earth before laying the foundation of a house.

ଶୋଧନ(ନା) ଦେବା—ଦେ. କ୍ରି—ଗାଳି ଦେବା; ଭର୍ତ୍ସନା କରିବା—
Śodhana(nā) debā To chide; to rebuke.
গালা গালি দেওয়া [କ୍ରି—ସେଲ୍ଟି ତାଂ ପଚ୍ଚ ହୋଇ ଶରଧୀ
गाली फजीहत देना ବୋହୂକୁ ଶୋଧନା ଦେଲ୍ଲ—ଭୂଲ୍ରଭାନଥଭୁଣ୍ଡୀ ।]

ଶୋଧନ—ସଂ. ବି—ଶୁଧ୍ ଧାତୁ ଣିଚ୍=ଶୋଧି ଧାତୁ+ଭାବ. ଅନ)—
Śodhana ୧ । ନିର୍ଦ୍ଦୋଷ କରଣ—1. Correction. ୨ । ସଂଶୋଧନ; ସଂସ୍କାର—2. Reforming. ୩ । ଶୁଦ୍ଧିକରଣ—3. Purification. ୪ । ଋଣଶୋଧ—4. Liquidation of debts. ୫ । ଉପକାରର ପ୍ରତିଶୋଧ—5. Requital. ୬ । ଅପକାରର ପ୍ରତିଶୋଧ—6. Taking revenge; retaliation. ୭ । ପରିଷ୍କାର କରଣ—7. Cleansing. ୮ । ହରଣ; ଭାଗକରଣ—8. Division. ୯ । (ବୈଦ୍ୟକ) ଧାତୁ ଅାଦିକୁ ନିର୍ଦ୍ଦୋଷକରଣ—9. Purification of metals. ୧୦ । ବିରେଚନ; ଝାଡ଼ା କରାଇବା—10. Opening or clearing of the bowels; pergation. ୧୧ । ଔଷଧରେ ବ୍ୟବହାର କରିବା ପାଇଁ ବିଷ ଅାଦିରୁ ଦୋଷଦୂରୀକରଣ—11. Rectification of poisons. ୧୨ । ଅପନୟନ; ଖଣ୍ଡନ—12. Obliteration; blotting out. ୧୩ । ତୁତ୍ଥ; ତୁତିଆ—13. Blue vitriol. ୧୪ । ମଳ; ବିଷ୍ଠା—14. Ordure. ୧୫ । ପ୍ରାୟଶ୍ଚିତ୍ତ—(ବିଶ୍ୱକୋଷ—15. Expiatory rites. ୧୬ । ବ୍ରଣ ଘାଆଦିର ପରିଷ୍କରଣ (ବିଶ୍ୱକୋଷ)—16. Clearing of boils and sores. ୧୭ । (ସ୍ମୃତି)—ଲିଖିତ ପତ୍ରାଦିର ପ୍ରମାଣୀକରଣ (ବିଶ୍ୱକୋଷ)—17. (Hindu law) Proving of a document. ୧୮ । ଅପହୃତ ଦ୍ରବ୍ୟର ସଂଖ୍ୟାନିର୍ଣ୍ଣୟ [ବିଶ୍ୱକୋଷ]—19. Ascertaining the number of stolen articles. ୧୯ । କାଶୀସ [ବିଶ୍ୱକୋଷ]—19. Green sulphate of iron. ୨୦ । ବିହିତାବିହିତ ମାସ ତିଥ୍ୟାଦିର ବିଚାରଣ (ବିଶ୍ୱକୋଷ)—20. Consideration of the suitability or otherwise of a particular month or day for the performance of certain acts. ୨୧ । ନିମ୍ବୁକ [ବିଶ୍ୱକୋଷ]—21. Lemon; lime. ବିଣ—
গালাগালি ଶୁଦ୍ଧିକାରକ—Purifying. ଦେ. ବି—ଗାଳି-
गाली फजीहत ମନ୍ଦ; ଶୋଧା—Rebuke; abuse; calling names.

ଶୋଧନ ଖା(ପା)ଇବା—ଦେ. କ୍ରି—ଭର୍ତ୍ସିତ ହେବା—
Śodhana khā(pā)ibā To be abused or rebuked.
গালাগালি খাওয়া गाली फजीहत पाना

ଶୋଧନ ଚଢ଼ା(ଢ଼େ)ଇବା—ଦେ. କ୍ରି-ଗାଳି ମନ୍ଦ କରିବା; ଗାଳିଦେବା—
Śodhana chaṛhā(ṛhe)ibā To rebuke; to call names.
গালাগালি দেওয়া गाली फजीहत देना
(ଶୋଧନ ଦେବା—ଅନ୍ୟରୂପ)

ଶୋଧନ ମିଳିବା—ଦେ. ବି—ଅନ୍ୟଦ୍ୱାରା ଭର୍ତ୍ସିତ ହେବା—
Śodhana miḷibā Being abused or rebuked by another.
গালাগালি মিলা गाली फजीहत पाना

ଶୋଧନ ବିଧି—ସଂ. ବି (ବୈଦ୍ୟକ)—ବୈଦ୍ୟଶାସ୍ତ୍ର ଅନୁସାରେ ଭିନ୍ନ ଭିନ୍ନ
Śodhana bidhi ବସ୍ତୁ (ଯଥା—ବିଷ; ଉପଧାତୁ ଅାଦି)କୁ ଔଷଧର ଉପାଦାନରୂପେ ବ୍ୟବହାର କରିବା ପୂର୍ବରୁ ତାହାର ଦୋଷ ଓ କୁଗୁଣମାନ ଦୂର କରିବା ନିମନ୍ତେ ନିର୍ଦ୍ଦିଷ୍ଟ ବିଧାନ—The rules and processes prescribed for rectifying different ingredients before using them as medicine.

ଶୋଧନ ବୃଷ୍ଟି—ଦେ. ବି—ବିଶେଷ ପରିମାଣରେ ତିରସ୍କାର—
Śodhana bṛushṭi A volley of abuses.
গালাগালি বৃষ্টি गालीकि बर्षा

ଶୋଧନୀ—ସଂ. ବି (ଶୁଧ୍ ଧାତୁ ଣିଚ୍=ଶୋଧି ଧାତୁ+କରଣ ଅନ+
Śodhanī ଈ)—(ଯାହାଦ୍ୱାରା ଗୃହ ଅାଦି ପରିଷ୍କୃତ ହୁଏ)—

ସମ୍ମାର୍ଜନୀ; ଝାଡ଼ୁଣୀ; ଝାଡ଼ୁ—Broomstick; sweeping brush.

ଶୋଧନୀୟ—ସଂ. ବଣ (ଶୁଧ୍ ଧାତୁ+ଅନୀୟ; ଶୁଧ୍. ଧାତୁ ଣିଚ୍=ଶୋଧି Śodhaniya ଧାତୁ+ଅନୀୟ)—ଯାହା ସଂଶୋଧନ କରିବା ଯୋଗ୍ୟ—Corrigible; fit or liable to be corrected.

ଶୋଧ ବୋଧ—ଦେ. ବି—ବୁଝାଇ ଶୁଝାଇ କମ୍ପା କଥା କହି Śodha bodha କରି କୌଣସି ବ୍ୟକ୍ତିକୁ ସନ୍ତୁଷ୍ଟ କରିବା—বুঝান সুঝান बुझा सुझा Satisfying a person.

ଶୋଧ ଯି(ହେ)ବା—ଦେ. କ୍ରି.—ଶୁଝି ଯିବା; ଶୁଝି ହେବା; ପରିଶୋଧ Śodha ji(he)bā ହେବା—(ଋଣ)—To be cleared of শোধ যাওয়া शोध होना (said of debts).

ଶୋଧୟିତବ୍ୟ—ସଂ. ବି (ଶୁଧ୍ ଧାତୁ ଣିଚ୍+କର୍ମ. ତବ୍ୟ)—ଶୋଧିତ Śodhayitabya ହେବାର ଯୋଗ୍ୟ—Fit to be purified.

ଶୋଧୟିତା—ସଂ. ବଣ ଓ ବି (ପୁ.) (ଶୁଧ୍ ଧାତୁ ଣିଚ୍+କର୍ତ୍ତୃ. ତୃ; ୧ମା Śodhayitā ୧ବ)-ଶୋଧନକାରୀ—Purifying; purifier. (ଶୋଧୟିତ୍ରୀ—ସ୍ତ୍ରୀ)

ଶୋଧା—ଦେ. ବି (ସଂ. ଶୋଧ)—୧ । ଶୋଧ (ଦେଖ)—1. Śodha Śodhā (See) ୨ । ଶୋଧିବା କ୍ରିୟା—2. The act of শোধন गाली Śodhibā. ୩ । ଗାଳିମନ୍ଦ; ଶୋଧନ—গালাগালি गाली फजीहत 3. Abuse. ୪ । (ସ୍ପୃହା; ଶ୍ରଦ୍ଧା) স্পৃহা स्पृहा ସ୍ପୃହା—4. Hankering; longing. [ଉ—ଯାହାର ଯହିଁର ଶରଧା, ସେ ଅର୍ଥ କରୁଥାନ୍ତି ସୋଧା । ପ୍ରାଚୀ. ଜଗୁଣମାହାତ୍ମ୍ୟ ।] ୫ । (ସଂ. ଶୁଦ୍ଧ) ଯଥାର୍ଥ সত্য কথা सच्ची बात ବିଷୟ—5. True thing. [ଉ—ତୋ ମନେ ହୋଇଲେ ଶରଧା, ତୋତେ ମୁଁ କହୁଅଛି ଶୋଧା । ପ୍ରାଚୀ. ଜଗୁଣମାହାତ୍ମ୍ୟ ।]

ଶୋଧା(ଧେ)ଇବା—ଦେ. କ୍ରି ଶୋଧିବା କ୍ରିୟାର ଣିଜନ୍ତ)—ଅନ୍ୟ Śodhā(dhe)ibā ବ୍ୟକ୍ତି ଦ୍ୱାରା ଶୋଧନ କ୍ରିୟା କରାଇବା—শোধন করান To cause another to do Śodhana. গালাগালি দেওয়ান गाली दिलाना

ଶୋଧା ଖା(ପା)ଇବା—ଦେ. କ୍ରି—ଶୋଧନ ଖାଇବା (ଦେଖ) Śodhā khā(pā)ibā Śodhana khāibā (See) (ଶୋଧା ଶୁଣିବା—ଅନ୍ୟରୂପ)

ଶୋଧା ଖିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି ସର୍ବଦା ନିଜର କାର୍ଯ୍ୟର Śodhā khiā ତ୍ରୁଟି ବା ଦୋଷ ଯୋଗୁଁ ଅନ୍ୟ ବ୍ୟକ୍ତିଠାରୁ ଗାଳି (ଶୋଧାଖାଇ—ସ୍ତ୍ରୀ) ଖାଏ—Deserving to be rebuked যে গালাগালি খায় for his faults. ଦେ. ବି—ତିରସ୍କୃତ गालीखोर ହେବା—To be rebuked.

ଶୋଧା ଚଢ଼ା(ଢେ)ଇବା—ଦେ. କ୍ରି—ଶୋଧିବା ୪ (ଦେଖ) Śodhā chardhā(rdhe)ibā Śodhibā 4. (See)

ଶୋଧା ଚଢ଼ିବା—ଦେ, ବି—ଶୋଧନ ଚଢ଼ିବା (ଦେଖ) Śodhā chardhibā Śodhana chardhibā. (See) (ଶୋଧା ମିଳିବା—ଅନ୍ୟରୂପ)

ଶୋଧା ପିଲା—ପ୍ରାଦେ (ଗଡ଼ଜାତ) ବି—ରଜାଙ୍କ ଅନ୍ତଃପୁରରେ ଚଳ- Śodhā pilā ପ୍ରଚଳ ହେବା ବାଳକଭୃତ୍ୟ—A boy servant who has access to a Rajā's harem.

ଶୋଧା ଶୋଧି—ଦେ. ବି—୧ । ପରସ୍ପର ଗାଳି ଦିଆଦେଇ ହେବା— Śodhā śodhi Mutual recriminations abusing গালাগালি गालीफजीहत each other. ୨ । ବାରଂବାର ବା ବହୁବାର ଶୋଧନ କର୍ମ—2. Repeated purification.

ଶୋଧି (ଧାତୁ)—ସ.—ଶୁଧ୍ ଧାତୁର ଣିଜନ୍ତ ରୂପ— Śodhi(root) The causative form of Sudh root.

ଶୋଧି—ଦେ. ବି (ସଂ. ଶୁଦ୍ଧ ଧାତୁ କମ୍ପା ଶ୍ରେଢ଼ୀ)—ଅଙ୍କପାଠବିଶେଷ; Śodhi ଫେଡ଼ାଣ ବା ବିଯୋଗ ଶିଖିବା ପାଠ; ଶିଶୁମାନେ শ্রেঢী जोड़घटावा हिसाबकी रीति ୦ ଠାରୁ ୧୦ ପର୍ଯ୍ୟନ୍ତ ଯୋଗ ବିଯୋଗ ଶିକ୍ଷା କରିବାପାଇଁ ମୁଖସ୍ଥ କରିବା ଧାଡ଼ିଦ୍ୱୟ—A table showing the progressive addition and subtraction of numbers from 0 up to 10. [ଦ୍ର—ଏହା ପଣକିଆ ପରେ ପଢ଼ାଯାଏ । ଏହାର ଲେଖିବା ପ୍ରଣାଳୀ ।

୦	୧	୨	୩	୪	୫	୬	୭	୮	୯	୧୦
୧୦	୯	୮	୭	୬	୫	୪	୩	୨	୧	୦

୦ ଶୋଧି ୧୦ ପଢ଼େ—୦+୧୦=୧୦,
ଦଶରୁ ୦ ଗଲେ ୧୦ ।
୧ ଶୋଧି ୯ ପଢ଼େ—୧+୯=୧୦,
ଦଶରୁ ୧ ଗଲେ ୯ ।
୨ ଶୋଧି ୮ ପଢ଼େ—୨+୮=୧୦,
ଦଶରୁ ୨ ଗଲେ ୮ ଇତ୍ୟାଦି ।

ପିଲାଏ ଏହିପରି ଧାଡ଼ି ଧାଡ଼ି ଭୂମିରେ ଲେଖି ଏ ମଣ୍ଡରୁ ସେ ମଣ୍ଡ ଓ ସେ ମଣ୍ଡରୁ ଏ ମଣ୍ଡ ଉପର ତଳ ଅଙ୍କଦ୍ୱୟକୁ ପାଠ କରି ବୋଲନ୍ତି ଓ ପୁଣି ତଳୁ ଉପରକୁ ବୋଲନ୍ତି ; ଯଥା—

ଦୁଇ ଦଶ (=) ଦଶ, ଏକ ନଅ (=) ଦଶ, ଦୁଇ ଅଠ(=) ଦଶ ଇତ୍ୟାଦି ।]

ଶୋଧିତ—ସ ବଣ (ଶୁଧ ଧାତୁ ଣିଚ୍, ଶୋଧି ଧାତୁ+ତ)—୧ । ମାର୍ଜିତ- Sodhita 1. Cleansed; reformed. ୨ । ପରିଷ୍କୃତ—2. Cleansed. ୩ । ଶୁଦ୍ଧୀକୃତ—3. Purified. ୪ । ବୈଦ୍ୟଶାସ୍ତ୍ରୋକ୍ତ ବିଧିଦ୍ୱାରା ପରିଷ୍କୃତ 4. Rectified by the prescribed medical process.

ଶୋଧି ବାନିବା (ବୋଲିବା)—ଦେ. କ୍ରି—ଶୋଧିବ ଧାଡ଼ମାନ ଭୂମିରେ
Śodhi baniba (boliba) ଲେଖି ଶୋଧି ୧୦ ଘର୍ତ୍ତେ
শ্রেণী পড়া पहाड़ा पढ़ना ଇତ୍ୟାଦି ବୋଲିବା—
To recite the subtraction table.

ଶୋଧିବା—ଦେ. କ୍ରି (ସଂ ଶୁଧ୍ ଧାତୁ—୧ । ଶୋଧନ କରିବା—
Śodhiba 1. To correct or rectify or purify.
শোধন করা शोधन करना [ଉ—ଏ ମାନେ ପ୍ରାଣକୁ ଶୋଧିବ କଷ୍ଟଳଚକ୍ରରେ ଚଳ୍ପିବ—ଜଗନ୍ନାଥ· ଭାଗବତ ।] ୨ । ମ ଲଡୁଥିବା ଭିତ୍ତିମୂଳରେ ଶୋଧନ କରିବା (ଅର୍ଥାତ୍ ଖୋଳ ପାଣି ଦେଇ ଦଳି ଟାଣ କରିବା)—2 To make the foundation firm by digging and watering and treading on it ୩ । ଦେଉଳ ଶୋଧ କରିବା; ଦେଉଳ ଅଦଳୁ ନିର୍ଜନ କରିବା—3. To drive out all persons from a temple
গালাগালি দেওয়া गाली फजीहत and make it lonely ୪ । ଗାଳିଦେବା—4 To abuse. ୫ । ସମୂଳେ ବିନାଶ
নাশ করা କରିବା—5. To ruin or destroy utterly. ୬ ।
जड खोदना ଏକ ଏକ କରି ପରୀକ୍ଷା କରିବା ବା ମଣି ଦେଖିବା; ଭଲ ଭଲ କରି ଦେଖିବା—6. To check or examine things one by one. [ଉ—
মিলিয়ে দেখা जाँचकर देखना ଶୋଧନ୍ତେ ଦେଖିଲୁଁ ଯେ ଭଣ୍ଡାରେ ଧନ ନାହିଁ । ସାରଳା· ମହାଭାରତ· ଅଦି ।]

ଶୋଧ୍ୟ—ସଂ. ବିଣ—(ଶୁଧ୍ ଧାତୁ ଣିଚ୍=ଶୋଧି ଧାତୁ + କର୍ମ. ଯ)—
Śodhya ଶୋଧନୀୟ (ଦେଖ)—
Śodhanīya (See)

ଶୋନ୍—ଦେ. ବି—ଶୋଣ୍ (ଦେଖ)
Śon শোন सोन Śoṇ (See)

ଶୋଫ—ସଂ ବି—(ଶ୍ୱି ଧାତୁ=ବୃଦ୍ଧି ପାଇବା + ଭାବ. ଫ)—
Śopha ଶୋଥ (ଦେଖ)—Śotha (See)

ଶୋଫକୃତ—ସ. ବିଣ—ଶୋଥକୃତ୍ (ଦେଖ)
Śophakṛut Śotha-kṛut (See)

ଶୋଫୀ—ସ. ବିଣ. ପୁଂ—(ଶୋଫ + ଇନ୍)—ଶୋଥ ରୋଗୀ—
Śophī [ଶୋଫିନୀ—ସ୍ତ୍ରୀ] Suffering from dropsy.

ଶୋ ବସ—ଦେ. ବି—(ସ. ଶୀ ଧାତୁ ଓ ବସ୍ ଧାତୁ)—୧ । ଶୋଇବା
Śo basa ଓ ବସିବା; ଶୟନ ଓ ଉପବେଶନ—1. Sleeping
শোয়া বসা सोना बैठना and sitting.
୨ । ସ୍ତ୍ରୀ ପୁରୁଷଙ୍କର ପ୍ରେମ ଓ ସଙ୍ଗମ—2. Love-making and copulation.

ଶୋବିତା—ଗ୍ରା. ବି—(ସ. ଶୋଭିତ)—ଶୋଭିତା (ଦେଖ)—
Śobitā শোভিত शोभित Śobhitā (See)
ଗ୍ରା. ବି—ସୁବିତା (ଦେଖ)—Subitā (See)

ଶୋଭ—ସ. ବିଣ—(ଶୁଭ୍ ଧାତୁ=ଶୋଭା ପାଇବା + କର୍ତ୍ତୃ· ଅ)—
Sobha ଶୋଭନଶୀଳ—Beautiful; comely· ସ. ବି—(+ଭାବ. ଅ)—ଶୋଭା (ଶବ୍ଦକୋଷ)—Grace.

ଶୋଭନ—ସ. ବିଣ—(ଶୁଭ୍ ଧାତୁ=ଶୋଭା ପାଇବା + କର୍ତ୍ତୃ· ଅନ)—
Śobhana ୧ । ଶୋଭାଯୁକ୍ତ; ଉଜ୍ଜ୍ୱଳ, ଦୀପ୍ତିଶାଳୀ—1. Shin-
[ଶୋଭନା—ସ୍ତ୍ରୀ] ing; splendid. ୨ । ମନୋହର ମନୋଜ୍ଞ; ସୁନ୍ଦର—2. Beautiful; charming. ୩ । ଶୋଭନୀୟ—3. Becoming; befitting; seeming. ୪ । ଶୋଭାଜନକ—4. Causing beauty. ବି·—ଜ୍ୟୋତିଷୋକ୍ତ ଯୋଗବିଶେଷ—A sort of astrological conjunction. [ଦ—ଏହା ୨୭ଟି ଯୋଗ ମଧ୍ୟରୁ ୫ମ ଓ ଶୁଭକର ଯୋଗ । ଏହି ଯୋଗରେ ଜନ୍ମ ଗ୍ରହଣ କରିଥିବା ବ୍ୟକ୍ତି ଦକ୍ଷ, ଶତ୍ରୁ-ଦମନକାରୀ, ଧନୀ, ସୁନ୍ଦରଶରୀର, ସୁଧୀର ଓ ପ୍ରସନ୍ନ ହୁଏ—ଶବ୍ଦକୋଷ] ୨ । ଗ୍ରହ—2. Planet. ୩ । ପଦ୍ମ—3. Lotus. ଦେ. ବି· ପୁଂ—ପ୍ରେକଙ୍କ ନାମ—
(ଶୋଭନା—ସ୍ତ୍ରୀ) Name given to males.

ଶୋଭନକ—ସ. ବିଣ—(ଶୋଭନ + କ)—୧ । ସୁନ୍ଦର—
Śobhanaka 1. Beautiful; splendid. ୨ । ଶୋଭା
[ଶୋଭନିକା—ସ୍ତ୍ରୀ] ଶୋଭା ଜନ୍ମାଏ—2. Causing beauty. ବି·—(ବୈଦ୍ୟକ)—ଶୋଭାଞ୍ଜନ ବୃକ୍ଷ; ଶଜନା ଗଛ—The horse-radish or moringa tree.

ଶୋଭନତା—ସଂ· ବି—ସୌନ୍ଦର୍ଯ୍ୟ—Beauty. [ଉ—ଦେଖାଲେ
Śobhanatā ଯୁଧିଷ୍ଠିର ଧର୍ମ ଦେବତା ଧନ୍ଦ୍ୱ ପ୍ରକାଶିଲେ ଦେବ ଶୋଭନତା । କୃଷ୍ଣସିଂହ· ମହାଭାରତ. ସଭା ।]

ଶୋଭନ ଦେବ—ଦେ. ବି· (ନାମ)—ପ୍ରାଚୀନ ଉତ୍କଳର ଜଣେ ରାଜା
Śobhana deba (ଶବ୍ଦକୋଷ)—Name of a king of ancient Utkala.

ଶୋଭନା—ସ. ବିଣ—(ଶୋଭନ + ଆ)—ଶୋଭନର ସ୍ତ୍ରୀଲିଙ୍ଗ—
Śobhanā The feminine of Śobhana. ବି—୧ । ଯାହା ଲଗାଇଲେ ଦେହ ଶୋଭାଯୁକ୍ତ ହୁଏ; ହଳଦୀ; ହଳଦୀ—1. Turmeric. ୨ । ଗୋରୋଚନା—2. A yellow pigment got from the body of cows.

ଶୋଭନୀୟ—ସଂ· ବିଣ—(ଶୁଭ୍ ଧାତୁ + କର୍ତ୍ତୃ· ଅନୀୟ)—୧ । ଶୋଭା
Śobhanīya ପାଇବାର ଯୋଗ୍ୟ ବା ଉଚିତ—1. Becoming; befitting. ୨ । ସୁନ୍ଦର—2. Beautiful: graceful.

ଶୋଭା—ସଂ. ବି—(ଶୁଭ୍ ଧାତୁ + କରଣ. ଅ + ଆ)—୧ । କାନ୍ତି;
Śobhā ଦୀପ୍ତି—1. Lustre; rediance; brilliance; grandeur.

ପ୍ରଥମ ଅର୍ଥରେ ଶୋଭା ଶବ୍ଦର ପ୍ରତିଶବ୍ଦ—କାନ୍ତି, ଦ୍ୟୁତି, ଛବି, ଦ୍ୟୁତି, ଅଭିଖ୍ୟା, ଶୁଭ୍ର, ଭାଃ, ଭ, ଶ୍ରୀ, ଲକ୍ଷ୍ମୀ, ସୁଷମା, ଦୀପ୍ତି, ଦର୍ପ, ଦୀକ୍ଷିତ, ଦୀପ୍ତ୍ୟା, ରୁଚି, ରୁକ୍, ଦ୍ୟୁତି, ରମା

[ଦ—ରୂପଯୌବନାଦିଦ୍ୱାରା ଅଙ୍ଗଭୂଷଣକୁ ଶୋଭା ବୋଲାଯାଏ । ସେ ସେ ଶ୍ରୀ ମନ୍ମଥୋପାଖ୍ୟାନୋକ୍ତ୍ୱଲା (କାମର ପ୍ରୀତିଦ୍ୱାରା ସମୁଜ୍ଜ୍ୱଳ) ହେଲେ ତାକୁ କାନ୍ତି ବୋଲାଯାଏ

(ଉଜ୍ଜ୍ୱଳ ନୀଳମଣି) । ଶୋଭାନାୟକମାନଙ୍କର ସାତ୍ତ୍ୱିକ ଗୁଣ ଶୋଭା, ବିଳାସ, ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ, ଧୈର୍ଯ୍ୟ ଇତ୍ୟାଦି ଗୁଣ ମଧ୍ୟରୁ ଶୋଭାର ଗୁଣ ସାତ୍ତ୍ୱିକ ଅଟେ । ଶୌର୍ଯ୍ୟ, ଦକ୍ଷତା, ସତ୍ୟଭାଷଣ, ମହୋତ୍ସାହ, ଅନୁରାଗିତା, ନୀଚଜନ ପ୍ରତି ଘୃଣା, ଅଧିକ ଗୁଣ ପ୍ରତି ସ୍ପର୍ଦ୍ଧା ବା ଉଚ୍ଚାଭିଳାଷ ଏ ସବୁ ଗୁଣ ଶୋଭାରେ ବିଦ୍ୟମାନ । ରୂପ, ଯୌବନ, ଲାଳିତ୍ୟ ଭୋଗ ଇତ୍ୟାଦିଦ୍ୱାରା ଅଙ୍ଗ ଭୂଷଣର ନାମ ଶୋଭା । ଅର୍ଥାତ୍ ରୂପ ଯୌବନର ଅନୁଗାମୀ ସୌନ୍ଦର୍ଯ୍ୟବର୍ଦ୍ଧକ ଅଙ୍ଗଭୂଷଣକୁ ଶୋଭା କୁହାଯାଏ । ଏହି ଶୋଭା କାମଦେବଙ୍କଦ୍ୱାରା ବର୍ଦ୍ଧିତ ହେଲେ ତାକୁ କାନ୍ତି କୁହାଯାଏ । ସ୍ତ୍ରୀମାନଙ୍କର ଯୌବନଜନିତ ସ୍ୱାଭାବିକ ସୌନ୍ଦର୍ଯ୍ୟର ନାମ ଶୋଭା । ଏହା ବେଶଭୂଷାଦିଦ୍ୱାରା ବର୍ଦ୍ଧିତ ହେଲେ ତାହା କାନ୍ତି ହୋଇଥାଏ । ବିଶ୍ୱକୋଷଦ୍ୱାରା ଉଦ୍ଧୃତ ସାହିତ୍ୟ ଦର୍ପଣ ।]
୨ । ସୌନ୍ଦର୍ଯ୍ୟ—2. Beauty; grace. ୩ । ହଳଦୀ; ହରିଦ୍ରା—3. Turmeric ୪ । ଗୋରୋଚନା—4. A yellow pigment obtained from the cows. ୫ । ଧଳା ଚାଳିଫୁଲ (ବିଶ୍ୱକୋଷ)—5. Jasminum Grandiflorum ୬ । ଗୋପୀବିଶେଷ (ବିଶ୍ୱକୋଷ)—6. Name of a Gopi [ଦ୍ର—ବ୍ରହ୍ମବୈବର୍ତ୍ତ ପୁରାଣ ମତରେ ଏହି ଶୋଭାନାମ୍ନୀ ଗୋପୀ ଦେହ ପରିତ୍ୟାଗ କରି ଚନ୍ଦ୍ରମଣ୍ଡଳକୁ ଗମନ କଲାବେଳେ ତାଙ୍କ ଶରୀର ସ୍ନିଗ୍ଧ ତେଜୋରୂପରେ ପରିଣତ ହେଲା ଓ ସେ ଏହି ତେଜକୁ ରତ୍ନ, ସ୍ୱର୍ଣ୍ଣ, ସ୍ତ୍ରୀମାନଙ୍କ ମୁଖମଣ୍ଡଳ, ପଦ୍ମ, କଣ୍ଟକଶୂନ୍ୟ ଓ ପୁଷ୍ପ ପ୍ରଭୃତିଙ୍କ ମଧ୍ୟରେ ବାଣ୍ଟିଦେଲେ ଓ ଏହି କାରଣରୁ ଉକ୍ତ ଦ୍ରବ୍ୟମାନ ସ୍ୱାଭାବିକ ଶୋଭା ଧାରଣ କରି ଅଛନ୍ତି—ବିଶ୍ୱକୋଷ] ଦେ. ବି. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—Name given to females. ସ. ବିଣ—ଶୋଭାମୟ; ସୁନ୍ଦର—Beautiful; grand; charming [ଉ—ବଡ ଶୋଭା ରଚିଅଛି ସମର ପୁରେ । ଉଦ୍ଧ. ବୈଦେହୀଶବିଳାସ ।]

ଶୋଭା ଆରମ୍ଭା—ଦେ. ବିଣ. ସ୍ତ୍ରୀ-ଅତି ସୁନ୍ଦରୀ(ସ୍ତ୍ରୀ)—Very beautiful (woman) [ଉ—କହିଛି
Śobhā ārambhā
ଖୁବ୍ ସୁନ୍ଦରୀ ख़ूब सुन्दरी; ख़ूबसूरत ଶୋଭା ଅରମ୍ଭା ରମ୍ଭାଭୁଲେ କେଳ । ଉଦ୍ଧ. ବୈଦେହୀଶବିଳାସ ।]

ଶୋଭାକର—ସଂ ବିଣ—୧ । (ଉପପଦ ତତ୍, ଶୋଭା+କୃ. ଧାତୁ+ଅ)
Śobhākara ଶୋଭନୀୟ; ସୁନ୍ଦର—1. Beautiful. ୨ । ଦୀପ୍ତିଶାଳୀ—2. Shining; splendid; smart.
(ଶୋଭାକରୀ—ସ୍ତ୍ରୀ)
ଯାହା ଅନ୍ୟ ବସ୍ତୁରେ ନ୍ୟସ୍ତ ହେଲେ ତହିଁର ଶୋଭା ବଢ଼ାଏ—3. Ehancing the beauty or grace of a thing. ୪ । ଶୋଭା କରିବାର ଉପଯୁକ୍ତ—4. Befitting; becoming. ୫ । (ପୁଂ. ଓ ସ୍ତ୍ରୀ) (ଶୋଭା+ଆକର; ୬ଷ୍ଠୀତତ୍) ଶୋଭାମୟ; ଶୋଭାର ଖଣି ଅତି ଶୋଭାଯୁକ୍ତ—5. Very graceful full of charm. ୬—ଶୋଭାମୟ ବସ୍ତୁ—A charming object.

ଶୋଭାକାର(ରି)—ଦେ. ବିଣ. ପୁଂ. ଓ ସ୍ତ୍ରୀ—(ସ. ଶୋଭାକର)ଶୋଭାକର
Śobhākāra(ri) —Charming; beautiful [ଦ୍ର—[ଶୋଭାକାରଅ—ଅନଂରୂପ] ତୋ ଦେହ ହୋଇଛି ଶୋଭାକାର । ଅତି ସୁନ୍ଦର ख़ुब सुरत ପ୍ରାଚୀ ନିର୍ଣ୍ଣୟମହାସ୍ୱ] [ଦ୍ର—ଏହା ଉଭୟ ଲିଙ୍ଗରେ ବ୍ୟବହୃତ ହୁଏ । ଯଥା—ତାକୁ ହୋଇଛି ଶୋଭାକାର କନ୍ୟା ମିଳିଗଲା ।

ଶୋଭାଙ୍ଗୀ—ଦେ. ବିଣ. ସ୍ତ୍ରୀ (ସ. ଶୋଭନାଙ୍ଗୀ)—ରୂପବତୀ; ସୁଦର୍ଶନା;
Śobhāṅgī ସୁଷମାଯୁକ୍ତା—Beautiful; graceful;
ସୁନ୍ଦରୀ सुन्दरी charming (ଉ—କଲ୍ୟାଣ କଲେ ସେ ଦ୍ୱିଜାତେ ହୁଅ ଭୁ ସୁଭଗୀ ତାହାର ଶୋଭାଙ୍ଗୀ । ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ) ।

ଶୋଭା ଜନକ—ସ. ବିଣ (ଉପପଦ ତତ୍) ୧ । ଦୀପ୍ତିଉତ୍ପାଦକ
Śobhā janaka 1. Producing lustre. ୨ । ସୌନ୍ଦର୍ଯ୍ୟ-
(ଶୋଭା ଜନକା—ସ୍ତ୍ରୀ) ଉତ୍ପାଦକ—2. Producing beauty.

ଶୋଭା ଜାତ—ସ. ବିଣ—(୫ମୀ ତତ୍) ସୌନ୍ଦର୍ଯ୍ୟରୁ ଉତ୍ପନ୍ନ—Pro
Śobhā jāta ducied from beauty; born of beauty.

ଶୋଭାଞ୍ଜନ—ସଂ. ବି (ବୈଦ୍ୟକ)—(ବହୁବ୍ରୀହି, ଶୋଭା ହୋଇଅଛି
Śobhāñjana ଅଞ୍ଜନ=ନେତ୍ର ରଞ୍ଜକ କଜ୍ଜ୍ୱଳ ଯହିଁ ରଞ୍ଜକ ଯାହାର; ଶୋଭା=ସୁନ୍ଦର ଅଞ୍ଜନ ହୁଏ ଯହିଁରୁ; ଏଗଛର କୋମଳ ପତ୍ରରୁ ନେତ୍ର ହିତକର ଅଞ୍ଜନ ତିଆରି ହୁଏ ।) ଶିଗ୍ରୁ; ଶଜନା ଗଛ—The horse; radish tree-Hyperanthera Moringa. [ଦ୍ର—ଶ୍ୟାମ ବା ନୀଳ ଶ୍ୱେତ ଓ ରକ୍ତ ଭେଦରେ ଏହା ୩ ପ୍ରକାର । ଶଜନା ଶଦରେ ଦେଖ ।]

ଶୋଭାଞ୍ଜନ ପୁଷ୍ପ—ସଂ. ବି—ସଜନା ଫୁଲ—The flowers of the
Śobhāñjana pushpa moringa tree [ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା କଟୁରସ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ସ୍ନାୟୁଶୋଥ କାରକ ଏବଂ କୃମି, କଫ, ବାୟୁ, ବିଦ୍ରଧି, ପ୍ଳୀହା ଓ ଗୁଳ୍ମନିବାରକ । ରକ୍ତ ଶଜନାଫୁଲ ଚକ୍ଷୁର ହିତକର ଓ ଅଗ୍ନିଦୀପ୍ତି ପ୍ରସାଦକ ।]

ଶୋଭାଞ୍ଜନ ଫଳ—ସ. ବି—ଶଜନା ଛୁଇଁ—The pods of the
Śobhāñjana phaḷa moringa tree. [ଦ୍ର—ବୈଦ୍ୟକ ମତରେ ଏହା ମଧୁରକଷାୟରସ; ଅଗ୍ନିଦୀପକ, କଫ, ପିତ୍ତ, ଶୂଳ, କୁଷ୍ଠ, କ୍ଷୟ ଓ ଶ୍ୱାସ ବିନାଶକ ।]

ଶୋଭାଞ୍ଜନ ବୀଜ—ସ. ବି—ସଜନା ଛୁଇଁର ମଞ୍ଜି—The seeds of
Śobhāñjana bīja the pods of the moringa tree. [ଦ୍ର—ଏହାକୁ ଶ୍ୱେତ ମରିଚ କହନ୍ତି । ଏହା ଚକ୍ଷୁ ପକ୍ଷରେ ହିତକର । ଏହା ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ବିଷଘ୍ନ, ଅବୃଷ୍ୟ, କଫ ଓ ବାୟୁନାଶକ । ଏହାର ନସ୍ୟଦ୍ୱାରା ଶିର ବେଦନା କମିଯାଏ ।]

ଶୋଭା ଦି(ଦୁ)ଶିବା(ପାଇବା) — ଦେ· କ୍ରି — ୧ । ସୁନ୍ଦର ଦେଖାଯିବା; Śobhā di(du)śibā(pāibā) ମାଲବା — 1. To look ଶোভা পাওয়া smart. ୨ । ଝଳ ଝଳ ଦେଖାଯିବା — सुन्दर दिखना 2. To shine.

ଶୋଭା ନିଧି — ଦେ· ବିଣ. ସ୍ତ୍ରୀ — ସୁନ୍ଦରୀ — Beautiful (woman) Śobhā nidhi [ଦୃ — ମଦ ଦ୍ୱିରଦ ଗଣ୍ଡ ସରିରେ, ଶୋଭାନିଧି ଶোভানিধি ତୋ ଗାଳ ନ ଚୁମ୍ବୁ ଷଣ୍ମଳେଣ । ବକ୍ରସୂର୍ଯ୍ୟ· अतिसुन्दरी କଣୋପକଣ୍ଠ. ଭ· ଗୀତ ।]

ଶୋଭାନୁଭାବକତା(ତ୍ୱ) — ସଂ. ବି (ଶୋଭା + ଅନୁଭାବକ + ତା,ତ୍ୱ) — ମନର Śobhānubhābakatā(twa) ଯେଉଁ ବୃତ୍ତିଦ୍ୱାରା ସୌନ୍ଦର୍ଯ୍ୟ ଅନୁଭବ କରାଯାଏ — Aesthetic faculty.

ଶୋଭାନ୍ୱିତ — ସଂ. ବିଣ (ଅନ୍ୱିତ ଛଡ଼) — ୧ । ସୌନ୍ଦର୍ଯ୍ୟବିଶିଷ୍ଟ — Śobhānwita 1. Beautiful; graceful. (ଶୋଭାନ୍ୱିତା — ସ୍ତ୍ରୀ) ୨ । ସମୁଜ୍ଜଳ — 2. Brilliant.

ଶୋଭାପୁରୀ — ଦେ· ବିଣ (ସ୍ତ୍ରୀ) — ଶୋଭାବତୀ; ସୁନ୍ଦରୀ — Beautiful Śobhāpuri (lady). [ଦୃ — ଦମ୍ଭରୁ ବ ଚର ଚର ଗଡ଼ କେତେ सुन्दरी ଥର ଥର ପୁଲକରେ ଶୋଭାପୁରୀ ପୂର । ଉଞ୍ଜ. ପ୍ରେମ- सुन्दरी ସୁଧାନିଧି ।]

ଶୋଭାବତୀ — ଦେ· ବି· ସ୍ତ୍ରୀ — ୧ । ସ୍ତ୍ରୀ ଲୋକଙ୍କ ନାମ — 1. Name Śobhābati given to females. ୨ । ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ଶେଷ ଭାଗ (ଭଞ୍ଜବଂଶ ଶତାବ୍ଦୀର ମଧ୍ୟଭାଗ)ରେ ନନ୍ଦପୁର शोभावती ରାଜ୍ୟର ରାଜା କବି ପୁରୁଷୋତ୍ତମ ମାନ୍ଧାତାଙ୍କର ରଚିତ କାବ୍ୟ ଓ ତନ୍ନିର ନାୟିକା — 2. Name of a poem and its heroine by poet Purushottama Māndhātā. ୩ । ଭଞ୍ଜ କବିଙ୍କର ଅପ୍ରକାଶିତ ପଦ୍ୟ କାବ୍ୟର ନାମ ଓ ତନ୍ନିର ନାୟିକାର ନାମ (ରାଜକନ୍ୟାଙ୍କର ଯୌବନଲୀଳା, ପ୍ରଣୟ ଓ ବିବାହାଦିର ବର୍ଣ୍ଣନା — 3. Name of a poem and its heroine of Upendra Bhanja (unpublished). ସଂ. ବିଣ (ଶୋଭାବତ୍ + ସ୍ତ୍ରୀ· ଈ) — ଶୋଭାବାନ୍‌ର ସ୍ତ୍ରୀଲିଙ୍ଗ — Feminine of Śobhābān. ସଂ. ବି — ୧ । ପ୍ରତି ଚରଣରେ ୧୪ ଅକ୍ଷର ଥିବା ସଂସ୍କୃତ ଛନ୍ଦୋବିଶେଷ (ବୃତ୍ତକୋଷ) — 1. Name of a Sanscrit metre of 14 syllables. [ଦୃ — ଏ ଅକ୍ଷରମାନଙ୍କ ମଧ୍ୟରୁ ୧।୨।୩।୭।୧୧।୧୨।୧୪ ସ୍ଥାନୀୟ ଅକ୍ଷରମାନ ଗୁରୁ, ଅପର ସମସ୍ତ ଲଘୁ ।] ୨ । ପ୍ରାଚୀନ ନଗର ବିଶେଷ (ବର୍ତ୍ତମାନ ନାମ ଶୁଭସ୍ୱର୍ଣ୍ଣ) (ବିଶ୍ୱକୋଷ) — 2. Name of an ancient City.

ଶୋଭାବନ — ଦେ· ବିଣ (ସଂ. ଶୋଭାବତ୍; ଅଥବା ଶୋଭା ଓ ବର୍ଣ୍ଣ) — Śobhābana ଶୋଭାବିଶିଷ୍ଟ — Beautiful; grand; (ଶୋଭାବନା — ସ୍ତ୍ରୀ) smart. [ଦୃ — ରାମକୃଷ୍ଣଙ୍କ ଅଙ୍ଗକୁ ବଳେ ଶোভন্ত सुहावन ଶୋଭାବନ । ବଳରାମ. ବେଶବ- ବୋଲଇ ।]

ଶୋଭାବନ୍ତ — ଦେ. ବିଣ (ସଂ. ଶୋଭାବତ୍) — ଶୋଭାଯୁକ୍ତ — Śobhābanta Beautiful. [ଦୃ — ବନକୁ ବନ ଶୋଭାବନ୍ତ, শোভন্ত ବଳେ ବୁଲଇ ନନ୍ଦସୁତ । ଜଗନ୍ନାଥ. ଭାଗବତ ।] शोभावाला

ଶୋଭାବର୍ଦ୍ଧକ — ସଂ. ବିଣ (ଉପପଦ ତତ୍) — ଯାହା ଯାହିର ବା ସୌନ୍ଦର୍ଯ୍ୟକୁ Śobhābarddhaka ବୃଦ୍ଧି କରେ — Increasing or (ଶୋଭାବର୍ଦ୍ଧନ, ଶୋଭାବୃଦ୍ଧି — ବିଶେଷ୍ୟ) adding to the lustre, beauty or grace of a thing.

ଶୋଭାବାନ୍ — ସଂ· ବିଣ (ପୁଂ) (ଶୋଭା + ଯୁକ୍ତାର୍ଥେ ବତ୍; ଶୋଭାବତ୍ Śobhāban ଶବ୍ଦ; ୧ମା· ୧ବ) — ୧ । ଶୋଭାଯୁକ୍ତ — (ଶୋଭାବତୀ, ଶୋଭାଶାଳିନୀ — ସ୍ତ୍ରୀ) 1. Beautiful; grace- [ଶୋଭାଶାଳୀ — ଅନ୍ୟରୂପ] ful. ୨ । ଦୀପ୍ତିଶାଳୀ — 2. Lustrous.

ଶୋଭାମୟ — ସଂ. ବିଣ (ଶୋଭା + ଯୁକ୍ତାର୍ଥେ ମୟ) - ଶୋଭାବିଶିଷ୍ଟ; Śobhāmaya ସୁନ୍ଦର — Beautiful; bright. (ଶୋଭାମୟୀ; ଶୋଭାଯୁକ୍ତା — ସ୍ତ୍ରୀ) (ଶୋଭାଯୁକ୍ତ — ଅନ୍ୟରୂପ)

ଶୋଭା ଯାତ୍ରା — ସଂ. ବି (ଅଧୁନାତନ ପ୍ରୟୋଗ; ମ. ପ. ଲୋ; ଶୋଭାର୍ଥ Śobhā jātrā ଅନୁଷ୍ଠିତ ଯାତ୍ରା) — ସମାରୋହ (ବାଣ, ଜଳାଣ, শোভা যাত্রা ବାଜା, ସାଜସଜ୍ଜାଦି) ସହିତ ବହୁ ଲୋକଙ୍କର ଶୃଙ୍ଖଳା- जुलूस ବଦ୍ଧ ଗମନ — A grand procession.

ଶୋଭା ସମ୍ପତ୍ତି(ଦ୍) — ସଂ. ବି (ରୂପକ) — ଶୋଭା ବା ସୌନ୍ଦର୍ଯ୍ୟରୂପ Śobhā sampatti(d) ସମ୍ପତ୍ତି — Exuberance of (ଶୋଭା ସମ୍ପଦ — ଅନ୍ୟରୂପ) beauty; beauty compared to wealth.

ଶୋଭା ହୀନ — ସଂ. ବିଣ — ୧ । ସୌନ୍ଦର୍ଯ୍ୟରହିତ — 1. Ungraceful. Śobhā hīna ୨ । କାନ୍ତିହୀନ — 2. Shorn of splendour. (ଶୋଭାହୀନା — ସ୍ତ୍ରୀ)

ଶୋଭିକ — ସଂ. ବିଣ. ପୁଂ (ଶୋଭା + ଇକ) — ଶୋଭାଯୁକ୍ତ — Beauti- Śobhika ful; grand; shining; smart. (ଶୋଭିକା — ସ୍ତ୍ରୀ)

ଶୋଭିତ — ସଂ· ବିଣ. ପୁଂ (ଶୋଭା + ଯୁକ୍ତାର୍ଥେ ଇତ) — ୧ । ଶୋଭା- Śobhita ଯୁକ୍ତ — 1. Beautiful; graceful; charm- (ଶୋଭିତା — ସ୍ତ୍ରୀ) ing. ୨ । ଭୂଷିତ; ସଜ୍ଜିତ — 2. Adorned; decked. ୩ । ସୁଦର୍ଶୀକୃତ — 3. Beautified. ବି· (ଶୁଭ୍ ଧାତୁ + ଭାବ. ତ) — ଶୋଭା — Charm; brilliance.

ଶୋଭିତା — ସଂ. ବିଣ. ସ୍ତ୍ରୀ (ଶୋଭିତ + ଆ) — ଶୋଭାଯୁକ୍ତା; ସୁନ୍ଦରୀ — Śobhitā Beautiful, graceful (female). [ଦୃ — सुविधा ଗର୍ଭବତୀ ହୋଇଣ ବସିଲେ ଶୋଭିତା — କୃଷ୍ଣସିଂହ. ମହା- सुविधा ଭାରତ. ଅଦି ।] ଦେ. ବି (ସଂ· ସୁବିଧା) — ସୁବିଧା — Convenience. ଦେ. ବିଣ (ସଂ. ସୁବିଧାନ୍ୱିତ) — ସୁବିଧାନ୍ୱିତ; ସୁବିଧାଜନକ — Convenient.

ଶୋଭିବା—ଦେ. କ୍ରି (ପଦ୍ୟ) (ସ. ଶୋଭା; ସ. ଶୁଭ୍ ଧାତୁ)—
Śobhibā ଶୋଭା ପାଇବା—To look grand; to shine.
শোভা পাওয়া शोभा पाना

ଶୋଭିଷ୍ଠ—ସ. ଣ (ଶୋଭୀ+ଅତିଶୟାର୍ଥେ ଇଷ୍ଠ)—(ବୈଦିକ)
Śobhishṭa ଅତିଶୟ ଶୋଭାଯୁକ୍ତ—Very beautiful.

ଶୋଭୀ—ସଂ. ଣ (ଶୋଭନ୍ ଶବ୍ଦ; ଶୋଭା+ଅସ୍ତ୍ୟର୍ଥେ ଇନ୍)—
Śobhī ୧। ଶୋଭାଯୁକ୍ତ—1. Brilliant. ୨। ସୁନ୍ଦର—
(ଶୋଭନୀ—ସ୍ତ୍ରୀ) 2. Beautiful.

ଶୋମବାଲି—ଗ୍ରା. ବ—ଶୁଁଶବାଲି (ଦେଖ)—Suñṣbāḷi (See)
Śomabāḷi শুষা भूसा
(ଶୋମବାଲ[ଲୁ]ଅ—ଅନ୍ୟରୂପ)

ଶୋର୍ (ଇତ୍ୟାଦି)—ଦେ. ଓ ବୈଦେ. ବ (ସଂ. ସ୍ୱର; ପା. ଶୋର୍, Śor (etc) =ଗୋଳମାଳ, ହୋହା, ହଟ୍ଟ ଶବ୍ଦ)—ସୋର୍ ଇତ୍ୟାଦି (ଦେଖ)—Sor etc (See)

ଶୋୟନ—ଗ୍ରା. (ଇତର) ବ (ସଂ. ଶୟନ)—ଶୟନ (ଦେଖ)—
Śoyan शयन शयन Śayana (See)

ଶୋଲ(ଲ୍ଲ, ଲ୍ହ)—ଦେ. ବ (ସଂ. ଅଲମ୍ବୁଷା)—୧। ଶିମ୍ବାଦି ବର୍ଗରେ
Śola(hla, lha) ଜଳଜ ଲତାବିଶେଷ—1. An acqua-
শোলা कोढ़िला, शोला tic creepingplant; Neptunia Oleracia Indian cork plant; Aeschynomene Aspera. [ଦ୍ର—ଏହାର ପତ୍ର ଲଜକୁଳି ପତ୍ର ପରି ଅଳ୍ପବିଶିଷ୍ଟ ଓ ଏହାକୁ ଧଇଲେ ତା ଏ ଗଛରେ ଅଧୋଗ ହେଲେ ଏହାର ପତ୍ରମାନ ଲୁଚି ହୋଇଯାଏ । ଏହା ଦେହରେ କଣ୍ଟା ନ ଥାଏ । ଏଥିର ଡାଙ୍ଗର ରଙ୍ଗ ଧଳା, ହାଲୁକା; ଫୁଲ ନାରଙ୍ଗବର୍ଣ୍ଣ । ଏହାକୁ ଶୁଖାଇ ମାଳୀମାନେ ମକୁଟ, ଫୁଲ ଆଦି କରନ୍ତି ଓ ଚଟମାନଙ୍କୁ କାଠି ଖାଡ଼ି ଏଥି ଉପରେ ପକାଇବା ପାଇଁ ଏହା ବ୍ୟବହୃତ ହୁଏ । ଏହା ପାଣିରେ ଭାସେ । କେଉଟମାନେ ଏହାକୁ ଗୋଲ କରି ବାନ୍ଧି ଝୁପେଇ କରନ୍ତି ଓ ଜାଲର ଅଗରେ ଏହାକୁ ବାନ୍ଧିଲେ ଏହା ଜାଲକୁ ପାଣିରେ ଭସାଇ ରଖେ ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଲଘୁ, ମଧୁରରସ ଓ କୃମି ଏବଂ ପିତ୍ତନାଶକ । ଶୁଖିଲା ଶୋଲକୁ ଚିପି ଦେଲେ ସଂଙ୍କୀର୍ଣ୍ଣ ହୋଇଯାଏ ଓ ପାଣିରେ ବଡ଼ୁର ଗଲେ ଫୁଲିଯାଏ । ଏଥିପାଇଁ ସ୍ତ୍ରୀଲୋକମାନେ ନାକ କାନର ଛିଦ୍ରକୁ ବଡ଼ କରିବାକୁ ଛିଦ୍ର ମଧ୍ୟରେ ଶୋଲ ଦିଅନ୍ତି ।

ଅନ୍ୟ ଗୋଟିଏ ହାଲୁକା କାଠଯୁକ୍ତ ଜଳଜ ଗୁଳ୍ମକୁ କାଠଶୋଲ ବୋଲାଯାଏ । ଏହା ଜୟନ୍ତୀ ଗଛଜାତୀୟ (Sesbania Paludosa, the sponge-wood). ଫୁଲ ପୀତବର୍ଣ୍ଣ ଓ ମଧ୍ୟରେ ରକ୍ତମାଳ ଚିହ୍ନିତ । କାଠ ଶୋଲ ପରି ଲଘୁ, କିନ୍ତୁ କୋମଳ ନୁହେଁ । କେଉଟମାନେ ଏହାକୁ ଜାଲ ଅଗରେ ବାନ୍ଧନ୍ତି ।] ୨। ଶୋଲ ପରି ଟୁକ୍ ହାଲୁକା ପଦାର୍ଥ—2. A light thing like Śola. [ଦ୍ର—ହର ବୋଲ ଭାଇ ଗୋବିନ୍ଦ ବୋଲ, ଭାସିଲା ପଥର ବୁଡ଼ିଲା ଶୋଲ—ପ୍ରବଚନ । କୌଣସି ଅସମ୍ଭବ କଥା ଉପଲକ୍ଷ୍ୟରେ ଲୋକେ ଏ ପ୍ରବଚନ ବୋଲନ୍ତି ।] ୩। ପୁରୁଣା ସିଜୁଗଛର ଛେଲି—3. The bark of old euphorbia tree. [ଦ୍ର—ଏହା ଅତ୍ୟନ୍ତ ହାଲୁକା ଥିବାରୁ କେଉଟମାନେ ଜାଲର ଅଗରେ ଲଗାନ୍ତି ।]

ଶୋଲ(ଲୋ)କ (ଇତ୍ୟାଦି)—ଗ୍ରା. (ଇତର) ବ (ସଂ. ଶ୍ଳୋକ, Śoḷa(ḷo)ka(etc) ଶ୍ଳୋକ ଶବ୍ଦର ଇତରଜନଙ୍କ ବ୍ୟବହୃତ ଅଶୁଦ୍ଧ ଉଚ୍ଚାରଣ)—ଶ୍ଳୋକ ଇତ୍ୟାଦି (ଦେଖ)—
Śloka etc (See)

ଶୋଲ(ଲୋ)କ ସୁମୁର୍ତ୍ତି—ଗ୍ରା. ବ (ସଂସ୍କୃତର ଶବ୍ଦ, ସଂ. ଶ୍ଳୋକ ଓ
Śoḷa(ḷo)ka sumurtti ସ୍ମୃତି)—୧। ଶ୍ଳୋକ ଓ ସ୍ମୃତି—
স্মৃতিশ্লোক I. Sanscrit ślokas and authoritative
श्लोक स्मृति treatises. ୨। ନାନା ପ୍ରକାରର ଓ ନାନା ବିଷୟକ ଶ୍ଳୋକମାନ—Many sorts of ślokas.

ଶୋଲ ଟିପା(ପେ)ଇ—ଦେ. ବ—ଦଉଡ଼ିର ଦୁଇ ପାଖରେ ଗୁଡ଼ିଏ ଶୋଲ
Śola ṭipā(pe)i ଏକତ୍ର ବନ୍ଧା ହୋଇଥିବା ଭାସମାନ ପଦାର୍ଥ ବା
সোলার ভেলা ଭେଳା—A float made of Śola. [ଦ୍ର—
शोलाका बीड़ा ଏହାର ମଝି ଦଉଡ଼ି ଉପରେ ଘୋଡ଼ା ଚଢ଼ିଲା ପରି ବସିଲେ ମନୁଷ୍ୟ ବୁଡ଼ିଯାଏ ନାହିଁ ।]

ଶୋଲ ଟୋପି—ଦେ. ବ-ଶୋଲର ତଳା ପାଗଡ଼ି ଅଦ୍ୟାପି କରିବା ସାହେବ-
Śola ṭopi କର ଟୋପି—Śola hat; śola topee. [ଦ୍ର—
সোলার টুপি ଏହା ଭିତରକୁ ଖରାର ତେଜ ପ୍ରବେଶ ନ କରିବାରୁ
शोलका टोप ସାହେବମାନେ ଭାରତବର୍ଷରେ ଏହା ପିନ୍ଧନ୍ତି ।]

ଶୋଲ ଠିପି—ଦେ. ବ—ବୋତଲ ଆଦିର ମୁଣ୍ଡରେ ବସାଇବା ଶୋଲର
Śola ṭhipi ଛିପି—A stopper for bottles made
সোলার ছিপি शोलकी ठेकी (डाट) of 'Śola'.
(ଶୋଲବଣ୍ଡା—ଅନ୍ୟରୂପ) [ଦ୍ର—କାନରେ ଶୋଲବଣ୍ଡା ମାରିବା, ଅନ୍ୟ ମନୁଷ୍ୟ ହୋଇ କିଛି କଥା ନ ଶୁଣିବା ଲୋକକୁ ଲୋକେ କହନ୍ତି, 'ତୁ କଣ କାନରେ ଶୋଲବଣ୍ଡା ମାରିଅଛୁ । ']

ଶୋ(ଶୁ)ଲପା—ପ୍ରାଦେ. (ବାଲେଶ୍ୱର) ବ (ତୁଳ, ବ. ସୁଲ୍ଫା)—
Śo(śu)lapā ସୂତା ପରି ବହୁ ଅଂଶରେ ବିଭକ୍ତ ପତ୍ରଯୁକ୍ତ ଶାକ-
ବିଶେଷ; ଶତପୁ— Dill seed.

ଶୋଲ ଫୁଲ—ଦେ. ବ—ଶୋଲ ନିର୍ମିତ କୃତ୍ରିମ ଫୁଲ—Artificial
Śola phula flowers made of Śola.
সোলার ফুল शोलाका फुल

ଶୋଲ ମ(ମୁ)କୁଟ—ଦେ. ବ—ଶୋଲ ନିର୍ମିତ ବର କନ୍ୟାଙ୍କ ମକୁଟ—
Śola ma(mu)kuṭa Crowns of Śola made for
সোলার টোপর the bride and bridegroom.
शोलाका मुकुट

ଶୋଲା (ଇତ୍ୟାଦି)—ଦେ. ବ—ସୋଲା ଇତ୍ୟାଦି (ଦେଖ)
Śolā (etc) Solā etc (see)

ଶୋଲଙ୍କି—ଦେ. ବ (ସ. ଶୁଲୁକ୍ୟ)—(ନାମ) ରାଜପୁତାନାର ଅଣହିଲ— Solānki ବାଡ଼ର ପ୍ରସିଦ୍ଧ ପ୍ରାଚୀନ ରାଜପୁତ ବଂଶ—Name of a celebrated family of ancient Rajputs of Rajputana. [ଦ୍ର—ଏମାନେ ଶୁଲୁକ୍ୟ ବଂଶୀୟ ଥିଲେ ପରେ ଶୋଲଙ୍କି ନାମରେ ଖ୍ୟାତ ହୋଇଥିଲେ । ପ୍ରକୃତରେ ଓ ମର୍ଯ୍ୟାଦାରେ ଏ ବଂଶ ରାଜସ୍ଥାନର ପରମାର ଓ ଚୌହାନ ରାଜପୁତମାନଙ୍କ ଅପେକ୍ଷା ନିକୃଷ୍ଟ । କଲ୍ୟାଣନଗରବାସୀ ଜୟସିଂହ ଶୋଲଙ୍କିଙ୍କ ପୁତ୍ର ମୂଳରାଜ ସ୍ୱୀୟ ମାତାମହ ଭୋଜରାଜଙ୍କ ମୃତ୍ୟୁ ପରେ ଅଣହିଲବାଡ଼ ପଃଣାର ସିଂହାସନରେ ଅଭିଷିକ୍ତ ହେଲେ । ଗଜନୀପତି ମାହାମୁଦ୍ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ପ୍ରଥମ ପାଦରେ ଅଣହିଲବାଡ଼ ଲୁଣ୍ଠନ ଓ ଧ୍ୱଂସ କଲେ । ଯେତେବେଳେ ମାହାମୁଦ ଗଜନୀ ସୌରାଷ୍ଟ୍ର (ଗୁଜରାଟ)ର ସୋମନାଥ ମନ୍ଦିର ଆକ୍ରମଣ କଲେ, (ଖ୍ରୀ-୧୦୨୪) ସେତେବେଳେ ଏହି ବଂଶୀୟ ରାଜା ଜୟସିଂହ, ସିଦ୍ଧରାଜ ଓ କୁମାରପାଳ ଖରପରାକ୍ରମ, ସୁବକୌଶଳ ସହ ରାଜ୍ୟ ଓ ଧର୍ମ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଏମାନେ ବୌଦ୍ଧଧର୍ମର ପୃଷ୍ଠପୋଷକ ଥାଇ କେତେକ ବୌଦ୍ଧ କୀର୍ତ୍ତି ଓ ଜୟସ୍ତମ୍ଭ ନିର୍ମାଣ କରାଇଥିଲେ । ଅଲାଉଦ୍ଦିନ ଅଣହିଲବାଡ଼ (ଖ୍ରୀ. ୧୨୯୭ରେ) ଜୟ କରିବା ପରେ ଶୋଲଙ୍କି ରାଜବଂଶର ଗୌରବରବି ଚିରଦିନ ପାଇଁ ଅସ୍ତମିତ ହେଲା । ଏ ଶୋଲଙ୍କି ରାଜକୁଳ ୧୬ଟି ଶାଖାରେ ବିଭକ୍ତ ହୋଇଥିଲା । ଖ୍ରୀଷ୍ଟୀୟ ନବମ ଶତାବ୍ଦୀଠାରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏ ବଂଶ ରାଜତ୍ୱ କରୁଥିଲେ । ଏ ରାଜବଂଶ ଏକସମୟରେ ଭାରତରେ ସର୍ବତ୍ର ବିସ୍ତୃତ ହୋଇଥିଲେ । ଓଡ଼ିଶାରେ ଏ ବଂଶ ଶୁଲ୍କୀ ନାମରେ ପରିଚିତ ହୋଇଥିଲେ । ତାଳଚେର ରାଜ୍ୟରୁ ଏହି ରାଜବଂଶର ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ଉତ୍କୀର୍ଣ୍ଣ ତାମ୍ରଶାସନ ମିଳିଅଛି । ଅଦ୍ୟାପି ମେଦିନୀପୁରରେ ସ୍ଥାନେ ସ୍ଥାନେ ଏହି ବଂଶୀୟମାନେ ଶୁଲଙ୍କୀ ନାମରେ ପରିଚିତ ହୋଇ ଅତି ହୀନାବସ୍ଥାରେ କାଳଯାପନ କରୁଅଛନ୍ତି । ବିଶ୍ୱକୋଷ]

ଶୋଲି(ଳି)କା—ସଂ. ବି—ବଣହଳଦୀ (ବିଶ୍ୱକୋଷ)—Wild Śoli (li)kā turmeric. [ଦ୍ର—ଏହା କଟୁ, ରୁଚିକର, ଭିକ୍ତ ଓ ପାଚକ ।]

ଶୋଲେଇ (ଇତ୍ୟାଦି)—ଦେ. ବି—ଶୁଲେଇ ଇତ୍ୟାଦି (ଦେଖ) Solei (etc) Sulei etc (see)

ଶୋଶୁଚ୍ୟମାନ—ସଂ. ବିଣ (ଶୁଚ୍ ଧାତୁ ଯଙ୍ ଲୁଗନ୍ତ ଅର୍ଥାତ୍ ଅତିଶୟାର୍ଥେ Śośuchyamāna ଦ୍ୱିତ୍ୱ=ଶୋଶୁଚ ଧାତୁ+କର୍ତ୍ତୃ. ମାନ, (ଶୋଶୁଚ୍ୟମାନା—ସ୍ତ୍ରୀ) ଭୁଳ. ଶୋଶୁଚ୍ୟମାନ)—ଅତିଶୟ ଶୋକ କରୁଥିବା; ଅତିଶୟ ବିଳାପକାରୀ—Grieving much; lamenting bitterly.

ଶୋଷ—ସଂ. ବି (ଶୁଷ୍ ଧାତୁ ଣିଚ୍, ଶୋଷି ଧାତୁ=ଶୁଷ୍କ ହେବା+ Śosha ଭାବ. ଅ)—୧ । ଶୁଷ୍କତା—1. Dryness. ୨ । ନୀରସତା—2. Saplessness. ୩ । ଶୋଷଣ; ରସାକର୍ଷଣ—3. Sucking of juice. ୪ । ତୃଷ୍ଣା; ପିପାସା—4. Thirst. ୫ । (+କରଣ ଅ)—ଯକ୍ଷ୍ମରୋଗ; ଯକ୍ଷ୍ମା—5. Consumption; pthysis. ଦେ. ବି (ଲକ୍ଷଣାର୍ଥ) କୌଣସି ବସ୍ତୁ ପାଇଁ ଅଭିଳାଷ— 1. (Figurative) Desire for anything. ୨ । ଲୋଭ—2. Avarice.

ଶୋଷ ଉଠିବା—ଦେ. ବି—ଶୋଷ କରିବା (ଦେଖ) Śosha uṭhibā Śosha karibā (See) [ଦ୍ର—ପ୍ରୟୋଗ :—ମୋର ଶୋଷ ଉଠୁଛି; ମୋତେ ଶୋଷ କରୁଛି ।]

ଶୋଷକ—ସ. ବିଣ (ଶୁଷ୍ ଧାତୁ+କର୍ତ୍ତୃ. ଅକ)— ୧। ଶୋଷଣକାରୀ; Śoshaka ଯାହା ପଦାର୍ଥରୁ ଜଳ ବା ରସ ଶୋଷିନିଏ; (ଶୋଷିକା—ସ୍ତ୍ରୀ) ରସାକର୍ଷକ—1. That which sucks up or draws out water or juice from things. ୨ । ଯାହା ଶୁଷ୍କ କରେ— 2. Drying up; withering. ୩ । ଯାହା ଦେହକୁ ଶୀର୍ଣ୍ଣ କରେ—3. (medicine) Which makes the body lean.

ଶୋଷ କରିବା—ଦେ. ବି—ତୃଷାର୍ତ୍ତ ହେବା ଅବସ୍ଥା—Feeling Śosha karibā thirsty; thirstiness. [ଶୋଷହେବା(ଶୋ)ଇବା, ଶୋଷ ମାଲୁମ୍ ହେବା, ଶୋଷ ଲାଗିବା, ଶୋଷହେବା—ଅନ୍ୟରୂପ]

ତେଷ୍ଟାପାଓୟା ପ୍ୟାସ ଲଗନ

(ପ୍ରୟୋଗ—ମତେ ଶୋଷ କରୁଛି)

ଶୋଷଣ—ସ. ବି (ଶୁଷ୍ ଧାତୁ+ଭାବ. ଅନ)—୧ । ଶୋଷିବା କ୍ରିୟା— Śoshaṇa 1. Act of sucking up. ୨ । ଶୁଷ୍କ କରିବା—2. Act of drying up. ୩ । ଜଳ ଟାଣିବା କ୍ରିୟା; ରସାକର୍ଷଣ— 3. Act of drawing up water or juice; suction. ୪ । ସ୍ନେହରହିତକରଣ (ବିଶ୍ୱକୋଷ)— 4. Act of depriving a thing of oil. ୫ । (+କର୍ତ୍ତୃ. ଅନ) କନ୍ଦର୍ପର ପଞ୍ଚ ବାଣ ମଧ୍ୟରୁ ଏକତମ 5. Name of one of the 5 arrows of the God Cupid. [ଦ୍ର—କନ୍ଦର୍ପର ଏହି ବାଣ ଦ୍ୱାରା ପ୍ରେମିକ ପ୍ରେମିକାଙ୍କ ଦେହ ଶୀର୍ଣ୍ଣ ହୁଏ ।] ୬ । ଶୁଣ୍ଠି (ବିଶ୍ୱକୋଷ)—6. Dry ginger. ୭ । ପିପ୍ପଳୀ (ବିଶ୍ୱକୋଷ)—7. Long pepper. ୮ । ଶ୍ୟୋଣାକ ବୃକ୍ଷ (ବିଶ୍ୱକୋଷ); ଫମ୍ପଣା—8. Bignonia Indica. ୯ । (+ଅଧିକରଣ ଅନ) ଷୋଡ଼ଶାଂଶ-ବଶିଷ୍ଟକଷାୟ; ୧୬ ଭାଗରୁ ଏକ ଭାଗ ଜଳ ଅବଶିଷ୍ଟ ଥାଇ ଆଉ ଜଳ ଉପରୁ ଉଡ଼ିଯାଇଥିବା କଷାୟ ବା କ୍ୱାଥ (ବିଶ୍ୱକୋଷ)—9, Decoction which has

been taken down from the fire when the water thereof has been reduced to one sixteenth. ୧୦ । (ଲକ୍ଷଣାର୍ଥ) ପରଠାରୁ ବଳପୂର୍ବକ ଅଳ୍ପଅଳ୍ପ ଧନ ଗ୍ରହଣ— 10. (figurative) Act of extortion of money. ବଣ—ଶୋଷକ (ଦେଖ) Sohsaka (See)

ଶୋଷଣ ଅସ୍ତ୍ର—ଦେ· ବ (ସ.ଶୋଷଣାସ୍ତ୍ର)—ଯେଉଁ ଅସ୍ତ୍ର ଅନ୍ୟ ଅସ୍ତ୍ରପ୍ରେରିତ Soshaṇa astra ବାରିଧାରକୁ ଶୁଖାଇଦିଏ—The শোষণ অস্ত্র शोषण अस्त्र contrary arrow which dries up the water flowing from the adversary's bows [ଉ·ଇନ୍ଦ୍ର ଦେଇଥିଲେ ଶୋଷଣ ଅସ୍ତ୍ର ମନ୍ତ୍ରେ, ଧାରି ନାଶ ପାଇଁ ତା ବହ୍ନିର ଭୂରହେ— (ଶୋଷଣାସ୍ତ୍ର—ସ. ରୂପ) କୃଷ୍ଣସିଂହ. ମହାଭାରତ ବନ ।]

ଶୋଷଣ ନୀତି—ସ. ବ (ଅଧୁନିକ ପ୍ରୟୋଗ)—ପ୍ରଜାଙ୍କ ଠାରୁ ଅଳ୍ପଅଳ୍ପ Soshaṇa niti କର ଅଦାୟ ରୂପରେ ରାଜାଙ୍କ ଧନ ଗ୍ରହଣନୀତି— The policy of drawing or sucking money from the subjects by the ruler.

ଶୋଷଣୀୟ—ସ. ବଣ (ଶୁଷ ଧାତୁ+କର୍ମ ଅନୀୟ)—୧ । ଶୋଷ୍ୟ Soshaṇiya ହେବାର ଉପଯୁକ୍ତ— 1. Fit to be sucked up. ୨ । ରସହୀନକୃତ ହେବାର ଉପଯୁକ୍ତ— 2. Fit to be dried up.

ଶୋଷ ମରିବା—ଦେ. ବ—ଜଳ ନ ପିଇବାଦ୍ୱାରା ମନରୁ ତୃଷା ଲୁପ୍ତ Sosha maribā ହେବା—The subsidence of (ଶୋଷ ମରିଯିବା—ଅନ୍ୟରୂପ) thirst by not drinking তেষ্টামরেযাওয়া प्यास मरना water when one feels thirsty.

ଶୋଷ ମାରିବା—ଦେ· କି—୧ । ଜଳପାନ ଦ୍ୱାରା ଜଳର ତୃଷାନିବୃତ୍ତ Sosha māribā କରିବା—1. To quench thirst তেষ্টাকেমারা प्यासमारना by drinking water ୨ । ଜଳପାନ ନ କରିବା ଦ୍ୱାରା ଜଳର ତୃଷା ନିବୃତ୍ତ କରିବା—2. To let the thirst die out by desisting from drinking water when one feels thirsty.

ଶୋଷୟିତା—ସ. ବଣ (ପୁ°)—(ଶୁଷ ଧାତୁ ଣିଚ=ଶୋଷି ଧାତୁ+ Soshayitā କର୍ତ୍ତୃ ତୃ, ୧ମା ୧ବ)—୧ । ଯେ ଶୋଷଣ (ଶୋଷୟିତ୍ରୀ—ସ୍ତ୍ରୀ) କରେ— 1. Sucking up. ୨ । ଯେ ଶୁଖାଇଦିଏ—2. Drying up water from any thing.

ଶୋଷ ସମ୍ଭବ—ସ°. ବ (ଷଷ୍ଠୀ ତତ୍, ଶୋଷାୟ=ଜଳ ଶୋଷଣାର୍ଥ Sosha sambhaba ସମ୍ଭବ ଯାହାର)—ପିପ୍ପଳୀମୂଳ (ଶବ୍ଦକୋଷ) The root of long pepper

ଶୋଷହା—ସ°. ବଣ (ଶୋଷ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)— Soshahā ଶୋଷ ନାଶକ (ଶବ୍ଦକୋଷ)—Preventing (ଶୋଷାପହା—ଅନ୍ୟ ବଣ ରୂପ) suction or drying up. ସ°. ବ—ଜଳାପମାର୍ଗ (ଶବ୍ଦକୋଷ)— Aquatic Acheranthes Aspera plant.

ଶୋଷା—ଦେ.ବ—୧। ଶୋଷିବା କ୍ରିୟା—1. Act of sucking up. Soshā শোষণ शोषण ୨ । ଅତ୍ୟଧିକ ଦାହ ଓ ତୃଷ୍ଣା ସ୍ୱେଦତେଷ୍টারোগ, प्यासकी बीमारी 2. A disease accompanied by a feeling of excessive thirst and burning. ୩। ଅତ୍ୟଧିକ ତୃଷା—3. Excessive thirst. ୪ । ଗାଈଗୋରୁ ଫୁଲିବା ରୂପ ଗୋରୁମାନଙ୍କର ରୋଗ ବିଶେଷ —4. A cattle disease by which ফোপর खोखला the cow has inflamation of the throat. ୫ । (ସ°. ଶୁଷିର) କାଠମଧ୍ୟରେ (ଶୋଷୀ—ସ୍ତ୍ରୀ) ଫୋଲ—5. Hollow in a log of wood. ବଣ. ପୁ°—୧ । ଅତି ଧନଲୋଭୀ—1. Very avaricious. ୨। ପ୍ରଜା ଅବଳଙ୍କଠାରୁ ଯେ ଅଳ୍ପଅଳ୍ପରୂପେ ଧନାଦ ବଳପୂର୍ବକ ନିଏ—2. Extorting money.

ଶୋଷା(ଷେ)ଇବା—ଦେ. କି—(ସ°. ଶୋଷି ଧାତୁ)—୧ । ଶୋଷିବା— Soshā(she)ibā କ୍ରିୟାର ଣିଜନ୍ତ ରୂପ—1. The causaশোষান सोसाना tive form of śoshibā. ୨ । ତୃଷାର୍ତ୍ତ ହେବା—2. To feel thirsty. তৃষ্ণাতুর হওয়া तिसाना

ଶୋଷା ଯି(ହେ)ବା—ଦେ. କି—ଶୋଷିବା କ୍ରିୟାର କର୍ମବାଚ୍ୟ ରୂପ— Soshā ji(he)bā The passive voice of Śoshibā (to চুষা যাওয়া सोसा जाना suck up).

ଶୋଷି (ଧାତୁ)—ସ°.—(ଶୁଷ ଧାତୁ ଣିଜନ୍ତ)—ଶୁଷ୍କ ହେବା— Śhoshi (root) To be dried up.

ଶୋଷିତ—ସ°. ବଣ—(ଶୁଷ ଧାତୁ ଣିଚ=ଶୋଷି ଧାତୁ+କର୍ମ. କ୍ତ)— Soshita ୧ । ନୀରସୀକୃତ—1. Made sapless. ୨ । ଯହିଁରୁ ରକ୍ତ ବା ଜଳଆଦ ଶୋଷା ଯାଇଅଛି; କୃତଶୋଷଣ- 2. That from which blood or water has been sucked up. ୩ । ଶୁଷ୍କୀକୃତ—3. Dried up; from which water has evaporated or been drained away.

ଶୋଷିବା—ଦେ. କି.—(ସ. ଶୁଷ ଧାତୁ)—୧ । ପଦାର୍ଥରୁ ଜଳାଦ Soshibā ଶୋଷିବା—1. To draw out water or চুষা शोषना sap or juice. ୨ । (ମୁହଁଦ୍ୱାରା)ଚୋଷିବା- 2. To suck with the mouth. ୩ । (ପ୍ରାଣ) କାଢ଼ି ନେବା—3. To draw out (life). [ଉ— ଶୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୋତନା । তেড়েআসা मारने दौड़ना ବଳରାମଦାସଙ୍କ ଭାଗବତ ।] ୪ । ଧାଇଁବା; ଆକ୍ରମଣାର୍ଥ ଅଗ୍ରସର ହେବା— 4. To advance to attack. [ଉ—ବ୍ୟାଳ ସମ୍ମୁଖକୁ ଲମ୍ପି; କି ହବ ବାଜନ୍ତି ଅଛି, ଶୋଷୁ ଦନ୍ତେ ଭୂଟି ଖୋସିଦେୟ । ଉପ. ବୈଦେହୀଶବିଳାସ ।]

୧	ଇ	ଉ	ଋ,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଙ	ଞ	ଶ,ଷ	ଢ଼	ଇୟ	ଉଅ	ଋ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗ୍ୟ	ଇଅ	ଡ଼	ନ୍ତ

ଶୋଷୀ—ସଂ. ବିଣ. ପୁଂ—(ଶୋଷ୍ ଧାତୁ+ଇନ୍; ୧ମା. ୧ବ)—
Śoshī ତୃଷାର୍ତ୍ତ—Thirsty. ଦେ. ବି—୧ । ତୃଷିତ ବ୍ୟକ୍ତି
ତୃଷାର୍ତ pyasa(si) 1. Thirsty person. ୨ । (ଶୁଷ୍ ଧାତୁ, [ଶୋଷିଣୀ—ସ୍ତ୍ରୀ] ତୁଳ- ସଂ- ଶୁଷିର=ଛିଦ୍ର) କାଠ ମଧ୍ୟରେ ଥିବା
ଫୋପର ଖୋଖଲା ପୋଲ—2. The hollow running length-wise through the inside of a log of wood.

ଶୋଷ୍ୟ—ସଂ. ବିଣ—(ଶୁଷ୍ ଧାତୁ+କର୍ମ. ଯ)—ଶୋଷଣୀୟ—
Śoshya Fit to be sucked up or dried up.

ଶୋହା—ଗ୍ରା. ବି—(ସଂ. ଶୋଭା; ପ୍ରା· ସୋହା)—୧ । ସୌନ୍ଦର୍ଯ୍ୟ—
Śohā 1. Beauty; grace. ୨ । ଦୀପ୍ତି—2. Brilliance.

ଶୋହି—ଦେ· ବି—ରୋହି ଜାତୀୟ ଏକ ପ୍ରକାର ମାଛ—A kind of
Śohi ରୁଇ fish allied to the Rohi fish. [ଦ୍ର—
ରୋହୁ ରୋହି ମାଛର ପିତ୍ତ ପରି ଏ ମାଛର ପିତ୍ତ ସନ୍ନିପାତ ରୋଗରେ ଉପକାରୀ ।]

ଶୋହିବା—ଦେ· (ପଦ୍ୟ) କ୍ରି—(ସଂ. ଶୋଭା; ପ୍ରା· ସୋହା)—୧ ।
Sohibā ଶୋଭା ପାଇବା; ଦୀପ୍ତି ପାଇବା—1. To shine.
ଶୋଭାପାଓୟା [ଦ୍ର—କନକ-ପୁଷ୍ପରାଜି ଶୋହେ ଦ୍ରୁମକେ । ରାଧାନାଥ.
ଶୋଭାପାନା ମେଘଦୂତ ।] ୨ । ଶୋଭାଯୁକ୍ତ ହେବା; ସୁନ୍ଦର ରୂପେ ବିରାଜିତ ହେବା—2. To exist with splendour. ୩ । ମାନିବା; ସାଜିବା—3. To be-
ଶୋଭିତକରା ଶୋଭାଯୁକ୍ତ କରନା fit; to become; to suit. ୪ । ଅଳଙ୍କୃତ କରିବା—4. To adorn.

ଶୌକ—ସଂ. ବି—୧ । (ଶୁକ+ଅ)—ଶୁକ ସମୂହ (ଶବ୍ଦକୋଷ)—
Śauka 1. A flight of parrots. ୨ । (ଶୋକ+ଅ) ଶୋକ (ମେଦିନୀ)—Grief.

ଶୌକଡ଼ା—ଦେ· ବିଣ ଓ ବି—(ସଂ· ଶତ ଓ କପର୍ଦ୍ଦକ)—୧ । ଶତ
Śaukaṛā ସଂଖ୍ୟକ (ବ୍ୟକ୍ତି ଆଦି)—1. A hundred. ୨ ।
ଶতକରা ସୈକଡ଼ା ଶତ ଶତ—2. Hundreds of. ୩ । ପ୍ରାୟ ଏକ ଶତ—3. About a hundred. ୪ । ଶତକେ —4. Percent.

ଶୌକର—ସଂ. ବିଣ—(ଶୂକର+ଅ)—ଶୂକର ସମ୍ବନ୍ଧୀୟ—
Śaukara Relating to a hog. ବି.—ତୀର୍ଥବିଶେଷ—
Name of a sacred place. [ଦ୍ର—ବରାହ ପୁରାଣରେ ଉକ୍ତ ଅଛି ଯେ, ଭଗବାନ୍ ବରାହ ଅବତାରରେ ଏହି ସ୍ଥାନରେ ଆଇ ପୃଥିବୀକୁ ରସାତଳର ଉପରକୁ ଟେକି ଧରିଥିଲେ । ଉକ୍ତ ପୁରାଣରେ ଏ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣିତ ଅଛି—ଶବ୍ଦକୋଷ ।] ।

ଶୌକ୍ତିକ—ସଂ. ବି—(ଶୁକ୍ତି=ସାମୁକା+ଜାତାର୍ଥେ. ଅ)—ମୋତି; ମୁକ୍ତା
Śauktika —Pearl; Margarita.

ଶୌକ୍ତିକା—ସଂ. ବି—(ଶୌକ୍ତିକ+ଅ)—ଯେଉଁ ସାମୁକାରୁ ମୁକ୍ତା
Śauktikā ବାହାରେ—[ଶବ୍ଦକୋଷ]—Pearl oyster.

ଶୌକ୍ତିକେୟ—ସଂ. ବି—(ଶୁକ୍ତିକା+ଜାତାର୍ଥେ. ଏୟ; ବା ଶୁକ୍ତି+ଏୟ;
Śauktikeya ଢ ଆଗମ—ମୁକ୍ତା—Pearl. ବିଣ—୧ ।
ଶୁକ୍ତିଜାତ—1. Produced from oyster or mother of pearls. ୨ । ଶୁକ୍ତି ସମ୍ବନ୍ଧୀୟ— 2. Relating to oyster.

ଶୌକ୍ର—ସଂ. ବିଣ—(ଶୁକ୍ର+ଅ)—୧ । ଶୁକ୍ର ଗ୍ରହ ସମ୍ବନ୍ଧୀୟ—
Śaukra 1. Relating to the planet venus.
୨ । ରେତଃ ସମ୍ବନ୍ଧୀୟ—2. Relating to semen.

ଶୌକ୍ଲ(କ୍ଲ୍ୟ)—ସଂ. ବି—(ଶୁକ୍ଳ+ଅ,ଯ)—ଶୁକ୍ଳତା—
Śaukla(klya) Whiteness.

ଶୌଙ୍ଗେୟ—ସଂ. ବି—(ଶୁଙ୍ଗା+ଏୟ)—ଶିକାରୀ ପକ୍ଷୀ—
Śauṅgeya A bird of prey.

ଶୌଚ—ସଂ. ବି (ଶୁଚ=ପବିତ୍ର+ଭାବାର୍ଥେ ଅ)—୧ । ଶୁଦ୍ଧି—
Śaucha 1. Purification. ୨ । ଯଥାଶାସ୍ତ୍ର ଦେହଶୁଦ୍ଧି—
(ଅଶୌଚ—ବିପରୀତ) 2. Purification of the body according to the injunctions of the Śāstras. ୩ । ଶୁଚିତା; ପବିତ୍ରତା—3. Purity. ୪ । ଶାସ୍ତ୍ରବିହିତ ଆଚାର ଦ୍ୱାରା ଦେହକୁ ଓ ମନକୁ ପବିତ୍ର ରଖିବା—4. Keeping the body and the mind clean by following Śāstric injunctions. [ଦ୍ର—ଅଭକ୍ଷ୍ୟ ବସ୍ତୁର ପରିହାର, ଅନିନ୍ଦିତ ବ୍ୟକ୍ତିର ସଂସର୍ଗ ଓ ସ୍ୱଧର୍ମରେ ଅବସ୍ଥାନ କରିବାକୁ ଶୌଚ ବୋଲାଯାଏ (ଏକାଦଶୀ ତତ୍ତ୍ୱ) । ଯେତେ ପ୍ରକାର ଶୌଚ ଅଛି, ତନ୍ମଧ୍ୟରେ ଅର୍ଥଶୌଚ ପ୍ରଧାନ । ଅର୍ଥାର୍ଜନ ବିଷୟରେ ଅଶାସ୍ତ୍ରୀୟ ଉପାୟ ଅବଲମ୍ବନ ନକରି ଶାସ୍ତ୍ରସଙ୍ଗତ ଉପାୟରେ ଯେ ଅର୍ଥାର୍ଜନ କରନ୍ତି ଓ ତାହା ରକ୍ଷା କରନ୍ତି ତାଙ୍କୁ ଅର୍ଥଶୁଚି ବୋଲାଯାଏ । ଶୌଚ ପାଞ୍ଚ ପ୍ରକାର:—ସତ୍ୟ-ଶୌଚ, ମନଃଶୌଚ, ଇନ୍ଦ୍ରିୟନିଗ୍ରହ, ସର୍ବଭୂତରେ ଦୟା ଓ ଦେହଶୌଚ । ବିଦ୍ୱାନ ମାନଙ୍କର କ୍ଷମାହିଁ ଶୌଚ; ଅକାର୍ଯ୍ୟ-କାରୀମାନେ ଦାନ ଦ୍ୱାରା, ପ୍ରଚ୍ଛନ୍ନପାପୀ ଜପଦ୍ୱାରା, ବେଦବିଦ୍ ବ୍ରାହ୍ମଣ ତପସ୍ୟା ଦ୍ୱାରା, ପରପୁରୁଷାଭିଳାଷ ହେତୁ ଦୂଷିତ-ମନାଃ ସ୍ତ୍ରୀ ରଜସ୍ୱଳା ହେବାଦ୍ୱାରା, ମଳବହା ନଦୀ ସ୍ରୋତ ଦ୍ୱାରା, ଦ୍ୱିଜୋତ୍ତମ ପ୍ରବ୍ରଜ୍ୟାଦ୍ୱାରା, ମନଃ ସତ୍ୟ ଦ୍ୱାରା, ଜୀବାତ୍ମା ବିଦ୍ୟା ଓ ତପସ୍ୟା ଦ୍ୱାରା ଓ ବୁଦ୍ଧି ଜ୍ଞାନ ଦ୍ୱାରା ଶୌଚ ଲାଭ କରନ୍ତି । ଏମାନଙ୍କୁ ଶାରୀରିକ ଶୌଚ ବୋଲାଯାଏ । ମୃତ୍ତିକା ଓ ଜଳାଦି ଦ୍ୱାରା ଶରୀରର ଶୁଦ୍ଧିକୁ ବାହ୍ୟ ଶୌଚ ଓ ଇନ୍ଦ୍ରିୟାଦି ସଂଯମ ଦ୍ୱାରା ମନଃଶୁଦ୍ଧିକୁ ଅଭ୍ୟନ୍ତର ଶୌଚ ବୋଲାଯାଏ—(ଶବ୍ଦକୋଷ) ।] ୫ ।

ଟୀରଣ ଲେକେ ଅପର ପୃଷ୍ଠାରେ ସୂଚିତ ୧ଚକ୍ଷିତ ଅକ୍ଷର ଓ ମାତ୍ରା ଏବ ୨ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ମୁଢ' ନ ମିଳିଲେ 'ମୂଢ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳବଢ' ନ ପାଇଲେ 'ଅଳ୍‌ବଢ଼' ଦେଖିବେ

ନିର୍ମଳତା—5. Cleanliness. ୬। କୁଟୁମ୍ବରେ 'ମୃତ୍ୟୁ ବା ଜନ୍ମ ଘଟିଲେ ନିର୍ଦ୍ଦିଷ୍ଟ ଦିବସରେ ଶୁଦ୍ଧି କ୍ରିୟା—6. Purificatory rite performed after a death or birth amongst kinsmen. ୭। ଛୁଅଁଣ ହେବା; ଝାଡ଼ା ଫେରିଲା ପରେ ପାଣି ସାରିବା; ମଳତ୍ୟାଗାନ୍ତେ ଜଳଦ୍ୱାରା ଗୁହ୍ୟାଦିର ପ୍ରକ୍ଷାଳନ—7. Cleansing and washing the private parts etc after answering a call of nature; ablution after evacuation.

ଶୌଚ କରିବା—ଦେ. କ୍ରି—ଛୁଅଁଣିବା; ଝାଡ଼ା ଫେରିବା ପରେ ଜଳ Śaucha karibā ଓ ମୃତ୍ତିକା ଦ୍ୱାରା ଅଙ୍ଗାଦିର ଶୁଦ୍ଧି କରିବା; শৌচকরা ପାଣି ନେବା—To wash one's body clean शौचकरना after answering a call of nature.

ଶୌଚ କର୍ମ—ସ. ବି—ଦେହଶୁଦ୍ଧିରୂପ କର୍ମ—Act of cleansing Śaucha karma or washing one's body. ଦେ. ବି—ମଳତ୍ୟାଗ (ଏହା ପରେ ଶୌଚକର୍ମ କରାଯାଏ)—Answering call of nature; easing one's self.

ଶୌଚ ବିଧାନ[ବିଧି]—ସଂ. ବି—ଦେହ ଶୁଦ୍ଧି ନିମନ୍ତେ ନିର୍ଦ୍ଦିଷ୍ଟ ଶାସ୍ତ୍ରବିଧି—Śaucha bidhāna[bidhi] The rules enjoined by the sacred books about purifying the body; purificatory rites. [ଦ୍ର—ଝାଡ଼ା ଫେରି ସାରି ଗୁହ୍ୟଦ୍ୱାରରେ ୨ଥର, ଲିଙ୍ଗରେ ୨ଥର, ହାତରେ ୩ଥର, ଗୋଡ଼ରେ ୩ଥର ମାଟି ଲଗାଇ ଧୋଇବ; ୩ ଥର କୁଳୁକୁଞ୍ଚା କରିବ ଓ ୩ ଥର ମୁହଁ ଧୋଇବ ଓ ଅଣ୍ଟାପାଣି କରିବ । ପରିସ୍ରା କରିସାରି ଲିଙ୍ଗକୁ ୩ଥର ଜଳଦ୍ୱାରା ଧୋଇବା ଇତ୍ୟାଦି ।]

ଶୌଚ ହୀନ—ସଂ. ବିଣ (ପୁଂ)—୧ । ଶୁଦ୍ଧି ରହିତ—1. Devoid Śaucha hina of purity. ୨ । ମଇଳା; ଅପରିଷ୍କୃତ—(ଶୌଚହୀନା—ସ୍ତ୍ରୀ) 2. Unclean. ୩ । ଯେ ଦେହକୁ ଶୁଦ୍ଧ ଓ ପବିତ୍ର ରଖେ ନାହିଁ—3. Impure in body. (ଯଥା—ଝାଡ଼ା ଫେରିସାରି ପାଣି ନ ନେବା; ଅଇଣ୍ଠାମୁହଁ ନ ଧୋଇବା, ଦାନ୍ତ ନ ଘଷିବା, ନ ଗାଧୋଇବା ଲୋକକୁ ଶୌଚହୀନ ବୋଲାଯାଏ ।)

ଶୌଚିକ—ସଂ. ବି (ସୂଚ+ଇକ)—ଶୁଣ୍ଡୀ ଔରସରେ କୈବର୍ତ୍ତ କନ୍ୟାର Śauchika ଓ କୈବର୍ତ୍ତ ଔରସରେ ଗାନ୍ଧିକ କନ୍ୟାର ଗର୍ଭଜାତ ଶଙ୍କର ଜାତି ବିଶେଷ—Name of a mixed low caste.

ଶୌଚେୟ—ସ. ବି. ପୁଂ (ଶୁଚି+ଏୟ; ଯେ ବସ୍ତ୍ରାଦିକୁ ପରିଷ୍କୃତ Śaucheya କରେ)— ରଜକ; ଧୋବା—Washer- (ଶୌଚେୟୀ—ସ୍ତ୍ରୀ) man.

ଶୌଚୋଦକ—ସ. ବିଣ (ମ. ଘ- ଶ୍ଳୋ.)—ଶୌଚ କାର୍ଯ୍ୟ ପାଇଁ Śauchodaka ଅଣାଯାଇଥିବା ଜଳ—Water brought for cleaning purposes.

ଶୌଟୀର—ସ. ବିଣ. ପୁଂ. (ଶୁଟୀର=ବୀର+ଅ)—୧ । ବୀର—Śauṭira 1. Heroic; valiant. ୨ । ଅହଙ୍କାରୀ—(ଶୌଟୀରୀ—ସ୍ତ୍ରୀ) 2. Proud; arrogant. ୩ । ତ୍ୟାଗୀ—3. Practising renunciation or self-denial.

ଶୌଟୀ(ଣ୍ଡୀ)ର୍ଯ୍ୟ—ସ. ବି (ଶୁଟୀର+ଭାବ. ଯ)—୧। ବୀରତ୍ୱ; ବୀର୍ଯ୍ୟ—Śauṭi(ndi)rjya I. Herovism; valour ୨। ଗର୍ବ; ଅହଙ୍କାର—2. Pride ୩। ଦମ୍ଭ—3. Arrogance. ୪ । ତ୍ୟାଗ—4. Renunciation; self-denial.

ଶୌଣ୍ଡ—ସ. ବିଣ. ପୁଂ (ଶୁଣ୍ଡା=ମଦ+ଇତ ବା ମତ୍ୱର୍ଥେ ଅ) Śaunḍa ୧ । ମତ୍ତ; ମଦୁଆ—1. Drunken; intoxicated. ୨ । ଅତ୍ୟାସକ୍ତ—2. Addicted. (ଶୌଣ୍ଡୀ—ସ୍ତ୍ରୀ) (ଶୌଣ୍ଡତା—ବି) ୩ । ବିଖ୍ୟାତ—3. Famous; reputed. ୪ । ପ୍ରଗଲ୍ଭ; ପରାଭବସମର୍ଥ (ବିଶ୍ୱକୋଷ)—4. Arrogant. ସ. ବି ୧ । ଦେବଧାନ୍ୟ (ବିଶ୍ୱକୋଷ)—1. A kind of wild grain. ୨ । କୁକ୍କୁଟ (ବିଶ୍ୱକୋଷ)—2. Cock.

ଶୌଣ୍ଡିକ—ସ. ବି. (ପୁଂ)—(ଶୁଣ୍ଡା=ମଦ୍ୟ+ବିକ୍ରେତା ଅର୍ଥରେ ଇକ) Śaunḍika ୧ । ଶୁଣ୍ଡି; ମଦ୍ୟ ପ୍ରସ୍ତୁତକାରୀ—I. Distiller of wine; vintner. ୨ । ମଦ୍ୟ ବିକ୍ରେତା—2. Seller of wine; wine-dealer. ୩ । ମଦ୍ୟ ପ୍ରସ୍ତୁତକାରୀ ଓ ମଦ୍ୟ ବ୍ୟବସାୟୀ ନୀଚ ଜାତି ବିଶେଷ—3. A low caste among the Hindus whose profession is to distill and trade in wine.

(ଶୌଣ୍ଡୀ—ଅନ୍ୟରୂପ)
ଶୌଣ୍ଡିକା; ଶୌଣ୍ଡିକୀ—ସ୍ତ୍ରୀ
[ଅନ୍ୟ ସ. ନାମ—
ମଣ୍ଡ ହାରକ; ଶୁଣ୍ଡାର; ଶୌଣ୍ଡୀ,
ଶୁଣ୍ଡିକ (ଶବ୍ଦରତ୍ନାବଳୀ),
ଧ୍ୱଜ, ପାନ, ଘଣ (ଜଟାଧର),
କଲ୍ୟପାଳ; ସୁରାଜୀବୀ,
ବାରିବାସ, ପାନ ବଣିକ, ଧ୍ୱଜୀ,
ଆସବୀବଳ (ହେମଚନ୍ଦ୍ର)

[ଦ୍ର—ପରାଶର ସଂହିତାରେ ଲେଖା ଅଛି ଯେ, କୈବର୍ତ୍ତ ପିତାଠାରୁ ଗାନ୍ଧିକ କନ୍ୟାର ଗର୍ଭରୁ ଏ ଜାତିର ଉତ୍ପତ୍ତି, ଓ ଶୌଣ୍ଡିକ ପିତାଠାରୁ କୈବର୍ତ୍ତ କନ୍ୟାର ଗର୍ଭରୁ ଉତ୍ପନ୍ନ ଜାତି ଶୌଚିକ । ମନୁ (୪।୨୧୬) ଲେଖିଛନ୍ତି ଯେ କୁକୁର ପୋଷା [କୁକୁ ରଅ], ଶୌଣ୍ଡିକ, ରଜକ, ଲୁଗା ରଙ୍ଗେଇବା ଜାତି, ନୃଶଂସ ଓ ଯାହା ଘରେ ଉପପତି ଅଛି [ବ୍ୟଭିଚାରିଣୀ—ସ୍ତ୍ରୀ ଉପପତି ପରିବାରକର୍ତ୍ତା] ତାଙ୍କ ଘରେ ଖାଇବ ନାହିଁ । ଯାଜ୍ଞବଲ୍କ୍ୟ ଲେଖି ଅଛନ୍ତି

[୨୮୯] ଗୋପ, ଶୌଣ୍ଡିକ, ଶୈଳୂଷ, ରଜକ ଓ ବ୍ୟାଧ ଜାତିର ସ୍ତ୍ରୀମାନଙ୍କ ଋଣ ଉତ୍ତମର୍ଣ୍ଣଙ୍କ ପରିଶୋଧ କରିବା ଉଚିତ, କାରଣ ଉକ୍ତ ଜାତିମାନଙ୍କ ଜୀବିକା ସ୍ତ୍ରୀମାନଙ୍କ ଉପରେ ନିର୍ଭର କରେ। ଅର୍ଥାତ୍ ଏମାନେ ହାଟ ଅଜାତ ଓ ଏମାନଙ୍କ ସ୍ତ୍ରୀମାନଙ୍କର ଅବରୋଧ ପ୍ରଥା ନାହିଁ ଓ ସ୍ତ୍ରୀମାନେ ଜାତିର ବ୍ୟବସାୟ ଚଳାନ୍ତି—ବିଶ୍ୱକୋଷ] ସଂ. ବିଣ [ଶୁଣ୍ଡିକ+ଅ] ଶୁଣ୍ଡିକ ସମ୍ବନ୍ଧୀୟ—Relating to the wine distiller.

ଶୌଣ୍ଡିକା(ନୀ)—ସଂ. ବି. ସ୍ତ୍ରୀ [ଶୌଣ୍ଡିକ+ଆ; ଶୌଣ୍ଡିକ୍+ସ୍ତ୍ରୀ ଈ] Ṡaundikā(nī) ଶୁଣ୍ଡିଅଣୀ—Wife of a vintner.

ଶୌଣ୍ଡିକାଳୟ—ସଂ. ବି [୬ଷ୍ଠୀ ତତ୍, ଶୌଣ୍ଡିକ+ଆଳୟ]—୧। Ṡaundikālaya ମଦ୍ୟ ବିକ୍ରୟର ସ୍ଥାନ; ଶୁଣ୍ଡି ଦୋକାନ—1. Grogshop; tavern; dram shop. ୨। ମଦ ତିଆରି ହେବା ସ୍ଥାନ—2. A distillery.

ଶୌଣ୍ଡି(ଣ୍ଡୀ)ର—ସଂ. ବିଣ. ପୁଂ (ଶୁଣ୍ଡା=ମଦ୍ୟ+ଈର; ଇର)—Ṡaundi(ṇḍī)ra ୧। ଅହଙ୍କାରୀ; ଗର୍ବୀ; ଗର୍ବିତ—1. Arrogant; proud; vain. ୨। [ଶୌଣ୍ଡି(ଣ୍ଡୀ)ରୀ—ସ୍ତ୍ରୀ] ତେଜସ୍ୱୀ—2. Energetic; vigorous.

ଶୌଣ୍ଡୀ—ସଂ. ବି (ବୈଦ୍ୟକ) (ଶୁଣ୍ଡା+ଇନ୍)—୧। ପିପଳୀ—Ṡaundī 1. Long pepper. ୨। ଚବ୍ୟ (ବିଶ୍ୱକୋଷ)—2. Piper Chaba. ୩। କଟୁଲଙ୍କା; ଲଙ୍କାମରିଚ [ବିଶ୍ୱକୋଷ]—3. Cayenne pepper.

ଶୌଦ୍ଧୋଦନି—ସଂ. ବି. ପୁଂ (ଶୁଦ୍ଧୋଦନ+ଅପତ୍ୟାର୍ଥେ ଇ) Ṡauddhodani ୧। ବୁଦ୍ଧଦେବ—1. The Buddha. ୨। (ମତାନ୍ତରରେ) ବୁଦ୍ଧଦେବଙ୍କ ପିତା—2. The father of Buddha.

ଶୌଦ୍ର—ସଂ. ବିଣ. ପୁଂ (ଶୂଦ୍ର+ଅ)—୧। ଶୂଦ୍ର ସମ୍ବନ୍ଧୀୟ—Ṡaudra 1. Relating to the Ṡūdra caste. ୨। (ଶୂଦ୍ରା+ଅ) ଶୂଦ୍ରାଗର୍ଭଜାତ—2. Born of a Ṡūdra mother. ବି—ବ୍ରାହ୍ମଣାଦି ଦ୍ୱିଜାତି ଔରସରେ ଶୂଦ୍ରାଗର୍ଭଜାତ ସନ୍ତାନ—A son born of a Ṡūdra mother and a father of the three higher castes. [ଦ୍ର—ସ୍ମୃତି ଶାସ୍ତ୍ରରେ ବର୍ଣ୍ଣିତ ଦ୍ୱାଦଶବିଧ—(ଔରସ, କ୍ଷେତ୍ରଜ, ଦତ୍ତ, କୃତ୍ରିମ, ଗୂଢ଼ୋତ୍ପନ୍ନ, କ୍ରୀତ, ଅପବିଦ୍ଧ, କାନୀନ, ଶୌଦ୍ର, ପୌନର୍ଭବ, ସ୍ୱୟଂଦତ୍ତ, ସହୋଢ଼) ପୁତ୍ର ମଧ୍ୟରୁ ଏ ଏକତମ। ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ପିତାଙ୍କର ସ୍ୱଜାତୀୟା ସ୍ତ୍ରୀ ଗର୍ଭରୁ ସନ୍ତାନ ନ ଥିଲେ ଶୂଦ୍ରା ଭାର୍ଯ୍ୟାର ଗର୍ଭଜାତ ସନ୍ତାନମାନେ ପିତୃଙ୍କ ଧନର ଅଧିକାରୀ ହୁଅନ୍ତି।]

ଶୌନ—ସଂ. ବିଣ (ଶ୍ୱନ୍+ଅ)—କୁକୁର ସମ୍ବନ୍ଧୀୟ [ବିଶ୍ୱକୋଷ]—Ṡauna Relating to the dog. ସଂ. ବି—ବିକ୍ରୟାର୍ଥ ରକ୍ଷିତ ମାଂସ [ବିଶ୍ୱକୋଷ]—Meat kept for sale.

ଶୌନକ—ସଂ. ବି. ପୁଂ (ଶୁନକ+ଅପତ୍ୟାର୍ଥେ ଅ)—ଶୁକଦେବଙ୍କଠାରୁ Ṡaunaka ନୈମିଷାରଣ୍ୟରେ ପୁରାଣ ଶୁଣିଥିବା ମୁନିବିଶେଷ—Name of a sage who heard the Purāṇas from Ṡukadeba. [ଦ୍ର—ଏ ଜଣେ ବୈଦିକ ଋଷି ଥିଲେ। ଅନେକ ବୈଦିକ ଓ ଲୌକିକ ଗ୍ରନ୍ଥର ରଚୟିତାରୂପେ ଏ ପ୍ରସିଦ୍ଧ।]

ଶୌ(ସୌ)ନିକ—ସଂ. ବି. ପୁଂ (ଶୂନ, ଶୂନା=ପ୍ରାଣିବଧ+ଇକ)—Ṡau(sau)nika ୧। ମାଂସ ବିକ୍ରେତା—1. Meat seller. ୨। ମୃଗୟା—2. Hunting; chase.

ଶୌନିକ ଶାସ୍ତ୍ର—ସଂ. ବି (ମ. ଚ. ଟୀକା)—ମୃଗୟା ଓ ଘୋଡ଼ଦୌଡ଼ Ṡaunika ṡāstra ଆଦି ପଶୁକ୍ରୀଡ଼ା ବିବରଣ ବର୍ଣ୍ଣିତ ଗ୍ରନ୍ଥ [ବିଶ୍ୱକୋଷ]—Treatise on the chase, horse-race and other diversions with animals.

ଶୌପ—ଦେ. ବି—୧। (ସଂ. ଶତପୁଷ୍ପା) ଶତପୁଷ୍ପ (ଦେଖ)—Ṡaupa ଓଲଫା ସୌଁଫ Ṡaupa (See) ମାହୁରି ସଫ ୨। ଶପ (ଦେଖ)—2. Ṡapa (See)

ଶୌବନ—ସଂ. ବିଣ (ଶ୍ୱନ୍+ସମ୍ବନ୍ଧାର୍ଥେ ଅ)—କୁକୁର ସମ୍ବନ୍ଧୀୟ—Ṡaubana Canine. ସଂ. ବି—୧। (ଅପତ୍ୟାର୍ଥେ)—କୁକୁର ଛୁଆ—1. Puppy (of a dog). ୨। କୁକୁର ମାଂସ [ବିଶ୍ୱକୋଷ]—2. Dog-meat. ୩। କୁକୁର ସମୂହ [ବିଶ୍ୱକୋଷ]—3. A pack of dogs.

ଶୌବନ ଦନ୍ତ—ସଂ. ବି—ଶ୍ୱଦନ୍ତ; ଉପର ଓ ତଳ ପାଟିରେ ଥିବା ଦୁଇଟି Ṡaubana danta ଲେଖାଏଁ (ମୋଟରେ ଚାରିଟି) ଲମ୍ବ ଦନ୍ତ—The canine teeth. [ଦ୍ର—ଏ ଦାନ୍ତ କ୍ଷମୁଦାନ୍ତ ଓ କଳଦାନ୍ତ ମଧ୍ୟରେ ଅବସ୍ଥିତ। ଏହାଦ୍ୱାରା ଖାଦ୍ୟାଦି ଛେଦନ ଓ ଧାରଣ କରାଯାଏ।]

ଶୌବସ୍ତିକ—ସଂ. ବିଣ (ଶ୍ୱଃ=ଆଗାମୀ କାଲି+ଭବାର୍ଥେ. ଇକ)—୧। Ṡaubastika ଶ୍ୱୋବିଦ୍ୟମାନ; ଯାହା ପର ଦିନ ପର୍ଯ୍ୟନ୍ତ ଅବିକୃତ ରହି ପାରେ—1. (a thing or food) Which can be preserved till tomorrow. ୨। ଆଗାମୀ କାଲି ସମ୍ବନ୍ଧୀୟ—2. Relating to tamorrow.

ଶୌବାପଦ—ସଂ. ବିଣ (ଶ୍ୱାପଦ+ସମ୍ବନ୍ଧାର୍ଥେ ଅ)—ଶ୍ୱାପଦ ବା ହିଂସ୍ର Ṡaubāpada ଜନ୍ତୁ ସମ୍ବନ୍ଧୀୟ—Relating to beasts of prey.

ଶୌଭ—ସଂ. ବି (ଶୁଭ+ଅ; ଅଥବା ଶୋଭା+ଅ)—୧। ଦେବତା—Ṡaubha 1. A Deity. ୨। ଗୁଆଗଛ—2. The areca-nut plant; Areca Catechu. ୩। ମହାରାଜ ହରିଶ୍ଚନ୍ଦ୍ରଙ୍କର ଶୂନ୍ୟ ବା ଆକାଶ ମଣ୍ଡଳରେ ନିର୍ମିତ ନଗର (ଏଥିର ଅନ୍ୟ ନାମ ବ୍ୟୋମଗୁରପୁର)—3. Name of a city of Rājā Hariṡchandra raised in the sky. [ଦ୍ର—ଭାଗବତ ୧୦ମ ସ୍କନ୍ଧ ୭୭ଶ ଅଧ୍ୟାୟରେ ବର୍ଣ୍ଣିତ ଅଛି ଯେ, ଭଗବାନ୍ ଶ୍ରୀକୃଷ୍ଣ ଏ ପୁରର ଅଧିକାରୀ ଶାଲ୍ୱ ରାଜାକୁ ବଧ କରି ଏହାକୁ ଅଧିକାର କରିଥିଲେ।]

ଶୌଭିକ—ସଂ. ବିଣ. ପୁଂ (ଶୋଭ+ଇକ)—ମାୟାବୀ—Practising
Saubhika deception; elusive. ବି—ଐନ୍ଦ୍ରଜାଲିକ,
(ଶୌଭିକା—ସ୍ତ୍ରୀ) କୁହୁକୀ—Sorcerer; magician; a conjurer.

ଶୌର—ସଂ ବିଣ (ଶୂର+ସମ୍ବନ୍ଧାର୍ଥେ ଅ)—୧ । ଶୂରସମ୍ବନ୍ଧୀୟ—
Saura 1. Heroic. ୨ । ସୂର୍ଯ୍ୟ ସମ୍ବନ୍ଧୀୟ—2. Solar.

ଶୌର ଜଗତ—ସଂ. ବି—ସୌର ଜଗତ୍ (ଦେଖ)
Saura jagat Saura jagat (See)

ଶୌରସେନୀ—ସଂ. ବିଣ. ସ୍ତ୍ରୀ (ଶୂରସେନ=ମଥୁରା+ଇଦମର୍ଥେ ଅ+
Sauraseni ସ୍ତ୍ରୀ. ଈ)—ମଥୁରାଦେଶ ସମ୍ବନ୍ଧୀୟ—Relating to the country of Mathurā (in U. P.).
ବି—ମଥୁରା ପ୍ରଚଳିତ ଭାଷା ବିଶେଷ; ବ୍ରଜବୋଲି ; ପ୍ରାଚୀନ ପ୍ରାକୃତ ଭାଷା ବିଶେଷ— kind of old spoken dialect of India; the dialect spoken in Mathurā and Bṛundābana

ଶୌରା—ଦେ. ବି (ସଂ. ଶବର)—୧ । ଶବର ୧ (ଦେଖ)—Śabara.
Saurā 1 (See) ୨ । ଶବର ୨ (ଦେଖ)—2. Śa-ara 2
সবর সবর (See)

ଶୌରା ପଲ୍ଲୀ—ଦେ. ବି (ସଂ. ଶବରପଲ୍ଲୀ)—ଶବରପଲ୍ଲୀ (ଦେଖ)
Saurā palli Śabarapalli (See)

ଶୌରି—ସଂ. ବି (ଶୂର+ଅପତ୍ୟାର୍ଥେ ଇ)—୧ । ଶୂରସେନଙ୍କ
Sauri ନାତି ଶ୍ରୀକୃଷ୍ଣ—1. Śrikṛushṇa, the grandson of Śūrasena ୨ । ବିଷ୍ଣୁଙ୍କ ନାମାନ୍ତର (ବିଷ୍ଣୁ ସହସ୍ର ନାମୋକ୍ତ)—2. One of the names of Bishṇu. ୩ । (ଶୂର=ସୂର୍ଯ୍ୟ+ଅପତ୍ୟାର୍ଥେ ଇ) ଶନିଗ୍ରହ—3. The planet Saturn. ୪। ରାମାୟଣ-ବର୍ଣ୍ଣିତ ମର୍କଟ ଯୂଥପତି—4. One of the monkey generals described in the Rāmāyaṇa. ୫। ବଳଦେବ [ବିଶ୍ୱକୋଷ]—5. Baḷadeba. ୬ । ବାସୁଦେବ [ବିଶ୍ୱକୋଷ]—6. Bāsudeba. ଦେ. ବି (ପୁଂ. ଓ ସ୍ତ୍ରୀ)—ଲୋକଙ୍କ ନାମ—A name given to males and females

ଶୌରି ବାର(ବାସର)—ସଂ. ବି—ଶନିବାର—Saturday.
Sauri bāra(bāsara)

ଶୌରୀନ୍ଦ୍ର ମୋହନ ଠାକୁର—ଦେ. ବି (ନାମ)—କଲିକତାର ପ୍ରସିଦ୍ଧ
Saurindra mohana ṭhākura ସ୍ୱର୍ଗୀୟ ଧନାଢ୍ୟ ଜମିଦାର—Name late of a rich Zamindar of Calcutta. [ଦ୍ର—ଏ ହରକୁମାର ଠାକୁରଙ୍କ ପୁତ୍ର ଓ ମହାରାଜ ସର୍ ଯତୀନ୍ଦ୍ରମୋହନ ଠାକୁରଙ୍କ ଭାଇ । ଏ ଇଂରାଜ ସରକାରଙ୍କ ଠାରୁ ରାଜା, ସର୍ ଓ ସି. ଆଇ. ଇ. ଉପାଧି ପାଇଥିଲେ । ଏ ୧୪ ବର୍ଷ ବୟସରୁ ବଙ୍ଗ ଭାଷାରେ ପାଠ୍ୟ ପୁସ୍ତକ, ଅନୁବାଦ ଓ ସଙ୍ଗୀତ ବିଷୟରେ ଅନେକ ପୁସ୍ତକ ରଚନା କରି ଓ ହିନ୍ଦୁ ସଙ୍ଗୀତଶିକ୍ଷାରୁ ବୈଜ୍ଞାନିକ ପଦ୍ଧତି ଉପରେ ପ୍ରତିଷ୍ଠିତ କରି ଜଗତରେ ଯଶସ୍ୱୀ ହୋଇଅଛନ୍ତି । ସଙ୍ଗୀତ ଓ ବାଦ୍ୟ ବିଦ୍ୟା ଶିକ୍ଷାର୍ଥ ଏ କଲିକତାରେ 'ସଙ୍ଗୀତ ବିଦ୍ୟାଳୟ' Academy of music ସ୍ଥାପନ କରିଥିଲେ । ଏହାଙ୍କ ଅମଳରୁ ବଙ୍ଗଦେଶରେ ଲୁପ୍ତପ୍ରାୟ ହିନ୍ଦୁ ସଙ୍ଗୀତର ଧାରାବାହିକତାରେ ଅବରୁଦ୍ଧ ହେଲା । ଏଥିଯୋଗୁଁ ସଭ୍ୟ ଜଗତର ଅନେକ ରାଜା, ସାହିତ୍ୟସମାଜ ଓ ବିଶ୍ୱବିଦ୍ୟାଳୟ ଏହାଙ୍କୁ ନାନା ଉପାଧି ଓ ପ୍ରଶଂସା ପତ୍ର ଦ୍ୱାରା ସମ୍ମାନିତ କରିଥିଲେ; ଏମନ୍ତ କି, ଆମେରିକାର 'ଫିଲାଡେଲଫିଆ' ବିଶ୍ୱବିଦ୍ୟାଳୟ ଓ ବିଲାତର 'ଅକ୍ସଫୋର୍ଡ' ବିଶ୍ୱବିଦ୍ୟାଳୟ ଏହାଙ୍କୁ 'ସଙ୍ଗୀତ ଡକ୍ଟର' Doctor of music ଉପାଧିଦ୍ୱାରା ଭୂଷିତ କରିଥିଲେ । ଏ ନିଜେ ମଧ୍ୟ ପ୍ରସିଦ୍ଧ ସୁବାଦକ, ନାଟ୍ୟକଳାଭିଜ୍ଞ ଥିଲେ ଓ ବଙ୍ଗୀୟ ଓ ହିନ୍ଦୁସ୍ଥାନୀ ସଙ୍ଗୀତର ଅନେକ 'ଗତ' ରଚନା କରିଥିଲେ । ଏହାଙ୍କ ରଚିତ ଓ ପ୍ରକାଶିତ ଗ୍ରନ୍ଥସଂଖ୍ୟା ପଞ୍ଚାଶରୁ ଅଧିକ । ଏ ମଧ୍ୟ 'ମଣିମାଳା' ନାମକ ରତ୍ନ ପରୀକ୍ଷା ବିଷୟରେ ପ୍ରାମାଣିକ ଗ୍ରନ୍ଥ ରଚନା କରିଥିଲେ ।]

ଶୌର୍ପିକ—ସଂ. ବିଣ (ଶୂର୍ପ—କୁଲା+ପରିମାଣାର୍ଥେ ଇକ)—ଏକ କୁଲା
Saurpika ପରିମିତ; କୁଲାଏ; ଦ୍ରୋଣବ୍ୟୟ ପରିମିତ (ପ୍ରାୟ
ଶୌର୍ପ୍ୟ } ଅନ୍ୟରୂପ ବାଲେଶ୍ୱରୀ ୧୦ ସେର)—Of the
ଶୌପ capacity of one winnowing tray; measuring about 10 standard seers (i. e. 14 of a maund).

ଶୌର୍ଯ୍ୟ—ସଂ. ବି (ଶୂର=ବୀର+ଭାବେ ଯ)—୧ । ବୀରତ୍ୱ—
Saurjya 1. Heroism; valour. ୨ । ସାହସ—2. Bravery. ୩ । ବିକ୍ରମ—3. Might. ୪ । ନାଟକୀୟ କ୍ରୀଡ଼ା ବିଶେଷ; ଆରଭଟୀ—4. A kind of dramatic dancing.

ଶୌର୍ଯ୍ୟ ପ୍ରକାଶ—ସଂ. ବି (୬ଷ୍ଠୀ ତତ୍)—ବୀରତ୍ୱ ବା ବିକ୍ରମ ଦେଖା-
Saurjya prakāsa ଇବା—Exhibition of heroism; display of courage.

ଶୌର୍ଯ୍ୟବାନ୍—ସଂ. ବିଣ. ପୁଂ (ଶୌର୍ଯ୍ୟବତ୍ ଶବ୍ଦ; ଶୌର୍ଯ୍ୟ+ଅସ୍ତି
Saurjyabān ଅର୍ଥରେ ବତୁ; ୧ମା. ୧ବ)—ଶୌର୍ଯ୍ୟଶାଳୀ;
(ଶୌର୍ଯ୍ୟବତୀ—ସ୍ତ୍ରୀ) ବୀର; ସାହସିକ—Valiant; brave.

ଶୌର୍ଯ୍ୟ ବିଶିଷ୍ଟ—ସଂ. ବିଣ. ପୁଂ—(କର୍ମ୍ମ ତତ୍)—ସାହସିକ (ବ୍ୟକ୍ତି ଓ
Saurjya bisishṭa କର୍ମ)—Courageous; heroic;
[ଶୌର୍ଯ୍ୟଯୁକ୍ତ—ଅନ୍ୟରୂପ] brave; valiant; full of
[ଶୌର୍ଯ୍ୟ ବିଶିଷ୍ଟା, ଶୌର୍ଯ୍ୟଯୁକ୍ତା—ସ୍ତ୍ରୀ] courage.

ଶୌର୍ଯ୍ୟ ବିହୀନ—ସଂ.ବିଣ. (ପୁଂ) (କର୍ମ୍ମ ତତ୍)—୧ । ସାହସ ଶୂନ୍ୟ—
Saurjya bihina 1. Devoid of heroism or courage
ଶୌର୍ଯ୍ୟ ରହିତ
ଶୌର୍ଯ୍ୟ ଶୂନ୍ୟ } —ଅନ୍ୟରୂପ ୨ । ଭୀରୁ—
ଶୌର୍ଯ୍ୟହୀନ 2. Coward; timid.
ଶୌର୍ଯ୍ୟବିହୀନା
ଶୌର୍ଯ୍ୟ ରହିତା } —ସ୍ତ୍ରୀ
ଶୌର୍ଯ୍ୟହୀନା

ଶୌର୍ଯ୍ୟ ବୀର୍ଯ୍ୟ —ସଂ. ବି.—(ଦ୍ୱନ୍ଦ୍ୱ ସମାସ)—ସାହସ ଓ ବଳ—
Śaurjya birjya Heroism and might; bravery and strength.

ଶୌର୍ଯ୍ୟମୂଳକ—ସଂ. ବିଣ.—(ବହୁବ୍ରୀହି; ଶୌର୍ଯ୍ୟ ଅଟେ ମୂଳ ଯାହାର)—ସାହସରୁ ଉତ୍ପନ୍ନ—Springing or originating from courage or bravery.
Śaurjya mūlaka

ଶୌର୍ଯ୍ୟଲବ୍ଧ—ସଂ. ବିଣ—(ତୃତୀୟା ତତ୍; ଶୌର୍ଯ୍ୟ+ଲବ୍ଧ)—
Śaurjya labdha ସାହସଦ୍ୱାରା ପ୍ରାପ୍ତ—Acquired by bravery; obtained by courage.

ଶୌର୍ଯ୍ୟଶାଳୀ—ସଂ. ବିଣ ପୁଂ (ଶୌର୍ଯ୍ୟଶାଳିନ୍ ଶବ୍ଦ, ୧ମା. ୧ବ. ଶୌର୍ଯ୍ୟ+ବଶିଷ୍ଟାର୍ଥେ ଶାଳିନ୍)—ଶୌର୍ଯ୍ୟସମ୍ପନ୍ନ, ସାହସିକ—Courageous; brave; valiant.
Śaurjyaśāli
(ଶୌର୍ଯ୍ୟଶାଳିନୀ—ସ୍ତ୍ରୀ)

ଶୌର୍ଯ୍ୟ ସମ୍ପନ୍ନ—ସଂ. ବିଣ. ପୁଂ (ତୃତୀୟା ତତ୍, ଶୌର୍ଯ୍ୟ+ସମ୍ପନ୍ନ)—
Śaurjya sampanna ସାହସଯୁକ୍ତ; ବିକ୍ରମୀ—Courageous; heroic.
(ଶୌର୍ଯ୍ୟାନ୍ୱିତ—ଅନ୍ୟରୂପ)
(ଶୌର୍ଯ୍ୟସମ୍ପନ୍ନା, ଶୌର୍ଯ୍ୟାନ୍ୱିତା—ସ୍ତ୍ରୀ)

ଶୌର୍ଯ୍ୟାର୍ଜିତ—ସଂ. ବିଣ (ତୃତୀୟା ତତ୍; ଶୌର୍ଯ୍ୟ+ଅର୍ଜିତ)—
Śaurjyārjita ବିକ୍ରମଲବ୍ଧ; ଶୌର୍ଯ୍ୟଲବ୍ଧ—Acquired by bravery.

ଶୌଲ(ଇତ୍ୟାଦି)—ଗ୍ରା. ବି (ସଂ. ଶକୁଲ)—ସେହିଭଳି ମତ୍ସ୍ୟ
Śaula(etc) A kind of scaly fresh water fish.
শোল মাছ सौरी मछली

ଶୌଲ୍କ—ସଂ. ବିଣ (ଶୁଲ୍କ+ଅ)—ଶୁଲ୍କ ସମ୍ବନ୍ଧୀୟ—
Śaulka Relating to toll or tax.
(ଶୌଲ୍କିକ—ଅନ୍ୟରୂପ) ବି (ପୁଂ)—ଶୁଲ୍କ ବା ଟିକସ ଅଦାୟକାରୀ କର୍ମଚାରୀ—Toll collector; tax collector; customs officer.

ଶୌଲ୍କିକେୟ—ସଂ.ବି (ଶୌଲ୍କିକା—ଦେଶବିଶେଷ+ଭବାର୍ଥେ, ଏୟ)—
Śaulkikeya ଏକ ପ୍ରକାର ବିଷ—A kind of poison.

ଶୌଷ୍କ(ଷ୍କୁ)ଲ—ସଂ. ବିଣ. ପୁଂ (ଶୁଷ୍କଲ=ଶୁଷ୍କ ମାଂସ+ଅ)—ମାଂସ-
Śaushka(shku)la ମାଂସଭୋଜୀ; ମାଂସାଶୀ—Carnivorous; meat-eating. ବି—ଶୁଷ୍କମାଂସ ବା ଶୁଖୁଆର ମୂଲ୍ୟ—Price of dried fish or meat.

ଶୌଷ୍କାସ୍ୟ—ସଂ. ବି (ଶୁଷ୍କ+ଆସ୍ୟ+ଭାବ. ଅ)—ମୁଖର ଶୁଷ୍କଭାବ—
Śaushkāsya Dryness of one's face.

ଶ୍ଚାଣ୍ଡକଫଳା—ସଂ. ବି—ଫଣଫଣା (ଦ୍ରବ୍ୟଗୁଣ, ଦ୍ରବ୍ୟଗୁଣ) (ଦେଖ)
Śchāndakaphalā Bignonia Indica (See)

ଶ୍ଚୁ(ଶ୍ଚ୍ୟୁ)ତ୍ (ଧାତୁ)—ସଂ—କ୍ଷରିତ ହେବା—
Śchu(śchyu)t To ooze,

ଶ୍ଚୋ(ଶ୍ଚ୍ୟୋ)ତ—ସଂ. ବି (ଶ୍ଚୁତ୍ ବା ଶ୍ଚ୍ୟୁତ୍ ଧାତୁ+ଭାବ. ଅ)—
Śchot(śchyo)ta ୧। ସ୍ରାବ; କ୍ଷରଣ; ଟୋପା ଟୋପା ହୋଇ ପଡ଼ିବା—1. Oozing; trickling out; dropping. ୨। ପ୍ରୋକ୍ଷଣ; ଛିଞ୍ଚିବା—
2. Sprinkling of water.

ଶ୍ଚୋ(ଶ୍ଚ୍ୟୋ)ତନ—ସଂ. ବିଣ. ପୁଂ [ଶ୍ଚୁତ୍ ବା ଶ୍ଚ୍ୟୁତ୍ ଧାତୁ+କର୍ତ୍ତୃ ଅନ୍ (ଣିଚ୍)]—କ୍ଷରଣଶୀଳ; ସ୍ରବୁଥିବା—
Śchō(śchyo)tan
(ଶ୍ଚୋ(ଶ୍ଚ୍ୟୋ)ତନା—ସ୍ତ୍ରୀ) Oozing; leaking.

ଶ୍ୱଃ—ସଂ. ଅ (ଶ୍ୱସ୍=ଆଗାମୀ କାଲି ସ୍ଥାନରେ ଶ୍ୱଃ; ଉଣାଦିକ)—
Swaḥ ଆଗାମୀ କାଲି—Tomorrow. ବିଣ—(ଶ୍ୱ+ଅ; ଉଣାଦିକ, ସ୍ୱ ସ୍ଥାନରେ ଶ୍ୱଆଦେଶ)-୧। ସୁନ୍ଦର; ଶୋଭନ—
1. Beautiful. ୨। ଆଗାମୀ—2. Impending; next.

ଶ୍ୱ—[ଦ୍ର—ସଂସ୍କୃତ ବ୍ୟାକରଣର ବର୍ଣ୍ଣମାଳା ଓ ଉଚ୍ଚାରଣ ପଦ୍ଧତିକୁ ଦୃଷ୍ଟି କଲେ
Śwa 'ସ' ସ୍ୱ ପରେ ଲେଖାଯିବା ଉଚିତ, କିନ୍ତୁ ଏ ଶବ୍ଦକୋଷରେ ଅବଲମ୍ବିତ ବର୍ଣ୍ଣମାଳାକ୍ରମ ଅନୁସାରେ 'ଯ' ଅକ୍ଷର ପରେ ବର୍ଗୀୟ ଓ ଅବର୍ଗୀୟ 'ବ' ବସାଯାଇଥିବାରୁ 'ଶ' ସ୍ତ ପରେ ଶ୍ୱ ଠ ସ୍ଥାନ 'ଶ୍ୱ' ଶବ୍ଦକୁ ବସାଗଲା।]

ଶ୍ୱଃ ଶ୍ରେୟଃ—ସଂ. ବି (କର୍ମଧା, ଶ୍ୱଃ=ଶୋଭନ; ସୁନ୍ଦର+ଶ୍ରେୟସ୍=
Śwaḥ śreyaḥ ମଙ୍ଗଳ; ଶ୍ୱଃଶ୍ରେୟସ୍ ୧ମା. ୧ବ)—୧। ମଙ୍ଗଳ; ଶୁଭ; କଲ୍ୟାଣ—1. Wellbeing; welfare. ୨। ସୁଖ—2. Bliss; happiness; pleasure. ୩। ସୌଭାଗ୍ୟ—3. Prosperity; good fortune. ୪। ପରମାତ୍ମା—4. The Holy Spirit; the Divine Essence in man, "The God in man and the man in God."

ଶ୍ୱଃ ଶ୍ରେୟସ—ସଂ. ବିଣ (ଶ୍ୱଃ ଶ୍ରେୟସ୍ ଶବ୍ଦ+ଅ)—୧। କଲ୍ୟାଣୀ;
Śwaḥ śreyasa ସୌଭାଗ୍ୟଯୁକ୍ତ—1. Fortunate; lucky; prosperous; blissful, ୨। ସୁଖୀ—2. Happy. ସଂ. ବି—ଶ୍ୱଃଶ୍ରେୟଃ (ଦେଖ)—Śwaḥ śreyaḥ. (See)
(ଶ୍ୱଃ ଶ୍ରେୟସୀ—ସ୍ତ୍ରୀ)
[ଶ୍ୱଃ ଶ୍ରେୟଃ—କ୍ଲୀ]

ଶ୍ୱକ୍ରୀଡ଼ୀ—ସଂ. ବି. ପୁଂ (ଶ୍ୱନ୍+କ୍ରୀଡ଼ ଧାତୁ+କର୍ତ୍ତୃ. ଇ)—ଯେ
Śwakrirdi ଶିକାର ପାଇଁ କୁକୁର ପୋଷେ—A keeper or breeder of sporting dogs.
(ଶ୍ୱକ୍ରୀଡ଼ିନୀ—ସ୍ତ୍ରୀ)

ଶ୍ୱଗଣ—ସଂ. ବି (ଷଷ୍ଠୀ ତତ୍; ଶ୍ୱନ୍=କୁକୁର+ଗଣ)—କୁକୁର
Śwagaṇa ସମୂହ; କୁକୁରପଲ—A pack of dogs; a number of dogs.

ଶ୍ୱଗଣୀ—ସଂ. ବି. ପୁଂ (ଶ୍ୱଗଣ+ଇନ୍; ୧ମା. ୧ବ)—ବ୍ୟାଧ; ଶିକାରୀ
Śwagaṇi (ଶବ୍ଦକୋଷ)—Hunter.
(ଶ୍ୱଗଣିକ—ଅନ୍ୟରୂପ)

ଶ୍ୱଗ୍ରହ—ସଂ. ବି—ବାଳଗ୍ରହ ବିଶେଷ—A kind of infantile
Śwagraha disease. [ଦ୍ର—ଏ ଗ୍ରହଦ୍ୱାରା ଆକ୍ରାନ୍ତ ହେଲେ ଶିଶୁର କମ୍ପ, ସ୍ୱେଦଭଙ୍ଗ, ସ୍ୱେଦ, ଚକ୍ଷୁ ନିମୀଳନ ଉଦ୍ଧ୍ୱଦୃଷ୍ଟି, ବାହୁସ୍ତମ୍ଭ, ଧନୁଷ୍ଟମ୍ଭ, ଓଷ୍ଠାଦଂଶନ, ଅଙ୍ଗ ଓ କଣ୍ଠ କୂଜନ,

ଅଭିଷସ୍ତୃ ଜନକ, ଯାହରେ ଲଷ୍ଟାର ଗନ୍ଧ ଏବଂ କୁକୁରପର ଲକ୍ଷଣ ଥାଏ—ବିଶ୍ୱକୋଷ ।]

ଶ୍ୱଦଂଷ୍ଟ୍ରକ—ସଂ. ବି (ବୈଦ୍ୟକ)—ଗୋକ୍ଷୁରକ; ଗୋଖରୁ ଗଛ—
Śwadaṁshṭraka A throny plant and fruit Tygophyllae, Tribulus Terrestris. [ଦ୍ର—ଏହାର ଫଳ ଓ ଶାଖାର କଣ୍ଟକମୟ ଅଟେ ଓ ଏହା ଭୂମିରେ ମାଡ଼େ ।]

ଶ୍ୱଦଂଷ୍ଟ୍ରା—ସଂ. ବି—୧ । ଶ୍ୱଦଂଷ୍ଟ୍ରକ (ଦେଖ)
Śwadaṁshṭrā 1. Śwadaṁsṭraka, (See)
୨ । ଶ୍ୱଦନ୍ତ (ଦେଖ)—2. Śwadanta. (See)

ଶ୍ୱଦନ୍ତ—ସଂ. ବି (୬ଷ୍ଠୀ ତତ୍; ଶ୍ୱନ୍=କୁକୁର+ଦନ୍ତ; ପ୍ରାଣୀମାନଙ୍କର
Śwadanta ଯେଉଁ ଦନ୍ତ କୁକୁର ଦାନ୍ତପରି ତୀକ୍ଷ୍ଣ ଓ ମୁନିଆ)—
ମନୁଷ୍ୟାଦି ପ୍ରାଣୀଙ୍କର ଉପର ଓ ତଳ ପାଟିର ଥିବା ମୁନିଆଁ ଦାନ୍ତ; କୌଣିକ ଦନ୍ତ—Canine teeth; Dentes Canine. [ଦ୍ର—ଏହି ଦାନ୍ତର ସଂଖ୍ୟା ୪ ଗୋଟି । ଉପର ପାଟିର ଓ ତଳ ପାଟିର ଡାହାଣ ଓ ବାଆଁ ପାଖରେ ସମ୍ମୁଖଦାନ୍ତ ଓ ଚଉଦାନ୍ତ ମଝିରେ ଥିବା ଗୋଟିଏ ଲେଖାଏଁ ମୁନିଆଁ ଓ ଦାନ୍ତୁଆ ଦାନ୍ତ । ଏହି ଦାନ୍ତଦ୍ୱାରା ଖାଦ୍ୟବସ୍ତୁକୁ କାଟିପାରେ ଓ ଅଟକାଇ ଧରିପାରେ ।]

ଶ୍ୱଧୂର୍ତ୍ତ—ସଂ. ବିଂ ପୁଂ (ଶ୍ୱନ୍=କୁକୁର+ଧୂର୍ତ୍ତ=ପ୍ରତାରକ)—
Śwadhūrtta ଶୃଗାଳ; ବିଲୁଆ—Jackal. [ଦ୍ର—
[ଶ୍ୱଧୂର୍ତ୍ତା—ସ୍ତ୍ରୀ] ବିଲୁଆମାନଙ୍କ ଧୂର୍ତ୍ତତା ସବୁ ଦେଶରେ ପ୍ରବାଦ-ପ୍ରସିଦ୍ଧ ଅଟେ ।]

ଶ୍ୱନ୍—ସଂ. ବି (ପଦ)—(ଶ୍ୱି. ଧାତୁ=ବୃଦ୍ଧି ପାଇବା+ଅନ୍; ଯାହାର
Śwan ଅନେକ ବହୁ ଶିଶୁ ଜନ୍ମ ହେବାରୁ ବଂଶ ଶୀଘ୍ର ବୃଦ୍ଧି ପାଏ; ଶ୍ୱନ୍ ଶବ୍ଦର ପୁଂଲିଙ୍ଗ ୧ମା. ୧ବ. ପୁଂ. ଶ୍ୱା ଓ ସ୍ତ୍ରୀଲିଙ୍ଗ ଶୁନୀ)—କୁକୁର—The dog.

ଶ୍ୱନର—ସଂ. ବି (ପୁଂ) (ଶ୍ୱନ୍+ନର; ଉପମିତ କର୍ମଧାରୟ)—ଚଣ୍ଡାଳ
Śwanara ଲୋକ—A snappish or currish fellow (Apte).

ଶ୍ୱନିଶ(ଶା)—ସଂ. ବି (ସ. ତ. ଲୋ; ଶ୍ୱନ୍ ଶବ୍ଦ=କୁକୁର+ନିଶା;
Śwaniśa(śā) କୁକୁରମାନଙ୍କ ଚିତ୍କାରଯୁକ୍ତା ନିଶା)—ଯେଉଁ ରାତିରେ କୁକୁରମାନେ ସାରାରାତି ଘୋର ଚିତ୍କାର କରନ୍ତି—
A night in which the dogs of the neighbourhood bark furiously. [ଦ୍ର—ବେଳେ ବେଳେ ରାତିରେ ସହରରେ ଓ ମଫସଲରେ କୌଣସି କୌଣସି କାରଣରୁ ସାହିର କୁକୁରମାନେ ରାତିରେ ଏତେ ତେଜରେ ଦଉଡ଼ନ୍ତି ଓ ଅଧୀର ହୋଇ ଭୁକନ୍ତି । ତହିଁଅର ବହୁ ଲୋକେ ଅନୁମାନ କରନ୍ତି ଯେ, ସେହି ରାତିରେ ଚୋର, ବାଘ, ହେଟା ବା ବିଲୁଅ ସେହି ଏ ସ୍ଥାନକୁ ଆସିଥିଲେ ।]

ଶ୍ୱପଚ(ଚ,କ୍)—ସଂ. (ଶ୍ୱ+ପଚ୍ ଧାତୁ=ରାନ୍ଧିବା+କର୍ତ୍ତୃ. ବୃ, ପ୍;+
Śwapach(cha,k) ଅ; ଯେଉଁମାନେ କୁକୁର ମାଂସ ପର୍ଯ୍ୟନ୍ତ ରାନ୍ଧି ଖାଆନ୍ତି)—୧ । ହାଡ଼ି; ଚଣ୍ଡାଳ—1. A man of the lowest caste; a member of the sweeper caste. [ଦ୍ର—ଶ୍ୱପଚ ଚଣ୍ଡାଳଙ୍କଠାରୁ ପୃଥକ୍; ଶାସ୍ତ୍ରମତରେ ଚଣ୍ଡାଳ, ଶ୍ୱପଚ, କ୍ଷତ୍ତା, ସୂତ, ବୈଦେହକ, ମାଗଧ, ଅୟୋଗବ ଏହି ସାତ ଜାତି ଅନ୍ତ୍ୟାବସାୟୀ ଅଟନ୍ତି । ଶ୍ୱପଚଜାତି ଲକ୍ଷାବଣ୍ଟନ; ଗ୍ରାମର ବହିର୍ଭାଗରେ ବାସକାର୍ଯ୍ୟ, କୁକୁର ଓ ଗର୍ଦ୍ଦଭମାନଙ୍କ ଅଧିକାର୍ଯ୍ୟ, ଶବ ଦେହୋତ୍‌ଥିତ ବସ୍ତ୍ରପରିହିତ, ଏମାନଙ୍କର ପାନ-ଭୋଜନପାତ୍ର ଭଗ୍ନଭାଣ୍ଡାଦି, ଅଳଙ୍କାର କୃଷ୍ଣବର୍ଣ୍ଣ ଲୌହ, ଆବଦ୍ଧ ଦେଶ ଦେଶାନ୍ତର ଭ୍ରମଣ ଇଚ୍ଛା । ରାଜାଦେଶରେ ଏମାନେ ଦିବାଭାଗରେ ଚିହ୍ନିତ ଭାବରେ ଗ୍ରାମା-ନ୍ତରରେ ବିଚରଣ କରି ପାରନ୍ତି, କିନ୍ତୁ ରାତିରେ ଗ୍ରାମରେ ଓ ନଗରରେ ଏମାନଙ୍କ ପ୍ରବେଶ ନିଷିଦ୍ଧ । ରାଜାଜ୍ଞାରେ ଏମାନେ ବଧ୍ୟ ବ୍ୟକ୍ତିଙ୍କୁ ବଧ କରି ଓ ଅନାଥ ବାନ୍ଧବହୀନ ମୃତ ବ୍ୟକ୍ତିର ସତ୍କାର କରି ସେମାନଙ୍କର ବସ୍ତ୍ରାଳଙ୍କାର ଶଯ୍ୟା ଗ୍ରହଣ କରନ୍ତି । ଏମାନଙ୍କ ଅନ୍ନ ପାଣିଚ୍ଛୁ ଉଚ୍ଚବର୍ଣ୍ଣର ହିନ୍ଦୁଙ୍କ ଅଗ୍ରାହ୍ୟ—ବିଶ୍ୱକୋଷ ।] ୨ । ବ୍ୟାଧ—2. A hunter. ୩ । ଅତି ନୀଚ କୁଳୋଦ୍ଭବ ଓ ଅସ୍ପୃଶ୍ୟ ବ୍ୟକ୍ତି—3. One of the dregs of society; a member of the lowest and most depressed caste; a pariah. ୪ । ଅଜାତିଆ ଲୋକ—4. An out-caste. ୫ । ବ୍ରାହ୍ମଣୀ ଗର୍ଭରୁ ଶୂଦ୍ର ଔରସରେ ଜାତ ସନ୍ତାନ—5. A son of a Śūdra father on a Brahman mother. [ଦ୍ର—ଗୃହସ୍ଥର ଦୈନିକ କର୍ତ୍ତବ୍ୟ ବୈଶ୍ୱଦେବରେ ଶ୍ୱପଚମାନଙ୍କୁ ଅନ୍ନବଳି ଦେବା ପାଇଁ ବିଧି ଶାସ୍ତ୍ରରେ ଅଛି ଓ ଅଦ୍ୟାବଧି ନିଷ୍ଠାବାନ୍ ହିନ୍ଦୁ ଗୃହସ୍ଥ ପ୍ରତିଦିନ ଅଗ୍ନି, ପିତୃଲୋକ, ଦେବଲୋକ, ଭୂତ, ଋଷି, ଅତିଥି, ବ୍ରାହ୍ମଣଙ୍କ ନାମରେ ବଳି ଦେବାପରେ 'ଓଁ ଶ୍ୱଭ୍ୟୋନମଃ' କହି କୁକୁରମାନଙ୍କ ଉଦ୍ଦେଶ୍ୟରେ 'ଓଁ ଶ୍ୱପଚେଭ୍ୟୋନମଃ' କହି ଚଣ୍ଡାଳମାନଙ୍କ ଉଦ୍ଦେଶ୍ୟରେ ଓ 'ଓଁ ବାୟସେଭ୍ୟୋ ନମଃ' କହି କୁଆମାନଙ୍କ ଉଦ୍ଦେଶ୍ୟରେ ଅନ୍ନବଳି ଦେଇ ଥାଆନ୍ତି ଓ ତତ୍ପରେ ଗୃହସ୍ଥ ନିଜେ ଭୋଜନ କରନ୍ତି । ଏଥିରୁ ଦେଖାଯାଏ ଯେ, ଗୃହସ୍ଥ ନିଜେ ଭୋଜନ କରିବା ପୂର୍ବରୁ ସମାଗତ ଅତିଥି, ବ୍ରାହ୍ମଣ, କୁକୁର, ହାଡ଼ି, କୁଆମାନଙ୍କୁ ଖାଇବାକୁ ଦେଉଥିଲେ ଓ ଗୃହର ସମସ୍ତଙ୍କ ଭୋଜନ ପରେ ଗୃହିଣୀ ଭୋଜନ କରୁଥିଲେ ।]

ଶ୍ୱପଚ ବଳି—ସଂ. ବି—ହିନ୍ଦୁ ଗୃହସ୍ଥର ପ୍ରତିଦିନ କର୍ତ୍ତବ୍ୟ ବୈଶ୍ୱଦେବ
Śwapacha buḷi ସମୟରେ ଚଣ୍ଡାଳମାନଙ୍କୁ ଦିଆଯିବା ଅନ୍ନବଳି
Daily offering of cooked rice glven to

the low caste people by the Hindu householder before taking his own meal.

ଶ୍ୱପ(ପା)ଦ—ସଂ. ବି—(୬ଷ୍ଠୀ ତତ୍)—କୁକୁରର ପାଦ ଆକାରର ଚିହ୍ନ—
Śwapa(pā)da A mark resembilng a dog's foot. [ଦ୍ର—ମନୁ (୯।୨୩୭)ରେ ଅଛି ଯେ ତପ୍ତ ଲୌହ ଦ୍ୱାରା ଗୁରୁତଳ୍ପଗ ଅପରାଧୀର ଲଲାଟ ଦେଶରେ ଭଗଚିହ୍ନ, ସୁରାପାୟୀର ଲଲାଟରେ ସୁରାପାନ ଚିହ୍ନ, ଚୋରର ଲଲାଟରେ କୁକୁରର ପାଦଚିହ୍ନ ଓ ବ୍ରହ୍ମହାର ଲଲାଟରେ ମସ୍ତକହୀନ ପୁରୁଷର ଚିହ୍ନ ଦଗାଯିବାରେ ଲକ୍ଷ ହେବ ।]

ଶ୍ୱପାକ—ସଂ. ବି (ଶ୍ୱନ୍+ପାକ; କୁକୁରର ମାଂସ ରାନ୍ଧି ଭୋଜନକାରୀ
Śwapāka ଜାତି) ୧ । ଚଣ୍ଡାଳ—1. Lowest sweeper caste. ୨ । ବ୍ୟାଧ—2. Hunter [ଦ୍ର—ମନୁ (୧୦।୧୯)ରେ ଅଛି ଯେ, ଏ ଜାତି ଉଗ୍ର (କ୍ଷତ୍ରି+ଶୂଦ୍ରା ଜାତ) ପିତା ଓ କ୍ଷତ୍ତା (ଶୂଦ୍ର+କ୍ଷତ୍ରିୟା ଜାତା) ମାତାଠାରୁ ଉତ୍ପନ୍ନ ।]

ଶ୍ୱପୁଚ୍ଛ—ସଂ. ବି ୧ । (୬ଷ୍ଠୀ ତତ୍) କୁକୁରର ଲାଙ୍ଗୁଡ଼—1. Dog's
Śwapuchha tail. ୨ । (ବହୁବ୍ରୀହି)ବିଛା—2. Scorpion.

ଶ୍ୱଫଳ—ସଂ. ବି—୧ । କାଗଜି ଲେମ୍ବୁ;ଟାବଲେମ୍ବୁ—1. Citron;
Śwaphala lime (Apte). ୨ । ଚୂନ (ଶବ୍ଦକୋଷ)—2. Qucklime.

ଶ୍ୱଫଲ୍କ—ସଂ. ବି(ପୁଂ) (ନାମ)—ଯଦୁବଂଶୀୟ ବୃଷ୍ଣିପୁତ୍ର, ଅକ୍ରୂରଙ୍କ ପିତା
Śwaphalka Name of the father of Akrūra's devoted and sincere admirer of Śri krushna [ଦ୍ର—ଏହାଙ୍କ ସ୍ତ୍ରୀଙ୍କ ନାମ ଗାନ୍ଦିନୀ]

ଶ୍ୱବାନ୍—ସଂ. ବି. ପୁଂ.—(ଶ୍ୱନ୍+ବତ୍)—କ୍ରୀଡ଼ା ପାଇଁ ଯେ କୁକୁର
Śwabān ପୋଷନ୍ତି (ଶବ୍ଦକୋଷ)—Persons rearing dogs for sport. [ଦ୍ର—ମନୁ (୩।୧୬୨) ଲେଖି ଅଛନ୍ତି ଯେ, ଏମାନଙ୍କ ଘରେ ଅନ୍ନଭୋଜନ କରିବ ନାହିଁ]

ଶ୍ୱବୃତ୍ତି—ସଂ. ବି (୬ଷ୍ଠୀ ତତ୍; ଶ୍ୱନ୍+ବୃତ୍ତି)—୧ । ଶ୍ୱାନବୃତ୍ତି; ପରର
Swabrutti ଭୁକ୍ତାବଶେଷ ବା ଅଇଁଠା ଖାଇବା ବୃତ୍ତି—1. Living on the leavings off of another's meal ୨ । ଦାସବୃତ୍ତି; ଦାସତ୍ୱ; ପରିପାଖେ ଗୁଜୁରା—2. Servitude; slavery (lit. a dog's life). ୩ । (ବହୁବ୍ରୀହି) ପରାନ୍ନୋପଜୀବୀ—3. A toady; a hanger on.

ଶ୍ୱବ୍ୟାଘ୍ର—ସଂ. ବି (ଶ୍ୱନ୍+ବ୍ୟାଘ୍ର; ଶ୍ୱାନ ସଦୃଶ ଯେଉଁ ବ୍ୟାଘ୍ର)—
Śwabyāghra ଚିତାବାଘ; ନେପାଳୀ ବାଘ; ଚେନ୍ଦୁଆ—Leopard.

ଶ୍ୱଭୀରୁ—ସଂ. ବି (୫ମୀ ତତ୍; ଶ୍ୱନ୍+ଭୀରୁ, ଶ୍ୱାନଠାରୁ ଯେ
Swabhīru ଭୟ ପାଏ]—ଶୃଗାଳ; ବିଲୁଆ—Jackal.

ଶ୍ୱଭୋଜନ—ସଂ. ବି—କୁକୁର ମାଂସ ଭୋଜନ [ଶବ୍ଦକୋଷ]—
Swabhojana Eating of dog's meat.

ଶ୍ୱଭ୍ର[ଧାତୁ]—ସଂ.—୧ ଗର୍ତ୍ତ କରିବା—1. To make a hole.
Śwabhra(root) ୨ । ଛିଦ୍ର କରିବା—2. To drill; to perforate.

ଶ୍ୱଭ୍ର—ସଂ. ବି [ଶ୍ୱଭ୍ର ଧାତୁ+କର୍ମ ଅ]—୧ । ରନ୍ଧ୍ର; କଣା; ଛିଦ୍ର;
Śwabhra ଗର୍ତ୍ତ—1. Hole; bore. ୨ । ଗହ୍ୱର—2. Chasm; ravine.

ଶ୍ୱମାଂସ—ସଂ. ବି—[୬ଷ୍ଠୀ ତତ୍]—ଖାଦ୍ୟରୂପେ ବ୍ୟବହୃତ କୁକୁର
Śwamāmsa ମାଂସ—Dog's meat. [ଦ୍ର—ଶାସ୍ତ୍ର ଅନୁସାରେ କୁକୁର ମାଂସ ଭୋଜନ କରିବା ହେଲେହେଁ ମନୁ (୧୦।୧୦୬) ରେ ଲେଖା ଅଛି ଯେ, ବାମଦେବ ଋଷି ସାତଦିନ କ୍ଷୁଧାର୍ତ୍ତ ହୋଇ କୁକୁର ମାଂସ ଖାଇ ପ୍ରାଣ ରକ୍ଷା କରି ଥିବାରୁ ପାପଭାଗୀ ହୋଇ ନ ଥିଲେ ।]

ଶ୍ୱୟଥୁ—ସଂ. ବି—(ଶ୍ୱି ଧାତୁ=ଫୁଲିବା ହେବା+ଭାବ. ଅଥୁ: ଭୁଲ;
Śwayathu ବେପଥୁ; ବମଥୁ)—୧ । ଫୁଲା; ଫୁଲ; ଫୀତତା—1. Swelling. ୨ । ଶୋଥ; ଫୀତତା ରୋଗ—2. Intumescence; a disease accompanied with swelling. ୩ । ଶୋଥ ରୋଗ—3 Plethora; dropsy. ୪ । ପୁରୁଣି (ଶାଗ ଓ ଲତା) 4. Boerhagvia Diffusa; the Hogweed pot herb.

ଶ୍ୱଯୂଥ—ସଂ. ବି—(୬ଷ୍ଠୀ ତତ୍)—କୁକୁର ଦଳ—
Śwajūtha A pack of dogs.

ଶ୍ୱରଣ—ସଂ. ବି—ଓଲୁଅ (ବଙ୍ଗେରକୃଷ୍ଣ. ଦ୍ରବ୍ୟଗୁଣ)—
Śwarana Amorphophallus Campanulatus.

ଶ୍ୱଶୁର—ସଂ. ବି. ପୁଂ—(ଶୁ=ମାନ୍ୟାର୍ଥକ ଅବ୍ୟୟ+ଅଶ୍ ଧାତୁ=
Śwaśura ବ୍ୟାପିବା+କର୍ତ୍ତୃ. ଉର; ଜାମାତାକୁ; ସହଜରେ ସମ୍ମାନ-
[ଶ୍ୱଶ୍ରୂ—ସ୍ତ୍ରୀ] ଦ୍ୱାରା ବ୍ୟାପ୍ତ—ଭୁଲତା କର—ଲଟକନ—ସହର)—୧ । ଅପଣାର ସ୍ୱାମୀଙ୍କର ବା ଅପଣା ସ୍ତ୍ରୀଙ୍କର ପିତା—1. Father-in-law. ୨ । ମାନ୍ୟ ବା ପୂଜ୍ୟ ବ୍ୟକ୍ତି—2. A respectable person; a person deserving respect.

ଶ୍ୱଶୁରାଳୟ—ସଂ. ବି—(୬ଷ୍ଠୀ ତତ୍; ଶ୍ୱଶୁର+ଆଳୟ)—୧ । (ପୁରୁଷ
Śwaśurālaya ପକ୍ଷରେ) ଅପଣା ସ୍ତ୍ରୀଙ୍କ ବାପଘର—1. A man's father-in-law's house. ୨ । (ସ୍ତ୍ରୀ ପକ୍ଷରେ) ଅପଣାର ସ୍ୱାମୀଙ୍କ ଗୃହ; ଶାଶୁଘର—2. (A woman's) Husband's house.

ଶ୍ୱ(ଶ୍ୱା)ଶୁର୍ଯ୍ୟ—ସଂ. ବି. ପୁଂ—(ଶ୍ୱଶୁର+ଅପତ୍ୟାର୍ଥେ. ଯ)—୧ । ପୁରୁଷ
Śwa(śwā)surjya ପକ୍ଷେ) ଶଳା; ଶ୍ୟାଳକ—1. A man's
[ଶ୍ୱଶୁର୍ଯ୍ୟା—ସ୍ତ୍ରୀ] wife's brother. ୨ । (ସ୍ତ୍ରୀ ପକ୍ଷେ) ଦିଅର ବା ଦେଢ଼ଶୁର—2. A woman's husband's brother.

ଶ୍ୱଶୁର୍ଯ୍ୟା—ସଂ. ବି. ସ୍ତ୍ରୀ—(ଶ୍ୱଶୁର୍ଯ୍ୟ+ସ୍ତ୍ରୀ. ଆ)—୧ । (ପୁରୁଷ ପକ୍ଷେ)
Śwaśurjyā ଶ୍ୟାଳିକା ବା ଦେଢ଼ଶାଶୁ—1. A man's

wife's sister. ୨ । (ସ୍ତ୍ରୀ ପକ୍ଷେ) ନଣନ୍ଦ—2. A woman's husband's sister.

ଶ୍ୱଶ୍ରୂ—ସ. ବି. ସ୍ତ୍ରୀ—(ଶ୍ୱଶୁର+ସ୍ତ୍ରୀ. ଊ, ନିପାତନ—ଉକାରର
Śwaśrū ଲୋପନ, ଅକ୍ ; ସ୍ତ୍ରୀକ୍ ହେବାରୁ)—ଶାଶୂ; ସ୍ୱାମୀ ବା ସ୍ତ୍ରୀଙ୍କ
[ଶ୍ୱଶୁର—ପୁଂ] ମାତା—Mother-in-law.

ଶ୍ୱଶ୍ରୂାଳୟ—ସ. ବି—(୬ଷ୍ଠୀ ତତ୍; ଶ୍ୱଶ୍ରୂ+ଆଳୟ)—(ସ୍ତ୍ରୀ ପକ୍ଷେ)—
Śwaśrwālaya ଶାଶୁଘର—A woman's husband's house.

ଶ୍ୱସ୍ (ଧାତୁ)—ସ.—୧ । ନିଶ୍ୱାସ ମାରିବା—
Śwas (root) 1. To breathe.
୨ । ଦୀର୍ଘଶ୍ୱାସ ମାରିବା—2. To sigh; to sob.
୩ । ସୁ ସୁ ଶବ୍ଦ କରିବା—3. To hiss (Apte).
[ବି—ନି+ଶ୍ୱସ୍ ଧାତୁ—ବାହାରକୁ ନିଶ୍ୱାସ ଛାଡ଼ିବା—To exhale. ପ୍ର+ଶ୍ୱସ୍ ଧାତୁ=ନିଶ୍ୱାସ ଗ୍ରହିବା—To inhale. ବି+ଶ୍ୱସ୍ ଧାତୁ—ଭରସା କରିବା—To trust; to confide in]

ଶ୍ୱସନ—ସ. ନ—(ଶ୍ୱସ୍ ଧାତୁ+ଭାବ. ଅନ)—୧ । ନିଶ୍ୱାସ—1.
Śwasana Breath; respiration. ୨ । ନିଶ୍ୱାସମାରିବା
2. Breathing. ୩ । ଶ୍ୱାସ ଗ୍ରହଣ ଓ ତ୍ୟାଗ—3 Inhalation and exhalation. ୪ । (+କରଣ. ଅନ)—ଜୀବନ—4. Life. ୫ । ପବନ; ବାୟୁ—5. Air. ୬ । ସ୍ପର୍ଶନ (ଭାଗବତ)—6. Touching. ୭ । ମଦନ ବୃକ୍ଷ [ଶବ୍ଦକୋଷ]—7. The bushy Gardenia (tree)
୮ । (+କରଣ ଅନ) ନାସିକା [ଶବ୍ଦକୋଷ]—8. Nose.

ଶ୍ୱସନ ସୁତ—ସ.ବି—(ଶ୍ୱସନ=ବାୟୁ+ସୁତ; ୬ଷ୍ଠୀ ତତ୍)—ହନୁମାନ—
Śwasana suta Hanumān; the son of the Wind.
[ଦ୍ର—ପବନ ସ୍ଥଳେ ଶ୍ୱସନ ସୁତ ବଳ ସୁପ୍ରବଳ କଦଳୀ ଦେବାରେ ସେ—ଭକ୍ତ. ବେଦେହୀଶବିଳାସ ।]

ଶ୍ୱସନାଶନ—ସ. ବିଶ. ପୁଂ—(ବହୁବ୍ରୀହି; ଶ୍ୱସନ=ବାୟୁ+ଅଶନ
Śwasanāśana ଖାଦ୍ୟ ଯାହାର)—ପବନାହାରୀ—Living on air. ବି.—ସର୍ପ—Serpent. [ଦ୍ର— ସର୍ପମାନେ ପବନ ଖାଇ ଜୀବନ ଧାରଣ କରିବାର ପ୍ରବାଦ ଅଛି ।]

ଶ୍ୱସମାନ—ସଂ. ବିଶ. ପୁଂ—୧(ଶ୍ୱସ୍ ଧାତୁ+କର୍ତ୍ତୃ. ଅନ)—ଯେ ନିଶ୍ୱାସ
Śwasamāna ମାରୁ ଅଛି—1. Respiring; breathing.
୨ । ଜୀବନ—2. Living.

ଶ୍ୱସିତ—ସଂ. ବିଶ—[ଶ୍ୱସ ଧାତୁ+କର୍ତ୍ତୃ. ତ]—ଜୀବିତ—
Śwasita Living: respiring. ବି.—୧ । [+ଭାବ. ତ] ଜୀବନ—1. Life; existence. ୨ । ନିଶ୍ୱାସ—2. Breath; respiration.

ଶ୍ୱସୁନ—ସଂ. ବି—[ବୈଦ୍ୟକ]—କୁକୁରଶୁଙ୍ଘା; ଗନ୍ଧ ଗୁଳ୍ମ, ଯୋଜ-
Śwasuna ଶୁଙ୍ଘା—Blumea Odorata (plant).

ଶ୍ୱସ୍ତନ—ସଂ. ବିଶ—[ଶ୍ୱଃ=ଆଗାମୀ କାଲି+ଭବାର୍ଥେ ତନ]—୧ ।
Śwastana ଯାହା କାଲି ଘଟିବ—1. About to happen to-morrow. ୨ । ଭବିଷ୍ୟତ୍‌କାଳୀନ—2. Future.

ଶ୍ୱା—ସଂ. ବି. ପୁଂ—[ଶ୍ୱି ଧାତୁ—ବୃଦ୍ଧି ପାଇବା+କର୍ତ୍ତୃ. ଅନ, ନିପାତନ,
Śwā ଶ୍ୱନ୍ ପଦ ୧ମ. ୧ବ]—କୁକୁର—Dog.

ଶ୍ୱାଇବା—ଗ୍ରା. କ୍ରି—[ସ. ଶୀ ଧାତୁ ଶିଠ]—ଶୁଆଇବା [ଦେଖ]
Śwāibā Suāibā (See).

ଶ୍ୱାଗଣିକ—ସଂ. ବି. ପୁଂ—(ଶ୍ୱଗଣ=କୁକୁର ଦଳ+ଜୀବକାର୍ଥରେ
Śwāganika ଇକ)—୧ । ବ୍ୟାଧ; ମୃଗୟୁ; ଶିକାରୀ—1. A hunter. ୨ । ଯେଉଁ ବ୍ୟାଧ କୁକୁର ଦଳ ସାହାଯ୍ୟରେ ଶିକାର କରେ—2. One who hunts with a pack of hounds.

ଶ୍ୱାଦ—ସଂ. ବି— (ଶ୍ୱନ୍+ଅଦ୍ ଧାତୁ=ଖାଇବା+କର୍ତ୍ତୃ.ଅ)—ଶ୍ୱପଚ;
Śwāda ଚଣ୍ଡାଳ [ଶବ୍ଦକୋଷ]—A chaṇḍāḷa.

ଶ୍ୱା ଦନ୍ତ(ଦଂଷ୍ଟ୍ରା)—ସ. ବି (୬ଷ୍ଠୀ ତତ୍)—କୁକୁର ଦାନ୍ତ
Śwā danta(damshtrā) A dog's teeth.

ଶ୍ୱାନ—ସଂ. ବି (ଶ୍ୱନ୍+ସ୍ୱାର୍ଥେ. ଅ)—୧ । କୁକୁର—1. Dog. ୨ ।
Śwāna କୁକୁର ସମୂହ—2. A pack of dogs.
(ସ୍ତ୍ରୀ—ଶ୍ୱାନୀ)

ଶ୍ୱାନକୁଣ୍ଡଳୀ ଆସନ—ଦେ. ବି—ଯୋଗାସନ ବିଶେଷ—A posture
Śwānakuṇḍaḷī āsana for sitting in meditation.
[ଦ୍ର—ଶ୍ୱାନକୁଣ୍ଡଳୀ ଆସନ ଯେ କରେ, ଶିବଘାଟର ଚଳେ ମୃଗରେ—ପ୍ରାଚୀ. ସରଳଗୀତ ।]

ଶ୍ୱାନ ଚିଲ୍ଲିକା—ସ. ବି—ଚିଲିକା ୪ (ଦେଖ)
Śwāna chillikā Chillikā 4 (See)

ଶ୍ୱାପଦ—ସ. ବି (ବହୁବ୍ରୀହି; ଶ୍ୱନ୍+ପଦ, ନିପାତନ; କୁକୁର ପଦ ପରି
Śwāpada ପଦ ଯାହାର)—୧ । ଶିକାରୀ ଜନ୍ତୁ; ହିଂସ୍ରଜନ୍ତୁ; ଯେଉଁ ସବୁ ଜନ୍ତୁ ମାଂସାହାର କରି ବଞ୍ଚନ୍ତି; ମାଂସାଶୀ ଜନ୍ତୁ-1. Beasts of prey; carnivorous animals.
[ଦ୍ର—ଭଲ୍ଲୁକ, କୁକୁର, ବିରାଡ଼ି, ନେଉଳ, ସିଂହ, ବାଘ, ଭଳି ପ୍ରଭୃତି ଶ୍ୱାପଦ ଶ୍ରେଣୀର ଅନ୍ତର୍ଗତ ।] ୨ । ବ୍ୟାଘ୍ର (ଶବ୍ଦରତ୍ନାବଳୀ)—2. Tiger. ବିଶ—ହିଂସ୍ର—Ferocious.

ଶ୍ୱାପଦମୟ—ସ. ବିଶ (ଶ୍ୱାପଦ+ପ୍ରାଚୁର୍ଯ୍ୟାର୍ଥେ ମୟ)—ହିଂସ୍ରଜନ୍ତୁ ପୂର୍ଣ୍ଣ;
Śwāpadamayā (ଯେଉଁ ଅରଣ୍ୟରେ) ହିଂସ୍ରଜନ୍ତୁ ଅନେକ ଥାଆନ୍ତି—(forest or place) Full of wild animals; where beasts of prey abound.
ଶ୍ୱାପଦ ସଙ୍କୁଳ, ଶ୍ୱାପଦ ସମାକୀର୍ଣ୍ଣ, ଶ୍ୱାପଦାକୀର୍ଣ୍ଣ } ଅନ୍ୟରୂପ

ଶ୍ୱାବତ୍(ଧ)—ସ. ବି (ଶ୍ୱନ୍=କୁକୁର+ଆ+ବଧ୍ ଧାତୁ=ବଧ କରିବା
Śwābit(dha) +କର୍ତ୍ତୃ. କ୍ୱିପ୍;+ଅ, ଯେ କୁକୁରକୁ ଅପଣାର ମୁଖରେ କାଟିଦ୍ୱାରା ବଧ କରେ, ଏଥିପାଇଁ କୁକୁର ତାକୁ

ଯିବାର ଭର ପାରେ ନାହିଁ)—ଶଜାରୁ; ଝିଙ୍କ—Porcupine.

ଶ୍ୱାଶୁର—ସଂ. ବଣ (ଶ୍ୱଶୁର+ସମ୍ବନ୍ଧାର୍ଥେ ଅ)—ଶ୍ୱଶୁର ସମ୍ବନ୍ଧୀୟ—
Śwāśura Relating to father-in-law.

ଶ୍ୱାଶୁରି—ସଂ. ବି. ପୁଂ (ଶ୍ୱଶୁର+ଅପତ୍ୟାର୍ଥେ ଇ)—୧ । ପୁରୁଷର
Śwāśuri ଶଳା—1. A male's wife's brother.
୨ । ସ୍ତ୍ରୀର ଦେବର—2. A woman's husband's brother.

ଶ୍ୱାଶ୍ୱ—ସ.ବି (ଶ୍ୱନ୍=କୁକୁର ଅଛନ୍ତି ଅଶ୍ୱ=ବାହନ ଯାହାର; ବହୁବ୍ରୀହି)
Śwāśwa —ଭୈରବ ବିଶେଷ—Bhairaba.

ଶ୍ୱାସ—ସଂ. ବି (ଶ୍ୱସ୍ ଧାତୁ=ନିଶ୍ୱାସ ମାରିବା+ଘଞ୍. ଅ)—୧ ।
Śwāsa ନିଶ୍ୱାସ ପ୍ରଶ୍ୱାସ; ପ୍ରାଣବାୟୁ—1. Respiration;
[ଶୁଆ(ହା)ସ—ଗ୍ରାମ୍ୟରୂପ] breath; inhaled and exhaled breath. [ଦ୍ର—ସଂ. ଶ୍ୱସ୍ ଧାତୁ=ନିଶ୍ୱାସକୁ ନାକବାଟେ ପେଟ ଭିତରକୁ ନେବା ଓ ପେଟ ଭିତରୁ ବାହାରକୁ ଛାଡ଼ିବା । ଏହି ଧାତୁ ପୂର୍ବରେ 'ନିର୍' ଓ ନି ଉପସର୍ଗ ଲଗାଯାଇ ନିଃଶ୍ୱାସ ଓ ନିଶ୍ୱାସ ଶବ୍ଦ ଓ 'ପ୍ର' ଉପସର୍ଗ ଲଗାଯାଇ ପ୍ରଶ୍ୱାସ ଶବ୍ଦ ହୁଏ । କଥାରେ ଓ ଲେଖା ପ୍ରସଙ୍ଗରେ ଅମ୍ଭେମାନେ 'ଶ୍ୱାସ ପ୍ରଶ୍ୱାସ' ବା 'ନିଶ୍ୱାସ ପ୍ରଶ୍ୱାସ' ଶବ୍ଦ ଦ୍ୱୟକୁ ସବୁବେଳେ ପରସ୍ପରର ବିପରୀତ ଶବ୍ଦରୂପେ ବାହାରକୁ ଛଡ଼ା ଯିବା ଶ୍ୱାସ ଓ ଭିତରକୁ ନେବା ଶ୍ୱାସ ଏ ଦୁଇ ଅର୍ଥରେ ବ୍ୟବହାର କରୁଁ । ନିଶ୍ୱାସ ଓ ପ୍ରଶ୍ୱାସ ଶବ୍ଦର ଅର୍ଥ ସମ୍ବନ୍ଧରେ ପଣ୍ଡିତ ଓ କୋଷକାରମାନଙ୍କ ମଧ୍ୟରେ ମତଭେଦ ଦେଖା ଯାଏ । (ନିଶ୍ୱାସ ଓ ପ୍ରଶ୍ୱାସ ଶବ୍ଦଦ୍ୱୟ ଦେଖ); କିନ୍ତୁ 'ନିର୍' ଉପସର୍ଗ ଲାଗିଥିବା ନିର୍ଗମ, ନିର୍ଗତ ଆଦି ଶବ୍ଦରେ 'ନିର୍' ଉପସର୍ଗର ଅର୍ଥ 'ବାହାରକୁ'; ଏପରି ସ୍ଥଳରେ ନିଶ୍ୱାସର ଅର୍ଥ "ଯେଉଁ ଶ୍ୱାସ ବାହାରକୁ ଛଡ଼ାଯାଏ"; ଏହା ଯୁକ୍ତିଯୁକ୍ତ ବୋଧ ହେଉଅଛି ଓ ପ୍ରଶ୍ୱାସର ଅର୍ଥ ଉତ୍କୃଷ୍ଟ ଶ୍ୱାସ ଯେଉଁ ଶ୍ୱାସଦ୍ୱାରା ପ୍ରାଣୀ ବଞ୍ଚେ, ଅର୍ଥାତ୍ ଭିତରକୁ ନିଆଯିବା ଶ୍ୱାସ । ବାହାରକୁ ଛଡ଼ାଯିବା ଶ୍ୱାସ ସ୍ଥଳେ ନିଶ୍ୱାସ ଶବ୍ଦ ବ୍ୟବହୃତ ହେବା କଥା 'ଅମୁକ ଉପରେ ନିଶ୍ୱାସ ପକାଇବା', 'ନିଶ୍ୱାସ ଛାଡ଼ିବା' ଆଦି ଦେଶଜ ବ୍ୟବହାର ଦ୍ୱାରା ସମର୍ଥିତ ହେଉଅଛି । ଅଳ୍ପ ମଧ୍ୟ ଦେବୀମାହାତ୍ମ୍ୟ ବା ଚଣ୍ଡୀପୁରାଣର ୨ୟ ଅଧ୍ୟାୟ ୫୨ ଶ୍ଳୋକରେ 'ନିଶ୍ୱାସାନ୍ ମୁମୁଚେ ଯାଂଶ୍ଚ ଯୁଧ୍ୟମାନା ରଣେଽମ୍ବିକା, ତ ଏବ ସଦ୍ୟଃ ସମ୍ଭୂତାଃ ଗଣାଃ ଶତସହସ୍ରଶଃ'; ଓ ୩ୟ ଅଧ୍ୟାୟ ୨୭ ଶ୍ଳୋକରେ 'ନିଶ୍ୱାସ ପବନେନାନ୍ୟାନ୍ ପାତୟାମାସ ଭୂତଳେ', ଏହି ଦୁଇ ସ୍ଥଳରେ ନିଶ୍ୱାସର ଅର୍ଥ ବାହାରକୁ ଛଡ଼ାଯିବା ଶ୍ୱାସ, ଏହା ସ୍ପଷ୍ଟ ସମର୍ଥିତ ହେଉଅଛି । ବଙ୍ଗଦେଶର ପଣ୍ଡିତମାନେ ୧୯୧୧ ସାଲରେ ନିଶ୍ୱାସ ଶବ୍ଦର ଅର୍ଥ (ଭିତରକୁ ନିଆଯିବା ଶ୍ୱାସ) ଯାହା କରିଅଛନ୍ତି ତାହା ଉପର୍ଯ୍ୟୁକ୍ତ ଉଦାହରଣଦ୍ୱାରା ଖଣ୍ଡିତ ହେଉଅଛି । ଅତଏବ ଏ ଗ୍ରନ୍ଥର ସଙ୍କଳକର ମତରେ ନିଶ୍ୱାସ ପ୍ରଶ୍ୱାସ ଶବ୍ଦଦ୍ୱୟର ଯଥାକ୍ରମେ ବାହାରକୁ ଛଡ଼ାଯିବା ଶ୍ୱାସ ଓ ଭିତରକୁ ନିଆଯିବା ଶ୍ୱାସ ଅର୍ଥ ହେବା ଯୁକ୍ତିସଙ୍ଗତ ଅଟେ । ମହାତ୍ମା ଗ୍ରୀମକମଲ ବଦ୍ୟାଲଙ୍କାରଙ୍କ ପ୍ରଣୀତ ବଙ୍ଗଳା ପ୍ରକୃତିବାଦ ଅଭିଧାନରେ ନିଶ୍ୱାସ ଶବ୍ଦ ତଳେ ଉଦ୍ଧୃତ ପ୍ରମାଣ ବାକ୍ୟ (ଶିଶୁପାଳ ବଧ—ନିଶ୍ୱାସ ଧୂମ୍ରସହରତ୍ନଭାର୍ଚିଂ ମୁମୋଚ) ମଧ୍ୟ ନିଶ୍ୱାସର ଏହି ଅର୍ଥବାଦକୁ ସମର୍ଥନ କରୁଅଛି ।] ୨ । (+କରଣ ଅ) ପବନ; ବାୟୁ—2. Air. ୩ । ଶ୍ୱାସ ବା ଧଇଁ ରୋଗ—3. Asthma.

ଶ୍ୱାସ କାଶ(ସ)—ସଂ. ବି (ମ. ପ. ଲୋ; ଶ୍ୱାସ+କାଶ)—ରୋଗ
Śwāsa kāśa(sa) ବିଶେଷ; ଶ୍ୱାସରୋଗଜନିତ କାଶ; କାଶ ସହିତ ଶ୍ୱାସ ରୋଗ—Asthma attended with cough; asthmatic cough.

ଶ୍ୱାସ କ୍ରିୟା—ସଂ. ବି—୧। ନିଶ୍ୱାସ ମାରିବା କର୍ମ—1. Breathing;
Śwāsa kriyā respiration. ୨ । ନାକବାଟେ ପବନ ଦେହ ଭିତରକୁ ନେବା ଓ ଛାଡ଼ିବା—2. Inhalation and exhalation.

ଶ୍ୱାସକୁଠାର ତୈଳ—ସଂ. ବି (ବୈଦ୍ୟକ)—ଆୟୁର୍ବେଦୋକ୍ତ ଶ୍ୱାସ
Śwāsakuṭhāra taila ରୋଗର ମହୌଷଧ ତୈଳବିଶେଷ—A medicinal oil prepared as an antidote against asthma.

ଶ୍ୱାସଘ୍ନ(ଘ୍ନା, ଘ୍ନୀ)—ସଂ. ବଣ—ଶ୍ୱାସ ରୋଗ ନାଶକାରୀ (ଔଷଧ)—
Śwāsaghna(ghnā, ghnī) (medicine) Antidote against asthma.

ଶ୍ୱାସ ଜନକ—ସଂ. ବଣ—ଯାହା ଶ୍ୱାସ ଜନ୍ମାଏ—
Śwāsa janita Causing respiration.

ଶ୍ୱାସ ନିରୋଧ—ସଂ. ବି (ତତ୍ପୁରୁଷ)—ଶ୍ୱାସରୋଧ (ଦେଖ)
Śwāsa nirodha Śwāsarodha (See)

ଶ୍ୱାସ ପ୍ରଶ୍ୱାସ—ସଂ. ବି (ଦ୍ୱନ୍ଦ୍ୱ ଶବ୍ଦ)—ନିଶ୍ୱାସ ଓ ପ୍ରଶ୍ୱାସ—
Śwāsa praśwāsa Breathing; inhalation and exhalation.

ଶ୍ୱାସ ପ୍ରଶ୍ୱାସ ଧାରଣ—ସଂ. ବି—ପ୍ରାଣାୟାମ—Controlling of
Śwāsa praswāsa dhāraṇa the breath by exercise; breath-exercise.

ଶ୍ୱାସ ବର୍ଦ୍ଧକ—ସଂ. ବି—ନିଶ୍ୱାସ ପ୍ରଶ୍ୱାସର ବୃଦ୍ଧିକାରକ—
Śwāsa barddhaka Increasing respiration.

ଶ୍ୱାସ ବାୟୁ—ସଂ. ବି—ପ୍ରାଣବାୟୁ—
Śwāsa bāyu The breath of life.

ଶ୍ୱାସ ବାୟୁ ବହିର୍ଗତ ହେବା—ଦେ. ବି—ମୃତ୍ୟୁ ଘଟିବା—
Śwāsabāyu bahirgata hebā Death; dying.
শ্বাস বায়ু বহির্গত হওয়া ह्वास बायु निकल जाना

ଶ୍ୱାସ ରୁଦ୍ଧ—ସଂ. ବଣ.ପୁଂ (ବହୁବ୍ରୀହି; ଶ୍ୱାସ ହୋଇଅଛି ରୁଦ୍ଧ ଯାହାର)
Śwāsa ruddha —୧ । ଯାହାର ନିଶ୍ୱାସ ବନ୍ଦ ହୋଇଅଛି—
(ଶ୍ୱାସରୁଦ୍ଧା—ସ୍ତ୍ରୀ) 1. Strangulated. ୨ । ଯାହାର ଦମ ଅଟକି ଯାଇଅଛି—2. Out of breath; breathless.

ଶ୍ୱାସ ରୋଗ—ସଂ. ବି—ଘନ ଘନ ନିଶ୍ୱାସ ପଡ଼ିବାରୂପ ରୋଗ; ଧଇଁ
Śwasa roga ରୋଗ; ଧଇଁ ପେଲିବା—Asthma.

ଶ୍ୱାସ ରୋଧ—ସଂ. ବି (୬ଷ୍ଠୀ ତତ୍)—୧ । ନିଶ୍ୱାସ ଅଟକିଯିବା ରୋଗ—
Śwāsa rodha 1. Obstruction of breath; suffocation. ୨ । ଦମ୍ ଅଟକିଯିବା—2. Being out of breath. ୩ । କିଛିକ୍ଷଣ ପାଇଁ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରିବା—3. Restraining of respiration for a time. ୪ । ସାଧନାଦ୍ୱାରା ଶ୍ୱାସ ପ୍ରଶ୍ୱାସକୁ ସଂଯତ କରିବା; ପ୍ରାଣାୟାମ—4. Control and retention of breath by exercise; breath-exercise.

ଶ୍ୱାସ ରୋଧିବା (ରୁନ୍ଧିବା)—ଦେ. କ୍ରି—ପ୍ରାଣାୟାମଦ୍ୱାରା ଶ୍ୱାସକୁ ରୁଦ୍ଧ
Śwāsa rodhibā (rundhibā) କରିବା—To restrain
निश्वास बन्दकरा one's breath by exercise. ଦେ.
श्वास रोकना ବି—ଶ୍ୱାସ ରୋଧ ହେବା—Suffocation.

ଶ୍ୱାସ ରୋଧ(ରୁଦ୍ଧ) ହେବା—ଦେ. ବି—ଶ୍ୱାସ ବନ୍ଦ ହେବା; ଶ୍ୱାସରୋଧ
Śwāsa rodha(rundhi) heba —Suffocation.
निश्वास बन्द हओया श्वास रोकजाना

ଶ୍ୱାସ ହେତି—ସଂ. ବି (ବହୁବ୍ରୀହି; ଶ୍ୱାସ=ଶ୍ୱାସ ପ୍ରଶ୍ୱାସ ଅଟେ ହେତି=
Śwāsa heti ଅସ୍ତ୍ର ଅଟେ ଯାହାର, ଦମ୍ଭ ଶ୍ୱାସ=ଦୀର୍ଘନିଶ୍ୱାସର ଅସ୍ତ୍ରସ୍ୱରୂପ [୬ଷ୍ଠୀ ତତ୍])—ନିଦ୍ରା—Sleep.

ଶ୍ୱାସାରି—ସ. ବିଣ—ଶ୍ୱାସଘ୍ନ ଦେଖ)—Swāsaghna. (See) ବି.
Śwāsāri (ବୈଦ୍ୟକ)—ପୁଷ୍କରମୂଳ; ଏକ ପ୍ରକାର ଔଷଧମୂଳ—
Root of Alpotaris Auriculata.

ଶ୍ୱାସିବା—ଦେ. (ପଦ୍ୟ) କ୍ରି (ସ. ଶ୍ୱାସ)—ନିଶ୍ୱାସ ପ୍ରଶ୍ୱାସ ନେବା—
Śwāsiba To inhale and exhale. [ପ୍ର—ଉଭଳ
श्वासा साँसलेना ବଜାଇ ବୁଲନ୍ତି ଯେସନ ଶ୍ୱାସୁଥାଇ ଘନ ଘନ—ସ୍ୱାଧୀନାଥ. ନୃପାଙ୍କୁଶ ।]

ଶ୍ୱାସୀ—ସ. ବିଣ. ପୁଂ (ଶ୍ୱାସ୍+ଅସ୍ତ୍ୟର୍ଥେ ଇନ୍; ୧ମା, ୧ବ)—
Śwāsī ୧ । ଶ୍ୱାସରୋଗୀ—Asthmatic. ୨ । ଶ୍ୱାସଯୁକ୍ତ—
(ଶ୍ୱାସିନୀ—ସ୍ତ୍ରୀ ବିଣ) 2. Having breath. ବି. ବାୟୁ; ପବନ—Air.

ଶ୍ୱି[ଧାତୁ]—ସ—୧ । ବୃଦ୍ଧି ପାଇବା—1. To increase. ୨ ।
Świ(root) ଫୁଲିବା—2. To swell. ୩ । ଗତିକରିବା—3. To move.

ଶ୍ୱିତ୍(ଧାତୁ)—ସଂ—ଶୁକ୍ଳବର୍ଣ୍ଣ ହେବା—
Świt(root) To turn white.

ଶ୍ୱିତ୍ର—ସଂ. ବି (ଶ୍ୱିତ୍ ଧାତୁ+କରଣ ର; ଯାହାଦ୍ୱାରା ଶରୀର ଶୁକ୍ଳବର୍ଣ୍ଣ ହୁଏ)—ଶ୍ୱେତ କୁଷ୍ଠ, ଧବଳ ରୋଗ—
Świtra Vitiligo; Leucoderma, white patches on the body; albino.

ଶ୍ୱିତ୍ରଘ୍ନୀ—ସଂ ବି (ବୈଦ୍ୟକ)—ପୀତପର୍ଣ୍ଣୀ, ବିଛୁଆତି ଲତା—
Świtraghni Stinging nettle; Fragia Involucrata.

ଶ୍ୱିତ୍ରାରି—ସଂ. ବି (ବୈଦ୍ୟକ)—ଏକପ୍ରକାର ବାଲୁଠ—A species
Świtrāri of Serrata Anthelmintica.
[ଦ୍ର—ଏହା କିଡୋଶ, ବାତରକ୍ତ ଓ ଶ୍ୱିତ୍ରନାଶକ ।]

ଶ୍ୱିତ୍ରୀ—ସଂ. ବି—(ଶ୍ୱିତ୍ରିନ୍ ଶବ୍ଦ, ଶ୍ୱିତ୍ର+ଅସ୍ତ୍ୟର୍ଥରେ ଇନ୍)—ଶ୍ୱିତ୍ର
Świtri ରୋଗଗ୍ରସ୍ତ (ବ୍ୟକ୍ତି)—Albinous (person).
[ଶ୍ୱିତ୍ରିଣୀ—ସ୍ତ୍ରୀ]

ଶ୍ୱିଦ(ଧାତୁ)—ସଂ—ଶୁକ୍ଳ ହେବା—
Świd (root) To turn white.

ଶ୍ୱେତ—ସଂ ବିଣ [ଶ୍ୱିତ୍ ଧାତୁ=ଶୁକ୍ଳବର୍ଣ୍ଣ ହେବା+ଭାବ ଅ]—ଶୁକ୍ଳ,
Śweta ଧଳା, ଧୋଧା—White. ବି—୧ । [+କର୍ତ୍ତୃ ଅ)
ସେତ, ସେତା, } ଗ୍ରାମ୍ୟରୂପ ଶୁକ୍ଳବର୍ଣ୍ଣ—1. White colour.
ଶେତ, ଶେତା } [ଦ୍ର—ନାନା ପଦାର୍ଥ, ଫଳ, ଫୁଲ, ସ୍ଥଳ ଓ ଜୀବମାନଙ୍କର ଶୁକ୍ଳବର୍ଣ୍ଣବିଶିଷ୍ଟ ଜାତିକୁ ସେହି ନାମ ପୂର୍ବରେ ଶ୍ୱେତ ଶବ୍ଦ ଯୁକ୍ତ କରି ବୁଝାଇ ଦିଆଯାଏ ।] ୨ । ଶଙ୍ଖ—2. Conch. ୩ । ଶିବଙ୍କର ଅବତାରବିଶେଷ—3. An incarnation of Śibā. ୪ । ରଜତ, ରୌପ୍ୟ—4. Silver. ୫ । ଧଳା ମେଘ—5. White cloud. ୬ । ମିଶ୍ରି—6. Sugar candy. ୭ । କାଚମଣି; ସ୍ଫଟିକ—7. Quartz. ୮ । କପର୍ଦ୍ଦିକ; କଉଡ଼ି—8. Sea shell. ୯ । କର୍ପୂର—9. Camphor. ୧୦ । ଶୁକ୍ରଗ୍ରହ—10. The planet Venus. ୧୧ । ଧବଳଗିରି ୨ [ଦେଖ]—11. Dhabalagiri 2 (See) ୧୨ । ଶ୍ୱେତଦ୍ୱୀପ; ଚନ୍ଦ୍ରଦ୍ୱୀପ; ହିନ୍ଦୁ-ପୁରାଣୋକ୍ତ ୧୧ଟି ଉପଦ୍ୱୀପ ବା କ୍ଷୁଦ୍ର ଦ୍ୱୀପ ମଧ୍ୟରୁ ଏକତମ—12. One of the 11 minor islands or penuasulas in Hindu mythology. ୧୩ । ବିଦର୍ଭର ଜଣେ ରାଜା—13. Name of a king of ancient Bidarbha [ଦ୍ର—ଏ ବିଦର୍ଭ ନରପତି ସୁଦେବଙ୍କ ପୁତ୍ର । ଏହାଙ୍କ ଗଳ୍ପ ରାମାୟଣରେ ବର୍ଣ୍ଣିତ ଅଛି । ଏ ବହୁକାଳ ରାଜ୍ୟ ପାଳନ କରି ବୃଦ୍ଧ ହେବାରୁ ଆପଣାର ଭାଇ ସୁରଥଙ୍କଠାରେ ରାଜ୍ୟଭାର ଅର୍ପଣ କରି ତପସ୍ୟାର୍ଥ ବନକୁ ଗଲେ ଓ କଠୋର ତପସ୍ୟା ଫଳରେ ବ୍ରହ୍ମଲୋକ ପ୍ରାପ୍ତ ହେଲେ; କିନ୍ତୁ ସେଠାରେ କ୍ଷୁଧା-ପୀଡ଼ିତ ହୋଇ ପ୍ରଜାପତିଙ୍କୁ ଏଥିର କାରଣ ପଚାରିବାରେ ସେ କହିଲେ 'ତୁମ୍ଭେ ଅନାହାର କରି ତପସ୍ୟା କରିଥିଲ ଓ କାହାକୁ କିଛି ଦାନ କରିନାହଁ; ଏଥିପାଇଁ ଶାପଗ୍ରସ୍ତ ହୋଇ ବ୍ରହ୍ମଲୋକରେ ତୁମ୍ଭେ କ୍ଷୁଧାର୍ତ୍ତ ହେଉଅଛ । ତୁମ୍ଭର ତପସ୍ୟା କ୍ଷେତ୍ରର ଗୋଟିଏ ସରୋବରରେ ତୁମ୍ଭର ଶବ ରହିଛି, ତାକୁ ଯାଇ ଭକ୍ଷଣ କରୁଥାଅ ଓ ସେହି ଅବସ୍ଥାରେ ଅଗସ୍ତ୍ୟ ଋଷିଙ୍କର ଦର୍ଶନ ମିଳିଲେ ତୁମ୍ଭେ ଶାପମୁକ୍ତ ହୋଇ ପୁଣି ବ୍ରହ୍ମଲୋକକୁ ଆସିବ । ରାଜା ତଦନୁସାରେ ଆସି ଶବ ଭକ୍ଷଣ କରୁ କରୁ କେତେକ ଦିନ ପରେ ଅଗସ୍ତ୍ୟ ଋଷି ସେଠାରେ ପହଞ୍ଚି ରାଜାଙ୍କୁ ଶବଭକ୍ଷଣର କାରଣ

ପର୍ଯ୍ୟବାରୁ ରାଜା ଦୁହେଁଙ୍କୁ ବଶସ୍ତ ମୁନଙ୍କ ନିକଟରେ ବର୍ଣ୍ଣନା କରି ଶାପମୁକ୍ତ ହେଲେ । ଗମନକାଳରେ ରାଜା ମୁନଙ୍କୁ ସୁନ୍ଦର ସୁକୃଷ୍ଣ ଅଲଙ୍କାର ଉପହାର ଦେଇଥିଲେ । ଅଗସ୍ତ୍ୟ ମୁନି ରାମଙ୍କୁ ଏହି ଅଲଙ୍କାରସୂତ୍ରକ ଉପହାର ଦେଇ ତାଙ୍କ ଆଗରେ ଏହି ଗଳ୍ପ କହିଥିଲେ ।]
୧୪ । ଶ୍ୱେତବର୍ଣ୍ଣ ବସ୍ତୁ (ବିଶ୍ୱକୋଷ)— 14. Any white thing.

ଶ୍ୱେତ ଅପମାରଙ୍ଗ—ଦେ. ବି—ଶ୍ୱେତାପାମାର୍ଗ (ଦେଖ)
Śweta apamāranga Śwetāpāmārga (See)
শ্বেত অপাঙ সफेद चिचड़ा

ଶ୍ୱେତ ଅପରାଜିତା—ଦେ. ବି—(ସ.ଶ୍ୱେତାପରାଜିତା (ଦେଖ)
Śweta aparājitā Śwetāparājitā (See)

ଶ୍ୱେତ ଅରକ(ଖ)—ଦେ. ବି (ସ. ଶ୍ୱେତାର୍କ)—ଏକପ୍ରକାର ଧଳା ଅର୍କ ଗଛ—A species of white swallowort.
Śweta araka(kha)
[ଶ୍ୱେତ ଅର୍କ—ଅନ୍ୟରୂପ]
শ্বেত আকন্দ सफेद आक

ଶ୍ୱେତ ଆଖୁ—ଦେ. ବି—ଶ୍ୱେତେକ୍ଷୁ (ଦେଖ)
Śweta ākhu Śwetekshu (See)
সাদা আখ सफेद ईख

ଶ୍ୱେତକ—ସ. ବି (ଶ୍ୱେତ+କ)—୧ । ରଜତ; ରୂପା—1. Silver.
Śwetaka
୨ । ବରାଟକ; କପର୍ଦ୍ଦକ; କଉଡ଼ି—2. Sea-shell formerly used as money.

ଶ୍ୱେତ କଇଲାସ—ଦେ. ବି—ପର୍ବତ ବିଶେଷ—Name of a mountain. [ଦ୍ର—ମହାଭାରତ ପର୍ବତ
Śweta kailāsa
इवेत कैलास ଶ୍ୱେତ କଇଲାସ—କୃଷ୍ଣଙ୍କ ମହାଭାରତ
শ্বেতকৈলাস ବନ ।]

ଶ୍ୱେତ କଣ୍ଟକାରୀ—ସ ବି—ସେଉଁ କଣ୍ଟକାରୀର ଫୁଲ ଧଳା; ସେଉଁ ବେଙ୍ଗା ବାଇଗଣର ଫୁଲ ଧଳା—The white-flowered species of Solanum Xanthocarpum (plant).
Śweta kaṇṭakārī
ଶ୍ୱେତକଣ୍ଟକାରିକା } ଅନ୍ୟରୂପ
ଶ୍ୱେତ କେଣ୍ଟାରିକା }
ଅନ୍ୟ ସ ନାମ—ଶ୍ୱେତା, କ୍ଷୁଦ୍ରା, ଚନ୍ଦ୍ରହାସା, ସିତସିଂହୀ, ଦିକ୍ଷେତ୍ରା, ବାର୍ତ୍ତାକିନୀ, ଲକ୍ଷ୍ମଣା, ଶ୍ୱେତ-ଭଣ୍ଟାକୀ, ସିତା, ଗର୍ଦ୍ଦଭୀ ହିଙ୍ଗୁ, ଶ୍ୱେତଜଳା, କପଟେଶ୍ୱରୀ, କାମା, ଗର୍ଦ୍ଦଭ, ଚନ୍ଦ୍ରା, ଗୁଲ୍ମୀ, ହିତକଣ୍ଟା, ମହୌଷଧୀ, ଗର୍ଦ୍ଦଭୀ, ଚନ୍ଦ୍ରା, ନାକୁଲୀ, ଦୁର୍ଲଭା, ଗୃଧ୍ରା, ଚନ୍ଦ୍ରପୁଷ୍ପା, ତ୍ରିପୁଷ୍କରା
(ଦ୍ର—ଏହା କଟୁତିକ୍ତରସ,ଉଷ୍ଣବୀର୍ଯ୍ୟ, ଲଘୁ, ରୁକ୍ଷ, ଅଗ୍ନିବର୍ଦ୍ଧକ, କଫନାଶକ, ଗର୍ଭବାଧା ନିବାରକ; ଶ୍ୱାସ, କାଶ, ଜ୍ୱର, ପୀନସ, ପାର୍ଶ୍ୱଶୂଳ କ୍ରିମି ଓ ହୃଦ୍‌ରୋଗର ଉପଶମକାରକ ଓ ଗର୍ଭପ୍ରଦ; ଏହାର ଫଳ କଟୁ-ତିକ୍ତ, ପାଚକ, ଲଘୁ, ଅଗ୍ନିବର୍ଦ୍ଧକ,ଭେଦକ, ପିତ୍ତପ୍ରକୋପକ, ଶୁକ୍ରନିବାରକ, ପବନାଶୁନାଶକ; ଚକ୍ଷୁ ଭୂମି କଣ୍ଡୁ ଓ ମେଦ ରୋଗରେ ହିତକର; ଶ୍ୱେତକଣ୍ଟକାରୀ ଫଳର ଶ୍ୱେତାଦିରେ ଗୁଣ ମଧ୍ୟ ଅଛି ।)
সাদা কণ্টিকারী
इवेत रेंगनी, इवेत भटकटैया
ତେ. ଚଲମୁନେଲମୁଲ୍ଲୁ

ଶ୍ୱେତ କଦମ୍ବ—ସଂ. ବି—ସେଉଁ କଦମ୍ବ ଗଛର ଫୁଲ ଧଳା—White-flowered species of Kadamba; Neuclea Tetrandra
Śweta kadamba

ଶ୍ୱେତ କମଳ—ସଂ. ବି—ଶ୍ୱେତ ପଦ୍ମ—
Śweta kamala White lotus.

ଶ୍ୱେତ କରବୀର—ସଂ ବି—ଧଳା କରବୀ ଫୁଲର ଗଛ—The white flowered species of sweet scented oleander; Nerium odorum
Śweta karabīra
(ଶ୍ୱେତପୁଷ୍ପ—ଅନ୍ୟରୂପ)
(ଶ୍ୱେତକରବୀ—ଅନ୍ୟରୂପ)
ଅନ୍ୟ ସଂ ନାମ—କରବୀର, ଶ୍ୱେତପୁଷ୍ପ,ଶତକୁମ୍ଭ, ଅଶ୍ୱମାରକ
[ଦ୍ର—ଶ୍ୱେତ., ରକ୍ତ, ପାଟଳ, କୃଷ୍ଣ, ପୀତ ଭେଦରେ କରବୀର ୫ ପ୍ରକାର । ଏହା କଟୁ-ତିକ୍ତ-କଷାୟରସ, ଉଷ୍ଣ, ଉଷ୍ଣବୀର୍ଯ୍ୟ; ଏହା କଣର ଲଘୁତା ସମ୍ପାଦକ ଓ ନେତ୍ରରୋଗ, କୁଷ୍ଠ, ବଣ-ଦୋଷ, କଫ, ଅର୍ଶ, କ୍ରିମି ଓ କଣ୍ଡୁବିନାଶକ । ଏହା ଭକ୍ଷଣ କଲେ ଶରୀରରେ ବିଷ ପରି କ୍ରିୟା କରେ ।]
শ্বেত করবী
सफेद कनेर
ଫା. ଖରଜହେର
ଆ. ଦଫଲି
ତେ. ଗନ୍ନେରୁ

ଶ୍ୱେତ କାଞ୍ଚନ—ସଂ ବି.—ଧଳା କାଞ୍ଚନ ଫୁଲର ଗଛ—The white-flowered variety of Bauhenia Variegata. [ଦ୍ର—ଏହା ଲାଲ କାଞ୍ଚନର ସମଗୁଣ-ବିଶିଷ୍ଟ ।]
Śweta kānchana
ସଂ. ନାମ—କୋବିଦାର, ସରକ କୁଦାଳ, ଯୁଗପତ୍ରକ, କୁଣ୍ଡଳ, ଅମ୍ଳକ, ସ୍ୱଳ୍ପକେଶର
বনরাজ, বনরাজি, শ্বেতকাঞ্চন
कचनाल, गुरिआल, आउर, मानला, खिला मर्तिल, घोरारा
[ଶ୍ୱେତ କାଞ୍ଚନ—ଦେ· ରୂପ]

ଶ୍ୱେତ କାଣ୍ଡା—ସଂ. ବି—(ବୈଦ୍ୟକ)—ଶ୍ୱେତ ଦୁବା (ଦେଖ)
Śweta kāṇḍā Śweta dūrbā (See)

ଶ୍ୱେତକୀ—ସଂ. ବି—(ନାମ)—ଜଣେ ପୌରାଣିକ ରାଜା—
Śwetakī Name of a mythological king.
[ଦ୍ର—ଏ ଅତ୍ୟନ୍ତ ଧର୍ମପରାୟଣ ଓ ଯାଜ୍ଞିକ ଥିଲେ । ଏ ଏତେ ଅଧିକ ଯଜ୍ଞ କଲେ ଯେ, ଋତ୍ୱିକ୍‌ମାନେ ଏହାଙ୍କ ଯାଜନ କ୍ରିୟା ସମ୍ପାଦନ କରିବାକୁ ଅସମର୍ଥ ହେବ ଏ ତପସ୍ୟା କରି ମହାଦେବଙ୍କୁ ତାହାଙ୍କର ଋତ୍ୱିକ୍ (ପୁରୋହିତ) ହେବାକୁ ପ୍ରାର୍ଥନା କଲେ । ମହାଦେବ ଦୁର୍ବାସାଙ୍କୁ ଏହାଙ୍କ ପୌରୋହିତ୍ୟରେ ନିଯୁକ୍ତ କଲେ । କଥିତ ଅଛି ଯେ ଦୁର୍ବାସା ୧୦୦ ବର୍ଷରେ ଏହାଙ୍କ ଯଜ୍ଞ ସମାପନ କଲେ । ଅଗ୍ନିଦେବ ଏହାଙ୍କ ଯଜ୍ଞରେ ଅତ୍ୟଧିକ ଘୃତ ଖାଇ ରୁଗ୍ଣ ହୋଇ ପଡ଼ିଲେ ।]

ଶ୍ୱେତ କୁଞ୍ଜର—ସ. ବି—୧ । ଶ୍ୱେତହସ୍ତୀ—1. White-skinned elphant; albinous elephant. [ଦ୍ର—ଏମାନେ ବ୍ରହ୍ମଦେଶରେ ମିଳନ୍ତି, ବ୍ରହ୍ମଦେଶରେ ଓ ବୌଦ୍ଧମାନେ ଶ୍ୱେତହସ୍ତୀକୁ ମହାସମାରୋହ ସହକାରେ ପୂଜା କରନ୍ତି; ପ୍ରକୃତରେ ଏ ହାତୀମାନଙ୍କ
Śweta kuñjara

ଚମଡ଼ାରେ ଧଳାଛିଟ୍ ମାନ୍ଦ ଥାଏ ।] ୨ । ଐରାବତ ହସ୍ତୀ; ଇନ୍ଦ୍ରଙ୍କ ବାହନ—2. The elephant of Indra.

ଶ୍ୱେତ କୁମାରୀ—ଦେ. ବି—ଲତା ବିଶେଷ—
Śweta kumārī Bridal creeper; Porana Paniculata.

ଶ୍ୱେତ କୁମୁଦ—ସଂ. ବି—ଧଳାକଇଁ—White water lily;
Śweta kumuda Nymphœa Lotus.
(ଶ୍ୱେତକଲ୍ହାର—ଅନ୍ୟରୂପ) (ଶ୍ୱେତକଇଁ—ଦେ. ରୂପ)

ଶ୍ୱେତ କୁରୁଣ୍ଟକ—ସଂ. ବି—ଧଳା ଦାସକେରେଣ୍ଟା; ଧଳାଫୁଲଯୁକ୍ତ
Śweta kuruṇṭaka ଦାସକେରେଣ୍ଟା ଗୁଳ୍ମ—The white-flowered variety of Barlaria Crastata.
ଅନ୍ୟ ସଂ. ନାମ—ସୈରେୟକ, ସୈରେୟ, କଟସାରିକା, ସହଚର, ସହାଚର, ସହଚରୀ ।
শ্বেতঝিন্টি
सफेद कटसरेया
(ଶ୍ୱେତଝିଣ୍ଟି, ଶ୍ୱେତଘୃଣ୍ଟୀ—ଅନ୍ୟରୂପ)

ଶ୍ୱେତ କୁଶ—ସଂ. ବି—ଶୁକ୍ଳ ବା ପାଣ୍ଡୁର ବର୍ଣ୍ଣ କୁଶତୃଣ—
Śweta kuśa The white variety of Kuśa grass; Poa Cynosuroides. [ଦ୍ର—ଏହାର ମୂଳ ମଧୁରରସ, ଶୀତଳ, ରୁଚିକର, ରକ୍ତପିତ୍ତରୋଗରେ ଉପକାରୀ; ଜ୍ୱର, ତୃଷ୍ଣା, ଶ୍ୱାସ ଓ କାମଳ ରୋଗରେ ହିତକର ।]

ଶ୍ୱେତ କୁଷ୍ଠ—ସଂ. ବି—ଶ୍ୱିତ୍ର; ଧବଳ କୁଷ୍ଠ—
Śweta kushṭha White leprosy; leucoderma.

ଶ୍ୱେତ କୃଷ୍ଣ—ସଂ. ବିଣ (ଦ୍ୱନ୍ଦ୍ୱ; ଶ୍ୱେତ+କୃଷ୍ଣ)—ଧଳା କଳା ମିଶା—
Śweta krushṇa Mixed white and black.
(ଶ୍ୱେତ କୃଷ୍ଣାଭ—ଅନ୍ୟରୂପ)

ଶ୍ୱେତ କେତୁ—ସଂ. ବି—୧ । ଉଦ୍ଦାଳକ ମୁନିଙ୍କ ପୁତ୍ର; ଋଷିବିଶେଷ—
Śweta ketu 1. Name of a sage. ୨ । ବୌଦ୍ଧ ମତାବଲମ୍ବୀ ବ୍ୟକ୍ତି—2. A Buddhist. ୩ । (ଜ୍ୟୋତିଷ) କେତୁଗ୍ରହ ବିଶେଷ—3. (Astrology) A kind of come . [ଦ୍ର—ଏ କେତୁର ପଶ୍ଚିମ ଦିଗରେ ଉଦୟ ହୁଏ ଓ ଏଥିର ଉଦୟ ହେଲେ ପୃଥିବୀରେ ଦୁର୍ଭିକ୍ଷ, ମାରୀଭୟ ବ୍ୟାପେ—୪ । ବୁଦ୍ଧ (ବୌଦ୍ଧକୋଷ)—4. The Buddha.

ଶ୍ୱେତ କେଶ—ସଂ. ବି (କର୍ମଧା)—୧ । ପାଚିଲା ବାଳ—1. Grey
Śweta keśa hair. ୨ । ନାଲି ଶଜନା; ରକ୍ତଶିଗ୍ରୁ—2. The red-flowered species of horse radish tree.

(ଶ୍ୱେତକେଶା—ଶୀ) ସ. ବିଣ. ପୁଂ—ବହୁବ୍ରୀହି)—ଯାହାର ବାଳ ଧଳା—White-haired; grey-haired.

ଶ୍ୱେତ କୋଳ—ସଂ. ବି—କେରଣ୍ଡି ମାଛ—
Śweta koḷa A species of fry; Cyprinus Chysoparis; Barbus Chola.

ଶ୍ୱେତ ଖଦିର—ସଂ. ବି—ପାଚିଲା ଖଇର—The whitish
Śweta khadira variety of Catechu; pale catechu; gambier; Uncaria Gambier. [ଦ୍ର—ଏହାର ବର୍ଣ୍ଣ ପାଣ୍ଡୁର । ଏହା ବର୍ଣ୍ଣପ୍ରସାଦକ; ମୁଖରୋଗ, ରକ୍ତଦୋଷ ଓ କଫନାଶକ ।]
ଅନ୍ୟ ସଂ. ନାମ—କଦର, ସୋମବଲ୍କଳ, ଖଦର, କାର୍ମୁକ, କୁଷ୍ଠକଣ୍ଟକ, ସୋମସାର, ସୋମବୃକ୍ଷ, ସୋମବଲ୍କ, ପଥିଦ୍ରୁମ ।
পাপড়ি খইর
पापडिखाखैर
ମ. ପାଢ଼ରାଖଇର
ତେ. ତେଲ୍ଲଚଣ୍ଡ୍ର
(ଶ୍ୱେତସାର—ଅନ୍ୟରୂପ)

ଶ୍ୱେତ ଗଙ୍ଗା—ସଂ. ବି—୧ । (ତୀର୍ଥଚିନ୍ତାମଣି ଗ୍ରନ୍ଥ ଲକ୍ଷିତ) ତୀର୍ଥବାପୀ-
Śweta gaṅgā ବିଶେଷ—1. Name of a sacred tank. ୨ । ପୁରୁଷୋତ୍ତମର ତୀର୍ଥ ପୁଷ୍କରିଣୀ ବିଶେଷ—2. Name of a sacred tank in Puri. [ଦ୍ର—ଏହାର ଜଳ ଅତ୍ୟନ୍ତ ଅପରିଷ୍କାର ଓ ଦୁର୍ଗନ୍ଧ ହୋଇ ଯାଇଥିଲା, ସମ୍ପ୍ରତି ପୁରୀ ମିଉନିସିପାଲିଟି ଓ ହିନ୍ଦୁସାଧାରଣଙ୍କ ବ୍ୟୟରେ ଏଥିର ପଙ୍କୋଦ୍ଧାର ହୋଇ ଏହା ପରିଷ୍କୃତ ହୋଇ ଅଛି ।]

ଶ୍ୱେତ ଗବ—ଦେ. ବି—ଶ୍ୱେତୈରଣ୍ଡ (ଦେଖ)
Śweta gaba Śwetairaṇḍa. (See)
সাদা ভেরেণ্ডা सफेद रेण्डी

ଶ୍ୱେତ ଗରୁତ୍—ସଂ. ବିଣ (ବହୁବ୍ରୀହି; ଶ୍ୱେତ+ଗରୁତ୍=ପକ୍ଷ
Śweta garut ଯାହାର)—ଶ୍ୱେତପକ୍ଷ ବିଶିଷ୍ଟ—
White-feathered. ବି (କର୍ମଧା)—ଧଳା ହଂସ—Gander; drake.

ଶ୍ୱେତ ଗୁଞ୍ଜା—ସଂ. ବି—ଧଳା ମଞ୍ଜି ବିଶିଷ୍ଟ କାଇଞ୍ଚ—The white-
Śweta guñjā seeded variety of beadtree creeper; Abrus Precatorius. [ଦ୍ର—ଏହା ରକ୍ତଗୁଞ୍ଜା ବା ନାଲି କାଇଞ୍ଚର ସମସ୍ତ ଗୁଣଯୁକ୍ତ ।]
ଅନ୍ୟ ସଂ. ନାମ—ଉଚ୍ଚଟା, କୃଷ୍ଣଲା, ଶ୍ୱେତକାମ୍ବୋଜୀ, କାକାଦନୀ, ଭିଲ୍ଲଭୂଷା, ଚୂଡ଼ାଲା ।
শ্বেতকুঁচ सादाघुँघची
ଅ. ହର୍ଯ୍ୟୁସେଦ୍ (ଶ୍ୱେତକାଇଞ୍ଚ—ଦେ. ରୂପ)

ଶ୍ୱେତ ଗୋକ୍ଷୁରୀ—ସଂ. ବି—ଏକପ୍ରକାର ଘାସ—
Śweta gokshurī A species of grass; Kyllingia Monocephala.

ଶ୍ୱେତ ଗୋ(ଗୁ)ଲାପ—ଦେ. ବି-୧। ଧଳା ଗୋଲାପ ଫୁଲ—1. White
Śweta go(gu)lāpa rose. ୨। ଧଳା ସେବତୀ;ଶତପତ୍ରୀ (ଫୁଲ)-2. The white variety of cabbage rose; Rosa Centifolia.
সাদা গোলাপ
सफेद गुलाब

ଶ୍ୱେତ ଘଣ୍ଟା(ଣ୍ଟୀ)—ସଂ. ବି—ନାଗଦନ୍ତୀ; ହାତିଶୁଣ୍ଢୀ ଗୁଳ୍ମ—
Śweta ghaṇṭā(ṇṭī) Heleotropium Indicum (plant).

ଶ୍ୱେତ ଘୋଷକ(ଘୋଷା)—ସଂ. ବି—ମହା କୋଶାତକୀ; ଘୋଷାତକୀ,
Śweta ghoshaka(ghoshā) ତରଡ଼ା, ଜଣ୍ଡୀଜାତୀୟ ବନ୍ୟ-
ଅନ୍ୟ ସଂ. ନାମ—ଧାମାର୍ଗବ, ଲତାଫଳ ବିଶେଷ—A species
ଘୋଷକାକୃତି; ଅବାଳ, of white Luffa. [ଦ୍ର—ଏହା
ଦେବଦାଳୀ, ଭୃଙ୍ଗଜ, ତିକ୍ତରସ ବଶିଷ୍ଟ, ବମନକାରକ, ସର୍ବତ
ମହାକୋଶାତକୀ, ମହାଫଳା, କଫର ନିର୍ହରଣକାରକ; ଅର୍ଶ, ଶୂଳ,
ହସ୍ତିଘୋଷା, ହସ୍ତିପର୍ଣ୍ଣୀ । ଉଦର ରୋଗ,କାଶ, କଣ୍ଠରୋଗ, ବାୟୁ
শ্বেতঘোষাফল ଓ ଶ୍ଳେଷ୍ମଜନିତ ରୋଗରେ ଉପକାରୀ ।
कड़ुई तरई ଶୁକ୍ଳ ଓ ପୀତଭେଦରେ ଏହା
ଦୁଇ ପ୍ରକାର; ଏହା ମଧୁର ଓ ତିକ୍ତ
ଭେଦରେ ମଧ୍ୟ ଦୁଇ ପ୍ରକାର । ପୀତ
ଘୋଷା=ଜହ୍ନି; ଶ୍ୱେତଘୋଷା=ତରଡ଼ା ।]

ଶ୍ୱେତ ଚନ୍ଦନ—ସଂ. ବି—ସାଧାରଣ ଚନ୍ଦନ ବୃକ୍ଷ; ଶୁକ୍ଳ ଚନ୍ଦନ—
Śweta chandana Santalum Album (tree).
[ଶେତ ଚନ୍ନ—ଗ୍ରାମ୍ୟରୂପ]

ଶ୍ୱେତ ଚମ୍ପକ—ସ. ବି—ଶ୍ୱେତପୁଷ୍ପବିଶିଷ୍ଟ ଚମ୍ପକ ବୃକ୍ଷ—
Śweta champaka The white-flowered Cham-
[ଶ୍ୱେତ ଚମ୍ପା—ଦେ. ରୂପ] paka tree.

ଶ୍ୱେତ ଚିଲ୍ଲିକା—ସ. ବି—୧ । ଶ୍ୱେତ ଶିଂଶପା (ଦେଖ)
Śweta chillikā 1. Śweta śimśapā (See)
୨ । ଶ୍ୱେତ ଚିଲ୍ଲୀ (ଦେଖ)—
2. Śweta chillī (See)

ଶ୍ୱେତ ଚିଲ୍ଲୀ—ସ. ବି—(ବୈଦ୍ୟକ)—ଭାଗୀରଥୀତୀରସ୍ଥ ଦେଶରେ
Śweta chillī ଜନ୍ମିବା ସାଦା ବା ଧଳା ବଥୁଆ ଶାକବିଶେଷ—
ଅନ୍ୟ ସ. ନାମ—ବାସ୍ତୁକା, ସୁପଥ୍ୟା A kind of pot herb;
ସିତ ଚିଲ୍ଲୀ, ଉପଚିଲ୍ଲୀ, Chenopodium Album.
କ୍ଷାରପତ୍ର, କ୍ଷୁଦ୍ର ବାସ୍ତୁକା । [ଦ୍ର—ଏହା ମଧୁର ରସ,
ଦେ. ବାଥୁଆ ଶୀତଳ, କ୍ଷାରଗୁଣଯୁକ୍ତ, ତ୍ରିଦୋଷ-
সাদা বেতো सफेद बथुआ ନାଶକ ଓ ଜ୍ୱର ରୋଗରେ
ହିତକର ।]

ଶ୍ୱେତଚ୍ଛଦ—ସ. ବି- (ବହୁବ୍ରୀହି; ଶ୍ୱେତ+ଛଦ=ପକ୍ଷ ଯାହାର)—
Swetachchhada ୧ । ଶ୍ୱେତ ଗରୁତ୍ (ଦେଖ)—1.
Śweta garut (See). ୨ । ଶ୍ୱେତ ବର୍ବରକ
(ଦେଖ)— . Śweta barbaraka (See)
ସ. ବିଣ. ତ୍ରି (ବହୁବ୍ରୀହି)—୧ । ଧଳା ପକ୍ଷ ବିଶିଷ୍ଟ—
1. White feathered ୨ । ଧଳାପତ୍ର ବିଶିଷ୍ଟ—
(ଶ୍ୱେତଚ୍ଛଦା—ସ୍ତ୍ରୀ) 2. White leaved. ୩ । ଧଳା ବଲ୍କଲ
ବିଶିଷ୍ଟ—3. White barked.

ଶ୍ୱେତ ଜବା—ସ. ବି—ଶ୍ୱେତ ମନ୍ଦାର (ଦେଖ)
Śweta jabā Śweta mandāra (See)

ଶ୍ୱେତ ଜୀରକ—ସ. ବି—ଜୀର ଜୀରକ; ସାଧାରଣ ଜୀରା—
Śweta jīraka Cumin seed. [ଦ୍ର—ବର୍ଣ୍ଣଭେଦରେ
[ଶ୍ୱେତଜୀରା—ଦେ. ରୂପ] ଯାହାକୁ କଳାଜୀରା ବୋଲାଯାଏ ତାହା
সাদা জীরা କୀରକ ଜାତୀୟ ବୃକ୍ଷ । ଶ୍ୱେତ-
ଜୀରକ ରୁଚିକର, କଟୁ, ମଧୁର, ପାଚକ, କ୍ରିମିନାଶକ,
ବିଷ ଓ ଜ୍ୱରନାଶକ ଓ ଉଦରସ୍ଥାନଜନକ-ବୈଦ୍ୟକୋଷ ।]

ଶ୍ୱେତ ଝିଣ୍ଟୀ- ସ. ବି—ଶ୍ୱେତ କୁରୁଣ୍ଟକ (ଦେଖ)
Śweta jhinti Śweta kuruntaka (See)

ଶ୍ୱେତ ଟଙ୍କନ(ଣ)କ—ସ. ବି—ସାଦା ସୋହାଗା—
Śweta tankana(na)ka Borax.
(ଅନ୍ୟ ସ. ନାମ—ଲୋହଦ୍ର, ସିନ୍ଧୁଜ, ସିନ୍ଧୁ, ମାଳତୀତୀର ସମ୍ଭବ, କ୍ଷୀର,
ଦ୍ରାବକର, ସିତକ୍ଷାର, ଟଙ୍କଣ ।)

ଶ୍ୱେତ ତଣ୍ଡୁଳ—ସ. ବି—ଧଳା ଚାଉଳ; ସଫା ଚାଉଳ—
Śweta tandula White rice.
[ଦ୍ର—ଏହାକୁ ସିଦ୍ଧ କରି ଚକଟ ଲୁଣରେ ତପୁତ୍ତ ଏଥିରୁ
ମଣ୍ଡ ବାହାର କଲେ ତାହା ମଧୁର ରସ, ଶୀତଳ, ବାୟୁ-
ବର୍ଦ୍ଧକ, କଷ୍ଟଦ୍ ଶ୍ଳେଷ୍ମଜନକ ହୁଏ । ଏହା ମେହ, ଅଶ୍ମରୀ
ଓ ଶୋଥ ରୋଗରେ ହିତକର ।]

ଶ୍ୱେତ ତାମ୍ବୂଳ—ସଂ. ବି—ଶ୍ୱେତ ପାନ—The white-leaved
Śweta tāmbūla betel. [ଦ୍ର—ଏହା ରୁଚିକର, ସ୍ୱରନ-
ନାଶୀ, ପାଚକ, କଫ ବାତନାଶକ ଅଟେ ।]

ଶ୍ୱେତ ତୁଳସୀ—ସଂ. ବି—ଶୁକ୍ଳ ତୁଳସୀ; ଧଳା ତୁଳସୀ; ଶ୍ୱେତାଭ ପତ୍ର-
Śweta tulasī ବିଶିଷ୍ଟ ତୁଳସୀ ଗୁଳ୍ମ—The white basil
ସଂ.—ଅର୍ଜ୍ଜକ, ଗୌରୀ, Ocimum Album
ଗନ୍ଧପତ୍ର, ଭୂତେଷ୍ଟକ [ଦ୍ର—ଶୁକ୍ଳ ଓ କୃଷ୍ଣପତ୍ରଭେଦରେ
সাদা তুলসী ତୁଳସୀ ଦୁଇ ପ୍ରକାର; ବନ୍ୟ ଓ
सफेद तुलसी ଉଦ୍ୟାନ ଜାତ ଭେଦରେ ତୁଳସୀ ମଧ୍ୟ
ଅନେକ ପ୍ରକାର, ଯଥା—ଗନ୍ଧ ତୁଳସୀ ।]
[ଶେ(ଶ୍ୱେ)ତ ତୁଳ(ଳ)ସା(ସୀ)—ଗ୍ରାମ୍ୟରୂପ]

ଶ୍ୱେତ ତ୍ରିବୃତ୍—ସଂ. ବି—ତିଉଡ଼ିର ପ୍ରକାର ଭେଦ—The
Śweta tribrut white rooted Turpeth;
(ଶେତ ତିଉଡ଼ି—ଦେ. ରୂପ) Ipomooa Turpethum.
ସଂ. ନାମ—ତ୍ରିବୃଙ୍ଗୀ, ସୁବହା, [ଦ୍ର—ତିଉଡ଼ିର ଅନ୍ୟ ପ୍ରକାର
ତ୍ରିଭଣ୍ଡୀ, ତ୍ରିପୁଟା ଭେଦ ରକ୍ତତ୍ରିବୃତ୍ ଓ କୃଷ୍ଣ
সাদা তেউড়ি सादा निसोत, सादा पनिलर ତ୍ରିବୃତ୍ ।]

ଶ୍ୱେତ ଦୁର୍ବା—ସଂ. ବି—ଧଳା ଦୁବ; ଶୁକ୍ଳ ଦୁର୍ବା (ଯାହାର ପତ୍ର
Śweta durbā ଧଳା)—The white-leaved variety
ସଂ. ନାମ—ଅକଣ୍ଡା, ଗୋଲୋମୀ, of Cynodon Dactylon.
ଶତପର୍ବିକା, ସିତାହ୍ୱା, ଚଣ୍ଡା, [ଦ୍ର—ଏହା କଷାୟ ମଧୁର ରସ,
ଭଦ୍ରା, ଭାର୍ଗବୀ, ଦୁର୍ମରା, ରୁଚିକର, କଫ ପିତ୍ତ ନାଶକ;
ଗୌରୀ, ଶ୍ୱେତା, ହରୀ, ଦାହ, ତୃଷ୍ଣା, ବମନ, ଅତିସାର,
ଶ୍ୱେତକାଣ୍ଡା, ପ୍ରତଣ୍ଡା, ସହସ୍ରବୀର୍ଯ୍ୟା] କାଶ, ଅମଦୋଷ, ବ୍ରଣ, ବିସର୍ପ ଓ
ଶତସ୍କାଣ୍ଡା, ସହସ୍ର ପତ୍ରା ରକ୍ତସ୍ରାବରେ ଉପକାରକ ।]
ସୁରକଷିତା, ଶୁକ୍ଳା, ସୁପତ୍ରା,
ସିତଚ୍ଛଦା, ସ୍ନିଗ୍ଧା, ଦଣ୍ଡାକୁରୁକା,

ଉଦ୍ଦେଶ୍ୟକାରିଣୀ ।
ଦେ. ଶୁକ୍ଳଦୂର୍ବାଲ ସାଦା দূব सफेद दूब

ଶ୍ୱେତ ଦ୍ୱିପ—ସଂ. ବି—ଶ୍ୱେତ କୁଞ୍ଜର (ଦେଖ)
Śweta dwipa Śweta kuñjara (See)

ଶ୍ୱେତ ଦ୍ୱୀପ—ସ. ବି—୧ । ହିନ୍ଦୁ ପୁରାଣୋକ୍ତ ୧୧ ଗୋଟ ଉପଦ୍ୱୀପ
Śweta dwīpa ମଧ୍ୟରୁ ଏକତମ; ଉପ ଦ୍ୱୀପ—1. Name of one of the 11 peninsulas or small islands of Hindu mythology. ୨ । ବୈକୁଣ୍ଠର ବିଷ୍ଣୁ ଧାମ 2. The name of an island said to be the Hindus' paradise (the abode of Bishṇu) where the souls of devotees of Bishṇu live for eternity after death. [ବି-ଭାଗବତ ଦଶମସ୍କନ୍ଧ ୮୭ ଅଧ୍ୟାୟରୁ ଏହା ବୈକୁଣ୍ଠର ବିଷ୍ଣୁଧାମସ୍ଥ ଦ୍ୱୀପବିଶେଷ ବୋଲି ଅନୁମିତ ହୁଏ । ଅଧ୍ୟାତ୍ମ ରାମାୟଣ ଓ ବ୍ରହ୍ମପୁରାଣରେ ଅଛି ଯେ, ଯେଉଁମାନେ ବିଷ୍ଣୁପୂଜାରତ ଓ ବିଷ୍ଣୁଙ୍କ ହସ୍ତରେ ନିହତ ହୁଅନ୍ତି ସେହିମାନେ ଦେହାନ୍ତେ ଏହି ଦ୍ୱୀପରେ ଯାଇ ବାସ କରନ୍ତି । ରାବଣ ତ୍ରିଲୋକ ଜୟ କରି ନାରଦଙ୍କ ପରାମର୍ଶ ଏ ସ୍ଥାନକୁ ଜୟ କରିବା ମାନସରେ ଗଲେ । ଏଠାରେ ଥିବା ବ୍ୟକ୍ତିମାନେ ମହାକାୟ, ମହାବଳ ଓ ତେଜସ୍ୱୀ । ଏ ଦ୍ୱୀପର ସୀମାରେ ପହଞ୍ଚିଲା କ୍ଷଣି ରାବଣର ରଥର ଗତି ବନ୍ଦ ହୋଇଗଲା । ଏଠା ପୁରୁଷଙ୍କ କଥା ଦୂରେ ଥାଉ, ଜଣେ ସ୍ତ୍ରୀ ରାବଣର ହାତକୁ ଧରି ଘୋଷାରି ଅଣାଇ ନେଲେ ଓ ହସି ହସି ପଚାରିଲେ 'ତୁମ୍ଭେ କିଏ ଓ ଏଠାକୁ କାହିଁକି ଆସିଅଛ ?' ରାବଣ ବହୁ ଚେଷ୍ଟାରେ ସୁଦ୍ଧା ସ୍ତ୍ରୀଙ୍କ ହାତରୁ ଆପଣାକୁ ମୁକ୍ତ କଲା ଓ ଅତ୍ୟନ୍ତ ଲଜ୍ଜିତ ହୋଇ ଏବଂ ମନେ ମନେ ରାମଙ୍କ ମୂର୍ତ୍ତି ସୀତାଙ୍କୁ ହରଣ କରି ବିଷ୍ଣୁଙ୍କୁ କୁପିତ କରି ତାଙ୍କ ହାତରେ ହତ ହୋଇ ଏହି ଦ୍ୱୀପକୁ ଆସିବ । ଏହା ଭାବିର ବୈଦେହୀ ହରଣରେ ପ୍ରବୃତ୍ତ ହେଲା ।] ଦେ. ବି—(ପାଶ୍ଚାତ୍ୟ ପଣ୍ଡିତ-ପ୍ରବର ଉଇଲ୍‌ଫୋର୍ଡ ସାହେବଙ୍କଦ୍ୱାରା କାମିତ) ଇଂଲଣ୍ଡ ସ୍କଟ୍‌ଲଣ୍ଡ ଓ ଆୟରଲଣ୍ଡ ଦ୍ୱୀପ—Great Britain; the British isles; Albania. [ଉ—ଭୂମଧ୍ୟ ସାଗରରେ ସ୍ଥିତ ଶ୍ୱେତଦ୍ୱୀପ । ଋଧାନାଥ. ଚନ୍ଦ୍ରଭା ।]

ଶ୍ୱେତଦ୍ୱୀପ ବୀଣା—ଦେ. ବି—ଇଂରେଜ୍ ଦେଶୀୟ କେତେକ କବିଙ୍କ
Śweta dwīpa biṇā ପଦ୍ୟମାନଙ୍କର ଓଡ଼ିଆ ପଦ୍ୟାନୁବାଦ ସମ୍ବଳିତ ପୁସ୍ତକର ନାମ—(ଗ୍ରେ ସାହେବ, ଅନୁସ୍ୟରଣ ଦାସଙ୍କ କୃତ)—Title of a book containing metrical translation of some English poems.

ଶ୍ୱେତ ଧସ୍ତୁରୁ—ସ. ବି—ଧଳା ଫୁଲ ବିଶିଷ୍ଟ ଧାତୁରା ଗଛ—
Śweta dhastūra The white-flowered species साद्या धतुरा of thorn apple plant; Datura ପ୍ରା. ଡାତୁରା ଅ. ଜୋଜମାସିଲ শ্বেত ধাতুরা Fastusa. [ଶେତଧାତୁରା—ଦେ. ରୂପ]

ଶ୍ୱେତଧାତୁ—ସ. ବି—୧ । ଖଡ଼ିକା; ଖଡ଼ି—1. Chalk.
Śweta dhātu ୨ । ଶୁକ୍ଳ ବର୍ଣ୍ଣ ଧାତୁ ଦ୍ରବ୍ୟ— 2. White metal.

ଶ୍ୱେତ ଧାନ୍ୟ—ସ. ବି—ଶୁକ୍ଳ ଧାନ୍ୟ; ଯେଉଁ ଧାନର ବର୍ଣ୍ଣ ଧଳା—
Śweta dhānya White paddy. [ବି—ଏହି ଧାନ୍ୟ ଲକ୍ଷ୍ମୀପୂଜାରେ ବ୍ୟବହୃତ ହୁଏ ।]

ଶ୍ୱେତ ଧାମା—ସ. ବି—(ବହୁବ୍ରୀହି; ଶ୍ୱେତ+ଧାମନ୍=ଅଙ୍ଗ, ଗୃହ
Śweta dhāmā ଯାହାର)—୧ । ଚନ୍ଦ୍ର—1. The moon. ୨ । କର୍ପୂର—2. Camphor. ୩ । (ଷଷ୍ଠୀ ତତ୍; ଶ୍ୱେତ=ଶ୍ୱେତ ବର୍ଣ୍ଣର+ଧାମନ୍=ଅଙ୍ଗବିଶିଷ୍ଟ)—ସମୁଦ୍ର ଫେଣ—3. Sea-foam.

ଶ୍ୱେତ ଧୂନକ—ସ. ବି—ଧଳା ଝୁଣା—
Śweta dhūnaka White resin.

ଶ୍ୱେତ ନିଷ୍ପାବା—ସ. ବି—ଶ୍ୱେତବର୍ଣ୍ଣର ଶିମ୍ବ ବିଶେଷ—
Śweta nishpābā A species of white bean. [ବି—ଏହା ଅଳ୍ପ କଷାୟଯୁକ୍ତ ମଧୁର ରସ, ଶୀତଳ, ରୁଚିକର, ପୁଷ୍ଟିଜନକ, ବଳକାରକ, ବାୟୁବର୍ଦ୍ଧକ ଓ ଅଧ୍ମାନ (ପେଟ ଫମ୍ପା) କାରକ ।]

ଶ୍ୱେତ ନୀଳ—ସ. ଵଣ—(ଦ୍ୱନ୍ଦ୍ୱ, ଶ୍ୱେତ+ନୀଳ)—ଧଳା ଓ ନେଳୀ
Śweta nīla ମିଶ୍ରିତ—Mixed white and blue; bluish; azure. ବି.—୧ । ଧଳା ଓ ନେଳୀ ମିଶ୍ରିତ ବର୍ଣ୍ଣ—1. Bluish and azure mixed colour. ୨ । ମେଘ—2. The cloud. [ବି—ଏହିପରି ଶ୍ୱେତ-ପୀତ, ଶ୍ୱେତ ରକ୍ତ, ଶ୍ୱେତ ହରିତ, ଶ୍ୱେତକୃଷ୍ଣ ଆଦି ପଦ ସେହି ସେହି ରଙ୍ଗର ମିଶ୍ରଣ ଜାତ ବର୍ଣ୍ଣକୁ ବୁଝାଏ ।]

ଶ୍ୱେତ ପତ୍ର—ସ. ବି (କର୍ମଧା; ଶ୍ୱେତ+ପତ୍ର)—୧ । ଧଳା ପତ୍ର—
Śweta patra 1. White leaf. ୨ । ଧଳା ପକ୍ଷ— 2. White wing or white feather. ୩ । (ବହୁବ୍ରୀହି; ଶ୍ୱେତ+ପତ୍ର=ପକ୍ଷ ଯାହାର) ହଂସ— 3. The swan. ୪ । ଶ୍ୱେତ ପଦ୍ମ—4. The white lotus. ବଣ—୧ । ଶ୍ୱେତପତ୍ରଯୁକ୍ତ—1. White-leaved, ୨ । ଶ୍ୱେତ ପକ୍ଷବିଶିଷ୍ଟ—2. White-feathered; white-winged.

ଶ୍ୱେତପତ୍ର ବାହନ—ସଂ. ବି (ବହୁବ୍ରୀହି; ଶ୍ୱେତପତ୍ର=ହଂସ ଅଟେ
Śwetapatra bāhana ବାହନ ଯାହାର)—ବ୍ରହ୍ମା— The Deity Brahmā.

ଶ୍ୱେତପତ୍ର ରଥ—ସଂ. ବି (ମ. ପ. ଲୋ; ଶ୍ୱେତପତ୍ର=ହଂସ+ଯୁକ୍ତ
Śwetapatra ratha ହୋଇଥିବା ରଥ)—ହଂସଯୁକ୍ତ ବିମାନ— A car drawn by swans. ବି. (ବହୁବ୍ରୀହି, ଶ୍ୱେତପତ୍ରଯୁକ୍ତ ଅଟେ ରଥ ଯାହାଙ୍କର)— ହଂସବାହନ; ବ୍ରହ୍ମା—The God Brahmā.

ଶ୍ୱେତପତ୍ରା—ସଂ. ବି - ଶ୍ୱେତ ଶିଂଶପା (ଦେଖ)
Śwetapatrā Śweta śiṁśapā (See)

ଶ୍ୱେତ ପଦ୍ମ—ସଂ. ବି—ସିତାମ୍ଭୋଜ; ଧଳା ପାଖୁଡ଼ାଥିବା ପଦ୍ମଫୁଲ—
Śweta padma White-petalled lotus; the white variety of Nelumbium Speciosum. [ଦ୍ର—ଏହା ଉପରେ ମହାଲକ୍ଷ୍ମୀ ଓ ସରସ୍ୱତୀ ଦେବୀ ଆସୀନା ଥିବା ପୁରାଣବର୍ଣ୍ଣିତ । ଏହା ହିମ, ଭଲ୍ଲମଧୁର; ପିତ୍ତଦୋଷ, ଦାହ, ରକ୍ତଦୋଷ, ଭ୍ରମ ଓ ପିପାସାନାଶକ ।]
(ଅନ୍ୟ ସଂ. ନାମ-ସିତାବ୍ଜ, ଶ୍ୱେତାମ୍ଭୋଜ, ପୁଣ୍ଡରୀକ, ହରିନେତ୍ର, ଶରତ୍ ପଦ୍ମ, ଶାରଦ, ଶମ୍ଭୁବଲ୍ଲଭ
ସାদা পদ্ম, सफेद कमल
(ଶ୍ୱେତବାରିଜ—ଅନ୍ୟରୂପ)
(ଶ୍ୱେତ ପଦୁଅ, ଶ୍ୱେତ ପଦ୍ମ—ଗ୍ରାମ୍ୟରୂପ)

ଶ୍ୱେତ ପଦ୍ମାସନା—ସ. ବି. ସ୍ତ୍ରୀ (ବହୁବ୍ରୀହି, ଶ୍ୱେତପଦ୍ମ ଅଟେ ଆସନ
Śweta padmāsanā ଯାହାଙ୍କର—ଯାହାଙ୍କର ଶ୍ୱେତପଦ୍ମ ଉପରେ ବସିଥିବା ଶାସ୍ତ୍ରାଦରେ ବର୍ଣ୍ଣିତ—Described in the scriptures as seated on a white lotus.) ବି. ସ୍ତ୍ରୀ—ସରସ୍ୱତୀ; ଲକ୍ଷ୍ମୀ—The Goddess of learning and the Goddess of good fortune.
(ଶ୍ୱେତପଦ୍ମାସୀନ—ଅନ୍ୟରୂପ)

ଶ୍ୱେତ ପର୍ଣ୍ଣା—ସଂ. ବି—ବାରିପର୍ଣ୍ଣୀ; ବୋରଝାଙ୍କି ଦଳ—A sort of
Śweta parṇṇā water weed; Serratophyllum Submersum.
ଅନ୍ୟ ସଂ. ନାମ—ଜଳକୁମ୍ଭୀ, ବାରିପର୍ଣ୍ଣୀ, କୁମ୍ଭିକ । পানা जलकुम्भी
ତେ. ଗୁଣ୍ଡୀକର

ଶ୍ୱେତ ପର୍ଣ୍ଣାସ—ସଂ. ବି—ଶ୍ୱେତ ତୁଳସୀ (ଦେଖ)
Śweta parṇṇāsa Śweta tuḻasī (See)

ଶ୍ୱେତ ପାରା—ଦେ. ବି (ଶ୍ୱେତ+ପାରାବତ)—ଶୁକ୍ଳପକ୍ଷବିଶିଷ୍ଟ ପାରା-
Śweta pārā সাদাপায়রা ପକ୍ଷୀ—White pigeon.
सफेद कबुतर (ଶ୍ୱେତପାରାବତ—ସଂ. ରୂପ)

ଶ୍ୱେତ ପିଙ୍ଗ—ସଂ. ବି—୧ । ଶୁକ୍ଳ ଓ ପିଙ୍ଗଳବର୍ଣ୍ଣ; ପାଣ୍ଡୁରରଙ୍ଗ—
Śweta piṅga 1. White and grey mixed colour.
(ଶ୍ୱେତ ପିଙ୍ଗଳ—ଅନ୍ୟରୂପ) ୨ । ନୀଳ ଓ ଶୁକ୍ଳ ମିଶ୍ରିତ ରଙ୍ଗ—2. Bluish white colour. ୩ । (ଦେହ ଶ୍ୱେତ ଓ ଜଟା ପିଙ୍ଗଳ ବର୍ଣ୍ଣବିଶିଷ୍ଟ) ସିଂହ—3. The lion.
ବିଣ—ନୀଳ ଓ ଶୁକ୍ଳ ମିଶ୍ରିତ—Bluish white.

ଶ୍ୱେତ ପିଙ୍ଗଳକ—ସ. ବି. ଶ୍ୱେତ ପିଙ୍ଗଳ+ସଜ୍ଞାର୍ଥେ. କ)—ସିଂହ—
Śweta piṅgaḻaka The lion.

ଶ୍ୱେତ ପିଣ୍ଡାଳୁ—ସଂ. ବି—ଯେଉଁ ଆଳୁର ଗୋଳିଆ ଅଙ୍କୁର ଉପର
Śweta piṇḍāḻu ଧଳା—The white-kernelled yam; Batatus Esculatus.
(ଅନ୍ୟ ସଂ.ନାମ—ପିଣ୍ଡାଳୁ, ଶ୍ୱେତପିଣ୍ଡି, ପିଣ୍ଡୀତକ, ରୋମଶକନ୍ଦ, କନ୍ଦଗ୍ରନ୍ଥି, ପିଣ୍ଡଳ, ସ୍ଥାଲୁକନ୍ଦକ)
পিণ্ডালু रताल्लु, पिण्डाल्लु, सादा काल्लु
ଫା. ବରବାକ୍ ଲହୋରୀ ତେ. ତରଗେଡ୍ଡ ।

ଶ୍ୱେତ ପିଣ୍ଡୀତକ—ସଂ.ବି—୧ ଶ୍ୱେତ ପିଣ୍ଡାଳୁ (ଦେଖ)—1. Śweta
Śweta piṇḍītaka piṇḍāḻu (See) ୨ । ମହାପିଣ୍ଡୀତକ; (ଧଳା ଫୁଲ ବିଶିଷ୍ଟ) ମୟୂଣଫଳ ଗଛ—2. A white-flowered tree; bushy Gardenia; Randia Dumetorum.

ଶ୍ୱେତ ପୁନର୍ନବା—ସଂ. ବି—ଶ୍ୱେତପୁରୁଣି ଶାଗ—The white
Śweta punarnabā variety of hog weed. [ଦ୍ର—ପୁନର୍ନବା ଶବ୍ଦ ନୋଟ ଦେଖ ।]
শেতপুন্নী सादा पुनर्नबा
ତା. ମୁକର ତ୍ରେଟରେ; ମ. ପାଣ୍ଡରୀ ଘେଣ୍ଟୁଳ; ତେ. ଅଟ୍ଟାମାମୋଦି
(ଶ୍ୱେତ ପୁ[ରୁ]ଣି, ଶ୍ୱେତପୁର୍ଣ୍ଣି—ଅନ୍ୟରୂପ)

ଶ୍ୱେତ ପୁଷ୍ପ—ସଂ. ବି (କର୍ମଧା; ଶ୍ୱେତ+ପୁଷ୍ପ)—୧ । ଧଳା ଫୁଲ—
Śweta pushpa 1. White flower. ୨ । ସିନ୍ଧୁବାର; ଧଳା ନିର୍ଗୁଣ୍ଡି ଗୁଳ୍ମ—2. Vitex Trifolia; five-leaved chaste tree. [ଦ୍ର—ସିନ୍ଧୁବାର ଶ୍ୱେତ ଓ ନୀଳପୁଷ୍ପ ଭେଦରେ ଦୁଇପ୍ରକାର । ଏହା କଟୁତିକ୍ତକଷାୟ ରସ, ରୂକ୍ଷ, ଉଷ୍ଣବୀର୍ଯ୍ୟ, ସ୍ମୃତିବର୍ଦ୍ଧକ, ନେତ୍ର ହିତକର, କେଶ୍ୟ, ଲଘୁ, ଅଗ୍ନିଦୀପକ, ମେଧ ଓ ବର୍ଣ୍ଣକାରକ । ଏହା ପିତ୍ତ, ଗୁହ୍ୟଦେଶଜ ବାୟୁ, କ୍ଷୟ, ସନ୍ଧିବାତ, ବାତ, ଶୋଥ, ଆମଦୋଷ, କୃମି, କୁଷ୍ଠ, କଫ, ବ୍ରଣ, ଗୁଳ୍ମ, କଣ୍ଠରୋଗ, ବିଷଦୋଷ, ଶୂଳ, ଅରୁଚି, ଜ୍ୱର, ମେଦୋରୋଗ, ଗୃଧ୍ରସୀ, ପ୍ରଭଞ୍ଜନବାୟୁ, କାଶ ଓ ଶ୍ୱାସରୋଗରେ ହିତକର ।
ଏହାର ପତ୍ରକୁ ଶୁଖାଇ ମୁଗ ଓ ବିରି ଆଦିର ଗଦାଅରେ ରଖିଲେ ସେଥିରେ ପୋକ ଲାଗନ୍ତି ନାହିଁ ।
ବାତୁମ୍ଭ ଫୁଲା ଓ ବଥାରେ ଏ ପତ୍ରକୁ ମଳ ଜଳରେ ତାତିଲେ ଓ ଏ ପତ୍ରର ପୁଡ଼ା କରି ଗାଲକୁ ସେକିଲେ ଉପକାର ହୁଏ ।] ୩ । ଶ୍ୱେତ କରବୀର—3. The white sweet-scented oleander; Nerium Odorum. ୪ । ଶ୍ୱେତାର୍କ; ଧଳା ଅରଖ ଗଛ—4. The white-flowered swallowwort plant. ୫ । ଧଳା ଦାସକେରଣ୍ଟା; ଶ୍ୱେତ କୁରୁଣ୍ଟକ—5. (white flowered) Barlaria Crastata. ୬ । ବରୁଣ ଗଛ (ବୈଦ୍ୟକ)—6. Crateavo Religiosa (tree)
ଅନ୍ୟ ସଂ. ନାମ—ସିନ୍ଧୁବାର, ସିନ୍ଧୁକ, ସିନ୍ଧୁବାରକ
সাদা নিসিন্দা
सम्भाल्लु, सिहरु
ଫା. ଫନଦକ୍ଷୁଷ୍ଟ
ଆ. ଅସଲୁକ
ତେ. ତେଲ୍ଲବାବଲି
ସ. ବିଣ (ବହୁବ୍ରୀହି)—ଶୁକ୍ଳପୁଷ୍ପବିଶିଷ୍ଟ—Having white flowers.
(ଶ୍ୱେତପୁଷ୍ପା—ସ୍ତ୍ରୀ. ବିଣ)

ଶ୍ୱେତ ପୁଷ୍ପକ—ସଂ. ବି (ବୈଦ୍ୟକ)—ଶ୍ୱେତ କରବୀର (ଦେଖ)
Śweta pushpaka Śweta karabīra (See)

ଶ୍ୱେତପୁଷ୍ପା—ସଂ. ବି (ବୈଦ୍ୟକ)—୧ । ଘୋଷାତକୀ; ଧଳା ତରଡ଼ା—
Śwetapushpā 1. Luffa Aegyptica. ୨ । ନାଗଦନ୍ତୀ ୧ (ଦେଖ)—2. Nāgadantī 1 (See) ୩ । ଇନ୍ଦ୍ରବାରୁଣୀ; ମହାକାଳ (ଲତା ଓ ଫଳ)—3. Colo

cynth· ୪ । ଶ୍ୱେତ ନିର୍ଗୁଣ୍ଡୀ—4. The white-flowered variety of Vitex Trifolia (tree).

ଶ୍ୱେତପୁଷ୍ପିକା—ସଂ. ବି (ବୈଦ୍ୟକ)—୧ । ମାଳବଦେଶ ପ୍ରସିଦ୍ଧ ଲତା ବିଶେଷ; ପୁତ୍ରଦାତ୍ରୀ ନାମକ ଲତା—1. Name of a South Indian white-flowered creeper. [ଦ୍ର—ଏହା ବନ୍ଧ୍ୟାଦୋଷ ନିବାରକ, ସ୍ୱରେ, କଟୁରସ, ଉଷ୍ଣବୀର୍ଯ୍ୟ, ବାତକଫନାଶକ ।] ୨। ମହାଶଣପୁଷ୍ପିକା; ଝାଙ୍ଗି ହରଡ; ଶ୍ୱେତ ହରଡ; ଶ୍ୱେତାଢ଼କୀ—2. A species of pigeon pea; Cajanus Indicus. [ଦ୍ର—ହରଡ଼ ଶ୍ୱେତ, ପୀତ ଓ ରକ୍ତଭେଦରେ ୩ ପ୍ରକାର । ଏହା ବାତାଦି ଦୋଷବର୍ଦ୍ଧକ ।]
Śweta pushpikā
ଅନ୍ୟ ସଂ. ନାମ—ପୁତ୍ରଦାତ୍ରୀ, ଚାଣ୍ଡାରୀ, ଭ୍ରମରୀ, ଭୃଙ୍ଗପତ୍ରୀ, ଅତି ଗନ୍ଧାଢ୍ୟା, ବେଣୀଜାତା, ସୁବହୁଳା

ଶ୍ୱେତ ପୂରିକା—ସଂ. ବି (ବୈଦ୍ୟକ)—ଲୁଚି; ମଇଦାରେ ଅଧିକ ପରିମାଣରେ ଘିଅ (ମଯ୍ଯାନ) ଦେଇ ତାକୁ ପରେ ଘିଅରେ ଛାଣି ଯେଉଁଥିରେ ପତଳା ହୋଇ ବେଲି ହୋଇ ଫୁଲିଉଠିଥିବା ପୁରି—Thin white cake of flour fried in ghee. (ଦ୍ର—ବୈଦ୍ୟଶାସ୍ତ୍ରମତେ ଏହା ଧାତୁବର୍ଦ୍ଧକ, ସ୍ନିଗ୍ଧ, ବାତ ଓ ପିତ୍ତନାଶକ—ବିଶ୍ୱକୋଷ)
Śweta pūrikā

ଶ୍ୱେତ ପ୍ରସୂନକ—ସଂ. ବି (ବୈଦ୍ୟକ)—ଶାଳଗଛ; ଶାଗୁଆନ ଗଛ—Teak tree. ବିଣ—ଶୁକ୍ଳପୁଷ୍ପଯୁକ୍ତ—White-flowered.
Śweta prasūnaka

ଶ୍ୱେତ ପ୍ରଦର—ସଂ. ବି (ବୈଦ୍ୟକ)—ଧଳାଯାଉ ସ୍ତ୍ରୀରୋଗ ବିଶେଷ—Leucorrhœa. (ଦ୍ର—ପ୍ରଦର ଶ୍ୱେତ ରକ୍ତସ୍ରାବ ଭେଦରେ ଦୁଇ ପ୍ରକାର । ଶ୍ୱେତ ପ୍ରଦରରେ ଯୋନି ପଥରେ ଶୁକ୍ଳ ରସ ନିର୍ଗତ ହୁଏ ।)
Śweta pradara

ଶ୍ୱେତ ପ୍ରସ୍ତର—ସଂ. ବି—ଧଳା ପଥର—White-stone.
Śweta prastara

ଶ୍ୱେତ ବଚ—ସଂ. ବି—ଧଳା ବଚ; ପାରସ୍ୟଦେଶଜାତ ବୃକ୍ଷର ଚେର—Sweet flag; Acorus Calamus. (ଶ୍ୱେତ ବଚ—ଦେ. ରୂପ) [ଦ୍ର—ବଚ ତଳେ ଟୀକା ଦେଖ ।]
Śweta bachā

ଶ୍ୱେତ ବନବନା—ଦେ. ବି (ସଂ. ଶ୍ୱେତବୁହ୍ନା)—ଶ୍ୱେତବୁହ୍ନା (ଦେଖ)—Śwetabuhnā (See)
Śweta banabanā

ଶ୍ୱେତ ବରାହ—ସଂ. ବି—୧ । ଧଳା ବାରହା—White-skinned boar. ୨ । ସୃଷ୍ଟିର କଳ୍ପମାନଙ୍କ ମଧ୍ୟରୁ ଏକ କଳ୍ପର ନାମ—2. Name of a cycle of the age of creation. [ଦ୍ର—ଶ୍ରୀମଦ୍ଭାଗବତ ୩ୟ ସ୍କନ୍ଧ ୧୧ଶ ଅଧ୍ୟାୟ ୩୭ ଶ୍ଳୋକ ଦ୍ରଷ୍ଟବ୍ୟ । ଏହା ବ୍ରହ୍ମାଙ୍କ ସୃଷ୍ଟିର ଅବସ୍ଥାରେ ପ୍ରଥମ କଳ୍ପ । ଏଥିର ପରିମାଣ ୪୩୨ କୋଟି ବର୍ଷ । ଏହି କଳ୍ପର ସପ୍ତବିଂଶ ଯୁଗ ଅତୀତ ହୋଇ ଅଷ୍ଟାବିଂଶ ଯୁଗ ବର୍ତ୍ତମାନ ଚାଲୁଅଛି । ଏ କଳ୍ପରେ ସ୍ୱାୟମ୍ଭୁବ, ସ୍ୱାରୋଚିଷ, ଉତ୍ତମ, ତାମସ, ରୈବତ ଓ ଚାକ୍ଷୁଷ ମନୁମାନଙ୍କ ଅଧିକାର ଶେଷ ହୋଇଅଛି, ବର୍ତ୍ତମାନ ବୈବସ୍ୱତ ନାମକ ସପ୍ତମ ମନୁଙ୍କ ଅଧିକାର ଚାଲୁଅଛି । ଶ୍ୱେତ ବରାହ କଳ୍ପର ଆରମ୍ଭ ହେଲାବେଳେ ଏ ପୃଥିବୀ ସୃଷ୍ଟି ହୋଇ ନ ଥିଲା । ଏ କଳ୍ପାରମ୍ଭର ୧କୋଟି ୭୦ଲକ୍ଷ ୬୪ ହଜାର ବର୍ଷ ପରେ ଏ ପୃଥିବୀର ସୃଷ୍ଟି ହେଲା ।] ୩ । ବିଷ୍ଣୁଙ୍କର ରୂପ ବିଶେଷ (ବିଶ୍ୱକୋଷ)—3. A form of Bishṇu. ୪ । ତୀର୍ଥ ବିଶେଷ (ବିଶ୍ୱକୋଷ)—4. Name of a holy place of pilgrimage.
Śweta barāha

ଶ୍ୱେତ ବର୍ବରକ—ସଂ. ବି—ବର୍ବର ଚନ୍ଦନ; ଏକ ପ୍ରକାର ଚନ୍ଦନ; ସୁରଭି ଚନ୍ଦନ; ବାଲଚନ୍ଦନ—A species of Sandal wood
Śweta barbbaraka
ଅନ୍ୟ ସଂ. ନାମ—ବର୍ବରଶ୍ୱେତ, ବର୍ବରକ, ପିତ୍ତହ, ବର୍ବର, ଶୀତ, ସୁଗନ୍ଧ, ସୁରଭି ।

ଶ୍ୱେତ ବର୍ବରିକା—ସଂ. ବି—ଶ୍ୱେତ ତୁଳସୀ (ଦେଖ)—Śweta tuḷasī. (See)
Śweta barbbarikā

ଶ୍ୱେତ ବସ୍ତ୍ର—ସଂ. ବି (କର୍ମଧା)—ଧଳାଲୁଗା—White cloth. ସଂ. ବିଣ. ପୁଂ (ବହୁବ୍ରୀହି)—ଶ୍ୱେତବସ୍ତ୍ରୀ (ଦେଖ)—Śwetabastrī. (See)
Śweta bastra
(ଶ୍ୱେତବସ୍ତ୍ରା—ବିଣ. ସ୍ତ୍ରୀ)

ଶ୍ୱେତବସ୍ତ୍ରୀ—ସଂ. ବିଣ. ପୁଂ (ଶ୍ୱେତବସ୍ତ୍ର+ଇନ୍; ୧ମା· ୧ବ)—ଯେ ଧଳାଲୁଗା ପିନ୍ଧିଥାଏ—Putting on white cloth.
Śwetabastrī
(ଶ୍ୱେତବସ୍ତ୍ରିଣୀ—ସ୍ତ୍ରୀ)

ଶ୍ୱେତବାଜୀ—ସଂ. ବି (ଶ୍ୱେତ+ବାଜିନ୍ ୧ମା. ୧ବ; କର୍ମଧା)—୧ । ଧଳା ଘୋଡ଼ା—1. White horse. ୨ । (ବହୁବ୍ରୀହି; ଶ୍ୱେତବାଜୀ ଅଛି ଯାହାର)—ଚନ୍ଦ୍ର—2. The moon. ୩ । ଅର୍ଜୁନ; ମଧ୍ୟମ ପାଣ୍ଡବ—3. Arjuna.
Śweta bājī

ଶ୍ୱେତ ବାଡ଼ିଅଁଳା—ଦେ. ବି—ମହାବଳା; ବଳୁଟୀ—Sida Rhombifolia (plant)
Śweta bāṟdi a-añlā
শ্বেত বেড়েলা ন্হদৈই

ଶ୍ୱେତ ବାରାହ କଳ୍ପ—ସଂ. ବି—ବ୍ରହ୍ମାଙ୍କ ସୃଷ୍ଟିର ଅବସ୍ଥାରେ ପ୍ରଥମ କଳ୍ପର ନାମ—Name of a cycle of the age of creation of the universe. [ଦ୍ର—ଶ୍ୱେତବରାହ ତଳେ ଟୀକା ଦେଖ]
Śweta bārāha kaḷpa

ଶ୍ୱେତ ବାରାହ କଳ୍ପାବ୍ଦ—ସଂ. ବି—ଶ୍ୱେତ ବାରାହ କଳ୍ପର ଗଣନାରେ ବର୍ଷର ପରିମାଣ—Year calculated according to 'Śweta bārāha kaḷpa' [ଦ୍ର—ଶ୍ୱେତବାରାହ କଳ୍ପାବ୍ଦର ପରିମାଣ ମୋଟରେ ୪୩୨ କୋଟି ବର୍ଷ । ବର୍ତ୍ତମାନ (୧୯୩୭ ସାଲରେ) ଶ୍ୱେତବାରାହ କଳ୍ପାବ୍ଦରେ ୧୯୭ କୋଟି ୨୯ ଲକ୍ଷ ୪୧ ହଜାର ୩୮ ବର୍ଷ ଚାଲିଅଛି । ଶ୍ୱେତବାରାହ କଳ୍ପାବ୍ଦର ଆରମ୍ଭବେଳେ ଏ ସୃଷ୍ଟି ହୋଇ ନ ଥିଲା । ଆରମ୍ଭରୁ ୧ କୋଟି ୭୦ ଲକ୍ଷ ୬୪ ହଜାର ବର୍ଷ ଗତ ହେବା ପରେ ଏ ସୃଷ୍ଟି ହେଲା । ଅତଏବ ୧୯୭୨୯୪୧୦୩୮ ରୁ ୧୭୦୬୪୦୦୦ ବାଦ୍ ଗଲେ ବାକି ରହିଲା ୧୯୫
Śweta bārāha kaḷpābda

କୋଟି ୫୮ ଲକ୍ଷ ୮୬ ହଜାର ୩୮ ବର୍ଷ ବର୍ତ୍ତିମାନ ପୃଥିବୀର ବୟସ ଅଟେ ।]

ଶ୍ୱେତ ବାର୍ତ୍ତାକୀ(କୁ)—ସଂ. ବି—ଧଳା ବାଇଗଣ—White Śweta bārttākī(ku) species of brinjal; Solanium Melongum.
ଶ୍ୱେତ ବୃନ୍ତାକ, ଶ୍ୱେତ ଭଣ୍ଟାକୀ } ଅନ୍ୟରୂପ
[ଦ୍ର—ଶାସ୍ତ୍ର ଅନୁସାରେ ଏ ବାଇଗଣ ଖାଇବା ନିଷିଦ୍ଧ ଅଟେ । ବୈ ଦ୍ୟକ ନିର୍ଘଣ୍ଟ]

ଶ୍ୱେତ ବାସାଃ—ସଂ. ବିଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ଶ୍ୱେତବାସସ୍ ଶବ୍ଦ; Śweta bāsāḥ ପ୍ରଥ. ଏକ)—ଶୁକ୍ଳବସନଧାରୀ—Wearing white dress.

ଶ୍ୱେତବାହ—ସଂ. ବି (ଶ୍ୱେତ=ଧଳା+ବାହ=ଘୋଡ଼ା; ବହୁବ୍ରୀହି)—Śwetabāha ୧ । ଇନ୍ଦ୍ର—1. Indra. ୨ । ଚନ୍ଦ୍ର—(ଶ୍ୱେତ ବାହନ; ଶ୍ୱେତବାହୀ—ଅନ୍ୟରୂପ) 2. The moon. ୩ । ଅର୍ଜୁନ—3. Arjuna. ୪ । ମକର; ମଗର—4. White shark or probably seal.

ଶ୍ୱେତ ବୁହ୍ନା—ସଂ. ବି—ଔଷଧବୃକ୍ଷ ବିଶେଷ; ବନତିକ୍ତା; ଶ୍ୱେତ Śweta buhnā ଚିରେଇତା—Andrographis Paniculata. [ଦ୍ର—ଏହା ତିକ୍ତାମ୍ଳ-ରସ, ଅଗ୍ନିଦୀପକ, ରୁଚିକର ଓ ରେଚକ । ଏହା କଫଦୋଷ, ରକ୍ତଦୋଷ, କୃମି, କୁଷ୍ଠ ଓ ବାଳଜାବା, ରୋଗରେ ଉପକାରୀ ।]
ଅନ୍ୟ. ସଂ. ନାମ—ଯବତିକ୍ତା, ଶଙ୍ଖିନୀ, ଶୁକଚଛା, ଗିରିଜା, ସୂକ୍ଷ୍ମଚ୍ଛେଦା, କପୀତ, ସୂକ୍ଷ୍ମପୁଷ୍ପା, ତିକ୍ତଫଳା, ବନତିକ୍ତା, ବର୍ଷିଣୀ, ଯାବା, ତିକ୍ତା, ଯଶସ୍ୱିନୀ, ମହାତିକ୍ତା
କାଳମେଘ
ଚକାୟନ

ଶ୍ୱେତ ବୃକ୍ଷ—ସଂ. ବି—୧ । ବରୁଣ ବୃକ୍ଷ—1. A wild tree; Śweta bṛuksha Crataeva Aurifolia.
୨ । ଶୁକ୍ଳବର୍ଣ୍ଣ ଗଛ—2. A tree of white colour.

ଶ୍ୱେତ ବୃହତୀ—ସଂ. ବି—୧ । ଧଳା ବାଇଗଣ—1. White egg-Śweta bṛuhatī plant or brinjal. ୨ । ଲକ୍ଷ୍ମଣା-ବେଙ୍ଗକୋଳି; ଧଳା ପୁଷ୍ପବିଶିଷ୍ଟ ବେଙ୍ଗକୋଳି—2 A thorny creeper; white-flowered Solanum Indicum. [ଦ୍ର—ଏହା ରୁଚିକର, କାଚ-ଶ୍ଳେଷ୍ମନାଶକ ଓ ଅଞ୍ଜନରୂପେ ନେତ୍ର ରୋଗରେ ହିତକର ।]

ଶ୍ୱେତ ଭଣ୍ଡା—ସଂ. ବି (ବୈଦ୍ୟକ)—ଶ୍ୱେତାପରାଜିତା; ଧଳା Śweta bhaṇḍā ଅପରାଜିତା ଫୁଲ ଓ ତାହାର ଲତା—The white variety of Clitoria Ternata. [ଦ୍ର—ଶ୍ୱେତ ଓ ନୀଳପୁଷ୍ପ ଭେଦରେ ଅପରାଜିତା ଦୁଇ ପ୍ରକାର—
ଶ୍ୱେତ କଟୁତିକ୍ତରସ, ଶୀତବୀର୍ଯ୍ୟ, ଚକ୍ଷୁରୋଗ, ବିଷଦୋଷ ଓ ତ୍ରିଦୋଷଜନିତ ଉପଦ୍ରବର ଶାନ୍ତିକାରକ ।]

ଶ୍ୱେତ ଭାନୁ(ରଶ୍ମି)—ସଂ. ବି (ବହୁବ୍ରୀହି; ଶ୍ୱେତ+ଭାନୁ=କିରଣ Śweta bhānu(raśmi) ଯାହାର)—ଚନ୍ଦ୍ର (ଶବ୍ଦକୋଷ)—The moon.

ଶ୍ୱେତ ଭୃଙ୍ଗରାଜ—ସଂ. ବି—କେଶରୁଦୁରା; ଶ୍ୱେତ ପୁଷ୍ପଯୁକ୍ତ ଭୃଙ୍ଗରାଜ Śweta bhṛuṅgarāja ଗୁଳ—The white-flowered Wedelia Calendulacia; the traling Eclipta. [ଦ୍ର—ଭୃଙ୍ଗରାଜ କଳା ଓ ଧଳା ଫୁଲ ଭେଦରେ ଦୁଇ ପ୍ରକାର । ଧଳାକୁ କେଶରୁଦୁରା ବୋଲାଯାଏ । କଳାକୁ ଭୃଙ୍ଗରାଜ କହନ୍ତି ।
ଅନ୍ୟ ସ. ନାମ—ଭୃଙ୍ଗରଜ, ଭୃଙ୍ଗରାଜ, ମାର୍କବ, ଭୃଙ୍ଗ, ଅଙ୍ଗାରକ, କେଶରାଜ, ଭୃଙ୍ଗାର, କେଶରଞ୍ଜନ ।
ସାଦା ଭୀମରାଜ
ସଫେଦ୍ ଭଂଗରା
ଗୁ· ଭାଙ୍ଗରେ
ଫା. ଜମଦର
ମ. ପିବଲମାଂକା
ଅ· ହଜାଜ
ତେ. ଗଣ୍ଟକଲ ଗ୍ଲ...ଟୁ
ଶ୍ୱେତ ଭୃଙ୍ଗରାଜ କଟୁତିକ୍ତ, ଉଷ୍ଣବୀର୍ଯ୍ୟ, ରୁକ୍ଷ, ବଳକର, ରସାୟନ, କଫବାତନାଶକ, ଦନ୍ତର ଓ କେଶର ହିତକର । ଏହା ଶ୍ୱାସ, କାଶ, କୃମି, କୁଷ୍ଠ, ପାଣ୍ଡୁ, ଶୋଥ, ଶିରୋରୋଗ ଓ ନେତ୍ର ରୋଗରେ ଉପକାରୀ ।]

ଶ୍ୱେତ ମନ୍ଦାର—ସଂ. ବି—୧ । ଧଳାଫୁଲ ଯୁକ୍ତ ମନ୍ଦାର ଗଛ; ଶ୍ୱେତ Śweta mandāra ଜବା—1. The white variety of Hibiscus; Rosa Sinensis. [ଦ୍ର—ଶ୍ୱେତ, ପୀତ, ରକ୍ତ, ଶ୍ୱେତରକ୍ତାଦି ଭେଦରେ ମନ୍ଦାର ଫୁଲ ନାନା ପ୍ରକାରର ହୁଏ ।] ୨ । ଧଳା ଅର୍କ ଗଛ (ଶବ୍ଦକୋଷ)—2. The white flowered variety of Calotropis Gigantea plant.

ଶ୍ୱେତ ମରିଚ—ସଂ. ବି (ବୈଦ୍ୟକ)—୧ । ଶୋଭାଞ୍ଜନ ବୀଜ; ଶଜନା Śweta maricha ମଞ୍ଜି—1. The seeds of Hyperathera Moringa. [ଦ୍ର—ଏହା କଟୁରସ, ଉଷ୍ଣ ବୀର୍ଯ୍ୟ, ତୀକ୍ଷ୍ଣ, ଅବୃଷ୍ୟ, ରସାୟନ । ଏହା ଚକ୍ଷୁରୋଗ, ଭୂତାବେଶ, ବିଷଦୋଷ ଓ ଶିରୋରୋଗରେ ଉପକାରୀ ।) ୨ । ଶୁକ୍ଳ ମରିଚ; ଧଳା ବା ପାଣ୍ଡୁର ରଙ୍ଗର ମରିଚ ବିଶେଷ—2. A brown species of black pepper. ୩ । ଶ୍ୱେତ ଶିଗ୍ରୁ (ଦେଖ)—3. Śweta sigru (See)
ଶଜିନାବୀଜ
ସୋହିଜନକାବୀଜ
ହି· ଗାଁଭରେ ମିରଚ୍ୟେ
ତେ. ତେଲ୍ଲମିରିୟାଲୁ
ସହିଜନବୀଜ

ଶ୍ୱେତ ମର୍ମର—ଦେ. ବି—ଧଳା ମାର୍ବଲ ପଥର; ଶ୍ୱେତ ମର୍ମର—White Śweta marmara marble
ସାଧାମାର୍ବେଲ
ସଫେଦ୍‌ସଂଗମରମର

ଶ୍ୱେତମାଳ—ସଂ. ବି (ଶ୍ୱେତ=ଶୁକ୍ଳ+ମାଳା; ବହୁବ୍ରୀହି)—୧ । Śwetamāla ମେଘ—1. Cloud. ୨ । ଧୂମ—2. Smoke (ଦ୍ର—ମେଘ ଓ ଧୂଆଁ ଦୂରରୁ ଶ୍ୱେତମାଳାଯୁକ୍ତ ହେବା ପରି ପ୍ରତୀୟମାନ ହେଉ ଥିବାରୁ ଏହି ନାମ ହୋଇଅଛି । ମନଅର୍ ଭିଲିୟମ୍ସ ତାଙ୍କ ସଂସ୍କୃତ କୋଷରେ ଲେଖିଅଛନ୍ତି ଯେ ଏହି ଶବ୍ଦ ସମ୍ଭବତଃ ଶ୍ୟାମଲ (ମେଘ) ଶବ୍ଦର ଅଶୁଦ୍ଧ ଆକାର ଅଟେ) ।

ଶ୍ୱେତ ମୁରୁଜ—ଦେ· ବ—ଶୁକ୍ଳବର୍ଣ୍ଣ ଚୂର୍ଣ୍ଣ; ଭୂମିରେ ଚିତ୍ର ଅଙ୍କାଯିବା ବ୍ୟବହୃତ ଖଡ଼ି ଅଥବା ଅଳାତ୍ମକ—White powder (used in drawing figures on the ground) on ceremonial and festive occasions.
Śwetā muruja
সাদা গুঁড়া(ড়ী)
सफेद चूरन

ଶ୍ୱେତମୂଳା—ସଂ. ବ (ବହୁବ୍ରୀହି)—ଶ୍ୱେତ ପୁନର୍ନବା (ଦେଖ)—Śweta punarnabā (See) ଦେ. ବ· (କର୍ମଧା)—(ସଂ. ଶ୍ୱେତ ଓ ମୂଳକ)—ଧଳା ମୂଳା, ସାଧାରଣ ମୂଳା—Radish (white).
Swetamūlā
সাদা মূলা(লো)
सादीमूली

ଶ୍ୱେତ ରକ୍ତ—ସଂ. ବ (ଶ୍ୱେତ+ରକ୍ତ)—ଧଳା ଓ ନାଲି ମିଶା ବର୍ଣ୍ଣ; ପାଟଳ ବର୍ଣ୍ଣ; ଗୋଲାପୀ ରଙ୍ଗ; ଫିକାନାଲି ରଙ୍ଗ—Rose colour. ବିଣ—ପାଟଳ; ଗୋଲାପୀ; ଫିକାନାଲି—Rosy; rose coloured; pale pink.
Śweta rakta

ଶ୍ୱେତ ରଞ୍ଜନ—ସଂ. ବ—ସୀସକ; ସୀସା—Lead (metal).
Śweta rañjana

ଶ୍ୱେତ ରତ୍ନ(ମଣି)—ସଂ. ବ—ସ୍ଫଟିକ (ଶବ୍ଦକୋଷ)—Crystal; quarty.
Śweta ratna(maṇi)

ଶ୍ୱେତ ରଥ—ସଂ. ବ (କର୍ମଧା)—୧ । ଶୁକ୍ଳବର୍ଣ୍ଣ ରଥ—1. A white car. ୨ । (ବହୁବ୍ରୀହି) ଶୁକ୍ରଗ୍ରହ—2. The planet Venus
Śweta ratha

ଶ୍ୱେତ ରସ—ସଂ. ବ—ନବନୀତ (ଶବ୍ଦକୋଷ)—Butter.
Śweta rasa

ଶ୍ୱେତରାଜି(ଜୀ)—ସଂ. ବ (ବୈଦ୍ୟକ)-ଚଚିଣ୍ଡା; ଛଚିନ୍ଦା—snake gouod.
Śwetarāji(jī)
(ଅନ୍ୟ ସଂ. ନାମ—ଚଚେଣ୍ଡା, ଚଚିଣ୍ଡା; ସୁଷବି, ଶ୍ୱେତକୂଷ୍ମାଣ୍ଡ, ଚଚିଙ୍ଗା)

ଶ୍ୱେତ ରାଜିକା—ସଂ. ବ—ଧଳାରାଇ ସୋରିଷ—The white variety of rye seed.
Śweta rājikā

ଶ୍ୱେତ ରୂପ୍ୟ—ସଂ. ବ—ଦସ୍ତା ମିଶ୍ରିତ ଶୁକ୍ଳ ଧାତୁ ବିଶେଷ—Pewter
Śweta rūpya

ଶ୍ୱେତ ରୋଚିଃ—ସଂ ବ (ବହୁବ୍ରୀହି; ଶ୍ୱେତ ଅଟେ ରୋଚିଷ୍=କିରଣ ଯାହାର)—ଚନ୍ଦ୍ର—The moon
Śweta rochiḥ

ଶ୍ୱେତ ରୋହିତ—ସଂ ବ (ବୈଦ୍ୟକ)—ଧଳା ଫୁଲର ଗଛ; କୃଷ୍ଣ ଶାଲ୍ମଳୀ—The white variety of Andersonia Rohitaka; Tecoma Andulata; a timber tree). [ଦ୍ର—ଫୁଲର ରଙ୍ଗ ଶୁକ୍ଳ ଓ ରକ୍ତ ଭେଦରେ ଦୁଇ ପ୍ରକାର । ଶ୍ୱେତ ରୋହିତର ଗୁଣ ରକ୍ତରୋହିତକ ସଙ୍ଗେ ସମାନ । ଏହା କଟୁ, ସ୍ନିଗ୍ଧ, କଷାୟ, ଶୀତଳ; କୃମି, ବ୍ରଣ, ପ୍ଲୀହା, ରକ୍ତଦୋଷ ଓ ନେତ୍ର ରୋଗ ନାଶରେ ଉପକାରୀ]
Śweta rohita
[ଶ୍ୱେତରୋହିତକ—ଅନ୍ୟରୂପ]
ଅନ୍ୟ ସଂ ନାମ—ସିତପୁଷ୍ପ, ସିତାହ୍ୱୟ, ସିତାଙ୍ଗ, ଶୁକ୍ଳରୋହିତ, ଲକ୍ଷ୍ମୀକାନ୍ତ, ପଳାଶୀକ
সাদারোহা, সাদাবয়না
सफेदरोहित

ଶ୍ୱେତ ଲୋଧ୍ର—ସଂ ବ (ବୈଦ୍ୟକ)—ଧଳା ଲୋଧ ଗଛ—White species of Symplocos Racemosa (tree). (ଦ୍ର—ଏହା ରକ୍ତ ଲୋଧ୍ରର ଗୁଣବିଶିଷ୍ଟ ।
Śweta lodhra
ଅନ୍ୟ ସଂ ନାମ—ଶୁକ୍ଳ, ଶବରଲୋଧ୍ର, ମହାଲୋଧ୍ର, ଶାବର
সাদালোধ
सफेदलोध

ଶ୍ୱେତ ଶଜନା—ଦେ. ବ—ଶ୍ୱେତ ଶିଗ୍ରୁ (ଦେଖ)
Śweta śajanā Śweta sigru (See)
শ্বেতসজিনা सफेदसहींजन

ଶ୍ୱେତ ଶରପୁଙ୍ଖ(ଙ୍ଖା)—ସଂ ବ—ଶ୍ୱେତପୁଷ୍ପଯୁକ୍ତ ଶରପୁଙ୍ଖ ଗୁଳ୍ମ—A sort of white-flowered wild Tephrosia plant [ଦ୍ର—ଶ୍ୱେତ ଓ ପୀତ ଭେଦରେ ଶରପୁଙ୍ଖ ଦୁଇ ପ୍ରକାର; ଶ୍ୱେତଶରପୁଙ୍ଖ ଓ ପୀତ ଠାରୁ ଅଧିକ ଗୁଣଶାଳୀ; ଏହାର ଅଙ୍କୁର ନୀଳ ଗୁଳ୍ମ ସଦୃଶ । ଏହା କଟୁ, ଉଷ୍ଣବୀର୍ଯ୍ୟ, ପ୍ଲୀହା, କୃମି ଓ ବାତ ରୋଗରେ ଉପକାରୀ ।]
Śweta śarapuṅkha(ṅkhā)
ଅନ୍ୟ ସଂ ନାମ—ସିତଶରପୁଙ୍ଖ, ସିତପୁଙ୍ଖା, ଶୁଭ୍ରପୁଙ୍ଖା
শ্বেতসরফোঁকা
सादाशरफोंका

ଶ୍ୱେତ ଶାଲ୍ମଲୀ(ଳୀ)—ସଂ ବ—ଏକପ୍ରକାର ଧଳାଫୁଲବିଶିଷ୍ଟ ଶିମିଳି ଗଛ.—The white flowered silk cotton tree.
Śwetaśālmalī(ḷī)
[ଶ୍ୱେତଶିମିଳି—ଦେ· ରୂପ)

ଶ୍ୱେତ ଶିଂଶପା—ସଂ ବ—ଶ୍ୱେତ ପତ୍ରଯୁକ୍ତ ଶିଶୁ ଗଛ—The white leaved śissoo tree. (ଦ୍ର—ଶ୍ୱେତ, ପୀତ, କୃଷ୍ଣ ଓ କପିଳବର୍ଣ୍ଣଭେଦରେ ଶିଶୁ ଗଛ ୪ ପ୍ରକାର । ଶ୍ୱେତ ଶିଂଶପା ତିକ୍ତ, ଶୀତବୀର୍ଯ୍ୟ; ପିତ୍ତ ଓ ଦାହନାଶକ ଅଟେ ।
Śweta śimśapā
ଅନ୍ୟ ସଂ ନାମ—ଶ୍ୱେତପତ୍ରା, ଶ୍ୱେତଶିଂଶିକା

ଶ୍ୱେତ ଶିଗ୍ରୁ—ସଂ ବ—ଶୁକ୍ଳ ଶୋଭାଞ୍ଜନ; ଶ୍ୱେତ ଶଜନା; ଶୁକ୍ଳବର୍ଣ୍ଣ ପୁଷ୍ପଯୁକ୍ତ ଶୋଭାଞ୍ଜନ; ସାଧାରଣ ଶଜନା (ଗଛ)—The white flowered horse radish tree or moringa. [ଦ୍ର—ଶ୍ୱେତ, ପୀତ, ନୀଳ ଓ ରକ୍ତପୁଷ୍ପ ଭେଦରେ ଶିଗ୍ରୁ ୪ ପ୍ରକାର । ଶ୍ୱେତ ଶିଗ୍ରୁ ଅନ୍ୟମାନଙ୍କ ପରି ଗୁଣଯୁକ୍ତ ଓ ଦାହଜନକ; ପ୍ଲୀହା, ବିଦ୍ରଧି, ବ୍ରଣ, ପିତ୍ତ ଓ ରକ୍ତଦୋଷରେ ଉପକାରକ ।]
Śweta śigru
ଅନ୍ୟ ସଂ ନାମ—ସୁଗନ୍ଧ ମୁଖରଙ୍ଗ, ସିତାହ୍ୱୟ, ସୁମୂଳ, ଶ୍ୱେତମରିଚ, ରୋଚନ, ମଧୁଶିଗ୍ରୁ
শ্বেতসজিনা सफेदसहिंजन

ଶ୍ୱେତ ଶିଳା—ସଂ· ବ—୧ । ଶ୍ୱେତ ପ୍ରସ୍ତର (ଦେଖ)—1. Śweta prastara (See) ୨ । (ବୈଦ୍ୟକ) ହେମସାଗର ଗୁଳ୍ମ 2. Byrophylcum Calyciuum, (plant.) [ଦ୍ର—ଏହାର ପତ୍ର ମୋଟ, ଶ୍ଳେଷ୍ମଳ ଓ ଅମ୍ଳ । ବର୍ଷା କାଳେ ଏଥିର ପତ୍ରକୁ ଜଳ ସ୍ଥାନରେ ରଖିଲେ ପତ୍ରରୁ ଅଙ୍କୁର
Śweta śiḷā
শ্বেতপাথরকুচি सफेदपखानभेद

ଯାହାର ଅନେକ ଗଛ ହୁଏ । ଫୁଲ ସ୍ୱର ପାଗୁଣିଅ, ବଡ଼ ବଡ଼, ନାଇଗଣୀ ଓ ନାଲ୍‌ମିଶା । ଏହା ଶୀତ ଦିନରେ ଫୁଟେ; ଫୁଲରେ ୮ଟି କେଶର ଥାଏ ।]

ଶ୍ୱେତ ଶୁଙ୍ଗ—ସଂ. ବ (ଶ୍ୱେତ ଅଟେ ଶୁଙ୍ଗ ଯାହାର)—ଯବ—
Śweta śuṅga Barley.

ଶ୍ୱେତ ଶୂରଣ—ସଂ. ବ—ବନଶୂରଣ; ଓଲୁଅ—A wild esculent
Śweta śūraṇa root; wild arum. (କର୍ମଧା;

ଶ୍ୱେତ ସର୍ପ—ସଂ. ବ ଶୁକ୍ଳ+ସର୍ପ)—୧ । ଶୁକ୍ଳ ଅହି; ଧଳା ସାପ—
Śweta sarpa 1. White serpent. ୨ । (ବୈଦ୍ୟକ)
ବରୁଣ ବୃକ୍ଷ—2. A tree; Caparis Trifoliata.

ଶ୍ୱେତ ସର୍ଷପ—ସଂ. ବ—ଧଳା ସୋରିଷ—White mustard,
Śweta sarshapa Brassica Juncea. (ଦ୍ର—
(ଶ୍ୱେତ ସୋରିଷ—ଦେ. ରୂପ) ଏହା ଅନ୍ୟ ଜାତୀୟ ବା କୃଷ୍ଣ
ଅନ୍ୟ ସଂ. ନାମ—ସିଦ୍ଧକା, ସର୍ଷପର ସମଗୁଣ ବିଶିଷ୍ଟ, ତନ୍ତ୍ର ତହିଁ
ସିଦ୍ଧାର୍ଥ ଅପେକ୍ଷା ସକଳ ଗୁଣରେ ଉତ୍କୃଷ୍ଟ ।
সেতসরিষা, রাইসরিষা ବିଶେଷତଃ ଶ୍ୱେତ ସର୍ଷପ ଭୂତଜର,
राजिका, सफेदसरसों ଗ୍ରହ ଦୋଷ ନାଶକ ଏବଂ ବ୍ରଣ,
ନାଡ଼ୀଗ୍ରନ୍ଥି, ବିଷଦୋଷ, ଭୂତାବେଶ ନାଶକ ।)

ଶ୍ୱେତ ସାର—ସଂ. ବ (ବହୁବ୍ରୀହି, ଶ୍ୱେତ ଅଟେ ସାର=ଜର୍ଜୀସ ଯାହାର)
Śweta sāra ଖଇର ବୃକ୍ଷ—Catechue tree. ଦେ. ବ.
শ্বেতসার श्वेतसार (ଅଧୁନାତ; ବିଜ୍ଞାନ)—ଗହମ, ଚାଉଳ, ଯବ, ଆଳୁ ଆଦି ପ୍ରଭୃତି ମଧ୍ୟରେ ଥିବା ଶରୀରର ପୁଷ୍ଟିକର
ଧଳା ସାରାଂଶ ବିଶେଷ—Starch.

ଶ୍ୱେତ ସୁର(ରୁ)ମା—ଦେ. ବ (ସଂ. ସୌବୀରାଞ୍ଜନ)—ସୌବୀରାଞ୍ଜନ;
Śweta sura(ru)mā ପାଣ୍ଡର ଅଞ୍ଜନ—White sulpheret
(ଶ୍ୱେତସୁର୍ମା—ଅନ୍ୟରୂପ) of antimony. (ଦ୍ର—କୃଷ୍ଣ ସୁରୁମାକୁ
সাদাশুর্মা सफेदसुरमा ସୋତୋଞ୍ଜନ କୁହାଯାଏ । ଶ୍ୱେତ
ସୁରୁମା ସ୍ରୋତୋଞ୍ଜନର ଗୁଣ ବିଶିଷ୍ଟ, କିନ୍ତୁ ତହିଁ ଅପେକ୍ଷା ନିକୃଷ୍ଟ ।)

ଶ୍ୱେତସ୍ପନ୍ଦା—ସଂ. ବ—ଶ୍ୱେତାପରାଜିତା—
Śweta spandā White Clitoris flower.

ଶ୍ୱେତ ହୟ—ସଂ. ବ—୧ । ଶୁକ୍ଳ ଘୋଡ଼ା—1. White horse.
Śweta haya ୨ । ଇନ୍ଦ୍ରଙ୍କ ଅଶ୍ୱ; ଉଚ୍ଚୈଃଶ୍ରବା—2.
Indra's horse. ୩ । ଅର୍ଜୁନ ବୃକ୍ଷ—3. Pentaptera Arjuna ୪ । (ବହୁବ୍ରୀହି) ଅର୍ଜୁନ; ମଧ୍ୟମ
ପାଣ୍ଡବ—4. Arjuna, the 3rd Pāṇḍaba.

ଶ୍ୱେତ ହସ୍ତୀ—ସଂ. ବ—ଶ୍ୱେତ କୁଞ୍ଜର (ଦେଖ)
Śweta hastī Śweta kuñjara (See)

ଶ୍ୱେତା—ସଂ. ବ (ଶ୍ୱେତ+ଆ) —ଶ୍ୱେତର ସ୍ତ୍ରୀଲିଙ୍ଗ—The
Śwetā feminine of Śweta ବ—୧ । ଶ୍ୱେତ କଣ୍ଟକାରୀ
(ଦେଖ)—1. Śweta kaṇṭakārī (See). ୨ ।
ଫିଟକିରି; ଫିଟକରି—2. Alum. ୩ । ଅତିବିଷା; ଅଡ଼ୁଶୀ
3. Aconite. ୪ । ଶ୍ୱେତ ଅପରାଜିତା (ଦେଖ)—
4. The white flowered clitoris creeper.
୫ । ଶ୍ୱେତ ବୃହତୀ (ଦେଖ)—5. Śweta bṛuhatī
(See) ୬ । ଶ୍ୱେତଦୂବା (ଦେଖ)—6. Śweta
dūrbā (See). ୭ । ପାଷାଣଭେଦୀ; ଘୁଙ୍ଗୁଣୀ ଜାତି
ଘୋଡ଼ା ଗୁଳ୍ମ—7. Coleus Aromaticus. ୮ ।
ବଂଶଲୋଚନ—8. Bamboo manna.

ଶ୍ୱେତାକନ୍ଦ—ସଂ. ବ—ଶ୍ୱେତପୁଷ୍ପ ବିଶିଷ୍ଟ ଅର୍କ ଗୁଳ୍ମ; ଧଳା ଅରଖ
Śwetā kanda ଫୁଲର ଗଛ—The white variety
[ଶ୍ୱେତାର୍କ—ଅନ୍ୟରୂପ] of Calotropis Gigantea

ଶ୍ୱେତାଙ୍ଗ—ସଂ. ବଣ. ପୁଂ—(ବହୁବ୍ରୀହି, ଶ୍ୱେତ+ଅଙ୍ଗ ଯାହାର)—
Śwetāṅga ଶୁକ୍ଳ ଶରୀର ବିଶିଷ୍ଟ—White bodied.
[ଶ୍ୱେତାଙ୍ଗୀ—ସ୍ତ୍ରୀ] ବ—(କର୍ମଧା) ୧ । ଶୁକ୍ଳ ଶରୀର; ଧଳାଚମଡ଼ା—
শ্বেতাঙ্গ श्वेताङ्ग 1. White skin.
୨ । (ବହୁବ୍ରୀହି) ଶୁକ୍ଳ ଶରୀର ବିଶିଷ୍ଟ ବ୍ୟକ୍ତି—2. A.
person having a white body. ୩ । ଶ୍ୱେତ-
ଦ୍ୱୀପବାସୀ ସାହେବ; ଯେ ସବୁ ଚମଡ଼ା ଧଳା ବ୍ୟକ୍ତି—
3. Inhabitant of Great Britain.
୪ । ଇଉରୋପୀୟ ବ୍ୟକ୍ତି—4. An European.
[ଦ୍ରି—ସହିତ ଶ୍ୱେତାଙ୍ଗ ବହୁବଚନ ରଙ୍ଗେ । ସ୍ୱାଧୀନାଥ-
ଭବତା ।]

ଶ୍ୱେତାପରାଜିତା—ସଂ. ବ—ଶ୍ୱେତଭଣ୍ଡା (ଦେଖ)
Śwetāparājitā Śweta bhaṇḍā (See)

ଶ୍ୱେତାପାମାର୍ଗ—ସଂ. ବ—ଧଳା ଅପମାରଙ୍ଗ ଗୁଳ୍ମ—
Śwetāpāmārga The white variety of Achiranthes Aspera.
সাদা আপাঙ सफेद चोचड़ा
[ଦ୍ର—ଶ୍ୱେତ, ରକ୍ତ ଓ କୃଷ୍ଣ ପୁଷ୍ପ ଭେଦରେ
ଅପମାର୍ଗ ତିନ ପ୍ରକାର । ସବୁ ଅପମାର୍ଗର ଗୁଣ ସମାନ ।]

ଶ୍ୱେତାଭ—ସଂ. ବଣ—(ବହୁବ୍ରୀହି;ଶ୍ୱେତ+ଆଭା)—ଶ୍ୱେତବର୍ଣ୍ଣ ବିଶିଷ୍ଟ-
Śwetābha 1. White. ୨ । ଈଷତ୍ ଶ୍ୱେତ—
[ଶ୍ୱେତାଭା—ସ୍ତ୍ରୀ] 2. Whitish.

ଶ୍ୱେତାମ୍ବର—ସଂ. ବ—(କର୍ମଧା)—୧ । ଧଳା ଲୁଗା—
Śwetāmbara 1. White cloth.
୨ । ଶ୍ୱେତାମ୍ବରୀ (ଦେଖ)—2. Śwetāmbarī (See)

ଶ୍ୱେତାମ୍ବରୀ—ସଂ. ବ—(ଶ୍ୱେତାମ୍ବର+ଅସ୍ତ୍ୟ ଅର୍ଥରେ ଇନ୍)—ଜୈନ-
Śwetāmbharī ମାନଙ୍କ ସମ୍ପ୍ରଦାୟ ବିଶେଷ—A sect of
শ্বেতাম্বরী श्वेताम्बरी Jainas.

ଶ୍ୱେତାମ୍ଳି—ସଂ. ବ—ମହାରାଷ୍ଟ୍ର ଦେଶରେ ପାଢ଼ୋଁଗୀ ଓ କର୍ଣ୍ଣାଟରେ
Śwetāmḷi ବିଲସୁ ତୁଲି ନାମରେ ପରିଚିତ ବୃକ୍ଷବିଶେଷ—
Name of a kind of the tree in W and
S India. [ଦ୍ର—ଏହା ମଧୁର ରସ, ଶୀତଳକାରକ,
ଶୁକ୍ରବର୍ଦ୍ଧକ ଓ ପିତ୍ତନାଶକ ।]

ଶ୍ୱେତାଳୁ—ସଂ. ବ—ଶ୍ୱେତ ପିଣ୍ଡାଳୁ (ଦେଖ)
Śwetālu Śwetā piṇḍālu (See)

ଶ୍ୱେତାହ୍ୱା—ସଂ. ବି—ଶ୍ୱେତପାଟଳି; ଶୁକ୍ଳ ପୁଷ୍ପ ବିଶିଷ୍ଟ ପାଟଳି ଗଛ—
Śwetāhwā The white flowered variety of-
শ্বেত পারুল श्वेतपाडर, सादापद Sterospermum Suaveolens.

ଶ୍ୱେତେକ୍ଷୁ—ସଂ. ବି—ଶ୍ୱେତବର୍ଣ୍ଣ ଇକ୍ଷୁ ବିଶେଷ; ଧଳା ଆଖୁ; ଖଡ଼ ଆଖୁ—
Śwetekshu A white variety of sugarcane.
ଅନ୍ୟ ସଂ. ନାମ—ଖିରେକ୍ଷୁ, ବୋମ୍ବେକ୍ଷୁ,
ବଂଶଃ ଧ୍ୱଜ, ସୁବେଶ, ପାଣ୍ଡୁରେକ୍ଷୁ
সাদা আখ सफेदईख

ଶ୍ୱେତୈରଣ୍ଡ—ସଂ. ବି—ଧଳା ଗବ—The white variety of
Śwetairanda সাদা ভেরেণ্ডা castor seed plant.
सफेद पेरण्ड [ଦ୍ର—ଏହା କଟୁ-ତିକ୍ତ-ମଧୁର ରସ, ଉଷ୍ଣବୀର୍ଯ୍ୟ, ମ. ପାଡ଼ରେ ଏରଣ୍ଡ] ସ୍ନିଗ୍ଧ, ଗୁରୁପାକ, ସାରକ, ତ୍ରିଦୋଷନାଶକ ଓ ଜ୍ୱର, କାଶ, ଶୋଥ, ଶୂଳ, ଉଦର ରୋଗ, ଉଦାବର୍ତ୍ତ, ଶ୍ୱାସ, ଆନାହ, ଗୁଳ୍ମ, ପ୍ଲୀହା, ଆମଦୋଷ, ପ୍ରମେହ, ବୃଦ୍ଧିବାତ, ରକ୍ତଦୋଷ, ମେଦୋଦୋଷ, ଅନ୍ତ୍ରବୃଦ୍ଧି, କଟୀ ବେଦନା, ବସ୍ତି ବେଦନା, ଶିରୋବେଦନାର ଉପକାରକ। ଏହାର ମୂଳ ପିତ୍ତ ପ୍ରକୋପକ, ଅଗ୍ନିବର୍ଦ୍ଧକ, ଶୁକ୍ର ଜନକ, ଶୂଳ ରୋଗରେ ବିଶେଷ ଉପକାରକ; ଏହାର ପତ୍ର ମଞ୍ଜାଦିର ଗୁଣ ସାଧାରଣ ଏରଣ୍ଡର ଗୁଣ ପରି।]

ଶ୍ୱେତୋଦର—ସଂ. ବି—(ବହୁବ୍ରୀହି; ଶ୍ୱେତ+ଉଦର)—୧। କୁବେର
Śwetodara (ତ୍ରିକାଣ୍ଡଶେଷ)—1. The God of wealth. ୨। (କର୍ମଧା)ଧଳା ଦେଖା ଯାଉଥିବା ପେଟ—
2. White belly.

ଶ୍ୱେତୋତ୍ପଳ—ସଂ. ବି—(ଶ୍ୱେତ+ଉତ୍ପଳ)—୧। ଶ୍ୱେତପଦ୍ମ—
Śwetotpala 1. White lotus. ୨। ଧଳା କଇଁ—
2. White water lily.

ଶ୍ୱେତୌହି—ସଂ. ବି.ସ୍ତ୍ରୀ—(ଶ୍ୱେତ ବାହ=ଇନ୍ଦ୍ର+ସ୍ତ୍ରୀ.ଈ; ନିପାତନ)-
Śwetauhi ଇନ୍ଦ୍ରାଣୀ; ଶଚୀ—The wife of Indra.

ଶ୍ୱୈତ୍ୟ—ସଂ. ବି—(ଶ୍ୱେତ+ଭାବ. ଯ)—ଶୁଭ୍ରତ୍ୱ; ଶୁକ୍ଳତ୍ୱ—
Śwaitya Whiteness.

ଶ୍ୱେତ୍ର—ସଂ. ବି—(ଶ୍ୱେତ+ର)—ଶ୍ୱିତ୍ର (ଦେଖ)
Śwetra Świtra (See)

ଶ୍ୱୋବସୀୟସ—ସଂ. ବିଣ.—(ଶ୍ୱଃ = ଆଗାମୀ କାଳ+ବସୁ
Śwobasiyasa ମଙ୍ଗଳ+ଈୟସ୍+ଅ)—୧। ଭବିଷ୍ୟତ୍ ଶୁଭଯୁକ୍ତ; ଆଗାମୀ କାଳ ଘଟିବା ଶୁଭଯୁକ୍ତ (ଘଟଣା)—
1. Which is good and to happen in future. ବି—୧। ଆଗାମୀ କାଲି ଘଟିବା ମଙ୍ଗଳ—
1. Prosperity which will happen tomorrow. ୨। ଭବିଷ୍ୟତ୍ ଶୁଭ—
2. Future bliss.

ଶ—ସଂ. ବି—(ଶୀ ଧାତୁ=ଶୟନ କରିବା+ମନ୍; ନିପାତନ; ଶ୍ମନ୍
Śma ଶବ ୧ମା. ୧ବ)—୧। ଶବ; ମଡ଼ା—1. Dead body; corpse. ୨। ମୁଖ—2. Face

ଶ୍ମଶାନ—ସଂ. ବି—(ଶ୍ମନ୍=ଶବ+ଶୀ ଧାତୁ=ଶୟନ କରିବା+ଅଧି
Śmaśāna କରଣ.ଅନ=ଶବ ଶୟନ ସ୍ଥାନ)—୧। ଶବଦାହ ସ୍ଥାନ—1.Cremation ground: crematorium. ୨। କବରଖାନା—
2. Burial ground; sepulchre.

ଶ୍ମଶାନ କାଳୀ(ଚଣ୍ଡୀ)—ସଂ. ବି (ମ. ସ. ଲୋ)—ମୁଣ୍ଡାର ଚଣ୍ଡୀ;
Śmaśāna kāli(chandi) ମଡ଼ା ଚଣ୍ଡୀ; ଶ୍ମଶାନବାସିନୀ ଦେବୀ ବିଶେଷ—A Goddess presiding over a cremation ground

ଶ୍ମଶାନ କ୍ଷେତ୍ର—ସଂ. ବି—ଶ୍ମଶାନ ଭୂମି (ଦେଖ)
Śmaśāna kshetra Śmaśāna bhūmi (See)

ଶ୍ମଶାନ ନିବାସ—ସଂ. ବି (୭ମୀ ତତ୍)—ମଶାଣିରେ ବାସ କରିବା—
Śmaśāna nibāsa Residence in a cremation ground.
(ଶ୍ମଶାନବାସ—ଅନ୍ୟରୂପ)

ଶ୍ମଶାନ ନିବାସିନୀ—ସଂ. ବି. ସ୍ତ୍ରୀ—(ସ୍ତ୍ରୀ) ଚଣ୍ଡୀ; କାଳୀ—
Śmaśāna nibāsini Goddess Kāli.
(ଶ୍ମଶାନବାସିନୀ—ଅନ୍ୟରୂପ)ସଂ.ବିଣ. ସ୍ତ୍ରୀ—ଶ୍ମଶାନବାସୀର ସ୍ତ୍ରୀଲିଙ୍ଗ—
Feminine of Śmaśānanibāsi.

ଶ୍ମଶାନ ନିବାସୀ—ସଂ. ବିଣ. ପୁଂ—ଯେ ଶ୍ମଶାନରେ ବାସ କରେ—
Śmaśāna nibāsi Residing in a cremation ground
(ଶ୍ମଶାନବାସୀ—ଅନ୍ୟରୂପ) ବି. ପୁଂ—ମହାଦେବ-Siba

ଶ୍ମଶାନବର୍ତ୍ତୀ—ସଂ. ବିଣ. ପୁଂ (ଶ୍ମଶାନ ବର୍ତ୍ତିନ୍ ଶବ୍ଦ; ଶ୍ମଶାନ+
Śmaśāna bartti ବୃତ୍ ଧାତୁ+କର୍ତ୍ତୃ.ଇନ୍)—୧। ଶ୍ମଶାନ-
(ଶ୍ମଶାନ ବର୍ତ୍ତିନୀ—ସ୍ତ୍ରୀ) ନିବାସୀ—1.Residing in a cremation ground. ୨। ଶ୍ମଶାନରେ ଥିବା; ଶ୍ମଶାନସ୍ଥ—2. Growing in or found in or situated in a cremation ground.

ଶ୍ମଶାନବେଶ୍ମା—ସଂ. ବିଣ. ପୁଂ (ବହୁବ୍ରୀହି, ଶ୍ମଶାନ ହୋଇଅଛି
Śmaśānabeśmā ବେଶ୍ମନ୍=ଗୃହ ଯାହାର)—ଶ୍ମଶାନନିବାସୀ (ଦେଖ)—Śmaśānanibāsi (See) ବି. ପୁଂ—ମହାଦେବ—Śiba

ଶ୍ମଶାନ ବୈରାଗ୍ୟ—ସଂ. ବି (ମ. ପ. ଲୋ; ଶ୍ମଶାନ+ବୈରାଗ୍ୟ)—
Śmaśāna bairāgya କ୍ଷଣିକ ବୈରାଗ୍ୟ; ଶବଦାହ କାଳରେ ବା ଶ୍ମଶାନକୁ ଦେଖି ମନରେ ଜାତ ହେବା କ୍ଷଣସ୍ଥାୟୀ ବୈରାଗ୍ୟ—Temporary indifference to the worldly affairs produced on the sight of a cremation ground. [ଦ୍ର—କେହି ଲୋକ ମରିଗଲେ ବା ଶ୍ମଶାନରେ ଚିତା ଜଳିବାର ଦେଖିଲେ ଦର୍ଶକର ମନରେ ପୃଥିବୀର କ୍ଷଣଭଙ୍ଗୁରତା ଓ ତଜ୍ଜନିତ ବୈରାଗ୍ୟର ଉଦୟ ହୁଏ, କିନ୍ତୁ କିଛି ସମୟ ପରେ ତାହା ମନରୁ ଲିଭିଯାଏ। ଗୋଟିଏ ଉଦ୍ଭଟ ଶ୍ଳୋକ ଅଛି ପୁରାଣାନ୍ତେ,ପ୍ରସୂତ୍ୟନ୍ତେ, ଶ୍ମଶାନାନ୍ତେଷୁ ଯା ମତିଃ,ସା ମତିଃ ସତତଂ ଚେତ୍, କୋ ନ ମୁଚ୍ୟେତ ବନ୍ଧନାତ୍]

ଶ୍ମଶାନ ଭସ୍ମ—ସଂ. ବ—ମଶାଣିର ଚିତା ଭସ୍ମ—The ashes of
Śmaśāna bhasma the cremation ground.

ଶ୍ମଶାନଭୂମି—ସଂ. ବ (୬ଷ୍ଠୀ ତତ୍, ଶ୍ମଶାନ+ଭୂମି)—ମଶାଣିଭୂଇଁ;
Śmaśāna bhūmi ଶ୍ମଶାନ କ୍ଷେତ୍ର—Cremation ground.

ଶ୍ମଶ୍ରୁ—ସଂ. ବ (ଶ୍ମନ୍=ମୁଖ+ଶ୍ରି ଧାତୁ=କର୍ତ୍ତୃ ଉ, ଯାହା ମୁଖକୁ
Śmaśru ଆଶ୍ରୟ କରେ)—୧ । ଦାଢ଼ି—1. Beard. ୨ ।
ମୁଖ ଲୋମ; ନିଶ ଓ ଦାଢ଼ି—2. Mustaches and beard.

ଶ୍ମଶ୍ରୁ ବର୍ଦ୍ଧକ—ସ. ବ. ପୁଂ—(ଶ୍ମଶ୍ରୁ+ବର୍ଦ୍ଧକ=ଛେଦନକାରୀ)—
Śmaśru barddhaka ଭଣ୍ଡାରି—Barber.

ଶ୍ମଶ୍ରୁ ବର୍ଦ୍ଧନ—ସ. ବ. (୬ଷ୍ଠୀ ତତ୍)—୧ । ଦାଢ଼ି ବଢ଼ାଇବା—
Śmaśru bardhana 1. Letting the beard grow. ୨ । ଦାଢ଼ି କାଟିବା—2. Cutting or shaving of the beard.

ଶ୍ମଶ୍ରୁ ମଣ୍ଡିତ—ସ. ବଣ. ପୁଂ (ତୃତୀୟା ତତ୍, ଶ୍ମଶ୍ରୁ+ମଣ୍ଡିତ)—୧ ।
Śmaśru maṇḍita ଦାଢ଼ିଦ୍ୱାରା ଶୋଭିତ (ମୁଖ)—1. (Face) Adorned with a beard. ୨ । ଶ୍ମଶ୍ରୁଳ—2. Bearded.

ଶ୍ମଶ୍ରୁ ମୁଖ—ସ. ବଣ ପୁଂ (ବହୁବ୍ରୀହି, ଶ୍ମଶ୍ରୁ ଅଛି ମୁଖରେ ଯାହାର)
Śmaśru mukha ଦାଢ଼ିଆ—Bearded; having
(ଶ୍ମଶ୍ରୁମୁଖୀ—ସ୍ତ୍ରୀ) beard. [ଦ୍ର—ସାଧାରଣତଃ ପୁରୁଷ ମାନେ ଯୁବାବସ୍ଥାରେ ପଦାର୍ପଣ କଲେ ସେମାନଙ୍କର ଶ୍ମଶ୍ରୁ ଜନ୍ମେ, କିନ୍ତୁ କ୍ୱଚିତ୍ ସ୍ତ୍ରୀମାନଙ୍କ ମୁଖରେ ଶ୍ମଶ୍ରୁ ଦେଖାଯାଏ; ସ୍ତ୍ରୀମାନଙ୍କଠାରେ ଏହା ଅସ୍ୱାଭାବିକ ।]

ଶ୍ମଶ୍ରୁ ରକ୍ଷଣ—ସ. ବ (୬ଷ୍ଠୀ ତତ୍)—ଦାଢ଼ି କ୍ଷୌର ନ ହେବା; ଦାଢ଼ି
Śmaśru rakshaṇa ରଖିବା—Letting the beard grow.

ଶ୍ମଶ୍ରୁ ରାଜି—ସ. ବ (୬ଷ୍ଠୀ ତତ୍; ଶ୍ମଶ୍ରୁ+ରାଜି)—ଦାଢ଼ି ସବୁ ବା ଗୁଚ୍ଛ
Śmaśru rāji ଦାଢ଼ି—A mass of beard.
(ଶ୍ମଶ୍ରୁଶ୍ରେଣୀ—ଅନ୍ୟରୂପ)

ଶ୍ମଶ୍ରୁଳ—ସଂ. ବଣ. ପୁଂ (ଶ୍ମଶ୍ରୁ+ଯୁକ୍ତାର୍ଥେ ଲ)—୧ । ଦାଢ଼ିଆ; ଦାଢ଼ି-
Śmaśrula ବିଶିଷ୍ଟ—1. Bearded. ୨ । ଘନ ଓ ଲମ୍ବ
(ଶ୍ମଶ୍ରୁଳା—ସ୍ତ୍ରୀ) ଶ୍ମଶ୍ରୁଯୁକ୍ତ—2. Having a thick and
[ଶ୍ମଶ୍ରୁଳତା—ବ) long beard.

ଶ୍ମଶ୍ରୁ ହୀନ—ସଂ. ବଣ. ପୁଂ (ତୃତୀୟା ତତ୍)—ଯାହାର ଦାଢ଼ି ନ ଥାଏ;
Śmaśru hina ମାକୁନ୍ଦା—Beardless (person).

ଶ୍ମୀଲ୍ (ଧାତୁ)—ସଂ—ନୟନ ମୁଦ୍ରିତ କରିବା; ଆଖି ବୁଜିବା—
Śmil (root) To shut the eyes.

ଶ୍ମୀଳନ—ସଂ. ବ (ଶ୍ମୀଲ୍ ଧାତୁ+ଭାବ. ଅନ)—ଆଖି ବୁଜିବା—
Smilana Shutting of one's eyes.

ଶ୍ୟ—ଗ୍ରା ରୂପ—'ଶ'ର ପଣ୍ଡିତୀଅ ଉଚ୍ଚାରଣ—The pronuncia-
Sya tion of the cerebral 'Ś' by some Pandits. (ଯଥା—ଶନ ସ୍ଥଳରେ ଶ୍ୟନ, ଶାନ ସ୍ଥଳରେ ଶ୍ୟାନ ଇତ୍ୟାଦି । କିନ୍ତୁ 'ଶ'ର ପ୍ରକୃତ ଉଚ୍ଚାରଣ 'ସ' ଓ 'ଷ'ଠାରୁ ସ୍ୱତନ୍ତ୍ର । 'ଶ'କୁ ସ୍ପଷ୍ଟ ଭାବରେ 'ଶ୍ୟ' ବୋଲି ଉଚ୍ଚାରଣ କରିବା ଅନୁଚିତ । ଦନ୍ତ ବର୍ଣ୍ଣ ସଙ୍ଗେ ମିଶିଲେ 'ଶ'ର ଉଚ୍ଚାରଣ ଦନ୍ତ୍ୟରେ, ମୂର୍ଦ୍ଧା ସଙ୍ଗେ ମିଶିଲେ 'ଶ'ର ଉଚ୍ଚାରଣ ଦୃଢ଼ ଓ ତାଳୁ ସଙ୍ଗେ ମିଶିଲେ 'ଶ' ଉଚ୍ଚାରିତ ହୁଏ ।)

ଶ୍ୟାନ—ସଂ. ବଣ (ଶ୍ୟୈ. ଧାତୁ=ଗମନ କରିବା+କର୍ତ୍ତୃ. ତ)—
Syāna ୧ । ପ୍ରାପ୍ତ—1. Got; obtained. ୨ । ଶୁଷ୍କ—2. Dry. ୩ । ଘନୀଭୂତ—3 Hardened; inspissated. ୪ । ଗତ—4. Gone; departed; ବ—ଧୂମ; ଧୂଆଁ—Smoke.

ଶ୍ୟାନ୍ତି—ଗ୍ରା. ବ—ଶାନ୍ତି (ଦେଖ)—Syānti. (See) [ଦ୍ର—
Syānti ନ ହେଲେ ଏ ଦୋଷ ଶ୍ୟାନ୍ତି କରିବ ନାହିଁ ।
ଶାନ୍ତି ଶାନ୍ତି କୃଷ୍ଣସିଂହ. ମହାଭାରତ. ବନ ।]

ଶ୍ୟାପୁଲୁ—ପ୍ରାଦେ (ପାଟଣା ରାଜ୍ୟ) ବ—ଏକପ୍ରକାର ମାଛ—
Syāpulu A kind of fish.

ଶ୍ୟାବ—ସଂ. ବଣ (ଶ୍ୟୈ. ଧାତୁ=ଗମନ କରିବା+କର୍ତ୍ତୃ. ବ,
Syāba ନିପାତନ)—କୃଷ୍ଣପୀତମିଶ୍ରିତ; କଳା ଓ ନାଲିଆ; ପାଉଁଶିଆ;
କପିଶ—Dark brown; bay coloured; dusky. ବ—କପିଶ ବର୍ଣ୍ଣ—Brown colour.

ଶ୍ୟାବ ତୈଳ—ସଂ. ବ (ବୈଦ୍ୟକ)—ଶୀତାଂଶୁ ତୈଳ (ଦେଖ)
Syāba taila Sitāmśu taila. (See)

ଶ୍ୟାବ ଦନ୍ତ—ସଂ. ବ (କର୍ମଧା; ଶ୍ୟାବ=କଳା ଓ ନାଲିଆ+ଦନ୍ତ)—
Syāba danta ଉପର ପାଟିର ସାମ୍ନା ଦାନ୍ତ ମଧ୍ୟରେ ଉଠିବା ଦାନ୍ତ; କାକାଡ଼ା ଦାନ୍ତ—The tooth coming out between the two front teeth of the upper jaw; redundant tooth. ବଣ (ବହୁବ୍ରୀହି)—କାକାଡ଼ାଦାନ୍ତିଆ—(A person) Having redundant tooth.
(ଶ୍ୟାବଦନ୍ତୀ—ସ୍ତ୍ରୀ)

ଶ୍ୟାବଦନ୍ତୀ—ସଂ. ବଣ—ଶ୍ୟାବଦନ୍ତ (ଦେଖ)—Syābadanta
Syābadanti (See) [ଦ୍ର—କୁସୁମ ଭକ୍ଷଂଗନକାରୀ ଶ୍ୟାବଦନ୍ତୀ,
ଗୁରୁଜନବଦ୍ୱେଷୀ ଯେ ମାଂସଭକ୍ଷୀ
× × × ×
ପ୍ରଚାରକ ଅପାକେ ବେଦ ସମର୍ପକ
× × × ×
ଗୃହଦାହୀ ବୃତ୍ତିଭୋଗୀ ଯେ ଅଧ୍ୟାପକ
ପାପୀ ବୋଲନ୍ତି ଏ ଜାଣହେ ନର ଶିଶ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ଶ୍ୟାମ—ସଂ. ବଣ (ଶ୍ୟୈ ଧାତୁ=ଗମନ କରିବା+କର୍ତ୍ତୃ. ମ)—
Syāma ୧ । କୃଷ୍ଣବର୍ଣ୍ଣ ବିଶିଷ୍ଟ—1. Black or dark coloured. ୨ । ନୀଳକୃଷ୍ଣ—2. Bluish black;

dark blue. ୩ । ମେଘବର୍ଣ୍ଣ ବିଶିଷ୍ଟ—3. Of azure colour. ୪ । ଶାଦ୍ୱଳ; ଶ୍ୟାମଳ; ହରିଦ୍ବର୍ଣ୍ଣଯୁକ୍ତ; ହରିଦ୍ବର୍ଣ୍ଣବିଶିଷ୍ଟ—4. Green; of emeraled colour. ୫ । କଳା ରଙ୍ଗର ଚର୍ମ ବିଶିଷ୍ଟ—5.Dark. skinned.

ବି—୧ । କୃଷ୍ଣବର୍ଣ୍ଣ—1. Black colour. ୨ । ନୀଳ କୃଷ୍ଣବର୍ଣ୍ଣ—2. Dark blue colour. ୩ । ଶ୍ୟାମଳ ବର୍ଣ୍ଣ; ଦେହର କଳା ରଙ୍ଗ—3. Dark colour of the skin. ୪ । ଶାଦ୍ୱଳ; ହରିଦ୍ବର୍ଣ୍ଣ—4. Green. ୫ । ମେଘ—5. Cloud. ୬ । କୋକିଳ—6. Indian cuckoo. ୭ । ଧସ୍ତୁରି; ଧାତୁରୀ—7. Thorn apple; Datura plant. ୮ । ଶ୍ୟାମାକ; ବନ୍ୟଧାନ୍ୟ ବିଶେଷ—8. A species of wild corn; Panicum Frumentaceum Roxburghii. ୯ । ଖୁରାସାନୀ ଯୁଆଣୀ—9. Henbane; Hyocyamus Niger. ୧୦ । ପୀଲୁ ବୃକ୍ଷ—10. A tree. ୧୧ । ଦମନକ ଦଅଣା ଗୁଳ୍ମ—11. Artemisia Indica. ୧୨ । ଗନ୍ଧ ତୃଣ—12. Lemon grass; Andropogen Schænanthus. ୧୩ । ସମୁଦ୍ର ଲବଣ—13. Sea-salt. ୧୪ । (ବୈଦ୍ୟକ) ଗୋଲମରିଚ—14. Black pepper. ୧୫ । (ବୈଦ୍ୟକ) ବୃଦ୍ଧଦାରକ (ଲତା)—15. A creeper; Argyreia Speciosa. ୧୬ । (ଏହାଙ୍କ ଦେହ ଶ୍ୟାମ ବର୍ଣ୍ଣ ଥିବାରୁ) ଶ୍ରୀକୃଷ୍ଣ—16. Śrīkṛushṇa. ଦେ. ବି—

ଶ୍ୟାମ ଶ୍ୟାମ ୧ । ଶ୍ୟାମସୁନ୍ଦରଙ୍କ ନାମକୁ ସଂକ୍ଷେପ ଡାକ ନାମ—1. A name for calling Śyāmasundara. ୨ । ବ୍ରହ୍ମଦେଶର ପୂର୍ବବର୍ତ୍ତୀ ସ୍ୱାଧୀନ ରାଜ୍ୟ—2. The kingdom of Siam; name of a state (a free state) governed by a Buddhist king. [ଦ୍ର—ଏହାଙ୍କ ରାଜଧାନୀ ବାଙ୍କକ ।]

ଶ୍ୟାମ ଉପସାଗର—ଦେ. ବି—ଶ୍ୟାମ ରାଜ୍ୟର ଦକ୍ଷିଣସ୍ଥ ଉପସାଗର—
Śyāma upasāgara The Gulf of Siam.
শ্যাম উপসাগর श्याम उपसागर

ଶ୍ୟାମକ—ସଂ. ବି (ଶ୍ୟାମ+ସ୍ୱାର୍ଥେ. କ)—ଶ୍ୟାମାକ; ଶୁଆଁଧାନ; ବନ୍ୟ ଧାନ୍ୟ ବିଶେଷ—A sort of grass or wild corn; Panicum Frumentaceum Roxburghii; Panicum Colonium. [ଦ୍ର— ଏହା ଧାନ ବଅଁଶରେ ଧାନ ଗଛ ସଙ୍ଗେ ଜନ୍ମେ ।]
Śyāmaka
শ্যামাধান
श्यामाधान

ଶ୍ୟାମ କଣ୍ଠ—ସଂ. ବି (ବହୁବ୍ରୀହି; ଶ୍ୟାମ+କଣ୍ଠ)—୧ । ମୟୂର—
Śyāma kantha 1. Peacock. ୨ । ଶିବ; ମହାଦେବ—2. Śiba. ୩ । ପକ୍ଷୀ ବିଶେଷ—3. A species of bird.

ଶ୍ୟାମକନ୍ଦା—ସଂ. ବି (ବୈଦ୍ୟକ)—ଅତିବିଷା; ଅତୁଇଁ—
Śyāmakandā Aconite.

ଶ୍ୟାମକାଣ୍ଡା—ସଂ. ବି(ବୈଦ୍ୟକ)—ଗଣ୍ଡଦୁର୍ବା; ଗଣ୍ଠିଦୁବ; ଏକପ୍ରକାର ଘାସ—Creeping cynoden; Dectylon Cynoden. [ଦ୍ର— ଏହା ମଧୁର ତିକ୍ତ କଷାୟରସ, ଚକ୍ଷୁ ହିତକର, ଶୀତଳ, ଲଘୁ, ମଳରୋଧକ, ଲୋହିତ୍ୱାରକ । ଏହା ବାତ, ପିତ୍ତ, ଜ୍ୱର, ହଲିମାକ, ଭ୍ରମ, ତୃଷ୍ଣା, ଦାହ, କଫ, କୁଷ୍ଠ ଓ ଗୁଳ୍ମ ରୋଗରେ ଉପକାରକ ।]
Śyāmakāndā
ଅନ୍ୟ ସଂ—ଗ୍ରନ୍ଥିପର୍ଣ୍ଣୀ, ଗଣ୍ଡଦୁର୍ବା, ଗଣ୍ଡାଳ, ଗ୍ରନ୍ଥିଳା, ଗ୍ରନ୍ଥି, ଗଣ୍ଡାଳୀ, ମତ୍ସାକ୍ଷୀ, କଳାୟୁ, ଚର୍ମା, ଶକୁଲାକ୍ଷୀ, ଶକୁଲାଦନ, ସ୍ୱତନ୍ତ୍ରା, ବାରୁଣୀ, ଶୀତଲେଖା, ଚଳଗ୍ରୀ
गेंडेदुब गायहर
(ଶ୍ୟାମଗ୍ରନ୍ଥି—ଅନ୍ୟରୂପ]

ଶ୍ୟାମ କାନ୍ତି—ସଂ. ବି (କର୍ମଧା; ଶ୍ୟାମ+କାନ୍ତି)—ଶ୍ୟାମବର୍ଣ୍ଣ ଶୋଭା;
Śyāma kānti ଶ୍ୟାମବର୍ଣ୍ଣ ଅଙ୍ଗ—Dark or blue lustre.
ବଣ (ବହୁବ୍ରୀହି)—ଶ୍ୟାମଳ ଶୋଭାଯୁକ୍ତ—
Having a beautiful blue colour.

ଶ୍ୟାମ କୁଣ୍ଡ—ସଂ. ବି—ବୃନ୍ଦାବନସ୍ଥ ତୀର୍ଥବିଶେଷ—Name of a
Śyāma kunda sacred tank in Brundābana.
[ଦ୍ର—ରାଧା କୁଣ୍ଡ ଶ୍ୟାମ କୁଣ୍ଡ ଯୁଗଳ ଅଭେଦ ଅଙ୍ଗ ପ୍ରେମବଳେ ଦ୍ରବରସ ଦେଇ ସକାଳେ—ଅଭିମନ୍ୟୁ.
ବିଦଗ୍ଧଚିନ୍ତାମଣି ।]

ଶ୍ୟାମ ଚିକ୍କଣ—ସଂ. ବଣ—ଚିକ୍କଣ କୃଷ୍ଣ ବା ଚିକ୍କଣ ନୀଳବର୍ଣ୍ଣବିଶିଷ୍ଟ—
Śyāma chikkana Of a glossy dark or glossy blue colour.

ଶ୍ୟାମତା(ତ୍ୱ)—ସଂ. ବି (ଶ୍ୟାମ+ଭାବେ. ତା ଓ ତ୍ୱ)—ଶ୍ୟାମଳତା
Śyāmatā(twa) (ଦେଖ)—Śyāmalatā (See)

ଶ୍ୟାମ ଦେଶ(ରାଜ୍ୟ)—ଦେ.ବି—ଶ୍ୟାମ ଦେ. ୨ (ଦେଖ)—Śyāma
Śyāma deśa(rājya) 2 (See)
শ্যাম দেশ श्याम देश

ଶ୍ୟାମ ନାଗର—ସଂ. ବି—ଶ୍ରୀକୃଷ୍ଣଙ୍କୁ ପ୍ରୀତିସୂଚକ ସମ୍ବୋଧନ—
Śyāma nāgara Śrīkṛushṇa. [ଦ୍ର—ଶ୍ୟାମନାଗର ହେ ! ଏ ବେଶ ହୋଇବ ନାହିଁ—ସଙ୍ଗୀତ ।]

ଶ୍ୟାମ ପତ୍ର—ସଂ. ବି (ବହୁବ୍ରୀହି; ଶ୍ୟାମ+ପତ୍ର)—(ବୈଦ୍ୟକ)
Śyāma patra ତମାଳ ବୃକ୍ଷ—Dyospyrus Tomentosa.

ଶ୍ୟାମପର୍ଣ୍ଣୀ—ସଂ. ବି (ବୈଦ୍ୟକ)—ଚାହା— Tea; Theachensis.
Śyāmaparnni [ଦ୍ର—ଏହାର ପତ୍ରର ଫାଣ୍ଟ କଫଘ୍ନ, ଉତ୍ତେଜକ, ବଳକାରକ, ଜ୍ୱରଘ୍ନ, ନିଦ୍ରାଘ୍ନ, କାମଶାମକ, କାସକାରକ, ଅଗ୍ନିପାଚକ, କଣ୍ଡୁନାଶକ ।]
ଅନ୍ୟ ସଂ. ନାମ—ଶ୍ରେଷ୍ଠାର, ଚିରକୁଟ, ଅଚଳା

ଶ୍ୟାମ ପୀରତି—ଗ୍ରା. ବି—ଶ୍ରୀକୃଷ୍ଣଙ୍କ ସଙ୍ଗେ ପ୍ରଣୟ—Falling in
Śyāma pirati শ্যাম পীরিতি श्यामप्रीति love with
[ଶ୍ୟାମ ପ୍ରୀତି—ଦେ· ରୂପ] Srikṛushna.

ଶ୍ୟାମବନ୍ଧୁ—ଦେ. ବ. ପୁଂ—୧ । ଶ୍ରୀକୃଷ୍ଣଙ୍କ ନାମ—1. A name of Śyāmabandhu Srikrushna. ୨ । ପୁରୁଷମାନଙ୍କ ବ୍ୟବହୃତ ଶ୍যামবন্ধু श्यामबन्धु ହେବା ନାମ—2. A name given to males.

ଶ୍ୟାମ ବର୍ଣ୍ଣ—ସଂ. ବ—୧ । ଶ୍ୟାମଳ ବା କୃଷ୍ଣବର୍ଣ୍ଣ—1. Dark or Śyāma barṇṇa black colour. ୨ । ଦେହର କଳାବର୍ଣ୍ଣ (ଶ୍ୟାମାବର୍ଣ୍ଣା—ସ୍ତ୍ରୀ) —2. Dark complexion. ବଣ. ପୁଂ—୧ । ଶ୍ୟାମଳ—1. Of dark colour. ୨ । କଳା ଚମଡ଼ାବିଶିଷ୍ଟ—2. Dark-skinned.

ଶ୍ୟାମ ବୀଜ—ସଂ. ବ (ବୈଦ୍ୟକ)—କଳାଦାନା; କାଳ କଳମ ଲଟା; Śyāma bija ଜଳମୀ ଅଡ଼ ବଗର ଶ୍ଳେଷ୍ମ ବର୍ଣ୍ଣସ୍ମ; ଅନ୍ୟ ସ. ନାମ—ଶ୍ୟାମଳ- ଲତାବିଶେଷ—Ipomoea Hederacea. [ବୃ—ଏହାର କାଳବର୍ଣ୍ଣ ବୀଜ, ସୁଦେଚକ ପୁଲ ପାଇଁ ଶୀତକାଳରେ ଲୋକେ কালা দানা ଏହାକୁ ରୁଅନ୍ତି । ଏହାର ବୀଜ ଅ. ହବ୍ ଲ୍‌ନୀଲ୍ ରେଚକ ଔଷଧ । कालादाना ଏହା ରେଚକ, ଶୋଥ, ଜ୍ୱର, ମଳବନ୍ଧତା ଓ ଦାରୁଣ ବୈଦ୍ୟରୋଗରେ ଉପକାରୀ ।

ଶ୍ୟାମଳ—ସ. ବଣ (ଶ୍ୟାମ—କୃଷ୍ଣବର୍ଣ୍ଣ+ଅସ୍ତି ଅର୍ଥରେ ଲ)—୧ । Śyāmaḷa ଶ୍ୟାମବର୍ଣ୍ଣବିଶିଷ୍ଟ—1. Of dark colour. (ଶ୍ୟାମଳା—ସ୍ତ୍ରୀ) ୨ । ଯାହାର ଦେହର ବର୍ଣ୍ଣ କଳା—2. Dark complexioned; dark-skinned. ୩ । କଳା—3. Black. ୪ । ନେଳି—4. Blue. ୫ । ଶାଗୁଆ—5. Green. ବ—୧ । କୃଷ୍ଣବର୍ଣ୍ଣ—1. Black colour. ୨ । ଗାଢ଼ ନୀଳବର୍ଣ୍ଣ—2. Deep blue colour. ୩ । ନେଳି ରଙ୍ଗ—3. Blue colour. ୪ । ଶାଗୁଆବର୍ଣ୍ଣ—4. Green colour; verdnnt green. ଦେ. ବ—୧ । ଶୁକ ପକ୍ଷୀ—1. Parrot. ୨ । ଶ୍ୟାମାପକ୍ଷୀ (ଦେଖ)—2. Śyāmāpakshī (See) [ଉ—ଶୁକ ଦେବ ଅଳି ଶ୍ୟାମଳ ଘୋଷ—ଅଭିମନ୍ୟୁ ବଦଗ୍ଧଚନ୍ଦ୍ରମଣି ।] ୨ । କାମଦେବ—2. The God Cupid. [ଉ—ତମ ଶ୍ୟାମଳ ଘୋଷ୍ଟର ଏ ଦର ଜନମ—ଉଜ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।]

ଶ୍ୟାମଳତା(ତ୍ୱ)—ସ. ବ (ଶ୍ୟାମଳ+ଭାବ ତା, ତ୍ୱ)—୧ । କାଳିମା—Śyāmaḷatā (twa) 1. Blackness. ୨ । ନୀଳିମା—2. Blueness. ୩ । ହରିଦ୍ୱର୍ଣ୍ଣ—3. Verdure.

ଶ୍ୟାମ ଲତା—ସ. ବ (ବୈଦ୍ୟକ)—କୃଷ୍ଣବର୍ଣ୍ଣ ଲତାବିଶେଷ—Śyāma lata Ichnocarpus Frutescens (creeper).

ଶ୍ୟାମଳ ବର୍ଣ୍ଣ—ସ ବ—ଶ୍ୟାମବର୍ଣ୍ଣ (ଦେଖ) Śyāmaḷa barṇṇa Śyāma barṇṇa (See)

ଶ୍ୟାମଳ ବୀଜ—ସ ବ—ଶ୍ୟାମବୀଜ (ଦେଖ) Śyāmaḷa bija Śyāma bija (See)

ଶ୍ୟାମଳା—ସ ବଣ. ସ୍ତ୍ରୀ—ଶ୍ୟାମଳର ସ୍ତ୍ରୀଲିଙ୍ଗ—The feminine Śyāmaḷā of Śyāmaḷa. ବ. ସ୍ତ୍ରୀ—୧ । (ବୈଦ୍ୟକ) ଜମ୍ବୁ; ଜାମୁ—1. Eugenia Jambolina, blackberry. ୨ । ଦୁର୍ଗା; କାଳୀ; ଶ୍ୟାମା—2. Goddess Kāḷī.

ଶ୍ୟାମଳା(ଳେ)ଇବା—ଦେ. କ୍ରି (ସ ଶ୍ୟାମଳ)—୧ । ମସୃଣ କରିବା—Śyāmaḷā(ḷe)iba 1. To smoothen. ୨ । ବାଳକୁ শ্যামলকরা चिकनकरना କୁଣ୍ଡାଇ ଚିକ୍କଣ କରିବା—2. To comb and make up the hair glossy and dark. ୩ । କୋମଳ ଓ ସ୍ନିଗ୍ଧ କଥାଦ୍ୱାରା ମୁଗ୍ଧ କରିବା; ଖାଲୁଲେଇବା—3. To charm a person by oily words and flattery. ୪ । ଗେହ୍ଲା କରିବା—4. To pet a person, to ভজান भुलाना fondle.

ଶ୍ୟାମଲାଲ୍—ଦେ. ବ ପୁଂ. (ହିନ୍ଦୀ)—୧ । ଶ୍ରୀକୃଷ୍ଣଙ୍କ ନାମ—Śyāmalāl 1. A name of Śrikṛushṇa. শ্যামলাল श्यामलाल ୨ । ଲୋକଙ୍କ ବ୍ୟବହୃତ ହେଉଥିବା ନାମ—2. A name given to mlaes [ବୃ—ଓଡ଼ିଆରେ ଶ୍ୟାମବନ୍ଧୁ ମଧ୍ୟ ଏହି ଅର୍ଥରେ ବ୍ୟବହୃତ ହୁଏ]

ଶ୍ୟାମଳିଆ—ଦେ. ବଣ—୧ । ଶ୍ୟାମଳ (ଦେଖ)—1. Śyamaḷa Śyāmaḷiā (see) ୨ । ତୋଳା; ଚିକ୍କଣ; ସାଜିଲା—মাখান श्यामलिया 2. Besmeared and made smooth, [ଉ—ତଳକେ ଶ୍ୟାମଳିଆ ହୋଇ, ଉପରେ ପ୍ରାସ୍ବେଦ ବାସଇ—ଜଗନ୍ନାଥ ଭାଗବତ ।] ବ—ଶ୍ରୀକୃଷ୍ଣ—Śrikṛushṇa. [ଉ—ଯେତେ ଯେତେ ମନ ଯାନ ସବୁ ଶ୍ୟାମଳିଆକୁ—ଭକ୍ତସୁର୍ଗି ସଙ୍ଗୀତ ।]

ଶ୍ୟାମଳିକା—ସ ବ (ଶ୍ୟାମଳ+କ+ଆ)—ନୀଳୀ; ନୀଳ ଗୁଳ୍ମ—Śyāmaḷikā Indigo plant; Indigofera Tinctoria.

ଶ୍ୟାମଳୀ—ଦେ. ବଣ. ସ୍ତ୍ରୀ—ଶ୍ୟାମଳର ସ୍ତ୍ରୀଲିଙ୍ଗ—The feminine Śyāmaḷi of Śyamaḷa. ବ. ସ୍ତ୍ରୀ—୧ ।କାଳୀ ସ୍ତ୍ରୀ 1. A woman of dark complexion. ୨ । କାଳୀ ଗାଈ—2. A black cow.

ଶ୍ୟାମ ଶୋଭା—ସଂ ବ—ଶ୍ୟାମବର୍ଣ୍ଣଯୁକ୍ତ ସୌନ୍ଦର୍ଯ୍ୟ—Śyāma sobhā Verdant beauty. (ଶ୍ୟାମଶ୍ରୀ—ଅନ୍ୟରୂପ)

ଶ୍ୟାମ ସଲିଳ—ସଂ ବଣ ପୁଂ—[ବହୁବ୍ରୀହି]—ଶ୍ୟାମବର୍ଣ୍ଣ ଜଳବିଶିଷ୍ଟ—Śyāmas alila Having-deep blue water. ବ—[ଶ୍ୟାମସଲିଳା—ସ୍ତ୍ରୀ] ଯମୁନା ନଦୀ—The river Jamunā.

ଶ୍ୟାମ ସୁନ୍ଦର—ସ ବ--ଶ୍ରୀକୃଷ୍ଣଙ୍କ ନାମ-A name of Śrikṛushṇa Śyāma sundara ଦେ. ବ. ପୁଂ—ଲୋକଙ୍କ ନାମ—শ্যামসুন্দর श्यामसुंदर A name given to males.

ଶ୍ୟାମସୁନ୍ଦର ରାଜଗୁରୁ—ଦେ.ବି (ନାମ)—ଗଞ୍ଜାମ ପାରଳାଖେମୁଣ୍ଡିର **Syāmasundara rājaguru** ସାହିତ୍ୟକଙ୍କ ସ୍ୱର୍ଗୀୟ ପଣ୍ଡିତ—A late literary Oriya of Paralakimedi of Ganjam. [ବି—ଏ ମହାଶୟ ବି. ଏ, ପାଶ୍ କରିଥିଲେ ଓ ଓଡ଼ିଆର ଗବେଷଣାପୂର୍ବକ ଓଡ଼ିଆ, ଭାଷା ସାହିତ୍ୟ ଓ ଛନ୍ଦ ସମ୍ବନ୍ଧେ ଅନେକ ପ୍ରବନ୍ଧ ରଚନା କରି ଥିଲେ, ପାରଳାଖେମୁଣ୍ଡିର ସାହିତ୍ୟାନୁରାଗୀ ସ୍ୱର୍ଗୀୟ ରାଜକୁମାର ପଦ୍ମନାଭ ନାରାୟଣଦେବ (ସେକେଣ୍ଡ ପ୍ରିନ୍ସ)ଙ୍କ ଗୃହଶିକ୍ଷକ ଓ ଅଭିଭାବକ ଥିଲେ । ୧୯୦୨ ସାଲରେ ଗଞ୍ଜାମରେ ଉତ୍କଳୀୟମାନଙ୍କ ପ୍ରଥମ ଜାତୀୟ ସମ୍ମେଳନରେ ଏ ସଭାପତି ହୋଇଥିଲେ । ଏ କାଳରେ ଓଡ଼ିଆ ବ୍ରାହ୍ମଥିଲେ ।]

ଶ୍ୟାମା—ସଂ ବିଣ ସ୍ତ୍ରୀ (ଶ୍ୟାମ+ଆ)—ଶ୍ୟାମର ସ୍ତ୍ରୀଲିଙ୍ଗ—**Syāmā** Feminine of Syama. ବି. ସ୍ତ୍ରୀ—୧ । କାଳୀ; କାଳକାଦେବୀ—1. Goddess Kālī [ବି—ଏହାଙ୍କ ପୂଜା କାର୍ତ୍ତିକ ଅମାବାସ୍ୟା ଅର୍ଦ୍ଧ ରାତ୍ରରେ ଅନୁଷ୍ଠିତ ହୁଏ । ଏ କୃଷ୍ଣବର୍ଣ୍ଣା, ଚତୁର୍ଭୁଜା, ମୁଣ୍ଡମାଳିନୀ, ଶିବୋପରି ଦଣ୍ଡାୟମାନା ଓ ଲୋଲଜିହ୍ୱା ଅଟନ୍ତି ।] ୨ । ଦୃଷ୍ଟାର୍ତ୍ତବା ମଧ୍ୟମବୟସ୍କା ସ୍ତ୍ରୀ—2. A middle-aged woman who has attained puberty. ୩ । ତପ୍ତକାଞ୍ଚନବର୍ଣ୍ଣାଭା ନାରୀ—3. A woman of the complexion of red hot gold. [ବି—ଏ ସ୍ତ୍ରୀମାନଙ୍କ ଅଙ୍ଗ ଶୀତକାଳରେ ସୁଖୋଷ୍ଣ ଓ ଗ୍ରୀଷ୍ମ କାଳରେ ସୁଖ ଶୀତଳ ଅଟେ ।] ୪ । କାଳୀ ସ୍ତ୍ରୀ—4. A dark-complexioned woman; a brunette. ୫ । ପ୍ରିୟଙ୍ଗୁ ଲତା—5. Aglaia Roxborghiana (creeper) ୬ । ଶୁକ୍ଳଶାରିବା; ଟେଣ୍ଡିଲ୍ଲ ଲଇ—6. A species of Hemidesmus Indicus. ୭ । କୃଷ୍ଣ ଶାରିବା; ଶୁଅଁଲଇ—7. Hemidesumus Indicus; Indian Sarsaparilla ୮ । କୃଷ୍ଣତ୍ରିବୃତ୍; କଳା ଭିତୃଡ଼ି ଲତା—8. The dark species of Ipomea Turpethum. ୯ । କାଳିଦୂବ—9. A sort of grass ୧୦ । ଶ୍ୟାମାକ; ଶୁଆଁଧାନ—10. Panicum Frumentaceum and Colonus ୧୧। ତୁଳସୀ ଗୁଳ୍ମ—11. The Holy Basil plant. ୧୨ । ରାତ୍ରି—12. Night. ୧୩ । ହରିଦ୍ରା; ହଳଦୀ—13. Turmeric. ୧୪ । ଯମୁନା ନଦୀ—14. The river Jamuna. ୧୫ । ନୀଳକାଗୁଳ୍ମ—15. The Indigo plant. ୧୬ । ଗୁଗ୍ଗୁଳ—16. Bdellium and Legnum aloes. ୧୭। ସୋମଲତା—17. Sarcostema Viminalis (creeper) ୧୮ । ପାଣ୍ଡବ ପତ୍ନୀ; କୃଷ୍ଣା; ଦ୍ରୌପଦୀ—18. Draupadi; the wife of the Pāṇdaba brothers. ୧୯ । ଅମ୍ବିକା—One of the names of Goddess Durgā. ୨୦ । ଗୁଳୁଚି—20; Tinospora Cordifolia. ୨୧ । କସ୍ତୁରୀ—21. Musk. ୨୨ । ନୀଳ ପୁନର୍ନବା—22. A species of blue hogweed. ୨୩ । ପିପ୍ପଳୀ—23. Long pepper; Piper Longum. ୨୪ । ପଦ୍ମବୀଜ—24. The seeds of lotus. ୨୫ । ଶିଂଶପା; ଶିଶୁଗଛ—25. Dalbergia Sissoo (a timber-tree). ୨୬। ଛାୟା—26. Shadow. ୨୭ । ଶ୍ୟାମାପକ୍ଷୀ—27. A species of singing bird; Tardius Macurus. ଦେ. ବି. ସ୍ତ୍ରୀ—(ନାମ)—ବଙ୍ଗ ଦେଶରେ ଶ୍যামা श्यामा ସ୍ତ୍ରୀମାନଙ୍କ ରଖାଯିବା ଏକନାମ—A name given to females in Bengal.

ଶ୍ୟାମାକ—ସଂ ବି (ଶ୍ୟାମ+କ; ଉକାରେ ଶ୍ୟାମକ)—ଶ୍ୟାମକ **Syāmāka** (ଦେଖ)—Syāmaka (See) (ଶ୍ୟାମାକ ଧାନ୍ୟ—ଅନ୍ୟରୂପ)

ଶ୍ୟାମା କାନ୍ତ—ସଂ ବି. ପୁଂ—ମହାଦେବ; ଶିବ—Siba. ଦେ, ବି. **Syāmā kānta** ପୁଂ—ବଙ୍ଗଦେଶରେ ପୁରୁଷଙ୍କ ନାମ—শ্যামাকান্ত श्यामाकांत A name given to male in Bengal.

ଶ୍ୟାମାକାନ୍ତ ବନ୍ଦୋପାଧ୍ୟାୟ—ଦେ. ବି (ନାମ)—ବଙ୍ଗଦେଶର ସ୍ୱର୍ଗୀୟ **Syāmākānta bandopādhyāya** ପ୍ରସିଦ୍ଧ ମଲ୍ଲ—Name of a famous athlete of Bengal [ବି—ଏ ଢାକା ଜିଲ୍ଲାର ବିକ୍ରମପୁରରେ ଖ୍ରୀ ୧୮୪୮ ରେ ଜନ୍ମ ହୋଇଥିଲେ । ଏ ବାଲ୍ୟକାଳରୁ ବ୍ୟାୟାମପ୍ରିୟ ହୋଇ ବନ୍ୟ ହିଂସ୍ର ଜନ୍ତୁମାନଙ୍କ ମଧ୍ୟ ବଶ କରିପାରୁଥିଲେ । ଏ ଗୋଟିଏ ସର୍କସ୍ ଦଳ ସୃଷ୍ଟି କରିଥିଲେ ଓ ଏପରି ବଳିଷ୍ଠ ଥିଲେ ଯେ, ତାଙ୍କ ଛାତି ଉପରେ ୧୦ ମହଣର ପଥରକୁ ହାତୁଡ଼ିରେ ବାଡ଼େଇ ଭଙ୍ଗା ଯାଉଥିଲା । ୫୦ ବର୍ଷ ବୟସରେ ସେ ବ୍ୟାୟାମ ଅଭ ତୀର୍ଥ ଭ୍ରମଣ କଲେ । ଜଣେ ପ୍ରସିଦ୍ଧ ସନ୍ନ୍ୟାସୀ (ଭବଗବାବା, ଧୁନୀବାବା; ବାଲଗମ ସାହେବ ଅବ ନାମରେ ପଲ ଦଳ ଦେଶରେ ପରିଚିତ) ଏହାଙ୍କ ଶିଷ୍ୟତ୍ୱରେ ଗ୍ରହଣ କରି ଏହାଙ୍କୁ 'ସୋହହଂ ସ୍ୱାମୀ' ନାମ ଦେଲେ । ଏ ବେଦାନ୍ତ ବିଷୟକ ଗ୍ରନ୍ଥ ବଙ୍ଗଳା ଗ୍ରନ୍ଥ ରଚନା କରିଥିଲେ ଓ ବାନପ୍ରସ୍ଥ ଅବଲମ୍ବନ କରିଥିଲେ ।]

ଶ୍ୟାମାଙ୍ଗ—ସଂ, ବି—(କର୍ମଧା; ଶ୍ୟାମ+ଅଙ୍ଗ)—୧ । ଶ୍ୟାମବର୍ଣ୍ଣ **Syāmānga** ବିଶିଷ୍ଟ ଦେହ—1. Dark complexioned-body. ୨ । (ବହୁବ୍ରୀହି) ବୁଧଗ୍ରହ—2 The planet Mercury. ସଂ. ବିଣ. ପୁଂ.—ଶ୍ୟାମବର୍ଣ୍ଣ (ଶ୍ୟାମାଙ୍ଗୀ—ସ୍ତ୍ରୀ) ଶରୀର ବିଶିଷ୍ଟ—Dark-complexioned.

ଶ୍ୟାମାଚରଣ—ସଂ. ବି (୬ଷ୍ଠୀ ତତ୍, ଶ୍ୟାମା+ଚରଣ)—ଦୁର୍ଗାଙ୍କ ଚରଣ—The feet of Goddess Durga.
Śyāmācharaṇa
(ଶ୍ୟାମାପଦ—ଅନ୍ୟରୂପ)
শ্যামা চরণ ଦେ. ବି. ପୁଂ—ଲୋକଙ୍କ ନାମ—A name of males.
श्यामा चरण

ଶ୍ୟାମାଚରଣ ସରକାର—ଦେ. ବି—ଜନୈକ ସ୍ୱର୍ଗୀୟ ବ୍ୟବସ୍ଥା ପ୍ରଣେତା
Śyāmācharaṇa sarakāra—Name of a law-giver of Bengal.
শ্যামাচরণ সরকার श्यामाचरण सरकार
[ଦ୍ର—ଏ ବଙ୍ଗୀୟ ବ୍ରାହ୍ମଣ ଥିଲେ । ଏ ସଂସ୍କୃତ, ଇଂରାଜୀ, ହିବ୍ରୀ, ଗ୍ରୀକ୍, ଲାଟିନ୍, ଉର୍ଦ୍ଦୁ ଓ ଫ୍ରେଞ୍ଚ ଭାଷା ଶିକ୍ଷା କରିଥିଲେ । ଏ ଇଂରାଜୀ, ବଙ୍ଗଳା ଓ ଉର୍ଦ୍ଦୁରେ ଅଭିଧାନ ଓ ହିନ୍ଦୁ ଓ ମୁସଲମାନ ଧର୍ମଶାସ୍ତ୍ରର ବିଧାନମାନ ଲିପିବଦ୍ଧ କରି ଇଂରାଜୀରେ 'ବ୍ୟବସ୍ଥାସାର ସଂଗ୍ରହ' (ଦାୟଭାଗ) ଓ 'ବ୍ୟବସ୍ଥାଚନ୍ଦ୍ରିକା' (ମିତାକ୍ଷରା) ନାମକ ଗ୍ରନ୍ଥ ସଂକଳନ କରିଥିଲେ । ଏହାହିଁ ବଙ୍ଗ ଦେଶର ପ୍ରଥମ ଆଇନ୍ ପୁସ୍ତକ । ଏ କଲିକତା ସୁପ୍ରୀମ୍ କୋର୍ଟରେ ଦ୍ୱିଭାଷୀ (Interpreter) କାର୍ଯ୍ୟ କରୁଥିଲେ । ଏ ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ପାଇଁ ବଙ୍ଗଳା ଭାଷାରେ ପ୍ରଥମ ଆଇନ୍ ପୁସ୍ତକ ସଙ୍କଳନ କରିଥିଲେ ।]

ଶ୍ୟାମାଢ଼କୀ—ସଂ. ବି—ଯେଉଁ ହରଡ଼ର ପୁଷ୍ପ ଶ୍ୟାମବର୍ଣ୍ଣ; କଳାହରଡ଼—
Śyāmāṛdhakī (Black variety) Cajanus Indicus (a pulse).
কালাঅরহর कालाअरहर

ଶ୍ୟାମା ତ୍ରିବୃତ୍—ସଂ. ବି—କଳା ଶିଉଡ଼; କୃଷ୍ଣତ୍ରିବୃତ୍ ଲତା—
Śyāmā tribṛut A variety of Ipomœa Turpethum creeper.
ଅନ୍ୟ. ସଂ. ନାମ—ଅର୍ଦ୍ଧଚନ୍ଦ୍ରା, ପାଳିନ୍ଦୀ, ସୁଷେଣିକା, ମସୂରବିଦଳା, କାଳା, କୈଷିକା, କାଳମେଷିକା ।
কালতেউড়ি
श्यामपनिलर, कालानिशिन्नर
ମ. କାଲେଂନିଶୋତ୍ତର
[ଦ୍ର—ଏହା ଧଳା ତିଉଡ଼ି ଅପେକ୍ଷା ହୀନ ଗୁଣବିଶିଷ୍ଟ; କିନ୍ତୁ ତୀବ୍ର ବିରେଚକ, ଏବଂ ଦାହ, ମୂର୍ଚ୍ଛା, ମତ୍ତତା, ଭ୍ରାନ୍ତି କଣ୍ଠଶୋଷ ଆଦି ଉପଦ୍ରବକାରକ । କେହି କେହି କହନ୍ତି ରକ୍ତ ତିଉଡ଼ିର ମୂଳକୁ ଶ୍ୟାମାତ୍ରିବୃତ୍ ବୋଲାଯାଏ ।]

ଶ୍ୟାମାଦି ବର୍ଗ—ସଂ. ବି (ବୈଦ୍ୟକ)—କେତେକ ଗୁଳ୍ମର ସମଷ୍ଟି—
Śyāmādi barga Name of a class of herbs.
[ଦ୍ର—ଶ୍ୟାମା, ମହାଶ୍ୟାମା, ତ୍ରିବୃତ୍, ଦନ୍ତୀ, ଶଙ୍ଖିନୀ, ତିଲ୍ୱକ, କମ୍ପିଲ୍ଲକ, ରମ୍ୟକ, କ୍ରମୁକ, ପୁତଶ୍ରେଣୀ, ଗବାକ୍ଷୀ, ରାଜବୃକ୍ଷ, କରଞ୍ଜ, ପୂତିକରଞ୍ଜ, ଗୁଡୂଚୀ, ସପ୍ତଳା, ଛଗଳାନ୍ତ୍ରୀ ସୁଧା ଓ ସୁବର୍ଣ୍ଣକ୍ଷୀରୀ ଏହି କୋଡ଼ିଏଟି ବୃକ୍ଷ ଶ୍ୟାମାଦିବର୍ଗର ଅନ୍ତର୍ଗତ ।]

ଶ୍ୟାମା ପକ୍ଷୀ—ସଂ. ବି—ଏକପ୍ରକାର ଗାନକାରୀ ପକ୍ଷୀ—
Śyāmā pukhī A species of singing bird; Turdus Macarus.
শ্যামা পাখী
श्यामा पक्षी
[ଦ୍ର—ଶାଖାଶ୍ରୟୀ କୃଷ୍ଣବର୍ଣ୍ଣ ଦୀର୍ଘପୁଚ୍ଛ ପକ୍ଷୀ; ଦୁଇପାଖ ନାଲିଆ ।]

ଶ୍ୟାମା ପୂଜା—ସଂ. ବି—କାର୍ତ୍ତିକ ଅମାବାସ୍ୟା ରାତ୍ରିରେ ଶ୍ୟାମା ବା କାଳୀଙ୍କର ଅର୍ଚ୍ଚନା—The worship of Goddess Kālī or Śyāmā on the night the new moon of the month of Kārttika.
Śyāmā pūjā

ଶ୍ୟାମା ବୀଜ—ସଂ. ବି (ବୈଦ୍ୟକ)—ବୃଦ୍ଧ ଦାରକ ଲତାଫଳର ମଞ୍ଜି—
Śyāma bija The seed of Argyreia Speciosa.

ଶ୍ୟାମାୟମାନ—ସଂ. ବିଣ—[ଶ୍ୟାମ+ଅଭୂତ ତଦ୍ଭାବେ ଯ=ଶ୍ୟାମାୟ ନାମ ଧାତୁ+କର୍ତ୍ତୃ ମାନ (ଶାନଚ୍)]—
Śyāmāyamāna
(ଶ୍ୟାମାୟମାନା—ସ୍ତ୍ରୀ) ଶ୍ୟାମବର୍ଣ୍ଣରେ ପରିଣତ, ହରିତାୟମାନ—Turned into green or black and blue colour.

ଶ୍ୟାମା ଲତା—ସଂ. ବି—୧ । କୃଷ୍ଣଶାରିବା; ଶୁଆଁଲଇ—1 Indian sarsaparilla (creeper) ୨ । ଦେଶିଜ ପାନ ଲତା—2. Hemidesmus Indicus (creeper).
Śyāmā latā
୧ । ଅନ୍ୟ ସଂ. ନାମ—ଶାରିବା, ଭୁଜଙ୍ଗକନ୍ୟା, ଗୋପୀ, କୃଷ୍ଣା, ଗୋପବଧୂ ।
শ্যামা লতা
दुधी, गोरीसर, कालीसर
ତେ. ନଲଟିଗ
୨ । ଅନ୍ୟ ସଂ. ନାମ—ଧବଳା, ଶାରିବା, ଗୋପୀ, ଗୋପକନ୍ୟା, କୃଶୋଦରୀ, ସ୍ଫୋଟା, ଗୋପବଲ୍ଲୀ, ଲତା, ଅସ୍ଫୋଟା, ଚନ୍ଦନା ।
অনন্ত মূল अनन्त मूल, उपलसरी
[ଦ୍ର—ଲଇ; ଶୁଆ ଶାରିବା ଚଳେ ନୋଟ ଦେଖ]

ଶ୍ୟାମା ସୁନ୍ଦରୀ—ସଂ. ବିଣ. ସ୍ତ୍ରୀ—ଶ୍ୟାମ ବର୍ଣ୍ଣା ଓ ସୁନ୍ଦରୀ—
Śyāmā sundarī (a woman) Beautiful and dark complexioned; brunette. ଦେ. ବି. ସ୍ତ୍ରୀ—(ବଙ୍ଗଦେଶ) ସ୍ତ୍ରୀଲୋକମାନଙ୍କ ନାମ—A name given to females in Bengal.

ଶ୍ୟାମିକା—ସଂ. ବି—(ଶ୍ୟାମ+କ+ଆ)—୧ । ଶ୍ୟାମଳତା; ଶ୍ୟାମବର୍ଣ୍ଣ
Śyāmikā 1. Deep blue colour. ୨ । ମାଳିନ୍ୟ—2. Paleness; discoloration; filthiness; dirtiness. [ଉ—ତୁମ୍ଭର ଶ୍ୟାମିକାର ରେଖା ଏ କଳେବେ, ପଢ଼ିବାର ଲେଖିନାହିଁ ବିଧି କେଉଁକାଳେ । ରାଧାନାଥ. ମହାଯାତ୍ରା ।] ୩ । କୃଷ୍ଣତ୍ୱ—3. Blackness. ୪ । ଧାତୁ ଆଦିର ଖାଦ—4. The dross of metals. ୫ । ଧାତୁର ମଳ—5. Scorie of metals. ଦେ. ବି—ମେଳ ବା ମିଶ୍ରିତ ସୁନା—Mixed gold.

ଶ୍ୟାମୀ—ଦେ. ବିଣ—ଶ୍ୟାମ ଦେଶୀୟ—Relating to the Siam country; Siamese.
Śyāmī
[ଯଥା, ଶ୍ୟାମୀ ଭାଷା; ଶ୍ୟାମୀ ଜାତି ।] ବି ପୁଂ ଓ ସ୍ତ୍ରୀ—(ଆଦରାର୍ଥକ)—ଶ୍ୟାମସୁନ୍ଦର ଓ ଶ୍ୟାମାସୁନ୍ଦରୀର ଡାକ ନାମ—Name for calling Śyāmasundara and Śyāmasundari in fondness.

ଶ୍ୟାଳ—ସ. ବି. ପୁଂ—(ଶ୍ୟୈ ଧାତୁ=ଗମନ କରିବା+କର୍ତ୍ତୃ. ଅଳ; Śyāla ଯେ ପରିହାସାର୍ଥ ଗମନ କରେ)—ଶଳା; ପତ୍ନୀଙ୍କ ଭାଇ—(ଶ୍ୟାଳକ—ଅନ୍ୟରୂପ) Wife's brother. ୨ । ଭଗିନୀପତି; ଭଣେଇ; (ବୃନ୍ଦାବନୀୟ ପ୍ରୟୋଗ)—One's sister's husband.

ଶ୍ୟାଳକୀ—ସ.ବି. ସ୍ତ୍ରୀ (ଶ୍ୟାଳକ+ସ୍ତ୍ରୀ ଈ)—ଶାଳୀ (ଦେଖ)
Śyālakī Śālī (See)

ଶ୍ୟାଳ ଜାୟା—ସ. ବି. ସ୍ତ୍ରୀ—(୬ଷ୍ଠୀ ତତ୍; ଶ୍ୟାଳ+ଜାୟା)—ଶ୍ୟାଳ. Śyāla jāyā ଙ୍କ ସ୍ତ୍ରୀ; ଶଳାଗୃହିଣୀ—The wife of one's wife's brother
ଶ୍ୟାଳକ ଜାୟା, ଶ୍ୟାଳକ ପତ୍ନୀ }—ଅନ୍ୟରୂପ

ଶ୍ୟାଳିକା—ସ. ବି. ସ୍ତ୍ରୀ—(ଶ୍ୟାଳ+କ+ଆ)—ପତ୍ନୀଙ୍କ ଭଉଣୀ—Śyālikā Wife's sister. [ବି—ଅତ୍ର ଦେଶରେ ପତ୍ନୀଙ୍କ ବଡ଼ ଭଉଣୀଙ୍କୁ ଦେଢ଼ଶାଶୁ ଓ ସାନ ଭଉଣୀଙ୍କୁ ଶାଳୀ କହନ୍ତି ।]

ଶ୍ୟାଳୀ—ସଂ. ବି. ସ୍ତ୍ରୀ(ଶ୍ୟାଳ+ଈ)—ଶ୍ୟାଳିକା ୧ (ଦେଖ)
Śyālī Śyālikā 1 (See)

ଶ୍ୟାଳୀ ପତି—ସଂ. ବି. ପୁଂ (୬ଷ୍ଠୀ ତତ୍)—ସଢ଼ୁ (ଦେଖ)
Śyālī pati Saḍhu (See)

ଶ୍ୟେତ—ସଂ. ବଣ—(ଶ୍ୟୈ ଧାତୁ=ଗମନ କରିବା+କର୍ତ୍ତୃ. ତ)—ଧଳା—White. ବି—ଶ୍ୱେତବର୍ଣ୍ଣ—White colour.
ସେତ (ତା), ଶେତ(ତା) }—ଦେ. ରୂପ

ଶ୍ୟେତ କୋଳକ—ସଂ. ବି—(ଶ୍ୟେତ=ଶୁଭ୍ର+କୋଳ+କ)—Śyeta kolaka କ୍ଷୁଦ୍ର ମତ୍ସ୍ୟ ବିଶେଷ; ସଫରୀ; ଚେଙ୍ଗିମାଛ—A small species of fish; Barbus Chola.

ଶ୍ୟେନ—ସଂ. ବି. ପୁଂ—(ଶ୍ୟୈ ଧାତୁ=ଗମନ କରିବା+କର୍ତ୍ତୃ. ଇନ; Śyena ଯେ ହିଂସାର୍ଥ ଗମନ କରେ)—୧ । ବାଜପକ୍ଷୀ; ଛଞ୍ଚାଣ—[ଶ୍ୟେନୀ—ସ୍ତ୍ରୀ] 1. Hawk; falcon. ୨ । ଯଜ୍ଞ ବିଶେଷ-2. A sort of vedic sacrifice
[ଶ୍ୟେନୀ—ସ୍ତ୍ରୀ] ବଣ—ପାଣ୍ଡୁର ବର୍ଣ୍ଣ—Brown.

ଶ୍ୟେନ ଘଣ୍ଟା—ସଂ. ବି— (ବୈଦ୍ୟକ)—ଲଘୁଦନ୍ତୀ ନାମକ ଔଷଧ ଦ୍ରବ୍ୟ Śyena ghaṇṭā A herb; croton seed; the seed of the fig-leaved variety of Croton Polyandrum.

ଶ୍ୟେନ ଦୃଷ୍ଟି—ସ. ବି (ମ. ପ. ଲୋ; ଶ୍ୟେନର ଦୃଷ୍ଟି)—ବାଜପକ୍ଷୀ Śyena drushṭi ପରି ତୀକ୍ଷ୍ଣଦୃଷ୍ଟି—A sharp look-out like that of a falcon. ବଣ. ପୁଂ. ଓ ସ୍ତ୍ରୀ—(ବହୁବ୍ରୀହି; ଶ୍ୟେନର ଦୃଷ୍ଟି ଯାହାର)—ଶ୍ୟେନ ପରି ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ—Hawk-eyed; falcon -eyed.

ଶ୍ୟେନମ୍ପାତ(ତା)—ସଂ. ବି (ଶ୍ୟେନଂ=ଶ୍ୟେନକୁ+ପାତ=ପତ୍ ଧାତୁ Śyenampāta(tā) +ଅ;+ଆ)—୧ । ଶ୍ୟେନ ବା ଛଞ୍ଚାଣ ଦ୍ୱାରା ପକ୍ଷୀ ଶିକାର—1. Hunting with hawks; falconry. ୨ । ଶିକାର; ମୃଗୟା—2. Hunting.

ଶ୍ୟୈ (ଧାତୁ)—ସଂ—୧ । ଗମନ କରିବା—1. To go. ୨ । ଗତି Śyai (root) କରିବା—2; To move.

ଶ୍ୟୈଣାକ—ସଂ. ବି(ଶ୍ୟୈ ଧାତୁ+କର୍ତ୍ତୃ. ଅକ)—ଶୋଣା; ଫଣଫଣା—Syaiṇāka A medicinal plant; Bignonia Indica.

ଶ୍ରଣ (ଧାତୁ)—ସଂ—ଦତ୍ତ ହେବା—
Śraṇ (root) To be given.

ଶ୍ରଣି (ଧାତୁ)—ସଂ (ଶ୍ରଣ୍ ଧାତୁ ଣିଚ୍)—ଦାନ କରିବା—
Śraṇi (root) To give.

ଶ୍ରତ୍—ସଂ. ଅ (ଶ୍ରା ଧାତୁ=ପାକକ କରିବା+କର୍ତ୍ତୃ. ଅତ୍; ଉପାଭବ Śrat ଏହା ଧାତୁ ସଙ୍ଗେ ଯୁକ୍ତ ହୋଇ 'ଶ୍ରଦ୍ଧା' ପଦର ନିଷ୍ପନ୍ନ ହୁଏ)—୧ । ଭକ୍ତି—1. Devotion; regard reverence. ୨ । ସ୍ନେହ—2. Affection. ୩ । ବିଶ୍ୱାସ—3. Trust; faith; confidence

ଶ୍ରଥ୍ (ଧାତୁ)—ସଂ—୧ । ବଧ କରିବା—1. To kill. ୨ । ଯତ୍ନ Śrath (root) କରିବା; ଚେଷ୍ଟା କରିବା—2. To try; to endeavour; to take care. ୩ । ବନ୍ଧନ କରିବା—3. To tie. ୪ । ଗ୍ରନ୍ଥନ କରିବା—4. To string together. ୫ । ଢିଲା କରିବା—5. To loosen; to slacken. ୬ । ମୋଚନ କରିବା—4. To 6. To liberate; to untie.

ଶ୍ରଥନ—ସଂ. ବି—(ଶ୍ରଥ୍ ଧାତୁ+ଭାବ. ଅନ)—୧ । ବନ୍ଧନ—Śrathana 1. Tying; binding; fastening. (ଶ୍ରନ୍ଥନ—ଅଣ) ୨ । କାରାବନ୍ଧନ—2. Confinement, imprisoning a person; bondage. ୩ । ବନ୍ଧନମୋଚନ—3. Liberating or setting free from bondage; emancipation. ୪ । ବିପଦରୁ ଉଦ୍ଧାର କରିବା—4. Delivering from a calamity. ୫ । ଗ୍ରନ୍ଥନ; ଗୁନ୍ଥିବା—5. Stringing together. ୬ । ମୋକ୍ଷ—6. Liberation; beatitude. ୭ । ଶୈଥିଲ୍ୟ—7. Slackness; dilatoriness. ୮ । ବିଳମ୍ବ କରିବା—8. Delayning. ୯ । ବ୍ୟାକୁଳନ—6. Smitig. ୧୦ । ଯତ୍ନ—10. Care. ୧୧ । ଅଧଃକରଣ—11. Bringing down; lowering. ୧୨ । ଚେଷ୍ଟା—12. Endeavour; effort. ୧୩ । ମାରଣ; ବଧ—13. Killing; slaughtering. ୧୪ । ପ୍ରାଣଦଣ୍ଡ ଦଣ୍ଡିତ ଅପରାଧୀର ବଧ—14. Execution of a criminal sentenced to capital punishment. ୧୫ । ପୁନର୍ବାର ଦୃଷ୍ଟିକରଣ—15. Act of looking again.

ଶ୍ରଦ୍ଧାଳୁ—ସ. ବଣ. ପୁଂ (ଶ୍ରତ୍=ଭକ୍ତି+ଧା. ଧାତୁ=ଧାରଣ କରିବା Śraddadhāna +କର୍ତ୍ତୃ. ଅନ [ଶାନଚ୍])—୧ । ଶ୍ରଦ୍ଧାନ୍ୱିତ—(ଶ୍ରଦ୍ଧାନା—ସ୍ତ୍ରୀ) 1. Affectionate. ୨ । ଭକ୍ତିମାନ୍—

୨. Full of devotion; respectful. ୩ । ବିଶ୍ୱାସଯୁକ୍ତ—3. Having faith or trust. ୪ । ବିଶ୍ୱାସ କରୁଥିବା—4. Trusting.

ଶ୍ରଦ୍ଧ—ଦେ. ବିଣ (ସଂ ସଶ୍ରଦ୍ଧ)—ଶ୍ରଦ୍ଧାଯୁକ୍ତ—Interested; concerned. [ଦ୍ରି—ଉଦବଅଲରେ ଶବ୍ଦବଦ୍ୟା ବାକ୍ୟଯୁକ୍ତ, ଗିଶାଇଲେ ଗଙ୍ଗାଙ୍କ ଉଳସ୍ର ହୋଇ ଶ୍ରଦ୍ଧ—କୃଷ୍ଣସିଂହ· ମହାଭାରତ. ଅଦ ।]
Sraddha
श्रद्धायुक्त
অন্থাযুক্ত

ଶ୍ରଦ୍ଧା—ସଂ ବି (ଶ୍ରତ୍=ଭକ୍ତି+ଧା ଧାତୁ=ଧାରଣ କରିବା+ଭାବ. ଅ+ଆ)—୧ । ଚିତ୍ତ ପ୍ରସନ୍ନତା—1. Peace of mind. ୨ । ମନର ନିର୍ମଳତା—2. Purity of mind. ୩ । ଭକ୍ତି; ସମ୍ମାନ—3. Devotion; respect; homage; reverence. ୪ । ଆସ୍ଥା; ଦୃଢ଼ବିଶ୍ୱାସ—4. Implicit faith; confidence. ୫ । ବିଶ୍ୱାସ; ପ୍ରତ୍ୟୟ—5. Faith; trust. ୬ । ସ୍ନେହ—5. Affection; attachment. ୭ । ଆଦର—7. Fondness. ୮ । ସ୍ପୃହା; ଇଚ୍ଛା—8. Desire; liking; inclination. ୯ । ଗର୍ଭିଣୀର ସଧ; ସାଧ—2. A pregnant woman's hankering after some dainty or food. ୧୦ । ସମାଦର—10. Respectful conduct or treatment. [ଦ୍ର—ସଂସ୍କୃତରେ ଶ୍ରଦ୍ଧା ଓ ଭକ୍ତି devotion) ଏକାର୍ଥ ବୋଧକ ।
Sraddhā
ଶଧା, ଶରଧା, ଶାଦ, ଶଧ, ଶାଧ } ଦେ—ରୂପମାନ]
(ଅଶ୍ରଦ୍ଧା—ବିପରୀତ)

ପିତୃଲୋକଙ୍କ ପ୍ରତି ଶ୍ରଦ୍ଧା ଯୋଗୁଁ କରାଯିବା ପିଣ୍ଡଦାନାଦି କ୍ରିୟାକୁ ଶ୍ରାଦ୍ଧ କୋଲଯାଏ । କିନ୍ତୁ ଭାଷାରେ ଶ୍ରଦ୍ଧା, ଶ୍ରଧା, ଶରଧା ଅପତ୍ୟାଦିଙ୍କ ପ୍ରତି ବାତ୍ସଲ୍ୟ (Affection), କୌଣସି ବସ୍ତୁ ପ୍ରତି ଆଦର (Liking; desire for a thing) ଓ ଆଦରପୂର୍ଣ୍ଣ ବ୍ୟବହାର (Fond treament) ପ୍ରଭୃତି ଅର୍ଥ ବୁଝାଏ ।] ଦେ. ବି—ସ୍ତ୍ରୀଲୋକଙ୍କ ନାମ—A name given to females.
श्रद्धा
অদ্ধা

ଶ୍ରଦ୍ଧାକର—ସଂ ବିଣ (ଶ୍ରଦ୍ଧା+କୃ ଧାତୁ+କର୍ତ୍ତୃ. ଅ)—ଶ୍ରଦ୍ଧାଜନକ Sraddhākara (ଦେଖ)—Sraddhā janaka (See)
(ଶ୍ରଦ୍ଧାକରୀ—ସ୍ତ୍ରୀ)

ଶ୍ରଦ୍ଧା କରିବା—ଦେ, କ୍ରି—୧ । ଭକ୍ତି କରିବା; ସମ୍ମାନ କରିବା—Sraddhā kariba 1. To revere. ୨ । ଭକ୍ତିପୂର୍ବକ ସମ୍ମାନ ଦେଖାଇବା—2. To pay homage to; to treat with reverence. ୩ । ଖୁସି ପାଇବା—3. To like.
श्रद्धा करना
অদ্ধা করো

ଶ୍ରଦ୍ଧାକାରକ—ସଂ. ବିଣ· ପୁଂ (ଶ୍ରଦ୍ଧା+କୃ ଧାତୁ+କର୍ତ୍ତୃ. ଅକ;)—Sraddhākāraka ଯେ ଭକ୍ତି କରେ—Revering; paying homage.
(ଶ୍ରଦ୍ଧାକାରୀ—ଅନ୍ୟରୂପ)
(ଶ୍ରଦ୍ଧାକାରିକା, ଶ୍ରଦ୍ଧାକାରିଣୀ—ସ୍ତ୍ରୀ)

ଶ୍ରଦ୍ଧାଜନକ—ସଂ. ବିଣ (ଶ୍ରଦ୍ଧା+ଜନ ଧାତୁ+କର୍ତ୍ତୃ. ଅକ)—ଶ୍ରଦ୍ଧା-Sraddhājanaka ଉତ୍ପାଦକ; ମନରେ ଯାହା ଭକ୍ତି ଜନ୍ମାଏ—Producing or creating reverence in a person's mind.

ଶ୍ରଦ୍ଧାଜନ୍ୟ—ସଂ· ବିଣ—ଶ୍ରଦ୍ଧାରୁ ଉତ୍ପନ୍ନ—Arising from or Sraddhājanya resulting from reverence; caused by devotion.

ଶ୍ରଦ୍ଧା ଦେଖା(ଖୋ)ଇବା—ଦେ. କ୍ରି—ଆଦର କରିବା; ସମାଦର କରିବା—Sraddha dekhā(khe)ibā To fondle; to show respect.
শ্রদ্ধা দেখান
अद्धा दिखाना

ଶ୍ରଦ୍ଧାନ୍ୱିତ—ସଂ. ବିଣ. ପୁଂ (ଅସ୍ତ୍ୟ ଅର୍ଥ; ଶ୍ରଦ୍ଧା+ଅନ୍ୱିତ)—୧। ଶ୍ରଦ୍ଧାଯୁକ୍ତ; ଭକ୍ତିମାନ୍—1. Full of devotion or reverence; possessing faith; affectionate; respectful.
Sraddhānwita
(ଶ୍ରଦ୍ଧାନ୍ୱିତା—ସ୍ତ୍ରୀ)

ଶ୍ରଦ୍ଧାବାନ୍—ସଂ.ବିଣ.ପୁଂ(ଶ୍ରଦ୍ଧାବତ ଶବ୍ଦ)—୧. ଭକ୍ତିମାନ୍—1. Reverent. ୨ । ବିଶ୍ୱାସପୂର୍ଣ୍ଣ—2. Faithful.
Sraddhāban
(ଶ୍ରଦ୍ଧାବତୀ—ସ୍ତ୍ରୀ)

ଶ୍ରଦ୍ଧା ବଳା(ଳେ)ଇବା—ଦେ. କ୍ରି—୧ । କୌଣସି ବିଷୟ ପ୍ରତି ଅତ୍ୟନ୍ତ ସ୍ପୃହାବାନ୍ ହେବା—1. To hanker after a thing. ୨ । ଶ୍ରଦ୍ଧାନ୍ୱିତ ହେବା—2. To have a liking for.
Sraddhā balā(le)ibā
সাধ পাওয়া
श्रद्धा बढ़ाना
(ଶ୍ରଦ୍ଧା ବଳିବା—ବି. ରୂପ)

ଶ୍ରଦ୍ଧା ବିରହିତ—ସଂ. ବି (ଅସ୍ତ୍ୟ ଅର୍ଥ; ଶ୍ରଦ୍ଧା+ବିରହିତ)—୧ । ଭକ୍ତିହୀନ (ବ୍ୟବହାର ବା କାର୍ଯ୍ୟ)—1. Irreverent (act), not actuated by affection. ୨ । (ପୁଂ) ଭକ୍ତିହୀନ (ବ୍ୟକ୍ତି)—2. Irreverent (person); devoid of regard.
Sraddhā birahita
(ଶ୍ରଦ୍ଧା ବିହୀନ—ଅନ୍ୟରୂପ)
ଶ୍ରଦ୍ଧାବିରହିତା, ଶ୍ରଦ୍ଧାବିହୀନା } ସ୍ତ୍ରୀ

ଶ୍ରଦ୍ଧା ଭକ୍ତି—ସଂ. ବି (ଏକାର୍ଥ ବୋଧକ ଯୁଗଳ ଶବ୍ଦ)—ଶ୍ରଦ୍ଧା ଓ ଭକ୍ତି—Devotion. [ଦ୍ର—ସଂସ୍କୃତରେ ଶ୍ରଦ୍ଧା ଓ ଭକ୍ତି ଏକାର୍ଥକ; କିନ୍ତୁ ଭାଷାରେ ଶ୍ରଦ୍ଧା=ଅପତ୍ୟାଦିଙ୍କ ପ୍ରତି ସ୍ନେହ ଓ କୌଣସି ବସ୍ତୁ ପ୍ରତି ଆକାଂକ୍ଷ ଏବଂ ଭକ୍ତି=ଦେବତା ଓ ଗୁରୁଜନଙ୍କ ପ୍ରତି ସମ୍ମାନ-ଅର୍ଥରେ ବ୍ୟବହୃତ ହୁଏ ।]
Sraddhā bhakti

ଶ୍ରଦ୍ଧା ଭାଜନ(ପାତ୍ର) ସଂ.—(୬ଷ୍ଠୀ ତତ୍; ଶ୍ରଦ୍ଧା+ଭାଜନ) –ଶ୍ରଦ୍ଧାର୍ହ Sraddhā bhājana(patra) (ଦେଖ)—Sraddhāhra (See)

ଶ୍ରଦ୍ଧାମୟ—ସଂ. ବିଣ—ଶ୍ରଦ୍ଧାଯୁକ୍ତ (ବ୍ୟକ୍ତି ବା କାର୍ଯ୍ୟ)—Full of devotion or reverence.
Sraddhāmaya
(ଶ୍ରଦ୍ଧାମୟୀ—ସ୍ତ୍ରୀ)

ଶ୍ରଦ୍ଧାମୂଳକ—ସଂ. ବିଣ (ବହୁବ୍ରୀହି; ଶ୍ରଦ୍ଧା+ମୂଳ+କ)—ଶ୍ରଦ୍ଧାଜନ୍ୟ Sraddhāmūlaka (ଦେଖ)—Sraddhājanya (See)

ଶ୍ରଦ୍ଧାଯୁକ୍ତ—ସଂ. ବିଣ (ଅସ୍ତ୍ୟ ତତ୍; ଶ୍ରଦ୍ଧା+ଯୁକ୍ତ)—ସର୍ଶ୍ରଦ୍ଧ; ଭକ୍ତି-ପୂର୍ଣ୍ଣ (ବ୍ୟକ୍ତି ଓ କାର୍ଯ୍ୟ)—Full of devotion; revering; reverent.
Sraddhājukta
(ଶ୍ରଦ୍ଧାଯୁକ୍ତା—ସ୍ତ୍ରୀ)

ଶ୍ରଦ୍ଧା ରହିତ—ସଂ. ବଣ—ଶ୍ରଦ୍ଧାବିରହିତ (ଦେଖ)
Śraddhā rahita Śraddhābirahita (See)

ଶ୍ରଦ୍ଧାର୍ହ—ସଂ. ବଣ. ପୁଂ—ଶ୍ରଦ୍ଧାଯୋଗ୍ୟ; ଅନ୍ୟ ବ୍ୟକ୍ତିଠାରୁ ଶ୍ରଦ୍ଧା ବା
Śraddhārha ସମ୍ମାନ ପାଇବାର ଯୋଗ୍ୟ; ଯାହାଙ୍କୁ ଭକ୍ତି କରିବା
(ଶ୍ରଦ୍ଧାର୍ହା—ସ୍ତ୍ରୀ) ଉଚିତ—Reverend; venerable; deserving of regard.

ଶ୍ରଦ୍ଧାଳୁ—ସଂ. ବଣ. ପୁଂ. ଓ ସ୍ତ୍ରୀ (ଶ୍ରଦ୍ଧା+ଶୀଳାର୍ଥେ. ଅଳୁ; ଯଥା.
Śraddhālu ଦୟାଳୁ,ନିଦ୍ରାଳୁ, ତନ୍ଦ୍ରାଳୁ)—ଶ୍ରଦ୍ଧାଯୁକ୍ତ; ଶ୍ରଦ୍ଧାଶୀଳ;
ଭକ୍ତିମାନ୍ (ବ୍ୟକ୍ତି)—Affectionate; respectful; overflowing with devotion; possessing veneration. ବି. ସ୍ତ୍ରୀ—କୌଣସି ଖାଦ୍ୟାଦି ଦ୍ରବ୍ୟରେ ସ୍ପୃହାବତୀ ଗର୍ଭିଣୀ—A pregnant woman having a hankering after some thing.

ଶ୍ରଦ୍ଧା ଶୂନ୍ୟ—ସଂ. ବଣ—ଶ୍ରଦ୍ଧାବିରହିତ (ଦେଖ)
Śraddhā śunya Śrddhabirahita (See)

ଶ୍ରଦ୍ଧାସ୍ପଦ—ସଂ. ବଣ. (୬ଷ୍ଠୀ ତତ୍; ଶ୍ରଦ୍ଧା+ଆସ୍ପଦ=ସ୍ଥାନ)—
Śraddhāspada ୧ । ଶ୍ରଦ୍ଧାର୍ହ (ଦେଖ)—
1. Śraddharha (See) ୨ । ଯାହାଙ୍କୁ ଶ୍ରଦ୍ଧା କରାଯାଏ—2 Object of reverence or regard.
[ଦ୍ର—କେହି କେହି ଶ୍ରଦ୍ଧାପାତ୍ର, ଶ୍ରଦ୍ଧାସ୍ପଦ, ଶ୍ରଦ୍ଧାଭାଜନ ଆଦି ଶବ୍ଦ ପୁରୁଷ ଓ ସ୍ତ୍ରୀମାନଙ୍କ ପ୍ରତି ବ୍ୟବହାର କରନ୍ତି ।]

ଶ୍ରଦ୍ଧେୟ—ସଂ. ବଣ (ଶ୍ରତ୍+ଧା. ଧାତୁ+କର୍ମ. ଯ)—ଶ୍ରଦ୍ଧା ବା ଭକ୍ତିର
Śraddheya ଯୋଗ୍ୟ; ଯାହାଙ୍କୁ ଶ୍ରଦ୍ଧା କରିବା ଉଚିତ—
(ଶ୍ରଦ୍ଧେୟା—ସ୍ତ୍ରୀ) Deserving to be revered. venerable.

ଶ୍ରଧା (ଇତ୍ୟାଦି)—ଗ୍ରା. ବ (ସଂ. ଶ୍ରଦ୍ଧା)— ଶ୍ରଦ୍ଧା ଇତ୍ୟାଦି (ଦେଖ)
Śradhā (etc) Śraddhā etc (See)

ଶ୍ରନ୍ଥ (ଧାତୁ)—ସଂ—୧ । ବାନ୍ଧିବା—1. To bind; to tie up.
Śranth (root) ୨ । ଗ୍ରନ୍ଥନ କରିବା; ଗୁନ୍ଥିବା—2. To tie together; to string together. ୩ । ମୋଚନ କରିବା—3. To liberate. ୪ । ବଧ କରିବା—4. To kill. ୫ । ଶିଥିଳ କରିବା— 5. To loosen; to slacken.

ଶ୍ରନ୍ଥ—ସଂ. ବ (ଶ୍ରନ୍ଥ ଧାତୁ+ଭାବ. ଅ)—୧ । ଗ୍ରନ୍ଥନ; ଗୁନ୍ଥନ—
Śrantha 1. Stringing together (as of beads, flowers). ୨ । ମୋଚନ—2. Liberation; deliverance; emancipation. ୩ । ଶିଥିଳୀକରଣ—3. Slackening; relaxing. ୪ । (+କର୍ତ୍ତୃ. ଅ) ବିଷ୍ଣୁ (ମୋକ୍ଷଦାତା ହୋଇଥିବାରୁ)—4. Bishnu.

ଶ୍ରନ୍ଥନ(ନା)—ସଂ. ବ (ଶ୍ରନ୍ଥ ଧାତୁ+ଭାବ. ଅନ,+ଆ)—ଶ୍ରଥନ
Śranthana(nā) (ଦେଖ)—Śrathana (See)
[ଶ୍ରନ୍ଥିତ—ବଣ]

ଶ୍ରପିତ—ସଂ. ବଣ (ଶ୍ରୈ ବା ଶ୍ରୈ ଧାତୁ ଣିଚ୍=ଶ୍ରପି ଧାତୁ=ପାକ କରିବା
Śrapita +କର୍ମ. ତ)—[ଶୃତ, ଦୁଗ୍ଧ ଓ ହବି ଭିନ୍ନ] ପାକ କରି ଯାଇଥିବା; ପକ୍ୱ—Boiled; cooked.

ଶ୍ରବ(ବଃ)—ସଂ. ବ (ଶ୍ରୁ ଧାତୁ=ଶୁଣିବା+ଭାବ. ଅ, ଅସ୍)—୧ ।
Śraba(bah) ଶ୍ରବଣ; ଶୁଣିବା—1. Hearing; listening. ୨ । (+କରଣ. ଅ, ଅସ୍) ଶ୍ରବଣେନ୍ଦ୍ରିୟ; କର୍ଣ୍ଣ—2. The ear. ୩ । [+ଭାବ. ଅ, ଅସ୍] ସ୍ରାବ; କ୍ଷରଣ—3. Oozing. ୪ । ଖ୍ୟାତି; ପ୍ରସିଦ୍ଧି—4. Notoriety ୫ । ଯଶ, କୀର୍ତ୍ତି—5, Fame.

ଶ୍ରବଣ—ସଂ. ବ—(ଶ୍ରୁ ଧାତୁ=ଶୁଣିବା+ଭାବ. ଅନ)—୧ । ଶୁଣିବା—
Śrabaṇa 1 Hearing; listening. ୨ । (+କରଣ. ଅନ)—ଶ୍ରବଣେନ୍ଦ୍ରିୟ; କର୍ଣ୍ଣ; କାନ—2. The ear. ୩ । (ଜ୍ୟୋତିଷ)—ଶ୍ରବଣା ନକ୍ଷତ୍ର—3. (Astrology) The 22nd asterism. ୪ । ଭକ୍ତିର ନଅଲକ୍ଷଣ ବା ନବଧା ଭକ୍ତି ମଧ୍ୟରୁ ଗୋଟିଏ—4. One of the processes (viz. hearing or listening) for attaining devotion. [ଦ୍ର—ଭକ୍ତିଶାସ୍ତ୍ର ଅନୁସାରେ ଭକ୍ତିର ଲକ୍ଷଣ ୯ ଗୋଟି ଯଥା—ଶ୍ରବଣ (ଦେବତାଙ୍କ ନାମ ଶ୍ରବଣ), କୀର୍ତ୍ତନ, ସ୍ମରଣ, ପାଦସେବା, ପୂଜା ବା ଅର୍ଚ୍ଚନ, ସ୍ତବ ବା ବନ୍ଦନ, ଦାସତ୍ୱ ବା ଦାସ୍ୟ, ସଖ୍ୟ ଭାବରେ ଆତ୍ମାର୍ପଣ ଓ ଅସ୍ତ୍ର ସମର୍ପଣ ବା ଆତ୍ମନିବେଦନ ।]

ଶ୍ରବଣ କରିବା—ଦେ. କ୍ରି—(ସଂ. ଶ୍ରୁ ଧାତୁ)—ଶୁଣିବା—
Srabaṇa karibā To hear.
শ্রবণকরা श्रवणकरना

ଶ୍ରବଣକର୍ତ୍ତା—ସଂ. ବଣ. ପୁଂ—ଯେ ଶୁଣେ; ଶ୍ରୋତା—
Śrabaṇakarttā Hearing; listening.
[ଶ୍ରବଣକାରୀ—ଅନ୍ୟରୂପ) ବି.- ଶ୍ରୋତା ବ୍ୟକ୍ତି —
[ଶ୍ରବଣ କର୍ତ୍ରୀ, ଶ୍ରବଣକାରିଣୀ—ସ୍ତ୍ରୀ] Hearer; auditor, one of the audience.

ଶ୍ରବଣ-କୁହର (ଗହ୍ୱର)—ସଂ. ବ—(୬ଷ୍ଠୀ ତତ୍)—ଶ୍ରବଣ ବିବର ଦେଖ
Śrabaṇa kuhara (gahwera) Śrabaṇa bibara (See)

ଶ୍ରବଣ ଗୋଚର—ସଂ. ବଣ—(୬ଷ୍ଠୀ ତତ୍; ଶ୍ରବଣ+ଗୋଚର)—୧ ।
Śrabaṇa gochara (ଶବ୍ଦାଦି) ଯାହା ଶୁଣାଯାଏ; ଶ୍ରୁତ; ଶ୍ରୁତି-ଗୋଚର; ଶୁଣାଯିବା—1. Felt by the organ of hearing; that which is heard. ୨ । ଯାହା ନିକଟବର୍ତ୍ତୀ ଥିବାରୁ ଶୁଣା ଯାଏ—2. Within the hearing; within the range of the ear; within ear-shot.

ଶ୍ରବଣ ଗୋଚର ହେବା—ଦେ. କ୍ରି—ଶୁଣାଯିବା—
Śrabaṇa gochara hebā To be heard.
শ্রবণ গোচর হওয়া श्रवण गोचर होना

ଶ୍ରବଣ ଛତ୍ର—ପ୍ରାଦେ.—(ଜୟପୁର) ବି—ଏକ ପ୍ରକାର ଛତୁ—
Śrabaṇa chhatu A species of mushroom.

ଶ୍ରବଣ ଦ୍ୱାଦଶୀ—ପ୍ରାଦେ. (ଯାଜପୁର) ବି—ଶ୍ରବଣା ନକ୍ଷତ୍ର ଯୁକ୍ତ
Śrabaṇa dwādaśi ଦ୍ୱାଦଶୀଦିନ ଭାଦ୍ରବସ୍ତ୍ର (ଯାଜପୁର) ଠାରେ ଶ୍ରାଦ୍ଧ କରିବା ଯୋଗ—The auspicious conjunction of the Śrabaṇā asterism falling on the 12th day of a lunar fortnight, when pindas are offered at Jajpur.

ଶ୍ରବଣ ପଥ (ମାର୍ଗ)—ସଂ. ବି—(ଲୁପ୍ତ; ଶ୍ରବଣ ରୂପ ପଥ)—୧ । କର୍ଣ୍ଣ-
Śrabaṇa patha (mārga) ପଥ—1. The ear (compared to a passage for sound.) ୨ । କାନରେ ଶବ୍ଦ ମଧ୍ୟରୁ ଶବ୍ଦ ପ୍ରବେଶ କରିବା ମାର୍ଗ-2. The auditory canal of the ear.

ଶ୍ରବଣ ପଥାରୂଢ଼—ସଂ. ବଣ (୭ମୀ ତତ୍)—ଯାହା ଶୁଣାଗଲା; ଶ୍ରୁତ—
Śrabaṇa pathārūḍha Heard.

ଶ୍ରବଣ ବିବର (ରନ୍ଧ୍ର)—ସଂ. ବି—(୬ଷ୍ଠୀ ତତ୍; ଶ୍ରବଣ+ବିବର)—
Śrabaṇa bibara (randhra) ୧ । କାନର ଛିଦ୍ର; ଯେଉଁ ଛିଦ୍ର ବାଟେ ପ୍ରାଣୀ ବାହାରର ଶବ୍ଦ ଶୁଣିପାରେ)—1. The hole in the ear. ୨ । କାନ ମଧ୍ୟରେ ଅବ୍ଦ କୁହର—2. The cavity inside the ear; tympanum.

ଶ୍ରବଣ ବେଧ—ସଂ. ବି—(୬ଷ୍ଠୀ ତତ୍)—କର୍ଣ୍ଣ ବେଧ; କାନଫୋଡ଼ା—
Śrabaṇa bedha The drilling of the lobe of the ear.

ଶ୍ରବଣ ମଧୁର—ସଂ. ବଣ—ଶ୍ରୁତି ମଧୁର; ଶୁଣିବାକୁ ମିଠା—
Śrabaṇa madhura Sweet to the ear.
[ଶ୍ରବଣ ମନୋହର—ଅନ୍ୟରୂପ]

ଶ୍ରବଣ ଯୋଗ୍ୟ—ସଂ. ବଣ—ଶୁଣିବାର ଉପଯୁକ୍ତ (ବିଷୟ)—
Śrabaṇa jogya Fit to be heard; deserving attention.

ଶ୍ରବଣରେ ଆସିବା—ଦେ. କ୍ରି—ଶ୍ରୁତ ଗୋଚର ହେବା—
Śrabaṇare āsibā To be heard.
କାନେ আসাঅবগমে আনা

ଶ୍ରବଣ ଶୀର୍ଷକ—ସଂ. ବି—(ବୈଦ୍ୟକ)—ମୁଣ୍ଡୀ ବା ମୁଣ୍ଡିରିକା ଗଛ—
Śrabaṇa śirshaka Name of a plant; Spaerranthus Indicus

ଶ୍ରବଣ ସର୍ବାବୟବୀ—ଦେ. ବଣ—ଯାହାର ସମସ୍ତ ଅବୟବରେ ଶ୍ରବଣ
Śrabaṇa sarbābayabi ବା କାନ ଅକୃତିର ଦାଗ ବା ଛିଦ୍ର ଥାଏ—(A person) Having circular spots or patches on the whole body. [ଦ୍ର—ଶ୍ରବଣ ସର୍ବାବୟବୀ ମାନବ, ସାମୁଦ୍ରିକ ଶାସ୍ତ୍ର ଯେବେ ଲେଖିବ । ବହୁବ୍ରୀ. ସମାସ ।]

ଶ୍ରବଣା—ସଂ. ବି—(ଶ୍ରବଣ+ଆ)—୧ । (ଜ୍ୟୋତିଷ) ନକ୍ଷତ୍ର ବିଶେଷ;
Śrabaṇā ଦ୍ୱାବିଂଶ ନକ୍ଷତ୍ର—1 (Astrology) The 22 nd asterism. ୨ । (ବୈଦ୍ୟକ) ମୁଣ୍ଡିରିକା ଗଛ; ଶ୍ରାବଣୀ, ଶ୍ରବଣାହ୍ୱା—2 Name of a plant; Sphaeranthus Indicus.

ଶ୍ରବଣାକାଙ୍କ୍ଷା—ସଂ. ବି—(୬ଷ୍ଠୀ ତତ୍; ଶ୍ରବଣାର୍ଥ ଆକାଙ୍କ୍ଷା)—ଶୁଣିବାକୁ
Śrabaṇākāṅksha ଇଚ୍ଛା—Desire to hear.
ଶ୍ରବଣାକାଙ୍କ୍ଷୀ (ପୁଂ)
ଶ୍ରବଣାକାଙ୍କ୍ଷିଣୀ (ସ୍ତ୍ରୀ) } —ବଣ ରୂପ

ଶ୍ରବଣାତୀତ—ସଂ. ବଣ—(୫ମୀ ତତ୍; ଶ୍ରବଣ+ଅତୀତ)—ଦୂରତା
Śrabaṇatita ଯୋଗୁଁ ଯାହା ଶୁଣା ଯାଇ ପାରେ ନାହିଁ—
[ଶ୍ରବଣାତିକ୍ରାନ୍ତ—ଅନ୍ୟରୂପ] Too far to be heard; inaudible.

ଶ୍ରବଣା ନକ୍ଷତ୍ର—ସଂ. ବି—(ଜ୍ୟୋତିଷ)—ଦ୍ୱାବିଂଶ ନକ୍ଷତ୍ର—
Śrabaṇā nakshatra The 22nd asterism.
[ଦ୍ର—ଶ୍ରାବଣ ମାସର ପୂର୍ଣ୍ଣିମା ଏହି ନକ୍ଷତ୍ରଯୁକ୍ତ ହୋଇ ଥିବ, ନକ୍ଷତ୍ର ତଳେ ଟୋଟ (ଦେଖ) ।]

ଶ୍ରବଣାହ୍ୱା—ସଂ. ବି (ବୈଦ୍ୟକ)—ଶ୍ରବଣଶୀର୍ଷ (ଦେଖ)
Śrabaṇāhwā Śrabaṇaśirsha;. (See)

ଶ୍ରବଣୀୟ—ସଂ. ବଣ (ଶ୍ରୁ ଧାତୁ+କର୍ମ ଅନୀୟ)—ଶ୍ରବଣ ଯୋଗ୍ୟ;
Śrabaṇiya ଶ୍ରୋତବ୍ୟ—Fit to be heard.

ଶ୍ରବଣେନ୍ଦ୍ରିୟ—ସଂ. ବି (୬ଷ୍ଠୀ ତତ୍; ଶ୍ରବଣ+ଇନ୍ଦ୍ରିୟ)—କାନ—
Śrabaṇendriya The ear.

ଶ୍ରବାଚ୍ୟ (ର୍ଯ୍ୟ)—ସଂ. ବି (ଶ୍ରବ+ଅଚ୍ୟ, +ଅର୍ଯ୍ୟ)—ଯଜ୍ଞରେ ବଳି ଦିଆଯିବା ଯୋଗ୍ୟ ପଶୁ—A beast fit to be offered as a victim in a sacrifice.
Śrabāchya(rjya)

ଶ୍ରବିବା—ଦେ. କ୍ରି (ସଂ. ଶ୍ରୁ ଧାତୁ)—ସ୍ରବିବା—
Śrabibā To ooze out; to flow out in drops.
ঝবা চুনা

ଶ୍ରବିଷ୍ଠା—ସଂ. ବି (ଶ୍ରବବାନ୍=ଖ୍ୟାତବିଶିଷ୍ଟ, ବିଶ୍ୟାତ+ଇଷ୍ଠ+ଆ;
Śrabishṭhā ଉପାଦାନ; ବହୁବ୍ରୀହି)—ଧନିଷ୍ଠା ନକ୍ଷତ୍ର; ବୁଧ ଗ୍ରହଙ୍କ ମାତା; ତ୍ରୟୋବିଂଶ ନକ୍ଷତ୍ର—(Astrology) The 23rd asterism.

ଶ୍ରବିଷ୍ଠାଜ—ସଂ. ବି (ଶ୍ରବିଷ୍ଠା=ଧନିଷ୍ଠା ନକ୍ଷତ୍ରରୁ ଜାତ)—ବୁଧଗ୍ରହ—
Śrabishṭhāja The planet Mercury.

ଶ୍ରବ୍ୟ—ସଂ. ବଣ (ଶ୍ରୁ ଧାତୁ+କର୍ମ. ଯ)—ଶ୍ରାବ୍ୟ; ଶ୍ରବଣୀୟ; ଶୁଣିବା-
Śrabya ଯୋଗ୍ୟ—Fit to be heard.

ଶ୍ରବ୍ୟ କାବ୍ୟ—ସଂ. ବି (କର୍ମଧା; ଶ୍ରବ୍ୟ+କାବ୍ୟ)—ନାଟକ ଭିନ୍ନ ଅନ୍ୟ
Śraby kābya କାବ୍ୟ (ଯେଉଁ କାବ୍ୟ ନାଟ୍ୟ ନୁହେଁ)—A literary work other than a drama.
[ଦ୍ର—ଏହା ୩ ପ୍ରକାର, ଯଥା—ପଦ୍ୟମୟ, ଗଦ୍ୟମୟ ଓ ଗଦ୍ୟ ପଦ୍ୟମୟ । ଏମାନେ ପ୍ରତ୍ୟେକ ମଧ୍ୟ ୩ ଭାଗରେ ବିଭକ୍ତ ଯଥା—ମହାକାବ୍ୟ, ଖଣ୍ଡକାବ୍ୟ ଓ କୋଷକାବ୍ୟ]

ଶ୍ରମ୍ (ଧାତୁ)—ସଂ—ପରିଶ୍ରମ କରିବା; ମେହନ୍ତ କରିବା
Śram (root) To labour.

ଶ୍ରମ—ସଂ. ବି (ଶ୍ରମ୍ ଧାତୁ+ଭାବ. ଅ)—୧। ଶାରୀରିକ ଚେଷ୍ଟା; ପରିଶ୍ରମ; ମିହନ୍ତ—1. Labour; toil; exertion. ୬। ଚେଷ୍ଟା—3. Effort. ୩। କ୍ଳାନ୍ତି; କ୍ଳାନ୍ତ; ପରିଶ୍ରମଜନିତ ଖେଦ—2. Fatigue; weariness. ୪। ବିରକ୍ତି; ଖେଦ—4. Distress; vexation. ୫। ଅଭ୍ୟାସ—5. Practice; exercise. ୬। ଶାସ୍ତ୍ରାଭ୍ୟାସ—6. Studying of the religious books; learning of the scriptures. ୭। ତପସ୍ୟା—7. Penance; religious austerities.
Śrama
ଦେଶଜ. ବି—ସରମ; ଲଜ୍ଜା—Shame. [ଦୃ—ଏତେ କଥାରେ ଏ ଲଘୁ ନ ଥିବେ କି ଶ୍ରମ। ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ।] ଦେ. ବି ଶ୍ରମଝାଳ—Perspiration due to labour. [ଦୃ—ଗୋପୀଙ୍କ ମୁଖେ ଶ୍ରମ ବୃନ୍ଦି, ପୋଛନ୍ତି କରେ ଶ୍ରୀବତ୍ସାଙ୍କ। ଜଗନ୍ନାଥ ଦାସଙ୍କ ଭାଗବତ।]

ଶ୍ରମ ଘର୍ମ—ସଂ. ବି (ମ. ପ. କ୍ରେ)—ଶ୍ରମଜଳ (ଦେଖ)
Śrama gharma Śrmajala; (See)

ଶ୍ରମଜ—ସଂ. ବଣ. (ଶ୍ରମ+ଜନ୍ ଧାତୁ+କର୍ତ୍ତୃ. ଅ)—ପରିଶ୍ରମ କରିବା ଯୋଗୁଁ ଜାତ—Due to labour; resulting from labour.
Śramaja
[ଶ୍ରମଜନ୍ୟ, ଶ୍ରମଜନିତ—ଅନ୍ୟରୂପ]

ଶ୍ରମଜନକ—ସଂ. ବଣ—କ୍ଳାନ୍ତି ଉତ୍ପାଦକ—
Śramajanaka Producing weariness; fatiguing.

ଶ୍ରମ ଜଳ (ବାରି)—ସଂ. ବି (ମ. ପ. କ୍ରେ; ଶ୍ରମଜାତ ଜଳ)—ପରିଶ୍ରମ କରିବା ଯୋଗୁଁ ଦେହରୁ ବୋହିବା ଝାଳ—Perspiration due to labour;
Śrama jala(bāri)

ଶ୍ରମଜୀବୀ—ସଂ. ବଣ (ଶ୍ରମଜୀବିନ୍ ଶବ୍ଦ; ଶ୍ରମ+ଜୀବ ଧାତୁ+କର୍ତ୍ତୃ. ଇନ୍)—ଶ୍ରମ ବା ଶାରୀରିକ ପରିଶ୍ରମଦ୍ୱାରା ଜୀବନ ନିର୍ବାହକାରୀ—Living on labour.
Śramajibi
(ଶ୍ରମଜୀବିନୀ—ସ୍ତ୍ରୀ)
ବି. ପୁଂ—ମଜୁରିଆ; ମୂଲିଆ—
Labourer; cooly; workman.

ଶ୍ରମ ଝାଳ—ଦେ ବି (ସ ଶ୍ରମଜଳ)—ଶ୍ରମଜଳ (ଦେଖ)—Śramajāla
Śrama jhāla (See) [ହି—ଶ୍ରମ ଦେବେ ପରିଶ୍ରମେରଘାମ, କାଳଘାମ ମିହନତକାପସୀନା ଶ୍ରମଝାଳ, ଧାଡ଼ୀ ଦେଶେ ପୋଛି ଦେବାର କେବେ ଶିଖିଛ—ଭକ୍ତ ପ୍ରେମସୁଧାକର।]

ଶ୍ରମଣ—ସଂ ବି. ପୁଂ (ଶ୍ରମ୍ ଧାତୁ+କର୍ତ୍ତୃ ଅନ)—୧। ସନ୍ନ୍ୟାସୀ—1, A recluse. ୬। ଭିକ୍ଷୁକ—2, A beggar. ୩। ବୌଦ୍ଧଭିକ୍ଷୁ—3, A Buddhist monk, ୪। ଶ୍ରମଜୀବୀ ବ୍ୟକ୍ତି—4. A labourer; cooly, ୫। ନୀଚବ୍ୟବସାୟୀ ବ୍ୟକ୍ତି 5, A person following a low profession, ବଣ—୧। ଘୃଣିତ—1, Detested; hateful, ୬। ଅପକୃଷ୍ଟ—2, Inferior. ୩। ନୀଚ—3, Low; base,
Śramana
(ଶ୍ରମଣା—ସ୍ତ୍ରୀ)

ଶ୍ରମଣା—ସଂ ବି. ସ୍ତ୍ରୀ—୧। ବୌଦ୍ଧସନ୍ନ୍ୟାସିନୀ—1, A Buddhist nun. ୬। ଭିକ୍ଷୁଣୀ—2. A female beggar. ୩। ତାପସୀ—3. A female recluse. ୪। ଶବରସ୍ତ୍ରୀ ବିଶେଷ—4, Female of a class of hillmen,
Śramanā

ଶ୍ରମ ନିବାରକ—ସଂ ବଣ—ଶ୍ରମହାରକ (ଦେଖ)
Śrama nibāraka Śramahāraka (See)

ଶ୍ରମ ନିବାରଣ ସଂ ବି—ପରିଶ୍ରମର କ୍ଳାନ୍ତି ହରଣ—
Śrama nibārana The assuaging of fatigue.

ଶ୍ରମ ପୀଡ଼ା—ସଂ ବି (ମ. ପ. କ୍ରେ) ଶ୍ରମଜନିତ କଷ୍ଟ—
Śrama pirdā The rigours of labour.

ଶ୍ରମ ବିନୋଦନ—ସଂ ବି—ପରିଶ୍ରମର କ୍ଳାନ୍ତିକୁ ଭୁଲିଯିବା—
Śrama binodana Forgetting the weariness of labour.

ଶ୍ରମ ବିଭାଗ—ସଂ ବି (ଅଟ୍ଟନିକ ବ୍ୟବହାର)—୧। ସରକାରଙ୍କର ଯେଉଁ ବିଭାଗ ଦେଶର ଶ୍ରମସମ୍ବନ୍ଧୀୟ ନୀତି ସମ୍ବନ୍ଧରେ ତଦାରଖ କରନ୍ତି—1, The department of industry of a Government ୬। ନୋଟିଏ କର୍ମର ବିଭିନ୍ନ ଅଂଶକୁ ଭିନ୍ନ ଭିନ୍ନ ଶ୍ରମିକମାନଙ୍କଦ୍ୱାରା କରିବାର ପ୍ରଣାଳୀ—2, Division of labour.
Śramabibhuga
ଶ୍ରମବିଭାଗ ଶ୍ରମବିଭାଗ

ଶ୍ରମ ଲବ୍ଧ—ସଂ ବଣ (ତୃତ୍ସା ତତ୍) ଶ୍ରମଦ୍ୱାରା ପ୍ରାପ୍ତ—
Śramalabdha Obtained by labour

ଶ୍ରମ ଲଭ୍ୟ—ସଂ ବଣ(ତୃତ୍ସା ତତ୍ ଶ୍ରମ+ଲଭ୍ୟ) ଯାହା ପରିଶ୍ରମ କଲେ ମିଳିପାରେ—Obtainable by labour.
Śrama labhya

ଶ୍ରମ ଲାଘବ—ସଂ ବି (୬ଷ୍ଠୀ ତତ୍)—ପରିଶ୍ରମର ପରିମାଣ କମ ହେବା—
Śrama lāghaba Lessening of labour.

ଶ୍ରମଶୀଳ—ସଂ ବଣ. ପୁଂ (ବହୁବ୍ରୀହି)—୧। ପରିଶ୍ରମୀ—1, Laborious ୬। ସ୍ୱଭାବତଃ ପରିଶ୍ରମୀ—2, Laborious by nature; industrious,
Śramasila
(ଶ୍ରମଶୀଳା—ସ୍ତ୍ରୀ)

ଶ୍ରମସହ—ସଂ ବଣ (ଶ୍ରମ+ସହ ଧାତୁ+କର୍ତ୍ତୃ.ଅ)—ଯେ ପରିଶ୍ରମର କଷ୍ଟ ସହି ପାରେ—Capable of doing much labour.
Śramasaha
(ଶ୍ରମସହିଷ୍ଣୁ—ଅନ୍ୟରୂପ)

ଶ୍ରମ ସାଧ୍ୟ—ସଂ. ବଣ—(ତୃତ୍ସା ତତ୍; ଶ୍ରମ+ସାଧ୍ୟ)—ପରିଶ୍ରମଦ୍ୱାରା କରଣୀୟ—Laboursome; toilsome (work); capable of being accomplished by labour.
Śrama sādhya

ଶ୍ରମ ସିଦ୍ଧ—ସଂ. ବଣ—(ତୃତ୍ସା ତତ୍; ଶ୍ରମ+ସିଦ୍ଧ)—ପରିଶ୍ରମଦ୍ୱାରା ସମ୍ପାଦିତ
Śrama siddha Accomplished by labour.

ଶ୍ରମ ହାରକ—ସଂ. ବଣ—ଯାହା ଶ୍ରମର ପୀଡ଼ା ବା କ୍ଳାନ୍ତି ଦୂର କରେ; ଶ୍ରାନ୍ତି ଦୂରକ—Removing fatigue.
Śrama hāraka
[ଶ୍ରମହାରୀ—ଅନ୍ୟରୂପ] [ଶ୍ରମହାରିକା, ଶ୍ରମହାରିଣୀ—ସ୍ତ୍ରୀ]

ଶ୍ରମାଇବା — ଦେ. (ପଦ୍ୟ) କ୍ରି —(ସ. ଶ୍ରମ୍ ଧାତୁ ଣିଚ୍)— ୧ । ଶ୍ରମିବା
Śramāibā କ୍ରିୟାର ଣିଜନ୍ତରୂପ—1. The causative form of Śramibā. ୨ । ପରିଶ୍ରମ କରାଇବା — 2. To cause another to work.

ଶ୍ରମାସକ୍ତ— ସ. ବଣ ପୁଂ-(୭ମୀ ତତ୍, ଶ୍ରମ+ଆସକ୍ତ)—ପରିଶ୍ରମୀ (ବ୍ୟକ୍ତି)
Śramāsakta —Given to labour; laborious; toiling.
[ଶ୍ରମାସକ୍ତା — ସ୍ତ୍ରୀ]

ଶ୍ରମାପନୋଦନ — ସ. ବି — (୬ଷ୍ଠୀ ତତ୍, ଶ୍ରମ+ଅପନୋଦନ)—କ୍ଳାନ୍ତି
Śramāpanodana ଦୂରୀକରଣ—Assuaging of fatigue.
[ଶ୍ରମାପନୟନ—ଅନ୍ୟରୂପ]

ଶ୍ରମାପହାରକ— ସ. ବଣ ପୁଂ—(ଶ୍ରମ+ଅପହାରକ)--ଶ୍ରମହାରକ (ଦେଖ)
Śramāpahāraka Śramahāraka (See)
[ଶ୍ରମାପହାରୀ—ଅନ୍ୟରୂପ] (ଶ୍ରମାପହାରିକା—ସ୍ତ୍ରୀ)

ଶ୍ରମିକ—ଦେ· ବି—[ସଂ. ଶ୍ରାମିକ] – ଶ୍ରାମିକ (ଦେଖ)
Śramika Śrāmika (See)

ଶ୍ରମିଣୀ—ସ. ବଣ. ସ୍ତ୍ରୀ – (ଶ୍ରମିନ୍+ସ୍ତ୍ରୀ. ଈ)-ପରିଶ୍ରମକାରିଣୀ; ଶ୍ରମଶୀଳା—
Śramiṇī Laborious (female).

ଶ୍ରମିତ—ଦେ· ବଣ—କ୍ଳାନ୍ତ— Tired. [ଉ—ଜାଗ୍ରତ ଶ୍ରମିତ ଶରୀର,
Śramita श्रांत ବଡ଼ପରେ ଗୋଡ଼କ ତୋଳର ।
ଶ୍ରାନ୍ତ ଭୂପତି· ପ୍ରେମପଞ୍ଚାମୃତ ।]

ଶ୍ରମିବା—ଦେ· (ପଦ୍ୟ) କ୍ରି—(ସ· ଶ୍ରମ୍ ଧାତୁ)—୧ । ପରିଶ୍ରମ କରିବା-
Śramibā শ্রমা मिहनत करना 1. To labour.
୨ । କ୍ଳାନ୍ତ ହେବା—2. To become fatigued or spent up.

ଶ୍ରମୋପଜୀବୀ—ସ· ବଣ ଓ ବି· ପୁଂ—(ଶ୍ରମୋପଜୀବିନ୍ ଶବ୍ଦ)—ଶ୍ରମଜୀବୀ
Śramopajībi [ଦେଖ] Śrama jībi (See)
[ଶ୍ରମୋପଜୀବିନୀ—ସ୍ତ୍ରୀ]

ଶ୍ରମୋପଲବ୍ଧ —ସ. ବଣ—(୩ୟା ତତ୍; ଶ୍ରମ+ଉପଲବ୍ଧ)—ଶ୍ରମଲବ୍ଧ
Śramopalabdha [ଦେଖ] – Śrama labdha (See)

ଶ୍ରମୋପଲଭ୍ୟ—ସ· ବଣ —(୩ୟା ତତ୍; ଶ୍ରମ+ଉପଲଭ୍ୟ) — ଶ୍ରମଲଭ୍ୟ
Śramopalabhya (ଦେଖ)—Srama labhya (See)

ଶ୍ରୟ—ସ. ବି—[ଶ୍ରି ଧାତୁ=ଆଶ୍ରୟ କରିବା+ଭାବ. ଅ)—୧ ।
Śraya ଆଶ୍ରୟ; ଅବଲମ୍ବନ—1. Refuge; shelter; protection; asylum.
[ଶ୍ରୟଣ—ଅନ୍ୟରୂପ] ୨ । ବାସ— 2. Residence. ୩ । (କ୍ଷେତ୍ରତତ୍ତ୍ୱ ପାରିଭାଷିକ ଶବ୍ଦ) ସମକୋଣୀ ତ୍ରିଭୁଜର କୋଟି—3. The hypotenuse of a rightangled triangle.

ଶ୍ରା [ଧାତୁ]—ସ·—ପାକ କରିବା—
Śrā root To boil; to cook.

ଶ୍ରାଣ—ସ. ବଣ—[ଶ୍ରା ଧାତୁ=ପାକ କରିବା+କର୍ମ. ତ]— ୧ । ପକ୍ୱ;
Śrāṇa ପାକ କରି ସାଇଥିବା (ଦ୍ରବ୍ୟ)—1. Cooked. ୨ । ଘର୍ମକ୍ତ—2. Covered with perspiration. ୩ । ସିକ୍ତ; ଓଦା—3. Moistened; damp.

ଶ୍ରାଣନ —ସଂ. ବି—(ଶ୍ରଣ୍ ଧାତୁ ଣିଚ୍=ଶ୍ରଣି ଧାତୁ=ଦାନ କରିବା+
Śrāṇana ଭାବ. ଅନ)—ଦାନ; ବିତରଣ—Gift; donation; almsgiving.

ଶ୍ରାଦ୍ଧ —ସ. ବଣ (ଶ୍ରଦ୍ଧା+ଯୁକ୍ତାର୍ଥେ· ଅ) –ଶ୍ରଦ୍ଧାଯୁକ୍ତ—Devotion-
Śrāddha al; reverent. ବି—ପିତୃକୃତ୍ୟ; ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଯୁକ୍ତ ପ୍ରଜାଦିଙ୍କଦ୍ୱାରା କରାଯିବା ପିଣ୍ଡଦାନାଦି ଅନୁଷ୍ଠାନ—Offering or oblation of rice-cakes made to one's deceased ancestors.
(ଶ୍ରାଧ—ଦେ. ରୂପ) ଦେ. ବି (ଶ୍ରାଦ୍ଧକାଳରେ ପିତୃଗଣଙ୍କ
[ସିରାଧ—ଗ୍ରା· ରୂପ] ପୁନଃ ପୁନଃ ନାମୋଚ୍ଚାରଣ କରାଯାଉଥିବାରୁ) — ପୁନଃ ପୁନଃ ପୂର୍ବପୁରୁଷମାନଙ୍କ ନାମୋଚ୍ଚାରଣପୂର୍ବକ ଗାଳି — Abuse by uttering the names of
শ্রাদ্ধ सराप the ancestors of the abused person.

ଶ୍ରାଦ୍ଧ କରିବା—ଦେ. କ୍ରି—୧ । ମାତୃପିତୃଗଣଙ୍କୁ ପିଣ୍ଡ ଦାନ କରିବା—
Śrāddha karibā 1. To offer rice-cakes to one's
শ্রাদ্ধ করা deceased ancestors. [ଉ—ପିତୃଙ୍କର ତୋଷ
श्राद्ध करना ପାଇଁ ସେ ଶ୍ରାଦ୍ଧ କଲେ । କୃଷ୍ଣସିଂହ, ମହାଭାରତ ଅଦି ।] ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ପୂର୍ବପୁରୁଷଙ୍କ ନାମ ଧରି ଗାଳି ଦେବା—2· (figurative) To call names by abusing a person's ancestors. (ଯଥା—ସେ ମୋର ୭ ପୁରୁଷଙ୍କ ଶ୍ରାଦ୍ଧ କଲା) ୩ । କୌଣସି ବିଷୟକୁ ଶେଷଥର ପାଇଁ ତ୍ୟାଗ କରିବା; ଜଳାଞ୍ଜଳି ଦେବା—3. (figurative) To make an end of a thing; to bid adieu to a matter. (ଯଥା—ସେ ପଢ଼ାପଢ଼ିର ଶ୍ରାଦ୍ଧ କଲାଣି)

ଶ୍ରାଦ୍ଧ କାଳ—ସ. ବି—ଦିନ ଦଶଘଡ଼ି ବେଳ—
Śrāddha kāḷa About 1-30 P. M.

ଶ୍ରାଦ୍ଧ କୃତ୍—ସ· ବଣ ଓ ବି (ଶ୍ରାଦ୍ଧ+କୃ ଧାତୁ+କର୍ତ୍ତୃ· କ୍ୱିପ୍)—
Śrāddha kṛut ଯେଉଁ ବ୍ୟକ୍ତି ଶ୍ରାଦ୍ଧ କରନ୍ତି—The performer of a funeral rite.

ଶ୍ରାଦ୍ଧ କ୍ରିୟା(କର୍ମ)—ସଂ· ବି—ପିଣ୍ଡଦାନରୂପ କ୍ରିୟା —
Śrāddha kriyā(karma) Offering of funeral cakes.

ଶ୍ରାଦ୍ଧ ଖିରିପିଠା —ଦେ. [ବି—ଶ୍ରାଦ୍ଧ ଉପଲକ୍ଷରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ
Śrāddha khiripiṭhā ଦିଆଯିବା ଅନ୍ନ ମିଷ୍ଟାନ୍ନାଦି—
শ্রাদ্ধের ভূরীভোজন Rice and sweets served to
श्राद्धका भोजन guests invited on the occasion of a 'Śrāddha'.

ଶ୍ରାଦ୍ଧ ଘର—ଦେ. ବି—କୌଣସି ପରିବାରରେ ଶ୍ରାଦ୍ଧାନୁଷ୍ଠାନ—
Śrāddha ghara The observance of 'Śrāddha' in a family.
শ্রাদ্ধবাড়ী श्राद्ध

ଶ୍ରାଦ୍ଧ ଦିବସ (ଦିନ)—ସଂ. ବି—ଶ୍ରାଦ୍ଧ କରିବାର ଦିନ (ମୃତ ପିତୃ-
Śrāddha dibasa (dina) ପୁରୁଷଙ୍କ ମୃତାହ)—The day on which the anniversary Śrāddha of a deceased is performed.

ଶ୍ରାଦ୍ଧ ଦେବ—ସଂ. ବି—୧ । ଯମ—1. The God or Regent
Śrāddha deba of death. ୨ । ପିତୃଲୋକ—2. One's
(ଶ୍ରାଦ୍ଧ ଦେବତା—ଅନ୍ୟରୂପ) deceased progenitors. ୩ । ବୈବସ୍ୱତ ମନୁ; ସପ୍ତମ ମନୁ—3. The 7th Manu (who is said to preside over the present age). [ଦ୍ର—ବର୍ତ୍ତମାନ ବୈବସ୍ୱତ ମନୁଙ୍କର ଅଷ୍ଟାବିଂଶ ଯୁଗର ୧୦ମ ଭାଗ ଭୋଗ ହେଉଅଛି ।] ୪ । ବିଶ୍ୱଦେବ—4. A biswadeba (Apte).

ଶ୍ରାଦ୍ଧ ପତ୍ର—ଦେ. ବି—ଯେଉଁ ବଡ଼ କଦଳୀପତ୍ରରେ ଶ୍ରାଦ୍ଧାନ୍ନ
Śrāddha patra ବଢ଼ାଯାଏ—A broad plantain
শ্রাদ্ধের কলাপাতা leaf on which the rice etc are
श्राद्ध पत्र served for Śrāddha.
(ଶ୍ରାଦ୍ଧ ପତର—ଅନ୍ୟରୂପ) [ଦ୍ର—ଦେଖ ଶ୍ରାଦ୍ଧପତରରେ ଗାଈ ଚାଟ-ଗଲା ।]

ଶ୍ରାଦ୍ଧ ବ୍ରାହ୍ମଣ—ସଂ. ବି—ଯେଉଁ ନିମନ୍ତ୍ରିତ ବ୍ରାହ୍ମଣ ଶ୍ରାଦ୍ଧ ପତ୍ରରେ ବସି
Śrāddha brāhmaṇa ଭୋଜନ କରନ୍ତି—
(ଶ୍ରାଦ୍ଧ ବାମ୍ଭଣ—ଗ୍ରାମ୍ୟ ରୂପ) A Brāhmaṇa who is
শ্রাদ্ধ বামুন invited to partake of the food
महापात्र ब्राह्मण served on the plantain leaf at a Śrāddha.

ଶ୍ରାଦ୍ଧ ଭୁକ୍ (ଭୋକ୍ତା)—ସଂ. ବି (ଶ୍ରାଦ୍ଧ+ଭୁଜ୍ ଧାତୁ କର୍ତ୍ତି କ୍ୱିପ୍;+
Śrāddha bhuk (bhoktā) କର୍ତ୍ତୃ. ତ; ୧ମା. ୧ବ)—
ସ୍ୱର୍ଗତ ପୂର୍ବପୁରୁଷ, ଯାହାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦିଆଯାଏ—A deceased ancestor to whom funeral cakes are offered.

ଶ୍ରାଦ୍ଧାନ୍ନ—ସଂ. ବି (ମ. ପ. ଲୋ)—ଶ୍ରାଦ୍ଧ ନିମନ୍ତେ ପାକ କରାଯାଇଥିବା
Śrāddhānna ଅନ୍ନ—Rice cooked to be offered in a Śrāddha.

ଶ୍ରାଦ୍ଧିକ—ସଂ. ବିଣ (ଶ୍ରାଦ୍ଧ+ଭୋଜନାର୍ଥେ, ଇକ)—୧ । ଶ୍ରାଦ୍ଧ
Śrāddhika ସମ୍ବନ୍ଧୀୟ—1. Relating to Śrāddha.
(ଶ୍ରାଦ୍ଧିକୀ—ସ୍ତ୍ରୀ) ୨ । (ପୁଂ) ଶ୍ରାଦ୍ଧରେ ଭୋଜନକାରୀ—2. Partaking of the 'Śrāddha' offerings. ବି—୧ । ଶ୍ରାଦ୍ଧ ବ୍ରାହ୍ମଣ (ଦେଖ)—1. Śrāddha Brāhmaṇa, (See) ୨ । ଶ୍ରାଦ୍ଧରେ ଦେୟ ବସ୍ତୁ—2. Articles given away on the occasion of a Śrāddha. ୩ । ଯେଉଁ ପିତୃଲୋକଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯାଏ—3. The recipient of obsequel offering (Apte).

ଶ୍ରାଦ୍ଧୀୟ—ସଂ. ବିଣ (ଶ୍ରାଦ୍ଧ+ଈୟ)—ଶ୍ରାଦ୍ଧ ସମ୍ବନ୍ଧୀୟ—
Śrāddhīya Relating to Śrāddha.

ଶ୍ରାଧ (ଇତ୍ୟାଦି)—ଗ୍ରା, ବି (ସଂ. ଶ୍ରାଦ୍ଧ)—ଶ୍ରାଦ୍ଧ ଇତ୍ୟାଦି (ଦେଖ)
Śrādha (etc) Śrāddha etc. (See)

ଶ୍ରାନ୍ତ—ସଂ ବିଣ. ପୁଂ (ଶ୍ରମ୍ ଧାତୁ+କର୍ତ୍ତୃ ତ)—୧ । କ୍ଲାନ୍ତ—
Śrānta 1. Fatigued; tired. ୨ । ଖିନ୍ନ—
(ଶ୍ରାନ୍ତା—ସ୍ତ୍ରୀ) 2. Worn out; wearied; exhausted. ୩ । ଶାନ୍ତ—3. Appeased; calmed; at rest. ୪ । ଭୋଗତୃପ୍ତ—4. Satiated; gratified. ସ. ବି. ପୁଂ—ବୈରାଗୀ; ସନ୍ନ୍ୟାସୀ—An ascetic (Apte).

ଶ୍ରାନ୍ତ କାୟ—ସଂ. ବି (କର୍ମଧା, ଶ୍ରାନ୍ତ+କାୟ)—କ୍ଲାନ୍ତ ଶରୀର—
Śrānta kāya Fatigued body ବିଣ. ପୁଂ
(ଶ୍ରାନ୍ତଦେହ—ଅନ୍ୟରୂପ) (ବହୁବ୍ରୀହି)—ଯାହାର ଶରୀର କ୍ଲାନ୍ତ
(ଶ୍ରାନ୍ତକାୟା, ଶ୍ରାନ୍ତଦେହା—ବିଣ. ସ୍ତ୍ରୀ) ହୋଇଅଛି—Fatigued.

ଶ୍ରାନ୍ତଗତି—ସଂ ବି (କର୍ମଧା) ଧୀରଗମନ—
Śrāntagati Slow motion.
ସ. ବିଣ. ପୁଂ ଓ ସ୍ତ୍ରୀ—ଧୀରଗତିବିଶିଷ୍ଟ—Moving slowly.

ଶ୍ରାନ୍ତ ସମ୍ବାହନ—ସଂ. ବି (୬ଷ୍ଠୀ ତତ୍)—କ୍ଲାନ୍ତ ବ୍ୟକ୍ତିର କ୍ଲାନ୍ତି
Śrānta sambahana ଅପନୋଦନାର୍ଥ ଗୋଡ଼ ଘଷିବା ଓ
(ଶ୍ରାନ୍ତୋପଚାର—ଅନ୍ୟରୂପ) ସେବା—Soothing or relieving the distress of the wearied (Apte).

ଶ୍ରାନ୍ତି—ସଂ. ବି (ଶ୍ରମ୍ ଧାତୁ+ଭାବ. ତି)—୧ । କ୍ଲାନ୍ତି; ପରିଶ୍ରମଜନିତ
Śrānti ଅବସାଦ—1. Fatigue; weariness; exhaustion; lassitude. ୨ । ଶ୍ରମାନ୍ତେ ବିଶ୍ରାମ—2. Rest after fatigue; refreshment. ୩ । ନିବୃତ୍ତି—3. Cessation. ୪ । ଭୋଗତୃପ୍ତି—4. Satiation; gratification. ୫ । ଶ୍ରମ—5. Toil; labour.

ଶ୍ରାନ୍ତିକର—ସଂ. ବିଣ—ଯାହା କ୍ଲାନ୍ତି ଜନ୍ମାଏ—Toilsome;
Śrāntikara wearisome; fatiguing.
(ଶ୍ରାନ୍ତିକାରକ, ଶ୍ରାନ୍ତିଜନକ—ଅନ୍ୟରୂପ)

ଶ୍ରାନ୍ତି ଦୂର କରିବା—ଦେ. କି—ବିଶ୍ରାମଦ୍ୱାରା ଶ୍ରମର ଖେଦକୁ କମାଇବା-
Śrānti dūra kariba To be refreshed by rest.
শ্রান্তিদূরকরা श्रमदूरकरना

ଶ୍ରାନ୍ତିନାଶକ—ସଂ. ବିଣ—ଯାହା କ୍ଲାନ୍ତିକୁ ଦୂର କରେ—Prevetn-
Śrāntināśaka ing or removing weariness.

ଶ୍ରାବ—ସଂ. ବି (ଶ୍ରୁ ଧାତୁ+ଭାବ. ଅ)—୧ । ଶ୍ରବଣ—1. Hear-
Śrāba ing. ୨ । କ୍ଷରଣ; ସ୍ରାବ—Oozing. ୩ । ଇକ୍ଷ୍ୱାକୁବଂଶୀୟ ନୃପତିବିଶେଷ—3. Name of a king of the Ikshwāku dynasty. ୪ । ସରଳ ବୃକ୍ଷର ଅଠା (ବିଶ୍ୱକୋଷ)—Resin of the pine tree.

ଶ୍ରାବକ—ସଂ. ବିଣ. ପୁଂ (ଶ୍ରୁ ଧାତୁ+କର୍ତ୍ତୃ ଅକ)—ଶ୍ରବଣକାରୀ—
Śrabaka 1. Hearing; listening. ବି—୧ । କାକ;
(ଶ୍ରାବକା—ସ୍ତ୍ରୀ) କୁଆ—1. Crow. ୨ । ଶାକ୍ୟ

ମୁନିଙ୍କ ଶିଷ୍ୟ; ବୌଦ୍ଧ—2. A disciple o votary of the Buddha. ୩ । ଶ୍ରୋତା—3. Hearer; listener. ୪ । ବାହକ—4. A bearer (Apte). ୫ । ଶିଷ୍ୟ; ଛାତ୍ର—5. A pupil; disciple (Apte). ୬ । ବୌଦ୍ଧ ସାଧୁଙ୍କ ଶ୍ରେଣୀବିଶେଷ—6. A class of Buddhist saints or votaries (Apte). ୭ । ବେଦ ବିରୁଦ୍ଧ ମତବାଦୀ ବ୍ୟକ୍ତି—7. A heretic (Apte)

ଶ୍ରାବଣ—ସଂ. ବଣ—(ଶ୍ରବଣ+ଅ)—୧ । ପାପିଷ୍ଠ—1. Sinful.
Śrābaṇa ୨ । ଶ୍ରବଣେନ୍ଦ୍ରିୟଲବ୍ଧ [ଜ୍ଞାନ]—2. (Knowledge) Derived through the sense of hearing. ୩ । କର୍ଣ୍ଣ ସମ୍ବନ୍ଧୀୟ—3. Relating to the ear. ୪ । (ଶ୍ରବଣା+ଅ)-ଶ୍ରବଣାନକ୍ଷତ୍ରସମ୍ବନ୍ଧୀୟ—4. Relating to the Śrabaṇā asterism. ୫ । ଶ୍ରବଣା ନକ୍ଷତ୍ରରେ ଜାତ (ବ୍ୟକ୍ତି)—5. Born under the asterism Śrabaṇā. ୬ । ବେଦ ବିରୁଦ୍ଧ ମତବାଦୀ—6. Heretica. ବ—(ଶ୍ରାବଣୀ=ଶ୍ରାବଣ ପୂର୍ଣ୍ଣିମା+ଅ)—୧ । ଆଷାଢ଼ର ପରବର୍ତ୍ତୀ ଚାନ୍ଦ୍ର ମାସ (ବର୍ଷାଋତୁ)—1. The lunar month of Śrābaṇa. (July-August). ୨ । ପାଷଣ୍ଡ—2. A heretic (Apte). ୩ । ଧୂର୍ତ୍ତବ୍ୟକ୍ତି; ଶଠ—3. An imposter (Apte). ୪ । (ନାମ) ଦଶରଥଙ୍କ ଦ୍ୱାରା ଅଜାଣତରେ ଶରବିଦ୍ଧ ଓ ମୃତ ବୈଶ୍ୟ ଯତି, ଯାହାଙ୍କ ବୃଦ୍ଧ ପିତା ଓ ମାତାଙ୍କ ଅଭିଶାପରେ ଦଶରଥ ପୁତ୍ରବିୟୋଗ ଦ୍ୱାରାରେ ମୃତ୍ୟୁ ହେଲେ—4. Name of a Baiśya ascetic who was unwittingly shot dead by King Daśaratha who was, in consequence, cursed by the old parents of the deceased, that he would die of broken heart for being separated from his sons (Apte) ୫ । ଶ୍ରବଣେନ୍ଦ୍ରିୟଜନିତ ଜ୍ଞାନ—5, Knowledge derived from hearing (Apte).

ଶ୍ରାବଣିକ—ସଂ. ବ—(ଶ୍ରାବଣୀ=ଶ୍ରାବଣ ପୂର୍ଣ୍ଣିମା+ଇକ)—ଶ୍ରାବଣମାସ
Śrābaṇika The lunar month of Śrābaṇa.
ସଂ. ବଣ—(ଶ୍ରାବଣ+ଇକ)—ଶ୍ରାବଣ ମାସ ସମ୍ବନ୍ଧୀୟ—Relating to the month of Śrābaṇa (Apte).

ଶ୍ରାବଣୀ—ସଂ. ବ. ସ୍ତ୍ରୀ—(ଶ୍ରବଣ+ଅ+ଈ)—୧ । ଶ୍ରାବଣ ମାସର
Śrābaṇī ପୂର୍ଣ୍ଣିମା—1. The day of fullmoon of the month of Śrābaṇa. ୨ । ଥାଲକୁଡ଼ି (ପ୍ରକୃତିବାଦ); ମଣ୍ଡୁକପର୍ଣ୍ଣୀ—2. Hydrocotyle Asiatica; the Asiatic pennywort. ୩ । ଦଣ୍ଡାଳି ବୃକ୍ଷ (ପ୍ରକୃତିବାଦ); ବଡ଼ ବହୁଳା ଗୁଳ୍ମ—3. Tinospora Tomentosa (plant). ୪ । ମୁଣ୍ଡିତିକା ବୃକ୍ଷ, (ପ୍ରକୃତିବାଦ); ମୋଡ଼ାଫୁଲ ଗଛ—4. Sphaeranths Indicum.

ଶ୍ରାବଣୀୟ—ସଂ. ବଣ—(ଶ୍ରୁ ଧାତୁ ଣିଚ ଶ୍ରାବି ଧାତୁ+କର୍ମ. ଅନୀୟ)—
Śrābaṇīya ଅନ୍ୟକୁ ଶୁଣାଇବା ଯୋଗ୍ୟ—Fit to be [ଶ୍ରାବୟିତବ୍ୟ—ଅନ୍ୟରୂପ] spoken out to another.

ଶ୍ରାବନ୍ତୀ—ସଂ. ବ—ରାମାୟଣୋକ୍ତ ନଗରୀ ବିଶେଷ; କୁଶଲବକୋଶଳଙ୍କ
Śrābantī ଲବଙ୍କ ରାଜଧାନୀ; ଧର୍ମପତ୍ତନ ନାମକ ନଗରର ନାମାନ୍ତର—Name of an ancient town of the name of Dharmapattana. [ଦ୍ର—କେହି କେହି ଏହାକୁ ଶ୍ରାବସ୍ତୀ ବୋଲି କହନ୍ତି । ବିଶ୍ୱକୋଷ]

ଶ୍ରାବସ୍ତ—ସଂ. ବି. ପୁଂ—(ଶ୍ରାବ+ଅପତ୍ୟାର୍ଥେ. ସ୍ତ)—ଶ୍ରାବ ରାଜାଙ୍କ
Śrābasta ପୁତ୍ର ଓ ଶ୍ରାବସ୍ତୀ ନଗରର ପ୍ରତିଷ୍ଠାତା [ବିଶ୍ୱକୋଷ]—Name of a king who established the town of śrābasti

ଶ୍ରାବସ୍ତୀ—ସଂ. ବ—(ନାମ)—[ଶ୍ରାବସ୍ତ+ପ୍ରତିଷ୍ଠିତାର୍ଥେ. ଈ)—ଗୋଟିଏ
Śrābastī ପ୍ରାଚୀନ ଜନପଦ ଓ ତହିଁର ରାଜଧାନୀ, [ଶ୍ରାବସ୍ତୀପୁର—ଅନ୍ୟ ନାମ] [ବିଶ୍ୱକୋଷ]—Name of an ancient kingdom and its capital.
[ଦ୍ର—ଅଯୋଧ୍ୟା ପ୍ରଦେଶର ଗୋଣ୍ଡା ଜିଲ୍ଲାର ରାପ୍ତୀ ନଦୀର ଦକ୍ଷିଣ କୂଳରେ ଅବସ୍ଥିତ 'ସେହଟମହେଟ' ନାମକ ଗୋଟିଏ ଗଣ୍ଡ ଗ୍ରାମରେ ଶ୍ରାବସ୍ତୀର ଭଗ୍ନାବଶେଷ ଦେଖାଯାଏ । ଏକ ସମୟରେ ବୁଦ୍ଧଦେବ ଏଠାରେ ବହୁଦିନ ଅବସ୍ଥାନ କରିଥିଲେ । ଏହା ବୌଦ୍ଧମାନଙ୍କର ଗୋଟିଏ ପ୍ରସିଦ୍ଧ ତୀର୍ଥ । ଯେଉଁମାନେ ସ୍ଥିର କରିଅଛନ୍ତି ଯେ ବଳରାମପୁର ରାଜଧାନୀର ୧୦ ମାଇଲ୍ ଦୂରରେ ସେହଟମହେଟ ନାମକ କ୍ଷୁଦ୍ର ଗ୍ରାମର ଅଦୂରରେ ନଦୀର ଅପର ପାରରେ ପ୍ରାଚୀନ ଶ୍ରାବସ୍ତୀ ନଗର ଭଗ୍ନାବଶେଷ ଥିଲା । ହରିବଂଶରେ ଲେଖା ଅଛି ଯେ, ସୂର୍ଯ୍ୟବଂଶୀୟ ରାଜା ଯୁବନାଶ୍ୱଙ୍କ ପୌତ୍ର ଓ ଶ୍ରାବସ୍ତଙ୍କ ପୁତ୍ର ଶ୍ରାବସ୍ତ ଏ ନଗର ବସାଇଥିଲେ । ବିଷ୍ଣୁପୁରାଣ, ମହାଭାରତ ପାଣିନି ଓ ଭାଗବତରେ ଏ ନଗରର ଉଲ୍ଲେଖ ଅଛି । 'ତ୍ରିକାଣ୍ଡ ଶେଷ' ଗ୍ରନ୍ଥରେ ଶ୍ରାବସ୍ତୀର ଅପର ନାମ ଧର୍ମପତ୍ତନ ଥିବା ଲେଖା ଅଛି । ବାସବଦତ୍ତା ଅନୁସାରେ ଏ ନଗରର ଓ ଏ ନଗରରେ ପ୍ରବାହିତ ରାପ୍ତୀ ନଦୀର ନାମ ଐରାବତୀ ଥିବା ଲେଖା ଅଛି । ରାମାୟଣରେ ଦେଖାଯାଏ ଯେ, ଏ ନଗର ଉତ୍ତର କୋଶଳର ରାଜଧାନୀ ଥିଲା ଓ ରାମଚନ୍ଦ୍ର ମୃତ୍ୟୁକାଳରେ ଏ ଜନପଦ ଲବଙ୍କୁ ଦେଇ ଯାଇଥିଲେ । ବୁଦ୍ଧଦେବଙ୍କ ସମୟରେ [ଖ୍ରୀଷ୍ଟ ପୂର୍ବ ୬ଷ୍ଠ ଶତାବ୍ଦୀରେ] ଶ୍ରାବସ୍ତୀର ଦକ୍ଷିଣରେ ସାଂକେତ [ଅଯୋଧ୍ୟା], ପୂର୍ବେ ବୈଶାଲୀ (ତିରହୁତ ଓ ବିହାର) ଥିଲା । ସେ ସମୟରେ ଏ ନଗର ବାଣିଜ୍ୟ ଶୌଧାଦି ଯୋଗୁଁ ଖୁବ୍ ସମୃଦ୍ଧିମନ୍ତ ଥିଲା । ଚୀନପରିବ୍ରାଜକ ଫାହିଅନ୍ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀର ପ୍ରାରମ୍ଭରେ ଭାରତକୁ ଆସିଥିଲେ ଓ ସେ ଏଠାରେ ଥିବା ମଠ, ସଙ୍ଘାରାମ ଓ ଅଟ୍ଟାଳିକାମାନ ଧ୍ୱଂସ ମୁଖରେ ପଡ଼ି

ଥିବା ଦେଖିଥିଲେ । ଏହାର ୧୫୦ ବର୍ଷ ପରେ ଚୀନପରିବ୍ରାଜକ ହୁଏନ୍‌ସାଙ୍ଗ ଭାରତକୁ ଆସିବା ସମୟରେ ଏ ନଗରରେ ଅଷ୍ଟାଳିକା ମାନ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଥିଲା । ବହୁକାଳ ପୂର୍ବେ ଏଠାରେ ଜୈନଧର୍ମ ପ୍ରବଳ ଥିଲା; ବୁଦ୍ଧଙ୍କ ଅବିର୍ଭାବ ପରେ ବୌଦ୍ଧ ଧର୍ମର ପ୍ରାଧାନ୍ୟ ସ୍ଥାପିତ ହେଲା ଓ ତତ୍ପରେ ହିନ୍ଦୁଧର୍ମର ପ୍ରାଧାନ୍ୟ ହେଲା । ମହମ୍ମଦଘୋରୀଙ୍କ ଭାରତ ଆକ୍ରମଣ (ଖ୍ରୀ. ଦ୍ୱାଦଶ ଶତାବ୍ଦୀ) ପରେ ଇତିହାସରେ ଶ୍ରାବସ୍ତୀର ନାମୋଲ୍ଲେଖ ଦେଖାଯାଏ ନାହିଁ—ବିଶ୍ୱକୋଷ ।]

ଶ୍ରାବା—ସଂ. ବି—ଅନ୍ନ ମଣ୍ଡ (ପର୍ଯ୍ୟାୟ ମୁକ୍ତାବଳି)—
Srabā Sifted rice-gruel.

ଶ୍ରାବିତ—ସଂ. ବିଣ—(ଶ୍ରୁ ଧାତୁ ଣିଚ୍ ଶ୍ରାବି ଧାତୁ+କର୍ମ. କ୍ତ)—୧ ।
Srābita ଯାହା କର୍ଣ୍ଣଗୋଚର କରାଯାଇଅଛି; ଜ୍ଞାପିତ—
1. Intimated. ୨ । ବର୍ଣ୍ଣିତ—2. Narrated; related (Apte)

ଶ୍ରାବୀ—ସଂ. ବି—[ସଂ. ଶ୍ରାବିନ୍, ୧ମା. ୧ବ]—ସର୍ଜ୍ଜକାକ୍ଷାର; ସାଜିମାଟି-
Srābi Natron; fuller's earth.

ଶ୍ରାବ୍ୟ—ସଂ. ବିଣ- [ଶ୍ରୁ ଧାତୁ ଣିଚ୍, ଶ୍ରାବି ଧାତୁ+କର୍ମ. ଯ]—୧ ।
Srābya ଶ୍ରବଣୀୟ; ଶୁଣିବାର ଉପଯୁକ୍ତ; ଶ୍ରବଣଯୋଗ୍ୟ—
1. Fit to be heard; audible.
୨ । ଶୁଣାଇବାର ଉପଯୁକ୍ତ—
2. Fit to be intimated.

ଶ୍ରାବ୍ୟ କାବ୍ୟ—ସଂ. ବି—ପଠନ ବା ଶ୍ରବଣ ଯୋଗ୍ୟ କାବ୍ୟ—An
Srābya kābya epic fit to be read or heard (and not to be acted).

ଶ୍ରାମ (ଧାତୁ)—ସଂ. —୧ । ଗୁପ୍ତ ପରାମର୍ଶ କରିବା (ବିଶ୍ୱକୋଷ)
Srām (root) To consult secretly.
୨ । (ଶ୍ରମ୍ ଧାତୁ ଣିଚ୍)—ପରିଶ୍ରମ କରାଇବା—
2. To cause to labour.

ଶ୍ରାମ—ସଂ. ବି—(ଶ୍ରମ୍ ଧାତୁ+ଅଧିକରଣ. ଅ)—୧ । ମାସ—
Srāma 1. Month. ୨ । ମଣ୍ଡପ; ଗୃହ—2. A temple; house. ୩ । କାଳ; ସମୟ—3. Space of time.

ଶ୍ରାମଣେର—ସଂ. ବି. ପୁଂ—(ଶ୍ରମଣ+ଏର)—୧ । ପରିବ୍ରାଜକ ଜୈନ ଭିକ୍ଷୁ—An itinerant Jaina mendicant.
Srāmaṇera
୨ । ଜୈନ ଭିକ୍ଷୁଙ୍କ ଚେଲା—
2. Disciple of a Jaina ascetic

ଶ୍ରାମିକ—ଦେ. ବି—(ଶ୍ରମ ଧାତୁ+କର୍ତ୍ତୃ. ଇକ)—ମଜୁରିଆ; ମୂଲିଆ—
Srāmika A labourer.

ଶ୍ରାମିକ ଦଳ(ଗୋଷ୍ଠୀ)—ଦେ. ବି (ରାଜନୀତି ସମ୍ପର୍କରେ ବ୍ୟବହୃତ
Srāmika daḷa(goshṭhi) ଶବ୍ଦ)—ମଜୁରିଆଙ୍କ ଦଳ—The
ଶ୍ରମିকগোষ্ঠী শ্রমিকদল labour party in politics.

ଶ୍ରାୟ—ସଂ. ବିଣ (ଶ୍ରୀ+ସମ୍ବନ୍ଧାର୍ଥେ ଅ; ଜୟାଦିତ୍ୟ)—ଲକ୍ଷ୍ମୀ ସମ୍ବନ୍ଧୀୟ
Srāya Relating to the Goddess of wealth. ବି—(ଶ୍ରି ଧାତୁ=ଆଶ୍ରୟ କରିବା+ଭାବ ଅ)—୧ । ଆଶ୍ରୟଣ; ଆଶ୍ରୟ କରିବା—1. Taking shelter. ୨ । (+କର୍ମ ଅ) ଆଶ୍ରୟ; ଅବଲମ୍ବନ; ଯାହାକୁ ଅବଲମ୍ବନ କରାଯାଏ—2. Shelter; refuge; support. ୩ । (+ଅଧିକରଣ ଅ)—ଆଶ୍ରୟ ନେବା ସ୍ଥାନ—3. Place of shelter.

ଶ୍ରାହି—ବୈଦେ. ବିଣ (ଫା.ଶରା=ମୁସଲମାନଙ୍କ ଧର୍ମଶାସ୍ତ୍ର; ଶ୍ରାହି=
Srāhi ମୁସଲମାନଙ୍କ ଧର୍ମଶାସ୍ତ୍ର ସମ୍ବନ୍ଧୀୟ)—ମୁସଲମାନଙ୍କ ଗଣନାରେ ହିଜରୀ ବର୍ଷର ସଂଖ୍ୟାର ପରେ ଲେଖାଯିବା ଶବ୍ଦ- A word used to denote the number of the Hijri or Mahomedan year. [ଦ୍ର— 'ଶ୍ରାହି' ଶବ୍ଦ ବର୍ଷ ସଂଖ୍ୟା ପରେ ଓ ମାସର ନାମ ପୂର୍ବରେ ଲେଖା ଯିବା ଦେଖାଯାଏ । ଯଥା ୧୦୨୭ ଶ୍ରାହି କାର୍ତ୍ତିକ ଶୁକ୍ଳ ସପ୍ତମୀ; ଏଥିରୁ ଅନୁମାନ କରାଯାଏ ଯେ, ଏହା ବର୍ଷ ଗଣନାର୍ଥକ ଶବ୍ଦ; କାରଣ ଏହି ହିଜରୀ ସନ ଇଂରାଜୀ ସନଠାରୁ ୫୮୦ ବର୍ଷ କମ୍ ଓ ଏହିସନର ପ୍ରଥମ ମାସ ମହରମ ଠାରୁ ଆରମ୍ଭ ହୁଏ ।

ଶ୍ରୀ ବିଜୟଚନ୍ଦ୍ର ମଜୁମଦାରଙ୍କ ଓଡ଼ିଆ ସାହିତ୍ୟ-ପରିଚୟର ୩ୟ ଭାଗରେ ଖ୍ରୀଷ୍ଟ ୧୩ଶ ଶତାବ୍ଦୀର ଭୁବନେଶ୍ୱରସ୍ଥ ଶିଳାଲିପିରେ ମଧ୍ୟ 'ଶ୍ରାହି' ଶବ୍ଦ ଦେଖାଯାଏ । ବଳାର ସାହିରେ 'ଅ୨୬ଙ୍କ ଶ୍ରାହି ଭୂମ୍ୟ ୧୮ ଦିନ ଫାଲ୍‌ଗୁନ ପୂର୍ଣ୍ଣିମା ଅଦ ଲେଖା ଥିବା ମଧ୍ୟ ଦେଖାଯାଏ ।]

ଶ୍ରି(ଧାତୁ)—ସଂ.—୧ । ଆଶ୍ରୟ କରିବା; ଆଶ୍ରୟ ନେବା; ଆଶ୍ରୟ
Sri(root) ପାଇବା ପାଇଁ ଅନ୍ୟ ନିକଟରେ ପହଞ୍ଚିବା—
1. To take shelter under; to take refuge under; to resort to; to depend upon; to approach for protection. ୨ । ସେବା କରିବା—2. To serve; to tend; to attend upon. ୩ । ବାସ କରିବା—3. To dwell in, to inhabit (Apte). ୪ । ଅନ୍ୟଠାରେ ନିର୍ଭର କରିବା—4. To cling to; to rest on, to depend on (Apte). ୫ । ପୂଜା କରିବା—5. To worship; to honour (Apte). ୬ । ବ୍ୟବହାର କରିବା; ପ୍ରୟୋଗ କରିବା—6. To use; to employ (Apte). ୭ । ଭକ୍ତି ପୂର୍ବକ ଅନୁସରିବା—7. To devote oneself to; to be attached to (Apte). ୮ । ସାହାଯ୍ୟ କରିବା—8. To help; to assist (Apte). [ଦ୍ର—ଆ+ଶ୍ରି ଧାତୁ=ରକ୍ଷାର୍ଥେ ଅବଲମ୍ବନ କରିବା; ଅପ+ଶ୍ରି ଧାତୁ= ତ୍ୟାଗ କରିବା; ଉତ୍+ଶ୍ରି ଧାତୁ=ଉର୍ଦ୍ଧ୍ୱ ପାଇବା)

ଶ୍ରିଅ(ଇତ୍ୟାଦି)—ଗ୍ରା. ବି (ସଂ.ଶ୍ରେୟଃ)—ଶ୍ରେୟଃ ଇତ୍ୟାଦି (ଦେଖ)
Sria(etc) Sreyaḥ etc. (See)

[ଦ୍ର—ଆ+ଶ୍ରି ଧାତୁ=ରକ୍ଷାର୍ଥ ଅବଲମ୍ବନ କରିବା; ଅପ୍ +ଶ୍ରି ଧାତୁ=ତ୍ୟାଗକରିବା; ଉତ୍+ଶ୍ରି ଧାତୁ=ଉଚ୍ଚ ପାଇବା ।]

ଶ୍ରିଅ—ଦେ. ବି—(ସଂ. ଶ୍ରୀ ଶବ୍ଦର ଆଦ୍ୟ ୧ବଚନ ରୂପ ଶ୍ରିୟା)—
Śriā ୧ । ଶ୍ରୀ; ମହାଲକ୍ଷ୍ମୀ—1. The Goddess of
ଶ୍ରୀ श्री wealth. [ଉ—ଶ୍ରୀପତି, ଶ୍ରୀବତ୍ସ, ଶ୍ରୀଧର, ଶ୍ରିୟା ଦେବୀଙ୍କ ମନୋହରକମଳ ଲୋଚନ ଚଳିଗଲା ।]
୨ । ପିଲାମାନେ ଚାଟଶାଳୀରେ ପ୍ରତିଦିନ ବିଦ୍ୟାଭ୍ୟାସ କରିବା ପୂର୍ବରୁ ଭୂମିରେ ଖଡ଼ି ଦ୍ୱାରା ବା ତାଳ ପତ୍ରରେ ଲେଖନଦ୍ୱାରା ଲେଖିବା ଅକ୍ଷର; ଶ୍ରୀ—
2. The figure of Śrī written on the floor with chalk or on the palm leaf with iron pen by a student before he begins his day's work in the v llage school. (ଉ—ଖଡ଼ି ହସ୍ତେ ନେଇ ଶ୍ରିୟା ଲେଖିବୁ—କହନ୍ତି ମାଏ ଗୋ ଚାଲିଗଲା ।) [ଦ୍ର—ଶିଶୁର ପ୍ରଥମ ବିଦ୍ୟାରମ୍ଭ କାଳରେ ଶିଶୁ ଭୂମିରେ ଯେଉଁ ମୁଣ୍ଡିକା (୦) କାଟେ ତାହା ଶ୍ରୀ (ଅର୍ଥାତ୍ ଶ୍ରୀ, ଶ୍ରୀ, ୦) ର ରୂପାନ୍ତର ମାତ୍ର ।]

ଶ୍ରିଅ ଦେବୀ—ଦେ. ବି. ସ୍ତ୍ରୀ (ସଂ. ଶ୍ରୀ ଦେବୀ)—ମହାଲକ୍ଷ୍ମୀ—
Śriā debī Goddess Lakshmī.
শ্রী দেবী श्री देवी

ଶ୍ରିଓ(ୟୋ) ଲଭ—ଦେ. ବି (ସଂ. ଶ୍ରେୟୋଲାଭ)—ଶ୍ରେୟୋଲାଭ (ଦେଖ)
Śrio(yo) lābha Śreyolābha. (See)
শ্রেয়োলাভ श्रेयलाभ

ଶ୍ରିତ—ସଂ. ବିଣ (ପୁଂ) (ଶ୍ରି ଧାତୁ=ଆଶ୍ରୟ କରିବା+କର୍ତ୍ତୃ. ତ)—
Śrita ୧ । ଯାହା ଅନ୍ୟକୁ ଆଶ୍ରୟ କରିଥାଏ; ଆଶ୍ରିତ—
(ଶ୍ରିତା—ସ୍ତ୍ରୀ) 1. Dependent on; subservient; one
[ଶ୍ରିତ—ବି] who has taken shelter under (another). ୨ । (+କର୍ମ. ତ) ଶରଣାର୍ଥ ଯାହା ନିକଟରେ କେହି ଯାଇଛି—2. Approached for refuge or protection (Apte). ୩ । (+କର୍ମ ତ) ସେବିତ—3. Served by; tended by; resorted to by. ୪ । ଉପଜୀବକ; ଜୀବିକାନିର୍ବାହାର୍ଥ ଅନ୍ୟ ବ୍ୟକ୍ତି ନିକଟରେ ଅବସ୍ଥିତ—4. Living upon another for livelihood. ୫ । (ଅମୁକ ଉପରେ) ଭର ଦେଇଥିବା—5. Clung to; resting on; sitting on. (Apte). ୬ । (ଅମୁକ ସଙ୍ଗେ) ସଂଯୁକ୍ତ; ସଂଯୋଜିତ—6. United or joined with; connected with. (Apte). ୭ । (ଅମୁକ ଦ୍ୱାରା) ରକ୍ଷିତ—7. Protected. (Apte). ୮ । (ଅମୁକ ଦ୍ୱାରା) ସମ୍ମାନିତ; ପୂଜିତ—8. Honoured. (Apte) ୯ । (ଅମୁକର) ସହାୟକ—9. Auxiliary. (Apte) ୧୦ । (ଅମୁକଦ୍ୱାରା) ଆବୃତ; ପୂର୍ଣ୍ଣ ଚଢ଼ି ଯାଇଥିବା—10. Overspread; covered with (Apte). ୧୧ । ସଂଗୃହୀତ—11. Assembled, collected. (Apte). ୧୨ । ଭିତରେ ରକ୍ଷିତ—12. Contained. (Apte). ୧୩ । ଅଧିକାରୀ—13. Having; possessing. (Apte).

ଶ୍ରିତବାନ୍—ସଂ. ବିଣ (ପୁଂ) (ଶ୍ରିତବତ୍ ଶବ୍ଦ; ଶ୍ରି ଧାତୁ=ଆଶ୍ରୟ
Śritabān କରିବା+କର୍ତ୍ତୃ. ତବତ୍; ୧ମା. ୧ବ)—
(ଶ୍ରିତବତୀ—ସ୍ତ୍ରୀ) ଆଶ୍ରୟକାରୀ; ଶରଣାପନ୍ନ; ଆଶ୍ରିତ—
One who has taken shelter under (another).

ଶ୍ରୀ (ଧାତୁ)—ସଂ.—ପାକ କରିବା; ରାନ୍ଧିବା—
Śrī (root) To cook; to dress; to boil. (Apte)

ଶ୍ରୀ—ସଂ. ବି. ସ୍ତ୍ରୀ (ଶ୍ରି ଧାତୁ=ସେବା କରିବା+କର୍ମ. କ୍ୱିପ୍, ଇ
Śrī ସ୍ଥାନରେ ଈ ଆଗମ; ସମସ୍ତେ ଯାହାଙ୍କୁ ସେବା କରନ୍ତି)—
(ଶିରି—ଅପଭ୍ରଂଶ ଶବ୍ଦ) ୧ । ଲକ୍ଷ୍ମୀ; ଧନ ସମ୍ପତ୍ତିର ଅଧିଷ୍ଠାତ୍ରୀ ଦେବୀ; ବିଷ୍ଣୁଙ୍କ ସ୍ତ୍ରୀ—1. The Goddess presiding over riches or prosperity. ୨ । ବିଭୂତି; ଐଶ୍ୱର୍ଯ୍ୟ—2. Supernatural majesty; divine glory; dignity. ୩ । ସମ୍ପଦ; ସମ୍ପତ୍ତି; ସୌଭାଗ୍ୟ; ଧନ—3. Fortune; wealth; plenty; affluence; prosperity. ୪ । ଶୋଭା; ଲାବଣ୍ୟ; ସୌନ୍ଦର୍ଯ୍ୟ—4. Beauty; grace; elegance. ୫ । ଆଲୋକ—5. Light; radiance. ୬ । ଔଜ୍ଜ୍ୱଲ୍ୟ; ଦୀପ୍ତି; ଉଜ୍ଜ୍ୱଳତା—6. Lustre; brightness; splendour; brilliance. ୭ । ଯଶଃ; କୀର୍ତ୍ତି—7. Fame; glory; renown. ୮ । ବୃଦ୍ଧି—8. Increase; growth. ୯ । ସିଦ୍ଧି—9. Accomplishment; success. ୧୦ । ବେଶ ବିନ୍ୟାସ—10. Toilet; harmonious putting on of one's dress. ୧୧ । ସରସ୍ୱତୀ; ବିଦ୍ୟାର ଅଧିଷ୍ଠାତ୍ରୀଦେବୀ (ଲକ୍ଷ୍ମୀଙ୍କ ସପତ୍ନୀ)—11. The Goddess of learning (a wife of Bishṇu). ୧୨। ବୁଦ୍ଧି-12. The understanding; intelligence; intellectl ୧୩ । ତ୍ରିବର୍ଗ; ଧର୍ମ, ଅର୍ଥ ଓ କାମ—13. The three objects of human pursuit (viz, piety; wealth and fulfilment of desire). ୧୪ । ଉପକରଣ—14. Materials; any material. added to a thing to perfect it,
[ଦ୍ର—ଏହା ଯେଉଁ ବସ୍ତୁ ସଙ୍ଗେ ଯୁକ୍ତ ହୁଏ ତାହାକୁ ସର୍ବାଙ୍ଗ ସୁନ୍ଦର କରିଦିଏ ।] ୧୫ । (ବୈଦ୍ୟକ) ବିଲ୍ୱ ବୃକ୍ଷ—15. The marmalus tree; Aegle Marmalus. ୧୬ । ଲବଙ୍ଗ (ଫୁଲ ଓ ଗଛ)—16. Cloves; cloves tree; Eugenia Caryophyllata. ୧୭ । ଲବଙ୍ଗ ଲତା ନାମକ ଲତା

ଗଛ—17. Luvunga Scandens (creeper). ୧୮ । ପଦ୍ମ—18. Lotus. ୧୯ । ଋଦ୍ଧି ନାମକ ଔଷଧ—19. A rare medicininal plant. ୨୦ । ସରଳ ବୃକ୍ଷ; ଦେବଦାରୁ ଗଛ—20. The pine tree; Pinus Longifolia. ୨୧ । ସଙ୍ଗୀତର ୬ ରାଗ ମଧ୍ୟରୁ ଗୋଟିଏ ରାଗ—21. Name of one of the six musical tones in Hindu music. [ଦ୍ର—ରାଗ ଦେଖ ଦୋଃ ଦେଖ ।] ୨୨ । ବିଷ—22. Poison; venom. [ଦ୍ର—ଦୁଷାକ୍ଷର ବକ୍ଷ, ବାସୁକି ଶ୍ରୀ ଯେହୁ, ତୁମ୍ଭେ ମୋହ ଏହ ଶ୍ଳୋକରେ—ବ୍ରହ୍ମ-ବୈବର୍ତ୍ତପୁରାଣ ।] ୨୩ । ରାଜଶ୍ରୀ—23. Royalty; royal dignity (Apte). ୨୪ । ବର୍ଣ୍ଣର ବର୍ଣ୍ଣ—24. Colour; aspect (Apte). ୨୫ । କୌଣସି ଗୁଣ ବା ଉତ୍କର୍ଷ—25. Any virtue or excellence (Apte). ୨୬ । ଅତିମାନୁଷ ଶକ୍ତି—26. Super humen power (Apte). ୨୭ । ଚନ୍ଦ୍ରର ୧୨ଶ କଳା—27. The twelvth digit of the moon (Apte). ୨୮ । ବାକ୍—28. Speech (Apte). ୨୯ । ଅଳଙ୍କାର—29. Decoration (Apte). ୩୦ । ବିଦ୍ୟାରମ୍ଭ କରିବାବେଳେ ବର୍ଣ୍ଣ ବୋଧକ ପାଠାରମ୍ଭ କରିବା ସମୟରେ ଭୂମିରେ ବା କାଗଜରେ ବିଦ୍ୟାର୍ଥୀ ପ୍ରଥମରେ ଲେଖିବା 'ଶ୍ରୀ' ଅକ୍ଷର (ଲକ୍ଷ୍ମୀ); ଲକ୍ଷ୍ମୀଙ୍କ ନାମ ଲେଖିବା ଶୁଭସୂଚକ ଥିବାରୁ)—30. The letter 'Śri' written by a student while beginning his day's work or formally celebrating the ceremony of Bidyārambha. [ଦ୍ର—ଶ୍ରୀ ଅକ୍ଷରକୁ ଗୋଲାକୃତି କରିବା ପାଇଁ କେହି କେହି 'ଶ୍ରୀ' ଲେଖନ୍ତି ଓ କରଣି ଲେଖିବା ଲେଖେ 'ଶ୍ରୀ' ଲେଖନ୍ତି ଓ ଶିଶୁମାନେ ବିଦ୍ୟାରମ୍ଭ କରିବା ବେଳେ ଯେଉଁ ମୁଣ୍ଡଳା ○ ବୁଲାନ୍ତି ତାହା ଶ୍ରୀଅକ୍ଷରର ରୂପାନ୍ତର ଅଟେ ।] ବିଣ. ପୁଂ—୧ ।

ଶ୍ରୀ ଶ୍ରী (ଦେବତା ଓ ଜୀବିତ ପୁରୁଷ, ଗୁରୁଜନ, ମାନ୍ୟବ୍ୟକ୍ତି ଓ ପୂଜ୍ୟ ଗ୍ରନ୍ଥାଦିର ନାମ ପୂର୍ବରେ ଯୁକ୍ତ ହେବା ଶବ୍ଦ) ଶ୍ରୀଳ; ଶ୍ରୀଯୁକ୍ତ—1. A word prefixed to the name of Deities, living males and adored books, corresponding to 'Mr' in English, Monsier in French, meaning glorious, lucky. (ଯଥା—ଦେବତା—ଶ୍ରୀହରି, ଶ୍ରୀକୃଷ୍ଣ । ଜୀବିତ ବ୍ୟକ୍ତି—ଶ୍ରୀ ବିଶ୍ୱନାଥ କର; ଗୁରୁଜନ ଓ ସମ୍ମାନୀୟ ବ୍ୟକ୍ତି—ଶ୍ରୀଗୁରୁ, ଶ୍ରୀ ପିତୃଦେବ; ପୂଜ୍ୟଗ୍ରନ୍ଥ—ଶ୍ରୀଭାଗବତ] [ଦ୍ର—ସଧବା ସ୍ତ୍ରୀଲୋକମାନଙ୍କ ନାମ ପୂର୍ବରେ ଶ୍ରୀମତୀ ଓ ଶ୍ରୀମତ୍ୟା ଲେଖା ହୁଏ, କିନ୍ତୁ ସ୍ତ୍ରୀ-ଦେବତାଙ୍କ ନାମ ପୂର୍ବରେ ମଧ୍ୟ ଶ୍ରୀ ଯୋଗ ହୁଏ; ଯଥା—ଶ୍ରୀଦୁର୍ଗା, ଶ୍ରୀରାଧା, ଶ୍ରୀମହାଲକ୍ଷ୍ମୀ; 'ଶ୍ରୀ' ଶବ୍ଦ ମଙ୍ଗଳ ସୂଚକ ଥିବାରୁ କେହି କେହି ସମ୍ମାନାର୍ଥ ରାଜା ଆଦିଙ୍କ ନାମ ପୂର୍ବରେ ୩ଥର ବା ୫ଥର ବା ୧୨ ଥର ଶ୍ରୀ ଶବ୍ଦ ଲଗାନ୍ତି ଓ କେହି ଶତନାମସ୍ତୋତ୍ରର (୧୦୮) ଶ୍ରୀ ପ୍ରୟୋଗ ସୂଚକ 'ଶ୍ରୀ୧୦୮' ଲେଖନ୍ତି । ଯଥା—ଶ୍ରୀ ୧୦୮ ଶ୍ରୀ ଶଙ୍କରାଚାର୍ଯ୍ୟ ସର୍ବଜ୍ଞ ସ୍ୱାମୀ ।] ୨ । ରାଜା, ଦେବତା ଓ ଗୁରୁଜନଙ୍କ ଅଙ୍ଗାଦି ପୂର୍ବରେ ଲାଗିବା ମାନ୍ୟସୂଚକ ଶବ୍ଦ—2. An euphemistic word prefixed to the body and limbs of Deities, kings and elders. (ଯଥା—ଶ୍ରୀଅଙ୍ଗ, ଶ୍ରୀମୁଖ, ଶ୍ରୀହସ୍ତ, ଶ୍ରୀଚରଣ) ଦେ.

ଶ୍ରୀ ଶ୍ରী ବି—ପତ୍ରାଦି ଲେଖିବାକୁ ଆରମ୍ଭ କରିବା ପୂର୍ବରୁ ମଙ୍ଗଳାଚରଣ ଉଦ୍ଦେଶ୍ୟରେ ପତ୍ରର ଶିରୋଭାଗରେ ଲେଖାଯିବା ଶବ୍ଦ—The word written on the heading or beginning of any letter or writing. [ଦ—କେହି କେହି ମଧ୍ୟ ପତ୍ରର ଶିରୋଭାଗରେ ଶ୍ରୀଗୁରୁ, ଶ୍ରୀଗୁରୁ ଶରଣଂ, ଶ୍ରୀଗୁରୁ ଦେବ ଶରଣଂ, ଶ୍ରୀ ଇଷ୍ଟଦେବ ଶରଣଂ, ଶ୍ରୀରାମ ଶରଣଂ; ଶ୍ରୀହରି ଶରଣ ଇତ୍ୟାଦି ଲେଖନ୍ତି ।]

ଶ୍ରୀ ଅକ୍ଷର—ଦେ. ବି—ଶ୍ରୀ ୨୯ (ଦେଖ)
Śr iakshara Śri 29 (See)

ଶ୍ରୀ ଅକ୍ଷର ବିବର୍ଜିତ—ଦେ. ବିଣ. ପୁଂ—ନିରକ୍ଷର; ଯେ ଅଦୌ ବିଦ୍ୟାରମ୍ଭ
Śri akshara bibarjita କରି ନାହିଁ—Totally illi-
কঅক্কর গোমাংস terate (person). [ଦ୍ର—ପାଠ-
সিঅক্ষর বিবর্জিত ଶାଳାରେ ବିଦ୍ୟାର୍ଥୀ ମାନେ ବିଦ୍ୟାରମ୍ଭ
[ଶ୍ରୀଅକ୍ଷର ବିବର୍ଜିତ—ସ୍ତ୍ରୀ] କରିବା ସମୟରେ ବର୍ଣ୍ଣ ପ୍ରତିବନ୍ଦ ପାଠାରମ୍ଭ କରିବା ପୂର୍ବରୁ ଭୂମିରେ ବର୍ଣ୍ଣ କାଗଜରେ ବା ତାଳପତ୍ରରେ ପ୍ରଥମେ 'ଶ୍ରୀ' ଅକ୍ଷର ଲେଖୁଥିଲେ । ଏଥିପାଇଁ ଯେ ଶ୍ରୀ ଅକ୍ଷର ଲେଖି ନାହିଁ ସେ ଅଦୌ ପାଠର ନାମଗନ୍ଧ ଜାଣି ନାହିଁ, ଅର୍ଥାତ୍ ସମ୍ପୂର୍ଣ୍ଣ ମୂର୍ଖ ଅଟେ ।]

ଶ୍ରୀ ଅଙ୍ଗ—ଦେ. ବି—୧ । ଦେବତା, ରାଜା, ଗୁରୁଜନ ଓ ସମ୍ମାନାସ୍ପଦ
Śri aṅga ବ୍ୟକ୍ତିଙ୍କ ଅଙ୍ଗ ବା ଦେହ ବା ଶରୀର—1. (eu-
শ্রীঅঙ্গ phemistic) The boddy of the king
श्रीअंग or Deity or one's elder. [ଦ୍ର—ନାହିଁ ବ ଶ୍ରୀଅଙ୍ଗ ସୁଖ—ଉପେନ୍ଦ୍ର ଭଞ୍ଜ. ରସିକହାରାବଳୀ-ଗୀତ ।] ୨ । କୋମଳ ବା ସୁକୁମାର ଦେହ—2. Soft or delicate body. [ଦ୍ର—ଶିରୀଷ ଭରି ଥାଉଁ ଶ୍ରୀଅଙ୍ଗ ପାଇଲୁ ରେ—ଉପେନ୍ଦ୍ର ଭଞ୍ଜ. ରସିକହାରାବଳୀ-ଗୀତ ।]

ଶ୍ରୀଅଙ୍ଗ ଅଲସ ହେବା—ପ୍ରାଦେ. (ଗଡ଼ଜାତ) କ୍ରି—୧ । ରାଜା ଆଦିଙ୍କ
Śriaṅga alasa hebā ଶରୀରରେ ଅସୁସ୍ଥତା ବୋଧ ହେବା—
শ্রীঅঙ্গ অলস হওয়া 1. A feeling of sickness in a
श्रीअङ्ग आन्त होना king. ୨ । ରାଜା ଆଦିଙ୍କୁ ନିଦ୍ରା ବା
[ଶ୍ରୀଅଙ୍ଗ କଥା(ଥେ)ଇବା—ଅନ୍ୟରୂପ] କ୍ଳାନ୍ତି ଅନୁଭବ କରିବା—
2. The feeling of sleepiness or weariness.

ଶ୍ରୀଅଙ୍ଗ ଆଲସ୍ୟ—ପ୍ରାଦେ. (ଗଡ଼ଜାତ) ବି—୧ । ରାଜା ଆଦିଙ୍କ ଅସୁସ୍ଥତା,
Śriaṅga ālasya —1. (euphemism) Sickness
শ্রীঅঙ্গের আলস্য of a Raja. ୨ । ରାଜା ଆଦିଙ୍କୁ ନିଦ୍ରା-

श्रीअङ्गमें आलस्य ଉର୍ଦ୍ଦଣ—2. (euphemism) Sleepiness in a Raja.

ଶ୍ରୀଅଙ୍ଗ ଧୁଆ—ପ୍ରାଦେ. (ଗଡ଼ଜାତ) ବ—ରାଜାମାନଙ୍କର ଅଣ୍ଟାପାଣି
Śrī aṅga dhuā ଗାଧୁଆ—Act of bathing from the waist downwards (said of a Raja).

ଶ୍ରୀଅଙ୍ଗ ପଖାଳ—ଦେ. ବ (ସ. ଶ୍ରୀଅଙ୍ଗ ପ୍ରକ୍ଷାଳନ)—ରାଜା ଓ ଦେବତା
Śrī aṅga pakhalā ଅଙ୍ଗର ସ୍ନାନ—Bath of a king or idol.
শ্রীঅঙ্গ স্নান **श्रीअङ्ग स्नान**
[ଶ୍ରୀଅଙ୍ଗ ପଖାଳିବା—କ୍ରିୟାରୂପ]

ଶ୍ରୀଅଙ୍ଗ ବ୍ୟଥା—ଦେ, ବ—(ଶ୍ରୀଅଙ୍ଗ ଓ ବ୍ୟଥା)—ରାଜାଙ୍କ ଶ୍ରୀଅଙ୍ଗରେ
Śrī aṅga bathā ପୀଡ଼ା—Sickness of a Raja.
শ্রীঅঙ্গে ব্যথা **श्रीअङ्ग बयथा**

ଶ୍ରୀଅଙ୍ଗରେ ଘାଉଡ଼(ଚୋଟ) ଲଗା(ଗେ)ଇବା—ଦେ. କ୍ରି—(ସମ୍ଭବାରେ
Śriaṅgare ghāurda(choṭa) lagā(ge)ibā କାଳୀୟ
শ্রীঅঙ্গে চোট দেওয়া ନାଗ ଶ୍ରୀକୃଷ୍ଣଙ୍କ ଶ୍ରୀଅଙ୍ଗକୁ ଦଂଶନ କରିବା
श्रीअङ्गमें चोट लगाना ଘଟଣାରୁ)—୧ । (ଲକ୍ଷଣାର୍ଥ) ପ୍ରଧାନ ବ୍ୟକ୍ତି ବା ଗୃହର କର୍ତ୍ତା ବା କର୍ତ୍ତ୍ରୀଙ୍କର ଅନିଷ୍ଟ କରିବା—1. (figurative) To injure the head of a family or the chief person of a place. ୨ । ଗୃହକର୍ତ୍ତା ବା କର୍ତ୍ତ୍ରୀଙ୍କୁ କଳଙ୍କିତ କରିବା—2. To disgrace the head of a family. ୩ । ରାଜା ବା ପ୍ରଧାନ ବ୍ୟକ୍ତିଙ୍କ ପରିବାରସ୍ଥ ସ୍ତ୍ରୀଲୋକମାନଙ୍କ ସଙ୍ଗେ ପାପାଚରଣାଦି କରିବା—3. To commit sinful acts in respect of the family-members of a Rājā or chief person.

ଶ୍ରୀଅଙ୍ଗଲାଗି—ଦେ· ବଣ—ରାଜା ଅବା ଦେବତାରେ ପରିହିତ—Put on
Śriangalāgi by a king or Deity. ବ—ରାଜା
রাজারপরবার **श्रीअङ्गलागि** ଓ ଦେବତାଙ୍କ ବେଶଭୂଷା—
শ্রীঅঙ্গেরবেশ **श्रीअंगकासिंगार** Toilet of kings or idols.

ଶ୍ରୀଅଙ୍ଗ ସଙ୍ଗ—ସ· ବ—ଶ୍ରୀଅଙ୍ଗରେ ମିଶିବା; ଶ୍ରୀଅଙ୍ଗରେ ଲଗ୍ନ ହେବା—
Śriaṅga saṅga Merging in the body of a king or a Deity. (ଉ—ଶ୍ରୀଅଙ୍ଗ ସଙ୍ଗ ମତ ବନା ଅନାଥ ଦୂତ—ଚକ୍ଷୁରଂଶ ଚଷୋଷା ଚମ୍ପୂ ବ ଗୀତ ।)

ଶ୍ରୀଅ—ଦେ· ବ (ସ· ଶ୍ରୀୟା)—ଶ୍ରୀ; ମହାଲକ୍ଷ୍ମୀ—The Goddess
Śria presiding over wealth and prosperity.
শ্রী **श्री** (ଉ—ଶ୍ରୀପତ ଶ୍ରୀକର ଶ୍ରୀଧର, ଶ୍ରୀଅଦେବୀଙ୍କ ମନୋହର—କମଳଲୋଚନ ଚଉତିଶା ।)

ଶ୍ରୀ ଏକାଦଶ—ଦେ· ବ—ଏକାଦଶସ୍କନ୍ଧ ଭାଗବତ—The eleventh
Śrī ekādaśa book of the Bhāgabata· (ଉ—
শ্রীএকাদশস্কন্দ **श्रीएकादशस्कन्द** ଜଗନ୍ନାଥ ଦାସଙ୍କ ପ୍ରାୟେ କୋଣାର୍କ ଅଟନ୍ତି ସେ ପୁଣ, ଶ୍ରୀଏକାଦଶେଣ ଏକ୍ଷୁ ଅଟଇ ପ୍ରମାଣ—ପ୍ରାଚୀ· ଶ୍ରୀସୁଭଦ୍ରଭକ୍ତିଗୀତା ।)

ଶ୍ରୀଂ(ଶ୍ରୀଂ)—ଦେ.ବ—ଓଡ଼ିଶାର ଅଣାକାର ମତାବଲମ୍ବୀମାନଙ୍କର ୩ ଗୋଟି
Śriñ(śrim) ମନ୍ତ୍ରରୁ ୨ୟ; ଯଥା,ବଷ୍ଟ, ଶ୍ରୀଂ; ସ୍ୱାହା ଓ ଚଳସ୍ଥମନ୍ତ୍ର
শ্রী **श्री** ଧ୍ୟାନ ମନ୍ତ୍ର—A mystic syllable uttered by the Aṇakāra worshippers of Orissa.

ଶ୍ରୀ କଣ୍ଠ—ସ· ବ [ବହୁବ୍ରୀହି; ଶ୍ରୀ=(ଗରଳ ହେତୁ ନୀଳବର୍ଣ୍ଣ) ଶୋଭା=
Śrī kanṭha ଶୋଭାଯୁକ୍ତ କଣ୍ଠ ଯାହାର]—୧ । ଶିବ; ମହାଦେବଙ୍କ ବିଶେଷଣ—1. An epithet of Śiba (who has got marks of poison in His throat) ୨ । ସଂସ୍କୃତ ଉତ୍ତରରାମଚରିତ ଓ ମାଳତୀମାଧବ ନାଟକ ରଚୟିତା କବି ଭବଭୂତିଙ୍କ ଉପନାମ—2. A cognomen of the famous Sanscrit dramatist Bhababhūti. ୩ । ଦିଲ୍ଲୀର ଉତ୍ତର ପଶ୍ଚିମସ୍ଥ ପୁରାତନ ଦେଶ—3 Name of an ancient country to the N.W. of Delhi. ଦେ. ବ. ପୁଂ—ପୁରୁଷଙ୍କ ନାମ—A name given to males.

ଶ୍ରୀ କଣ୍ଠ ପଦ ଲାଞ୍ଛନ—ସ. ବ. ପୁଂ ('ଶ୍ରୀକଣ୍ଠ'ରୂପ ପଦ=ଉପାଧି ଅଟେ,
Śrī kanṭha pada lāñchhana ଲାଞ୍ଛନ=ଚିହ୍ନ ଯାହାଙ୍କର) ୧ । କବି ଭବଭୂତି—1. Sanscrit poet Bhababhūti. ୨ । ଉତ୍ତର ଭାରତର ପୁରାତନ ଦେଶ-ବିଶେଷ—2. Name of an ancient countr- in N. Indiay

ଶ୍ରୀକଣ୍ଠସଖ—ସ· ବ· ପୁଂ (ବହୁବ୍ରୀହି; ଶ୍ରୀକଣ୍ଠ+ସଖା ଯାହାଙ୍କର; ଶ୍ରୀକଣ୍ଠ·
Śrikanṭhasakha ଅର୍ଥାତ୍ ମହାଦେବ ଯାହାଙ୍କର ମିତ୍ର ଅଟନ୍ତି)—କୁବେର—The Hindu God guarding the wealth.

ଶ୍ରୀକନ୍ଦା—ସ· ବ (ବୈଦ୍ୟକ)—ବନ୍ୟ କର୍କୋଟକ; ଅଗାଡ଼ି ଅ ଫଳ—
Srikandā A sort of bitter wild fruit.

ଶ୍ରୀକର—ସ· ବ (ସ, ପ. ବୋ; ଶ୍ରୀଯୁକ୍ତକର)—୧ । ଶ୍ରୀହସ୍ତ; ଦେବତା ଓ
Śrikara ରାଜାଙ୍କ ହସ୍ତ—1. (euphemism for) A Deity's or king's hand. ୨ । (ବହୁବ୍ରୀହି; ଶ୍ରୀ ଅର୍ଥାତ୍ ଶ୍ରୀଯୁକ୍ତ କର ଯାହାଙ୍କର) ବିଷ୍ଣୁ—2 Bishṇu. ୩ । (ଶ୍ରୀ=ଶୋଭାଯୁକ୍ତ+କର=ଅଗ୍ର ଯାହାର)—କୋକନଦ; ନାଲି କଇଁ—3. Red waterlily; Nymphea Rubra. ସ. ବଣ—୧ । (ଶ୍ରୀ=ଶୋଭା+କୃ ଧାତୁ+କର୍ତ୍ତୃ ଅ)—ଶୋଭାକର—1 Beautiful; graceful. ୨ । ସୌନ୍ଦର୍ଯ୍ୟକାରକ 2. Producing grace, beautifying. ଦେ. ବ.
শ্রীকর **श्रीकर** ପୁଂ—୧ । ପୁରୁଷଙ୍କ ନାମ—1. A name given to males. ୨ । ସ୍ମୃତି ଗ୍ରନ୍ଥକାର ପଣ୍ଡିତବିଶେଷ—2. Name of an author of a work on Sanscrit jurisprudence.

କଣ--ସୌଭାଗ୍ୟକାରକ—Causing good fortune
[ଉ—ଶ୍ରୀକର ମୁଦଲୁ ବଡ଼ ହୁଅବ ସେ ଦଶା ଦୁଷ୍କାଳକାଳରୁ
ଭକ୍ତ. ପ୍ରେମସୁଧାନିଧି ।]

ଶ୍ରୀ କରଣ—ସ. ବି (ଶ୍ରୀ='ଶ୍ରୀ' ଏହି ଶବ୍ଦ କୃ ଧାତୁ+ଅନ; ଯାହାଦ୍ୱାରା
Śri karaṇa ଶ୍ରୀ ଶବ୍ଦ ଲେଖାଯାଏ)—୧ । କଲମ; ଲେଖନୀ—
1. Pen. ଦେ. ବି—୧ । କରଣମାନଙ୍କ ଶାଖା
ବିଶେଷ—1 A sect of the Karaṇas of
Orissa. ୨ । କାୟସ୍ଥ ଜାତିର ଶାଖାଭେଦ
(ବିଶ୍ୱକୋଷ)—2 Name or titte of a class of
Kāyasthas. ୩ । ଶେଠକରଣ (ଦେଖ)—
Śeṭhakaraṇa (See) [ଦ୍ର—ଓଡ଼ିଆ ରାଜ୍ୟ
ଅଠଗଡ଼ ରାଜାଙ୍କର ବଂଶାନୁଗତ ଉପାଧି ଶ୍ରୀକରଣବେବର୍ତ୍ତା
ପଟ୍ଟନାୟକ ଅଟେ । ଏ ଉପାଧି ଓଡ଼ିଶାର ପ୍ରାଚୀନ ଗଜପତି
ମହାରାଜାଙ୍କ ଅମଳରୁ ଅଦ୍ୟପର୍ଯ୍ୟନ୍ତ ସରକାରୀ କାଗଜପତ୍ରରେ
ମଧ୍ୟ ଉକ୍ତ ରାଜବଂଶର ଉପାଧି ରୂପେ ସ୍ୱୀକୃତ ହୋଇ
ଆସିଅଛି ।]

ଶ୍ରୀକର ଶାସ୍ତ୍ରୀ—ଦେ. ବି (ନାମ)—ଉତ୍କଳର ଜଣେ କି ବିଖ୍ୟାତ ସ୍ୱର୍ଗୀୟ
Śrikara śāstri ପଣ୍ଡିତ—Name of a late Oriya
শ্রীকরশাস্ত্রী श्रीकरशास्त्री Pandit. [ଦ୍ର—ଯାଜପୁର
ଅନ୍ତର୍ଗତ କରଲୁଲ ଗ୍ରାମରେ ଏହାଙ୍କର ଜନ୍ମ ।
ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ପ୍ରତିଷ୍ଠିତ ହିନ୍ଦୁ
ବିଶ୍ୱବିଦ୍ୟାଳୟର ଏ ସଂସ୍କୃତାଧ୍ୟାପକ ଥିଲେ ।]

ଶ୍ରୀକର୍ପୂର—ସ.ବି—କାଷ୍ଠୀଭୂତ ହୋଇ ଶୋଧିତ ହୋଇଥିବା କର୍ପୂର—
Śrikarpūra Refined camphor. (ଦ୍ର—
(ଶ୍ରୀକପୂର—ଦେ. ରୂପ) ସାଧାରଣ କପୂରକୁ ଓଡ଼ିଆରେ
শ্রীকর্পূর श्रीकपूर କସ୍ତୁର ଓ ଶୋଧିତ କପୂରକୁ ଶ୍ରୀକର୍ପୂର
କହନ୍ତି । ଏହା ସାଧାରଣତଃ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ
ମିଳେ ।)

ଶ୍ରୀକାକୋଳ—ଦେ. ବି—ଅଧୁନାତନ ଚିକାକୋଲର ପ୍ରାଚୀନ ନାମ—
Śrikākoḷa The ancient name of
Chicacole in Madras. (ଦ୍ର—ଏହି
ନଗର ଗଞ୍ଜାମ ଜିଲ୍ଲାର ଦକ୍ଷିଣ କୋଣରେ ଲାଙ୍ଗୁଲିଆ ନଦୀ
ଉପରେ ଅବସ୍ଥିତ । ଏହା ପୂର୍ବେ କଳିଙ୍ଗ ରାଜାମାନଙ୍କ
ରାଜଧାନୀ ଥିଲା ଓ ଏଠାରୁ ବଂଶଧାରା ନଦୀର ତଟବର୍ତ୍ତୀ
କଳିଙ୍ଗପଟ୍ଟଣକୁ ରାଜଧାନୀ କେବେ ଉଠି ଆସିଲା ତହିଁର
ପ୍ରମାଣ ମିଳୁ ନାହିଁ । ଏଠାରେ ଶ୍ରୀକୂର୍ମ ମନ୍ଦିର ଗୋଟିଏ ପ୍ରସିଦ୍ଧ
ତୀର୍ଥ । ଏଠାରେ ଜଣେ ଗୃହସ୍ଥର କଅ ଖୋଳାଯିବାବେଳେ
ଭୂଗର୍ଭରୁ ୬ ଖଣ୍ଡି ତାମ୍ର ଫଳକ ମିଳିଥିଲା । ସେଥିରୁ ଖଣ୍ଡିଏ
ହଜିଛି ଓ ୫ ଖଣ୍ଡି ବର୍ତ୍ତମାନ ମାନ୍ଦ୍ରାଜର ଯାଦୁଘରେ ରଖା
ଯାଇଅଛି । ସେଥିରେ କଳିଙ୍ଗରାଜ ଗଙ୍ଗବଂଶୀୟ ଇନ୍ଦ୍ର
ବର୍ମା, ଅନନ୍ତବର୍ମାଙ୍କ ପୁତ୍ର ଦେବେନ୍ଦ୍ରବର୍ମା, ଦେବେନ୍ଦ୍ରଙ୍କ
ପୁତ୍ର ସତ୍ୟବର୍ମା ଓ ଅନ୍ୟ ଜଣେ ନନ୍ଦପ୍ରଭଞ୍ଜନ ରାଜାଙ୍କର
ଉଲ୍ଲେଖ ଅଛି । ଇନ୍ଦ୍ରବର୍ମାଙ୍କ ବଂଶଧର ଏହି ରାଜାମାନେ
ସମ୍ଭବତଃ ଖ୍ରୀ ୭ମ ଶତାବ୍ଦୀର ପଲାତକ ବେଙ୍ଗୀ ବଂଶର
ଗୋଟିଏ ଶାଖା । ଅନୁମିତ ହୁଏ ଯେ ଖ୍ରୀ ୯୭୨ରୁ
୧୦୦୪ ରେ ପୂର୍ବ ଚାଳୁକ୍ୟ ରାଜ୍ୟରେ ଅରାଜକତା
ଉପସ୍ଥିତ ହେଲାରୁ ଏହି ରାଜବଂଶ ମସ୍ତକ ଉତ୍ତୋଳନ
କରିଥିଲେ । ପରବର୍ତ୍ତୀକାଳରେ(ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରେ)
ଏ ସ୍ଥାନ ମୁସଲମାନଙ୍କ ଅଧିକାରରେ ଆସିଥିଲା ଓ ସେ
ସମୟରେ ନିର୍ମିତ ଗୋଟିଏ ମସଜିଦ ଓ ସମାଧି ଏଠାରେ ଅଛି;
ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ଏହା ବିଜୟ ନଗରର
ହିନ୍ଦୁ ରାଜାଙ୍କ ଅଧିକାରରେ ଆସିଲା । ଏଠାରେ କେତେ
ଗୋଟିଏ ପ୍ରାଚୀନ ବିଜୟ ସ୍ତମ୍ଭ ମଧ୍ୟ ଅଛି, ତହିଁର ସମୟ
ନିର୍ଣ୍ଣୟ କରିବା କଠିନ—ବିଶ୍ୱକୋଷ ।)

ଶ୍ରୀ କାତର—ସ. ବିଣ. ପୁଂ (୭ମୀ ତତ୍; ଶ୍ରୀ—କାତର)—ଅପରର
Śri kātara ସୌଭାଗ୍ୟ ଦେଖି ଅସହିଷ୍ଣୁ; ମତ୍ସର; ପରଶ୍ରୀ-
(ଶ୍ରୀକାତରା—ସ୍ତ୍ରୀ) କାତର; ଯେ ପରର ଶିରୀ ଦେଖି ନ ପାରେ—
(ଶିରି କାତର—ଗ୍ରାମ୍ୟରୂପ) Envious of another's
(ଶ୍ରୀକାତରତା—ବି) prosperity

ଶ୍ରୀ କାନ୍ତ—ସ. ବି. ପୁଂ (୬ଷ୍ଠୀ ତତ୍; ଶ୍ରୀ+କାନ୍ତ)—ଲକ୍ଷ୍ମୀକାନ୍ତ;
Śri kānta ବିଷ୍ଣୁ—Bishṇu (the husband of
Lakshmī). ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା
শ্রীকান্ত श्रीकांत ନାମ—A name given to males.

ଶ୍ରୀ କାପଡ଼ା—ଦେ. ବି (ସ. ଶ୍ରୀ ଓ କର୍ପଟ)—ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ
Śri kapaṛā ଶ୍ରୀଅଙ୍ଗଲାଗି ବସ୍ତ୍ରଖଣ୍ଡ—Pieces of cloth
শ্রীঅঙ্গেরকাপড় श्रीकपड़ा put on the Deity
Jagannatha at Puri. (ଦ୍ର—ଏହାକୁ
ଯାତ୍ରୀମାନେ ଭକ୍ତି ସହିତ ବେକରେ ମାଳା କରି
ପକାନ୍ତି ।

ଶ୍ରୀକାରି—ସ. ବି (ଶ୍ରୀ=ଶୋଭା+କୃ ଧାତୁ+କର୍ତ୍ତୃ. ଇନ ୧ମା ୧ବ)
Śrikāri ମୃଗବିଶେଷ—A species of deer.
ଅନ୍ୟ ସ—କୁରଙ୍ଗ, ମହାଯବ, [ଦ୍ର—ଏହାର ମାଂସ ଲଘୁ,
ଶିଶୁଯୂପ, ଯବନ, ବେଗହରଣ, ହୃଦ୍ୟ ଓ ବଳପ୍ରଦ ।]
କଂପାଳ, କାର୍ଷିକ ୨ । ମୃଗୟାବିଶେଷ—2. A sort
of hunting. of hunting or chase.

ଶ୍ରୀକୂର୍ମ—ଦେ. ବି—ଗଞ୍ଜାମର ଦକ୍ଷିଣ ଚିକାକୋଲ ତାଲୁକର ଅନ୍ତର୍ଗତ
Śrikūrma ଓ ଚିକାକୋଲ ନଗରଠାରୁ ୮ ମାଇଲ
ପୂର୍ବରେ ଅବସ୍ଥିତ ପ୍ରାଚୀନ ତୀର୍ଥ—Name of a
Hindu sacred place near Chicacole.
[ଦ୍ର—ଏଠାରେ ନାରାୟଣଙ୍କ କୂର୍ମ ମୂର୍ତ୍ତିସ୍ଥାପିତ
ଗୋଟିଏ ପ୍ରାଚୀନ ମନ୍ଦିର ଅଛି । ମନ୍ଦିରର କାନ୍ଥରେ ଓ
ସ୍ତମ୍ଭ ଗାତ୍ରରେ ଅନେକଗୁଡ଼ିଏ ଶିଳାଲିପି ଅଛି । ତନ୍ମଧ୍ୟରେ
(୧) ୧୨୫୨ ଖ୍ରୀଷ୍ଟାବ୍ଦରେ ରାଜା ଅନଙ୍ଗଭୀମଦେବଙ୍କ
ଉତ୍କୀର୍ଣ୍ଣ ଭୂମିଦାନପ୍ରଶସ୍ତି, (୨) ୧୨୭୩ ଭାନୁଦେବ
ରାଜାଙ୍କ ମନ୍ତ୍ରୀ କର୍ତ୍ତୃକ ଗ୍ରାମଦାନ ଉପଲକ୍ଷରେ ଉତ୍କୀର୍ଣ୍ଣ

ପ୍ରଶସ୍ତି, (୩) ରାଜା ରାଜରାଜ ଦେବଙ୍କ ଅମାତ୍ୟ ବଳଯ୍ୟାଦଟ୍ୟ ଚକ୍ରବର୍ତ୍ତୀଙ୍କର ୧୨୭୮ ଖ୍ରୀଷ୍ଟାବ୍ଦର,(୪) ବୀର ଭାନୁଦେବ ରାଜାଙ୍କ ମନ୍ତ୍ରୀବଂଶୀୟ ରାମଦେବଙ୍କର ୧୨୩୫ ଖ୍ରୀଷ୍ଟାବ୍ଦର, (୫) ରାଜା ପ୍ରତାପ ବୀର ଶ୍ରୀ ନୃସିଂହଦେବଙ୍କ ରାଜ୍ୟକାଳରେ (୧୨୭୩ ଖ୍ରୀ) ଦେବପୂଜାର୍ଥ ଉଦ୍ୟାନଦାନ (ଏ ନୃସିଂହ ଦେବ ସମ୍ବନ୍ଧରେ ଲାଙ୍ଗୁଳା ନରସିଂହଦେବ ।), (୬) ଉକ୍ତ ଓଡ଼ିଶା ରାଜା ପ୍ରତାପ ଶ୍ରୀ ବୀର ନୃସିଂହ ଦେବଙ୍କ ରାଜତ୍ୱ କାଳର ଉଦ୍ୟାନଦାନର ବ୍ୟୟ ବିବରଣ, (୭) ରାଜରାଜ ଦେବଙ୍କ ପୁତ୍ର ପୁରୁଷୋତ୍ତମ ଦେବଙ୍କର । ଏହା ଛଡ଼ା ଆଉ ୧୫ ଶିଳାଫଳକ ମନ୍ଦିରଗାତ୍ରରେ ରହିଅଛି । ଏହା ଛଡ଼ା ସ୍ତମ୍ଭର ଉପରଭାଗରେ ପ୍ରାଚୀନ ଅକ୍ଷରରେ ଲିଖିତ ଶିଳା ଲିପି ଅଛି । ତାହାର ପାଠୋଦ୍ଧାର ଅଦ୍ୟାପି ହୋଇ ନାହିଁ । ପୂର୍ବେ ଏହା ଶିବମନ୍ଦିର ଥିଲା । ରାମାନୁଜଙ୍କ ସମୟରୁ ଏଠାରେ କୂର୍ମମୂର୍ତ୍ତି ପ୍ରତିଷ୍ଠିତ ହୋଇ ଏହା ବୈଷ୍ଣବ-ତୀର୍ଥରୂପେ ଗଣ୍ୟ ହୋଇଅଛି (ବିଶ୍ୱକୋଷ) ।

ଶ୍ରୀକୃଷ୍ଣ—ସଂ. ବି (ନାମ) (କୃଷ୍ଣଙ୍କ ନାମ ପୂର୍ବେ ସମ୍ମାନାର୍ଥକ ଶ୍ରୀ ପ୍ରୟୋଗ)—ଦେବକୀ ଓ ବସୁଦେବଙ୍କ ପୁତ୍ର; ନନ୍ଦ ଓ ଯଶୋଦାଙ୍କ ପାଳିତ ପୁତ୍ର; ବିଷ୍ଣୁଙ୍କର ଦ୍ୱାପର ଯୁଗରେ ଗୋଟିଏ ଅବତାର (କୃଷ୍ଣ ତଳେ ଟୀକା ଦେଖ)—Name of Krushṇa; the incarnation of Bishṇu in the Dwāpara age (as son of Bāsudeba and foster-son of Nanda.) ୨ । ନାରାୟଣ; ବିଷ୍ଣୁ—2. Bishṇu.

Śrikṛushṇa

ଶ୍ରୀକୃଷ୍ଣ ଦେ. ବି. ପୁଂ—ଲୋକଙ୍କ ନାମ—

শ্রীকৃষ্ণ A name given to males.

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ—ସଂ. ବି—ଭାଦ୍ର କୃଷ୍ଣାଷ୍ଟମୀ; ଶ୍ରୀକୃଷ୍ଣଙ୍କ ଜନ୍ମଦିନ—

Śrikṛushṇa janmāshṭami The birth day of Śrikrushṇa in Bhādra.

ଶ୍ରୀକୃଷ୍ଣ ଚୈତନ୍ୟ—ଦେ. ବି—ଚୈତନ୍ୟଦେବଙ୍କ ନାମାନ୍ତର—

Śrikṛushṇa chaitanya Another name of Chaitanya.

ଶ୍ରୀକୃଷ୍ଣ ଚୈତନ୍ୟ শ্রীকৃষ্ণ চৈতন্য

ଶ୍ରୀକୃଷ୍ଣ ବିଗ୍ରହ—ସ. ବି—ଶ୍ରୀକୃଷ୍ଣଙ୍କର କାଷ୍ଠ ବା ପାଷାଣ ବା ଧାତୁ ନିର୍ମିତ ମୂର୍ତ୍ତି—An image of Śrikṛushṇa.

Śrikṛushṇa bigraha

ଶ୍ରୀ କ୍ଷେତ୍ର(ଧାମ)—ସଂ. ବି (ମ. ପ. ଲୋ; ଶ୍ରୀଯୁକ୍ତ କ୍ଷେତ୍ର)—୧ । ପ୍ରସିଦ୍ଧ ତୀର୍ଥ—1. A amous centre of pilgrimage. [ଦ୍ର—ପ୍ରସିଦ୍ଧ ତୀର୍ଥର ନାମ ପୂର୍ବରେ ସାଧାରଣତଃ ଶ୍ରୀକ୍ଷେତ୍ର ଶବ୍ଦ ଲାଗେ । ଯଥା—ଶ୍ରୀକ୍ଷେତ୍ର ବୃନ୍ଦାବନ] ୨। ଜଗନ୍ନାଥ କ୍ଷେତ୍ର;ପୁରୁଷୋତ୍ତମ; କଳିଯୁଗର ବୌଦ୍ଧାବତାରଙ୍କ ଅଧିଷ୍ଠିତ ତୀର୍ଥ—2. The town of Puri (the seat of lord Jagannātha.

Śri kshetra(dhāma)

ଶ୍ରୀଖଣ୍ଡ—ସ. ବି (ଶ୍ରୀ=ଶୋଭାଯୁକ୍ତ+ଖଣ୍ଡ=ଅଂଶ ଯାହାର)—ଚନ୍ଦନ କାଠ; ହରିଚନ୍ଦନ; ଶ୍ୱେତ ଚନ୍ଦନ; ଶ୍ରେଷ୍ଠ ଚନ୍ଦନ—Sandal wood; Santalum Alba. [ଦ୍ର—ଯେଉଁ ଚନ୍ଦନ ଅସ୍ୱାଦରେ ତିକ୍ତ, ପୀତବର୍ଣ୍ଣ, ଯାହା ଛେଦନ କଲେ ରକ୍ତାଭ ହୁଏ ଶୁଖିଗଲେ ଶ୍ୱେତ, ଗଣ୍ଠି ଓ କୋଟରଯୁକ୍ତ ତାହାହିଁ ଶ୍ରେଷ୍ଠ ।

Śrikhaṇḍa

ଅନ୍ୟ ସ. ନାମ—ଭଦ୍ରଶ୍ରୀ, ତୈଳପର୍ଣ୍ଣିକ, ଗନ୍ଧସାର, ମଳୟଜ, ଚନ୍ଦନ ଦ୍ରୁମ, ଶ୍ରୀଚନ୍ଦନ ।

চন্দন, হরিচন্দন

सफेद चन्दन

ଫା. ସୁଫେଦ ସନ୍ଦଲ

ଅ. ସନ୍ଦେଲ ଅବେଜ

ତେ. ଚନ୍ଦନ

ବୈଦ୍ୟଶାସ୍ତ୍ରାନୁସାର ଏହା କଟୁ ତିକ୍ତ କଷାୟ ରସ, ଶୀତବୀର୍ଯ୍ୟ, ରୂକ୍ଷ, ତିକ୍ତ, ଅହ୍ଲାଦଜନକ, ଶୁକ୍ରବର୍ଦ୍ଧକ ଓ ଲଘୁ । ଏହା ଶ୍ରାନ୍ତି, ଉନ୍ମାଦ, ମଳବଦ୍ଧତା, ଶୋଥ, ବିଷ, ଶ୍ଳେଷ୍ମା, ପିତ୍ତ, ଦୃଷ୍ଟିଦୋଷ ଓ ଦାହନିବାରକ । ଦେହରେ ଘର୍ମିତ ହେଲେ ଏହାକୁ ଘୋର ବୋଲନ୍ତି ।

ଏହା ୨ ପ୍ରକାରର ଯଥା—କ୍ଷୀଣଗନ୍ଧିକ କାଷ୍ଠ ଯେଉଁ କାଠ ଘଷିହେ କରୁଯାଏ ତାକୁ ବେଟ୍ଟଚନ୍ଦନ ଓ ଗନ୍ଧ ମନ୍ଦଲୁ ଶୁଖିଗଲେ ତାହାର କାଠକୁ ସୁକ୍ଷୁଡ୍ଡ ବୋଲାଯାଏ ।]

(ଶ୍ରୀଖଣ୍ଡଚନ୍ଦନ—ଅନ୍ୟରୂପ)

ଶ୍ରୀଖଣ୍ଡ ଶୈଳ—ସ. ବି—ମଳୟାଚଳ; ମଳୟ ପର୍ବତ—

Śrikhaṇḍa śaila The mountain Maḷaḷaya.

(ଶ୍ରୀଖଣ୍ଡାଚଳ—ଅନ୍ୟରୂପ)

ଶ୍ରୀଖଣ୍ଡୀ—ପ୍ରାଦେ (ମେଦିନୀପୁର) ବି—୧ । ବସ୍ତ୍ର ବିଶେଷ; ଗାମୁଛା; (ଭୁଲ. ବି. ଶ୍ରୀଖଣ୍ଡୀ; ପିଖଣ୍ଡୀ)—4. A kind of coloured heet. [ଦ୍ର—ପୂର୍ବକାଳରେ ଶ୍ରୀଖଣ୍ଡୀ ବସ୍ତ୍ର ନ ହେଲେ ପୂଜା ପ୍ରଭୃତି ମଙ୍ଗଳ କାର୍ଯ୍ୟ ହେଉ ନ ଥିଲା ।] ୨ । ଚିତ୍ରିତ ଆସନ ବିଶେଷ—2. A kind of sitting carpet. ୩ । ଚିତା ଦେବା; ଅଳ୍ପନା-3, Painting of the floor or walls with lime-water or rice paste on festive occasions. ୪ । ବରକନ୍ୟାଙ୍କ ବରଣ ଉତ୍ସବାର ବେଦୀ (ପ୍ରକୃତିବାଦ)—4. The alter on which the bridegroom sits while formally accepting the bride.

Śrikhaṇḍi

ଶ୍ରୀଗର୍ଭ—ସଂ. ବି (ଶ୍ରୀ=ଶୋଭା ଅଛି ଗର୍ଭରେ ଯାହାଙ୍କର)—୧ । ବିଷ୍ଣୁଙ୍କର ନାମ (ବିଷ୍ଣୁ ସହସ୍ର ନାମୋକ୍ତ)—1. A name of Bishṇu. ୨ । ଖଡ୍ଗ—2. Sword; scimitar.

Śrigarbha

ଶ୍ରୀଗୁରୁ—ସଂ. ବି—୧ । ମନ୍ତ୍ର ବା ଜ୍ଞାନଦାତା ଗୁରୁ (ସମ୍ମାନାର୍ଥେ ଶ୍ରୀ ପ୍ରୟୋଗ)—1. The spiritual preceptor, tutor. ୨ । ଭଗବାନ୍; ବିଷ୍ଣୁ—2. Bishṇu; God.

Śriguru

(ଶ୍ରୀଗୁରୁ ଦେବ—ଅନ୍ୟରୂପ)

ଶ୍ରୀ ଗୋପାଳ—ସଂ.ବ (ଗୋପାଳ=ଗକ୍ଷ୍ଣ ଶବ୍ଦ ପୂର୍ବରେ 'ଶ୍ରୀ'ଯୋଗ)—
Śrī gopāḷa ଶ୍ରୀକୃଷ୍ଣ—Śrikṛushṇa. ଦେ. ବି. ପୁଂ—
ଶ୍ରୀগোপাল ୧ । ଲୋକଙ୍କ ନାମ—1. A name given to
श्रीगोपाल males. ୨ । ପୁରୀଜିଲ୍ଲା ସାକ୍ଷୀଗୋପାଳରେ ପ୍ରତିଷ୍ଠିତ ଶ୍ରୀକୃଷ୍ଣ ବିଗ୍ରହ—2. The idol or image of Śrikṛushṇa at Sākhigopāl in the district of Puri. ୩ । ବାଲେଶ୍ୱର ରେମୁଣାର କ୍ଷୀର ଚୋରା ଗୋପୀନାଥ ମୂର୍ତ୍ତି—3. The image of Srikṛushṇa at Remuṇā in Balasore.

ଶ୍ରୀଗୋପାଳ ଚୂଡ଼ାମଣି—ସଂ. ବ (ଶ୍ରୀ+ଗୋପାଳମାନଙ୍କ ମଧ୍ୟରେ
Śrigopāḷa chūrḍāmaṇi ଚୂଡ଼ାମଣି=ଶ୍ରେଷ୍ଠ)—
ଶ୍ରୀକୃଷ୍ଣ—Śrikṛushṇa. ଦେ. ବ—(ବ୍ୟଙ୍ଗ) ଦହି ଚୂଡ଼ା ଓ ଗୁଡ଼ ଖୁଆଇ ବ୍ରାହ୍ମଣମାନଙ୍କୁ ଅର୍ଥଦକ୍ଷିଣା ଦେବା—(Joke) Feasting Brahmans with curds, flattened rice and mollasses and giving them money as Dakshiṇā.

ଶ୍ରୀଗୋପାଳ ତୈଳ—ଦେ. ବ—ଏକପ୍ରକାର ଔଷଧ ତୈଳ—
Śrigopāḷa taila A medicated oil.
ଶ୍ରୀগোপাল তেল श्रीगोपाल तैल

ଶ୍ରୀଗୋପୀନାଥ—ସଂ. ବ—ଶ୍ରୀ ଗୋପାଳ (ଦେଖ)
Śrigopinātha Śrigopāḷa. (See)
(ଶ୍ରୀ ଗୋପୀନାଥଜୀ—ଦେ. ରୂପ)

ଶ୍ରୀ ଗୌର—ଦେ. ବ (ନାମ)—ଚୈତନ୍ୟ (ଦେଖ)
Śri gaura Chaitanya (See)
(ଶ୍ରୀ ଗୌରାଙ୍ଗ—ଅନ୍ୟରୂପ)
ଶ୍ରীগৌর श्रीगौर

ଶ୍ରୀଗ୍ରହ—ସଂ. ବ (ଶ୍ରୀ=ଶୋଭା+ଗ୍ରହ ଧାତୁ+କର୍ତ୍ତୃ. ଅ; ଯାହା ଶୋଭା
Śrigraha ଗ୍ରହଣ କରେ ବା ଶୋଭାଯୁକ୍ତ ଅଟେ)—ପକ୍ଷୀଙ୍କର ପାନୀୟ ଶାଳା—An aviary where birds drink; a drinking house for birds.
(ଏଥିର ଅନ୍ୟ ନାମ—ପକ୍ଷୀର ପ୍ରପା)

ଶ୍ରୀଘନ—ସଂ. ବ (ଶ୍ରୀ=ସୌନ୍ଦର୍ଯ୍ୟ+ଘନ=ମୂର୍ତ୍ତି)—୧ । ବୁଦ୍ଧଦେବ
Śrighana 1. The Buddha. ୨ । ଦହି—2. Curds; curdled milk.

ଶ୍ରୀଘର—ଦେ. ବ (ବ୍ୟଙ୍ଗ)—ଜେଲଖାନା—
Śrighara Jail.
ଶ୍ରীঘর बड़ेघर

ଶ୍ରୀଘର ଦେଖା(ଖୋ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଜେଲ୍ ଦଣ୍ଡ
Śrighara dekhā(khe)ibā ଭୋଗ କରାଇବା—To
(ଶ୍ରୀଘରକୁ ପଠା(ଠେ)ଇବା—ଅନ୍ୟରୂପ) cause a man to
ଶ୍ରীঘরদেখান बड़ाघरदिखाना be sent to jail; to send a man to jail.

ଶ୍ରୀଘର ଦେଖିବା—ଦେ. କ୍ରି—ଜେଲ ଦଣ୍ଡ ଭୋଗ କରିବା—To
Śrighara dekhibā undergo the sentence of
ଶ୍ରীঘরদেখা बड़ाघरदेखना confinement; to be imprisoned.

ଶ୍ରୀଚକ୍ର—ସଂ. ବ (ଚକ୍ର)—ତ୍ରିପୁର ସୁନ୍ଦରୀଙ୍କ ପୂଜାରେ ବ୍ୟବହୃତ ଯନ୍ତ୍ର
Śrichakra ବିଶେଷ—A mystic trifoliate circular figure used in the worship of the Deity 'Tripura sundari'.

ଶ୍ରୀଚନ୍ଦନ—ସଂ. ବ—୧ । ଶ୍ରୀଖଣ୍ଡ (ଦେଖ)—1. Śrikhaṇḍa
Śrichandana (See) ୨ । ଅଗୁରୁ ଚନ୍ଦନ—2. Aloe wood. ଦେ. ବି. ପୁଂ—୧ । କ୍ଷତ୍ରିୟ, ରାଜବଂଶୀୟ ଓ ଖଣ୍ଡାୟତମାନଙ୍କ ଉପାଧି ବିଶେଷ—1. A title of
শ্রীচন্দন श्रीचंदन Kshatriyas and members of Rāj-families and Khaṇḍāyats. ୨ । ଲୋକଙ୍କ ନାମ—2. Name given to males.

ଶ୍ରୀଚନ୍ଦ୍ର—ସଂ. ବ (ଜ୍ୟୋତିଷ)—(ଶ୍ରୀ ପ୍ରଦ ଚନ୍ଦ୍ର)—୧ମ ଚନ୍ଦ୍ର; ମନୁଷ୍ୟ
Śrichandra ଜୀବନରେ ଯେଉଁ ଯେଉଁ ଦିନ ଚନ୍ଦ୍ର ଜନ୍ମ ରାଶିରେ ଅବସ୍ଥାନ କରେ; ଜନ୍ମ ଚନ୍ଦ୍ର—The first position of the moon which happens once in 12 days in a person's life. [ଦ୍ର—ଜନ୍ମ ରାଶିରେ ଯେଉଁ ଦିନ ଚନ୍ଦ୍ରଙ୍କ ଅବସ୍ଥାନ ହୁଏ ଏବଂ ଦୋଷରହିତ ହୋଇଥାଏ ସେହିଦିନ ଶ୍ରୀ ଚନ୍ଦ୍ର ଯୋଗ ଲାଗିଥାଏ । ଶ୍ରୀ ଚନ୍ଦ୍ର ସବୁକାର୍ଯ୍ୟରେ ଶୁଭ ପ୍ରଦ, ମାତ୍ର ଯାତ୍ରା, ଯୁଦ୍ଧ, ଗୃହାରମ୍ଭ, ଏହି କାର୍ଯ୍ୟ ଶ୍ରୀ ଚନ୍ଦ୍ରରେ ନିଷିଦ୍ଧ ଦେ.ବ—ଶିଖ ଉଦାସୀ ବାବାଜୀମାନଙ୍କ ପ୍ରଥମ ଗୁରୁ । ଶିଖ ଉଦାସୀ ଧର୍ମ ସମ୍ପ୍ରଦାୟର ପ୍ରବର୍ତ୍ତକ—Name of the founder of the sect of Udāsis amongst the Sikhs. [ଦ୍ର—ଏ ଶିଖ ମାନଙ୍କ ଆଦିଗୁରୁ ନାନକଙ୍କ ପୁତ୍ର । ଏହାଙ୍କ ମାତାଙ୍କ ନାମ ସୁଲକ୍ଷଣା । ଏ ଯୁବକ ଅବସ୍ଥାରେ ସଂସାର ତ୍ୟାଗ କରି ଉଦାସୀ ହେଲେ ଓ ପରେ କାଳପରେ ଉଦାସୀନ ସମ୍ପ୍ରଦାୟର ସୃଷ୍ଟି କଲେ ।]

ଶ୍ରୀ ଚରଣ—ସଂ. ବ (ମ. ପ. ଲୋ. ଶ୍ରୀଯୁକ୍ତ ଚରଣ)—୧ । ଦେବତା
Śri charaṇa ଓ ଗୁରୁଜନଙ୍କର ଚରଣ—1.The leg of a a Deity or elder. ୨ । ଦେବତା ଓ ଗୁରୁଙ୍କ ସନ୍ନିଧି—2. Nearness or vicinity of a Deity or elder. [ଦ୍ର—'ଗୁରୁ ବା ପୂଜ୍ୟବ୍ୟକ୍ତିଙ୍କ ଚରଣରେ' ନ କହି ମାନ୍ୟାର୍ଥେ ଶ୍ରୀ ଗୁରୁଦେବ ବା ଶ୍ରୀ ପିତୃଦେବ ବା ଶ୍ରୀ ଅମୁକଙ୍କ 'ଶ୍ରୀ ଚରଣରେ ବା ଶ୍ରୀ ଚରଣ ତଳରେ' ନିବେଦନ କରା ବୋଲି ବାକ୍ୟ ବ୍ୟବହୃତ ହୁଏ ।]

ଶ୍ରୀ ଚରଣ କମଳ—ସଂ. ବ—ଦେବତା ଓ ଗୁରୁଜନଙ୍କ ପାଦ ପଦ୍ମ—The
Śri charaṇa kamaḷa feet of the Deity or elder (compared to a lotus)

ଶ୍ରୀଚରଣ ପଙ୍କଜ
ଶ୍ରୀଚରଣ ପଦ୍ମ } ଅନ୍ୟରୂପ
ଶ୍ରୀଚରଣ ସରୋଜ
ଶ୍ରୀଚରଣାରବିନ୍ଦ

ଶ୍ରୀଚରଣକମଳେଷୁ—ସଂ. ଅ (ସଂସ୍କୃତ ସପ୍ତମୀ ବିଭକ୍ତି, ବହୁବଚନ,
Sricharaṇa kamaḷeshu ଶ୍ରୀଚରଣମାନଙ୍କରେ; ମାନ୍ୟାର୍ଥେ
(ଶ୍ରୀଚରଣେଷୁ—ଅନ୍ୟରୂପ) ବହୁବଚନ ଅର୍ଥ)—ପତ୍ରାଦିର ଶିରୋନାମାରେ ଯାହାଙ୍କ ନିକଟକୁ ପତ୍ର ଲେଖାଯାଏ ତାଙ୍କ ନାମ ବା ଉପାଧି ପ୍ରଭୃତିର ପରେ ଲେଖାଯିବା ଶବ୍ଦ—A concluding word written at the end of the heading of a letter written to an elder (meaning 'at the revered feet' and purporting to meao- 'The following writing is submitted to the before named person') [ଦ୍ର—ଏହାର ଅର୍ଥ 'ଶ୍ରୀଚରଣମାନଙ୍କରେ' ଓ ଏହାର ତାତ୍ପର୍ଯ୍ୟ ଅମୁକଙ୍କ ଶ୍ରୀଚରଣରେ ମୁଁ ନିମ୍ନଲିଖିତ ରୂପେ ନିବେଦନ କରୁଅଛି । ଏହା ନିମ୍ନଲିଖିତ କ୍ରମରେ ଲେଖାଯାଏ—

୧ମ ଧାଡ଼ି—ଶ୍ରୀ ବା ଶ୍ରୀଗୁରୁ ବା ଶ୍ରୀଗୁରୁ ଶରଣଂ ।

୨ୟ ଧାଡ଼ି—ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀପିତୃଦେବଙ୍କ ଶ୍ରୀଚରଣ କମଳେଷୁ ।

୩ୟ ଧାଡ଼ି—ସବିନୟ ନିବେଦନମିଦଂ ବା ସାଷ୍ଟାଙ୍ଗ ପ୍ରଣତିପୂର୍ବକସର ନିବେଦନ ମିଦଂ ।

୪ର୍ଥ ଧାଡ଼ି—ଶିବଃ ବା ମହାଶୟ !

୫ମ ଧାଡ଼ି—ନିବେଦନର କାରଣ ଏହିପରି ଇତ୍ୟାଦି ।

ଶ୍ରୀଚରଣକୁ—ଦେ. (ଦ୍ୱିତୀୟା ବିଭକ୍ତି ଯୁକ୍ତ ବାକ୍ୟାଂଶ)—ଶ୍ରୀଚରଣ
Sricharaṇaku ନିକଟକୁ; ପୂଜ୍ୟ ବ୍ୟକ୍ତିଙ୍କ ନିକଟକୁ—
শ্রীচরণে श्रीचरणको To the revered feet of

ଶ୍ରୀଚରଣତଳ—ସଂ. ବି—ଗୁରୁଙ୍କ ପାଦର ନିମ୍ନଦେଶ—The ground
Sricharaṇa taḷa below the feet of a Deity or elder.

ଶ୍ରୀଚରଣରେ—ଦେ. ବି (୭ମୀ ବିଭକ୍ତି)—ଗୁରୁଜନଙ୍କ ପାଖେ—
Sricharaṇare At or near a revered person.
শ্রীচরণে श्री चरणमें

ଶ୍ରୀଚରଣ ସେବକ—ସଂ. ବି. ପୁଂ—ଗୁରୁ ଅାଦିଙ୍କ ପଦସେବକ ଭୃତ୍ୟ—
Sricharṇa sebaka (Euphemism) Your
(ଶ୍ରୀଚରଣ ସେବିକା; ଶ୍ରୀଚରଣ ସେବକୀ—ସ୍ତ୍ରୀ most obedient servant.

ଶ୍ରୀଚୈତନ୍ୟ—ଦେ. ବି—ଚୈତନ୍ୟ (ଦେଖ)—
Sri chaitanye Chaitanya (See)

ଶ୍ରୀଚ୍ୟୁତ—ସଂ. ବଣ—ଶ୍ରୀ ବିଚ୍ୟୁତ (ଦେଖ)—
Srichuta Sri bichuta (See)
(ଶ୍ରୀଚ୍ୟୁତା—ସ୍ତ୍ରୀ) (ଶ୍ରୀ ଚ୍ୟୁତ—ବି)

ଶ୍ରୀଜ—ସଂ. ବି (ଶ୍ରୀ=ଲକ୍ଷ୍ମୀ+ଜନ ଧାତୁ+କର୍ତ୍ତୃ. ଅ)—୧ । କାମଦେବ—
Srija 1. God Cupid. ୨ । ଶାମ୍ବ—2. Sāmba; son of Krushṇa,

ଶ୍ରୀତାଳ—ସଂ. ବି (ବୈଦ୍ୟକ)—ମଳୟ ଦେଶ ପ୍ରସିଦ୍ଧ ତାଳ ବୃକ୍ଷ—
Sritāḷa A plamyra tree of the Malaya peninsula and south India.
ଅନ୍ୟ ସଂ. ନାମ—ମୃଦୁତାଳ, ଲମ୍ବ ତାଳ, ମୃଦୁଛଦ, ବଣତାଳ, ପତ୍ର, ଲେଖାର୍ଦ୍ଧ, ଶିରାଳପତ୍ରକ ମସୀଲେଖାଦଳ, ଯାମ୍ୟୋଦ୍ଭୂତ [ଦ୍ର—ଏହାର ଫଳ ଈଷତ୍ କଷାୟ, ମଧୁରରସ, ଶୀତଳ, କଫବର୍ଦ୍ଧକ, ପିତ୍ତନାଶକ ଓ ସାମାନ୍ୟ ବାୟୁପ୍ରକୋପକ ଅଟେ ।]

ଶ୍ରୀଦ—ସଂ. ବଣ ପୁଂ (ଶ୍ରୀ=ଲକ୍ଷ୍ମୀ+ଦା ଧାତୁ=ଦାନ କରିବା+କର୍ତ୍ତୃ.
Srida ଅ; ଯେ ଶ୍ରୀ ଦାନ କରେ)—୧ । ଧନଦାତା—1. Bestowing wealth, ୨ । ସୌଭାଗ୍ୟଦାତା—2. Conferring good fortune or prosperity. ୩ । ଶୋଭାଦାୟକ—3. Giving grace or beauty.
ବି—୧ । କୁବେର 1. The HinduGod guarding riches. ୨ । (ବିଷ୍ଣୁସହସ୍ରନାମୋକ୍ତ) ବିଷ୍ଣୁଙ୍କ ନାମ—
[ଶ୍ରୀଦା—ସ୍ତ୍ରୀ ବଣ] 2. A name of Bishṇu

ଶ୍ରୀଦାମ—ସଂ. ବି—(ଶ୍ରୀଦାମନ୍; ୧ମା. ୧ବ)—ଶ୍ରୀକୃଷ୍ଣଙ୍କ ସହଚର ଗୋପ-
Sri dāma ବାଳକ—Name of one of the cowherd mates of Srikṛushṇa.

ଶ୍ରୀଧର—ସଂ. ବି. ପୁଂ—(ଶ୍ରୀ=ଲକ୍ଷ୍ମୀ+ଧୃ ଧାତୁ=ଧାରଣ କରିବା+
Sridhara କର୍ତ୍ତୃ. ଅ; ଯେ ଲକ୍ଷ୍ମୀଙ୍କୁ ଧାରଣ କରିଅଛନ୍ତି)—୧ (ସହସ୍ର ନାମୋକ୍ତ) ବିଷ୍ଣୁ—1. Bishṇu. ୨ । ଶାଳଗ୍ରାମ ଶିଳା ବିଶେଷ (ଅଷ୍ଟ ଚକ୍ର; ଦ୍ୱିଚକ୍ର, ଓ ବନମାଳା ଚିହ୍ନିତ)—2. Name of a pebble of the Gaṇḍaki river worshiped as Bishṇu.
ଦେ. ବି. ପୁଂ—ଲୋକଙ୍କ ନାମ—1. Name given to males. ୨ । ଚିଲିକାରେ ମିଳୁଥିବା ଏକପ୍ରକାର ଚିଙ୍ଗୁଡ଼ି ମାଛ—2. A kind of shrimps (found in the Chilka lake.)

ଶ୍ରୀଧର କଥକ—ଦେ. ବି—(ନାମ)—ବଙ୍ଗଦେଶର ଜଣେ ପ୍ରାଚୀନ ପ୍ରସିଦ୍ଧ
Sridhara kathaka ପୁରାଣକଥକ—Name of a Bengalee Purāṇa speaker (ministrel or bard) of the 13th century.
[ଦ୍ର—ଏ ୧୨୨୩ ସାଲରେ ଜନ୍ମ ଗ୍ରହଣ କରିଥିଲେ । ଏ କଥକ ବ୍ୟବସାୟ କରି ପୁରାଣ କଥା ଭାବଭଙ୍ଗୀ ସହ ସର୍ବଜନ ମନୋହର ଭାବରେ କହୁଥିଲେ; ନିଜେ ଶ୍ୟାମା, ରାଧାକୃଷ୍ଣ ଓ ପ୍ରେମ ବିଷୟକ ସଙ୍ଗୀତ ରଚନା କରିଥିଲେ ଏବଂ ସୁଗାୟକ ଥିଲେ ।]

ଶ୍ରୀଧର ଦାସ—ଦେ. ବି.—(ନାମ)—ଉତ୍କଳୀୟ କବି ବିଶେଷ—
Sridhara dāsa Name of an Oriya poet.
[ଦ୍ର—ଏହାଙ୍କ ଘର ବାଙ୍କିରେ । ଏ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ବର୍ଣ୍ଣନା କରି 'କାଞ୍ଚନ ଲତା' ନାମକ ଖଣ୍ଡିଏ ଗ୍ରନ୍ଥ ଲେଖିଥିଲେ । (ତାରିଣୀ ଉତ୍କଳ ସାହିତ୍ୟ ଇତିହାସ) । ଏ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗର କବି ।
(ଜଗବନ୍ଧୁ, ପ୍ରାଚୀନ ଉତ୍କଳ) ।]

ଶ୍ରୀଧର ସ୍ୱାମୀ—ଦେ. ବି—(ନାମ)—ପୁରାଣାଦିର ପ୍ରସିଦ୍ଧ ଟୀକାକାର—
Sridhara swāmi Name of a famous Sanscrit annotator of the Purāṇas.
শ্রীধর স্বামী श्रीधर स्वामी

[ଶ୍ରୀଧର ଭଟ୍ଟ—ଅନ୍ୟରୂପ] [ଦ୍ର—ଏ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଆବିର୍ଭୂତ ଥିଲେ; ଜନ୍ମ ସ୍ଥାନ ଗୁର୍ଜର ଦେଶର ବଲ୍ଲଭୀ ନଗର । ଏ ପରମାନନ୍ଦ ପୁରୀଙ୍କ ଠାରୁ ନୃସିଂହ ମନ୍ତ୍ର ଦୀକ୍ଷା ନେଇଥିଲେ । ସଂସ୍କୃତ ଶ୍ରୀମଦ୍ ଭାଗବତର 'ଭାବାର୍ଥ ଦୀପିକା' ନାମକ ଅତି ସୁନ୍ଦର ଓ ସରଳ ଟୀକା ରଚନା କରି ଏ ଅମର ହୋଇ ଅଛନ୍ତି । ମହିମ୍ନ ସ୍ତବ, ଭଗବଦ୍ଗୀତା, ବିଷ୍ଣୁପୁରାଣାଦିର ମଧ୍ୟ ଟୀକା କରି ଅଛନ୍ତି, ତନ୍ମଧ୍ୟରେ ଭାବାର୍ଥ-ଦୀପିକା ସର୍ବ ପ୍ରସିଦ୍ଧ ଅଟେ ।

ବ୍ରଜବିହାର ନାମକ ଶ୍ରୀକୃଷ୍ଣ ବିଷୟକ କାବ୍ୟ ମଧ୍ୟ ଏହାଙ୍କ ଦ୍ୱାରା ରଚିତ ହୋଇଅଛି ସୁବିଖ୍ୟାତ 'ଭଟ୍ଟି' କାବ୍ୟର କବି 'ଭଟ୍ଟି' ଏହାଙ୍କର ପୁତ୍ର ଅଟନ୍ତି ।

ମତାନ୍ତରରେ—

ଏ ଜଣେ ଓଡ଼ିଆ ଓ ଉତ୍କଳବାସୀ ଥିଲେ । ବାଲେଶ୍ୱର ଜିଲ୍ଲା ରେମୁଣା ଗ୍ରାମ ନିକଟବର୍ତ୍ତୀ ମରେଇ ଗାଁ ଏହାଙ୍କ ଜନ୍ମସ୍ଥାନ, ପୁରୀ ରାଜସଭାରେ ଏହାଙ୍କର ପ୍ରତିପତ୍ତି ଓ ଆଦର ଥିଲା ।

ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ଏ ପୁରୀ ଗୋବର୍ଦ୍ଧନ ମଠର ଜଣେ ମହନ୍ତ ଥିଲେ (ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ) ।]

ଶ୍ରୀନଗର—ଦେ. ବି—(ନାମ)—କାଶ୍ମୀର ରାଜ୍ୟର ରାଜଧାନୀ—
Śri nagara The capital of the state of Kashmere.
श्रीनगर श्रीनगर

[ଦ୍ର—ସମୁଦ୍ର ପୃଷ୍ଠରୁ ୫୨୭୬ ଫୁଟ ଉଚ୍ଚ ପର୍ବତ ବକ୍ଷରେ ଏ ରାଜଧାନୀ ଅବସ୍ଥିତ । ଏ ନଗର ଯେଉଁ ଉପତ୍ୟକାରେ ଅବସ୍ଥିତ ତାକୁ Happy valley (ସୁଖମୟ ଉପତ୍ୟକା) ବୋଲାଯାଏ । ଏ ରାଜଧାନୀ ସିନ୍ଧୁ ନଦୀର ଉପନଦୀ ଝେଲମ ନଦୀର ଉଭୟ ତୀରରେ ପ୍ରାୟ ୨ ମାଇଲ ବ୍ୟାପି ଅଛି । ସହରରୁ ଏକ ଅଂଶରୁ ଅନ୍ୟ ଅଂଶକୁ ଯିବା ଆସିବା କରିବା ପାଇଁ ନଦୀ ପାର ହେବାକୁ ଝେଲମ ନଦୀ ଉପରେ ସାତ ଗୋଟି ସେତୁ ଅଛି । ଏଠାରେ ନଦୀ ଗର୍ଭର ବିସ୍ତୃତି ପ୍ରାୟ ୧୨୬ ହାତ ଓ ଗ୍ରୀଷ୍ମକାଳରେ ନଦୀ ଜଳର ଗଭୀରତା ପ୍ରାୟ ୧୨ ହାତ । ନଦୀର ଉଭୟ ତୀରରେ ଚୂନ-ପଥର ଅଛି । ଏ ନଗରର ଦୂର ଅଦ୍ରେ ପର୍ବତ ପାଦରେ ଜଳାଭୂମି ଥିବାରୁ ଏ ନଗରର ସ୍ୱାସ୍ଥ୍ୟ ମନ୍ଦ । ଏ ନଗରର ଜନ ସଂଖ୍ୟା ପ୍ରାୟ ଦେଢ଼ ଲକ୍ଷ । ତହିଁ ମଧ୍ୟରେ ହିନ୍ଦୁଙ୍କ ସଂଖ୍ୟା ଅପେକ୍ଷା ମୁସଲମାନଙ୍କ ସଂଖ୍ୟା ୮ ଗୁଣ ବେଶି । ଏଠାରେ କୋଠାମାନ କାଠରେ ବଢ଼ା ଓ ତିନି, ଚଉତାଲ, କୋଠାର ଛାତମାନ ଏକଢାଳିଆ ଓ ତହିଁ ଉପରେ ମାଟି ବସା ହୋଇଅଛି । ଏଠାରେ କାଶ୍ମୀର ମହାରାଜାଙ୍କ ରାଜ-ପ୍ରାସାଦ, ଦୁର୍ଗ, ତୋପ କାରଖାନା, ଟାଙ୍କଶାଳା, ଡାକ୍ତର-ଖାନା, ବିଦ୍ୟାଳୟ ଅଛି ଓ କେତେଏ ପ୍ରାଚୀନ ମନ୍ଦିର, ମସଜିଦ ଓ ସମାଧି ଅଛି । ଏହି ରାଜଧାନୀର ଅନତିଦୂରରେ ସମୁଦ୍ର ପୃଷ୍ଠ ଅପେକ୍ଷା ୬୨୫୦ ଫୁଟ ଉଚ୍ଚ ତକ୍ତ-ଇ-ସୁଲେମାନ୍ ନାମକ ପର୍ବତ ଉପରେ ଠିଆ ହେଲେ ସମୁଦାୟ ନଗରର ଦୃଶ୍ୟ ଦେଖା ଯାଏ । ଏ ପର୍ବତର ଶିଖରରେ ଗୋଟିଏ ପ୍ରସ୍ତର ନିର୍ମିତ ମନ୍ଦିର ଅଛି । ଏହା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଅଶୋକଙ୍କ ପୁତ୍ର ଜଲୋକଙ୍କଦ୍ୱାରା ନିର୍ମିତ ହୋଇଥିଲା । କାଳକ୍ରମେ ତାହା ମୁସଲମାନଙ୍କ ମସଜିଦରେ ପରିଣତ ହେଲା । ଏବେ ହିନ୍ଦୁମାନେ ତାକୁ ଶଙ୍କରାଚାର୍ଯ୍ୟଙ୍କ ମନ୍ଦିର ବୋଲି କହନ୍ତି । ସହରର ଉତ୍ତର ପ୍ରାନ୍ତରେ ୨୫୦ ଫୁଟ ଉଚ୍ଚ ହରି ପର୍ବତ ନାମକ ଗୋଟିଏ ସ୍ୱତନ୍ତ୍ର ଗଣ୍ଡଶୈଳ ଉପରେ ଶ୍ରୀନଗର ଦୁର୍ଗ ଅଛି । ମୋଗଲ ସମ୍ରାଟ ଅକବରଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୧୫୯୦ରେ ଏକ କୋଟି ଟଙ୍କା ବ୍ୟୟରେ ଏ ଦୁର୍ଗ ନିର୍ମିତ ହୋଇଥିଲା । ନଗରର ଉତ୍ତର ପୂର୍ବାଂଶରେ ସୁପ୍ରସିଦ୍ଧ 'ଦାଲ' ହ୍ରଦ ଅଛି । ଏଥିର ଜଳର ଗଭୀରତା ୧୦ ଫୁଟ ଓ ଏଥିର ପୃଷ୍ଠରେ ଅନେକଗୁଡ଼ିଏ ଭାସମାନ ଉଦ୍ୟାନ ଅଛି । କାଶ୍ମୀର ମହାରାଜାଙ୍କର ଜଣେ ରାଜ ପ୍ରତିନିଧି, ରେଜିଡେଣ୍ଟ କମିସନର୍, ଚିଫ୍ କୋର୍ଟର ଜଣେ ଜଜ୍, ଜଣେ ଶାଳ ପରିଦର୍ଶକ, ଜଣେ ଦେବାନୀ ଜଜ ଏଠାରେ ଥାଆନ୍ତି । ଦେଶ ବିଦେଶରୁ ସହସ୍ର ସହସ୍ର ଭ୍ରମଣକାରୀ ଏ ନଗରର ଶୋଭା ଦେଖିବାକୁ ଆସନ୍ତି, ଓ ଏଠାରୁ କାଶ୍ମୀର ଜାତ ଶାଲ ଓ ଅନ୍ୟାନ୍ୟ ଦ୍ରବ୍ୟ କିଣି ନିଅନ୍ତି । ମଧ୍ୟ ପ୍ରଦେଶର ନରସିଂହପୁର ଜିଲ୍ଲାରେ, ଅଯୋଧ୍ୟାର ସେତା ଜିଲ୍ଲାରେ, ଯୁକ୍ତ ପ୍ରଦେଶର ଗଡ଼ବାଲ ଜିଲ୍ଲାରେ ଓ ହାମିରପୁର ଜିଲ୍ଲାରେ ଓ ବାଲିଆ ଜିଲ୍ଲାରେ ଏହି ନାମର ଗ୍ରାମ ଓ ନଗରମାନ ଅଛି ।(ବିଶ୍ୱକୋଷ)

ଶ୍ରୀନନ୍ଦନ—ସଂ. ବି—(୬ଷ୍ଠୀ ତତ୍, ଶ୍ରୀ + ନନ୍ଦନ)—ଲକ୍ଷ୍ମୀ ପୁତ୍ର କନ୍ଦର୍ପ; କାମଦେବ—The God Cupid.
Śri nandana

ଶ୍ରୀ ନନ୍ଦ ନନ୍ଦନ—ସଂ. ବି—ଶ୍ରୀକୃଷ୍ଣ—
Śri nanda nandana Śrikṛushna.

[ଦ୍ର—ଶ୍ରୀକୃଷ୍ଣ ମଥୁରାର ବସୁଦେବ ଓ ଦେବକୀଙ୍କ ସନ୍ତାନ ଥିଲେହେଁ, ଗୋକୁଳ (ବୃନ୍ଦାବନ)ର ନନ୍ଦ ଓ ଯଶୋଦାଙ୍କ ଦ୍ୱାରା ପୁତ୍ରରୂପେ ପାଳିତ ହୋଇଥିବାରୁ ତାଙ୍କର ଏହି ନାମ ।]

ଶ୍ରୀନାଥ—ସଂ. ବି. ପୁଂ—(୬ଷ୍ଠୀ ତତ୍, ଶ୍ରୀ + ନାଥ)—(ବହୁ, ସହସ୍ର ନାମୋକ୍ତ) ବିଷ୍ଣୁ—Bishṇu. ଦେ. ବି. ପୁଂ—
Śrinātha ଲୋକଙ୍କ ନାମ—A name given to males.

ଶ୍ରୀନାଶ—ସଂ. ବି—(୬ଷ୍ଠୀ ତତ୍; ଶ୍ରୀ + ନାଶ)—୧ । ସୌଭାଗ୍ୟର ଧ୍ୱଂସ-
Śrināśa 1. The destruction or end of glory.
୨ । ସୌନ୍ଦର୍ଯ୍ୟ ନାଶ—
2. Destruction of beauty.

ଶ୍ରୀ ନାଶକ—ସ. ବିଣ. (ପୁଂ) (ଶ୍ରୀ + ନାଶି ଧାତୁ + କର୍ତ୍ତୃ. ଅକ)—
Śri nāśaka ୧ । ସୌଭାଗ୍ୟନାଶକାରୀ—1. Destructive of glory. ୨ । ଶୋଭାଧ୍ୱଂସକାରୀ—2. Ruinous to beauty.
(ଶ୍ରୀନାଶୀ—ଅନ୍ୟରୂପ)
[ଶ୍ରୀନାଶିକା, ଶ୍ରୀନାଶିନୀ—ସ୍ତ୍ରୀ]

ନିକେତ—ସଂ. ବି—୧ । ନବଜାତ ଧୂପ; ସରଳ ନିର୍ଯ୍ୟାସ; ତାର୍ପିନ
Śrī niketa (ବିଶ୍ୱକୋଷ)—1. Turpentine. ୨ । ରକ୍ତ ପଦ୍ମ (ବିଶ୍ୱକୋଷ)—2. Red lotus. ୩ । ସୁବର୍ଣ୍ଣ (ବିଶ୍ୱକୋଷ)—3. Gold.

ନିକେତନ—ସଂ. ବି (୬ଷ୍ଠୀ ତତ୍; ଶ୍ରୀ=ଲକ୍ଷ୍ମୀ+ନିକେତନ=
Śrī niketana ଗୃହ)—୧ । ଲକ୍ଷ୍ମୀଙ୍କ ବାସସ୍ଥାନ; ବୈକୁଣ୍ଠ—1. The residence of Goddess Lakshmī. ୨ । (ବହୁବ୍ରୀହି) ବିଷ୍ଣୁ—2. Bishṇu. ଦେ. ବି (ସଂ. ଶ୍ରୀନିକେତ)—ପଦ୍ମ—Lotus. [ଦ୍ର—ଶ୍ରୀନିକେତନ ଜଣି ନେଇ, କଣ୍ଟକ ଇଷଣେ ପବନ । ଜଗନ୍ନାଥ· ଭାଗବତ]

ନିତମ୍ବା—ସଂ. ବିଣ. ସ୍ତ୍ରୀ(ବହୁବ୍ରୀହି)—ସୁଶ୍ରୋଣୀ; ସୁନ୍ଦର ନିତମ୍ବବିଶିଷ୍ଟା
Śrī nitambā (ସ୍ତ୍ରୀ)—(a woman) Having graceful buttocks. ସଂ. ବି· ସ୍ତ୍ରୀ—ରାଧା (ବିଶ୍ୱକୋଷ)—An epithet of Rādhā.

ନିବାସ—ସଂ. ବି. ପୁଂ(୬ଷ୍ଠୀ ତତ୍; ଶ୍ରୀ=ଲକ୍ଷ୍ମୀ+ନିବାସ=ଗୃହ)—
Śrī nibāsa ୧ । ଲକ୍ଷ୍ମୀଙ୍କର ବାସସ୍ଥାନ; ବୈକୁଣ୍ଠ—1. The residence of Lakshmī. ୨। (ବିଷ୍ଣୁ ସହସ୍ରନାମୋକ୍ତ) ବିଷ୍ଣୁଙ୍କ ନାମ-2. A name of eishṇu. ଦେ. ବି ପୁଂ
শ্রীনিবাস —୧ ଲୋକଙ୍କ ନାମ—1. A name given to
श्रीनिवास males. ୨। ଚୈତନ୍ୟଦେବଙ୍କ ସମସାମୟିକ ନବଦ୍ୱୀପର ଜନୈକ ଗୃହୀ ବୈଷ୍ଣବ—2. Name of a devoted householder; contemporary of Śrīchaitanya. [ଦ୍ର—ଶ୍ରୀନିବାସନାମଧାରୀ ବହୁପଣ୍ଡିତ, ଗ୍ରନ୍ଥକାର, ଭକ୍ତ ଭାରତରେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱକୋଷ ସଂଗ୍ରାହକ ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ ନଗେନ୍ଦ୍ରନାଥ ବସୁ ଶ୍ରୀନିବାସ ନାମଧାରୀ ୨୬ ଜଣଙ୍କର, ଶ୍ରୀନିବାସ ଅଗ୍ରଜ ନାମଧାରୀ ୨୪ଜଣଙ୍କର ଓ ଭିନ୍ନ ଭିନ୍ନ ଉପାଧିବିଶିଷ୍ଟ ଶ୍ରୀନିବାସ ନାମଧାରୀ ଅନ୍ୟ ୩୨ ଜଣଙ୍କ ବିଷୟ ଓ ଗ୍ରନ୍ଥମାନ ବର୍ଣ୍ଣନା କରିଅଛନ୍ତି । ତନ୍ମଧ୍ୟରୁ ଶ୍ରୀଚୈତନ୍ୟଦେବଙ୍କ ସମସାମୟିକ ଶ୍ରୀନିବାସାଚାର୍ଯ୍ୟଙ୍କ ବିଷୟରେ ବହୁ ତଥ୍ୟବିଶିଷ୍ଟ ବିବରଣ ଲିପିବଦ୍ଧ କରିଅଛନ୍ତି । ଏ ଶ୍ରୀନିବାସାଚାର୍ଯ୍ୟ ଚୈତନ୍ୟଦେବଙ୍କ ଅପ୍ରକଟ ହେବା ପରେ ନରୋତ୍ତମ ଓ ଶ୍ୟାମାନନ୍ଦଙ୍କ ସଙ୍ଗେ ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରଭାବ ସାରା ଦେଶରେ ସଂରକ୍ଷଣ ଓ ବିସ୍ତାର କରିଥିଲେ । ଏହା ଛଡ଼ା ବୃନ୍ଦାବନ, କଟକ, ପୁରୀ, ଯାଜପୁର, ବଙ୍ଗଦେଶ, ଗଡ଼ (ମେଦିନୀପୁର) ଆଦି ଭ୍ରମଣ କରି ଏ ନାମକୀର୍ତ୍ତନ ଓ ଶାସ୍ତ୍ରବ୍ୟାଖ୍ୟାଦ୍ୱାରା ସହସ୍ର ସହସ୍ର ପାପୀଙ୍କୁ ଗୌରାଙ୍ଗ ପ୍ରେମରେ ଆର୍ଦ୍ର କରିଥିଲେ ଓ ଦସ୍ୟୁରାଜ ବୀର ହମ୍ବୀର ଏହାଙ୍କ ପ୍ରଭାବରେ ପରମଧାର୍ମିକ ହୋଇଥିଲେ । ଶ୍ରୀନିବାସ ସାବର୍ଣ୍ଣି ଗୋତ୍ରୀୟ ରାଢ଼ୀୟ ଶ୍ରୋତ୍ରିୟ ବ୍ରାହ୍ମଣ ଥିଲେ । (ବିଶ୍ୱକୋଷ) ।]

ନିବାସକ—ସଂ. ବି—କୁରଣ୍ଟକ ଗୁଳ୍ମ (ବିଶ୍ୱକୋଷ)
Śrī nibāsaka Barlaria Crestata (plant).

ଶ୍ରୀନିବାସ ଦୀପିକା—ସଂ. ବି—ଜ୍ୟୋତିଷଗ୍ରନ୍ଥ ବିଶେଷ—
Śrinibāsa dipikā The title of a famous Sanscrit astrological work.
[ଦ୍ର—ଖ୍ରୀଷ୍ଟୀୟ ୧୧୫୮ ଅବ୍ଦରେ ଗଣିତ ଚୂଡ଼ାମଣି ନାମକ ଆଉ ଗୋଟିଏ ଜ୍ୟୋତିଷଗ୍ରନ୍ଥ ଏ ଶ୍ରୀନିବାସ ରଚନା କରିଥିଲେ । ଶ୍ରୀନିବାସ ଦୀପିକାର ଅନ୍ୟ ନାମ ଶୁଦ୍ଧିଦୀପିକା—ବିଶ୍ୱକୋଷ ।]

ଶ୍ରୀପଞ୍ଚ—ଦେ. ବି—ସିର୍ ପଞ୍ଚ୍ (ଦେଖ)
Śripañcha Śir pañch. (See)

ଶ୍ରୀ ପଞ୍ଚମୀ—ସଂ. ବି (ଶ୍ରୀ=ସରସ୍ୱତୀ+ପଞ୍ଚମୀ; ସରସ୍ୱତୀଙ୍କ ପୂଜାର୍ଥ ପ୍ରଶସ୍ତ
Śrī pañchamī ପଞ୍ଚମୀ)—୧ । ମାଘ ଶୁକ୍ଳପଞ୍ଚମୀ—1. The 5th day of the bright lunar fortnight of Māgha (in which the Goddess of learning is worshipped). [ଦ୍ର—କେହି କେହି କହନ୍ତି ଏହି ପଞ୍ଚମୀରେ କାର୍ତ୍ତିକେୟ ଲକ୍ଷ୍ମୀଙ୍କ ସହିତ ସମ୍ମିଳିତ ହୋଇଥିଲେ । ତେଣୁ ଏହା ଶ୍ରୀପଞ୍ଚମୀ ନାମରେ ଅଭିହିତ ହେଉଅଛି (ବିଶ୍ୱକୋଷ) । ମାତ୍ର ଆମ ଦେଶରେ ଏ ଦିନ ସରସ୍ୱତୀଙ୍କର ପୂଜା ହୁଏ ଓ ବିଦ୍ୟାଳୟର ଛାତ୍ରମାନେ ସରସ୍ୱତୀଙ୍କୁ ଆବାହନ କରି ମହାସମାରୋହ ସହକାରେ ପୂଜା କରନ୍ତି । ପୁରୁଣାକାଳର ଚାଟଶାଳୀମାନଙ୍କର ଛାତ୍ରମାନେ ଗୋଟିଏ କାଠିଅଳୁ ଚନ୍ଦନର ସେ କାଠିଅଳୁ ଧରି ଅଭିଭାବକ ଓ ବନ୍ଧୁମାନଙ୍କ ଘରକୁ ଯାଇ ସରସ୍ୱତୀ, ଗଣେଶ ଓ ଶ୍ରୀକୃଷ୍ଣ ଆଦିଙ୍କ ସ୍ତବ, ଗୀତ ଓ ନାନାପ୍ରକାର ଛାନ୍ଦ ଆଦି ବୋଲି ବସ୍ତ୍ର, ଧନାଦି ଭିକ୍ଷା କରି ଆଣି ଅବଧାନଙ୍କୁ ଦେଉଥିଲେ । ଏ ବିଧି ଏବେ ପ୍ରାୟ ଲୋପ ହୋଇ ଗଲାଣି । ସ୍କୁଲମାନଙ୍କରେ ସରସ୍ୱତୀ ପ୍ରତିମା ନିର୍ମିତ ହୋଇ ଆଜକାଲି ମହାସମାରୋହ ସହକାରେ ତାହାଙ୍କର ପୂଜା ହେଉଅଛି ।] ୨ । ଭବିଷ୍ୟ ପୁରାଣୋକ୍ତ ସ୍ତ୍ରୀମାନଙ୍କ ଅନୁଷ୍ଠେୟ ବ୍ରତ ଓ ଲକ୍ଷ୍ମୀନାରାୟଣ ପୂଜା—2. A religious vow observed by females for six years beginning from the 5th day of the bright lunar fortnight of of Māgha. [ଦ୍ର—ଶୁଦ୍ଧ କାଳରେ ମାଘଶୁକ୍ଳ ପଞ୍ଚମୀଠାରୁ ଏହି ବ୍ରତ ଆରମ୍ଭ କରାଯାଏ । ପୂର୍ବଦିନ ସଂଯମ କରି ପର ଦିନ ପଞ୍ଚମୀଠାରୁ ଏ ବ୍ରତର ଅନୁଷ୍ଠାନ ହୁଏ; ଏହି ଭାବରେ ପ୍ରତିମାସ ଶୁକ୍ଳ ପଞ୍ଚମୀ ଦିନ ବ୍ରତାଚରଣ କର୍ତ୍ତବ୍ୟ; କ୍ରମାନ୍ୱୟରେ ଛଅବର୍ଷ ପର୍ଯ୍ୟନ୍ତ ଏହି ବ୍ରତ ପାଳନ ହୁଏ । ପ୍ରଥମ ଦୁଇ ବର୍ଷ ପଞ୍ଚମୀରେ ଲବଣବିହୀନ ଅନ୍ନ ଭୋଜନ କରିବାକୁ ହୁଏ, ଦ୍ୱିତୀୟ ଦୁଇ ବର୍ଷ ହବିଷ୍ୟାନ୍ନ ମାତ୍ର ଗ୍ରହଣ କରାଯାଏ, ପଞ୍ଚମ ବର୍ଷ କେବଳ ଫଳାହାର କରାଯାଏ, ଷଷ୍ଠ ବର୍ଷ ଉପବାସ ରହିବାକୁ ହୁଏ; ଏହା ପରେ ବ୍ରତ ଉଦ୍ଯାପନ କରାଯାଏ । ଏହି ବ୍ରତର ପୂଜାବିଧି ପ୍ରଭୃତିର ବିସ୍ତାରିତ ବିବରଣ ଭବିଷ୍ୟ ପୁରାଣରେ ବର୍ଣ୍ଣିତ ହୋଇଅଛି । (ବିଶ୍ୱକୋଷ)]

ଶବ୍ଦ କଳ୍ପଦ୍ରୁମ ମତରେ ଗୌଡ଼ାଧିକାରମେ ଏ ଦିନ ସରସ୍ୱତୀଙ୍କର ପୂଜା ହୁଏ । ମାତ୍ର ଗୌଡ଼ ଦେଶର ଅନ୍ତର୍ଗତ ନ ହେଲେହେଁ ଆମ୍ଭମାନଙ୍କ ଉତ୍କଳଖଣ୍ଡରେ ମଧ୍ୟ ଏ ଦିନ ସରସ୍ୱତୀ ଦେବୀଙ୍କର ପୂଜା ହୁଏ ଏବଂ ବିଦ୍ୟାର୍ଥୀମାନେ ଅଧ୍ୟୟନର ଉପକରଣ, ପୁସ୍ତକ, ଲେଖନୀ, ମସୀଧାର ପ୍ରଭୃତିକୁ ପୂଜା କରନ୍ତି ।

ବୃହତ୍ ପୁରାଣମତରେ ଏହି ପଞ୍ଚମୀରେ ଗୌରୀପୂଜା ମଧ୍ୟ ହୁଏ—ଶବ୍ଦକଳ୍ପଦ୍ରୁମ ।]

ଶ୍ରୀ ପତି—ସଂ. ବି (୬ଷ୍ଠୀ ତତ୍; ଶ୍ରୀ—ଲକ୍ଷ୍ମୀଙ୍କର+ପତି=ସ୍ୱାମୀ)— Śrī pati ୧ । ବିଷ୍ଣୁ—1. A name of Bishṇu. ୨ । ପୃଥିବୀଭୂପତି; ପତି; ରାଜା (ବିଶ୍ୱକୋଷ) 2. King. ଦେ. ବି. ପୁଂ—୧ । ଲୋକଙ୍କ ନାମ—1. A name given to males. ୨ । ଏହି ନାମଧାରୀ ଜଣେ ପ୍ରାଚୀନ କବି, ଜଣେ ବୈୟାକରଣ, ତିନିଜଣ ବିଖ୍ୟାତ ଜ୍ୟୋତିର୍ବିଦ୍, ଜଣେ ବେଦାନ୍ତ ଗ୍ରନ୍ଥକାର ଓ ଆଉ ତିନି ଜଣ ଗ୍ରନ୍ଥକାର (ବିଶ୍ୱକୋଷ)—2. Name of several authors, grammarians; and astrologers.

শ্রীপতি श्रीपति

ଶ୍ରୀପତି ଦାସ—ଦେ. ବି—ଜଣେ ଉତ୍କଳୀୟ ସଂସ୍କୃତ ଜ୍ୟୋତିଷ ଗ୍ରନ୍ଥକାର—An Oriyā compiler of astrology in the Sanscrit language. [ଦ୍ର—ଶ୍ରୀପତି ଜାତକ ନାମକ ଗ୍ରନ୍ଥର ଏ ପ୍ରଣେତା ଅଟନ୍ତି ।] Śripati dāsa

ଶ୍ରୀ ପଥ—ସଂ. ବି (ଶ୍ରୀ=ଶୋଭାଯୁକ୍ତ+ପଥ)—ରାଜପଥ(ହେମଚନ୍ଦ୍ର)— Śrī patha High way

ଶ୍ରୀ ପଦ—ସଂ. ବି—ଶ୍ରୀଚରଣ (ଦେଖ)— Śrī pada Śricharaṇa (See)

ଶ୍ରୀ ପଦ କମଳ—ସଂ. ବି—ଶ୍ରୀଚରଣ କମଳ (ଦେଖ)— Śrī pada kamaḷa Śricharana kamaḷa (See)

ଶ୍ରୀପଦୀ—ସଂ ବି—ବାର୍ଷିକ ମଲ୍ଲୀଫୁଲ (ଫୁଲ ଓ ଗଛ) (ଶବ୍ଦପ୍ରକାଶ) Śripadī A sort of annual Arabian Jasmine; Jasminum Sambac. [ଦ୍ର—ଏହା ଉଦ୍ୟାନ ପାଳିତ ଓ ବହୁଶାଖ ଗୁଳ୍ମ । ଏହାର ଫୁଲ ଧଳା; ବର୍ଷାଦିନେ ଫୁଟେ । ବୈଦ୍ୟକ ମତରେ ଏହା ଶୀତବୀର୍ଯ୍ୟ, ଲଘୁ, ତିକ୍ତରସ, ତ୍ରିଦୋଷନାଶକ । ଏହା କର୍ଣ୍ଣରୋଗ, ଚକ୍ଷୁରୋଗ ଓ ମୁଖରୋଗ ନାଶକ । ଏଥିରେ ତେଲତେଲ ସୁଗନ୍ଧିତ କରାଯାଏ ।]

ଅନ୍ୟ ସଂ. ନାମ—ଷଟ୍ପଦା, ଅନନ୍ଦା, ବାର୍ଷିକୀ, ମୁକ୍ତବନ୍ଧନା
বেল, বেলি
बेल
ତେ. ଗୁଲବାମାଚେଟ୍ଟୁ

ଶ୍ରୀ ପଦ୍ମ—ସଂ. ବି—ଶ୍ରୀକୃଷ୍ଣ (ବିଶ୍ୱକୋଷ)— Śripadma Śrikṛushna.

ଶ୍ରୀ ପର୍ଣ୍ଣ—ସଂ. ବି (ବହୁବ୍ରୀହି, ଶ୍ରୀ=ଶୋଭାଯୁକ୍ତ+ପର୍ଣ୍ଣ—ପତ୍ର ବା ଶାଖାଦ୍ଧା ଯାହାର)—୧ । ପଦ୍ମ—1. Lotus. ୨ । ଅଗ୍ନିମନ୍ଥ ବୃକ୍ଷ; ଅଗବଥୁ ଗଛ—2. Premna Serratifolia (tree). Śri parṇṇa

ଶ୍ରୀ ପର୍ଣ୍ଣିକା—ସଂ. ବି (ବୈଦ୍ୟକ)—୧ । କଟ୍ଫଳ; କାଫଳ— Śriparṇṇikā 1. Myrica Sapida. ୨ । ଗମ୍ଭାରି (ବିଶ୍ୱକୋଷ)—2. Gmelina Arborea (tree). ୩ । ଅଗ୍ନିମନ୍ଥବୃକ୍ଷ (ବିଶ୍ୱକୋଷ)—3. Premna Serratifolia ୪ । ଶାଲ୍ମଳୀ (ବିଶ୍ୱକୋଷ)—4. Silk cotton tree. ୫ । ପୃଶ୍ନିପର୍ଣ୍ଣୀ—5. Hemionites Cordifolia (plant).

ଶ୍ରୀପର୍ଣ୍ଣୀ—ସଂ. ବି (ବୈଦ୍ୟକ)—୧ । ଗମ୍ଭାରି ଗଛ—1. Gmeline Arborea (a timber tree). Śrī parṇṇī ୨ । କଟ୍ଫଳ; କାଫଳ—2. Myrica Sapida, ୩ । ଅଗ୍ନିମନ୍ଥ; ଅଗବଥୁ (ଗଛ)—3. Premna Serratifolia. ୪ । ଶାଲ୍ମଳୀ ବୃକ୍ଷ—4. Silk cotton tree ୫ । ପୃଶ୍ନିପର୍ଣ୍ଣୀ—5 Hemionites Cordifolia (plant).

ଶ୍ରୀ ପାଦ—ସଂ. ବିଣ ପୁଂ (ବହୁବ୍ରୀହି)—୧ । ପୂଜ୍ୟପାଦ; ଅତ୍ୟନ୍ତ ପୂଜନୀୟ—1. Very adorable. ୨ । ଲକ୍ଷ୍ମୀବନ୍ତ (ଶ୍ରୀପାଦା—ସ୍ତ୍ରୀ) (ବିଶ୍ୱକୋଷ)—2. Affluent. ୩ । ଭାଗ୍ୟବାନ୍ (ବିଶ୍ୱକୋଷ)—3. Lucky. Śripāda

ଶ୍ରୀପିଷ୍ଟ—ସଂ. ବି (ଶ୍ରୀ=ସରଳ ବୃକ୍ଷ+ପିଷ୍ଟ)—୧ । ସରଳ ଦ୍ରାବ; ତାର୍ପିନ—1. Turpentine. [ଏହା ବାୟୁରୋଗ, ଶିରୋରୋଗ, ଚକ୍ଷୁରୋଗ, ସ୍ୱର, ଭେଦ, କଫ, ଘର୍ମ, କଣ୍ଡୁ ଓ ବ୍ରଣ ନାଶକ ।] ୨ । ଗନ୍ଧବିରଜା; ଦେବଦାରୁ ଗଛର ଅଠାଳିଆ ରସ । [ଦ୍ର—ଏହା ପ୍ରମେହ, ଅର୍ଶ, କାଶ, କଫ, ଜ୍ୱର, କୃମି ଓ ବେଦନାନାଶକ, ମୂତ୍ରକାରକ । ଏହାର ପ୍ରଲେପ ଶୋଥନାଶକ । ଫଳତଃ ତାର୍ପିନ ଓ ଗନ୍ଧବିରଜା ଏକ ବସ୍ତୁ । ଏହି ହିମାଳୟ ପ୍ରଦେଶର ଦେବଦାରୁ ବୃକ୍ଷ ବିଶେଷ (long-leaved pine) ର ନିର୍ଯ୍ୟାସ । ଏ ଗଛର ତେଲବତ୍ ତରଳ ନିର୍ଯ୍ୟାସକୁ ଗନ୍ଧବିରଜା ବୋଲାଯାଏ ଓ ଏଥିରୁ ବାର୍ଣ୍ଣିସ ତିଆରି ହୁଏ । ଗନ୍ଧବିରଜା ନିଆଁରେ ବସାଇ ସେଥିରୁ ରସ କାଢ଼ିଲେ ତାକୁ ତାର୍ପିନ ବୋଲିଯାଏ । ଏଥିରୁ ରେଜିନ୍ ମଧ୍ୟ ତିଆରି ହୁଏ ।] Śripishṭa

୧ । ଅନ୍ୟ ସଂ. ନାମ—ଶ୍ରୀବେଷ, ଶ୍ରୀବାସ, ଶ୍ରୀବେଷ୍ଟ, ପାୟସ, ବୃକଧୂପ, ତୈଳପର୍ଣ୍ଣୀ, ସରଳସ୍ରାବ, ବୃକ୍ଷଧୂପକ, ବେଷ୍ଟ, ବେଷ୍ଟକ, ବେଷ୍ଟସାର, ରସାବେଷ୍ଟ, ଚନ୍ଦ୍ରାସରଳଦ୍ରବ, ପଦ୍ମଦର୍ଶନ, ଦକ୍ଷ, ରସାୟନ, ଶ୍ରୀରସ, ଲକ୍ଷ୍ମୀବେଷ୍ଟ, କ୍ଷୀରଶୀର୍ଷ, ସୁଧୂପକ, ଧୂପାଙ୍ଗ, ତଇପର୍ଣ୍ଣ, ସରଳାଙ୍ଗ ।
তার্পিন सरलरस
ଗୁ. ତଦରସ
ଅ ଓ ପୀ ସଦରସ
୨ । ଅନ୍ୟ ସଂ ନାମ—ଶ୍ରୀବାସସାର । गन्धबीषा
गन्धाविरोजा चद्स सरलकागोन्द
ଗୁ.—ଗନ୍ଧବରୋଜ
ପୀ—ବାରଜବ, ଜାଇରୁବା
ଅ—ଲୁବନ୍

ଶ୍ରୀ ପୁତ୍ର—ସଂ. ବି (ଶ୍ରୀ=ଭାଗ୍ୟ ବା ଲକ୍ଷ୍ମୀ+ପୁତ୍ର, ୬ଷ୍ଠୀ ତତ୍)—୧ । (ଲକ୍ଷ୍ମୀପୁତ୍ର) କାମଦେବ—1. The God Cupid. ୨ । ଅଶ୍ୱ—2. Horses. Śrī putra

ଶ୍ରୀ ପୁଷ୍ପ—ସଂ. ବ—୧ । ଲବଙ୍ଗ—1. Cloves. ୨ । ପଦ୍ମକାଷ୍ଠ—
Śrī pushpa 2. Prunus Padam (wood). ୩ । ସ୍ଥଳପଦ୍ମ (ବୈଦ୍ୟକୋଷ)—3. Root stock of Nymphea lotus.

ଶ୍ରୀ ପେଚ—ବୈଦେ.ବ—ଶିରପେଚ (ଦେଖ)—Śirapecha (See)
Śrī pech (ଉ—ସ୍ୱର୍ଣ୍ଣଲଗ୍ନା ଶ୍ରୀପେଚ ଲାଲ ପାଗେ ବନ୍ଧା- କୃଷ୍ଣହରି. ମହାଭାରତ. ବନ ।)

ଶ୍ରୀପ୍ରଦ—ସଂ. ବଣ (ଉପପଦ ତତ୍ପୁରୁଷ ସମାସ, ଶ୍ରୀଙ୍କୁ ପ୍ରଦାନ କରେ
Śrī prada ଯେ)—୧ । ସୌଭାଗ୍ୟପ୍ରଦ—1. Bestow-
(ଶ୍ରୀପ୍ରଦା—ସ୍ତ୍ରୀ) ing prosperity. ୨ । ସୌନ୍ଦର୍ଯ୍ୟପ୍ରଦ—2. Giving beauty.

ଶ୍ରୀ ପ୍ରସୂନକ—ସଂ. ବ (ବୈଦ୍ୟକ)—ଲବଙ୍ଗ—
Śrī prasūnaka Cloves.
(ଶ୍ରୀସଞ୍ଜ୍ଞା—ଅନ୍ୟରୂପ)

ଶ୍ରୀ ପ୍ରିୟ—ସଂ.ବଣ—ଲକ୍ଷ୍ମୀଙ୍କର ପ୍ରିୟ ଦ୍ରବ୍ୟ—Loved or liked by
Śrī priya Lakshmī ସଂ. ବ—ହରିତାଳ (ବୈଦ୍ୟକୋଷ)—Yellow orpiment.

ଶ୍ରୀଫଳ—ସଂ. ବ (ଶ୍ରୀଯୁକ୍ତ ଫଳ ଯାହାର; ବହୁବ୍ରୀହି)—୧ । ବିଲ୍ୱ; ବେଲ
Śrī phala (ଗଛ ଓ ଫଳ)—1. The Bael (fruit and tree); Aegle Marmelos.
[ଦ୍ର—ପୁରାଣରେ ଅଛି ଯେ ଲକ୍ଷ୍ମୀ ବିଷ୍ଣୁଙ୍କ ପରାମର୍ଶରେ ଜାଗର ଯାତ୍ରା ବା ଶିବଚତୁର୍ଦ୍ଦଶୀ ଦିନ ୧୦୦୮ ପଦ୍ମ ଫୁଲ ଦ୍ୱାରା ଶିବଙ୍କ ପୂଜା କରିବାକୁ ବସିଲେ । ମହାଦେବ ଲକ୍ଷ୍ମୀଙ୍କ ଭକ୍ତି ପରୀକ୍ଷା କରିବାକୁ ସେଥିରୁ ଦୁଇଟି ଫୁଲ ହରଣକରି ନେଲେ । ଲକ୍ଷ୍ମୀ ପୂଜାରେ ବସି ଦେଖିଲାବେଳକୁ ୨ଟି ଫୁଲ ନଥିଲା ଅଛି । ୧୦୦୮ ଫୁଲରେ ପୂଜା ନ କଲେ ସଙ୍କଳ୍ପରେ ବାଧା ପଡ଼ିବ ଓ ପୂଜା ଖଣ୍ଡିତ ହେବ ବୋଲି ଲକ୍ଷ୍ମୀ ଆପଣାର ସ୍ତନ ଯୋଡ଼ିକ କାଟି ୧୦୦ ପଦ୍ମ ପୂରଣ କଲେ । ଏହା ଦେଖି ମହାଦେବ ଅବିର୍ଭୂତ ହୋଇ ସନ୍ତୋଷରେ ନିଜେ ଫୁଲ ଦୁଇଟି ନେଇ ଯାଇଥିବା କଥା ମାନିଲେ ଏବଂ ଲକ୍ଷ୍ମୀଙ୍କୁ ବର ଦେଲେ ଯେ ତୁମ୍ଭେ ବିଷ୍ଣୁଙ୍କ ସର୍ବଶ୍ରେଷ୍ଠ ପ୍ରିୟା ହେବ; ମୋ ବର ପ୍ରଭାବରୁ ତୁମ୍ଭର ସ୍ତନ ଦୁଇଟି ତୁମ୍ଭେ ପ୍ରାପ୍ତ ହୁଅ ଏବଂ ଛେଦିତ ସ୍ତନ ମୂର୍ତ୍ତିମନ୍ତ ଵୃକ୍ଷରୂପରେ ଶ୍ରୀଫଳ ନାମରେ ଅବତୀର୍ଣ୍ଣ ହେଉ ଏବଂ ବେଲର ପତ୍ର ମୋର ପ୍ରିୟତମ ପୂଜାସାମଗ୍ରୀ ହେଉ ।]
୨ । ରାଜାଦନୀ; ଖୀରକୋଳି—2. Mimusops Hexandra(tree). ୩ । ଅଁଳା—3. Embelic Myrobalan (a berry). ୪ । କଞ୍ଚା ଗୁଆ—4. Raw betel nut fruit. ୫ । ନଡ଼ିଆ—5. Cocoanut (M. W; ଗରୁଡ଼ପୁରାଣ)

ଶ୍ରୀଫଳ ସଲାଟୁ—ସଂ. ବ—୧ । କଞ୍ଚା ବେଲଫଳ—1. Raw bale
Śriphala salāṭu fruit. ୨ । ବେଲଶୁଣ୍ଠା (ବୈଦ୍ୟକୋଷ)- 2. Dried bits of raw Bael fruit.

ଶ୍ରୀଫଳା—ସଂ. ବ—୧ । ଅମଳକୀ; ଅଁଳା (ଫଳ ଓ ବୃକ୍ଷ)—
Śriphalā 1. Phyllanthus Emblica; Embellic Myrobalan. ୨ । ନୀଳୀ ଗୁଳ୍ମ— 2. Indigo plant. ୩ । କ୍ଷୁଦ୍ର କାରବେଲ୍ଲ; ଟୁଣୀ କଲରା 3. The tiny species of Memordica Charantica.

ଶ୍ରୀଫଳିକା—ସଂ. ବ୧ । ମହାନୀଳୀ ବୃକ୍ଷ—1. The Indigo plant.
Śriphalikā ୨ । କ୍ଷୁଦ୍ର କାରବେଲ୍ଲ; ଟୁଣୀ କଲରା—2 The small-fruited species of Memordica Charantica.

ଶ୍ରୀଫଳୀ—ସଂ. ବ—୧ । ନୀଳୀ; ନୀଳ ଗୁଳ୍ମ—1. The Indigo
Śriphalī plant; Indigofera Cordifolia. ୨ । ଅମଳକୀ (ବୈଦ୍ୟକୋଷ)—2. Embellic Myrobalan. ୩ । ମହାଜ୍ୟୋତିଷ୍ମତୀ (ବୈଦ୍ୟକୋଷ)- 3. The big species of Cardiospermum Halicacabum or Staff tree plant.

ଶ୍ରୀବଚ୍ଛ—ଗ୍ରା. ବ—ଶ୍ରୀବତ୍ସ (ଦେଖ)—Śribatsa (See) (ଉ—
Śribachchha କୌସ୍ତୁଭମଣି ବନମାଳ, ଶ୍ରୀବଚ୍ଛଚିହ୍ନ ବକ୍ଷସ୍ଥଳ ।
ଶ୍ରୀବତ୍ସ শ্রীবৎস ভূপতি. ପ୍ରେମପଞ୍ଚାମୃତ ।)

ଶ୍ରୀବତ୍ସ—ସଂ. ବ (୬ଷ୍ଠୀ ତତ୍; ଶ୍ରୀ=ଲକ୍ଷ୍ମୀ+ବତ୍ସ=ପ୍ରିୟ; ଜନ୍ମା
Śribatsa ଶ୍ରୀଯୁକ୍ତ ବତ୍ସ=ବକ୍ଷ ଯାହାର; ବହୁବ୍ରୀହି)—
୧ । ବିଷ୍ଣୁ—1. Bishṇu. ୨ । ବିଷ୍ଣୁଙ୍କ ବକ୍ଷସ୍ଥଳସ୍ଥ ଦକ୍ଷିଣାବର୍ତ୍ତ ଶୁକ୍ଳ ରୋମାବଳୀ; ଭୃଗୁ ପଦଚିହ୍ନ—2. A white whorl on the breast of Bishṇu, (which turns to the right) the foot print of Bhrugu. [ଦ୍ର—ଭୃଗୁଲତା ଦେଖ] । ୩ । ଗୃହବିଶେଷ—3. A sort of house which has a spiral hole; a labyrinth. ୪ । (ନାମ)—ଜନୈକ ନୃପ— . Name of a king. [ଦ୍ର—ଏ ଅଯୋଧ୍ୟାର ରାଜା (ମତାନ୍ତରରେ ପ୍ରାଗ୍‌ଦେଶର ରାଜା) ଚିତ୍ରରଥଙ୍କ ପୁତ୍ର ଥିଲେ । ଏହାଙ୍କ ପତ୍ନୀ ଚନ୍ଦ୍ରସେନ, କନ୍ୟା ଚନ୍ଦ୍ରାଦେବୀ । ଏକଦା ଲକ୍ଷ୍ମୀ ଓ ଶନିଗ୍ରହଙ୍କ ମଧ୍ୟରେ କିଏ ବଡ଼, ଏହି ବିବାଦ ଲାଗିବାରୁ ଦୁହେଁ ଶ୍ରୀବତ୍ସଙ୍କୁ ମଧ୍ୟସ୍ଥ ମାନିଲେ । ଶ୍ରୀବତ୍ସ ହଠାତ୍ ଏ ସମସ୍ୟା ସମାଧାନ ନ କରି ଗୋଟିଏ ସୁନାର ଓ ଗୋଟିଏ ରୂପାର ସିଂହାସନ କରାଇ ଦୁଇସିଂହାସନ ହିଁ ନିଜ ସିଂହାସନର ଯଥାକ୍ରମେ ଦକ୍ଷିଣ ଓ ବାମପାର୍ଶ୍ୱରେ ପକାଇ ରଖିଲେ । ଅତଃପର ଲକ୍ଷ୍ମୀ ଓ ଶନି ଉପସ୍ଥିତ ହୋଇ ଲକ୍ଷ୍ମୀ ସ୍ୱର୍ଣ୍ଣ ସିଂହାସନରେ ଓ ଶନି ରୌପ୍ୟ ସିଂହାସନରେ ବସିଲେ; ଏହା ଦେଖି ଶ୍ରୀବତ୍ସ ଲକ୍ଷ୍ମୀଙ୍କର ଶ୍ରେଷ୍ଠତ୍ୱ ପ୍ରକାଶ କଲେ । ଏଥିରେ ଶନି କୁପିତ ହୋଇ ଶ୍ରୀବତ୍ସଙ୍କର ସର୍ବନାଶ ଘଟାଇବାକୁ ବସିଲେ, କିନ୍ତୁ ଛିଦ୍ର ନ ପାଇବାରୁ ଶ୍ରୀବତ୍ସଙ୍କର ଶରୀରରେ ପ୍ରବେଶ କରି ପାରିଲେ ନାହିଁ । ବହୁ ଦିନ ପରେ

ଏକଦା ଶ୍ରୀବତ୍ସଙ୍କ ସ୍ନାନ ପରେ ତାଙ୍କ ଗାତ୍ରଧୌତ ଜଳକୁ ଗୋଟିଏ କଳା କୁକୁର ଶୁଙ୍ଘିବାରୁ ଶନି ଏହି ଛିଦ୍ର ପାଇ ଶ୍ରୀବତ୍ସଙ୍କ ଦେହରେ ପ୍ରବେଶ କଲେ ଓ ତଜ୍ଜନ୍ୟ ଶ୍ରୀବତ୍ସଙ୍କର ମତିଭ୍ରମ ଘଟିଲା । ସେ ଗୋଟିଏ କନ୍ଥା ମଧ୍ୟରେ ବହୁମୂଲ୍ୟ ରତ୍ନାଦି ପୂରାଇ ତାକୁ ସଙ୍ଗରେ ନେଇ ପତ୍ନୀ ସହ ରାଜ୍ୟ ତ୍ୟାଗ କଲେ । ବାଟରେ ଶନି ଗୋଟିଏ ମାୟା ନଦୀ ସୃଷ୍ଟି କରି ସ୍ୱୟଂ ଗୋଟିଏ ଜୀର୍ଣ୍ଣ ତରୀ ନେଇ ଉପସ୍ଥିତ ହେଲେ । ସେ ଜୀର୍ଣ୍ଣ ତରୀରେ ଥରକେ ଏକାଧିକ ବ୍ୟକ୍ତି ପାରି ହୋଇ ପାରିବେ ନାହିଁ, ଶ୍ରୀବତ୍ସ ଏହା ଦେଖି ପ୍ରଥମେ ରତ୍ନପୂର୍ଣ୍ଣ କନ୍ଥାକୁ ଆର ପାରରେ ରଖି ଦେଇ ଆସିବା ପରେ ପତି ପତ୍ନୀଙ୍କୁ ଆର ପାରିକୁ ନେବା ନିମନ୍ତେ ନାବିକକୁ କହି ଡଙ୍ଗା ମଧ୍ୟରେ ଉକ୍ତ କନ୍ଥାକୁ ରଖିଦେଲେ ଓ ଉକ୍ତ ନୌକା କିଛିଦୂର ଅଗ୍ରସର ହୁଅନ୍ତେ ଉକ୍ତ ମାୟାନଦୀ ଓ ନୌକା କେଉଁଆଡ଼େ ଲୁଚିଗଲା ଏବଂ ରାଜଦମ୍ପତି ନିଃସ୍ୱ ହୋଇ ବୁଲିଲେ । ସେ ଶେଷକୁ ଯାଇ ଗୋଟିଏ କାଠୁରିଆ ପଲ୍ଲୀରେ ଆଶ୍ରୟ ନେଇ ବଣରୁ କାଠ ସଂଗ୍ରହ କରି ଆଣି ତାକୁ ବିକି ପତି ପତ୍ନୀଙ୍କର ଜୀବନଯାତ୍ରା ନିର୍ବାହ କରୁଥାଆନ୍ତି । ଏଥିରେ ସୁଦ୍ଧା ଶନି ସନ୍ତୁଷ୍ଟ ନ ହୋଇ 'ଚିନ୍ତା'ଙ୍କୁ ତାଙ୍କଠାରୁ ବିଚ୍ଛିନ୍ନ କରିବା ପାଇଁ କୌଶଳ ପାଞ୍ଚିଲେ । ଚିନ୍ତା ସତୀ ସ୍ତ୍ରୀ ଥିଲେ । ଦିନେ ଶ୍ରୀବତ୍ସ ବସାରେ ଚିନ୍ତାଙ୍କୁ ଛାଡ଼ି କାଠ ଆଣିବା ପାଇଁ ବଣକୁ ଯାଇଥିଲେ, ଏହି ସମୟରେ ଉକ୍ତ ପଲ୍ଲୀ ନିକଟସ୍ଥ ନଦୀର ଗୋଟିଏ ପଠାରେ ଜଣେ ମହାଜନର ଡଙ୍ଗା ଲାଗିଗଲା । ଶନି ଉକ୍ତ ମହାଜନ ନିକଟରେ ଦୈବଜ୍ଞରୂପେ ଉପସ୍ଥିତ ହୋଇ କହିଲେ ଯେ ଏ ପଲ୍ଲୀରେ ଜଣେ ସତୀ ଅଛନ୍ତି, ସେ ଆସି ନୌକାରେ ଗୋଡ଼ ଛୁଇଁଦେଲେ ଡଙ୍ଗା ଚଳିବ । ଏହା ଶୁଣି ମହାଜନ କାଠୁରିଆ ପଲ୍ଲୀକୁ ଯାଇ ବହୁତ ନେହୁରା ହୋଇ ଆପଣାର ବିପଦ କଥା ଚିନ୍ତାଙ୍କୁ ଜଣାଇବାରୁ ଚିନ୍ତା ଦୟାବିଗଳିତା ହୋଇ ଡଙ୍ଗା ନିକଟକୁ ଯାଇ ଯେଉଁକ୍ଷଣି ନୌକାରେ ପଦସ୍ପର୍ଶ କରିଦେଲେ, ନୌକା ତତ୍କ୍ଷଣାତ୍ ଭାସି ଉଠିଲା । ଏହାଦେଖି ମହାଜନ ବିଚାରିଲା, ପୁଣି ଭବିଷ୍ୟତରେ ଯେବେ ନୌକା ପଠାରେ ଲାଗେ, ତାହାହେଲେ ଏ ସ୍ତ୍ରୀଟିକୁ ସଙ୍ଗରେ ନେଇଗଲେ ମୋର ଆଉ ବିପଦର ଆଶଙ୍କା ରହିବ ନାହିଁ । ଏହା ଭାବି ସେ 'ଚିନ୍ତା'ଙ୍କୁ ବଳପୂର୍ବକ ନେଇ ଡଙ୍ଗାରେ ବସାଇ ଚାଲିଗଲା । ଚିନ୍ତା ଅତ୍ୟନ୍ତ ରୂପବତୀ ଥିଲେ । କାଳେ ମହାଜନ ଏହି ରୂପରେ ମୁଗ୍ଧ ହୋଇ ତାଙ୍କର ଧର୍ମନାଶ କରିବ, ଏହି ଆଶଙ୍କାରେ ଚିନ୍ତା ସୂର୍ଯ୍ୟଙ୍କୁ ସ୍ତବ କରି କୁତ୍ସିତରୂପ ହେବା ପାଇଁ ବର ମାଗିଲେ ଓ ଫଳତଃ ସୂର୍ଯ୍ୟଦେବଙ୍କ କୃପାରୁ ତାଙ୍କ ସୁରୂପ କୁରୂପରେ ପରିଣତ ହେଲା ଓ ଏତଦ୍ୱାରା ତାଙ୍କର ଧର୍ମ ରକ୍ଷା ହେଲା ।

ଏଣେ ଶ୍ରୀବତ୍ସ ବଣରୁ କାଠ ନେଇ ଫେରିଆସି ବସାରେ ଚିନ୍ତାଙ୍କୁ ନ ଦେଖି କାଠୁରିଆ ସ୍ତ୍ରୀମାନଙ୍କଠାରୁ ମହାଜନର ଖବର ବୁଝି ଚିନ୍ତାଙ୍କୁ ଖୋଜିବାକୁ ବାହାରିଲେ । ପ୍ରଥମେ ଯାଇ କାମଧେନୁ ସୁରଭୀଙ୍କ ଆଶ୍ରମରେ ପହଞ୍ଚିଲେ । ସୁରଭୀ ତାଙ୍କ ପ୍ରତି ପ୍ରସନ୍ନା ହୋଇ ତାଙ୍କୁ ଆଶ୍ରୟ ଦେଲେ ଓ ତାଙ୍କୁ ସାନ୍ତ୍ୱନା ଦେଲେ ଯେ ସେ ହୃତରାଜ୍ୟ ଓ ହୃତ ଚିନ୍ତାଙ୍କୁ ଫେରି ପାଇବେ । ସେ ଆଶ୍ରମରେ ଥିବା ସୁରଭୀ କନ୍ୟା ନନ୍ଦିନୀଙ୍କ ମୂତ୍ରସହିତ ଓ ପାନାବଶିଷ୍ଟ ଦୁଗ୍ଧଫେନପରିସିକ୍ତ କାଦୁଅରୁ ସେ ଗୋଟିଏ ଲେଖାଏ ଇଟା ତିଆରି କଲେ । ସେ ଇଟା ସୁନା ପାଲଟିଗଲା । ଏହିପରି ବହୁତ ଇଟା ଜମା ହେବାରୁ ସେହି ଆଶ୍ରମ ପାଖ ନଦୀ ବାଟେ ଚିନ୍ତାଙ୍କୁ ନୌକାରେ ବନ୍ଦିନୀ କରିଥିବା ମହାଜନର ଡଙ୍ଗା ଯିବାବେଳେ ଏ ଇଟାତକ ନେଇ ବିକି କରିବାପାଇଁ ଶ୍ରୀବତ୍ସ ମହାଜନକୁ ଦେଲେ । ମହାଜନ ସୁନା ଇଟାତକ ଏହାଙ୍କୁ ଡଙ୍ଗାରେ ନେଇ ପରେ ଶ୍ରୀବତ୍ସଙ୍କୁ ନଦୀକୁ ପେଲିଦେଲା । ବନ୍ଦିନୀ ଚିନ୍ତା ସ୍ୱାମୀଙ୍କୁ ଚିହ୍ନିପାରି ନୌକାସ୍ଥ ବନ୍ଧଶାଳରୁ ଖଣ୍ଡିଏ ତକିଆ ପାଣିକୁ ଫିଙ୍ଗିଦେଲେ ଓ ସେ ତକିଆକୁ ଆଶ୍ରାକରି ଶ୍ରୀବତ୍ସ ବହିକରି ଯାଇ ଏକ ରାଜ୍ୟରେ ଲାଗିଲେ ଓ ସେଠାରେ ଗୋଟିଏ ମାଳୁଣୀ ବୁଢ଼ୀର ଘରେ ରହିଲେ । ସେଠାର ରାଜକନ୍ୟା ଭଦ୍ରା ତାଙ୍କୁ ବରମାଲ୍ୟ ପ୍ରଦାନ କଲେ । ଶ୍ରୀବତ୍ସ ରାଜକନ୍ୟାଙ୍କୁ ଅନୁରୋଧ କରି ରାଜାଙ୍କ ଦ୍ୱାରା ନଦୀରେ ବାଣିଜ୍ୟ ତରୀମାନଙ୍କରୁ ଶୁଲ୍କ-ସଂଗ୍ରାହକ ରୂପ ରାଜକର୍ମରେ ନିଯୁକ୍ତ ହେଲେ ଓ ଏହି ଉପଲକ୍ଷରେ ସେ ସେଠାକୁ ଆସୁଥିବା ସମସ୍ତ ବାଣିଜ୍ୟ ତରୀମାନ ଅନ୍ୱେଷଣ କରି 'ଚିନ୍ତା'ଙ୍କୁ ଖୋଜୁଥାଆନ୍ତି । ଏହିପରି ଖୋଜୁ ଖୋଜୁ ଶେଷୋକ୍ତ ମହାଜନ ସେଠାରେ ପହଞ୍ଚିଲା ଓ ଶ୍ରୀବତ୍ସ ମହାଜନର ଜାହାଜରେ ଚିନ୍ତାଙ୍କୁ ଦେଖି ତାଙ୍କୁ ଚିହ୍ନି ଆଦରରେ ଗ୍ରହଣ କଲେ । ଏବେ ସୂର୍ଯ୍ୟଙ୍କ କୃପାରୁ ଚିନ୍ତା ନିଜର ପୂର୍ବରୂପଲାବଣ୍ୟ ଫେରି ପାଇଲେ ଓ ଶନିଙ୍କୁ ସ୍ତବଦ୍ୱାରା ସନ୍ତୁଷ୍ଟ କରି ଶନିଙ୍କ କୋପକୁ ଶାନ୍ତ କରାଇଲେ । ଶ୍ରୀବତ୍ସ ଚିନ୍ତା ଓ ଭଦ୍ରାଙ୍କୁ ଘେନି ସ୍ୱରାଜ୍ୟକୁ ଫେରି ଆସିଲେ ଓ ଲକ୍ଷ୍ମୀଙ୍କ କୃପାରୁ ପୁଣି ରାଜା ହୋଇ ସୁଖସମ୍ପଦରେ ବାସ କଲେ]

ଦେ. ବି—ଲୋକଙ୍କ ନାମ—A name given to males.

ଶ୍ରୀବତ୍ସକୀ—ସଂ. ବି.(ପୁଂ) (ଶ୍ରୀବତ୍ସ+ସାଦୃଶ୍ୟାର୍ଥେ କ; ଶ୍ରୀବତ୍ସକ= Śribatsaki ଶ୍ରୀବତ୍ସ ପରି ଚିହ୍ନ+ଅଛି ଅର୍ଥରେ ଇନ୍; ୧ମା, ୧ବ)—ଯେଉଁ ଅଶ୍ୱର ବକ୍ଷୋଦେଶରେ ଦକ୍ଷିଣାବର୍ତ୍ତ ରୋମାବଳୀ ଥାଏ—A horse having a whorl on its breast turning towards the right. [ଦ୍ର—ଏହା ଅଶ୍ୱପକ୍ଷରେ ସୁଲକ୍ଷଣ ଅଟେ ।]

ଶ୍ରୀବତ୍ସଭୃତ୍—ସଂ. ବି. (ପୁଂ) (ଶ୍ରୀବତ୍ସ+ଭୃ. ଧାତୁ=ଧାରଣ କରିବା Śribatsabhṛut +କର୍ତ୍ତୃ. କ୍ୱିପ୍;)—ଶ୍ରୀବତ୍ସ ଚିହ୍ନଧାରୀ; ବିଷ୍ଣୁ—Bishṇu

ଶ୍ରୀବତ୍ସ ଲାଞ୍ଛନ—ସ. ବି. ପୁ. (ବହୁବ୍ରୀହି; ଶ୍ରୀବତ୍ସ ଅଟେ ଲାଞ୍ଛନ
Śribatsa lāñchana ଯାହାଙ୍କର)—ବିଷ୍ଣୁ—Bishṇu.

ଶ୍ରୀବତ୍ସାଙ୍କ—ସଂ. ବି. ପୁଂ (ବହୁବ୍ରୀହି, ଶ୍ରୀବତ୍ସ ଅଟେ ଅଙ୍କ=ଚିହ୍ନ
Śribatsāṅka ଯାହାଙ୍କର)—ବିଷ୍ଣୁ—Bishṇu.

ଶ୍ରୀବଦ—ସ. ବିଣ. ଓ ବି (ଶ୍ରୀ=ଶୁଭ+ବଦ୍ ଧାତୁ=କହିବା+
Śribada କର୍ତ୍ତୃ. ଅ)—ଶୁଭ ଶୁଭଫଳବକ୍ତା (ପକ୍ଷୀ)
(ବିଶ୍ୱକୋଷ)—(A bird) Which augurs good luck.

ଶ୍ରୀବନ୍ତ—ଦେ. ବିଣ (ସ.. ଶ୍ରୀମତ)—୧ । ଶ୍ରୀଯୁକ୍ତ—1. Prosperous, ୨ । ସୁନ୍ଦର—2. Beautiful [ଦ୍ର.
Śribanta
ଶ୍ରୀମନ୍ତ ଶ୍ରୀମତ ଶୋଠୀଙ୍କୁ ଶ୍ରୀବନ୍ତୀ କହିଲେ ସେ ଗୋଡ
(ଶ୍ରୀବନ୍ତୀ—ସ୍ତ୍ରୀ) ଦୁଲେଇ ଦୁଲେଇ ପକାଏ । ଡଗ]

ଶ୍ରୀ ବରାହ—ସଂ.ବି [ଶ୍ରୀ=ଲକ୍ଷ୍ମୀଯୁକ୍ତ ବରାହ, ମ. ପ. ଲୋ]—ବିଷ୍ଣୁଙ୍କର
Śri barāha ବରାହ ଅବତାର—The incarnation of Bishṇu in the shape of a boar.

ଶ୍ରୀ ବର୍ଜିତ—ସଂ. ବିଣ—(ଅସ୍ମା ତତ୍; ଶ୍ରୀ+ବର୍ଜିତ)—ଶ୍ରୀଭ୍ରଷ୍ଟ (ଦେଖ)
Śri barjita Śribhrashṭa (See).
[ଶ୍ରୀବର୍ଜିତା—ସ୍ତ୍ରୀ]

ଶ୍ରୀ ବଲ୍ଲଭ—ସ. ବି. (ପୁଂ) (ଷଷ୍ଠୀ ତତ୍)—ବିଷ୍ଣୁ—Bishṇu. ଦେ. ବି.
Śri ballabha ପୁଂ—ପୁରୁଷଙ୍କ ନାମ—
A name given to males.

ଶ୍ରୀବଲ୍ଲୀ—ସଂ. ବି—(ମ. ପ. ଲୋ; ଶ୍ରୀଯୁକ୍ତା ବଲ୍ଲୀ)—ଶିବ ଲିଙ୍ଗିନୀ—
Śriballi Śiba liṅgini (See)
[ଅନ୍ୟ ସଂ. ନାମ—ଶିବ ବଲ୍ଲୀ, କଣ୍ଟବଲ୍ଲୀ, ଶିବଲ୍ଲ, ଅମ୍ଳା, କଟୁଫଳା, ଦୁରବେଦ୍ଧା ।]

ଶ୍ରୀବାଟୀ—ସଂ. ବି—ଏକ ପ୍ରକାର ନାଗବଲ୍ଲୀ ଲତା; ପାନ ଲତା ବିଶେଷ
Śribāṭi A kind of betel creeper.

ଶ୍ରୀବାରକ—ସଂ. ବି—(ବୈଦ୍ୟକ)—(ଶ୍ରୀ+ବୃ ଧାତୁ ଣିଚ୍+କର୍ତ୍ତୃ.ଅକ)
Śribāraka —ସୁନି ସୁନିଆ ଶାଗ, ସୁନିଷଣ୍ଣକ ଶାଗ ଗୁଳ୍ମ—
Blepharis Edulis (herb)

ଶ୍ରୀ ବାସ—ସ.ବି—(ବହୁବ୍ରୀହି, ଶ୍ରୀ=ଲକ୍ଷ୍ମୀଙ୍କ ଠାରେ ବାସ ବା ଅବସ୍ଥାନ
Śri bāsa ଯାହାଙ୍କର)—୧। ବିଷ୍ଣୁ; ଶ୍ରୀନିବାସ—1. Bishṇu. ୨ । (ଶ୍ରୀ=ଦେବଦାରୁ ଗଛରେ ବାସ ଯାହାର)—ଶ୍ରୀ ପିଷ୍ଟ (ଦେଖ)—2. Śri pishṭa (See) ୩ । (ଶ୍ରୀ=ଲକ୍ଷ୍ମୀ ବା ଶୋଭାର ବାସସ୍ଥାନ)—ପଦ୍ମ—3. Lotus. ୪ । ଶିବ (ବିଶ୍ୱକୋଷ)—4. Śiba. ୫ । ଗୁଗ୍ଗୁଳୁ (ବିଶ୍ୱକୋଷ)—5. Bdelium. ୬ । ଦେବଦାରୁ—(ବିଶ୍ୱକୋଷ)—6. The pine tree. ୭ । ଧୂପ—(ବିଶ୍ୱକୋଷ)—7. Incense; resin. ଦେ. ବି—ଶ୍ରୀ ଗୌରଙ୍କ ବା ଚୈତନ୍ୟଙ୍କର ପ୍ରିୟ ସହଚର—Name of a favourite companion of Śri chaitanya. [ଦ୍ର—ଏ ଜଣେ ପରମ ବୈଷ୍ଣବ ଓ ସାଧୁ ଥିଲେ ଓ ଶ୍ରୀଚୈତନ୍ୟ ଦେବଙ୍କ ସମସାମୟିକ ଥିଲେ । ଏହାଙ୍କ ଜନ୍ମସ୍ଥାନ ଶ୍ରୀହଟ୍ଟରେ ଥିଲା । ବିଦ୍ୟା-ଶିକ୍ଷାର୍ଥ ଏ ଓ ଏହାଙ୍କର ଅନ୍ୟ ୩ ଭାଇ ନବଦ୍ୱୀପକୁ ଆସି ଥିଲେ ଓ ସେଠାରେ ଘର ତୋଳି ବାସ କଲେ । ଏ ବାଲ୍ୟକାଳରେ ହରିଭକ୍ତିପରାୟଣ ଥିଲେ ଓ ସ୍ୱଗୃହରେ ବସି ଏପରି ଉଚ୍ଚୈଃସ୍ୱରରେ ନାମସଂକୀର୍ତ୍ତନ କରୁଥିଲେ ଯେ ପ୍ରତିବେଶୀମାନେ ବିରକ୍ତ ହୋଇ ତାଙ୍କ ପ୍ରତି ଅତ୍ୟାଚାର କରୁଥିଲେ । ତଥାପି ସେ ସଂକୀର୍ତ୍ତନରୁ ଶାନ୍ତ ହେଉ ନ ଥିଲେ । ଶ୍ରୀଚୈତନ୍ୟଙ୍କ ଅଧ୍ୟୟନ ସମାପନ ପରେ ଶ୍ରୀବାସଙ୍କ ଗୃହକୁ ଈଶ୍ୱରପୁରୀ (ଭାରତୀ) ନାମକ ପ୍ରସିଦ୍ଧ ଭାଗବତ ଆସି ସେଠାରେ ରହିଲେ ଓ ସେଠାରେ ତାଙ୍କୁ ଦେଖା କରିବାକୁ ଚୈତନ୍ୟ ଦେବ ଆସିଲେ । ଏହି ସୁଯୋଗରେ ଶ୍ରୀବାସ ଓ ନବଦ୍ୱୀପବାସୀ ଅନ୍ୟ ବୈଷ୍ଣବମାନଙ୍କ ସଙ୍ଗେ ଚୈତନ୍ୟଙ୍କର ସମ୍ପର୍କ ହେଲା ଓ ଶ୍ରୀବାସଙ୍କ ଗୃହ ଓ ଅଗଣା ପ୍ରତିଦିନ ନାମସଂକୀର୍ତ୍ତନରେ ଉଚ୍ଛୁଳିଲା । ପ୍ରତିଦିନ ସନ୍ଧ୍ୟା ସମୟରେ ଚୈତନ୍ୟଦେବ ଶ୍ରୀବାସଙ୍କ ଅଗଣାକୁ ଆସି ସଂକୀର୍ତ୍ତନରେ ଯୋଗ ଦେଉଥିଲେ । ଶ୍ରୀବାସ ପରେ ଚୈତନ୍ୟଙ୍କର ଜଣେ ପରମଭକ୍ତ ହେଲେ । ବିଶ୍ୱକୋଷ ।]

ଶ୍ରୀବାସ ଅଙ୍ଗନ—ଦେ. ବି—ଚୈତନ୍ୟଦେବଙ୍କର ଜଣେ ପ୍ରିୟ ସଖାଙ୍କ
Śribāsa aṅgana ଘରର ଅଗଣା—The courtyard of Śri chaitanya. [ଦ୍ର—ନବଦ୍ୱୀପରେ ଏହି ପ୍ରାଙ୍ଗଣ ଏ ପର୍ଯ୍ୟନ୍ତ ରହିଅଛି ଓ ଏହା ଶୁରପାଶରେ ପ୍ରାଚୀରବେଷ୍ଟିତ ହୋଇ ନବଦ୍ୱୀପରେ ବୈଷ୍ଣବମାନଙ୍କର ଗୋଷ୍ଠୀଏ ମିଳନ ଓ ସଂକୀର୍ତ୍ତନ ସ୍ଥଳ ଓ ତୀର୍ଥରୂପେ ପରିଗଣିତ ହେଉଅଛି ।]

ଶ୍ରୀ ବାସଃ—ସଂ. ବି—ଶ୍ରୀ ପିଷ୍ଟ (ଦେଖ)
Śri bāsaḥ Śri pishṭa (See)

ଶ୍ରୀ ବିଗ୍ରହ—ସଂ. ବି—ଦେବତାଙ୍କ ପ୍ରତିମା—
Śri bigraha The image of an idol.

ଶ୍ରୀ ବିଚ୍ୟୁତ—ସଂ. ବିଣ—(ପଞ୍ଚମୀ ତତ୍)—ଯାହା ଠାରୁ 'ଶ୍ରୀ' (ଲକ୍ଷ୍ମୀ,
Śri bichyuta ଶୋଭା, ସମ୍ପଦ) ଚାଲି ଯାଇଅଛି—
(ଶ୍ରୀ ବିଚ୍ୟୁତା—ସ୍ତ୍ରୀ) (ଶ୍ରୀ ବିଚ୍ୟୁତି—ବି) Shorn of glory, splendour, prosperity, grace etc.

ଶ୍ରୀ ବିଦ୍ୟା—ସ.ବି—ତନ୍ତ୍ରୋକ୍ତ ମହାବିଦ୍ୟା ବିଶେଷ, ତ୍ରିପୁରସୁନ୍ଦରୀ ଦେଖ—
Śri bidyā An incarnation of Durgā worshipped according to Tantric rites. [ଦ୍ର—ଶ୍ରୀବିଦ୍ୟା ବା ତ୍ରିପୁର ସୁନ୍ଦରୀଙ୍କ ଉପାସକ ସକଳ ସିଦ୍ଧିଲାଭ କରେ । ଏହି ବିଦ୍ୟାର ମନ୍ତ୍ର ୩୨ ପ୍ରକାର । ତନ୍ତ୍ରସାର ଗ୍ରନ୍ଥରେ ଏ ବିଦ୍ୟାର ଭେଦ, ମନ୍ତ୍ର, ପୂଜା, ପୁରଶ୍ଚରଣ, ବର୍ଣ୍ଣିତ ହୋଇଅଛି । ଏ ବିଦ୍ୟା ସାକ୍ଷାତ୍ ବ୍ରହ୍ମସ୍ୱରୂପିଣୀ ।
(ବିଶ୍ୱକୋଷ)

ଶ୍ରୀ ବିବର୍ଜିତ—ସଂ. ବିଣ—ଶ୍ରୀଭ୍ରଷ୍ଟ (ଦେଖ)
Śri bibarjjita Śribhrashṭa (See)
(ଶ୍ରୀ ବର୍ଜ୍ଜନ—ଅନ୍ୟରୂପ)

ଶ୍ରୀ ବିଶିଷ୍ଟ—ସଂ. ବିଣ—୧ । ଶୋଭାଯୁକ୍ତ—1. Beautiful.
Śri bisishṭa ୨ । ଲକ୍ଷ୍ମୀଯୁକ୍ତ—2. Prosperous.
(ଶ୍ରୀ ବିଶିଷ୍ଟା—ଅନ୍ୟରୂପ)

ଶ୍ରୀ ବୀଜ—ସଂ. ବି—ତାଳ ବୃକ୍ଷ—
Śrī bīja Palm tree.

ଶ୍ରୀ ବୃକ୍ଷ(ବୃକ୍ଷକ)—ବି (ଶ୍ରୀପ୍ରିୟ ବୃକ୍ଷ; ମ. ଧ. ଲୋ—୧ । ଅଶ୍ୱତ୍ଥ ବୃକ୍ଷ—
Śrī bṛuksha(brukshaka) 1. The religious fig tree; Fcus Religiosa. ୨ । ବିଲ୍ୱବୃକ୍ଷ—2. The Bael tree. [ଦ୍ର—ଶାରଦୀୟ ଦୁର୍ଗା ପୂଜା ସମୟରେ ବିଲ୍ୱ ବୃକ୍ଷରେ ଦୁର୍ଗାଙ୍କର ବୋଧନ କରି ଦୁର୍ଗାପୂଜା କରାଯାଏ—ବିଶ୍ୱକୋଷ ।) ୩ । ଅଶ୍ୱର ହୃଦୟାବର୍ତ୍ତିତ ଶ୍ୱେତ ରୋମାବର୍ତ୍ତ—3. To whorl of hairs on the breast of a horse. ୪। ବିଷ୍ଣୁଙ୍କ ବକ୍ଷସ୍ଥଳରେ ଥିବା ରୋମାବର୍ତ୍ତ (ବିଶ୍ୱକୋଷ)—4. The whorl said to exist on the breast of Bishṇu.

ଶ୍ରୀ ବୃକ୍ଷକୀ—ସଂ. ବିଣ. (ପୁଂ) (ଶ୍ରୀବୃକ୍ଷକ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—ଯେଉଁ ଅଶ୍ୱର ହୃଦୟ, ମୁଖ ଓ ଗଳଦେଶରେ ଶ୍ୱେତ ରୋମାବର୍ତ୍ତ ଥାଏ—(a horse)
Śrī bṛukshakī Having white whorls in the breast, face and neck. [ଦ୍ର—ଏହା ଶୁଭସୂଚକ ଅଟେ ।]

ଶ୍ରୀ ବୃଦ୍ଧି—ସଂ. ବି (୬ଷ୍ଠୀ ତତ୍; ଶ୍ରୀ+ବୃଦ୍ଧି)—୧ । ଲକ୍ଷ୍ମୀବୃଦ୍ଧି; ଧନବୃଦ୍ଧି—1. Increase of wealth.
Śrī bṛuddhi ୨ । ସୌଭାଗ୍ୟବୃଦ୍ଧି—2.Increase of prosperity. ୩ । ଶୋଭା ବା ସୌନ୍ଦର୍ଯ୍ୟ ବୃଦ୍ଧି—3. Increase of beauty or grace.

ଶ୍ରୀ ବେଷ୍ଟ(ଶ)—ସଂ. ବି (ଶ୍ରୀ=ଦେବଦାରୁ ଅଟେ+ବେଷ୍ଟ=ଆବରଣ ଯାହାର)—ଶ୍ରୀ ପିଷ୍ଟ (ଦେଖ)—
Śrī beshṭa(śa) Śrī pishṭa (See)

ଶ୍ରୀ ବୈକୁଣ୍ଠ—ଦେ. ବି—ମାନ୍ଦ୍ରାଜର ତିନେଭେଲି ଜିଲାର ତୀର୍ଥ ଓ ନଗର—Name of a holy town in the Tinnevelly district of Madras.
Śrī baikuṇṭha
श्री वैकुंठ श्रीवैकुन्ठ
[ଦ୍ର—ଏହା ତିନେଭେଲି ସହରର ୧୬ ମାଇଲ ଦକ୍ଷିଣପୂର୍ବରେ ତାମ୍ରପର୍ଣ୍ଣୀ ନଦୀର ଉତ୍ତର କୂଳରେ ଅବସ୍ଥିତ । ଏଠାରେ ସାର୍ଦ୍ଧ ଛଅ ଶତ ବର୍ଷ ପୂର୍ବର ୧୦୫ ମନ୍ଦିର ଅଛି । ତହିଁ ମଧ୍ୟରେ ବିଷ୍ଣୁ ମନ୍ଦିର ଓ କୈଳାସନାଥ ମନ୍ଦିର ପ୍ରସିଦ୍ଧ ଓ ସ୍ଥାପତ୍ୟ ଶିଳ୍ପପୂର୍ଣ୍ଣ । ନଗରପାର୍ଶ୍ୱସ୍ଥ ଶୈଳରେ ସୁନ୍ଦର ଜୈନମୂର୍ତ୍ତି ଓ ପ୍ରାଚୀନ ସମାଧିକ୍ଷେତ୍ର ପାଷାଣର ନିଦର୍ଶନ ମିଳେ । ଏଠାରେ କୋଟବେଲାଳ ନାମରେ ଏକ ଉଚ୍ଚଶ୍ରେଣୀ ଶୂଦ୍ର ଜାତି ବାସ କରନ୍ତି । ଏମାନେ ଯେଉଁ ଦୁର୍ଗରେ ବାସ କରନ୍ତି ସେ ଦୁର୍ଗର ବାହାରକୁ ଯିବାକୁ କେବେ ହେଲେ ସ୍ୱତନ୍ତ୍ର ହୁଅନ୍ତି ନାହିଁ । ଏମାନେ ପ୍ରାଚୀନ ରାଜପ୍ରଦତ୍ତ ସନନ୍ଦ ବଳରେ ଏ ଦୁର୍ଗରେ ବାସ କରି ଆସିଅଛନ୍ତି । ଏମାନଙ୍କ ଅନ୍ୟାନ୍ୟ ବ୍ୟବହାର ମଧ୍ୟ ନୂତନ ପ୍ରକାରର । ଏହି ତାମ୍ରପର୍ଣ୍ଣୀ ନଦୀର ଉପରସ୍ଥ ଅନିକଟ (ସେତୁ) ମଧ୍ୟ ଶ୍ରୀ ବୈକୁଣ୍ଠନାମରେ ଅଭିହିତ (ବିଶ୍ୱକୋଷ) ।

ଶ୍ରୀ ବୈଷ୍ଣବ—ଦେ. ବି—ବୈଷ୍ଣବସମ୍ପ୍ରଦାୟବିଶେଷ (ବିଶ୍ୱକୋଷ)—
Śrī baishṇaba Name of a sect of Baishṇabas
श्रीवैष्णव श्रीवैष्णव

ଶ୍ରୀ ଭଦ୍ର(ଦ୍ରା)—ସଂ. ବି—ଭଦ୍ର ମୁସ୍ତକ; ନାଗର ମୁଥା—
Śrībhadra(drā) The root of Mariscus Cyprus (a sort of bulb-rooted grass).

ଶ୍ରୀ ଭାଗବତ—ସଂ. ବି(ମ. ଧ.ଲୋ; ଶ୍ରୀମଦ୍ଭାଗବତ) ଭାଗବତ ୪(ଦେଖ)
Śrī bhāgabata Bhāgabata 4 (See)

ଶ୍ରୀ ଭାନୁ—ସଂ. ବି (ନାମ)—ସତ୍ୟଭାମାଗର୍ଭଜାତ ଶ୍ରୀକୃଷ୍ଣ ପୁତ୍ର—
Śrī bhānu Name of a son of Śrīkṛushna.

ଶ୍ରୀ ଭୁଜ୍—ସଂ.ବିଣ (ପୁଂ ଓ ସ୍ତ୍ରୀ)—(ଶ୍ରୀ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Śrī bhuj ଲକ୍ଷ୍ମୀବାନ୍ (ବିଶ୍ୱକୋଷ)—Prosperous.

ଶ୍ରୀ ଭୁଜ—ସଂ.ବି (ମ. ଧ. ଲୋ. ଶ୍ରୀଯୁକ୍ତ ଭୁଜ; ଦେବତା ଓ ମାନ୍ୟବ୍ୟକ୍ତିମାନଙ୍କଠାରେ ପ୍ରଯୋଜ୍ୟ) ସୌଷ୍ଠବାନ୍ୱିତ ବାହୁ—
Śrī bhūja Graceful hand.

ଶ୍ରୀ ଭ୍ରାତା—ସଂ. ବି. ପୁଂ (୬ଷ୍ଠୀ ତତ୍; ସମୁଦ୍ର ମନ୍ଥନରୁ ଲକ୍ଷ୍ମୀଙ୍କ ସଙ୍ଗେ ଉଠିଥିବାରୁ)—୧ । ଚନ୍ଦ୍ର—1. The moon.
Śrī bhrātā ୨ । ଐରାବତ ହସ୍ତୀ—2. Indra's elephant. ୩ । ଅଶ୍ୱ (ବିଶ୍ୱକୋଷ)—3. Horse.

ଶ୍ରୀ ଭ୍ରଷ୍ଟ—ସଂ. ବିଣ (୫ମୀ ତତ୍) ୧। ଯାହାର ସୌଭାଗ୍ୟ ନଷ୍ଟ ହୋଇଅଛି—
Śrī bhrashṭa 1. Shorn of fortune ୨। ଶୋଭାଭ୍ରଷ୍ଟ—2. Shorn of glory or splendour or beauty ୩ । ଲକ୍ଷ୍ମୀ ବା ସମ୍ପତ୍ତିଚ୍ୟୁତ—3. Shorn of wealth. ୪ । ମଳିନ—4. Pale; lustreless.

ଶ୍ରୀମଚ୍ଛଙ୍କରାଚାର୍ଯ୍ୟ—ସଂ. ବି (ଶ୍ରୀମତ୍+ଶଙ୍କରାଚାର୍ଯ୍ୟ)ସନ୍ଧିଯୋଗେ ତ୍+ଶ=ଚ୍ଛ) ଶଙ୍କରାଚାର୍ଯ୍ୟ(ଦେଖ)
Śrīmachchhankarāchārjya Śaṅkarāchārjya (See)

ଶ୍ରୀମତ୍କୁମ୍ଭ—ସଂ. ବି—ସୁନା (ହେମଚନ୍ଦ୍ର)—
Śrīmatkumbha Gold.

ଶ୍ରୀମତୀ—ସଂ. ବି. ସ୍ତ୍ରୀ—ରାଧା (ନାନାର୍ଥସଂଗ୍ରହ)
Śrīmatī Rādhā.

ଶ୍ରୀମତୀ—ସଂ. ବିଣ. (ସ୍ତ୍ରୀ)—(ଶ୍ରୀ+ଯୁକ୍ତାର୍ଥେ. ମତୁ=ଶ୍ରୀମତ୍+ସ୍ତ୍ରୀ. ଈ)-
Śrīmatī ଶ୍ରୀଯୁକ୍ତା; ଶ୍ରୀମାନ୍‌ର ସ୍ତ୍ରୀଲିଙ୍ଗ—The feminine of Śrīmān. [ଦ୍ର—ଏହା ସ୍ତ୍ରୀଲୋକମାନଙ୍କ ନାମ ପୂର୍ବରେ ବ୍ୟବହୃତ ହୁଏ ।] ବି.—୧ । ରାଧିକା, ରାଧା—1. Rādhā. [ଉ—ଶ୍ରୀମତୀ ଶ୍ରୀମତୀ ବୃନ୍ଦାବନେ କେଳି ରଚିଲେ । ସଙ୍ଗୀତ ।] ୨ । ଲକ୍ଷ୍ମୀ—2. Lakshmī. ୩ । ମୁଣ୍ଡୀରୀ (ବିଶ୍ୱକୋଷ)—3. Sphereanthus Indicus (plant). ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
श्रीमती श्रीमती Name given to females.

ଶ୍ରୀମତୀ ମହାରାଣୀ—ଦେ· ବି· ସ୍ତ୍ରୀ—(ସଂ. ଶ୍ରୀମତୀ ଓ ମହାରାଣୀ)—ସ୍ୱର୍ଗୀୟା
Śrīmati mahārāṇī ଭାରତସାମ୍ରାଜ୍ଞୀ ଭିକ୍ଟୋରିୟାଙ୍କୁ
[ଶ୍ରୀମତୀ ଭାରତେଶ୍ୱରୀ—ଅନ୍ୟରୂପ] ଭାରତୀୟମାନଙ୍କଦ୍ୱାରା ପ୍ରଦତ୍ତ
ଶ୍ରୀମତୀ ଭାରତେଶ୍ୱରୀ ନାମ—A name by which the
श्रीमती महाराणी late queen Victoria is called by the Indians.

ଶ୍ରୀମତ୍ତା(ତ୍ତ୍ୱ)—ସଂ. ବି—(ଶ୍ରୀମତ୍+ଭାବାର୍ଥେ ତା· ତ୍ୱ) ଶ୍ରୀଯୁକ୍ତ ହେବାର
Śrimattā(ttwa) ଅବସ୍ଥା—The state of being prosperous.

ଶ୍ରୀମତ୍ୟା—ଗ୍ରା. ବିଣ.—(ସଂ. ଶ୍ରୀମତ୍ୟାଃ=ଶ୍ରୀମତୀଙ୍କର)—ବିଧବା ସ୍ତ୍ରୀଲୋକ-
Śrīmatyā ଶ୍ରୀମତ୍ୟା ମାନଙ୍କ ନାମ ପୂର୍ବରେ ଶ୍ରୀମତୀ ସ୍ଥାନରେ
श्रीमती ଭ୍ରମରେ ଯୋଗ କରାଯିବା ଶବ୍ଦ—A word wrongly prefixed to the names of widows.
[ଦ୍ର—ଶ୍ରୀମତୀ ଶ୍ରୀମାନ୍‌ର ସ୍ତ୍ରୀଲିଙ୍ଗ। ସାଧାରଣତଃ ପୁରୁଷମାନଙ୍କ ନାମ ପୂର୍ବରେ 'ଶ୍ରୀ' ଶବ୍ଦ ସଂସ୍କୃତରେ ଓ ଭାଷାରେ ମଧ୍ୟ ଲେଖା ଯାଏ।

ସଂସ୍କୃତରେ ସମ୍ମାନାର୍ଥକରୂପେ ଦେବତା ଓ ମହାପୁରୁଷ ଓ ରାଜା ଆଦିଙ୍କ ନାମ ପୂର୍ବରେ ସମାସାନ୍ତ ଶ୍ରୀମତ୍ ଶବ୍ଦ ବା ଶ୍ରୀମାନ୍ ଯୁକ୍ତ ହୁଏ (ଯଥା—ଶ୍ରୀମଚ୍ଛଙ୍କରାଚାର୍ଯ୍ୟ, ଶ୍ରୀମଦ୍ଗୋବିନ୍ଦ, ଶ୍ରୀମନ୍ନାରାୟଣ, ଶ୍ରୀମନ୍ମହାରାଜ; ଶ୍ରୀମନ୍ମୁକୁନ୍ଦ ଇତ୍ୟାଦି।) କିନ୍ତୁ ଭାଷାରେ କେବଳ ଶ୍ରୀମତ୍ ଶବ୍ଦ ନାରାୟଣ, ମହାରାଜ ଆଦି ଶବ୍ଦ ସଙ୍ଗେ ସମାସାନ୍ତ ସନ୍ଧି ନିୟମ ସଂସ୍କୃତ ପଦରେ ଦୃଷ୍ଟ ହୁଏ।

ଅନ୍ୟଥା ଭାଷାରେ ଗୁରୁଜନ ଓ ବୟୋବୃଦ୍ଧମାନେ ଶିଷ୍ୟ ଓ ଶିଷ୍ୟସ୍ଥାନୀୟ ବ୍ୟକ୍ତିମାନଙ୍କ ନାମ ପୂର୍ବରେ 'ଶ୍ରୀମାନ୍' ବ୍ୟବହାର କରନ୍ତି। ପତ୍ରରେ ପିତାଙ୍କ ନିକଟକୁ ପୁତ୍ର 'ଶ୍ରୀ ପିତୃଦେବ' ଓ ପିତା ପୁତ୍ର ନିକଟକୁ 'କଲ୍ୟାଣୀୟ ଶ୍ରୀମାନ୍ ଅମୁକ' ବୋଲି ଲେଖନ୍ତି। ସମ୍ମାନାର୍ଥରେ 'ଶ୍ରୀଲ ଶ୍ରୀଯୁକ୍ତ' ବା 'ଶ୍ରୀଯୁକ୍ତ' ନାମ ପୂର୍ବରେ ଲେଖାଯାଏ। ଶ୍ରୀମାନ୍‌ର ସ୍ତ୍ରୀଲିଙ୍ଗ 'ଶ୍ରୀମତୀ' ଯେ ସବୁ ସ୍ତ୍ରୀଲୋକମାନଙ୍କ ନାମ ପୂର୍ବେ ଲେଖା ହେବା ବ୍ୟାକରଣସଙ୍ଗତ, କିନ୍ତୁ ତାହା ନ ହୋଇ ବହୁଳ ଅର୍ଥରେ କେବଳ ସଧବା ସ୍ତ୍ରୀଲୋକମାନଙ୍କ ନାମ ପୂର୍ବରେ 'ଶ୍ରୀମତୀ' ଲେଖା ହେବାର ଦେଖାଯାଏ। ବିଧବାମାନେ 'ଶ୍ରୀହୀନା' ହେବା ଯୋଗୁଁ ସଧବାମାନଙ୍କ ପରି ମାନ୍ୟାର୍ଥରେ ସେମାନଙ୍କ ନାମ ପୂର୍ବରେ 'ଶ୍ରୀମତୀ' ଲେଖିବା ଠିକ୍ ହେବ ନାହିଁ। ବୋଧହୁଏ ଏହିଭଳି ଯୁକ୍ତିରେ ବିଧବା ସ୍ତ୍ରୀଲୋକମାନଙ୍କ ନାମ ପୂର୍ବରେ ଆଉ ଗୋଟିଏ କିଛି ବିଶିଷ୍ଟ ଶବ୍ଦ ଦିଆଯିବା ଉଚିତ ବୋଲି ଭାବି କେହି କେହି 'ଶ୍ରୀମତ୍ୟା' ଶବ୍ଦଟିକୁ ବିଧବାମାନଙ୍କ ନାମ ପୂର୍ବରେ ପ୍ରୟୋଗ କରିବା ଦେଖାଯାଏ। ଧନବତୀ ଜମିଦାରଣୀ ବିଧବାମାନଙ୍କ ନାମ ପୂର୍ବରେ ଏହିପରି ଗୋଟିଏ ବିଶେଷଣ ଲଗାଇ ସେମାନଙ୍କ ତୁଷ୍ଟି ବିଧାନ କରିବା ବୋଧ ହୁଏ ଏହାର ଅନ୍ୟତର ହେତୁ। ବର୍ତ୍ତମାନ୍ ଏ ଶବ୍ଦର ମୂଳ ଦେଖିବାକୁ ଗଲେ ଅନୁମାନ କରାଯାଏ ଯେ ପୂର୍ବର ପୁରୁଷଙ୍କର ପତ୍ର ଲେଖାଲେଖି ରୀତି ଅନୁସାରେ—

"ଶ୍ରୀ ଅମୁକସ୍ୟ ଚରଣକମଳେଷୁ ନିବେଦନ-
ମିଦଂ :—
(ଏହିଠାରେ ପତ୍ରଗତ ବିଷୟ ଲେଖି ସାରି ଶେଷରେ)
ନିବେଦନମିତି
ଅମୁକସ୍ୟ"
(ଅର୍ଥାତ୍ ଶ୍ରୀ ଅମୁକଙ୍କ ଚରଣକମଳରେ ନିବେଦନ ଏହି—
ଏହାହିଁ ନିବେଦନ
ଅମୁକଙ୍କର)

ଲେଖିବାକୁ ହୁଏ। ଏହିପରି ସ୍ତ୍ରୀଲୋକମାନେ ପତ୍ର ଲେଖିଲା ବେଳେ ପତ୍ର ଶେଷରେ ନିବେଦନ ମିତି।
'ଶ୍ରୀମତ୍ୟାଃ ଅମୁକସ୍ୟାଃ'
(ଅର୍ଥାତ୍ ଶ୍ରୀମତୀ ଅମୁକାଙ୍କର)
ଲେଖୁଥିଲେ।

(ଶ୍ରୀମତ୍ୟାଃ ଶବ୍ଦ ଶ୍ରୀମତ୍ ଶବ୍ଦର ସ୍ତ୍ରୀଲିଙ୍ଗରେ ୬ଷ୍ଠୀ-ବିଭକ୍ତି=ଶ୍ରୀମତୀଙ୍କର)

ଏହି 'ଶ୍ରୀମତ୍ୟାଃ' ଶବ୍ଦ ପ୍ରୟୋଗରୁ ଅଧୁନା ବ୍ୟବହୃତ ବିଧବାଙ୍କ ନାମ ପୂର୍ବରେ ଯୁକ୍ତ 'ଶ୍ରୀମତ୍ୟା'ର ଉତ୍ପତ୍ତି ହୋଇଥିବା ଅନୁମାନ ହୁଏ; କାରଣ କତରକ ଓ ସଂସ୍କୃତାନଭିଜ୍ଞ ଲେଖାଳମାନେ 'ଶ୍ରୀମତ୍ୟା'ର ମୌଳିକ ଅର୍ଥ ଓ ପ୍ରୟୋଗ ଭୁଲିଯାଇ ଏହି ଶ୍ରୀମତ୍ୟାକୁ ଆଣି ବିଧବାମାନଙ୍କ ମୁଣ୍ଡରେ ବାଡ଼ିଆ ଲଗାଇ ଦେଇ ଅଛନ୍ତି। ଏତିକିରେ କ୍ଷତିର ଶେଷ ନ ହୋଇ ବିଧବାଙ୍କୁ 'ଶ୍ରୀମତ୍ୟା ଅମୁକ ଦେବ୍ୟା' ବୋଲି ମଧ୍ୟ ଲେଖନ୍ତି ଓ କେହି କେହି ଶ୍ରୀମତୀ ଅମୁକ ଦେବ୍ୟା ବୋଲି ଲେଖନ୍ତି। ସାଧାରଣତଃ ଦେଖାଯାଏ ଯେ ଉଚ୍ଚର କାଗଜ ପତ୍ରରେ ଲେଖକମାନେ ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ଜାତିର ସ୍ତ୍ରୀମାନଙ୍କ ନାମ ପୂର୍ବେ 'ଶ୍ରୀମତୀ ଅମୁକ ଦେବୀ' କରଣ ପ୍ରଭୃତି ସ୍ତ୍ରୀଙ୍କ ନାମ ପୂର୍ବେ 'ଶ୍ରୀମତୀ ଅମୁକ ଦେଈ' ଓ ଅନ୍ୟାନ୍ୟ ଶୂଦ୍ର ଜାତିର ସ୍ତ୍ରୀଙ୍କ ନାମ ପୂର୍ବେ 'ଶ୍ରୀମତୀ ଅମୁକୀ ଦାସୀ' ବୋଲି ଲେଖନ୍ତି। କିନ୍ତୁ ବିଧବାଙ୍କ ନାମ ପୂର୍ବେ 'ଶ୍ରୀମତୀ' ଲେଖିବା ବ୍ୟାକରଣବିରୁଦ୍ଧ ବା ଶିଷ୍ଟାଚାରବିରୁଦ୍ଧ ନୁହେଁ।]

ଶ୍ରୀମଦ୍ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ—ଦେ. ବି· (ନାମ)—ବଙ୍ଗର
Śrimadbhakti siddhānta ପ୍ରସିଦ୍ଧ ଗୌଡ଼ୀୟ ମଠର ସ୍ୱର୍ଗୀୟ
saraswatī goswāmī ଅଧ୍ୟକ୍ଷ—Name of a late celebrated head of the Gaurḍiya maṭha.
[ଦ୍ର—ଏହି ମହାପୁରୁଷ ଶୁଦ୍ଧ ଭାଗବତ ଧର୍ମର ଜଗଦ୍ବ୍ୟାପୀ ପ୍ରଚାର ଦ୍ୱାରା ଧର୍ମଜଗତରେ ଏକ ଯୁଗାନ୍ତର ଆନୟନ କରିଥିଲେ। ଏହି ମହାପୁରୁଷ ୧୮୭୮ ଖ୍ରୀଷ୍ଟାବ୍ଦରେ ଫେବୃୟାରି ୬ ତାରିଖରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର

 ଶ୍ରୀମଦ୍ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ

ନିକଟରେ "ନାରାୟଣ ଛତାର" ସଂଲଗ୍ନ ବୈଷ୍ଣବଶ୍ରେଷ୍ଠ ଶ୍ରୀମଦ୍ଭକ୍ତିବିନୋଦ ଠାକୁରଙ୍କ ଗୃହରେ ଶ୍ରୀ ଭଗବତୀ ଦେବୀଙ୍କର କ୍ରୋଡ଼ରେ ଅବତୀର୍ଣ୍ଣ ହୋଇଥିଲେ । ଠାକୁର ଭକ୍ତିବିନୋଦ ଶ୍ରୀ ଜଗନ୍ନାଥଙ୍କ ପରାଶକ୍ତି ଶ୍ରୀ ବିମଳାଦେବୀଙ୍କ ନାମାନୁସାରେ ଶିଶୁର ନାମ ରଖିଥିଲେ 'ଶ୍ରୀ ବିମଳାପ୍ରସାଦ' । ମାତୃକ୍ରୋଡ଼ଶାୟିତ ଛଅ ମାସର ଶିଶୁ ରଥସ୍ଥ ଶ୍ରୀ ଜଗନ୍ନାଥଦେବଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ହସ୍ତପ୍ରସାରଣପୂର୍ବକ ଶ୍ରୀ ଜଗନ୍ନାଥଙ୍କର ଚରଣ ଆଲିଙ୍ଗନ ଓ ପ୍ରସାଦୀମାଳା ଗ୍ରହଣ କରିଥିଲେ । ଭକ୍ତିବିନୋଦ ଠାକୁର ମହାପ୍ରସାଦ ଦ୍ୱାରା ଶିଶୁର ଅନ୍ନପ୍ରାଶନ ସମ୍ପନ୍ନ କରାଇଥିଲେ ।

ବାଳକ ଯେତେବେଳେ ବଙ୍ଗଦେଶସ୍ଥ ଶ୍ରୀରାମପୁର ହାଇସ୍କୁଲର ସପ୍ତମ ଶ୍ରେଣୀର ଛାତ୍ର ସେତେବେଳେ ଭକ୍ତିବିନୋଦ ଠାକୁର ପୁରୀରୁ ତୁଳସୀ ମାଳିକା ଆଣାଇ ବାଳକକୁ ହରିନାମ ଓ ନୃସିଂହ ମନ୍ତ୍ର ପ୍ରଦାନ କଲେ ଓ ଚୈତନ୍ୟ-ଶିକ୍ଷାମୃତ ଗ୍ରନ୍ଥ ପାଠ କରାଇଲେ । ୧୮୮୧ ସାଲରେ ଠାକୁର ଭକ୍ତିବିନୋଦ ଯେତେବେଳେ କଲିକତା ରାମବାଗାନରେ 'ଭକ୍ତିଭବନ' ନିର୍ମାଣ କରାଉଥିଲେ ସେତେବେଳେ ଗୃହର ଭିତ୍ତି ଖନନ ସମୟରେ କୂର୍ମମୂର୍ତ୍ତି ଆବିଷ୍କୃତ ହୋଇଥିଲେ । ଠାକୁର ଭକ୍ତିବିନୋଦ ବାଳକକୁ କୂର୍ମଦେବଙ୍କ ପୂଜା ଶିକ୍ଷା ଦେଲେ ଏବଂ ବାଳକ ସେହି ଦିନଠାରୁ ଉପଯୁକ୍ତରୂପେ ତିଳକାଦି ଗ୍ରହଣ ଓ ସଦାଚାର ପାଳନ କରୁଥିଲେ । ବାଲ୍ୟ-କାଳରେ ଭକ୍ତିବିନୋଦ ଠାକୁରଙ୍କ ସଙ୍ଗରେ ନାନା ତୀର୍ଥ ଭ୍ରମଣ, ଭକ୍ତିଗ୍ରନ୍ଥପ୍ରକାଶ କାର୍ଯ୍ୟରେ ସହାୟତା ଓ ବୈଷ୍ଣବ-ଧର୍ମର ନାନାପ୍ରକାର ତତ୍ତ୍ୱ ଓ ରହସ୍ୟ ଶ୍ରବଣ ଓ ଦର୍ଶନରେ ଅତିବାହିତ ହୋଇଥିଲା । ଅତି ବାଲ୍ୟକାଳରେ ଗଣିତ ଜ୍ୟୋତିଷ ଶାସ୍ତ୍ରରେ ଏହାଙ୍କର ଅତ୍ୟଦ୍ଭୁତ ପ୍ରତିଭା ଲକ୍ଷିତ ହୋଇଥିଲା । ଏ ନିଜର ବିଦ୍ୟାଳୟରେ ୧୮୯୮ ଖ୍ରୀଷ୍ଟାବ୍ଦରେ ମହେଶଚନ୍ଦ୍ର ଚୂଡ଼ାମଣିଙ୍କର ଟୋଲରୁ 'ସିଦ୍ଧାନ୍ତ ସରସ୍ୱତୀ' ଉପାଧି, ୧୯୦୦ ସାଲରେ ଶ୍ରୀଧାମ ପରିଷଦଣୀ ସଭାରୁ "ଭକ୍ତି-ସିଦ୍ଧାନ୍ତ ସରସ୍ୱତୀ" ଉପାଧି ପ୍ରାପ୍ତ ହେଲେ ଏବଂ ତ୍ରିଦଣ୍ଡ ସନ୍ନ୍ୟାସ ଗ୍ରହଣ କରି ପରିବ୍ରାଜକାଚାର୍ଯ୍ୟ "ତ୍ରିଦଣ୍ଡିସ୍ୱାମୀ ଶ୍ରୀମଦ୍ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ" ନାମରେ ଅଭିହିତ ହେଲେ । ୧୯୦୧ ସାଲରେ ଶ୍ରୀଲ ଗୌରକିଶୋର ଦାସ ଗୋସ୍ୱାମୀ ମହାରାଜ ନାମକ ଅବଧୂତ ଭାଗବତ ପରମହଂସଙ୍କ ନିକଟରୁ ଦୀକ୍ଷା ଲାଭ କଲେ । ଏ ୧୯୦୦ ସାଲରେ ଭକ୍ତିବିନୋଦ ଠାକୁରଙ୍କ ସହିତ ଓଡ଼ିଶାର ସମସ୍ତ ତୀର୍ଥ ଭ୍ରମଣ କଲେ ଏବଂ ପୁରୀରେ ତଦୀୟାଶ୍ରିତ ସଜ୍ଜନବୃନ୍ଦଙ୍କ ଅନୁରୋଧରେ ସୁପ୍ରାଚୀନ ସାତଆସନ ମଠର ଅନ୍ୟତମ ଗିରିଧାରୀ ଆସନର ସେବା ଭାର ଗ୍ରହଣ କରି ପୁରୀରେ ହରି କଥା ପ୍ରଚାର ଏବଂ "ବୈଷ୍ଣବ ମଞ୍ଜୁଷା" ନାମକ ବୈଷ୍ଣବ ବିଶ୍ୱ-କୋଷ ସଙ୍କଳନ ସକାଶେ ପୁରୀରୁ ଓ ବିଭିନ୍ନ ମଠରୁ ତଥ୍ୟାଦି ସଂଗ୍ରହ କରୁଥିଲେ । ୧୯୦୨ ସାଲରେ ପୁରୀର ସମୁଦ୍ରୋପ-କୂଳରେ ଭକ୍ତିବିନୋଦ ଠାକୁରଙ୍କର ଭକ୍ତି ଭବନ କୁଟୀରରେ ଠାକୁରଙ୍କର ସମ୍ମୁଖରେ ଶ୍ରୀ ଚୈତନ୍ୟଚରିତାମୃତ ବ୍ୟାଖ୍ୟା କାଳରେ ପୁରୀର ବହୁ ବରିଷ୍ଠ ଶ୍ରୋତା ଆସି ସେହି ବ୍ୟାଖ୍ୟା ଶ୍ରବଣ କରୁଥିଲେ । ପୁରୀରେ ଥିବା ସମୟରେ ସରସ୍ୱତୀ ଠାକୁରଙ୍କ ସହିତ ପୁରୀ ଗୋବର୍ଦ୍ଧନ (ଶଙ୍କରାଚାର୍ଯ୍ୟ) ମଠର ମଠାଧୀଶ ମଧୁସୂଦନ ତୀର୍ଥଙ୍କର ଶାସ୍ତ୍ରୀୟ ବିଚାର ହେଉ-ଥିଲା ଏବଂ ସମାଧି ମଠର ଶ୍ରୀ ବାସୁଦେବ ରାମାନୁଜ ଦାସ, ଶ୍ରୀ ଦାମୋଦର ରାମାନୁଜ ଦାସ, ଏମାର ମଠର ଶ୍ରୀ ରଘୁ-ନନ୍ଦନ ରାମାନୁଜ ଦାସ, ଜମାୟେତ ସମ୍ପ୍ରଦାୟର ପାପଡ଼ୁଆ ମଠର ଶ୍ରୀ ଜଗନ୍ନାଥ ଦାସ, ସ୍ୱର୍ଗଦ୍ୱାର ଛତାର ଓଁକାର ଶ୍ରୀ ବୃଦ୍ଧତାପସ, ଗଙ୍ଗାମାତା ମଠର ଶ୍ରୀ ବିହାରୀ ଦାସ ପୂଜାରୀ, ରାଧାକାନ୍ତ ମଠର ଅଧିକାରୀ ଶ୍ରୀ ନରୋତ୍ତମ ଦାସ, ମହା-ମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର, ପ୍ରଭୃତି ସଜ୍ଜନମାନଙ୍କ ସହିତ ସରସ୍ୱତୀ ଠାକୁରଙ୍କ ଧର୍ମ ପ୍ରସଙ୍ଗ ହେଉଥିଲା । ୧୯୦୪ ସାଲରେ ସରସ୍ୱତୀ ଠାକୁର ସୀତାକୁଣ୍ଡ ଓ ଚନ୍ଦ୍ରନାଥ ପ୍ରଭୃତି ସ୍ଥାନ ଭ୍ରମଣ କଲେ । ତତ୍ପରେ ପୁରୀରୁ ଯାଇ ୧୯୦୫ ସାଲର ଫେବ୍ରୁୟାରି ୨୩ ତାରିଖରେ ଦକ୍ଷିଣ ଭାରତର ତୀର୍ଥ ସମୂହ ଦର୍ଶନାର୍ଥେ ବହିର୍ଗତ ହେଲେ ।

ଗୋସ୍ୱାମୀ ମହୋଦୟ ନବଦ୍ୱୀପସ୍ଥ – ଶ୍ରୀ ମାୟାପୁରରେ ଅବସ୍ଥାନ କରି ୧୯୦୫ ସାଲରୁ ଶ୍ରୀମନ୍ମହାପ୍ରଭୁ ଚୈତନ୍ୟଙ୍କ ବାଣୀ ପ୍ରଚାର କାର୍ଯ୍ୟ ଆରମ୍ଭ କଲେ ଏବଂ ସ୍ୱର୍ଗୀୟ ଭକ୍ତି-ଚୂଡ଼ାମଣି ହରିଦାସ ଠାକୁରଙ୍କ ପରି ପ୍ରତ୍ୟହ ତିନି ଲକ୍ଷ ମହାମନ୍ତ୍ର କୀର୍ତ୍ତନ କରି ଶତ କୋଟି ମହାମନ୍ତ୍ର କୀର୍ତ୍ତନ ବ୍ରତ ଉଦ୍ଯାପନ କଲେ । ୧୯୦୯ ସାଲ ଫେବ୍ରୁୟାରି ମାସରୁ ଶ୍ରୀ ମାୟାପୁରରେ ଭଜନଭବନ ନିର୍ମାଣ କରି ସେଠାରେ ଭଜନ କଲେ । ୧୯୧୧ ସାଲରେ ମେଦିନୀପୁର ବାଲିଘାଇ ନାମକ ସ୍ଥାନରେ ବୈଷ୍ଣବବିରୋଧୀ ସ୍ମାର୍ତ୍ତ ସମ୍ପ୍ରଦାୟର ମତବାଦ ଗୋଟିଏ ମହତୀ ସଭାରେ ଖଣ୍ଡନ କରି ବ୍ରାହ୍ମଣ ଓ ବୈଷ୍ଣବ ମଧ୍ୟରେ ତାରତମ୍ୟ ନିର୍ଦ୍ଦେଶ କଲେ, ୧୯୧୩ ସାଲରୁ କଲିକତା, ଶ୍ରୀ ମାୟାପୁର ଓ କୃଷ୍ଣ ନଗରରେ ଆଶ୍ରମମାନ କରି ସେଠାରେ ଭାଗବତ ଯନ୍ତ୍ର ସ୍ଥାପନ କରି ବିବିଧ ଭକ୍ତି-ଗ୍ରନ୍ଥ ପ୍ରକାଶ ଓ ଶ୍ରୀଚୈତନ୍ୟଚରିତାମୃତର ଅନୁଭାଷ୍ୟ ପ୍ରଚାର କଲେ । ୧୯୧୪ ସାଲରେ ଭକ୍ତିବିନୋଦ ଠାକୁରଙ୍କର ନିତ୍ୟ ଲୀଳା ପ୍ରବେଶ ପରେ ତାହାଙ୍କର ପ୍ରତିଷ୍ଠିତ "ସଜ୍ଜନ ତୋଷଣୀ" ମାସିକ ପତ୍ରିକା ସରସ୍ୱତୀ ଠାକୁରଙ୍କର ସମ୍ପାଦକତାରେ ପୁନର୍ବାର ପ୍ରକାଶିତ ହୋଇଥିଲା ।

ଏ ମହାପୁରୁଷ ୧୯୧୮ ସାଲର ମାର୍ଚ୍ଚ ୭ ତାରିଖରେ ବୈଦିକ ତ୍ରିଦଣ୍ଡସନ୍ନ୍ୟାସ ଗ୍ରହଣ ପୂର୍ବକ ଚନ୍ଦ୍ରଶେଖର ଆଚାର୍ଯ୍ୟଙ୍କ ଭବନରେ ଶ୍ରୀଚୈତନ୍ୟମଠ ପ୍ରତିଷ୍ଠା କଲେ ଏବଂ କୃଷ୍ଣ ନଗରର ସାହିତ୍ୟ ସଭାରେ ବୈଷ୍ଣବ ଦର୍ଶନ ସମ୍ବନ୍ଧେ ବକ୍ତୃତା ଓ ଦୌଲତପୁର ପ୍ରଭୃତି ସ୍ଥାନରେ ହରିକଥା ପ୍ରଚାର କରି ବହୁ ଭକ୍ତଙ୍କ ସହିତ ଓଡ଼ିଶାଅଭିମୁଖରେ ଯାତ୍ରା କଲେ ଏବଂ ଉତ୍କଳର ବିଭିନ୍ନ ସ୍ଥାନରେ ବିଶେଷ ଭାବରେ ପ୍ରଚାର କାର୍ଯ୍ୟ ଆରମ୍ଭ କଲେ । କଲିକତାରେ

ବିପୁଳଭାବରେ ପ୍ରଚାର କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ୧୯୧୮ ସାଲ ନଭେମ୍ବର ମାସରେ କଲିକତାରେ 'ଭକ୍ତିବିନୋଦ' ଆଶ୍ରମ ସ୍ଥାପନ ଓ ପରେ ସେଠାରେ ବିଶ୍ୱବୈଷ୍ଣବ ରାଜ-ସଭାରେ ପୁନରୁଦ୍ବୋଧନ କଲେ । ୧୯୨୦ ସାଲର ସେପ୍ଟେମ୍ବର ମାସର ୬ ତାରିଖରେ ଭକ୍ତିବିନୋଦ ଠାକୁରଙ୍କ ଅଧିକାରରେ ଗୌଡ଼ୀୟ ମଠ ପ୍ରତିଷ୍ଠା କରି ଗୌଡ଼ ମଣ୍ଡଳ ଓ କ୍ଷେତ୍ରମଣ୍ଡଳର ସବୁ ସ୍ଥାନରେ ପ୍ରଚାର କାର୍ଯ୍ୟ ବିସ୍ତାର କଲେ । ୧୯୨୧ ସାଲରେ ଶ୍ରୀ ନବଦ୍ୱୀପଧାମ ପରିକ୍ରମାର ପୁନଃ ପ୍ରବର୍ତ୍ତନ ଏବଂ ପୂର୍ବ ବଙ୍ଗରେ 'ଶ୍ରୀ ମାଧ୍ୱ' ଗୌଡ଼ୀୟ ମଠ ପ୍ରତିଷ୍ଠା କଲେ । "ଉତ୍କଳରୁ ସମସ୍ତ ପୃଥିବୀରେ ଶୁଦ୍ଧ ବୈଷ୍ଣବ ଧର୍ମ ପ୍ରଚାରିତ ହେବ" ଏହି ବ୍ୟାସ ବାଣୀର ମର୍ଯ୍ୟାଦା ସ୍ଥାପନ ସକାଶେ ୧୯୨୨ ସାଲ ଜୁନ ମାସର ୯ ତାରିଖରେ ପୁରୀରେ ଭକ୍ତିକୁଟୀରରେ 'ଶ୍ରୀପୁରୁଷୋତ୍ତମ' ମଠ ସ୍ଥାପନ କଲେ। ୧୯୨୨ ସାଲର ଅଗଷ୍ଟ ମାସ ୧୯ ତାରିଖରେ ଶ୍ରୀ ଗୌଡ଼ୀୟ ମଠର ପ୍ରଚାରର ମୁଖପତ୍ର ସାପ୍ତାହିକ 'ଗୌଡ଼ୀୟ' ପ୍ରଥମରେ ପ୍ରଚାର କଲେ ଏବଂ ସେପଟେମ୍ବର ମାସରେ ବଙ୍ଗମଣ୍ଡଳର ବହୁତ ସ୍ଥାନ ଭ୍ରମଣ କରି ବୈଷ୍ଣବ ଧର୍ମ ସମ୍ବନ୍ଧରେ ବକ୍ତୃତାଦି ପ୍ରଦାନ କଲେ; ୧୯୨୪ ସାଲ ଜୁଲାଇ ମାସ ୭ ତାରିଖରେ ଭୁବନେଶ୍ୱରରେ 'ତ୍ରିଦଣ୍ଡି ମଠ' ପ୍ରତିଷ୍ଠା ଓ ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ପ୍ରଚାର କାର୍ଯ୍ୟ ଆରମ୍ଭ କଲେ । ୧୯୨୪ ସାଲର ଡିସେମ୍ବର ମାସ ୧୬ ତାରିଖରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ ବିଦ୍ୱନ୍ମଣ୍ଡଳୀମଣ୍ଡିତ ସଭାରେ ଧର୍ମ ଜଗତରେ ବୈଷ୍ଣବ ଦର୍ଶନର ସ୍ଥାନ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କଲେ ଓ ପ୍ରୟାଗରେ ଦଶାଶ୍ୱମେଧ ଘାଟରେ ଶ୍ରୀରୂପ ଶିକ୍ଷାର ସ୍ଥାନ ନିର୍ଦ୍ଦେଶ ଓ ଗୌରପଦାଙ୍କିତ ଅଡ଼ାଇଲୋ ଗ୍ରାମ ପରିଦର୍ଶନ କଲେ । ୧୯୨୫ ସାଲରେ ଗୌଡ଼ମଣ୍ଡଳ ପରିକ୍ରମା ପ୍ରବର୍ତ୍ତନ କରି ବହୁଭକ୍ତଙ୍କ ସହିତ ଗୌରପାର୍ଷଦମାନଙ୍କର ଆବିର୍ଭାବ ଲୀଳା ସ୍ଥାନସମୂହ ପରିଭ୍ରମଣ ଓ ସେଠାରେ ପୁନର୍ବାର ଶୁଦ୍ଧ ଭକ୍ତି କଥା ପ୍ରଚାର କଲେ । ନବଦ୍ୱୀପ ପରିକ୍ରମା ସମୟରେ କୋଲଦ୍ୱୀପରେ ଧର୍ମବ୍ୟବସାୟୀ ସମ୍ପ୍ରଦାୟର ପ୍ରତିନିଧି ସ୍ୱରୂପ ଦୁର୍ବୃତ୍ତଗଣ ଶ୍ରୀ ବିଗ୍ରହ, ଆଚାର୍ଯ୍ୟ ଓ ବୈଷ୍ଣବମାନଙ୍କ ଉପରେ ଇଷ୍ଟକ ବୃଷ୍ଟି କରିବାରୁ ସରସ୍ୱତୀ ଠାକୁର ଅଦ୍ଭୁତ ନିତ୍ୟାନନ୍ଦଙ୍କ ପରି ଧୈର୍ଯ୍ୟ ପ୍ରକାଶ କରି ସମସ୍ତଙ୍କୁ ରକ୍ଷା ଓ ବିଦ୍ୱେଷୀମାନଙ୍କୁ କ୍ଷମା କଲେ । ପଣ୍ଡିତ ମଦନମୋହନ ମାଲବ୍ୟ ଗୌଡ଼ୀୟ ମଠକୁ ଆସି ସରସ୍ୱତୀ ଠାକୁରଙ୍କ ନିକଟରୁ ଭାଗବତ ବାଣୀ ଓ ଆଗମପ୍ରାମାଣ୍ୟରୁ ଦୈବ-ବର୍ଣ୍ଣାଶ୍ରମ ଧର୍ମର ବିଚାର ଶ୍ରବଣ କଲେ । ୧୯୨୬ ସାଲରେ ସରସ୍ୱତୀ ଠାକୁର ଶ୍ରୀ ମାୟାପୁରରେ ନିତ୍ୟାନନ୍ଦ ପ୍ରଭୁଙ୍କର ଜନ୍ମୋତ୍ସବ ଓ ନାମଯଜ୍ଞର ପ୍ରବର୍ତ୍ତନ କଲେ । ଉକ୍ତ ସାଲର ନଭେମ୍ବର ମାସର ପ୍ରଥମ ଭାଗରେ ସମଗ୍ର ଭାରତ ପର୍ଯ୍ୟଟନ କରି ଶ୍ରୀ ଚୈତନ୍ୟବାଣୀର ପ୍ରଚାର ଏବଂ ପଣ୍ଡିତମଣ୍ଡଳୀଙ୍କ ସହିତ ଆଲୋଚନା, ବିଚାର ଓ ତଥ୍ୟାଦି ସଂଗ୍ରହ କଲେ ଶ୍ରୀନାଥଦ୍ୱାରର ମହନ୍ତ ମହାରାଜ, ବୋମ୍ବାଇର ଗୋକୁଳନାଥ ଗୋସ୍ୱାମୀ ମହାରାଜ, ଉଡ଼ୁପୀର ଏମ୍ବାଚାର୍ଯ୍ୟ ମଠର ମଠାଧୀଶ, ସାଲିମାବାଦ ଗାଦିର ମଠାଧୀଶ ପ୍ରମୁଖ ବହୁ ବୈଷ୍ଣବ ସମ୍ପ୍ରଦାୟର ଶ୍ରେଷ୍ଠ ବ୍ୟକ୍ତିଗଣ ସରସ୍ୱତୀ ଠାକୁରଙ୍କୁ ବୈଷ୍ଣବାଚାର୍ଯ୍ୟୋଚିତ ଅଭିନନ୍ଦନ ପ୍ରଦାନ କଲେ । ଏହି ସମୟରେ ସରସ୍ୱତୀ ଠାକୁର ନୈମିଷାରଣ୍ୟରେ 'ପରମହଂସ ମଠ' ପ୍ରତିଷ୍ଠା, ଶ୍ରୀ ମାୟାପୁରରେ 'ପରବିଦ୍ୟା ପୀଠ' ସ୍ଥାପନ ଏବଂ ଶ୍ରୀଚୈତନ୍ୟ ମଠର ନବନିର୍ମିତ ଊନତ୍ରିଂଶ ଚୂଡ଼ା-ବିଶିଷ୍ଟ ମନ୍ଦିରରେ ଆଚାର୍ଯ୍ୟମାନଙ୍କର ଶ୍ରୀମୂର୍ତ୍ତି ଓ ବିଗ୍ରହ ଓ ରାଧାଗୋବିନ୍ଦ ବିଗ୍ରହ ପ୍ରତିଷ୍ଠିତ କଲେ ।

ଏ ମହାପୁରୁଷ ୧୯୨୭ ସାଲର ଜୁନ୍ ମାସରୁ ସଂସ୍କୃତ ହିନ୍ଦି ଓ ଇଂରାଜୀ ଏହି ତିନି ଭାଷାରେ "ସଜ୍ଜନତୋଷଣୀ" ବା "The Harmonist" ପତ୍ରିକା ପ୍ରକାଶ କଲେ ଏବଂ ମାନଭୂମି ଜିଲ୍ଲାରେ 'ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ' ପ୍ରତିଷ୍ଠା ଓ ସେପ୍ଟେମ୍ବର ମାସର ଶେଷ ଭାଗରେ କାଶୀ କାନପୁର, ଲକ୍ଷ୍ନୌ, ଜୟପୁର, ଗଲତାପର୍ବତ, ସାଲିମାବାଦ, ପୁଷ୍କର, ଅଜମୀର, ଦ୍ୱାରକା, ସୁଦାମପୁରୀ, ଗିର୍ନାରପର୍ବତ, ପ୍ରଭାସ, ଅବନ୍ତି, ମଥୁରାମଣ୍ଡଳ, ଇନ୍ଦ୍ରପ୍ରସ୍ଥ, କୁରୁକ୍ଷେତ୍ର ଓ ନୈମିଷାରଣ୍ୟ ପ୍ରଭୃତି ସ୍ଥାନରେ ଶ୍ରୀଚୈତନ୍ୟବାଣୀ ପ୍ରଚାର କଲେ ।

୧୯୨୮ ସାଲର ସେପ୍ଟେମ୍ବର ୨୬ ତାରିଖରେ କଲିକତା ବାଗ ବଜାର ଗଙ୍ଗାତୀରରେ 'ଶ୍ରୀଗୌଡ଼ୀୟ ମଠ'ର ଭିତ୍ତି ସ୍ଥାପନ ଏବଂ ଏହି ବର୍ଷ କଟକରେ ଶ୍ରୀ ସଚ୍ଚିଦାନନ୍ଦ ମଠ ସ୍ଥାପନ, ନଭେମ୍ବର ମାସରେ କୁରୁକ୍ଷେତ୍ରରେ ସୂର୍ଯ୍ୟୋପରାଗ ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ଶ୍ରୀଚୈତନ୍ୟବାଣୀ, କୀର୍ତ୍ତନ, ଶ୍ରୀ ବ୍ୟାସଗୌଡ଼ୀୟ ମଠ ପ୍ରତିଷ୍ଠା ଓ ଭାଗବତ ପ୍ରଦର୍ଶନୀ ଉନ୍ମୋଚନ କଲେ ।

୧୯୨୯ ସାଲର ଜାନୁୟାରୀ ମାସରେ କୃଷ୍ଣ ନଗରରେ 'ଏକାୟନ ମଠ' ପ୍ରତିଷ୍ଠା ଓ ଆମେରିକାର ଯୁକ୍ତ ପ୍ରଦେଶର ଓହିଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମିଃ ଆଲବର୍ଟ, ଇ. ସଜାର୍ସ ନାମକ ମନୀଷୀଙ୍କ ନିକଟରେ ଖ୍ରୀଷ୍ଟଧର୍ମଠାରୁ ଗୌଡ଼ୀୟ ଧର୍ମର ବୈଶିଷ୍ଟ୍ୟ କଥା କୀର୍ତ୍ତନ କଲେ । ନୂତନ ଦିଲ୍ଲୀରେ 'ଦିଲ୍ଲୀଗୌଡ଼ୀୟ ମଠ' ସ୍ଥାପନ, ନୀଳାଚଳରେ ଗୌରସୁନ୍ଦରଙ୍କର ଚନ୍ଦନଯାତ୍ରା ପ୍ରବର୍ତ୍ତନ ଏବଂ ଆଲାଲନାଥ ମନ୍ଦିରର ସଂସ୍କାର କାର୍ଯ୍ୟ ଆରମ୍ଭ କଲେ । କଲିକତା ଆଲବର୍ଟ ହଲରେ ଗୌଡ଼ୀୟ ଦର୍ଶନ ସମ୍ବନ୍ଧରେ ଅଭିଭାଷଣ, ଶ୍ରୀଚୈତନ୍ୟପଦାଙ୍କିତ କାନାଇନାଟଶାଳା ଓ ମନ୍ଦାର ପର୍ବତରେ ଚୈତନ୍ୟପାଦପୀଠ ସ୍ଥାପନ କରି, ରାଜମହଲ, ଭାଗଲପୁର, ନାଲନ୍ଦା, ରାଜଗିରି, କାଶୀ, ଫୈଜାବାଦ, ଅଯୋଧ୍ୟା, ନୈମିଷାରଣ୍ୟ—ସୀତାପୁର, ଲକ୍ଷ୍ନୌ ପ୍ରଭୃତି ସ୍ଥାନରେ ବହୁ ସମ୍ଭ୍ରାନ୍ତ ଓ ଶିକ୍ଷିତ ବ୍ୟକ୍ତିଙ୍କ ନିକଟରେ ହରି-କଥା ପ୍ରଚାର ଏବଂ ସତ୍ୟାନୁସନ୍ଧିତ୍ସୁମାନଙ୍କୁ ଶୁଦ୍ଧଭକ୍ତି ଧର୍ମରେ ଦୀକ୍ଷିତ କଲେ ।

୧୯୩୦ ସାଲରେ ପ୍ରୟାଗ ପୂର୍ଣ୍ଣକୁମ୍ଭ ମେଳା ସମୟରେ ତ୍ରିବେଣୀ ସଙ୍ଗମରେ ଶ୍ରୀ ରାଧାଗୋବିନ୍ଦ ବିଗ୍ରହ ଓ ରୂପ-ଗୌଡ଼ୀୟ ମଠ ପ୍ରତିଷ୍ଠା କଲେ । ଫେବୃୟାରୀ ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ଶ୍ରୀମାୟାପୁରରେ ଭାଗବତ ପ୍ରଦର୍ଶନୀର ଉଦ୍‌ବୋଧନ, ବାଗବଜାର ନବନିର୍ମିତ ଶ୍ରୀଗୌଡ଼ୀୟ ମଠରେ ପାରମାର୍ଥିକ ପ୍ରଦର୍ଶନୀ ଓ ସେଠାରେ ପାରମାର୍ଥିକ ସମ୍ମେଳନୀ ଉଦ୍ଘାଟନ କଲେ । ତତ୍ପରେ ଯାଜପୁର, କୂର୍ମକ୍ଷେତ୍ର, ସୀମାଚଳ, କଭୁର ଓ ମଙ୍ଗଳଗିରି ପ୍ରଭୃତି ସ୍ଥାନରେ ଶ୍ରୀଚୈତନ୍ୟ ପାଦପୀଠ ସ୍ଥାପନ ଓ ସେହି ସେହି ସ୍ଥାନମାନଙ୍କରେ ଶ୍ରୀଚୈତନ୍ୟବାଣୀ ପ୍ରଚାର କଲେ ।

୧୯୩୧ ସାଲରେ ଶ୍ରୀଧାମ ମାୟାପୁରରେ ଠାକୁରଭକ୍ତି-ବିନୋଦ ଇନ୍‌ଷ୍ଟିଚ୍ୟୁଟ୍ ଉଦ୍ଘାଟନ, ନିତ୍ୟାନନ୍ଦ ପ୍ରଭୁଙ୍କ ପାର୍ଷଦ ମହେଶପଣ୍ଡିତଙ୍କ ପାଟର ସେବାଗ୍ରହଣ ଓ ଆଲାଲନାଥ ବ୍ରହ୍ମଗୌଡ଼ୀୟ ମଠରେ ଶ୍ରୀ ଗୌଡ଼ୀୟନାଥ ପ୍ରକାଶ, ମୟୂରଭଞ୍ଜ ମହାରାଜାଙ୍କର ଆନୁକୂଲ୍ୟ ଦ୍ୱାରା ସଂଗୃହୀତ ଭୂମିରେ ଶ୍ରୀପୁରୁଷୋତ୍ତମ ମଠର ଶ୍ରୀମନ୍ଦିରର ଭିତ୍ତି ସ୍ଥାପନ, କଟକରେ ହରିକଥା କୀର୍ତ୍ତନ, କଲିକତା ନଗରୀରେ ବିରାଟ ସତ୍‌ଶିକ୍ଷା ପ୍ରଦର୍ଶନୀର ପ୍ରକାଶ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ନିକଟ ଶ୍ରୀଚୈତନ୍ୟବାଣୀ ପ୍ରଚାର, ସିମିଲା-ଶୈଳ ଓ ଭୋଜ ରାଜ୍ୟରେ ଶ୍ରୀଚୈତନ୍ୟବାଣୀ ପ୍ରଚାର, 'ଭାଗବତ' ନାମକ ହିନ୍ଦି ପାକ୍ଷିକ ପତ୍ରର ପ୍ରକାଶପ୍ରବର୍ତ୍ତନ, ବର୍ଡ଼ଲାଟ ଲର୍ଡ ଉଇଲିଙ୍ଗ୍‌ଡନ୍‌ଙ୍କ ନିକଟକୁ ଶ୍ରୀଗୌଡ଼ୀୟ ମଠର ପ୍ରଚାରବାର୍ତ୍ତା ପ୍ରେରଣ, ଦିଲ୍ଲୀରେ ଶ୍ରୀଚୈତନ୍ୟକଥା ପ୍ରଚାର, ମଜଫର ନଗରରେ ଓ ଶୁକଦେବଙ୍କ ଭାଗବତ କଥା କୀର୍ତ୍ତନସ୍ଥଳୀ ଶୁକରତାଲରେ ଭାଗବତ କଥାକୀର୍ତ୍ତନ, ସାକ୍ଷୀ ଗୌଡ଼ୀୟ ମଠରେ ଶ୍ରୀରାଧାଗୋବିନ୍ଦ ବିଗ୍ରହ ପ୍ରତିଷ୍ଠା ପ୍ରଭୃତି ଶ୍ରୀଚୈତନ୍ୟ ମନୋଽଭୀଷ୍ଟ ସେବାର ଆଦର୍ଶ ପ୍ରକାଶ କଲେ ।

୧୯୩୨ ସାଲରେ ମାନ୍ଦ୍ରାଜର ନାଗରିକଗଣ ସରସ୍ୱତୀ ଠାକୁରଙ୍କ ବିପୁଳ ସମ୍ବର୍ଦ୍ଧନା କରିଥିଲେ । ଠାକୁର ମାନ୍ଦ୍ରାଜ ଗୌଡ଼ୀୟମଠ ମନ୍ଦିରର ଭିତ୍ତି ସ୍ଥାପନ ଏବଂ ସେଠାରେ ହରିକଥା ପ୍ରଚାର କଲେ । ମାନ୍ଦ୍ରାଜର ମହାମାନ୍ୟ ଗଭର୍ଣ୍ଣର ମାନ୍ୟବର ଫ୍ରେଡ଼ରିକ୍ ଷ୍ଟାନ୍‌ଲି, ମାନ୍ଦ୍ରାଜ ଗୌଡ଼ୀୟ ମଠର ଶ୍ରୀକୃଷ୍ଣ ହଲ୍‌ର ଭିତ୍ତି ସ୍ଥାପନ କରି ସରସ୍ୱତୀ ଠାକୁରଙ୍କ ମୁଖରୁ ଶ୍ରୀଚୈତନ୍ୟବାଣୀ ଶ୍ରବଣ କଲେ । ମାନ୍ଦ୍ରାଜସିଟି କରପୋରେଶନ୍ (ମିଉନିସିପାଲିଟି) ସରସ୍ୱତୀ ଠାକୁରଙ୍କୁ ଗୋଟିଏ ଅଭିନନ୍ଦନ ପ୍ରଦାନ କଲେ । ତତ୍ପରେ ଶ୍ରୀଲ ସରସ୍ୱତୀ ଠାକୁର ଅନ୍ଧ୍ର ପ୍ରଦେଶର କୁର୍ନ୍ଦ-ମଣ୍ଡଳ (କୁଟ୍‌କାମଣ୍ଡ) ଓ ମହୀଶୂରକୁ ଯାଇ ମହୀଶୂର ମହାରାଜାଙ୍କ ନିକଟରେ ହରିକଥା କୀର୍ତ୍ତନ କଲେ । ଉଟକା-ମଣ୍ଡରେ ଅବସ୍ଥାନ ସମୟରେ ଇଂରାଜୀ "ଶ୍ରୀକୃଷ୍ଣ-ଚୈତନ୍ୟ" ଗ୍ରନ୍ଥ 'ବନ୍ଧୁସଂହାର' ଇଂରାଜୀ ଅନୁବାଦ "ରାୟ ରାମାନନ୍ଦ" ନାମକ ଇଂରାଜୀ ଗ୍ରନ୍ଥ ରଚନା ଓ ଶ୍ରୀଚୈତନ୍ୟ ଭାଗବତର ଗୌଡ଼ୀୟ ଭାଷ୍ୟ ପ୍ରଭୃତି ପ୍ରଣୟନ ଓ ପ୍ରଚାର କଲେ । ଉତ୍କଳର ପ୍ରଚାର କେନ୍ଦ୍ର କଟକରୁ ପାକ୍ଷିକ ପରମାର୍ଥୀ ପ୍ରକାଶିତ କରାଇଲେ ଓ ଆସାମୀ ଭାଷାରେ କୀର୍ତ୍ତନ ନାମକ ପାରମାର୍ଥିକ ମାସିକ ପତ୍ର ପ୍ରଚାର କରାଇଲେ । ତତ୍ପରେ ଉର୍ଜ୍ଜବ୍ରତ ସମୟରେ ବ୍ରଜମଣ୍ଡଳ ପରିକ୍ରମା, ରାଧା-କୁଣ୍ଡ ତଟରେ ଉପଦେଶାମୃତ ବ୍ୟାଖ୍ୟା, ଶ୍ରୀରୂପଗୌଡ଼ୀୟ ମଠର ଭିତ୍ତି ସ୍ଥାପନ ଓ ଢାକାରେ ସତ୍‌ଶିକ୍ଷାପ୍ରଦର୍ଶନୀ ଉନ୍ମୋଚନ କଲେ ।

୧୯୩୩ ସାଲର ମାର୍ଚ୍ଚ ମାସରେ ୟୁରୋପରେ ଶ୍ରୀଚୈତନ୍ୟବାଣୀ ପ୍ରଚାର କରିବା ସକାଶେ କେତେକ ପ୍ରଚାରକଙ୍କୁ ପ୍ରେରଣ କଲେ ଏବଂ ମେ ମାସର ପ୍ରଥମଭାଗରେ ଲଣ୍ଡନରେ ଶ୍ରୀଗୌଡ଼ୀୟ ମଠ କାର୍ଯ୍ୟାଳୟ ସ୍ଥାପନ କରାଇଲେ । ତତ୍ପରେ ପାଟଣାରେ ସତ୍‌ଶିକ୍ଷା ପ୍ରଦର୍ଶନୀ, ଶ୍ରୀଲଜୀବ ଗୋସ୍ୱାମୀଙ୍କର ଭକ୍ତିସନ୍ଦର୍ଭର ବ୍ୟାଖ୍ୟା ଓ ବକ୍ତୃତା-ସମାପନ, ଜର୍ମାନୀକୁ ପ୍ରଚାରକ ପ୍ରେରଣ ଓ କାଶୀରେ ପାରମାର୍ଥିକ ପ୍ରଦର୍ଶନୀ ପ୍ରକାଶ କଲେ ।

୧୯୩୪ ସାଲର ଜାନୁଆରୀ ୧୫ ତାରିଖରେ ଶ୍ରୀଗୌଡ଼ୀୟ ମଠକୁ ସ୍ୱାଧୀନ ତ୍ରିପୁରାର ମହାରାଜା ଆସି ଅର୍ଘ୍ୟଙ୍କ ପ୍ରଣତି ଓ ଭକ୍ତି ଜ୍ଞାପନ କଲେ । ଶ୍ରୀଧାମ ମାୟାପୁରସ୍ଥ ଯୋଗ-ପୀଠରେ ନୂତନ ମନ୍ଦିରର ସ୍ଥାପନ । କୁରୁକ୍ଷେତ୍ରରେ ଯୋଗ ପାଦପୀଠ ପ୍ରତିଷ୍ଠା, ଲର୍ଡ଼ ଜେଟ୍‌ଲ୍ୟାଣ୍ଡଙ୍କର ସଭାପତିତ୍ୱରେ ଲଣ୍ଡନ ଗୌଡ଼ୀୟ ମିଶନ୍ ସୋସାଇଟିର ଉଦ୍ବୋଧନ-ପୁରୀରେ ଅନୁକ୍ଷଣ ହରିକଥା ପ୍ରଚାର, ଶ୍ରୀମାୟାପୁରସ୍ଥ ଯୋଗ, ପୀଠ ମନ୍ଦିରର ଉଦ୍‌ଘାଟନ ସମୟରେ ଅଧୋକ୍ଷଜ ବିଷ୍ଣୁ-ମୂର୍ତ୍ତିଙ୍କ ଆବିର୍ଭାବ । ଆଲାଲନାଥ ଶ୍ରୀବ୍ରହ୍ମଗୌଡ଼ୀୟ ମଠରେ ଶ୍ରୀଗୋପୀନାଥ ଜୀଉଙ୍କର ପ୍ରତିଷ୍ଠା ନବନିର୍ମିତ ଶ୍ରୀସଚ୍ଚିଦାନନ୍ଦ ମଠ ମନ୍ଦିରରେ ବିଗ୍ରହପ୍ରତିଷ୍ଠା କରାଇଲେ । ନବ ପର୍ଯ୍ୟାୟରେ "Harmonist" ପାକ୍ଷିକ ପତ୍ରର ପ୍ରକାଶ, ମଥୁରାରେ କାର୍ତ୍ତିକବ୍ରତ ଉଦ୍‌ଯାପନ, ବ୍ରଜମଣ୍ଡଳର ସ୍ଥାନପରିଭ୍ରମଣ, ନୂଆଦିଲ୍ଲୀରେ ହରିକଥା ପ୍ରଚାର, ତେଲଗୁ ଓ ଇଂରାଜୀ ଭାଷାରେ "ଶ୍ରୀଚୈତନ୍ୟ ଶିକ୍ଷାମୃତ" ଓ "ଜୈବଧର୍ମ" ପ୍ରଚାର ପ୍ରଭୃତି ଶ୍ରୀଚୈତନ୍ୟଦେବଙ୍କ ମନୋଽଭୀଷ୍ଟ କର୍ମଧାନ ସମ୍ପାଦନ କଲେ ।

୧୯୩୫ ସାଲର ଜାନୁଆରୀ ୧୫ ତାରିଖରେ ବଙ୍ଗ ଦେଶର ମହାମାନ୍ୟ ଗଭର୍ଣ୍ଣର ସର୍ ଜନ୍ ଆଣ୍ଡରସନ ଗୌର ଜନ୍ମସ୍ଥାନ ଶ୍ରୀଧାମ ମାୟାପୁରକୁ ଆଗମନ କରି ସରସ୍ୱତୀ ଠାକୁରଙ୍କ ନିକଟରୁ ଶ୍ରୀଧାମ ମାୟାପୁରର ତଥ୍ୟଶ୍ରବଣ ଓ ସେଠାରେ ଗୋଟିଏ ଅଭିଭାଷଣ ପ୍ରଦାନ କଲେ । ଫେବୃୟାରୀ ୨୩ ରେ ପୁରୀର ଚଟକ ପର୍ବତରେ ପୁରୀମହାରାଜା ଗଜପତି ଶ୍ରୀଯୁକ୍ତ ରାମଚନ୍ଦ୍ର ଦେବ ମହୋଦୟଙ୍କ ସଭାପତିତ୍ୱରେ ଆଚାର୍ଯ୍ୟଙ୍କର ଏକଷଷ୍ଟିତମ ବର୍ଷ ପୂର୍ତ୍ତି ଉପଲକ୍ଷରେ ଗୋଟିଏ ବିରାଟ ସଭାର ଅଧିବେଶନ ହୋଇଥିଲା । ମହା-ପ୍ରଭୁଙ୍କର ଜନ୍ମୋତ୍ସବ ସମୟରେ ସ୍ୱାଧୀନ ତ୍ରିପୁରାଧିପତି

ଶ୍ରୀଧାମ ମାୟାପୁରକୁ ଆସି ଯୋଗପୀଠରେ ନବନିର୍ମିତ ମନ୍ଦିରର ଦ୍ୱାରୋଦ୍ଘାଟନ କଲେ । ଗୌଡ଼ୀୟ ମଠକୁ ବର୍ଦ୍ଧମାନାଧିପତି ମହାରାଜାଧିରାଜ ସର୍ ବିଜୟଚନ୍ଦ୍ର ମହତାବ୍ ଆସି ଆଚାର୍ଯ୍ୟଙ୍କ ବାଣୀ ଶ୍ରବଣ କରିଥିଲେ । ତତ୍ପରେ ଅଗ୍ରହାୟଣ ଢାକାର ଶ୍ରୀ ମାଧ୍ୱଗୌଡ଼ୀୟ ମଠର ନବନିର୍ମିତ ମନ୍ଦିରର ଭିତ୍ତି ସ୍ଥାପନ, ମୈମନ୍‌ସିଂହ, ଶ୍ରୀଜଗନ୍ନାଥ ଗୌଡ଼ୀୟମଠରେ ଶ୍ରୀବିଗ୍ରହ ପ୍ରତିଷ୍ଠା, କଟକରେ ଗୌଡ଼ୀୟମଠ ପ୍ରତିଷ୍ଠା, ବ୍ରହ୍ମ ଦେଶକୁ ପ୍ରଚାରକ ପ୍ରେରଣ, ଦାର୍ଜିଲିଙ୍ଗରେ ହରିକଥା ପ୍ରଚାର, ବୋମ୍ବାଇ ଗୌଡ଼ୀୟମଠରେ ଶ୍ରୀବିଗ୍ରହ ପ୍ରତିଷ୍ଠା, ରେଡ଼ିଓ ଯୋଗେ ସର୍ବତ୍ର ଶ୍ରୀଚୈତନ୍ୟବାଣୀ ପ୍ରଚାର, ଗୌଡ଼ୀୟମଠର ଉତ୍ସବ ସମୟରେ ଶ୍ରୀମଦ୍ଭାଗବତ ବ୍ୟାଖ୍ୟା, ବୃନ୍ଦାବନସ୍ଥ ଶ୍ରୀରାଧାକୁଣ୍ଡରେ ମାସାଧିକ କାଳ ବ୍ରତ ପାଳନ ଏବଂ ସେଠାରେ କୁଞ୍ଜବିହାରୀ ମଠ ଓ ବ୍ରହ୍ମାନନ୍ଦ ସ୍ୱାନନ୍ଦ ସୁଖଦ କୁଞ୍ଜ ପ୍ରତିଷ୍ଠା, ଗୟା ଗୌଡ଼ୀୟ ମଠରେ ଶ୍ରୀବିଗ୍ରହ ପ୍ରତିଷ୍ଠା ଏବଂ ପାଟନା ଓ ପ୍ରୟାଗ ସ୍ଥାନ ପ୍ରଭୃତିରେ ହରିକଥା ପ୍ରଚାର କଲେ । ୧ । ୯ । ୩୫ ରେ ଭାଷାକୋଷ ଆଶ୍ରମ ପରିଦର୍ଶନ କଲେ ।

୧୯୩୬ ସାଲରେ ପ୍ରୟାଗରେ ପାରମାର୍ଥିକ ପ୍ରଦର୍ଶନୀର ଦ୍ୱାରୋଦ୍ଘାଟନ, ଠାକୁର ଭକ୍ତିବିନୋଦ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଓ ଦୈବବର୍ଣ୍ଣାଶ୍ରମ ସଙ୍ଘ ପ୍ରତିଷ୍ଠା, ପୁରୀର ବିହାର ଗୌଡ଼ୀୟ ମଠ, ସାର୍ବଭୌମ ଗୌଡ଼ୀୟ ମଠ ଓ ରୁଦ୍ରଦ୍ୱୀପ ଗୌଡ଼ୀୟ ମଠ ପ୍ରକାଶ, ରେଙ୍ଗୁନ ଗୌଡ଼ୀୟ ମଠରେ କାର୍ଯ୍ୟାଳୟ ସ୍ଥାପନ, ଲଣ୍ଡନରେ ଗୌରଜନ୍ମୋତ୍ସବ ବିଧାନ ଓ କଟକ ଶ୍ରୀସଚ୍ଚିଦାନନ୍ଦ ମଠରେ ପରମାର୍ଥୀ ଛାତ୍ରାବାସ ସ୍ଥାପନ କରିଥିଲେ । ଆସାମସ୍ଥ ସରଭୋଗ ଶ୍ରୀ ଗୌଡ଼ୀୟ ମଠରେ ଶ୍ରୀ ବିଗ୍ରହ ପ୍ରତିଷ୍ଠା, କଟକରେ ଶତାବ୍ଦବ୍ୟାପୀ କୀର୍ତ୍ତନୋତ୍ସବ, ବାଲିଘାଟ ଶ୍ରୀ ଗଦାଇ ଗୌରାଙ୍ଗ ମଠର ଦ୍ୱାରୋଦ୍ଘାଟନ ଓ ବିଗ୍ରହ ପ୍ରତିଷ୍ଠା, କୁରୁକ୍ଷେତ୍ରରେ ପ୍ରଦର୍ଶନୀ ଉଦ୍ଘାଟନ, ଦାର୍ଜିଲିଙ୍ଗ ଗୌଡ଼ୀୟ ମଠରେ ଶ୍ରୀ ବିଗ୍ରହ ପ୍ରତିଷ୍ଠା, ଉତ୍ତର ବଙ୍ଗରେ ହରିକଥାପ୍ରଚାର ଏବଂ ଶ୍ରୀଧାମ ବୃନ୍ଦାବନରେ ବ୍ରଜମଣ୍ଡଳର ସ୍ଥାନେ ସ୍ଥାନେ ଅନୁକ୍ଷଣ ହରି କଥା କୀର୍ତ୍ତନ ଦ୍ୱାରା ଜଗତରେ ଗୌରମନୋଭୀଷ୍ଟ ସାଧନ କଲେ । ୧୯୩୬ ସାଲର ନଭେମ୍ବର ମାସରେ ଶ୍ରୀନୀଳାଚଳ କ୍ଷେତ୍ରରେ ଶ୍ରୀଚଟକ ପର୍ବତରେ ଅବସ୍ଥାନ କରିଥିଲେ । ଡିସେମ୍ବର ୧୯୩୬ରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ବିପ୍ରଲମ୍ଭଲୀଳା ଉଦ୍ଦୀପକ ଶ୍ରୀ ଗୋବର୍ଦ୍ଧନାଭିନ୍ନ ଚଟକ ପର୍ବତରେ ଶ୍ରୀ ଗୋବର୍ଦ୍ଧନ ପୂଜା, ଅନ୍ନକୂଟ ମହାମହୋତ୍ସବର ବିପୁଳ ଆୟୋଜନ କଲେ । ଅନନ୍ତର କଲିକତା ଶ୍ରୀ ଗୌଡ଼ୀୟ ମଠରେ ଡିସେମ୍ବର ୧୯୩୬ରେ ଅସୁସ୍ଥ ହୋଇ ପହିଲି ଜାନୁଆରୀ ୧୯୩୭, ଗୌରାବ୍ଦ ୪୫୦ କୃଷ୍ଣ ପଞ୍ଚମୀରେ ଅପ୍ରକଟ ହୋଇଅଛନ୍ତି । ତାଙ୍କର ଚିଦାନନ୍ଦ ଦେହ ନବଦ୍ୱୀପ ଶ୍ରୀ ମାୟାପୁର ଧାମରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଆବିର୍ଭାବ ପୀଠ ସଂଲଗ୍ନରେ ସମାଧିସ୍ଥ ହୋଇଅଛି ।

ସର୍ବପ୍ରକାର ଦୁଃସଙ୍ଗ, କପଟତା, କୁକର୍ମତା, ଛଳନା ଓ ଅନ୍ୟାଭିଳାଷ ପରିତ୍ୟାଗ କରି ଏକମାତ୍ର କୃଷ୍ଣେନ୍ଦ୍ରିୟ ତର୍ପଣମୟୀ ସେବାର ପରାକାଷ୍ଠାର କଥା ଏହି ଆଚାର୍ଯ୍ୟଙ୍କର ଭିତର ବାହ୍ୟକାଳ ଜୀବନ୍ତମୂର୍ତ୍ତିରେ ପ୍ରଚାର କରୁଅଛି । ଯାବତୀୟ ଧର୍ମ ବ୍ୟବସାୟ, ଯାବତୀୟ ଭୋଗ ଓ କୃତ୍ରିମ ତ୍ୟାଗବାଦ, ଚିନ୍ତାଭ୍ରମ ସମନ୍ୱୟବାଦ, ବହୁରୂପ ମାୟାବାଦ ଏବଂ ପରମାର୍ଥ ରାଜ୍ୟର ଯାବତୀୟ ଛଳନା ଓ କୈତବ ଏହି ଆଚାର୍ଯ୍ୟଙ୍କର ପ୍ରଚାରଦ୍ୱାରା ସମ୍ପୂର୍ଣ୍ଣରୂପେ ଖଣ୍ଡିତ ହୋଇଅଛି । ଏହି ମହାତ୍ମା ସର୍ବପ୍ରଥମେ ପୃଥିବୀର ସର୍ବତ୍ର ଶ୍ରୀ ଚୈତନ୍ୟ ଦେବଙ୍କ ବାଣୀ ଶୁଦ୍ଧ ଓ ନିର୍ମଳରୂପେ ପ୍ରଚାର କରିଅଛନ୍ତି । ବର୍ତ୍ତମାନ ଯୁଗରେ ଏହି ମହାତ୍ମା ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଶୁଦ୍ଧ ରାଗାନୁଗ ଧର୍ମର ଏକମାତ୍ର ରକ୍ଷକରୂପେ ସ୍ୱୀକୃତ—ସନ୍ଦର୍ଭ ଲେଖକ ମହାମହୋପଦେଶକ ସୁନ୍ଦରାନନ୍ଦ ବିଦ୍ୟାବିନୋଦ, ବି. ଏ. ସଚ୍ଚିଦାନନ୍ଦ ମଠ, କଟକ ।]

ଶ୍ରୀମଦ୍ଭାଗବତ—ସଂ. ବି (ସମ୍ମାନାର୍ଥରେ 'ଭାଗବତ' ଶବ୍ଦ ପୂର୍ବରେ 'ଶ୍ରୀମତ୍' Śrimadbhāgabata ଶବ୍ଦଯୋଗ ଓ ସନ୍ଧି)—ପୂଜ୍ୟ ଭାଗବତ ପୁରାଣ—The revered Purāṇa of Bhāgabata. [ଦ୍ର—ଏହିପରି ଅନ୍ୟାନ୍ୟ ପୁରାଣ ଓ ଶାସ୍ତ୍ର ଆଦି ପୂର୍ବରେ ଶ୍ରୀମତ୍ ଶବ୍ଦ ଯୁକ୍ତ ହୋଇ ସନ୍ଧି ହୁଏ । ଯଥା—ଶ୍ରୀମଦ୍ରାମାୟଣ, ଶ୍ରୀମଦ୍ଭଗବଦ୍ଗୀତା, ଶ୍ରୀମନ୍ମହାଭାରତ, ଶ୍ରୀମଦଧ୍ୟାତ୍ମ ରାମାୟଣ ଇତ୍ୟାଦି ।]

ଶ୍ରୀମନ୍ତ—ଦେ. ବିଣ—ଶ୍ରୀମାନ୍ ୧ (ଦେଖ)—Śrimān 1 (See) Śrimanta [ଦ୍ର—ଶ୍ରୀମନ୍ତ ଲୋକ ଧନ ଦେଇଟି ଧର୍ମକୁ । শ্রীমন্ত श्रीमंत ଅଚଳିଛି ନାଶ କରଣ ପାତକକୁ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ଶ୍ରୀମନ୍ତ ସୌଦାଗର—ଦେ. ବି (ନାମ)—ବଙ୍ଗୀୟ କବିକଙ୍କଣଙ୍କ Śrimanta s<u>au</u>dāgara ଚଣ୍ଡୀରେ ବର୍ଣ୍ଣିତ ମହାଜନ—Name of a merchant whose exploits have been mentioned in a Bengalee book Chandi by Kabikankana. [ଦ୍ର—ଏ ଧନପତି ସଉଦାଗରଙ୍କ ପୁତ୍ର ଥିଲେ । ଏହାଙ୍କ ପିତା ସିଂହଳ ରାଜାଙ୍କଦ୍ୱାରା କାରାରୁଦ୍ଧ ହୋଇଥିଲେ । ଏ ବାଣିଜ୍ୟ ଯାତ୍ରା କରି ଜାହାଜରେ ସିଂହଳକୁ ଯାଇ ରାଜାଙ୍କୁ ପ୍ରସନ୍ନ କରି ତାଙ୍କୁ ମୁକୁଳାଇ ଆଣିଥିଲେ ।]

ଶ୍ରୀମନ୍ମନ୍ୟ—ସଂ. ବିଣ. ପୁଂ (ଶ୍ରୀମତ୍+ମନ୍ ଧାତୁ=କର୍ତ୍ତୃ. ଯ)—ଯେ Śrimanmanya ଆପଣାକୁ ଶ୍ରୀମାନ୍ ବୋଲି ମନେ କରେ (ଶ୍ରୀମନ୍ମନ୍ୟା—ସ୍ତ୍ରୀ) (ବଙ୍ଗକୋଷ)—One who thinks himself blessed with prosperity, luck, grace etc.

ଶ୍ରୀ ମନ୍ଦିର—ଯ. ବି—୧ । ଦେବ ମନ୍ଦିର—1. The temple of Śri mandira a Deity. ୨ । ତୀର୍ଥରେ ପ୍ରଧାନ ଦେବତାଙ୍କ ମନ୍ଦିର—2. The temple of the chief Deity

ଶ୍ରୀମନ୍ଦିର of a place. ଦେ. ବି—୧ । ପୁରୀର ଜଗନ୍ନାଥ ମନ୍ଦିର—
श्रीमन्दिर 1. The temple of Jagannātha at Puri. ୨ । କୌଣସି ପ୍ରତିଷ୍ଠିତ ଦେବତାଙ୍କ ଏକଣ ସଲଗ୍ନ ଏକାଧିକ ଘନ ଘନ ମନ୍ଦିରମାନଙ୍କ (ମୁଖଶାଳା, ଜଗମୋହନ, ନାଟମଣ୍ଡପ, ଭୋଗ ମଣ୍ଡପ) ମଧ୍ୟରୁ ମୂଳ ମନ୍ଦିର (ଯେଉଁ ମନ୍ଦିରରେ ଶ୍ରୀ ବିଗ୍ରହ ପ୍ରତିଷ୍ଠିତ)—2. The main temple of a series of connected temples (in which the idol is placed). ୩ । (ବ୍ୟଙ୍ଗ୍ୟ) ଶ୍ରୀଘର; ଜେଲଖାନା—3. Jail.

ଶ୍ରୀ ମଳାପତ୍ର—ସ. ବି (ବୈଦ୍ୟକ)—ଧୂମ୍ରପତ୍ର; ଧୂମପତ୍ର; ତମାଖୁ
Śrī malāpatra (ବୈଦ୍ୟକୋଷ)—Tobacco.

ଶ୍ରୀ ମସ୍ତକ—ସ. ବି (ବୈଦ୍ୟକ)—୧ । ରସୋନ; ରସୁଣ—1. Garlic.
Śrī mastaka. ୨ । ଲକ୍ଷ୍ମୀଙ୍କ ମସ୍ତକ—2. The head of Deity Lakshmī.

ଶ୍ରୀମାନ୍—ସ. ବିଣ. ପୁଂ (ଶ୍ରୀ=ସମ୍ପତ୍ତି ସୌନ୍ଦର୍ଯ୍ୟ+ଅସ୍ତ୍ୟର୍ଥେ ମତୁ,
Śrīmān ଶ୍ରୀମତ୍ ଏକବଚନର ଅନୁରୂପ; ସଂସ୍କୃତ ଶ୍ରୀମତ୍ ଶବ୍ଦର ପୁଂଲିଙ୍ଗ)—୧ । ଭାଗ୍ୟବାନ—1. Fortunate. ୨ । ଶ୍ରୀଯୁକ୍ତ—2. Having Śrī; glorious. ୩ । ଐଶ୍ୱର୍ଯ୍ୟଶାଳୀ; ଧନୀ—3. Rich. ୪ । ସୁନ୍ଦର; ସୁଶ୍ରୀ—4. Beautiful. [ଦ୍ର—ଏହା ସମ୍ମାନପାତ୍ର ଓ ସ୍ନେହପାତ୍ରମାନଙ୍କ ନାମ ପୂର୍ବରେ ଯୁକ୍ତ ହୁଏ । ଏହା ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହେଲେ 'ଶ୍ରୀମତ୍' ରୂପ ରହେ ।

ଯଥା—ଶ୍ରୀମଦ୍ଭାଗବତ, ଶ୍ରୀମଦ୍ଭାଗବତ, ଶ୍ରୀମନ୍ମୁକୁନ୍ଦ, ଶ୍ରୀମଦ୍ରାଧା, ଶ୍ରୀମଦ୍ରାଧାଗୋବିନ୍ଦ, ଶ୍ରୀମଦ୍ଗୁରୁଦେବ, ଶ୍ରୀମଦ୍ଗୋବିନ୍ଦ, ଶ୍ରୀମଦ୍ଗୀତା ଇତ୍ୟାଦି ।] ୫ । ପୁରୁଷଙ୍କ ନାମ ପୂର୍ବରେ ବ୍ୟବହୃତ ଶବ୍ଦ—5. A word prefixed to the name of a male. ବି—୧ । ତିଳକବୃକ୍ଷ—1. Name of a tree. ୨ । ବିଷ୍ଣୁ—2. Bishṇu. ୩ । କୁବେର—3. The God guarding the wealth. ୪ । ଅଶ୍ୱତ୍ଥ ବୃକ୍ଷ—4. The religious fig tree. ୫ । ଶିବ—5. Śiba.

ଶ୍ରୀମାନ ଦେ. ବି—ଅପଣାଠାରୁ ବିଶେଷ୍ୟସ୍ଥାନୀୟ ବ୍ୟକ୍ତିର
श्रीमान नାମ ପୂର୍ବରେ ବ୍ୟବହାର କରିବା ଶବ୍ଦ—A word prefixed by elders to the names of youngsters.

ଶ୍ରୀ ମୁଖ—ସ. ବି—(ମ. ସ. କେ; ଶ୍ରୀଯୁକ୍ତ ମୁଖ)—୧ । ଶୋଭାଯୁକ୍ତ ମୁଖ—
Śrī mukha 1. A beautiful face. ୨ । କାଳଚକ୍ରର ୭ମ ବର୍ଷ—2. The 7th year of the cycle of time. ଦେ. ବି—୧ । ରାଜା, ଦେବତା ଆଦିଙ୍କର ମୁଖ—1. The face of a king or Deity. ୨ । ଚିଠି ପଠାଉଥିବା ମୁଦା ଲଫାପା ଉପରେ ଶିରୋଭାଗରେ ବା ଲଫାପା ଉପରେ ଲେଖାଯିବା ଶ୍ରୀ ଶବ୍ଦ—2. The word 'Śrī' written on the envelope of a letter. ୩ । ଚିଠି—3. Letter. [ଉ—ଏମନ୍ତ କହି ରାଜାଲେଖ । ଜନକୁ ଦେଲେକ ଶ୍ରୀମୁଖ—ଜଗନ୍ନାଥ. ଭାଗବତ ।] ୪ । ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ମୁଖରେ ଲଗି ହେବା ପୁଷ୍ପ ରଚିତ ଅଳଙ୍କାର ବିଶେଷ—4. A graceful nosegay of flowers with which the face of the Deity Jagannātha (at Puri) is decked. ୫ । ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ହେବା ବନ୍ଧୁତା—5. The friendship between two persons. [ଦ୍ର—ଦରଜିରକୁ ଜଗନ୍ନାଥଙ୍କର ଲାଗି ଶ୍ରୀମୁଖ ଦିଅ ଦେଇ ହୋଇ ଏ ବନ୍ଧୁତା କରାଯାଏ ଓ ଦରଜିର ପରସ୍ପରକୁ ଶ୍ରୀମୁଖ ଡାକନ୍ତି ।]

ଶ୍ରୀ ମାୟାପୁର—ଦେ. ବି (ନାମ)—ବଙ୍ଗଦେଶର ନଦୀୟା ଜିଲ୍ଲାରେ
Śrī māyāpura ଗଙ୍ଗାର ପୂର୍ବ ପାରରେ ଶ୍ରୀ ଗୌରାଙ୍ଗ ଦେବଙ୍କ
মায়াপুর ଜନ୍ମସ୍ଥାନ—Name of the birth place of
मायापुर Chaitanya. [ଦ୍ର—ଏହା ବର୍ତ୍ତମାନ ନବଦ୍ୱୀପ ସହରର ବା ଭାଗୀରଥୀର ଅପର ପାରରେ ଅବସ୍ଥିତ । 'ଊର୍ଦ୍ଧ୍ୱାମ୍ନାୟ ମହାତନ୍ତ୍ର', 'କାପିଳ ତନ୍ତ୍ର', 'ବ୍ରହ୍ମଯାମଳ', 'ଭବିଷ୍ୟ ପୁରାଣ ବ୍ରହ୍ମଖଣ୍ଡ', ଶ୍ରୀଲ ପ୍ରବୋଧାନନ୍ଦ ସରସ୍ୱତୀଙ୍କର ନବଦ୍ୱୀପଶତକ ଏବଂ ଭକ୍ତିରତ୍ନାକର ଗ୍ରନ୍ଥରେ ଶ୍ରୀମାୟାପୁରର କଥା ଉଲ୍ଲିଖିତ ଅଛି । ଯଥା—

ଚବିଶ ବର୍ଷ ବୟସରୁ ପ୍ରଥମ ଚବିଶ ବର୍ଷ ଶ୍ରୀଚୈତନ୍ୟ ଶ୍ରୀ ମାୟାପୁରରେ ଅବସ୍ଥାନ କରି ଶେଷରେ ସନ୍ନ୍ୟାସ ଗ୍ରହଣ କରି ପୁରୀରେ ଆସି ବାସ କଲେ ଓ ଦକ୍ଷିଣ ଦେଶରେ ବୈଷ୍ଣବ ଧର୍ମ ସର୍ବତ୍ର ପ୍ରଚାର କଲେ ।

ବ୍ରଜରେ ଯେପରି ଶ୍ରୀ ଗୋକୁଳ, ନବଦ୍ୱୀପରେ ସେହିପରି ଶ୍ରୀ ମାୟାପୁର । ଶ୍ରୀ ମାୟାପୁର—ଶ୍ରୀ ନବଦ୍ୱୀପ ଧାମର ମହାଯୋଗ ପୀଠ, ଶ୍ରୀ ନବଦ୍ୱୀପ ଧାମର ପରିଧି ଷୋଳ କୋଶ, ଧାମଟି ଅଷ୍ଟଦଳ ପଦ୍ମର ଆକାର । ଅଷ୍ଟଦଳରେ ଅଷ୍ଟଦ୍ୱୀପ ଓ ମଧ୍ୟଭାଗରେ କର୍ଣ୍ଣିକାର । ମଧ୍ୟଭାଗରେ ଅନ୍ତର୍ଦ୍ୱୀପ, ଅନ୍ତର୍ଦ୍ୱୀପର ମଧ୍ୟସ୍ଥଳରେ ଶ୍ରୀ ମାୟାପୁର, ଶ୍ରୀ ମାୟାପୁରର ମଧ୍ୟଭାଗରେ ମହାଯୋଗ ପୀଠ ରୂପ ଶ୍ରୀ ଜଗନ୍ନାଥ ମିଶ୍ରଙ୍କର ମନ୍ଦିର ।

ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସମୟରେ ଏହି ନବଦ୍ୱୀପ ମଧ୍ୟରେ ଅନେକ କ୍ଷୁଦ୍ର କ୍ଷୁଦ୍ର ଉପଗ୍ରାମ ବା ପଲ୍ଲୀ ଅବସ୍ଥିତ ଥିଲା । (୧) ଅନ୍ତର୍ଦ୍ୱୀପ (୨) ସୀମନ୍ତ ଦ୍ୱୀପ (୩) ଗୋଦ୍ରୁମ ଦ୍ୱୀପ ଓ (୪) ମଧ୍ୟ ଦ୍ୱୀପ—ଏହି ଚାରିଗୋଟି ଦ୍ୱୀପ ଭାଗୀରଥୀର ପୂର୍ବ ପାଖରେ, ଆଉ (୧) କୋଲଦ୍ୱୀପ (୨) ଋତୁଦ୍ୱୀପ (୩) ଜହ୍ନୁଦ୍ୱୀପ (୪) ମୋଦଦ୍ରୁମ ଦ୍ୱୀପ ଓ (୫) ରୁଦ୍ରଦ୍ୱୀପ ଏହି ପାଞ୍ଚଗୋଟି ଭାଗୀରଥୀର ପଶ୍ଚିମ ପାଖରେ ଅବସ୍ଥିତ ଥିଲା । [ଭକ୍ତି ରତ୍ନାକର ୧୨ମ ତରଙ୍ଗ ଦ୍ରଷ୍ଟବ୍ୟ ।]

ଶ୍ରୀନିବାସାଚାର୍ଯ୍ୟଙ୍କର ପରିକ୍ରମା ସମୟରେ ନବଦ୍ୱୀପରେ ଅନେକ ଗ୍ରାମ ଲୁପ୍ତ ଓ ନାନାଭାବେ ବିକୃତ ହୋଇଥିଲା ।

ଶ୍ରୀ ମାୟାପୁର ଗ୍ରାମର ନାମ ମଧ୍ୟ ସମୟରେ ଅଶିକ୍ଷିତ ବ୍ୟକ୍ତିମାନଙ୍କ ଦ୍ୱାରା ବିକୃତ ଓ ସାଧାରଣଙ୍କର ଅଜ୍ଞାତ ହୋଇ ପଡ଼ିଥିଲା । ପ୍ରାୟ ୬୫୦ ବର୍ଷ ପୂର୍ବେ ଅବର୍ତ୍ତିତ ତଦାନୀନ୍ତନ ବୈଷ୍ଣବ ସମାଜରେ ଅବିସମ୍ବାଦିତରୂପେ 'ସିଦ୍ଧ ମହାଜନ' ବୋଲି ସ୍ୱୀକୃତ ବୈଷ୍ଣବ ସାର୍ବଭୌମ ଶ୍ରୀଲ ଜଗନ୍ନାଥ ଦାସ ବାବାଜୀ ମହାରାଜଙ୍କର ନିର୍ଦ୍ଦେଶମତେ ଶ୍ରୀଲ ଭକ୍ତିବିନୋଦ ଠାକୁର ଶ୍ରୀଚୈତନ୍ୟଦେବଙ୍କର ଲୁପ୍ତ ଜନ୍ମସ୍ଥାନ ଶ୍ରୀଧାମ ମାୟାପୁରର ପୁନରାୟ ଉଦ୍ଧାର ଓ ପ୍ରଚାର କରିଥିଲେ । ବର୍ତ୍ତମାନ ସୁଦ୍ଧା ଶ୍ରୀ ମାୟାପୁରର ଅନତିଦୂରରେ ଚାନ୍ଦକାଜୀର ସମାଧି ଓ ଏହି ସମାଧି ଉପରେ ୪୫୦ ବର୍ଷ ପୂର୍ବର ଗୋଲୋକଚମ୍ପା ବୃକ୍ଷ ବିରାଜିତ ଅଛି ।

ହଣ୍ଟର ସାହେବ ଲେଖିଅଛନ୍ତି :—

Nadia (Nabadwipa), the ancient capital of Nadia district and the residence of Laxman Sen. According to local legend the town was founded in 1063 by Laxman Sen. Here in the end of the 15th century was born the Great Reformer Chaitanya (Hunter's Imperial Gazetter 1880). "ନଦୀୟା (ନବଦ୍ୱୀପ) ଜିଲ୍ଲାର ପ୍ରାଚୀନ ରାଜଧାନୀ ଏବଂ ଲକ୍ଷ୍ମଣସେନଙ୍କର ବାସସ୍ଥଳୀ । ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ ୧୦୬୩ ଖ୍ରୀଷ୍ଟାବ୍ଦରେ ସେହି ନଗରୀ ଲକ୍ଷ୍ମଣସେନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ୧୫ଶ ଶତାବ୍ଦୀର ଶେଷ ଭାଗରେ ଏହି ସ୍ଥାନରେ ସୁପ୍ରସିଦ୍ଧ ଧର୍ମପ୍ରବର୍ତ୍ତକ ଶ୍ରୀଚୈତନ୍ୟଦେବ ଜନ୍ମଗ୍ରହଣ କରିଥିଲେ ।"

ଲଣ୍ଡନର 'ବ୍ରିଟିଶ୍ ମିଉଜିୟମ୍' ଏବଂ 'ଇଣ୍ଡିଆ ଅଫିସ୍ ଭବନ'ରେ ସଂରକ୍ଷିତ ଦୁଇଟି ମାନଚିତ୍ର ମଧ୍ୟ ଜଳଙ୍ଗୀ ନଦୀର ଉତ୍ତରାଂଶରେ ଓ ଭାଗୀରଥୀର ପୂର୍ବାଂଶରେ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ନବଦ୍ୱୀପର ତାତ୍କାଳିକ ସ୍ଥିତି ବିଷୟରେ ସାକ୍ଷ୍ୟ ପ୍ରଦାନ କରୁଅଛି । ୧୯୩୪ ସାଲ ଜୁନ୍ ୧୩ ତାରିଖରେ ଶ୍ରୀଧାମ ମାୟାପୁର ଯୋଗପୀଠର ନବନିର୍ମିତ ମନ୍ଦିରର ଭିତ୍ତି ଖନନ ସମୟରେ ଚତୁର୍ଭୁଜ 'ଅଧୋକ୍ଷଜ' ବିଷ୍ଣୁମୂର୍ତ୍ତି ଓ ତତ୍ସହ କତିପୟ ଭଗ୍ନମୃତ୍ପାତ୍ର ମିଳିଅଛି । ଉକ୍ତ ବିଷ୍ଣୁମୂର୍ତ୍ତି ଶ୍ରୀଜଗନ୍ନାଥ ମିଶ୍ରଙ୍କର ପୂଜିତ ଓ ଗୌରାଙ୍ଗଙ୍କର ଗୃହ ଦେବତା ।

ତ୍ରିପୁରା ରାଜ୍ୟର ଅଧୀଶ୍ୱର ପଞ୍ଚାନନ ବୀରଚନ୍ଦ୍ର ଦେବବର୍ମ୍ମ ମାଣିକ୍ୟ, ତତ୍ପରେ ତାହାଙ୍କର ପୁତ୍ର ମହାରାଜ ରାଧାକିଶୋର ଦେବବର୍ମ୍ମ ମାଣିକ୍ୟ, ତସ୍ୟ ପୁତ୍ର ମହାରାଜ ବୀରକିଶୋର ଦେବବର୍ମ୍ମ ମାଣିକ୍ୟ ଏବଂ ତାହାଙ୍କର ତନୟ ମହାରାଜ ସର୍ ଶ୍ରୀ ବୀରବିକ୍ରମ କିଶୋର ଦେବବର୍ମ୍ମ ମାଣିକ୍ୟ ବାହାଦୁର K. C. S. I ଶ୍ରୀ ନବଦ୍ୱୀପ ଧାମ ପ୍ରଚାରିଣୀ ସଭାର ସଭାପତିଙ୍କ ଆସନରେ ସମାସୀନ ହୋଇ ଆସିଅଛନ୍ତି । ଏହି ସଭାର କାର୍ଯ୍ୟକାରୀ ସମିତିର ସଭାପତି ଥିଲେ—ପରଲୋକଗତ ପାଟନାଜସ୍ତ୍ରୀଟିପତି ମହାରାଜ ବାହାଦୁର ମାନ୍ୟବର ଶିବଦାନାଥ ରାୟ ଭକ୍ତିସିନ୍ଧୁ; ଓ ବଙ୍ଗୀୟ ସାହିତ୍ୟ ପରିଷଦର ରାୟ ଯତୀନ୍ଦ୍ରନାଥ ଚୌଧୁରୀ, ଏମ୍. ଏ., ବି. ଏଲ୍, ଓ ଶ୍ରୀବଣ୍ଡ ଭକ୍ତିଭୂଷଣ ମହାଶୟ ଦ୍ୱୟ ଏହି ସଭାର ସହକାରୀ ସମ୍ପାଦକ ଥିଲେ । ମହାମହୋପାଧ୍ୟାୟ ପଣ୍ଡିତ ଅଜିତନାଥ ନ୍ୟାୟରତ୍ନ ମହାଶୟ, ପଣ୍ଡିତ ଶ୍ରୀ ଶ୍ୟାମଲାଲ ଗୋସ୍ୱାମୀ, ସ୍ୱର୍ଗୀୟମଗତ ନୀଳକଣ୍ଠ ଗୋସ୍ୱାମୀ, ରାଧାନାଥ ଗୋସ୍ୱାମୀ, ଜୟଗୋପାଳ ଗୋସ୍ୱାମୀ, ମାନନୀୟ ବିଚାରପତି ସର୍ ଗୁରୁଦାସ ବନ୍ଦ୍ୟୋପାଧ୍ୟାୟ, ସଂସ୍କୃତ କଲେଜର ମହାମହୋପାଧ୍ୟାୟ ସତୀଶଚନ୍ଦ୍ର ବିଦ୍ୟାଭୂଷଣ, ବୃନ୍ଦାବନର ଶ୍ରୀ ମଧୁସୂଦନ ଗୋସ୍ୱାମୀ, ରାଜର୍ଷି ବନମାଳି ରାୟ ଭକ୍ତିଭୂଷଣ, ରାୟ ବାହାଦୁର ମହେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ବିଦ୍ୟାରଣ୍ୟ, ଏମ୍. ଏ., ବି. ଏଲ୍, ଐତିହାସିକ ରାୟ ମନୋମୋହନ ଚକ୍ରବର୍ତ୍ତୀ ବାହାଦୁର, କୃଷ୍ଣନଗରର ଉକିଲ ତାରାପଦ ବନ୍ଦ୍ୟୋପାଧ୍ୟାୟ, ଶାନ୍ତିପୁର ନିବାସୀ ପୁରାତତ୍ତ୍ୱ ମୌଲବୀ ମୋଜାମ୍ମେଲ ହକ୍ ସାହେବ, ଶ୍ରୀଯୁକ୍ତ ରାୟସାହେବ ନଗେନ୍ଦ୍ରନାଥ ବସୁ ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ, ରାୟବାହାଦୁର ଶ୍ରୀଯୁକ୍ତ ରମାପ୍ରସାଦ ଚନ୍ଦ, ରାୟ ବାହାଦୁର ଡାକ୍ତର ଶ୍ରୀଯୁକ୍ତ ଦୀନେଶଚନ୍ଦ୍ର ସେନ ପ୍ରଭୃତି ଅସଂଖ୍ୟ ନିରପେକ୍ଷ ବ୍ୟକ୍ତି ଏବଂ ଗୌଡ଼ମଣ୍ଡଳ, କ୍ଷେତ୍ରମଣ୍ଡଳ ଓ ବ୍ରଜ ମଣ୍ଡଳର ତଦାନୀନ୍ତନ ସମସ୍ତ ପ୍ରସିଦ୍ଧ ନିରପେକ୍ଷ ବ୍ୟକ୍ତି ଏହି ସ୍ଥାନକୁହିଁ ଶ୍ରୀଚୈତନ୍ୟଦେବଙ୍କ ଜନ୍ମସ୍ଥାନ ବୋଲି ସ୍ୱୀକାର କରି ଅଛନ୍ତି ଓ କରୁଅଛନ୍ତି ।

ମାୟାପୁରର ଦ୍ରଷ୍ଟବ୍ୟ ସ୍ଥାନସମୂହ :—

(କ) ଯୋଗପୀଠ ବା ଶ୍ରୀମନ୍ମହାପ୍ରଭୁଙ୍କ ଆବିର୍ଭାବସ୍ଥଳୀ, (ଖ) ଶ୍ରୀ ନୃସିଂହଦେବଙ୍କ ମନ୍ଦିର, (ଗ) ଶ୍ରୀ କ୍ଷେତ୍ରପାଳ ଶିବ, (ଘ) ମାଧାଇର ଘାଟ, (ଙ) ବାରକୋଣା ଘାଟ, (ଚ) ନାଗରୀୟା ଘାଟ, (ଛ) ଗଙ୍ଗାନଗର, (ଜ) ଖୋଲଭଙ୍ଗାର ଡଙ୍ଗା, (ଝ) ଶ୍ରୀବାସଅଙ୍ଗନ, (ଞ) ଅଦ୍ୱୈତ ସଭା, (ଟ) ଚନ୍ଦ୍ରଶେଖର ଭବନ, (ଠ) ଶ୍ରୀଚୈତନ୍ୟମଠ (ବିଶ୍ୱବ୍ୟାପୀ ଶ୍ରୀ ଗୌଡ଼ୀୟମଠର ମୂଳମଠ), (ଡ) ଊନତ୍ରିଂଶ ଚୂଡ଼ାବିଶିଷ୍ଟ ମନ୍ଦିର, (ଢ) ପରବିଦ୍ୟାଗାର୍ଥ ବା ସାରସ୍ୱତତୀର୍ଥ (ଣ) ପୃଥୁକୁଣ୍ଡ ବା ବଲ୍ଲାଳଦୀଘି, (ତ) ବଲ୍ଲାଳ ଟିବି, (ଥ) ଶ୍ରୀଧରଅଙ୍ଗନ, (ଦ) ଶ୍ରୀମୁରାରି ଗୁପ୍ତଙ୍କର ଭବନ, (ଧ) ଠାକୁର ଭକ୍ତିବିନୋଦ ଇନ୍‌ଷ୍ଟିଚ୍ୟୁଟ୍, (ନ) ଭକ୍ତିବିନୋଦ-ଅନୁକୂଳ କୃଷ୍ଣାନୁଶୀଳନାଗାର ପ୍ରଭୃତି ଶ୍ରୀଧାମମାୟାପୁରରେ ବିଦ୍ୟମାନ ।

ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ

ଶ୍ରୀଧାମ ମାୟାପୁରର ଦର୍ଶନାର୍ଥୀମାନଙ୍କ ଅବସ୍ଥାନ ସକାଶେ ଶ୍ରୀଧାମ ମାୟାପୁରରେ ଚିନ୍ତାମଣି ଧର୍ମଶାଳା, ଇନ୍ଦ୍ରନାରାୟଣ ଧର୍ମଶାଳା, ଭକ୍ତି ସୁହୃଦ୍ ଭବନ, ଭକ୍ତିବିଜୟ ଭବନ,

ନରପ୍ରସାଦ ଧର୍ମଶାଳା, ତୀର୍ଥକୁଟୀର, ସ୍ୱରଙ୍ଗ କୁଠୀ ପ୍ରଭୃତି ସ୍ଥାନଗୁଡ଼ିକ ପ୍ରତିଷ୍ଠିତ ହୋଇଅଛି। ଏହି ସ୍ଥାନର ଜଳବାୟୁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ ଓ ମନୋରମ। ଏଠାରେ ଠାକୁର ଭକ୍ତି ବିନୋଦ ଇନ୍‌ଷ୍ଟିଚ୍ୟୁଟ୍ ନାମକ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରାଚୀନ ଆଶ୍ରମ ପରି ଶିକ୍ଷା ଓ ଦୀକ୍ଷା ଦିଆ ହୁଏ। ସଂସ୍କୃତ ପରାବିଦ୍ୟାପୀଠରେ ଭକ୍ତି ବିଷୟରେ ନାନାପ୍ରକାର ଉପାଧି ପରୀକ୍ଷା ଗୃହୀତ ହୋଇଥାଏ। ଶ୍ରୀ ମାୟାପୁରରୁ ବଙ୍ଗଭାଷାରେ ୧୧ ବର୍ଷ ହେଲା ଏକମାତ୍ର ପାରମାର୍ଥିକ ଦୈନିକ ପତ୍ରିକା 'ନଦୀୟା ପ୍ରକାଶ' ନିୟମିତ ଭାବେ ପ୍ରକାଶିତ ହେଉଅଛି। ଏହି ସ୍ଥାନରେ କୌଣସି ପ୍ରକାର ଭେଟି ବା ଧର୍ମ ବ୍ୟବସାୟୀଙ୍କର ଚେଷ୍ଟା ନାହିଁ। ଶ୍ରୀଚୈତନ୍ୟମହାପ୍ରଭୁଙ୍କର ପ୍ରଚାରିତ ଶୁଦ୍ଧ ଭକ୍ତି ଧର୍ମପନ୍ଥର ଏବଂ ଉପଦେଶରେ ଶ୍ରୀଧାମର ଏକାନ୍ତ ସେବା ସକାଶେହିଁ ଏହି ସ୍ଥାନରେ ନିଷ୍ପୃହ ସ୍ୱାର୍ଥପର ଲୋକାଭାବ ମହାପୁରୁଷମାନଙ୍କର ଅନୁଗତ୍ୟରେ ଭଗବତ୍ ସେବା କାର୍ଯ୍ୟାଦି ହୋଇଥାଏ। ପ୍ରତିବର୍ଷ ମାଘ ତ୍ରୟୋଦଶୀ ତିଥିରେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କର ଜନ୍ମୋତ୍ସବ ଉପଲକ୍ଷରେ ଦିବସତ୍ରୟବ୍ୟାପୀ ଅହୋରାତ୍ର ଶ୍ରୀହରି ନାମ ସଙ୍କୀର୍ତ୍ତନଯଜ୍ଞ ହୁଏ ଓ ମହାପ୍ରସାଦ ବିତରଣ ହୁଏ।

ଫାଲ୍‌ଗୁନ ପୂର୍ଣ୍ଣିମାରେ ଶ୍ରୀଚୈତନ୍ୟମହାପ୍ରଭୁଙ୍କର ଆବିର୍ଭାବ ତିଥିର ୯ ଦିନ ପୂର୍ବରୁ ଆରମ୍ଭ କରି ନଅଦିନ କାଳ ଶ୍ରୀ ଚୈତନ୍ୟ ମଠର ସେବକ ସମ୍ପ୍ରଦାୟର ଆନୁଗତ୍ୟରେ ବହୁ ଲୋକ ବିରାଟ ସଙ୍କୀର୍ତ୍ତନ ଶୋଭାଯାତ୍ରା ସହିତ ନବ-ଦ୍ୱୀପର ନଅଟି ବିଭିନ୍ନ ଦ୍ୱୀପ ପରିକ୍ରମା କରନ୍ତି। ଫାଲ୍‌ଗୁନ ପୂର୍ଣ୍ଣିମାଠାରୁ ପ୍ରାୟ ୧୨।୧୩ ଦିନ ସମାଗତ ଯାତ୍ରୀମାନଙ୍କୁ ମହାପ୍ରସାଦ ବିତରଣ ହୋଇଥାଏ। ସନ୍ଦର୍ଭ ଲେଖକ ପଣ୍ଡିତ ଶ୍ରୀ କୃଷ୍ଣକାନ୍ତ ଭକ୍ତିଶାସ୍ତ୍ରୀ ସଚ୍ଚିଦାନନ୍ଦ ମଠ—କଟକ।]

ଶ୍ରୀମୁଖ - ସଂ. ବି.—(ମ. ପ. ଲୋ; ଶ୍ରୀଯୁକ୍ତ ମୁଖ)—ପ୍ରତିମା ଦେବ ପ୍ରତିମା ବା ରାଜାଙ୍କ ମୁହଁ—The face of an idol or king.
Srimukha
ଶ୍ରୀମୁଖ ଶ୍ରীমুখ

ଶ୍ରୀମୁଖ ପଖାଳା—ଦେ. ବି—ରାଜା ଓ ଦେବତାମାନଙ୍କର ସକାଳୁ ଶଯ୍ୟାରୁ ଉଠିବା ପରେ ମୁହଁ ଧୋଇବା ନୀତି—The dailyrite of washing of the face after rising from sleep in the morning (said of kings and Deities).
Srimukha pakhalā
ଶ୍ରୀମୁଖ ଧୋୟା
শ্রীমানকা মুঁহ ধোনা

ଶ୍ରୀମୁଖ ସିଂହା(ଘା)ରୀ ସେବକ—ଦେ. ବି—ଶ୍ରୀ ଜଗନ୍ନାଥଙ୍କ ସେବାକାରୀ ବିଶେଷ—A class of attendants of the Deity Jagannātha at Puri who attend to the toilet of the idols. [ଦ୍ର—ଏ ଶ୍ରୀମୁଖ ପୋଛେ, ଶୃଙ୍ଗାରି କରାଏ, ବନକଲାଗି କରାଏ ଏବଂ ନେତ୍ରୋତ୍ସବ ଯାତ୍ରା ବେଳେ କଳା ଫୋଟା ଦିଏ ଇତ୍ୟାଦି—ଜଗବନ୍ଧୁ. ପ୍ରାଚୀନ ଉତ୍କଳ।]
Srimukha simhā(ghā)ri sebaka
ଶ୍ରୀମୁଖ ବେଶକାରୀ ସେବକ
শ্রীমুখ বেশকারী সেবক

ଶ୍ରୀ ମୂର୍ତ୍ତି—ସଂ. ବି (ମ. ପ. ଲୋ, ଶ୍ରୀଯୁକ୍ତ ମୂର୍ତ୍ତି)—୧। ଦେବ ବିଗ୍ରହ—1. The image of a Deity. [ଦ୍ର—ଭାଗବତ ୧୧ଶ ସ୍କନ୍ଧରେ ଅଷ୍ଟବିଧ ଶ୍ରୀମୂର୍ତ୍ତିର ନିର୍ଦ୍ଦେଶ ଅଛି, ଯଥା—ଶୈଳୀ, ଦାରୁମୟୀ, ଲୌହୀ, ଲେପ୍ୟା, ଲେଖ୍ୟା, ସୈକତା, ମନୋମୟୀ ଓ ମଣିମୟୀ।] ୨। ବିଷ୍ଣୁ ପ୍ରତିମା—2. The image of Bishṇu. ୩। (ସ୍ତ୍ରୀ ଲିଙ୍ଗ) ଲକ୍ଷ୍ମୀଙ୍କ ପ୍ରତିମା—3. An image of Goddess Lakshmī.
Śrī mūrtti

ଶ୍ରୀମୂର୍ତ୍ତି ଦର୍ଶନ—ସଂ. ବି (ସ୍ତ୍ରୀ ଲିଙ୍ଗ)—ତୀର୍ଥସ୍ଥ ଦେବବିଗ୍ରହଙ୍କୁ ଭକ୍ତିପୂର୍ବକ ଦେଖିବା—Paying visit to the image of a Deity.
Śrīmūrtti darśana

ଶ୍ରୀଯୁକ୍ତ(ତ)—ସଂ. ବିଣ (ସ୍ତ୍ରୀ ଲିଙ୍ଗ; ଶ୍ରୀ ଦ୍ୱାରା ଯୁକ୍ତ, ଯୁତ)—୧। ଶ୍ରୀମାନ୍; ଲକ୍ଷ୍ମୀବାନ୍; ଭାଗ୍ୟବାନ୍—1. Possessed of Śrī; glorious; beautiful; prosperous; fortunate. ୨। ଶୋଭାସମ୍ପନ୍ନ—2 Graceful; beautiful. ଦେ. ବି—ମାନାର୍ହ ଜୀବିତ ବ୍ୟକ୍ତିମାନଙ୍କ ନାମ ପୂର୍ବରେ ବ୍ୟବହୃତ ବିଶେଷଣ—An epithet prefixed to the name of a living respectable person. [ଦ୍ର—ରାଜା ଓ ଗୁରୁଜନଙ୍କ ନାମ ପୂର୍ବରେ ଶ୍ରୀଯୁକ୍ତ ବସେ। ପ୍ରଜା ଓ ଶିଷ୍ୟାଦିଙ୍କ ନାମ ପୂର୍ବରେ ଶ୍ରୀମାନ୍ ବସେ।]
Śrījukta(ta)
(ଶ୍ରୀଯୁକ୍ତା[ତା]—ସ୍ତ୍ରୀ)
ଶ୍ରୀଯୁକ୍ତ श्रीयुक्त

ଶ୍ରୀରଙ୍ଗ—ସଂ. ବି (ଶ୍ରୀ=ଲକ୍ଷ୍ମୀ+ରଞ୍ଜ୍ ଧାତୁ=ମୁଗ୍ଧ କରିବା; ରଞ୍ଜିତ କରିବା+କର୍ତ୍ତୃ. ଅ; ଯେ ଲକ୍ଷ୍ମୀଙ୍କୁ ମୋହିତ କରନ୍ତି ବା ବେଶ କରନ୍ତି)—ବିଷ୍ଣୁ—Bishṇu. ଦେ: ବି—୧। ଶ୍ରୀ ରଙ୍ଗନାଥ (ଦେଖ)—1. Śrī ranganātha (See) ୨। ଶ୍ରୀରଙ୍ଗ ପତ୍ତନ (ଦେଖ)—2. Śrīranga pattana (See)
Śrīranga
শ্রীরঙ্গ श्रीरङ्ग

ଶ୍ରୀ ରଙ୍ଗ ନାଥ(ସ୍ୱାମୀ)—ଦେ.ବି—ଦାକ୍ଷିଣାତ୍ୟର ଶ୍ରୀରଙ୍ଗପତ୍ତନ ନଗରରେ ପ୍ରତିଷ୍ଠିତ ବିଷ୍ଣୁ ବିଗ୍ରହଙ୍କ ନାମ—Name of the image of Bishṇu in Seringāpaṭam in South India.
Śrī ranga nātha(swāmi)
শ্রী রঙ্গনাথ श्री रङ्गनाथ

ଶ୍ରୀରଙ୍ଗ ପଟ୍ଟଣ(ଣା)—ଦେ. ବି (ନାମ)—(ଶ୍ରୀରଙ୍ଗ ଓ ପତ୍ତନ ଶବ୍ଦ ଶ୍ରୀରଙ୍ଗପତ୍ତନ) ଶ୍ରୀରଙ୍ଗମ୍ (ଦେଖ)—Śrīrangam (See) (ଶ୍ରୀରଙ୍ଗ ପାଟ୍ଟନ—ଅପଭ୍ରଂଶ)
Śrīranga paṭana(ṇā)
শ্রীরঙ্গপটন श्रीरङ्ग पटन

ଶ୍ରୀରଙ୍ଗ ପତ୍ତନ-ସଂ.ବି (ନାମ)-(ଶ୍ରୀରଙ୍ଗ ବା ବିଷ୍ଣୁ ବିଗ୍ରହଙ୍କ ଅଧିଷ୍ଠିତ ନଗର)-ଶ୍ରୀରଙ୍ଗମ୍ (ଦେଖ) Śrīraingam (See)
Śrīranga pattana

ଶ୍ରୀରଙ୍ଗମ୍—ଦେ. ବି (ନାମ) [ଇଂ. ନାମ ସେରିଙ୍ଗା ପଟାମ୍)—ଦକ୍ଷିଣ ଭାରତର ଶ୍ରୀରଙ୍ଗ ପଟ୍ଟଣା ନାମକ ନଗର—The town of Seringapatam in South India.
Śrīrangam
শ্রীরঙ্গম

ଶ୍ରୀରଙ୍ଗମ୍ · [ଦ୍ର—ଏହା ମାନ୍ଦ୍ରାଜ ପ୍ରଦେଶର ତ୍ରିଚିନାପଲ୍ଲୀ ଜିଲ୍ଲାର ପ୍ରଧାନ ନଗର ଓ ମହୀଶୂର ରାଜ୍ୟର ପ୍ରାଚୀନ ରାଜଧାନୀ । ଏହା କାବେରୀ ଓ ତାହାର ଶାଖା କୋଲରୁଣା ମଧ୍ୟସ୍ଥ ଦ୍ୱୀପ । ଏହା ତ୍ରିଚିନାପଲ୍ଲୀଠାରୁ ୨ ମାଇଲ ଦୂର । ଏହିଠାରେ ବହୁର ସ୍ଥାନବ୍ୟାପୀ, ସପ୍ତାବରଣ ବେଷ୍ଟିତ, ଶିଳ୍ପକଳାପୂର୍ଣ୍ଣ, ଭାରତର ବୃହତ୍ତମ ବିଷ୍ଣୁମନ୍ଦିର ଅଛି । ଏହାର ଆୟତନ ୨୫୦ × ୯୮ ଫୁଟ ଏବଂ ବାହାରର ବେଢ଼ ୧୩୦୦୦ × ୮୫୦ ଫୁଟ । ବେଢ଼ା ଗୃହପାଖେ ଥିବା ପାଚେରୀମାନଙ୍କ ମଧ୍ୟରୁ ୭ ଫୁଟ ମୋଟ ୩ ଗୋଟି ମସୃଣପଥରର ପାଚେରୀ ଅଛି । ସପ୍ତ ପ୍ରାଚୀର ଅତିକ୍ରମ କରି ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ହୁଏ । ପ୍ରତ୍ୟେକ ପାଚୀରରେ 'ଗୋପୁରମ୍' ଦ୍ୱାର ଉପରେ ଦୁଇ ପାଖରେ କବାଟ ଲାଗିଥିବା ଉଚ୍ଚ ମନ୍ଦିର ଅଛି । ଏହି ପ୍ରାକାରମାନଙ୍କ ସୀମା ମଧ୍ୟରେ ସହସ୍ରାଧିକ ବ୍ରାହ୍ମଣ, ବ୍ୟବସାୟୀ, ଦେବତାଙ୍କ ବ୍ରାହ୍ମଣ ସେବକ ନିବାସ ଓ ଦୋକାନ ଘର କରି ରହିଅଛନ୍ତି ।

ଶ୍ରୀମନ୍ଦିର ମଧ୍ୟସ୍ଥ ସିଂହାସନରେ ନାନା ରତ୍ନାଲଙ୍କାର ଭୂଷିତ, ସ୍ୱର୍ଣ୍ଣମେଖଳାଯୁକ୍ତ, ଅନନ୍ତଶାୟୀ, ପ୍ରକାଣ୍ଡ ପ୍ରସ୍ତରମୟ ବିଷ୍ଣୁମୂର୍ତ୍ତି ପ୍ରତିଷ୍ଠିତ । ଏହାଙ୍କ ଦୁଇ ପାର୍ଶ୍ୱରେ ଲକ୍ଷ୍ମୀ ଓ ସରସ୍ୱତୀ ବିରାଜିତା । ସମ୍ମୁଖରେ ଶ୍ୱେତପ୍ରସ୍ତର ନିର୍ମିତ ଗରୁଡ଼ ବଦ୍ଧାଞ୍ଜଳି ହୋଇ ଭକ୍ତରୂପେ ଦଣ୍ଡାୟମାନ । ଶ୍ରୀମନ୍ଦିରର 'ଦେବାର୍ଚ୍ଚନ' (ଜଗମୋହନ)ର ଶିଖରରେ ସୁନାର କଳସ ଅଛି । 'ଦେବାର୍ଚ୍ଚନ'କୁ ଲାଗି 'ନାଟମନ୍ଦିର'ର ସ୍ତମ୍ଭସବୁ ସୂକ୍ଷ୍ମକଳାମଣ୍ଡିତ ।

ଚତୁର୍ଥ ପ୍ରାକାର ମଧ୍ୟସ୍ଥ ବେଢ଼ାରେ ଗୋଟିଏ ସହସ୍ର ସ୍ତମ୍ଭଯୁକ୍ତ ମଣ୍ଡପ ଅଛି । ଏଠାକୁ ଶ୍ରୀରଙ୍ଗନାଥଙ୍କ ବିଜେ-ପ୍ରତିମା ମାର୍ଗଶିର ଶୁକ୍ଳ ଏକାଦଶୀ ଦିନ ମହାସମାରୋହ ଓ ଉତ୍ସବ ସହ ଆନୀତ ହୁଅନ୍ତି । ତୃତୀୟ ପ୍ରାଚୀରଠାରୁ ଭିତରକୁ ହିନ୍ଦୁଙ୍କ ଛଡ଼ା ଅନ୍ୟ ଜାତିଙ୍କ ପ୍ରବେଶ ନିଷେଧ । ମନ୍ଦିର ସଂଲଗ୍ନ ଦେବାର୍ଚ୍ଚନ (ବା ଜଗମୋହନ) ମଧ୍ୟକୁ ଦ୍ରାବିଡ଼ୀୟ ବ୍ରାହ୍ମଣଙ୍କ ଛଡ଼ା ଅନ୍ୟ କେହି ପ୍ରବେଶ କରି ପାରନ୍ତି ନାହିଁ ।

ଶ୍ରୀମନ୍ଦିରର ଏକପାର୍ଶ୍ୱରେ ଅଷ୍ଟରତ୍ନାଲଙ୍କାର ମଣ୍ଡିତ ଲକ୍ଷ୍ମୀଦେବୀଙ୍କ ମନ୍ଦିର ଅଛି । ଏହି ମନ୍ଦିର ନିକଟରେ 'ଚନ୍ଦ୍ରପୁଷ୍କରିଣୀ' ନାମରେ ଗୋଟିଏ ଜଳାଶୟ ଅଛି ।

ଏହି ଶ୍ରୀରଙ୍ଗମ୍ ମନ୍ଦିର ବେଢ଼ା ମଧ୍ୟରେ ଭାରତ ବିଖ୍ୟାତ ବୈଷ୍ଣବ ଧର୍ମ ସଂସ୍କାରକ ରାମାନୁଜଙ୍କ ବାସସ୍ଥାନ ଥିଲା ଏବଂ ମନ୍ଦିର ପ୍ରାଙ୍ଗଣରେ ରାମାନୁଜଙ୍କ ବସିଥିବା ପୀଠ ଅଦ୍ୟାବଧି ରହିଅଛି । ଏକ ସମୟରେ ମୁସଲମାନମାନେ ମନ୍ଦିରକୁ ଆକ୍ରମଣ କରିବାରୁ ସେବକମାନେ ଶ୍ରୀରଙ୍ଗନାଥଙ୍କୁ ନେଇ ତିରୁପତି ପର୍ବତରେ ଲୁଚାଇ ରକ୍ଷା କରିଥିଲେ । ପରେ ବିଜୟନଗର ରାଜ୍ୟସ୍ଥ ଜିଞ୍ଜି ଅଞ୍ଚଳର ଶାସନକର୍ତ୍ତା ଗୋପଣାର୍ଯ୍ୟ ରଙ୍ଗନାଥଙ୍କୁ ସେଠାରୁ ନେଇ କିଛିଦିନ ଆପଣା ରାଜଧାନୀରେ ରଖି ୧୨୯୩ ସାଲରେ ଆଣି ଶ୍ରୀରଙ୍ଗମ୍‌ଠାରେ ଏହି ମନ୍ଦିର ଭୋଳାଇ ତହିଁରେ ରଖାଇଲେ । ପରେ ଜଣେ ବାବାଜୀ ଓ ତାଙ୍କ ଶିଷ୍ୟାନୁଶିଷ୍ୟମାନେ ଭିକ୍ଷା ଲବ୍ଧ ଧନରେ ମନ୍ଦିରର ଜୀର୍ଣ୍ଣ ସଂସ୍କାର କରାଇଥିଲେ ।

ଏହି ଶ୍ରୀରଙ୍ଗମ୍ ମନ୍ଦିରର ଚତୁର୍ଥ ପ୍ରାକାର ମଧ୍ୟରେ ଗୋଟିଏ ପ୍ରକାଣ୍ଡ ହସ୍ତିଶାଳା ଅଛି ଓ ତହିଁର ସମ୍ମୁଖସ୍ଥ ୪ ଗୋଟି ଖଣ୍ଡରେ ସୁନ୍ଦର ଦୃଶ୍ୟ ପଥରରେ ଖୋଦିତ ହୋଇ ଜୀବନ୍ତ ମୂର୍ତ୍ତିପରି ଦେଖା ଯାଉଅଛି ଓ ଏହି କାରୁକାର୍ଯ୍ୟ ଭୁବନ-ବିଖ୍ୟାତ ଅଟେ ।

ଶ୍ରୀରଙ୍ଗନାଥଙ୍କ ମନ୍ଦିରରୁ ଏକ ମାଇଲ ଦୂରରେ ଶ୍ରୀ ଜମ୍ବୁକେଶ୍ୱର ନାମକ (ମହାଦେବଙ୍କ ଜଳମୂର୍ତ୍ତି) ମହାଦେବ ଅଛନ୍ତି । ଏ ଶିବ ମନ୍ଦିର ୪ ଗୋଟି ପ୍ରାକାରବେଷ୍ଟିତ । ଏ ମହାଦେବଙ୍କ ଲିଙ୍ଗକୁ ନିକଟବର୍ତ୍ତୀ ଏକ ଗଭୀର କୂପର ଜଳ ଆଭ୍ୟନ୍ତରିକ ପୟଃପ୍ରଣାଳୀଦ୍ୱାରା ଆସି ନିୟତ ଅଭିଷିକ୍ତ କରୁଅଛି । ଏ ମନ୍ଦିରର କାରୁକାର୍ଯ୍ୟ ଶ୍ରୀରଙ୍ଗନାଥଙ୍କ ମନ୍ଦିର ଅପେକ୍ଷା ଉତ୍କୃଷ୍ଟ, କିନ୍ତୁ ଜୀର୍ଣ୍ଣ ହୋଇଅଛି ।

[ମଦନମୋହନ ତୀର୍ଥଦର୍ଶନ]

ଭାରତବର୍ଷର ଆଧୁନିକ ଇତିହାସରେ ମଧ୍ୟ ଶ୍ରୀରଙ୍ଗପତ୍ତନ ଖ୍ୟାତି ଲାଭ କରିଅଛି । ମହୀଶୂର ପ୍ରଥମେ ହିନ୍ଦୁ ରାଜ୍ୟ ଥିଲା । ହାଇଦର ଅଲ୍ଲୀ ହିନ୍ଦୁ ରାଜାଙ୍କୁ ତଡ଼ି ଦେଇ ମହୀଶୂରର ସୁଲତାନ୍ ହେଲେ ଓ ଶ୍ରୀରଙ୍ଗପତ୍ତନ ଏହି ମହୀଶୂର ସୁଲତାନଙ୍କ ରାଜଧାନୀ ହେଲା । ମହୀଶୂରର ସୁଲତାନ୍ ହାଇଦର ଅଲ୍ଲୀ ଓ ତାଙ୍କ ପୁତ୍ର ଟିପୁ ସୁଲତାନଙ୍କ ସଙ୍ଗେ ଇଂରେଜମାନଙ୍କର ଏହିଠାରେ ଏକାଧିକ ଥର ଯୁଦ୍ଧ ହୋଇଥିଲା । ଇଂରାଜ ଓ ଟିପୁଙ୍କ ମଧ୍ୟରେ ତୃତୀୟ ମହୀଶୂର ଯୁଦ୍ଧ ୧୭୯୦ ସାଲରେ ଆରବ୍ଧ ହୋଇଥିଲା । ୧୭୯୨ରେ ଗଭର୍ଣ୍ଣର୍ ଜେନେରଲ୍ ଲର୍ଡ କର୍ଣ୍ଣୱାଲିସ୍ ଟିପୁଙ୍କୁ ପରାସ୍ତ କରି ଶ୍ରୀରଙ୍ଗପତ୍ତନକୁ ଆକ୍ରମଣ କରିବାରୁ ଏହିଠାରେ ଟିପୁଙ୍କ ସଙ୍ଗେ ଇଂରାଜଙ୍କର ସନ୍ଧି ହୋଇଥିଲା । ଏହି ସନ୍ଧିର ଫଳରେ ଟିପୁ ଇଂରାଜଙ୍କୁ ଯୁଦ୍ଧର ବ୍ୟୟ ଦେବାକୁ ବାଧ୍ୟ ହେଲେ ଓ ଇଂରାଜମାନେ 'ମାଲବାର' ଓ 'କର୍ଣ୍ଣାଟ' (ସାଲେମ ଓ ମଦୁରା ଜିଲ୍ଲା) ପାଇଲେ ।

ପୁନର୍ବାର ୪ର୍ଥ ମହୀଶୂର ଯୁଦ୍ଧରେ ୧୭୯୯ ସାଲରେ ଟିପୁ ସୁଲତାନ ପରାଜିତ ହୋଇ ଶ୍ରୀରଙ୍ଗପତ୍ତନକୁ ପଳାଇ ଆସିଲେ । ଇଂରାଜ ସେନା ଏହି ରାଜଧାନୀକୁ ଅବରୋଧ କରି ଏହାକୁ ଅଧିକାର କଲେ ଓ ଟିପୁ ସୁଲତାନ ଏହି ଦୁର୍ଗର ତୋରଣକୁ ରକ୍ଷା କରୁ କରୁ ଏହିଠାରେ ନିହତ ହେଲେ । ଗଭର୍ଣ୍ଣର୍ ଜେନେରଲ ମାର୍କଇସ୍ ଅଫ୍ ୱେଲେସ୍‌ଲି ମହୀଶୂର ରାଜ୍ୟରେ ଟିପୁଙ୍କ ପିତା ହାଇଦର ଅଲ୍ଲୀଙ୍କଦ୍ୱାରା ବିତାଡ଼ିତ ହିନ୍ଦୁ ରାଜାଙ୍କର ୫ ବର୍ଷ ବୟସ୍କ ପୁତ୍ର 'କୃଷ୍ଣରାଜା'ଙ୍କୁ ରାଜା କଲେ ଓ ଟିପୁ ସୁଲତାନଙ୍କ ପୁତ୍ରମାନଙ୍କୁ ନେଇ ଭେଲୋର ନଗରରେ ରଖାଇ ସେଠାରେ ତାଙ୍କ ପାଇଁ ବୃତ୍ତି (ପେନ୍‌ସନ) ଧାର୍ଯ୍ୟ କରି ଦେଲେ । ତଦବଧି ମହୀଶୂର ହିନ୍ଦୁ ଶାସିତ ରାଜ୍ୟ ହୋଇଅଛି ।]

ଶ୍ରୀରଙ୍ଗା—ବେ. ବଣ—ମନୋହର ନାଲି ରଙ୍ଗ ବର୍ଣ୍ଣିଷ୍ଠ—
Śrirangā Of nice red colour.
[ଦ୍ର—କଳା ଶ୍ରୀମୁଖ ଶ୍ରୀରଙ୍ଗା ଅଧର । ପ୍ରାଚୀ. ନଳଚରିତ ।]

ଶ୍ରୀରମଣ—ସ. ବ—(ସଙ୍ଗୀତ)—ହିନ୍ଦୁ ସଙ୍ଗୀତରେ ମିଶ୍ରସ୍ୱର ବା ରାଗିଣୀ
Śriramaṇa ବିଶେଷ—Name of a mixed tune in Hindu music.

ଶ୍ରୀରସ—ସ. ବ—(ବୈଦ୍ୟକ)—ଶ୍ରୀପିଷ୍ଟ (ଦେଖ)
Śri rasa Śripishṭa (See)

ଶ୍ରୀ ରହିତ—ସ. ବଣ.—(ତୃତୀୟା ତତ୍; ଶ୍ରୀ+ରହିତ)—୧ । ଶ୍ରୀଭ୍ରଷ୍ଟ
Śrirahita (ଦେଖ)—1. Śribhrashṭa (See)
୨ । ଶ୍ରୀହୀନ (ଦେଖ)—2. Śrihina (See)

ଶ୍ରୀ ରାଗ—ସ. ବ—(ହିନ୍ଦୁ ସଙ୍ଗୀତ)—ହିନ୍ଦୁ ସଙ୍ଗୀତର ୬ ଗୋଟି ରାଗ
Śri rāga ମଧ୍ୟରୁ ଏକତମ—One of the 6 principal or main tunes of Hindu music. [ଦ୍ର—ରାଗ ଶବ୍ଦରେ ନୋଟ୍ ଦେଖ ।]

ଶ୍ରୀ ରାମ—ସ. ବ—୧। ଅଯୋଧ୍ୟାର ରାଜା ଦଶରଥଙ୍କ ବଡ଼ପୁଅ ରାମଚନ୍ଦ୍ର
Śri rāma 1. Rāmachandra, the eldest son of Daśaratha, king of Ajodhyā ୨ । ବିଷ୍ଣୁ—2.Bishṇu. ବେ. ବ. ପୁଂ—ଲୋକଙ୍କ ନାମ—
A name given to males.

ଶ୍ରୀରାମଚନ୍ଦ୍ର ପୁର—ବେ. ବ—(ନାମ)—ପୁରୀ ଜିଲ୍ଲା ସାକ୍ଷୀଗୋପାଳ ପ୍ରଗଣା
Śrirāmachandra pura ଅନ୍ତର୍ଗତ ସତ୍ୟବାଦୀ(ସାକ୍ଷୀଗୋପାଳ)ଠାରୁ ଏକ ମାଇଲ୍ ପଶ୍ଚିମରେ ଅବସ୍ଥିତ ଗୋଟିଏ ବ୍ରାହ୍ମଣ ଶାସନ —Name of a Brahman village, one mile to the west of Satyabadi in district Puri. [ଦ୍ର—ପୁରୀ ଜିଲ୍ଲାର ଚଉଦଶାସନ ବ୍ରାହ୍ମଣ ଶାସନମାନଙ୍କ ମଧ୍ୟରେ ଏ ଶାସନ ଅନେକଗୁଡ଼ିଏ ଅଧୁନିକ ଓ ପ୍ରାଚୀନ କୃତବିଦ୍ୟ, ଗୁଣୀ, ଦେଶହିତୈଷୀଙ୍କ ଜନ୍ମସ୍ଥାନରୂପେ ବିଖ୍ୟାତ ।
ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁ ଦାସ (ପୁରୀ ସତ୍ୟବାଦୀ କଲେଜର ପ୍ରଥମ ପ୍ରତିଷ୍ଠାତା), ସ୍ୱର୍ଗୀୟ ନିଳକଣ୍ଠ ତ୍ରିପାଠୀ (ଦାର୍ଶନିକ ପଣ୍ଡିତ ଓ ଗ୍ରନ୍ଥକାର), ଶ୍ରୀ ନୀଳକଣ୍ଠ ଦାସ ଏମ୍. ଏ., ଶ୍ରୀ ଲିଙ୍ଗରାଜ ମିଶ୍ର ଏମ୍. ଏ, ଅଧ୍ୟକ୍ଷ କୃପାସିନ୍ଧୁ ଦାସ, ଓ ଶ୍ରୀଯୁକ୍ତ ଗୋଦାବରୀଶ ତ୍ରିପାଠୀ ଏମ୍. ଏ, ଓ ଲେଖକ, ଡେପୁଟି କଲେକ୍ଟର, ସମାଜ ସମ୍ପାଦକ, ଦେଶ ହିତୈଷୀ, ଉତ୍କଳ ଦୀପିକା ପ୍ରବର୍ତ୍ତକ ଓ ଦୀପିକା ସମ୍ପାଦକ ବନ୍ଧୁ କର୍ମୀଙ୍କର ଓ ବହୁ ମାନ୍ୟଗଣ୍ୟ ସରକାରୀ ଉଚ୍ଚକର୍ମଚାରୀଙ୍କର ଏହା ଜନ୍ମସ୍ଥାନ ଅଟେ]

ଶ୍ରୀରାମଚନ୍ଦ୍ର ପୁରୀ—ବେ. ବଣ.—(ପୁଂ ଓ ସ୍ତ୍ରୀ)—ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ର
Śrirāmachandra puri ପୁର ଗ୍ରାମବାସୀ ବା ଗ୍ରାମ ସମ୍ବନ୍ଧୀୟ—
ଶ୍ରୀରାମଚନ୍ଦ୍ରପୁରିଆ—ପୁଂ
ଶ୍ରୀରାମଚନ୍ଦ୍ରପୁରିଆଣୀ—ସ୍ତ୍ରୀ } ଅନାଦରାର୍ଥକ ରୂପ
Inhabitant of or belonging to Śrirāma chandra pura.

ଶ୍ରୀରାମ ନବମୀ—ସ. ବ—ରାମ ନବମୀ; ରାମଚନ୍ଦ୍ରଙ୍କ ଜନ୍ମ ଦିବସ ବନ
Śrirāma nabami ଅନୁଷ୍ଠେୟ ଉତ୍ସବ; ଚୈତ୍ର ଶୁକ୍ଳ ନବମୀ—The festival held on the birthday of Ramachandra; the 9th day of the bright fortnight of Chaitra.

ଶ୍ରୀରାମପୁର—ବେ. ବ (ନାମ)—ବଙ୍ଗଦେଶର ନଗରବିଶେଷ—
Śrirāmapura Śerampore, a town in Bengal.
শি(শ্রী)রামপুর श्रीरामपुर [ଦ୍ର—ଏହା ହୁଗୁଳି ଜିଲ୍ଲାର ଗୋଟିଏ ସବ୍‌ଡିଭିଜନ୍ ଓ ନଗର । ଏଠାରେ ପାଦ୍ରୀମାନଙ୍କର ଗୋଟିଏ ଖ୍ରୀଷ୍ଟ କଲେଜ୍ ଅଛି ଓ ଏଠାରେ ଧଳା କାଗଜ ତିଆରି ହେବାର କଳ କାରଖାନା ଅଛି । ଏଠାରେ ସରକାରଙ୍କର ମଧ୍ୟ ଗୋଟିଏ ବୟନ ବିଦ୍ୟାଳୟ ଅଛି । ଶ୍ରୀରାମପୁରୀ କାଗଜ ନୋଟ୍ ଦେଖ ।]

ଶ୍ରୀରାମପୁରୀ କାଗଜ—ଶ୍ରୀରାମପୁରରେ ସ୍ଥାପିତ କଳଦ୍ୱାରା ନିର୍ମିତ ଧଳା
Śrirāmapuri kāgaja କାଗଜ—White paper
শিরামপুরীকাগজ सिरामपुरीकागज manufactured in the paper mill at Serāmpur in Hoogly and measuring 22×18″ roughly, styled as demy. [ଦ୍ର—ଏହାର ଆକାର 'ଫୁଲ୍‌ସ୍କାପ୍' କାଗଜର ଆକାରଠାରୁ ବଡ଼ ଓ 'ବାଲି କାଗଜର ଆକାର ସଦୃଶ (୨୨ ଇଞ୍ଚ × ୧୮ ଇଞ୍ଚ) । ଏହାକୁ ଛାପାଖାନାବାଲାମାନେ ଡେମି ବା ଡିମାଇ (Demy) କାଗଜ ବୋଲି କହନ୍ତି ।
ଡିମାଇର ଇଂଲଣ୍ଡ ବ୍ୟବହୃତ ଆକାର ଯଥା—
ଛପା ଡିମାଇ—୨୨½″×୧୭½″
ଲେଖା ଡିମାଇ—୨୦″×୧୬″
ଡ୍ରଇଙ୍ଗ୍ ଡିମାଇ—୨୦″×୧୫″ ।]

ଶ୍ରୀରୂପା—ସ. ବ ସ୍ତ୍ରୀ—ରାଧା (ଶବ୍ଦକୋଷ)
Śrirūpā Rādhā.

ଶ୍ରୀଲ(ଲ)—ସ. ବଣ. ପୁଂ (ଶ୍ରୀ=ଶୋଭା, ଭାଗ୍ୟ, ଲକ୍ଷ୍ମୀ+ଲା
Śrila(la) ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ) ୧ । ଶ୍ରୀଯୁକ୍ତ
[ଶ୍ରୀଲା(ଲ୍ଲା)—ସ୍ତ୍ରୀ] (ଦେଖ)—1. Śrijukta (See) ୨ । (ଲେଖାଦ୍ୱାରା ସୂଚକ ସମ୍ମାନକୁ ଅଧିକ ଦୃଢ଼ କରିବା ଉଦ୍ଦେଶ୍ୟରେ) ନାମ ପୂର୍ବରେ ବ୍ୟବହୃତ 'ଶ୍ରୀଯୁକ୍ତ' ଶବ୍ଦ ପୂର୍ବରେ ପୁଣି ଲେଖାଯିବା ଶବ୍ଦ—A word prefixed to the prefix Śrijukta before a person's name. (ଯଥା—ଶ୍ରୀଲଶ୍ରୀଯୁକ୍ତ ଶ୍ରୀ ଅମୁକ) ।

ଶ୍ରୀ ଲତା—ସ. ବ (ବୈଦ୍ୟକ)—(ଶ୍ରୀ=ଔଜ୍ଜ୍ୱଲ୍ୟଯୁକ୍ତା+ଲତା)—ମହା
Śrīlatā ଜ୍ୟୋତିଷ୍ମତୀଲତା; ଫୁଟ୍‌ଫୁଟିକା ଗୁଳ୍ମ—The staff tree; Cardiospermum Halicacbum.
[ଦ୍ର—ଫୁଟ୍‌ଫୁଟିକା ଶବ୍ଦରେ ନୋଟ୍ ଦେଖ]

ଶ୍ରୀ ଲାଭ—ସ. ବ (ଷଷ୍ଠୀ ତତ୍)—ସୌଭାଗ୍ୟଲାଭ—
Śrilābha Attainment of prosperity.

ଶ୍ରୀଶ—ସଂ. ବି. ପୁଂ (୬ଷ୍ଠୀ ତତ୍; ଶ୍ରୀ=ମହାଲକ୍ଷ୍ମୀଙ୍କର ଈଶ=ସ୍ୱାମୀ)— Śriśa ୧ । (ବିଶ୍ୱବସୁନାମୋକ୍ତ) ବିଷ୍ଣୁଙ୍କର ଏକନାମ; ଶ୍ରୀପତି— 1. A name of Bishnu. ୨ । ଶ୍ରୀରାମ (ଶବ୍ଦକୋଷ) 2. Śrirām'a.

ଶ୍ରୀ ଶୂନ୍ୟ - ସ. ବିଣ—(ତୃତୀୟା ତତ୍; ଶ୍ରୀ+ଶୂନ୍ୟ)—ଶ୍ରୀହୀନ (ଦେଖ) Śri sūnya Śri hina (See) (ଶ୍ରୀଶୂନ୍ୟା—ସ୍ତ୍ରୀ)

ଶ୍ରୀଶ୍ରୀ—ଦେ. ବିଣ—ମାନ୍ୟ ବ୍ୟକ୍ତିଙ୍କ ନାମ ପୂର୍ବେ ସମ୍ମାନାର୍ଥ ଯୁକ୍ତ ଶ୍ରୀ Śri Śri ଶବ୍ଦର ଦ୍ୱିରୁ ବା ବହୁରୂ—Repetition of the word Śri before the name of a respectable personage.
ଶ୍ରୀଶ୍ରୀଶ୍ରୀ / ଶ୍ରୀ୧୦୮ } ଅନ୍ୟରୂପ—
ଶ୍ରীশ্রী ଶ୍ରीश्री

ଶ୍ରୀସଞ୍ଜ୍ଞ—ସ. ବି (ବୈଦ୍ୟକ)—(ବହୁବ୍ରୀହି; ଶ୍ରୀ ଅର୍ଥାତ ଲକ୍ଷ୍ମୀ ଅର୍ଥ- Śrisamjña ବୋଧକ ସମସ୍ତ ଶବ୍ଦ ସଞ୍ଜ୍ଞା ବା ନାମ ଯାହାର) ଲବଙ୍ଗ—Cloves.

ଶ୍ରୀ ସମ୍ପ୍ରଦାୟ—ଦେ. ବି—ରାମାନୁଜମତାବଲମ୍ବୀ ବୈଷ୍ଣବସମ୍ପ୍ରଦାୟ— Śri sampradaya A sect of Baishnabas.

ଶ୍ରୀ ସହୋଦର—ସ. ବି (୬ଷ୍ଠୀ ତତ୍; ଶ୍ରୀ=ଲକ୍ଷ୍ମୀ+ସହୋଦର=ଭାଇ) Śri sahodara ଚନ୍ଦ୍ର—The moon. [ବି— ଏ ସମୁଦ୍ର ମନ୍ଥନକାଳରେ ଲକ୍ଷ୍ମୀଙ୍କ ସଙ୍ଗେ କ୍ଷୀରସମୁଦ୍ରରୁ ବାହାରିଥିଲେ ।]

ଶ୍ରୀ ସୁନ୍ଦରୀ—ସଂ. ବି. ସ୍ତ୍ରୀ—ତନ୍ତ୍ରୋକ୍ତ ଦେବୀବିଶେଷ—Name of a Śri sundari Goddess worshipped according to Tāntric rites of later day Hinduism. [ବି—ତନ୍ତ୍ରୋକ୍ତ ଶ୍ରୀ ସୁନ୍ଦରୀଙ୍କ ପୂଜାରେ ମଦ୍ୟ, ମାଂସ, ମତ୍ସ୍ୟ, ମୈଥୁନ ଓ ମୁଦ୍ରା, ଏହି ପଞ୍ଚ ମକାର ପ୍ରକ୍ରିୟା ଅବଲମ୍ବିତ ହୁଏ ।]

ଶ୍ରୀ ସୈନ୍ୟଭୀତ—ଦେ. ବି—ଜଣେକ ରାଜା—The name of a Śrisainyabhita king. [ବି—ସୈନ୍ୟ- ଭୀତନାମଧେୟ ଦୁଇ ଜଣ ରାଜା ଶୈଳୋଦ୍ଭବ ରାଜ- ବଂଶରେ ରାଜତ୍ୱ କରିଥିଲେ । ତନ୍ମଧ୍ୟ ଜଣେ ସୈନ୍ୟଭୀତ ବା ମାଧବ ବର୍ମନ୍ ବିଶେଷ ପରାକ୍ରମଶାଳୀ ଥିଲେ— କେଦାରନାଥ ମହାପାତ୍ର ।]

ଶ୍ରୀହଟ ପାଟଣା—ଦେ. ବି.—ଶଣାକାର ମତବାଦୀଙ୍କ ମତରେ ଦେହ Śrihaṭā pāṭaṇā ମଧ୍ୟରେ କାଳ୍ପନିକ ମଣ୍ଡଳ ଉପରେ ଥିବା ସ୍ଥାନ; ବ୍ରହ୍ମର ଅବସ୍ଥିତି ସ୍ଥାନ— The imaginary seat of The Supreme Being or Brahman inside the human body. [ବି—ତଳି ଉପରେ ଶ୍ରୀହଟ ପାଟଣା, ଅଟ ପୁରୁଷର ଭିତରେ ଠଣା—ପ୍ରାଚୀ. ପରଦେଶୀଟୀ ।]

ଶ୍ରୀହଟ୍ଟ—ସ. ବି (ନାମ)—ଆସାମପ୍ରଦେଶସ୍ଥ ଜିଲ୍ଲା ଓ ନଗରବିଶେଷ, Śrihatta ସିଲ୍‌ହଟ—Sribatta; Sylhet. [ବି—ଏହିସ୍ଥାନ ମିଠା କମଳା ଲେମ୍ବୁ ପାଇଁ ପ୍ରସିଦ୍ଧ । ଏଠା କମଳାକୁ ଲୋକେ ଶିଲହଟ କମଳା କହନ୍ତି । ଏ ଜିଲ୍ଲାର ଉତ୍ତରରେ ଖାସିଆ ଓ ଜୟନ୍ତୀ ପାହାଡ଼, ଦକ୍ଷିଣରେ ତ୍ରିପୁରା, ପୂର୍ବରେ କାଛାଡ଼ ଜିଲ୍ଲା ଓ ପଶ୍ଚିମରେ ମୈମନସିଂହ ଜିଲ୍ଲା । ଶ୍ରୀହଟ୍ଟ ନଗର ସୁର୍ମି ଓ କୁଶିଆରା ନଦୀଦ୍ୱୟର ସଙ୍ଗମସ୍ଥଳରେ ଅବସ୍ଥିତ । ଏ ନଦୀଦ୍ୱୟ ମିଳିତ ହୋଇ ବରାକ ଓ ମେଘନା ନାମ ଧାରଣ କରି ପଦ୍ମା ସଙ୍ଗେ ମିଳିଅଛି ।]

ଶ୍ରୀ ହରି—ସଂ. ବି—ବିଷ୍ଣୁ; ଭଗବାନ୍; ନାରାୟଣ— Śribari Bishnu.

ଶ୍ରୀ ହରିଦାସ—ଦେ. ବି—ସପ୍ତଦଶ ଶତାବ୍ଦୀର ଜଣେକ ଓଡ଼ିଆ ଭକ୍ତ Śri haridāsa କବି—Name of a religious Oriya poet of the 17th century.
শ্রীহরিদাস श्रीहरिदास
[ବି—ଏ ଜାତିରେ ଗଉଡ଼ ଥିଲେ । ଏହାଙ୍କ ପିତାଙ୍କ ନାମ ରାମକୃଷ୍ଣ । ଏ 'ମଥୁରା ଚନ୍ଦ୍ରିକା' ନାମକ ଗ୍ରନ୍ଥ ରଚନା କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ଇତିହାସ ।]

ଶ୍ରୀହର୍ଷ—ଦେ. ବି—(ନାମ)—୧ । ସଂସ୍କୃତ କାବ୍ୟ ନୈଷଧଚରିତ Śri harsha ପ୍ରଣେତା କବି—1. The name of the poet of the Sanscrit poem Naishadha charita. [ବି—ବଙ୍ଗାଧିପତି ଆଦିଶୂର ଯଜ୍ଞ କରିବା ପାଇଁ ୫ ଜଣ ବ୍ରାହ୍ମଣଙ୍କୁ କାନ୍ୟକୁବ୍ଜରୁ ଆଣିଥିଲେ, ଶ୍ରୀହର୍ଷ ତାଙ୍କ ମଧ୍ୟରୁ ଜଣେ ।] ୨ । କାନ୍ୟକୁବ୍ଜର ରାଜା ଓ ନାଗାନନ୍ଦ, ପ୍ରିୟଦର୍ଶିକା ଓ ରତ୍ନାବଳୀ ନାମକ ନାଟକ ମାନଙ୍କ ପ୍ରଣେତା ହର୍ଷବର୍ଦ୍ଧନ ରାଜାଙ୍କର ଉପନାମ— 2. An alias (nom-de-plume) of the King Harshabarddhana. [ବି—ହର୍ଷବର୍ଦ୍ଧନ ତଳେ ନୋଟ ଦେଖ ।]

ଶ୍ରୀହସ୍ତ—ସଂ. ବି—(ମ. ପ. ଲୋ, ଶ୍ରୀଯୁକ୍ତ ହସ୍ତ)—ଦେବତା ଓ ରାଜା Śrihasta ଆଦିଙ୍କ ହସ୍ତ; ମାନ୍ୟ ବ୍ୟକ୍ତିଙ୍କ ହସ୍ତ—(Euphemism) The hand of an idol or of a king or of a high personage. ଦେ. ବି—(ବ୍ୟଙ୍ଗ୍ୟ) ସ୍ୱହସ୍ତ—One's own hand. [ଯଥା—ଶ୍ରୀହସ୍ତରେ ଏ ପାକଶାସ୍ତ୍ର ରାନ୍ଧି ଅପଣଙ୍କ ପାଇଁ ଆଣିଛି ।]

ଶ୍ରୀହସ୍ତ ପତ୍ର—ସ. ବି—୧ । ଭୂର୍ଜପତ୍ର (ଦେଖ) Śrihasta patra 1. Bhujapatra (See) ୨ । ଶ୍ରୀହସ୍ତ ଲିପି (ଦେଖ)—2. Śrihasta lipi. (See)

ଶ୍ରୀହସ୍ତ ବାକ୍ସ—ଦେ. ବି—ରାଜାଙ୍କ ନିଜ ଖରଚ ଓ ନିତ୍ୟର ବ୍ୟକ୍ତିଗତ Śrishasta bāksa ଧନାଦି ଯେଉଁ ବାକ୍ସରେ ରଖାଯାଏ— হাতবাক্স A box in which a Rājā's private हातका बाकस money and that for daily expenses is kept.

ଶ୍ରୀହସ୍ତ ମୁଦ୍ରିକା—ସ. ବି—ରାଜା ଆଦିଙ୍କ ହସ୍ତରେ ପିନ୍ଧା ଯାଇଥିବା Śrihasta mudrik ମୁଦି—A ring worn on the (ଶ୍ରୀହସ୍ତ ମୁଦି—ଦେ ରୂପ) finger of a Rājā's hand.

ଶ୍ରୀହସ୍ତ ମୁଦ୍ରିତ—ସଂ. ବଣ (ଷଷ୍ଠୀ ତତ୍; ଶ୍ରୀହସ୍ତ+ମୁଦ୍ରିତ=ମୁଦ୍ରା Srihasta mudrita ଯାଇଥିବା)—ଶ୍ରେଷ୍ଠ ଲୋକଙ୍କ ସ୍ୱହସ୍ତଦ୍ୱାରା ମୁଦ୍ରା ଯାଇଥିବା (ଚିଠି ଆଦି)—(letters) Sealed by the hand of a high personage.

ଶ୍ରୀହସ୍ତ ଲିପି (ଲେଖା)—ସଂ. ବ—ସମ୍ମାନିତ ବ୍ୟକ୍ତିଙ୍କ ସ୍ୱହସ୍ତାକ୍ଷର—Srihasta lipi (lekha) The handwriting or letter of a distinguished person age.

ଶ୍ରୀହସ୍ତାଙ୍କିତ—ସଂ. ବଣ (ଷଷ୍ଠୀ ତତ୍; ଶ୍ରୀହସ୍ତ+ଅଙ୍କିତ)—ମାନ୍ୟ-Srihastankita ବ୍ୟକ୍ତିଙ୍କ ହସ୍ତଦ୍ୱାରା ଅଙ୍କିତ (ଲେଖା ବା ପତ୍ର)—(a writing) In the handwriting of a respected person.

ଶ୍ରୀହସ୍ତିନୀ—ସଂ. ବ (ବୈଦ୍ୟକ) (ଶ୍ରୀଯୁକ୍ତା ହସ୍ତିନୀ ଯଃ)—Srihastini ଗୁଳ୍ମବିଶେଷ; ହାତୀଶୁଣ୍ଢ଼ୀ ଗଛ—A Plant; Heliotropium Indicum. [ଦ୍ର—ଏହା ତିକ୍ତ, ଉଷ୍ଣ, ଶ୍ଳେଷ୍ମ, ଗରଳ, ଭୂତ, ଦାହ, ଶୁକ୍ରଦୋଷ, ଶୂଳ, ପିତ୍ତ, ଜ୍ୱର, ସନ୍ନିପାତ, ଅଗ୍ନିମାନ୍ଦ୍ୟ, ରକ୍ତ, ବ୍ରଣ, ଶୋଥ ଓ ଦୃଷ୍ଟିନାଶକ ।]

ଅନ୍ୟ ସଂ. ନାମ—ଭୂରୁଣ୍ଡୀ, ବୃଶ୍ଚୀକା, ଚକ୍ରଦଣ୍ଡୀ, ଲକ୍ଷ୍ମଣା, ଶୁକ୍ଳପୁଷ୍ପା, ଉପଦଂଶିକା, କାଣ୍ଡୀରା, କାମଦୁଧିକା, ଶ୍ୱେତପୁଷ୍ପା, ମଞ୍ଜରୀ, ଉଷ୍ଟ୍ରଶୋଣା, ନାଗଦନ୍ତିକା, ଲଙ୍ଗଳୀ, ଶୁଣ୍ଡିପୁଷ୍ପୀ, ଖାଦୁକା, ଶକ୍ରବଲ୍ଲିକା, ହିଙ୍ଗପୁଷ୍ପୀ, ଷଡ଼ବଲ୍ଲୀ, ନାଗିନୀ, ନାଗଦନ୍ତୀ, ସ୍ୱର୍ଣଭୂଙ୍ଗା, ନାଗଫଣା, ଅର୍ଜୁନଣା, ସର୍ପସୁଣ୍ଡୀ ହାତୀଶୁଣ୍ଢ଼ୀ

ଗୁଳ୍ମବିଶେଷ । ଫୁଲ ନୀଳ; ମଞ୍ଜରୀରେ ଦୁଇ ଧାଡ଼ି ଫୁଲ ଧରେ । ମଞ୍ଜରୀ ହାତୀଶୁଣ୍ଢ଼ ପରି ବଙ୍କେଇ ହୋଇ ରହିଥାଏ ।

ଶ୍ରୀହାନି—ସଂ. ବ (ଷଷ୍ଠୀ ତତ୍; ଶ୍ରୀ+ହାନି)—୧ । ଲକ୍ଷ୍ମୀହାନି—Srihani 1. The loss of good-fortune. ୨। ଶୋଭାହାନି—2. Deterioration of grace or glory.

ଶ୍ରୀହୀନ—ସଂ. ବଣ. ପୁଂ (ତୃତୀୟା ତତ୍; ଶ୍ରୀ+ହୀନ)—୧ । ଶୋଭାହୀନ; Sri hina ଅସୁନ୍ଦର—1. Devoid of beauty or grace. (ଶ୍ରୀହୀନା—ସ୍ତ୍ରୀ) ୨ । ଶ୍ରୀଭ୍ରଷ୍ଟ; ଯାହାକୁ ଶୋଭାଦେଇଥିବା ଜିନିଷ ଯାଇ [ଶ୍ରୀହୀନତା—ବ] ଅଛି—2. Shorn of beauty. ୩ । ଲକ୍ଷ୍ମୀହୀନ; ଧନହୀନ—3. Indigennt; poor. ୪। ଭାଗ୍ୟହୀନ—4. Unlucky.

ଶ୍ରୁ (ଧାତୁ)—ସଂ.—୧ । ଗତି କରିବା—1. To go; to move. Sru (root) ୨ । ଶୁଣିବା—2. To hear.

ଶ୍ରୁକ୍(ଗ୍,ଚ୍)—ସଂ. ବ—ସ୍ରୁକ୍ (ଦେଖ) Sruk(g,ch) Sruk. (See) (ଶ୍ରୁଚ—ଦେଶଜ ରୂପ)

ଶ୍ରୁଗ୍‌ଦାରୁ—ସଂ. ବ (ବୈଦ୍ୟକ)—ବଇଁଚ ଗୁଳ୍ମ; ବଇଁଚ ଗଛ—Srugdaru A throny plant with berries sweet when ripe; Flacaourtia Sapida.

ଶ୍ରୁତ—ସଂ. ବଣ (ଶ୍ରୁ ଧାତୁ+କର୍ମ. ତ)—୧। ଆକର୍ଣ୍ଣିତ; ଯାହା ଶୁଣାଯାଇ Sruta ଅଛି; କର୍ଣଗୋଚର—1. Heard. ୨ । ଜ୍ଞାତ—(ଶ୍ରୁତା—ସ୍ତ୍ରୀ) 2. Known. ୩ । ଖ୍ୟାତ; ପ୍ରସିଦ୍ଧ; ବିଖ୍ୟାତ—3, Famous; renowned. ବ—(ଯାହା ଗୁରୁଙ୍କଠାରୁ ଶୁଣାଯାଇ ଅଛି)—୧ । ଶ୍ରୁତି; ବେଦ—1. The Hindu scriptures. ୨ । ଶାସ୍ତ୍ର—2. Religious books. ୩ । ଶାସ୍ତ୍ରଜ୍ଞାନ—3. Knowledge of the religious books. ୪ । ଅଧ୍ୟୟନ—4. Studying; study. ୫ । (ନାମ) ଜାହ୍ନବୀ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ପୁତ୍ର (ବିଶ୍ୱକୋଷ)—5. Name of a son of Srikrushna.

ଶ୍ରୁତକର୍ମା—ସଂ. ବ (ନାମ) (ବହୁବ୍ରୀହି; ଶ୍ରୁତ ହୋଇଅଛି କର୍ମ Srutakarma ଯାହାର, ଶ୍ରୁତକର୍ମନ୍, ୧ମା. ୧ବ)—୧ । ସହଦେବଙ୍କ ପୁତ୍ର (ବିଶ୍ୱକୋଷ)—1. Son of Sahadeba. ୨ । ଅର୍ଜ୍ଜୁନଙ୍କ ପୁତ୍ର (ବିଶ୍ୱକୋଷ)—2, Son of Arjjuna; ୩ । ଚନ୍ଦ୍ରବଂଶୋଦ୍ଭବ ସୋମାପିଙ୍କ ପୁତ୍ର (ବିଶ୍ୱକୋଷ)—3, Son of Somapi.

ଶ୍ରୁତକୀର୍ତ୍ତି—ସଂ. ବଣ. ପୁଂ. ଓ ସ୍ତ୍ରୀ—(ବହୁବ୍ରୀହି; ଶ୍ରୁତ=ବିଖ୍ୟାତ Sruta kirtti ହୋଇଅଛି କୀର୍ତ୍ତି ଯାହାର)—ପ୍ରଥିତ ଯଶାଃ; କୀର୍ତ୍ତିଶାଳୀ—Renowned; famed; famous. ବ. ପୁଂ-୧। ଦେବର୍ଷି ବିଶେଷ-1.Name of a divine sage. ୨ । (ସ୍ତ୍ରୀ) ଜନକଙ୍କ ଭ୍ରାତା କୁଶଧ୍ୱଜ ରାଜାଙ୍କର କନିଷ୍ଠା କନ୍ୟା ଓ ଶତ୍ରୁଘ୍ନଙ୍କ ସ୍ତ୍ରୀ—2. Name of the wife of Satrughana. [ଦ୍ର—ଏହାଙ୍କ ଗର୍ଭରେ ବାହୁ ଓ ଶତ୍ରୁଘାତୀ ନାମକ ଦୁଇ ପୁତ୍ର ଜନ୍ମିଥିଲେ ।] ୩। (ପୁଂ)—ଦ୍ରୌପଦୀ ଗର୍ଭଜାତ ଅର୍ଜ୍ଜୁନଙ୍କ ପୁତ୍ର (ବିଶ୍ୱକୋଷ) 3. Name of the son of Arjuna through Draupadi. ୪ । (ସ୍ତ୍ରୀ) ବସୁଦେବଙ୍କ ଭଗିନୀ ଓ ଧୃଷ୍ଟକେତୁଙ୍କ ପତ୍ନୀ (ବିଶ୍ୱକୋଷ)—4. Name of the sister of Basudeaa.

ଶ୍ରୁତ ଦେବୀ—ସଂ. ବ. ସ୍ତ୍ରୀ—(ମ. ପ. ଲୋ; ବେଦକୁ ପ୍ରଥମେ ଶୁଣି Sruta debi ପାରିଥିବା ଦେବୀ)—ବାଗ୍ଦେବୀ; ସରସ୍ୱତୀ—The Goddess of learning.

ଶ୍ରୁତ ଧର—ସଂ. ବ. ଓ ବଣ. ପୁଂ—(ଶ୍ରୁତ=ଶ୍ରୁତ ପଦ+ଧୃ ଧାତୁ+ Sruta dhara କର୍ତ୍ତୃ. ଅ)—ଶ୍ରୁତିଧର (ଦେଖ)—Sruti-[ଶ୍ରୁତଧରା—ସ୍ତ୍ରୀ] dhara (See) ବ.—(ନାମ)—ଜୟଦେବଙ୍କ ଗୀତଗୋବିନ୍ଦରେ ଉଲ୍ଲିଖିତ ସଂସ୍କୃତ କବି ବିଶେଷ—Name of a Sanscrit poet mentioned by Jayadeba.

ଶ୍ରୁତବାନ୍—ସଂ. ବଣ.ପୁଂ—(ଶ୍ରୁତବତ୍ ପଦ; ଶ୍ରୁ ଧାତୁ+କର୍ତ୍ତୃ.ତବତ୍)-Srutaban ୧। ଯେ ଶୁଣି ଅଛି—1,One who has heard. [ଶ୍ରୁତବତୀ—ସ୍ତ୍ରୀ] ୨ । (ପୁଂ. ୧ମା. ୧ବ)—ବିଦ୍ୱାନ୍—2. Learned. ୩ । ଶାସ୍ତ୍ରଜ୍ଞ—3. Versed in religious lore. ୪ । ବେଦଜ୍ଞ—4. Versed in the Bedas.

ଶ୍ରୁତ ବୋଧ—ସଂ. ବି—(ନାମ)—(ଯେଉଁ ଗ୍ରନ୍ଥକୁ ଶୁଣିବା ମାତ୍ରେକ
Śruta bodha ପାଠକ ଛନ୍ଦମାନଙ୍କର ଲକ୍ଷଣ ଜାଣି ପାରିବେ)
ମହାକବି କାଳିଦାସ କୃତ ସଂସ୍କୃତ ଛନ୍ଦୋଗ୍ରନ୍ଥ ବିଶେଷ—
A Sanscrit work on metre by poet Kāḷidāsa.

ଶ୍ରୁତର୍ଷି—ସଂ.ବି—(ଶ୍ରୁତ-ବିଖ୍ୟାତ+ଋଷି)—ଋଷିବିଶେଷ; ସୁଶ୍ରୁତାଦିଋଷି
Śrutarshi A name given to some famous sages, e.g. Suśruta.

ଶ୍ରୁତ ଲି(ଲେ)ଖନ—ଦେ· ବି—ଶୁଣି କରି ଲେଖାଯିବା ବିଷୟ—
Śruta li(le)khana Writing out of any passage to dictation.

ଶ୍ରୁତଶାଳୀ—ସଂ. ବି· ପୁଂ—(ଶ୍ରୁତଶାଳିନ୍ ଶବ୍ଦ; ୧ମା· ୧ବ; ଶ୍ରୁତ=
Śruta sāḷi ବେଦ, ଶାସ୍ତ୍ର+ଶାଳିନ୍)—ପଣ୍ଡିତ; ବୁଧ—A
[ଶ୍ରୁତଶାଳିନୀ—ସ୍ତ୍ରୀ] learned man. ବିଣ. ପୁଂ—ବିଦ୍ୱାନ୍—
Learned.

ଶ୍ରୁତଶୀଳ—ସଂ. ବି—(ଦ୍ୱନ୍ଦ୍ୱ; ଶ୍ରୁତ+ଶୀଳ)—ଶାସ୍ତ୍ରଜ୍ଞାନ ଓ ସ୍ୱଭାବ—
Śrutaśiḷa Learning and nature.
[ଶ୍ରୁତଶୀଳବାନ୍—ପୁଂ, ଶ୍ରୁତଶୀଳବତୀ—ସ୍ତ୍ରୀ—ବିଣ]

ଶ୍ରୁତଶ୍ରବାଃ—ସଂ. ବି—(ଶ୍ରୁତ+ଶ୍ରବସ୍=କୀର୍ତ୍ତି; ବହୁବ୍ରୀହି, ଶ୍ରୁତଶ୍ରବସ
Śrutaśrabāh ୧ମା: ୧ବ,ପୁଂ)—୧ । (ନାମ) ଚେଦିରାଜ ଶିଶୁ-
ପାଳଙ୍କ ପିତା—1. Name of the father of Śiśupāḷa. ୨ । ସୂର୍ଯ୍ୟ ପୁତ୍ର—2. A son of the sun God. ସଂ· ବି. ସ୍ତ୍ରୀ—ଶିଶୁପାଳଙ୍କ ମାତା—
Mother of Śiśupāḷa.

ଶ୍ରୁତଶ୍ରବୋଽନୁଜ—ସଂ. ବି—(୭ମୀ ତତ୍; ଶ୍ରୁତଶ୍ରବସ୍=ସୂର୍ଯ୍ୟଙ୍କପୁତ୍ର
Śrutaśrabonuja +ଅନୁଜ=କନିଷ୍ଠ, ସୂର୍ଯ୍ୟ ପୁତ୍ରଙ୍କ
ମଧ୍ୟରେ କନିଷ୍ଠ)—ଶନି ଗ୍ରହ—The planet saturn.

ଶ୍ରୁତ ଶ୍ରେଣୀ—ସଂ· ବି—(ବୈଦ୍ୟକ)—ଦ୍ରବନ୍ତୀ; ମୂଷିକଣ୍ଣୀ ନାମକ
Śruta śroṇi ଔଷଧ ଗଛ ଓ ତହିଁର ଫୁଲ—Croton seed tree; Croton Polyandrum.

ଶ୍ରୁତସଦ୍—ସଂ· ବି—ବକ୍ତୃତା ଗୃହ ଓ ତତ୍ରତ୍ୟ ଶ୍ରୋତୃମଣ୍ଡଳୀ (ଶବ୍ଦକୋଷ)·
Śrutasad The lecture-hall and the audience present there.

ଶ୍ରୁତାଦାନ—ସଂ. ବି—(ଶ୍ରୁତ=ବେଦ+ଅଦାନ)—ବ୍ରହ୍ମବାଦ—
Śrutādāna Discussion on metaphysics; vedic discourse.

ଶ୍ରୁତାଧ୍ୟୟନ—ସଂ. ବି—(ଶ୍ରୁତ=ବେଦ, ଶାସ୍ତ୍ର+ଅଧ୍ୟୟନ, ୬ଷ୍ଠୀତତ୍)
Śrutādhyana ୧ । ବେଦାଧ୍ୟୟନ—1. Studying of the Bedas. ୨ । ଶାସ୍ତ୍ରାଧ୍ୟୟନ—
2. Studying of the scriptures.

ଶ୍ରୁତାନ୍ୱିତ—ସଂ. ବିଣ. ପୁଂ—(୩ୟା ତତ୍; ଶ୍ରୁତ=ବେଦ, ଶାସ୍ତ୍ରାଦି
Śrutāniwita ଅନ୍ୱିତ=ଯୁକ୍ତ)—୧ । ବେଦଜ୍ଞ—1. Versed in the Bedas. ୨ । ଶାସ୍ତ୍ରଜ୍ଞ—2. Versed in religious lore. ୩ । ପଣ୍ଡିତ; ବିଦ୍ୱାନ୍—
(ଶ୍ରୁତାନ୍ୱିତା—ସ୍ତ୍ରୀ) 3. Learned.

ଶ୍ରୁତାୟୁ—ସଂ. ବି· ପୁଂ—(ନାମ)—ସୂର୍ଯ୍ୟ ବଂଶୀୟ ଜଣେ ରାଜା; କୁଶଙ୍କ
Śrutāyu ପରବର୍ତ୍ତୀ ଚତୁର୍ଦ୍ଦଶ ପୁରୁଷର ବଂଶଧର—Name of
[ଶ୍ରୁତାୟୁଧ—ଅନ୍ୟରୂପ] a descendant of Kuśa of the solar dynasty.

ଶ୍ରୁତାର୍ଥ—ସଂ.ବିଣ—(ବହୁବ୍ରୀହି; ଶ୍ରୁତ+ଅର୍ଥ)—ଶୁଣିବା ମାତ୍ରେ ଯହିଁର
Śrutārtha ଅର୍ଥ ବୁଝା ଯାଏ—Easily understood; of which the meaning is understood as soon as it is heard. ସଂ. ବି—(କର୍ମଧା)—
ଶୁଣିବା ମାତ୍ରକେ ବୁଝା ଯିବା ଅର୍ଥ—The meaning which is understood immediately on hearing a word.

ଶ୍ରୁତି—ସଂ. ବି—(ଶ୍ରୁ ଧାତୁ+କର୍ମ. କ୍ତି)—୧ । ବେଦ—
Śruti 1. The Bedas. [ଦ୍ର—ଲିଖନ ପଦ୍ଧତି ସୃଷ୍ଟିହେବା-
ପୂର୍ବରୁ ବେଦ ଶିଷ୍ୟାନୁଶିଷ୍ୟ କ୍ରମେ ଶ୍ରୁତିପରମ୍ପରାରେ ପ୍ରଚରିତ ହେଉଥିଲା ହେବାରୁ ବେଦର ଗୋଟିଏ ନାମ ଶ୍ରୁତି]
୨ । କିଂବଦନ୍ତୀ; ପୁରୁଷାନୁକ୍ରମେ ମୁହେଁ ମୁହେଁ ଚଳି ଆସୁଥିବା ପ୍ରବାଦ; ବାର୍ତ୍ତା; ପୁରୁଷ ପରମ୍ପରାଗତ ପ୍ରବଚନ-
2. Tradition; story which has been handed down from generation to generation.

୩ । ଶ୍ରୁତିଗ୍ରାହ୍ୟ ଗ୍ରାହ୍ୟ ଶବ୍ଦ; ବାଚକ ଶବ୍ଦ ବା ଧ୍ୱନି; ଶ୍ରବଣ-
ଯୋଗ୍ୟ ନାଦ—3. An audible sound; an expressive or significant sound; an expression which can be heard. ୪ । (ସଙ୍ଗୀତ) ସୂକ୍ଷ୍ମସ୍ୱର; ସ୍ୱରର ଅବୟବ ବିଶେଷ—
4. (Music) A delicate tone; a constituent part of a musical note. [ଦ୍ର—ସଙ୍ଗୀତରେ ଏକ ସ୍ୱରରୁ ସ୍ୱରାନ୍ତର ପ୍ରକାଶ କରିବା ସମୟରେ ଦୁଇ ଗୋଟି ସ୍ୱର ମଧ୍ୟରେ ଯେଉଁ ସୂକ୍ଷ୍ମ ସ୍ୱରାଂଶ ସକଳ ଶ୍ରୁତ ହୁଏ ତାହାକୁ ଶ୍ରୁତି ବୋଲାଯାଏ । ସଙ୍ଗୀତ ଶାସ୍ତ୍ର ମତରେ ଏହା ୨୨ ଗୋଟି । (ବଙ୍ଗଳାରେ ଏହାକୁ 'ସୁର୍ଦ୍ଦତ୍' ବା 'ସୋରତ୍' ବୋଲାଯାଏ ।) ଯଥା—ନାନ୍ଦୀ, ବିଶାଳା, ଭଦ୍ରା, ସୁମୁଖୀ, ଚିତ୍ରା, ବିଚିତ୍ରା, ଘନା, ମାତଙ୍ଗୀ, ସରସା, ଅମୃତା, ମଧୁକରୀ, ମୈତ୍ରୀ, ଶିବା, ମାଧବୀ, ବାଳା, ଶାର୍ଙ୍ଗରବୀ, କଳା, କଳରବା, ମାଳା, ବିଶାଳା, ଜୟା, ମାତ୍ରା ।

ସଙ୍ଗୀତରେ ସ୍ୱର ୭ ଗୋଟି; ଯଥା—ସାରେଗାମାପାଧାନି; ଏହି ପ୍ରତ୍ୟେକ ସ୍ୱରର ଭିନ୍ନ ଭିନ୍ନ ଶ୍ରୁତି ନିର୍ଦ୍ଦିଷ୍ଟ ହୋଇଅଛି; (ଅର୍ଥାତ୍ ଭିନ୍ନ ଭିନ୍ନ ଶ୍ରୁତି ସଂଯୋଗରୁ ଭିନ୍ନ ଭିନ୍ନ ସ୍ୱର ଉତ୍ପନ୍ନ ହୋଇଅଛି ।)

'ସା' ବା ଷଡ୍ଜର ଶ୍ରୁତି—ନାନ୍ଦୀ, ବିଶାଳା, ସୁମୁଖୀ, ବିଚିତ୍ରା ।

'ସ' ବା ଷଡ଼ଜର—ତୀବ୍ରା, ଛନ୍ଦୋବତୀ, କୁମୁଦ୍ୱତୀ, ମନ୍ଦା, ଛନ୍ଦୋବତୀ।
'ଋ' ବା ଋଷଭର—ଦୟାବତୀ, ରଞ୍ଜନୀ, ରତିକା।
'ଗା' ବା ଗାନ୍ଧାରର—ରୌଦ୍ରୀ, କ୍ରୋଧା।
'ମା' ବା ମଧ୍ୟମର—ବଜ୍ରିକା, ପ୍ରସାରିଣୀ, ପ୍ରୀତି, ମାର୍ଜନୀ।
'ପା' ବା ପଞ୍ଚମର—କ୍ଷିତି, ରକ୍ତା, ସନ୍ଦୀପନୀ, ଆଲାପିନୀ।
'ଧା' ବା ଧୈବତର—ମଦନ୍ତୀ, ରୋହିଣୀ, ରମ୍ୟା।
'ନି' ବା ନିଷାଦର—ଉଗ୍ରା, କ୍ଷୋଭିଣୀ।]

୫। (+କରଣ ତି) ଶ୍ରବଣେନ୍ଦ୍ରିୟ; କର୍ଣ୍ଣ; କାନ—5. Ear. (ଉ—କୋମଳତର ମୋହନ, ଭକତକୁଳିଷ୍ଟ କାମ୍ୟନ ଅଧି ଦୁର୍ମ୍ମୁଖେକ ମୋ ଶ୍ରୁତିରେ। ଦଣ୍ଡାର୍ଦ୍ଧ. କଣୋଖଣ୍ଡ, ବ. ଗୀତ।) ୬। (+ଭାବ. ତି) ଶ୍ରବଣ; ଶୁଣିବା—6. Act of hearing. ୭। (+କର୍ମ. ତି) ଲୋକ ଶବ୍ଦ; ବାର୍ତ୍ତା—7. Rumour; a verbal report; a report carried by word of mouth from one person to another. ୮। ଶ୍ରବଣା ନକ୍ଷତ୍ର—8. The 22nd asterism. ଦେଖ ବ—୧। ସ୍ମୃତି ୨ (ଦେଖ)—1. Suruti 2. (See) ୨। ଶ୍ରୁତି ଖେଳ (ଦେଖ)—2. Srutikhela. (See)

ଶ୍ରୁତିକଟ—ସଂ. ବି (ଶ୍ରୁତି=କର୍ଣ୍ଣ, ବେଦ+କଟ୍ ଧାତୁ=ଗତି କରିବା +ଅଚ୍‌(କ.ଅ)—୧। ପ୍ରାୟଶ୍ଚିତ୍ତ; ପାପ ଶୋଧନ—
Srutikata 1. Atonement, expiation. ୨। (+କର୍ତ୍ତୃ.ଅ) ସର୍ପ—2. Serpent.

ଶ୍ରୁତି କଟୁ—ସଂ. ବିଣ (୭ମୀ ତତ୍; ଶ୍ରୁତିରେ କଟୁ ବା ଅପ୍ରିୟ)—
Śruti katu କଠୋର ଶବ୍ଦବିଶିଷ୍ଟ; ଦୁଃଶ୍ରବ; ଶୁଣିବାକୁ ଅପ୍ରିୟ ବା କର୍କଶ; ଦୁଃଶ୍ରାବ୍ୟ—Unpalatable to the ear; jarring to the ear; harsh to hear; cacophonous.

ଶ୍ରୁତିକଟୁତା—ସଂ. ବି—ରଚନାଦୋଷରେ ଦୁଃଶ୍ରାବ୍ୟତା ଦୋଷ; କାବ୍ୟ ରଚନା ପ୍ରୟୋଗରୂପ ଦୋଷ—A cacophony; a
Srutikatutā defect in a composition, use of words viz, jarring to the ear.
(ଶ୍ରୁତିକଟୁ ଦୋଷ—ଅନ୍ୟରୂପ)
[ଦ୍ର—ଶ୍ରୁତିକଟୁତା ଦୋଷର ଉଦାହରଣ—
"ଦୁର୍ଯ୍ୟୋଧନଙ୍କ—ଏକ ଅରଣ୍ୟ ଭୂମି ସ୍ଥାନେ ସ୍ଥାନେ, ନବପ୍ରସବିକା ମୃଗୀଗଣ ରୁଧିରଲେହିତା, ମୃଗନାଭଲେପିତ, ବଲ୍ମୀକଲମ୍ବକଲମ୍ବନା, ଉଜ୍ଜଳଚଞ୍ଚଳ ସୂକ୍ଷ୍ମଜଳ ଦ୍ୱାରୁତରଣା, ପଦ୍ମପତ୍ରଜଳଚାଞ୍ଚଲ୍ୟା, ଦୃଷ୍ଟ ସ୍ୱାପଦଦ୍ୱାବରଜ୍ଜୁ ଦଶାଣକରୁ-ଜନିତଭିଷଣଶବ୍ଦାଳା, ଅବ୍ରକ୍ଷମୂରଷଚ୍ଛେଳା, ମଉନ ଶ୍ରୀଲ-ବାଳା ହୋଇ ବ ରମଣୀୟତର ହୋଇଅଛି।"
ରାଧାମୋହନ. ସ୍ୱତନ୍ତ୍ର ଦେବ ପାଣ୍ଡବ ବନବାସ।]

ଶ୍ରୁତି କଠୋର—ସଂ. ବିଣ—ଶ୍ରୁତିକଟୁ (ଦେଖ)
Śruti kathora Srutikatu. (See)
(ଶ୍ରୁତିକଠୋରତା—ବି)

ଶ୍ରୁତି କଥିତ—ସଂ. ବିଣ (୭ମୀ ତତ୍)—ବେଦୋକ୍ତ—
Śruti kathita Mentioned in the Bedas.

ଶ୍ରୁତିକଳା—ସଂ. ବି (ସଙ୍ଗୀତ)—ଶ୍ରୁତି ୪ (ଦେଖ)
Śruti kalā Śruti 4. (See)

ଶ୍ରୁତି କୁଶଳ—ସଂ. ବିଣ. ପୁଂ (ଶ୍ରୁତି=ଶାସ୍ତ୍ର=କୁଶଳ; ୭ମୀ ତତ୍)—
Śruti kusala ଶାସ୍ତ୍ରଜ୍ଞ; ବେଦଜ୍ଞ—Versed in the Scriptures.
(ଶ୍ରୁତିକୁଶଳା—ସ୍ତ୍ରୀ)

ଶ୍ରୁତି କୁହର(ବିବର)—ସଂ. ବି (୬ଷ୍ଠୀ ତତ୍)—କର୍ଣ୍ଣର ଗର୍ତ୍ତ—
Śruti kuhara(bibara) The hole of the ear.

ଶ୍ରୁତି ଖେଳ—ଦେ. ବି (ପର୍ତ୍ତୁଗୀଜ-ସୋର୍ତ୍ତି Sorte+ସଂ. ଖେଳ)—
Śruti khela ଯେଉଁ ଜୁଆ ଖେଳରେ କନ୍ଦେ। ଲୋକ ଉର୍ଦ୍ଧ୍ୱ ଧନ ବା ବସ୍ତୁ ପାଇବାର ସ୍ଥିର ହୋଇଥାଏ—
ସুরতিখেলা सुर्तिखेल Lottery.

ଶ୍ରୁତି ଗମ୍ୟ—ସଂ. ବି (ଦ୍ୱିତୀୟା ତତ୍; ଶ୍ରୁତିଦ୍ୱାରା ଗମ୍ୟ)—୧। ଶ୍ରାବ୍ୟ—
Śruti gamya 1. Audible; cognisable by the ear.
୨। ଶ୍ରୁତିଗୋଚର (ଦେଖ)—
2. Śrutigochara. (See)

ଶ୍ରୁତି ଗୋଚର—ସଂ. ବିଣ (୬ଷ୍ଠୀ ତତ୍)—ଶୁଣାଯିବା; ଶ୍ରବଣର
Śruti gochara ବିଷୟୀଭୂତ; ଯାହା ଶୁଣାଗଲା; ଶ୍ରୁତ; ଶ୍ରୁତି ପଥାରୂଢ଼; କର୍ଣ୍ଣଗୋଚର—Heard; coming to the ear; falling into one's ear; brought to the ears (of some body).

ଶ୍ରୁତିଗୋଚର ହେବା—ଦେ. କି—ଶୁଣାଯିବା; ଶ୍ରୁତ ହେବା—
Śrutigochara hebā To be heard.
শ্রুতিগোচর হওয়া श्रुतिगोचर होना

ଶ୍ରୁତିଜ୍ଞ—ସଂ. ବି. ପୁଂ—ଶ୍ରୁତିକୁଶଳ (ଦେଖ)—
Śrutijña Śrutikusala. (See)
(ଶ୍ରୁତିଜ୍ଞା—ସ୍ତ୍ରୀ)

ଶ୍ରୁତିଧର—ସଂ. ବିଣ. ପୁଂ (ଶ୍ରୁତି=ଶ୍ରବଣ+ଧୃ ଧାତୁ+କର୍ତ୍ତୃ. ଅ;
Śrutidhara ଶ୍ରବଣ ମାତ୍ରକେ କୌଣସି କଥାକୁ ଯେ ସ୍ମୃତିରେ
(ଶ୍ରୁତିଧରା—ସ୍ତ୍ରୀ) ବା ହୃଦୟରେ ଧାରଣ କରିପାରେ)—ଅତି ମେଧାବୀ; ଯେ କୌଣସି କଥାକୁ ଶୁଣିଲାମାତ୍ରେ ସ୍ମରଣ ରଖିପାରେ—Having a very sharp or acute memory. ବି. ପୁଂ—ଯେଉଁ ବ୍ୟକ୍ତି କୌଣସି କଥାକୁ ଶୁଣିଲାମାତ୍ରେ ପରେ ଠିକ୍ ତାହା ଅବିକଳ କହିପାରେ—One who retains whatever he hears and reproduces the same afterwards exactly.

ଶ୍ରୁତି ପଥ (ମାର୍ଗ)—ସଂ. ବି.—(ରୂପକ)—କର୍ଣ୍ଣପଥ—
Śruti patha (mārga) The auditory canal.

ଶ୍ରୁତିପଥ ଗୋଚର—ସଂ. ବିଣ—ଶ୍ରୁତି ଗୋଚର; କାନକୁ ଶୁଭିବା—
Śrutipatha gochara Heard; coming to the ears; perceived by the organ of hearing.
(ଶ୍ରୁତିପଥାରୂଢ଼—ଅନ୍ୟରୂପ)

ଶ୍ରୁତି ପାଠ—ସଂ. ବି—(୬ଷ୍ଠୀତତ୍)—ବେଦାଧ୍ୟୟନ
Śruti pāṭha Learning of the Bedas.

ଶ୍ରୁତି ପାନ—ଦେ. ବି (ଶ୍ରୁତିଦ୍ୱାର ପାନ)-ପିଇବାପରି ଆଗ୍ରହରେ ଶ୍ରବଣ—
Śruti pāna Hearing with the ears with equal
ଶ୍ରୁତିପାନ avidity as in drinking.
[ଉ—ଅମୃତରୁ ଅଧିକ ଏ ସଂଗୀତ, ସୁଜନେ ପିଅ ଶ୍ରୁତିପାନ।
ଯଶୋବନ୍ତ—ପ୍ରାଚୀ. ପ୍ରେମଭକ୍ତି ବ୍ରହ୍ମଗୀତା।]

ଶ୍ରୁତି ପାଶ—ସ. ବି (ଶ୍ରୁତି=କର୍ଣ୍ଣ+ସୁନ୍ଦର ଅର୍ଥରେ ପାଶ)—ସୁନ୍ଦରକର୍ଣ୍ଣ
Śruti pāśa Beautiful ear.

ଶ୍ରୁତି ପାଶୀ—ସଂ. ବିଣ—(ଶ୍ରୁତିପାଶ=କର୍ଣ୍ଣପାଶ ବା ସୁନ୍ଦର କର୍ଣ୍ଣ+ଅସ୍ତି
Śruti pāśī ଅର୍ଥରେ ଇନ୍, ୧ମା, ୧ବଚନ) ଶ୍ରବଣାର୍ଥ ଉତ୍କର୍ଣ୍ଣ—
Expectant to hear. [ଉ—ଅନ୍ତଦୁର୍ବୋଧ ଜଳେ
ହୋଇ ଅଭିଳାଷୀ, ମିଳଣୀ କଥିତ ବଚନରେ ଶ୍ରୁତିପାଶୀ
ଭକ୍ତହୃଦ-ସଙ୍ଗୀତ।]

ଶ୍ରୁତିମାନ୍—ସଂ. ବିଣ. ପୁଂ—୧। ଶାସ୍ତ୍ରଜ୍ଞ—1. Versed in the
Śrutimān Śāstras. ୨। କର୍ଣ୍ଣ ବିଶିଷ୍ଟ—2. Having
(ଶ୍ରୁତିମତୀ—ସ୍ତ୍ରୀ) ears.

ଶ୍ରୁତି ମୁଖ—ଦେ. ବି—କର୍ଣ୍ଣକୁହର; କର୍ଣ୍ଣ ମୁଖ—Ear; organ of
Śruti mukha hearing. [ଉ—ବାର୍ତ୍ତା ଔଷଧ ଶ୍ରୁତି-
ମୁଖରେ ପିଇ। ଉତ୍ତ—ବୈଦେହୀଶବିଳାସ।]

ଶ୍ରୁତିବିତ୍—ସଂ. ବିଣ—ଶ୍ରୁତି କୁଶଳ (ଦେଖ)
Śrutibit Śruti kuśala (See)

ଶ୍ରୁତି ବିହିତ—ସଂ. ବିଣ—(୭ମୀବା ୩ୟାତତ୍) ବେଦବିହିତ; ଶାସ୍ତ୍ରସମ୍ମତ
Śruti bihita —Approved by the Bedas.

ଶ୍ରୁତି ବିରୁଦ୍ଧ—ସଂ. ବିଣ—ଶାସ୍ତ୍ରବିରୁଦ୍ଧ—Opposed to the
Śruti biruddha Vedic precepts.

ଶ୍ରୁତି ବେଧ—ସଂ. ବି (୬ଷ୍ଠୀ ତତ୍)—କର୍ଣ୍ଣବେଧ; କାନ ଫୋଡ଼ା—
Śruti bedha Drilling of the lobes of the ear.

ଶ୍ରୁତି ମଧୁର—ସଂ. ବିଣ—ଶୁଣିବାକୁ ମିଷ୍ଟ—Sweet to the ear;
Śruti madhura pleasing to hear,
(ଶ୍ରୁତି ମନୋହର—ଅନ୍ୟରୂପ)

ଶ୍ରୁତି ମୂଳ—ସ. ବି—(୬ଷ୍ଠୀତତ୍)—୧। କାନମୂଳ; କର୍ଣ୍ଣମୂଳ—1.
Śruti mūla The root of the ear. ୨। ବହୁବ୍ରୀହି;
ଶ୍ରୁତି=ବେଦ ଅଟେ ମୂଳ ଯାହାର)—ଯଜ୍ଞ—2. Vedic
oblations to fire.

ଶ୍ରୁତିମୂଳକ—ସଂ. ବିଣ—ବେଦାଶ୍ରିତ; ବେଦ ଉପରେ ପ୍ରତିଷ୍ଠିତ—
Śruti mūlaka Based on the Bedas.

ଶ୍ରୁତି ସଙ୍ଗ(ମ୍ମ)ତ—ସଂ ବିଣ.—ଶାସ୍ତ୍ରସଙ୍ଗତ—Conformatory to
Śruti saṅga(mma)ta the precepts of the
(ଶ୍ରୁତିସିଦ୍ଧ—ଅନ୍ୟରୂପ) scriptures.

ଶ୍ରୁତିସୁଖ—ସଂ. ବି—(୬ଷ୍ଠୀତତ୍; ଶ୍ରୁତି=କର୍ଣ୍ଣ+ସୁଖ)କର୍ଣ୍ଣତୃପ୍ତି—
Śruti sukha Satisfaction to or of the sense of
hearing.

ଶ୍ରୁତି ସୁଖକର—ସଂ. ବିଣ—ଶ୍ରୁତି ମଧୁର—Sweet to hear;
Śruti sukhakara pleasing to the ear.

ଶ୍ରୁତି ସ୍ମୃତି—ସଂ. ବି—(ଦ୍ୱନ୍ଦ୍ୱ ପଦ)—ବେଦ ଓ ମନ୍ୱାଦି ପ୍ରଣୀତ ସ୍ମୃତି
Śruti smṛuti ବା ଧର୍ମଶାସ୍ତ୍ର—The Bedas and the
Smṛutis of the Hindus. [ଦ୍ର—ହିନ୍ଦୁ ଧର୍ମଶାସ୍ତ୍ର
* ଭାଗରେ ବିଭକ୍ତ ଯଥା—ଶ୍ରୁତି (ବେଦ), ସ୍ମୃତି (ମନୁ,
ପରାଶର, ଯାଜ୍ଞବଲ୍କ୍ୟ ଆଦିଙ୍କ ରଚିତ ସଂହିତା), ପୁରାଣ
(ଅଷ୍ଟାଦଶ ମହାପୁରାଣ ଓ ଉପପୁରାଣମାନ)।
ଏହି * ଜାତୀୟ ଶାସ୍ତ୍ରରେ ହିନ୍ଦୁଙ୍କ ଯାବତୀୟ ସାଂସାରିକ,
ସାମାଜିକ, ବ୍ୟକ୍ତିଗତ ଓ ଆଧ୍ୟାତ୍ମିକ ବିଷୟମାନ ରହିଛି
ଅଛି। ଶ୍ରୁତି, ସ୍ମୃତି, ପୁରାଣ ମଧ୍ୟରେ କୌଣସି ଗୋଟିଏ
ବିଷୟରେ ପ୍ରଭେଦ ବା ଅସାମଞ୍ଜସ୍ୟ ଦେଖାଗଲେ, ପୁରାଣ
ଠାରୁ ସ୍ମୃତି ଓ ସ୍ମୃତିଠାରୁ ଶ୍ରୁତି ଅଧିକ ପ୍ରାମାଣିକ ବା
ଆଦରଣୀୟ ବୋଲି ପଣ୍ଡିତମାନେ କହୁଅଛନ୍ତି।]

ଶ୍ରୁତିହାରୀ—ସ. ବିଣ (ଶ୍ରୁତିହାରିନ୍ ଶବ୍ଦ; ଶ୍ରୁତି=କର୍ଣ୍ଣ+ହୃ ଧାତୁ=
Śrutihārī ହରଣକରିବା+କର୍ତ୍ତୃ ଇନ୍)—ଯାହା ଶୁଣିଲେ
(ଶ୍ରୁତିହାରିଣୀ—ସ୍ତ୍ରୀ) ମନ ମୁଗ୍ଧ ହୁଏ; ଶ୍ରବଣ ମନୋହର—
Very sweet to hear.

ଶ୍ରୁତୀ—ସ. ବି—ବେଦ (ମନୁ ୧୧।୩୩)—
Śrutī The Bedas.

ଶ୍ରୁତ୍ୟନୁପ୍ରାସ—ସଂ. ବି—ଏକପ୍ରକାର ଅନୁପ୍ରାସ—A kind of
Śrutyanuprāsa alliteration. [ଦ—
ଯେଉଁ ରଚନାରେ ତାଲବ୍ୟ ଓ ଦନ୍ତ୍ୟାଦି ବର୍ଣ୍ଣମାନଙ୍କ
ଉଚ୍ଚାରଣ ସ୍ଥାନରେ ଏକବ ଉଚ୍ଚାର୍ଯ୍ୟ ହେତୁକ ବ୍ୟଞ୍ଜନର
ସାଦୃଶ୍ୟ ହୁଏ ତାକୁ ଶ୍ରୁତ୍ୟନୁପ୍ରାସ ବୋଲିଯାଏ—
ଶବ୍ଦକୋଷ।]

ଶ୍ରୁବ—ସ. ବି. କ୍ଲୀ (ଶ୍ରୁ ଧାତୁ=କ୍ଷରିତ ହେବା+ଅଧିକରଣ. ଅ)—
Śruba ୧। ଯଜ୍ଞ; ଯାଗ—1. Vedic sacrifice or
oblation of ghee offered unto the fire.
୨। (+ଅପାଦାନ. ଅ) ଯଜ୍ଞରେ ଅଗ୍ନି ମଧ୍ୟକୁ ଘୃତ
କ୍ଷେପଣ କରିବାର ପାତ୍ରବିଶେଷ; ସ୍ରୁବ—2. A sort
of ladle or spoon with the help of
which ghee is poured into the sacrificial
fire.

ଶ୍ରୂୟମାଣ(ଣ)—ସ. ବିଣ(ଶ୍ରୁ ଧାତୁ+କର୍ମ. ଅନ)—ଯାହା ଶୁଣା ଯାଉଅଛି
Śrūyamāṇa(na) —Which is being heard.

ଶ୍ରେଢ଼ୀ—ସ. ବି (ଅଙ୍କଶାସ୍ତ୍ର; ଷ୍ଟାଲାବର୍ଣ୍ଣ ସୂତ୍ର; ଶ୍ରେଣୀ+ଢୌକ ଧାତୁ=
Śreḍhi ଗମନ କରିବା+କର୍ତ୍ତୃ ଅ+ଈ)—ଅଙ୍କଶାସ୍ତ୍ରରେ ଗଣନାର
ପ୍ରକାର ବା ଧାରାବିଶେଷ—Progression; regular
proportionate advance or decrease in a
series of arithmetical progression.
[ଦ୍ର—କେତେଗୁଡ଼ିଏ ରାଶି ଯେବେ ଏପରି ବିନ୍ୟସ୍ତ
ହୋଇଥାଏ ଯେ, ପ୍ରତ୍ୟେକେ ସ୍ୱ ପରବର୍ତ୍ତୀ ରାଶି ଅପେକ୍ଷା
ସମାନ ପରିମାଣରେ ଗୁରୁ ବା ଲଘୁ ହୋଇଥାଆନ୍ତି ତେବେ
ତାହାକୁ ଶ୍ରେଢ଼ୀ କୁହାଯାଏ।]

ଶ୍ରେଣି(ଣୀ)—ସ. ବି (ଶ୍ରି ଧାତୁ=ସେବା କରିବା; ଆଶ୍ରୟ କରିବା+
Śreṇi(ṇī) କର୍ତ୍ତୃ. ନି)—୧। ପଂକ୍ତି; ଧାଡ଼ି; ମାଳା;

ରାଜି—1. Row; line; range. ୨ । ସଂଭାଗ; ଦଳ—2. Rank. ୩ । ସମୂହ—3. A collection. ୪ । ଏକବ୍ୟବସାୟୀଙ୍କ ସମ୍ପ୍ରଦାୟ—4. A company formed by many people of the same business. ୫ । ବଣିକ୍ସମିତି—5. A trade-guild. ୬ । ସଧର୍ମୀଙ୍କ ସମ୍ପ୍ରଦାୟ—6. A caste or sect of coreligionists. ୭ । ସମ କର୍ମୀଙ୍କ ସମ୍ପ୍ରଦାୟ—7. A society of co-workers. ୮ । କ୍ଲାସ୍; ବିଦ୍ୟାଳୟରେ ସହପାଠୀଙ୍କ ଦଳ—8. A class of students. [ଦ୍ର—ଅଧୁନାତନ ବିଦ୍ୟାଳୟମାନଙ୍କରେ ପାଠୋନ୍ନତିର କ୍ରମ ଅନୁସାରେ ଶ୍ରେଣୀମାନ ଗଢ଼ା ହୁଏ । ଯଥା—ପ୍ରଥମ ଶ୍ରେଣୀ, ୨ୟ ଶ୍ରେଣୀ ।
ପାଠ୍ୟ ବିଷୟ ଅନୁସାରେ ଶ୍ରେଣୀର ନାମ—
ଉଚ୍ଚଇଂ, ମଧ୍ୟଇଂ, ସଂସ୍କୃତ ।
ପଠନକ୍ରମ ଅନୁସାରେ ଶ୍ରେଣୀର ନାମ—
୧ମ ବାର୍ଷିକ, ୨ୟ ବାର୍ଷିକ, ୩ୟ ବାର୍ଷିକ, ୪ର୍ଥ ବାର୍ଷିକ । ଶିକ୍ଷାର୍ଥୀ ବାଳକଙ୍କ ଅବସ୍ଥା ଅନୁସାରେ । ଯଥା—ଶିଶୁଶ୍ରେଣୀ ।] ୯ । ଜଳସେଚନ ପାତ୍ର; ସେଓଣ; ସେଣା—9. A bag or basket for baling out water. ୧୦ । ଘର ଚାଳର ସେଣି—10. Pole-plates or wall-plates of thatched houses. ୧୧ । ଏକ ବର୍ଣ୍ଣ ବା ଏକ ଜାତି (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର) ମଧ୍ୟରେ ଥିବା ଭିନ୍ନ ଭିନ୍ନ ସମ୍ପ୍ରଦାୟ—11. Subsect; subcaste.

ଶ୍ରେଣିକ—ସ. ବି. ପୁଂ—୧ । (ନାମ)—ମଗଧଦେଶୀୟ ରାଜାବିଶେଷ—
Śreṇika 2. Name of a king of Behar.
[ଦ୍ର—ଏ ବୁଦ୍ଧଙ୍କ ସମସାମୟିକ ଥିଲେ । ଏ ବିମ୍ବିସାର ନାମରେ ପ୍ରସିଦ୍ଧ—ଶବ୍ଦକୋଷ] ୨ । ଶ୍ରେଣି (ଦେଖ)—
2. Śreṇi (See) ୩ । ଛନ୍ଦୋବିଶେଷ—3. Name of a Sanscrit metre. (ଦ୍ର—ଏଥିରେ ୧।୩।୫।୮।୧୦ ଓ ୧୧ ବର୍ଣ୍ଣ ଲଘୁ ଓ ୨।୪।୬।୭।୯।୧୦ ବର୍ଣ୍ଣ ଗୁରୁ—ଶବ୍ଦକୋଷ ।)

ଶ୍ରେଣିକା—ସ. ବି (ଶ୍ରେଣି+କ+ଆ)—ପଟ୍ଟବାସ; ତମ୍ବୁ—
Śreṇikā Tent.

ଶ୍ରେଣି(ଣୀ) ବଦ୍ଧ(କୃତ)—ସ. ବିଣ—୧ । ଶ୍ରେଣୀରୂପେ ସଜ୍ଜିତ; ଧାଡ଼ି
Śreṇi(ṇī) baddha(kṛuta) ବନ୍ଧା ହୋଇଥିବା;
[ଶ୍ରେଣି(ଣୀ)ଭୁକ୍ତ—ଅନ୍ୟରୂପ) ଧାଡ଼ି ଧାଡ଼ି—1. Formed or arranged in rows. ୨ । ବିଭିନ୍ନ ଶ୍ରେଣୀ ଅନୁସାରେ ସଜ୍ଜିତ—2. Classified.

ଶ୍ରେଣି(ଣୀ) ବନ୍ଧନ—ସ. ବି—ଧାଡ଼ି ବାନ୍ଧିବା—
Śreṇi(ṇi) bāndhana A rrangement into rows.

ଶ୍ରେଣି(ଣୀ) ବାନ୍ଧିବା—ଦେ. କ୍ରି—ପଂକ୍ତି ରଚନା କରିବା—
Śreṇi(ṇi)bāndhibā To arrange into rows.
শ্রেণীবান্ধা श्रेणीबाँधना.

ଶ୍ରେଣି(ଣୀ) ବିଭାଗ—ସ. ବି—ବହୁ ବସ୍ତୁକୁ ଭିନ୍ନ ଭିନ୍ନ ଶ୍ରେଣୀରେ
Śreṇi(ṇī) bibhāga ପୃଥକ୍ କରିବା—Classification; division into classes.

ଶ୍ରେଣି(ଣୀ)ଭୁକ୍ତ—ସ. ବିଣ—୧ । ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ—
Śreṇi(ṇī)bhukta 1. Divided into classes.
୨ । କୌଣସି ଶ୍ରେଣୀର ଅନ୍ତର୍ଗତ—2. Included in any one class.

ଶ୍ରେଣି(ଣୀ)ମାନ୍—ସ. ବି. ପୁଂ (ଶ୍ରେଣୀ+ମତ୍; ୧ମା. ୧ବ)—୧ ।
Śreṇi(ṇī)mān ସେନାପତି—(ଶବ୍ଦକୋଷ)—
1. Commander. ୨ । ଦଳପତି (ଶବ୍ଦକୋଷ)—
2. Leader. ୩ । ବଣିକ୍ ଦଳପତି (ଶବ୍ଦକୋଷ)—
3. A leader of a company of traders.

ଶ୍ରେଢ଼ି—ସଂ. ବି (ଶ୍ରେଣୀ+ଢୌକ ଧାତୁ+କର୍ତ୍ତୃ. ଅ+ଇ)—ଶ୍ରେଢ଼ୀ
Średhi (ଦେଖ)—Śreḍhī (See)

ଶ୍ରେୟଃ—ସଂ. ବିଣ. କ୍ଲୀ (ପ୍ରଶସ୍ୟ+ଅତ୍ୟର୍ଥେ ଈୟସ୍—ଶ୍ରେୟସ୍;
Śreyaḥ ପ୍ରଶସ୍ୟ ସ୍ଥାନରେ 'ଶ୍ର' ଆଦେଶ)—
(ଶ୍ରେୟସ୍—ଅନ୍ୟରୂପ) ୧ ।—ଉତ୍ତମ—1. Good.
(ଶ୍ରେୟ—ଦେ· ରୂପ) ୨ । ଶ୍ରେଷ୍ଠ—2. Excellent.
(ଶ୍ରେୟାନ୍—ପୁଂଲିଙ୍ଗ) ୩ । ଯୋଗ୍ୟ; ଉପଯୁକ୍ତ; ପ୍ରଶସ୍ତ—
(ଶ୍ରେୟସୀ—ସ୍ତ୍ରୀଲିଙ୍ଗ) 3. Suitable; preferable.
୪। ଶୁଭଦ; ହିତକର—4. Beneficial; auspicious.
ବି ୧ । ଧର୍ମ—1. Righteousness. ୨ । ମୁକ୍ତି; ଅପବର୍ଗ—2. Salvation; final beautitude.
୩ । ଧର୍ମଜନ୍ୟ ପୁଣ୍ୟ—3. Religious merit.
୪ । ଶୁଭ; ମଙ୍ଗଳ—4. Good; blessing ୫ । ସୌଭାଗ୍ୟ—5. Good fortune. ୬ । ଉପକାର—6. Benefit. [ଦ୍ର—ଶାସ୍ତ୍ରକାରମାନେ ଶ୍ରେୟଃ= ହିତକର ଓ ପ୍ରେୟଃ=ପ୍ରିୟବସ୍ତୁ ମଧ୍ୟରେ ପ୍ରଭେଦ ଦେଖାଇ ଅଛନ୍ତି । ପ୍ରେୟଃ ନ ଦେଖି ସର୍ବଦା ଶ୍ରେୟଃର ଅନୁସରଣ କରିବ ।]

ଶ୍ରେୟଃକଳ୍ପ—ସ. ବଣ (ଶ୍ରେୟଃ+ଈଷଦୂନାର୍ଥେ ବା ସଦୃଶାର୍ଥେ କଳ୍ପ)
Śreyaḥkalpa ଅପେକ୍ଷାକୃତ ଶ୍ରେୟଃ; ଶ୍ରେୟଃତୁଲ୍ୟ—As
(ଶ୍ରେୟସ୍କଳ୍ପ—ଅନ୍ୟରୂପ) good though not more excellent.

ଶ୍ରେୟକାଳ—ଦେ. ବି—(ସଂ. ଶ୍ରେୟଃକାଳ)—୧ । ଶୁଭ ସମୟ—
Śreya kāla 1. Auspicious time. ୨। ଲାଭର ସମୟ—
লাভের বেলা 2. The time of gain. [ଦ୍ର—ଶ୍ରେୟକାଳ
लाभका समय ଜଗତେ ଭୂମିର ପ୍ରାପତ—ବ୍ରଜବିହାରୀ ମହାଭାରତ· ବନ ।]

ଶ୍ରେୟସୀ—ସ. ବଣ· ସ୍ତ୍ରୀ (ଶ୍ରେୟସ୍+ସ୍ତ୍ରୀ· ଈ)—ମଙ୍ଗଳକର୍ତ୍ତ୍ରୀ; ଶୁଭକର୍ତ୍ତ୍ରୀ;
Śreyasī ହିତକର୍ତ୍ତ୍ରୀ—Beneficial. ବି—୧ । ହରିତକୀ; ହରିଡ଼ା—1. Myrobalan. ୨ । ଗଜପିପ୍ପଳୀ—
2. Pathos Officialis. ୩ । ରାସ୍ନା—
3. Vanda Roxburghi.

ଶ୍ରେୟସ୍କର—ସଂ. ବିଣ.ପୁଂ (ଶ୍ରେୟସ୍+କୃ ଧାତୁ+କର୍ତ୍ତୃ. ଅ)—ମଙ୍ଗଳ-
Śreyaskara କର; ଶୁଭଦାୟକ—Beneficial; bringing
(ଶ୍ରେୟସ୍କର—ଅନ୍ୟରୂପ) good fortune.

ଶ୍ରେୟସ୍କାମ—ସଂ. ବିଣ. ପୁଂ (ଶ୍ରେୟଃ ଯେଉଁ କାମ ସାହାର; ବହୁବ୍ରୀହି)
Śreyaskāma —ମଙ୍ଗଳକାମୀ—Wishing good.
[ଶ୍ରେୟସ୍କାମା, ଶ୍ରେୟସ୍କାମିନୀ—ସ୍ତ୍ରୀ]

ଶ୍ରେୟାନ୍—ସଂ. ବି. ପୁଂ (ଶ୍ରେୟସ୍ ଶବ୍ଦ; ପ୍ରଂ. ୧ମା. ୧ବ)—୧ । ଧର୍ମ;
Śreyān ପୁଣ୍ୟ—1. Righteousness; religious merit; piety. ୨ । ମୋକ୍ଷ; ମୁକ୍ତି; ଅପବର୍ଗ—2. Salvation; beatitude. ୩ । ମଙ୍ଗଳ; ଶୁଭ—3. Wellbeing; welfare. ୪। ସୁଖ—4. Happiness; pleasure. ୫ । ସୌଭାଗ୍ୟ—5. Prosperity; good fortune. ୬ । ହିତ—6. Benefit.
[ଶ୍ରେୟସୀ—ସ୍ତ୍ରୀ. ବିଣ] ବିଣ. ପୁଂ—୧ । ଶ୍ରେଷ୍ଠ—1. Prominent; superior. ୨ । ମଙ୍ଗଳକର; ଶୁଭକର; ଶୁଭଯୁକ୍ତ—2. Auspicious; fortunate. ୩ । ହିତକର—3. Beneficial. ୪ । ଅତି ପ୍ରଶସ୍ତ—4. Very suitable. ୫ । ପ୍ରଶଂସ୍ୟ—5. Praiseworthy.

ଶ୍ରେୟୋଜନକ—ସ. ବିଣ (ଉପପଦତତ୍; ଶ୍ରେୟଃ+ଜନ୍ ଧାତୁ+କର୍ତ୍ତୃ.
Śreyojanaka ଅକ)—୧ । ମଙ୍ଗଳକର—1. Auspicious.
୨ । ହିତକର—2. Beneficial.

ଶ୍ରେୟୋବୃଦ୍ଧି—ସଂ. ବି (୬ଷ୍ଠୀ ତତ୍; ଶ୍ରେୟଃ+ବୃଦ୍ଧି)—ମଙ୍ଗଳ ବା
Śreyobṛuddhi ଶୁଭର ବୃଦ୍ଧି—Increase of prosperity.

ଶ୍ରେୟୋମୟ—ସଂ. ବିଣ (ଶ୍ରେୟଃ+ମୟ)—ମଙ୍ଗଳମୟ—
Śreyomaya Full of bliss.
[ଶ୍ରେୟୋମୟୀ—ସ୍ତ୍ରୀ]

ଶ୍ରେୟୋଲାଭ—ସଂ. ବି (୬ଷ୍ଠୀ ତତ୍, ଶ୍ରେୟଃ+ଲାଭ)—ମଙ୍ଗଳଲାଭ—
Śreyolābha The attainment of bliss.

ଶ୍ରେଷ୍ଠ (ଇତ୍ୟାଦି)—ଗ୍ରା. ବିଣ—ଶ୍ରେଷ୍ଠ ଇତ୍ୟାଦି (ଦେଖ)
Śreshta (etc) Śreshṭha etc (see)

ଶ୍ରେଷ୍ଠ—ସଂ. ବିଣ (ପ୍ରଶସ୍ୟ+ଅତ୍ୟର୍ଥେ ଇଷ୍ଠ; ପ୍ରଶସ୍ୟ ସ୍ଥାନରେ ଶ୍ର)—
Śreshṭha ୧। ପ୍ରଧାନ—1. Prominent; chief; superior. ୨ । ଉତ୍କୃଷ୍ଟ—2. Excellent. ୩ । ଅତ୍ୟୁତ୍ତମ—3. Best. ୪ । ସର୍ବୋତ୍ତମ—4 Highest. ୫ । ବୃଦ୍ଧ; ଜ୍ୟେଷ୍ଠ—5. Eldest. ବି—୧ । କୁବେର—1. The God presiding over wealth. ୨। ରାଜା—2. King. ୩। ବ୍ରାହ୍ମଣ—3. Brāhmaṇa. ୪ । (ସହସ୍ର ନାମୋକ୍ତ) ବିଷ୍ଣୁ—4. Bishṇu. ୫ । ଗୋଦୁଗ୍ଧ—5. Cow's milk. ୬ । ମହାଦେବ (ଶବ୍ଦକୋଷ)—6. Śiba.

ଶ୍ରେଷ୍ଠ(ଷ୍ଠି)କରଣ—ଦେ. ବି—ସେଠକରଣ (ଦେଖ)
Śrestha(shṭhi)karaṇa Śeṭha karaṇa (See)

ଶ୍ରେଷ୍ଠ କାଷ୍ଠ—ସଂ. ବି—ଶାଳ ବୃକ୍ଷ; ଶାଗୁଆନ—
Śresṭha kāshṭha Teak tree.

ଶ୍ରେଷ୍ଠତମ—ସଂ. ବିଣ (ଶ୍ରେଷ୍ଠ+ବହୁ ମଧ୍ୟରେ, ଏହି ଅର୍ଥରେ ତମ)—
Śreshṭhatama ଅନେକଙ୍କ ମଧ୍ୟରେ ଉତ୍କୃଷ୍ଟ (ପାଣିନି)—
(ଶ୍ରେଷ୍ଠତମା—ସ୍ତ୍ରୀ) Excellent or best amongst many.

ଶ୍ରେଷ୍ଠତର—ସଂ. ବିଣ (ଶ୍ରେଷ୍ଠ+ଦୁଇ ମଧ୍ୟରେ, ଏହି ଅର୍ଥରେ ତର)—
Śreshṭhatara ଦୁଇଙ୍କ ମଧ୍ୟରେ ଉତ୍କୃଷ୍ଟ—Better of the
[ଶ୍ରେଷ୍ଠତରା—ସ୍ତ୍ରୀ] two.

ଶ୍ରେଷ୍ଠତା(ତ୍ୱ)—ସଂ. ବି (ଶ୍ରେଷ୍ଠ+ଭାବାର୍ଥେ. ତା, ତ୍ୱ)—ଉତ୍କର୍ଷ—
Śreshṭhatā (twa) Excellence; superiority.

ଶ୍ରେଷ୍ଠ ମଲ୍ଲିକା—ସଂ. ବି—ଶତଦଳ ମଲ୍ଲି (ଶବ୍ଦକୋଷ)—
Śreshṭha mallikā Many-petalled jasmine.

ଶ୍ରେଷ୍ଠା—ସଂ. ବି. ସ୍ତ୍ରୀ—୧ । ସ୍ଥଳପଦ୍ମ; ସ୍ଥଳକମଳ—1. Ionidinam
Śreshṭhā Suffruticosum(a flower-tree). ୨। ମେଦା—2. A medicinal root. ୩ । ଉତ୍ତମା ନାରୀ—3. An excellent woman. ୪ । ତ୍ରିଫଳା (ଶବ୍ଦକୋଷ)—4. The 3 myrobalans. ସଂ. ବିଣ. ସ୍ତ୍ରୀ—ଶ୍ରେଷ୍ଠର ସ୍ତ୍ରୀଲିଙ୍ଗ—Feminine of Śreshṭha

ଶ୍ରେଷ୍ଠାମ୍ବୁ—ସଂ. ବି—୧ । ଉତ୍କୃଷ୍ଟ ଜଳ—1. Excellent water.
Śreshṭhāmbu ୨ । ଚାଉଳଧୁଆ ପାଣି (ଶବ୍ଦକୋଷ)—2. Water obtained by washing rice.

ଶ୍ରେଷ୍ଠାମ୍ଳ—ସଂ. ବି—ବୃକ୍ଷାମ୍ଳ; ବୃକ୍ଷବିଶେଷ—Kokam Butter
Śreshṭhāmla tree; Gracina Purpuria.

ଶ୍ରେଷ୍ଠାଶ୍ରମ—ସଂ. ବି (କର୍ମଧା, ଶ୍ରେଷ୍ଠ+ଆଶ୍ରମ; ଚତୁରାଶ୍ରମ ଅଶ୍ରମ
Śreshṭhāśrama ମଧ୍ୟରେ ପ୍ରଧାନ ଅଶ୍ରମ)—ଗୃହସ୍ଥାଶ୍ରମ—
The condition or state of a householder.
[ତ୍—କାରଣ, ଏ ଅଶ୍ରମୀ ବ୍ୟକ୍ତିମାନେ ଅନ୍ୟ ତିନ ଅଶ୍ରମର ବ୍ୟକ୍ତିମାନଙ୍କୁ ପାଳନ କରନ୍ତି ।]

ଶ୍ରେଷ୍ଠୀ—ସଂ. ବି. ପୁଂ (ଶ୍ରେଷ୍ଠ+ଇନ୍; ଶ୍ରେଷ୍ଠିନ୍; ୧ମା. ୧ବ. ଶିଳ୍ପି-
Śreshṭhī କୁଳର ଶ୍ରେଷ୍ଠ ବ୍ୟକ୍ତି)—୧ । କୁଳୋତ୍ତମ ବ୍ୟକ୍ତି—
(ସେଠ—ଅପଭ୍ରଂଶ ଶବ୍ଦ) 1. An artison of a high-caste. ୨ । ବଣିକ—2. A merchant. ୩ । ସେଠ; ମହାଧନୀ ବଣିକ—4. A millionaire; a merchant prince.

ଶ୍ରୈ (ଧାତୁ)—ସଂ—୧ । ସ୍ୱେଦାକ୍ତ ହେବା—1. To perspire.
Śrai (root) ୨ । ପାକ କରିବା—2. To cook.

ଶ୍ରୋଣ (ଧାତୁ)—ସଂ—୧ । ସ୍ଥୂଳ ହେବା—1. To become fat.
Śroṇ (root) ୨ । ରାଶି କରିବା—2. To heap up; to gather together.

ଶ୍ରୋଣ—ସଂ. ବି. ପୁଂ (ଶ୍ରୋଣ୍ ଧାତୁ+କର୍ତ୍ତୃ. ଅ)—ପଙ୍ଗୁ—
Śroṇa (ଶ୍ରୋଣା—ସ୍ତ୍ରୀ) A leper; a maimed person.

ଶ୍ରୋଣା—ସଂ. ବି (ଶ୍ରୋଣ୍ ଧାତୁ+କର୍ତ୍ତୃ. ଅ+ଆ)—୧ । ଶ୍ରବଣା
Śroṇā ନକ୍ଷତ୍ର—1, The 22nd asterism. ୨ । କାଞ୍ଜି—
2. Fermented rice-gruel; sour rice-water. ୩ । ଖୋଡ଼ା ସ୍ତ୍ରୀଲୋକ—3. A maimed woman. ସଂ. ବିଣ—ପକ୍ୱ (ଶବ୍ଦକୋଷ)—Ripe.

ଶ୍ରୋଣି(ଣୀ)—ସଂ. ବି (ଶ୍ରୋଣ୍ ଧାତୁ=ସ୍ଥୂଳ ହେବା+କର୍ତ୍ତୃ. ଇ; ଈ; ଯେଉଁଠାରେ ମାଂସ ସ୍ଥୂଳ ହୁଏ)—୧ । ନିତମ୍ବଦେଶ;
Śroṇi(ṇi) (ଶ୍ରୋଣି[ଣୀ]ବା—ଅପଭ୍ରଂଶ) ପିଚ୍ଛ—1. The hips; buttocks. ୨ । କଟିଦେଶ—2. The loins. ୩ । ପଥ; ରାସ୍ତା—3. Road. ଗ୍ରା. ବି (ସଂ. ଶୋଣିତ)—ଶୋଣିତ; ରକ୍ତ—Blood. [ଦ୍ର—ଶିବ ଶିରେ ଶ୍ରୋଣି ଶତ୍ରୁଙ୍କର ଜଳଧର—ପ୍ରାଚୀ ବହ୍ନିରୂପଣ ଗୀତା]

ଶ୍ରୋଣି(ଣୀ)କପାଳ—ସଂ. ବି (୬ଷ୍ଠୀ ତତ୍, ଶ୍ରୋଣି+କପାଳ)—
Śroṇi(ṇi)kapāla ଜଙ୍ଘାସ୍ଥି—Thigh-bone.

ଶ୍ରୋଣିତ—ଗ୍ରା. ବି (ସ ଶୋଣିତ)—ରକ୍ତ—Blood. [ଦ୍ର -ପାଣ୍ଡ-
Śroṇita ବଳ ଘେରନ୍ତି ଧୃଷ୍ଟଦ୍ୟୁମ୍ନ ଅଶ୍ୱ, ଦ୍ରୋଣଙ୍କର ଅଙ୍ଗେ ଶ୍ରୋଣିତ ଶୋଣିତ ଲୋହୁ, ସଦୃଶ—ନୃସିଂହ. ମହାଭାରତ. ଦ୍ରୋଣ ।]

ଶ୍ରୋଣି(ଣୀ)ଫଳ—ସଂ. ବି—କଟିଦେଶ (ଶବ୍ଦକୋଷ)—
Śroṇi(ṇi) phala The loins; waist.

ଶ୍ରୋଣି ଫଳକ—ସଂ. ବି—୧ । କଟି ଦେଶର ନିମ୍ନଭାଗ; ପିଚ୍ଛ—
Śroṇi phalaka The lower part of the loins; buttocks. ୨ । କଟି ହାଡ଼—2. The hip bone.

ଶ୍ରୋଣି(ଣୀ) ବିମ୍ବ—ସଂ. ବି—କଟିସୂତ୍ର ଅଣ୍ଟା ସଡା—
Śroṇi(ṇi)bimba Waist-chain.

ଶ୍ରୋଣି(ଣୀ) ସୂତ୍ର—ସଂ. ତ—୧ । କଟିସୂତ୍ର; ଅଣ୍ଟାସୂତା— 1. Waist
Śroṇi(ṇi) sūtra chain. ୨ । ମେଖଳା—2, A girdle ୩ । ଖଡ୍ଗ ଗ ଝୁଲାଇବା ସୂତ୍ର—3, A string to hang down the sword from the waist.

ଶ୍ରୋଣେହା—ଗ୍ରା. ବି (ସଂ, ସ୍ପୃହା; ଶ୍ରଦ୍ଧା)—୧ । କାମୁକ ବ୍ୟକ୍ତି—
Śronehā 1. Lecherous person. (ଦ୍ର—ଶ୍ରୋଣେହା କାମୁକ ତାଙ୍କ ଅଙ୍ଗେ ଶ୍ରୋଣେହାର ଲୋଡ଼େ—ପ୍ରାଚୀ. ରସିକ କାମୁକ ସ୍ପୃହା ସଂଗ୍ରହ ।) ୨ । ସ୍ପୃହା—2. Eagerness. ସ୍ପୃହା ଦେ. ବିଣ—ସ୍ପୃହାଯୁକ୍ତ—Eager; hankering. (ଶ୍ରୋଣେହୀ—ସ୍ତ୍ରୀ)

ଶ୍ରୋତ(ତଃ)—ସଂ. ବି—(ସ୍ରୁ ଧାତୁ=ଗମନ କରିବା+କର୍ତ୍ତୃ. ଅସ୍, ତ
Śrota(taḥ) ଆଗମ; ସ୍ରୋତସ୍ ଶବ୍ଦ)—୧ । ସ୍ରୋତ; ନଦୀର ବେଗ—1. Current of a river or of any watercourse. ୨ । (+କରଣ. ଅସ୍) ଜ୍ଞାନେନ୍ଦ୍ରିୟ 2. The organ of perception or sense. ୩ । ଜ୍ଞାନ—3. Knowledge. ୪ । ଶ୍ରବଣ; କର୍ଣ୍ଣ—[ଶବ୍ଦକୋଷ]—4. Ear. [ଦ୍ର—କଣ୍ଠୋକ୍ତି ଏ କଥା ଶ୍ରୋତ ହେଉଁ ସରସୀ ଭଳିକ କଳରୂପୀ ଧରନ୍ତେ ପଦ୍ମର । ଉତ୍ତ. ବୈଦେହୀଶବିଳାସ ।]

ଶ୍ରୋତବ୍ୟ—ସ. ବିଣ—[ଶ୍ରୁ ଧାତୁ=ଶୁଣିବା+କର୍ମ ତବ୍ୟ]—ଶ୍ରବଣ-
Śrotabya ଯୋଗ୍ୟ; ଶ୍ରବଣୀୟ—Fit to be heard or attended to; audible.

ଶ୍ରୋତରେ—ଦେ· କ୍ରି—[ପ୍ରାଚୀନ ଶବ୍ଦ; ଅସମାପିକା କ୍ରିୟାସ୍ଥଳରେ
Śrotare ବ୍ୟବହୃତ] ଶୁଣନ୍ତେ; ଶୁଣିବାରୁ—On hearing; [ଶ୍ରୋତେ—ଅପଭ୍ରଂଶ] hearing. [ଦ୍ର—ଶ୍ରୋତରେ ସେ ସୁଖ-ସମ୍ପଦ ଶ୍ରୋତରେ ସବୁରେ ତାଙ୍କୁ ମଜାଇଲେ । ଉତ୍ତ. କୋଟ ବ୍ରହ୍ମାଣ୍ଡସୁନ୍ଦରୀ ।]

ଶ୍ରୋତା—ସ. ବିଣ. ପୁଂ—[ଶ୍ରୁ ଧାତୁ=ଶୁଣିବା+କର୍ତ୍ତୃ. ତୃ, ଶ୍ରୋତୃ,
Śrotā ଶବ୍ଦ ୧ମା. ୧ବ]—ଶ୍ରବଣକାରୀ—Hearing; listen-[ଶ୍ରୋତ୍ରୀ—ସ୍ତ୍ରୀ] ing. ବି.—ଯେ ଶାସ୍ତ୍ରାଦି ଶୁଣେ—A hear-[ବକ୍ତା—ବିପରୀତ] er; audience. ଦେ. ବି—୧ । ସ୍ପୃହା— 1. Interest; curiousity; avidity. [ଦ୍ର— ଶୁଣିବା ମନେ ଧର ଶ୍ରୋତା । ଯଶୋବନ୍ତ. ପ୍ରେମଭକ୍ତି ଗୀତା ।] ୨ । ସ୍ନେହ—2. Affection. [ଦ୍ର— ସତ୍ୟଭାମା ମୁଖ ତହୁଁ ଚୂର୍ଣ୍ଣିଲେ କେଶବ, ସେ ଶ୍ରୋତା ଯାହାର ଦେହ ଧରେ କେତେ ଦିନ । ପ୍ରାଚୀ. ରସିକହରାବଳୀ ।]

ଶ୍ରୋତାଞ୍ଜନ—ସ· ବି—ବୈଦ୍ୟଶାସ୍ତ୍ରୋକ୍ତ ବା ଆୟୁର୍ବେଦୋକ୍ତ ଚାରି
Śrotāñjana ପ୍ରକାର ଅଞ୍ଜନ ମଧ୍ୟରୁ ଏକ ପ୍ରକାର—One of the four ointments for the eye as prescribed in the Ayurbeda.

ଶ୍ରୋତ୍ର—ସ. ବି.—[ଶ୍ରୁ ଧାତୁ+କରଣ. ତ୍ର]—୧ । [ଯାହାଦ୍ୱାରା ଶୁଣା
Śrotra ଯାଏ]—କାନ; କର୍ଣ୍ଣ—1. The ear. ୨ । [+ କର୍ମ ତ୍ର; ଯାହାକୁ ଶୁଣା ଯାଏ ଶ୍ରୁ+କରଣ. ତ୍ର; ଯାହାଦ୍ୱାରା ଧର୍ମ ଧର୍ମ ଶୁଣା ଯାଏ]—ଶ୍ରୁତି; ବେଦ—2, The Bedas.

ଶ୍ରୋତ୍ରପଟୁ—ସ. ବିଣ—(୭ମୀ ତତ୍)—ଶୁଣିବା ବିଷୟରେ ପଟୁ
Śrotrapaṭu Skilful in hearing

ଶ୍ରୋତ୍ର ପେୟ—ସ.ବିଣ (ଉପପଦ) ୧। ଆଦର, ସମ୍ମାନ ବା ମନୋଯୋଗ
Śrotra peya ସହିତ ଶୁଣାଯିବାର ଯୋଗ୍ୟ—1. Deserving to be heard with respect and attention. ୨ । କର୍ଣ୍ଣ ମଧୁର—2. Sweet to hear.

ଶ୍ରୋତ୍ର ମାର୍ଗ(ପଥ, ପଦବୀ)—ସଂ. ବି. (ରୂପକ) – କର୍ଣ୍ଣମାର୍ଗ
Śrotra mārga (patha, padabi) The ear as a vehicle for carrying the sound.

ଶ୍ରୋତ୍ର ହୀନ (ବିହୀନ, ରହିତ)—ସଂ. ବିଣ. ପୁଂ (ଉପପଦ)—୧ ।
Śrotra hina (bihina, rahita) ଯାହାର କାନ ନାହିଁ— [ଶ୍ରୋତ୍ରହୀନା (ବିହୀନା, ରହିତା)—ସ୍ତ୍ରୀ) 1.Earless. ୨। ଶ୍ରବଣ [ଶ୍ରୋତ୍ରହୀନତା (ବିହୀନତା, ରହିତ୍ୟ)—ବି] ଶକ୍ତି ରହିତ—2 Devoid of the power of hearing

ଶ୍ରୋତ୍ରିୟ—ସଂ. ବିଣ. ପୁଂ - (ଶ୍ରୋତ୍ର=ବେଦ+ଜ୍ଞାନ ବା ଅଧ୍ୟୟନ
Śrotriya ଅର୍ଥେ ଇୟ)—୧ । ବେଦଜ୍ଞ—1. Versed in Bedas. ୨ । ବେଦାଧ୍ୟାୟୀ—2. Studying the

Bedas. ୩ । କୁଳଶୀଳ ସମ୍ପନ୍ନ—3. Of good lineage and conduct. ବି.—ବେଦଜ୍ଞ ଓ କୁଳଶୀଳ ସମ୍ପନ୍ନ ବ୍ରାହ୍ମଣ—A Brahman versed in the Bedas and of approved conduct. [ଦ୍ର—ଷଡ୍‌ପୁରୁଣ ଉତ୍ତରଖଣ୍ଡରେ ଅଛି—ଜନ୍ମନା ବ୍ରାହ୍ମଣୋଜ୍ଞେୟଃ, ସଂସ୍କାରୈ ର୍ଦ୍ୱିଜଉଚ୍ୟତେ, ବେଦାଭ୍ୟାସୀ ଭବେଦ୍ ବିପ୍ରଃ, ଶ୍ରୋତ୍ରିୟ ସ୍ତ୍ରିଭିରେବହି । ଅର୍ଥାତ୍, ଯେ ବ୍ରାହ୍ମଣ କୁଳରେ ଜାତ ହୋଇ, ଉପନୟନ ଦ୍ୱାରା ସଂସ୍କୃତ ହୋଇ ବେଦାଭ୍ୟାସ କରୁଥିବେ ତାଙ୍କୁହିଁ ଶ୍ରୋତ୍ରିୟ ବୋଲି ଯିବ । ବିଶ୍ୱକୋଷ ।] ଦେ. ବି—ବ୍ରାହ୍ମଣଙ୍କ ଶାଖା ବିଶେଷ; ବୈଦିକ ପନ୍ଥାର ବ୍ରାହ୍ମଣ; ଶାସନୀ ବ୍ରାହ୍ମଣ—A generic name for high caste Brahmans. [ଦ୍ର—ଓଡ଼ିଶାରେ ଏମାନେ କୁଳୀନ ବା ସାଧାରଣ ବ୍ରାହ୍ମଣଙ୍କ ଠାରୁ ପୃଥକ୍ ଓ ଏମାନଙ୍କ ସାମାଜିକ ସ୍ଥାନ ସାଧାରଣମାନଙ୍କ ଉପରେ ଅଟେ । ଗୌଡ଼ (ବଙ୍ଗ) ଦେଶରେ ମଧ୍ୟ ଶ୍ରୋତ୍ରିୟ ବ୍ରାହ୍ମଣ ଅଛନ୍ତି । ଏମାନେ କୁଳୀନ ବଂଶୀୟ ବରକୁ ଅପଣାର କନ୍ୟାକୁ ଦାନ କରି ପାରନ୍ତି, କିନ୍ତୁ କୁଳୀନଙ୍କ ଘରୁ କନ୍ୟା ଆଣି ବିବାହ କରି ପାରନ୍ତି ନାହିଁ ।]

ଶ୍ରୋତ୍ରିୟସାତ୍—ସଂ ବିଣ—(ଶ୍ରୋତ୍ରିୟ+ଦେୟ ବା ଦତ୍ତାର୍ଥେ ସାତ୍)—
Śrotriyasāt ଶ୍ରୋତ୍ରିୟ ବ୍ରାହ୍ମଣଙ୍କୁ ଦେୟ ବା ଦତ୍ତ (ବିଶ୍ୱକୋଷ) —(any thing) Dedicated or given away to a Śrotriya Brahmaṇa.

ଶ୍ରୋତ୍ରେନ୍ଦ୍ରିୟ—ସଂ. ବି.—ଶ୍ରବଣେନ୍ଦ୍ରିୟ; କାନ—The organ of
Śrotrendriya hearing; the ear.

ଶ୍ରୋହା—ଗ୍ରା. ବି—(ସଂ ସ୍ପୃହା)—ସ୍ପୃହା (ଦେଖ)
Śrohā Spruhā (See)
स्प्‌हा स्पृहा

ଶ୍ରୋହୀ—ଗ୍ରା. ବିଣ. (ପୁଂ ଓ ସ୍ତ୍ରୀ)—(ସଂ. ସ୍ପୃହାବାନ୍)—ସ୍ପୃହାବିଶିଷ୍ଟ—
Śrohī Eager for; hankering after.

ଶ୍ରୌତ—ସଂ ବିଣ—(ଶ୍ରୁତି+ଭବାର୍ଥେ ଅ)—ଶ୍ରୁତି-ବିହିତ; ବେଦ-
Śrauta ବିହିତ—Enjoined by the Bedas. ବି—୧ ଯଜ୍ଞାଗ୍ନିତ୍ରୟ (ଗାର୍ହପତ୍ୟ, ଆହବନୀୟ ଓ ଦକ୍ଷିଣ)—1. Three of the sacrificial fires. ୨ । ବେଦ-ବିହିତ ଧର୍ମାଦି (ବିଶ୍ୱକୋଷ)—2. Action or conduct enjoined by the Bedas. [ଦ୍ର—ଧର୍ମ ଦୁଇ ପ୍ରକାର—ଶ୍ରୌତ (ଶ୍ରୁତିବିହିତ) ଓ ସ୍ମାର୍ତ୍ତ (ସ୍ମୃତିବିହିତ) । ଦାନ, ଅଗ୍ନିହୋତ୍ର, ଯଜ୍ଞ ଶ୍ରୌତ; ବର୍ଣ୍ଣାଶ୍ରମ ଆଚାର, ଯମ, ନିୟମ ସ୍ମାର୍ତ୍ତ ।

ଶ୍ରୌତ୍ର—ସଂ. ବି (ଶ୍ରୋତ୍ର+ସ୍ୱାର୍ଥେ. ଅ)—୧ । କର୍ଣ୍ଣ—1. The ear.
Śrautra ୨ । ବୈଦିକ କର୍ମ—2. Vedic rites. ୩। ଶ୍ରୋତ୍ର ସମୂହ (ବିଶ୍ୱକୋଷ)—3. A number of Śrotras.

ଶ୍ଲକ୍ (ଧାତୁ)—ସଂ—ଗତି କରିବା (ବିଶ୍ୱକୋଷ)—
Ślak (root) To move.

ଶ୍ଲକ୍ଷ୍ଣ—ସ. ବି (ଶ୍ଲିଷ୍ ଧାତୁ=ଆଲିଙ୍ଗନ କରିବା+କର୍ମ. କ୍ନ)—
Ślakshṇa ୧ । ଅଳ୍ପ—1. Little; meagre. ୨ (ଶ୍ଲକ୍ଷ୍ଣା—ସ୍ତ୍ରୀ) ସୂକ୍ଷ୍ମ—2. Minute; fine. ୩ । ମନୋହର— [ଶ୍ଲକ୍ଷ୍ଣତା—ବି] 3. Graceful; pleasing. ୪ । ସ୍ନିଗ୍ଧ—4. Oily. ୫ । କୃଶ—5. Weak; lean; emaciated. ୬ । ଚିକ୍କଣ—6. Smooth; slippery. ୭ । ମଧୁର (ବାକ୍ୟ)—7. Sweet (word)

ଶ୍ଲକ୍ଷ୍ଣକ—ସଂ. ବି (ବୈଦ୍ୟକ)—ପୂଗଫଳ; ଗୁଆ (ଫଳ ଓ ବୃକ୍ଷ)—
Ślakshṇaka Areca nut (tree and fruit).
ସଂ. ବିଣ—ଶ୍ଲକ୍ଷ୍ଣ (ଦେଖ)—Ślakshṇa (See)

ଶ୍ଲକ୍ଷ୍ଣତ୍ୱକ୍—ସଂ. ବି (କର୍ମଧା; ଶ୍ଲକ୍ଷ୍ଣ+ତ୍ୱଚ୍, ୧ମା. ୧ବ)—୧ । ସୁନ୍ଦର
Ślakshṇa twak ବଲ୍କଳ—1. Beautiful bark. ୨ । (ବହୁବ୍ରୀହି) ଅଶ୍ମନ୍ତକ ଶାକ (ବିଶ୍ୱକୋଷ)—2. A kind of potherb. [ଦ୍ର—ଏହା ରୁକୁଣା ହାତ ପୋଇ ଶାଗ ହେବ କି ?)

ଶ୍ଲଗ୍ (ଧାତୁ)—ସଂ.—ଗମନ କରିବା—
Ślag (root) To go; to move.

ଶ୍ଲଥ୍ (ଧାତୁ)—ଶିଥିଳ ବା ଢିଲା ହେବା—To become slack
Ślath (root) or loose.

ଶ୍ଲଥ—ବୈଦେ. ବି (ଇଂ ସ୍ଲଥ୍=ଆଳସ୍ୟ)—ଆମେରିକା ଦେଶୀୟ
Ślath ଏକ ପ୍ରକାର ବନ ମାର୍ଜ୍ଜାର—Sloth (a feline animal of America)
श्लथ स्लथ

ଶ୍ଲଥ—ସ. ବିଣ (ଶ୍ଲଥ. ଧାତୁ+କର୍ତ୍ତ୍ର ଅ) ୧ । ଶିଥିଳ; ଢିଲା.
Ślatha ଢିଲା—1, Slackened; loosened; slack; [ଶ୍ଲଥତା(ତ୍ୱ)—ବି] loose ୨ । ଦୁର୍ବଳ (ବିଶ୍ୱକୋଷ)—2, Weak,

ଶ୍ଲଥକୁଚା—ସଂ. ବିଣ. ସ୍ତ୍ରୀ (ଶ୍ଲଥକୁଚ+ଆ; ବହୁବ୍ରୀହି ଶିଥିଳ ସ୍ତନ—
Ślathakuchā (woman) With flaccid or hanging breasts,
(ଦ୍ର ଲମ୍ବିତକୁଚ—ବିପରୀତ)

ଶ୍ଲଥଚର୍ମ—ସ. ବି (କର୍ମଧା)—(ବାର୍ଦ୍ଧକ୍ୟାଦି ଯୋଗୁଁ)—ଲମ୍ବିତ ଚର୍ମ—
Ślathacharma Skin which has become loose owing to old age,

ଶ୍ଲଥଚର୍ମା—ସଂ. ବିଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ଶ୍ଲଥ+ଚର୍ମନ; ୧ମା
Ślathcharmā ୧ବ)—ଯେଉଁ ବୃଦ୍ଧବ୍ୟକ୍ତିର ଚମଡ଼ା ଓହୋଳି ପଡ଼ିଅଛି—(an old person) With hanging folds of skin.

ଶ୍ଲଥତା(ତ୍ୱ)—ସ. ବି—(ଶ୍ଲଥ+ଭାବ. ତା, ତ୍ୱ)—ଶୈଥିଲ୍ୟ; ଶିଥିଳତା;
Ślathatā(twa) Looseness; flaccidity.

ଶ୍ଲଥ ବନ୍ଧନ—ସଂ. ବିଣ ପୁଂ—(ବହୁବ୍ରୀହି)—ଯାହାର ଗଣ୍ଠି ବା ବନ୍ଧନ
Ślatha bandhana ଢିଲା ଯାଇଅଛି—Having the knots loosened.
[ଶ୍ଲଥବନ୍ଧନା—ସ୍ତ୍ରୀ]

ଶ୍ଳଥ ଭାବେ—ଦେ. କ୍ରି—ଢିଲା ଭାବରେ—
Ślatha bhābe Loosely; weak. [ଉ—ଶ୍ଳଥଭାବେ ଅଲିଙ୍ଗନ କରୁ ତୃପ୍ତିମାନ ସେ। ପ୍ରାଚୀ. ଉତ୍ତରାର୍ଦ୍ଧ।]

ଶ୍ଳାଘ୍ (ଧାତୁ)—ସଂ—ପ୍ରଶଂସା କରିବା—
Ślāgh (root) To praise.

ଶ୍ଳାଘ—ଦେ. ବି—[ସଂ. ଶ୍ଳାଘା)—ଆତ୍ମ ପ୍ରଶଂସା—
Ślāgha Self-praise. [ଉ—ବୋଲୁଁ ଶ୍ଳାଘ, ବାଳବ ପିଙ୍ଗ ଦେଲେ ଅର୍ଘ୍ୟ। ଉପେ. ବୈଦେହୀଶବିଳାସ।]

ଶ୍ଳାଘନ—ସଂ. ବିଣ. ପୁଂ—(ଶ୍ଳାଘ୍ ଧାତୁ+କର୍ତ୍ତୃ. ଅନ)—ଅତ୍ମପ୍ରଶଂସାକାରୀ—(ଶବ୍ଦକୋଷ)—Self-praising.
Ślāghana
ସଂ. ବି—(+ଭାବ. ଅନ) ଶ୍ଳାଘା; ଆତ୍ମପ୍ରଶଂସା—Self-praise.

ଶ୍ଳାଘନୀୟ—ସଂ. ବିଣ—(ଶ୍ଳାଘ୍ ଧାତୁ+କର୍ମ. ଅନୀୟ)—ଶ୍ଳାଘ୍ୟ (ଦେଖ)
Ślāghaniya Ślāghya (See)
[ଶ୍ଳାଘନୀୟା—ସ୍ତ୍ରୀ] [ଶ୍ଳାଘନୀୟତା—ବି]

ଶ୍ଳାଘା—ସଂ. ବି—(ଶ୍ଳାଘ୍ ଧାତୁ+ଭାବ. ଅ+ଆ)—୧। ପ୍ରଶଂସା—
Ślāghā 1. Praise; eulogy. ୨। ଅଭିଳାଷ; ଇଚ୍ଛା—2. Inclination; desire. ୩। ପରିଚର୍ଯ୍ୟା; ସେବା—3. Service; attendance. ୪। ଆତ୍ମଗୁଣଖ୍ୟାପନ—4. Act of proclaiming one's own excellence or good qualities; self-adulation.

ଶ୍ଳାଘା ରହିତ—ସଂ. ବିଣ ପୁଂ—(ତୃତ୍ୟା ତତ୍)—ଆତ୍ମ ପ୍ରଶଂସା ଶୂନ୍ୟ—
Ślāghā rahita Free from self praise.
[ଶ୍ଳାଘାରହିତା—ସ୍ତ୍ରୀ] [ଶ୍ଳାଘାରହିତ୍ୟ—ବି]

ଶ୍ଳାଘୀ—ସଂ. ବିଣ—(ଶ୍ଳାଘିନ୍ ଶବ୍ଦ, ଶ୍ଳାଘା+ଅସ୍ତ୍ୟର୍ଥରେ. ଇନ୍)—
Ślāghi ୧। ପ୍ରଶଂସାକାରୀ—1. Praising.
[ଶ୍ଳାଘିନୀ—ସ୍ତ୍ରୀ] ୨। ଆତ୍ମପ୍ରଶଂସାକାରୀ—2. Self-eulogising.

ଶ୍ଳାଘ୍ୟ—ସଂ. ବିଣ—(ଶ୍ଳାଘ୍ ଧାତୁ+କର୍ମ. ଯ)—୧। ପ୍ରଶଂସନୀୟ;
Ślāghya ପ୍ରଶଂସାର୍ହ—1. Deserving praise;
(ଶ୍ଳାଘ୍ୟା—ସ୍ତ୍ରୀ) praiseworthy; commendable. ୨। ପ୍ରଶସ୍ତ—2. Excellent. ୩। ସ୍ପୃହଣୀୟ—3. Desirable. ୪। ବାଞ୍ଛିତ—4. Wished for.

ଶ୍ଳିକୁ—ସଂ. ବି—(ଶ୍ଳିଷ୍ ଧାତୁ+କର୍ତ୍ତୃ. କୁ, ଷ ସ୍ଥାନରେ କ ଆଗମ)—
Śliku ୧। ଭୃତ୍ୟ—1. A servant. ୨। ଲମ୍ପଟ—2. Libertine; a lewd person. ୩। (+କର୍ମ. କୁ)—ଜ୍ୟୋତିଃଶାସ୍ତ୍ର—3. Astronomy and astrology.

ଶ୍ଳିପ୍—ବୈଦେ. ବି. (ଇଂ)—ସ୍ଲିପ୍ (ଦେଖ)
Ślip Ślip(See)

ଶ୍ଳିଷ (ଧାତୁ)—ସଂ—୧। ଆଲିଙ୍ଗନ କରିବା—
Ślish (root) 1. To embrace; to hug. ୨। ଦାହ କରିବା (ଶବ୍ଦକୋଷ)—2. To burn.

ଶ୍ଳିଷା—ସଂ. ବି—(ଶ୍ଳିଷ୍ ଧାତୁ+ଭାବ. ଅ+ଆ)—ଆଲିଙ୍ଗନ—
Ślishā Embrace

ଶ୍ଳିଷ୍ଟ—ସଂ, ବିଣ—(ଶ୍ଳିଷ୍ ଧାତୁ+କର୍ମ. ତ)—୧। ଆଲିଙ୍ଗିତ—
Ślishṭa 1. Embraced. ୨। (+କର୍ତ୍ତୃ. ତ; ଶ୍ଳେଷ (ଶ୍ଳିଷ୍ଟା—ସ୍ତ୍ରୀ) (ଶ୍ଳିଷ୍ଟି—ସ୍ତ୍ରୀ) ଯୁକ୍ତ; ଅନେକାର୍ଥ ବାଚକ—2. Conveying many meanings; containing a pun. ୩। ସମ୍ପୃକ୍ତ; ସଂଯୁକ୍ତ—3. Joined with; conjoined; connected with; adhering to. ସଂ. ବି—୧। (+ଭାବ. ତ) ଆଲିଙ୍ଗନ (ଶବ୍ଦକୋଷ)—1. Embrace. ୨। ଶ୍ଳେଷଯୁକ୍ତ ବାକ୍ୟ; ଅନେକାର୍ଥକ ଏକରୂପାକୃତ ବାକ୍ୟ (ଶବ୍ଦକୋଷ) 2. Expression having different meaning or meanings other than the apparent one

ଶ୍ଳିଷ୍ଟ ବର୍ତ୍ମ—ସଂ. ବି—(କର୍ମଧା; ଶ୍ଳିଷ୍ଟ+ବର୍ତ୍ମନ୍)—ଅଚ୍ଛନ୍ନ ବର୍ତ୍ମ,
Ślishṭa barttma ପରିଷ୍କାର ପଥ (ଶବ୍ଦକୋଷ)—Clean road

ଶ୍ଳିଷ୍ଟ ରୂପକ—ସଂ. ବି—ରୂପକାଳଙ୍କାର ଭେଦ—
Ślishṭa rūpaka A kind of covert simile, [ଉ—ଯେଉଁ ସ୍ଥଳରେ ଶ୍ଳିଷ୍ଟ ଶବ୍ଦଦ୍ୱାରା ରୂପକାଳଙ୍କାର ହୁଏ ସେହି ସ୍ଥଳରେ ଏହି ଅଳଙ୍କାର ହୁଏ—ଶବ୍ଦକୋଷ]

ଶ୍ଳିଷ୍ଟାକ୍ଷେପ—ସଂ. ବି—(କର୍ମଧା)—ଆକ୍ଷେପାଳଙ୍କାର ବିଶେଷ—
Ślishṭākshepa A kind of covert figure of speech. [ଉ—ଶ୍ଳିଷ୍ଟ ପଦ ପ୍ରୟୋଗ ଦ୍ୱାରା ଯେଉଁଠାରେ ଆକ୍ଷେପୋକ୍ତି ହୁଏ ସେଠାରେ ଏ ଅଳଙ୍କାର ହୁଏ

ଶ୍ଳିଷ୍ଟାର୍ଥ—ସଂ. ବି—ଶ୍ଳେଷାର୍ଥ (ଦେଖ)
Ślishṭārtha Śleshārtha (See)
[ଉ—ଅଭଳିତ, ଅଥଚ ଅବିଶ୍ଲିଷ୍ଟ ଏକରୂପାକୃତ ବାକ୍ୟକୁ ଶ୍ଳିଷ୍ଟ ବୋଲଯାଏ। ଉଦାହରଣ ସ୍ୱରୂପ,କଣକୁ ଶ୍ଳିଷ୍ଟଦ୍ୱାରା କଣା କହିବାକୁ ହେବ, ଏପର ସ୍ଥଳରେ ଏରୂପ ବାକ୍ୟରେ କହିବାର ବିଷୟ ଅବିଶ୍ଳିଷ୍ଟ ଭାବରେ ରହିତ ଥିବ, ଅଥଚ ପ୍ରଥମେ ଶୁଣିବା ଲୋକକୁ ତାହା କଣା ବୋଲି ଜଣାପଡ଼ିବ ନାହିଁ; କିନ୍ତୁ ସେ ବାକ୍ୟକୁ ଚିନ୍ତାକରି ବୁଝିଲେ ସେଥିରେ ବାକ୍ୟ ପ୍ରୟୋଗକାରୀର ଅଭିପ୍ରାୟ କଣା ବୁଝାଯିବ (ଶବ୍ଦକୋଷ।) ଶ୍ଳେଷ ଶବ୍ଦ ଦେଖ।]

ଶ୍ଳୀଁ—ଦେ. ବି—ଶ୍ରୀଁ (ଦେଖ)
Ślīñ Śrīñ (See)

ଶ୍ଳୀପଦ—ସଂ. ବି—(ସ. ତ. ରୋଗ; ଶ୍ରୀଯୁକ୍ତ ବା ବୃଦ୍ଧିଯୁକ୍ତ+ପଦ—
Ślipada କର୍ମଧାରୟ)—ଗୋଦର ରୋଗ; ପାଦଫୋଲ ରୋଗ; ପାଦବଲ୍ଲୀକ; ହାତ ଗୋଡ଼କୁ ବଡ଼ କରିବା ରୋଗ—

Elephantiasis (of the legs, hands, female breasts, scrotum and penis

[ଦ୍ର—ଯେଉଁ ଦେଶର ଜମି ଅଧିକସ୍ଥ ନମ୍ର, ଏଥିଯୋଗୁଁ ଓ ସୂର୍ଯ୍ୟକିରଣର ଅଳ୍ପତା ବଶତଃ ଭୂମିରୁ ଜଳ ଶୁଷ୍କ ହୁଏ ନାହିଁ ଏବଂ ଉକ୍ତ ଦେଶ ସବୁ ଋତୁରେ ସନ୍ତସନ୍ତିଆ ରହେ, ସେହି ସବୁ ସ୍ଥାନରେ ଏ ରୋଗ ବେଶୀ ଧରେ । ଏଥିରେ ପ୍ରଥମେ କୋଷବୃଦ୍ଧି ହୁଏ ଓ ଉତ୍ତାରେ ଜ୍ୱର ହୋଇ କାଶସନ୍ଧର, ବେକର ବା କୋଲର ଗିଲଟି ଫୁଲି ଦରଜ ହୁଏ ଓ ତତ୍ପରେ ଗୋଡ଼, ହାତ, ପୁରୁଷଙ୍କ ଲିଙ୍ଗ, କୋଷ, ସ୍ତ୍ରୀମାନଙ୍କ ସ୍ତନ ଆଦି ଶରୀରର ଝୁଲୁଥିବା ବା ତଳକୁ ଲମ୍ବି ଥିବା ଅଙ୍ଗ ଦରଜ ହୋଇ ଫୁଲିଯାଏ । ଏହି ଫୁଲିଯିବାକୁ 'ଗୋଡ଼ ଗଡ଼ିବା' କହନ୍ତି । ବୈଦ୍ୟଶାସ୍ତ୍ର ମତରେ ଶ୍ଳୀପଦ ୩ ପ୍ରକାର, ବାତଜ,ଶ୍ଳୈଷ୍ମିକ ଓ ପୈତ୍ତିକ । ଏ ତ୍ରିବିଧ ଶ୍ଳୀପଦ କଫର ଅଧିକ୍ୟରୁ ହୁଏ ବୋଲି ବୈଦ୍ୟଶାସ୍ତ୍ରର ମତ ଅଛି । ଯେଉଁ ଶ୍ଳୀପଦ ଉଇହୁଙ୍କା ପରି ବହୁ ଶିଖାବିଶିଷ୍ଟ ଓ ଗ୍ରନ୍ଥିଯୁକ୍ତ ହୁଏ ଓ ଯେଉଁ ଶ୍ଳୀପଦର ଫୁଲା ଏକ ବର୍ଷରୁ ଅଧିକ ରହିଥାଏ ତାହା ଅସାଧ୍ୟ । ଏହି ଜରକୁ ବାତଜର ବୋଲାଯାଏ । ଏ ଜର ଅନେକ ଦିନ ରହେ ଓ ଜର ସଙ୍ଗେ ସଙ୍ଗେ ଗିଲଟି ଦରଜ ହୋଇ କୌଣସି ଅଙ୍ଗ ଫୁଲିଯାଏ । ତା ପରେ ଜର ଛାଡ଼ିଯାଏ, କିନ୍ତୁ ଉକ୍ତ ଅଙ୍ଗରେ ଫୁଲା ରହିଯାଏ; କିନ୍ତୁ ଦରଜ ଛାଡ଼ିଯାଏ । ପୁଣି ମାସେ ପନ୍ଦର ଦିନ ପରେ ଜର ହୁଏ ଓ ଉକ୍ତ ଫୁଲିବା ଅଙ୍ଗ ଅଧିକ ଫୁଲିଯାଏ । ପୂର୍ଣ୍ଣିମା ଅବ ଦିନରେ ଅଙ୍ଗରେ ରସାଧିକ୍ୟ ହୁଏ ଓ ସେହି ସମୟରେ ବାତଜ୍ୱର ଆକ୍ରମଣ କରେ । ବୈଦ୍ୟଶାସ୍ତ୍ରରେ ଶ୍ଳୀପଦ ପାଇଁ ଅନେକ ପ୍ରକାର ଔଷଧର ଓ ଲେପର ବ୍ୟବସ୍ଥା ଅଛି । ବର୍ତ୍ତମାନ ଯୁଗର ଡାକ୍ତରମାନେ ସ୍ଥିର କରିଅଛନ୍ତି ଯେ Filaria (ଫାଇଲେରିଆ) ନାମକ କୀଟାଣୁ ଏ ରୋଗ ଜନ୍ମାନ୍ତି ଓ ସୂଚୀପ୍ରୟୋଗଦ୍ୱାରା ଏ କୀଟାଣୁଙ୍କୁ ଦେହରୁ ବହିଷ୍କାର କରି ଶ୍ଳୀପଦ ରୋଗ ଭଲ କରିବା ପାଇଁ ଉଦ୍ୟମ ଲାଗିଅଛି । ଯେଉଁ ଯେଉଁ ଅଙ୍ଗରେ ଶ୍ଳୀପଦ ହୁଏ ସେ ଅଙ୍ଗରେ ମାଂସ ବୃଦ୍ଧି ହୁଏ । କାହାର କାହାର ଏକ ପାଖର ହାତ ବା ଏକ ପାଖର ଗୋଡ଼ ବା ଏକ ପାଖର କୋଷ ବା ସ୍ତନ କ୍ଷୀତ ହୁଏ; କାହାର ଦୁଇ ପାଖର ଅଙ୍ଗ କ୍ଷୀତ ହୁଏ । ସୂର୍ଯ୍ୟାସ୍ତଠାରୁ ଅପର ଦିବସର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଉପବାସ ବା ଜଳାଦି ପାନତ୍ୟାଗହିଁ ଏ ରୋଗର ପ୍ରଧାନ ମହୌଷଧ ବୋଲି ପରୀକ୍ଷା ଦ୍ୱାରା ଦେଖାଯାଇଅଛି । ଗୋଡହାତର ଶ୍ଳୀପଦକୁ ଗୋଦର, କୋଷର ଶ୍ଳୀପଦକୁ ଭୁରୁଣ୍ଡ, ଲିଙ୍ଗର ଶ୍ଳୀପଦକୁ ବାତଶୁଣ୍ଢିଆ ଓ ସ୍ତନର ଶ୍ଳୀପଦକୁ ଥନଦର ବୋଲାଯାଏ । ଶ୍ଳୀପଦଯୁକ୍ତ କୋଷକୁ ଡାକ୍ତରମାନେ ଅପରେସନ୍ କରନ୍ତି । ଅପରେସନ୍ ଫଳରେ ଗୋଟିଏ ଗୋଟିଏ ଶ୍ଳୀପଦଯୁକ୍ତ କୋଷରୁ ଏକ ମହଣ ମାଂସ ବାହାରିବା ଦେଖାଯାଇଅଛି । କୋଷବର୍ଦ୍ଧକ ଶ୍ଳୀପଦ ରୋଗାକ୍ରମଣର ଗୋଟିଏ ଅନୁପୂର୍ବିକ ଲକ୍ଷଣ । କେତେକ ରୋଗୀଙ୍କ କ୍ଷୀତ ଅଙ୍ଗରେ ଅଣ୍ଡବାତର ଭଳି ଅନୁମାନ ବାହାରେ ।]

ଶ୍ଳୀପଦ ପ୍ରଭବ—ସଂ. ବି (ଶ୍ଳୀପଦ+ପ୍ରଭବ; ଶ୍ଳୀପଦ ପରି ଯେ ବୃଦ୍ଧି Slipada prabhaba ପାଏ)—ଅମ୍ବ ଗଛ (ଏଥିରେ ଗୋଦର ଗୋଡ଼ପରି ଅନୁ ବାହାରି ଥିବାରୁ)—Mango tree.

ଶ୍ଳୀପଦାପହ—ସଂ. ବି—ପୁତ୍ରଞ୍ଜୀବ ବୃକ୍ଷ; ପୋଇଗୁଣ୍ଡିଆ ଗଛ—Slipadāpaha Putranjiba Roxburghii (tree)

ଶ୍ଳୀପଦୀ—ସଂ. ବିଣ. ପୁଂ (ଶ୍ଳୀପଦ+ଇନ୍; ୧ମା. ୧ବ)—ଗୋଦର ବା Slipadi ଭୁରୁଣ୍ଡ; ଶ୍ଳୀପଦରୋଗଗ୍ରସ୍ତ—Suffering from elephantiasis.
[ଶ୍ଳୀପଦିନୀ—ସ୍ତ୍ରୀ]

ଶ୍ଳୀଳ—ସଂ. ବିଣ. (ପୁଂ)—(ଶ୍ରୀ+ସ୍ୱାର୍ଥେ. ଲ; ଶ୍ରୀ=ଶ୍ଳୀ)—Slila ୧ । ଶ୍ରୀଯୁକ୍ତ—1. Glorious; beautiful. ୨ । (ଶ୍ଳୀଳା—ସ୍ତ୍ରୀ) ସୌଭାଗ୍ୟବାନ୍—2. Fortunate. ୩ । ସୁଖୀ—[ଅଶ୍ଳୀଳ—ବିପରୀତ] 3. Happy. ୪ । ଶିଷ୍ଟ; ଭଦ୍ର—[ଶ୍ଳୀଳତା—ବି] 4. Gentlemanly; decent.

ଶ୍ଳୁଇଶ—ବୈଦେ. ବି (ଇଂ)—ପାଣି ବୋହିଯିବା ପାଇଁ ଯୋଲଠାରେ Sluis ଲଗାଯାଇ ହେବା ଫୁକାର ବା ନଳା—
ସ୍ଲୁଇସ ସ୍ଲୁଇସ Sluice.
[ଶ୍ଳୁଶ—ଅନ୍ୟରୂପ]

ଶ୍ଳୁଇଶ୍ ଗେଟ୍—ବୈଦେ. ବି (ଇଂ)—ଫୁକାରର କବାଟ—Sluis get Sluice gate.
ସ୍ଲୁଇସ ଗେଟ ସ୍ଲୁଇସ ଗେଟ
(ଶ୍ଳୁଶ୍ ଗେଟ୍—ଅନ୍ୟରୂପ)

ଶ୍ଳେଷ—ସଂ. ବି—(ଶ୍ଳିଷ୍ ଧାତୁ+ଭାବ ଅ)—୧ । ଆଶ୍ଳେଷ; ଆଲିଙ୍ଗନ Slesha —1. Embrace. ୨ । ସଂଶ୍ରବ; ସଂଯୋଗ; ସମ୍ବନ୍ଧ—2. Union; conjunction; connection ୩ । ଶବ୍ଦର ଅନେକାର୍ଥରେ ପ୍ରୟୋଗ—3. A pun on words. ୪ । ଏକଶବ୍ଦର ଦ୍ୱିବିଧାର୍ଥରେ ପ୍ରୟୋଗ—4 Double meaning of a word. ୫ । ସନ୍ଦିଗ୍ଧାର୍ଥତା—5, Ambiguity. ୬ । ପ୍ରହେଳିକା—6 Riddle; conondrum; word puzzle ୭ । ଶବ୍ଦାଲଙ୍କାର ବିଶେଷ; ଏକ ଶବ୍ଦର ଅନେକାର୍ଥରେ ପ୍ରୟୋଗ ରୂପ ଅଲଙ୍କାର—7 A figure in rhetoric; a pun. [ଦ୍ର—ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ଆଠ ପ୍ରକାର ଶ୍ଳେଷାଳଂକାର ବର୍ଣ୍ଣିତ ହୋଇଅଛି । ଯଥା—ବର୍ଣ୍ଣଶ୍ଳେଷ, ପ୍ରତ୍ୟୟଶ୍ଳେଷ, ଲିଙ୍ଗଶ୍ଳେଷ, ପ୍ରକୃତିଶ୍ଳେଷ, ପଦଶ୍ଳେଷ, ବିଭକ୍ତିଶ୍ଳେଷ, ବଚନଶ୍ଳେଷ ଓ ଭାଷାଶ୍ଳେଷ । (କିନ୍ତୁ ଓଡ଼ିଆ ଭାଷାରେ ପ୍ରତ୍ୟେକର ଉଦାହରଣ ମିଳିବା ଦୁଷ୍କର) । ବର୍ଣ୍ଣ, ପଦ, ଲିଙ୍ଗ, ଭାଷା, ପ୍ରକୃତି ପ୍ରତ୍ୟୟ, ବିଭକ୍ତି, ବଚନ ଭେଦରେ ଶ୍ଳେଷ ଆଠ ପ୍ରକାର

ହୁଏ। ଅମ ଓଡ଼ିଅରେ ପ୍ରାୟଶଃ ତିନ ପ୍ରକାର ଶ୍ଳେଷ ଦେଖାଯାଏ । ଯଥା :—ଅଭଙ୍ଗଶ୍ଳେଷ, ସଭଙ୍ଗଶ୍ଳେଷ, ଭଙ୍ଗାଭଙ୍ଗଶ୍ଳେଷ ।

ଅଭଙ୍ଗଶ୍ଳେଷ—ଯେଉଁ ରଚନାରେ ପଦମାନଙ୍କୁ ନ ଭାଙ୍ଗି ପ୍ରତ୍ୟେକ ବାକ୍ୟର ଦୁଇଟି ବା ତତୋଽଧିକ ଅର୍ଥ ହୋଇପାରେ ।

ଯଥା :—ବାରୁ ନାକ ଶିଖ ବାନ ଯୋଗ୍ୟ ଯୋଖାକୁ । ଉକ୍ତି—ବୈଦେହୀଶବିଳାସ ।

ସଭଙ୍ଗଶ୍ଳେଷ—ଯେଉଁ ରଚନାରେ ଅନ୍ୟତ୍ର ପଦମାନଙ୍କର ଗୋଟିଏ ଅର୍ଥ ହୁଏ, କିନ୍ତୁ ସେ ପଦମାନଙ୍କ ଅକ୍ଷରକୁ ଭାଙ୍ଗିଦେଲେ ନୂତନ ଶବ୍ଦ ଓ ନୂତନ ଅର୍ଥ ହୁଏ ।

ଯଥା—ବହର ବାଳକର ଅଭଙ୍ଗକରୁ । ଉକ୍ତି—ବୈଦେହୀଶବିଳାସ ।

ଭଙ୍ଗାଭଙ୍ଗଶ୍ଳେଷ—ଯେଉଁ ରଚନାରେ ଅଭଙ୍ଗଶ୍ଳେଷ ଓ ସଭଙ୍ଗଶ୍ଳେଷଦ୍ୱାରା ଦ୍ୱିବିଧ ଅର୍ଥ ପ୍ରକାଶ ପାଏ ।

ଯଥା—ଘନଭାସ ବନାଶନ ପାଇବ ସେ ବର, ଲକ୍ଷିତ ନୋହିଛୁ ଅଛୁତ ବଣିବସ । ଅବମନ୍ୟୁ—କବିଚନ୍ଦ୍ରଚନ୍ଦ୍ରାମଣି । ଦେ. ବି. ପରିହାସ—Joke.

ଶ୍ଳେଷକ—ସଂ. ବିଣ—(ଶ୍ଳିଷଧାତୁ+କର୍ତ୍ତୃ ଅକ)-ସଂଲଗ୍ନ (ଶବ୍ଦକୋଷ)—
Śleshaka Attached to,

ଶ୍ଳେଷ କଟୁ—ସଂ ବିଣ—(ମ.ପ. ଲୋ; ଶ୍ଳେଷଯୁକ୍ତ ହେବା ଯୋଗୁଁ କଟୁ)—
Ślesha katu ପରିହାସାତ୍ମକ ଓ ମର୍ମଭେଦୀ ବା କର୍କଶ (ବାକ୍ୟ)-ସ୍ୱର ଆଦି)—(Word or tone) Made harsh by irony; ironical and harsh,

ଶ୍ଳେଷଣ—ସଂ. ବି—(ଶ୍ଳିଷଧାତୁ+ଭାବ ଅନ)—ମିଳନ
Śleshana Union

ଶ୍ଳେଷ ବଚନ—ସଂ ବି—(ମ. ପ.ଲୋ; ଶ୍ଳେଷଯୁକ୍ତ ବଚନ)—ଦ୍ୱିବିଧାର୍ଥ-
Ślesha bachana ବୋଧକ ବାକ୍ୟ—Pun; equivocal (ଶ୍ଳେଷ ବାକ୍ୟ—ଅନ୍ୟରୂପ) expression. ଦେ. ବି.—୧। ସ୍ଳେଷ ବଚନ ବ୍ୟଙ୍ଗୋକ୍ତି; ପରିହାସାତ୍ମକ ଉକ୍ତି; ଭୃସାଣ—1, Irony; inuendo. ୨ । ଥଟ୍ଟା; ପରିହାସ—2, Joke.

ଶ୍ଳେଷ ବକ୍ରୋକ୍ତି—ସଂ. ବି.—ବକ୍ରୋକ୍ତି ୪ (ଦେଖ)
Ślesha bakrokti Bakrokti 4 (See)

ଶ୍ଳେଷମ—ଗ୍ରା ବି—(ସଂ ଶ୍ଳେଷ୍ମନ୍)—ସରଦି
Śleshama Catarrh; catching cold; chill
ଶ୍ଲେଷ୍ମା ସ୍ଲେଷ୍ମା

ଶ୍ଳେଷମା-ଦେ. ବିଣ—୧। ଶ୍ଳେଷ୍ମପ୍ରକୃତିକ; ଯାହାର କଫଧାତୁ—1 Of
Śleshamā phlegmatic temperament ୨ । ଢେଲମା (ଶ୍ଳେଷମୀ—ସ୍ତ୍ରୀ) ଅଳସ; ଜଡ଼—2 Idle; inert.
ଶ୍ଲେଷ୍ମା ସ୍ଲେଷ୍ମା

ଶ୍ଳେଷୋକ୍ତି—ସଂ, ବି—(ମ ପ ଲୋ)—ଶ୍ଳେଷ ବଚନ (ଦେଖ)
Śleshokti Ślesha bachana (See)

ଶ୍ଳେଷ୍ମକ—ସଂ ବି—(ଶ୍ଳେଷ୍ମନ୍ +ସ୍ୱାର୍ଥେ କ)—ଶ୍ଳେଷ୍ମା (ଦେଖ)
Śleshmaka Śleshmā (See)

ଶ୍ଳେଷ୍ମଘ୍ନ—ସଂ ବିଣ—(ଶ୍ଳେଷ୍ମନ୍+ହନ ଧାତୁ+କର୍ତ୍ତୃ ଅ)—ଯେଉଁ ଦ୍ରବ୍ୟ
Śleshmaghna ଶରୀର ବା କଫକୁ ନାଶ କରେ—That which destroys or removes the phlegm of the (ଶ୍ଳେଷ୍ମନାଶକ, ଶ୍ଳେଷ୍ମନାଶୀ, ଶ୍ଳେଷ୍ମହା—ଅନ୍ୟରୂପ) system. [ଶ୍ଳେଷ୍ମଘ୍ନୀ, ଶ୍ଳେଷ୍ମନାଶିକା, ଶ୍ଳେଷ୍ମନାଶିନୀ, ଶ୍ଳେଷ୍ମହନ୍ତ୍ରୀ—ସ୍ତ୍ରୀ]

ଶ୍ଳେଷ୍ମଘ୍ନା—ସଂ. ବି. ସ୍ତ୍ରୀ--୧ । ମଲ୍ଲିକା—1 Jasmine; Jasminum
Śleshmaghnā Zambac. ୨ । କେତକୀ - 2 Pandanus Odoratissimus; screwpine plant.

ଶ୍ଳେଷ୍ମଘ୍ନୀ—ସଂ ବି. ସ୍ତ୍ରୀ—୧ । ଜ୍ୟୋତିଷ୍ମତୀ; ମୃଦୁପୁଷ୍ପିକା—1 The
Śleshmaghni staff tree. ୨ । ମଲ୍ଲିକା—2 Jasmine. ୩ । ତ୍ରିକଟୁ; ଶୁଣ୍ଠି, ପିପଳୀ, ଗୋଲମରିଚ—3 A dose of 3 pungent things (viz, dried ginger, long pepper and black pepper.

ଶ୍ଳେଷ୍ମଜ୍ୱର—ସଂ. ବି—(ମ. ପ. ଲୋ; ଶ୍ଳେଷ୍ମନ୍+ଜ୍ୱର) କଫ ଜନିତଜ୍ୱର
Śleshma jwara Fever due to cold
(ଶ୍ଳେଷ୍ମା ଜ୍ୱର—ଦେଶଜରୂପ)

ଶ୍ଳେଷ୍ମଣ—ସଂ. ବିଣ. ପୁଂ (ଶ୍ଳେଷ୍ମନ୍+ ଅସ୍ତି ଅର୍ଥରେ ଣ)—କଫଦୋଷ.
Śleshmana ବିଶିଷ୍ଟ; କଫଯୁକ୍ତ—Phlegmatic. ସଂ. [ଶ୍ଳେଷ୍ମଣା—ସ୍ତ୍ରୀ] ବି—କଫ (ଶବ୍ଦକୋଷ)—Phlegm.

ଶ୍ଳେଷ୍ମ ପ୍ରକୃତି—ସଂ. ବିଣ (ଶ୍ଳେଷ୍ମପ୍ରଧାନ ପ୍ରକୃତି ଯାହାର; ବହୁବ୍ରୀହି)
Śleshma prakruti —ଯେଉଁ ମନୁଷ୍ୟର ଦେହରେ କଫ ଧାତୁର ଆଧିକ୍ୟ ଥାଏ—A person of phlegmatic temperament. [ଦ୍ର—ଏ ବ୍ୟକ୍ତି ସ୍ନିଗ୍ଧ ବର୍ଣ୍ଣ, ସୁନ୍ଦରକେଶ, ଶ୍ୟାମବର୍ଣ୍ଣ, ଉତ୍ତମ କେଶଯୁକ୍ତ, ସାର୍ଦ୍ଧ ନେତ୍ର ଓ ପ୍ରେମଯୁକ୍ତ, ଗମ୍ଭୀର ଶବ୍ଦବିଶିଷ୍ଟ, ଶାନ୍ତସ୍ୱଭାବ, ଦୟା ଓ ଦାନପ୍ରିୟ, କିଞ୍ଚିତ୍ ସ୍ଥୂଳକାୟ, ମାଂସଳ, ସ୍ନିଗ୍ଧଧର୍ମପ୍ରିୟ, ଗୀତ ବାଦ୍ୟପ୍ରିୟ, ହୃଷ୍ଟ, ବ୍ୟାୟାମଶୀଳ ଓ ଉତ୍ତମବଳଶାଳୀ ହୁଏ—ଅର୍ଥ ସଂହିତା ।]

ଶ୍ଳେଷ୍ମ ପ୍ରଧାନ—ସଂ.ବିଣ ପୁଂ (ବହୁବ୍ରୀହି)—କଫ ଯେଉଁ ଲୋକର ପ୍ରଧାନ
Śleshma pradhāna ଦୈହିକ ଧାତୁ ବା ସ୍ୱଭାବ—Of phlegmatic temperament.

ଶ୍ଳେଷ୍ମ ବର୍ଦ୍ଧକ—ସଂ. ବିଣ—ଯେଉଁ ଦ୍ରବ୍ୟ ଶରୀରରେ କଫକୁ ବଢ଼ାଏ—
Śleshma barddhaka Increasing phlegm in the system

ଶ୍ଳେଷ୍ମଳ—ସଂ. ବିଣ. ପୁଂ (ଶ୍ଳେଷ୍ମନ୍+ଯୁକ୍ତାର୍ଥେ ଲ)—ଶ୍ଳେଷ୍ମା ଯୁକ୍ତ;
Eleshmala କଫଯୁକ୍ତ; ଶ୍ଳେଷ୍ମ ପ୍ରଧାନ—Phlegmatic. (ଶ୍ଳେଷ୍ମଳା—ସ୍ତ୍ରୀ) ସଂ. ବି—ଶ୍ଳେଷ୍ମାତକ (ଦେଖ) (ଶବ୍ଦକୋଷ)--Cordia Myxa.

ଶ୍ଳେଷ୍ମଭୂ—ସଂ. ବି (ବୈଦ୍ୟକ)—କଟ୍‌ଫଳ; କାଫଳ—Myrica
Śleshmaba Sapida (tree). ବିଣ—ଶ୍ଳେଷ୍ମଘ୍ନ (ଦେଖ)
Śleshmaghna (See)

ଶ୍ଳେଷ୍ମା—ସଂ. ବି (ଶ୍ଳିଷ୍ ଧାତୁ=ଅଲିଙ୍ଗନ କରିବା+କର୍ତ୍ତୃ ମନ୍, Ślesh**m**ā ଶ୍ଳେଷ୍ମନ୍ ଶବ୍ଦ, ୧ମା ୧ବ)—୧। କଫ—1. Phlegm. [ଦ୍ର—ବୈଦ୍ୟଶାସ୍ତ୍ର ମତରେ କଫ, ଶୁଭ୍ର, ଗୁରୁ, ସ୍ନିଗ୍ଧ, ପିଚ୍ଛିଳ, ଶୀତଳ ଓ ତମୋଗୁଣର ଅଧିକ୍ୟଯୁକ୍ତ, ମଧୁର ରସାତ୍ମକ । ଏହା ବିଦଗ୍ଧ ହେଲେ ଲବଣସ୍ୱାଦ ହୁଏ । ଜଠରାଗ୍ନିର ତେଜରେ ଏହା ଫେନଳ ହୁଏ । ଏହା ଶରୀରସ୍ଥ 'ଶ୍ଳିଷ', ନାମକ ଧାତୁର ମଳ । ବକ୍ଷୋଦେଶରେ ଶ୍ଳେଷ୍ମାଶୟ ଅବସ୍ଥିତ ।] ୨। ସିଂଘାଣି 2. Mucus inside the nose. ୩। ଶରତ୍—3. Cold; chill.

ଶ୍ଳେଷ୍ମାନ(ନ୍ତ)କ—ସଂ. ବିଣ (୬ଷ୍ଠୀ ତତ୍)—ଶ୍ଳେଷ୍ମଘ୍ନ (ଦେଖ)—Śleshmāna(nta)ka Śleshmaghna (See). ବି (ଶ୍ଳେଷ୍ମାତ [ଟି]—ଅନ୍ୟରୂପ) (ବୈଦ୍ୟକ) (ଶ୍ଳେଷ୍ମନ୍+ଅନ୍ତ୍ ଧାତୁ+ଅକ, ଯାହା କଫ ନାଶ କରେ)—୧। ବହୁବାର; ଗନ୍ଧେଣା(ଗଛ); ଲସୋଡ଼ା କୋଳ (ଗଛ)—1. Cordia Latifolia; Cordia Myxa. ୨। ଔଉ—2. Dillena Speciosa. [ଦ୍ର—ମନୁସଂହିତାର ୬।୧୪ଶ୍ଳୋକେ ଅଛି, ଯେ ବ୍ରାହ୍ମଣ ମଦ୍ୟ, ମାଂସ, ଭୂଇଁଛତୁ, ଭୂସ୍ତୃଣ, ଶଜନା ଓ ଶ୍ଳେଷ୍ମାତକ ଫଳ ଖାଇବ ନାହିଁ । ଯଦି ଶ୍ଳେଷ୍ମାତକର ଅର୍ଥ ଔଉ ହୁଏ, ତେବେ ଉତ୍କଳରେ ବିଶେଷ ସଙ୍ଗେ ବିଧବାମାନେ ମଧ୍ୟ ଔଉ ରାନ୍ଧି ଖାଇବା ଦେଖାଯାଏ; ଏଥିରୁ ଅନୁମାନ ହୁଏ ଏହା ଗନ୍ଧେଣା ।]

ଶ୍ଳେଷ୍ମାଭିଷ୍ୟନ୍ଦ—ସଂ. ବି—ଅକ୍ଷି ଫୁଲି ଉହିଁରୁ ପିଚ୍ଛଳ ରସ ବୋହିବା Śleshmābhishyanda ନେତ୍ରରୋଗବିଶେଷ—A kind of eye-disease with running eyes.

ଶ୍ଳେଷ୍ମାରି—ସଂ. ବି (ବୈଦ୍ୟକ)—ଶ୍ଳେଷ୍ମାତକ (ଦେଖ) Śleshmāri Śleshmātaka (See)

ଶ୍ଳେଷ୍ମୋତ୍ପାଦକ—ସଂ. ବି—ଯାହା କଫ ଜନ୍ମାଏ; କଫକାରକ—Śleshmotpādaka Producing phlegm in the system.

ଶ୍ଳୈଷ୍ମିକ—ସଂ. ବିଣ (ଶ୍ଳେଷ୍ମନ୍+ଇକ)—୧। ଶ୍ଳେଷ୍ମସମ୍ବନ୍ଧୀୟ—Ślaishmika 1. Relating to phlegm. ୨। କଫବର୍ଦ୍ଧକ (ଶବ୍ଦକୋଷ)—2. Increasing phlegm. ୩। କଫନାଶକ (ଶବ୍ଦକୋଷ)—3. Destroying phlegm.

ଶ୍ଳୈଷ୍ମିକ ଅନ୍ତସ୍ତ୍ୱକ୍—ସଂ. ବି (ଅଚୁଳକ ତବସ୍ଥା ଶାସ୍ତ୍ରକ ପାରିଭାଷିକ Ślaishmika-antastwak ଶବ୍ଦ; ସଂସ୍କୃତ ଶବ୍ଦ ଦ୍ୱାରା ଗଢ଼ା) କଫର ସ୍ରବକ୍ରତ ଚମଡ଼ାର ପତଳା ପଟୀ —Mucuous membrane.

ଶ୍ଳୋକ୍ (ଧାତୁ)—ସଂ—୧। ପଦ୍ୟ ରଚନା କରିବା—1. To Ślok(root) compose a poem. ୨। ଗ୍ରନ୍ଥନ କରିବା—2. To string together; to arrange. ୩। ଗ୍ରଥିତ ହେବା—3. To be strung together or arranged. ୪। ବର୍ଜନ କରିବା (ଶବ୍ଦକୋଷ)—4. To give up. ୫। ସର୍ଜନ କରିବା (ଶବ୍ଦକୋଷ)—5. To create.

ଶ୍ଳୋକ—ସଂ. ବି (ଶ୍ଳୋକ୍ ଧାତୁ=ପଦ୍ୟ ରଚନା କରିବା+କର୍ମ ଅ)—Śloka ୧। ଛନ୍ଦୋବଦ୍ଧ ରଚନା—1. Metrical composition. ୨। ପଦ୍ୟ; କବିତା—2. Poem. ୩। ଦୁଇ ବା ଚାରି ପାଦ ବିଶିଷ୍ଟ ପଦ୍ୟ—3. Couplet or quartet; a poetical stanza of 4 lines; a distich. [ଦ୍ର—ଶ୍ଳୋକର ନାନାବିଧ ଛନ୍ଦ ଅଛି । କୌଣସି କୌଣସି ଶ୍ଳୋକର ଦୁଇଟି ପାଦ ଓ କୌଣସି କୌଣସି ଶ୍ଳୋକର ଚାରିଗୋଟି ପାଦ ଅଛି । କଥିତ ଅଛି ଯେ,ଏକଦା ବାଲ୍ମୀକି ଋଷି ଅରଣ୍ୟ ମଧ୍ୟରେ ବୁଲି ବୁଲି ଦେଖିଲେ ଯେ, ଜଣେ ନିଷାଦ [ବ୍ୟାଧ] ମିଥୁନଧର୍ମରେ ନିଯୁକ୍ତ ଯୋଡ଼ାଏ କ୍ରୌଞ୍ଚ [ବଗ] ମଧ୍ୟରୁ ଅଣ୍ଡିରା କ୍ରୌଞ୍ଚଟିକୁ ମାରିପକାଇଲା ଓ ମାଈ ପକ୍ଷୀଟି ଶୋକାର୍ତ୍ତ ହୋଇ କାନ୍ଦିଲା । ଏହି ଦୃଶ୍ୟ ମହର୍ଷି ଶୁଣି ଶୋକସନ୍ତପ୍ତ ଓ ବ୍ୟାଧ ପ୍ରତି କୁପିତ ହୋଇ ହଠାତ୍ ବ୍ୟାଧକୁ ଅଭିଶାପ ଦେଲେ—

"ମା ନିଷାଦ ! ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ

ଯତ୍ କ୍ରୌଞ୍ଚ ମିଥୁନାଦେକ ମବଧୀଃ କାମମୋହିତଂ"

(ଅର୍ଥାତ୍ ହେ ନିଷାଦ ! ତୁ ଚିରକାଳ ବର୍ଷମାନରେ ପ୍ରତିଷ୍ଠାଲାଭ ନ କର୍, କାରଣ, କାମମୋହିତ କ୍ରୌଞ୍ଚ ମିଥୁନର ଗୋଟିକୁ ତୁ ବଧ କଲୁ) । ଏହି ଶାପ ବାଣୀ ମହର୍ଷିଙ୍କ ମୁଖରୁ ବୀଣାଯନ୍ତ୍ରର ବନା ସାହାଯ୍ୟରେ ସମାକ୍ଷର-ବିଶିଷ୍ଟ ହୋଇ କବିତା ଛନ୍ଦରେ ନିଃସୃତ ହେଲା ଓ ସେହି ଦିନଠାରୁ ଶ୍ଳୋକର ସୃଷ୍ଟି ହେଲା । ମହର୍ଷିଙ୍କ ମୁଖରୁ ଏ ପଦ ଶୋକ ଯୋଗୁଁ ବାହାରିବାରୁ ଛନ୍ଦୋବଦ୍ଧ ରଚନାର ନାମ ଶ୍ଳୋକ ହେଲା । ବାଲ୍ମୀକି ରାମାୟଣ ଉପର୍ଯ୍ୟୁକ୍ତ ଶ୍ଳୋକ ଅନୁଷ୍ଟୁପ୍ ଛନ୍ଦୋବଦ୍ଧ ।] ୪। (ଶ୍ଳୋକ୍ ଧାତୁ=ସ୍ତୁତି ହେବା+କର୍ତ୍ତୃ ଅ)—ସ୍ତବଗାନ; ପ୍ରଶଂସା—4. Praise; eulogy. ୫। ପ୍ରସିଦ୍ଧି—5. Fame; celebrity. ୬। ଯଶ; କୀର୍ତ୍ତି—6 Renown. ୭। ବାକ୍ୟ (ଗ୍ରନ୍ଥରୁ)—7. Speech.

ଶ୍ଳୋକ ଆଉଡ଼ା(ଡ଼େ)ଇବା—ଦେ. କ୍ରି—ଶ୍ଳୋକାବୃତ୍ତି କରିବା—Śloka āurdā(rde)ibā To recite Ślokas. শ্লোক আওড়ান स्लोक आवृति करना

ଶ୍ଳୋକ କରିବା—ଦେ. କ୍ରି—ଶ୍ଳୋକ ରଚନା କରିବା—Śloka karibā To compose Sanskrit couplets. শ্লোক রচনাকরা स्लोक बनाना

ଶ୍ଳୋକଚୋ(ଚୌ)ର—ସ. ବି.ପୁଂ—୧। ଅନ୍ୟ ଦ୍ୱାରା ରଚିତ ଶ୍ଳୋକକୁ Ślokacho(chau)ra ଆପଣାର ରଚନା ବୋଲି ଲୋକଙ୍କୁ ଭଣ୍ଡାଇବା ବ୍ୟକ୍ତି—1. Plagiary; plagiarist. ୨। ସାମାନ୍ୟ ବା କ୍ଷୁଦ୍ର କବି—2. Poetaster.

ଶ୍ଳୋକ ଚୌର୍ଯ୍ୟ—ସଂ. ବି—ଅନ୍ୟ ବ୍ୟକ୍ତିଙ୍କ ରଚିତ ଶ୍ଳୋକକୁ ଆପଣାର ରଚନାରୂପେ ବ୍ୟବହାର କରିବା—
Śloka chaurjya (ଶ୍ଳୋକଚୈତ୍ର—ଦେ. ରୂପ) Plagiarism in poetry; using another's composition with a view to pass it off as one's own.

ଶ୍ଳୋକ ବୋଲିବା—ଦେ. କ୍ରି—ଶ୍ଳୋକ ଆବୃତ୍ତି କରିବା—
Śloka bolibā To recite a Śloka.
শ্লোক বলা श्लोक बोलना

ଶ୍ଳୋକମୟ—ସଂ. ବିଣ (ଶ୍ଳୋକ+ଯୁକ୍ତାର୍ଥେ ମୟ)—୧। ଯାହା ଶ୍ଳୋକ ଦ୍ୱାରା ରଚିତ ବା ପ୍ରକାଶିତ; ଛନ୍ଦୋବଦ୍ଧ—1. Composed in metre; metrical ୨। ଶ୍ଳୋକବିଶିଷ୍ଟ; ଶ୍ଳୋକଯୁକ୍ତ—2. Consisting of Ślokas. [ଯଥା—ଶ୍ଳୋକମୟ ଗ୍ରନ୍ଥ]
Ślokamaya (ଶ୍ଳୋକମୟୀ—ସ୍ତ୍ରୀ)

ଶ୍ଳୋକ ଯୁଗ୍ମକ—ସଂ. ବି (ଶ୍ଳୋକ+ଯୁଗ୍ମ+କ)—ଏକତ୍ର ଅନ୍ୱୟ ଦ୍ୱାରା ସଂବଦ୍ଧ ଯୁଗ୍ମ ଶ୍ଳୋକ—
Śloka jugmaka A couple of slokas connected by construction.

ଶ୍ଳୋକ ଯୋଡ଼ିବା—ଦେ. କ୍ରି—ଶ୍ଳୋକ ରଚନା କରିବା—
Śloka jorḍibā To compose Sanskrit poems.
শ্লোক জুড়া श्लोक जोड़ना

ଶ୍ଳୋକ ରଚକ—ସଂ. ବି. ଓ ବିଣ ପୁଂ (ଶ୍ଳୋକ+ରଚ ଧାତୁ+କର୍ତ୍ତୃ ଅକ)-୧। ଯେଉଁ ବ୍ୟକ୍ତି ଶ୍ଳୋକ ଯୋଡ଼ି ପାରନ୍ତି—1. Composer of poems. ୨। କବି—2. Poet.
Śloka rachaka (ଶ୍ଳୋକରଚୟିତା—ଅନ୍ୟରୂପ)
ଶ୍ଳୋକରଚିକା }
ଶ୍ଳୋକରଚୟିତ୍ରୀ } —ସ୍ତ୍ରୀ

ଶ୍ଳୋକ ରଚନ(ନା)—ସଂ.ବି (୬ଷ୍ଠୀ ତତ୍)—ଶ୍ଳୋକରେ କବିତା ରଚନା
Ślo. a rachana(nā) —Composing of Ślokas.

ଶ୍ଳୋକାତ୍ମକ—ସଂ. ବି (ବହୁବ୍ରୀହି; ଶ୍ଳୋକ+ଆତ୍ମନ+କ; ଶ୍ଳୋକ ହୋଇଅଛି ଆତ୍ମା ଯାହାର)—ଶ୍ଳୋକମୟ ଦେଖ.
Ślokatmaka Ślokamaya (See)
(ଶ୍ଳୋକାତ୍ମିକା—ସ୍ତ୍ରୀ)

ଶ୍ଳୋକାନ୍ତ—ସଂ ବି—ଏକାଧିକ ଛାତ୍ର ବା ବ୍ୟକ୍ତିଙ୍କ ମଧ୍ୟରେ ଶ୍ଳୋକ ବୋଲିବାରେ ପ୍ରତିଯୋଗିତା (ଯହିଁରେ ପ୍ରଥମ ବ୍ୟକ୍ତି ବୋଲିବା ଶ୍ଳୋକର ଶେଷ ଅକ୍ଷର ଯାହା ହୁଏ, ଦ୍ୱିତୀୟ ବ୍ୟକ୍ତି ସେହି ଅକ୍ଷର ଆଦ୍ୟରେ ଥିବା ଶ୍ଳୋକ ବୋଲି ପ୍ରତିଯୋଗିତା କରେ)—
Ślokānta Competition in the recitation of Sanskrit Ślokas in which the last letter of one śloka when recited by one should be the initial of another to be recited by his follower.

ଶ୍ଳୋକାନ୍ୱୟ—ସଂ. ବି(୬ଷ୍ଠୀ ତତ୍)—ଶ୍ଳୋକସ୍ଥ ପଦମାନଙ୍କ ବ୍ୟାକରଣ ନିୟମବଦ୍ଧ ବାକ୍ୟରେ ପରିବର୍ତ୍ତିତ କରିବା—
Ślokānwaya The reduction of a Śloka into a grammatical construction.

ଶ୍ଳୋକାନ୍ୱିତ—ସଂ ବିଣ. ପୁଂ [ତୃତୀୟା ତତ୍; ଶ୍ଳୋକ+ଅନ୍ୱିତ)—ପ୍ରଶସ୍ତି-
Ślokānwita Celebrated; famed.

ଶ୍ଳୋକାବୃତ୍ତି—ସଂ ବି (୬ଷ୍ଠୀ ତତ୍, ଶ୍ଳୋକ+ଆବୃତ୍ତି)—ଶ୍ଳୋକ ବୋଲିବା—Recital of Ślokas; recitation of poems.
Ślokābrutti

ଶ୍ଳୋକୋଚ୍ଚାରଣ—ସଂ. ବି.—(୬ଷ୍ଠୀ ତତ୍; ଶ୍ଳୋକ+ଉଚ୍ଚାରଣ)—
Ślokochchārana ଶ୍ଳୋକକୁ ଛନ୍ଦ ଅନୁସାରେ ବୋଲିବା—The scanning or proper modulation of a poem or couplet.

ଶ୍ଳୋପା—ବୈଦେ. ବି—(ଇଂ-ସ୍ଳୁପ୍)—କ୍ଷୁଦ୍ର ଜାହାଜ—
Ślopā Sloop.
স্লুপ स्लुप [ଦ୍ର—ଏକମୁଣ୍ଡିଆ ପାଲ ଜାହାଜର ନାମ ଶ୍ଳୋପା। ପଙ୍କରମୋହନ ଗଳ୍ପସ୍ୱଳ୍ପ।]

[ବିଶେଷ ଦ୍ରଷ୍ଟବ୍ୟ—ଅନ୍ୟାନ୍ୟ ଶବ୍ଦ କୋଷରେ 'ଶ୍ଳ' ପରେ 'ଶ୍ୱ' ଦିଆଯାଇଅଛି, କିନ୍ତୁ ଏହି ଗ୍ରନ୍ଥରେ ବର୍ଗ୍ୟ ବ ଓ ଅନ୍ତଃସ୍ଥ ୱ ର ପ୍ରଭେଦ ରଖା ନ ଯାଇ ପ ବର୍ଗର ଚତୁର୍ଥ ବର୍ଣ୍ଣ ବ ତଳେ ସବୁ 'ବ' ଫଳା ଶବ୍ଦମାନ ସନ୍ନିବେଶିତ ହୋଇଥିବାରୁ 'ଶ୍ଳ' ପରେ 'ଶ୍ୱ' ଆଦ୍ୟରେ ଥିବା ଶବ୍ଦମାନ ସନ୍ନିବେଶିତ ହୋଇଅଛି।]

ଷ

ଷ—ପୁଂ.—ଏକତ୍ରିଂଶ ବ୍ୟଞ୍ଜନବର୍ଣ୍ଣ (ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା ବା Sha ମସ୍ତକ)—The 31st consonant (it is cere-ষ ष bral corresponding to 'sh' in English). [ବି—ଭାଷାରେ ଶ, ଷ ଓ ସ ର ଉଚ୍ଚାରଣ ଭେଦ ରକ୍ଷା କରାଯାଏ ନାହିଁ। ମାତ୍ର ଭାଷାରେ ସଂସ୍କୃତ ଓ ସଂସ୍କୃତମୂଳକ ଶବ୍ଦରେ ଥିବା 'ଷ' ଛଡ଼ା ଅନ୍ୟତ୍ର 'ଷ' ଓ 'ସ' ର ବେଶି ବ୍ୟବହାର ଦେଖାଯାଏ। ବିଦେଶାଗତ ଶବ୍ଦମାନଙ୍କରେ ଟ ଓ ଠ ପୂର୍ବରେ ଯୁକ୍ତ 'ସ' ଓଡ଼ିଆରେ 'ଷ୍ଟ'ରୂପେ ସତତପ୍ରାୟ ଲେଖାଯାଏ, ଯଥା—ଷ୍ଟାମ୍ପ୍, ଷ୍ଟାର୍, ଷ୍ଟୋର୍, ଷ୍ଟେସନ୍, ମାଷ୍ଟର୍, ଷ୍ଟିମର୍। ମାତ୍ର କେହି କେହି ବୈଦେଶିକ ଶବ୍ଦମାନଙ୍କର ଓଡ଼ିଆରେ ଅଷବାନ୍ତକରଣରେ ମାସ୍ଟର୍, ଷ୍ଟାମ୍ପ ଲେଖୁଅଛନ୍ତି। ଦୂର ବଙ୍ଗାଳ ବଙ୍ଗରୁ ଦେଖିଲେ 'ଷ' ଧ୍ୱନି ତ, ଛ ପୂର୍ବରେ ମିଶିଲେ ଷ୍ଟ, ଷ୍ଠ; ଟ, ଠ ପୂର୍ବରେ ମିଶିଲେ ଷ୍ଟ, ଷ୍ଠ, ଓ ତ, ଥ ପୂର୍ବେ ମିଶିଲେ ସ୍ତ, ସ୍ଥ ହେବା ଉଚିତ। ଇଂରାଜୀରେ Master ମାଷ୍ଟର୍ ଲେଖା ଯାଉଥିଲେ ମଧ୍ୟ ଧ୍ୱନି ଦୃଷ୍ଟିରେ ଏହା ମାଷ୍ଟରରୂପେ ଉଚ୍ଚାରିତ ହେଉଥିବା କଥା ସ୍ପଷ୍ଟ ଲକ୍ଷ୍ୟ କରାଯାଇ ପାରିବ। ସାଧାରଣତଃ ଦେଖାଯାଏ ଯେ, ହିନ୍ଦୁସ୍ଥାନୀମାନେ 'ଷ' କୁ 'ଖ' ରୂପେ ଉଚ୍ଚାରଣ କରନ୍ତି। ଯଥା ପାଷାଣ, ସହସ୍ର ଶୀର୍ଷା; 'ଷ'ର ଏହି 'ଖ' ଉଚ୍ଚାରଣର ସୂଚନା ଓଡ଼ିଆରେ ମଧ୍ୟ କେତେକ ସ୍ଥଳରେ ଅଛି। ଯଥା—ପାଷଣ୍ଡୀ, ଭାଷା। ବି—(ଷୋ ଧାତୁ=ନାଶ କରିବା+କର୍ତ୍ତୃ. ଅ)—୧। (ଯେ ବିଘ୍ନ ନାଶ କରନ୍ତି; ବିଘ୍ନ ବିନାଶକ) ଗଣେଶ; ଲମ୍ବୋଦର—1. The elephant-headed God of learning. (who removes all obstruction) ୨। (+ଭାବ ଅ) ନାଶ—2. Destruction; loss. ୩। ଧ୍ୱଂସ-3. Ruin. ୪। କ୍ଷତି—4. Injury. ୫। ଶେଷ—5. End. ୬। ଅବଶେଷ—6. Remainder; remnant. ୭। (+ଅଧି ଅ; ଯହିଁରେ ଚେତନାର ନାଶ ହୁଏ) ସୁପ୍ତି; ନିଦ୍ରା—7. Sleep. ୮। ମୋକ୍ଷ; ମୁକ୍ତି 8. Beatitude; liberation. ୯। (+କର୍ତ୍ତୃ ଅ; ଯାହା ପାପ ବିନାଶ କରେ) ସ୍ୱର୍ଗ—9. Heaven. ୧୦। କେଶ—10. Hair. ୧୧। ଅଙ୍କୁର—11. Germ. ୧୨। ଶିକ୍ଷକ—12. Teacher. ୧୩। ଧୈର୍ଯ୍ୟ—13. Patience. ୧୪। ମାନବ—14. Man. ୧୫। ଶିରଃ-15. Head. ୧୬। ଗର୍ଭମୋଚନ—16. Child-delivery. ୧୭। ଚୂଚୁକ—17. A teat; nipple (Apte). ବିଣ.—୧। ଶ୍ରେଷ୍ଠ—1. Excellent; superior. ୨। ବିଜ୍ଞ; ଜ୍ଞାନୀ—2 Wise. ୩। ସୁନ୍ଦର; ଶୋଭନ; ସୁଢର—3 Graceful. ୪। ପଣ୍ଡିତ—4. Learned (Apte).

ଷଟ୍(ଷ୍)—ସଂ. ବି ଓ ବିଣ (ସଂଖ୍ୟାବାଚକ)—(ଷୋ ଧାତୁ=ନାଶକରିବା Shat(sh) +କର୍ତ୍ତୃ କ୍ୱିପ୍; ସଂ ଷଷ୍ ଶବ୍ଦର ୧ମା, ୧ ବଚନ)—ଛଅ—Six. (ବି—ଅନ୍ୟାନ୍ୟ ଭାଷାରେ ଏହାର ସାଦୃଶ୍ୟ ଯଥା—ସଂସ୍କୃତ—ଷଷ୍; ପାରସି—ଶଶ୍, ଗ୍ରୀକ—ହେକ୍ସ୍, ଲାଟିନ—ସେକ୍ସ୍, ଜର୍ମାନ—ସେଖ୍ସ୍, ଇଂରେଜ—ସିକ୍ସ୍)

ଷଟ୍କ—ସଂ. ବିଣ (ଷଟ୍+ସ୍ୱାର୍ଥେ କ)—ଛଅ ପରସ୍ତ ଅ; ଛଅଗୁଣିଆ—Shaṭ-ka Sixfold (Apte). ସଂ. ବି—୧। ଛଅ ସଂଖ୍ୟା-1. The number six. ୨। (ବୈଦ୍ୟକ)ଶୁଣ୍ଠି, ପିପ୍ପଳ, ମରିଚ, ଚଇକାଠ, ଚିତାମୂଳ ଓ ପିପ୍ପଳୀମୂଳର ମିଶ୍ରଣ—2. A mixture of six bitter herbs. ୩। ଛଅବସ୍ତୁର ସମାହାର—3. An aggregate of six things.

ଷଟ୍କର୍ଣ୍ଣ—ସଂ. ବି (ସମାହାର ଦ୍ୱିଗୁ)—ଛଅକାନ; ୬ଟି କାନ (ଅର୍ଥାତ Shaṭ-karṇṇa ୩ ଜଣଙ୍କ କାନ)—The (six) ears of of 3 persons [ବି—ଯେକୌଣସି ମନ୍ତ୍ରର ବା ଗୁପ୍ତ ବିଷୟର ବକ୍ତା ଓ ଶ୍ରୋତା ଏବଂ ଅନ୍ୟ ତୃତୀୟ ବ୍ୟକ୍ତି ଏପରି ୩ ଜଣଙ୍କର ଛଅଟି କାନ।] ସଂ: ବିଣ (ବହୁବ୍ରୀହି) ଯେଉଁ ବିଷୟ ବକ୍ତା ଓ ଶ୍ରୋତା ଛଡ଼ା ଅନ୍ୟ ତୃତୀୟ ବ୍ୟକ୍ତିଙ୍କ କର୍ଣ୍ଣଗୋଚର ହୋଇଅଛି—Heard by a third man other than the speaker and the person spoken to, (a secret) told to more than one listener (Apte) [ଉ—ଶାସ୍ତ୍ରିକ ଲେଖିଅଛି ଷଟ୍କର୍ଣ୍ଣ ହେଲେ, ବିଘ୍ନର ଦାଣ୍ଡେ ସବୁ ନାଶ ଯାଏ ଭଲେ—କୃଷ୍ଣସିଂହ-ମହାଭାରତ ସଭା।]

ଷଟ୍କର୍ଣ୍ଣଭେଦ—ସଂ. ବି—କୌଣସି ଗୁପ୍ତ ବିଷୟର ଶ୍ରୋତା ଓ ବକ୍ତାଙ୍କ Shaṭ-karṇṇa bheda ଛଡ଼ା ଅନ୍ୟ ତୃତୀୟ ବ୍ୟକ୍ତିଙ୍କ କର୍ଣ୍ଣଗୋଚର ହେବା ଅବସ୍ଥା—The state of a secret reaching six ears, i. e. the ears of 3 persons; a secret matter being divulged to a 3rd person other than the speaker and the person spoken to. [ବି—ଗୁପ୍ତମନ୍ତ୍ର ଷଟ୍କର୍ଣ୍ଣ ଭେଦ ହେଲେ ତାହା ନିଷ୍ଫଳ ହୁଏ।]

ଷଟ୍କର୍ମ—ସଂ. ବି (ଦ୍ୱିଗୁ ସମାସ, ଷଟ୍କର୍ମନ୍ ଶବ୍ଦ)—୧। ବ୍ରାହ୍ମଣଙ୍କ Shaṭ-karma କର୍ତ୍ତବ୍ୟ ଛଅଗୋଟି କର୍ମ; ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ—1. The six duties enjoined on a Brāhmaṇa, viz performing Vedic sacrifice, officiating at a sacrifice, study or learning, teaching, giving & accepting of gift.

୨ । (ତନ୍ତ୍ର) ଶାନ୍ତିକରଣ, ବଶୀକରଣ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ ଓ ମାରଣ ରୂପ ୬ ଗୋଟି ତନ୍ତ୍ରୋକ୍ତ ପ୍ରୟୋଗ ବା ଅଭିଚାର—2. Six mystic rites employed in Tantric performances. ୩ । ଜୀବିକା ନିର୍ବାହାର୍ଥ ଅନନ୍ୟୋପାୟ ବ୍ରାହ୍ମଣ ପକ୍ଷେ ଛଅଟି କର୍ମ କରି ପାରିବେ ବୋଲି ଶାସ୍ତ୍ରରେ ଅନୁମତି ଦିଆ ଯାଇଅଛି; ଯଥା, ଉଞ୍ଛ, ପ୍ରତିଗ୍ରହ, ଭିକ୍ଷା, ବାଣିଜ୍ୟ, ପଶୁପାଳନ ଓ କୃଷି—3. The 6 acts (e. g. gathering of fallen grains of corn from the paddy field after harvesting, acceptance of gift, begging, trade, rearing of beasts and agriculture) allowable to a Brāhmaṇa in want (Apte) ୪। ଯୋଗ ସାଧନ ପ୍ରସଙ୍ଗରେ ଅନୁଷ୍ଠିତ ଛଅଟି କର୍ମ; ଯଥା—ଧୌତି, ବସ୍ତି, ନେତି, ନୌଳିକ, ତ୍ରାଟକ, କପାଳଭାତି—4. The six acts of cleansing the inside of the body, appertaining to the practice of Joga (Apte).

ଷଟ୍‌କର୍ମ ନିରତ—ସଂ. ବିଣ. ପୁଂ—(୭ମୀ ତତ୍)—ବ୍ରାହ୍ମଣର କର୍ତ୍ତବ୍ୟ Shaṭ-karma nirata ୬ଟି କର୍ମରେ ରତ (ବ୍ରାହ୍ମଣ)—(a Brahman) Engaged in performing the six duties enjoined by the śāstras.

ଷଟ୍‌କର୍ମରତ }
ଷଟ୍‌କର୍ମଶାଳୀ } —ଅନ୍ୟରୂପ
ଷଟ୍‌କର୍ମଶୀଳ }

ଷଟ୍‌କର୍ମା—ସଂ. ବିଣ—(ଷଟ୍ କର୍ମନ୍ ଶବ୍ଦ; ବହୁବ୍ରୀହି)—୧ । ଷଟ୍‌କର୍ମରତ Shaṭ-karmā (ବ୍ରାହ୍ମଣ)—1. (a Brāhmaṇa) Engaged in the six duties enjoined by the śāstras. ୨ । ଷଟ୍‌କର୍ମ ପାରଗ ବ୍ୟକ୍ତି—2 (a person) Skilled or well versed in the six rituals, acts or tantric rites enjoined in the śāstras.

ଷଟ୍‌କୂଟା—ସଂ. ବି. ସ୍ତ୍ରୀ—(ତନ୍ତ୍ର)—ଦେବୀବିଶେଷ—Shaṭ-kuṭā Name of a tantrik Goddess.

ଷଟ୍‌କୋଣ—ସଂ. ବିଣ (ବହୁବ୍ରୀହି, ଷଟ୍=ଛଅ+କୋଣ ଯାହାର)—Shaṭ-koṇa ଛଅଟି କୋଣବିଶିଷ୍ଟ; ଷଡ଼ସ୍ର—Hexangular. ସଂ. ବି—୧ । ବଜ୍ର—1. Indra's thunderbolt. ୨ । ହୀରା—2. Diamond. ୩ । (ଜ୍ୟୋତିଷ) ଲଗ୍ନଠାରୁ ଷଷ୍ଠ ସ୍ଥାନ—3. (astrology) The 6th place from the Lagna. [ଦ୍ର—ଏହା ରିପୁ ସ୍ଥାନ ଅଟେ ।] ୪ । ଛଅଟି କୋଣ (ବା ବାହୁ) ବିଶିଷ୍ଟ କ୍ଷେତ୍ର—4. Hexagon. ୫ । ତନ୍ତ୍ରୋକ୍ତ ଯନ୍ତ୍ର ବିଶେଷ (ଶବ୍ଦକୋଷ)-5. Name of a Tantric figure drawn for worshiping Gaṇeśa [ଦ୍ର—ପ୍ରଥମରେ ଗୋଟିଏ ଊର୍ଦ୍ଧ୍ୱମୁଖ ତ୍ରିକୋଣ ଲେଖି ତହିଁଉପରେ ଗୋଟିଏ ଅଧୋମୁଖ ତ୍ରିକୋଣ ଲେଖିଲେ ଯେଉଁ ଷଟ୍‌କୋଣ ହେବ, ତହିଁର କେନ୍ଦ୍ରରେ ଗଂ- (ଗଣେଶଙ୍କ ବୀଜ)ଲେଖି ତହିଁର ଚତୁଃପାଶେ ୬ କୋଣରେ ଓଁ, ଶ୍ରୀଂ, ହ୍ରୀଂ, କ୍ଲୀଂ, ଗ୍ଲୌଂ, ଗଂ, ଏହି ୬ଟି ବୀଜ ଲେଖି ଏହି ଯନ୍ତ୍ରଦ୍ୱାରା ଗଣେଶଙ୍କୁ ପୂଜା କରିବାକୁ ହୁଏ । ଶବ୍ଦକୋଷ]

ଷଟ୍‌କୋଣୀ—ସଂ. ବିଣ (ଷଟ୍‌କୋଣ+ଇନ୍; ୧ମା.୧ବ)—ଛଅଟି କୋଣ Shaṭ-koṇi ଯୁକ୍ତ (କ୍ଷେତ୍ର)—Hexangular (figure).

ଷଟ୍‌ଚକ୍ର—ସଂ. ବି (ଦ୍ୱିଗୁ)—(ତନ୍ତ୍ର) ଶରୀର ମଧ୍ୟସ୍ଥ ପଦ୍ମାକାର ଛଅଟି Shaṭ-chakra କଳ୍ପିତ ଚକ୍ର (ଏହା ଶରୀରସ୍ଥ ସୁଷୁମ୍ନା ନାଡ଼ୀ ମଧ୍ୟରେ ଅବସ୍ଥିତ)—The 6 lotus-like mystical circles which are said by the Tantras to exist inside the different parts of the body.

[ଦ୍ର—ତନ୍ତ୍ରୋକ୍ତ ଛଅ ଚକ୍ରର ନାମ ଯଥା—

୧ । ମୂଳାଧାର ଚକ୍ର ବା ଅଧାର ଚକ୍ର—ଗୁହ୍ୟଦ୍ୱାରର କିଛି ଊର୍ଦ୍ଧ୍ୱରେ ଅବସ୍ଥିତ ।

୨ । ସ୍ୱାଧିଷ୍ଠାନ ଚକ୍ର ବା ଲିଙ୍ଗ ଚକ୍ର—ଲିଙ୍ଗମୂଳରେ ।

୩ । ମଣିପୂରକ ଚକ୍ର ବା ନାଭିଚକ୍ର—ନାଭିମୂଳରେ ।

୪ । ଅନାହତ ଚକ୍ର ବା ହୃଦୟ ଚକ୍ର—ହୃଦୟରେ ।

୫ । ବିଶୁଦ୍ଧ ଚକ୍ର ବା କଣ୍ଠ ଚକ୍ର—କଣ୍ଠ ଦେଶରେ ।

୬ । ଆଜ୍ଞାଚକ୍ର ବା ଭ୍ରୂଧାଚକ୍ର ବା ବ୍ରହ୍ମଚକ୍ର, ଚକ୍ର—ଭ୍ରୂମଧ୍ୟରେ ।

ଏ ଛଅ ଚକ୍ରର ଉପରେ ତାଲୁର ବ୍ରହ୍ମରନ୍ଧ୍ରରେ ସହସ୍ର-ଦଳପଦ୍ମ ଅବସ୍ଥିତ ।

[ଦ୍ର—ଷଟ୍ ଚକ୍ର ନିରୂପଣ ଗ୍ରନ୍ଥରେ ତାନ୍ତ୍ରିକ ଯୋଗିଗଣଙ୍କର ଶରୀର ବିଜ୍ଞାନ ଶାସ୍ତ୍ରର ସୂକ୍ଷ୍ମଜ୍ଞାନକାହାଣୀ ନାଡ଼ିକା ସମୂହର କ୍ରିୟା ତତ୍ତ୍ୱ (psychological physiology of the nervous system) ସମ୍ବନ୍ଧେ ଅତି ସୂକ୍ଷ୍ମ ଅନ୍ବେଷଣା ଦୃଷ୍ଟ ହୁଏ । ମେରୁଦଣ୍ଡ (spinal chord) ମଧ୍ୟରେ ତିନି ନାଡ଼ି ଅଛି,—ଇଡ଼ା, ସୁଷୁମ୍ନା ଓ ପିଙ୍ଗଳା । ବାମରେ ଇଡ଼ା, ଦକ୍ଷିଣରେ ପିଙ୍ଗଳା ଓ ମଧ୍ୟରେ ସୁଷୁମ୍ନା ଅବସ୍ଥିତ । ଏହି ସେଗୋଟି ନାଡ଼ି ମସ୍ତକ ଅଭିମୁଖକୁ ଅଗ୍ରସର ହୋଇ ପ୍ରଶସ୍ତ ଚିତ୍ରିତ ଧନୁର ପୃଷ୍ଠର ଆକାର (Medulla Oblongata) ଆକାର ଧାରଣ କରିଅଛି । ସୁଷୁମ୍ନାନାଡ଼ୀର ମଧ୍ୟରେ ବଜ୍ରନାଡ଼ୀ । ଷଟ୍‌ଚକ୍ର ସହିତ ସୁଷୁମ୍ନାନାଡ଼ୀର ଘନିଷ୍ଠ ସମ୍ବନ୍ଧ । ଏହି ନାଡ଼ୀରେ ୬ଟି ପଦ୍ମ ପ୍ରକଟିତ । ଏଥିର କ୍ରମରେ ୬ଟି ଷଟ୍‌ଚକ୍ର ଓ ଊର୍ଦ୍ଧ୍ୱରେ ସହସ୍ରଦଳପଦ୍ମ । (୧) ଅଧାର ଚକ୍ରସ୍ଥ ପଦ୍ମ ମଧ୍ୟରେ ଲିଙ୍ଗରୂପୀ ମହାଦେବ ଅବସ୍ଥିତ ଓ ତହିଁର ଅମୃତ ନିର୍ଗମନ ସ୍ଥାନରେ ମୁହଁ ଲଗାଇ ସର୍ପରୂପା କୁଣ୍ଡଳିନୀ ଶକ୍ତି ସାର୍ଦ୍ଧ ତ୍ରିବେଷ୍ଟନରେ ପରିବେଷ୍ଟିତା ହୋଇ ରହିଅଛନ୍ତି । (୨) ସ୍ୱାଧିଷ୍ଠାନ ଚକ୍ରସ୍ଥ ପଦ୍ମରେ ବାରୁଣୀଶକ୍ତି । (୩) ମଣିପୁର ଚକ୍ରରେ ଅଗ୍ନିମଣ୍ଡଳ । (୪) ଅନାହତ ଚକ୍ରରେ ବାୟୁମଣ୍ଡଳ । (୫) ବିଶୁଦ୍ଧ ଚକ୍ରରେ ଚନ୍ଦ୍ରମଣ୍ଡଳ । (୬) ଭ୍ରୂମଧ୍ୟରେ ଆଜ୍ଞାଚକ୍ରରେ ଶିବ ଅବସ୍ଥିତ । ଏଥିର କିଛି ଊର୍ଦ୍ଧ୍ୱରେ

ପ୍ରଣବାକୃତ ପରମାତ୍ମା ଅଧିଷ୍ଠିତ ଏବଂ ସର୍ବୋପରି ସହସ୍ର ଦଳ ପଦ୍ମ। ଏହି ପଦ୍ମ ମଧ୍ୟରେ ଗୋଲାକୃତ ଚନ୍ଦ୍ରମଣ୍ଡଳ, ତନ୍ମଧ୍ୟରେ ତ୍ରିକୋଣ ଯନ୍ତ୍ର ଓ ସର୍ବ ମଧ୍ୟରେ ଶିବ ସ୍ଥାନରେ ପରମ ଶିବ ଅବସ୍ଥିତ। ସୁଷୁମ୍ନା ନାଡ଼ୀ ମଧ୍ୟରେ ବଜ୍ର ନାଡ଼ୀ, ବଜ୍ର ନାଡ଼ୀ ମଧ୍ୟରେ ଚିତ୍ରିଣୀ ନାଡ଼ୀ ଓ ଚିତ୍ରିଣୀ ନାଡ଼ୀ ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ବ୍ରହ୍ମ ନାଡ଼ୀ ଅଛି। ବ୍ରହ୍ମ ନାଡ଼ୀ ଚତୁର୍ଦ୍ଦଳାବଳାସ। ଏହି ନାଡ଼ୀ ଗୁହ୍ୟସ୍ଥ ମୂଳାଧାରସ୍ଥ ଶିବଙ୍କ ମୁଖଗହ୍ୱରରୁ ବାହାରି ଶୀର୍ଷସ୍ଥ ସହସ୍ରଦଳାଧିଷ୍ଠିତ ଅବ୍ୟକ୍ତ ପରମାତ୍ମାଙ୍କୁ ସ୍ପର୍ଶ କରୁଅଛି। ସାଧକ ସମ୍ପ୍ରଦାୟମାନ ସମ୍ୟକ୍ ଶିକ୍ଷା କରି ବଶୁଦ୍ଧ ଜ୍ଞାନଲାଭପୂର୍ବକ ଗୁରୁଙ୍କଠାରୁ ଷଟ୍ଚକ୍ରଭେଦନ, ଷଡ଼ଙ୍ଗ ପଦ୍ମଙ୍କ ଜାତ ହେବେ। ଗୁରୂପଦେଶ ଭିନ୍ନ ଏ ସାଧନା ବା ଏ ସମ୍ବନ୍ଧେ ଜ୍ଞାନଲାଭ ଅସମ୍ଭବ। ଏହା ଯୋଗ ଶାସ୍ତ୍ରର ଅଧ୍ୟାତ୍ମ ଅଧିବୈଜ୍ଞାନିକ ସାଧନ (Physio psychological process) ଅଟେ। (ବିଶ୍ୱକୋଷ)

ଷଟ୍ଚତ୍ୱାରିଂଶ—ସଂ ବଣ (ଷଟ୍ଚତ୍ୱାରିଂଶତ୍+ପୂରଣାର୍ଥେ ଅ)— Shat-chatwārimsa ୪୬ ସଂଖ୍ୟାର ପୂରକ—46th.

ଷଟ୍ଚତ୍ୱାରିଂଶତ୍—ସଂ ବି [ଷଟ୍=ଛଅ ଅଧିକ ଚତ୍ୱାରିଂଶତ୍=୪୦; Shat-chatwārimsat ମ. ପ. ଲୋ. କର୍ମଧା] — ଛୟାଳିଶି; ୪୬ ସଂଖ୍ୟା—46; Forty six. ସ. ବଣ— ୪୬ସଂଖ୍ୟକ—Numbering 46.

ଷଟ୍ଚରଣ—ସଂ ବି (ଷଟ୍=ଛଅ ଅଟେ ଚରଣ ଯାହାର ବହୁବ୍ରୀହି) Shat-charana ୧। ମଧୁକର—1 Bee. ୨। ଭ୍ରମର—2. Black-bee. ୩। ଛାରପୋକ—3. Bug. ୪। ଉକୁଣି—4. Louse. ୫। ଝିଣ୍ଟିକା—5. Locust (Apte). ୬। (ବିଶ୍ୱ) ଛଅ ଗୋଟି ଗୋଡ଼—6. Six legs. ସ. ବଣ ପୁଂ—ଷଟ୍ପଦବିଶିଷ୍ଟ—Having six legs.

ଷଟ୍ (ଧାତୁ)—ସ.—୧। ହିଂସା କରିବା; ବଧ କରିବା— Shatt (root) 1. To hurt; to kill. ୨। ଦାନ କରିବା—2. To give. ୩। ବଳବାନ୍ ହେବା—3. To be strong.

ଷଟ୍ତ୍ରିଂଶ—ସ. ବଣ—ଛତିଶ ସଂଖ୍ୟାର ପୂରକ— Shat-trimsa Thirtysixth (Apte).

ଷଟ୍ତ୍ରିଂଶତ୍—ସ. ବି—(ଷଟ୍ ଅଧିକ+ତ୍ରିଂଶତ୍; ମ. ପ. ଲୋ)— Shat-trimsat ଛତିଶ; ଛତିଶ; ୩୬—36; thirty six. ସ. ବଣ—୩୬ ସଂଖ୍ୟକ—Numbering 36.

ଷଟ୍ତ୍ରିଂଶତ୍ତମ—ସ. ବଣ—ଷଟ୍ତ୍ରିଂଶ; ୩୬ ସଂଖ୍ୟାର ପୂରକ; ୩୬ Shat-trimsattama ସଂଖ୍ୟା ସ୍ଥାନୀୟ—Thirtysixth.

ଷଟ୍ପଞ୍ଚାଶତ୍—ସ.ବି.ଓ ବଣ—(ମ. ପ. ଲୋ; ଷଟ୍ ଅଧିକ+ପଞ୍ଚାଶତ୍— Shat-panchāsat ଛପନ; ୫୬—Fifty six; 56.

ଷଟ୍ପଞ୍ଚାଶତ୍ତମ—ସଂ ବଣ—ଛପନ ସଂଖ୍ୟାର ପୂରକ—Fifty sixth. Shat-panchāsattama [ଷଟ୍ପଞ୍ଚାଶ—ଅନ୍ୟରୂପ]

ଷଟ୍ପଦ—ସ. ବଣ—(ଷଟ୍=ଛଅ ଅଟେ ପଦ ଯାହାର; ବହୁବ୍ରୀହି)— Shat-pada ଛଅ ପଦ ବିଶିଷ୍ଟ—Having six legs or [ଷଟ୍ପଦା, ଷଟ୍ପଦୀ—ସ୍ତ୍ରୀ] feet. ବି. ପୁ.—୧। ଭ୍ରମର— 1. Black bee. ୨। ଉକୁଣି—2. Louse; (Apte). ୩। ଛଅ ପଦ ବା ଚରଣ ବିଶିଷ୍ଟ କବିତା; ଛଅଗୋଡ଼—3. A verse consisting of six feet or lines in a stanza.

ଷଟ୍ପଦଜ୍ୟ—ସ. ବଣ. ପୁଂ—(ବହୁବ୍ରୀହି; ଷଟ୍ପଦ=ଭ୍ରମର ଅଟେ Shat-padajya ଜ୍ୟା=ଧନୁର୍ଗୁଣ ଯାହାର; ଭ୍ରମରମାନେ ଯେଉଁ ଧନୁର ଗୁଣ ରୂପେ ଥାନ୍ତି) କାମଦେବଙ୍କ ଧନୁ—(The bow of Cupid) having black bees for its bowstring; Apte).

ଷଟ୍ପଦ ପ୍ରିୟ—ସ. ବି—(୬ଷ୍ଠୀ ତତ୍)—ନାଗକେଶର (ବୃକ୍ଷ)— Shat-pada priya Mesua Ferra (tree.)

ଷଟ୍ପଦା—ସ. ବି (ଷଟ୍ପଦ+ଅ)—୧। ଝିଣ୍ଟିକା—1. Grass- Shat-padā hopper. ୨। (ବୈଦ୍ୟକ) ମଲ୍ଲି ଫୁଲ—2. Jasmine; Jasminum Sambac. ୩। (ବୈଦ୍ୟକ) ବବୁର ଗଛ—3. The Acacia Arabica tree. ୪। ମାଈ ଭ୍ରମର—4. A female black bee. ୫। ଯୂକା; ଉକୁଣି; (ବିଶ୍ୱକୋଷ)—5. Louse.

ଷଟ୍ପଦାତିଥି—ସ. ବି—(ବହୁବ୍ରୀହି; ଷଟ୍ପଦ=ଭ୍ରମର ହୁଏ ଅତିଥି Shat-padātithi ଯାହାର)—୧। ଆମ୍ବ ବୃକ୍ଷ—1. Mango tree. ୨। ଚମ୍ପକ ବୃକ୍ଷ—2. The Champaka tree.

ଷଟ୍ପଦାନନ୍ଦ ବର୍ଦ୍ଧନ—ସ. ବି—(ବହୁବ୍ରୀହି)—ଅଶୋକ ବୃକ୍ଷ— Shat-padānanda barddhana The Asoka tree.

ଷଟ୍ପଦାନନ୍ଦା—ସ. ବି—(ବହୁବ୍ରୀହି)—ମଲ୍ଲିକା— Shat-padānandā Jasmine.

ଷଟ୍ପଦୀ—ସଂ. ବି. ସ୍ତ୍ରୀ—(ଷଟ୍ପଦ+ଈ)—୧। ଭ୍ରମରୀ— Shat-padi 1. A female bee. ୨। ଛଅ ଚରଣବିଶିଷ୍ଟ ଶ୍ଳୋକ; ଛଅ ଗୋଡ଼—2. Hexametre; a stanza consisting of six lines. ୩। ଉକୁଣି— 3. Louse (Apte). ୪। ଝିଣ୍ଟିକା (ବିଶ୍ୱକୋଷ)— 4. Grasshopper.

ଷଟ୍ପାଦ—ସଂ. ବି—୧। ଝିଣ୍ଟିକା (ଶବ୍ଦକୋଷ)— Shat-pāda 1, Grasshopper; locust; mantis, [ଷଟ୍ପାଦା(ଦୀ)—ସ୍ତ୍ରୀ] [ଦ୍ର—ଏହି ଜାତି କୀଟ ତାଣ୍ଡବିଶିଷ୍ଟ କରିଲ ବା ହୁଅନ୍ତି, ଛଅଟି ପଦ ଥାଏ, ଏହାର ମସ୍ତକ କ୍ଷୁଦ୍ର ଓ ଚକ୍ଷୁ ସୂକ୍ଷ୍ମ—ବିଶ୍ୱକୋଷ।]

ଷଟ୍ପ୍ର(ପ୍ରା)ଜ୍ଞ—ସଂ. ବି. ପୁଂ—(ଷଟ୍+ପ୍ରଜ୍ଞା; ବହୁବ୍ରୀହି)—୧। Shat-pra (prā)jña ଚାରି ପୁରୁଷାର୍ଥ (ଯଥା—ଧର୍ମ, ଅର୍ଥ, କାମ, ମୋକ୍ଷ) ଓ ଲୋକତତ୍ତ୍ୱ ବା ଲୋକାୟତ ଓ ତତ୍ତ୍ୱଜ୍ଞାନ ଏହି ଛଅ ବିଷୟରେ ଅଭିଜ୍ଞ ବ୍ୟକ୍ତି—1. A person

acquainted with the 4 objects of human pursuit (viz piety, riches, love, salvation), popular usage and metaphysical truth. ୨ । ବୌଦ୍ଧ —2. A Buddhist. ୩ । ଜାର ପୁରୁଷ—3. Paramour; gallant. ୪ । ଲମ୍ପଟ—4. Lecher; libertine. ୫ । କାମୁକ ବ୍ୟକ୍ତି—5. A lustful or licentious person; a lewd person.

ଷଟ୍‌ଲବଣ – ସ. ବ – କାଚ, ସୈନ୍ଧବ, ସାମୁଦ୍ର, ବିଟ ଓ ସୌବର୍ଚ୍ଚଳ,
Shaṭ-labaṇa ଏହି ଛଅ ଲବଣ ସମୂହ ମୁଖ୍ୟଲବଣ—Six kinds of salt.

ଷଟ୍‌ଶାସ୍ତ୍ରୀ – ସ. ବିଣ ପୁଂ (ଷଟ୍ + ଶାସ୍ତ୍ର + ଇନ୍; ୧ମା. ୧ବ)—
Shaṭ-śāstri ଛଅଟି ଶାସ୍ତ୍ର ବାଷନ୍ତ୍ ବଶ କରିଥିବା ପ୍ରଜ୍ଞ (ବ୍ୟକ୍ତି) Conversant with the six Śāstras or Darsanas (Apte).

ଷଟ୍‌ଷଷ୍ଟି—ସ. ବ ଓ ବିଣ (ମ. ପ. ଲୋ; ଷଟ୍ ଅଧିକ ଷଷ୍ଟି)—
Shaṭ-shashṭi ଛଅଷଠି; ୬୬—Sixty-six; 66.

ଷଟ୍‌ଷଷ୍ଟିତମ—ସ. ବିଣ (ଷଟ୍ ଷଷ୍ଟି + ପୂରଣାର୍ଥେ ତମ)—ଛଅଷଠି ସଂଖ୍ୟା
Shaṭ-shashṭitama ର ପୂରକ—Sixty-sixth. (ଷଟ୍ ଷଷ୍ଟି – ଅନ୍ୟରୂପ)

ଷଟ୍‌ସପ୍ତତି—ସ. ବ ଓ ବିଣ (ସଂଖ୍ୟା ବାଚକ; ମ. ପ. ଲୋ; ଷଟ୍ ଅଧିକ
Shaṭ-saptati ସପ୍ତତି)—ଛଅସ୍ତରି; ସତୁରୀଠାରୁ ଛଅ ଅଧିକ ସଂଖ୍ୟା—Seventy six.

ଷଟ୍‌ସପ୍ତତିତମ—ସ. ବିଣ (ଷଟ୍ ସପ୍ତତି + ପୂରଣାର୍ଥେ ତମ)—
Shaṭ-saptatitama ଛଅସ୍ତରି ସଂଖ୍ୟାର ପୂରକ—Seventy-sixth. (ଷଟ୍ ସପ୍ତତ; ଷଟ୍‌ସପ୍ତ—ଅନ୍ୟରୂପ)

ଷଟ୍‌ସହସ୍ର – ସ. ବ ଓ ବିଣ (ସଂଖ୍ୟାବାଚକ)—ଛଅ ହଜାର—
Shaṭ-sahasra Six thousand.

ଷଟ୍‌ସହସ୍ର ଶତ—ସ. ବ ଓ ବିଣ (ସଂଖ୍ୟା ବାଚକ)—ଛଅ ଲକ୍ଷ—
Shaṭ sahasra śata Six hundred thousand.

ଷଟ—ଦେ. ବ. (ସଂ. ଷଟ୍)—ଛଅ—Six. [ଉ—ମୁରବ ପ୍ରଥମ
Shaṭa ଅଧ୍ୟାୟରେ, ସୂକ୍ଷ୍ମ ଷଟ ପ୍ରଶ୍ନ କଲେ । ଜଗନ୍ନାଥ—
ছয় ষট୍ ଭାଗବତ ।]

ଷଟଦଶ—ଦେ. ବ (ସଂ. ଷୋଡ଼ଶ)—ଷୋଳ—Sixteen. [ଉ—
Shṭaadaśa ବର୍ଷ ବୟସ ଷଟ ଦଶ, ଚଷୋଭ ଏ ଷଟ ଲକ୍ଷଣ
সাল ষল ପ୍ରାଚୀ. ପୂର୍ଣ୍ଣିମ ଚନ୍ଦ୍ରୋଦୟ ।]

ଷଟବିଂଶ—ଦେ. ବ (ସଂ ଷଡ଼ବିଂଶ)—ଛବିଶ—Twentysix.
Shaṭa bimśa [ଉ—ଷଟବିଂଶରେ ସେ ଗମ୍ଭୀର—ପ୍ରାଚୀ.
ছাবিশ ষড়বিংশ ପୂର୍ଣ୍ଣିମ ଚନ୍ଦ୍ରୋଦୟ]

ଷଟଶକ୍ତି – ଦେ. ବ (ସଂ: ଷଟ୍ + ଶକ୍ତି)—ବୈଷ୍ଣବ ସାହିତ୍ୟରେ ଶ୍ରୀ
Shaṭaśakti କୃଷ୍ଣଙ୍କର ତଥା ରାଧାଙ୍କ ଶକ୍ତିରୂପ ଧାରଣା
ষটশক্তি ষটশক্তি ଛଅଟି ଦେବୀ—Six Deities supposed to have the Śakti of Bhishṇu and Rādhā (in the Baishnaba literature).

[ଉ—ଶ୍ରୀ ବୃନ୍ଦାବନ୍ତା, ରଙ୍ଗଦେବୀ, ସୁଦେବୀ, ଚିତ୍ରାସୁମୁଖୀ, ଚମ୍ପକଲତା, ତୁଙ୍ଗବିଦ୍ୟା ଏ ନାଗ ଅଟେ ଷଟ ଶକ୍ତି । ପ୍ରାଚୀ. ପୂର୍ଣ୍ଣିମ ଚନ୍ଦ୍ରୋଦୟ ।]

ଷଟାମ୍ପୁ—ଗ୍ରା. ପ୍ରାଦେ (ଗଞ୍ଜାମ) ବିଶେ. ବ—(ଇଂ: ଷ୍ଟାମ୍ପ)—
Shaṭāmpu ଷ୍ଟାମ୍ପ—Stamp.

ଷଠା – ଦେ. ବ (ସଂ. ଷଷ୍ଟି)—ଷାଠିଏ—
Shaṭhā Sixty.
ষাট ষাঠ [ଯଥା—ଷଠାଶହେ; ଦଶଷଠା]

ଷଠାଶଏ ହେ—ଦେ: ବ ଓ ବିଣ (ସଂଖ୍ୟାବାଚକ; ଷଷ୍ଟ୍ୟଧିକ ଶତ)
Shaṭhāsae(he) ଏକଶ ଷାଠିଏ—160.
একশষাট ऐकसौसाठ

ଷଠୀ—ଦେ. ବ—(ସଂ. ଷଷ୍ଠୀ)—୧ । ଶିଶୁର ଜନ୍ମ ହେବାର ୬ଷ୍ଠ
Shaṭhī ଦିବସରେ କର୍ତ୍ତବ୍ୟ ଉତ୍ସବାଦ ଓ ଷଷ୍ଠୀ ଦେବୀଙ୍କ
ষেটেরা छटियार; छठि ପୂଜା—1. Festival and worship of the 'Shashthī debī' done on the 6th day of a child's birth. ୨ । ବିଶ୍ଵ ମଙ୍ଗଳା—2. The 6th day of marriage. ୩ । ଷଷ୍ଠୀ (୨) (ଦେଖ)—3. Shashthī (2) (see) ୪ (ସଂ. ଷଷ୍ଟି) ଷାଠିଏ, ୬୦—4. Sixty; 60, [ଉ—ଷଷ୍ଟି ଶବ୍ଦର ଅପଭ୍ରଂଶ ଷଠି ଶବ୍ଦ ଅଣଷଠି ଓ ଏକଷଠି ଅର୍ଥରେ ବ୍ୟବହୃତ ହୁଏ ।] ୫ । ଷଠିଓଷା (ଦେଖ)—5. Shaṭhi Oshā (see)

ଷଠିଆ—ଦେ. ବ (ସଂ: ଷଷ୍ଠିକ)—ଷଷ୍ଠିକ (ଦେଖ)—Shashṭika
Shaṭhiā ষেটে साठिया (See)

ଷଠି ଉଠିଆରି—ଦେ:ବ—ଶିଶୁର ଜନ୍ମ ହେବାର ୬ଷ୍ଠ ଦିନ ଓ ଦ୍ଵାଦଶ ଦିନ
Shaṭhi uṭhiāri ମାତା ସ୍ନାନ କରି ଅଶୁଚ ଉଠିବା ଉପଲକ୍ଷ୍ୟର
ষেটেরাপূজা ଉତ୍ସବ—The ceremonies done on the 6th and 12th day of a birth.

ଷଠି ଓଷା—ଦେ. ବ – (ସ. ଷଷ୍ଠୀ ଓ ଉତ୍ସବ)—ଭାଦ୍ର ଶୁକ୍ଳ ଷଷ୍ଠୀଦିନରେ
Shaṭhi oshā ହେଉଥିବା ଷଷ୍ଠୀ ଦେବୀଙ୍କ ପୂଜା—The worষষ্ঠিপূজা षष्ठीपूजा ship of Shashṭhi debī on the 6th of the bright fortnight of Bhādraba. [ଉ—ଏ ଦିନ ଶିଶୁମାନଙ୍କ ପିଠିରେ ମାଆ ଅବ ବର୍ଷୀୟସୀମାନେ ବଳମୁଲୀ, ଷାରୁ ନଡ଼ା, କାଇଁଶ ପତ୍ର, ଧାନ ପତ୍ରର ବିଡ଼ା ବାନ୍ଧି ଧୀରେ ଧୀରେ ଅଘାତ କରନ୍ତି । ଏହାକୁ ଷଠି ବାଡ଼ିଅ କହନ୍ତି । ଏତଦ୍ଵାରା ଶିଶୁମାନଙ୍କର ସମସ୍ତ ବାଳଗ୍ରହ ଦୂରେଇ ହୁଏ ବୋଲି ବିଶ୍ଵାସ । ଏହାକୁ ବାଙ୍ଗଳାରେ 'ଲୁଣ୍ଠନୀ' ବା 'ଲୋଟନ ସପ୍ତମୀ' କହ (ଅଭିଧାନଙ୍କ ନୂତନ ଅଠମଣ୍ଡିତ ପ୍ରକରଣ ୧୧୬ ପୃଷ୍ଠା) । ଷଠି ଓଷାକୁ ଯାଜପୁର ଅଞ୍ଚଳରେ ବେଳୁଆ ଷଠି ବୋଲି କହନ୍ତି । ସ୍କନ୍ଦ ପୁରାଣରେ ଏ ଷଷ୍ଠୀର ନାମ ଚପେଟୀ ଷଷ୍ଠୀ, ଓ ଉଣା ଚଳରେ ଏ ଷଷ୍ଠୀର ନାମ ଅଶମ୍ଭାଷଷ୍ଠୀ । ଚପେଟୀର ଅର୍ଥ ଚାପୁଡ଼ା । 'ଚପେଟୀଷଷ୍ଠୀ' ନାମରୁ ଅନୁମିତ ହୁଏ ଯେ, ବର୍ଷୀୟସୀମାନେ

ପିଲମାନଙ୍କ ପିଠିରେ ଯେଉଁ 'ଷଠୀ ବାଡ଼ିଆ' କରନ୍ତି ତହିଁ ସଙ୍ଗେ ଏ ନାମର କିଛି ସମ୍ପର୍କ ଅଛି ।]

ଷଠି କୁକୁ(କ,କ୍କୁ)ଟ—ଦେ. ବି.—(ସଂଡଠର, ସଂ. ଷଷ୍ଠୀ ଓ କୁକ୍କୁଟୀ) Shaṭhi kuku(ka, kku)ṭa ଷଷ୍ଠୀ ପୂଜା ଓ କୁକ୍କୁଟୀ ବ୍ରତ; [ଷଠି କୋକୁ(ଟୀ)—ଅନ୍ୟରୂପ] ଭାଦ୍ର ଶୁକ୍ଳ ଷଷ୍ଠୀ ଓ ସପ୍ତମୀ ଦିନ ଅନୁଷ୍ଠିତ ବ୍ରତ ଦ୍ୱୟ—The Shaṭhi & Kukkuṭi vows of the Hindus.

ଷଠି ଘର(ରା)—ଦେ. ବି—(ସଂ. ଷଷ୍ଠୀ ଓ ଗୃହ)—୧ । ଶିଶୁର ଜନ୍ମର ଷଷ୍ଠଦିନ ଅନୁଷ୍ଠିତ ଉତ୍ସବ—1. The Shaṭhi ghara(rā) ସେଟେରା ছঠিয়ার festival observed on the 6th day of a child's birth. [ଉ—ପଞ୍ଚୁଆତି ଷଠିଘର ଉତ୍ସବ ଗଲା, ଏକଚାଂଶ ଦିବସ ପ୍ରବେଶ ହୋଇଲା । ବିଶ୍ୱନାଥ—ବିଚିତ୍ର ରାମାୟଣ ।]
[ଦ୍ର—ଏ ଦିନ ଘରେ ପିଠା ଆଦି ପ୍ରସ୍ତୁତ ହୋଇ ୭ଜଣ ଅବିଧବା ନାରୀଙ୍କ ଦ୍ୱାରା ଷଷ୍ଠୀ ଦେବୀଙ୍କୁ ନୈବେଦ୍ୟ ଦିଆଯାଏ ଓ ବନ୍ଧାଯାଏ ।] ୨ । ଗୃହର ଏକ କୋଠରୀରେ (ଅର୍ଥାତ୍ ସୂତିକାଗାରରେ) କାନ୍ଥର ଦେହରେ ଚାଉଳ ଦ୍ୱାରା ଗୋଟିଏ ଚତୁଷ୍କୋଣ ବିଶିଷ୍ଟ ରେଖ ବା ଦେବୀ ପ୍ରତିମୂର୍ତ୍ତି ଲିପାହୋଇ ତହିଁରେ କଉଡ଼ି ମଡ଼ାଯାଇ ଷଷ୍ଠୀ ଦେବୀଙ୍କ ପୂଜା କରାଯାଏ-2. The room (the lying-in-room) in which a quadrilateral figure or the figure of a Goddess of clay is daubed on the wall and worshipped as the image of Shashṭhi debi.

ଷଠି ଚଉଠୀ—ଦେ. ବି.—(ସଂ ଷଷ୍ଠୀ+ଚତୁର୍ଥୀ)—୧ । ବିବାହର ଷଷ୍ଠ Shaṭhi chauṭhi ଓ ଚତୁର୍ଥ ଦିନର ଉତ୍ସବ—1. Cere- ষষ্ঠী চতুৰ্থী षष्ठी चतुर्थी monies on the 6th and 4th days of marriage. ୨ । ଜନ୍ମର ଷଠି ଉତ୍ସବ ଓ ବିବାହର ଚଉଠି ଉତ୍ସବ—2. The 6th day ceremony after a birth and the 4th day celebration aftera marriage.

ଷଠି ଚଉଠୀ ମଙ୍ଗଳବାର—ଦେ. ବି. (ସଂଡଠର)—ସ୍ତ୍ରୀମାନଙ୍କ ଅନୁଷ୍ଠିତ Shaṭhi chauṭhi maṅgaḻabāra ଏହି ଭଳି ଛୋଟଛୋଟ ଉତ୍ସବ (ଯଥା—ଶିଶୁର ଷଠୀ, ବିବାହର ଚଉଠି ଓ ଚଇତ୍ର ମାସ ମଙ୍ଗଳବାର)—Various petty ceremonies and festivals observed by women. [ଉ—ତା'ଘରେ ଷଠୀ ଚଉଠୀ ମଙ୍ଗଳବାର ନାହିଁ—ଅର୍ଥାତ୍, ତା ଘରେ କୌଣସି ଉତ୍ସବାଦି ହୁଏ ନାହିଁ]

ଷଠି ଦିଉଛେଇ(ଈଁ)—ଦେ. ବି.—(ସ ଷଷ୍ଠୀ ଓ ଦେବୀ)—ଷଷ୍ଠୀ (୨) Ṡaṭhi diuchhei (iṅ) (ଦେଖ)—Shashṭhi (2) (see). ষাইঠ, ষাট षष्ठीदेवी [ଉ—ଷଠଦିଉଛା ଭୁଦ୍ଧି ଦେବୁ, ଅନେକ ପୂଜା ତୁ ପାଇବୁ । ଯଶୋବନ୍ତ—ପ୍ରେମଭକ୍ତି ଗୀତା ।]
ଷଠ ଦେଇ, ଷଠି ବୁଢ଼େଇଁ
ଷଠି ଦୋଛେ(ଶେ)ଇଁ, ଷଠି ଦଉଛା } ଅନ୍ୟରୂପ

ଷଠ ଧାନ—ଦେ. ବି.—(ସଂ. ଷଷ୍ଠିକା)—ଷାଠିକା (ଦେଖ) Ṡhaṭhi dhāna Ṡhāṭhikā (See) ষাটিয়া, ষেটো साठीधान

ଷଠି ପଞ୍ଚୁଆତ—ଦେ. ବି—ଷଠୀ ଓ ପଞ୍ଚୁଆତ— Shaṭhi pañchuāti The ceremonies done on সেটেরা পূজা the 6th and 5th days after a छटियार पूजा birth.

ଷଠି ପୂଜା—ଦେ. ବି (ସଂ. ଷଷ୍ଠୀପୂଜା)—୧ । ଶିଶୁର ଜନ୍ମର ଷଷ୍ଠ Shaṭhi pūjā ଦିନରେ କର୍ତ୍ତବ୍ୟ ଉତ୍ସବ—1. The সেটেরা festival done on the 6th day of the birth षष्ठी पूजा of a child. ୨ । ଷଠି ଓଷା (ଦେଖ)—2. Shaṭhi oshā. (See)

ଷଠି ବାଡ଼ିଆ—ଦେ. ବି—ଷଠି ଓଷା ବା ଭାଦ୍ର ଶୁକ୍ଳଷଷ୍ଠୀ ଦିନ ବାଳକ-Ṣhaṭhi bārḍiā ବାଳିକାମାନଙ୍କର ରକ୍ଷାବିଧାନାର୍ଥ ତାଙ୍କ ପିଠିରେ ମାଆ ଆଦି ବର୍ଷୀୟସୀମାନଙ୍କ ଦ୍ୱାରା ସାରୁକଣ୍ଡ', ଧାନକେଣ୍ଡା, କଣ୍ଟମଲୀ, କାଉଁଶ ପତ୍ର ଏକତ୍ର ବନ୍ଧା ହୋଇ ଥିବା ଗୋଛାରେ ଆଘାତ କରିବାରୂପ କାର୍ଯ୍ୟ—The ceremony of patting on the backs of boys and girls on the 'Shaṭhi oshā' day with a sheaf of paddy and other plants to protect them from evil.
[ଦ୍ର—ଏହି ସମୟରେ ଆଘାତ କରୁଥିବା ଲୋକର ବୋଲିବା ପଦ ଯଥା—
ଓଲୁଅ ପରି ବଢ଼ିଯା, କଣ୍ଟାସାରୁ ପରି ମାଡ଼ିଯା
ଗାଁ ଗାଁ— ବଞ୍ଚ ହୋ ! ବଞ୍ଚ ହୋ !
ଷଠି ବୁଢ଼େଇଙ୍କ ପୂଜା ବାକ୍ୟ—
ଯସ୍ୟା ଭାଦ୍ରସ୍ୟ ଶୁକ୍ଳାୟାଂ ଷଷ୍ଠ୍ୟାଂଷଷ୍ଠୀ ପ୍ରପୂଜିତା
ଶ୍ରୀବତ୍ସପ୍ରଭାତ ସୌଭାଗ୍ୟ-ଧନଧାନ୍ୟଯୁତା ଭବେତ୍ ।
ପ୍ରାର୍ଥନା—
ଷଷ୍ଠୀ ଦେବୀ ନମସ୍ତୁଭ୍ୟଂ ସୂତିକାଗୃହ ଶାୟିନି
ପୂଜିତା ପରୟା ଭକ୍ତ୍ୟା ସର୍ବମାୟୁଃ ପ୍ରଯଚ୍ଛମେ ।
ସ୍କନ୍ଦ ପୁରାଣରେ ଏ ଷଷ୍ଠୀର ନାମ ଚପେଟୀ ଷଷ୍ଠୀ, ଅତଏବ ପିଲାଙ୍କ ପିଠିରେ ଆଘାତ କରାଯିବା ପ୍ରଥାର ପୌରାଣିକ ଭିତ୍ତି ଥିବା ଅନୁମିତ ହୁଏ ।]

ଷଡ଼ୃତୁ—ସଂ. ବି (ଷଟ୍+ଋତୁ)—ବର୍ଷର ଛଅଟି ଋତୁ— Shaṛḍ-ṛutu The six seasons of the year. (ଷଡ୍ ଋତୁ—ଅନ୍ୟରୂପ) [ଦ୍ର—ଋତୁମାନଙ୍କର ନାମ ଯଥା— [ଷଡ଼ୃଋତୁ—ଦେଶଜ ରୂପ] ଗ୍ରୀଷ୍ମ ଋତୁ=ବୈଶାଖ ଓ ଜ୍ୟୈଷ୍ଠ ମାସ,
ବର୍ଷା ଋତୁ=ଆଷାଢ଼ ଓ ଶ୍ରାବଣ,
ଶରତ୍ ଋତୁ=ଭାଦ୍ର ଓ ଆଶ୍ୱିନ,
ହେମନ୍ତ ବା ହିମଋତୁ=କାର୍ତ୍ତିକ ଓ ମାର୍ଗଶିର,
ଶିଶିର ବା ଶୀତ ଋତୁ=ପୌଷ ଓ ମାଘ,
ବସନ୍ତ ଋତୁ=ଫାଲ୍ଗୁନ ଓ ଚୈତ୍ର ।]

ଷଡ଼୍‌ଗବ—ସଂ. ବ (ଷଟ୍‌+ଗୋ; ସମାହାର ଦ୍ୱନ୍ଦ୍ୱ)—ଛଅଟି ଗୋରୁ—
Shard-gaba Six heads of cattle. ସଂ. ବଣ—
(ଷଡ଼୍‌ଗବାସ୍ତୁ—ବଣ) (ବହୁବ୍ରୀହି)—୧ । ଛଅଟି ଗୋରୁ ଦ୍ୱାରା
(ଷଡ୍ଗବ—ଅନ୍ୟରୂପ) ଆକୃଷ୍ଟ (ହଳ, ଶକଟାଦି)—1. Drawn
(ଷଡ଼ଗବ—ଦେଶଜରୂପ) by six oxen. ୨ । ଛଅଟି ବଳଦ
ଦ୍ୱାରା ଅକୃଷ୍ଟ (ଭୂମି)—2. Ploughed by Six oxen.

ଷଡ଼୍‌ଗୟା—ସଂ. ବ (ଷଟ୍‌+ଗୟା)—ଗୟା ତୀର୍ଥରେ ଥିବା ଛଅ ଗୋଟି
Shard-gayā ଦର୍ଶନ ଓ ପିଣ୍ଡ ଦାନ କରିବା ଯୋଗ୍ୟ ପ୍ରଧାନ
(ଷଡ୍ଗୟା—ଅନ୍ୟରୂପ) ତୀର୍ଥ—Six very sacred shrines
or places in Gaya. (ଯଥା—ଗୟାଗଜ, ଗୟାଦିତ୍ୟ,
ଗାୟତ୍ରୀ, ଗଦାଧର, ଗୟାଧାମ ଓ ଗୟାସୁର । ଗୟା
ତୀର୍ଥକୁ ଗଲେ ଏ ଷଡ଼୍‌ଗୟା ଦର୍ଶନ କରିବା
ବିଧେୟ ।]

ଷଡ଼୍‌ଗୁଣ—ସଂ. ବଣ. (ଷଟ୍‌+ଗୁଣ)—୧ । ଛଅ ଥର—1. Six
Shard-guṇa times. ୨ । ଛଅ ଗୁଣିତ—2. Sixfold.
(ଷଡ୍ଗୁଣ—ଅନ୍ୟରୂପ) ୩ । ଛଅ ସଂଖ୍ୟା ଦ୍ୱାରା ଗୁଣିତ—
(ଷଡ଼ଗୁଣ—ଦେଶଜରୂପ) 3. Multiplied by the
number six. ସଂ. ବ—୧ । ଛଅ ଦ୍ୱାରା ଗୁଣିଲେ
ଯେତେ ହେବ ସେତେ—1. As much as six
times a quantity; which is six times
as much as the original thing. ୨ । ଛଅ
ଗୋଟି ରାଜଗୁଣ; ଯେଉଁ ଉପାୟ ଛଅଟି ରାଜାଙ୍କଦ୍ୱାରା ପାଳନ
ହେବା ଉଚିତ—2. Six expedients which a
king should pursue in order to
succeed. (ଯଥା—ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧ
ଓ ଆଶ୍ରୟ) ୩ । ମନୁଷ୍ୟର ଇଚ୍ଛା ଛଅଟି ଉତ୍ତମ ବା ବାଞ୍ଛନୀୟ
ଗୁଣ—3. Six good qualities which a
man should aspire for. (ଯଥା—ଐଶ୍ୱର୍ଯ୍ୟ, ଜ୍ଞାନ,
ଯଶ, ଶ୍ରୀ, ବୈରାଗ୍ୟ ଓ ଧର୍ମ—ଶବ୍ଦକୋଷ)

ଷଡ଼୍‌ଗୁଣ ବଳି ଜାରିତ ସିଦ୍ଧ ମକରଧ୍ୱଜ—ସଂ. ବ (ବୈଦ୍ୟକ)—
Shard-guṇa bali jārita siddha (ଷଡ଼୍‌ ଗୁଣ=ଛଅଗୁଣ
makara dhwaja +ବଳି=ଗନ୍ଧକ ଦ୍ୱାରା ଜାରିତ ସିଦ୍ଧ
ମକରଧ୍ୱଜ)—ପାରଦର ଛଅଗୁଣ ଗନ୍ଧକଦ୍ୱାରା ଜାରିତ
ହୋଇ ପ୍ରସ୍ତୁତ ହୋଇଥିବା ମକରଧ୍ୱଜ ନାମକ ରସାୟନ—
A very efficacious Ayurvedic preparation made by sublimating mercury
with six times its quantity of sulphur
pounded together.

ଷଡ଼୍‌ଗ୍ରନ୍ଥା—ସଂ. ବ (ବୈଦ୍ୟକ)—୧ । ଶ୍ୱେତବଚ; ବଚ—1. Swet
Shard-granthā flag; Acorus Calamus. ୨ ।
ଶଠୀ; ପାଳୁଅ—2. A sort of
Indian arrowroot. ୩ । ଏକ ପ୍ରକାର ସୁଗନ୍ଧିମୂଳ—
3. A sort of sweet scented root. ୪ ।
ଡହର କରଞ୍ଜ ମହାକରଞ୍ଜ; ବଡ଼ କରଞ୍ଜ ଗଛ—4. A tree;
Pongamia Indica. ୫ । କରଞ୍ଜୀ; ଗିଲ ବା
କଟିଗୋଳ (କଣ୍ଟକ ଗୁଳ୍ମ)—5. A thorny plant;
Cisalpina Bonducella.

ଷଡ଼୍‌ଗ୍ରନ୍ଥି—ସଂ. ବ—ପିପ୍ପଳୀ ମୂଳ—
Shard-granthi The root of long pepper.

ଷଡ଼୍‌ଗ୍ରନ୍ଥିକା—ସଂ. ବ—ଶଠୀ; ପାଳୁଅ—
Sard-granthikā Indian arrowroot.

ଷଡ଼୍‌ଗ୍ରନ୍ଥୀ—ସଂ. ବ—ବଚ—
Sard-granthī Sweet flag.

ଷଡ଼୍‌ଗ୍ରହ—ସଂ. ବ—ଛଅ ଗ୍ରହ—
Sard-graha Six planets.
(ଷଡ଼ଗ୍ରହ—ଦେଶଜରୂପ)

ଷଡ଼୍‌ଗ୍ରହକୂଟ—ସଂ.ବ (ଜ୍ୟୋତିଷ)—ଛଅଟି ଗ୍ରହଙ୍କର ଏକ ରାଶିରେ ସ୍ଥିତି—
Shard-graha kuṭa The conjuction of six
planets in one sign. [ଦ୍ର—ଏହା ହେଲେ
ରାଜ୍ୟ ପ୍ରତି ଅତି ଅଶୁଭ,
ଷଡ଼ଗ୍ରହା—ଦେଶଜ ରୂପ ରାଷ୍ଟ୍ରଭଙ୍ଗ, ନୃପ ନାଶ ଓ ମୃତ୍ୟୁ ଅଧିକ
ଘଟେ ।]

ଷଡ଼୍‌ଜ(ଗ)—ସ. ବ (ଷଟ୍‌=ଛଅ+ଜନ୍‌ ଧାତୁ=ଜାତ ହେବା+
Shard-ja(ga) କର୍ତ୍ତୃ. ଅ; ଷଟ୍‌+ଗମ୍‌ ଧାତୁ+କର୍ତ୍ତୃ. ଅ;
[ଷଡ଼ଜ—ଦେଶଜରୂପ] ଏହା ଛଅ ସ୍ଥାନରୁ ଉତ୍ପନ୍ନ ହୁଏ ବୋଲି
ଏହି ନାମ; ଯଥା—କଣ୍ଠ, ତାଳୁ, ଜିହ୍ୱା, ଦନ୍ତ, ନାସା,
ଓ ଉରଃ)—୧ । ମୟୂରର କେକା; ମୟୂରର କଣ୍ଠ ଧ୍ୱନି—
1.The sound or crowing of the peacock
୨ । ଭଲୀ ଓ ଗାନାଦିରୁ ଉତ୍ଥିତ ପ୍ରଥମ ସ୍ୱର; ହିନ୍ଦୁ
ସଙ୍ଗୀତର ସ୍ୱରଗ୍ରାମର ଆଦ୍ୟ ସ୍ୱର (ଏହା ମୟୂର କଣ୍ଠ-ଜାତ
ସ୍ୱର ତୁଲ୍ୟ, ଏହାର ସଙ୍କେତ 'ସା']—2. The 1st
tone of the Hindu gamut. [ଦ୍ର—ଏହା
ସଙ୍ଗୀତର ମୂଳସ୍ୱର (keynote) ଅଟେ । ଏଥିରୁ ଅନ୍ୟ
ଛଅଟି ସ୍ୱର (ବା ସୁର, ଯଥା—ଋଷଭ=ର, ଗାନ୍ଧାର=
ଗା, ମଧ୍ୟମ=ମା, ପଞ୍ଚମ=ପା, ଧୈବତ=ଧା ଓ ନିଷାଦ
=ନି) ଉତ୍ପନ୍ନ ହୁଏ । 'ଷଡ଼ଜ' ସ୍ୱରକୁ ଭ୍ରମରେ 'ଖଡ଼ଜ'
'ଖରଜ' ବୋଲାଯାଏ ।]

ଷଡ଼୍‌ଜୟନ୍ତୀ—ସ. ବ—ବର୍ଷ ମଧ୍ୟରେ ଛଅଟି ନିର୍ଦ୍ଦିଷ୍ଟ ଉପବାସ ବ୍ରତ—
Shard-jayantī Six particular fasts observed
during the year. [ଦ୍ର—
(ଷଡ଼ଜୟନ୍ତୀ—ଦେଶଜରୂପ) ଶିବରାତ୍ରି, ଜନ୍ମାଷ୍ଟମୀ, ବାମନଦ୍ୱାଦଶୀ,
ନୃସିଂହଚତୁର୍ଦ୍ଦଶୀ, ରାମ ନବମୀ ଓ ମହାଷ୍ଟମୀକୁ ଷଡ଼୍‌ଜୟନ୍ତୀ
ବୋଲାଯାଏ । ଯେଉଁମାନେ ୨୪ ଏକାଦଶୀ କରନ୍ତି ସେମାନେ
ଷଡ଼୍‌ଜୟନ୍ତୀ ବ୍ରତ କଲେ ବର୍ଷକେ ଏକ ମାସ ଉପବାସ
ପୂର୍ତ୍ତି ହୁଏ । ବାକ୍ୟ ଅଛି; ଯଥା—
ମାସୋପବାସୀ ଭବେଣାତ୍ତି ହୋତୀ

ବେଦାନ୍ତ ଗୋଚନ୍ତ୍ର ସହସ୍ର ଦର୍ଶୀ
ମିଶ୍ରାଇଦାତା ଚ ପଞ୍ଚବକ୍ତା ଚ
ଷଡ଼୍‌ଗୀବ ଲୋକେ ମମ ବନ୍ଦନୀୟାଃ ।
ଭଗବାନଙ୍କ ପ୍ରତି ନାରଦଙ୍କ ଉକ୍ତି ।]

ଷଡ଼୍‌ଦର୍ଶନ—ସଂ. ବ—ହିନ୍ଦୁମାନଙ୍କର ଛଅ ପ୍ରକାରର ଦର୍ଶନ ଶାସ୍ତ୍ର—Sard-darsana The six philosophical systems (ଷଡ଼୍‌ଦର୍ଶନ—ଅନ୍ୟରୂପ) of the Hindus; the six (ଷଡ୍‌ଦର୍ଶନ—ଦେଶଜରୂପ) schools of Hindu poiloso-phy. [ବ—ଏହି ଛଅଟି ଦର୍ଶନ ଶାସ୍ତ୍ରକୁ ଛଅଜଣ ଋଷି ପ୍ରବର୍ତ୍ତନ କରିଅଛନ୍ତି; ଯଥା—
ପୂର୍ବ ମୀମାଂସା—ଜୈମିନି ଋଷି,
ଉତ୍ତରମୀମାଂସା ବା ବେଦାନ୍ତ—ବ୍ୟାସ ଦେବ
ନ୍ୟାୟ ବା ତର୍କଶାସ୍ତ୍ର—(Logic) ଗୌତମ ମୁନି
ସାଂଖ୍ୟ—କପିଳ ମୁନି
ପାତଞ୍ଜଳ ବା ଯୋଗ—ପତଞ୍ଜଳି ଋଷି
ବୈଶେଷିକ—କଣାଦ ମୁନି ।]

ଷଡ଼୍‌ଦର୍ଶୀ—ସଂ. ବିଣ—ଷଡ଼ଦର୍ଶୀ (ଦେଖ)—Shard-darsi Shardadrasi (See) (ଷଡ୍ଦର୍ଶୀ—ଅନ୍ୟରୂପ)

ଷଡ଼୍‌ଦିନ—ସଂ. ବ (ଦ୍ୱିଗୁ)—ଛଅ ଦିନ—Shard-dina Six days.

ଷଡ଼୍‌ଦୁର୍ଗ—ସଂ. ବ—ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ ଛଅ ପ୍ରକାର ଦୁର୍ଗ ବା କୋଟ୍ଟ Shard-durga —Six classes or kinds of forti-fications described in the Hindu books. [ବ—ମନୁସଂହିତା ୭ମ ଅଧ୍ୟାୟ ୭୦ ଶ୍ଳୋକରେ ଛଅଟି ଦୁର୍ଗର ଉଲ୍ଲେଖ ଅଛି—୧ । ଧନ୍ୱଦୁର୍ଗ (ଜଙ୍ଗଲ ମରୁ-ବେଷ୍ଟିତ ଦୁର୍ଗ), ୨ । ମହୀଦୁର୍ଗ ବା ମୃଦ୍‌ଦୁର୍ଗ (ମାଟି, ପାଷାଣ ଓ ଇଷ୍ଟକାଦି ନିର୍ମିତ ଦୁର୍ଗ), ୩ । ଅବ୍‌ଦୁର୍ଗ ବା ଜଳଦୁର୍ଗ (ଜଳକୁଲ୍ୟାଦି ପରିବେଷ୍ଟିତ ଦୁର୍ଗ), ୪ । ବାର୍କ୍ଷ୍ୟ ଦୁର୍ଗ ବା ବନ ଦୁର୍ଗ (ମହାବୃକ୍ଷ, କଣ୍ଟକ, ଗୁଳ୍ମ, ଲତାଦି ବ୍ୟାପ୍ତ ଦୁର୍ଗ), ୫ । ନୃଦୁର୍ଗ ବା ମନୁଷ୍ୟ ଦୁର୍ଗ (ଗୁର-ଅଶ୍ୱ ହସ୍ତ୍ୟଶ୍ୱ ରଥ ସେନାଦି ପରିବୃତ ଦୁର୍ଗ), ୬ । ଗିରି ଦୁର୍ଗ (ପର୍ବତରେ ଅବସ୍ଥିତ ଦୁର୍ଗମ ଓ ଦୁରାକ୍ରମଣୀୟ ଦୁର୍ଗ) । ଏହି ସବୁ ଦୁର୍ଗରେ ରାଜା ବାସ କରିବେ ।
ମହାଭାରତ ଶାନ୍ତି ପର୍ବରେ ରାଜଧର୍ମ ପର୍ବାଧ୍ୟାୟରେ ମଧ୍ୟ ଏହି ଛଅଟି ଦୁର୍ଗର ଉଲ୍ଲେଖ ଅଛି ।

ଷଡ଼୍‌ଧା—ସଂ. ବ (ଷଟ୍‌+ପ୍ରକାରାର୍ଥେ ଧା)—ଛଅ ପ୍ରକାର—Six Shard-dha kinds or six sorts. ସଂ. ବିଣ—ଛଅ ପ୍ରକାରର—Of six sorts.
(ଷଡ୍‌ଧା—ଦେଶଜରୂପ) ସଂ. କ୍ରି. ବିଣ—୧ । ଛଅ ପ୍ରକାରେ—1. In six kinds; in six ways. ୨ । ଛଅ ଭାଗରେ—2. Into six parts.

ଷଡ଼୍‌ବକ୍ତ୍ର—ସଂ. ବ (କର୍ମଧା)—୧ । ଛଅଟି ମୁଣ୍ଡ—1. Six faces Shard-baktra or heads. ୨ । (ବହୁବ୍ରୀହି) ଷଡ଼ାନନ; କାର୍ତ୍ତିକେୟ— 2. The eldest son of Siba. ସଂ. ବିଣ. ପୁଂ—ଛଅଟି ମୁଖଯୁକ୍ତ—Having 6 heads or faces.

ଷଡ଼୍‌ବର୍ଗ—ସଂ. ବ (ଷଟ୍‌+ବର୍ଗ)—୧ । ଷଡ଼ରିପୁ (ଦେଖ)—Shard-barga 1. Shard-ripu (See) ୨ । ଧର୍ମ, ଅର୍ଥ, କାମ, ମୋକ୍ଷ, ଲୋକାଶ୍ରୟ ଓ ତତ୍ତ୍ୱଜ୍ଞାନରୂପ ମନୁଷ୍ୟର ଛଅଟି ଉଦ୍ଦେଶ୍ୟ—2. The six aims of a man in this world. ୩ । ଜ୍ୟୋତିଷୋକ୍ତ ରାଶିର ଛଅ ପ୍ରକାର ଭାଗ—3. Six different parts of the Zodiacal signs according to astrology. [ଯଥା—୧। କ୍ଷେତ୍ର (ମେଷ ଓ ବୃଶ୍ଚିକ ମଙ୍ଗଳର କ୍ଷେତ୍ର, ବୃଷ ଓ ତୁଲା ଶୁକ୍ରର କ୍ଷେତ୍ର, ମିଥୁନ ଓ କନ୍ୟା ବୁଧର କ୍ଷେତ୍ର, କର୍କଟ ଚନ୍ଦ୍ରର କ୍ଷେତ୍ର, ଧନୁ ଓ ମୀନ ବୃହସ୍ପତିର କ୍ଷେତ୍ର ଓ ମକର ଓ କୁମ୍ଭ ଶନିର ଓ ସିଂହ ରବିର କ୍ଷେତ୍ର ଅଟେ); ୨ । ହୋରା (ରାଶିର ଅର୍ଦ୍ଧାଂଶ); ୩ । ଦ୍ରେକ୍କାଣ (ରାଶିର ଏକ ତୃତୀୟାଂଶ); ୪ । ନବାଂଶ (ରାଶିର ଏକ ନବମାଂଶ); ୫ । ଦ୍ୱାଦଶାଂଶ (ରାଶିର ଏକ ଦ୍ୱାଦଶାଂଶ), ୬ । ତ୍ରିଂଶାଂଶ (ରାଶିର ଏକତ୍ରିଂଶାଂଶ) ଷଡ଼୍‌ବର୍ଗ ଅଟେ ।

୧ । କ୍ଷେତ୍ର :—ମେଷ ଓ ବୃଶ୍ଚିକ ମଙ୍ଗଳର, ବୃଷ ଓ ତୁଲା ଶୁକ୍ରର, ମିଥୁନ ଓ କନ୍ୟା ବୁଧର, କର୍କଟ ଚନ୍ଦ୍ରର, ସିଂହ ରବିର, ଧନୁ ଓ ମୀନ ବୃହସ୍ପତିର ଏବଂ ମକର ଓ କୁମ୍ଭ ଶନିର କ୍ଷେତ୍ର ବା ଗୃହ ଅଟେ । ଯେଉଁ ଲଗ୍ନରେ ଜାତକ ଜନ୍ମ ହୋଇଥାଏ ତାହାର ଅଧିପତି ଗ୍ରହର କ୍ଷେତ୍ରରେ ତାହାର ଜନ୍ମ ହୋଇଅଛି ବୋଲି ସ୍ଥିର ହେବ; ଯଥା, କାହାର ମେଷ ଲଗ୍ନରେ ଜନ୍ମ ହେଲେ ତାହାର ମଙ୍ଗଳର କ୍ଷେତ୍ରରେ ଜନ୍ମ ହୋଇଛି ବୋଲି ଧରାଯିବ ।

୨ । ହୋରା—ରାଶିର ଅର୍ଦ୍ଧାଂଶ ବା ୧୫ ଅଂଶ; ବିଷମ ରାଶିର ଆଦ୍ୟ ହୋରାର ଅଧିପତି ରବି ଓ ଶେଷ ହୋରାର ଅଧିପତି ଚନ୍ଦ୍ର ଅଟନ୍ତି । ସମ ରାଶିର ଆଦ୍ୟ ହୋରାଧିପତି ଚନ୍ଦ୍ର ଓ ଶେଷ ହୋରାଧିପତି ରବି ଅଟନ୍ତି ।

୩ । ଦ୍ରେକ୍କାଣ—ରାଶିର ଏକ ତୃତୀୟାଂଶ ବା ୧୦ ଅଂଶ । ପ୍ରଥମ ଦଶାଂଶର ଅଧିପତି ସେହି ରାଶିର ଅଧିପତି; ଦ୍ୱିତୀୟ ଦଶାଂଶର ଅଧିପତି ସେହି ରାଶିର ପଞ୍ଚମ ରାଶିର ଅଧିପତି, ତୃତୀୟ ଦଶାଂଶର ଅଧିପତି ସେହି ରାଶିର ନବମ ରାଶିର ଅଧିପତି ଅଟନ୍ତି ।

୪। ନବାଂଶ—ରାଶିର ଏକନବମାଂଶ ବା ୩ ଅଂଶ ୨୦); ଚରରାଶିମାନଙ୍କର ସେହିମାନଙ୍କଠାରୁ, ସ୍ଥିରରାଶିମାନଙ୍କର ନବମରୁ ଓ ଦ୍ୱିସ୍ୱଭାବ ରାଶିମାନଙ୍କର ପଞ୍ଚମରୁ ନବାଂଶାଧିପତି ଗଣିବାକୁ ହୁଏ ।

୪। ଦ୍ୱାଦଶାଂଶ—ରାଶିର ଦ୍ୱାଦଶ ଭାଗରୁ ଏକ ଭାଗ ବା ୨ ଅଂଶ ୩୦, ରାଶିର ଅଧିପତି ପ୍ରଥମ ଦ୍ୱାଦଶାଂଶର ଅଧିପତି ଅଟନ୍ତି, ଏହି କ୍ରମରେ ଗଣିବାକୁ ହୁଏ।

୬। ତ୍ରିଂଶାଂଶ—ରାଶିର ତିରିଶ ଭାଗରୁ ଭାଗେ ବା ୧ ଅଂଶ। ବିଷମ ରାଶିର ପ୍ରଥମ ୫ ଅଂଶରେ ମଙ୍ଗଳର, ତା ପରେ ୫ ଅଂଶରେ ଶନିର, ତା ପରେ ୮ ଅଂଶରେ ବୃହସ୍ପତିର, ତା ପରେ ୭ ଅଂଶରେ ବୁଧର ଓ ଶେଷ ୫ ଅଂଶରେ ଶୁକ୍ରର ଅଧିକାର। ସମ ରାଶିରେ ପ୍ରଥମ ୫ ଅଂଶରେ ଶୁକ୍ରର, ତା ପରେ ୭ ଅଂଶରେ ବୁଧର, ତା ପରେ ୮ ଅଂଶରେ ବୃହସ୍ପତିର, ତା ପରେ ୫ ଅଂଶରେ ଶନିର ଓ ଶେଷ ୫ ଅଂଶରେ ମଙ୍ଗଳର ଅଧିକାର।

ଷଡ଼୍‌ବର୍ଗଫଳ—ଷଡ଼୍‌ବର୍ଗର ଅଧିପତିମାନଙ୍କ ଭେଦ ବଳରେ ଶୁଭାଶୁଭ ନିର୍ଣ୍ଣୟ କରାଯାଏ। ଶୁଭ ଗ୍ରହର ଷଡ଼୍‌ବର୍ଗରେ ଜନ୍ମ ହେଲେ ଜାତକ ସୁନ୍ଦର, ଖ୍ୟାତିମାନ୍ ଓ ଧନଯୁକ୍ତ ହୁଏ। ଅଶୁଭ ଗ୍ରହର ଷଡ଼୍‌ବର୍ଗରେ ଜନ୍ମ ହେଲେ ଜାତକ କୁତ୍ସିତ ଓ ଅଳ୍ପ ଧନଯୁକ୍ତ ହୁଏ।

ସ୍ଥିର ରାଶି—ବୃଷ, ସିଂହ, ବୃଶ୍ଚିକ ଓ କୁମ୍ଭ।

(ଜ୍ୟୋତିଷଶାସ୍ତ୍ରବିଦ ଶ୍ରୀ ବାଇକୋଠ ମହାପାତ୍ରଙ୍କ ଲିଖିତ)

ଷଡ଼୍‌ବାହୁ—ସଂ ବି (କର୍ମଧା)—୧। ଛଅଟି ହାତ—1 Six hands
Shard-bāhu or arms. ୨। (ଜ୍ୟାମିତି) ଛଅଟି ପାର୍ଶ୍ୱସ୍ଥ ସୀମା ରେଖା—
(ଷଡ଼ ବାହୁ—ଦେଶଜ ରୂପ) 2. Six sides of a geometrical figure. ୩। (ବହୁବ୍ରୀହି) ଛଅଟି ବାହୁବେଷ୍ଟିତ କ୍ଷେତ୍ର—3. A hexagon. ସଂ ବିଣ (ବହୁବ୍ରୀହି)—ଛଅ ବାହୁବିଶିଷ୍ଟ—Having six
(ଷଡ଼୍‌ଭୁଜା—ବିଣ• ସ୍ତ୍ରୀ) hands or arms. ଦେ. ବି—ଶ୍ରୀଚୈତନ୍ୟଦେବ—Śrī Chaitanya. [ଦ୍ର—ଶ୍ରୀଚୈତନ୍ୟଦେବ ପୁରୀରେ ରାଜା ପ୍ରତାପରୁଦ୍ର ଦେବଙ୍କୁ ତାଙ୍କର ଷଡ଼୍‌ଭୁଜ ମୂର୍ତ୍ତି ଦେଖାଇଥିଲେ। ଏହି ଷଡ଼୍‌ଭୁଜ ମଧ୍ୟରୁ ୪ ଭୁଜରେ ବିଷ୍ଣୁଙ୍କ ପରି ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଓ ଅନ୍ୟ ଦୁଇ ଭୁଜରେ ଦଣ୍ଡ ଓ କମଣ୍ଡଳୁ ଧରିଥିଲେ। କଥିତ ଅଛି ଯେ, ଏହି ଷଡ଼୍‌ଭୁଜ ରୂପ ଧାରଣ କରି ଶ୍ରୀଚୈତନ୍ୟ ଜଗନ୍ନାଥଙ୍କ ବିଗ୍ରହରେ ଲୀନ ହେଲେ।]

ଷଡ଼୍‌ବିଂଶ—ସଂ. ବିଣ—ଛବିଶ ସଂଖ୍ୟାର ପୂରକ—
Shard-bimsa Twentysixth.
(ଷଡ଼୍‌ବିଂଶତିକ, ଷଡ଼୍‌ବିଂଶତିତମ—ଅନ୍ୟରୂପ)

ଷଡ଼୍‌ବିଂଶତି—ସଂ. ବି. ଓ ବିଣ (ମଧ୍ୟପଦଲୋପୀ କର୍ମଧାରୟ
Shard-bimsati ସଂଖ୍ୟାବାଚକ)—ଛବିଶ—
Twentysix.

ଷଡ଼୍‌ବିଧ—ସଂ• ବିଣ (ଷଟ୍+ବିଧା=ପ୍ରକାର; ବହୁବ୍ରୀହି)-ଛଅ ପ୍ରକାରର
Shard-bidha Of six kinds or sorts.
(ଷଡ଼୍‌ବିଧା—ସ୍ତ୍ରୀ) (ଯଥା—ରସ ଷଡ଼୍‌ବିଧ ଓ ଗନ୍ଧ ଦ୍ୱିବିଧ ଅଟେ।
(ଷଡ଼୍‌ବିଧ—ଦେଶଜରୂପ)

ଷଡ଼୍‌ବିନ୍ଦୁ—ସଂ ବି—(ଷଟ୍+ବିନ୍ଦୁ)—୧। ଛଅଟି ବିନ୍ଦୁ—
Shard-bindu 1. Six points. ୨। ଛଅ ଟୋପା—
[ଷଡ଼୍‌ବିନ୍ଦୁ—ଅନ୍ୟରୂପ] 2. Six drops. ୩। ବିଷ୍ଣୁ—
[ଷଡ଼ ବିନ୍ଦୁ—ଦେଶଜରୂପ] 3. A name of Bishnu. ୪। କୀଟ ବିଶେଷ (ବିଶ୍ୱକୋଷ)—4. A kind of insect.

ଷଡ଼୍‌ବିନ୍ଦୁ ତୈଳ—ସଂ. ବି (ବୈଦ୍ୟକ)—୧। ଶିରୋରୋଗରେ
Shard-bindu taila ବ୍ୟବହୃତ ଔଷଧୀୟ ତୈଳବିଶେଷ—
(ଷଡ଼ବିନ୍ଦୁ ତୈଳ—ଦେଶଜ ରୂପ) 1. Name of medicated oil. [ଦ୍ର—ଏହି ତୈଳକୁ ଲଲାଟ, ଶଙ୍ଖ ଓ ଭ୍ରୂମଧ୍ୟରେ ମାଲିସ୍ ଓ ନାସିକାଦ୍ୱାରା ନସ୍ୟ ଗ୍ରହଣ କଲେ ଯାବତୀୟ ଶିରୋରୋଗ ପ୍ରଶମିତ ହୁଏ; କେଶ, ଦନ୍ତ ଦୃଢ଼ ହୁଏ, ଦୃଷ୍ଟିଶକ୍ତି ବଢ଼େ।]

ଷଡ଼୍‌ଭାଗ—ସଂ ବି (ଷଟ୍+ଭାଗ)—୧। ଛଅ ଭାଗ—1. Six parts.
Shard-bhāga ୨। ଛଅ ଭାଗରୁ ଏକ ଭାଗ—
(ଷଡ଼ଭାଗ—ଦେଶଜରୂପ) 2. One sixth.

ଷଡ଼୍‌ଭୁଜ—ସଂ. ବି. —୧। ଷଡ଼୍‌ବାହୁ (ଦେଖ)—
Shard-bhuja -1. Shard-bāhu (See) ୨। ଜ୍ୱରର
(ଷଡ଼୍‌ଭୁଜ—ଅନ୍ୟରୂପ) କଳ୍ପିତ ମୂର୍ତ୍ତି (ବିଶ୍ୱକୋଷ)—
2. Fever personified. (ଦ୍ର—ହରିବଂଶରେ ଜ୍ୱରର ୩ଟି ପଦ ଓ ମସ୍ତକ ଓ ଛଅ ହାତ ଥିବା ବର୍ଣ୍ଣିତ। ଏ ଭସ୍ମାସ୍ତ୍ରଧାରୀ ପ୍ରଚଣ୍ଡ ଓ କାଳାନ୍ତକ ଯମ ସଦୃଶ—(ବିଶ୍ୱକୋଷ)।
ସଂ. ବିଣ. ପୁଂ—ଷଡ଼୍‌ବାହୁ (ଦେଖ)—Shard-bāhu (See)

ଷଡ଼୍‌ଭୁଜା—ସଂ. ବିଣ• ସ୍ତ୍ରୀ—ଷଡ଼୍‌ଭୁଜର ସ୍ତ୍ରୀଲିଙ୍ଗ—Feminine of
Shard-bhujā Shard-bhuja ସଂ• ବି—୧। ଚଣ୍ଡିକା
(ଷଡ଼ଭୁଜା—ଦେଶଜରୂପ) ଦେବୀ—1. Goddess Chandī. (ଦ୍ର—ବୃହନ୍ନନ୍ଦିକେଶ୍ୱର ପୁରାଣରେ ଦୁର୍ଗାପୂଜାପଦ୍ଧତିରେ ଚଣ୍ଡିକା, ରୁଦ୍ରଚଣ୍ଡା ଓ ଚଣ୍ଡବତୀ, ଦୁର୍ଗାଙ୍କର ଏହି ମୂର୍ତ୍ତିତ୍ରୟ ଷଡ଼୍‌ଭୁଜା ଥିବା ଉଲ୍ଲିଖିତ ହୋଇଅଛି। ବିଶ୍ୱକୋଷ।]
ସଂ. ମଧୁଫଳା, ଷଡ଼୍‌ରେଖା, ୨। (ବୈଦ୍ୟକ) ଖରଭୁଜ ବା ତରଭୁଜ;
ବୃତ୍ତକର୍କଟୀ, ଡାଙ୍ଗୁ, ଡାଙ୍ଗୁ- ଫଳଲତା ବିଶେଷ—2. Cucumis
ଫଳା, ମଧୁପାକା, Melo; water melon. [ଦ୍ର—
ବୃତ୍ତେର୍ବାରୁ, ଷଣ୍ଡା। ଏହା କୁଷ୍ମାଣ୍ଡ ଜାତୀୟ ଲତାଫଳ। ଏହି ଫଳ ଅପକ୍ୱାବସ୍ଥାରେ ତିକ୍ତ, କିନ୍ତୁ ପକ୍ୱ ହେଲେ ମଧୁରରସ, ଅମ୍ଳ-ବିପାକ, ତୃପ୍ତିକର, ପୁଷ୍ଟିବର୍ଦ୍ଧକ, ଶୁକ୍ରଜନକ, ବଳକର, ମୂତ୍ରଶୋଧକ, କଫବର୍ଦ୍ଧକ, ପିତ୍ତନାଶକ, ଦାହ ତୃଷା ଓ ଶ୍ରାନ୍ତିନିବାରକ ଏବଂ କ୍ଳୀବରୋଗରେ ଉପକାରକ। ଏ ଫଳ ଖରବିଦନେ ପାଚେ। ଏହାର ପତ୍ର ୬ଟି ଅଙ୍ଗୁଳି ପରି ୬ ଶାଖାବିଶିଷ୍ଟ ଥିବାରୁ ଏହି ନାମ।]

ଷଡ୍‌(ଡ଼)ଯନ୍ତ୍ର—ଦେ. ବି—ଚକ୍ରାନ୍ତ—
Shard(rda)jantra Conspiracy.
ଷଡ୍‌ଯନ୍ତ୍ର [ଦ୍ର—ତନ୍ତ୍ରୋକ୍ତ ମାରଣ, ବଶୀକରଣ ପ୍ରଭୃତି ୬ ଗୋଟି
षडयन्त्र ଅଭିଚାରିକ କର୍ମ ସାଧନରୁ ସମ୍ଭବତଃ ଏହି ଷଡ୍‌ଯନ୍ତ୍ର
ଶବ୍ଦର ଉତ୍ପତ୍ତି ହୋଇଅଛି ।]

ଷଡ୍‌ରସ—ସଂ. ବି (ଷଟ୍+ରସ; ଦ୍ୱିଗୁ)—ଜିହ୍ୱାଦ୍ୱାରା ଅସ୍ୱାଦନୀୟ ୬ଟି
Shard-rasa ରସ ବା ସ୍ୱାଦ ; ଛଅରସ—The six kinds of
(ଷଡ୍‌ର—ଅନ୍ୟରୂପ) tastes of things. [ଦ୍ର—ଯଥା—
(ଷଡ଼ରସ—ଦେଶଜରୂପ) ଲବଣ ବା ଲୁଣିଆ, ଅମ୍ଳ ବା ଅମ୍ବିଳା,
କଟୁ ବା ରାଗ, ମଧୁର ବା ମିଠା,
ତିକ୍ତ ବା ପିତା, କଷାୟ ବା କଷା ।]
ସଂ. ବିଣ—ଷଡ୍‌ରସଯୁକ୍ତ (ଖାଦ୍ୟ)—
(food) Consisting of all the six different tastes. (ଯଥା—ଷଡ୍‌ରସ ବ୍ୟଞ୍ଜନ)

ଷଡ୍‌ରିପୁ—ସଂ. ବି (ଷଟ୍+ରିପୁ)—ମନୁଷ୍ୟର ମନ ମଧ୍ୟରେ ଥିବା କାମ
Shard-ripu କ୍ରୋଧାଦି ୬ଟି ଅନ୍ତଃଶତ୍ରୁ—The 6 passions
(ଷଡ୍‌ରିପୁ—ଅନ୍ୟରୂପ) (enemies) which reside in
(ଷଡ଼ରିପୁ—ଦେଶଜରୂପ) man.
[ଦ୍ର—ଯଥା—କାମ—Cupid. କ୍ରୋଧ—Anger.
ଲୋଭ—Avarice. ମୋହ—Delusion. ମଦ—Pride.
ମାତ୍ସର୍ଯ୍ୟ—Envy.

ଷଡ୍‌ରାତ୍ର—ସଂ. ବି (ସମାହାର ଦ୍ୱିଗୁ; ଷଟ୍+ରାତ୍ରି) ୧ । ୬ଟି ରାତ୍ରି
Shard-rātra 1. Six nights. ୨ । ଛଅ ଦିବାରାତ୍ରି
(ଷଡ୍‌ରାତ୍ର—ଅନ୍ୟରୂପ) (ଜ୍ୟୋତିଷ)—2. Six consecutive
(ଷଡ଼ରାତ୍ର—ଦେଶଜରୂପ) nights & days. [ଦ୍ର—
ପରିବାରର କୌଣସି ସ୍ତ୍ରୀଙ୍କର ଗର୍ଭସ୍ରାବ ହେଲେ ବ୍ରାହ୍ମଣ
ଅହୋରାତ୍ର, ଷତ୍ରିୟ ଦିନ ତ୍ରୟଂ ବୈଶ୍ୟ ଷଡ୍‌ରାତ୍ର ଓ ଶୂଦ୍ର
ଦ୍ୱାଦଶାହ ପରେ ଶୁଦ୍ଧି ଲାଭ କରିବା ସ୍ମୃତିରେ ବିଧାନ ଅଛି ।]

ଷଡ୍‌ରେଖା—ସଂ. ବି (ସମାହାର ଦ୍ୱିଗୁ)—୧ । ଛଅ ରେଖାର
Shard-rekhā ସମବାୟ—1. Six lines ୨ ।(ଲତୁଣ୍ଡା ଦ୍ର
(ଷଡ୍‌ରେଖା—ଅନ୍ୟରୂପ) ଷଡ଼ଭୁଜା ବା ତରଭୁଜ ଫଳ ଓ ଲତା—
(ଷଡ଼ରେଖା—ଦେଶଜରୂପ) 2. Water melon.

ଷଡ୍‌ଲବଣ—ସଂ. ବି (ବୈଦ୍ୟକ — ବୈଦ୍ୟଶାସ୍ତ୍ରୋକ୍ତ ୬ ପ୍ରକାରର
shard labana ଲୁଣ—six kinds of salts
(ଷଡ଼ଲବଣ—ଦେଶଜରୂପ) mentioned in the Hindu
books on medicine. [ଯଥା—
ସୈନ୍ଧବ ଲବଣ—Rock salt; sodi chloridum, ସାମୁଦ୍ର (କରକଚ ବା ଘସା)—sea salt
common salt, ବିଟ—Foetid salt.
ସୌବର୍ଚ୍ଚଳ (ସଚଳ ଲବଣ)—Unaqua; sodium chloride. ମୁତ୍ର ବା ଔଷର; ସାଜିମାଟି—
Carbonate of soda, କାଚ—Black salt.
ବୈଦ୍ୟଶାସ୍ତ୍ରୋକ୍ତ ପଞ୍ଚ ଲବଣ ସଙ୍ଗେ 'ମୁତ୍ର' ବା ମୁତ୍ରିକା
କାଚ ଲବଣ ମିଶି ଷଡ୍‌ଲବଣ ନାମରେ ବ୍ୟବହୃତ
ହୁଏ ।]

ଷଡ୍‌ଲୋହ—ସଂ. ବି—ଛଅଟି ଧାତୁ—
sharda-loha six metals.

ଷଡ଼—ଦେ. ବିଣ (ସଂ. ଷଷ୍ ବା ଷଟ୍; ସଙ୍ଖ୍ୟାବାଚକ ବିଶେଷଣ ଷଡ଼)—
Sharda ୧ । ଷଟ୍; ଛଅସଂଖ୍ୟକ—1. Numbering
ছয় षड six. [ଦ୍ର—ଷଡ଼ ତୁଡ଼ିକା କଲ୍ ଯାଉ ଏ
ରୂପେ ବଂଶ ଅପ୍ରମିତ, ଭୁଞ୍ଜଇଂ ପ୍ରେମ ପଞ୍ଚାମୃତ] ୨ ।
ଛଅ ପ୍ରକାରର—2. Of six kinds. [ଦ୍ର—ଷଡ଼
ପଦ ପରେ ଯୁକ୍ତ ହୋଇଥିବା ଅଧିକାଂଶ ସଂସ୍କୃତ ଶବ୍ଦ
ସନ୍ଧି ନିୟମରେ ଷଡ୍ (ଭାଷାରେ 'ଷଡ଼') ଉଚ୍ଚାରିତ ହୁଏ
ଯଥା—ଷଡ଼ ରିପୁ, ଷଡ଼ରସ ଓ ଷଡ଼ଗୁଣ ଇତ୍ୟାଦି ।

ଷଡ଼ ଅରି—ଦେ. ବି (ସଂ. ଷଟ୍+ଅରି) ଷଡ୍‌ରିପୁ—Six passions. [ଦ୍ର—ଷଡ଼ ଅରିର ନ ଜାଣଇ
Sharda airi
ছায়অরি षडअरि ସଙ୍ଗରୁ ବିମୁକ୍ତ ନୁହଇ । ଜଗନ୍ନାଥ-
ଭାଗବତ ।]

ଷଡ଼ ଅକ୍ଷର—ଦେ. ବି (ବୈଷ୍ଣବଙ୍କ ବ୍ୟବହୃତ)—ହରେ ରାମକୃଷ୍ଣ—
Sharda akshara The Mantra uttered by
ছয়অক্ষরি Baishnabas, consisting of 6 letters.

ଷଡ଼ଂଶ—ସଂ. ବି (ଷଟ୍+ଅଂଶ)—୧ । ଛଅ ଅଂଶ—1. Six
Shardamsa parts; six shares. ୨ । ଛଅ
ଭାଗରୁ ଏକ ଭାଗ—2. One sixth.

ଷଡ଼କର୍ଣ୍ଣ(କାନ)—ଦେ. ବିଣ (ସଂ. ଷଟ୍‌କର୍ଣ୍ଣ)—୧ । ଶ୍ରୋତା ଓ
Shardā karnna(kāna) ବକ୍ତାଙ୍କ ଛଡ଼ା ତୃତୀୟ ବ୍ୟକ୍ତିର
(ଷଟ୍‌କର୍ଣ୍ଣ—ଅନ୍ୟରୂପ) କାନକୁ ଯିବା (କୌଣସି ଗୁପ୍ତ ବିଷୟ
ছায়কান षडकान ବା ରହସ୍ୟ)—1. Divulged to
the ears of a third person (other than
the original speaker and the hearer).
୨ । ସାଧାରଣରେ ପ୍ରକଟୀକୃତ (ଗୁପ୍ତକଥା)—2. Divulged (secret). ଦେ. ବି—କୌଣସି ଗୁପ୍ତ
ବିଷୟର ତୃତୀୟ ବା ଅନ୍ୟ ଅଧିକ ବ୍ୟକ୍ତିଙ୍କ ନିକଟରେ ପ୍ରକାଶ
ହେବା ଅବସ୍ଥା—The divulgence or leaking out of a secret. (ଦ୍ର—ଷଡ଼ କାନ ମନ୍ତ୍ର
ଭେଦ—ପ୍ରବଚନ)--

ଷଡ଼କାନ କରିବା—ଦେ. କ୍ରି. (ସକର୍ମକ)—କୌଣସି ଗୁପ୍ତ ବିଷୟକୁ ଅନ୍ୟ
Shardakāna karibā ବ୍ୟକ୍ତି ନିକଟରେ ବା ବାହାରେ ପ୍ରକାଶ
যড়কান করা କରିବା—To divulge a secret (to a
षडकान करना 3rd person or to the public).

ଷଡ଼କାନ ମନ୍ତ୍ରଭେଦ—ଦେ. ପ୍ରବଚନ (ସଂ. ଷଟ୍‌କର୍ଣ୍ଣ ଭିଦ୍ୟତେ ମନ୍ତ୍ରଃ) ।
Shardakāna mantraveda ଦୁଇଜଣଙ୍କ ମଧ୍ୟରେ ଘଟିଥିବା
ষড়কানে মন্ত্রভেদ କୌଣସି ଗୁପ୍ତ ବିଷୟ ତୃତୀୟ ବ୍ୟକ୍ତିଠାରେ
षडकानमें मन्त्रभेद ପ୍ରକାଶିତ ହେଲେ ତାହା ଅଉ ଗୁପ୍ତ ହୋଇ

ଭଣ୍ଡପାରେ ନାହିଁ (ଅର୍ଥାତ୍ ତାହା କ୍ରମଶଃ ସର୍ବସାଧାରଣରେ ପ୍ରକଟ ହୁଏ)—A proverb meaning—A secret becomes public if it is divulged to the ears of a 3rd person.

ଷଡ଼କାନ ହେବା—ଦେ. କ୍ରି.—(ଅକର୍ମକ) (ଗୁପ୍ତରହସ୍ୟ) ସାଧାରଣରେ ପ୍ରକାଶିତ ବା ବ୍ୟକ୍ତ ହେବା—(a secret) To be divulged or made public.
Shar<u>d</u>akāna hebā
ষড়কান হওয়া
षड्कान होना

ଷଡ଼କ୍ଷର—ସ. ବି. (ଷଟ୍+ଅକ୍ଷର)—୬ଟି ଅକ୍ଷର—Six letters. ସଂ ବିଣ—୬ଟି ଅକ୍ଷର ବିଶିଷ୍ଟ—Consisting of 6 letters.
Shar<u>d</u>akshara
(ଷଡ଼କ୍ଷରା—ସ୍ତ୍ରୀ)

ଷଡ଼କ୍ଷର ମନ୍ତ୍ର—ଦେ. ବି—୬ଟି ଅକ୍ଷର ବିଶିଷ୍ଟ ମନ୍ତ୍ର—An incantation or formula of six letters. [ଉ—ଷଡ଼କ୍ଷର ମନ୍ତ୍ର ଜପ, କରଥିଲେ ତ ଅନନ୍ତ । ଭକ୍ତସ୍ୱର୍ଣ୍ଣ—ବନ୍ଧାବର ଉଷ୍ଣ ।] [ଦ୍ର—ଷଡ଼କ୍ଷର ମନ୍ତ୍ର—୧ । ବିଷ୍ଣୁବର—ହରେ ରାମକୃଷ୍ଣ; ୨ । ଶିବଙ୍କର—ଓଁ ନମଃ ଶିବାୟ । ୩ । ଗଣେଶଙ୍କର—ନମୋ ଗଣେଶାୟଃ । ୪ । ଷଡ଼କ୍ଷର ତାରକ ବ୍ରହ୍ମ—ଓଁ ଶ୍ରୀ ରାମ ରାମ ବା ରାଂରାମାୟ ନମଃ ।]
Shar<u>d</u>akshara mantra

ଷଡ଼କ୍ଷୀଣ—ସ. ବି. (ଷଟ୍=ଛଅ+ଅକ୍ଷି+ଅ+ଇନ; ୬ଟି ଚକ୍ଷୁର୍ଯୁକ୍ତ) ମତ୍ସ୍ୟ; ମାଛ—Fish,
Shar<u>d</u>akshiṇa

ଷଡ଼ଙ୍ଗ—ସ. ବି—(ଦ୍ୱନ୍ଦ୍ୱ)—୧ । (ଶରୀରର) ଛଅଟି ଅଙ୍ଗ—1. Six limbs. [ଦ୍ର—ଯଥା; ବାହୁଦ୍ୱୟ, ପଦଦ୍ୱୟ, ମସ୍ତକ ଓ କଟି ।] ୨। (ବେଦର) ୬ଟି ଅଙ୍ଗ; ବେଦାଙ୍ଗ; ବେଦର ଅଙ୍ଗୀଭୂତ ଛଅଟି ଶାସ୍ତ୍ର—2. Six branches of the Bedas. [ଦ୍ର—ଯଥା—ଶିକ୍ଷା ବା ଶବ୍ଦାର୍ଥ ବିଦ୍ୟା—Treatise on instruction or learning the meaning of words; lexicon. କଳ୍ପ ବା କର୍ମକାଣ୍ଡ—Treatise on the ceremonial or sacred rites of the Bedas. ବ୍ୟାକରଣ—Grammar. (ଯାସ୍କମୁନି ପ୍ରଣୀତ) । ନିରୁକ୍ତ—A treatise on obsolete and obscure words occuring in the Bedas, by Yaska. ଛନ୍ଦଃ—Metre; poetry; prosody. ଜ୍ୟୋତିଷ Astronomy and astrology]. ୩ । ଗବ୍ୟ ବା ଗୋରୁଙ୍କ ଠାରୁ ପ୍ରାପ୍ତ ୬ ପ୍ରକାର ପବିତ୍ର ବସ୍ତୁ—3 Six sacred things obtained from the cow. [ଯଥା—ଗୋମୂତ୍ର—Urine of the cow. ଗୋମୟ—Cow-dung. କ୍ଷୀର—Milk. ଘୃତ ବା ସର୍ପିଃ—Ghee. ଦଧି—Curds. ରୋଚନା ବା ଗୋରୋଚନା—A yellow pigment obtained from the body of cows.] ୪ । ତାନ୍ତ୍ରିକ ଦେବପୂଜାରେ ମନ୍ତ୍ରଜପ ପୂର୍ବରୁ ଅଙ୍ଗନ୍ୟାସ କରାଯିବା ହୃଦୟାଦି ୬ଟି ଅବୟବ—4. The 6 parts of the body which are touched while performing the worship of Deities according to the Tantras. [ଦ୍ର—ଷଡ଼ଙ୍ଗ ଯଥା—ହୃଦୟ, ଶିରଃ, ଶିଖା, କବଚ, ନେତ୍ରତ୍ରୟ ଓ କରତଳ-କରପୃଷ୍ଠ । ସାଧକମାନେ ମନ୍ତ୍ରର ନିର୍ଦ୍ଦିଷ୍ଟ ଅଂଶମାନ ପାଠକରି ଯଥାକ୍ରମେ ହୃଦୟାୟ ନମଃ, ଶିରସେ ସ୍ୱାହା, ଶିଖାୟୈ ବଷଟ୍, କବଚାୟ ହୁଂ, ନେତ୍ରତ୍ରୟାୟ ବଷଟ୍ ଉଚ୍ଚାରଣ ପୂର୍ବକ ମନ୍ତ୍ରସାଧକ ନିଜର ତତ୍ତତ୍ ଅଙ୍ଗକୁ (କେବଳ କବଚାୟ ହୁଂ ବୋଲିଲା ବେଳେ ନିଜର ଦୁଇ କାନ୍ଧକୁ ବା ବାହୁମୂଳକୁ) ସ୍ପର୍ଶ କରି ଶେଷରେ ଯୁଗପତ୍ କରତଳ ଓ କରପୃଷ୍ଠକୁ ପରସ୍ପର ସ୍ପର୍ଶ କରି କରତଳ କରପୃଷ୍ଠାଭ୍ୟାଂ ଅସ୍ତ୍ରାୟଫଟ୍ ବୋଲି ଗୋଟିଏ ତାଳି ମାରନ୍ତି । ଏହାକୁ ଅଙ୍ଗନ୍ୟାସ ବା ଷଡ଼ଙ୍ଗ ନ୍ୟାସ ବୋଲାଯାଏ । ଏଥିପୂର୍ବରୁ ନିଜର ଦୁଇହାତ ଦ୍ୱାରା ପରସ୍ପର ତତ୍ତତ୍ ଅଙ୍ଗୁଳିକୁ ସ୍ପର୍ଶ କରି ଯଥାକ୍ରମେ ଅଙ୍ଗୁଷ୍ଠାଭ୍ୟାଂ ନମଃ, ତର୍ଜନୀଭ୍ୟାଂ ସ୍ୱାହା, ମଧ୍ୟମାଭ୍ୟାଂ ବଷଟ୍ ଅନାମିକାଭ୍ୟାଂ ହୁଂ, କନିଷ୍ଠାଭ୍ୟାଂ ବଷଟ୍ ଉଚ୍ଚାରଣ କରି ଶେଷରେ କରତଳ କରପୃଷ୍ଠାଭ୍ୟାଂ ଅସ୍ତ୍ରାୟଫଟ୍ କହି ତାଳି ମାରନ୍ତି । ଏହାକୁ କରନ୍ୟାସ ବୋଲାଯାଏ । ପ୍ରଥମେ କରନ୍ୟାସ କରି ତତ୍ପରେ ଅଙ୍ଗନ୍ୟାସ କରି ତତ୍ପରେ ଧ୍ୟେୟ ଦେବତାଙ୍କ 'ଧ୍ୟାନ' କରି ଶେଷରେ ମନ୍ତ୍ର ଜପ କରାଯାଏ ।] ୫ । ରାଜ୍ୟାଙ୍ଗ ବା ସେନାଙ୍ଗ; ରାଜ୍ୟର ବା ସେନାର ଆବଶ୍ୟକ ୬ ଗୋଟି ଅଙ୍ଗ—5. Six component parts of a kingdom or army. [ଦ୍ର—ଯଥା—୧ । ମୌଳ—1. Head or sovereign. ୨ । ଭୃତ୍ୟ—2. Servant. ୩ । ସୁହୃତ୍—Ally or friend. ୪ । ଶ୍ରେଣୀ—Army. ୫ । ଦ୍ୱିଷତ୍—Enemy. ୬ । ଆଟବିକ ବା ଅରଣ୍ୟବାସୀ ସେନା—Wild war-lire tribes ।] ୬ । ଛଅ ପ୍ରକାର ଯୋଗାଙ୍ଗ ବା ଯୋଗ ସାଧନର ସୋପାନ (ଯଥା—ପ୍ରତ୍ୟାହାର, ଧ୍ୟାନ, ପ୍ରାଣାୟାମ, ଧାରଣା, ତର୍କ, ସମାଧି)—6. The six steps in the practice of Joga. ୭ । ଆଦ୍ୟ ଶ୍ରାଦ୍ଧକାଳରେ ପ୍ରେତ ଉଦ୍ଦେଶ୍ୟରେ ଦିଆଯିବା ଛଅଟି ବସ୍ତୁ (ଯଥା—ଆସନ, ଛତ୍ର, ଉପାନତ୍, ଶଯ୍ୟା, ଅନ୍ନ ଓ ଜଳ—ଶବ୍ଦକୋଷ)—7. Six articles given away to Brahmaṇas as offering to the departed spirit during obsequies. [ଦ୍ର—ଶାସ୍ତ୍ରରେ ଏଥିର ପ୍ରମାଣ ମିଳେ ନାହିଁ । ପ୍ରେତର ସ୍ୱର୍ଗଲାଭାର୍ଥ ଷୋଡ଼ଶ ଦାନ କରାଯିବା ଶାସ୍ତ୍ରରେ ଅଛି; କିନ୍ତୁ ଲୋକବ୍ୟବହାରରେ ଷଡ଼ଙ୍ଗ ଦାନ କରାଯାଏ—ଶବ୍ଦକୋଷ ।]

୮ । (ବୈଦ୍ୟକ) ଗୋକ୍ଷୁର; ଗୋଖରୁ—8. A thorny bush and fruit; Tygophyllæa Tribulus Terestris. ୧୦ । (ବହୁବ୍ରୀହି) ବେଦ

(ବିଶ୍ୱକୋଷ)—9. The Bedas. ବି. ଣ. (ବହୁବ୍ରୀହି) ଛଅଗୋଟି ଅଙ୍ଗ ବଶିଷ୍ଟ—Having six limbs or parts or branches.

ଷଡ଼ଙ୍ଗକ—ବି. ବ (ଷଡ଼ଙ୍ଗ+ସ୍ୱାର୍ଥେ କ) -୧ । ଚିତ୍ରର ଛଅଗୋଟି Sardangaka ସୌନ୍ଦର୍ଯ୍ୟ ଦାୟକ ଅଙ୍ଗ—1. Six elements which contribute to the grace of a painting or picture. [ବ୍ର—ବାତ୍ସ୍ୟାୟନ ମୁନି ଙ୍କ ରଚିତ 'କାମସୂତ୍ର' ନାମକ ଗ୍ରନ୍ଥର ପ୍ରଥମ ଅଧିକରଣ ବା ଅଧ୍ୟାୟରେ ଓ ତହିଁର ଟୀକାକାର ଯଶୋଧର ପଣ୍ଡିତ ଏହି ଅଧ୍ୟାୟର ଟୀକାରେ ଆଲେଖ୍ୟର ଏହି ଛଅଗୋଟି ଅଙ୍ଗ ବର୍ଣ୍ଣନା କରିଅଛନ୍ତି । ଯଥା; ରୂପ ବା ଭେଦ, ପ୍ରମାଣ, ଭାବ, ଲାବଣ୍ୟଯୋଜନ, ସାଦୃଶ୍ୟ ଏବଂ ବର୍ଣ୍ଣିକାଭଙ୍ଗ—ବଙ୍ଗୀୟ ଚିତ୍ରକାର ଶ୍ରୀ ଜ୍ଞାନେନ୍ଦ୍ରମୋହନ ଦାସଙ୍କ ଅଭିଧାନରୁ ଉଦ୍ଧୃତ—ଅବନୀନ୍ଦ୍ରନାଥ ଠାକୁର ।] ୨ । ଷଡ଼ଙ୍ଗଯୁକ୍ତ ବିଶିଷ୍ଟ ଦେହ (ବିଶ୍ୱକୋଷ)—2.The body consisting of six limbs.

ଷଡ଼ଙ୍ଗଜିତ୍—ବି. ବଣ (ବହୁବ୍ରୀହି; ଯେ ଶରୀରର ଅଙ୍ଗମାନଙ୍କୁ ବା Shardangajit ବେଦାଙ୍ଗମାନଙ୍କୁ ଜୟ କରିଅଛନ୍ତି) ବି. ବ—ବିଷ୍ଣୁ—Bishnu.

ଷଡ଼ଙ୍ଗ ନ୍ୟାସ—ବି. ବ—ଦେବପୂଜାରେ ଛଅଗୋଟି ଅଙ୍ଗକୁ ଛୁଇଁ Shardanga nyāsa କରିଯିବା ନ୍ୟାସ ବା ଅଙ୍ଗୁଳି ସ୍ପର୍ଶନ; ଷଡ଼ଙ୍ଗ ୪ (ଦେଖ)—The rite of touching 6 specified parts of the worshipper's body while performing the worship of a Deity.

ଷଡ଼ଙ୍ଗୀ—ବି. ବଣ. ପୁଂ. (ଷଡ଼ଙ୍ଗ+ଯୁକ୍ତାର୍ଥେ ଇନ୍; ୧ମା. ୧ବ)—Shardangi ଷଡ଼ଙ୍ଗଯୁକ୍ତ—Having Shardnga; [ଷଡ଼ଙ୍ଗିନୀ—ସ୍ତ୍ରୀ] versed in Shardanga. ବି. ବ—ବେଦର ଷଡ଼ଙ୍ଗାଧ୍ୟାୟୀ ବ୍ରାହ୍ମଣ—A Brāhmana versed in the six branches of vedic lore. [ଷଡ଼ଙ୍ଗିଅ(ୟା)ଣୀ—ଦେ.ସ୍ତ୍ରୀ] ଦେ.ବ—ବ୍ରାହ୍ମଣଙ୍କ ବଂଶୋପାଧି ବିଶେଷ —A family-title of Brāhmanas.

ଷଡ଼ଙ୍ଗୁଳ(ଳି)—ବି. ବ (ଷଡ୍+ଅଙ୍ଗୁଳ)—ଛଅ ଅଙ୍ଗୁଳ ପରିମାଣ—Shardangula(li) Measure of six fingers. ବି.ବଣ—୧ । ଛଅ ଅଙ୍ଗୁଳ ପରିମିତ—1. Measuring six digits (3 inches). ୨ । ଛଅ ଅଙ୍ଗୁଠିଥିବା ବ୍ୟକ୍ତି, ଯେଉଁ ବ୍ୟକ୍ତିର ହାତରେ ବା ଗୋଡ଼ରେ ସାଧାରଣ ପାଞ୍ଚ ଅଙ୍ଗୁଳିରୁ ଅଧିକା ଗୋଟିଏ ଅଙ୍ଗୁଠି ଥାଏ—2, (a person) Having 6 instead of 5 fingers in each or any of his hands or legs.

ଷଡ଼ଙ୍ଘ୍ରି—ବି. ବ (ଷଡ୍=ଛଅ=ଅଙ୍ଘ୍ରି=ଚରଣ ଯାହାର)—ଷଟ୍ପଦ; Shardanghri ଭ୍ରମର—The black bee.

ଷଡ଼ଦଶ—ଦେ. ବ ଓ ବଣ (ସଂଖ୍ୟାବାଚକ; ସଂ. ଷଡ଼ଧିକଦଶନ୍; ଷଟ୍ Shardadasa +ଦଶନ୍)—ଷୋଳ; ଷୋଡ଼ଶ—Sixteen. ଯୋଲ ষোড়শ [ଉ—ଚଳା ବୟସ ଷଡ଼ଦଶ । ଅନାଦ୍ୟ ପରମ ପୁରୁଷ—ଜଗନ୍ନାଥ ଭାଗବତ ।]

ଷଡ଼ଦର୍ଶୀ—ଦେ. ବଣ (ସଂ. ଷଡ୍ଦର୍ଶୀ)—ଦର୍ଶନଶାସ୍ତ୍ରଜ୍ଞ—Well Shardadarsi versed in philosophy. [ଉ—ଜଡ ଯେ ষড়দর্শন জানে ମୁଁ ବୋଲ ନ ଜାନି କହେଦ । ଷଡ଼ଦର୍ଶୀ ଭୁଲେ ষড়দর্শী ଚଳେ ବିବାଦ—କବିସୂର୍ଯ୍ୟ ବଳଦେବ ।]

ଷଡ଼ଧିକ—ସଂ. ବଣ (ବହୁବ୍ରୀହି; ଛଅ ହୋଇଅଛି ଅଧିକ ଯହିଁରେ)—Shardadhika ଯେଉଁ ସଂଖ୍ୟାରେ ଛଅ ସଂଖ୍ୟା ଅଧିକ ଯୁକ୍ତ ହୋଇଅଛି—(any number) Increased by six. (ଯଥା—ଷଡ଼ଧିକ ଦଶନ୍=୧୬ ।)

ଷଡ଼ବିକାର—ଦେ. ବ (ସଂ. ଷଟ୍+ବିକାର)—ଜନ୍ମ, ସ୍ଥିତି, ବୃଦ୍ଧି, Shardabikāra ପରିଣାମ; କ୍ଷୟ ଓ ବିନାଶ, ଏହିରୂପ ପ୍ରାଣୀର ছয়বিকার ষড়বিকার ଛଅଟି ପରିବର୍ତ୍ତନ ବା ଅବସ୍ଥା—Six transformations which an animate being undergoes during its earthly existence. [ଉ—ସ୍ୱପ୍ନେ ମନୁଷ୍ୟ ଶରୀରେ । ଜନ୍ମଇ ଏ ଷଡ଼ବିକାରେ (ଷଡ଼ବିକାର—ସଂ ରୂପ) ଜଗନ୍ନାଥ ଭାଗବତ ।]

ଷଡ଼ବିଧା—ଦେ. ବଣ. ସ୍ତ୍ରୀ (ସଂ. ଷଡ଼ବିଧା)—ଷଡ୍ବିଧ (ଦେଖ)—Shardabidhā Shardbidha (See) [ଉ—ଉପାୟ ষড়বিধ ষড়বিধা ଦଣ୍ଡ ଚର୍ଚ୍ଚିବଦ୍ୟା, ସ୍ଥଳାଭ ମାଇ ଷଡ଼ବିଧା—ଜଗନ୍ନାଥ. ଭାଗବତ ।]

ଷଡ଼ବିନ୍ଦୁ (ଇତ୍ୟାଦି)—ଦେ ବ—ଷଡ୍ବିନ୍ଦୁ ଇତ୍ୟାଦି (ଦେଖ) Shardabindu (etc) Shard-bindu etc (See)

ଷଡ଼ଭିଜ୍ଞ—ସଂ. ବଣ. ପୁଂ (ଷଟ୍=ଛଅଟି ବିଷୟରେ+ଅଭିଜ୍ଞ ୭ମୀ ତତ୍) Shardabhijna ୧ । ଛଅଟି ବିଦ୍ୟାରେ ପାରଦର୍ଶୀ (ବ୍ୟକ୍ତି)—(ଷଡଭିଜ୍ଞତା—ବିଶେଷ୍ୟ) 1.(a person) Versed in the six (ଷଡଭିଜ୍ଞା —ସ୍ତ୍ରୀ) sciences or superhuman powers. [ଦ୍ର—ଯଥା—ଅତ୍ମଜ୍ଞାନ (ଅତ୍ମାର ସମ୍ବନ୍ଧେ ପ୍ରକୃତ ଜ୍ଞାନ ବା ଅଧ୍ୟାତ୍ମିକ ଜ୍ଞାନ)—Self-knowledge; spiritual knowledge. ଜାତିସ୍ମରତା (ଜନ୍ମର ପୂର୍ବଜନ୍ମ ସମ୍ବନ୍ଧେ ସ୍ମରଣାତ୍ମକ ଜ୍ଞାନ)—Knowledge or power of remembering one's past birth. ପରଚିତ୍ତ ଜ୍ଞାନ (ପରର ମନର ଭାବ ଜାଣିବା)—Divining into the minds of others. ଦିବ୍ୟ ଦୃଷ୍ଟି—Spiritual or astral vision. ଦିବ୍ୟ ଶ୍ରୋତ୍ର—Hearing of inaudible things. ବ୍ୟୋମଗତି (ଅକାଶଗତି) —Aerial movement.] ୨ । ଧର୍ମ, ଅର୍ଥ, କାମ, ମୋକ୍ଷ, ଲୋକାର୍ଥ ଓ ତତ୍ତ୍ୱାର୍ଥ ଏହି ଛଅଟି ବିଷୟରେ ଅଭିଜ୍ଞ—2. Versed in the six branches of knowledge desirable in this world. ବି. ବ—ବୁଦ୍ଧଦେବ—The Buddha. [ଦ୍ର—ଧର୍ମ, ଅର୍ଥ, କାମ, ମୋକ୍ଷ, ଲୋକାର୍ଥ ଓ ତତ୍ତ୍ୱାର୍ଥ, ଏ ଛଅଟି ବିଷୟରେ ତାଙ୍କର ଅଭିଜ୍ଞତା ଥିବାରୁ ତାଙ୍କର ଏ ନାମ—ବିଶ୍ୱକୋଷ ।]

ଷଡ଼ରଙ୍ଗ—ଦେ. ବଣ—ବହୁରଙ୍ଗୀ; ରଙ୍ଗବେରଙ୍ଗ—
Shardaranga Picturesque; multi-coloured.
নানারঙ্গের हररंगी ଷଡ଼ରଙ୍ଗି, ଷଡ଼ରଙ୍ଗିଆ—ଅନ୍ୟରୂପ)

ଷଡ଼ରତ୍ନି—ସଂ ବଣ (ଷଟ୍+ଅରତ୍ନି)—ଛଅ ହାତ ପରିମିତ (ଶବ୍ଦକୋଷ)
Shardaratni —Measuring six cubits in length.

ଷଡ଼ରସ—ଦେ. ବ (ସଂ. ଷଡ଼ରସ)—୧ । ଷଡ୍ରସ [ଦେଖ]—
Shardarasa 1. Shard-rasa (See) ୨ । (ଛଅ
ছয়রস षड्रस ପ୍ରକାର ରସ) ରସିକତା—2. Wit humour.

ଷଡ଼ରସ ବ୍ୟଞ୍ଜନ—ଦେ. ବ (ସଂ. ଷଡ୍ରସ+ବ୍ୟଞ୍ଜନ)—ସବୁପ୍ରକାରର
Shardarasa byanjana ସ୍ୱାଦଯୁକ୍ତ ତିଅଣ—
ষড়রসব্যঞ্জন षड्रसतरकारी Curry of all the six kinds of tastes.

ଷଡ଼ରସଭୋଜନ—ଦେ. ବ (ସଂ. ଷଡ଼ରସ+ଭୋଜନ) ଛଅରସଯୁକ୍ତ
Shardarasa bhojana ଖାଦ୍ୟ ଖାଇବା—
ষড়রসভোজন षडरसभोजन Partaking of food having of the 6 tastes

ଷଡ଼ରସରେ ମନୁଷ୍ୟ—ଦେ. ବ—ରସିକ ବ୍ୟକ୍ତି—A man of wit;
Shardarasaremanushya a man of humour.
ষড়রসেতেমানুষ बड़ारसिकआदमी

ଷଡ଼ରି—ସଂ ବ (ଷଟ୍+ଅରି=ଶତ୍ରୁ)—କାମକ୍ରୋଧାଦି ଛଅ ରିପୁ—
Shardari The 6 passions.

ଷଡ଼ଶୀତି—ସଂ. ବ. ଓ ବଣ (ସଂଖ୍ୟାବାଚକ; ମଧ୍ୟପଦଲୋପୀକର୍ମଧାରୟ
Shardasiti ଷଟ୍=ଛଅ ଅଧିକ ଅଶୀତି)—ଛୟାଅଶୀ—
Eighty six. ସଂ. ବ—ଷଡ଼ଶୀତି ସଂକ୍ରାନ୍ତି;
ଷଡ଼ଶୀତି ସଂକ୍ରାନ୍ତି; ମିଥୁନ (ଆଷାଢ଼), କନ୍ୟା (ଆଶ୍ୱିନ)
ଧନୁ (ପୌଷ) ଓ ମୀନ (ଚୈତ୍ର) ସଂକ୍ରାନ୍ତି—
The passage of the sun—
1. From the sign of Taurus to Gemini, 2. From Leo to Virgo. 3. From Cancer eo Sagitarius. 5. From Aquarius to Pisces.

ଷଡ଼ଶୀତି ଚକ୍ର—ସଂ. ବ (କର୍ମଧାରୟ)—ମିଥୁନ, କନ୍ୟା ମୀନ ଓ ଧନୁ
Shardasiti chakra ରାଶିରେ ରବିଙ୍କର ଅବସ୍ଥିତି-
କାଳୀନ ଶୁଭାଶୁଭଫଳଜ୍ଞାନାର୍ଥ ପରି ପରି ନକ୍ଷତ୍ରମାନଙ୍କର ଅବସ୍ଥିତିସୂଚକ ଚକ୍ର ବା ସଂକ୍ରାନ୍ତିପୁରୁଷ—(astrology)
The astrological circle or figure drawn in the 4 Shardasiti samkrāntis showing the position of each of the asterisms on different parts of it indicating good or bad results. [ଦ୍ର—ଏହି ଚକ୍ର ବା ସଂକ୍ରାନ୍ତି ପୁରୁଷର ଭିନ୍ନ ଭିନ୍ନ ଅଙ୍ଗରେ (ଅର୍ଥାତ ମୁଖ, କର, ପାଦ, କୋଡ଼, ନେତ୍ର, ମସ୍ତକ ଓ ଗୁହ୍ୟାଦିରେ) ନକ୍ଷତ୍ରମାନଙ୍କୁ ରଖିଦେଇ ତଦନୁସାରେ ଶୁଭାଶୁଭ ଫଳ ବୁଝାଯାଏ । ସୋହିଏ କହିରୂପ (ସଂକ୍ରାନ୍ତିପୁରୁଷ) ଅଙ୍କନ କରି ତାହାର ଅଙ୍ଗବିଶେଷରେ ନକ୍ଷତ୍ରମାନଙ୍କ ବିନ୍ୟାସ କରିଯାଏ । ସୂର୍ଯ୍ୟ ଯେଉଁ ନକ୍ଷତ୍ରରେ ଅବସ୍ଥିତ ହୋଇ ସଂକ୍ରମିତ ହୁଅନ୍ତି ସେହି ନକ୍ଷତ୍ରରୁ ଆରମ୍ଭ କରି ଏ ନକ୍ଷତ୍ରକୁ ଯଥାକ୍ରମେ ମୁଖରେ ୧, ଦକ୍ଷିଣ ହସ୍ତରେ ୪, ଦକ୍ଷିଣ ପାଦରେ ୬, ବାମ ପାଦରେ ୬, ହୃଦୟ ବା କୋଡ଼ରେ ୫, ବାମ ହସ୍ତରେ ୪, ବାମ ନେତ୍ରରେ ୨, ଦକ୍ଷିଣ ନେତ୍ରରେ ୨, ମସ୍ତକରେ ୩, ଗୁହ୍ୟରେ ୨ଟ ନକ୍ଷତ୍ର ବସାଇବାକୁ ହୁଏ । ଯେଉଁ ବ୍ୟକ୍ତିର ଜନ୍ମ ନକ୍ଷତ୍ର ଉକ୍ତ ନକ୍ଷତ୍ରର ଯେଉଁ ଅଙ୍ଗରେ ନ୍ୟସ୍ତ ହେବାର ଦେଖାଯାଏ, ସେ ବ୍ୟକ୍ତିର ଜନ୍ମଲକ୍ଷିତ ସମୟ ଦୈବ ଅର୍ଥାତ୍ ମାସରେ ଶୁଭାଶୁଭ ଘଟେ—
ମୁଖରେ ଦୁଃଖ, ଦକ୍ଷିଣ ହସ୍ତରେ ଲାଭ, ପାଦଦ୍ୱୟରେ ଭ୍ରମଣ, ହୃଦୟ ବା କୋଡ଼ରେ ଧନଲାଭ, ବାମହସ୍ତେ ବନ୍ଧନ; ନେତ୍ରଦ୍ୱୟରେ ସମ୍ମାନ, ମସ୍ତକରେ ଅପମାନ, ଗୁହ୍ୟରେ ମୃତ୍ୟୁ । ଯଦି ତାହାର ସଂକ୍ରାନ୍ତିର ଫଳ ଅଶୁଭ ହୁଏ, ତାହାହେଲେ କନକଧୁତୁରର ଗଛ ଓ ସର୍ବୌଷଧି ଜଳରେ ସ୍ନାନ ଓ ବସ୍ତ୍ର ମନ୍ତ୍ର ଜପ କଲେ ଶୁଭ ଫଳ ହୁଏ—(ଶବ୍ଦକୋଷ)]

ଷଡ଼ଶୀତିତମ—ସ ବଣ—ଛୟାଅଶି ସଂଖ୍ୟାର ପୂରକ—
Shardasititama Eighty-sixth.

ଷଡ଼ଶୀତି ସଂକ୍ରମଣ(ସଂକ୍ରାନ୍ତି)—ସଂ ବ—ଷଡ଼ଶୀତି (୨) (ଦେଖ)
Shardasiti samkramana(samkrānti)
Shardasiti (2) (See)

ଷଡ଼ଶ୍ୱ—ସଂ ବଣ—(ବହୁବ୍ରୀହି)—ଯହିଁରେ ଛଅଟ ଘୋଡ଼ା ଲଗିଥାଆନ୍ତି
Shardaswa To which six horses have been yoked. ସଂ ବ—ଛଅଘୋଡ଼ା ଲଗିଥିବା ଗାଡ଼ି (ଶବ୍ଦକୋଷ)—A carriage drawn by six horses.

ଷଡ଼ଷ୍ଟକ—ସଂ. ବ.—(କର୍ମଧାରୟ) (ଷଟ୍+ଅଷ୍ଟ+କ)—ବର.
Shardashtaka କନ୍ୟାଙ୍କର ଜାତକ ଗଣନା ଦ୍ୱାରା ବୁଝାଯିବା ଯୋଗ ବିଶେଷ; ବରର ଓ କନ୍ୟାର ସ୍ୱ ସ୍ୱ ରାଶିରୁ ପରସ୍ପର ଷଷ୍ଠ ଓ ଅଷ୍ଟମ ରାଶି ସମ୍ବନ୍ଧ—(astrology) Astrological corelation found out by calculating the horoscopes of the bride and bridegroom elect from the 6th and the 8th positions of their respective zodiacal signs. [ଦ୍ର—ବରର ରାଶିଠାରୁ କନ୍ୟାର ରାଶି ଷଷ୍ଠ ସ୍ଥାନରେ ଓ କନ୍ୟାର ରାଶିଠାରୁ ବରର ରାଶି ଅଷ୍ଟମ ହେଲେ ଏହି ଯୋଗ ଘଟେ । ବିବାହ ପ୍ରସ୍ତାବରେ ବରର ଓ କନ୍ୟାର ରାଶିର ପରସ୍ପର ଷଷ୍ଠ ଓ ଅଷ୍ଟମ ସମ୍ବନ୍ଧ ହେଲେ ତାହାକୁ 'ଷଡ଼ଷ୍ଟକ' ବୋଲାଯାଏ । ଏ ଷଡ଼ଷ୍ଟକ ଯୋଗକୁ ପରୀକ୍ଷା କରି ବିବାହ ସ୍ଥିର କରିବା ବିଧେୟ । ଶାସ୍ତ୍ରରେ ଷଡ଼ଷ୍ଟକ ନିନ୍ଦିତ ହୋଇଅଛି । ଏହା ଅଭି ଷଡ଼ଷ୍ଟକ ଓ ମିତ୍ର ଷଡ଼ଷ୍ଟକ ଭେଦରେ ଦୁଇ ପ୍ରକାର । ଯଦି କନ୍ୟାର ରାଶିର

ଅଷ୍ଟମରେ ବର୍ତ୍ତ୍ରର ଓ ସ୍ତ୍ରୀର ରାଶିର ଅଷ୍ଟମରେ କନ୍ୟାର ରାଶି ହୁଏ, ତାହାହେଲେ ଅରି ଷଡ଼ଷ୍ଟକ ହୁଏ ଯଥା—

କନ୍ୟାର ରାଶି — ବରର ରାଶି
ମକର — ସିଂହ
କନ୍ୟା — ମେଷ
ମୀନ — ତୁଳା
କର୍କଟ — କୁମ୍ଭ
ବୃଷ — ମିଥୁନ

ଅରି ଷଡ଼ଷ୍ଟକ ହେଲେ ଏ ବିବାହ ସର୍ବଥା ବର୍ଜିବ ।
ମିତ୍ରଷଡ଼ଷ୍ଟକ ଯଥା—

କନ୍ୟାର ରାଶି — ବରର ରାଶି
ମକର — ମିଥୁନ
କନ୍ୟା — କୁମ୍ଭ
ସିଂହ — ମୀନ
ବୃଷ — ତୁଳା
ବିଛା — ମେଷ
କର୍କଟ — ଧନୁ,

ମିତ୍ର ଷଡ଼ଷ୍ଟକ ହେଲେ ମଧ୍ୟ ବିବାହ କରଣୀୟ । ଷଡ଼ଷ୍ଟକ ମାତ୍ରେହିଁ ଦୋଷାବହ; ତଥାପି ମିତ୍ର ଷଡ଼ଷ୍ଟକରେ ଏ ସକଳ ରାଶ୍ୟଧିପତି ଗ୍ରହଙ୍କର ପରସ୍ପର ମିତ୍ରତା ଥିବାରୁ ଏହା ଅଶୁଭ ହେଲେ ମଧ୍ୟ କିଞ୍ଚିତ୍ ଶୁଭପ୍ରଦ ହୁଏ । ଗରୁଡ଼ପୁରାଣ ମତରେ ମିତ୍ର ଷଡ଼ଷ୍ଟକ ଯଥା—

କନ୍ୟାର—ସିଂହ — ବରର—ମକର
କନ୍ୟା — ମେଷ
ତୁଳା — ମୀନ
କୁମ୍ଭ — କର୍କଟ
ଧନୁ — ବୃଷ
ମିଥୁନ — ବିଛା

ପିତା ପୁତ୍ରଙ୍କର ମଧ୍ୟ ଷଡ଼ଷ୍ଟକ ରାଶି ସମ୍ବନ୍ଧ ଥିଲେ ଦୁହିଙ୍କ ମଧ୍ୟରେ ମନର ଅମେଳ ହୁଏ ଓ ମିତ୍ର ଷଡ଼ଷ୍ଟକ ଥିଲେ କିଞ୍ଚିତ୍ ଶୁଭ ହୁଏ । (ବିଶ୍ୱକୋଷ)

ଷଡ଼ାନନ—ସଂ. ବି. ପୁଂ (ବହୁବ୍ରୀହି; ଷଟ୍—ଛଅଟି ଆନନ—ମୁଖ Shar<u>d</u>ānana ଯାହାଙ୍କର)—କାର୍ତ୍ତିକେୟ; ଷଣ୍ମୁଖ—The God Kārttikeya; the elder son of Śiba. [ଦ୍ର—ଏହାଙ୍କୁ କୃତ୍ତିକା ପ୍ରଭୃତି ଛଅ ଜଣଙ୍କ ସ୍ତନ୍ୟପାନ କରାଇଥିବାରୁ ଏହାଙ୍କର ଛଅଟି ମୁଣ୍ଡ ହୋଇଥିଲା ।]

ଷଡ଼ାମ୍ନାୟ—ସଂ. ବି (ଷଟ୍+ଆମ୍ନାୟ=ଉଚ୍ଚାରିତ ବର୍ଣ୍ଣପୂର୍ବ କ୍ରମ)-ଶିବଙ୍କର Shar<u>d</u>āmnāya ୬ଟି ମୁଖ (ଅର୍ଥାତ୍ ସାଧାରଣତଃ ୫ମୁଖ ଓ ଏହି ଉଦ୍ଦେଶ୍ୟରେ ଊର୍ଦ୍ଧ୍ୱକୁ ବାହାର କରିଥିବା ଅନ୍ୟ ଗୋଟିଏ ମୁଖ)ରୁ ଉଚ୍ଚାରିତ ତନ୍ତ୍ରଶାସ୍ତ୍ର—A set of six Tantra Śāstras issuing from 6 mouths of Mahādeba. [ଦ୍ର—ଯଥା—ପୂର୍ବାମ୍ନାୟ, ଦକ୍ଷିଣାମ୍ନାୟ, ପଶ୍ଚିମାମ୍ନାୟ, ଉତ୍ତରାମ୍ନାୟ, ଊର୍ଦ୍ଧ୍ୱାମ୍ନାୟ ଓ ଅଧ ଅମ୍ନାୟ ।]

ଷଡ଼ାୟତନ—ସଂ. ବି (ବିଶ୍ୱ)—ଚକ୍ଷୁ କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍ ଓ ମନ Shar<u>d</u>āyatana (ବୌଦ୍ଧଶାସ୍ତ୍ର)—The sense organs and the mind.

ଷଡ଼ାସ୍ୟ—ସଂ. ବି. ପୁଂ (ବହୁବ୍ରୀହି; ଷଟ୍+ଆସ୍ୟ)—କାର୍ତ୍ତିକେୟ—Shar<u>d</u>āsya Kārttikeya.

ଷଡ଼ାସ୍ୟ ଜନକାହିତ—ସଂ. ବି (ଷଡ଼ାସ୍ୟ+ଜନକ+ଅହିତ=ଶତ୍ରୁ)—Shar<u>d</u>āsya janakāhita କାମଦେବ; କନ୍ଦର୍ପ—God Cupid; Kāmadeba.

ଷଡ଼ିଙ୍ଗି—ଦେ. ବି. ପୁଂ—ଷଡ଼ଙ୍ଗୀ (ଦେଖ)—Shardaṅgī (See) Shar<u>d</u>iṅgi ପ୍ରାଦେ (ଗଡ଼ଜାତ) ବି—ଶାଳୁଆ ଗଛ—ସାଲ The 'Śāla' tree. [ଦ୍ର—ଏଥିର ଫଳ ରାନ୍ଧି ତେଲ ସାଳ [ଷଡିଙ୍ଗିଅଣୀ—ଦେ· ସ୍ତ୍ରୀ] ବାହାର କରନ୍ତି ।]

ଷଡ଼ୁପାୟ—ସଂ. ବି (ଷଟ୍+ଉପାୟ)—(ତନ୍ତ୍ର) ସ୍ତମ୍ଭନ, ମୋହନ, ବଶୀ- Shar<u>d</u>upāya କରଣ, ଉଚ୍ଚାଟନ, ଆକର୍ଷଣ ଓ କ୍ଷୋଭଣରୂପକ ଛଅଟି ତାନ୍ତ୍ରିକ ପ୍ରୟୋଗ—(tantra) The application of six tantric means, such as Stambhana, Mohana; Baśīkaraṇa, Uchchāṭana. Ākarshaṇa and Kshobhaṇa.

ଷଡ଼ୂର୍ମି—ସଂ· ବି (ଷଟ୍+ଊର୍ମି)—ଷଡ଼୍ରିପୁ (ଦେଖ) Shar<u>d</u>ūrmi Shar<u>d</u>-ripu. (See)

ଷଡ଼ୂଷଣ-ସଂ, ବି (ବୈଦ୍ୟକ) (ଷଟ୍=ଛଅ+ଊଷଣ=କଟୁଦ୍ରବ୍ୟ)—Shardūshaṇa ଏକତ୍ର ମିଶ୍ରିତ ଛଅଟି କଟୁଦ୍ରବ୍ୟ; ପିପ୍ପଳୀ, ପିପ୍ପଳୀ ମୂଳ, ଗଜପିପ୍ପଳୀ, ଶୁଣ୍ଠି, ଚିତାମୂଳ ଓ ମରିଚମିଶ୍ରିତ ଔଷଧ—An aggregate for concoction of six bitter articles (viz long pepper, pepper root; piper chaba; dried ginger; plumbago root and black pepper) used as medicine. [ଦ୍ର—ଏହା ତୀକ୍ଷ୍ଣ, ଗୁଲ୍ମ, ଉଦରରୋଗ ଓ ଶୂଳରୋଗନାଶକ, ଅଗ୍ନିପ୍ରଦୀପକ; କଫ ଓ ବାୟୁନାଶକ ।

ପଞ୍ଚ କୋଳ ସଙ୍ଗେ ମରିଚ ମିଶିଲେ ଷଡ଼ୂଷଣ ହୁଏ ।].

ଷଡ଼ୈରି—ଦେ. ବି (ସଂ. ଷଡ଼ରି)—ଷଡ଼ ରିପୁ (ଦେଖ) Shar<u>dai</u>ri Shard-ripu. (See)

ଷଡ଼ୈଶ୍ୱର୍ଯ୍ୟ—ସଂ. ବି (ଷଟ୍+ଐଶ୍ୱର୍ଯ୍ୟ)—ଛଅ ପ୍ରକାରର ସମ୍ପଦ ବା Shar<u>dai</u>śwarjya ପ୍ରଭୁତ୍ୱ; ସର୍ବବିଧ ସମ୍ପଦ ବା ସୁଖଭୋଗ—All sorts of prosperity or enjoyment or bliss. [ଦ୍ର—ପ୍ରକୃତରେ ଶାସ୍ତ୍ରରେ ବର୍ଣ୍ଣିତ ଐଶ୍ୱର୍ଯ୍ୟ ଅଷ୍ଟ ବିଧ; ଷଡ଼ ବିଧ ନୁହେଁ; ସାଂସାରିକ ସୁଖଭୋଗ ବା ବିଳାସ ବା ସମ୍ପଦ ବୁଝି ଲୋକେ ଷଡ଼ୈଶ୍ୱର୍ଯ୍ୟ, ଶବ୍ଦ ବ୍ୟବହାର କରନ୍ତି ।]

ଷଣ୍ (ଧାତୁ)—୧ । ଦାନ କରିବା—1, To give.
Shan (root) ୨ । ବିତରଣ କରିବା—2. To distribute.

ଷଣ୍ଡ—ସଂ. ବି (ଷଣ ଧାତୁ + କର୍ତ୍ତୃ. ଡ)—୧ । ବୃଷ; ବୃଷଭ; ବୃଷଭ—
Shanda 1. A Brāhmani bull. ୨ । ସ୍ୱାଧୀନ ବୃଷ—
(ଷଣ୍ଢ—ଅନ୍ୟରୂପ) 2. A bull set at liberty.
୩ । ନପୁଂସକ ବ୍ୟକ୍ତି (ଷଣ୍ଢ ଦେଖ)—3. A eunoch. [ଉ—ଉଦରପୂର୍ଣ୍ଣ ଷଣ୍ଡ ବୃଦ୍ଧ ତା ଭୁଲେ, ଅନୁବେଦନରୁ ନିବାସ ହେଲେ—ବିଦଗ୍ଧ ଚିନ୍ତାମଣି ।] ୪ । ସମୂହ—4. A collection, assemblage. ୫ । ପଦ୍ମ ବା କୁମୁଦସମୂହ—5. A collection or bunch of lotus flowers or water lilies. ୬। ବୃକ୍ଷ—6. Tree. ୭ । ଯୋନିରୋଗବିଶେଷ—7. A sort of disease of the female organ. ୮। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର; ଭକ୍ତପ୍ରଧାନ ପ୍ରହ୍ଲାଦଙ୍କ ଗୁରୁ—8. The son of Sukrāchārjya and the tutor of Prahlāda. ୯ । (ଛାଗଳ ଅବ ପଶୁ ଆଦିଙ୍କ) ଦଳ—9. A flock (of goats etc) (Apte). ୧୦ । ଚିହ୍ନ (ଶବ୍ଦକୋଷ)—10. Sign.

ଷଣ୍ଡ(ଣ୍ଢ)ତିଳ—ସଂ ବି—ଯେଉଁ ତିଳରୁ ତେଲ ବାହାରେ ନାହିଁ (ହି.ଶ)
Shanda(ndha)tila Sesamum seed producing no oil. ଦେ. ବି. (ଲକ୍ଷଣାର୍ଥ)—ନପୁଂସକ—A eunoch. [ଉ—ତୁମ୍ଭଙ୍କୁ ଯାହା ଷଣ୍ଡ ତିଳ ବୋଲୁଥିଲେ, ବସ୍ତୁତଃ ନଗରେ ତା ସତ କଲେ—ବୃଷସିଂହ ମହାକବିଙ୍କ ଉଦ୍‌ଯୋଗ ।]

ଷଣ୍ଡା(ଣ୍ଢା)—ଦେ. ବି—୧ । ଷଣ୍ଡାମାର୍କା (ଦେଖ)—1. Shandā
Shandā(ndhā) mārkā (See) ୨ । ଶଣ୍ଡା (ଦେଖ)—Sandā (See). ୩ । ଅସୁର—3. A demon (ଉ—ଯେତେ ଗୋ ହୋଇଲେ ବଳିଆ, ଷଣ୍ଡା ବଳିଷ୍ଠ ନର ମାର—ପ୍ରାଚୀ. ବ୍ରହ୍ମବିରୁପଣଗୀତା ।) ଦେ. ବଣ—
षण्डा मोटाताजा ୧। ଷଣ୍ଡାମାର୍କା (ଦେଖ)—1. Shndāmārkā (See) ୨ । ଅତ୍ୟାଧିକ୍ୟରୁ ଫଳ ଦେଉ ନଥିବା (ବୃକ୍ଷାଦି); ଦଣ୍ଡା 2. Over-luxuriant in growth (said of trees and plants) ଯ ଥା—ଅତ୍ୟନ୍ତ ଗାଇ ଗଛଟି । ଷଣ୍ଡା ହୋଇ ବଢ଼ିଛି ।)

ଷଣ୍ଡା(ଣ୍ଡେ)ଇବା—ଦେ. କି.—ଷଣ୍ଢାଇବା (ଦେଖ)
Shandā(nde)ibā Shandhāibā (See)

ଷଣ୍ଡାମା(ମ)ର୍କ—ସ. ବି—ଷଣ୍ଡ ଓ ଅମର୍କ ନାମକ ଶୁକ୍ରଙ୍କର ପୁତ୍ର ଦ୍ୱୟ—
Shandāmā(ma)rka Shanda and Amarka who were the two sons of Sukra and who were tutors to Prahlāda. [ଦ୍ର—ଏମାନେ ପ୍ରହ୍ଲାଦଙ୍କ ଶିକ୍ଷାଗୁରୁ ରୂପେ ହିରଣ୍ୟକଶିପୁଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ । ଏମାନେ ବଳିଷ୍ଠ, ପୃଥୁଳକାୟ ଓ ଦୁଷ୍ଟ ଥିଲେ ।] ଦେ ବି. ଓ ବଣ—ଷଣ୍ଡାମାର୍କା (ଦେଖ)
[ଷଣ୍ଢାମାର୍କ—ଅନ୍ୟରୂପ] Shandāmārkā (See)

ଷଣ୍ଡା(ଣ୍ଢା)ମାର୍କା—ଦେ. ବି.—(ସଂ ଷଣ୍ଡ=ବୃଷ; ଅର୍ଥାତ୍ ବୃଷ ପରି
Shandā(ndhā)mārkā ବଳବାନ୍; ଷଣ୍ଡାମାର୍କ ବା ବିଶାଳକାୟ, ଭୁଲ, ବା-ଷଣ୍ଡେ=ଯୁବ, ଲଢେଇ ।)—
षण्डामार्का ୧ । ବଳବାନ୍ ଓ ପୃଥୁଳବ୍ୟକ୍ତି—1. A strong
मोटाताजा आदमी and fat man; a stout, strong and tall man. ୨ । ଉଦ୍ଧତ ଓ ଦୁର୍ବିନୀତ ବ୍ୟକ୍ତି; ଦୁଷ୍ଟ ଓ ବଳିଷ୍ଠ ଲୋକ—2. A strong and wicked man. ୩ । ବଳୀ; ମଲ୍ଲ—3 An athlete. ଦେ. ବଣ—ବଳିଷ୍ଠ ଓ ପୃଥୁଳ—Stout and strong.

ଷଣ୍ଡାଳୀ—ସଂ. ବି. (ଷଣ୍ଡ + ଅଲ ଧାତୁ=ପାରିବା+ଅ+ଈ)—
Shandāli ୧ । ତୈଳ ଘୃତାଦିର ପରିମାଣ ବିଶେଷ; ଛଟାକି—
(ଷଣ୍ଢାଳୀ—ଅନ୍ୟରୂପ) (ଶବ୍ଦକୋଷ) 1. $\frac{1}{16}$ of a seer of liquid. ୨ । ସରସୀ, ସରୋବର—2. A pond. ୩ । କାମୁକୀ; ସ୍ତ୍ରୀ—3 A libidinous woman.

ଷଣ୍ଡା ଷଣ୍ଡା—ଦେ. ବି. (ବହୁ ବଚନ)—ଅନେକଗୁଡ଼ିଏ ଷଣ୍ଡା ବ୍ୟକ୍ତି—
Shandā shandā Many stout and strong
षण्डा षण्डा मोटाताजा आदमीओं persons.

ଷଣ୍ଡି(ଣ୍ଢି)ଆ—ଦେ. ବଣ. (ସଂ ଷଣ୍ଢ=ନ ପୁଂସକ)—୧ । ନପୁଂସକ—
Shandi(ndhi)ā 1. Impotent. ୨ । ଷଣ୍ଢ ସମ୍ବନ୍ଧୀୟ—2.
नपुंसक हीजड़ा Relating to a bull. [ଦ୍ର—ଏହା (ଷେଣ୍ଢିଅ, ଷେଣ୍ଡିଅ—ଅନ୍ୟରୂପ) ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯାଥା; କଣିଷଣ୍ଢିଅ, କାଣ୍ଡଷଣ୍ଡିଅ, ବଡ଼ଷଣ୍ଡିଅ ।

ଷଣ୍ଡୁ(ଣ୍ଢୁ)ଣୀ—ଦେ. ବି. ସ୍ତ୍ରୀ (ସଂ ଷଣ୍ଢ ପୁଂଲିଙ୍ଗ)—ବନ୍ଧ୍ୟା ଗାଈ—A
Shandu(ndhu)ni barren cow.
बन्ध्यागाभी बन्ध्यागाय [ଷେଣ୍ଡୁ(ଣ୍ଢୁ)ଣୀ—ଅନ୍ୟରୂପ)

ଷଣ୍ଢ—ସଂ. ବି.—(ସଂ ଷଣ୍ ଧାତୁ+କର୍ତ୍ତୃ. ଢ) ୧ । ବୃଷ—1. Bull.
Shandha ୨ । ସ୍ୱାଧୀନ ବୃଷ; ଯେଉଁ ବୃଷଭକୁ ଲୋକେ ଶିବଙ୍କ
(ଷଣ୍ଡ—ଅନ୍ୟରୂପ) ଉଦ୍ଦେଶ୍ୟରେ ଛାଡ଼ି ଦେଇଥାଆନ୍ତି—2. A bull dedicated to Siba and set free to roam wherever he likes, [ଉ—ଗାଈ ସହଦେବଙ୍କର, ଷଣ୍ଢ ମହାଦେବଙ୍କର; ବଳଦ ବାପୁଡ଼ା କାହାର ନୁହେଁ—ପ୍ରଚ ।] ୩ । (ସନ୍ ଧାତୁ=ସେବା କରିବା+କର୍ତ୍ତୃ. ଢ)
ନପୁଂସକ; କ୍ଲୀବ—3 A eunoch; an impotent person. [ଦ୍ର—କ୍ଲୀବଙ୍କୁ କୁହାଗଲେ ପ୍ରାୟଶ୍ଚିତ୍ତ କରିବା ବିଧି ଶାସ୍ତ୍ରରେ ଅଛି । ନୃତ୍ୟାଦି ଶାସ୍ତ୍ରରେ ୧୪ ପ୍ରକାର, ମତାନ୍ତରରେ ୨୦ ପ୍ରକାର, ଷଣ୍ଢର ନାମ ଉଲ୍ଲେଖ ଅଛି ଯଥା—
ନିସର୍ଗ ଷଣ୍ଢ—ଜନ୍ମରୁ ନପୁଂସକ ବା ଅଣ୍ଡହୀନ ।
ବଦ୍ଧ ଷଣ୍ଢ—ଗଳଦାଣ୍ଡ ବା ଅଣ୍ଡଭ୍ରଷ୍ଟ ନପୁଂସକ ।
ପକ୍ଷ ଷଣ୍ଢ-ପକ୍ଷାନ୍ତରରେ(ରମଣଶକ୍ତି ଲାଭ କରିବା ବ୍ୟକ୍ତି ।
ଈର୍ଷକ ଷଣ୍ଢ—ଯେ କ୍ଲୀବ ହୋଇ ଆପଣା ସ୍ତ୍ରୀକୁ ଅନ୍ୟ ବ୍ୟକ୍ତିଠାରେ ନିୟୋଗ କରି ପରେ ସ୍ତ୍ରୀ ସେବା କରେ ।
ଶାପାଦିଷଣ୍ଢ—ଗୁରୁଜନଙ୍କ ଶାପ ଫଳରୁ କ୍ଲୀବତା ପ୍ରାପ୍ତ ବ୍ୟକ୍ତି ।

ରଭସ୍ତବ୍ଧ ଷଣ୍ଢ—ସ୍ତମ୍ଭିତରେତାଃ; ଯାହାର ଅବୈଧ ରେତଃ ପତନ ହୁଏ ନାହିଁ ।

ଈର୍ଷକ ଷଣ୍ଢ—ଅନ୍ୟ ବ୍ୟକ୍ତିର ରତିକ୍ରିୟା ଦେଖିଲେ ଯାହାର କାମପ୍ରବୃତ୍ତିର ଉଦ୍ରେକ ହୁଏ ।

ସେବ୍ୟକ ଷଣ୍ଢ—ବହୁସ୍ତ୍ରୀ ସମ୍ଭୋଗ ଜନିତ ଧ୍ୱଜଭଙ୍ଗ ରୋଗଗ୍ରସ୍ତ ବ୍ୟକ୍ତି ।

ଅକ୍ଷିପ୍ର ଷଣ୍ଢ—ମୈଥୁନ ଧର୍ମାବସ୍ଥାନକାଳରେ ସ୍ତ୍ରୀର ରଜଃସ୍ରାବ ପୂର୍ବରୁ ଯାହାର ରେତଃ ସ୍ଖଳନ ହୁଏ ।

ମୋଘବୀଜ ଷଣ୍ଢ, ଶାଳୀନ ଷଣ୍ଢ—ଧୃଷ୍ଟା ବା ଅସକ୍ତ ସ୍ତ୍ରୀ ସନ୍ନିଧାନରେ ପଣ୍ଡତ୍ୱଯୁକ୍ତ ବ୍ୟକ୍ତି, ବା ଯାହାର ରେତଃପାତ ହୁଏ ।

ଅନ୍ୟାପତ୍ତି ଷଣ୍ଢ—ସ୍ୱ ସ୍ତ୍ରୀ ଛଡ଼ା ଅନ୍ୟ ସ୍ତ୍ରୀଠାରେ ଯାହାର ପୁଂସ୍ତ୍ୱର ଉଦ୍ରେକ ହୁଏ ।

ମୁଖଭଗ ଷଣ୍ଢ—ସ୍ତ୍ରୀର ବା ପୁରୁଷର ମୁଖ ବିବରରେ ଗ୍ରାମ୍ୟଧର୍ମ ସମ୍ପାଦନକାରୀ ବ୍ୟକ୍ତି ।

ବାତରେତାଃ ଷଣ୍ଢ—ରେତଃପାତ ସମୟରେ ଯାହାର ଲିଙ୍ଗ ବାଟେ ରେତଃ ସଙ୍ଗେ ବାତ ବା ବାୟୁ ନିର୍ଗତ ହୁଏ ।

କୁମ୍ଭୀକ ଷଣ୍ଢ—ଜଘନ ବା ନାରୀର ହସ୍ତ ଦ୍ୱାରା ମୈଥୁନରେ ଅଭ୍ୟସ୍ତ ବ୍ୟକ୍ତି ।

ଷଣ୍ଢଷଣ୍ଢ—ଯାହାର ମେଢ୍ର କୌଣସିରୂପେ ବିକୃତି ପ୍ରାପ୍ତ ନ ହୋଇ ହିଁବା ଯେ ପୁଂସ୍ତ୍ୱହୀନ ।

ନଷ୍ଟକ ବା ନଷ୍ଟ ଷଣ୍ଢ—ରୋଗାଦି ଯୋଗୁଁ ଯାହାର ଧ୍ୱଜୋତ୍ଥାନ ହୁଏ ନାହିଁ

ଅସେବ୍ୟ ଷଣ୍ଢ—ଧ୍ୱଜୋତ୍ଥାନ ହେବା ସଙ୍ଗେ ସଙ୍ଗେ ଯାହାର ରେତାସ୍ଖଳନ ଘଟେ ।

ସୁଗନ୍ଧିକ ଷଣ୍ଢ—ଯୋନିର ବା ଶେଫର ଗନ୍ଧ ଆଘ୍ରାଣ କଲେ ଯେ ରତି ଶକ୍ତି ଲାଭ କରେ ।

ସ୍ତ୍ରୀ ଧର୍ମୀ ଷଣ୍ଢ—ସ୍ତ୍ରୀ ତୁଲ୍ୟ ବାକ୍‌ଚେଷ୍ଟା (ମାଇଚିଆ) ।

ଛିନ୍ନ ଲିଙ୍ଗକ ଷଣ୍ଢ—ଯାହାର ଲିଙ୍ଗକୁ ଛେଦନ କରିଯାଇ ତାକୁ ରମଣାସମର୍ଥ କରିଯାଇ ଥାଏ ।]

୪ । (ଲକ୍ଷଣାର୍ଥ) ଷଣ୍ଢପରି ଯେ ପରିଶ୍ରମ ନ କରି ସବୁଆଡ଼େ ଅବାଧଗତି ହୋଇ ବୁଲିକରି ଖାଏ—4 (figurative) A person who idles away his time and feeds on others (like a bull set at large). ୫ । (ଲକ୍ଷଣାର୍ଥ) ବହୁ ନାରୀଙ୍କ ମଧ୍ୟରେ ଏକମାତ୍ର ନାୟକ ରୂପେ ବିରାଜିତ ପୁରୁଷ—5. (figurative) A male or husband of many women. [ଭୂ—ତାରି ଗୋଷ୍ଠେ ଷଣ୍ଢ ଅଖଣ୍ଡ ଚନ୍ଦ୍ରମା ସୁରଧୂନୀ ପୁଣ୍ଡରୀକ । ରାଧାନାଥ—ଯଯାତି]

[ଦ୍ର—ଆମ ଦେଶରେ ହଳ ଓ ଶକଟାଦି ଟାଣିବା ପାଇଁ ବାଛୁରିମାନଙ୍କର ମୁଷ୍କ ଛେଦନ କରି ସେମାନଙ୍କୁ ବଳଦ କରନ୍ତି । ପଞ୍ଚେ ଗାଈଙ୍କ ପାଇଁ ଜମ୍ମା ଗୋଟିଏ ଗ୍ରାମର ବା ଗୋଟିଏ ଅଞ୍ଚଳର ଶହଶହ ଗାଈଙ୍କ ପାଇଁ ଗୋଟିଏ ମାତ୍ର ଷଣ୍ଢ ସାଧାରଣ ସମ୍ପତ୍ତି ହୋଇ ରଖାଯାଇଥାଏ ଓ ସେ ଅବାଧଗତି ହୋଇ ଗୃହଅଡ଼େ ବୁଲି ଖାଉଥାଏ; ସେ ଅଞ୍ଚଳର ଗାଈମାନେ ବତର ପଡ଼ିଲେ (ଋତୁମତୀ ହେଲେ) ସେହି ଏକ ମାତ୍ର ଷଣ୍ଢଦ୍ୱାରା ଗୋ ଜାତିର ବଂଶ ରକ୍ଷା ହୁଏ । ଏହି ଅର୍ଥରୁ ଏହି ବ୍ୟବହାର ।] ୬ । ବାତୋପତାପିତ ଯୋନିରେ ଉତ୍ପନ୍ନ ନରଦ୍ୱେଷିଣୀ ସ୍ତନରହିତା ସ୍ତ୍ରୀ; କ୍ଲୀବ ବିଶେଷ (ବୈଦ୍ୟକୋଷ)—6. A hermapho-rdite woman. [ଦ୍ର—ଏମାନେ ମୈଥୁନ ଧର୍ମର ଅନୁପଯୁକ୍ତା—ବୈଦ୍ୟକୋଷ] ଦେ. ବି—୧ । ବୀର—1. A hero; a valiant person. [ଭୂ—ସେ ଦୁଇ ଷଣ୍ଢ ଚଳେ ରଣ, ଯଚ୍ଛି ଅଟନ୍ତି ଜନ ଜଣ । ବିଶ୍ୱନାଥ—ବିଚିତ୍ର ରାମାୟଣ ।] ୨ । (ଓଡ଼ିଶାର ଅଧୁନା ଲୁପ୍ତ ପ୍ରାୟ) କୁଜଙ୍ଗ ରାଜ ବଂଶର ଉପାଧି—2. The family-tile of the Kūjanga Rāj family(now almost extinct). [ଭୂ—ରାଜା ହେଲି ବାଇ କି ? କଲିଙ୍ଗା ଗାଈ ବତର ପଡ଼ିଲେ କୁଜଙ୍ଗ ଷଣ୍ଢକୁ ପାଇ କି ? ଛଗ] ଦେ. ବିଣ—ଶ୍ରେଷ୍ଠ—Best. [ଭୂ—ପବେଁ ପେ ଥିଲେ ମାରକଣ୍ଡ ମୁନି କୁଳରେ ଅତି ଷଣ୍ଢ । ପ୍ରାଚୀ—ଜଗୁଣ ମାହାତ୍ମ୍ୟ ।]

ଷଣ୍ଢ ଗୋବର—ଦେ. ବି—୧ । ବୃଷଭୋତ୍ସୃଷ୍ଟ ଗୋମୟ—1. Dung of a bull. ୨ । (ଲକ୍ଷଣାର୍ଥ) (ଏହାଦ୍ୱାରା ଯଜ୍ଞ ଭୂମିଆଦି ଲିପିବା ନିଷିଦ୍ଧ ଥିବାରୁ) ଅବ୍ୟବହାର୍ଯ୍ୟ ପଦାର୍ଥ—2. A useless thing
Shandha gobara
সাঁঢেরগোবর সাঁড়কাগোবর

ଷଣ୍ଢ ତିଳ—ସଂ.ବି—ଷଣ୍ଡ ତିଳ (ଦେଖ)—Shanda tila (See) ଦେ. ବି—ନପୁଂସକ—An eunoch. [ଭୂ—ଏ ବାହାରେ ବଡ଼େ ପାଣ୍ଡବଙ୍କୁ ଖାଳ, ହେଲି ବାଇ ହୋଇଣ ଷଣ୍ଢ ତିଳ ବୋଲି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ
Shandha tila

ଷଣ୍ଢ ପଛଆଡ଼ୁ ପାଇବା—ଦେ. ପ୍ରବଚନ—(ଲକ୍ଷଣାର୍ଥ) ଲାଭ ଆଶାରେ କୌଣସି କାର୍ଯ୍ୟରେ ଲାଗିବା ପରେ ଆଶାଲୁବ୍ଧ ବ୍ୟକ୍ତି) ନିଷ୍ଫଳ ହେବା—To be baffled in one's hope of gain or success. [ଦ୍ର—ବିଜାଣ୍ଡପ୍ରତ୍ୟାଶା ନ୍ୟାୟ ଦେଖ ।]
Sandha pachha ārdu pāiba
কচ্ পোড়াপাওয়া গোলাঘী ভকাআউঁপ না

ଷଣ୍ଢ ବନିବା(ହେବା)—ଦେ. କ୍ରି—(ଗାଈ ଦଳ ମଧ୍ୟରେ ଏକ ମାତ୍ର ଷଣ୍ଢ ବନି) କୌଣସି ସ୍ଥାନରେ ଏକାଧିପତି ହେବା ବା ଏକାଧିପତ୍ୟ କରିବା—To lord over many peopl.
Shandha banibā(hebā)
ষাঁঢ়হওয়া সাঁডবননা

ଷଣ୍ଢା(ଣ୍ଢେ)ଇବା—ଦେ. କ୍ରି (ସଂ: ଷଣ୍ଢ=ବୃଷ ଶବ୍ଦରୁ)—୧ । (ସକର୍ମକ) (ଋତୁମତୀ ଗାଈକୁ ନେଇ ବଳଦ ଷଣ୍ଢ ନିକଟରେ ଯୁଟାଇବା ଅର୍ଥରୁ) କୌଣସି ବ୍ୟକ୍ତିକୁ ତାର ଇଚ୍ଛା ବିରୁଦ୍ଧରେ କୌଣସିଠାରେ ବା କୌଣସି କାର୍ଯ୍ୟରେ ଯୁଟାଇବା—1. To
Shandhā(ṇdhe)ibā
ষাঁঢা সাঁডিয়ানা

force a person into some place to work against his wish. ୨ । (ଅକର୍ମକ- ଷଣ୍=ନପୁଂସକ)—(ବୃକ୍ଷାଦ) ଫଳଂଗ୍ଧ ଦେଖି ବୃଥା- ପୁଷ୍ଟ ହେବା—3. To grow iistily or over luxuriantly (said of barren trees.)

ଷଣ୍ଢିଅ—ଦେ. ବିଣ—ଷଣ୍ଢିଅ (ଦେଖ)—
Shandhia Shandia (See)

ଷଣ୍ଢିତା—ସଂ. ବି—ଯୋନି ରୋଗ ବିଶେଷ (ବୈଦ୍ୟକୋଷ)—A Shandhita kind of vaginal disease. [ଦ୍ର— ଏ ରୋଗରେ ସ୍ତ୍ରୀମାନଙ୍କର ଋତୁରୋଧ ଓ ସ୍ତନ କ୍ଷୁଦ୍ର ହୁଏ ଓ ମୈଥୁନ କାଳେ ଯୋନି ଖରସ୍ପର୍ଶ ବୋଧ ହୁଏ- ସୁଶ୍ରୁତ]

ଷଣ୍ଣବତ—ସଂ. ବିଣ—(ଷଟ୍+ନବତ+ଅ)—ଷଣ୍ଣବତି ସଂଖ୍ୟାର Shannabata ପୂରକ—Sixtyninth. (ଷଣ୍ଣବତିତମ—ଅନ୍ୟରୂପ)

ଷଣ୍ଣବତି—ସଂ. ବି ଓ ବିଣ (ଷଟ୍ ଅଧିକ ନବତି)—ଷଣ୍ଣବତି— Shannabati Sixtynine.

ଷଣ୍ମନୁ—ସଂ. ବି (ଷଟ୍+ମନୁ)—ସୃଷ୍ଟିର ଆଦ୍ୟରୁ ଏକାଦିକ୍ରମେ Shanmanu ସୃଜିତ ହୋଇଥିବା ୬ ଜଣ ମନୁ—Six successive progenitors of the mankind. [ଦ୍ର—ସୃଷ୍ଟିର ପ୍ରତି କଳ୍ପକୁ ୧୪ ଜଣ ମନୁ ଭୋଗ କରନ୍ତି । ବର୍ତ୍ତମାନ ୭ମ ମନୁ ବା ବୈବସ୍ୱତ ମନୁଙ୍କର ଅଷ୍ଟାବିଂଶ ଯୁଗର ଦ୍ୱାପର ଭାଗ ଭୋଗ ହେଉଅଛି । ଷଣ୍ମନ୍ୱତୀତ ଦଳେ ଟୀକା ଦେଖ)

ଷଣ୍ମନ୍ୱତୀତ—ସଂ. ବିଣ (ଷଟ୍+ମନୁ+ଅତୀତ)—ଛଅ ଜଣ ମନୁଙ୍କ Shanmanwatita ଭୋଗର ଅତୀତ ବା ଶେଷ ହୋଇଥିବା (କାଳ ବା କଳ୍ପାଂଶ)—(The time) After the life time of six Manus. [ଦ୍ର—ସେହି ମନୁ ୬ ଜଣ ଏଥି ପୂର୍ବରୁ ଭୋଗ କରି ଅଛନ୍ତି, ସେମାନଙ୍କ ନାମ—୧ । ସ୍ୱାୟମ୍ଭୁବ, ୨ । ସ୍ୱାରୋଚିଷ, ୩ । ଉତ୍ତମ ୪ । ତାମସ; ୫ । ରୈବତ ଓ ୬ । ଚାକ୍ଷୁଷ । ବର୍ତ୍ତମାନ ୭ମ ବୈବସ୍ୱତ ମନୁ ଭୋଗ କରୁ ଅଛନ୍ତି ।]

ଷଣ୍ମାସ—ସଂ. ବି (ଷଟ୍+ମାସ)—ଛଅ ମାସ—
Shanmasa Six months.

ଷଣ୍ମାସ୍ୟ—ସଂ. ବିଣ—(ଷଣ୍ମାସ+ଯ)—ଯାହା ଛଅ ମାସରେ ସାଧ୍ୟ— Shanmasya Performable in six months (ଷାଣ୍ମାସିକ—ଅନ୍ୟରୂପ)

ଷଣ୍ମୁଖ—ସଂ. ବି (ଷଟ୍=ଛଅ+ମୁଖ ଯାହାର; ବହୁବ୍ରୀହି)—ଷଡ଼ାନନ Shanmukha (ଦେଖ)—Shardanana (See)

ଷତ୍ୱ ବିଧାନ(ବିଧି)—ସଂ.ବି (ବ୍ୟାକରଣ)—ବ୍ୟାକରଣର ଯେଉଁ ନିୟମବିଶେଷ; Shatwa bidhana(bidhi) ଯେଉଁ ନିୟମଦ୍ୱାରା 'ସ' ସ୍ଥାନରେ 'ଷ' ହୁଏ—The rule of Sanskrit Grammar by which the dental 'S' becomes cerebral 'Sh'. [ଦ୍ର—ଷତ୍ୱବିଧାନସୂତ୍ରରେ ଅନେକ ସୂକ୍ଷ୍ମ ଅଛି,ମୂଳରେ ୩ ଗୋଟି ସୂତ୍ର ଏଠାରେ ଲେଖାଯାଉଅଛି:— ୧—ଅ, ଆ ଭିନ୍ନ ସ୍ୱର ବର୍ଣ୍ଣ,କ ଓ ର ପରସ୍ଥିତ ପଦ- ମଧ୍ୟଗତ ପ୍ରତ୍ୟୟ, ଅଚଳ, ଅଗମ ପ୍ରଭୃତିର ଧକାର ଓ ବିସର୍ଗାନ୍ତ 'ସ'କାରେ 'ସ' ସ୍ଥାନରେ 'ଷ' ହୁଏ, (ଯଥା— ନି+ସିଧ୍ ଧାତୁ+ଅ=ନିଷେଧ; ଅନୁ+ସ୍ଥା ଧାତୁ+ ଅନ=ଅନୁଷ୍ଠାନ) ।
୨—ଟ ଓ ଠ ପୂର୍ବରେ ଯୁକ୍ତ 'ସ' ଓ 'ଷ' 'ଷ' ହୁଏ—(ଯଥା—ପ୍ର+ବିଶ୍ ଧାତୁ+ତ=ପ୍ରବିଷ୍ଟ) ।
୩—ଉପସର୍ଗ, ଇ ଓ ଉକାର ପରସ୍ଥିତ 'ସ୍ଥା' ଧାତୁର 'ସ' ଓ ସୁପ ଓ ସମ୍ ଧାତୁର 'ସ' 'ଷ' ହୁଏ ।]

ଷର୍ଷପୀ—ସଂ. ବି—ଖଞ୍ଜନାକୃତି ପକ୍ଷୀ ବିଶେଷ—
Sharshapi A species of bird.

ଷଷ—ସଂ. ବି ଓ ବିଣ (ସଂଖ୍ୟାବାଚକ ଶବ୍ଦ)—ଷଟ୍ (ଦେଖ)
Shash Shat. (See)

ଷଷ୍ଟ—ସଂ. ବିଣ—ଷଷ୍ଟି ସଂଖ୍ୟା ସମ୍ବନ୍ଧୀୟ (ବୈଦ୍ୟକୋଷ)—Relating Shashta to the number sixty. ସଂ. ବି—ଷଷ୍ଟି ସଂଖ୍ୟା— The number sixty.

ଷଷ୍ଠ(ଷ୍ଟ)ମ—ଗ୍ରା. ବିଣ (ପ୍ରାଚୀନ ପଦ୍ୟ)—ଷଷ୍ଠ (ଦେଖ)— Shasht(shtha)ma Shashtha. (See) [ଦ୍ର—ଷଷ୍ଠମ ଷଷ୍ଠ ଭଳି ବର୍ଣ୍ଣନେ, କେବଳ ହେବଳ ଗ୍ରାମ୍ୟ । ପ୍ରାଚୀ. ଉଦାହ- ରଣ: ଷଷ୍ଠମ ମଣ୍ଡଳ; ଷଷ୍ଠମ ଯାବତ ଗୋଟା ଚର୍ଣ୍ଣ ତା ଭସି । ପ୍ରାଚୀ. ଦ୍ୱିଜକରୁପଣ. ଗୀତା ।]

ଷଷ୍ଟି । ସଂ. ବି ଓ ବିଣ (ଷଷ୍+ଦଶତ୍+ତି-ନିପାତନ)—ଷାଠିଏ— Shashti Sixty. ଦେ. ବି—ଷଷ୍ଠୀ ତିଥି—The 6 th day ଷଷ୍ଠି ଛଠୀ of a lunar fort night.

ଷଷ୍ଟିକ—ସଂ. ବିଣ (ଷଷ୍ଟି=୬୦+କ)—୧ । ଷଷ୍ଟି ସଂଖ୍ୟକ— Shashtika 1. Numbering sixty. ୨ । ଷଷ୍ଟି ସଂଖ୍ୟା- ଦ୍ୱାରା କୀତ—2. Purchased at the price of 60 (coins etc). ସଂ. ବି—୬୦ ଦିନରେ ପାଚିବା ଧାନ; ଷାଠିଆ ଧାନ—A kind of paddy which ripens in 60 days after sowing.

ଷଷ୍ଟିକ ଧାନ୍ୟ—ସଂ. ବି (୬୦ ଦିନ ବା ୬୦ ରାତିରେ ପକ୍ୱ ହୁଏ Shashtika dhanya ବୋଲି ଏହି ନାମ)—ଶାରଦ ଧାନ୍ୟ- ସଂ.—ଷଷ୍ଟିକ, ଷଷ୍ଟିଶାଳ, ବିଶେଷ—A sort of autum- ଷଷ୍ଟିଦିବସ, ଷଷ୍ଟିକା, nal paddy ripening in 60 ଷଷ୍ଟିବାସରଜ(କ) days. [ଦ୍ର—ସର୍ବସ୍ଥ ଅବସ୍ଥାରେ ଯେଠେଧାନ, ଯେଉଁ ଧାନ୍ୟ ୬୦ ଦିନରେ ପାଚେ ତାହାକୁ ଷଷ୍ଟିକ ଧାନ୍ୟ କହନ୍ତି ।

ଷାଠିଅ(ଆ)ଧାନ }
ଷଠିଆ(ଅ)ଧାନ } —ଦେ. ରୂପ

ଏହା ଗୌର (ଧଳା) ଓ ଲାଲ (କଳା) ଭେଦରେ ଦୁଇ ପ୍ରକାର । ଏହା ଗୁରୁତର, ଶୀତଳ, ଲଘୁପାକ, ମଳରୋଧକ, ବାତ ପିତ୍ତନାଶକ ଓ ଶାଳିଧାନ୍ୟ ପରି ଗୁଣବିଶିଷ୍ଟ । ଶ୍ୱେତ ଧାନ୍ୟ ଲାଲଧାନ୍ୟ ଅପେକ୍ଷା ଅଧିକ ଗୁଣବିଶିଷ୍ଟ । ଏହି ଦୁଇ

ପ୍ରକାର ଧାନ୍ୟର ନାନା ନାମ ମଧ୍ୟ ଅଛି । ଏହି ଧାନର ଚାଉଳରୁ ଶରତ୍କାଳୀନ ପାର୍ବଣ ପୂଜାରେ ନୈବେଦ୍ୟ ପ୍ରସ୍ତୁତ ହେବା ଉଚିତ ବୋଲି ଶାସ୍ତ୍ରରେ ଉପଦେଶ ଅଛି । ସ୍ମୃତି ପ୍ରକାଶରେ ଲେଖାଅଛି ଯେ, ଯେଉଁ ଅନ୍ନ ଉଦରସ୍ଥ ହେବା ମାତ୍ରେ ପରିପାକ ହୁଏ ତାକୁ ଷଷ୍ଟିକାନ୍ନ କହନ୍ତି । ଏ ଧାନ ଷଷ୍ଟିକ, ଷଣ୍ମୁଖ, ପ୍ରମୋଦକ, ମୁକୁନ୍ଦକ ଓ ମହାଷଷ୍ଟିକ ନାମ ଭେଦରେ ଅନେକପ୍ରକାର । ଏହାକୁ ବ୍ରୀହି-ଧାନ୍ୟ ମଧ୍ୟ ବୋଲାଯାଏ । କାରଣ ବ୍ରୀହିଧାନ୍ୟର ସମସ୍ତ ଲକ୍ଷଣ ଏଥିରେ ଲକ୍ଷିତ ହୁଏ । ବିଶ୍ୱକୋଷ ।]

ଷଷ୍ଟିକା—ସଂ. ବି. ସ୍ତ୍ରୀ (ଷଷ୍ଟିକ+ଅ)—୧ । ଷଷ୍ଠୀ (ଦେଖ)—
Shashṭikā 1. Shashṭhi (See) ୨ । ଷଷ୍ଟିକ ଧାନ୍ୟ ମଧ୍ୟରୁ ଉତ୍କୃଷ୍ଟ ଧାନ୍ୟ ବିଶେଷ—2. A sort of excellent Shashṭika paddy. [ବି—ଷଷ୍ଟିକ ଧାନ୍ୟମାନଙ୍କ ମଧ୍ୟରେ ଷଷ୍ଟିକା ଶ୍ରେଷ୍ଠ । ଏହା ଲଘୁ, ସ୍ନିଗ୍ଧ, ତ୍ରିଦୋଷ-ନାଶକ, ମଧୁର ରସ, ମୃଦୁସ୍ପର୍ଶ, ଧାରକ, ବଳକର, ଜ୍ୱର-ନାଶକ ଏବଂ ରକ୍ତଶାଳି ପରି ଗୁଣଯୁକ୍ତ—ବିଶ୍ୱକୋଷ ।]

ଷଷ୍ଟିକାନ୍ନ—ସଂ. ବି—ଷଷ୍ଟିକ ଧାନ୍ୟର ଚାଉଳରୁ ପକ୍ୱ ଅନ୍ନ—
Shashṭikānna Boiled rice from Shashṭika paddy. [ବି—ଏହା ଅଗ୍ନିବର୍ଦ୍ଧକ, ପାଚକ, ବଳକାରକ, ତ୍ରିଦୋଷନାଶକ ଏବଂ ଜ୍ୱର, ନେତ୍ରରୋଗ, କ୍ଷୟରୋଗ ଓ ବିଷଦୋଷରେ ପଥ୍ୟ ।]

ଷଷ୍ଟିକୀ—ସଂ. ବି. ସ୍ତ୍ରୀ—ଷଷ୍ଟିକ ଧାନ୍ୟ (ଦେଖ)
Shashṭikī Sbshṭika dhānya. (See)

ଷଷ୍ଟିକ୍ୟ—ସଂ. ବି (ଷଷ୍ଟିକ+ଯ)—ଷଷ୍ଟିକ ଧାନ୍ୟ ଉତ୍ପନ୍ନ ହେବାର
Shastikya ଉପଯୁକ୍ତ କ୍ଷେତ୍ର—A field fit for growing the Shastika paddy.

ଷଷ୍ଟିଜ(କା)—ସଂ. ବି (ଷଷ୍ଟି+ଜନ୍ ଧାତୁ+କର୍ତ୍ତୃ. ଅ)—ଷଷ୍ଟିକଧାନ୍ୟ
Shashṭija(kā) (ଦେଖ)—Shasṭika dhānya. (See)
(ଷଷ୍ଟିବାସରଜ [ବି], ଷଷ୍ଟିଶାଳ—ଅନ୍ୟରୂପ)

ଷଷ୍ଟିତନ୍ତ୍ର (ବିଦ୍ୟା)—ସଂ. ବି—ସାଂଖ୍ୟ ଦର୍ଶନ ଶାସ୍ତ୍ର (ବିଶ୍ୱକୋଷ)
Shashṭi tantra (bidyā) The Sāmkhya philosophy.

ଷଷ୍ଟିତମ—ସଂ. ବିଣ (ଷଷ୍ଟି+ପୂରଣାର୍ଥେ. ତମ)—୬୦ ସଂଖ୍ୟାର
Shashṭitama ପୂରକ—Sixtieth.
(ଷଷ୍ଟିତମା—ସ୍ତ୍ରୀ)

ଷଷ୍ଟିଧା—ସଂ. କ୍ରି. ବିଣ (ଷଷ୍ଟି+ପ୍ରକାରାର୍ଥେ. ଧା)—ଷାଠିଏ ପ୍ରକାରରେ—
Shashṭidhā In sixty ways.

ଷଷ୍ଟିବର୍ଷୀ—ସଂ. ବିଣ. ପୁଂ (ଷଷ୍ଟିବର୍ଷ+ଇନ୍; ୧ମା. ୧ବ)—ଷାଠିଏ
Shashṭibarshī ବର୍ଷ ବୟସ୍କ (ବିଶ୍ୱକୋଷ)—
(ଷଷ୍ଟିବର୍ଷିଣୀ—ସ୍ତ୍ରୀ) Aged sixty years.

ଷଷ୍ଟିମତ୍ତ—ସଂ. ବି (ଷଷ୍ଟି=୬୦+ମତ୍ତ=ମଦମତ୍ତ; ଯେ ୬୦ ବର୍ଷ
Shashṭimatta ବୟସରେ ମତ୍ତ ବା ଯୌବନର ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ)—ହସ୍ତୀ; ଗଜ; ହାତୀ—Elephant.

ଷଷ୍ଟିଲତା—ସଂ. ବି—ଭ୍ରମରମାରୀ (ଦେଖ)
Shasṭi latā Bhramaramāri. (See)

ଷଷ୍ଟି ସହସ୍ର—ସଂ. ବି. ଓ ବିଣ—୬୦ ହଜାର—
Shashṭi sahasra Sixty thousand.

ଷଷ୍ଟି ହାୟନ—ସଂ. ବି (ଷଷ୍ଟି=୬୦+ହାୟନ=ବର୍ଷ)—୧ । ୬୦ ବର୍ଷ—
Shashṭi hāyaka 1. Sixty years. ୨ । ଗଜ; ହସ୍ତୀ (ଏ ୬୦ ବର୍ଷରେ ଅର୍ଦ୍ଧ ଜୀବନ ଭୋଗ କରିବାରୁ ତା ପୂର୍ଣ୍ଣବୟସ୍କ ହେବାରୁ)—2. Elephant. ୩ । ଧାନ୍ୟ ବିଶେଷ—3. A species of paddy. ସଂ. ବିଣ.
[ଷଷ୍ଟିହାୟନା—ସ୍ତ୍ରୀ] ପୁଂ—୬୦ ସଂଖ୍ୟକ ବର୍ଷ ବୟସ୍କ—
Aged 60 years.

ଷଷ୍ଟ୍ୟୁତ୍ତର ଶତ—ସଂ. ବି. ଓ ବିଣ—ଏକଶତ ଷାଠିଏ; ଷଠାଶହେ—
Shashtyuttara śata One hundred and sixty. [ବି—ଏହିପରି ଷଷ୍ଟ୍ୟୁତ୍ତର ଦ୍ୱିଶତ, ଷଷ୍ଟ୍ୟୁତ୍ତରତ୍ରିଂଶତ ଆଦି ଶବ୍ଦ ହୁଏ ।]

ଷଷ୍ଠ—ସଂ. ବିଣ (ଷଷ୍=୬+ପୂରଣାର୍ଥେ ଥ, 'ଥ' ସ୍ଥାନରେ ଠକାରେ
Shashtha 'ଠ' ହୁଏ)—ଛଅ ସଂଖ୍ୟାର ପୂରକ—Sixth. (ଷଷ୍ଠକ—ଅନ୍ୟରୂପ) [ବି—ଏହାର ସଂକ୍ଷିପ୍ତ ଆକାର '୬ଷ୍ଠ' ।] [ଷଷ୍ଠୀ, ଷଷ୍ଠୀକା—ସ୍ତ୍ରୀ]

ଷଷ୍ଠ କାଳ—ସଂ. ବି—୧ । ଛଅ ସଂଖ୍ୟାର ପୂରକ ସମୟ (ବିଶ୍ୱକୋଷ)—
Shashṭha kāla The 6th period. ଦେ. ବି (ସଂ. ଷଷ୍ଠାନ୍ନକାଳ)—ଷଷ୍ଠାନ୍ନକାଳ (ଦେଖ)—Shashṭhānnakāla (See) [ଉ—ଜଡ ଶାବକୀ ମନେ ଲକ୍ଷେ ହୋମ କର । ଷଷ୍ଠକାଳେ ଭୋଜନ କରନ୍ତି ଦଣ୍ଡଧାରୀ —କୃଷ୍ଣସିଂହ. ମହାଭାରତ. ବନ ।]

ଷଷ୍ଠାନ୍ନ କାଳ—ସଂ. ବିଣ (ଷଷ୍ଠ+ଅନ୍ନ+କାଳ)—ଯେଉଁ ବ୍ୟକ୍ତି
Shashṭhānna kāla ବା ପ୍ରାଣୀ ଦୁଇ ଦିନ ଅନାହାର ରହି (ଷଷ୍ଠାନ୍ନ କାଳକାଳକ—ଅନ୍ୟ ଶବ୍ଦ, ରୂପ) ତୃତୀୟ ଦିନ ସାୟଂ-(ଷଷ୍ଠାନ୍ନ କାଳକ—ଅନ୍ୟ ବିଶେଷ୍ୟରୂପ) କାଳରେ ଥରେ ଖାଏ—(a person or animal) Fasting for 2 days and breaking his fast on the third evening. ସଂ. ବି—ଦୁଇ ଦିନ ଅନାହାରରେ ରହି ତୃତୀୟ ଦିନ ସାୟଂକାଳରେ ଥରେ ଭୋଜନ (ବିଶ୍ୱକୋଷ)—Taking food on the 3rd evening after fasting for 2 whole days.

ଷଷ୍ଠାନ୍ନ କାଳକ—ସଂ. ବିଣ (ଷଷ୍ଠାନ୍ନ କାଳ+ସ୍ୱାର୍ଥେ କ)—ଦୁଇ
Shashṭhānna kālika ଦିନ ଉପବାସ ପରେ ତୃତୀୟ ଦିନ [ଷଷ୍ଠାନ୍ନ କାଳକା—ସ୍ତ୍ରୀ] ସନ୍ଧ୍ୟାରେ ଏକମାତ୍ର ଭୋଜନକାରୀ (ବିଶ୍ୱକୋଷ)—Eating on the 3rd evening after fasting for 2 days.

ଷଷ୍ଠାଳ କାଳକ—ସଂ. ବିଣ. ପୁଂ—ଯେଉଁ ବ୍ୟକ୍ତି ଦୁଇ ବା ତିନି ଦିନ
Shashṭhāli kālaka ପରେ ଥରେ ଖାଏ (ବିଶ୍ୱକୋଷ)—Taking food at intervals of 2 or 3 days.

ଷଷ୍ଠାଷ୍ଟମ—ସଂ. ବିଣ—ଛଅ ସ୍ଥାନୀୟ ଓ ଅଠ ସ୍ଥାନୀୟ—Sixth and
Shashṭhāshṭama eighth. [ଦ୍ର—ଜ୍ୟୋତିଷ ଗଣନା କ୍ରମେ ଦଶାପତିର ରାଶିମାନଙ୍କର ପରସ୍ପରଠାରୁ ଷଷ୍ଠ ଓ ଅଷ୍ଟମ ସ୍ଥାନରେ ସ୍ଥିତ ଜନିତ ଅଶୁଭ ଯୋଗକୁ ଅନ୍ୟୋନ୍ୟ-ଷଷ୍ଠାଷ୍ଟମ କହନ୍ତି। ମହାଦଶା ଓ ଅନ୍ତର୍ଦଶାରେ ଗ୍ରହମାନଙ୍କର ଅବସ୍ଥାନରେ ମଧ୍ୟ ଷଷ୍ଠାଷ୍ଟମ ଯୋଗ ହୁଏ ।]

ଷଷ୍ଠିକା—ସଂ. ବି. ସ୍ତ୍ରୀ (ଷଷ୍ଠ+କ+ଆ)—ଷଷ୍ଠୀ ୨ (ଦେଖ)
Shashṭhikā Shashṭhi 2. (See)

ଷଷ୍ଟି ମତ୍ତ—ସଂ. ବି [ଷଷ୍ଟିନ୍=ଛଅ ବର୍ଷ+ମତ୍ତ=ଙ୍କ୍ତ; ଛଅ ବର୍ଷ
Shasṭhi matta ବୟସରେ ଯାହାର ମଦ ଧାର କ୍ଷରିତ ହୁଏ)—ହାତୀ; ଗଜ—Elephant (ପ୍ରକୃତିବାଦ).

ଷଷ୍ଟିହାୟନ—ସଂ. ବି (ଷଷ୍ଟିନ୍=ଛଅ+ହାୟନ; ବର୍ଷ=ସେତେବେଳେ
Shasṭhi hāyana ହାତୀ ସମ୍ପୂର୍ଣ୍ଣ ବୟଃସ୍ଥ ହେବାରୁ)—୧। ହାତୀ
1. Elephant. ୨ । ଏକପ୍ରକାର ଧାନ—
2. A kind of paddy. ୩ । ଛଅ ବର୍ଷ—
Six years (ପ୍ରକୃତିବାଦ)

ଷଷ୍ଠୀ—ସଂ. ବି. ସ୍ତ୍ରୀ (ଷଷ୍ଠ+ଈ)—୧ । କାତ୍ୟାୟନୀ; ଦୁର୍ଗା—
Shashṭhī 1. Goddess Durgā. ୨ । (ପ୍ରକୃତି ବା
ଷାଟ୍, ଷଷ୍ଠି, ଷଷ୍ଠୀ ବୁଢ଼ୀ ଦୁର୍ଗାଙ୍କର ଷଷ୍ଠାଂଶରୂପା ଥିବାରୁ ଏହି ନାମ)
ଷଷ୍ଠୀ ଷୋଡ଼ଶ ମାତୃକାନ୍ତର୍ଗତ ମାତୃକା ବିଶେଷ; ଷଠିବୁଢ଼ୀ; ଷଷ୍ଠୀ ଦେବୀ—2. The Goddess protecting infants. [ଦ୍ର—ଏ ଦୁର୍ଗା ବା ପ୍ରକୃତିର ଷଷ୍ଠ କଳା ଓ ସ୍କନ୍ଦ ଭାର୍ଯ୍ୟା; ଏ ଷୋଡ଼ଶ ମାତୃକାଙ୍କ ମଧ୍ୟରେ ପ୍ରଧାନ ଦେବୀ ଅଟନ୍ତି । ଏହାଙ୍କର ଅନ୍ୟ ନାମ ଦେବସେନା । ଏହାଙ୍କ ପ୍ରସାଦରେ ପୁତ୍ରପୌତ୍ରାଦି ଲାଭ ହୁଏ । ଏ ଜଗତର ଶିଶୁମାନଙ୍କର ପାଳିକା ଓ ରକ୍ଷାକାରିଣୀ । ଶିଶୁ ଜନ୍ମର 'ଷଠି' ଓ 'ଏକୋଇଶା' ଦିନ ଏହାଙ୍କ ପୂଜା କରାଯାଏ । ଅପୁତ୍ର ବ୍ୟକ୍ତି ଏକବର୍ଷ ଷଷ୍ଠୀଦେବୀଙ୍କ ସ୍ତବ ଶ୍ରବଣ କଲେ ପୁତ୍ରଲାଭ କରେ ଓ ରୁଗ୍ଣ ସନ୍ତାନ ନୀରୋଗ ହୁଏ । ସନ୍ତାନବତୀ ରମଣୀମାନଙ୍କର ପ୍ରତିମାସର ଶୁକ୍ଳ ଷଷ୍ଠୀରେ ନିଜ ନିଜର ସନ୍ତାନଙ୍କ ମଙ୍ଗଳାର୍ଥ ଷଷ୍ଠୀ ବ୍ରତ ଉଦ୍‌ଯାପନ ବିଧେୟ । (ଷଷ୍ଠୀ ୪ର୍ଥ ଅର୍ଥ ତଳେ ଟୀକା ଦେଖ ।)

ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଏ ଷଷ୍ଠୀଙ୍କ ଚକ୍ଷୁରେ ସ୍ୱପ୍ନରେ ଓ ଯୁବତୀ ରୂପ ଧାରଣ କରନ୍ତି ଏବଂ ଶିଶୁମାନଙ୍କ ରକ୍ଷିବାରୂପେ ମାତୃରୂପା, ଦୟାରୂପା, ରକ୍ଷଣରୂପା, ବୃଦ୍ଧ-ରୂପା ଓ ଯୋଗିନୀରୂପା ହୁଅନ୍ତି ।

ବୃହତ୍‌ନାରଦୀୟରେ ଶିଶୁଜନ୍ମର ଷଷ୍ଠ ଦିବସରେ କାନ୍ଥରେ ଏହାଙ୍କର ରୂପ ଗଢ଼ାଯାଇ ବା ପିତୁଳା ସ୍ଥାପିତ ହୋଇ ପୂଜା କରାଯାଏ । ଏ ପୁତ୍ରଦା, ସୁଖଦା । କଥିତ ଅଛି ଯେ, ଶିଶୁ-ମାନଙ୍କୁ ସର୍ବଦା ଏ ଜଗିଥାଆନ୍ତି ଓ ଶିଶୁ ଶୋଇ ପଡ଼ିଲେ ତାକୁ ଉଠାଇ ଦିଅନ୍ତି ଓ ଶିଶୁ ଶୋଇଲା ବେଳେ ତାକୁ ସ୍ୱପ୍ନ ଦେଖାଇ ହସାନ୍ତି ଓ କନ୍ଦାନ୍ତି । ପ୍ରତି ଶୁକ୍ଳ ଷଷ୍ଠୀରେ ଓ ବିଶେଷତଃ ଭାଦ୍ର ଶୁକ୍ଳ ଷଷ୍ଠୀ ଦିନ (ଷଠୀ ଓଷାରେ) ଏହାଙ୍କର ପୂଜା ହୁଏ । ଏହାଙ୍କୁ ଶାଳଗ୍ରାମ ଶିଳାରେ, ଘଟରେ, ବଟମୂଳରେ ପୂଜା କରାଯାଏ ଓ କାନ୍ଥରେ ମାଟିରେ ପିତୁଳା ସ୍ଥାପନ କରି ପୂଜା କରାଯାଏ । ଏହାଙ୍କ ଧ୍ୟାନରେ ଏ 'ଶ୍ୱେତଚମ୍ପକବର୍ଣ୍ଣାଭା, ରତ୍ନଭୂଷଣ ଭୂଷିତା ଓ ପବିତ୍ର ରୂପା' ବୋଲି ବର୍ଣ୍ଣିତ ହୋଇଅଛନ୍ତି ।

ତିଥିକୃତ୍ୟତତ୍ତ୍ୱରେ ଜ୍ୟୈଷ୍ଠ ମାସ ଶୁକ୍ଳ ଷଷ୍ଠୀ ବା ଅରଣ୍ୟ ଷଷ୍ଠୀରେ ବର୍ଣ୍ଣିତ ଧ୍ୟାନରେ ଏହାଙ୍କୁ ଦ୍ୱିଭୁଜା, ଯୁବତୀ, ବରାଭୟହସ୍ତା, ଗୌରବର୍ଣ୍ଣା, ବିନ୍ଧ୍ୟବାସିନୀ, ଦିବ୍ୟ ବସ୍ତ୍ର ପରିହିତା, ପୀନୋନ୍ନତପୟୋଧରା ରୂପେ କଳ୍ପନା କରାଯାଇ ଅଛି । ଏ ଦିନ ସ୍ତ୍ରୀମାନେ ତାଳବୃନ୍ତ ଓ ଅନ୍ୟାନ୍ୟ ପୂଜା ଦ୍ରବ୍ୟ ସହ ବନକୁ ଯାଇ ସେଠାରେ ଅରଣ୍ୟ ଷଷ୍ଠୀ ଦେବୀଙ୍କ ପୂଜା, ତଦୁପାଖ୍ୟାନ ଶ୍ରବଣ ଓ ଫଳ ମୂଳାଦି ସେବନ କରନ୍ତି । ଏ ବ୍ରତ କଲେ ସନ୍ତାନ ସନ୍ତତି ଦୀର୍ଘାୟୁଃ ଓ ଐଶ୍ୱର୍ଯ୍ୟଶାଳୀ ହୁଅନ୍ତି । ପୁତ୍ରର ବା କନ୍ୟାର ଜନ୍ମର ଷଷ୍ଠ ଦିନ ରାତ୍ରିରେ ସୂତିକା ଗୃହରେ ଷଷ୍ଠୀଦେବୀଙ୍କର ଯେଉଁ ପୂଜା ହୁଏ ତାକୁ ସୂତିକା ଷଷ୍ଠୀ ପୂଜା ବୋଲାଯାଏ । ସେ ଦିନ ସନ୍ତାନକୁ ଗୋଟିଏ ବ୍ୟଞ୍ଜନ ଉପରେ ବସାଯାଇ ଥିବା ଲୁଗା ଉପରେ ଶୁଆଇ ଷଷ୍ଠୀଦେବୀଙ୍କ ଚରଣରେ ପିଲାକୁ ସମର୍ପଣ କରାଯାଏ । ଷଷ୍ଠୀଦେବୀଙ୍କ ବାହନ କୃଷ୍ଣ ମାର୍ଜାର ଓ ଆବାସ ଅଶ୍ୱତ୍ଥ ବୃକ୍ଷ—ବିଶ୍ୱକୋଷ ।

ଏହାଙ୍କର ଅଷ୍ଟାକ୍ଷର ମନ୍ତ୍ର 'ଓଁ ହ୍ରୀଂ ଷଷ୍ଠୀଦେବ୍ୟୈ ସ୍ୱାହା ।' ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରକୃତିଖଣ୍ଡ ୧ମ ଓ ୪୦ଶ ଅଧ୍ୟାୟରେ ଏହାଙ୍କର ପୂଜା, ଧ୍ୟାନ ଓ ସ୍ତୋତ୍ର ଆଦି ବର୍ଣ୍ଣିତ ହୋଇଅଛି ।] ୩ । (ବ୍ୟାକରଣ) ବିଶେଷ୍ୟ ଓ ବିଶେଷଣର ବିଭକ୍ତି ବିଶେଷ; ସମ୍ବନ୍ଧ ପଦ ଯୁକ୍ତ ବିଭକ୍ତି—
3. (grammar) The 6th case (genitive) of a noun or adjective. [ଦ୍ର—ଏହାର ଚିହ୍ନ 'ର' । ବ୍ୟାକରଣରେ ଷଷ୍ଠୀ ନାନା ପ୍ରକାର, ତନ୍ମଧ୍ୟରୁ କେତେ ଗୋଟି ଉଦାହରଣ ଏଠାରେ ଦିଆ ଯାଉଅଛି ।

କ । ସମ୍ବନ୍ଧେ ଷଷ୍ଠୀ—ଯଥା—ମୋ ପୁସ୍ତକ; କିଏ କହୁଥାଏ କାହାର କଥା, କାଣିକି ଲାଗିଛି ବିଅର ଚିନ୍ତା ।

ଖ । କର୍ତ୍ତା ସ୍ଥଳରେ ଷଷ୍ଠୀ, ଯଥା—ମୋ ଖାଇବା, ମୋ ଜାଣିବା, ପକ୍ଷୀଙ୍କ ଚେଇଁ ।

ଗ । ଉଭୟ ପ୍ରାପ୍ତିରେ କର୍ମରେ ଷଷ୍ଠୀ (ଯେଉଁଠାରେ କର୍ତ୍ତା ଓ କର୍ମ ଉଭୟ ସ୍ଥାନରେ ଷଷ୍ଠୀ ହୋଇ ପାରେ, ଯଥା—ଶିଶୁର ଦୁଗ୍ଧପାନ କମ୍ପା ଶିଶୁଦ୍ୱାରା ଦୁଗ୍ଧର ପାନକ୍ରିୟା ।

ଘ । ବର୍ତ୍ତମାନ କାଳ ବିହିତ ତ, କ୍ତ ଆଦି ପ୍ରତ୍ୟୟ ପ୍ରୟୋଗେ କର୍ତ୍ତା ସ୍ଥଳରେ ଷଷ୍ଠୀ, ଯଥା—ମହାତ୍ମା ଗାନ୍ଧୀ ବର୍ତ୍ତମାନ ସଭ୍ୟ-ଜଗତରେ ସମସ୍ତଙ୍କର ବିଦିତ ଅଟନ୍ତି । ଏ ପୁସ୍ତକ ମୋର ଜ୍ଞାତ୍ୟ ।

ଙ । କର୍ମ ସ୍ଥଳରେ ଷଷ୍ଠୀ; ଯଥା—ଗୁରୁଙ୍କ ସେବା; ରୋଗୀର ଚର୍ଯ୍ୟା ।

ଚ । ନିମିତ୍ତାର୍ଥ ଶବ୍ଦ ଯୋଗେ ଷଷ୍ଠୀ, ଯଥା—ତାହାଙ୍କ ଲାଗି ମୁଁ ଯୋଗୀ ହୋଇଯିବି; ତାଙ୍କ ପାଇଁ ସିନା ମୁଁ ଏଠାକୁ ଆସିଛି ।

ଛ । ହେତ୍ୱର୍ଥ ଶବ୍ଦ ଯୋଗେ ଷଷ୍ଠୀ, ଯଥା—ତାଙ୍କ ହେତୁ ମୁଁ ଜଗତରେ ବିଖ୍ୟାତ ହେଲି ।

ଜ । ତୁଲ୍ୟାର୍ଥ ଶବ୍ଦ ଯୋଗେ ଷଷ୍ଠୀ, ଯଥା—ସେ ତାଙ୍କ ତୁଲ୍ୟ ବଳବାନ୍ ।

ଝ । ଦିଗ ବା ଅବଚ୍ଛିନ୍ନବାଚକ ଅଗ ପଛ ଆଦି ପ୍ରୟୋଗ ସ୍ଥଳରେ, ଯଥା—ମନ୍ଦିରର ଉତ୍ତରରେ, ତାଙ୍କ ସମ୍ମୁଖରେ, ରଜାଙ୍କ ପଛରେ ଲୋକେ ଯାଉଛନ୍ତି ।

ଞ । ବିବକ୍ଷାରେ ଷଷ୍ଠୀ (ବକ୍ତାର ବୋଲିବା ଇଚ୍ଛାନୁସାରେ ଅନ୍ୟ ବିଭକ୍ତି ସ୍ଥଳରେ ମଧ୍ୟ ଷଷ୍ଠୀ ହୁଏ) ଯଥା—ତାର ମୋର ଏକାଠେଇଁ ଗଲୁଁ; ମୁରଲି ! ତୋର ଶରଣ ଗଲୁ ରେ (ସଙ୍ଗୀତ); ସେ ବନର ଭିନ୍ନଥିବ ଖାଉଛି; ମେଘ ମନ୍ଦ୍ର ଅବିରତ ଧ୍ୱନିଲା ଆକାଶର—ମଧୁସୂଦନ. କଷ୍ଟ ପ୍ରଭ ।

ଟ । ଅଭେଦେ ଷଷ୍ଠୀ, ଯଥା—ପେଖ ଚନ୍ଦ୍ରାର ଲୋଚନ କର କର ନିରୀକ୍ଷଣ; ଧନର ଏ ମର କଳେବର—ମଧୁସୂଦନ ଜୀବନଚନ୍ଦ୍ର ।

ଠ । ବିଶେଷଣ ଷଷ୍ଠୀ, ଯଥା—ସନ୍ତାପର ସିଂହାସନ ହେଲା ସିନା ଲଭ—ରାଧାନାଥ. ମହାଯାତ୍ରା ।

୪ । ଚନ୍ଦ୍ରଙ୍କର ହ୍ରାସ ଓ ବୃଦ୍ଧିଜନିତ ଷଷ୍ଠ କଳାଯୁକ୍ତ ତିଥି—4. The 6th day of a lunar fortnight. [ବି—ଏହା ଶୁକ୍ଳ ଓ କୃଷ୍ଣ ଭେଦରେ ଦୁଇ ପ୍ରକାର । ଶୁକ୍ଳପକ୍ଷରେ ଶୁକ୍ଳା ଷଷ୍ଠୀ ବା ଶୁକ୍ଳ ଷଷ୍ଠୀ ଓ କୃଷ୍ଣ ପକ୍ଷରେ କୃଷ୍ଣା ଷଷ୍ଠୀ ବା କୃଷ୍ଣ ଷଷ୍ଠୀ ।

ସାଧାରଣତଃ କୃଷ୍ଣପକ୍ଷର ତିଥିମାନଙ୍କରେ ବ୍ରତ ଓ ପୂଜା ଆଦିର ବିଧାନ ନାହିଁ । ଶୁକ୍ଳ ଷଷ୍ଠୀରେ ବ୍ରତ, ପୂଜା ଓ ଉପବାସାଦି ବିଧେୟ ।

ସ୍କନ୍ଦପୁରାଣରେ ପ୍ରତି ମାସର ଶୁକ୍ଳପକ୍ଷର ଷଷ୍ଠୀମାନଙ୍କର ଭିନ୍ନ ଭିନ୍ନ ନାମ ଅଛି । ଯଥା—

ବୈଶାଖ ମାସର (ଶୁକ୍ଳ)—ଚନ୍ଦନା ଷଷ୍ଠୀ ।
ଜ୍ୟେଷ୍ଠ (ଶୁକ୍ଳ)—ଅରଣ୍ୟ ଷଷ୍ଠ ବା ଶ ତଳ ଷଷ୍ଠୀ (ଶିବପାର୍ବତୀଙ୍କ ବିବାହ ଉତ୍ସବ ବା ଦେବ ବିଭା); ବଙ୍ଗଦେଶରେ ଏ ଷଷ୍ଠୀର ନାମ 'ଜାମାଇ ଷଷ୍ଠୀ' ।
ଆଷାଢ଼ (ଶୁକ୍ଳ)—କାର୍ଦ୍ଦମୀ ଷଷ୍ଠୀ ।
ଶ୍ରାବଣ (ଶୁକ୍ଳ)—ଲୁଣ୍ଠନା ଷଷ୍ଠୀ ।
ଭାଦ୍ର (ଶୁକ୍ଳ)—ଚପେଟା ଷଷ୍ଠୀ, ମନ୍ଥନ ଷଷ୍ଠୀ, ଷଷ୍ଠୀ ଦେବୀଙ୍କ ପୂଜା (ଷଠୀ ଓଷା) ।
ଆଶ୍ୱିନ—(କୃଷ୍ଣ)—ଖାଃ ଷଷ୍ଠୀ (ଗଜ ପୂଜା) ।
ଆଶ୍ୱିନ (ଶୁକ୍ଳ)—ଦୁର୍ଗା ଷଷ୍ଠୀ (ଦୁର୍ଗାଙ୍କର ଶାରଦୀୟା ମହାପୂଜାର ଅଧିବାସ) ।
କାର୍ତ୍ତିକ (ଶୁକ୍ଳ)—ନାଡ଼ୀ ଷଷ୍ଠୀ (ସ୍କନ୍ଦ ପୂଜା)
ମାର୍ଗଶିର (ଶୁକ୍ଳ)—ମୂଳକ ଷଷ୍ଠୀ; ପ୍ରାବରଣ ବା ଓଢ଼ଣ ଷଷ୍ଠୀ; ଗୁହ ଷଷ୍ଠୀ ।
ପୁଷ [ଶୁକ୍ଳ]—ଅନ୍ନ ଷଷ୍ଠୀ [ଲକ୍ଷ୍ମୀ ପୂଜା] ।
ମାଘ [ଶୁକ୍ଳ]—ଶୀତଳା ଷଷ୍ଠୀ ।
ଫଗୁଣ [ଶୁକ୍ଳ]—ଗୋ ଷଷ୍ଠୀ ।
ଚୈତ୍ର (ଶୁକ୍ଳ)—ଅଶୋକ ଷଷ୍ଠୀ, ବାସନ୍ତୀ ଷଷ୍ଠୀ ବା ସ୍କନ୍ଦ ଷଷ୍ଠୀ (କାର୍ତ୍ତିକେୟ ପୂଜା ଓ ଉପବାସ ।)

ମତାନ୍ତରେ ଫାଲ୍‌ଗୁନ କୃଷ୍ଣ ଷଷ୍ଠୀକୁ ସ୍କନ୍ଦ ଷଷ୍ଠୀ ବୋଲାଯାଏ । ଷଷ୍ଠରେ ଦେହରେ ତୈଳ ଲଗାଇବା ନିଷିଦ୍ଧ; ଷଷ୍ଠୀରେ ଯାତ୍ରା କଲେ ଲୋକ ବ୍ୟାଧିଯୁକ୍ତ ହୁଏ । ଷଷ୍ଠୀ ତିଥିରେ ଜାତ ବ୍ୟକ୍ତି ବିଦ୍ୱାନ୍, ବରିଷ୍ଠ, ଚତୁର, ସୁକୀର୍ତ୍ତି, ପ୍ରଲମ୍ବବାହୁ, କଣ୍ଠଲଗ୍ନ ଗାତ୍ର, ସତ୍ୟପ୍ରତିଷ୍ଠ, ଧନ-ପୁତ୍ରଯୁକ୍ତ ଓ ତପସ୍ୱୀ ହୁଅନ୍ତି ।

ଷଷ୍ଠୀ ତତ୍ପୁରୁଷ—ସଂ. ବି (ବ୍ୟାକରଣ)—ସମାସ ବିଶେଷ; ଯେଉଁ Shasṭhhi tatpurusha ସମାସରେ ପୂର୍ବପଦ ଷଷ୍ଠୀବିଭକ୍ତି-ବିଶିଷ୍ଟ ଥାଇ ଉତ୍ତର ପଦ ସଙ୍ଗେ ଯୁକ୍ତ ହୋଇଥାଏ—[ଯଥା--ନୃପାଗାର, ବୃକ୍ଷମୂଳ] A compound formed, of 2 words, the 1st word being in genitive in reference to the 2nd word.

ଷଷ୍ଠୀ ଦେବୀ—ସଂ ବି—ଷଷ୍ଠୀ ୨ (ଦେଖ) Shashṭhi debī Sashthī 2 (See)

ଷଷ୍ଠୀ ପୂଜା—ସଂ. ବି—୧ । ଶିଶୁର ଜନ୍ମର ଷଷ୍ଠ ଦିନ କର୍ତ୍ତବ୍ୟ ଷଷ୍ଠୀ Shashṭhī pūjā ଦେବୀ ପୂଜା ଓ ଉତ୍ସବ—ceremouy of worshipping the Shashṭhī Goddess on the 6th day of a child's birth. ୨ । ସନ୍ତାନ ଜନ୍ମ ହେବାର ଏକବିଂଶ ବା ଏକୋଇଶା ଦିନ କରାଯିବା ଷଷ୍ଠୀ ଦେବୀଙ୍କ ପୂଜା—2. Worship of Shashṭhī Debī done on the 21st day of a child's birth. ୩ । ଭାଦ୍ର ଶୁକ୍ଳ ଷଷ୍ଠୀରେ କର୍ତ୍ତବ୍ୟ ଷଷ୍ଠୀଦେବୀଙ୍କ ପୂଜା; ଷଠି ଓଷା—3. The worship of Shasṭhhī Debī on the 6th of the bright lunar fort night ot Bhādra.

ଷଷ୍ଠୀ ବିଭକ୍ତି—ସଂ. ବି—ଷଷ୍ଠୀ ୩ (ଦେଖ) Shasṭhī bibhakti Shashṭhi 3 [See]

ଷାଠ ଘର—ଦେ. ବି—ଷାଠୁଆ ବ୍ୟକ୍ତିର ବଂଶ—The family of Shāṭha ghara an intelligent person. (ଢ—ବୁଦ୍ଧିମାନ ବଂଶ ଷାଠ ଘର ପୁଅ ଷାଠୁଆ । ଷାଠ ଘର ପୁଅ ଷାଠୁଆ ବୁଦ୍ଧିମାନ କୁଳ (ଷାଠୁଆ ଘର—ଷଣ୍ଢଗୁଣ) —ଢଗ ।)

ଷାଠି—ଦେ. ବି (ସଂ. ଷଷ୍ଟି)—ଷଷ୍ଟି; ୬୦—Sixty. ଦେ. ବିଣ—Shāṭhi ଷଷ୍ଟି ସଂଖ୍ୟକ—Numbering sixty. (ତୁ—षाट, षाठ, षाटि, षाठी, साठ । ଷାଠୀ ସହସ୍ର ଏକବାର । ମଇଲେ ସଗର କୁମର—ଜଗନ୍ନାଥ. ଭାଗବତ ।)

ଷାଠିଆ—ଦେ. ବିଣ (ସଂ. ଷଷ୍ଟିକ)—ଷାଠିଏ ସଂଖ୍ୟା ସମ୍ବନ୍ଧୀୟ—Shāṭhiā Relating to the number sixty. ଦେ० षाठ सम्बन्धीय, साठिया । ବି—୧ । ଷାଠିକା (ଦେଖ)—Shāṭhikā (See) ୨ । ମରହଟ୍ଟୀ ବଂଶୋପାଧିବିଶେଷ—2. A family title amongst the Marhattas. [ଶିବଭଟ୍ଟ ଶବ୍ଦେ ଟୀକା ଦେଖ]

ଷାଠିୟା ଭାଗୀରଥି—ଦେ. ବି (ନାମ)—ଉତ୍କଳରେ ଅଧିବାସ କରିଥିବା ଜଣେକ ସ୍ୱର୍ଗୀୟ ମରହଟ୍ଟା ବ୍ରାହ୍ମଣ—Shāṭhiyā Bhāgirathi Name of a late Marhatta Brahman domiciled in Orissa.

[ଟି—ଭାଗୀରଥି ଷାଠିୟା ଓଡ଼ିଶାର ମହାରାଷ୍ଟ୍ରଶାସକ ସୁବାଦାର ଶିବଭଟ୍ଟ ଷାଠିୟା (ସାମନ୍ତରାଏ)ଙ୍କ ବଂଶଧର । ଏହି ବଂଶର ପଞ୍ଚମ ପୁରୁଷରେ ସନ ୧୮୪୪ ଖ୍ରୀଷ୍ଟାବ୍ଦରେ ଏ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ଅଢ଼େଇ ବର୍ଷ ବୟସ ସମୟରେ ଏହାଙ୍କ ପିତା ପଣ୍ଡିତ ରାମଚନ୍ଦ୍ର ଷାଠିୟା ସନ୍ନ୍ୟାସ ଧର୍ମବ୍ରତ ଅବଲମ୍ବି ହୋଇ ତାଙ୍କର କନିଷ୍ଠ ଭ୍ରାତା ଓ ଏକମାତ୍ର ଶିଶୁ ପୁତ୍ର ଭାଗୀରଥିଙ୍କୁ ମହାରାଷ୍ଟ୍ରରାଜାଙ୍କ ପ୍ରଦତ୍ତ ପ୍ରଭୂତ ସମ୍ପତ୍ତିର ଅଧିକାରୀ କରି ଗୃହତ୍ୟାଗ କରିଥିଲେ । ରାମଚନ୍ଦ୍ର ଷାଠିୟା ସାତଗୋଟି ଭାଷାରେ ବିଶେଷ ବ୍ୟୁତ୍ପତ୍ତି ଲାଭ କରିଥିଲେ ଏବଂ ତତ୍କାଳୀନ ବିଶେଷ ଅଦୃତ ଓ ପ୍ରଚଳିତ ପାରସୀ ଓ ଆରବୀ ଭାଷାରେ ଅନେକ ଗ୍ରନ୍ଥ ମଧ୍ୟ ରଚନା କରିଥିଲେ । ଅତି ଶୈଶବରେ ହଠାତ୍ ଅଭିଭାବକଶୂନ୍ୟ ହେବାରୁ ଭାଗୀରଥିଙ୍କ ପାରିବାରିକ ଅବନତି ସଙ୍ଗେ ସଙ୍ଗେ ଉଚ୍ଚଶିକ୍ଷାର ପ୍ରତିବନ୍ଧକ ମଧ୍ୟ ଉପସ୍ଥିତ ହୋଇଥିଲା । ଏକମାତ୍ର ଅଭିଭାବକ ବୃଦ୍ଧା ଖୁଡ଼ୀମାଆଙ୍କ ଯତ୍ନରେ ସେ ତତ୍କାଳୀନ ପ୍ରତିଷ୍ଠିତ କଟକର ବଙ୍ଗଳା ସ୍କୁଲରେ ମଧ୍ୟବର୍ତ୍ତୀବୃତ୍ତିର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଅଳ୍ପକାଳ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନର ସୁଯୋଗ ପାଇବା ପରେ କଲିକତାରେ ଡାକ୍ତରୀ ପଢ଼ିବା ନିମନ୍ତେ ଏ ଗୋଟିଏ ବୃତ୍ତି ପାଇଥିଲେ, କିନ୍ତୁ ସେ ସମୟରେ କଲିକତା ଯିବା କଷ୍ଟସାଧ୍ୟ ଓ ବ୍ୟୟସାପେକ୍ଷ ଥିବାରୁ ଅଗତ୍ୟା ସେ ଏ ସଙ୍କଳ୍ପ ତ୍ୟାଗ କରି କଟକରେ ସରକାରୀ ଚାକିରି ଅନ୍ୱେଷଣରେ ପ୍ରବୃତ୍ତ ହୋଇଥିଲେ । ତାଙ୍କ ପିତାଙ୍କର ପ୍ରିୟ ବାଲ୍ୟବନ୍ଧୁ ଓ ପ୍ରତିବେଶୀ ଡେପୁଟୀ ମାଜିଷ୍ଟ୍ରେଟ ସ୍ୱର୍ଗତ ଜଗମୋହନ ରାୟ ତାଙ୍କ ଅବସ୍ଥାର ପରିଚୟ ପାଇ କଟକ କଲେକ୍ଟରୀ ଅଫିସରେ ତାଙ୍କୁ ଗୋଟିଏ କିରାଣୀ କାର୍ଯ୍ୟରେ ଲଗାଇ ଦେଇଥିଲେ । ସେ ଛଅ ସାତ ବର୍ଷକାଳ କାର୍ଯ୍ୟ ମଧ୍ୟରେ ଡମ୍ପିଲସ (ମଦଲସ୍ଥ) କିରାଣୀ ଓ ହେଡ଼ ପେସ୍କାର ପ୍ରଭୃତି ସରକାରୀ କାର୍ଯ୍ୟ ଦକ୍ଷତାସହ ସମ୍ପାଦନକରି ଉପରିସ୍ଥ ହାକିମମାନଙ୍କର ପ୍ରଶଂସାଭାଜନ ହୋଇଥିଲେ ।

ଏହି ସମୟରେ ଓଡ଼ିଆ ଭାଷାର ଉନ୍ନତିକଳ୍ପେ ୧୮୬୬ ଖ୍ରୀଷ୍ଟାବ୍ଦରେ କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀ ପ୍ରତିଷ୍ଠା ପାଇଁ ଜଗମୋହନ, ଗୌରୀଶଙ୍କର ପ୍ରଭୃତି ଉତ୍କଳହିତୈଷୀ ମନୀଷିବର୍ଗ ପ୍ରାଣପଣ ଉଦ୍ୟମ କରୁଥିଲେ । ପ୍ରେସ୍ ପାଇଁ ଜଣେ ସତ୍, ପରିଶ୍ରମୀ, ସାହସୀ ଓ ସୁଦକ୍ଷ ଲୋକର ଦରକାର ହେବାରୁ ଜଗମୋହନ ରାୟ [କମ୍ପାନୀର ଅଂଶୀଦାର] ଭାଗୀରଥିଙ୍କୁ ସେହି କାର୍ଯ୍ୟ ପାଇଁ ଉପଯୁକ୍ତ ବିବେଚନା କରି କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀରେ ନିଯୁକ୍ତ କରାଇଲେ ।

ସେ କାଳରେ ମୁଦ୍ରଣ କାର୍ଯ୍ୟ ପାଇଁ ସୀସା ଅକ୍ଷର (Type) ସଂଯୋଗରେ ପ୍ରଚଳିତ ହୋଇ ନ ଥିଲା । ଗୋଟିଏ ପ୍ରସ୍ତରଫଳକ ଉପରେ ଅକ୍ଷର ଲେଖି ତହିଁ ଉପରେ କାଳି ମର୍ଦ୍ଦାଇ ଛାପା କାର୍ଯ୍ୟ (Lithography) ହେଉଥିଲା । ଭାଗୀରଥିଙ୍କର ହସ୍ତଲିପି ସୁନ୍ଦର ଓ ସରଳ ଥିବାରୁ ତାଙ୍କ ହାତଲେଖାଦ୍ୱାରା ଓଡ଼ିଆ ପୁସ୍ତକ, ପଞ୍ଜିକା ପ୍ରଭୃତି ଛାପା ହେଉଥିଲା । ତାଙ୍କ ହସ୍ତଲିପିର ନିଦର୍ଶନସ୍ୱରୂପ ପ୍ରିଣ୍ଟିଙ୍ଗ୍‌କମ୍ପାନୀକର୍ତ୍ତୃକ ପ୍ରକାଶିତ ପୁରାତନ ପଞ୍ଜିକାର ପ୍ରତିକୃତି ଏ ସନ୍ଦର୍ଭ ତଳେ ପ୍ରକାଶ କରାଗଲା । କ୍ରମେ ସୀସା ଅକ୍ଷର ପ୍ରଚଳିତ ହେବାରୁ ସେ ଏହି କଠିନ କାର୍ଯ୍ୟରୁ ଅବ୍ୟାହତି ପାଇ ତାଙ୍କର କାର୍ଯ୍ୟଦକ୍ଷତା ଓ ନ୍ୟାୟପରାୟଣତା ଯୋଗୁଁ କମ୍ପାନୀର କାର୍ଯ୍ୟରେ କ୍ରମୋନ୍ନତି ଲାଭକରି ପ୍ରିଣ୍ଟର୍ କାର୍ଯ୍ୟ ପାଇଥିଲେ ଓ ଏକାଦିକ୍ରମେ ଉକ୍ତ କମ୍ପାନୀରେ ଅଣଚାଶ ବର୍ଷ କାର୍ଯ୍ୟ କରିଥିଲେ । ଏ କମ୍ପାନୀର ବ୍ୟୟରେ ସାମୟିକ କଲିକତା ଯାଇ ଗଭର୍ଣ୍ଣମେଣ୍ଟ ପ୍ରିଣ୍ଟିଙ୍ଗ୍ ୱାର୍କସ୍‌ରେ ନୂତନ ପ୍ରଣାଳୀର ଛାପା କାର୍ଯ୍ୟମାନ ଶିଖିଆସି କର୍ମଚାରୀମାନଙ୍କୁ ଶିକ୍ଷା ଦେଉଥିଲେ ଓ କମ୍ପାନୀର କାର୍ଯ୍ୟକୁ ସମୟୋପଯୋଗୀ ଓ ଲାଭଜନକ କରାଇଥିଲେ ।

ସେ ଅବସର ସମୟରେ ସାହିତ୍ୟ ଚର୍ଚ୍ଚା ସହିତ ବିବିଧ ଶିଳ୍ପ କାର୍ଯ୍ୟରେ ମଧ୍ୟ ବ୍ୟାପୃତ ରହୁଥିଲେ । ନାନାବିଧ ଶିଳ୍ପ ବିଷୟକ କାର୍ଯ୍ୟ ସେ ନିଜେ ଶିଖି କରି କଟକର ଶିଳ୍ପୀ ଓ କାରିଗରମାନଙ୍କୁ ଶିଖାଉଥିଲେ । ତନ୍ମଧ୍ୟରୁ କେତୋଟି ମାତ୍ର ଏଠାରେ ଉଲ୍ଲେଖ କରାଗଲା; ଯଥା—ବହି ବାନ୍ଧିବା, ରବର ଷ୍ଟାମ୍ପ୍ ପ୍ରସ୍ତୁତ କରିବା, ସୀସା ଟାଇପ୍ (ଅକ୍ଷର) ପ୍ରସ୍ତୁତ ହେବା ପାଇଁ ଛାଞ୍ଚ (Mould) କରିବା, ଲୁଗା ଛାପିବା, ସିଲାଇ ମେସିନ୍ ଆଣି ଦରଜୀମାନଙ୍କୁ ମେସିନ୍‌ଦ୍ୱାରା ସିଲାଇ ଶିଖାଇବା, ଘଣ୍ଟା ମରାମତି, ହାଣ୍ଡଷ୍ଟୋନ୍, କ୍ଲକ୍, ଗ୍ରାମୋଫୋନ୍, କାଠ, ଲୁହା, ସୁନା, ରୁପା ପ୍ରଭୃତି ଧାତୁରେ ନାନା କାରୁକାର୍ଯ୍ୟ, Electro plating (ମୁଲମ୍ବା) ଓ guilding (ଗିଲ୍ଟି କରିବା) ପ୍ରଭୃତି କାର୍ଯ୍ୟ ନିଜର ଅଦମ୍ୟ ଅଧ୍ୟବସାୟଦ୍ୱାରା ଶିଖି କରି ଅନ୍ୟ ଲୋକମାନଙ୍କୁ ସେ ଶିକ୍ଷା ଦେଉଥିଲେ ।

ଉପର୍ଯ୍ୟୁକ୍ତ କାର୍ଯ୍ୟମାନ ଅଧୁନା ଅତି ପ୍ରଚଳିତ ହେଲେ ମଧ୍ୟ ଭାଗୀରଥି କଟକରେ ପ୍ରଥମେ ଏହାର ଅଙ୍କୁର ରୋପଣ କରିଥିଲେ । ସେ ସୁଦୂର ପଲ୍ଲୀ ଗ୍ରାମମାନଙ୍କରୁ ସାହିତ୍ୟ, ପୁରାଣ ଓ ଅନ୍ୟାନ୍ୟ ବହୁମୂଲ୍ୟ ଓଡ଼ିଆ ପୋଥିମାନ ସଂଗ୍ରହ କରି ପ୍ରକାଶିତ କରାଇଥିଲେ । ସେ ନିଜେ ମଧ୍ୟ ଅନେକ ଗ୍ରନ୍ଥ ରଚନା କରି ଯାଇଥିଲେ । ବସ୍ତୁତଃ କହିବାକୁ ଗଲେ ଭାଗୀରଥି ପ୍ରମୁଖ କେତେଜଣ ଉଦ୍‌ଯୋଗୀ ବ୍ୟକ୍ତିଙ୍କର ସେ ସମୟରେ ଆବିର୍ଭାବ ହୋଇ ନ ଥିଲେ ଉତ୍କଳ ସାହିତ୍ୟ ଭଣ୍ଡାରରୁ ଅନେକ ବହୁମୂଲ୍ୟ ଗ୍ରନ୍ଥ ଲୋପ ପାଇ ଯାଇଥାନ୍ତା । 'ଉତ୍କଳ ସାହିତ୍ୟ'ର ସୁଯୋଗ୍ୟ ସମ୍ପାଦକ ୰ବିଶ୍ୱନାଥ କର ତାଙ୍କର ବହୁମୁଖୀ ପ୍ରତିଭା ଓ ସତ୍ୟନିଷ୍ଠା ସହିତ ବିଶେଷ ଭାବରେ ସଂପୃକ୍ତ ଥିଲେ । ସେ ଭାଗୀରଥିଙ୍କ ବିଷୟରେ ମନ୍ତବ୍ୟ ପ୍ରକାଶ କରି ଲେଖିଥିଲେ "Babu Bhagirathi Sathia in one of the pioneers in the field of Modern Oriya Literature" ଭାଗୀରଥି ନୀରବ ସାଧକ ଥିଲେ; ଯଶୋଲିପ୍ସା ତାଙ୍କର ନ ଥିଲା । ବଙ୍ଗଳା ଭାଷାର କବଳରୁ ଓଡ଼ିଆ ଭାଷାର ଉଦ୍ଧାର ସାଧନ ପାଇଁ ସେ ସମୟରେ ଉତ୍କଳରେ ଯେଉଁ ତୁମୁଳ ସଂଗ୍ରାମର ସୂତ୍ରପାତ ହୋଇଥିଲା ସେଥିରେ ସେ ଜଣେ ନିର୍ଭୀକ ବୀର ପୁରୁଷ ସଦୃଶ କର୍ତ୍ତବ୍ୟ ସାଧନ କରି ମାତୃଭାଷାର ମର୍ଯ୍ୟାଦା ରକ୍ଷା କରିଥିଲେ । ଉତ୍କଳ-ସାହିତ୍ୟଠାରୁ ଆରମ୍ଭ କରି ନୂଦ୍ ଚୌତିଶା, ଚଉପଦୀମାଳ ପ୍ରଭୃତି ପୁସ୍ତକ (ଯାହାର ଅନେକାଂଶ ସଙ୍କଳ ପ୍ରଚୁର ପରିମାଣରେ ଦେଖାଯାଏ ତାହା) ଭାଗୀରଥି ଓ ତାଙ୍କ କତିପୟ ବନ୍ଧୁ ଓ ପୃଷ୍ଠପୋଷକଙ୍କ ଉଦ୍ୟମରେ ପ୍ରଥମ ପ୍ରକାଶ ଲାଭ କରିଥିଲା । ସେ ପ୍ରିଣ୍ଟିଂ କମ୍ପାନୀଙ୍କର କାର୍ଯ୍ୟରୁ ଅବସର ନେବା ପରେ ୧୯୨୨ ମସିହା ମାଘ (ତ୍ରିବେଣୀ) ଅମାବାସ୍ୟା ଦିନ ପରଲୋକ ଗମନ କରିଥିଲେ । ବର୍ତ୍ତମାନ ତାଙ୍କର ବୃହତ୍ ପରିବାର କଟକସ୍ଥ ଆଲମଚାନ୍ଦ ବଜାରରେ ବାସ କରୁଅଛନ୍ତି ।

ସନ୍ଦର୍ଭ ଲେଖକ
ଶ୍ରୀ ନାରାୟଣ ପ୍ରସାଦ ଶାଠିଆ, ବି. ଏ

ଏହି ପରିବାରର ଶ୍ରୀ ଶ୍ୟାମସୁନ୍ଦର ଶାଠିଆ, ବେଦାନ୍ତ-ଭୂଷଣ, କବିରାଜ, ଜ୍ୟୋତିଷ ଓ ଫଟୋଗ୍ରାଫୀରେ ଧୁରନ୍ଧର ଅଛନ୍ତି, ବାବୁ ନାରାୟଣ ପ୍ରସାଦ ଶାଠିଆ ବି. ଏ., ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସରେ କାର୍ଯ୍ୟ କରନ୍ତି ଓ ଡାକ୍ତର କୃଷ୍ଣଚନ୍ଦ୍ର ଶାଠିଆ ଓ ଡାକ୍ତର କୈଳାସଚନ୍ଦ୍ର ଉଭୟ ସରକାରୀ ସବ୍ ଅସିଷ୍ଟାଣ୍ଟ ସର୍ଜନ ଅଛନ୍ତି । ଶ୍ରୀ ବସନ୍ତକୁମାର ଶାଠିଆ ଓ ହରିଶ୍ଚନ୍ଦ୍ର ଶାଠିଆ କଟକ ମ୍ୟୁନିସିପାଲିଟିରେ କାର୍ଯ୍ୟ କରନ୍ତି ।]

ଶାଠିଏ ବର୍ଷ ତଳର କଟକରେ ଓଡ଼ିଆ ପଥର ଛାପାର ନମୁନା



ଶାଠିଏ—ବି. ବି ଓ ବିଣ (ସଂଖ୍ୟାବାଚକ) (ସଂ. ଷଷ୍ଟି)—ଷଷ୍ଟି; ଛଅ ଗୁଣିତ ଦଶ—Sixty. ବି. ବି—ଶାଠିଏ ମାତ୍ର ବସ୍ତୁ—Sixty only. [ଯଥା—କଳି କାଳରେ ସାଧାରଣତଃ ମନୁଷ୍ୟର ଶାଠିଏ ପରମାୟୁ ।] ବି. ବିଣ—ବହୁ ସଂଖ୍ୟକ—Numbering many. [ଭି—ଶାଠିଏ ଘରୁ ଭିକ୍ଷା ଖାଇ ପଶା ଖେଳୁଥିବ; ନିତ୍ୟ—ଚଳ.]
Shāṭhie
ষাটষাটি साठ

ଶାଠିଏ କାହାଣ—ବି. ବି (ଅର୍ଥାତ୍ ଶାଠିଏ କାହାଣ ପରିମିତ କଉଡ଼ି; ପୂର୍ବେ ଟଙ୍କା ପଇସା ପରି କଉଡ଼ି ବ୍ୟବହୃତ ହେଉଥିବାରୁ)—ବହୁତ ଧନ—A large sum of money. [ଭି—ଶାଠିଏ କାହାଣ ଋଣକୁ ଅଛି, ତାର ଭଗବାନ କଡ଼ାଏ ନାହିଁ । ଚଳ]
Shāṭhie kāhāṇa
ষাটকাহান साटकाहान

ଶାଠିଏ ବାଟି ନାହାକାଣୀ—ବି. ସ୍ତ୍ରୀ—ବହୁତ ଭୂସମ୍ପତ୍ତିର ଅଧିକାରିଣୀ—A lady who is the owner of hundreds of acres of land. (ଶାଠିଏ ବାଟି ନାହାକଥଣୀ—ଅନ୍ୟରୂପ) (ଭି—ଶାଠିଏ ବାଟି ନାହାକଥଣୀ ଘରର ବାଡ଼ି ପଦାଡ଼ରେ ମାଗି ଖାଉଛି । ଚଳ)
Shāṭhie bāṭi nāhākāṇi
রাজরাজেশ্বরী सैकड़ा बिघाकी मालिकिनी

ଶାଠିକ—ବି. ବି ଓ ବିଣ (ସଂ. ଷଷ୍ଟିକ)—ଶାଠିଏ ମାତ୍ର—Sixty only. [ଭି—ଶାଠିକେ ଅସ୍ୱାଗ୍ନ ଶତ, ଅକର୍ଷ ଶାଳି ଭଗବାନ । ପ୍ରାଚୀ ଦୁର୍ଗସିଂହ ଭଞ୍ଜ କାବ୍ୟ ।]
Shāṭhika
ষাঠ साठ

ଷାଠିକା—ଦେ. ବି (ସଂ. ଷଷ୍ଟିକା)—ଷଷ୍ଟିକ ଧାନ୍ୟ (ଦେଖ)
Shāṭhikā Shashṭika dhānya (See) [ଦ୍ର—ଷାଠିଏ !
ষেঠে ଷାଠିଏ ଦିନେ ଧାନ୍ୟ ଶା । ଗ୍ରଡ଼ଙ୍କ ।]

ଷାଠିକିଆ -ଦେ. ବି (ସଂ. ଷଷ୍ଟିକା)—ଷାଠିଏ ସମ୍ବନ୍ଧୀୟ—
Shāṭhikiā Relating to sixty.
ষাটের (ଯଥା—ଷାଠିକିଆ ସୂତା=
साठिया yarn of sixty counts).

ଷାଡ୍‌ବ—ସଂ. ବି (ଷଡ଼୍=ଛଅ+ଅବ)—୧ । ଗୀତ, ଗାନ—
Shārḍaba 1. Song. ୨ । ରସ—2. Sentiment. ୩ ।
ସ୍ୱାଦ; ରସ—3. Taste. ୪ । ଛଅ ସ୍ୱରର ମିଳନ ରାଗ ବା
ରାଗିଣୀ—4. Name of tunes consisting of 6
notes; name of a mixed tune. [ଭ୍ର—
ଷାଡ୍‌ବେ ଗାଏ ଗୀତ ଷଡ଼ଧାବନ୍ତ । ଗୋଲ୍ଲେକ. ଉଦ୍-
ବେଖା ।] [ଦ୍ର—ସଙ୍ଗୀତ ଦର୍ପଣ ମତରେ ୫ ସ୍ୱର ମିଳିତ
ରାଗକୁ ଔଡ଼ୁବ, ୬ସ୍ୱର ମିଳିତ ରାଗକୁ ଷାଡ଼ବ ଓ ସପ୍ତସ୍ୱର
ମିଳିତ ରାଗକୁ ସମ୍ପୂର୍ଣ୍ଣ ବୋଲାଯାଏ ।] ୫ । (ବୈଦ୍ୟକ)
ଅମ୍ଳ ମଧୁର ଲବଣାଦି ଛଅ ସ୍ୱାଦଯୁକ୍ତ ସୁଗନ୍ଧଯୁକ୍ତ
ଦ୍ରବ୍ୟ ବିଶେଷ—5. Name of a sweet scented
mixture of ingredients having all the
6 tastes.

ଷାଡ୍‌ଗୁଣ୍ୟ—ସଂ. ବି (ଷଡ଼୍ ଗୁଣ+ସ୍ୱାର୍ଥେ. ଯ)—୧ । ଷଡ୍‌ଗୁଣ
Shārḍgunya (ଦେଖ)—1. Shārḍguna. (See) ୨ ।
ରାଜ୍ୟ ରକ୍ଷଣାର୍ଥ ରାଜାମାନଙ୍କ ଅନୁଷ୍ଠିତ ୬ଟି ଉପାୟ—
2. The six means adopted by kings
for protection of a kingdom.
[ଯଥା—ସନ୍ଧାନାସନ—ସନ୍ଧିସ୍ଥାପନ ପୂର୍ବକ ଅବସ୍ଥାନ—
Treaty. ଯାନାସନ—ଯୁଦ୍ଧାର୍ଥ ଅଭିଯାନ—Ex-
pedition. ବିଗୃହ୍ୟାସନ—ବୈରି କ୍ଷିତ୍ରାଦିରେ ଅବସ୍ଥାନ
Staying on the enemy's country after
oppressive acts ଯାହା• ସଂପରିଗୃହ୍ୟାସନ—
ଶତ୍ରୁକୁ ଭୟ ଦେଖାଇବା ପାଇଁ ଯାତାଦ ଦେଖାଇ ସ୍ୱ
ସ୍ଥାନରେ ଅବସ୍ଥାନ—Mobilisation. ଦ୍ୱୈଧୀଭାବ—
ଉଭୟ ଶତ୍ରୁ ଓ ମିତ୍ର ପକ୍ଷଙ୍କ ସଙ୍ଗେ ମିତ୍ରତା ସ୍ଥାପନ—
Neutrality. ଅନ୍ୟ ସଂଶ୍ରୟ—ଅନ୍ୟ ରାଜାଙ୍କ ଆଶ୍ରୟ-
Forming alliance.]

ଷାଣ୍ଢ—ଗ୍ରାଦେ. (ବସ୍ତୁର) ବି.—ଷଣ୍ଢ
Shānḍ A bull.

ଷାଣ୍ମାତୁର—ସଂ. ବି. ପୁ.—(ଷଟ୍+ମାତୃ+ଅପତ୍ୟାର୍ଥେ ଅ; ଛଅଗୋଟି
Shāṇmātura ମାତାଙ୍କର ସନ୍ତାନ) ଷଡ଼ାନନ; କାର୍ତ୍ତିକେୟ—
God Kārttikeya; Mahādeba's elder son.
[ଦ୍ର—ଏହାଙ୍କର ୬ ଗୋଟି ମାତାଙ୍କର ନାମ, ଯଥା—
କୃତ୍ତିକାଦ୍ୱୟ, ଦୁର୍ଗା, ଗଙ୍ଗା ଓ ପୃଥିବୀ; ମତାନ୍ତରେ ୬ଟି
କୃତ୍ତିକା ନକ୍ଷତ୍ର । ନକ୍ଷତ୍ର ଶବ୍ଦେ ଜୋତ୍ ଦେଖ ।]

ଷାଣ୍ମାସିକ—ସଂ. ବିଣ. (ଷଣ୍ମାସ+ଭବାର୍ଥେ ଇକ)—୧ । ଯାହା ଛଅ
Shāṇmāsika ମାସରେ ଥରେ ଘଟେ (ଯଥା—ପରୀକ୍ଷା) 1.
(a examination) Half-yearly; happening
or taking place once in every six
months. ୨ । ଛଅ ମାସ ସମ୍ବନ୍ଧୀୟ—2. Relating
to six months. ୩ । ଛଅମାସରେ ଥରେ ଦେୟ—
3. Payable once in six months. ୪ । ଛଅ
ମାସ ଅନ୍ତରରେ କର୍ତ୍ତବ୍ୟ (ଶ୍ରାଦ୍ଧ)—4. (Cere-
monies) Performable at intervals of 6
months. ୫ । ପ୍ରତି ୬ ମାସରେ ଥରେ ପ୍ରକାଶିତ—
5 (reports; periodicals) Published six
monthly

ଷାଣ୍ମାସ୍ୟ—ସଂ. ବିଣ—(ଷଣ୍ମାସ+ଯ—ଷାଣ୍ମାସ୍ୟ (ଦେଖ)
Shāṇmasya Shaṇmāsya (See)

ଷାତ୍ୱଣତ୍ୱିକ—ସଂ. ବିଣ. (ଷତ୍ୱଣତ୍ୱ+ଇକ)—ଦନ୍ତ୍ୟ ସ ବ୍ୟାକରଣର ସରୁ
Shātwaṇatwika ଷଧାନ ଓ ଣତ୍ୱ ବିଧାନ ପ୍ରତିପାଦକ
ବ୍ୟାକରଣ ଶାସ୍ତ୍ର—A grammatical treatise
dealing with the rules about Dental
S (ସ) becoming cerebral S (ଷ) and dental
n becoming cerebral n (ṇ).

ଷିଟ୍(ଟି)କା(କେ)ଇବା—ଦେ. କ୍ରି (ସ ଷିଟ୍‌ଧାତୁ=ଘୃଣା କରିବା)—
Shiṭ(ṭi)kā(ke)ibā ଘୃଣାରେ ନାସିକା କୁଞ୍ଚନ କରିବା—To
नाक सिटकाना contract the nose through disgust
नाक सिकोड़ना or hatred.

ଷିଟା(ଠା)ମ—ବୈଦେ. ବି. (ଇଂ ଷ୍ଟାମ୍ପ୍)—ଷ୍ଟାମ୍ପ (ଦେଖ)
Shiṭā(ṭhā)m Shṭāmp (See)
ষ্টাম্প स्टांप

ଷିଟାମ ଫରୋ(ରା)ସ୍—ବୈଦେ. ବି.—(ଇଂ. ଷ୍ଟାମ୍ପ ଓ ପା. ଫରୋଶ୍=
Shitām pharo(rā)s ବିକ୍ରେତା)—ଷ୍ଟାମ୍ପ ଭେଣ୍ଡର୍ (ଦେଖ)
ষ্টাম্প বিক্রেতা स्टाम्प फ़रोश Shṭāmp bhendar (See)
[ଷିଟାମ୍ ଫୁରୁସ୍ ଷିଟାମ୍ ଭେଣ୍ଡର୍—ଅନ୍ୟରୂପ]

ଷିଡ଼ଗ—ସଂ. ବିଣ. ପୁଂ-(ଷିଡ୍‌ଧାତୁ=ଘୃଣା କରିବା+କର୍ମ ଗ)-୧ । କାମୁକ-
Shirḍ-ga 1. Amorous; lustful; lecherous.
[ଷିଡ୍ଗ—ଅନ୍ୟରୂପ] ୨ । ଲମ୍ପଟ; ଲେଚ୍ଚା—2. Adulterous;
ଅନ୍ୟ ସ୍ତ୍ରୀ, କାମ—ଇତ୍ୟର୍ଥ, lewd. ୩ । ରସିକ—3.
ନାଗର, ବିଟଳ, ଚତୁର, ଧୂର୍ତ୍ତ, Gallant. ସଂ. ବି.—୧ ।
କାଳକ, ଷଡ଼୍‌ଗ୍ରାହ୍ୟ, କାମକେଳି, ଜାର ପୁରୁଷ; ଉପପତି—1.
ବହୁଗତ, ଶୀଠକେଳ, Paramour. ୨ । ଲମ୍ପଟବ୍ୟକ୍ତି
ପୀଠମର୍ଦ୍ଦ, ପଲ୍ଲବକ ।] 2. Lewd person. ୩ ।
ନାଗର; ରସିକ ବ୍ୟକ୍ତି—3. A gallant.

ଷିଭିନି—ଦେ. ବି.-କାଚ କାନ୍ଥ; କାଚର କାନ୍ଥ—Glass wall or
Shibini partition. [ଦ୍ର—ବର୍ଗା ଲଣ୍ଠା ସହରରେ ଏହାର
काँचका दीवार ଦ୍ୱିବେଲେ ଦେବେଲ ଓଟି ପରେ ଦ୍ରୁର୍ଦ୍ଦର୍ଶ ଦେଉ
ଅଛି—ଷିଭେଣ୍ଟଗୃହଳାସ ।]

ଷେଣ—ଦେ. ବି—(ବ ସେନ)—ଉତ୍କଳବାସୀ ବଙ୍ଗାଳି ତନ୍ତୀଙ୍କ ବଂଶୋ-
Shena ପାଧି ବିଶେଷ—A family title of Bengalee
সেন सेन weavers, long settled in Orissa.

ଷେଣ୍ଡ(ଣ୍ଢ)—ଦେ' ବି. (ସଂ ଷଣ୍ଡ, ଷଣ୍ଢ)—୧ । ବୃଷ—1. Bull. ୨ ।
Shenda (ndha) (ଗାଈପଲ ମଧ୍ୟରେ ଗୋଟିଏ ବୃଷ ପ୍ରଧାନ
ষাঁড় साँढ़ ଥିବାରୁ) ଦଳର ପ୍ରଧାନ ବ୍ୟକ୍ତି—2. The head of a number of men. ୩ । ଷେଣ (ଦେଖ)—3. Shena (See)

ଷୋଅ(ଓ)ଳ—ଦେ. ବି. ଓ ବିଣ (ସ ଷୋଡ଼ଶ)—ଷୋଳ (ଦେଖ)
Sho-a(o)la Shola (See)
ষোল सोलह

ଷୋଡ଼ନ୍—ସଂ ବି. ପୁଂ [ଷଷ୍+ଦନ୍ତ (ଦନ୍ତସ୍ଥାନେ)=ଷୋଡ଼ ତ ଶବ୍ଦ
Shordan ୧ମା. ୧ବ) —ଷଡ଼ଦନ୍ତ ଯୁକ୍ତ ବୃଷ; ଯେଉଁ ବଳଦ ବା ଷଣ୍ଢ ୬ଟା ଦାନ୍ତଛି—A bull or bullock which has already grown 6 teeth. [ଦ୍ର—ବଳଦଙ୍କ ତଳ ପାଟିରେ ଆଠ ଦାନ୍ତ ଅଛି କିନ୍ତୁ ସେ ଦାନ୍ତମାନ ବାହାରରୁ ଦେଖାଯାଏ ନାହିଁ । ଉପର ପାଟିରେ ସମ୍ମୁଖ ଦାନ୍ତ ନାହିଁ । କେବଳ ତଳ ପାଟିରେ ସାମନାରେ ଥିବା ୮ଟା ଦାନ୍ତ ଦେଖାଯାଏ । ବାଛୁରୀ କ୍ରମଶଃ ବଢ଼ି ଗଲେ ତାହାର ତଳ-ପାଟିର ସମ୍ମୁଖଦାନ୍ତ ଭାଙ୍ଗିଯାଏ । ଯେଉଁ ବାଛୁରୀର ୨ଟା ଦାନ୍ତ ବାହାରି ଥାଏ ତାହାକୁ ଦାମୁଡ଼ି କହନ୍ତି ଓ କ୍ରମଶଃ ୬ଟା ଦାନ୍ତ ବାହାରିଲାବେଳକୁ ସେ ସମ୍ପୂର୍ଣ୍ଣ ରୂପେ ଦାମୁଡ଼ି ହୁଏ ଓ ୮ଟା ଦାନ୍ତ ଦାନ୍ତିଲାବେଳକୁ, ଅର୍ଥାତ୍ ଦାନ୍ତି ପାଇଲାବେଳକୁ, ତାକୁ ବଳଦ କହନ୍ତି । ଛଅଟା ଦାନ୍ତ ଦାନ୍ତିଥିବା ଦାମୁଡ଼ିକୁ ମଣ କରିଲେ ତାକୁ ଶଗଡ଼ ହଳ ଆଦିରେ ଲଗାଇବାର ଉପଯୁକ୍ତ କରାଯାଏ ।]

ଷୋଡ଼ଶ—ସ. ବି (ଷଟ୍+ଦଶନ୍; ଷଟ୍ ଅଧିକ ଦଶ; ମ. ପ. ଲୋ.
shordaśa—କର୍ମଧା; ରୂପାନ୍ତର; ଷୋଡ଼ଶନ୍ ଶବ୍ଦର ୧ମା. ୧ବ)—୧ । ଷୋଳ—1. Sixteen. ୨ । ଷୋଳ ଭାଗରୁ ଏକ ଭାଗ—2. One sixteenth. ୩ । ଷୋଡ଼ଶକ ଶ୍ରାଦ୍ଧର ୧୬ଟି ବିଶେଷ ଉପକରଣ—3. 16 Specified materials necessary for a śrāddha. ସ. ବିଣ—୧ । ଷୋଳ ସଂଖ୍ୟକ—1. Numbering sixteen. ୨ । (ଷୋଡ଼ଶନ୍+ଅ) ଷୋଳସଂଖ୍ୟାର
[ଷୋଡ଼ଶୀ—ସ୍ତ୍ରୀ. ବିଣ] ପୂରକ—2. Sixteenth.

ଷୋଡ଼ଶ ଉପଚାର—ଦେ. ବି—ଷୋଡ଼ଶୋପଚାର (ଦେଖ)
Shordasa upachāra Shordaśopachāra (See)

ଷୋଡ଼ଶକ—ସ. ବି (ଷୋଡ଼ଶନ୍+ସ୍ୱାର୍ଥେ କ)—୧ । ମୃତାହ
Shordaśaka ଶ୍ରାଦ୍ଧ କାଳରେ ପ୍ରେତ ଉଦ୍ଦେଶ୍ୟରେ ଦେୟ ଷୋଳଟି ବସ୍ତୁ—1. Sixteen articles given away to Brāhmaṇas after being dedicated to the ghost or departed soul of the deceased, during the funeral rites. [ଦ୍ର—ଯଥା. ଭୂମି, ଆସନ, ଜଳ, ବସ୍ତ୍ର, ଦୀପ, ଅନ୍ନ, ତାମ୍ବୂଳ, ଛତ୍ର, ଗନ୍ଧ, ମାଲ୍ୟ, ଫଳ, ଶଯ୍ୟା, ପାଦୁକା, ଗୋ, କାଞ୍ଚନ ଓ ରଜତ । ୨ । ଷୋଳ ସଂଖ୍ୟା—2. The number sixteen. (ଶୁଦ୍ଧିତତ୍ତ୍ୱ)

ଷୋଡ଼ଶ କଳା—ସ. ବି—ଚନ୍ଦ୍ର ମଣ୍ଡଳର ୧୬ ଭାଗ ମଧ୍ୟରୁ ପ୍ରତ୍ୟେକ
Shordaśa kaḷā ଭାଗ—The sixteen digits of the moon. [ଦ୍ର—ପୂର୍ଣ୍ଣିମା ଦିନ ଚନ୍ଦ୍ର ଷୋଡ଼ଶ କଳା ବିଶିଷ୍ଟ ହୋଇ ଥାଆନ୍ତି ଓ ତତ୍ପରେ ପ୍ରତିଦିନ ଗୋଟିଏ ଲେଖାଏଁ କଳା ଊଣା ହୋଇ ଅମାବାସ୍ୟା ଦିନ ଚନ୍ଦ୍ରଙ୍କର ଏକମାତ୍ର କଳା ବାକି ଥାଏ, ପୁଣି ପ୍ରତିପଦ୍‌ଠାରୁ ଗୋଟିଏ ଲେଖାଏଁ କଳା ବଢ଼େ ।
ଏହି କଳାମାନଙ୍କର ନାମ ଯଥା—ଅମୃତା, ମାନଦା, ପୂଷା, ତୁଷ୍ଟି, ପୁଷ୍ଟି, ରତି, ଧୃତି, ଶଶି, ଚନ୍ଦ୍ରିକା, କାନ୍ତି, ଜ୍ୟୋତ୍ସ୍ନା, ଶ୍ରୀ, ପ୍ରୀତି, ଅଙ୍ଗଦା, ପୂର୍ଣ୍ଣା ଓ ପୂର୍ଣ୍ଣାମୃତା ।]
ষোলকলা सोलहकला ଦେ. ବି (ଲକ୍ଷଣାର୍ଥ)—କୌଣସି ବିଷୟର ସମସ୍ତ ଅଙ୍ଗ ପୂର୍ଣ୍ଣହେବା ଅବସ୍ଥା; ଷୋଳଅଣ—(figurative) The state of full-ness of any matter

ଷୋଡ଼ଶ ଦଳ—ସଂ. ବି—ଷୋଳଟି ପାଖୁଡ଼ା—Sixteen petals.
Shordaśa daḷa ସଂ. ବିଣ—ଷୋଳ ପାଖୁଡ଼ା ଯୁକ୍ତ—Sixteen-petalled.

ଷୋଡ଼ଶଦଳ ପଦ୍ମ—ସଂ. ବି—ଷୋଡ଼ଶାର (ଦେଖ)—
Shordaśadaḷa padma Shordaśāra (See)

ଷୋଡ଼ଶ ଦାନ—ସଂ. ବି—୧ । ଅନ୍ତ୍ୟଶ୍ରାଦ୍ଧରେ ପ୍ରେତୋ-
Shordaśa dāna ଦ୍ଦେଶ୍ୟରେ ଦିଆଯିବା ୧୬ଟି ବସ୍ତୁର ଦାନ—1. The gift of 16 articles to Brahmins in honour of the deceased during obsequial rites. [ଦ୍ର—ଏହି ଷୋଡ଼ଶ ଦାନ ୧୬ଥର ବା ୧୬ ଗୁଣ କରି ଦିଆଗଲେ ଏହା 'ଦାନ ସାଗର' ନାମରେ ଖ୍ୟାତ ହୁଏ । ଗୟାଶ୍ରାଦ୍ଧ-ପଦ୍ଧତିରେ ବର୍ଣ୍ଣିତ ଉକ୍ତ ଷୋଡ଼ଶ ଦାନ, ଯଥା—ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର, କାଂସ୍ୟ, ଗୋ, ଅଶ୍ୱ, ହସ୍ତୀ, ଗୃହ, ଭୂମି, ବୃଷ, ବସ୍ତ୍ର, ଶଯ୍ୟା, ଉପାନହ, ଦାସୀ, ଅନ୍ନ ଓ ଜଳ (ବାୟୁ ପୁରାଣ-ଗୟାମାହାତ୍ମ୍ୟ) । ଏହା ଷୋଡ଼ଶକଠାରୁ ପୃଥକ୍ । ୨ । ଷୋଡ଼ଶକ (ଦେଖ)—2. Shordaśaka (See) ୩ । ମଳମାସତତ୍ତ୍ୱ-ଲକ୍ଷିତ ତୁଳାପୁରୁଷାଦି ୧୬ ପ୍ରକାର ବହୁ ପୁଣ୍ୟପ୍ରଦ ମହାଦାନ—3. 16 kinds of great gifts prescribed in the Hindu Śāstras. [ଦ୍ର—୧ । ତୁଳା ପୁରୁଷ, ୨ । ହିରଣ୍ୟ ଗର୍ଭ, ୩ । ବ୍ରହ୍ମାଣ୍ଡ, ୪ । କଳ୍ପ ପାଦପ, ୫ । ଗୋ ସହସ୍ର, ୬ । ହିରଣ୍ୟ କାମଧେନୁ, ୭ । ହିରଣ୍ୟାଶ୍ୱ, ୮ । ପଞ୍ଚ ଲାଙ୍ଗଳକ, ୯ । ଧରା, ୧୦ । ହିରଣ୍ୟାଶ୍ୱରଥ, ୧୧ ।

ହେମହସ୍ତିରଥ, ୧୨ । କଳ୍ପତରୁ, ୧୩ । କଳ୍ପଲତା, ୧୪ । ସପ୍ତ ସାଗର; ୧୫ । ରତ୍ନ ଧେନୁ ଓ ୧୬ । ମହାଭୂତ ଘଟ ।]

ଷୋଡ଼ଶଧା—ସଂ. ଅବ୍ୟୟ (ଷୋଡ଼ଶ+ପ୍ରକାରାର୍ଥେ ଧା)—ଷୋଳ ପ୍ରକାର—In sixteen ways.
Shordasadhā

ଷୋଡ଼ଶ ପିଣ୍ଡ—ସଂ. ବି—ପିତୃପକ୍ଷ ଅମାବାସ୍ୟା (ମହାଳୟା)ରେ ଓ ତୀର୍ଥ ସ୍ଥଳରେ କରାଯିବା ଶ୍ରାଦ୍ଧ ଉପଲକ୍ଷେ ଓ ପାର୍ବଣ ଶ୍ରାଦ୍ଧରେ ପ୍ରଦତ୍ତ ଉଣେଇଶି ଗୋଟି ପିଣ୍ଡ (ବିଶ୍ୱକୋଷ)—A technical term for 19 rice-balls offered to the deceased ancestors in the Mahālayā srāddha & srāddha performed at secred shrines. [ଦ୍ର—ପ୍ରକୃତରେ ଏହି ପିଣ୍ଡମାନଙ୍କ ସଂଖ୍ୟା ୧୯ଟି ଓ ୧୯ଟି ପିଣ୍ଡ ଦାନପାଇଁ ୧୯ଟି ସ୍ୱତନ୍ତ୍ର ମନ୍ତ୍ର ଅଛି । ଗୟାରେ ପ୍ରେତଶିଳାରେ ଯେଉଁ ସବୁରେ ପିତୃଷୋଡ଼ଶୀ ଓ ମାତୃଷୋଡ଼ଶୀ ମନ୍ତ୍ରଦ୍ୱାରା ପିଣ୍ଡ ଦାନ କରାଯାଏ ସେହି ପ୍ରଣାଳୀରେ ଏ ପିଣ୍ଡଦାନ କର୍ତ୍ତବ୍ୟ । 'ଷୋଡ଼ଶପିଣ୍ଡ' ପାରିଭାଷିକ ଶବ୍ଦ । ଯେଉଁପରି 'ପଞ୍ଚାମ୍ର' ଶବ୍ଦଦ୍ୱାରା ଛଅ ପ୍ରକାର ୭ଟି ବୃକ୍ଷ ବୁଝାଯାଏ, ଷୋଡ଼ଶ ଦାନଦ୍ୱାରା ୧୯ଟି ପିଣ୍ଡ ବୁଝାଯାଏ—(ବିଶ୍ୱକୋଷ)]
Shordasa pinda

ଷୋଡ଼ଶ ବୟସୀ—ଦେ. ବିଣ. ସ୍ତ୍ରୀ—ଷୋଳ ବରଷୀ; ଯେଉଁ ବାଳିକାର ବୟସ ୧୬ ବର୍ଷ—(a girl) Aged 16 years.
Shordasa bayasi
ষোড়শবয়সের,,সোমত্ত सोलहबरषी

ଷୋଡ଼ଶ ବିଧ—ସଂ. ବି—୧୬ ପ୍ରକାର—Sixteen sorts.
Shordasa bidha ସଂ. ବିଣ—୧୬ ପ୍ରକାରର—Of sixteen kinds.
(ଷୋଡ଼ଶ ବିଧା—ସ୍ତ୍ରୀ)

ଷୋଡ଼ଶବ୍ଦା—ଦେ. ବିଣ. ସ୍ତ୍ରୀ (ସଂ. ଷୋଡ଼ଶାବ୍ଦା)—ଯେଉଁ ସ୍ତ୍ରୀର ବୟସ ୧୬ ବରଷ—(a girl) Aged 16 years. [ଉ—ପଣ ଶୀଣ କୋହିଳପରି, ଷୋଡ଼ଶବ୍ଦାଏ ମଣିଲେ ମୋଦେ ବଢ଼ଇ । ବିବସ୍ତ୍ରୀ ରହାଇବ ତମ୍ଭ ।]
Shordasabdā

ଷୋଡ଼ଶ ଭୁଜା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି)—ଯେଉଁ ସ୍ତ୍ରୀର ୧୬ଟି ହାତ—(a woman) Having 16 hand. ସ.ବି.ସ୍ତ୍ରୀ—ବାଳିକା ସ୍ୱରୂପୀଙ୍କ ୧୬ ହସ୍ତଯୁକ୍ତା ଦୁର୍ଗା—Sixteen-armed Durgā. [ଦ୍ର—ଆଶ୍ୱିନ ମାସର କୃଷ୍ଣ ଏକାଦଶୀରେ ଉପବାସୀ ରହି ପରଦିନ ଦ୍ୱାଦଶୀରେ ଯଜମାନ ଉପବାସ କରି ସନ୍ଧ୍ୟାରେ ହବିଷ୍ୟାନ୍ନ ଭୋଜନ କରିବ । ତପୂର ଚତୁର୍ଦ୍ଦଶୀ ଦିନ ମହାମାୟାଙ୍କ ବୋଧନ କରି ନୈବେଦ୍ୟାଦି ଉପକରଣ ଦ୍ୱାରା ଷୋଡ଼ଶଭୁଜାଙ୍କ ପୂଜା କରିବ । ପରଦିନ ଅମାବାସ୍ୟାଠାରୁ ଶୁକ୍ଳାନବମୀ ପର୍ଯ୍ୟନ୍ତ ଯଜମାନ ଉପବାସୀ ରହି ସନ୍ଧ୍ୟାରେ ହବିଷ୍ୟାନ୍ନ ଗ୍ରହଣ କରିବ । ଏ ପୂଜା ଜ୍ୟେଷ୍ଠା ନକ୍ଷତ୍ରରେ ଅବସ୍ଥ କରି ଉତ୍ତରଷାଢ଼ାରେ ସମାପନ କରି ଶ୍ରବଣାରେ ଦେବୀଙ୍କୁ ବିସର୍ଜନ କରିବ—ବିଶ୍ୱକୋଷ ଧୃତ କାଳିକାପୁରାଣ ।]
Shordasa bhujā
(ଷୋଡ଼ଶଭୁଜ—ବିଣ. ପୁଂ)

ଷୋଡ଼ଶମ—ସ. ବିଣ (ଷୋଡ଼ଶ+ପୂରଣାର୍ଥେ ମ)—ଷୋଳ ସଂଖ୍ୟାର ପୂରକ (ବିଶ୍ୱକୋଷ)—Sixteenth.
Shordasama

ଷୋଡ଼ଶ ମାତୃକା—ସ. ପ (ଷୋଡ଼ଶ+ମାତୃକା)—ଶ୍ରାଦ୍ଧ ଓ ମଙ୍ଗଳ କର୍ମରେ ପୂଜିତା ୧୬ଟି ଦେବୀ—Sixteen Goddesses worshipped before the beginning of Srādhas and other ceremonies. [ଦ୍ର—ଏମାନେ ଲୋକମାତା ବା ଜଗତର ମାତୃରୂପା ଦୁର୍ଗା ବା ଭଗବତୀଙ୍କ କଳାଧାରିଣୀ ।
Shordasa mātrukā

ଏମାନଙ୍କର ନାମ; ଯଥା—ଗୌରୀ, ପଦ୍ମା, ଶଚୀ, ମେଧା, ସାବିତ୍ରୀ, ବିଜୟା, ଜୟା, ଦେବସେନା (ଷଷ୍ଠୀ), ସ୍ୱଧା, ସ୍ୱାହା, ଶାନ୍ତି, ପୁଷ୍ଟି, ଧୃତି, ତୁଷ୍ଟି, ଆତ୍ମଦେବତା ଓ କୁଳଦେବତା ।

ଏମାନଙ୍କୁ ପ୍ରଥମେ ପୂଜା କରାଯିବା ପରେ ଶ୍ରାଦ୍ଧ କାର୍ଯ୍ୟ ଆରମ୍ଭ କରାଯାଏ । ୧୬ଟି ମାତୃକାଙ୍କୁ ପୂଜା କରି ସାତ ବିନାୟକଙ୍କୁ ପୂଜା କରିବ, ତା ପରେ ଷୋଡ଼ଶ ମାତୃକା (କୁଳଦେବତା)ଙ୍କୁ ପୂଜା କରିବ ।]

ଷୋଡ଼ଶାଂଘ୍ରି—ସଂ. ବି (ବହୁବ୍ରୀହି; ଷୋଡ଼ଶ+ଅଂଘ୍ରି=ଚରଣ ଯାହାର)—କର୍କଟ (ହେମଚନ୍ଦ୍ର)—Crab. ସଂ. ବିଣ—୧୬ଟି ପଦ ବିଶିଷ୍ଟ—Having sixteen legs.
Shordasāmghri
(ଷୋଡ଼ଶାଙ୍ଘ୍ରି—ଅନ୍ୟରୂପ)

ଷୋଡ଼ଶାଂଶ—ସଂ. ବି—୧ । ୧୬ ଭାଗ—1, 16 parts. ୨ । ୧୬ ଭାଗରୁ ଏକ ଭାଗ—2. One sixteenth.
Shordasāmsa

ଷୋଡ଼ଶାଂଶୁ—ସଂ. ବି (ବହୁବ୍ରୀହି; ଷୋଡ଼ଶ=୧୬ ସଂଖ୍ୟକ+ଅଂଶୁ=କିରଣ ଯାହାର)—ଶୁକ୍ର ଗ୍ରହ—The planet Venus.
Shordasāmsu

ଷୋଡ଼ଶାଙ୍ଗ—ସଂ. ବି (ବହୁବ୍ରୀହି)—୧୬ ଟି ସୁଗନ୍ଧ ଦ୍ରବ୍ୟ ମିଶ୍ରିତ ଧୂପ—Fumigating mixture or incense consisting of 16 scented ingredients. [ଦ୍ର—ଏହା ଦେବପୂଜା ଓ ଶ୍ରାଦ୍ଧରେ ବ୍ୟବହୃତ ହୁଏ । ଏଥିର ଉପାଦାନ ଯଥା—ଗୁଗ୍ଗୁଳ, ସରଳ (ଏକ ପ୍ରକାର ଦେବଦାରୁ କାଠ), ଦାରୁ (ଦେବଦାରୁ କାଠ), ପତ୍ର (ତେଜପତ୍ର), ମଳୟ ସମ୍ଭବ (ଶ୍ୱେତ ଚନ୍ଦନ କାଠ), ହ୍ରୀବେର (କୁରୁବେଳ), ଅଗୁରୁ (ଅଗୁରୁ ଚନ୍ଦନ), କୁଷ୍ଠ (କୁଡ଼), ଗୁଡ଼, ସର୍ଜରସ (ଝୁଣା), ଘନ, (ମୁଥା, ମତାନ୍ତରରେ କର୍ପୂର), ହରିତକୀ—(ହରିଡ଼ା), ନଖୀ—(ସୁଗନ୍ଧ ଦ୍ରବ୍ୟ ବିଶେଷ), ଲାକ୍ଷା—(ଲାଖ ବା ଜଉ), ଜଟାମାଂସୀ, ଶୈଳଜ—(ଶୈଳେୟ); ଏଥିରେ ଘିଅ ମିଶାଇ ଧୂପ ଦେବ—ବିଶ୍ୱକୋଷ ।]
Shordasānga

ଷୋଡ଼ଶାବର୍ତ୍ତ—ସଂ. ବଣ (ବହୁବ୍ରୀହି; ଷୋଡ଼ଶ + ଆବର୍ତ୍ତ ଯାହାର)—
Shor̤d̤aśābartta ୧୬ଟି ଆବର୍ତ୍ତ ବା ଘୂର୍ଣ୍ଣିବିଶିଷ୍ଟ—
Having 16 spirals, ସଂ. ବି—ଶଙ୍ଖ—
Conch shell.

ଷୋଡ଼ଶାବ୍ଦ—ସଂ. ବି—୧ । ଷୋଳ ବରଷ—1. Sixteen years.
Shor̤d̤aśābda ୨ । ଷୋଳବରଷର ପୂରକ ବର୍ଷ—
2 Sixteenth year. ୩ । (ବହୁବ୍ରୀହି ପୁଂ) ୧୬ (ଷୋଡ଼ଶାବ୍ଦା—ବଣ. ସ୍ତ୍ରୀ) ବର୍ଷ ବୟସ୍କ—3. Aged sixteen years.

ଷୋଡ଼ଶାର—ସଂ. ବଣ (ବହୁବ୍ରୀହି, ଷୋଡ଼ଶ + ଅର = କୋଣ ବା
Shor̤d̤aśāra ଅର, ଚକ୍ରର ବ୍ୟାସାର୍ଦ୍ଧ ଏବ ଦଳ ଯାହାର; ବହୁବ୍ରୀହି)—୧ । ଷୋଡ଼ଶ ଦଳ ପଦ୍ମ; ୧୬ ପାଖୁଡ଼ା ପଦ୍ମ; ତନ୍ତ୍ରୋକ୍ତ ଷଟ୍‌ଚକ୍ର ମଧ୍ୟସ୍ଥ ପଦ୍ମ—1. A sixteen-petalled lotus said to exist inside the body. ୨ । ଜଳାଶୟ ପ୍ରତିଷ୍ଠା ଉପଲକ୍ଷରେ ବେଦୀ ଉପରେ ଅଙ୍କିତ ଷୋଳପାଖୁଡ଼ିଆ ପଦ୍ମର ଚିହ୍ନ ବିଶେଷ—2. A sixteen-petalled figure of a lotus drawn on the altar on the occasion of the consecration of tanks. [ଦ୍ର—ଜଳାଶୟ ପ୍ରତିଷ୍ଠା ଉପଲକ୍ଷରେ ପଞ୍ଚବର୍ଣ୍ଣ ମୃତ୍ତିକା (ଚୂର୍ଣ୍ଣ) ଦ୍ୱାରା ବେଦୀ ଉପରେ ଗୋଟିଏ ଶ୍ରେଷ୍ଠ ମଣ୍ଡଳ କାଟି ପ୍ରଥମେ ଚାରି ୪ ଦିଗରେ ୪ଟି ଚେପଟା ପାଖୁଡ଼ା ଅଙ୍କିବ ଓ ସେହି ପାଖୁଡ଼ା ଉପରେ ପୁଣି ୪ଟି ଲେଖାଏଁ ପାଖୁଡ଼ାର ଚିହ୍ନ ଅଙ୍କିବ । ଏ ଚିହ୍ନରେ ୪ଟି ଦ୍ୱାର ରଖିବ । ପରେ ଯଥାଯଥ ମନ୍ତ୍ର ବୋଲି ଲୋକପାଳଙ୍କ ଓ ଗ୍ରହମାନଙ୍କୁ ଭିନ୍ନ ଭିନ୍ନ ଦିଗରେ ବିନ୍ୟାସ କରିବ—ବିଶ୍ୱକୋଷ ।] ୩ । ଷୋଡ଼ଶ ଅବୟବ ଯୁକ୍ତ ସଂସାର ଚକ୍ର—3. The cycle of existence having 16 organs. (ଉ—ସଂସାରଚକ୍ର ଷୋଡ଼ଶାରେ, କର୍ମେ ଭ୍ରମଇ ଅନ୍ତ ଶରେ । ଜଗନ୍ନାଥ. ଭାଗବତ ।) [ଦ୍ର—ସଂସାର ଚକ୍ରର ଅର ୧୬ ଗୋଟି ଯଥା—ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ମନ ଓ ପଞ୍ଚତନ୍ମାତ୍ର ।] ସଂ. ବଣ—୧ । (ବହୁବ୍ରୀହି; ଷୋଡ଼ଶ + ଅର) ଷୋଳ କୋଣବିଶିଷ୍ଟ କ୍ଷେତ୍ର—1. Having sixteen angles. ୨ । (ଷୋଡ଼ଶ + ଅର) ଷୋଳଟି ଅର ବା ବ୍ୟାସାର୍ଦ୍ଧ ଦଣ୍ଡବିଶିଷ୍ଟ (ଚକ୍ର)—2. (a wheel) Having 16 spokes, ୩ । ଷୋଳ ପାଖୁଡ଼ିଆ (ପଦ୍ମ)—
3. Sixteen-petalled (lotus)

ଷୋଡ଼ଶାର୍ଚ୍ଚିଃ—ସଂ. ବି (ବହୁବ୍ରୀହି; ଷୋଡ଼ଶ + ଅର୍ଚ୍ଚିସ୍; ୧ମା. ୧ବ)—
Shor̤d̤aśārchchiḥ (ଷୋଡ଼ଶ ଶିଖାବିଶିଷ୍ଟ) ଶୁକ୍ରଗ୍ରହ—
The planet Venus. ସଂ. ବଣ-୧୬ ଶିଖାବିଶିଷ୍ଟ—
Having 16 flames or rays,

ଷୋଡ଼ଶିକା—ସଂ. ବି (ଷୋଡ଼ଶ + ଇକ + ଆ)—୧ । ଏକ ପଲ
Shor̤d̤aśikā ପରିମାଣ; ଆଠତୋଳା (ଓଜନ)—1. A standard weight of 8 Toḷās. ୨ । ତୋଳକ ଦ୍ୱୟ ପରିମାଣ; ଦୁଇ ତୋଳା (ପରିଭାଷା ପ୍ରଦୀପ)—
2. A standard of weight of 2 Toḷās.

ଷୋଡ଼ଶୀ—ସଂ, ବି—୧ । (ଷୋଡ଼ଶନ୍ + ଇନ୍; ୧ମା. ୧ବ)—ଯଜ୍ଞ
Shor̤d̤aśī ପାତ୍ର ବିଶେଷ; ସତୋମକ ପାତ୍ର—(ଯହିଁରେ ସୋମ ରସ ସ୍ଥାପିତ ହୁଏ)—1, A kind of sacrificial pot or vessel for keeping the juice of soma plant. ୨ । ସଂ. ବି. ସ୍ତ୍ରୀ—(ଷୋଡ଼ଶ + ଈ)—(ଏହାଙ୍କର ନେତ୍ର ଷୋଡ଼ଶାସ୍ୱରଯୁକ୍ତ ଥିବାରୁ) ତନ୍ତ୍ରୋକ୍ତ ଦେବୀବିଶେଷ; ଦଶ ମହାବିଦ୍ୟା (ମତାନ୍ତରରେ ଦ୍ୱାଦଶ ମହାବିଦ୍ୟା) ମଧ୍ୟରୁ ଏକତମା—2. One of the 10 or 12 Goddesses worshipped according to Tāntric rites. ୩ । ଗୟାର ପ୍ରେତଶିଳାରେ ଦିଆଯିବା ପିଣ୍ଡ ବିଶେଷ—3. Oblations and offer ings made at Gayā to the departed souls of almost all conceivable ancestors, relatives, friends, animals, ghosts, servants, born and unborn beings. [ଦ୍ର—ଏହି ପିଣ୍ଡର ସଂଖ୍ୟା ୧୯ ହେଲେ ମଧ୍ୟ ପାରିଭାଷିକ ଶବ୍ଦ ରୂପେ 'ଷୋଡ଼ଶୀ' ବ୍ୟବହୃତ ହୋଇଅଛି । ଷୋଡ଼ଶପିଣ୍ଡ ଦେଖ ।] ୪ । (ଷୋଡ଼ଶ + ଇନ)—ଅଗ୍ନିଷ୍ଟୋମ ଯାଗର ପ୍ରକାର ଭେଦ—4, A modification of the Agnshtoma sacrifice (Apte). ଦେ. ବି. ସ୍ତ୍ରୀ—ଷୋଡ଼ଶ ବର୍ଷୀୟା ଯୁବତୀ—A young woman of sixteen springs. [ଷୋଡ଼ଶୀ ରସ ଯସତ୍ଵ. ଧର ଗୁଣଧର ପଦ୍ମ—ବ୍ରଜନାଥ. ଭୂଢ଼ାକର ।]

ଷୋଡ଼ଶୋପଚାର—ସଂ. ବି.—(କର୍ମଧା)—ଦେବ ପୂଜାର ୧୬ ପ୍ରକାର
Shor̤d̤aśopachāra ଉପକରଣ—Sixteen different ingredients of a Deity's worship. [ଦ୍ର—ଯଥା—ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ମଧୁପର୍କ, ପୁନରାଚମନୀୟ, ସ୍ନାନ, ବସନ, ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ମୁଖବାସ ମତାନ୍ତରେ ବନ୍ଦନ । ଶକ୍ତି ପୂଜାରେ ଷୋଡ଼ଶୋପଚାର, ଯଥା-ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ସ୍ନାନ, ବସନ, ଭୂଷଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ପୁନରାଚମନୀୟ, ସ୍ତବ, ତାମ୍ବୂଳ, ତର୍ପଣ ଓ ନତି (ବିଶ୍ୱକୋଷ), ପୂଜା ଶବ୍ଦ ଦେଖ ।] ଦେ. ବି (ଲକ୍ଷଣାର୍ଥ)
ষোড়শোপচার ସମାଗତ ଅତିଥି ବା ବନ୍ଧୁଙ୍କ ପୂଜା ବା ସମ୍ମାନର
षोडशोपचार ସମୁଦାୟ ଅଙ୍ଗର ପୂର୍ଣ୍ଣତା—Completeness in the arrangements for entertaining or serving a guest or new comer. [ଉ—ବନ୍ଧୁଜନ୍ତୁ ଲୋକେ ଉପାଧି ଅଗାରେ । ମନୁଷ୍ୟର ପୂଜା ଷୋଡ଼ଶୋପଚାରେ—ରାଧାନାଥ. ଦରବାର ।]

ଷୋଡ଼ଶୋପଚାର ପୂଜା — ସଂ. ବି. (ଷୋଡ଼ଶୋପଚାର ସମନ୍ବିତ ପୂଜା; ସ Shor͟daśopachāra pūjā ଗ. ଙ୍କେ) — ଷୋଡ଼ଶୋପଚାର ଦ୍ୱାରା ଅନୁଷ୍ଠିତ ଦେବତା ପୂଜା—A worship performed with the help of 16 ingredients.
ষোড়শোপচার পূজা
षोड़शोपचार पूजा
ଦେ. ବି—ଅତିଥି ବା ବନ୍ଧୁଙ୍କ ସାଡ଼ମ୍ବର ସମ୍ମାନ ପ୍ରଦର୍ଶନ—A gorgeous entertainment of one's friend or guest.

ଷୋଡ଼ଶୋପଚାରରେ ପୂଜା କରିବା — ଦେ. କ୍ରି—୧ । (ଲକ୍ଷଣାର୍ଥ) Shor͟daśopachārare pūjā karibā (ଅତିଥି ବା
ষোড়শোপচারে পূজা করা
षोडशोपचार पूजा करना
ବନ୍ଧୁଙ୍କୁ ବିଶେଷ ଭାବରେ ଅଭ୍ୟର୍ଥନା କରିବା—1. To entertain a person in a grand style.
(ଷୋଡ଼ଶୋପଚାରରେ ପୂଜା ଦେବା—ଅନ୍ୟରୂପ)
୨ । (ବ୍ୟଙ୍ଗାର୍ଥ) ଅପମାନରେ ଗାଳିଦେବା—2. To give a person a sound shower of rebuke.

ଷୋଢ଼ା — ସ. ବି (ଷଷ୍ଠ=ଛଅ + ପ୍ରକାରାର୍ଥେ ଧା)—୧ । ଛଅ ପ୍ରକାରେ; Shor͟dhā ଷଡ଼ବିଧ—1. In six ways. ୨ । ଛଅ ଥର—2. Six times.

ଷୋଢ଼ା ନ୍ୟାସ — ସ. ବି—(ତନ୍ତ୍ର) ଦେବତାଙ୍କୁ ପୂଜା କରିବା ସମୟରେ Shor͟dhā nyāsa ତନ୍ତ୍ରବିଧାନ ପୂଜକର ଅଙ୍ଗରେ ମନ୍ତ୍ରନ୍ୟାସ—The consecration of the worshipper's own body by purifying it with the prescribed application of mystic formulae before wroshipping a Deity.

ଷୋଢ଼ାସିଦ୍ଧ — ସ. ବଣ. ପୁଂ—ଯେଉଁ ବ୍ୟକ୍ତି ଷୋଢ଼ାନ୍ୟାସ ସାଧନ କରି Shor͟dhāsiddha ସିଦ୍ଧିଲାଭ କରିଅଛନ୍ତି—(a person , Who has attained success or perfection by the performance of Shor͟dhānyāsa.

ଷୋଢ— ସ. ବି. ପୁଂ—ଯେଉଁ ବାଛୁରି ଛଅଟି ଦାନ୍ତର; ଷୋଡ଼ନ୍— Shoda A young ox which has six teeth out (Apte). (ସେ ଉଠନ୍ ଉଠେ ହୋଇ ଦେଖ ।)

ଷୋଳ — ଦେ. ବି. ଓ ବଣ (ସ. ଷୋଡ଼ଶ; ପ୍ରା. ଷୋଳହ)— Shol͟a ଷୋଡ଼ଶ (ଦେଖ)—Shor͟daśa (See)
ষোল
सोलह

ଷୋଳ ଅଣା — ଦେ. ବି—୧ । ୬୪ ପଇସା; ଏକ ଟଙ୍କାର ଅଂଶର Shol͟a aṇā ସମଷ୍ଟି—1. 16 annas or 64 pice equal to one rupee. ୨ । କୌଣସି
ষোল আনা
सोलहआना
ବିଷୟର ବା ପଦାର୍ଥର ପୂର୍ଣ୍ଣ ଅବସ୍ଥା—2. The complete or full condition of any thing or matter. ୩ । ସମ୍ପୂର୍ଣ୍ଣ ପଦାର୍ଥ—3. A whole thing; the whole. ଦେ. ବଣ—ସମ୍ପୂର୍ଣ୍ଣ— Full; whole. [ଦୃ—ଧୀରେଉ ଲକ୍ଷଣ ବାଣ୍ଟିଲ ଭଣଯାଁ ପ୍ରିୟତମେ ଷୋଳ ଅଣା—ଭକ୍ତକବୋଇ. ଶର୍ମିଷ୍ଠା ।]

ଷୋଳ ଉତ୍ତର ଶଏ(ହେ) — ଦେ: ବି ଓ ବଣ (ସ. ଷୋଡ଼ଶୋତ୍ତର Shol͟a uttara śae(he) ଶତ)—ଏକ ଶହ ଷୋଳ— One hundred and sixteen. [ଦୃ—
একশো ষোল
एकसौ सोलह
ଏତଦ୍‌ପରେ ଷୋଳ ଉତ୍ତର ଦୁଇ ଶହ, ଷୋଳ ଉତ୍ତର ତିନ ଶହ ହେମାନ ହୁଏ ।]

ଷୋଳକ ପଣ(ଣି)କିଆ — ଦେ. ବି—ପଣକିଆର ଷୋଳକେ (୧୬×୧) Shol͟aka paṇa(ṇi)kiā ଗଣନାଠାରୁ ଷୋଳ ଦଶ (୧୬×୧୦)
ষোলের নামতা
सोलहका पाहाड़ा
ଗଣନା ପର୍ଯ୍ୟନ୍ତ କ୍ରମଗଣନା—The series or columns of arithmetical tables of the number 16 (beginning from the multiplication of 16 by; up to that of 16 by 10).

ଷୋଳ କଳା — ଦେ. ବି (ସ. ଷୋଡ଼ଶ କଳା)—୧ । ଷୋଡ଼ଶ କଳା Shol͟a kal͟ā (ଦେଖ)—1. Shor͟daśa kal͟ā (See)
ষোল কলা
सोलह कला
୨ । (ଲକ୍ଷଣାର୍ଥ) କୌଣସି ବିଷୟର ସମ୍ପୂର୍ଣ୍ଣ ଅବସ୍ଥା— 2. (figurative) The full or completed state of a thing. [ଦୃ—ଧନ ଥିଲେ ଯେ ସୁଖ ଭଲାହୁଏ ଥାଏ, ଧର୍ମ କଲେ ଷୋଳ କଳା ଶ୍ରେୟ ପାଏ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।] ଦେ. କ୍ରି. ବିଣ ଓ ବିଶେଷଣ—ପୂର୍ଣ୍ଣରୂପେ – Completely; wholly.

ଷୋଳ କଳାରେ ପୂର୍ଣ୍ଣ — ଦେ. ବଣ—ସର୍ବାଙ୍ଗ ପ୍ରାପ୍ତ; ପୂର୍ଣ୍ଣ— Shol͟a kal͟āre pūrṇṇa Complete or full in all respects.
ষোল কলাতে পূর্ণ
सोलह कलासे पूर्ण

ଷୋଳ ଖଣ୍ଡିଆ — ପ୍ରାଦେ. (ଜୟପୁର)ବି—ଗଉଡ଼ଙ୍କ ଶ୍ରେଣୀବିଶେଷ— Shol͟a khaṇḍiā A sect of the cowherd caste in Jeypore. [ଦୃ—ଏମାନେ ମଦ୍ୟପ ହୁଅନ୍ତି; ଏ ଅଞ୍ଚଳର ଅନ୍ୟ କେତେକ ଶ୍ରେଣୀର ଗଉଡ଼ ମଦ ପିଅନ୍ତି ।]

ଷୋଳ ଗୁଣ — ଦେ. ବି (ସ. ଷୋଡ଼ଶ ଗୁଣ)—ଷୋଳଥର; ଷୋଳ Shol͟a guṇa ଦ୍ୱାରା ଗୁଣିତ ହେଲେ ଯେତେ ପରିମାଣ— 16 times; sixteen times as much.
ষোল গুণ
सोलह गुना
ଦେ. ବଣ—ଷୋଳଦ୍ୱାରା ଗୁଣିତ—16 times as much as; multiplied by sixteen.

ଷୋଳଙ୍ଗପୁର — ଦେ ବି (ନାମ) (ସ. ଷୋଡ଼ଶାଙ୍ଗ+ପୁର)— Sholaṅgapura ବୈତରଣୀ ନଦୀକୂଳରେ ଥିବା ଗ୍ରାମବିଶେଷ— The name of a village on the Bai̱taraṇi̱ river. [ଦୃ—କପିଳେନ୍ଦ୍ର ଦେବ ଏହି ଗ୍ରାମରେ ଷୋଳ ପୁର ବସିତ ହୋଇ ନଥିଲା ବୋଲାଉଥିଲେ । ଚଢ଼ାପାଡ଼ାର ଓଡ଼ିଶା ଆକ୍ରମଣ କଲାବେଳେ ଏହି ନଗରକୁ ଭୂମି ପକାଇଥିଲେ । ଏହି ସ୍ଥାନକୁ କେତେକ କୌତୂହଳ ଅବସ୍ଥିତ ହୋଇଅଛି—ଚନ୍ଦ୍ରଶେଖର ଦାସ ।]

ଷୋଳ ଡମ୍ବରୁ — ଦେ. ବି—ମେରୁଦଣ୍ଡ ମଧ୍ୟରେ ସୁଷୁମ୍ନା ନାଡ଼ୀରେ ଥିବା Shol͟a dambaru ୧୬ଟି ଗଣ୍ଠି—Sixteen knots sup-

ষোল গাইঁঠ posed to exist in the Sushumnā vein
सोलह गाँठ running inside the backbone.
[ଉ—ଷୋଳ ଗ୍ରନ୍ଥିକୁ ସଳଖି । କଣ୍ଠଲେ ଦେଇ ଢୋଲ, ଭକ୍ତି—ପ୍ରାଚୀ. ଜଗନ୍ନାଥମାହାତ୍ମ୍ୟ ।]

ଷୋଳ ନାମ—ବେ. ବି—ଭଗବାନଙ୍କର ଷୋଳଟି ନାମ (ଯଥା—ହରେ
Shola nāma ରାମ ହରେ ରାମ, ରାମ ରାମ ହରେ ହରେ;
ষোল নাম ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ)—
सोलह नाम The formula in which the name of God is uttered sixteen times. [ଏ—ଏହାକୁ ମନ୍ତ୍ର ଷୋଳ ନାମ ବତିଶ (ବତ୍ରିଶ) ଅକ୍ଷର କହନ୍ତି ।

ଷୋଳ ପଣ—ଦେ. ବି—୧ । ଏକ କାହାଣ ବା ୩୨୦ଗଣ୍ଡା ବା ୧୨୮
Shola paṇa କଉଡ଼ି—1. 1280 pieces of cowries
ষোল আনা or shell money (formerly passing as
सोलह आना currency). ୨ । କୌଣସି ବସ୍ତୁର ସାଙ୍ଗୋପାଙ୍ଗ ବା ସମ୍ପୂର୍ଣ୍ଣ ଅବସ୍ଥା—2. A full or complete condition of anything or matter. ୩ । କୌଣସି କାର୍ଯ୍ୟର ପୂର୍ଣ୍ଣତା—3. Completion of any work. ୪ । ବସ୍ତୁର ସମସ୍ତତା—4. The whole. ୫ । ପୂର୍ଣ୍ଣମାତ୍ରା—5. Complete measure. ଦେ. ବିଣ—୧ । ସମ୍ପୂର୍ଣ୍ଣ (ପଦାର୍ଥ)—1. Full; complete. ୨ । ଗୋଟାଗୋଟି—2. Whole. [ଉ—ସେ କହେ ଯଯାତି ଷୋଳପଣ ଭାର ତର ସମ୍ଭୋଗ୍ୟ ସେ ଭାର—ଜଗନ୍ନାଥ. ଶର୍ମିଷ୍ଠା] ୩ । ପୂର୍ଣ୍ଣମାତ୍ରାଯୁକ୍ତ; ପୂର୍ଣ୍ଣାଙ୍ଗ—3. Of full measure or outturn; bumper. (ଯଥା—ଏ ବର୍ଷ ଷୋଳପଣ ଫସଲ ହୋଇଥିଲା ।) ଦେ. କ୍ରି. ବିଣ—୧ । ସମ୍ପୂର୍ଣ୍ଣରୂପେ—1. Fully; completely. (ଯଥା—ତମ କଥ ଷୋଳପଣ ପୂର୍ଣ୍ଣହେଲାଣି ।) ୨ । ଗୋଟାକଯାକ; ଗୋଟାପଣେ—2. Wholly. ୩ । ପୂର୍ଣ୍ଣ ମାତ୍ରାରେ—3. In full measure. [ଦ୍ର—ଗୋଟିଏ ପୂର୍ଣ୍ଣ ପଦାର୍ଥ ବା ବସ୍ତୁକୁ ୧ କାହାଣ ବା ୧୬ ପଣ ଧରି ପଣ ଅନୁସାରେ ତାହାର ଭଗ୍ନାଂଶ ବୁଝାଇବାକୁ ହୁଏ ଯଥା—ବାରପଣ=$\frac{3}{4}$; ଚଉପଣ=$\frac{1}{4}$; ଦଶପଣ=$\frac{10}{16}$; ଅଠପଣ=$\frac{1}{2}$; ପାଞ୍ଚପଣ=$\frac{5}{16}$ ।) (ଷୋଳଣା—ଗ୍ରାମ୍ୟରୂପ)

ଷୋଳପଣି—ଦେ. ବି—ବର୍ଷକ ମଧ୍ୟରେ ପ୍ରଜାକୁ ଦେୟ ଖଜଣାର ସମ୍ପୂର୍ଣ୍ଣ
Sholapani ପରିମାଣ—Full quantity of
ষোলআনা सोलहआनी the annual rent payable by a tenant. — ଦେ. ବିଣ—ଷୋଳପଣିଆ (ଦେଖ) Sholapaniā (See)

ଷୋଳପଣି ଅଧିକାର—କୌଣସି ବିଷୟରେ କୌଣସି ବ୍ୟକ୍ତିର ସମ୍ପୂର୍ଣ୍ଣ
Sholapani adhikāra ଅଧିକାର—Sole right
ষোলআনা অধিকার सोलहआनाअधिकार over some thing (of a person).

ଷୋଳପଣିଆ(ଆଁ)—ଦେ. ବିଣ—ଷୋଳପଣସମ୍ବନ୍ଧୀୟ—Relating
Sholapaniā(ān) to the full amount.
যোলআনার सोलहआनाका ଦେ. ବି—କୌଣସି ସମ୍ପତ୍ତିର ବା ବିଷୟର ପୂର୍ଣ୍ଣ ଅଧିକାରପ୍ରାପ୍ତ ବ୍ୟକ୍ତି—A full proprietor of a property. (ଯଥା—ଏ ମହାଲର ମୁଁ ଷୋଳପଣିଆ ଜମିଦାର ଅଟେ ।)

ଷୋଳପଣି କିସ୍ତି—ଦେ. ବି—ଇଂରେଜର ଯେଉଁ କିସ୍ତିରେ ବାର୍ଷିକ
Sholapani kisti ଖଜଣାର ସମ୍ପୂର୍ଣ୍ଣ ଅଂଶ ଦିଆଯାଏ—
যোলআনাকিস্তি सोलहआनेकिस्ति The instalment in which the whole of the annual revenue becomes payable. [ଦ୍ର—ବର୍ଷକରେ ଯେଉଁ ଯେଉଁ ଅଞ୍ଚଳରେ ପ୍ରଜା ଚଉପଣ (ଅର୍ଥାତ୍ $\frac{1}{4}$) ଲେଖାଏଁ ୪ ଥରରେ ଖଜଣା ଦେଇ ଥାନ୍ତି ସେମାନଙ୍କ ଜମିଦାରଙ୍କୁ ଦିଅନ୍ତି ।

ପ୍ରଥମ କିସ୍ତି=ଚଉପଣି କିସ୍ତି
ଦ୍ୱିତୀୟ କିସ୍ତି=ଅଠପଣି କିସ୍ତି
ତୃତୀୟ କିସ୍ତି=ବାରପଣି କିସ୍ତି
ଶେଷ ବା ଚତୁର୍ଥ କିସ୍ତି=ଷୋଳପଣି କିସ୍ତି ।

ଯେଉଁ ଯେଉଁ ଅଞ୍ଚଳରେ ବାର୍ଷିକ ଖଜଣା ୨ କିସ୍ତିରେ ଅଠପଣି (ବା $\frac{1}{2}$) ଲେଖାଏଁ ଦିଆଯାଏ ।

ପ୍ରଥମ କିସ୍ତି=ଅଠପଣି କିସ୍ତି
ଦ୍ୱିତୀୟ ବା ଶେଷ କିସ୍ତି=ଷୋଳପଣି କିସ୍ତି ।

ଓଡ଼ିଶାରେ ଜମିଦାରମାନେ ବାର୍ଷିକ ଖଜଣାକୁ ଦୁଇ କିସ୍ତିରେ, ପ୍ରାୟ ଅର୍ଦ୍ଧେକ ଲେଖାଏଁ, ଗଭର୍ଣ୍ଣମେଣ୍ଟକୁ ଦିଅନ୍ତି ।

ବୈଶାଖ ବା ପ୍ରଥମ କିସ୍ତି=ଅଠପଣି କିସ୍ତି
କାର୍ତ୍ତିକ ବା ଦ୍ୱିତୀୟ କିସ୍ତି ॥ ଷୋଳପଣି କିସ୍ତି ।]

ଷୋଳ ପାଲା(ପୂଜା)—ଦେ. ବି (ସଂ. ଷୋଡ଼ଶ ଓ ପୂଜା)—ମୁକଦ୍ଦମାଦି
Shola pālā(pūjā) ମନୋବାଞ୍ଛା ସିଦ୍ଧ ହେଲେ ସତ୍ୟନାରାୟଣ
ষোলপালাগান सत्यनारायणपूजा ବା ସତ୍ୟପୀରଙ୍କ (ଉଦ୍ଦେଶ୍ୟରେ) ମନାସିବା ୧୬ ଗୋଟି ପାଲା ବା ପୂଜା—Sixteen Pujās offered to the Satyapir Deity on the fulfilment of one's wish. [ଦ୍ର—ସତ୍ୟନାରାୟଣ ତଳେ ଜୋତ ଦେଖ ।]

ଷୋଳ ପାଲା (ପୂଜା) ଯାଚିବା—ଦେ. କ୍ରି—ମୁକଦ୍ଦମାଦି କାମନାର ସିଦ୍ଧି
Shola pālā(pūjā) jāchibā ହେଲେ ୧୬ଟି ସତ୍ୟନାରାୟଣ
ষোলপালামানা सत्यनारायनपुजामनतकरना ପୂଜା [ଷୋଳ ପାଲା(ପୂଜା) ମନାସିବା—ଅନ୍ୟରୂପ] କରିବାକୁ ମନାସିବା—To vow to perform 16 offerings to Satyapir on the fulfilment of one's particular wish.

ଷୋଳବୟସ୍—ଦେ. ବିଣ. ସ୍ତ୍ରୀ (ସଂ. ଷୋଡ଼ଶ+ବୟସ୍)—ଷୋଳ
Sholabayā ବର୍ଷ ବୟସ୍କ—Aged 16 years. [ଉ—
সোমত्त षोलहबरषकी ଅଟେର ଷୋଳ ବୟସ ! ଶଙ୍କିଦଣ୍ଡ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ'ଖୋଜିବେ; 'ମୃତ' ନ ମିଳିଲେ 'ମୃତ'ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ'ନ ପାଇଲେ 'ଅଲ୍‌ବତ୍'ଦେଖିବେ

ହୋଇବ ତୋ ଭନ୍ଦନ୍ତନ୍ଥାସ୍ତା—ଭକ୍ତଚରଣ ଦଶିତା]

ଷୋଳ ବରଷ—ଦେ· ବ (ସଂ. ଷୋଡ଼ଶ ବର୍ଷ)—ଷୋଡ଼ଶ ବର୍ଷ—
Shola barasha Sixteen years.
ষোলবচ্ছর सोलह बरष

ଷୋଳ ବର(ଯ)ସିଆ—ଦେ. ବଣ. ପୁଂ—୧ । ଷୋଡ଼ଶବର୍ଷୀୟ—
Shola bara(ya)sia 1. Aged 16 years.
[ଷୋଳବର(ଯ)ସୀ—ସ୍ତ୍ରୀ] ୨ । ପୂର୍ଣ୍ଣ ଯୁବା (ଅଳ୍ପ ଦେଶରେ)—
ষোলবছরের सोलहबरषका . Youthful; in the prime of youth.

(ଉ—ତାହାଙ୍କର ବାବୁ ବୁଢ଼ା ହୋଇଲଣିତାହିଁରେ, ଷୋଳ ବରଷିଆ ସେ ଅଟନ୍ତି ଯୁବକେ—କୃଷ୍ଣସିଂହ ମହାଭାରତ ଉଦ୍‌ଯୋଗ ।)

ଷୋଳଶୀ—ଦେ· ବଣ. ପୁଂ ଓ ସ୍ତ୍ରୀ [ସ ଷୋଡ଼ଶୀ]—ଷୋଡ଼ଶ
Sholasī ବର୍ଷୀୟ—Aged sixteen years. (ଉ—
ষোড়শী सोलहबरषका ଷୋଳଶୀବାଳୀ ରୂପବନ୍ତୀ—ପ୍ରାଚୀ ଭଗବଣମାହାତ୍ମ୍ୟ ।)

ଷୋଳ୍‌ହ(ହ୍ଲ)—ଦେ· ବ· ଓ ବଣ—ଷୋହଳ—Sixteen. (ଉ—
Sholha(hla) ଷୋଳ୍‌ହ ନାମ ବନ୍ଧଣ ବଳେ—ସର୍ବୋଚନ୍ଦ୍ର.
ষোল सोलह ଯେ ମହକ୍ରହଣାଭୀ ।)

ଷୋଲ୍‌ହ(ହ୍ଲ) (ଇତ୍ୟାଦି)—ଦେ. ବି (ସଂ. ଅଲମ୍ବୁଷା)—ଶୋଲ ଇତ୍ୟାଦି
Sholha(hla) (etc) (ଦେଖ)—Sola etc (See)
সোলা सोला

ଷୋହ(ହୋ)ଳ—ଦେ· ବ· ଓ ବଣ(ସ. ଷୋଡ଼ଶ; ପ୍ରା. ଷୋଲହ)—୧ ।
Shoha(ho)la ଷୋଡ଼ଶ—1. Sixteen. ୨ ।
ষোল सोलह ଦୁଇ ଯାଗରେ ଥିବା ଉଚ୍ଚ ଜମିର
খাল नीचीजमीन ମଧ୍ୟବର୍ତ୍ତୀ ଗାଳୁଆ ଅଂଶ ବା ଫଣି—
2. A strip of low land separating two high lands.

ସ୍କାଇ ଲାଇଟ୍—ବୈଦେ· ବ[ଇଂ]—ବଡ଼ ଅକାରୁଆ କୋଠା ଘରକୁ
Shkāi lāiṭ ଆଲୁଅ ଯିବାପାଇଁ କାନ୍ଥରେ ଖୁବ ଉଚ୍ଚ ହୋଇ
স্কাইলাইট स्काईलाइट ଲାଗିଥିବା ଝରକା—Skylight.

ସ୍କିମ—ବୈଦେ. ବ (ଇଂ)—କୌଣସି କାର୍ଯ୍ୟର ଚିନ୍ତିତ ନକ୍ସା—
Shkim Scheme.
স্কীম स्कीम

ସ୍କୁଲ୍ (ଇତ୍ୟାଦି)—ବୈଦେ. ବ (ଇଂ)—ସ୍କୁଲ୍ ଇତ୍ୟାଦି (ଦେଖ)
Shkul(etc) Skul etc [See]
স্কুল स्कूल ବିଦ୍ୟାଳୟ—School, [ଦ୍ର—
ଏହି ଶବ୍ଦ ପୂର୍ବେ ଓ ପରେ ଅନେକଗୁଡିଏ ଉକ୍ତ ଉକ୍ତ ପ୍ରକାରବାଚକ ଇଂରାଜୀ ଶବ୍ଦ ଯୋଗ ହୁଏ । ଯଥା—ସଣ୍ଡେ ସ୍କୁଲ୍—ଖ୍ରୀଷ୍ଟାନ୍ ମାନଙ୍କ ଧର୍ମସମ୍ବନ୍ଧୀୟ ଶିକ୍ଷା ପାଇଁ ରବିବାର ବନ ହେବା ବିଦ୍ୟାଳୟ—Sunday school.

ଅପର୍ ପ୍ରାଇମେରୀ—Upper Primary School.
ଲୋଅର୍ ପ୍ରାଇମେରୀ—Lower Primary School.
ଭର୍ଣ୍ଣାକୁଲାର୍—Vernacular school.
ମାଇନର୍ ବା ମିଡ଼ିଲ୍ ଇଙ୍ଗ୍‌ଲିଶ୍—Minor or Middle English school.
ଟ୍ରେନିଙ୍ଗ୍—Training school.
ମଡେଲ—Model school.
ହାଇ—High school.
ସର୍ଭେ—Survey school.
ଲୋ କାଷ୍ଟ—Lowcaste school.
ଗେର୍ଲ୍ ସ୍କୁଲ—Girl school.
କଲେଜିଏଟ୍ ସ୍କୁଲ—Collegiate school.
ନାଇଟ୍—Night school.
ବୋର୍ଡ୍—Board school.
ମେଡ଼ିକାଲ୍—Medical school
ଇଞ୍ଜିନିଅରିଙ୍ଗ—Engineering school.
ସ୍କୁଲର ଅଶୁଦ୍ଧ ଉଚ୍ଚାରଣ ଇସ୍କୁଲ, ଇସ୍କୁଲ୍, ଇସ୍କୁଲ ।]

ସ୍କୁଲ୍‌କମି(ମେ)ଟି—ବୈ.ଦେ.ବ· (ଇଂ)-ବିଦ୍ୟାଳୟର ପରିଚାଳକ ସମିତି—
Shkul kami(me)ṭi School Committee;
স্কুল কমিটী स्कूल कमिटी the managing committee of a school.

ସ୍କୁଲ୍ ଫାଇନ(ନା)ଲ୍—ବୈଦେ·ବ· (ଇଂ) (ଅଦ୍ଭୁତ ପ୍ରୟୋଗ)-ଯେଉଁ
Shkul phāina(nā)l ଛାତ୍ରମାନେ ଉଚ୍ଚ ବିଦ୍ୟାଳୟର ଉଚ୍ଚତର
স্কুল ফাইনাল ଶିକ୍ଷା ଖୋଜାଉନ୍ତୁ ନ ଯିବେ,ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ
स्कूल फाइनल ହାଇସ୍କୁଲର ଶେଷ ପରୀକ୍ଷା—School final examination.

ସ୍କୁଲ୍ ବୁକ୍ ସୋସାଇଟି—ବୈଦେ. ବ· (ଇଂ)—ସ୍କୁଲ-ପାଠ୍ୟ ପୁସ୍ତକ
Shkul buk sosāiṭi ସମ୍ବନ୍ଧୀୟ ସମିତି—School book
স্কুল বুক সোসাইটী स्कूल बुक सोसाइटी . Society.

ସ୍କୁଲ୍ ମାଷ୍ଟର—ବୈଦେ· ବ. ପୁ (ଇଂ)—ବିଦ୍ୟାଳୟର ଶିକ୍ଷକ—
Shkul māshṭar School master
স্কুল মাষ্টর स्कूल मास्टर

ସ୍କୁଲ ମାଷ୍ଟରି—ଦେ· ବ.—(ଇଂ ସ୍କୁଲ୍ ମାଷ୍ଟର୍ ଶବ୍ଦସଙ୍ଗେ ଦେଶୀୟ ଇ
Shkul māshṭari ପ୍ରତ୍ୟୟ)-ସ୍କୁଲ ମାଷ୍ଟରଙ୍କ କର୍ମ ବା ପଦ—
স্কুলমাষ্টারী Post of a schoolmaster; the state of
स्कूल मास्टरी being a schoolmaster; school mastership. ବି. ବଣ. – ସ୍କୁଲ ମାଷ୍ଟର ସମ୍ବନ୍ଧୀୟ —Pertaining to a schoolmaster.

୧'	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଅ	ୟ
୨	ଈ	ଊ	ରୁ	ଲୁ	ସ୍ତେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଗଁ୍ୟ	ଇଅ	ଢ଼	ନ୍ତ

ସ୍କୁଲ୍ ମାଷ୍ଟରଣୀ—ଦେ॰ ବି॰ ସ୍ତ୍ରୀ (ଇଂ. ସ୍କୁଲ୍ ମାଷ୍ଟର ଶବ୍ଦ ସଙ୍ଗେ ଓଡ଼ିଆ
Shkul māshṭarāṇī ସ୍ତ୍ରୀ ବାଚକ ଅଣୀ ପ୍ରତ୍ୟୟ)—୧ । ସ୍କୁଲ
স্কুলমাষ্টরাণী ମାଷ୍ଟରଙ୍କ ସ୍ତ୍ରୀ—1 School master's wife.
स्कूलमाष्टरनी ୨ । ସ୍କୁଲ ମିଷ୍ଟ୍ରେସ୍—2. School mistress.

ସ୍କୁଲ ମିଷ୍ଟ୍ରେସ୍—ବୈଦେ॰ ବି. ସ୍ତ୍ରୀ (ଇଂ)—ବିଦ୍ୟାଳୟର ଶିକ୍ଷୟିତ୍ରୀ—
Shkul mishṭres School mistress,

ସ୍କେଲ—ବୈଦେ॰ ବି. (ଇଂ)—ଭୂମିର ମାପର ଯେଉଁ ଅନୁପାତ ଅନୁ-
Shkel ସାରେ ନକ୍ସା ତିଆର ହୋଇଥାଏ—The scale of
স্কেল स्केल a map.

ସ୍କ୍ରୁ—ବୈଦେ॰ ବି—(ଇଂ)—ପେଚ କଣ୍ଟା—
Shkru Screw.
স্ক্রু स्क्रू

ସ୍କ୍ରୁ ଡ୍ରାଇଭର୍—ବୈଦେ. ବି' (ଇଂ)—ପେଚ କଣ୍ଟାକୁ ବୁଲାଇ ଛିଦ୍ରରେ
Shkru draibhar ଭରତି କରିବା ଯନ୍ତ୍ର—Screw-
স্ক্রুড্রাইভর स्क्रूड्राइभर driver.

ଷ୍ଟକ୍—ବୈଦେ॰ ବି (ଇଂ)—୧ । ରକ୍ଷିତ ଥିବା ମାଲ; ମହଜୁଦ
Shṭak ପଦାର୍ଥ—1. Stock of articles. ୨ । କମ୍ପାନି
ষ্টক स्टक କାଗଜ—2. Government stock.
[ଦ୍ର—ଷ୍ଟାକ୍ ଓ ଇଷ୍ଟାକ୍ ଏହାର ଅଶୁଦ୍ଧ ଉଚ୍ଚାରଣ]

ଷ୍ଟକ୍ ଏକ୍ସଚେଞ୍ଜ୍—ବୈଦେ. ବି (ଇଂ)—ଯେଉଁଠାରେ କମ୍ପାନି
Shṭak eks-cheñj କାଗଜ ଖରିଦ ବିକ୍ରି ହୁଏ—Stock-
ষ্টকএক্সচেঞ্জ स्टकऐक्सचेंज exchange.

ଷ୍ଟକ୍ ବୁକ୍—ବୈଦେ॰ ବି (ଇଂ)—ଯେଉଁ ପୁସ୍ତକରେ ମହଜୁଦ ଥିବା
Shṭak buk ଜିନିଷମାନଙ୍କ ତାଲିକା ଲେଖା ହୋଇଥାଏ—
ষ্টকবুক स्टकबुक Stock book.
(ଷ୍ଟକ ବହି—ଦେଶଜରୂପ)

ଷ୍ଟକ୍ ବ୍ରୋକର୍—ବୈଦେ. ବି (ଇଂ)—କମ୍ପାନି କାଗଜ ଖରିଦ-
Shṭak brokar ବିକ୍ରିର ଦଲାଲ—Stock-broker.
ষ্টকব্রোকার स्टकब्रोकार

ଷ୍ଟକ୍ ହଲ୍ମ୍—ଦେ॰ ବି (ନାମ)—ସ୍ୱିଡେନ୍ ଦେଶର ରାଜଧାନୀ—
Shṭak-hal-m Stockholm (town).
ষ্টকহলম स्टकहलम

ଷ୍ଟକିଙ୍ଗ(ନ୍)—ବୈଦେ. ବି (ଇଂ)—ମୋଜା—Stocking. [ଦ୍ର-
Shṭakiṅg(n) ଇଷ୍ଟକିନ୍ (ଙ୍ଗ୍); ଷ୍ଟାକିନ୍ ଓ ଇଷ୍ଟାକିନ୍ ଆଦି
ষ্টকিঙ্গ स्टकिङ्ग ଏଥିର ଅଶୁଦ୍ଧ ଉଚ୍ଚାରଣ]

ଷ୍ଟଡିଓ—ବୈଦେ. ବି (ଇଂ. ଉଚ୍ଚାରଣ—ଷ୍ଟୁଡିଓ)—ଚିତ୍ରକର ଆଦିଙ୍କ
Shṭaḍio ଚିତ୍ରଶାଳା—Studio of an artist.
ষ্টুডিও स्टुडिओ

ଷ୍ଟଡୀ ଲୀଭ୍—ବୈଦେ॰ ବି. (ଇଂ)—ବିଦେଶରେ ବା ଅନ୍ୟତ୍ର
Shṭaḍī lībh କୌଣସି ବିଦ୍ୟା ଶିଖିବା ପାଇଁ ଶିକ୍ଷକଙ୍କୁ ବା
ষ্টডীলীভ स्टडिलिभ ଅନ୍ୟ କର୍ମଚାରୀଙ୍କୁ ଦିଆଯିବା ଛୁଟି—
Study-leave.

ଷ୍ଟପର୍—ବୈଦେ. ବି (ଇଂ)—ବୋତଲର ଠିପି
Shṭapar Stopper of a bottle.
ষ্টপার स्टपर

ଷ୍ଟାଇପେଣ୍ଡ୍—ବୈଦେ. ବି (ଇଂ)—ଛାତ୍ରଙ୍କୁ ବା ଶିକ୍ଷକଙ୍କୁ ସରକାରରୁ
Shṭāipeṇḍ ମିଳୁଥିବା ବୃତ୍ତି—Stipend.
ষ্টাইপেণ্ড स्टाइपेण्ड

ଷ୍ଟାଇପେଣ୍ଡିଆରି—ବୈଦେ॰ ବିଣ (ଇଂ)—ସରକାରରୁ ବୃତ୍ତି ପାଉଥିବା
Shṭāipeṇḍiāri (ଶିକ୍ଷକ ବା ଛାତ୍ର ବା ସ୍କୁଲ)—Stipendiary
ষ্টাইপেণ্ডিআরী स्टाइपेण्डिआरी

ଷ୍ଟାଇଲୋ—ବୈଦେ.ବି (ଇଂ)—ଯେଉଁ ଫମ୍ପା କଲମ ମଧ୍ୟରେ ସଞ୍ଚିତ ଥିବା
Shṭāilo କାଳି ଲେଖିଲାବେଳେ ମୁନର ଛିଦ୍ର ବାଟେ କ୍ରମଶଃ
(ଷ୍ଟାଇଲୋପେନ୍—ଅନ୍ୟରୂପ) ବାହାରେ—
ষ্টাইলো स्टाइलो Stylo pen.

ଷ୍ଟାଇଲୋଗ୍ରାଫ୍—ବୈଦେ. ବି (ଇ)—କାଳି ମଡ଼ାଇ ଲେଖା ଅକ୍ଷରକୁ
Shṭāilo grāph ଅନ୍ୟ କାଗଜରେ ଉଠାଇବାର ଯନ୍ତ୍ର—
ষ্টাইলোগ্রাফ स्टाइलोग्राफ Stylograph.

ଷ୍ଟାଟ୍(ର୍ଟ୍) ଦେବା(କରିବା)—ଦେ॰ ବି—କଳ ଚଳାଇ (ମଟର ଗାଡ଼ିକୁ)
Shṭāṭ(rṭ) debā(karibā) ଗତିବିଶିଷ୍ଟ କରାଇବା—
ষ্টার্টকরা स्टार्टकरना To start (a motor car).

ଷ୍ଟା(ର୍ଟ)ଟିଙ୍ଗ୍ ପଏଣ୍ଟ୍—ବୈଦେ. ବି (ଇଂ)—ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରୁ
Shṭāṭi(rṭi)ṅg paeṇṭ ବା ଶଙ୍କୁରୁ ମାପ ବା ଦଉଡ଼ ଆଦି ଆରମ୍ଭ
ষ্টার্টিংপএন্ট स्टार्टिंगपएण्ट ହୁଏ—Starting point in a survey or horse-race.

ଷ୍ଟାଣ୍ଡ୍—ବୈଦେ. ବି (ଇଂ)—ଭଡ଼ାରେ ବାହୁଡ଼ ପାଲିଙ୍କି, ଘୋଡ଼ା, ଗାଡ଼ି
Stāṇḍ ଆଦି ଯାନମାନଙ୍କ ଅପେକ୍ଷା କରି ରହିବା ପାଇଁ ମିଉନିସି-
ষ্টাণ্ড ପାଲିଟି ଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନ; ଶଗଡ଼, ଗାଡ଼ି ଆଦିର ଅଡ୍ଡା—
स्टैण्ड A stand for hackney carriages etc.
[ଦ୍ର—ଏ ଶବ୍ଦ ପୂର୍ବେ ଅନ୍ୟ ଇଂରାଜି ଶବ୍ଦମାନ ଲାଗେ; ଯଥା—ମଟର ଷ୍ଟାଣ୍ଡ, କାରେଜ୍ ଷ୍ଟାଣ୍ଡ, ପାଲ୍କି ଷ୍ଟାଣ୍ଡ, ରିକ୍ସା ଷ୍ଟାଣ୍ଡ; ଇଷ୍ଟାଣ୍ଡ ଅଶୁଦ୍ଧ ଉଚ୍ଚାରଣ ।]

ଷ୍ଟାଣ୍ଡାର୍ଡ(ଡ୍)—ବୈଦେ॰ ବି (ଇଂ)—ସ୍କୁଲରେ ଅଧିକାର ଧାରଣରେ ତଳ
Shṭāṇḍārḍ(rḍ) ଅନୁସାରେ ଗଣାଯିବା ଶ୍ରେଣୀ ସଂଖ୍ୟା—Standard
ষ্টাণ্ডার্ড or number of a class reckoned from the
स्टैण्डार्ड lowest class of a school. [ଦ୍ର—ଶିଶୁଶ୍ରେଣୀ
୧ମ ଷ୍ଟାଣ୍ଡାର୍ଡ, ତାହାର ଉପର ଶ୍ରେଣୀ ୨ୟ ଷ୍ଟାଣ୍ଡାର୍ଡ ଓ

ତହିଁର ଉପର ଶ୍ରେଣୀ ୩ୟ ଷ୍ଟାଣ୍ଡାର୍ଡ୍ । ଲୋଅର ପ୍ରାଇମେରୀରେ ୨ୟ ଓ ୩ୟ ଏବଂ ୪ର୍ଥ ଷ୍ଟାଣ୍ଡାର୍ଡ୍ । ଅପର ପ୍ରାଇମେରୀରେ ୪ର୍ଥ ଓ ୫ମ ଷ୍ଟାଣ୍ଡାର୍ଡ୍ । ମାଇନର୍ ବା ଭର୍ଣ୍ଣାକୁଲର ରେ ୬ଷ୍ଠ ଓ ୭ମ ଷ୍ଟାଣ୍ଡାର୍ଡ୍ । ମାଟ୍ରିକୁଲେସନ୍‌ରେ ୮ମ, ୯ମ, ୧୦ମ, ୧୧ଶ ଷ୍ଟାଣ୍ଡାର୍ଡ୍ ।]

ଷ୍ଟାଣ୍ଡାର୍ଡ୍ ଟାଇମ—ବୈଦେ. ବି (ଇଂ)—ସରକାରଙ୍କ ଆଇନ୍ ଅନୁସାରେ Shtandard taim ଭାରତରେ ସର୍ବତ୍ର ଚଳୁଥିବା ଏକ ষ্টাণ্ডার্ড টাইম স্ট্যাণ্ডার্ড টাইম ସ୍ୱଶାଧାରଣ ସମୟ—Standard time currently used throughout India (except Calcutta). [ଦ୍ର—କେବଳ କଲିକତାରେ ଷ୍ଟାଣ୍ଡାର୍ଡ୍ ଟାଇମ୍ ଚଳେ ନାହିଁ । ଷ୍ଟାଣ୍ଡାର୍ଡ୍ ଟାଇମ୍ ମାନ୍ଦ୍ରାଜର ସମୟ ଅଟେ । କଲିକତାର ସ୍ଥାନୀୟ ସମୟ ଷ୍ଟାଣ୍ଡାର୍ଡ୍ ଟାଇମ୍ ଅପେକ୍ଷା ୨୪ ମିନିଟ୍ ଅଧିକ । ଭାରତର ଷ୍ଟାଣ୍ଡାର୍ଡ୍ ଟାଇମ୍ ଗ୍ରୀନ୍‌ଉଇଚ୍‌ର ସମୟଠାରୁ ୫½ ଘଣ୍ଟା ଅଧିକ ଅଟେ । ଇଂଲଣ୍ଡର ଷ୍ଟାଣ୍ଡାର୍ଡ୍ ଟାଇମ୍ ଗ୍ରୀନ୍‌ଉଇଚ୍‌ର ସମୟ ଅପେକ୍ଷା ୧ ଘଣ୍ଟା ଅଧିକ ।]

ଷ୍ଟାମ୍ପ—ବୈଦେ. ବି (ଇଂ)—୧ । ଷ୍ଟିମ୍ପ୍; ସରକାରଙ୍କ ମୋହରମାରି Shtamp କାଗଜ, ଯହିଁରେ ଦଲିଲ୍ ଆଦି ଲେଖାଯାଏ— ষ্টাম্প স্টৈম্প 1. Government stamped paper. ୨ । ଡାକ ଘରର ଡାକ ଟିକେଟ; ପୋଷ୍ଟେଜ୍ ଷ୍ଟାମ୍ପ—2. Postage stamp. ୩ । ରବର୍ ଆଦିରେ ଅକ୍ଷରାଦି ଅଙ୍କିତ ବା ଖୋଦିତ ମୋହର—3. Rubber stamp. [ଦ୍ର—ଇଷ୍ଟାମ୍ପ, ଷ୍ଟିମ୍ପ(ପ୍), ଷ୍ଟୋମ୍ପ୍ (ପ୍) ଏହାର ଅଶୁଦ୍ଧ ଉଚ୍ଚାରଣ ।]

ଷ୍ଟାମ୍ପ ଆକ୍ଟ (ଆଇନ୍)—ବୈଦେ. ବି—(ଇଂ.ଷ୍ଟାମ୍ପ ଅକ୍ଟ ଓ ଫା. ଆଇନ.) Shtamp akt(ain) —ଯେଉଁ ମତବମାନେ ବା ଦଲିଲରେ ষ্টাম্পআক্ট টৈম্পকানুন କେତେ ଟଙ୍କାର ବା ମୂଲ୍ୟର ଷ୍ଟାମ୍ପ ଦରକାର ଏହା ଯେଉଁ ଆଇନରେ ଲେଖାଥାଏ—Stamp law; the stamp Act

ଷ୍ଟାମ୍ପ ବିକ୍ରେତା—ଦେ. ବି (ଇଂ. ଷ୍ଟାମ୍ପ+ସଂ. ବିକ୍ରେତା)—ଷ୍ଟାମ୍ପ Shtamp bikreta ଭେଣ୍ଡର (ଦେଖ) Shtamp bhendar (See)

ଷ୍ଟାମ୍ପ ଭେଣ୍ଡର—ବୈଦେ. ବି (ଇଂ)—ଷ୍ଟାମ୍ପ ଫରୋଶ; ସାଧାରଣଙ୍କୁ Shtamp-bhendar ଷ୍ଟାମ୍ପ ବିକି କରିବା ପାଇଁ କର୍ତ୍ତୃପକ୍ଷଙ୍କ ষ্টাম্পভেণ্ডার স্টৈম্পবেংডার ଦ୍ୱାରା ମନୋନୀତ ବ୍ୟକ୍ତି—A licensed [ଷ୍ଟାମ୍ପ ଫ(ଫ)ରୁ(ରୋ)ଶ—ଅନ୍ୟରୂପ] stamp vendor.

ଷ୍ଟାର୍ ଅଫ୍ ଇଣ୍ଡିଆ—ବୈଦେ. ବି (ଇଂ)—ଇଂଲଣ୍ଡେଶ୍ୱରଙ୍କ ପ୍ରଦତ୍ତ Shtar aph india ଉପାଧି ବିଶେଷ—Star of India ষ্টার অফ ইণ্ডিআ স্টারঅফইণ্ডিয়া (a title given by the Emperor of India).

ଷ୍ଟାର୍ ଅଫ୍ ଉତ୍କଳ—ଦେ. ବି (ନାମ)—ପ୍ରଥମେ ସ୍ୱର୍ଗୀୟ ଖାରବେଳ ଦାସ, Shtar aph utkala ପରେ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ষ্টার অফ উৎকল স্টারঅফ উত্‌কল ଓ ତତ୍‌ପରେ କଲ୍ୟାଣକୃଷ୍ଣ ବୋଷଙ୍କଦ୍ୱାରା ସମ୍ପାଦିତ କଟକର ଗୋଟିଏ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର—The star of Utkal-an English weekly of Cuttack now defunct. [ଦ୍ର—ଏହା ବର୍ତ୍ତମାନ ପ୍ରକାଶିତ ହେଉନାହିଁ]

ଷ୍ଟିମ୍—ବୈଦେ. ବି (ଇଂ)—ଜଳୀୟ ବାଷ୍ପ—Steam. [ଦ୍ର—Shtim ଏହାର ଅଶୁଦ୍ଧ ଉଚ୍ଚାରଣ ଇଷ୍ଟିମ୍] ষ্টীম স্টীম

ଷ୍ଟିମ୍ ଇ(ଏ)ଞ୍ଜି(ଞ୍ଜ)ନ—ବୈଦେ. ବି (ଇଂ)—ବାଷ୍ପଚାଳିତ କଳ—Shtim ienji(nj)n Steam engine, ষ্টীমইঞ্জিন স্টীমইংজিন

ଷ୍ଟିମ୍ ଟ୍ରାମ୍—ବୈଦେ. ବି (ଇଂ)—ବାଷ୍ପଚାଳିତ ଟ୍ରାମ୍‌ଗାଡ଼ି—Shtim tram Steam tram-car. ষ্টিম ট্রাম স্টিমট্রাম

ଷ୍ଟିମ୍ ଲଞ୍ଚ୍—ବୈଦେ. ବି (ଇଂ)—ବାଷ୍ପଚାଳିତ କ୍ଷୁଦ୍ର ଡଙ୍ଗା—Shtim lanch Steam launch. ষ্টিমলঞ্চ স্টিমলংচ

ଷ୍ଟିମ୍ ମା(ର)—ବୈଦେ. (ଇଂ)—ବାଷ୍ପଚାଳିତ ବଡ଼ ଡଙ୍ଗା—Shtim(ma)r Steamer. [ଦ୍ର—ଏହାର ଅଶୁଦ୍ଧ ষ্টিমার স্টিমার ଉଚ୍ଚାରଣ ଇଷ୍ଟିମ(ମା)ର୍, ଇଷ୍ଟିମର]

ଷ୍ଟିମର୍ ଘାଟ—ଦେ. ବି (ଇଂ. ଷ୍ଟିମର+ସଂ ଘଟ୍ଟ)—ଯେଉଁ ଘାଟରେ Shtimar ghata ଷ୍ଟିମର୍ ଲାଗେ—Steamer ষ্টিমারঘাট স্টীমরঘাট ghat

ଷ୍ଟିଲ୍—ବୈଦେ. ବି ଇଂ—ଇସ୍ପାତ ଲୁହା Shtil Steel ষ্টিল স্টীল

ଷ୍ଟିଲ୍ ଟ୍ରଙ୍କ—ବୈଦେ. ବି ଇଂ—ଇସ୍ପାତ ଲୁହା ପଟାରେ ତିଆରି ବାକ୍ସ Shtil trank Steel trunk ষ্টিলট্রাংক স্টীলট্রংক

ଷ୍ଟିଲ୍ ପେନ୍—ବୈଦେ. ବି ଇଂ—ଇସ୍ପାତ ଲୁହାର କଲମ ବା ନିବ୍— Shtil pen Steel pen or nib ষ্টিলপেন স্টীলপন

ଷ୍ଟୁଡିଓ—ବୈଦେ. ବି (ଇଂ)—ଷ୍ଟୁଡିଓ (ଦେଖ) Shtudio Shtadio (See)

ଷ୍ଟୁଡେଣ୍ଟ—ବୈଦେ. ବି ଇଂ—ଛାତ୍ର Shtudent Student ষ্টুডেন্ট স্টুডেণ্ট

ଷ୍ଟୁଡେଣ୍ଟ ସିପ—ବୈଦେ. ବି ଇଂ—୧ । ଛାତ୍ରବୃତ୍ତି—Studentship Shtudent sip ୨ । କଲିକତା ବିଶ୍ୱବିଦ୍ୟାଳୟର ষ্টুডেন্টসীপ স্টুডেন্টশিপ ସର୍ବୋଚ୍ଚ ପରୀକ୍ଷା; ପ୍ରେମଚାନ୍ଦ ରାୟଚାନ୍ଦ ପରୀକ୍ଷା—2 Studentship examination of the Calcutta University

ଷ୍ଟୁଲ୍—ବୈଦେ. ବ (ଇଂ)—ଟୁଲ୍; କାଠରେ ୪ ଗୋଡ଼ଥିବା ଛୋଟ ଆସନ ବିଶେଷ—A Stool
Shṭul
ष्टूल स्टूल

ଷ୍ଟେଟ—ବୈଦେ. ବ (ଇଂ)—୧ । ରାଜ୍ୟ—1. State. ୨ । ଏଷ୍ଟେଟ୍; ଜମିଦାରୀ; ଭୂସମ୍ପତ୍ତି—2. Estate. (ଦ୍ର—ଏହାର ଅଶୁଦ୍ଧ ଉଚ୍ଚାରଣ ଇଷ୍ଟେଟ୍-ଏଷ୍ଟେଟ୍ ।)
Shṭeṭ
ष्टेट स्टेट

ଷ୍ଟେଟ୍‌ମେଣ୍ଟ—ବୈଦେ. ବ. (ଇଂ)—୧ । ଫର୍ଦ୍ଦ ବା ତାଲିକା—1. Statement. ୨ । ବର୍ଣ୍ଣନାପତ୍ର—2. Written statement. ୩ । ହାକିମଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିବା ଇଜାହାର—3. Oral statement reduced to writing.
Shṭeṭ-menṭ
ष्टेटमेण्ट स्टेटमेण्ट

ଷ୍ଟେଟ ସେକ୍ରେଟେରି—ବୈଦେ. ବ. (ଇଂ) ବିଲାତ ପାର୍ଲିଅମେଣ୍ଟରେ ଥିବା ଭାରତୀୟ ସଚିବ—Secretary of State for India.
Shṭeṭ sekreṭeri
ष्टेट सेक्रेटारी स्टेटसेक्रेटरी

ଷ୍ଟେଟ୍ ସ୍କଲ(ଲା)ର୍—ବୈଦେ. ବ. (ଇଂ)—ସରକାରୀ ବୃତ୍ତିଧାରୀ ଛାତ୍ର—State scholar.
Shṭeṭ skala(lā)r
ष्टेटस्कलार स्टेटस्कलर

ଷ୍ଟେଟ୍ ସ୍କଲ(ଲା)ର୍‌ସିପ୍—ବୈଦେ. ବ. (ଇଂ)—ଛାତ୍ରମାନଙ୍କୁ ଦିଆଯିବା ସରକାରୀ ବୃତ୍ତି—State scholarship.
Shṭeṭ skala(lā)r sip
ष्टेटस्कलारसिप स्टेटस्कलरशीप

ଷ୍ଟେନୋ—ବୈଦେ. ବ. (ଇଂ)—୧ । ଷ୍ଟେନୋଗ୍ରାଫ୍ (ଦେଖ)—1. Shṭenogrāph (See) ୨ । ଷ୍ଟେନୋଗ୍ରାଫର୍—2. Shṭenogrāphar (See)
Shṭeno

ଷ୍ଟେନୋ ଗ୍ରାଫ୍—ବୈଦେ. ବ. (ଇଂ)—ଶୁଣିବା ବିଷୟକୁ ସଙ୍କେତରେ ଲେଖିବା ପ୍ରଣାଳୀ ବିଶେଷ—Stenograph.
Shṭenogrāph
ष्टेनोग्राफ स्टेनोग्राफ

ଷ୍ଟେନୋ ଗ୍ରାଫର—ବୈଦେ. ବ. (ଇଂ)—ଯେଉଁ ବ୍ୟକ୍ତି କୌଣସି ବିଷୟ ଶୁଣି ତାହାକୁ ସଙ୍କେତ ଦ୍ୱାରା ଲେଖି ରଖି ପରେ ପୂର୍ଣ୍ଣ ଭାବରେ ଲେଖେ ବା ଟାଇପ୍ କରେ—Stenographer.
Shṭeno grāphar
ष्टेनोग्राफर स्टेनोग्राफर

ଷ୍ଟେରିଓ ଟାଇପ୍—ବୈଦେ. ବ. (ଇଂ)—ଛାପାଖାନାରେ ବହୁ ଛାପିବା ପାଇଁ ଟାଇପ୍ ଯୋଡ଼ା ଅକ୍ଷରପରେ ଛାଞ୍ଚରେ ସୀସା ଢାଳି ତାହା ସ୍ଥାୟୀ କରିବା ପ୍ରଣାଳୀ ବା ଯନ୍ତ୍ର—Stereotype.
Shṭeriotāip
ष्टेरिओटाइप स्टेरिओटाइप

ଷ୍ଟେସନ୍—ବୈଦେ. ବ. (ଇଂ)—୧ । ଜାହାଜ, ରେଲ, ଷ୍ଟିମର ଅଟକି ଯାତ୍ରୀମାନଙ୍କୁ ଉଠାଇ ନେବାପାଇଁ ଓ ଓହ୍ଲାଇ ଦେବା ପାଇଁ ଅଟକିବାର ନିର୍ଦ୍ଦିଷ୍ଟ ସ୍ଥାନ—1 A station of a railway or of a steamer or ship. ୨ । ସର୍ଭେ ମାପ କରିବା ନିମନ୍ତେ ସର୍ଭେୟରମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବିନ୍ଦୁମାନ—2. A surveying station. ୩ । ପୁଲିସ୍ ଅଫିସରଙ୍କ ରହିବା ଘର; ଥାନା—3. Police station. [ଦ୍ର—ଏହାର ଅଶୁଦ୍ଧ ଉଚ୍ଚାରଣ ଇଷ୍ଟିସନ, ଇଷ୍ଟେସନ, ଇଷ୍ଟେସନ ଓ ଟେସନ୍ ।]
Shṭesan
ष्टेसन स्टेसन

ଷ୍ଟେସନ୍ ଡାଇ(ଏ)ରି—ବୈଦେ. ବ. (ଇଂ)—ପୁଲିସ୍ ଷ୍ଟେସନର ଭାରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଲିଖିତ ଦୈନିକ ଘଟଣାବଳି ଯେଉଁ ଖାତାରେ ଲେଖାଥାଏ—(Police) Station diary.
Shṭesan dāi(e)ri
ष्टेसन डाइरी स्टेसनडाइरी

ଷ୍ଟେସନ୍ ବାବୁ—ଦେ. ବ.—ରେଲ ଷ୍ଟେସନର ସର୍ବୋଚ୍ଚ ଦେଶୀୟ ହିନ୍ଦୁ କର୍ମଚାରୀ—A Hindu station-master.
Shṭesan bābu
ष्टेसनबाबु स्टेसनबाबु

ଷ୍ଟେସନ୍ ମାଷ୍ଟର—ବୈଦେ. ବ. (ଇଂ)—ରେଲ ଷ୍ଟେସନର ସର୍ବୋଚ୍ଚ କର୍ମଚାରୀ—Station master.
Shṭesan māshṭara
ष्टेसनमाष्टार स्टेसनमास्टर

ଷ୍ଟେସନା(ନ, ନେ)ରି—ବୈଦେ. ବ (ଇଂ)—କାଗଜ କଲମ ଆଦି ଲେଖା ପଢ଼ାର ଉପକରଣ—Stationary.
Shṭesanā(na, ne)ri
ष्टेसनारी स्टेसनरी

ଷ୍ଟୋଭ୍—ବୈଦେ. ବ (ଇଂ)—ନଳର ଚୁଲି ବା କଳଚୁଲି—Stove.
Shṭobha
ष्टोभ स्टोभ

ଷ୍ଟୋର୍—ବୈଦେ. ବ (ଇଂ)—ଭଣ୍ଡାରଘର; ସରସବ—Store.
Shṭor
ष्टोर स्टोर

ଷ୍ଟୋର୍ କିପର୍—ବୈଦେ. ବ (ଇଂ)—ଭଣ୍ଡାର ଘରର ରକ୍ଷକ—Store-keeper.
Shṭor kipar
ष्टोर किपार स्टोर किपर

ଷ୍ଟ୍ରପ୍—ବୈଦେ. ବ (ଇଂ)—କ୍ଷୁର ଘଷିବାର ଚମଡ଼ା ପଟି—Razor strop.
Shṭrap
ष्ट्रप स्ट्रप

ଷ୍ଟ୍ରିଟ—ବୈଦେ. ବ (ଇଂ)—ସହରର ବଡ଼ ଗଳି—Street.
Shṭrit
ष्ट्रीट स्ट्रीट

ଷ୍ଠି(ଷ୍ଠୀ)ବ (ଧାତୁ)—ସ—୧ । ଛେପ ପକାଇବା—1. To spit. ୨ । ଖଣ୍ଡନ କରିବା—2. To refute; to contradict.
Shṭhi(shṭhi)b (root)

ଷ୍ଠୀ(ଷ୍ଠେ)ବନ—ସ. ବ (ଷ୍ଠିବ୍ ଧାତୁ+ଭାବ. ଅ)—୧ । ଛେପ ପକାଇବା—1. Spitting. ୨ । (+କର୍ମ. ଅନ)—ଥୁକ; ଛେପ; ଖଙ୍କାର—2. Spittle.
Shṭhi(shṭhe)bana

ଷ୍ଠୀବୀ—ସ. ବଣ. ପୁଂ (ଷ୍ଠୀବ ଧାତୁ+କର୍ତ୍ତୃ. ଇନ୍)—୧ । ଷ୍ଠୀବନଯୁକ୍ତ (ଶବ୍ଦକୋଷ)—1. Full of spittle. ୨ । ଯେ ଛେପ ପକାଏ (ଶବ୍ଦକୋଷ)—2. Spitting
Shṭhibi

ଷ୍ୟୂତ—ସ. ବଣ (ଷ୍ଠିବ୍ ଧାତୁ+କର୍ମ. ତ)—୧ । ଉଦ୍‌ଗୀର୍ଣ୍ଣ; ଯାହା ବାନ୍ତି କରି ଯାଇଅଛି; ବମିତ; ବାନ୍ତ—1. Vomitted forth. ୨ । ଛେପରୂପେ ପଡ଼ା ଯାଇଥିବା—2. Spit (past participle). ୩ । ନିରସ୍ତ—3. Caused to desist; assuaged.
Shṭhyūta

Printed by Mahananda Kar, at the Utkal Sahitya Press, Cuttack.